# ପୂର୍ଣ୍ଣଚନ୍ଦ୍ର

# ଓଡ଼ିଆ ଭାଷାକୋଷ ।

## ଫ

ଫ—ବ୍ୟଞ୍ଜନ ବର୍ଣ୍ଣମାଳାର ଦ୍ୱାବିଂଶ ବର୍ଣ୍ଣ । ଏଥିର ଉଚ୍ଚାରଣ ସ୍ଥାନ ଓଷ୍ଠ ।
Pha ମିଳିତ ଓଷ୍ଠଦ୍ୱୟରୁ ପ୍ରଶ୍ୱାସର ଶକ୍ତିଦ୍ୱାରା ମୋକ୍ଷ ହେଲେ ଏ ଧ୍ୱନି
फ ଉଚ୍ଚାରିତ ହୁଏ—The 22nd consonant corresponding to 'ph' or 'f'.
ফ

ସଂ. ବି—(ସ୍ଫାୟୃ ଧାତୁ=ପ୍ରବଳ ହେବା+ଅ)—
୧ । (+ଭାବ. ଅ) ସ୍ଫୀତି; ଫୁଲି ଉଠିବା—
1. Swelling; expansion.
୨ । (+କର୍ତ୍ତୃ· ଅ) ଝଞ୍ଜାବାତ; ଝଟିକା; ଝଡ଼—
2. Tempest; gale.
୩ । (+ଭାବ. ଅ) ଜୃମ୍ଭଣ; ହାଇ—3. Yawning.
୪ । ଫଳବତ୍ତା; ଉର୍ବରତା—
4. Fruitfulness; fertility.
୫ । (ଫକ୍କ୍ ଧାତୁ=ବିକଳ ହେବା+ଭାବ ବା କରଣ· ଅ)—
କଟୁଭାଷଣ; କର୍କଶ ବାକ୍ୟ—5. Harsh speech.
୬ । ଫୁତ୍କାର; ଫୁଙ୍କିବା—
6. Blowing air through the mouth; whiffing.
୭ । ନିଷ୍ଫଳ ବା ନିରର୍ଥକ ବାକ୍ୟ—
7. Nonsensical words.

ଫଇ(ଏ)ଜ(ଜ୍ଜ)ତ(ତି)—ବୈଦେ. ବି (ଅ. ଫଜୀହତ୍)—୧ । କଳଙ୍କ; ଅପଯଶ—1. Blame; scandal.
Phai(e)ja(jja)ta(ti)
ফইজৎ; ফৈজৎ ୨ । ଲାଞ୍ଛନା; ଅପମାନ—2. Disgrace.
**फजीहत, फईजत्** ୩ । ଝଗଡ଼ା; ବିବାଦ; କଳି—3. Quarrel.
ଫୈଜ(ଜ୍ଜ)ତ(ତି)
ଫଜି(ଜ୍ଜି)ତ(ତି)
ଫଜିହତ(ତି)
ଫଜ୍ୟତ(ତି) } ଅନ୍ୟରୂପ
୪ । ଗାଳି; ଶୋଧନ—
4. Rebuke; scolding; reproach.
ବିଣ—୧ । ଗାଳି ଖାଇବାର ଯୋଗ୍ୟ; ନିନ୍ଦ୍ୟ—1. Blameable; deserving rebuke.
୨ । ଭର୍ତ୍ସିତ—2. Rebuked.

ଫଇଜତ(ତି) କରିବା—ଦେ· କ୍ରି—ଗାଳିମନ୍ଦ କରିବା—
Phaijata(ti) kariba To scold; to rebuke.
ফইজৎকরা **फजीहत करना** (ଫଇଜତ ଦେବା—ଅନ୍ୟରୂପ)

ଫଇଜତ ଖାଇବା—ଦେ· କ୍ରି—ଗାଳି ଖାଇବା—To be rebuked.
Phaijata khāibā (ଫଇଜତ ପାଇବା—ଅନ୍ୟରୂପ)

ଫଇ(ଏ)ଲ୍—ବୈଦେ. ବି—(ଫା. ଫଏଲ୍)—ଦୁଷ୍ଟାମି—
Phai(e)l দুষ্টামী **फैल** Wickedness.
ଫଏଲବାଜି
ଫେଲ୍ } ଅନ୍ୟରୂପ
ପ୍ରାଦେ. (ସମ୍ବଲପୁର) ବିଣ—(ସଂ. ସ୍ଫାୟୃ ଧାତୁ)—ଚତୁର୍ଦ୍ଦିଗରେ ବିସ୍ତୃତ—
Scattered; diffused.

ଫଇଲ୍ କାଢ଼ିବା—ଦେ. କ୍ରି—ଦୁଷ୍ଟାମି କରିବା—
Phail kārdhibā To show wickedness.
দুষ্টামীকরা **फैल निकालना**

ଫଇ(ଏ)ଲ୍ ବାଜ୍—ବୈଦେ. ବିଣ. (ଫା)—ଦୁଷ୍ଟ—Wicked; vicious.
Pha(e)l bāj দুষ্ট **फैलवाज**
(ଫେଲ୍ବାଜ୍—ଅନ୍ୟରୂପ) [ଫଇ(ଏ)ଲ୍ ବାଜୀ—ବି]

ଫଇଲାଟ—ପ୍ରାଦେ. (ସିଂହଭୂମ) ବି. (ତୁଳ. ଏହି ଅର୍ଥରେ ହି· ଫଇଲାଟ୍)-
Phailāṭa ଖୋଲାସ୍ଥାନ; ଫଇସଲା ସ୍ଥାନ—Open; open space.
(ଫେଲାଟ—ଅନ୍ୟରୂପ)

ଫଇ(ଏ)ସଲ(ଲା)—ବୈଦେ. ବି—(ଫା. ଫୈସଲ୍)—୧ । ନିଷ୍ପତ୍ତି; ମୀମାଂସା—1 Decision.
Phai(e)sala(lā)

ସାଧାରଣ ଲୋକେ ଅକ୍ଷର ଶୃଙ୍ଖଳାରେ ସୂଚିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ଚିହ୍ନର ବିପରୀତ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାଈ' ନ ମିଳିଲେ 'ଗାଇ' ଖୋଜିବେ, କୂଅ ନ ମିଳିଲେ 'କୁଅ' ଦେଖିବେ; 'ବଧୂ' ନ ପାଇଲେ 'ବଧୁ' ଦେଖିବେ; ଅଁକା ନ ପାଇଲେ 'ଅଙ୍କା' ଦେଖିବେ; 'ଅଲବତ୍' ନ ପାଇଲେ 'ଅଲ୍‌ବତ୍' ଦେଖିବେ ।

ফয়সল(লা) २ । କାର୍ଯ୍ୟ ସମାଧା—2. Completion of work.
फैसल(ला) ୩ । ମକଦ୍ଦମାର ଚୂଡ଼ାନ୍ତ ଆଦେଶ; ଡିଗ୍ରୀ—3. Decree of a suit.
ଫୟ୍‌ସଲ(ଲ୍ଲ), ଫୈସଲ(ଲ୍ଲ) } ଅନ୍ୟରୂପ
୪ । ଅନାବୃତ ସ୍ଥାନ—4. Open place.
୫ । ମକଦ୍ଦମାର ବିଚାର ଫଳ; ରାୟ—5. Judgment.
ବିଣ—୧ । ମୀମାଂସିତ—1. Decided.
୨ । ଅନାବୃତ (ସ୍ଥାନ)—2. Open.
୩ । ଫାଙ୍କା ବା ଶୂନ୍ୟ (ସ୍ଥାନ)— 3. Empty (space).
୪ । ବିସ୍ତୀର୍ଣ୍ଣ; ଲମ୍ବା ଚଉଡ଼ା—4. Spacious.
(ଯଥା—ସେଠାରେ ଫଇସଲ୍ଲ ଜାଗା ନାହିଁ)
ଗ୍ରା. ବି— ବଡ଼ଭୋର; ଫସର ଫାଟିବା ଅବସ୍ଥା—Day-break.

**ଫଉଜ(ଦ)**—ବୈଦେ. ବି (ଫା)—୧ । ସୈନ୍ୟ—
Phauja(da) 1. Army; host.
[ଫୌଜ(ଦ)—ଅନ୍ୟରୂପ] ଫଉଜ ଭୁଲେ ଭୃଙ୍ଗାରେ ରଖାଅ ବେଢ଼ବନ୍ଧୀ
ফৌজ फौज ଧାରଣୀଜ—କବିସୂର୍ଯ୍ୟ, ଜଗୋବନ୍ଧ୍ୟ ଫ. ଗୀତ ।
୨ । ଜନସମୂହ; ବହୁ ଲୋକ—2. An assemblage of men; a crowd of people.
୩ । ଦଳ; ପଲ—3. Crowd; herd.
(ଯଥା—ଘୁଷୁରି ଫଉଜ, ଗୋରୁ ଫଉଜ ଇତ୍ୟାଦି) ।

**ଫଉଜଦାର୍**—ବୈଦେ. ବି (ଫା. ଫୌଜ୍‌ଦାର୍)—୧ । ସେନାଧ୍ୟକ୍ଷ—
Phaujadār 1. Commander; general of an army.
ফৌজদার फौजदार ୨ । ଫଉଜଦାରୀ ମକଦ୍ଦମାର ବିଚାରପତି;
(ଫୌଜଦାର୍—ଅନ୍ୟରୂପ) ମାଜିଷ୍ଟ୍ରେଟ୍—2. Magistrate.
[ ଦ୍ର—ମୁସଲମାନ୍‌ମାନଙ୍କ ରାଜତ୍ୱରେ କିଲ୍ଲାଦାର୍ ( ଦୁର୍ଗନାୟକ ) ମାନଙ୍କୁ ଫଉଜଦାର୍ ନାମ ଦିଆ ଯାଉଥିଲା । ଦୁର୍ଗରକ୍ଷକମାନଙ୍କ ଅଧୀନ ଗୁଡ଼ିଏ ସେନାଦଳ(ଫଉଜ) ରହୁଥିବାରୁ ଏହି ନାମ । ]
୩ । ପୁଲିସ କର୍ମଚାରିବିଶେଷ—3. Name of a class of Police officials.

**ଫଉଜଦାରି**—ବୈଦେ. ବି ( ଫା. ଫୌଜ୍‌ଦାରି )—୧ । ଅପରାଧଘଟିତ
Phaujadāri ମକଦ୍ଦମା—1. Criminal case.
(ଫଉଦାରି, ଫୌଜଦାରି, ଫୌଦାରି—ଅନ୍ୟରୂପ) ୨ । ଅପରାଧ—
ফৌজদারী फौजदारी 2. Criminal offence.
୩ । ଅପରାଧସଂକ୍ରାନ୍ତ ମକଦ୍ଦମାର ବିଚାର—3. Trial of criminal cases.
୪ । ଅପରାଧଘଟିତ ମାଡ଼ପିଟ—4. Criminal affray.
[ଦ୍ର—ମୋଗଲ ଶାସନରେ ଶାସନ ବିଭାଗ ୩ ଶ୍ରେଣୀରେ ବିଭକ୍ତ ହୋଇଥିଲା । ଯଥା—୧ । ଅପରାଧସମ୍ବନ୍ଧୀୟ ବା ଫୌଜଦାରୀ—Criminal. ୨ । ସତ୍ତ୍ୱପରଣସମ୍ବନ୍ଧୀୟ ବା ଦେୱାନି—Civil. ଓ ୩ । ରାଜସ୍ୱସମ୍ବନ୍ଧୀୟ ବା ମାଲ୍—Revenue.]
ବିଣ—୧ । ଅପରାଧଘଟିତ ମକଦ୍ଦମାସମ୍ବନ୍ଧୀୟ—1. Relating to criminal case.
୨ । ମାଜିଷ୍ଟ୍ରେଟସମ୍ବନ୍ଧୀୟ—2. Relating to the Magistrate.

**ଫଉଜଦାରି ଅଦାଲତ**—ବୈଦେ. ବି ( ଫା )—ଅପରାଧମାନ ବିଚାର
Phaujadāri adālata କରୁଥିବା ଅଦାଲତ—
ফৌজদারী আদালত फौजदारी अदालत Criminal Court.
(ଫଉଜଦାରି କୋର୍ଟ୍—ଅନ୍ୟରୂପ)
[ ଦ୍ର—ଯେଉଁ ଅଦାଲତରେ ଅପରାଧପାଇଁ ଅଭିଯୁକ୍ତ ବ୍ୟକ୍ତିର ବିଚାର କରାଯାଏ ତାହାକୁ ଫଉଜଦାରି ଅଦାଲତ, ଯେଉଁ ଅଦାଲତରେ ସତ୍ତ୍ୱ, କ୍ଷତିପୂରଣ, ଋଣ ଓ ଦେୟ ଟଙ୍କା ଆଦିର ଦାବି ବିଷୟ ବିଚାର କରାଯାଏ ତାହା ଦେୱାନୀ ଅଦାଲତ ଓ ଯେଉଁ ଅଦାଲତରେ ରାଜସ୍ୱ ଓ ଭୂକର ଆଦି ସମ୍ବନ୍ଧୀୟ ବିଷୟ ବିଚାର କରାଯାଏ ତାକୁ ମାଲ୍ ଅଦାଲତ ବୋଲାଯାଏ । ]

**ଫଉଜଦାରି କେଶ୍**—ବୈଦେ. ବି (ଫା. ଫଉଜ୍‌ଦାରି+ଇଂ. କେଶ୍)—
Phaujadāri kes ଅପରାଧଘଟିତ ମକଦ୍ଦମା—
ফৌজদারী মোকদ্দমা फौजदारी मुकद्दमा Criminal case.
[ଫଉଜଦାରି ମକଦ(ଦ୍ଦ)ମା—ଅନ୍ୟରୂପ]

**ଫଉଜଦାରି ସୁପର୍ଦ୍ଦ**— ବୈଦେ. ବିଣ ( ଫା. ଫଉଜ୍‌ଦାରୀ+ସୋପର୍ଦ୍ )—
Phaujadāri supardda ମାଜିଷ୍ଟ୍ରେଟଙ୍କ ବିଚାରାଧୀନ (ମକଦ୍ଦମା);
ଫଉଜଦାରି ସିମ୍ପର୍ଦ୍ଦ, ଫଉଜଦାରି ସୋପର୍ଦ୍ଦ, ଫୌଜଦାରି ସୁପର୍ଦ୍ଦ } ଅନ୍ୟରୂପ
ବିଚାର ନିମନ୍ତେ ମାଜିଷ୍ଟ୍ରେଟଙ୍କ ନିକଟକୁ ପୁଲିସଦ୍ୱାରା ପ୍ରେରିତ (ଅପରାଧୀ ବା ମୁଦ୍ଦାଲା)—
ফৌজদারী সুপর্দ फौजदार सोपर्द (an accused or a case) Committed to the court of a Magistrate for trial.

**ଫଉଜି**—ବୈଦେ. ବିଣ ( ଅ. ଓ ଫା. ଫୌଜୀ )—୧ । ସାମରିକ—
Phauji 1. Military; relating to war.
( ଫୌଜି—ଅନ୍ୟରୂପ ) ୨ । ସୈନିକସମ୍ବନ୍ଧୀୟ—
ফৌজী फौजी 2. Relating to the army.

**ଫଉତ**—ବୈଦେ. ବିଣ ( ଅ. ଫୌତ୍=ମୃତ )—ମୃତ—Dead.
Phauta ବି—ମୃତ୍ୟୁ—Death.
(ଫୌତ—ଅନ୍ୟରୂପ) ফৌৎ फौत्

**ଫଉଦ ବଗାଡ଼ୁ**—ବୈଦେ. ବିଣ ( ଫା. ଫୌଜ୍+ବଗାଡ଼ନା )—
Phauda bigārdu ୧ । ଯେଉଁ ବ୍ୟକ୍ତି ସୈନ୍ୟମାନଙ୍କୁ ଉତ୍ତେଜନା କରି ସେମାନଙ୍କ ମଧ୍ୟରେ ଅସନ୍ତୋଷ ଓ ବିଦ୍ରୋହ ଜାତ କରାଏ—1. Inciting the soldiers to mutine.
ଫଉଜବଗା(ଗି)ଡ଼ା, ଫୌଦବଗାଡ଼ୁ, ଫୌଦବଗା(ଗି)ଡ଼ା } ଅନ୍ୟରୂପ

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| ୧ | ଇ | ଉ | ର୍,ର୍ | ଝ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | କ୍ଷ | ଜ | ଶ,ଷ | ଙ୍କ | ଇସ୍ତ | ଉଅ | ଜ୍ଞ |
| ୬ | ଈ | ଊ | ଋ | ଌ | ଐ | ଅକାରାନ୍ତବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ | କ୍ଷ୍ୟ | ଯ | ସ | ଗଁ୍ୟ | ଇଅ | ଙ୍ଗ | ନ୍ତ |

୬ । ଯେଉଁ ବ୍ୟକ୍ତି ଦଳସ୍ଥ ଅନ୍ୟ ବ୍ୟକ୍ତିମାନଙ୍କୁ ମନ୍ଦ ପରାମର୍ଶ ବା ମନ୍ଦ ଉଦାହରଣ ଦ୍ୱାରା ବଗାଡ଼ଦଏ—2. Spoiling the whole party by one's evil advice or example.

ଫଉଲିବା—ଦେ. କ୍ରି. ( ସ. ଶ୍ୱାୟ୍ ଧାତୁ ; ଶ୍ୱୀତ)—୧ । ଶ୍ୱୀତହେବା; ଫୁଲିଯିବା—1. To be swollen.
Phaulibā
ফুলেযাওযা **फुलना** ୬ । ଫମ୍ପା ହୋଇ ଫୁଲିଯିବା—2. To be puffed up with an empty interior.
(ଫଉଲିଯିବା—ଅନ୍ୟରୂପ)

ଫଏଜି—ବୈଦେ. ବି (ଫା. ନାମ)—ମୋଗଲ ସମ୍ରାଟ୍ ଆକବରଙ୍କ ସଭାର ନବ ରତ୍ନ ମଧ୍ୟରୁ ଏକତମ—One of the nine gems or talented men of the Moghal Emperor Akbar the Great's court.
Phaeji
(ଫୈଜି—ଅନ୍ୟରୂପ)
ফৈজী **फैजी**

ଫଏର୍—ବୈଦେ.ବି (ଇଂ. ଫାୟାର୍)—ବନ୍ଧୁକ ମାରିବା; ବନ୍ଧୁକ ଫୁଟିବା—Shooting; firing of a gun.
Phaer
(ଫୈର୍—ଅନ୍ୟରୂପ) ফয়ের **फायर**

ଫଏର୍ କରିବା—ଦେ. କ୍ରି—୧ । ବନ୍ଧୁକ ଫୁଟାଇବା; ନଳୀ ଦାଗିବା—1. To shoot; to fire a gun.
Phaer karibā
ফএর করা **फायर करना** ୬ । ତୋପ ବା ବୋମା ଫୁଟାଇବା—2. To fire a bomb or cannon.

ଫଏରବ—ବୈଦେ. ବଣ ( କଚରାଅ ) ( ଅ. ଫରେବ୍ )—ପ୍ରବଞ୍ଚନାମୂଳକ; ଛଳନାପୂର୍ଣ୍ଣ—Fraudulent.
Phaeraba
(ଫରେବ—ଅନ୍ୟରୂପ) ফরেব **फरेब**

ଫଏରବି—ବୈଦେ. ବି ( କଚରାଅ ) ( ଅ )—ପ୍ରବଞ୍ଚନା—Fraud.
Phaerabi (ଫରେବି—ଅନ୍ୟରୂପ)
ফরেবী **फरेबी** ବଣ—ଛଳନାପୂର୍ଣ୍ଣ—Fraudulent.

ଫଏରବି କାଢ଼ିବା—ଦେ. କ୍ରି—ଛଳନା ସହିତ କାର୍ଯ୍ୟ କରିବା—To act fraudulently.
Phaerabi kārdhibā
ଫରେବି କାଢ଼ିବା } ଅନ୍ୟରୂପ
ଫଏରବି କରିବା }
ফরেবী বাহিরকরা
**फरेबी निकालना**

ଫଏଲ୍—ବୈଦେ. ବି—(ଫା)—ଫଇଲ୍ (ଦେଖ)—Phail (See).
Phael
ପ୍ରାଦେ. (ସମ୍ବଲପୁର) ବି (ସ. ଫଳକୀ)—ଫଳି ମାଛ—A kind of flat fresh water fish.
[ ତୁ—ତୁଳନା କର, ନଦୀ ସ୍ଥଳରେ ସମ୍ବଲପୁରରେ ନଏଦ୍ ଉଚ୍ଚାରଣ । ]

ଫଏଲି ଯିବା—ପ୍ରାଦେ. ( ସମ୍ବଲପୁର ) କ୍ରି—(ସ. ଶ୍ୱାୟ୍ ଧାତୁ. ଭୁଲ. ତୁ ଫଏଲି ଯିବା)—ବ୍ୟାପିଯିବା; ମାଡ଼ିଯିବା; ଖେଳେଇ ହୋଇଯିବା—To be diffused.
Phaeli jibā

ଫଁ—ଦେ. (ଧ୍ୱନ୍ୟନୁକରଣ) ଅ—ଫଁ ଫଁ (ଦେଖ)
Phañ Phañ phañ (See)

ଫଁଦା (ଇତ୍ୟାଦି)—ଦେ. ବି ଓ ବଣ—ଫନ୍ଦା ଇତ୍ୟାଦି (ଦେଖ)
Phañdā (etc) Phandā etc (See)

ଫଁଦି—ଦେ ବି—ଫନ୍ଦି (ଦେଖ)—Phandi (See)
Phañdi ପ୍ରାଦେ (ଉତ୍ତରଭାଷା) ବଣ—ବଦ୍ ଖିଆଲ—Ill-intentioned.
(ଫନ୍ଦି—ଅନ୍ୟରୂପ)

ଫଁଦିବା—ପ୍ରାଦେ. ( ସମ୍ବଲପୁର ) କ୍ରି—ଦୁଇଟି ପଦାର୍ଥଙ୍କୁ ଦଉଡ଼ିରେ ବାନ୍ଧିବା—To tie up two things with a rope or string.
Phañdibā
[ଫଁଦା(ଦେ)ଇବା—ଅନ୍ୟରୂପ]

ଫଁପା—ଦେ ବି ଓ ବଣ—ଫମ୍ପା (ଦେଖ)—Phampā (See).
Phañpā ପ୍ରାଦେ. (ସମ୍ବଲପୁର) ବି—ଝିଣ୍ଟିକା; ପଙ୍ଗପାଳ—Grass-hopper; locust.

ଫଁ ଫଁ—ଦେ. (ଧ୍ୱନ୍ୟନୁକରଣ) ଅ—୧ । ସର୍ପ ଗର୍ଜ୍ଜନର ଶବ୍ଦ—1. Hissing sound (as of snakes).
Phañ phañ
ଫଁଅଁ } ଅନ୍ୟରୂପ
ଫଁଅଁ ଫଁଅଁ }
ଉଷ୍ମପ୍ରାୟେ ଫଁ ଫଁ ସ୍ୱନେ ନଶ୍ୱାସି ସଘନେ
ଅଗ୍ନିଲଙ୍ଗ ପଡ଼ଇନେ । ରାଧାନାଥ, ମହାଯାତ୍ରା ।
ফোঁস ফোঁস ୬ । କ୍ରୋଧରେ ଘନ ଘନ ନିଶ୍ୱାସ ମାରିବାର ଶବ୍ଦ—2. Repeated hissing sound of an enraged person.
**फन् फन्; फौं फौं**

ଫକ୍—ଦେ. ( ଧ୍ୱନ୍ୟନୁକରଣ ) ଅ—ଫକ ଫକ ( ଦେଖ )
Phak Phaka Phaka ( See )
(ଫକ୍ ଫକ୍; ଫକ୍କନା[କ୍ରି]; ଫକ୍କ[କ୍ର]ଇ; ଫକ୍ ଦ[ଧି]ସ୍—ଅନ୍ୟରୂପ)

ଫକନା—ପ୍ରାଦେ. ( ବାଲେଶ୍ୱର ) ବି—ବଡ଼ମାଛର ପେଟ ଭିତରେ ଥିବା ବାୟୁପୂର୍ଣ୍ଣ ଧଳା ରଙ୍ଗର ଦୁଇ ଅଂଶବିଶିଷ୍ଟ ଥଳି; ମାଛଫଟକା—The air-bladder of a fish.
Phak-nā
[ ତୁ—ଏହାକୁ ପିଲାମାନେ ଚିପି ଫୁଟାଇବାକୁ ଖୁସି ପାଆନ୍ତି ଏବଂ ଏହା ଫୁଟିଲାବେଳେ ଠୋ ଶବ୍ଦ କରେ । ]

ଫକ୍ ଲେ ଲାଇ—ପ୍ରାଦେ. ( ଲରିଆ )—ଖଇ—Fried paddy.
Phak le lāi

ଫକ(କ୍କ)ଡ଼—ବୈଦେ. ବଣ. ( ଅ. ଫକ୍କର୍=ଶଠ; ଧୂର୍ତ୍ତ )—୧ । ଶଠ; ଧୂର୍ତ୍ତ; ଧଡ଼ିବାଜ—1. Fraudulent.
Phaka(kka)rda
ଫକ(କ୍କ)ଡ଼ି }
ଫକ(କ୍କ)ଡ଼ିଆ } ଅନ୍ୟରୂପ
ଫକ(କ୍କ)ଡ଼ବାଜ୍ }
ଫକ(କ୍କ)ଡ଼ବାଜ୍ }
୬ । ପ୍ରବଞ୍ଚକ—2. Deceptive; cheating.
୩ । ପ୍ରଗଲ୍ଭ; ବାଚାଳ—3. Bragging; wagging.
ফকড় **फक्कड** ୪ । କର୍ପଦକ; ଗରିବ; କଙ୍ଗାଳ—4. Poor; destitute.
୫ । ଅପବ୍ୟୟୀ—5. Squandering; spendthrift.
୭ । ଅନ୍ତଃସାରଶୂନ୍ୟ—6. Unsubstantial.

୭ । ତୁଚ୍ଛ; ହେୟ —7. Mean; despicable.

ଫକ(କ୍କ)ଡ଼ି—ବୈଦେ. ବି· (ଅ)—୧ । ଶଠତା; ଧୂର୍ତ୍ତତା; ଧନ୍ଦାବାଜି—
Phaka(kka)rdi                    1. Fraud; deception
ଫକ(କ୍କ)ଡ଼ାମି; ଫକ(କ୍କ)ଡ଼ିବାଜି; ଫକ(କ୍କ)ଡ଼ଂବାଜି } ଅନ୍ୟରୂପ    ୨ । ଦୁଷ୍ଟାମି—
2. Wickedness.
ফক্কড়ী    ୩ । ନିର୍ଦ୍ଧନତା—3. Poverty.
फक्कडपन    ୪ । ଫାଙ୍କିଲାମି—4. Vain-glory.
୫ । ଅନ୍ତଃସାରଶୂନ୍ୟତା—5. Hollowness.
୬ । ପ୍ରଗଲ୍ଭତା; ବାଗାଡ଼ମ୍ବର; ଆତ୍ମପ୍ରାଧାନ୍ୟ ଦେଖାଇହେବା; ବାଲିଙ୍ଗି—6. Bragging; wagging; drollery.
୭ । ନୀଚତା—7. Meanness.

(ଫକ୍କଡ଼ିଆ—ଅନ୍ୟରୂପ)    ବୈଦେ. ବିଣ.—୧ । ନିର୍ଦ୍ଧନ—
ফক্কুড়ে                    1. Poor.
୨ ବାଗୁଲ—2. Bragging.

ଫକ(କ୍କ)ଡ଼ି ମାରିବା—ଦେ. କ୍ରି.—ଅନ୍ତଃସାରଶୂନ୍ୟ କଥା କହିବା;
Phaka(kka)rdi māribā    ବାଲିଙ୍ଗି କରିବା—
ফক্কুড়ী করা    डींगहाँकना    To brag; to talk big.

ଫକତ୍—ବୈଦେ. ଅ. (ଆ. ଫାକତ୍)—୧ । କେବଳ—
Phakat                    1. Only; merely; simply.
ফকত    फकत    ୨ । ମାତ୍ର; କିନ୍ତୁ—2. But.
୩ । ଅପରନ୍ତୁ—3. On the other hand.

ଫକ ଫକ—ଦେ. (ଧ୍ୱନ୍ୟନୁକରଣ)—ଅ.—୧ । ଡେଇଁ ଡେଇଁ
Phaka phaka    ଖେଳିବା ବା ନାଚିବା ପ୍ରକାରେ—
ফক ফক    1. In a jumping or frisking manner.
फुदुक् फुदुक्; फक् फक्    ୨ । ବାଷ୍ପଚାଳିତ ଇଞ୍ଜିନ୍‌ର ନଳରୁ
(ଫକର ଫକର, ଫକ ଫାକ—ଅନ୍ୟରୂପ)    ବହୁ ପରିମାଣରେ ଧୂଆଁ ବାହାରିବା ପ୍ରକାରେ—2. Like smoke coming out of an engine in gushes.

[ ଦ୍ର—ଫକ ଫକ ଓ ଫକର ଫକର ଅପେକ୍ଷା ଫୁକ୍ ଫୁକ୍, ଫୁକୁର(ରୁ) ଫୁକୁର(ରୁ) ଶବ୍ଦ ଡେଇଁବା ଜୀବର କ୍ଷୁଦ୍ରତା ସୂଚନା କରେ । ଯଥା, ମାକଡ଼ ଗୁଡ଼ାକ ଗଛରୁ ଫକ ଫକ ଡେଇଁ ପଳେଇଲେ, ଗୁଣ୍ଡୁଚିମୂଷାଯାକ ଗଛ ଡାଳରୁ ଫୁକ୍ ଫୁକ୍ ଡେଇଁ ପଳେଇଲେ; ବଡ଼ ମନୁଷ୍ୟ ଫକ ଫକ ହୋଇ ଡେଉଁଛି, କୁଆପିଲାଟି ଫୁକୁର ଫୁକୁର୍ ହୋଇ ଦଉଡ଼ୁଛି ।]

ଫକା(କ୍କା)—ବୈଦେ. ବିଣ. (ଆ. ଫକ୍; ତୁଲ. ସଂ. ପିଙ୍ଗ)—
Phakā(kkā)    ୧ । ପିଙ୍ଗଳ; ଫିକା; ପାଣ୍ଡୁର; ବିବର୍ଣ୍ଣ—
ফাকাসে; ফিকা    1. Ashy; pale, light-coloured.
फिका    ୨ । ବ୍ୟର୍ଥ—2. Vain.
[ଫକା(କ୍କା)ସିଆ—ଅନ୍ୟରୂପ]    ୩ । ଶୂନ୍ୟ; ଫମ୍ପା—
3. Empty.
ପ୍ରାଦେ. (ସମ୍ବଲପୁର ଓ ଗଡ଼ଜାତ) ବି.—ଫିତା—Tape.
ଯଥା—ସୁନାର ହାତକଡ଼ି ଓ ଚମଡ଼ାର ଫକା)

ଫକାଶି—ଦେ. ବି—ଫାକାଶି (ଦେଖ)—Phākāsi (See)
Phakāsi    (ଫକ୍କାଶି—ଅନ୍ୟରୂପ)

ଫକା ସିନ୍ଦୂର—ଦେ. ବି—ଯେଉଁ ସିନ୍ଦୂର ଗାଢ଼ ରକ୍ତବର୍ଣ୍ଣ ନୁହେଁ—
Phakā sindūra    Pale-coloured vermilion.
ফিকাসিংদূর    फिकासिंदुर

ଫକୀର—ବୈଦେ. ବି. ପୁଂ. (ଆ. ଫକୀର୍)—୧ । ମୁସଲମାନ୍ ସନ୍ନ୍ୟାସୀ
Phakira    ବା ସାଧୁ—1. A Mahomedan mendicant.
ଫକିରି } ସ୍ତ୍ରୀ    ୨ । ଭିକ୍ଷୁକ—2. Beggar.
ଫକିରାଣୀ }    ଦୁଷ୍ଟଙ୍କୁ ବନେ ଫକୀର ବେଶ ହୋଇ ।
(ଅମୀର୍—ବିପରୀତ)    କୃଷ୍ଣସିଂହ, ମହାଭାରତ ବନ ।
ফকীর    ୩ । ଅତି ଗରିବ ଲୋକ—
फकीर    3. A very poor man.
ଅଛ ଯେ ଦେବେନ୍ଦ୍ରଙ୍କେ ବାଲ୍ୟ ସେ ଫକୀର ।    ମଧୁସୂଦନ, ଵଦାବିଳ ।
୪ । ଅପତ୍ୟାଶୀ ପୁରୁଷ ଲୋକଙ୍କୁ ଦିଆଯିବା ନାମ—
4. A name given to males who are born after the death of their elders.
(ଫକୀରି—ସ୍ତ୍ରୀ)    ବିଣ—୧ । ଗରିବ—1. Poor.
୨ । ଅଭାବଗ୍ରସ୍ତ—2. Needy; in want.
୩ । ଫକୀର ସମ୍ବନ୍ଧୀୟ—3. Relating to a Mahomedan mendicant.
୪ । ଗରିବ ବ୍ୟକ୍ତିର ଉପଯୁକ୍ତ—
4. Befitting a poor man.

ଫକୀର ତକିଆ—ବୈଦେ. ବି. (ଅ)—ମୁସଲମାନ ଭିକ୍ଷୁକମାନଙ୍କ ଆଶ୍ରମ—
Phakira takiā    A hermitage or shelter for
ফকীর তাকিয়া    फकीरतकीया    Mahomedan mendicants.

ଫକୀରମୋହନ—ଦେ. ବି. (ନାମ)—ଉତ୍କଳର ପ୍ରସିଦ୍ଧ ସ୍ୱର୍ଗୀୟ ସାହିତ୍ୟ-
Phakiramohana    ସେବକ ଓ କବି—A late poet and literary genius of Orissa.

[ ଦ୍ର—ବାଲେଶ୍ୱର ସଦର ନିକଟସ୍ଥ ମଲ୍ଲିକାଶପୁରରେ ଖଣ୍ଡାୟତ ସେନାପତି ଉପାଧିକ ଖଣ୍ଡାୟତ ବଂଶରେ ୧୮୪୩ ମସିହା ଜାନୁଏରି ମାସ ୧୭ ତାରିଖରେ ଫକୀରମୋହନଙ୍କର ଜନ୍ମ । ଫକୀର-ମୋହନଙ୍କ ପୂର୍ବପୁରୁଷଗଣ ଓଡ଼ିଶାର ସ୍ୱାଧୀନ ନରପତିମାନଙ୍କ ଅଧୀନ ସୈନ୍ୟ ଓ ସେନାପତି ଥାଇ ଦେଶର ମାନଗୌରବ ରକ୍ଷାପାଇଁ ଲଢ଼ିଥିଲେ । ତାଙ୍କର ଯୋଗ୍ୟ ବଂଶଧର ଫକୀରମୋହନ ସେମାନଙ୍କଠାରୁ ଉନ୍ନତି ଓ ଉନ୍ନଭାବରେ ଜାତିର ଉନ୍ନତିପାଇଁ ଲଢ଼ି ଜୀବନ ଶେଷ କରି ଯାଇ ଅଛନ୍ତି । ତାଙ୍କର ପିତା ଲକ୍ଷ୍ମଣଚରଣ ସେନାପତି ଗରିବ ଥିଲେ । ସେହି ଗରିବ ଘରେ ବଢ଼ି ଫକୀରମୋହନଙ୍କୁ ଦୁଃଖ ବିପଦର ବହୁ କଶାଘାତ ସହିବାକୁ ପଡ଼ିଥିଲା । ତାଙ୍କର ବୟସ ଅଢ଼େଇ ବର୍ଷ ପୂର୍ଣ୍ଣ ନ ହେଉଣୁ ସେ ପିତୃମାତୃହୀନ ହୋଇପଡ଼ିଲେ ଓ ଆଈଙ୍କ ଘରେ ରହି ପ୍ରତିପାଳିତ ହେଲେ । ସେଠାରେ ମଧ୍ୟ ସେ ନାନାପ୍ରକାର ରୋଗ ଓ କଷ୍ଟ ଭୋଗ କରିଥିଲେ । ନଅ ବର୍ଷ ବୟସରେ ଗାଆଁ ଚାଟଶାଳରେ ତାଙ୍କ ପଢ଼ା ଆରମ୍ଭ ହେଲା । ସେ ସମୟରେ ଓଡ଼ିଶାରେ ପାଶ୍ଚାତ୍ୟ ଶିକ୍ଷାର ଗନ୍ଧ ନ ଥିଲା । ଓଡ଼ିଶା ବଙ୍ଗଦେଶ ସଙ୍ଗେ ମିଶି ରହିଥିବା ଯୋଗୁଁ ବାଲେଶ୍ୱର ଜିଲ୍ଲାରେ ବଙ୍ଗାଳୀ ପ୍ରଭାବ ବେଶି ଥିଲା । ବଙ୍ଗାଳୀମାନେ ଓଡ଼ିଶାରୁ ଓଡ଼ିଆଭାଷା ଉଠାଇ ଦେଇ ବଙ୍ଗଳା

ଚଳାଇବାକୁ ନାନା ଉପାୟ ଅନୁଧାବନ କରୁଥିଲେ । ତେଣୁ ସେ ସମୟରେ ଓଡ଼ିଶା ଶିକ୍ଷା ପଢ଼ିବା ପାଇଁ ଖାଣ୍ଟି ଓଡ଼ିଆ ଅବଧାନେ ମିଳୁ ନ ଥାନ୍ତି ।

ଫକୀରମୋହନ ପିଲାବେଳେ ଭାରି ଚଗଲା ଥିଲେ; ମାତ୍ର ପଢ଼ାରେ ତାଙ୍କର ଖୁବ୍ ମନ ଥିଲା । ବେଶିଦିନ ସେ ପଢ଼ି ପାରି ନ ଥିଲେ । ସେ ସମୟରେ ବାଲେଶ୍ୱରରେ ସରକାରଙ୍କ କଣ୍ଟ୍ରାକ୍ଟରେ ସମୁଦ୍ର ପାଣିରୁ ଲୁଣ ମରା ଯାଉଥିଲା । ଦରିଦ୍ର ଥିବାରୁ ୧୩ ବର୍ଷ ବୟସରେ ଫକୀରମୋହନ ପାଠ ଛାଡ଼ି ଲୁଣ ଠିକାଦାର ସିରସ୍ତାରେ ସାମାନ୍ୟ କିଛି ଦରମାରେ ଚାକିରି କଲେ । କିଛିଦିନ ପରେ ତାଙ୍କ ଭାଗ୍ୟ ଫେରିଲା । ସେ ବାରବାଟୀ ବର୍ଣ୍ଣାକୁଲାର ସ୍କୁଲରେ କେତେଦିନ ପଢ଼ି ସେ ସ୍କୁଲରେ ଅଢ଼େଇ ଟଙ୍କା ବେତନରେ ଶିକ୍ଷକତା କଲେ । ସେତେବେଳେ ସମସ୍ତ ଓଡ଼ିଶାରେ ଆଠଗୋଟି ମାତ୍ର ସ୍କୁଲ ଥିଲା । ସେହି ଛୋଟିଆ ସ୍କୁଲଟିରେ ପାଠ ପଢ଼ାଉଥିବା ବେଳେ ସେ ସଂସ୍କୃତ ଭଲ କରି ପଢ଼ିଥିଲେ । ସେହି ସମୟରେ କବିବର ରାଧାନାଥଙ୍କ ସହ ତାଙ୍କର ପରିଚୟ ଘଟିଥିଲା । କେତେ ଦିନ ପରେ ସେ ବାଲେଶ୍ୱର ପାଦ୍ରୀମାନଙ୍କ ପରିଚାଳିତ ସ୍କୁଲରେ ଦଶ ଟଙ୍କା ବେତନରେ ପ୍ରଧାନ ଶିକ୍ଷକ ହେଲେ ।

ଫକୀରମୋହନଙ୍କୁ ୨୩ ବର୍ଷ ବୟସ ହେଲା ବେଳେ ଓଡ଼ିଶାରେ ଭୀଷଣ ନଅଙ୍କ ଦୁର୍ଭିକ୍ଷ (୧୮୬୬ ସାଲରେ) ପଡ଼ିଲା । ସେତେବେଳେ ସେ କଲିକତାର ବିଖ୍ୟାତ ଖବରକାଗଜମାନଙ୍କରେ ଓଡ଼ିଶାର ଦୁର୍ଦ୍ଦଶା ବିଷୟ ଲେଖି ଭାରତର ବିଭିନ୍ନ ପ୍ରଦେଶର ଲୋକଙ୍କର ସାହାଯ୍ୟ ଓ ସହାନୁଭୂତି ପ୍ରାର୍ଥନା କରିଥିଲେ । ଆଗରୁ କୁହାଯାଇଛି, ଓଡ଼ିଶାରୁ ଓଡ଼ିଆଭାଷା ଓ ଓଡ଼ିଆ ସାହିତ୍ୟର ଲୋପ ସାଧନ କରି ବଙ୍ଗ ସାହିତ୍ୟ ପ୍ରଚାର ପାଇଁ ଏବଂ ସେହି ଭାବରେ ବଙ୍ଗଦେଶର କଳେବର ବୃଦ୍ଧି କରିବା ପାଇଁ ଓଡ଼ିଶା ପ୍ରବାସୀ ବଙ୍ଗାଳୀମାନେ ଭାରି କଳ୍ପନା ଜଳ୍ପନା କରୁଥିଲେ । ଫକୀରମୋହନ ସେମାନଙ୍କ ବିପକ୍ଷରେ ଅଣ୍ଟାଭିଡ଼ି ଠିଆ ହେଲେ । ସେ ନିଜେ ବାଲେଶ୍ୱରରେ ବହୁକଷ୍ଟ ସହି ଗୋଟିଏ ଛାପାଖାନା ବସାଇଲେ ଏବଂ ସମ୍ବାଦବାହିକା ଓ ବୋଧଦାୟିନୀ ନାମକ ଦୁଇଟି ଓଡ଼ିଆ ପତ୍ରିକା ପ୍ରକାଶ କଲେ । ଓଡ଼ିଆ ସ୍ୱତନ୍ତ୍ର ଭାଷା ନୁହେଁ ବୋଲି ବଙ୍ଗାଳୀମାନେ ଯେଉଁ ଫନ୍ଦି ଖେଳୁଥିଲେ ଫକୀରମୋହନ ଏବଂ ତାଙ୍କର ସହକର୍ମୀ ଗୌରୀଶଙ୍କର, ରାଧାନାଥ ପ୍ରଭୃତିଙ୍କ ଦ୍ୱାରା ତାହା ପଣ୍ଡ ହୋଇଥିଲା । କେବଳ ଏତିକି ନୁହେଁ, ଏମାନଙ୍କ ଆନ୍ଦୋଳନ ସାର୍ଥକ ହୋଇଥିଲା । ଓଡ଼ିଆ ଏକ ସ୍ୱତନ୍ତ୍ର ଭାଷା ବୋଲି ସରକାର ସ୍ୱୀକାର କଲେ । ଓଡ଼ିଶାର ବିଦ୍ୟାଳୟମାନଙ୍କରେ ଓଡ଼ିଆ ପଢ଼ାଗଲା । ଓଡ଼ିଆ ଜାତିର ଜୀବନ ରହିଲା ।

ଫକୀରମୋହନ ପିଲାଦିନୁ ଉଦାର ମତବାଦୀ ଥିଲେ । ସମାଜର ନାନା ଅନାଚାରକୁ ସେ ସୁଖ ପାଉ ନ ଥିଲେ । ଅସ୍ପୃଶ୍ୟତା ଓ ସ୍ତ୍ରୀ-ଜାତିର ଶିକ୍ଷାହୀନତାରେ ସେ ବ୍ୟଥିତ ହେଉଥିଲେ ।

ଫକୀରମୋହନ ରାଜ କାର୍ଯ୍ୟରେ ବଡ଼ ସୁଦକ୍ଷ ଥିଲେ । ସେ ବହୁ ଗଡ଼ଜାତରେ ଦେବାନୀ କାର୍ଯ୍ୟ କରିଥିଲେ । ୧୮୭୧ ମସିହାରେ ପ୍ରଥମେ ସେ ନୀଳଗିରି ରାଜ୍ୟର ଦେବାନ ହେଲେ । ଦେବାନ ହୋଇ ରାଜ୍ୟର ଉନ୍ନତି ଓ ରାଜବଂଶୀୟ ବ୍ୟକ୍ତିମାନଙ୍କ ଶିକ୍ଷାଲାଭ ଦିଗରେ ସେ ମନପ୍ରାଣ ଲଗାଇ କାର୍ଯ୍ୟ କରୁଥିଲେ । ତାଙ୍କ କାର୍ଯ୍ୟକୁଶଳତାରେ ସମସ୍ତେ ଖୁସି ଥିଲେ । ନୀଳଗିରି ଦେବାନୀ ପରେ ସେ କଟକଜିଲ୍ଲାର ଡମପଡ଼ାରେ କିଛିଦିନ ଦେବାନୀ କାର୍ଯ୍ୟ କଲେ । ତା ପରେ ଢେଙ୍କାନାଳ ରାଜ୍ୟର ସହକାରୀ ମାନେଜର ହେଲେ । ଢେଙ୍କାନାଳରେ ଥିବାବେଳେ ସେ ସାତକାଣ୍ଡ ବାଲ୍ମୀକି ରାମାୟଣ ଓଡ଼ିଆରେ ଅନୁବାଦ କରିଥିଲେ । ଢେଙ୍କାନାଳ ଛାଡ଼ି ଦଶପଲ୍ଲା ଓ ପାଲଲହଡ଼ାରେ କେତେଦିନ ଲେଖାଏଁ ଦେବାନୀ କାର୍ଯ୍ୟ କରି ଫକୀରମୋହନ କେନ୍ଦୁଝରର ଦେବାନ ହେଲେ । ତାଙ୍କର ଅମଳରେ କେନ୍ଦୁଝରରେ ବିଖ୍ୟାତ ଭୂୟାଁମେଳି ହୋଇଥିଲା । ସେ ଯେପରି ବୁଦ୍ଧି ଖଟାଇ ମେଳିଆମାନଙ୍କ ଅତ୍ୟାଚାରରୁ ରାଜ୍ୟ ଏବଂ ରାଜପରିବାରଙ୍କୁ ରକ୍ଷା କରିଥିଲେ ଓ ନିଜକୁ ଘୋର ବିପଦରେ ପକାଇ ମେଳି ଶାନ୍ତ କରିଥିଲେ ତାହା ବଡ଼ ବିଚିତ୍ର । ସେହିଠାରେ ଥିଲାବେଳେ ଦିନେ ବାଟରେ ବାଲେଶ୍ୱରଠାରୁ ଆନନ୍ଦପୁରକୁ ହାତୀରେ ଯାଉଥିବା ସମୟରେ ଉତ୍କଳଭ୍ରମଣ ପୁସ୍ତକଟି ଲେଖିଥିଲେ । ଫକୀରମୋହନ ଏକେଶ୍ୱରବାଦୀ ଥିଲେ । ଥରେ ମାନ୍ଦ୍ରାଜର ଏକେଶ୍ୱରବାଦ-ସମ୍ମିଳନୀରେ ସେ ଓଡ଼ିଶା ପକ୍ଷରୁ ପ୍ରତିନିଧିରୂପେ ଏକାକୀ ଯାଇ ଯୋଗ ଦେଇଥିଲେ । ଶେଷ ଜୀବନର ସେ ବହୁଦିନ କଟକରେ କଟାଇଥିଲେ । କଟକରେ ଥାଇ ସେ ବୌଦ୍ଧାବତାର କାବ୍ୟ ଏବଂ ପୁଷ୍ପମାଳା ପ୍ରଭୃତି କବିତା ଲେଖିଥିଲେ ।

ଫକୀରମୋହନ ଓଡ଼ିଆ ସାହିତ୍ୟର ଜଣେ ଯୁଗପରିବର୍ତ୍ତକ । ସେ ସର୍ବଜନବୋଧ୍ୟ ଭାଷାରେ ଗଦ୍ୟ ଓ କବିତା ଲେଖୁଥିଲେ । କି ପଦ୍ୟ, କି ଗଦ୍ୟ, କି ଗଳ୍ପ, କି ଉପନ୍ୟାସ, ସବୁଥିରେ ସେ ନୂତନତ୍ୱ ଦେଖାଇ ଅଛନ୍ତି । ତାଙ୍କର ମାମୁଁ, ଲଛମା, ଛମାଣ ଆଠଗୁଣ୍ଠ ଓଡ଼ିଆ-ଭାଷାରେ ମାନବ ଚରିତ୍ର ଚିତ୍ରଣବିଷୟରେ ଅମୂଲ୍ୟ ରତ୍ନ । ଏହା ବ୍ୟତୀତ ସେ ମହାଭାରତ, ଭଗବଦ୍‌ଗୀତା, ଅବସର ବାସରେ, ପ୍ରାୟଶ୍ଚିତ୍ତ, ଗଳ୍ପସ୍ୱଳ୍ପ, ପୂଜାଫୁଲ ପ୍ରଭୃତି ବହୁତ ଓଡ଼ିଆ ଗ୍ରନ୍ଥ ରଚନା କରି ଅଛନ୍ତି ।

ସେ ଜଣେ ପ୍ରକୃତ ରସିକ ଏବଂ ଉଦାରମନା ଥିଲେ । ପର-ଦୁଃଖରେ ତାଙ୍କର ହୃଦୟ ତରଳି ପଡ଼ୁଥିଲା । ତାଙ୍କର ଗୁଣ ଚିହ୍ନି ବାମଣ୍ଡାର ରାଜା ତାଙ୍କୁ "ସରସ୍ୱତୀ" ଉପାଧି ଦେଇଥିଲେ । ତାଙ୍କର ଉତ୍କଳଖଣ୍ଡରେ ସୁପରିଚିତ ଆଉ ଗୋଟିଏ ଉପାଧି ଉତ୍କଳର ବ୍ୟାସକବି । ମୃତ୍ୟୁର ତିନି ମାସ ପୂର୍ବରୁ ଫକୀରମୋହନ କଟକରେ ଉତ୍କଳ ସମ୍ମିଳନୀର ସଭାପତି ଆସନ ଅଳଙ୍କୃତ କରିଥିଲେ । ୧୯୧୮ ମସିହା ଜୁନ ମାସ ୧୪ ତାରିଖ ରଜସଂକ୍ରାନ୍ତି ଦିନ ୭୬ ବର୍ଷ ବୟସରେ ତାଙ୍କର ମୃତ୍ୟୁ ହୋଇଥିଲା । ]

**ଫକୀରୀ**—ବୈଦେ. ବି—୧ । ଫକୀରର ଅବସ୍ଥା ବା ବୃତ୍ତି—
Phakiri 1. Mendicancy.
फकीरी ୨ । ଭିକ୍ଷାବୃତ୍ତି—2. Beggary.
फकीरी ୩ । ଦରିଦ୍ରତା—3. Poverty.
୪ । (ସ୍ତ୍ରୀ) ନାମ—ଅପର୍ତ୍ତିଆଣୀ ବାଳିକାକୁ ଦିଆଯିବା ନାମ—
4. A name given to Aparttiāṇī girls.
ବିଣ—ଫକୀରସମ୍ବନ୍ଧୀୟ—Appertaing to a Phakira.

**ଫକୀରୀ କଉଡ଼ି**—ଦେ. ବି—ଏକପ୍ରକାର ଚିତ୍ରିତ ବା ଡୋରିଆ କଉଡ଼ି—
Phakiri kaurdi A kind of striped or pictured cowrie or sea-shell.

**ଫକିରି ସିଂହ** - ଗ୍ରା. ବି (ବ୍ୟଙ୍ଗ୍ୟ)—ବିସୂଚିକା ରୋଗ; ହଇଜା—
Phakiri simha Cholera.

**ଫକୋଷ**—ଦେ. ବି. ( ଭୁଲ. ଇଂ. ଫକ୍ସ୍=କୋକିଶିଆଳ=ହି. ଫକ୍‌ଶିଆଲ୍ )—ବନ୍ୟଜନ୍ତୁବିଶେଷ—
Phakosha A kind of wild beast.

ମଇଁଷ ଘୋଡ଼ା ଫକୋଷ ବଳେସ୍ତା—ଜ୍ଞାତୀ, ପ୍ରତାପ ଷଷ୍ଠିସେଣା ।

**ଫକ୍କ** ( ଧାତୁ )—ସ—୧ । ଫାଙ୍କି ଦେବା—
Phakka 1. To use unfair means

୨ । ଭଣ୍ଡିବା; ଠକିବା—2. To cheat

**ଫକ୍କଡ଼** ( ଇତ୍ୟାଦି )—ବୈଦେ. ବିଣ—ଫକଡ଼ ଇତ୍ୟାଦି ( ଦେଖ )
Phakkarda ( etc ) Phakarda etc ( See )

**ଫକ୍କଡ଼ି** ( ଇତ୍ୟାଦି )—ଫକଡ଼ି ଇତ୍ୟାଦି ( ଦେଖ )
Phakkardi ( etc ) Phakardi etc ( See )

**ଫକ୍କିକା**—ସ. ବି. ( ଫକ୍କ୍ ଧାତୁ+କର୍ତ୍ତୃ. ଇକ+ସ୍ତ୍ରୀ. ଆ )—
Phakkika ୧ । ( ସିଦ୍ଧାନ୍ତ କୌମୁଦୀ ଓ ଭାଷ୍ୟ ଆଦି ଋଷିପ୍ରଣୀତ ଗ୍ରନ୍ଥରେ ବ୍ୟବହୃତ) ଫାଙ୍କି; କୂଟତର୍କ; କୂଟପ୍ରଶ୍ନ—1. Hair-splitting argument; sophistry; sophism ( on topics of Grammar by Pāṇṇini ).

୨ । ତତ୍ତ୍ୱ ନିର୍ଦ୍ଧାରଣାର୍ଥ ପୂର୍ବପକ୍ଷ—2. A thesis to be maintained in argument.

୩ । ଗୁଡୁଗୁ—3. Trick.

୪ । ମାୟା—4. Illusion.

୫ । ପ୍ରତାରଣା—5. Fraud; cheating.

**ଫଗୁ**—ଦେ. ବି. ( ସ. ଫଲ୍ଗୁ )—୧ । ଫଲ୍ଗୁ; ଅବିର—1. Red
Phagu powder (made from the root of wild
ফাগ; ফাউগ; ফাগু अबीर ginger ).

ଫଗୁ ବର୍ଣ୍ଣୋଦକେ ସର୍ବାଙ୍ଗ ଲିପ୍ତ ବହୁବସ୍ତ୍ର ସୁବାଦନ—
ରଘୁନାଥ. ପାର୍ବତୀ ।

୨ । ( ପୁଂ ) ଲୋକଙ୍କୁ ଡାକିବା ନାମ—
2. A name given to males.

**ଫଗୁ ଖେଳ**—ଦେ. ବି—ଦୋଳ ସମୟରେ ହିନ୍ଦୁମାନଙ୍କର ପରସ୍ପର ଫଗୁ ଫୋପଡ଼ାଫୋପଡ଼ି ହେବା ଓ ଦେବବିଗ୍ରହଙ୍କୁ ଫଗୁଲଗି କରିବା ଉତ୍ସବ—Mutual throwing of red powder and sprinkling it on the images of Deities.
Phagu khela
ফাগ খেলা
फाग खेलना

ସଖୀ ସଙ୍ଗେ ଖେଳୁଛନ୍ତି ଫଗୁଖେଳ—ରଘୁନାଥ. ନନ୍ଦକେଶରୀ ।

**ଫଗୁଣ**—ଦେ. ବି. ( ସ. ଫାଲ୍ଗୁନ )—ମାଘର ପରବର୍ତ୍ତୀ ଓ ଚୈତ୍ରର ପୂର୍ବବର୍ତ୍ତୀ ଚାନ୍ଦ୍ରମାସ; ଫାଲ୍ଗୁନ ମାସ—The month of Phālguna.
Phaguna
ফাগুন फगुवा; फाग्गुन

[ ଦ୍ର—ଏ ମାସର ପୂର୍ଣ୍ଣିମୀ ଦିନ ଚନ୍ଦ୍ର ପୂର୍ବଫାଲ୍ଗୁନୀ ନକ୍ଷତ୍ରରେ ଥାଆନ୍ତି । ଏ ମାସର ପୂର୍ଣ୍ଣିମୀରେ ଦୋଳଯାତ୍ରା ହୁଏ, ଏହି ମାସର କୃଷ୍ଣ ଚତୁର୍ଦ୍ଦଶୀ ରାତ୍ରିରେ ଯାଗର ଯାତ୍ରା ହୁଏ । ]

**ଫଗୁଣ ଫୁଟା**—ପ୍ରାଦେ. ( ଗଡ଼ଜାତ ) ବି—ଶୂଦ୍ର ଜାତିରେ ବଢ଼ିଲା କନ୍ୟା ପ୍ରଥମେ ଶାଶୁଘରୁ ବାପ ଘରକୁ ଫଗୁଣ ମାସରେ ଆସିବା କାର୍ଯ୍ୟ—The act of a Śūdra girl's coming back to her father's house from the house of her father-in-law after attaining puberty.
Phaguna phuta

**ଫଗୁ ଦଶମୀ**—ଦେ. ବି—ଫାଲ୍ଗୁନ ମାସର ଶୁକ୍ଳ ଦଶମୀ—The 10th
Phagu daśami day of the bright fortnight of the
ফাগুন দশমী फाग्गुन दसमी month of Phālguna.

[ ଦ୍ର—ଫଗୁଦଶମୀ ଦିନ ରାଧାକୃଷ୍ଣଙ୍କ ବିଗ୍ରହଙ୍କର 'ଭିତର ଫଗୁ' ଉତ୍ସବ ହୁଏ, ଅର୍ଥାତ୍ ସେ ଦିନ ମନ୍ଦିରରେ ଥିବା ଅବସ୍ଥାରେ ରାଧାକୃଷ୍ଣ ବିଗ୍ରହଙ୍କ ଉପରେ ଫଗୁ ପକାଯାଏ ଓ ତତ୍‌ପର ଦିନଠାରୁ ବିଗ୍ରହମାନଙ୍କୁ ବାହାର କରାଯାଇ ୫ ଦିନ ଦୋଳଯାତ୍ରା ଉତ୍ସବ କରାଯାଏ । ]

**ଫଙ୍କୁ**—ପ୍ରାଦେ. ( ଗଡ଼ଜାତ ) ବି. ( ଭୁଲ. ଇଂ. ଫଙ୍ଗସ୍ )—ଫିମ୍ପି;
Phaṅku ଛତୁଆ—Mold; mildew.

**ଫଜର୍**—ବୈଦେ. ବି ( ଆ ଫଜର୍ )—୧ । ସକାଳ—
Phajar ফজর फजर 1. Morning.
(ଫଜର, ଫଜର, ଫଜର—ଅନ୍ୟରୂପ) ୨ । ପ୍ରତ୍ୟୁଷ; ବଡ଼ଭୋର—
2. Daybreak; early morning.

**ଫଜରି**—ବୈଦେ. ବିଣ. ( ଆ )—ପ୍ରାତଃକାଳୀନ—Relating to
Phajari ফজরী फजरी morning.
( ଫଜରି—ଅନ୍ୟରୂପ )

**ଫଜରି ଖାନା**—ବୈଦେ. ବି. ( ଆ )—ପ୍ରାତର୍ଭୋଜନ—
Phajari kāna Breakfast; morning meal.
ফজরী খানা फजरी खाना

**ଫଜଲି**—ବୈଦେ. ବି. ( ଆ. ଫଜଲୀ )—ମାଲଦହଦେଶୀୟ ଉତ୍କୃଷ୍ଟ
Phajali ଆମ୍ବ—A kind of mango from Māldaha
ফজলী फजली ( ଫଜୁଲି, ଫଜିଲ—ଅନ୍ୟରୂପ ) in Bengal.

**ଫଜିତ**—ବୈଦେ. ବି. ଓ (ଆ)—ଫଇଜତ (ଦେଖ)
Phajita Phaijata (See)

ଫଜିତ
ଫଜିଅତ(ି)
ଫଜିହତ(ି)
} ଅନ୍ୟରୂପ

ଫଜିତ ହୋଇ ଦୁବରେ ଥିଲେ ତୋତେ,
ଭଜିତ ହେବାର ସତ ।
କବିସୂର୍ଯ୍ୟ. ରତ୍ନାକରଚମ୍ପୂ ଫ, ଗୀତ ।

**ଫଜିଲ**—ବୈଦେ. ପ୍ରାଦେ. (ଗଡ଼ଜାତ) ବି.—ଫଜର (ଦେଖ)
Phajila Phajara (See)
(ଫଜିଲ୍—ଅନ୍ୟରୂପ)

**ଫଟ୍**—ସ. ଅ. (ସ୍ଫୁଟ୍ ଧାତୁ=ଭେଦ କରିବା+କ୍ୱିପ୍)—ମନ୍ତ୍ର ଶେଷରେ
Phat ତାଳ ମାରି ଉଚ୍ଚାରଣ କରିବା ଶବ୍ଦ; ମନ୍ତ୍ରାଂଶବିଶେଷ—
A sound uttered at the end of a Mantra.

ଦେ. ଅ.—ଫଟ୍ ଫଟ୍ (ଦେଖ)
Phaṭ phaṭ (See)

**ଫଟ୍ କରି**—ଦେ. କ୍ରି. ବିଣ.—ଫଟ୍ ଶବ୍ଦ ପୂର୍ବକ—
Phaṭ kari Making a popping sound.
ফটকরে फटसे
[ଫଟ୍‌କିନା(କା), ଫଟ୍‌କରି, ଫଟ୍‌ଦ(ଧ)ସ୍—ଅନ୍ୟରୂପ]

**ଫଟ୍‌କାର**—ଦେ. ବି.—୧ । ଫଟ୍ ଶବ୍ଦ (ଯଥା—ଲୁଗା କାଚିବା, ପାଳୁଡ଼ିବା,
Phaṭ-kāra ହାତରେ ତାଳ ମାରିବା)—
1. The sound of 'Phaṭ'.

୨ । ହାତର ତାଳି ଶବ୍ଦ—2. Sound of clapping.
୩ । ଧୁତ୍କାର୍ (ଦେଖ)—3. Dhut-kāra (See)

**ଫଟ୍କାରିବା**—ଦେ. କ୍ରି.—୧ । ତାଳି ମାରିବା—
Phaṭ-kāribā 1. To clap.
फटकारना ୨ । ଧିକ୍କାରିବା—2. To fie; to cry shame.

**ଫଟ୍ ଫଟ୍**—ଦେ. (ଧ୍ୱନ୍ୟନୁକରଣ) ଅ.—୧ । ଶୁଷ୍କ କାଠ ଭାଙ୍ଗିବାର
Phaṭ phaṭ ଶବ୍ଦ—1. Popping or cracking sound.
ଫଟର ଫଟର } ଅନ୍ୟରୂପ ୨ । କୌଣସି ପଦାର୍ଥ ଫାଟି ଯିବାର
ଫଟା ଫଟ୍ } ଶବ୍ଦ—2. Bursting sound.
फटफट फटफट ମୂଳ ବାଉଁଶ ଗଡ଼ାକ ଫଟ୍ ଫଟ୍ କର ଫୁଟୁ ଅଛି ।
ଫକୀରମୋହନ ଛମାଣ ଅଠଗୁଣ୍ଠ ।
୩ । ଛିଟ ଯୋତା ବା କଠଉ ମାଡ଼ିଲେ ତାହାର ତଳଟରେ ଗୋଡ଼ର ତଳପା ଅରଲୁ ଥର ବାଜ ଯେଉଁ ଶବ୍ଦ ହୁଏ—
3. Popping sound produced by the heel coming in contact with the sole of the slipper.

**ଫଟ**—ସ. ବି.—(ସ୍ଫୁଟ୍ ଧାତୁ+କର୍ତ୍ତୃ. ଅ. ନ୍ୟାଛନ)—୧ । (ନାଗ ଅଦ୍ଧ)
Phaṭa ସର୍ପର ଫଣା—1. The expanded hood of a venomous serpent.
୨ । ଦନ୍ତ—2. Tooth.
୩ । ପ୍ରତାରଣା; ଶଠତା; ଧୂର୍ତ୍ତତା—
3. Cunning; fraud; deception.
୪ । ପ୍ରତାରକ; ଶଠ—4. A rogue; a cheat.

**ଫଟଇ**—ପ୍ରାଦେ. (ମେଦନୀପୁର) ବି.—(ଭୁଲ. ବ. ଫତୁଇ)—
Phaṭai ୧ । ପୋଷାକ—1. Dress.
୨ । ଫତେଇ; ହାତକଟା ଯାମା—2. Jacket.

**ଫଟକ ବିସିନି**—ଦେ. ବିଣ.—( ସ. ସ୍ଫୁଟ+ବ୍ୟସନୀ )—ସଉକିନଅଁ;
Phaṭaka bisini ସୌଖୀନ୍ ଶୁଭ୍ର ବେଶଧାରୀ (ବ୍ୟକ୍ତି)—
फटिकचाँद अलबेला, रङ्गीला, फटकव्यसनी Foppish.
ଫଟକ ବିସିନି } ଅନ୍ୟରୂପ ଦେ. ବି.—ସଉକୀନ୍ ଶୁଭ୍ର ବେଶଧାରୀ
ଫଟା ବିସିନି } ବ୍ୟକ୍ତି—Beau; fop; coxcomb.

**ଫଟକା**—ଦେ. ବି.—୧ । ମୂତ୍ରାଧାର—
Phaṭakā 1. Kidney; bladder.
चुटकी फटका
୨ । (ସ ସ୍ଫୋଟ) ହାତ ବା ଆଙ୍ଗୁଠିର ତାଳି ବା ସ୍ଫୋଟନ ଶବ୍ଦ—
2. Cracking sound of the palms or fingers.
୩ । ଫୋଟକା (ଦେଖ)—3. Photakā (See)

**ଫଟକା(କେ)ଇବା**—ଦେ. କ୍ରି—୧ । ହୁରୁଡ଼ାଇବା; ତାଳି ମାରି
Phaṭakā(ke)ibā ଚଢ଼େଇଙ୍କୁ ହୁରୁଡ଼ାଇ ଦେବା ଭଳି କରିବା;
फटकाना, हड़काना ଫିଙ୍ଗିଦେଇବା—1. To scare away a person (like scaring birds with clapping).
୨ । ଫଟ୍ ଫଟ୍ ଶବ୍ଦ କରିବା—
2. To make cracking sounds.

**ଫଟକାରିବା**—ଦେ. କ୍ରି—୧ । ଫଟ୍ ଫଟ୍ ଶବ୍ଦ କରିବା—
Phaṭakāribā 1. To make cracking sounds.
फटकारना ୨ । ଧୁତ୍କାରିବା—2. To fie.

**ଫଟକିବା**—ଛିଦ କ୍ରି—୧ । ଫଡ଼ିକିବା; ହୁରୁଡ଼ିକର ପଳାଇଯିବା—
Phaṭakibā 1. To fly away being scared.
हड़कना ୨ । ଦଳ ଛାଡ଼ି ବା ସଙ୍ଗ ଛାଡ଼ି ପଳାଇବା—
2. To flee away from a company.
୩ । ଫାଟିଯିବା—3. To burst.

**ଫଟ ଫଟକା**—ଦେ. ବି—ଫୁଟୁ ଫୁଟୁକା (ଦେଖ)
Phaṭa phaṭakā Phuṭu phuṭukā (See).

**ଫଟ ଫଟିଆ**—ଦେ. ବିଣ—ଫଟ୍ ଫଟ୍ ଶବ୍ଦ କରୁଥିବା—
Phaṭa phaṭiā Making a popping sound.
फटफटिआ फटफटिया

**ଫଟରଙ୍ଗ ପୁରାଣ**—ପ୍ରଦେ. (ଯାଜପୁର) ବି—ଖଟାଙ୍ଗ ପୁରାଣ (ଦେଖ)
Phaṭaranga purāṇa Khaṭānga purāṇa (See).

**ଫଟା**—ସ. ବି. (ଫଟ+ଆ)—୧ । ନାଗଆଦ ସର୍ପଙ୍କ ଫେଣା—
Phaṭā 1. Expanded hood of venomous snakes.
୨ । ଦନ୍ତ (କ୍ଲୀବେନ୍ଦ୍ର)—2. Tooth; fang.
୩ । ପ୍ରତାରଣା (କ୍ଲୀବେନ୍ଦ୍ର)—3. Deceit.
ଫାଟା ଦେ. ବିଣ—(ସ. ସ୍ଫୁଟ୍ ଧାତୁ)—୧ । ଫାଟଯୁକ୍ତ; ଫାଟି
फटा, फटहा ଯାଇଥିବା—1. Cracked.
୨ । ଚିରା—2. Torn.
୩ । ଦଦରା; ଭଙ୍ଗା—3. Broken.
୪ । ଅକାମିକା—4. Worthless.
୫ । ଘୃଣ୍ୟ; ନୀଚ; ହେୟ; ତୁଚ୍ଛ—
5. Despicable; mean; ignoble.
(ଫଟେଇ—ସ୍ତ୍ରୀ) ୬ । (ପୁଂ) ଯେ ଜିଗର କରି ଉପର୍ଯ୍ୟୁପରି ପ୍ରଶ୍ନ କରେ—
6. Pertinacious; asking questions with persistence.
୭ । ବାଚାଳ—7. Talkative.

**ଫଟା(ଟେ)ଇବା**—ଦେ. କ୍ରି—( ସ. ସ୍ଫୁଟ୍ ଧାତୁ )—୧ । ଫାଟିବା କ୍ରିୟାର
Phaṭā(ṭe)ibā ଣିଜନ୍ତ ରୂପ—The causative form of
फटाना फाड़ना, फटाना 'phāṭibā'.
୧ । ଫାଡ଼ିବା—1. To split.
୨ । ବିଦୀର୍ଣ୍ଣ କରିବା; ଭାଙ୍ଗିବା—
2. To break; to crack.
ଫଟାଇବ ବାଜିଲେ ସବୁ ଜନ ମୁଣ୍ଡ ।
କୃଷ୍ଣସିଂହ ମହାଭାରତ ବନ ।
୩ । ଦୁଇ ବ୍ୟକ୍ତିଙ୍କ ମଧ୍ୟରେ ମନୋମାଳିନ୍ୟ ଘଟାଇ ପୃଥକ କରାଇବା—3. To cause two persons to separate by bringing about dissensions.
୪ । ଚିରି ଦେବା—4. To tear.
୫ । ଦୁଇ ବ୍ୟକ୍ତିଙ୍କୁ ବା ବସ୍ତୁକୁ ପୃଥକ କରିଦେବା—
5. To cause two persons or things to separate.
୬ । (ଲକ୍ଷଣାର୍ଥ) ବିନାଶ କରିବା; ଲୋପ କରିବା—
9. (figurative) To destroy.
ଫଟାଇ ଖଣ୍ଡର ଧୂଳଟ ପ୍ରତାପ କହାଇ କପଟ ବାଣ । ଉପେନ୍ଦ୍ରଭଞ୍ଜ ସଙ୍ଗୀତ ।
୮ । ଫଟାଇ ହେବା (ଦେଖ)—8. Phaṭāi hebā (See).

**ଫଟା(ଟେ)ଇ ହେବା**—ଦେ. କ୍ରି—(ବ୍ୟଙ୍ଗାର୍ଥ; ସ୍ତ୍ରୀ ଭାଷା; ଫୁଟ୍ ଧାତୁ )—
Phaṭā(ṭe)i hebā ୧ । ଗୁଡ଼ାଏ କୁଥାରେ ବକବା; ଗପିବା—
फटहा होना 1. To prattle; to babble; to talk much.
୨ । ଯିଏଗ ଭର ଉପର୍ଯୁ୍ୟପର ପ୍ରଶ୍ନ କରିବା—
2. To ask questions with persistence.

**ଫଟା କଉଡ଼ି**—ଦେ. ବ—ଫଟା ପାହୁଲା ( ଦେଖ )
Phaṭā kauṛi Phaṭā pāhulā ( See )
কানাকড়ি फुटिकउडि

**ଫଟା କପାଳ**—ଦେ. ବ.—ହତଭାଗ୍ୟ; ଦୁର୍ଭାଗ୍ୟ; ହୀନ କପାଳ—
Phaṭā kapāḷa হীন কপাল फटाकपाल Ill luck.
ଫଟା କପାଳରୁ କଇଞ୍ଚା ବାଡ ଭାଗୁଥାବ ମୋର ଯାଉ ନାହିଁ.
ଅଗୋ ପ୍ରିୟ ସଖୀ । ଓଡ଼ିଆ ସଙ୍ଗୀତ ।

**ଫଟା କପାଳିଆ**—ଦେ. ବଣ. ପୁଂ.—ହତଭାଗ୍ୟ; ମନ୍ଦ କପାଳିଆ—
Phaṭā kapāḷiā Unfortunate; unlucky.
হীন কপালে फटाकपालाका
(ଫଟାକପାଳୀ, ଫଟାକପାଳେଈ—ସ୍ତ୍ରୀ)

**ଫଟାକା**—ପ୍ରାଦେ. (ଗଞ୍ଜାମ) ବ.—ତାଳପୋଟକା—
Phaṭākā Crackers made of palm-leaves.

**ଫଟାକି ଉଆଁସ**—ପ୍ରାଦେ. (ଗଞ୍ଜାମ) ବ.—ଦୀପାବଳୀ ଅମାବାସ୍ୟା; କାର୍ତ୍ତିକ
Phaṭāki uāṅsa ଅମାବାସ୍ୟା—The newmoon of the month of 'Kārttika'.
[ପ୍ର—ଏ ଦିନ ଲୋକେ ଫଟକା ବାଣ ଫୁଟାନ୍ତି ।)

**ଫଟା ଗାଲୁଆ**—ଦେ. ବଣ.—ଅସଂଗତ; ଯେ ଅସମ୍ଭବ ଓ ମିଛ କଥାକୁ
Phaṭā gāḷuā ସତ ବୋଲି କହି କହେ—
ডাহা মিথ্যাবাদী गपी, फटहा Bragging; boastful and lying (person).

**ଫଟା ପାଣି**—ପ୍ରାଦେ. (ପୁରୀ) ବ.—ଅଳ୍ପ ଗଞ୍ଜେଇରେ ନାନା ପ୍ରକାର ମସଲା
Phaṭā pāṇi ସହ ଘୋଟା ହୋଇ କରା ଯାଇ ଥିବା ପାନୀୟ—
A slightly intoxicating drink made of hemp leaves and spices pasted together.

**ଫଟା ପାହୁଲା**—ଦେ. ବ.—କ୍ଷୁଦ୍ରତମ ଅବ୍ୟବହାର୍ଯ୍ୟ ମୁଦ୍ରାଖଣ୍ଡ; ଅଳ୍ପ
Phaṭā pāhulā ସାମାନ୍ୟ ଧନ—Not even a single
কানাকড়ি टुटापाइ cracked pie.
(ଯଥା—ମୋ ପାଖରେ ଫଟା ପାହୁଲାଟିଏ ମଧ୍ୟ ନାହିଁ ।)

**ଫଟାଫଟି**—ଦେ. ବଣ—୧ । ଅନ୍ୟୋନ୍ୟରେ ଫଟାଇବା—
Phaṭā phaṭi 1. Mutual breaking.
ফাটাফাটি ( ଯଥା—ସେ ଦୁହେଁ କଳି କରି ମୁଣ୍ଡ ଫଟା ଫଟି ହେଲେ )
फटाफुटी ୨ । ଫଟା; ଦରଫଟା—2. Broken; cracked.

**ଫଟା ବସିକ**—ଦେ. ବଣ ( ସଂ. ବ୍ୟସନୀ )—ଯାହା ପାଖରେ ପଇସାଏ
Phaṭā bisini ନ ଥାଏ, ଅଥଚ ବାହାରେ ବସିକପଣିଆ ବା
ফটীকচান্দ ରସିକତା ଦେଖାଇ ହୁଏ—1. Penniless yet
फटकव्यसनी foppish ( person ).

**ଫଟିକ୍**—ପ୍ରାଦେ. (ସମ୍ବଲପୁର) ବଣ ( ସ. ସ୍ଫଟିକ)—ନିର୍ମଳ; ସ୍ୱଚ୍ଛ—
Phaṭik Transparent.
ফটকিরী ଦେ. ବ. (ସ. ଫଟକାରି)—ଫିଟକରୀ—
फीटकरी Alum.

**ଫଟିକ**—ଦେ. ବ. (ସ. ସ୍ଫଟିକ)—ସ୍ଫଟିକ; ଏକପ୍ରକାର ଧଳା ସ୍ୱଚ୍ଛ ପଥର-
Phaṭika Crystal; quartz; rock-crystal.
ফটিক बिलोर; फटीक ଦେ. ବଣ—ସ୍ୱଚ୍ଛ—Transparent.

**ଫଟିକ ନବାତ**—ପ୍ରାଦେ. (ଜୟପୁର) ବ. (ସ. ସ୍ଫଟିକ+ ଫା. ନବାତ୍)—
Phaṭika nabāta ମିଶ୍ରି—Sugar candy.

**ଫଟିକାରି**—ସ. ବ. (ବୈଦ୍ୟକ)—ଫିଟକରି (ଜ୍ଞାନେନ୍ଦ୍ର)—
Phaṭikāri Alum.

**ଫଟୋ**—ବୈଦେ. ବ. (ଇଂ)—୧ । ଆଲୋକ ଚିତ୍ର; ଆଲୋକ
Phaṭo ସାହାଯ୍ୟରେ ଉତୁରି ଯିବା ଛବି—
(ଫଟୋଗ୍ରାଫ୍—ଅନ୍ୟରୂପ) 1. Photo; photograph.
ফটো, ফটোগ্রাফ ୨ । ଫଟୋଗ୍ରାଫ୍ ଉଠାଇବା ଯନ୍ତ୍ର—
फोटो 2. Camera.

**ଫଟୋ ଉଠା(ଠେ)ଇବା**—ଦେ. କ୍ରି—ଆଲୋକ ଚିତ୍ରଦ୍ୱାରା ଛବି
Phaṭo uṭhā(ṭhe)ibā ଉତାରିବା—To photograph; to
ফটোতুলা फोटोउठाना take photo with a camera.
(ଫଟୋ ଉତାରିବା, ଫଟୋ ନେବା—ଅନ୍ୟରୂପ)

**ଫଟୋ ଉଠିବା**—ଦେ. ବ—ଆଲୋକ ଚିତ୍ରଦ୍ୱାରା କୌଣସି ବ୍ୟକ୍ତି ବା
Phaṭo uṭhibā ବସ୍ତୁର ଛବି ଉଠିବା—Being photo-
ফটোউঠা फोटोउठना graphed.
(ଫଟୋ ଉତୁରିବା, ଫଟୋ ଉଠିଯିବା—ଅନ୍ୟରୂପ)

**ଫଟୋଗ୍ରାଫର୍**—ବୈଦେ. ବ. (ଇଂ)—ଯେଉଁ ବ୍ୟକ୍ତି ଯନ୍ତ୍ର ସାହାଯ୍ୟରେ
Phaṭographar ଆଲୋକଚିତ୍ର ଉତାରେ—Photographer.
ফটোগ্রাফর फोटोग्राफर

**ଫଟୋଗ୍ରାଫି**—ବୈଦେ. ବ. (ଇଂ)—ଆଲୋକଚିତ୍ର ଉଠାଇବାର ବିଦ୍ୟା—
Phaṭogrāphi ফটোগ্রাফী फोटोग्राफी Photography.

**ଫଟୋ ଫ୍ରେମ୍**—ବୈଦେ. ବ. (ବଣିଆ ଶବ୍ଦ) (ଇଂ)—ଫଟୋଗ୍ରାଫ୍ ରଖିବା
Phaṭo phrem ପାଇଁ ରୂପାର ତାରକସି ବା ନକାସି କରା ଫର୍ମା—
ফটোফ্রেম্ A fancy frame inlaid with filagree work
फोटोफ्रेम् for keeping a photo.

**ଫଡ଼୍**—ଦେ. (ଧ୍ୱନ୍ୟନୁକରଣ) ଅ—ଫଡ଼୍ ଫଡ଼୍ (ଦେଖ)
Phaṛd Phaṛd phaṛd (See)

**ଫଡ଼୍କା**—ଦେ. ବ—(ଉଡ଼ିବା ସମୟରେ ଫଡ଼୍ ଫଡ଼୍ ଶବ୍ଦ କରିବାରୁ, ସ.
Phaṛdkā ପତାକା)—ପତାକା—Flag,
পতাকা, ঝণ্ডা ବାଡ଼୍ ସେ ପଢ଼େ ଫଡ଼କା ବାଜା
झण्डा, फरहरा ଯେବେ ହୋଇଲେ ଲଢ଼ିବା ସଜା । ବ୍ରଜନାଥ, ସମରତରଙ୍ଗ
ପ୍ରାଦେ (ଗଡ଼ଜାତ) ବ. (ହି. ବାଂଶଫଟାକା)—ଫସଲ ନଷ୍ଟ
କରୁଥିବା ପଶୁମାନଙ୍କୁ ଘୁଞ୍ଚାଇବା ନିମନ୍ତେ ବ୍ୟବହୃତ
ବାଦ୍ୟବିଶେଷ—A kind of sound-producing
contrivance made of bamooo for scaring
away wild beasts which ravage crops.

[ଦ୍ର—ଅଠ ଦଶ ହାତ ଲମ୍ବ ଜଙ୍ଗାବାଉଁଶର ମୂଳ ପଟରୁ ମଝିହାତ ପର୍ଯ୍ୟନ୍ତ ଫାଳେଇ ଗୋଟିଏ ଫାଳର ଅଗରେ ଦଉଡ଼ି ଲଗାଇ ସେ ଦଉଡ଼ିକୁ ନିକଟବର୍ତ୍ତୀ ଗୁହଡ଼ରେ ଥିବା ଲୋକ ଧରଥାଏ; ବାଉଁଶଟି ପୋତା ହୋଇଥାଏ । ଦଉଡ଼ିକୁ ଟାଣି ଛାଡ଼ିଦେଲେ ଦଉଡ଼ିବନ୍ଧା ଫାଳଟି ଅନ୍ୟ ଫାଳରେ ବାଜ ଖୁବ୍ ଉଚ୍ଚ ଫଟ୍ ଶବ୍ଦ ଉତ୍ପନ୍ନ କରେ । ସେ ଶବ୍ଦ ଶୁଣିଲେ କ୍ଷେତରେ ଫସଲ ଖାଇବାକୁ ଆସିଥିବା ଜନ୍ତୁମାନେ ଚମକି ପଳାନ୍ତି । ]

**ଫଡ଼ଫଡ଼**—ଦେ (ଧ୍ୱନ୍ୟନୁକରଣ) ଅ—୧ । ଲୁଗା ଚିରିବାର ଶବ୍ଦ—
Pharda pharda  1. Sound of tearing cloth.
(ଫଡ଼ଫାଡ଼୍, ଫଡ଼ର ଫଡ଼ର—ଅନ୍ୟରୂପ) ୨ । ପକ୍ଷୀ ପ୍ରଥମେ ଉଡ଼ିବା
ফড়ফড়  ସମୟରେ ଡେଣାକୁ ବାଡ଼େଇବାର ଶବ୍ଦ—
फड़फड़  2. The sound of flapping of wings; fluttering sound.

୩ । ଅମଦୋଷରୁ ଅଧୋବାୟୁ ସହିତ ମଳ ବାହାରିବାର ଶବ୍ଦ—
3. The sound produced by wind mixed with stool during evacuation.

୪ । ଅଗ ପଛ ନ ବିଚାରି ଅନର୍ଗଳ ଗପିବା—
4. Talking garrulously.

୫ । ପତାକା ପ୍ରଭୃତିର ଉଡ଼ିବାର ଶବ୍ଦ—
5. The fluttering sound of flags.

ଭୃଙ୍ଗ ସଇନ୍ୟ ଗଜଶ୍ରେଣୀରେ ପତାକା
ଉଡ଼ି ଉଚେ କରିଲେ ଫଡ଼ ଫଡ଼ ଚକା—ବ୍ରଜସୁନ୍ଦର, ମହାଭାରତ ଭୀଷ୍ମ ।

**ଫଡ଼ଫଡ଼ ହେବା**—ଦେ. କ୍ରି (ସଂ. ଫରଫରାୟତେ)—୧ । ପକ୍ଷୀମାନେ
Pharda pharda heba  ଡେଣା ବାଡ଼େଇବାଦ୍ୱାରା ଶବ୍ଦ
ফড়ফড় হওয়া  କରିବା; ଫଡ଼ ଫଡ଼ ଶବ୍ଦ କରିବା—
फड़फड़ाना, फड़ फड़ होना  1. To flutter; to make a fluttering sound; to flap the wings.

୨ । ବାଜେ କଥା ଗପିବା—
2. To talk irrelevantly.

୩ । ଔତ୍ସୁକ୍ୟ ସହିତ ଗପିବାଦ୍ୱାରା ଆପଣାର ହୃଦୟସ୍ଫୂର୍ତ୍ତି ପ୍ରକାଶ କରିବା—3. To be loquacious or garrulous; to show signs of light-heartedness by one's garrulity.

୪ । ଇତସ୍ତତଃ ହୋଇ ଚଞ୍ଚଳ ଗତି କରିବା; ଫର ଫର ହେବା; ଅସ୍ଥିର ହେବା—4. To move with restlessness; to be restless.

**ଫଡ଼ଫଡ଼ିଆ**—ଦେ. ବଣ—୧ । ଫଡ଼ ଫଡ଼ ଶବ୍ଦ କରୁଥିବା—
Phardaphardia  1. Making a fluttering or
ফড়ফড়িয়া  फड़फड़िया  flapping sound.
(ଫଡ଼ଫଡ଼ୀ, ଫଡ଼ଫଡ଼େଇ—ସ୍ତ୍ରୀ) ୨ । (ପୁଂ) ବାଚାଳ—
2. Loquacious; garrulous.

୩ । (ପୁଂ) ଭୁରୁଭୁରିଆ; ଚଞ୍ଚଳ; ଅସ୍ଥିର—
3. Restless; hasty.

**ଫଡ଼ା**—ଦେ. ବି.—୧ । ବଡ଼ ବସ୍ତୁକୁ ଫାଡ଼ିଲେ ବା ଚିରିଲେ ସେଥିରୁ
Pharda  ବାହାରିବା ଲମ୍ବ ଅଂଶ ବା ଖଣ୍ଡ—1. A strip or
ফালি  long piece split or separated from the
फाड़ा  main thing.
(ଯଥା—ଫଡ଼ାଏ କାଠ ।)

୨ । ଏକଖଣ୍ଡ—2. One piece; strip; one slice.
(ଯଥା—ଫଡ଼ାଏ ଅମ୍ବୁଲ ।)

୩ । ମାଂସର ବଡ଼ ଖଣ୍ଡ; ବଡ଼ ଛୁଲକା; ଚେଲା—
3. A big lump of meat.

୪ । ଫାଡ଼ିବା କର୍ମ—4. The act of phārdibā (See)
ফাড়া  ବଣ.—୧ । ଚିର ହୋଇଥିବା—1. Split.
फाड़ाहुआ  ୨ । ପୃଥକ୍ କୃତ; ବିଭକ୍ତ—2. Separated.

**ଫଡ଼ା ଅମ୍ବୁଲ**—ଦେ. ବି.—ଆମ୍ବକୁ ଦୁଇ ଫାଳ କରି ଚିର ତହିଁ ମଧ୍ୟରେ
Phardā ambula  ଲୁଣ ମସଲା ଆଦି ଦେଇ ଶୁଖାଇ ତିଆରି
ফালা আম্ব  କରା ଯାଇଥିବା ଅମ୍ବୁଲ—Pickle made of
फाड़ाआचार  split-up mangoes.

**ଫଡ଼ା(ଡ଼େ)ଇବା**—ଦେ. କ୍ରି.—ଫାଡ଼ିବା କ୍ରିୟାର ଣିଜନ୍ତ ରୂପ)—
Pharda(rde)iba  The causative form of phārdibā.
ফাড়ান  ୧ । ଅନ୍ୟ ବ୍ୟକ୍ତିଦ୍ୱାରା ଫାଡ଼ିବା କ୍ରିୟା କରାଇବା—
फड़ाना  1. To cause to be split.

୨ । ପୃଥକ୍ ବା ବିଭକ୍ତ କରାଇବା—
2. To cause to be separated.

୩ । ଚିରାଇବା—3. To cause to tear.

**ଫଡ଼ା ତଉଜି**—ଦେ. ବି.—(କଚେରୀ) କଲେକ୍ଟରଙ୍କ ରେଜିଷ୍ଟରରେ
Pharda tauji  ଏକ ତଉଜି ଅନ୍ତର୍ଗତ ଜମିଦାରୀରୁ ଅଂଶ ପୃଥକ
বাঁটা তৌজী  କରି ରଖା ଯାଇଥିବା ବିଭାଗ; ପୃଥକ୍ ତଉଜି—
बाँटा तौजी  Separate account opened in the Collector's register in respect of a portion of a zamindary by marking it with a separate serial number.

**ଫଡ଼ି**—ଦେ. ବି.—(ସଂ. ଫଳକ)—୧ । ଖଣ୍ଡା—
Phardi  1. Sword.

୨ । ପାଇକମାନେ ଖେଳିବାର କାଠ ଖଣ୍ଡା—2. A wooden sword used for mimic sword-playing exercises.

୩ । କର୍ପୂର, ଚନ୍ଦନ, ପାନଖିଲ ଆଦି ସଜ୍ଜିତ ଥିବା ଥାଳ—
3. Plate or tray for holding scents and betel.

୪ । ଢାଲ—4. Shield.

**ଫଡ଼ିଆ**—ଦେ. ବି.—(ସଂ. ଫଳକ)—୧ । ଜନ୍ତୁର ଧଡ଼ରୁ ପୃଥକ କରା
Phardia  ଯାଇ ଥିବା ପିଚ୍ଛ ସହିତ ଗୋଡ଼—1. Leg sepa-
ঠেঁঠা, ঠ্যাং  rated from the trunk, the part of the
रान  body consisting of the rump; rump and leg.

୨ । ଚଟୁଆ; ପିଚ୍ଛ ଓ ଜଙ୍ଘ—
2. Rump, buttock and thigh

୩ । ପିଚ୍—3. Buttocks.

ତଶ୍ୱାମିଙ୍କ ତଳୁର ମାଂସ ଫଡ଼ୁଆ
ବହୁ କଷ୍ଟ ଦେଶେ ଉଲ୍ଲାସ କଲ ଦୃଷ୍ଟା । କୃଷ୍ଣସିଂହ, ମହାଭାରତ ଶାନ୍ତ୍ର ।

**ଫଡ଼ୁଆ ଖସିବା**—ଦେ. କ୍ର—ଆଘାତ ଆଦି ଦ୍ୱାରା ଫଡ଼ୁଆ ବା ପିଚ୍ ତଳର
Phardiā khasibā ହାଡ଼ କଟିହାଡ଼ରୁ ଅଲଗା ହୋଇଯିବା—
ଠେଂଗଭାଂଗା Dislocation of the thigh bone or femur.
**କାଁଛଟୁଟନା, ରାନ୍ ଟୁଟନା**

**ଫଡ଼ିକାର**—ଦେ. ବି—୧ । ରାଜାଙ୍କ ଭୃତ୍ୟବିଶେଷ ( ଯେଉଁମାନେ
Phardikāra ଥାଳରେ ସଜ୍ଜିତ କର୍ପୂର, ଚନ୍ଦନ, ପାନଖିଲ ଆଦି
ଧରି ରାଜାଙ୍କ ସଙ୍ଗରେ ଥାଆନ୍ତି)—Servants who bear
plates holding betel and scents; tray-bearer.
୨ । ଯେ ଖଣ୍ଡାରେ ଖେଳ ଦେଖାଏ—2. Sword-player.
୩ । ଖଡ୍ଗଧାରୀ ବ୍ୟକ୍ତି (ମାଦଳା ପାଞ୍ଜି)—3. Swordsman.

**ଫଡ଼ି ଖେଳ**—ଦେ. ବି—ଫରି ଖେଳ (ଦେଖ)—
Phardi khela Phari khela (See)

**ଫଡ଼ିଙ୍ଗ**—ପ୍ରାଦେ. (ମେଦିନୀପୁର) ବି (ସଂ. ପତଙ୍ଗ)—୧ । ଝିଣ୍ଟିକା—
Pharḍinga (ଫଡ଼ଙ୍ଗା—ଅନ୍ୟରୂପ) 1. Locust.
ଫଡ଼ିଙ୍ଗ୍, ଫଡ଼ିଙ୍ଗ **ଫତିଂଗା** ୨ । ଝିଙ୍କାରୀ—2. Cricket.

**ଫଡ଼ୁ**—ପ୍ରାଦେ (ଯାଜପୁର) ବିଣ—ନିଷ୍ଫଳ—
Phardu Fruitless; vain.

**ଫଡ଼ୁଆ**—ଗ୍ରା. ବି—ଫରୁଆ (ଦେଖ)
Phardua Pharuā (See)

ଫଡ଼ୁଆ ପାଣ୍ଟଣା ତନପେଡ଼ି ଭଳି,
ଧାନବଢ଼ି ମିଶାଇଣ । ତଳବାର, ସାଅନ୍ତୁଅ ବାହା ।

**ଫଣ୍ (ଧାତୁ)**—ସଂ—୧ । ଗତି କରିବା; ଗମନ କରିବା—
Phaṇ (root) 1. To go; to move.
୨ । ଗମନ କରାଇବା; ଗତି କରାଇବା—
2. To cause to move.
୩ । ଅନାୟାସରେ ଉତ୍ପନ୍ନ ହେବା—
3 To grow easily.
୪ । ତରଳ କରିବା; ପାଣିଆ କରିବା—
4. To dilute; to liquefy.
୫ । ବିସ୍ତୃତ ହେବା—5. To spread; to expand.
୬ । ଦୀପ୍ତି ପାଇବା—6. To shine.

**ଫଣ(ଣା)**—ସଂ. ବି—(ଫଣ୍ ଧାତୁ=ଗମନ କରିବା+କର୍ତ୍ତୃ. ଅ+ଆ)—
Phaṇa (ṇā) ସାପର ବିସ୍ତୃତ ମୁଣ୍ଡ; ସାପର ଫେଣା—
The expanded hood of a snake.

**ଫଣ ଧର**—ସଂ. ବି. ପୁଂ—(ଫଣ+ଧୃ ଧାତୁ+କର୍ତ୍ତୃ. ଅ)—ଫଣୀ; ଫଣା
Phaṇa dhara ଥିବା ସର୍ପ (ନାଗ, ଗୋଖର, ତକ୍ଷ)—Hooded
snake (e.g cobra de capello).
{ ଫଣକର, ଫଣବାନ୍, ଫଣଭୃତ୍, ଫଣାକର, ଫଣାଧର, ଫଣାଭୃତ୍, ଫଣାବାନ୍ } ଅନ୍ୟରୂପ

**ଫଣଧରଧର**—ସଂ. ବି—(ଉପପଦ ତତ୍ପୁରୁଷ; ଫଣଧର=ସର୍ପ+ଧର=
Phaṇadharadhara ଯେ ଧରେ)—ମହାଦେବ; ଶିବ—
Mahādeba; Siba.

**ଫଣଫଣ**—ଦେ. ବିଣ—୧ । ରକ୍ତବର୍ଣ୍ଣ; ଲାଲବର୍ଣ୍ଣବିଶିଷ୍ଟ—
Phaṇa phaṇa 1. Red coloured.
**ଫୋଲାଫୋଲା ଗୁଲାଗୁଲା** ୨ । ଫୁଲୁକା—3. Slightly swollen.

ଜ୍ୱର ସକାଶକୁ ମର୍ଦ୍ଦିଆ ଫଣ ଫଣ । ଜଣିଣ ହୋଇଲ ସେ ଅଙ୍ଗର ଲକ୍ଷଣ ।
କୃଷ୍ଣସିଂହ, ମହାଭାରତ ଶାନ୍ତ୍ର ।

**ଫଣଫଣା**—ଦେ. ବି—( ସଂ. ଶ୍ୟୋଣା; ଶ୍ୟୋଣାକ )—ଔଷଧିବୃକ୍ଷ-
Phaṇa phaṇā ବିଶେଷ—A medicinal plant;

ସଂ. ଶ୍ୟୋଣା, କଟ୍ୱଙ୍ଗ, ଶ୍ୟୋଣାକ, ନଟ, ଶ୍ୟୋନାକ, ଶୋଷଣ, ଟୁଣ୍ଟୁକ, ମଣ୍ଡୁକପର୍ଣ୍ଣ, ପତ୍ରୋର୍ଣ୍ଣ, ଶୁକନାଶ, କୁଟନଟ, ଦୀର୍ଘବୃନ୍ତ, ଅରଲୁ, ପୃଥୁଶିମ୍ବ, କଟମ୍ଭର, ଭୂତବୃକ୍ଷ, ଶଲକ, ମୟୂରଜଙ୍ଘା, ଭଲ୍ଲୂକ, ପ୍ରିୟଜୀବ—
**শোণা, সোনা, নাসোনা**
**सोनापठा, सोत्रा, सत्रा, अर्लु**
ମ. ଟେଣ୍ଟୁ
ନେପାଳ-କରୁମଦନ
ତା. ପନ
ତେ· ଦୁଦିଲପୁ, ପୋଦାମାନୁ
ଗଞ୍ଜାମ. ଫାମ୍ପୁଣିଆ
ସୁ. ଅରଡ଼ୁଶୋ, ମରମଟ୍ୟ

Colosanthes Indica; Oroxylum Indicum; Bignonia Indica.

[ ଦ୍ର—ପଟଲାଦି ବର୍ଗର ଛୋଟ ତରୁ; ଉଚ୍ଚରେ ୨୦ ଫୁଟ ପର୍ଯ୍ୟନ୍ତ ବଢ଼େ; ପତ୍ର ଦ୍ୱିଧାପର୍ଣ୍ଣ ଓ ୨।୩ ହାତ ଲମ୍ବ । କାଠ ଲଘୁ । ଫୁଲ ବଡ଼ ବଡ଼ ମାଂସଳ ଓ ନାଲି ବାଇଗଣି ମିଶ୍ରିତ ବର୍ଣ୍ଣ । ଫୁଲର ଚେହେରା ସାର୍ପ; ୫ ଗୋଟି କେଶର । ଫଳ ଶିମ୍ବ, ଝୁଲିପଡ଼ି ଭଳି ବଡ଼; ଏହା ୧ ହାତ ୧୨ ହାତ ଲମ୍ବ ଓ ୩।୪ ଅଙ୍ଗୁଳ ଚଉଡ଼ା । ଖାଜରେ ପକ୍ଷ ଥାଏ । ବୈଦ୍ୟ ଶାସ୍ତ୍ର ମତରେ ଦଶମୂଳର ଏହା ଗୋଟିଏ ଉପାଦାନ । ଏହା କଷାୟ ତିକ୍ତ ରସ, କଟୁ ବିପାକ, ଶୀତବୀର୍ଯ୍ୟ, ଅଗ୍ନି ବର୍ଦ୍ଧକ, ତ୍ରିଦୋଷନାଶକ, ଧାରକ, ଶୀତଶ୍ଲେଷ୍ମଘ୍ନ ଅତିସାର ଓ ସନ୍ନିପାତ ଜ୍ୱର ନିବାରକ; ଏହାର କଞ୍ଚା ଫଳ କଷାୟ ମଧୁର ଓ କୃମି, କଫ, ବାୟୁ, ଗୁଳ୍ମ, ଅର୍ଶ ରୋଗରେ ଉପକାରକ; ପାଚିଲା ଫଳ ଗୁରୁପାକ ଓ ବାୟୁପ୍ରକୋପକ । ଏହାର ମଞ୍ଜି ବିରେଚକ; ଏ ଗଛ ପାହାଡ଼ତଳେ ଓ ନଈକୂଳରେ ବେଶି ଉଠେ]

**ଫଣମଣି**—ସଂ. ବି—( ମ. ପ. ଲେ. )—ଫଣାବିଶିଷ୍ଟ ସର୍ପ (ଯଥା ନାଗ,
Phaṇa maṇi ଗୋଖର)ର ଫଣା ମଧ୍ୟରେ ଥିବା ମଣି—
A small round jewel found in the hood
of cobra and other snakes.

**ଫଣା (ଇତ୍ୟାଦି)**—ସଂ. ବି (ଫଣ+ଆ)—ଫଣ ଇତ୍ୟାଦି (ଦେଖ)
Phaṇā (etc) Phaṇa etc (See)

**ଫଣୀ କେଶର**—ସଂ. ବି—ନାଗେଶ୍ୱର (ଫୁଲ)—
Phaṇi kesara The Mesua Ferra (flower).

**ଫଣିଜା**—ସଂ. ବି—ନାଗଫେଣିଆ ଗଛ—
Phaṇijā (ଫଣି ମନସା—ଅନ୍ୟରୂପ) The cactus.

**ଫଣୀ ଜିହ୍ୱକ**—ସଂ. ବି—ବଲା (ଦେଖ)
Phaṇi jihwaka Balā (See)

**ଫଣୀ ତଳ୍ପଗ**—ସଂ. ବି—(ଫଣୀ ତଳ୍ପ=ସର୍ପ ଶଯ୍ୟା+ଗମ୍ ଧାତୁ+କର୍ତ୍ତୃ.ଅ)
Phaṇi talpaga —ବିଷ୍ଣୁ (ଅନନ୍ତ ଶୟନ କରିଥିବାରୁ)—
Bishṇu.

**ଫଣି ପ୍ରିୟ**—ସ. ବି—(୬ଷ୍ଠୀ ତତ୍; ଫଣିନ୍+ପ୍ରିୟ; ସର୍ପମାନେ ବାୟୁ
Phaṇi priya ଆହାର କରନ୍ତି ବୋଲି କବିପ୍ରସିଦ୍ଧି ଥିବାରୁ) ବାୟୁ—
Air; the wind.

**ଫଣି ଭୁକ୍**—ସ. ବି—(ଫଣିନ୍+ଭୁଜ୍ ଧାତୁ+କର୍ତ୍ତୃ.କ୍ୱିପ୍, ୧ମା ୧ବ)
Phaṇi bhuk ୧ । ମୟୂର—1. Peacock.
୨ । ଗରୁଡ଼—2. Garurḍa.

**ଫଣୀ ଭୂଷଣ**—ସ. ବି—୧ । (ବହୁବ୍ରୀହି; ଫଣିନ୍+ଭୂଷଣ) ମହାଦେବ;
Phaṇī bhūshaṇa ଶିବ—Śiba.
୨ । (ରୂପକକର୍ମଧା) ସର୍ପରୂପ ଅଳଙ୍କାର; ଭୂଷଣରୂପେ ବ୍ୟବହୃତ ସର୍ପ—2. Snake put on as an ornament (by Śiba).

**ଫଣୀ**—ସ. ବିଣ. ପୁଂ (ଫଣ+ଇନ୍; ଫଣିନ୍ ଶବ୍ଦ, ୧ମା. ୧ବ)
Phaṇī ଯାହାର ଫଣା ଥାଏ—Hooded.
(ଫଣିନୀ—ସ୍ତ୍ରୀ) ବି.—ସର୍ପ—Serpent.

**ଫଣୀନ୍ଦ୍ର**—ସ. ବି—(୭ମୀ ତତ୍; ଫଣୀମାନଙ୍କ ମଧ୍ୟରେ ଇନ୍ଦ୍ର=ଶ୍ରେଷ୍ଠ)
Phaṇīndra ସର୍ପରାଜ; ବାସୁକି; ଅନନ୍ତ—
The Great Serpent(Bāsuki); the king amongst serpents.
ଫଣିରାଜ } ଅନ୍ୟରୂପ
ଫଣୀଶ୍ୱର }

**ଫଣ୍ଡ୍**—ବୈଦେ. ବି (ଇଂ)—୧ । ତହବିଲ; ଅର୍ଥକୋଷ; ପୁଞ୍ଜି;
Phaṇḍ ନଗଦ ଧନ—1. Fund; treasure; cash.
फण्ड; फण्ड୍ ୨ । କୌଣସି ନିର୍ଦ୍ଦିଷ୍ଟ ଉଦ୍ଦେଶ୍ୟରେ ସଞ୍ଚିତ ଧନ—
2. Money collected and stored for a particular purpose.

**ଫଣ୍ଡ**—ସ. ବି—(ଫନ୍ ଧାତୁ=ଗମନ କରିବା+ସଂଜ୍ଞାର୍ଥ. ଡ)—ଜଠର;
Phaṇḍa ଉଦର—Belly; stomach.

**ଫଣ୍ଡା**—ପ୍ରାଦେ (ଗଞ୍ଜାମ) ବି—(ତୁଳ. ବ. ଫାଁଡ଼ା)—୧ । ମାରାତ୍ମକ ଦଶା;
Phaṇḍā ଆସନ୍ନ ମୃତ୍ୟୁ ଅବସ୍ଥା; ମୁମୂର୍ଷୁ ଅବସ୍ଥା—
1. Fatal condition; moribund state.
୨ । ଜ୍ୟୋତିଷ ଗଣନାନୁସାରେ ମୃତ୍ୟୁଯୋଗ; ରିଷ୍ଟ—
2. A conjunction of planets in one's horoscope leading to his death.

**ଫତ୍‌ନା**—ଦେ. ବି (ସ. ପ୍ଲୁତ)—ଭରଣ୍ଡିକା; ବନଶୀ ସୂତାରେ ବନ୍ଧା
Phat-nā ହୋଇଥିବା ସୋଲ ବା କାଠି; ଚେରେଣ୍ଡା—
फातना, फाता A float fastened to an angling line.
कडेया, तैरक, तरैला

**ଫତା**—ଦେ. ବି—୧ । ଫତ୍‌ନା (ଦେଖ)
Phatā 1. Phat-nā (See)
୨ । ଫେଟି (ଦେଖ)—2 Pheti (See)

**ଫତୁଆ**—ଦେ. ବିଣ (ତୁଳନା କର ବ୍ୟପଗ୍ରାହାର୍ଥକ ଆରବୀ ଫତହୁ=
Phatuā ପରାନୁଗ୍ରହ; ଅ. ଫତୁର=ଅସାମର୍ଥ୍ୟ)—୧ । ବ୍ୟର୍ଥ-
पतौ ମନୋରଥ; ଅକୃତ କାର୍ଯ୍ୟ—1. Having one's
(ଫତୁ—ଅନ୍ୟରୂପ) aims unfulfilled; unsuccessful.
ଫତୁଆ ନହୁଁ ବୋଲେ ଜଗ:ଦବ ହରତନନ ଏ ଗୀତ
କବିସୂର୍ଯ୍ୟ ବଳରାମ ଦାସ, ଫ ଗୀତ

୨ । ହଟହଟା; ଅପବାଦଗ୍ରସ୍ତ; କଳଙ୍କ ଯୁକ୍ତ—
2. Defamed; maligned.
୩ । ପରାସ୍ତ; ପରାଜିତ—3. Defeated; vanquished.
ଫତୁଆ ହେବୁ କ ସେ କାମ ଅମଳ ମତୁଆଳ ସୁବା ଭୁଲେ ।
କବିସୂର୍ଯ୍ୟ ସଙ୍ଗୀତ ।
୪ । ଅପ୍ରସ୍ତୁତ—4. Unprepared for any contingency; reduced to an awkward predicament.
୫ । ମିଥ୍ୟାବାଦୀ; ମିଛୁଆ; ଯେ ଆପଣାର କଥା ପାଳି ନ ପାରେ—
5. Liar; unable to carry out one's promise; false to one's promise.
ଦେ. ବି.—ଫତେଇ (ଦେଖ)—Phatei (See)
ବୈଦେ. ବି (ଅ.ଫତ୍‌ୱା)—ମୁସଲମାନ କାଜୀ ବା ମୁଲ୍ଲାଙ୍କର ରାୟ
फतवा ବା ବ୍ୟବସ୍ଥାପତ୍ର—Judgment of a Mohomedan
फतवा judge or priest; futwa; a religious prescription.

**ଫତୁର**—ବୈଦେ. ବିଣ (ଅ. ଫତୁର୍; ଅସାମର୍ଥ୍ୟ)—ନିଃସ୍ୱ=ଦରିଦ୍ର—
Phatura फतूर फतुर Poor; penniless.

**ଫତୁରାତ୍**—ଦେ. ବିଣ—ଫିକରିକାରୀ; ଫତୁରିଆ—
Phaturāt (ଫତୁରାତି—ବି) Tactician; artful.

**ଫତୁରି**—ବୈଦେ. ବି. (ଅ ଫତୁର୍=ଉପଦ୍ରବ, ହାନି, ବିକାର, ବିଘ୍ନ)—
Phaturi ୧ ମିଥ୍ୟା; ମିଛକଥା—1 Falsehood.
(ଫତୁରାମି—ଅନ୍ୟରୂପ) ୨ । ଦାମ୍ଭିକତା; ବାଚାଳତା; ମୁହଁ ବାଲିଙ୍ଗ—
2. Garrulity; boasting; arrogance.
୩ । ବୃଥା ଭାଷଣ—3. Vain talking.
୪ । ଉତ୍ପାତ—4. Outrage; oppression.
୫ । ବିଦ୍ରୋହ; ପ୍ରଜାମେଳି—5. Rebellion.; revolt.

**ଫତୁରିଆ**—ଦେ. ବିଣ—୧ । ଫତୁଆ (ଦେଖ)
Phaturiā 1. Phatuā (See)
(ଫତୁରଖୋର—ଅନ୍ୟରୂପ) ୨ । (ପୁଂ ଓ ସ୍ତ୍ରୀ) ବୃଥା ଭାଷୀ; ବକୁଆ;
(ଫତୁରେଇ—ସ୍ତ୍ରୀ) ବାଚାଳ; ବାବଦୂକ; ଯେ ବୃଥାରେ ଗୁଡ଼ାଏ ବକେ—
फतुरिया 2. Garrulous; talkative.
୩ । ଉତ୍ପାତକାରୀ—3. Committing outrages.
୪ । ବିଦ୍ରୋହୀ—4. Rebellious; revolting.

**ଫତୁରିଆ କରିବା**—ଦେ. କ୍ରି—୧ । କୌଣସି ବ୍ୟକ୍ତିକୁ ମିଥ୍ୟାବାଦୀ
Phaturiā karibā ବୋଲି ପ୍ରମାଣିତ କରାଇବା—1. To
[ଫତୁରିଆ କରା (ନେ) ଇବା—ଅନ୍ୟରୂପ] prove a person to be a liar.
୨ । କୌଣସି ବ୍ୟକ୍ତିର ବାକ୍ୟ ବା କଥାକୁ ନିଷ୍ଫଳ କରାଇଦେବା—
फतुरिआ बनाना 2. To frustrate a person's promise or words.

**ଫତୁରି କରିବା**—ଦେ. କ୍ରି—ଭୁରୁଡ଼ୁ କାଢ଼ିବା; ଭୁରୁଡ଼ାଇବା—
Phaturi karibā To repudiate a matter with arrogance; to deny a matter with brazen-facedness.
ଫତୁରି କାଢ଼ିବା } ଅନ୍ୟରୂପ
ଫତୁରି ଖେଳିବା }

**ଫତୁରିଖୋର୍**—ଦେ. ବଣ—ଫତୁରିଆ; ଯେ ଫତୁରି କାଢ଼େ—
Phaturi khor **फतुरिया** Brazenfaced.
ଫତୁରିଖୋର ଅଶରକୁ ହେବାର ହେବ କିମ। ଏଥି ଫଳ
ଭଦ୍ରସୂର୍ଯ୍ୟ. କଣୋସ ଭଞ୍ଜ ଫଗୀତ

**ଫତେ (ତ୍ତେ)**—ବୈଦେ. ବ (ଅ. ଫତହ୍, ଫତେ=ବିଜୟ; କାର୍ଯ୍ୟ ସିଦ୍ଧି)
Phate (tte) ୧ । ଜୟଲାଭ—1. Victory; conquest.
(ଯଥା—ଗଡ଼ ଫତେ କରିବା)
**फते फते** ୨ । କାର୍ଯ୍ୟ ଲାଭ; କୃତକାର୍ଯ୍ୟତା—2. Success.
× × ତୁ ଯେତେର ହ ତ ଦେଲୁ କାମ ଫତେ
ଫକୀର ମୋହନ. ଛ ମାଣ ଅଠଗୁଣ୍ଠ.
୩ । କାର୍ଯ୍ୟସମାଧା—3. Accomplishment.
ବିଣ.—୧ । ସୁସମାହିତ, ସୁସମ୍ପନ୍ନ—1. Accomplished.
ବାମଦେବ ଖରପଦ୍ମ ରଣଜୟୀ କାମ କୋହୁତକ ଅନ୍ତର ଫତେ ।
ଭକ୍ତସୂର୍ଯ୍ୟ. ସଙ୍ଗୀତ.
୨ । ଜୟୀ—2. Victorious.
୩ । କୃତକାର୍ଯ୍ୟ—3. Successful.
ପ୍ରାଦେ.—(ଗଡ଼ଜାତ) ବ.—ବୀର କ୍ଷତ୍ରିୟମାନଙ୍କୁ ଦିଆ ଯିବା ଉପାଧି—A title given to valorous Khatriyas.

**ଫତେଇ**—ବୈଦେ. ବ.—(ଅ. ଫତହୀ; ଫତୁହୀ)—ହାତ ନ ଥିବା
Phatei କୁର୍ତ୍ତା; ଜାକେଟ୍—Jacket; waist coat.
**फतुही, बण्डी** (ଫତୁଇ—ଅନ୍ୟରୂପ)

**ଫତେ କରିବା**—ଦେ. କ୍ରି.—(ଅ. ଫତହ୍=ବିଜୟ)—୧ । ଜୟ
Phate kariba କରିବା; ଜିଣିବା—1. To win.
**फतेकरना** ୨ । ସମାଧା କରିବା—
**फतेकरना** 2. To accomplish.
୩ । କାର୍ଯ୍ୟ ସିଦ୍ଧ କରିବା—3. To succeed in doing a work.
ଏବା ଉଦ୍‌ଜନ କାମ ଫତେ କରି ଦେବ—'
ଗଡ଼କଣ୍ଡ ଚାଟ. ଚିତ୍ରକ ସମାପ୍ତଣ ।

**ଫତେ ଖାଁ**—ବୈଦେ. ବ—(ବ୍ୟଙ୍ଗ)—(ଅ.ଫତହ୍, ଫତେ=ବିଜୟ)—
Phate khān ୧ । ଜୟଲାଭ କରିଥିବା ସେନାପତି—
ଫତେ ନବାବ୍ } ଅନ୍ୟରୂପ A victorious general.
ଫତେ ବାବୁ } ତନ ଅଲଗା ଫତେଖାଁ—ତଗ ।
फतेनबाब, फतेबाबू (ଏ ତଗର ଅର୍ଥ ଏହି ଯେ—ଯେଉଁ କାର୍ଯ୍ୟର
**फतेखाँ** ତଳଖିବାର ଭାର ତନ ଜଣ ବ୍ୟକ୍ତିଙ୍କ ଉପରେ ଥାଏ ସେ କାର୍ଯ୍ୟ ବିଗିଡ଼େ )
୨ । ଆଡ଼ମ୍ବର ଯୁକ୍ତ ନାମଧାରୀ ବ୍ୟକ୍ତି—
2. A person with a big-sounding name.
୩ । ପରାନ୍ନଭୋଜୀ ଓ ଆଡ଼ମ୍ବରଯୁକ୍ତ ବ୍ୟକ୍ତି—3. A person who lives on the bounty of another and assumes airs.

**ଫତେ ହେବା**—ଦେ. କ୍ରି—୧ । (ମନୋବାଞ୍ଛା) ସିଦ୍ଧ ହେବା—
Phate heba 1. (one's wish) To be fulfilled.
ফতে হওয়া ୨ । (ମକଦ୍ଦମା) ଡିଗ୍ରୀ ହେବା—
**फते होना** 2. (a case) To be decreed.
× × × × ତା ମାମଲା ଫତେ ହେଲା । ଫକୀରମୋହନ. ଗଳ୍ପସ୍ୱଳ୍ପ ।
୩ । ବିଜିତ ହେବା—3. To be won or conquered.
(ଯଥା—ଗଡ଼ ଫତେ ହେବା)
୪ । ସୁସମ୍ପନ୍ନ ହେବା—4. To be accomplished.
(ଯଥା—କାମ ଫତେ ହେବା)

**ଫନ୍ (ଧାତୁ)**—ସ—ଗମନ କରିବା; ଗତି କରିବା—
Phan (root) To go; to move.

**ଫନସ**—ପ୍ରାଦେ. (ବସ୍ତର) ବ—ପନସ—
Phanasa Jackfruit.

**ଫନି**—ପ୍ରାଦେ. (ସମ୍ବଲପୁର) ବ—୧ । ତନ୍ତୁ—1. Fibre.
Phani ୨ । ତନ୍ତ—2. Loom.

**ଫନୋଗ୍ରାଫ୍**—ବୈଦେ.ବ.(ଇଂ.ଫୋନୋଗ୍ରାଫ)-କୌଣସି ଗାୟକର ଗୀତକୁ
Phanograph ଅବିକଳ ଉତ୍ପାଦନ କରିବା ସଙ୍ଗୀତ ଯନ୍ତ୍ର;
ফনোগ্রাফ **फोनोग्राफ** ଗ୍ରାମୋଫୋନ୍—Gramophone; phonograph.
[ଦ୍ର—ଏ କଳରେ ଗୀତ ଦେଲେ ମନୁଷ୍ୟ କଣ୍ଠରୁ ବୋଲାଯିବା ସଙ୍ଗୀତ ପରି ଏ ଯନ୍ତ୍ରରୁ ଶବ୍ଦ ବାହାରେ ।]

**ଫନ୍ଦ**—ବୈଦେ. ବ. (ଅ. ଫନ୍=କୂଟ କୌଶଳ; ଭୁଲ. ସ. ବନ୍ଧନ)—
Phanda ୧ । ଫାନ୍ଦ; ଜାଲ—1. Snare; net.
ফন্দী ୨ । କୌଶଳ; ଫନ୍ଦିଫିକର; କୂଟ; କୌଶଳ—
**फन्द** 2. Cunning; artifice; stratagem.
୩ । ଉପାୟ—3. Means.
୪ । ଜୀବିକା—4. Livelihood.
ফাঁড় ଦେ. ବ—ପାତ୍ରର ବା କୂପର ଓଠଭଡ଼ା ଧାର—
**बाट** The broad rim or edge of a cup or well.

**ଫନ୍ଦ ଫିକର**—ବୈଦେ. ବ (ଅ. ଫନ୍ଦ+ଫିକର୍)—୧ । କୂଟ କୌଶଳ—
Phanda phikara 1. Artifice; stratagem.
(ଫନ୍ଦି ଫିକର—ଅନ୍ୟରୂପ) ୨ । ଉପାୟ—2. Means.
ফন্দিফিকীর ୩ । ଜୀବିକା ନିର୍ବାହର ଉପାୟ; ବୃତ୍ତି—
**फन्दिफिकीर** 3. Means of living, livelihood.
[ଫନ୍ଦ ଫିକରିଆ, ଫନ୍ଦ ଫିକରୀ—ବ୍ୟକ୍ତିବାଚକ ବିଣ]

**ଫନ୍ଦ(ନେ)ଲ୍**—ବୈଦେ. ବ. ( ଇଂ. ଫନେଲ୍ )—ସରୁମୁହାଁ ବୋତଲରେ
Phanda(ne)l ତେଲ ଆଦି ପୂରାଇବାପାଇଁ ବ୍ୟବହୃତ ଟିଣ କାହାଲୀ;
ফনেল ଫେଙ୍କା (ଏହାର ଉପରୁ ମୁହଁ ଚଉଡ଼ା ଓ ତଳମୁହଁ କ୍ରମଶଃ ହୋଇ
**चोंगा,टीप** ସରୁ ହୋଇଥାଏ)—Funnel for pouring oil into bottle.

**ଫନ୍ଦଲି**—ପ୍ରଦେ.. (ବାଲେଶ୍ୱର) ବ—ଫନ୍ଦଲ (ଦେଖ)
Phandali (ଫନ୍ଦଲ—ଅନ୍ୟରୂପ) Phandal (See).

**ଫନ୍ଦା**—ବୈଦେ. ବ—(ଅ. ଫନ୍=କୂଟ କୌଶଳ; ଫନ୍ଦ=ଫାନ୍ଦ, ଜାଲ,
Phandā ଫନ୍ଦିଫିକର; ଭୁଲ. ସ. ବନ୍ଧ)—୧ । ଅବଲମ୍ବନ; ଆଶ୍ରୟ—
ফন্দ **फँदा** (ଫନ୍ଦ—ଅନ୍ୟରୂପ) 1. Refuge; shelter.
ମୋର ଛଉଲାମଣି ସବୁ ଫନ୍ଦା । ଭକ୍ତ- ପ୍ରେମ ସୁଧାନିଧି ।
୨ । ଜୀବିକା—2. Livelihood.
୩ । ଜୀବିକା ନିର୍ବାହର ଉପାୟ, ବୃତ୍ତି—
3. Profession; means of living; occupation.

ରେ କଣୋସ ! ଫନ୍ଦାଧର ଭୂତ ମୋର ' କବିସୂର୍ଯ୍ୟ, କଣୋସ ଜନ୍ମ, ପ. ଗୀତ ।
୪ । ଉପାୟ—4. Means.
୫ । ଯୋଗାଡ଼; ଆୟୋଜନ—5. Preparation.
ଡଗପତଧୀ ଦୁର୍ଜନ ନାଗଜ ସଙ୍ଗରେ ମୋର ପଣ୍ଡଜବ ଏବା କଲେ ଫନ୍ଦା ।
କବିସୂର୍ଯ୍ୟ, ସଙ୍ଗୀତ ।
୬ । ଫିକର; କୌଶଳ—6. Artifice; tact.
୭ । ଜାଲ; ଫାନ୍ଦ—7. Snare; net.
୮ । କୂଟ ନୀତି—8. Policy; diplomacy.
କାହାର ନାହିଁ ଏଥେ କେହୁ ମାଧ୍ୱାଇ ଫନ୍ଦା ବନ୍ଧ ଘନ ।
ସ୍ୱାମୀ, ନର୍ମଦାମାହାତ୍ମ୍ୟ ।
୯ । ଖନ୍ଦ; ଫସଲ—9. Crop.
ଟୋରୁ ଛନ୍ଦ ଦେଇ ଫନ୍ଦ ଉଜାଡ଼ ।
ଫକୀରମୋହନ, ଛମାଣ ଅଠଗୁଣ୍ଠ ।
୧୦ । ପସରା—10. Shop; an exhibition of the commodities in a shop.
ଘନ ଜଘନାଇ ଘନ ଜଘନ କି କାମ ବଣିକର ଫନ୍ଦା ।
ରଘୁନାଥ, ଯଘାତ ।
ବିଣ.—ଛନ୍ଦାଛନ୍ଦ—Intertwined.
ସେ ଯୁଦ୍ଧରେ ଦୁହିଁ ହାତକୁ ହାତ ଫନ୍ଦା ।
କୃଷ୍ଣସିଂହ, ମହାଭାରତ, ବନ ।

**ଫନ୍ଦା(ନ୍ଦେ)ଇବା**—ଦେ. କ୍ରି.—୧ । ସଂଯୁକ୍ତ କରବା—
Phandā(nde)ibā 1. To join together.
ফাঁদা ୨ । ନିୟୋଜିତ କରବା—
**फँदाना** 2. To engage.
୩ । ଫାନ୍ଦି କରି କଥା କହିବା; କଥାଙ୍କୁ ଯୋଡ଼ଯାଡ଼ିକରି ବିଶ୍ୱାସଯୋଗ୍ୟ କରି କହିବା—3. To speak a matter in such a manner that it will be believed or it will seem probable.
୪ । ମନାଇବା—4. To make one agree to.
ଫେଇ ଉଥନ୍ତୁ କଣ୍ଠ, ଏ ମନ୍ତି ହାର
ଫନ୍ଦାଇ ପାରିବ କି କତ ମନ୍ତ୍ରର । କବିସୂର୍ଯ୍ୟ, ଉଷାବର ଜନ୍ମ ।
୫ । ଭୁଲାଇବା—5. To inveigle.
ଫନ୍ଦାଇ ଜାଳା କଳପ୍ରେ କଣ୍ଠ ଦନ୍ତେ ତୃଣ ଧରିବାର ଗଲ ।
କବିସୂର୍ଯ୍ୟ, କଣୋସଜନ୍ମ, ପ. ଗୀତ ।

**ଫନ୍ଦା ଯିବା**—ପ୍ରାଦେ. (ସମ୍ବଲପୁର) କ୍ରି.—(ଭୁଲ. ହି. फंदा जाना)
Phandā jibā (କୌଣସି ବସ୍ତୁ) ରଜ୍ଜୁ ଆଦି ଦ୍ୱାରା ବନ୍ଧା ଯିବା—
(ଫନ୍ଦା ହେବା—ଅନ୍ୟରୂପ) To be tied with a rope.

**ଫନ୍ଦି**—ବୈଦେ. ବି. (ଆ. ଫନ୍)—୧ । କୌଶଳ—
Phandi 1. Strategy; contrivance; stratagem.
ফন্দি **दाँव** ୨ । ଜୀବିକା—2. Livelihood.
୩ । ଗୁପ୍ତୁସ୍;—3. Cunning; machination.
୪ । ଫିକର; ଉପାୟ—4. Means; device.
୫ । ଉପସ୍ଥିତ ବୁଦ୍ଧି—5. Presence of mind.
୬ । ବାହାନା—6. Feigning; excuse; plea.
୭ । ପାଞ୍ଚ; ଉପାୟ; ଫନ୍ଦା—7. Scheme; project.

**ଫନ୍ଦି କରବା**—ଦେ. କ୍ରି.—୧ । ଭୁଲାଇବା—
Phandi karibā 1. To beguile; to inveigle.
ফন্দি করা ୨ । କୌଶଳ କରବା—
**दाँव करना** 2. To employ strategy.
୩ । ଉପାୟ କରବା—3. To employ means.

**ଫନ୍ଦି କାଢ଼ିବା**—ଦେ. ବି.—କୌଶଳ ବା ଉପାୟ ଉଦ୍ଭାବନ କରବା—
Phandi kārdhibā To think out an expedient.
ফন্দী বাহির করা **फन्दी निकालना**

**ଫନ୍ଦି ଫିକର**—ବୈଦେ. ବି. (ଏକାର୍ଥକ ସହଚର)—କୌଶଳପୂର୍ଣ୍ଣ ଉପାୟ—
Phandi phikara ফন্দী ফিকির **दाँवपेच** Stratagem.

**ଫନ୍ଦିବାଜ୍**—ଦେ. ବିଣ.—୧ । ଯୋଗାଡ଼ିଆ—
Phandibāj 1. One who makes preparations to
ফন্দীবাজ **फँदबाज** bring about a result.
(ଫନ୍ଦାବାଜ୍, ଫନ୍ଦୀବାଜ୍—ଅନ୍ୟରୂପ) ୨ । ଫନ୍ଦିସିବାଜ୍; କୌଶଳୀ—
2. Strategic; artful.
୩ । ଉପସ୍ଥିତବୁଦ୍ଧିଶାଳୀ—3. Having presence of mind; resourceful.
୪ । ଯେ ଆପଣାର ଜୀବିକା ନିର୍ବାହ ନିମନ୍ତେ ଉପଯୁକ୍ତ ଉପାୟ ଅବଲମ୍ବନ କରେ—4. One who takes to a suitable occupation.

**ଫପଡ଼ ଦଲାଲ୍**—ପ୍ରାଦେ. (ବାଲେଶ୍ୱର) ବିଣ.—(ଭୁଲ. ବ° ফোঁপর
Phaparda dalāla দালাল্=ବଳେପଣା ଲୋକ)—ବିଣ.—
୧ । ଯେ କୌଣସି କାର୍ଯ୍ୟ ନ ବୁଝି ବା ଯହିଁରେ କୌଣସି ଦାୟିତ୍ୱପୂର୍ଣ୍ଣ ଅଂଶ ବହନ ନ କରି କେବଳ ମୁହଁରେ ଫଡ଼୍ ଫଡ଼୍ କରି କଥା କହୁ ଥାଏ ବା ଉପଦେଶ ଦେଉ ଥାଏ; ବଚନସର୍ବସ୍ୱ—1. An irresponsible talker who gives advice gratis.
୨ । ଯେ ଅଯାଚିତ ଭାବରେ ଅନ୍ୟର କାମ କରେ; ବଳେପଣା—
2. Officious.

**ଫପଡ଼ ଦଲାଲି**—ପ୍ରାଦେ. (ବାଲେଶ୍ୱର) ବି.—ଫପଡ଼ ଦଲାଲର କର୍ମ—
Phaparda dalāli The act of being an irresponsible talker; officiousness.

**ଫପଣୀ**—ଦେ. ବି.—ଫଣଫଣା (ଦେଖ)
Phapani Phanaphanā (See)

**ଫପସା**—ଦେ. ବିଣ.-(ସ. ଶ୍ୱାସ୍ ଧାତୁ=ଫୁଲିବା)—୧ । ବଳରହିତ ଓ ସ୍ଥୂଳକାୟ—Corpulent and weak.
Phapasā
ফোঁপরা; ফোঁপসা ୨ । ଫୋଲ୍ (ମାଟି); ଯହିଁରେ କୌଣସି
**फोपी** ଦଣ୍ଡଆର ମାଇଲେ ତାହା ଭିତରକୁ ପଶି ଯାଏ; ଶୂନ୍ୟଗର୍ଭ—
2. Porous (earth); hollow.
ଦେ. ବି.—(ସ.—ଫୁସ୍ ଫୁସ)—ଫୁସଫୁସ ଯନ୍ତ୍ର
ফোঁপরা ফোঁপসা **फेकड़ा** Lungs.

**ଫବେଇ ହେବା**—ଦେ. କ୍ରି (ଭୁଲ. ସ. ଶ୍ୱାସ୍ ଧାତୁ=ଫୁଲିବା)—
Phabei hebā ମିଛ କଥା କହିବା; ପ୍ରକୃତ ବା ସତ୍ୟ କଥା ନ ଜାଣି ଗପିବା—
ଫବେଇ କଥା କହିବା } ଅନ୍ୟରୂପ
ଫବେଇ ହୋଇ କଥା କହିବା }
To talk of a thing which one does not know personally.

**ଫମ୍ପ(ମ୍ଫ)ଣିଆ**—ଦେ. ବି—ଫଣଫଣା (ଦେଖ)—Phanaphanā
Phampa(mpha)niā [ଫମ୍ପ(ମ୍ଫ)ଣା—ଅନ୍ୟରୂପ] (See)

**ଫମ୍ପା**—ଦେ. ବଣ. (ସ. ସ୍ଫାୟ ଧାତୁ=ସ୍ଫୀତ ହେବା)—
Phampā ୧ । ଫୋମ୍ପା; ଅନ୍ତଃସାରଶୂନ୍ୟ; ଶୂନ୍ୟ—
फाम्पा 1. Hollow; empty.
फोका, फोकला ୨ । ଫୁଲୁକା—2. Puffy.
ବି—ସ୍ଫୀତି; ଫୁଲା—Inflation; swelling.
(ଯଥା—ପେଟଫମ୍ପା)

**ଫମ୍ପା(ମ୍ପେ)ଇବା**—ଦେ. କ୍ରି—୧ । ଫୁଲାଇବା; ସ୍ଫୀତ କରିବା—
Phampā(mpe)ibā 1. To inflate.
फाँपाना ୨ । ଭିତରେ ପବନ ଭର୍ତ୍ତି କରାଇବା—
फुलाना 2. To blow up a thing with wind.
୩ । ଫୁଲିବା—3. To swell; to be inflated.

**ଫର୍**—ଦେ. (ଧ୍ୱନ୍ୟନୁକରଣ) ଅ—୧ । ଫର୍ ଫର୍ (ଦେଖ)
Phar 1. Phar phar (See)
୨ । ଫର୍ର୍ (ଦେଖ)—1. Pharr (See)

**ଫର୍‌ଡିଓସି**—ବୈଦେ. ବି. (ନାମ)—ମାହ୍‌ମୁଦ୍ ଗଜନୀଙ୍କର ସଭାକବି—
Phar-diosi The court poet of Mahamud of Ghazni.
ଫର୍ଦୁସୀ } ଅନ୍ୟରୂପ
ଫର୍ଦୌସୀ }
[ ଦ୍ର—ଏ ଏକାଦଶ ଶତାବ୍ଦୀର ଜଣେ ମୁସଲମାନ କବି । ଏ ରାଜବଂଶାନୁଚରିତ ବା ସାହାନାମା ଗ୍ରନ୍ଥ ରଚନା କରି ସାରିଲେ, ମାମୁଦ୍ ଏହାଙ୍କୁ ଲକ୍ଷେ ଅସରଫି (ସ୍ୱର୍ଣ୍ଣମୁଦ୍ରା) ଦେବେ ବୋଲି କହିଥିଲେ । ଗ୍ରନ୍ଥ ଶେଷ ହେବା ପରେ ମାହ୍‌ମୁଦ୍ ଏହାଙ୍କୁ ଲକ୍ଷେ ରୌପ୍ୟ ମୁଦ୍ରା ଯାଚିବାରୁ ଏ ତାହା ଫେରାଇ ଦେଲେ । ଫର୍‌ଡିଓସିଙ୍କର ମୃତ୍ୟୁପରେ ମାମୁଦ୍ ତାଙ୍କ ଝିଅଙ୍କୁ ଲକ୍ଷେ ଅସରଫି ଦେଲେ । ]

**ଫର୍ ଫର୍**—ଦେ. (ଧ୍ୱନ୍ୟନୁକରଣ) ଅ (ସ· ଫର୍ଫର; ପା. ଫର୍ ଫର୍=ଦ୍ରୁତ)—୧ । ପତଳା ଲୁଗାଆଦିର ପବନରେ
Phar phar ଦ୍ରୁତ)—୧ ।
(ଫର୍‌ଫର୍—ଅନ୍ୟରୂପ) ଉଡ଼ିବା ଶବ୍ଦ—1. Flapping sound
फर फर of thin things flowing in the air.
फर फर ତିଳକ ବେଶ ବେଶ ହୋଇ ଦ୍ରୁମରେ
ଉଡୁଛନ୍ତି ବେଳେ ଉର୍ଦ୍ଧ୍ୱ ଫରଫରେ । ବ୍ରଜଦ. ମହାଭାରତ ବନ ।
୨ । ଅତ୍ୟଧିକ; ଖୁବ୍‌ବେଶି—2. Very; much.
(ଯଥା—ଧୋବ ଫର୍ ଫର୍)
୩ । ଅତି ଚଞ୍ଚଳ; ତ୍ୱରିତ—3. Hastily.
୪ । ଅଧୀର ରୂପେ—4. Impatiently.

**ଫର୍ର୍**—ଦେ. (ଧ୍ୱନ୍ୟନୁକରଣ) ଅ—୧ । ଚଢ଼େଇ ଉଡ଼ିଯିବାର ଶବ୍ଦ—
Phar-r 1. The flapping sound of a bird flying in the air.
[ ଦ୍ର—ଛୋଟ ଚଢ଼େଇ ଉଡ଼ିବାର ଶବ୍ଦକୁ ଫୁର୍ର୍ ବୋଲାଯାଏ । ]
୨ । ଲୁଗା ଚିରିବାର ଶବ୍ଦ—2. The sound produced when a piece of cloth is torn up.

**ଫର**—ଦେ. ବି. (ସ. ଫଳକ)—ଢାଲ—Shield.
Phara ଗ୍ରା. ଇତର (ଶ୍ରେଷ୍ଠ ଜାତୀୟ ଲୋକଙ୍କର ଉଚ୍ଚାରଣ ଦୋଷ; ଳ ସ୍ଥାନରେ ର ଉଚ୍ଚାରଣ)—ଫଳ—Fruit.
ଗ୍ରା. (କଟୁର) ବି—ଫଳ—Fruit.

**ଫରକ**—ବୈଦେ. ବି. (ଆ. ଫର୍କ୍)—୧ । ଦୂରତ୍ୱ—
Pharaka 1. Distance; interval.
फर्क ୨ । ବଇଲକ୍ଷଣ୍ୟ; ପାର୍ଥକ୍ୟ; ପ୍ରଭେଦ—
फर्क 2. Difference; discrepancy.
(ଫର୍କ—ଅନ୍ୟରୂପ) ବଣ—୧ । ଭିନ୍ନ—
1. Different; discrepant.
୨ । ଅଲଗା; ପୃଥକ୍—2. Separate; distinct.
୩ । ଦୂର—3. Distant.

**ଫରକଟା**—ଦେ. ବଣ. (ସ. ପୃଥକ୍; ଆ. ଫର୍କ=ପୃଥକ୍)—
Pharakatā ୧ । ପରସ୍ପରଠାରୁ ଅଲଗା ହୋଇଥିବା—
ଫର୍କଟା } ଅନ୍ୟରୂପ 1. Separated; parted from each other.
ଫର୍କଟିଆ }
फर्कटिया ଫରକଟା ଲୋକେ ହୁଏ ପୁଣ ଠିଆ
छितराहुआ; फैलाहुआ ଜଗନ୍ନାଥ. ଦରବାର ।
୨ । ଦୁଇ ଶାଖା ବିସ୍ତୃତି ହୋଇ ପୃଥକ ହୋଇ ଯାଇଥିବା—
2. Divergent; with the two ends diverging from each other.

**ଫରକଟା(ଟେ)ଇ ଚାଲିବା**—ଦେ. କ୍ରି.—ଦୁଇ ଗୋଡ଼କୁ ଫାଙ୍କଫାଙ୍କ
Pharakatā(te)i chālibā କରି ଚାଲିବା—To straddle;
फर्कटे चलना to walk by keeping the legs diverging
टाँग फैलाकर चलना from each other.

**ଫରକଟା(ଟେ)ଇବା**—ଦେ. କ୍ରି—୧ । ଦୁଇ ଶାଖାକୁ ବିସ୍ତୃତ କରି
Pharakatā(te)ibā ଅନ୍ୟୋନ୍ୟଠାରୁ ଏକ ମୁଣ୍ଡରେ ପୃଥକ୍
[ଫର୍କଟା(ଟେ)ଇବା—ଅନ୍ୟରୂପ] କରାଇବା—1. To cause to
फर्काना diverge from one another.
छितराना, फैलाना ୨ । ବିସ୍ତାର କରିବା; ମେଲା କରିବା—
2. To open; to spread open.
୩ । ଫାଙ୍କ ଫାଙ୍କ କରିବା—3. To separate.

**ଫରକଟା ଗୋଡ଼ା**—ଦେ. ବଣ. ପୁଂ—ଯେଉଁ ବ୍ୟକ୍ତିର ଗୋଡ଼ ଦୁଇଟା
Pharakatā gorḍā ଫରକଟା ହୋଇଥାଏ—Having one's
(ଫର୍କଟା ଗୋଡ଼ିଆ—ଅନ୍ୟରୂପ) legs diverging from each other; bandy-legged.
(ଫରକଟୀ ଗୋଡ଼ୀ, ଫରକଟୀ ଗୋଡ଼େଇ, ଫରକଟେଇ ଗୋଡ଼ୀ, ଫର୍କଟୀ ଗୋଡ଼ୀ, ଫର୍କଟୀ ଗୋଡ଼େଇ, ଫର୍କଟେଇ ଗୋଡ଼ୀ—ସ୍ତ୍ରୀ)

**ଫରକା(କ୍କା)**—ବୈଦେ. ବି. (ଆ)—ବଢ଼େଇଙ୍କର ଉନ୍ତୁଡ଼ା ଭଳି ଅସ୍ତ୍ର;
Pharakā(kkā) ଯେଉଁ ଅସ୍ତ୍ରଦ୍ୱାରା ଛିଦ୍ରର ମୁହଁକୁ ବଡ଼
फरका କରାଯାଏ—A boring instrument for
फरक्का widening the mouth of a hole.

ଫରକା ପକା(କେ)ଇବା—ଦେ. କ୍ରି—ସରୁଆ ଭଅଁରରେ କରାଯାଇ
Pharakā pakā(ke)ibā ଥିବା ଛିଦ୍ରର ମୁହଁକୁ ଫରକା ଯନ୍ତ୍ର-
ଦ୍ୱାରା ଚଉଡ଼ା କରିଦେବା—To widen the mouth of a hole, so that the head of a screw will fit into it.
[ ଦ୍ର—ଏପରି କଲେ ଉକ୍ତ ଛିଦ୍ରରେ ଅଣ୍ଟାଯିବା ପେଚକଣ୍ଟାର ଛଡ଼ କାଠର ପୃଷ୍ଠସଙ୍ଗେ ସମତଳ ହୋଇ ବସିଯାଏ । ]

ଫରକ୍କାବାଦ ଟଙ୍କା—ଦେ. ବି—ଇଂରାଜ ଅଧିକାର ପୂର୍ବରୁ ଭାରତ
Pharakkābāda ṭankā ପ୍ରଚଳିତ ରୌପ୍ୟମୁଦ୍ରା—
ফরক্কাবাদ টাকা फरक्काबाद रुपया Furukhabad rupee.

ଫରଚା— ଦେ. ବିଣ. [ସ. ପରିଷ୍କାର; ସ. ସ୍ପୃଶ୍ୟ; ପ୍ରା.ଫରସ୍ସ (ହି.ଶ.)]—
Pharachā ୧ । ବିସ୍ତୃତ; ପ୍ରଶସ୍ତ; ଓସାରିଆ—
(ଫର୍ଚ୍ଚା—ଅନ୍ୟରୂପ) 1. Broad; wide.
ফরসা ୨ । ସୁନ୍ଦର—2. Fair.
फरछा; फरचा ୩ । ସ୍ପଷ୍ଟ—3. Clear; distinct.

ଅସ୍ତ୍ର ଜାଣିଲେ ସେ ହାର ଯାହାର
ଫରଚାରେ ନ ବୋଇଲେ ଭରର । ଅଭିମନ୍ୟୁ. ବଡ଼ଚମ୍ପୁଲ୍ଲାମନି ।

୪ । ନିର୍ମଳ; ପରିଷ୍କୃତ—4. Clean.
୫ । ସୁପ୍ରକାଶିତ—5. Manifest.
୬ । ଆଲୋକିତ—6. Lighted.
୭ । ସାବକାଶ—7. Spacious.
୮ । ଉଜ୍ଜ୍ୱଳ—8. Bright.
ବି—୧ । ପ୍ରକାଶ—1. Manifestation.
୨ । ଆଲୋକ—2. Light.
୩ । ରାତି ପାହୁଥିବା ଅବସ୍ଥା—3. Daybreak.
୪ । ପରିଷ୍କୃତ ହେବା—4. Clearance.
୫ । ଉଜ୍ଜ୍ୱଳତା—5. Brightness.

ଫରଚା(ଚେ)ଇବା—ଦେ. କ୍ରି—୧ । ବିସ୍ତାର କରିବା—
Pharachā(che)ibā 1. To spread.
फर्का न ୨ । ମେଲା କରିବା—2. To unjoin; to open.
फैलाना; फरचाना ୩ । ଚଉଡ଼ା କରିବା—3. To widen.

ଫରଚା ହେବା—ଦେ· ବି—ପସରଫାଟି ଯିବା; ସକାଳର ଆଲୁଅ ସ୍ପଷ୍ଟ
Pharachā hebā ହେବା—Dawn; daybreak.
রাতপোহান পৌ ফটনা

ଫରଦ୍‌ଓସବ୍‌ରିନ୍—ବୈଦେ. ବି. ( ଆ )—ସ୍ୱର୍ଗ ( ମୁସଲମାନମାନଙ୍କ
Pharad-osab-rin ମତରେ)—The heaven ( of the Mahomedans ).

ଫରଦ—ବୈଦେ ବି. (ଫା. ଫର୍ଦ୍ =ଏକ ସଂଖ୍ୟା) —
Pharada ୧ । କାଗଜ ବା ଲୁଗାର ଏକ ଖଣ୍ଡ—
ଫର୍ଦ୍ଦ
ଫର୍ଦ } ଅନ୍ୟରୂପ 1. A piece or standard sheet of cloth or paper.
ফর্দ [ଦ୍ର—ଏକ ଫରଦ କାଗଜରେ ୧ ଦସ୍ତା ଓ ୨୦ ଦସ୍ତାରେ
फरद् ୧ ରିମ୍ ହୁଏ, ଏକଖଣ୍ଡ ଶାଲକୁ ମଧ୍ୟ ଏକ ଫରଦ ଶାଲ ବୋଲାଯାଏ । ]

୨ । ତାଲିକା—2. List; inventory; catalogue.

ଏ ଦରବାରର ଅସଳ ଫରଦ
ଚନ୍ଦ୍ରଗୁପ୍ତ ପାଙ୍କେ କହିଦେବ ଠଦ । ରାଧାନାଥ. ଦରବାର ।

ଫରନ୍ଦ—ଦେ. ବି—ପରନ୍ଦ (ଦେଖ)
Pharanda Paranda (See)

ଫର ଫନ୍ଦ—ଦେ. ବିଣ. (ଆ. ଫନ୍ଦ୍, ଫନ୍=ଜାଲ)—୧ । ଉପାୟ—
Phara phanda 1. Means.
फन्दी ୨ । ଆଶ୍ରୟ—2. Shelter; refuge.
फरफन्द ୩ । ଜୀବିକା—3. Livelihood.
ଫରଫନ୍ଦା, ଫରଫନ୍ଦ
ଫରଫନ୍ଦ, ଫରଫନ୍ଦା
ଫରଫନ୍ଦ, ଫର୍ଫନ୍ଦ
ଫର୍ଫନ୍ଦା, ଫର୍ଫନ୍ଦ } ଅନ୍ୟରୂପ
୪ । ଚାତୁରିପେଞ୍ଚ; ଛଳ; କପଟ—
4. Deceit.
୫ । କୌଶଳ—5 Stratagem

ଫର ଫର—ଦେ. (ଧ୍ୱନ୍ୟନୁକରଣ) ଅ (ତୁଳ. ସ. ସ୍ଫଫଣ୍ଡ ଫରଫରସ୍ୟଜେ)—
Phara phara ୧ । ଫରୁ ଫରୁ (ଦେଖ)
फर फर 1. Phar phar (See)
फरफर ୨ । ସାମାନ୍ୟ ବୃଷ୍ଟି ପଡ଼ନର ଶବ୍ଦ—
(ଫର୍ଫର—ଅନ୍ୟରୂପ) 2. Sound of a light shower of rain.

ମେଘରୁ ଝର ଝର ଫର ଫର କରୁଥିଲା । ଫକୀରମୋହନ. ଛମାଣ ଆଠଗୁଣ୍ଠ ।

ବିଣ—୧ । ଅହଙ୍କାରରେ ଫୀତ; ଯେ ନିଜର ବଡ଼ିମା
ଦେଖାଇ ହୁଏ—1. Swollen with pride.
୨ । ଇତସ୍ତତଃ ଗର୍ବସହକାରେ ଯିବା ଆସିବା କରୁଥିବା—
2. Moving to and fro with pride; strutting.

ସଭାଚଳଙ୍କର ଫଂଶୀ କହିର
ବୋଲ ଦେହ ତୋଳଛନ୍ତି ଫରଫର । ରାଧାନାଥ. ଦରବାର ।

ଫର ଫର—ଦେ. ବି. (ଧ୍ୱନ୍ୟନୁକରଣ)—ସାମାନ୍ୟ ବର୍ଷା; ଝିପି ଝିପି—
Phara pharā A light shower; drizzle.
গুঁড়িগুঁড়ি বৃষ্টি ଆଠ ଦୁମ୍‌ଭାଶି ଷୋଳ ଅସର
फुआर पडना ବରଷି ଫରଫର ଚଉଷଠି କୁଣ୍ଡାଇର
ତେବେ ଯାଇ ଚଷାର ପେଟ ହୁଏ ପୁର । କୃଷିବଚନ ।

ଫର ଫରିଆ—ଦେ. ବିଣ. ପୁଂ. (ସ. ଫର୍ଫରି=ଚପଳ)—୧ । ଫାଜିଲ୍—
Phara pharia 1. Light-hearted; braggart.
(ଫରଫରି, ଫରଫରେଇ—ସ୍ତ୍ରୀ) ୨ । ଚପଳ,—
(ଫରଫରା, ଫର୍ଫରିଆ—ଅନ୍ୟରୂପ) 2. Hasty; restless.
ফরফরে ୩ । ଖୁବ୍ ପତଳା; ଝିଲ୍‌ମିଲ୍—
फरफराता हुआ 3. Very thin; of delicate texture.

ଫର(ରେ)ବ୍—ବୈଦେ. ବି.—(କଚରିଆ) (ଫା. ଫରେବ୍)—ଛଳ;
Phara(re)b ফরেব फरेब କପଟ—Deceit.

ଫର(ରେ)ବ୍‌ବାଜ୍—ବୈଦେ. ବିଣ.(କଚରିଆ)—(ଫା.)(ଫରେବ୍‌ବାଜ୍)
Phara re)b-bāj —୧ । ପ୍ରତାରକ—1. Cheating, deceitful; fraudulent.
ফরেববাজ फरेबबाज
(ଫରେବ୍‌ବାଜ—ଅନ୍ୟରୂପ) ୨ । ଫନ୍ଦିବାଜ୍—2. Artful.

**ଫର(ରେ)ବ**—ବୈଦେ. ବଣ. (କଟରଥ) (ଅ. ଫରେବୀ)—
Phara(re)bi ୧ । ପ୍ରତାରଣାପୂର୍ଣ୍ଣ—1. Deceitful.
ଫରବ, ଫରେବ, ଫରେବୀ } ଅନ୍ୟରୂପ ୨ । ଛଳକପଟପୂର୍ଣ୍ଣ—2. Fraudulent.
ବ.—୧ । ଛଳକଳା—1. Fraud.
ফরেবী ୨ । ଠକାମି; ପ୍ରତାରଣା—
फरेबी 2. Deceit; trick; cheating.

**ଫର(ରେ)ବ କାଢ଼ିବା**—ଦେ. କ୍ରି. (କଟରଥ)—ଛଳକଳା କରିବା—
Phara(re)bi kardhibā To defraud; to act fraudulently.
ফরেবী করা फरेबी निकालना

**ଫରମା**—ବୈଦେ. ବ.—ଫର୍ମା (ଦେଖ)
Pharamā Pharmā (See)

**ଫରମାନ**—ବୈଦେ. ବ.—(ଫା. ଫରମାନ୍; ତୁଳ. ସଂ. ପ୍ରମାଣପତ୍ର)—
Pharamān ୧ । ପରୱାନା; ରାଜାଙ୍କର ଆଦେଶ ପତ୍ର—
ফরমান 1. King's order; royal mandate.
फरमान ୨ । ଜମି ଛଡ଼ାଇ; ସନନ୍ଦ—
2. Sanad; firman.

**ଫରମାନ୍ ବରଦାର୍**—ବୈଦେ. ବଣ. (ଫା.)—୧ । ଆଜ୍ଞାନୁଗତ (ଭୃତ୍ୟ)
Pharaman-baradār 1. Subservient; obedient.
(ଫରମା ବରଦାର୍—ଅନ୍ୟରୂପ) ୨ । ପ୍ରଭୁଙ୍କ ଆଦେଶ ପାଳନକାରୀ—
ଫରମାନ୍ ବରଦାରୀ, ଫରମା ବରଦାରୀ }—ବ 2. Carrying out the master's orders.

**ଫରମାସ(ସି)**—ବୈଦେ. ବ.—(ଫା. ଫରମାଇସ୍)—୧ । ଆଦେଶ; ହୁକୁମ—1. Order.
Pharamāsa(si)
ଫରମାଇସ(ସି), ଫରମାଏସ(ସି), ଫର୍ମାସ(ସି) } ଅନ୍ୟରୂପ ୨ । ବିଶିଷ୍ଟ ପଦାର୍ଥ ତିଆର କରିବା ବା ଯୋଗାଇବା ନିମନ୍ତେ ଆଦେଶ—2. Special order for the supply of a thing.
ফরমাস
फरमाइश ଚେତେ ଏ ସୁନ୍ଦର ଶ୍ରୀମୁଖଙ୍କ ପରସରଚ୍ଛା ଫରମାସ ।
ବନବୃନ୍ଦାଦ୍ୟ. ବଶୋଷ ବନ୍ଧୁ ୧. ଗୀତ ।

**ফরমাসী** ବଣ.—(ଫା. ଫରମାଇଶୀ)—୧ । ଆଦେଶ ଅନୁସାରେ
फरमाइशी ପ୍ରସ୍ତୁତ ବା ଯୋଗା ହୋଇଥିବା—1. Specially made or supplied to order.
୨ । ଉତ୍କୃଷ୍ଟ—2. Excellent.

**ଫରମାସ କରିବା**—ଦେ. କ୍ରି.—୧ । ହୁକୁମ କରିବା; କୌଣସି ଦ୍ରବ୍ୟ
Pharamāsa karibā ପାଇଁ ବିଶେଷ ଆଦେଶ ଦେବା—
ফরমাস করা फरमाना 1. To order a special thing.
ଫରମାସିବା, ଫରମାସ ଦେବା } ଅନ୍ୟରୂପ ୨ । ବିବେଚନା କରିବା; ବିଚାର କରିବା—2. To consider.

ରେ ବନ୍ଧୋଷ । ଫରମାସ ମନେ ମନେ ।
ବନବୃନ୍ଦାଦ୍ୟ. ବଶୋଷ ଚନ୍ଦ୍ର. ଫ. ଗୀତ ।

୩ । ଆଦେଶ କରିବା—3. To order.

**ଫରମାସ ମୁତାବକ**—ବୈଦେ. କ୍ରି. ବଣ.—(ଫା. ଫରମାଇଶ୍ + ମୋତାବିକ୍)—ଆଦେଶ ଅନୁସାରେ—
Pharamāsa mutābaka To order; as per order.
ফরমাস মোতাবক
फरमाइश मोताबिक् ଫରମାସ ମାଫିକ(କେ), ଫରମାସକୁ ଗୃହି } —ଅନ୍ୟରୂପ

**ଫରଲ**—ଦେ. ବଣ. (ସଂ. ସ୍ଫାର୍ ଧାତୁ)—ବିସ୍ତୃତ—
Pharala Spreading; wide.

ମଦନ ମଦ ବରଧନ କଚ, ସବଳ ଫରଲ ଚରକଚର—ଉତ୍କ. ପ୍ରେମସୁଧାନିଧି ।

**ଫରଲଙ୍ଗ୍**—ବୈଦେ. ବ. (ଇଂ. ଫର୍ଲଙ୍ଗ୍)—ଇଂରାଜୀ ଦୂରତ୍ୱ ପରିମାଣ
Pharalañg ବିଶେଷ; ମାଇଲର ଆଠ ଭାଗରୁ ଏକ ଭାଗ; ୨୨୦
ফর্লঙ্গ फरलाँग (ଫର୍ଲଙ୍ଗ—ଅନ୍ୟରୂପ) ଗଜ—Furlong.

**ଫରଲୋ**—ବୈଦେ. ବ—(ଇଂ. ଫର୍ଲୋ)—ଫର୍ଲୋ (ଦେଖ)—
Pharalo Pharlo (See).

**ଫରସ**—ଦେ. ବଣ. (ସଂ. ପରସ୍ପର)—ନିର୍ମଳ—Clean.
Pharasa ବହୁତାରୁ ଅବରଣ ତଳ ଫରସ । ଉତ୍କ ।
ବୈଦେ.ବ.(ଫା. ଓ ଅ. ଫର୍ଶ୍)—ବଇଠକଖାନାର ତଳଖଣ୍ଡରେ
ফরস ପଡ଼ିଥିବା ସତରଞ୍ଜି ବା ଗାଲିଚା ଆଦି ଉପରେ ବିଛାଯାଇଥିବା
फरश ବଡ଼ ଗୁଦର—Floor-cloth.
( ଫର୍ଶି—ଅନ୍ୟରୂପ )

**ଫରସା**—ପ୍ରାଦେ. (ସିଂହଭୂମ) ବ. (ସଂ. ପରଶୁ; ତୁଳ. ହି. ଫରସା)—
Pharasā ଫାରସା (ଦେଖ)—Phārasā (See).

**ଫରସି**—ବୈଦେ. ବ—(ବର୍ଣ୍ଣିଅ ଶବ୍ଦ)(ଫା. ଫରଶୀ)—ମେଡାଲ୍,ହୁକା ଓ
Pharasi ଅଲଙ୍କାରରେ ଯେଉଁ ଅଂଶରେ ଜଳି ଆଦି ଝୁଲା ଯାଇ
ফর্সী ଥାଏ—The part of a medal, smoking pipe
फरसी or ornament to which another portion is soldered.

**ଫରାକ**—ଦେ. ବ—(ତୁଳ. ଫା. ଫରାମୋଶ୍=ବିସ୍ମୃତ)—ବିସ୍ମରଣ—
Pharāka Forgetting.
ବୈଦେ. ବ—(ଇଂ. ଫ୍ରକ୍) ସ୍ତ୍ରୀଲୋକ ଓ ଶିଶୁଙ୍କ ପରିଧେୟ ଢିଲା
फ्रक,फराक् फराक କୁର୍ତ୍ତା—Frock.

**ଫରାକତ(ତି)**—ବୈଦେ. ବଣ—(ଅ. ଫରାଖ୍=ବିସ୍ତୃତ)—୧ । ବିସ୍ତୃତ—
Pharākat(ti) 1. Wide; extensive.
[ଫରାଖତ(ତି)—ଅନ୍ୟରୂପ] ୨ । ନିର୍ମଳ—2. Clear.
ফরাকৎ ୩ । ସାବକାଶ—3. Spacious.
फराकत् ୪ । ପୃଥକ୍ କୃତ—4. Separated.
୫ । ଉନ୍ମୁକ୍ତ; ଖୋଲା—5. Open.
୬ । ସମତଳ—6. Plain.
୭ । ଚଉଡ଼ା—7. Broad.
ବ (ଅ. ଫରାଗତ)—୧ । ମୁକ୍ତି—1. Relief; release.
ফরাকৎ ୨ । ଅବସର; ଅବକାଶ—2. Leisure.
फराखति ୩ । ଛୁଟି—3. Leave; vacation.
୪ । ପୃଥକତ୍ୱ; ସ୍ୱତନ୍ତ୍ରତା—
4. Distinctness; separateness.

**ଫର୍‌କତ(ତି)**—ବୈଦେ. ବି. (ଫା. ଫାର୍‌ଖତ୍; ଆ. ଫାରଗ୍‌ଖତ୍= ମୁକ୍ତିପତ୍ର )—୧ । ମୁକ୍ତିପତ୍ର—1. Deed of release.
Pharākata (ti)
ଫର୍‌ଖତ(ତି) } ଅନ୍ୟରୂପ
ଫାରକ(ଖ)ତ(ତି)
୨ । ବିଶୋଧନ ପାଉତି—
ଫାରখত 2. A receipt in full satisfaction or discharge.
फारखती ୩ । ଖୋଲା ବା ମୁକ୍ତ ସ୍ଥାନ—3. Open space.
୪ । ସ୍ୱୀକାର ପତ୍ର—
4. Deed of acknowledgement.
୫ । ଛାଡ଼ ପତ୍ର—5. A deed of divorce.

**ଫର୍‌କତି**—ବୈଦେ. ବିଣ—(ଫା. ଫାରଗ୍)—୧ । ମୁକ୍ତ—
Pharākati 1. Released.
ଫର୍‌କତିଆ } ଅନ୍ୟରୂପ
ଫର୍‌ଖତି
ଫର୍‌ଖତିଆ
୨ । (ଫା. ଫର୍‌ଖ୍) ଖୋଲା; ଉନ୍ମୁକ୍ତ—
2. Opened; open.
୩ । (ଆ. ଫାରଗ୍‌ଖତ୍) ଛାଡ଼ପତ୍ର ଦେଇ ଯାଇଥିବା—3. Divorced.
ফরাকৎ
फराखत ୪ । (ଆ. ଫର୍‌ଖ୍) ସ୍ଥାନ ବିଶିଷ୍ଟ; ଆୟତ—
4. Spacious.

**ଫରାର(ରି)**—ବୈଦେ. ବିଣ. (କଚେରିଆ) ( ଆ. ଫରାର୍ )—ପଳାତକ; ଫେରାର—Fugitive; absconding.
Pharār(ri)
ফোরার फ़रार

**ଫରାସ**—ବୈଦେ. ବି—୧ । (ଆ. ଫରଶ୍=ବିଛଣା) ଭୂଇଁରେ ବିଛାଯିବା ବଡ଼ ଆସନ; ସତରଞ୍ଚ—1. A floor-mat.
Pharāsa
ফরাস ୨ । (ଆ. ଫରୁଶ୍) ଗୃହର ନୀଚ କର୍ମ କରିବା ଚାକର—
फरास 2. Menial servant.
୩ । (ଫା. ଫରାସୀସ୍; ଇଂ. ଫ୍ରାନ୍ସ୍) ଫ୍ରାନ୍ସ ଦେଶ—3. France.

**ଫରାସୀ**—ବୈଦେ. ବିଣ· ( ଇଂ. ଫ୍ରାନ୍ସ=ଦେଶବିଶେଷ; ଫା. ଫରାସୀସ୍ =ଫ୍ରାନ୍ସ ଦେଶ)—ଫ୍ରାନ୍ସ ଦେଶୀୟ—
Pharāsī French.
ফরাসী फरासीसी (ଫରାସିସ୍—ଅନ୍ୟରୂପ)
ଫରାସିସ୍ ଛାଡିବ ମିରକେଇ । ରାଧାନାଥ· ବିବେକୀ ।
ବୈଦେ. ବି.—୧ । ଫ୍ରାନ୍ସ ଦେଶ—1. France.
୨ । ଫ୍ରାନ୍ସ ଦେଶବାସୀ ବ୍ୟକ୍ତି—2. Frenchman.

**ଫରାସୀ ଡଙ୍ଗା**—ବୈଦେ. ବି. (ଇଂ. ଫ୍ରାନ୍ସ. ଭୁଲ. ଫା. ଫରାସୀସ୍)—
Pharāsi ḍāngā ୧ । ଫ୍ରାନ୍ସ ଦେଶର ଅଧିକୃତ ରାଜ୍ୟ—
ফরাসডাঙ্গা 1. French territory; French possession.
फरासडिङ्गा
ଫରାସ (ଡ, ଡା,ଡ,ଡେ)ଙ୍ଗା } ଅନ୍ୟରୂପ
ଫରାସୀ (ଡା,ଡ,ଡେ)ଙ୍ଗା
୨ । (ନାମ) କଲିକତାର ନିକଟବର୍ତ୍ତୀ ଫ୍ରାନ୍ସ ଅଧିକୃତ ଗଙ୍ଗା ତୀରବର୍ତ୍ତୀ ନଗର; ଚନ୍ଦନ ନଗର—
2. Chandernagore (a French town near Calcutta).
୩ । ବାଲେଶ୍ୱର ସହରରେ ଥିବା ଫରାସୀ ଅଧିକୃତ ଏକ ସ୍ଥାନ—
3. Name of a small area in the town of Balasore, which is in possession of the French.
୪ । ଫରାସୀଡଙ୍ଗା ( କଲିକତା ନିକଟବର୍ତ୍ତୀ ଚନ୍ଦନ ନଗର )ରେ ବୁଣା ହେଉଥିବା ଏକ ପ୍ରକାର ସରୁ ଲୁଗା—
4. A kind of fine cloth woven in Chandernagore.

**ଫରି**—ଦେ. ବି.—(ସଂ. ଫଳକ; ଭୁଲ. ଆ. ଫରାକ୍=ସୈନ୍ୟ; ସେନା-ଦଳ)—୧ । ଫର୍ଦ୍ଦି (ଦେଖ)—1. Phardi (See)
Phari
୨ । ଚମ ଅଡ଼ୁଣୀ; ଢାଲ—2. Shield.
କାମ ଧନୁ ନଳମ୍ବ ଫରି ମଧ୍ୟେ ଭରି ।
କୃଷ୍ଣସିଂହ. ମହାଭାରତ ବନ ।
୩ । ତକ୍ତୁଙ୍କର ବ୍ୟବହୃତ ନଟେଇର ମଝି ବାଡ଼ିଆ ଦଣ୍ଡକୁ ଧରିବା ଲାଗି ରହିଥିବା ଛକ—3. A wooden cross. which holds up the stick of a spindle.

**ଫରିଆଦ(ଦି)**—ଦେ. (ପଦ୍ୟ) ବି.—ଫେରାଦ ୧ (ଦେଖ)—
Phariāda(di) Pherāda 1. (See)
ପୃଥ୍ୱୀଦେବ କହନ୍ତି ସମ୍ରାଟରୁ ବୋଲେ କରୁ ଫରିଆଦ ।
କନ୍ଦର୍ପ୍ପରୂପ. ସଙ୍ଗୀତ ।

**ଫରିକ**—ଦେ. ବି —ଫରିକାର ୧ (ଦେଖ)
Pharika Pharikāra 1 (See)

**ଫରି କଚ୍ଛା**—ଦେ. ବି.—ପାଇକଚ୍ଛା; ଫରି ଖେଳିବା ବେଳେ ଲୁଗାର ଓହଳ ଥିବା ଫେରକୁ କଣ୍ଟ ଅଡ଼େ ଖୋସି ପିନ୍ଧିବା—A mode of tucking up the front end of the loin cloth towards the back (like sword-players.)
Phari kachhā

**ଫରିକନା**—ଦେ. ବି.—ଖଡ୍ଗ ପରି ଯୁଦ୍ଧାସ୍ତ୍ରବିଶେଷ—
Pharikanā A sword-like weapon.
(ଫର୍କନା—ଅନ୍ୟରୂପ)

**ଫରିକା**—ପ୍ରାଦେ. (ବାଲେଶ୍ୱର) ବି.—ଫରିକାର (ଦେଖ)
Pharikā Pharikāra (See)

**ଫରିକାର**—ବୈଦେ.. ବି· (ଆ. ଫରାକ୍=ସୈନ୍ୟ)—୧ । ଢାଲ ଓ ଖଣ୍ଡା ଧରିବା ବ୍ୟକ୍ତି—1. Swordsman; a person armed with sword and shield.
Pharikāra
ফরিকার, ফরিকাল
सिपाही
ଫରିକାର ଲୋକେ ଧରନ୍ତି ଶସ୍ତ୍ରମାନ ।
କୃଷ୍ଣସିଂହ. ମହାଭାରତ. ବନ ।
୨ । ସେନା; ସୈନ୍ୟ ଦଳ—
2. Army; a body of soldiers.
୩ । ଫର୍ଦ୍ଦିକାର (ଦେଖ)—3. Phardikāra (See)

**ଫରି ଖେଳ**—ଦେ. ବି.—ଖଣ୍ଡାଦ୍ୱାରା ଖେଳ—
Phari khela Sword-play.

**ଫରି ଖେଳିବା**—ଦେ. କ୍ରି.—ଖଣ୍ଡାଦ୍ୱାରା ଖେଳିବା—
Phari kheḷibā To play with swords.

**ଫରି ମାନ**—ଦେ. ବି.—ଖଣ୍ଡାର ଖୋଳ ବା ଖାପ—
Phari māna Scabbard; sheath of a sword.
ପାଇକେ ଫରିମାନ ଅଣ୍ଟରେ କରିଛନ୍ତି ।
କୃଷ୍ଣସିଂହ. ମହାଭାରତ ଅଦି ।

ଫରିସ୍ତା—ବୈଦେ. ବ. ( ଫା. )—ମୁସଲମାନ ଧର୍ମଶାସ୍ତ୍ର ଅନୁସାରେ
Pharistā କୌଣସି କାର୍ଯ୍ୟ କରିବାପାଇଁ ଈଶ୍ୱର ପ୍ରେରିତ ଦୂତ—
ফরিস্তা A Divine messenger; angel (of the
फरिश्ता Mahamedans.)

ଫରୁଆ—ଦେ. ବ.—(ସଂ. ପୁଟକ; ପରୁବକ=ଗୁଆର ଡବା)—୧ । କାଠ
Pharuā ବା ଧାତୁର ଭୁଇଁଗାଲଯୁକ୍ତ ଗୋଲ ପାତ୍ର; ଡବା—
কৌটা 1. A gallipot; a small circular box
कटुया, कटोरदान with removeable lid.
ଫରୁଅରେ ପର ଭରେଇବରେ ଭରୁ ତଣ ସେ ସଲମଳିଦି ।
କବିସୂର୍ଯ୍ୟ. କଣୋସଚମ୍ପୂ. ଫ ଗୀତ ।
୨ । ଗାତ—2. Hole.
୩ । ଗେଜ—3. Wooden pin; peg.
୪ । ଗୋଲମୁଣ୍ଡୀ କଣ୍ଟା; ଛତିବାଲା କଣ୍ଟା—
4. A nail with an umbrella-like top.
କବାଟରେ ଫରୁଆ ହୋଇଛ ପାଣି ହାଡ଼ ।
ଗ୍ରାମ୍ୟ. ବ୍ରହ୍ମଭୂଷଣ ଗୀତା ।

ଫରେବ (ଇତ୍ୟାଦି)—ବୈଦେ. ବ. (ଫା.)—ଫରବ ଇତ୍ୟାଦି (ଦେଖ)
Phareb (etc) Pharab etc. (See)

ଫରେଷ୍ଟ—ବୈଦେ. ବ. (ଇଂ)—୧ । ବଣ; ଜଙ୍ଗଲ—
Pharesht 1. Forest.
ফরেষ্ট फरेष्ट ୨ । ରକ୍ଷିତ ଜଙ୍ଗଲ—2. Protected forest.

ଫରେଷ୍ଟ ଗାର୍ଡ(ର୍ଡ)—ବୈଦେ. ବ. (ଇଂ)—ରକ୍ଷିତ ଜଙ୍ଗଲ ଜଗିବା ପାଇଁ
Pharesht gārd(rd) ନିଯୁକ୍ତ ସିପାହୀ; ଜଙ୍ଗଲ ଜଗୁଆଳ—
ফরেষ্টগাড় फरेष्टगार्ड Forest guard.

ଫରେଷ୍ଟ ନାକାଘର—ପ୍ରାଦେ. ( ସମ୍ବଲପୁର ) ବ—ଫରେଷ୍ଟଗାର୍ଡ ବା
Pharesht nākāghara ଜଙ୍ଗଲର ଜଗୁଆଳମାନେ ରହିବା-
ବସାଘର (ଯେଉଁଠାରେ ସେମାନେ ଜଙ୍ଗଲରୁ ମାଲ ନେବା
ବ୍ୟକ୍ତିମାନଙ୍କଠାରୁ ଶୁଳ୍କ ଆଦାୟ କରନ୍ତି)—The room
where the forest guards keep watch and
realise tolls for forest produce.
(ଯଥା—ସଦର ତହସିଲଦାର ଓଡ଼ଗାଁ ଅସଣ୍ଡ ଗ୍ରାମରେ ଫରେଷ୍ଟ
ନାକାଘର ଉହବାର ସ୍ଥିର ହୋଇଅଛି—ଦୈନିକଆଶା)

ଫରେଷ୍ଟ ରେଞ୍ଜର୍—ବୈଦେ. ବ. (ଇଂ)—ରକ୍ଷିତ ଜଙ୍ଗଲର ତଦାରଖିବା
Pharesht renjar ଉଚ୍ଚ କର୍ମଚାରୀ—Forest-ranger.
ফরেষ্টরেঞ্জর फरेष्टरेंजर

ଫରେଷ୍ଟ(ଷ୍ଟା)ର୍—ବୈଦେ. ବ—(ଇଂ)—ରକ୍ଷିତ ଜଙ୍ଗଲର ତତ୍ତ୍ୱାବଧାରକ
Pharesht̤a(shtā)r ବା ଭାରପ୍ରାପ୍ତ କର୍ମଚାରୀ—Forester.
ফরেষ্টার फरेष्टार

ଫର୍ଜ—ବୈଦେ. (ଅ) ବ—୧ । କର୍ତ୍ତବ୍ୟ କର୍ମ—
Pharj ফর্জ फर्ज 1. Duty.
୨ । ଉତ୍ତରଦାୟିତ୍ୱ—2. Responsibility.
୩ । କଳ୍ପନା—3. Imagination.

ଫର୍ଦ(ର୍ଦା)ଲିଆ—ପ୍ରାଦେ. (ଗଡ଼ଜାତ) ବଣ. ପୁଂ—ଯେଉଁ ଲୋକ
Pharda(rdā)liā ଗୋଟାଏ କଥାକୁ ଭୁଡାଇ ଭୁଡାଇ ବାରମ୍ବାର
[ଫର୍ଦ(ର୍ଦା)ଲେଇ—ସ୍ତ୍ରୀ] କହି ଲାଗେ—A person who
repeats a matter several times.

ଫର୍ଦ(ର୍ଦା)ଲି ହେବା—ପ୍ରାଦେ. (ଗଡ଼ଜାତ) କ୍ରି—ଗୋଟାଏ କଥାକୁ ବହୁ-
Pharda(rdā)li hebā ବାର ଘୋଷି ବା ରଟେଇକରି କହିବା--
To repeat a thing several times.

ଫର୍ଫର(ରା)—ସଂ. ଗୁଣ—(ସ୍ଫୁର୍ ଧାତୁ=ସ୍ଫୁର୍ତ୍ତି ପାଇବା+କର୍ତ୍ତୃ.ଅ;
Pharphara(rā) ନିପାତନ)—ଅତ୍ୟନ୍ତ ଚଞ୍ଚଳ; ଚପଳ—
Restless; hasty; very brisk.

ଫର୍ଫରିକ—ସଂ. ବ ( ସ୍ଫୁର୍ ଧାତୁ+ସଂଜ୍ଞାର୍ଥେ. ଇକ )—
Pharpharika ୧ । ଚପେଟ; ଗୁସୁଡ଼ା—1. Slap.
୨ । ଗଛର ନୂତନ କୋମଳ ପତ୍ର—
2. New tender leaves.
୩ । ମିଷ୍ଟତା—3. Sweetness.
୪ । ମୃଦୁତା—3, Mildness.

ଫର୍ଫରିକା—ସଂ. ବ. (ଫର୍ଫରିକ+ଆ)—୧ । ପାଦୁକା—
Pharpharikā 1. Shoes;
୨ । ଚଟି ଯୋତା—2 Slippers.

ଫର୍ଫସା କୁଡ଼ାଏର୍—ପ୍ରାଦେ. (ସମ୍ବଲପୁର) ବ—ମାଟିହଣା କୁରାଢ଼ି; କାଙ୍କ-
Pharphasā kurdāer An axe to cut earth.

ଫର୍ମ—ବୈଦେ. ବ (ଇଂ)—ନିର୍ଦ୍ଦିଷ୍ଟ ବିଷୟ ଲେଖାଯିବା ପାଇଁ ଘର
Pharm କଟା ଯାଇଥିବା କାଗଜ; ଫାରମ—
ফর্ম फारम Form; tabulated form.
ପ୍ରାଦେ (ଗଞ୍ଜାମ) ବୈଦେ. ବ—ସ୍କୁଲର ଶ୍ରେଣୀ ବା କ୍ଲାସ୍—
Class in a school.

ଫର୍ମା—ବୈଦେ. ବ (ଇଂ. ଫ୍ରେମ୍; ଫର୍ମ)—୧ । ଛାଞ୍ଚ—
Pharmā 1. A mould.
୨ । (ଇଂ. ଫ୍ରେମ୍) ଛବିର ଚାରିପାଖେ ଦିଆ ଯାଇଥିବା କାଠର
ଖଣ୍ଡ—2. The frame set round a picture.
୩ । (ଛାପାଖାନା) ଛାପା ହେବା ପାଇଁ ସଜ୍ଜିତ ହୋଇଥିବା ଅକ୍ଷରର ଛାଞ୍ଚ—
3. A form in printing.

ଫର୍ଲଙ୍ଗ—ବୈଦେ. ବ (ଇଂ)—ଦୂରତ୍ୱ ପରିମାଣ; ଏକ ମାଇଲର ଅଷ୍ଟମାଂଶ;
Pharlang ୨୨୦ ଗଜ—One eighth of a mile.
ফর্লঙ্গ फर्लांग

ଫର୍ଲୋ—ବୈଦେ. ବ—ବନ୍ଧୁବନ ଗୃହର ଅଥବା ସରକାରୀ କର୍ମଚାରୀଙ୍କୁ
Pharlo ଅର୍ଦ୍ଧ ବେତନରେ ମିଳିବା ଦୀର୍ଘ ଛୁଟି—Furlough.
ফর্লো फर्लो

ଫଲ (ଧାତୁ)—ସଂ—୧ । ଫଳିବା—
Phal (root) 1. To bear fruit.
୨ । ସମ୍ପନ୍ନ ହେବା—2. To be accomplished.
୩ । ଉତ୍ପନ୍ନ କରିବା—3. To fructify; to fertilise.
୪ । ଗମନ କରିବା—4. To go.
୫ । ଭେଦ କରିବା—5. To pierce.
୬ । ବିଭକ୍ତ କରିବା—6. To divide.

ଫଲ୍‌ଶା—ପ୍ରାଦେ. (ସମ୍ବଲପୁର) ବ (ସଂ. ପଲାଶ)—ପଲାଶ; କିଂଶୁକ—
Phal-śā Butea Frondosa (tree).

**ଫଲ୍‌ହା**—ପ୍ରାଦେ. (ସମ୍ବଲପୁର) ବି—ତଳି; ଧାନ ଆଦି ଗଛର ଗୁଚ୍ଛି—
**Phal-hā** Seedling.

**ଫଳ**—ସଂ. ବି—( ଫଲ୍ ଧାତୁ+କର୍ତ୍ତୃ. ଅ )—୧ । ବୃକ୍ଷଲତାଦିରୁ ଜାତ
**Phaḻa** ଶସ୍ୟ ବା ବୀଜ ବିଶିଷ୍ଟ ବସ୍ତୁ—1. Fruit.

[ ଦ୍ର—ଗଛ ଆଦିରେ ପ୍ରଥମେ ଫୁଲ ଧରେ ଓ ପରେ ତହିଁରୁ ଫଳ ଉତ୍ପନ୍ନ ହୁଏ । ବୈଜ୍ଞାନିକ ଦୃଷ୍ଟିରେ ବୀଜ ଓ ବୀଜକୋଷକୁ ଫଳ ବୋଲାଯାଏ; କିନ୍ତୁ ଲୋକବ୍ୟବହାରରେ ଫଳରେ ଥିବା ମଞ୍ଜିକୁ ବୀଜ ଓ ଧାନ, ଗହମ ଆଦିକୁ ଶସ୍ୟ ବୋଲାଯାଏ । କୌଣସି କୌଣସି ଫଳରେ ଗୋଟିଏ ମାତ୍ର ବୀଜ ଥାଏ; କୌଣସି କୌଣସି ଫଳରେ ଏକାଧିକ ବୀଜ ଥାଏ ଓ କେଉଁ ଆଦିରେ ବହୁ ବୀଜ ଥାଏ । ]

୨ । ସନ୍ତାନ—2. Offspring.

୩ । କୌଣସି କ୍ରିୟାର ପରିଣାମ; ଉତ୍ପନ୍ନ ବସ୍ତୁ—
3. Result; consequence; effect.

୪ । ଫସଲ—4. Crop.

୫ । ଲାଭ—5. Gain; acquisition; benefit.

୬ । ନିଷ୍ପତ୍ତି—6. Settlement.

୭ । କାର୍ଯ୍ୟ ସିଦ୍ଧି; ଉଦ୍ଦେଶ୍ୟ ସିଦ୍ଧି—
7. Fulfilment; accomplishment.

୮ । ସମ୍ପତ୍ତି; ଧନ—8. Riches.

୯ । ଉନ୍ନତି; ଶ୍ରୀବୃଦ୍ଧି—9. Affluence; blessing; prosperity.

୧୦ । ପ୍ରୟୋଜନ; ବ୍ୟବହାର—
10. Necessity; utility; use.

୧୧ । ସୁଖ—11. Happiness.

୧୨ । ଉତ୍ତର—12. Answer; reply.

୧୩ । ପୁରସ୍କାର—13. Reward; recompense.

୧୪ । ଢାଲ—14. Shield.

୧୫ । ଫଳକ; ତକ୍ତା; ପଟା—15. Plate; plank.

୧୬ । ଖଣ୍ଡା, ଛୁରୀଆଦି ଅସ୍ତ୍ରଶସ୍ତ୍ରର ଫଳ ବା ପାତିଆ—
16. Blade of a weapon.

୧୭ । ବାଣାଗ୍ର; ଶରର ଲୌହ—
17. The head of an arrow; dart; barb.

୧୮ । ଲଙ୍ଗଳ ଲୁହା; ଫାଳ—18. Ploughshare.

୧୯ । ତ୍ରିଫଳା; ହରଡ଼ା, ବାହାଡ଼ା ଓ ଅଁଳା—
19. The three myrobalans.

୨୦ । ଜାଇଫଳ—20. Nutmeg.

୨୧ । ଗଣିତ ସମସ୍ୟାର ମୀମାଂସା—21. The solution or result of a mathematical problem or calculation.

(ଯଥା—୧ । ଯୋଗଫଳ—1. Sum; total. ୨ । ବିୟୋଗଫଳ—2. Difference. ୩ । ଗୁଣଫଳ—3. Product. ୪ । ଭାଗଫଳ—4. Quotient.)

୨୨ । ସ୍ତ୍ରୀରଜଃ; ଆର୍ତ୍ତବ—22. Menses.

୨୩ । ଦାନ—23. Gift; present.

୨୪ । କ୍ଷେତ୍ରଫଳ—24. Area.

୨୫ । (ବୀଜ ଗଣିତ) ସମୀକରଣ—25. Equation.

୨୬ । (ଜ୍ୟୋତିଷ) ଗ୍ରହର ସମୀକରଣ—
26. (Astrology) The equation of a planet.

୨୭ । ମୁଷ୍କ; ଅଣ୍ଡକୋଷ—27. Testicle; scrotum.

୨୮ । ଆବୁ; ଦେହଉପରେ ଉତ୍ପନ୍ନ ବର୍ତ୍ତୁଳାକାର ମାଂସଖଣ୍ଡ—
28. Tumour.

୨୯ । କୌଣସି କାର୍ଯ୍ୟର ଦଣ୍ଡ ବା ପୁରସ୍କାର—
29. The reward or punishment for an action.

୩୦ । କଙ୍କାଳ (ହି. ଶ.)—30. Skeleton.

୩୧ । (ଫଳିତ ଜ୍ୟୋତିଷ) ଗ୍ରହମାନଙ୍କ ବିଶିଷ୍ଟ ଅବସ୍ଥିତି ବା ଯୋଗର ସୁଖ ବା ଦୁଃଖ ଆଦି ପରିଣାମ—
31. (Astrology) The effect ( good or bad) of certain conjunction or position of planets.

୩୨ । ପଶାକାଠିରେ ଅଙ୍କିତ ବିନ୍ଦୁ ବା ଚିହ୍ନ (ହି. ଶ.)—
32. The points drawn on a die.

୩୩ । ପ୍ରତିଫଳ; ପ୍ରତୀକାର (ହି. ଶ.)—
33. Requital; retribution; remedy.

୩୪ । ପ୍ରଭାବ (ହି. ଶ.)—34. Influence.

୩୫ । (ଦର୍ଶନ ଶାସ୍ତ୍ର) ସଂସାରରେ ଶୁଭକର୍ମର ପରିଣାମ (ଯଥା—ଧର୍ମ, ଅର୍ଥ, କାମ, ମୋକ୍ଷ) (ହି. ଶ.)—35. ( Philosophy) The fourfold result of one's good actions in the world; summum bonum of human existence.

୩୬ । ପୂର୍ବଜନ୍ମକୃତ କର୍ମର ଇହଜନ୍ମରେ ଅନୁଭୂତ ସୁଖଦୁଃଖାଦି (ହି. ଶ.)—36. The result of one's acts in a previous existence.

୩୭ । (ବୈଦ୍ୟକ) କକ୍କୋଲ (ହି. ଶ.) (ଦେଖ)
37. Kakkoḻa (See)

୩୮ । ମୂଳଧନ ଖଟାଇବାଦ୍ୱାରା ମିଳିବା ଲାଭ ବା ସୁଧ—
38. Profit or interest on capital (Apte).

୩୯ । ସନ୍ତାନ ସନ୍ତତି—39. Progeny (Apte).

୪୦ । ତ୍ରୈରାଶିକରେ ଦ୍ୱିତୀୟ ସଂଖ୍ୟା—40. The second term in a rule of three sum (Apte).

୪୧ । କୁଟଜ; ପିତାକୋରୁଅ (ହି. ଶ.)—
41. Wrightea Antedysenterica (creeper).

ଦେ. ବି—୧ । ଭାଗ୍ୟ—1. Good luck.

କର୍ମ ଅବଳକୁ ଲୁରୁନା ଫଳକୁ
କଂଶ ନୃପତ ବଳକୁ ଟେଲେ । ରାଜକୃଷ୍ଣ. ରସକଲ୍ଲୋଳ ।

୨ । ପୁଣ୍ୟ—2. Religious merit.

ଏମନ୍ତ ହିଜଙ୍କୁ କନକ ଶୃଙ୍ଗୀ ଗାଈ
ଶତେକ ଦେଲେ ଯେଉଁ ଫଳଟି ହୁଅଇ । କୃଷ୍ଣସିଂହ. ମହାଭାରତ ଅଦ ।

**ଫଳକ**—ସଂ. ବି. (ଫଳ+ସ୍ୱାର୍ଥେ. କ)—୧ । ଢାଲ—
**Phaḻaka** 1. Shield.

୨ । ପଟା—2. Plate; plank; tablet.
୩ । ଅସ୍ତ୍ରର ପତ୍ର; ଫଳ—3. Blade of weapon.
୪ । କପାଳର ଅସ୍ଥି—4. Brow-bone.
୫ । ଧୋବା ଗଣ୍ଡି; ଯେଉଁ ପଟାରେ ଧୋବା ଲୁଗା କାଚେ—
5. Washerman's plank.
୬ । ନାଗ କେଶର—6. Mesua Ferra.
୭ । କରତଳ (ହି. ଶ.)—7. Palm of the hand.
୮ । ଶୁଦର (ହି. ଶ.)—8. Sheet.
୯ । ଫଳ—9. Fruit.
୧୦ । ଖଟର ପୃଷ୍ଠ (ଯହିଁ ଉପରେ ଲୋକେ ଶୁଅନ୍ତି) (ହି. ଶ.)—
10. The back or ridge of a bedstead.
୧୧ । ମେଜ; ଟେବଲ (ହି. ଶ.)—11. Table.

ବଧିରେ ଶାଗୀ ଫଳକ ଥାସ ଶୋଣ୍ଡି ଅସ୍ତ୍ର ପ୍ରତାପାନଳକୁ ।
ଭଞ୍ଜ. ବୈଦେହୀଶବିଳାସ ।

**ଫଳ କଣ୍ଟକ**—ସଂ. ବି. (ବହୁବ୍ରୀହି; ଫଳ+କଣ୍ଟକ)—୧ । ପଣସ (ହି.ଶ.)
Phaḻa kaṇṭaka 1. Jack fruit.
୨ । ଖେତ ପାପଡ଼ା; ଘର ପୋଡ଼ୁଅ (ହି. ଶ.)—
2. Oldenlandia Biflora (plant).

**ଫଳ କଥା**—ଦେ. ବି. (ସଂ. ଫଳ+କଥା)—୧ । ପ୍ରକୃତ ବିଷୟ—
Phaḻa kathā 1. Actual fact.
फल कथा बात ଫଳ କଥା ଏତକ ଜାଣିଥିବ । ଅଭାବ. ଭଟ୍ଟେକୋ ।
୨ । ଶେଷ ଫଳ—2. The result.

**ଫଳ କନ୍ଦଳ**—ପ୍ରାଦେ. (ଉତ୍ତର) ବି. (ସମାହାର ଦ୍ୱନ୍ଦ୍ୱ)—ଫଳମୂଳ—
Phaḻa kandaḻa Fruits and roots.

**ଫଳ କର**—ଦେ. ବି—ଗଛର ଫଳ ଭୋଗ କରିବା ବ୍ୟକ୍ତି ଗଛର
Phaḻa kara ଅଧିକାରୀଙ୍କୁ ଦେବା ଖଜଣା—Rent paid for
फलकर the enjoyment of the fruits of a tree to
फलकर the owner of the tree.

**ଫଳ କାମ**—ସଂ. ବିଣ. ପୁଂ (ଫଳ+କମ୍ ଧାତୁ ଣିଜନ୍ତ କାମି ଧାତୁ+
Phaḻa kāma କର୍ତ୍ତୃ. ଅ)—କୃତକ କର୍ମର ଫଳ କାମନାଯୁକ୍ତ;
(ଫଳକାମୀ—ଅନ୍ୟରୂପ) ଫଳ ପାଇବାକୁ ଇଚ୍ଛୁକ (ବ୍ୟକ୍ତି)—
(ଫଳକାମା—ସ୍ତ୍ରୀ) Desirous of the fruit of one's action.

**ଫଳ କାମନା**—ସଂ. ବି ( ୬ଷ୍ଠୀ ତତ୍; ଫଳ+କାମନା )—କୌଣସି
Phaḻa kāmanā କୃତକାର୍ଯ୍ୟର ଫଳ ପାଇବାର ଆଶା—
The hankering after the result of one's
(ଫଳାକାଙ୍କ୍ଷା—ଅନ୍ୟରୂପ) action.

**ଫଳକୀ**—ସଂ· ବି (ଫଳକ+ଅସ୍ତି ଅର୍ଥରେ, ଇନ୍; ୧ମା. ୧ବ)—ଫଳ ମାଛ
Phaḻakī A kind of flat fresh water fish.
ସଂ. ବିଣ ପୁଂ—ଢାଲୀ; ଯେ ଢାଲ ଧରିଥାଏ—
(ଫଳକିନୀ—ସ୍ତ୍ରୀ) Armed with a shield.

**ଫଳ କେଶର**—ସଂ. ବି. ( ବହୁବ୍ରୀହି; ଫଳ+କେଶର )—ନଡ଼ିଆ ଗଛ
Phaḻa keśara ( ସ୍ଥଳେନ୍ଦ୍ର )—The cocoanut tree.

**ଫଳ କୋଷ**—ସଂ. ବି—ଅଣ୍ଡକୋଷ—
Phaḻa kosha Testicle.

**ଫଳଗୁ**—ଗ୍ରା. (ପଦ୍ୟ) ବି—ଫଲ୍‌ଗୁ (ଦେଖ)
Phaḻagu Phalgu (See)
ଫଳଗୁରେ ସ୍ନାନ କରଇ ଯେଉଁ ନର
ପ୍ରସନ୍ନଦେଇ ଦେହ ବସେ ସ୍ୱର୍ଗପୁର—କୃଷ୍ଣସିଂହ. ମହାଭାରତ. ବନ ।

**ଫଳଗ୍ରାହୀ**—ସଂ. ବିଣ. ପୁଂ (ଫଳ+ଗ୍ରହ୍ ଧାତୁ=ଗ୍ରହଣ କରିବା+କର୍ତ୍ତୃ.
Phaḻagrāhī ଇନ୍)—ଯେ କୌଣସି ବିଷୟର ଫଳ ଗ୍ରହଣ
(ଫଳଗ୍ରାହିଣୀ—ସ୍ତ୍ରୀ) କରେ—Enjoying or reaping
(ଫଳଭୋଗୀ—ଅନ୍ୟରୂପ) the fruits.

**ଫଳଛି**—ପ୍ରାଦେ (ବାମଣ୍ଡା) ବି—ସାନ ଘର—
Phaḻachhi A small house; cottage.

**ଫଳଣା(ନା)**—ବୈଦେ. ସର୍ବ (ଫା. ଫଲାଁ)—ଅମୁକ—
Phaḻaṇā(nā) So and so.
ଫଳଣେଇ } ଅନ୍ୟରୂପ
ଫଳନା }
ଫଲ୍ନା }
ଅଲଣା ସିନା ସେ କାବ୍ୟ ନାହିଁ ପଛେ ଫଲଣାର
ଝିଙ୍କଟ—ବକୁଳୀ।
ବିଣ ( ଅ. ଫଲ୍ନ୍=ଯୋନି )—
୧ । ଅମୁକ—1. So and so.
फलाना ଯେବେ ଶୁଣିବେ ଫଲଣା ଜମିଦାର ହାତକେ ଦେଇ ଟଙ୍କା ଅଛି ଭକ୍ଷଣେ
फलाना ବୁଝିପିବେ ସେ କୃପବାନ୍ ଗୁଣବାନ୍ × × × ଫକୀରମୋହନ. ଛମାଣଆଠଗୁଣ୍ଠ ।
[ଦ୍ର—କୌଣସି ବ୍ୟକ୍ତିର ନାମ ଉଲ୍ଲେଖ କରି ନ ଯାଇ ଏହି ଶବ୍ଦ ବ୍ୟବହୃତ ହୁଏ । ଅଦାତା ଓ କୃପଣ ବ୍ୟକ୍ତିଙ୍କ ନାମୋଚ୍ଚାରଣ କଲେ ଅମଙ୍ଗଳ ଘଟେ ବୋଲି କୌଣସି ଅଞ୍ଚଳର ପ୍ରସିଦ୍ଧ ଅଦାତାର ନାମ ଉଚ୍ଚାରଣ ନ କରି ଲୋକେ 'ଫଲଣା' ବାବୁ ବୋଲି କହିଲେ ସମସ୍ତେ ସେହି ବ୍ୟକ୍ତିକୁ ଠଉରାଇ ନିଅନ୍ତି ।]
୧ । ଅଗ୍ରକାଶ୍ୟ ( ବିଷୟ )—
1. Unmentionable ( matter ).
୨ । ଜଘନ୍ୟ (କଥା)—2. Dirty (matter).
୩ । ଅଶ୍ଳୀଳ ( ଶବ୍ଦ )—3. Indecent (word).

**ଫଳତଃ**—ସଂ. କି. ବିଣ (ଫଳ+ତସ୍)—୧ । ଫଳରେ; ବସ୍ତୁତଃ; କାର୍ଯ୍ୟତଃ
Phaḻataḥ 1. In effect; in reality.
୨ । ଶେଷରେ—2. In the end; ultimately.
୩ । ପ୍ରକୃତରେ—3. Virtually; indeed.

**ଫଳତ୍ରୟ**—ସଂ. ବି—୧ । ( ବୈଦ୍ୟକ ) ତ୍ରିଫଳା; ହରିଡ଼ା, ବାହାଡ଼ା
Phaḻatraya ଅଁଳା—1. The three myrobalans.
୨ । (ବୈଦ୍ୟକ) ଶୁଣ୍ଠି, ପିପ୍ପଳୀ ଓ ଗୋଲ ମରିଚ—
2. Dry ginger, blackpepper and long pepper.

**ଫଳଦ**—ସଂ. ବିଣ. ପୁଂ (ଫଳ+ଦା ଧାତୁ+କର୍ତ୍ତୃ. ଅ)—ଯାହା ଫଳ
Phaḻada ଦିଏ—Producing fruit; yielding fruit;
(ଫଳଦା—ସ୍ତ୍ରୀ) fruitful.
ଫଳଦାୟକ, ଫଳଦାତା—ପୁଂ } ଅନ୍ୟରୂପ
ଫଳଦାୟିକା, ଫଳଦାତ୍ରୀ—ସ୍ତ୍ରୀ }
ବି.—ବୃକ୍ଷ—Tree.

**ଫଳଦର୍ଶୀ**—ସଂ. ବିଣ. ପୁଂ (ଫଳ+ଦୃଶ୍ ଧାତୁ=ଦେଖିବା+କର୍ତ୍ତୃ.ଇନ୍)-
Phaḻa darśī ଯେ ଶେଷ ଫଳକୁ ଦେଖେ—
( ଫଳଦର୍ଶିନୀ—ସ୍ତ୍ରୀ ) Looking for the result or consequence.

ଫଳଦାତା—ସ. ବଣ. ପୁଂ. (ଫଳ+ଦା ଧାତୁ+ତୃନ୍; ୧ମା. ୧ବ.)—
Phaḷa dātā ଯେ କୌଣସି କାର୍ଯ୍ୟର ଫଳ ଦିଏ—
(ଫଳଦାତ୍ରୀ—ସ୍ତ୍ରୀ) Awarding the fruits of an action.
[ଫଳଦାତୃତ୍ୱ(ତା)—ବି]

ଫଳଦାୟକ—ସ. ବଣ. ଓ ବି—ଫଳଦ (ଦେଖ)
Phaḷadāyaka Phaḷada (See)

ଫଳଦାୟୀ—ଦେ. ବଣ (ଫଳ+ଦା ଧାତୁ+କର୍ତ୍ତୃ.ଇନ୍ ୧ମା ୧ବ. )—
Phaḷa dāyī ଫଳଦ (ଦେଖ)—
[ଫଳଦାୟିନୀ—ସ୍ତ୍ରୀ, ଫଳଦାୟିତା(ତ୍ୱ) – ବି] Phaḷada (See)
କ୍ରମରେ ବୃକ୍ଷ ହୋଇ ଫଳଦାୟୀ ହୁଏ—କୃଷ୍ଣସିଂହ, ମହାଭାରତ. ଅଦି ।

ଫଳ ଧରିବା —ଦେ. କ୍ରି—ଫଳିବା; (ବୃକ୍ଷାଦି) ଫଳରେ ଶୋଭିତ ହେବା—
Phaḷa dharibā ফলধরা फलना To bear fruit.

ଫଳନ—ସ.ବି (ଫଳ୍ ଧାତୁ+ଭାବ. ଅନ)—୧ । ଫଳିବା; ଫଳୋତ୍ପାଦନ—
Phaḷana Production; yield.
୨ । ପ୍ରସବନ—2. Giving birth to.
୩ । ପାଣି ଅଁଳା—3. Fracourtia Cataphracta.

ଫଳନ୍ତା(ନ୍ତି)—ଦେ. ବଣ ( ସ. ଫଳତ୍ ) —ଫଳୁଥିବା; ଫଳୋତ୍ପାଦନ
Phaḷantā(nti) କରୁଥିବା – Fruit-bearing; yielding fruit.

ଫଳନ୍ତୀ—ଦେ. ବଣ—୧ । ସନ୍ତାନ ପ୍ରସବ କରୁଥିବା (ସ୍ତ୍ରୀ)—
Phaḷanti 1. Bearing children.
ফলন্ত ୨ । ଫଳ ପ୍ରସବ କରୁଥିବା (ବୃକ୍ଷ)—
फलताहुआ 2. Fruit-bearing.

ଫଳନ୍ଦ—ପ୍ରାଦେ (ଚିଲିକା ଅଞ୍ଚଳ) ବି—ଚିଲିକାରେ ଚଳୁଥିବା ଡଙ୍ଗାର
Phaḷanda ପରନ୍ଦ ବା ଫନ୍ଦ ପଟା—The edge-beam of a boat (plying in the Chilka lake).

ଫଳ ପାଇବା—ଦେ. କ୍ରି—୧ । ପୁରସ୍କାର ପାଇବା; ଲାଭ ପାଇବା—
Phaḷa pāibā 1. To get one's reward.
ফলপাওয়া फलपाना ୨ । ଉପଯୁକ୍ତ ପ୍ରତିଫଳ ଲାଭ କରିବା—
2. To get one's deserts.

ଫଳ ପାକାନ୍ତା(ନ୍ତ)—ସ. ବି (ଫଳ+ପାକ=ପାଚିବା+ଅନ୍ତ=ମୃତ୍ୟୁ)—
Phaḷa pākāntā(nta) ଫଳ ପାଚିଲେ ଯେଉଁସବୁ ଗଛ ମରିଯାଏ;
ଓଷଧି—Annual plants.
[ ଦ୍ର—ଧାନ, କଦଳୀ, ବାଉଁଶ ପ୍ରଭୃତିର ଫଳ ପାଚିଲେ ସେ ସବୁ ଗଛ ମରିଯାଏ । ]

ଫଳପୁର —ସ. ବି (ଫଳ+ପୁର)—୧ । ଡାଳିମ୍ବ—
Phaḷapura 1. Pomegranete.
( ଫଳପୂରକ—ଅନ୍ୟରୂପ ) ୨ । ଟାଭା ଲେମ୍ବୁ—
2. Citron.

ଫଳପ୍ରଦ—ସ. ବଣ. ପୁଂ—( ଫଳ+ପ୍ର+ଦା ଧାତୁ+କର୍ତ୍ତୃ. ଅ )
Phaḷaprada ୧ । ଫଳଦାତା; ଫଳୋତ୍ପାଦକ—
1. Bearing or yielding fruit.
( ଫଳପ୍ରଦା—ସ୍ତ୍ରୀ ) ୨ । ଗୁଣକାରକ—
ଫଳପ୍ରଦାତା—ପୁଂ } ଅନ୍ୟରୂପ 2. Effective.
ଫଳପ୍ରଦାତ୍ରୀ—ସ୍ତ୍ରୀ } [ଫଳପ୍ରଦତା(ତ୍ୱ)—ବି]

ଫଳ ପ୍ରାପ୍ତି—ସ. ବି (୬ଷ୍ଠୀ ତତ୍; ଫଳ+ପ୍ରାପ୍ତି)—କାମ୍ୟ ବସ୍ତୁର ପ୍ରାପ୍ତି—
Phaḷa prāpti Achievement of one's aim.

ଫଳ ଫୁଲୁ(ଲୋ)ରି—ପ୍ରାଦେ (ବାଲେଶ୍ୱର)-ବି (ସହଚର ଶବ୍ଦ ଦ୍ୱନ୍ଦ୍ୱ; ତୁଳ.
Phaḷa phulu(lo)ri ବ. ଫଲଫଲୁରି )—ପରିବାପତ୍ର—
ଫଳଫଲର } ଅନ୍ୟରୂପ Fruits etc; kitchen
ଫଳଫୁଲେର } vegetables.

ଫଳବନ୍ତ—ଦେ. ବଣ (ସ. ଫଳବାନ୍) —୧ । ଫଳରେ ପୂର୍ଣ୍ଣ—
Phaḷabanta 1. Full of fruits.
ফলবন্ত फलदार ୨ । ଫଳୁଥିବା—
[ଫଳବନ୍ତା(ନ୍ତୀ)—ସ୍ତ୍ରୀ] 2. Bearing fruits.
୩ । ସଫଳ—3. Successful.

ହସ୍ତ ଅରେ କରିବା କ ଉଦାମ୍ବର ପାନ
ହେଉ ଫଳବନ୍ତ ସନ୍ତକ ଗୋ—ଦବସର୍ଣ୍ଣ, କଣୋସ ଚର୍ଚ୍ଚା, ତ ଗୀତ ।

ଫଳଭାକ୍—ସ. ବଣ. ପୁଂ(ଫଳ+ଭଜ୍ ଧାତୁ+କର୍ତ୍ତୃ. ଣ୍ୱି; ୧ମା. ୧ବ)-
Phaḷabhāk ଫଳଭାଗୀ (ଦେଖ)
Phaḷabhāgī (See)

ଫଳଭାଗୀ—ସ. ବଣ. ପୁଂ ( ଫଳ+ଭଜ୍ ଧାତୁ+କର୍ତ୍ତୃ. ଇନ୍; ୧ମା.
Phaḷabhāgī ୧ବ )—ପରିଣାମଭାଗୀ—
( ଫଳଭାଗିନୀ—ସ୍ତ୍ରୀ ) Sharing the fruits or
[ଫଳଭାଗିତା(ତ୍ୱ) – ବି] results.

ଫଳଭୁକ୍—ସ. ବଣ. ପୁଂ ( ଫଳ+ଭୁଜ୍ ଧାତୁ+କର୍ତ୍ତୃ. କ୍ୱିପ୍, ୧ମା.
Phaḷabhuk ୧ବ)—ଯେ ଫଳ ଖାଇ ପ୍ରାଣ ଧାରଣ
କରେ—Frugivorous; fruit-eating.

ଫଳ ଭୋଗ—ସ. ବି (୬ଷ୍ଠୀ ତତ୍; ଫଳ ଭୋଗ)—କୃତକର୍ମର ସୁଖ-
Phaḷa bhoga ଦୁଃଖାଦିର ଅନୁଭୂତି— Experience of
ଫଳଭୋଗୀ—ପୁଂ } ବ୍ୟକ୍ତିବାଚକ the good or bad effect
ଫଳଭୋଗିନୀ—ସ୍ତ୍ରୀ } ବିଶେଷଣ of one's actions.

ଫଳ ଭୂମି—ସ. ବି (୬ଷ୍ଠୀ ତତ୍; ଫଳ+ଭୂମି )—୧ । କର୍ମଫଳ ଭୋଗର
Phaḷa bhūmi ସ୍ଥାନ—1. The place where a man experiences the result of one's action.
୨ । ଭାରତବର୍ଷ (ଜ୍ଞାନେନ୍ଦ୍ର)—2. India.

ଫଳମୁଖ—ସ. ବି (୬ଷ୍ଠୀ ତତ୍; ଫଳ +ମୁଖ)—ଫଳୋଦୟ (ଦେଖ )—
Phaḷamukha Phaḷodaya (See)
(ଫଳାରମ୍ଭ—ଅନ୍ୟରୂପ)

ଫଳ ଯିବା—ଦେ. କ୍ରି—୧ । (ଗାଈ) ବୃଷଭର ସଙ୍ଗମ କରିବା; ବଳ-
Phaḷa jibā ଯିବା—(said of a cow) To take to a bull.
পাল যাওয়া, পাল ধরা
जोडाखाना; गामिनी होना ୨ । (ସ୍ତ୍ରୀ ପଶୁ) ଗର୍ଭବତୀ ହେବା—
2. (a female animal) To be pregnant.

ଫଳ ଲାଭ—ସ. ବି. (୬ଷ୍ଠୀ ତତ୍; ଫଳ+ଲାଭ)—
Phaḷa lābha ଚରିତାର୍ଥତା; ମନୋବାଞ୍ଛାସିଦ୍ଧି—
(ଫଳ ସିଦ୍ଧି—ଅନ୍ୟରୂପ) Fruition; realisation of one's desires.

**ଫଳଶାଳୀ**—ସ. ବଣ. (ଫଳ+ଶାଳିନ୍; ୧ମା. ବ.)—
Phalaśāli ଫଳଯୁକ୍ତ; ଫଳୁଥିବା—
(ଫଳଶାଳିନୀ—ସ୍ତ୍ରୀ) Fruitful; bearing fruits.
[ଫଳଶାଳିତା(ତ୍ୱ)—ବି]

**ଫଳ ଶ୍ରୁତି**—ସ. ବି. (୬ଷ୍ଠୀ ତତ୍; ଫଳ+ଶ୍ରୁତି)—
Phala śruti ୧ । ନିଜକୃତ କର୍ମର ଫଳ ଶ୍ରବଣ କରିବା—
1. Hearing the result of one's action.
୨ । ଶାସ୍ତ୍ରପାଠ ଓ ଧର୍ମକାର୍ଯ୍ୟାଦି କଲେ କି ଫଳଲାଭ ହୁଏ ଏହାର ଉଲ୍ଲେଖ—2. Statement of the advantages to be gained by doing a meritorious act.

**ଫଳ ହାନି**—ସ. ବି. (୬ଷ୍ଠୀ ତତ୍; ଫଳ+ହାନି)—
Phala hāni ୧ । ଫଳ ନ ଫଳିବାରୁ କ୍ଷତି—Loss of fruit.
(ଫଳକ୍ଷୟ—ଅନ୍ୟରୂପ) ୨ । ଅକୃତକାର୍ଯ୍ୟତା—2. Failure.

**ଫଳହାରୀ**—ସ. ବଣ. ପୁଂ. (ଫଳ. ହୃ ଧାତୁ+କର୍ତ୍ତୃ. ଇନ୍; ୧ମା. ୧ବ.)—
Phalahāri ଫଳ ଆହରଣକାରୀ; ଯେ ଫଳ ସଂଗ୍ରହ କରେ—
(ଫଳହାରିଣୀ—ସ୍ତ୍ରୀ) Gathering fruits.

**ଫଳା**—ଦେ. ବି. ( ସ. ଫଳ; ଫଳକ )—୧ । ବ୍ୟଞ୍ଜନ ବର୍ଣ୍ଣରେ ଅନ୍ୟ
Phalā ବ୍ୟଞ୍ଜନ ବର୍ଣ୍ଣ ସଂଯୁକ୍ତ ହେବାର ଆକୃତି; ଅସଲ
ଫଳା ଅକ୍ଷରରେ ଯୁକ୍ତ ହେବା ବ୍ୟଞ୍ଜନ ବର୍ଣ୍ଣର ଚିହ୍ନ—
1. The sign added to a letter to make a dipthong or compound consonant.
[ ଦ୍ର—ଯଥା—ମ ଫଳା, ର ଫଳା; ଓଡ଼ିଆରେ ୧୭ଗୋଟି ଫଳା-ଯୁକ୍ତ ବନା ଅଛି । ଏହାକୁ ପିଲାମାନେ ବର୍ଣ୍ଣପରିଚୟ ପରେ ଶିଖନ୍ତି । (ସତର ଫଳା ଦେଖ) । ବ୍ୟଞ୍ଜନ ବର୍ଣ୍ଣରେ ଆ, ଇ ଆଦି ସ୍ୱରବର୍ଣ୍ଣ ଯୁକ୍ତ ହେବା ଚିହ୍ନକୁ ମାତ୍ରା ବୋଲାଯାଏ । ]
୨ । (ସ. ଫଳକ) ଶରାଗ୍ର—2. The head of an arrow.
୩ । ଫରି; ଢାଲ—3 Shield.
୪ । ଶସ୍ତ୍ରାଦିର ସୂକ୍ଷ୍ମ ମୁଖ—4. The fine edge of a weapon.
ଦେ. ବି—୧ । (ପାନବରଜ ଭାଷା) ପାନ ଲତାର ଗଣ୍ଠିମାନଙ୍କରୁ ବାହାରିବା ଶାଖା—1. The branch or secondary shoot of a betel creeper.
୨ । ଫଳା (ଦେଖ)—2. Phalā (See)

**ଫଳା**—ଦେ. ବି. (ସ. ଫଳକ)—ଛୁରି ଓ ଖଣ୍ଡାର ପତ୍ର; ପାତ—
Phalā The blade of a sharp weapon.
फला फल

**ଫଳା(ଳେ)ଇବା**—ଦେ. କ୍ରି (ସ. ଫଳ୍ ଧାତୁ; ଫଳିବାର ଣିଜନ୍ତ)—
Phalā(le)ibā ୧ । ଗଛରେ ଫଳ ଫଳିବାର ଉପାୟ କରିବା—
फलाना 1. To cause a tree to bear frnit.
फलाना ୨ । ଚିତ୍ରର ରଙ୍ଗକୁ ସୁସ୍ପଷ୍ଟ କରାଇବା—
2. To make the colour of a picture grow distinct.
୩ । କୌଣସି ବିଷୟର ସୂଚନା ବା ଇସାରା ଦେବା—
3. To throw out a hint or suggestion.
୪ । ଫଳରେ ଦେଖାଇ ଦେବା; ସଫଳ କରାଇବା—
4. To show by results.
ଭକତ ବାକ୍ୟ ଫଳାଇବା ଲାଗି
ଯେତିଲେ ଅପୂର୍ବ ଭାବ ନିଧନ ମନାସି । ସ୍ୱାଧୀନାଥ· ମହାଗାଥା ।
୫ । ବନ୍ଧ୍ୟା ସ୍ତ୍ରୀର ଗର୍ଭ ହେବାର ଉପଚାର କରିବା—
5. To cause a barren woman to bear children.

**ଫଳାକାଙ୍କ୍ଷା**—ସ.ବି. (୬ଷ୍ଠୀ ତତ୍; ଫଳ+ଆକାଂକ୍ଷା)—ଫଳ ପାଇବାର
Phalākānkshā ଆଶା—Desire to get the fruits or result.
ଫଳାକାଙ୍କ୍ଷୀ—ପୁଂ } ବ୍ୟକ୍ତିବାଚକ ବିଶେଷଣ
ଫଳାକାଙ୍କ୍ଷିଣୀ—ସ୍ତ୍ରୀ }

**ଫଳାଗମ**—ସ. ବି. (୬ଷ୍ଠୀ ତତ୍; ଫଳ+ଆଗମ)—
Phalāgama ୧ । ଫଳ ଦେଖାଯିବା; ଫଳୋଦୟ—
1. Appearance of the fruit or result.
୨ । ଶରତ୍‌କାଳ—2. Autumn.
୩ । ଗଛରେ ଫଳ ଦେଖାଯିବା ସମୟ—
3. The season or time of a tree bearing fruit.

**ଫଳାନ୍ତ**—ସ. ବି. (ବହୁବ୍ରୀହି; ଫଳ+ଅନ୍ତ; ଫଳ ଧରିଲେ ଏ ଗଛ
Phalānta ମରେ)—ବାଉଁଶ ଗଛ—The bamboo.

**ଫଳାପେକ୍ଷା**—ସ. ବି. ( ୬ଷ୍ଠୀ ତତ୍; ଫଳ+ଅପେକ୍ଷା)—ଫଳ ପାଇବାର
Phalāpekshā ଆଶା—Expectation of the fruit or result.
ଫଳାପେକ୍ଷୀ—ପୁଂ } ବ୍ୟକ୍ତିବାଚକ ବିଶେଷଣ
ଫଳାପେକ୍ଷିଣୀ—ସ୍ତ୍ରୀ }

**ଫଳାଫଳ**—ସ. ବି. (ଫଳ+ଅଫଳ)—୧ । ଭଲ କିମ୍ବା ମନ୍ଦ ଫଳ—
Phalā phala 1. Success or failure; good or bad result.
୨ । ଶେଷ ଫଳ—2. Consequence (good or bad.).

**ଫଳାଶନ**—ସଂ ବଣ. ପୁଂ. (ଫଳ+ଅଶ୍ ଧାତୁ=ଖାଇବା+କର୍ତ୍ତୃ. ଅନ)
Phalāśana ଫଳାହାରୀ (ଦେଖ)—Phalāhārī (See)
(ଫଳାଶନା—ସ୍ତ୍ରୀ) ବି.—ଶୁକ ପକ୍ଷୀ—The parrot.

**ଫଳାଶୀ**—ସ. ବଣ. ପୁଂ.—(ଫଳ+ଅଶ୍ ଧାତୁ=ଭକ୍ଷଣ କରିବା+କର୍ତ୍ତୃ.
Phalāśi ଇନ୍; ୧ମା. ୧ବ.)—ଫଳାହାରୀ (ଦେଖ)
(ଫଳାଶିନୀ—ସ୍ତ୍ରୀ) Phalāhārī (See)

**ଫଳାହାର**—ସ. ବି.—ଫଳ ମାତ୍ର ଖାଇବା; ଅନ୍ନ ବ୍ୟତୀତ ଅନ୍ୟ ଫଳାଦି
Phalāhāra ଭୋଜନ—Fruit-meal; eating fruits only.
ଦେ. ବି.—ଫଳ ଓ ମିଷ୍ଟାନ୍ନାଦି ସହଯୋଗରେ ଦଧି, ଦୁଗ୍ଧ ଓ ଚିପିଟକାଦି ଭକ୍ଷଣ—A meal of fruits, sweets, milk, curd, parched rice etc on fast days.
फलार [ଦ୍ର—ଆମ୍ଭ ଦେଶର ଏକାଦଶୀ ଆଦି ଉପବାସରେ ଫଳାହାର
फलार କରିବାର ବିଧି ଅଛି । କିନ୍ତୁ ଆମ୍ଭମାନଙ୍କ ଫଳାହାରରେ ପାଚିଲା ଫଳ, ନଡ଼ିଆ ଆଦି ସଙ୍ଗେ ଚୂଡ଼ା, ଦହି, ଛେନା, ଗୁଡ଼, ମିଠେଇ ଆଦି ମଧ୍ୟ ଥାଏ । ]

**ଫଳାହାରୀ**—ସ. ବଣ. ପୁଂ.—ଫଳମାତ୍ରଭୋଜୀ; ଯେ ଫଳମାତ୍ର ଖାଏ—
Phalāhārī Subsisting on fruits only.
(ଫଳାହାରିଣୀ—ସ୍ତ୍ରୀ) (ଫଳାହାରିତା —ବି)

**ଫଳ**—ସ. ବ. ( ଫଲ୍ ଧାତୁ+ଇ )—ମଧୁର ପାଣିରେ ରହୁଥିବା ଏକ ପ୍ରକାର ଚଟକା ନାଡ଼ବୃହତ୍ ମାଛ—
Phali
**ଫଳାଇ; ଫଲୁଇ; ଫଳୀ, ଫଲୁଇ** A kind of flat fresh water fish; Notopterus Kapirat.
[ଦ୍ର—ଏହା ଶକଳୀ ମତ୍ସ୍ୟ । ଏହାର ଗଠନ ଚଟଳ ପରି ଚେପ୍ଟା ଓ ଲମ୍ବ ଶ୍ରେଷ୍ଠ । ଲମ୍ବାରେ ଏକ ହାତରୁ ବଡ଼ ଫଳ ଦେଖା ଯାଏ ନାହିଁ ।]
ଦେ. ବ.—(ସ. ଫଳକ)—ଶଗଡ଼ ବା ନିଶୁଣିର ଦୁଇ ଦଣ୍ଡାକୁ ଯୋଗ କରୁଥିବା ପଟା ଖଣ୍ଡମାନ—The plates joining the two shafts or beams of a bullock cart or the 2 arms of a ladder.

**ଫଲ**—ପ୍ରାଦେ. (ସମ୍ବଲପୁର) ବ.—(ଳ ସ୍ଥାନରେ ଲ ଉଚ୍ଚାରଣ)—ଫଳ (ଦେଖ)—Phali (See)
Phali

**ଫଳିତ**—ସ. ବଣ. (ଫଳ+ଯୁକ୍ତାର୍ଥେ. ଇତ)—୧ । ଫଳଯୁକ୍ତ; ଫଳଥିବା; ଯେଉଁ ବୃକ୍ଷରେ ଫଳ ଧରେ—
Phalita
1. Bearing fruits; fruit-bearing.
୨ । ସଫଳ—2. Fruitful.
୩ । ଫଳ ଘଟିଥିବା—3. Fulfilled; successful.
୪ । ଯଦ୍ଦ୍ୱାରା ଭବିଷ୍ୟତ କଥା ଗଣନା କରାଯାଏ—
4. Helping to interpret the future.
୫ । ଜଡ଼ିତ—4. Involved.

**ଫଳିତ ଜ୍ୟୋତିଷ**—ସ. ବ.—ଯେଉଁ ଜ୍ୟୋତିଃଶାସ୍ତ୍ର ଦ୍ୱାରା ମନୁଷ୍ୟ ଜୀବନର ଭବିଷ୍ୟତ ଘଟଣାମାନଙ୍କ ଗଣନା କରାଯାଏ—Astrology.
Phalita jyotisha
[ ଦ୍ର—ଗ୍ରହନକ୍ଷତ୍ରାଦିଙ୍କ ସଞ୍ଚାର ଯେଉଁ ଜ୍ୟୋତିଷଦ୍ୱାରା ସ୍ଥିର କରାଯାଏ ତାହାକୁ ଗଣିତ ଜ୍ୟୋତିଷ—Astronomy—ବୋଲାଯାଏ]

**ଫଳିତାର୍ଥ**—ସ. ବ. (କର୍ମଧା)—୧ । ଅସଲ ଅର୍ଥ; ପ୍ରକୃତ ଅର୍ଥ; ମର୍ମ—
Phalitārtha 1, Gist; substance; purport; actual meaning.
୨ । ମୂଳାଧାର (କ୍ଲୀବେନ୍ଦ୍ର) (ଦେଖ)—
2. Mūlādhāra (See)
୩ । ସାରାଂଶ; ପ୍ରଧାନ ଅଂଶ (କ୍ଲୀବେନ୍ଦ୍ର)—
3. Essence; epitome; principal part.

**ଫଳନ**—ସ. ବଣ. (ଫଲ୍ ଧାତୁ+ଇନ)—ଫଳିତ (ଦେଖ)—
Phalina Phalita (See)

**ଫଳିବା**—ଦେ. କି. (ସ. ଫଲ୍ ଧାତୁ)—୧ । ଫଳ ଧରିବା; ଫଳଯୁକ୍ତ ହେବା—1. To bear fruit; to fructify.
Phalibā
**ଫଳା । ଫଲା**
ରଇତ ମୋ ବଗାଇ ଲଗାଇଲ ରସାଳ ନସ୍ତ ଫଳନ୍ତରେ ।
ବଇଦୂର୍ଯ୍ୟ ସଙ୍ଗୀତ ।
୨ । ସଫଳ ହେବା; କୃତକାର୍ଯ୍ୟ ହେବା—2. To succeed.
ହରଦଶ ଦେବ ସୁଧା ଭଃ ନାଃ ଉମ୍ବରତା
ହାଃକାଙ୍ଗୀ ଲଭ ଫଳ ଫଳନ୍ତରେ ।
ବଇଦୂର୍ଯ୍ୟ ରତ୍ନାକର ଉଦ୍ଧୃତ ଗୀତ ।
୩ । ଲାଭଯୁକ୍ତ ହେବା—3. To be profitable.
୪ । ଦେହରେ (ଫାଳୁ, ପିମ୍ପିର ଓ ବ୍ରଣ ଆଦି) ବାହାରିବା—
4. To come out of the body (as eruptions).
୫ । ଭାରିଆ ବହିବା ହେତୁରୁ (ଅଙ୍ଗବିଶେଷ) ଫୀତ ହେବା—
5. To get swoollen on account of carrying loads (said of a part of the body).
ଘୃଣି ଦେଖୁଅଛୁ କ୍ୟାଘାତ ସବାଶରେ
ଫଳନ୍ତି ବେଳକର ଅତ୍ୟନ୍ତ ନଖ ଭରେ । କୃଷ୍ଣସିଂହ, ମହାଭାରତ ସଭା ।
୫ । (ଗାଈ ଆଦି ପଶୁ) ସନ୍ତାନ ପ୍ରସବ କରିବା—
5. To bear offsprings.
୬ । ଫଳ ପ୍ରଦାନ କରିବା—6. To give fruits.
ସୁକୃତ ଫଳେ ଯଥା ଗାଇ ବୃକ୍ଷଣ – ପ୍ରାଣନାଥ. ତୁଳସୀ ସ୍ତବକ ।
୭ । କାର୍ଯ୍ୟରେ ଘଟିବା—
7. To happen; to take place.
ଜୟଜୟ ଫଳନ୍ତି ଫଳିବ ସବୁରେ—କୃଷ୍ଣସିଂହ, ମହାଭାରତ ସଭା ।
୮ । ମିଳିବା; ପ୍ରାପ୍ତ ହେବା—
8. To be found; to be attained.
ଭଲତ ମାଳାକ ମୃତ୍ୟୁକା ବଳେ
ଫଳନ୍ତ କରିଲେ ରଚନ ଫଳେ । ଭକ୍ତାଗ ଗୀତ ଲହରୀ ।
୯ । ଉତ୍ପନ୍ନ ହେବା; (ଫଳ) ଉପୁଜିବା—
9. To ensue; (a fruit) to be produced.
ତାହାର ଅଶ୍ୱମେଧ ଯାଗ କଲ ଫଳ
ଫଳଇ ଅହେ ସ୍ପଷ୍ଟ ରହିଲ ଥାଇଁଲ । କୃଷ୍ଣସିଂହ ମହାଭାରତ ବନ ।
ପ୍ରାଦେ (ସମ୍ବଲପୁର) କି. (ଗାଈ ଆଦି) ଗର୍ଭବତୀ ହେବା—
(a beast) To become pregnant.

**ଫଳୀ**—ସ. ବ—(ଫଲ୍ ଧାତୁ+କର୍ତ୍ତୃ ଅ+ଈ)—୧ । ପ୍ରିୟଙ୍ଗୁ ଗୁଳ୍ମ—
Phalī 1. A medicinal plant.
୨ । ଫଳ ମାଛ—2. A kind of fish.
୩ । ଅସ୍ତ୍ରର ଫଳା—3. The blade of a weapon.
୪ । ଶରାଗ୍ର—4. The head of an arrow.
୫ । ଲଙ୍ଗଳ ଲୁହା—5. Plough-share.
୬ । ଶ୍ୟୋନାକ (ବୃ. ଣ) (ଦେଖ)—6 Śyonāka (See).
୭ । ପଣସ (ବୃ. ଣ)—7. Jack fruit.
୮ । ଅମ୍ବଡ଼ା (ବୃ. ଣ)—8. Hog plum.
ବଣ. ପୁଂ—ଫଳିତ (ଦେଖ)—
(ଫଳିନୀ—ସ୍ତ୍ରୀ) Phalita (See).

**ଫଳେନ୍ଦ୍ର**—ସ.ବ. (୭ମୀ ତତ୍; ଫଳ+ଇନ୍ଦ୍ର)—ବଡ଼ ଜାମୁ; ରାଜଜାମୁ—
Phalendra A large species of blackberry.
[ଅନ୍ୟ ସ. ନାମ—ନନ୍ଦ; ରାଜଜମ୍ବୁ, ମହାଫଳା; ସ୍ୱରଭପକା, ମହାଜମ୍ବୁ. ବଡ଼ଜାମ **ଫର୍ଲିଦା, फरेंद** ଓଡ଼ିଆ-ରାଜଜାମୁ ]

**ଫଳୋଦୟ**—ସ. ବ—(୬ଷ୍ଠୀ ତତ୍; ଫଳ+ଉଦୟ)—୧ । ଫଳ ଘଟିବା ଅବସ୍ଥା—1. The appearence of the fruit or result.
Phalodaya
୨ । ଲାଭ—2. Gain; profit.
୩ । ଆନନ୍ଦ; ସୁଖ—3. Joy; happiness.
୪ । ସ୍ୱର୍ଗ—4. Heaven; paradise.
୫ । ଉପକାର—5. Benefit.

**ଫଳୋତ୍ପତ୍ତି**—ସଂ. ବି—(୬ଷ୍ଠୀ ତତ୍; ଫଳ+ଉତ୍ପତ୍ତି)—୧ । କୌଣସି
Phalotpatti କର୍ମର ଫଳ ଘଟିବା—1. The ensuing of the result of an action.
[ଫଳୋତ୍ପାଦନ—ବିଶେଷ୍ୟ ବିଶେଷଣ]
ଫଳୋତ୍ପାଦକ—ପୁଂ } ବ୍ୟକ୍ତିବାଚକ ବିଶେଷଣ
ଫଳୋତ୍ପାଦିକା—ସ୍ତ୍ରୀ }
୨ । ବୃକ୍ଷାଦିରେ ଫଳ ଧରିବା—2. The coming out of fruits in a tree.
୩ । (ବହୁବ୍ରୀହି) ଆମ୍ବଗଛ—3. The mango tree.

**ଫଳୋପଧାୟକ**—ସଂ. ବିଣ. (ଫଳ+ଉପ+ଧା ଧାତୁ+କର୍ତ୍ତୃ. ଅକ)—
Phalopadhāyaka ଫଳଦାୟକ; ଯାହା ଫଳ ଜନ୍ମାଏ; ଫଳଜନକ—Fruitful; fruit-bearing; producing result.
[ଫଳୋପଧାୟିକା—ସ୍ତ୍ରୀ]
(ଫଳୋପଧାନ—ବିଶେଷ୍ୟ)

**ଫଲ୍ଗୁ**—ସଂ. ବି—(ଫଲ୍ ଧାତୁ+କର୍ତ୍ତୃ. ଗୁ)—୧ । ଗୟାରେ ଥିବା
Phalgu ଅନ୍ତଃସଲିଳା ନଦୀବିଶେଷ—1. Name of a small river in Gaya.
[ଦ୍ର—ଏ ଅଗସ୍ତ୍ୟର ନଦୀର ଶଯ୍ୟାରେ ପିତୃଲୋକଙ୍କୁ ପିଣ୍ଡ ଦିଆଯାଏ ।]
୨ । ମିଥ୍ୟା କଥା—2. False words.
୩ । ବୃଥା ବା ଅସାର ବାକ୍ୟ—3. Unnecessary or unsubstantial speech; useless words.
୪ । ଅବିର; ଲୋହିତବର୍ଣ୍ଣ ଚୂର୍ଣ୍ଣ; ଫଗୁ—
4. Red powder used during the Holi festival.
୫ । ବସନ୍ତ କାଳ—5. The spring season.
୬ । କାକୋଡୁମ୍ବର ଫଳ—
6. The opposite-leaved fig tree.
ସଂ. ବିଣ—୧ । ତୁଚ୍ଛ—1. Despicable.
୨ । ଅସାର—2. Worthless; useless.
୩ । ନୀରସ—3. Juiceless; sapless.
୪ । କ୍ଷୀଣ; ଦୁର୍ବଳ—4. Week; feeble.
୫ । ମନୋହର; ସୁନ୍ଦର—5. Beautiful; handsome.

**ଫଲ୍ଗୁତ୍ସବ**—ସଂ. ବି—(୩ୟା ତତ୍ ବା ୭ମୀ ତତ୍; ଫଲ୍ଗୁ=ଫଗୁ+ଉତ୍ସବ;
Phalgūtsaba ଫଗୁ ଦ୍ୱାରା ଅନୁଷ୍ଠିତ ଉତ୍ସବ; ବା ଫଗୁ ସମୟରେ ଅନୁଷ୍ଠିତ ଉତ୍ସବ)—ହୋଲି; ଦୋଲଯାତ୍ରା; ହୋଲିକା ଉତ୍ସବ—The Holi festival.

**ଫଲ୍ଗୁଦା**—ସଂ. ବି. ସ୍ତ୍ରୀ—ଫଲ୍ଗୁ ନଦୀ—
Phalgudā The river phalgu.

**ଫଲ୍ଗୁନ**—ସଂ. ବି.—୧ । ଅର୍ଜୁନ (ବୃ. ଶ)—
Phalguna 1. A name of Arjuna.
୨ । ଫାଲ୍ଗୁନ ମାସ (ବୃ. ଶ)—2. The month of Phālguna.
ସଂ.ବିଣ. (ଫଲ୍ଗୁନୀ+ଅ)—ଫାଲ୍ଗୁନୀ ନକ୍ଷତ୍ର ସମ୍ବନ୍ଧୀ (ବୃ. ଶ)—Relating to the 11th and 12th asterisms.

**ଫଲ୍ଗୁନୀ**—ସଂ. ବି—ଫାଲ୍ଗୁନ (ଦେଖ)—
Phalguni Phālguni (See)

**ଫଲ୍ଲକୀ**—ସଂ. ବି—ଫଳମାଛ (ଜ୍ଞାନେନ୍ଦ୍ର)—A kind of medium-sized fresh water fish.
Phallaki

**ଫଲ୍ସପଏଣ୍ଟ**—ବୈଦେ. ବି (ନାମ)—ଓଡ଼ିଶାର ବଙ୍ଗୋପସାଗର ଉପକୂଳ
Phals-paent ସ୍ଥାନବିଶେଷ (ଏଠାରେ ମହାନଦୀ ସମୁଦ୍ରରେ ପଡ଼ିଅଛି; ଏହାର ଅନ୍ୟ ନାମ ବାଙ୍ଗାସର)—Falsepoint in the Orissa coast.

**ଫସ୍**—ଦେ (ଧ୍ୱନ୍ୟନୁକରଣ) ଅ—ଫସ୍ ଫସ୍ (ଦେଖ)—
Phas Phas phas (see).

**ଫସ୍କା**—ଦେ. ବିଣ—(ଅ. ଫସକ୍‌ନା=ଖସିଯିବା; ଅ. ଫାସଖ=ଅଲଗା)—୧ । ଶ୍ଳଥ; କୁଞ୍ଚୁଳା—1. Loose; slack; lax.
Phas-kā
(ଫସ୍କା—ଅନ୍ୟରୂପ)
ফস্কা ୨ । ଚ୍ୟୁତ—2. Lost; slipped off.
फिसफिसा, पीलपीला ୩ । ସ୍ଖଳିତ—3. Stumbled; slipping.
୪ । କୋମଳ—4. Soft.
୫ । ହାଲୁକା—5. Light.
୬ । ଯାହା ଚପିଲେ ବା ଚାପିଲେ ଦବିଯାଏ—
6. Flaccid; yielding to pressure.
ପ୍ରାଦେ (ବାଲେଶ୍ୱର) ବିଣ.—ଅସିଝିଆ; ସ୍ୱାଦବିହୀନ—Tasteless; watery.

**ଫସ୍(ସ)କି ଯିବା**—ଦେ. କ୍ରି—୧ । ବିଫଳ ହୋଇଯିବା—
Phas(sa)ki jibā 1. To be ineffectual.
(ଫସ୍କିଯିବା—ଅନ୍ୟରୂପ) ୨ । ଖସିଯିବା—2. To slip off.
ফসকে যাওয়া ୩ । ଶିଥିଳ ହେବା—3. To be slackened.
फसकना ୪ । ଅକାଳ ସ୍ଖଳିତ ଫଳ ପ୍ରସବ ନ କରିବା—4. To miscarry.

**ଫସ୍ ଫରସ୍**—ବୈଦେ. ବି (ଇଂ)—ଦୀପକ; ଉଗ୍ର ଦାହିକା ଶକ୍ତି ଯୁକ୍ତ
Phas-pharas ରାସାୟନିକ ଦ୍ରବ୍ୟବିଶେଷ; ବୈଜ୍ଞାନିକ ମୌଳିକ ବସ୍ତୁବିଶେଷ—Phosphorus.
(ଫସ୍‌ଫରସ୍—ଅନ୍ୟରୂପ)
ফসফরস फासफरस
[ଦ୍ର—ଏହା ବାୟୁ ସଂଯୋଗରେ ମନକୁ ଜଳି ଉଠେ ଓ ସବୁବେଳେ ଜକ୍ ଜକ୍ ଦିଶୁଥାଏ । ରାତିରେ ଜକଜକ ଦେଖାଯାଉଥିବା ଜୁଳୁଜୁଳିଆ ପୋକ, କାନକଟୁଲ ବସ୍ତ୍ର ଓ ସମୁଦ୍ର ମାଛଙ୍କଠାରେ ଫସ୍ ଫରସ୍ ଅଛି । ଫସ୍‌ଫରସ୍ ମଧ୍ୟ ଜୀବଦେହର ଗୋଟିଏ ଉପାଦାନ ।]

**ଫସ୍ ଫସ୍**—ଦେ (ଧ୍ୱନ୍ୟନୁକରଣ) ଅ—୧ । ଭୂଷା ଚୋବାଇବା ପର
Phas-phas ଶବ୍ଦ—1. Sound of chewing chaff.
(ଫସ୍ ଫାସ୍—ଅନ୍ୟରୂପ)
फिसफिस; फुसफुस ୨ । ଶୀଘ୍ର ଶୀଘ୍ର କଥା କହିବାର ଶବ୍ଦ—
फसफस; फिसर फिसर 2. Sound of quick talk.
୩ । ଚୁପ୍‌ଚୁପ୍ କଥାବାର୍ତ୍ତା ହେବା ଶବ୍ଦ; ମୃଦୁ ସ୍ୱରରେ କଥାବାର୍ତ୍ତା—
3. Sound of whispering.
୪ । ବଡ଼ ଛିଦ୍ର ବା ଜଲା ବାଟେ (ଯଥା—ଦାନ୍ତ ନ ଥିବା ଲୋକ କଥା କହିଲାବେଳେ ତା ମୁହଁରୁ ) ପବନ ବାହାରିବା—4. Coming out of air through a hole.

ଫସଡ଼—ଗ୍ରା. ଡ. (ଫ. ନିଷ୍ଫଳ)—ବୃଥା; ନିଷ୍ଫଳ—
Phasarda Fruitless; vain.

ଫସଣ୍ଡି ଯିବା—ଦେ. କ୍ରି—(ଧାନ ଓ ମୁଗଗଛ ଆଦି) ବଳୁଆମାଟି ଯୋଗୁଁ
Phasandi jibā ଗୁଡ଼ାଏ ପତ୍ର ଧରି ବଢ଼ିବା ଓ ଉହିଁରେ ଫୁଲ ଫଳ ନ ହେବା—To grow over-luxuriantly (said of plants growing on a very fertile ground but not bearing good fruits or flowers.)

ଫସର୍ ଫାସର୍—ଦେ. କ୍ରି. ବିଣ—ଖୁବ୍ ଉଚ୍ଚ ସ୍ୱରରେ (କାନ୍ଦିବା)—
Phasar phāsar (weeping) A high tone.

ଫସର ଫସର—ଦେ. (ଧ୍ୱନ୍ୟନୁକରଣ) ଅ—ଫସ୍ ଫସ୍ ୩ (ଦେଖ)
Phasara phasara Phas phas 3 (See)
(ଫସର ଫାସର, ଫସୁର୍ ଫୁସୁର୍, ଫୁସୁରୁ ଫୁସୁରୁ, ଫୁସ୍‌ଫୁସ୍, ଫୁସ୍‌ଫାସ୍—ଅନ୍ୟରୂପ)
फुसफास; फिसफिस **फुसफुस; खिसरफिसर**

ଫସର ଫସା—ଦେ. ବିଣ. (ଭୁଲ. ଇଂ. ଫସ୍—ନିଷ୍ଫଳ ଆଡ଼ମ୍ବର)—
Phasara phasā ୧ । ଅକୃତକାର୍ଯ୍ୟ—
1. Unsuccessful.
୨ । ନିଷ୍ପ୍ରୟୋଜନ—2. Useless.
ଅଲେ ମଉସା ! ଜଡ଼ ପଇସା, ଅଜସରୁ କଥା ଫସରଫସା । ଉଗ ।
ଦେ. ବି—ନିଷ୍ଫଳ ଆଡ଼ମ୍ବର; ବହ୍ୱାରମ୍ଭେ ଲଘୁକ୍ରିୟା—
Fussiness, much ado about nothing; fruitless show; the ending of a thing in fuss.

ଫସର ଫାଟ୍—ଦେ. ବି—ବଉଦ୍ଭୋର; ପ୍ରତ୍ୟୁଷ—
Phasara phāt Daybreak; break of day.

ଫସର ଫାଟିବା—ଦେ. ବି. (ସଂ. ପ୍ରଭାତ)—ସକାଳ ହୋଇଯିବା—
Phasara phātibā The break of day; dawning.
ভোর হওয়া ଦେ. କ୍ରି—୧ । ଥକ୍କିଯିବା—
**पौ फटना; पौ फटे** 1. To become tired.
୨ । ଅକୃତକାର୍ଯ୍ୟ ହେବା—
2. To become unsuccessful; to fail.
ବଡ଼ ବଡ଼ ଗଲେ ଫସର ଫାଟି
ସାନ ସାନ ଗଲେ ବେଶର ବାଟି । ଉଗ ।
୪ । (କୌଣସି ପ୍ରସ୍ତାବ) ନିଷ୍ଫଳ ହେବା—
4. (any proposal) To end in nothing.

ଫସର ଫାସ୍—ଦେ. ବିଣ—୧ । ଅତି ଅକିଞ୍ଚିତ୍କର—
Phasara phās 1. Insignificant.
୨ । ଅକୃତକାର୍ଯ୍ୟ—2. Unsuccessful.
ଅଟେ କହିବୁ ପୃଥ୍ୱୀପତି, ଛଡ଼ା ଯୋଡ଼ା ଅର୍ଥପତି
ମୁଲଅ ବୃଥ ଫସର ଫାସ୍ । ଉଗ ।
ଦେ. ବି—ଅକୃତକାର୍ଯ୍ୟତା—Failure.

ଫସଲ୍—ବୈଦେ. ବି. (ଅ. ଫସ୍ଲ—ଋତୁ)—
Phasala ୧ । କୃଷିଜାତ ଶସ୍ୟ; କ୍ଷେତ୍ରରେ ଉତ୍ପନ୍ନ ବସ୍ତୁସମୂହ—
ফসল 1. Agricultural produce; crop.
**फसल** ୨ । କୃଷିଜାତ ଶସ୍ୟ ସଂଗ୍ରହର ସମୟ—
2. Harvest season.
[ଦ୍ର—ବର୍ଷ ମଧ୍ୟରେ କୃଷିଜାତ ଶସ୍ୟାଦିଙ୍କୁ ବା ଫସଲଙ୍କୁ ସଂଗୃହୀତ ହେବାର ଋତୁ ଅନୁସାରେ ୨ ଶ୍ରେଣୀରେ ବିଭକ୍ତ କରାଯାଇ ଅଛି; ଯଥା—ଖରିଫ୍ ଓ ରବି । ଆଶ୍ୱିନଠାରୁ ପୁଷମାସ ପର୍ଯ୍ୟନ୍ତ ଅମଳ ହେବା ଫସଲ (ଯଥା ଧାନ)କୁ ଖରିଫ୍ ଓ ମାଘଠାରୁ ଆଷାଢ଼ ପର୍ଯ୍ୟନ୍ତ ଅମଳ ହେବା ଶସ୍ୟ (ଯଥା—ମୁଗ, ବିରି, କୋଳଥ)କୁ ରବି ଫସଲ ବୋଲାଯାଏ—ହି. ଶ. ]
୩ । ଏକ ପ୍ରସ୍ଥ ବା ଏକ ଥର; ଦଫା—
3. One shower; paroxysm.
(ଯଥା—ମୁଁ ତାଙ୍କୁ ଫସଲେ ଜୋତାମାଡ଼ ଦେଇ ଥାଆନ୍ତି ।)

ଫସଲ୍ ଆମଦାନୀ—ବୈଦେ. ବି. (ଅ. ଫସ୍ଲ+ଆମଦାନୀ)—କ୍ଷେତ୍ରରୁ କୃଷିଜାତ ଶସ୍ୟର ସଂଗ୍ରହ—Harvesting; collection of a crop from the field.
Phasala āmadāni
ফসলআমদানী **फसलकीआमदानी**
(ଫସଲ ଉଠିବା—ଅନ୍ୟରୂପ)

ଫସଲୀ—ବୈଦେ. ବିଣ.—୧ । ଫସଲ ଉତ୍ପନ୍ନ ହେବା କାଳରୁ ଗଣା ଯିବା
Phasali (ବର୍ଷ)—1. (the year) Calculated from the harvest time.
ফসলী **फसली**
୨ । ଫସଲ ସମ୍ବନ୍ଧୀୟ—
2. Pertaining to a crop.
[ଦ୍ର—ଫସଲୀ ସନ ଫସଲ ଅମଳ ହେବା ସମୟରୁ ଗଣନା କରା ଯାଏ । ମୁସଲମାନମାନଙ୍କ ହିଜରି ସନ ଚନ୍ଦ୍ରମାନ ଅନୁସାରେ ଗଣା ଯାଏ । ମୋଗଲ ସମ୍ରାଟ ଅକ୍‌ବର ୧୪୭୮ ଶକାବ୍ଦ ଠାରୁ ଫସଲୀ ସନ ସୌରମାନ ଗଣନାକ୍ରମେ ଚଳାଇଲେ । କିନ୍ତୁ ଭାରତର ଭିନ୍ନ ଭିନ୍ନ ଅଞ୍ଚଳରେ ପ୍ରଧାନ ଫସଲ ଅମଳ ହେବାର ଋତୁର ବିଭିନ୍ନତା ଅନୁସାରେ ଫସଲୀ ସନର ଗଣନା ମଧ୍ୟ ଭିନ୍ନ ହୋଇ ଅଛି । ଫସଲୀ ସନକୁ ମଧ୍ୟ ହଣ୍ଟାଶୀର୍ବାଦ ବା ଅମଳ ସନ ବୋଲାଯାଏ । ଓଡ଼ିଶାରେ ଭାଦ୍ର ଶୁକ୍ଳ ଦ୍ୱାଦଶୀ ଠାରୁ ଅର୍ଥାତ୍ ସୁନିଆଁଠାରୁ ଫସଲୀ ସନ ଆରମ୍ଭ ହୁଏ, ବଙ୍ଗଳାରେ ମହାବିଷୁବସଂକ୍ରାନ୍ତିର ପର ଦିବସଠାରୁ ଓ ଉତ୍ତର ଭାରତରେ ଶୁକ୍ଳ ଆଶ୍ୱିନ ଆରମ୍ଭରୁ ଫସଲୀ ସନର ଗଣନା ହୁଏ । ଓଡ଼ିଶା ପ୍ରଜାସ୍ୱତ୍ୱ ଆଇନରେ ଫସଲୀ ସନ ମହାବିଷୁବ ସଂକ୍ରାନ୍ତିଠାରୁ ଗଣନା କରାଯାଏ । ଫସଲୀ ସନର ବର୍ଷ ସଂଖ୍ୟା ନ ଜାଣିବା ଲୋକଙ୍କୁ ପ୍ରଥମେ ଗୋଳମାଳିଆ ବୋଧ ହୁଏ । ଅକବର ବାଦଶାହା ଯେଉଁ ସମୟରେ (୧୪୭୮ ଶକାବ୍ଦରେ) ଏହା ପ୍ରଥମେ ଚଳାଇଲେ, ସେ ସମୟରେ ଯେଉଁ ହିଜରୀ ସନ (୯୬୩ ସାଲ) ହୋଇଥିଲା ତହିଁର ସଂଖ୍ୟାଗଣନାରୁ ପ୍ରଥମ ଫସଲୀ ସନର ଗଣନା ଆରମ୍ଭ ହେଲା ଓ ଫସଲ ସନର ଗଣନା ହିଜରୀ ସନ ପରି ଚନ୍ଦ୍ରମାନ ଗଣନାକ୍ରମେ ନ ହୋଇ ସୌରମାନ ଗଣନାକ୍ରମେ ଚଳିଲା ଓ ଆଜି ପର୍ଯ୍ୟନ୍ତ ଚଳି ଆସୁ ଅଛି । ଅତଏବ ଫସଲୀ ସନର ସଂଖ୍ୟା ଶକାବ୍ଦ ସଂଖ୍ୟାଠାରୁ ୭୧ ବର୍ଷ କମ୍ ଓ ଖ୍ରୀଷ୍ଟାବ୍ଦ ସଂଖ୍ୟାରୁ ୫୯୩ ବର୍ଷ କମ୍ । ଉଦାହରଣ ସ୍ୱରୂପ ଖ୍ରୀଷ୍ଟାବ୍ଦ ୧୯୩୫=ଶକାବ୍ଦ ୧୮୫୬=ଫସଲୀ ସନ ୧୩୪୨ ଅଟେ ।]

ଫଷା—ପ୍ରାଦେ· (ବାଲେଶ୍ୱର) ବି.—ସାମୁଦ୍ରିକ ମତ୍ସ୍ୟବିଶେଷ—
Phashā A kind of sea-fish.
[ଦ୍ର—ଏହା ଖାଇବାକୁ ସ୍ୱାଦୁ, କିନ୍ତୁ ଏହାର ଦେହରେ ଅନେକ ସରୁ ସରୁ କଣ୍ଟା ଥାଏ ।]

**ଫଷା(ସେ)ଇବା**—ଦେ. କ୍ରି.—(ସ୍ଥ. ପାଶ; ଫସିବାର ଣିଜନ୍ତରୂପ)—
Phasā(se)ibā ୧ । ବିପଦରେ ପକାଇବା; କୌଣସି ବ୍ୟକ୍ତିକୁ
ফাঁসান ବିପଦଗ୍ରସ୍ତ କରିବା—1. To involve a person
फसाना in danger.
୨ । କୌଣସି ବ୍ୟକ୍ତିକୁ ମନ୍ଦ କାର୍ଯ୍ୟରେ ପ୍ରବର୍ତ୍ତାଇବା—
[ଫସା(ସେ)ଇ ଦେବା—ଅନ୍ୟରୂପ] 2. To seduce (a person.)

**ଫସି ଦେବା**—ପ୍ରାଦେ. (ସମ୍ବଲପୁର) କ୍ରି.—(ତୁଳ. ହି. ଫସା ଦେନା)—
Phasi debā ଠକିବା; ପ୍ରତାରଣ କରିବା—To cheat.

**ଫସିବା**—ଦେ. କ୍ରି. (ସ୍ଥ. ୱର୍ଣ Beams; ସ୍ଥ. ପାଶ)—ଅଜ୍ଞାତଭାବରେ
Phasibā ବିପଦରେ ପଡ଼ିବା—To step into danger
ফেঁসে যাওয়া फँसजाना unawares.
ପ୍ରାଦେ. (ସମ୍ବଲପୁର) କ୍ରି.—ଫସିଦେବା (ଦେଖ)
Phasidebā (See)

**ଫସି ଯିବା**—ଦେ. କ୍ରି.—ଅନ୍ୟଦ୍ୱାରା ପ୍ରତାରିତ ହେବା; ଠକାଇରେ
Phasi jibā ପଡ଼ିବା—To be cheated by another.
ফেঁসে যাওয়া फसजाना

**ଫସୁଆ**—ପ୍ରାଦେ. (ସମ୍ବଲପୁର) ବିଣ.—ଠକ; ପ୍ରତାରକ—
Phasuā Cheating; fraudulent.

**ଫାଇଁ**—ଦେ. (ଧ୍ୱନ୍ୟନୁକରଣ) ଅ.—୧ । ଅଧିକ ରୂପେ—
Phāin 1. Excessively.
ଉଦରେ ମୋତେ କରୁଅଛ ଫାଇଁ
କ୍ରୁଦ୍ଧ କୋଧ ଜାତ ହୋଇବା ପାଇଁ । ବୈଷ୍ଣବଦାସ । ବନ୍ଧତ ରାମାୟଣ ।
୨ । 'ଫଁ' ଶବ୍ଦ ସହ—2. With a fan sound.
( ଯଥା—କାକର ଦିଠା ଘିଅ ଚେଲୁଣିରେ ପଡ଼ିବା ମାତ୍ରକେ ଫାଇଁ କରି ଫୁଲି ଉଠିଲା । )

**ଫାଇଁ ଦେବା**—ଦେ. କ୍ରି.—ଧକ୍କା ମାରିବା; ଭଣ୍ଡାଇବା—
Phāin debā To cheat.
ধাপ্পাদেওয়া धोखादेना ((ଫାଇଁ ମାରିବା—ଅନ୍ୟରୂପ)

**ଫାଇଁ ଫାଇଁ**—ଦେ. (ଧ୍ୱନ୍ୟନୁକରଣ) ଅ.—ଫଁ ଫଁ (ଦେଖ)
Phāin phāin Phan phan (See)
ସର୍ପକୁ ମାଇଲେ ଟେକା ଯେମନ୍ତ ହୋଇ ସେ ଥକା
ଗର୍ଜେ ଫାଇଁ ଫାଇଁ ସେହି ମତ ରହି ବୋଲେ ଗ୍ରୀବା କରି ବଙ୍କା ।
ବୈଷ୍ଣବଦାସ । ବନ୍ଧତ ରାମାୟଣ ।

**ଫାଇଁ ଫାଇଁ ହେବା**—ଦେ. କ୍ରି.—୧ । ସାପ ପରି ଫଁ ଫଁ ହେବା—
Phāin phāin hebā 1. To make a hissing sound.
ফোঁসফোঁস হওয়া ୨ । ଆପତ୍ତି କରିବା—
फुफकारना 2. To object.

**ଫାଇ(ଏ)ଦା**—ବୈଦେ. ବି.—(ଅ. ଫାୟଦା)—୧ । ଉପକାର—
Phāi(e dā 1. Benefit.
୨ । ଲାଭ—2. Profit.
ফায়দা फायदा ୩ । ଆୟ—3. Income.

**ଫାଇଦାବନ୍ତ(ନ୍ଦ)**—ବୈଦେ. ବିଣ. ( ଫା. ଫାୟଦାମନ୍ଦ )—
Phāidābant(nd) ୧ । ଲାଭଦାୟକ—1. Profitable.
ফায়দামন্দ ୨ । ଉପକାରକ—
फायदामंद 2. Benefical.

**ଫାଇନ୍**—ବୈଦେ. ବି. (ଇଂ)—ଜୋରିମାନା; ଅର୍ଥଦଣ୍ଡ—Fine.
Phāin ফাইন फाइन ବିଣ.—ସୁନ୍ଦର—Fine; nice.

**ଫାଇନାନ୍ସ**—ବୈଦେ. ବି. (ଇଂ)—ଅର୍ଥ; ଧନ—
Phāināns ফাইনান্স फाइनानस Finance.

**ଫାଇନାନ୍ସ କମିଟି**—ବୈଦେ. ବି.—(ଇଂ)—ଲାଟସାହେବ ସଭା ବା
Phāināns kamiti ଡିଷ୍ଟ୍ରିକ୍ଟବୋର୍ଡ଼ ଆଦିରେ ଅର୍ଥ ସଭ୍ୟମାନଙ୍କ
ସମିତି—Finance committee.

**ଫାଇନାନ୍ସ ଡିପାର୍ଟମେଣ୍ଟ**—ବୈଦେ.ବି. (ଇଂ)—ସରକାରୀ ଅର୍ଥ ବିଭାଗ—
Phāināns dipārt ment Finance department.

**ଫାଇନାନ୍ସ ମେମ୍ବର**—ବୈଦେ. ବି. (ଇଂ)—ଅର୍ଥ ସଦସ୍ୟ—
Phāināns membara Finance member.

**ଫାଇନାନ୍ସିଆଲ କମିସନର**—ବୈଦେ. ବି. ( ଇଂ )—ରାଜ୍ୟର ଅର୍ଥ
Phāinānsial kamisanar ସମ୍ବନ୍ଧୀୟ ଉଚ୍ଚ କର୍ମଚାରୀ—
Financial Commissioner.

**ଫାଇନାଲ୍**—ବୈଦେ. ବି. (ଇଂ)—ଶେଷ; ଚୂଡ଼ାନ୍ତ; ଅନ୍ତିମ—
Phāinal ফাইনাল फाइनाल Final.
(ଯଥା—ସ୍କୁଲ ଫାଇନାଲ୍, ଫୁଟବଲ ଫାଇନାଲ ।)

**ଫାଇନାଲ୍ ଡିଗ୍ରୀ**—ବୈଦେ. ବି. (ଇଂ. ଫାଇନାଲ୍ ଡିକ୍ରୀ)—
Phāinal digri ବଣ୍ଟନ ଓ ହିସାବ ମକଦମାରେ ବଣ୍ଟନ କରି ଓ
ফাইনাল ডিক্রী ହିସାବ ବୁଝା ଶେଷ ହେବା ପରେ କୋର୍ଟଙ୍କଦ୍ୱାରା
फाईनाल डिग्री ପ୍ରଦତ୍ତ ଡିଗ୍ରୀ—Final decree passed in
partition and account suits.

**ଫାଇ ଫାର୍ମାନ୍(ସ୍) ହୁକୁମ**—ଦେ. ବି—୧ । ଅଲଙ୍ଘ୍ୟ ଆଦେଶ; ଜରୁରି
Phāi phārmān(s) hukuma ହୁକୁମ—1. Urgent
ফাইফর্মাস order.
୨ । ବାଜେ କାର୍ଯ୍ୟ କରିବାର ଆଦେଶ—
2. Order for doing miscellaneous works.

**ଫାଇଲ୍**—ବୈଦେ. ବି. (ଇଂ)—୧ । କାଗଜର ନଥି ବା ବିଡ଼ା; ତାଡ଼ା—
Phāil 1. File of papers.
ফাইল ୨ । ଦଣିଆଙ୍କ ଉଖା; ଉଖା—
फाइल 2. Filing instrument.

**ଫାଇଲ୍ କରିବା**—ଦେ. କ୍ରି.(ଇଂ.ଫାଇଲ୍)—୧ । ନଥି ସାମିଲ୍ କରିବା—
Phāil karibā 1. To file with the records.
ফাইল করা ୨ । କୌଣସି ଦରଖାସ୍ତ ଉପରେ କିଛି ହୁକୁମ ନ ଦେଇ
फाइल करना ରଖିବା—2. To record no order on
a petition.

**ଫାଇଲ୍ ଜାମିନ୍**—ବୈଦେ. ବି. ( ଫା. ଫେଲ୍=କର୍ମ+ଅ. ଜାମିନ୍
Phāil jāmin =ପ୍ରତିଭୂ )—ଦୁଷ୍ଟ ଲୋକମାନଙ୍କର ଭବିଷ୍ୟତ୍
ফাইল জামীন ସଦାଚରଣ ନିମନ୍ତେ ସେମାନଙ୍କଠାରୁ ମାଜିଷ୍ଟ୍ରେଟ୍
फाइल जामीन ଲେଖାଇ ନେବା ଜାମିନ୍‌ନାମା—Security for
good behaviour taken by a Magistrate
from wicked people.

**ଫାଉ**—ବୈଦେ. (ଅ. ଫାଓ)—୧ । ଉର୍ଦ୍ଧ୍ବ ପରିମାଣର ଅତିରିକ୍ତ
Phāu ବସ୍ତୁ—1. Excess; surplus.

ଫାଉ(ଓ) ୨ । ପୂର୍ବରୁ ଋଣ ଦଆଯାଇ ଥିବା ଟଙ୍କା ବଦଳରେ
ফাও ଖାତକଠାରୁ ବାଣ୍ଡ ଭାଉ ଅପେକ୍ଷା ବେଶି ନଆଯିବା ଧାନଆଦ—
2. The excess paddy repaid by a debtor for money loans at a rate higher than the existing market rate.

୩ । ଖରଦ କରାଯିବା କୌଣସି ପଦାର୍ଥର ନରୂପିତ ପରମାଣ ଉପରେ ମାଗଣା ଯାହା ଅଧିକା ମିଳେ; ଅଧିକା ଲାଭ; ଲଫା—
3. Extra gain; anything got extra over the purchased quantity.

୪ । ଉପର ଲାଭ—4. Perquisite; tip; gratuity.

ଫାଉ ଫଉସ୍ଥଳ ଭଳ ବଶ । ଫକୀରମୋହନ. ଛମାଣ ଅଠଗୁଣ୍ଠ ।

[ ଦ୍ର—ଫାଉ ସଙ୍ଗେ ଫଉସ୍ଥଳ(ଲ) ସହଚର ଶବ୍ଦରୂପେ ବ୍ୟବହୃତ ହୁଏ । ]

ବଣ—୧ । ମାଗଣା—1. Got gratis; gratuitous.

୨ । ଅତରିକ୍ତ; ଅଧିକା—2. Extra; additional.

ପ୍ରାଦେ. (ସମ୍ବଲପୁର) ବଣ—ଗପଡ଼ୀ; ବହୁଭାଷୀ—
Talkative; garrulous.

ଫାଉଁ—ପ୍ରାଦେ. (ପୁରୀ) ବ—୧ । କାଡ଼ିଆ (ଦେଖ)
Phāuñ 1. Kārḍhiā (See)

୨ । କୋରା ନଡ଼ଆରୁ ଚପୁଡ଼ ରସ କଢ଼ାଗଲା ପରେ ଯେଉଁ ନୀରସ ଭୁଷି ପର ପଦାର୍ଥ ରହଯାଏ—2. The dry cocoanut scrapings left after the juice is pressed therefrom.

ଫାଉ କୁରୁଣୀ—ଦେ. ବ—ଉଦ୍ଭି ବନ୍ୟ ଗୁଳ୍ମ ବଶେଷ—
Phāu kuruṇi Wrightia Tomentosa (Haines).

ଫାଉଡ଼ା—ଦେ. ବ. (ସଂ. ପର୍ବ)—୧ । ଖଜୁରୀ ଗଛର ବାହୁଙ୍ଗାର ମୂଳଭାଗ—1. The lower part of a branch of date-palm.
Phāurḍā
পাবড়া
फावडा

୨ । (ସଂ. ଫାଲ; ପ୍ରା. ଫାଡ଼)—ଚଉଡ଼ା ଦାଢ଼ ଲମ୍ବା ବାଙ୍କ—2. Broad hoe; a spade with a long handle.
ফাওড়া
फावडा

ଫାଉଡ଼ିବା—ପ୍ରାଦେ. (ସିଂହଭୂମ) କି—ଫୋପାଡ଼ିବା; ଫିଙ୍ଗିବା—
Phāurḍiba To throw.

ଫାଉଣ୍ଟ—ବୈଦେ. ବ. (ଇଂ; ଛାପାଖାନା ଶବ୍ଦ)—ଏକ ଆକାରର ଟାଇପ୍ ଅକ୍ଷରର ଏକ ସାଟ—
Phāunṭ
ফাউন্ট Fount; a set of printing types of one size or body.
फाउन्ट

ଫାଉଣ୍ଟେନ୍ ପେନ୍—ବୈଦେ. ବ. ( ଇଂ )—ଏକପ୍ରକାର ନବାବଷ୍କୃତ କଲମ; ଝର କଲମ; ନର୍ଝରଲେଖନୀ—
Phāunṭen pen
ফাউন্টেনপেন फाउंटेनपेन Fountain pen.

[ ଦ୍ର—ଏ ପଞ୍ଝାକଲମ ମଧ୍ୟରେ ସ୍ୟାହ କାଳ ସଞ୍ଚିତ କର ରଖାଯାଇ ଥାଏ, ଯହିଁ କାଳ କ୍ରମଶଃ କଲମର ମୁହଁବାଟେ ନଗିଳୁ ଆସିଲେ ତଦ୍ୱାରା ଅନେକ କାଗଜ ଲେଖାଯାଏ। ଏହାକୁ ପ୍ରସ୍ରବଣୀ-ଲେଖନୀ ବା ନର୍ଝର ଲେଖନୀରୂପେ ଅନୁବାଦ କରାଯାଇ ପାରେ । ]

ଫାଉଣ୍ଡା—ଦେ. ବ—ଫାଉଡ଼ା ୨ (ଦେଖ)
Phāunḍā Phāurḍā 2 (See).

(ଫାଉଣ୍ଡୀ—ସ୍ତ୍ରୀ) ବଣ. ପୁଂ. (ସ. ପ୍ରକାଣ୍ଡ)—ସ୍ଥୂଳକାୟ—
Fat; corpulent.

ଫାଉଣ୍ଡେସନ୍ ସେଆର—ବୈଦେ. ବ. ( ଇଂ )—ପ୍ରଥମେ ଯେଉଁ
Phāunḍesan seār ଅଂଶୀଦାରମାନଙ୍କ ପ୍ରଦତ୍ତ ଅଂଶ ବା
ফাউণ্ডেসন সেয়ার ଧନରେ କୌଣସି ଯୌଥ କାରବାର ଆରମ୍ଭ
फाउँडेसन सेयार କରାଯାଏ—Foundation shares in a joint stock company.

ଫାଉଣ୍ଡ୍ରୀ—ବୈଦେ. ବ (ଇଂ)—ଲୁହା ବା ସୀସା ଆଦ ଧାତୁ ଢଳାହୋଇ
Phāunḍri ଯେଉଁ କାରଖାନାରେ ନାନାବଧ ବସ୍ତୁ ଗଢ଼ା ହୁଏ—
ফাউণ্ড্রী फाउण्डरी Foundry.
(ଯଥା—ଟାଇପ୍ ଫାଉଣ୍ଡ୍ରୀ; ଆଇରନ୍ ଫାଉଣ୍ଡ୍ରୀ ଇତ୍ୟାଦ)

ଫାଉ ମାରିବା—ଦେ. କ୍ରି—୧ । କୌଣସି ପଦାର୍ଥ ମାଗଣାରେ ହସ୍ତଗତ
Phāu māribā କରିବା—1. To get a thing gratis.
ফাওমারা ୨ । କୌଣସି ପଦାର୍ଥ ଠକ କର ନେବା—
फाउमारना 2. To get a thing by underhand means.

୩ । ଅନାଜ କର କଥା କହିବା—
3. To say a thing by guess.

ଫାଉରି—ପ୍ରାଦେ (କଟକ) ବ—ବେଢା—
Phāuri A big basket.

ଫାଉଲ୍—ବୈଦେ. ବ—(ଇଂ)—୧ । ଫୁଟ୍‌ବଲ୍ ପ୍ରଭୃତ ଖେଳରେ ନୟମ
Phāul ଲଙ୍ଘନ—1. Unfair or foul practice in the
ফাউল फाउल football and other games.

୨ । କୁକୁଡ଼ା ଜାତୀୟ ପକ୍ଷୀ—2. Fowl.

ଫାଁ ଗାଳିବା—ଦେ. କ୍ରି—୧ । ଛଳ ଗାଳିବା—
Phāñ gāḷibā 1. To feign.

୨ । ଛଳ ଗାଳ କ୍ଲାନ୍ତ ଦେଖାଇବା—2. To feign as if one is pulled down or spent up.

୩ । ଅତ୍ୟନ୍ତ କ୍ଲାନ୍ତ ହେବା—3. To be exhausted.

୪ । ଅବସନ୍ନ ହେବା—4. To be worne out.

(ଯଥା—ମୁଁ ରେଲ ପାଇବା ଲାଗି ଦଉଡ଼ ଦଉଡ଼ ଆସି ଷ୍ଟେସନରେ ପହଞ୍ଚି ଏ ଖଣ୍ଡେ ଫାଁ ଗାଳଦେଇ ପଡ଼ଗଲି)

ଫାଁଜି—ପ୍ରାଦେ (ସମ୍ବଲପୁର) ବ ( ଭୁଲ. ହ, ଫାଁଗ; ଫାଁଗୀ )—ଶାକ
Phāñji ବଶେଷ—A sort of pot-herb.

ଫାକାଶି—ବୈଦେ. ବ (ଉର୍ଦ୍ଦୁ)—୧ । ଦମ୍; ନଶ୍ୱାସ—
Phākāsi 1. Breath.
(ଫାକାଶି—ଅନ୍ୟରୂପ) ୨ । ପ୍ରାଣବାୟୁ—2. Breath of life.

ଫାକାଶି ଉଡ଼ିବା—ଦେ. ବ—୧ । ବେଦମ୍ ହୋଇଯିବା—
Phākāsi urḍibā 1. Being out of breath.
দমছুটেযাওয়া ୨ । ହଂସା ଉଡ଼ିଯିବା—
दमछूटजाना 2. Dying condition.

୩ । ଧୈର୍ଯ୍ୟ ଚ୍ୟୁତ—3. Losing patience.

୪ । କିଂକର୍ତ୍ତବ୍ୟବମୂଢ଼ତା—4. Bewilderment.

ଏ କଥା ଶୁଣିଲେବେଳେ ମୋର ଫାକାଶି ଉଡ଼ଗଲା—ଫକୀରମୋହନ. ଗଳ୍ପସ୍ୱଳ୍ପ ।

**ଫାକୁଟିଆ**—ପ୍ରାଦେ (ଗଡ଼ଜାତ) ବ—ହଳଦିଆ ଓ ନାଲି ମିଶା ରଙ୍ଗ—
Phākuṭiā Reddish yellow colour.

**ଫାକୁଡ଼ି**—ଦେ. ବ—ପାକୁଡ଼ି (ଦେଖ)—Pākuṛdi (See).
Phākurdi (ଫାକୋଡ଼ି—ଅନ୍ୟରୂପ)

**ଫାଙ୍କ**—ଦେ. ବ (ସ. ଫକ୍କିକା)—୧ । ଦୁଇ ବସ୍ତୁ ମଧ୍ୟସ୍ଥ ବ୍ୟବଧାନ; ଅନ୍ତର—1. Gap; space between two things.
Phāṅka
ফাঁক सूराख; दरार
୨ । ରନ୍ଧ୍ର; ଛିଦ୍ର—2. Hole.
୩ । ଦୋଷ; ତ୍ରୁଟି—3. Defect; blemish.
୪ । ଖୋଲା ବା ଅନାବୃତ ସ୍ଥାନ—4. Open space.
୫ । ଶୂନ୍ୟ ସ୍ଥାନ—5. Vacant or empty space.
୬ । ଫାଟ—6. Crack; crevice; chink.
୭ । ସୁବିଧା; ସୁଯୋଗ—7. Opportunity.
୮ । ପ୍ରଭେଦ—8. Difference.
୯ । ବିଶେଷତ୍ୱ—9. Distinction.
୧୦ । ନିର୍ଜନ ସ୍ଥାନ—10. Solitude.
୧୧ । ବିଶେଷ ରୀତି—11. Special custom.
୧୨ । ଭିନ୍ନ ରୀତି—22. Different or distinct custom.
(ଯଥା—ଦେଶକେ ଫାଙ୍କ; ନଈକେ ବାଙ୍କ)
୧୩ । ଅବସର; ଅବକାଶ—13. Liesure.
୧୪ । ବିଚ୍ଛେଦ; ପୃଥକ ହେବା—14. Separation.
ফাঁকা ବିଣ—୧ । ପୃଥକ; ଭିନ୍ନ—1. Separate.
୨ । ଭିନ୍ନ—2. Different.
୩ । ଛଡ଼ାଛଡ଼ା—3. Sparse.
୪ । ଖାଲି; ଶୂନ୍ୟ—4. Empty; hollow; vacant; unoccupied.
୫ । ଜନଶୂନ୍ୟ; ନିର୍ଜନ—5. Solitary.
୬ । ଖୋଲା; ଖୋଲା—6. Open.

**ଫାଙ୍କଡ଼ା**—ଦେ. ବିଣ. ପୁଂ—୧ । ଛଳ ପୂର୍ଣ୍ଣ; ପ୍ରତାରକ—
Phāṅkaṛdā 1. Fraudulent; deceitful.
(ଫାଙ୍କଡ଼ୀ—ସ୍ତ୍ରୀ) ୨ । ଯେ ଫାଙ୍କି ଦିଏ—
ফাকড়িআ छली 2. Feigning.

**ଫାଙ୍କଡ଼ାମି**—ଦେ. ବ (ବଙ୍ଗଳାରୁ ଅନୁକୃତ)—୧ । ପ୍ରତାରଣା—
Phāṅkaṛdāmi 1. Fraud.
(ଫାଙ୍କଢ଼—ଅନ୍ୟରୂପ) ୨ । ଛଳନା—2. Feigning.
ফাঙ্কড়ামী ୩ । ଧାମ୍ଭିକତା—3. Audacity.
छल ୪ । ଅବାଧ୍ୟତା—4. Insubordinatoin.

**ଫାଙ୍କଡ଼ାମି ମାରିବା**—ଦେ. କ୍ରି—୧ । ମିଛ କହି ଠକିବା—1. To deceive by false statement.
Phāṅkaṛdāmi māribā
ଫାଙ୍କ ମାରିବା, ଫାଙ୍କଢ଼ ମାରିବା, ଫାଙ୍କଡ଼ାମି କରିବା } ଅନ୍ୟରୂପ] ୨ । କାମଦାମ ନ କରି ଭୁଇଁର ଠାକୁରଥା ହୋଇ ବଡ଼ କାର୍ଯ୍ୟ କରୁଥିବାପରି ଦେଖେଇହେବା—
ফাঙ্কড়ামীকরা 2. To show one's self off without
कटपैसीदिखलाना substantially doing anything.
୩ । ଛଳନା କରିବା—3. To feign.

**ଫାଙ୍କତାଲ**—ଦେ. ବ—୧ । ବାଦ୍ୟର ତାଳବିଶେଷ—
Phāṅkatāla ফাঁকতাল 1. A musical measure.
ଫାଙ୍କତାଳ, ତାଳ ଫାଙ୍କ } ଅନ୍ୟରୂପ ୨ । କପଟ; ପ୍ରତାରଣା—
2. Deception; hypocricy.
କ୍ରି. ବିଣ—ମାଗଣା—Gratis.

**ଫାଙ୍କା**—ଦେ. ବିଣ—୧ । ଛଳନାପୂର୍ଣ୍ଣ—
Phāṅkā ফাঁকা फाँका; खाली 1. Fraudulent.
୨ । ମାୟାପୂର୍ଣ୍ଣ—2. Illusory.
୩ । ଖୋଲା; ଅନାବୃତ; ଖୋଲା—3. Open.
୪ । ମିଥ୍ୟା—4. False.
୫ । ଅସାର—5. Unsubstantial.
୬ । ଖାଲି; ଶୂନ୍ୟ—6. Empty.

**ଫାଙ୍କା ଅଢ଼ା(ବା)ଜ**—ଦେ. ବ—ବନ୍ଧୁକରେ ଗୁଳି ନ ଦେଇ କେବଳ ବାରୁଦ ଭର୍ତ୍ତି କରି ଫାଏର କରିବା ଶବ୍ଦ—
Phāṅkā awā(bā)j
ফাঙ্কা আওয়াজ Blank shot; blank firing of a gun.
खालि आवाज

**ଫାଙ୍କି**—ଦେ. ବ. (ସ. ଫକ୍କିକା)—୧ । ପ୍ରତାରଣା; ଛଳନା—
Phāṅki ফাঁকী फाँकी 1. Fraud; trick; deception.
୨ । ଧପ୍ପାବାଜୀ—
2. Throwing dust in the eyes of others.
୩ । ଖୁରୁସ୍ତି—3. Cunning.
୪ । ଭଣ୍ଡିବା—4. Evasion.
୫ । ମାୟା—5. Illusion.
୬ । କୂଟ ତର୍କ—6. Sophistry; sophison.
୭ । (ଊଷଧରୂପେ ବ୍ୟବହୃତ) ଶୁଣ୍ଠି ପିପ୍ପଳୀ ଆଦିର ଚୂର୍ଣ୍ଣ—
7. Powdered drugs used as medicine.
୮ । ଚୂର୍ଣ୍ଣ; ଚନା—8. Powdered substance.
୯ । (ଧାନ ବିରକ୍ତି) ମାଟି ଦୋଷରୁ ଲକ୍ଷ୍ମୀମୂଳ ଗଣ୍ଠିରେ ଫୁଲ ଫୁଟିବା ଦ୍ୱାରା ଧାନ ଲଡ଼ା ଛିଣ୍ଡି ଯିବା—
୧୦ । ଭୁରୁଡ଼ି—10. Brozen facedness.
ଦେ. ବିଣ.—ପ୍ରତାରଣାପୂର୍ଣ୍ଣ—Evasive.
(ଯଥା—ଫାଙ୍କି ଉତ୍ତର ।)

**ଫାଙ୍କି ଦେବା**—ଦେ. କ୍ରି.—୧ । ଧନ୍ଧା ମାରିବା—
Phāṅki debā 1. To deceive.
(ଫାଙ୍କି ମାରିବା—ଅନ୍ୟରୂପ) ୨ । ଭଣ୍ଡି ଦେବା—
ফাঙ্কিদেওয়া फाकिदेना 2. To evade.
୩ । ଛଳନା କରିବା—3. To feign.
୪ । ପରର ଆଖିରେ ଧୂଳି ପକାଇବା—4. To throw dust in the eyes of others.
୫ । ଅବାଧ୍ୟତା ଦେଖାଇବା—
5. To show insubordination.

**ଫାଙ୍କିବା**—ଦେ. କ୍ରି.—୧ । ମିଥ୍ୟା କଥା କହି ଠକି ଦେବା—
Phāṅkibā 1. To cheat (a person) by falsehood.

ফাঁকা ୨ । ଗୁଣ୍ଡ ଖାଦ୍ୟଦ୍ରବ୍ୟ ମୁଖ ପୂର୍ଣ୍ଣ କରିବା ଓ ତାହା ଚୋବାଇବା—
**फाकना** 2. To chew a powdered eatable.
(ଯଥା—ଗୁଡ଼ଲଙ୍କା ଗୁଣ୍ଡାକୁ ସେ ଦେଇ ସେ ଫାଙ୍କୁଛି ।)

ଫାଙ୍କିବାଜ୍—ଦେ. ବିଣ.—ଛଳନାପୂର୍ଣ୍ଣ—1. Evasive.
Phāṅkibāj ୨ । ଧୂର୍ତ୍ତ—2. Fraudulent.
**ফাঁকিবাজ फाँकीबाज, धोखेबाज**

ଫାଙ୍ଗୁଲା—ଦେ. ବିଣ. ପୁଂ.—୧ । ବାଉଳା; ଯେଉଁ ବ୍ୟକ୍ତିର ବସ୍ତ୍ର
Phāṅgulā ଠିକଣା ନ ଥାଏ; ଯେଉଁ ବ୍ୟକ୍ତି ଜିନିଷପତ୍ର ସବୁ
(ଫାଙ୍ଗୁଲୀ—ସ୍ତ୍ରୀ) ଅସାବଧାନ ଭାବରେ ଏଣେ ତେଣେ ପକାଇ
बेपरोवा ପରେ ଖୋଜିଲେ ପାଏ ନାହିଁ—1. Careless about
**लापरवा** things.
୨ । ଅସ୍ଥିରମନା—2. Fickle-minded.

ଫାଜଲ୍—ବୈଦେ. ବି.—(ଆ. ଫାଜଲ୍=ଆବଶ୍ୟକତାରୁ ଅଧିକ)—
Phājal ୧ । ବଳ ପଡ଼ିବା ଅଂଶ; ଆଧିକ୍ୟ—
**ফাজল** 1. Quantity in excess; surplus.
**फाजिल** ୨ । ଜମାରୁ ବେଶି ଖରଚ—
2. Expense in excess of receipt.
୩ । ଅବଶିଷ୍ଟ ଅଂଶ—3. Remainder; remnant.
ବିଣ.—୧ । ଅଧିକ—1. In excess.
୨ । ଉଦ୍ବୃତ୍ତ—2. Remaining over.
୩ । ଫାଜିଲ୍ (ଦେଖ)—3. Phājil (See)
ଏହିପରି ବାକ୍ୟମାନ ପଢ଼ି ପଢ଼ି ଲେଖକଙ୍କର ଫାଜଲ ପଣ ଅନୁଭବ କରୁଥିବ ।
ପ୍ରଶ୍ନୋତ୍ତର. ଚନ୍ଦ୍ରଶେଖର ।

ଫାଜଲ୍ ହେବା—ଦେ. କ୍ରି. (ଆ. ଫାଜଲ୍)—ବଳ ପଡ଼ିବା—
Phājal hebā To be in excess.
**ফাজল হওয়া फाजिल होना**

ଫାଜ(ଜି)ଲମି—ଦେ. ବି. (ମନ୍ଦ ଅର୍ଥରେ ବ୍ୟବହୃତ)—୧ । ଧୃଷ୍ଟତା—
Phāja(ji)lāmi 1. Forwardness; arrogance.
**ফাজলামি फजूल** ୨ । ପ୍ରଗଲ୍ଭତା—2. Garrulity; loquacity.
୩ । ଚତୁରତା; ଚଲାକୀ—3. Cleverness.

ଫାଜିଲ୍—ବୈଦେ. ବିଣ. (ଆ. ଫାଜିଲ୍=ବିଦ୍ୱାନ୍, ବୁଦ୍ଧିମାନ୍;) (ମନ୍ଦ
Phājil ଅର୍ଥରେ ବ୍ୟବହୃତ)—୧ । ଧୃଷ୍ଟ—
**ফাজিল फाजिल** 1. Arrogant; forward.
୨ । ବେଜାୟ ବାଚାଳ—2. Over talkative.
୩ । ପ୍ରଗଲ୍ଭ—3. Garrulous.
୪ । ଚତୁର—4. Sly; clever.
[ଦ୍ର—ଆରବୀରେ ଏ ଶବ୍ଦ ଭଲ ଅର୍ଥରେ ବ୍ୟବହୃତ ହୁଏ ।]

ଫାଜିଲ୍ ଚ(ଚା)ଲାଖ—ବୈଦେ. ବିଣ. (ଆ)—ଧୃଷ୍ଟ ଓ କୂଟ ଜ୍ଞାନ ପୂର୍ଣ୍ଣ—
Phājil cha(chā)lākh Forward and sly; over-clever; brazen faced.
**ফাজিল চালাক ज्यादा चलाक**

ଫାଜିଲ୍ ଚଲାଖି—ବୈଦେ. ବି. (ଆ)—ପ୍ରଗଲ୍ଭତା; ଧୃଷ୍ଟତା—
Phājil chalākhi Forwardness; arrogance; garrulity.
**ফাজিল চালাকী ज्यादा चलाकी**

(ଫାଜିଲ ଚଲାକି—ଅନ୍ୟରୂପ)

ଫାଞ୍ଚେଇବା—ପ୍ରାଦେ. (ବାଲେଶ୍ୱର) କ୍ରି.—(ସଂ. ପାଦାସ୍ତ୍ର+ଶୌଚ)—
Phāñcheibā ମଳତ୍ୟାଗ ପରେ ପାଣି ଦ୍ୱାରା ଶୌଚ ହେବା; ଛୁଆଁଇବା—To wash the private parts after passing stools.

ଫାଟ—ଦେ. ବି.—(ସଂ. ସ୍ଫୁଟ୍ ଧାତୁ=ବିଦାରଣ କରିବା)—୧ । ଫାଙ୍କ;
Phāṭa ଚିଲା; ଚିର; ଲମ୍ବା ଛିଦ୍ର—1. A crack; chink; crevice.
**ফাট फाट**
୨ । ସନ୍ଧି—2. Narrow space; interstices.
୩ । ଛିଦ୍ର; କଣା; ରନ୍ଧ୍ର—3. Aperture.
୪ । ବିଦାରିତ ଅଂଶ—4. A split.
୫ । ଶୀତ କାଳରେ କେତେକ ବ୍ୟକ୍ତିଙ୍କ ଗୋଡ଼ ଅଧର ଚମଡ଼ା ଫାଟି ଯିବା—5. The cracking of the skin in the leg and soles during winter.

ଫାଟକ—ବୈଦେ. ବି. (ହି; ସଂ. ସ୍ଫୁଟ; Beams; ସଂ. କପାଟ'ର
Phāṭaka ଅକ୍ଷର ବିପର୍ଯ୍ୟୟ)—୧ । ତୋରଣ; ବହିର୍ଦ୍ୱାର—
**ফাটক फाटक** 1. Gate.
(ଫଟକ—ଅନ୍ୟରୂପ) ୨ । କାରାଗାର—2. Jail; prison.
୩ । କଏଦ; ଜେଲ ଦଣ୍ଡ; କାରାବନ୍ଧନ—3. Imprisonment.

ଫାଟକ ପାଇବା—ଦେ. କ୍ରି—୧ । କଏଦ ହେବା—
Phāṭaka pāibā 1. To be imprisoned.
**ফাটক পাওয়া** ୨ । କାରାଦଣ୍ଡାଜ୍ଞା ପ୍ରାପ୍ତ ହେବା—
**फाटक पाना** To be sentenced to imprisonment.

ଫାଟଣ(ନ, ଣା)—ଦେ. ବି—୧ । ଫାଟିବା କ୍ରିୟା; ବିଦୀର୍ଣ୍ଣ ହେବା—
Phāṭana(na, ṇā) 1. Bursting; state of being split up.
ফাটন ফাটা ୨ । ଫାଟ—2. Split; chink; crevice.
**फटना, फटना**

ଫାଟଲ—ଦେ. ବି. (ସଂ. ସ୍ଫୁଟ୍ ଧାତୁ)—୧ । ଫାଟ—
Phāṭala 1. Crevice; chink.
**ফাটল** ୨ । ଛିଦ୍ର—2. Hole; aperture.
**दरार** ୩ । ଇଟାଗାନ୍ଥୁଣି ମଧ୍ୟରେ ଥିବା ଛିଦ୍ର—
3. Cracks inside a brick masonry.

ଫାଟି ପଡ଼ିବା—ଦେ. କ୍ରି—(ଗୋଡ଼) ଅବସନ୍ନ ହେବା; ଅତ୍ୟଧିକ ଶ୍ରମ
Phāṭi paḍibā ଯୋଗୁଁ କ୍ଳାନ୍ତ ହେବା—
ফেটে যাওয়া (one's legs) To become over-tired.
**फटजाना** ଫାଟି ପଡ଼ିବାର ଉପକ୍ରମ ସଞ୍ଚାର ହେଲା ମୋ ଚରଣ ତଳ ।
(ଫାଟିଯିବା—ଅନ୍ୟରୂପ) ଜଗନ୍ନାଥ. ଭକ୍ତକବି ମଧୁସୂଦନ ପ. ଗୀତ ।

ଫାଟି ଫୁଟି ଯିବା—ଦେ. କ୍ରି—୧ । ବହୁସ୍ଥାନରେ ବିଦୀର୍ଣ୍ଣ ହେବା; ବହୁ
Phāṭi phuṭi jibā ସ୍ଥାନରେ ଫାଟିଯାଇ ଖଣ୍ଡ ଖଣ୍ଡ ହେବା—
ফেটেফুটে যাওয়া 1. To be split up at many places.
**फटफूट जाना** ୨ । ବହୁଚେଷ୍ଟା ପରେ ଅକୃତକାର୍ଯ୍ୟ ହୋଇ ନିରସ୍ତ ହେବା ବା ବିରକ୍ତ ହେବା—2. To be tired after repeated unsuccessful endeavours.

**ଫାଟିବା**—ଦେ. କ୍ରି. (ସଂ. ସ୍ଫୁଟ୍ ବା ସ୍ଫଟ୍ ଧାତୁ=ବିଦାରଣ)—
Phāṭibā ୧ । ବିଦୀର୍ଣ୍ଣ ହେବା—1. To be split up or cleft.
[ଫଟା(ଟେ)ଇବା—ପ୍ରୟୋଜକ କ୍ରିୟା]
**फटा**
**फटना, चलकना**
ସେବେ ମୋହର ପେଟ ଗୋଟ ଫାଟିଯିବ ।
କୃଷ୍ଣସିଂହ. ମହାଭାରତ. ବନ ।
୨ । ଭାଙ୍ଗିଯିବା; ଦ୍ୱିଧା ବିଭକ୍ତ ହେବା—
2. To break asunder; to be split asunder.
୩ । ଚିରିଯିବା—3. To be torn.
୪ । (ଶୀତ କାଳରେ ଦେହ ଓ ଗୋଡ଼ର ଚମଡ଼ା) ବିଦୀର୍ଣ୍ଣ ହେବା—4. To crack (said of the skin in winter).
(ଫାଟିଯିବା—ଅନ୍ୟରୂପ)
୫ । (ପାଦାଦି) ଥକିଯିବା; ଅବସନ୍ନ ହେବା—
5. (legs) To be tatigued; to be over-tired.
ପଦ୍ମ ଠାରୁ ମୃଦୁ ଶ୍ରୀହରି ପାଦ
ଫାଟୁ ଯେ ଅବନି ଲହୁ ଝରଇ ଖେଦ । କବିସୂର୍ଯ୍ୟ. ସଙ୍ଗୀତ ।
୬ । (ବ୍ରଣ ଘାଆ ଆଦି) ମେଲି ହୋଇଯିବା—
**फुटना, तरकना** 6. To burst (said of boils).
୭ । କମ୍ପିଯିବା—7. To tremble.
ଟାଣ୍ଡବ ଧନୁଙ୍କର ଗୁଣ ଟଙ୍କାର ;
ଶୁଣିଲେ ଫାଟିଯାଏ ଯୁଦ୍ଧ କଟକ ସ୍ଥାନ । କୃଷ୍ଣସିଂହ. ମହାଭାରତ. ବିରାଟ ।
୮ । (ଦୁଇଜଣଙ୍କର ମନର ମେଳ) ଭାଙ୍ଗିଯିବା—
8. To become alienated (said of two friends).
୯ । (ଲକ୍ଷଣାର୍ଥ; ମନ)—ନିରୁତ୍ସାହ ହେବା ବା ଦୁଃଖିତ ହେବା—
9. (fig) To be discouraged or dejected.
୧୦ । (ଲକ୍ଷଣାର୍ଥ; କପାଳ) ମନ୍ଦଭାଗ୍ୟ ଯୁକ୍ତ ହେବା—
10. (figurative; one's luck) To become bad.
ସଖି ! ଫାଟିଲା ମୋ କରମ ଜାଣିଲି ଭଲେ । କବିସୂର୍ଯ୍ୟ. ସଙ୍ଗୀତ ।
(ଯଥା—ମୋ କପାଳ ଫାଟିଲା; ମୋ କର୍ମ ଫାଟିଲା; ମୋ ଭାଗ୍ୟ ଫାଟିଲା ।)

**ଫାଟୁଆ**—ଦେ. ବି—ଗୋରୁମାନଙ୍କ ମାରାତ୍ମକ ସଂକ୍ରାମକ ରୋଗବିଶେଷ—
Phāṭuā A contagious and fatal cattle disease; foot and mouth disease of cattle; a kind of rinderpest.
ଆଓସାବା, ଖୁରୀ
**ज़र्रा; जरखोर**

ଫାଟେଇ } ସ୍ତ୍ରୀ. ବିଣ. ପୁଂ—ଯେଉଁ ବ୍ୟକ୍ତିର ଗୋଡ଼ଆଦିର ଚମଡ଼ା ଫାଟିଯାଇ ଥାଏ—
ଫାଟୋଇ } Having cracked skin.

**ଫାଟୁଆ ଗାଈ**—ଦେ. ବି—ଯେଉଁ ଗାଈକୁ ଫାଟୁଆ ରୋଗ ଧରିଥାଏ—
Phāṭuā gāi A cow which is attacked with the Phāṭuā disease.

**ଗ୍ରା.** ବୈଦେ.ବି. (ବାଲେଶ୍ୱର ଜାହାଜିଆଙ୍କ ଭାଷା;ଇଂ. ପର୍ତୁଗିଜ୍)—
ପର୍ତୁଗିଜ୍ ଜାତି—The Portugese.
ସେମାନେ ଫାଟୁଆଙ୍କ ଜାତ, ଏଇ ଫିରିଙ୍ଗୀମାନଙ୍କ ଘର ।
ଫକୀରମୋହନ. ଗଳ୍ପସ୍ୱଳ୍ପ ।

**ଫାଡ଼**—ଗ୍ରା. ବି. (ଅଶ୍ଳୀଳ—ଯୋନି—Female organ.
Phāṛa (ଫାଡ଼ଣ, ଫାଡ଼ୀ, ଫାଡୁ—ଅନ୍ୟରୂପ)

**ଫାଡ଼ି କଇନ୍ତୀ**—ପ୍ରାଦେ. (ପୁରୀ) ବିଣ. (ବାଳକାଙ୍କ ପ୍ରତି ବ୍ୟବହୃତ)—
Phāṛi kainti ଯେଉଁ ବାଳିକା ବୟସ ତୁଳନାରେ ବେଶି (ଫାଡ଼ି କଇଁତି—ଅନ୍ୟରୂପ) ବାକ୍‌ଚତୁରୀ କରେ; କେଞ୍ଚୁଡ଼ୀ—
**एँचड़ पाका अँगीती** Forward (girl); precocious.

**ଫାଡ଼ିବା**—ଦେ. କ୍ରି. (ସଂ. ସ୍ଫୁଟ୍ ବା ସ୍ଫଟ୍ ଧାତୁ=ବିଦାରଣ; ସଂ. ସ୍ଫାଟନ)—୧ । ଚିରି ଦେବା—
Phāṛibā
**फाड़ा** 1. To tear up; to split up; to cleave.
**फाड़ना**
ବଳେ ଭଙ୍ଗ ତାହାର ପାଟ ଫାଡ଼ି ଦେଲ ।
କୃଷ୍ଣସିଂହ. ମହାଭାରତ. ବନ ।
୨ । ବିଦାରଣ କରିବା—2. To tear up; to rive up.
୩ । ଦୁଇଶାଖାଯୁକ୍ତ ଅଙ୍ଗକୁ ବିପରୀତ ଦିଗକୁ ବିସ୍ତୃତ କରିବା; ବିସ୍ତୃତ କରିବା—3. To spread out (one's arms or legs).
[ଫଡ଼ା(ଡ଼େ)ଇବା—ପ୍ରୟୋଜକରୂପ]
୪ । ପୃଥକ୍ କରିବା; ବିଭକ୍ତ କରିବା—
4. To divide; to separate.
୫ । ଫଡ଼ା ଫଡ଼ା ବା ଫାଳ ଫାଳ କରିଦେବା—
5. To split up into strips.
[ ଦ୍ର—ଏ କ୍ରିୟାର ଅସମାପିକାରୂପ ସଙ୍ଗେ ପକାଇବା, ଦେବା କ୍ରିୟାର ସମାପିକାରୂପ ଯୁକ୍ତ ହୁଏ । ]

**ଫାଣି**—ସଂ. ବି (କର୍ମ୍ମ ସ୍ଫାୟ୍ ଧାତୁ=ସ୍ଫୀତ ହେବା+କର୍ତ୍ତୃ. ଣି)—
Phāṇi ୧ । ଗୁଡ଼—1. Molasses; unrefined sugar.
୨ । ଦଧିମିଶ୍ରିତ ଛତୁ—2. Corn flour mixed with curds.

**ଫାଣିତ**—ସଂ. ବି. ( ଫଣ ଧାତୁ=ଅନାୟାସରେ ଉତ୍ପନ୍ନ ହେବା, ଣିଚ୍. ଫାଣି ଧାତୁ+କର୍ମ. ତ )—୧ । ଗାଢ଼ ଇକ୍ଷୁଗୁଡ଼—
Phāṇita
1. Thickened molasses; unrefined sugar.
୨ । ଫେଣା; ଗୁଡ଼ ଅଉଟି କରି ଛାଣିର କରାଯିବା ଏକପ୍ରକାର ପିଠା—2. Sugar cake; bloated sugar ball.

**ଫାଣ୍ଟ**—ସଂ. ବିଣ. ( ଫଣ୍ ଧାତୁ+କର୍ତ୍ତୃ. ତ; ନିପାତନ )—୧ । ଅନାୟାସରେ ପ୍ରସ୍ତୁତ—1. Easily prepared; made easily.
Phāṇṭa
୨ । ଯାହା ଫେଣିଆ ହୋଇ ଛାଣିରେ ହୋଇଥାଏ—
2. Prepared from a liquid by stirring it.
ବି—୧ । କ୍ୱାଥ; ନାନା ଦ୍ରବ୍ୟର ସିଝା ପାଣି—1. Decoction.
୨ । ଅସ୍ତ୍ରାଦିରେ ପାଣି ଦେବା ପ୍ରକ୍ରିୟା—
2. The process of tempering a weapon.
୩ । ଧାତୁଦ୍ରବ୍ୟ ତରଳିବାର ପୁଟ—3. A flux.
୪ । ଦହି ମୋହିବା ବେଳେ ପ୍ରଥମେ ଯେଉଁ ଲହୁଣି ବାହାରେ—
4. Particles of butter first produced at churning.
୫ । ଫେଣିଆ ହୋଇଥିବା ବଟା ବିର ( କ୍ୱାଚିତ୍ )—
5. Stirred up dough.

**ଫାଣ୍ଟ କଷାୟ**—ଦେ. ବି. ( ବୈଦ୍ୟକ )—ଔଷଧ କ୍ୱାଥ ବିଶେଷ—
Phāṇṭa kashāya A kind of cold decoction.

[ ଦ୍ର—୪ ତୋଳା କୁଟ୍ଟିତ ଔଷଧ ଦ୍ରବ୍ୟକୁ ୧୬ ତୋଳା ଅତ୍ୟୁଷ୍ଣ ଜଳରେ ନିକ୍ଷେପ କରି କିଛିକ୍ଷଣ ଘୋଡ଼ାଇ ରଖି ପରେ ସେହି ଦ୍ରବ୍ୟକୁ ହାତରେ ମକ୍ଷି କନାରେ ଛାଣିଲେ ଏହି କଷାୟ ପ୍ରସ୍ତୁତ ହୁଏ । ]

**ଫାଣିବା**—ଦେ. କ୍ରି ( ସ. ଫାଣ୍ଟ; ସ. ପିଷ୍ଟ; ପ୍ରା. ପିଟ୍ଟ ) ୧ । ଫେଣ୍ଟିବା; Phaṇṭibā ଦୁଇ ପଦାର୍ଥକୁ ଏକତ୍ର ମିଶାଇ ହାତଦ୍ୱାରା ଗୋଳିବା— ଫାଁଟା ଫେଁଟନା 1. To mix up two things and stir them together with the hand.
୨ । ଫେଣାଇବା; ଦ୍ରବ ପଦାର୍ଥକୁ ହାତରେ ଗୋଳ ତାକୁ ଫେନଯୁକ୍ତ କରିବା — 2. To make any watery substance (ଫାଣ୍ଟେଇବା — ଶିଜନ୍ତ) lather by stirring much.

**ଫାଣ୍ଡି**—ଦେ ବି. ( ସ. ପାଟ୍ଟକ=ଗ୍ରାମ )—ଶାନ୍ତିରକ୍ଷାର୍ଥ ପୁଲିସ୍ Phaṇḍi ରଖାଯାଇଥିବା ଗ୍ରାମ୍ୟ କେନ୍ଦ୍ର; ପୁଲିସ୍ ଚୌକି— ଫାଁଡ଼ୀ चौकी; नाका 1. Police outpost
[ ଦ୍ର—ବଡ଼ ବଡ଼ ପୁଲିସ୍ କେନ୍ଦ୍ରକୁ ଥାନା ଓ କ୍ଷୁଦ୍ର କେନ୍ଦ୍ରକୁ ଫାଣ୍ଡି ବୋଲାଯାଏ । ଥାନାର ଉଚ୍ଚତମ କର୍ମଚାରୀ ମୁନସୀ ( Sub Inspector ) ଏବଂ ଫାଣ୍ଡିର ଉଚ୍ଚତମ କର୍ମଚାରୀ ଜମାଦାର ( Head constable) ଅଟନ୍ତି । ]
୨ । (ସ୍ତ୍ରୀ) (ସ. ଫଣ୍ଡ=ଉଦର) ସ୍ଥୂଳକାୟା ସ୍ତ୍ରୀ; ସ୍ଥୂଳୋଦରୀ ସ୍ତ୍ରୀ— 2. A corpulent woman; a pot-bellied woman.

**ଫାଣ୍ଡିଦାର**—ଦେ. ବି—ଫାଣ୍ଡିର ଭାରପ୍ରାପ୍ତ ପ୍ରଧାନ ପୁଲିସ୍ କର୍ମଚାରୀ— Phaṇḍidāra The Police officer in charge of an ଫାଁଡ଼ିଦାର नाकेदार ( ଫାଣ୍ଡି ଜମାଦାର—ଅନ୍ୟରୂପ ) outpost.

**ଫାତିଆ(ହା)**—ବୈଦେ. ବି ( ଆ. ଫାତିହା=ପ୍ରାର୍ଥନା )—୧ । କୋରାନ Phatiā(hā) ପାଠପୂର୍ବକ ମୁସଲମାନମାନେ ପୀରଙ୍କ ଉଦ୍ଦେଶ୍ୟରେ ଫାତିୟା फातिहा ଯେଉଁ ନୈବେଦ୍ୟ ବା ପୂଜା ଦିଅନ୍ତି— 1. Worship or offering made to a Pir or saint by a Mahommedan by reciting passages from the Koran.
୨ । ମୃତବ୍ୟକ୍ତି ଉଦ୍ଦେଶ୍ୟରେ ଅର୍ପିତ ନୈବେଦ୍ୟ—2 Offering dedicated in the name of a deceased person.

**ଫାଦମ୍**—ବୈଦେ. ବି ( ଇଂ. ଫାଦମ୍ )—୬ ଫୁଟ ଗଭୀରତା; ଜଳର Phādam फादम फैदम ମାପବିଶେଷ—Fathom.

**ଫାନ(ନୁ)ସ**—ବୈଦେ. ବି ( ଫା. ଫାନସ୍ )—ପାନସ ( ଦେଖ ) Phāna(nu)sa फान(नू)स फानूस Pānasa ( See )

**ଫାନ୍ଦ**—ଦେ. ବି. ( ସ. ସ୍ପନ୍ଦନ; ପ୍ରା. ଫନ୍ଦନ; ଅଥବା ସ. ବନ୍ଧ=ରଜ୍ଜୁ; Phānda ଫା. ଫନ୍ଦ; ଫନ୍ଦ=ଜାଲ; ଗୁଜୁରା )—୧ । ଜାଲ; ଫାଁଦ फन्द; फन्दा ପାଶ; ଫାଶ—1. Net; snare; noose; trap.

ତେବେଁ ଯୁବତୀକ ନେଇ ନାହିଁ କିଛି ଭା ଜସୁନ ଫାନ୍ଦ—କନ୍ଦର୍ପ, ସଙ୍ଗୀତ ।

୨ । ରଜ୍ଜୁର ଗଣ୍ଠି—2. Knot of a rope; tangle.
୩ । ଫନ୍ଦି; କୌଶଳ—3. Artifice.
୪ । ଫିକର; ଉଦ୍ଭାବିତ ଉପାୟ—4. Means; alternative.
୫ । ଗୋଳମାଳ; ବିପଦ —5. Confusion; danger
୬ । କୂଟ କୌଶଳ—6. Wiles; stratagem; trick.
୭ । ପ୍ରତାରଣା — 7. Cheating; knavery.
୮ । ଛଳ; କପଟ—8. Fraud; treachery; deceit.
୯ । କାଳ୍ପନିକ ବିଷୟ—
9. Imaginary and invented matter.
୧୦ । ଗୋଳକ ଧନ୍ଦା—10. Maze; labyrinth.
୧୧ । ପରୀକ୍ଷାର ସ୍ଥାନ—11. Testing place.

ଯୌବନ ଫାନ୍ଦକୁ ଫାନ୍ଦ ସେ ହାର
ଭଙ୍ଗନ୍ତି ଶାସ ପିଞ୍ଜର ଭିତର । ଗ୍ରା. ପରବେଶୀକା ।

୧୧ । ଦଉଡ଼ିର ଘେର—11. Coil of a rope.
ବିଣ—୧ । କପଟତା ପୂର୍ଣ୍ଣ—1. Treacherous.
୨ । ଶଠତାପୂର୍ଣ୍ଣ—2. Fraudulent.
୩ । ଉଦ୍ଭାବିତ; କାଳ୍ପନିକ—3. Imaginary; invented.
୪ । କୁଟମାୟା ପୂର୍ଣ୍ଣ—4. Mazy; artful.
୫ । ଗୋଳମାଳିଆ—5. Confused.

**ଫାନ୍ଦ ପାତିବା**—ଦେ. କ୍ରି—୧ । କୌଣସି ଜୀବକୁ ଧରିବା ନିମନ୍ତେ ଜାଲ Phānda pātibā ବା ଫାଶ ବିସ୍ତାର କରିବା—1. To lay ଫାଁଦବସାନ फँदफैलाना or spread a snare or noose.
ଫାନ୍ଦ ବସା(ସେ)ଇବା
ଫାନ୍ଦ ମେଲ୍ଲା(ଲେ)ଇବା
ଫାନ୍ଦ ମେଲିବା
ଫାନ୍ଦ ପାରିବା } ଅନ୍ୟରୂପ
୨ । କୌଣସି ବ୍ୟକ୍ତିକୁ ବିପଦରେ ପକାଇବା ନିମନ୍ତେ କୂଟ କୌଶଳ ବା ଉପାୟ ପ୍ରୟୋଗ କରିବା— 2. To apply means or stratagem to entangle or ensnare a person.

**ଫାନ୍ଦ ଫାନ୍ଦିବା**—ଦେ. କ୍ରି — ୧ । ଫାନ୍ଦ ପାତିବା (ଦେଖ)— Phānda phāndibā 1. Phānda pātibā (See).
ଫାଁଦ ଫାଁଦା ୨ । ମିଥ୍ୟା ବା କାଳ୍ପନିକ କଥା ଯୋଡ଼ି କରି କହିବା— फाँदना 2. To invent a falsehood.

**ଫାନ୍ଦରେ ପକା(କେ)ଇବା**—ଦେ. କ୍ରି—୧ । ଲୋକକୁ ବିପଦରେ Phāndare pakā(ke)ibā ପକାଇବା; ବିପନ୍ନ କରିବା— ଫାଁଦେ ଫେଲା 1. To involve a person in danger.
फान्दमेडालना; फन्दना ୨ । ଲୋକକୁ ପ୍ରଲୋଭନଦ୍ୱାରା ବଶୀଭୂତ କରିବା — 2. To cause a person to succumb to temptations.
୩ । ଗୋଳମାଳରେ ଜଡ଼ିତ କରିବା—
3. To entangle a person in confusion.
୪ । ଜନ୍ତୁକୁ ଜାଲ ବା ଫାଶରେ ପକାଇବା—
4. To entrap or ensnare an animal

**ଫାନ୍ଦି(ନ୍ଦୁ)ଆ**—ଦେ. ବିଣ. ପୁଂ—୧ । କୁଟମାୟାପୂର୍ଣ୍ଣ— Phāndi(ndu)ā 1. Full of stratagem.
୨ । ସେ ମିଛକଥା ଫାନ୍ଦିକରି କହେ— 2. One who invents false or imaginary stories; tale-tell.
ଫାନ୍ଦେଣି
ଫାନ୍ଦୋଣି } ସ୍ତ୍ରୀଲିଙ୍ଗ
फन्दीबाज फँदीबाज

**ଫାନ୍ଦିବା**—ଦେ. କ୍ରି—(ସ. ଛନ୍ଦ ଧାତୁ; ସ. ବନ୍ଧ ଧାତୁ)—୧ । କାଳ୍ପନିକ Phāndibā ବା ମନଗଢ଼ା କଥା କହିବା; ଭୁଆବାକ କରିବା; কাঁদা রচনা ମନରୁ କାଢ଼ିବା—1. To invent a false or imaginary story.

ବହେ ବୁଲିବାକୁ ଏବେ କଥା ଫାନ୍ଦି । ଭାଗବତ, ବୃନ୍ଦାବନ ।

୨ । (ଗୀତ ଆଦି) ରଚନା କରିବା; ଯୋଡ଼ିବା—
2. To compose (a song).
୩ । ଜାଲ ବସ୍ତାର କରିବା—3. To ensnare; to lay or spread a snare.
୪ । ଛନ୍ଦିବା; ଗଣ୍ଠି ପକାଇବା—
4. To make a knot or tangle.
୫ । ଛନ୍ଦକରି ବାନ୍ଧିବା; ବନ୍ଧନ କରିବା—5. To bind tightly.
୬ । ଆରମ୍ଭ କରିବା—6. To commence; to begin.
୭ । ରେଖା ଟାଣିବା—
7. To draw a line; to make an outline.

**ଫାନ୍ଦିଶାଗ**—ପ୍ରାଦେ (ସମ୍ବଲପୁର) ବି—ଏକପ୍ରକାର ବନ୍ୟ ଶାଗ—Phāndi sāg A species of pot-herb.

**ଫାପଡ଼**—ପ୍ରାଦେ (ଗଡ଼ଜାତ) ବି—ଫୋପାଡ଼ିବା କ୍ରିୟାର ଥର—Phāpaṛd A throw.
(ଯଥା—ମୁଁ ଏକା ଫାପଡ଼କେ ଏ ଆମ୍ବଗଛଟି ଝଡ଼ାଇ ଦେବି)

**ଫାଫଣ**—ଦେ. ବି.—ଦଣ୍ଡିରେ ଝୁଲୁ ଥିବା ଅସଲ ବା ନକଲ ମୋତି—Phāphaṇa Pure or imitation pearl hanging down (ଫଣୀ, ଫାମ୍ଫଣ, ଫାମ୍ଫଣୀ—ଅନ୍ୟରୂପ) a nose ornament; a gempendant.

**ଫାବିବା**—ଦେ. କ୍ରି.—(ସ. ପ୍ରବର୍ତ୍ତନ, ପ୍ରାପଣ; ସ. ପ୍ରଭବନ; ପ୍ରା. ପଭବଣ)—୧ । ଉପଯୁକ୍ତ ବିବେଚିତ ହେବା—Phābibā খাটা फबना, फाबना 1. To be adjudged or considered proper.
୨ । ଘଟିବା—2. To happen.
୩ । ନିର୍ଦ୍ଧାରିତ ହେବା;ସ୍ଥିରୀକୃତ ହେବା—
3. To be ascertained or adjudged.
(ଯଥା—ଏ ଦୋଷଟା ଅମୁକ ଉପରେ ଫାବୁଛି)
୪ । ପ୍ରାପ୍ୟ ହେବା—4. To be due.

**ଫାମ୍ପ**—ଦେ. ବି—(ସ. ସ୍ଫାୟ୍ ଧାତୁ=ଫୁଲିବା)—ସ୍ଫୀତି; ଫୁଲା; ଫୁଲି Phāmpa ফাঁপ फुलाव ଉଠିବା—Swelling; inflation

**ଫାମ୍ପଡ଼ା**—ଦେ. ବଣ—ଫାମ୍ପା (ଦେଖ)
Phāmparḍā Phāmpā (See).
ପ୍ରାଦେ. (ବାଲେଶ୍ୱର) ବି—ଫୋପାଡ଼ିବାର ଥର—A throw.
(ଯଥା—ଏକା ଫାମ୍ପଡ଼ାକେ ସେ ଗୁରଗଣ୍ଡା ଆମ୍ବ ଝଡ଼େଇଲା)

**ଫାମ୍ପଣ ମଲ୍ଲୀ**—ପ୍ରାଦେ. (ଗଡ଼ଜାତ) ବି—ପୁଷ୍ପ ଲତାବିଶେଷ—A kind Phāmpaṇa malli of flowering creeper.
[ ଦ୍ର—ଏହାର ଫୁଲ ମଲ୍ଲୀଫୁଲ ପରି । ଏ ଲତାର ଶୀର କଣ୍ଟକନଶା ରୋଗରେ ଉପକାରୀ । ]

**ଫାମ୍ପ (ମ୍ପୁ)ଣିଆ**—ପ୍ରାଦେ (ଗଞ୍ଜାମ) ବି—(ସ. ଶ୍ୟୋଣାକ)—ଫଣଫଣା—Phāmpa(mpu)ṇiā (ଦେଖ)—Phaṇaphaṇā (See).

**ଫାମ୍ପା**—ଦେ. ବଣ—(ସ. ସ୍ଫାୟ୍ ଧାତୁ)—୧ । ସ୍ଫୀତ—1. Swollen; Phāmpā ফাঁপা पोला bloated.
(ଫାମ୍ଫର—ଅନ୍ୟରୂପ) ୨ । ଫମ୍ପା;ଫୋଲା—2. Empty; hollow.

**ଫାମ୍ପିବା**—ଦେ. କ୍ରି—(ସ. ସ୍ଫାୟ୍. ଧାତୁ=ଫୁଲିବା)—୧ । ଫୁଲି Phāmpibā ଉଠିବା—1. To become swollen or ফাঁপা फुलना bloated.
୨ । ଫୁଲାଇବା; ଫମ୍ପେଇବା—
2. To cause to swell; to inflate.

**ଫାୟାର** (ଇତ୍ୟାଦି)—ଦେ. କ୍ରି—ଫାଏର ଇତ୍ୟାଦି (ଦେଖ)—Phāyār (etc) ফায়ার फायार Phaer etc (See).

**ଫାୟାର ଇ(ଏ)ଞ୍ଜିନ୍**—ବୈଦେ. ବି. ( ଇଂ )—ପାଣି ଦ୍ୱାରା ନିଆଁ Phāyār i(e)ñjin ଲିଭାଇବା ପାଇଁ କଳଯୁକ୍ତ ଢ଼ଳ—Fire-engine. ফায়ার এঞ্জীন फायारअन्जीन

**ଫାୟାର ବ୍ରିଗେଡ୍**—ବୈଦେ. ବି—( ଇଂ )—ବଡ଼ ବଡ଼ ସହରରେ Phāyār briged ହଠାତ୍ ଘର ଆଦିରେ ନିଆଁ ଲାଗିଲେ ନିଆଁ ফায়ারব্রিগেড ଲିଭାଇବା ପାଇଁ କଳ ସହିତ ଯେଉଁ କର୍ମଚାରୀଦଳ फायारब्रीगेड ନିଯୁକ୍ତ ହୋଇଥାଆନ୍ତି—Fire-brigade.

**ଫାୟାର ମା(ମ୍ୟା, ମେ)ନ୍**—ବୈଦେ. ବି. ( ଇଂ )—ଜାହାଜ, ରେଳ Phāyār-mā(myā, me)n ଆଦିର ଏଞ୍ଜିନ୍‌ରେ ଜଳୁଥିବା ନିଆଁରେ ফায়ারমেন फायारमैन କୋଇଲା ଭରିବା ବ୍ୟକ୍ତି—Fireman.

**ଫାୟାର୍ ଲାଇନ୍**—ବୈଦେ. ବି—ରକ୍ଷିତ ଜଙ୍ଗଲରେ ଦାବାଗ୍ନି ବସ୍ତୃତ Phāyār lāin ନ ହେବା ପାଇଁ ମଝିରେ ମଝିରେ ସଫା କରି ফায়ারলাইন फायारलाइन् ଯାଇଥିବା ରେଖା—Fire-line.

**ଫାରଖତ(ତି)**—ବୈଦେ. ବି. ( ଫା. ଫାରଖତ; ଆ. ଫାରଗଖତ )—Phār-khat(ti) ୧ । ବିବାହବନ୍ଧନ ଛେଦନପତ୍ର; ଛାଡ଼ପତ୍ର—ফারখত फारखती 1. Deed of divorce.
( ଫାରକତ[ତି]—ଅନ୍ୟରୂପ ) ୨ । ଦାବିତ୍ୟାଗ ପତ୍ର; ମୁକ୍ତିପତ୍ର—
2. Deed of release or reliquishment.
୩ । ଋଣଶୋଧନା ପାଉତି—3. Acquittance-roll; a receipt in full discharge.
୪ । ସମାପ୍ତି ରସିଦ—4. Full satisfaction receipt.
୫ । ( ଆ. ଫାରଗ୍ ) ଫାଙ୍କଜାଗା ବା ଖୋଲା ସ୍ଥାନ—
5. Open space.
୬ । ( ଆ. ଫରକ୍ ) ପୃଥକ୍ ହେବା; ଅଲଗା ହେବା—
6. Separation from each other.
୭ । ଅବସର—7. Liesure.
୮ । ବୁଲିବା ଜାଗା ଯଥେଷ୍ଟ ସ୍ଥାନ—8. Moving space.
୯ । ମୁକ୍ତି—9. Release; relief.
୧୦ । ପରିତ୍ୟାଗ—10. Relinquishment.
ବଣ—୧ । ମୁକ୍ତ—1. Released; set free; discharged.
୨ । ଛାଡ଼ପତ୍ର ଦିଆଯାଇଥିବା (ସ୍ତ୍ରୀ)—2. Divorced.
୩ । ପରିତ୍ୟକ୍ତ—3. Relinquished.

୪ । ପୃଥକ୍ ପୃଥକ୍ କରାଯାଇଥିବା—4. Separated.

୫ । ଅବସର ପ୍ରାପ୍ତ—5. Liesured.

୬ । ଉନ୍ମୁକ୍ତ—6. Open.

ଫାର—ପ୍ରାଦେ. ( ବସ୍ତର ) ବି. ( ଭୁଲ. ହି. ଫାର )—ଲଙ୍ଗଳ ଲୁହା—
Phāra Ploughshare.

ଫାରକ—ଦେ. ବି—ଦେବମନ୍ଦିରର ଚାବି ରଖିବା ସେବକବିଶେଷ—
Phāraka A temple servant in charge of the key of a temple.

ଫାରକିତ—ପ୍ରାଦେ. ( ବାଲେଶ୍ୱର ) ବିଣ—ପରିପୂର୍ଣ୍ଣ—
Phārakita Full; filled with.

ସପ୍ତ ବନ୍ଧେ, ତେମୀ ସବୁ ଗୁଣରେ ଫାରକିତ—
ଫକୀରମୋହନ. ଗଳ୍ପସ୍ୱଳ୍ପ ।

ଫାରନ୍ ହିଟ୍—ବୈଦେ. ବି. (ଇଂ. ଫାରେନ୍ ହିଟ୍; ଏ ଯନ୍ତ୍ରର ଆବିଷ୍କାରକଙ୍କ
Phāran hit ନାମ )—ଏକପ୍ରକାର ତାପମାନ ଯନ୍ତ୍ର—
फार्नाहिट फारनहीट (ଫାରୁନାହିଟ୍—ଅନ୍ୟରୂପ) Fahrenheit.
[ ଦ୍ର—ଏଥିରେ ଚିହ୍ନ ୩୨ ଡିଗ୍ରୀରୁ ଆରମ୍ଭ ହୋଇଥାଏ ଓ ୨୧୨°ରେ ଶେଷ ହୋଇଥାଏ । ୨୧୨ ଡିଗ୍ରୀରେ ପାଣି ବାଷ୍ପ ହୁଏ ଓ ୩୨ ଡିଗ୍ରୀରେ ପାଣି ବରଫ ହେବାକୁ ଆରମ୍ଭ କରେ । ] ଏହାକୁ ପାଣିରେ ବୁଡ଼ାଇଲେ ପାଣି କେତେ ଗରମ ବା ଥଣ୍ଡା ଅଛି ତାହା ଜଣା ପଡ଼େ । ]

ଫାରମ—ବୈଦେ. ବି. ( ଇଂ )—୧ । ( ଇଂ. ଫର୍ମ୍ )—ଦରଖାସ୍ତ, ରେଜିଷ୍ଟ୍ରାର, ରସିଦ୍ ଆଦିରେ କେଉଁ ସ୍ଥାନରେ କଅଣ ଲେଖାଯିବ ତହିଁର ସୂଚନା ରେଖାଆଦିଦ୍ୱାରା ଯହିଁରେ ଚିହ୍ନିତ ହୋଇଥାଏ—1. Form for petitions, registers, receipts etc.
Phārama
फारम
फारम
(ଫାର୍ମ୍—ଅନ୍ୟରୂପ)

୨ । ( ଇଂ. ଫର୍ମ୍ ) ଛପା କଳରେ ଏକାଥରକେ ଛପା ହେବା ଢାଞ୍ଚା—2. Form in printing.

୩ । (ଇଂ. ଫାର୍ମ୍) କୃଷିକ୍ଷେତ୍ର—3. Farm.

୪ । (ଇ. ଫାର୍ମ୍) ସରକାରୀ ଆଦର୍ଶ କୃଷିକ୍ଷେତ୍ର—
4. Governamet agricultural farm.

୫ । ( ଇଂ. ଫର୍ମ୍ ) ଯୌଥ କାରବାର କମ୍ପାନୀ—
5. A trading firm.

୬ । ( ଇଂ. ଫର୍ମ୍ ) ବିଦ୍ୟାଳୟର ଶ୍ରେଣୀ—
6. Form; class in a school.

୭ । ଇଟା ଅଦର ଛାଞ୍ଚ—7. Brick-mould.

ଫାରମ ଗୁଡ଼—ଦେ. ବି ( ଇଂ. ଫାର୍ମ୍+ସ. ଗୁଡ଼ )—ସରକାରଙ୍କ ଆଦର୍ଶ କୃଷିକ୍ଷେତ୍ରରେ ଉତ୍କୃଷ୍ଟ ପ୍ରଣାଳୀରେ ପ୍ରସ୍ତୁତ ହେବା ଗୁଡ଼—Excellent molasses manufactured in Government agricultural farms.
Phārama gurda
[ ଦ୍ର—ଏ ଦେଶରେ ପ୍ରଚଳିତ ପୂର୍ବ ରୀତିରେ ପ୍ରସ୍ତୁତ ଗୁଡ଼ ଅପେକ୍ଷା ଫାରମ ଗୁଡ଼ ନିର୍ମଳ, ସ୍ୱଚ୍ଛତର ଓ ଉତ୍କୃଷ୍ଟ ଅଟେ । ]

ଫାରଶା—ଦେ. ବି. ( ସ. ପରଶୁ )—୧ । ଦେଣ୍ଡ ଲାଗିଥିବା ଯୁଦ୍ଧାସ୍ତ୍ର ବା ବସ୍ତୁଫଳା କୁଠାର—Battle axe; the pole-axe
Phāraśā
फारशा फरसा ( ଫାର୍ଶା—ଅନ୍ୟରୂପ )

-ଚର୍ମ ଭେଦି ସେ ଫରସର କାଣ୍ଡେ ବହୁ
ଫାରଶା କରେ ଧର ଉହୁଁ ଗଲେ ପାଇ—କୃଷ୍ଣସିଂହ. ମହାଭାରତ. ବନ

୨ । ଫାରଶା କୋଳି ( ଦେଖ ) -
2. Phārasā koli ( See )

ଫାରଶା କୋଳି—ଦେ. ବି ( ସ. ପାଗ୍ରୀଷପଠ; ପରୂଷକ; ପରୁଷ; ପ୍ରା. ଫରୁସ )—ଏକପ୍ରକାର କୋଳି—A tree bearing acid berries; Grewia Asiatica; Carpus Grantum.
Phāraśā koli
ସ. ପର୍ଯ୍ୟାୟ—ପରୂଷକ, ଗିରିପୀଲୁ, ଶୋଷଣ, ପାଗ୍ରବତ, ପାଗ୍ରୀଷ, ପରୂଷ
फालशाकुल; फालशा; परुषा
ମ. ଫାଲସା
ତେ. ପୁଟିକୀ
ଗୁ. ଧ୍ରାମଣ
ଫା. ପାଲସା, ଆ, ଫାଲସା
[ ଦ୍ର—ଏହାର ଗଛ ବୁଦାଳିଆ ଓ ୪।୫ ହାତ ଉଚ୍ଚ । କୋଳି ବହୁଳ କୋଳି ପରି ଓ ପାଚିଲେ ମନୋହର ନାଲି ଓ ଧଳା ରଙ୍ଗ ହୁଏ ଓ ଖଟା ଲାଗେ । ପତ୍ର ବଡ଼ର ଓ ଗୋଲ । ବୈଦ୍ୟକ ମତରେ ଏହାର କଞ୍ଚା କୋଳି ବାତଘ୍ନ ଓ ପିତ୍ତକାରକ; ପାଚିଲା କୋଳି ଅମ୍ଳ ମଧୁର କଷାୟ ରସ, ରୁଚିକାରକ, ପିତ୍ତଘ୍ନ ଓ ଶୋଥନାଶକ । ଲୋକେ ଏହାକୁ ଆମ୍ବିଲ ତିଅଣ କରି ଓ ସରବତ୍ କରି ଖାଆନ୍ତି । ]

ଫାରସୀ—ବୈଦେ. ବିଣ ( ଆ )—ପାରସ୍ୟଦେଶୀୟ—Persian.
Phārasi ବି—ପାରସ୍ୟଦେଶୀୟ ଭାଷା—
( ଫାର୍ସୀ—ଅନ୍ୟରୂପ ) The Persian language.

ଫାରୁଆ—ପ୍ରାଦେ ( ମେଦିନୀପୁର ) ବି—ଫରୁଆ ( ଦେଖ )
Phārua Pharua ( See )

ଫାରୋ—ବୈଦେ. ବି ( ଇଂ )—ପ୍ରାଚୀନ ମିଶରଦେଶୀୟ ରାଜାଙ୍କ ଉପାଧି ବିଶେଷ—A title of the kings of ancient Egypt; Pharoa.
Phāro
(ଫାରୱ—ଅନ୍ୟରୂପ)

ଫାର୍ମା କୋପିଆ—ବୈଦେ ବି ( ଇଂ )—ଔଷଧମାନଙ୍କର ତାଲିକା—
Phārma kopia Pharmacopia.
फार्माकोपिया फार्माकोपिया

ଫାର୍ମାନ୍—ବୈଦେ. ବି (ଫା)—ରାଜକୀୟ ହୁକୁମ—Royal order.
Phārmān फार्मान् फारमान

ଫାର୍ମେ(ର୍ମା)ଶି—ବୈଦେ. ବି (ଇଂ)—ଔଷଧ ବା ଡାକ୍ତରଖାନା ବିଜ୍ଞାନ—
Phārme(rmā)si फार्मासी फार्मासी Pharmacy.

ଫାର୍ସ—ବୈଦେ. ବି (ଇଂ)—ହାସ୍ୟରସ ଓ ବ୍ୟଙ୍ଗପୂର୍ଣ୍ଣ ସାମାଜିକ ନାଟକ; ପ୍ରହସନ—Farce.
Phārs फार्स फार्स

ଫାଲ—ସ. ବି ( ଫଲ୍ ଧାତୁ=ବିଦାରିତ କରିବା+କରଣ. ଅ )—
Phāla ୧ । ଲଙ୍ଗଳର ଲୌହଫଳକ; ଲଙ୍ଗଳ ଲୁହା—
1. Ploughshare.

୨ । ( ଫାଲ+ଅସ୍ତ୍ର ଅର୍ଥରେ ଅ )—ଶିବ; ମହାଦେବ—
2. Siba.

୩ । ବଳଦେବ; ବଳରାମ—3. Balarāma.

୪ । ଚଷା—4. A cultivator; husbandman.

ବିଣ—(ଫଲ+ନିର୍ମିତାର୍ଥ. ଅ)—ତୁଳା ବା କାର୍ପାସ ନିର୍ମିତ (ବସ୍ତ୍ରାଦି)—Made of cotton.

ଦେ. ବି—(ସଂ. ଫଳକ)—୧ । କୌଣସି ବସ୍ତୁର ଅଧଖଣ୍ଡ ବା
खण्ड फाल ଅଂଶ—1. Piece; parcel.
बाईस ୨ । ଯାଡ଼ିଁଲ କବାଟର ଏକପଟ—2. Leaf or fold or shutter of a double door.
୩ । ଚକୁଡ଼ା—3. Slice.
୪ । ଅଂଶ—4. Part; portion.
୫ । କୌଣସି କର୍ତ୍ତିତ ଦ୍ରବ୍ୟର ଅର୍ଦ୍ଧାଂଶ—
5. The half portion of a thing cut.
୬ । କୌଣସି ବସ୍ତୁର ଏକ ପାଖ—
6. One side of a thing.

ଫାଲ୍—ପ୍ରାଦେ (ସମ୍ବଲପୁର) ବି—(ଭୁଲ. ଅସାମୀ. ଫାଲ୍=ପାଖ)—
Phal ୧ । ପାଖ; ପାର୍ଶ୍ୱ—1. Side.
୨ । ଅଂଶ—2. Part.
୩ । ଫାଲ; ଅର୍ଦ୍ଧାଂଶ—3. Half.
ଅ—ଖଣ୍ଡ ଖଣ୍ଡ କରି—Into pieces.

ଫାଲ କାଣ୍ଡ—ଦେ. ବିଣ—୧ । ଅସମ୍ପୂର୍ଣ୍ଣ—
Phāla kānda 1. Incomplete.
(ଫାଲ କାଣ୍ଡିଆ—ଅନ୍ୟରୂପ) ୨ । ଏକ ପାର୍ଶ୍ୱରେ ଘଟିବା—
2. Happening or one side only.
୩ । ଆଂଶିକ—3. Partial.

ଫାଲ କୃଷ୍ଟ—ସଂ. ବିଣ—(କର୍ମ୍ମ ତତ୍; ଫାଲ ଲଙ୍ଗଳଲୁହା ଦ୍ୱାରା + କୃଷ୍.
Phāla krushta ଧାତୁ=ଚଷା ହେବା+ତ)—ଲଙ୍ଗଳଦ୍ୱାରା
(ଫାଲ କୃଷ୍ଟ—ଅନ୍ୟରୂପ) ଚଷ ହୋଇଥିବା—Ploughed up.
ବି—ଲଙ୍ଗଳ ଦ୍ୱାରା ଚଷା ହୋଇଥିବା ଭୂମି—Ploughed up field.

ଫାଲ ଗୋଇ—ଦେ. ବି.—ଲଙ୍ଗଳ ଲୁହା ପଶିବା ପାଇଁ ଲଙ୍ଗଳ ମୁଣ୍ଡାରେ
Phāla goi ଖୋଳାଯାଇ ଥିବା ଗୋହର—A groove for
नास putting the ploughshare into the body
(ଫାଲ ଗୋହ—ଅନ୍ୟରୂପ) of a plough.

ଫାଲ ତଣ୍ଡ—ଦେ. ବି.—୧ । ବୃଥା ଦେଇ ଯିବା ଅର୍ଥଦଣ୍ଡ; ବୃଥା ଦଣ୍ଡ—
Phāla tanda 1. A fine which a man is obliged
फकट फन्द to pay for no fault of his.
୨ । ବୃଥା ଦଣ୍ଡ—2. An unmerited punishment or penality.

ଫାଲତୁ—ବୈଦେ. ବି. (ହି)—୧ । ବଳକା; ଅଧିକା—
Phālatu 1. Extra.
ଫାଲତ୍, ଫାଲୁତ୍, ଫାଲୁତୁ } ଅନ୍ୟରୂପ ୨ । ଆବଶ୍ୟକରୁ ଅଧିକ; ଅତ୍ୟଧିକ—
2. Excessive; redundant; more than necessary;
फालत, फालतो ୩ । ଅନାବଶ୍ୟକ; ନିଷ୍ପ୍ରୟୋଜନ—
फालतु 3. Useless; unnecessary.
୪ । ନିଷ୍ଫଳ; ବୃଥା; ବାଜେ—4. Vain; fruitless.

ଫାଲ ଫାଲ—ଦେ. ବିଣ.—ଖଣ୍ଡ ଖଣ୍ଡ ହୋଇ ଥିବା; ଫାଳ ଫାଳ
Phāla phāla ହୋଇ ଚିରି ଯାଇଥିବା (ବଡ଼ ଖଣ୍ଡ)—
खण्ड खण्ड खगडखगड Divided into slices; sliced.
(ଫାଲ ଫାଳିଆ, ଫାଲ ଫାଳିକିଆ—ଅନ୍ୟରୂପ)

ଦୁଃଖ ଅସମ୍ଭାଳ ଭାଳ ଭୃତ ବ ସୁଶୀଳ ଶିଳ
ହେଲା ଅଛ ହୋଇ ଫାଲ ଫାଲ । ଇତ୍ୟାଦି-ପ୍ରେମସୁଧାନିଧି ।

ଫାଲସା କୋଲି—କେ. ବି.—ଫାରସା କୋଲ (ଦେଖ)
Phālasā koli Phārasā koli (See)

ଫାଲସିଆ—ପ୍ରାଦେ. (ବାମଣ୍ଡା) ବି. (ସଂ. ପରଶୁ)—ଅସ୍ତ୍ର ବିଶେଷ
Phālasiā (ବଳଭଦ୍ର ପ୍ରଭାବଳ)—Name of a weapon.

ଫାଲି—ଦେ. ବି.—ଫାଳିଆ (ଦେଖ)
Phāli Phāliā (See)

ଫାଳିଆ—ଦେ. ବି.—(ସଂ. ଫାଲ)—ବଡ଼ ଖଣ୍ଡ; କୌଣସି ପଦାର୍ଥର
Phāliā ଲମ୍ବ ଓ ବଡ଼ ଖଣ୍ଡ—A big piece; slice.
खण्ड टुकडा ଅଳ୍ପ ମାଉଗଣ ସୀମ ଓଳିଆ, ଗୋଦର ଗୋଡ଼କୁ କାଠଫାଳିଆ । ଇଗ
ବିଣ.—୧ । ବଡ଼—1. Big; large.
୨ । ଫାଳ ଫାଳ ହୋଇ ଚିରି ଯାଇଥିବା—2. Cut into stripes or long pieces; split up; sliced.
୩ । ଫାଳିକିଆ (ଦେଖ)—3. Phālikiā (See)

ଫାଳିଆ କାଠ—ଦେ. ବି.—ଚିରା ହୋଇଥିବା କାଠ—
Phāliā kātha फाड़ाहुआ काठ Split up wood.

ଫାଳିଆ ବାଉଁଶ—ଦେ. ବି.—ଦୁଇ ଫାଳରେ ଚିରି ଯାଇଥିବା ବାଉଁଶ—
Phāliā baunsa Bamboo split up into two.

ଫାଳିକିଆ—ଦେ. ବିଣ.—୧ । ଏକ ଫାଳ ଯୁକ୍ତ—
Phālikiā 2. Consisting of a big slice.
(ଫାଳୁଆ—ଅନ୍ୟରୂପ)

ଫାଲି ବତା—ଦେ ବି—ବାଉଁଶକୁ ଫାଳ କରି ଛିଣ୍ଡାଇ ହୋଇଥିବା
Phāli batā ବତା—Split up strips of bamboo.

ଫାଲିସା—ପ୍ରାଦେ. (ବାମଣ୍ଡା) ବି.—ଫାରସା—
Phālisa Battle axe.

ଫାଲୁଆ—ଦେ. ବିଣ. (ସଂ. ସ୍ଫାୟ ଧାତୁ; ସ୍ଫୀତ)—୧ । ବଡ଼ ବଡ଼—
Phālua काला उखाडिआ 1. Very big.
(ଫାଲେଇ, ଫାଲେଇ—ସ୍ତ୍ରୀ) ୨ । (ପୁଂ) ମୋଟା; ସ୍ଥୂଳକାୟ—
2. Stout; fat.

ଫାଲୁଆ ଗାଣ୍ଡି—ଦେ. ବି—ବଡ଼ ବଡ଼ ପିଚ୍ଛ—
Phāluā gāndi उखाडिआगाग्राडि Big buttocks.
(ଫାଲୁଆଗାଣ୍ଡିଆ—ବିଣ)

ଫାଲୁଆ ଗୁଣ୍ଡା—ଦେ. ବି.—ଖାଦ୍ୟର ବଡ଼ ବଡ଼ ଗୁଣ୍ଡା—
Phāluā gundā Food made into big handfuls
बडावडाकौर or morsels.

ଅଳସୀ ମାଉଁର ଫାଲୁଆ ଗୁଣ୍ଡା
ଭିଡ଼ି ଉଛୁଥାଏ ଗେଲସ୍ତ ତୁଣ୍ଡା । ହାସ୍ୟତରଙ୍ଗ ।

ଫାଲୁଆ ମୁହଁ—ଦେ. ବି—ଚେପ୍ଟା ଓ ବଡ଼ (ଅତଏବ ଅସୁନ୍ଦର) ମୁହଁ—
Phāluā muhan घोडामुहाँ Flat and big face.

ଫାଲୁଆ ମୁହାଁ—ଦେ. ବିଣ. ପୁଂ—ଚେପ୍ଟା ଓ ବଡ଼ ମୁଖଯୁକ୍ତ (ଅତଏବ
Phāluā muhān ଅସୁନ୍ଦର)—Having a big and flat
घोड़ मुहाँ face.
(ଫାଲୁଆ ମୁହାଁ, ଫାଲେଇ ମୁହାଁ, ଫାଲେଇ ମୁହାଁ—ସ୍ତ୍ରୀ)

ଫାଲୁକା—ଦେ ବ—ଫୁଲିଥିବା; ଫଉଲ ଯାଇଥିବା—
Phālukā ফুলাহুআ; সুজাহুআ Bloated; swollen.

ଫାଲେ—ପ୍ରାଦେ. (ସମ୍ବଲପୁର) ବ. (ଳ ସ୍ଥାନରେ ଲ ଉଚ୍ଚାରଣ)—
Phāle ଅର୍ଦ୍ଧେ; ଏକ ଫାଳ—Half.

ଫାଲ୍ଗୁନ—ସ ବ. (ଫଲ୍ଗୁନ+ସ୍ୱାର୍ଥେ ଅ)—୧ । (ମହାଭାରତ
Phālguna ମତରେ ଅର୍ଜୁନ ହିମାଳୟ ପୃଷ୍ଠରେ ଫାଲ୍ଗୁନୀ ନକ୍ଷତ୍ରଯୁକ୍ତ ଦିବସରେ ଜନ୍ମଗ୍ରହଣ କରିଥିବାରୁ) ଅର୍ଜୁନ—
1. Arjuna.
୨ । ମାଘର ପରବର୍ତ୍ତୀ ଚାନ୍ଦ୍ରମାନ ମାସ—
2. The lunar month of Fālguna.

ଫାଲ୍ଗୁନି—ସ. ବ—ଅର୍ଜୁନ—Arjuna.
Phālguni

ଫାଲ୍ଗୁନୀ—ସ ବ. (ଫାଲ୍ଗୁନ+ଈ)—୧ । ଫାଲ୍ଗୁନ ପୂର୍ଣ୍ଣିମା; ଦୋଳ-
Phālguni ପୂର୍ଣ୍ଣିମା—1. The fullmoon of the month of Phālguna.
୨ । ପୂର୍ବଫାଲ୍ଗୁନୀ ଓ ଉତ୍ତର ଫାଲ୍ଗୁନୀ ନକ୍ଷତ୍ର—
2. The 11th and 12th lunar mansions or asterisms.

ଫାଶ—ଦେ. ବ. (ସ. ପାଶ)—୧ । ଜୀବ ଧରିବା ଜାଲ; ପାଶ—
Phāśa 1. Snare; net.
ফাঁস ୨ । ସୂତାର ବା ଦଉଡ଼ିର ଗଣ୍ଠି—
फाँसी; फँदा 2. Knot of a rope or thread.
୩ । ଦଉଡ଼ିରେ ପଡ଼ିଥିବା ଫୁସୁଲା ଗଣ୍ଠି—
3. Slipknot; noose.
ଲଗାଇଛ ଫାଶ ସେହି ସମସ୍ତଙ୍କ ଗଳେ । ରାଧାନାଥ- ମହାଯାତ୍ରା ।
୪ । ଫାଶିଆ—4. A kind of earring.
ଝିଙ୍କ କାଠି ଶଙ୍ଖ ବାନ୍ଧି କେଶ ପାଶ
କର୍ଣ୍ଣେ ଶରଭଙ୍କ ଶୋଭେ ଶତ ଫାଶ । ଧାରଣୀଚରଣ, ଉର୍ବଶୀ

ଫାଶି—ଦେ. ବ. (ସ. ପାଶ)—୧ । ଉଦ୍ବନ୍ଧନ; ଦଉଡ଼ି ଦେଇ ମରିବା—
Phāśi 1. Death by hanging.
ফাঁসী ୨ । ଏକପ୍ରକାର ଜଙ୍ଗଲି ଗଛ—
फाँसी 2. A wild tree; Anogeissus Acumenata.
ପ୍ରାଦେ. (ଗଡ଼ଜାତ) ବ—ମଝିରେ ମଝିରେ ଫାଙ୍କଥିବା ବୁଣା ହୋଇଥିବା ତଲେଇ—A kind of mattress of bamboo-laths with small interstices throughout.

ଫାଶିଆ—ଦେ. ବ. (ସ. ପାଶ)—ନାକ ଓ କାନରେ ପିନ୍ଧାଯିବା ତାରର
Phāśiā ସରୁ ମୁଦଣ୍ଡି—Wire ring for the nose and ear.
ବଣ—ଯେ ଫାଶି ଦିଏ—One who hangs a man till death; hang-man.

ଫାଶିଆର—ଦେ. ବ. (ସ. ପାଶ)—୧ । ଯେ ଫାଶିଦଣ୍ଡରେ ଦଣ୍ଡିତ ଅପ-
Phāśiārā ରାଧୀକୁ ଫାଶି ଖୁଣ୍ଟରେ ଝୁଲାଏ—1. A hangman.
ଫାଶିଅର } ଅନ୍ୟରୂପ ୨ । ଯେଉଁ ତସ୍କର ଲୋକଙ୍କ ଗଳାରେ
ଫାଶିହାର } ଫାଶି ଲଗାଇ ଦ୍ରବ୍ୟ ଅପହରଣ କରେ;
ফাঁসুড়ে ନରଘାତୀ ଦସ୍ୟୁ—2. A strangulating robber; a strangler.
फसीहारा

୩ । ଲୋକଙ୍କୁ ବିପଦରେ ପକାଇବା ବ୍ୟକ୍ତି—
3. A person who involves people in danger.

ଫାଶିଆରି—ପ୍ରାଦେ. (ବାଲେଶ୍ୱର) ବ—ବଡ଼ ଫାଶଯୁକ୍ତ ମୁଣ୍ଡଘୁରା ଜାଲ—
Phāśiāri A kind of noosed fishing net.
[ ଦ୍ର—ଏଥିରେ ବଡ଼ ବଡ଼ ମାଛ ଧରା ପଡ଼ନ୍ତି । ସାନ ମାଛ ଫାଶର ଜାଲା ବାଟେ ବାହାରି ଯାଆନ୍ତି । ]

ଫାଶି କାଠ—ଦେ. ବ (ସ. ପାଶ+କାଷ୍ଠ)—ଯେଉଁ ଉଚ୍ଚକାଠରେ ଲଗାଇ
Phāśi kāṭha ଦଉଡ଼ା ଲଗାଇ ଫାଶି ଦଣ୍ଡ ଦିଆଯାଏ—
(ଫାଶିଖମ୍ବ, ଫାଶିଖୁଣ୍ଟ—ଅନ୍ୟରୂପ) The gallows.
ফাঁসীকাঠ फाँसीतख्ता

ଫାଶିଘର(ରା)—ଦେ. ବ—ଫାଶିଆରା (ଦେଖ)—
Phāśighara(rā) Phāśiārā (See)

ଫାଶି ଘି(ଘେ)ନିବା—ଦେ. କ୍ରି—ସ୍ୱୟଂ ଉଦ୍ବନ୍ଧନରେ ପ୍ରାଣତ୍ୟାଗ କରିବା—
Phāśi ghi(ghe)nibā To commit suicide by hanging.
(ଫାଶି ଲଗେଇବା—ଅନ୍ୟରୂପ)
ফাসী লাগান फाँसीलगाना

ଫାଶି ଦଉଡ଼ା(ଡ଼ି)—ଦେ. ବ—ଯେଉଁ ରଜ୍ଜୁରେ ମନୁଷ୍ୟ ଫାଶି ଦେନେ—
Phāśi daurdā(rdi) Rope used for hanging men.
ফাঁসী দড়ী फाँसी रस्सी

ଫାଶି ଦଣ୍ଡ—ଦେ. ବ—ରାଜାଦେଶରେ ଅପରାଧୀର ଫାଶିଦ୍ୱାରା ଜୀବନ-
Phāśi daṇḍa ନାଶରୂପ ଦଣ୍ଡ—Punishment of hanging.
(ଫାଶି ହୁକୁମ—ଅନ୍ୟରୂପ) ফাঁসীদণ্ড फाँसीदन्ड

ଫାଶି ଦେବା—ଦେ. କ୍ରି—୧ । ଦଉଡ଼ି ଦେବା; ନିଜେ ଉଦ୍ବନ୍ଧନରେ
Phāśi debā ମରିବା—1. To die by hanging.
ଫାଶି ଝୁଲିବା } ଅନ୍ୟରୂପ ୨ । ଅନ୍ୟଲୋକଙ୍କୁ ଫାଶି ଦେଇ
ଫାଶି ଲଗା(ଗେ)ଇବା } ମାରିବା—2. To strangulate a person by hanging.
ফাঁসী দেওয়া फाँसी देना

ଫାଶି ପାଇବା—ଦେ. କ୍ରି—ରାଜଦଣ୍ଡ ସ୍ୱରୂପ ଫାଶିଦ୍ୱାରା ପ୍ରାଣ ହରାଇବା—
Phāśi pāibā To undergo the sentence of hanging.
ফাঁসী পাওয়া फाँशि पाना

ଫାଶିସିଷ୍ଟ—ବୈଦେ. ବ. (ଇଂ)—ଇଉରୋପର ଇଟାଲି ରାଜ୍ୟରେ
Phāśisisht ପ୍ରତିଷ୍ଠିତ ସାମ୍ୟବାଦୀଙ୍କ ବିରୋଧୀ ରାଜନୀତିକ
(ଫ୍ୟାଶି ସିଷ୍ଟ; ଫେସି ସିଷ୍ଟ—ଅନ୍ୟରୂପ) ଦଳବିଶେଷ—
ফ্যাসী সিষ্ট Facicist; the name of a new political party in Europe.
फैसि सिष्ट
[ ଦ୍ର—ଇଟାଲୀରେ ମୁସୋଲିନୀ ଏ ଦଳର ନେତାରୂପେ ବର୍ତ୍ତମାନ ରାଜଦଣ୍ଡ ଧାରଣ କରି ଅଛନ୍ତି । ]

ଫାଷ୍ଟ—ବୈଦେ. ବ. (ଇଂ. ଫର୍ଷ୍ଟ)—୧ । ପ୍ରଥମ—
Phāsht 1. First.
(ଫାଷ୍ଟ—ଅପଭ୍ରଂଶ) ୨ । ସର୍ବୋତ୍କୃଷ୍ଟ—2. Best.
ফাষ্ট ୩ । ସର୍ବୋଚ୍ଚ ସ୍ଥାନାଧିକାରୀ—
फष्ट 3. Occupying the highest position.
फाष्ट ବଣ. ( ଇଂ. ଫାଷ୍ଟ ) — ତୀବ୍ର ଗତି କରୁଥିବା; ଶୀଘ୍ରଗାମୀ—
Going fa

ଫାଷ୍ଟ୍ ଇଅର୍ କ୍ଲାସ୍—ବୈଦେ. ବି. ( ଇଂ. ଫର୍ଷ୍ଟ୍ ଇଅର୍ କ୍ଲାସ୍ )—
Phāsht iar klās କଲେଜ, ସ୍କୁଲ ପ୍ରଭୃତିର ପ୍ରଥମ ବାର୍ଷିକ ଶ୍ରେଣୀ—
फाष्टईयर क्लास The first year class of a college
फाष्टइयर क्लास or school.

ଫାଷ୍ଟ୍ ଏଡ୍—ବୈଦେ. ବି ( ଇଂ. ଫର୍ଷ୍ଟ୍+ଏଡ୍ )—ଆକସ୍ମିକ ବିପଦରେ
Phāsht ed ଆହତ ବ୍ୟକ୍ତି ପ୍ରତି କରାଯିବା ପ୍ରାଥମିକ ଉପଚାର
फार्ष्टएड फाष्टएड ବା ଚିକିତ୍ସା—First aid.
[ ଦ୍ର—ହଠାତ୍ ଆହତ ବ୍ୟକ୍ତିକୁ ଚିକିତ୍ସା କରିବା ପାଇଁ ବିଶେଷଜ୍ଞ ବା ଡାକ୍ତର ଉପସ୍ଥିତ ନ ଥିଲେ ତାକୁ ପ୍ରଥମେ ଫାଷ୍ଟ୍ ଏଡ୍ ଦିଆଯାଏ । ]

ଫାଷ୍ଟ୍ କ୍ଲାସ୍—ବୈଦେ. ବି ( ଇଂ )—୧ । ବିଦ୍ୟାଳୟାଦିର ପ୍ରଥମ
Phāsht klās ଶ୍ରେଣୀ—1. The first class of a school.
फाष्टक्लास फाष्टक्लास
୨ । ରେଲ, ଜାହାଜ ଆଦିର ସର୍ବୋଚ୍ଚ ଶ୍ରେଣୀ—
2. The first class of a rail or steamer.
ବିଣ—ସର୍ବୋତ୍କୃଷ୍ଟ—
Of first class; superior to all others.

ଫାଷ୍ଟ୍ ପା(ପେ ସେଞ୍ଜର୍—ବୈଦେ. ବି (ଇଂ. ଫାଷ୍ଟ୍ ପାସେଞ୍ଜର୍)—ଯେଉଁ
Phāsht pā(pe)senjar ଯାତ୍ରୀବାହୀ ରେଲଗାଡ଼ି ସାଧାରଣ ଗାଡ଼ି
फाष्ट पाशेञ्जर ଅପେକ୍ଷା ଚଞ୍ଚଳ ଗତି କରେ—
फाष्ट पैसेंजर Fast passenger train.

ଫାସାଣ୍ଡି—ପ୍ରାଦେ. ( ଗଞ୍ଜାମ ) ବିଣ. ( ସଂ. ପଣ୍ଡ )—ପଣ୍ଡ; ବ୍ୟର୍ଥ—
Phāsāndi Vain; infructuous.

ଫାସୁ—ଦେ. ବି ( ସଂ. ଭୁସ )—କୋରି ନଡ଼ିଆକୁ ଚିପୁଡ଼ି ରସ ବାହାର
Phāsu କରିନେବା ପରେ ଯେଉଁ ନୀରସ ଭୁଷି ପରି ପଦାର୍ଥ
निचोड़ा हुआ, ରହିଯାଏ; ନଡ଼ିଆ ଫାଇଁ—The sapless
नारीयलका गूदा remains of the scourings of cocoanut kernel after they are pressed.

ଫାସୁ ଫାସୁ—ଦେ. ( ଧ୍ୱନ୍ୟନୁକରଣ ) ଅ—ଶୁଖିଲା ଦ୍ରବ୍ୟ (ଯଥା ଚିଟ୍
Phāsu phāsu ପରି ପଦାର୍ଥ) ଚୋବାଇବାର ଶବ୍ଦ—The sound
फिस फिस of chewing chaff.

ଫାସୁଣ୍ଡା—ଦେ. ବିଣ—ସ୍ଥୂଳକାୟ; ଭୁସୁଣ୍ଡା—Corpulent.
Phāsundā ଭୁଁଡ଼ିଓ୍ୱାଲା मसटंडा; भुसंडा
( ଫାସୁଣ୍ଡୀ—ସ୍ତ୍ରୀ )

ଫାହିଆନ୍—ଦେ. ବି ( ଚୀନଦେଶୀୟ ନାମ )—ଖ୍ରୀଷ୍ଟୀୟ ୪ର୍ଥ ଶତାବ୍ଦୀରେ
Phāhiān ଭାରତକୁ ଆସିଥିବା ଜଣେକ ଚୀନଦେଶୀୟ ପର୍ଯ୍ୟଟକ—
फाहियान Name of a Chinese traveller who
फाहीयान visited India in the 4th century A. D.
[ ଦ୍ର—ଏହାଙ୍କର ପ୍ରକୃତ ନାମ କାଂ । ଚୀନଦେଶରେ ସର୍ବପ୍ରଥମେ ଖ୍ରୀ. ୬୭ ସାଲରେ ଭାରତରୁ ଯାଇଥିବା ପ୍ରଚାରକଙ୍କଦ୍ୱାରା ବୌଦ୍ଧଧର୍ମ ପ୍ରଚାରିତ ହୋଇଥିଲା । ଫାହିଆନ୍ ଭାରତକୁ ଆସିଥିବା ପ୍ରଥମ ଚୈନିକ ପରିବ୍ରାଜକ । ସେ ଖ୍ରୀ ୩୯୯ ସାଲଠାରୁ ୪୧୪ ପର୍ଯ୍ୟନ୍ତ ଭାରତରେ ବାସ କରି ଭାରତର ତତ୍କାଳୀନ ରୀତି, ନୀତି, ଧର୍ମ ପ୍ରଭୃତି ପର୍ଯ୍ୟାଲୋଚନା କରି ଫୋକୋକି ନାମକ ଗ୍ରନ୍ଥ ରଚନା କରିଥିଲେ । ]

ଫି—ବୈଦେ· ବିଣ ( ଅ )—ପ୍ରତ୍ୟେକ—Every; each.
Phi फी फी ( ଯଥା—ଫି କଥାରେ ସେ ଚିଡ଼ ଉଠୁଛି । )
ବୈଦେ. ବି (ଇଂ)—ଫିଜ୍ (ଦେଖ)—Phij (See)

ଫିଆ—ଦେ. ବି ( ସଂ. ସ୍ଫେଟନ )—୧ । ଫେଡ଼ିବା; ପ୍ରକାଶିତ କରିବା;
Phiā ଦେଖାଇବା—1. Exhibiting; showing.
୨ । ଖୋଲିବା—2. Opening.
ବିଣ—୧ । ଦେଖାଇ ଦିଆଯିବା; ପ୍ରକାଶିତ କରାଯାଇଥିବା—
1. Exhibited.
୨ । ଖୋଲା ଯାଇଥିବା; ମୁକ୍ତ—2. Opened.

ଫିଉଜ୍—ବୈଦେ. ବି ( ଇଂ )—୧ । ଇଲେକ୍ଟ୍ରିକ୍ ତାରର ଅନାବୃତ
Phiuj ଅଂଶର ବିଦ୍ୟୁତ୍ ସଞ୍ଚାଳନଜନିତ ଅଗ୍ନିଦ୍ୱାରା ଜଳିଉଠିବା—
फिउँज फिउज 1. Fusing of an electric wire.
୨ । ବାଣ ଆଦିରେ ଅଗ୍ନି ସଯୋଗ କରିବା ପାଇଁ ତହିଁରେ ଲଗାଯିବା ବିଦ୍ୟୁତର ତାର ବା ରଜ୍ଜୁ—
2. Fuse of a firework.

ଫିଉଡେଟରି ଚିଫ୍—ବୈଦେ· ବି ( ଇଂ )—ଯୁଦ୍ଧ ସମୟରେ ସାହାଯ୍ୟ
Phiudetari chiph ଦେବା ସର୍ତ୍ତରେ ସମ୍ରାଟଙ୍କ ସଙ୍ଗେ ଆବଦ୍ଧ
फिउडेटरी चीफ फि उडेटरी चीफ ରାଜା—Feudatory Chief.

ଫିଉଡେଟରି ଷ୍ଟେଟ୍—ବୈଦେ. ବି (ଇଂ)—ଯେଉଁ ରାଜ୍ୟର ରାଜା ଯୁଦ୍ଧ
Phiudetari shtet ସମୟରେ ସମ୍ରାଟଙ୍କୁ ସାହାଯ୍ୟ ଦେବା ପାଇଁ
फिउडेटरी ष्टेट ସନ୍ଧିଦ୍ୱାରା ଆବଦ୍ଧ ଥାଆନ୍ତି—Feudatory
फिउडेटरी ष्टेट State.
[ ଦ୍ର—ଓଡ଼ିଶାର ଗଡ଼ଜାତ ରାଜ୍ୟମାନ ଇଂରାଜ ସରକାରଙ୍କ ସଙ୍ଗେ ସନ୍ଧି କରିଥିଲେ ଯେ ସେମାନେ ସରକାରଙ୍କୁ ନିର୍ଦ୍ଧାରିତ କର ଦେବେ ଓ ଆବଶ୍ୟକ ହେଲେ ଯୁଦ୍ଧ ବେଳେ ସେନା ଆଦି ଯୋଗାଇବେ । ପୂର୍ବେ ଏମାନଙ୍କୁ 'ଟ୍ରିବୁଟେରି ଷ୍ଟେଟ୍ସ' (କରଦରାଜ୍ୟ) ବୋଲାଯାଉଥିଲା, ପରେ ଏମାନଙ୍କୁ ଫିଉଡେଟରି ଷ୍ଟେଟ୍ସ ( ସାମରିକ ସାହାଯ୍ୟଦାୟୀ ରାଜ୍ୟ ) ବୋଲାଯାଉଥିଲା; ତତ୍ପରେ ଏମାନଙ୍କୁ କେବଳ 'ଓଡ଼ିଶା ଷ୍ଟେଟ୍ସ' ନାମ ଦିଆଗଲା; ଏବେ ଏମାନଙ୍କୁ ଓଡ଼ିଶା ଷ୍ଟେଟ୍ସ ବୋଲି ନ ଯାଇ ଓଡ଼ିଶା ଓ ମଧ୍ୟପ୍ରଦେଶ ଓ ଛୋଟନାଗପୁରର ରାଜ୍ୟମାନଙ୍କୁ ମିଶାଇ 'ଇଷ୍ଟର୍ଣ୍ଣ ଷ୍ଟେଟ୍ସ ଏଜେନ୍ସି' ନାମକ ଗୋଟିଏ ରାଜ୍ୟପୁଞ୍ଜ କରି ଯାଇଅଛି ଓ ରାଜ୍ୟପୁଞ୍ଜର ଶାସନ ସମ୍ବନ୍ଧେ ପରାମର୍ଶଦାତାରୂପେ ଗଭର୍ଣ୍ଣର ଜେନେରଲ୍ (ବଡ଼ଲାଟ)ଙ୍କ ଏଜେଣ୍ଟ ରାଞ୍ଚିରେ ପ୍ରତିଷ୍ଠିତ ହୋଇଅଛନ୍ତି । ]

ଫିଁ ଫିଁ—ଦେ. ( ଧ୍ୱନ୍ୟନୁକରଣ ) ଅ—ପୁଁ ପୁଁ ( ଦେଖ )
Phiñ phiñ Puñ puñ ( See )

ଫିକ୍‌ଡୋ—ପ୍ରାଦେ. (ସିଂହଭୂମ) ବି—ଗୋବର ଚଢ଼େଇ—
Phik-do Bulbul.

ଫିକର—ବୈଦେ. ( ଅ. ଫିକ୍‌ର୍=ଚିନ୍ତା; ଉପାୟ )—୧ । ଭାବନା;
Phikara ଚିନ୍ତା—1. Thought; contemplation.
फिकिर फ़िक्र ୨ । ଉପାୟଚିନ୍ତା—2. Thinking out a
( ଫିକିର—ଅନ୍ୟରୂପ ) means.
୩ । ଜୀବିକା ନିର୍ବାହର ଉପାୟ—
3. Means of livelihood.

୪ । ଉପାୟ—4. Means; resource.
ସେଥିର ଫିକର ମୋତେ କଣା—ଫକୀରମୋହନ, ଛମାଣ ଅଠଗୁଣ୍ଠ ।
୫ । ଫନ୍ଦି; କୌଶଳ; ଗୁରୁଖ୍ରୀ—5. Stratagem; artifice; contrivance; tactics.
୬ । ଉଦ୍‌ବେଗ—6. Anxiety.
୭ । ଅବଲମ୍ବନ; ଆଶ୍ରୟ—7. Shelter.
୮ । ଛଳନା—8. Feigning; excuse.

**ଫିକର ପାଞ୍ଚିବା**—ଦେ. କ୍ରି—ଉପାୟ ଉଦ୍ଭାବନ କରିବା—
Phikara pānchibā To think out a way out of a difficulty.
ফিকীরকরা फीक्र सोचना

**ଫିକରବାଜ୍**—ବୈଦେ. ବଣ. ( ଆ. ଫିକର୍‌ମନ୍ଦ୍; ଫିକରବାଜ୍ )—
Phikarabāj ୧ । ଫନ୍ଦିବାଜ୍; କୌଶଳୀ; ଉପାୟକୁଶଳ—1. Resourceful; strategic.
ফিকীরবাজ फीक्रमन्द
ଫିକରଦାର, ଫିକରବନ୍ଦ, ଫିକରଥି, ଫିକରବାଜ୍ } ଅନ୍ୟରୂପ
୨ । ଯୋଗାଡ଼ିଆ; ଉଦ୍ୟମୀ—2. Active.
୩ । ଉପସ୍ଥିତ ବୁଦ୍ଧିଯୁକ୍ତ—
3. Tactful; having presence of mind.

**ଫିକା**—ଦେ. ବଣ. ( ସଂ. ପିଙ୍ଗ; ଭୁଲ—ଅ. ଫକ୍ )—୧ । ପାଣ୍ଡୁର; ଫକ୍କା; ବିବର୍ଣ୍ଣ—1. Pale; light coloured.
Phikā
ফাঁকাসে, ফেঁকাসে
फीका
ପର୍ଯ୍ୟନ୍ତେ ଯତ୍ନ ପ୍ରାୟେ ଉନ୍ନ ଫିକା—
ରାଧାନାଥ, ଚନ୍ଦ୍ରଭାଗା ।
( ଫିକାସିଆ, ଫିକ୍କା—ଅନ୍ୟରୂପ ) ୨ । ରକ୍ତହୀନ—
2. Bloodless; anemic.
୩ । ନିରସ; ନୀରସ—3. Vapid.
୪ । ନିରାନନ୍ଦ—4. Gloomy; dejected.
୫ । ମଳିନ—5. Foul.
୬ । ପାଣିଚିଆ; ସ୍ୱାଦହୀନ—6. Tasteless.
ପ୍ରାଦେ. (ଗଡ଼ଜାତ ଓ ସମ୍ବଲପୁର) ବ—ଫିତା—Tape.
( ଯଥା—ସୁନ୍ଦରିର ହାତ ଗଣ୍ଠି କେ ଚମତ୍କାର ଫିକା । )

**ଫିକା ଜାଲ**—ପ୍ରାଦେ. ( ସମ୍ବଲପୁର ) ବ. ( ଭୁଲ. ହି. ଫେଁକ୍‌ନା—
Phikā jāla ଫୋପାଡ଼ିବା)—ଖେପାଜାଲ; ଯେଉଁ ଜାଲକୁ ଡୋର ଲଗାଇ ଦୂରକୁ ପାଣି ଉପରକୁ ଫିଙ୍ଗି ମାଛ ଧରାଯାଏ—Casting net.
ঘুমোঁআ জাল
घुराजाल

**ଫିକି**—ଦେ. ବ—ଦସ୍ତ ବା ଗଞ୍ଜପା ଖେଳରେ ବିପକ୍ଷୀୟ ଖେଳାଳି ହାତରେ
Phiki ରଜା, ମନ୍ତ୍ରୀ ଓ ଦହ ରହିଗଲେ ନଅ ସାରକୁ ଖେଳିବାକୁ ବାଧ୍ୟ ହେବା ଅବସ୍ଥା—The state of a player in the Ganjapā game being obliged to place his card with 9 points, when the adversary has got with him the King, the Minister and the card with 10 points.
ପ୍ରାଦେ. ( ସମ୍ବଲପୁର ) ବ—ତାସ୍ ଖେଳ—Card play.

**ଫିକିବା**—ପ୍ରାଦେ. ( ସମ୍ବଲପୁର କ୍ରି. ( ସଂ. କ୍ଷିପ୍ ଧାତୁ, ଭୁଲ. ପାଲି
Phikibā ଫିକର; ହି. ଫେଁକ୍‌ନା )—ଫିଙ୍ଗିବା; ଫୋପାଡ଼ିବା—
( ଫିକିବା; ଫିଙ୍ଗିବା—ଅନ୍ୟରୂପ ) To throw.

**ଫିଙ୍ଗ**—ଦେ. ବ. ( ସବାରି ବେହେରାଙ୍କ ଭାଷା )—ସବାରି ପଛଆଡ଼ର
Phinga ବାଉଁଶ—The bamboo pole attached to the back of a palanquin.
[ ଦ୍ର—ସବାରି ଆଗ ବାଉଁଶକୁ ଭୁମ୍ ବୋଲାଯାଏ । ]

**ଫିଙ୍ଗକ**—ସଂ. ବ ( ଫିଙ୍ଗ—ଅନୁକରଣ ଶବ୍ଦ + କୈ ଧାତୁ = ସ୍ୱରବା +
Phingaka ଅ; ଅନ୍ୟ ସଂ. ନାମ ଧୂମ୍ୟାଟ, କଳିଙ୍ଗ; ଭୃଙ୍ଗ )—
ফিঁগা କଜଳପାତି ଚଢ଼େଇ—The black drongo
फिंगा; फेंगा (bird); the fork-tailed shrike; Corvus Balicassius.

**ଫିଙ୍ଗା**—ଦେ. ବ—( ସଂ. କ୍ଷିପ୍ ଧାତୁ ) ୧ । ଫିଙ୍ଗିବା ବା ଫୋପାଡ଼ିବା—
Phingā 1. The act of throwing.
ফিঙ্গা
फेंकना
୨ । ଇଟା ବା ଢେଲା ଦୂରକୁ ଫୋପାଡ଼ିବା ପାଇଁ ବ୍ୟବହୃତ ଦଉଡ଼ିର ଫାସଲଗା—2. Sling.
୩ । ( ସଂ. ଫିଙ୍ଗକ ) କଜଳପାତି ଚଢ଼େଇ—
3. The black drongo (bird).
ছুঁড়া
फेंका हुआ
ବଣ—ଫୋପଡ଼ା ଯାଇଥିବା—
Thrown away.

**ଫିଙ୍ଗା(ଙ୍ଗେ)ଇବା**—ଦେ. କ୍ରି—ଫିଙ୍ଗିଦେବାର ଣିଜନ୍ତ ରୂପ—
Phingā(nge)ibā The causative form of Phingibā.
ছোঁড়ান ଫିଙ୍ଗାଉ ତେଜ ବୋଲି ମନରେ ଭଲେ ।
फेंकवाना କୃଷ୍ଣସିଂହ, ମହାଭାରତ ସଭା ।
(ଫିଙ୍ଗାଇଦେବା—ଅନ୍ୟରୂପ)

**ଫିଙ୍ଗାଫିଙ୍ଗି**—ଦେ. ବ—୧ । ଫୋପଡ଼ା ଫୋପଡ଼ି; ଅନେକ ବସ୍ତୁକୁ
Phingā phingi ଫିଙ୍ଗିବ କାର୍ଯ୍ୟ—1. Throwing away of many articles.
ছুঁড়াছুড়ী फेंकाफेंकी
୨ । ପରସ୍ପରକୁ ତଳେ ପକାଇବା—2. Throwing down of each other on the ground.
୩ । ପରସ୍ପର (ଢେଲା ଆଦି) ଫୋପଡ଼ା ଫୋପଡ଼ି ହେବା—
3. Throwing of missiles at each other.
ଦେ. ବ—୧ । ପରସ୍ପରକୁ ତଳେ ପକାଇବା—
1. Throwing down each other on the ground.

ପୁଣି ଫିଙ୍ଗା ଫିଙ୍ଗି ଅନ୍ୟୋନ୍ୟରେ ହେଲେ
ଛିଙ୍କା ଛିଙ୍କି ହୋଇଣ ପୁଣ ଅରସିଲେ । କୃଷ୍ଣସିଂହ, ମହାଭାରତ ବଣ ।

୨ । ଫୋପଡ଼ା ଫୋପଡ଼ି (ଦେଖ)
2. Phopardā phopardi (See).

**ଫିଙ୍ଗା ଫୋପଡ଼ା କଥା**—ଦେ. ବ—ଅନାଦରପୂର୍ଣ୍ଣ ବାକ୍ୟ—
Phingā phopardā kathā Disrespectful words.

**ଫିଙ୍ଗାଳ**—ଦେ. ବ.(ସବାରି ବେହେରାଙ୍କ ଭାଷା)—ଯେଉଁ ବେହେରାମାନେ
Phingāla ସବାରିର ପଛଆଡ଼ ବାଉଁଶ କାନ୍ଧେଇ ଥାଆନ୍ତି—
ଫିଙ୍ଗାଳିଆ, ଫେଙ୍ଗାଳ } ଅନ୍ୟରୂପ
The bearers carrying the backside pole of a palanquin.
[ଦ୍ର—ସବାରିର ଆଗ ବାଉଁଶକୁ କାନ୍ଧେଇବା ବେହେରାଙ୍କୁ ଭୁମ୍‌ଆ ବୋଲାଯାଏ ।]

**ଫିଙ୍ଗିବା**—ଦେ. କ୍ରି—(ସ. କ୍ଷିପ୍, ଧାତୁ; ବର୍ଣ୍ଣବିପର୍ଯ୍ୟୟ; ସ. ପ୍ରେଷଣ; ପ୍ରା. ପେଷଣ)—୧ । ଦୂରକୁ ନିକ୍ଷେପ କରିବା; ଫୋପାଡ଼ିଦେବା—1. To throw away; to cast away.
Phingiba
ছুঁড়া, ছোড়া
**फेंकना**

ଫିଙ୍ଗିଲେ କୁମାରଙ୍କ ହେତୁକୁ ଦେଖାଇ । କୃଷ୍ଣସିଂହ, ମହାଭାରତ, ବନ ।

୨ । ତ୍ୟାଗ କରିବା—2. To abandon; to relinquish.

ଲୋକମାନେ କେବଳ ମାନନ୍ତି ଧର୍ମକୁ
ଫିଙ୍ଗି ଦେଇ କରୁ ଅଛନ୍ତି ଅଧର୍ମକୁ । କୃଷ୍ଣସିଂହ, ମହାଭାରତ ସଭା ।

୩ । ( ଦୃଷ୍ଟି; କଟାକ୍ଷ ) ପକାଇବା—3. To cast (one's eyes).

ଏବେ ମୁଁ କଟାକ୍ଷ ଫିଙ୍ଗି, ତାଙ୍କୁ ପଶ
ହେବାରୁ ତୁ ଅହଙ୍କାରରେ । କବିସୂର୍ଯ୍ୟ, ସଙ୍ଗୀତ ।

**ଫିଜ୍ (ସ୍)**—ବୈଦେ. ବି (ଇଂ)—ନିର୍ଦ୍ଧାରିତ କର ବା ଶୁଳ୍କ; ମାସୁଲ—Fees; cess.
Phij(s)
ফীস্
**फीस**

(ଯଥା—କୋର୍ଟ ଫିଜ୍; ରେଜିଷ୍ଟ୍ରେସନ୍ ଫିଜ୍, ସ୍କୁଲଫିଜ୍ ଇତ୍ୟାଦି)

**ଫିଜ୍ (ସ୍) ଟେଏ(ସ୍ନ)ନ୍**—ବୈଦେ. ବି (ଇଂ. ଫିସ୍+ଅ. ତୟୀନ୍)—ନିର୍ଦ୍ଦିଷ୍ଟ ଶୁଳ୍କ ବା ମାସୁଲର ନିର୍ଣ୍ଣୟ—Ascertainment of the fee to be paid.
Phij (s)tae(ya)n
ফীস্‌তয়ন
**फिसतयन**

**ଫିଟ୍**—ବୈଦେ. ବିଣ (ଇଂ)—୧ । କାର୍ଯ୍ୟର ଉପଯୁକ୍ତ—1. Fit.
Phit
୨ । ଉପଯୋଗୀ—2 Fitting.
ফীট্
**फिट**
ବି. (ଇଂ)—୧ । ମୂର୍ଚ୍ଛା—1. Fit; fainting.
୨ । ଦୈର୍ଘ୍ୟସୂଚକ ଇଂରାଜୀ ଫୁଟ୍ ଶବ୍ଦର ବହୁବଚନ—2. Feet (length).

**ଫିଟ୍ ଫାଟ୍**—ଦେ. ବିଣ—(ସ. ସ୍ଫୁଟ୍ ଓ ଇଂ. ଫିଟ୍=ଜାକ୍‌ଜମକ ଦୃଶ୍ୟ)—୧ । ସୁସଜ୍ଜିତ—1. Well decorated; well dressed; well eqipped.
Phit phat
ফীট্‌ফাট
**फिटफाट**
୨ । ସମୁଜ୍ଜ୍ୱଳ—2. Bright.
୩ । ଚମତ୍କାର—3. Wonderful.
୪ । ଜାକଜମକ—4. Brilliant; dazzling.
୫ । ବାବୁଆନା ଭାବରେ ସୁସଜ୍ଜିତ—5. Fopppish; shipshape.

**ଫିଟ୍‌ବା**—ପ୍ରାଦେ. (ଅଠମଲ୍ଲିକ) ବି—ପତଳା ଝାଡ଼ା ହେବା; ଛେରି ହେବା—Passing of liquid stools.
Phit-ba

**ଫିଟ୍ ବାବୁ**—ଦେ. ବି. (ବ୍ୟଙ୍ଗୋକ୍ତି)—୧ । ଫୁଲ୍ ବାବୁ; ଲମ୍ପଟପ୍ରକୃତିର ବ୍ୟକ୍ତି—1. Beau.
Phit babu
ଫିଟ୍ ବସିଲ } ଅନ୍ୟରୂପ
ଫିଟକ ବସିଲ }
୨ । ଆଧୁନିକ ରୀତି ଅନୁସାରେ ଗୋଡ଼ଠାରୁ ମୁଣ୍ଡପର୍ଯ୍ୟନ୍ତ ସୁସଜ୍ଜିତ ବ୍ୟକ୍ତି—2. A person dressed in the latest fashion from top to toe.
ফীটবাবু
**फिटबाबु**

**ଫିଟ(ଟୀ)ନ୍**—ବୈଦେ. ବି. ( ଇଂ. ଫାଇଟନ୍ )—ଘଡ଼ାଟୋପ୍ ଥିବା ଚାରିଚକିଆ ଗାଡ଼ି—A phaeton carriage.
Phita(ti)n
ফিটন
**फिटीन**

**ଫିଟା**—ଦେ. ବିଣ. (ସ. ସ୍ଫେଟନ; ସ୍ଫୁଟ)—୧ । ବନ୍ଧନମୁକ୍ତ—1. Unbound; dishevelled.
Phita
খোলা; ফেটা
୨ । ଉନ୍ମୁକ୍ତ—2. Open.
**खोला; खुला**
୩ । ମୁକୁଳା—3. Untied.
୪ । ପୃଥକ୍—4. Separated.

କାଳ ପ୍ରବାହେ ଲୋକ କାଟି ପଡ଼ୁ ଭୂଷା
ଗ୍ରାସେ ମିଳ କରୁ ଦୁଇନ୍ତି ପୁଣି ଫିଟା । କୃଷ୍ଣସିଂହ, ମହାଭାରତ ଶାନ୍ତି ।

ଦେ. ବି—ଉନ୍ମୋଚନ—Untying.
(ଯଥା—ଗଣ୍ଠିଠାଲ ଫିଟା ।)

**ଫିଟାଇ**—ଦେ. କି. ବିଣ—ସ୍ଫୁଟରୂପେ; ସ୍ପଷ୍ଟରୂପେ—Clearly.
Phitai
**खुले खुला कर**

ଫିଟାଇ ମୋତେ କହ କିଂବା କହିଲ ଦେ ନାହିଁ ! କୃଷ୍ଣସିଂହ, ମହାଭାରତ ଦ୍ରୋଣ ।

**ଫିଟାଇ କହିବା**—ଦେ. କ୍ରି—ସମସ୍ତ କଥା ଖୋଲି କରି ବା ସ୍ପଷ୍ଟରୂପେ କହିବା—To make a clean breast of everything; to speak out a thing clearly.
Phitai kahiba
**खुले बना**
**खुलकर बात बोलना; साफ साफ बात बोलना**

ବନ୍ଧୁ କରିବାରେ ଏତେକ ଦୋଷ ଅଛି
ତୁମ୍ଭ ଆଗେ ତାହା ମୁଁ ଫିଟାଇ କହୁଛି । କୃଷ୍ଣସିଂହ, ମହାଭାରତ ଅଦ୍ଭ ।

**ଫିଟା(ଟେ)ଇବା**—ଦେ. କ୍ରି. (ସ. ସ୍ଫେଟ ବା ସ୍ଫୁଟ୍ ଧାତୁର ଣିଜନ୍ତ)—୧ । ଖୋଲିବା; ମୁକ୍ତ କରିବା; ମେଲା କରିବା; ଉଦ୍ଘାଟନ କରିବା—1. To untie; to open; to unfasten.
Phita(te)iba
ফেটান; খুলা
**खोलना**
୨ । ମୁକୁଳାଇବା; ବନ୍ଧନ ମୁକ୍ତ କରିବା—2. To release.

ଜରାସନ୍ଧ ମାରି ରଜାଙ୍କୁ ଫିଟାଇବା । କୃଷ୍ଣସିଂହ, ମହାଭାରତ ସଭା ।

୩ । (ଗୁପ୍ତ କଥା) ପ୍ରକାଶ କରି କହିବା—3. To divulge (a secret).
**भंडा फोडना**
୪ । ବ୍ୟାଖ୍ୟା କରି କହିବା—4. To explain clearly.

ଫିଟାଇ କହିଲ ତୁମ୍ଭଙ୍କୁ ବନମାଳୀ । କୃଷ୍ଣସିଂହ, ମହାଭାରତ ସଭା ।

୫ । ବିସ୍ତୃତ କରିବା—5. To spread out.
୬ । ତ୍ୟାଗ କରିବା; ଛାଡ଼ିବା—6. To give up.

ମାରକଣ୍ଡ ଋଷି ଘ୍ରମ ଅଙ୍ଗରେ କହି
ଏକ ମନେ ଶୁଣ ନରେ ତାପ ଫିଟାଇ । ପ୍ରାଚୀ, ନଳ ଚରିତ ।

[ ଫିଟାଇ ଦେବା, ଫିଟାଇ ପକା(କେ)ଇବା—ଅନ୍ୟରୂପ ]

**ଫିଟା ଫିଟି**—ଦେ. ବି—ମନୋମାଳିନ୍ୟ; ଭେଦ ଭାବ—Rupture; difference.
Phita phiti
**खुला खुलि**
**खुलाखुलि**

ଯାହା ବୋଇଲ ତୁମ୍ଭେ ସବୁ ଭଲଙ୍କର
ଫିଟା ଫିଟି କହିବା ଦେଖି ବିଜୟର । କୃଷ୍ଣସିଂହ, ମହାଭାରତ, ଅଦ୍ଭ ।

ବିଣ—ପୃଥକ୍ ପୃଥକ୍; ଅଲଗା ଅଲଗା—Separated from one another.

ସେହିକ୍ଷଣି ମୃଷାମାନେ ଯେ ଫିଟାଫିଟି
ହୋଇଣ ଚଳଗଲେ ମେଲି ଦେଇ ପାଟି । କୃଷ୍ଣସିଂହ, ମହାଭାରତ, ଉଦ୍ୟୋଗ ।

**ଫିଟା ଫିଟି କରିବା**—ଦେ. କ୍ରି—ଥରକୁଥର ଫିଟାଇବା—To open repeatedly.
Phita phiti kariba
**खुला खुलि करा**
**खोलाखोलि करना**

**ଫିଟିକି ଯିବା**—ଦେ. କ୍ରି. (ସ. ପୃଥକ୍)—ପୃଥକ୍ ହେବା; ଅଲଗା ହୋଇଯିବା—To become independent of; to be separated from.
Phitiki jiba
আলাদা হওয়া
**स्वतन्त्र होना**

ସମ୍ବଲପୁର ପ୍ରାଦେଶିକ କମିଟି କଂଗ୍ରେସ ଅନୁଷ୍ଠାନରୁ ଫିଟିକି ଗଲେ ଲହକ ସେବକ ।

ଫିଟିକରି— ଦେ. ବ. (ସ. ସ୍ଫଟିକା; ସ୍ଫଟିକାର; ଫାଟ୍କିଆ)—ସୁହାଗା;
Phiṭikirī ଟାଙ୍ଗଣା—Alum; borax.

ସ. ନାମ — ସ୍ଫଟିକା, ସ୍ଫଟୀ, ସ୍ଫଟିକାରୀ, ଫାଟକୀ, ଶ୍ୱେତା, ଶୁଭ୍ରା, ରଙ୍ଗଦା, ଦୃଢ଼ରଙ୍ଗା, ରଙ୍ଗଦୃଢ଼ା, ରଙ୍ଗାଙ୍ଗା, ଟଙ୍କଣ, ସୌଭାଗ୍ୟ, ଦୃଢ଼ରଙ୍ଗଦାତ୍ରୀ

(ଫଟକରି—ଅନ୍ୟରୂପ)

সোহাগা; ফিটকিরী

फिटकिरी

ତେ. ଫଟିକ

ମ. ତୁଟୀ ଫଟକରି

[ ଦ୍ର—ଏହା ଜଳ ଉଟରେ ଜାତ ଶୁକ୍ଳ ସ୍ଫଟିକବତ୍ ସ୍ୱଚ୍ଛ କ୍ଷାରବିଶେଷ । କାଶ୍ମୀର ଦେଶର ଉଷ୍ଣପ୍ରସ୍ରବଣର ଜଳରୁ ଗନ୍ଧକ ଓ ଫଟକରି ମିଳେ ଓ ଉତ୍ତର ଦେଶୀୟ ହ୍ରଦ ତଟରୁ ଫଟକରି ମିଳେ । ସୁନା, ରୁପା ତରଲାଇବାରେ ଓ ଔଷଧରେ ଏହା ବ୍ୟବହୃତ ହୁଏ । ଏହା କଷା ଓ ଲୁଣିଆ ଲାଗେ; ଏହାକୁ ପାଣିରେ ଗୋଳାଇ ସେ ପାଣିରେ ମୁହଁ ଓ ଘଟଅଙ୍ଗ ଧୋଇଲେ ସୌନ୍ଦର୍ଯ୍ୟ ପରିସ୍ଫୁଟ ହୁଏ । ଫିଟକରିକୁ ନିଆଁରେ ପୋଡ଼ି ଦେଲେ ଏହା ଖୁବ୍ ଫଡ଼ିଯାଏ । ବୈଦ୍ୟଶାସ୍ତ୍ର ମତରେ ଏହା ବାତ, ପିତ୍ତ, କଫ, ବ୍ରଣ, ଶ୍ୱିତ୍ର ଓ ବିସର୍ପ ନାଶକ । ସୁହାଗା ରୋଗ କୀଟାଣୁ ନାଶକ । ]

ଫିଟିବା—ଦେ. କ୍ରି. (ସ. ସ୍ଫୁଟ୍ ଧାତୁ)—୧ । ବନ୍ଧନରୁ ମୁକ୍ତ ହେବା—
Phiṭibā 1. To be released.

ফিটা; খুল

खुलयाना

ଭାର ସେବାରେ ଶ୍ରମ ଭୁଞ୍ଜେ
ଅଶେଷ ମାୟା ବନ୍ଧ ଫିଟେ । ଜଗନ୍ନାଥ, ଭାଗବତ ।

(ଫଟିଯିବା—ଅନ୍ୟରୂପ) ୨ । ଉନ୍ମୁକ୍ତ ହେବା; ଉଦ୍ଘାଟିତ ହେବା; ମେଲା ହେବା—2. To be opened; to be loosened.

୩ । ପ୍ରକାଶିତ ହେବା—3. To appear.

୪ । ବାହାରିବା—4. To come forth; to issue.

ଇନ୍ଦ୍ରଙ୍କଠାରୁ ବଜ୍ର ଫିଟି ଅଗ୍ନି ଅଣ୍ଡ
ବାଜିଲା ସୁନ୍ଦରଙ୍କର ଯାଇ ବକ୍ଷ ତଟେ । କୃଷ୍ଣସିଂହ, ମହାଭାରତ, ବନ ।

୫ । ଅପସୃତ ହେବା—5. To be removed.

ରେ କଶୋର ! ଫିଟିଗଲା ଯେ ସନ୍ଦେହ । କବିସୂର୍ଯ୍ୟ କଂଶୋଦ୍ଧ ଚମ୍ପୂ ଫ ଗୀତ ।

୬ । ନଷ୍ଟ ହେବା—6. To be lost.

ଗଲେ ହେଲେ ଜାତ ମହିତ୍ୱ ସମ୍ଭ୍ରମ ଫିଟି ଭୁଷ୍ଟ ଲୁଟି ଯାଇ । କବିସୂର୍ଯ୍ୟ, ସଙ୍ଗୀତ ।

୭ । ପୃଥକ୍ ହେବା—7. To be separated.

୮ । (ଝର) ବହିବା—8. (a spring) To flow out.

ଫିଟିଲା ଝର ଦେଖ ଅଙ୍ଗର ଅଙ୍ଗେ । ରଘୁନାଥ, ଭୁଜଙ୍ଗବିବର ।

୯ । ପ୍ରତ୍ୟାହାର କରାଯିବା—9. To be withdrawn.

୧୦ । (ମୁହଁ) ବାକ୍ୟ ଉଚ୍ଚାରଣ କରିବା—
10. (the mouth) To open for speaking.

ମୁଖ ଫିଟିଲେ ଦୁଃଖ ଯାଏ—ଢଗ ।

୧୧ । (କପାଳ) ସୌଭାଗ୍ୟଯୁକ୍ତ ହେବା—11. (one's luck) To be good; to be favourable.

୧୨ । (କେଶ) ଗ୍ରନ୍ଥିବିହୀନ ହେବା—
12. (the hair) To be dishevelled or untied.

ଫିଡ଼୍କା—ଦେ. ବ.—ପୂର୍ବରୁ ଭୟ ଦେଖାଇ ତଡ଼ିବା କର୍ମ—
Phirḍ-kā Driving away beforehand by threats; scaring away.

ଫିଡ଼୍କା ଫିଡ଼୍କ, ଫିଢ଼କା
ଫିଢ଼କା ଫିଢ଼କ } ଅନ୍ୟରୂପ

ଫିଡ଼୍କା(କେ)ଇବା—ଦେ. କ୍ରି.—୧ । ଢିଲା କରିବା; ହୁଗୁଳାଇବା—
Phirḍkā(ke)ibā 1. To loosen; to slacken.

ভাগিয়ে দেওয়া उखाड़ना ୨ । ଖସାଇବା; ଦୂର କରିବା;
भगाना ସ୍ଥାନାନ୍ତରିତ କରିବା—2. To remove.

୩ । ଭୟ ଦେଖାଇ ବା ଧମକାଇ ତଡ଼ି ଦେବା; ହୁରୁଡ଼ାଇବା—
3. To drive away by threats; to scare away.

ଫିଡ଼୍(ଡ଼ି)କିବା—ଦେ. କ୍ରି.—୧ । ଉପୁଡ଼ି ଯିବା; ସ୍ଥାନାନ୍ତରିତ ହେବା; ଖସି ଯିବା—1. To be uprooted; to be removed.
Phirḍ(rḍi)kibā

ভড়কান भागना

୨ । ପଳାଇ ଯିବା—2. To fly away.

୩ । ହୁଗୁଳି ଯିବା—3. To be loosened.

୪ । ହୁରୁଡ଼ି କରି ପଳାଇବା—4. To be scared away.

୫ । ଛିଟିକିବା—5. To shoot out.

ଫିଣ୍—ଗ୍ରା. ଅ. (ସ. ପୁନଃ)—ପୁଣି; ଫେରି; ଆଉ ଥରେ; ପୁନର୍ବାର—
Phiṇ আবার, পুনর্ব্বার फिर Again; over again.

ଫିତା—ବୈଦେ. ବ. (ପର୍ତ୍ତୁଗୀଜ୍. ଫୀତା)—୧ । ଲୁଗାର ଧଡ଼ରେ ଓ ମସୁଣ୍ଡ ଧଡ଼ିରେ ଓ ବେଣୀରେ ବନ୍ଧାଯିବା ମୋଟ ଲମ୍ବା ପଟି; ଲେସ୍; ଲେବାର୍—1. Tape; ribbon; lace.
Phitā

ফিতা, ফিতে

फीता

୨ । ଦୂରତ୍ୱ ମାପିବା ପାଇଁ ସରୁ ପଟି—2. Measuring tape.

ଫିତା ଧଡ଼ି—ଦେ. ବ.—ଯେଉଁ ଲୁଗାର ଧଡ଼ି ଫିତା ପରି ମୋଟ ଓ ଚଉଡ଼ା ହୋଇ ବୁଣା ହୋଇ ଥାଏ—
Phitā dharḍi

ফীতাপাড় फीताकोर Tape-bordered (cloth).

(ଫିତା ଧଡ଼ିଆ, ଫିତା ପାଡ଼, ଫିତା ପାଡ଼ିଆ—ଅନ୍ୟରୂପ)

ଫିତୁରତ୍(ତି)—(କଟକିଆ) ବୈଦେ. ବ.—(ଅ. ଫୁତୁର୍)—
Phiturāt(ti) ୧ । ପ୍ରଜାଙ୍କ ମେଳ—

फितुर, फितुरती, फितुरी 1. Revolt; rebellion.

୨ । ଅରାଜକତା—2. Anarchy.

୩ । ଉପଦ୍ରବ—3. Oppression.

ବିଣ.— ୧ । ଉପଦ୍ରବୀ—1. Oppressive.

୨ । ମେଳିଆ—2. Rebellious.

ଫିତୁରି—ପ୍ରାଦେ. (ପୁରୀ ଓ ଗଞ୍ଜାମ) ବ.—(ଅ. ଫୁତୁର୍)—ପ୍ରଜାଙ୍କ ମେଳ ବା ବିଦ୍ରୋହ—Rebellion; revolt; mutiny.
Phituri

ଫିନାଇଲ୍—ବୈଦେ. ବ. (ଇଂ)—ଦୂଷିତ କୀଟ ଓ ଦୁର୍ଗନ୍ଧ ନଷ୍ଟ କରିବା କାମରେ ବ୍ୟବହୃତ କୃଷ୍ଣବର୍ଣ୍ଣ ରାସାୟନିକ ଦ୍ରବବିଶେଷ—
Phināil

ফিনাইল फिनाइल (ଫେନାଇଲ—ଅନ୍ୟରୂପ) Phinile.

ଫିଫି—ଦେ. ଅ.—(ଧ୍ୱନ୍ୟନୁକରଣ)—ଓଷ୍ଠ୍ୟ ଶବ୍ଦବିଶେଷ—
Phi phi ফুঁ ফুঁ फु फु Hissing labial sound.

ଫିଫି କୃତ—ଦେ. ବ.—(ଧ୍ୱନ୍ୟନୁକରଣ)—ଫଫକାର ଶବ୍ଦ—
Phiphi kṛuta ফুঁফুঁকার फुफुकार The labial sound of phi phi.

(ଫିଫିକାର—ଅନ୍ୟରୂପ)

ଚୂତ୍ ଚୂତ୍ ନ ଭଣେ କଳ ଫିଫିକୃତ କରି । ଉଞ୍ଜ, ବୈଦେହୀଶବିଳାସ ।

ଫିପ୍ଥ(ଫ୍ଥ)—ବୈଦେ. ବିଣ. (ଇଂ— ଫିଫ୍ଥ୍)—ପଞ୍ଚମ—
Phipt(phth) Fifth.

**ଫିପ୍ତ୍(ଫ୍ଥ୍) ଇୟର କ୍ଲାସ୍**—ବୈଦେ. ବ. (ଇଂ)—କଲେଜର ପଞ୍ଚମ ବାର୍ଷିକ ଶ୍ରେଣୀ—The fifth year class of a college.
Phipt(phth) iyar klās

**ଫିମ୍ପ**—ପ୍ରାଦେ (ଗଞ୍ଜାମ) ବ – ପେଡ଼ାଯିବା ପରେ ଆଖୁର ନୀରସ ଚୋପା; ଆଖୁ ଛେଦା—The sapless sugarcane after the juice is pressed out of it.
Phimpa

**ଫିମ୍ପାଡ଼ିବା**—ପ୍ରାଦେ (ବାଲେଶ୍ବର) କ୍ରି (ଇତର ଭାଷା)—ଫୋପାଡ଼ିବା—To throw away.
Phimpārdibā
(ଫୁମ୍ପାଡିବା—ଅନ୍ୟରୂପ)

**ଫିମ୍ପି (ମ୍ଫି)**—ଦେ. ବ—ବସ୍ତ୍ର ଓ ଶସ୍ୟ ଆଦି ବହୁଦିନ ଆର୍ଦ୍ର ସ୍ଥାନରେ ରହିଲେ ତହିଁ ଉପରେ ଦେଖାଯିବା ଛତୁଆ—Minute fungii growing on grains etc long kept in a wet place; mildew; mold.
Phimpi (mphi)
ଛାତା
**ফফুন্দী; ফনগী, ফুফরী**
(ଫିପି, ଫିଫି—ଅନ୍ୟରୂପ)

**ଫିମ୍ପି ମାରିବା**—ଦେ. କ୍ରି—ବସ୍ତ୍ର ଓ ଶସ୍ୟ ଉପରେ ଛତୁଆ ପଡ଼ିଯିବା—To be mildewed.
Phimpi māribā
ছাতাধরা **चिचिमारना; फफून्दीमारना** (ଫିମ୍ଫି ଧରିବା—ଅନ୍ୟରୂପ)

**ଫିର**—ପ୍ରାଦେ (ବାଲେଶ୍ବର ଓ ଲଉଆ) ବ—କବାଟ—Door
Phira

**ଫିରଙ୍ଗ**—ସ. ବ (ଇଂ ଫ୍ରାଙ୍କ୍ ଶବ୍ଦ; ନବ୍ୟ ସଂସ୍କୃତରେ ଗୃହୀତ)
Phiranga ଇଉରୋପ ଦେଶ—Europe.

[ଦ୍ର—ପ୍ରାଚୀନ ସଂସ୍କୃତରେ ଏହି ଶବ୍ଦର ବ୍ୟବହାର ନାହିଁ; କିନ୍ତୁ ଆଧୁନିକ ବୈଦ୍ୟଶାସ୍ତ୍ର ଭାବପ୍ରକାଶାଦିରେ ଏ ଶବ୍ଦ ବ୍ୟବହୃତ ହେବାର ଦେଖାଯାଏ ।]

(ଫିରଙ୍ଗିଣୀ—ସ୍ତ୍ରୀ) ବଣ—ଇଉରୋପ ଦେଶବାସୀ—European.

**ଫିରଙ୍ଗ ରୋଗ**—ସ. ବ—ଉପଦଂଶ ବା ଗରମୀ ରୋଗ—Syphilis.
Phiranga roga

[ଦ୍ର—ପ୍ରାୟ ୪୦୦ ବର୍ଷ ପୂର୍ବେ ରଚିତ ବୈଦ୍ୟକ ଗ୍ରନ୍ଥ ଭାବପ୍ରକାଶରେ ଲେଖା ଅଛି ଯେ ଏ ରୋଗ ଫିରଙ୍ଗ ଦେଶରେ ବହୁଳ ଭାବରେ ଦୃଷ୍ଟ ହୁଏ ବୋଲି ଏ ରୋଗର ନାମ ଫିରଙ୍ଗ ରୋଗ । ଏଥିରୁ ଅନୁମିତ ହୁଏ ଯେ ଫିରଙ୍ଗୀ ବା ଇଉରୋପୀୟମାନେ ଏ ଦେଶକୁ ଏ ରୋଗ ପ୍ରଥମେ ଆଣିଥିଲେ ।]

**ଫିରଙ୍ଗ ରୋଟି**—ସ. ବ—ପାଉଁରୋଟୀ—Loaf.
Phiranga roṭi (ଫିରଙ୍ଗ ରୋଟିକା—ଅନ୍ୟରୂପ)

**ଫିର(ରି)ଙ୍ଗୀ**—ବୈଦେ. ବଣ. ପୁଂ. (ଇଂ. ଫ୍ରାଙ୍କ୍)—୧ । ଇଉରୋପୀୟ ବ୍ୟକ୍ତି; ସାହେବ—1. European.
Phira(ri)ngi
[ଫିର(ରି)ଙ୍ଗିଆଣୀ—ସ୍ତ୍ରୀ]
୨ । କଳା ସାହେବ; ଇଉରୋପୀୟ ପୁରୁଷଙ୍କ ଔରସରେ ଭାରତୀୟା ସ୍ତ୍ରୀ ଗର୍ଭଜାତ ସନ୍ତାନ ଓ ସେମାନଙ୍କର ବଂଶଧର; ବର୍ଣ୍ଣସଙ୍କର ଜାତିବିଶେଷ—
ফিরিঙ্গী
**फिरंगी**
2. Eurasian; Anglo Indian; (specially Indo-Portugese).

[ଦ୍ର—ପ୍ରାଚୀନ ସଂସ୍କୃତରେ ଫିରଙ୍ଗ ଶବ୍ଦ ଦେଖାଯାଏ ନାହିଁ, କିନ୍ତୁ ଖ୍ରୀ ୧୬୦୦ ସାଲ ପରେ ରଚିତ ବୈଦ୍ୟକ ଗ୍ରନ୍ଥ (ଯଥା—ଭାବପ୍ରକାଶ), ଜ୍ୟୋତିଷ ଗ୍ରନ୍ଥ (ଯଥା—ସୂର୍ଯ୍ୟସିଦ୍ଧାନ୍ତ) ଓ ପାକଶାସ୍ତ୍ର ଗ୍ରନ୍ଥାଦିରେ ଏ ଫିରଙ୍ଗ ଶବ୍ଦ ବ୍ୟବହୃତ ହୋଇଅଛି । ପ୍ରଥମେ ପର୍ତ୍ତୁଗୀଜ୍ ଦସ୍ୟୁମାନେ ବଙ୍ଗୋପକୂଳକୁ ଆସି ସେଠାରେ କେତେକ ଦେଶୀୟ ସ୍ତ୍ରୀଲୋକଙ୍କ ସହିତ ବାସ କରି ରହିଲେ । ତତ୍ପରେ ମୋଗଲ ବାଦସାହାଙ୍କ ଅମଳରେ ଅନେକ ଇଉରୋପୀୟ ଆସି ମୋଗଲମାନଙ୍କ ନିକଟରେ ଚାକିରି କରୁଥିଲେ । ଭାରତରେ ଇଂରାଜମାନେ ଅଧିକାରୀ ହେବା ପରେ କ୍ରମଶଃ ସାହେବମାନେ ମଧ୍ୟ ଏ ଦେଶକୁ ଆସିଲେ । ଏହିମାନଙ୍କ ଔରସରେ ଦେଶୀୟ ସ୍ତ୍ରୀମାନଙ୍କ ଗର୍ଭରେ ଯେଉଁ ସନ୍ତାନମାନେ ଜନ୍ମିଥିଲେ ସେହିମାନଙ୍କ ବଂଶଧରମାନଙ୍କୁ ଫିରଙ୍ଗୀ ବୋଲାଯାଏ । ଭାରତରେ ସମୁଦ୍ର କୂଳବର୍ତ୍ତୀ ସ୍ଥାନ (ଯଥା—ମାନ୍ଦ୍ରାଜ, ନୂଆଖାଲି, ଚଟ୍ଟଗ୍ରାମ, ବାଖରଗଞ୍ଜ)ରେ ଅନେକ ଫିରଙ୍ଗୀ ଥିଲେ ଓ ଅଛନ୍ତି ଓ ଏମାନଙ୍କ ମଧ୍ୟରୁ ଅଧିକାଂଶଙ୍କର ପୂର୍ବପୁରୁଷ ପର୍ତ୍ତୁଗୀଜ୍ ଥିଲେ ।

ଜ୍ୟୋତିଷିକ ଗ୍ରନ୍ଥ ସୂର୍ଯ୍ୟସିଦ୍ଧାନ୍ତର ଟୀକାକାର ରଙ୍ଗନାଥ ଲେଖିଅଛନ୍ତି ଯେ ସ୍ୱୟଂବହ ଯନ୍ତ୍ର (ସମୟ ନିର୍ଦ୍ଦେଶକ ଘଣ୍ଟା, ଯାହାକି ପ୍ରଥମେ ଭାରତବାସୀମାନେ ଆବିଷ୍କାର କରିଥିଲେ) ସମ୍ବନ୍ଧୀୟ ବିଦ୍ୟାରେ ସମୁଦ୍ରାନ୍ତନିବାସୀ ଫିରଙ୍ଗ ଜାତୀୟ ବ୍ୟକ୍ତିମାନେ ସମ୍ୟକ୍ ଅଭ୍ୟସ୍ତ । ପାକଶାସ୍ତ୍ର ଗ୍ରନ୍ଥରେ 'ଫିରଙ୍ଗ ରୋଟୀ' ଅର୍ଥାତ୍ ପାଉଁରୋଟୀ ବର୍ଣ୍ଣିତ ହୋଇଅଛି । 'ଭାବ ପ୍ରକାଶ' ଗ୍ରନ୍ଥର ରଚୟିତା ଭାବ ମିଶ୍ରଙ୍କ ଘର ଉତ୍ତରପଶ୍ଚିମ ଭାରତରେ ଥିଲା । ସେ ସମୟରେ ଅର୍ଥାତ୍ ୪୦୦ ବର୍ଷ ପୂର୍ବେ ସେ ଅଞ୍ଚଳ ପର୍ଯ୍ୟନ୍ତ ଫିରଙ୍ଗ ରୋଗ (ଉପଦଂଶ) ବ୍ୟାପିଥିବାର ଅନୁମିତ ହୁଏ । ନୂଆଖାଲି, ଚଟ୍ଟଗ୍ରାମ ଆଦି ଅଞ୍ଚଳରେ ସ୍ତ୍ରୀମାନେ 'ଫିରଙ୍ଗ ଲୋଟନ୍'ବା 'ଫିରଙ୍ଗୀ ଖୋଁପା' ଅର୍ଥାତ୍ ଫିରଙ୍ଗିଆଣୀମାନେ ବାନ୍ଧିଲା ପରି ବେଣୀ ପକାଇ ଲୋଟଣି ଜୁଡ଼ା ଅଦ୍ୟାବଧି ବାନ୍ଧନ୍ତି ।

ଫିରଙ୍ଗୀମାନେ କ୍ରମଶଃ ସାହେବ ନାମରେ ପରିଚିତ ହେଉଅଛନ୍ତି । ଫିରଙ୍ଗୀ ନାମରେ ଡାକିଲେ ଏମାନଙ୍କୁ ଅପମାନ ବୋଧହୁଏ । ଏମାନେ ଭାରତବାସୀମାନଙ୍କ ସଙ୍ଗେ ନ ମିଶି ଇଉରୋପୀୟ ଚାଲିଚଳଣି ଅନୁକରଣ କରନ୍ତି; କିନ୍ତୁ ରାଜନୀତିକ ସୁବିଧା ପାଇଁ ଭାରତବାସୀମାନଙ୍କ ସଙ୍ଗେ ସମାନ ଅଧିକାର ଦାବି କରନ୍ତି । ]

**ଫିରତ୍**—ଦେ. ବ—( ସ. ପ୍ରତ୍ୟାବୃତ୍ତ )—ଫେରସ୍ତ ( ଦେଖ )—Pherasta. ( See )
Phirat
ফিরত **फिरति**

**ଫିରନ୍ତା**—ଦେ. ବଣ ( ସ. ପ୍ରତ୍ୟାବୃତ୍ତ )—ଫେରନ୍ତା ( ଦେଖ )—Pherantā ( See )
Phirata
ফিরতী **फिरता**

**ଫିରସ୍ତ**—ଦେ ଓ ବୈଦେ. ବ. ଓ ବଣ.—ଫେରସ୍ତ ( ଦେଖ )—Pherasta ( See )
Phirasta

**ଫିରା(ରେ)ଇ**—ଦେ. ବ ( ସ. ତିର୍ଯ୍ୟକ୍; ତିରଶ୍ଚୀନ )—
Phirā(re)i
( ଫିରେଇ—ଅନ୍ୟରୂପ )
টেরী, টেড়ী **टेढ़ी, मागा**
୧ । କପାଳ ଉପରସ୍ଥ କେଶର ବିନ୍ୟାସ ବିଶେଷ; ସୁନ୍ନା; ଟେଶ୍ରୀ; କପାଳ ଉପରସ୍ଥ କେଶର ଦ୍ୱିଫାଳୀକୃତ ବିନ୍ୟାସ; ରେଖ—
1· A mode of parting the hair of the forehead.
୨ । ତାସ ଖେଳରେ ଜଣେ ଖେଳାଳି ନିକଟରେ ଥିବା ଯେଉଁ 'ବେରଙ୍ଗ' ତାସ ଦେଇ ଅପର ପକ୍ଷର ତାସକୁ ଜିଣି ନିଆ-

ଯାଏ; ଯେଉଁ ତାସ୍କୁ ଏକଭୂରୁପ ରଙ୍ଗ ଅପର ତାସ୍ ଜିଣିକର ନେଇ ନ ପାରେ—
2. (Cardplay) Cards of a class different from those of the first player with which the second player can win the lst player's throw.

ଫିସ୍ତା(ରେ)ଇ କାଟିବା—ଦେ. କ୍ରି—ମୁଣ୍ଡର କପାଳ ଉପରର ବାଳକୁ
Phirā(re)i kāṭibā ଦୁଇ ଅଡ଼କୁ କୁଣ୍ଡାଇ ମଝିରେ ରେଖ
ଟେରୀ କାଟା ବାହାର କରିବା—To part the hair of the
मांगफाड़ना head with the comb and leave a parting line in front.

ଫିରାଦ(ଦି) (ଇତ୍ୟାଦି)—ବୈଦେ. ବି ଓ ବିଣ—
Phirāda(di) (etc) ଫେରାଦ(ଦି) ଇତ୍ୟାଦି (ଦେଖ)
Pherāda(di) etc (See).

ଫିରି—ଦେ. ବି—ଫିରାଇ ୧ (ଦେଖ)
Phiri Phirāi (See)

ଫିରିକ—ଦେ ଓ ବୈଦେ. ବି—ପିରିକ (ଦେଖ)
Phirika Pirika (See)
(ଫିରିକ, ଫିର୍କି, ଫିର୍କ—ଅନ୍ୟରୂପ)
ପ୍ରାଦେ (ବାଲେଶ୍ୱର) ବି—ଏକପ୍ରକାର ଲୁଣି ମାଛ—
A kind of sea-fish.
ପ୍ରାଦେ (ଗଡ଼ଜାତ) ବି—ଡଙ୍କି—Dragon fly

ଫିରିଙ୍ଗ(ଙ୍ଗି)—ପ୍ରାଦେ (ଗଡ଼ଜାତ) ବି—ଫିରିକ (ଦେଖ)
Phiriṅga(ṅgi) Phirika (See)
ଦେ ବି ଓ ବିଣ—ଫିରଙ୍ଗ (ଦେଖ)—Phiraṅga (See)

ଫିରିଙ୍ଗୀ ସାମ୍ରାଣୀ—ଦେ. ବି—ଏକପ୍ରକାର ଧୂପଦ୍ରବ୍ୟ—A kind of
Phiriṅgi sāmrāṇi incense; frankincense.
[ ଦ୍ର—ଏହା ବଜାରରେ ବିକ୍ରି ହୁଏ । ଘିଅ ସହିତ ଏହା ସେବନ କଲେ ମେହ ରୋଗ ନିବାରିତ ହୁଏ । (ଦ୍ରବ୍ୟଗୁଣ କଳ୍ପଦ୍ରୁମ) ]

ଫିରିଡ଼ି—ଦେ. ବି—ପକ୍ଷିବିଶେଷ—
Phiriḍi A species of bird.
[ ଦ୍ର—ଏମାନେ ବାମ୍ବୁ ଠାରେ ଥରେ ଖୋଜ ପକ୍ଷୀ; ଏମାନଙ୍କ ମୁଣ୍ଡରେ ବାଳବଥା ଚୋପି ଅଛି । ଏମାନେ ଦଳଦଳ ହୋଇ ଧାନ କ୍ଷେତରେ ପଡ଼ି ଫସଲ ନଷ୍ଟ କରନ୍ତି । ]

ଫିରିଫିରା—ଦେ. ବି—୧ । ପାସିଥିରେ ନୁଡ଼ିକା ଝୁଲୁଥିବା କର୍ଣ୍ଣାଳଙ୍କାର
Phiriphirā ବିଶେଷ—
कनौती 1. A kind of earring with flat pendants
[ ଦ୍ର—ଏହା କାନର ଉପର ଭାଗରେ ଛିଦ୍ର କରାଯାଇ ପିନ୍ଧାଯାଏ । ]
୨ । ଝୁଲ; ରଥାଦି ମଣ୍ଡନ ଉପକରଣ ବିଶେଷ—
2. Hanging tassels.
୩ । ଫିପି ଫିପି ବରଷା; କ୍ଷୁଦ୍ର ଟୋପାରେ ବରଷା—
3. Drizzling rain.

ଅଠ ଦୂଙ୍କାଣି ଖୋଲ ଅଣର
କଉଶି ଫିରିଫିରା ବଉଷଠି ଦୁଣ୍ଡାଟ୍ଟର
ତେବେ ଯାଇ ବଣାର ପେଟ ହୁଏ ପୁର
କୃଷିବଚନ

ପ୍ରାଦେ. (କଳାହାଣ୍ଡି) ବି—ପ୍ରଜାପତି—Butterfly.

ଫିରିଫିରି—ଦେ. ବିଣ (ଧ୍ୱନ୍ୟନୁକରଣ)
Phiri phiri ଝିପିଝିପି; ଅଳ୍ପ ସାମାନ୍ୟ (ବରଷା)—Drizzling (rain).
झिरझिर बरसना; झकास ଫିର ଫିର ବରଷା କର
ପୁନା ଗୁଷ କର ନ ପାର । ଜଗନ୍ନାଥ- ଭାଗବତ
ପ୍ରାଦେ. (ସମ୍ବଲପୁର) ବି—ଡଙ୍କି—Dragon fly.
ପ୍ରାଦେ. (ଯାଜପୁର) ବି—କର୍ଣ୍ଣାଳଙ୍କାରବିଶେଷ; ଫରଫିରା—
A kind of ear ring.

ଫିରିୟାଦ—ବୈଦେ. ବି (ଆ. ଫରୟାଦ୍)—
Phiriyāda ଫେରାଦ (ଦେଖ) Pherāda (See)
ଫିରିୟାଦ କାହିଁ ତୋ ନାମେ କରିବ ?
କବିସୂର୍ଯ୍ୟ, କଣୋଣ ରଣ୍ଡ, ସ. ଗୀତ

ଫିରିସ୍ତା—ବୈଦେ. ବି. (ଆ ଫିରିସ୍ତା)—
Phiristā ମୁସଲମାନ ଶାସ୍ତ୍ରୋକ୍ତ ଦେବଦୂତ—Angel.
फ़िरिश्ता फ़िरिश्ता

ଫିରିସ୍ତି—ବୈଦେ. ବି. (ତଦ୍ଭବଥ) (ଫା. ଫିହ୍ରସ୍ତ୍)—
Phiristi फ़िरिस्ति फ़िहरिस्त ତାଲିକା; ଫର୍ଦ୍ଦ—List; schedule.

ଫିରୋଜ୍—ବୈଦେ.ଅ—ପ୍ରତିଦିନ; ହରରୋଜ୍—Every day; daily.
Phi roj फ़िरोज़ ବି—ପିରୋଜା (ଦେଖ)
फ़ीरोज फ़ीरोज Pirojā (See)

ଫିରୋଜା—ବୈଦେ. ବି—(ଫା; ନବମ ସବୁଜ ପରେଜ, ପରୋଜ)—
Phirojā फीरोजा ପିରୋଜା (ଦେଖ)
फ़ीरोज़ा Pirojā (See)

ଫିଲ୍—ବୈଦେ. ବି (ଫା; ଭୁଲ- ସ. ପୀଲୁ=ହାତୀ)—
Phil ୧ । ହାତୀ—1. Elephant.
फ़िल ୨ । ସତରଞ୍ଜ ଖେଳରେ ନୌକା ଗୋଟି—
फ़ील 2. Name of the boat in the game of chess.

ଫିଲ୍‌ଖାନା—ବୈଦେ. ବି (ଫା)—
Phil-khānā फ़ीलखाना ହାତୀଶାଳ—
फीलखाना Elephant stable.

ଫିଲ୍‌ଟ(ଟା)ର୍—ବୈଦେ (ଇଂ)—ଜଳ ବା ଅନ୍ୟ କୌଣସି ତରଳ ଦ୍ରବ୍ୟ
Phil-ṭa(ṭā)r ଛାଣି ଶୋଧନ କରିବାରେ ବ୍ୟବହୃତ ଯନ୍ତ୍ର—Filter.
फ़िल्टार फ़िलटार [ ଫିଲ୍(ଲ୍)ର୍—ଅନ୍ୟରୂପ ]

ଫିଲ୍‌ଫୋର୍—ବୈଦେ. ବି (ଫା) ଜୋଡ଼ାନାଗରା—A pair of kettle-
Phil-phor फ़िलफोर (ଫିଲ୍‌ଫଏର୍—ଅନ୍ୟରୂପ) drums.
फ़ौरन ଅ—ତତ୍‌କ୍ଷଣାତ୍—Immediately.

ଫିଲ୍ଡ—ବୈଦେ. ବି (ଇଂ)—
Phild ୧ । ଖେଳ ପଡ଼ିଆ—1. Playground,
फ़ील्ड ୨ । ସର୍ଭେୟରମାନଙ୍କର ମାପ କରିବା ଜମି—2. The field
फील्ड of surveying; surveying ground.

୩ । ଯୁଦ୍ଧଭୂମି; ରଣସ୍ଥଳୀ—3. Battle-field.
୪ । ଗୃହବଳ—4. Agricultural field.
୫ । ସେତ୍ର; ଉପଯୁକ୍ତ କର୍ମକ୍ଷେତ୍ର—5. Proper place to work; field of action.

**ଫିଲ୍ଡବୁକ୍**—ବୈଦେ. ବ (ଇଂ)—
Phild-buk ମାପ କରିବା ବ୍ୟକ୍ତି ମାପର ବିବରଣ ଯେଉଁ ବହିରେ
फील्डबुक फोल्डबुक ଲେଖି ରଖନ୍ତି; ଇହଁରିଅ—Fieldbook.

**ଫିସ୍**—ବୈଦେ. ବ ( ଇଂ )—
Phis ଫିଜ୍ ( ଦେଖ )—Phij ( See )

**ଫିସ୍‌ଫିସ୍**—ଦେ. ଅ. (ଧ୍ୱନ୍ୟନୁକରଣ) (ଭୁଲ. ଇଂ. ପିସ୍)—
Phis-phis ୧ । ଛୋଟ ଛୋଟ ବିନ୍ଦୁରେ ବର୍ଷା ହେବାର ଶବ୍ଦ—
(ଫିସିଫିସି, ଫିସିର ଫିସିର—ଅନ୍ୟରୂପ) 1. Sound of drizzling rain; pissing sound.
फिस् फिस्, फुईफुई ୨ । ଭୁନ ଭୁନ କଥାବାର୍ତ୍ତା ହେବାର ଶବ୍ଦ—
फुस फुस 2. Whispering sound
[ ଦ୍ର—ଫସ୍ ଫସ୍ ଓ ଫସର ଫସର—ବଡ଼ ଶବ୍ଦ । ଫିସ୍‌ଫିସ୍ ଓ ଫିସିର ଫିସିର—ଫସ୍ ଫସ୍ ଅପେକ୍ଷା ଛୋଟ ଶବ୍ଦ । ଫୁସ୍ ଫୁସ୍ ଓ ଫୁସୁରୁ ଫୁସୁରୁ—ଫିସ୍ ଫିସ୍ ଅପେକ୍ଷା ଅଳ୍ପର ଛୋଟ ଶବ୍ଦ ସ୍ଥଳରେ ବ୍ୟବହୃତ ହୁଏ । ]

**ଫିସ୍‌ଫିସା**—ଦେ. ବ.—ଫିଉଫିସ୍ ବର୍ଷା; ଝିପିଝିପି ବର୍ଷା—
Phis-phisā Drizzling rain.
फुईफुई फुहार पडना; मिस्सिपडना ( ଫିସିଫିସା—ଅନ୍ୟରୂପ )

**ଫିସାଦ**—ବୈଦେ. ବ. ( ଅ. ଫସାଦ୍ )—୧ । କଳହ; ଝଗଡ଼ା—
Phisāda फेसाद फसाद (ଫେସାଦ—ଅନ୍ୟରୂପ) 1. Quarrel.
୨ । ଦ୍ୱନ୍ଦ୍ୱ; ବିବାଦ—2. Dispute.
୩ । ମନ୍ଦ ଫଳ; ଅବସ୍ଥା—3. Bad effects.
× × ମନ୍ଦ-ମନ୍ଦର-ଜର୍ଷ—ଫାର୍ଶ ଗୁଣ୍ଡାଙ୍କ ଶାଭଫଳ,
ତାହାର ଫିସାଦ = ପଙ୍କାରମୋହନ. ଗଳ୍ପସ୍ବ ।
୪ । ଗୁପ୍ତମନ୍ତ୍ରଣା—4. Instigation.
୫ । ବିପଦ—5. Danger.
୬ । ବିଦ୍ରୋହ—6. Rebellion; revolt.
୭ । ଗୋଳମାଲ—7. Confusion.
୮ । ଛଳନା—8. Feigning; excuse.

**ଫିସାଦ କରିବା**—ଦେ. କ୍ରି. ( ଅ. ଫସାଦ୍ )—
Phisāda karibā ୧ । ଗୋଳମାଲ ଲାଗ କରିବା—
(ଫିସାଦ କାଢ଼ିବା—ଅନ୍ୟରୂପ) 1. To set up a row.
फेसाद करा ୨ । ମେଳ କରିବା—2. To combine.
फसाद करना ୩ । ଧର୍ମଘଟ କରିବା—3. To strike work.
୭ । କୁଫଳ ଉତ୍ପାଦନ କରିବା—
7. To produce bad effect.

**ଫିସାଦି**—ବୈଦେ. ବ—ଫିସାଦ (ଦେଖ)—
Phisādi Phisāda (See)
ବଣ (ଅ. ଫସାଦୀ)—ଫିସାଦିଅ (ଦେଖ)—Phisādia (See)

**ଫିସାଦିଅ**—ବୈଦେ. ବଣ. (ଅ)—୧ । କଳହପ୍ରିୟ—
Phisādia 1. Quarrelsome; contentious.
[ଫିସାଦ(ଦ)ବାଜ୍—ଅନ୍ୟରୂପ] ୨ । ଫଳରେ କଳହ ଘଟାଇବା—
फेसादी; फेसादिया 2. Leading to quarrel or
फसादी dispute.
୩ । ଗୁପ୍ତ ମନ୍ତ୍ରଣା ଦାତା—3. Secret instigator.
୪ । ମେଳିଅ—4. Combining; rebellious.

**ଫୁ**—ଦେ. ଅ. (ଧ୍ୱନ୍ୟନୁକରଣ)—ଫୁଁ (ଦେଖ)
Phu (ଫୁ ଫୁ—ଅନ୍ୟରୂପ) Phun (See)

**ଫୁଆରା**—ବୈଦେ. ବ. (ଅ. ଫାଉଆରହ୍; ଭୁଲ ସ. ଫୁତ୍କାର)—
Phuārā ୧ । ଝରଣା; ଉତ୍ସ—1. Fountain.
(ଫୋଆରା—ଅନ୍ୟରୂପ) ୨ । କୃତ୍ରିମ ଉତ୍ସ—
फुआरा; फोआरा फुआरा; फव्वारा 2. Artificial fountain.

**ଫୁଇ**—ପ୍ରାଦେ. (ସମ୍ବଲପୁର) ବ—୧ । ବନସି ସୂତାକୁ ପାଣିରେ ଉବୁଟୁର
Phui ରଖିବା ପାଇଁ ବ୍ୟବହୃତ ସୋଲଦ ବା ମୟୂର ପକ୍ଷିର
କାଠି; ଫେରେଣ୍ଡା—1. Float attached to the angling string.
୨ । (ସ. ପର୍ବ) ଅଖୁର ଛୋଟଛୋଟ ଖଣ୍ଡ (ଯହିଁରେ ଅଖି ବା
ଗଣ୍ଠି ନ ଥାଏ)—Small bits of sugarcane having no knots or nodes therein.

**ଫୁଁ**—ଦେ. ଅ (ଧ୍ୱନ୍ୟନୁକରଣ)—ଦୁଇ ଓଠ ମଧ୍ୟ ଦେଇ ନଳ ଅବରେ
Phun ପବନ ଫୁଙ୍କିବାର ଶବ୍ଦ (ଶର୍ଷଅବରେ)—Hissing
फू फु sound; sound of blowing wind with the mouth through a hole.

**ଫୁଃ**—ଦେ. ଅ—(ଅନାଦର ବା ତୁଚ୍ଛାର୍ଥବୋଧକ ଧ୍ୱନି)—ଛିଃ !
Phuh (Interjection) Fie ! Tush ! Pooh !

**ଫୁକ୍‌ନା**—ପ୍ରାଦେ (ଗଞ୍ଜାମ) ବ—୧ । ସୂତାଧାର—
Phuk-nā 1. A receptacle for thread.
୨ । ନଟେଇ—2. Spindle.

**ଫୁକ୍‌ଲଲିଅ**—ପ୍ରାଦେ. (ସମ୍ବଲପୁର) ବ. (ଭୁଲ. ହି. ଲବା)—
Phuk-lāliā ଖଇ; ଲିଅ—Fried paddy.

**ଫୁକ**—ସ. ବ. ପୁଂ—ପକ୍ଷୀ; ଚଢ଼େଇ—
Phuka Bird (Wilson).

**ଫୁକର**—ଦେ. ବ—ଫୁକାର ୧, ୨, ୩ (ଦେଖ)—
Phukara (ଫୁକ୍କର—ଅନ୍ୟରୂପ) Phukāra 1. 2. 3. (See)

**ଫୁକା**—ପ୍ରାଦେ. (ଗଞ୍ଜାମ) ବ—କ୍ଷୁଦ୍ର ବ୍ରଣ—
Phukā A small boil.

**ଫୁକାର**—ଦେ. ବ. (ସ. ଭୁକ=ଛିଦ୍ର; ଯୋଗେଶ୍ବର)—ଖିଲାଣ—
Phukāra 1. Archway.
फोकर; फुकर ୨ । ପୋଲତଳେ ପାଣି ଯିବା ନିମନ୍ତେ ଉଦ୍ଦିଷ୍ଟ
पुलिया ଖିଲାଣ—2. Archway for the exit of the rushing water below a bridge.
୩ । ଛୋଟ ଖାଲ ବା ପୋଲ—3. Culvert.
फुस फुस शब्द ୪ । (ସ ଫୁତ୍କାର)—ଫୁ ଫୁ ଶବ୍ଦ; ଫୁତ୍କାର—
फुँकार; फुफ्कार 4. Hissing sound.
୫ । ମୁଖବାଦ୍ୟବିଶେଷ—5. A vocal musical sound produced by the mouth

ଅଠାଣି ସହସ୍ର ଫୁକାର ଶାଳେ
ଗଉଣି ସହସ୍ର ଡର୍ମିକ ବାଜେ । ପ୍ରାଚୀ. ରଘୁବଂଶ ।

**ଫୁକାର୍**—ଦେ. ବଣ. (ହି. ଫୁକାରନା; ସ. ପ୍ରଘୁଷ୍ଟ )—ପ୍ରଘୁଷ୍ଟ—
Phukārā Proclaimed; promulgated.
फुकारा ରେ କଗୋଇ ! ଫୁକାର ହୋଇ୍ଗଲେ ।
फुकारा ରତର୍ସର୍ଣ୍ଣ. କଗୋଇ କଣ୍ଠ ଫ ଗାଡ ।
ଦେ ବ—ପ୍ରଘୁଷ—Proclamation; publication.

**ଫୁକାରିବା**—ଦେ. କି. (ହି. ଫୁକାରନା; ଭୂଲ. ସ. ଫୁତ୍କାର; ପ୍ରଘୁଷ)—
Phukāribā ୧ । ଚଳ୍ହାର କରିବା; ପାଟି କରି ଡାକିବା;
ଫୁକାର(ରେ)ଇବା / ଫୁକାର ହେବା / ଫୁଲୁରା(ରେ)ଇବା / ଫୁଲ୍ହାରିବା } ଅନ୍ୟରୂପ — ଉଚ୍ଚୈଃସ୍ୱର କରିବା—
1. To call aloud; to halloo
୨ । କହିବା—2. To speak out
୩ । ଗର୍ଜନ କରିବା; ରବ କରିବା—
फुकारा 3. To roar; to utter a loud sound.
फुकारना ୪ । ପ୍ରକାଶ କରିବା—4. To publish.

**ଫୁକିଆ**—ପ୍ରାଦେ. (ଗଡ଼ଜାତ) ବ—ରାତ୍ର ୪ଟା ବେଳେ ଉଦିତ ହେବା
Phukiā ପାହାନ୍ତିଆ ତାରା; ଶୁକ୍ର ଗ୍ରହ—
(ଫୁକିଆତାରା—ଅନ୍ୟରୂପ) Morning star; the planet Venus rising in the early morning.
(ଯଥା—ଫୁକିଆ ଉଠିଲେ କେଉଟୁଣୀମାନେ ଚୂଡ଼ାକୁଟା ଆରମ୍ଭ କରନ୍ତି ।)

**ଫୁ(କୁ)କିଆଣି**—ପ୍ରାଦେ. (ପୁରୀ) ବ—ଫୁଟିଆଣି (ଦେଖ)
Phu(ku)kiāṇi Phutiāṇi (See)

**ଫୁକୁର ଫୁକୁର**—ଦେ. କ୍ରି. ବଣ. ( ସ. ଫକ୍କ ଧାତୁ=ମନ୍ଦଗତି;
Phukur phukur ଲଘୁଗତି )—ଲୁଦୁଲୁଦୁକା; କ୍ଷୁଦ୍ର ପ୍ରାଣୀ
(ଫୁକୁରୁ ଫୁକୁରୁ—ଅନ୍ୟରୂପ) ନାଚିବା ବା ଡେଇଁବା ପ୍ରକାରେ—
फुक्; फुक्फुक् In a frisking manner.
फुदुक फुदुक (ଯଥା—ପିଲାଟି ଫୁକୁର ଫୁକୁର ହୋଇ ନାଚୁଛି ।)
[ ଦ୍ର—ଫକର ଫକର ଅପେକ୍ଷା ଫୁକୁର ଫୁକୁର କ୍ଷୁଦ୍ରତର ପ୍ରାଣୀ ସୂଚନା କରେ । ବଡ଼ ମନୁଷ୍ୟ ବା ପ୍ରାଣୀ (ଯଥା—ମାଙ୍କଡ଼) ଫକର ଫକର ହୁଏ । ଛୋଟ ପ୍ରାଣୀ (ଯଥା—ଶିଶୁ, ଛେଳିଛୁଆ) ଫୁକୁର ଫୁକୁର ହୁଏ । 'ଫୁକୁର ଫୁକୁର' ଶବ୍ଦ ପ୍ରୟୋଗଦ୍ୱାରା ନର୍ତ୍ତକର କ୍ଷୁଦ୍ର ଆକୃତି ଓ ନାଚିବାର ସ୍ପୃହା ସୂଚିତ ହୁଏ । ]

**ଫୁଙ୍କ(ଙ୍କା)**—ଦେ.ବ. (ସ.ଫୁତ୍କାର)—ଦୁଇ ଓଠ ପବନ ବାହାର କରିବା
Phuṅka(ṅkā) ପ୍ରକ୍ରିୟା—1. The act of blowing wind
फूँक; फुँको; फ का फुँकना through the lips.
( ଫୁଙ୍କା—ଅନ୍ୟରୂପ ) ୨ । ବଣିଆମାନେ ନଳଦ୍ୱାରା ଅଗ୍ନିକୁ ପବନ ଯୋଗାଇବା—2. The act of blowing up a fire with a pipe.
୩ । ଦୋହନ କାଳରେ ସଦ୍ୟଃ ପ୍ରସୂତା ଗାଈମାନଙ୍କ ଦୁଗ୍ଧ ମିଳିବା ନିବାରଣ କରିବା ପାଇଁ ସେମାନଙ୍କ ପ୍ରସବରନ୍ଧ୍ରରେ ମୁହଁ ଦେଇ ପେଟରେ ପବନ ପୂରାଇବା କ୍ରିୟା; ଗାଈ ଧରା—
3. Phooka; the process of blowing through the female organ of a newly delivered cow.
୪ । କଞ୍ଚା କଦଳୀକୁ ଧୂଆଁଦ୍ୱାରା ଶୀଘ୍ର ପଚାଇବା ପ୍ରକାରବିଶେଷ—
4. A process of ripening green plantains by blowing hot smoke into them.
[ ଦ୍ର—କଞ୍ଚା ପାକଳ କଦଳୀକୁ କୁଣ୍ଡା ଅନ୍ଦରରେ ପୁଣି ଗୋଟିଏ ମାଠିଆ ବା ହାଣ୍ଡିରେ ବା ଗର୍ତ୍ତରେ ପୂରାଇ ତଳ୍ହରେ ଗୋଟିଏ ସାନ ଛିଦ୍ର ରଖି ସେ ଛିଦ୍ରରେ ନିଆଁ ଦେଇ ଫୁଙ୍କିବାକୁ ହୁଏ; ଏପରି କଲେ କଞ୍ଚା କଦଳୀ ଧୂଆଁ ବାଜି ଶୀଘ୍ର ପାଚିଯିବ । ]

**ଫୁଙ୍କ ନଳ**—ଦେ. ବ. ( ସ. ଫୁତ୍କାର+ନଳ )—ବଣିଆମାନେ ଯେଉଁ
Phuṅka naḷa ନଳ ମଧ୍ୟ ଦେଇ ନିଆଁକୁ ଫୁଙ୍କନ୍ତି—
फ कनल फुँकनल Goldsmith's blow-pipe.
( ଫୁଙ୍କନଳ—ଅନ୍ୟରୂପ )

**ଫୁଙ୍କ ନଳି**—ଦେ. ବ—ଫୁଙ୍କ ନଳ ( ଦେଖ )
Phuṅka naḷi Phuṅka naḷi ( See )
(ଫୁଙ୍କନଳି—ଅନ୍ୟରୂପ) ପ୍ରାଦେ. (ପୁରୀ) ବ—ଫୁଙ୍କନଳିଆ (ଦେଖ)
Phuṅkanaḷiā (See.

**ଫୁଙ୍କ ନଳିଆ**—ପ୍ରାଦେ. ( ପୁରୀ )ବ—ପୁରୀଜିଲ୍ଲା ସ୍ୱାଧୀନ ବ୍ରାହ୍ମଣ ଶାସନର
Phuṅkanaḷiā କୁଳୀନ ବ୍ରାହ୍ମଣମାନଙ୍କର ବଂଶିଷ୍ଟତାପରିଚାୟକ
(ଫୁଙ୍କୁନଳିଆ—ଅନ୍ୟରୂପ) ଉପାଧିବିଶେଷ—A distinctive title of certain high caste Brāhmaṇas of Puri district.

**ଫୁଙ୍କ ବାଦ୍ୟ**—ଦେ. ବ. ( ସ. ଫୁତ୍କାର+ବାଦ୍ୟ )—ବାହାଲୀ ଆଦ
Phuṅka bādya ଯେଉଁ ଯନ୍ତ୍ରକୁ ଫୁଙ୍କି ବଜାଇବାକୁ ହୁଏ ( ଯଥା-
फुँकबाद्य ବଂଶୀ, ପ୍ରାଚୀନ ଭୂରଳ ) (ଯଥା—ବଂଶୀ)—Musical instruments (such as trumpets ) which are blown by the mouth.

**ଫୁଙ୍କା**—ଦେ. ବ—ଫୁଙ୍କ ( ଦେଖ )—Phuṅka ( See )
Phuṅkā ବଣ—ମୁଖଦ୍ୱାରା ବାୟୁ ଭର୍ତ୍ତି କରାଯାଇଥିବା—
फ का; फोका फुँकाहुआ Blown with the mouth.

**ଫୁଙ୍କା(ଙ୍କେ)ଇବା**—ଦେ. କ୍ରି ( ସ. ଫୁତ୍କାର )—(ଫୁଙ୍କିବା କ୍ରିୟାର
Phuṅkā(ṅke)ibā ଣିଜନ୍ତରୂପ—The causative form
फ कान फुँकवाना of Phuṅkibā.)
ଅନ୍ୟଦ୍ୱାରା ଫୁଙ୍କିବା କ୍ରିୟା କରାଇବା—
To cause another to blow wind.

**ଫୁଙ୍କା ଝଡ଼ା**—ଦେ. ବ—ମନ୍ତ୍ର ଉଚ୍ଚାରଣପୂର୍ବକ ଗାଆ ଦମ୍ଭା ଦେବାକୁ
Phuṅkā jharḍā ଫୁଙ୍କିବା ଓ ରୁଗ୍ଣ ସ୍ଥାନ ଉପରେ ହାତ
झाड़ फ क ବୁଲାଇବା—To make one's palm pass
झाड़फुँक over an affected part and to blow wind over it by incanting mantras.

**ଫୁଙ୍କାଣି**—ଦେ. ବ—ଫୁଟିଆଣି (ଦେଖ)—Phutiāṇi (See)
Phuṅkāṇi ( ଫୁଙ୍କିଆଣି; ଫୁଙ୍କୁଆଣି—ଅନ୍ୟରୂପ )

**ଫୁଙ୍କାଫୁଙ୍କି**—ଦେ. ବ—୧ । ଫୁଙ୍କିବା ପ୍ରକ୍ରିୟା—1. The act of
Phuṅkāphuṅki blowing wind with the mouth.
फ काफ की ୨ । ଝଡ଼ା ଫୁଙ୍କା; ମନ୍ତ୍ର ପଢ଼ି ଗାଆ ଅଙ୍ଗକୁ ଫୁଙ୍କିବା—
फुँकाफुँकी 2. The act of blowing wind with the mouth by reciting mantras.

**ଫୁଙ୍କା ବନ୍ଧ**—ଦେ. ବ—ବ୍ରହ୍ମଜ୍ଞାନ ମତରେ ପାଞ୍ଚ ମନ ପଚିଶ ପ୍ରକୃତି ଅବ
Phunkā bandha ସୂକ୍ଷ୍ମ ଶରୀର—The body with five minds and twenty five propensities according to the Brahmajñāna school.
ଫୁଙ୍କା ବନ୍ଧ କଥା ସେ ପଚାରନ୍ତି ମୋତେ—ପ୍ରାଚୀ. ପଦରେ ଗୀତା ।

**ଫୁଙ୍କିବା**—ଦେ. କି. ( ସ. ଫୁତ୍କାର )—୧ । ମୁହଁବାଟେ ପବନ ଛାଡ଼ିବା;
Phunkibā ଫୁତ୍କାର କରିବା-1. To blow wind through
ଫୁଁକା, ଫୁଁକା ফুঁকনা; ফুঁকনো the mouth.
ଫୁଙ୍କାଯିବା } କର୍ମବାଚ୍ୟ ରୂପ ଫୁଙ୍କିଦେଲେ ଉଡ଼ିଯିବା ପରି ସବୁ ଅଛନ୍ତି
ଫୁଙ୍କାହେବା } ଭକ୍ତ ହେଉ କଉଡ଼ି... କରୋଗଟକ୍ଷ, ଫ ଗୀତ
୨ । ମୁହଁ ବା ନଳ ଦ୍ୱାରା ପବନ ଛାଡ଼ି ନିଆଁକୁ ସତେଜ କରାଇବା
2. To keep up a fire by constant blowing.
୩ । ମନ୍ତ୍ରପାଠ ପୂର୍ବକ ଘାଆ ବା ରୋଗ ଉପରକୁ ମୁହଁ ଦ୍ୱାରା
( ଫୁଙ୍କିଦେବା—ଅନ୍ୟରୂପ ) ପବନ ଛାଡ଼ିବା—
3. To blow wind over a sore or affected part of the body by reciting mantras.
ଗାଆର କଥା ତା ପିଲଙ୍କୁ ଦୁଃଖ ହେଲେ ଫୁଙ୍କି ଉଡ଼ାଇ ଦେବ ।
ଫକୀରମୋହନ ଛମାଣ ଅଠଗୁଣ୍ଠ ।
୪ । (ନୂଆ ପ୍ରସବ କରିଥିବା ଗାଈଠାରୁ ଦୁଧ ଦୁହିଁବା ବେଳେ ଯେପରି ସେ ଦୁଷ୍ଟାମୀ ନ କରିବ, ସେହି ଉଦ୍ଦେଶ୍ୟରେ ଗଉଡ଼ମାନେ ତାହାର ପ୍ରସବ ଦ୍ୱାରରେ ମୁହଁ ବା ବାଉଁଶ ନଳ ଦେଇ ତା ପେଟ ଭିତରେ ଜୋରରେ ପବନ ପୂରାନ୍ତି; ଏହିଭଳି ପ୍ରକ୍ରିୟାକୁ ଫୁଙ୍କିବା କହନ୍ତି)—ଗାଈ ଧରିବା—
4. To blow wind into the belly of a newly calved cow, so that she will submit easily to being milked.
୫ । ( ଲକ୍ଷଣାର୍ଥ ) ଧନକୁ ଅପବ୍ୟୟ କରିବା ବା ଉଡ଼ାଇ ଦେବା—
5. ( figurative ) To squander (money).
୬ । ଗୁପ୍ତ ଭାବରେ ଅନ୍ୟର କାନରେ କୌଣସି କଥା କହିଦେବା-
6. To whisper a matter into another's ears.
୭ । ( ଗୁରୁ ) ଶିଷ୍ୟର କାନରେ ମନ୍ତ୍ର ଦେବା—
7. ( the spiritual preceptor ) To whisper esoteric formula into the ears of a disciple.
୮ । ଶଙ୍ଖ, ବଂଶୀ ଆଦି ବଜାଇବା—
8. To blow conches, flutes etc.
ପୁଣି ଅଧର ଥରେ ଫୁଙ୍କିଲି ମୁଁ ଶଙ୍ଖ ।
କୃଷ୍ଣସିଂହ ମହାଭାରତ. ଉଦ୍ୟୋଗ

**ଫୁଙ୍ଗଲା**—ଦେ. ବଣ ( ସ. ନଗ୍ନ )—୧ । (ପୁଂ) ଅନାବୃତ୍ତ ଶରୀର—
Phung-lā 1. With naked or uncovered body.
ଫଙ୍ଗା } ଅନ୍ୟରୂପ ୨ । ଇତସ୍ତତଃ ବିକ୍ଷିପ୍ତ—2. Strewn here and there.
ଫଙ୍ଗୁଲା }
नंगा, खीँसा हुआ, तितरबितर ୩ । ( ପୁଂ ) ଫାଙ୍ଗୁଲା ( ଦେଖ )
( ଫୁଙ୍ଗୁଲୀ—ସ୍ତ୍ରୀ ) 3. Phāngulā ( See )

**ଫୁଙ୍ଗଲ୍**—ପ୍ରାଦେ ( ସମ୍ବଲପୁର ) ବ—ଛୋଟ ଗାତ—
Phungal Small hole.

**ଫୁଙ୍ଗୀ**—ଦେ. ବ ( ସ. ନଗ୍ନ )—ବୌଦ୍ଧ ସନ୍ନ୍ୟାସୀ ବା ଭିକ୍ଷୁ—
Phungi पुंगी ফুগী Buddhist monk.

**ଫୁଟ୍**—ବୈଦେ. ବ ( ଇଂ )—ଇଂରାଜ ବୈଦେଶିକ ପରିମାଣବିଶେଷ;
Phut ଗଜର ଏକତୃତୀୟାଂଶ; ୧୨ଇଞ୍ଚ; ପ୍ରାୟ ୧୬ ଅଙ୍ଗୁଳ
ଫୁଟ ফুট ପରିମାଣ; ପ୍ରାୟ ଏକପାଦ ପରିମାଣ—Foot (measure)
ଦେ. ( ଧ୍ୱନ୍ୟନୁକରଣ ) ଅ— ଫୁଟ୍ ଫୁଟ୍ ( ଦେଖ )
Phut phut (See)

**ଫୁଟ୍କର**—ଦେ. ବ. ( ସ. ସ୍ଫୁଟ ) ୧ । ପୃଥକ୍—1. Separate.
Phut-kar ୨ । କ୍ଷୁଦ୍ର—2. Small.
ଛୋଟ ୩ । ବାଜେ—3. Miscellaneous.
ফুটকর ୪ । ଅଯୁଗ୍ମ (ସଂଖ୍ୟା)—4. Odd (number).

**ଫୁଟ୍କା**—ପ୍ରାଦେ. ( ବାଲେଶ୍ୱର ) ବ—(ସ. ସ୍ଫୋଟକ; ତୁଳ-ହିଁ ଫୁଟ୍କା)-
Phut-kā ଫୁକ୍ନା ( ଦେଖ ) Phuk-nā ( See )
ଦେ. ବ.—ଫୋଟକା ( ଦେଖ ) Photakā ( See )

**ଫୁଟ୍କୁଡ଼ି(ରି)**—ପ୍ରାଦେ. ( ଗଡ଼ଜାତ ) ବ—ଝୁମ୍ପୁଡ଼ି ୧ ( ଦେଖ )
Phut-kurdi(ri) Jhumpurdi 1 ( See )

**ଫୁଟ୍ନୋଟ୍**—ବୈଦେ. ବ. ( ଇଂ )—କୌଣସି ପୃଷ୍ଠାରେ ଲେଖା ଯାଇ-
Phut-not ଥିବା ବିଷୟ ସମ୍ବନ୍ଧେ ପୃଷ୍ଠା ତଳେ ଦିଆଯିବା ଟିପ୍ପଣୀ—
ফুটনোট ফুটনোট Foot-note

**ଫୁଟ୍ପାଥ୍**—ବୈଦେ. ବ ( ଇଂ )— ମନୁଷ୍ୟ ଚାଲିବା ପାଇଁ ଅଭିପ୍ରେତ ପଥ
Phut-pāth ফুটপাথ ফুটপাথ Footpath.

**ଫୁଟ୍ଫାଟ୍**—ଦେ ଅ ( ଧ୍ୱନ୍ୟନୁକରଣ )—୧ । ଚୁପ୍‌ଚାପ୍ କଥାବାର୍ତ୍ତା;
Phut-phāt ଭୁଟ୍‌ଭାଟ୍—1. Whispering.
୨ । ଏକାଧିକ ବ୍ୟକ୍ତିଙ୍କ ମଧ୍ୟରେ ଅନୁଚ୍ଚ କଥାବାର୍ତ୍ତା ଦ୍ୱାରା ଗୁପ୍ତ କଥାର ପ୍ରକଟନ—
3. A secret being divulged by being carried from ear to ear by whispers.

**ଫୁଟ୍ ଫୁଟ୍**—ଦେ ଅ ଧ୍ୱନ୍ୟନୁକରଣ) —ଭାତ ଫୁଟିବାର ଶବ୍ଦ—
Phut phut The sound of rice while boiling.
ଫୁଟ ଫୁଟ, ଫଟ ଫାଟ ବ. (ସ. ସ୍ଫୁଟ) ଦେହରେ ବିନ୍ଦୁ ବିନ୍ଦୁ ହୋଇ
টমটমা ଘିମିରି ଆଦି ବାହାରି ଯିବା; ବିରି ବିରି ହୋଇ ଫଳିଯିବା—
ফুটফুট The coming out of pimples on the body; tiny eruptions

**ଫୁଟ୍ବଲ**—ବୈଦେ. ବ ( ଇଂ )—୧ । ଗୋଡ଼ଦ୍ୱାରା ଆଘାତ କରି
Phut-bal ଖେଳାଯିବା ପେଣ୍ଡୁ—1. Football.
ଫୁଟବଲ ୨ । ଗୋଡ଼ରେ ପେଣ୍ଡୁ ବାଡ଼େଇ ଖେଳିବା ଖେଳ—
ফুটবল 2. The game of football.

**ଫୁଟ**—ସ. ବ—(ସ୍ଫୁଟ୍ ଧାତୁ=ବିକଶିତ ହେବା; ବ୍ୟକ୍ତ ହେବା; ଭେଦ
Phuta କରିବା+କର୍ତ୍ତୃ. ଅ; ନିପାତନ)—୧ । ସାପର ଫଣା—
1. The expanded hood of a serpent.
୨ । ଟୋପା—2. Drop
୩ । ଫୁଟି କାକୁଡ଼ି; ଲତାଫଳବିଶେଷ—
3. A cucurbitacious fruit;Cucumus Memordica.
୪ । ପ୍ରକାଶ—4. Exhibition.

୫ । ଯେଉଁ ଦ୍ରବ୍ୟ ସାହାଯ୍ୟରେ ଧାତୁ ତରଳାଇବାକୁ ହୁଏ—
5. A menstruum; a solvent; flux.

ବଣ—୧ । ଛେଦିତ—1. Pierced.

୨ । ପ୍ରସ୍ଫୁଟିତ—2. Opened; expanded.

ଦେ. ବ—(ସଂ. ପୁଟ)—ଶାଳକୋଷ; ପଣସ, ଲେମ୍ବୁ
କୋୟା ଆଦି ମଧ୍ୟସ୍ଥ ବୀଜପୂର୍ଣ୍ଣ କୋଷ—A seed-vessel of the
କୋଷା jack, lemon, tamarind and such other fruits.

ଦେ. ବଣ—(ସଂ. ସ୍ଫୁଟ)—ଗାଡ଼ିରେ ବା ବଗିରେ ଲାଗିବା
ଫୁଟ ফুট ଏକୁଟିଆ(ଘୋଡ଼ା)—Single (Carriage-horse).

**ଫୁଟ(ଟ)ଣ**—ଦେ. ବ—ଫୁଟା (ଦେଖ)
Phutaṇa Phuṭā. ( See )

**ଫୁ(ଟ)ଣା**—ଦେ. ବ (ସଂ. ସ୍ଫୋରଣ; ସ୍ଫୁଟନ)—୧ । ତରକାରୀ ଆଦିକୁ ଘିଅ
Phuṭa(ṭu)ṇā ବା ତେଲରେ ବଘାରିବା ପାଇଁ ବ୍ୟବହୃତ ମସଲା;
ফোড়ন ବାଣ୍ଡିଫୁଟା—1. Condiment used to savour
छौंकनेका मसाला curry etc with ghee or oil.

फुटन ୨ । ଭାତ ଆଦି ପାଇଁ ପାଣିଫୁଟିବା—
फुटना 2. The boiling of rice in water.

**ଫୁଟନ୍ତ(ନ୍ତା)**—ଦେ. ବଣ—(ସଂ. ସ୍ଫୁଟତ୍)—୧ । ପ୍ରସ୍ଫୁଟିତ; ଫୁଟିଥିବା;
Phuṭanta(ntā) ବିକସିତ— 1. Full blown.
(ଫୁଟନ୍ତା—ଅପଭ୍ରଂଶରୂପ)
ফুটন্ত କର୍ଣ୍ଣ ଅର୍ଜୁନଙ୍କ କାଣ୍ଡରେ ଗଣ୍ଡ ମଣ୍ଡି
खिलाहुआ ଫୁଟନ୍ତା ପଦ୍ମ ଶୋଭାକୁ ଦେଲେ ଶଣ୍ଡି । କୃଷ୍ଣସିଂହ. ମହାଭାରତ. କର୍ଣ୍ଣ ।

୨ । ଅଗ୍ନି ଉତ୍ତାପରେ ଫୁଟୁଥିବା—2. Boiling on fire.

**ଫୁଟା**—ଦେ. ବ—(ସଂ. ସ୍ଫୁଟ୍. ଧାତୁ)—୧ । ଭାତ ଫୁଟିବା—
Phuṭā ফুটা, ফুটো फुटना Boiling of rice.

छौंकनेका मसाला ୨ । ବାଣ୍ଡିଫୁଟା; ତରକାରୀ ବଘାରିବା ମସଲା;
ଫୁଟଣା—2. Spices used in frying or flavouring curry.

सुर, सुराख ୩ । ଛିଦ୍ର; କଣା—3. Hole.

फूटना ୪ । ଫୁଲ ଫୁଟିବା – 4. The blowing of blossoms into flowers.

ফুটন্ত ବଣ—୧ । ପ୍ରସ୍ଫୁଟିତ ହୋଇଥିବା; ବିକସିତ (ଫୁଲ)—
खीलाहुआ, फुटाहुआ 1. Expanded; full-blown, (flower).
ଜଳସ୍ଥାନମାନଙ୍କେ ଫୁଟା ପଦ୍ମ ଗନ୍ଧ
ସେବେଲେ ଭୃଙ୍ଗେ ସେଠାକୁ ଧାଇଁ ହୋଇ ଅନ୍ଧ । କୃଷ୍ଣସିଂହ. ମହାଭାରତ. ବନ ।

(ଫୁଟୀ—ସ୍ତ୍ରୀ) ୨ । ଫୁଟି ଯାଇଥିବା; ଛିଦ୍ର ହୋଇଥିବା; କଣା ହୋଇ
ফুটা फुटाहुआ ଥିବା—2. Having a hole.

**ଫୁଟା(ଟେ)ଇବା**—ଦେ. କ୍ରି—(ସଂ. ସ୍ଫୁଟ୍. ଧାତୁ)—(ଫୁଟିବା କ୍ରିୟାର
Phuṭā(ṭe)ibā ଣିଜନ୍ତ ରୂପ—The causative form of
ফুটান, ফোটান फुटाना, फुटवाना Phuṭibā).

୧ । ପ୍ରସ୍ଫୁଟିତ କରାଇବା—
1. To cause to expand.
ଫୁଟାଏ କୁସୁମଗୁଣୀ ଭଳଳ । ମଧୁସୂଦନ. ଛନ୍ଦମାଳା ।

୨ । ଭେଦ କରିବା—2. To pierce through.

ବାଣରେ ଫୁଟାଇଲେ ତାଙ୍କର ହୃଦୟ ।
କୃଷ୍ଣସିଂହ. ମହାଭାରତ. ସ୍ୱର୍ଗ ।

ফোটান ୩ । ଛିଦ୍ର କରିବା—3. To make a hole.

फोड़ना ୪ । ଗୋଡ଼ ବା ହାତର ଆଙ୍ଗୁଠିର ଗଣ୍ଠିମାନଙ୍କୁ ମୋଡ଼ିବା
फूटकाना ଦ୍ୱାରା ଟକ୍ ଟକ୍ ଶବ୍ଦ ଉତ୍ପନ୍ନ କରାଇବା—4. To crack the finger joints.

उबालना, ୫ । ଭାତ ଆଦିକୁ ପାଣିରେ ସିଦ୍ଧ କରିବା, ଜଳକୁ
फुटाना ଚୁଲିରେ ବସାଇ ତାହା ଫୁଟିଲା ପରି କରିବା—
5. To cause (water) to boil.

୬ । (ଶୋଭା, ସୌନ୍ଦର୍ଯ୍ୟ) ପ୍ରକାଶିତ କରାଇବା—
6. To bring out ( the beauty of a thing ); to manifest.

୭ । ବନ୍ଧୁକ ଆଦି ଫାୟାର୍ କରିବା—
फोड़ना 7. To fire a gun.

ফোড়ন দেওয়া ୮ । ତରକାରୀ ଆଦିକୁ ବାଣ୍ଡିମସଲା ଦେଇ ବଘାରିବା;
छौंकना ଛୁଙ୍କ ଦେବା—To flavour curry by frying it in oil with spices.

୯ । ବୁଝାଇବା—9. To explain.

୧୦ । ବିସ୍ତାରିତ ରୂପେ ପ୍ରକାଶ କରିବା—
10. To dilate; to describe in detail.
ଇଛା ଫୁଟାଇ କହିଲେ ବଢ଼ିଯିବ କଥା । ଗ୍ରାମ୍ୟ. ବ୍ରହ୍ମକୃଷ୍ଣ ଗୀତା ।

**ଫୁଟାଣ**—ଦେ. ବ—ଫୁଟଣା ( ଦେଖ )
Phuṭāṇa Phuṭaṇā ( See )

**ଫୁଟା ଲୁଗା**—ପ୍ରାଦେ. (ଗଞ୍ଜାମ) ବ—ଭୁନି; ବିଧବାମାନଙ୍କ ପିନ୍ଧିବା ଧଡ଼ି
Phuṭā lugā ନ ଥିବା ଲୁଗା—A cloth without coloured hems worn by widows.

**ଫୁଟି**—ଦେ ବ. ( ସଂ. ସ୍ଫୁଟ; ସ୍ଫୁଟିତ )—୧ । ପ୍ରକାଶ—
Phuṭi 1. Exhibition; manifestation.

ফুটী फूट ୨ । ଏକ ପ୍ରକାର କାକୁଡ଼ି; ଚର୍ଭଟୀ; ଚର୍ଭଟିକା—
2. Cucumber; Cucumis Memordica.

ବଣ—୧ । ସ୍ଫୁଟ; ପ୍ରକାଶିତ—1. Manifested; patent.

୨ । ଖ୍ୟାତ; ପ୍ରକଟିତ—2. Divulged; published.

୩ । କ୍ଳାନ୍ତ; ଶ୍ରାନ୍ତ—3. Tired; fatigued.
ଅନେକ କାଳ ଗର୍ଭେ ଭ୍ରମି
ଫୁଟି ହୋଇଛ ପଥଶ୍ରମୀ । ଜଗନ୍ନାଥ. ଭାଗବତ ।

**ଫୁଟିଆ**—ଦେ. ବଣ. ( ସଂଖ୍ୟାବାଚକ ଶବ୍ଦ ସଙ୍ଗେ ବ୍ୟବହୃତ )—
Phuṭiā ଏତେ ଫୁଟ ପରିମିତ—Measuring so many
ফুটীয়া फुटिया feet.
( ଯଥା—୫ ଫୁଟିଆ ଆଲମାରି । )

**ଫୁଟିଆଣି**—ଦେ. ବ—ଭାତ ଫୁଟିବା ସମୟରେ ହାଣ୍ଡିରୁ ବାହାର କରି
Phuṭiāṇi ଆଣିବା ଗରମପାଣି—Boiling water brought
ফুটন্ত জল out from the pot in which rice is being boiled.
अदहन

**ଫୁଟି ଉଠିବା**—ଦେ. କ୍ରି. (ସଂ. ସ୍ଫୁଟିତ)—୧ । ପ୍ରସ୍ଫୁଟିତ ହେବା—
Phuṭi uṭhibā 1. To be full blown.

फूटे उठा, ତୁଳା ବାଇ ବଳେ ଫୁଟ ଉଠେ ଛଲୁ, ଶୋର ଗଜ ଗର ପାଉ ।
खीलजाना କବିକଶୋର. ଚର୍ଚ୍ଚିକ ।

୨ । ବିକସିତ ହେବା; ପ୍ରକାଶିତ ହେବା; ସ୍ପଷ୍ଟ ରୂପେ ଦେଖାଯିବା-
2 To be manifest; to be seen clearly.

**ଫୁଟି କରିବା**—ଦେ. କ୍ରି—ମାର୍ଗଶିର ମାସରେ ନୂଆ ଧାନ ସିଝାଇବା—
Phuti kariba To boil newly harvested paddy in the month of Mārgaśira.

**ଫୁଟିକା**—ଦେ. ବି—ଅଣ୍ଟୁରୁ ବଳାଗଣ୍ଠି ପର୍ଯ୍ୟନ୍ତ ଗୋଡ଼ର ଅଂଶ—
Phuṭikā जंघा The calf of the leg.
ଗଣ୍ଠିରୁ ଅଣ୍ଟୁ ପର୍ଯ୍ୟନ୍ତେ,
ଫୁଟିକା ବୋଲ ଯୁକତେ । ଭୀରୀ. ପୂର୍ଣ୍ଣଚନ୍ଦ୍ର ଚନ୍ଦ୍ରୋଦୟ ।

୨ ପ୍ରାଦେ. (ଗଡ଼ଜାତ) ବି—ନଦୀ ବା ଝରଣା ନିକଟରେ ହେବା ବୃକ୍ଷବିଶେଷ —Harpullia Imbricata (tree).

**ଫୁଟି କାକୁଡ଼ି**—ଦେ. ବି.— ଫୁଟି (ଦେଖ)—Phuti 2. ( See )
Phuṭi kākuṛdi.

**ଫୁଟିକିଆ**—ଦେ. ବିଣ—ଏକ ଫୁଟ ପରମିତ ଲମ୍ବ—
Phuṭikiā Measuring a foot.
(ଫୁଟକିଆ—ଅନ୍ୟରୂପ)

**ଫୁଟିଗୁଡ଼ି**—ପ୍ରାଦେ. (ବାଲେଶ୍ୱର) ବି—ଝୁମ୍ପୁଡ଼ି ୧ ( ଦେଖ )
Phuṭiguṛdi Jhumpuṛdi 1 ( See )

**ଫୁଟିଫୁଟିକା**—ଦେ. ବି. ( ସଂ. ଦଶସ୍ଥ )—ଫୁଟୁଫୁଟୁକା ( ଦେଖ )
Phuṭiphuṭikā Phuṭuphuṭukā ( See )

**ଫୁଟିବା**—ଦେ. କ୍ରି. ( ସଂ. ସ୍ଫୁଟ୍ ଧାତୁ=ବିକସନ; ଭେଦନ କର୍ମ୍ମ ସ୍ଫୁଟ
Phuṭibā ଧାତୁ )—୧ । ପ୍ରସ୍ଫୁଟିତ ହେବା—
फूटा, फोटा 1. To be full blown.
फूटना, खीलना ( ଯଥା— ଫୁଲ ଫୁଟିବା । )

୨ । ଭୁଷିବା; ଫୋଡ଼ ହେବା; ( ସୂକ୍ଷ୍ମ ପଦାର୍ଥ ) ବିଦ୍ଧ ହେବା—
चुभना, गडना 2. To prick.
( ଯଥା — ମୋ ଗୋଡ଼ରେ ଗୋଟିଏ କଣ୍ଟା ଫୁଟିଗଲା । )

୩ । ଏକ ପାର୍ଶ୍ୱରୁ ଅନ୍ୟ ପାର୍ଶ୍ୱକୁ ଭେଦ କରିବା; ବିଦ୍ଧ
फोडकर निकलना କରିବା—3. To pierce through.
( ଯଥା— ଗୋଟିଏ ଶର ତାଙ୍କ ବକ୍ଷସ୍ଥଳକୁ ଫୁଟିଲା । )

फुटजाना ୪ । କଣା ହେବା; ଛିଦ୍ର ହେବା; ଛିଦ୍ରଯୁକ୍ତ ହେବା—
4. To eat holes; to have holes.
( ଯଥା— କାନ୍ଥରେ ବସାଇବା ମାତ୍ରକେ ହାଣ୍ଡିଟା ଫୁଟିଗଲା । )

फुटपडना ୫ । ( ସୌନ୍ଦର୍ଯ୍ୟ ) ବିକସିତ ହେବା; ସ୍ପଷ୍ଟରୂପେ ପ୍ରକାଶିତ ହେବା; ସ୍ପଷ୍ଟରୂପେ ଦେଖାଯିବା—
5. To be manifest; to be seen clearly.
ସମାଗମେ ଏବେ ଗଣ୍ଡେ ସୁନ୍ଦରୀର ଫୁଟିଲା ଲାଜ ହିଙ୍ଗୁଳ—
ରାଧାନାଥ. ପାର୍ବତୀ ।

फुटना ୬ । ଗରମ ପାଣି ଅଗ୍ନି ଉତ୍ତାପରେ ବୁଦ୍‌ବୁଦ୍‌ଯୁକ୍ତ ହୋଇ ଟକମକ ଶବ୍ଦ କରିବା—6. To boil; to bubble.
( ଯଥା—ଭାତ ଫୁଟୁଅଛି ଟିକିଏ ମଠର । )

फुटना ୭ । ( ବାଣ, ଫୋଟକା ଆଦି ) ଦୁମ୍ ଦାମ୍ ଶବ୍ଦପୂର୍ବକ ଫାଟିବା ହେବା—7. To be fired; to explode with a sound.

(ଯଥା— ବନ୍ଧୁକ ବା ତୋପ ଫୁଟିବା ମାତ୍ରକେ ସମସ୍ତେ ଛୁଟିବସିଲେ । )

फुटना ୮ । ( ଚକ୍ଷୁ ) ଦୃଷ୍ଟିଶକ୍ତିହୀନ ହେବା; ନଷ୍ଟ ହେବା—
8. (the eye) To be blind; to be lost.
( ଯଥା—ବସନ୍ତରେ ତା ଆଖି ଫୁଟିଗଲା । )

୯ । ( ବହୁ ସଂଖ୍ୟକ ଛୋଟ ମାଛ ) ଜଳର ଉପରଭାଗକୁ ଡେଇଁବା—9. ( a large number of small fishes ) To spring up from water in large numbers.

ऋतुमती ୧୦ । ( ଅଶ୍ଳୀଳ ) (ବାଳିକା) ପ୍ରଥମେ ଋତୁମତୀ ହେବା—
होना 10. ( a girl ) To have the menses for the first time; to attain puberty.

लौटना ୧୧ । (କଉଡ଼ି ଖେଳରେ କମ ବା ବେଶି ଦାନ ପଡ଼ିବାଦ୍ୱାରା ଖେଳାଳୀକୁ ଯାଉ ) ପାଚ ନ ଯାଉ ପୁଣି ଲେଉଟିବା; କଞ୍ଚା ହେବା—11. ( the cowrie of a player ) To be obliged to start its movements anew from the beginning owing to a throw resulting in a higher figure than the required one.

फुटना ୧୨ । ଧାନକୁ ଭାଜିଲେ ଧାନ ଉପରର ଚୋପା ବିଦୀର୍ଣ୍ଣ ହୋଇ ତହିଁ ମଧ୍ୟରୁ ଖଇ ଶବ୍ଦ କରି ଡେଇଁ ଡେଇଁ ବାହାରି ପଡ଼ିବା—12. To burst (said of paddy and other chaffed grains while being fried).
( ଯଥା— ଉଙ୍ଗିଅଥିବା ଧାନ ଭଲ ଖଇ ଫୁଟେ । )

गडगडना ୧୩ । ଟକ ଟକ ଶବ୍ଦ କରିବା—13. To make a bubbling sound; to make a cracking sound.
( ଯଥା—ଖୁଆଯାକ ତା ପେଟ ଫୁଟୁଛି । )

୧୪ । ପ୍ରକଟିତ ହେବା—
14. To be published or divulged.
ଫୁଟ ବାହାରିବ ଭୁଜ ଶାର୍ଦ୍ଦ ନଶ୍ୱାସ— ରାଧାନାଥ. ଚନ୍ଦ୍ରଭାଗା ।

୧୫ । ସୁନ୍ଦରରୂପେ ପ୍ରକାଶିତ ହେବା—
15. To come out or appear beautifully.
( ଯଥା—ଏ ଚିତ୍ରରେ ଶ୍ରୀକୃଷ୍ଣଙ୍କ ରୂପଟି ଫୁଟିଛି । )

फुटना ୧୬ । ଛିଦ୍ରମୟ ବା ବ୍ରଣମୟ ହେବା —
16. To be full of holes or sores.
( ଯଥା—କୁଷ୍ଠ ରୋଗରେ ତା ସର୍ବାଙ୍ଗ ଫୁଟିଗଲାଣି । )

थकना ୧୭ । ଶ୍ରାନ୍ତ ହେବା; କ୍ଳାନ୍ତ ହେବା; ଥକିଯିବା—
17. To be over-tired.
ଚଳିତି ଚଳିତି ତୋଳେ ଫୁଟିଲେଣି ଆଦ—ବଳଦୁର୍ଗ. ସଙ୍ଗୀତ ।

फुटना ୧୮ । ଆବରଣ ମଧ୍ୟରୁ ପିଣ୍ଡ ବାହାରକୁ ବାହାରି ପଡ଼ିବା—
18. To burst.
( ଯଥା— କପାକଡ଼ା ଫୁଟିଗଲାଣି । )

୧୯ । ଜାତ ହେବା; ଜନ୍ମ ହେବା—19. To be born.
ଯାବତ ଯୋନିରେ ଭ୍ରମନ୍ତୁ, ସର୍ବତ ଫୁଟଣ ମରନ୍ତୁ—
ଜଗନ୍ନାଥ. ଭାଗବତ ।

୨୦ । ପୀଡ଼ା କରିବା; ପୀଡ଼ାଯୁକ୍ତ ହେବା—20. To become painfull; to ache; to smart.
କେ ବୋଲେ ଶ୍ରୁତଙ୍କ ଫୁଟିବ ସିନା—ସାଳବେଗ, ରସକଲ୍ଲୋଳ ।

୨୧ । ବିଦ୍ଧ ହେବା—21. To be pierced through.
( ଯଥା—କାଣ୍ଡରେ ତା ଛାତି ଫୁଟିଗଲା )

**ଫୁଟି**—ଦେ. ବି. ( ସ. ସ୍ଫୁଟୀ; ଫର୍କଟୀ )—କାକୁଡ଼ି ଜାତୀୟ ଲତାଫଳ-
Phuṭi ବିଶେଷ; ଫର୍କଟୀ; ଚର୍ଭଟୀ—A cucurbitacious fruit;
ফুটী **फुट, फुनट, फुटी** Cucumis Memordica.
(ଫୁଟିକାକୁଡ଼ି—ଅନ୍ୟରୂପ) [ ଦ୍ର—ଏହା ଦେଖିବାକୁ କାକୁଡ଼ି ପରି, କିନ୍ତୁ ବେଶି ଲମ୍ବା, ମୋଟ ଓ ଚିକଣ; ପାଚିଲେ ହଳଦିଆ ହୋଇ ଫାଟିଯାଏ । ]

**ଫୁଟୁକା**—ଦେ. ବି—ଫୋଟକା ( ଦେଖ )
Phuṭukā Phoṭakā ( See )

**ଫୁଟୁକି**—ଦେ. ବି. ( ସ. ସ୍ଫୋଟ; ସ୍ଫୋଟିକା )—୧ । ଅଙ୍ଗୁଳି ଫୁଟାଇବା
Phuṭuki ଶବ୍ଦ—1. Snapping of the fingers; crack-
টুস্কি, টোস্কা ing sound with the fingers; fillip.
**चुटकी, थापी** ୨ । କରତଳକୁ ପାତ୍ର ପରି କରି ଦେହର ମାଂସଳ ଅଂଶରେ ବାଡ଼େଇବାର ଶବ୍ଦ—2. Sound produced by striking the palm of the hand ( made into a cup ) on a fleshy part of the body; patting.
[ ଦ୍ର—ଘୋଡ଼ାକୁ ବା ଦେହକୁ ଘଷିବା ସମୟରେ ଘଷିବା ବ୍ୟକ୍ତି ଘଷାଇ ହେବା ବ୍ୟକ୍ତି ଦେହରେ କରତଳଦ୍ୱାରା ଫୁଟୁକି ମାରେ ଓ ମାଲମାନେ ଲଢ଼ିବା ବା କସରତ କରିବା ପୂର୍ବରୁ ମଧ୍ୟ ନିଜ ନିଜ ଦେହରେ ଫୁଟୁକି ମାରି ଥାଆନ୍ତି । ]

**ଫୁଟୁକି ଫୁଟା(ଟେ)ଇବା**—ଦେ. କ୍ରି—୧ । ହାତର ଦୁଇ ଅଙ୍ଗୁଳିକି
Phuṭuki phuṭā(ṭe)ibā ଫୁଟାଇବା—1. To make
টুসকী মারা a cracking sound with two fingers.
**चुटकी बजाना,, थापी मारना** ମଳ୍ଲମୁଣ୍ଡି ମାରି ହାଇ ଫୁଟୁକି ଫୁଟାଇ ।
( ଫୁଟୁକି ମାରିବା—ଅନ୍ୟରୂପ ) ପଧାନୀଆ. ମହାଯାତ୍ରା ।
[ ଦ୍ର—ବୃଦ୍ଧାଙ୍ଗୁଳି ଓ ମଧ୍ୟମାଙ୍ଗୁଳି ସଂଯୋଗରେ ଫୁଟୁକି ଜାତ ହୁଏ; କିନ୍ତୁ ମଧ୍ୟମାଙ୍ଗୁଳିର କରତଳର ମୂଳଦେଶରେ ଆଘାତ ଯୋଗେ ଏ ଶବ୍ଦର ଉତ୍ପତ୍ତି ହୁଏ । ]
୨ । କରତଳକୁ ପାତ୍ରାକୃତି କରି ଶରୀରରେ ଆଘାତ କରିବା—2. To pat on the body with the palm ( by making it like a cup).

**ଫୁଟୁକି ମାରିଦେବା**—ଦେ. କ୍ରି.—(ଲକ୍ଷଣାର୍ଥ)—କୌଣସି ବିଷୟକୁ ଶୁଣି
Phuṭuki māri debā ନ ଶୁଣିଲା ପରି କରି ବେଖାତିର କରିବା—
**चुटकीमें उडादेना** (figurative) To disregard.
[ଫୁଟୁକିରେ ଉଡ଼ା(ଡ଼େ)ଇ ଦେବା—ଅନ୍ୟରୂପ]

**ଫୁଟୁକୁରିଆ**—ଦେ. ବିଣ.—(ସ. ସ୍ଫୁଟ)—ଛୋଟ; କ୍ଷୁଦ୍ର—
Phuṭukuriā ছোট **फुटकर** Small; petty.
(ଫୁଟୁକୁରିଆ—ଅନ୍ୟରୂପ)

**ଫୁଟୁ ଫୁଟୁକା**—ଦେ. ବି.—(ସ. କଟଭୀ)—୧ । ବନ୍ୟ ପ୍ରଜାତି ଲତା
Phuṭu phuṭukā ବିଶେଷ—1. The Staff tree; Cardiospermum Halicacabum.

ଫୁଟ ଫୁଟକା
ଫଁଟ ଫୁଟକିଆ
ଫଁଟି ଫୁଟକା } ଅନ୍ୟରୂପ
ଫୁଟି ଫୁଟକିଆ
ଫୁଟୁଫୁଟୁକିଆ

[ଦ୍ର—ଏହା ବାଡ଼ ବଣରେ ଜନ୍ମେ; ପତ୍ର ତ୍ରିପର୍ଣ୍ଣୀ, ଫଳ ତିନି ଫାଳିଆ । ଫଳକୁ ହାତରେ ଚିପି ଦେଲେ ଫୁଟେ ।]

ସ.—ଜ୍ୟୋତିଷ୍ମତୀ, କଟଭୀ, ଜ୍ୟୋତିଷ୍କା, ପାରାବତପଦୀ, ପଣ୍ୟା, ଲତା, କୁକୁନ୍ଦକା
**लताफटकी, नफ्काफटकी**
**मालकङ्गिनी काङ्गोनी**
ନେ. କାଙ୍ଗୋନୀ, ଉଭୁଲୁ
ଗୁ. ମାଲକାଙ୍କଣ
ମ. କାଙ୍ଗୋନୀ

୨ । ଅମର ପୋଇ—2. A wild plant (the buds of which make a bursting sound.
[ଦ୍ର—ଏଥିର କଢ଼ିକୁ ଚିପି ଦେଲେ ଫଟ ଫଟ ହୋଇ ଫୁଟେ । ଏଥିର ପତ୍ର ମୋଟା । ପତ୍ରର ଧାର କଟାକଟା । ପତ୍ରରୁ ଗଛ ଜାତ ହୁଏ ।]

ଦେ. ବିଣ.—୧ । ବିରବିର ହୋଇ ଦେହରେ ଫଳ ଯାଇଥିବା—1. Appearing or coming out on the body like small eruptions or pimples
୨ । ଛିପଛିପକିଆ; ବିନ୍ଦୁ ବିନ୍ଦୁଯୁକ୍ତ—2. Spotted.

**ଫୁଟୁ(ସୁ)ରୁ ଫୁଟୁ(ସୁ)ରୁ ହେବା**—ଦେ. କ୍ରି.—ଗୋପନରେ ଧୀରେ ଧୀରେ
Phuṭu(su)ru phuṭu(su)ru hebā କଥାବାର୍ତ୍ତା ହେବା—
**फुसुरु फुसुरु होना** To talk silently and in whispers.
ଗାଁରେ ସ୍ତ୍ରୀମାନେ ଭିତରେ ଭିତରେ କେତେ ଅଲ ଗେଲ୍ଲୀ କଥା ଫୁସୁରୁ ଫୁସୁରୁ ହେଲେ । କୁନ୍ତଳାକୁମାରୀ· ନଅରୁଣୀ ।

**ଫୁଡ଼ ଫୁଡ଼**—ଦେ. ଅ. (ଧ୍ୱନ୍ୟନୁକରଣ)—ଫଡ଼ ଫଡ଼ ଠାରୁ ଅନୁଚ୍ଚ ଶବ୍ଦ-
Phuṛḍ phuṛḍ Light cracking sound.
(ଫୁଡ଼ୁ ଫୁଡ଼ୁ—ଅନ୍ୟରୂପ) (ଯଥା—ତା ପିଠି ଫଡ଼୍ ଫଡ଼୍ ହେଉଅଛି ।)
ফূড় ফুড়, ফুড়ত ফুড়ত **फुडफुड**

**ଫୁତ୍**—ସ. ଅ.—(ସ୍ଫୁର ଧାତୁ+ଭାବ. କ୍ୱିପ୍, ନିପାତନ)—୧ । ଧିକ୍କାର;
Phut ତୁଚ୍ଛ ଭାଷଣ—1. Expression of contempt;
(ଫୁତ୍—ଅନ୍ୟରୂପ) hooting.
୨ । ମୁଖରେ ଫୁଙ୍କିବା ଶବ୍ଦ—2. Hissing or blowing sound with the mouth.

**ଫୁପ୍ଫୁସ**—ସ. ବି.—ଫୁସ୍ ଫୁସ୍; ହୃଦୟସ୍ଥ ଶ୍ୱାସ ମୁଣା—
Phup-phusa Lungs.

**ଫୁ(ଫୂ)ତ୍କର**—ସ. ବି.—(ଫତ୍=ଶବ୍ଦାନୁକରଣ+କୃ ଧାତୁ+କର୍ତ୍ତୃ. ଅ)
Phu(phū)t kara ଅଗ୍ନି; ନିଆଁ—Fire.
[ଫୁ(ଫୂ)ତ୍କର—ଅନ୍ୟରୂପ]

**ଫୁ(ଫୂ)ତ୍କାର**—ସ. ବି. (ଫୁତ୍+କୃ ଧାତୁ+ଭାବ. ଅ)—୧ । ଫୁଙ୍କିବା—
Phu(phū)t-kāra 1. Blowing of air through the mouth.

ଫୁ(ଫୂ)ତ୍ କୃତ
ଫୁ(ଫୂ)ତ୍କାର } ଅନ୍ୟରୂପ
ଫୁ(ଫୂ)ତ୍କୃତ

୨ । ଫୁଁ ଫୁଁ ଶବ୍ଦ; ଫୁତ୍କାର; ଫୁଁ ଫୁଁ ଶବ୍ଦ—2. Hissing sound.

୩ । ଅହଙ୍କାର; ଘୃଣା ପ୍ରଦର୍ଶନ—3. Arrogance; showing contempt or disdain.

**ଫୁତ୍କାରିଣୀ**—ଦେ. ବଣ.—ଫୁତ୍କାରଯୁକ୍ତ—
Phutkārini Having a blowing or hissing sound.
ହର ପ୍ରେମ ଭକ୍ତି ଭକ୍ତ ମନ ଧ୍ଵନ ବହୁତେ ବଣ ଫୁତ୍କାରିଣୀ ।
—ଅଭିମନ୍ୟୁ. ବଦଗ୍ଧ ଚନ୍ତାମଣି ।

**ଫୁତ୍‌ଲି**—ପ୍ରାଦେ. (ବାଲେଶ୍ଵର) ବଣ.—ଅତି କ୍ଷୁଦ୍ର—
Phut-li Very small.
(ଯଥା—ଫୁତ୍‌ଲି ଜେଷ୍ଟିକେ ।)

**ଫୁନିବା**—ପ୍ରାଦେ. (କଳାହାଣ୍ଡି) କ୍ରି.—ପାଛୁଡ଼ିବା—
Phuniba To winnow.

**ଫୁପା(ପ୍ପା, ଫା)**—ବୈଦେ. ବ. ପୁଂ. (ହି. ସ. ପଶୁ—ଧାତ୍ରୀ)—(ମୁସଲମାନ
Phupā (ppā; phā) ପିଉସୀ ପିଉସା—Father's sister's
ପୀସେ ମଶାୟ ଫୁଫା (ଫୁପୀ [ପ୍ପୀ]ଫୀ—ସ୍ତ୍ରୀ) husband.

**ଫୁପି(ଫି)**—ଦେ. ବ.—୧ । ମୁଣ୍ଡର ରୂପୀ ରୋଗ—
Phupi(phi) 1. A skin disease in the scalp.
୨ । ଫିମ୍ପି; ଛତୁଆ—2. Mildew; mold.
୩ । କାଠରେ ପୋକ ଲାଗିବା ଯୋଗୁଁ ବାହାରିବା ପାଂଶୁ—
3. Dust from moth-eaten wood.
ବଣ.—ଖଚମ୍; ଖାଇବସ୍ତୁ—Moth-eaten.

**ଫୁପି ମାରିବା**—ଦେ. କ୍ରି.—ଫିମ୍ପି ଧରିବା; ଛତୁଆ ଧରିବା—
Phupi māribā To be mildewed.

**ଫୁପୁ(ଫୁ)**—ପ୍ରାଦେ. (ଗଡ଼ଜାତ) ବ.—ଖୁଡ଼ୁତା ଦେଢ଼ୁଲା ଭାଇ—
Phupu(phu) Cousin.

**ଫୁଫ୍(ଫୁ)ସ**—ସଂ ବ.—ଫୁସ୍‌ଫୁସ (ଦେଖ)
Phuph(phu)sa Phus-phussa (See)

**ଫୁଫ୍‌ଲା**—ପ୍ରାଦେ.—(ସମ୍ବଲପୁର) ବଣ. ପୁଂ.—ପାଲୁଆ—
Phuph-lā (ଫୁଫ୍‌ଲୀ—ସ୍ତ୍ରୀ) Toothless.

**ଫୁ ଫୁ**—ଦେ. ବ.—(ଧ୍ୱନ୍ୟନୁକରଣ)—୧ । ସର୍ପମାନଙ୍କର ଶବ୍ଦ—
Phu phu 1. The hissing of serpents.
কোঁস কোঁস फुफु ସର୍ପ ଧାମନ୍ତ ଫୁ ଫୁ କରି,
ଅନଳ ପ୍ରାୟ ଚକ୍ଷୁ ଧରି । —ଜଗନ୍ନାଥ. ଭାଗବତ ।
ফুফু ধাই ୨ । (ସ୍ତ୍ରୀ) (ସ. ପଶୁ—ଧାତ୍ରୀ)—ଧାଇ—2. Nurse.

**ଫୁଫୁକାର**—ଦେ. (ସ. ଫୁତ୍କାର)—ବ.—ଫୁଁ ଫୁଁ ଶବ୍ଦ—
Phuphukāra Hissing sound.
ফোঁস, ফোঁস फुफकार, फुसकार
(ଫୁ ଫୁକୃତ—ଅନ୍ୟରୂପ) କ୍ରୋଧେ ଅଛ ଶନ ଧାର ଭୁଜଗ
(ଫୁଫକାରିବା—କ୍ରି) ଫୁଫୁକାର ଭର କରନ୍ତି ଶତ । —ଜଗନ୍ନାଥ. ଦଶମସ୍କନ୍ଧ ।

**ଫୁର୍‌**—ଦେ. (ଧ୍ୱନ୍ୟନୁକରଣ) ଅ.—୧ । ଫୁରୁ ଫୁରୁ (ଦେଖ)
Phur 1. Phuru phuru See)
୨ । ଫୁରୁର୍ (ଦେଖ)—2. Phurr (See)

**ଫୁର୍ ଫୁରିଆ**—ଦେ. ବ.—ଘାସ ପତ୍ର ବୋଇଣ୍ଟି ଉପରେ ମାଡ଼ିବା ଦଳ-
Phur phuriā ବିଶେଷ—A kind of water-weed
(ଫୁରୁଫୁରା, ଫୁରୁଫୁରିଆ ଅନ୍ୟରୂପ) growing on other weeds.

[ ଦ୍ର—ଏହାର ଗଣ୍ଡା ଫିକା ସଣ୍ଡା ଗଛ; ଉଚ୍ଚରେ ପ୍ରାୟ ୧୮ ହାତ
ବା ୨ ହାତ ବଢ଼େ । ଗଣ୍ଡା ମହିରେ ଫୁଲ ଥାଏ । ଫୁଲକୁ ଫୁଟାଇ
ଗଣ୍ଡା ବାହାରେ । ଫୁଲ ମୂଳକୁ ଏର କଡ଼ାକୁ ଆଣ୍ଠା ଭଳି ବାହାରେ
ଫୁଲଟା ପେଣ୍ଡୁ ଭଳି ।]

**ଫୁରୁର୍**—ଦେ. (ଧ୍ୱନ୍ୟନୁକରଣ) ଅ.—ଛୋଟ ଚଢ଼େଇ ଉଡ଼ି ଯିବାର ଶବ୍ଦ
Phur-r The fluttering sound produced by a small
ফর फुर्र bird flying.

**ଫୁରୁଲ**—ପ୍ରାଦେ. (ବାମଣ୍ଡା)—ବ.—ଛଚିନ୍ଦା—
Phur-lā Snakegourd.

**ଫୁରୁ ସ(ସେ)ତ**—ବୈଦେ. ବ. (ଅ)—ଅବକାଶ—
Phur-sa (se) ta Leisure.
ফুরসত फुरसत

**ଫୁରଣ**—ଦେ. ବ.—(ସ. ସ୍ଫୁରଣ)—୧ । ଚକ୍ଷୁ ଅଧର ସ୍ପନ୍ଦନ, ଅକ୍ଷି ବା
Phurana ବାହୁ ଅଧର ଫେଡ଼ିବା—1. Throbbing or
tingling of the eyelids or skin.
স্ফুরণ ୨ । ସ୍ଫୂର୍ତ୍ତି—2. Grandeour.
फडकना ୩ । ପ୍ରକାଶ—3. Manifestation.

**ଫୁରସ**—ଦେ. ବ.—୧ । ଫାରସା କୋଳି (ଦେଖ)
Phurasa 1. Phārasākoli (See)
ফরুস ୨ । ଉଦ୍ୟାନଜାତ ପୁଷ୍ପ ବୃକ୍ଷବିଶେଷ—
फुरस 2. Lagerstraemia Indica.
(ଯଥା—ଏଥିର ଫୁଲ ବଡ଼, ନାଲି, ଧଳା ବା ତାମ୍ର ବର୍ଣ୍ଣ । ଫୁଲ
ଷଡ଼ଦଳ କୁଞ୍ଚିତ ଧାର, କେଶର ଅନେକ—ଯୋଗେଶଚନ୍ଦ୍ର ।)

**ଫୁରସା(ସେ)ଇବା**—ଦେ. କ୍ରି.—୧ । ଫୁରସିବା କ୍ରିୟାର ଣିଜନ୍ତ ରୂପ—
Phurasā(se)ibā 1. The causative form of
ভীজিয়ে খুঁড়া করা phurasibā.
भीगाकर चूर करना ୨ । ଜଳ, ବାୟୁ ବା ଅଗ୍ନି ସାହାଯ୍ୟରେ ଚୂନ
(ଫରୁସା(ସେ)ଇବା—ଅନ୍ୟରୂପ) ବା ଅଫିମର ସହିତ ପୃଥକ କରିବା-
2. To slake (lime).

**ଫୁରସିବା**—ଦେ. କ୍ରି.—ଗୋଟା ବାନ୍ଧିଥିବା ଚୂନ, ପଥର ବା ସିପ ବାୟୁ-
Pharasibā ପ୍ରଭାବରେ ଚୂର୍ଣ୍ଣୀଭୂତ ହେବା—To become
গুঁড়া হওয়া चूर होना slaked (said of lime).
(ଫୁରୁସିବା—ଅନ୍ୟରୂପ)

**ଫୁରି**—ଦେ. ବ.—ଶୀତ ଦିନରେ ଜାଳି ଜାଳ ପୋଇଁବା ପାଇଁ ସଂଗୃହୀତ
Phuri ଛୋଟ ଛୋଟ କାଠିର ସମୂହ—Small light firewood
collected during winter for lighting a
fire to warm one's body with.

**ଫୁରିବା**—ଦେ. କ୍ରି.—(ସ. ସ୍ଫୁର୍ ଧାତୁ; ପ୍ରା. ଫୁର ଧାତୁ)—୧ । ଝୁରିବା;
Phuribā ସ୍ପନ୍ଦିତ ହେବା; ଡେଇଁବା, କମ୍ପିବା—1. To tingle;
স্ফুরা फडकना to shake; to throb; to vibrate.
(ଯଥା—ମୋ ବାଁ ଆଖି ଭୁଲନକ ହେଲା ଫୁରୁଛି ।)
୨ । ଝୁରିବା; ଝୁଣ୍ଟି ହେବା; ପ୍ରକାଶିତ ହେବା—
2. To find expression; to find utterance; to
be given vent to.

ଉନ୍ମତ୍ତେ ଆବ ଦେଲେ ଫୁରେ ଶଙ୍ଖ ଧ୍ୱନି ।
ପ୍ରାଚୀ, ପ୍ରଭାତ, ଗଣେଶ୍ୱର ।

**ଫୁରୁକୁଟିଆ**—ଦେ. ବ.—ମୁର୍ଦ୍ଦାର, ଚର୍ବି, ଚମ, କେଶ ଆଦି ପୋଡ଼ିବା ଦ୍ୱାରା
Phurukutiā ଜାତ (ଗନ୍ଧ)—Having the smell of
मड़ापोड़ा **चिराद, चिराइन** burnt fat, skin, hair or
(ଫୁରୁକୁଟିଆ, ଫୁକୁଟିଆ—ଅନ୍ୟରୂପ) car coss.

**ଫୁରୁଫୁରି**—ଦେ. ବ.—(ସ. ପର୍ପଟ)—୧ । ଗଛର ଶୁଖିଲା ଛାଲ—
Phuru phuri 1. Peeled off bark of some trees.
पापड़ी **पपाड़, चिपड** ୨ । ଭଇଁଷ, ଅଶ୍ୱତ୍ଥ ଆଦି ଗଛର ଗଣ୍ଡିରେ
(ଫୁରୁ ଫୁରୁ—ଅନ୍ୟରୂପ) ବା ଦେହରେ ଜାତ ହେବା କେଶରଯୁକ୍ତ
ଗୁଚ୍ଛ—2. A hairy vegetable growth on the trunk of certain trees.

**ଫୁରୁ ଫୁରୁ**—ଦେ. ଅ. (ଧ୍ୱନ୍ୟନୁକରଣ)—୧ । ପତଳା ଲୁଗା ଆଦି
Phuru phuru ଚିର ଯିବାର ଶବ୍ଦ—1. The sound of
**फुर्र फुर्र** (ଫରୁ ଫରୁ—ଅନ୍ୟରୂପ) tearing a cloth.
୨ । ଝୋଟ ବା ତୁଳାରେ ନିଆଁ ଲାଗି ଯିବାର ଶବ୍ଦ—
2. The sound of jute or cotton catching fire.
୩ । କାଠି ଓ କୁଟା ଆଦି ଶୀଘ୍ର ଜଳି ଯିବା ପ୍ରକାରେ—
3. Like the quick burning of straw and other inflamable articles.
୪ । ପତଳା କେଶଗୁଚ୍ଛ ପବନରେ ସ୍ନିଗ୍ଧ ଭାବରେ ଉଡ଼ିବା
ପ୍ରକାରେ—4. Like the waving of a thin tuft of hair in the wind.

**ଫୁରୁଣା**—ଦେ. ବଣ.—(ସ. ସ୍ଫୁରଣ)—୧ । ପ୍ରଫୁଲ୍ଲ; ଆନନ୍ଦିତ—
Phurunā 1. Overjoyed; delighted.

ଲଙ୍କାରେ ଏହୁ ମାତ୍ର ଅଛ ଯାଉ, ଫୁରୁଣା ହୋଇଣ କର ସମର ।
ବିଶ୍ୱନାଥ, ବିଚିତ୍ରରାମାୟଣ ।

୨ । ଭାଗ୍ୟବାନ୍—2. Fortunate.
ଧନ୍ୟ ଧନ ସେ ତିଙ୍କି ହେଲ ପାରିବ,
ଫୁରୁଣା ହେବ ବାଞ୍ଛା ସେଲୁ ଏହି । କବିସୂର୍ଯ୍ୟ ବଳଦେବ ରଥ, ଫ ଗୀତ ।
୩ । ( ସ. ପୂର୍ଣ୍ଣକାମ ) ପୂର୍ଣ୍ଣମନୋରଥ—3. Successful; having one's desires fulfilled.

ରେ ବଣୋଇ ! ଫୁରୁଣା ହୋଇ ତୁ ବସ ।
କବିସୂର୍ଯ୍ୟ, ବଣୋଇ ରଥ, ଫ. ଗୀତ ।

୪ । (ସ. ସ୍ଫୁରଣ) ସ୍ଫୂର୍ତ୍ତିଯୁକ୍ତ—4. Vigorous.
ବ.—ଆନନ୍ଦ; ପ୍ରଫୁଲ୍ଲପଣ—Joy; delight.

**ଫୁରୁସତ**—ବୈଦେ. ବ. (ଆ. ଫୁର୍ସତ୍)—୧ । ଅବକାଶ; ଅବସର—
Phurusata फुरुसत **फुरसत** 1. Leisure.
ଫୁର୍ସତ୍, ଫୁର୍ସେତ୍, ଫୁରୁସେତ୍ — ଅନ୍ୟରୂପ

ଅପଣଙ୍କର ଯେବେ ଇଚ୍ଛା, ଫୁରୁସତ ଥିଲେ କହିଲେ
ଅମେ ସବୁ ରାମାୟଣ ସାର ଶୁଣାଇବୁ ।
ଜଗନ୍ନାଥ, ପିଲଙ୍କ ରାମାୟଣ ।

୨ । ବିଶ୍ରାମ—2. Rest.

**ଫୁଲ**—ବୈଦେ. ବଣ.—(ଇଂ. ଫୁଲ୍)—ସମ୍ପୂର୍ଣ୍ଣ; ପରିପୂର୍ଣ୍ଣ—
Phul फुल **फुल** Full.
ପ୍ରାଦେ. (ସମ୍ବଲପୁର) ବ.—(ଫୁଲର ଶେଷ ଅକ୍ଷରର ହଲନ୍ତ
ଉଚ୍ଚାରଣ) ଫୁଲ—Flower.
ବୈଦେ. ବଣ.(ଇଂ. ଫୁଲ୍)—ନିର୍ବୋଧ—Foolish.
ବ (ଗାଳି)—ନିର୍ବୋଧ ବ୍ୟକ୍ତି—A fool.

**ଫୁଲ୍ ଉଶାସ୍**—ପ୍ରାଦେ. ( ସମ୍ବଲପୁର ) ବଣ—ଅତି ହାଲୁକା ( ଫୁଲପରି
Phul usās ହାଲୁକା)—Very light ( like a flower )

**ଫୁଲ୍କା**—ଦେ. ବ.—୧ । ମଲ୍ଲକ୍ରୀଡ଼ା ପାଇଁ ସେଣ୍ଟ ହୋଇଥିବା ସ୍ଥାନ—
Phulkā 1. A circular ground prepared for
फुलका **अखाड़ा** athletic exercises.
ପ୍ରାଦେ. (ବାଲେଶ୍ୱର) ବ. (ଭୁଲ.ବ. ଏହି ଅର୍ଥରେ ଏହି ଶବ୍ଦ)—
୧ । ମାଛର ଗାଲସି—1. The gills of a fish.
୨ । ଏକ ଜାତୀୟ ବଲଘାସ—A kind of weed growing in corn-fields.
**फुलका**
ଦେ. ବଣ. (ସ. ଫାୟି ଧାତୁ ) ଫୀତ—Swollen.

**ଫୁଲ୍ ତାନର୍**—ପ୍ରାଦେ. ( ସମ୍ବଲପୁର ) ବ—ଏକ ଜାତୀୟ ମୋଟାଳିଆ
Phul-tānir ଘାସ—Potyloca Barbata; a kind of coarse grass.
[ ଦ୍ର—ଏହା ୫ରୁ ୮ ଫୁଟ ଯାଏ ଲମ୍ବ ହୁଏ । ଏହା ଖେତ
କଣରେ ଓ ପଡ଼ିଆରେ ଜନ୍ମେ । ]

**ଫୁଲ୍ ବାବୁ**—ବୈଦେ. ବ—(ଇଂ. ଫୁଲ୍+ପୂର୍ଣ୍ଣ+ହି. ବାବୁ )—
Phul bābu ଫିଟ୍ ବାବୁ; ପୋଷାକପରିହିତ ସୁବେଶଧାରୀ ବ୍ୟକ୍ତି—
फुलबाबु Fashionably dressed person; beau.
**फूलबाबु**

**ଫୁଲ୍ ବେଞ୍ଚ**—ବୈଦେ. ବ. ( ଇଂ )—୧ । ହାଇକୋର୍ଟରେ କୌଣସି
Phul bench ଜଟିଳ ପ୍ରଶ୍ନର ମୀମାଂସା ନିମନ୍ତେ ଦୁଇରୁ ଅଧିକ
पुल बेंच ନିର୍ଦ୍ଦିଷ୍ଟସଂଖ୍ୟକ ଜଜ୍‌ମାନଙ୍କର ବୈଠକ—1.Full bench.
**फुलबेंच** ୨ । ( ଲକ୍ଷଣାର୍ଥ, ବ୍ୟଙ୍ଗ ) ସମସ୍ତ ସଙ୍ଗୀମାନଙ୍କର ଏକତ୍ର
ବୈଠକ—2. (Figurative and ironical).
A full meeting of all boon companions.

**ଫୁଲ୍‌ବେଞ୍ଚ୍ ନଜର୍**—ବୈଦେ ବ. ( ଇଂ. ଫୁଲ୍‌ବେଞ୍ଚ୍+ଆ. ନଜୀର୍)—
Phul-bench najir ହାଇକୋର୍ଟର ଫୁଲ୍‌ବେଞ୍ଚ୍ ଦ୍ୱାରା ମୀମାଂସିତ
फुलबेंच नजीर ମକଦ୍ଦମାର ରାୟ, ଯାହା କି ନିମ୍ନ ଅଦାଲତରେ
**फुलबेंच नजीर** ଓକିଲମାନେ ଅନ୍ୟ ମକଦ୍ଦମାର ପୋଷକତାରେ
ପ୍ରାମାଣିକ ମୀମାଂସାରୂପେ ଦର୍ଶାନ୍ତି—Full bench ruling.

**ଫୁଲ୍ସ୍କାପ୍**—ବୈଦେ. ବ. ( ଇଂ )—୧ । ଦୁଷ୍ଟ ଛାତ୍ରମାନଙ୍କୁ ଦଣ୍ଡ
Phuls-kāp ଓ ଲଜ୍ଜା ଦେବା ନିମନ୍ତେ ପିନ୍ଧାଇବା ଅପମାନସୂଚକ
ଫୁଲ୍ସକେପ୍, ଫୁଲ୍ସ୍କା (କେ) ପ୍ — ଅନ୍ୟରୂପ ଟୋପି; ଗଧ ଟୋପି—
1. A ludicrous cap which
फुलसकेप् a wicked student is made to put on as
**फुलसकेप** an insulting punishment.
୨ । ୧୭ ଇଞ୍ଚ × ୧୩ ଇଞ୍ଚ ଆକାରର କାଗଜ—
2. Foolscap paper.

[ ଦ୍ର—ଏହାର ଫର୍ଦ୍ଦକୁ ମଝିରୁ ଠିଆ ବାଗରେ ଭାଙ୍ଗିଦେଲେ ପ୍ରତି ଫାଳରଆକାର ୮ ଇଞ୍ଚ × ୧୩ ଇଞ୍ଚ ହୁଏ । ]

**ଫୁଲ୍‌ଷ୍ଟକିଙ୍ଗ୍**—ବୈଦେ. ବି ( ଇଂ )—ଗୋଡ଼ଗଣ୍ଠି ଅଣ୍ଟୁ ପର୍ଯ୍ୟନ୍ତ ଆବରଣ କରିବା ମୋଜା—Full-stockings.
Phul staking
ফুলষ্টাকিন  **फुलइस्टाकिन**  ( ଫୁଲ୍‌ଷ୍ଟାକିନ୍—ଅନ୍ୟରୂପ )

**ଫୁଲ୍‌ଷ୍ଟପ୍**—ବୈଦେ. ବି. ( ଇଂ )—ପୂର୍ଣ୍ଣଚ୍ଛେଦ; ସମାପ୍ତ ବାକ୍ୟ ପରେ ବ୍ୟବହୃତ ଛେଦ ଚିହ୍ନ—Fullstop.
Phul-s-tap
ফুলষ্টপ  **फुलईस्टाप**  [ଫୁଲଇଷ୍ଟ(ଷ୍ଟା)ପ୍, ଫୁଲୁସ୍ଟପ୍—ଅନ୍ୟରୂପ]

[ ଦ୍ର—ଭାଷାରେ ଏହା ଗୋଟିଏ ଦଣ୍ଡାୟମାନ ରେଖା, ମାତ୍ର ଇଂରାଜୀରେ ଏହା ଗୋଟିଏ ବିନ୍ଦୁ । ]

**ଫୁଲ**—ଦେ. ବି. ( ସଂ. ଫୁଲ୍ଲ ଧାତୁ=ପ୍ରସ୍ଫୁଟିତ ହେବା ) ୧ । ପୁଷ୍ପ; ପ୍ରସୂନ; କୁସୁମ—1. Flower.
Phula  ফুল  **फुल**

[ ଦ୍ର—ବୃକ୍ଷଲତାଦିର ଯେଉଁ ଗ୍ରନ୍ଥି-କୋଷରୁ ଫଳ ଉତ୍ପନ୍ନ ହୁଏ ସେହି ପ୍ରସ୍ଫୁଟିତ ଗ୍ରନ୍ଥିକୁ ଫୁଲ ବୋଲାଯାଏ । ଫୁଲକୁ ଉଦ୍ଭିଦର ଜନନେନ୍ଦ୍ରିୟ ବୋଲାଯାଇ ପାରେ । ସାଧାରଣତଃ ଫୁଲକୁ ୫ ଭାଗରେ ବିଭକ୍ତ କରାଯାଇ ପାରେ;—୧ । କଣ୍ଟିରା ବା ବହିଃପାତ୍ର, ୨ । ହରିତ୍‌ପୁଟ, ୩ । ଦଳ ବା ପାଖୁଡ଼ା, ୪ । ଗର୍ଭକେଶର, ୫ । ପରାଗ କେଶର ।

ନାଡ଼ ବା ଡେମ୍ଫ ଗଛର ଶାଖାରୁ ବାହାରେ । ଡେମ୍ଫର ଅଗ ଚଉଡ଼ା ହୋଇ ପ୍ରଥମେ ଗୋଟିଏ ଭୁଣ୍ଡି ବାହାରେ । ସେହି ଭୁଣ୍ଡିଟି କଡ଼ ଅଟେ । ସେହି ଭୁଣ୍ଡିଟି ଗୋଟିଏ ପାତ୍ର (୧ । କଣ୍ଟିରା) ପରି ଦେଖାଯାଏ ଓ ତହିଁରେ ସାଗୁଆ ବର୍ଣ୍ଣର ଆବରଣ ପତ୍ର ( ୨ । ହରିତ୍‌ପୁଟ ) ଥାଏ । ସେହି ପୁଟ ମଧ୍ୟରେ କଢ଼ି ( କଳିକା ) ରୂପେ ଭାବୀ ଫୁଲ ବନ୍ଦ ହୋଇ ରହି ଥାଏ । ଏହି ପୁଟ ମଧ୍ୟରେ ଥିବା ଭୁଣ୍ଡି ଆକାରର ମଧ୍ୟାଂଶର ଚତୁଃପାର୍ଶ୍ୱରୁ ପାଖୁଡ଼ା ବାହାରେ । ସାଧାରଣତଃ ଫୁଲର ପାଖୁଡ଼ା ଦେଖିବାକୁ ସୁନ୍ଦର ଓ ସୁବାସଯୁକ୍ତ । ଫୁଲର ପ୍ରଧାନ ବସ୍ତୁ ମଧ୍ୟାଂଶ, ଯହିଁରେ ପରାଗକେଶର ଓ ଗର୍ଭକେଶର ଥାଏ । ପରାଗକେଶରର ଅଗରେ ପରାଗ ବା ଧୂଳି ଥାଏ, ଏହି ପରାଗକେଶରହିଁ ବୃକ୍ଷର ପୁଂଜନନେନ୍ଦ୍ରିୟ । ଗର୍ଭକେଶର ଗମ୍ଭୀର, ଏହା ସ୍ତ୍ରୀ ଜନନେନ୍ଦ୍ରିୟ । ପରାଗକେଶରରୁ ପରାଗ ଝଡ଼ି ଗର୍ଭକେଶରରେ ପଡ଼ିଲେ ଫୁଲ ଗର୍ଭବତୀ ହୁଏ ଓ ତହିଁରୁ ଫଳ ଜାତ ହୁଏ । କେତେକ ବୃକ୍ଷରେ କେବଳ ଗର୍ଭକେଶର ଯୁକ୍ତ ସ୍ତ୍ରୀ-ଫୁଲ ଓ କେବଳ ପରାଗକେଶର ଯୁକ୍ତ ପୁରୁଷ-ଫୁଲ ପୃଥକ୍ ହୋଇ ଫୁଟେ (ଯଥା—କାକୁଡ଼ି, କଖାରୁ, ଜହ୍ନି, ଲାଉ ); ପବନଦ୍ୱାରା ପରାଗକେଶର ଉଡ଼ି ଯାଇ ଗର୍ଭକେଶରରେ ପଡ଼େ । କେତେକ ଜାତୀୟ ବୃକ୍ଷ ଅଣ୍ଡିରା ଗଛ ଓ ମାଈ ଗଛ ପୃଥକ୍ ( ଯଥା—ତାଳ ); କେତେକ ଗଛରେ ଏକ ଫୁଲରେ ପରାଗକେଶର ଓ ଗର୍ଭକେଶର ଦୁହେଁ ଏକତ୍ର ଥାଆନ୍ତି । କେତେକ ଫୁଲ ଗୋଟିକିଆ ଫୁଟେ, କେତେକ ଫୁଲ ପେନ୍ଥା ବା ଗୁଚ୍ଛ ହୋଇ ଫୁଟେ । ଗୁଚ୍ଛଯୁକ୍ତ ଫୁଲକୁ ମଞ୍ଜରୀ କହନ୍ତି । ଫୁଲକୁ ଲୋକେ ଭୂଷଣ ଓ ସୁଗନ୍ଧ ଦ୍ରବ୍ୟରୂପେ ବ୍ୟବହାର କରନ୍ତି । ଫୁଲର ନିର୍ଯ୍ୟାସ ବା ସାରରୁ ସୁବାସିତ ଅତର, ଅର୍କ ଓ ତୈଳାଦି ପ୍ରସ୍ତୁତ ହୁଏ । ସୁକୁମାରତା, କୋମଳତା ଓ ସୌନ୍ଦର୍ଯ୍ୟ ପାଇଁ ଫୁଲ ପ୍ରସିଦ୍ଧ—ଗୋ. ଶ । ]

୨ । ଫୁଲ ପରି ହାଲୁକା ବା କୋମଳ ପଦାର୍ଥ—
2. Anything as light or delicate as a flower;

ଫୁଲ ପରି କରି ଟେକି ଧରୁଥିଲ, କରୁଡ଼ି ପକାଇଲ । ଚ. ଗ ।

୩ । ଫୁଲ ଆକାରରେ ଅଙ୍କିତ ଚିତ୍ର ବା କାରୁକାର୍ଯ୍ୟ—
3. Drawings or paintings of figures like flowers; floral designs.

୪ । ଜରାୟୁ ମଧ୍ୟସ୍ଥ ଭ୍ରୂଣର ନାଭିସଙ୍ଗେ ସଂଯୁକ୍ତ ପୁଷ୍ପାକୃତି ମାଂସପିଣ୍ଡ; ପଉସ୍ରବ—4. The placenta,

୫ । ଗଞ୍ଜପା ଖେଳର ତାସ୍‌ରେ ବୋଳାଯିବା ପାଇଁ ଗନ୍ଧକ ଓ ହେଙ୍ଗୁଳ ବାଟି କଇଥ ଅଠାଦ୍ୱାରା ପ୍ରସ୍ତୁତ କରାଯିବା ଏକପ୍ରକାର ରଙ୍ଗ—5. A yellow paint used in painting the cards of the 'Ganjapā' game.

୬ । ରାସାୟନିକ ପ୍ରକ୍ରିୟାରେ ପ୍ରସ୍ତୁତ ଦାନା—6. Crystals.
(ଯଥା—ପିପରମେଣ୍ଟ ଫୁଲ ।)

୭ । ସ୍ତ୍ରୀରଜଃ; ଋତୁ ସ୍ରାବ—7. The menstrual flux.

୮ । ମାଛର ଗାଲସି—8. The gills of fish.

୯ । ଫୁଲ ଆକାରର ଅଳଙ୍କାର—
9. Ornaments shaped like a flower.
(ଯଥା—କାନଫୁଲ; ନାକଫୁଲ ।)

୧୦ । ଦୀପର ବତିର ଦେହରେ ବା ଜଳୁଥିବା ଚୁଲି ଉପରେ ବସାଯାଇଥିବା ହାଣ୍ଡି ତଳେ ସମୟେ ସମୟେ ଦେଖାଯିବା ଅଗ୍ନିସ୍ଫୁଲିଙ୍ଗ—10. Burning sparks appearing sometimes on the wick or below earthen cooking pots while put on a flaming fire.

[ ଦ୍ର—ଏହି ଶବ୍ଦ ଅନ୍ୟ ଶବ୍ଦର ପୂର୍ବରେ ମିଶିଲେ ଫୁଲର 'ଲ' ଅକ୍ଷରର ହଳନ୍ତ ଉଚ୍ଚାରଣ ବା 'ଲୁ' ଉଚ୍ଚାରଣ ଶୁଣାଯାଏ । ଯଥା—ଫୁଲ୍‌ହସା, ଫୁଲୁହସା । ]

୧୧ । (ସ୍ତ୍ରୀ) ସ୍ତ୍ରୀଲୋକଙ୍କ ନାମ—
11. A name given to females.

ବିଣ. (ଲକ୍ଷଣାର୍ଥ)—ଫୁଲ ପରି ହାଲୁକା; ଖୁବ୍ ହାଲୁକା—
(figurative) Very light (like a flower).

[ ଦ୍ର—ଖୁବ୍ ଉଶ୍ୱାସିଆ ଓ ସୁକୁମାର ବସ୍ତୁକୁ ଲୋକେ ଫୁଲ ସଙ୍ଗେ ତୁଳନା କରନ୍ତି । ଯଥା—'ଏ ଲୁଗା ଖଣ୍ଡି ଫୁଲ ପରି ଲାଗୁଛି', ଅର୍ଥାତ୍ ଖୁବ୍ ହାଲୁକା ହୋଇଅଛି । କୌଣସି ବ୍ୟକ୍ତିକୁ ବା ବସ୍ତୁକୁ ଆଦର ବା କୋମଳ ବ୍ୟବହାର କରୁଥିବା ବ୍ୟକ୍ତିକୁ ଲୋକେ କଥା ପ୍ରସଙ୍ଗରେ 'ସେ ଅମୁକ ବ୍ୟକ୍ତିକୁ ବା ବସ୍ତୁକୁ ଫୁଲ ପରି କରି ଟେକି ଧରୁଛି' ବୋଲି କହନ୍ତି । ]

**ଫୁଲ ଆଲଟ**—ଦେ. ବି—ଫୁଲର ତିଆରିଥିବା ବା ଉପରେ ସ୍ୱାଭାବିକ ବା କୃତ୍ରିମ ଫୁଲ ଲଗାଯାଇ ଥିବା ଆଲଟ ବା ଚାମର—A fan adorned or set with flowers or floral designs on cloth or floral paintings.
Phula ālaṭa
(ଫୁଲଉଅଁଳ—ଅନ୍ୟରୂପ)
ফুলের চৌঁরী
**फुलकी चँवर**

ଫୁଲ ପଙ୍ଖା ଫୁଲ ଅଲଟ ଚାମର
ଫୁଲୁଣାରେ ଧରି କର । ଦୀନକୃଷ୍ଣ- ଜଗମୋହନ ।

(ଯଥା—ଏହୁପର ଫୁଲ ପଙ୍ଖା, ଫୁଲ ଢକଣା ଶଦମାନ ହୁଏ ।)

**ଫୁଲ ଉଡ଼ା(ଡ଼େ)ଇବା**—ଦେ. କ୍ରି—( ଧାନ ଗଛ ପ୍ରଥମେ ) ପୁଷ୍ପଯୁକ୍ତ ହେବା—To flower ( said of paddy plants).
Phula urdā(rde)ibā
ফুলনো ফুলধরা

**ଫୁଲ କମାଣ**—ଦେ. ବ—ଫୁଲ ଧନୁ (ଦେଖ)
Phula kamāṇa Phula dhanu (See)

**ଫୁଲ କସି**—ଦେ. ବ. (ସଂ. ପୁଷ୍ପ+କଷାୟ)—
Phula kasi ୧ । ଏକାଗଛରେ ଧରିଥିବା ଫୁଲ ଓ କସି ବା ଖେଟ ଫଳ—1. Flowers and very young fruits growing at the same time in a tree.
ফুলকলী
୨ । ଅତି ଖେଟ ଫଳ—2. Very young fruits, just passing out of the flower stage.
(ଯଥା—ଏ ଗଛରେ ଲଙ୍କାମରଚ ଫୁଲ କସି ଧରିଅଛି ।)

**ଫୁଲ କାଟିବା**—ଦେ. କ୍ରି. (ସଂ. ପୁଷ୍ପ+କର୍ତ୍ତନ)—
Phula kāṭibā ୧ । କୃତ୍ରିମ ପୁଷ୍ପ ରଚନା କରିବା—
ফুলকাটা 1. To make artificial flowers.
ফুল কাঢনা ୨ । ପୁଷ୍ପର ଚିତ୍ର ଅଙ୍କନ କରିବା—
2. To draw figures resembling flowers.
୩ । ନବଜାତ ଶିଶୁର ନାଭି ସଙ୍ଗେ ନାଡ଼ଦ୍ୱାର ସଂଯୁକ୍ତ ଫୁଲକୁ କାଟି ଦେବା—3. To separate the placenta from the navel-string of a new-born infant.

**ଫୁଲ କାମ**—ଦେ. ବ. (ସଂ. ପୁଷ୍ପ+କର୍ମ)—କାଗଜ, ସୋଲ ଇତ୍ୟାଦିରେ ପ୍ରସ୍ତୁତ କୃତ୍ରିମ ଫୁଲ—1. Artificial flowers made of paper etct.
Phula kāma
ফুলকাজ,ফুলকারী
ফুলকাম ୨ । ଲୁଗାଆଦିରେ ଫୁଲର ଚିତ୍ରଯୁକ୍ତ କାରୁକାର୍ଯ୍ୟ—
2. Floral designs or needlework wrought on clothes.

**ଫୁଲ କନାର**—ଦେ. ବଣ (ସଂ. ପୁଷ୍ପ+ଫା. କନାର)—ଧଡ଼ିରେ ଫୁଲ ପର ଚିତ୍ରକାର୍ଯ୍ୟ ବୁଣା ଯାଇଥିବା ଲୁଗା—
Phula kināri Cloth having hems with floral designs.
ଫୁଲକନାର, ଫୁଲକନାରିଆ
ଫୁଲକନାର, ଫୁଲଧଡ଼ିଆ } ଅନ୍ୟରୂପ
ଫୁଲପାଡ଼ୀ, ଫୁଲଧଡ଼ିଆ
ফুলকিনারি; ফুলমপাড়ি ফুলকিনারী

**ଫୁଲକୋଦଣ୍ଡ**—ଦେ. ବ—ଫୁଲଧନୁ (ଦେଖ)—
Phula kodaṇḍa Phuladhanu (See).

**ଫୁଲ କୋବି**—ଦେ. ବ. ( ସଂ. ପୁଷ୍ପ+ଫା. ଗୋଭି )—ପତ୍ରବେଷ୍ଟିତ ଛତ୍ରାକୃତି ବୃହତ୍ ପୁଷ୍ପକେଶରଯୁକ୍ତ ବୈଦେଶିକ ଶାକବିଶେଷ—Cauli-flower.
Phula kobi
( ଫୁଲ କପି—ଅନ୍ୟରୂପ )
ফুলকপি ফুলগোভী

**ଫୁଲ ଖଡ଼ି**—ଦେ. ବ—( ସଂ. ପୁଷ୍ପ+ଖଟୀ )—ଚକ୍ ଖଡ଼ି—Chalk.
Phula khardi ফুলখড়ি ফুলখড়ি

**ଫୁଲ ଗଭା**—ଦେ. ବ.—( ସଂ. ପୁଷ୍ପ+ଗର୍ଭକ; ପ୍ରା. ଗବ୍ଭଅ )—ଫୁଲରେ ଗୁନ୍ଥା ବା କାଠିର ଚାରିପାଖେ ଖଞ୍ଜା ହୋଇଥିବା ପ୍ରକୃତ ବା କୃତ୍ରିମ ପୁଷ୍ପଗୁଚ୍ଛ ବା ତୋଡ଼ା—Nosegay.
Phula gabhā
ফুলতোড়া গুলদস্তা

**ଫୁଲ ଗୁଣା**—ଦେ.ବ—ନାକର ଡାହାଣ ପୁଡ଼ାରେ ପିନ୍ଧାଯିବା ଏକପ୍ରକାର ଗୁଣା—A nose ornament worn on the right side of the nose ( with a flower-like bulb on the top. )
Phula guṇā
বেসর
ফুলবেসর,গুলবেক
(ଫୁଲଗୁଣା—ଗ୍ରାମ୍ୟରୂପ)

ନାସାଗ୍ରେ ଦିଶଇ ତାଗୁଥିଆର ଦବାଃ ତାଙ୍କରୁ ଫୁଲଗୁଣା
ନୟଣୀ ସ୍ୱଚ୍ଛ ହୁଇ ଉଜଗୋଟ ନାସିକା ଦୃଷ୍ଟ ହେଲା ।
ଫକୀରମୋହନ, ଛମାଣ ଆଠଗୁଣ୍ଠ ।

**ଫୁଲ ଚଢ଼ା(ଢେ)ଇବା**—ଦେ. କ୍ରି—ଦେବପ୍ରତିମା ଉପରେ ପୁଷ୍ପ ଅର୍ପଣ କରିବା—To dress idols with flowers; to offer flowers on idols.
Phula chardhā(rdhe)ibā
(ଫୁଲ ଦେବା; ଫୁଲ ଲାଗିକରିବା—ଅନ୍ୟରୂପ)
ফুল চড়ান ফুলচঢ়ানা

**ଫୁଲଚନ୍ଦନ**—ଦେ· ବ—(ସଂ. ପୁଷ୍ପ+ଚନ୍ଦନ)—ଦେବତା ବା ବିଶିଷ୍ଟ ଅତିଥିମାନଙ୍କ ମୁଣ୍ଡରେ ଚଢ଼ାଯିବା ଫୁଲ ଓ ବୋଲାଯିବା ଚନ୍ଦନ—Flower and sandal paste offered to idols or honoured guests.
Phula chandana
ফুলচন্দন
ফুলচন্দন
( ଫୁଲଚନ୍ଦ—ଗ୍ରାମ୍ୟରୂପ )

**ଫୁଲଚୁଇଁ**—ଦେ· ବ—( ସଂ. ପୁଷ୍ପ+ଶୋଷୀ )—ଶାଖାଶ୍ରୟୀ ବର୍ଗର ପୁଷ୍ପମଧୁପାୟୀ କ୍ଷୁଦ୍ର ପକ୍ଷିବିଶେଷ—The honey sucker; the humming bird.
Phula chuiṅ
ফুলচুকী ফুলচুহী

ନଥଲୀ-ଚକାଣୀ ଗ୍ରେଷ ବସନ୍ତକୁ ମନେ ଯଥା ଫୁଲଚୁଇଁ । ରାଧାନାଥ. ଯଯାତି ।

[ଦ୍ର—ଏ ପକ୍ଷୀର ଥଣ୍ଟ ସରୁଆ ଓ ଦୁଇଆଙ୍ଗୁଳ ଲମ୍ବ । ଏହାର ଶରୀର ୩।୪ ଆଙ୍ଗୁଳ ମାତ୍ର ଲମ୍ବ; ବର୍ଣ୍ଣ ନେଳ ମିଶା କଳା; ଏ ପକ୍ଷୀ ଗୁଣୁଗୁଣୁ ଶବ୍ଦ କରି ଫୁଲ ମଧ୍ୟରେ ଥଣ୍ଟ ପୂରାଇ ଫୁଲରୁ ମଧୁ ଶୋଷେ । ବସନ୍ତ ପ୍ରାରମ୍ଭରେ ପୁଷ୍ପିତ ବୃକ୍ଷରେ ବସି ଏ ପକ୍ଷୀ ଚୁଇଁ ଚୁଇଁ ରବ କରେ । ]

**ଫୁଲ ଛଉ**—ଦେ. ବ—ଯୁବା ବୟସରେ ଦେହରେ ମାଡ଼ିଯିବା ଧଳା ଛଉ; ବୟସ ଛଉ—Scurf; partial whitening of the skin in patches during youth.
Phula chhau
ছুলি সিহুলী

**ଫୁଲ ଛତି**—ଦେ. ବ. ( ସଂ. ପୁଷ୍ପ+ଛତ୍ର)—୧ । ପୁଷ୍ପଚିତ୍ରିତ ବା ଫୁଲରେ ଅଳଂକୃତ ଦେବଛତ୍ର—1.An umbrella with designs of flowers woven all over it, or adorned with flowers.
Phula chhati
ফুলছাতি
ফুলছাতা, ফুলেরা

ଫୁଲଛତ ଫୁଲ ବତାଳେ ଅକାଠ
ପୁଲକ ଉଠେଇ ହୃଥ । ସୀତାକୃଷ୍ଣ, ଜଗମୋହନ

୨ । ଛତାକାରରେ ଗ୍ରଥିତ ପୁଷ୍ପଚୟ—
2. Flowers strung together and set in the shape of an umbrella.

**ଫୁଲ ଛାଞ୍ଚୁଣୀ**—ଦେ. ବ.—ଫୁଲଝାଡ଼ୁ (ଦେଖ)
Phula chhāñchuṇi Phula jhārdu (See)

**ଫୁଲ ଜାଲି**—ଦେ. ବ—( ସଂ. ପୁଷ୍ପ+ଜାଲ )—ଫୁଲର ଆକୃତିବିଶିଷ୍ଟ ଜାଲିକରି କାମ ହୋଇଥିବା କାନର ଅଳଙ୍କାରବିଶେଷ—A flower-like ornament with filagree works for the ear.
Phula jāli
কর্ণফুল কনফুল

**ଫୁଲ ଝଡ଼ିବା**—ଦେ. ବ—ଗଛରୁ ମନକୁ ଫୁଲ ଖସିପଡ଼ିବା—
Phula jhar̲dibā Dropping of flowers from the tree.
ফুলঝড়া फुलझड़ना

**ଫୁଲଝର**—ଦେ. ବ—ଫୁଲ ଗୁନ୍ଥା ହୋଇ ତଥର ଝୁଲାଇଥିବା ଗୁଚ୍ଛ—
Phula jhara Tassels made of flowers strung together.
फुलकामझा

**ଫୁଲଝରି( ଡ଼ି )**—ଦେ. ବ—ଏକପ୍ରକାର ବାଣ—A kind of firework, producing floral sparks.
Phula jharī(r̲dī)
ফুলঝরী फुलझड़ि
[ ଦ୍ର—ଏହା ଜାଳଲେ ଏଥିରୁ ଫୁଲପରି ଅଗ୍ନିସ୍ଫୁଲିଙ୍ଗମାନ ଖସେ । ]

**ଫୁଲ ଝାଡ଼**—ଦେ. ବ. (ସ୍ଥ. ଫୁଲ୍ଲ+ଫା. ଝାଡ଼)—୧ । ବୃକ୍ଷ ବା ଦୀପବୃକ୍ଷ ଅକାରରେ ସଜ୍ଜିତ କୃତ୍ରିମ ପୁଷ୍ପଗୁଚ୍ଛ—
Phula jhār̲da 1. Artificial flowers made to resemble a tree or lampstand.
ফুলঝাড় फुलझाड
୨ । କାଣ୍ଡଶର ୧ (ଦେଖ)—
2. Kān̲dasara 1 (See)

**ଫୁଲ ଝାଡ଼ୁ**—ଦେ. ବ.—୧ । ମକା ଗଛ ଜାତୀୟ ଏକପ୍ରକାର ବୁଦାଳଆ ତୃଣ—1. A kind of broad-leaved bushy plant like maze or Indian corn; broomgrass.
Phula jhār̲du
ফুলঝাড়ু
फुलझाडु
[ ଦ୍ର—ଏହାର ପତ୍ର ଘାସପତ୍ର ଅପେକ୍ଷା ଓସାରିଆ; ବୁଦା ପ୍ରାୟ ୨।୩ ହାତ ଉଚ୍ଚ ହୁଏ । ଏଥିର କଢ଼ାରୁ ଗୋଟିଏ ଲେଖାଏଁ ଗୁମର ପରି ଡେମ୍ପ ବାହାରେ । ସେହି ଗୁମର ଗୁଡ଼ିକ ଶୁଖାଇ ଗୁଚ୍ଛ ଆକାରରେ ବାନ୍ଧି ଲୋକେ ଝାଡ଼ୁ ବା ଖଣ୍ଟୁଣୀ କରନ୍ତି ।]
୨ । ଗୋଟିଏ ଫୁଲଝାଡ଼ୁ ତୃଣର ଡେମ୍ପ ଏକତ୍ର ବନ୍ଧା ହୋଇଥିବା ସମ୍ମାର୍ଜନୀ—
2. A broomstick made of broom-grass.

**ଫୁଲ ଝୁମୁକା**—ଦେ. ବ. (ବଙ୍ଗୀଅ ଶବ୍ଦ)—ତଳକାନରେ ପିନ୍ଧାଯିବା ସୁନାର ତାରକସି ଅଳଙ୍କାରବିଶେଷ—
Phula jhumukā A golden filagree ornament for the ear, worn on the lower part of it.
करनफुल

**ଫୁଲ ଟାହିଆ**—ଦେ. ବ. (ସଂ ଫୁଲ୍ଲ+ଇଂ. ଟାୟୁରା)—
Phula ṭāhiā ଖଡ଼କାରେ ବା ସରୁ ବାଉଁଶ କାଠିରେ ଗୁନ୍ଥା ହୋଇଥିବା ମୟୂରପଖା ଆକାରରେ ସଜ୍ଜିତ ପୁଷ୍ପମାନ—A flat fanlike structure or framework made of flowers.
(ଫୁଲଟାହ୍ୟା—ଅନ୍ୟରୂପ)
ফুলটায়রা
फुलमेट
[ ଦ୍ର—ଏହା ଦେବପ୍ରତିମାମାନଙ୍କ ପଛଆଡ଼େ ଖଞ୍ଜାଯାଏ । ]

**ଫୁଲ ଠାର**—ଦେ. ବ—୧ । କେତେକ ଫୁଲଙ୍କ ନାମୋଚ୍ଚାରଣ ସାହାଯ୍ୟରେ କଥିତ ଏକପ୍ରକାର ଠାର ବା ସଙ୍କେତ-ଭାଷା—
Phula ṭhāra 1. A cypher language expressed with the names of flowers beginning with certain letters.
ফুলচিকন
फुलचिकारी
(ଦ୍ର :—ଢ଼ଆ ଫୁଲ କହିଲେ 'ଢ' ଅକ୍ଷର, ଚମ୍ପା କହିଲେ 'ଚ' ଅକ୍ଷର, ଟଗର କହିଲେ 'ଟ' ଅକ୍ଷର, ଭେଣ୍ଟ=ଭ, ପଦ୍ମ=ପ, ରଙ୍ଗଣିଫୁଲ=ର; ଇତ୍ୟାଦି ଉକ୍ତ ଠାରରୁ ବୁଝିବାକୁ ହୁଏ ।)
୨ । ବାକ୍ୟସ୍ଥ ଅକ୍ଷରମାନଙ୍କ ମଧ୍ୟରେ 'ଫୁଲ' ଶବ୍ଦ ପ୍ରୟୋଗ କରି ବାକ୍ୟ ପ୍ରକାଶ କରିବାର ଏକପ୍ରକାର ଠାର—2. A cypher language used by uttering the word Phula between the letters of a word.

**ଫୁଲ ଡ(ଡା)ଲା**—ଦେ. ବ. (ସ. ଫୁଲ୍ଲ+ଡଲ୍ଲକ)—
Phula ḍa(ḍā)lā ଯେଉଁ ଡାଲାରେ ଫୁଲ ସଜା ହୋଇଥାଏ—
ফুলডালা A wicker-work troy or flat basket for holding flowers.
फुलडालिया

**ଫୁଲ ତୋଡ଼ା**—ଦେ. ବ(ସ. ଫୁଲ୍ଲ+ଫା. ତୁର୍ରା)—ଫୁଲ ଗଭା (ଦେଖ)
Phula tor̲dā Phula gabhā (See)
କେ ବୋଇଲେ ନାନା ଜାତର ଫୁଲ ତୋଡ଼ା । କୃଷ୍ଣଙ୍କ ହ, ମହାଭାରତ, ବନ ।

**ଫୁଲ ତୋଳା**—ଦେ. ବ—(ସ. ଫୁଲ୍ଲ+ତୋଳନ)—
Phula tol̲ā ୧ । ଫୁଲ ତୋଳିବା କାର୍ଯ୍ୟ; ପୁଷ୍ପଚୟନ—
ফুলতোলা 1. The act of plucking flowers.
खुलतोड़ना ୨ । ଏହି ନାମଯୁକ୍ତ ଏକ ପ୍ରାଚୀନ ଓଡ଼ିଆ ଗୀତମାଳା—
2. A metrical composition of this name by Bal̲arāma Das.
[ ଦ୍ର—ଗୋପୀମାନେ କୃଷ୍ଣଙ୍କୁ ଫୁଲହାରରେ ମଣ୍ଡିତ କରିବା ନିମିତ୍ତ ଫୁଲ ତୋଳୁଥିବା ବେଳେ ବୋଲିଥିବାର କଳ୍ପିତ ଗୀତ । ଏଥିର ରଚୟିତା ବଳରାମଦାସ । ]

**ଫୁଲ ତୋଳିବା**—ଦେ. କ୍ରି. (ସ. ଫୁଲ୍ଲ+ତୁଲ୍ ଧାତୁ)—
Phula tol̲ibā ପୁଷ୍ପ ଚୟନ କରିବା—To pluck flowers.
ফুলতোলা खुलतोड़ना

**ଫୁଲ ଦାନ(ନୀ)**—ବୈଦେ. ବ. (ଫା. ଫୁଲ୍ ଦାନ୍)—
Phula dān(nī) ପୁଷ୍ପାଧାର; ପୁଷ୍ପଗୁଚ୍ଛ ସଜାଇ ରଖିବାର ପାତ୍ର—
ফুলদান A vase for holding bunches of flowers, set up as a decoration.
खुलदान

**ଫୁଲ ଦାର**—ବୈଦେ. ବଣ. (ଫା. ଫୁଲ୍ ଦାର୍)
Phula dār ଫୁଲର ଚିତ୍ରସମ୍ବଳିତ—
ফুলদার फुलदार Having floral designs.

**ଫୁଲ ଦୋଳ**—ଦେ. ବ. ( ସଂ. ଫୁଲ୍ଲ+ଦୋଳନ )—ଚୈତ୍ର ପୂର୍ଣ୍ଣିମା ସମୟରେ ଅନୁଷ୍ଠିତ ଶ୍ରୀକୃଷ୍ଣଙ୍କର ପୁଷ୍ପଦୋଳ ଉତ୍ସବ—
Phula dol̲a The festival of the swinging of the image of Śrikrushn̲a during Cha̲itra fullmoon.
(ଫୁଲଦୋଳ—ଅନ୍ୟରୂପ)
ফুলদোল
फुलदोल
[ ଦ୍ର—ଏହା ଚୈତ୍ର ଶୁକ୍ଳ ଏକାଦଶୀଠାରୁ ଚୈତ୍ର ପୂର୍ଣ୍ଣିମା ପର୍ଯ୍ୟନ୍ତ ଅନୁଷ୍ଠିତ ହୁଏ । ]

**ଫୁଲ ଧନୁ**—ଦେ. ବ. (ସଂ. ଫୁଲ+ଧନୁସ୍)—
Phula dhanu ୧ । ପୁଷ୍ପଧନ୍ୱା; କାମଦେବ; କନ୍ଦର୍ପ—
1. The God Cupid.
ଫୁଲ ବାଣ } ଅନ୍ୟରୂପ
ଫୁଲ ଶର }
୨ । କାମଦେବଙ୍କର କଳ୍ପିତ ପୁଷ୍ପନିର୍ମିତ ଧନୁ ଓ ଶର—2. The imaginary bow and arrow of God Cupid.

**ଫୁଲ ଧରିବା**—ଦେ॰ ବି ଓ କ୍ରି—ଗଛରେ ପୁଷ୍ପୋଦ୍ଗମ ହେବା—
Phula dharibā The coming out of flowers from
ফুলধরা **ফুলধরনা; ফুললগনা** a tree; to flower.

**ଫୁଲ ନାଁ କଢ଼ି**—ପ୍ରାଦେ. (ଗଞ୍ଜାମ) ବି—ଏକ ପ୍ରକାର ଶିଶୁ କ୍ରୀଡ଼ା—
Phula nān̄ kaṛhi A kind of children's outdoor game.

**ଫୁଲ ନାଡ଼**—ଦେ. ବି—୧ । ଫୁଲର ଡେମ୍ଫ—1. The stem to
Phula nāṛa which a flower is attached.
ফুলবোঁঠা; ফলফুল ୨ । ଶିଶୁଜନ୍ମ ପରେ ମାତୃ ଗର୍ଭରୁ ନିଃସୃତ
**ফুলনাড়, ফুলডণ্টী** ହେବା ଫୁଲ ଓ ଶିଶୁର ନାଭି ସଲଗ୍ନ ନାଡ଼ୀ—
2. The placenta and the cord attached to it.

**ଫୁଲ ନାଡ଼ କରି ଟେକିଦେବା**—ଦେ. କ୍ରି—ଶିଶୁ ଜନ୍ମ ହେଲେ ତାକୁ
Phula nāṛa kari ṭekidebā ଅନ୍ୟ ବ୍ୟକ୍ତି ନେଇ ଆପଣା
ফলে ফুলে তুলে দেওয়া ସନ୍ତାନ ପରି ପାଳନ କରିବେ ବୋଲି କଥା ଶିଶୁର ଗର୍ଭରେ ଥିବା ଅବସ୍ଥାରେ ସ୍ଥିର ହୋଇ ଥିବାରୁ ଶିଶୁର ଜନ୍ମ ହେବା ମାତ୍ରକେ (ଅର୍ଥାତ୍ ତାହାର ନାଡ଼ଛେଦନ ହେଉଣୁ) ପ୍ରସୂତି ଉକ୍ତ ଶିଶୁକୁ ତତ୍‌ସଲଗ୍ନ ଫୁଲ ସହିତ ପୋଷିଆ ମାଆଙ୍କ ହାତକୁ ଟେକି ଦେବା—
To hand over a newborn infant with the placenta still unseparated, to the adoptive mother (a mode of giving in adoption common in Orissa).
[ ଦ୍ର—ଏହା ଉତ୍କଳରେ ପୋଷ୍ୟପୁତ୍ର ଗ୍ରହଣ କରିବାର ଗୋଟିଏ ସାଧାରଣ ପାଳିତ ପ୍ରଥା । ]

**ଫୁଲ ପଇଞ୍ଚ(ଞ୍ଚି)**—ଦେ. ବି. (ବଣିଆ ଶବ୍ଦ) (ସଂ. ପୁଷ୍ପ+ପ୍ରକୋଷ୍ଠ-
Phula paiñcha(ñchi) ବଳୟ)—ହାତରେ ପିନ୍ଧାଯିବା ରୁପା
ফুল পোঁছচা ବା ସୁନାର ଅଲଙ୍କାରବିଶେଷ—A kind of
**ফুলপোঁহচা** silver or gold ornament for the wrist, ornamented with floral designs.

**ଫୁଲ ପଙ୍ଖା**—ଦେ. ବି. (ସଂ. ପୁଷ୍ପ+ପକ୍ଷ)—ଉପରେ ଫୁଲର ଚିତ୍ରଥିବା
Phula paṅkhā ବା ଫୁଲ ଖଞ୍ଜାଯାଇ ଥିବା ପଙ୍ଖା ବା ବ୍ୟଜନ
(ଫୁଲବିଞ୍ଚଣା—ଅନ୍ୟରୂପ) A fan with floral designs
ফুল পাখা or flowers strung thereon
**ফুল প'ঙ্খা** ଫୁଲ ପଙ୍ଖା ଫୁଲ ଅଳିଃ ଗୁମରି
ଫୁଲଣାରେ ଧରି କରେ । ଗୀତକୃଷ୍ଣ, ଜଗମୋହନ ।

**ଫୁଲ ପଡ଼ିବା**—ଦେ ବି—(ସଂ. ପୁଷ୍ପ+ପତନ)—୧ । ଶିଶୁ ଜନ୍ମ ହେବା
Phula paṛibā ପରେ ମାତୃ ଗର୍ଭରୁ ଫୁଲ ନିଃସୃତ ହେବା—
ফুলপড়া 1. The evacuation of the placenta from the
**ফুলগীরনা** womb after child-birth.
୨ । ଆଶୁ କାର୍ଯ୍ୟସିଦ୍ଧି ଅର୍ଥାତ୍ ଦେବତାଙ୍କ ପ୍ରସନ୍ନତାର ନିଦର୍ଶନ ସ୍ୱରୂପ ଦେବତାଙ୍କ ମୁଣ୍ଡରେ ଚଢ଼ାଯାଇଥିବା ଫୁଲ ମଳକୁ ଖସି ପଡ଼ିବା—2. The falling down on the ground of a flower from the head of an idol, interpreted as an auspicious sign.

**ଫୁଲ ପରି କରି ଟେକି ଧରିବା**—ଦେ. କ୍ରି—୧ । (ଲକ୍ଷଣାର୍ଥ) ଅତ୍ୟନ୍ତ
Phula parā kari ṭeki dharibā ଆଦର ଓ ସ୍ନେହ କରିବା—
1. (figurative) To cherish with tender
ফুলপাতান affection.
୨ । ଲକ୍ଷଣାର୍ଥ ) କୋମଳ ବ୍ୟବହାର କରିବା—
2. (figurative) To treat one tenderly.
କଣ୍ଡା ଫିରୁଛ ! ଏତେ ଗୁଣ ବୋଲି ଜାଣିଥିଲ କି ?
କେବେହେଁ ନ କହୁଲି । ଫୁଲ ପରି କରି ଟେକି ଧରିଥିଲୁ, କଣ୍ଠରୁ ପକାଇଲୁ । ଚଟ

**ଫୁଲ ପରି**—ଦେ. ବିଣ. (ସଂ. ପୁଷ୍ପ+ପ୍ରାୟ)—୧ । ଅତି କୋମଳ—
Phula pari 1. Very tender or delicate.
ফুলের মতন ୨ । ଅତି ହାଲୁକା—2. Light as a flower.
**ফুলকা দসা** ୩ । ସୁନ୍ଦର—3. Lovely; beautiful.

**ଫୁଲ ପାଣି**—ଦେ. ବି—(ସଂ. ପୁଷ୍ପ+ପାନୀୟ)—ଦେବପ୍ରତିମା ଉପରେ
Phula pāṇi ଚଢ଼ାଯିବା ପୁଷ୍ପ ଓ ଜଳ—Flower and water
ফুলজল **ফুলপানী** offered to an idol.

**ଫୁଲପିତା ଖାଇ ଆସିବା**—ପ୍ରାଦେ. (ଗଞ୍ଜାମ) କ୍ରି—କନ୍ୟା ରଜସ୍ୱଳା
Phula pitā khāi āsibā ହୋଇ ସ୍ୱାମିଗୃହକୁ ପ୍ରଥମ ଥର ଯାଇ କତିପୟ ଦିନ ସ୍ୱାମୀଙ୍କ ଘରେ ରହିବା ପରେ ବାପଘରକୁ ଆସିବା—
To return to her father's house from her father-in-law's house where she had gone for the first time after attaining puberty (said of a girl).

ପ୍ରାଦେ.—(ସାକ୍ଷିଗୋପାଳ) କ୍ରି.—(ରଜସ୍ୱଳା କନ୍ୟା) ପ୍ରଥମ ଥର ଶାଶୁ ଘରକୁ ଯିବା; ଭାର ନେଇ ଯିବା—(a girl) To go to her father-in-law's house for the first time after puberty, with presents

**ଫୁଲ ବସିବା**—ଦେ. କ୍ରି.—ପରସ୍ପର ଫୁଲ ବଦଳେଇ ହୋଇ ଫୁଲ ଡକା-
Phula basibā ଡକି ହେବା ରୂପ ସମ୍ବନ୍ଧ ସ୍ଥାପନ କରିବା—
ফুল পাতান To set up a friendship (in which each addresses the other as Phula) of Phula with another.

**ଫୁଲ ପିତା**—ପ୍ରାଦେ. (ପୁରୀ). ବିଣ.—ରଜସ୍ୱଳା ହୋଇ ସ୍ୱାମୀଙ୍କ ଘରକୁ
Phula pitā (jhia) ଯିବା ପୂର୍ବରୁ ବାପଘରେ ରହି ଥିବା
(ଫୁଲପିତା[ଝିଅ]—ଅନ୍ୟରୂପ) (ବାଳିକା)—(a girl) Who is staying at her father's house after puberty and before she is sent to her husband's house for the first time.
[ଦ୍ର—ଫୁଲପିତା ଝିଅକୁ ପରିବାରର ପ୍ରାପ୍ତବୟସ୍କ ପୁରୁଷମାନେ ଓ ବାହାରର ପୁରୁଷ ଲୋକେ ଦେଖନ୍ତି ନାହିଁ ।]

**ଫୁଲପିତା ଭାର ନେଇଯିବା**—ପ୍ରାଦେ. (ଗଡ଼ଜାତ). କ୍ରି.—(କନ୍ୟା)
Phula pitā bhāra neijibā ଦ୍ୱିତୀୟ ପାଳି ଯିବା—(a girl)
To go for the second time to her father-in-law's house after puberty.

ଫୁଲପିଢ଼ା ଯିବା—ପ୍ରାଦେ. (ଯାଜପୁର) କ୍ରି.—(କନ୍ୟା) ପହିଲ ପାଳି
Phula pitā jibā (ସ୍ୱାମୀ ସେବା) ଶାଶୁଘରକୁ ଯାଇ ଫେରି
(ଫୁଲପିଡା ଯିବା—ଅନ୍ୟରୂପ) ପେଇ ଦ୍ୱିତୀୟ ଥର ଶାଶୁଘରକୁ ଯିବା;
ଦୁଆଁ ପାଳ ଯିବା—(a girl) To go to her father-in-law's house for the second time

ଫୁଲ ଫୁଟିବା—ଦେ. ବି—ପୁଷ୍ପ ପ୍ରସ୍ଫୁଟିତ ହେବା—
Phula phuṭibā The opening of flowers.
ফুলফোটা ফুলআনা

ଫୁଲ ବଉଲବେଣୀ—ଦେ. ବି—ବାଳିକା ଓ ସ୍ତ୍ରୀଲୋକମାନେ ଆମୋଦାର୍ଥ
Phula baulabeṇi ଗୀତର ଯେଉଁ ଏକପ୍ରକାର ଢଗ ବୋଲନ୍ତି ।
A refrain of songs sung by girls and women.

ଫୁଲ ବଗଡ଼ୀ—ପ୍ରାଦେ. ( ଗଡ଼ଜାତ ) ବିଶ. ସ୍ତ୍ରୀ—( ଗାଳିବିଶେଷ )—
Phula bagaṛdi ଯେଉଁ ସ୍ତ୍ରୀର ଅକାଳରେ ଗର୍ଭପାତ ହୁଏ—
( ଫୁଲବଗଡୁଥା—ସ୍ତ୍ରୀ ) A woman who miscarries

ଫୁଲ ବଗିଚ୍ଚା—ଦେ. ବି (ସଂ. ପୁଷ୍ପ+ଫା. ବାଗ୍; ବଗିଚ୍ଚା)—ପୁଷ୍ପୋଦ୍ୟାନ—
Phula bagichā Flower-garden.
(ଫୁଲ ବାଗିଚା, ଫୁଲ ବାଡ଼ି—ଅନ୍ୟରୂପ) ফুলবাগান, ফুলবাড়ী
फुलबगिचा, फुलबारि

ଫୁଲ ବଡ଼ି—ଦେ. ବି—( ସଂ. ପୁଷ୍ପ+ବଟକ ) ଋତୁଭେଦରେ ଫେଣିଆ
Phula barḍi ହୋଇଥିବା ମୁଗ ବଟା ବା ବିରି ବଟାଦ୍ୱାରା ପ୍ରସ୍ତୁତ ଓ
(ଫୁଲବଡ଼ି—ଅନ୍ୟରୂପ) ରୌଦ୍ରଶୁଷ୍କ ଛୋଟ ଛୋଟ ବଡ଼ି—
ফুলবড়ি Little balls of lentil-paste dried and
फुलबड़ि preserved for being used in making curry

ଅଟଗୁ ହାଣ୍ଡିଏ ଫୁଲବଡ଼ି ସବୁ ହୋଇଥିଲା । ଫକୀରମୋହନ. ଗଳ୍ପସ୍ୱଳ୍ପ ।

ଫୁଲବରଣା(ଣୀ)—ଦେ. ( ପଦ୍ୟ ) ବିଶ. ସ୍ତ୍ରୀ—( ସଂ. ପୁଷ୍ପ+ବର୍ଣ୍ଣ;
Phulabaraṇā(ṇī) ଫୁଲ ପରି ବର୍ଣ୍ଣ ଯାହାର)—ସୁନ୍ଦରୀ—Very beautiful (as a flower.)

ଭୋଳ ନେଲା ଗତ ସାଇବା ଫୁଲ ଫୁଲବରଣା—ପ୍ରଥାନାଥ. ଉଷା

ଫୁଲବିଞ୍ଚଣା—ଦେ. ବି—ଯେଉଁ ବିଞ୍ଚଣା ବା ପଙ୍ଖାରେ ଫୁଲ ଗୁନ୍ଥା
Phula binchaṇā ହୋଇଥାଏ—A fan in which
ফুলপাঁখা फुलपंखा flowers have been strung.

ଫୁଲ ବିବାହ—ଦେ. ବି—(ସଂ. ପୁଷ୍ପ+ବିବାହ)—ଫୁଲମାଳା ଦେଇ ପତ୍ନୀ
Phula bibāha ଗ୍ରହଣ କରିବା ପ୍ରଥା—To take a
फुलविवाह woman as one's wife by the formal
(ଫୁଲବାହା—ଅନ୍ୟରୂପ) offering of a flower garland.

[ ଦ୍ର—କ୍ଷତ୍ରିୟଙ୍କର ପ୍ରଥାନୁସାରେ ବିବାହ ବେଳାରେ କନ୍ୟାପିତା କନ୍ୟା ସାଙ୍ଗରେ ଗୋଟିଏ ସମବୟସ୍କା ଦାସୀ ଦିଅନ୍ତି । ବର କନ୍ୟାକୁ ଗ୍ରହଣ କରିବା ସମୟରେ ଏ ଦାସୀକୁ ମଧ୍ୟ (ଫୁଲମାଳା ଦେଇ ପତ୍ନୀରୂପେ) ଗ୍ରହଣ କରନ୍ତି । ଏ ଦାସୀର ପରିବାର ମଧ୍ୟରେ ସ୍ଥାନ ଅନ୍ୟାନ୍ୟ ଦାସୀଙ୍କଠାରୁ ଉଚ୍ଚତର । (ଜଗବନ୍ଧୁ ପ୍ରାଚୀନ ଉତ୍କଳ) ]

ଫୁଲ ବିବାସ୍ତୀ—ପ୍ରାଦେ. ( ଗଡ଼ଜାତ ) ବି. ସ୍ତ୍ରୀ—ରଜାମାନଙ୍କର ରକ୍ଷିତା
Phula bibāhi ସ୍ତ୍ରୀବିଶେଷ—A class of concubines of Rajas ( taken by the present of flowers)
ଫୁଲବାଈ
ଫୁଲବେଇ(ସ୍ତ୍ରୀ) } ଅନ୍ୟରୂପ
ଫୁଲ ମାହାଦେଇ

[ ଦ୍ର—ରଜା ଫୁଲ ଉପହାର ଦେଇ ଗାନ୍ଧର୍ବ ମତରେ ସ୍ତ୍ରୀରୂପେ ଏହାଙ୍କୁ ଗ୍ରହଣ କରନ୍ତି । ମୃତ ରଜାଙ୍କର ବିବାହିତା ସ୍ତ୍ରୀର ଗର୍ଭଜାତ ପୁତ୍ର ନ ଥିଲେ ଫୁଲବିବାସ୍ତୀଙ୍କ ପୁତ୍ର କେତେକ ଗଡ଼ଜାତରେ ରଜା ହୁଅନ୍ତି । ଫୁଲର ଝରି ଦେଇ, ମାଳା ଦେଇ, ଚଉକରେ ଅସଲ ଆଦି ଦେଇ ଗୃହୀତା ଦାସୀମାନଙ୍କୁ ଯଥାକ୍ରମେ ଝରିବାଈ, ମାଳବାଈ, ଚଉକବେଇ ଆଦି ନାମରେ ଡକାଯାଏ । ]

ଫୁଲ ବୁକୁ—ଦେ. ବି—ହୃଦୟ ମଧ୍ୟସ୍ଥ ଡାହାଣ ପାଖରେ ପୁଷ୍ପ ସଦୃଶ
Phula buku ଫଙ୍କାନାଲ ମାଂସପିଣ୍ଡ; କଲିଜା; ଲାଲ ପଶୁର
(ଫୁଲବୁକୁ—ଅନ୍ୟରୂପ) ସଳୁତ୍—A mass of flesh inside
মেটে the breast appearing like a reddish
कलेजा flower; the liver.

ଫୁଲବୁଡ଼ାଖିଆ—ପ୍ରାଦେ. ( ଗଡ଼ଜାତ ଓ ଗଞ୍ଜାମ ) ବି—ଏକପ୍ରକାର
Phulaburdākhiā ପୁଷ୍ପଗନ୍ଧଯୁକ୍ତ ମଦ; (ଏ ମଦରେ ଫୁଲ ବୁଡ଼ାଇ ଖାଇବାକୁ ହୁଏ)—A kind of wine scented with flowers.

ଫୁଲ ବେଲପତ୍ରୀ—ଦେ. ବି—ମହାଦେବଙ୍କ ଲିଙ୍ଗ ଉପରେ ଚଢ଼ାଯିବା ଫୁଲ
Phula belapatri ଓ ବେଲପତ୍ର—Flowers and Bel
ফুল বেলপাতা leaves put on the Siba Linga.
फुल बेलपत्ता [ଦ୍ର—ବିଷ୍ଣୁ ପ୍ରତିମା ଉପରେ ଫୁଲ ତୁଳସୀ ଦିଆଯାଏ ।]

ଫୁଲବେଲପତ୍ରୀ ଚଢ଼ା(ଢ଼େ)ଇବା—ଦେ. କ୍ରି—୧ । ମହାଦେବଙ୍କ ଲିଙ୍ଗ
Phula belapatri chardhā(rdhe)ibā ଓ ଶକ୍ତି ଉପରେ ଶିବ-
ফুল চঢ়ান ପ୍ରିୟ ପୁଷ୍ପ ଓ ବିଲ୍ୱଦଳ ଅର୍ପଣ କରିବା—1. To offer
फुल चढ़ाना favourite flowers and bel leaves on a Siba linga.

୨ । (ଲକ୍ଷଣାର୍ଥ) ଲାଞ୍ଚଦ୍ୱାରା ସନ୍ତୁଷ୍ଟ କରିବା—
2. (figurative) To satisfy a person by bribing.

ଫୁଲର ଭାର(ରା)—ଦେ. ବି—ଅତି ହାଲୁକା ବସ୍ତୁର ଭାର—
Phulara bhāra(rā) The weight of a very light
(ଫୁଲର ଭରା—ଅନ୍ୟରୂପ) thing.

ଫୁଲର ଭାର ନ ସହନ୍ତି ରାଣୀ । ଭଗ ।

ଫୁଲରା—ଦେ. ବିଶ—୧ । ଫୁଲ ବ୍ୟବସାୟୀ—
Phularā 1. Dealing or trading in flowers.
(ଫୁଲୁରା—ଅନ୍ୟରୂପ) ୨ । ଯେ ଫୁଲ ବିକେ—
ফুল ওয়ালা 2. Flower-selling.
फुलवाला; फुलेहारा ୩ । ଯେ ଫୁଲ ବଗିଚ୍ଚ ତିଆରି କରେ—
3. Raising flowers for the market.
ଦେ. ବି—ଫୁଲରା ମାଳି (ଦେଖ)—Phularā māḷi (See)

ଫୁଲ ରାଣୀ—ଦେ. ବି॰ (ଫୁଲ ମଧ୍ୟରେ ରାଣୀ)—ପଦ୍ମ—Lotus.
Phula rāṇi ସୁକୁମାର ଫୁଲ— ରାଣୀ ରାଣୀ ଭଙ୍ଗ
फुलरानी ଅତୁଳଙ୍କଯୋଗ୍ୟ ସେ ସୌଦାମିନୀ ।
ଲବଙ୍ଗଲତା. କୃଷ୍ଣକୁମାର ।

ପ୍ରାଦେ. (ଗଡ଼ଜାତ) ବି—ଫୁଲ ବିବାସ୍ତୀ (ଦେଖ)
Phula bibāhi (See)

ଫୁଲ(ଲୁ)ର ମାଳୀ—ଦେ. ବ. (ସ. ପୁଷ୍ପ + ମାଲାକାର)—
Phula(lu)ra mālī ୧ । ଯେଉଁ ମାଳୀ ଫୁଲ ବଗିଚା କରେ—
ফুলবালা মালী 1. Flower gardener.
फुलवाला माली ୨ । ଯେଉଁ ମାଳ ଫୁଲ ବିକେ—2. Florist.

ଫୁଲ(ଲ୍ଲ)ରି—ଦେ. ବ—୧ । ତେଲ ବା ଘିଅରେ ଭଜା ହୋଇଥିବା
Phula(lla)ri ବରଅଧ ବଟାର ପିଷ୍ଟକବିଶେଷ—1. Small
ଫୁଲୁରି } ଅନ୍ୟରୂପ cakes of lentil-paste fried in ghee
ଫୁଲେରି } or oil.
ফুলরি; ফুলুরি, ফুলোরি; ফুলেল ୨ । ଫୁଲର ତେଲ (ଦେଖ)
फुलेल 2. Phulari tela (See)
ବିଣ—ଫୁଲ ସମୂହ—A collection of flowers.

ଫୁଲର ଅମାବ(ବା)ସ୍ୟା—ଦେ. ବ. (ସ. ପୁଷ୍ପେର ଅମାବାସ୍ୟା)—
Phulari amāba(bā)syā ମହାଳୟା ଅମାବାସ୍ୟା—
ଫୁଲର ଅମାବସ୍ୟା } ଅନ୍ୟରୂପ The newmoon day of the
ଫୁଲୁର ଅମାବସ୍ୟା } month of Kārttika.

ଫୁଲ(ଲେ)ର ତେଲ—ଦେ. ବ—ପୁଷ୍ପବାସିତ ତୈଳ—
Phula(le)ri tela Floral oil; oil scented with the
(ଫୁଲୁର ତେଲ—ଅନ୍ୟରୂପ) essence of flowers.
ফুলেল তেল फुलेल

ଫୁଲ ଲଙ୍କା—ଦେ. ବ—ଫୁଲ ଡାଲା—Flower-tray.
Phula lankā ଧରେ ଧରିଛି ଧରେ ଫୁଲ ଲଙ୍କା । ଘନକୃଷ୍ଣ, ରସକଲ୍ଲୋଳ ।
ফুলডালা फूल डलिया

ଫୁଲ ଲାଗି—ଦେ. ବ. (ସ. ପୁଷ୍ପ + ଲଗ୍ନ)—ଦେବତା ଓ ରାଜାଆଦିଙ୍କର
Phula lāgi ଫୁଲରେ ଭୂଷିତ ହେବା—Decoration with
(ଫୁଲମଣ୍ଡଣୀ—ଅନ୍ୟରୂପ) flowers (of Rajas and idols).
ফুলে সাজান
फुलमे सजावट ବିଣ—ଫୁଲଦ୍ୱାରା ସର୍ବାଙ୍ଗ ମଣ୍ଡିତ—
With the body dressed with flowers like ornaments; decorated with flowers.

ଫୁଲ ଶଯ୍ୟା—ଦେ. ବ. (ସ. ପୁଷ୍ପ + ଶଯ୍ୟା)—
Phula śajyā ୧ । ଫୁଲଦ୍ୱାରା ପ୍ରସ୍ତୁତ ବା ପୁଷ୍ପବସ୍ତୃତ ଶଯ୍ୟା—
ଫୁଲ ଶେଯ } ଅନ୍ୟରୂପ 1. A bed strewn with flowers.
ଫୁଲ ଶେଯ୍ୟା } ୨ । ମଧୁଶଯ୍ୟା; ମଧୁଶଯ୍ୟା; ବିବାହିତ
ফুলশয্যা ଦମ୍ପତିଙ୍କର ବିବାହର ପ୍ରଥମ ସପ୍ତାହ ରାତିରେ ଏକତ୍ର ଶୟନ
କରିବା ବିଛଣା—2. The marriage bed; the bed on which the married couple sleep during the first week of marriage.

ଫୁଲ ଶର—ଦେ. ବ. (ସ. ପୁଷ୍ପ + ଶର)—ପୁଷ୍ପଶର (ଦେଖ)
Phula śara Pushpa śara (See)
ফুলশর ପ୍ରାଦେ. (ଗଡ଼ଜାତ) ବ—ଉଚ୍ଚଡ଼ ଜାଗାରୁ ଜଙ୍ଗଲି
फुलशर ତୃଣଗୁଳ୍ମବିଶେଷ—A kind of reed.

ଫୁଲ ଶାଗୁଣା(ଣୀ)—ଦେ. ବ. (ସ. ପୁଷ୍ପ + ଶକୁନୀ)—
Phula śagunā(ṇi) ଗୃଧ୍ରୀ; ମାଈ ଶାଗୁଣା—
ফুল শকুনী गीधनी A female vulture.

[ ଦ୍ର—ଏହାର ଗଳାଦେଶ ଚଳନ୍ତ ମାଂସଥଳ ମନାର ଫୁଲ ପରି
ଲାଲ ଦେଖାଯିବାରୁ ଏହାର ଏହି ନାମ ହୋଇଅଛି । ]

ଫୁଲ ସଞ୍ଜ(ନ୍ଧ୍ୟା)—ଦେ. ବ—ସନ୍ଧ୍ୟାର ଆରମ୍ଭ ଅବସ୍ଥା; ମୁହଁ ସଞ୍ଜ—Dusk.
Phula sañja(ndhyā) ଶୁଭ ଛମାସ ଉତ୍ସବେ ଦିନେ ଫୁଲସଞ୍ଜ ସମୟରେ ।
[ଫୁଲସଞ୍ଜ(ଞ୍ଜି)ଆ] ଚକାରମୋହନ, ଗଲ୍ପସ୍ୱର୍ଗ

ଫୁଲ ସଭା—ଦେ. ବ—ବ୍ରତ ଓ ବିବାହ ଦିନ ସନ୍ଧ୍ୟା ସମୟରେ ବୈଦିକ
Phula sabhā ବ୍ରାହ୍ମଣ ଓ ପଣ୍ଡିତମାନଙ୍କର ଆଶୀର୍ବାଦ ସଭା—
(ଫୁଲୁସଭା—ଅନ୍ୟରୂପ) A meeting of Brāhmaṇas and Pandits held on the evening of a marriage or Upanayana, to bless the married couple or the Brahmachāri boy.

ଫୁଲ୍ଲ—ଦେ ବ—(ସ. ଫୁଲ୍ଲ. ଧାତୁ) ୧ । ଫୁଲା—1. Swelling;
Phulā (ଫୁଲ୍ଲା—ଅନ୍ୟରୂପ) inflation.
ତଳ ପୁନଃପ ଦାଗାଫୁଲ—କବିତାର୍ଣ୍ଣବ, ସଙ୍ଗୀତ.
ফুলা ୨ । ଶୋଥ; ଅଧ୍ମାନ—2. Plethora; dropsy.
फुला; फुलना ୩ । ଚକ୍ଷୁରୋଗବିଶେଷ; ଆଖିର କଳା ଡୋଳାରେ
ପାଉଁବା ପରଳ—3. Pearl on the eye.
୪ । ବେଙ୍ଗ ଗର୍ଭରୁ ଜାତ ବୁଦ୍ବୁଦମୟ ଫେଣ; ବେଙ୍ଗଫୁଲ—
4. Frog-spittle; frog spit.
[ ଦ୍ର—ଏଥିରୁ ବେଙ୍ଗଚୁଆ ଜନ୍ମନ୍ତି । ]
ব্যাঙাচী ୫ । ଲାଙ୍ଗୁଡ଼ ଯୁକ୍ତ ବେଙ୍ଗ ଛୁଆ—
कुच्कुमडली The young ones of frog, with long tails.
୬ । ପାଣିରେ ସିଝାଯାଇ ଫୁଲିଥିବା ବଡ଼ି ଭଅଣ; ବଡ଼ି ଫୁଲା—
6. Dried lentil-paste balls boiled in water and used as curry.
ବିଣ—୧ । ଫୁଲିଥିବା; ସ୍ଫୀତ—1. Bloated; swollen;
ফুলা; ফোলা फुलाहुआ inflated; puffed up.
୨ । ଗର୍ବ ସ୍ଫୀତ—2. Bloated or swollen with pride.
ଫୁଲ ମନମଥ ଗୁଲ୍ମରୁ ମୋର ଏଣିକ ଥାଉ କ ଭରରେ । କବିସୂର୍ଯ୍ୟ, ସଙ୍ଗୀତ
ପ୍ରାଦେ ( ବସ୍ତୁର ) ବ—ବଥ—Boil.

ଫୁଲ୍ଲ(ଲେ)ଇବା—ଦେ. କ୍ରି—( ଫୁଲିବା କ୍ରିୟାର ଣିଜନ୍ତ ରୂପ;
Phula(le)ibā the causative form of Phulibā).
ফোলান ୧ । ସ୍ଫୀତ କରିବା—1. To puff up; to cause to swell.
फुलाना
ହସି ଫୁଲାଇଲୁ ନାସାକୁ ରେ । କବିସୂର୍ଯ୍ୟ, ସଙ୍ଗୀତ ।
୨ । ଗର୍ବିତ ହେବା—2. To be proud.
୩ । ସ୍ଫୀତ ହେବା—3. To be swollen or puffed up.
(ଯଥା—ତା ପେଟ ଫୁଲେଇଛି ।)
୪ । ଆକାରରେ ବୃଦ୍ଧି ପାଇବା—
4. To become larger in size.
ସୌଗନ୍ଧିକ ପୁଷ୍ପରେ ବାଇ ଗନ୍ଧବହ
ବହୁ ଫୁଲାଇଛି ତେଡକ ଦର୍ପ ଦେହ । କୃଷ୍ଣସିଂହ, ମହାଭାରତ, ବନ ।
୫ । (ସ. ଫୁଲ୍ଲକତ)—ଉତ୍ଫୁଲ୍ଲ କରିବା; ପୁଲକିତ କରିବା—
5. To gladden; to make one cheerful.
ବହୁ ସେ ଫୁଲାଇଛ ଦେହକୁ ବେହ । କୃଷ୍ଣସିଂହ, ମହାଭାରତ, ଅବ ।

**ଫୁଲଣ**—ଦେ. ବ—ଫୁଲାଇବା କ୍ରିୟା—
Phulāṇa The act of inflating.
ফুলান **फुलाना** (ଯଥା—ତାର ମୁହଁ ଫୁଲଣ ମୁଁ ଆଉ ସହି ପାରୁନ ନାହିଁ ।)

**ଫୁଲଣି**—ଦେ. ବ—ଲଙ୍ଗଳ ଖିଲାର ଅଗ ତର ଫଟରୁ ମାରିବା ଖିଲ—
Phulāṇi A flat pin of wood or bamboo driven into a crack made at the top of a plough-pin.

**ଫୁଲଣିଆ(ଆଁ)**—ଦେ. ବ—ଫୁଲଣି (ଦେଖ)—Phulāṇi (See)
Phulāṇiā(āñ) ବଣ—୧ । ଫୁଲିଥିବା; ସ୍ଫୀତ—1. Bloated.
ফুলা ୨ । ଗର୍ବସ୍ଫୀତ; ଗର୍ବଯୁକ୍ତ—2. Inflated with pride.
**फुला** ୩ । ଦାୟିତ୍ୱଜ୍ଞାନ ଶୂନ୍ୟ—3. Irresponsible.
୪ । ନିଶ୍ଚିନ୍ତ; ଚିନ୍ତାଶୂନ୍ୟ—4. Free from cares.
(ଯଥା—ମନ ଫୁଲଣିଆ ଗୀତ ଗାଏ ।)

**ଫୁଲାନୟନ**—ବୈଦେ° ବ ( ଇଂ. ଫ୍ଲାନେଲ୍ )—ମେଣ୍ଢାରୁମ ବା ପଶମରେ
Phulānayan ବୁଣା କନା—Flannel.
ফুলানয়ন **फुलानयन** ( ଫୁଲନେଲ୍—ଅନ୍ୟରୂପ )

**ଫୁଲା ପଣ**—ଦେ. ବ—୧ । ସ୍ଫୀତ—1. Swelling; the state of
Phulā paṇa being swollen.
ଫୁଲାପଣିଆ(ଆଁ) } ଅନ୍ୟରୂପ ୨ । ଗର୍ବସ୍ଫୀତ—2. The state of being puffed up with pride.
ଫୁଲିଣିଆ(ଆଁ) ପଣ }
ফুলপানা ୩ । ଅତ୍ୟନ୍ତ ଗର୍ବ ବା ଅହଙ୍କାର—
**फुलाव; फुलावट** 3. Excess of pride; arrogance.
ଫୁଲପଣରୁ ନହେ ସର, ଫୁଲମାଳରେ ଦେହ ଭର—
କମଳଲୋଚନ ଚଉତିଶା ।

**ଫୁଲା ଫାଙ୍କିଆ**—ଦେ. ବଣ—୧ । ଗର୍ବିତ—1. Proud.
Phulā phāṅkiā ୨ । ଗର୍ବସ୍ଫୀତ—2. Inflated with pride.
**फुला फुला** (ଫୁଲା ପ[ଫା]ଙ୍କିଆ—ଅନ୍ୟରୂପ)
୩ । ତୋଷାମୋଦିଆ; ଯେ ପର ଉପରେ ପଡ଼ି ଚଳେ; ପରର ଗଳଗ୍ରହ—3. A toady; hanger-on.
୪ । ଦାୟିତ୍ୱଜ୍ଞାନଶୂନ୍ୟ—4. Irresponsible, devoid of any sense of responsibility.
୫ । ଚିନ୍ତାଶୂନ୍ୟ—5. Free from anxiety or care.

**ଫୁଲା ଲୁଣ**—ଦେ. ବ. ( ସ. ଫୁଲ୍ଲ+ଲବଣ) ୧ । ପାଂଶୁଲବଣ (ଦ୍ରବ୍ୟଗୁଣ )—1. Ash-salt.
Phulā luṇa
পাঙ্গানুন **करकच** ୨ । ପଙ୍କାଲୁଣ; ସାମୁଦ୍ରିକ ଲବଣ—
2. Sea-salt.

**ଫୁଲି**—ଦେ ବ. ( ସ. ଫୁଲ୍ଲ )—୧ । ସୂତା ବା ପାଟ ନିର୍ମିତ ପୁଷ୍ପାକାର
Phuli ফুল, ফুলী ଗୁଚ୍ଛ; ପାଟଝୁମ୍ପା—1. Tassel.
**फुलाव; फुलिया; फुल्ली** ବାଳାର; ଚଳମ୍ୟମାଳା ଫୁଲି ଦେଖି ।
ବାଳା ଚରମ ମନୋରମ ପ୍ରଭାରେ ବନ୍ଧା କି ଏମନ୍ତ ବେ ଯୋଗି—
ଭଞ୍ଜ, ବୈଦେହୀଶବିଳାସ ।
୨ । ଶ୍ଳୋକାଦିର ଶେଷରେ ଅଙ୍କିତ ପୁଷ୍ପାକାର ଚିହ୍ନ—
2 The representation of a floral design at the end of a couplet or poem.

୩ । ଫୁଲ ପରି ଦେଖା ଯାଉଥିବା ନାକର ଅଳଙ୍କାରବିଶେଷ—
3. A kind of nose-ornament having a floral top.
୪ । ବିଶାକାଠିରେ ଚିହ୍ନ ଦିଆ ଯାଇଥିବା ଗାରମାନଙ୍କ ମଧ୍ୟରୁ ଯଥାକ୍ରମେ ୫, ୧୦, ୧୫ ଓ ୨୦ ପଲ ଓଜନର ଜିନିଷ ପରୁଡ଼ିରେ ରଖାଗଲେ ଯେଉଁ ଦାଗ ଉପରେ ସୂତା ରହେ ସେହି ଦାଗରେ ଦିଆଯାଇଥିବା ବନ୍ଧୁ ରେଖାଗୁଡ଼ିକ ଚିହ୍ନ(*)—
4. A star-mark on the pole of a Bisā to indicate 5, 10, 15 and 20 Palas weight respectively.
[ ଦ୍ର—୧ ବିଶା=୨୫ ପଲ । ୪ ଫୁଲ ଚିହ୍ନ ପର୍ଯ୍ୟନ୍ତ=୨୦ ପଲ । ୪ ଫୁଲ ଆଗରେ ସୂତା ବସିଲେ ୨୫ ପଲ ବା ପୂର୍ଣ୍ଣ ୧ ବିଶା ଓଜନର ଜିନିଷ ହେଲା ବୋଲି ଜଣାଯାଏ । ୪ ଫୁଲ ଅଗ= ପୂର୍ଣ୍ଣ ୨୫ ପଲ ବା ୧ ବିଶା ଓଜନ । ]
୫ । ଲେଖା ଆଦିରେ ବ୍ୟବହୃତ ତାରକା ଚିହ୍ନ—
5. Asterisk.
ପ୍ରାଦେ. ( ସମ୍ବଲପୁର ) ବ—କାନ୍ଥକୁଣ୍ଡ—Wall niche.

**ଫୁଲିଆ**—ଦେ. ବଣ. ( ଅନ୍ୟ ପୁଷ୍ପବାଚକ ଶବ୍ଦ ସଙ୍ଗେ ଯୁକ୍ତ )—
Phuliā ୧ । ଅମୁକ ଫୁଲ ପରି—1. Like such and such flower.
ফুলআলা **फुलवाला**
( ଯଥା—କଦମ୍ବ ଫୁଲିଆ, ଓଡ଼ ଫୁଲିଆ ଇତ୍ୟାଦି । )
୨ । ପୁଷ୍ପପ୍ରିୟ—2. Liking flowers; taking a fancy to flowers.
( ଯଥା—କିଆ ଫୁଲିଆ ରସିକ, କଣାରୁ ଫୁଲିଆ ରସିକ । )
ଦେ. ବ. ( ବର୍ଣ୍ଣିଆ ଶବ୍ଦ )—୧ । ଭାତ—1. Boiled rice.
୨ । ଚିଲିକାର ଏକପ୍ରକାର କଙ୍କଡ଼ା—
2. A kind of crab of the Chilikā lake.

**ଫୁଲିଆ ଘାସ**—ଦେ. ବ—ଏକପ୍ରକାର ଘାସ—
Phuliā ghāsa A kind of grass.
[ ଦ୍ର—ଏଥିର କାଣ୍ଡ ଅଗରେ ଗୋଟିଏ ଫୁଲ ବା ଥୋପା ଭଳି ଫୁଲ ଫୁଟେ । ]

**ଫୁଲିତ**—ଦେ. ବଣ—ଫୁଲିଥିବା—Swollen.
Phulita ପ୍ରବଳ ଶ୍ୱାସ ଶ୍ୱସନ ଫୁଲିତ ନାଶା ଦଶନ—
ବସନେ ଚ୍ଛିତ ଦର୍ପିତ କୃତ ଦଂଶନ—ଭଞ୍ଜ, ପ୍ରେମସୁଧାନିଧି ।

**ଫୁଲି ଫୁଲି କାନ୍ଦିବା**—ଦେ. କ୍ରି—ଦୀର୍ଘନିଶ୍ୱାସ ଛାଡ଼ି ରହିରହି କାନ୍ଦିବା
Phuli phuli kāndibā (ଓ ତଜ୍ଜନିତ ମୁହଁ ଓ ଆଖି ଫୁଲିବା)—
ফুঁপিয়ে ফুঁপিয়ে কান্দা To sob; to weep with sobs; to cry with convulsions.
**हीलकना; सीसकना**

**ଫୁଲିବା**—ଦେ. କ୍ରି. (ସ. ସ୍ଫାୟୃ ଧାତୁ)—୧ । ସ୍ଫୀତ ହେବା—
Phulibā 1. To be swollen; to swell.
ফুলা; ফোলা ୨ । ମୋଟା ହେବା—2. To become large or fat.
**फुलना**
୩ । ଗର୍ବସ୍ଫୀତ ହେବା; ଅତି ଗର୍ବିତ ହେବା—
3. To become very proud or arrogant.

ଫୁଲୁଥିବ କେବେ ଦେଖାଇ କରତେ ଉଦ, କୋଦଣ୍ଡ ଖଣ୍ଡକୁ । କବିସୂର୍ଯ୍ୟ ସଙ୍ଗୀତ ।

(ଫୁଲିଯିବା—ଅନ୍ୟରୂପ) ୪ । (ଗର୍ବ, ମଦ, ରାଗ ବା ଆନନ୍ଦରେ) ଉଲ୍ଲସିତ ବା ଉତ୍ଫୁଲ୍ଲ ହେବା—1. To be overjoyed. to start up (as with anger or joy.)

ଫୁଲିଲେ ମୁଁ ଗନ୍ତୁ ଶୁଣି ମଦରେ । କବିସୂର୍ଯ୍ୟ. ଭକ୍ତାକର ଚମ୍ପୂ. ପ. ଗୀତ ।

ଫୁଲୁକା—ଦେ.ବଣ—୧ । ସ୍ଫୀତ; ଫୁଲିଥିବା--1. Swollen; bloated. Phulukā (ଫୁଲୁକୀ—ସ୍ତ୍ରୀ) ୨ । ସ୍ଥୂଳକାୟ—2. Corpulent. ଫୁଲ୍‌କ ଫୁଲାହୁଆ ବ—ଫୁଲ୍କା (ଦେଖ)—Phulkā (See).

ଫୁଲୁକା ଗାଲିଆ—ଦେ. ବଣ. ପୁଂ—ଯାହାର ଗାଲ ଫୁଲିଥାଏ—; Phulukā gāliā Having bloated cheeks.
ଫୁଲୁକା ଗାଲି, ଫୁଲୁକା ଗାଲେଇ, ଫୁଲୁକା ଗାଲି, ଫୁଲୁକୀ ଗାଲେଇ } ସ୍ତ୍ରୀ (ଫୁଲୁକାଗାଲ୍ଲ—ଅନ୍ୟରୂପ) ଫୁଲାଗାଲଓ୍ୱାଲା फुलाहुआगालवाला

ଫୁଲୁକା ମୁହାଁ—ଦେ. ବଣ. ପୁଂ—ଶୋଥାମୁଖା; ଯାହାର ମୁହଁ ଫୁଲିଥାଏ- Phulukā muhāṅ Having a bloated or swollen face. [ଫୁଲୁକା ମୁହିଁ, ଫୁଲୁକ ମୁହାଁ—ସ୍ତ୍ରୀ]

ଫୁଲୁଫୁଲିଆ—ଦେ. ବଣ (ସଂ. ଫୁଲ୍ଲ)—୧ । ପୁଷ୍ପ ସଦୃଶ— Phuluphuliā 1. Flower-like.
ଫୁଲ୍ ଫୁଲିଆ, ଫୁଲ୍ ଫୁଲୁକା, ଫୁଲ୍ ଫୁଲୁକା } ଅନ୍ୟରୂପ
୨ । ଫୁଲପରି ମନୋହର— 2. Beautiful as a flower.
୩ । ଫୁଲପରି ପ୍ରସ୍ଫୁଟିତ— 3. Opened or full-blown like a flower.
ଫୁଲ୍‌ଫୁଲିୟା, ଫୁଲ୍‌ଫୁଲେ ୪ । ଫୁଲପରି ହାଲୁକା— 4. Light like a flower.
୫ । ଫୁଲପରି କୋମଳ ବା ସୁକୁମାର— 5. Tender or soft or delicate like a flower,
୬ । (ସଂ. ସ୍ଫୀତ) ଫୁଲୁକା; ଫୁଲିଥିବା; ସ୍ଫୀତ— 6. Bloated; swollen.

ଫୁଲୁଟ୍—ବୈଦେ. ବ. (ଇଂ. ଫ୍ଲୁଟ୍)--ବଂଶୀ; ଯେଉଁ ବଂଶୀର ପାର୍ଶ୍ୱସ୍ଥ Phulut ଛିଦ୍ର ଫୁଙ୍କି ବଜାଇବାକୁ ହୁଏ—Flute. ଫ୍ଲୁଟ୍ बाँसुरी

ଫୁଲେଇ ହେବା—ଦେ. କ୍ରି—୧ । ଅଭିମାନ କରିବା—1. To become sensitive; to become sullen. Phulei hebā ଫୁଲ୍‌ନା फुलना ୨ । ଗର୍ବିତ ହେବା; ଗର୍ବସ୍ଫୀତ ହେବା— 2. To become proud; to be puffed up with pride.
୩ । ଦେଖେଇ ହେବା— 3. To make a show; to assume airs.
୪ । ଆତ୍ମବଡ଼ିମା ପ୍ରକାଶ କରିବା— 4. To become boastful of one's praise.

ଫୁଲେଇ—ଦେ. ବଣ. ସ୍ତ୍ରୀ—୧ । (ଗାଳିରେ ବ୍ୟବହୃତ) ଗର୍ବିତା (ସ୍ତ୍ରୀ)— Phulei 1. Proud (woman); haughty.
୨ । ଯେ (କ୍ରୋଧ, ଘୃଣା, ଗର୍ବରେ) ନାକ ବା ମୁହଁ ଫୁଲାଏ— 2, Puffing up one's nostrils in disdain, pride or anger.

ଫୁଲୁ(ଲେ,ଲୋ,ଲୌ)ରି—ଦେ. ବ—୧ । ତେଲ ବା ଘିଅରେ ଭଜା Phulu(le,lo,lau)ri ହୋଇ ଛଥିର ହୋଇଥିବା ଛୋଟ ଛୋଟ ଫୁଲାରୀ; ଫୁଲୋରୀ फुलौरी ବଡ଼ା ବା ବରା; ପକୌଡ଼ି—1. Lentil-paste-cakes fried in oil or ghee.
୨ । ପୁଷ୍ପବାସିତ ତୈଳ—2. Floral oil.

ଫୁଲୁର ଫୁଲତ ବଷ; ଭଲୁର ଅଛ ଅନଗ
ବକଚକାର ସୁରଗ, ଉକତ ହେଇଣ କେଶ । ପ୍ରାଚୀନ. ସଙ୍ଗୀତ ।

ଫୁଲେଲ—ବଣ—୧ । ଫୁଲରୁ ଛଥିର ହୋଇଥିବା—1. Made or extracted from flower; floral. ଫୁଲେଲ फुलेल (ଯଥା—ଫୁଲୁର ତେଲ)
୨ । ପୁଷ୍ପବାସିତ—2. Scented with flowers.

ଫୁଲ୍କା—ଦେ. ବ—ମାଛଙ୍କ ଗାଲସି— Phulkā Gills of a fish.
ଫୁଲ୍‌କା ବଣ—ସ୍ଫୀତ; ଫୁଲୁକା— गलफडा Bloated; puffed up; swollen.

ଫୁଲ୍ଲ(ଧାତୁ)—ସ—୧ । ବିକସିତ ହେବା; ପ୍ରସ୍ଫୁଟିତ ହେବା—1. To be Phull (root) full blown; to be opened.
୨ । (ଦେହ) ଉଲ୍ଲସିତ ହେବା; ଉଲୁସି ଉଠିବା— 2. To start up (with anger or joy).

ଫୁଲ୍ଲ—ସ. ବ. ( ଫୁଲ୍ଲ୍ ଧାତୁ+କର୍ତ୍ତୃ. ଅ )— Phulla ଫୁଲ; ପୁଷ୍ପ—Flower.
ବଣ. ( ଫୁଲ୍ଲ୍ ଧାତୁ=ବିକସିତ ହେବା+କର୍ତ୍ତୃ. ଅ )—
୧ । ମୁକୁଳିତ; ପ୍ରସ୍ଫୁଟିତ—1. Full-blown.
୨ । ବିକସିତ—2. Opened; expanded.
୩ । ପ୍ରଫୁଲ୍ଲ—3. Overjoyed.

ଫୁଲ୍ଲ ଲୋଚନ—ସ. ବଣ. ପୁଂ. ( ବହୁବ୍ରୀହି; ଫୁଲ୍ଲ+ଲୋଚନ )— Phulla lochana ପ୍ରଫୁଲ୍ଲ ନୟନ—Having eyes brightened up or expanded ( with joy ).
ଫୁଲ୍ଲ ନୟନ, ଫୁଲ୍ଲ ନେତ୍ର } ଅନ୍ୟରୂପ
(ଫୁଲ୍ଲ ଲୋଚନା, ଫୁଲ୍ଲ ନୟନା, ଫୁଲ୍ଲ ନେତ୍ରା—ସ୍ତ୍ରୀ)

ଫୁଲ୍ଲାଧର—ସ. ବଣ. ପୁଂ. (ବହୁବ୍ରୀହି; ଫୁଲ୍ଲ+ଅଧର)— Phullādhara ପ୍ରଫୁଲ୍ଲବଦନ; ହାସ୍ୟମୁଖ— (ଫୁଲ୍ଲାଧରା—ଅନ୍ୟରୂପ) Having a laughing face.

ଫୁଲ୍ଲାରବିନ୍ଦ—ସ. ବ. (କର୍ମଧା; ଫୁଲ୍ଲ+ଅରବିନ୍ଦ)—ପ୍ରସ୍ଫୁଟିତ ପଦ୍ମ— Phullārabinda Full-blown lotus.

ଫୁଲ୍ଲେନ୍ଦୀବର—ସ. ବ. (କର୍ମଧା; ଫୁଲ୍ଲ+ଇନ୍ଦୀବର)— Phullendībara ପ୍ରସ୍ଫୁଟିତ ନୀଳ କଇଁ—Full-blown blue waterlily.

ଫୁଲ୍ଲେନ୍ଦୁ—ସ. ବ. ( କର୍ମଧା; ଫୁଲ୍ଲ+ଇନ୍ଦୁ )—ପୂର୍ଣ୍ଣଚନ୍ଦ୍ର— Phullendu Full moon.

ଫୁଷ୍‌କେଲ୍—ପ୍ରାଦେ. (ସମ୍ବଲପୁର) ବ. (ସ. ପୁଷ୍କର)—ପଦ୍ମ ପୁଷ୍କର— Phush-kel The cup of the lotus flower.

ଫସ—ଦେ. (ଧ୍ୱନ୍ୟନୁକରଣ) ଅ—୧ । (ଘୃଣାର୍ଥକ)—ଧିକ୍ !
Phus 1. (Interjection) Pish ! pooh ! fie !
ফুস୍ ୨ । ଧୀର ଭାବରେ ଶବ୍ଦରନ୍ଧ୍ରରୁ ବା ମୁଖରୁ ପବନ ବାହାର
ফুস ହିବାର ଶବ୍ଦ—2. The low hissing sound of air escaping through a hole or the mouth.
୩ । ପାଦିବାର ଅନୁଚ୍ଚ ଶବ୍ଦ—3. The low sound of breaking wind.
ତାଗ ପାଦିବ ପାଦିବ ବୋଲି ଫୁସ୍—ଉକ୍ତ ।
୪ । ଫୁସ୍ ଫୁସ୍ (ଦେଖ)—5. Phus phus (See)
୫ । ନିଷ୍ଫଳ (କର୍ମ)—5. Fruitless (act).

ଫୁସ୍କି—ପ୍ରାଦେ. (ସମ୍ବଲପୁର) ବ. (ଭୁଲ. ବ. ଫୁସ୍କଡ଼ି)—
Phus-ki ଘିମ୍ଚିର ପରି ବ୍ରଣ—Small pimples like lichen or prickly heat.

ଫସ୍ ଫୁସ୍—ଦେ. ବ. (ସ. ଫୁସ୍ଫୁସ)—ଫୁସ୍ଫୁସ (ଦେଖ)
Phus phus Phusphusa (See)
ফুস্ফুস্ ଅ.— ଫୁସୁରୁ ଫୁସୁରୁ (ଦେଖ)
फेफड़ा Phusuru phusuru (See)
ଫୁସ୍ଫାସ୍ } ଅନ୍ୟରୂପ     ଫସ୍ ଫୁସ୍ ହେଲେ ବୁଝ ନାମ କସ୍ ଅଛନ୍ତି ।
ଫୁସ୍ଫୁସ୍ }     ଫକୀରମୋହନ. ଗଳ୍ପସ୍ୱଳ୍ପ ।

ଫୁସା—ପ୍ରାଦେ. ଗ୍ରା. (ବାଲେଶ୍ୱର) ବ. (ଅଶ୍ଳୀଳ)—
Phusā ଗୁହ୍ୟ; ମଳଦ୍ୱାର—Anus.

ଫୁସା ଚୁପ୍ ଚୁପ୍ ଡାକିବା—ପ୍ରାଦେ. ଗ୍ରା. (ବାଲେଶ୍ୱର) କ୍ରି. (ଅଶ୍ଳୀଳ)—
Phusā chup chup ḍākibā ଖୁବ ଭୟରେ ଥରିବା —
(ଫୁସାଫୁସ ହେବା—ଅନ୍ୟରୂପ) To quake with fear.

ଫୁସି—ପ୍ରାଦେ. (ଗଞ୍ଜାମ) ବ — ୧ । ନିର୍ଦ୍ଧନ; ଦରିଦ୍ର—1. Poor.
Phusi ୨ । ତୁଚ୍ଛ; ହେୟ—2. Despicable.
୩ । କୃପଣ—3. Miserly.

ଫୁସିଆର—ଦେ. ବ—ଶଗଡ଼ ଚକର ପଇ ଦେହରେ ମରା ଯାଇଥିବା
Phusiāra ଅରଗୁଡ଼ିକ ଟାଣ କରି ଚପି ରଖିବା ପାଇଁ ପଇରେ ମରା ଯାଇଥିବା ଖିଲ—The wooden pin driven into the rims of a cart-wheel to keep the spokes tight therein.

ଫୁସି କଙ୍କଡ଼ା—ଦେ. ବ—ଛୋଟ କଙ୍କଡ଼ା—
Phusi kaṅkarḍā Small crab.

ଫୁସୁରୁ ଫୁସୁରୁ—ଦେ. ଅ. ( ଧ୍ୱନ୍ୟନୁକରଣ ) ଅ—
Phusuru phusuru ଖୁବ୍ ଚୁପ୍ ଚୁପ୍ କଥା ଭାଷା ହେବାର ଶବ୍ଦ—
(ଫୁସୁର ଫୁସୁର—ଅନ୍ୟରୂପ) Low whispering; whispering sound.
ফুস্ফুস্ फुसफुस

ଫୁସୁକି ଯିବା—ଦେ. କ୍ରି—(କୌଣସି କାର୍ଯ୍ୟ) ନିଷ୍ଫଳ ହେବା; ଫସକି ଯିବା-
Phusuki jibā To miscarry (said of a work).
(ଫୁସୁକି ଯିବା—ଅନ୍ୟରୂପ) ফসকে যাওয়া

ଫୁସୁଳା(ଲେ)ଇବା—ଦେ. କ୍ରି. (ସ. ପ୍ର+ସରଣ=ପ୍ରବୃତ୍ତ ହେବା)—
Phusulā(le)ibā ୧ । କୋମଳ କଥା ଦ୍ୱାରା ଭୁଲାଇବା; ଭଣ୍ଡାଇବା—1. To coax; to cajole; to wheedle.
ଫୁସୁଲେ(ଲେ)ଇବା } ଅନ୍ୟରୂପ
ଫୁସୁଲା ଫୁସୁଲ କରିବା }
ফুসলান অଲଟାଇସିଥି ଗାଁରେକେ ତାକୁ ଫୁସୁଲେଇଲେ ଶୁଣିବାକୁ ହେବ ନାହିଁ ।
फुसलाना ଫକୀରମୋହନ. ଗଳ୍ପସ୍ୱଳ୍ପ ।
୨ । ପ୍ରଲୋଭନ ଦେଖାଇବା—
2. To inveigle; to seduce; to entice.

ଫୁସୁଲା ଫୁସୁଲି—ଦେ. ବ—୧ । ଭଣ୍ଡିବା; କଥାଦ୍ୱାରା ଭୁଲାଇବା—
Phusulā phusuli ফুসলা ফুসলি 1. Coaxing; cajolry
फुसला फुसलि ୨ । ପ୍ରଲୋଭନ ଦେଖାଇ ପ୍ରବର୍ତ୍ତାଇବାର
(ଫୁସୁଲା ଫୁସଲ, ଫୁସୁଲା – ଅନ୍ୟରୂପ) ଚେଷ୍ଟା—2. Enticement.

ଫୁସ୍ଫୁସ—ସ. ବ—ଫୁସ୍ ଫୁସ୍ ଯନ୍ତ୍ର; ହୃଦୟ ମଧ୍ୟସ୍ଥ ବାୟୁପାତ୍ର—
Phusphusa The lungs.

ଫୁର୍ତ୍ତି—ଦେ. ବ. ( ସ. ସ୍ଫୂର୍ତ୍ତି )—୧ । ତେଜ—
Phūrtti ফুর্তি फुर्ती 1. Sprightliness; energy.
୨ । ଉଲ୍ଲାସ; ମଉଜ; ଆନନ୍ଦ—
2. Exhilaration; merriment.
୩ । ତତ୍ପରତା; ଚାଞ୍ଚଲ୍ୟ—
3. Activity; briskness.
୪ । ବେଗ; ତତ୍ପରତା—4. Promptness.
୫ । ଶୀଘ୍ରତା; ତ୍ୱରା—5. Quickness; haste.
୬ । ସ୍ଫୂର୍ତ୍ତି; ସ୍ଫୁରଣ—6. Finding expression.
୭ । ଆମୋଦ; ମନର ଆନନ୍ଦ—
7. Buoyancy of spirits.
ବଣ—୧ । ତେଜୀୟାନ୍—1. Energetic; sprightly.
୨ । ଉଲ୍ଲସିତ—2. Exhilarated; overjoyed.
୩ । ଚଳାକ; ଚଞ୍ଚଳ—
3. Active; nimble; brisk.
୪ । ତତ୍ପର—4. Prompt.
୫ । ତ୍ୱରିତ—5. Quick; hasty.
କ୍ରି. ବଣ—୧ । ଶୀଘ୍ର—1. Sharp; soon.
୨ । ବେଗରେ—2. Quickly.
୩ । ତତ୍କ୍ଷଣାତ୍—3. Immediatly; at once.

ଫୁର୍ତ୍ତି କରିବା—ଦେ. କ୍ରି—୧ । ଆନନ୍ଦିତ ହେବା; ମଉଜ କରିବା—
Phūrtti karibā 1. To be exhilarated; to express joy; to be merry.
ফুর্তিকরা फुर्ती करना
୨ । ତତ୍ପରତା ସହିତ କାର୍ଯ୍ୟ କରିବା—2. To act with promptness; to make haste; to look sharp.
୩ । ଚଞ୍ଚଳଆ ହେବା—
3. To be brisk; to be up and doing.

ଫୁର୍ତ୍ତି ଦେଖା(ଖେ)ଇବା—ଦେ. କ୍ରି—କାର୍ଯ୍ୟରେ ତତ୍ପରତା ପ୍ରକାଶ
Phūrtti dekhā(khe)ibā କରିବା—To show promptness or briskness.
ফুর্তি দেখান फुर्ती दिखलाना

ଫୁର୍ତ୍ତିବାଜ୍—ଦେ. ବଣ (ସ. ସ୍ଫୂର୍ତ୍ତି+ଫା. ପ୍ରତ୍ୟୟ-ବାଜ୍)—୧ । ପ୍ରଫୁଲ୍ଲମନା-
Phūrttibāj 1. Having buoyancy of spirits.
ফুর্তিবাজ फुर्तीला; फुर्तीबाज ୨ । ଚଞ୍ଚଳ—2. Active.

ଫୂର୍ତ୍ତିବାଜ—ଦେ. ବ—କର୍ମକୁଶଳତା ବା ସିଦ୍ଧହସ୍ତତା—Activity in
Phūrttibāji work; dexterity in work.
ফূর্ত্তিবাজী फुर्तिबाजी

ଫୃସତ୍—ବୈଦେ. ଗ୍ରା. ବ—ଫୁରୁସତ୍ ( ଦେଖ )—Phurusat (See)
Phṛusat ( ଫୃ ସେତ୍, ଫୃ ସ[ସେ]ତ—ଅନ୍ୟରୂପ )

ଫେଅର୍ କପି—ବୈଦେ. ବ ( ଇଂ )—ଠଠାରୁ ସାଫ ହେବା ନକଲ—
Phear kapi ফেয়ার কাপী फेयार कापी Fair copy.

ଫେଇବା—ଦେ. କ୍ରି ( ସ. ଫେଟନ )—୧ । ଫେଡ଼ିବା; ଖୋଲିବା;
Pheibā ମେଲିବା; ଫିଟାଇବା; ମେଲା କରିବା—
ফুয়ন; ফেটান खोलना 1. To unfasten; to open; to unfurl.

ଗୋବନ୍ଧ ସେତନ ଫେଇଲେ—ଭୂପତ. ପ୍ରେମପଞ୍ଚାମୃତ ।

୨ । ପ୍ରକାଶିତ କରିବା—2. To show.

୩ । ମୁକୁଳାଇବା; ଖୋଲି ବାହାର କରିବା—3. To untie.

ଫେଇ କଣ୍ଠରୁ କଣ୍ଠ ମୁକୁତା ହାର; ଫଳାଇ ଗାଁଗିବି କି କଦମ୍ବିହାର—
କବିସୂର୍ଯ୍ୟ. ଋତ୍ନାକର ଚଉ. ଫ-ଗୀତ ।

ଫେଉ—ଦେ. ବ—୧ । ଫାନ୍ଦ; ଧପ୍ପାବାଜୀ; ପ୍ରତାରଣା—
Pheu 1. Fraud; deception.

୨ । ଚତୁରତା; ଧୂର୍ତ୍ତତା; ଛଳ—2. Cunning.

୩ । ଫୁସୁଲା ଫୁସୁଲି—3. Coaxing; cajolry.

୪ । ବାହାନା—4. Excuse; feigning; pretext.

ଫେଏ ଫେଏ—ଦେ. ( ଧ୍ୱନ୍ୟନୁକରଣ ) ଅ—ବିଲୁଆ ଭୁକିବା ଶବ୍ଦ;
Phe-e phe-e ভেউ ভেউ হুক্কে হুক্কে—The braying of
( ଫେ ଫେ —ଅନ୍ୟରୂପ ) खे खे jackals.

ଫେଏ ଫେଏ ରବ ଦେଇ ଫେରୁ ଉଲ୍କାମୁଖୀ—
ରଧାନାଥ. ଶ୍ମଶାନ ଦୃଶ୍ୟ ।

ଫେଁ ଫେଁ—ଦେ. ଅ. ( ଧ୍ୱନ୍ୟନୁକରଣ )—ଉଚ୍ଚହାସ୍ୟ କରିବାର ଶବ୍ଦ;
Pheñ pheñ হেঁ হেঁ—Sound of loud laughter.
ফিক ফিক खैं खैं (ଫେଁଏଁ ଫେଁଏଁ—ଅନ୍ୟରୂପ)

ଫେକଟ୍—ପ୍ରାଦେ. ( ବସ୍ତର ) ଅ. ( ଭୁଲ. ହି. ଫୋକଟ୍=ବ୍ୟର୍ଥ )—
Phekaṭ ବୃଥା; ଅକାରଣ—In vain; for nothing.

ଫେକାରି—ପ୍ରାଦେ. ( ଭାମଣ୍ଡା ) ବ. ( ସ. ଫେରୁ=ବିଲୁଅ )—
Phekāri କୋକଶିଆଳ—Fox.

ଫେଚ୍‌କାମୀ—ଦେ. ବି—୧ । ଫିସାଦ—1. Fraud.
Phech kāmi ୨ । ଫାଜିଲାମି—2. Undue forwardness.
ফেচকামী फापाकुटनी ୩ । ଖଲତା—3. Wantonness.
(ଫେଞ୍ଚକାମୀ—ଅନ୍ୟରୂପ) [ଫେଚକା(ପୁଂ), ଫେଚକି(ସ୍ତ୍ରୀ)—ବଣ]

ଫେଟ୍ ( ଧାତୁ )—ସ—ଫିଟାଇବା; ଖୋଲିବା—
Pheṭ ( root ) To open.

ଫେଟନ—ସ. ବ. ( ଫେଟ୍ ଧାତୁ + ଭାବ. ଅନ )—ଫିଟାଇବା—
Pheṭana Opening.

ଫେଟା—ଦେ. ବ. ( ସ. ଛୁଟ )—୧ । ଓସାରିଆ ଫିଙ୍କା ଲୁଗା—
Pheṭā ফেটা फैंटा 1. A wide cloth.

ରଙ୍ଗ ଖେଳେ ଫେଟ ଉଡ଼ଇ ତୋ ବନ୍ଧୁ ଯାହା ପୀତଫେଟା ଫେର ରେ—
କବିସୂର୍ଯ୍ୟ. ରତ୍ନାକରଚଉ. ର-ଗୀତ ।

୨ । ଅଣ୍ଟାରେ ଲୁଗା ଉପରେ ଭିଡ଼ାଯିବା ଲୁଗା—2. A cloth tied round the waist over the loin-cloth.

୩ । କମଳା ଲେମ୍ବୁର କୋଷ—3. Peel of orange.

୪ । ଶିମ୍ବରୁ ଗୋଟିଏ—4. A bean.

ଫେଟା ଧଡ଼ିଆ—ଦେ. ବଣ—ଓଉଡ଼ାଧଡ଼ିଯୁକ୍ତ ( ଲୁଗା )—
Pheṭā-dhaṛiā Having a broad hem ( cloth ).

ଫେଟ(ଟି)ନ୍—ବୈଦେ. ବ—ଫିଟନ୍ ( ଦେଖ )
Pheṭa(ṭi)n Phiṭan ( See )

ଫେଡ଼—ଦେ. ବ. ( ସ. ଛୁଟ୍ ଧାତୁ କମ୍ବା ଫେଟ୍ ଧାତୁ )—
Pherḍa ୧ । ମୋଚନ; ମୋଚନ; ଫେଡ଼ିବା—1. The act of releasing.
ଫେଡ଼ଣ, ଫେଡ଼ା } ଅନ୍ୟରୂପ
ଫେଡ଼ାଣ୍ଟ, ଫେଡ଼ାଣ } ୨ । ଦୂରୀକରଣ—2 Removal.

୩ । ଏକ ଅଙ୍କରୁ ଅନ୍ୟ ଅଙ୍କର ବିୟୋଗ କରଣ; ବ୍ୟବକଳନ—
3. The process of subtraction.

ଫେଡ଼ ମିଶା—ଦେ. ବ—ଅଙ୍କ ଫେଡ଼ିବା ଓ ମିଶାଇବା ପ୍ରକ୍ରିୟା—
Pherḍa misā The processes of subtraction and
যোগ বিয়োগ घटाना जोड़ना addition.
(ଫେଡ଼ା ମିଶା, ଫେଡ଼ାଣି ମିଶାଣି, ଫେଡ଼ ମିଶା—ଅନ୍ୟରୂପ)

ଫେଡ଼ା—ଦେ. ବଣ—ବ୍ୟବକଳିତ; ବିଯୁକ୍ତ—Subtracted.
Pherḍā বাদ দেওয়া घटाया हुआ

ଫେଡ଼ା(ଡ଼େ)ଇବା—ଦେ. କ୍ରି. (ସ. ଛୁଟ୍ ବା ଫିଟ୍ ଧାତୁ ଣିଚ=ଫେଟ
Pherḍā(ṛe)ibā ବା ଫେଟ୍ ଧାତୁ )—( ଫେଡ଼ିବା କ୍ରିୟାର
ফিড়ান; ফেড়ান; ফিঁড়ান ଣିଜନ୍ତ ରୂପ—The causative
खुलवाना, घटवाना form of 'Pherḍibā')

୧ । ଅନ୍ୟ ବ୍ୟକ୍ତିଦ୍ୱାରା ଫେଡ଼ିବା କିମ୍ବା କରାଇବା—
1. To cause to subtract.

୨ । ଅନ୍ୟଦ୍ୱାରା ଫିଟାଇବା—2. To cause to be opened or unlocked.

ସାତ କବାଟ ଫେଡ଼ାଇଲି
ଅନ୍ଧାର ଘରରୁ ଗୃହିଁଲ । ଜଗନ୍ନାଥ. ଭାଗବତ ।

ଫେଡ଼ିବା—ଦେ. କ୍ରି. (ସ. ଛୁଟ; ଛୁଟ୍ ବା ଫିଟ୍ ଧାତୁ ଣିଚ୍ ବା ଫେଟ୍
Pherḍibā ଧାତୁ)—୧ । ଦୂର କରିବା—1. To remove.
ফেড়া; বাদদেওয়া ଫେଡ଼ନ୍ତୁ ତୋ କଷ୍ଟ ସୁଖ ଦେଇ ଅଷ୍ଟ-
घटाना ଛିତ ଏ ଅସ୍ତ୍ର ବାହିତ । କବିସୂର୍ଯ୍ୟ. କଳୋଲଚଉ. ଫ. ଗୀତ ।

୨ । ବିୟୋଗ କରିବା; ଏକ ରାଶିରୁ ଅନ୍ୟ ରାଶିକୁ ବାଦ୍ ଦେବା—
2. To subtract.

୩ । ଫେଇବା; ଫିଟାଇବା; ଖୋଲିବା—3. To open.

ଫେଡ଼ି ନ ସମ୍ବନ୍ଧନ, ଥିଲ । ଭକ୍ତ. ପ୍ରେମସୁଧାନିଧି ।

୪ । ମୁକ୍ତ କରିବା—4. To liberate; to release.

୫ । ମୋଚନ କରିବା; ତ୍ୟାଗ କରିବା—5. To give up.

୬ । ଲାଘବ କରିବା; ମୋଚନ କରିବା—
6. To lessen; to relieve.

ଅହେ କୃଷ୍ଣ ! ଅର୍ଦ୍ଧ ଥାଣ ତୁମ୍ଭେ ହୋଇ
ଏ ଅରତ ଅମ୍ଭର ଫେଡ଼ିଲ ତ ନାହିଁ । କୃଷ୍ଣସିଂହ. ମହାଭାରତ ସଭା ।

୭ । (ହୃଦ୍ଗତ ଭାବକୁ) ସ୍ପଷ୍ଟରୂପେ ପ୍ରକାଶ କରିବା—
7. To speak out plainly or frankly; to express.

କୃମ୍ଭକର୍ଣ୍ଣ ଭୂତ ଫେଡ଼ େ ବଣ୍ଟବନ୍ଧ୍ୟା
ତହିଁ କା ସ୍ତୁତିସଭାରେ । ଜଗନ୍ନାଥ. ଦାସ ।

୮ । ଅନ୍ତର୍ଦୃଷ୍ଟିର ପ୍ରୟୋଗରେ ଜାଣିବା—
8. To know by insight or instinct.
ତେବେ ଦେଖିଅଛ ଫେଡ଼ି ଭବିତବ୍ୟ । ଜଗନ୍ନାଥ. ନନ୍ଦକେଶ୍ୱରୀ ।

ଫେଡ଼ି କହିବା—ଦେ. କ୍ରି—ଖୋଲି କହିବା; ସ୍ପଷ୍ଟରୂପେ ବୁଝାଇ କହିବା
Pherdi kahibā To speak clearly.
খুলে বলা କଥାଏ ପଚାରିବ ତୋତେ
खोलकर बोलना ଫେଡ଼ି କହିବ ମୋ ଅଗ୍ରତେ । ପ୍ରାଚୀ. ନିର୍ଗୁଣମାହାତ୍ମ୍ୟ ।

ଫେଣ୍—ପ୍ରାଦେ. (କଟକ ସଦର) ଅ. (ସଂ. ପୁନଃ)—ପୁଣି; ପୁନର୍ବାର—
Phen (ଫିଣ୍—ଅନ୍ୟରୂପ) Again; also.

ଫେଣ—ଦେ. ବି. (ସଂ. ଫେନ; ଫେଣ)—୧ । ଫେନ; ଦ୍ରବ ପଦାର୍ଥ ଉପରେ ଭାସୁଥିବା ବୁଦ୍ବୁଦ—1. Froth; foam; scum.
Phena
ফেনা
फेन; गाँज ୨ । ପାଟିରୁ ବାହାରିବା ଫେଣ—
2. Froth issuing from the mouth.
୩ । ଡ୍ରଣ୍ଡିର; ସମୁଦ୍ରଫେଣ; ଏକପ୍ରକାର ମାଛର କଙ୍କାଳ—
3. The bone of the cuttle fish; meerschaum.
ফণা ୪ । (ସଂ. ଫଣା) ସାପର ଫଣା—
फन 4. The expanded hood of a serpent.

ଫେଣ କାଢ଼ିବା—ଦେ. କ୍ରି—୧ । ତରଳ ପଦାର୍ଥ ବା ସାବୁନଆଦି ଘଷି ତାହା ଫେନଯୁକ୍ତ କରିବା—1. To produce froth or lather from liquids by friction.
Phena kārdhibā
(ଫେଣ ବାହାର କରିବା—ଅନ୍ୟରୂପ)
ফেনকাঢ়া
गाँज निकालना; फेन निकालना ୨ । କୌଣସି ଜନ୍ତୁକୁ ଅତିରିକ୍ତ ପରିଶ୍ରମ କରାଇ ତା ପାଟିରୁ ଫେଣ ବାହାର କରାଇବା—
3. To cause an animal to emit froth from its mouth by causing it to labour hard.
୩ । (ସାପ) ଫଣା ବାହାର କରିବା—3. (a serpent) To stand with its hood expanded.
୪ । (ଲକ୍ଷଣାର୍ଥ) ଦମନ କରିବା—4. To subjugate.

ଫେଣ ଧରିବା—ଦେ. କ୍ରି—ଫଣା ପ୍ରକାଶ କରିବା—
Phena dharibā To raise up the hood.
ଫେଣ କାଢ଼ିବା } ଅନ୍ୟରୂପ ମାତ୍ରର ମାର୍ଜାର ସର୍ପଫେଣ ନ ଧରେ
ଫେଣ ବାହାର କରିବା } ଯେତେ ପଦ୍ମତୋଳା ଗାଇଲେ ।
ফণা বাহিরকার फेन काढ़ना ସାଳବେଗ. ଜଗମୋହନ ।

ଫେଣା—ଦେ. ବି. (ସଂ. ଫଣା)—୧ । ସର୍ପର ଫଣା—
Phenā 1. Serpent's hood.
ফণা ୨ । କଦଳୀ କାନ୍ଦିରେ ଥିବା କଦଳୀର ପେନ୍ଥା—
फन; फेन 2. A cluster of plantain fruits in a big bunch.
ফেনি
फज; छत्ता ୩ । ମଧୁଚକ୍ର; ମହୁମାଛି ତିଆରି କରିଥିବା କୋଷ—
মউচাক্ 3. Bee-hive.
ছত্তা ୪ । (ସଂ. ଫେନ) ତରଳୀକୃତ ଗୁଡ଼ ବା ନବାତ ଫଳା ହୋଇ
ফেণী; বাতসা ପ୍ରସ୍ତୁତ ହୋଇଥିବା ବୁଦ୍ବୁଦମୟ ମିଷ୍ଟାନ୍ନବିଶେଷ—
बतास फेनी 4. (ସଂ. ଫାଣିତ) A bloated ball made of boiled sugar.
କଦ, ଚିଣିର, ଫେଣା, ଗଜା ଝୁଏ । ପ୍ରାଚୀ. ପଞ୍ଚତେଗୀଘା ।
ବିଣ—ଫେନଯୁକ୍ତ—Frothy.
କ୍ରି—ଫେଣାଇବା (ଦେଖ)—Phenāibā (See)

ଫେଣା(ଣେ)ଇବା—ଦେ. କ୍ରି. (ସଂ. ଫେନ ଶବ୍ଦରୁ ଫେନାୟ ଧାତୁ)—
Phenā(ne)ibā ୧ । ତରଳ ପଦାର୍ଥକୁ ଫେଣ୍ଟିବା; ବରବଟାକୁ ଘାଣ୍ଟି ଫେନଯୁକ୍ତ କରାଇବା—
ଫେଣିଆଇବା } ଅନ୍ୟରୂପ 1. To stir dough with fingers so as to make it foamy.
ଫେଣିବା }
ফেনান फानना
୨ । ଫେନଯୁକ୍ତ ହେବା—
2. To be frothy; to emit froth

ଫେଣି—ଦେ. ବି—(ସଂ. ଫେନକ)—୧ । ଗୁଡ଼ ବା କଦଳୀ ଅଉଟି ଛାଣିବା ଦ୍ୱାରା ପ୍ରସ୍ତୁତ ମିଷ୍ଟାନ୍ନ; ବଟେଶ ଫେଣା—
Pheni
ফেণিবাতাসা बतासफेनी 1. Bloated sugar cake.
୨ । (ସଂ. ଫେନକା) ତଳ ଓ ଅଟାରେ ପ୍ରସ୍ତୁତ ସ୍ତର ସ୍ତର ଯୁକ୍ତ ମିଷ୍ଟାନ୍ନ ବିଶେଷ; ଫେନକା (ଦେଖ)—2. A sweetmeat consisting of layers of kneaded flour fried in ghee.

ଫେଣିଆ—ଦେ. ବିଣ—ଘଣ୍ଟା ହୋଇ ଫେନଯୁକ୍ତ କରା ଯାଇଥିବା—
Phenia ফেনা फेनाहुआ Made foamy by stirring.
(ଫେଣିଥ ଫେଣି—ଅନ୍ୟରୂପ)

ଫେଣେଇ—ପ୍ରାଦେ. (ବାଲେଶ୍ୱର) ବି—ଫେଣା ୪ (ଦେଖ)—
Phenei Phenā 4 (See).

ଫେଣେଇ ହେବା—ଦେ. କ୍ରି—ଗୋଟିଏ କଥା ବାର ବାର ପକାଇବା—
Phenei hebā To introduce a disputed matter repeatedly to attract the disputant's attention.

ଫେଣ୍ଟ—ଦେ. ବି. (ଦେଶୀଅ ଶବ୍ଦ)—୧ । ଦସ୍ତା—1. Lead.
Phenta ୨ । ତାସ ଆଦି ଫେଣ୍ଟିଆ ବା ଏକତ୍ର ମିଶାଇବା କ୍ରିୟା—
2. Shuffling, intermingling.

ଫେଣ୍ଟିବା—ଦେ. କ୍ରି—୧ । ଫେଣାଇବା (ଦେଖ)
Phentibā ফেন্টা फेंटना 1. Phenāibā (See).
୨ । (ସଂ. ପିଷ୍ଟ) ଏକ ପଦାର୍ଥ ସହିତ ଅନ୍ୟ ପଦାର୍ଥକୁ ସମ୍ୟକରୂପେ ମିଶାଇବା—2. To mix up a thing with another.
୩ । ତାସ ଆଦି ଗୋଳାଇବା—
3. To intermingle (cards); to shuffle.

ଫେଟି—ପ୍ରାଦେ. (ପୁରୀ) ବି—ଖୁବ୍ ଜୋରରେ ଦୂରକୁ ଢେଲା ପକାଇବା
Pheti ପାଇଁ ଦଉଡ଼ିରେ ନିର୍ମିତ ଫାଶ—A contrivance made of rope to throw stones to a great distance with great force; sling.

**ଫେତ୍କାରିଣୀ ତନ୍ତ୍ର**—ବି—ତନ୍ତ୍ରଶାସ୍ତ୍ରବିଶେଷ—
Phetkarini tantra Name of a 'Tantra-treatise'.
ଯେ ଅଛି ଫେତ୍କାରିଣୀ ତନ୍ତ୍ରେ
ବୈଷ୍ଣବାଗ୍ର ଯେ ଯୁଗଭେ—ପ୍ରାଚୀ. ପୂର୍ଣ୍ଣଚନ୍ଦ୍ର, ଚନ୍ଦ୍ରୋଦୟ ।

**ଫେନ(ଣ)**—ସଂ. ବି—( ସ୍ଫାୟ୍ ଧାତୁ=ଫୁଲିବା+କର୍ତ୍ତୃ ନ. ନିପାତନ )—
Phena(ṇa) ୧ । ଘର୍ଷଣ ବା ମନ୍ଥନ ଦ୍ୱାରା ଦ୍ରବ ପଦାର୍ଥରୁ ବାହାରିବା ବୁଦ୍ବୁଦ୍‌ସମୂହ—1. Froth; foam; scum.
୨ । ସମୁଦ୍ର ଫେଣ; ସାମୁଦ୍ରିକ ମତ୍ସ୍ୟବିଶେଷର ବୁଦ୍ବୁଦାକୃତି କଙ୍କାଳ— 2. The spongy skeleton of cuttle-fish; Sepia Officinalis.
ଦେ. ବି—ପାଟିରୁ ବାହାରିବା ବଠ—Froth issuing from the mouth.
ପ୍ରାଦେ. ( କଳାହାଣ୍ଡି ) ବି. (ଭୁଲ. ଏହି ଅର୍ଥରେ ବଂ. ଓ ହି. ଫେନ୍)—ପେଜ—Rice-gruel.

**ଫେନକ**—ସଂ. ବି—(ଫେନ+ସ୍ୱାର୍ଥେ. କ)—୧ । ସମୁଦ୍ର ଫେଣ—
Phenaka 1. Skeleton of the cuttle-fish.
୨ । ଫେଣୀ ନାମକ ମିଷ୍ଟାନ୍ନ—2. Bloated sugar ball.
୩ । ଫେଣ; ବୁଦ୍ବୁଦ୍‌ସମୂହ—3. Foam; froth; scum.
୪ । ରିଠାଫଳ ଆଦି ଫେନୋତ୍ପାଦକ ବସ୍ତୁ ଦ୍ୱାରା ଶରୀର ଘଷି ଧୋଇବା ପ୍ରଣାଳୀ (ହି. ଶ)—4. Bath by rubbing the body with lather-forming substance.

**ଫେନକା**—ସଂ. ବି—(ଫେନ+କ+ସ୍ତ୍ରୀ. ଆ)—୧ । ଜଳପକ୍ୱ ତଣ୍ଡୁଳ
Phenakā ଚୂର୍ଣ୍ଣ—1. Ground rice boiled in water.
(ଫେନକା—ଅନ୍ୟରୂପ) ୨ । ଖଜା; ଫେଣୀ ନାମକ ମିଷ୍ଟାନ୍ନ—
2. Bloated sugar-ball.
୩ । ଅରିଷ୍ଟ ବୃକ୍ଷ ଓ ଫଳ; ରିଠା ଗଛ ଓ ଫଳ—3. The soap-berry (tree and berry); Sapindus Saponarius.

**ଫେନପ**—ସଂ. ବିଣ—(ଫେନ+ପା. ଧାତୁ+କର୍ତ୍ତୃ. ଅ)—୧ । ଯେ ଫେଣ
Phenapa ପାନ କରେ—1. Drinking froth.
ବି—ସ୍ୱତଃପତିତ ଫଳଦ୍ୱାରା ଜୀବନଧାରଣକାରୀ ମୁନି—
A sage subsisting only on fruits dropped down from trees.

**ଫେନାଗ୍ର**—ସଂ. ବି. (୬ଷ୍ଠୀ ତତ୍ପୁ ଫେନ+ଅଗ୍ର; ଫେନର ଅଗ୍ରଭାଗ)-
Phenāgra ବୁଦ୍ବୁଦ୍—Bubble.

**ଫେନାୟମାନ**—ସଂ. ବିଣ—(ଉଦ୍‌ବମନାର୍ଥକ ଫେନାୟ ନାମଧାତୁ+
Phenāyamāna କର୍ତ୍ତୃ. ଶାନଚ୍)—ଯହିଁରୁ ଫେଣ ବାହାରୁଥାଏ—
(ଫେନାୟମାନା—ସ୍ତ୍ରୀ) Foaming; emitting froth.

**ଫେନିକା**—ସଂ. ବି—ଫେଣୀ; ମଇଦାରେ ତିଆରି ଏକପ୍ରକାର ମିଷ୍ଟାନ୍ନ;
Phenikā ପତଳା ବହୁସ୍ତରଯୁକ୍ତ ଘୃତପକ୍ୱପିଷ୍ଟକବିଶେଷ; ଖଜା—
खाजा खाजा A kind of pastry cake made up of
ଓ. ଖଜା, ଫେଣୀ many thin layers.
[ଦ୍ର—ଘୃତବହୁଳ ମଇଦାକୁ ଦନ ତହିଁରେ ଦୀର୍ଘାକୃତି ବର୍ତ୍ତିକା ପ୍ରସ୍ତୁତ କରି ତାକୁ ବେଲଣାପିଢ଼ି ଉପରେ ରଖି ବେଲଣାକାଠି ଦ୍ୱାରା ବେଲି ଖଣ୍ଡିଏ ରୁଟି ପ୍ରସ୍ତୁତ କରାଯାଏ । ସେହି ରୁଟିକୁ ଛୁରି ଦ୍ୱାରା ସଲଗ୍ନ ଭାବରେ କାଟି ପୁଣି ବେଲିବାକୁ ହୁଏ । ସେ ରୁଟି ଉପରେ ଷଟ୍‌କ (ଶାଳିତଣ୍ଡୁଳ ଚୂର୍ଣ୍ଣ, ଘୃତ ଓ ଜଳ) ଲେପନ କରି ତାକୁ ମୁନ୍‌ଦର ଗୁଡ଼ାଇଲା ଭଳି ଗୁଡ଼ାଇ, ସେହି ଲମ୍ବ ଖଣ୍ଡକୁ ପୁଣି ମୁଣ୍ଡା ମୁଣ୍ଡା କରି କାଟି ବେଲିବାକୁ ହୁଏ । ସେହି ବେଲା ହୋଇଥିବା ପତଳା ରୁଟିକୁ ଘିଅରେ ଛାଣି ଶିରା (ଚିନିରସ) ରେ ବଗୁରାଇବାକୁ ହୁଏ । ଏ ପିଠା ଫୁଲୁକା ଓ ଭିତରେ ବହୁ ସୂକ୍ଷ୍ମସ୍ତର-ଯୁକ୍ତ ହୁଏ । ଏହାକୁ ଫେନିକା ବୋଲାଯାଏ । ବୈଦ୍ୟଶାସ୍ତ୍ର ମତରେ ଏହା ଲଘୁପାକ ଓ ମଣ୍ଡକ ଗୁଣଯୁକ୍ତ—ଦ୍ରବ୍ୟଗୁଣ । ]

**ଫେନିଲ**—ସଂ. ବିଣ—(ଫେନ+ଯୁକ୍ତାର୍ଥେ. ଇଲ)—ଫେନଯୁକ୍ତ—
Phenila (ଫେନଲ—ଅନ୍ୟରୂପ) Frothy; scummy.
ବି—୧ । ଅରିଷ୍ଟ ବୃକ୍ଷ ଓ ଫଳ; ରିଠାଫଳ—1. The soap-berry; soap-nut; Sapindus Saponarius.
୨ । ବରକୋଳି—2. Jujuba Zyzyphus.
୩ । ମଦନ ଫଳ; ମହଣ ଫଳ—
3. The fruit of Vangueria Spinosa.

**ଫେଫଲ୍**—ପ୍ରାଦେ. (ସମ୍ବଲପୁର) ବି—ଫେଣ—
Phephal Foam; froth.

**ଫେବ୍ରୁଆରି**—ବେଦେ. ବି. (ଇଂ. ଫେବ୍ରୁଆରୀ)—
Phebruāri ଇଂରାଜୀ ସନର ମାସଗଣନାରେ ଦ୍ୱିତୀୟ ମାସ—
ଫେବ୍ରୁୟାରୀ The month of February.
फरवरी [ ଦ୍ର—ଏ ମାସର ଦିନ ସଂଖ୍ୟା ଅଠେଇଶି ଅଟେ ।
ଫେବ୍ରୋର, ଫିବ୍ରୋର, ଫିବ୍ରେର, ଫିବ୍ରୁଆର } ଅନ୍ୟରୂପ — କେବଳ ଲିପ୍ ଇଅରରେ ( ଅର୍ଥାତ୍ ଯେଉଁ ସନର ଅଙ୍କ ସଂଖ୍ୟାକୁ ୪ରେ ହରଣ କଲେ ଫଳ ରହେ ନାହିଁ ସେହି ସନରେ ) ଏ ମାସର ଦିନ ସଂଖ୍ୟା ୨୯ ହୁଏ । କିନ୍ତୁ ଯେଉଁ ଲିପ୍‌ଇଅରର ଅଙ୍କର ଶେଷ ସଂଖ୍ୟାଦ୍ୱୟ ଶୂନ୍ୟ ହୋଇଥାଏ ସେ ସନରେ ଫେବ୍ରୁଆରି ମାସର ଦିନ ସଂଖ୍ୟା ୨୯ ନ ହୋଇ ୨୮ ହୁଏ । ଯଥା—ସନ ୧୯୦୦ ଖ୍ରୀଷ୍ଟାବ୍ଦ ଲିପ୍ ଇଅର ହେଲେ ମଧ୍ୟ ଉକ୍ତ ସନର ଫେବ୍ରୁଆରି ମାସର ଦିନ ସଂଖ୍ୟା ୨୮, କିନ୍ତୁ ଯେଉଁ ଦ୍ୱିଶୂନ୍ୟ-ସଂଖ୍ୟାଯୁକ୍ତ ସନ ୪୦୦ ରେ ହରିଲେ ଛିଣ୍ଡି ଯାଏ ସେ ସନର ଫେବ୍ରୁଆରି ମାସର ୨୯ ଦିନ ହୁଏ । ]

**ଫେମ୍ପର**—ଦେ. ବି. ( ଭୁଲ. ଇଂ. ଭେପର୍ )—
Phempara ୧ । ବାଷ୍ପ—1. Steam.
फेँपर भाफ ୨ । ଫେଣ—2. Froth; foam.

**ଫେର୍**—ଦେ. ଅ. (ସଂ. ପୁନର୍)—ପୁଣି; ପୁନର୍ବାର; ଆଉଥରେ; ପୁନରପି—
Pher Again.
আবার ବି—୧ । କୁଣ୍ଡଳୀକୃତ ରଜ୍ଜୁର ମୋଡ଼ା—
फिर 1. Fold of a coiled rope.
୨ । ( ଲକ୍ଷଣାର୍ଥ ) କପଟ; ଛଳ—
2. ( figurative ) Wile.

**ଫେର୍ ଘାଇ**—ପ୍ରାଦେ. ( ସମ୍ବଲପୁର ) ବି—ବିଲର ଜଳାଧାରରୁ ପାଣି
Pher ghāi ବାହାରି ଯିବା ପାଇଁ ଛୋଟ ନାଳ—Branch channel to drain out or take out water from corn fields.

**ଫେର୍ ଫାର୍**—ଦେ. ବି—୧ । ହେର୍ ଫେର୍; ଉଲଟ ପାଲଟ; ଲେଉଟ ପାଲଟ—1. Transposition.
Pher phār
ফের ফার, ফের ঘোর ୨ । ପୁନଃ ପୁନଃ ପ୍ରତ୍ୟାବର୍ତ୍ତନ—
फेरफार 2. Repeatedly coming back.
୩ । ପୁନଃ ପୁନଃ ଯିବା ଆସିବା ବା ବୁଲିବା; ବୁଲାବୁଲି—
3. Roving; walking to and fro.

ଗାଇ ମହଲା ଫେର୍ ଫାର୍
ତୋହର ପରସା ଅନ୍ଧାରେ ମାର୍ —ଭଜ ।

୪ । ଅଦାନ ପ୍ରଦାନ—4. Giving and taking.
୫ । ପରବର୍ତ୍ତନ କରାଇବା; ଫେରାଇବା—
5. Act of returning or changing.
୬ । ପରିବର୍ତ୍ତନ—6. Change.
୭ । ଅଦଳ ବଦଳ; ବିନିମୟ; ବଦଳ—
7. Exchange; barter.
୮ । ପେଁଚ ପାଁଚ; ମାୟା; ଛଳ; କୂଟ କୌଶଳ—
8. Wile; stratagem; artifice.
୯ । ଟାଳ ଟୁଳ; ଟାଳମଟୁଳ—2. Repeated putting off on various excuses.
ବିଣ—ପୁନଃ ପୁନଃ ଯିବା ଆସିବା କରୁଥିବା—
Repeatedly coming and going.

**ଫେର୍ ଫେରୁ(ରି)ଆ**—ଦେ. ବି. ( ବର୍ଣ୍ଣିଅ ଶବ୍ଦ )—ସୁନା ବା ରୁପାର
Pher pheru(ri)ā ତାରକସି କାମରେ କେତେକ ଖୋଲା ସ୍ଥାନକୁ ପୂରଣ କରିବା ଲାଗି ତାରକୁ ପରସ୍ତକୁ ପରସ୍ତ ଗୁଡ଼େଇ ସେହି ଖୋଲା ସ୍ଥାନରେ ବସାଇବା କୁଣ୍ଡଳ—
Coils of wire put into blank spaces in a gold or silver filagree work.

**ଫେର**—ସଂ. ବି (ଫେ=ଶବ୍ଦ+ରୁ ଧାତୁ+କର୍ତ୍ତୃ. ଅ)—ଫେରଣ୍ଡ (ଦେଖ)
Phera Pheranda ( See )
কোঁচা ଦେ. ବି. ( ସଂ. ପ୍ରତ୍ୟାବୃତ୍ତ; ପ୍ରେରଣ )—୧ । ସାମନାରେ
साँची, कोंचा ଲମ୍ବିଥିବା ପିନ୍ଧା ଲୁଗାର ଭୁଞ୍ଜିତ ଅଂଶ; ଭୁଞ୍ଜ—
1. The narrow folds of a loin cloth hanging down in front of the wearer.

ନବଢ଼ ଗାବବନ୍ଧ ଯାଉଅଛ ଟିଁକ
ଲୋଟ ହେଉଅଛ ଅଗରେ ଫେର ଗୋଟ । କୃଷ୍ଣସିଂହ. ମହାଭାରତ. ବନ ।

পাক ୨ । ରଜ୍ଜୁର ବାଙ୍କ ବା ମୋଡ଼; ବେଷ୍ଟନ—2. A coil or
लच्छा twist of a rope; a turn or bend.
୩ । ପ୍ରତ୍ୟାବର୍ତ୍ତନ—3. Coming back; returning; a turning; reversion.
୪ । ମାୟା; ଛଳ; ଫନ୍ଦୀ; କୌଶଳ; ପେଁଚପାଁଚ—
4. Wile; stratagem; artifice.
୫ । ଗୋଲମାଲିଆ ଅବସ୍ଥା; ବିଭ୍ରାଟ—
5. Confusion; confused state of affairs.
୬ । ଆପଦ; ବିପଦ ଅବସ୍ଥା; ସଙ୍କଟ; ଦଶା; ଧୋକା—
6. Crisis; danger; peril; grave difficulty.
୭ । ଭାଗ୍ୟବିପର୍ଯ୍ୟୟ—7. Reverse of fortune.
୮ । ଫାନ; ଜାଲ—8. Snare.
୯ । ପିନ୍ଧା ଲୁଗାର ଯେଉଁ ଅଂଶ କଟିର ଘେରଣାଠାରୁ ବଳି ଥାଏ—
9. The part of the loin-cloth in excess of the part wound round the waist.

ଇଛ ଶେଷେ ହୃଷ ଛନ୍ଦିଲ ତୋ କଷ
ଯାହା ପୀତ ଫେଣ ଫେରରେ । ଜଗନ୍ନାଥ ଉପେନ୍ଦ୍ରଭଞ୍ଜ, ର, ଗୀତ ।

ପ୍ରାଦେ. (ବାଲେଶ୍ୱର) ବି—୧ । ପରସ୍ତ; ଖଞ୍ଜା; ଅଗଣା—
1. Courtyard of a house.
୨ । ପାଣିର ନାଳ—2 Canal.
(ଖୋର୍ଦ୍ଧା) ବି—ପାଣି ବୋହି ଯାଉଥିବା ସ୍ଥାନରେ ଚଲାଯିବା ପଥର ବା ଚେକାଦ୍ୱାରା ଆଚ୍ଛାଦିତ ଗଡ଼ାଣି; ଜାଙ୍ଗ—
A causeway.

**ଫେର କାନି**—ଦେ. ବି—ଫେରର ଲମ୍ବପ୍ରାନ୍ତ; ପିନ୍ଧାଲୁଗାର ସାମନାରେ
Phera kāni ଲମ୍ବିଥିବା ଅଂଶର ପ୍ରାନ୍ତ—The front end
(କଚ୍ଛକାନି—ବିପରୀତ) of a loin cloth hanging down
सामनेकाखुँ the waist.

**ଫେର ଖୋସିବା**—ଦେ. କ୍ରି—ପିନ୍ଧାଲୁଗାର ଫେରର ଲମ୍ବ କାନିକୁ ଲେଉ-
Phera khosibā ଟାଇ ଅଣ୍ଟା ନାଭି ପାଖରେ ଖୋସିବା—
खुँटखोसना To tuck up the lower front end of
কোঁচা মারা (ଫେର ମାରିବା—ଅନ୍ୟରୂପ) the loincloth.

**ଫେର ଛାଡ଼ିବା**—ଦେ. କ୍ରି—ପିନ୍ଧିଥିବା ଲୁଗାର ଫେରକୁ ନ ଖୋସି
Phera chhāṛibā ତଳକୁ ଓହଳାଇବା—To let the front
ଫେର ଛାଡ଼ିଦେବା } ଅନ୍ୟରୂପ lower corner of the
ଫେର ଲମ୍ବା(ମ୍ବେ)ଇବା } cloth hang down.
কোঁচা ছাড়া खुँट खोलदेना

**ଫେରଣ**—ଦେ. ବି. (ସଂ. ପରିବର୍ତ୍ତନ; ପାଦ୍ରୀମାନଙ୍କ ପ୍ରଚଳିତ ଓଡ଼ିଆ
Pherana ଭାଷା; ଯଥା—ମନ ଫେରଣ)—ପରିବର୍ତ୍ତନ—
ফিরা 1. Change.
फेरना ୨ । ଭ୍ରମଣ—2. Roving; walking.
୩ । ପ୍ରଚାରଣ—3. Publishing.
୪ । ପ୍ରତ୍ୟାବର୍ତ୍ତନ—4. Returning.

**ଫେରଣା(ଣି)**—ଦେ. ବି.—ଫେରଣ ୪ (ଦେଖ)
Pheranā(ni) Pherana 4 (See)

**ଫେରଣ୍ଡ**—ସଂ. ବି. (ଫେ—ଅନୁକରଣ ଧ୍ୱନି+ରୁ ଧାତୁ=ରବକରିବା+କର୍ତ୍ତୃ.
Pheranda ଅଣ୍ଡ)—ବିଲୁଆ; ଶିଆଳ—Jackal.

**ଫେରଣ୍ଡା**—ଦେ. ବି. ( ସଂ. ଫେରଣ୍ଡ )—ଅଣ୍ଡିରା ବିଲୁଆ—
Pherandā Male jackal; a he-jackal.
(ଫେରେଣ୍ଡା—ଅନ୍ୟରୂପ)

**ଫେରତା**—ଦେ. ବି.—କର୍ଣ୍ଣାଳଙ୍କାରବିଶେଷ—
Pheratā An ornament worn on the ear.

ଶ୍ରବଣେ ଭର ମୋ ହଲିବ ତଦ
ଫେରତା ମନ୍ଦୁରା ବନ୍ଦ । ପ୍ରାଚୀ ଉଦ୍‌ସମ୍ପାଦ

**ଫେରନ୍ତା**—ଦେ. ବିଣ.—(ସଂ. ପ୍ରତ୍ୟାବୃତ୍ତ; ପ୍ରେରିତ)—୧ । ପ୍ରତ୍ୟାଗତ—
Pherantā ফেরতা फिरता; फिरती 1. Returned
(ଫେରନ୍ତି—ଅନ୍ୟରୂପ) (ଯଥା—ବିଲାତ ଫେରନ୍ତା ।)

୨ । ଫେରୁ ଥିବା—2. Returning.

(ଯଥା—ବଦେଶ ଫେରନ୍ତା ଶ୍ରୀମାନଙ୍କ ଉଦ୍ୟମ ଅତ୍ୟନ୍ତ ପ୍ରଶଂସନୀୟ । ବୈଦିକ ଅଶା ।)

୩ । ଭ୍ରମଣକାରୀ—3. Travelling; roaming.

**ଫେରନ୍ତା ଡାକ**—ଦେ. ବ.—ଲେଖା ଯାଉଥିବା ଶବ୍ଦ ବସ୍ତୁଗତ ହେବା Pherantā ḍāka ପରେ ପ୍ରଥମେ ଯେଉଁ ଡାକ ଅସେ—
ଫେরন্তা ডাক **फिरतीडाँक** Return post

**ଫେର ପକା**—ଦେ. ବ.—ସାମନା ପାଖେ ଶାଢ଼ୀର ଅଂଶକୁ ଭିଣ୍ଡ କର Phera pakā ଇମ୍ୟାଇ ଶ୍ରୀମାନଙ୍କର ବଡ଼ ଶାଢ଼ୀ ପରଧାନ
ଫେର ପିନ୍ଧା—ଅନ୍ୟରୂପ) ପ୍ରଣାଳୀ; ଖ୍ରୀଲୋକମାନଙ୍କର ପୁହାରଣ—
কুঁচা **कोंचा** A mode of female wearing of loin-cloth.

**ଫେର ଫ(ଭ)ଟକ(କା)**—ଦେ. ବ—୧ । ଭୁଲରେ ଯେଉଁ ହିସାବ ଦୁଇ Phera pha(bha)ṭaka(kā) ଥର (ପୁନର୍ବାର) ଲେଖା ହୋଇ-
ভুলভটক ଥାଏ—1. Double entry in an account.
**मूलमटक** ୨ । ଭୁଲ ଭଟକ; ଭ୍ରମପ୍ରମାଦ—2. Mistake.

**ଫେରବ**—ସଂ ବ. ( ଫେ=ଅନୁକରଣ ଶବ୍ଦ+ରୁ ଧାତୁ=ରବବା+ Pheraba କର୍ତ୍ତୃ: ଅ. )—ବଳୁଅ; ଶିବା; ଜମ୍ବୁକ—Jackal.

ବଣ. ( ଫେରୁ+ଅ )—୧ । ଶଠ; ଧୂର୍ତ୍ତ; ପ୍ରବଞ୍ଚକ—
1. Cunning; fraudulent; deceitful.
୨ । ହିଂସ୍ର; ପରର ଅନିଷ୍ଟକାରୀ —
2. Malignant; malicious; injurious.
ଦେ. ବଣ—୧ । ପ୍ରତ୍ୟାବୃତ୍ତ—1. Returned.
୨ । ପ୍ରତ୍ୟର୍ପିତ—2. Given back.

**ଫେରସ୍ତ**—ଦେ. ବ. ( ସ. ପ୍ରତ୍ୟାବୃତ୍ତ; ପ୍ରେରିତ )—
Pherasta ୧ । ପ୍ରତ୍ୟାଗମନ; ପ୍ରତ୍ୟାବର୍ତ୍ତନ; ଲେଉଟି ଅସିବା —
ফিরস্ত 1. Returning; coming back.
**फिरता** ୨ । ପ୍ରତ୍ୟର୍ପଣ—2. Giving back.
ବଣ—ପ୍ରତ୍ୟର୍ପିତ—Given back.
ফিরিস্ত ବୈଦେ. ବ. ( ଅ. ଫିହରସ୍ତ )—ତାଲିକା—List.
**फिहरिस्त**

**ଫେରସ୍ତ କରିବା**—ଦେ. କ୍ରି—୧ । (ସ. ପ୍ରତ୍ୟାବର୍ତ୍ତିତ; ପ୍ରେରିତ)—
Pherasta karibā ନେଇଥିବା ପଦାର୍ଥକୁ ଓ୍ୱାପସ୍ ଦେବା—
(ଫେରସ୍ତ ଦେବା—ଅନ୍ୟରୂପ) 1. To give back or return a thing taken.
ফিরিয়ে দেওয়া
**फिरा देना** ୨ । (ଅ. ଫିହରସ୍ତ) ତାଲିକା କରିବା—
ফিরিস্ত করা **फिहरिस्त करना** 2. To make a list.

**ଫେରସ୍ତ ମୁତାବକ୍**—ବୈଦେ. ବଣ. ( କ୍ରିତଥ ) ( ଫା. ଫିହରସ୍ତ
Pherasta mutābak ମୋତାବକ୍ )—ତାଲିକା ଅନୁସାରେ—
ফিরিস্ত মোতাবেক As per list; according to the list.
**फिहरिस्त मोताबिक**
(ଫେରସ୍ତ । ବ ।, ଫେରସ୍ତ ବମୁଜି,ଫେରସ୍ତ ବମୁଜିବ୍, ଫେରସ୍ତ ବମୋଜି, ଫେରସ୍ତ ବମୋଜି, ଫେରସ୍ତ ବମୁଜିବ୍, ଫେରସ୍ତ । ମୁ ।—ଅନ୍ୟରୂପ)

**ଫେରା**—ଦେ. ବ. ( ସ. ପ୍ରତ୍ୟାବର୍ତ୍ତନ; ପ୍ରେରଣ )—
Pherā ୧ । ଫେରି ଅସିବା; ପ୍ରତ୍ୟାବର୍ତ୍ତନ; ପୁନରାବୃତ୍ତି—
ফিরা, ফেরা 1. Coming back.
**फिरना, फेरा** ଯେ ଯନ୍ତୁ ହୋଇଥିଲେ ମର, ଲେଉଟ ସାରା ଅଙ୍ଗ ଫେରା ।
ଯଶୋବନ୍ତ, ପ୍ରେମଭକ୍ତି. ବ୍ରହ୍ମଗୀତା ।

୨ । ପ୍ରତ୍ୟର୍ପଣ—2. Giving back.
୩ । ଯିବା ଅସିବା; ଇତସ୍ତତଃ ଭ୍ରମଣ—
3. Walk; going to and fro.
୪ । (ସ. ଫାର=ବସ୍ତାର—ଯୋଗେଶଚନ୍ଦ୍ର)—ଚୂନ, ସୁରୁକି ଓ ବାଲି ଆଦି ମାପ କରିବା କାମରେ ବ୍ୟବହୃତ ଚତୁଷ୍କୋଣ ପାତ୍ର—4. A square vessel for measuring lime, sand, mortar etc.
୫ । ଦଉଡ଼ି ବା ସୂତାର ଏକ ବେଢ଼—
5. A coil of a rope or string.
ବଣ—ଘୂରିଅଡ଼େ ଗୁଡ଼ିଅ ବା ଘେରା ହୋଇଥିବା—
Encircled by; entwined by.
ପାତ ଫଟେ ମଣି ଫେରା । ଯଶୋବନ୍ତ. ପ୍ରେମଭକ୍ତି. ବ୍ରହ୍ମଗୀତା ।

**ଫେରା(ରେ)ଇ ଅଣିବା**—ଦେ. କ୍ରି—୧ । ଦତ୍ତ ବସ୍ତୁକୁ ଅପଣା ନିକଟକୁ
Pherā(re)i āṇibā ଘେନି ଅସିବା—1. To bring back
ফিরিএ আনা a thing given.
**फिरा लाना** ୨ । କୌଣସି ସ୍ଥାନକୁ ଚାଲି ଯାଇଥିବା ବ୍ୟକ୍ତିକୁ ସେ ସ୍ଥାନରୁ ଲେଉଟାଇ ଅଣିବା—2. To cause a person to come back.

**ଫେରାଇ ନେବା**—ଦେ. କ୍ରି—୧ । ଦେଇଥିବା ପଦାର୍ଥକୁ ଓ୍ୱାପସ୍ ନେବା-
Pherāi nebā 1. To take back a thing given.
ফিরিএ লওয়া ୨ । ଯାଇଥିବା ବ୍ୟକ୍ତିକୁ ବାହୁଡ଼ାଇ ନେବା—
**फिरा लेना** 2. To cause a person to go back.

**ଫେରା(ରେ)ଇବା**—ଦେ. କ୍ରି. (ସ. ପ୍ରତ୍ୟାବର୍ତ୍ତନ; ପ୍ରେରଣ)—
Pherā(re)ibā (ଫେରିବା କ୍ରିୟାର ଣିଜନ୍ତ ରୂପ—
ফেরান The causative form of 'Pheribā'.)
**फिराना** ୧ । ପ୍ରତ୍ୟାବର୍ତ୍ତିତ କରାଇବା; ବାହୁଡ଼ାଇବା—
1. To cause to return.
( ଯଥା—ମୁଁ ପୁସ୍ତିଠାରୁ ତାଙ୍କୁ ଫେରାଇଲି । )
୨ । (ସ. ପରିବର୍ତ୍ତନ) ପରିବର୍ତ୍ତନ କରିବା; ବଦଳାଇବା—
2. To change.
(ଯଥା—ସେ ଦୁଇଘରର କଥା କହି ତାଙ୍କ ମନ ଫେରାଇ ଦେଲା ।)
୩ । (ସ. ପ୍ରତ୍ୟର୍ପଣ) ପ୍ରତ୍ୟର୍ପଣ କରିବା; ଫେରସ୍ତ ଦେବା; ଓ୍ୱାପସ୍ ଦେବା—3. To give back; to return a thing.
(ଯଥା—ସେ ମୋ ବହିଟି ଫେରାଇଲେ ।)
୪ । ବଦଳା ବଦଳ କରିବା; ବିନିମୟ କରିବା—
4. To barter; to exchange
(ଯଥା—ସୁତାଲୁଗା ଫେରାଇ ମଢେ ପାଟଲୁଗା ଦିଅ ।)
୫ । ଇତସ୍ତତଃ ଚାଲନ କରିବା; ବୁଲାଇବା; ଇତସ୍ତତଃ ଗତି କରାଇବା—5. To cause to walk; to cause to move
(ଫେରାଇ ଦେବା—ଅନ୍ୟରୂପ)
(ଯଥା—ସହିସ ସକାଳୁ ଘୋଡ଼ାକୁ ଫେରାଇବାକୁ ନେଇଛି ।)

୬ । ଘୂର୍ଣ୍ଣିତ କରାଇବା; ଘୂରାଇବା—6. To cause to rotate or revolve; to turn round.

୭ । ଓଲଟାଇବା—7. To upset.
(ଯଥା—କମ୍ପ ଅଦାଲତଙ୍କ ହୁକୁମ ଫେରାଇବା ସହଜ ନୁହେଁ ।)

୮ । ବିପରୀତ ଦିଗକୁ ଗତି କରାଇବା—8. To cause to move in an opposite direction.
(ଯଥା—ମୋ କଥା ଶୁଣି ସେ ମୁହଁ ଫେରାଇଲେ ।)

୯ । (ଝାଡ଼ା) ଫେରିବାର ସୁବିଧା କରିବା—9. To cause to pass (stools).
(ଯଥା—ମା ଶିଶୁକୁ ଝାଡ଼ା ଫେରାଉ ଅଛନ୍ତି)

**ଫେରାଦ**(ଦି)—ବୈଦେ. ବି. (ଅ. ଫରିୟାଦ୍)—୧ । କୌଣସି ବ୍ୟକ୍ତି Pherāda(di) ବିରୋଧରେ ଉଚ୍ଚ ପଦସ୍ଥ କର୍ମଚାରୀଙ୍କ ନିକଟରେ ବା
ଫେରଅଦ } ଅନ୍ୟରୂପ
ଫେରଆଦ }
ଅଦାଲତରେ ଅଭିଯୋଗ; ଗୁହାରି—1. Complaint; filing of a charge
ফরিআদ फरियाद of an offence against a person.
ফরিআদী ୨ । (ଫା. ଫରିୟାଦୀ), ଗୁହାରିଆ ବ୍ୟକ୍ତି; ମକଦ୍ଦମାରେ
फरियादी ବାଦୀ—2. Complainant or plaintiff.
ବିଣ—(ଫା. ଫରିୟାଦୀ)—୧ । ଗୁହାରିଆ—1. Complaining.
୨ । ଅଭିଯୋଗକାରୀ—2. Bringing a charge of an offence against a person.
୩ । ଯେଉଁ ବିଷୟରେ ଅଭିଯୋଗ ଅଣାଯାଇ ଥାଏ—3. (the matter) Complained of.

**ଫେରାଦ**(ଦି) **କରିବା**—ଦେ. କ୍ରି—( ରାଜା, ରାଜପୁରୁଷ ବା ଜମିଦାରଙ୍କ Pherāda(di) kariba ନିକଟରେ ) ଗୁହାରି କରିବା; ନାଲିସ ( ଫେରାଦ ଦେବା—ଅନ୍ୟରୂପ ) କରିବା—To complain
ফরিয়াদ করা फरियाद करना against a person.

**ଫେରା ଫେରି**—ଦେ. ବି—୧ । ବଦଳା ବଦଳ; ଅଦଳ ବଦଳ—
Pherā pheri ফিরাফিরী फेराफेरी 1. Change; barter.
୨ । ଲେଉଟା ଲେଉଟ—2. Giving back.
୩ । ପୁନଃ ପୁନଃ ପ୍ରତ୍ୟାବର୍ତ୍ତନ—3. Repeated coming back.
୪ । ଇତସ୍ତତଃ ବୁଲାବୁଲି—4. Walking to and fro.
୫ । ପୁନଃ ପୁନଃ ଫେରାଇବା କର୍ମ—5. Repeated returning of a thing.

**ଫେରାର୍**—ବୈଦେ. ବି. (କଚେରୀ) [ଫା. ଫିରାର]—ପଳାୟନ; ଲୁଚି Pherār ଲୁଚି ବୁଲିବା—Fleeing away; absconding;
ফেরার फिरार running away.
ବିଣ—କଚେରୀ (ଫା. ଫିରାରୀ)—୧ । ପଳାୟିତ—
ফেরারী फिरारी 1. Run away.
୨ । ପଳାତକ—2. Fugitive; absconding.
୩ । ଯେଉଁ ରୟତ ଆପଣା ଜମି ଛାଡ଼ି ଦେଶତ୍ୟାଗ କରିଥାଏ—3. Absconding (tenant).

**ଫେରାର ହେବା**—ଦେ. କ୍ରି (କଚେରୀ)—ପଳାଇବା—To run away;
Pherār heba ফেরারহওয়া फिरारहोना to abscond.

**ଫେରାର(ରି) ଆସାମୀ**—ବୈଦେ. ବି. (କଚେରୀ) (ଫା. ଫିରାରୀ Pherār(ri) āsāmi ଅସାମୀ)—୧ । ବିଚାରକଙ୍କ ନିକଟରେ
ফেরারীআসামী ଉପସ୍ଥିତ ନ ହୋଇ ପଳାଇଯାଇଥିବା ବା ଲୁଚିଥିବା
फिरारीआसामी ଅଭିଯୁକ୍ତ ବ୍ୟକ୍ତି—1. An absconding accused; an accused who tries to conceal himself from the hands of justice.
ଅନେକ ଦିନରୁ ଥିଲା ଅନ୍ୟାନ୍ୟ ଭିତରେ ଫେରାର ଅସାମୀ । ପଣ୍ଡିତଗୋପବନ୍ଧୁ ଗଳ୍ପ ।
୨ । ଯେଉଁ ରୟତ ଆପଣା ଜୋତକୁ ଚାଷ ନ କରି ଛାଡ଼ି ଚାଲି ଯାଏ—2. A tenant who has abandaned his holding.

**ଫେରାରି**—ବୈଦେ. ବିଣ. କଚେରୀ (ଫା)—ଫେରାରୁ (ଦେଖ)—
Pherāri Pherār (See)

**ଫେରାରି ଜମି**—ଦେ. ବି. ( କଚେରୀ ) ( ଫା. ଫିରାରୀ ଜମୀନ୍ )—
Pherāri jami ପଳାତକ ରୟତର ଜମି—
ଫେରାରି ଜୋତ } ଅନ୍ୟରୂପ
ଫେରାରି ବୃତ୍ତି }
The holding of an absconding tenant; an abandoned holding.
ফেরারী জমি फिरारी जमीन

**ଫେରି**—ଦେ. ଅ—ଫେରି (ଦେଖ)—Pher (See)
Pheri ବୈଦେ. ବି. (ଇଂ)—ଫେରି ଘାଟ (ଦେଖ)—
ফেরী Pheri ghāṭa (See)
फेरी (ହି)—ଫେରିୱାଲା (ଦେଖ)—Pheriwālā (See)
ଦେ. ବି—ଫିରାଇ ୧ (ଦେଖ)—Phirāi 1 (See)

**ଫେରି ଆଣିବା**—ଦେ. କ୍ରି—ଫେରାଇ ଆଣିବା (ଦେଖ)
Pheri āṇibā Pherāi āṇibā (See)

ତାହାର ଗର୍ବ ଦାମୋଦର
ଫେରି ଆଣିଲେ ନିଜକର । ଜଗନ୍ନାଥ, ଭାଗବତ ।

**ଫେରି ଆସିବା**—ଦେ. କ୍ରି—ଲେଉଟି ଆସିବା—To come back.
Pheri āsibā ফিরে আসা फीरआना

**ଫେରି କରିବା**—ଦେ. କ୍ରି—ଘର ଘର ବୁଲି ସଉଦା କରିବା—
Pheri kariba To hawk commodities.
ফেরী করা फेरी करना

**ଫେରି ଘାଟ**—ଦେ. ବି. (ଇଂ. ଫେରି + ସଂ. ଘଟ୍ଟ)—ଭଡ଼ାରେ ନଈପାରି Pheri ghāṭa ହେବାର ଘାଟ—Ferry.
ফেরী ঘাট फेरी घाट

**ଫେରି ଚାହିଁବା**—ଦେ. କ୍ରି—ମୁହଁ ବୁଲାଇ ଦେଖିବା; ପଛଆଡ଼କୁ ଚାହିଁବା—
Pheri chāhiṅbā To look back.
ফিরে চাওয়া ଫେରି ଥରେ ହେଲେ ମୋତେ ନ ଚାହିଁଲରେ ।
फिरकर तकाना ଉପେନ୍ଦ୍ରଭଞ୍ଜ, ସଙ୍ଗୀତ ।

**ଫେରି ଦେବା**—ଦେ. କ୍ରି—ଫେରାଇ ଦେବା; କୌଣସି ବସ୍ତୁକୁ ବାପସ
Pheri debā ଦେବା—To give back a thing.
ফিরে দেওয়া फिरादेना (ଫେରାଇ ଦେବା—ଅନ୍ୟରୂପ)

**ଫେରି ନେବା**—ଦେ. କ୍ରି—ପ୍ରଦତ୍ତ ବସ୍ତୁକୁ ଆପଣା ପାଖକୁ ଆଣିବା—
Pheri nebā To get back a thing.
ফিরে নেওয়া फिरा लेना

ଫେର ପାଇବା—ଦେ. କ୍ରି—ହସ୍ତାନ୍ତରିତ ବସ୍ତୁକୁ ଅପଣାର ହସ୍ତରେ
Pheri paiba ପୁନଃ ପ୍ରାପ୍ତ ହେବା—To get back a thing.
ফিরে পাওয়া वापस पाना; फिराकर पाना

ଫେରି ଫେରି—ଦେ. କ୍ରି. ଵଣ—ପୁନଃ ପୁନଃ; ଲେଉଟି ଲେଉଟି—
Pheri pheri Again and again; back wards again
ফিরে ফিরে and again.
फिर फिर
ଗନ୍ଧ ସ୍ୱାଉଥିଲୁ ଭୁ ସାହା ଫେରି ଫେରି
ନେଲୁ ମୋ ମାନସକୁ ସେ ଭଙ୍ଗିରେ ଧରି । କୃଷ୍ଣସିଂହ. ମହାଭାରତ ଅଦ ।

ଫେରିବା—ଦେ. କ୍ରି. (ସ. ପ୍ରତ୍ୟାବର୍ତ୍ତନ)—୧ । ପ୍ରତ୍ୟାବର୍ତ୍ତନ କରିବା;
Pheriba ପ୍ରତ୍ୟାଗମନ କରିବା; ଲେଉଟିବା; ବାହୁଡ଼ିବା—
ফিরা, ফেরা फिरना 1. To return.
୨ । ଲେଉଟି ଆସିବା—2. To come back.
୩ । ଲେଉଟି ଯିବା—3. To go back.
୪ । ଇତସ୍ତତଃ ବୁଲିବା; ଭ୍ରମିବା; ଚାଲିବା—
4. To walk; to rove; to roam; to travel.
ସମ୍ମତ ରେ ଅବା ହେ ପରି ବୃତ୍ତି ମର
ନୋହିଲେ ବା ଦଣ୍ଡଦଗନ୍ତରେଟି ଫେରି । କୃଷ୍ଣସିଂହ, ମହାଭାରତ ଅଦ ।
୫ । ପରିବର୍ତ୍ତିତ ହେବା; ବଦଳିବା—5. To change.
ସପୁନ ହେବେ ତୋ ପୁତ୍ର, ସତେ ଏ କର୍ମ
ଫେରିବ ତୋର ଗୋ । କୃଷ୍ଣସିଂହ, ମହାଭାରତ ଅଦ ।
୬ । ବିଫଳ ହୋଇ କୌଣସି ସ୍ଥାନରୁ ପ୍ରତ୍ୟାବର୍ତ୍ତନ କରିବା—
6. To return from a place unsuccessful.
୭ । ବିପରୀତ ଦିଗକୁ ଗତି କରିବା—
7. To move in an opposite direction.
୮ । (ଝାଡ଼ା) ଉତ୍ସର୍ଗ କରିବା; ତ୍ୟାଗ କରିବା—
8. To emit; to pass (stools).
୯ । (ହୁକୁମ, ସୁନାମ) ଚାରିଆଡ଼େ ପ୍ରଚାରିତ ହେବା—
9. (order; good name) To be published widely.

ଫେରି ବୋଟ୍—ବୈଦେ. ବି. (ଇଂ)—ଘାଟ ଡଙ୍ଗା—
Pheri bot ফেরী বোট फेरी बोट Ferry boat.

ଫେରି ୱା(ବା)ଲା—ବୈଦେ. ବି. (ହିନ୍ଦୀ)—ଯେ ଘର ଘର ବୁଲି ସଉଦା
Pheri wā(bā)lā ବିକେ—A hawker; a pedlar.
ফেরীওয়ালা फेरीवाला

ଫେରୁ—ସ୍ତ୍ରୀ. ବି—ଫେରଣ୍ଡ (ଦେଖ)
Pheru Pheranda (See)

ଫେରେ—ଗ୍ରା. ଅ—ଫେରି; ପୁଣି—
Phere Again; moreover; besides; also.

ଫେରୋଜ—ସ. ବି—ପିରୋଜ ମଣି; ଭୁରଷ୍କ ମଣି—
Pheroja Beryll (gem).

ଫେରୋରି—ବୈଦେ. ବି (ଇଂ. ଫେବ୍ରୁଅରି)—ଇଂରାଜୀ ଦ୍ୱିତୀୟ ମାସ—
Pherori ফেব্রুয়ারী फरवरी February.

ଫେଲ୍ (ଧାତୁ)—ସ—୧ । ତ୍ୟାଗ କରିବା—
Phel (root) 1. To abandon; to give up.
୨ । ନିକ୍ଷେପ କରିବା—2. To throw out.
୩ । ଉତ୍ସର୍ଗ କରିବା—3. To emit; to give forth; to ejaculate.
୪ । ଗମନ କରିବା—4 To go forth.

ଫେଲ୍—ବୈଦେ. ବି. (ଇଂ)—୧ । ପରୀକ୍ଷାରେ ଉତ୍ତୀର୍ଣ୍ଣ ନ ହେବା—
Phel 1. Failing to secure pass marks in an
ফেল examination.
फेल ୨ । ବ୍ୟବସାୟରେ ଦେବାଳିଆ ହେବା—
2. Becoming insolvent.
୩ । କ୍ଷତି ଯୋଗୁଁ ବ୍ୟବସାୟ ବନ୍ଦ ହେବା—
3. Closing of a business.
୪ । ଅକୃତକାର୍ଯ୍ୟ ହେବା—4. Being unsuccessful.

ଵଣ—୧ । ପରୀକ୍ଷାରେ ଅନୁତ୍ତୀର୍ଣ୍ଣ—1. Unable to secure pass marks in an examination.
୨ । ଦେବାଳିଆ ହୋଇଥିବା—2. Insolvent; failed in a business.
୩ । ଅକୃତକାର୍ଯ୍ୟ—3. Unsuccessful in an endeavour.
୪ । ବ୍ୟବସାୟରେ କ୍ଷତିଗ୍ରସ୍ତ—4. Losing in a business.

ଫେଲ୍ କରିବା—ଦେ. କ୍ରି.—୧ । ପରୀକ୍ଷାରେ ଛାତ୍ରକୁ କମ୍ ନମ୍ବର ଦେଇ
Phel kariba ଅକୃତକାର୍ଯ୍ୟ କରାଇବା—1. Not to award
ফেল করা; ফেল করান pass marks to an examinee.
फेल करना ୨ । ବ୍ୟବସାୟରେ କ୍ଷତିଗ୍ରସ୍ତ କରାଇବା—2. To
(ଫେଲ୍ କରାଇବା—ଅନ୍ୟରୂପ) cause a person to fail in a business.

ଫେଲ୍ ମାରିବା—ଦେ. କ୍ରି.—୧ । କ୍ଷତିଗ୍ରସ୍ତ ହୋଇ ବ୍ୟବସାୟ ବନ୍ଦ
Phel māribā କରିବା—1. To close a business
ফেল মারা फेल मारना owing to loss.
୨ । ଦେବାଳିଆ ହେବା—
2. To become insolvent.
୩ । ଅଦାଲତଙ୍କ ଦ୍ୱାରା ଦେବାଳିଆ ବୋଲି ଉଦ୍‌ଘୋଷିତ ହେବା—
3. To be adjudged insolvent by a court.

ଫେଲ୍ ହେବା—ଦେ. କ୍ରି.—୧ । ପରୀକ୍ଷାରେ ପାଶ ନ କରିବା—
Phel hebā 1. To get plucked at an examination.
ফেল হওয়া ୨ । ବ୍ୟବସାୟରେ କ୍ଷତିଗ୍ରସ୍ତ ହେବା—
फेल होना 2. To lose in a business.
୩ । ବ୍ୟବସାୟରେ ଦେବାଳିଆ ହେବା—
3. To become insolvent.

ଫେଲ (ଲ)—ସ. ବି. (ଫେଲ୍. ଧାତୁ+କର୍ମ. ଅ)—୧ । ପରିତ୍ୟକ୍ତ ଦ୍ରବ୍ୟ—
Phela(la) 1. Abandoned thing; leavings.
ଫେଲକ, ଫେଲି, ଫେଲ, ଫେଲକା } ଅନ୍ୟରୂପ
୨ । ଭୁକ୍ତାବଶେଷ; ଉଚ୍ଛିଷ୍ଟ; ଅଇଁଠା—2. Leavings of a meal; orts.

ଫେଲର—ଦେ. ବି. (ସ. ଫେଲି)—୧ । ବିସ୍ତୃତି; ବିସ୍ତାର—
Phelara 1. Expansion; extension; spreading.
୨ । ଓସାର—2. Breadth; width.
ଵଣ.—ବିସ୍ତୃତ—Expansive.

ଫେଲସ—ଦେ. ବଣ.—(ସ. ପାର=ବସ୍ତାର)—୧। ବସ୍ତୃତ
Phelasa (ଅଲଙ୍କାରବ)—1. Extensive; wide
(ଫେଲେସ—ଅନ୍ୟରୂପ) (ornaments).
୨। ଅଧିକତର ବସ୍ତୃତ—2. Wider.
୩। ଉଦ୍ଦୃତ୍ତା; ଓସାରଥ—3. Broad.
୪। ବସ୍ତୃତଗର୍ଭ—4. Having a wide belly.
୫। ଢୁଗୁଲା; ଶିଥିଳ; ଢିଲ୍ଲ—5. Slack; loose.
( ଯଥା—ଏ ମୁଦଟ ଅଉ ଟିକଏ ଫେଲସ ହେଲେ ମୋ ଅଗୁଠି କୁ ହୁଅନ୍ତା । )

ଫେଲୋ—ବୈଦେ. ବ. ( ଇଂ. ଫେଲୋ )—
Phelo ବଶ୍ୱବଦ୍ୟାଳୟ ସଲଗ୍ନ ବଗୃହସଭାର ସଦସ୍ୟ—
ফেলো Fellow of an university.
फेलो (ଫେଲୋ ଶୀପ୍=ଫେଲୋଙ୍କ ପଦଷ୍ଟ)

ଫେଷା—ଦେ. ବ. ( ସ. ପିଷ୍ ଧାତୁ )—ପେଷା ୨ ଓ ୩ ( ଦେଖ )
Pheshā Peshā 2 & 3 ( See )
ବଣ—ପେଷା ୨ ( ଦେଖ )—Peshā 2 ( See )

ଫେଷା(ଷେ)ଇବା—ଦେ. କ୍ରି—ପେଷାଇବା ( ଦେଖ )
Pheshā(she)ibā Peshāibā ( See )

ଫେଷିବା—ଦେ. କ୍ରି—ପେଷିବା ୧, ୨ ଓ ୩ ( ଦେଖ )
Pheshibā Peshibā 1, 2 & 3 ( See )
ବେଶ୍ । ତକ ଫବେଇ ମଶ୍ରିଣ ଫେଷ୍—ଉଗ ।

ଫେସ୍ କ୍ରିମ୍—ବୈଦେ. ବ. ( ଇଂ )—ମୁହଁକୁ ମନୋହର କର ରଞ୍ଜିତ
Phes krim କରବା ପାଇଁ ବ୍ୟବହୃତ ଏକ ପ୍ରକାର ଲେପ—
ফেস্ ক্রীম फेस क्रीम Face cream.

ଫେସ୍ ପାଉଡ଼ର୍—ବୈଦେ. ବ. (ଇଂ)—ମୁହଁକୁ ମନୋହର କର ରଞ୍ଜିତ
Phes pāudar କରବା ପାଇଁ ବ୍ୟବହୃତ ଚୂର୍ଣ୍ଣବଶେଷ—
ফেস্ পাউডার फेस पाउडर Face powder.

ଫେସନ୍—ବୈଦେ. ବ. ( ଇଂ. ଫାଶନ୍ )—
Phesan ୧। ସଭ୍ୟ ସମାଜାନୁମୋଦତ ପଦ୍ଧତ—
ফেসন 1. Approved fashion.
फशन ୨। ସୌଖୀନ୍ ବେଶଭୂଷା—
2. Fashionable dress.
ବଣ—ଫେସନ୍ ଦ୍ୱାର ଅନୁମୋଦତ—Approved by fashion; fashionable.
ସେ ନ ମାନେ ଭଦ, ଫେସନ ବେହେସ । ରଧାନାଥ. ପରବାତ ।

ଫୈରି—ପ୍ରାଦେ. ( ଗଡ଼ଜାତ ) ବ—ଗୋଡ଼ର ବଲା—
Phairi Anklet.

ଫୈଲ୍ (ଇତ୍ୟାଦ)—ବୈଦେ. ବ. ( ଅ. ଫେଲ୍=କାମ, କାର୍ଯ୍ୟ )—
Phail (etc) ଫଏଲ୍ ଇତ୍ୟାଦ ( ଦେଖ )
ফএল फैल Fael etc ( See )

ଫୈସଲ୍(ଲା) (ଇତ୍ୟାଦ)—ବୈଦେ. ବ ଓ ବଣ—
Phaisal(lā) (etc) ଫଇସଲ(ଲା) ଇତ୍ୟାଦ ( ଦେଖ )
Phaisala(lā) etc ( See )

ଫୋକ୍‌ହା—ପ୍ରାଦେ. (ବସ୍ତର) ବଣ—ଅକର୍ମଣ୍ୟ—
Phok-hā Useless.

ଫୋକଟ୍—ଦେ. ବଣ. (ସ. ସ୍ଫୋଟ ବା ସ. ବଲ୍କଲ ହ. ଘ. )—
Phokat ୧। ମୋଫତ୍; ମାଗଣା; ବନା ମୂଲ୍ୟରେ ମିଳବା
বিনি পয়সায় (ବସ୍ତୁ)—1. Got gratis; gratuitous.
फोकट ୨। ପାରଶ୍ରମିକ ବନା କୃତ (କର୍ମ)—2. Done gratis.
ଦେ. କ୍ରି. ବଣ—ବନା ମୂଲ୍ୟରେ—Gratis.

ଫୋକଟ୍ ପଡ଼ିବା—ଦେ. କ୍ରି—ମାଗଣାରେ ମିଳବା ବା କରାଯିବା—
Phokat pardibā To be done or got gratis.

ଫୋକସ୍—ବୈଦେ. ବ. (ଇଂ)—୧। ଲେନ୍ସ୍ ଜାଚ ମଧ୍ୟ ଦେଇ ଯାଉଥ
Phokas ଆଲୋକ ରେଖାମାନଙ୍କ ଏକତ୍ର ହେବା ବନ୍ଦୁ—1. Focus.
ফোকাস ୨। ଫଟୋ ଯନ୍ତ୍ରରେ ଉଠବା ଛବର ସ୍ପଷ୍ଟତାକୁ ଲେନ୍ସ୍
फोकस ସାହାଯ୍ୟରେ ଏକ ସ୍ଥାନରେ ପକାଇ ସ୍ଥିର କରବା
କ୍ରିୟା—1. Focussing of the lens of a camera in photography.

ଫୋର୍ଟ୍—ବୈଦେ. ବ. ( ଇଂ. ଫୋର୍ଟ୍ )—ଦୁର୍ଗ—Fort.
Phot ପ୍ରାଦେ. (ଗଞ୍ଜାମ) ବ—ଫଟୋଗ୍ରାଫ୍—Photo.
ফোর্ট फोर्ट

ଫୋଟୋ—ବୈଦେ.ବ. (ଇଂ.ଫୋଟୋ)—ଫଟୋଗ୍ରାଫ୍; ଆଲୋକଚତ୍ର—
Photo ফটো फोटो Photo.

ଫୋଟକା—ଦେ. ବ. ( ସ. ସ୍ଫୋଟକ )—
Photakā ୧। ବସ୍ଫୋଟକ; ଅଗ୍ନିଦାହ ଜନତ ଜଳପୂର୍ଣ୍ଣ ବ୍ରଣ—
ফোস্কা फौंका, फफोला 1. Blister.

ଫୋଟକା ହେଉଛ ବିଷବା କର୍ପୂର ଦେଇ ଚିତ୍ରିତ ବାର ।
ବବସ୍ତୂର୍ଦ୍ଧ ରତ୍ନାକରଚମ୍ପୂ ଫ ଟୀକ ।

ভুড়ভুড়ী ୨। ଜଳ ବୁଦ୍ବୁଦ—2. Water bubble.
बुलबुला, बुल्ला ଜନ୍ମହାର ସଣ ପାଣିର ଫୋଟକା । ରଧାନାଥ, ଦରବାର ।
पटका ୩। (ସ. ସ୍ଫୁଟ ଧାତୁ) ଫୁଟୁକା; ତାଲପତ୍ର ପ୍ରକାରରେ ଆବଦ୍ଧ
फराका, पटाका ବାରୁଦ ପୂର୍ଣ୍ଣ ଶବ୍ଦକାରୀ ବାଣ—3. Crackers.
୪। (ବୈଦ୍ୟକ) ଏକ ପ୍ରକାର ଛୋଟ ଗଛ—
झरफोंका 4. Name of a small plant.

[ଦ୍ର—ଏହ ଗଛ ସର୍ବତ୍ର ସୁଲଭ । ଏହାର ମଞ୍ଜକୁ ଜଳରେ ବୁଡ଼ାଇ ବାହାର କଲେ ଫୁଟି ଯାଏ । ଏହାର ସମୂଳ ପତ୍ରର ପ୍ରଲେପ କର୍ଦ୍ଦମ୍ୟ ବ୍ରଣ ନାଶକ; ଏହା ପରୀକ୍ଷିତ । (ଦ୍ରବ୍ୟଗୁଣ କଳ୍ପଦ୍ରୁମ)।]

ଫୋଡ଼—ଦେ. ବ. (ସ. ସ୍ଫୁଟ ଧାତୁ)—ଛକ; ଛିଦ୍ର; ରନ୍ଧ୍ର—
Phorda ফোর, ফোড় Hole; bore; aperture.
छेद; सुराख [ଦ୍ର—ଯେଉଁ ଛିଦ୍ର ବସ୍ତୁର ଦୁଇ ପାଖକୁ ବନ୍ଧ କର ଥାଏ ତାକୁ ଫୋଡ଼ ବୋଲି ଯାଏ ।]

ଫୋଡ଼ଣୀ—ଦେ. ବ.—(ସ ସ୍ଫୋଟନୀ)—ଫୋଡ଼ବା ଯନ୍ତ୍ର; ବେଧନୀ—
Phordani A drilling or boring instrument; an
তুরপুন,; বিঁধনী सुतारी, सुआ awl.

ଫୋଡ଼ ଫାଡ଼—ଦେ. ବ.—ଅସ୍ତ୍ରାଦ ଦ୍ୱାର ଫୋଡ଼ବା ଓ ଫାଡ଼ବା—
Phorda phārda Drilling and cutting with
বেঁধা ফোড়া चीर फाड instruments.

ଫୋଡ଼ା—ପ୍ରାଦେ. (ମେଦନୀପୁର) ବ. (ସ. ସ୍ଫୋଟକ; ପୀଡ଼କା; ଭୁଲ. ବ.
Phorda ଫୋଡ଼ା )—ବ୍ରଣ; ବଥ—1. Boil.
ফোঁড়া ফোড়া ଦେ. ବ. (ସ. ସ୍ଫୋଟକ) ଛିଦ୍ର, କରବା—
বিঁধা छेदना 2. Boring; drilling; making holes.
বেঁধা छेदाहुआ (ଯଥା—କାନଫୋଡ଼ା ।)
ବଣ.—ଛିଦ୍ର ହୋଇଥିବା—Bored; drilled through.

ଫୋଡ଼ା(ଡ଼େ)ଇବା—ଦେ. କି. (ସ. ସ୍ଫୋଟନ; ପ୍ରା. ଫୋଡ଼ନ)—
Phorda(rde)iba (ଫୋଡ଼ିବା କ୍ରିୟାର ଣିଜନ୍ତରୂପ—
বেঁধান The causative form of Phordiba)
छेदवाना ଅନ୍ୟଦ୍ୱାରା ଫୋଡ଼ିବା କ୍ରିୟା କରାଇବା—
To cause to be drilled or bored.

ଫୋଡ଼ା(ଡ଼େ)ଇ ହେବା—ଦେ. କି—ଅନ୍ୟ ବ୍ୟକ୍ତିଦ୍ୱାରା ଅପଣା ଅଙ୍ଗ
Phorda(rde)i heba (ଯଥା—କାନ)କୁ ଛିଦ୍ର କରାଇବା—
বেঁধান To cause one's body to be bored by
छेदाना another.

ଫୋଡ଼ା ଫୋଡ଼ି—ଦେ. କି—ଅନେକ ଫୋଡ଼ିବା କ୍ରିୟା—
Phorda phordi Piercing or drilling of many
বিঁধা বিঁধি छेदा छेदि things

ଫୋଡ଼ି—ଦେ. ବଣ. ପୁଂ. (ଅନ୍ୟ ଶବ୍ଦ ସଙ୍ଗେ ବ୍ୟବହୃତ)—
Phordi ୧ । ଫୋଡ଼ି ଯୁକ୍ତ—1. Having bores.
(ଫୋଡ଼ିଆ—ଅନ୍ୟରୂପ) ୨ । ଫୋଡ଼ା ଯାଇଥିବା—2. Bored.
(ଫୋଡ଼ୀ—ସ୍ତ୍ରୀ) বেঁধা छेदा (ଯଥା—ନାକ ଫୋଡ଼ି ବଳଦ)

ଫୋଡ଼ିବା—ଦେ. କି—(ସ. ସ୍ଫୋଟନ; ପ୍ରା. ଫୋଡ଼ନ)—
Phordiba ୧ । ଛିଦ୍ର କରିବା—1. To bore; to drill; to
ফোঁড়া फोडना; दना prick; to perforate.
(ଫୋଡ଼ି ଦେବା—ଅନ୍ୟରୂପ) ୨ । ଭେଦ କରିବା; ଫୁଟାଇବା—
2. To pierce through.

ଶତ ଶର ଦେଲେ ତାଙ୍କର ଗାତ୍ର ଫୋଡ଼ି । କୃଷ୍ଣସିଂହ, ମହାଭାରତ ବନ ।

[ଦ୍ର—ସୂକ୍ଷ୍ମ ଅଗ୍ର ବସ୍ତୁ ଦ୍ୱାରା ଫୋଡ଼ିବା କର୍ମ କରାଯାଏ ।]

୩ । ଅନୁଚ୍ଚ ସ୍ୱରରେ ଜଣକର କାନ ପାଖେ ଅନ୍ୟର ବିପକ୍ଷରେ ଚୁଗୁଲି
କହିବା—3. To whisper against a person in-
to anothers' ear.

ଫୋଡ଼ି ହେବା—ଦେ. କି (ଫୋଡ଼ିବାର କର୍ମବାଚ୍ୟରୂପ)—୧ । ଛିଦ୍ର ହେବା—
Phordi heba 1. To be pierced or bored through
(ଫୋଡ଼ି ହୋଇଯିବା—ଅନ୍ୟରୂପ) ୨ । ଛିଦ୍ରବେଧନ ପରି ଯନ୍ତ୍ରଣା
ফুটে যাওয়া অনুভূত ହେବା—2. To feel a pricking
छेद होना sensation.

ଫୋତା—ବୈଦେ. ବି. (ଫା)—ଅଣ୍ଡକୋଷ—
Phota পোতা फोता Testicle.

ଫୋପଡ଼—ଦେ. ବ(ସଂ ପ୍ରକ୍ଷିପ୍ତ)—୧ । ଲମ୍ବ କାଷ୍ଠଖଣ୍ଡ, ଯାହା ଅସ୍ତ୍ର ସ୍ୱରୂପ
Phoparda କ୍ଷେପ କର ଉଚ୍ଚ ବୃକ୍ଷ ପ୍ରଭୃତିରୁ ଫଳ ଝଡ଼ାଇବାକୁ
ফাবড়া ହୁଏ—1. A stick or long piece of wood
मरहा thrown as a weapon of offence or to
bring down fruits from high trees.

ଫୋପଡ଼ ଚକାର ପାଖରେ ଅର ଲଗିବ କେଣ ଥିବ ।
ଦୀନକୃଷ୍ଣ. ରସକଲ୍ଲୋଳ ।

ଅସ୍ତ୍ର ଶସ୍ତ୍ରରେ ଅସ୍ତ୍ର ନାହିଁ ଫୋପଡ଼ ବାହୁଁକ ମାରୁ ?
ମୋ ଅଙ୍ଗରେ ତ ପଡ଼ସା ନାହିଁ ଏଣି କାହିଁପାଇଁ ଠାରୁ ? ଇତ ।

ফাবড়া ୨ । (ପ୍ରକ୍ଷେପଣ) ଫିଙ୍ଗିବା; କ୍ଷେପଣ—
फेकना 2. Act of throwing.
୩ । ଡାବଲ ଗୁଳି ଖେଳ—3. A kind of game played
by throwing or striking wooden pins
with sticks
ବଣ—ଫୋପଡ଼ା (ଦେଖ)—Phoparda (See)

ଫୋପଡ଼ା—ଦେ. ବଣ. (ସ. ପ୍ରକ୍ଷିପ୍ତ)—୧ । କ୍ଷିପ୍ତ—
Phoparda 1. Thrown.
ফেলা; ফেলন ୨ । ଅନାଦର ପୂର୍ଣ୍ଣ (କଥା)—
फेंक 2. Disrespectful (words).
୩ । କଡ଼ା ବା କଷ୍ଟୁର (ବାକ୍ୟ)—
3. Hard or cruel (words).
ଦେ. ବ—ଫୋପଡ଼ (ଦେଖ)—Phoparda (See)

ଫୋପଡ଼ା(ଡ଼େ)ଇବା—ଦେ. କି—(ଫୋପାଡ଼ିବା କ୍ରିୟାର ଣିଜନ୍ତରୂପ—
Phoparda(rde)iba The causative form of
ফেলান Phopardiba).
फेंकवाना ୧ । କ୍ଷିପ୍ତ କରାଇବା—1. To cause to be
thrown.
୨ । ତଳେ ପକାଇବା—2. To throw down; to bring
down to the ground.
୩ । ଫୋପାଡ଼ିବା; ଫିଙ୍ଗିବା; କ୍ଷେପ କରିବା—3. To throw.

ଫୋପଡ଼ା ଫିଙ୍ଗା—ଦେ. ବ. (ଏକାର୍ଥକ, ସହଚର)—ବହୁ ବସ୍ତୁ ଫିଙ୍ଗିବା
Phoparda phinga କର୍ମ—Throwing away of many
things.
ଦେ. ବଣ—ଅନାଦର ପୂର୍ଣ୍ଣ (ବାକ୍ୟ)—Disrespectful
(words).
(ଯଥା—ତା ଫୋପଡ଼ା ଫିଙ୍ଗା କଥା ମୋ ଦେହରେ ଯିବ
ନାହିଁ । )

ଫୋପଡ଼ା ଫୋପଡ଼ି—ଦେ. ବ—୧ । ଫିଙ୍ଗାଫିଙ୍ଗି; ଇତସ୍ତତଃ ଫିଙ୍ଗିବା—
Phoparda phopardi 1. Scattering about.
ଫପଡ଼ା ଫପଡ଼ି } ଅନ୍ୟରୂପ ୨ । ପରସ୍ପରକୁ (ଢେକାଆଦ) ଫିଙ୍ଗିବା—
ଫବଡ଼ା ଫବଡ଼ି } 2. Throwing (of stones)
ফাবড়া ফাবড়ি फेंका फेंकी at each other
ବଣ—୧ । ଇତସ୍ତତଃ କ୍ଷିପ୍ତ—1. Scattered about.
୨ । ପରସ୍ପରକୁ (ଢେକାଆଦ) ଫିଙ୍ଗୁଥିବା—
2. Throwing (stones) at each other.

ଫୋପର—ଦେ. ବ. (ସ. ପୋଲ; ପୁଲକ=ଶୂନ୍ୟଗର୍ଭ ସ୍ଥାନ; ଅଗାଡ଼)—
Phopara ୧ । କ୍ଷୟପ୍ରାପ୍ତ; ଜୀର୍ଣ୍ଣ—1. Decayed.
(ଫୋମ୍ପର—ଅନ୍ୟରୂପ) ୨ । ଖତର; ପୋଉଡ଼ା—
ফোঁপর, ফোঁপরা, ফোরা 2. Worn out; moth-eaten.
खुखला; पोला: फोफर; फोक ୩ । ବହୁ ଛିଦ୍ର ଯୁକ୍ତ—
3. Having holes; spongy.

୪ । ଶୂନ୍ୟଗର୍ଭ; ଫମ୍ପା; ଫୋମ୍ପ—4. Hollow; empty.
୫ । ଅସାର—5. Unsubstantial.

ଫୋପାଡ଼ିବା—ଦେ. କ୍ରି. (ସ. ପ୍ର+କ୍ଷିପ୍ ଧାତୁ)—
Phopārdiba ୧ । ଦୂରକୁ ଫିଙ୍ଗିବା; କ୍ଷେପ କରିବା—
ফেলা, ফাবড়া 1. To throw away.
फेंकना ୨ । ତଳକୁ ପକାଇବା—2. To fell; to throw down.

ଫୋପାଡ଼ି କରି କଥା କହିବା—ଦେ. କ୍ରି—୧ । ଅନାଦର ବା ଅସମ୍ମାନ
Phopārdi kari kathā kahibā ପୂର୍ବକ କଥା କହିବା—
(ଫୋପଡ଼ା କଥା କହିବା—ଅନ୍ୟରୂପ) 1. To talk or speak with disrespect or disregard.
୨ । ନିଷ୍ଠୁର କଥା କହିବା—
2. To speak cruel words.
୩ । କଡ଼ା କଥା କହିବା—2. To speak harshly.

ଫୋ ଫା—ଦେ. ବଣ—୧ । ଅନାଦରପୂର୍ଣ୍ଣ (କଥା)—
Pho phā 1. Disrespectful (words).
୨ । ଅବାଧ୍ୟତାପୂର୍ଣ୍ଣ (କଥା)—2. Insubordinate (words).
ଦେ. କ୍ରି. ବଣ—୧ । ଅନାଦର ସହକାରେ—
1. Disrespectfully.
୨ । ଅବାଧ୍ୟତା ସହକାରେ—2. Insubordinately.

ଫୋମେଣ୍ଟ—ବୈଦେ. ବ. (ଇଂ. ଫୋମେଣ୍ଟ; ଫୋମେଣ୍ଟେସନ୍)—
Phoment ଗରମ ଜଳରେ ସେକ—Fomentation.
ফোমেন্ট फामेन्ट

ଫୋରମାନ୍—ବୈଦେ. ବ. (ଇଂ)—କାରଖାନାରେ କାରିଗରମାନଙ୍କ
Phormān କାମର ତତ୍ତ୍ୱାବଧାନ କରିବା କର୍ମଚାରୀ—
[ଫୋରମ୍ୟା(ମେ)ନ୍—ଅନ୍ୟରୂପ] Foreman in a workshop.
ফোরম্যান फोरमैन

ଫୋରା—ପ୍ରାଦେ. (ସଂ ଦ୍ରୁମ) ବଣ.—(ଭୁଲ. ଏହି ଅର୍ଥରେ ବ. ଫୋପା)
Phorā ଫମ୍ପା; ଫୋମ୍ପ—Hollow.

ଫୋର୍ଡ୍—ବୈଦେ. ବ. (ଇଂ) (ନାମ)—୧ । ଅନ୍ଧମାନଙ୍କ ପାଇଁ ଯେ
Phord ବାଇବଲ୍ ଲେଖି ଥିଲେ—1. Name of a Bible-
(ଫୋଡ଼—ଅନ୍ୟରୂପ) writer who wrote Bible for blind people; ford.
[ଦ୍ର—ଏ ନିଜେ ୨୨ ବର୍ଷ ବୟସରେ ଅନ୍ଧ ହୋଇ ଯିବାରୁ Braith system (ଅନ୍ଧଙ୍କ ପାଇଁ ପ୍ରଯୁଜ୍ୟ ଲିପି)ରେ ୭୯ ଭାଗରେ ବାଇବଲ ଲେଖି ଥିଲେ । ଏ ଇଂରାଜୀ, ହିବ୍ରୁ ଓ ଅରବୀ ଏହି ତିନି ଭାଷାରେ ବାଇବଲ ଲେଖି ଥିଲେ । ]
୨ । ଆମେରିକାର ସର୍ବଶ୍ରେଷ୍ଠ ମଟର ବ୍ୟବସାୟୀ ଓ ଧନୀ ବ୍ୟକ୍ତି—
2. Henry Ford of America; the famous rich man and maker of Ford cars.

ଫୋର୍ଥ—ବୈଦେ. ବଣ. (ଇଂ)—ଚତୁର୍ଥ—
Phorth ফোর্থ फोरथ Fourth.

ଫୋର୍ଥ ଇୟର କ୍ଲାସ—ବୈଦେ. ବ. (ଇଂ)—କଲେଜର ଚତୁର୍ଥବାର୍ଷିକ
Phorth iyar klās ଶ୍ରେଣୀ—The fourth year class
ফোর্থ ইযার কাস फोरथइयार किलास of a college.

ଫୋଲିଓ—ବୈଦେ. ବ. (ଇଂ)—୧ । ଏକଫର୍ଦ୍ଦ କାଗଜର ଅଧ—
Pholio 1. Folio; half of a sheet of paper.
ফোলিও ୨ । ଫୋଲିଓ ପେପର୍ (ଦେଖ)—
फोलियो 2. Pholio pepar (See)

ଫୋଲିଓ ପେପର—ବୈଦେ. ବ. (ଇଂ)—ଦରଖାସ୍ତ ଆଦି ଲେଖାହେବା
Pholio pepar ପାଇଁ ସରକାରଙ୍କ ଦ୍ୱାରା ବନ୍ଦି କରାଯାଉଥିବା
(ଫୋଲିଓ କାଗଜ—ଅନ୍ୟରୂପ) ମୋଟ ଓ ସ୍ଥାୟୀ କାଗଜ—
ফোলিও কাগজ फोलियो कागज Folio paper.

ଫୋସ୍—ଦେ. ଅ—୧ । ସାପର ଫଁ ଫଁ ଶବ୍ଦ—1. Hissing sound.
Phos ୨ । ସାପ ଶତ୍ରୁକୁ ମାରିବା ବେଳର ଗର୍ଜନ—
ফোঁস 2. Hissing sound of a serpent while
सिसकार; फिफकार biting.

ଫୌଜ (ଇତ୍ୟାଦି)—ବୈଦେ. ବ—ଫଉଜ ଇତ୍ୟାଦି (ଦେଖ)
Phauja (etc) Phauja etc (See)

ଫୌତ(ତୁ)—ବୈଦେ. ବ. (ଆ. ଫୌତ୍=ମୃତ୍ୟୁ)—ମୃତ୍ୟୁ—
Phaut(tu) Death.
ফোত फौत ବଣ—ମୃତ—Dead.

ଫୌରନ୍—ବୈଦେ. ଅ. (ଆ)—ତୁରନ୍ତ; ତତ୍କ୍ଷଣାତ୍—
Phauran ফোরন फौरन Immediately; at once.

ଫ୍ରକ୍—ବୈଦେ. ବ. (ଇଂ)—୧ । ସ୍ତ୍ରୀଲୋକଙ୍କ ଘାଗରା—
Phrak 1. Frock for female wear.
(ଫ୍ରାକ୍—ଅନ୍ୟରୂପ) ୨ । ପିଲାଙ୍କ ବ୍ୟବହୃତ ଲମ୍ବ ଓ ଟିଲା କୁରୁତା-
ফ্রক্, ফরাক फराक; फ्राक 2. Frock for children.

ଫ୍ରାଇ—ଦେ. ବ—ଫିରାଇ (ଦେଖ)
Phrāi Phirāi (See)

ଫ୍ରାଙ୍କ୍—ବୈଦେ. ବ. (ଇଂ)—ଦଶପେନ ବା ଅଠଅଣା ମୂଲ୍ୟର ଫ୍ରାନ୍ସ ଓ
Phrānk ବେଲଜିୟମ ଦେଶୀ ପ୍ରଚଳିତ ରୌପ୍ୟ ମୁଦ୍ରା—
ফ্রাঙ্ক फ्रांक France silver coin.

ଫ୍ରାନ୍ସ—ବୈଦେ. ବ. (ଇଂ)—ଇଉରୋପର ସାଧାରଣତନ୍ତ୍ରଶାସିତ ଦେଶ-
Phrāns ফ্রান্স फ्रांस ବିଶେଷ; ଫରାସୀ ଦେଶ—France.

ଫ୍ରି—ବୈଦେ. ବଣ. (ଇଂ)—୧ । ମୁକ୍ତ; ଛାଡ଼ ପାଇଥିବା—
Phri 1. Free.
ফ্রি ୨ । ମାଗଣା—2. Gratuitous.
फ्री ୩ । ଯେଉଁ ବାଳକକୁ ସ୍କୁଲରେ ଦରମା ଛାଡ଼ ଦିଆଯାଇ ଥାଏ—3. (a student) Who is allowed to study without paying tuition fees.
୪ । ଯେଉଁ ସ୍କୁଲ ବା ଡାକ୍ତରଖାନାରେ ଛାତ୍ରଙ୍କୁ ବା ରୋଗୀଙ୍କ ବିନା ଖରଚରେ ସେବା କରାଯାଏ—4. Free (school or dispensary)

ଫ୍ରି ଚର୍ଚ୍—ବୈଦେ. ବ. ( ଇଂ )—ଖ୍ରୀଷ୍ଟାନ୍‌ମାନଙ୍କ ଧର୍ମସମ୍ପ୍ରଦାୟୀ ଶାଖା-ବିଶେଷ—A sect of Christians holding free opinions about worship in churches.
Phri charchch
ফ্রি চার্চ
**फ्रि चार्च**

ଫ୍ରି ଟ୍ରେଡ୍—ବୈଦେ. ବ. ( ଇଂ )—ସ୍ୱାଧୀନଭାବରେ ବ୍ୟବସାୟ କରିବା; ବିନା ଶୁଳ୍କରେ କରାଯିବା ବାଣିଜ୍ୟ—Free trade; free interchange of commodities without protective duties.
Phri tred
ফ্রি ট্রেড্
**फ्रि ट्रेड**

ଫ୍ରିଡମ୍—ବୈଦେ. ବ. ( ଇଂ )—ସ୍ୱାଧୀନତା—Freedom.
Phridam ফ্রিডম **फ्रिडम**

ଫ୍ରି ପାଶ୍—ବୈଦେ. ବ. (ଇଂ)—ମାସୁଲ ନ ଦେଇ ରେଲଗାଡ଼ି ଆଦିରେ ଚଢ଼ି ବୁଲିବା ନିମନ୍ତେ ଦିଆଯାଇଥିବା ଛାଡ଼ ଚିଠି—Free pass.
Phri pās
ফ্রি পাশ **फ्रि पाश**

ଫ୍ରି ପ୍ରେସ୍—ବୈଦେ. ବ. ( ଇଂ )—ଖବର କାଗଜମାନଙ୍କୁ ସମଗ୍ର ପୃଥିବୀର ସମ୍ବାଦ ତାରଯୋଗେ ଯୋଗାଇବା କୋମ୍ପାନୀ—Free Press.
Phri pres
ফ্রি প্রেস **फ्रि प्रेस**

[ ଦ୍ର—ଏହି କୋମ୍ପାନୀ କଲିକତାରେ ସ୍ଥାପିତ ହୋଇଅଛି । ଏ ସମୁଦାୟ ପୃଥିବୀର ସମ୍ବାଦ ସଂଗ୍ରହ କରି ବର୍ଷେ ଓ ମାସିକ ୫୨୦୦୦୧ ପାଇଲେ ଏ କୋମ୍ପାନୀ ଦେଶର ଖବର କାଗଜକୁ ପ୍ରତିଦିନର ସୁସ୍ଥଗିତ ଖବର ତାରଯୋଗେ ଜଣାଇ ଦିଏ । ]

ଫ୍ରି ମାସନ୍—ବୈଦେ. ବ. ( ଇଂ )—ଫ୍ରି ମାସନରୀ ନାମକ ପରସ୍ପର-ସହାୟକ ସଭ୍ୟଯୁକ୍ତ ଗୁପ୍ତ ସଙ୍ଘର ସଭ୍ୟ—Freemason.
Phri māsan
ফ্রি মেসন **फ्रि मेसन** (ଫ୍ରି ମେସନ୍—ଅନ୍ୟରୂପ)

ଫ୍ରି ମାସନରୀ—ବୈଦେ. ବ. ( ଇଂ. ଫ୍ରି ମାସନ୍ରୀ )—ଧର୍ମବିଶେଷରେ ପରସ୍ପର ସହାୟକ ସଭ୍ୟମାନଙ୍କଦ୍ୱାରା ଗଠିତ ପୃଥିବୀବ୍ୟାପୀ ଶାଖାଯୁକ୍ତ ସଙ୍ଘବିଶେଷ—Freemasonry.
Phri māsanari
ফ্রি মেসনরী
**फ्रि मेसनरी**

[ ଦ୍ର—ଏ ସଙ୍ଘର ଉଦ୍ଦେଶ୍ୟ ପୃଥିବୀରେ ଧର୍ମବିଶେଷରେ ଭ୍ରାତୃଭାବ, ସୃଷ୍ଟି, ଦାନ, ବିପନ୍ନପ୍ରତିକାରର ପ୍ରଚାର । ଏମାନଙ୍କ ସଙ୍ଘର ନିୟମାବଳୀ ବାହାରର ଲୋକଙ୍କଠାରୁ ଗୁପ୍ତ ରଖାଯାଏ । ଏହା ଖ୍ରୀ. ୧୭୧୭ ସାଲରେ ସ୍ଥାପିତ । ଏଥିର ସଭ୍ୟମାନେ ପରସ୍ପରକୁ ଗୋଟିଏ ନିର୍ଦ୍ଦିଷ୍ଟ ଚିହ୍ନ ବା ସଙ୍କେତଦ୍ୱାରା ଚିହ୍ନି ପାରନ୍ତି । ]

ଫ୍ରି ସିପ୍—ବୈଦେ. ବ. (ଇଂ. ଫ୍ରି ଷ୍ଟୁଡେଣ୍ଟ୍ ସିପ୍ )—ଛାତ୍ରର ବିନା ବେତନରେ ସ୍କୁଲରେ ପଢ଼ିବାର ଅବସ୍ଥା—Freestudentship.
Phri sip
ফ্রি সিপ **फ्रि शिप**

ଫ୍ରି ସ୍କୁଲ—ବୈଦେ. ବ. (ଇଂ)—ଯେଉଁ ବିଦ୍ୟାଳୟରେ ଛାତ୍ରଛାତ୍ରୀମାନଙ୍କୁ ବିନା ବେତନରେ ବିଦ୍ୟାଶିକ୍ଷା ଦିଆଯାଏ—Free school.
Phri skul
ফ্রি স্কুল **फ्रि स्कुल**

ଫ୍ରି ଷ୍ଟୁଡେଣ୍ଟ—ବୈଦେ. ବ. (ଇଂ)—ସ୍କୁଲରେ ବିନା ବେତନରେ ପଢ଼ୁଥିବା ଛାତ୍ର—Free student.
Phri student
ফ্রি ষ্টুডেন্ট **फ्रि स्टुडेण्ट**

ଫ୍ରି ଷ୍ଟୁଡେଣ୍ଟ ସିପ୍—ବୈଦେ. ବ. (ଇଂ)—ଫ୍ରି ସିପ୍ ( ଦେଖ )
Phri student sip Phri sip ( See )

ଫ୍ରିହାଣ୍ଡ ଡ୍ରଇଙ୍ଗ—ବୈଦେ. ବ. (ଇଂ)—ଯନ୍ତ୍ରର ବିନା ସାହାଯ୍ୟରେ କେବଳ ଖାଲି ହାତରେ ଯେଉଁ ଚିତ୍ର ଅଙ୍କନ କରାଯାଏ—Free hand drawing.
Phrihand draing
ফ্রি হাণ্ড ড্রইঙ্গ
**फ्रि हाण्ड ड्राइं**

ଫ୍ରେଞ୍ଚ—ବୈଦେ. ବ. (ଇଂ)—ଫ୍ରାନ୍ସ ଦେଶୀୟ; ଫରାସୀ—French.
Phrench ফ্রেঞ্চ **फ्रेंच**

ଫ୍ରେଞ୍ଚ ପଲିଶ୍—ବୈଦେ. ବ. (ଇଂ)—ସଜାମଣା ହୋଇ ଥିବା ପଦାର୍ଥକୁ ଚକଚକିଆ କରିବା ନିମନ୍ତେ ତହିଁ ଉପରେ (ଫ୍ରେଞ୍ଚ ପାଲିସ—ଅନ୍ୟରୂପ) ବୋଲାଯିବା ଲାକ୍ଷାଦି ଦ୍ରବ; ବାର୍ଣ୍ଣିସ୍—French polish; copal varnish.
Phrench palis
ফ্রেঞ্চ পালিস **फ्रेंच पालिस**

ଫ୍ରେମ୍—ବୈଦେ. ବ. (ଇଂ)—ଛବିର ଚାରି ପାଖରେ ବନ୍ଧା ହୋଇଥିବା ଚଉକାଠ; ଫର୍ମା—The frame of a picture.
Phrem
ফ্রেম **फ्रेम**

ଫ୍ଲରିଡ଼ା ୱାଟର୍—ବୈଦେ. ବ. (ଇଂ)—ଗାଧୁଆ ପାଣିରେ ମିଶାଇବା ପାଇଁ ବ୍ୟବହୃତ ଏକ ପ୍ରକାର ସୁବାସିତ ଜଳ—Florida water.
Phlarirdā wātar
ফ্লরিডা ওয়াটর
**फ्लरिडा वाटर**

ଫ୍ଲାଇ ସଟଲ୍ ତନ୍ତ—ଦେ. ବ. (ଫ୍ଲାଇ ସଟ୍ଲ୍ + ଓଡ଼ିଆ. ତନ୍ତ)—ଏକ ପ୍ରକାର ତନ୍ତ—Fly shuttle loom.
Phlāi satal tanta
ফ্লাই সটল তাঁত **फ्लाइ सटल ताँत**

[ ଦ୍ର—ଏଥିରେ ଦେଶୀ ତନ୍ତ ଅପେକ୍ଷା ଶୀଘ୍ର ଲୁଗା ବୁଣାଯାଇ ପାରେ । ]

ଫ୍ଲାନେଲ୍—ବୈଦେ. ବ. ( ଇଂ. ଫ୍ଲାନେଲ୍ )—ପଶମ ନିର୍ମିତ ବସ୍ତ୍ର—Flannel.
Phlānel ফ্লানেল **फ्लानेल**

ଫ୍ଲୁଟ୍—ବୈଦେ. ବ. (ଇଂ)—ବଂଶୀ; ମୁରଲୀ—Flute
Phlut ফ্লুট **फ्लूट**

# ବ

**ବ**—ବ୍ୟଞ୍ଜନ ବର୍ଣ୍ଣର ତ୍ରୟୋବିଂଶ ବର୍ଣ୍ଣ—The 23rd consonant corresponding to 'B'.
Ba
ବ ୱ

[ ଦ୍ର—ଏହାର ଉଚ୍ଚାରଣ ସ୍ଥାନ ଓଷ୍ଠ । ବର୍ଗ୍ୟ 'ବ'—ଏହା ପ ବର୍ଗର ଅନ୍ତ୍ୟ ବର୍ଣ୍ଣ । ସଂସ୍କୃତରେ ଏ ବର୍ଣ୍ଣ 'ବ' ଓ ଲ ଅକ୍ଷରର ପରବର୍ତ୍ତୀ ( ଅର୍ଥାତ୍ ବ୍ୟଞ୍ଜନ ବର୍ଣ୍ଣର ଊନତ୍ରିଂଶ ବର୍ଣ୍ଣ ) ଅବର୍ଗ୍ୟ 'ୱ'—ଏହି ଦୁଇ ଅକ୍ଷରର ଉଚ୍ଚାରଣ ସ୍ୱତନ୍ତ୍ର । ବର୍ଗ୍ୟ 'ବ' ଉଚ୍ଚାରଣ କଲାବେଳେ ଦୁଇ ଓଠକୁ ସଂଯୁକ୍ତ କରି ଶବ୍ଦ ଦେବାକୁ ହୁଏ ଓ ଅବର୍ଗ୍ୟ 'ୱ' ଉଚ୍ଚାରଣ କଲାବେଳେ ଉପର ପାଟିର ଦାନ୍ତ ଓ ତଳ ଓଠକୁ ଛୁଆଁଇ ଶବ୍ଦ ଦେବାକୁ ହୁଏ । ଅବର୍ଗ୍ୟ 'ୱ' ଦନ୍ତୋଷ୍ଠ୍ୟ ଅଟେ । ଓଡ଼ିଆ ଭାଷାରେ ଅବର୍ଗ୍ୟ 'ୱ'ର ଉଚ୍ଚାରଣ 'ବ' ଫଳାରେ ଅଛି । ଯଥା—କଣ୍ୱ, ପକ୍ୱ, ଅନ୍ୱୟ ଇତ୍ୟାଦି ।

କିନ୍ତୁ 'ମ' ତଳେ 'ବ' ଫଳା ଦେଲେ ତାହା ବର୍ଗ୍ୟ 'ବ'ର ଉଚ୍ଚାରଣ ଧାରଣ କରେ । ଇଂରାଜୀରେ ବର୍ଗ୍ୟ 'ବ'ର ଉଚ୍ଚାରଣ 'B' ଓ ଅବର୍ଗ୍ୟ 'ୱ'ର ଉଚ୍ଚାରଣ 'W'; କିନ୍ତୁ ଓଡ଼ିଆ ଭାଷାର ବ୍ୟବହାରରେ ବର୍ଗ୍ୟ ଓ ଅବର୍ଗ୍ୟ 'ବ' ଅକ୍ଷର ଦୃଷ୍ଟ ଥିବା ସଂସ୍କୃତଶବ୍ଦମାନଙ୍କ ଉଚ୍ଚାରଣରେ ପ୍ରଭେଦ ରକ୍ଷା ହେଉ ନଥିବାରୁ କେଉଁ 'ବ' ବର୍ଗ୍ୟ ଓ କେଉଁ 'ବ' ଅବର୍ଗ୍ୟ ତାହା ସ୍ଥିର କରାଯିବା ଦୁର୍ଘଟ ହୁଏ । ଏଥିପାଇଁ ଦୁଇଟି 'ବ' ଅଦ୍ୟରେ ଥିବା ତତ୍ସମ (ସଂସ୍କୃତ) ଓ ତଦ୍ଭବ ( ଦେଶୀୟ ) ଶବ୍ଦମାନ ଏହି 'ବ' ଅକ୍ଷର ତଳେ ଦିଆଗଲା । ଏହି ଭାଷାକୋଷରେ ଏହି ଦୁଇ 'ବ' ମଧ୍ୟରେ ପ୍ରଭେଦ ଦେଖାଇବା ପାଇଁ ବର୍ଗ୍ୟ 'ବ'କୁ 'ବ' ଓ ବର୍ଣ୍ଣକ୍ରମରେ ଅବର୍ଗ୍ୟ 'ବ'କୁ 'ୱ'ରୂପେ ଚିହ୍ନିତ କରାଯାଇଅଛି । ଅବର୍ଗ୍ୟ 'ୱ' ତଳେ ଲୋଡ଼ି ଦ୍ରଷ୍ଟବ୍ୟ । ହିନ୍ଦୀ ଓ ମରହଟ୍ଟୀ ଭାଷାରେ ଏହି ଦୁଇ 'ବ' ଅକ୍ଷରର ଉଚ୍ଚାରଣରେ ପାର୍ଥକ୍ୟ ରେଖାଯାଏ । ]

ସଂ. ବି. ( ବା ଧାତୁ=ବଧ କରିବା+କର୍ତ୍ତୃ. ଅ )—
୧ । ବରୁଣ—1. The ocean-God
୨ । ସିନ୍ଧୁ; ସମୁଦ୍ର—2. Ocean; the sea
୩ । ଜଳର ମୃଦ୍ଭାଣ୍ଡ; ମାଠିଆ —3. Earthen jar.
୪ । (+କରଣ. ଅ) ଅଧ୍ୟବସାୟ —4. Perseverance.
୫ । ( ବନ୍ ଧାତୁ=ଶବ୍ଦ କରିବା+କର୍ତ୍ତୃ. ଅ )—ଜଳ—
5. Water
୬ । ( ବା ଧାତୁ=ଗତି କରିବା+କର୍ତ୍ତୃ. ଅ )—ବାୟୁ—
6. Air; wind.
୭ । ଯୋନି—7. Vulva; female organ.
୮ । ( +ଭାବ. ଅ ) ଗମନ; ଗତି—8. Going; motion.
୯ । ( ବନ୍ଧ୍ ଧାତୁ+ଭାବ. ଅ ) ବନ୍ଧନ—
9. Tying; binding.
୧୦ । ( ବୟ୍ ଧାତୁ=ବୁଣିବା+କର୍ମ. ଅ ) ବଅ; ତନ୍ତୁର ସୂତ୍ର ନିର୍ମିତ ଯେଉଁ ପାଲଅ ମଧ୍ୟ ଦେଇ ଟାଣୀ ସୂତା ଯାଇଥାଏ—
10. The series of hanging strings attached to frames, through which the warp threads remain suspended in alternative positions to enable the spindle to pass through the space made by the threads passing up and down alternately.
୧୧ । ବଖିଆ ସିଲେଇ; ତାଗା ଗଲା—
11. Simple stitch in sewing.

ଦେ. ବି. ( ପାନବରଜ ଭାଷା )—ପାନ ଲତାର ଚେର—
The root of betel creeper.

ବୈଦେ. ଅ. ( ଫା ) ( । ବ. । ସାଙ୍କେତିକ; ବମୁଜିବ ଶବ୍ଦର ସାଙ୍କେତିକ )—୧ । ମୁତାବକ; ଅନୁସାରେ—1. As per.
( ଯଥା—ତାଲିକା । ବ ।=ତାଲିକା ଅନୁସାରେ । )
୨ । ( ବକଲମ ଶବ୍ଦର ସାଙ୍କେତିକ ) ଲେଖି ଜାଣୁ ନ ଥିବା ବ୍ୟକ୍ତି ପାଇଁ କିମ୍ବା ଅନୁପସ୍ଥିତ ବ୍ୟକ୍ତି ପାଇଁ ସ୍ୱାକ୍ଷର କରୁଥିବା ବ୍ୟକ୍ତିର ନିଦର୍ଶନ—2. Corresponding to Sd/ or Signed by so and so for so and so; by the pen of.
( ଯଥା—ଗୋପାଳଚନ୍ଦ୍ର ପ୍ରହରାଜ । ବ । ପୁତ୍ର ଚନ୍ଦ୍ରଶେଖର ପ୍ରହରାଜ, ଅର୍ଥାତ୍ ଗୋପାଳଚନ୍ଦ୍ର ପ୍ରହରାଜଙ୍କ ନିମନ୍ତେ ତାଙ୍କ ପୁଅ ଚନ୍ଦ୍ରଶେଖର ପ୍ରହରାଜ ସ୍ୱାକ୍ଷର କଲେ । )
[ ଦ୍ର—ଏହା । ସ୍ୱା ( ସ୍ୱାକ୍ଷର ) ଚିହ୍ନଦ୍ୱାରା ମଧ୍ୟ ସୂଚିତ ହୁଏ । ]
୩ । ( ବନାମ ଶବ୍ଦର ସାଙ୍କେତିକ ) ଅପର ପକ୍ଷ; ଅମୁକର ନାମରେ—3. Versus.
( ଯଥା—ବାସୁ ରାମସାହୁ । ବ । ପ୍ରତିବାଦୀ ଶାମସାହୁ । )
ଗ୍ରା. କ୍ରି. ( ବସିବା କ୍ରିୟାର ଅନୁଜ୍ଞା ଏକବଚନ ଅନାଦରାର୍ଥକ ରୂପ )—( ତୁ ) ବସ୍, ଏଠାରେ ଉପବେଶନ କର—
Do sit.

**ବଅ**—ଦେ. ବି. ( ସଂ. ବ )—ତନ୍ତୁର ସୂତ୍ରନିର୍ମିତ ପାଲଅ; ଯେଉଁ ସୂତ୍ରମୟ ପାଶ ମଧ୍ୟରେ ଟାଣୀ ସୂତା ଗୋଟିଗୋଟି ହୋଇ ଗଳି ଝୁଲୁଥାଏ—The comb or knots through which the warp threads pass and hang down.
Ba-a
ବ
(ବଅ ପାଟି—ଅନ୍ୟରୂପ)

**ବଅଁର**—ପ୍ରାଦେ. ( ସମ୍ବଲପୁର ) ବି (ସଂ. ବଦର)—ବରକୋଳି—
Ba-añra
The jujube berry.

**ବଅ କାଠି**—ଦେ. ବି—ଯେଉଁ କାଠି ଦୁଇ ଖଣ୍ଡରେ ବଅର ସୂତା ବନ୍ଧା ଯାଏ—The two sticks enclosing the hanging warp-strings.
Ba-a kāṭhi

**ବଅ ପଟା**—ଦେ. ବି—ଯେଉଁ ପଟାରୁ ବଉଡ଼ ଲାଗି ବଅ ଝୁଲା ଯାଇଥାଏ—A plank from which the Ba-a threads are suspended.
Ba-a paṭā

ବଅ ପଡ୍ରିଆ—ଦେ. ବି. (ସଂ. ବ+ପଦ୍ଧତ)—ଲୁଗା ବୁଣିଲା ବେଳେ 'ବଅ'
Ba-a pardiā ପଡ଼ି ଯାଇଥିବା ଯୋଗୁଁ ଯେଉଁଠାରେ ଏକାଧିକ ଥର **ଓଟଣା** ଟାଣି ସୁତାର ଏକପାଖରେ ଭରଣୀ ସୁତା ବୁଣା ଯାଇଥାଏ—
( ବ ପଡ୍ରିଆ—ଅନ୍ୟରୂପ ) A defect in the texture of a cloth due to the string-comb not having gone up and down regularly during weaving.
ବିଣ—ବଅ ଦୋଷଯୁକ୍ତ ( ଲୁଗା )—
Defectively woven ( cloth )

ବଅର—ଦେ. ବି. ( ସଂ. ବଦର )—ବର କୋଳି—
Ba-ara କୁଲ **बेर** The jujube berry.

ବଅଲ—ଗ୍ରା. (ଇତର) ବି. (ହିନ୍ଦୀ. ବଏଲ୍)—ବଳଦ—
Ba-ala Ox; bullock.
ବିଦେ. (ଇଂ. ବଲ୍ ) ବି—ପେଣ୍ଡୁ; କ୍ରୀଡ଼ା କନ୍ଦୁକ—
Ball; playball.

ବଅସ (ଇତ୍ୟାଦି)—ଗ୍ରା. ବି—ବୟସ ଇତ୍ୟାଦି ( ଦେଖ )
Ba-asa (etc) Bayasa etc. ( See )

ବଇ—ଦେ. ବି—୧ । ଗୁଚ୍ଛ; ଗଦା—1. Heap; mass.
Bai ୨ । ଘେର; ବାଡ଼—2. Fence; compound.
୩ । (ଆଦରାର୍ଥକ) ବୈଷ୍ଣବ, ବୈକୁଣ୍ଠ ନାମକ ବ୍ୟକ୍ତିର ଡାକ-ନାମ—3. Name by which a person named Baishnaba or Baikuntha is called.
୪ । (ସାଙ୍କେତିକ) ବୈଶାଖ ମାସର ସାଙ୍କେତିକ—
4. Abbreviation for the month of Baisākha
[ ଦ୍ର—ଅକାମାବଇ ଭଲେ ନୋହି (ଦେଖ) ]
ବିଦେ. ବି. (ଅ. ବହୀ=ଧର୍ମ ପୁସ୍ତକ; କୋରାନ୍)—
୧ । ବହି; ପୁସ୍ତକ; ଋଜାପ—1. Book.
୨ । ଖାତା—2. Account book.

ବଇଁ—ପ୍ରାଦେ. (ଗଞ୍ଜାମ) ବି—ପ୍ରାଚୀର; କାନ୍ଥ—
Bain Wall.
ବି (ସମ୍ବଲପୁର)—ପ୍ରଦୀପ—Lamp.

ବଇଁଛି—ପ୍ରାଦେ. (ବାଲେଶ୍ୱର) ବି—ବନଶୀ—
Bainchhi Angling rod and line.
(ବଇଁଛି ଖଡ଼ା, ବନ୍ଛି—ଅନ୍ୟରୂପ)

ବଇଁଛି କାଟିବା—ପ୍ରାଦେ. (ବାଲେଶ୍ୱର) କ୍ରି—ବାଉଁଶ କୁଦାରୁ ବନଶି
Bainchhi kātibā ହେବା ଯୋଗ୍ୟ କଣି କାଟିବା—
To cut a twig of bamboo for making an angling rod.

ବଇଁଛି ସେକିବା—ପ୍ରାଦେ. ( ବାଲେଶ୍ୱର ) କ୍ରି—ବନଶି ପାଇଁ **ଅଣା**
Bainchhi sekibā ଯାଇଥିବା ବାଉଁଶ କଣିକୁ ନିଆଁରେ ସେକ ଦେଇ ଖୁବ ପ୍ରୟୋଗ ଦ୍ୱାରା ସିଧା କରିବା—
To straighten a newly brought bamboo-twig by heating it over fire for making an angling rod.

ବଇଁଠି—ପ୍ରାଦେ. (ମେଦନୀପୁର) ବି. (ଭୁଇ. ବି. ବଁଠୀ)—ପଇଡ—
Bainthi Vegetable chopper.

ବଇଁରି—ପ୍ରାଦେ. (ସମ୍ବଲପୁର ଓ ଗଡ଼ଜାତ) ବି—ଗୋଡ଼ି ମାଛ—
Bainri A kind of tubular fresh water fish.

ବଇଁଶିଆ—ଦେ. (ପଦ୍ୟ) ବିଣ. (ସଂ. ବଂଶୀଧର)—ବଂଶୀ ବାଦକ—
Bainsia Blowing a flute.
ବଲ ବଇଁଶିଆ ଭରତଣ ବଂଶୀ ଧ୍ୱନି । ଗ୍ରାମାନାଥ. ସଂଗୀତ ।
ଦେ. ବି. (ଅନାଦରାର୍ଥକ)—ବଂଶୀଧରର ଡାକ ନାମ—
A name for calling 'Bamsidhara.'

ବଇଁଶୀ—ଗ୍ରା. (ପଦ୍ୟ) ବି. ( ସଂ. ବଂଶୀ )—୧ । ମୁରଲୀ—
Bainsi **बाँशी बाँसुरी** 1. Flute; a fife.
ଗୋପୀ ନାମ ଧରି ଡକେ ବଇଁଶୀ ସ୍ୱନ । ପ୍ରାଚୀ. ରହସ୍ୟମଞ୍ଜରୀ ।
୨ । ବଂଶୀଧରର ଆଦରାର୍ଥକ ଡାକ ନାମ—
2. A name for calling Bamsidhara.

ବଇକୁଣ୍ଠ (ଇତ୍ୟାଦି)—ଗ୍ରା. (ପଦ୍ୟ) ବି—୧ । ବୈକୁଣ୍ଠ ଇତ୍ୟାଦି (ଦେଖ)
Baikuntha (etc) 1. Baikuntha etc. (See)
ଅନ୍ତରେ ବଇକୁଣ୍ଠ ପୁରରେ ବସର । କୃଷ୍ଣସିଂ. ମହାଭାରତ. ଅର ।
୨ । ବୈକୁଣ୍ଠନାଥର ଡାକ ନାମ—2. The name by which one named Baikuntha is called.

ବଇକୁଳ—ଦେ. (ପଦ୍ୟ)ବିଣ.(ସଂ. ବ୍ୟାକୁଳ—ବିଣ; ଓ ବୈକଲ୍ୟ—ବି)—
Baikula ବ୍ୟାକୁଳ; ଉଲବଲ—Perturbed; distressed.
ସେ ଜଳ ପିଇଲେ ଏବେ ଅମ୍ଭା ହେଉଛୁ ।
ମଲସ୍ୟ ପବନ ବହେ ଅଙ୍ଗ ସନ ଭୁଲ । ପାଚୀ. ରହସ୍ୟ ମଞ୍ଜରୀ ।

ବଇ ଜନ୍ତୀ—ଦେ. ବି—ଅଗସ୍ତି ଜାତୀୟ ବୃକ୍ଷ ବିଶେଷ—
Bai janti Sesbania Egyptica (tree).

ବଇଜୟନ୍ତ—ଗ୍ରା. (ପଦ୍ୟ) ବି. (ସଂ. ବୈଜୟନ୍ତ)—ବୈଜୟନ୍ତ (ଦେଖ)
Baijayanta Baijayanta (See)
ବଇଜୟନ୍ତ ଅସମ କହେ ଇନ୍ଦ୍ରଙ୍କେ ରଥ କଳାପ । ଉପେ. ବୈଦେହୀଶବିଳାସ ।

ବଇଜୟନ୍ତୀ—ଗ୍ରା. (ପଦ୍ୟ) ବି. (ସଂ. ବୈଜୟନ୍ତୀ)—ବୈଜୟନ୍ତୀ (ଦେଖ)
Baijayanti Baijayanti (See)
ବଇଜୟନ୍ତୀ ପୀତ ବସନ ବହୁତ ପର ପ୍ରବୀ ସେ ସଙ୍ଗେ ।
ଉପେ. ବୈଦେହୀଶବିଳାସ ।

ବଇଞ୍ଚ(ଞ୍ଚି)—ଦେ. ବି. (ସଂ. ବିକଙ୍କତ)—ଭଇଞ୍ଚି; କଣ୍ଟକଯୁକ୍ତ ବନ୍ୟ
Baincha(nchi) କ୍ଷୁପ ବିଶେଷ—Flacourtia Cataphracta; Flacourtia Ramontchi; a thorny bush bearing edible berries.

ସଂ. ନାମ—ଗ୍ରନ୍ଥିକ, ସ୍ରୁବାବୃକ୍ଷ, ସ୍ୱାଦୁକଣ୍ଟକ, କଣ୍ଟକୀ, ବ୍ୟାଘ୍ରପାଦ, କଣ୍ଟକାଢ୍ୟ, ବୃତ୍ତକଣ୍ଟ, ସ୍ରୁଗ୍ଦାରୁ, ମଧୁପର୍ଣ୍ଣୀ, ବହୁଫଳ, ଗୋପଘଣ୍ଟୀ, ଦନ୍ତକାଷ୍ଠ, ବ୍ରହ୍ମପାଦପ, ହୁମକ, ପିଣ୍ଡାର, ପୃଥୁବୀଜ, ଗ୍ରାବଣ, ପାଦରୋହଣ, ସୁଧାବୃକ୍ଷ, ଯଜ୍ଞବୃକ୍ଷ
ବେଈଁଚ; ବେଉଁଚ; **बैंच**
**कंटाइ; किङ्किणी**
ମ. ଓଲଗୋଣୀ, ବେହକଲ
ତେ. କାନବେଗୁ ଚେଟ୍ଟୁ
ଗୁ. ବିକଲୋ

ପୃଷ୍ଠାଙ୍ଗ ଇଞ୍ଚାରବ ବଇଞ୍ଚ ଥାଉଛୁ ।
କୃଷ୍ଣସିଂ. ମହାଭାରତ ବ ।
[ ଦ୍ର—ଏହି ଗୁଳ୍ମ ଦାକ୍ଷିଣାତ୍ୟ, ଲଙ୍କା, ବିହାର, ଓଡ଼ିଶା ଓ ମଧ୍ୟପ୍ରଦେଶ ଅଞ୍ଚଳର ଜଙ୍ଗଲରେ ଜାତ ହୁଏ । ଏହାର କାଠ ଘନ ଓ ଦୃଢ଼; କଣ୍ଟା ଲମ୍ବ ଓ ମୋଟ । ଏହାର କୋଳ ପ୍ରଥମେ ଲାଲ ହୁଏ; ପାଚିଲେ କୃଷ୍ଣବର୍ଣ୍ଣ ଓ ମିଠା ହୁଏ; ପାଚିଲା କୋଳ ମନୁଷ୍ୟମାନେ ଖାଆନ୍ତି । ଫଳ

ଡାଲଦଅ ଓ ଅସୀତ ଓ ଦଲସ୍ଥାନ; ଶୀତକାଳରେ ଫୁଟେ । ଗଛ ଗ୍ରନ୍ଥିଳ । ଏହା ସନ୍ଧ୍ୟା ଓ କଙ୍କର ଭୂମିରେ ଜାତ ହୁଏ । ବୈଦ୍ୟଙ୍କ ମତରେ ଏହା ବାତାଦି ଦୋଷନାଶକ । ପୂର୍ବକାଳରେ ଏ ଗଛର କାଠରେ ସ୍ରୁବ ତିଆର କରାଯାଉ ଥିଲା । ]

ପ୍ରାଦେ. (ବାଲେଶ୍ୱର) ବ—ବନଶି—
Angling rod and line.

**ବଇଠକ**—ଦେ. ବ. [ସଂ. (ଉପ) ବିଷ୍ଟ, ବେଷ୍ଟକ; ଭୂଲ; ସଂ. ବିଷ୍ଟ= Baiṭhaka ପ୍ରା. ବଇଠ; ସଂ. ଉପବିଷ୍ଟତ; ପ୍ରା. ବଇଠ୍ଠଇଁ]—
(ବୈଠକ—ଅନ୍ୟରୂପ) ୧ । ବସିବା; ଉପବେଶନ—
बैठक 1. Sitting.
**बैठक** ୨ । ସଭା; ବହୁଲୋକଙ୍କ ସମାଗମ—
2. Meeting; assemblage.
୩ । ସଭାର ଅଧିବେଶନ—3. A session of a meeting.
୪ । (ସଂ. ବାଟିକା)—ବାସସ୍ଥାନ; ଅବସ୍ଥିତି—
4. Residence.

ମୃକତ ମଣ୍ଡପ ସେ ଦେଶ
ବୈକୁଣ୍ଠ ବସ୍ତୁର ବୈଠକ । ଯଶୋବନ୍ତ. ପ୍ରେମଭକ୍ତି. ବ୍ରହ୍ମଗୀତା ।

୫ । ଚୌପାଢ଼ୀ; ସଭାଗୃହ—5. A meeting hall; meeting place.

**ବଇଠକ ଖାନା**—ଦେ. ବ. (ହି. ବୈଠକ+ଫା. ଖାନାହ୍)—
Baiṭhaka khānā ବସିବା ନିମନ୍ତେ ବ୍ୟବହୃତ କୋଠରୀ;
(ବଇଠକ ଘର—ଅନ୍ୟରୂପ) ବେହରଣ ମଣ୍ଡପ; ଉପବେଶନ ଗୃହ—
बैठक खाना **बैठक खाना** Parlour; drawing room.

**ବଇଠକି**—ଦେ. ବ—୧ । ଦୀପାଧାର; ଦୀପରୁଖା; ପିଲସଜ—
Baiṭhaki 1. Lampstand.
(ବୈଠକି—ଅନ୍ୟରୂପ) ୨ । ଏକପ୍ରକାର ବ୍ୟାୟାମ; ଛିଡ଼ାହୋଇଥିବା
बैठकी ଗୋଟିଏ ବଲୁଆକୁ ଦୁଇହାତରେ ମୁଠାଇ ଧରି ଉଠିବା
**बैठकी** ଓ ବସିବା ରୂପ ବ୍ୟାୟାମ—2. Squat; a kind of athletic exercise.
୩ । ବଇଠକ (ଦେଖ)—2. Baiṭhaka (See)

**ବଇଠକି ଉଠା(ଠେ)ଇବା**—ଦେ. କ୍ରି. (ଜନରେ ବସିବା ସ୍ଥାନକୁ ନଷ୍ଟ
Baiṭhaki uṭhā(ṭhe)ibā କରିବା)—ନିଜ ଦୋଷରେ ସମସ୍ତ ସମ୍ପତ୍ତି ଉଡ଼ାଇ ଦେବା—To squander away one's properties.

**ବଇଠକି ଦଣ୍ଡ**—ଦେ. ବ—ଏକପ୍ରକାର କସରତ୍, ଯହିଁରେ ଦଣ୍ଡ କରିବା
Baiṭhaki daṇḍa ପରେ ମଣିଷ ବସିଯାଏ ଓ ବସି କରି ଦୁଇ-
बैठकी डन् ହାତର କହୁଣୀ ଉପରେ ଭାର ଦେଇ ବସେ
**बैठ दंड** ଓ ଦଣ୍ଡ କରେ—A kind of athletic exercise.

**ବଇଠା**—ଗ୍ରା. ବ. (ଶୁଦ୍ରାଦିଙ୍କ ବ୍ୟବହୃତ ଭାଷା)—୧ । ପ୍ରଦୀପ—
Baiṭhā 1. Lamp.
(ବେଠା—ଅନ୍ୟରୂପ) ବଇଠା ମିଞ୍ଜି ମିଞ୍ଜି ହୋଇ ଜଳୁ ଅଛି ।
प्रदीप **दीया** ଫକୀରମୋହନ. ଛମାଣ ଆଠଗୁଣ୍ଠ ।
୨ । (ସଂ ବିଷ୍ଟ. ଉପବେଶନ କରିବା—2. Sitting.
୩ । ବସାଇବା—3. Causing to sit; setting.
୪ । ଦୀପରୁଖା—4. Lampstand.
୫ । ଖୋରଧା ସହରର ଦକ୍ଷିଣ ପଶ୍ଚିମରେ ଏକ ମାଇଲ ଦୂରରେ ଥିବା ପର୍ବତବିଶେଷ—5 Name of a hill to the south-west of the town of 'Khurdā', at a distance of one mile.

**ବଇଠା(ଠେ)ଇବା**—ଦେ. କ୍ରି.—ବସାଇବା—
Baiṭhā(ṭhe)ibā बसान **बैठाना** To cause to sit.
ବଇଠାଇବ ତାଙ୍କ ସମକ ସ୍ୱରଲେ । କୃଷ୍ଣସିଂହ. ମହାଭାରତ ବନ୍ତ ।

**ବଇଠାଣି**—ପ୍ରାଦେ. (ମେଦନୀପୁର) ବ.—ହୁକ୍କା ଆଦିର ବଇଠି—
Baiṭhāṇi A stand for the 'Hukkā'
(ବୈଠାଣି—ଅନ୍ୟରୂପ)

**ବଇଠାର(ରୁ)**—ପ୍ରାଦେ. (ଗଞ୍ଜାମ) ବ.—ବଣିଆମାନଙ୍କ ବଂଶୋପାଧି
Baiṭhāra(ru) ବିଶେଷ—A family-title of certain
(ବୈଠାର[ରୁ]—ଅନ୍ୟରୂପ) goldsmiths.

**ବଇଠାଳ**—ଦେ. ବ.—ଶୁଦ୍ରଙ୍କ ବଂଶୋପାଧି ବିଶେଷ—
Baiṭhāḷa A family-title of Sūdras.

**ବଇଠା ଲଗା(ଗେ)ଇବା**—ଦେ. କ୍ରି.—ପ୍ରଦୀପରେ ଅଗ୍ନି ସଂଯୋଗ
Baiṭhā lagā(ge)ibā କରିବା; ଦୀପ ଜଳାଇବା—
दीप लागान **दिया लगाना** To light a lamp.

**ବଇଠି**—ଦେ. ବ. (ସଂ. ବେଷ୍ଟକ)—୧ । ଗୋଲ ବା ଡେଙ୍ଗା ପଦାର୍ଥ ବା
Baiṭhi ପାତ୍ର ଭୂମିରେ ଯେପରି ଅଟଳ ହୋଇ ବସି ପାରିବ ଏଥି
बैठक ନିମନ୍ତେ ତହିଁ ତଳେ ଲାଗି ଥିବା ଆସନ—1. A pedestal attached to the bottom of a round or
**बैठकी** tall thing to enable it to be set without
**बैठी** sliding.
୨ । ପ୍ରତିମା ଆଦିର ତଳେ ଲାଗିଥିବା ଆସନ—
2. Pedestal at the bottom of an image.
୩ । କୌଣସି ପଦାର୍ଥ (ଯଥା, ହୁକା, ଲମ୍ପ) ରଖି ଦେବାର ଆସନ ବା ଆଧାର—3. A small tripod used as a stool.
୪ । ଆସନ; ଯାହା ଉପରେ ବସିବାକୁ ହୁଏ—4. A seat.
ମୋର ଜାନୁ ବଇଠିକ । ଅଭିମନ୍ୟୁ. ବିଦଗ୍ଧଚିନ୍ତାମଣି ।
୫ । (ଜଗନ୍ନାଥଙ୍କର) ରତ୍ନ ଆସନ—5. A round seat on which the image of Lord Jagannath is set.

ସ୍ୱର୍ଣ୍ଣ ପାତ ଲ, ମଣି ଘନ
ବଇଠି ସ୍ୱରୂପେ ଜାନି । ଯଶୋବନ୍ତ. ପ୍ରେମଭକ୍ତି. ବ୍ରହ୍ମଗୀତା ।

ପ୍ରାଦେ. (ଉଡ଼ଜାତ) ଅ—(ପୋଡ଼ୁଅଙ୍କ ଅଗ ଗୋଡ଼କୁ ପାଖଣ ହାଁସ୍ ଇସର ଅସାତ କରିବା ହାସ୍ ଜଗୁଆଳର ଉଚ୍ଚାରିତ ପଦ) ଅଗ ଗୋଡ଼ହାସ୍ ଅଣ୍ଟୋଇ ପଡ଼—(Interjection; a word used by buffalo-keepers to a male buffalo) Kneel down by the front legs.

ବଇଠି କରଣ—ଦେ. ବି—ରାଜକର୍ମଚାରୀବିଶେଷ; ଦେବାଳୟର
Baiṭhi karaṇa କର୍ମଚାରୀବିଶେଷ; ଶ୍ରମକରଣ—A clerk in a temple or in the court of a Raja, whose duty is to write accounts and supervise daily works.
[ ଦ୍ର—ଏମାନେ ଏକ ସ୍ଥାନରେ ବସି କାର୍ଯ୍ୟର ତତ୍ତ୍ୱ ବୁଝନ୍ତି ଓ ହିସାବ ଲେଖନ୍ତି । ]

ବଇଠିବା—ପ୍ରାଦେ. (ସମ୍ବଲପୁର) କ୍ରି—(ସଂ. ଉପବିଷ୍ଟ. ପ୍ରା. ବଇଠ୍ଠିଅ;
Baiṭhibā ଭୁଲ. ହି. ବୈଠନା)—ବସିବା—To sit.

ବଇଠେ—ପ୍ରାଦେ. (ସମ୍ବଲପୁର) କ୍ରି. ବିଣ (ଭୁଲ. ହି. ବୈଠେ)—ବସି
Baiṭhe ବସି—In a sitting posture; sitting.

ବଇଡୁ(ଦୁ)ର୍ଯ୍ୟ—ଗ୍ରା. ବି—(ସଂ. ବୈଦୂର୍ଯ୍ୟ)—ବୈଦୂର୍ଯ୍ୟ (ଦେଖ)
Baiḍu(du)rjya लहसुनिया Baiḍūrjya (See).
ସମୀପରେ ବଇଡୁର୍ଯ୍ୟ ଗିରିବରେ
ଅଗସ୍ତ୍ୟ ମହର୍ଷି ଅଛନ୍ତି ତପରେ । କୃଷ୍ଣସିଂହ: ମହାଭାରତ ବନ ।

ବଇତମ—ଗ୍ରା. ବିଣ—୧ । ପୁରାତନ—1. Old.
Baitama ୨ । କ୍ଷୟପ୍ରାପ୍ତ; ଜୀର୍ଣ୍ଣ—2. Worn out.

ବଇତରଣୀ (ଇତ୍ୟାଦି)—ଗ୍ରା. (ପଦ୍ୟ) ବି—ବୈତରଣୀ ଇତ୍ୟାଦି—
Baitaraṇī (etc) (ଦେଖ)—Baitaraṇī (etc) (See).
ବଇତରଣୀ ନାମେ ନଦୀ, ଯାତନା ମଧ୍ୟେ ଏ ପ୍ରତିଷ୍ଠି । ଜଗନ୍ନାଥ. ଭାଗବତ ।

ବଇତାଳୁ(ଲ)—ପ୍ରାଦେ. (ସିଂହଭୂମ ଓ ବାଲେଶ୍ୱର) ବି. (ଭୁଲ. ବଂ.
Baitāḷu(ḷa) ବୈତାଲ)—ବୋଇତ କଖାରୁ (ଦେଖ)—
(ବୁଇତାଳୁ—ଅନ୍ୟରୂପ) Boiti kakhāru (See).

ବଇଦ—ଗ୍ରା. ବି. ପୁଂ—(ସଂ. ବୈଦ୍ୟ)—୧ । ବୈଦ୍ୟ; ଚିକିତ୍ସକ—
Baida (ବଇଦ୍ୟ—ଅନ୍ୟରୂପ) 1. Physician.
बद्दि वैद्द ମଲୁ ଖୋଜୁଥିଲ କାହାର ପାଣି । ବଇଦ ବୋଇଲ ପି ତୋଡ଼ାଣି । ଚଉ ।
ବଇଦଆଣୀ } ବଇଦାଣୀ }—ସ୍ତ୍ରୀ ୨ । ( ଆଦରାର୍ଥକ ) ବୈଦ୍ୟନାଥ ନାମକ ବ୍ୟକ୍ତିର ଡାକନାମ—2. Name by which a person named 'Baidyanātha' is called.
( ବଇଦୁ—ଅନ୍ୟରୂପ )
(ବଇଦା—ଅନାଦରାର୍ଥକ)

ବଇଦ ଚାଉଳ ପଥି କରିବା—ଦେ. ( ନ୍ୟାୟ ବାକ୍ୟ )—ଚିକିତ୍ସକଙ୍କୁ
Baida chāuḷa pathi karibā ପାରିଶ୍ରମିକ ଦେବା ପରିବର୍ତ୍ତରେ ତାଙ୍କର ଧନରେ ରୋଗୀ ଆପଣା ଖାଦ୍ୟ ଦ୍ରବ୍ୟର ବ୍ୟୟ ଚଳାଇବା ନ୍ୟାୟ; ଯେଉଁ ଲୋକକୁ ଧନ ଦେବା ନ୍ୟାଯ୍ୟସଙ୍ଗତ ତା ଠାରୁ ଧନ ନେବା ସ୍ଥଳରେ ଏ ନ୍ୟାୟ ବୋଲାଯାଏ—Like a patient being fed at the cost of the physician; (a saying applied to a person who takes money from one whom he should pay instead).

ବଇଦର୍ଭୀ—ଗ୍ରା. (ପଦ୍ୟ) ବି. ସ୍ତ୍ରୀ. (ସଂ. ବୈଦର୍ଭୀ)—ବୈଦର୍ଭୀ (ଦେଖ)
Baidarbhī Baidarbhī ( See )
ବଇଦର୍ଭୀ ସ୍ୱରୂପ ପ୍ରକାଶ
କହେ ସଂଯୋଗି ପଡ଼ି ଉପସ୍ଥିତ । ଉପେ. ବୈଦେହୀଶବିଳାସ ।

ବଇଦିକ—ଗ୍ରା. (ପଦ୍ୟ) ବିଣ. (ସଂ. ବୈଦିକ)—ବୈଦିକ (ଦେଖ)
Baidika Baidika ( See )

ସେ ଭକ୍ତ ବଇଦିକ କର୍ମ
ସେ ଅବା ସ୍ମାର୍ତ୍ତ କର୍ମ ଧର୍ମ । ଜଗନ୍ନାଥ. ଭାଗବତ ।

ବଇ ଦେବା—ଦେ. କ୍ରି. (ସଂ. ବ୍ୟୟ)—ବ୍ୟୟ କରିବା—
Bai debā To spend away.
ବଇ ଦେଇ କଷ୍ଟ କର କେଶବ
ଦେହ ପାଦେ ଦେଖି ସାରସର । ଉପେ. ବୈଦେହୀଶବିଳାସ ।

ବଇଦେଶୀ—ଗ୍ରା. (ପଦ୍ୟ) ବିଣ. (ସଂ. ବୈଦେଶିକ)—ବିଦେଶୀ—
Baidesī Foreign; belonging to a different part of country.
বৈদেশী विदेशी
ବଇଦେଶୀ ଅର୍ଜନ ଧନ ଅଜଗବ
ଦକ୍ଷିଣେ କଲେ ପରଷ୍ଟରେ ଜବ । ଉପେ. ବୈଦେହୀଶବିଳାସ ।

ବଇଦେହୀ—ଗ୍ରା. ( ପଦ୍ୟ ) ବି. ( ସଂ. ବୈଦେହୀ )—
Baidehī ବୈଦେହୀ ( ଦେଖ )
বইদেহী बैदेही Baidehī ( See )
ବଇଦେହୀ କ ସେ ଅଙ୍ଗେ ଭୂଷଣ କର୍ମ ଅଗସ୍ତ୍ୟେ
କନ୍ୟା ରତ୍ନ ସଙ୍ଗେ ଯୋଗ କରିବୁ ଦେବେ । ଉପେ. ବୈଦେହୀଶବିଳାସ ।

ବଇଧବ୍ୟ—ଗ୍ରା. (ପଦ୍ୟ) ବି. (ସଂ. ବୈଧବ୍ୟ)—ବୈଧବ୍ୟ (ଦେଖ)
Baidhabya Baidhabya ( See )
ବଇଧବ୍ୟ ଅବସ୍ଥା ଅଲଙ୍ଘିତା । ଉପେ. ବୈଦେହୀଶବିଳାସ ।

ବଇଧୀ—ଗ୍ରା. ବି—ବୈଧୀ ଭକ୍ତି ( ଦେଖ )
Baidhī Baidhī bhakti ( See )
କରିବେ ବଇଧୀ ସାଧନ
ଶ୍ରବଣ କୀର୍ତ୍ତନାଦ ମାତ୍ର । ପ୍ରାଚୀ. ପୂର୍ଣ୍ଣତମ ଚନ୍ଦ୍ରୋଦୟ ।

ବଇ(ହି)ନା(ଣା)—ବିଦେ. ବି. ( ଆ. ବୟ୍=ବିକ୍ରୟ+ଫା. ପ୍ରତ୍ୟୟ—
Bai(hi)nā(ṇā) ଅନା)—କିଣିବା ବସ୍ତୁ ନିମନ୍ତେ କ୍ରେତାର ବା ଫରମାସ ଦେବା ବ୍ୟକ୍ତିର ବିକ୍ରେତାଙ୍କୁ ଅଗଭୁଗ୍ ଦେବା ମୂଲ୍ୟାଂଶ; ଅଗ୍ରିମ ମୂଲ୍ୟାଂଶ—
ବଏଣା } ବଅଣା } ଅନ୍ୟରୂପ
বায়না Tender; earnest money; advance paid
बयाना to a vendor.
ତେବେ ଅମକୁ ତଳାଇ ଝୋଟ୍ଟ ବଇନା ତେଇ ଯାଅ ।
ଦ୍ୱାରସ. ଯୌତୁକ ।

ବଇନା ଉଠା(ଠେ)ଇବା—ଦେ. କ୍ରି—(ବିକ୍ରେତା) ଦ୍ରବ୍ୟ ବିକିବା ନିମନ୍ତେ
Bainā uṭhā(ṭhe)ibā ସ୍ୱୀକୃତ ହୋଇ କ୍ରେତାଠାରୁ ବଇନା ଗ୍ରହଣ
ବଇନା ଧରିବା } ବଇନା ନେବା } ଅନ୍ୟରୂପ କରିବା—To accept the earnest money from the purchaser.
বায়না লওয়া बयाना उठाना

ବଇନା କରିବା—ଦେ. କ୍ରି—କ୍ରୀତ ବସ୍ତୁ ପାଇଁ ମୂଲ୍ୟର କେତେକ
Bainā karibā ଅଂଶ ଅଗଭୁଗ୍ ଦେବା—To make an
(ବଇନା ଦେବା—ଅନ୍ୟରୂପ) advance; to advance the
বায়না করা बयाना देना earnest money to the vendor.
[ ଦ୍ର—କୌଣସି ଦ୍ରବ୍ୟ କିଣିବାର କଥା କରି ବଇନା କଲେ ଖରିଦ ବିକ୍ରିର ସବାବ ସ୍ଥିର ହେଲା ବୋଲି ବୁଝିବାକୁ ହୁଏ । ]

ବଇନାରେ ପଡ଼ିବା—ଦେ. କ୍ରି—ଏକ ବସ୍ତୁ ଅନ୍ୟ ବସ୍ତୁର ସମ୍ପୂର୍ଣ୍ଣ ତୁଲ୍ୟ
Baināre paṛibā ହେବା ଦୂରେ ଥାଉ ତାହାର କୌଣସି ଅଂଶର
(ବଇନାରେ ଅସିବା—ଅନ୍ୟରୂପ) ସହିତ ତୁଳନୀୟ ନ ହେବା—
Not to stand comparision with another.

ବଇ(ହି)ନି—ଦେ. ବି. (ସଂ. ବୋଧନୀ=ଯାହା ମନୁଷ୍ୟଙ୍କୁ ବା ବେପାରଙ୍କୁ
Bai(hi)ni ନିଦରୁ ଉଠାଏ; ସଂ. ବର୍ଦ୍ଧନୀ=ବୃଦ୍ଧିକାରକ-
(ବହିନି—ଅନ୍ୟରୂପ) ଯୋଗେଷ୍ଟକ୍ରୁ; ଦିନର ପ୍ରଥମ ବିକ୍ରିରେ ଲବ୍ଧ
ବଉନି ଧନ ଦ୍ୱାରା ସେ ଦିନର ଲାଭାଲାଭ ନିରୂପିତ ହୁଏ ବୋଲି
ବୁ(ବୋ)ହନୀ ଲୋକବିଶ୍ୱାସ ଅଛି )—ଦୋକାନରେ ଦିନ ମଧ୍ୟରେ
[ବଉ(ହୁ)ନି—ଅନ୍ୟରୂପ] ସବୁ ପ୍ରଥମେ ବିକ୍ରି ହେବା ପଣ୍ୟର ନଗଦ
ମୂଲ୍ୟ ଗ୍ରହଣ—Taking cash for the first sale of a commodity in the shop for the day.

[ ଦ୍ର—ଦୋକାନର କୌଣସି ସଉଦାର ପ୍ରଥମ ନଗଦ ବିକ୍ରିକୁ ଓ କୌଣସି ଦିନର ପ୍ରଥମ ନଗଦ ବିକ୍ରିକୁ ବଇନି ବୋଲାଯାଏ; ବଇନି ନ ହେବା ପର୍ଯ୍ୟନ୍ତ ଦୋକାନୀ କାହାକୁ କାଳଗେ ବା ଧାରରେ ସଉଦା ଦିଅନ୍ତି ନାହିଁ । ]

ବଇନି କରିବା—ଦେ. କ୍ରି—୧ । ଦିନ ମଧ୍ୟରେ ସର୍ବପ୍ରଥମେ
Baini karibā ଦୋକାନରୁ ପଣ୍ୟ ବିକ୍ରି କରିବା—1. To sell
बउनि करना the first thing for the day; to
बोहनी करना make the first sale of commodities in a shop for the day.

୨ । ଦୋକାନରେ ପଣ୍ୟ ଦ୍ରବ୍ୟର ଦୈନିକ ବିକ୍ରିର ଆରମ୍ଭରେ ସର୍ବପ୍ରଥମେ ବିକ୍ରୀତ ଦ୍ରବ୍ୟର ନଗଦ ମୂଲ୍ୟ ଗ୍ରହଣ କରିବା—2. To make the first sale of a commodity from a shop by taking cash for it

ବଇନ୍ତ(ନ୍ତି)ରିବା—ଦେ. କ୍ରି. (ସଂ. ବର୍ତ୍ତନ)—ଉଦ୍ଧାର ଯିବା. ବରଞ୍ଚିବା;
Bainta(nti)ribā ନିସ୍ତାର ପାଇବା—To be rescued; to be
[ବାଇନ୍ତ(ନ୍ତି)ର ଯିବା—ଅନ୍ୟରୂପ] delivered; to overcome.
( ଯଥା—ସେ ବାଘ ମୁହଁରୁ ବଇନ୍ତିର ଗଲା । )
ପ୍ରାଦେ. ( ଯାଜପୁର )—ବେଶି ଦିନ ସ୍ଥାୟୀ ହେବା—To wear long.
( ଯଥା—ଏ ଖଦଡ଼ ଲୁଗା ବେଶି ଦିନ ବଇନ୍ତିର ଗଲା । )

ବଇନ୍ତି—ପ୍ରାଦେ. ( ଗଞ୍ଜାମ ) ବି—ଟେଙ୍ଗଡ଼ା ( ଦେଖ )
Bainti Tengardā ( See )

ବଇବ—ଦେ. ବି—ପନାସି ( ଦେଖ )
Baiba Panāsi ( See )

ବଇବର୍ଣ୍ଣ୍ୟ—ଗ୍ରା. ( ପଦ୍ୟ ) ବିଣ. ( ସଂ. ବୈବର୍ଣ୍ଣ୍ୟ )—ବୈବର୍ଣ୍ଣ୍ୟ (ଦେଖ)
Baibarnnya Baibarnnya ( See )
ବଇବର୍ଣ୍ଣ୍ୟ ଦଶା ଅବକାଶର
ବର୍ଣ୍ଣ ବଶିରେ କେତେ ଥିଲର—ଉପେନ୍ଦ୍ର ବୈଦେହୀଶବିଳାସ ।

ବଇବସ୍ୱତ—ଗ୍ରା. ( ପଦ୍ୟ ) ବି. (ସଂ. ବୈବସ୍ୱତ)—ବୈବସ୍ୱତ (ଦେଖ)
Baibaswata Baibaswata ( See )
ମାର୍କଣ୍ଡେୟ ବୋଇଲେ ନୃପଙ୍କର ସୁତ
ବଇବସ୍ୱତ ହେଲେ ଜଗତେ ବିଦିତ—କୃଷ୍ଣସିଂହ, ମହାଭାରତ, ବନ ।

ବଇବା—ଦେ. କ୍ରି. ( ପଦ୍ୟ ) ( ସଂ. ବ୍ୟଯ୍ )—ବଏ କରିବା ( ଦେଖ )
Baibā Bae karibā ( See )
ଯେତେ ବଇଲେ ନ ସରଇ, ଅଧିକୁଁ ଅଧିକ ବଢ଼ଇ—
ଭୂପତି, ପ୍ରେମପଞ୍ଚାମୃତ ।

ବଇବାଡ଼—ପ୍ରାଦେ. ( ଯାଜପୁର ) ବି—ଝାଟିମାଟିର ବାଡ଼—
Baibārda Mud and wattle wall.

ବଇଭବ—ଗ୍ରା. ( ପଦ୍ୟ ) ବି. ( ସଂ. ବୈଭବ )—ଐଶ୍ୱର୍ଯ୍ୟ; ଅତୁଳ
Baibhaba ସମ୍ପତ୍ତି—Riches; affluence.
ବସ୍ତ୍ରାଣୀ ପ୍ରେମ ବଇଭବ ଭଣ୍ଡାର ଶୋଭ ପ୍ରଭବରଥମ ଯେ—
ଅଭିମନ୍ୟୁ, ବିଦଗ୍ଧଚିନ୍ତାମଣି ।

ବଇଭୋଗ—ଗ୍ରା. ( ପଦ୍ୟ ) ବି—୧ । ( ସଂ. ବୈଭବ ) ଐଶ୍ୱର୍ଯ୍ୟ—
Baibhoga 1. Riches; affluence.
୨ । (ସଂ. ବି+ଭୋଗ) ଭୋଗ—2. Enjoyment.
କଳ୍ପିତ ମଣ ବଇଭୋଗେ
ସେ ହେଲା ଅର୍ଥେ ରତ ଭଗେ—ଜଗନ୍ନାଥ, ଭାଗବତ ।

ବଇମାତ୍ର(ତ୍ରି, ତ୍ରୁ)—ଗ୍ରା. ବିଣ. ( ସଂ. ବୈମାତ୍ର )—ବୈମାତ୍ର ( ଦେଖ )
Baimātra(tri, tru) Baimātra ( See )
( ବଇମାତୃ[କ୍ଷୀ]କ(କା)—ଅନ୍ୟରୂପ )

ବଇର—ଗ୍ରା. ( ପଦ୍ୟ ) ବି—୧ । ( ସଂ. ବୈର ) ବୈରଭାବ; ଶତ୍ରୁତା—
Baira 1. Enmity.
କବଟର ବୋଇଲେ ଭୂତର ଅମୃତ
କେଉଁ କାଳେ ହୋଇଅଛନ୍ତି ବଇର—କୃଷ୍ଣସିଂହ, ମହାଭାରତ, ସଭା ।
୨ । ( ସଂ. ବୈରୀ ) ଶତ୍ରୁ—2. Enemy.
ନରଭେ ମରଣ ତାହାର
ଯେଣୁ ସେ ଅଟନ୍ତି ବଇର—ଧ୍ରୁବୀ. ପୂର୍ଣ୍ଣତମ ଚନ୍ଦ୍ରୋଦୟ ।

ବଇରଖ—ବୈଦେ. ବି. ( ତୁର୍କୀ. ବୈରକ୍ )—ପତାକା—
Bairakha Flag.
ଉଡ଼ୁଛନ୍ତି ଯା ଝଣ୍ଡା ବଇରଖ
ପୁଣି ବୋଲନ୍ତି ମହିମା ଦେଖ—ବ୍ରଜନାଥ, ସମରତରଙ୍ଗ ।

पताका बैरख ପ୍ରାଦେ. ( ସମ୍ବଲପୁର ) ବି—ତାସ୍ ଖେଳର
( ବୈରଖ—ଅନ୍ୟରୂପ ) କଳାପାନ ରଙ୍ଗ—The Spade in cards.

ବଇର(ରି)ତା—ଗ୍ରା. ବି. ( ସଂ. ବୈରତା; ବୈର )—ବୈର ( ଦେଖ )
Baira(ri)tā বৈরিতা Baira ( See )
( ବୈରିତା—ଅନ୍ୟରୂପ ) ବଧ ନ କଲୁ ସୁଝାଇଲୁ ବଇରତା—
ଉପେ. ବୈଦେହୀଶବିଳାସ ।

ବଇରା—ଦେ. ବିଣ—ବହିରା ( ଦେଖ )
Bairā (ବୈରା—ଅନ୍ୟରୂପ) Bahirā ( See )
ପ୍ରାଦେ. ( ସମ୍ବଲପୁର ) ବି—ତୋଡ଼ି ମାଛ—
A kind of bill-fish.

ବଇରାଗ—ଗ୍ରା. ( ପଦ୍ୟ ) ବି. ( ସଂ. ବିରାଗ; ବୈରାଗ୍ୟ )—୧ । ବିରାଗ;
Bairāga বিরাগ बैराग ବିରକ୍ତି—1. Displeasure.
୨ । ବୈରାଗ୍ୟ—2. Indifference to worldly concerns.
ଭଜନ ଲୋ, ଚରଣ ଯୁଗ, ତେବେ ଦଶରେ ବଇରାଗ—
ଜଗନ୍ନାଥ, ଭାଗବତ ।
୩ । (ଇତର)—ରାଗ; କ୍ରୋଧ—3. Anger.

ବଇରାଗୀ—ଗ୍ରା. ବି. ପୁଂ ( ସଂ. ବୈରାଗୀ; ବିରାଗୀ )—ବୈରାଗୀ (ଦେଖ)
Bairāgi বৈরাগী बैरागी Bairāgi ( See )
(ବୈରାଗିଆଣୀ—ସ୍ତ୍ରୀ) କାହିଁକି ହେ କୃଷ୍ଣ ହୋଇଲ ବଇରାଗୀ—
କୃଷ୍ଣସିଂହ, ମହାଭାରତ, ଶାନ୍ତି ।

[ ଦ୍ର—ବଇରାଗୀ ଶବ୍ଦ ପରେ ବଇଷମ ଶବ୍ଦ ଓ ପୂର୍ବେ ବାବାଜି ଶବ୍ଦ ସହଚରରୂପେ ବ୍ୟବହୃତ ହୁଏ । ]

**ବଇରାଗ୍ୟ**—ଗ୍ରା. ( ପଦ୍ୟ ) ବି. ( ସଂ. ବୈରାଗ୍ୟ )—ବୈରାଗ୍ୟ (ଦେଖ)
Bairāgya Bairāgya ( See )
वैराग्गी
**वैराग**

କହେଁ ବଇରାଗ୍ୟ ହେବେ ସେ ଦେହେ
ତାହା କଲା ସବୁ ଲଭେ କ ଗର୍ହେ—ବଳରାମ ଦାସ, ଦାଢ଼ୀ ।

**ବଇରିତ(ତା) ପଣ**—ଗ୍ରା. ବି. (ପଦ୍ୟ) ( ସଂ. ବୈରିତା )—ଶତ୍ରୁଭାବ—
Bairita(tā) paṇa Enmity.
वैरिता
**दुष्मनी**

ବଇରିତ ପଣେ ଯେତୁ ଭଜନ୍ତ
ନିଷ୍ଠସ୍ୱ ସାରୁଜ୍ୟ ମୁକ୍ତି ଲଭନ୍ତ—ଗ୍ରାମୀ. କଲତରୁ ।

**ବଇରି**—ଗ୍ରା. ବି. (ସଂ. ବୈରୀ)—୧ । ବୈରୀ ( ଦେଖ )—1. Bairi
Bairi ( See )
୨ । ବାଜ ବହରୁ ପକ୍ଷୀ—2. The eagle-hawk.
ବଇରି(୧) ହୁଣ୍ଡା ଉଡ଼ୁଁ ହତ
ବଇରି(୨) ସନ୍ଧି କପୋତ—ଉକ୍ତ. ବୈଦେହୀଶବିଳାସ ।

**ବଇରୋଷ**—ଗ୍ରା. ବି. ( ସଂ. ବି+ରୋଷ )—୧ । ରୋଷ; ରାଗ—.
Bairosha 1. Anger.
୨ । ବିଦ୍ୱେଷ—2. Malice.
ବଣ—୧ । ରାଗୀ—1. Angry; irritable.
୨ । ବିଦ୍ୱେଷୀ—2. Malicious.

**ବଇଲ(ଲ୍)**—ବୈଦେ. ବି—(ହିନ୍ଦୀ. ବୈଲ୍)—ବଳଦ—
Bailā(l) Ox; bullock.
(ବଇଲେ—ଅନ୍ୟରୂପ) ପ୍ରାଦେ. (ସମ୍ବଲପୁର) କ୍ରି. (ସଂ. ବଦ ଧାତୁ)
(ସେ) ବୋଇଲା; କହିଲା—(he) Said.

**ବଇଲୋଚନ**—ଗ୍ରା. ବି. (ସଂ. ବୈରୋଚନ)—ବୈରୋଚନ (ଦେଖ)
Bailochana Bairochana (See).
ବଇଲୋଚନ ତନୁର ହିଙ୍ଗା । ପ୍ରାଚୀ. ରହସ୍ୟ ମଞ୍ଜରୀ ।

**ବଇଶାଖ(ଷ, ଖ୍ୟ)**—ଗ୍ରା. (ପଦ୍ୟ) ବି—(ସଂ. ବୈଶାଖ)—ବୈଶାଖ—
Baisākha(ksha,khya) Baisākha (See).
ବଇଶାଖ ଶ୍ୱେତା ରହସରେ ଏକା ତୁଣରେ ପଡ଼ ଜଣାଯିବ—ବଳରାମ. ସଙ୍ଗୀତ ।

**ବଇଶ୍ୟ**—ଗ୍ରା. (ପଦ୍ୟ) ବି. (ସଂ. ବୈଶ୍ୟ)—ବୈଶ୍ୟ (ଦେଖ)
Baisya Baisya (See).
ବ୍ରାହ୍ମଣ କ୍ଷତ୍ରିୟ ବଇଶ୍ୟ ଏ ତିନନ୍ତି । କୃଷ୍ଣସିଂହ. ମହାଭାରତ ବନ ।

**ବଇଶ୍ରବଣ**—ଗ୍ରା. (ପଦ୍ୟ) ବି—(ସଂ. ବୈଶ୍ରବଣ)—ବୈଶ୍ରବଣ (ଦେଖ)
Baisrabaṇa Baisrabaṇa (See).
ବଇଶ୍ରବଣକୁ ଜିଣିବେ ପୁଷ୍ପକ ମଣ୍ଡନେ ହୋଇ ସବାରୀ । ଉକ୍ତ. ବୈଦେହୀଶବିଳାସ ।

**ବଇଷମ୍ୟ**—ଗ୍ରା. (ପଦ୍ୟ) ବି—ବୈଷମ୍ୟ (ଦେଖ)
Baishamya Baishamya (See).
ଖାଣ୍ଡଣ ପଥ ବଇଷମ୍ୟ, ଯେ ପ୍ରଭଙ୍କେ ଏର ସ୍ପର୍ଶ ନ । ଜଗନ୍ନାଥ. ଭାଗବତ ।

**ବଇଷ୍ଣ(ଷ୍ଟଁ)ବ(ମ)**—ଗ୍ରା. (ପଦ୍ୟ) ବି ପୁଂ. (ସଂ. ବୈଷ୍ଣବ)—ବୈଷ୍ଣବ (ଦେଖ)
Baishṇa(shtañ)ba(ma) Baishṇaba (See).
ଦ୍ୱିଜ ବଇଷ୍ଣବମାନଙ୍କୁ ପୂଜ କଥ—କୃଷ୍ଣସିଂହ. ମହାଭାରତ ସଭ ।

ବଇଷମ
ବଇଷ୍ଟେବ } ଅନ୍ୟରୂପ

[ ଦ୍ର—ବ୍ୟାକରଣ ନିୟମ ଅନୁସାରେ ସିଦ୍ଧ 'ବଇଷ୍ଣବାଣୀ' 'ବଇଷ୍ଣବୀ' ସ୍ତ୍ରୀ ଲିଙ୍ଗ; ବଇଷ୍ଣବର ବିପରୀତ ଲିଙ୍ଗ । ଆମ ସମାଜରେ 'ମାତା' 'ବାବା'ଙ୍କ ସ୍ତ୍ରୀ,
वैष्णव **साधु, वैष्णव** କିମ୍ବା 'ମାତାଜୀ' ବାବାଜୀଙ୍କର ବିବାହିତା ସ୍ତ୍ରୀ ନୁହନ୍ତି । ସେ ବାବାଜୀଙ୍କର ଧର୍ମପଥାଲମ୍ବିନୀ ନାରୀ । ]

**ବଇଷ୍ଣ(ଷ୍ଟଁ)ବା(ମା)ଣୀ**—ଗ୍ରା. ବି. ସ୍ତ୍ରୀ. (ସଂ. ବୈଷ୍ଣବୀ)—ବୈଷ୍ଣବୀ—
Baishṇa(shtañ)bā(mā)ṇi ( ଦେଖ )—Baishṇabi
वैष्टमी **वैष्णवानी, माताजी** (ବଇଷମାଣୀ—ଅନ୍ୟରୂପ) (See).

**ବଇସିର**—ପ୍ରାଦେ. (ଗଡ଼ଜାତ, ବଉଦ) ବି—ଅଭ୍ୟାସ—
Baisirā Habit.

**ବଇ ସୁଲ୍‌ତାନ୍(ନି)**—ବୈଦେ. ବି. (ଫା. ବେଁ—ବିକ୍ରି + ସୁଲ୍‌ତାନୀ= ସମ୍ରାଟଙ୍କ ସମ୍ବନ୍ଧୀୟ; ରାଜସ୍ୱ ବାକି ନିମନ୍ତେ ସରକାରଙ୍କ ଦ୍ୱାରା ଜମିଦାର ନିଲାମ କରାଯାଉଥିବାରୁ)—ରାଜସ୍ୱ ବାକି ପଡ଼ି ଥିବାରୁ ସରକାରଙ୍କଦ୍ୱାରା ଜମିଦାରୀ ନିଲାମ—
Baisul-tān(ni)
वैसुल्तान(न)
वैसुल्तान(न) } ଅନ୍ୟରୂପ
वैसुलतान(नी)
**वैसुलतान(नी)**
Sale of Zamindaries for arrears of revenue.
ବଣ—ରାଜସ୍ୱ ବାକି ନିମନ୍ତେ ନିଲାମ କରି ଯାଇଥିବା (ଜମିଦାରୀ)—( estate ) Sold. for arrears of its revenue.

**ବଇସୁଲ୍‌ତାନ୍(ନ) ନିଲାମ**—ବୈଦେ. ବି. ( ଫା )—ଲାଟବନ୍ଦି କିସ୍ତିରେ
Baisul-tān(ni) nilām ରାଜସ୍ୱ ଦାଖଲ କରି ନ ଗଲେ ଜମିଦାରୀର
[ବୈସୁଲ୍ତାନ(ନୀ)-ନିଲାମ—ଅନ୍ୟରୂପ] ଗଭର୍ଣ୍ଣମେଣ୍ଟଙ୍କ ଦ୍ୱାରା ନିଲାମ ହେବା—Auction-sale of defaulting estates.

**ବଇସୁଲ୍‌ତାନ୍(ନ)ରେ ଆସିବା**—ଦେ. କ୍ରି—(କୌଣସି ଜମିଦାରୀର
Baisul-tān ni)re āsibā ରାଜସ୍ୱ ନିର୍ଦ୍ଧାରିତ କିସ୍ତିରେ ଦିଆ ନ
वैस्लतानेआसा ଯିବାରୁ ତାହା) ନିଲାମ କରାଯିବା ପାଇଁ ବିଜ୍ଞାପିତ
**वैसुलतानिमेंआना** ହେବା—(a defaulting Zamindary) To be advertised for sale for arrears of revenue.
[ବଇସୁଲ୍‌ତାନ୍(ନ)ରେ ଉଠିବା—ଅନ୍ୟରୂପ]

**ବଉଁଛାଇବା**—ପ୍ରାଦେ. ( ସମ୍ବଲପୁର ) କ୍ରି—ବାଆଁରେଇ ଦେବା; ଭୁଲାଇ
Bauñchhāibā ଦେବା—To entice; to inveigle; to pursuade by wile

**ବଉଁଶ**—ଗ୍ରା. ବି—(ସଂ. ବଂଶ)—୧ । ବଂଶ ( ଦେଖ )
Bauñsa বংশ **वंश** 1. Bamsa (See).
୨ । ଜାତି—2. Caste; species; class.

**ବଉଁଶ ଖାଇବା**—ଗ୍ରା. କ୍ରି—୧ । କୌଣସି ବଂଶର ସମସ୍ତଙ୍କୁ ନାଶ
Bauñsa khāibā କରିବା—1. To cause the ruin or
(ବଂଶ ଖାଇବା—ଅନ୍ୟରୂପ) extinction all the members
বংশ খাওয়া of a family or species.
**वंश खाना** ୨ । (ଲକ୍ଷଣାର୍ଥ) ଆପଣାର ବଂଶର ସମସ୍ତ ବ୍ୟକ୍ତିଙ୍କର ମୃତ୍ୟୁ ଘଟାଇବା—2. (figurative) To cause the destruction of one's family or Species.

[ ଦ୍ର—ଲୋକବିଶ୍ୱାସ ଅଛି ଯେ ସ୍ତ୍ରୀଲୋକମାନଙ୍କ ମଧ୍ୟରେ କେତେକ 'ଡାଆଣୀ' ଅଛନ୍ତି; ସେମାନେ ମନୁଷ୍ୟଙ୍କୁ ଖାଇଯାଆନ୍ତି ଓ ସ୍ୱଭାବରେ ଗୁହପଡ଼ିଆକୁ ଯାଇ ଗୁହ ଚରନ୍ତି; ସେମାନଙ୍କ ବଂଶର ଅନ୍ୟ ସମସ୍ତଙ୍କୁ ସେମାନେ ଖାଇ ଯାଆନ୍ତି । କୌଣସି ସ୍ତ୍ରୀ ବନ୍ଧ୍ୟା ଥାଇଁ ଥାଇଁ ତାର ପିତା, ମାତା, ସ୍ୱାମୀ, ପୁତ୍ରାଦି ମରଗଲେ ଲୋକେ ବିଦ୍ରୁପୋକ୍ତିରେ କହନ୍ତି ସେ ତା ବଉଁଶକୁ ଖାଇଲାଣି । ]

ବଉଁଶ ଖିଆ—ଗ୍ରା. ବଣ. ପୁଂ. (ଗାଳ)—ଯେ ଅପଣାର ବଂଶକୁ ନାଶ
Bauṅśa khiā   କରେ ବା ବଂଶନାଶର କାରଣ ହୁଏ—
(ବଇଁଶ ଖାଉ—ସ୍ତ୍ରୀ)   (a term of abuse) One who kills
বংশ খেকো   his family; one who causes or brings
**वंश सोघन**   about the extinction of his family.

[ ଦ୍ର—ଯେଉଁ ସ୍ତ୍ରୀଲୋକର ବଂଶ ଥାଇଁ ଥାଇଁ ତା ବଂଶର ଅନ୍ୟ ସମସ୍ତେ ମୃତ ହୁଅନ୍ତି ତାକୁ ଗାଳରେ ସ୍ତ୍ରୀଲୋକମାନେ ବଇଁଶଖାଉ ବୋଲି କହନ୍ତି । ]

ବଉଁଶ ମରା—ଗ୍ରା. ବଣ—୧ । ଯେ ଅନ୍ୟ ଦ୍ୱାରା ଅପଣାର ବଂଶର ଲୋପ
Bauṅśa marā   ସାଧନ କରେ—1. One who procures
(ବଂଶମରା—ଅନ୍ୟରୂପ) the death of his family members.
**वंश सोघन**   ୨ । ଯେ ଅପଣା ଜାତୀୟ ଜୀବଙ୍କୁ ଅନ୍ୟଦ୍ୱାରା ମରାଏ—
2. One, who causes other members of his species to be killed by others.

ବଉଁଶମରା ଡାହୁକ—ଦେ. ବି. (ଲକ୍ଷଣାର୍ଥ)—ଅପଣାର ଦଳୀୟ ବା
Bauṅśamarā ḍāhuka   ଜାତୀୟ ବ୍ୟକ୍ତିଙ୍କର ଅନ୍ୟଦ୍ୱାରା ବିନାଶ
(ବଂଶମରା ଡାହୁକ—ଅନ୍ୟରୂପ)   ବା ଅନିଷ୍ଟ ଘଟାଇବା ବ୍ୟକ୍ତି—
One who brings about the ruination of his own people.

[ ଦ୍ର— ବ୍ୟାଧମାନେ ଡାହୁକ ଧରିବା ପାଇଁ କୌଣସି ସ୍ଥାନରେ ଫାଶ ମେଲାଇ, ସେହି ଫାଶ ମଝିରେ ଗୋଟିଏ ପଞ୍ଜୁରିରେ ଗୋଟିଏ ପୋଷା ଡାହୁକ ରଖି ଦିଅନ୍ତି; ସେ ଡାହୁକର ରାବ ଶୁଣି ଅନ୍ୟ ଡାହୁକମାନେ ସେ ସ୍ଥାନକୁ ଆସି ବସିବାକ୍ଷଣି ସେ ଫାଶରେ ପଡ଼ି ବ୍ୟାଧର ହସ୍ତଗତ ହୁଅନ୍ତି । ଏହି ଘଟଣାରୁ ଏ ଶବ୍ଦର ଏପରି ଲକ୍ଷଣାର୍ଥକ ବ୍ୟବହାର ଦେଖାଯାଏ । ]

ବଉ କଥା କହ—ଦେ. ବି. (ବଙ୍ଗଳାରୁ ଅନୁକୃତ)—ଶାଖାଶ୍ରୟୀ ବର୍ଗର
Bau kathā kaha   ୧୨।୧୨ ଅଙ୍ଗୁଳ ଲମ୍ବା କୋକିଳ ଜାତୀୟ
বৌকথাকও   ପକ୍ଷିବିଶେଷ—The brown cuckoo; Cuculus
**कोयल**   Micropterus.

[ ଦ୍ର—ଏମାନଙ୍କ ଗୋଡ଼ରେ ଲୋମ ଅଛି; ପକ୍ଷ ଅପେକ୍ଷା ପୁଚ୍ଛ ଛୋଟ । ଏମାନେ କୋକିଳ ପରି ଘୋର କୃଷ୍ଣବର୍ଣ୍ଣ ନୁହନ୍ତି; ପାଣ୍ଡିଆ ବେକ ଓ ଛାତି ଧୂସର, ପେଟ ଧଳା; ପୁଚ୍ଛାଗ୍ରରେ ଗୋଟିଏ କଳା ଡୋରି ଥାଏ । ଶୀତକାଳରେ ଏମାନେ ଏ ଦେଶରେ ଦେଖା ଯାଆନ୍ତି ନାହିଁ । ଏମାନେ ବୋବାଇଲା ବେଳେ 'ବଉ କଥା କହ' ଏହିପରି କଳ ଧ୍ୱନି ଶୁଣାଯାଏ । ଏମାନଙ୍କ ଡାକ ବସନ୍ତ ଓ ଗ୍ରୀଷ୍ମ କାଳରେ ସକାଳ ସମୟରେ ଶୁଣାଯାଏ । ଏମାନଙ୍କ ଅଣ୍ଡା କୋଇଲିର ଅଣ୍ଡା ଅପେକ୍ଷା ଲମ୍ବା । ଏମାନେ କୋକିଳ ପରି ପରଭୃତ । ]

ବଉଦ(ଧ)—ଦେ. ବି. (ନାମ)—୧ । ବୌଦ୍ଧରାଜ୍ୟ; ଓଡ଼ିଶାର ଗୋଟିଏ
Bauda(dha)   ଗଡ଼ଜାତ ରାଜ୍ୟ—1. Baudh; name of an
(ବୌଦ, ବୌଧ—ଅନ୍ୟରୂପ)   Oriya State.
বোদ   **बौद**

[ଦ୍ର—ଏଠାରେ ଖ୍ରୀ. ୯ମ ଶତାବ୍ଦୀରୁ ଦ୍ୱାଦଶ ଶତାବ୍ଦୀ ପର୍ଯ୍ୟନ୍ତ ବୌଦ୍ଧ ଧର୍ମ ପ୍ରଚଳିତ ଥିଲା—(ବିହାର ଓଡ଼ିଶାର ରିସର୍ଚ୍ଚ ସୋସାଇଟି ଜର୍ଣ୍ଣଲ) । ଏ ରାଜ୍ୟରେ ଖ୍ରୀ. ୯ମ ଶତାବ୍ଦୀରେ ନିର୍ମିତ କେତେକ କାରୁକାର୍ଯ୍ୟବିଶିଷ୍ଟ ମନ୍ଦିର ଓ ଭୁବନେଶ୍ୱରର ପରଶୁରାମେଶ୍ୱରଙ୍କ ମନ୍ଦିର ପରି କେତେଗୋଟି ମନ୍ଦିର ଅଛି । ରାଜାଙ୍କ ସିଂହଦ୍ୱାରର ବାହାରେ ଗୋଟିଏ ଖୁବ୍ ବଡ଼ ଆସନରେ ଆସୀନ ବୁଦ୍ଧ ମୂର୍ତ୍ତି ମଧ୍ୟ ଅଛି ।

ପ୍ରଥମେ ଏ ରାଜ୍ୟ ସମ୍ବଲପୁର ଗଡ଼ଜାତ ଶ୍ରେଣୀ ମଧ୍ୟରେ ଥିଲା, ତତ୍ପରେ ଓଡ଼ିଶା ଗଡ଼ଜାତ ମଧ୍ୟରେ ଗଣ୍ୟ ହେଲା । ଏବେ ଏହା ଇଷ୍ଟର୍ଣ୍ଣ ଷ୍ଟେଟ୍‌ସ୍ ଏଜେନ୍ସୀର ଅନ୍ତର୍ଭୁକ୍ତ ଗୋଟିଏ ପ୍ରଥମ ଶ୍ରେଣୀର ରାଜ୍ୟ । ଏ ଆଦିମ ଅବସ୍ଥାରେ କନ୍ଧ ରାଜ୍ୟ ଥିଲା । ସହସ୍ରାଧିକ ବର୍ଷ ତଳେ ଜଣେ ବ୍ରାହ୍ମଣ ଏ ରାଜ୍ୟ ଅଧିକାର କରି ରାଜା ହୋଇଥିଲେ । ସେହି ବ୍ରାହ୍ମଣଙ୍କ ବଂଶର ବଂଶଧରମାନେ କେତେକାଳ ରାଜତ୍ୱ କରି ଥିବାର ଜଣାଯାଏ । ଏ ରାଜବଂଶୀୟମାନେ ଜଙ୍ଗଲ ଭାଙ୍ଗି ରାଜ୍ୟ ସ୍ଥାପନ କରି ଥିବାରୁ ଏମାନଙ୍କର 'ଭଞ୍ଜ' ଉପାଧି ହୋଇଅଛି ।
( କୃପାସିନ୍ଧୁ. ଉତ୍କଳ ଇତିହାସ )

ଏ ରାଜା ମାନଙ୍କର ସନ୍ତକ 'ମୟୂର'; ଏମାନେ ସୂର୍ଯ୍ୟ ବଂଶୀୟ ।
(ଜଗବନ୍ଧୁ. ପ୍ରାଚୀନ ଉତ୍କଳ) ।]

বাদল   ୨ । (ସ. ବାଉଦ) ଆକାଶରେ ଉଠାଇ ଥିବା ମେଘ ଖଣ୍ଡ—
**बादल**   2. Cloud rising in the sky.

ଅଟାଳର ଦେଶକୁ ବଉଦ ଗଣ୍ଠେ ଲକ୍ଷେ ଟଙ୍କ । ତ.ଗ ।

୩ । ( ସ. ବୌଦ୍ଧ ) ବିଷ୍ଣୁଙ୍କର ନବମ ବା ବୌଦ୍ଧାବତାର; କଳିଯୁଗରେ ବିଷ୍ଣୁଙ୍କର ପୁରୀଠାରେ ଜଗନ୍ନାଥ ରୂପରେ ଅବତାର—3. The 9th. incarnation of Bishṇu
বৌদ্ধ   **बौद्ध**   (viz as Lord Jagannātha at Puri in Orissa).

ବଉଦ ବୁଦ୍ଧ ଅବତାରେ,
ହୋଇ ରହିଲେ ଏ ସଂସାରେ । ପ୍ରାଚୀ. ନିର୍ଣ୍ଣମାହାତ୍ମ୍ୟ ।
ଦକ୍ଷିଣ ଦିଗ ଉତ୍କଳ ପାର୍ଶ୍ୱେ ଦେଶ ଜାଣିବ
ବଉଧରୂପେ ଦାରୁବ୍ରହ୍ମ ଯହିଁ ବସନ୍ତି ବର । ପ୍ରାଚୀ. ଚୈତ. ଗଣେଶ୍ୱର ।

ବଉଦ ଉଠା(ଠେ)ଇବା—ଦେ. କ୍ରି.—(ସ. ବାରିଦ + ଉତ୍ଥାନ)—
Bauda uṭhā (ṭhe)ibā   ଆକାଶରେ ମେଘ ଦେଖାଯିବା;
বাদল উঠা   ମେଘୋଦୟ—Clouds appearing in the
**बादल आना, बादल उठना**   sky; overcloudiness of the sky.

ବଉରା—ପ୍ରାଦେ. (ସମ୍ବଲପୁର) ବି—ଅନାର୍ଯ୍ୟ ଜାତିବିଶେଷ —
Baurā   Name of an aboriginal caste.

ବଉଲ୍ ଖିଆ—ପ୍ରାଦେ. (ସମ୍ବଲପୁର) ବି.—ଫାଲ୍‌ଗୁନ ପୂର୍ଣ୍ଣିମା ଦିନ ଗ୍ରାମର
Baul khiā   ପ୍ରତ୍ୟେକ ଗୃହସ୍ଥଙ୍କ ଘରେ ଅନୁଷ୍ଠିତ ଖିଆପିଆ ଉତ୍ସବ—
A feast observed by every villager on the fullmoon of 'Phālguna.

ବଉଳ—ଦେ. ବି.—(ସ. ମୁକୁଳ; ପ୍ରା. ମୁଉଡ଼)—୧ । ଅମ୍ବ ମୁକୁଳ—
Bauḷa   **बकुल, बउल—मंजर, बौर**   1. Mango bud.

ଅମ୍ବ ବଉଳ ରଙ୍ଗଡାଳ, ଲୁଚେ ଲିମ୍ବର ବନମାଳ । ଜଗନ୍ନାଥ. ଭାଗବତ ।

୨ । (ସ. ମୁକୁଳ) ଅମ୍ବ ବଉଳ ପରି କେଣ୍ଡାଦାରିଆ ଫୁଲ—
2. The flowers of certain trees, flowering in racemes or spikes; sessile flowers

୩ । (ସ. ବକୁଳ) ବକୁଳ ବୃକ୍ଷ; ବଉଳ ଗଛ—
**मौलसिरी**   3. Mimusops Elengi.

୪ । ପରସ୍ପର ଅମ୍ବ ମୁକୁଳ ଦଆଦେଇ ହୋଇ ସୃଷ୍ଟ ବନ୍ଧୁତା—
4. Friendship between two persons set up by exchanging mango buds.
[ଦ୍ର—ଅନ୍ୟ ଗଛର ଫୁଲ ଅମ୍ବବଉଳ ପର ପେଣ୍ଡା ପେଣ୍ଡା ହେଲେ ତାଙ୍କୁ ସେ ଗଛର ବଉଳ ବୋଲି କହନ୍ତି; ଯଥା; ଅମୃତ୍ତା ।]

ବଉଳ ଅମାବ(ବା)ସ୍ୟା—ଦେ. ବି. (ସଂ. ବକୁଳ ଅମାବାସ୍ୟା)—ପୌଷ ମାସର ଅମାବାସ୍ୟା—The new-moon of the month of Pausha.
Baula amāba(bā)syā
ବଉଳ ଅମାସ୍ୟା, ବଉଳଅମା(ମେ)ଇସା, ବଉଳ ଉଆଁସ } ଗ୍ରାମ୍ୟରୂପ
[ ଦ୍ର—ଏ ଦିନ ଅମ୍ବ ବଉଳ ପକାଇ ବ୍ରାହ୍ମଣ ଗୃହସ୍ଥ ସାଉ ବା ଶିଶ୍ର କର ଦେବପୂଜା କରନ୍ତି । ଜଗନ୍ନାଥଙ୍କ ଦେଉଳରେ ମଧ୍ୟ ଏହ ଉତ୍ସବ ହୁଏ । ]

ବଉଳ କୋଳି—ଦେ. ବି—୧ । ବଉଳ ଗଛର ଫଳ—
Baula koli 1. The fruit of Bakula tree.
बकुल कुल
मौलसिरीकाफल
[ ଦ୍ର—ଏହାର କଷା ଫଳରୁ ଏକପ୍ରକାର ଅଠା ବାହାରେ ଓ ପାଚିଲେ ଏ କୋଳ ଖାଇବାକୁ କଷାୟମଧୁର ଲାଗେ । ]
୨ । ( ବଣିଆ ଶବ୍ଦ ) ବଦର ଭୁଣ୍ଡି—2. The pendant of any arm-ornament resembling the Bakula fruit.

ବଉଳ ଝର—ଦେ. ବି—ରଥ ଓ ରାଜପ୍ରାସାଦରେ ମଣ୍ଡିତ ବକୁଳ ଫୁଲର ମାଳା ଆକାରର ଝୁଲ—A decoration done in cars and buildings representing wreaths of Bakula flowers; a decoration representing a festoon.
Baula jharā
( ବଉଳା ଝର—ଅନ୍ୟରୂପ )

ବଉଳ ପା(ବା)ଟ—ଦେ. ବି—ବିବାହ ବେଳେ କନ୍ୟା ପିନ୍ଧିଥିବା ହଳଦିଆ ପାଟ—A piece of yellow cloth having broad yellow borders, used at the time of marriage by the bride.
Baula pā(bā)ṭa
घोघटकी साढी
[ ଦ୍ର—ବରର ପିନ୍ଧିବା ଲୁଗା ଯୋଡ଼ାକୁ ପାଟ ବୋଲାଯାଏ । ପାଟର ଗୁଦରର ଗୋଟିଏ କୋଣ ସଙ୍ଗେ ବଉଳପାଟର ଗୋଟିଏ କାନ ଗଇଣ୍ଠା ହୁଏ; ଏ ଗ୍ରନ୍ଥିକୁ ଗଇଣ୍ଠାଳ କହନ୍ତି । ]

ବଉଳ ମାଳ(ଳା)—ଦେ. ବି—୧ । ବକୁଳ ଫୁଲର ମାଳା—
Baula māla(lā) 1. A wreath of Bakula flowers.
୨ । ଏକପ୍ରକାର ବାଦାମୀ ପାଉଁଶିଆ କଳା ପଥର—
2. A kind of brown spotted granite.
୩ । ଏକପ୍ରକାର ଧାନର ନାମ—3. Name of a kind of paddy growing in clusters.
[ ଦ୍ର—ଏ ଧାନ ପେଣ୍ଡା ପେଣ୍ଡା ହୋଇ ଫଳେ ଓ ବକୁଳ ଫୁଲ ପରି ଦେଖାଯାଏ । ]

ବଉଳ ମାଳି—ଦେ. ବି—ବଉଳ ଫୁଲର ମାଳା ପରି ଏକଜାତୀୟ ଦଳ—
Baula māli A kind of water-weed resembling a Bakula-garland.
ପ୍ରାଦେ. ( ବାଲେଶ୍ୱର ) ବି—ବେସନରେ ତିଆରି ହୋଇଥିବା ଏକପ୍ରକାର ତେଲ ବା ଘିଅପକ୍ୱ ପିଠା—A kind of small pastry cake fried in ghee or oil.

ବଉଳା—ଦେ. ବଣ. ପୁଂ. ଓ ସ୍ତ୍ରୀ. ( ସଂ. ବକୁଳ )—୧ । ବକୁଳ ପୁଷ୍ପର ବର୍ଣ୍ଣବିଶିଷ୍ଟ; ଯେଉଁ ଧଳା ବଳଦ ବା ଗାଈଙ୍କର ମୁଣ୍ଡର ଲୋମ ବଉଳ ଫୁଲ ପରି ଈଷତ୍ ରକ୍ତ ବର୍ଣ୍ଣ ବା ପାଣ୍ଡୁର—
Baulā
1. ( white cattle ) Having brown furs on the head.
୨ । ବକୁଳ ପୁଷ୍ପ ପରି—
2. Resembling the Bakula flower.
ବି—୧ । (ଅମ୍ବଗଛ ଆଦି) ମୁକୁଳିତ ହେବା; ମୁକୁଳୋଦ୍ଗମ—
1 Budding ( of trees like the mango ).
୨ । ବଉଳୀ ୧ ( ଦେଖ )—2. Bauli 1 ( See )
୩ । ବକୁଳ ଫୁଲ ବର୍ଣ୍ଣବିଶିଷ୍ଟ ବଳଦ ଓ ଗାଈଙ୍କୁ ଦିଆଯିବା ନାମ—3. A name given to chestnut coloured cattle.

ବଉଳା(ଲେ)ଇବା—ଦେ. କ୍ରି—(ବଉଳିବା କ୍ରିୟାର ଣିଜନ୍ତ ରୂପ)—
Baulā(le)ibā (The causative form of Baulibā).
ବୃକ୍ଷକୁ ମୁକୁଳିତ କରାଇବା —
To cause a tree to put forth buds.

ବଉଳା ଗାଈ—ଦେ. ବି. (ନାମ)—ପୁରାଣପ୍ରସିଦ୍ଧ କାମଧେନୁର ନାମ—
Baulā gāi The mythological cow, which was said to give as much milk as was required by her posessor at any time, and which had the power of granting boons.

ବଉଳିବା—ଦେ. କ୍ରି. ( ସଂ. ମୁକୁଳ )—୧ । ( ଅମ୍ବ ଆଦି ଫଳ ବୃକ୍ଷ ) ମୁକୁଳିତ ହେବା—1. To bud forth; to bloom; to blossom forth.
Baulibā
बकुल धरा बौरना; मंजरना
ପ୍ରସୂନିତ ଯାହା ବାଲ୍ୟରୁ ବଉଳି
ରୂପ-ପୁଷ୍ପ ଗନ୍ଧ ନ ମିଶେ ମଉଳି । ରାଧାନାଥ, ନନ୍ଦିକେଶ୍ୱରୀ ।
(ମାଛ) ଭେସେ ଉଠୀ ୨ । ( ସଂ. ବତ୍ତୁଲ ) ( ପୋଖରୀର ପାଣି ଗରମ ହେବାରୁ କିମ୍ବା ବିଷାକ୍ତ ହେବାରୁ ପୋଖରୀରେ
अलगना
(ବଉଳସିବା—ଅନ୍ୟରୂପ) ଥିବା ମାଛମାନେ) ବହୁସଂଖ୍ୟାରେ ଉପରକୁ ଭାସି ଉଠିବା ଓ ଶେଷରେ ମରିବା—2. ( said of fishes in a pond) To float in large numbers on the surface water which becomes heated in summer or becomes otherwise poisoned.
୩ । ( ଖୁବ୍ ଖରା ଯୋଗୁଁ ମାଟି ) ଫୁରୁସିଯିବା—3. ( said of the soil ) To become pulverised by the effect of the sun's rays.

ବଉଳୀ—ଦେ. ବଣ—ବଉଳା ( ଦେଖ )
Bauli Baulā (See)
ବି—୧ । ପଲଙ୍କ ଓ ଚଉକି ଆଦିର ବାଡ଼ରେ ବସା ଯାଇଥିବା ଭୁଙ୍ଗ ହୋଇଥିବା ଲମ୍ବ କାଠି—1. Slender and tube-like railings put on the side-frame of chairs and bedsteads.
बउली कठहराखुँटी
୨ । ନଖମୂଳ ଓ ଚମ ମଧ୍ୟରେ ଥିବା ସରୁଆ ଥଡ଼ା ଚମ—
मान. 2. Thin stiff narrow strip of skin at the root of finger nails.

୩ । କାନ୍ତିକ ଫାଶିଆ—3. A kind of earing for the upper part of the ear.

୪ । ( ଜାହାଜଆ ଭାଷା ) ଉଙ୍ଗାର ବାହାରକୁ ବାହାରଥିବା ଅଗ ମଙ୍ଗର ମୁନିଆଁ ମୁହଁ—4. The pointed end of the prow of a boat.

ବଏ—ଦେ. ବି. (ମହାଜନୀ ଖାତା) (ସଂ. ବ୍ୟୟ; ପ୍ରା. ବଅ)—୧ । ବ୍ୟୟ;
Bae ଖୟଚ **खर्च** ଖରଚ—1. Expenditure; debit.
( ଅୟ, ଫଇଠ—ଅନ୍ୟରୂପ ) ୨ । ହିସାବ ବହିର ଖରଚ ଲେଖା ହୋଇଥିବା ଅଂଶ—2. The debit side of an account.
ବୟ **बय** ୩ । ମହାଜନଠାରୁ ଋଣ ବା ଦୋକାନୀଠାରୁ ଧାର ସଉଦା ନେବା—3. Taking of money or things on credit; borrowing.

ବୈଦେ. ବି. ( ଇଂ )—୧ । ଚାକର ଟୋକା—
1. Boy-servant.
୨ । ସାହେବଙ୍କ ଚାକର —
2. Servant ( of Europeans ).

ବଏ(ୟ)କଟ୍—ବୈଦେ. ବିଣ. ( ଇଂ. ବଏକଟ୍ )—
Bae(ya)kat ସମାଜରୁ ବହିଷ୍କୃତ; ଏକଘରିଆ—
ବୟକଟ **बयकट** Outcasted; boycotted
ବି—କୌଣସି ବ୍ୟକ୍ତିକୁ ଅଜାତିଆ ବା ଏକଘରିଆ କରିବା—Boycotting; outcasting.

ବଏ କବଲା—ବୈଦେ. ବି. (ଫା. ବୈକବାଲ୍ଲା)—ବିକ୍ରୟ ପତ୍ର—
Bae kabalā ବୟ କବାଲା **बै कबाला** Deed of sale.
(ବଇ କବଲା, ବଏ କବାଲ୍ଲା, ବୈକବ[ବା]ଲ୍ଲା—ଅନ୍ୟରୂପ)

ବଏ(ୟ) କରିବା—ଦେ. କ୍ରି. ( ସଂ ବ୍ୟୟ )—
Bae(ya) karibā ୧ । ବ୍ୟୟ କରିବା—1. To spend.
ଲଓୟା ୨ । କୌଣସି ବ୍ୟକ୍ତିଠାରୁ ଟଙ୍କା ନେବା—
**लेना** 2 To take money.
[ ପ୍ର—ଖାତକ ମହାଜନଠାରୁ ଟଙ୍କା ବଏ କରେ । ]
୩ । ଆପଣା ପ୍ରାପ୍ୟ ବାବଦରୁ ଅଗଉଚ୍ଛ ଟଙ୍କା ନେବା—
3. To take advance towards one's account.
୪ । ଦୋକାନୀଠାରୁ ପଣ୍ୟ ଦ୍ରବ୍ୟ ଧାରରେ ନେବା—
4. To take commodities from a shop-keeper on credit.

ବଏଡ୍—ବୈଦେ. ବି. (ଇଂ) (ନାମ)—କେମ୍ବ୍ରିଜ୍ ବିଶ୍ୱବିଦ୍ୟାଳୟର
Baed ଜଣେକ ସଂସ୍କୃତଜ୍ଞ ଇଂରେଜ ପଣ୍ଡିତ—Boyd; name of a Sanscrit scholar of the Cambridge university.
[ ପ୍ର—ଏ ସଂସ୍କୃତ ଭାଷାତତ୍ତ୍ୱ ଓ ଅଭିଧାନ ଓ ବ୍ୟାକରଣ ସମ୍ବନ୍ଧୀୟ ଅନେକ ପୁସ୍ତକ ଗ୍ରନ୍ଥ ରଚନା କରିଥିଲେ । ]

ବଏ ନାମା—ବୈଦେ. ବି. (ଫା. ବୈନାମାହ୍)—୧ । ବିକ୍ରୟ ପତ୍ର—
Bae nāmā 1. Deed of sale.
ବୟ ନାମା ୨ । ଅଦାଲତରେ ନିଲାମ ହୋଇଥିବା ସମ୍ପତ୍ତି ସମ୍ବନ୍ଧେ
**बैनामा** ଅଦାଲତଙ୍କ ମୋହରଯୁକ୍ତ ସାର୍ଟିଫିକେଟ୍—
2. A certificate of sale signed by the court.

ବଏ ପଇ(ଏ)ଠ—ଦେ ବି. (ମହାଜନୀଖାତା) (ବିପରୀତାର୍ଥ ସହଚର ଶବ୍ଦ;
Bae pai(e)ṭha ସଂ. ବ୍ୟୟ; ପ୍ରବିଷ୍ଟ)—
୧ । ଟଙ୍କା ଆଦାନପ୍ରଦାନ; ବ୍ୟୟ ଓ ଆୟ—
ଦେନ ଲେନ 1. Taking money and paying back;
**जमा खर्च** credit and debit.
୨ । ମହାଜନୀ ହିସାବଖାତାରେ ଆୟ ଓ ବ୍ୟୟ ଲେଖା ହୋଇଥିବା ଅଂଶ ମାନ; ଜମା ଖରଚ—2. The credit and debit sides of an account book.

ବଏ ବାଦ୍—ଦେ. ଅ (ମହାଜନୀଖାତା) (ସଂ ବ୍ୟୟ+ଆ. ବାଦ୍ )—ବ୍ୟୟ
Bae bād ବା ଖରଚ ବାଦ୍ ଯାଇ—After deducting the expenses; minus the expenses.

ବଏ ଯିବା—ଦେ. କ୍ରି—୧ । (ଗାଈ ପ୍ରଭୃତି ସ୍ତ୍ରୀ ପଶୁ) ବୃଷାଦିର ସଙ୍ଗମ-
Bae jibā ଲାଭ କରିବା—4. To be crossed with a
ପାଲ୍ ଯାଓୟା bull (said of a cow).
**बाहना, बहाना** ୨ ।(ପଶୁ)ଗର୍ଭଧାରଣ କରିବା—2. To conceive.

ବଏରାଗୀ—ପ୍ରାଦେ. (ସମ୍ବଲପୁର) ବି—ବଇରାଗୀ; ବାବାଜୀ—
Baerāgi A male recluse.
(ବଇରାଗେନ୍, ବଏରାଗେନ୍—ସ୍ତ୍ରୀ)

ବଏଲ୍—ଦେ. ବି. (ହିନ୍ଦୀରୁ ଅନୁକୃତ) —ବଳଦ—
Bael ବଏଲ **बैल** Bullock.

ବଏଲ(ଲା)ର୍—ବୈଦେ ବି. (ଇଂ)—ବାଷ୍ପୟନ୍ତ୍ର ଇଞ୍ଜିନରେ ଯେଉଁ
Baela(lā)r ଆଧାରରେ ପାଣି ଭର୍ତ୍ତି ହୋଇ ଅଗ୍ନିତାପରେ
ବୟଲାର ବାଷ୍ପରେ ପରିଣତ ହେଉଥାଏ—The boiler
**बयलार** of a steam engine.

ବଏ ସ୍କାଉଟ୍—ବୈଦେ. ବି. (ଇଂ)—ବାଳଚର; ଦେଶସେବା ଓ ଜନ-
Bae skāuṭ ସେବା ପାଇଁ ଗଠିତ ଆଧୁନିକ ଛାତ୍ରଦଳର ସଭ୍ୟ—
ବଏ ସ୍କାଉଟ **बय स्काउट** Boy scout.
[ ପ୍ର—ଲର୍ଡ୍ ବାଡେନ୍ ପଓ୍ୱେଲ୍ ନାମକ ଜଣେ ଇଂରେଜ ଏହି ପ୍ରଥାର ପ୍ରବର୍ତ୍ତକ । ଏଥିରେ ଉକ୍ତ ବାଳକମାନେ ରାଜାଙ୍କର, ଦେଶର ଓ ଲୋକସମାଜର ସେବା କରିବା ବ୍ରତ ଅବଲମ୍ବନ କରନ୍ତି । ]

ବଂ—ଦେ. (ଧ୍ୱନ୍ୟନୁକରଣ) ଅ—ବମ୍ ( ଦେଖ )
Bam Bam ( See )

ବଂ ବଂ—ଦେ. ( ଧ୍ୱନ୍ୟନୁକରଣ ) ଅ—ମହାଦେବଙ୍କ ନିକଟରେ ସ୍ତୁତି
Bam bam କରିବା ବେଳେ ଉଚ୍ଚାରିତ ଧ୍ୱନି—
ବୋମ୍ ବୋମ୍ A sound made while offering prayer
**बम् बम्** (ବଂ ଭୋଲା—ଅନ୍ୟରୂପ) to Siba.

ବଂକ୍ଷଣ—ସଂ. ବି—ବୋଡ଼ଗାଡ଼; ଜଙ୍ଘସନ୍ଧି; ତଳପେଟ ଓ ଜଙ୍ଘ ମଧ୍ୟସ୍ଥ ସନ୍ଧି
Bamkshaṇa Groin; the pubic and iliac region of the body; the inguen.

ବଂଶ—ସଂ. ବି—(ବମ୍ ଧାତୁ=ବମନ କରିବା+କର୍ମ. ଶ)—
Bamśa ୧ । ପରିବାର; କୁଳ—1. Family; race.
୨ । ଗୋତ୍ର; ଗୋଷ୍ଠୀ; ବର୍ଗ—
2. Species; line; lineage; genus.
୩ । ସନ୍ତାନ ସନ୍ତତି—3. Children; offspring.

୪ । କୁଳପରମ୍ପରା—4. Successive generations.

୫ । କୁଳର ପୂର୍ବପୁରୁଷ ଓ ଉତ୍ତର ପୁରୁଷଗଣ—
5. Ancestors and descendants of a family.

୬ । ସମୂହ—6. All; collection; multitude.

୭ । ଏକଜାତୀୟ ବହୁ ଜୀବ—7. A number of animals of the same species.

୮ । ପୁତ୍ରପୌତ୍ରାଦି; ଭବିଷ୍ୟତ୍ ବଂଶଧର—8. Descendants.

୯ । ଗର୍ବ—9. Pride; hauteur.

୧୦ । ନାସାରନ୍ଧ୍ର; ନାସା ବିବର—10. Nostril.

୧୧ । ଗୃହର ଊର୍ଦ୍ଧ୍ୱକାଷ୍ଠ; ଘରର ଚାଳର ମଥାନ ଉପରେ ଦିଆଯାଇଥିବା ଶେଣୀ—11. The uppermost long beam on the ridge of a thatch.

୧୨ । ପୃଷ୍ଠଦଣ୍ଡ; ମେରୁହାଡ଼—12. Backbone.

୧୩ । (ବନ୍ ଧାତୁ=ଶବ୍ଦ କରିବା + କର୍ତ୍ତୃ. ଶ)—ବାଉଁଶ—
13. Bamboo.

୧୪ । ବଂଶୀ—14. Flute made of bamboo.

**ବଂଶ ଉଚ୍ଛ(ଚ୍ଛ)ନ(ନ୍ନ)**—ଦେ. ବି. (ସଂ. ବଂଶୋଚ୍ଛେଦ)—ମୃତ୍ୟୁଦ୍ୱାରା ବଂଶକ୍ଷୟ; ବଂଶନାଶ—Death of the members of a family by death from starvation, curse or other causes; extinction of a family.
Bamśa uchchha(chha)na(nna)
বংশউৎসন্ন
বংশনাশ

**ବଂଶ ଉଜ୍ଜ୍ୱ(ଜ୍ଜ, ଜ)ଳ**—ଦେ. ବି. ( ସଂ. ବଂଶୋଜ୍ଜ୍ୱଳ )—ପରିବାରର ଗୌରବ ବୃଦ୍ଧି—The addition to the glory of a family.
Bamśa ujjwa(jja, ja)la

ଦେ. ବିଣ—ବଂଶର ଗୌରବ ବର୍ଦ୍ଧକ—Adding to the glory of a family.

**ବଂଶକ**—ସଂ. ବି—(ବଂଶ + କ)—୧ । ବାଉଁଶ ପତ୍ର—
Bamśaka　　1. Bamboo leaf.

୨ । କନ୍ତାରୀ ଆଖୁ—2. A kind of sugarcane; Saccharum Officinarum.

୩ । ବାଉଁଶପତ୍ରିଆ ନାମକ ମାଛ—3. A kind of small thin scaleless fresh-water-fish.

**ବଂଶ କର୍ପୂର**—ସଂ. ବି—ବାଉଁଶ ଗଛର ପବ ମଧ୍ୟରେ ଥିବା ଏକପ୍ରକାର ନୀଳାଭଶ୍ୱେତ ସ୍ୱଚ୍ଛ ଓ କଠିନ ଦ୍ରବ୍ୟ—The manna of bamboo; a silicious deposit found inside the bamboo; Tabashir
Bamśa karpūra

ବଂଶକ୍ଷୀରୀ, ବଂଶଜା,
ବଂଶରୋଚନା
ବଂଶଲୋଚନ
ବଂଶଲୋଚନା
ବଂଶଶର୍କରା
} ଅନ୍ୟରୂପ

[ ଦ୍ର—ଏହା କଷାୟ ମଧୁରରସ, ଶୀତଳ, ରୁକ୍ଷ, ପୁଷ୍ଟିକର, ଶୁକ୍ରବର୍ଦ୍ଧକ, ପିତ୍ତନାଶକ ଓ ଜ୍ୱର, ଶ୍ୱାସ, କାସ, ପାଣ୍ଡୁ, କୁଷ୍ଠ, ମୂତ୍ରକୃଚ୍ଛ୍ର ଆଦି ପୀଡ଼ାର ଉପଶମକାରକ । ସବୁ ବାଉଁଶରେ ବଂଶକର୍ପୂର ଜନ୍ମେ ନାହିଁ । ସମୟେ ସମୟେ କେତେକ ବାଉଁଶ ମଧ୍ୟରୁ ନିର୍ଯ୍ୟାସରୂପେ ଏକପ୍ରକାର ମିଠାବସ୍ତୁ ବାହାରେ, ଏହାକୁ 'ବଂଶଶର୍କରା' ବୋଲାଯାଏ ଓ ଏହା ମଧ୍ୟ ଔଷଧରେ ବ୍ୟବହୃତ ହୁଏ । ]

ଅନ୍ୟ ସଂ. ନାମ—ପିଂଗା, ବଂଶୀ, ତୁଗାକ୍ଷୀରୀ, ତୁଙ୍ଗା, ତୁଗା, ଶୁଭ୍ରା, ତ୍ୱକ୍‌କ୍ଷୀରୀ, ଶୁଭ୍ରା, ଶୁଭ୍ରା, ବୈଣବୀ, କ୍ଷୀରିକା, ରୋଚନା, ତବକ୍ଷୀର ।
বংশলোচন
বংশলোচন
ଗୁ. ବଂଶକପୁର
ଫା. } ତବାଶୀର
ଅ. }
(ବାଉଁଶକପୁର—ଅନ୍ୟ ନାମ)

**ବଂଶ କ୍ରମ**—ସଂ. ବି—(୬ଷ୍ଠୀ ତତ୍; ବଂଶ+କ୍ରମ)—୧ । ବଂଶପରମ୍ପରା; ପୁରୁଷାନୁକ୍ରମ; ଧାରାବାହିକ ବଂଶଧରଗଣ—
Bamśa krama
1. A family from generation to generation successive generations.

୨ । ବଂଶଧରମାନଙ୍କ ଧାରାବାହିକ ଉଲ୍ଲେଖ—
2. Genealogy.

୩ । କୁସିନାମା; ବଂଶବୃକ୍ଷ—
3. A genealogical tree; pedigree.

**ବଂଶ କ୍ଷୟ**—ସଂ. ବି. (୬ଷ୍ଠୀ ତତ୍; ବଂଶ+କ୍ଷୟ)—୧ । କୌଣସି ପଦାର୍ଥର ସମୂଳ ବିନାଶ—1. Eradication.
Bamśa kshaya

ବଂଶ ଧ୍ୱଂସ } ଅନ୍ୟରୂପ
ବଂଶ ନାଶ }

୨ । ବଂଶର ବିନାଶ; ପରିବାରସ୍ଥ ସମସ୍ତ ବ୍ୟକ୍ତିମାନଙ୍କର ମୃତ୍ୟୁ; ପରିବାରରେ ଆଉ କେହି ବଞ୍ଚି ନ ରହିବା ଅବସ୍ଥା—2. Death of all the members of a family; extinction of a family; extinction of a species.

**ବଂଶ ଗୌରବ**—ସଂ. ବି. (୬ଷ୍ଠୀ ତତ୍; ବଂଶ + ଗୌରବ)—୧ । ଆପଣା କୁଳର ସମ୍ମାନ—1. The glory of one's family.
Bamśa gauraba

୨ । ( ବହୁବ୍ରୀହି ) କୀର୍ତ୍ତିଦ୍ୱାରା ବଂଶୋଜ୍ଜ୍ୱଳକାରୀ ବ୍ୟକ୍ତି—
2. Adding to the glory of one's family or race.

**ବଂଶ ଚରିତ**—ସଂ. ବି. (୬ଷ୍ଠୀ ତତ୍; ବଂଶ + ଚରିତ)—କୌଣସି କୁଳରେ ଜାତ ବ୍ୟକ୍ତିମାନଙ୍କ ଜୀବନ ବୃତ୍ତାନ୍ତ; ବଂଶର ଇତିହାସ—The history of a family.
Bamśa charita

ବିଣ.—ବଂଶର ବ୍ୟକ୍ତିମାନଙ୍କଦ୍ୱାରା ଆଚରିତ (ରୀତି)—(practice) Followed by the members of a family.
(ବଂଶାନୁଚରିତ—ଅନ୍ୟରୂପ)

**ବଂଶ ଚରିତ୍ର**—ସଂ. ବି.—(୬ଷ୍ଠୀ ତତ୍; ବଂଶ+ଚରିତ୍ର)—୧ । କୌଣସି ବଂଶଜାତ ବ୍ୟକ୍ତିଙ୍କର ଆଚରଣ—1. The general character of the members of a family.
Bamśa charitra
(ବଂଶାନୁଚରିତ୍ର—ଅନ୍ୟରୂପ)

୨ । କୌଣସି ବଂଶର ଧାରାବାହିକ ବିଶିଷ୍ଟତା—2. The traditional characteristic of a family.

ଗ୍ରା. ବି—ବଂଶ ଚରିତ (ଦେଖ)
Bamśa charita (See)

**ବଂଶଜ**—ସଂ. ବିଣ. (ବଂଶ + ଜନ୍ ଧାତୁ + କର୍ତ୍ତୃ. ଅ)—୧ । କୌଣସି ବଂଶରୁ ଜାତ; ବଂଶୀୟ—1. Born of a family; descended from a family.
Bamśaja
(ବଂଶଜା—ସ୍ତ୍ରୀ)

୨ । ସଦ୍‌ବଂଶଜ; କୁଳୀନ; ସତ୍‌କୁଳପ୍ରସୂତ—2. Born of a high family; of a respectable famil

**ବଂଶଜା**—ସ. ବି.—୧ । ବଂଶ କର୍ପୂର (ଦେଖ)
Bamśajā 1. Bamśa karpūra (See)
ସ. ବିଣ. ସ୍ତ୍ରୀ—ବଂଶଜର ସ୍ତ୍ରୀଲିଙ୍ଗ—
2. The feminine of 'Bamśaja.

**ବଂଶ ଧର**—ସ. ବି. (ବଂଶ+ଧୃ ଧାତୁ+କର୍ତ୍ତୃ. ଅ)—
Bamśa dhara ୧ । କୌଣସି ବଂଶରେ ଜାତ ବ୍ୟକ୍ତି—
1. The scion of a family.
୨ । ଯେ ବଂଶ ରକ୍ଷା କରେ—2. One who maintains or continues a family.
୩ । ବଂଶ ପ୍ରବର୍ତ୍ତକ ବ୍ୟକ୍ତି—3. Founder of a line or family.
୪ । ସନ୍ତାନ—4 Issue; offspring.

**ବଂଶ ନାଳିକା**—ସ. ବି. (୬ଷ୍ଠୀ ତତ୍; ବଂଶ+ନାଳିକା)—
Bamśa nālikā ୧ । ବାଉଁଶ ନଳ—1. A tube of bamboo.
୨ । ବାଉଁଶର ବଂଶୀ—2. A flute made of bamboo.

**ବଂଶ ନିପାତ**—ସ. ବି. (୬ଷ୍ଠୀ ତତ୍; ବଂଶ+ନିପାତ)—
Bamśa nipāta ୧ । ସମୂଳ ବିନାଶ—1. Eradication.
୨ । କୌଣସି ବଂଶର ସମସ୍ତ ଜୀବଙ୍କର ହତ୍ୟା ବା ବିଲୋପ—
2. The destruction or extinction of a species.

**ବଂଶ ପତ୍ର**—ସ. ବି.—୧ । (୬ଷ୍ଠୀ ତତ୍, ବଂଶ+ପତ୍ର)—ବାଉଁଶ ଗଛର ପତ୍ର—
Bamśa patra 1. The leaf of bamboo plant.
୨ । ଏକପ୍ରକାର ଘାସ—2. A kind of grass.

**ବଂଶ ପତ୍ରକ**—ସ. ବି. (ବଂଶ ପତ୍ର+ସାଦୃଶ୍ୟାର୍ଥେ. କ)—
Bamśa patraka ୧ । ବାଉଁଶପତ୍ରିଆ ମାଛ—
1. A kind of small thin fish.
୨ । ନଳ ଗଛ—2. A sort of reed.
୩ । ଧଳା ଆଖୁ—3. The white variety of sugar-cane.

**ବଂଶ ପତ୍ରୀ**—ସ. ବି. (ବଂଶ ପତ୍ର+ଈ)—ବାଉଁଶ ପତ୍ର ପରି ପତ୍ରବିଶିଷ୍ଟ
Bamśa patrī ଏକପ୍ରକାର ତୃଣ—A kind of grass with
(ବଂଶ ଦଳା—ଅନ୍ୟରୂପ) large leaves resembling those of bamboo.

**ବଂଶ ପରମ୍ପରା**—ସ. ବି. (୬ଷ୍ଠୀ ତତ୍; ବଂଶ+ପରମ୍ପରା)—
Bamśa paramparā ବଂଶକ୍ରମ; ପୁରୁଷାନୁକ୍ରମ—
Successive generations in a family.

**ବଂଶ ପରମ୍ପରା କ୍ରମେ**—ଦେ. କ୍ରି. ବିଣ—ବଂଶର ଏକ ପୁରୁଷରୁ ଅନ୍ୟ
Bamśa paramparā krame ପୁରୁଷକୁ, ଏହିପରି ଧାରାରେ;
বংশ পরম্পরা ক্রমে ବଂଶାନୁକ୍ରମେ—From generation;
वंश परंपरा क्रमसे to generation; for generations in the course of successive generations.

**ବଂଶ ପରମ୍ପରାଗତ**—ସ. ବିଣ. (୨ୟା ତତ୍; ବଂଶପରମ୍ପରା+ଗତ; କିମ୍ବା
Bamśa paramparāgata ୭ମୀ ତତ୍; ବଂଶପରମ୍ପରା+ଆଗତ)—ବଂଶପରମ୍ପରାକ୍ରମେ ଚଳି ଆସୁଥିବା (ରୀତି ବା ବିଷୟ)—(a custom) Observed or obtaining in a family from generation to generation.

**ବଂଶ ବର୍ଦ୍ଧନ**—ସ. ବି. (୬ଷ୍ଠୀ ତତ୍; ବଂଶ+ବର୍ଦ୍ଧନ)—
Bamśa barddhana ୧ । ବଂଶସ୍ଥ ବ୍ୟକ୍ତିଙ୍କର ସଂଖ୍ୟାବୃଦ୍ଧି—
1. Increase in a family.
୨ । ବଂଶର ଉନ୍ନତି—2. Improvement of a family.
ବିଣ. (ଉପପଦ ସମାସ)—ବଂଶର ବୃଦ୍ଧି ବା ଉନ୍ନତିକାରୀ—
Causing improvement or adding to the glory of a family.

**ବଂଶ ବୀଜ**—ସଂ. ବି. (୬ଷ୍ଠୀ ତତ୍; ବଂଶ+ବୀଜ)—
Bamśa bīja ୧ । ବାଉଁଶ ଗଛର ଧାନ ବା ଚାଉଳ—
1. Bomboo seeds.
୨ । କୁଳର ହେତୁ; ବଂଶର ଆଦି ପୁରୁଷ—
2. The founder of a family.

**ବଂଶ ବୃଦ୍ଧି**—ସଂ. ବି. (୬ଷ୍ଠୀ ତତ୍; ବଂଶ+ବୃଦ୍ଧି)—୧ । ବଂଶର ଉନ୍ନତି-
Bamśa bṛuddhi 1. Improvement of a family.
୨ । ବଂଶର ବିସ୍ତାର; ସନ୍ତାନସନ୍ତତିଙ୍କ ସଂଖ୍ୟାବୃଦ୍ଧି—
2. Increase of a family by additions or by births.

**ବଂଶ ମରା** (ଇତ୍ୟାଦି)—ଦେ. ବିଣ. (ସଂ. ବଂଶ+ମାରକ)—
Bamśa marā (etc) ବାଉଁଶମରା ଇତ୍ୟାଦି (ଦେଖ)
Bauñśa marā etc (See)

**ବଂଶ ମର୍ଯ୍ୟାଦା**—ସ. ବି. (୬ଷ୍ଠୀ ତତ୍; ବଂଶ+ମର୍ଯ୍ୟାଦା)—
Bamśa marjyādā ୧ । ବଂଶର ମହତ୍ତ୍ୱ; କୁଳ ଗୌରବ-
ବଂଶରେ ଚଳି ଆସୁଥିବା ସମ୍ମାନ; ଆଭିଜାତ୍ୟ—
1. Family dignity; respectability of a family.
୨ । କୌଣସି ଉଚ୍ଚ ବା ପ୍ରସିଦ୍ଧ ବଂଶର ପ୍ରାପ୍ୟ ସମ୍ମାନ—
2. Honour or respect due to a high family.

**ବଂଶ ମାରିବା**—ଦେ. କ୍ରି—୧ । କୌଣସି ବଂଶର ସମସ୍ତ ବ୍ୟକ୍ତିଙ୍କୁ ବା
Bamśa māribā ଜୀବଙ୍କୁ ନାଶ କରିବା—To destroy
(ବଂଶ ନିପାତ କରିବା—ଅନ୍ୟରୂପ) every member of a
বংশ মারা वंश मारना a family or race.
( ଯଥା—ଆମ ଗାଁରେ ଜରରେ ଖେଳି ଉଠି ଲୋକମାନେ ଅସି ଦ୍ଧମ୍ପୀରଙ୍କ ବଂଶ ମାରି ଦେଲେଣି । )
୨ । କୌଣସି ପଦାର୍ଥକୁ ନିର୍ମୂଳ ବା ସମ୍ପୂର୍ଣ୍ଣରୂପେ ଲୋପ କରିବା; ସମୂଳ ବିନାଶ କରିବା—2. To eradicate or destroy a thing or its species.

**ବଂଶ ମାହାତ୍ମ୍ୟ**—ସ. ବି. ( ୬ଷ୍ଠୀ ତତ୍ )—ବଂଶର ମହତ୍ତ୍ୱ—
Bamśa māhātmya Family greatness or dignity.

**ବଂଶ ରକ୍ଷା**—ସ. ବି. ( ୬ଷ୍ଠୀ ତତ୍; ବଂଶ+ରକ୍ଷା )—୧ । କୌଣସି
Bamśa rakshā ବଂଶକୁ ଖାଦ୍ୟାଦିଦ୍ୱାରା ବଞ୍ଚାଇବା—
1. Maintaining a family.
୨ । ପୁତ୍ରୋତ୍ପାଦନଦ୍ୱାରା ବଂଶକୁ ଲୋପ ମୁଖରୁ ରକ୍ଷା କରିବା—
2. Preservation of a family by bringing forth offspri ng

**ବଂଶ ଲତା**—ସ. ବ. ( ଅଧିକ ପ୍ରୟୋଗ; ରୂପକ; ବଂଶ+ଲତା )—
Bamsa lata ୧ । ବଂଶାବଳୀ; କୁଳିନାମା—1. Genealogy; pedigree.
୨ । ରକ୍ତସମ୍ପର୍କ—2. Blood relation.

**ବଂଶଲା**—ପ୍ରାଦେ. ( ସମ୍ବଲପୁର ଓ ଲଇଅ ) ବ. (ଭୁଲ. ହ୍ର. ବସୁଲା)—
Bamsala ବଢ଼େଇଙ୍କ ବାଉସୀ—Carpenter's axe; adze.

**ବଂଶ ଲୋପ**—ସ. ବ. (୬ଷ୍ଠୀ ତତ୍; ବଂଶ+ଲୋପ)—୧ । ବଂଶ କ୍ଷୟ(ଦେଖ)
Bamsa lopa 1. Bamsa kshaya (See)
(ବଂଶ ନିପାତ—ଅନ୍ୟରୂପ) ୨ । ବଂଶଧରଙ୍କ ଅଭାବରୁ କୁଳର ଲୋପ—
2. Extinction of a family or race (on account of the non-survival or death of all the members thereof ).

**ବଂଶ ଶର୍କରା**—ସ. ବ. (ମ. ପ. ଲୋ; ବଂଶ+ଶର୍କରା)—ବାଉଁଶଗଛ ମଧ୍ୟରୁ
Bamsa sarkarā ଜାତ ହେବା ଏକପ୍ରକାର ମିଷ୍ଟ ନିର୍ଯ୍ୟାସ—
Manna of bamboo; a sweet juice exuded from bamboo.

**ବଂଶ ଶଲାକା**—ସ. ବ. ( ୬ଷ୍ଠୀ ତତ୍; ବଂଶ+ଶଲାକା )—ବାଉଁଶ
Bamsa salākā କାଠି—A long thin rod or stake of bamboo

**ବଂଶସ୍ଥ**—ସ. ବଣ. ( ୭ମୀ ତତ୍; ବଂଶ+ସ୍ଥା ଧାତୁ+କର୍ତ୍ତୃ. ଅ )—ବଂଶରେ
Bamsastha ଥିବା—Included in a family; staying in a family.
ବ—ସଂସ୍କୃତ ଛନ୍ଦୋବିଶେଷ—
Name of a Sanscrit metre.

**ବଂଶସ୍ଥବିଲ**—ସ. ବ – ଦ୍ୱାଦଶାକ୍ଷରବିଶିଷ୍ଟ ସଂସ୍କୃତ ଛନ୍ଦୋବିଶେଷ—
Bamsasthabila Name of a metre of 12 syllables.

**ବଂଶ ହୀନ**—ସ. ବଣ. ପୁଂ. ( ୫ମୀ ତତ୍; ବଂଶ+ହୀନ )—ନିର୍ବଂଶ;
Bamsa hina ଯାହା ବଂଶରେ କେହି ସନ୍ତାନ ନ ଥାନ୍ତି—
( ବଂଶବିହୀନ, ବଂଶରହିତ—ଅନ୍ୟରୂପ ) Issueless; without posterity.

**ବଂଶା**—ପ୍ରାଦେ. ( ବାମଣ୍ଡା ) ବ. (ସ. ବଂଶ=ବାଉଁଶ)—ଘରର ରୁଅ—
Bamsā Rafter of a thatched house.

**ବଂଶାଙ୍କୁର**—ସ. ବ. ( ୬ଷ୍ଠୀ ତତ୍; ବଂଶ+ଅଙ୍କୁର )—ବାଉଁଶ ଗଜା;
Bamsāṅkura ବାଉଁଶ କରଡ଼—The young shoots of bamboo.

**ବଂଶାଚାର**—ସଂ ବ. ( ୬ଷ୍ଠୀ ତତ୍, ବଂଶ+ଆଚାର )—କୁଳାଚାର—
Bamsāchāra Family custom; observances or practices obtaining in or followed by a family from generation to generation.

**ବଂଶାନୁକଥା**—ସ. ବ. ( ୬ଷ୍ଠୀ ତତ୍; ବଂଶ+ଅନୁକଥା )—
Bamsānukathā ବଂଶ ଚରିତ ( ଦେଖ )
(ବଂଶାନୁଚରିତ—ଅନ୍ୟରୂପ) Bamsa charita (See)
କହିଲ ବଂଶାନୁକଥା ମନ ଦେଇ ଶୁଣ । ପ୍ରାଚୀ- ଗ୍ର ସୁରୁଭକ୍ତିଗୀତା ।

**ବଂଶାନୁକ୍ରମ**—ସ. ବ. ( ୬ଷ୍ଠୀ ତତ୍; ବଂଶ+ଅନୁକ୍ରମ )—ବଂଶ-
Bamsānukrama ପରମ୍ପରା; ପୁରୁଷାନୁକ୍ରମ—A family through its successive generation.

**ବଂଶାନୁକ୍ରମିକ**—ସ. ବଣ. ( ବଂଶାନୁକ୍ରମ+ଇକ )—ପୁରୁଷାନୁକ୍ରମେ
Bamsānukrmika ଚଳି ଆସୁଥିବା—Observed in a family for successive generations.

**ବଂଶାନୁକ୍ରମେ**—ଦେ. କ୍ରି. ବଣ. ( ସ. ବଂଶାନୁକ୍ରମେଣ )—ବଂଶପରମ୍ପରା
Bamsānukrame ଅନୁସାରେ—Through successive
বংশানুক্রমে **वंशानुक्रमसे** generations.

**ବଂଶାନୁଗତ**—ସ. ବଣ. ( ୬ଷ୍ଠୀ ତତ୍; ବଂଶ+ଅନୁଗତ )—
Bamsānugata ୧ । ବଂଶପରମ୍ପରାଗତ—1. Handed down from generation to generation.
୨ । କୌଣସି ବଂଶରେ ଅବଛିନ୍ନରୂପେ ପ୍ରତିଷ୍ଠିତ—
2. Established by the family traditions; permanently rooted in a family.

**ବଂଶାବଳ(ଳୀ)**—ସ. ବ. ( ୬ଷ୍ଠୀ ତତ୍; ବଂଶ+ଆବଳ )—କୁଳିନାମା;
Bamsābali(li) ଯେଉଁ ପତ୍ରରେ ବା ତାଲିକାରେ ପୁରୁଷାନୁକ୍ରମେ ଜନ୍ମିଥିବା ବଂଶଧରମାନଙ୍କର ବିବରଣ ପ୍ରଦର୍ଶିତ ହୋଇ-ଥାଏ—A genealogical tree; pedigree or family line; genealogy.

**ବଂଶି**—ଦେ. ବଣ. ( ସ. ବଂଶୀୟ )—ବଂଶୀୟ (ଦେଖ)
Bamsi Bamsiya (See)
ବୋଲନ୍ତି ଶୁକ ବୃହସ୍ପତି
ଶୁଣ ହୋ ଚନ୍ଦ୍ର କୁରୁବଂଶି । କଟଲ୍ୟ. ଭାବେତ ।

**ବଂଶିକ**—ସ. ବଣ. ପୁଂ. ( ବଂଶ+ସମ୍ବନ୍ଧାର୍ଥେ. ଇକ )—ବଂଶୀୟ;
Bamsika ବଂଶଜାତ—Relating to or belonging to
( ବଂଶିକା—ସ୍ତ୍ରୀ ) a family; born of a family.
ବ—୧ । ଅଗୁରୁ—1. Agallochum.
୨ । କଳା ଆଖୁ ( ହ୍ର. ଶ. )—
2. The black variety of sugar-cane.
ଦେ. ବଣ—କୁଳୀନ—Born of a high family.
ବଂଶିକ ପ୍ରଜା ମାନସ ମଧ୍ୟରୁ ଧୈର୍ଯ୍ୟ ସାହସ ଅନ୍ତରଦେଶ ଦରଶକେ
ଉପୁଜି ନେଲେ । ଉତ୍ତ. ବୈଦେହୀଶବିଳାସ ।

**ବଂଶିକା**—ସଂ ବଣ. ସ୍ତ୍ରୀ. ( ବଂଶିକ+ଆ )—ବଂଶିକର ସ୍ତ୍ରୀଲିଙ୍ଗ—
Bamsikā The feminine of Bamsika.
—ସ. ବ—୧ । ( ବଂଶ+କ+ସ୍ତ୍ରୀ. ଆ )—ବଂଶୀ—
1. Flute; fife.
୨ । ପିପ୍ପଲୀ (ହ୍ର. ଶ.)—2. Long pepper.
୩ । ଅଗୁରୁ କାଠ ( ହ୍ର. ଶ. )—
3. Agallochum wood.

**ବଂଶିନୀ**—ଦେ. ବ—ବଂଶୀ—
Bamsini Flute.
ମୃଗରିପୁ ମୋହନ୍ତ ବଂଶିନୀ ସ୍ୱନେ । ପ୍ରାଚୀ. ରସବାରିଧି ।

**ବଂଶୀ**—ସ ବ (ବଂଶ+ଈ; ଏହା ବାଉଁଶ ନଳରେ ତିଆର ହେବାରୁ)—
Bamsi ୧ । ବଇଁଶୀ; ମୁରଲୀ; ବେଣୁ—
1. Flute; fife; pipe.

[ ଦ୍ର—ପୁରାଣରେ ବର୍ଣ୍ଣିତ ଅଛି ଯେ ଶ୍ରୀକୃଷ୍ଣଙ୍କର ବଂଶୀନାଦ ଶୁଣିଲେ କ୍ରମାନ୍ୱୟରେ ଉଚ୍ଚାଟନ, ସ୍ତମ୍ଭନ, ବଶୀକରଣ ଓ ମୋହନ ଏହି ଚାରି ଅବସ୍ଥା ଜାତ ହୁଏ । ଏହି ଅବସ୍ଥା ଅନୁସାରେ ଗୋପ-କନ୍ୟାମାନଙ୍କର ଚତୁର୍ଦ୍ଧା ଶ୍ରେଣୀ-ବିଭାଗ କରାହୋଇଅଛି । ଯଥା— ବେଦକନ୍ୟା, ଦେବକନ୍ୟା, ମୁନିକନ୍ୟା ଓ ବ୍ରଜକନ୍ୟା ।

ପ୍ରଥମ ବଂଶୀ ଉଚ୍ଚାଟନ, ପ୍ରକାଶ ବେଦକନ୍ୟାଗଣ ।
ସ୍ତମ୍ଭନକାଦେ ବଂଶୀ ଶୁଣି, ଉଦିତ ଦେବତା ନନ୍ଦିନୀ ।
ବଶୀକରଣ ନାଦ ବଂଶୀ, ଉନ୍ନ ସମ୍ଭୂତ ମୁନି ଅଂଶୀ ।
ମୋହନନାଦେ ଯେ ମୁରଲୀ, ଉନ୍ନ ବଦିତ ବ୍ରଜବାଳୀ—
ଭୂପତି. ପ୍ରେମପଞ୍ଚାମୃତ ।

ବଂଶୀ ଦୁଇ ପ୍ରକାର; ଏକ ପ୍ରକାର ବଂଶୀର ଗୋଟିଏ ମୁଣ୍ଡର ରନ୍ଧ୍ରରେ ଫୁଙ୍କିବାକୁ ହୁଏ ଓ ଅନ୍ୟ ବଂଶୀର ପାର୍ଶ୍ୱସ୍ଥ ଛିଦ୍ରକୁ ଓଠ ପାଖେ ସ୍ପର୍ଶ କରି ସେ ରନ୍ଧ୍ରରେ ତିର୍ଯ୍ୟକ୍‌ଭାବରେ ଫୁଙ୍କିବାକୁ ହୁଏ । ]

୨ । ବଂଶଲୋଚନ (ହି. ଷ.)—2. Bamboo manna

୩ । ୪ କର୍ଷ ପରିମାଣ ବିଶେଷ (ହି. ଷ.)—
3. A unit of weight of 4 karshas.

**ବଂଶୀ କୁହା**—ଦେ. ବିଣ—୧ । ଯେ ବଂଶୀ ବଜାଏ—
Bamsi kuhā 1. Blowing the flute.
୨ । ଯେ ବଂଶୀସ୍ୱନଦ୍ୱାରା ମନୋଗତଭାବ ଅନ୍ୟକୁ ଜଣାଏ—
2. Expressing one's wishes through the flute.
କାହିଁଆ ଶୁଣି ବଂଶୀ କୁହାକୁ ଗୋ । ବିଦଗ୍ଧ. ସଙ୍ଗୀତ କଳ୍ପଲତା ।

**ବଂଶୀଧର**—ସ. ବି. (ଉପପଦ ତତ୍ପୁରୁଷ; ବଂଶୀ+ଧର )—
Bamsi dhara ଯେ ହାତରେ ବଂଶୀ ଧରି ଥାଏ—
(ବଂଶୀଧାରୀ—ଅନ୍ୟରୂପ) Holding a flute.
ବଂଶୀଧରୀ, ବଂଶୀଧାରିଣୀ } ସ୍ତ୍ରୀ
ବି—ଶ୍ରୀକୃଷ୍ଣଙ୍କର ନାମ—
A name of Srikrushna.
ଦେ. ବି—ପୁରୁଷ ଲୋକଙ୍କୁ ଦିଆଯିବା ନାମ—
A name given to males.

**ବଂଶୀ ଧ୍ୱନି**—ସ. ବି. (୬ଷ୍ଠୀ ତତ୍; ବଂଶୀ+ଧ୍ୱନି)—
Bamsi dhwani ବଂଶୀ ବାଜିବାର ଶବ୍ଦ—The sound
(ବଂଶୀ ରବ—ଅନ୍ୟରୂପ) produced by the blowing of a flute.

**ବଂଶୀ ବଜା(ଜେ)ଇବା**—ଦେ. କ୍ରି. ( ସ. ବଂଶୀ+ବାଦନ )—
Bamsi bajā(je)ibā ମୁଖ ଦ୍ୱାରା ଫୁଙ୍କି ବଂଶୀ ବାଦନ କରିବା—
बांशी बाजान 1. To blow a flute,
**बाँसुरी बजाना,** ୨ । (ଲକ୍ଷଣାର୍ଥ) କୌଣସି ବିଷୟରେ ପରିଶ୍ରମ କରି
**बंशी बजाना** ନିଷ୍ଫଳ ହେବା—2. (figurative) To go without any reward after doing a work.
୩ । ଘରେଇ କରି କାନ୍ଦିବା; ବଂଶୀ ସ୍ୱର ପରି ସ୍ୱର କରି କାନ୍ଦିବା—
3. To wail plaintively.

**ବଂଶୀ ବଟ**—ସ. ବି—ବୃନ୍ଦାବନର ଯମୁନା ତଟସ୍ଥ ପ୍ରସିଦ୍ଧ ବଟ ବୃକ୍ଷ
Bamsi bata ଯେଉଁ ବଟ ବୃକ୍ଷ ମୂଳରେ ଶ୍ରୀକୃଷ୍ଣ ବଂଶୀ ବଜାଉ ଥିଲେ—A banyan tree said to be the tree under which Srikrushna used to blow his flute.
[ ଦ୍ର—ବୃନ୍ଦାବନରେ ବର୍ତ୍ତମାନ ପର୍ଯ୍ୟନ୍ତ ଗୋଟିଏ ବର ଗଛକୁ ଲୋକେ ବଂଶୀବଟ ବୋଲି ନିର୍ଦ୍ଦେଶ କରନ୍ତି । ]

**ବଂଶୀ ବଦନ**—ସ. ବିଣ. ପୁଂ. (ବହୁବ୍ରୀହି; ବଂଶୀ+ବଦନ)—
Bamsi badana ଯେ ମୁହଁରେ ବଂଶୀ ବଜାଉ ଥାଏ—
(ବଂଶୀ ବଦନା—ସ୍ତ୍ରୀ) Having a flute blown with the mouth.

**ବଂଶୀ ବାଦନ**—ସ. ବି. ( ୬ଷ୍ଠୀ ତତ୍; ବଂଶୀ+ବାଦନ )—
Bamsi bādana ବଂଶୀକୁ ବଜାଇବା—Blowing of a flute.

**ବଂଶୀୟ**—ସ. ବିଣ. ପୁଂ. (ବଂଶ+ଭବାର୍ଥେ ଈୟ)—
Bamsiya ୧ । ପାରିବାରିକ; ବଂଶ ସମ୍ବନ୍ଧୀୟ—
(ବଂଶ୍ୟ—ଅନ୍ୟରୂପ) 1. Relating to a family.
(ବଂଶୀୟା, ବଂଶ୍ୟା—ସ୍ତ୍ରୀ) ୨ । ବଂଶଜ—2. Born in a family.

**ବଂହିମା**—ସ ବି (ବଂହିମନ୍ ଶବ୍ଦ; ବହୁଳ+ଭାବେ. ଇମନ୍; ୧ମା. ୧ବ.)—
Bamhimā ବାହୁଲ୍ୟ—Excess.

**ବଂହିଷ୍ଠ**—ସ. ବିଣ. ( ବହୁଳ+ଅତିଶୟାର୍ଥେ. ଇଷ୍ଠ )—
Bamhishtha ଅତି ବହୁଳ—Very excessive.
(ବଂହୀୟାନ୍—ଅନ୍ୟରୂପ) (ବଂହିଷ୍ଠା, ବଂହୀୟସୀ—ସ୍ତ୍ରୀ)

**ବଁକା**—ପ୍ରାଦେ. (ସମ୍ବଲପୁର) ବି—ନିଜର ଜମି ଚାଷ କରିବା ପାଇଁ ଅନ୍ୟ
Bankā ବ୍ୟକ୍ତିଙ୍କୁ ନିର୍ଦ୍ଦିଷ୍ଟ ପରିମାଣରେ ଧାନ ଦେଇ ତାଠାରୁ
**हलखरीद** ବଳଦ ଧାରରେ ମାଗି ଆଣିବା ରୀତି—System of taking bullocks on loan ( on payment of paddy ) to cultivate one's fields.

**ବଁଧ**—ପ୍ରାଦେ. (ସମ୍ବଲପୁର) ବି—ବନ୍ଧ; ପୋଖରୀ—
Bandh Pond.

**ବଁଧ୍ ଯିବା**—ପ୍ରାଦେ. ( ସମ୍ବଲପୁର ) କ୍ରି—ପୋଖରୀପାଣି ଯିବା; ଝାଡ଼ା
Bandh jibā ଫେରି ଯିବା—To go out to answer the
(ବଁଧ୍ ବୁଁଧା ଯିବା—ଅନ୍ୟରୂପ) call of nature.

**ବକ୍‌ଟାଇବା**—ପ୍ରାଦେ. (ସମ୍ବଲପୁର) କ୍ରି—ବାଧ୍ୟ କରି ଦୋଷ ସ୍ୱୀକାର
Bak-taibā କରାଇବା—To extort confession.

**ବକ୍‌ଟିବା**—ପ୍ରାଦେ. (ସମ୍ବଲପୁର) କ୍ରି—ମାନିଯିବା; ସ୍ୱୀକାର କରିବା—
Bak-tibā To confess; to admit.

**ବକ୍ ବକ୍**—ଦେ. ( ଧ୍ୱନ୍ୟନୁକରଣ ) ଅ—
Bak bak ୧ । ଏଣୁ ତେଣୁ ଗୁଡ଼ାଏ ଗପିବା—1. Babbling.
ବକ୍‌ବକ୍, ବକର୍‌ବକର୍, ବକର ବକର } ଅନ୍ୟରୂପ ୨ । ଅନର୍ଥକ ବାକ୍ୟ ପ୍ରୟୋଗ—
2 Gibberish.
बकबक ୩ । କ୍ରମାଗତ ଗପିବା—3. Continuous talking.
**बकबक**

**ବକ୍ ବକ୍ କରି ଚାହିଁବା**—ଦେ. କ୍ରି—ତାଟକା ହୋଇ ଚାହିଁ ରହିବା—
Bak bak kari chāhinbā To look on vacantly or
(ବକ୍ ବକ୍ ଚାହିଁବା—ଅନ୍ୟରୂପ) helplessly; to stare.
**ताकना** ସମସ୍ତେ ବକ୍ ବକ୍ କରି ଚାହିଁ ଅଛନ୍ତି, କାହାରି କିଛି ବୁଦ୍ଧି ଦିଶୁ ନାହିଁ ।
**ताकना** ଗୋଦାବରୀଶ. ପିଲାଙ୍କ ରାମାୟଣ ।

ବକ୍ ବକ୍ କରିବା—ଦେ. କ୍ରି—ଅନର୍ଥକ ବାକ୍ୟ ପ୍ରୟୋଗପୂର୍ବକ କ୍ରମାଗତ
Bak bak karibā ଏଣୁ ତେଣୁ ଗୁଡ଼ାଏ ଗପିବା; ପ୍ରଳାପ
ବକ୍ ବକ୍ ହେବା } ଅନ୍ୟରୂପ କରିବା—To prattle; to
ବକର ବକର ହେବା } talk too much with-
ବକବককରা ବକବକକରনা out any meaning or purpose.

ବକ୍ ବକମ୍—ଦେ. (ଧ୍ୱନ୍ୟନୁକରଣ) ଅ—ପାରା ଓ କପୋତଙ୍କ ସମୂହର
Bak bakam ଶବ୍ଦ (ଏ ପାରାମାନଙ୍କ ପ୍ରଣୟସୂଚକ ଶବ୍ଦ)—The
ବକ୍ ବକମ୍ କମ୍ } ଅନ୍ୟରୂପ Cooing sound of
ବକ୍ ବକୁମ୍ କୁମ୍ } pigeons and doves.
বকবকম गुटरगूं;घुटरुघु

ବକ୍ ବକ(କୁ)ଆ—ଦେ. ବିଣ. (ସଂ ବାବଦୂକ)—ବାବଦୂକ; ଗପଡ଼ୀ—
Bak baki(ku)ā Talkative; garrulous.
বকো; বকুয়া बकवादी, बक्की, बकबकीया

ବକ୍ ବଜାରି—ଦେ. ବି. (ସଂ ବଚ ଧାତୁ)—୧ । ଅବିରତ କଥା
Bak bajāri କହିବା—1. Talking incessantly.
বকাঝকা ୨ । ଅନେକ ସମୟ ପର୍ଯ୍ୟନ୍ତ ଉଚ୍ଚୈଃସ୍ୱରରେ ଗପିବା—
बकवाद 2. Talking loudly for a long time.
୩ । ବହୁତଗୁଡ଼ାଏ ଗପିବାଦ୍ୱାରା ହେଉଥିବା କ୍ଲାନ୍ତି—
3. Weariness due to talking for a long time.
ବିଣ—୧ । ବାବଦୂକ; ଗପଡ଼ୀ—1. Talkative.
୨ । ବହୁତଗୁଡ଼ାଏ ଗପି ଗପି ହାରିଲା—
2. Tired of talking too much.

ବକ୍ ବଜାରି ହେବା—ଦେ. କ୍ରି—୧ । ବୃଥା ଗୁଡ଼ାଏ ଗପିବା—
Bak bajāri hebā 1. To talk for a long time in
বকাঝকা করা बकवाद करना vain.
୨ । ଅନେକ ସମୟଯାଏ ଉଚ୍ଚୈଃସ୍ୱରରେ ଗପିବା—
2. To talk loudly for a long time.

ବକ୍ଲା—ପ୍ରାଦେ. (ସମ୍ବଲପୁର) ବି—(ସଂ. ବଲ୍କଲ; ପ୍ରା. ବକ୍କଲ; ତୁଳ. ହି.
Bak-lā ବକଲା)—ବୃକ୍ଷାଦିର ବଲ୍କଲ; ବକଲା; ଗଛ ଉପରର ଛାଲି—
Bark of a tree.

ବକ୍ ଶଟ୍—ବୈଦେ. ବି. (ଇଂ)—ଛରା; ଛୋଟ ଜନ୍ତୁ ଓ ପକ୍ଷୀ ଆଦିଙ୍କୁ
Bak śat ମାରିବା ପାଇଁ ବନ୍ଧୁକରେ ବ୍ୟବହୃତ ଅତିକ୍ଷୁଦ୍ର ଗୁଳି—
ছর্রা छर्रा Buckshot; pellet.

ବକ—ସଂ. ବି—(ବକ୍ ଧାତୁ କହିବା + କର୍ମ. ଅ; ଯାହାକୁ ମତ୍ସ୍ୟଭକ୍ଷକ
Baka ବୋଲି ଲୋକେ କହନ୍ତି; ବା ବନକ୍ ଧାତୁ=କୁଟିଳ ଗତି
(ବଙ୍କା—ଗତି) କରିବା+କର୍ତ୍ତୃ. ଅ)—୧ । ବଗ; କୁଳେଚରବର୍ଗର
ପ୍ରାୟ ଏକ ହାତ ଦୀର୍ଘ ମତ୍ସ୍ୟାଶୀ, ଲମ୍ବଚଞ୍ଚୁ ଓ ଦୀର୍ଘପଦବିଶିଷ୍ଟ
ଶୁକ୍ଳ ପକ୍ଷୀ—1. The egret; the paddy bird;
Bubuleus Coromandus.

[ ଦ୍ର—ଅନେକ ଶ୍ରେଣୀର ଓ ବର୍ଣ୍ଣର ବକ ବା ବଗ ଦେଖାଯାନ୍ତି; ଯଥା—

୧ । ସାଧାରଣ ବଗ ବା ଗାଈ ବଗୁଲା । ଏହା ଏକ ହାତ ଦୀର୍ଘ, ଶ୍ୱେତ ବର୍ଣ୍ଣ । ଏମାନଙ୍କୁ ଗଡ଼ିଆ ଓ ବିଲରେ ଚରୁଥିବା ଗାଈଙ୍କ ପିଠିରେ ବସିବାର ଦେଖାଯାଏ ଓ ଏମାନେ ପୋକଜୋକ ଖାଆନ୍ତି; ଏକନ୍ତ ଏକାଧିକ ଚରନ୍ତି । (ବଂ. ବଗ; ହି. ଗାଇବଗଲା—The egret; Bubuleus Coromandus.)

୨ । କାଣ୍ଠି ବଗ (ସଂ. କ୍ରୌଞ୍ଚ, ହି. ଅନ୍ଧେ ବଗଲା; ବଂ. କୌଁଚ-ବଗ—The pond heron; paddy bird; Ardeola Grayi); ଏମାନଙ୍କ ବର୍ଣ୍ଣ ମାଟିଆ । ଏମାନେ ଧାନକ୍ଷେତ୍ରରେ ଓ ପୋଖରୀକୂଳରେ ଦେଖାଯାନ୍ତି ।

୩ । ବଗୁଲା—ଦୁଇ ହାତ ଦୀର୍ଘ, ଶ୍ୱେତ ବର୍ଣ୍ଣ (ବଂ. ବଗଲା;—The large egret, Heradias Alba); ଏମାନେ ଗୋଟି ଗୋଟିକିଆ ହୋଇ ଚରିବାର ଦେଖାଯାଏ ।

୪ । କଣା ବଗୁଲା—ଏକ ହାତ ଦୀର୍ଘ; ଗୋଡ଼ ଛୋଟ, ମୁଣ୍ଡ ପାଣ୍ଡୁଟିଆ; ମୁଣ୍ଡରେ କଳା ଓ ସବୁଜମିଶା ଝୁଟି । ଏମାନେ ସ୍ୱଳ୍ପଚର (ବଂ. କାନାବଗଲା; The green heron; Butorides Javanica.)

୫ । କାଠ ବଗ—ଗଳା ଓ ଗୋଡ଼ ଛୋଟ; ମୁଣ୍ଡରେ ଛୋଟ ଚୂଡ଼ା; ବେକରେ ପକ୍ଷ ନ ଥାଏ; ପିଠି ହଳଦିଆ, (ବଂ. କାଠ ବଗଲା; The yellow bittern, Ardetta Sinensis.)

୬ । ନାଲ ବଗ—(ବଂ. ଲାଲ ବଗଲା—The chestnut bittern; Ardetta Cinnamonia); ପିଠି ପକ୍ଷ ଖଇରା ।

୭ । କେଳ ବଗ (ବଂ. କାଲବଗଲା; The black bittern; Dupetor Flavicollis); ପ୍ରାୟ ହାତେ ଦୀର୍ଘ ଓ କଳା; ବେକରେ ପକ୍ଷ ନ ଥାଏ; ସ୍ୱଳ୍ପଚର; ପୂର୍ବବଙ୍ଗରେ ଅଧିକ ଦେଖାଯାଆନ୍ତି । ଯୋଗେଶଚନ୍ଦ୍ର । ]

୨ । ଅଗସ୍ତି ନାମକ ଗଛ—2. Sesbania Grandiflora.
পল্মবক ୩ । ଅଗସ୍ତି ଗଛପରି ଅନ୍ୟ ଏକପ୍ରକାର ଗଛ;
बासना; बनहुला ବଗଫୁଲା ଗଛ—3. Another species of
ମ. ଅଗସ୍ତା tree like Sesbania.
ତେ. ଚେସି ୪ । ବକାସୁର (ଦେଖ)—
4. Bakāsura (See)
୫ । (ବୈଦ୍ୟକ) ବକ ଯନ୍ତ୍ର (ଦେଖ)—
5. Baka jantra (See)
୬ । ଲମ୍ବାବଣତୁଳସୀ ଗୁଳ୍ମ; ବବୁରୀ; ବନବବୁରୀ—
6. Ocymum Gratissimum (plant).
୭ । କୁବେର (ହି. ଶ)—7. A name of Kubera.
୮ । ଭୀମଦ୍ୱାରା ହତ ରାକ୍ଷସବିଶେଷ (ହି. ଶ.)—
8. A demon killed by Bhima.
୯ । ଋଷିବିଶେଷ (ହି. ଶ.)—9. Name of a sage.

ବକ ଚନ୍ଦନ—ସଂ. ବି—ଏକପ୍ରକାର ବନ୍ୟବୃକ୍ଷ (ହି. ଶ.)—
Baka chandana Name of a wild tree.
[ ଦ୍ର—ଏହାର ପତ୍ର ଗୋଲ ଓ ବଡ଼; ଗଛ ଉଚ୍ଚ ଓ କାଠ ଦୃଢ଼, ଫଳ ଲମ୍ବ ଓ ପତଳା, ଏଥିରେ ୩।୪ ଟି ଦଳ ଥାଏ । ଫଳକୁ ବାଟି ମୁଣ୍ଡବିକାରରୋଗରେ କପାଳରେ ଲଗାଯାଏ । ]

ବକ ଚଞ୍ଚିକା—ସଂ. ବି. (ଏହାର ଥଣ୍ଟ ବକର ଚଞ୍ଚୁ ପରି ଥିବାରୁ)—
Baka chinchikā ଟୋଡ଼ୀ ମାଛ—A kind of slender fish.

ବକଜତ୍—ସଂ. ବି. (ବକ + ଜି ଧାତୁ—ଜୟ କରିବା + କର୍ତ୍ତୃ. କ୍ୱିପ୍)—
Bakajit ବକାରି (ଦେଖ)—Bakāri (See)

ବକଟେ—ଦେ. ବିଣ—୧ । ଟିକଟିକେ; ଟିକଟେ; ଅଳ୍ପ ମାତ୍ର—
Bakaṭe 1. A little bit.
(ବକଟିକେ—ଅନ୍ୟରୂପ) × × × କର ଯାଇ ମଠାଏ, ଲୁଣ ବକଟେ × × ×
একটুকু; একটু ଗଠୀର ଉଅନ୍ତ । ଫକୀରମୋହନ, ଛମାଣଆଠଗୁଣ୍ଠ ।
तनीक; जरासा ୨ । ଅତି ଛୋଟ—2. Very small; tiny.
(ଯଥା—ବକଟେ ପିଲା ଠେଇଁ ଏତିକ ବୁଦ୍ଧି ।)

ବକଡ଼ା—ଦେ. ବି—କପାର ଉଦ୍ଭିଦଳ କୋଷ ବା ଖୋସା—
Bakaṛā The closed pod of the cotton plant
ढेंढी which encloses the seed surrounded
ଗୁଟି by the cotton fibres.
[ ଦ୍ର—ଏହା ଫଳପରି ଦେଖାଯାଏ ଏବଂ ଫାଟିଗଲେ ଏଥିମଧ୍ୟରୁ ମଞ୍ଜିକୁ ବେଢ଼ିଥିବା କପାତୁଳା ବାହାରି ପଡ଼େ । ]

ବକତ—ବୈଦେ. ବି. (ଅ. ବକ୍ତ୍ =ସମୟ; ଫା. ବଖ୍ତ୍ =ଭାଗ୍ୟ,
Bakata କପାଳ) —୧ । ସମୟ—1. Time.
ବକ୍ତ } ଅନ୍ୟରୂପ ୨ । ଉପଯୁକ୍ତ କାଳ—2. Suitable time;
ଖତ } favourable or proper time.
वक्त ୩ । ଦିବସର ବିଭିନ୍ନ ସମୟ—
बख्त 3. Different times of the day.
୪ । ଏକଥର ଭୋଜନ କ୍ରିୟା—4. One meal.
(ଯଥା—ସେ ଦିନକେ ଦୁଇବକତ ଖାଏ ।)
୫ । ସୁଯୋଗ—5. Opportunity.
୬ । ଅଦୃଷ୍ଟ; ଭାଗ୍ୟ—6. Fortune; luck.
୭ । ଥର—7. Time.
( ଯଥା—ସେ ମତେ ଆଜିକି ଘରରେ ୩ ବକତ ଗାଳି ଦେଲଣି । )

ବକତ(ତେ)ଇ ବଲଅରି—ଦେ. ବାକ୍ୟ (ଫା. ବଖ୍ତ + ସ. ହି + ସ. ବଳବାନ୍)—ବର୍ତ୍ତମାନ ଭାଗ୍ୟହିଁ ତୋର
Bakata(te)i baḻiāri ଅନୁକୂଳ—Your luck is good now.
(ଯଥା—ତୋ ବକତଇ ବଲଅରି, ତୁ ଆଜି ବାଘମୁହଁରୁ ବର୍ତ୍ତି ଆସିଲୁ ।)

ବକତର—ବୈଦେ. ବି. (ଫା. ବକତର୍—ଲୌହ ମୁଦ୍‌ଅରେ ନିର୍ମିତ
Bakatara ସାଞ୍ଜୁ)—ସାଞ୍ଜୁ—Mailcoat; armour.
बकतर

ବକତା—ଗ୍ରା. (ପଦ୍ୟ) ବିଣ—ବକ୍ତା (ଦେଖ)—
Bakatā बकता Baktā (See)
ସେ ବାଳଶିଳ୍ପମାନେ ତ ସର୍ବ ବକତା । କୃଷ୍ଣସିଂହ, ମହାଭାରତ ଅଦି ।

ବକତ୍ର—ଗ୍ରା. (ପଦ୍ୟ) ବି—ବକ୍ତ୍ର (ଦେଖ)—
Bakatra Baktra (See)
କେମନ୍ତ ବକ୍ତ୍ର ବସେ ବକତ୍ର, କେମନ୍ତ ଶୋଭ ଦେହ । ଗୋପାଳକୃଷ୍ଣ ରସକଲ୍ଲୋଳ ।

ବକ ଧାର୍ମିକ—ସ. ବିଣ. ପୁଂ (ଉପମାନ କର୍ମଧାରୟ; ବକସଦୃଶ ଧାର୍ମିକ)—
Baka dhārmika ୧ । ଭଣ୍ଡଧାର୍ମିକ; ଭଣ୍ଡ ତପସ୍ୱୀ; ଧର୍ମଧ୍ୱଜ—
(ବକଧାର୍ମିକତା—ବି) 1. Hypocritical in religious observances.

୨ । କପଟାଶ୍ରୟୀ—2. Hypocritical
[ଦ୍ର—ବକ ପାଣି କୂଳରେ ମାଛ ପାଇଁ ଧ୍ୟାନ ବସିଲା ବେଳେ ତାହାର ଗାମ୍ଭୀର୍ଯ୍ୟବ୍ୟଞ୍ଜକ ଠାଣିରୁ ତାର ମାଛ ମାରିବା ଉଦ୍ଦେଶ୍ୟ ଦର୍ଶକ ଠଉରାଇ ନ ପାରିବା ଭଳି ଯେଉଁ ଲୋକ ସାଧୁତାର ବାହାନା କରେ ତାପ୍ରତି ଏ ବିଶେଷଣ ପ୍ରୟୋଗ କରାଯାଏ । ]

ବକ ଧ୍ୟାନ—ସ. ବି.—ବକ ମାଛକୁ ଗ୍ରହିବା ପରି କୌଣସି ବିଷୟରେ
Baka dhyāna ଏକାଗ୍ରଚିତ୍ତତା—Perseverance or concen-
(ବକ ଧ୍ୟାନୀ—ବ୍ୟକ୍ତିବାଚକ ବିଣ.) trated attention given to a particular matter (like an arden sitting on the look-out, for hours together near the water, for catching a fish.)

ବକନା—ବୈଦେ. ବି. (ଫା. ବଦନା)—୧ । ମୁସଲମାନମାନଙ୍କ
Bakanā ବ୍ୟବହୃତ ଏକ ପ୍ରକାର ଗଡ଼ୁ—A long-necked
বকনা, বদনা spouted water pot used by
बकना, बदना Mahamedans.
বখুন, বখুনা ୨ । ପିତଳର ବଡ଼ କଂସା—
2. Big pot of brass.

ବକ ନିସୂଦନ—ସ. ବି.—ବକାରି (ଦେଖ)
Baka nisūdana Bakāri (See)
(ବକ ବୈରୀ; ବକସୂଦନ—ଅନ୍ୟରୂପ)

ବକ ପଞ୍ଚକ—ସଂ. ବି.—କାର୍ତ୍ତିକ ମାସର ପଞ୍ଚକ ବ୍ରତ; କାର୍ତ୍ତିକ ଶୁକ୍ଳ
Baka pañchaka ଏକାଦଶୀ ଠାରୁ ପୂର୍ଣ୍ଣିମା ପର୍ଯ୍ୟନ୍ତ ପାଞ୍ଚଦିନ—
The last five days of the lunar month of Kārttika.
[ଦ୍ର—ଏ ପାଞ୍ଚଦିନ ଆମିଷ ଭୋଜନ ନିଷିଦ୍ଧ । କଥିତ ଅଛି ଯେ ଏ ପାଞ୍ଚଦିନ ବଗମାନେ ସୁଦ୍ଧା ମାଛ ଖାଆନ୍ତି ନାହିଁ ।]

ବକ ପୁଷ୍ପ—ସ. ବି. (ଏ ପୁଷ୍ପ ବକ ପରି ଆକାରବିଶିଷ୍ଟ ଥିବାରୁ)—ଅଗସ୍ତି
Baka pushpa ଫୁଲ ଓ ତାହାର ଗଛ—Sesbania Grandiflora (flower and tree).
ଦେ. ବି.—୧ । ଶିବମଲ୍ଲୀ; ଗଇସ ଫୁଲ—
1. Leucas fower.
ବେ ପୁଷ୍ପ ମାଳା ମାଳବ
ବକପୁଷ୍ପ ଗୁଙ୍ଗତାରୁ ଦେଖିଲ ଦୃଷ୍ଟ । ଉପେ. ବୈଦେହୀଶବିଳାସ ।
୨ । ବଗହୁଲା (ଦେଖ)—(ହରେକୃଷ୍ଣ. ଦ୍ରବ୍ୟଗୁଣ)
2. Bagahuḻā (See)

ବକ ବୃତ୍ତି—ସ. ବିଣ.—ବକ ଧାର୍ମିକ; ଶଠ; ଭଣ୍ଡ; ଭଣ୍ଡତପସ୍ୱୀ—
Baka brutti Hypocritical.
ବି—ବକଧାର୍ମିକତା; ଭଣ୍ଡତା—Hypocricy.

ବକ ବ୍ରତ—ସ. ବି—ବକ ବୃତ୍ତି; ବକ ଧାର୍ମିକତା—
Baka brata Hypocricy.
ସ. ବିଣ. ପୁଂ—ବକ ଧାର୍ମିକ—Hypocritical.

ବକ ବ୍ରତୀ—ସ. ବିଣ. ପୁଂ—ଭଣ୍ଡ ତପସ୍ୱୀ—Hypocritical in
Baka bratī (ବକବ୍ରତିନୀ—ସ୍ତ୍ରୀ) religious matters.

(ବକବ୍ରତଚର, ବକବ୍ରତଗୃସ୍ତ—ଅନ୍ୟରୂପ) [ ଦ୍ର—ଶାସ୍ତ୍ରରେ ବକବ୍ରତୀର
ବକବ୍ରତିକା } ସ୍ତ୍ରୀ ଏହି ଲକ୍ଷଣ ବର୍ଣ୍ଣିତ ହୋଇଅଛି । ଯଥା—
ବକବ୍ରତଚରୀ ଅଧୋଦୃଷ୍ଟି ର୍ନୈଷ୍କୃତିକଃ ସ୍ୱାର୍ଥସାଧନ ତତ୍ପରଃ
ବକବ୍ରତଗୃସ୍ତରଣୀ ଶଠୋମିଥ୍ୟା-ବିନୀତଶ୍ଚ ବକବ୍ରତଚରୋଦ୍ୱିଜଃ;
ଅର୍ଥାତ୍—ସର୍ବଦା ଅଧୋଦୃଷ୍ଟିସମ୍ପନ୍ନ, ସ୍ୱାର୍ଥପର, ଛଳନାପରାୟଣ, ଶଠ, ମିଥ୍ୟାବାଦୀ, ମାତ୍ର ବିନୟୀ ବ୍ରାହ୍ମଣଙ୍କୁ ବକବ୍ରତଚର ବୋଲାଯାଏ । ]

ବକମ—ବୈଦେ. ବି. (ଅ॰ ଓ ଫା. ବକମ୍)—ବନ୍ୟ ବୃକ୍ଷବିଶେଷ—
Bakama Sappan wood; Caesalpinia Sappan; the log wood.
ସଂ. ପତ୍ରାଙ୍ଗ, ପତ୍ରଙ୍ଗ, ପଟ୍ଟରଙ୍ଗ, ରକ୍ତସାର, ସୁରଙ୍ଗ, ରଞ୍ଜନ, ପଟ୍ଟରଞ୍ଜକ, ପତ୍ତୂର, କୁଚନ୍ଦନ
ବକମ; ପାତଙ୍ଗ
**बक्कम; पातंग**
ମ. ପତଙ୍ଗ
ତେ. ଓକନ୍ନୂକଟ୍ଟୁ
ତା. ବଟ୍ଟଙ୍ଗୀ, ପତୁଙ୍ଗ
ଫା. ବକମ
ଆ. ବକମ

[ ଦ୍ର—ଏହା କାଞ୍ଚନାଦି ବର୍ଗର ମଧ୍ୟମାକୃତି କଣ୍ଟକୀ ତରୁ । କାଠର ମଞ୍ଜି କଳା । ଏ କାଠକୁ ସିଝାଇଲେ ଯେଉଁ ନାଲି ରଙ୍ଗର ପାଣି ବାହାରେ, ତହିଁରେ ପାଟ ରଙ୍ଗାଯାଏ, କିନ୍ତୁ ସୂତା ଲୁଗାରେ ଏ ରଙ୍ଗ ଭଲ ଧରେ ନାହିଁ । ପତ୍ର ବହୁପର୍ଣ୍ଣ । ଫୁଲ ହଳଦିଆ । ଏହା ବର୍ଷା ଦିନରେ ଫୁଟେ ।

ବୈଦ୍ୟଶାସ୍ତ୍ର ମତରେ ଏହା ମଧୁର ରସ, ଶୀତବୀର୍ଯ୍ୟ; ଏହା ପିତ୍ତ, ଶ୍ଳେଷ୍ମା, ବ୍ରଣ, ରକ୍ତଦୋଷ ଓ ଦାହନାଶକ । ]

ବକ ଯନ୍ତ୍ର—ସଂ. ବି. (ବୈଦ୍ୟକ)—କୌଣସି ଜଳମିଶ୍ରିତ ପଦାର୍ଥକୁ କାଚଁରେ
Baka jantra ବସାଇ ସେଥିରୁ ବାହାରିବା ବାମ୍ପକୁ ବଗମୁହଁ ପରି ବଙ୍କା ନଳ ବାଟେ ନେଇ ଥଣ୍ଡା କରାଇ ଅର୍କ କାଢ଼ିବା ନିମନ୍ତେ ବ୍ୟବହୃତ ଯନ୍ତ୍ର—A crane-necked apparatus used for distilling; a still; a retort.

ବକ(କେ)ୟା—ବୈଦେ. ବି ଓ ବିଣ—ବକିୟା (ଦେଖ)
Baka(ke)yā Bakiyā (See)

ବକର ବକର ହେବା—ଦେ. କ୍ରି. (ସଂ. ବଚ୍ ଧାତୁ)—
Bakara bakara hebā ବୃଥାରେ ଗୁଣ୍ଡାଏ ଗପିବା—
ବକ ବକ କରା **बकरना; बकर बकर होना** To prattle.

ବକରା(ରୀ)—ବୈଦେ. ବି. (ସଂ. ବର୍କର=ପଶୁ ଶାବକ; କିମ୍ବା ଅ. ବକର
Bakarā(rī) =ଗୋରୁ, ଗୋମେଷାଦି; ପରବର୍ତ୍ତୀ କାଳର ଅର୍ଥ,
ବକରା(ରୀ) **बकरा(री)** ଛେଳ)—ଛେଳି—Goat.

ବକରୀଦ୍—ବୈଦେ. ବି. (ଅ. ବକର୍ ଇଦ୍)—ଇଦ ପର୍ବ; (ଯହିଁରେ
Bakarīd ବକର ଅର୍ଥାତ୍ ଗୋରୁଙ୍କୁ ହଲାଲ୍ କରାଯାଏ ବା
(ବକ୍ରୀଦ୍—ଅନ୍ୟରୂପ) ବଳି ଦିଆଯାଏ;) ମୁସଲମାନ୍‌ମାନଙ୍କ ପଶୁବଳି-
ବକରୀଦ ଦାନ ପର୍ବ—A festival of the Mahomedans for offering victims.
**बकरीद्**

[ ଦ୍ର—ଏହା ଜିଲ୍‌ହେଜ୍ ମାସର ଦ୍ୱିତୀୟା ଚନ୍ଦ୍ର ଦେଖା ଯିବାର ଦଶମ ଦିନରେ ପଡ଼େ ।

କୋରାନରେ ଲେଖାଅଛି ଯେ ଇବ୍ରାହିମ୍ ଈଶ୍ୱରଙ୍କର ଭକ୍ତ ସ୍ୱପ୍ନାଦେଶ ଅନୁସାରେ ତାଙ୍କର ପ୍ରିୟତମ ପୁତ୍ର ଇସ୍ମାଇଲ୍‌ଙ୍କୁ ବଳି-ଦେବାକୁ ପ୍ରସ୍ତୁତ ହେବାରୁ ଈଶ୍ୱରଙ୍କ ମାୟାରେ ପୁତ୍ରର ସ୍ଥାନ ଅଧିକାର କରିବା ପାଇଁ ଆକାଶରୁ ଗୋଟିଏ ଦୁମ୍ବା ବା ମେଣ୍ଢା ପଡ଼ିଲା । ସେହି ଘଟଣାର ସ୍ମାରକ ସ୍ୱରୂପ ମୁସଲମାନ୍‌ମାନେ ଏହି ବକରୀଦ ପର୍ବରେ କୁର୍ବାନୀ ବା ବଳିଦାନ କରନ୍ତି । ଏ ପର୍ବର ଅନ୍ୟ ନାମ ଇଦୁଜ୍ଜୁହା । ]

ବକର୍ଣ୍ଣୀ(ନ୍ନା, ନା)—ଦେ. ବି. ସ୍ତ୍ରୀ—(ସଂ. ବଷ୍କୟଣୀ=ଚିରସୂତା; ଅନେକ
Bakrṇṇā(nnā, nā) ଦିନ ହେଲା ପ୍ରସବ କରିଥିବା ଗାଈ)—
ବକନ(ନା) ୧ । ବହୁକାଳପ୍ରସୂତା ଗୌ; ପଢ଼ୁଆ ଗାଈ—1. A cow which has long given birth to a calf; a cow which has gone dry.
**बकेन(ना)**
୨ । (ସଂ. ବଷ୍କୟ=ବର୍ଷିକିଆ ବାଛୁରି)—ଛଡ଼ା; ମାଈ ବାଛୁରି; ଅବିଆ ଛଡ଼ା—2. A female calf.
୩ । ସଦ୍ୟଃପ୍ରସୂତା ଗାଈ—3. A cow which has recently given birth to a calf.

ବକର୍ଣ୍ଣୀ(ନ୍ନା) ଦୁଧ—ଦେ. ବି—୧ । ସଦ୍ୟଃପ୍ରସୂତା ଗାଈର ଦୁଧ; ଜଷ
Bakrṇṇā(nnā) dudha ଦୁଧ—(ଜନେ)—1. Milk of a newly delivered cow.
ବକନାଦୁଧ **बकेनादुध**
୨ । ପଢ଼ୁଆ ଗାଈର ଦୁଧ—
2. Milk of a cow which has gone dry.

ବକଳ(ଳା)—ଦେ. ବି—(ସଂ. ବଲ୍କଲ; ପ୍ରା. ବକ୍କଲ)—୧ । ବଲ୍କଲ;
Bakaḷa(ḷā) ଗଛର ଛାଲ—1. Bark of a tree.
(ବକୁଳା[ଳି]—ଅନ୍ୟରୂପ) ବକଲ୍ **बकला**

ଅଗସ୍ତି ସେହିକ୍ଷଣି କନ୍ୟାକୁ ବକଳ
ପିନ୍ଧାଇଲେ କହିଛି କୋହିଣ ବଚନ—କୃଷ୍ଣସିଂହ. ମହାଭାରତ. ବନ ।

୨ । ଫଳଆଦିର ଚୋପା—2. Rind.
୩ । ଘାଆ ଆଦିରୁ ଉଠିବା ପତଳା ଚମ—3. Thin layer of skin peeling off from a sore.
୪ । ଏକପ୍ରକାର ପାରା—
4. A species of pigeon.
[ ଦ୍ର—ଏମାନଙ୍କର ବର୍ଣ୍ଣ ଧୂସର ଓ କଣ୍ଠ ଉଜ୍ଜ୍ୱଳ ଅଟେ । ]

ବକଲମ୍—ବୈଦେ. ଅ. (କତରିଆ) (ଫା. ବକଲମ୍—ଅନ୍ୟର କଲମ
Bakalam ବା ଲେଖାଦ୍ୱାରା)—ଦଲିଲର ସମ୍ପାଦନକାରୀ ଉପସ୍ଥିତ
ବକଲମ ନ ଥିଲେ ବା ଲେଖାପଢ଼ା ଜାଣି ନ ଥିଲେ ତାହାଙ୍କର
**बकलम** ଦସ୍ତଖତ ଅନ୍ୟ ଜଣେ କରିବା—The practice of a person signing for an absent or illiterate executant (literally, through the pen of another).
ବିଣ—'ବକଲମ୍' ପ୍ରଥା ଅନୁସାରେ କୃତ—Done according to the practice of signing for another person.

ବକଲମ୍ କରିବା—ଦେ. କ୍ରି (କତରିଆ; ଫା. ବକଲମ୍)—ଅନ୍ୟ ବ୍ୟକ୍ତିଙ୍କ
Bakalam karibā ନାମ ସହି କରିବା—To sign the
ବକଲମ କରା name of another person; to sign through the pen of another.
**बकलम करना**

[ ଦ୍ର—ଏ ଶବ୍ଦର ସାଙ୍କେତିକ । ବ ।; ବକଲମ କରିବା ବ୍ୟକ୍ତି ସମ୍ପାଦନକାରୀ ବ୍ୟକ୍ତିର ନାମ ଲେଖି । ବ । ଲେଖି ତତ୍ପରେ ଆପଣା ନାମ ଲେଖନ୍ତି । ]

ବକଲମ୍ ଦସ୍ତଖତ୍—ବୈଦେ. ବି. (ଫା. ବକଲମ୍ ଓ ଦସ୍ତଖତ୍)—
Bakalam dastakhat ଅନ୍ୟ ବ୍ୟକ୍ତିର ହାତଲେଖାଦ୍ୱାରା ଏକ
বকলম দস্তখত ବ୍ୟକ୍ତିର ସ୍ୱାକ୍ଷର—Signature through
बकलम दस्तखत the pen of another.

ବକଲ(ଲି)ସ୍—ବୈଦେ ବି—(ଇଂ•ବକ୍ଲସ୍)—ଧାତୁ ନିର୍ମିତ ବନ୍ଧନାଙ୍କୁଶୀ—
Bakala(li)s বক্লস बकलस Buckles.
[ ଦ୍ର—ଏଥିଦ୍ୱାରା ଫିତାର ବା ପେଟିର ଦୁଇ ମୁଣ୍ଡକୁ ଅଟକା ଯାଏ । ]
ଦେ. ବଣ. ପୁଂ. (ଇଂ ବାଚଲର)—ଅବିବାହିତ (ଶ୍ୱେତାଙ୍ଗ
[ବକ୍ଲ(କ୍ଲି)ସ୍—ଅନ୍ୟରୂପ] ବ୍ୟକ୍ତି)—Unmarried (European.)

ବକସୀ—ବୈଦେ. ବି. (ଫା. ବଖ୍ସୀ=ବେତନଭୋଗୀ ରାଜକର୍ମଚାରୀ)—
Bakasi ୧ । ମୁସଲମାନ୍ ରାଜସରକାରଙ୍କ ଦପ୍ତରର ପ୍ରଧାନ
(ବକ୍ସୀ—ଅନ୍ୟରୂପ) କର୍ମଚାରୀ—1. The chief ministerial
বক্সী बकसी officer under the Mahommedan rules.

ବ୍ୟବସ୍ଥା ଭଲ ଭଲ କେବେ ବଢ଼ରେ
ବକସି ପଡୋଶି ମହାପାତ୍ରରେ—ବ୍ରଜନାଥ. ସମରତରଙ୍ଗ ।

[ ଦ୍ର—ଏମାନେ ମୁନସୀ ବା କର୍ମୀଙ୍କ ଉପରସ୍ଥ ଓ ନାଜୀରଙ୍କ ନିମ୍ନ ହାକମ ଅଟନ୍ତି । ]
୨ । କଲେକ୍ଟରଙ୍କ ନାଜରଙ୍କ ସହକାରୀ—2. The assistant Nazir in the Collectorate.
୩ । ପ୍ରାଚୀନ ଓଡ଼ିଶା ରାଜାମାନଙ୍କ ଅଧୀନ ସେନାପତିଙ୍କ ଉପାଧି—
3. The title of generals in the army of ancient Orissa.
[ ଦ୍ର—ଓଡ଼ିଶାର ବକସୀ ଖୋର୍ଦ୍ଧା ଗଜପତି ରାଜାଙ୍କ ସମୟରେ ପ୍ରଧାନ ସେନାପତିର କାର୍ଯ୍ୟ କରୁଥିଲେ । ବଂଶପରମ୍ପରାକ୍ରମେ ବକସୀମାନଙ୍କୁ ପାଇକମାନେ ଆପଣାର ଉପଯୁକ୍ତ ସେନାପତି ବୋଲି ଭକ୍ତି ଓ ବିଶ୍ୱାସ କରୁଥିଲେ । ରାଜାଙ୍କ ତଳେ ବକସୀ ସମ୍ମାନପାତ୍ର ଥିଲେ । କୃପାସିନ୍ଧୁ. ଇତିହାସ । ]

ବକା—ଦେ. ବି. ( ସଂ. ବଚ୍ ଧାତୁ; ସଂ. ବୃକ୍ ଧାତୁ=ଭାଷଣ କରିବା )—
Baka ୧ । ଗପିବା; ବକିବା; କହିବା—
বকা, বকুনী 1. Talking; prattling.
बकना ୨ । ଗାଳି; ଭର୍ତ୍ସନା—2 Rebuke.
୩ । ବକାସୁର ( ଦେଖ )—3. Bakasura (See)
୪ । ବୋକା ( ଦେଖ )—4. Boka ( See )
ପ୍ରାଦେ. (ସମ୍ବଲପୁର)—ବଁକା ( ଦେଖ )-Banka ( See )

ବକା(କେ)ଇବା—ଦେ. କ୍ରି—ବକିବା କ୍ରିୟାର ଣିଜନ୍ତ ରୂପ—
Baka(ke)iba The causative form of 'Bakiba.
বকান ୨ । ଗପାଇବା; ବୃଥା ବହୁତ ସମୟ କଥା କହିବାକୁ ବାଧ
बकवाना କରିବା—2. To cause one to talk much in vain.

ବକା ଖାଇବା—ଦେ. କ୍ରି—ଭର୍ତ୍ସିତ ହେବା—To be rebuked.
Baka khaiba বকা, (বকুনি) খাওয়া गालीखाना
(ବକା ପାଇବା, ବକା ଶୁଣିବା—ଅନ୍ୟରୂପ)

ବକା ଝକା—ଦେ. ଗ୍ରା. ବି—ବକା ବନା ( ଦେଖ )
Baka jhaka Baka bana ( See )
বকা ঝকা बकना झकना

ବକାଣ୍ଡ ପ୍ରତ୍ୟାଶା ନ୍ୟାୟ—ସଂ. (ଲକ୍ଷଣାର୍ଥ)—ବୃଥା ଆଶା—
Bakanda pratyasa nyaya Vain hope; (an analogy ) a hope which can not fulfilled (like crane following a bull).
[ ଦ୍ର—ନଦୀତୀରସ୍ଥ ମତ୍ସ୍ୟାକାଙ୍କ୍ଷୀ ବକ ପକ୍ଷୀ ଚରୁଥିବା ବୃଷର ଲମ୍ବମାନ ଅଣ୍ଡକୋଷକୁ ମତ୍ସ୍ୟ ଭ୍ରମ କରି, ଉକ୍ତ ଅଣ୍ଡକୋଷ ଖସି ପଡ଼ିଲେ ତାହାକୁ ଖାଇବା ପ୍ରତ୍ୟାଶାରେ ନଦୀତଟ ତ୍ୟାଗ ପୂର୍ବକ ବହୁଦୂର ବୃଷଭର ପଶ୍ଚାତ୍ ଗମନ କରି ଶେଷରେ ନିରାଶ ହୁଏ ।
ବକ ଯେପରି ଅସମ୍ଭାବିତ ଆଶା ଦ୍ୱାରା ଚାଳିତ ହୋଇ ବୃଷଭର ପଦାଘାତ ଦ୍ୱାରା ତାହାର ପ୍ରାଣ ନାଶର ଆଶଙ୍କାକୁ ଭ୍ରୂକ୍ଷେପ ନ କରେ, ସେହିପରି ମନୁଷ୍ୟ ଆସନ୍ନ ବିପଦକୁ ନ ଗଣି ବିଷୟପ୍ରତ୍ୟାଶାରେ ସଂସାରରେ ଭୁଲିଥାଏ । ଏହିପରି ସ୍ଥଳରେ ଏହି ଉପମା ଦିଆଯାଏ । ଫଳତଃ ବକମାନେ ଗୋରୁଙ୍କ ଦେହରୁ ଟିକ ଖାଇବା ପାଇଁ ପଛଆଡ଼େ ଚାଲୁ ଥାଆନ୍ତି ଓ ଗାଈଙ୍କ ପିଠିରେ ବସନ୍ତି । ଏଥିପାଇଁ ହିନ୍ଦୀରେ ବଗକୁ 'ଗାଈ ବଗଲା' ବୋଲାଯାଏ । ]

ବକା ଦେବା—ପ୍ରାଦେ. ( ସମ୍ବଲପୁର ) କ୍ରି—ବର୍ଷକ ପାଇଁ ନିର୍ଦ୍ଦିଷ୍ଟ
Baka deba ମୂଲ୍ୟର ଧାନ ନେଇ ଅନ୍ୟକୁ ଆପଣାର ବଳଦ ହଳ ବୁଲାଇବା ପାଇଁ ଧାର ଦେବା—To lend the service of one's bullock in return for some paddy.

ବକା ବନା—ଦେ ବି. (ସଂ. ବଚ ଧାତୁ ଓ ବର୍ଣ୍ଣ୍ ଧାତୁ)—
Baka bana ୧ । ଗପ; ଗୁଜାବ ଗପିବା—
ବକା ବକ } ଅନ୍ୟରୂପ 1. Too much talking.
ବକା ବର୍ଣ୍ଣା } ୨ । ଗାଳମନ୍ଦ—2. Rebuke.
বকাবকা ୩ । ଅନ୍ୟୋନ୍ୟରେ ଗାଳ ଦିଆଦେଇ—
बकना झकना 3. Mutual rebuke.

ବକାରି—ସଂ. ବି. ( ୬ଷ୍ଠୀ ତତ୍; ବକ+ଅରି )—
Bakari ୧ । ଶ୍ରୀକୃଷ୍ଣ—1. Srikrushna.
୨ । ଭୀମ—2. Bhima.

ବକାସୁର—ସଂ. ବି—୧ । ଶ୍ରୀକୃଷ୍ଣଙ୍କ ଦ୍ୱାରା ହତ ବକାକୃତି ଅସୁରବିଶେଷ-
Bakasura 1. A demon (who had assumed the shape of an egret to devour Srikrushna) killed by Srikrushna.
[ ଦ୍ର—ଏ ମଥୁରାରାଜ କଂସର ଜଣେ ଅନୁଚର । କଂସର ଆଦେଶରେ ଏ ବକରୂପ ଧାରଣ କରି ବ୍ରଜପୁରକୁ ଯାଇ ଶ୍ରୀକୃଷ୍ଣଙ୍କୁ ଗ୍ରାସ କରିବାକୁ ଉଦ୍ୟତ ହେବାରୁ ଶ୍ରୀକୃଷ୍ଣ ଏହାର ଥଣ୍ଟର ଉପର ଓ ତଳ ଫାଳକୁ ଫାଡ଼ି ଦେଇ ଏହାକୁ ମାରି ପକାଇଲେ । ]
୨ । ଏକଚକ୍ରା ନଗରୀ ନିକଟରେ ବାସ କରୁଥିବା ରାକ୍ଷସବିଶେଷ—
2. Name of a demon killed by Bhima.

[ ଦ୍ର—ଏ ରାକ୍ଷସର ଦୌରାତ୍ମ୍ୟରୁ ରକ୍ଷା ପାଇବା ନିମନ୍ତେ ଏକଚକ୍ରା ଗ୍ରାମବାସୀମାନେ ତାହା ନିକଟକୁ ପ୍ରତିଦିନ ତାହାର ଭୋଜନାର୍ଥ ପ୍ରଚୁର ଖାଦ୍ୟ ଦ୍ରବ୍ୟ ଓ ଜଣେ ମନୁଷ୍ୟକୁ ପଠାଇବାପାଇଁ ତା ସଙ୍ଗେ ଜବାବ କରି ସେହି ଅନୁସାରେ ପ୍ରତିଦିନ ପାଳି କରି ଗୋଟିଏ ଲୋକକୁ ପଠାଉ ଥିଲେ ଓ ଏ ଅସୁର ଉକ୍ତ ପ୍ରେରିତ ଖାଦ୍ୟଦ୍ରବ୍ୟକୁ ଓ ମନୁଷ୍ୟଟିକୁ ଖାଉଥିଲା । ପାଣ୍ଡବମାନେ ଜତୁଗୃହଦାହ ପରେ ବାରଣାବତ ନଗରୀରୁ ପଳାଇ ଯାଇ ଏକଚକ୍ରା ନଗରୀରେ କୌଣସି ବ୍ୟକ୍ତିର ଗୃହରେ ଅବସ୍ଥାନ କରୁଥିବା ସମୟରେ ସେହି ପରିବାରର ଗୋଟିଏ ଲୋକର ବକାସୁର ନିକଟକୁ ଯିବାର ପାଳି ପଡ଼ିଲା, ତେଣୁ ପରିବାରରେ କ୍ରନ୍ଦନ ରୋଳ ଉଠିଲା । ପାଣ୍ଡବମାନଙ୍କ ମାତା କୁନ୍ତୀ ଏଥିର କାରଣ ଅବଗତ ହୋଇ ଆପଣାର ମଧ୍ୟମ ପୁତ୍ର ଭୀମଙ୍କର ପରାକ୍ରମ ବିଷୟ ଉତ୍ତମରୂପେ ଜାଣି ସେଦିନ ପ୍ରେରିତ ଖାଦ୍ୟଦ୍ରବ୍ୟ ସଙ୍ଗେ ସେହି ପରିବାରର ମନୁଷ୍ୟକୁ ନ ପଠାଇ ତା ପରିବର୍ତ୍ତରେ ଭୀମଙ୍କୁ ଅସୁର ନିକଟକୁ ଯିବାକୁ ଆଦେଶ ଦେଲେ ଓ ତଦନୁସାରେ ଭୀମ ଅସୁର ନିକଟକୁ ଯାଇ ତା ସଙ୍ଗେ ଯୁଦ୍ଧ କରି, ତାହାର ପ୍ରାଣନାଶ କରି, ଏକଚକ୍ରା ନଗରୀକୁ ନିଷ୍କଣ୍ଟକ କରିଥିଲେ । ]

**ବକିଙ୍ଗ୍ ହାମ୍**—ବୈଦେ. ବି. (ଇଂ) (ନାମ)—ଇଂଲଣ୍ଡର ଗୋଟିଏ ପ୍ରସିଦ୍ଧ
Bakinġ-hām କାଉଣ୍ଟି ଓ ନଗରର ନାମ—Buckingham, a county and a town in England.
बकिंहाम
**बकिंहाम**
[ ଦ୍ର—ଏହା ଲଣ୍ଡନର ଉତ୍ତରପୂର୍ବ ଓ ଟେମସ୍ ନଦୀର ଉତ୍ତର କୂଳରେ ଅବସ୍ଥିତ । ଏଠାରେ ଇଂଲଣ୍ଡର ରାଜାଙ୍କର ପ୍ରସିଦ୍ଧ ରାଜପ୍ରାସାଦ ଅଛି । ଏହି କାଉଣ୍ଟିରେ ବିଲାତର ପ୍ରସିଦ୍ଧ ଇଟନ୍ କଲେଜ୍ ଅଛି । ]

**ବକିଚା**—ପ୍ରାଦେ. (ଗଡ଼ଜାତ) ବି—ବଗିଚା—
Bakichā Garden.

**ବକିବା**—ଦେ. କ୍ରି. (ସଂ. ବଚ୍ ଧାତୁ; ବୁକ୍କ ଧାତୁ=କହିବା)—
Bakibā ୧ । ଗାଳି ଦେବା—1. To rebuke.
बका ଗୋପ ନନ୍ଦନେ ବାଦ ବଚନେ ଏକ ଆରକେ ବକି ।
**बकना** ଭକ୍ତଚରଣ. ମଥୁରାମଙ୍ଗଳ ।
୨ । ଅନେକ ସମୟଯାଏ ଗପିବା—
2. To talk for a long time.
୩ । ପାଗଳପରି ପ୍ରଳାପ କରିବା—
3. To talk incoherently; to prattle.

**ବକି(କେ)ୟା(ଆ)**—ବୈଦେ. ବିଣ. (କଚେରୀ) (ଫା. ଓ ଅ. ବକିୟା, Baki(ke)yā(ā) ବକାୟା=ଅବଶିଷ୍ଟ; ବାକି ଥିବା)—ପୂର୍ବରୁ ବାକି ଥିବା—Remaining outstanding.
ବାକେୟା
ବାକିୟା(ଆ)
ବାକି ବକିୟା
ବାକି ବକର
} ଅନ୍ୟରୂପ ବି—୧ । ପୂର୍ବରୁ ବାକି ରହିଥିବା କାର୍ଯ୍ୟ—1. Arrear works.
बकेया ୨ । ଗତ ସନରୁ ବାକିଥିବା ଖଜଣା ବା ପ୍ରାପ୍ୟ—
**बकया** 3. Arrear rent or due; arrears.

**ବକିୟା ଖଜଣା**—ବୈଦେ. ବି. (କଚେରୀ) (ଫା. ବକାୟା+ଖଜାନା)—
Bakiyā khajaṇā ପୂର୍ବସନମାନଙ୍କର ଖଜଣା, ଯାହା ପ୍ରଜା (ସନହାଲ୍ ଖଜଣା—ବିପରୀତ) ଆଦାୟ ନ ଦେଇ ବାକି ରଖିଥାଏ—Arrear rent for year or years other than the current year.
बकेया खाजना
**बकाया खजाना**

**ବକିୟା ବାକି**—ଦେ. ବିଣ. (କଚେରୀ)—ଗତ ସନରୁ ବାକି ପଡ଼ିଥିବା—
Bakiyā bāki Last year's arrear.
(ସନହାଲ୍ ବାକି—ବିପରୀତ) बकेया बाकी **बकाया बाकी**

**ବକୀ**—ସଂ. ବି. ସ୍ତ୍ରୀ. (ବକ+ଈ)—୧ । ସ୍ତ୍ରୀ ଜାତୀୟ ବକ; ବଗୁଲୀ—
Bakī 1. A female egret.
୨ । ବକାସୁରର ଭଉଣୀ; ପୁତନା—2. The sister of the demon Baka, who was killed by Śrikṛushṇa.
ଏତେ କାଳ ସହିବ କି । ଏଥକୁ ତାଙ୍କୁ ଜଣାଣ ସେ ମାରିଲେ ବକୀ ।
ଭକ୍ତ. କୋଟିବ୍ରହ୍ମାଣ୍ଡସୁନ୍ଦରୀ ।

**ବକୁଆ**—ଦେ. ବିଣ. ପୁଂ—ଯେ ବହୁତ ବକେ ବା ଗପେ; ବାଚାଳ—
Bakuā (ବକେଇ, ବକୋଇ—ସ୍ତ୍ରୀ) Talkative.
बकुया **बक्की**

**ବକୁର**—ସଂ. ବି—୧ । ଭାସ୍କର; ସୂର୍ଯ୍ୟ (ହି. ଶ.)—1. The sun.
Bakura ୨ । ତୂରୀ (ହି. ଶ.)—2. Trumpet.
୩ । ବିଜୁଳି (ହି. ଶ.)—3. Lightning.

**ବକୁଳ**—ସଂ. ବି—ପୁଷ୍ପବୃକ୍ଷବିଶେଷ; ବଉଳ ଗଛ—
Bakuḷa Mimusops Elengi (a flower tree).
ଅନ୍ୟ—ସଂ. ସିଧୁଗନ୍ଧ, ଶୀର୍ଷକେଶରକ, ଚିରପୁଷ୍ପ
ଓ. ବଉଳ
बकुल
**बकुल; मौलसिरी**
ତେ. ପୋଗଡ଼ଚେଟ୍ଟୁ, ପାଘଡ଼ା
ତା. ମୋଗଦମ୍
ମ. ବକୁଳୀ, ବଗୌଳ
ଗୁ. ବୋଲସରୀ, ବରଶୋଲୀ
[ ଦ୍ର—ଏହା ଚିରଶ୍ୟାମଳ ବୃକ୍ଷ । ଏଥିର ଫୁଲ ଈଷତ୍ ହଳଦିଆ, ତୀବ୍ର ସୁଗନ୍ଧଯୁକ୍ତ ଓ ବସନ୍ତରେ ଫୁଟେ । ଏହାର ଫଳ କୋଳିପରି ଓ ପାଚିଲେ କଷାଟିଆ-ମିଠା ଲାଗେ; ମଞ୍ଜି ଗୋଟିଏ । ଫୁଲ ଶୁଖିଗଲେ ସୁଦ୍ଧା ବହୁକାଳ ଏଥିର ସୁବାସ ରହେ । ବୈଦ୍ୟକ ମତରେ ଏହା କଷାୟ କଟୁ ରସ ଓ ଗୁରୁ; ଏହା କଫ, ପିତ୍ତ, ବିଷ, ଶ୍ୱିତ୍ର, କୃମି ଓ ଦନ୍ତଦୋଷ ନାଶକ । ଏହାର ଫଳ ମଧୁରକଷାୟ, ସ୍ନିଗ୍ଧ, ମଳସଂଗ୍ରାହକ, ଓ ଦନ୍ତର ସ୍ଥିରତାକାରକ । ବଉଳ ଛେଲିର ଚୂନାରେ ଦାନ୍ତ ଘଷିଲେ ଦାନ୍ତ ମୂଳ ଦୃଢ଼ ହୁଏ । ]

**ବକୁଳ ଅମାବାସ୍ୟା**—ସଂ. ବି—ବଉଳ ଅମାବାସ୍ୟା (ଦେଖ)—
Bakuḷa amābāsyā Bauḷa amābāsyā (See)
(ବକୁଳ ଅମାସ୍ୟା, ବକୁଳ ଅମାବାସ୍ୟା—ଦେଶଜ ରୂପ)

**ବକୁଳି**—ଦେ. ବି. (ସଂ. ବଲ୍କଲ)—୧ । ନାକପୁଡ଼ାରୁ ଖଇ ଛାଡ଼ିବା ଭଳି ମଳ—1. Layer of dried up phlegm inside the nostrils.
Bakuḷi
मामड़ी; बकाल
**छिलका** ୨ । କ୍ଷତସ୍ଥାନର ଶୁଷ୍କ ଚମ ବା ଚେପା—2. Dry skin or peel of a healing wound or sore.

**ବକ୍ତବ୍ୟ**—ସଂ. ବିଣ. (ବଚ୍ ଧାତୁ=କହିବା+କର୍ମ. ତବ୍ୟ)—
Baktabya ୧ । ବାଚ୍ୟ; କଥନୀୟ; କହିବାର ଯୋଗ୍ୟ—
1, Speakable; proper to be spoken.

୨ । ଯାହା କହିବାକୁ ହେବ—2. To be spoken.
ବି—୧ । ପ୍ରସ୍ତାବ—1. Proposal,
୨ । କଥା—2. Speech.

**ବକ୍ତବ୍ୟ ବିଷୟ**—ସଂ. ବି—ବକ୍ତୃତାର ବିଷୟୀଭୂତ ବସ୍ତୁ—
Baktabya bishaya  Subject-matter of a lecture or speech.

**ବକ୍ତା**—ସଂ. ବିଣ. ପୁଂ. (ବଚ୍ ଧାତୁ+କର୍ତ୍ତୃ. ତୃ; ବକ୍ତୃ ଶବ୍ଦ, ୧ମା. ୧ବ)—
Baktā  ବାଗ୍ମୀ; ବାକ୍ପଟୁ—Able to speak fluently; eloquent.
(ବକ୍ତ୍ରୀ—ସ୍ତ୍ରୀ)
ସଂ. ବି. ପୁଂ—କଥକ; ବକ୍ତୃତାକାରୀ—Speaker; lecturer.

**ବକ୍ତିୟାର୍ ଖିଲଜି**—ବୈଦେ. (ନାମ)—ଖ୍ରୀଷ୍ଟ ତ୍ରୟୋଦଶ ଶତାବ୍ଦୀର ଶେଷ ଭାଗରେ ଭାରତରେ ରାଜତ୍ୱ କରୁଥିବା ଖିଲଜି ବଂଶୀୟ ମୁସଲମାନ୍ ରାଜାମାନଙ୍କ ମଧ୍ୟରୁ ଏକତମ—One of the Mahomedan kings of the Khiliji dynasty who ruled in India, in the 13th century A.D.
Baktiyār khiliji
বক্তিয়ার খিলজি
बखतियारखिलजी

**ବକ୍ତୃତା**—ସଂ. ବି. ( ବକ୍ତୃ+ଭାବ. ତା )—୧ । ବାକ୍ପଟୁତା; ବାଗ୍ମିତା—
Baktṛutā  1. Eloquence.
୨ । ଲେକ୍ଚର୍; ବକ୍ତାଙ୍କ କଥିତ ବିଷୟ—2. Lecture; a speech; an address.

**ବକ୍ତୃତା କରିବା**—ଦେ. କ୍ରି—ସଭାରେ କୌଣସି ବିଷୟ କହିବା—
Baktṛutā kariba  To deliver a lecture; to address a meeting.
(ବକ୍ତୃତା ଦେବା—ଅନ୍ୟରୂପ)
বক্তৃতা করা  **भाषन देना, बयान करना**

**ବକ୍ତୃତା ଝାଡ଼ିବା**—ଦେ. କ୍ରି. (ବ୍ୟଙ୍ଗ)—୧ । ବକ୍ତୃତା କରିବା—
Baktṛutā jhāṛibā  1. To deliver a lecture.
বক্তৃতা ঝাড়া  ୨ । ଅନର୍ଗଳ ଗପିବା—
**बयान करना**  2. To talk much.

**ବକ୍ତୃତ୍ୱ**—ସଂ. ବି. ( ବକ୍ତୃ+ଭାବ. ତ୍ୱ )—ବାଗ୍ମିତା—
Baktṛutwa  Eloquence.

**ବକ୍ତ୍ର**—ସଂ. ବି. ( ବଚ୍ ଧାତୁ=କହିବା+କରଣ; ତ୍ର )—
Baktra  ୧ । ମୁଖ; ପାଟି—1. Mouth.
୨ । ବଦନ; ମୁହଁ—2. Face.
( ଯଥା—ଚତୁର୍ବକ୍ତ୍ର; ପଞ୍ଚବକ୍ତ୍ର । )
୩ । ବୈଦିକ ଛନ୍ଦୋବିଶେଷ—3. Name of a vedic metre.
୪ । ତଗର ଗୁଳ୍ମ ( ଦେଖ ) ( ବୃ. ଶବ୍ଦସାଗର )—4. Tagara ( plant ).
୫ । କାର୍ଯ୍ୟାରମ୍ଭ (ବୃ. ଶ.)—5. The beginning of a work.
୬ । ଅନୁଷ୍ଟୁପ୍ ଜାତି ଯଗ ଛନ୍ଦୋବିଶେଷ (ବୃ. ଶ.)—6. A Sanscrit metre.
ବୈଦେ. ବି. (ଫା. ବକ୍ତର)—ବକତର (ଦେଖ)—Bakatar (See)

ବକ୍ତ୍ରେ ଜେ ଭକ୍ତଙ୍କ ବକ୍ତ୍ରେ ଜନକ ଜନ ମ
ଏକୁ ଗିର ଶରଭେଦ ହୃଦୟେ ହରେ । ଉପେ. ବୈଦେହୀଶବିଳାସ ।

**ବକ୍ତ୍ରଜ**—ସଂ. ବିଣ. (ବକ୍ତ୍ର+ଜନ୍ ଧାତୁ+କର୍ତ୍ତୃ. ଅ)—ମୁଖଜାତ—
Baktraja  Produced from the mouth or face.
(ବକ୍ତ୍ରଜା—ସ୍ତ୍ରୀ)  ବି—(ବ୍ରହ୍ମାଙ୍କ ମୁଖରୁ ଜାତ ହୋଇ ଥିବାରୁ)—ବ୍ରାହ୍ମଣ—A Brāhmaṇa (said to have been born from the mouth of Brahmā).

**ବକ୍ତ୍ର ଦଶ**—ଦେ. ବି. (ବହୁବ୍ରୀହି; ବକ୍ତ୍ର+ଦଶ; ଦଶମୁଖ)—ରାବଣ—
Baktra daśa  Rābaṇa the king of Laṅkā, who had ten heads).

ବକ୍ତ୍ରଦଶ କଥା କସ ଦଶପାଳେ କ ପ୍ରକାଶ
ଏକନେ ଅଶ୍ରୁତ ସ୍ୱନାଶିର । ଉପେ. ବୈଦେହୀଶବିଳାସ ।

**ବକ୍ତ୍ର ପଟ୍ଟ**—ସଂ. ବି. (ମ. ପ. ଲୋ; ବକ୍ତ୍ରରେ ବନ୍ଧାଯିବା ପଟ୍ଟ)—
Baktra paṭṭa  ଘୋଡ଼ା ଦାନା ଖାଇବାର ଥୋଣ୍ଟରୁଣା ଚୋବଡ଼ା-A gunny bag of corn attached to the mouth of a horse from which it eats.
[ ଦ୍ର—ଏଥିମଧ୍ୟରେ ଘୋଡ଼ାଙ୍କ ମୁହଁ ପଶି ଏହାର ଦୁଇ ପାଖର ଦଉଡ଼ି ଘୋଡ଼ାର ମୁଣ୍ଡ ବାଟେ ବୁଲି ଯାଇ ବନ୍ଧା ଯାଏ । ]

**ବକ୍ତ୍ର ମାଳୀ**—ଦେ. ବିଣ. ପୁଂ. (ବକ୍ତ୍ର+ମାଳନ୍; ୧ମା. ୧ବ)—
Baktra māli  ବହୁ ମୁଖବିଶିଷ୍ଟ—Having many heads; many-headed.
(ବକ୍ତ୍ର ମାଳିନୀ—ସ୍ତ୍ରୀ)

**ବକ୍ତ୍ର ଶୋଧୀ**—ସଂ. ବିଣ. (ବକ୍ତ୍ର+ଶୁଧ୍ ଧାତୁ+ଇନ୍, ୧ମା. ୧ବ.)—
Baktra śodhi  ମୁଖଶୁଦ୍ଧି କାରକ (ତାମ୍ବୂଲାଦି)—Purifying the mouth (betel etc).
ବି—ଜମ୍ବୀର ଲେମ୍ବୁ—Citrus Medica (a species of orange).

**ବକ୍ତ୍ରାସବ**—ସଂ. ବି. (ମ. ପ. ଲୋ; ବକ୍ତ୍ର ଜାତ ଆସବ)—
Baktrāsaba  ୧ । ଅଧରାମୃତ; ପାଟିର ଜଳ—1. Saliva.
୨ । ଥୁଦ; ଛେପ—2. Spittle.

**ବକ୍ତ୍ରିମା**—ଦେ. ବି. (ବ୍ୟଙ୍ଗ; ସ. ବକ୍ତୃତା)—ବକ୍ତୃତା ଭଙ୍ଗୀ—
Baktrimā  Airs assumed while giving a lecture; mode of delivery of a lecture.

**ବକ୍ର**—ସଂ. ବିଣ. (ବଙ୍କ୍ ଧାତୁ=ବଙ୍କା ହେବା+କର୍ତ୍ତୃ. ର)—
Bakra  ୧ । ବଙ୍କା; କୁଟିଳ—1. Curved; crooked.
୨ । ନଇଁ ଯାଇଥିବା—2. Bent.
୩ । କ୍ରୂର—3. Cruel.
୪ । କୁଚକ୍ରୀ; ଶଠ; ପ୍ରତାରଣାପୂର୍ଣ୍ଣ—4. Fraudulent.
୫ । ପ୍ରତିକୂଳ—5 Unfavourable.
୬ । ଟେଡ଼ିଆ—6. Oblique, slanting.
ବି—୧ । ବାଙ୍କ; ମୋଡ଼—1 A bend; a curvature.
୨ । ଶନି ଓ ମଙ୍ଗଳ ଗ୍ରହ—2. The planets Saturn and Mars.
୩ । ତଗର ପାଦୁକା (ବୃ. ଶ.) (ଦେଖ)—3. Tagara pāduka (See)
୪ । ପର୍ପଟ (ବୃ. ଶ.) (ଦେଖ)—4. Parpaṭa (See)

୫ । ତ୍ରିପୁରାସୁର (ହି. ଶ.) (ଦେଖ)—
5. Tripurāsura (See)

୬ । ବକ୍ରୀ ଗ୍ରହ (ଦେଖ)—6. Bakrī graha (See)

ଦେ. ବ—ବକ୍ର ଦାସ; ଅଚ୍ୟୁତାନନ୍ଦ ଦାସ ଗୋସ୍ୱାମୀଙ୍କ ଜଣେକ ପ୍ରଧାନ ଶିଷ୍ୟ—Name of disciple of Achyutānanda Gosāin.

ବକ୍ର ଉତର—ଦେ. ବ. (ସଂ. ବକ୍ର+ଉତ୍ତର)—ଥଟ୍ଟା କଥା—
Bakra utara Jest.

ଜାଣେ ରସିକ ମାଧବ ସେହି ମୋହନ ମନ୍ତର
ଯେମନ୍ତ ମଧୁରତର ବକ୍ର ଉତର । ଉପେ. ପ୍ରେମସୁଧାନିଧି ।

ବକ୍ର ଗତି—ସଂ. ବ. (କର୍ମଧା; ବକ୍ର+ଗତି)—୧ । ସାପପରି ମୋଡ଼ି
Bakra gati ମୋଡ଼ି ହୋଇ ଚାଲିବା—1. Tortuous movement; curved motion.

୨ । (ବହୁବ୍ରୀହି) ସର୍ପ; ସାପ—2. Serpent.

୩ । ଖଳ ବ୍ୟକ୍ତି—3. A wicked person.

୪ । ଶଠ ବ୍ୟକ୍ତି—4. A crooked person; a cheat; a swindler; a crook.

ବଣ—୧ । ବଙ୍କା ହୋଇ ଗତି କରୁଥିବା—
1. Moving tortuously.

୨ । କୁଟିଳ; ଶଠ—2. Crooked; fraudulent.

ବକ୍ର ଗ୍ରୀବ—ସଂ. ବଣ. ପୁଂ. (ବହୁବ୍ରୀହି; ବକ୍ର+ଗ୍ରୀବା)—
Bakra grība ଯାହାର ବେକ ବଙ୍କା—Having a curved neck.
(ବକ୍ରଗ୍ରୀବା—ସ୍ତ୍ରୀ)
(ବକ୍ରଗ୍ରୀବତା—ବ) ବ—ଉଷ୍ଟ୍ର, ଓଟ—The camel.

ବକ୍ର ଚଞ୍ଚୁ—ସଂ. ବଣ. (ବହୁବ୍ରୀହି; ବକ୍ର+ଚଞ୍ଚୁ)—
Bakra chanchu ଯାହାର ଥଣ୍ଟ ବଙ୍କା—Having a curved beak.

ବ—ଶୁକପକ୍ଷୀ; ଶୁଆ—Parrot.

ବକ୍ର ଡଉଁରା—ଦେ. ବ. (ସଂ. ବକ୍ର+ଡମରୁ)—୧ । ବାଙ୍କ ଡେଉଁରିଆ;
Bakra daunrā ସ୍ତ୍ରୀ ବାହୁଭୂଷଣବିଶେଷ—1. An armlet consisting of a series amulets strung together.
ବଙ୍କା ଡ(ଡେ)ଉଁରି, ବାଙ୍କ ଡ(ଡେ)ଉଁରି, ବାଙ୍କ ଡ(ଡେ)ଉଁରିଆ } ଅନ୍ୟରୂପ

୨ । ସ୍ତ୍ରୀମାନଙ୍କ ଜୁଡ଼ାରେ ପିନ୍ଧିବା ଧନୁସାକାର ଅଳଙ୍କାରବିଶେଷ—
2. A bow-shaped ornament worn on the chignon.

ବକ୍ର ଡଉଁରା ହେମ ଦୁଇ ଧର
ଦେବାକୁ ଉଚିତ ଏମନ୍ତ ପର । ଉପେ. ଲାବଣ୍ୟବତୀ ।

ବକ୍ରଣ—ସଂ. ବ. (ବକ୍ ଧାତୁ—କୁଟିଳ ହେବା+ଭାବ. ଅନ)—
Bakrana ବକ୍ରୀ କରଣ; ବଙ୍କାଇବା; ବକ୍ର କରିବା—Curving; bending.

ବକ୍ରତା(ତ୍ୱ)—ସଂ. ବ. (ବକ୍ର+ଭାବ. ତା)—ବକ୍ର ଭାବ—
Bakratā(twa) Crookedness.

ବକ୍ରତା(ନା)ଳ—ସଂ. ବ. (ବହୁବ୍ରୀହି; ବକ୍ର+ତାଲ; ନାଳ)—
Bakratā(nā)la ମୁହଁରେ ଫୁଙ୍କାଯିବା ଏକପ୍ରକାର ବାଜା—A kind of musical instrument blown by the mouth.

ବକ୍ର ତୁଣ୍ଡ—ସଂ. ବଣ. ପୁଂ. (ବହୁବ୍ରୀହି; ବକ୍ର+ତୁଣ୍ଡ)—
Bakra tunda ଯାହା ପାଟି ବଙ୍କା; ବଙ୍କାମୁହାଁ—Having a curved or bent mouth.
(ବକ୍ରତୁଣ୍ଡା—ସ୍ତ୍ରୀ)

ବ—୧ । ଶୁକପକ୍ଷୀ; ଶୁଆ—1. Parrot.

୨ । ଗଣେଶ—2. Ganesa.

ବକ୍ର ଦଂଷ୍ଟ୍ର—ସଂ. ବଣ. ପୁଂ. (ବହୁବ୍ରୀହି; ବକ୍ର+ଦଂଷ୍ଟ୍ରା)—
Bakra damshtra ଯାହାର ଦାନ୍ତ ବଙ୍କା—Having curved teeth or tusks.
(ବକ୍ର ଦଂଷ୍ଟ୍ରା—ସ୍ତ୍ରୀ)

ବ—୧ । ଶୂକର; ବାରୁହା—1. Hog; boar.

୨ । (କର୍ମଧା) ବଙ୍କା ଦାନ୍ତ—2. Curved tooth.

ବକ୍ର ଦୃଷ୍ଟି—ସଂ. ବ. (କର୍ମଧା; ବକ୍ର+ଦୃଷ୍ଟି)—
Bakra drushti ୧ । ବାଙ୍କ ଚାହାଣୀ—1. Glance with the corner of the eye; ogling.

୨ । ଟେରା ଚାହାଣୀ—2. Squint-eyed look.

୩ । ବେଅନୁଗ୍ରହ ଦୃଷ୍ଟି—3. Unfavourable look.

୪ । କ୍ରୂର ଦୃଷ୍ଟି—4. Scoul; angry or sullen look.

ବଣ—ଟେରା—Squint-eyed.

ବକ୍ରନକ୍ର—ସଂ. ବଣ. ପୁଂ—୧ । ପିଶୁନ; ଚୁଗୁଲିଆ (ହି. ଶ.)—
Bakranakra Backbiting.
(ବକ୍ରନକ୍ରା—ସ୍ତ୍ରୀ) ସଂ. ବ.—୧ । ଚୁଗୁଲିଖୋର ଲୋକ (ହି. ଶ.)—
1. A backbiter.

୨ । ଶୁକପକ୍ଷୀ (ହି. ଶ.)—2. Parrot.

ବକ୍ର ନଖ—ସଂ. ବ. (କର୍ମଧା; ବକ୍ର+ନଖ)—୧ । ବଙ୍କା ନଖ—
Bakra nakha 1. Curved nail or talon.
(ବକ୍ର ନଖର—ଅନ୍ୟରୂପ) ୨ । (ବହୁବ୍ରୀହି) ହିଂସ୍ର ପଶୁ ଓ ପକ୍ଷୀ—
2. Beasts and birds of pray.
ବକ୍ର ନଖା, ବକ୍ର ନଖରା } ସ୍ତ୍ରୀ ବଣ. ପୁଂ. (ବହୁବ୍ରୀହି) ଯାହାର ନଖ ବଙ୍କା—
Having curved nails.

ବକ୍ର ନାସିକ—ସଂ. ବଣ. ପୁଂ. (ବହୁବ୍ରୀହି; ବକ୍ର+ନାସିକା)—
Bakra nāsika ଯାହାର ନାକ ବଙ୍କା—Having an aquiline nose.
(ବକ୍ର ନାସିକା—ସ୍ତ୍ରୀ)

ବ—ପେଚକ; ପେଚା—An owl.

ବକ୍ରପୁଚ୍ଛ—ସଂ. ବଣ. ପୁଂ. (ବହୁବ୍ରୀହି; ବକ୍ର+ପୁଚ୍ଛ)—
Bakra puchchha ଯାହାର ଲାଙ୍ଗୁଡ଼ ବଙ୍କା—
(ବକ୍ରପୁଚ୍ଛା—ସ୍ତ୍ରୀ) Having a curved tail.

ସଂ. ବ—କୁକ୍କୁର (ହି. ଶ.)—Dog.

ବକ୍ର ପୁଷ୍ପ—ସଂ. ବ. (ବହୁବ୍ରୀହି; ବକ୍ର+ପୁଷ୍ପ)—୧ । ଅଗସ୍ତି ଗଛ—
Bakra pushpa 1. The Sesbania Grandiflora(tree).

୨ । ପଳାଶ ଗଛ—2. The Butea Frondosa (tree).

୩ । (କର୍ମଧା) ଅଗସ୍ତିଫୁଲ—
3. The Sesbania grandiflora flower.

ବକ୍ରସ୍ୱ—ସଂ. ବ—ମୂଲ୍ୟ; ଦାମ (ହି. ଶ)—
Bakraya Price.

**ବକ୍ର ରେଖା**—ସଂ. ବି. (କର୍ମଧା)—ଅସରଳ ରେଖା; ବଙ୍କା ଗାର—
Bakra rekhā A curved line.

**ବକ୍ରାଙ୍ଗ**—ସଂ. ବିଣ. ପୁଂ. (ବହୁବ୍ରୀହି; ବକ୍ର+ଅଙ୍ଗ)—
Bakrānga ୧ । ବଙ୍କା ଦେହବିଶିଷ୍ଟ—
(ବକ୍ରାଙ୍ଗୀ—ସ୍ତ୍ରୀ) 1. Having a curved body.
୨ । ଅବନତାଙ୍ଗ—2. Having the body bent.
ବି—୧ । ହଂସ—1. Swan.
୨ । ସର୍ପ (ହି. ଶ)—2. Snake; serpent.

**ବକ୍ରିତ ଶ୍ଳେଷାନ୍ତର ଶ୍ଳେଷ**—ବି—କାବ୍ୟାଲଙ୍କାରବିଶେଷ—
Bakrita śleshāntara ślesha A figure of speech.
[ ଦ୍ର—ଅଭିମନ୍ୟୁଙ୍କ ବିଦଗ୍ଧ ଚିନ୍ତାମଣିର କମ୍ପଲକ୍ଷିତ ପଦ ଦୁଇଟି ଏହି ଅଲଙ୍କାରର ଉଦାହରଣ । ଯଥା—
ଭାବେ ହର ଆମନକୁ ବିମନ କୁମୁଦ
ହର ଭାବେ ବା ଧରିବ କାରଣୀ କୁମୁଦ ।
କୁମୁଦ କର ସ୍ୱଖଦ ବନ୍ଧୁ ହର ପଦ
କୁମୁଦ କର ସୁଗନ୍ଧ ହର ଇନ୍ଦୁ ଖେଦ । ]

**ବକ୍ରିମ(ମା)**—ସଂ. ବି. (ବକ୍ର+ଇମ, ଇମନ୍; ୧ମା. ୧ବ)—
Bakrima(mā) ୧ । ବକ୍ରଭାବ—1. Crookedness
୨ । କୁଟିଳତା; ଶଠତା—2. Fraud.

**ବକ୍ରୀ**—ସଂ. ବିଣ. ପୁଂ. (ବକ୍ର+ଇନ୍; ୧ମା. ୧ବ.)—
Bakrī ୧ । ବକ୍ର ରୂପେ ଅବସ୍ଥିତ—1. Situate in a
(ବକ୍ରିଣୀ—ସ୍ତ୍ରୀ) tortuous position.
୨ । ବକ୍ରଗତିବିଶିଷ୍ଟ; ବକ୍ରଗାମୀ—
2. Moving in a tortuous manner.
୩ । ଆପଣା ମାର୍ଗକୁ ଛାଡ଼ି ପଛକୁ ଯେ ଗତି କରେ (ହି. ଶ.)—
3. Moving backwards.
ସଂ. ବି—ବୁଦ୍ଧ (ପ୍ରକୃତିବାଦ)—The Buddha.

**ବକ୍ରୀ ଗ୍ରହ**—ସଂ. ବି. (ବକ୍ରିନ୍+ଗ୍ରହ; ଯେଉଁ ଗ୍ରହ ବକ୍ରଗତି କରେ)—
Bakrī graha ସୂର୍ଯ୍ୟଙ୍କଠାରୁ ୩୦ ଅଂଶ ମଧ୍ୟରେ ଅବସ୍ଥିତ ଗ୍ରହ
(ହି. ଶ)—A planet within 30 degrees of the sun.
[ ଦ୍ର—ଯେଉଁ ଗ୍ରହ ନିଜ ରାଶିକୁ ଛାଡ଼ି ଏକବାରଗ୍ ଅନ୍ୟରାଶିକୁ ଚାଲିଯାଏ ତାକୁ ଅତିବକ୍ରୀ ବା ମହାବକ୍ରୀ ଗ୍ରହ ବୋଲାଯାଏ । ମଙ୍ଗଳ ବୁଧ, ବୃହସ୍ପତି, ଶୁକ୍ର ଓ ଶନି ଏ ପାଞ୍ଚଗ୍ରହଙ୍କୁ ବକ୍ରୀ ଗ୍ରହ ବୋଲାଯାଏ—ହି. ଶ. ]

**ବକ୍ରୋକ୍ତି**—ସଂ. ବି—( କର୍ମଧା; ବକ୍ର+ଉକ୍ତି )—୧ । ଦୁଇଅର୍ଥବୋଧକ
Bakrokti କଥା—1. An equivoke.
୨ । ଶ୍ଳେଷ ବାକ୍ୟ—2. A pun.
୩ । କୂଟବାକ୍ୟ ବା ଉତ୍ତର—3. Evasive reply.
୪ । ଶ୍ଳେଷାଲଙ୍କାରବିଶେଷ; ଶ୍ଳେଷବାକ୍ୟ—
4. (rhetoric) Punning.
[ ଦ୍ର—ଜଣକର ଏକାର୍ଥରେ ପ୍ରଯୁକ୍ତ ଶବ୍ଦକୁ ଅନ୍ୟ ଜଣେ ଯେବେ ଭିନ୍ନ ଅର୍ଥରେ ଗ୍ରହଣ କରେ ତାହାହେଲେ ବକ୍ରୋକ୍ତି ଅଲଙ୍କାର ହୁଏ । ଏହା ଦୁଇପ୍ରକାର, ଯଥା—ଶ୍ଳେଷ ବକ୍ରୋକ୍ତି ଓ କାକୁ ବକ୍ରୋକ୍ତି । ଶ୍ଳେଷ ବକ୍ରୋକ୍ତିରେ ବକ୍ତା ଏକ ଅର୍ଥରେ ଯେଉଁ ଶବ୍ଦ ବା ବାକ୍ୟ ପ୍ରୟୋଗ କରି ଥାଏ, ଅନ୍ୟ ଲୋକ ତାକୁ ଭିନ୍ନ ଅର୍ଥରେ ଗ୍ରହଣ କରେ । କାକୁ ବକ୍ରୋକ୍ତିରେ ବକ୍ତାର କଣ୍ଠସ୍ୱରକୁ ବା ବଚନଭଙ୍ଗୀକୁ ଅନ୍ୟ ଭାବରେ ଗ୍ରହଣ କରାଯାଏ ।
ଶ୍ଳେଷବକ୍ରୋକ୍ତିର ଉଦାହରଣ ଯଥା:—
ପ୍ରଶ୍ନ—ବାରୁଣୀ ଆଶାରେ— ରଜନୀ ମୁଖରେ
ଆସୁଅଛୁ କିଏ ଭାଇ,
ପଥ ଦିଶୁ ନାହିଁ— ଅନ୍ଧ ମୁଁ ଅଟଇ
ବାଟେ ଅଟକାଅ ନାହିଁ ।
ଉତ୍ତର—କିଏରେ ଅଜ୍ଞାନ ମଦ୍ୟପ ଦୁର୍ଜନ !
ନିଜପର କି ଜଗତ,
ମଣୁଅଛୁ ତୁହି— ମଦେ ଅନ୍ଧ ହୋଇ
ସମସ୍ତଙ୍କ ଅବିରତ ?
କାକୁ ବକ୍ରୋକ୍ତିର ଉଦାହରଣ ଯଥା—
ନାହିଁ ଏ ଭାରତେ ବିଦ୍ୟାର ବିଳାସ ?
ନାହିଁ ଏ ଭାରତେ ଶୌର୍ଯ୍ୟର ପ୍ରକାଶ ?
ଭୂଷଣମଣି—ଅଲଙ୍କାର ତରଙ୍ଗିଣୀ । ]

**ବକ୍ରୋଷ୍ଠିକା**—ସଂ. ବି—(ବକ୍ର+ଓଷ୍ଠ+କ+ଆ)—ସ୍ମିତ ହାସ୍ୟ; ଯେଉଁ
Bakroshṭhikā ହସରେ ଦାନ୍ତ ଦିଶେ ନାହିଁ, କେବଳ ଓଠ ଟିକିଏ
ବକ୍ର ହୁଏ (ହି. ଶ)—Smile.

**ବକ୍ଷ୍** ( ଧାତୁ )—ସ—ସଂହତ ହେବା—To be gathered
Baksh (root) together; to conglomerate.

**ବକ୍ଷ**—ଦେ. ବି—(ସଂ. ବକ୍ଷଃ)—ବକ୍ଷଃ (ଦେଖ)
Baksha Bakshaḥ (See).

**ବକ୍ଷଃ**—ସଂ ବି—(ବକ୍ଷ୍ ଧାତୁ+କର୍ତ୍ତୃ. ଅସ୍)—୧ । ଦୁଦୁ; ଛାତି; ବୁକ
Bakshaḥ ସ୍କନ୍ଧ ଓ ଉଦରର ମଧ୍ୟସ୍ଥଳ; ପେଟ ଓ ବେକର ମଧ୍ୟସ୍ଥ
ସମ୍ମୁଖସ୍ଥ ଶରୀରାଂଶ—1. The breast; bosom; chest.
୨ । ବଳଦ (ହି. ଶ)—2. Bullock.

**ବକ୍ଷଃପୀଡ଼ା**—ସଂ. ବି—(୬ଷ୍ଠୀ ତତ୍; ବକ୍ଷଃ+ପୀଡ଼ା)—୧ । ଛାତି ଦରଜ—
Bakshaḥ pīrdā 1. Pain in the breast; chest complaint.
୨ । ଯକ୍ଷ୍ମାରୋଗ—2. Pulmonary consumption; pthisis.

**ବକ୍ଷଃସ୍ଥଳ**—ସଂ. ବି. ( ୬ଷ୍ଠୀ ତତ୍; ବକ୍ଷଃ+ସ୍ଥଳ)—ଛାତି; ବୁକୁ; ବାହୁ ଓ
Bakshaḥsthala ବେକତଳଠାରୁ ପେଟ ପର୍ଯ୍ୟନ୍ତ ଦେହର ସାମନା
(ବକ୍ଷୋଦେଶ—ଅନ୍ୟରୂପ) ଅଂଶ—The region of the breast.
(ବକ୍ଷସ୍ଥଳ—ଦେଶଜରୂପ)

**ବକ୍ଷୀ**—ସଂ. ବି—(ବକ୍ଷ ଧାତୁ+ଇ)—ଅଗ୍ନିଶିଖା (ହି. ଶ)—
Bakshī Flame.

**ବକ୍ଷୋଜ**—ସଂ. ବି—(ଉପପଦ ତତ୍ପୁରୁଷ; ବକ୍ଷଃ+ଜନ ଧାତୁ+କର୍ତ୍ତୃ. ଅ;
Bakshoja ଯାହା ବକ୍ଷଃସ୍ଥଳରୁ ଜନ୍ମେ)—ପୟୋଧର; ସ୍ତ୍ରୀ ସ୍ତନ;
(ବକ୍ଷୋରୁହ—ଅନ୍ୟରୂପ) ଉରଜ; ଦୁଧ—The female breast; the mamma; teat.

ବକ୍ଷମାଣ—ସଂ. ବଣ—(ବଚ ଧାତୁ+କର୍ମ. ଶାନଚ୍)—୧ । ବାଚ୍ୟ;
Bakshyamāṇa ବକ୍ତବ୍ୟ (ଭୂ. ଣ)—1. Speakable.
୨ । କଥନର ବିଷୟୀଭୂତ —
2. Subject of discourse or talk.
୩ । ଯାହା ବୋଲାଯାଉ ଅଛି—3. Being spoken of.

ବକ୍ସ—ବୈଦେ. ବ. (ଇଂ. ବକ୍ସ)—କାଠର ଛୋଟ ଆଧାର; ବାକସ—
Baksa ବାକ୍ସ **बक्स; बकस** Box.

ବକ୍ସିସ୍(ସି)—ବୈଦେ. ବ. ( ଅ. ବଖ୍‌ଶୀସ୍ )—୧ । ପୁରସ୍କାର;
Baksis(si) ପାରିତୋଷିକ—1. Reward.
[ବକଶିସ୍(ସି)—ଅନ୍ୟରୂପ ୨ । ଭୃତ୍ୟାନଙ୍କୁ ପ୍ରଦତ୍ତ ବେତନରୁ
ବଖ୍‌ସିସ ଅଧିକା ଧନ—2. Tip given to servants;
**बक(ख)सीस** gratuity; bonus.

ବଖଡ଼(ଡ଼ା)—ଦେ. ବ. (ହିନ୍ଦୀ. ବଖେଡ଼ା; ମୂଳ. ସଂ. ବଘ୍ନ)—
Bakharda(rdā) ୧ । ବଗଡ଼; ଗୋଳମାଳ—
ବଖେଡ଼ା; বাগড়া 1. Noise; complications.
**बखेडा** ୨ । ଝଗଡ଼ା; କଳି—2. Quarrel.
୩ । ବାଧା; ବିଘ୍ନ—3. Obstruction.
୪ । ଆପତ୍ତି—4. Objection; interruption.
ବଣ—ବଖଡ଼ିଆ (ଦେଖ)—Bakhardiā (See)

ବଖଡ଼ ଲଗା(ଗୋ)ଇବା—ଦେ. କ୍ରି—କୌଣସି କାର୍ଯ୍ୟରେ ବିଘ୍ନ ଉପସ୍ଥିତ
Bakharda lagā(ge)ibā କରିବା—To raise
ବଖଡ଼ ଦେ(ଦେ)ଇବା } objection or obstruction or
ବଖଡ଼ ବାହାର କରିବା } —ଅନ୍ୟରୂପ complications in a
ବଖଡ଼ ଆଣି ପକା(କେ)ଇବା } matter.
বাগড়া লাগান **बखेडा निकालना**

ବଖଡ଼ିଆ—ଦେ. ବଣ. ପୁଂ—୧ । ବଗଡ଼ିଆ; ଯେ ଗୋଳମାଳ ବା ଆପତ୍ତି
Bakhardiā କରେ—1. Noisy.
ବଖଡ଼ୀ } ସ୍ତ୍ରୀ ୨ । ଯେ ବାଧା ଜାତ କରେ—
ବଖଡ଼େଇ } 2. Obstructive.
୩ । କଳିହୁଡ଼ା—3. Quarrelsome.
୪ । ବଗୁଲିଆ; ଖେଚଡ଼ା—4. Wicked; wanton.
୫ । ଆପତ୍ତିକାରୀ—5. Habitually objecting.
୬ । ଗୋଳମାଳିଆ (ବିଷୟ)—6. Full of intricacies; intricate.

ବଖର୍ଗ—ଦେ. ବ. (ସଂ. ପକ୍ଷାଗାର)—ଗୃହ ମଧ୍ୟସ୍ଥ ପ୍ରକୋଷ୍ଠ; ନିର୍ଦ୍ଦିଷ୍ଟ
Bakharā ପରିମାଣବିଶିଷ୍ଟ କୋଠରି—Room; compart-
কামরা **कमरा** ment; room of standard dimensions.
ତା ସଙ୍ଗେ ବେଶି ଅଛେ ଏବା ବଖର୍ଗମାନ
ଶ୍ରେଣୀଭାବରୂପେ ଜାଣ ସହୃଦୟ ଖାଳ । ତୁଳସୀ, କେଶବରାମାୟଣ ଅଦ ।
[ ଦ୍ର—ବଖର୍ଗର ଲମ୍ବ ଓ ଓସାରର ଭିନ୍ନ ଭିନ୍ନ ପରିମାଣ ଅଛି ।
ଏକ ବଖର୍ଗର ଲମ୍ବ ୫ ହାତ, ୭ ହାତ ବା ୯ ହାତ ହୋଇଥାଏ ।
ବଖର୍ଗ ଓ କୋଠରି ମଧ୍ୟରେ ପ୍ରଭେଦ ଏହି କି, ଦୈର୍ଘ୍ୟ ଓ ପ୍ରସ୍ଥ
ଅନୁସାରେ ବଖର୍ଗ ଧରାଯାଏ; କୋଠରି ସଂଖ୍ୟା ଅନୁସାରେ ଧରାଯାଏ ।
ଗୋଟିଏ ଲମ୍ବ କୋଠରିର ପରିମାଣ ଏକାଧିକ ବଖର୍ଗ ହୋଇ
ପାରେ, କିମ୍ବା ଏକ ବଖର୍ଗର ପରିମାଣଠାରୁ ଛୋଟ ହୋଇପାରେ; ଓ
ମଧ୍ୟ ବଖର୍ଗର ସୀମାମଧ୍ୟରେ ଏକ ଧିକ ଛୋଟ କୋଠରି ରହିପାରେ ।]

ବୈଦେ. ବ. (ଫା. ବଖ୍‌ରା)—୧ । ଅଂଶ; ଭାଗ —
বখরা 1. Share.
**बखरा** ୨ । ଅଂଶୀଦାର କାରବାର—
2. Partnership concern.
୩ । ବାଣ୍ଟ; ବଣ୍ଟନ—3. Partition
୪ । କୃଷି କାର୍ଯ୍ୟରେ ଦୁଇଜଣଙ୍କ ମଧ୍ୟରେ ଭାଗ କରି କାମ
କରିବା ଓ ଫଳ ବାଣ୍ଟି ନେବା; କୃଷିକାର୍ଯ୍ୟରେ ଭାଗଦାରି—
4. The system of division of labour and produce in agriculture.
[ ଦ୍ର—ଏହି ଅର୍ଥରେ ଭାଗ ଶବ୍ଦ ପରେ ବଖର୍ଗ ଶବ୍ଦ ସହଚର-
ରୂପେ ମଧ୍ୟ ବ୍ୟବହୃତ ହୁଏ । ]

ବଖର୍ଗ କରିବା—ଦେ. କ୍ରି—୧ । ବଡ଼ ଘରକୁ ଛୋଟ ଛୋଟ କୋଠରିରେ
Bakharā karibā ବିଭକ୍ତ କରିବା—1. To partition a
বখরা করা big house into compartments.
**बखरा करना** ୨ । ବାଣ୍ଟିବା; ବିଭାଗ କରିବା; ଭାଗ ଭାଗ କରି
ବାଣ୍ଟି ନେବା—2. To partition; to divide into allotments.
୩ । ବଖର୍ଗ ଧରିବା (ଦେଖ)—3. Bakharā dharibā (See)

ବଖର୍ଗ ଦାର୍—ବୈଦେ. ବଣ ଓ ବ. (ଫା)—ଅଂଶୀଦାର୍; ଭାଗଦାର୍;
Bakharā dār ସାଝୀଦାର୍—Cosharer; partner.
বখরা দার **हिस्सादार**

ବଖର୍ଗ ଦାରି—ବୈଦେ. ବ. (ଫା)—ଅଂଶୀଦାର୍; ପରିଶ୍ରମ ଓ ଫଳକୁ
Bakharā dāri ବାଣ୍ଟି ନେବା ଗାଲି; ସମ୍ବନ୍ଧତା—
বখরাদারী **हिस्सादारी** Partnership.

ବଖର୍ଗ ଧରିବା—ଦେ. କ୍ରି—କୌଣସି ଜମିକୁ ଭାଗରେ ବା ସାଝାରେ
Bakharā dharibā ଚାଷ କରିବା—To hold a land on
ବଖର୍ଗ ନେବା } ଅନ୍ୟରୂପ bhag or partnership; to
ବଖର୍ଗରେ ଧରିବା } hold land on the system
বখরাএ ধরা of division of labour and produce.
**साजीमे लेना**

ବଖର୍ଗ ବସା(ସେ)ଇବା—ଦେ. କ୍ରି—ଭାଗ ବସାଇବା; କୌଣସି ପଦାର୍ଥକୁ
Bakharā basā(se)ibā ଅଂଶୀଦାରମାନଙ୍କ ମଧ୍ୟରେ ବଣ୍ଟନ
বখরা বসান କରି ନେବା ପାଇଁ ଯେ ଯାହାର ହିସ୍ସା ପୃଥକ୍ ପୃଥକ୍
**बंटवारा करना** ଅଂଶରେ ବିଭକ୍ତ କରିବା—To apportion; to divide a thing into different allotments or shares; to allot shares.

ବଖର୍ଗ ଲଗା(ଗେ)ଇବା—ଦେ. କ୍ରି—୧ । ଆପଣାର ଜମିକୁ ଚାଷୀକୁ ଭାଗରେ
Bakharā lagā(ge)ibā ଚାଷ କରିବା—1. To let out
ବଖର୍ଗ ଦେବା } ଅନ୍ୟରୂପ land to a cultivator on the
ବଖର୍ଗରେ ଲଗାଇବା } system of produce rent.
বখরায় লাগান [ ଦ୍ର—ବଖର୍ଗ ଲଗାଇବା ଜମିରେ ଚାଷୀ ଜଣେ
**साझीमे लगाना** ପରିଶ୍ରମ ଓ ବ୍ୟୟ କରିବ ଏବଂ ଜମିର ମାଲିକକୁ

ଖଜଣା ନ ଦେଇ ଜମିର ଉତ୍ପନ୍ନ ବସ୍ତୁରୁ ଅଧେ ଦେବ, ଏହି ସର୍ତ୍ତରେ ଚାଷୀ ଜମିବାଲାଠାରୁ ଜମି ନେଇଥାଏ । ]

୨ । ବଖରା ବସାଇବା (ଦେଖ)—
2. Bakharā basāibā (See)

ବଖରିଆ—ଦେ. ବଣ. (ଅନ୍ୟ ଶବ୍ଦ ସଙ୍ଗେ ବ୍ୟବହୃତ)—୧ । ଏତେ
Bakhariā ସଂଖ୍ୟକ ବଖରାର ପରିମାଣଯୁକ୍ତ ( ଗୃହ ବା କୋଠରି)-
(ବଖୁରିଆ—ଅନ୍ୟରୂପ) 1. (a room or hall) Measuring so many standard-sized rooms.
(ଯଥା— ସାତ ବଖୁରିଆ ଘର ।)

୨ । ଏତେ ସଂଖ୍ୟକ କୋଠରିବିଶିଷ୍ଟ—2. Consisting of so many rooms; roomed (e.g. three-roomed).
(ଯଥା—ପାଞ୍ଚବଖୁରିଆ ଘର ।)

ପ୍ରାଦେ· ( ଲରିଆ ) ବି—ଘୋଡ଼ା ସଇସ —
Syce; groom of a horse.

ବଖାଡ଼ୁ - ଦେ. ବଣ—ଗୋଳମାଳିଆ; ଅଡୁଆ ପୂର୍ଣ୍ଣ—
Bakhārdu বখেড়াকা Full of intricacies.

ବଖାଣ—ଦେ. ବି. (ସଂ. ବକ୍ଷ୍ୟମାଣ; ସଂ. ବ୍ୟାଖ୍ୟାନ; ପ୍ରା. ବକ୍ଖାଣ. ତୁଳ.
Bakhāṇa ଫା. ବୟାନ୍)—୧ । କଥନ; କହିବା—
বর্ণন, বয়ান বখান 1. Speaking; statement

ଅଗ କର ଏବେ କରୁଛି ବଖାଣ । କୃଷ୍ଣସିଂହ. ମହାଭାରତ. ଅବ ।

୨ । ମୁଖବର୍ଣ୍ଣିତ ବିବରଣ—2. Narration; oral description.

୩ । ବର୍ଣ୍ଣନ—3. Describing.

ବଣ—ଉକ୍ତ; କଥିତ—Spoken.

ତାହାଙ୍କ ଯେ ଅବା ଲକ୍ଷଣ
ଛବରେ ହୋଇଛି ବଖାଣ । ଜଗନ୍ନାଥ. ଭାଗବତ ।

ବଖାଣ କରିବା—ଦେ. କ୍ରି. ( ସଂ. ବ୍ୟାଖ୍ୟାନ; ପ୍ରା. ବକ୍ଖାଣ; ଫା.
Bakhāṇa karibā ବୟାନ୍)—୧। କହିବା—1. To speak
(ବଖାଣିବା—ଅନ୍ୟରୂପ) ପୁଣି କୃଷ୍ଣ ଅଗରେ ବସିଲେ ବଖାଣି ।
বয়ান করা বখাননা କୃଷ୍ଣସିଂହ. ମହାଭାରତ ସଭ ।

୨ । ବିଶଦ ଭାବରେ କହିବା—
2 To state plainly and extensively.

ତାହା ମୁଁ ତୁମ୍ଭ ଅଗେ କରୁଛି ବଖାଣ । କୃଷ୍ଣସିଂହ. ମହାଭାରତ. ଅବ ।

୩ । ବର୍ଣ୍ଣନା କରିବା—3. To describe; to narrate.

କେତେ ଇତିହାସ କଥା ବଖାଣିଲେ ମୁନି । ମଧୁସୂଦନ. ବାଳ ରାମାୟଣ ।

୪ । ପ୍ରଚାର କରିବା—4. To proclaim; to publish.

ସେ ଶବଦନ୍ତ ଜାତ ହୋଇ ବାହାରସ
ସ୍ୱର୍ଗପୁରରେ ଯେଉଁ କୀର୍ତ୍ତି ବଖାଣିସ । କୃଷ୍ଣସିଂହ. ମହାଭାରତ ବନ ।

ବଖାଣି ହେବା—ଦେ. କ୍ରି—ପରସ୍ପରକୁ କହି ହେବା; କଥୋପକଥନ
Bakhāṇi hebā କରିବା—To speak to each other;
বয়ান করা বখান করনা to talk about.

ବଡ଼ ହଏ ଜଗର ଜନକ ୯ ଘର
ବଖାଣି ହୋଇଲେ ଏକା ସେହି ପ୍ରସ୍ତାବ । ଉପେ. ବୈଦେହୀଶବିଳାସ ।

ବଖାରି—ଦେ. ବି. (ସଂ. ବଲ୍କଲ)—୧ । ବଉଁଶ ଶଲାକା; ବାଉଁଶ କାଠି—
Bakhāri 1 A thin rod or stake of bamboo.
বাখারী ୨ । ବାଉଁଶର ଉକ୍‌ପଟ୍ଟ—2. The bark-lath of
ঘজ্জী bamboo.

ବଖାରି ସାହେବ୍—ଦେ. ବି. (ନାମ)—ଖୋରଧାରେ ଥିବା ପ୍ରସିଦ୍ଧ
Bakhāri sāheb ପୀର ଓ ତାଙ୍କ ଅସ୍ଥାନ—Name of the
(ବୋଖାରି ସାହେବ୍— ଅନ୍ୟରୂପ) seat of a Pir (Mahommedan saint) in the Khurda Subdivision of the Puri District.

[ ଦ୍ର—ଏ ସ୍ଥାନ ଖୋରଧାରୁ ଅଳ୍ପ ଦୂରରେ ଥିବା କାଇପଦର ନାମକ ଗ୍ରାମରେ; ଅନେକ ହିନ୍ଦୁ ଯାତ୍ରୀ ମଧ୍ୟ ଏଠାକୁ ଆସନ୍ତି ।

ବଖିଆ— ବୈଦେ. ବି. (ଫା) — ଏକ ପ୍ରକାର ମଜଭୁତ୍ ସିଲାଇ —
Bakhiā Back stitching; a kind of strong
বখিয়া stitch in sewing; double stitch in
बखिया sewing.

[ ଦ୍ର—ପ୍ରଥମେ 'ତାଗା ସିଲାଇ' କରି ୨ ଖଣ୍ଡି କନାକୁ ସଂଲଗ୍ନ କରିବାକୁ ହୁଏ । ପରେ ଉକ୍ତ ତାଗା ସିଲାଇ ଉପରେ ଦୃଢ଼ କରି 'ବଖିଆ' କରିବାକୁ ହୁଏ; ଏ ପ୍ରଣାଳୀରେ ପ୍ରଥମେ ଲୁଗାରେ ଟାଙ୍କା ବା ତାଗା ଗଳାଇ ପୁଣି ପଛକୁ ଫୁଟିକୁ ଆଣି ଖଣ୍ଡ ଦୂର ଆଗ ପର୍ଯ୍ୟନ୍ତ ପୁଣି ଟାଙ୍କା ମାରିବାକୁ ହୁଏ; ଏ ଭାବରେ ସିଲେଇ ଖୁବ ମଜଭୁତ ହୁଏ । ]

ବଖିଆ କରିବା—ଦେ. କ୍ରି— ଦୁଇ ଖଣ୍ଡ କନାକୁ ବଖିଆ ଭାବରେ ସିଲାଇ
Bakhiā karibā କରିବା— To sew two pieces of cloth
বখিয়া করা बखिया करना with double stitches.

ବଖିଲ୍—ବୈଦେ. ବଣ. (ଅ. ବଖୀଲ୍ = କୃପଣ)—
Bakhil ୧ । କୃପଣ; କଂସୁକୁଣ୍ଡ—1, Miserly; niggardly.
বখীল ୨ । ଅଭାବଗ୍ରସ୍ତ—2. Needy; poverty-stricken.
बखील ୩ । ଲୋଭୀ—3. Avaricious.

ବଖୁରି—ଦେ. ବି—ଛୋଟ ବଖରା ବା କୋଠରି—
Bakhuri A small room.

ଏକା ବଖୁରିକେ ଅଛୁ ପୁରୁଷ ଲେଖେଁ ବାଃ । ପ୍ରାଚୀ. ବ୍ରହ୍ମନିରୂପଣ ଗୀତା ।

ବଖୁରିଆ—ଦେ. ବଣ—ବଖରିଆ (ଦେଖ)—
Bakhuriā Bakhariā (See)

ବଖୁରିକିଆ —ଦେ. ବଣ—ଯେଉଁ ଗୃହର ପରିମାଣ ଏକବଖରା ମାତ୍ର—
Bakhurikiā Having the dimensions of one Bakharā only.

ବଗ୍‌ରାଇବା—ପ୍ରାଦେ. (ସମ୍ବଲପୁର) କ୍ରି. (ସଂ. ବିକିରଣ; ତୁଳ. ହି.
Bag-rāibā ବଗରାନା)—ସ୍ତୂପୀକୃତ କୌଣସି ବସ୍ତୁକୁ ଖେଳେଇ କରି ଇତସ୍ତତଃ କରି ଦେବା—To scatter heaped-up things.

ବଗ୍‌ଲା—ପ୍ରାଦେ. (ବାଲେଶ୍ୱର) ବି—ଧଳା ରଙ୍ଗର ପାରା—
Baglā White pigeon.

ବଗ—ଦେ. ବି. (ସଂ. ବକ)—ବକ (ଦେଖ)
Baga বগ बग Baka (See)

ବଗଚର(ରା)—ଦେ. ବି. (ସଂ. ବକ + ଚର୍ ଧାତୁ; ଏଠାରେ ବଗମାନେ
Bagachara(rā) ପୋକଜୋକ ଓ ମାଛମାଛ ପାଇବା ଆଶାରେ

अंगनइ ଚରନ୍ତି)—୧ । ସଡ଼କ ପାଖର ନଯ୍ନଳଯୋଢ଼—
1. Roadside ditches; low water channels on both sides of a road.
[ ଦ୍ର—ଏଥିରୁ ମାଟି ଖୋଳା ହୋଇ ସଡ଼କରେ ପଡ଼ିଥାଏ ଓ ସେଥିରେ ଅଳ୍ପ ପାଣି ଥାଏ, ତେଣୁ ବଗମାନେ ମାଛ ଓ ଗେଣ୍ଡା ଆଦି ଖୋଜିବା ପାଇଁ ସେଠାରେ ଚରି ବୁଲନ୍ତି । ]
୨ । ପୋଖରୀକୂଳର ଯେଉଁ ଅଂଶ ବର୍ଷାଦିନେ ପାଣିରେ ବୁଡ଼ିଯାଏ ଓ ଖରାଦିନେ ଶୁଖିଲା ରହେ ( ଯେଉଁଠାରେ ବଗମାନେ ସାଧାରଣତଃ ଖାଦ୍ୟ ଖୋଜି ବୁଲନ୍ତି ) ପୋଖରୀ ବା ହ୍ରଦର କୂଳର ଯେଉଁ ଅଂଶ ବର୍ଷାଦିନେ ଜଳପୂର୍ଣ୍ଣ ଥାଏ ଓ ଯେଉଁ ଅଂଶରେ ଖରାଦିନେ ପାଣି ରହେ ସେହି ଅଂଶ ମଧ୍ୟରେ ଥିବା ଅଳ୍ପ ଢାଲୁ ସମତଳ ସ୍ଥାନ—2. The nearly level portion on the bank of a tank or lake which is filled up with water during the rains and dries up in summer.

ଗୁରୁପାଟ ଅଢ଼ ବଗବଗଠାରୁ ଦଶବାର ହାତ ଉଚ୍ଚ ।
ଫକୀରମୋହନ• ଛ ମାଣ ଆଠଗୁଣ୍ଠ ।

ବଗଣ୍ଠା—ପ୍ରାଦେ. (ଗଞ୍ଜାମ) ବି—ଗଞ୍ଜାମ ଜିଲ୍ଲାର ପାଠକ ଜାତିବିଶେଷ—
Bagaṭā A class of Śūdras in the district of Ganjam.

ବଗଡ଼—ଦେ. ବିଣ. (ସଂ. ବକ୍ର, ବିକୃତ)—୧ । ଜାରଜ—
Bagarda 1. Bastard.
बखाट ୨ । ନୀତିଭ୍ରଷ୍ଟ; ଦୁଚରିତ୍ର; ଦୁଷ୍ଟ; ଖେଚଡ଼ା—
बगड, कमिना 2. Wicked; immoral.
୩ । ମୋଟା—3. Coarse.
୪ । ଅଶ୍ୱତର; ଖଚର—4. Mule.
୫ । ଦୋମିଶା ଜୀବ—5. A cross-breed.
ବି—୧ । ପର୍ବତର ଉପରଭାଗସ୍ଥ ଗୋଡ଼ି ବା କଙ୍କରମୟ ଉଚ୍ଚଭୂମି—
1. A high gravelly soil on the top of a mountain.
୨ । ଅଶ୍ଳୀଳ ଭାଷା—2. Coarse or indecent language.
୩ । ମୋଟା ଖାଦ୍ୟ—3. Coarse food.
ପ୍ରାଦେ. (ଗଡ଼ଜାତ) ବି—ପାହାଡ଼ର ପାର୍ଶ୍ୱଦେଶରେ ଢାଲୁ ଭୂଇଁ ଚଷି କନ୍ଧମାନେ ଯେଉଁଠାରେ କାଙ୍ଗୁ ବା ବଡ଼ ହରଡ଼ ବୁଣନ୍ତି—
Land on the slope of a hill where the aborigines grow pulse.

ବଗଡ଼ା—ଦେ. ବିଣ. (ସଂ. ବକ୍ର; ବିକରାଳ; ବିକଟ; ବିକୃତ)—
Bagardā ୧ । ମୋଟା—1. Coarse.
(ସରୁ—ବିପରୀତ) ବଗଡ଼ା ଅଳ୍ପ କେ ଅଣିସ
बगड़ा; बोकड़ा ବେଲ କରଡ଼ ଲୁଣ ଅଁଳା । ଜଗନ୍ନାଥ. ଲଗେ ।
भद्दा; उजड्ड ୨ । କର୍କଶ—2. Rough.
(ଯଥା—ବଗଡ଼ା ଲୁଗା ।)

ବଗଡ଼ାଲୁ—ପ୍ରାଦେ. (ଗଞ୍ଜାମ) ବି—ମଲକଡ଼ି; ଉପର କାନର ଅଳଙ୍କାର—
Bagardālu An ear-ornament worn on the upper part of the ear.

ବଗଡ଼ିଆ—ଦେ. ବିଣ. (ସଂ. ବିକୃତ; ବିକଟ)—୧ । ବଗୁଲିଆ; ଦୁଷ୍ଟ; ଖେଚଡ଼ା—1. Wicked.
Bagardiā
बखाटे; बखाटिया ୨ । କଳିହୁଡ଼ା—2. Quarrelsome.
बिगडैल ୩ । ଅଶ୍ଳୀଳଭାଷୀ—3. Of indecent speech; coarse (person)

ବଗମେଳ(ଳି)—ଦେ. ବି. (ସଂ. ବକ+ମିଲ୍ ଧାତୁ)—(ବଗମାନେ ଉଡ଼ିଲା ବେଳେ ଧାଡ଼ି ବାନ୍ଧି ଉଡ଼ିଲା ପରି) ବହୁଲୋକ ବା ଅଶ୍ୱାରୋହୀଙ୍କର ଧାଡ଼ି ବାନ୍ଧି ଗମନ କରିବା—
Bagameḷa(ḷi)
बकमील
बगमेल A race of persons or horsemen by forming one line (like the egrets flying in a row.

ବଗଲ—ବୈଦେ. ବି. (ଫା. ବଗଲ୍; ତୁଲ· ସଂ. ବାହୁମୂଳ)—
Bagala ୧ । କାଖ; ବାହୁମୂଳର ନିମ୍ନ ଦେଶ—1. Armpits
बगल ୨ । ପାର୍ଶ୍ୱ ଦେଶ—2. The side; flank.
बगल ୩ । (ଦରଜୀଙ୍କ ଭାଷା)—କୁର୍ତ୍ତାର ଯେଉଁ ତ୍ରିକୋଣ କନା ଛାତି କନା ଓ ପିଠି କନାର ମଧ୍ୟରେ ଦୁଇପାର୍ଶ୍ୱରେ ଲାଗିଥାଏ—3. The triangular piece of cloth on the sides of a shirt
ପ୍ରାଦେ. (ଅଙ୍ଗୁଲ ଓ ବାଙ୍କି) ବି—ମଇର ଦୁଇମୁଣ୍ଡ—
The two ends of a ladder.

ବଗଲ କୟାଁ—ପ୍ରାଦେ. (ଅଙ୍ଗୁଲ ଓ ବାଙ୍କି) ବି—ମଇର ଶେଷ ଦୁଇମୁଣ୍ଡ ଫଳରେ ମରାଯାଇଥିବା ଖିଲ—
Bagala kayāñ
The pegs or pins inserted at the two ends of an agricultural ladder.

ବଗଲ ବଜା(ଜେ)ଇବା—ଦେ. କ୍ରି. (ଫା. ବଗଲ୍+ସଂ. ବାଦନ)—
Bagala bajā(je)ibā ୧ । ହେଣ୍ଡି ମାରିବା; କାଖ ସନ୍ଧିରେ
बगल बाजान ଏକ କରତଳ ରଖି ପାର୍ଶ୍ୱଦେଶକୁ ବାହୁଦ୍ୱାରା ଆଘାତ
काँख बजाना କରିବା; ହାବୁଡ଼ା ବଜାଇବା—1. To strike the arm on the side by putting the palm of the other hand in the armpit.
୨ । ଆନନ୍ଦରେ ବାହୁକୁ ପାର୍ଶ୍ୱ ଦେଶରେ ବାଡ଼େଇ ଶବ୍ଦ କରିବା—2. To strike one's arm on the ribs in glee.

ବଗଲ ବନ୍ଦ(ନ୍ଧ,ନ୍ଦି,ନ୍ଧି)—ଦେ. ବି. (ଫା. ବଗଲ୍+ସଂ. ବନ୍ଧ)—ଏକ
Bagalaband(ndh,ndi,ndhi) ପ୍ରକାର କୁର୍ତ୍ତା, ଯହିଁର
बगलबन्दी ବୋତାମ ବା ଡୋରି ବଗଲରେ ଥାଏ—A kind of
बगलबंदी coat with button or strings below the armpit.

ବଗଳା—ସଂ• ବି—ତନ୍ତ୍ରୋକ୍ତ ଦଶମହାବିଦ୍ୟା ମଧ୍ୟରୁ ଏକତମା ; ଦେବୀ-
Bagaḷā ବିଶେଷ—Name of a Tantric Goddess.
(ବଗଳାମୁଖୀ—ଅନ୍ୟରୂପ) [ଦ୍ର—ଏହାଙ୍କ ଆରାଧନା କଲେ ଆରାଧକର ଶତ୍ରୁମାନଙ୍କ ବାକ୍, ମୁଖ, ପଦ, ପାଣି, ଜିହ୍ୱା ସ୍ତମ୍ଭିତ ହୁଏ ଓ ଶତ୍ରୁ ବଶ ହୁଏ । ]

ବଗ(ଗୁ)ଲା—ଦେ. ବି. ପୁଂ—(ସଂ. ବକ; ସଂ. ବଲାକା)—ବଗ—
Baga(gu)lā बगला बगला The egret.

(ବଗ[ଗୁ]ଲୀ—ସ୍ତ୍ରୀ) ସବାଙ୍କୁ ଉଠି ମିଶ୍ରର ଓ ମ୍ୟସେନ୍ ମହାପାତ୍ର ବଗଲ ବଗଲପରି ବସିଛନ୍ତି କଳପ୍ରାଣୀ, ପାଣରେ ନାହିଁ । ଫକୀରମୋହନ. ଗଳ୍ପସ୍ୱଳ୍ପ ।

ବଗଲି—ଦେ. ବି—ପନାସି (ଦେଖ)
Bagali वगई, वगनो Panāsi (Haines) (See).

ବଗହୁଲା—ଦେ. ବି—ବକ ୩ (ଦେଖ)
Bagahulā Baka 3 (See)

ବଗା—ଦେ. ବିଣ. (ସଂ. ଭୁକ୍ଷ=ବୋଦା; ମେଣ୍ଢାପରି ମନବୁଦ୍ଧି)—
Bagā ୧ । ଓଲ; ଓଲମା—1. Stupid; idiotic
ବୌକା ୨ । ନିର୍ବୋଧ—2. Foolish
नादान ୩ । ଯେ ଗୋଟାଏ ଆଡ଼କୁ ଅଧିକ ସମୟ ଚାହିଁ ବସିଥାଏ—3. Staring.
ପ୍ରାଦେ. (ସମ୍ବଲପୁର) ବିଣ—ପାଗଲ—Mad.

ବଗାତ—ବୈଦେ. ବି—(ଫା. ବାଗ; ଭୁଲ. ସଂ. ବାଟିକା)—୧ । ବଗିଚ୍ଚା;
Bagāta ଉଦ୍ୟାନ—1. Garden.
ବଗାଇତ } ଅନ୍ୟରୂପ ୨ । ଫଳବଗିଚ୍ଚା—2. Orchard.
ବଗାଏତ } ବାଗ, ବାଗାତ बगीचा, बाग

ବଗାର—ପ୍ରାଦେ. (ସମ୍ବଲପୁର) ବି—ଅଣ୍ଡିରା ମଇଁଷିପିଲା—
Bagāra The male calf of a buffalo.
ପ୍ରାଦେ (ବୌଦ୍ଧ) ବି—ଜନ୍ମ କରି ନ ଥିବା ମାଈ ମଇଁଷି—
A she-buffalo which has not yet borne a calf.

ବଗାରି—ପ୍ରାଦେ (ସମ୍ବଲପୁର) ବି—ମଇଁଷି ଛଡ଼ା—
Bagāri A she-calf of a buffalo.

ବଗାଳ—ପ୍ରାଦେ (ସିଂହଭୂମ) ବି—ମାଲିକର ଘରେ ରହି ଗ୍ରାସାଚ୍ଛାଦନ
Bagāla ପାଇ ବାର୍ଷିକ ଦରମାରେ ଯେଉଁ ଗୋରୁଜଗୁଆଳି ଚାକିରି କରେ—A cowherd engaged on yearly salary.

ବଗି—ବୈଦେ. ବି—୧ । (ଇଂ. ବଗ୍ଗୀ) ଦୁଇଚକିଆ ଘୋଡ଼ାଗାଡ଼ି—
Bagi 1. Buggy; gig; a light two-wheeled
ବଗ୍‌ଗୀ बग्गी carriage drawn by a horse.
୨ । (ଇଂ. ବୋଗୀ) ଚାରିଚକିଆ ଗାଡ଼ି—
2. A low four-wheeled carriage; bogie.
ଦେ. ବି (ସଂ. ବକ)—ବକଜାତୀୟ ଏକପ୍ରକାର କ୍ଷୁଦ୍ରଜାତିର ପକ୍ଷୀ—A small egret (bird).

ବଗିଚ୍ଚା—ବୈଦେ ବି. (ଫା. ବାଗଚ୍ଚ)—ଉଦ୍ୟାନ—
Bagichā Garden.
[ ଦ୍ର—ଫଳର ବଗିଚ୍ଚାକୁ ବଗାତ ଏବଂ ଶାକ ପରିବାର ବା ଫୁଲର ଉଦ୍ୟାନକୁ ବଗିଚ୍ଚା ବୋଲାଯାଏ । ]

ବଗିରାମ—ଦେ. ବି—ବଗି (ଦେଖ)
Bagirāma Bagi (See)

ବଗି ହଙ୍କା(ଙ୍କେ)ଇବା—ଦେ. କ୍ରି—ବଗିର ଘୋଡ଼ାଙ୍କ ବାଗକୁ ଧରି
Bagi hankā(nke)ibā ଘୋଡ଼ାଙ୍କୁ ଚଳାଇବା—To drive
ବଗିହାଁକା बगीहाँकना a carriage.
[ବଗି ହାଙ୍କିବା, ବଗି ଚଳା(ଳେ)ଇବା—ଅନ୍ୟରୂପ ]

ବଗୁଲ(ଲା)—ଦେ. ବି. ପୁଂ. (ସଂ. ବକ)—ବକଜାତୀୟ କ୍ଷୁଦ୍ରଜାତିର ପକ୍ଷୀ-
Bagula(lā) ବିଶେଷ—A kind of wading bird of the
(ବଗୁଲୀ—ସ୍ତ୍ରୀ) egret species.

ବଗୁଲିଆ—ବୈଦେ· ବିଣ—(ସଂ. ବାକ୍‌ବ୍ୟଳୀକ=ଯାହାର ବାକ୍ୟର ସ୍ଥିରତା
Baguliā ନାହିଁ; ଭୁଲ. ସଂ. ବର୍ବର; ବର୍ବରଭୁଲ୍ୟ)—୧ । ଦୁଷ୍ଟ;
ବଗୁଲି, ବବଲି, ବବଲଚଣ୍ଡ, } ପାମର; ବର୍ବର ଭୁଲ୍ୟ-
ବବଲିଆ, ବବୁଲଚଣ୍ଡ, ବବୁଲି, } ଅନ୍ୟରୂପ 1. Wicked;
ବବୁଲିଆ, ବବୁଲଚଣ୍ଡ } naughty.
ବବ୍ବଲା, ବବ୍ବଲିଆ ୨ । ବାବଦୂକ—2. Talkative.
नटखट, बावडा ୩ । ମିଛୁଆ—3. Liar.
୪ । ଠକ—4. Cheating.
୫ । ଯାହାର କଥା ଠିକ୍ ନ ଥାଏ—
5. Not true to his words.

ବଗୁଲିଆ ପଣ—ଦେ. ବି—ଦୁଷ୍ଟାମି—
Baguliā paṇa Wickednes ; naughtiness.
(ବଗୁଲିଆଗିରି, ବଗୁଲିଆମି, ବଗୁଲିଆ ପଣିଆ, ବଗୁଲିଗିରି—ଅନ୍ୟରୂପ)
ବବ୍ବଲାପନା नटखटी, बावडापन

ବଗୁଲି ଘାସ—ପ୍ରାଦେ. (ଗଡ଼ଜାତ) ବି—ଏକ ପ୍ରକାର ଘାସ—
Baguli ghāsa A species of grass.
[ ଦ୍ର—ଏଥିରେ ଦଉଡ଼ି ବଳାଯାଏ । ]

ବଘର(ରେ)ଇବା—ପ୍ରାଦେ. (ସମ୍ବଲପୁର) କ୍ରି. (ଭୁଲ. ହି. ବଗ୍‌ରାନା)—
Baghrā(re)ibā ଗଦା ହୋଇଥିବା କୌଣସି ବସ୍ତୁକୁ ଖେଳେଇ ଦେବା—To scatter a heap of anything.

ବଘର—ଦେ. ବି. (ସଂ. ଅବଘାରଣ; ପ୍ରା. ବଘାରଣ)—
Bagharā ବଘାରିବା କ୍ରିୟା—The act of flavouring
(ବଘର ବଘର—ଅନ୍ୟରୂପ) curry etc by frying it with
ଛୌଁକା species in oil etc.
बघारना, छौंकना ବିଣ—ଯାହା ବଘର ହୋଇଥାଏ—
Flavoured by being fried with spices.

ବଘର(ରେ)ଇବା—ଦେ. କ୍ରି—ବଘାରିବା କ୍ରିୟାର ଣିଜନ୍ତ ରୂପ—
Bagharā(re)ibā The causative form of
ଛେଁାକାନ 'Baghāribā.'
छौंकवाना ଅନ୍ୟ ଦ୍ୱାରା ବଘାରିବା କାର୍ଯ୍ୟ କରାଇବା—
To cause curry to be flavoured by another

ବଘ(ଘେ)ଲ—ବୈଦେ. ବି. (ହିନ୍ଦୀ. ବଘେଲ)—
Bagha(ghe)la କ୍ଷତ୍ରିୟ ବା ରାଜପୁତ ବଂଶବିଶେଷ—
A caste of Rajputs.
ବଘେଲ ବାଦସା ବୁନ୍ଦ ବୁନ୍ଦେର । କବଚୂଡ଼ା. କବିତା ।
[ ଦ୍ର—ପୂର୍ବକାଳରେ ବଘେଲ କ୍ଷତ୍ରିୟମାନଙ୍କ ଶାସିତ ରାଜ୍ୟ ଅଧୁନାକ ମଧ୍ୟପ୍ରଦେଶର ଏଜେନ୍ସିର ବଘେଲଖଣ୍ଡ ନାମରେ ଖ୍ୟାତ । ]

ବଘାର୍‌ବା—ପ୍ରାଦେ· (ବସ୍ତର) କ୍ରି—୧ । ସନ୍ତୁଳିବା (ଦେଖ)
Baghār-bā 1. Santulibā ( See )
୨ । ବଘାରିବା (ଦେଖ)—2. Baghāribā ( See )

ବଘାରିବା—ଦେ. କ୍ରି. (ସଂ· ଭର୍ଜ ଧାତୁ=ଭାଜିବା; ସଂ. ଅବଘାରଣ)—
Baghāribā ୧ । ଛୁଙ୍କିବା; ତେଲ ବା ଘିଅରେ ମସଲା ଫୁଟାଇ ଫୋଡ଼ନ ଦେଇଆ, ସମ୍ଭରା, ଛେଁାକା ଭାବିରେ ଜଳସିଦ୍ଧ ବ୍ୟଞ୍ଜନାଦିକୁ
बघारना, छौंकना ସରସ କରିବା—1, To flavour water-boiled

curry by frying it with spices in oil or ghee.

୨ । ( ଲକ୍ଷଣାର୍ଥ ) ପ୍ରକାଶ୍ୟରେ ଗାଳମନ୍ଦ କରବା—
2. (figurative) To abuse a person openly.

୩ । ପରର ଗୁପ୍ତ ଦୋଷ ପ୍ରକାଶ କରବା—3. To divulge another person's secrets.

୪ । ଶେଖୀ ବଘାରବା; ଆପଣାର ବାହାଦୁରୀ କହି ବୁଲବା—
4. To aggrandise one's self.

ବଘିବା—ପ୍ରାଦେ. ( ଗଡ଼ଜାତ ଓ ସମ୍ବଲପୁର ) କ୍ରି. ( ସଂ. ବକ=ଗତି
Baghibā ଧା. ଶ. )—ଚଢ଼ିବା; ଅନ୍ୱେଷଣ କରବା—
To ride; to climb.

ବଙ୍କ—ସଂ. ବି. ( ବନ୍କ୍ ଧାତୁ=ଗମନ କରବା+କର୍ତ୍ତୃ. ଅ )—
Baṅka ବକ୍ର; ବଙ୍କା—Curved; crooked.
ପ୍ରାଦେ. (ବୌଦ୍ଧ) ବି.—ବଗ—Egret.

ବଙ୍କସେନ—ଦେ. ବି. (ସଂ. ବଙ୍ଗସେନ)—ଅଗସ୍ତି ବୃକ୍ଷ—
Baṅkasena Sesbania Grandiflora.
বাকসনা
ବଙ୍କସେନ ତରୁ ତରୁଣୀ ଅଙ୍ଗକୁ ଚାହାଁ ନେଇ ନାମ କହି ।
ଉଦ୍ଧ. କୋଟିବ୍ରହ୍ମାଣ୍ଡସୁନ୍ଦରୀ ।

ବଙ୍କା—ଦେ. ବିଣ. (ସଂ. ବଙ୍କ, ବକ୍ର; ବକକ୍ ଧାତୁ=ଗତି କରବା)—
Baṅkā ୧ । କୁଟିଳ; ବକ୍ର—1. Curved; crooked.
(ବଙ୍କେଇ—ସ୍ତ୍ରୀ) ୨ । ନତ—2. Bent; inclined.
(ସିଧା—ବିପରୀତ) ୩ । ଜଟିଳ—3. Complicated.
বাঁকা ବିଣ—ଅଯଥାର୍ଥ ରୂପେ ଉଚ୍ଚାରିତ—
বাঁকা, बंका Improperly articulated.
ସାହେବ ପୋଷାକ କେହି ଅବା ପିନ୍ଧି
ସନ୍ଧିରେ କହଇ ବଙ୍କା ବଙ୍କା ବୁଲି । ରାଧାନାଥ. ଦରବାର ।

ବଙ୍କା(ଙ୍କେ)ଇବା—ଦେ. କ୍ରି. ( ସଂ. ବନକ୍ ଧାତୁ )—
Baṅkā(ṅke)ibā ୧ । ବକ୍ର କରବା—1. To bend.
(ବଙ୍କା କରବା—ଅନ୍ୟରୂପ) ୨ । ବକ୍ର ହେବା—2. To be bent or curved.
বাঁকান बाँकाना

ବଙ୍କା ଟଙ୍କା—ଦେ. ବିଣ—(ନିରର୍ଥକ ସହଚର; ସଂ. ବଙ୍କୁର ଟଙ୍କୁର)—
Baṅkāṭaṅkā ଅନେକ ସ୍ଥାନରେ ବକ୍ର—Bent at many places.
ବଙ୍କା ଚଙ୍କା } ଅନ୍ୟରୂପ আঁকাবাঁকা
ବଙ୍କୁର ଟଙ୍କୁର } बाँकाटेढ़ा

ବଙ୍କାମୁହାଁ—ଦେ. ବିଣ—ବକ୍ର ମୁଖବିଶିଷ୍ଟ—Having the face
Baṅkāmuhāṅ বাঁকামুখো मुहँटेढ़ा turned to one side.
( ବଙ୍କାମୁହିଁ—ସ୍ତ୍ରୀ )

ବଙ୍କାଲି—ଦେ. ବି—ଦେବୀବିଶେଷ—
Baṅkāḷi Name of a popular Goddess.

ବଙ୍କି—ଦେ. ବି. (ସଂ. ବକ୍ର)—ଫୁଲର ନାଡ଼ି—
Baṅki डंटी The stem of a flower.
ପ୍ରାଦେ. (ସମ୍ବଲପୁର) ବି—ଧାନଗଛର ରୋଗବିଶେଷ—
A disease attacking paddy plants.

ବଙ୍କିଆ—ଦେ. ବି. (ସଂ. ବକ୍ର)—ଗୋଡ଼ରେ ପିନ୍ଧିବା ଏକପ୍ରକାର ବଳା;
Baṅkiā ବାଙ୍କି—A kind of anklet

ମଞ୍ଜୀର ଯୋଗେ ପ୍ରଚୁର ଅଛି—
ରଚନ ବଙ୍କିଆ ଲଗି ଯେ—କବିସୂର୍ଯ୍ୟ. ଚନ୍ଦ୍ରକଳା ।

ବଙ୍କିମ—ଦେ. ବିଣ—(ସଂ. ବଙ୍କିମ)—ବକ୍ର—
Baṅkima Curved; bent; crooked.
(ବଙ୍କିମା—ଅନ୍ୟରୂପ) বঙ্কিম बाँका
ଢୋ ମୂଳ ପଦ୍ମସୌରଭ ସୁଧା ସ୍ଥୂଳେ ବଙ୍କିମ ବଚନ ସୃଷ୍ଟି—
ପ୍ରାଚୀ. ଉଦବାଦ୍ଧ ।

ବଙ୍କିମଚନ୍ଦ୍ର—ଦେ. ବି. (ନାମ)—ବଙ୍ଗୀୟ ସୁପ୍ରସିଦ୍ଧ ସ୍ୱର୍ଗୀୟ ଉପନ୍ୟାସକାର
Baṅkimachandra ବଙ୍କିମଚନ୍ଦ୍ର ଚଟ୍ଟୋପାଧ୍ୟାୟ—Name of a very talented Bengali novelist; Bankima Chandra.

[ ଦ୍ର—ଏହାଙ୍କ ଜନ୍ମ ଖ୍ରୀ ୧୮୩୮—ମୃତ୍ୟୁ ୧୮୯୪ । ଏ ପ୍ରଥମ ବଙ୍ଗାଳୀ ଗ୍ରାଜୁଏଟ୍ । ଏ ୧୮୫୮ ଠାରୁ ୧୮୯୧ ପର୍ଯ୍ୟନ୍ତ ଡେପୁଟି କଲେକ୍ଟର ଥିଲେ । ଏ କେତୋଟି କ୍ଷୁଦ୍ର ପଦ୍ୟ ରଚନା କରି ଶେଷରେ ବଙ୍ଗଳାରେ ଦୁର୍ଗେଶନନ୍ଦିନୀ, କପାଳକୁଣ୍ଡଳା, ମୃଣାଳିନୀ, ବିଷବୃକ୍ଷ ଓ ଅନ୍ୟାନ୍ୟ ଅନେକଗୁଡ଼ିଏ ଉପନ୍ୟାସ ଲେଖିଥିଲେ ଓ ବଙ୍ଗଦର୍ଶନ ନାମକ ମାସିକ ପତ୍ର ସମ୍ପାଦନ କରିଥିଲେ । ଏ ଧର୍ମତତ୍ତ୍ୱ, କୃଷ୍ଣଚରିତ ନାମକ ଧର୍ମରହସ୍ୟପୂର୍ଣ୍ଣ ଗ୍ରନ୍ଥ ଲେଖିଥିଲେ । ଏ ଆଧୁନିକ ବଙ୍ଗସାହିତ୍ୟର ଯୁଗପ୍ରବର୍ତ୍ତକ । 'ବନ୍ଦେମାତରଂ' ସଙ୍ଗୀତ ଏହାଙ୍କ ରଚିତ । ]

ବଙ୍କିମ ନୟନା—ଦେ. ବିଣ—ବାମାକ୍ଷୀ; ବକ୍ରନୟନା—Casting
Baṅkima nayanā glances through the corner of the eyes; casting oblique glances.
ବଙ୍କିମ ନୟନା ମୋ ହୋଇଲୁ ଏହି ମତ ।
ଉଦ୍ଧ. ବୈଦେହୀଶବିଳାସ ।

ବଙ୍କିଳ—ଦେ. ବି—କଦମ୍ବ ନାଡ଼—
Baṅkiḷa The stalk of Anthocephalus Kadamba.
ବଙ୍କିଳ ତର ଗୋଞ୍ଜଲେ ନ ପାଇବା ମତ—
ଉଦ୍ଧ. ବୈଦେହୀଶବିଳାସ ।

ବଙ୍କୁ—ସଂ. ବିଣ—(ବୈଦିକ; ବଙ୍କ+ଉ)—ବକ୍ର; କୁଟିଳ—
Baṅku Crooked; bent; curved.

ବଙ୍କୁ ନାଡ଼(ଳ)—ଦେ. ବି. (ଶରୀରଭେଦ) (ସଂ. ବକ୍ର ଓ ନାଳ)—
Baṅku nārda(ḷa) ଭ୍ରୂମଧ୍ୟସ୍ଥ ବିନ୍ଦୁ—The point between the eye brows.
ଶରୀରଭେଦ (ଦେଖ)—Śarirabheda (See).
ନୟନ ପବନ ନଷ୍ଟଲେ
ଚଳିବ ନେଇ ବଙ୍କୁନାଳେ—ପ୍ରାଚୀ. ନିର୍ଗୁଣ ମାହାତ୍ମ୍ୟ ।

ବଙ୍କୁର—ସଂ. ବି—(ବଙ୍କ+ଉର)—ବଙ୍କା—
Baṅkura Curved; bent; crooked.
( ବଙ୍କ୍ୟ—ଅନ୍ୟରୂପ ) [ବଙ୍କୁର ସଙ୍ଗେ ଟଙ୍କୁର ନିରର୍ଥକ ସହଚରରୂପେ ସଂସ୍କୃତ ଶ୍ଳୋକରେ ବ୍ୟବହୃତ ହୋଇଅଛି] ।

ବଙ୍କୁଲି—ଦେ. ବିଣ. ( କ୍ଷୁଦ୍ରାର୍ଥ )—୧ । ବଙ୍କା ଓ ଛୋଟ (ବାଡ଼ି)—
Baṅkuli 1. Small and curved (stick).
বাঁকুয়া ୨ । ଈଷତ୍ ବକ୍ର—
बंकुली 2. Slightly curved.

ବଙ୍କୁଲି ବାଡ଼ି—ଦେ. ବି—୧ । ଯେଉଁ ବାଡ଼ିର ଅଗ ବଙ୍କା—
Bańkuli bārḍi 1. Stick with a curved top.
বাঁকুয়াছড়ি ୨ । ଯେଉଁ ବାଡ଼ିର ଦେହ ୨।୩।୪ ସ୍ଥାନରେ ବଙ୍କା—
বক্রলাঠী 2. A stick having a curved body.

ବଙ୍ଗ—ସଂ. ବି. (ବନ୍‌ଗ ଧାତୁ=ଶଙ୍କ ଗତି+ଅଧିକରଣ. ଅ)—
Banga ୧ । ଧାତୁବିଶେଷ; ରଙ୍ଗ; ଟିଣ—
রাঙ 1. Tin (metal).
বংগ ୨ । ଉତ୍ତର ଭାରତର ପୂର୍ବଦେଶବିଶେଷ—
ହି. ରଙ୍ଗ 2. The Province of Bengal.
[ ଦ୍ର—ବର୍ତ୍ତମାନ ଯାହା ପୂର୍ବବଙ୍ଗ ନାମରେ ଖ୍ୟାତ, ଅର୍ଥାତ୍ ପଦ୍ମାନଦୀର ପୂର୍ବରେ ସ୍ଥିତ ପ୍ରଦେଶ, ପୂର୍ବେ ତାହା 'ବଙ୍ଗ' ଦେଶ ଥିଲା । ପଶ୍ଚିମ ବଙ୍ଗକୁ ପୂର୍ବେ 'ଗୌଡ଼ ଓ ରାଢ଼' ଦେଶ କହୁଥିଲେ ବର୍ତ୍ତମାନର ବଙ୍ଗ ପ୍ରଦେଶ ପୂର୍ବକାଳର ବଙ୍ଗ, ରାଢ଼ ଓ ଗୌଡ଼ ଦେଶର ମିଶ୍ରଣ ।]
୩ । (ବ=ଜଳ, ସମୁଦ୍ର+ଗମ୍ ଧାତୁ=ଗମନ କରିବା+କର୍ତ୍ତୃ. ଅ; ଯେ ଜଳମୟ ସ୍ଥାନରେ ଗତି କରେ)—କେଉଟ; ନୋଳିଆ—3. Fisherman.
ବିଣ—୧ । ବଙ୍ଗଦେଶୀୟ—1. Pertaining to the country of Bengal.
୨ । ବଙ୍ଗୀୟ; ବଙ୍ଗାଳୀ; ବଙ୍ଗବାସୀ—2. Bengalee.
ଦେ. ବି—ବଙ୍ଗ ଭସ୍ମ—Oxide of tin.

ବଙ୍ଗଜ-ସଂ. ବିଣ—ପୂର୍ବବଙ୍ଗରେ ଜାତ—
Bangaja Born in East Bengal.

ବଙ୍ଗଜ କାୟସ୍ଥ—ଦେ. ବି—ପୂର୍ବବଙ୍ଗ ବା ଢାକାଦେଶୀୟ କାୟସ୍ଥ—
Bangaja kāyastha A class of Kāyasthas of
বঙ্গজ কায়স্থ East Bengal.

ବଙ୍ଗଣ—ପ୍ରାଦେ. (ମେଦିନୀପୁର) ବି. (ସଂ. ବଙ୍ଗନ)—ବାଇଗଣ—
Bangana Brinjal.

ବଙ୍ଗନ—ସଂ. ବି. (ବନ୍‌ଗ ଧାତୁ=ଶଙ୍କ ହେବା+ଅନ)—
Bangana ବାର୍ତ୍ତାକୀ; ବାଇଗଣ—Egg-plant.

ବଙ୍ଗନ(ନା) ପ(ପା)ଲ୍ଲୀ—ଦେ. ବି. (ନାମ)—ଦକ୍ଷିଣ ଭାରତର ମୁସଲମାନ୍
Bangana(nā)pa(pā)lli ନବାବଙ୍କ ଶାସିତ ଏକ ରାଜ୍ୟ—
বাগনান পল্লী Bagnanpalli; name of an Indian
বংগনাপাল্লী State in Southern India.
[ ଦ୍ର—ଏହି ସ୍ଥାନର ଉତ୍କୃଷ୍ଟ ଅମ୍ବ 'ବାଇଗଣ ପଲେଇ ଅମ୍ବ' ରୂପେ ଭାରତରେ ସର୍ବତ୍ର ବିଖ୍ୟାତ । ]

ବଙ୍ଗ ଭସ୍ମ—ସଂ. ବି—ଆୟୁର୍ବେଦିକ ପ୍ରକ୍ରିୟାରେ ପ୍ରସ୍ତୁତ ଟିଣ ଧାତୁର
Banga bhasma ପାଉଁଶ—Oxide of tin prepared according to the Āyurbeda.

ବଙ୍ଗର ଗୁଡ଼ିଆ—ପ୍ରାଦେ. (ଗଡ଼ଜାତ) ବି—ଏକଜାତୀୟ ଗୁଡ଼ିଆ—
Bangara gurḍiā A class of confectioners.
[ ଦ୍ର—ଏମାନେ ଗୁଆ, ଗୁଣ୍ଡି ଓ ବଣିଆତି ମସଲା ବିକନ୍ତି, କିନ୍ତୁ ଓଡ଼ିଶାର ଗୁଡ଼ିଆମାନଙ୍କ ପରି ମୁଢ଼ି, ଉଖୁଡ଼ା ଓ ମିଷ୍ଟାନ୍ନ ପ୍ରସ୍ତୁତ କରନ୍ତି ନାହିଁ । ]

ବଙ୍ଗଳା—ଦେ. ବି. (ସଂ. ବଙ୍ଗ)—୧ । ବଙ୍ଗ ଦେଶ—
Bangaḷā 1. Bengal.
বাঙ্গলা ୨ । ବଙ୍ଗୀୟ ଭାଷା—2. Bengalee language.
বংগলা; বগাল ୩ । ମଉଡ଼ମଣ୍ଡି ଘର; ଚୌଚାଳିଆ ଘର; ଯେଉଁ ଘରର ଚାରିପାଖରେ ତ୍ରିକୋଣାକାର ଚାଳମାନ ଥାଏ—
3. Bungalow; a house with 4 simple thatches on four sides.
[ ଦ୍ର—ସମ୍ଭବତଃ ବଙ୍ଗଦେଶରେ ଏହିପରି ମଉଡ଼ମଣ୍ଡି ଘର ବେଶି ଥିବାରୁ ଏ ପ୍ରକାର ଘରକୁ 'ବଙ୍ଗଳା' ବୋଲାଯାଏ । ]
ବିଣ—ବଙ୍ଗ ଦେଶୀୟ—Belonging to Bengal.
ପ୍ରାଦେ. (ସମ୍ବଲପୁର) ବି—ମହାନଦୀ କୂଳର ପଟୁ ଜମିରେ ଚାଷ ହେଉଥିବା ଏକପ୍ରକାର ଫୁଟି ଫଳ—A kind of cucumber grown on the silt of the Mahānadī river
[ ଦ୍ର—ସମ୍ଭବତଃ ଏହା ପ୍ରଥମେ ବଙ୍ଗଦେଶରୁ ଆସିଥିଲା । ]

ବଙ୍ଗଳା ପାନ—ଦେ. ବି—ବଙ୍ଗଦେଶରେ ମିଳୁଥିବା ସୁଗନ୍ଧଯୁକ୍ତ ଏକୀ
Bangaḷā pāna ପ୍ରକାର ପାନ—A species of betel
বংগলা পান grown in Bengal.

ବଙ୍ଗଳା ବାଟ—ପ୍ରାଦେ. (ପୁରୀ) ବି—ପୁରୀର ପଣ୍ଡା ଗୁମାସ୍ତାମାନଙ୍କର ଯାତ୍ରୀ
Bangaḷā bāṭa ସଂଗ୍ରହ କରିବାପାଇଁ ବଙ୍ଗଦେଶକୁ ଯିବା—
The agents of the Paṇḍās of Puri going to Bengal to secure pilgrims to Lord Jagannath

ଏଇ ଯେଃ ! ଏଇ ଯେଃ ଲାଗି ବଙ୍ଗଳା ବାଟ । ଭଗ ।

ବଙ୍ଗଳା ବାଦାମ—ଦେ. ବି—ଏକ ଜାତୀୟ ବାଦାମ—
Bangaḷā bādāma Terminalia Catapha.
[ ଦ୍ର—ଏହାର ପତ୍ର ଦେଶୀ ବାଦାମର ପତ୍ରଠାରୁ ଅଧିକ ସୁନ୍ଦର ଓ ଚିକ୍କଣ । ]

ବଙ୍ଗଳା ଶ୍ରୀ—ଦେ. ବି—ରାଗବିଶେଷ—Name of a metre.
Bangaḷā śri [ ଦ୍ର—ରାଗ ତଳେ ନୋଟ୍ ଦ୍ରଷ୍ଟବ୍ୟ । ]

ବଙ୍ଗ ସେନ—ସଂ. ବି—ବକପୁଷ୍ପ; ଅଗସ୍ତି ଗଛ ଓ ଫୁଲ—
Banga sena Sesbania Grandiflora (tree and flower).

ବଙ୍ଗାବ୍ଦ—ସଂ. ବି. (ଆଧୁନିକ ପ୍ରୟୋଗ)—ବଙ୍ଗଦେଶର ପ୍ରଚଳିତ ସନ—
Bangābda The Bengalee year.
[ ଦ୍ର—ଶକାବ୍ଦରୁ ୫୧୫ ଫେଡ଼ିଲେ ବଙ୍ଗାବ୍ଦ ହୁଏ । ଓଡ଼ିଶା ପ୍ରଚଳିତ 'ଫସଲୀ' ସନ ସଙ୍ଗେ ୧୫୩ ଯୋଗ କଲେ ବଙ୍ଗାବ୍ଦ ହୁଏ । ଏ ସନ ବୈଶାଖରୁ ଆରମ୍ଭ ହୁଏ । ଓଡ଼ିଆ ସନ ଭାଦ୍ର ମାସ ସୁନିଆଁଠାରୁ ଆରମ୍ଭ ହୁଏ । ଏହି ପ୍ରଭେଦ ଛଡ଼ା ଓଡ଼ିଆ ସନ ଓ ବଙ୍ଗାବ୍ଦ ସମାନ । ସନ ତଳେ ନୋଟ୍ ଦ୍ରଷ୍ଟବ୍ୟ । ]

ବଙ୍ଗାଳ—ଦେ. ବି. (ସଂ. ବଙ୍ଗ=ଟିଣ)—ଧଳା ରଙ୍ଗ—
Bangāḷa White colour.

ରଙ୍ଗରେ ବଙ୍ଗାଳ ରଙ୍ଗିରେ ହୁଙ୍ଗୁଳ
ଦେହ ବେଶେ ଥିଲ । ଅଭିମନ୍ୟୁ, ବିଦଗ୍ଧଚିନ୍ତାମଣି ।

ବଙ୍ଗାଲ୍—ଦେ. ବ ( ବ. ବାଂଗାଲ୍ )—ପୂର୍ବ ବଙ୍ଗୀୟ ବ୍ୟକ୍ତି—
Bangal বাঙ্গাল A man of east Bengal.

ବଙ୍ଗାଲିୟା—ଦେ. ବଣ—ବଙ୍ଗାଲୀମାନଙ୍କ ମଧ୍ୟରେ ପ୍ରଚଳିତ—
Bangaliya Prevalent amongst the Bengalees.
বাঙ্গালী बंगाली (ଯଥା—ବଙ୍ଗାଲିୟା ଖୋଷା ।)

ବଙ୍ଗାଲୀ—ଦେ. ବ. ପୁଂ—ବଙ୍ଗଦେଶୀୟ ବ୍ୟକ୍ତି—
Bangali The Bengalee people.
(ବଙ୍ଗାଲୁଣୀ—ସ୍ତ୍ରୀ) ବଣ—ବଙ୍ଗଦେଶୀୟ—Bengalee;
বাঁগালী बंगाली pertaining to Bengal.

ବଙ୍ଗାଲୀ ଆଳୁ—ପ୍ରାଦେ. (ଗଞ୍ଜାମ ବ—ଗୋଲ ଆଳୁ; ବିଲାତି ଆଳୁ—
Bangali alu Potato.

ବଙ୍ଗାଲୀ କନ୍ଦା—ପ୍ରାଦେ. (ଜୟପୁର ଓ ବଣାଗାପଟ୍ଟଣା)—ବିଲାତି ଆଳୁ—
Bangali kanda Potato.

ବଙ୍ଗାଲୀ ତନ୍ତି—ଦେ. ବ—ଓଡ଼ିଶାରେ ବହୁ ପୁରୁଷ ହେଲା ଉପନିବେଶ
Bangali tanti କରିଥିବା ବଙ୍ଗବାସୀ ତନ୍ତି—A class of weavers who originally migrated from Bengal generations ago.
[ ଦ୍ର—ଏମାନେ ବହୁ ପୁରୁଷ ହେଲା ଓଡ଼ିଶାରେ ରହି ଓଡ଼ିଆମାନଙ୍କ ଭାଷା ଓ ରୀତିନୀତିକୁ ବ୍ୟବହାର କରୁଅଛନ୍ତି । ]

ବଙ୍ଗୀ—ଦେ. ବ. (ସ. ବଙ୍ଗ)—ଏକ ପ୍ରକାର ମୋଟ ଧାନ—
Bangi A kind of coarse paddy.
बंगालिया ପ୍ରାଦେ. (ସମ୍ବଲପୁର) ବ—ବଙ୍କି; ଧାନ ଗଛର ରୋଗବିଶେଷ—A disease of the paddy plant.

ବଚ୍ (ଧାତୁ)—ସ—କହିବା—
Bach (root) To speak.

ବଚ—ସ. ବ. ( ବଚ୍ ଧାତୁ+କର୍ତ୍ତୃ. ଅ )—
Bacha ୧ । ଶୁକପକ୍ଷୀ—1. Parrot.
ସ. ବଚ୍, ଷଡ଼ଗ୍ରନ୍ଥା, ଉଗ୍ରଗନ୍ଧା, ୨ । ସୂର୍ଯ୍ୟ (ହ୍ର. ଶ)—
ଜଟିଲ, ଲୋମଶା, ଶୁଦ୍ରପର୍ଣ୍ଣୀ, 2. The sun.
ଇକ୍ଷୁପର୍ଣ୍ଣୀ, ଗୋଲୋମୀ, ଶତପର୍ବିକା, ୩ । (+କର୍ମ.ଅ)—କାରଣ(ହ୍ର.ଶ)-
କ୍ଷୁଦ୍ରପତ୍ରୀ, ମଙ୍ଗଲ୍ୟା, ଜଟିଲା, 3. Cause.
ଉଗ୍ରା, ଗୋଲୋମୀ, ଭଦ୍ରା, କାଙ୍ଗା ଦେ. ବ—୧ । କନ୍ଦ ଅଦା ବର୍ଗର
বাচ, বচা, ঘোরবচ, বচ্ ଶାକବିଶେଷ—1. Acorus
बच, घोरबच Calamus (plant); sweet
ତେ. ବଜଜ୍, ନଜ୍ଜରସ, ବସା flag (root).
ତା. ବସମ୍ବୁ [ ଦ୍ର—ଏହା ଉତ୍ତରଭାରତ,
ମ. ବେଖଁଡ଼େ ବ୍ରହ୍ମଦେଶ ଓ ଦକ୍ଷିଣଭାରତର
ପାର୍ବତ୍ୟ ପ୍ରଦେଶରେ ଜନ୍ମେ । ଏଥିର ମୂଳ କନ୍ଦ ଓ ଔଷଧରେ ବ୍ୟବହୃତ ହୁଏ । ବଚ ଦୁଇ ପ୍ରକାର, ଯଥା—ଅରୁଣ ବର୍ଣ୍ଣ ବଚ ଓ ଶ୍ୱେତ ବଚ । ଅରୁଣ ବର୍ଣ୍ଣ ବଚର ସ. ନାମ ବଚ୍; ଶ୍ୱେତ ବଚର ସ ପର୍ଯ୍ୟାୟ—ଶ୍ୱେତ ବଚ୍, ହୈମବତୀ, ସ୍ୱର୍ଣ୍ଣ ପର୍ଣ୍ଣିକା, ମେଧା (ଦ୍ରବ୍ୟଗୁଣ କଳ୍ପଦ୍ରୁମ) । ପାରସ୍ୟ ଦେଶରୁ ଆସିଥିବା ବଚ ଅଛି ତାକୁ ଖାଇବଚ ବା ଘୋଡ଼ା ବଚ କହନ୍ତି ।
ବୈଦ୍ୟଙ୍କ ମତରେ ବଚ ବମନ, ଉଦରାଧ୍ମାନ, ଶୂଳ, ଅପସ୍ମାର, କଫ, ଉନ୍ମାଦ, ଭୂତଦୋଷ, କ୍ରିମି ଓ ବାୟୁ ବିନଷ୍ଟ କରେ ଓ ଏହା ଦ୍ୱାରା ମଳ ମୂତ୍ର ଶୋଧିତ ହୁଏ । ଏହା କଣ୍ଠର ହିତକର । ଭାବ ପ୍ରକାଶରେ ବଚ ତିନି ପ୍ରକାର ଲେଖା ହୋଇଅଛି; ୧. ବଚ, ୨. ଖୁରାସାନୀ ବଚ ଓ ୩. ମହାଭରୀ ବଚ । ଖୁରାସାନୀ ବଚ ଧଳା ଓ ଈଷତ୍ ମିଷ୍ଟ, ଏହା ମନ୍ଦ ଓ ମେଧାବର୍ଦ୍ଧକ; ମହାଭରୀ ବଚ କାସ ଓ କଫ ଦୂର କରେ ଓ ମୁଖ ଶୋଧନ କରେ—ହ୍ର. ଶ. ]
୨ । ବହୁତ କଥାବାର୍ତ୍ତା ବା ପରିଶ୍ରମ କଲେ ମୁହଁରୁ ସେହିଁ ଫେନଯୁକ୍ତ ନାଳ ବାହାରେ—2. Froth appearing on the lips on account of too much talking.
୩ । ବାକ୍ୟ—3. Speech,
ବଚ ଶ୍ରେଣେ ଗଲେ ସମସ୍ତ
ବ୍ୟାସ ପଢନ୍ତ ଯନ୍ତ୍ରାକୁ ଶୁଣି ଯ ମନ । ଉପ୍ତେ. ବୈଦେହୀଶବିଳାସ ।

ବଚକାଣି—ବୈଦେ. ବଣ. (ହିନ୍ଦୀ; ଫା. ବଚ୍ଚା; ମୂଳ ସ. ବତ୍ସ ପ୍ରା. ବଚ୍ଚ)-
Bachakani ୧ । ଶିଶୁମାନଙ୍କ ଯୋଗ୍ୟ—1. Fit for infants
বচকানী बचकाना or children.
( ଯଥା—ବଚକାଣି ଯୋତା । )
୨ । ଶିଶୁଜନୋଚିତ—2. Childish; befitting a child.
ବ—ଶିଶୁଙ୍କ ପରିଧେୟ ବସ୍ତ୍ର—A cloth for children's wear.

ବଚନ—ସ. ବ. ( ବଚ୍ ଧାତୁ+ଭାବ. ଅନ )—୧ । କଥନ—
Bachana 1. Speaking; utterance.
ସ. ବଚନ ଶବ୍ଦର ଅନ୍ୟ ୨ । (+କର୍ମ.ଅନ) ବାକ୍ୟ; କଥା;
ସଂସ୍କୃତ ପ୍ରତିଶବ୍ଦମାନ :— ମୁଖୋଚ୍ଚାରିତ ବାକ୍ୟ—
ଇରା, ସରସ୍ୱତୀ, ବ୍ରାହ୍ମୀ, ଭାଷା, 2. Speech; spoken
ଗିରା, ଗୀର୍ଦ୍ଦେବୀ, ଭାରତୀ, ବାକ୍, matter.
ବାଣୀ, ବର୍ଣ୍ଣମାତୃକା, ବ୍ୟାହାର, ୩ । ଶାସ୍ତ୍ରକଥିତ ବାକ୍ୟ—
ଲପିତ, ବାକ୍ୟ, ବାଣୀ 3. A saying of scriptures, a passage from a sacred book.
୪ । ସତ୍ୟ; ଅଙ୍ଗୀକାର; ପ୍ରତିଜ୍ଞା—4. A promise.
୫ । ବ୍ୟାକରଣର ଏକତ୍ୱ ବା ଏକାଧିକତ୍ୱଜ୍ଞାପକ ବିଧାନବିଶେଷ—
5. (grammar) Number.
[ ଦ୍ର—ସଂସ୍କୃତ ବ୍ୟାକରଣରେ ତିନିଗୋଟି ବଚନ ଅଛି, ଯଥା—ଏକବଚନ, ଦ୍ୱିବଚନ ଓ ବହୁବଚନ; କିନ୍ତୁ ଓଡ଼ିଆ, ବଙ୍ଗଳା ଓ ହିନ୍ଦୀଭାଷାରେ ବଚନ ଦୁଇଟି, ଯଥା—ଏକବଚନ ଓ ବହୁବଚନ ।]
ଦେ. ବ—୧ । ଉପଦେଶ—1. Advice.
୨ । ଆଜ୍ଞା—2. Order.

ବଚନ କରିବା—ଦେ. କ୍ରି—ପ୍ରତିଜ୍ଞା କରିବା—To make a
Bachana kariba promise; to give one's word.
(ବଚନ ଦେବା—ଅନ୍ୟରୂପ) বচন দেওয়া बचन देना

ବଚନ କାରୀ—ସଂ ବଣ. ପୁଂ. (ବଚନ+କୃ ଧାତୁ+କର୍ତ୍ତୃ. ଇନ୍; ୧ମା.
Bachana kari ୧ ବ)—ଆଜ୍ଞାକାରୀ (ହ୍ର. ଶ )—Obedient;
(ବଚନକାରିଣୀ—ସ୍ତ୍ରୀ), carrying out orders.
(ବଚନକାରିତା—ବ)

ବଚନଗ୍ରାହୀ—ସଂ. ବଣ. ପୁଂ. (ବଚନ+ଗ୍ରହ୍ ଧାତୁ+କର୍ତ୍ତୃ. ଇନ୍; ୧ମା. ୧ବ.)—ଯେ କଥା ମାନେ—One who respects another's behests.
Bachanagrāhī
(ବଚନଗ୍ରାହିଣୀ—ସ୍ତ୍ରୀ)

ବଚନ ପିତା ହେବା—ଦେ. ବାକ୍ୟ—ଜଣକଦ୍ୱାରା ଅନ୍ୟ ଜଣକୁ କଥିତ ବାକ୍ୟ ଦ୍ୱିତୀୟ ବ୍ୟକ୍ତିକୁ ଅପ୍ରୀତିକର ବୋଧ ହେବା—The words of a person addressed to another seeming unpleasant to the latter.
Bachana pitā hebā
(ବଚନ ପିତା ଲାଗିବା—ଅନ୍ୟରୂପ)

ତେବେ ହେଲେ ପିତା ବଚନ ତାଙ୍କୁ ପିତା
ହେଲା ସୋଦରଙ୍କ ତ ମରଣ ବେଳତା । କୃଷ୍ଣସିଂହ. ମହାଭାରତ ସ୍ୱର୍ଗ ।

ବଚନ ବଦ୍ଧ—ସଂ. ବଣ. ପୁଂ. (ତୃତୀୟା ତତ୍; ବଚନ+ବଦ୍ଧ)—ପ୍ରତିଜ୍ଞାବଦ୍ଧ—Bound by a promise; promise-bound.
Bachana baddha
(ବଚନବଦ୍ଧା—ସ୍ତ୍ରୀ)

ବଚନ ବିଦଗ୍ଧା—ସଂ. ବଣ. ସ୍ତ୍ରୀ. (ଷଷ୍ଠୀ ତତ୍)—କାବ୍ୟୋକ୍ତ ନାୟିକା-ବିଶେଷ; ଯେଉଁ ପରକୀୟା ନାୟିକା ଆପଣା ବଚନଚାତୁରୀଦ୍ୱାରା ନାୟକର ପ୍ରୀତି ସାଧନ କରେ (ହି. ଶ.)—An epithet of a class of mistresses in love-stories who captivate the gallants' heart by their art of speech.
Bachana bidagdhā

ବଚନ ଲକ୍ଷିତା—ସଂ. ବଣ. ସ୍ତ୍ରୀ. (ଷଷ୍ଠୀ ତତ୍)—କାବ୍ୟୋକ୍ତ ନାୟିକା-ବିଶେଷ; ଯେଉଁ ପରକୀୟା ନାୟିକାର କଥାବାର୍ତ୍ତାରୁ ଉପପତିଠାରେ ଥିବା ପ୍ରେମ ପରଲକ୍ଷିତ ହୁଏ—An epithet of a class of mistresses in love-stories whose attachment to the paramours is indicated by their speech.
Bachana lakshitā

ବଚନ ଶୂର—ସଂ. ବଣ. (ତୃତୀୟା ତତ୍; ବଚନ+ଶୂର)—ଯେ କେବଳ ବାକ୍ୟରେ ସାହସ ପ୍ରକାଶ କରେ; ବାକ୍ୟବୀର—A person who shows bravery in words only.
Bachana śūara
(ବାକ୍ୟଶୂର—ବିପରୀତ)

ବଚନ ସର୍ବସ୍ୱ—ସଂ. ବଣ. ପୁଂ. (ବହୁବ୍ରୀହି; ବଚନ+ସର୍ବସ୍ୱ)—ଯେ କଥାରେ ଡାଉଁଫ୍ କରେ କିନ୍ତୁ କାର୍ଯ୍ୟତଃ କିଛି କରେ ନାହିଁ—One who talks much but does little.
Bachana sarbaswa
(ବଚନ ସର୍ବସ୍ୱା—ସ୍ତ୍ରୀ)

ବଚନିକା—ଦେ. ବି—ଦୁଇଜଣଙ୍କ ମଧ୍ୟରେ କଥୋପକଥନ—A dialogue; conversation.
Bachanikā
কথোপকথন बातचीत, कथावार्त्ता

ବଚନୀୟ—ସଂ. ବଣ. (ବଚ୍ ଧାତୁ+କର୍ମ. ଅନୀୟ)—୧ । କଥନୀୟ; ବାଚ୍ୟ—1. Speakable; utterable.
Bachanīya
୨ । ନିନ୍ଦନୀୟ—2. Blameable.
ବି—ନିନ୍ଦା; ବାଇତ; ଅପବାଦ—Blame; scandal.

ବଚନୀୟତା—ସଂ. ବି. (ବଚନୀୟ+ଭାବ. ତା)—୧ । କଥନୀୟତା—1. The state of being utterable.
Bachanīyatā
୨ । ଅପବାଦ; ନିନ୍ଦା—2. Blame; notoriety.
୩ । ନିନ୍ଦିତ ହେବାର ଅବସ୍ଥା—3. The state of being blamed.

ବଚର—ସଂ ବି. (ବଚ୍ ଧାତୁ+କର୍ତ୍ତୃ. ଅର)—୧ । କୁକ୍କୁଟ (ହି. ଶ.)—1. Cock.
Bachara
୨ । ଶଠ (ହି. ଶ.)—2. A cheat.

ବଚସ୍—ସଂ. ବି. (ବଚ୍ ଧାତୁ+କର୍ମ. ଅସ୍)—ବାକ୍ୟ—Speech.
Bachas (ବଚଃ—ଅନ୍ୟରୂପ)

ବଚସା—ଦେ. ବି. (ସଂ. ବଚସ୍; ବଙ୍ଗଳାରୁ ଅନୁକୃତ)—କଳହ; ବାଗ୍‌ଯୁଦ୍ଧ—Quarrel; dispute; wordy altercation.
Bachasā
বচসা झगडा

ବଚସା କରିବା—ଦେ. କ୍ରି—ବାଗ୍‌ଯୁଦ୍ଧ କରିବା; କଳି କରିବା—To quarrel; to exchange angry words.
Bachasā karibā
বচসা করা झगडा करना

ବଚସ୍କର—ସଂ. ବଣ. ପୁଂ. (ବଚସ୍+କୃ ଧାତୁ+କର୍ତ୍ତୃ. ଅ)—
Bachaskara ୧ । ଆଜ୍ଞା ପାଳକ—1. Obedient.
(ବଚସ୍କରୀ—ସ୍ତ୍ରୀ) ୨ । ଅଧୀନ—2. Subordinate.
(ବଚସ୍କରତା—ବି) ଦେ. ବି—କହିବା ଲୋକ; କଥକ; ବକ୍ତା—Reporter; speaker; lecturer.

ବଚସ୍କର ମୁନି ଯେତୁ ସୁବାହୁ ବୋଲେ ସୁବାହୁ ନାଶି ଭୂତ କଲା ଭୂତଭୂଷା ।
ଭକ୍ତ. ବୈଦେହୀଶବିଳାସ ।

ବଚସ୍କୃତ—ଦେ. ବଣ. (ସଂ. ବଚସ୍କର)—ବଚସ୍କର (ଦେଖ)
Bachaskṛuta Bachaskara (See)

ବଚସ୍କୃତ ବିଭୀଷଣ ବଚନେ ତବେ ରାବଣ । ଭକ୍ତ. ବୈଦେହୀଶବିଳାସ ।

ବଚା—ସଂ. ବି. ସ୍ତ୍ରୀ. (ବଚ୍ ଧାତୁ+କର୍ମ. ଅ+ସ୍ତ୍ରୀ. ଆ)—
Bachā ୧ । ଭେଷଜ ମୂଳବିଶେଷ; ବଚ (ଦେ. ୧ ଦେଖ)
(ବଚ—ଅନ୍ୟରୂପ) 1. The sweet flag.
୨ । ସାରିକା ପକ୍ଷୀ (ହି. ଶ)—2. The hill myna bird.
(ବଚୀ, ବଚ୍ଛୀ—ସ୍ତ୍ରୀ)
বাচ্চা ବୈଦେ. ବି. ପୁଂ. (ପା. ତୁଳ.ସଂ. ବତ୍ସ,
बच्चा ବତ୍ସା; ପ୍ରା. ବଚ୍ଛ; ବଚ୍ଚା)—୧ । ଶିଶୁ—1. Infant.
୨ । ପୁତ୍ର—2. Son.

ମହନ୍ତ ମହାରାଜ କଲ୍ୟାଣ କଲେ, ଜୀଅ ରହୋ,
ଜୀଅ ରହୋ, ବଚ୍ଚା ! ଛ-ମାଣ-ଆଠଗୁଣ୍ଠ । ଫକୀରମୋହନ. ଗଳ୍ପସ୍ୱଳ୍ପ ।

୩ । ବାଳକ—3. Boy.
୪ । ଜୀବଜନ୍ତୁଙ୍କ ଛୁଆ—4. The young ones of animals.
ଦେ. ବି—ବଚୁଆ (ଦେଖ)—Bachuā (See)
ଗ୍ରା. ପ୍ରାଦେ. (କଟକ ସହର) ବି (ଫା)—
ବୟସ୍କମାନେ ଯୁବକମାନଙ୍କୁ କରିବା ସମ୍ବୋଧନ—(slang) Interjection addressed to young men by elders.

ବଚ୍ଚା ବଚ୍ଚୀ—ବୈଦେ. ବି. (ଫା. ହିନ୍ଦୀରୁ ଅନୁକୃତ; ବହୁବ ଲିଙ୍ଗାର୍ଥକ ସହଚର ଶବ୍ଦ)—ପିଲାପିଲି; ପରିବାରସ୍ଥ ଶିଶୁ ସନ୍ତାନ ସନ୍ତତି—Male and female children of a family.
Bachā bachī
বাচ্চা বাচ্চী
बच्चा बच्ची

ବଚୁଆ—ଦେ. ବି. (ସଂ. ବାଚ; ବାଚ୍ଚ)—
Bachuā ଏକ ପ୍ରକାର ଧଳା ଅଶଳ୍କୀ ମାଛ—

ବାଚା A kind of small thin sweet water fish
**बचुआ** without scales; Entropiichthys Vacha.

[ ଦ୍ର—ଏହା ମଧୁର ପାଣିରେ ରହେ ; ଲମ୍ବରେ ମୁଠାଏ ପର୍ଯ୍ୟନ୍ତ ବଢ଼େ; ଦେଖିବାକୁ ବାଲଆ ମାଛ ପରି; ଏହାର ଜଣ ୮ଟା; ବୈଦ୍ୟକ ମତରେ ଏହା ମଧୁର ରସ, ସ୍ନିଗ୍ଧ, ଶ୍ଳେଷ୍ମକର ଓ ବାତ ପିତ୍ତ ନାଶକ । ]

**ବଚ୍ଛଲ୍**—ଗ୍ରା ବଣ. (ସଂ. ବତ୍ସଲ)—ବତ୍ସଳ ( ଦେଖ )
Bachchhala Batsala ( See )

**ବଚ୍ଛା**—ଦେ. ବ. (ସଂ. ବତ୍ସ)—୧ । ବାଛୁରି—1. Calf.
Bachchhā (ବଚ୍ଛୀ-ସ୍ତ୍ରୀ) ୨ । (ପୁଂ) ପୁତ୍ର; ସନ୍ତାନ—2. Male-child.

**ବଚ୍ଛ(ଚ୍ଛ)**—ଦେ. ବ. (ସଂ. ବତ୍ସ)—୧ । ବତ୍ସ—1. Infant.
Bachha(chchha) ଖାତ କଲ୍ପଇ ସମ ବଚ୍ଛ, ଗୁଣେ ଧ୍ରୁ ବନ୍ଧୁ ହେଲେ ଓଚ୍ଛ ।
ବାଚ୍ଛା **बच्चा** ପ୍ରାଚୀ. ନର୍ମ୍ମଦା ମାହାତ୍ମ୍ୟ ।

[ ଦ୍ର—ସଂସ୍କୃତରେ 'ତ୍ସ' ଭାଷାରେ ସାଧାରଣତଃ 'ଚ୍ଛ' ଉଚ୍ଚାରିତ ହୁଏ । ]

୨ । (ସଂ. ବକ୍ଷଃ) ବକ୍ଷ—2. Breast,
ଶ୍ରୀବତ୍ସ ବଚ୍ଛ ବନମାଳ, ହୃଦସ୍ଥ ପରମ ଦୟାଳ । ରୂପଚ. ତେ୍ମଃଶ୍ଲୋମୃତ ।

୩ । ବୃକ୍ଷ—3. Tree.
ବଚ୍ଛର ଶିଖରେ ଦେଖି ଏମନ୍ତ ଖଣ୍ଡ
ବୃକ୍ଷ ଭରେ ସର୍ବା ଅଙ୍ଗ ପୁଣ କଣ୍ଟକ । ପ୍ରାଚୀ. ଉତ୍ସବାବ୍ଧି ।

**ବଚ୍ଛରା**—ଦେ. ବଣ. ପୁଂ. ( ସଂ. ବତ୍ସତର )—ପଶୁ ଶାବକ; ବାଛୁରି—
Bachharā The young of an animal.
(ବଚ୍ଛରୀ—ସ୍ତ୍ରୀ) ବ—ଘୋଡ଼ା ଛୁଆ—A young horse; colt.
ବାଚ୍ଚା **बच्छडा**

**ବଚ୍ଛରୁ**—ପ୍ରାଦେ. (ଲରଥ) ବ. (ସଂ. ବତ୍ସତର; ଭୁଲ. ହି. ବଚ୍ଛରୁ)—
Bachharu ବାଛୁରି—Calf.

**ବଚ୍ଛସ**—ଗ୍ରା. ବ. ( ସଂ. ବତ୍ସସ )—ପୁରୀ ଜିଲ୍ଲା ସ୍ଥିତ ଶାସନର ସାମନ୍ତ
Bachhasa ବ୍ରାହ୍ମଣ ଗୋଷ୍ଠୀ ମଧ୍ୟରୁ ଏକତମ—One of the branches of high caste Brāhmaṇas of the Puri district.
ବଚ୍ଛସ } ଅନ୍ୟରୂପ
ବଚ୍ଛସ ସାଆନ୍ତ }

**ବଚ୍ଛା**—ଦେ. ବ. (ସଂ. ଜନ୍ମ+ବାଚନ; ସଂ. ବହ୍ ଧାତୁ=ପୃଥକ କରିବା)-
Bachhā ୧ । ନିର୍ବାଚନ; ବାଛିବା କର୍ମ—1. The act of selecting.
ବାଛା **चुनाव, बाँछना**
ବାଛା ୨ । ବିଲ ବାଛିବା କର୍ମ—2. The act of weeding of a paddy field.
**निराना**
ରିଫୁ ୩ । ଲୁଗାରେ ହୋଇଥିବା ଛିଦ୍ରରେ ଛୁଞ୍ଚିଦ୍ୱାରା ସୂତା ବୁଣିବା;
**रफु** ରଫୁ; ରଫୁ—3. The act of knitting a hole in a cloth with thread in imitation of the texure of the cloth; darning.
ବାଛା ୪ । ମାଛ ବାଛିବା କର୍ମ—
**बनाना** 4. The act of preparing fish for cooking.
ବାଚ୍ଛା ୫ । (ସଂ. ବତ୍ସା) ବଚ୍ଛା (ଦେଖ)
**बच्चा** 5. Bachchhā (See).

୬ । ବଚ୍ଛା ମୁଦି ( ଦେଖ )—6. Bachhā mudi (See).

ବାଛା ବଣ—(ସଂ. ନିର୍ବାଚିତ)—୧ । ଯାହାକୁ ବାଛି କରି ବାହାର
**चुनाहुआ, बाछाहुआ** କରାଯାଏ; ନିର୍ବାଚିତ—Selected.
ସବୁ କାଳରେ ତେବେ ସାଧୁସଙ୍ଗ ଇଚ୍ଛା
କରନ୍ତଃ ଜାଣ ଏକଥା ଗୋଟି ବଚ୍ଛା । କୃଷ୍ଣସିଂହ. ମହାଭାରତ. ଶାନ୍ତି ।

୨ । ଶ୍ରେଷ୍ଠ—2. Best; pre-eminent.
ବୋଇଲେ ଶ୍ରେଷ୍ଠ ସମ ରଥୀଙ୍କ ର ବଚ୍ଛା—କୃଷ୍ଣସିଂହ. ମହାଭାରତ. ଉଦ୍ୟୋଗ ।

ପ୍ରାଦେ (ସମ୍ବଲପୁର ଓ ଲରଥ; ଭୁଲ. ହି. ବଚ୍ଛଡ଼ା) ବ—ଅଣ୍ଡିରା ବାଛୁରି—A young bullock.
ବନ୍ଦରେ ଗାଈ, ବ ୍ଛାଅଳ ମାଈ
ବନ୍ ଧଳର ସବୁ ଚେଲ୍ୟାବଲ—ଛଗ ।

ପ୍ରାଦେ (ଗଡ଼ଜାତ) ବଣ—ଅଣ୍ଡିରା (ପଶୁ)—Male (beast).

**ବଚ୍ଛା(ଛେ)ଇବା**—ଦେ. କ୍ରି. (ସଂ. ଜନ୍ମ+ବାଚନ)—(ବାଛିବା
Bachhā(chhe)ibā କ୍ରିୟାର ଣିଜନ୍ତରୂପ—1. The causative form of Bāchhibā).
ବାଛାନ **नवाना बछाना**
ଅନ୍ୟ ଦ୍ୱାରା ବାଛିବା କ୍ରିୟା କରାଇବା—To caus another to select or weed out or dar.

**ବଚ୍ଛାଡ଼ି**—ପ୍ରାଦେ—(ବାଲେଶ୍ୱର) ବ—ତେରେଣ୍ଡା (ଦେଖ)
Bachhārdi Terendā (See).

**ବଚ୍ଛା ବଚ୍ଛା**—ଦେ. ବଣ—( ବହୁବଚନ )—ନିର୍ବାଚିତ ଓ ଉତ୍କୃଷ୍ଟ
Bachhā bachhā (ବହୁବ୍ୟକ୍ତି)—Selected and best (many).
ବାଛା ବାଛା **चुनाहुआ**

**ବଚ୍ଛାବଚ୍ଛି**—ଦେ. ବ—୧ । ବାଛିବା କ୍ରିୟା—
Bachhā bachhi 1. The act of selecting; selection.
ବାଛାଗୁଛା, ବାଛଗୋଛ ୨ । ଧାନ ବିଲରୁ ଘାସ ବାଛିବା—
**चुनाचुनी, बिनाबिनि** 2. The operation of weedinn out grass in paddy fields.

**ବଚ୍ଛାବଚ୍ଛି ପରୀକ୍ଷା**—ଦେ. ବ—ଟେଷ୍ଟ ପରୀକ୍ଷା; କୌଣସି ବିଦ୍ୟାଳୟରେ
Bachhābachhi parikshā ପଢ଼ୁଥିବା ଛାତ୍ରମାନଙ୍କ ମଧ୍ୟରୁ ଶେଷ
ବାଛାବାଛୀ ପରୀକ୍ଷା ପରୀକ୍ଷାକୁ ଯିବାର ଉପଯୁକ୍ତ ଛାତ୍ରଙ୍କୁ ବାଛି ବାହାର
**चुनाव इमतीहान** କରିବା ନିମନ୍ତେ ଯେଉଁ ପରୀକ୍ଷା କରାଯାଏ—The test examination.

**ବଚ୍ଛାମୁଦ**—ଦେ. ବ—ନାମାଙ୍କିତ ମୁଦ୍ରିକା—Signet ring.
Bachhāmudi **सीलआंगी छापअंगुठी**

**ବଚ୍ଛା ରଖିବା**—ଗ୍ରା. କ୍ରି—ବାଛୁରି ଜଗିବା—To keep watch on
Bachhā rakhibā calves; to tend calves.

**ବଚ୍ଛାଳି**—ଦେ. ବଣ ଓ ବ(ପୁଂ ଓ ସ୍ତ୍ରୀ)—୧ । ଯେ ବାଛିବା କ୍ରିୟା କରେ-
Bachhāḷi **निरानेवाला,** 1. Selector; separater
**बाँछनेवाला** ୨ । ଯେଉଁଲୋକ ଧାନ ବିଲରୁ ଘାସ ଓପାଡ଼େ—
2. One who weeds out grass etc from paddy or other crop fields.

**ବଚ୍ଛି**—ଦେ. ବ. ପୁଂ. ( ସଂ. ବତ୍ସ ) ( ଆଦରାର୍ଥକ ପ୍ରୟୋଗ )—ପୁତ୍ର.
Bachhi **बाछनि, बाछा बच्चा** ସନ୍ତାନ—Male child; son.
ମୋର କର୍ମୋସ ଭୁ ଏଣ ବଚ୍ଛି
ଅଣିଦେବୁ କାହର ବେଢ ବଚ୍ଛି—ଉତ୍କଳ ୮. ମଥୁରାମଙ୍ଗଳ

**ବଛୀ**—ଦେ. ବ .ସ୍ତ୍ରୀ—(ସଂ. ବତ୍ସ, ପ୍ରା. ବଚ୍ଛା)—କନ୍ୟା—
Bachhī बाछी **बछी** Daughter.
ପ୍ରାଦେ (ଗଡ଼ଜାତ) ମାତ୍ର; ସ୍ତ୍ରୀ ଜାତି—Female.

**ବଜ୍ (ଧାତୁ)**—ସଂ—ଗମନ କରିବା; ଗତି କରିବା—
Baj (root) To go; to move.

**ବଜ୍‌ନିଆଁ**—ପ୍ରାଦେ. (ସମ୍ବଲ ପୁର) ବ. (ତୁଳ. ହି. ବଜନିୟାଁ)—
Baj-niāṅ ବଜନ୍ତ୍ରି; ବାଜାଦାର—Drummer; musician.

**ବଜ୍ ନିଶ୍**—ବୈଦେ. ବ. (ଫା. ବଜିଂସ୍=ସେହି ପ୍ରକାରେ; ବ= Baj-nis ଅନୁସାରେ+ଜିଂସ୍=ପ୍ରକାର, ବସ୍ତୁ)—୧ । ଠିକ୍; हुबहु ତୁଲ୍ୟ; ଅବିକଳ—1. Exact; copied exactly; **बजिंस, हुबाहु** tallying exactly.
୨ । ଅଭିନ୍ନ—2. Undistinguishable.

**ବଜ୍‌ନିଶ୍ ନକଲ**—ବୈଦେ. ବ. (ଫା. ବଜିଂସ୍+ନକ୍ଲ)—
Baj-nis nakala ଅବିକଳ ନକଲ; ପ୍ରତିଲିପି—A true or हुबहु नकल **बिजिंस नकल** exact copy.

**ବଜ୍‌ବଜ୍**—ଦେ. ଅ—୧ । (ଧ୍ୱନ୍ୟନୁକରଣ) ଗୁଡ଼ାଏ ଗପିବା—
Baj baj 1. Talking too much.
**बकबाद** ୨ । ପଚ୍ ପଚ୍; ଯାହା ଗୋଡ଼ରେ ଦାବ ଦେଲେ ଦବିଯାଏ-
बजबज; बिजबिज 2. Shifting (soil); yielding to touch **बज बज** or treading.
୩ । (ସଂ. ପଚ ଧାତୁ)—ପାଚି କରି କୃମିସଙ୍କୁଳ (ଘାଆ)—
3. (sore) Which has gangrened and is full of maggots.
(ଯଥା—ଘାଆଟା ବଜ୍ ବଜ୍ ହେଲଣି ।)
୪ । (କୌଣସି ଦ୍ରବ୍ୟରେ କୀଟାଦି) ବହୁପରିମାଣରେ ଦେଖାଯିବା; ସାଲୁ ସାଲୁ—4. Abounding in (worms).
(ଯଥା—ତା ମୁଣ୍ଡରେ ଉକୁଣୀ ବଜ୍ ବଜ୍ ହେଉ ଅଛନ୍ତି ।)
୫ । ଦହି ବା ଅନ୍ୟ କୌଣସି ଦ୍ରବ୍ୟ ବହୁକାଳ ରହି ସଢ଼ି ପଚି ଭଡ଼ଭଡ଼ ହେବା—5. To rot and ferment (said of stale curd and other things).

**ବଜ୍ ବଜ୍ ହୋଇ ପୋଖରି**—ଦେ. ବ—ଅମ ଓ ବଲେଶ ଫେନଯୁକ୍ତ
Baj baj hoi pokharī ମଳ—Foamy slimy stool.
(ବଜ୍‌ବଜିଆ ପୋଖରି—ଅନ୍ୟରୂପ)

**ବଜ୍‌ବଜ୍ ହେବା**—ଦେ. କ୍ରି—୧ । ଗୁଡ଼ାଏ ବୃଥା ଗପିବା—
Baj-baj hebā 1. To talk too much to no effect.
ବଜର୍ ବଜର୍ ହେବା } ଅନ୍ୟରୂପ ଅଇ ଗୁଡ଼ାଏ କେଉ ବଜର ବଜରି ମିଛେ । ପଞ୍ଚାନନମୋହନ. ଗଳ୍ପଗୁଚ୍ଛ ।
ବାଜୁରୁ ବାଜୁରୁ ହେବା }
୨ । ବଜ୍‌ବଜାଇବା (ଦେଖ)—2. Baj-bajāibā (See)

**ବଜ୍‌ବଜା(ଜେ)ଇବା**—ଦେ. କ୍ରି—୧ । (ପୋକ) ଉତ୍ପନ୍ନ ହେବା;
Baj-bajā(je)ibā ଫଳ ବା ଘାଅଆଦିରେ ପୋକ) ସାଲୁ ସାଲୁ
बजबजान; बिज बिज करा ହେବା—1. To abound in **बजबजाना** maggots.
୨ । ଘାଆ ଆଦି ପୂଜପୂର୍ଣ୍ଣ ହୋଇ ଲଚଲଚ ହେବା—
2. To become very soft, due to excessive pus inside (said of a sore, skin or boil).

**ବଜ୍‌ବଜିଆ**—ପ୍ରାଦେ. (ଗଡ଼ଜାତ) ବ—ଗୋରୁଙ୍କୁ ଧରିବା ଏକପ୍ରକାର
Baj-bajiā ରୋଗ—Name of a cattle disease.
[ ଦ୍ର—ଏଥିରେ ଗୋରୁଙ୍କ ଦୁଇ ପାଖର ପଞ୍ଜରାଠାରୁ କାଖ ସନ୍ଧି ପର୍ଯ୍ୟନ୍ତ ଅଂଶ ଚକଡ଼ା ଧରି ଚଡ଼ଉ ପିଠା ପରି ଫୁଲେ; ହାତ ମାଇଲେ ବଜ୍ ବଜ୍ ଶୁଭେ । ତା ଉପରେ ମାଣ୍ଡିଆ ଚୂନା, ହୁଙ୍କାମାଟିର କାଦୁଅକୁ ଏକତ୍ର ବାଟି କରି ନିଆଁରେ ଗରମ କରି ବୋଳିଲେ ଏ ରୋଗ ଭଲ ହୁଏ । ]
ଦେ. ବଣ—୧ । କୀଟସଙ୍କୁଳ ଓ ସଢ଼ା (ଦ୍ରବ୍ୟ ବା ଘାଆ)—
**बजबजिया** 1. Rotten and full of maggots.
୨ । ନାଳ ଓ ଫେନ ମିଶ୍ରିତ (ଝାଡ଼ା)—
2. (stools) Mixed with froth and mucus.

**ବଜ**—ପ୍ରାଦେ. (ଗଡ଼ଜାତ) ବ—ଧାନ, ମାଣ୍ଡିଆ ବା ମୁଗଆଦିର ଗଦା ବା
Baja ବହୁ ପରିମାଣ—A heap of corn.

**ବଜନ୍ତି**—ପ୍ରାଦେ. (ଗଞ୍ଜାମ) ବ (ଫା. ବଜିଂସ୍=ଅବିକଳ)—
Bajanti ଯଥାଯଥ ବର୍ଣ୍ଣନା—Exact description.

**ବଜନ୍ତୁରି**—ପ୍ରାଦେ. (ଗଞ୍ଜାମ) ବ (ସଂ. ବାଦ୍ୟ)—ବାଦ୍ୟ—
Bajanturī Musical instrument.

**ବଜନ୍ତ୍ରୀ**—ଦେ. ବ. (ସଂ. ବାଦ୍ୟଯନ୍ତ୍ର ଶବ୍ଦ)—ବାଜା ବଜାଇବା ଲୋକ;
Bajantrī ବାଜାଦାର—Drummer; musician.
[ବଜନ୍ତ୍ର(ନ୍ତ୍ରି)ସ୍ତ୍ରୀ—ଅନ୍ୟରୂପ] बाजनदार **बजंत्री**

**ବଜର**—ଗ୍ରା. (ପଦ୍ୟ) ବ (ସଂ. ବଜ୍ର)—ବଜ୍ର—Thunder.
Bajara ତା ଗଲେ ! ସବୁ ବଜର
बाज ମୋ ପୁଅକୁ ଯେ ମନ୍ଦ ମନାସେ, ତା ମୁଣ୍ଡେ ପଡ଼ୁ ବଜର ।
**बजर** ଶିଶୁରଞ୍ଜନ ଗୀତ ।
ପ୍ରାଦେ. (କଳାହାଣ୍ଡି) ବଣ—ଟାଣ—Hard.

**ବଜରା**—ବୈଦେ. ବ. (ଇଂ. ବଜରୋ; ବାର୍ଜ)—ପ୍ରକୋଷ୍ଠ ଥିବା ଡଙ୍ଗା—
Bajarā House boat; a pleasure boat; a barge; बजरा **बजरा** a budgerow.
ଦେ. ବ. (ସଂ. ବର୍ଜରୀ; ବଜ୍ରା)—ବାଜରା (ଦେଖ)
Bājarā (See)

**ବଜା**—ଦେ. ବ. (ସଂ. ବାଦ୍ୟ; ବାଦନ; ସଂ. ବାଜ=ନିଃସ୍ୱନ)—
Bajā ୧ । ବଜାଇବା; ବାଦ୍ୟ ବାଦନ—
बाजान 1. Striking on a musical instrument.
**बाजन(ना)** ୨ । (ସଂ. ବଜ ଧାତୁ=ଗତି କରିବା) ସ୍ପର୍ଶ କରିବା—
लगा, **छूना** 2. Touching.
बाजा ୩ । ଆଘାତ—3. Stroke.
**चोट** ୪ । ମାଛ ଧରିବାର ଏକପ୍ରକାର ଚତୁଷ୍କୋଣ ଯନ୍ତ୍ର—
**अन्ता** 4. A rectangular long basket trap for catching fish.
ବଣ—୧ । ଆହତ—1. Struck.
लागा ବଜ୍ରବଜା ପର୍ବତ ପ୍ରାୟେ ଦାଗିବନ୍ତ
**लगाहुआ** ପଢ଼ିବାରେ ଯେ ପୂର୍ବରେ ଯୁଦ୍ଧନ୍ତ
କୃଷ୍ଣସିଂହ. ମହାଭାରତ କର୍ଣ୍ଣ ।

୨ । ଯାହା ବାଜେ—2. Striking. (ଯଥା, ବଜା ଘଣ୍ଟା)
ପ୍ରାଦେ. (ସମ୍ବଲପୁର) ବ—ବାଜା; ବାଦ୍ୟ—
Musical instrument.
ପ୍ରାଦେ. (ହିନ୍ଦୁସ୍ଥ) ଅ. (ଅନ୍ୟ ଶବ୍ଦ ପରେ ଯୋଗ ହୁଏ)—
(ଅମୁକ) ବାଜିବା ବେଳ—(so and so) O'clock.

ବଜା(ଜେ)ଇବା—ଦେ. କ୍ରି. ( ସଂ. ବାଦନ )—
Bajā(je)ibā ବାଜିବା କ୍ରିୟାର ଣିଜନ୍ତ ରୂପ—The caus-
ବାଜାନ ative form of 'Bājibā.'
**बजाना, बजवाना** ୧ । ଶବ୍ଦାୟମାନ କରାଇବା—
1. To cause a sound by beating.
୨ । ବାଦ୍ୟାଦ ବାଦନ କରିବା—2. To play on a musical instrument; to strike a musical instrument.
ଢାଳ ଢୋଲ ଖାଇ ବାଜଣା ବଜାଇଲେ । କୃଷ୍ଣସିଂହ. ମହାଭାରତ. ସଭା ।
୩ । ସ୍ପର୍ଶ କରିବା—3. To touch.
ବଜାଇ ଦେଉ ବ ଅଙ୍ଗେ ଉଷକା । କବିସୂର୍ଯ୍ୟ. ସଙ୍ଗୀତ ।
୪ । ଆଘାତ କରିବା—4. To strike.
୫ । ପ୍ରହାର କରିବା; ମାରିବା—
5. To beat; to give a blow.
ରଣରେ ସାତ୍ୟକିକୁ ଦେହକୁ ବଜାଇ । କୃଷ୍ଣସିଂହ. ମହାଭାରତ. ବନ ।

ବଜାଇ ବୁଲିବା—ଦେ. କ୍ରି ( ଅକ୍ଷରକ ଅର୍ଥ ଡିଣ୍ଡିମ ବଜାଇ ବିଚରଣ
Bajāi bulibā କରିବା )—ଦୁର୍ନାମ ରଟନା କରିବା; ଢୋଲ ଗାଇ
ଢେଁଟରା ପେଟା ବୁଲିବା—To publish evil things of a
**डुगडुगी देना** person; to defame a person.

ବଜା ଘଣ୍ଟା(ଡ଼ି)—ଦେ. ବ—ଯେଉଁ ଘଣ୍ଟାର ଉପରେ ଥିବା ଘଣ୍ଟି ବାଜି
Bajā ghantā(ṛi) ଉଠିବା ଦ୍ୱାରା ସମୟ ଜଣାଯାଏ —
ବাজা ঘড়ি **बाजना घड़ि** A striking clock; a bell.

ବଜାଣି—ଦେ. ବ. ( ସଂ. ବାଦନ )—
Bajāni ୧ । ବଜାଇବା; ବାଦନ—1. Striking.
ବାজন ୨ । ବାଦନ ଶବ୍ଦ; ବାଜେଣି; ବାଜଣା—
**बाजन** 2. Sound.

ବଜା ବଜି—ଦେ. ବ—ଅନ୍ୟୋନ୍ୟରେ ଆଘାତ ବା ସ୍ପର୍ଶ କରିବା—
Bajā baji Touching or striking each other.
লাগালাগি **टक्करा टक्करी** ଅଶ୍ୱତ୍ଥାମା ଗ୍ରୀବକୁ ବାଣେ ବଜାବଜ
ହୁଅନ୍ତେ ଲାଭ ହେଲ ଦାନବେବ ସଙ୍ଗ । କୃଷ୍ଣସିଂହ. ମହାଭାରତ. କର୍ଣ୍ଣ ।
ବ—୧ । ବାଦନ କରିବା—1. Striking.
୨ । ସ୍ପର୍ଶ କରିବା—2. Touching.

ବଜାୟ(ଏ)—ବୈଦେ. ବଣ. ( ଫା. ବଜା—ଉଚିତ; ଫା. ବଜାୟ=
Bajāya(e) ସ୍ଥାନରେ; ପରିବର୍ତ୍ତେ )—
ବজায় ୧ । ଅବିକଳ—1. Exact; tallying.
**बजा, जारी** ୨ । ପୂର୍ବବତ୍ ରକ୍ଷିତ—2. Placed in the same position as before.
୩ । ଅପରିବର୍ତ୍ତିତ—3. Unchanged; unmodified.
୪ । (କୌଣସି ଆଦେଶ ବା କଥା) ପାଳିତ ହେବା; କାଏମ୍—
4. Upheld; carried out.

ସମ୍ରାଟଙ୍କର ମତ ବଜାଏ ରଖି କାର୍ଯ୍ୟ କରିବା ଅଭିପ୍ରାୟରେ ଏହିପରି
ସ୍ଥିର କରି ଯାଇଅଛି । ଉତ୍କଳ. ସମାଲୋଚନ ।

ବଜାୟ ରଖିବା—ଦେ. କ୍ରି. (ଫା. ବଜା)—୧ । ( କଥା ବା ଆଦେଶ )
Bajāya rakhibā ରକ୍ଷା କରିବା; ପାଳନ କରିବା; କାଏମ୍
বজায় রাখা ରଖିବା—1. To carry out or uphold.
**जारी रखना, बजालाना**
୨ । ପୂର୍ବ ପରି ଅକ୍ଷୁଣ୍ଣ ରଖିବା—2. To keep a thing intact as before.

ବଜାର—ବୈଦେ. ବ. ( ଫା. ବାଜାର୍=ଦ୍ରବ୍ୟାଦିର ପ୍ରାପ୍ତିସ୍ଥାନ; ଅର୍ଥାତ୍
Bajāra ଯେଉଁଠାରେ କ୍ରୟବିକ୍ରୟବ୍ୟବହାର୍ଯ୍ୟ ବିକ୍ରି ହୁଏ)—
বাজার ୧ । ପଣ୍ୟ ଶାଳା; କ୍ରୟ ବିକ୍ରୟ ସ୍ଥାନ—
**बजार, बाजार** 1. Bazar; mart.
୨ । ଦୋକାନ ଶ୍ରେଣୀ—2. A row of shops.
୩ । ଦୋକାନଶ୍ରେଣୀସଜ୍ଜିତ ନଗରର ରାଜପଥ—3. A road in the town, containing rows of shops.
[ ଦ୍ର—ହାଟରେ ସପ୍ତାହର ପାଳି ଦିନ ପଣ୍ୟ ଦ୍ରବ୍ୟ ବିକା ହୁଏ, ମାତ୍ର ବଜାରରେ ସବୁ ଦିନେ ବିକି ଖରିଦ ଲାଗିଥାଏ । ]
୪ । ସମୂହ—4 Collection; multitude.
ହଜାର ହଜାର ଯାର ପ୍ରଶଂସକଗଣ ବଜାର
ଉତ୍ତ କେହ୍ନ ରଖିବ ଜାକ । କବିସୂର୍ଯ୍ୟ. ସଙ୍ଗୀତ ।

ବଜାର କରିବା - ଦେ. କ୍ରି. ( ଫା. ବାଜାର୍ )—
Bajāra karibā ବଜାରରୁ ଦ୍ରବ୍ୟାଦ କ୍ରୟ କରିବା—
বাজার করা To purchase things from the bazar;
**हाट बाजार करना** to make shopping.

ବଜାର ଖରଚ—ବୈଦେ. ବ—( ଫା. ବାଜାର୍+ଖର୍ଚ୍ଚ୍ )—ଦୈନିକ
Bajāra kharacha ବ୍ୟବହାର୍ଯ୍ୟ ପଣ୍ୟଦ୍ରବ୍ୟ (ଯଥା, ଚାଉଳ,
বাজার খরচ ଡାଲି, ପରିବାପତ୍ର, ଲୁଣ, ତେଲ) କିଣିବାରେ ଯାହା ଖରଚ
**बाजारखर्च** ହୁଏ—Expenses for procuring victuals and other daily necessaries in the market.

ବଜାର ଗରମ—ଦେ. ବ—ବଜାରରେ ବିକ୍ରିତ ଦ୍ରବ୍ୟାଦିର ମୂଲ୍ୟବୃଦ୍ଧି
Bajāra garama ଓ ଅଧିକ କାଟତି ହେବା ଅବସ୍ଥା—Rise in
( ବଜାର ଚଢ଼ା—ଅନ୍ୟରୂପ ) prices and demand of
বাজারগরম **बाजारगर्म** commodities.

ବଜାର ଦର—ଦେ. ବ—ପଣ୍ୟଦ୍ରବ୍ୟର ବଜାରରେ ପ୍ରଚଳିତ ମୂଲ୍ୟ—
Bajāra dara Market rate; market price.
(ବଜାର ଭାଉ—ଅନ୍ୟରୂପ) বাজারদর (ভাও) **बाजारदर (भाव)**

ବଜାର ବସିବା—ଦେ. ବ—୧ । ବଜାରରେ କ୍ରୟ ବିକ୍ରୟ କାର୍ଯ୍ୟ
Bajāra basibā ଚାଲିବା —1. The going on of
বাজারবসা **बाजारबैठना** purchase and sale in a bazar.
୨ । ପଣ୍ୟଶାଳାର ସ୍ଥାପିତ ହେବା—2. The opening of a bazar at a certain place.

ବଜାର ବୁଲା—ଦେ. ବଣ. ପୁଂ. ( ଗାଳିବିଶେଷ )—ଯେଉଁ ଲୋକ
Bajāra bulā ବଜାରରେ ବୁଲି ଭିକ୍ଷା କରି ପେଟ ପୋଷେ—
(ବଜାରବୁଲି—ସ୍ତ୍ରୀ) Earning his livelihood by
বাজারে **मेला घुमना** begging in the bazar; a vagabond.

**ବଜାର ମାନ୍ଦା**—ବୈଦେ. ବ—(ଫା. ବାଜାର୍+ମାନ୍ଦାହ୍)—ପଣ୍ୟାଦିର Bajāra māndā ମୂଲ୍ୟର ହ୍ରାସ ଓ ବିକ୍ରୟର ଅଳ୍ପତା—A fall in বাজারমন্দা **बाजारमोन्दा** the price and demand of commodites.
(ବଜାର ନରମ—ଅନ୍ୟରୂପ)

**ବଜାର ସଉଦା**—ବୈଦେ. ବ—( ଫା. ବାଜାର + ସୌଦା )—ମନୁଷ୍ୟର Bajāra saudā ଦୈନିକ ବ୍ୟବହାର୍ଯ୍ୟ ଖାଦ୍ୟାଦିର ଉପକରଣ ପଣ୍ୟଦ୍ରବ୍ୟ (ଯଥା, ଡାଲି, ଚାଉଳ, ହାଣ୍ଡି, କାଠ, ପରିବା ତେଲ,ଲୁଣ)—Commodites which are the daily necessaries and are available in an ordinary market.

**ବଜାରି**—ଦେ. ବଣ. ପୁଂ. (ଗାଳିବିଶେଷ)—୧ । ସହରବାସୀ (ଲୋକ)-- Bajāri 1. (person) Living in a town.
(ବଜାରିଆ—ଅନ୍ୟରୂପ) ୨ । ନୀଚପ୍ରକୃତି; ନୀଚ ଓ ଦୁଷ୍ଟ (ଲୋକ)—
(ବଜାରୁଣୀ—ସ୍ତ୍ରୀ) 2. Vile; wicked (person).
বাজারিযা, বাজারে ୩ । ଅଭଦ୍ର—3. Ignoble; uncivil.
**बजारी, बाजारू** ୪ । ଇତର ( ବ୍ୟକ୍ତି )— 4. Vulgar (person).
୫ । ନିକୃଷ୍ଟ (ବସ୍ତୁ)—5 Inferior (article).
୬ । ନିକୃଷ୍ଟ ଉପକରଣରେ ପ୍ରସ୍ତୁତ ଓ ବଜାରରେ ଅଳ୍ପ ଦାମରେ ବାଜାରୁ ମିଳୁଥିବା (ପଣ୍ୟଦ୍ରବ୍ୟ)—6. (a commodity) which is made of inferior materials and is of low price.
( ବିପରୀତ—ଘରମାସୀ )

**ବଜାରି ହେବା**—ଦେ. କ୍ରି—ବକବକାର ହେବା; ବଜର ବଜର Bajāri hebā ହେବା; ଗୁଡ଼ାଏ ବକିବା—To talk too বকাঝকাকরা **बकवाद करना** much.

**ବଜେ**—ବୈଦେ. କ୍ରି. ବଣ—(ହିନ୍ଦୀ. ବଜେ=ବାଜିବା ଧାତୁରୁ)— Baje (ଏତେ ଘଣ୍ଟା) ବାଜିବାବେଳେ—At ( such or টারবেলায় **बजे** such) O'clock.
(ଯଥା—ମୁଁ ଅଢ଼େଇ ଘଣ୍ଟାବଜେ କଚେରୀକି ଯିବି ।)

**ବଜେଟ୍**—ବୈଦେ. ବ. ( ଇଂ )—ଆଗାମୀ ବର୍ଷର ଆୟବ୍ୟୟର Bajet ଅନୁମାନିକ ତାଲିକା—Budget
( ବଜଟ୍—ଅନ୍ୟରୂପ ) বজেট **बजट** [ ଦ୍ର—ଏହା ବର୍ଷର ଆରମ୍ଭରୁ କରାଯାଏ ଓ ବର୍ଷ ଶେଷରେ ପ୍ରକୃତ ଆୟବ୍ୟୟ ଦେଖା ଗଲେ, ତାହା ଠିକ୍ ହିସାବ କରି ତାଲିକା କଲେ ତାକୁ ରିଭାଇଜଡ୍ (revised) ବଜେଟ୍ କହନ୍ତି । ]

**ବଜେଟ୍ ପାଶ୍**—ବୈଦେ. ବ. (ଇଂ. ବଜେଟ୍+ପାଶ୍=ମଞ୍ଜୁର)—ପ୍ରସ୍ତାବିତ Bajet pāś ଆୟବ୍ୟୟର ତାଲିକାକୁ ଅନୁମୋଦନ କରିବା—The বজেটপাশ **बजटपास** passing of a budget.

**ବଜେଟ୍ ମଞ୍ଜୁର(ରି)**—ବୈଦେ. ବ. (ଇଂ. ବଜେଟ୍ ଓ ଫା. ମନ୍‌ଜୁର୍)— Bajet manjura(ri) ବଜେଟ୍ ପାଶ୍ (ଦେଖ)—Bajet pāś বজেটমঞ্জুর **बजेटमंजुर** (See).

**ବଜ୍ଜାତ୍**—ବୈଦେ. ବଣ. ପୁଂ ଓ ସ୍ତ୍ରୀ. ( ଫା. ବଦ୍ ଜାତ୍ )— Bajjāt ୧ । ଦୁର୍ବୃତ୍ତ; ଦୁଷ୍ଟ; ଖେଚେଡ଼ା—1. Wicked; vile.
ବଜ୍ଜାତି } ଅନ୍ୟରୂପ ୨ । ନୀଚ କୁଳୋତ୍ପନ୍ନ—
ବଜ୍ଜାତିଆ } 2. Low-born; base-born.
(ବଜ୍ଜାତିଆଣୀ—ସ୍ତ୍ରୀ) বজ্জাত **बजात**

**ବଜ୍ଜାତି**—ବୈଦେ. ବ. (ଫା.—ବଦ୍‌ଜାତୀ)—ଦୁଷ୍ଟାମୀ; ଖଚଡ଼ାମୀ; ପାଜି Bajjāti ପଣ—Wickedness; baseness; vileness.
বজ্জাতী **बज्जाती** ବଣ.—ବଜ୍ଜାତ୍ (ଦେଖ)— Bajjāt (See)

**ବଜ୍ଜାତି କାଢ଼ିବା**—ଦେ. କ୍ରି—ଦୁଷ୍ଟାମୀ କରିବା— Bajjāti kāṛhibā To exhibit one's wickedness.
[ବଜ୍ଜାତି ଦେଖା(ଖେ)ଇବା, ବଜ୍ଜାତି ବାହାର କରିବା, ବଜ୍ଜାତି କରିବା
বজ্জাতিকরা **बज्जाति करना** —ଅନ୍ୟରୂପ]

**ବଜ୍ର**—ସଂ. ବ. (ବଜ୍ ଧାତୁ=ଗମନ କରିବା+କର୍ତ୍ତୃ. ର)—୧ । ଚଡ଼ କ Bajra କୁଳିଶ; ଅଶନି; ଚଡ଼ଚଡ଼ି—1. Thunderbolt.
ବଜ୍ରର ଅନ୍ୟ ସଂସ୍କୃତ ନାମ— ଅଶନି, କୁଳିଶ, ଭିଦୁର, ପବି, ଶତକୋଟି, ସ୍ୱରୁସ୍, ହ୍ରାଦନୀ, ଶମ୍ବ, ଦମ୍ଭୋଳି, ସ୍ୱଧିତ, ଶତଘ୍ନୀ, ଶର୍ମ୍ମ, ଆପୋକ, ହ୍ଲାଦନୀ, ଭୂକ, ଜମ୍ଭ, ମେନି, ଶତଧାର, ସାୟକ, ପରଶୁ, ଅକ୍ଷଜ, ଗିରି- କଣ୍ଟକ, ଗୋ, ଅଗ୍ରୋତୃ, ଦଂଭ ।
୨ । ଇନ୍ଦ୍ରଙ୍କ ଲୌହମୟ ପ୍ରଧାନ ଅସ୍ତ୍ର—2. The weapon of Indra (the rain-God).
[ ଦ୍ର—ଋଗ୍‌ବେଦରେ ଉଲ୍ଲେଖ ହୋଇଅଛି ଯେ, ଦଧୀଚ ଋଷିଙ୍କ ହାଡ଼ରେ ଇନ୍ଦ୍ର ୯୯ ରାକ୍ଷସମାନଙ୍କର ଧ୍ୱଂସ କଲେ । ଐତରେୟ ବ୍ରାହ୍ମଣରେ ଲେଖାଅଛି ଯେ ଦଧୀଚ ଋଷି ବଞ୍ଚିଥିବା ଯାକେ ଅସୁରମାନେ ତାଙ୍କୁ ଦେଖି ପଳାଇ ଯାଉଥିଲେ । ସେ ମଲା ପରେ ଅସୁରମାନେ ଉତ୍ପାତ ଆରମ୍ଭ କଲେ । ଇନ୍ଦ୍ର ତାଙ୍କ ଅସ୍ଥି ଖୋଜି ଖୋଜି ପୁଷ୍କର କ୍ଷେତ୍ରରେ ତାଙ୍କ ମୁଣ୍ଡର ଅସ୍ଥି ପାଇଲେ; ତହିଁରେ ଇନ୍ଦ୍ର ବଜ୍ର ତିଆରି କରି ଅସୁରମାନଙ୍କୁ ସଂହାର କଲେ । ଭାଗବତରେ ଲେଖାଅଛି ଯେ, ବୃତ୍ରାସୁରକୁ ବଧ କରିବା ପାଇଁ ଇନ୍ଦ୍ର ଦଧୀଚଙ୍କ ହାଡ଼ରେ ବଜ୍ର ତିଆରି କରାଇଥିଲେ । ମତ୍ସ୍ୟ ପୁରାଣରେ ଲେଖାଅଛି ଯେ, ଯେତେବେଳେ ବିଶ୍ୱକର୍ମା ଭ୍ରମ ଯନ୍ତ୍ର (ଶାଣ ଚକ)ରେ ସୂର୍ଯ୍ୟଙ୍କୁ ଚଢ଼ାଇ ତାଙ୍କ ତେଜ କମାଇଲେ, ସେତିକ- ବେଳେ ସୂର୍ଯ୍ୟଙ୍କ ଦେହରୁ ତେଜ ଛୁଟିକି ଯାଇ ସେଥିରୁ ବିଷ୍ଣୁଙ୍କ ଚକ୍ର, ଶିବଙ୍କ ତ୍ରିଶୂଳ ଓ ଇନ୍ଦ୍ରଙ୍କ ବଜ୍ର ହେଲା । ଏହାପରି ଭିନ୍ନ ଭିନ୍ନ ପୁରାଣ- ମାନଙ୍କରେ ବଜ୍ରର ଉତ୍ପତ୍ତି ସମ୍ବନ୍ଧେ ଭିନ୍ନ ଭିନ୍ନ ଆଖ୍ୟାୟିକା ଅଛି । ବୈଦିକ ନିର୍ଘଣ୍ଟୁରେ ବଜ୍ରର ଅନ୍ୟ ନାମ ଦିଦ୍ୟୁତ, ନେମି, ହେତି, ନମ, ସୃକ, ବୃକ, ବଧ, ଅର୍କ, କୁତ୍ସ—ହି. ଶ । ଅଧୁନିକ ଲେଖାରେ କୌଣସି ଅଂଶ ପ୍ରତି ପାଠକଙ୍କ ଦୃଷ୍ଟି ଆକର୍ଷଣ କରିବାପାଇଁ, ବ୍ୟବହୃତ ✦ ଚିହ୍ନକୁ ବଜ୍ରଚିହ୍ନ ବୋଲାଯାଏ ।
୩ । ବଜ୍ରର ଆଘାତ ପରି ଦାରୁଣ ଆଘାତ—
3. A hard stroke like that of thunder.
୪ । ଦେବତା ମାନଙ୍କର ଆଠ ପ୍ରକାର ଅସ୍ତ୍ର; ଅଷ୍ଟବଜ୍ର—
4 Eight different weapons of different gods.
[ ଦ୍ର—ଭିନ୍ନ ଭିନ୍ନ ଦେବତା ଭିନ୍ନ ଭିନ୍ନ ପ୍ରକାର ଅସ୍ତ୍ର ବ୍ୟବହାର କରନ୍ତି; ଯଥା—ବିଷ୍ଣୁଙ୍କର ଚକ୍ର, ଶିବଙ୍କର ତ୍ରିଶୂଳ, ବରୁଣଙ୍କର ପାଶ, ବ୍ରହ୍ମାଙ୍କର ଅସ୍ତ୍ର, ଯମଙ୍କର ଦଣ୍ଡ, ଇନ୍ଦ୍ରଙ୍କର କୁଳିଶ ବା ବଜ୍ର,

କାର୍ତ୍ତିକେୟଙ୍କର ଶକ୍ତି ଓ କାଳୀଙ୍କର ଖଡ୍ଗ । ଭାରତ ଆକ୍ରମଣକାରୀ ଗ୍ରୀକ୍‌ବୀର ସିକନ୍ଦରଙ୍କ ସମସାମୟିକ ଗ୍ରୀକ୍ ଐତିହାସିକ ଫିଲଷ୍ଟ୍ରେଟସ୍ ଲେଖିଯାଇ ଅଛନ୍ତି ଯେ ଭାରତୀୟ ସୈନ୍ୟମାନେ ବିପକ୍ଷମାନଙ୍କୁ ଦୂରରୁ ବଜ୍ର, ବିଦ୍ୟୁତ୍ ଓ ଅଗ୍ନିମୟ ଘୂର୍ଣ୍ଣିବାୟୁ ଦ୍ୱାରା ଆକ୍ରମଣ କରି ଯୁଦ୍ଧ କରୁଥିଲେ—ଜ୍ଞାନେନ୍ଦ୍ରଙ୍କ ଉଦ୍ଧୃତ ବଙ୍ଗଳା ଗୃହସ୍ଥ ପତ୍ରିକା ୧୩୨୦ ଆଶ୍ୱିନ । ],

୫ । ହୀରକ; ହୀରା—5. Diamond,

୬ । ମର୍ମଭେଦୀ ତିରସ୍କାର—6. Heart-rending abuse.

୭ । ମଣିଆଦି ବିନ୍ଧ କରାଯିବା ହୀରକର ସୂଚୀ—7. A gem-boring needle.

୮ । ( ସାମୁଦ୍ରିକ ) ମନୁଷ୍ୟର ଦେହରେ ଦେଖାଯିବା ବଜ୍ରାକୃତି ଚିହ୍ନ—8. ( Palmistry ) A sign in the human body resembling a thunderbolt.

୯ । ( ଜ୍ୟୋତିଷ ) ବିଷ୍କମ୍ଭାଦି ୨୭ ଯୋଗ ମଧ୍ୟରୁ ଏକତମ—9. One of the 27 conjunctions in astrology.

[ ଦ୍ର—ଏ ଯୋଗର ପ୍ରଥମ ୯ ଦଣ୍ଡ ଅଶୁଭକର ଅଟେ । ]

୧୦ । ଶ୍ରୀକୃଷ୍ଣଙ୍କ ପ୍ରପୌତ୍ର ଓ ଅନିରୁଦ୍ଧଙ୍କ ପୁତ୍ର—10. The great grandson of Śrikṛushṇa and son of Aniruddha.

୧୧ । କୁଶ—11. The Kuśa grass.

୧୨ । ଶିଶୁ—12. Child.

୧୩ । ଛାତ୍ର—13. Student.

୧୪ । ଅମ୍ଳ—14. Acid.

୧୫ । ଅଲାବୁ—15. Pumpkin.

୧୬ । ଆକସ୍ମିକ ଭୟଙ୍କର ବିପଦ—16. Sudden and serious danger.

୧୭ । ବିଦ୍ୟୁତ୍; ବିଜୁଳି—(ହି, ଶ)—17. Lightning

୧୮ । ବଜ୍ରଲୌହ (ଦେଖ) (ହି. ଶ)—11. Bajra lauha (See).

୧୯ । ଭାଲ; ବରଛା (ହି. ଶ) 19. Spear.

୨୦ । (ବାସ୍ତୁ ବିଦ୍ୟା) ଯେଉଁ ଖୁଣ୍ଟର ମଧ୍ୟ ଭାଗ ଅଷ୍ଟକୋଣ (ହି ଶ) 20. ( architecture ) A pillar whose middle is octagonal.

୨୧ । ବିଷ୍ଣୁଙ୍କ ଚରଣ ତଳେ ଥିବା ଚିହ୍ନବିଶେଷ (ହି. ଶ)—21. A particular mark appearing on the sole of Bishṇu.

୨୨ । ଅଭ୍ରକ (ହି. ଶ)—22. Mica.

୨୩ । କୋଇଲାଖ ଗୁଳ୍ମ (ହି. ଶ)—23. Hygrophila Spinosa (plant).

୨୪ । ଶ୍ୱେତ କୁଶ (ହି. ଶ)—24. White Kuśa grass.

୨୫ । କାଞ୍ଜି (ହି. ଶ)—Fermented rice-water.

୨୬ । ଧାତ୍ରୀ ଗୁଳ୍ମ (ହି. ଶ)—26. Dhātri plant (See).

୨୭ । ସିଜୁଗଛ (ହି. ଶ)—27. Euphorbia.

୨୮ । ବିଶ୍ୱାମିତ୍ରଙ୍କର ଏକ ପୁତ୍ର (ହି. ଶ)—Name of a son of Biśwāmitra.

୨୯ । ବଜ୍ରପୁଷ୍ପ (ଦେଖ)—29. Bajrapuspa (See).

ବିଣ—(ବଜ୍ର ଧାତୁ+କର୍ତ୍ତୃ. ର)—

୧ । କଠିନ—1. Hard.

୨ । ବଜ୍ରାକୃତି—2. Thunder-shaped.

୫ । ଦାରୁଣ—5. Terrible.

୩ । ଅସହ୍ୟ—3. Unbearable.

୪ । ହୃଦୟଭେଦୀ—4. Heart-rending.

ଦେ. ବିଣ—୧ । ଦୁର୍ଜୟ—1. Invincible.

ବଜ୍ର ବଜ୍ରଦୁର୍ଗ ପ୍ରାୟ ସେମାନେ ବେଷ୍ଟିତ ହୋଇଥିଲେ ଅନୁକ୍ଷଣେ ।
ବଜ୍ର ଭକ୍ତ, ବୈଦେହୀଶବିଳାସ ।

୨ । ଦୃଢ଼ ଓ ଚିରସ୍ଥାୟୀ—3. Firm and lasting.

(ଯଥା—ତୋ ହାତ (ବା ଖଡ଼ୁ ) ବଜ୍ର ହେଉ—ସଧବାଙ୍କ ପ୍ରତି ଆଶୀର୍ବାକ୍ୟ । )

ବଜ୍ର କଣ୍ଟକ—ସଂ. ବି. (ବହୁବ୍ରୀହି; ବଜ୍ର ପରି କଠିନ କଣ୍ଟକ ଯାହାର)—
Bajra kaṇṭaka ୧ । କୋଇଲାଖ ବା କୋଇଲଖା ନାମକ କଣ୍ଟକୀ ଗୁଳ୍ମ—1. Hygrophila Spinosa.

୨ । ସିଜୁଗଛ (ହି. ଶ)—2. Euphorbia (plant).

ବଜ୍ରକନ୍ଦ—ସଂ. ବି—୧ । ଜଙ୍ଗଲୀ ଓଲୁଅ (ହି. ଶ.)—
Bajrakanda 1. Wild arum.

୨ । ଶକରକନ୍ଦ (ଦେଖ) (ହି. ଶ.)—
2. Śakarakanda (See)

୩ । ତାଳଗଛର ଫୁଲ (ହି. ଶ.)—
3. The flower of Palm tree.

ବଜ୍ର କବାଟ(ଟି)—ଦେ. ବି—ଖୁବ୍ ମଜଭୁତିଆ ବା ଦୃଢ଼ କବାଟ—
Bajra kabāṭa(ṭi) Very strong door.
ବজ্রকপাট ବଜ୍ରकिवाड(डी)

ବଜ୍ର କାପଡା—ଦେ. ବି. (ସଂ. ବଜ୍ର ଓ କାଡ=କାଢ଼)—
Bajra kāpata ନେଉଳ ଜାତୀୟ ଏକପ୍ରକାର ଅଦନ୍ତ କଠିନ-ଶଲ୍କଯୁକ୍ତ କୀଟଭୁକ୍ ସରୀସୃପ—
ବଜ୍ର କାପଡ଼ି, ବଜ୍ର କାପ୍ରା, ବଜ୍ର କାବଡା } ଅନ୍ୟରୂପ The Pangolin ( a reptile); the scaly ant-eater; Manis Tricuspis; Manis Pentadactyla.
বজ্রকাতি
वज्रवदन नेवल [ଦ୍ର—ଏହାର ଦେହସାକ, ପଦ ଓ ପୁଚ୍ଛରେ କଠିନ କାତି ପରି ଆବରଣ ଥାଏ । ଶତ୍ରୁ ଆକ୍ରମଣ କଲେ ଏମାନେ ମୁହଁ ଓ ଲାଞ୍ଜକୁ ଯାକି ଏପରି ଗୁଡ଼ାଇ ହୋଇ ଯାଆନ୍ତି ଯେ ସ୍ୱରପାଖେ କେବଳ କଠିନ କାତି ଛଡ଼ା ଆଉ କିଛି ଦେଖାଯାଏ ନାହିଁ । ଏମାନଙ୍କ ଦେହ ପ୍ରାୟ ୧ ହାତ ଓ ପୁଚ୍ଛ ୧ ହାତ ଲମ୍ବ । ଏମାନେ ଛାତିଥିବା କାତିରୁ ଜନ୍ମା ଏମାନଙ୍କୁ ମାରି ଏମାନଙ୍କ କାତିରୁ ମୁଦି ତିଆରି କରାଯାଏ । ଏମାନେ ଅଦନ୍ତ ଓ କୀଟଭୁକ୍ । ]

ବଜ୍ର କିଳ(ଳି)ଣୀ(ଣି)—ଦେ. ବି. (ସଂ. ବଜ୍ର+କିଳଣୀ)—
Bajra kiḷa(ḷi)ṇi ṇi) କବାଟର ଖୁବ ଦୃଢ଼ କିଳିଣି—
वज्रकीली A very strong bolt of a door.
বজ্রকীল ଗୃହ ରହିବ ଯେ ବଜ୍ର କିଳଣୀ ଠାବରେ । ଜଗନ୍ନାଥ ଗୀତା ।

**ବଜ୍ର କୀଟ**—ସଂ. ବି—ଏକପ୍ରକାର କୀଟ—
Bajra kita A kind of worm.

ଇନ୍ଦ୍ର, ବଜ୍ରକୀଟ ହୋଇ ମୋ ଦେହ କାଟି
ଶୋଷିବାର ଦେଲେ ଯାଇଁ ସ୍ୱମଙ୍କ ଜାନୁଟି । କୃଷ୍ଣସିଂହ, ମହାଭାରତ କର୍ଣ୍ଣ ।

[ ଦ୍ର—ଏ କୀଟ ପଥର କାଟି ପାରେ; ଏହି କୀଟର ଗଣ୍ଡକୀନଦୀ ଗର୍ଭରେ କାଟିଥିବା ପଥର ଶାଳଗ୍ରାମଶିଳା ହୁଏ । ]

**ବଜ୍ର ଗୁପତି**—ଦେ. ବି. (ସଂ. ବଜ୍ରଗୁପ୍ତି)—ସାଞ୍ଜୁ—
Bajra gupati Armour.
(ବଜ୍ର ଗୁପ୍ତି—ସଂ. ରୂପ)

କାଣର କବଚ ଉପତ,
ମାର ଶରକୁ ସେ କାଳା ବଜ୍ରଗୁପତି । ଭକ୍ତ. ପ୍ରେମସୁଧାନିଧି ।

**ବଜ୍ରଗୋପ**—ସଂ. ବି—ଇନ୍ଦ୍ରଗୋପ କୀଟ (ଦେଖ) (ହି. ଶ.)
Bajragopa Indragopa (See)

**ବଜ୍ରଙ୍ଗ**—ଦେ. ବି. (ସଂ. ବଜ୍ରାଙ୍ଗ)—ଦୃଢ଼ଶରୀରବିଶିଷ୍ଟ (ବ୍ୟକ୍ତି)—
Bajranga A person of hardy physique.
बजरङ्ग बजरंग

**ବଜ୍ର ଚର୍ମା**—ସଂ. ବିଣ. (ବହୁବ୍ରୀହି; ବଜ୍ର+ଚର୍ମନ୍; ୧ମା. ୧ବ.)—
Bajra charmā ଯାହାର ଚର୍ମ ଖୁବ୍ ଦୃଢ଼—
Having tough skin.

ସଂ. ବି—ଗଣ୍ଡା ପଶୁ—Rhinocers.

**ବଜ୍ର ଜ୍ୱାଳା**—ସଂ. ବି—୧ । (ନାମ) ବିରୋଚନ ଦୈତ୍ୟର ପୌତ୍ରି
Bajra jwālā (ହି. ଶ.)—1. Name of the grand-daughter of Birochana.

୨ । (ନାମ) କୁମ୍ଭକର୍ଣ୍ଣର ସ୍ତ୍ରୀ (ହି. ଶ.)—
2. Name of the wife of Kumbhakarnna.

**ବଜ୍ର ତୁଣ୍ଡ**—ସଂ. ବି. (ବହୁବ୍ରୀହି; ବଜ୍ର+ତୁଣ୍ଡ)—୧ । ଗରୁଡ଼ (ହି.ଶ.)—
Bajra tunda 1. Garurda.

୨ । ଗଣେଶ (ହି. ଶ.)—2. Ganeśa.

୩ । ଶାଗୁଣା (ହି. ଶ.)—3. Vulture.

୪ । ମଶା (ହି. ଶ.)—4. Mosquito.

୫ । ସିଜୁ (ହି. ଶ.)—5. Euphorbia.

**ବଜ୍ର ଦଂଷ୍ଟ୍ର**—ସଂ. ବି—୧ । (ନାମ) ରାବଣର ସେନାପତି ରାକ୍ଷସବିଶେଷ -
Bajra daṁshtra Name of a demon general of Rābana.

ବଜ୍ର ଦଂଷ୍ଟ୍ରକୁ ନବେଶିଲ ପୂର୍ବରେ ଦକ୍ଷିଣରେ ପ୍ରଥସ୍ତୁକୁ ସେ ।
ଭଞ୍ଜ. ବୈଦେହୀଶବିଳାସ ।

୨ । ଇନ୍ଦ୍ରଗୋପ (ଦେଖ)—2. Indragopa (See)

୩ । ଭାଗବତ ଲିଖିତ ଅସୁର (ହି. ଶ.)—3. Name of a demon mentioned in the Bhāgabata.

**ବଜ୍ରଦନ୍ତ**—ସଂ. ବିଣ. (ବହୁବ୍ରୀହି; ବଜ୍ରପରି କଠିନ ଦନ୍ତ ଯାହାର)—
Bajra danta ବଜ୍ରପରି କଠିନ ଦନ୍ତବିଶିଷ୍ଟ—
Having very hard teeth.

ବି—୧ । ଶୂକର—1. Hog.

୨ । ବରାହ—2. Boar.

୩ । ହସ୍ତୀ—3. Elephant.

୪ । ମୂଷିକ—4. Mouse.

**ବଜ୍ର ଦ୍ରୁମ**—ସଂ. ବି—(ସଂ. ବଜ୍ରା) ଛକଣ୍ଟା ସିଜୁ—
Bajra druma Euphorbius Antiqorum.
(ବଜ୍ରଦ୍ରୁ—ଅନ୍ୟରୂପ)

**ବଜ୍ର ଧର**—ସଂ. ବି. ପୁଂ. (ଉପପଦ; ବଜ୍ର+ଧୃ ଧାତୁ+କର୍ତ୍ତୃ. ଅ)—
Bajra dhara ଇନ୍ଦ୍ର—The God Indra.

ବଜ୍ର ପାଣି } ଅନ୍ୟରୂପ ସଂ. ବିଣ—ବଜ୍ରପାଣି (ଦେଖ)
ବଜ୍ର ଧାରୀ } Bajrapāṇi (See)

**ବଜ୍ର ନଖ**—ସଂ. ବିଣ. (ବହୁବ୍ରୀହି; ବଜ୍ରପରି କଠିନ ନଖ ଯାହାର)—
Bajra nakha ବଜ୍ରପରି କଠିନ ନଖଯୁକ୍ତ—
Having very hard nails.

ସଂ. ବି—ନୃସିଂହ—The man-lion incarnation of Bishnu.

**ବଜ୍ର ନାଦ**—ସଂ. ବି. (ଷଷ୍ଠୀ ତତ୍; ବଜ୍ର+ନାଦ)—
Bajra nāda ୧ । ଅଶନି ଶବ୍ଦ; ଘଡ଼ଘଡ଼ି—

ବଜ୍ର ନିନାଦ } 1. Thunder-clap.
ବଜ୍ର ନିର୍ଘୋଷ } ଅନ୍ୟରୂପ ୨ । ଘଡ଼ଘଡ଼ି ପରି ଉଚ୍ଚ ଶବ୍ଦ—
ବଜ୍ର ନିଷ୍ପେଷ } 2 Thundering sound; a very loud sound like that of thunder.

**ବଜ୍ର ପଞ୍ଜର**—ସଂ. ବି—୧ । ସ୍ତୋତ୍ରବିଶେଷ; ୨ । କବଚବିଶେଷ—
Bajra pañjara 1. A hymn; 2. An armour.

ବଜ୍ର ପଞ୍ଜର କବଚ ସ୍ୱଗାତ୍ରେ ପ୍ରଥମେ ଓଁକାର ଦେଇ ।
ଭଞ୍ଜ. ବୈଦେହୀଶବିଳାସ ।

**ବଜ୍ର ପାଣି**—ସଂ. ବିଣ. (ବହୁବ୍ରୀହି; ବଜ୍ର+ପାଣି)—ବଜ୍ରଧାରଣକାରୀ—
Bajra pāṇi Holding the Bajra.

ବଜ୍ରହସ୍ତ } ଅନ୍ୟରୂପ ସଂ. ବି—୧ । ଇନ୍ଦ୍ର—1. Indra.
ବଜ୍ରାୟୁଧ } ୨ । ବ୍ରାହ୍ମଣ (ହି. ଶ.)—2. Brāhmaṇa.

**ବଜ୍ର ପାତ**—ସଂ ବି. (୬ଷ୍ଠୀ ତତ୍; ବଜ୍ର+ପାତ)—ଘଡ଼ଘଡ଼ି ପଡ଼ିବା—
Bajra pāta Thunderstroke; the fall of thunder
(ବଜ୍ରପତନ—ଅନ୍ୟରୂପ)

**ବଜ୍ର ପୁଷ୍ପ**—ସଂ. ବି—ତିଳ ପୁଷ୍ପ—
Bajra pushpa The flower of sessamum.

**ବଜ୍ର ବାଟୁଳି**—ପ୍ରାଦେ. ( ଗଡ଼ଜାତ ) ବି.—ଏକପ୍ରକାର ବଣ୍ଡ ବନ୍ୟ
Bajra bāṭuḻi ଗଛ—Name of a wild tree.

[ ଦ୍ର—ଏଥିର ଫଳ ଗିଲଠାରୁ ବଡ଼ ଓ ଗୋଲାକାର । ଏ ଫଳକୁ ପୋଡ଼ି କାସଦାମ କରନ୍ତି । ]

ପ୍ରାଦେ (ଯାଜପୁର) ବି—ଶମ୍ବର ଦଶମୀଦିନ ସୂର୍ଯ୍ୟଙ୍କୁ ନୈବେଦ୍ୟ ଦିଆଯିବା ଘୃତପକ୍ୱ ଗୋଲ ଗୋଲାକ—Name of a small globular cake fried with ghee.

[ ଦ୍ର—ଏହା ସୂର୍ଯ୍ୟ ପୂଜାରେ ବଢ଼ାଯାଏ । ]

ବିଣ—୧ । ଧୂରନ୍ଧର; ଚତୁର; ମଜଭୁତ୍—1. Expert.

୨ । ଖୁବ୍ ପରିଶ୍ରମ ଓ କଷ୍ଟସହିଷ୍ଣୁ—
2. Very hardy (person).

**ବଜ୍ର ବାଟୁଳି ଗିଲ**—ପ୍ରାଦେ (ଗଡ଼ଜାତ) ବି—ବଡ଼ ଗିଲ ଜାତୀୟ ଗଛ—
Bajra bāṭuḻi gila A species of thorny tree with thorny fruits; Entada Hursaetha; Mimosa Octandra.

[ ଦ୍ର—ଏଥିର ଫଳ ଗିଲଠାରୁ ଅପେକ୍ଷାକୃତ ବଡ଼ । ]

**ବଜ୍ର ବାଣ**—ସଂ. ବ. (ବଜ୍ର+ବାଣ)—ବଜ୍ରାସ୍ତ୍ର (ଦେଖ)
Bajra bāṇa Bajrāstra (See)

**ବଜ୍ର ବାରକ**—ସଂ. ବ—ଛ ଜଣ ମହାତପା, ଯେଉଁମାନଙ୍କ ନାମ ସ୍ମରଣ କଲେ ମନୁଷ୍ୟ ଉପରେ ବଜ୍ର ପଡ଼ିବାର ଭୟ ନ ଥାଏ—Six sages said to prevent thunder if their names are uttered at the time when raining clouds appear in the sky.
Bajra bāraka
[ ଦ୍ର—ଜୈମିନ, ସୁମନ୍ତ, ବୈଶମ୍ପାୟନ, ପୁଲସ୍ତ୍ୟ, ପୁଲହ ଓ କ୍ରତୁ ଏହିମାନେ ବଜ୍ର ବାରକ ଅଟନ୍ତି । ]

**ବଜ୍ର ବାରଣ**—ଦେ. ବ. ( ସଂ. ବଜ୍ର+ବାରଣ )—
Bajra bāraṇa ୧ । ଉଚ୍ଚ କୋଠା ଆଦିକୁ ବଜ୍ରପାତରୁ ରକ୍ଷା କରିବା ପାଇଁ ତହିଁ ଉପରେ ଲଗାଯିବା ଲୁହାର ଡାଲି ବା ଶଲାକା—1. Lightning conductor rods attached to high buildings as a safeguard against thunder-stroke.
ବଜ୍ରବାରণ, বাজবারণ
बज्रबारण
୨ । ମନସା ସିଜୁ (ଦେଖ)—2. Manasā sijhu (See)

**ବଜ୍ର ବାରାହୀ**—ସଂ. ବ. ସ୍ତ୍ରୀ—ବୌଦ୍ଧମାନଙ୍କର ଉପାସ୍ୟଦେବୀବିଶେଷ—
Bajra bārāhi Name of a Goddess worshipped by the Buddhists.

**ବଜ୍ର ଭଙ୍ଗ**—ଦେ. ବଣ. ( ସଂ. ବଜ୍ର+ଭଞ୍ଜନ )—ଦେ. ବ—
Bajra bhāṅga ଯେଉଁ ଶିଶୁକୁ ପ୍ରସବ କରିବା ପାଇଁ ମାତା ବହୁତ ସମୟ ଗର୍ଭ ଯନ୍ତ୍ରଣା ଭୋଗ କରେ—A child costing its mother much pain and long travail.
ବଜ୍ର ଭଗା } ଅନ୍ୟରୂପ
ବଜ୍ରା ଭଙ୍ଗ }
बज्रभाँड
( ଯଥା—ପେଟରୁ କି ବଜ୍ରଭଙ୍ଗ ପିଲା ଆସିଛି ଯେ, ମାଆ ତିନ ଦିନ ହେଲା କଷ୍ଟ ପାଉଛି । )

**ବଜ୍ର ମଣି**—ସଂ. ବ. ( କର୍ମଧା; ବଜ୍ର+ମଣି )—ହୀରା—
Bajra maṇi (ବଜ୍ରସାର—ଅନ୍ୟରୂପ) Diamond

**ବଜ୍ର ମାରି**—ଦେ. ବ—ବଜ୍ରମୂଳ—
Bajra māri Sida Cordifolia.
[ ଦ୍ର—ଏହା ବାଲିରେ ଜନ୍ମେ । ]

**ବଜ୍ର ମୁଠି**—ଦେ. ବ. ( ବଣିଆ ଶବ୍ଦ )—ଭୂଷଣ କାମ କରିବାରେ ବ୍ୟବହୃତ ହତିଆର—Name of an instrument used by goldsmiths in setting gem on gold.
Bajra muṭhi

**ବଜ୍ର ମୁଷ୍ଟି**—ସଂ. ବ. ( ବହୁବ୍ରୀହି; ବଜ୍ର+ମୁଷ୍ଟି )—
Bajra mushṭi ୧ । ଇନ୍ଦ୍ର (ହି. ଶ)—1. Indra.
୨ । ରାକ୍ଷସବିଶେଷ (ହି. ଶ)—2. Name of a demon.
୩ । ଜଙ୍ଗଲୀ ଓଲୁଅ (ହି. ଶ)—3. Wild arum.

**ବଜ୍ର ମୂଳ**—ଦେ ବ—ଜବାଦି ବର୍ଗର କ୍ଷୁପବିଶେଷ; ଔଷଧ ଗୁଳ୍ମବିଶେଷ—
Bajra mūḷi A medicinal plant; Sida Cordifolia; Penicillaria Spicata.
ସଂ. ବଳା, ପୀତପୁଷ୍ପୀ
ବେଡ଼େଲା, କରେଟୀ, ବନମେଥି
करेटा, बारिका करेटा
ତେ. ବିଷ ବୋଡ୍ଡି
ମ. ଚିକନ୍‌ପାତା
ଗୁ. ଜଙ୍ଗଲମୁଥି, ବଳବଡ୍ଡି
[ ଦ୍ର—ଏହାର ପତ୍ରର ମୂଳ ପାନ ପତ୍ରର ମୂଳ ପରି । ପତ୍ର ସୂକ୍ଷ୍ମ ଲୋମଶ । ଫୁଲ ହଳଦିଆ । ପାଚିଲା ଫଳ ଫାଟି ଗଲେ ୧୦ ଖଣ୍ଡ ହୋଇଯାଏ । ଏହାର ଆଉ ତିନି ଗୋଟି ପ୍ରକାର ଅଛି । ୧ । ନାଲି—ସଂ. ଅତିବଳା । ବଂ. ଲାଲ ବେଡ଼େଲା । ଇଂ. Sida Rhombifolia. ୨ । ଧଳା—ସଂ. ମହାବଳା । ବଂ. ଶ୍ୱେତ ବେଡ଼େଲା । ଇଂ. Sida Rhomboidia. ୩ । ଗୋରକ୍ଷ ଗୁଡ଼ୁଲିଆ—ସଂ. ନାଗବଳା । ବଂ. ଗୋରକ୍ଷ ଗୁଡ଼ୁଲି । ଇଂ. Sida Spinosa. ]

**ବଜ୍ର ମୂଳୀ**—ସଂ. ବ—ମାଷପର୍ଣ୍ଣୀ (ହି. ଶ)—
Bajra mūḷi Grangea Madrasspatna (plant).

**ବଜ୍ର ଯାନ**—ଦେ. ବ—ବୌଦ୍ଧ ଉପସମ୍ପ୍ରଦାୟବିଶେଷ—
Bajra jāna A Buddhistic sect.
[ ଦ୍ର—ମହାଯାନ ତଳେ କୋଠ୍ ଦ୍ରଷ୍ଟବ୍ୟ । ]

**ବଜ୍ର ଲେପ**—ସଂ. ବ—୧ । ଚିତ୍ର ଓ ମୂର୍ତ୍ତି ଉପରେ ମଡ଼ାଯିବା ଚିରସ୍ଥାୟୀ ଲେପବିଶେଷ—1. A permanent layer of paint or colour put on a picture or image.
Bajra lepa
୨ । ବାର୍ଣ୍ଣିସ୍—2. Varnish.
୩ । ( ଲକ୍ଷଣାର୍ଥ ) ଯାହା ଚିରସ୍ଥାୟୀ ରୂପେ କୌଣସି ବସ୍ତୁରେ ସଲଗ୍ନ ହୋଇ ରହେ—2. (figurative) Anything which is attached to a thing permanently.
୪ । ଯେଉଁ ଲେପ ଲିଭେ ନାହିଁ—
4. An ineffaceable plaster.
(ଯଥା—ଅନ୍ୟ କ୍ଷେତ୍ରେ କୃତ ପାପ ଧର୍ମ କ୍ଷେତ୍ରେ ନାଶ ଯାଏ, ଧର୍ମ କ୍ଷେତ୍ରେ କୃତ ପାପ ବଜ୍ର ଲେପ ହୋଇ ରହେ ।)
[ଦ୍ର—କଞ୍ଚା କେନ୍ଦୁ, କଞ୍ଚା କଇଁଥ, ସିମିଳି ଫୁଲ, ବଚ ଓ କେତେକ ଗଛର ଛେଲିକୁ ସିଝାଇ ସେହି ପାଣିର ଅଠଭାଗରୁ ଭାଗେ ବାକି ରହିଲେ ସେହି କ୍ୱାଥରେ ତାର୍ପିନ, ଝୁଣା, ଫେଣି, ବେଲ ଅଠା, ଦେବଦାରୁ ଅଠା ଓ ଭାଲିଆ ମିଶାଇ ଏହି ପ୍ରଲେପ ପ୍ରସ୍ତୁତ କରାଯାଏ । ଏହି ଲେପକୁ କୋଠା, ଦେଉଳ, କୂଅ ଆଦିର କାନ୍ଥରେ ଲେପିଲେ ସେ କାନ୍ଥମାନ ସହସ୍ର ବର୍ଷ ପର୍ଯ୍ୟନ୍ତ ସ୍ଥାୟୀ ହୁଏ ।—ବରାହମିହିର, ବୃହତ୍ ସଂହିତା—ବଙ୍ଗଳା ଭାଷାର ମନ୍ଦିରେର କଥା । ]

**ବଜ୍ର ଲୌହ**—ସଂ. ବ.—ଏକପ୍ରକାର ଲୌହ—
Bajra lauha A kind of iron.
[ଦ୍ର—ବୈଦ୍ୟକ ଗ୍ରନ୍ଥମାନଙ୍କରେ ବଜ୍ରଲୌହର ଅନେକ ପ୍ରକାର ଉଲ୍ଲେଖ ଅଛି :—କାଳପିଣ୍ଡ, ଅରୁଣାଭ, ମୋରକ, ନାଗକେଶର, ତିତ୍ତିରାଙ୍ଗ, ସ୍ୱର୍ଣ୍ଣବଜ୍ର, ଶୈବାଳବଜ୍ର, ଶୋଣବଜ୍ର, ରୋହିଣୀ, କାଙ୍କୋଲ, ଗ୍ରନ୍ଥିବଜ୍ରକ ଓ ମଦନ—(ହି. ଶ.) ।]

**ବଜ୍ର ସୂଚ**—ସଂ. ବ.—ପୃଥିବୀରେ ପଡ଼ିବା ସମୟରେ ବଜ୍ରର ଯେଉଁ ଲୌହମୟ ଅଂଶ ବୃକ୍ଷ ଆଦିକୁ ଭେଦ କରେ—Thunder bolt.
Bajra sūchi

**ବଜ୍ର ସେହ୍ଳା**—ଦେ. ବ.—ଦୃଢ଼ କବଚ—
Bajra sehnā A strong armour.
ଅଙ୍ଗିରେ ବଜ୍ରସେହ୍ଳା ଭରଣପକ୍ଷରେ । —ଦଧିକାଶାର, ସୀତା ବନବାସ ।

**ବଜ୍ର ହସ୍ତ**—ଦେ. ବ. (ନାମ)—ଓଡ଼ିଶାର ପ୍ରାଚୀନ ଗଙ୍ଗାବଂଶୀୟ
Bajra hasta ଖ୍ୟାତନାମା ଜଣେକ ରାଜା—A famous king of the ancient Gaṅgā dynasty of Orissa.
ସଂ. ବି. ଓ ବିଣ.—ବଜ୍ର ପାଣି (ଦେଖ)—
Bajrapāṇi (See)

**ବଜ୍ର ହେବା**—ଦେ. କ୍ରି.—୧ । ବଜ୍ର ପରି କଠିନ ହେବା—
Bajra hebā 1. To be as hard as thunder.
वज्र होना बज्र हଓଯା (ଯଥା—ଦୁଃଖ ସହି ସହି ମୋ ଛାତି ବଜ୍ର ହୋଇ ଗଲାଣି ।)
୨ । ଚିରସ୍ଥାୟୀ ହେବା—2. To be permanent.
(ଯଥା—ତୋ କାଚ ବା ଖଡ଼ୁ ବା ସିନ୍ଦୂର ବଜ୍ର ହେଉ ।)

**ବଜ୍ରା**—ସଂ. ବି. ସ୍ତ୍ରୀ.—(ବଜ୍ର+ସ୍ତ୍ରୀ. ଆ)—୧ । ଦୁର୍ଗା—
Bajrā 1. Goddess Durgā.
୨ । ଛିକଣ୍ଟା ସିଜୁ; ପତ୍ର ସିଜୁ—
2. Euphorbia Antiqorum.

**ବଜ୍ରାଘାତ**—ସଂ. ବି. (୬ଷ୍ଠୀ ତତ୍; ବଜ୍ର+ଆଘାତ)—ଉପରେ ବଜ୍ର
Bajrāghāta ପଡ଼ିବା—The stroke of thunder.

**ବଜ୍ରାଚାର୍ଯ୍ୟ**—ସଂ. ବି.—ନେପାଳୀ ବୌଦ୍ଧମାନଙ୍କ ମତରେ ତାନ୍ତ୍ରିକ ବୌଦ୍ଧ
Bajrāchārjya ଆଚାର୍ଯ୍ୟ, ଯାହାଙ୍କୁ ତିବ୍ବତରେ ଲାମା କହନ୍ତି—
The great Buddhist priest; the Lama.
[ଦ୍ର—ଏ ଗୃହସ୍ଥ ହୁଅନ୍ତି ଓ ପରିବାର ସହ ବିହାରରେ ବାସ କରି ପାରନ୍ତି । ନେପାଳ ଓ ତିବ୍ବତରେ ଏହାଙ୍କର ଖୁବ୍ ସମ୍ମାନ, (ହି. ଶବ୍ଦସାଗର) ।]

**ବଜ୍ରାଭ୍ର**—ସଂ. ବି. (ବଜ୍ର=କଠିନ+ଅଭ୍ର)—କୃଷ୍ଣାଭ୍ର—(ହି. ଶ.)—
Bajrābhra Black mica.

**ବଜ୍ରାସ୍ତ୍ର**—ସଂ. ବି.—(ବଜ୍ର+ଅସ୍ତ୍ର; ରୂପକ)—୧ । ତଡ଼ିତାସ୍ତ୍ର—
Bajrāstra 1. Electric weapon.
୨ । ଇନ୍ଦ୍ରଙ୍କର ଅସ୍ତ୍ର; ଅଶନି—2. Thunderbolt; the weapon of Indra.
୩ । ଆଗ୍ନେୟାସ୍ତ୍ର (ଯଥା—ତୋପ, ବନ୍ଧୁକ ।)—3. Firearm; gun, cannon etc.

**ବଜ୍ରାସନ**—ସଂ. ବି.—(ବଜ୍ର+ଆସନ)—ହଠ ଯୋଗର ଆସନ ବିଶେଷ-
Bajrāsana A kind of posture in Joga exercise.
[ ଦ୍ର—ଏଥିରେ ଗୁହ୍ୟ ଓ ଲିଙ୍ଗ ମଧ୍ୟସ୍ଥ ସ୍ଥାନକୁ ବାଆଁ ଗୋଡ଼ର ଗୋଇଠି ଦ୍ୱାରା ଚାପି, ତହିଁ ଉପରେ ଡାହାଣ ଗୋଡ଼ ରଖି ଦେହା ପକାଇ ବସିବାକୁ ହୁଏ । ହଠଯୋଗର ୮୪ ଆସନରୁ ଏହା ଏକ—ହି. ଶ. । ]

**ବଜ୍ରାହତ**—ସଂ. ବିଣ—( ତୃତୀୟା ତତ୍; ବଜ୍ର+ଆହତ )—ବଜ୍ରଦ୍ୱାରା
Bajrāhata ଆଘାତ ପ୍ରାପ୍ତ—Struck with thunderbolt.

**ବଜ୍ରୀ**—ସଂ. ବି— (ବଜ୍ର+ଅସ୍ତି ଯାହାର, ଅର୍ଥରେ ଇନ୍)—୧ । ଇନ୍ଦ୍ର—
Bajri 1. Indra.
୨ । ଛିକଣ୍ଟା ସିଜୁ ଗଛ—
2. Euphorbia Antiqorum
୩ । ମହିଷ—3. Buffalo.
୪ । ଜୈନ ମୁନି—4. A Jaina saint.

**ବଜ୍ରୌଲି**—ସଂ. ବି—ହଠଯୋଗୋକ୍ତ ମୁଦ୍ରାବିଶେଷ—
Bajrauli Name of an exercise in Haṭhajoga.

**ବଞ୍ଚ (ଧାତୁ)**—ସଂ—୧ । ଗମନ କରିବା—1. To go.
Bañch (root) ୨ । ତ୍ୟାଗ କରିବା—2. To give up.
୩ । ଠକିବା—3. To cheat.

**ବଞ୍ଚ**—ଦେ. ବି—ପଞ୍ଝା ବା ଗଞ୍ଜପା ଖେଳର ଗୋଟିଏ ଦାନ—
Bañch A throw of cards in the game of Gañjapā.

**ବଞ୍ଚକ**—ସଂ. ବିଣ. ପୁଂ—(ବଞ୍ଚ୍ ଧାତୁ. ଣିଚ୍=ବଞ୍ଚି ଧାତୁ+କର୍ତ୍ତୃ. ଅକ)-
Bañchaka ପ୍ରତାରକ; ଶଠ—Fraudulent; deceitful; crafty.
(ବଞ୍ଚିକା—ସ୍ତ୍ରୀ)
ବି—୧ । ଠକ—1. A swindler; a cheat.
୨ । ଶୃଗାଳ—2. Jackal.
୩ । କୁକୁର—3. Dog.
୪ । ଚୋର—4. Thief.

**ବଞ୍ଚନ**—ସଂ. ବି—(ବଞ୍ଚି. ଧାତୁ+ଭାବ. ଅନ)—୧ । ପ୍ରବଞ୍ଚନା; ପ୍ରତାରଣ;
Bañchana ଠକିବା; ଶଠତା—1. Deception; cheating; fraud; deceit; knavery.
(ବଞ୍ଚନା—ଅନ୍ୟରୂପ)
୨ । (ବଞ୍ଚ୍ ଧାତୁ+ଅନ)- ଯାପନ; ଅତିବାହନ; କ୍ଷେପଣ—
2. Passing (of time).
ଦେ. ବି—ବାଧା ଦେବା—Obstructing.
କଉରେ କର ବଞ୍ଚନ ତାଳପତ୍ର ଲେଖନ
ହୋଏ କି ମନ ମଞ୍ଜନ କାହିଁ ବଚନ—ଭକ୍ତ. ପ୍ରେମସୁଧାନିଧି ।

**ବଞ୍ଚା**—ଦେ. ବି—(ସଂ. ବଞ୍ଚ୍ ଧାତୁ=ଗତି କରିବା)—ବଞ୍ଚିବା; ଜୀବନ-
Bañchā बाँचा बचना ଧାରଣ—Living.

**ବଞ୍ଚାଇ କହିବା**—ଦେ. କ୍ରି—୧ । ( ଲକ୍ଷଣାର୍ଥ ) ପ୍ରତାରିତ କରିବା—
Bañchāi kahibā 1. To diceive.
বাঁচিয়ে বলা बचाबचाकर बोलना
ବଞ୍ଚାଇ କହନ୍ତି ସେ କଥା ତାହାଙ୍କୁ—କୃଷ୍ଣସିଂହ. ମହାଭାରତ. ଆଦି ।
୨ । ପରୋକ୍ଷ ଭାବରେ କୌଣସି ବିଷୟ କହିବା—
2. To say a thing indirectly.
୩ । କୌଣସି ବ୍ୟକ୍ତିକୁ ଦୋଷଭାଗୀ ନ କରିବା ପରି କଥା କହିବା—3. To speak in such a manner so as to save a person from blame.

**ବଞ୍ଚା(ଞ୍ଚେ)ଇବା**—ଦେ. କ୍ରି—(ସଂ. ବଞ୍ଚ୍. ଧାତୁ=ଗମନ କରିବା)—
Bañchā(ñche)iba (ବଞ୍ଚିବା କ୍ରିୟାର ଣିଜନ୍ତ ରୂପ—
The causative form of 'Bañchibā)

বাঁচান ୧ । ଅପଣାର ବା ଅନ୍ୟବ୍ୟକ୍ତିର ଜୀବନ ରକ୍ଷା କରିବା—
बचाना 1. To save or preserve or spare the life of another or of one's self.

୨ । ଜୀଆଁଇବା; ପୋଷିବା; ପାଳିବା—
2. To sustain; to rear up; to maintain.

୩ । ବିପଦରୁ ଉଦ୍ଧାର ବା ରକ୍ଷା କରିବା—
3. To save from impending danger.

ମୋର ନାହିଁ, ଥିଲେହେଁ ବଞ୍ଚାଅ । କବିସୂର୍ଯ୍ୟ. ଜଣୋସଙ୍କଷ୍ଟ ଚ. ଗୀତ

୪ । ସହିବା; ସମ୍ଭାଳି ନେବା—5. To bear.

୬ । ଛଳାଇବା—7. To speak with hints

ସ୍ନେହ ନ ପାରି ମନ ଉଦ୍ଭଟ ହୋଇ
ପଚାରିଲେ ବଞ୍ଚାଇ ମନରେ ସଙ୍କପାଇ । ଦିନ୍ଦ୍ରୁଶଙ୍କର. ଉଷା ଅଭିଳାଷ ।

୭ । (ଆଘାତରୁ ଦେହକୁ) ଏଡ଼ାଇବା; ରକ୍ଷା କରିବା—
7. To ward off (a blow).

ତମ୍ଭୋଳ ଦୃଢ଼ାଘାତ ବଞ୍ଚାଇବାକୁ ଗଡ ଅନ୍ତର ରେ । କବିସୂର୍ଯ୍ୟ. ସଙ୍ଗୀତ

୮ । ପ୍ରତାରିତ କରିବା; ଭଣ୍ଡିବା; ବଞ୍ଚିତ କରିବା—
8. To defraud; to inveigle.

ଏ ଅନ୍ତେ ରଘୁବଂଶେ ତନୁ ସଙ୍କୋଚିଲ
କହିଲେ ସେହି ଗ୍ରାମ ସକାଳୁ ବଞ୍ଚାଇ । କୃଷ୍ଣସିଂହ. ମହାଭାରତ ବନ ।

୯ । କୌଣସି କାର୍ଯ୍ୟକୁ ସମ୍ପୂର୍ଣ୍ଣରୂପେ ବା ଏକାବେଳକେ ନ କରିବା—9. To shelve up a matter.

୧୦ । ଏକାବେଳକେ ଖର୍ଚ୍ଚ ନ କରି ରଖିରଖି ଖର୍ଚ୍ଚ କରିବା—
10 To spare; to use frugally.

ଅଳ୍ପ ଅଳ୍ପ ବଞ୍ଚାଇ ବଞ୍ଚାଇ ବସ୍ତାଧରୁ ମଧୁ ଚଖାଇଲୁ । କବିସୂର୍ଯ୍ୟ. ସଙ୍ଗୀତ ।

୧୧ । କୌଣସି ବ୍ୟକ୍ତିକୁ ନିନ୍ଦା ବା ଦୋଷ ବା ତ୍ରୁଟିର ଅଭିଯୋଗରୁ ମୁକ୍ତ କରିବା—11. To save a person from blame or any other charge.

**ବଞ୍ଚାବଞ୍ଚ**—ଦେ. ବି. (ସଂ. ବଞ୍ଚନ)—୧ । ଅନ୍ୟୋନ୍ୟରେ ବଞ୍ଚାଇବା—
Banchābanchi 1. Practising deception on
ঠকাঠকি each other or one another.
ठगाठगी ୨ । (ଲକ୍ଷଣାର୍ଥ) ଭୁଲା ଭୁଲି—2. (figurative) Enticement; inducement; pursuation.

ବିହୁଣ୍ଡିତ ବୋଇଲେ କହୁଥିଲାକୁ ଶଠୀ
ଯାଇଣ କଥାରେ କରିଲୁ ବଞ୍ଚାବଞ୍ଚି । କୃଷ୍ଣସିଂହ. ମହାଭାରତ ଉଦ୍‌ଯୋଗ

**ବଞ୍ଚି (ଧାତୁ)**—ସଂ. (ବଞ୍ଚ୍ ଧାତୁ ଣିଚ୍)—ଠକାଇବା; ପ୍ରତାରଣା କରିବା—
Banchi (root) To cheat.

**ବଞ୍ଚି ଆସିବା**—ଦେ. କ୍ରି—କୌଣସି ବିପଦ ବା ଆସନ୍ନ ମୃତ୍ୟୁରୁ ଉଦ୍ଧାର
Banchi āsibā ପାଇବା—To escape with one's life
(ବଞ୍ଚିଯିବା—ଅନ୍ୟରୂପ) from impending death or
বেঁচেআসা बचआना danger.

ସୁଯୋଗେ ସିନା ବଞ୍ଚି ଆଇଲୁଟେ । କବିସୂର୍ଯ୍ୟ. ଜଣୋସଙ୍କଷ୍ଟ ଘ. ଗୀତ ।

**ବଞ୍ଚି ଉଠିବା**—ଦେ. କ୍ରି—(ମୃତ ବ୍ୟକ୍ତି) ପୁନର୍ଜୀବିତ ହେବା—
Banchi uṭhibā To come to life; to be resuscitated.
বেঁচেউঠা बचउठाना

**ବଞ୍ଚଣୀ**—ଦେ. ବି—ବିଞ୍ଚଣା; ବିଞ୍ଚିବା—Fan; fanning.
Banchiṇi ପଖାର ସେବକ ପୁଣି ବଞ୍ଚଣୀ ବାଗେ । ଦିନ୍ଦ୍ରୁଶଙ୍କର ଉଷାଅଭିଳାଷ ।

**ବଞ୍ଚିତ**—ସଂ. ବିଣ. ପୁଂ. (ବଞ୍ଚ୍ ଧାତୁ+କର୍ମ. ତ)—୧ । ପ୍ରତାରିତ—
Banchita 1. Cheated; defrauded.
(ବଞ୍ଚିତା—ସ୍ତ୍ରୀ) ୨ । ବିରହିତ—2. Deprived of.
ଦେ. ବିଣ (ସଂ. ବାଚ୍ୟ)—ନିନ୍ଦିତ—Blamed.

ସେ ବସ୍ତୁ ବଞ୍ଚିତ ଜୀବନ
ଏମନ୍ତେ ଗଲା ବେଦେ ଧନ । ଜଗନ୍ନାଥ. ଭାଗବତ ।

**ବଞ୍ଚିବା**—ଦେ. କ୍ରି. (ସଂ. ବଞ୍ଚ୍ ଧାତୁ=ଗମନ କରିବା)—୧ । ଜୀଇଁବା;
Banchibā ଜୀବନଧାରଣ କରିବା; ଜୀବିତ ରହିବା; ବାସ କରିବା—
বাঁচা बचना 1. To live; to survive.

ତିଷ୍ଠିବାରଣେ ଏକ ଘଡ଼ି ସେ ବଞ୍ଚିଛି
ସହସ୍ରେ ଗାଈ ଦାନ ଫଳ ସେ ପାଇଛି । କୃଷ୍ଣସିଂହ. ମହାଭାରତ ବନ।

୨ । ବଳି ପଡ଼ିବା; ଉଦ୍ବୃତ୍ତ ହେବା—
2. To be outstanding; to remain over.

୩ । କଷ୍ଟ ବା ବିପଦରୁ ରକ୍ଷା ପାଇବା—
3. To be saved from danger.

ଅସୁର ପୁଚ୍ଛ ପ୍ରହରିତ, ବଞ୍ଚିଲା ଅନେକ ପ୍ରମାଦ । ଜଗନ୍ନାଥ. ଭାଗବତ ।

୪ । (ଦିନ ବା କାଳ) ଯାପନ କରିବା; ଅତିବାହିତ କରିବା;
কাটা କ୍ଷେପଣ କରିବା—4. To pass (time); to while away (time)

ବଅଧେ ଦିନ ବଞ୍ଚି ଅଛି ମୋ ଧନ ।
କବିସୂର୍ଯ୍ୟ. ଇଚ୍ଛାବତୀଙ୍କଷ୍ଟ ବ. ଗୀତ ।

**ବଞ୍ଚି ରହିବା**—ଦେ. କ୍ରି—୧ । ଜୀଇଁବା—1. To be alive; to
Banchi rahibā continue to live.
বেঁচে থাকা बच रहना ୨ । ବହୁଦିନ ଜୀଇଁବା—2. To live long.

**ବଞ୍ଚୁକ**—ସଂ. ବିଣ. ପୁଂ. (ବଞ୍ଚ୍ ଧାତୁ+କର୍ତ୍ତୃ. ଉକ)—ଠକ; ପ୍ରତାରକ—
Banchuka Crafty; fraudulent; deceitful.
(ବଞ୍ଚୁକୀ—ସ୍ତ୍ରୀ) ଦେ. ବି—ବିଲୁଆ—Jackal.

ବଞ୍ଚୁକ ପରସ୍ପେ ଭେଟେ ମୁଖରେ ଅନଳ ଜଳେ
ଦେଖାଇ ନାଶ ଶୁଭୁକ ହେଲେ ଦୃଷ୍ଟିଲେ । ଭଞ୍ଜ, ବୈଦେହୀଶବିଳାସ ।

**ବଞ୍ଚ୍ୟ**—ସଂ. ବିଣ. (ବଞ୍ଚ୍ ଧାତୁ+କର୍ମ. ଯ)—ପ୍ରତାରଣାର ଯୋଗ୍ୟ—
Banchya Fit to be cheated.

**ବଞ୍ଜାର**—ବୈଦେ. ବି. (ହିନ୍ଦୀ; ଭୁଲ. ସଂ. ବନ୍ଧ୍ୟା)—
Banjara ୧ । ଅନାବାଦ ବା ପଡ଼ିଆ ଜମି—
1. Waste land.
পড়ৎ ୨ । ଟିପ ଜମି—2. High land.
बञ्जर ୩ । ଯେଉଁ ଜମିରେ କୌଣସି ଫସଲ ହୁଏ ନାହିଁ—
3. Barren and unproductive land.

**ବଞ୍ଜିରି**—ପ୍ରାଦେ (ସମ୍ବଲପୁର ଓ ଲଡ଼ଆ) ବି.—ଅତ୍ରମାଛ—
Banjiri A kind of fresh water fish.

**ବଞ୍ଜୁଲ**—ସଂ. ବିଣ (ବଞ୍ଚ୍ ଧାତୁ+ଉଲ)—୧ । ଅଶୋକ ବୃକ୍ଷ—
Banjula 1. The Asoka tree.
୨ । ବେତଲତା—2. The cane (creeper).
୩ । ପକ୍ଷୀବିଶେଷ (କ୍ଳୀବେନ୍ଦ୍ର)—3. A kind of bird.

**ବଟ୍ (ଧାତୁ)**—ସଂ.—୧ । ବେଷ୍ଟନ କରିବା—
Baṭ (root) 1. To surround.
୨ । ଆଚ୍ଛାଦନ କରିବା—2. To cover.

୩ । ବ୍ୟାପିବା—3. To extend over.

୪ । ଉକ୍ତି କରିବା; କହିବା—4. To speak.

**ବଟ୍‌କା**—ପ୍ରାଦେ (ବସ୍ତର) ବି—(ଭୁଲ ହି. ବଟୁକ)—କଂସା—
Bat-kā Bellmetal pot.

**ବଟ୍‌କି**—ପ୍ରାଦେ. (ବସ୍ତର) ବି—(ଭୁଲ ହି. ବଟକା)—ଗିନା; ଛାଟୁଅ—
Batki A small pot of bellmetal.

**ବଟ୍‌ବା**—ପ୍ରାଦେ. (ସମ୍ବଲପୁର) କ୍ରି—(ଭୁଲ ହି. ବାଁଟନା)—ବଳିବା—
Bat-bā To roll,

**ବଟ୍‌ଲେହି**—ପ୍ରାଦେ. (ସମ୍ବଲପୁର) ବି—(ଭୁଲ. ହି. ବଟଲୋହି)—ବଟୁଳି—
Bat-lehi A round cooking jug made of brass.

**ବଟ**—ସଂ. ବି. (ବଟ୍ ଧାତୁ+କର୍ତ୍ତୃ ଅ; ଏହା ଅଧିକ ସ୍ଥାନ ଆଚ୍ଛାଦନ କରୁ
Bata ଥିବାରୁ)—୧ । ବରଗଛ—1. The banyan tree.

୨ । କପର୍ଦ୍ଦକ; କଉଡ଼ି; କଡ଼ା—
2. One shell money; one cowrie.

୩ । ଏକ କଡ଼ା କଉଡ଼ିର ୫ ଭାଗରୁ ଏକଭାଗ—
3. One fifth of one cowrie or ancient shell-money.

୪ । ବଡ଼ା; ଘିଅ ବା ତେଲପକ୍ୱ ଗୋଲାକାର ଚଟକା ପିଠି—
4. A round flat cake fried in ghee or oil.

୫ । ବର୍ତ୍ତୁଳାକାର ବସ୍ତୁ; ଗୁଳା; ଗୁଣ୍ଟିକା—
5. A round ball; pillule,

୬ । ସାଦୃଶ୍ୟ—6. Similarity.

୭ । ମୂଲ୍ୟ; ଦାମ୍ (ଜ୍ଞାନେନ୍ଦ୍ର)—7. Price.

୮ । ବଟକରା (ହି. ଶ) (ଦେଖ)—8. Baṭakarā (See).

୯ । ଦଉଡ଼ି ବଳାଯିବା (ହି. ଶ)—9. Stringing of a rope.

୧୦ । ପୁରାଣ ପ୍ରସିଦ୍ଧ କଳ୍ପବଟ —
10. The mythological Banyan tree which is said to be everlasting.

[ ଦ୍ର—ହିନ୍ଦୁ ପୁରାଣମାନଙ୍କରେ ଉଲ୍ଲେଖ ଅଛି ଯେ, କଳ୍ପାନ୍ତ ପ୍ରଳୟ କାଳରେ, ଯେତେବେଳେ ବ୍ରହ୍ମାଣ୍ଡ ଜଳ ଗର୍ଭରେ ବୁଡ଼ି ଯାଇଥିଲା ସେତେବେଳେ, 'କଳ୍ପବଟ' ନାମକ ବୃକ୍ଷର ଅଗ୍ରଭାଗ ମାତ୍ର ଦେଖାଯାଉଥିଲା, ଓ ତହିଁର ଅଗ୍ରରେ ଥିବା ଗୋଟିଏ ପତ୍ର ଉପରେ ବିଷ୍ଣୁ ଶୋଇଥିଲେ । ସେହି ପତ୍ରଟି ପ୍ରଳୟ ପୟୋଧି ଜଳରେ ଭାସୁଥିଲା । ଉକ୍ତ ବିଷ୍ଣୁଙ୍କର ନାଭିକମଳରୁ ଗୋଟିଏ ପଦ୍ମ ଫୁଟିଲା ଓ ସେହି ପଦ୍ମରୁ 'ବ୍ରହ୍ମା' ଜାତ ହେଲେ । ବିଷ୍ଣୁଙ୍କ କର୍ଣ୍ଣମଳରୁ 'ମଧୁ କୈଟଭ' ଦୈତ୍ୟ ଦ୍ୱୟ ଜାତ ହେଲେ । ବିଷ୍ଣୁ ଅପଣାର ଜଙ୍ଘ ଉପରେ ସେମାନଙ୍କୁ ମାରିବାରୁ ସେହିମାନଙ୍କ ମେଦରୁ ମେଦିନୀ ବା ପୃଥିବୀ ଜାତ ହେଲା । ସେହି ପୃଥିବୀ ଉପରେ ବ୍ରହ୍ମା ସୃଷ୍ଟି ଆରମ୍ଭ କଲେ । ବର୍ତ୍ତମାନ ହିନ୍ଦୁମାନେ ପୁରୀ, ପ୍ରୟାଗ, ବୃନ୍ଦାବନ, କାଶୀ, ଭୁବନେଶ୍ୱର ଆଦି ତୀର୍ଥ ସ୍ଥାନମାନଙ୍କରେ ଥିବା ଗୋଟିଏ ଲେଖାଏଁ ବଟ ଗଛକୁ ସେହି କଳ୍ପବଟ ବୋଲି କଳ୍ପନା କରି ଯାତ୍ରୀମାନଙ୍କୁ ଦେଖାନ୍ତି ।

ଓଡ଼ିଶାର ଅଚ୍ୟୁତାନନ୍ଦ ଦାସ ଆଦିଙ୍କ 'ମାଳିକା' ବା ଭବିଷ୍ୟତ ବାଣୀରେ କେତେଗୁଡ଼ିଏ 'ବଟ'ର ନାମ ଉଦ୍ଦିଷ୍ଟ ହୋଇଅଛି । କଳ୍କୀ ଅବତାରବେଳେ ଏ ପୃଥିବୀରୁ ଦୁଷ୍ଟ ସଂହାର କରିବା ପାଇଁ ଯୁଦ୍ଧ ହେବା ପୂର୍ବରୁ ସେହି ବଟମାନଙ୍କ ମୂଳରେ ବଣାସୀ ଭକ୍ତମାନେ ଗୁପ୍ତ ହେବେ ବୋଲି ମାଳକାରେ ଲେଖା ଯାଇଅଛି ।

କଟକ ଜିଲ୍ଲାର ଲେମ୍ବାଲ ମଠ ନିକଟସ୍ଥ ବଟ 'ଲେମ୍ବାଲ ବଟ', ଏହି ଜିଲ୍ଲାର ଦର୍ପଣୀ କଳାର ଛତିଆ ଗ୍ରାମସ୍ଥ ବଟ 'ଛତିଆ ବଟ', କଟକ ସହରର ପୂର୍ବରେ ୧୪ ମାଇଲ ଦୂରରେ ଅବସ୍ଥିତ ରତ୍ନ-ଯୋଡ଼ ବା ଇଟେର ଯୋଡ଼ୀ ନାମକ ହ୍ରଦର କୂଳସ୍ଥ ବଟ 'ରତ୍ନବଟ' ଉକ୍ତ ବଟମାନଙ୍କ ମଧ୍ୟରୁ ଭିନଗୋଟି ବୋଲି କଥିତ । ଗ୍ରାମ ଦେବତା ବା ଠାକୁରାଣୀମାନେ ସାଧାରଣତଃ ବଟଗଛମାନଙ୍କ ମୂଳରେ ପ୍ରତିଷ୍ଠିତ ହୋଇ ପୂଜା ପାଉଥିବାର ଦେଖାଯାଏ ।]

ଦେ. ବି—( ଆଦରାର୍ଥକ ) ବଟକୃଷ୍ଣ ନାମକ ବ୍ୟକ୍ତିର ଡାକ ନାମ—Name for calling Baṭakrushṇa.

**ବଟକ**—ସଂ. ବି (ବଟ+ସ୍ୱାର୍ଥେ. କ)—୧ । ବିରି ଆଦିର ବଡ଼ା; ଘିଅ
Bataka ବା ତେଲପକ୍ୱ ଗୋଲାକାର ପିଷ୍ଟକ—1. A round thick pastry cake.

୨ । ବିରି ବାଟି କରି ତହିଁରେ ପ୍ରସ୍ତୁତ ହୋଇଥିବା ଗୋଲାକାର ଗୁଳା; ବଡ଼ି—2. A ball of corn-paste dried and stored for being used in the preparation of curry.

୩ । ଏକତୋଳା ବା ୮ ମଷା ଓଜନର ପରିମାଣ—
3. A standard weight corresponding to the weight of one silver rupee.

୪ । ବଟୀ (ଦେଖ)—4. Baṭi.

**ବଟକ(କେ)ରା**—ଦେ. ବି. (ସଂ. ବଟକ)—ନିକିତିଦ୍ୱାରା ପଦାର୍ଥମାନ
Baṭaka(ke)rā ଓଜନ କରିବା ନିମନ୍ତେ ବ୍ୟବହୃତ ଧାତୁ ବା

ବଟ ଖରା } ଅନ୍ୟରୂପ
ବଟ ଖେରା }
ବାଟିଖାରା
**ବଟଖରା; ବଟୈରା**

ପଥରର ଗୋଟିକା—Small pieces of metal or stone used as standard weights to weigh articles in a balance.

ପ୍ରାଦେ. (ଯାଜପୁର) ବି—ବଟା; କଳଙ୍କ; ଅପବାଦ—
Staim; stigma.

**ବଟକୀ**—ପ୍ରାଦେ. (ସମ୍ବଲପୁର) ବି—ଛୋଟ ବେଲା—
Bataki A small bellmetal pot.

**ବଟକୃଷ୍ଣ**—ସଂ. ବି. (ମ. ପ. ଲୋ; ବଟ ଶାୟୀ କୃଷ୍ଣ)—ଭଗବାନଙ୍କ ନାମ—
Baṭakrushṇa A name of Bishṇu.

[ ଦ୍ର—ପୁରାଣରେ ଉଲ୍ଲେଖ ଅଛି ଯେ ପ୍ରଳୟ ସମୟରେ ବିଷ୍ଣୁ କଳ୍ପବଟ ଗଛର ପତ୍ର ଉପରେ ଶୋଇ ଭାସୁଥିଲେ । ଏହି କଥାକୁ ଲକ୍ଷ୍ୟ କରି ଏ ଶବ୍ଦ ବ୍ୟବହୃତ ହୋଇଅଛି ।]

ଦେ. ବି. ପୁଂ— ପୁରୁଷ ଲୋକଙ୍କୁ ଦିଆଯିବା ନାମ—
A name given to males.

[ ଦ୍ର ଆଦରାର୍ଥକ ରୂପ— ବଟ, ବଟି, ବଟୁ । ଅନାଦରାର୍ଥକ ରୂପ—ବଟିଆ, ବଟୁଆ । ]

ଦେ. ବି. ପୁଂ—ପୁରୁଷ ଲୋକଙ୍କୁ ଦିଆଯିବା ନାମ—
Name given to males.

**ବଟ ପତ୍ରୀ**—ସଂ. ବି. (ବୈଦ୍ୟକ)—ପାଷାଣ ଭେଦୀ ଜାତୀୟ ଏକ ପ୍ରକାର ଗୁଳ୍ମ—A sort of herb; Lycopidium; Colcus Amboinicus.
Baṭa patri
ଅନ୍ୟ ସଂ. ନାମ— ଇନାମା, ଐରାବତୀ, ମୋହନୀ, ଗୋଧାବତୀ, ଶ୍ୟାମା, ଶତ୍ରୁଂଜ ନାମିକା, ଇରାବତୀ
ବଡ଼ ପାଥର କୁଚୀ
**पाखान भेद, पथर फोड**
ତେ. ଫିଭ, ବଣ୍ଡ ତେଙ୍କୁ
ମ. ବଡ଼ବଟୀ
[ ଦ୍ର—ଏହା କଷାୟ ରସ, ଶୀତଳ, ପିଚ୍ଛଳ, ଅଗ୍ନି ବର୍ଦ୍ଧକ, ବଲକାରକ, ଦଦ୍ରୁନାଶକ ଓ ମେହ, ମୂତ୍ରକୃଚ୍ଛ୍ର, ବ୍ରଣ ଓ ଯୋନି ରୋଗରେ ଔଷଧ ରୂପରେ ବ୍ୟବହୃତ ହୁଏ । ]

**ବଟ ଫଳ**—ସଂ. ବି—ବର ଗଛର ଫଳ—
Baṭa phaḷa The berries of the banyan tree.
ଦେ. ବି—ବର ଫଳ ଆକୃତି ବିଶିଷ୍ଟ ସ୍ୱର୍ଣ୍ଣ ରୌପ୍ୟାଦିର ଗୋଲକ ମାନଙ୍କ ଦ୍ୱାରା ଗୁନ୍ଥା ହୋଇଥିବା ହସ୍ତର ବଳୟବିଶେଷ—
A bangle consisting of small balls strung together.

**ବଟମ**—ପ୍ରାଦେ. (ବାଲେଶ୍ୱର) ବୈଦେ. ବି. [ଜାହାଜିଆ ଶବ୍ଦ; ବାଲେଶ୍ୱରରେ ପୂର୍ବେ ଜାହାଜ କାରବାର ଚଳୁଥିବା ବେଳେ ବ୍ୟବହୃତ ଶବ୍ଦ; ଭୁଲ. ଇଂ. ବଟମ୍ରୀ (bottomry) ଜାହାଜକୁ ବନ୍ଧକ ଦେଇ ଋଣ କରାଯିବା ଟଙ୍କା]—ଜାହାଜିଆମାନଙ୍କୁ ଅନ୍ୟ ଲୋକମାନେ ବେଶି ସୁଧରେ ଋଣ ଦେବା ଟଙ୍କା—Loans advanced to sailors at high rate of interest.
Baṭama
**जाहाज पर लहना**
ତାହାର ପାଞ୍ଚ ମାସର ଦରମା ସାଢ଼େ ସାତ ଟଙ୍କା ଅଗଭୁଲ ନେଇ ବଟମ ଦେଇ ଅଛି । ଫକୀରମୋହନ. ଗଳ୍ପସ୍ୱଳ୍ପ ।

**ବଟ(ତ)ର**—ଦେ. ବି. ( ସଂ. ବର୍ତ୍ତିଲ; ପ୍ରା. ବଟ୍ଟ )—
Baṭa(ta)ra ଲାବ ପକ୍ଷୀ; ପାଂଶୁ ବର୍ଣ୍ଣ ପକ୍ଷିବିଶେଷ—
ବଟେର **बटेर** The grey quail.
[ ଦ୍ର—ଏହା ୧୦।୧୨ ଅଙ୍ଗୁଳ ଲମ୍ବ; ଥଣ୍ଟ ସରୁ ଓ ଛୋଟ; ପିଠିରେ ଲମ୍ବା ଧଳା ଡୋରା । ଏମାନେ ଶୀତକାଳରେ ଧାନ କିଆରିରେ ଦଳ ଦଳ ହୋଇ ପଡ଼ି ଧାନ ଖାଆନ୍ତି । ଏମାନଙ୍କ ମାଂସ ସୁସ୍ୱାଦୁ । ଉତ୍ତର ପଶ୍ଚିମ ଭାରତରେ ଚଢ଼େଇ-ଲଢ଼େଇ କରାଇବା ପାଇଁ ଲୋକେ ଏ ପକ୍ଷୀଙ୍କୁ ପାଳନ୍ତି । ]

**ବଟଶୟନ**—ଦେ. ବି. (ଭଗବାନଙ୍କର) ପ୍ରଳୟ କାଳରେ ବାଳମୁକୁନ୍ଦ ରୂପ ଧାରଣ କରି ପୂର୍ବକ ପତ୍ରରେ ଶୋଇବା—
Baṭa śayana
(Bishnu's) Reclining on the Banyan leaf at the time of the Deluge, assuming the incarnation or shape of a child.

**ବଟା**—ଦେ. ବି. ( ସଂ. ବର୍ତ୍ତନ; ପ୍ରା. ବଟ୍ଟଣ )—
Baṭā ୧ । ବାଟିବା କ୍ରିୟା; ଶିଳରେ ପେଷିବା—
ବାଟା 1. The act of pounding with a pestle and mortar.
**बाँटना, पीसना**

ଡିପେ, ବାଟା ୨ । (ସଂ. ବଟ; ବାଟ=ବେଷ୍ଟିତ ସ୍ଥାନ)—
**बटा** ପାନ ଆଦି ରଖିବାର ଦୁଇ ଫାଳ ବିଶିଷ୍ଟ ପାତ୍ର; ଡବା; ଧାତୁ ସମ୍ପୁଟ—2. A metal pot consisting of two cups set on each other (for keeping betel etc).

୩ । କଳଙ୍କ; ଅପବାଦ; ଦୁର୍ନାମ; ବାଟିଆ—
**बटा** 3. Stain; stigma.
( ଯଥା—ମୁଁ ଅମୁକ କାମରେ ହାତ ଦେବାରୁ ମୋତେଇଁ ବ: ଲଗିଲାଣି । )

ବାଟା ୪ । (ସଂ. ବାର୍ତ୍ତ) ଟଙ୍କାକୁ ବଦଳାଇ ପଇସା ଭଙ୍ଗାଇଲେ ସେଥି
**बटा** ପାଇଁ ଯେଉଁ କମିସନ୍ ଦେବାକୁ ପଡ଼େ—4. Commission paid by the person exchanging coins.
୫ । ଏକ ଦେଶର ମୁଦ୍ରାକୁ ଅନ୍ୟ ଦେଶର ମୁଦ୍ରାରେ ବଦଳାଇବା ପାଇଁ ଯାହା କମିସନ୍ ଦିଆଯାଏ—5. Batta; rate of exchange between two countries.
୬ । ଦଲାଲୀ; ଦସ୍ତୁରୀ—6. Commission paid to a middleman.
୭ । କ୍ଷତି—7. Loss.
୮ । ଡିସ୍କାଉଣ୍ଟ ( ଦେଖ )—8. Ḍis-kāunṭ (see)
୯ । କୌଣସି ପଦାର୍ଥ (ବାସନ ଆଦି)କୁ ବଦଳାଇବାରେ ଯେଉଁ ଅଧିକା ପଇସା ଲାଗେ—9. Extra payment made for exchanging an old article.
ପାଞ୍ଚ ଅଣ୍ଟ ବଟା ବଟ୍ଟିତ ସିକା । ଅଭିମନ୍ୟୁ. ବିଦଗ୍ଧଚିନ୍ତାମଣି ।
୧୦ । ବଟକୃଷ୍ଣର ଡାକ ନାମ—10. A name for calling Baṭakṛushṇa.
୧୧ । ମାଠ ସିଲାଇ କରିବା ପାଇଁ ଅନେକ ଖିଅ ସୂତାକୁ ଏକତ୍ର ବଳ ଦିଅର କରାଯାଇ ଥିବା ମୋଟ ଡୋର—
11. A thick thread made by twisting many thin threads together.
**बटा सूत**

ବାଟା ଦେ. ବଣ—ପିଷ୍ଟ ହୋଇଥିବା—
**पीसा हुआ** Pounded with stone.
ପ୍ରାଦେ. (ଗଞ୍ଜାମ) ବି—ଭଟା; ଜୁଆର ଛାଡ଼ି ଯିବାର ଅବସ୍ଥା—
Ebb tide.
ବୈଦେ. ବି. (ହିନ୍ଦୀ)—ବଟା ନମ୍ବର ( ଦେଖ )
Baṭā nambara ( See )

**ବଟା(ଟେ)ଇବା**—ଦେ. କ୍ରି. ( ସଂ. ବର୍ତ୍ତନ; ବୃତ୍ ଧାତୁ ଣିଜନ୍ତ )—
Baṭā(te)ibā ବାଟିବା କ୍ରିୟାର ଣିଜନ୍ତ ରୂପ—The causative form of 'Bāṭibā.'
ବାଟାନ **पीसाना**
୧ । ଅନ୍ୟ ବ୍ୟକ୍ତି ଦ୍ୱାରା କୌଣସି ପଦାର୍ଥକୁ ଶିଳରେ ପେଷଣ କରାଇବା—1. To cause a thing to be bruised or pestled.
୨ । ବଟ। ବଟ କରିବା ( ଦେଖ )
2. Baṭā baṭi karibā ( See )
ଗ୍ରା. କ୍ରି—(ଘ ସ୍ଥାନରେ ବ ଉଚ୍ଚାରଣ) ପଠାଇବା—To send



ସୃ-ଅଭିଧାନ ....
...

**ବଟା ଘଷା**—ଦେ. ବି. (ଏକାର୍ଥକ ସହଚର ଶବ୍ଦ)—ଖାଦ୍ୟ ଦ୍ରବ୍ୟକୁ ପାକ
Baṭā ghashā କରିବା ପୂର୍ବରୁ ବେସର ମସଲା ଆଦି ବାଟିବା ।—
ବାଟା ଘଷା Pounding of pastes (before cook-
**पीसा घषा** ing).

**ବଟା ନମ୍ବର**—ବୈଦେ. ବି. (ହିନ୍ଦୀ; ସେଟ୍‌ଲମେଣ୍ଟରେ ବ୍ୟବହୃତ ଶବ୍ଦ)—
Baṭā nambara ଏକ ଖଣ୍ଡ କ୍ଷେତ୍ରରୁ ଗୋଟିଏ ଅଂଶ ବାହାର
**बटा नम्बर** କରି ନେଲେ ଅସଲ କ୍ଷେତ୍ରର ପ୍ରଥମେ ଯେଉଁ
ନମ୍ବର ଥାଏ ତହିଁ ତଳେ ଭଗ୍ନାଂଶ ଦେଇ ନୂତନ କ୍ଷେତ୍ରକୁ ଚିହ୍ନିତ କରାଯିବା ନମ୍ବର; ଫ୍ରାକ୍‌ସନ୍ ନମ୍ବର—A fractional number given to a plot of land carved out and separated from a bigger plot of land having an original number.

**ବଟା ବଟି**—ଦେ. କ୍ରି—୧ । ବାଟିବା କ୍ରିୟା—1. The act of
Baṭā baṭi pounding or bruising.
ବାଟା ବାଟି ୨ । (ସଂ. ବଞ୍ଚନ) ଭଣ୍ଡାରଣ୍ଡି କରିବା; କଥାରେ ଭୁଲାଇ
**पीसा पीसी** ଦେବା—1. Inveigling; seducing.
**बँचा बँची** ବଣେଷକ କରି ବଟାବଟି । କନ୍ଦର୍ପ୍ପ୍ଂ, ସଙ୍ଗୀତ, ବନ୍ଧୁଲଡା ।
୩ । ଠକାଠକି—3. Cheating.

**ବଟାବଟି କରିବା**—ଦେ. କ୍ରି—୧ । ଭଣ୍ଡାଇବା; ମିଛ କଥା କହି
Baṭā baṭi karibā କୌଣସି ବ୍ୟକ୍ତିକୁ ବୋଧସୋଧ କରାଇବା-
(ମଟାପଟ କରିବା—ଅନ୍ୟରୂପ) 1. To inveigle; to satisfy
ठगाठगी करा by hook or crook.
**बँचाबँची करना, पट्टी देना** ୨ । ଠକିବା—2. To cheat.

**ବଟାଲି**—ଦେ. ବି. ( ସଂ. ବର୍ତ୍ତକ; ପ୍ରା. ବଟ୍ଟଅ )—
Baṭāli ୧ । ଯେଉଁ ଲୋକ କୌଣସି ପଦାର୍ଥକୁ ଶିଳରେ ପେଷଣ
ବାଟାଲୀ କରେ—1. One who bruises or pounds
**बटारी** a thing in a pestle.
ବାଟାଲୀ ୨ । (ସଂ. ବର୍ଣ୍ଣାଳା=ଖନିତ୍ରକ; ସଂ. ବର୍ଣ୍ଣ=ଅସ୍ତ୍ର
**बटाली, रुखानी** ବେଣ୍ଟ) କାଠରେ ଦୀର୍ଘ ଛିଦ୍ର କରିବା ନିମନ୍ତେ
ମ. ଚକ୍‌କରେଁ ଠାକୀ ବ୍ୟବହୃତ କାଠର ବେଣ୍ଟ ଲାଗିଥିବା ବଢ଼େଇର
ଯନ୍ତ୍ର ବିଶେଷ—2. Chisel.
[ ଦ୍ର—ଏହାର ଧାର ବା ପାତ ଚଉଡ଼ା । ଏ ଯନ୍ତ୍ର ନାନା ପ୍ରକାର, ଯଥା—ଚଉଡ଼ା ମୁହାଁ, ସରୁ ମୁହାଁ, ବାଙ୍କ ମୁହାଁ, ଗୋଲ ମୁହାଁ ଇତ୍ୟାଦି । ବଟାଲରେ କାଠବେଣ୍ଟ ଲାଗିଥାଏ, ଛିଣ୍ଣୁ ନିହାଣରେ ବେଣ୍ଟ ନ ଥାଏ । ]

**ବଟାଳିବା**—ଦେ. କ୍ରି.—(ସଂ. ବର୍ତ୍ତୁଳ; ସଂ. ବର୍ଣ୍ଣାଳା=ଖଣିତ୍ର)—
Baṭāḷibā ଡଙ୍ଗାର ତଳପଟାମାନଙ୍କ ସନ୍ଧି ମଧ୍ୟରେ ଗଳିତ ଛାଲ ବା
**बटारना** ଝୋଟ ଆଦିକୁ ବଟାଳର ଧାରଦ୍ୱାରା ଭରିତ କରି ଫାଟ ବନ୍ଦ
କରିବା—1. To thrust jute or other strong fibres into the crevices of the planks of a boat with the blunt edge of a chisel, so that there will be no leaking.
୨ । ବଟାଳଦ୍ୱାରା କାଠ କାଟିବା—
2. To cut wood with the chisel.

**ବଟି**—ଦେ.ବି.—(ସଂ.ବାର୍ତ୍ତ,ପ୍ରା.ବାଟ୍ଟ=ଦ୍ରବ୍ୟ ପ୍ରସ୍ତୁତ କରିବା ମଜୁରି)—
Baṭi ୧ । ମୁଦ୍ରା ଭଙ୍ଗାଇବା ନିମନ୍ତେ ଦେୟ ଶୁଳ୍କ —
ବାଟା 1. Commission paid for exchanging one
**बट्टी; बट्टा** sort of coin into another.
बट **बट्टी** ୨ । ମାସୁଲ; ଶୁଳ୍କ; ଟିକସ—
2. Tax; cess; customs.
(ଯଥା—ଶଗଡ଼ ବଟୀ=ଶଗଡ଼ ଗାଡ଼ି କେତେକ ସମୟ ଅନ୍ୟ ବ୍ୟକ୍ତିର ଜମିରେ ବିଶ୍ରାମ କଲେ ଭୂସ୍ୱାମୀକୁ ଶକଟ-ସ୍ୱାମୀ ଦେବା ଶୁଳ୍କ ।)
୩ । (ଅଦରାର୍ଥକ) ବଟକୃଷ୍ଣର ଡାକନାମ—3. A name for calling Baṭakṛshṇa.

**ବଟିଆ**—ଦେ.ବି.(ସଂ.ବର୍ତ୍ତିକା,ପ୍ରା. ବଟ୍ଟିଆ)—ଭୂତାଦି ଭୟରୁ ରକ୍ଷା ପାଇବା
Baṭiā ନିମନ୍ତେ ବ୍ୟବହୃତ ଜଡ଼ିବୁଟି ରଖିବା ନିମନ୍ତେ ବ୍ୟବହୃତ
କଟୁଆ ଧାତୁର ଫରୁଆ—A metal pot for containing
**डिबिया** charms and herbs
ଧାପାବାଜ ୨ । ଯେ ଭଣ୍ଡା ଭଣ୍ଡି କରି ଲୋକଙ୍କୁ ଭୁଲାଏ; ଠକ—
**पट्टीबाज** 2. A inveigler; a cheat.
**बटुआ** ୩ । (ଅନାଦରାର୍ଥକ) ବଟକୃଷ୍ଣର ଡାକ ନାମ—
3. Name for calling Baṭakṛushna.

**ବଟିକା**—ସଂ. ବି. (ବଟ+କ+ସ୍ତ୍ରୀ. ଆ)—୧ । ଗୋଲାକାର କ୍ଷୁଦ୍ର
Baṭikā ଗୁଳା; ଗୋଲି; ଗୁଟିକା; ବଡ଼ି—1. Pill; a bolus.
୨ । ବଟା ବିରି ମୁଗ ଆଦିର ପ୍ରସ୍ତୁତ ବଡ଼ି—2. Balls of corn-paste dried and used in the preparation of curry.

**ବଟିକି**—ପ୍ରାଦେ. (ବସ୍ତ୍ରର) ବି.—ବାଟି; ଗିନା—
Baṭiki A pot; saucer; dish.

**ବଟିବା**—ଦେ. କ୍ରି.—କଥାରେ ଭଣ୍ଡିବା; ଠକିବା—
Baṭibā ଧାପା ଦେଓଣା **पट्टिदेना** To inveigle.
ସାଧୁ ଅଛ ଏକ ସବଙ୍କ ଦେଖାକ, ଏହାକୁ ପାରିବ କେ ବଟି ।
କନ୍ଦର୍ପ୍ପ୍ଂ, ଉଦ୍ଧାବଳ ଚମ୍ପୂ, ଟ. ଗୀତ ।

**ବଟୀ**—ସଂ. ବି. (ବଟ+ଈ)—୧ । ବଟ ଜାତୀୟ ବୃକ୍ଷବିଶେଷ—
Baṭī 1. A species of Ficus Indicus.
ଅନ୍ୟ ସଂ. ନାମ—ନନ୍ଦୀ ବଟ, [ଦ୍ର—ଏହା ଔଷଧରେ ବ୍ୟବହୃତ
ଯକ୍ଷ ବୃକ୍ଷ, ସିଦ୍ଧାର୍ଥ, ବଟକ, ହୁଏ । ]
ଅମରା, ଭୃଙ୍ଗୀଶୀ, କ୍ଷୀରକାଷ୍ଠା ୨ । ବଡ଼ି; ବଟିକା (ହି. ଶ.)—
2. Pill.
୩ । ବଡ଼ା; ପିଷ୍ଟକବିଶେଷ (ହି. ଶ.)—
3. A kind of pastry cake.

**ବଟୁ**—ସଂ. ବି. (ବଟ୍ ଧାତୁ=କହିବା+ସଜ୍ଞାର୍ଥେ: ଉ)—୧ । ବ୍ରାହ୍ମଣ
Baṭu କୁମାର—1. A Brāhmaṇa boy.
୨ । ବାଳକ—2. Boy.
୩ । ଗୁରୁଙ୍କ ନିକଟରେ ଅଧ୍ୟୟନ କରୁଥିବା ଛାତ୍ର—
3. A student.
୪ । ବାଳକ ବ୍ରହ୍ମଚାରୀ ଛାତ୍ର—4. A Brāhmaṇa student reading the Bedas by staying in the house of the preceptor.

[ଦ୍ର—ଉପନୟନ ପରେ ବିବାହ ପର୍ଯ୍ୟନ୍ତ ବ୍ରହ୍ମଚର୍ଯ୍ୟ ଅବସ୍ଥାରେ ଗୁରୁ ଗୃହରେ ରହିବା ବ୍ରାହ୍ମଣ କୁମାରଙ୍କୁ ବଟୁ ବୋଲଯାଏ । ]

୫ । ଅଜ୍ଞାନ ବା ନିର୍ବୋଧ ବ୍ୟକ୍ତି—5. A fool or stupid or ignorant person.

ଦେ. ବି.—୧ । ବଡ଼ୁ ୨ (ଦେଖ)—1, Bardu 2 (See)

୨ । ବୈଦିକ କ୍ରିୟା କରିବା ସମୟରେ କ୍ରିୟାକର୍ତ୍ତା ଅଙ୍ଗୁଠିରେ କୁଶର ଯେଉଁ ଅଙ୍ଗୁରୀୟକ ପିନ୍ଧନ୍ତି; କୁଶବଟୁ—2, A ring of Kuśa grass worn by
**कुसकीअँगूठी** a person performing vedic rites.

ପୁଣ୍ୟକାଳକୁ ମଙ୍ଗଳ ମହିରେ ହାତେ ବାନ୍ଧିବସୁ ବଟୁ—ଉପାସ୍ଥ. ଗୀତଲହରୀ ।

୩ । (ଆଦରାର୍ଥକ) ବଟକୃଷ୍ଣର ଡାକ ନାମ—
**बटुआ** 3. A name for calling Baṭakṛushṇa.

**ବଟୁଆ**—ଦେ. ବି. (ସ. ବଟ=ଛଣପଟର ସୁତା; ସ. ବଟୀ=ରଜ୍ଜୁ; ସ. ବର୍ତ୍ତୁଲ)—୧ । ପାନ ଖାଇବାର ଉପକରଣ ବା ଔଷଧାଦି
Baṭuā
**बटुआ** ରଖିବା ନିମନ୍ତେ ବ୍ୟବହୃତ କନାର ଏକାଧିକ କୋଠରିବିଶିଷ୍ଟ ଥଳି—1. A small bag or wallet with a slip-knot contrivance to open or shut it by means of working strings.

(ଯଥା—ପାନ ବଟୁଆ, ଔଷଧ ବଟୁଆ)

୨ । (ଅନାଦରାର୍ଥକ) ବଟକୃଷ୍ଣର ଡାକ ନାମ—
2. A name for calling Baṭakṛushṇa.

**ବଟୁଆ ଗୁଡ଼ି**—ପ୍ରାଦେ (ଯାଜପୁର) ବି—ମୁଣ୍ଡିରି (ଦେଖ)
Baṭuā gurḍi Muṇḍiri (See).

**ବଟୁକ**—ସ. ବି—(ବଟୁ+ସ୍ୱାର୍ଥେ. କ)—୧ । ବଟୁ (ଦେଖ)
Baṭuka 1. Baṭu (See).

୨ । ବଟୁକ ଭୈରବ (ଦେଖ)
2. Baṭuka bhairaba (See).

୩ । କାଶୀର ଅଧିଷ୍ଠାତା ଶିବାନୁଚରବିଶେଷ—3. A Deity presiding in Benares, an attendant of God Śiba.

**ବଟୁକ ଭୈରବ**—ସ. ବି—ମାନବପୂଜିତ ଶିବାନୁଚରବିଶେଷ—
Baṭuka bhairaba Name of attendant of Śiba worshipped by people.

**ବଟୁଲି**—ଦେ. ବି—( ସ. ବର୍ତ୍ତୁଲ; ପ୍ରା. ବଟ୍ଟୁଲ )—ପାକପାତ୍ରରୂପେ
Baṭuḷi ବ୍ୟବହୃତ ବର୍ତ୍ତୁଳାକାର ଉଦ୍ଭଡ଼ାମୁହାଁ ପିତଳ ପାତ୍ରୀ—A
बाटलो round cooking jug made of brass.
**बटलोह, बटुला, बटली** [ ଦ୍ର—ଏଥିର ମୁହଁ ଉଦ୍ଭଡ଼ା ଓ ଏଥିରେ ଭାତ ଡାଲି ରନ୍ଧା ହୁଏ । ]

**ବଟୂକରଣ**—ସ. ବି—(ବଟୁ+ଅଭୂତ ତଦ୍ଭାବେ ଚ୍ୱି+କରଣ)—
Baṭūkaraṇa ଦ୍ୱିଜାତି ବାଳକର ଉପନୟନ ବା ବ୍ରତବନ୍ଧ ସଂସ୍କାର; ବଡ଼ୁ—
The ceremony of investiture of the sacred thread of the twice-born.

**ବଟେ**—ଦେ. କ୍ରି. ବିଣ—ବଞ୍ଚ ଦେଇ; ଠକ ଦେଇ—
Bate Deceitfully; by deceiving.

ବଟେ ଯିବ । ବ୍ୟର୍ଥ ହେବ ବିବାଦେ ମଣ୍ଡି—ଉଷ୍ଣ. ବୈଦେହୀଶବିଳାସ ।

ବି—ବଟମୂଳକୁ—To the ground under a banyan tree.

ବଟେ ଯିବ । ବନାଳ ଅଶିବ ସେ ପୁଣ—ଉଷ୍ଣ. ବୈଦେହୀଶବିଳାସ ।

**ବଟଡ଼ା**—ପ୍ରାଦେ (ଜୟପୁର) ବି—ଭଟ୍ଟଡ଼ା (ଦେଖ)
Baṭṭarḍā Bhaṭṭrḍā (See).

**ବଟା**—ଦେ. ବି—(ସ. ବାର୍ତ୍ତ; ପ୍ରା. ବାଟ୍ଟ=ଦ୍ରବ୍ୟ ନିର୍ମାଣ ମଜୁରି)—
Baṭṭā ୧ । ବଟା ୪ । ୫ । ୬ । ୭ । ୮ (ଦେଖ)—
बाटा **बट्टा** 1. Baṭā 4, 5, 6, 7, 8 (See).

**ବଟା ଖାତା**—ଦେ. ବି—(ମହାଜନୀ କାରବାର) ମହାଜନମାନଙ୍କର ଯେଉଁ
Baṭṭā khātā ଖାତାରେ ଲୋକସାନ ହୋଇଥିବା ଧନ
**बट्टाखाता** ଓ ଖାତକଠାରେ ବୁଡ଼ିଯିବା ଧନର ହିସାବ ଓ ତାଲିକା ଲେଖାଯାଏ—
Merchants' account book in which losses and irrecoverable amounts are enumerated and entered.

**ବଡ଼୍କା(ଖା)**—ପ୍ରାଦେ. (ସମ୍ବଲପୁର) ବିଣ—(ଭୁଲ. ହି. ବଡ଼୍କା)—
Barḍ-kā(khā) ୧ । ଅତି ବଡ଼—1. Very great.

୨ । ବୃହତ୍ତମ—2. Greatest; largest.

୩ । ସମସ୍ତଙ୍କଠାରୁ ବୟୋଜ୍ୟେଷ୍ଠ—3. Eldest.

୪ । ସର୍ବୋତ୍କୃଷ୍ଟ—4. Excellent; highest.

**ବଡ଼୍କା ପୁଅ**—ପ୍ରାଦେ (ସମ୍ବଲପୁର) ବି—(ଭୁଲ. ହି. ବଡ଼୍କାଲଡ଼କା)—
Barḍ-kā pua ଜ୍ୟେଷ୍ଠପୁତ୍ର—Eldest son.

(ଏହିପରି ବଡ଼୍କାଭାଇ, ବଡ଼୍କା ବାବା ଇତ୍ୟାଦି ଶବ୍ଦ)

**ବଡ଼୍କା ରଜା**—ପ୍ରାଦେ (ସମ୍ବଲପୁର) ବି—(ଭୁଲ. ହି. ବଡ଼୍କା ରାଜା)—
Barḍkā rajā ସମ୍ରାଟ୍ ; ଚକ୍ରବର୍ତ୍ତୀ—Emperor.

**ବଡ଼୍ ବଡ଼୍**—ଦେ. ଅ. (ଧ୍ୱନ୍ୟନୁକରଣ; ସ ବଟ ଧାତୁ=କହିବା, ଅବ୍ୟକ୍ତ
Barḍ barḍ ଧ୍ୱନି କରିବା)—୧ । ବହୁକାଳ ବୃଥାଗପ—
बड़बड़, बिड़बिड़ **बडबड** 1. Long and vain talk.

୨ । ପ୍ରଳାପ—2. Raving.

(ପ୍ରୟୋଗ—ବଡ଼୍ ବଡ଼୍ ହେବା; ବଡ଼୍ ବଡ଼୍ କରିବା)

**ବଡ଼୍ ବଡ଼ି(ଡ଼ୁ)ଆ**—ଦେ. ବିଣ—୧ । ଗପଡ଼ି—1. Talkative.
Barḍ-barḍi(rḍu)ā ୨ । ପ୍ରଳାପକାରୀ—2. Raving.
(ବଡ଼ବଡ଼ୀ, ବଡ଼୍ବଡ଼େଇ—ସ୍ତ୍ରୀ) बड़बड़े **बडबडिया**

**ବଡ଼୍ରି**—ପ୍ରାଦେ. (ବାଲେଶ୍ୱର) ବି. (ସ. ବରଟୀ)—ବିରୁଡ଼ି—
Barḍ-ri Wasp.

**ବଡ଼୍ରି ବାଣ**—ପ୍ରାଦେ. ( ବାଲେଶ୍ୱର ) ବି—ଢାଲସୁପାରି କୁହୁକରେ
Barḍ-ri-bāṇa ବ୍ୟବହୃତ ଏକପ୍ରକାର ମନ୍ତ୍ର—A mystic formula used in the Dhālasupāri magical performance.

[ ଦ୍ର—ଏଥିରେ ମୁଠାଏ ବାଲିକୁ ମନ୍ତ୍ର ପଢ଼ି ଫୋପାଡ଼ିଲେ ତାହା ବିରୁଡ଼ି ହୋଇ ଯାଇ ଶତ୍ରୁକୁ ଆକ୍ରମଣ କରେ । ]

**ବଡ଼ଲି**—ପ୍ରାଦେ. (କଳାହାଣ୍ଡି) ବି—ଜ୍ୟେଷ୍ଠା ଭାର୍ଯ୍ୟା
Bar̤d-li Senior wife.

**ବଡ଼**—ଦେ. ବିଣ. (ସଂ. ବର—ଶ୍ରେଷ୍ଠ; ସଂ. ବଡ୍ର—ବୃହତ୍; ମହତ୍ Apte)—୧ । ବୃହତ୍—1. Large; big.
Bar̤da
(ସାନ—ବିପରୀତ) ୨ । ଉଦାର—2. Liberal; magnanimous.
বড়
**बड़े, बड़ा** ୩ । ମହତ୍; ମହାନ୍—3. Great; noble.
୪ । ବୟୋବୃଦ୍ଧ—4. Older; senior; elder.
ବଡ଼ ବୋହୂ ବଡ଼ିଅଳାଙ୍କ, ସାନ ବୋହୂ ଗୁଇଳ ଚେଗ—ଢଗ ।
୫ । ପ୍ରଧାନ; ଶ୍ରେଷ୍ଠ—5. Superior; chief.
୬ । ଅତ୍ୟଧିକ—6. Excessive.
୭ । ଉଚ୍ଚ; ଡେଙ୍ଗା—7. Tall; high.
୮ । ପରିଣତବୟସ୍କ—8. Major.
୯ । ଦୃଷ୍ଟରଜା (କନ୍ୟା)—9. Menstruated (girl); who has attained maturity.
୧୦ । ଅପେକ୍ଷା ବେଶି—10. More than.
ଅଷ୍ଟେଋଦ୍ଧାଶର ଦେଲେ କହାଶର ବୟୋଜରୁ ବଡ଼ ତାଇ ।
କବିସୂର୍ଯ୍ୟ, ସଙ୍ଗୀତ ।
୧୧ । ଧନୀ; ବିଭବଶାଳୀ—11. Rich; affluent.
(ଯଥା—ବଡ଼ଲୋକ; ବଡ଼ ଘରର ପୁଅ ।)
ବିଣ ର ବିଣ ଓ କ୍ରି. ବିଣ—୧ । ଅତ୍ୟନ୍ତ—1. Verymuch.
ତ୍ରିପୁ ସହୁ ! ପରମାଦ ବଡ଼ ଭୁଞ୍ଜୁ ଗୋ ।
କବିସୂର୍ଯ୍ୟ, ଉଷାଭିଳାଷ ତ୍ରିଂ ପ. ଗୀତ ।
୨ । ଅଧିକତରରୂପେ; ଅପେକ୍ଷାକୃତ—Much more.
୩ । ଅତ୍ୟଧିକ; ଅତ୍ୟନ୍ତ—3. Too much; excessively.
ଦେ. ବି—୧ । ବହୁଲୋକଙ୍କ ମଧ୍ୟରେ ସମସ୍ତଙ୍କ ଅପେକ୍ଷା ବୟସରେ ବଡ଼—1. The eldest of all.
ପୃଚ୍ଛିଲେ ସୋମଶଙ୍କ ପାଣ୍ଡବଙ୍କ ବଡ଼ । କୃଷ୍ଣସିଂହ, ମହାଭାରତ ବନ ।
୨ । ବୟୋବୃଦ୍ଧ ବ୍ୟକ୍ତି—2. Elderly person.
ବଡ଼ ବଡ଼ ଗଲେ ଘସର ଘାଟ
ସାନ ସାନ ଅଇଲେ ବେଶର ବାଟ—ଢଗ ।
ପ୍ରାଦେ. (ବାଲେଶ୍ୱର) ବି—୧ । କୁଟାରେ ଭିଆରି ହୋଇ ଥିବା ନିଆଁ ଜୁଳା; ନିଆଁ ବଡ଼ିଆ—1. A bundle of straw made into a plait for preserving fire.
୨ । ଛଣଖାଇ (ଦେଖ)—2. Chhaṇakhāi (See)
୩ । (ମେଦିନୀପୁର ଓ ସିଂହଭୂମ) ବି—ବର ଗଛ (ଭୁଲ. ବି. ଏହି ଅର୍ଥରେ ବଡ଼)—3. Banyan tree.
୪ । (ସମ୍ବଲପୁର) ବି. ପୁଂ—ଦଦେଇ; ବାପର ବଡ଼ ଭାଇ—
(ବଡ଼ୀ—ସ୍ତ୍ରୀ) 4. Father's elder brother.

**ବଡ଼ ଅଳା(ଲେ)ଇଚ**—ଦେ. ବି. (ସଂ. ବୃହତ୍+ଏଳା)—ଏକ ଜାତୀୟ
Bar̤da alā(le)icha ଦାନାଦାର ମସଲା; ଅଲେଇଚ—
বড়এলাচি Amomum Subulatum; Cardamom.
**बड़ी इलायची** [ ଦ୍ର—ବଡ଼ ଅଲେଇଚକୁ ଅଲେଇଚ ଓ ଛୋଟ ଅଲେଇଚକୁ ଗୁଜରାତି କହନ୍ତି । ]

**ବଡ଼ ଆଖି**—ଦେ. ବି—୧ । ବୃହଦାକାର ଚକ୍ଷୁ—
Bar̤da ākhi 1. Big eyes; large eyes.
(ବଡ଼ ଆଖିଆ ପୁଂ.—ବିଣ) ୨ । ଯେଉଁ ଦୃଷ୍ଟିରୁ ଛୋଟ ବା ଅଳ୍ପ
(ବଡ଼ ଆଖେଇ—ସ୍ତ୍ରୀ-ବିଣ) କଥା ଭଲ ଲାଗେ ନାହିଁ—2. A look
বড়চোখ or eye which is not satisfied with
**बड़ा नजर** small or little things.
୩ । ଉଦାର ଦୃଷ୍ଟି—3. Liberal outlook.

**ବଡ଼ ଅଠ**—ଦେ. ବି—ବାର ଅଠ; ଏକପ୍ରକାର କଉଡ଼ି ଖେଳ—
Bar̤da āṭha A kind of game played with 7
(ବଡ଼ ଚେମା—ଅନ୍ୟରୂପ) cowries.
[ ଦ୍ର—ଏହା ସାତ କଉଡ଼ି କଉଡ଼ିରେ ଖେଳ ହୁଏ । ]

**ବଡ଼ଇ**—ଦେ. ବିଣ; ବିଣର ବିଣ. (ସଂ. ବଡ୍ର+ହିଁ)—ଅତ୍ୟନ୍ତ—
Bar̤dai Very; very much.
ସର୍ପିସ ବଡ଼ଇ ଅଭାବ । ଜଗନ୍ନାଥ, ଭାଗବତ ।

**ବଡ଼ ଓଷା**—ଦେ. ବି—୧ । ପର୍ବ ବିଶେଷ—
Bar̤da oshā 1. Name of a festival.
[ ଦ୍ର—ସ୍ଥାନବିଶେଷରେ ଭିନ୍ନଭିନ୍ନ ପର୍ବକୁ ଲୋକେ ଏହି ନାମ ଦେବାର ଦେଖାଯାଏ । କଟକ ଓ ପୁରୀ ଜିଲ୍ଲାରେ ଅଠଗଡ଼ର ଧବଳେଶ୍ୱର ମହାଦେବଙ୍କଠାରେ କାର୍ତ୍ତିକ ପୂର୍ଣ୍ଣିମାର ପୂର୍ବଦିନ ଏହି ଓଷା କରୁଥିବା ଲୋକମାନେ ଭୋଗ ଲଗାନ୍ତି । ଅଧିକାଂଶ ଶୂଦ୍ର ଏହି ଓଷା କରନ୍ତି ।
ପୁରୀ ଓ କଟକରେ ପ୍ରଚଳିତ ସୋମନାଥ ବ୍ରତକୁ ଗଞ୍ଜାମ ଜିଲ୍ଲାରେ 'ବଡ଼ ଓଷା' ବୋଲି କହନ୍ତି । ଏହି ବ୍ରତ ଭାଦ୍ର ଶୁକ୍ଳ ଷଷ୍ଠୀ ଦିନ ଆରମ୍ଭ କରାଯାଇ ଆଶ୍ୱିନ ଶୁକ୍ଳଦଶମୀ (ଦଶହରା) ଦିନ ଉଦ୍‌ଯାପନା କରାଯାଏ । ]
୨ । ଏକ ଜାତୀୟ ହଳଦିଆ ରଙ୍ଗର ଲମ୍ବା ଓ ମୋଟ ଧାନ—
2. Name of a coarse yellowish kind of paddy.

**ବଡ଼ କଙ୍କ**—ଦେ. ବି—ବୃହଦାକାର ଘାସ ବିଶେଷ—Spinifex
Bar̤da kanka Squarrous (grass) (Haines).

**ବଡ଼ କଥା**—ଦେ. ବି. (ସଂ. ବୃହତ୍+କଥା)—୧ । ଲମ୍ବା କଥା; ଦୀର୍ଘ
Bar̤da kathā କାହାଣୀ—1. Long story.
বড়কথা ୨ । ଉଚ୍ଚୈଃସ୍ୱରରେ କଥନ—2. Loud talk.
**बड़ीबात** ୩ । ଅତିଶୟୋକ୍ତି—3. Exaggeration.
୪ । ବଡ଼େଇ; ଗର୍ବଯୁକ୍ତ କଥା—4. Arrogant talk.
୫ । ବିଶେଷରୂପେ ଉଲ୍ଲେଖ ଯୋଗ୍ୟ ବିଷୟ—
5. A matter of particular moment.
୬ । ପ୍ରଧାନ ବିଷୟ—6. Chief matter.

**ବଡ଼ କନ୍ୟା**—ଦେ. ବି. (ସଂ. ବର୍ଦ୍ଧିତା+କନ୍ୟା)—
Bar̤da kanyā ୧ । ବଢ଼ିଲି କନ୍ୟା; ଦୃଷ୍ଟରଜା ବାଳିକା—
1. A girl whose menses have appeared.
୨ । ଦୃଷ୍ଟରଜା ହେବା ପରେ ବିବାହିତା କନ୍ୟା—2. A bride given in marriage after puberty.

**ବଡ଼ କରିବା**—ଦେ. କ୍ରି—୧ । ଶ୍ରେଷ୍ଠ କରିବା—
Bar̤da karibā 1. To regard as great.

ବড়করা ୨ । (ଲକ୍ଷଣାର୍ଥ) ଆଦର କରିବା—
बढ़ाना 2. (figurative) To respect; to love.
୩ । ଶିଶୁକୁ ବଡ଼ ହେବା ପର୍ଯ୍ୟନ୍ତ ଲାଳନ ପାଳନ କରିବା—
3. To bring up an infant.

ବଡ଼ କଷ୍ଟ—ଦେ. ବି—ବିଶେଷ ଦୁଃଖ; ଦାରୁଣ ଦୁଃଖ—
Barḍa kashṭa Too much pain; agony.
(ବଡ଼ ଦୁଃଖ—ଅନ୍ୟରୂପ) বড় কষ্ট बड़ा दुःख

ବଡ଼ କାଙ୍କ—ପ୍ରାଦେ. (ଗଡ଼ଜାତ) ବି— ବଗିଆ କାଙ୍କ (ଦେଖ)
Barḍa kānka Stork.
ଦେ. ବିଣ. (ପୁଂ ଓ ସ୍ତ୍ରୀ)—ଢେଙ୍ଗା ଓ ନଳଗୋଡ଼ିଆ (ବ୍ୟକ୍ତି)—Tall and thin-legged (person).

ବଡ଼ କାଠ—ଦେ. ବି—ଏକ ପ୍ରକାର ବଡ଼ ଢୋଲ—A big long
Barḍa kāṭha drum (about 4 cubits long).
[ ଦ୍ର—ଏହା ୩/୪ ହାତ ଲମ୍ବ ଓ ଦୁଇ ହାତ ବ୍ୟାସବିଶିଷ୍ଟ ଓ ଏଥିର ଦୁଇ ମୁଣ୍ଡରେ ଚମ ଛାଉଣି ହୋଇ ଥାଏ, ଏହାକୁ ଏକାଧିକ ଲୋକ ବାଉଁଶରେ ଝୁଲାଇ ବାଉଁଶର ଦୁଇ ମୁଣ୍ଡ କାନ୍ଧେଇ କରି ସ୍ଥାନାନ୍ତରକୁ ନିଅନ୍ତି । ]

ବଡ଼ କାନ୍ଦୁଲ—ପ୍ରାଦେ. (ଗଞ୍ଜାମ) ବି—କାନ୍ଦୁଲ (ଦେଖ)
Barḍa kāndula Kāndula (See)

ବଡ଼ କାମ—ଦେ. ବି. (ସଂ. ବୃହତ୍+କର୍ମ)—
Barḍa kāma ୧ । ବହ୍ବାଡ଼ମ୍ବର—1. Much ado.
ବଡ଼ କାଣ୍ଡ } ଅନ୍ୟରୂପ ୨ । ସମାରୋହ—1 Grapndeur.
ବଡ଼ କାରଖାନା । } বড় কায बड़ा काम

ବଡ଼ କୁ—ପ୍ରାଦେ. (ଯାଜପୁର) ଅ—୧ । ଶେଷେ—1. At last.
Barḍa ku ୨ । ତତ୍ପରେ—2. Then; there after.

ବଡ଼ କୁଅଁର—ପ୍ରାଦେ. (ଗଡ଼ଜାତ) ବି. (ସଂ. ବଡ଼+କୁମାର)—
Barḍa kuāñra ରାଜକୁମାରବିଶେଷଙ୍କ ଉପାଧି—
(ବଡ଼ କୁମାର—ଅନ୍ୟରୂପ) Title of one of the princes.

ବଡ଼ କେଲି—ଦେ. ବି—ଖଇର (ଦେଖ)
Barḍa keli Khaira (See)

ବଡ଼ ଗଲ—ପ୍ରାଦେ· (ଗଞ୍ଜାମ) ବୈଦେ. (ତା. ବଡ଼ ହେଲ)—
Barḍa gala ରାମାନୁଜ ବୈଷ୍ଣବ ସମ୍ପ୍ରଦାୟର ଶାଖାବିଶେଷ—
(ବଡ଼ ହଲ—ଅନ୍ୟରୂପ) A subsect of the Rāmānuja Baishṇaba Sampradāya.

ବଡ଼ ଗଳା—ଦେ. ବି—ଉଚ୍ଚୈଃସ୍ୱର—
Barḍa galā Loud tone; loud tongue.
(ବଡ଼ ପାଟି—ଅନ୍ୟରୂପ)

ବଡ଼ ଗିଲ—ପ୍ରାଦେ. (ଗଡ଼ଜାତ) ବି—ଏକ ଜାତୀୟ ଜୋଟ୍ଟା ବନ୍ୟ ଲତା-
Barḍa gila ଫଳ—The fruit of a wild creeper.
[ ଦ୍ର—ଏହାର ବ୍ୟାସ ୨ ଇଞ୍ଚ । ଲଫା ହୋଇଥିବା ମାଛ ଉପରେ ଏ ଫଳକୁ ଘଷିଲେ ସେହି ଯାଗାଟି ଚକ୍କଣ ଓ ସୁନ୍ଦର ହୋଇଯାଏ । ]

ବଡ଼ ଗୁଣ୍ଡ—ଦେ. ବି—ଏକ ପ୍ରକାର ଅସ୍ତ୍ର—
Barḍa gunḍa A kind of weapon.
[ ଦ୍ର—ଏହା ଶତ୍ରୁ ଉପରକୁ ଲକ୍ଷ କରି ନିକ୍ଷେପ କରାଯାଏ । ]

ବଡ଼ ଘର—ଦେ. ବି—୧ । ଧନୀ ଓ ପ୍ରତିଷ୍ଠିତ ପରିବାର—
Barḍa ghara 1. A rich and respectable family.
বড় বাড়ী ବଡ଼ ଘର ଦେଖି ବନ୍ଧୁ କଲ
बड़ा घर ଝିଅକୁ ନେଇ ଯମକୁ ଦେଲ—ଢଗ ।
୨ । ବୃହଦାକୃତିବିଶିଷ୍ଟ ଗୃହ—2. A big house.

ବଡ଼ ଘାଇ—ପ୍ରାଦେ. (ସମ୍ବଲପୁର) ବି—ବଡ଼ ନାଳ—
Barḍa ghāi A big moat or canal.

ବଡ଼ ଘାଇଁ—ପ୍ରାଦେ. (ସମ୍ବଲପୁର) କ୍ରି. ବିଣ—ବଡ଼ ଘାଏଁ (ଦେଖ)
Barḍa ghāiñ Barḍa ghāeñ (See)

ବଡ଼ ଘାଏଁ—ଦେ. କ୍ରି. ବିଣ—୧ । ବିଶେଷ ଜୋରରେ—
Barḍa ghāeñ 1. With much force.
বড় জোরে ୨ । ଉଚ୍ଚୈଃସ୍ୱରରେ—2. In a loud voice.
बड़ा ज़ोरसे
୩ । ଅଧିକତର ଜୋରରେ—3 With greater force.
୪ । ଅଧିକତର ଉଚ୍ଚୈଃସ୍ୱରରେ—4. More loudly.

ବଡ଼ ଚଣା—ଦେ. ବି—ମଟର ଜାତୀୟ ଏକ ପ୍ରକାର ଶସ୍ୟ—
Barḍa chaṇā A big species of grain like pea.

ବଡ଼ ଚାଟ—ଦେ. ବି—୧ । ସ୍କୁଲ୍ ବା ଶ୍ରେଣୀରେ ଅନ୍ୟ ଛାତ୍ରମାନଙ୍କ
Barḍa chāṭa ତତ୍ତ୍ୱାବଧାନ କରିବା ନିମନ୍ତେ ଶିକ୍ଷକଙ୍କ ଦ୍ୱାରା ନିର୍ବାଚିତ ଛାତ୍ର—1. Monitor.
× × × ଗୋଟିଏ ଖାନ ପିଲାକୁ ଦୁଇଣା ବଡ଼ ଚାଟ ଧରି ନେଇ ଯାଉଥିଲେ ।
ଫକୀରମୋହନ, ଛ ମ ଣ ଆଠ ଗୁଣ୍ଠ ।
୨ । ପ୍ରଧାନ ଶିଷ୍ୟ—2. Chief disciple.

ବଡ଼ ଜାଲ—ପ୍ରାଦେ. (ବାଲେଶ୍ୱର) ବି.—ଟଣା ଜାଲ (ଦେଖ)
Barḍa jāla Ṭaṇā jāla (See)
বড়জাল बड़ाजाल ଦେ· ବି.—ଯେଉଁ ଜାଲରେ ଗଭୀର ପାଣିରେ ବଡ଼ ମାଛ ଧରା ଯାଆନ୍ତି—Big nets used for catching big fishes in deep water

ବଡ଼ ଜୀର—ଦେ. ବି. (ସଂ. ବନଜୀରକ)—ବନଜୀରକ; ଏକ ପ୍ରକାର
Barḍa jirā ବନ୍ୟ ଜୀରା - A kind of wild cumin
ସଂ.—ଅରଣ୍ୟ ଜୀରକ, ବୃହତ୍ପାଲୀ, seed; Veruonia Anthel-
କ୍ଷୁଦ୍ର ପତ୍ର, କଣ, କଣଜୀର mentica; Purpule fleabane.
ମ କଡ୍ଡୁଜୀରେଂ [ଦ୍ର—ଏହା ମୂତ୍ରବୃଦ୍ଧ, କଫ ରୋଗ ଓ
ଗୁ. କାଲିଜୀରୀ, ବ୍ରଣ ରୋଗରେ ଔଷଧରୂପେ ବ୍ୟବହୃତ
କଡ଼ୱା ଜୀରା ହୁଏ । ଏହା କଷାୟ କଟୁ ।]
বনজীরে कालज़ीरी

ବଡ଼ ଜୁଆଣି—ଦେ. ବି. (ସଂ. ବନ ଯମାନୀ)—ଏକ ପ୍ରକାର ଜୁଆଣି;
Barḍa juāṇi ଅଜମୋଦା—A kind of Ajwan; Seseli Indicum.
ସଂ. ନାମ—ଅଜମୋଦା,
ଖରାଶ୍ୱା, ମାୟୁରୀ, ଦୀପ୍ୟକ, [ଦ୍ର—ଏହା କଟୁ, ଅଗ୍ନିଦୀପକ; କଫ
ବ୍ରହ୍ମକୁଶା, କାରବୀ, ଓ ବାୟୁନାଶକ; ଉଷ୍ଣ, ବଦାହୀ, ବୃଷ୍ୟ
କାରବୀ, ଲୋଚମସ୍ତକା ଓ ବଳକର; ଏହା ନେତ୍ର ରୋଗ,
ଗୁ. ବୋଡ଼ୀ ଅଜମୋଦ କ୍ରିମି, ବାନ୍ତି ଓ ବସ୍ତିରୋଗ ନିବାରକ ।]
ତେ. ବାମଠ; ଅଜୀମୌଦା
ଫା· କରପସ୍ ଆ. କରୁଲ୍ କଭୁକେରଫସ୍
বনযমানী, রাঁধুনী अजमोद

ବଡ଼୍‌ଜେଟ୍(ଟୁ) – ପ୍ରାଦେ· (ଗଞ୍ଜାମ) ବୈଦେ. (ଇଂ. ବଜେଟ୍)—
Bard-jeṭ (ṭu) ବଜେଟ୍ (ଦେଖ)—Bajeṭ (See)
[ଦ୍ର—ଗଞ୍ଜାମ ଜିଲ୍ଲାର ଲୋକମାନେ ଆନ୍ଧ୍ରଙ୍କ ଦେଖାଦେଖି ଏ ଇଂରାଜି ଶବ୍ଦର ଲୁପ୍ତ 'ଡ' ଅକ୍ଷରକୁ ଲୁପ୍ତ ନ କରି ସ୍ପଷ୍ଟରୂପେ ପ୍ରକାଶ କରି ଉଚ୍ଚାରଣ କରନ୍ତି । ଇଂରାଜି 'ଜଜ୍' ଶବ୍ଦକୁ ମଧ୍ୟ 'ଜଡ଼୍‌ଜ୍' ବୋଲି ଉଚ୍ଚାରଣ କରନ୍ତି ।]

ବଡ଼ ଜେନା—ଦେ. ବି.—କ୍ଷତ୍ରିୟ ସନ୍ତାନଙ୍କ ଉପାଧି ବିଶେଷ—
Barda jenā A family title of Kshatriyas.

ବଡ଼ ଜୋର୍—ଦେ. ଅ.—(ସ. ବଡ଼+ଆ. ଜୋର୍)—୧ । ଅନ୍ୟୂନ-
Barda jor ପରିମାଣରେ; ଊର୍ଦ୍ଧ୍ୱ ପରିମାଣରେ କହିବାକୁ ଗଲେ;
ଆବଡ୍ଡ୍ଜୋର ଅନୁମାନର ଶେଷ ସୀମା ଧରିବାକୁ ଗଲେ—
**बडाजोर** 1. Making the greatest calculation; at the highest computation or estimate.
୨ । ବଡ଼ାଜୋର ବେଶି ହେଲେ—2. At best.

ବଡ଼ ଠାକୁର—ଦେ. ବି—୧ । ଜଗନ୍ନାଥଙ୍କ ବଡ଼ ଭାଇ ବଳଭଦ୍ର; ଶ୍ରୀକୃଷ୍ଣଙ୍କ
Barda ṭhākura ବଡ଼ ଭାଇ ବଳରାମ—1. The elder
ବଡ଼ঠাকুর **बडेठाकुर** brother of Lord Jaganntātha or Srikrishna.
୨ । ପୁରୀର ଜଗନ୍ନାଥ ଦେବ—
2. Lord Jagannātha at Puri.
୩ । ଈଶ୍ୱର; ଭଗବାନ୍—3. God.

ବଡ଼ ଥାଳି—ପ୍ରାଦେ (ବସ୍ତର) ବି—ଥାଳ—
Barda tāṭhi A big plate.

ବଡ଼ଡାର୍—ପ୍ରାଦେ (ସମ୍ବଲପୁର) ବିଣ—ଅତି; ଅତ୍ୟନ୍ତ—
Bardatār Very; very much.

ବଡ଼ତି—ଦେ. ବି (ସ. ବୃଦ୍ଧି)—୧ । ବୃଦ୍ଧି—1. Increase.
Bardati ୨ । ସମ୍ପଦ—2. Affluence.
ବଢ଼ାଇ ୩ । ଭାଗ୍ୟୋଦୟ; ଶ୍ରୀବୃଦ୍ଧି—
**बढती** 3. Rise in fortune.
୪ । ଅଧିକା ପଦାର୍ଥ—4. Excess; extra; surplus.

ବଡ଼ ତୁଣ୍ଡ—ଦେ. ବି- ବଡ଼ ଗଳା; ଉଚ୍ଚୈଃସ୍ୱର—A loud tongue.
Barda tuṇḍa ବড়গলা **मोटागला**

ବଡ଼ତୁଣ୍ଡା—ଦେ. ବିଣ. ପୁଂ—୧ । ଯେ ଉଚ୍ଚସ୍ୱରରେ କଥା କହେ—
Bardatuṇḍā 1. Of loud tone.
(ବଡ଼ତୁଣ୍ଡିଆ—ଅନ୍ୟରୂପ) ୨ । କଳହପ୍ରିୟ—
(ବଡ଼ତୁଣ୍ଡୀ, ବଡ଼ ତୁଣ୍ଡେଇ—ସ୍ତ୍ରୀ) 2. Quarrelsome.

ବଡ଼ ଦାଣ୍ଡ—ଦେ. ବି—୧ । ପ୍ରଶସ୍ତ ରାସ୍ତା—
Barda dāṇḍa ବড়রাস্তা **बडीरास्ता** 1. High road
୨ । ପୁରୀ ଜଗନ୍ନାଥଙ୍କ ମନ୍ଦିରଠାରୁ ଗୁଣ୍ଡିଚା ଘରଯାଏ ପଡ଼ିଥିବା ପ୍ରଶସ୍ତ ରାସ୍ତା—2. The wide road extending from Puri temple to Gundichāghara

ବଡ଼ ଦାଣ୍ଡଠାରୁ ବେଳା ଚଳେ ପହଁ ବଇକୁ ମହୀଧର—
ରଥାନାଥ—ଚାକଳି ।

ବଡ଼ଦାଣ୍ଡକୁ ଯିବା—ଦେକ୍ରି—୧ । (ସ୍ତ୍ରୀ) ଘରରୁ ବାହାରି ପଡ଼ିବା; ଭିକାରୁପାଯ୍
Barda dāṇḍaku jibā ହେବା—1. (a woman) To go
রাস্তায়বসা out of a family; to go abegging.
**बाटपरबैठना**
୨ । (ସ୍ତ୍ରୀଲୋକ) ବେଶ୍ୟାବୃତ୍ତି ଅବଲମ୍ବନ କରିବା—
2. (a woman) To take to prostitution.

ବଡ଼ ଦାନ—ଦେ. ବି—୧ । ପଶାଖେଳରେ ଯେଉଁ ଦାନ ପଡ଼ିଲେ
Bardadāna ଖେଳର ବିଶେଷ ସୁବିଧା ହୁଏ—1. The most lucky throw in dice play.
୨ । ବହୁମୂଲ୍ୟ ଦ୍ରବ୍ୟର ଦାନ—
2. The gift of a very valuable thing.

ବଡ଼ଦିନ—ଦେ. ବି—୧ । ଇଂରାଜୀ ଡିସେମ୍ବର ମାସର ତା ୨୫ ରିଖ; ଖ୍ରୀଷ୍ଟ
Bardadina ମସ୍—1. Christmas day falling on the
বড়দিন **बडादिन्** twentyfifth of December.
[ଦ୍ର—ଏ ଦିନ ଯୀଶୁ ଖ୍ରୀଷ୍ଟଙ୍କ ଜନ୍ମଦିନ । ଅଳ୍ପକ ମଧ୍ୟ ଏହି ଦିନଠାରୁ ଦିନମାନ କ୍ରମଶଃ ବଡ଼ ହେବାର ଅନୁମିତ ହୁଏ, ସେଥିପାଇଁ ଏହାକୁ ବଡ଼ଦିନ କହନ୍ତି । ଡିସେମ୍ବର ମାସ ୨୨ ତାରିଖରୁ ଦିନ କ୍ରମେ ବଡ଼ ହୁଏ ଓ ରାତ୍ରି କମେ ।]
୨ । ଖ୍ରୀଷ୍ଟିୟାନ୍‌ମାନଙ୍କର ଡିସେମ୍ବର ମାସର ଶେଷ ସପ୍ତାହର ପର୍ବ—
2. The Christmas festival.
୩ । ଯେଉଁ ଦିନମାନଙ୍କ ପରିମାଣ ରାତ୍ରିର ପରିମାଣ ଅପେକ୍ଷା ବେଶୀ—3. A day longer in duration than the night.

ବଡ଼ଦୁମା—ଦେ. ବି—(ସ. ବୃହତ୍+ଆ. ଦୁମ୍)—ଯେଉଁ ହାତୀର ଲାଞ୍ଜ
Bardadumā ଗୋଡ଼ପର୍ଯ୍ୟନ୍ତ ଲମ୍ବି ଥାଏ—An elephant.
বড়দুমা **बडदुमा** having its tail hanging to the feet.

ବଡ଼ ଦେଉଳ—ଦେ, ବି—୧ । ପୁରୀର ଜଗନ୍ନାଥଙ୍କ ମନ୍ଦିର—
Barda deuḷa 1. The temple of Jagannath at Puri.
বড়দেউল **बडामन्दिर** ନବ୍ରଜାଦେ ବଡ଼ଦେଉଳେ ବାହାର ଘୋଷ୍କୁଥିବେ ବାଜା ।
ରଥାନାଥ—ଚାକଳି ।
୨ । କେତେଗୁଡ଼ାଏ ଦେଉଳ ମଧ୍ୟରେ ଉଚ୍ଚତମ ମନ୍ଦିର—
2. The highest temple in a group.

ବଡ଼ ଧାନ—ଦେ, ବି—୧ । ମୋଟା ଧାନ—1. Coarse paddy.
Barda dhāna ୨ । ଯେଉଁ ଧାନ ବେଶୀ ପାଣି ଜମା ହେବା କ୍ଷେତ୍ରରେ ବଢ଼ି ଧାନ କଟାକାଳର ଶେଷସମୟକୁ କଟା ହୁଏ—
2. A kind of paddy which is harvested late in the harvesting season.

ବଡ଼ନଦୀ—ଦେ. ବି—(ନାମ) ନଦୀବିଶେଷ—Name of a river
Bardanadi in Ganjam.
[ଦ୍ର—ଏ ନଦୀ ଘୁମୁସର ମାଳରୁ ବାହାରି ଆସିବା ନିକଟରେ ଋଷିକୁଲ୍ୟାରେ ମିଶିଛି । ଏହି ନଦୀ ଆସିକା ଟାଉନର ଉତ୍ତରରେ ଓ ଋଷିକୁଲ୍ୟା ଟାଉନର ଦକ୍ଷିଣରେ ପ୍ରବାହିତ । ଏଥିରେ ଗଭର୍ଣ୍ଣମେଣ୍ଟ ଆନିକଟ କରିଅଛନ୍ତି ।]

ବଡ଼ନାମ—ଦେ. ବି—ଖ୍ୟାତି; ପ୍ରଶଂସା; ପ୍ରସିଦ୍ଧି—
Bardanāma Fame; good name.
(ବଡ଼ନାଁ, ବଡ଼ନାଁଅ, ବଡ଼ନାଅଁ—ଅନ୍ୟରୂପ)
বড়নাম **बडानाम**

ବଡ଼ପଣ—ଦେ. ବି—୧ । ଗର୍ବ—1. Pride.
Bar*d*apana ୨ । ବଡ଼ଲୋକୀ; ଧନୀ ହେବା ଅବସ୍ଥା—
ବଡ଼াই 2. The state of being rich.
**बड़प्पन** ୩ । ଗୌରବ; ମହତ୍ତ୍ୱ—3. Greatness.
[ବଡ଼ପଣିଆ(ଆଁ)—ଅନ୍ୟରୂପ] ତାହାଙ୍କୁ ତୁମ୍ଭେ ପୁଣି ମାର ଏହୁ ଠାଣ
କଲେ କିନା ଲୋକେ ହୋଇବ ବଡ଼ ପଣ ।
କୃଷ୍ଣସିଂହ. ମହାଭାରତ ଉଦ୍‌ଯୋଗ ।
୪ । ଆପଣାକୁ ବଡ଼ କରି ଦେଖାଇବାର ଭାବ—
4. Assuming to be a big man; self aggrandisation

ବଡ଼ପଣ୍ଡା—ଦେ. ବି—୧ । ଦେବତାଙ୍କର ପ୍ରଧାନ ବ୍ରାହ୍ମଣସେବକ—
Bar*d*apan*d*a 1. The chief Brāhmana sebak of a Deity.
ବড়পাণ্ডা
**बड़ापंडा** ୨ । ବ୍ରାହ୍ମଣମାନଙ୍କୁ ରାଜପ୍ରଦତ୍ତ ଉପାଧିବିଶେଷ—
2. A title given to Brāhmanas by kings.
ପ୍ରାଦେ. (ଯାଜପୁର) ବି—ଯାଜପୁରର କୁଳୀନ ବ୍ରାହ୍ମଣ ବଂଶର ଉପାଧିବିଶେଷ—Title of a high Brāhmana family of Jajpur.

ବଡ଼ପଦା—ପ୍ରାଦେ. (ଗଡ଼ଜାତ) ବି—ଚହଟା (ଦେଖ)
Bar*d*apadā Chahatā (See)

ବଡ଼ପାଟଳି—ଦେ. ବି—ପାଟଳିବୃକ୍ଷର ପ୍ରକାରବିଶେଷ—
Bar*d*a pātali Olereospermum Suaviolens (tree) (Haines).
পারুল **पाडर**

ବଡ଼ପାଟି—ଦେ. ବି—ବଡ଼ ଗଳା (ଦେଖ)
Bar*d*apāti Bar*d* galā (See)

ବଡ଼ପାଟିଆ—ଦେ. ବି—ଘରଚାଳର ପ୍ରଧାନ ଶେଣୀ—
Bar*d*apātiā The chief long pole at the top of a thatched roof.
গলাবাজ
**बडबोला** ଦେ. ବିଣ. ପୁଂ—୧ । ଯେ ଉଚ୍ଚସ୍ୱରରେ କଥା କହେ—
ବଡ଼ ପାଟେଇ } ସ୍ତ୍ରୀ 1. Loud-tongued.
ବଡ଼ ପାଟୋଇ } ୨ । ଯେ ବହୁତ ଗପି ପାରେ—
2. Talkative.

ବଡ଼ପାସ୍—ଦେ. ବି. ( ବିଦ୍ୟାଳୟମାନଙ୍କରେ ଅଧୁନାତ ପ୍ରୟୋଗ; Bar*d*apās ସଂ. ବଡ଼+ଇଂ. ପାସ୍ )—ଦୁଇ; ଛାତ୍ରମାନେ ବড়পাশ ଫେରିଯିବା ପାଇଁ ଛାତ୍ରମାନଙ୍କର ଶିକ୍ଷକଙ୍କୁ ଦେଇ ଯିବା ସଙ୍କେତ—Two; second pass (a term used while boys ask the teacher's permission to go out of the school for easing).

ବଡ଼ପାହିଆ—ଦେ. ବି. (ସଂ. ବୃହତ୍+ପଦ)—ଉଚ୍ଚପଦ—
Bar*d*apābia High position.
ବড়পদ **बड़ापद** ଦେ. ବି—ଉଚ୍ଚପଦଧାରୀ—
(ବଡ଼ପାହ୍ୟା, ବଡ଼ପାସ୍ୟା—ଅନ୍ୟରୂପ) Of high position.

ବଡ଼ପିଠିଆ—ପ୍ରାଦେ. ବି. (ଗଡ଼ଜାତ)—ସାପ—
Bar*d*apithia Snake.

ବଡ଼ ପୁଅ(ତ)—ଦେ. ବି. (ସଂ. ବଡ଼+ପୁତ୍ର)—ଜ୍ୟେଷ୍ଠ ପୁତ୍ର—
Bar*d*a pua(ta) One's eldest son.
বড়ছেলে **बडा लडका**

ବଡ଼ ପୁତ୍ରୀ—ଦେ. ବି—୧ । ପୁତ୍ରଜୀବ ( ଦେଖ )
Bar*d*a putrī 1. Putrajība ( See )
୨ । ବଡ଼ ଝିଅ—2. One's eldest daughter.

ବଡ଼ ପେଟା—ଦେ. ବିଣ. ପୁଂ—୧ । ଯେଉଁ ଲୋକର ପେଟ ବଡ଼—
Bar*d*a petā 1. Big-bellied; pot-bellied.
[ବଡ଼ ପେଟ(ଟ)ଆ—ଅନ୍ୟରୂପ] ୨ । ଯେଉଁ ଲୋକ ବେଶି ଅନ୍ନାଦି
(ବଡ଼ ପେଟୀ, ବଡ଼ ପେଟେଇ—ସ୍ତ୍ରୀ) ଖାଏ; ପେଟୁ—
ভুঁড়িবালা **बडपेटू** 2. Voracious.

ବଡ଼ ବକଳା—ପ୍ରାଦେ. (ପୁରୀ, ଗଡ଼ଜାତ ଓ ଅନୁଗୁଳ) ବି—
Bar*d*a bakalā ସରୁ ସିଧା ଡେଙ୍ଗା ବୃକ୍ଷବିଶେଷ—
Dalbergia Paniculata (Haines).

ବଡ଼ ବଡ଼—ଦେ. ବିଣ. (ବହୁବଚନାର୍ଥ ଦ୍ୱିତ୍ୱ)—ଅନେକଗୁଡ଼ିଏ ବଡ଼
Bar*d*a bar*d*a (ବସ୍ତୁ ବା ଲୋକ)—Many big (things
বড় বড় **बडा बडा** or persons).
ଦେ. ଅ—ବଡ଼୍ ବଡ଼୍ (ଦେଖ)—Bar*d*-bar*d* (See)

ବଡ଼ବଡ଼ ହେବା—ଦେ. କ୍ରି.—୧ । ଗୁଡ଼ାଏ ଗପିବା—
Bar*d*a bar*d*a heba 1. To chatter long.
বড় বড়ান; বড় বড় করা ୨ । ବାତୁଳ ପରି ପ୍ରଳାପ କରିବା—
**बड बडाना** To rave.
୩ । ଅସ୍ପଷ୍ଟଭାବରେ ଗପିବା—
3. To grumble or murmur.

ବଡ଼ବଡ଼ି (ଡ଼ୁ)ଆ—ଦେ. ବି.—୧ । ଆପଣାର ମୃତ ପୂର୍ବପୁରୁଷଗଣ—
Bar*d*a bar*d*i(r*d*u)ā 1. One's deceased ancestors
(ବଡ଼ବଡ଼କେ—ଅନ୍ୟରୂପ) ୨ । ଶୂଦ୍ରମାନଙ୍କ ରାନ୍ଧିଶାଳରେ ରଚିତ
বাপ দাদা ପୂର୍ବପୁରୁଷମାନଙ୍କର କଳ୍ପିତ ପ୍ରତିମା—2. The ima-
**बाप दादा** ges of the deceased ancestors made in the kitchen (in the case of the sūdras).
ଦେ. ବିଣ.—ବଡ଼ବଡ଼ିଆ (ଦେଖ)
Bar*d*-bar*d*iā (See)

ବଡ଼ବଡ଼(ଡ଼ୁ)ଆ ଅମାବାସ୍ୟା—ଦେ. ବି.—ପିପେଇ ଅମାବାସ୍ୟା (ଦେଖ)
Bar*d*abar*d*i(r*d*u)ā amābāsyā Pipei amābāsyā (See)
ବଡ଼ବଡ଼(ଡ଼ୁ)ଆ ଅମେଇସା } —ଅନ୍ୟରୂପ
ବଡ଼ବଡ଼(ଡ଼ି)ଆ ଅମାସ୍ୟା }
**उकापाती अमावस**

ବଡ଼ବଡ଼ୁଆ ଡାକ—ଦେ. ବି.—କାର୍ତ୍ତିକ ଅମାବାସ୍ୟାରେ ପିତୃଲୋକଙ୍କ
Bar*d*a bar*d*uā dāka ଉଦ୍ଦେଶ୍ୟରେ ଆଲୋକ ପ୍ରଦର୍ଶନ—
ঈজলপি জল Offering of light to the deceased
**उकफेरना** ancestors on the newmoon day of Kārttika.

[ ଦ୍ର—ଏହି ସମୟରେ କାଉଁରିଆ ବଡ଼ା ଜାଳି ଉପରକୁ ଟେକି ଧରି ପୂର୍ବପୁରୁଷମାନଙ୍କୁ ସମ୍ବୋଧନ କରି ଡାକ ଦିଆଯାଏ । ସେହି ଡାକ :—"ବଡ଼ବଡ଼ୁଆ ହେ !

ଅନ୍ଧାରରେ ଆସି ଆଲୁଅରେ ଯାଅ
ବାଇଶି ପାହାଚରେ ମହାପ୍ରସାଦ ଖାଇ
ଗଡ଼ଗଡ଼ାଉ ଥାଅ"

**ବଡ଼ବଡ଼ୁଆ ଡାକିବା**—ଦେ. କ୍ରି—କାର୍ତ୍ତିକ ଅମାବାସ୍ୟା ଦିନ ସନ୍ଧ୍ୟା Bar̲dabar̲duā dākibā ପରେ ପିତୃଲୋକଙ୍କ ଉଦ୍ଦେଶ୍ୟରେ ଈଁଜଲ୍ ପିଁଜଲ୍ କରା ପ୍ରଦୀପଦାନ ଓ ଶ୍ରାଦ୍ଧ କରି 'ବଡ଼ବଡ଼ୁଆ ହେ **उकफेरना** ଅନ୍ଧାରରେ ଆସ, ଆଲୁଅରେ ଯାଅ, ବାଇଶି ପାହାଚରେ ଗଡ଼ଗଡ଼ାଉ ଥାଅ' ବୋଲି ଡାକ ଦେଇ ଘିଅ ବଳିତା, କାଉଁରିଆର ଜଳୁଥିବା ମୁଣ୍ଡ ଉପରକୁ ଟେକିବା—To raise up a lighted faggot by invoking one's deceased ancestors on the evening of the new moon of Kārttika.

**ବଡ଼ବର**—ପ୍ରାଦେ. ( ଗଡ଼ଜାତ ) ବି—ଶଗଡ଼ିଆ-ବଳଦଙ୍କୁ ବାଟରେ Bar̲dabara ଖୁଆଇବା ପାଇଁ ବନ୍ଧୁଛି ପାଳକୁ ଅଳ୍ପକରେ ନେବା ପାଇଁ ପାଳରେ ବନାଯାଇ ଥିବା ମୋଟା ବେଣୀ—Twisted and plaited straw taken by cartmen for feeding cattle on the way.

**ବଡ଼ବା**—ସଂ. ବି. ସ୍ତ୍ରୀ. (ବଳ=ଶକ୍ତି+ବା ଧାତୁ ଗମନ କରିବା+କର୍ତ୍ତୃ. Bar̲dabā ଅ+ସ୍ତ୍ରୀ. ଆ)—୧ । ଘୋଟକୀ—1. A mare.

ବଡ଼ବାର ସଙ୍ଗେ ସଙ୍ଗେ ତୁରଙ୍ଗେ ମହରଙ୍ଗେ .
କ ରସି ଭ୍ରମନ୍ତ ହୋଇ ଦ୍ରୁତ ସେ । ଭଞ୍ଜ, ବୈଦେହୀଶବିଳାସ ।

୨ । ଅଶ୍ୱମୁଖୀ ସମୁଦ୍ର ଗର୍ଭସ୍ଥା ଦେବୀବିଶେଷ—2. Name of a sea-nymph; a mythological female Deity with a mare's head, said to inhabit the ocean.

୩ । ଅଶ୍ୱିନୀ ନକ୍ଷତ୍ର—3. Aries (asterism).

୪ । ସ୍ୱର୍ଗବୈଦ୍ୟ ଅଶ୍ୱିନୀକୁମାର ଦ୍ୱୟଙ୍କ ମାତା—4. The mother of the heavenly physican-twins.

୫ । କ୍ରୀତଦାସୀ; ଦାସୀ—5. Maid servant; a female slave.

୬ । ଦୂତୀ; କୁଟ୍ଟିନୀ—6. A female go-between; a procuress.

୭ । ଦ୍ୱିଜ ପତ୍ନୀ—7. A Brāhmaṇa woman.

୮ । ଅଶ୍ୱିନୀ ରୂପ ଧାରଣୀ ସୂର୍ଯ୍ୟ ପତ୍ନୀ ସଂଜ୍ଞା—8. Sajñyā; a wife of the Sun-god while she assumed the shape of a mare.

**ବଡ଼ବାଗ୍ନି**—ସଂ. ବି. ମ. ପ ଲୋ; ବଡ଼ବାର ମୁଖରୁ ଉତ୍ପନ୍ନ ଅଗ୍ନି)— Bar̲dabāgni ସମୁଦ୍ର ଗର୍ଭରୁ ଉତ୍ଥିତ ଅଗ୍ନି—Submarine fire or flame.

ବଡ଼ବାନଳ } ଅନ୍ୟରୂପ
ବଡ଼ବାମୁଖ }

[ ଦ୍ର—ଏ ଅଗ୍ନି ବଡ଼ବା ନାମ୍ନୀ ଦେବୀଙ୍କ ମୁଖରୁ ବହିର୍ଗତ ହେବା ପୁରାଣପ୍ରସିଦ୍ଧ; କିନ୍ତୁ ଏହା ସମୁଦ୍ର ଗର୍ଭସ୍ଥ ଆଗ୍ନେୟ ଗିରିର ଅଗ୍ନ୍ୟୁତ୍ପାତ ବୋଲି ଅନୁମିତ ହୁଏ । ]

**ବଡ଼ବା ତୀର୍ଥ**—ସଂ. ବି. ( ବଡ଼ବା+ତୀର୍ଥ )— Bar̲dabā tīrtha ହିନ୍ଦୁମାନଙ୍କର ତୀର୍ଥବିଶେଷ—A sacred place of the Hindus.

ବଡ଼ବା ତୀର୍ଥେ ଦୁର୍ଗମ ଅସ୍ତ ସମୟରେ
ସ୍ନାନ କଲେ ସବୁ ପାପରୁ ଛୋଡ଼ଇରେ । ସାରଳା ମହାଭାରତ. ବନ ।

**ବଡ଼ ବାପା**—ଦେ. ବି. ପୁଂ. (ଶୂଦ୍ରଙ୍କ ବ୍ୟବହୃତ)—୧ । ପିତାମହ— Bar̲da bāpā 1. Paternal grandfather. ঠাকুর দাদা ୨ । ଜ୍ୟେଷ୍ଠ ତାତ; ଦେଡ଼ୁତା— दादा 2. Father's elder brother.

ବଡ଼ମା } ସ୍ତ୍ରୀ
ବଡ଼ମାଆ }

ମୋଠାରୁ ଶୁଣ ତୁମ୍ଭ ବଡ଼ବାପାଙ୍କର (କଥା)
କୃଷ୍ଣସିଂହ ମହାଭାରତ ବନ

জেঠা **चाचा**

**ବଡ଼ବାବୁ**—ଦେ.ବି.—୧ । କୌଣସି କାର୍ଯ୍ୟାଳୟ ବା ଅଫିସରେ ଥିବା Bar̲dabābu ଦେଶୀୟ କର୍ମଚାରୀମାନଙ୍କ ମଧ୍ୟରେ ପ୍ରଧାନ বড়বাবু କର୍ମଚାରୀ ବା ମେନେଜର—1. The Indian head of **बडेबाबु** an office or workshop. ୨ । ଜ୍ୟେଷ୍ଠ ପିତୃବ୍ୟ; ଦଦେଇ—2. Father's elder brother.

ବଡବାବୁ ଶତ୍ରୁକୁ ଯେତେକ ନ ଥିବ । କୃଷ୍ଣସିଂହ-ମହାଭାରତ ବନ.

**ବଡ଼ବାସୁତ**—ସଂ ବି. ( ୬ଷ୍ଠୀତତ୍ )—ଅଶ୍ୱିନୀକୁମାର—The twin Bar̲dabāsuta physicians of heaven.

**ବଡ଼ବାହୃତ**—ସଂ. ବି ପୁଂ—୩ୟା ତତ୍; ବଡ଼ବା+ଆହୃତ) (ହିନ୍ଦୁସ୍ମୃତି) Bar̲dabāhṛuta ୧୫ ପ୍ରକାର ଦାସ ମଧ୍ୟରୁ ଏକତମ ଯେଉଁ ବ୍ୟକ୍ତି ଦାସୀ ସହିତ ବିବାହ କରିବା ଦ୍ୱାରା ଦାସୀର ମାଲିକଙ୍କ ଦାସ ରୂପେ ଗଣ୍ୟ ହୁଏ—(Hindu law) A person who becomes a slave by marrying one's maid servant.

**ବଡ଼ବୋଉ**—ଦେ. ବି. ସ୍ତ୍ରୀ—୧ । ଭାଉଜ; ବଡ଼ଭାଇଙ୍କ ସ୍ତ୍ରୀ—1. Elder Bar̲dabou বড়বউ brother's wife or widow. **बडी बहू** বড়মা ୨ । ଜ୍ୟେଷ୍ଠା ବିମାତା—2. One's elder **बडी मा** stepmother.

**ବଡ଼ବୋଲା**—ଦେ. ବିଣ—ଉଚ୍ଚସ୍ୱରରେ ନ କହିଲେ ଯେଉଁ ଶ୍ରୋତା Bar̲dabolā ଶୁଣି ପାରେ ନାହିଁ—One who can not hear নীমকালা **उचासुननेवाला;अकान** unless talked to in a loud tone.

ବଡ଼ବୋଲି } ସ୍ତ୍ରୀ
ବଡ଼ବୋଲେଇ }

**ବଡ଼ ବୋହୂ**—ଦେ. ବି. ସ୍ତ୍ରୀ—୧ । ପରିବାରରେ ଜ୍ୟେଷ୍ଠ ପୁତ୍ରର ସ୍ତ୍ରୀ— Bar̲da bohu 1. The wife or widow of the eldest বড়বৌমা **बडीपुतोहू** son of the family.

୨ । ପ୍ରାପ୍ତବୟସ୍କା ବୋହୂ (ପିଲାବୋହୂର ବିପରୀତ) ।
2 Matured daughter-in-law as opposed to an unmatured one.

**ବଡ଼ ଭାଇ**—ଦେ. ବି. ପୁଂ—ଜ୍ୟେଷ୍ଠଭ୍ରାତା—Elder brother. Bar̲da bhāi বড়দাদা **बडेभाइ**

**ବଡ଼ଭାଗ**—ପ୍ରା. ଦେ—(ସମ୍ବଲପୁର) ବିଣ.—୧ । ଅଧିକାଂଶ— Bar̲da bhāga (ବଡ଼ଭାଗୋ—ଅନ୍ୟରୂପ) 1. Great portion.

୨ । ଅଧିକ ସଂଖ୍ୟକ—2. Majority of.

୩ । ସର୍ବାପେକ୍ଷା ଅଧିକ ଅଂଶ—3. The largest share.

ବଡ଼ଭି(ଭୀ)—ସଂ. ବି. ( ବଲ୍ ଧାତୁ=ଆବୃତ କରିବା+କର୍ତ୍ତୃ ଅବ+ ଇ, ଈ)—୧ । ଚନ୍ଦ୍ରଶାଳା—1. A room on the roof of a pucca house.
Bardabhi(bhī)
୨ । କୋଠାର ଛାତ ଉପରେ ଛାତ ଶୁଣ୍ଡୁଆ ବା ଶୁଳ—2. Thatch or awning spread over the roof of a building.
ଦେ. ବି. ( ସଂ. ବଡ଼+ଭୀ )—ବିଶେଷ ଭୟ—Great fear.

ବଡ଼ଭୀଳ ଭଠି ଯାଇଁ ଦୁଃଖ
ବଡ଼ଭୀରେ ସୀତା କଲେ ପୃଷ୍ଟ । ଭକ୍ତ. ବୈଦେହୀଶବିଳାସ ।

ବଡ଼ ମଲ୍ଲି(ଲ୍ଲୀ)—ଦେ. ବି—ମାଧବୀ ( ଦେଖ )
Barda mali(llī) Mādhabī ( See )

ବଡ଼ ମା—ଦେ. ବି. ସ୍ତ୍ରୀ—୧ । ପିତାମହୀ—1. Paternal grandmother.
Barda mā
ঠাকুর মা ୨ । ଦେଢ଼େଇ—2. Elder paternal aunt.
**दादी** ୩ । ଜ୍ୟେଷ୍ଠ ବିମାତା—3. One's elder step-mother.
(ବଡ଼ ମାଆ—ଅନ୍ୟରୂପ) দেঠাই মা **चाची**

ବଡ଼ ମୁଣ୍ଡ—ଦେ. ବି—୧ । ବଡ଼ ବା ପ୍ରଧାନ ବ୍ୟକ୍ତି—1. A rich or great man.
Barda munda
(ବଡ଼ମୁଣ୍ଡିଆ—ଅନ୍ୟରୂପ) ୨ । ଖୁବ୍ କ୍ଷମତାଶାଳୀ ବ୍ୟକ୍ତି—2. A very influential person.
বডমাথা
**वडामुंड** ୩ । ପ୍ରଭାବଶାଳୀ ଅଭିଭାବକ ବା ପୃଷ୍ଠପୋଷକ—3. A very influential patron.
(ଯଥା—ସେ ଗୁଡ଼ର ପାଇବା ପାଇଁ ଏକ ବଡ଼ ମୁଣ୍ଡକୁ ଧରିଛି)

ବଡ଼ମୁଣ୍ଡିଆ ଚାଣ୍ଟି—ପ୍ରାଦେ (ବୋଲ୍) ବି.—ଜନ୍ତୁ—Big black ant; the black pismire or emmet.
Bardamundiā chānti

ବଡ଼ ମୁଥା—ଦେ ବି—ନାଗର ମୁଥା ( ଦେଖ )
Barda muthā Nāgara muthā ( See )

ବଡ଼ର ବଡ଼ର ହେବା—ଦେ. କ୍ରି—ବଡ଼ ବଡ଼ ହେବା ( ଦେଖ )
Bardara bardara hebā Barda barda hebā ( See )
বড় বড় করা
**बडबडाना**

ତାଳବେତେଲ ପଛରେ ବଡ଼ର ବଡ଼ର ହୋଇ ଯବନ୍ତି ଲେ ।—ଫକୀରମୋହନ. ଗଳ୍ପସ୍ୱଳ୍ପ ।

ବଡ଼ ରାଣୀ—ଦେ. ବି. ସ୍ତ୍ରୀ—ରାଜାଙ୍କର ପାଟରାଣୀ—The senior Ranee.
Barda rāni
বড় রানী **बडी रानी**

ବଡ଼ ରାଶି ଖୁରୁଡ଼—ପ୍ରାଦେ. ( ପୁରୀ ) ବି—ବଡ଼ ଶଳାବିଶିଷ୍ଟ ଖୁରୁଡ଼ ନଡ଼ିଆ—Dried cocoanut having kernel of big size.
Barda rāsi khururda

ବଡ଼ ରୋଗ—ଦେ. ବି—କୁଷ୍ଠ ରୋଗ—Leprosy.
Barda roga বড় রোগ **पाप रोग, कुष्ठ**

ବଡ଼ ଲାଟ—ଦେ. ବି. ( ସଂ. ବଡ଼+ଇଂ. ଲର୍ଡ୍ )—ଭାରତବର୍ଷର ଗଭର୍ଣ୍ଣର ଜେନେରଲ୍ ଏବଂ ଭାଇସ୍‌ରୟ୍—The Governor General and Viceroy of India.
Barda lāta
বড় লাট
**बड़े लाट**

ବଡ଼ ଲୋକ—ଦେ. ବି. ( ସଂ. ବଡ଼+ଲୋକ )—୧ । ଧନୀ ବ୍ୟକ୍ତି—1. Rich man.
Barda loka
বড় লোক, বড় মানুষ
**बड़ा आदमी, बड़े लोग**

ପଢ଼ିଲେ ବୈଶ୍ୟ ପୁଣ୍ୟ ଫଳକୁ ପାଏ
ଶୁଣିଲେ ଶୂଦ୍ର, ବଡ଼ ଲୋକ ହୋଇ ଯାଏ ।
—କୃଷ୍ଣସିଂହ. ମହାଭାରତ, ଅନୁଶାସନ ।

୨ । ମହାଜନ; ମହାପୁରୁଷ—2. A great man.

ଶୁଣ ଧନଞ୍ଜୟ ଭାଗବତ, ଏ ବଡ଼ ଲୋକଙ୍କର ମତ—ଜଗନ୍ନାଥ. ଭାଗବତ ।

ବଡ଼ ଲୋକି—ଦେ. ବି—୧ । ଧନୀ ପଣ—1. The state of being rich.
Barda loki
বড় মানুষী ୨ । ଧନୀର ବ୍ୟବହାର ବା ଚାଲି ଚଳନ—2. Conduct befitting a rich man.
**बडप्पन**
୩ । ଗର୍ବ—3. Pride.

ବଡ଼ ଶିଂଘାର—ଦେ. ବି. (ସଂ. ବୃହତ୍+ଶୃଙ୍ଗାର)—ଦେବତାଙ୍କର ରାତ୍ରି ଶୟନ ବା ପହଡ଼ ହେବା ପୂର୍ବର ବେଶ, ଭୋଗାଦି ନୀତି—The rites performed before an Idol is laid to sleep for the night.
Barda simghāra
ବଡ଼ ଶିଂଗାର } ଅନ୍ୟରୂପ
ବଡ଼ ଶିଂହାର }
**बडा श्रृंगार**

ବଡ଼ ଶିଂଘାର ବେଳେ କରେ ଯାଇଁ, ଦେଖି ଅଣିକ ଚକ୍ଷୁ ଲୋଡ଼ାଇ ।
ପ୍ରଚୀ. ପ୍ରଚାତ. ଖଣ୍ଡି ସେଣ ।

ବଡ଼ ଶିଂଘାର ଧୂପ—ଦେ. ବି—ରାତ୍ରିରେ ଦେବତାଙ୍କର ପହଡ଼ ହେବା ପୂର୍ବରୁ ଯେଉଁ ଭୋଗ ହୁଏ—Offering made to an Idol before the night's rest.
Barda simghāra dhūpa

ବଡ଼ ଶିଂଘାର ବେଶ—ଦେ. ବି—ଦେବତା ରାତ୍ରିରେ ପହୁଡ଼ିବା ପୂର୍ବରୁ ଯେଉଁ ବେଶରେ ସଜ୍ଜିତ ହୁଅନ୍ତି—The dressing put on an Idol before the night's rest.
Barda simghāra besa

ବଡ଼ ଶିଂଘାର ଲାଗି—ଦେ. ବି—ବଡ଼ ଶିଂଘାର ବେଶରେ ସୁସଜ୍ଜିତ ହେବା—Equipment of an Idol with the fittings before the night's rest.
Barda simghāra lāgi

ବଡ଼ଶୀ—ଦେ. ବି. (ସଂ. ବଡ଼ିଶୀ)—ବଡ଼ିଶୀ ( ଦେଖ )
Bardasi Bardisi ( See )

ନୂତନ ବଡ଼ଶୀ, ବଳେ ମନ ମୀନ ଧରେ ଅବଶି
ଅଭିମନ୍ୟୁ. ବିଦଗ୍ଧଚିନ୍ତାମଣି ।

ବଡ଼ ଶୃଙ୍ଗାର (ଇତ୍ୟାଦି)—ଦେ. ବି—ବଡ଼ ଶିଂଘାର ଇତ୍ୟାଦି (ଦେଖ)
Barda srungāra (etc) Barda simghāra etc. (See)

ଚନ୍ଦ୍ରଚୂଡ଼-ବଡ଼ଶୃଙ୍ଗାର-ରଚନା, ଜାଣେ ସେ ଯେଉଁ ସେବକେ ।
ରାଧାନାଥ. ପାର୍ବତୀ ।

ବଡ଼ ହେବା—ଦେ. କ୍ରି.—(ସଂ. ବର୍ଦ୍ଧନ)—୧ । ବଢ଼ିବା—1. To become large.
Barda hebā
বড় হওয়া ୨ । ବୃଦ୍ଧି ପାଇବା—2. To increase; to wax.
**बडा होना**
୩ । ପରିଣତବୟସ୍କ ହେବା; ସାବାଳକ ହେବା—3. To be of age; to attain majority.

୪ । (ବାଳିକାମାନଙ୍କ ସମ୍ବନ୍ଧେ) ଜ୍ଞାନ ପାଇବା; ପ୍ରଥମେ ରଜସ୍ୱଳା ହେବା—4. To attain puberty (said of a girl).

୫ । ପରିମାଣରେ ବା ଦୈର୍ଘ୍ୟରେ ବଳି ପଡ଼ିବା—5. To exceed in quantity or length.

୬ । ଉଚ୍ଚତାରେ ବୃଦ୍ଧି ପାଇବା—6. To become taller.

**ବଡ଼ା**—ଦେ. ବି. (ସଂ. ବଟକ)—୧ । ଘିଅ ବା ତେଲପକ୍ୱ ପିଷ୍ଟକବିଶେଷ; ବରା—1. A kind of cake fried in ghee or oil.
Bardā
ବড়া ৰড়া, ৰাড়া

ବড়া খাঁ; সুনর খা ୨ । ମୁଣ୍ଡର କେଶମୂଳରେ ହେବା ଏକପ୍ରକାର ବଥ—2. Boil at the root of the hair on the head.

বেসালি, ভাঁড় ୩ । ମାଟିର ଶ୍ରେଷ୍ଠ ହାଣ୍ଡି (ଏହାର ମୁହଁ ସରୁ ଅପେକ୍ଷା ଚଉଡ଼ା ଓ ଏଥିରେ ଘିଅ, ତେଲ ଆଦି ରଖାଯାଏ)—3. A small wide-mouthed earthen pot.
ঝাড়ী

ପ୍ରାଦେ. (ସମ୍ବଲପୁର) ବିଣ.—୧ । ବଡ଼—1. Great.

୨ । ଅତ୍ୟନ୍ତ ବଡ଼—2. Very great.

ପ୍ରାଦେ. (ସମ୍ବଲପୁର)ବିଣ ର ବିଣ.—ଅତ୍ୟନ୍ତ—Very much.

**ବଡ଼ାଇ**—ଦେ. ବି.—(ସଂ. ବୃଦ୍ଧି)—୧ । ମାହାତ୍ମ୍ୟ; ବଡ଼ପଣ; ବଡ଼ିମା; ଗରିମା; ପ୍ରାଧାନ୍ୟ; ମହିମା; ଗୌରବ—1. Greatness; glory.
Bardāi
বড়াই ৰড়াই

ଅଣା ବଳ କଳ କର୍ମ ଅଦରଲେ ଏଥୁଁ ଅଧିକ କେହି ବଡ଼ାଇ ।
ଉଦ. କୋଟିବ୍ରହ୍ମାଣ୍ଡସୁନ୍ଦରୀ ।

୨ । ଗର୍ବ—2. Pride; arrogance; haughtiness.

ତୁମ୍ଭେ କର ମୋର କେଡ଼େ ବଡ଼ାଇ—କବିସୂର୍ଯ୍ୟ. କବିତା ।

୩ । ପ୍ରଶଂସା—3. Eulogy; praise.

୪ । ଆତ୍ମପ୍ରଶଂସା—4. Self aggrandisement.

ଦେ. ବିଣ.—ଅତ୍ୟନ୍ତ; ଅତ୍ୟଧିକ—Too much.

ମଧୁର ହାସ୍ୟ ନନ୍ଦ ନନ୍ଦ, ଦର୍ଶନେ ବଡ଼ାଇ ଅଛନ୍ତ ।
ଭୂପତ. ପ୍ରେମପଞ୍ଚାମୃତ ।

**ବଡ଼ାଇ କରିବା**—ଦେ. କ୍ରି.—୧ । ପ୍ରଶଂସା କରିବା—1 To eulogise.
Bardāi karibā
বড়াই করা ২ । ଆତ୍ମ ପ୍ରଶଂସା କରିବା—2. To brag; to boast.
ৰড়াই করনা

ସେ ପ୍ରତିଜ୍ଞା ନାହିଁ ତଳେ ନ ବଢ଼ାଇ,
କଟୁଥିବ ଅଧିକେ କେହି ତା ବଡ଼ାଇ ।ରସିକାହାର [illegible]

**ବଡ଼ାଇ କହିବା**—ଦେ. କ୍ରି.—ନିଜର ମହିମା ଦେଖାଇ କହିବା—To boast of one's powers.
Bardāi kahibā
বড়াই করা
अपनी बड़ाई करना

ବାଣୀ ରମଣୀଙ୍କ ଶୁଣେ ବିଧାର ଆତ୍ମ ବଳିରେ ବନୁଥିଲୁ ମାଉଲୁ ବାନର-ଉଦ. ବୈଦେହୀଶବିଳାସ ।

**ବଡ଼ା ଗୋରେ**—ପ୍ରାଦେ. (କଳାହାଣ୍ଡି) ବିଣ.—ବେଶିଗୁଡ଼ିଏ—Too much.
Bardā gore

**ବଡ଼ା ତାର୍**—ପ୍ରାଦେ. (ସମ୍ବଲପୁର) ବିଣ.—ଅନେକଗୁଡ଼ିଏ—Very many.
Bardā tār

**ବଡ଼ାପା**—ଗ୍ରା. (ଇତର) ବି—ବଡ଼ବାପା (ଦେଖ)
Bardāpā Barda bāpā (See)

**ବଡ଼ାମି**—ଗ୍ରା. ବି. (ବଙ୍ଗଳାରୁ ଅନୁକୃତ)—ବଡ଼ପଣ—Greatness.
Bardāmi

ବଡ়ামী ଦେ. ବିଣ.—ବଡ଼ ପଣ; ଅଭିମାନୀ; ଗର୍ବୀ—Proud; egoistic.
बड़पन

**ବଡ଼ାମ୍ବା**—ଦେ. ବି. (ନାମ)—ଓଡ଼ିଶାର ଏକ ଗଡ଼ଜାତ ରାଜ୍ୟ—A feudatory state of Orissa.
Bardāmbā

[ଦ୍ର—ଜଣେ ବିଖ୍ୟାତ ମଲ୍ଲ ଯୋଦ୍ଧା ଉତ୍କଳ-ଗଜପତିଙ୍କୁ ଆପଣାର ବାହୁବଳରେ ସନ୍ତୁଷ୍ଟ କରାଇ ଦୁଇଖଣ୍ଡ ଗ୍ରାମ ପାଇଥିଲେ । ଏହି ମଲ୍ଲ ଗଜପତିଙ୍କ ବଳରେ ଆଦିମ ଅଧିବାସୀ କନ୍ଧମାନଙ୍କୁ ତଡ଼ି ଦେଇ ପ୍ରାୟ ୫୦୦ ବର୍ଷ ପୂର୍ବେ ଏହି ରାଜ୍ୟ ସ୍ଥାପନ କରିଥିଲେ, ଏବଂ କ୍ରମେ କ୍ରମେ ତାହାଙ୍କ ରାଜ୍ୟ ବଢ଼ାଇ ଥିଲେ ।
କୃପାସିନ୍ଧୁ. ଇତିହାସ ।

ଏ ରାଜ୍ୟସ୍ଥିତା ବୃଦ୍ଧଦମ୍ବା (ଦୁର୍ଗା, ଭଟ୍ଟାରିକା)ଙ୍କ ନାମାନୁସାରେ ଏ ରାଜ୍ୟର ନାମକରଣ ହୋଇ ଅଛି ।]

**ବଡ଼ି**—ବୈଦେ. ବି. (ଇଂ. ବଡ଼ିସ୍)—ସ୍ତ୍ରୀଲୋକମାନଙ୍କ ଅଣ୍ଟାସରୁଆ କୁର୍ତ୍ତା; ଯାକେଟ୍—Female jacket; bodice.
Badi
বডী, বাডী चोली, आँगी (ବଡ଼ିସ୍—ଅନ୍ୟରୂପ)

**ବଡ଼ି**—ଦେ. ବି—୧ । (ସଂ. ବଟୀ; ସଂ. ବଟିକା)—ବିରି ମୁଗ ବା ବରଲୁ ଶ୍ରେଷ୍ଠ ଶ୍ରେଷ୍ଠ ପିଠାପରି କୁଲା ବା ତାଳର ପୃଷ୍ଠରେ ପାରି ତାକୁ ଶୁଖାଇ ତରକାରୀରେ ବ୍ୟବହାର କରିବା ନିମନ୍ତେ ରଖାଯିବା ପଦାର୍ଥ—1. Cakes of pasted corn dried and preserved for being cooked and used in curry.
Bardi
বড়ী
बड़ी

[ଦ୍ର—ଶ୍ରେଷ୍ଠ ଶ୍ରେଷ୍ଠ ବଡ଼ିକୁ 'ଫୁଲବଡ଼ି', ଯେଉଁ ବଡ଼ିରେ ପାଣିକଖାରୁ କୋରା ହୋଇ ମିଶିଥାଏ ତାକୁ 'କଖାରୁବଡ଼ି (ହି. କୁମ୍ହଡ଼ୌରୀ), ଯେଉଁ ବଡ଼ିରେ ବୋଇତି କଖାରୁ ବା ପାଣି କଖାରୁ ମଞ୍ଜି ମିଶିଥାଏ ତାକୁ 'ମଞ୍ଜି ବଡ଼ି' ଓ ଯହିଁରେ ଖସା ମିଶିଥାଏ ତାକୁ 'ଖସା ବା ରାଶିବଡ଼ି' (ହି. ତିଲୌଡ଼ି) କହନ୍ତି । ମୁଗବଟାରେ ତିଆରି ବଡ଼ିକୁ 'ମୁଗବଡ଼ି' କହନ୍ତି ।

ଗଞ୍ଜାମ ଅଞ୍ଚଳରେ ମୂଳାବଡ଼ି, ମୁନଗାବଡ଼ି ଓ ପିଆଜ ଆଦିର ବଡ଼ି ହୁଏ ।]

বড়ী ୨ । (ସଂ. ବଟିକା)—ଔଷଧାଦିର ବଡ଼ିବଟିକା—2 Pill.
बडी

বড়ে, বড়িয়া ୩ । ସତରଞ୍ଜ ଖେଳର ଗୋଟି—3. A pawn at chess.
मुहरा

ପ୍ରାଦେ (ଗଡ଼ଜାତ ଓ ସମ୍ବଲପୁର) ବି—ବେଦେଇ—Wife of father's elder brother, elder paternal aunt.

**ବଡ଼ି ଅନ୍ଧାରୁଆ**—ଦେ. ବି—ପ୍ରତ୍ୟୁଷ; ଅରୁଣୋଦୟର ପ୍ରାକ୍‌କାଳ—Early morning; the time just before dawn.
Bardi andhāruā
খুবভোর; মুখআঁধারী अंधेरा, तड़के

ବଡ଼ି ଧୁଁ ଧୁଁ, ବଡ଼ିଭୋର, ବଡ଼ି ସକାଳ, ବଡ଼ି ଭୋର,
ବଡ଼ି ସକାଳ, ବଡ଼ି ଧୁଁ ପଟ୍ଟ, ବଡ଼ିଅନ୍ଧାର(ରି)
ବଡ଼ି(ଭ୍ଳ)ଅନ୍ଧାରଥ
} ଅନ୍ୟରୂପ

ବଢ଼ିଅଲ୍—ପ୍ରାଦେ (ସମ୍ବଲପୁର) ବି—(ଭୁଲ. ହି. ବଡ଼ହର୍)—ଆତଫଳ
Bardial — Custard apple.
(ବଢ଼ିଅଲ, ବଢ଼ିଅଲ୍, ବଢ଼ିଅଲ୍—ଅନ୍ୟରୂପ)

ବଢ଼(ଢ଼ି)ଆ—ଦେ. ବିଣ—୧ । ବଡ଼—1. Big; large.
Bardi(rdhi)ā ୨ । ଉତ୍କୃଷ୍ଟ—2. Excellent.
୩ । ଉଚ୍ଚ—3. High.
বেড়েঁ ୪ । ମୂଲ୍ୟବାନ୍—4. Valuable.
**बढ़िया** ୫ । ଅତି ଉତ୍ତମ—5. Very good.
ଦେ. ବି—(ସଂ. ବେଣୀ)—ନିଆଁ ରଖିବା ପାଇଁ ବା ଧୂଆଁ
বেণা ଦେବା ପାଇଁ ବେଣୀ ପକାଯାଇ କୁଟାରେ ମୋଡ଼ା ହୋଇଥିବା
**नडुआका उक** ଅଣ୍ଟା—A long wisp of straw twisted tightly so that it may smoulder slowly when lighted and the fire in it preserved for a long time.
ପ୍ରାଦେ (ସିଂହଭୂମି) ବି—ସତରଞ୍ଜ ଖେଳର ପଦାତି—
The foot soldiers in a game of chess.

ବଢ଼(ଢ଼ି)ଆ କାଙ୍କ—ଦେ. ବି. (ସଂ. ବୃହତ୍ ଓ କଙ୍କ)—ଲମ୍ବ ଲମ୍ବ
Bardi(rdhi)ā kānka ସରୁଗୋଡ଼, ଥଣ୍ଟ ଓ ବେକ ଥିବା
মাণিকযোড় ବକଜାତୀୟ ପକ୍ଷିବିଶେଷ—Stork; flamingo; Dissura Episcopus.
**माणिकजोड** (ବଢ଼ କାଙ୍କ, ବଢ଼ିକାଙ୍କ—ଅନ୍ୟରୂପ)

ବଡ଼ ବୋଲୁ ବଢ଼ିଆ କାଙ୍କ
ସାନ ବୋଲୁ ଗଲଙ୍କ ଦେଖ—ଢଗ ।

[ ଦ୍ର—ଏମାନେ କୂଳେଚର ବର୍ଗୀୟ ପକ୍ଷୀ; ବେକ ଓ ପେଟ ଧଳା; ପୁଚ୍ଛ ଓ ପିଠି କଳାମିଶା ସବୁଜ; ଥଣ୍ଟ ଦୀର୍ଘ ଓ ସ୍ଥୂଳ; ପକ୍ଷ ଦୀର୍ଘ; ପୁଚ୍ଛ ଖାଟ; ଗୋଡ଼ ଖୁବ୍ ଡେଙ୍ଗା ଓ ରକ୍ତବର୍ଣ୍ଣ; ପାଦ ଲିପ୍ତ (ଜାଲୁଆ); ପଡ଼ିଆରେ ବା ବିଲର ପାଣିରେ ଏମାନେ ଦଳ ଦଳ ବସନ୍ତି ଓ ଚରନ୍ତି । ]

ବଢ଼ି ଖଇଞ୍ଚି—ପ୍ରାଦେ (ଯାଜପୁର) ବି—ବଢ଼ି ଶୁଖାଇବା ଚଟେଇ ବା
Bardi khainchi ମସିଣା—A mat for laying and sunning Bardi.

ବଢ଼ି ପୋଲୁଅ—ଦେ. ବି—ବରିପୋଲୁଅ (ଦେଖ)
Bardi polua — Baripolua (See).
[ବଢ଼ିଫୁଲ, ବଢ଼ିପୋଲ—ଅନ୍ୟରୂପ]

ବଢ଼ିଫୁଲ—ପ୍ରାଦେ (ଗଞ୍ଜାମ) ବି—ବରିପୋଲୁଅ (ଦେଖ)
Bardiphula — Baripolua (See).

ବଢ଼ିଫୁଲା—ଦେ. ବି—(ସଂ. ବଟକ+ସଂ. ସ୍ଫାୟ ଧାତୁ)—ବଢ଼ିକୁ ରାନ୍ଧି
Bardi phulā ମସଲାପାଣିରେ ସିଝାଇଲେ ତାହା ଫୁଲିଯାଇ ଯେଉଁ
বড়িছেঁচকী ବ୍ୟଞ୍ଜନ ହୁଏ—Curry made of preserved
**वडिका तिमन** and dried pills of corn-paste boiled in spiced water and become bloated.

ବଢ଼(ଢ଼ି)ମା—ଦେ. ବି (ସଂ. ବରିମନ୍ ଶବ୍ଦରୁ ବରିମା)—୧ । ବଡ଼ପଣ;
Bardi(rdhi)mā ଗରିମା—1. Greatness; excellence.
ବଢ଼ିମାପଣ } ଅନ୍ୟରୂପ ୨ । ଗର୍ବ—2. Pride.
ବଢ଼ିମାପଣ } ୩ । ଆତ୍ମଗର୍ବ—3. Arrogance.
বড়াই; বড়িমা ୪ । ଆତ୍ମ ପ୍ରଶଂସା; ଦେମାକ—4. Self-praise.
**बडाइ** କେହୁ କହୁଅଛୁ ନିଜ ବଂଶର ବଢ଼ିମା—ରଘୁନାଥ ମହାପାତ୍ର ।

ବଢ଼(ଳି)ଶ—ସଂ. ବି—ବଢ଼ିଶୀ (ଦେଖ)
Bardi(li)sa — Bardiśi (See)

ବଢ଼ିଶ ଲାଠି—ଦେ. ବି—ବନଶୀ ଖଡ଼ା—
Bardiśa lāṭhi — Angling rod.
ছীপ ବଗୋଇଙ୍କର ମନମୀନକୁ ଏ ବଚନ ମିଶ୍ର ବଢ଼ିଶଲାଠି ଲାଗୁ ରେ ।
**वनसीकाड्टा; छीप** କବିସୂର୍ଯ୍ୟ ସଙ୍ଗୀତ ।

ବଢ଼ିଶୀ—ସଂ. ବି—ବନଶୀ; ମାଛ ଧରିବା ପାଇଁ ଥୋପ ଲାଗିଥିବା
Bardiśi କଣ୍ଟାଯୁକ୍ତ ଡୋର ଓ ଦଣ୍ଡ—
বড়শী **बनसी** Angling rod and line.

ବଡ଼ୁ—ଦେ. ବି (ସଂ. ବଟୁ=ବ୍ରହ୍ମଚାରୀ)—୧ । ବ୍ରତ ବା ଉପନୟନ ସଂସ୍କାର—
Bardu 1. The ceremony of the investiture of
পইতে **जनेउ** the sacred thread.
বড়ু ୨ । ଭୁବନେଶ୍ୱର ଲିଙ୍ଗରାଜ ମହାପ୍ରଭୁଙ୍କର ମାଳଜାତୀୟ
**बडु** ଶୂଦ୍ରସେବକ—2. A class of Śūdra temple-servants at Bhubaneswar.
୩ । ପରିଚାରକ; ଚାକର—3. Servant.
(ଯଥା—ଜଗନ୍ନାଥ ମହାପ୍ରଭୁଙ୍କର 'ବିମାନବଡ଼ୁ' ।)
ପ୍ରାଦେ (ଗଡ଼ଜାତ) ବି—ବାପର ବଡ଼ ଭାଇ; ଜେଜେବାପା—
Father's elder brother.

ବଡ଼ୁ(ଢ଼ୁ)ଆ—ଦେ. ବି—ବଢ଼ା; ଓସାରିଆମୁହାଁ ଛୋଟ ହାଣ୍ଡି—
Bardu(rdhu)ā Small wide-mouthed earthen pot.
কুঁড়ী, গুড়ীহাড়ী **टाडी**

ବଡ଼ୁ ଘର—ଦେ. ବି—ବ୍ରତ ଉତ୍ସବ; ଉପନୟନ—
Bardu ghara The festival of investiture of sacred thread.
পৈতেঘর **जनेउकाउत्सव** (ଭୁଲ—ବଡ଼ୁଘର)

ବଡ଼ୁ ଭିକ୍ଷା—ଦେ. ବି. (ସଂ. ବଟୁ ଓ ଭିକ୍ଷା)—ଉପନୟନ ସମୟରେ
Bardu bhikshā ଦ୍ୱିଜ ବାଳକର ବ୍ରହ୍ମଚାରୀ ବେଶରେ 'ଭବତ୍
পইতারভিক্ষা ଭିକ୍ଷାଂ ଦେହି' ବୋଲି କହି ଭିକ୍ଷାପାତ୍ରହସ୍ତରେ
**वटुआकीभिक्षा** ଆତ୍ମୀୟ ବ୍ୟକ୍ତିମାନଙ୍କ ନିକଟରେ ମାଗିବା ଭିକ୍ଷା; ବ୍ରତଭିକ୍ଷା—The ceremony of begging done by a Brāhmaṇa boy during the investiture of sacred thread.

ବଡ଼ୁ ମ(ମା)ହାପାତ୍ର—ପ୍ରାଦେ (ପୁରୀ) ବି—ପୁରୀ ଜଗନ୍ନାଥଙ୍କର ବ୍ରାହ୍ମଣ
Bardu ma(mā)hāpātra ସେବକ, ଯେ ମଧ୍ୟ ପୁରୀ ରାଜାଙ୍କର ବଡ଼ୁସେବା କରନ୍ତି—The Brāhmaṇa servants of the Jagannath temple who also do Bardusebā with the Raja of Puri.

**ବଡ଼ୁସେବା**—ପ୍ରାଦେ (ପୁରୀ) ବ—୧ । ଜଗନ୍ନାଥଙ୍କଠାରେ ଲାଗି ହୋଇଥିବା
Bardusebā ଫୁଲ ଆଣି ପୁରୀ ରଜାଙ୍କୁ ଦେବା ଓ ମୁହଁ ଧୋଇବା-
ବେଳେ ଓ ବଡ଼ଶିଂଘାରବେଳେ ଗଡ଼ୁରେ ଜଗନ୍ନାଥଙ୍କ ପାଣି
ଯୋଗାଇବା ସେବା—1. Service performed by a Brāhmaṇa Sebak before Lord Jagannath and with the Rājā of Puri.

୨ । ଶୁଦ୍ର ସେବକଙ୍କର ଭୁବନେଶ୍ୱରର ଲିଙ୍ଗରାଜ ମହାପ୍ରଭୁଙ୍କୁ ପାଣି, ଫୁଲ ଓ ବେଲପତ୍ର ଲାଗି କରିବା ଓ ବେଶ କରିବା ସେବା—2. Service of offering water, flowers and bel-leaves performed by the Śūdra Sebaks at Bhubaneśwar.

**ବଡ଼େ**—ଦେ. ବଣ ଓ କି. ବଣ. ( ପ୍ରାଚୀନ ସାହିତ୍ୟ )—
Barde ବଡ଼; ଭାରି; ଅତି; ଅତ୍ୟନ୍ତ—
ବେଡ଼େ ବଡ଼େ Very much; excessive.
ବଡ଼େ ସେ ସବକୁ ବହି, ବୋଲଇ ସବଣ ସେହି ।
ଭକ୍ତ· ବୈଦେହୀଶବିଳାସ ।

**ବଡ଼େ ଡିବାଲ(ପାଖା)**—ପ୍ରାଦେ. (ସମ୍ବଲପୁର) ବ. (ଭୁଲ. ହି. ବଡ଼େ
Barde dibāla (pākhā) ପକ୍ଷା)—ଖୁଲ ଘରର ହାତଅଳ—
Gable.

**ବଡ଼େ ପୁରୁ**—ପ୍ରାଦେ· (ସମ୍ବଲପୁର) ଅ—ବଡ଼ ଭୋରରୁ—
Barde puru Very early in the morning.

**ବଡ୍ଡ**—ଦେ. ବଣ. (ସ. ବଡ୍ର; ତେ. ପେଡ୍ଡା) —
Badda ୧ । ବୃହତ୍; ବଡ଼—1. Big; large.
ବଡଡ ୨ । ବିପୁଳ—2. Extensive; gigantic.
ବଡ଼ା ୩ । ଅତ୍ୟନ୍ତ ବଡ଼—3. Very large.

**ବଢ଼ଇ**—ପ୍ରାଦେ. (ବସ୍ତର) ବ. (ଭୁଲ. ହି. ବଢ଼ଇ)—ବଢ଼େଇ—
Bardhai Carpenter.

**ବଢ଼ଣୀ**—ପ୍ରାଦେ. (ସମ୍ବଲପୁର) ବ. (ସ. ବର୍ଦ୍ଧନୀ; ଭୁଲ. ହି. ବଢ଼ନୀ)—
Bardhaṇi ଝାଡ଼ୁ; ଓଷ୍ଟୁଣି—Broomstick; sweeping brush.

**ବଢ଼ଣେଇବା**—ପ୍ରାଦେ. (ସମ୍ବଲପୁର) (ଭୁଲ. ହି. ବାଢ଼ନା)—
Bardhaṇeibā ଝାଡ଼ୁ ଦେବା; ଓଷ୍ଟୁଣୀରେ ଓଳାଇବା—
To sweep with a sweeping brush or broomstick.

**ବଢ଼ତି**—ଦେ. ବ—ବଡ଼ତି ( ଦେଖ )
Bardhati Bardati ( See )
ପ୍ରାଦେ. ( ଗଡ଼ଜାତ ) ବ—ମଙ୍ଗଳ; ସୁଖ—Good luck; happiness.

**ବଢ଼ଲ୍**—ପ୍ରାଦେ. ( ସମ୍ବଲପୁର ) ବ – ୧ । ପଣସ – 1. Jackfruit.
Bardhal ୨ । ଆତ—2. Custard apple.

**ବଢ଼ା**—ଦେ. ବ. (ସ. ବୃଧ୍ ଧାତୁ ; ବର୍ଦ୍ଧନ; ବୃଦ୍ଧି)—
Bardhā ୧ । ଅଧିକ୍ୟ; ବୃଦ୍ଧି—1. Increase; increment.
ବାଢ଼ା, ବାଡା ବଢ଼ନା
ବାଡା ୨ । ଅନ୍ନ ବ୍ୟଞ୍ଜନାଦି ଖାଦ୍ୟ ପାତ୍ରରେ ପରିବେଷଣ କରିବା—
ପରୋସନା 2. Serving of food.
ବାଢ଼ାନ ୩ । ବୃଦ୍ଧି କରିବା—3. Act of increasing.
ବଢ଼ାନା ୪ । ଭାଗବତାଦି ଗ୍ରନ୍ଥ ପ୍ରଭୃତିର ପାରାୟଣ ବା ପାଠର ସମାପ୍ତି କ୍ରିୟା—4. The act of finishing the recital of a scripture.
ବେସାଲି ୫ । (ସ. ବର୍ଦ୍ଧମାନ—ହାଣ୍ଡି) ମାଟିର ଛୋଟ ହାଣ୍ଡି (ଏଥିର ମୁହଁ
ଟାଡୀ ଘଡ଼ିର ମୁହଁ ଅପେକ୍ଷା ବଡ଼)—5. A small wide
ବଡାର ঘা, ফুনর mouthed earthen pot.
ବଡାଇ, ବାଢ଼ା ୬ । ମୁଣ୍ଡରେ ହେବା ଘାଅ ରୋଗ; ବଡ଼ା—
ବଢ଼ତୀ 6. Boils on the skull.
ବାଡା ଦେ. ବଣ—୧ । ଅଧିକା; ଅତିରିକ୍ତ—1. Extra.
ପରୋସା ହୁଆ ୨ । ଖାଦ୍ୟ ପାତ୍ରରେ ଯାହା ପରିବେଷଣ କରାଯାଇ ଥାଏ—2. (food) Served up on the plate.
ପ୍ରାଦେ. (ବାଲେଶ୍ୱର) ବ—ଘୁଡ଼ିରେ ଅଧିକା ସୂତା—
Extra thread in a playing kite.
ପ୍ରାଦେ· (ବାଲେଶ୍ୱର) ବଣ—୧ । ଅଧିକା ସୂତା ଯେଉଁ ଉଡ଼ୁଥିବା (ଗୁଡ଼ି)—1. ( a playing kite ) Flying with excess thread.
୨ । ଅପର ଗୁଡ଼ିଠାରୁ ଆଗକୁ ଅଗେଇ ରହିଥିବା—
2. Flying ahead (said of a kite) of another.
[ ଦ୍ର—ଉଡ଼ୁଥିବା ଘୁଡ଼ି ସମ୍ବନ୍ଧରେ ପ୍ରଯୁଜ୍ୟ । ]
ପ୍ରାଦେ. (ବାଲେଶ୍ୱର) କ୍ରି—ଆଗକୁ ବଢ଼େଇ ରଖିବା—
Extending.

**ବଢ଼ା(ଢ଼େ)ଇ**—ଦେ. ବ – ୧ । ବଡ଼ାଇ ( ଦେଖ )
Bardhā(rdhe)i 1. Bardāi ( See )
ছুতার, বাডই, বাড়ুই ୨ । ( ସଂ. ବର୍ଦ୍ଧକି; ପ୍ରା. ବଡ୍ଢଇ ) – କାଠ
ବଢ଼ଈ କାଟିବା କାରିଗର; ସୂତ୍ରଧର—2. Carpenter.
ମା. ବଢ଼ାଇ ବଢ଼ାଇଙ୍କୁ ଡକାଅ ବୋଲି ଆଜ୍ଞା ଦେଲେ । ବୃନ୍ଦାବତ. ମହାଭାରତ, ସଭା
(ବଢ଼ାଇଣୀ, ବଢ଼ଇଣୀ, ବଢ଼ୌଣୀ – ସ୍ତ୍ରୀ)

**ବଢ଼ା(ଢ଼େ)ଇ ଦେବା**—ଦେ. କ୍ରି—୧ । ବଢ଼ାଇବା ( ଦେଖ )
Bardhā(rdhe)i debā 1. Bardhāibā ( See )
বাড়িয়ে দেওয়া ୨ । କର ପ୍ରସାରିତ କରି କୌଣସି ପଦାର୍ଥକୁ ଅନ୍ୟ
ବଢ଼ା ଦେନା ବ୍ୟକ୍ତିର ହାତରେ ଅର୍ପଣ କରିବା—
2 To hand over a thing.
ପାଣି ବଢ଼ାଇ ଦେଇ ଶତ୍ରୁଙ୍କୁ ମନେ ବଳାଇଲ ପାର୍ଥ ।
ବଳଦୁର୍ଗ. ସଙ୍ଗୀତ ।

**ବଢ଼ା(ଢ଼େ)ଇବା**—ଦେ. କ୍ରି. (ସ. ବର୍ଦ୍ଧନ; ପ୍ରା. ବଡ୍ଢଣ)—
Bardhā(rdhe)ibā ୧ । ବଢ଼ିବା କ୍ରିୟାର ଣିଜନ୍ତ ରୂପ—
বাড়ান 1. Causative of Bardhibā.
ବଢ଼ାନା ୨ । ବାଢ଼ିବା କ୍ରିୟାର ଣିଜନ୍ତ ରୂପ—
বাড়ান 2. Causative of Bārdhibā.
ପରୋସନା ୩ । (କର ଆଦି) ପ୍ରସାରିତ କରିବା—
3. To extend or outstretch.
ତାଙ୍କ ମସ୍ତକକୁ ସେ କର ବଢ଼ାଇଲେ । କବିସୂର୍ଯ୍ୟ. କଳୋପକଣ୍ଠ ଗୀତ ।
୪ । ପୂରଣ କରିବା—4. To finish; to fulfil

ଅଳଠାବ୍ଭ ଭ୍ରମ୍ଭର ଅଶ୍ରମରେ ଥିବ
ଭ୍ରମ୍ଭର ମନୋରଥ ସମସ୍ତ ବଢ଼ାଇବ । କୃଷ୍ଣସିଂହ, ମହାଭାରତ, ବନ ।

୫ । ପ୍ରାଣକୁ ନାଶ କରିବା; ମାରିବା—5. To destroy life; to kill.

ବୋଇଲ ବ୍ରାହ୍ମଣ ତୁ ହେଲୁ ନଷ୍ଟେ ଖାଇ
ତୋ ସେନ ସବୁ ଦ୍ୱିଜେ ଦେବ ମ୍ୟ ବଢ଼ାଇ । କୃଷ୍ଣସିଂହ, ମହାଭାରତ, ବନ ।

୬ । ଶିଶୁ ଅବଦଙ୍କୁ ବାଲ୍ୟ କାଳରୁ ଲାଳନ ପାଳନ କରିବା—
বাড়ান
बढाना
6. To bring up or foster a child.

ଏ ଲଇଡ ବସ୍ତ ବଢ଼ାଇଲ ଯେଣୁ ନିଜ ସ୍ତନ ଦେଇ କ୍ଷୀର ।
ଜଗନ୍ନାଥ, ଯଶୋଦା ।

୭ । ହସ୍ତ ଦ୍ୱାରା କୌଣସି ବସ୍ତୁକୁ ଅନ୍ୟ ବ୍ୟକ୍ତିଠାରେ ଅର୍ପଣ କରିବା—7. To hand over.

ବଢ଼ଅ ବଢ଼ ବଢ଼ାଇଲ ସକାଳୁ । କବିସୂର୍ଯ୍ୟ, ରତ୍ନାକର ଚମ୍ପୂ ।

୮ । (ମନ) ବଳାଇବା—7. To engage or incite one's mind to do a thing; to make one's mind intent upon doing a thing.

ଯାବତ ନାନା କର୍ମ କରେ
ମନ ବଢ଼ାଇ ନିରନ୍ତରେ । ଜଗନ୍ନାଥ, ଭାଗବତ ।

୯ । ( ଲକ୍ଷଣାର୍ଥ ) ସାହାଯ୍ୟ କରିବା—9. (figurative) To help.

ବଗ୍ରର ଭରଷା ବଢ଼ାଅ ଅପରମିତ । କବିସୂର୍ଯ୍ୟ, ସଙ୍ଗୀତ ।

୧୦ । ଆଗକୁ ଧାବିତ କରାଇବା—
10. To cause to run forward.

ପ୍ରାଦେ. (ବାଲେଶ୍ୱର) ବ—ଅଧିକ ସୂତା ଛାଡ଼ି ଗୁଡ଼ିକୁ ବେଶି ବେଶି ଉଚ୍ଚକୁ ଉଠିବାକୁ ଦେବା—To let one's kite fly higher than the other by letting out more string.

**ବଢ଼ାଉଣୀ**—ଦେ. ବ—ବୃଦ୍ଧି କରାଇବା କ୍ରିୟା—
Bar**dh**auni The act of increasing.
বাড়ান **बढ़ाना, बढ़ौना**

**ବଢ଼ା ବଢ଼ି**—ଦେ. ବ—୧ । ପରିବେଷଣ; ଭୋଜନ ପାତ୍ରରେ ଖାଦ୍ୟ ଆଣି ବାଢ଼ିବା ବା ଦେବା—
Bar**dh**a bar**dh**i
বাঢ়াবাঢ়ি, বাড়াবাড়ি 1. The act of serving meals on the plate.
**परसा परसी**

ଠାଅପିଢ଼ା କରି କୃଷ୍ଣଙ୍କୁ ନେଇ ଗଲେ
ଛତ ଅନ୍ନରେ ସବୁ ବଢ଼ାବଢ଼ି କଲେ ।
କୃଷ୍ଣସିଂହ, ମହାଭାରତ, ଉଦ୍ଯୋଗ ।

বাড়াবাড়ি ୨ । ଅତି ବୃଦ୍ଧି—2. Excess.
**बढ़ाबढ़ी** ୩ । ପରସ୍ପରର ଉପରକୁ ଉଠିବା—3. Rising over each other; outbidding.

( ଯଥା—୧ ଟଙ୍କାର ଜିନିସ ନିଲାମ ହେବାରୁ ଲୋକେ ବଢ଼ାବଢ଼ି ହୋଇ ୧୦ ଟଙ୍କା ପର୍ଯ୍ୟନ୍ତ ଡାକିଲେ । )

ଦେ. ବଣ—୧ । ଅତ୍ୟଧିକ—1. Excessive.
**बढ़ाबढ़ि** ୨ । ଅତିରିକ୍ତ ପରିମାଣରେ ବୃଦ୍ଧି ପ୍ରାପ୍ତ —
2. Increased to a great extent; which reaches a climax.

( ଯଥା—ଦୁଇ ଜଣଙ୍କ ମଧ୍ୟରେ କଳି ବଢ଼ିଅ ଅତି ବଢ଼ାବଢ଼ି ହୋଇଗଲା । )

**ବଢ଼ା ଭାତ**—ଦେ. ବ—୧ । ଖାଇବା ପାତ୍ରରେ ବାଢ଼ିଥିବା ଅନ୍ନ—
Bar**dh**a bhāta 1. Boiled rice served up on the plate.
বাড়া ভাত, পোরের ভাত **गुलत्थी** .

୨ । ରୋଗୀଙ୍କୁ ଓ ଶିଶୁମାନଙ୍କୁ ସକାଳୁ ଖୁଆଇବା ନିମନ୍ତେ ଷୋଡ଼ ହାଣ୍ଡିରେ ସୁପକ୍ୱ ହୋଇ ରନ୍ଧା ହୋଇଥିବା ଭାତ—
2. Rice boiled to softness and prepared to feed infants and invalids in the morning.

**ବଢ଼ା ମାସ**—ଦେ. ବ—ମଳ ମାସ—
Bar**dh**ā māsa Intercalary month.

**ବଢ଼ି**—ଦେ. ବ. ( ସଂ ବୃଦ୍ଧି )—
Bar**dh**i ନଦୀ ବୃଦ୍ଧି; ବର୍ଷାଜଳର ଅଧିକ୍ୟ ଯୋଗୁଁ ହେବା ନଦୀର
বান **बाढ़** ବନ୍ୟା-Flood of a river; rising of a river.

କୂଅ ବଢ଼ିବ ପରଡେ ନାହିଁ, ଫେଣରୁ କ୍ଷୀର ଖାଏ ।
ଫକୀରମୋହନ, ଛମାଣଆଠଗୁଣ୍ଠ ।

**ବଢ଼ିଅ(ଆ)ଲ**—ଦେ. ବଣ. ପୁଂ ଓ ସ୍ତ୍ରୀ. ( ସ. ବର୍ଦ୍ଧନଶୀଳ )—
Bar**dh**ia(ā)la ୧ । ଶସ୍ୟଲ—1. Capable of luxuriant growth.
বাড়ন্ত **बढ़ने वाला**
୨ । ଖୁବ ପୁଷ୍ଟ—2. Very luxuriant.
୩ । ବର୍ଦ୍ଧନଶୀଳ; ବର୍ଦ୍ଧିଷ୍ଣୁ—3. Growing; prospering.
୪ । ପୁଷ୍ଟକାୟ ଓ ଡେଙ୍ଗା (ବ୍ୟକ୍ତି)—4. Stout and tall.
ଦେ. ବ—ଆତ—Custard apple.

**ବଢ଼ିଆ**—ଦେ. ବଣ. ( ସ. ବୃଦ୍ଧି ପ୍ରାପ୍ତ; ବର୍ଦ୍ଧିତ )—
Bar**dh**iā ୧ । ଉତ୍କୃଷ୍ଟ—1. Excellent.
বেড়ে ୨ । ଉଚ୍ଚ—2. High; tall.
**बढ़िया** ୩ । ବଡ଼—3. Great.
୪ । ଧନୀ—4. Rich.

ଦେ. ବ—ବଢ଼ଆ ( ଦେଖ )
Bar**d**iā ( See ).

ପ୍ରାଦେ (ଅଳ) ବ—ଶଗଡ଼ିଆ ବଳଦଙ୍କୁ ବା ପୋଢ଼ଙ୍କୁ ବାଟରେ ଖୁଆଇବା ପାଇଁ ବେଶି ପାଳକୁ ଅଳ୍ପ ଆକାରରେ ନେବାପାଇଁ ପାଳରେ ତିଆରି କରାଯାଇଥିବା ମୋଢ଼ା ବା ବେଣୀ—
Twisted straw taken by cartmen for feeding the cart-bullocks on the way.

**ବଢ଼ିଆଁ**—ପ୍ରାଦେ (ସିଂହଭୂମି) ବଣ—ଉତ୍କୃଷ୍ଟ; ଖ.ବ୍ ଭଲ—
Bar**dh**iāñ Excellent.

**ବଢ଼ିଆ ଚାକିରି**—ଦେ. ବ—ଉଚ୍ଚ ଉଦ୍ୟମ ବା ସେବା—
Bar**dh**iā chākiri High post or service.
বড় চাকুরী **बढ़ि नौकरी**

**ବଢ଼ିଆ ବଢ଼ି**—ଦେ. ବଣ—ପରସ୍ପର ପରସ୍ପରର ହାତକୁ କୌଣସି ବସ୍ତୁ
Bar**dh**iā bar**dh**i ବଢ଼ାଇ ଦେବା—Mutually handing over a thing.
বাঢ়াবাঢ়ী **बढ़ाबढ़ी**
( ବଢ଼ିଅ ବଢ଼େଇ—ଅନ୍ୟରୂପ )

**ବଢ଼ିଆ ମାଲ୍**—ଦେ. ବ—(ହିନ୍ଦୀର ଅନୁକୃତ)—୧ । ଉତ୍କୃଷ୍ଟ ବସ୍ତୁ—
Bar**dh**iā māl 1. Any excellent article.
বেড়েমাল **बढ़ियामाल** ୨ । ମୂଲ୍ୟବାନ୍ ଜିନିସ—
2. A valuable thing.

ବଢ଼ି କହିବା—ଦେ. କ୍ରି—ବଢ଼ି ବଢ଼ି କହିବା (ଦେଖ)
Bardhi kahiba Bardhi bardhi kahiba (See).
লম্বালম্বা কথা বলা बढ़बढ़कर बातें बोलना
ତୁମ୍ଭର ଛାମୁରେ ଗୋ—କେତେ ବଢ଼ି କହୁଥିଲ – ପଦ୍ମ, ଶନିଶେଖା ।
( ବଢ଼ି କରି କହିବା, ବଢ଼ି କରି କଥା କହିବା—ଅନ୍ୟରୂପ )

ବଢ଼ି ଜଳ—ଦେ. ବି—(ସଂ. ବୃଦ୍ଧି + ଜଳ)—ନଦୀ ବନ୍ୟାର ପାଣି—
Bardhi jala বন্যাজল, বানেরজল Flood-water.
बाढ़की पानी (ବଢ଼ିପାଣି—ଅନ୍ୟରୂପ)

ବଢ଼ିଣା—ଦେ. ବି. (ସଂ. ବର୍ଦ୍ଧନୀ; ପ୍ରା. ବଡ୍ଢଣୀ)—ଝାଡ଼ୁ; ସମାର୍ଜ୍ଜନୀ;
Bardhina ପଦ୍ଧିଁଶ୍ର—Broomstick.
ঝাড়ন, ঝাড়নী, ঝাড়ন, বিড়া ঝাড়ুন बढ़नी, बुहारी
( ବଢ଼ିଣା ମୁଠା—ଅନ୍ୟରୂପ )

ବଢ଼ିଣା ମାରିବା—ଦେ. କ୍ରି—୧ । ଝାଡ଼ୁ ଦ୍ୱାରା ଓଳାଇବା—
Bardhina mariba 1. To sweep with a broom.
ঝাঁট্‌দেওয়া ୨ । ଝାଡ଼ୁ ଦ୍ୱାରା ପ୍ରହାର କରିବା—
बुहारना 2. To strike with a broomstick.
ঝাঁটামারা बढ़नीमार

ବଢ଼ି ବଢ଼ି କହିବା—ଦେ. କ୍ରି—ଧୃଷ୍ଟତା ସହିତ କଥା କହିବା; ଗର୍ବିତ
Bardhi bardhi kahiba ଭାବରେ କଥା କହିବା—To talk
লম্বালম্বা কথা বলা . बढ़बढ़क बातें बोलना arrogantly.
(ବଢ଼ି ବଢ଼ି କରି କହିବା, ବଢ଼ି ବଢ଼ି କଥା କହିବା—ଅନ୍ୟରୂପ)

ବଢ଼ି ବରଷା—ଦେ. ବି—(ସହଚର ଶବ୍ଦ) (ସଂ. ବୃଦ୍ଧି + ବର୍ଷା)—ଏକ
Bardhi barasha ସମୟରେ ନଦୀବନ୍ୟା ଓ ବୃଷ୍ଟି—Flood and
বন্যাবৃষ্টি बाढ़बरखा rain at the same time.
(ବଢ଼ିବର୍ଷା, ବଢ଼ି ବଦଳ—ଅନ୍ୟରୂପ)

ବଢ଼ିବା—ଦେ. କ୍ରି—(ସଂ. ବୃଦ୍ଧି; ସଂ. ବୃଧ୍ ଧାତୁ)—୧ । ବୃଦ୍ଧି ପାଇବା-
Bardhiba 1. To increase; to grow up.
বাড়া, বাঢ়া ୨ । ଶିଶୁକାଳରୁ ଲାଳିତ ପାଳିତ ହେବା—
बढ़ना, बढ़ना 2. To be reared or brought up.
(ବଢ଼ା[ହେ]ଇବା—ପ୍ରଯୋଜକ ରୂପ)
ବଢ଼ିଲୁଁ ପୁତ୍ର ଭାବରେ, ନୃପ ଭାବରେ ଯେ—ଉଦ୍ଧ. ବୈଦେହୀଶବିଳାସ ।
୩ । ବୟଃପ୍ରାପ୍ତ ହେବା; ସାବାଳଗ ହେବା—
3. To attain age; to become major.
ତୁମ୍ଭ ବାହୁ ଛାୟା ତଳେ ବଢ଼ୁ ଏ କୁମର । ରାଧାନାଥ—ମହାଯାତ୍ରା ।
୪ । ସୁଖ ସ୍ୱଚ୍ଛନ୍ଦରେ ଜୀବନ ଧାରଣକରିବା—
4. To live; to thrive.
ତାଙ୍କ ବଣରେ ବଢ଼ିଲେ ରଜାଙ୍କର । ଭଣ ।
୫ । ( ବାଳିକା ) ପ୍ରଥମେ ରଜସ୍ୱଳା ହେବା; ସ୍ନାନ ପାଇବା;
ବାଳିକାର ପ୍ରଥମ 'ରଜୋଦର୍ଶନ' ଘଟିବା—5. To attain
puberty (said of a girl).
କଞ୍ଜନୟନାର ବଢ଼ିବାର ଦେଖି ଘଣା ।
ପୀତାମ୍ବର—ଉପ. କଞ୍ଜନୟନା ।
୬ । (କାର୍ଯ୍ୟ) ସମାପ୍ତ ହେବା—6. To be accomplished
or completed (said of a work).
ଯଜ୍ଞ ବଢ଼ିଲ ଶୁଣି, ଅବନୀଶ ବଢ଼ାଇବାର ହୋଇଲ ଜାଗର ।
ବିଶ୍ୱନାଥ. ଚଉତିସମାପ୍ତ ।

୭ । ଐଶ୍ୱର୍ଯ୍ୟାନ୍ୱିତ ହେବା; ଉତ୍ତରୋତ୍ତର ଐଶ୍ୱର୍ଯ୍ୟ ବୃଦ୍ଧିପାଇବା—
7. To thrive; to prosper; to grow in
prosperity.
ପୁତ୍ର ଭାର୍ଯ୍ୟା ଧନ କୁଳରେ ସେ ବଢ଼ଇ । କୃଷ୍ଣସିଂହ, ମହାଭାରତ ବନ ।
୮ । (ନଦୀ) ବନ୍ୟାଯୁକ୍ତ ହେବା—
8. To inundate; to be flooded (said of a river).
ଭୁବନେ ଭରିଣ୍ଡା ସରିତ ବଢ଼ିଲ ତଷ୍ଟ ଦ୍ରୁମ ଗଣ ଭସି । କବିସୂର୍ଯ୍ୟ. ସଙ୍ଗୀତ ।
୯ । (ଖୁଦବାଚକ) ନିଃଶେଷ ହେବା—9. To be exhausted.
[ ଦ୍ର—ଏହି ନବମ ଅର୍ଥରେ ବଙ୍ଗଳାରେ 'ଘରେ ଚାଲ୍ ବାଡ଼ନ୍ତ
ହୟେଛେ=ଘରୁ ଚାଉଳ ସରି ଯାଇଛି; ବ୍ୟବହୃତ ହୁଏ । ]

ବଢ଼ିଲା କନ୍ୟା—ଦେ. ବି—ବୟଃପ୍ରାପ୍ତା ବା ରଜସ୍ୱଳା ହୋଇଥିବା
Bardhila kanya କନ୍ୟା; ଦୃଷ୍ଟରଜସ୍କା କନ୍ୟା—A girl who
বড় কন্যা बढ़ि कनया has attained puberty.
(ବଢ଼ିବା କନ୍ୟା, ବଢ଼ିଲା ଝିଅ—ଅନ୍ୟରୂପ)

ବଢ଼ୁଆ—ଦେ ବି—ବଡ଼ୁଆ (ଦେଖ)
Bardhua Bardua (See).

ବଢ଼େ(ଢେଁ)—ଦେ. କ୍ରି. ବିଣ—୧ । ବଡ଼ଯାଏଁ; ବିଶେଷରୂପେ—
Bardhe(rdhen) 1. With a great force.
বড্ডেজোরে ୨ । ବୃହତ୍ତରରୂପେ; ଅଧିକତରରୂପେ—
बड़ा, बड़े ज़ोरसे 2. More.
୩ । ଅତ୍ୟନ୍ତ—3. Very much.
୪ । ଅଧିକ ଭାବରେ—4. Greatly; largely.

ବଢ଼େ କନ୍ୟା—ପ୍ରଦେ (ବସ୍ତର) ବି—ଦୃଷ୍ଟରଜସ୍କା କନ୍ୟା—
Bardhe kanya A matured girl.

ବଢ଼େଲ୍—ପ୍ରାଦେ (ସମ୍ବଲପୁର) ବି—୧ । ଜେଉଟ (ଦେଖ)
Bardhel 1. Jeuta (See).
୨ । ଆତ—2 Custard apple.

ବଣ—ଦେ. ବି—(ସଂ. ବନ; ପ୍ରା. ବଣ)—୧ । ବନ; ଅରଣ୍ୟ—
Bana বন बन 1. Forest.
ତାହାଙ୍କ ତଳ୍ପ କାହିଁ ଏଣେ
ସେ ଧା ଇ ମନ୍ତ୍ର ଉଦଣେ । ଜଗନ୍ନାଥ—ଭାଗବତ ।
୨ । ଜଙ୍ଗଲ; ନିବିଡ଼ ଅରଣ୍ୟ—2. Jungle; dense forest.
୩ । ଏକଜାତୀୟ ଅନେକ ବୃକ୍ଷର ସମଷ୍ଟି—
3. Plantation of trees of the same species.
୪ । ( ଲକ୍ଷଣାର୍ଥ ) ସମୂହ—4. (figurative) Multitude.
କ୍ଷତ୍ରିୟ ଧର୍ମ କରି ମରୁଅଛ ରଣେ
ବୋଲୁଛ ନ ପଡ଼ିବ ତୁମ୍ଭେ ବୃଥା ବଣେ—କୃଷ୍ଣସିଂହ, ମହାଭାରତ ଦ୍ରୋଣ ।
୫ । ( ଅନ୍ୟ ଶବ୍ଦ ପରେ ବ୍ୟବହୃତ; ଗୁହବଣ; ସାପବଣ ) ଯେଉଁ
ସ୍ଥାନରେ ଅମୁକ ଦ୍ରବ୍ୟ ବହୁଳ ଥାଏ—5. A place
abounding in a particular thing or things.
ଦେ. ବଣ—(ଲକ୍ଷଣାର୍ଥ) ଅବୋଧ୍ୟ—Unintelligible.
ଦେବତା ଋଷିଙ୍କର ବୁଦ୍ଧି କାରଣ
ଏ ସକାଶୁଁ ସବୁଙ୍କ ଅଟେ ମୁହିଁ ବଣ । କୃଷ୍ଣସିଂହ. ମହାଭାରତ ଶାନ୍ତି ।

ବଣ ଅଦା—ଦେ. ବି—( ସଂ. ବନାଦ୍ରକା; ବନାର୍ଦ୍ରକ )—A kind of
Bana ada বনআদা बनैया आदरक wild ginger.

ବଣ ଆଖୁ—ଦେ. ବି—( ସଂ. ବନେକ୍ଷୁ )—ବନ୍ୟ ଇକ୍ଷୁ—A kind of
Bana ākhu ବুনের আখ wild sugarcane.
ସଂ. ବେଣୁ କମ୍ବଳ बनैया उख

ବଣ ଆଳୁ—ଦେ. ବି—କରବା—Wild yam; Dioscora
Bana ālu बनपिण्डालु; বুনোআলু Pentaphylla.
ସଂ. ବାସ୍ତୁପାକନ୍ଦ, ବନବାସୀ, ଶୂକରସ୍ତ, ବ୍ୟାଧିହନ୍ତା बनैयाअरुआ

ବଣ ଏଣ୍ଡା—ପ୍ରାଦେ (ଗଞ୍ଜାମ) ବି—ବହୁରୂପୀ ଏଣ୍ଡୁଅ—
Bana endā Chameleon.

ବଣ ଓଲ—ଦେ. ବି—ବିନା କୃଷିରେ ବଣରେ ଜାତ ହେବା ଓଲୁଅ—
Bana ola Wild arum; wild Amorphophallus
বুনো ওল बनैया ओल Campanulatus.
ସଂ. ବନ୍ୟଶୂରଣ; ଅର୍ଶଘ୍ନ (ବଣ ଓଲୁଅ—ଅନ୍ୟରୂପ)
[ ଦ୍ର—ଏ ଓଲୁଅକୁ ଯେତେ ସିଦ୍ଧ କରି ଖାଇଲେ ମଧ୍ୟ ଜିଭ ଓ ଗଳା ଖୁର୍ଣ୍ଣ କରେ । ]

ବଣକ—ପ୍ରାଦେ (ସମ୍ବଲପୁର (ବି—ବନ୍ୟ ଫଳବିଶେଷ—
Banaka A kind of wild fruit.

ବଣ କଦମ୍ବ—ଦେ. ବି. (ସଂ. ଭୂମି କଦମ୍ବ)—ଭୂକଦମ୍ବ ବୃକ୍ଷ—
Bana kadamba A kind of tree.

ବଣ କଦଳୀ—ଦେ. ବି. ( ସଂ. ବନ୍ୟ ଓ କଦଳୀ )—
Bana kadali ୧ । ଏକ ପ୍ରକାର ଧାନ—
ସଂ. କାଷ୍ଠ କଦଳୀ, ବନ କଦଳୀ, 1. A variety of paddy.
ଫଳାଢ୍ୟା ୨ । ବଣରେ ହେବା କଦଳୀ ବୃକ୍ଷ—
বন কদলী, বন কেলা 2. A species of wild
बनैया केला plantain.
[ ଦ୍ର—ଏହାର ଫଳ କାଠିଆ କଦଳୀ ପରି; ପାଚିଲେ ଏହାକୁ ଖାଆନ୍ତି । ଫଳ ଭିତରେ କପା ମଞ୍ଜି ପରି ଏକ ଗୁଚ୍ଛ ମଞ୍ଜି ଥାଏ । ]

ବଣ କପା—ଦେ. ବି. (ସଂ. ବନ କାର୍ପାସୀ)—
Bana kapā ବଣରେ ଜାତ ହେବା କପା ଜାତୀୟ ଗୁଳ୍ମ—
ସଂ. ଭଦ୍ରପର୍ଣ୍ଣୀ, ଯଜ୍ଞବଲ୍ଲୀ, Thespisia Lampas.
ଭାରଦ୍ୱାଜୀ, ଅରଣ୍ୟ କାର୍ପାସୀ [ ଦ୍ର—ଏହା ବଙ୍ଗ, ପଶ୍ଚିମ ଭାରତ
বন কাপাস ଓ ହିମାଳୟରେ ଜନ୍ମେ । ଏହା ବ୍ରଣ,
पुला, बारेगा, बन हहिया ଶୂକ ଘାତ, ରକ୍ତ ରୋଗ ଓ ବାତ
(ବଣ କପାସିଆ—ଅନ୍ୟରୂପ) ରୋଗରେ ଉପକାରୀ । ]

ବଣ କର—ଦେ. ବି. (ସଂ. ବନ+କର)—ବନ କର (ଦେଖ)
Bana kara Bana kara ( See )

ବଣ କଲରା—ଦେ. ବି. ( ସଂ. ବନ କଣ୍ଟକ )—
Bana kalarā ଫୁଟି ଫୁଟିକା ( ଦେଖ )
বন উচ্ছে बन करेला Phuti phutikā ( See )

ବଣ କାନ୍ଦୁଲ—ପ୍ରାଦେ. ( ଗଡ଼ଜାତ, ଖୋର୍ଧା ) ବି—
Bana kāndula ଏକ ପ୍ରକାର ହରଡ଼ ଜାତୀୟ ବନ୍ୟ ଗୁଳ୍ମ—
A kind of wild lentil.

ବଣ କୁକୁଡ଼ା—ଦେ. ବି. (ସଂ. ବନ୍ୟ କୁକ୍କୁଟ)—ବଣରେ ଥିବା
Bana kukurdā କୁକ୍କୁଟ—Wild cock; the red jungle
(ବଣମୁରଗୀ—ଅନ୍ୟନାମ) fowl; Gallus; Kaly, Gennaeous
বন্য মোরগ Albicristatus.
बनमुरगा [ ଦ୍ର—ଏହାର ମାଂସ ଲଘୁ, ରୋଚକ, ବାତପିତ୍ତ ନାଶକ, ବଳବୀର୍ଯ୍ୟ ବର୍ଦ୍ଧକ ଏବଂ କଫକାରକ—ଦ୍ରବ୍ୟଗୁଣ କଳ୍ପଦ୍ରୁମ । ]

ବଣ କୁଜି ସାରୁ—ଦେ. ବି. (ସଂ. ଅରଣ୍ୟ କଚ୍ଚୁ)—ଅରଣ୍ୟ କଚୁ—
Bana kuji sāru Wild Colocacia Antiquorum.
বুনো কচু [ ଦ୍ର—ଏହାର ଶୁଷ୍କପତ୍ରର ଚୂର୍ଣ୍ଣ ପୁରାତନ କଦର୍ଯ୍ୟ
बनैला अरुआ ବ୍ରଣରେ ପ୍ରକ୍ଷେପ କଲେ ବ୍ରଣ ଶୁଷ୍କ ହୁଏ—ଦ୍ରବ୍ୟଗୁଣ କଳ୍ପଦ୍ରୁମ । ]

ବଣ କୁନ୍ଦୁରୁ—ଦେ ବି. (ସଂ. ବିମ୍ବ)—କଇଁଚିକାକୁଡ଼ି—
Bana kunduri Cephalandra Indica.
তেলাকুচা कुन्दुरि

ବଣ କୋଦୁଆ—ଦେ. ବି. (ସଂ. ବନ କୋଦ୍ରବ)—ବିନା କୃଷିରେ ଉତ୍ପନ୍ନ
Bana koduā କ୍ଷୁଦ୍ର ଶସ୍ୟବିଶେଷ—Paspalum
ଅନ୍ୟ ନାମ—ଉଦ୍ଦାଳ Scrobiculatum; Punctured
বন কোদোধান Paspalum.
कोदों [ ଦ୍ର—ବୈଦ୍ୟକମତରେ ଏହା ଉଷ୍ଣବୀର୍ଯ୍ୟ,
ମ. ହରିକ ଗ୍ରାହୀ ଓ ଅତ୍ୟନ୍ତ ବାତଜନକ—ଦ୍ରବ୍ୟଗୁଣ । ]
ଗୁ. କୋଦରେ; ତେ. ଅଲୁବାଲୁ; ଆ. କୋଦ୍ରୁ

ବଣ କୋଲଥ—ଦେ. ବି. (ସଂ. ବନ୍ୟ+କୁଳତ୍ଥ)—
Bana kolatha ଏକପ୍ରକାର ବନ୍ୟ ଲତା ଓ ଶସ୍ୟ—
ସଂ. ଅରଣ୍ୟ କୁଳତ୍ଥିକା, A kind of wild lentil.
ବନ୍ୟକୁଳତ୍ଥିକା
বুনো কুলথী [ ଦ୍ର—ଏହାର ମୂଳ ଘୋରି ଚକ୍ଷୁରେ
बन कुरथि ଲଗାଇଲେ ଚକ୍ଷୁର କଣ୍ଡୁ, ରକ୍ତିମା ଓ ପଟଳ
(ବଣ କୋଲଥିଆ—ଅନ୍ୟରୂପ) ରୋଗ ବିନଷ୍ଟ ହୁଏ—ଦ୍ରବ୍ୟଗୁଣ କଳ୍ପଦ୍ରୁମ । ]

ବଣ ଗଳି—ପ୍ରାଦେ. (ବାଲେଶ୍ୱର) ବି—ଏକଜାତୀୟ କ୍ଷୁଦ୍ର ପକ୍ଷୀ—
Bana gali A species of small bird.

ବଣ ଗହମ—ଦେ. ବି. (ସଂ. ଗବେଧୁକା)—ଗରଗଡ଼ା (ଦେଖ)
Bana gahama Garagardā (See)
বুনোগম [ ଦ୍ର—ଏହା କଫ, ବାତ, ହୃଦ୍‌ରୋଗ ଓ ମୂତ୍ରକୃଚ୍ଛ୍ର ହରଣ କରେ—ଦ୍ରବ୍ୟଗୁଣ କଳ୍ପଦ୍ରୁମ । ]

ବଣ ଗୁଆ—ଦେ. ବି—ଏକପ୍ରକାର ବନ୍ୟଗୁଳ୍ମ ଓ ତାହାର ଫଳ—
Bana guā A kind of wild plant and its fruit.
বুনোসুপারী [ ଦ୍ର—ଏହା କଷାୟ ରସ, ଅରୋଚକ, କଫକାରକ,
बनैला सुपारी ବାତନାଶକ, ବିରେଚକ ଓ ବଳବର୍ଦ୍ଧକ—ଦ୍ରବ୍ୟଗୁଣ କଳ୍ପଦ୍ରୁମ । ]

ବଣ ଚଟିଆ—ଦେ. ବି. (ସଂ. ବନ୍ୟ ଚଟକ)—ବାୟା ଚଢ଼େଇ (ଦେଖ)
Bana chatiā Bāyā chardhei (See)
বুনোচড়ই; বাবুই [ ଦ୍ର—ଜଙ୍ଗଲରେ ବସା କରି ରହିବା ପକ୍ଷୀକୁ
बनैला चटक ଘରଚଟିଆ ବୋଲାଯାଏ । ]

ବଣ ଚମ୍ପା—ଦେ. ବି—ଏକଜାତୀୟ ବନ୍ୟ ପୁଷ୍ପବୃକ୍ଷ—
Bana champā A kind of wild flowering shrub.

বনচাঁপা [ ଦ୍ର—ଏହାର ମୂଳର କ୍ୱାଥ ଶୀତଳ, ବୀର୍ଯ୍ୟବର୍ଦ୍ଧକ,
**बनचम्पा** ବଲକାରକ ଏବଂ ଲଘୁ—ଦ୍ରବ୍ୟଗୁଣ କଳ୍ପଦ୍ରୁମ । ]

**ବଣ ଛଣପଟ**—ଦେ. ବି. (ସଂ. ବନ+ଶଣ)—ଛଣପଟ ଫୁଲ ପରି ଫୁଲ
Bana chhanapata ଫୁଟିବା ଅରଣ୍ୟ ଗୁଳ୍ମ—
ସଂ. ନାମ—ଶଣପୁଷ୍ପୀ, ଘଣ୍ଟା Crotalaria Juncia.
বনশণ [ ଦ୍ର—ଏହା କଟୁତିକ୍ତ ରସ, ବମନ-
**बनशणाह** କାରକ ଓ କଫ ଓ ପିତ୍ତନାଶକ । ]
ମ. ଥୋରଡାଗ ତେ. ଶଣମଭୁବେଷ୍ଟ ଫା. ଲ୍ଲଜନାଂ
(ବଣ ଛଣୀ—ଅନ୍ୟନାମ)

**ବଣ ଜଙ୍ଗଲ**—ଦେ. ବି. (ଏକାର୍ଥବୋଧକ ସହଚର ଶବ୍ଦ)—ଅରଣ୍ୟ—
Bana jangala **बनजंगल** **झाडजंगल** Forest,

**ବଣ ଜନ୍ତୁ**—ଦେ ବି. (ସଂ. ବନ୍ୟଜନ୍ତୁ)—ବନ୍ୟ ଜୀବ—
Bana jantu Wild animal.
বন্যজন্তু **बनैला जानवर, बनजन्तु**

**ବଣ ଜହ୍ନି**—ପ୍ରାଦେ. (ଗଡ଼ଜାତ) ବି—ତରଡ଼ା (ଦେଖ)
Bana jahni Tararda (See)

**ବଣ ଜାମୁ**—ଦେ. ବି. ( ସଂ. ବନ ଜମ୍ବୁ )—ଏକ ପ୍ରକାର ଜାମୁ ଗଛ,
Bana jāmu ଯହିଁରେ ଛୋଟ ଛୋଟ ଫଳେ—
বন জাম **बनैला जामुन** A small variety of blackberry.

**ବଣ ଜୀର**—ଦେ. ବି. ( ସଂ. ବନ ଜୀର )—
Bana jirā ବନଜାତ ଜୀରକବିଶେଷ; ବଡ଼ ଜୀର—
ସଂ. ଅରଣ୍ୟ ଜୀରକ, ବୃହତ୍କାଲୀ, A sort of wild cumin-
କ୍ଷୁଦ୍ର ପତ୍ର, କଣା, ବନଜୀର, seed; Purple fleabane;
ବିଷ କଣ୍ଟକ Veruonia Anthelmentica,
বন জীরে [ ଦ୍ର—ଏହା ଉଷ୍ଣବୀର୍ଯ୍ୟ, କଟୁ-
**काली जीरा** କଷାୟ; ଏହା ଶ୍ଳେଷ୍ମ ବାତ, କଫରୋଗ
ଅ. କମୁନ୍ ବର୍ହସ୍ତି ଓ ବ୍ରଣ ରୋଗରେ ଉପକାରୀ । ]
ମ. କଡୁ ଜୀରେଂ; ଗୁ. କାଳୀ ଜୀରୀ

**ବଣ ଝଟା**—ପ୍ରାଦେ. (ଗଞ୍ଜାମ) ବି—ବନ୍ୟ ଶିମ୍ବ—
Bana jhatā A kind of wild bean.

**ବଣ ତୁଳସୀ**—ଦେ. ବି. ( ସଂ. ବନ+ତୁଳସୀ )—
Bana tulasi ବନଜାତ ଏକ ପ୍ରକାର ସୁଗନ୍ଧପତ୍ରଯୁକ୍ତ ଗୁଳ୍ମ—
ସଂ. ଅରଣ୍ୟ ତୁଳସୀ, କାଳମାର, A kind of wild plant
ମାଲୁକ, କଠିଞ୍ଜର, ଭୂତେରକ, with scented leaves;
କସଲ, କୃଷ୍ଣ ବର୍ବରୀ, Perilla Ocimoides (Haines);
କୃଷ୍ଣ ବଲ୍ଲିକା Assimum Basilicum.
বন বাবুই তুলসী [ ଦ୍ର—ଏହା ସାନ ବଡ଼ ଭେଦରେ
**बनतुलसी** ଦୁଇ ପ୍ରକାର ଏବଂ ଏହାର ଗୁଣ ବର୍ବରୀ
ଗୁ. ରାନ ତୁଳସୀ ପରି—ଦ୍ରବ୍ୟଗୁଣ କଳ୍ପଦ୍ରୁମ ]

**ବଣ ଦିଅଁ**—ଗ୍ରା. ବି—ବଣ ଦେବତା ( ଦେଖ )
Bana dian Bana debatā ( See )

ବଣ ଦିଅଁକୁ ପତର ପୂଜା
ବାଇଗରକାକୁ ମଙ୍ଗଳଉଜା—ତର ।

**ବଣ ଦେବତା**—ଦେ. ବି. ( ସଂ. ବନ ଦେବତା )—
Bana debatā ୧ । ଅରଣ୍ୟରେ ଥିବା ଅପୂଜା ଦେବତା—
বন দেবতা; বুনো ঠাকুর 1. Idols found in the jungle
**बन देवता, बन देवी** and worshipped by wild tribes.
୨ । ବନର ଅଧିଷ୍ଠାତ୍ରୀ ଦେବତା—2. Sylvan Deity.

**ବଣ ଦ୍ରାକ୍ଷା**—ଦେ. ବି. (ବୈଦ୍ୟକ) (ସଂ. ବନ+ଦ୍ରାକ୍ଷା)—
Bana drākshyā ବନ୍ୟ ଲତାବିଶେଷ—A wild creeper.
বুনো আঙুর [ ଦ୍ର—ଏହାର ଫଳ ଶୀତଳ, ରକ୍ତଶୋଧକ,
**बनैला दाख** ଦାହ ଓ ତୃଷାର ନିବାରକ । ]

**ବଣ ନେଳି**—ଦେ. ବି. (ସଂ. ବନନୀଲ)—କୃଷିବିନା ଉତ୍ପନ୍ନ ନୀଳଗୁଳ୍ମ—
Bananeli Indigo plant growing wild.
বুনোনীল [ ଦ୍ର—ଏହାର ମୂଳର କ୍ୱାଥ ଓ ପ୍ରଲେପ ସକଳପ୍ରକାର
**बनलानील** ବିଷନାଶକ; ଏହାର ଅନ୍ୟାନ୍ୟ ଗୁଣ ନୀଳଗଛ ପରି—
ଦ୍ରବ୍ୟଗୁଣ କଳ୍ପଦ୍ରୁମ । ]

**ବଣ ପତି**—ଦେ. ବି. (ସଂ. ବନ+ପତି)—ଉତ୍କଳର ପ୍ରାଚୀନ ରାଜଉପାଧି-
Bana pati ବିଶେଷ—A title of ancient kings of Utkal.
[ ଦ୍ର—ପ୍ରାଚୀନ ଉତ୍କଳର ଅରଣ୍ୟମୟ ରାଜ୍ୟମାନଙ୍କର କେତେକ
ରାଜ୍ୟକୁ ଝାଡ଼ଖଣ୍ଡ ଓ ତହିଁର ରାଜାଙ୍କୁ ଝାଡ଼ଖଣ୍ଡ ବାଦସାହା,
ବଣବାଦସ ବୋଲାଯାଉଥିଲା । ]

**ବଣ ପାରା**—ଦେ. ବି. (ସଂ. ବନ+ପାରାବତ)—ବଣୁଆ ପାରା ପକ୍ଷୀ—
Bana pārā Wild pigen.
বুনোপায়রা [ ଦ୍ର—ଏହାର ମାଂସ ଉଷ୍ଣ; ଏହା ଖାଇଲେ
**बनैलापरेवा** ପକ୍ଷାଘାତ, କ୍ଷୟ ଓ ବାତ ରୋଗ ନଷ୍ଟ ହୁଏ । ]

**ବଣ ପାଲଧୁଆ**—ଦେ. ବି. (ସଂ. ବନ୍ୟ+ପାରଭଦ୍ର)—ବନ୍ୟବୃକ୍ଷବିଶେଷ—
Bana pāladhuā A kind of wild tree.
বুনোপালিতা মাঁদার [ ଦ୍ର—ଏହା ଗୁଣରେ ପାଲଧୁଆ ସମାନ । ]
**बनैला फरहद**

**ବଣ ପିଆଜ**—ଦେ. ବି. (ସଂ. ଅରଣ୍ୟ ପଳାଣ୍ଡୁ)—ବଡ଼ ଉଲ ପିଆଜ
Bana piāja ପରି କନ୍ଦଯୁକ୍ତ ଏକପ୍ରକାର ବନ୍ୟ ଗୁଳ୍ମ—
বনপেঁয়াজ A kind of wild plant having a
**बनैयापयाज** root resembling onion.
[ ଦ୍ର—ଏହାର ଗୋଟିଏ କାଣ୍ଡ ବାହାରେ ଓ ସେ କାଣ୍ଡରୁ ଝଟା
ଫୁଲ ଦେଉଥିବା ସିଞ୍ଜୁଫୁଲ ପରି ବାହାରେ । ]

**ବଣ ପିପଳ(ଳୀ)**—ଦେ. ବି. (ସଂ. ବନ୍ୟ ପିପ୍ପଳୀ)—
Bana pipali(lā) ବିନାକୃଷିରେ ଜାତ ପିପ୍ପଳୀ—
বনপিপুল **बनैया पिपरी** Wild long pepper.

**ବଣ ପୋଟଳ**—ଦେ. ବି. (ସଂ. ବନ+ପଟୋଲ)—ଏହା ଏକପ୍ରକାର
Bana potala କଇଁଆକାକୁଡ଼ି ପରି ଫଳବିଶିଷ୍ଟ ଲତା—
বুনো পটল A kind of creeper bearing fruits
**बनैया परवल** resembling coccinear Indica; wild Liquorice creeper.
[ ଦ୍ର—ଏହା ପିତା ଓ ମଧୁର ଭେଦରେ ଦୁଇ ପ୍ରକାର । ]

**ବଣପୋଡ଼**—ଦେ. ବି.—ଜଙ୍ଗଲରେ ଲାଗିଥିବା ନିଆଁ—Forest conflagration.
Bana pordi বনে আগুন লাগা (ধরা)
**বন অগনা** ବଣ ପୋଡ଼ ହେଲେ ସମସ୍ତେ ଜାଣନ୍ତି, ମନ ପୋଡ଼ିଲେ କେହି ନ ଜାଣେ । ଢଗ ।

**ବଣ ବାରହା**—ପ୍ରାଦେ. (ଗଞ୍ଜାମ) ବି.—(ସଂ. ବନ୍ୟ ବରାହ)—ବରାହ—Wild boar.
Bana bariha

**ବଣ ବିରି**—ଦେ. ବି.—(ସଂ. ବନ୍ୟ+ଗ୍ରା ବିରି)—ମାଷପର୍ଣ୍ଣୀ (ଦେଖ)
Bana biri Māshaparnnī (See)

**ବଣ ବିଲୁଆ**—ପ୍ରାଦେ, (ସମ୍ବଲପୁର) ବି.—ବଣଭୁଆ (ଦେଖ)
Bana biluā Banabhuā (See)

**ବଣ ବିଲେଇ**—ଦେ. ବି.—ବଣଭୁଆ (ଦେଖ)
Banabilei (ବଣବିରାଡ଼ି—ଅନ୍ୟରୂପ) Banabhuā (See)

**ବଣ ବୁଦା**—ଦେ. ବି. (ଉଭାର୍ଥବୋଧକ ସହଚର ଶବ୍ଦଦ୍ୱୟ)—ବଡ଼ ଓ ଛୋଟ ଗଛର ଅରଣ୍ୟ—Forest consisting of trees and bushes growing in an intermingled manner.
Bana budā
বন ঝোপ
**झारि जंगल**
[ଦ୍ର—ବଡ଼ ଗଛର ସମଷ୍ଟିକୁ ଅରଣ୍ୟ ଓ ଛୋଟ ଗଛର ସମଷ୍ଟିକୁ ବୁଦା କହନ୍ତି ।]

**ବଣ ଭୁଆ**—ଦେ. ବି. (ସଂ. ବନ ବିଡାଲ)—ବନ ମାର୍ଜାର; କଟାଶ—Wild cat.
Bana bhuā বনবিড়াল; বনবেরাল
**बनैया विडार, बन विलार(व)** [ଦ୍ର—ଏମାନେ ବର୍ଷା ଋତୁରେ ବାହାରେ ବୋବାଇବାର ଶୁଣା ଗଲେ ପିଲାମାନେ ଘରେ ଥାଇ ଚତ୍କାର କରନ୍ତି 'ଭୁ ? କି, ଭୁଷ' ? । ବଣଭୁଆ ଯେବେ 'ଭୁ' ଶବ୍ଦ କରେ ତେବେ ପିଲାଏ କହନ୍ତି ଯେ ନିକଟରେ ଖୁବ୍ ଭୁ ଭୁ ବର୍ଷା ହେବ: ଯେବେ 'ଭୁଷ୍' ଶବ୍ଦ କରେ ତେବେ କହନ୍ତି ବର୍ଷା ଛାଡ଼ି ଯିବ ।]

**ବଣ ଭେଣ୍ଡି**—ଦେ. ବି.—ଭେଣ୍ଡି ଜାତୀୟ ବନ୍ୟ ଗୁଳ୍ମବିଶେଷ—
Bana bhendi Triumfetta Rhomboidea
ସଂ. ଝିଞ୍ଝରୀଟ বনওক্রা; বুনো ঢেঁড়স **चेटकि,चिरिचारि** (Kirtikar)
ମ. ଝିଞ୍ଜୁଡ଼, କଗରଡ଼ ତା. ଅର୍ଓଟ୍ଟାଇଓଟ

**ବଣ ଭୋଜି**—ଦେ. ବି. (ସଂ. ବନ+ଭୋଜନ)—ବଣରେ ଯାଇ କରି ଯିବା ଭୋଜନ ଉତ୍ସବ—A picnic in the forest.
Bana bhoji
বন ভোজি, বন ভোজন **बन भोजन**

**ବଣ ମନ(ଣି,ଣ)ଷ**—ଗ୍ରା. ବି.—(ସଂ. ବନ+ମନୁଷ୍ୟ)—୧ । ମନୁଷ୍ୟ ପରି ଏକ ପ୍ରକାର ମାଙ୍କଡ଼; ଓରାଙ୍ଗ ଓଟାଙ୍ଗ—1. Chipanzee; the orang otang.
Bana mani (ni, na) sha
বন মানুষ
**बन मानुष** [ଦ୍ର—ଏମାନେ ଜାବା, ବୋର୍ଣ୍ଣିଓ ଆଦି ଦ୍ୱୀପରେ ଥାଆନ୍ତି (ବଣ ମନୁଷ୍ୟ—ଦେଶଜ ରୂପ) ଓ ବଣରେ ବସା ତିଆର କରି ରହନ୍ତି ।]

୨ । ବଣରେ ବାସ କରୁଥିବା ଅସଭ୍ୟ ବ୍ୟକ୍ତି; ଜଙ୍ଗଲି ଲୋକ—2. Wild tribe; aborigine; uncivilized person.

୩ । ଭଦ୍ର ସମାଜର ରୀତି ନ ଜାଣିଥିବା ଲୋକ—3. A person ignorant of the rules of polished society.

**ବଣ ମଲ୍ଲିକା**—ଦେ. ବି.—ସୁନ୍ଦର ଓ ଶ୍ୱେତ ସୁବାସ ଫୁଲ ଫୁଟିବା ଗଛ; କାମିନୀ ଗଛ ଓ ଫୁଲ—The Chinese myrrh; Chinese box; Murraya Grotica.
Bana mallikā
কামিনী
**कामिनी**

**ବଣ ମଲ୍ଲୀ(ଲି)**—ଦେ. ବି.—(ସଂ. ବନ ମଲ୍ଲୀ)—ମଲ୍ଲୀ ଫୁଲ ଜାତୀୟ ଏକପାଖିଆ ବନ୍ୟ ଫୁଲ—Wild jasmine;
Bana mallī(li)
বন মল্লী Barleia Strigosa; Coffea Bengalensis (Haines).
**वन मल्लिका**
ତେ. ଅଡ଼ବୀ ମଲ୍ଲୀ [ଦ୍ର—୨୧୪ ପୃଷ୍ଠ ଉଚ୍ଚ ଗଛ; ଫୁଲ ନେଳିଆ ।]

**ବଣ ମୁଗ**—ଦେ. ବି.—(ସଂ. ବନ୍ୟ ମୁଦ୍ଗ)—ମୁଦ୍ଗପର୍ଣ୍ଣୀ (ଦେଖ)
Bana muga মুগানী Mudgaparnnī (See)
**माठ मुगानी** ମ. ରାନମୁଗ

**ବଣ ମୁଥା**—ଦେ. ବି. (ସଂ. ବନ୍ୟ ମୁସ୍ତକ)—ନାଗରମୁଥା (ଦେଖ)
Banamuthā Nāgaramuthā (See)

**ବଣ ମୁନଙ୍ଗା(ଗା)**—ଦେ. ବି. (ସଂ. ବନ ଶିଗ୍ରୁ, ମୂଳଧବଳ)—ଏକ ପ୍ରକାର ବନ୍ୟ ସଜନା ଗଛ—A kind of Moringa tree growing wild.
Bana muningā(gā)
বুনো সজনা **बन मुनिङ्गा**
(ବଣ ମୁଗୁନା—ଅନ୍ୟ ନାମ)

**ବଣ ମେଥି**—ଦେ. ବି. (ସଂ. ବନ ମେଥିକା)—ମେଥି ପରି ଏକ ପ୍ରକାର ବନ୍ୟ ଶସ୍ୟ ଗୁଳ୍ମ (ଏହାର ଫଳ ମେଥି ପରି)—Crotalaria Albidia; Melilotus Parviflora.
Bana methi
বন মেথি
**बन मेथि, सान्**

**ବଣ ଯୁ(ଜୁ)ଆଣି**—ଦେ. ବି. (ସଂ. ବନ ଯମାନୀ)—ଅଜମୋଦା (ଦେଖ)
Bana ju(ju)āni Ājamodā ( See )
ସଂ. ନାମ ଅଜମୋଦା বন জুয়ান; **अजवाइन**

**ବଣ ଯ(ଜୁ)ଇ**—ଦେ. ବି. (ସଂ. ବନ+ଯୂଥୀ)—ଅରଣ୍ୟ ଯୂଥିକା—Wild jasmine.
Bana jū(ju)i বন যূঈ **बन जुही**

**ବଣ ରଖୁଆଳ**—ଦେ. ବି. ( ସଂ. ବନ+ରକ୍ଷକ )—ଫରେଷ୍ଟ ଗାର୍ଡ; ଜଙ୍ଗଲର ରକ୍ଷକ—Forest guard.
Bana rakhuāla
বন রাখাল **बन रखा**
[ବଣ ଜଗା, ବଣ ଜଗିଆ, ବଣ ଜଗୁଆଳ(ଳ)—ଅନ୍ୟରୂପ]

**ବଣ ରାଶି**—ଦେ. ବି—ବନା ଭୂମିରେ ଉତ୍ପନ୍ନ ରାଶି—Wild sesamum.
Bana rāsi বন তীল **बन तील**
(ବଣ ଖସା—ଅନ୍ୟରୂପ) [ ଦ୍ର—ଏହା ବୁଦ୍ଧିବର୍ଦ୍ଧକ ଓ ଧାତୁ ସ୍ତମ୍ଭକାରକ—ଦ୍ରବ୍ୟଗୁଣ କଳ୍ପଦ୍ରୁମ । ]

**ବଣ ରିଠା**—ଦେ. ବି. (ସଂ. ବନ+ଅରିଷ୍ଟ)—ରିଠାର ପ୍ରକାରବିଶେଷ—A species of soap-berry tree; Acacia Concinna (Haines).
Bana rithā
বন রিঠে **बन रिठा**

**ବଣ ରୁଅଡ଼**—ଦେ. ବି—ମହାନଦୀ ମୁହାଣର ଜଳାଭୂମିରେ ଜନ୍ମିବା ଏକ ପ୍ରକାର ବୁଦା—Argialitis Rotundifolia (Haines); a small shrub in the deltaic swamps of the Mahanadi river.
Bana ruārda

ବଣ ସାରୁ—ଦେ. ବ. (ସଂ. ବନ୍ୟ କଚୁ)—୧ । ଏକ ପ୍ରକାର ସାରୁ—
Baṇa sāru বন কচু 1. Colocacia Nymphaefolia.
बनैला अरुआ [ ଦ୍ର—ଏହା ସାଧାରଣତଃ ପାଣି କୂଳରେ ମନକୁ ଜନ୍ମେ । ଏହାର ଗଛ ନାଲି ଓ ଧଳା ଭେଦରେ ଦୁଇ ପ୍ରକାର । ଏହାର ମୂଳ ସାଧାରଣ ସାରୁ ଅପେକ୍ଷା ବେଶି ଗଳାର କଣ୍ଡୁ ଉତ୍ପାଦକ । ]

୨ । ଦୁଷ୍ଟ ବ୍ୟକ୍ତି ବା ବାଳକ—2. A wicked person or boy.

ବଣ ସିରିଆଳି—ଦେ. ବ—ଏକ ପ୍ରକାର ପାର୍ବତ୍ୟ ଗୁଳ୍ମ—A kind of
Baṇa siriāḷi erect under shrub (Haines).
[ ଦ୍ର—ଏହା ୧ଠାରୁ ୩ ଫୁଟ ଉଚ୍ଚ ହୁଏ; ଏଥିରେ ଟକ୍‌ଟକ ଓ ଫିକ୍କା ଗୋଲାପି ରଙ୍ଗର ଫୁଲ ଫୁଟେ । ଏହା କଙ୍କରମୟ ପାହାଡ଼ିଆ ଭୂମିରେ ହୁଏ । ]

ବଣ ସୋରିଷ—ଦେ. ବ. ( ସଂ. ବନ+ସର୍ଷପ )—
Baṇa sorisha ୧ । ବନ୍ୟ କୃଷିରେ ଜାତ ସୋରିଷ—
বন সরিষা बनैला सरसों 1. Mustard growing wild.
୨ । ଅଣ ସୋରିଷ (ଦେଖ)—2. Aṇa sarisho (See)

ବଣ ହରଡ଼—ଦେ. ବ—ଖୋରଧା ଜଙ୍ଗଲରେ ଜାତ ଗୁଳ୍ମବିଶେଷ—
Baṇa hararḍa Atylosca Cajanifolia (Haines).
बनैया अरहर; বুনো অড়হর

ବଣ ହଳଦୀ—ଦେ. ବ. ( ସଂ. ବନ+ହରିଦ୍ରା )—
Baṇa haḷadi ୧ । ବନ୍ୟ କୃଷିରେ ଜାତ ହରିଦ୍ରା ଓ ତାହାର ମୂଳ
বন হলুদ जङ्गलि हलदि, बन हरदि 1. Wild turmeric.
ମ. ଷୋଲୀ, ରାନ ହଳଦ [ ଦ୍ର—ଏହା କଟୁତିକ୍ତମଧୁରରସ, ତେ. ଅଡ଼ବିପସୁପୁ ରୁଚିକାରକ ଓ ଅଗ୍ନି ଦୀପକ; ଏହା କୁଷ୍ଠ ବାତାଜୀର୍ଣ୍ଣ ଦୋଷ, ରକ୍ତ ଦୁଷ୍ଟି, ଶ୍ୱାସ, କାସ ଓ ହିକ୍କାରେ ଉପକାରୀ—ଦ୍ରବ୍ୟଗୁଣ । ]
୨ । ଦାରୁ ହଳଦୀ (ଦେଖ)—2. Dāru haḷadi (See)

ବଣ ହି(ହେ)ଙ୍ଗୁ—ଦେ. ବ. (ବୈଦ୍ୟକ)—ନାଡ଼ୀ ହିଙ୍ଗୁ (ଦେଖ)
Baṇa hi(he)ṅgu Nārḍi hiṅgu (See)

ବଣା—ଦେ. ବ. (ସଂ. ଭରଣୀ)—୧ । ଗୁଡ଼ ରଖିବା ନିମନ୍ତେ ବ୍ୟବହୃତ
Baṇā ଚଉଡ଼ାମୁହାଁ ଲମ୍ବା ମୃତ୍ତିକା ଘଟ ବା ପାତ୍ରବିଶେଷ—
বাইন, কুঁদো भन्नि, तौलि 1. A long pot for jaggery.
୨ । (ସଂ. ଭ୍ରାନ୍ତ) ଭୁଲ୍;ଭ୍ରାନ୍ତ—2. Mistake.
ଏଥି ନାହିଁ କିଛି ବଣା । ନନ୍ଦକିଶୋର. ଶନିଷ୍ଠା ।
ଦେ. ବଣ. (ସଂ. ଭ୍ରାନ୍ତ)—୧ । ପଥଭ୍ରାନ୍ତ; ପଥଭ୍ରଷ୍ଟ—
ভোলা 1. Having lost one's way; gone astray;
भटका हुआ, हक्कावक्का straggling.
ଜଣା ପଥରରେ ବଣା ମୃଗାକ୍ଷି ଦୋ ଗଲ । କବିସୂର୍ଯ୍ୟ. ସଙ୍ଗୀତ ।
୨ । ଭ୍ରାନ୍ତ—2. Erring; mistaken.
ଦୃଷ୍ଟା ଧୃଷ୍ଟିଙ୍କେ ବଣା ଦେଖ ବୁଦ୍ଧି—କୃଷ୍ଣସିଂହ. ମହାଭାରତ ବନ ।
୩ । (ସଂ. ବହୁଳ) ପର୍ଯ୍ୟାପ୍ତ; ବହୁତ—3. Profuse.
ତଣା, ଅମ୍ବ ପଳେ ବଣା —ଦଗ ।
୪ । (ସଂ. ବହୁଳ) କିଂକର୍ତ୍ତବ୍ୟବିମୂଢ଼ (ବ୍ୟକ୍ତି)—
4. Bewildered (person).
ତପା ଲୁଣ୍ଡେ ଜାତ, ଦେଖିଣ ଅହେ ବଣା । କୃଷ୍ଣସିଂହ. ମହାଭାରତ ବନ ।
୫ । (ବୁଦ୍ଧି) ବିଚଳିତ; ଆନ୍ଦୋଳିତ (ମନ)—5. Disturbed; agitated (mind).
ବେଗେ ଭାଳୁ ହେବେ ପବନ କହ ଉଣା
ଏଣ ଦେଖି ମୃତ୍ୟୁ କଲବେ ବୁଦ୍ଧି ବଣା । କୃଷ୍ଣସିଂହ. ମହାଭାରତ ବନ ।
୬ । ଯାହାଙ୍କୁ କୌଣସି ନୂଆ ସ୍ଥାନ ସୁଖ ଲାଗୁ ନ ଥାଏ—
6. Feeling out of one's elements at a new place.

ବଣା(ଣେ)ଇ—ଦେ. ବ—ଓଡ଼ିଆ ଗଡ଼ଜାତ ରାଜ୍ୟବିଶେଷ—Name
Baṇā(ṇe)i of an Oriya state.
[ ଦ୍ର—ଏ ରାଜବଂଶ ସାକଲ ଦ୍ୱୀପ ବା ସିଲୋନ୍‌ରୁ ଆସିଥିଲେ । ଏମାନଙ୍କ ସନ୍ତକ 'ମୟୂର' । ଏମାନେ କଦମ୍ବ ବଂଶୀୟ । ଜଗବନ୍ଧୁ—ପ୍ରାଚୀନ ଉତ୍କଳ । ]

ବଣା କ(ଢ)ଣା—ଦେ. ବଣ. (ଅନର୍ଥକ ଦ୍ୱିତୀୟ ସହଚର)—ଦୃଷ୍ଟିକୁ ନ
Baṇā ka(ḍha)ṇā ଆସିଥିବାରୁ ଭୁଲରେ ରହିଯାଇ ଥିବା—
ভুলচুক भूलभटक Left out owing to mistake.
(ଯଥା—ଏ ଆମ୍ବଗଛରୁ ସବୁ ପାଚିଲା ଆମ୍ବ ଯାକ ମୁଁ ତୋଳିଲି । କେଜାଣି, ବଣା କଣା ହୋଇ ଗଛରେ ଗୋଟାଏ ଦିଓଟା ଆମ୍ବ ଥିବ ।)

ବଣାଗଣ—ଦେ. ବଣ—ଯୂଥଭ୍ରଷ୍ଟ; ଗୋଠଛଡ଼ା—Strayed from the
Baṇāgaṇa herd or flock; gone astray.
গোঠছাড়া ବଣାଗଣ ଏଣୀ ପ୍ରାୟେ ଏଣେ ତେଣେ ଗୃହଁ ବଏ
पथसे अलग; भटकाहुआ ତଭା ପର ଦୂରେ କଲେ ତନ୍ତ୍ରା ।
ଭଞ୍ଜ, ବୈଦେହୀଶବିଳାସ ।

ବଣା ବଣା—ଦେ. ବଣ—୧ । ଅଲଗା ଅଲଗା—1. Disjointed
Baṇā baṇā ୨ । ଅଶଙ୍କିଆ; ଅଡ଼ୁଆ—2. Awkward.
কেমন কেমন ଅନଠାରେ ଲେଖ ହେଲେ ଅକ୍ଷର
अनमना ଘରେ ପୃଥ୍ୱୀ ବଣା ବଣା । ନନ୍ଦକିଶୋର. ଶନିଷ୍ଠା ।
୩ । ଅପରିଚୟ ଯୋଗୁଁ ଯେଉଁ ସ୍ଥାନକୁ ମନୁଷ୍ୟ ଠଉରାଇ ପାରେ ନାହିଁ—3. (a place) With which a person is not familiar.

ବଣା ହେବା—ଦେ. କ୍ରି. (ସଂ. ଭ୍ରାନ୍ତ)—୧ । ଭ୍ରାନ୍ତ ହେବା—1. To
Baṇā hebā err; to be mistaken, to fall into error.
ভুলা ୨ । ବାଟ ଭୁଲିବା—2. To go astray.
भूलना; भटक जाना କାଳିଲ ପାଣ୍ଡୁ ସୁତଙ୍କର ବୁଦ୍ଧି ଉଣା
ତୁମ୍ଭ ବୋଲେ ମାର୍ଗ ଛାଡ଼ି ଯା ହେଲେ ବଣା । କୃଷ୍ଣସିଂହ. ମହାଭାରତ ସଭା ।
୩ । ବୁଦ୍ଧିଭ୍ରଷ୍ଟ ହେବା—3. To be dumbfounded; to be at a loss; to be bewildered. ୪ । ବୁଝା ନ ହେବା; ଜଣା ନ ଥିବା—4. Not to be understood; not to be known.
ସନ୍ଧବା ତନ୍ତବା ସାଧ୍ୟବନ୍ତର ବଣା
ହେବ ଜାଣ ସ୍ୱର୍ଗପୁରଙ୍କ ମହାମିନା । କୃଷ୍ଣସିଂହ. ମହାଭାରତ ଦ୍ରୋଣ ।

ବଣି—ଦେ. ବ. (ସଂ. ନାମ ଅବଲମ୍ବ)—ଭୂମିଚର ଗ୍ରାମ୍ୟ ପକ୍ଷୀବିଶେଷ—
Baṇi The common myna; Acridotherus Tristis.
সালিক ହଣିକା ମାନ ବଣି ପୋଷିବା ନ୍ୟାୟ—ଦଗ ।
मयनामा [ ଦ୍ର—ଏହା ଦେହ ଚକ୍ଷୁର ଅଙ୍ଗ ଲାଗିଥିବା; ମୁଣ୍ଡ ଓ ବେକ

କଳା; ପେଟ ନାଲି ଖଇରି ବା ଚକ୍ଷଳାକ; ଆଖି ତଳେ ଓ ପକ୍ଷ ଶେଷରେ ଧଳା ବା ନାଲି ବା ହଳଦିଆ ଦାଗ ଥାଏ; ଏମାନଙ୍କୁ ପୋଷିଲେ ଏମାନେ ମନୁଷ୍ୟ ପରି ଡାକ ଶିଖନ୍ତି । ଏମାନେ ଝିଙ୍କା ଓ ପୋକଜୋକ ଖାଇ ପ୍ରାଣଧାରଣ କରନ୍ତି । ଏମାନେ ସାଧାରଣତଃ; ସାଧାମାନେ ଜଙ୍ଗଲ ଓ ପାହାଡ଼ରେ ଥାଆନ୍ତି, କିନ୍ତୁ ଏମାନେ ଗ୍ରାମ ନିକଟସ୍ଥ ବୃକ୍ଷରେ ଓ କୋଠାର ଖୋପରେ କାଠିକୁଟାରେ ବସା ତିଆରି କରି ବାସ କରନ୍ତି । ଏକ ଜାତୀୟ ବଣିକୁ 'ରାଜବଣି' କୁହାଯାଏ । ଅନ୍ୟ ଏକ ଜାତୀୟ ବଣିକୁ ଗୁଣ୍ଡୁକାଳିକା ବା ଗୁଣ୍ଡୁବଣି କହନ୍ତି; ଏହାକୁ ବଙ୍ଗଳାରେ ଗୁୟା ସାଲିକ ଓ ଇଂରାଜୀରେ The pied myna କହନ୍ତି । ଅନ୍ୟ ଏକପ୍ରକାର ବଣିକୁ 'ନାଲି' ବଣି ବୋଲାଯାଏ; ଏହାକୁ ବଙ୍ଗଳାରେ ଗାଙ୍ଗସାଲିକ ଓ ଇଂରାଜୀରେ Bank myna କୁହାଯାଏ ।]

୨ । ହେଣ୍ଡାଳ—2. Mangrove roots; Avicennia Officinalis. ୩ । ସ୍ତ୍ରୀ ଲୋକଙ୍କୁ ଦିଆଯିବା ନାମ—3. A name given to females.
୪ । (ସଂ. ବନ) କ୍ଷୁଦ୍ର ବଣ—(ଯଥା—ତାଳ ବଣି)
4. A small custer of trees.

**ବଣିଆ(ଆଁ)**—ଦେ. ବି. (ଅନ୍ୟ ବୃକ୍ଷ ବାଚକ ଶବ୍ଦ ସଙ୍ଗେ ବ୍ୟବହୃତ; ଯଥା—ବେଲ ବଣିଆ, ତାଳ ବଣିଆ)—୧ । ଏକ ଜାତୀୟ ବୃକ୍ଷମାନଙ୍କର ସମଷ୍ଟି ବା ତୋଟା—1. A grove or plantation of one kind of trees.
Bania(ān)
बन
बनी

ଗୀରବି, ନବଡ଼ ଗାଡକ ବଣିଆ । ରଥାନାଥ. ଭଲକା ।

୨ । ପୁଷ୍ପବୃକ୍ଷବିଶେଷ—2. Yellow flowered Hibiscus Tiliceus (Haines). ୩ । ବଣିଆଁ (ଦେଖ)—3. Baniān (See)

୪ । ପୁଂ. (ସଂ. ବଣିକ୍)—ସୁନାରି ବଣିଆ; ସୁନାରୁପାର କାରିଗର—1. Goldsmith; silversmith.
বেনে
बनिया
୫ । ପୋଟଳି ବଣିଆ; ଗନ୍ଧବଣିକ—5. Druggist. ୬ । କୁମ୍ଭଟୀ; ବଣିକ; ବେପାରୀ—6. A trader. (ବଣିଆଣୀ—ସ୍ତ୍ରୀ) ୭ । ବୈଶ୍ୟ—7. Baisya.

**ବଣିଆ ଘଣ୍ଟା**—ଦେ. ବି—୪-୬ ଫୁଟ୍ ଉଚ୍ଚ ବନ୍ୟ ବୃକ୍ଷବିଶେଷ—A robust shrub; Clerodendrun Infortunatum (Haines).
Bania ghanta

[ ଦ୍ର—ଏହାର ଫୁଲ ସୁବାସଯୁକ୍ତ; ସନ୍ଧ୍ୟା ସମୟରେ ଫୁଲରୁ ସୁଗନ୍ଧ ବାହାରେ । ]

**ବଣିଅ ଝାଟି**—ପ୍ରାଦେ. (ବାଲେଶ୍ୱର) ବି—ବଡ଼ ବଡ଼ ଏବଂ ଲୋମଶ ପତ୍ରବିଶିଷ୍ଟ ଏକପ୍ରକାର ମାଝବୃହତ୍ ଗୁଳ୍ମ—A middle-sized shrub having big furry leaves.
Bania jhāti

[ ଦ୍ର—ଏଥିର ପତ୍ରରେ ଏକପ୍ରକାର ଗନ୍ଧ ଅଛି । ଏହାର ଫୁଲ ଧଳା ଏବଂ ଫଳର ଭେଣ୍ଟ ନାଲି; ସେଗୁଡ଼ା ଟୋପା ହୋଇ ଫୁଟେ । ]

**ବଣିଆତି**—ଦେ. ବି—ବଣିଆ ବ୍ୟବସାୟ—Goldsmith's occupation.
Baniāti
বেনেগিরি, বেনেটি
बनियाती

বেনেটি ଦେ. ବିଣ—୧ । ବଣିଆ ସମ୍ବନ୍ଧୀୟ—1. Relating to a Baniā. ୨ । ବାଣିଜ୍ୟସମ୍ବନ୍ଧୀୟ—2 Relating to trade.
बनियाती

**ବଣିଆତି ଚିଜ**—ଦେ. ବି—( ସଂ. ବାଣିଜ୍ୟ+ଫା. ଚୀଜ୍)—ଗନ୍ଧବଣିକମାନେ ଯେଉଁ ସବୁ ମସଲାର ବ୍ୟବସାୟ କରନ୍ତି—Druggist's store; spices and drugs.
Baniāti chija
বেনের মাল
बनियाती चिज

ବଣିଆତି ମାଲ, ବଣିଆତି ରକମ
ବଣିଆତି ମସଲା } ଅନ୍ୟରୂପ

**ବଣିଆତି ବେପା(ଭା)ର**—ଦେ. ବି—( ସଂ. ବାଣିଜ୍ୟ+ବ୍ୟାପାର)—୧ । ବଣିଆର ବ୍ୟବସାୟ—1. Goldsmith's profession or occupation. ୨ । ଔଷଧ ଓ ମସଲା ବେପାର—2. Trade in spices and drugs.
Baniāti bepā(bhā)ra
বেনের ব্যাপার
बनियातीव्यापार
[ବଣିଆତି ବେଉ(ବ)ସା—ଗ୍ରାମ୍ୟରୂପ]

**ବଣିକ୍**—ସଂ. ବି—(ପଣ ଧାତୁ=ବିକି କରିବା+କର୍ତ୍ତୃ. ଇକ୍; ବଣିଜ୍ ଶବ୍ଦ ୧ମା. ୧ବ)—୧ । ପଣ୍ୟ କ୍ରୟବିକ୍ରୟକାରୀ; ବେପାରୀ—1. Trader; merchant. ୨ । ବଣିଆଁ; ବୈଶ୍ୟଜାତି—2. The Baisya or trading caste.
Banik
୩ । (+ଅଧିକରଣ ଇକ୍) ଫଳିତ ଜ୍ୟୋତିଷୋକ୍ତ କରଣ ବିଶେଷ; ଜ୍ୟୋତିଷର ୬ଷ୍ଠ କରଣ—3. (Astrology)—The 6th Karana or astrological conjunction.

**ବଣିକ୍‌ପଥ**—ସଂ. ବି—(୬ଷ୍ଠୀ ତତ୍; ବଣିକ୍+ପଥ)—୧ । ବଜାର; ହାଟ—1. Market; bazar. ୨ । ବାଣିଜ୍ୟ—2. Trade
Banik-patha

**ବଣିକ**—ଦେ. ବି—( ସଂ. ବଣିକ୍ )—୧ । ବଣିକ୍; ବଣିଆ—1. Trader; merchant. ୨ । ସୁନାରି ବଣିଆ—2. Goldsmith.
Banika
বেনে
बनियाँ

ବଣିକ ଭାବ ଲକ୍ଷ୍ୟ ପ୍ରକଟ କରି ମର୍କଟ କନକ କଟକ ଭଗ୍ନକାଳେ—
ଉକ୍ତ. ବୈଦେହୀଶବିଳାସ ।

**ବଣି ଗୋଡ଼ା**—ଦେ. ବିଣ. ପୁଂ—ଯେଉଁ ବ୍ୟକ୍ତିର ଗୋଡ଼ ସରୁ ଓ ଲମ୍ବା—Thin-legged.
Bani gordā
সরুপা
(ବଣି ଗୋଡ଼ିଆ—ଅନ୍ୟରୂପ), [ବଣିଗୋଡ଼ୀ—ସ୍ତ୍ରୀ]

**ବଣିଗ୍ବନ୍ଧୁ**—ସଂ. ବି—(୬ଷ୍ଠୀ ତତ୍; ବଣିକ୍+ବନ୍ଧୁ)—ନୀଳଗଛ—The Indigo plant; Indigo; Fera Tinctoria.
Banigbandhu

**ବଣିଗ୍ବହ**—ସଂ. ବି—(ବଣିକ୍+ବହ୍ ଧାତୁ=ବହନ କରିବା+କର୍ତ୍ତୃ. ଅ) ଉଷ୍ଟ୍ର; ଓଟ—Camel.
Banigbaha

[ ଦ୍ର—ପୂର୍ବକାଳରେ ଉଷ୍ଟ୍ରପୃଷ୍ଠରେ ପଣ୍ୟ ଦ୍ରବ୍ୟ ବୁହା ହୋଇ ଦୂର ଦେଶ ସହିତ ବାଣିଜ୍ୟ ଚଳୁଥିଲା । ]

**ବଣିଗ୍ବୃତ୍ତି**—ସଂ. ବି—(୬ଷ୍ଠୀ ତତ୍; ବଣିକ୍ ବୃତ୍ତି)—ବାଣିଜ୍ୟ; ବେପାର—Trade.
Banigbrutti
( ବଣିଗ୍ଭାବ, ବଣିଗ୍ବ୍ୟବସାୟ, ବଣିଗ୍ବ୍ୟାପାର—ଅନ୍ୟରୂପ )

**ବଣିଜ**—ସଂ. ବି—(ପଣ୍ ଧାତୁ+କରଣ. ଇଜ)—୧ । ବଣିକ୍—
**Baṇija** 1. Trader. ୨ । ଫଳିତ ଜ୍ୟୋତିଷୋକ୍ତ କରଣ ବିଶେଷ—2. An astrological conjunction.
[ ଦ୍ର—ଏଥିରେ ଯେ ଜନ୍ମଗ୍ରହଣ କରେ ସେ ଭାଗ୍ୟବାନ୍, ବ୍ୟବସାୟୀ ଓ ଧନୀ ହୁଏ । ]
বানিজ্য, ব্যাপার ଦେ. ବି—(ସଂ. ବାଣିଜ୍ୟ)—୧ । ବାଣିଜ୍ୟ;
**बनिज, तिजारत** ବେପାର—1. Trade.

ଜେନ୍ତୁ ବୋଇଲା ଇଥ ବୋଇତରେ ବଣି
ନୃପତି ଏ ବଣିଜ ପାଇ ଛନ୍ତି ଅଣି । କୃଷ୍ଣସିଂହ. ମହାଭାରତ ବନ ।

୨ । ପଣ୍ୟଦ୍ରବ୍ୟଜାତ—2. Merchandise; commodities.

ବାଛ ବାଣିଜାରୁ ଏ ଭଳନ୍ତେ ବଣିଜ । କୃଷ୍ଣସିଂହ. ମହାଭାରତ ବନ ।

**ବଣିଜ ପଥ**—ସଂ. ବି. (୬ଷ୍ଠୀ ତତ୍; ବଣିଜ+ପଥ)—୧ । ଦୋକାନ—
**Baṇija patha** ୨ । ବଜାର; ହାଟ—2. Market; bazar.
୩ । କ୍ରୟବିକ୍ରୟ ସ୍ଥାନ; ଗଞ୍ଜ—3. Mart.

**ବଣିଜ ବେପାର**—ଦେ. ବି—(ଏକାର୍ଥବୋଧକ ସହଚର ଶବ୍ଦ; ବାଣିଜ୍ୟ+ବ୍ୟାପାର)—ବଣିଗ୍‌ବୃତ୍ତି; ପଣ୍ୟକ୍ରୟ-
**Baṇija bepāra**
বণিজব্যাপার **बनिज बेपार** ବିକ୍ରୟ; କାରବାର—Trade.

**ବଣିଜା**—ଦେ. ବି—(ସଂ. ବଣିଜ୍)—ବଣିକ୍—Merchant; trader.
**Baṇijā** ব্যাপারী **बंजारा**

ବଣିଜାର ହସ୍ତ ସ୍ୱର୍ଗ ଭ୍ରମନ୍ତ । ଉପେ. ବୈଦେହୀଶବିଳାସ ।

**ବଣିଜାର(ରୁ)**—ଦେ. ବି. (ସଂ. ବଣିଜ)—ବଣିକ୍—Merchant;
**Baṇijāra(ru)** ব্যাপারী **बंजारा, बनजारा** trader.

ଯେମନ୍ତ ବଣିଜାରମାନେ, ଅର୍ଥ ଅର୍ଜନ ଲୋଭ ମନେ ।
ଜଗନ୍ନାଥ, ଭାଗବତ ।
ଏହୁ ସମୟରେ ବଣିଜାରୁ ବଳ । କୃଷ୍ଣସିଂହ. ମହାଭାରତ ବନ ।

**ବଣିଜ୍ୟ(ଜ୍ୟା)**—ସଂ. ବି. (ବଣିଜ୍+ଭାବେ. ଯ; ସ୍ତ୍ରୀ. ଆ)—ବେପାର,
**Baṇijya(jyā)** ବାଣିଜ୍ୟ—Trade; traffic.

**ବଣିବେକା**—ଦେ. ବିଣ. ପୁଂ—ଯାହାର ବେକ ବଣି ଚଢ଼େଇର ବେକ
**Baṇibekā** ପରି ଲମ୍ବ ଓ ଅସୁନ୍ଦର—Having a long
হাঁসেরগলা **बकुलचट्टा** and ungraceful neck.
(ବଣିବେକୀ—ସ୍ତ୍ରୀ)

**ବଣୁଆ(ଆଁ)**—ଦେ. ବିଣ. (ସଂ. ବନ୍ୟ)—୧ । ବନ୍ୟ; ବନଜାତ—
**Baṇuā(āṅ)** বন্যা, বুনো 1. Growing in the forest.
**बनैला या)** ୨ । ବନବାସୀ—2. Living in the forest.
୩ । ଜଙ୍ଗଲ; ବନ ସମ୍ବନ୍ଧୀୟ—3. Relating to forests.
୪ । ଅସଭ୍ୟ—4. Uncivilised.
ଦେ. ବି—ଏକ ପ୍ରକାର ପୋଟଳ—A kind of kitchen fruit.

**ବଣ୍ଟ୍ (ଧାତୁ)**—ସ—୧ । ଭାଗ କରିବା—1. To divide; to partition.
**Baṇṭ(root)** ୨ । ବାଣ୍ଟିବା—2. To distribute.
୩ । ବାଟିବା; ପେଷିବା—3. To pestle; to bruise; to pound.

**ବଣ୍ଟ**—ସଂ. ବି. (ବଣ୍ଟ ଧାତୁ+ଭାବ. ଅ)—୧ । ଭାଗ; ଅଂଶ—
**Baṇṭa** 1. Share. ୨ । ବଣ୍ଟନ—2. Partition; distribution. ୩ । (କର୍ମ+ଅ) ବେଣ୍ଟ; ଦାଆ ପ୍ରଭୃତିର ମୁଠା—3. The handle of sickle.
୪ । ଅବିବାହିତ ପୁରୁଷ—4. A bachelor (Apte).
ସଂ. ବିଣ. ପୁଂ—ଅବିବାହିତ—Unmarried.

**ବଣ୍ଟକ**—ସଂ. ବିଣ. (ବଣ୍ଟ୍ ଧାତୁ+କର୍ତ୍ତୃ. ଅକ)—୧ । ଯେ ବଣ୍ଟନ
**Baṇṭaka** କରେ—1. Distributer. ୨ । ବିଭାଜକ—2. Divider.
ସଂ. ବି. (+ସ୍ୱାର୍ଥେ. କ)—ବିଭାଗ; ଅଂଶ—Share.

**ବଣ୍ଟନ**—ସଂ. ବି. (ବଣ୍ଟ୍ ଧାତୁ+ଭାବ. ଅନ)—୧ । ବାଣ୍ଟିବା; ଭିନ୍ନ ଭିନ୍ନ
**Baṇṭana** ଭାଗରେ ବିଭକ୍ତ କରିବା; ଅଂଶୀକରଣ—1. Partition; division; apportionment. ୨ । ଭିନ୍ନ ଭିନ୍ନ ଅଂଶକୁ ଭିନ୍ନ ଭିନ୍ନ ବ୍ୟକ୍ତିଙ୍କୁ ଦେବା—2. Distribution. ୩ । ବାଟିବା; ପେଷଣ—3. Bruising; pounding with pestle and mortar.

**ବଣ୍ଟନ କରିବା**—ଦେ. କ୍ରି. (ସଂ. ବଣ୍ଟନ)—୧ । ଅଂଶ ବା ବିଭାଗ କରିବା-
**Baṇṭana karibā** 1. To partition; to divide.
বণ্টন করা ୨ । ଭିନ୍ନ ଭିନ୍ନ ଅଂଶ ଭିନ୍ନ ଭିନ୍ନ ବ୍ୟକ୍ତିଙ୍କୁ ଦେବା—
**बाँटन करना** 2. To distribute; to apportion.

**ବଣ୍ଟନ କାରକ**—ସଂ. ବିଣ ଓ ବି. ପୁଂ—ଯେ ବାଣ୍ଟେ—Distributary;
**Baṇṭana kāraka** dividing; partitioning.
(ବଣ୍ଟନକାରୀ—ଅନ୍ୟରୂପ)
(ବଣ୍ଟନ କାରକା, ବଣ୍ଟନ କାରଣୀ—ସ୍ତ୍ରୀ)

**ବଣ୍ଟର**—ଦେ. ବି. (ସଂ. ବଣ୍ଟନ)—୧ । ବଣ୍ଟନ; ଅଂଶୀକରଣ; ବିଭାଗ
**Baṇṭara** କରଣ—1. Partition; separation of share.
বাঁটরা ୨ । ଭିନ୍ନ ଭିନ୍ନ ଅଂଶର ପୃଥକ୍ କରଣ ବା ସ୍ଥିରୀକରଣ—
**बँटाइ, बटवारा** 1. Appo tionment of shares.
ବଣ୍ଟୁଆର, ବଣ୍ଟୁର, ବଣ୍ଟୋର } ଅନ୍ୟରୂପ — ୩ । ବହୁ ଲୋକଙ୍କୁ କୌଣସି ଦ୍ରବ୍ୟର ଅଂଶମାନ ପୃଥକ୍ ପୃଥକ୍ କରି ବିତରଣ—3. Distribution.
୪ । ପ୍ରଜା ଓ ଭୂସ୍ୱାମୀଙ୍କ ମଧ୍ୟରେ କ୍ଷେତର ଉତ୍ପନ୍ନର ଅଂଶ ବା ଭାଗ ବଥା ନିଆ—4. Division of the produce of a field between the cultivator and the landlord.

**ବଣ୍ଟରା ଆଇନ୍**—ଦେ. ବି. (ସଂ. ବଣ୍ଟନ+ପା. ଆଇନ୍)—
**Baṇṭarā āin** ଯେଉଁ ବିଧାନ ଦ୍ୱାରା ସମ୍ପତ୍ତି ବିଭାଗ କରାଯାଏ—
বাঁটরা আইন **बटवारा आइना** The law of partition.

**ବଣ୍ଟରା କୁଣ୍ଟରା**—ଦେ. ବି. (ନିରର୍ଥକ ସହଚର ଶବ୍ଦ)—ବଣ୍ଟାକୁଣ୍ଟା (ଦେଖ)
**Baṇṭarā kuṇṭarā** Baṇṭākuṇṭā (See)

**ବଣ୍ଟା**—ଦେ. ବି—୧ । ବଣ୍ଟନ—1. Partition. ୨ । ବିତରଣ—
**Baṇṭā** 2. Distribution. ୩ । ଭାଗ; ଅଂଶ—3. Share.

ବଣ୍ଟା ନରୁଛ ଖାଣ୍ଟି ସଞ୍ଚାର କ୍ଳେଶ ଧାଡ଼ି ବଣ୍ଟା ନେବ ମୁଁ ବୋଲି
ଅନ୍ତ୍ରରେ । କବିସୂର୍ଯ୍ୟ. ସଙ୍ଗୀତ ।

ବଣ୍ଟା(ଣ୍ଟେ)ଇବା—ଦେ. କ୍ରି—( ବାଣ୍ଟିବା କ୍ରିୟାର ଣିଜନ୍ତରୂପ— Banṭā(nṭe)ibā Causative form of Bānṭibā)—ଅନ୍ୟ ଦ୍ୱାରା ବଣ୍ଟନକ୍ରିୟା କରାଇବା—To cause to be partitioned or distributed.
বাঁটান **बँटवाना**

ବଣ୍ଟାକୁଣ୍ଟା—ଦେ. ବି—( ନିରର୍ଥକ ସହଚର ଶବ୍ଦ )—୧ । ବଣ୍ଟନ— Banṭākunṭā 1. Distribution. ୨ । ବହୁ ଲୋକଙ୍କ ମଧ୍ୟରେ ବଣ୍ଟା—2. Partition or division amongst many persons.
বাঁটাবাঁটি **बाँटचूट**

ବଣ୍ଟାବଣ୍ଟି—ଦେ. ବି ଓ ବିଣ.—୧ । ପରସ୍ପର ମଧ୍ୟରେ ବିଭାଗ କରିବା— Banṭābanṭi 1. Mutual partition; division of a thing amongst each other.
বাণ্টাবাণ্টি **बाँटाबाँटि**

ରଜା ବୋଇଲେ ଅହେ ଭୂମି ଅମ୍ବ ଫଳ
ବଣ୍ଟାବଣ୍ଟି କରିବା ବୋଲି ବିଚାରେ । କୃଷ୍ଣସିଂହ ମହାଭାରତ ଶାନ୍ତି.

୨ । ବହୁ ବଣ୍ଟନ କର୍ମ—2. Various acts of partition. ୩ । ବହୁଲୋକଙ୍କୁ ଦ୍ରବ୍ୟାଂଶର ବିତରଣ— 3. Acts of distribution.

ବଣ୍ଠ୍ (ଧାତୁ)—ସ—ଏକାକୀ ଚାଲିବା— Banṭh(root) To walk alone.

ବଣ୍ଠ—ସ. ବିଣ. ପୁଂ—(ବଣ୍ଠ୍ ଧାତୁ=ଏକାକୀ ଚାଲିବା+କର୍ତ୍ତୃ. ଅ)— Banṭha ୧ । ବାମନ ବା ଖର୍ବ— 1. Dwarfish. ୨ । ଅବିବାହିତ—3. Unmarried. ୩ । ବିକଳାଙ୍ଗ—3. Crippled (Apte).
(ବଣ୍ଠା—ସ୍ତ୍ରୀ) ସ. ବି. ପୁଂ—୧ । ଅବିବାହିତ ପୁରୁଷ—1. A bachelor (Apte). ୨ । ଭୃତ୍ୟ—2. Servant (Apte) ୩ । କ୍ଷୁଦ୍ର ଅସ୍ତ୍ର—3. Javelin; dart(Apte).

ବଣ୍ଠର—ସ. ବି—(ବଣ୍ଠ ଧାତୁ+କର୍ତ୍ତୃ. ଅର)—୧ । ବାଉଁଶ ଗଜାର Banṭhara ଆବରକ ବକଳ—1. The sheath that envelops young bamboo (Apte). ୨ । ତାଳ ଗଛର କଅଁଳ ନୂଆ ଭୁଅଁ—2. The new shoot of the palm tree (Apte). ୩ । ପଘା—3. A rope for tying ( a beast ) (Apte). ୪ । କୁକୁର— 4. Dog (Apte). ୫ । କୁକୁର ଲାଞ୍ଜ—5. The tail of a dog (Apte). ୬ । ମେଘ—6. A cloud (Apte). ୭ । କୁଚ—7. The female breast (Apte).

ବଣ୍ଡ୍ (ଧାତୁ)—ସ—୧ । ବାଣ୍ଟିବା; ବିଭାଗ କରିବା—1. To divide; Banḍ (root) apportion (Apte). ୨ । ଘେରିବା; ବେଢ଼ିବା- 2. To encompass; to surround (Apte).

ବଣ୍ଡ୍—ବୈଦେ ବି. (ଇଂ)—୧ । ତମସୁକ—1. Bond. ୨ । ଜାମିନ- Banḍ বণ্ড **बंड** ନାମା—2. Security bond.

ବଣ୍ଡ୍‌ରିଆ—ପ୍ରାଦେ. (ସମ୍ବଲପୁର) ବି—ସ୍ତ୍ରୀଲୋକମାନେ ହାତରେ ଯେଉଁ Banḍ-riā ଖଡ଼ୁ ପରି ଅଳଙ୍କାର ପିନ୍ଧନ୍ତି—A kind of (ବଣ୍ଡ୍‌ରଆ, ବନ୍ଦରିଆ, ବନ୍ଦ୍‌ରିଆ—ଅନ୍ୟରୂପ) bracelet.
[ ଦ୍ର—ଏହା କଡ଼ରିଆ ସଙ୍ଗେ ପିନ୍ଧାଯାଏ । ]

ବଣ୍ଡ—ସ. ବିଣ. ପୁଂ—(ବଣ୍ଡ ଧାତୁ+କର୍ମ. ଅ)—୧ । ବିକଳାଙ୍ଗ; Banḍa ଲୁଳାଙ୍ଗ—1. Maimed; crippled (Apte). ୨ । ଅବିବାହିତ—2. Unmarried (Apte). ୩ । ଖାସୀ କରାଯାଇଥିବା—3. Emasculated (Apte).
ସ. ବି—୧ । ସୁନ୍ନତ୍ ହୋଇଥିବା ବ୍ୟକ୍ତି—1. A person who has been circumcised (Apte). ୨ । ଲାଙ୍ଗୁଡ଼କଣ୍ଟିଆ ବଳଦ—2. An ox without a tail (Apte). ୩ । ଯେଉଁ ବ୍ୟକ୍ତିର ଲିଙ୍ଗାବରକ ଚର୍ମ ନ ଥାଏ—3. A person who has no prepuce (Apte).

ବଣ୍ଡର—ସ. ବି. ପୁଂ—(ବଣ୍ଡ୍ ଧାତୁ+କର୍ତ୍ତୃ. ଅର)—୧ । କୃପଣବ୍ୟକ୍ତି- Banḍara 1. Miser; a stingy person (Apte). ୨ । ପୁଂସ୍ତ୍ୱହୀନ ବ୍ୟକ୍ତି—2. An eunoch (Apte).

ବଣ୍ଡଲ୍(ଲି)—ବୈଦେ. ବି—(ଇଂ. ବଣ୍ଡ୍‌ଲ୍)—୧ । ବୋକଚ; ଗୋଛା— Banḍal(li) 1. Bundle. ୨ । ଏକତ୍ର ବନ୍ଧା ହୋଇଥିବା ( ବଣ୍ଡିଲ, ବଣ୍ଡିଲି—ଅନ୍ୟରୂପ ) ଗୁଚ୍ଛ ବା ବସ୍ତୁର ପୁଡ଼ା— 2. Packet.
বাণ্ডিল **बंडल**

ବଣ୍ଡା—ସ. ବି. ସ୍ତ୍ରୀ—( ବଣ୍ଡ ଧାତୁ+କର୍ମ. ଅ+ଆ )—ଅସତୀ ସ୍ତ୍ରୀ— Banḍā An unchaste woman (Apte).
ପ୍ରାଦେ (ଗଡ଼ଜାତ, ବୌଦ୍ଧ) ବିଣ. ପୁଂ—(ସ. ବଣ୍ଡ)— (ବଣ୍ଡୀ—ସ୍ତ୍ରୀ) ଲାଙ୍ଗୁଳହୀନ (ଜନ୍ତୁ)—Tailless; bereft of tail.

ବଣ୍ଡା(ଣ୍ଟା)ଳ—ସ. ବି—(ବଣ୍ଡ ଧାତୁ+ ଅଧିକରଣ. ଅଲ)— Banḍā(nṭā)la ୧ । ବୀରମାନଙ୍କ ମଧ୍ୟରେ ଯୁଦ୍ଧ—1. A contest of heroes (Apte). ୨ । ଫାଉଡ଼ା; ଲମ୍ବ ବେଣ୍ଟିଆ କୋଡ଼ି—2. A shovel; hoe (Apte). ୩ । ନୌକା—3. A boat (Apte).

ବଣ୍ଡାଇବା—ପ୍ରାଦେ (ସମ୍ବଲପୁର) କ୍ରି—( ସ. ବର୍ଦ୍ଧନୀ )—(ସକର୍ମ) Banḍāibā ଓଳାଇବା; ଝାଡ଼ିବା—To sweep (a room or place).

ବଣ୍ଡି—ପ୍ରାଦେ ( ଗଞ୍ଜାମ ) ବି—( ତେଲୁଗୁ )—୧ । ଶଗଡ଼ ଗାଡ଼ି— Bandi 1. Cart. ୨ । କେରେଞ୍ଚ ଗାଡ଼ି—2. A bandy bullock cart with iron springs and wooden frame.
ପ୍ରାଦେ (ସମ୍ବଲପୁର) ବି.—ଫତେଇ—Jacket.

ବଣ୍ଢା(ଣ୍ଢେ)ଇବା—ପ୍ରାଦେ ( ସମ୍ବଲପୁର ) କ୍ରି—ଓଳାଇବା— Bandhā(nḍhe)ibā To sweep.

ବତ୍—ସ. ଅ. (ପ୍ରତ୍ୟୟ)—୧ । ସଦୃଶ; ପରି; ତୁଲ୍ୟ (ଅର୍ଥବୋଧକ)— Bat (An affix meaning) Like; similar to.
[ ଦ୍ର—ଏହା ଅନ୍ୟ ବିଶେଷ୍ୟ ଓ ବିଶେଷଣ ଶବ୍ଦ ସଙ୍ଗେ ପ୍ରଯୁକ୍ତ ହୁଏ .—
ଯଥା—ମାତୃବତ୍, ବାଳକବତ୍, ଯଥାବତ୍)—
୨ । 'ଅଛି' ଅର୍ଥବୋଧକ ସଂସ୍କୃତ ପ୍ରତ୍ୟୟ—2. (An affix denoting) Possessing or having.
[ ଦ୍ର—ଅଛି ଅର୍ଥରେ ଏହି ପ୍ରତ୍ୟୟ ହୁଏ; ଏ ପ୍ରତ୍ୟୟାନ୍ତ ପଦ ବିଶେଷଣ ହୁଏ; ଏହାର ପୁଂଲିଙ୍ଗ ପ୍ରଥମା ବିଭକ୍ତି ଏକବଚନରେ

ଥକାର ବାନ୍; (ଯଥା—ଧନବାନ୍; ଗୁଣବାନ୍;) ସ୍ତ୍ରୀଲିଙ୍ଗରେ 'ବତୀ' ହୁଏ) ଯଥା—ଧନବତୀ, ଗୁଣବତୀ]

**ବଟ୍‌ରିବା**—ପ୍ରାଦେ (ସମ୍ବଲପୁର) କ୍ରି — ବତୁରିଯିବା — To be saturated with water.
Bat-ribā

**ବଟ**—ଦେ. ଅ.—(ସ. ବତ୍) ସଦୃଶ; ତୁଲ୍ୟ—Like.
Bata ବର୍ଷା ନଶାରେ ଶଦୋଶଡ ବଶି ଜ ବଶଲ୍ଲ ବଟ ମନକୁ ଅସେ ଚେମନ୍ତ ଗଳ ଲଭ୍ୟ। ଭକ୍ତ. ବୈଦେହୀଶବିଳାସ।

**ବତଂସ**—ସ. ବି. (ଅବ+ତନ୍‌ସ ଧାତୁ=ଭୂଷିତ କରିବା+କରଣ. ଅ=
Bataṁsa ଅବତଂସ; 'ଅ' ଲୋପ)—୧। କର୍ଣ୍ଣ ଭୂଷଣ—1. Ear-ornament. ୨। ଶିରୋଭୂଷଣ—2. Ornament for the head. ୩। ଭୂଷଣ—3. Ornament.

**ବତଂସକ**—ସ. ବି. (ବତଂସ+ସ୍ୱାର୍ଥେ. କ)—ବତଂସ (ଦେଖ)
Bataṁsaka Bataṁsa (See)

**ବତକ**—ବୈଦେ. ବି—(ଅ. ବତକା) ଭୁଜ ହଂସ; ପାଳିହଂସ—
Bataka बतक(ख) Gander.
[ବି—ଏହା ହଂସ ଜାତୀୟ କ୍ଷୁଦ୍ର ସନ୍ତରଣକାରୀ ପକ୍ଷୀ; ରଙ୍ଗ ଧଳା; ଲିପ୍ତ ପାଦ; ଥଣ୍ଟ ଚେପ୍ଟା; ଥଣ୍ଟ ଓ ଗୋଡ଼ ହଳଦିଆମିଶା ନାଲିଆ।]

**ବତକା ସୁଦ**—ପ୍ରାଦେ (ଗଡ଼ଜାତ) ବି—ନୀଚ କୃଷକ—A low caste
Batakā-suda of farmers.

**ବତକିବା**—ପ୍ରାଦେ (ସମ୍ବଲପୁର) କ୍ରି—ଲୁଦ ଲୁଦ ପଳେଇବା—
Batakibā To scamper away.

**ବତର୍**—ପ୍ରାଦେ (ସମ୍ବଲପୁର) ବିଣ—ଆର୍ଦ୍ର; ବତୁରା—Moistioned;
Batar saturated with water.

**ବତର୍ କି(କେ)ରି**—ପ୍ରାଦେ (ସମ୍ବଲପୁର) ବି—(ତୁଲ. ହି ଝାଡ଼ା)
Batar-ki(ke)ri ଝିଙ୍ଗିପୋକ—Winged white ant.

**ବତର**—ଦେ. ବି. (ସଂ. ବର୍ତ୍ତକ ପ୍ରା. ବଟ୍ଟା; ଅନ୍ୟ ସଂସ୍କୃତ ନାମ ଲବ,
Batara ବର୍ତ୍ତିକା,ବର୍ତ୍ତିକା)—୧। ପାଉଁଶିଆ ବର୍ଣ୍ଣ ପକ୍ଷିବିଶେଷ—
बटेर; बटेर 1. The grey quail; Cotornix Communis.
[ବି—ଏହା ୧୦।୧୨ ଅଙ୍ଗୁଳ ଦୀର୍ଘ; ଥଣ୍ଟ ସରୁ ଓ ଛୋଟ; ପିଠିରେ ଲମ୍ବା ଧଳା ଡୋରି; ଶୀତକାଳରେ ଏ ଦେଶକୁ ଆସନ୍ତି; ଶସ୍ୟ ଖାଆନ୍ତି; ଚଞ୍ଚଳ ଉଡ଼ି ପାରନ୍ତି। ଏ ପକ୍ଷୀ ଘରେ ରହିବାକୁ ସୁଖ ପାଏ। ଏହାର ମାଂସ ପୁଷ୍ଟିକର ବୋଲି ପ୍ରସିଦ୍ଧ; ଉତ୍ତର ପଶ୍ଚିମ ଭାରତରେ ପରସ୍ପର ମଧ୍ୟରେ ଲଢ଼ିବାକୁ ଲୋକେ ଏ ପକ୍ଷୀଙ୍କୁ ସଉକରେ ପୋଷନ୍ତି]
୨। (ସଂ.ବାର୍ତ୍ତା=କୃଷି)—ଜମିର କୃଷିର ଉପଯୁକ୍ତ ଆର୍ଦ୍ରତା—
বাং.যো; तरी Proper wetness or moisture of a field for agricultural operation ୩। (ସଂ. ଅର୍ତ୍ତବ)
পাল দেখা, ଗାଈର ଋତୁମତୀ ହେବା ଅବସ୍ଥା—3, The men-
बरधना; बरधाजाना struated condition of a cow.
ভিজা ଦେ. ବିଣ—୧। ଆର୍ଦ୍ର—1 Wet; moist ୨।
गीला, भीगा ଉତ୍ତମରୂପେ ଶୁଖି ନ ଥିବା (ଉସୁଆ ଧାନ)—
(ଶବ୍ଦ—ବହସ୍ପତି) 2. Not fully dried up (boiled paddy).

**ବତର ପଡ଼ିବା**—ଦେ. କ୍ରି—୧। (ଗାଈ) ଋତୁମତୀ ହେବା—1. (a
Batara paṛibā cow) To be in heat; to have
বাথানিয়া হওয়া बरधाना,ऋतुमतीहोना menses.
ବଳଦ ଗାଈ ବତର ପଡ଼ିଲେ
ଭୁକଙ୍ଗ ଘଣ୍ଟ ପାଇ କି? ଚଗ।
୨। (ଜମି) କୃଷିର ଉପଯୁକ୍ତ ଆର୍ଦ୍ର ରହିବା—1. (the soil) To have sufficient moisture for cultivation.

**ବତର ପାଗ**—ଦେ. ବି—ଜମିର ଆର୍ଦ୍ରତାରୂପ ସୁଯୋଗ—The
Batara pāga condition of an agricultural land
নরম বাৎ गीलापन still retaining proper moisture
(ଖରଡ଼ପାଗ—ବହସ୍ପତି) after a shower.

**ବତର ବୁଣା**—ଦେ. ବି—ବର୍ଷା ପରେ ଭୂଇଁ ଓଦା ଥିବା ଅବସ୍ଥାରେ
Batara buṇā ଧାନ ବୁଣିବା ସ୍ଥିତି—Sowing paddy
अखारना while the field has still got some moisture after a shower.

**ବତରା**—ଦେ. ବି ଓ ବିଣ—ବତୁରା (ଦେଖ)
Batarā Baturā (See)

**ବତରା(ରେ)ଇବା**—ଦେ. କ୍ରି—୧। ବତାରିବା (ଦେଖ)—1.
Batarā(re)ibā Batāribā (See)
୨। ବତୁରାଇବା (ଦେଖ)— 2. Baturāibā (See)

**ବତଲ୍**—ବୈଦେ. ପ୍ରାଦେ. (ମେଦିନୀପୁର) ବି. (ଇଂ. ବଟ୍‌ଲ)—ବୋତଲ—
Batal Bottle.

**ବତଲି**—ପ୍ରାଦେ. (ସମ୍ବଲପୁର) ବି—ଆତ—
Batali Apple.

**ବତ(ତା)ସା**—ଦେ. ବି—ବାତସା (ଦେଖ)—
Bata(tā)sā Bātasā (See)

**ବତା**—ଦେ. ବି. (ସ. ବେତ୍ର)—୧। ଚିରା ବାଉଁଶ; ବାଉଁଶର ଫାଳ—
Batā 1. Split bamboo; bamboo lath. ୨। କବାଟର
বাতা; বাখারী ପଟାରେ ଅଡ଼ବାଗରେ ଦିଆଯାଇ ଥିବା କାଠର ପଟି
फट्टी, फट्टा ବା ବଟ—2. Wooden bars attached horizontally to door plates crosswise; door-lath. ୩। ପତ୍ର ଛଡ଼ା ହୋଇଥିବା ନଡ଼ିଆ ବାହୁଙ୍ଗା— 3. The stick-like middle portion or ridge of the cocoanut branch when stripped off
ফেঁচো; কেঁচো its leaves. ୪। ବଡ଼ ଜାତ୍ରୁ; କେଞ୍ଚୁଆ—
चाली, केंचुआ 4. Big tape worms in the stomach.

**ବତା(ତେ)ଇବା**—ଦେ. କ୍ରି. (ସ. ବ୍ୟକ୍ତ; ସ. ବାର୍ତ୍ତା)—୧। ସୂଚନା
Batā(te)ibā କରିବା—1. To indicate; to hint.
বাতলান ବାଳକ ହେତୁ ପ୍ରାଣ ବତାଇବା ସଙ୍କେତ
बताना; बतलाना ପ୍ରଭୁ ଜନ ଅଭିସାରକୁ ସେ। ବଳଦୁର୍ଗ. ସଙ୍ଗୀତ।
୨। ଶିଖାଇ ଦେବା; ଶିକ୍ଷା ଦେବା—
2 To teach; to instruct.
ଦୃଷ୍ଟି ଅଙ୍କ ଅଙ୍କ ବଧୀୟାନ ଭଲ କରି ବତାଇ ଦେବ।
ଗଉକଣ୍ଠ. ପିଙ୍ଗଳ ରାମାୟଣ।
୩। ବୁଝାଇ ଦେବା—3. To explain.

ମୋତେ ବସାଇ ତାହା ବଟାଇ କହିଲେ । କୃଷ୍ଣସିଂହ, ମହାଭାରତ ବନ ।

୪ । (ବାଟ) ଦେଖାଇବା—4. To direct or show (the way). ୫ । ପରାମର୍ଶ ଦେବା—5. To advise.

ନ ବଟାଇଲେ ଭୁ ସୁଖ ସତ୍ତା । କବିସୂର୍ଯ୍ୟ, ଗୋପୀଗମ୍ଭ, ଓ ଗୀତ ।

୬ । (ବ୍ୟଙ୍ଗ) ସମସ୍ତ ମନକଥା ଖୋଲି କହି ଗାଳି ଦେବା; ଅପ୍ରିୟ ସତ୍ୟ କହିବା—6. (ironical) To speak unpleasant truths.

ମୁଁ କହେ ସରକୃତ୍ତା; ବଟାଇବାକୁ ଛଡ଼ା ହୋଇଛ ବଟାଇବ ଭଲେ ହେ କବିସୂର୍ଯ୍ୟ. ବଦଗା ।

୭ । (ଲକ୍ଷଣାର୍ଥ) ନିର୍ଭୀକଭାବରେ ପ୍ରତ୍ୟୁତ୍ତର ଦେବା—7. (figurative) To retort boldly.

ସେ ବ କୃତ୍ତିକୁ ଶବ୍ଦ ବଟେଇଲ । କୁନ୍ତଳାକୁମାରୀ—ନନ୍ଦକୁମାରୀ ।

**ବଟା ଛାଡ଼ିବା**—ପ୍ରାଦେ. (ଗଡ଼ଜାତ) କ୍ରି—ପେଟରୁ କାଟୁଟ ପଡ଼ିବା; Batā chhārdibā ପେଟରୁ ଜିଆ ପଡ଼ିବା—Falling of big (ବଟାଖସିବା; ବଟାପଡ଼ିବା—ଦେଶଜ ରୂପ) worms with the stools.
**चालीगिरना** ফেঁচোপড়া

**ବଟାରି(ଡ଼ି)ବା**—ଦେ. କ୍ରି.—(ସ. ବେଷ୍ଟ)—ଖଲସଣର ଛଟର ବାଉଁଶ Batāri(rdi)bā ରୁଅ ଉପରେ ବଟାମାନଙ୍କୁ ଶ୍ରେଣୀବଦ୍ଧ କରି ବାଖାରି বাঁধা ବେତ ବା ଦଉଡ଼ି ଦ୍ୱାରା ବାନ୍ଧିବା—To attach **बीटन विछाना** layers of split bamboos to the rafters of a thatched frame by tying them together with strings.

**ବଟାଲୀ**—ଦେ. ବି—ସାନ ବୋଟ୍;—Jolly boat; life boat
Batāli ବନ ହେଲା, ଦେଖିଲୁଁ, ଧାମରାଘାଟର ମାଲମୁହାଣ.
**पानी** ଅଇ ଭଙ୍ଗ ନାହିଁ, ବଟାଲୀକୁ ଓଁସ୍କାଇ ଅସିଲୁଁ
**डौंगी** ଫକୀରମୋହନ—ଗଳ୍ପସ୍ୱଳ୍ପ ।

**ବଟାସ**—ଦେ. ବି (ସ ବାତ)—୧ । ପବନ—1 Wind. ୨ । ପ୍ରଚଣ୍ଡ Batāsa ବାୟୁ; ବଅ; ତୋଫାନ—2. Storm; hurricane.
বাতাস ବଡ଼ହୋଇ ବହୁସ ବଟାସ ଗୋଟିଏ
**बतास, बिहारी** କୃଷ୍ଣସିଂହ. ମହାଭାରତ. ବନ.
୩ । ଏକପ୍ରକାର ବନ୍ୟଗଛ ଓ ତାହାର ନରଖାଦ୍ୟ ଫଳ—3. A kind of wild tree and its edible fruit.
[ଦ୍ର—ଏହା ଗୁଣରେ ନାରଙ୍ଗ ତୁଲ୍ୟ—ଦ୍ରବ୍ୟଗୁଣ କଳ୍ପଦ୍ରୁମ ।]

**ବଟାସା**—ଦେ. ବି.—ବାତସା (ଦେଖ)
Batāsā Bātasā (See)

**ବଟାସି**—ଦେ. ବି—ବାତାସ (ଦେଖ)
Batāsi Batāsa (See)

ଭୁଇଁ କମ୍ପିଲ; ତୋଟି ବୋହିଲ; ଗଛପଚ ଭଙ୍ଗ ପଡ଼ିଲ ।
ଗୋଲକଣ୍ଠ ଦାସ ·ପିଙ୍ଗଳ ସମାସ୍ୱଣ.

**ବଟାସିଆ**—ଦେ. ବଣ.—(ସଂ. ବାତ) ୧ । ବଟାସଯୁକ୍ତ—1. Tem-
Batāsiā pestuous; windy. ୨ । ମିଥ୍ୟାବାଦୀ—
ঝোড়ো **बतासी** 2. Lying; ୩ । ଆଡ଼ମ୍ବର ପ୍ରିୟ—
বাতাসে 3. Loving splendour; showy.
**डींगीया** ୪ । ବାଗାଡ଼ମ୍ବର ପ୍ରିୟ—4. Boastful.

**ବଟାସି କୁଟା**—ପ୍ରାଦେ. (ଗଡ଼ଜାତ) ବି.—(ବଟାସରେ ବା ପବନରେ Batāsi kutā ଗୋଟି ଗୋଟି ହୋଇ ଉଡ଼ି ଯାଇଥିବା କୁଟାର ଭାବରୁ) ସରୁ କୁଟା—Thin or slender straw.
(ଯଥା—ସେ ଚନ୍ଦ୍ରାରେ ବଟାସୀ କୁଟା ପରି ଦଶିଲଣି ।)

**ବତି**—ଦେ. ବି. (ସଂ ବର୍ତ୍ତି, ପ୍ରା· ବଟ୍ଟି)—୧ । ସଳିତା; ବଳତା—
Bati 1. A wick.
[ ଦ୍ର—ସୂତା, ତୁଳା ବା କନାକୁ ବଳି ବତି ପ୍ରସ୍ତୁତ କରଯାଏ; କାଚର ଲାମ୍ଫ ଓ ଲଣ୍ଠନ ଆଦିରେ ଜଳିବାପାଇଁ ମୋଟ ଫିତା ଆକାରର ବତି କଳରେ ବୁଣାଯାଏ । ]
বাতী **बत्ती, चिराग** ୨ । ମହମ ବତି—2. Candle.
୩ । ପ୍ରଦୀପ—3. Lamp.

**ବତିଘର(ର)**—ଦେ. ବି.—ସମୁଦ୍ରଗାମୀ ଜାହାଜର ନାବିକମାନଙ୍କୁ ସାବଧାନ Batighara (rā) କରାଇବା ଉଦ୍ଦେଶ୍ୟରେ ସମୁଦ୍ର କୂଳରେ ଏବଂ বাতীঘর, বাতীঘরা ବିପଦସଙ୍କୁଳ ସ୍ଥାନ ନିକଟରେ ଉଚ୍ଚ ସ୍ତମ୍ଭ ଉପରେ **कंडीलिया; लाईटघर** ଦିଆ ଯାଇଥିବା ଆଲୋକ—Light-house.

**ବତିଝାଡ଼**—ଦେ. ବି—ବହୁ ପ୍ରଦୀପ ଖଞ୍ଜା ହୋଇଥିବା ବୃକ୍ଷାକାର Batijhārda ଆଲୋକାଧାର ଯନ୍ତ୍ର; ଦୀପ ବୃକ୍ଷ—
বাতীঝাড় **बत्तीयाँकीझाड** Chandelier.

**ବତିପେଲା**—ଦେ. ବି.—୧ । ଖୋସାମଦିଆ ବ୍ୟକ୍ତି; ଖୁସାମଦକାର—
Bati pelā 1. A flatterer. ୨ । ଅନ୍ୟ ବ୍ୟକ୍ତିର ସବୁ মোসাহেব; খোসামদে **खुसामदी** କାର୍ଯ୍ୟରେ ଅନୁମୋଦକ—(ବତି ତୋଳା—ଅନ୍ୟରୂପ) 2. A slavish approver or খুসামদ **खुसामद** follower of a person.

**ବତିଭର**—ବୈଦେ. ବଣ. (ଫା ?; ଗାଳିରେ ବ୍ୟବହୃତ) ନିର୍ଲଜ୍ଜ—
Batibhar বেসরম **बेसरमा** Shameless.

**ବତି(ତ୍ରି)ଶ(ଶି)**—ଦେ. ବି ଓ ବଣ.—(ସ.ଦ୍ୱାତ୍ରିଂଶତ୍; ପ୍ରା. ବତ୍ତୀସା)—
Bati(tri)śa(śi) ୩୨ ସଂଖ୍ୟା—32; Thirty-two
বত্রিশ **बत्तीश**

**ବତିଶ(ଶି)ଫେଣିଆ ବନ୍ତଲ**—ଦେ· ବି—ଏକ ପ୍ରକାର ବନ୍ତଳ କଦଳୀ;
Batiśa(śi) pheniā bantala ମେଣ୍ଢୀବନ୍ତଲ—A sort of
**बतीसयथीया फेला** small plantain.
[ ଦ୍ର—ଏଥିର ଫେଣାର ସଂଖ୍ୟା ୩୨ । ]

**ବତି(ତ୍ରି)ଶ ଲକ୍ଷଣ**—ଦେ. ବଣ. ପୁଂ—ଦେହରେ ବତିଶ ସୁଲକ୍ଷଣଯୁକ୍ତ—
Bati(tri)śa lakshana Having thirty two good signs on the body.
বত্রিশ লক্ষণা [ ବତି(ତ୍ରି)ଶ ଲକ୍ଷଣା—ସ୍ତ୍ରୀ ]
ବତିଶ ଲକ୍ଷଣା ଗୁଣନପୁଣା—ଅଭିମନ୍ୟୁ, ବଦଗ୍ରନ୍ଥଚନ୍ତାମଣି ।

**ବତି(ତ୍ରି)ଶ ସିଂହାସନ**—ଦେ. ବି—( ସ. ଦ୍ୱାତ୍ରିଂଶତ୍ ପୁତ୍ତଳିକା )—
Bati(tri)śa simhāsana ମହାକବି କାଳିଦାସ ପ୍ରଣୀତ বত্রীশ সিংহাসন ଉପାଖ୍ୟାନ ଗ୍ରନ୍ଥବିଶେଷର ଓଡ଼ିଆ ଅନୁବାଦ—
**बत्तिस सिंहासन** A legend of the throne (with 32 steps) of king Bikramāditya which was discovered and dug out of the earth by a miraculous chance.

[ ଦ୍ର—ବିକ୍ରମାଦିତ୍ୟ ରାଜାଙ୍କର ୩୨ ଟି ପୁତ୍ତଳିକାବୃତ୍ତ ଅପ୍ସରଙ୍କ ଦ୍ୱାରା ରକ୍ଷିତ ୩୨ ପାବଚ୍ଛବିଶିଷ୍ଟ ସିଂହାସନ କାଳକ୍ରମେ ଭୂଗର୍ଭରେ ପୋତି ହୋଇ ଯିବାରୁ ଲୋକେ ସେଠାରେ ଗୋରୁ ଚରାଉ ଥିଲେ । ଏକ ସମୟରେ ସେହି ସ୍ଥାନରେ କେତେ-ଗୁଡ଼ିଏ ବାଳକ ଗୋଚାରଣ କରୁଥିଲେ ଓ ସେଥି ମଧ୍ୟରୁ ଜଣେ ଉକ୍ତ ସିଂହାସନ ପୋତା ହୋଇଥିବା ସ୍ଥାନ ଉପରେ ଉପବେଶନ କରିବା'ରୁ ସେହି ସିଂହାସନର ମାହାତ୍ମ୍ୟରୁ ରାଜାଙ୍କ ତୁଲ୍ୟ ନ୍ୟାୟ-ବିଚାର କଲା । ଏ ବିଷୟ କ୍ରମଶଃ ଜନସାଧାରଣରେ ପ୍ରଚାରିତ ହେବାରୁ ତଦାନୀନ୍ତନ ରାଜା ଭୋଜ ଗୋପାଳବାଳକର ଏହିପରି ବିଚାରରେ ଚମତ୍କୃତ ହୋଇ ସେ ସ୍ଥାନ ଖୋଳିବାରୁ ଉକ୍ତ ସିଂହାସନଟି ବାହାରିଲା । ଅନନ୍ତର ରାଜା ଭୋଜ ସେ ସିଂହାସନରେ ବସିବାକୁ ଚେଷ୍ଟା କରିବାରୁ ପ୍ରତ୍ୟେକ ପୁତ୍ତଳିକା ବିକ୍ରମାଦିତ୍ୟଙ୍କର ଶୌର୍ଯ୍ୟ ବୀର୍ଯ୍ୟ ଔଦାର୍ଯ୍ୟାଦି ବର୍ଣ୍ଣନ କରି ତାଙ୍କୁ କହିଲେ,—ଯେବେ ତୁମ୍ଭେ ବିକ୍ରମାଦିତ୍ୟଙ୍କ ପରି ଗୁଣଶାଳୀ ହେବେ ଏହି ସିଂହାସନରେ ବସ; ମାତ୍ର ଭୋଜ ସର୍ବଥା ଅପଣାକୁ ଅଯୋଗ୍ୟ ମନେ କରି ତହିଁରେ ବସିଲେ ନାହିଁ । ପରେ ସେ ପୁତ୍ତଳିକାମାନେ ସିଂହାସନଟିକୁ ଧରି ସ୍ୱର୍ଗକୁ ଉଠିଗଲେ । ]

**ବତିଶା**—ଦେ. ବଣ—୧ । ୩୨ ସମ୍ବନ୍ଧୀୟ—1. Relating to 32.
Batisā ୨ । ୩୨ ସଂଖ୍ୟକ—2. Numbering 32. ୩ । ୩୨
ବତ୍ରିଶା, ବତ୍ରିଶେ ସଂଖ୍ୟାର ପୂରଣ—3. Thirty second.
बत्तीसी

**କାଁଠାଳୀକଳା** ଦେ. ବ—୧ । (ସଂ. ନାମ କାଷ୍ଠକଦଳୀ) ଏକପ୍ରକାର
ଅଁଠିଆକେଳା ହରସା ଚାଟିଆ କଦଳୀ; ସଙ୍କରା କଦଳୀ—
1. A kind of inferior plantain.

[ ଦ୍ର—ଏ କଦଳୀ ଗୋଲ ଓ ଛୋଟ । ଲୋକେ ଏହାକୁ ବେଶି ଆଦର କରନ୍ତି ନାହିଁ ଓ ଏଥି ମଧ୍ୟରେ ମଞ୍ଜି ଥାଏ । ]

୨ । ମନୁଷ୍ୟର ଦୁଇ ପାଟିର ସମସ୍ତ ଦାନ୍ତ (ଯାହାର ପୂର୍ଣ୍ଣସଂଖ୍ୟା ୩୨ ଅଟେ )—2. All the teeth of a person.

**ବତି**—ସଂ—ପ୍ରତ୍ୟୟ (ସ୍ତ୍ରୀ)—ବତ୍ ପ୍ରତ୍ୟୟାନ୍ତ ଶବ୍ଦର ସ୍ତ୍ରୀଲିଙ୍ଗ—
Bati A suffix which is the feminine form of the suffix bat.
(ଯଥା—ଗୁଣବତୀ, ଧନବତୀ, ବିଦ୍ୟାବତୀ ଇତ୍ୟାଦି ।)

**ବତୁ**—ପ୍ରାଦେ (ଗଞ୍ଜାମ) ବ—୧ । କନ୍ଦୁକ—1. A ball.
Batu ୨ । ସମ ସଂଖ୍ୟା—2. Even number,
(ଯଥା—୨,୪,୬,୮······ଇତ୍ୟାଦି ।)
ପ୍ରାଦେ ( ସମ୍ବଲପୁର )—ବ—ଅଣନାତି—
Great-grandson.

**ବତୁରା**—ଦେ· ବ—ବତୁରାଇବା କାର୍ଯ୍ୟ; ଭିଜାଇବା—Act of
Baturā ଭିଜାନ भीगाना moistening a thing.
ଭିଜା ଦେ. ବଣ—ଭିଜା ହୋଇଥିବା; ଜଳସିକ୍ତ—Moistened;
भीगाहुआ saturated with water.

**ବତୁରା(ରେ)ଇବା**—ଦେ. କ୍ରି—କୌଣସି ପଦାର୍ଥକୁ କିଛିକାଳ ଜଳରେ
Baturā(re)ibā ବୁଡ଼ାଇ ରଖିବା—To keep a thing for
ଭୀଜାନ भीगाना sometime immersed in water.

**ବତୁରି (ଇତ୍ୟାଦି)**—ଦେ. ବ—ବତର ଇତ୍ୟାଦି (ଦେଖ)
Baturi (etc) Batara etc (See).

**ବତୁରିବା**—ଦେ. କ୍ରି—ଜଳସିକ୍ତ ହେବା; ଜଳଦ୍ୱାରା ଭିଜିବା—To be
Baturibā moistened with or immersed in water.
ଭିଜା भीगना (ବତୁରିଯିବା—ଅନ୍ୟରୂପ)

**ବତୁରି ବୁଣା**—ଦେ. ବ—ବତର ବୁଣା (ଦେଖ)
Baturi bunā Batara bunā (See).

**ବତ୍ରି ପୋକ**—ପ୍ରାଦେ (ବୌଧ) ବ—ଝିଙ୍କିପୋକ; ଝିଞ୍ଚୋକ—
Batri poka Winged white ant.
( ବତୁରି ପୋକ—ଅନ୍ୟରୂପ )

**ବତିଶ ଦଉଡ଼ି କଟା**—ପ୍ରାଦେ (ବାଲେଶ୍ୱର) ବ, ଓ ବଣ—(ମୂଳ—
Batriśa daurdi katā ଦେଶର ବ୍ୟବହାର—ଘର ଦଉଡ଼ି କଟା)—ସର୍ବବାଧ ବନ୍ଧୁ କୁଟୁମ୍ବ ଶୂନ୍ୟ ଲୋକ;
One who has got no relatives.

**ବତ୍ସ**—ସଂ. ବ—( ବଦ୍ ଧାତୁ=ସ୍ନେହ ସମ୍ଭାଷଣ; କଥନ+କର୍ମ· ସ;
Batsa ଯାହାକୁ ସ୍ନେହ ପୂର୍ବକ ଡକାଯାଏ )—୧ । ପୁତ୍ର—
1, Son; ୨ । ପ୍ରାଣୀର ଛୁଆ—2. The young of an animal. ୩ । ସନ୍ତାନ—3. Child; offspring.
୪ । ଗୋଶିଶୁ; ବାଛୁରୀ—4· A calf. ୫ । ଭାରତୀୟ ପ୍ରଦେଶବିଶେଷ (ଅଧୁନାକ ଦୋଆବ୍ )—4, Name of a country in ancient India ( the modern Doab). ୬ । (ବସ୍ ଧାତୁ=ବାସ କରିବା+ଅଧିକରଣ. ସ; ନିପାତନ) ବତ୍ସର; ବର୍ଷ (ହି. ଶ)—6. Year; a period of 12 months. ୭ । ଶ୍ରୀବତ୍ସ; ପୌରାଣିକ ନରପତି-ବିଶେଷ—7. Name of a mythological king Śribatsa.

[ ଦ୍ର—ଏ ନରପତି ଲକ୍ଷ୍ମୀ ଓ ଶନିଙ୍କର କଳହ ମୀମାଂସି କରି ଶନିଙ୍କ କୋପରୁ ବହୁତ କଷ୍ଟ ସହିଥିଲେ । ]

୮ । ଜନୈକ ଭକ୍ତ ବ୍ରାହ୍ମଣ; ଶ୍ରୀବତ୍ସ—
8. A Brahmin devotee.

ବତ୍ସ ପାବ ତଳେ ପଦ୍ମ ଛାଇରେ, ବାହୁଡ଼ି ନ ବସି ଭଜିଲେ ଉଦରେ—
ଉପେ· ବୈଦେହୀଶବିଳାସ ।

୯ । ବକ୍ଷଃ; ଛାତି—9. Breast.

ବଇଦର୍ଣ୍ଣ ସ୍ୱରୁପ ଦ୍ରୁବାଚିତ, ବତ୍ସେ ସଂଯୋଗି ପଡ଼ି ରସସୁତ—
ଉପେ. ବୈଦେହୀଶବିଳାସ ।

୧୦ । ଗୋବତ୍ସାରୂପଧାରୀ କଂସର ଅନୁଚରବିଶେଷ; ବତ୍ସାସୁର—
10. An attendant of Kamsa; Batsāsura.

୧୧ । ଇନ୍ଦ୍ରଯବ ( ହି. ଶ. ) ( ଦେଖ )—
11. Indrajaba (See).

ଦେ—ଦ୍ୱାଦଶ ଗୋପାଳ ମଧ୍ୟରୁ ଜଣେ ଗୋପାଳ—
One of the 12 Gopālas.

[ ଦ୍ର—ବାରସୁତ ତଳେ ଦୋଟ ଦେଖ । ]

ସଂ· ଅ—(ସମ୍ବୋଧନ)(ପୁତ୍ର ଓ ଶିଷ୍ୟ ସ୍ଥାନୀୟ ବ୍ୟକ୍ତିଙ୍କୁ ସ୍ନେହ)ବାପ !—
(An affectionate term addressed to one's younger)—
Oh child !

**ବତ୍ସକ**—ସଂ. ବି—(ବତ୍ସ+ସ୍ୱାର୍ଥେ. କ)—୧ । ପୁତ୍ର; ସନ୍ତାନ—
Batsaka 1. Son.
ବତ୍ସକ ଅନୁଭବରେ ଶିଶୀ ଶୋଭକର – ଭକ୍ତ· ବୈଦେହୀଶବିଳାସ ।
୨ । କୁଟଜ (ଦେଖ)—2. Kutaja (See).
୩ । ବାଛୁରୀ—3. Calf.
ବତ୍ସକ ସହ ସୁରଭ ପୟୋଧର ବୃନ୍ଦ ଚୂକ ଝଟକନ୍ତ ।
ଭଞ୍ଜ – ବୈଦେହୀଶବିଳାସ ।
୪ । ଇନ୍ଦ୍ରଯବ (ହ୍ର. ଶ) (ଦେଖ)—4. Indrajaba (See).
୫ । ନିର୍ଗୁଣ୍ଡୀ (ହ୍ର. ଶ) (ଦେଖ)—5. Nirgundī (See).

**ବତ୍ସ କାମ**—ସଂ. ବି. ପୁଂ—(ବହୁବ୍ରୀହି; ବତ୍ସ ଅର୍ଥାତ୍ ସନ୍ତାନ ହୋଇଅଛୁ
Batsa kāma କାମନା ଯାହାର)—ସନ୍ତାନାଭିଳାଷୀ—Wishing
(ବତ୍ସକାମୀ—ଅନ୍ୟରୂପ) to get a child born to oneself.
(ବତ୍ସକାମା, ବତ୍ସକାମିନୀ—ସ୍ତ୍ରୀ)

**ବତ୍ସ ଜାତ**—ଦେ. ବି. (ସଂ. ବତ୍ସ=ହୃଦ+ଜାତ)—ସ୍ତନ—
Batsa jāta Female breast.
ବତ୍ସ ଜାତ ହୁରେ ଦେଲେ କମଳ କର—ଭଞ୍ଜ ବୈଦେହୀଶବିଳାସ ।

**ବତ୍ସ ତନ୍ତ୍ରୀ**—ସଂ. ବି—( ୬ଷ୍ଠୀ ତତ୍; ବତ୍ସ+ତନ୍ତ୍ରୀ )—ବାଛୁର ବାନ୍ଧିବା
Batsa tantrī ଦଉଡ଼ି—A string to tie a calf.

**ବତ୍ସତର**—ସଂ. ବି. ପୁଂ—( ବତ୍ସ+ହ୍ରସ୍ୱାର୍ଥେ ତର )—୧ । ଗୋଶିଶୁ;
Batsatara ବାଛୁରୀ; ଅଣ୍ଡିରବାଛୁରୀ; ଦାମୁଡ଼ି—1. A small
(ବତ୍ସତରୀ—ସ୍ତ୍ରୀ) calf; a steer. ୨ । ( ୩ ବର୍ଷର ବାଛୁରୀ
(ହ୍ର. ଶ)—2. A calf 3 years old.

**ବତ୍ସ ଦାନ୍ତ**—ଦେ. ବି—କାଣ୍ଡ ବା ଶରବିଶେଷ —
Batsa dānta Name of an arrow.
ବତ୍ସ ଦାନ୍ତ କାଣ୍ଡଛ ଗୁଣରେ ବସାଇ – କୃଷ୍ଣସିଂହ. ମହାଭାରତ ବନ ।

**ବତ୍ସ ଦେଶ**—ସଂ. ବି—ଦୋଆବର ପ୍ରାଚୀନ ନାମ—The ancient
Batsa deśa name of modern Doab.
ଜାହ୍ନବୀ-ଯମୁନା-ବେଣୀ-ମଧ୍ୟମଣି-ରୂପା
ଶସ୍ୟଶାଳୀ ବତ୍ସଦେଶ ଅଛୁଛନ୍ତି ସାଧୀ,
ଡଳେ ଡଳେ ଅଶ୍ୱପୃଷ୍ଠେ—ରାଧାନାଥ. ମହାଯାତ୍ରା ।

**ବତ୍ସ ନାଭ**—ସଂ. ବି—( ବତ୍ସନାଭ+ତୁଲ୍ୟାର୍ଥେ. ଅ )—ସ୍ଥାବର ବିଷ-
Batsa nābha ବିଶେଷ; ମହୁରା—Aconite; Aconitum
ମିଠେବିଷ **मिठाविष, वचनाग** Nepellum.
ଅନ୍ୟ ସଂ ନାମ—ଅମୃତ, ବିଷ, ଉଗ୍ର, ମହୌଷଧ, ଗରଳ, ମାରଣ, ନାଗ, ସ୍ତୋକକ, ପ୍ରାଣହାରକ, ସ୍ଥାବର ।
ମ. ବଚନାଗ
ଗୁ. ବଚ୍ଛନାଗ
ତେ. ନାଭି
ତା. ବସନବୀ
ଫା. ଜହର
ଅ. ବିଷ
[ ଦ୍ର—ଏହି ଗଛ ହିମାଳୟର ଅତି ଶୀତଳ ସ୍ଥାନରେ ହୁଏ । ଏହାର ପତ୍ର ବେଗୁନିଆ ପଦ୍ମପତ୍ର, ଏହାର ଚେର ବାଛୁରର ନାଭି ପରି, ଏ ବୃକ୍ଷ ପାଖେ ଅନ୍ୟ ଗଛ ହୁଏ ନାହିଁ । ଏହାର ଚେର ବିଷ । ଏହି ଚେର ୩ ଦିନ ଗୋମୂତ୍ରରେ ସିଝାଇ, ଛାଲ କାଢ଼ି ସୋରିଷ ତେଲରେ ବବୁରାଇ ରଖିଲେ ଏହା ଶୋଧିତ ହୁଏ । ଉପଯୁକ୍ତ ମାତ୍ରାରେ ଏହା ରସାୟନ, ଯୋଗବାହୀ, ବାତନାଶକ ଓ ତ୍ରିଦୋଷଘ୍ନ । ]

**ବତ୍ସପାଳ**—ସଂ. ବି—(ବତ୍ସ+ପାଳ ଧାତୁ+କର୍ତ୍ତୃ. ଅ)—୧ । ଗୋପାଳ;
Batsapāla ଯେ ବାଛୁରୀ ଜଗେ—1. A cowherd.
୨ । ଶ୍ରୀକୃଷ୍ଣ—2. Name of Śrikrushna.

**ବତ୍ସର**—ସଂ. ବି—( ବସ୍ ଧାତୁ=ବାସ କରିବା+ଅଧିକରଣେ. ସର;
Batsara ଯହିଁରେ ଋତୁମାନେ ବାସ କରନ୍ତି)—ବର୍ଷ; ବାରମାସଯୁକ୍ତ
ସମୟ; ଅବ୍ଦ; ସନ; ସାଲ—A year; a period of
twelve months.
ବତ୍ସର ନବରୁ ଦିନବୃନ୍ଦ ସଙ୍ଗ ବଳ ଭ
ବକ୍ଷ(ବକ୍ଷଃ)ରେ ଭୂତ ଅଙ୍କୁରିତ, ଏହି ଉତ୍ପ୍ରେକ୍ଷା ହୋଇ—
ଭଞ୍ଜ. ବୈଦେହୀଶବିଳାସ ।
[ ଦ୍ର—ପୃଥିବୀରେ ବିଭିନ୍ନ ଗଣନାନୁସାରେ ନାନାପ୍ରକାର ବତ୍ସର ପ୍ରଚଳିତ; ଯଥା—ନକ୍ଷତ୍ରମାନ, ସୌରମାନ, ଚାନ୍ଦ୍ରମାନ, ଶକାବ୍ଦ, ଫସଲୀ ବା କୃଷିବର୍ଷ, ହିଜରୀ, ଖ୍ରୀଷ୍ଟାବ୍ଦ, ଶାଳିବାହାନାବ୍ଦ, ଇତ୍ୟାଦି ।
ପୂର୍ବେ ଭାରତବର୍ଷରେ ବର୍ଷକ ୩ ଅଂଶ ବା ଋତୁରେ ବିଭକ୍ତ ହୋଇଥିଲା, ଯଥା—ଫାଲ୍ଗୁନ, ଚୈତ୍ର, ବୈଶାଖ ଓ ଜ୍ୟୈଷ୍ଠ=ଗ୍ରୀଷ୍ମ ଋତୁ; ଆଷାଢ଼, ଶ୍ରାବଣ, ଭାଦ୍ର ଓ ଆଶ୍ୱିନ=ବର୍ଷା ଋତୁ; କାର୍ତ୍ତିକ, ମାର୍ଗଶିର, ପୌଷ ଓ ମାଘ—ହେମନ୍ତ ଋତୁ । ବ୍ରାହ୍ମଣମାନେ ଏହି ଋତୁମାସ୍ୟର ପ୍ରାରମ୍ଭରେ ବା ଅନ୍ତରେ ଯାଗଯଜ୍ଞାଦି ଅନୁଷ୍ଠାନ କରୁଥିଲେ । ହିନ୍ଦୁସନ୍ନ୍ୟାସୀ, ବୌଦ୍ଧଭିକ୍ଷୁ ଓ ଜୈନ ଯତିମାନେ ବର୍ଷା ଋତୁର ମାସ ଅନ୍ୟତ୍ର ପରିଭ୍ରମଣ ନ କରି ଆଶ୍ରମରେ ରହୁଥିଲେ । ]

**ବତ୍ସରା**—ପ୍ରାଦେ. (ସିଂହଭୂମି) ବି (ସଂ. ବତ୍ସରାଦ୍ୟ)—ଚୈତ୍ର ସଂକ୍ରାନ୍ତି;
Batsarā ସୌର ମେଷ ବା ବୈଶାଖ ମାସର ପ୍ରଥମ ଦିନ—
Thd 1st. day of the solar month of Baiśākha.
[ ଦ୍ର—ପ୍ରତିବର୍ଷ ଏ ଦିନ ସିଂହଭୂମି ଜିଲ୍ଲାର କୋଲ୍ହାଣର ଓଡ଼ିଆମାନେ ଘରଦ୍ୱାର ପରିଷ୍କାର କରନ୍ତି, ଝୋଟି ଓ ଅଳ୍ପନା ଓ ତୋରଣ ଇତ୍ୟାଦି ଦ୍ୱାରା ଘରଦ୍ୱାର ସଜାନ୍ତି; ଆପଣା ଆପଣା ଅବସ୍ଥାନୁରୂପ ପୂଜା ପାଠ, କୀର୍ତ୍ତନ ଓ ଭୋଜନର ବ୍ୟବସ୍ଥା କରନ୍ତି । ତୁଳସୀ ଚଉରା ବା ଅଶ୍ୱତ୍ଥ ଗଛରେ ଘଟ ସ୍ଥାପନ ଓ ଜଳ ସେଚନ ଆରମ୍ଭ କରନ୍ତି—ଦୈନିକ ଆଶା ୨୭।୪।୩୪ ]

**ବତ୍ସଳ**—ସଂ. ବିଣ. ପୁଂ—( ବତ୍ସ+ଅସ୍ତି ଅର୍ଥରେ ଲ )—ପୁତ୍ର, ଶିଷ୍ୟ,
Batsala ସନ୍ତାନ ଓ କନିଷ୍ଠଙ୍କ ପ୍ରତି ସ୍ନେହ ବା ଅନୁରାଗଯୁକ୍ତ
(ବତ୍ସଳା—ସ୍ତ୍ରୀ) Loving; affectionate towards one's youngers
[ ଦ୍ର—ସାଧାରଣତଃ ଏହା ଆଶ୍ରିତ ଓ କନିଷ୍ଠ ବ୍ୟକ୍ତିସୂଚକ ଶବ୍ଦମାନଙ୍କ ସଙ୍ଗେ ବ୍ୟବହୃତ ହୁଏ ଯଥା;—ସନ୍ତାନବତ୍ସଳ=ଯେ ସନ୍ତାନକୁ ସ୍ନେହ କରେ, ପ୍ରଜାବତ୍ସଳ=ଯେ ପ୍ରଜାଙ୍କୁ ସ୍ନେହ କରେ । ଏହିପରି ପୁତ୍ରବତ୍ସଳ, ଶିଷ୍ୟବତ୍ସଳ, ଆଶ୍ରିତବତ୍ସଳ ଓ ଭକ୍ତବତ୍ସଳ ଇତ୍ୟାଦି ଶବ୍ଦ ହୁଏ । ]
ସଂ. ବି.—( ବତ୍ସଳ+ଭାବ. ଅ )—୧ । ବାତ୍ସଲ୍ୟ; ସ୍ନେହ, ଅନୁରାଗ—1. Affection; love. ୨ । କାବ୍ୟର ରସ-ବିଶେଷ—2. A kind of emotion in fiction.

ବତ୍ସଳତା—ସ. ବ.—(ବତ୍ସଳ+ଭାବ° ତା)—ସ୍ନେହ; ଅନୁରାଗ;
Batsalatā ବାତ୍ସଲ୍ୟ—Affection; love; compassion; attachment.

ବତ୍ସା—ସ. ବ. (ବତ୍ସ+ସ୍ତ୍ରୀ. ଆ)—୧ । ବାଛୁରୀ—1. Calf.
Batsā ଦେ. ବ.—ବତ୍ସାସୁର (ଦେଖ)—2. Batsāsura (See)

ବତ୍ସାଦନୀ—ସ. ବ.—ଗୁଳଞ୍ଚ (ଦେଖ)
Batsādani Gulancha (See)

ବତ୍ସାସୁର—ସ. ବ.—ଦୈତ୍ୟବିଶେଷ—
Batsāsura A demon.

ବତ୍ସା ବତ୍ସା ଉ°ଠାରେ ହୋଇଲ ନାଶ—ଦ୍ୱାଦଶନ୍ୟୁ ଅଦ୍‌ଧ୍ୟଚନ୍ଦ୍ରାନନ ।

[ଦ୍ର—ଏହି ଦୈତ୍ୟର ବିଷୟ ଭାଗବତ ଦଶମସ୍କନ୍ଧ ଓ ହରିବଂଶରେ ବର୍ଣ୍ଣିତ ହୋଇ ଅଛି । ଏହାଙ୍କୁ କୃଷ୍ଣ ନିହତ କରିଥିଲେ । ]
ଦେ. ବ.—ବତ୍ସି (ଦେଖ)—Batsi (See)

ବତ୍ସି—ଦେ. ବ. (ପଦ୍ୟ) (ସ. ବତ୍ସ; ସ୍ନେହାର୍ଥକ)—ସନ୍ତାନ—
Batsi Son.

ନୃପତି କହୁଛନ୍ତି ଉତ୍କ୍ଷେପିତ ବତ୍ସି । କୃଷ୍ଣସି°ହ. ମହାଭାରତ. ଅଦ ।

ବଥ—ଦେ. ବ (ସ. ବ୍ୟଥା)—ବ୍ରଣ—Furuncle; a boil;
Batha ফোড়া फोडा abscess.
[ଦ୍ର—ଅଙ୍ଗଭେଦରେ ବଥର ଭିନ୍ନ ଭିନ୍ନ ନାମ ହୁଏ । ଯଥା;— ପିଠିରେ ପଠା, ପିଲାଙ୍କ ବେକରେ ବେଙ୍ଗୀ, ତଳପାରେ ଛାଲୁକା, ମୁହଁରେ ବରୁଣ, ଅଙ୍ଗୁଠିରେ ଜୟକାଣ୍ଡ ବା ଅଦ୍ଧାଅଙ୍ଗୁଳ, ଆଖିରେ ଅଲୁଅ, ଲୋମକୂପରେ ବାଲମୂଳଅ, ମଳଦ୍ୱାରରେ ମଳଚକ୍ଷକ; କଣ୍ଠରେ ଗଳକଣ୍ଟକ ।]

ବଥର ମଞ୍ଜି—ଦେ. ବ.—ବ୍ରଣ ମଧ୍ୟରେ ଥିବା କଠିନ ପୂଜମୟ ବସ୍ତୁ—
Bathara manji The core inside a boil.
ফোড়ার বীচী फोडाका खील

ବଥା—ଦେ. ବ. (ସ. ବ୍ୟଥା)—୧ । ବେଦନା; ବ୍ୟଥା; ବିନ୍ଧା—
Bathā 1. Aching; acute pain
୨ । ଶୂଳ ରୋଗ—
ব্যাথা टीस 2. Pang; colic pain.

ବଥା(ଥୋ)ଇବା—ଦେ. କ୍ରି.—(ଶରୀରର ଅଂଶ) ବ୍ୟଥାଯୁକ୍ତ ହେବା;
Bathā(the)ibā ପୀଡ଼ାଯୁକ୍ତ ହେବା; ବ୍ୟଥିତ ହେବା—To
ব্যাথান, ব্যাথাকরা ache; to smart with aching pain.
टीसना ହରପାଙ୍କୁ ବୋଇଲେ ବଥାଉଛି ମୁଣ୍ଡ, ପାଉ ପଣତ ମୁଁ ଖୋଇବ ଅର୍ଦ୍ଧଦାଣ୍ଡ । କୃଷ୍ଣସି°ହ. ମହାଭାରତ ବନ ।

ବଥୁଆ—ଦେ ବ. (ସ. ବାସ୍ତୁକ; ପ୍ରା. ବତ୍ଥୁଅ)—ଖାଦ୍ୟ ଶାକବିଶେଷ—
Bathuā A kind of pot-herb; white goose-foot; Chenopodium Album.
ସ. ବାସ୍ତୁକ, କ୍ଷାରପତ୍ର, ଶାକରାଟ, ଯବଶାକ, ଶାକବୀଜ, ବାସ୍ତୁକ
বেতো, বাথুয়া, বেথুআ
बथवा, चिल्ली; बथुआ
ମ. ଶୁକ୍ଲବଟ, ଚବଲ
ଆ. ବ୍ରେକବଭୁଲ
[ଦ୍ର—ଏହା ୨।୩ ହାତ ଉଚ୍ଚର ଗୁଳ୍ମ; ପତ୍ରର ଦାଢ଼ ଦନ୍ତୁର; ଡେମ୍ଫ ଲମ୍ବ । ଏହା ଧଳା ଓ ନାଲି ଭେଦରେ ୨ପ୍ରକାର । ନାଲି ବଥୁଆକୁ ସଂସ୍କୃତରେ ଗୌଡ଼-ବାସ୍ତୁକ କହନ୍ତି । ନାଲି ବଥୁଆର ପତ୍ର ଧଳା ବଥୁଆର ପତ୍ର ଅପେକ୍ଷା ବଡ଼ । ଫା. ମୁସେଲସୀ ସରମକ ବୈଦ୍ୟଶାସ୍ତ୍ର ମତରେ ବଥୁଆ ମଧୁର, କ୍ଷାରଯୁକ୍ତ, ଲଘୁ, ଅଗ୍ନିଦୀପକ, ପାଚକ ରୁଚିପ୍ରଦ, ଶୁକ୍ରବର୍ଦ୍ଧକ, ବଳକର, ସାରକ । ଏହା ପ୍ଳୀହା, ରକ୍ତ, ପିତ୍ତ, ଅର୍ଶ, କୃମି ଓ ତ୍ରିଦୋଷ ନାଶକ । ]

ବଦ୍ (ଧାତୁ)—ସ—୧ । କହିବା—1. To speak. ୨ । ଉଚ୍ଚାରଣ
Bad (root) କରିବା—2. To utter; to pronounce. ୩ । ସମ୍ବୋଧନ କରିବା—3. To address; to speak to. ୪ । ପ୍ରଚାର କରିବା—4. To announce. ୫ । ଉପସ୍ଥାପିତ କରିବା—5. To bring up a matter or proposal for consideration. ୬ । ଉଲ୍ଲେଖ କରିବା 6. To name; to allude to. ୭ । ସ୍ଥିର ରହିବା—7. To remain still. ୮ । ଜ୍ଞାପନ କରିବା—8. To inform; to intimate; to notify.

ବଦ୍—ବୈଦେ. ବଣ. (ଫା. ବଦ୍=ମନ୍ଦ; ତୁଳ ଇ°. ବାଡ୍)—୧ । ମନ୍ଦ;
Bad ଖରାପ; କୁ—1. Bad; evil.
বদ [ଦ୍ର—ଏହା ଅନ୍ୟ ଶବ୍ଦ ପୂର୍ବରେ ମନ୍ଦ ଅର୍ଥରେ ମଧ୍ୟ
बद ବ୍ୟବହୃତ ହୁଏ । ଯଥା— ବଦ୍‌ନାମ୍; ବଦ୍‌ମାଏସ୍; ବଦ୍‌ଖିଆଲ୍ ]
୨ । ଅସଚ୍ଚରିତ୍ର—2. Immoral. ୩ । ଦୁଷ୍ଟ—3. Wicked. ୪ । ଅସୁନ୍ଦର—4. Bad-looking.

ବଦ୍ ଅଭ୍ୟାସ—ଦେ. ବ. (ଫା. ବଦ୍+ସ. ଅଭ୍ୟାସ)—ମନ୍ଦ ଅଭ୍ୟାସ—
Bad abhyāsa বদ অভ্যাস बदखो;बदलत Bad habit.
(ବଦଭ୍ୟାସ—ଅନ୍ୟରୂପ)

ବଦ୍ ଆଚରଣ—ଦେ. ବ. (ଫା. ବଦ୍+ସ. ଆଚରଣ)—ଅସଦାଚରଣ;
Bad ācharana ଅସଦ୍‌ବ୍ୟବହାର—Bad character; bad
মন্দআচরণ खराप आचरण; बदचाल conduct.
(ବଦାଚରଣ—ଅନ୍ୟରୂପ)

ବଦ୍ ଆଚାର—ଦେ. ବ. (ଫା. ବଦ୍+ସ. ଆଚାର)—ମନ୍ଦ କାର୍ଯ୍ୟ—
Bad āchāra কদাচার बदचाल Bad practice.
(ବଦାଚାର—ଅନ୍ୟରୂପ) (ବଦାଚାରୀ—ବ୍ୟକ୍ତିବାଚକ ବିଶେଷଣ)

ବଦ୍ କିସ୍ମତ—ବୈଦେ. ବଣ. (ଫା)—ଅଭାଗା; ହତଭାଗ୍ୟ—
Bad-kismat Unfortunate; unlucky.
বদকিস্মত ବୈଦେ. ବ. (ଫା. ବଦ୍+କିସ୍ମତ୍)—
बदकिस्मत ମନ୍ଦ ଭାଗ୍ୟ; ଦୁର୍ଭାଗ୍ୟ—Bad-luck.
(ବଦ୍‌କିସ୍ମତିଆ, ବଦକିସ୍ମତି—ଦେଶଜ ବିଶେଷଣ ରୂପ)

ବଦ୍ ଖତ—ବୈଦେ. ବ. (ଫା)—ଖରାପ ବା ମନ୍ଦ ଲେଖା ବା ହସ୍ତାକ୍ଷର;
Bad khat କଦକ୍ଷର—Clumsy handwriting.
বদখত ବଣ—ଯାହାର ହସ୍ତାକ୍ଷର ଖରାପ—
बदखत Writing a very clumsy hand.

ବଦ୍ ଖିଆଲ୍—ବୈଦେ. ବ. (ଫା. ବଦ୍ ଖୟାଲ୍)—୧ । ମନ୍ଦ ଅଭିପ୍ରାୟ;
Bad khiāl ଅସତ୍ ଉଦ୍ଦେଶ୍ୟ—1. Bad intention. ୨ ।
বদখেয়াল ଅସଦାଚରଣ; ଅସଚ୍ଚରିତ୍ର—2. Bad charac-
बदख्याल ter; bad conduct. ୩ । ଅସଚ୍ଚିନ୍ତା—3. Evil thoughts.

ବଦ୍ ଖିଆଲ୍—ଦେ. ବଣ. ପୁଂ—୧ । ଅସଦଭିପ୍ରାୟ ଯୁକ୍ତ—1. Evil-
Bad khiāli intentioned. ୨ । ଅସଚ୍ଚରିତ୍ର—2. Immoral;
ବଦଖେୟାଲୀ बदख्याली of bad character.
(ବଦଖିଆଲିଆ—ଅନ୍ୟରୂପ) (ବଦଖିଆଲି—ସ୍ତ୍ରୀ)

ବଦ୍ଖୋ—ବୈଦେ. ବ (ଫା. ବଦ୍+ଖୋ)—୧ । ବଦ୍ଅଭ୍ୟାସ—
Bad-kho 1. Bad habit. ୨ । ବଦ୍ ପ୍ରକୃତି 2. Bad
ବଦଅଭ୍ୟାସ बदअभ्यास (ବଦ୍ଖୋଇ—ଅନ୍ୟରୂପ) nature.

ବଦ୍ ଗନ୍ଧ(ନ୍ଧି)—ଦେ. ବ. (ଫା. ବଦ୍+ସଂ. ଗନ୍ଧ)—ଦୁର୍ଗନ୍ଧ—
Bad gandha(ndhi) ବଦଗନ୍ଧ बदबू Bad odour.
ଦେ. ବଣ—ଦୁର୍ଗନ୍ଧମୟ; ଗନ୍ଧିଆ—Foul-smelling.

ବଦ୍ଗୁଣ—ଦେ. ବ. (ଫା. ବଦ୍+ସଂ. ଗୁଣ)—୧ । ଦୁର୍ଗୁଣ; ମନ୍ଦଗୁଣ—
Bad-guṇa 1. Bad quality. ୨ । ମନ୍ଦ ପ୍ରକୃତି—2. Evil
ବଦଗুণ nature. ୩ । ଅବଗୁଣ—3. Misunderstanding.
अवगुण (ବଦ୍ଗୁଣୀ, ବଦ୍ଗୁଣିଆ—ବ୍ୟକ୍ତିବାଚକ ବିଶେଷଣ)

ବଦ୍ ଚାଲ୍(ଲି)—ଦେ. ବ—ମନ୍ଦ ଆଚାର ବ୍ୟବହାର—
Bad chāl(li) Bad behaviour or conduct
ବদচলন ଦେ. ବଣ—୧ । ମନ୍ଦଆଚରଣ ବିଶିଷ୍ଟ—1. Of bad
बदचलनी conduct. ୨ । ବ୍ୟସନାସକ୍ତ—2. Dissipated.
(ବଦଚଲନି, ବଦଚାଲ୍ଲି—ଅନ୍ୟରୂପ) बदचलन; बदचाली

ବଦ୍ ଜବାନ୍—ବୈଦେ. ବ. (ଫା. ବଦ୍ ଜବାନୀ)—୧ । ଅଶିଷ୍ଟ ଭାଷା—
Bad jabān 1. Filthy or foul language; obscene
ବদ জবানী language. ୨ । ଗାଳିମନ୍ଦ—2. Rebuke; abuse
बदजबानी in obscene language; calling evil names.
ବଦ୍ ଜବାନି, ବଦ୍ ଜମାନ୍, ବଦ୍ ଜମାନି, ବଦ୍ ଜବାନିଆ } ଅନ୍ୟରୂପ
ବୈଦେ. ବଣ—ଅଶିଷ୍ଟଭାଷୀ—
Speaking obscene or uncivil language.
बदजबान

ବଦ୍ଜାତ—ବୈଦେ. ବଣ. (ଫା.ବଦ୍+ଅ. ଜାତ)—୧ । ବଦମାସ; ଖଳ;
Bad-jāt ଦୁଷ୍ଟ—1. Wicked. ୨ । ନୀଚ—2. Low; mean.
ବজ্জাত बदजात (ବଦ୍ଜାତି—ବ) ୩ । ହୀନଜାତ—3. Of
low birth.

ବଦ୍ଦୁଆ ବୈଦେ. ବ. (ଫା. ବଦ୍+ଅ. ଦୁଆ)—ଅଭିଶାପ—
Bad-duā बददुआ Curse.

ବଦ୍ ନଜର୍—ବୈଦେ' ବ. (ଫା)—୧ । ଦ୍ୱେଷ—1. Envy; malice.
Bad-najar ୨ । କ୍ରୂର ଦୃଷ୍ଟି—2. Malevolent glance;
ছোটনজর बदनजर malignant look.

ବଦ୍ ନଜରି—ଦେ. ବଣ. ପୁଂ—ଦ୍ୱେଷଯୁକ୍ତ—Envious; malig-
Bad najari ছোটনজরের nant; malicious.
बदनथर (ବଦ୍ନଜରିଆ—ଅନ୍ୟରୂପ; ବଦ୍ନଜରୀ—ସ୍ତ୍ରୀ

ବଦ୍ନସୀବ୍—ବୈଦେ.ବ. (ଫା)—ମନ୍ଦଭାଗ୍ୟ; ଦୁର୍ଭାଗ୍ୟ—Bad luck;
Bad-nasib বদনসীব बदनसीब misfortune.
বদনসীব बदनसीब ବୈଦେ. ବଣ—ହତଭାଗ୍ୟ—
Unfortunate.

ବଦ୍ନା—ଦେ. ବ.—(ହିନ୍ଦୀରୁ ଅନୁକୃତ; ସଂ. ବର୍ଦ୍ଧମାନ—କଳସ)—
Bad-nā ମୁସଲମାନଙ୍କ ବ୍ୟବହୃତ ଗଡ଼ୁ ବା ନଳ ଯୁକ୍ତ ପାନପାତ୍ର—
বদনা बधना A water-jug with a sprout used by
Mahommedans.

ଧରିବେଣ ଓ ଏଣେତେଣେ ଛାଣୁଥାନ୍ତି, ଜଳପୂର୍ଣ୍ଣ ବଦନା
ଫକୀରମୋହନ. ଛଅମାଣ ଆଠଗୁଣ୍ଠ

ବଦ୍ନାମ୍(ମି)—ଦେ.ବ.(ଫା.ବଦ୍ନାମୀ=ଅପକୀର୍ତ୍ତି)—୧ । ଦୁର୍ନାମ; ଅପଯଶ;
Bad-nām (mi) ନିନ୍ଦାବାଦ; ଅପବାଦ—1. Blame; dis-
বদনাম बदनामी credit; infamy; defamation; noto-
ବଦନାମ୍, ବଦନାମି } ଅନ୍ୟରୂପ riety. ୨ । କଳଙ୍କ—2. Stain.
ଦେ. ବଣ—(ଫା ବଦ୍ନାମ୍) ନିନ୍ଦିତ;
(ନେକ୍‌ନାମ—ବିପରୀତ) କଳଙ୍କିତ—Traduced; vilified;
বদনামী बदनाम infamous; defamed.

ବଦ୍ନାମ୍ କରିବା—ଦେ. କ୍ରି—୧ । କୌଣସିବ୍ୟକ୍ତିଙ୍କୁ ନିନ୍ଦା କରିବା—
Badnām kariba 1. To vilify or traduce a person.
বদনামকরা ୨ । ଅପବାଦ ଦେବା—2. To defame.
बदनामीकरना ୩ । କୌଣସି ବ୍ୟକ୍ତିଙ୍କୁ ନିନ୍ଦାଭାଗୀ କରିବା—
3. To bring discredit on a person.

ବଦ୍ନାମ୍ ପାଇବା—ଦେ. କ୍ରି—ନିନ୍ଦିତ ବା ଅପବାଦଗ୍ରସ୍ତ ହେବା—
Badnām pāiba To be traduced; to be charac-
ବଦ୍ନାମହେବା—ଅନ୍ୟରୂପ terised as a bad man,
বদনাম পাওয়া बदनाम होना

ବଦ୍ନାମିଆ—ଦେ. ବଣ. ପୁଂ—(ଫା. ବଦ୍ନାମ୍)—୧ । ନିନ୍ଦାଯୁକ୍ତ;
Badn-āmiā ନିନ୍ଦିତ—1. Blamed. ୨ । ନିନ୍ଦାଯୋଗ୍ୟ—
বদনামী बदनामी 2. Blameworthy. ୩ । ଯେ ନିନ୍ଦା
(ବଦନାମୀ—ଅନ୍ୟରୂପ) ରଟନା କରେ—3. Vilifying; blas-
(ବଦନାମୀ—ସ୍ତ୍ରୀ) phemous. ୪ । ଯେଉଁ କାର୍ଯ୍ୟରେ ନିନ୍ଦା
ପାଇବାକୁ ହେବ—4. (an act) Bringing dis-
credit on the doer.

ବଦ୍ନିୟତ (ତି)—ବୈଦେ. ବଣ. (ଫା ବଦ୍ନିୟତ୍)—୧ । ବେଇମାନ୍;
Bad-niyat(ti) ଦଗାବାଜ; ଅବିଶ୍ୱାସୀ—1. Perfidious;
বদনিয়ত faithless. ୨ । କୃତଘ୍ନ—2. Ungrateful. ୩ । ପ୍ରଭୁର
बदनियत ଅପକାରୀ—3. Doing disservice to one's
master; false to one's salt.

বদনিয়তী ବୈଦେ. ବ (ଫା.ବଦ୍ନିୟତୀ) ୧ । ବେଇମାନି; ଦଗାବାଜି;
बदनियती ଅବିଶ୍ୱାସୀପଣ—1. Perfidy; faithlessness.
୨ । କୃତଘ୍ନତା—2. Ingratitude.

ବଦ୍ଫାଇସିଆ—ପ୍ରାଦେ. (କେନ୍ଦ୍ରାପଡ଼ା) ବଣ—ମନ୍ଦପ୍ରକୃତିକ (ବ୍ୟକ୍ତି)—
Bad-phāisiā Evil-natured; bad.

ବଦ୍ବୁ(ବୋ)—ବୈଦେ. ବ (ଫା. ବଦ୍ ବୁ)—ବଦ୍ଗନ୍ଧ; ଦୁର୍ଗନ୍ଧ—
Bad-bu(bo) বদবু, বদগন্ধ बदबू Foul smell.
(ବଦବୋଇ—ଅନ୍ୟରୂପ) ବୈଦେ. ବଣ—(ଫା ବଦ୍ବୁଦାର୍)ଦୁର୍ଗନ୍ଧ
বদবুদার बदबूदार ଯୁକ୍ତ; ପୂତିଗନ୍ଧମୟ—Bad-smelling;
(ଖୁସବୋ—ବିପରୀତ) fetid.

ବଦ୍‌ବୁ(ବୋ)ଦାର୍ — ବୈଦେ. ବଣ. (ପା. ବଦ୍‌ବୂଦାର୍)—ଦୁର୍ଗନ୍ଧ ଯୁକ୍ତ—
Bad-bu(bo)dār বদবুদার बदबूदार Evil-smelling.

ବଦ୍‌ବୋଇ କରିବା—ଦେ. କ୍ରି.—୧ । (କୌଣସିବସ୍ତୁ) ଗନ୍ଧାଇବା—
Bad-boi kariba 1. To emit a bad smell. ୨ । ବାତ-
বদগন্ধকরা बदबूकरना କର୍ମ କରିବା—2. To pass wind
(ବଦ୍‌ବୋ ଦେବା — ଅନ୍ୟରୂପ) through the anus.

ବଦ୍‌ମଙ୍ଗଳ—ଦେ. ବି—(ପା. ବଦ୍+ସଂ. ମଙ୍ଗଳ)—୧ । ଅମଙ୍ଗଳ; ଅନିଷ୍ଟ
Bad-maṅgaḻa ଘଟଣା—1. Dissaster; the befalling
অমঙ্গল अमवथ of evil. ୨ । ଅମଙ୍ଗଳସୂଚକ ଲକ୍ଷଣ;
ଶକୁନ—2. Evil omen.
ଦେ. ବିଣ—ଅମଙ୍ଗଳଜନକ—Ominous; portentious.
ଦେ. ବିଣ ପୁଂ—ଅମଙ୍ଗୁଳିଆ; ଯେଉଁଲୋକର ଉପସ୍ଥିତି ଦ୍ୱାରା
অমঙ্গলে अमङ्गल କୌଣସି କାର୍ଯ୍ୟରେ ଅଶୁଭ ବା ଅମଙ୍ଗଳ
ବଦମଙ୍ଗୁଲି } ସ୍ତ୍ରୀ ଘଟେ—One whose presence por-
ବଦମଙ୍ଗୁଲେଇ } tends disaster; inauspicious.

ବଦ୍‌ମସ୍ତ—ବୈଦେ. ବିଣ. (ପା)—୧ । ନିଶାରେ ଚୂର—1. Much
Bad-mast বদমস্ত बदमस्त intoxicated.
(ବଦ୍‌ମସ୍ତି—ବି) ୨ । କାମୋନ୍ମତ୍ତ; ଲମ୍ପଟ 2. Maddend with amor; lecherous.

ବଦ୍‌ମାସ୍—ବୈଦେ. ବିଣ. (ପା. ବଦମାଶ୍; ବଦ୍=ମନ୍ଦ+ମଆସ୍=
Bad-mās ଜୀବିକା)—୧ । ଅନ୍ୟାଯ୍ୟ ଉପାୟରେ ଜୀବିକା ନିର୍ବାହକାରୀ
বদমাএস্, বদমাইস্ বদমাস্ 1. Pursuing an immoral
बदमास्, बगड्, कमिना or infamous profession.
ବଦ୍‌ମାଇସ୍
ବଦ୍‌ମାଇସି
ବଦ୍‌ମାଏସ୍
ବଦ୍‌ମାଏସି
ବଦ୍‌ମାସିଆ
} ଅନ୍ୟରୂପ
୨ । ଦୁଷ୍ଟ; ଦୁର୍ବୃତ୍ତ; ଖେଚେଡ଼ା; କମଣା—
2. Wicked; infamous; wanton.
୩ । ଚରିତ୍ରହୀନ; ନଷ୍ଟଚରିତ୍ର—
3. Immoral
ବୈଦେ. ବି.—ମନ୍ଦ ବା ଦୁଷ୍ଟ ବ୍ୟକ୍ତି—Wicked man; a man of evil character; a bad character.
ଏବ ସେ ଜଣେ ମସ୍ତର ବଦମାଏସ୍ ଏବ ଜାଲିମବାଜ ଥିବାହାଲଚ୍.
ଫକୀରମୋହନ—ଛମାଣ ଆଠଗୁଣ୍ଠ

ବଦ୍‌ମାସି—ବୈଦେ ବି. (ପା. ବଦ୍‌ମାଶୀ)—୧ । ଦୁଷ୍ଟାମି; ଖଚଡ଼ାମି-
Bad-māsi 1. Wickedness; wantonness.
বদমাইসী, বদমাসী ୨ । ଚରିତ୍ରହୀନତା—2. Immorality.
बदमासी ୩ । କୁକାର୍ଯ୍ୟ—3. Evil act. ୪ । ଲମ୍ପଟ୍ୟ—
ବଦମାଇସି } ଅନ୍ୟରୂପ 4. Adultery. ୫ । ଇନ୍ଦ୍ରିୟସେବା—
ବଦମାଏସି } 5. Coarse sensuality ୬ । କାମୁକତା
6. Lechery.
ବୈଦେ. ବି ଓ ବିଣ.—ବଦ୍‌ମାସ୍ (ଦେଖ)—Bad-mās (See)

ବଦ୍‌ମିଜାଜ୍ (ସ୍)—ବୈଦେ. ବି. (ପା. ବଦ୍‌ମିଜାଜ)—ଉଗ୍ର ପ୍ରକୃତି;
Bad-mijāj (s) କୋପନ ସ୍ୱଭାବ—Fiery temper; irri-
বদ্‌মেজাজ্ बद्‌मिजाजी table turn of mind.
ବଦ୍‌ମିଜାଜ୍ } ଅନ୍ୟରୂପ ବିଣ—ବଦ୍‌ ମିଜାଜି (ଦେଖ)
ବଦ୍‌ମିଜାସ୍ } Bad-mijāji (See)

ବଦ୍‌ମିଜାଜି(ସି)—ବୈଦେ. ବିଣ.—(ପା. ବଦ୍‌ମିଜାଜ୍) ୧ । କ୍ରୋଧୀ;
Bad-mijāji(si) କ୍ରୋଧସ୍ୱଭାବଯୁକ୍ତ—1. Of fiery temper.
বদ্‌মেজাজী ୨ । ଯେ ହଠାତ୍ ରାଗିଯାଏ; ଚିଡ଼ାଲ୍; ଚିଡ଼ଚିଡ଼ା;
बदमिजाज 2. Irritable; surly.
ବଦ୍‌ମିଞ୍ଜାଜି(ସି)ଆ
ବଦ୍‌ମିଞ୍ଜାଜି(ସି)
ବଦ୍‌ମିଜାଜି(ସି)ଆ
} ଅନ୍ୟ ଦେଶର ରୂପ

ବଦ୍‌ମୁହଁ—ଦେ. ବି (ପା. ବଦ୍+ସଂ. ମୁଖ) ୧ । ଅମିଷ୍ଟଭାଷୀ ମୁଖ—
Bad-muhañ বদমুখ 1. Evil tongue.
बदमुहँ ୨ । ଅଶିଷ୍ଟ ଭାଷଣ—Evil speech.

ବଦ୍‌ମୁହାଁ—ଦେ. ବିଣ. ପୁ—(ପା. ବଦ୍+ସଂ. ମୁଖ) ୧ । ଅଶିଷ୍ଟଭାଷୀ—
Bad-muhāñ 1. Wsing obscene words; evil-tongued.
দুর্মুখ ୨ । ରାଗୀ; କ୍ରୋଧନସ୍ୱଭାବ—2. Irritable; surly.
बदलगाम् ୩ । ଯାହାର ବାକ୍ୟରେ ସଂଯମ ନାହିଁ—3 Having
ବଦମୁହାଁ—ସ୍ତ୍ରୀ no control over one's tongue.
୪ । ଯେଉଁ ଲୋକ ଭବିଷ୍ୟତରେ ଅଶୁଭ ଆଶଙ୍କା କରି କହି ବୁଲେ—
4. Pessimistic.

ବଦ୍‌ରଙ୍ଗ—ବୈଦେ. ବି. (ପା)—୧ । ତାସ୍‌ଖେଳର ରଙ୍ଗ ଖେଳରେ
Bad-raṅga ଖେଳ ଆରମ୍ଭ ହେବା ପୂର୍ବରୁ ଯେଉଁ ରଙ୍ଗର ତାସ୍
বদরং କହାଯାଇଥାଏ ତାହାଛଡ଼ା ଅନ୍ୟରଙ୍ଗର ତାସ୍—1. (Game
बद्‌रंग of cards) Any card other than the trump card. ୨ । ଅସୁନ୍ଦର ରଙ୍ଗ—2. Bad colour.
ବୈଦେ. ବିଣ.—୧ । ଅସୁନ୍ଦର ରଙ୍ଗଯୁକ୍ତ—Bad coloured. ୨ । ଯାହାର ରଙ୍ଗ ଖରାପ ହୋଇ ଥାଏ—
2. Discoloured. ୩ । ଯାହାର ରଙ୍ଗ ଫିକା ପଡ଼ି ଯାଇ ଥାଏ—3. Faded.

ବଦ୍‌ରାଗୀ—ବୈଦେ. ବିଣ. (ପା.) ବଦ୍+ସଂ. ରାଗ)—ଯେ ସାମାନ୍ୟ
Bad-rāgi କଥାରେ ହଠାତ୍ ରାଗି ଯାଏ; ଉଗ୍ରସ୍ୱଭାବ, କୋପନ-
বদরাগী ସ୍ୱଭାବ—Of fiery temper; of irritable temper;
बदमिजाज easily irritable.

ବଦ୍‌ରାହା—ବୈଦେ. ବି. (ପା. ବଦ୍+ରାହ)—୧ । କୁମାର୍ଗ—
Bad-rāhā বদরাহা बद्‌राह 1. Bad road.
୨ । (ଲକ୍ଷଣାର୍ଥ) ମନ୍ଦ ଆଚରଣ—2. Bad conduct.
ବିଣ (ପା. ବଦ୍‌ରାହ) ୧ । କୁମାର୍ଗଗାମୀ—1. Taking to evil ways.
୨ । ଦୁଷ୍ଟ; ଖଳ—2. Wicked.

ବଦ୍‌ଲଗାମ—ବୈଦେ. ବିଣ. (ପା)—ଯେଉଁ ଲୋକର ମୁହଁରେ ବାଡ଼
Bad-lagāma ବନ୍ଧା ନ ଥାଏ; ଅସଂଯତଭାଷୀ—Of unbridled
বদলাগাম बद्‌लगाम tongue.

ବଦ୍‌ସୁରତ୍ (ତି)—ବୈଦେ ବିଣ. (ପା. ବଦ୍‌ସୁରତ୍)—ଅସୁନ୍ଦର; କୁରୂପ
Bad-surat (ti) বদসুরত बद्‌सुरत Ugly to look at.
ବି.—ଅସୁନ୍ଦର ରୂପ—Ugly look or appearance.

ବଦ୍‌ସୁରା—ବୈଦେ. ବିଣ. (ପା)—ଯେଉଁ ବାଦ୍ୟ ଯନ୍ତ୍ରର ସ୍ୱର ବିଗିଡ଼ି
Badsurā ଯାଇଥାଏ; ଶ୍ରୁତିକଟୁ ସ୍ୱରଯୁକ୍ତ (ବାଦ୍ୟ ଓ ଯନ୍ତ୍ର)—
বদসুরা बद्‌सुरा Out of tune (musical instrument).

**ବଦ୍‌ହଜମ ମ**— ବୈଦେ. ବ. (ଫା. ବଦ୍ ହଜମୀ)—
Bad-hajama(mi) ଅଜୀର୍ଣ୍ଣ; ଖାଦ୍ୟ ଦ୍ରବ୍ୟର ଅପରିପାକ—
बद हजम(मि) **बद् हजमि, अपच** Indigestion.
ବୈଦେ. ବଣ—୧ । ଯେଉଁ ଖାଦ୍ୟଦ୍ୱାରା ଅଜୀର୍ଣ୍ଣ ହୁଏ—
1. Indigestible (food). ୨ । ଅଜୀର୍ଣ୍ଣଜନିତ (ରୋଗ)-
2 (a disease) Due to indigestion.

**ବଦ୍ ହବାସ୍**—ବୈଦେ. ବଣ. (ଫା)—୧ । ବେହୋସ୍; ଚେତନାରହିତ;
Bad-habās ଅଚେତ—1. Unconscious; senseless.
बद हवास ୨ । ବ୍ୟାକୁଳ; ବିକଳ; ଉଦ୍‌ବିଗ୍ନ—2. Perturbed;
**बद् हवास** very anxious. ୩ । କିଂକର୍ତ୍ତବ୍ୟବିମୂଢ଼—
3. Bewildered. ୪ । ଅତି କ୍ଳାନ୍ତ; ଶ୍ରାନ୍ତ—4. Over-tired; fed up.

**ବଦ**—ସଂ. ବଣ. (ବଦ୍ ଧାତୁ=କହିବା+କର୍ତ୍ତୃ. ଅ)—ବକ୍ତା; ଯେ
Bada (ବଦା—ସ୍ତ୍ରୀ) କହେ—Speaking (a suffix).
[ ଦ୍ର—ଯଥା—ପ୍ରିୟଂବଦ—ଯେ ପ୍ରିୟ କଥା କହେ—
Speaking pleasant or endearing words.
ବଶଂବଦ—'ମୁଁ ଆପଣଙ୍କର ବଶ ବା ଅଧୀନ' ବୋଲି ଯେ
କହେ; ଆଜ୍ଞାଧୀନ—Obedient; subservient. ]

**ବଦତି**—ଦେ. କ୍ରି. (ସଂ. ବଦ୍ ଧାତୁ ବର୍ତ୍ତମାନ କାଳ, ୧ମ ପୁରୁଷ, ଏକ
Badati ବଚନ ଆକାର; ପୁରାଣାଦିରେ ବ୍ୟବହୃତ)—
(ସେ) କହୁଛନ୍ତି—(he or she) Speaks.
ବଦତି ଲକ୍ଷ୍ମଣ ଏ କପଟୀ ଏଣ ମାରୀଚ ନିଶ୍ଚୟ ।
ଉକ୍ତ. ବୈଦେହୀଶବିଳାସ ।

**ବଦନ**—ସଂ. ବ. (ବଦ୍ ଧାତୁ=କହିବା+କରଣ. ଅନ; ଯାହା ଦ୍ୱାରା
Badana ଲୋକେ କଥା କହନ୍ତି)—୧ । ଆନନ; ମୁଖ -1. Face.
୨ । ପାଟି—2. Mouth. ୩ । ( +ଭାବ. ଅନ ) କହିବା;
କଥନ—3. Speaking.

**ବଦନ ଇନ୍ଦୁ**—ଦେ. ବ. (ରୂପକ; ବଦନ+ଇନ୍ଦୁ; ସଂ. ବଦନେନ୍ଦୁ)—
Badana indu ଚନ୍ଦ୍ର ସଙ୍ଗେ ତୁଳନା ଯୋଗ୍ୟ ମୁଖ; ମୁଖଚନ୍ଦ୍ର;
ସୁନ୍ଦର ମୁଖ—A beautiful face (like the moon).
[ ଦ୍ର—ମୁଖ ଅର୍ଥବୋଧକ ଅନ୍ୟାନ୍ୟ ଶବ୍ଦ ସଙ୍ଗେ ଚନ୍ଦ୍ର ପର୍ଯ୍ୟାୟର
ଅନ୍ୟ ଶବ୍ଦମାନଙ୍କର ଏହିପରି ରୂପକ କର୍ମଧାରୟ ସମାସ ହୁଏ;
ମୁଖଚନ୍ଦ୍ରମା, ମୁଖେନ୍ଦୁ । ]

**ବଦନ ପଦ୍ମ**—ସଂ. ବ. ( ରୂପକ; ବଦନ+ପଦ୍ମ )—ପଦ୍ମ ପରି ରମଣୀୟ
Badana padma ମୁଖ—A face as beautiful as the lotus.
ବଦନ କମଳ, ବଦନ ସରୋଜ, ବଦନାରବିନ୍ଦ —ଅନ୍ୟରୂପ [ ଦ୍ର—ମୁଖବାଚକ ଅନ୍ୟାନ୍ୟ ଶବ୍ଦ
ସଙ୍ଗେ ପଦ୍ମବାଚକ ଅନ୍ୟ ଶବ୍ଦର ସମାସରେ
ଏହିପରି ଅନ୍ୟାନ୍ୟ ପଦ ମଧ୍ୟ ନିଷ୍ପନ୍ନ ହୁଏ । ]

**ବଦନ ମଣ୍ଡଳ**—ସଂ. ବ. (୬ଷ୍ଠୀ ତତ୍; ବଦନ+ମଣ୍ଡଳ)—ମୁଖ ମଣ୍ଡଳ;
Badana maṇḍala ଲଲାଟଠାରୁ ଓଠ ଓ ଏକ କର୍ଣ୍ଣଠାରୁ ଅନ୍ୟ
କର୍ଣ୍ଣ ପର୍ଯ୍ୟନ୍ତ ବିସ୍ତୃତ ମୁଖର ଅଗ୍ରଭାଗ—The whole
surface of one's face; the facial expression;
the full outline of one's face

**ବଦନ ମଧୁ**—ସଂ. ବ. ( ୬ଷ୍ଠୀ ତତ୍ )—ଅଧର ମଧୁ; ମୁଖାମୃତ; ମୁହଁରୁ
Badana madhu ବାହାରିବା ଲାଳ ବା ଅଇଁଠା—
Saliva or leavings from the mouth of a person.
(ବଦନସୁଧା, ବଦନାମୃତ, ବଦନାସବ—ଅନ୍ୟରୂପ)
[ ଦ୍ର- ଭକ୍ତମାନଙ୍କୁ ଗୁରୁଙ୍କର ଓ ପ୍ରେମିକପ୍ରେମିକାମାନଙ୍କୁ ଆପଣା
ଆପଣା ପ୍ରଣୟପାତ୍ରର ମୁଖନିଃସୃତ ଲାଳ ବା ଉଚ୍ଛିଷ୍ଟ ଅମୃତ ପରି
ମଧୁର ଲାଗେ ବୋଲି ଏହି ଉପମା ପ୍ରଚଳିତ । ]

**ବଦନୀ**—ଦେ.ବ.ସ୍ତ୍ରୀ.(ଅନ୍ୟ ଶବ୍ଦ ସଙ୍ଗେ 'ସଂବଦନା' ସ୍ଥଳରେ ବ୍ୟବହୃତ)-
Badani ୧ । ବଦନଯୁକ୍ତା—1. (a suffix used in a
बदना, बदनी compound word, meaning) Faced;
**बदन** having a face.
ଗୁରୁ ଗମ୍ଭୀରକ ଦର୍ପକ ବରଣୀ ଚନ୍ଦ୍ରବଦନୀ ଗୁରୁକେଶୀ । ବଇଦେହୀଶ ।
୨ । ସ୍ତ୍ରୀ ଲୋକଙ୍କର ନାମ—2. A name of females.

**ବଦନ୍ତୀ**—ସଂ. ବ. (ବଦ୍ ଧାତୁ+କର୍ମ ଅନ୍ତୀ)—କଥା; ବାକ୍ୟ (ହି. ଶ)—
Badanti Speech.

**ବଦର୍**—ବୈଦେ. ବ. (ହି) (ଓଡ଼ିଶା ସେଟ୍‌ଲ୍‌ମେଣ୍ଟ୍ ବିଭାଗର ହିନ୍ଦୁସ୍ଥାନୀ
Badar କର୍ମଚାରୀଙ୍କ ଦ୍ୱାରା ଏ ଦେଶରେ ବ୍ୟବହୃତ ଅର୍ବାଚୀନ ଶବ୍ଦ;
बदर ଫା. ବଦର୍=ହିସାବପତ୍ର; ଇଂ.ବଦର୍=ବିରକ୍ତ
**बद्र** କରିବା )—ଭୂସମ୍ପତ୍ତି ସମ୍ବନ୍ଧେ ପ୍ରତିଦ୍ୱନ୍ଦ୍ୱୀମାନଙ୍କ ମଧ୍ୟରେ
ବିବାଦ ହେଲେ ସେଟ୍‌ଲ୍‌ମେଣ୍ଟ୍ ହାକିମଙ୍କ ନିକଟରେ ପ୍ରଥମେ
ଯେଉଁ ସରସରି ମକଦମା ଦାଏର କରାଯାଏ—
Preliminary summary dispute regarding
a piece of land between 2 rival claimants
before a Settlement Officer.

**ବଦର**—ସଂ. ବ. (ସଂ. ବଦ୍ ଧାତୁ=ସ୍ଥିର ରହିବା+କର୍ତ୍ତୃ. ଅର; ଯେଉଁ
Badara ଗଛ କଟା ହେଲେ ପୁଣି ସ୍ଥିର ରହେ, ଅର୍ଥାତ୍ ମରେ
ନାହିଁ)—୧ । ବରକୋଳି (ଦେଖ)—1. Barakoli
(See) ୨ । କପା ବକଡ଼ା; କପା ଫଳ—2. The
berry like pod of cotton; the closed pod of cotton.
ଦେ. ବ—ଉଦଉଦଳିଆ; ଶ୍ରେଷ୍ଠ ବୃକ୍ଷବିଶେଷ—
କୋକୋଆରୁ Olase Scandens tree (Haines).
[ ଦ୍ର—ଏ ଗଛ ଦେଢ଼ ପୁରୁଷ ପର୍ଯ୍ୟନ୍ତ ଉଚ୍ଚ ହୁଏ; ଫଳ ଅଙ୍ଗୁଠି
ଟିପ ପରି ଓ ଶିବଲିଙ୍ଗ ଆକୃତିବିଶିଷ୍ଟ ଓ ତାହାର ଅଗରେ ଗୋଟା
ନ ଥାଇ ଫଳ ମୂଳରୁ ଅଧ ପର୍ଯ୍ୟନ୍ତ ଗୋଟା ବକଲକୁ ଘୋଡ଼ାଇ
ଥାଏ । ଏ ଫଳକୁ ଖାଆନ୍ତି ଓ କୋମଳ ପତ୍ର ଶାଗ ହୁଏ । ]

**ବଦରାମଲକ**—ସଂ. ବ—ପାଣି ଅଁଳା (ହି. ଶ) (ଦେଖ)
Badarāmalaka Pāṇi a-aṅlā (See)

**ବଦରି(ରୀ)**—ସଂ. ବ. (ସଂ. ବଦ୍ ଧାତୁ=ସ୍ଥିର ରହିବା+ଅର+ଇ(ଈ)]-
Badari(ri) ବଦର (ଦେଖ)—Badara (See)

**ବଦରିକା**—ସଂ. ବି. (ବଦ୍ ଧାତୁ=ସ୍ଥିର ରହିବା+କର୍ତ୍ତୃ. ଅର+ଇକ+ଆ)—ବଦର (ଦେଖ)—Badara (See)
Badarikā
ସଂ. ବି—ବଦରିକାଶ୍ରମ (ଦେଖ)
Badarikāsrama (See)

ଏତେବ ତୁ ଶୀଘ୍ରେ ଚଳ ଏବା
ଅଶ୍ରମ ନାମେ ବଦରିକା । ଜଗନ୍ନାଥ, ଭାଗବତ ।

**ବଦରିକାଶ୍ରମ**—ସଂ. ବି—ବଦ୍ରିକାଶ୍ରମ; ହିମାଳୟ କ୍ରୋଡ଼ରେ ଗଡ଼ବାଲ୍ ପ୍ରଦେଶସ୍ଥ ଅଲକାନନ୍ଦା ନଦୀର ପଶ୍ଚିମ ତୀର-ବର୍ତ୍ତୀ ପ୍ରସିଦ୍ଧ ହିନ୍ଦୁ ତୀର୍ଥ—The name of a place of Hindu pilgrimage on the Himalayas, formerly a famous place of hermitage.
Badarikāsrama
(ବଦରି ଶୈଳ—ଅନ୍ୟରୂପ)

[ଦ୍ର—ଏହା ପୂର୍ବେ ଗୋଟିଏ ତପସ୍ୟାକ୍ଷେତ୍ର ଥିଲା । ଏହିଠାରେ ଋଷିମାନେ ପୁରାଣମାନ ପ୍ରକଟନ କରୁଥିଲେ । ଏହା ବ୍ୟାସଦେବଙ୍କ ଆଶ୍ରମସ୍ଥଳ ବୋଲି ବିଖ୍ୟାତ । ଏହାହିଁ ଭାରତର ପ୍ରଧାନ ତୀର୍ଥ ବଦ୍ରିକା ଓ ଏହା ଭାରତପ୍ରସିଦ୍ଧ ୪ ଗୋଟି ହିନ୍ଦୁଧାମ ମଧ୍ୟରୁ ଗୋଟିଏ । ଏଠାର ଦେବତା ବଦ୍ରିନାଥ । ଏହା ବର୍ଷ ମଧ୍ୟରେ ୬ ମାସ ବରଫରେ ଆବୃତ ଓ ଅଗମ୍ୟ ହୁଏ । କଥିତ ଅଛି ଯେ ଏହାନିକଟସ୍ଥ ହିମାଳୟର ଭଗୁତୁଙ୍ଗ ନାମକ ଶୃଙ୍ଗ ଉପରେ ଥିବା ଗୋଟିଏ ବଦର (ବରକୋଳି) ଗଛରୁ ଏ କ୍ଷେତ୍ରର ନାମକରଣ ହୋଇ-ଥିଲା । ମହାଭାରତରେ ଲେଖାଅଛି ଯେ ଏହିଠାରେ ଗଙ୍ଗା ନଦୀର ଉଷ୍ଣ ଓ ଶୀତଳ ଦୁଇଟି ଧାରା ଥିଲା ଓ ଏହାର ବାଲି ସୁନା ଥିଲା, ଦେବତାମାନେ ଏହିଠାରେ ତପସ୍ୟା କରି ବିଷ୍ଣୁଙ୍କୁ ପାଇଥିଲେ । ଗନ୍ଧମାଦନ, ବଦରୀ, ନରନାରାୟଣ ଓ କୁବେର ଶୃଙ୍ଗମାନ ଏହି ତୀର୍ଥର ଅନ୍ତର୍ଗତ । ନରନାରାୟଣ ଅର୍ଜୁନ ଏହିଠାରେ ତପସ୍ୟା କରି ଥିଲେ । ପାଣ୍ଡବମାନେ ମହାପ୍ରସ୍ଥାନ କାଳରେ ଏହିଠାକୁ ଯାଇଥିଲେ । ବୈଷ୍ଣବମାନଙ୍କର ସବୁ ତୀର୍ଥ ମଧ୍ୟରେ ଏହା ଶ୍ରେଷ୍ଠ ଥିବାର ବିଷ୍ଣୁ ପୁରାଣରେ ଲେଖା ଅଛି—ହି. ଶ ]

**ବଦରି(ରୀ) ନାରାୟଣ**—ଦେ. ବି—ବଦ୍ରିକାଶ୍ରମର ଅଧିଷ୍ଠାତା ଦେବ—The presiding Deity of Badrinārāyaṇa.
Badari(ri) nārāyaṇa
ବଦ୍ରିନାରାୟଣ ବଦ୍ରୀ नारायण
(ବଦ୍ରିନାଥ, ବଦ୍ରିନାରାୟଣ—ଅନ୍ୟରୂପ) [ଦ୍ର—ଏହା ବିଷ୍ଣୁ ମୂର୍ତ୍ତି ଅଟେ । ]

ବଦରି ନାରାୟଣାଶ୍ରମେ
କାଳନେ ଚଳ ଯଥାକ୍ରମେ । ଜଗନ୍ନାଥ, ଭାଗବତ ।

**ବଦଳ**—ବୈଦେ. ବି. (ଆ. ବଦଲ୍)—୧ । ପରିବର୍ତ୍ତନ; 1. Change; substitution. ୨ । ବିନିମୟ; ହେରଫେର—2. Exchange. ୩ । ପଣ୍ୟ-ବିନିମୟ—3. Barter. ୪ । ଏକ ପଦାର୍ଥର ବିନିମୟରେ ପ୍ରଦତ୍ତ ବା ଆନୀତ ଅନ୍ୟ ପଦାର୍ଥ—4. A substitute. ୫ । ପ୍ରତିଶୋଧ—5 Tit for tat. ୬ । ପ୍ରତିଦାନ—6. A return. ୭ । ଜଣେ କର୍ମଚାରୀର ବା ଭୃତ୍ୟର ସ୍ଥାନରେ ଅନ୍ୟ ଜଣକର ଅବସ୍ଥାନ—7. The situation or putting of one officer or servant in the place of another.
Badala বদল बदल

ଦେ ବି. ୧ । (ଅ—ବାଦଲ୍=ମେଘ, ବମ୍ପା ସଂ. ବର୍ଦ୍ଦଲ=ଦୁର୍ଦ୍ଦିନ)—ପଥାଡ଼ सलाब ଏକାଦିକ୍ରମେ ଅତିବୃଷ୍ଟି ଯୋଗୁଁ କ୍ଷେତରେ ଜଳପୂର୍ଣ୍ଣ ହେବା ଅବସ୍ଥା—1. Overflowing condition of the fields owing to very heavy rain. ୨ । ଜଳପ୍ରଳୟ, ଜଳପ୍ଲାବନ—2. Deluge due to incessant rain.

**ବଦଳ କରିବା**—ଦେ. କ୍ରି—ବିନିମୟ କରିବା; କୌଣସି ବସ୍ତୁ ପରିବର୍ତ୍ତରେ ଅନ୍ୟ ବସ୍ତୁକୁ ଦେବା ବା ନେବା—To barter; to exchange a thing for another.
Badala karibā
বদল করা
बदल करना

**ବଦଳ ଦେବା**—ଦେ. କ୍ରି—ଅନ୍ୟ ବସ୍ତୁ ଆଣିବା ପାଇଁ ଆପଣା ନିକଟସ୍ଥ କୌଣସି ବସ୍ତୁକୁ ଦେବା—To give a thing in exchange.
Badala debā
বদল দেওয়া बदल देना

**ବଦଳ ନେବା**—ଦେ. କ୍ରି—ଆପଣା ନିକଟର କୌଣସି ବସ୍ତୁକୁ ଅନ୍ୟକୁ ଦେଇ ଅନ୍ୟର ବସ୍ତୁକୁ ଆପେ ନେବା—To take a thing in exchange.
Badala nebā
বদল লওয়া बदल लेना

**ବଦଳ ପଡ଼ିବା**—ଦେ. କ୍ରି-ଏକାଦିକ୍ରମରେ ବହୁକାଳ ବୃଷ୍ଟିଯୋଗୁଁ କୌଣସି ଅଞ୍ଚଳ ଜଳପୂର୍ଣ୍ଣ ହୋଇ ସବୁଆଡ଼ ବିସ୍ତୀର୍ଣ୍ଣ ଜଳାଶୟପରି ଦେଖାଯିବା—The country being overflooded and turned into a vast sheet of water on account of incessant heavy rain.
Badala paḍibā
পথাড় বহা
सैलाब होना

**ବଦଳରେ**—ଦେ. ଅ—୧ । ଅମୁକର ପରିବର୍ତ୍ତେ—1. Instead of. ୨ । ଅମୁକର ସ୍ଥାନରେ—2. In the place of; in lieu of. ୩ । ଅମୁକ ଦ୍ରବ୍ୟର ବିନିମୟରେ—3. In exchange of.
Badalare
বদলে
बदलेमे

**ବଦଳା**—ବୈଦେ. ବି—(ଅ. ବଦଲାଇ)—ବଦଳ କରିବା କ୍ରିୟା—Act of changing or exchanging.
Badalā
বদলান ଦେ. ବିଣ—ବଦଳ କରାଯାଇଥିବା—Changed; exchanged.
बदला

**ବଦଳା(ଳେ)ଇବା**—ଦେ. କ୍ରି—(ବଦଳିବା କ୍ରିୟାର ଣିଜନ୍ତରୂପ—Causative of Badalibā)-୧ । ବିନିମୟ କରିବା—1. To barter. ୨ । ପୁରୁଣା ଜିନିଷ ଦେଇ ନୂଆ ଜିନିଷ ଆଣିବା—2. To get an old thing exchanged for a new one.
Badalā(le)ibā
বদলান
बदलाना, बदलवाना

**ବଦଳା ବଦଳି**—ଦେ. ବି—( ଆ. ବଦଲ୍ )—୧ । ଅନ୍ୟୋନ୍ୟରେ ପରିବର୍ତ୍ତନ; ଅଦଳ ବଦଳ—1. Exchange. ୨ । ପରସ୍ପର ସ୍ଥାନପରିବର୍ତ୍ତନ—2. Change of places. ୩ । ପଣ୍ୟଦ୍ରବ୍ୟାଦିର ବିନିମୟ—3. Barter.
Badalā badali
বদলা বদলি
बदला बदलि, बदलौवल

**ବଦଳି**—ବୈଦେ. ବି—(ଅ. ବଦଲଇ)—୧ । ପରିବର୍ତ୍ତନ—1. Chang ୨ । ବିନିମୟ—2. Exchange; barter. ୩ । ସ୍ଥାନାନ୍ତର କରଣ—3. Transfer. ୪ । ଏକ ସ୍ଥାନରୁ ଚାକର ପରିବର୍ତ୍ତରେ ଅନ୍ୟ ସ୍ଥାନରେ ଚାକରରେ ନିଯୁକ୍ତି—4. Transfer of service from one place to another. ୫ । ପ୍ରତିନିଧି—5. Deputy; representative; locum tenens.
Badali
বদলী
बदली

ବୈଦେ· ଵଣ—୧ । ସ୍ଥାନାନ୍ତରିତ—1. Transferred from one place to another. ୨ । ପରିବର୍ତ୍ତିତ—2. Changed. ୩ । ପ୍ରତିଦତ୍ତ—3. Bartered; given or taken in exchange.

ବଦଳିଆ—ବୈଦେ. ବି (ଅ. ବଦଲ୍ଲଇ)—୧ । ଦୁଇ ଜଣ ଚଷାଙ୍କ ମଧ୍ୟରେ Badalia ମୂଲ ପରିବର୍ତ୍ତରେ ହଳ ବଳଦ ବା ମୂଲିଆ କାମର ବଦଲୀ ବିନିମୟ ସ୍ରୀତ—1. A system current amongst अँगोरिया, माँज poor cultivators of exchanging one man's bullocks and plough for another's labour and vice versa. ୨ । ଚାକର ଛୁଟି ନେବା ସମୟ ପାଇଁ ସେ ଯେଉଁ ଅନ୍ୟ ଚାକରଙ୍କୁ ତା ଚାକରିରେ ରଖାଏ—2. A temporary substitute given by a servant; locum tenens. बदली बदला ୩ । ପ୍ରତିନିଧି—3. Deputy; representative.

ବଦଳି କରିବା—ଦେ. କ୍ରି—୧ । କୌଣସି କର୍ମଚାରୀଙ୍କୁ ସ୍ଥାନାନ୍ତରକୁ Badali karibā ଯିବାକୁ ଆଦେଶ ଦେବା—1. To pass बदलीकरा order for transfer of a person in बदलि करना service. ୨ । ପରିବର୍ତ୍ତନ କରିବା—2. To change. ୩ । ପଣ୍ୟଦ୍ରବ୍ୟାଦିର ବିନିମୟ କରିବା—3. To exchange; to barter.

ବଦଳିବା—ଦେ· କ୍ରି—(ଫା. ବଦଲ୍‌ନା)—୧ । ପରିବର୍ତ୍ତିତ ହେବା—Badalibā 1. To change; to be changed. ୨ । ପିନ୍ଧି बदना थିବା ଲୁଗାକୁ ପାଲଟିବା—2. To change clothes; बदलना to put off an old and put on a new cloth instead. ୩ । ଅନ୍ୟଥା ହେବା—3 To turn otherwise.

ବଦଳି ହୁକୁମ—ବୈଦେ· ବି-(ଫା. ବଦଲ୍ଲଇ+ହୁକୁମ୍)—କର୍ମଚାରୀଙ୍କର Badali hukuma କାର୍ଯ୍ୟସ୍ଥାନ ପରିବର୍ତ୍ତନର ଆଦେଶ—बदली हुकुम Order for transfer of service. बदलि हुकुम

ବଦସ୍ତ—ବୈଦେ. ଅ—(କଚିରଆ)—(ଫା· ବଦସ୍ତ୍=ହାତଦ୍ୱାରା)—Badasta ଦସ୍ତ ବଦସ୍ତ; ହାତେ ହାତେ; ନଗଦ—Hand to बदस्त बदस्त hand; in cash.

[ ଦ୍ର—କବାଲା ଓ ଦଲିଲ ଆଦିରେ ବ୍ୟବହୃତ; ଯଥା—ତୁମ୍ଭେ ମୁସ୍ତରିଙ୍କୁ ଆମ୍ଭେ ବାମ୍ନା ଏ ଜମି ବିକ୍ରୟ କରି ଅଇଦନ ଦସ୍ତବଦସ୍ତ ତୁମ୍ଭଠାରୁ ବବାକ୍ ଚଳିସମନ୍ ଟଙ୍କା ବୁଝିନେଲୁଁ । ]

ବଦସ୍ତୁର୍—ବୈଦେ.ଅ.(ଫା)(କଚିରଆ)-ସ୍ରୀତ ଅନୁସାରେ; ସ୍ରୀତମତେ-Badastur According to the prevailing custom बदस्तुर बदस्तूर or practice.

ବଡାଇ—ଦେ. ବି.—୧ । ବଧାଇ (ଦେଖ)—1 Badhāi (see). Badāi. ୨ । ରସଦ; ସିଧାସାମଗ୍ରୀ—Rasad; provisions; victuals presented to a guest.

ବଡା(ଦେ)ଇବା—ଦେ. କ୍ରି.—(ପଦ୍ୟ)—୧ । (ବଡ଼ିବା କ୍ରିୟାର Badā (de) ibā ଣିଜନ୍ତରୂପ—Causative of Badibā) —ହି. ବଦାନା, ଲଲକାରନା —କୁହାଇବା; ଡକାଇବା —To cause to speak or call. ୨ । ଯୁଦ୍ଧକୁ ଅନ୍ୟଙ୍କୁ ଆହ୍ୱାନ କରିବା—2. To call upon a person to fight; to challenge.

ବୋଲନ୍ତି ଦେନ ସମରେ ମୁଁ ଏକା—ଉଷ. ବୈଦେଶ୍ଶବଳାସ ।

ବଡାଉ—ଦେ. ବି.—୧ । ଶସ୍ତ୍ରର ଫଳକ—1. The blade of a Badāu weapon. ବୋଉ ଭଲେ ଟେକନ୍ତି ଖଡ଼ଗଳକ—ଉଷ. ବୈଦେଶ୍ଶବଳାସ ।

୨ । ଅସ୍ତ୍ରବିଶେଷ—2. A kind of weapon.

ବାଦଲ ଓ ପଷ କନ୍ଧ ସାଜେ । ଉଷ·ବୈଦେଶ୍ଶବଳାସ ।

ललकारा ୩ । ଯୁଦ୍ଧ କରିବା ପାଇଁ ବିପକ୍ଷକୁ ଆହ୍ୱାନ—3. A call to the adversary for a fight; challenge.

ବଡାଡ଼—ବୈଦେ. ବି. (ଅ. ବାଦୟା=ବନ— ଯୋଗେଷ୍ଟିନ୍) Badārda ୧ । ଜଙ୍ଗଲ—1. Jungle; forest. ୨ । ବଣ-ବୁଦା बादाड़ बादाद —2. Wild trees and bushses growing in an intermingled manner.

ବଡାଡ଼ି—ଦେ. ବି.—ବଡାଡ଼ (ଦେଖ)—Badārda (see). Badārdi ଦେ.ବଣ.—ବଡାଡ଼ିଆ (ଦେଖ)—Badārdia (See) ପ୍ରାଦେ (ଯାଜପୁର). ବି.—ଗଦା; ଧାନ ବିଡ଼ାର ଗଦା—A heap of paddy sheaves.

ଯଥା କୃଷିବଳ, ଘରେ ବଡାଡ଼ି ଫଗୁଣେ ।
କଗୁଡ଼େ କଡଡ଼ା ତଡ଼ା ଖଳାକନ୍ତୁ ପରେ—ଚନ୍ଦ୍ରାମଣି, ଗ୍ରନ୍ଥଚଳନ୍ତା ।

ବଡାଡ଼ିଆ—ଦେ. ବଣ—ଅରଣ୍ୟମୟ—Jungly. Badārdia बादाड़े जंगली

ବଡା(ଦ)ନ୍ୟ—ସ. ବଣ. ପୁଂ—(ବଦ୍ ଧାତୁ=କହିବା+ କର୍ତ୍ତୃ. ଅନ୍ୟ; Badā(da)nya ଯେ ମଧୁର ସମ୍ଭାଷଣ କରେ)—୧ । ମଧୁରଭାଷୀ-- [ବଡା(ଦ)ନ୍ୟା—ସ୍ତ୍ରୀ] 1. Sweet-speaking. ୨ । ଦାନଶୀଳ; 2. Liberal; charitable; generous; munificent ୩ । ଉଦାର—3. Liberal-minded.

ବଡାନ୍ୟତା—ସ. ବି—(ବଦାନ୍ୟ +ଭାବ. ତା)—୧ । ଦାନଶୀଳତା—Badānyatā 1. Generosity; liberality. ୨ । ଉଦାରତା--2. Liberal-mindedness; broadness of view.

ବଡାବଡ(ଯି)ହେବା—ଦେ.କ୍ରି. (ପ୍ରାଚୀନ ପ୍ରୟୋଗ)—ପରସ୍ପର କୁହାକୁହି Badābadi(ji)hebā ହେବା—To speak mutually; to बदाबादि होना converse.

ବଡାବଡ ଯାଉଥିଲେ ସଙ୍ଗେ ଦେଖନ୍ତି ଏ ଶୋଭ ଚୁଲନ୍ତା ଦର୍ଶନ ।
ଉଷ. ବୈଦେଶ୍ଶବଳାସ ।

ବଡାଯିବା—ପ୍ରାଦେ. (ସମ୍ବଲପୁର) କ୍ରି—(ଗ୍ରାମ ଦେବତାଙ୍କୁ ବୋଦାଆଦି) Badājibā ଯଜ୍ଞିବା—To be vowed to be given; (a victim) to be offered to a Goddess.

ବଡାରିବା—ପ୍ରାଦେ. (ଜୟପୁର) କ୍ରି—(ଘାସ,ଧାନ ବା ପାଳ ଆଦି) ଗଦା Badāribā କରିବା—To heap up (straw etc).

ବଡାଳିଆ—ଦେ. ବି—ବଦର (ଦେଖ) Badālia Badara (See)

**ବଡ଼ି**—ଦେ. ବି. (ଫା. ବଦ୍‌ଈ)—୧ । ବଦ୍‌ନାମ; ଦୁର୍ନାମ—
Badi 1. Defamation; bad reputation. ୨ । ଦାୟିତ୍ୱ—
**बदी** 2. Responsibility. ୩ । ଅପକାର—3. Injury.
**बदी** (ବଡ଼େଇ—ଦେଶଜ ରୂପ) ୪ । ମନ୍ଦତା—4. Badness.
[ ଦ୍ର—ଏ ଶବ୍ଦ ଫା. 'ନେକ' ସହ ବ୍ୟବହୃତ ହୋଇ ନେକ ବଦ୍ ଶବ୍ଦ(=ସୁନାମ ଓ ଦୁର୍ନାମ; ପୁରସ୍କାର ଓ ଦଣ୍ଡ; ଭଲ ମନ୍ଦ ଫଳର ଦାୟିତ୍ୱ ଅର୍ଥରେ) ବ୍ୟବହୃତ ହୁଏ । ]
(ସୁଦି—ବିପରୀତ) ୩ । (ମାରୱାଡ଼ିଙ୍କ ଭାଷା; ହି. ସଂ. ଅବଦାତ)—
କୃଷ୍ଣପକ୍ଷ—3. The dark fortnight of a month.

**ବଡ଼ିବା**—ଦେ. କ୍ରି. (ପଦ୍ୟ) (ସଂ. ବଦ୍ ଧାତୁ) (ପ୍ରାଚୀନ ପ୍ରୟୋଗ)—
Badibā बदा **बदना** କହିବା—To speak.
ପ୍ରାଦେ. (ସମ୍ବଲପୁର) କ୍ରି—ମନାସିବା; ଦେବତାଙ୍କୁ ବୋଦା ମାନସିକ କରିବା; ଯାଚିବା—To vow to offer victims to a Goddess.

**ବଡୁ**—ପ୍ରାଦେ. (ଗଞ୍ଜାମ) ବି—ଦୁଆରବନ୍ଧର ଉଡ଼ୁକାଠ ଉପରେ ଖୋଳା
Badu ଥିବା ରେଖା ଚିତ୍ର—Figures carved above the door-frame.

**ବଡୁରୁଳି**—ଦେ. ବି. (ସଂ. ବଦର)—ବଦର (ଦେଖ)
Baduruḷi Badara (See)

**ବଦ୍ଧ**—ସଂ. ବିଣ. (ବନ୍ଧ ଧାତୁ=ବାନ୍ଧିବା+କର୍ମ. ତ)—୧ । ବନ୍ଦ କରା-
Baddha ଯାଇ ଥିବା—1. Shut; closed. ୨ । ବନ୍ଧନ
(ମୁକ୍ତ—ବିପରୀତ) କରାଯାଇ ଥିବା—2. Bound. ୩ । ଗ୍ରଥିତ; ବନ୍ଧା ହୋଇଥିବା—3. Tied; strung together. ୪ । ସଂଯତ; ନିୟମିତ; ବ୍ୟବସ୍ଥିତ—4. Constrained; regulated. ୫ । ଅଟକା ଯାଇଥିବା—5. Restrained; with-held. ୬ । ଦମିତ; ନିବାରିତ—6. Checked; suppressed. ୭ । ଏକତ୍ର; ସମ୍ମିଳିତ—7. Joined together; assembled. ୮ । ସଜ୍ଜିତ—8. Arranged. ୯ । ଅବରୁଦ୍ଧ—9. Confined. ୧୦ । ଯାହାର ସ୍ରୋତ ରୁଦ୍ଧ ହୋଇଥାଏ—10. Stagnant. ୧୧ । ଉତ୍ପାଦିତ; ଉତ୍ପନ୍ନ—11. Produced. ୧୨ । ନିହିତ—12, Directed. ୧୩ । ଅନ୍ୟ ସଙ୍ଗେ ସଂଯୋଜିତ—13. Linked to another. ୧୪ । ନିର୍ଦ୍ଧାରିତ; ନିର୍ଦ୍ଦିଷ୍ଟ (ହି. ଶ.)—1. Fixed; settled.
ଦେ.ବି—୧ । ଅବରୁଦ୍ଧ ଜଳରେ ବଢ଼ିବା ଦଳଅଦର ସ୍ଥୂଳ ସ୍ତର—
दल 1. A thick layer of weeds spreading over stagnant water. ୨ । ଦେହରେ ମୋଟ ହୋଇ ବସିଥିବା ମଇଳା—2. A thick layer of dirt accumulating on the body.

**ବଦ୍ଧକ**—ସଂ. ବି. (ବଦ୍ଧ+କ)—କୟେଦୀ; ବନ୍ଦୀ (ହି. ଶ.)—
Baddhaka Prisoner.

**ବଦ୍ଧ କୋଷ୍ଠ**—ସଂ. ବି. (ବହୁବ୍ରୀହି; ବଦ୍ଧ+କୋଷ୍ଠ)—ଝାଡ଼ା ବନ୍ଦ
Baddha koshṭha ରୋଗ; ସଫାଝାଡ଼ା ନ ହେବା ରୋଗ—Habitual constipation.

**ବଦ୍ଧ ଗୁଦୋଦର**—ସଂ. ବି—ଏକପ୍ରକାର କୋଷ୍ଠବଦ୍ଧ ରୋଗ—
Baddha guḍodara A kind of constipation.
(ବଦ୍ଧୋଦର—ଅନ୍ୟରୂପ) [ ଦ୍ର—ଏଥିରେ ସ୍ତନ ଓ ନାଭି ମଧ୍ୟସ୍ଥ ଉଦରାଂଶ ଫୁଲିଯାଏ ଓ ବହୁକଷ୍ଟରେ ଅଳ୍ପ ଅଳ୍ପ ଝାଡ଼ା ହୁଏ । ଅନ୍ତ୍ରରେ ଅନ୍ନ, ମାଂସ, ବାଳ ଆଦି ମିଳିଲେ ଏ ରୋଗ ହୁଏ । ଅତ୍ୟଧିକ ତୈଳବହୁଳ ଓ ଗୁରୁପାକ ଖାଦ୍ୟ ଖାଇଲେ ଏ ରୋଗ ହୁଏ । ରୋଗୀର ବମନର ମଧ୍ୟ ମଳବତ୍ ଦୁର୍ଗନ୍ଧ ହୁଏ—ହି.ଶ. ]

**ବଦ୍ଧଜଳ**—ସଂ. ବିଣ. (ବହୁବ୍ରୀହି)—ଯେଉଁ ଜଳାଶୟର ପାଣି ଅନ୍ୟତ୍ର
Baddhajaḷa ଯାଇ ନ ପାରି ଅଟକି ରହିଥାଏ—Having stagnant water.

**ବଦ୍ଧ ଦୃଷ୍ଟି**—ସଂ. ବିଣ. (ବହୁବ୍ରୀହି; ବଦ୍ଧ ହୋଇଅଛି ଦୃଷ୍ଟି ଯାହାର)—
Baddha dṛushṭi ନ୍ୟସ୍ତ ଦୃଷ୍ଟି; ସ୍ଥିରଲକ୍ଷ୍ୟ—Staring; with a fixed gaze.
ସଂ. ବି. (କର୍ମଧା)—ଏକସ୍ଥାନରେ ନିବଦ୍ଧ ନିର୍ନିମେଷ ଦୃଷ୍ଟି—
Fixed gaze; stare.

**ବଦ୍ଧପରିକର**—ସଂ. ବିଣ. (ବହୁବ୍ରୀହି; ବଦ୍ଧ ହୋଇଅଛି ପରିକର=
Baddhaparikara କଟିବନ୍ଧ ଯାହାର)—୧ । ଯାହାର ଅଣ୍ଟାରେ କଟିବନ୍ଧ ଭିଡ଼ା ହୋଇଅଛି; ଦୃଢ଼ୀକୃତ କଟିବନ୍ଧ—1. Having one's belt tied to the waiste; girdled. ୨ । (ଲକ୍ଷଣାର୍ଥ) ଦୃଢ଼ପ୍ରତିଜ୍ଞ; କୃତନିଶ୍ଚୟ—2. (figurative) Resolved; determined to do a work. ୩ । କୌଣସି କାର୍ଯ୍ୟ କରିବା ନିମନ୍ତେ ପ୍ରସ୍ତୁତ—3. Prepared to undertake a certain work.

**ବଦ୍ଧ ପାଗଳ(ଳା)**—ଦେ. ବିଣ. ପୁଂ. (ବଙ୍ଗଳାରୁ ଅନୁକୃତ)—
Baddha pāgaḷa(ḷā) ୧ । ଭୁଚ୍ଛା ବାୟା; ପୂର୍ଣ୍ଣରୂପେ ବାୟା—
बद पागल 1. Stark mad. ୨ । ଅତ୍ୟନ୍ତ ନିର୍ବୋଧ—
**बिलकुल पागल; एकदम बावड़ा** 2. Utterly foolish.
ବଦ୍ଧ ପାଗଲ(ଲ୍ଲ)—ଅନ୍ୟରୂପ । ବଦ୍ଧ ପାଗଲୀ(ଲୀ)—ସ୍ତ୍ରୀ
ବଦ୍ଧବାୟା—ପୁଂ, ବଦ୍ଧବାଇ—ସ୍ତ୍ରୀ—ଅନ୍ୟରୂପ

**ବଦ୍ଧମୁଖ**—ସଂ. ବିଣ. (ବହୁବ୍ରୀହି; ବଦ୍ଧ+ମୁଖ)—ଯାହାର ମୁହଁ ବନ୍ଦ
Baddhamukha ହୋଇଥାଏ—Having the mouth closed or shut.

**ବଦ୍ଧମୁଷ୍ଟି**—ସଂ. ବିଣ. (ବହୁବ୍ରୀହି; ବଦ୍ଧମୁଷ୍ଟି)—୧ । ଦୃଢ଼ମୁଷ୍ଟି; ଯେ
Baddhamushṭi ହାତକୁ ମୁଠା କରିଅଛି—1. Having closed up one's fist. ୨ । (ଲକ୍ଷଣାର୍ଥ) କୃପଣ; ବ୍ୟୟକୁଣ୍ଠ—2. (figurative) Miserly; close-fisted; niggardly. ୩ । (ଲକ୍ଷଣାର୍ଥ) ଦୃଢ଼ପ୍ରତିଜ୍ଞ; କୃତନିଶ୍ଚୟ—3, (figurative) Resolved; determined.

**ବଦ୍ଧମୂଳ**—ସଂ. ବିଣ. (ବହୁବ୍ରୀହି)—୧ । ଦୃଢ଼ମୂଳ; ଯାହାର ମୂଳ ଭୂମିରେ
Baddha mūḷa ଏପରି ଲଗ୍ନ ହୋଇ ମାଡ଼ି ଥାଏ ଯେ ସହଜରେ ଉପୁଡ଼େ ନାହିଁ—1. Deep rooted; firmly rooted. ୨ । (ଲକ୍ଷଣାର୍ଥ) ସୁଦୃଢ଼—2. (figurative) Firmly fixed

ବଦ୍ଧ ଶିଖ—ସଂ. ବଣ. ପୁଂ. (ବହୁବ୍ରୀହି; ବଦ୍ଧ ହୋଇଅଛି ଶିଖା ଯାହାର)—
Baddha śikha ଯେ ମୁଣ୍ଡର କେଶକୁ ବାନ୍ଧି ଅଛି—Having
(ବଦ୍ଧ ଶିଖା—ସ୍ତ୍ରୀ) one's hair of the head tied together.

ସଂ. ବି. ପୁଂ—୧ । ଶିଶୁ—1. Child. ୨ । ଯେଉଁ ବ୍ରାହ୍ମଣ ଶିଖା ବନ୍ଧନ କରିଅଛି—2. A Brāhmaṇa who has tied his hair into a knot.

ବଦ୍ଧାଞ୍ଜଳି—ସଂ. ବି. ( ବହୁବ୍ରୀହି; ବଦ୍ଧ+ଅଞ୍ଜଳି )—କୃତାଞ୍ଜଳି; ହାତ
Baddhāñjali ଯୋଡ଼ି ଥିବା—With folded hands; with hands joined together in supplication.

ସଂ. ବି—ଏକତ୍ର ଯୋଡ଼ା ହୋଇ ଥିବା କରତଳ ଦ୍ୱୟ—Folded hands.

ବଦ୍ଧାନୁଶୟ—ସଂ. ବଣ. (ବହୁବ୍ରୀହି; ବଦ୍ଧ+ଅନୁଶୟ)—ସ୍ଥିରପ୍ରତିଜ୍ଞ;
Baddhānuśaya କୃତପ୍ରତିଜ୍ଞ—Determined; resolved.

ବଦ୍ୟ—ସଂ. ବଣ—(ବଦ୍ ଧାତୁ+କର୍ମ. ଯ) କଥିତ ହେବାର ଯୋଗ୍ୟ—
Badya Fit to be spoken.

ବଦ୍ଦି, ବଦ୍ୟ ଗ୍ରା. ବି. ( ସଂ. ବୈଦ୍ୟ )—୧ । ବୈଦ୍ୟ (ଦେଖ)
ବଦ୍ 1. Baidya (See)

ଦରବ୍, ବ୍ୟାଧି ଏ ପ୍ରକାର, ଏଥକୁ ବଦ୍ୟ ବେଣୁଧର ।
ଭୂପତି. ପ୍ରେମପଞ୍ଚାମୃତ ।

୨ । କୃଷ୍ଣ ପକ୍ଷ—2. Dark fortnight.

ବଦ୍ୟନାଥ—ଗ୍ରା. ବି. (ସଂ. ବୈଦ୍ୟନାଥ)—ବୈଦ୍ୟନାଥ (ଦେଖ)
Badyanātha Baidyanātha ( See )

ବଦ୍ରିକା—ଦେ. ବି. (ସଂ. ବଦରିକା)—ବଦରିକାଶ୍ରମ (ଦେଖ)
Badrikā ବଦ୍ରିକା बद्रिका Badarikāśrama (See)
(ବଦ୍ରିକାଶ୍ରମ—ଅନ୍ୟରୂପ) ସକଳ ତୀର୍ଥ ଜେ ଭରଣେ, ବଦ୍ରିକା ଯିବ କି କାରଣେ
ଜଗନ୍ନାଥ, ଭଗବତ ।

ବଦ୍ରିନାଥ—ଦେ. ବି—ବଦରିନାରାୟଣ ( ଦେଖ )
Badrināṭha ବଦ୍ରି ନାଥ बद्रीनाथ Badarināräyaṇa
(ବଦ୍ରିନାରାୟଣ—ଅନ୍ୟରୂପ) (See)

ବଧ୍ (ଧାତୁ)—ସଂ—୧ । ହିଂସା କରିବା; ମାରି ପକାଇବା—1. To
Badh (root) kill. ୨ । ବନ୍ଧନ କରିବା—2. To bind. ୩ । ଘୃଣା କରିବା—3. To hate; to detest.

ବଧିରିବା—ପ୍ରାଦେ. (ସମ୍ବଲପୁର) କ୍ରି—କୌଣସି କାର୍ଯ୍ୟ କରିବା ପାଇଁ
Badh-ribā ଅନ୍ୟ ବ୍ୟକ୍ତିକୁ ନିଷେଧ କରିବା—To forbid; to prohibit a person from doing anything.

ବଧ—ସଂ. ବି. ( ହନ୍, କିଂବା ବଧ୍ ଧାତୁ+ଭାବ. ଅ)—
Badha ୧ । ହନନ; ନାଶ; ହତ୍ୟା; ମାରଣ—1. Killing; destruction; slaughter; murder.
୨ । ମାଂସପେଶୀର ଅଧିକ୍ୟ—2. Plenty of muscles.
୩ । ଅଘାତ—3. A stroke; blow. ୪ । ପକ୍ଷାଘାତ—4. Paralysis. ୫ । ଗୁଣନ—5. Multiplication.
୬ । ଅଦୃଶ୍ୟତା; ଲୋପ—6. Disappearance.

ଦେ. ବି—ହତ୍ୟାଜନିତ ପାପ—1. Sin due to slaughter.
ହତ୍ୟା हत्या

ଏ ତେଜ ଲୋକେ ବଧ ନ ସହେ । ସ୍ତ୍ରୀ. ଉଷାଭିଳାଷ ।

୨ । ସ୍ରୋତ ନ ଥିବା ଜଳ ଉପରେ ମାଡ଼ିବା ଜଳଜ ଘାସ ଆଦିର
ଘନସ୍ତର—2. A thick layer of aquatic weeds
कडौती, जीठ spread on the surface of stagnant pools. ୩ । ବହୁକାଳ ନ ଗାଧୋଇବା ଓ ଦେହକୁ ସଫା ନ କରିବା ଦୋଷରୁ ଦେହ ଉପରେ ଜମିବା ମଳର
ଘନ ସ୍ତର—3. A thick layer of dirt formed on
मयला the body of a person who has not had a
घनामैला clean bath for a long time.
୪ । ଘନ ସ୍ତର—4. Thick layer.

ସଂସାର ସାଗର ବୁଡ଼ା ବଧ ବ୍ୟାଧି ଯିବ । ଅଭିମନ୍ୟୁ, ବଦଗ୍ଧଚନ୍ତାମଣି ।

ବଧକ—ସଂ. ବି. ପୁଂ. ( ବଧ୍ ଧାତୁ+କର୍ତ୍ତୃ. ଅକ )—
Badhaka ୧ । ହତ୍ୟାକାରୀ; ଘାତୁକ—1. Murderer; slayer.
(ବଧକା, ବଧିକା—ସ୍ତ୍ରୀ) ୨ । ପ୍ରାଣଦଣ୍ଡାଜ୍ଞା ପାଳନକାରୀ—
2. An executioner; a hangman (Apte). ୩ । ଏକ ପ୍ରକାର ଶର ତୃଣ—3. A kind of reed (Apte).
୪ । ବ୍ୟାଧ—4. Hunter.

ବଧକ ଯେ ଧନୁରେ କି ଶିବ ଅବକରେ ଶିହକୁ ଶରଭରେ ଜାଣେ ସେ ।
ଉକ୍ତ. ବୈଦେହୀଶବିଳାସ ।

ବଧ କରିବା—ଦେ. କ୍ରି—କୌଣସି ପ୍ରାଣୀର ବିନାଶ କରିବା—
Badha karibā To kill; to slaughter.
ବধ করা बध करना

ବଧକର୍ମାଧିକାରୀ—ସଂ. ବି—ପ୍ରାଣଦଣ୍ଡାଜ୍ଞା ପରିପାଳକ—Executioner;
Badhakarmādhikārī hangman (Apte).

ବଧଜୀବୀ—ସଂ. ବି. ପୁଂ—( ବଧ+ଜୀବ୍ ଧାତୁ+କର୍ତ୍ତୃ. ଇନ୍; ୧ମା.
Badhajībī ୧ବ)—୧ । ବ୍ୟାଧ; ଶିକାରୀ—1. Hunter.
(ବଧଜୀବିନୀ—ସ୍ତ୍ରୀ) ୨ । କଂସେଇ—2. Butcher.

ବଧତ୍ର—ସଂ. ବି—(ବଧ୍ ଧାତୁ+କରଣ. ଅତ୍ର)—ଆୟୁଧ; ଅସ୍ତ୍ର—
Badhatra Weapon.

ବଧ ଦଣ୍ଡ—ସଂ. ବି—(ରୂପକ; ବଧ+ଦଣ୍ଡ)—୧ । ଅପରାଧୀର ମୃତ୍ୟୁରୂପ
Badha daṇḍa ରାଜଦଣ୍ଡ; ପ୍ରାଣଦଣ୍ଡ—1. Capital punishment. ୨ । ଶାରୀରିକ ଦଣ୍ଡ—2. Corporeal punishment.

ବଧ ଦଣ୍ଡାଜ୍ଞା—ସଂ.ବି. (୬ଷ୍ଠୀ ତତ୍; ବଧଦଣ୍ଡ+ଆଜ୍ଞା)—ଅପରାଧୀକୁ ମାରି
Badha daṇḍājñā ପକାଇବା ନିମନ୍ତେ ରାଜକୀୟ ଆଦେଶ; ଫାସି ହୁକୁମ—Capital sentence; sentence of death by hanging or execution.

ବଧନୀୟ—ସଂ. ବଣ—(ବଧ୍ ଧାତୁ+କର୍ମ. ଅନୀୟ)—ବଧାର୍ହ; ବଧ୍ୟ—
Badhanīya Deserving to be killed

ବଧ ଭୂମି—ସଂ. ବି—(୬ଷ୍ଠୀ ତତ୍)—୧ । ବଧ୍ୟଭୂମି; ଯେଉଁ ସ୍ଥାନରେ
Badha bhūmi ଅପରାଧୀକୁ ହତ୍ୟା କରାଯାଏ—1. A place
ବଧସ୍ଥଳୀ } ଅନ୍ୟରୂପ where persons condemned to
ବଧସ୍ଥାନ } capital punishment are executed. ୨ । କଂସେଇଶାଳା—2. Slaughter-house.

ବଧଶାଳୀ—ଦେ (ପ୍ରାଚୀନ) ବିଣ—ବଳାପକାରୀ; ହତ୍ୟାକାରୀ—
Badhaśāḷi Slaying.
ତହିଁରେ ତା ବଧଶାଳୀ ବଧିବେକ ଗୋଟିଏ ମନ, ଭଳ ବୃକ୍ଷପଦ ବଚିଳରେ ।
ଉଞ୍ଜ, ବୈଦେହୀଶବିଳାସ ।

ବଧ ସ୍ତମ୍ଭ—ସଂ. ବି—(ବଧ ନିମିତ୍ତ ସ୍ତମ୍ଭ)—ଫାସି ଖୁଣ୍ଟ—
Badha stambha Gallows (Apte).

ବଧ ହେବା – ଦେ. କ୍ରି—ଅନ୍ୟ ବ୍ୟକ୍ତିଦ୍ୱାରା ହତ ହେବା—
Badha hebā To be killed or murdered.
ବଧ ହଓୟା **बध होना**

ବଧା—ଦେ. ବି—(ସଂ. ବଧ)—୧ । (କୌଣସି ବ୍ୟକ୍ତିର) ବଧର ଉପାଦାନ—
Badhā 1. Occasion of one's death; cause of one's
ମରଣ **मृत्यु, बध** death by being killed.
(ଯଥା—ସର୍କସ୍ ଖେଳାଳ ଯେଉଁ ସିଂହ ସଙ୍ଗେ ଖେଳ ଦେଖାଉଥିଲା ସେହି ସିଂହହିଁ ତାହାର ବଧା ହେଲା ।)
ମରଣକାଲ ୨ । ବଧିହୋଇ ମରିବାର ଉପଯୁକ୍ତ କାଳ—
**मृत्युकाल** 2. Time of death by being killed.
(ଯଥା—ବଣକୁ ଗଲେ ବାଘ ମୁହଁରେ କେତେ ଲୋକର ବଧା ପହଞ୍ଚେ।)
୩ । ଜୀବନ କାଳ; ଆୟୁଃ—3. Lifetime; period of one's life.
(ଯଥା—ସୁଗ୍ରୀବ ବାଳିକୁ ଡାକ ଦେଲା 'ତୁ ମୋ ସଙ୍ଗେ ଯୁଦ୍ଧ କରିବାକୁ ପ୍ରସ୍ତୁତ ହୋ । ତୋର ଆସି ବଧା ପୂରିଲାଣି ।')
[ ଦ୍ର—'ବଧା' ଶବ୍ଦ ଦ୍ୱାରା ବଧଦ୍ୱାରା ମୃତ୍ୟୁ ଘଟିବାର ସୂଚନା ହୁଏ । ]
୪ । ବାଘବଜାର ଖେଳରେ ବାଘ-ସାରକୁ ଚାଳିବା ପାଇଁ ଛେଳି-ସାର ବସାଇବା ପକ୍ଷର ଛାଡ଼ିଦେବା ଗୋଟିଏ ଘର—
4. A room left for the movement of the tiger-pawn in a game of Bāghabajāri.
୫ । କଥାର ମଞ୍ଜି ବା ସନ୍ଧି—5. The crux of a matter. ୬ । ଦୁଇ ଜଣଙ୍କ ମଧ୍ୟରେ ହେଉଥିବା କଥାରେ ଥିବା ପ୍ରଭେଦ—6. Difference between the sayings of two persons in a transaction.
[ ଦ୍ର—ବିକଳିବାଲା ଖଣ୍ଡିଏ ଲୁଗାର ଦାମ ବାରଅଣା କହିଲା, କଣିଲାବାଲା କହିଲା ଦଶଅଣା । ଅତଏବ ଏ ଦୁହିଙ୍କ କଥାରେ ଦୁଇ ଅଣାର 'ବଧା' ରହିଛି । ]
ପ୍ରାଦେ. (ଗଡ଼ଜାତ) ବି—ହାତୀ ଖେଦାରେ ହାତୀଙ୍କୁ ଖେଦା ଅଡ଼ିକୁ ଫେରୁଆଇବା ପାଇଁ ଲୋକମାନଙ୍କର ପଞ୍ଝା ପଞ୍ଝା
ବାଧା ହୋଇ ଜଗିବା—Stationing of troops of beaters in an elephant catching operation.

ବଧା(ଧେ)ଇ—ଦେ. ବି· (ସଂ. ବଦାପ୍ୟ ବା ବଦ୍ ଧାତୁରୁ; ଅ. ବଦା)—
Badhā(dhe)i କୌଣସି ସୁସମ୍ବାଦ ଆଣିବା ବ୍ୟକ୍ତିକୁ ଦିଆଯିବା
ବିଦାଈ ପାରତୋଷିକ ବା ବଦାନ—Reward given to the
**बधाई; बधावा** bearer of good tidings.
ପୁଣି ବୋଇଲେ ମୋ ହିଅ କରୁଅଛି
ଶୋକ ଦେଲେ ବଧାଇ ଦେବ ନାହିଁ କି । କୃଷ୍ଣସିଂହ, ମହାଭାରତ ବନ ।

ବଧା(ଧେ)ଇବା—ଦେ. କ୍ରି (ସଂ. ବାଧା)—୧ । ବାଧିବା କ୍ରିୟାର
Badhā(dhe)ibā ଣିଜନ୍ତରୂପ—1. Causative of bādhibā.
ବାଧାନ (ଯଥା—ସେ ମତେ ଭାଇ ବଧେଇ କରି ଦପଦ କଥା
ବଧାନ କହିଲା ।)
**बधाना** ୨ । ବଧିବା କ୍ରିୟାର ଣିଜନ୍ତରୂପ—2 Causative of badhibā.

ବଧାଙ୍ଗକ—ସଂ. ବି. (ବଧ+ଅଙ୍ଗ+କ)—୧ । ବିଷ—1. Poison
Badhāṅgaka (Apte). ୨ । କାରାଗାର (ହି. ଷ.)—
2. Prison.

ବଧା ପହ(ହୁ)ଞ୍ଚିବା—ଦେ. ବି—ମୃତ୍ୟୁକାଳ ବା ବଧଦ୍ୱାରା ମରିବାର
Badhā paha(hu)ñchibā ସମୟ ଉପସ୍ଥିତ ହେବା—The
**मरणकाल** উপস্থিত হওয়া approach or arrival of one's
**बध पहुँचना** preordained time of death (by being
[ବଧା ପହ(ହୁ)ଞ୍ଚି ଯିବା—ଅନ୍ୟରୂପ] killed).

ବଧା ପୂରିବା—ଦେ. ବି—ଆୟୁଃ ଶେଷ ହେବା; ଆୟୁ ପୂରିବା—The
Badhā pūribā end of one's term of life.
**आयु खतम होना** (ବଧା ପୂରିଯିବା—ଅନ୍ୟରୂପ)

ବଧାର୍ହ—ସଂ. ବିଣ. ପୁଂ. (୬ଷ୍ଠୀ ତତ୍; ବଧର ଅର୍ହ=ଯୋଗ୍ୟ)—ବଧର
Badhārha ଯୋଗ୍ୟ; ବଧ ହେବାର ଯୋଗ୍ୟ—Deserving
(ବଧାର୍ହା—ସ୍ତ୍ରୀ) to be killed.

ବଧା ଯି(ହେ)ବା – ଦେ. କ୍ରି – ବଧ ହେବା ( ଦେଖ )
Badhā ji(he)bā Badha hebā (See)
ବସନ୍ତ ଅର୍କରେ ଅତ ପୁରନ୍ଦରେ ଯିବ କ ଏ ବଧା । ଉଞ୍ଜ, ବୈଦେହୀଶବିଳାସ ।

ବଧି—ଦେ. ବି. (ସଂ. ବଦ୍ଧ୍ରୀ)—୧ । (ସଂ. ବଦ୍ଧ) ମୃଦଙ୍ଗ ଉପରେ ଘଡ଼ା
Badhi ଯାଇଥିବା ଚମ ଦଉଡ଼ି—1. Thongs of hide tied
**बन्धी** round the body of a drum. ୨ । ବଧୀ (ଦେଖ)—
**प्रान** 2. Badhī (See) ୩ । ଛାତି; ହୃଦୟ—3. Heart. ୪ ।
**जीउ** ପ୍ରାଣ—4. Life.
ପ୍ରାଦେ. (ବାଲେଶ୍ୱର) ବି—ବଡ଼ ପୋଖରୀ, ଯହିଁରେ ପ୍ରାୟ ଦଳ ମାଡ଼ିଯାଇ ଥାଏ—A big tank overgrown with aquatic reeds.
ପ୍ରାଦେ. (ବାଣପୁର, ପୁରୀ) ବି—ଲଣ୍ଠନର ଫିତା ବା ବତି—
A tape or wick for lantern.

ବଧିଆ—ଦେ. ବିଣ. (ସଂ. ବଧିର)—୧ । କାଲ—1. Deaf. ୨ ।
Badhiā (କାନ) ବଧିରୀ; ସ୍ତବ୍ଧ—2. Stunned (said of the
କାଲା **बहिरा** ear).
ଦକ୍ଷିଣୀ ତୌପଶ ଅଛି ଗୋଟିଏ ତାଧିଅ
ଶୁଣି ଶୁଣି କାନ ହୋଇ ଗଲାଣି ବଧିଆ । ଫକୀରମୋହନ, ଉତ୍କଳଭ୍ରମଣ ।
ଖାସୀ ୩ । ( ସଂ. ବଧ୍ରି ) ଖାସୀ; ନପୁଂସକ ( ଜୀବ )—
**बधिया** 3. Castrated (animal).
ପ୍ରାଦେ. (ବାଲେଶ୍ୱର) ବିଣ—ଅତିରିକ୍ତ ବର୍ଷା ଯୋଗୁଁ ସନ୍ତସନ୍ତିଆ (ମାଟି)—Damp owing to too much rainfall.
(ଯଥା—ମାଟି ବଧିଆ ହେଲେ ସେଥିରେ କଖାରୁ ଗଛ ଉତ୍ତମ ରୂପେ ଉଧାଏ ନାହିଁ ।)

ପ୍ରାଦେ. (ଗଡ଼ଜାତ) ବ—ଖାସି କୁକୁଡ଼ା; ଯେଉଁ କୁକୁଡ଼ାର ପୁଂସ୍ତ୍ୱ ନଷ୍ଟ କରାଯାଇ ଥାଏ—A castrated cock; capon.

ବଧିକ—ଦେ. ବଣ. (ପ୍ରାଚୀନ ପଦ୍ୟ; ସଂ ବଧକ)—ହତ୍ୟାକାରୀ; Badhika बधिक ବଧକାରୀ—Murderous.

ତ୍ରିଭୁବନେ ଅଛ ଅବବେକ, ଏ ବେଦ ଅଟଇ ବଧିକ । ଭୂପତ, ପ୍ରେମପଞ୍ଚାମୃତ ।

ବ—୧ । ପ୍ରାଣ ଦଣ୍ଡିତ ବ୍ୟକ୍ତିର ହତ୍ୟାକାରୀ ବ୍ୟକ୍ତି—1. Hangman; public executioner. ୨ । ଘାତୁକ—2. Murderer; slayer. ୩ । ବ୍ୟାଧ—3. Hunter.

ବଧି ଧରିବା—ଦେ. କ୍ରି—୧ । ବଞ୍ଚି ରହିବା; ପ୍ରାଣ ଧାରଣ କରିବା—Badhi dharibā 1. To continue to live. ୨ । କୌଣସି ଜୀବନଧରା ଘଟଣା ଦେଖି ବା ଶୁଣି ଛାତି ଧରି ରହିବା ବା ସହିବା—जीत घरना 2. To bear a thing.

(ଯଥା—ଆପଣା ଆଖି ଆଗରେ ଏତେ ନିରୀହ ପ୍ରାଣୀଙ୍କ ବଧ ଦେଖି ତୁ କପରି ବଧି ଧରିଛୁ ?)

ବଧି ଫାଟିଯିବା—ଦେ. ବ—୧ । ଛାତି ଫାଟିଯିବା; ଅସହ୍ୟ ମନୋ-Badhi phāṭijibā ବେଦନା ଘଟିବା—1. The rending କଲିଜାଫାଟା कलेजा फटना of one's heart.

(ଯଥା—ମୋ ବାବାଙ୍କୁ କାନ୍ଦିବାର ଦେଖି ମୋ ବଧି ଫାଟି ଯାଉଛି ।)

ବଧିବା—ଦେ. କ୍ରି. (ପଦ୍ୟ) (ସଂ. ବଧ ଧାତୁ)—ବଧ କରିବା; ହତ୍ୟା Badhibā বধা बधना କରିବା—To kill; to slay.

ଜରାସନ୍ଧେ ବଧି ଅଲେ ଗିରିବ୍ରଜେ ସହି
ବାସୁଦେବ ବୃକୋଦର କେଶବ କୌଶଳେ । ରଘୁନାଥ, ମହାଯାତ୍ରା ।

ବଧିର—ସଂ ବଣ. (ବନ୍ଧ୍ ଧାତୁ=ବନ୍ଦ କରିବା+ସଙ୍ଜ୍ଞାର୍ଥେ ଇର; Badhira ଯାହାର ଶ୍ରବଣଶକ୍ତି ବନ୍ଦ ହୋଇଥାଏ)—୧ । କାଲ; (ବଧିରା—ସ୍ତ୍ରୀ) ଶ୍ରବଣଶକ୍ତିହୀନ—1. Deaf. ୨ । (କର୍ଣ୍ଣ) ସ୍ତବ୍ଧ—(ବଧିରତା—ବ) 2. Stunned (said of the ear).

ବଧିରା—ଦେ. ବଣ. (ପୁଂ ଓ ସ୍ତ୍ରୀ)—୧ । ବଧିର (ଦେଖ)—Badhirā Badhira See) ୨ । ଅସମ୍ଭବ (ବିଷୟ)—କାଲା बहिरा 2. Impossible (matter).

ବଧି ସହି—ଦେ. ବ—ଦେହରେ ସହ୍ୟ ହେବା—Badhi sahibā A thing being tolerated.

(ଯଥା—ଏ କଥା ଦେଖି ମୋ ବଧି ସହିଲା ନାହିଁ ।)

[ ଦ୍ର—ବଧି ଧରିବା କ୍ରିୟାର ବଧି ସହିବା ବିଶେଷ୍ୟ ଆକାର; ମୁଁ ବଧି ଧରିଛି, ମୋ ବଧି ସହୁଛି । ]

ବଧୀ—ସଂ. ବଣ. ପୁଂ (ବଧ୍+କରିବା ଅର୍ଥରେ ଇନ୍; ୧ମା. ୧ବ.)—Badhi ବଧକାରୀ; ହତ୍ୟାକାରୀ—Killing; slaying.

(ବଧିନୀ—ସ୍ତ୍ରୀ) ଏ ବାଳ ବଧୀ ସ୍ୱାମି ଦ୍ରୋହୀ
ଏହାକୁ ଦଣ୍ଡେହେଁ ନ ଥୋଇ । ଜଗନ୍ନାଥ, ଭାଗବତ ।

ପଟୀ ଦେଂ ବ—୧ । କୁକୁର ବେକରେ ବନ୍ଧାଯିବା ପଟି—बद्धी 1. Strap for dog's neck. ୨ । (ସଂ. ବଦ୍ଧ ଜଳ) ବାଦୀ ନଦୀରେ ସ୍ରୋତହୀନ ଗଭୀର ପାଣିଥିବା ସ୍ଥାନ; ଗଣ୍ଡ—2. The बंधाजल part of a river where there is no current and the water is very deep.

ଦେ. ଓ ପ୍ରାଦେଂ ବ.—ବଧି (ଦେଖ)—Badhi (See)

ବଧୁକା—ସଂ ବ. ସ୍ତ୍ରୀ.—(ବଧୂ+କ+ଆ)—ବଧୂ ୧—୫ (ଦେଖ) Badhukā Badhū 1—5 (See)

ବଧୁଲି—ଦେ. ବ. (ସଂ. ବନ୍ଧୁଳ)—ବାର୍ଷିକ ପୁଷ୍ପଶାଖାବିଶେଷ—Badhuli Pentapetus Phœnicea (flowering plant).
ସଂ. ରକ୍ତକ, ବନ୍ଧୁକ, ବଧୁଲି କୁସୁମ ରଙ୍ଗ ତୋଷଇ ସେଇନେ ।
ବନ୍ଧୁଜୀବ, ବନ୍ଧୁଜୀବକ, ମଧୁସୂଦନ ଛନ୍ଦମାଳା ।
ମାଧ୍ୟାହ୍ନିକ,ଅର୍କବଲ୍ଲଭ,ପୁଷ୍ପରକ୍ତ, [ଦ୍ର—ଏହା ବର୍ଷାକାଳରେ ଜନ୍ମେ;ଫୁଲ ଓଷ୍ଠପୁଷ୍ପ । ମ. ବାନ୍ଧୁଜା ଅଲଗା ପରି ନାଲି, ପଞ୍ଚଦଳବିଶିଷ୍ଟ; ତେ. ମଙ୍କନଚେଟ୍ଟୁ, ଏହାର ଫଳ ଓ ଚେର ଔଷଧରେ ଲାଗେ । ବେଗସିନ ଚେଟ୍ଟୁ, ଓଷ୍ଠ ସହିତ ତୁଳନା କରାଯାଏ ତା. ନାଗସ୍ତୁ ବୋଲି ଏ ଫୁଲର ଅନ୍ୟ ନାମ ଓଷ୍ଠପୁଷ୍ପ । ସ୍ତ୍ର. ଡାମ୍ବଦୁପାର ଏ ଫୁଲ ଖରା ହେଲେ ଫୁଟେ ଓ ବେଲ बाँधुलि ଗଡ଼ିଲେ ଝାଉଁଳି ପଡ଼େ ବୋଲି ଏହାର दुपहरिया, गेजुलिया ଅନ୍ୟ ନାମ ଦ୍ୱିପହରିଆ (ବ. ଓ ଘ୍ରା. ଦୁପହରିଆ ଓ ସଂ. ମାଧ୍ୟାହ୍ନିକ ।]

ବଧୂ—ସଂ. ବ. ସ୍ତ୍ରୀ. (ବହ୍ ଧାତୁ=ବହନ କରିବା+କର୍ତ୍ତୃ. ବା କର୍ମ. ଊ) Badhū ୧ । ମହିଳା; ନାରୀ—1. Woman. ୨ । ଭାର୍ଯ୍ୟା; ପତ୍ନୀ; ସ୍ତ୍ରୀ—2. Wife. ୩ । ସ୍ନୁଷା; ପୁତ୍ରବଧୂ; ବୋହୂ—3. Daughter-in-law. ୪ । କୁଳବଧୂ; କୁଳସ୍ତ୍ରୀ—4. A housewife. ୫ । ଭୂଆସୁଣୀ; ନବୋଢ଼ା ସ୍ତ୍ରୀ—5. Newly married lady. ୬ । ପୁଦ୍ମା ବା ପୀଡ଼ଙ୍ଗ ଶାଗ—6. A kind of pot-herb; Trigonella Corniculata. ୭ । ଶ୍ୟାମା ଲତା—7. A plant; Echites Frutescenss. ୮ । ଶାରିବା; ଅନନ୍ତ ମୂଳ—8. A medicinal root; Esclipias Pseudasarsa. ୯ । ଶଠୀ ବା ଆମ୍ବ ଅଦା—9. Zedoary; Curcuma Zerumbets.

ବଧୂଜନ—ସଂ. ବ.—(ବଧୂ+ଜନ)—୧ । ନାରୀଗଣ—Badhūjana 1. Women. ୨ । ସ୍ତ୍ରୀ ବ୍ୟକ୍ତି—2. Female. ୩ । ଯୁବତୀ ସ୍ତ୍ରୀ—3. Young wife.

ବଧୂଟ ଶୟନ—ସଂ. ବ—ବାତାୟନ; ଗବାକ୍ଷ—Badhūṭa śayana Window.

ବଧୂଟୀ—ସଂ. ବ—[ବଧୂ+କ୍ଷୁଦ୍ରାର୍ଥେ. ଟୀ]—୧ । କ୍ଷୁଦ୍ର ବଧୂ; କୁଆଁରୀବୋହୂ; Badhūṭi ନୂଆ ବୋହୂ—1. A small wife; a young (ବଧୂଟିକା—ଅନ୍ୟରୂପ) wife. ୨ । ପୁତ୍ର ବଧୂ—2. Daughter-in-law. ୩ । କନ୍ୟା; ନବବିବାହିତା ବଧୂ—3. Bride.

ବଧୂତ୍ସବ—ସଂ. ବ.—(୬ଷ୍ଠୀ ତତ୍; ବଧୂ+ଉତ୍ସବ)—ବଧୂର ପ୍ରଥମ Badhūtsaba ରଜୋଦର୍ଶନ ସମୟରେ ଅନୁଷ୍ଠିତ ଉତ୍ସବ—A festival observed on the occasion of the 1st. appearance of menses of a wife.

ବଧୂ ମାତା—ଦେ. ବି.—(ଶିଷ୍ଟ ସମାଜରେ ପୁତ୍ରବଧୂ ଓ ଭ୍ରାତୃବଧୂଙ୍କ
Badhū mātā ପ୍ରତି ମଧୁର ସମ୍ବୋଧନ) ବୋହୂ ମା—A term
ବଉ ମା of endearment applied to one's daughter-in-law or younger brother's wife.

ବଧେଇ—ଦେ. ବି.—ବଧାଇ (ଦେଖ)
Badhei Badhāi (See).
ଦେ. ବିଣ. (ସଂ. ବଧେୟ)—ବଧେୟ; କର୍ତ୍ତବ୍ୟ—
Proper to be done; performable.

ବଧୋଦ୍ୟତ—ସଂ. ବିଣ. ପୁଂ—(୭ମୀ ତତ୍; ବଧ+ଉଦ୍ୟତ)—
Badhodyata ଅନ୍ୟକୁ ବଧ କରିବା ନିମନ୍ତେ ଉଦ୍ୟତ—
(ବଧୋଦ୍ୟତା—ସ୍ତ୍ରୀ) Ready or preparing to kill a person.
ସଂ. ବି.—ଅତତାୟୀ; ଘାତୁକ; ହତ୍ୟାକାରୀ ବ୍ୟକ୍ତି—
An assassin; a murderer.

ବଧୋପାୟ—ସଂ. ବି. (୬ଷ୍ଠୀ ତତ୍; ବଧ+ଉପାୟ)—ବଧ ବା ହତ୍ୟା
Badhopāya କରିବାର ଉପାୟ—Means of putting one to death.

ବଧ୍ୟ—ସଂ. ବିଣ. ପୁଂ (ବଧ୍ ଧାତୁ+କର୍ମ. ଯ)—୧। ବଧ ଯୋଗ୍ୟ;
Badhya ବଧାର୍ହ—1. Deserving to be killed.
୨। ଯାହାକୁ ହତ୍ୟା ଦଣ୍ଡ ଆଦେଶ ହୋଇଥାଏ—
2. Sentenced to death.
ଗ୍ରା. ବି.—(ସଂ. ବଧ; ତୁଳ. ଯୁଦ୍ଧ ସ୍ଥଳରେ ଯୁଧ୍ୟ, ଶୁଦ୍ଧ ସ୍ଥଳରେ ଶୁଦ୍ଧ୍ୟ) ବଧ; ହତ୍ୟା—Murder.
ଦେ. ବିଣ—ହତ—Killed; slain.

ବଧ୍ୟପାଳ—ସଂ. ବି. (ବଧ୍ୟ+ପାଲ୍ ଧାତୁ+କର୍ତ୍ତୃ. ଅ)—ପ୍ରାଣଦଣ୍ଡାଜ୍ଞା-
Badhyapāla ପ୍ରାପ୍ତ ଅପରାଧୀମାନେ ଯେଉଁ କାରାଗାରରେ ଅବଦ୍ଧ ରହନ୍ତି ତାହାର ରକ୍ଷକ—The keeper of the Jail for criminals condemned to death.

ବଧ୍ୟ ଭୂମି—ସଂ. ବି—ବଧ ଭୂମି (ଦେଖ)
Badhya bhūmi Badha bhūmi (See)

ବଧ୍ର—ସଂ. ବି—ସିସା ଧାତୁ (ହି. ଶ)—
Badhra Lead.

ବଧ୍ରି—ସଂ. ବି—ଖାସୀ ବା ଅଣ୍ଡା ହୋଇଥିବା ଜୀବ (ହି. ଶ)—
Badhri Castrated animal.

ବଧ୍ରିକା—ସଂ. ବି. ପୁଂ—ନଷ୍ଟ ପୁଂସ୍ତ୍ୱ ପୁରୁଷ—
Badhrikā Eunoch.

ବନ୍ (ଧାତୁ)—ସ—୧। ବିସ୍ତୃତ ହେବା; ବ୍ୟାପିବା—1. To spread.
Ban (root) ୨। ଯାଚଞ୍ଚା କରିବା—1. To ask for; to solicit. ୩। ସେବା କରିବା—3. To serve. ୪। ମାଗିବା—4. To beg. ୫। ଶବ୍ଦ କରିବା—5. To sound.

ବନ୍ଡାଇବା—ପ୍ରାଦେ. (ସମ୍ବଲପୁର) କି—ଝାଡ଼ିବା; ଓଳାଇବା—
Ban-ḍaibā To sweep (a house or place).

ବନ୍‌ବନ୍—ବୈଦେ. ବି. (ଇଂ)—ଶିଶୁମାନଙ୍କର ଖାଇବା ନିମନ୍ତେ ପ୍ରସ୍ତୁତ
Ban-ban ଏକ ପ୍ରକାର ଛୋଟ ମିଠାଇ—Bonbon.
बनबन **बनबन, चीनी कटोरा**

ବନ୍ ବନ୍କା—ଦେ. ବି—ଏକ ପ୍ରକାର ବନ୍ୟ ପୁଷ୍ପ ଗଛ; ଚନ୍ଦ୍ରମଲ୍ଲିକା—
Ban-bankā Moon flower; Colonyction Grandiflorum.
[ ଦ୍ର—ଏ ଫୁଲ ଫୁଟିଲେ ଚନ୍ଦ୍ରଙ୍କ ଗଭ ସହିତ ଫୁଲର ସମ୍ମୁଖାଂଶ ତୁଳୁ ଥାଏ; ଏ ଫୁଲ ରାତିରେ ଫୁଟେ ଓ ଦିନରେ ଥାଏ; ଗଛ ୨।୩ ହାତ ଉଚ୍ଚ । ]

ବନ—ସଂ. ବି. (ବନ୍ ଧାତୁ=ବିସ୍ତାର+କର୍ତ୍ତୃ. ଅ; ଯାହା ବିସ୍ତୃତ ହୁଏ)—
Bana ୧। ଅରଣ୍ୟ; କାନନ; ଜଙ୍ଗଲ; ବୃକ୍ଷସମଷ୍ଟି—1. Forest wood. ୨। ଜଳ—2. Water. ୩। ପ୍ରସ୍ରବଣ—3. A spring; fountain. ୪। ନିବାସ; ଆଳୟ—4. Abode; house; residence. ୫। ତୋଟା—5. Plantation; tope ୬। ପୁଷ୍ପୋଦ୍ୟାନ; ଫୁଲ ବଗିଚା—6. Garden. ୭। କୁଞ୍ଜ—7. Grove; abour.
ବନେ କେନ କୃତ ତବ ଅଦର ନଶାରେ । ଉଦ୍ଧ. ବୈଦେହୀଶବିଳାସ ।
୮। କାଠ—8. Wood; timber. ୯। ଆଲୋକ; ଆଲୋକରେଖା—9. Light; ray of light. ୧୦। ଚମସା ନାମକ ଯଜ୍ଞ ପାତ୍ର (ହି. ଶ)—10. Name of a sacrificial vessel. ୧୧। ଶଙ୍କରାଚାର୍ଯ୍ୟ ମତାବଲମ୍ବୀ ସନ୍ନ୍ୟାସିସମ୍ପ୍ରଦାୟଙ୍କ ଉପାଧିବିଶେଷ—11. Name of the title of one class of anchorites, the followers of Sankarāchārjya. ୧୨। ପୁଷ୍ପ ଗୁଚ୍ଛ (ହି. ଶ)—12. A bunch of flowers.
ଦେ. ବି. (ସଂ. ବନ୍ୟା)—୧। ବନ୍ୟା; ନଈ ବଢ଼ି—1. Flood
୨। (ସଂ. ବର୍ଣ୍ଣ) ବର୍ଣ୍ଣ; ରଙ୍ଗ—2. Colour.
୩। ବନମାଳୀ ବା ବନବିହାରୀ ନାମକ ବ୍ୟକ୍ତିର ଡାକ ନାମ—3. Name by which persons named Banamāli or Banabihāri are called.

ବନ(ନା)ଉତ—ଦେ. ବି—ବନାତ (ଦେଖ)
Bana(nā)uta Banāta (See)

ବନକ—ଦେ. ବି. (ସଂ. ବର୍ଣ୍ଣ; ବର୍ଣ୍ଣକ)—୧। ରଙ୍ଗବିଶେଷ—1. A
Banaka kind of paint. ୨। ବର୍ଣ୍ଣ; ରଙ୍ଗ—2. Colour.
ବିବିଧ ବନକ ତହିଁ ଚରଣୀକି ଏଣିକି ଚେଶିକି ବଳେ ।
ଉଦ୍ଧ. କୋଟିବ୍ରହ୍ମାଣ୍ଡସୁନ୍ଦରୀ ।
୩। ପୀତ ବର୍ଣ୍ଣ ମୃତ୍ତିକାବିଶେଷ—3. Yellow ochre.

ବନ କଦଳୀ—ସଂ. ବି—ବନକଦଳୀ; କାଠ କଦଳୀ—
Bana kadalī A kind of wild plantain.

ବନ କନ୍ଦ—ସଂ. ବିଣ—ବଣ ଓଲୁଅ; ବଣ ସାରୁ—Wild arum.
Bana kanda (ବନଶୂରଣ—ଅନ୍ୟରୂପ)

ବନକର—ସ. ବି.—ଜଙ୍ଗଲରୁ ଉତ୍ପନ୍ନ ଦ୍ରବ୍ୟ ବ୍ୟବହାର କରିବା ବ୍ୟକ୍ତିଙ୍କର
Banakara ବନର ଅଧିକାଂଶ ବ୍ୟକ୍ତିଙ୍କୁ ଦେବା ଶୁଳ୍କ—
বনকর बनकर Forest-cess.

ବନକଲମ—ଦେ. ବି.—ଲତାବିଶେଷ—
Bana kalama Ipomoea Palchella.

ବନ କୁକ୍କୁଟ—ସ. ବି.—ବଣ କୁକୁଡ଼ା—
Bana kukkuta Wild fowl; wild cock.

ବନ କୁଣ୍ଡଳ—ସ. ବି.—ଉତ୍କୃଷ୍ଟ ଜାତୀୟ ଓଲୁଅ (ହି. ଶ.)—
Bana kundala A good variety of wild arum.

ବନ କୁଲତ୍ଥ—ସ. ବି.—ବନ୍ୟ ଶସ୍ୟବିଶେଷ—
Bana kulattha A kind of wild grain.

ବନ କୋଳି—ସଂ. ବି. (ବନ+କୋଳି)—ବଣୁଆ ବରକୋଳି ଗଛ—
Bana koli The wild jujube tree (Apte).

ବନ ଗଜ—ସ. ବି.—(୭ମୀ ତତ୍; ବନ+ଗଜ)—ବଣୁଆ ହାତୀ—
Bana gaja A wild elephant.
(ବନ କୁଞ୍ଜର, ବନ କରୀ, ବନ ହସ୍ତୀ—ଅନ୍ୟରୂପ)

ବନ ଗହନ—ସଂ. ବି.—(କର୍ମଧା; ଶବ୍ଦବିପର୍ଯ୍ୟୟ)—ଗହନ ବନ;
Bana gahana ଗଭୀର ଅରଣ୍ୟ—Dense jungle.

ବନ ଗୋ—ସଂ. ବି.—ଗବୟ; ଗୟଲ—Wild ox.
Bana go (ବନ ଗବ—ଅନ୍ୟରୂପ)

ବନ ଚଣ୍ଡାଳ—ବି.—(ସଂ. ବନ+ଚଣ୍ଡାଳ; ସଂ. ନାମ ଚଣ୍ଡାଳିକା)—
Bana chandala ଶିମ୍ବାଦିବର୍ଗର ବର୍ଷାୟୁଃ ବନ୍ୟକ୍ଷୁପବିଶେଷ—
বন চাণ্ডাল चण्डालिका Desmodium Gryrans; the telegraph plant.
[ଦ୍ର—ଏହାର ଗଛ ୨ ହାତ ଉଚ୍ଚ ହୁଏ । ପତ୍ର କ୍ଷିପ୍ରଣ୍ଡ । ପାଖର ଦୁଇଟି ପତ୍ର ଗରମ ବେଳେ ବାରଂବାର ମୁଦ ହେଉଥାଏ ଓ ଖୋଲି ଯାଉଥାଏ—ଯୋଗେଶଚନ୍ଦ୍ର ।]

ବନ ଚନ୍ଦନ—ସଂ ବି.—୧ । ଦେବଦାରୁ ଗଛ—1. The pine tree.
Bana chandana ୨ । ଅଗୁରୁ (ହି. ଶବ୍ଦସାଗର)—
2. The Aloes wood.

ବନ ଚମ୍ପକ—ସଂ. ବି.—ବଣଚମ୍ପା ଗଛ—The wild Champaka tree.
Bana champaka (ବନ ଚାପ—ଅନ୍ୟରୂପ)

ବନ ଚର—ସଂ. ବିଣ, ପୁଂ—(ଉପପଦ ତତ୍ପୁରୁଷ; ବନ+ଚର ଧାତୁ
Bana chara +କର୍ତ୍ତୃ. ଅ)—ଯେ ବନରେ ବିଚରଣ କରେ—
(ବନଚରୀ—ସ୍ତ୍ରୀ) Roving in the forest; sylvan.
ସ. ବି.—୧ । ବ୍ୟାଧ—1. A hunter. ୨ । ରାକ୍ଷସ—2. A demon. ୩ । ହିଂସ୍ର ଜନ୍ତୁ—3. Wild animal. ୪ । ବନବାସୀ ବ୍ୟକ୍ତି—Forest-dweller; woodman. ୫ । ମୁନି—5. A sage.

ବନ ଚର୍ଯ୍ୟା—ସ. ବି.—ବନରେ ବୁଲିବା ବା ବାସ କରିବା କାର୍ଯ୍ୟ—
Bana charjya The roaming about or residence in a forest.

ବନଚାରୀ—ସ. ବି. ଓ ବିଣ.—(ବନ+ଚର ଧାତୁ+କର୍ତ୍ତୃ. ଇନ୍;
Banachari ୧ମା. ୧ବ.)—ବନଚର (ଦେଖ)
(ବନଚାରିଣୀ—ସ୍ତ୍ରୀ) Banachara (See)

ବନଜ—ସ. ବିଣ.—(ବନ+ଜନ୍ ଧାତୁ+କର୍ତ୍ତୃ. ଅ)—୧ । ଅରଣ୍ୟରେ
Banaja ଜାତ—1. Produced in the forest.
୨ । ଜଳରେ ଜାତ—2 Produced in water.
ସ. ବି.—୧ । ପଦ୍ମ—1. Lotus. ୨ । ମୁଥା (ହି. ଶ.)—2. Bulbous grass-root. ୩ । ବନକୁଳତ୍ଥ (ହି. ଶ.)—3. A kind of wild grain. ୪ । ତରଡ଼ା ଫଳ (ହି. ଶ.)—4. A kind of wild cucurbitaceous fruit. ୫ । ଜଙ୍ଗଲୀ ଟଭା (ହି. ଶ.)—
5. Wild orange or citron.

ବନ ଜଙ୍ଗଲ—ଦେ. ବି. (ସହଚର ଶବ୍ଦ; ସ. ବନ+ଜଙ୍ଗଲ)—ଗୁଳ୍ମ
Bana jangala ଓ ବଡ଼ ବୃକ୍ଷଲତାଦି ପୂର୍ଣ୍ଣ ସ୍ଥାନ—Forest.
বন জঙ্গল झाड़ जङ्गल

ବନ ଜଟାଙ୍ଗି—ଦେ. ବି.—ଅଗ୍ନିଜାର (ଦେଖ)
Bana jatangi Agnijara (See)

ବନଜାକ୍ଷ—ସ. ବିଣ. ପୁଂ.—(ବହୁବ୍ରୀହି; ବନଜ=ପଦ୍ମ+ଅକ୍ଷି)—
Banajaksha ପଦ୍ମଲୋଚନ; ଯାହାର ପଦ୍ମ ପରି ସୁନ୍ଦର ନୟନ—
(ବନଜାକ୍ଷୀ—ସ୍ତ୍ରୀ) Having beautiful eyes like lotus-petals; lotus-eyed.

ବନ ଜାଗରଣ ବ୍ରତ—ଦେ. ବି—ଶ୍ରୀ ଜଗନ୍ନାଥଙ୍କର ଗୁଣ୍ଡିଚାମନ୍ଦିର ଅବସ୍ଥିତି
Bana jagarana brata ସମୟରେ ସପ୍ତଦିବସବ୍ୟାପୀ ପାଳନୀୟ ବ୍ରତବିଶେଷ—A festival lasting for seven days during the time of Lord Jagannatha's staying in the garden-house.

ବନ ଜାତ—ସ. ବିଣ. (୭ମୀ ତତ୍; ବନ+ଜାତ)—ବନରେ ଉତ୍ପନ୍ନ
Bana jata Produced in the forest.

ବନଜାସନୀ—ଦେ. ବି. (ସ. ବନଜାସନା)—ଲକ୍ଷ୍ମୀ—
Banajasani Goddess Lakshmi; wife of Bishnu.

ବନଜିନୀ—ସ. ବି. (ବନଜ+ଇନ୍+ସ୍ତ୍ରୀ. ଈ)—ପଦ୍ମିନୀ (ଦେଖ)
Banajini Padmini ( See )
ବନଜିନୀ ଯେ କୁଳଶ ସ୍ଥଳବେ । ଉଞ. ବୈଦେହୀଶବିଳାସ ।

ବନଜୀର—ସ. ବି—ବଣଜୀରା ( ଦେଖ )
Banajira (ବନଜୀରକ—ଅନ୍ୟରୂପ) Banajira (See)

ବନ(ନା)ଟି—ଦେ. ବି—ବନୋଟି ( ଦେଖ )
Bana(na)ti [ବନ(ନା)ଉଟି—ଅନ୍ୟରୂପ] Banoti (See)

ବନଦ—ସ. ବି. (ବନ=ଜଳ+ଦା ଧାତୁ=ଦେବା+କର୍ତ୍ତୃ. ଅ)—
Banada ମେଘ—Cloud.
ବନଦ ବୋମ ଜାହ୍ନି ଏ ସ୍ଥଳ, ବରଷ ଏ ସମା ତ ଉପ ବନ ।
ଉଞ. ବୈଦେହୀଶବିଳାସ ।

ବନ ଦେବତା—ସ. ବି. ସ୍ତ୍ରୀ—୧ । ବଣ ଦିଅଁ; ଅପୂଜା ଦେବତା—
Bana debata 1. Sylvan Deity; a Deity of the forest. ୨ । କୌଣସି ଅରଣ୍ୟର ଅଧିଷ୍ଠାତ୍ରୀ ଦେବତା—2. The presiding Deity of any forest.
ବନ ଦେବ—ପୁଂ } ଅନ୍ୟରୂପ
ବନ ଦେବୀ—ସ୍ତ୍ରୀ }

**ବନ ଧବ**—ସଂ. ବି. ( ୬ଷ୍ଠୀ ତତ୍; ବନ+ଧବ )—ସିଂହ—
Bana dhaba — Lion.

ବନ ଧବ ଯୋଗର ଶର ଶର ନଖର ସୁଅପଡନ୍ତି ତନ ସେ ।
ଉପେ. ବୈଦେହୀଶବିଳାସ

**ବନ ଧାତୁ**—ସଂ. ବି—୧ । ଗେରୁ (ହି. ଶ)—1. Red chalk.
Bana dhātu ୨ । ବନ ମାଟି ( ହି. ଶ )—2. Coloured earth.

**ବନଧି**—ସଂ. ବି. (ବନ=ଜଳ+ଧା ଧାତୁ+କର୍ତ୍ତୃ. ଇ)—ସମୁଦ୍ର—
Banadhi (ବନନିଧି—ଅନ୍ୟରୂପ) The sea.

ବନଧିରେ ମଉନାକ ଲୁଚଇ ସର । ଉପେ. ବୈଦେହୀଶବିଳାସ ।

**ବନ ଧେନୁ**—ସଂ. ବି—ବନ ଗୋ; ଗବୟ; ଗୟାଳ ( ଦେଖ )
Bana dhenu — Gayaḷa (See)

**ବନ ପିପ୍ପଳୀ**—ସଂ. ବି—କ୍ଷୁଦ୍ର ପିପ୍ପଳୀ (ହି. ଶ)—
Bana pippaḷī A small variety of long pepper.
(ବନ କଣା—ଅନ୍ୟରୂପ)

**ବନ ପ୍ରିୟ**—ସଂ. ବିଣ. (ବହୁବ୍ରୀହି; ବନ ଅଟେ ପ୍ରିୟ ଯାହାର)—
Bana priya ଯେ ବଣରେ ବିଚରଣ କରିବାକୁ ସୁଖ ପାଏ—
Loving to roam in the forest.

ସଂ. ବି—୧ । କୋକିଳ— 1. The cuckoo. ୨ । ସମ୍ବର-ହରିଣ (ହି.ଶ)—2. The sambar deer. ୩ । କର୍ପୂର କଚୂର (ହି. ଶ) ଆମ୍ବକସିଆ ଗଦ—3. Curcuma Amada. ୪ । ବାହାଡ଼ା ଗଛ (ହି. ଶ)—3. Barleria Cristata (tree).

**ବନଫ୍‌ସା**—ବୈଦେ. ବି. (ଫା)—କାଶ୍ମୀର ଓ ହିମାଳୟ ଅଞ୍ଚଳର ଶାକ-
Banaph-sā ବିଶେଷ—Wild violet; Viola Odorota.
बनफसा बनफसा [ ଦ୍ର—ଏ ଗଛ ଉଚ୍ଚରେ ହାତେ ବଢ଼େ; ଏଥିର କାଣ୍ଡରୁ ବହୁତ ଶୀର୍ଣ ଶାଖା ବାହାରେ; ଶାଖାର ଅଗରେ ବାଇଗଣୀ ବା ନୀଳ ବର୍ଣ୍ଣ ସୁଗନ୍ଧ ଫୁଲ ଫୁଟେ । ଏଥିର ପତ୍ର ଡାଳିମ୍ବ ପତ୍ର ପରି । ଏଥିର ଚେର, ପତ୍ର ଓ ଫୁଲକୁ ହକିମ୍ (ମୁସଲମାନ ବୈଦ୍ୟ)ମାନେ ଔଷଧରେ ବ୍ୟବହାର କରନ୍ତି । ଏଥିର ଫୁଲ ଖାଇଲେ ଖୁବ ପ୍ରସ୍ରାବ ହୁଏ । ଫୁଲ ଓ ଚେର ବମନକାରକ—ହି. ଶବ୍ଦସାଗର । ]

**ବନ ଫୁଲ**—ଦେ. ବି—ବନ୍ୟ ପୁଷ୍ପ—
Bana phula बन फूल **वनफुल** Wild flower.

**ବନ ବନକା**—ଦେ. ବି—ଫୁଲ ଓ ଗୁଳ୍ମ ବିଶେଷ—Moon flower;
Bana banakā Calonyction Grandiflorum; Plecospermum Spinosium.

[ ଦ୍ର—ଏ ଗୁଳ୍ମ ବଡ଼ ବଡ଼ କଣ୍ଟାଯୁକ୍ତ । ]

**ବନବନା**— ଦେ. ବି—ଏକ ପ୍ରକାର ଜଙ୍ଗଲି କଣ୍ଟାଳିଆ ଗୁଳ୍ମ—
Banabanā A kind of wild thorny shrub;
ସଂ. ନାମ. ଶଙ୍ଖପୁଷ୍ପୀ, ଶଙ୍ଖାହ୍ବା, Canscora Decussata;
ମାଙ୍ଗଲ୍ୟ କୁସୁମ Evalvus Erecta.
डानकुनी [ ଦ୍ର—ଏହା ଫୁଲ ଭେଦରେ ୩ ପ୍ରକାର—
**शंखाहुली, कौडीयाली** ୧. ଶ୍ୱେତ ବନବନା—ସଂ. ଶଙ୍ଖପୁଷ୍ପୀ ।
୨. ନୀଳ ବନବନା—ସଂ. ବିଷ୍ଣୁକ୍ରାନ୍ତା । ୩. ରକ୍ତପୁଷ୍ପୀ—ସଂ. ସର୍ପାକ୍ଷୀ ।

**ବନ ବରାହ**—ସଂ. ବି—ବନ ଶୂକର ( ଦେଖ )
Bana barāha — Bana śūkara ( See )

**ବନ ବାସ**—ସଂ. ବି—(୭ମୀ ତତ୍ )—୧ । ଅରଣ୍ୟରେ ରହିବା—
Bana bāsa 1. Forest life. ୨ । ଜନପଦ ତ୍ୟାଗ କରି ବନରେ କାଳଯାପନ କରିବା—2. Sojourn in the forest.

ବନବାସସାତ ଶୁଣି ବନବାସ ନେବେ ଅଣି ସୁତ ମଧେ ପ୍ରମ ବହୁରତ ।
ଉପେ ·ବୈଦେହୀଶବିଳାସ ।

**ବନବାସୀ**—ସଂ· ବିଣ. ପୁଂ—(ଉପପଦ ତତ୍ )—ଯେ ଅରଣ୍ୟରେ ବାସ
Banabāsī କରେ—Living in the forest,
( ବନବାସିନୀ—ସ୍ତ୍ରୀ )

ସଂ. ବି—୧ । ଋଷଭ ନାମକ ମହୌଷଧି—1. A rare herb. ୨ । ଶାଲୁଲୀ କନ୍ଦ (ହି. ଶ)—2. A kind of wild root-bulb. ୩ । ଦ୍ରୋଣକାକ; ଡାମରା କୁଆ (ହି. ଶ) - 3. Rook.

**ବନ ବିହାର**—ସଂ. ବି—(୭ମୀ ତତ୍; ବନ + ବିହାର )—ଅରଣ୍ୟରେ
Bana bihāra କ୍ରୀଡ଼ାର୍ଥ ଭ୍ରମଣ—Sport in the forest

**ବନ ବିହାରୀ**—ସଂ. ବି—(ଉପପଦ ତତ୍; ବନ+ବିହାରିନ୍)—ଶ୍ରୀକୃଷ୍ଣଙ୍କ
Banabihārī ନାମାନ୍ତର—A name of Śrikṛushna.
(ବନବିହାରିଣୀ—ସ୍ତ୍ରୀ) ସଂ. ବିଣ. ପୁଂ—ଯେ ବନରେ ବିହାର କରେ—
Sporting in the forest.

ଦେ. ବି—ଲୋକଙ୍କୁ ଦିଆଯିବା ନାମ—A name given to males.

**ବନ ଭୋଜି**—ଦେ. ବି—( ସଂ. ବନ+ଭୋଜନ )—ବନକୁ ଯାଇ
Bana bhoji ସମ୍ମିଳିତ ବନ୍ଧୁମାନଙ୍କର ଭୋଜି—A picnic in
(ବନ ଭୋଜନ—ଅନ୍ୟରୂପ) बनभेजन **वनभोज** the woods.

ସଙ୍ଗତେ ସହସ୍ର ଗୋପାଳ ଘେନି
ବନଭୋଜ ସେବା ପରଶ ବେନି—ପ୍ରାଚୀ, ଶ୍ରୀ ଗୁରୁଭକ୍ତି ଗୀତା ।

**ବନ ମନୁଷ୍ୟ**—ସଂ. ବି—୧ । ବଣ ମଣିଷ; ନରାକୃତି ବାନରବିଶେଷ—
Bana manushya 1. Orang-outang; man-like ape

[ ଦ୍ର—ଏମାନେ ଦୁଇ ଗୋଡ଼ରେ ମନୁଷ୍ୟପରି ଠିଆ ହୋଇ ପାରନ୍ତି । ଏମାନଙ୍କର ଲାଞ୍ଜ ନାହିଁ ଓ ଗାଲ ଭିତରେ ଖାଦ୍ୟ ରଖିବାର ଥଳି ନାହିଁ । ଏମାନେ ଚାରି ଶ୍ରେଣୀରେ ବିଭକ୍ତ:—ଗରିଲା—Gorilla; ସିମ୍ପାଞ୍ଜି—Chimpanzee; ଓରାଂଅଟାଂ—Orangautang; ଗୀବନ୍—Gibbon. । ]

୨ । ବନବାସୀ ବ୍ୟକ୍ତି—2. A man living in the forest; woodman.

**ବନ ମଲ୍ଲି**—ସଂ. ବି—ବଣମଲ୍ଲୀ (ଦେଖ)
Bana malli — Banamallī (See)

ବନ ମଲ୍ଲିକା—ସଂ. ବି—୧ । ବଣମଲ୍ଲୀ (ଦେଖ)—1. Banamallī
Banamallikā (See). ୨ । ସେବତୀ ଗଛ ଓ ଫୁଲ—2. Musk-rose (plant and flower).

ବନ ମାଟି—ଦେ. ବି—(ସଂ. ବର୍ଣ୍ଣ ଓ ମୃତ୍ତିକା)—ଅଙ୍ଗରକ୍ତ ବା ଅରକ୍ତ
Bana māti ମୃତ୍ତିକା; ଯେଉଁ ମାଟିକୁ ଘରେ ଲିପିଲେ ଘର ରଞ୍ଜିତ
बनमाटि ଦେଖାଯାଏ—Coloured earth used in washing
**रंगीन मिट्‌टी** the walls.

ବନ ମାର୍ଜ୍ଜାର—ସଂ. ବି—ବଣଭୁଆ; ବଣବିରାଡ଼ି; **ବଣୁଆ**—Wild
Bana mārjāra [ବନ ବି(ବ୍ରି)ଡ଼ାଲ -ଅନ୍ୟରୂପ] cat.

ବନମାଳ—ଦେ. ବି—(ସଂ. ବନମାଲା)—ବନମାଲା (ଦେଖ)
Banamāla Banamālā (See).

ବନମାଲା—ସଂ. ବି—( ମ. ପ. ଲୋ; ବନପୁଷ୍ପଦ୍ୱାରା ରଚିତ ମାଳା )—
Banamālā ୧ । ବନ୍ୟପୁଷ୍ପମାନଙ୍କଦ୍ୱାରା ରଚିତ ମାଳା—1. A chaplet made of wild flowers. ୨ । ଗୋଡ଼ର ବଳାଗଣ୍ଠି ବା ଆଣ୍ଠୁ ପର୍ଯ୍ୟନ୍ତ ଲମ୍ବିବା ନାନା ଫୁଲର ହାର—2. A garland hanging up to the ankles or knees of the wearer.
[ ଦ୍ର—ଶ୍ରୀକୃଷ୍ଣ ଏହା ଧାରଣ କରୁଥିଲେ । ]
୩ । ବନମାନଙ୍କ ଶ୍ରେଣୀ—3. Forest range.

ବନମାଳୀ—ସଂ. ବି. ପୁଂ—(ବନମାଲା + ଅସ୍ତି ଅର୍ଥରେ ଇନ୍; ବନମାଳିନ୍
Banamālī ଶବ୍ଦ; ୧ମା. ୧ବ)—ଶ୍ରୀକୃଷ୍ଣଙ୍କର ନାମବିଶେଷ—A name of Śrīkrushna.
(ବନମାଳିନୀ—ସ୍ତ୍ରୀ) ସଂ. ବିଣ ପୁଂ—ବନମାଲା ଧାରଣକାରୀ—Wearing a chaplet of wild flowers.
ଦେ. ବି—୧ । ଲୋକଙ୍କର ନାମବିଶେଷ—1. A name given to persons. ୨ । ବନପୁଷ୍ପରେ ରଚିତ ମାଳ—2. A garland made of wild flowers.

ବନମାଳୀ ଦାସ—ଦେ. ବି. (ନାମ)—ଖ୍ରୀଷ୍ଟ ଷୋଡ଼ଶ ଶତାବ୍ଦୀର ଜଣେକ
Banamāli dāsa ଓଡ଼ିଆ କବି—An Oriya poet of the 16th century A. D.
[ଦ୍ର—ଏହାଙ୍କ ରଚନା ବୈଷ୍ଣବଧର୍ମସମ୍ବନ୍ଧୀୟ, ବିନାୟକ—ଉତ୍କଳ ସାହିତ୍ୟର ଇତିହାସ ।]

ବନମାଳୀ ସିଂହ—ଦେ. ବି. (ନାମ)—ଜଣେକ ଓଡ଼ିଆ ଲେଖକ—An
Banamāli simha Oriya writer.
[ଦ୍ର—'ଶକୁନ୍ତଳା ଉପାଖ୍ୟାନ' ଏହାଙ୍କ ପ୍ରଣୀତ ଗଦ୍ୟପୁସ୍ତକ—ଚାରୁଣୀ ଓ ଉତ୍କଳ ସାହିତ୍ୟର ଇତିହାସ ।]

ବନମୂତ—ସଂ. ବି.—ଜୀମୂତ; ମେଘ (ହ. ଶ)—
Banamūta Cloud.

ବନ ରକ୍ଷକ—ସଂ. ବି. (୬ଷ୍ଠୀ ତତ୍)—ବଣର ଜଗୁଆଳ—Forester;
Bana rakshaka forest-guard; forest-keeper.
(ବନରକ୍ଷ, ବନପାଳ—ଅନ୍ୟରୂପ)

ବନ ରାଜି—ସଂ. ବି.—(୬ଷ୍ଠୀ ତତ୍)—ବନସମୂହ; ବନଶ୍ରେଣୀ—A line
Bana rāji of forests.

ବନ (ନି)ଶି—ଦେ. ବି.—(ସଂ. ବଡ଼ିଶ)—ବଡ଼ିଶୀ (ଦେଖ)—
Bana(ni)si বড়শী **वंसी** Bardisi (see)
(ବନଟ୍, ବନଶ—ଅନ୍ୟରୂପ)

ବନ(ନି)ଶିଆ—ଦେ. ବି.—ଯେଉଁ ଲୋକ ବନଶି ଦ୍ୱାରା ମାଛ ଧରେ—
Bana(ni)siā বড়সীয়া **वालावा** Angler.

ବନରୁହ—ସଂ. ବି. (ବନ + ରୁହ ଧାତୁ + କର୍ତ୍ତୃ.ଅ)—୧ । ଜଙ୍ଗଲୀ ଗଛ—
Banaruha 1. Wild tree. ୨ । ପଦ୍ମ—2. Lotus.

ବନଲକ୍ଷ୍ମୀ—ସଂ. ବି.—୧ । (୬ଷ୍ଠୀ ତତ୍) ବନର ଶୋଭା—1. The
Banalakshmī glory of the forest. ୨ । (ବହୁବ୍ରୀହି) କଦଳୀ (ହ. ଶ)—2. Plantain.

ବନଶି କଣ୍ଟା—ଦେ. ବି—ମାଛଙ୍କପାଇଁ ଖାଦ୍ୟ ବା ଗୁଣ୍ଡି ଗୁନ୍ଥା ହୋଇ ଥିବା
Banasi kantā ବଙ୍କାଅଙ୍କୁଶଯୁକ୍ତ କଣ୍ଟା—Angling hook.
বঁড়শী কাঁটা ସାଉଟବନ୍ଧା, ଡୋଲୁହରଣ୍ଟା, କରୁଣଭୂଷଣ, ଗାଲରିବନ୍ଧା
**वंसीका काँटा** ଚଳଚ୍ଚତ୍ରସାଦରୁ ସରଗ ଦେଖିଲୁ; ମତେ ଡରଙ୍କରୁ ବନଶି କଣ୍ଟା—ଚଗ ।

ବନଶି ଖଡ଼ା—ଦେ. ବି—ଯେଉଁ ଦଣ୍ଡରେ ବନଶିର ଡୋର ଲାଗିଥାଏ—
Banasi khardā The angling rod
**वंसीकी छड़ी** বঁড়সীর ছীপ

ବନଶି ଡୋର(ରି)—ଦେ. ବି—ଯେଉଁ ଡୋରର ଅଗରେ ବନଶି କଣ୍ଟା
Banasi dora(ri) ଲାଗିଥାଏ—Angling line.
**वंसीकी डोरी** বঁড়সী সূত

ବନଶି ଟେର(ରେ)ଣ୍ଡା—ଦେ.ବି—ବନସିର କଣ୍ଟାକୁ ପାଣିରେ ଝୁଲାଇ
Banasi tera(re)ndā ରଖିବା ପାଇଁ ଡୋର ମଝିରେ ଲାଗିଥିବା
ଫତନା ସୋଲ ବା ମୟୂର ପକ୍ଷର କାଠି—A float attached to
**कडेला; तिरेन्दा** the angling line.

ବନଶି ପକା(କେ)ଇବା—ଦେ. କ୍ରି—ମାଛ ଧରିବାପାଇଁ ପାଣିରେ ବନଶି
Banasi pakā(ke)ibā ଯନ୍ତ୍ର ବ୍ୟବହାର କରିବା—
ছীপফেলা **वंसीफेकंना** (ବନଶି ମାରିବା—ଅନ୍ୟରୂପ)To angle.

ବନ ଶୂକର—ସଂ. ବି—ବଣୁଆ ଘୁଷୁରି; ବାରହା; ବରାହ—
Bana śūkara Wild-boar.

ବନଶ୍ୱା—ସଂ. ବି. (ବନ+ଶ୍ୱନ୍=ବନଶ୍ୱନ୍; ୧ମା. ୧ବ.)—୧ । ବନ୍ୟ
Banaśwā କୁକୁର; ବଣଆ କୁକୁର—1 Wild dog.
୨ । ବିଲୁଆ—2. Jackal. ୩ । ହେଟା; ଗଧିଆ—3. Wolf.

ବନସ୍ତ(ସ୍ଥ)—ଦେ. ବି. (ସଂ. ବନସ୍ଥଳୀ)—୧ । ବନ; ଜଙ୍ଗଲ—
Banasta(stha) 1. Forest.
बनस्त ଯାଇଅଛ ବହ ବାହିଁବ ବନସ୍ତକୁ ।
**बनज्त** କୃଷ୍ଣସିଂହ, ମହାଭାରତ ବନ ।
୨ । ଘୋର ଜଙ୍ଗଲ—2. Dense forest.
ଅଥବା ବନସ୍ତେ ପଶିବ
ସନ୍ଧ୍ୟାସମୟେ ବା ବଞ୍ଚିବ । ଜଗନ୍ନାଥ. ଭାଗବତ ।

ବନସ୍ଥ—ସଂ. ବିଣ—୧ । ବନରେ ସ୍ଥିତ—1. Situate in the
Banastha wood. ୨ । ବାନପ୍ରସ୍ଥ ଧର୍ମାବଲମ୍ବୀ—2. Taking to the forests; living in the forests.

ଶୁଣ ହେ ବ୍ରହ୍ମାର ନନ୍ଦନ
ନେତ୍ର ଅବଧୂତଧର୍ମ । ଜଗନ୍ନାଥ—ଭାଗବତ ।

**ବନସ୍ଥଳ(ଳୀ)**—ସଂ. ବ. (ବନ+ସ୍ଥଳ; ସ୍ଥଳୀ; ୬ଷ୍ଠୀ ତତ୍) — Banasthala(li) ୧ । ବନଦେଶ; ଅରଣ୍ୟ ପ୍ରଦେଶ— 1. Wild region. ୨ । ଅରଣ୍ୟର ଅଂଶବିଶେଷ— 2. A part of a forest.

ବାମଣୀ-ମଣ୍ଡଳ-ପ୍ରପାତ-ଶୀକର-ସ୍ନାତ ଘନ ବନସ୍ଥଳୀ ।
ରାଧାନାଥ. ପାର୍ବତୀ ।

**ବନସ୍ପତି**—ସଂ. ବ. (ବନ+ପତି; ନିପାତନ)—୧ । ମହାଦ୍ରୁମ; Banaspati ବଡ଼ଗଛ—1. Big tree. ୨ । ପୁଷ୍ପହୀନ ଫଳଦ ବୃକ୍ଷ; ଯେଉଁ ବୃକ୍ଷର ଫୁଲ ପ୍ରକାଶିତ ନ ହୋଇ ଫଳ ଧରେ--2. Trees producing fruits apparently without flowers or blossoms. (ଯଥା—ଅଶ୍ୱତ୍ଥ, ଡିମ୍ବିରି, ବର ।) ୩ । (ସାଧାରଣତଃ) ବୃକ୍ଷ—3. A tree in general (Apte). ୪ । ସୋମ ଲତା—4. The Soma plant (Apte). ୫ । ଗଛର ଗଣ୍ଡି; ମୁଣ୍ଡି—5. A stem; trunk (Apte). ୬ । କଡ଼ି—6. A beam (Apte). ୭ । ଖୁଣ୍ଟ—7. A pole; post (Apte). ୮ । ବଳିସ୍ତମ୍ଭ; ଯୂପକାଷ୍ଠ—8. A sacrificial post (Apte). ୯ । ବନସ୍ପତିଙ୍କୁ ପ୍ରଦତ୍ତ ନୈବେଦ୍ୟ—9. An offering to Banaspati (Apte). ୧୦ । କାଠର ତେଣ୍ଡିଉଆ—10. A wooden amulet (Apte). ୧୧ । ଫାଶୀଖୁଣ୍ଟ—11. A scaphold (Apte). ୧୨ । ଯୋଗୀ; ସନ୍ନ୍ୟାସୀ—12. An ascetic (Apte).

**ବନସ୍ପତି କାୟ**—ସଂ. ବ. (ବହୁବ୍ରୀହି)—ଉଦ୍ଭିଜ୍ଜଗତ; ପୃଥ୍ୱୀର Banaspati kāya ବୃକ୍ଷସମଷ୍ଟି—The whole vegetable kingdom (Apte).

**ବନା**—ଦେ. ବ.—୧ । [ସଂ.—ବର୍ଣ୍ଣଯୋଜନ (ନା)]—ବ୍ୟଞ୍ଜନ ବର୍ଣ୍ଣରେ Banā ସ୍ୱରବର୍ଣ୍ଣର ମାତ୍ରା ଯୁକ୍ତ କରିବା ଧାରା—1. The process ବାନାନ of inflecting consonants with vowel signs. **बन्दमल** ୨ । (ସଂ. ବର୍ଣ୍ଣନା)—ବର୍ଣ୍ଣନା—2. Description. ୩ । ରଚନା—3. Composition. ୪ । କଥନ—4. Speaking. ୫ । ଶବ୍ଦାଳଙ୍କାରବିଶେଷ; ଯେଉଁ ପଦ୍ୟରେ ବ୍ୟବହୃତ ଅକ୍ଷରସବୁ 'ଅ' ଭିନ୍ନ ଅନ୍ୟ ସ୍ୱରବର୍ଣ୍ଣଯୁକ୍ତ ଥାଏ- 5. A kind of matrical composition in which the words or letters contain vowels other than 'a'.

ଯଥା—ବିଭୁ ଯାଇ ବଳୀଙ୍କ କାଲି ଦ୍ୱିତୀୟେ
ପିନାକ ମୋହିନୀ ବାରୁ ଦେଖି ହେଲାସେ । ପ୍ରେମ ମଞ୍ଜରୀ ।

୬ । ପରିବା ଆଦିକୁ ରନ୍ଧା ଯିବା ନିମନ୍ତେ କାଟିବା—6. Cutting or slicing of vegetables for cooking
୭ । (ଅନାଦରାର୍ଥକ) ବନମାଳୀର ଡାକ ନାମ—
7. A name for calling Banamāli.

**ବନା(ନେ)ଇବା**—ଦେ. କ୍ରି. (ସଂ. ବର୍ଣ୍ଣନ)—Banā(ne)ibā ବନାନ ୧ । ବନିବା କ୍ରିୟାର ଣିଜନ୍ତ ରୂପ— **बनाना, बनवाना** 1. Causative of Banibā. ୨ । ପରିବା ଆଦି ରାନ୍ଧିବା ନିମନ୍ତେ କାଟିବା—2. To chop or slice vegetables for cooking. ୩ । ପ୍ରସ୍ତୁତ କରିବା—3. To make; to prepare.

ଦିନ ତିନୁ ସୁମ ସବୁ ବନାଇ ବନାଇ । ବନ୍ଦେମୁଁ ସଙ୍ଗୀତ ।

୪ । ନିର୍ମାଣ କରିବା—4. To build; to construct.

ଯମୁନା ବାହୁଟା ଜାଗୃତ ହସ ଅଙ୍ଗେ ବନାଇ ବାଉରେ ।
ବନ୍ଦେମୁଁ ଚନ୍ଦ୍ରେରେ ସଙ୍ଗୀତ ।

୫ । ପରିଣତ କରାଇବା—5. To cause to change into. (ଯଥା—ଭଲଲୋକଙ୍କୁ କଥାରେ ସେ ଚୋର ବନାଇ ଦେଲା ।) ୬ । (ସଂ. ବିନ୍ୟାସ) ସଜାଇବା; ସଜ୍ଜିତ କରିବା— 6. To dress; to adorn; to fit up.

ବନାଇ ତନୁ କୁସୁମେ ଚନ୍ଦନ ଲେପନ । ଭଞ୍ଜ. ବୈଦେହୀଶବିଳାସ ।

**ବନାଉ(ଓ)ତ**—ଦେ. ବ—ବନାତ (ଦେଖ) Banāu(o)ta Banāta (See)

**ବନାଗ୍ନି**—ସଂ. ବ. (୬ଷ୍ଠୀ ତତ୍; ବନ+ଅଗ୍ନି)—ଦାବାନଳ— Banāgni Forest-fire.

**ବନାଟି**—ଦେ. ବ—ବନୋଟି (ଦେଖ) Banāti Banoti (See)

**ବନାଣିଆ କଥା**—ପ୍ରାଦେ. (ସିଂହଭୂମ) ବ. (ଭୁଲ. ହି. ବନାବଟ୍ ବାତ୍)- Banāniā kathā ମନଗଢ଼ା କଥା—Got-up story.

**ବନାତ**—ଦେ. ବ. (ସଂ. ବପ୍ ଧାତୁ=ବୁଣିବା)— Banāta ଲୋମଶ ଶୀତବସ୍ତ୍ରବିଶେଷ—Broad-cloth. বনাত্ **बनात** (ବନୋତ—ଅନ୍ୟରୂପ)

**ବନାତି**—ଦେ. ବ—ବନାତରେ ତିଆରି ହୋଇଥିବା (ଜିନିଷ)— Banāti বনাতী **बनाति** Made of broad-cloth.

**ବନାନ**—ଦେ. ବ. [ସଂ. ବର୍ଣ୍ଣ ଯୋଜନ(ନା)]— Banāna ୧ । ଅକ୍ଷରର ଉଚ୍ଚାରଣ ବା ବର୍ଣ୍ଣମାନଙ୍କର ବିସ୍ତାର— বানান্ **हिज्जे, वीबरण** 1. Spelling of letters. ୨ । ଶବ୍ଦସ୍ଥ ବର୍ଣ୍ଣମାନଙ୍କର ଯୋଜନାପ୍ରଣାଳୀର ବିଶ୍ଳେଷଣ ବା ବର୍ଣ୍ଣନା—2. The mode of spelling the letters comprising a word.

**ବନାନ କରିବା**—ଦେ. କ୍ରି—କୌଣସି ଶବ୍ଦର ଅକ୍ଷରମାନଙ୍କ ବିଶ୍ଳେଷଣ Banāna karibā କରି ବ୍ୟାଖ୍ୟାନ କରିବା—To spell a word. বানান করা **हिज्जे करना, बर्णन करना**

**ବନାନ ଭୁଲ**—ଦେ. ବ—ବର୍ଣ୍ଣାଶୁଦ୍ଧି; ଶବ୍ଦରେ ଅଶୁଦ୍ଧ ବର୍ଣ୍ଣବିନ୍ୟାସ— Banāna bhula Spelling mistake. বানান ভুল **बर्णाशुद्धि, अक्षर गलती**

[ ଯଥା—'ଶ' ସ୍ଥାନରେ 'ସ', 'ଇ' ସ୍ଥାନରେ 'ଈ', 'ହୁ' ସ୍ଥାନରେ 'ହ୍ର' ଇତ୍ୟାଦିର ପ୍ରୟୋଗ । ]

ବନାମୀ—ଦେ. ବି. (ସଂ. ଅରଣ୍ୟାନୀର ଅନୁକରଣରେ ଅଶୁଦ୍ଧ ପ୍ରୟୋଗ; Banāni ସଂ. ବନ ଶବ୍ଦର ବହୁବଚନ ବନାନି )—
୧। ଅରଣ୍ୟାନୀ; ସୁବିସ୍ତୃତ ଜଙ୍ଗଲ—1. A range of forests; vast forest. ୨। ବହୁ ଅରଣ୍ୟ—2. A great many forests.

ବନାନ୍ତ—ସଂ. ବି. ( ୬ଷ୍ଠୀ ତତ୍; ବନ+ଅନ୍ତ )—୧। ଅରଣ୍ୟର ପ୍ରାନ୍ତ Banānta ଭାଗ—1. The extremity of a forest.
୨। ବନ ଭୂମି;ବନ ଦେଶ -2. Wild tract; wilderness.

ବନାବନି—ଦେ. ବି. ( ସଂ. ବନା=ମିଳନ ) —
Banābani ୧। ଅନ୍ୟାନ୍ୟରେ ଗାଳି ଦିଆଦେଇ—
বকাবকী बकाबकी 1. Mutual recrimination.
কোটাকুটী बनाबनी ୨। ପରିବା ଆଦି ବନାଇବା କ୍ରିୟା—
2. The act of slicing vegetables for cooking.
୩। ବ୍ୟଞ୍ଜନ ବର୍ଣ୍ଣରେ ସ୍ୱରବର୍ଣ୍ଣର ମାତ୍ରା ଯୋଗ କରିବା—
3. The act of joining vowel-signs to consonants. ୪। ଦୁଇ ଜଣଙ୍କ ମଧ୍ୟରେ ସଦ୍ଭାବ ବା କଥା ଭାଷା -4. Mutual friendship or terms of speaking
বনি বনাও बनीवनाव between two persons.

ବନାମ୍—ବିଦେ. ଅ. (କଚେରୀ) (ଫା. ବନାମ୍=ନାମରେ)—
Banām ୧। ବିପକ୍ଷିତ ପକ୍ଷରେ; ଅପର ପକ୍ଷରେ—1. Versus;
বনাম बनाम on the opposite party.
( ଯଥା—ସରକାର ବାହାଦୁର ବାଦୀ ବନାମ୍ ରାମଚନ୍ଦ୍ର ମଙ୍ଗରାଜ ସାକିନ୍ ଗୋବିନ୍ଦପୁର—ପ୍ରତିବାଦୀ । )
ଫକୀରମୋହନ, ଛମାଣଆଠଗୁଣ୍ଠ ।
୨। ଓରଫ; ଅନ୍ୟ ନାମ—2. Alias.
( ଯଥା—ଶ୍ରୀ ରାମଚନ୍ଦ୍ର ମଙ୍ଗରାଜ ବନାମ୍ ବଡ଼ ବାବୁ । )
୩। (ଅମୁକର) ନାମରେ—3. In the name of
[ ଦ୍ର—ଏହି ଶବ୍ଦର ସାଙ୍କେତିକ ଚିହ୍ନ 'I ବ I' । ସାଧାରଣତଃ ବାଦୀ ଓ ପ୍ରତିବାଦୀଙ୍କ ନାମ ମଧ୍ୟରେ ଏହି ଶବ୍ଦ ଅଦାଲତରେ ବ୍ୟବହୃତ ହୁଏ । ]

ବନାୟୁ—ସଂ ବି. (ନାମ) ( ଭୁଲ. ଫାରସୀ ନାମ ୟୁନାନ୍ )—
Banāyu ୧। ପ୍ରାଚୀନ ଦେଶବିଶେଷ; ଭାରତବର୍ଷର ପଶ୍ଚିମରେ ଅବସ୍ଥିତ ଆରବ ବା ପାରସ୍ୟ ଦେଶର ପ୍ରାଚୀନ ନାମ; ୟୁନାନ୍ ଦେଶ—1. The ancient country of Unan (modern Arabia or Persia).
[ ଦ୍ର—ଏ ଦେଶ ଉତ୍କୃଷ୍ଟ ଘୋଟକ ନିମନ୍ତେ ପ୍ରସିଦ୍ଧ ଥିଲା । ]
୨। ଏ ଦେଶବାସୀ ଜାତି ( ହି. ଶ )—2. A caste of people inhabiting the Unan country.
୩। (ନାମ) ରାଜା ପୁରୁରବାଙ୍କର ଏକ ପୁତ୍ର—
3. A son of King Pururabā.

ବନାୟୁଜ—ସଂ. ବିଣ—ବନାୟୁ ଦେଶ ଜାତ—Belonging to Banāyuja Persia or Arabia; Unani.
( ଯଥା—ବନାୟୁଜ ଅଶ୍ୱ । )
ସଂ. ବି—ଆରବୀ ଘୋଡ଼ା—Arab horse.

ବନାରସ—ଦେ. ବି• ( ସଂ. ବାରାଣସୀ; ବର୍ଣ୍ଣ ବିପର୍ଯ୍ୟୟ )—
Banārasa କାଶୀ; ବାରାଣସୀ ନଗର—Town of Benares.
বেনারস, বনারস बनारस

ବନାରସୀ—ଦେ. ବିଣ—୧। କାଶୀରେ ନିର୍ମିତ—1. Made or Banārasi manufactured in Benares.
বেনারসী बनारसी (ଯଥା—ବନାରସୀ ପାଟ । )
୨। ବନାରସର ଅଧିବାସୀ—2. Inhabiting in or belonging to Benares.
( ଯଥା—ବନାରସୀ ନର୍ତ୍ତକୀ ବା ବାଈ । )
ଦେ. ବି—କାଶୀ ପ୍ରସ୍ତୁତ ପାଟ ଲୁଗା—
Benares silk cloth.

ବନାର୍ଦ୍ରକ—ସଂ. ବି. (ବୈଦ୍ୟକ)—ଓରୁଅ ( ଦେଖ )
Banārdraka Orua ( See )

ବନାଲକ୍ତକ—ଦେ. ବି. ( ବନ+ଅଲକ୍ତକ; •ଉପମିତ ସମାସ )—
Banālaktaka ଗେରୁ—Red chalk; hematate; red ochre.
ବ୍ୟାଖ୍ୟାନ କଲ ମଙ୍ଗୁ ଦ୍ରୋଣ ଚରିତ
ବନାଲକ୍ତକ ଚର୍ଚ୍ଚ ଭବ ଯେମନ୍ତ । ଉଚ୍ଚ. ବୈଦେହୀଶବିଳାସ ।

ବନା ଶାଢ଼ୀ—ଦେ. ବି. ( ସଂ. ବର୍ଣ୍ଣ+ଶାଟୀ )—ରଙ୍ଗୀନ୍ ଲୁଗା; ଛିଟ—
Banā sārdhi Coloured or spotted cloth; chintz.
রংগীন শাঢ়ী ବନା ଶାଢ଼ୀ ଗହେ ପିନ୍ଧିଲେ ସୁନ୍ଦର ଅଟ ।
रंगीन शाढी କୃଷ୍ଣସିଂ. ମହାଭାରତ, ବନ ।

ବନାଶ୍ରମ—ସଂ. ବି. ( ବନ+ଆଶ୍ରମ )—ବାନପ୍ରସ୍ଥାଶ୍ରମ—Taking Banāsrama to the forest-life after the age of 50 to pass one's old age there.

ବନାଶ୍ରମୀ—ସଂ. ବିଣ. ପୁଂ ( ବନାଶ୍ରମ+ଇନ୍; ୧ମା. ୧ବ )—
Banāsrami ବାନପ୍ରସ୍ଥାବଲମ୍ବୀ—Living in the forest (ବନାଶ୍ରିତ—ଅନ୍ୟରୂପ) in an advanced age.

ବନାଶ୍ରୟ—ସଂ. ବି. ( ୬ଷ୍ଠୀ ତତ୍; ବନ+ଆଶ୍ରୟ )—
Banāsraya ୧। ବନର ଆଶ୍ରୟ—1 Talking shelter in the forests. ୨। (ବହୁବ୍ରୀହି) ଡାମରା କାଉ—2. Rook; crow; jackdaw.
ସଂ. ବିଣ. ପୁଂ. (ବହୁବ୍ରୀହି)—୧। ବନବାସୀ—1. Living in the forests. ୨। ବନଗାମୀ—2. Moving in the forests. ୩। ବାନପ୍ରସ୍ଥାବଲମ୍ବୀ—3. Taking to the forests to pass one's old age there.

ବନି—ଦେ. ବି—(ଆଦରାର୍ଥକ) ବନମାଳୀର ଡାକନାମ—Name for Bani calling Banamāli in endearment.
ପ୍ରାଦେ. (ଗଡ଼ଜାତ) ବି—ରକ୍ତ; ଲହୁ—Blood.
(ଯଥା—ଓହୋ ! ତା ମୁଣ୍ଡରୁ କେତେ ବନି ବୋହିଗଲା । )

ବନିଆଦ୍—ବିଦେ. ବି—(ଫା)—(ଫା. ବୁନିୟାଦ୍)—୧। ଘର ଆଦିର Baniād ନିଅଁ ବା ଭିତ୍ତିମୂଳ—1. The foundation of a ব(বু)নিআদ house. ୨। (ଲକ୍ଷଣାର୍ଥ) କୌଣସି ବଂଶର ମୂଳ—
बुनिआद् 2. (figurative) The origin or foundation of a family.

**ବନିଆଦ**—ବୈଦେ. ବିଣ. (ଫା)—୧ । ଦୃଢ଼ ବା ପ୍ରଶସ୍ତ ଭିତ୍ତିବିଶିଷ୍ଟ
Baniādi ( ଗୃହ )—1. (house) Having strong
ब(बु)निआदी foundation; well-founded. ୨ । (ଲକ୍ଷଣାର୍ଥ)
**बुनियादी** ବହୁକାଳ ସ୍ଥାୟୀ—2. (figurative) Permanent.
୩ । ବହୁ କାଳରୁ ସମାଜରେ ସମ୍ମାନିତ ଓ ପ୍ରସିଦ୍ଧ (ବଂଶ)—
3. Old and respectable (family); aristrocratic.

**ବନିଅନ୍**—ପ୍ରାଦେ ( ଗଞ୍ଜାମ ) ବୈଦେ. ବି—( ଇଂ. ବନିଅନ୍,
Baniān ଫ୍ଲାନେଲ୍ ଜାକେଟ୍ )—ଗେଞ୍ଜି—Banian; a gauze
বেনিয়ান **बनीयान** underwear or shirt.
[ ଦ୍ର—ଇଂରାଜମାନେ ଭାରତକୁ ଆସିବାବେଳେ ସେମାନଙ୍କ ସଙ୍ଗେ କାରବାର କରୁଥିବା ବ୍ୟକ୍ତିଙ୍କୁ 'ବନିଅନ୍ (ବଣିଆ)' ଡାକୁଥିଲେ ଓ ସେମାନେ ପିନ୍ଧୁଥିବା ଅଧାହାତିଆ ଜାକେଟ୍‌କୁ ସେମାନଙ୍କ ନାମ ଅନୁସାରେ 'ବନିଅନ୍' ନାମ ଦିଆ ହୋଇଥିବା ବିଷୟ Webster କହନ୍ତି । ]

**ବନିକା**—ଦେ. ବି—( ବନ+ସ୍ୱାର୍ଥେ. କ+କ୍ଷୁଦ୍ରାର୍ଥେ. ଆ )—
Banikā ୧ । ଉଦ୍ୟାନ—1. Garden.
ଅଶୋକ ବନିକାରେ ସୀତାଙ୍କୁ ଦେଖିଲ— କୃଷ୍ଣସିଂହ. ମହାଭାରତ ବନ ।
୨ । ଛୋଟ ବନ—2. Small forest.
କାଳନ୍ଦୀ ତଟ ବାଲୁକୂଦ, ଶ୍ରୀକୁଞ୍ଜ ବନିକା ବନୋଦ—
ଭୂପତି – ପ୍ରେମପଞ୍ଚାମୃତ ।
୩ । କୁଞ୍ଜବନ—3. Grove.

**ବନିତ**—ସ. ବିଣ—(ବନ୍ ଧାତୁ+କର୍ମ. ତ)—୧ । ଯାହା ପ୍ରାର୍ଥନା
Banita କରାଯାଏ; ପ୍ରାର୍ଥିତ; ଯାଚିତ—1. Prayed for.
୨ । ସେବିତ—2. Tended.

**ବନିତା**—ସ. ବି. ସ୍ତ୍ରୀ—(ବନ୍ ଧାତୁ=ମାଗିବା+କର୍ମ. ତ+ସ୍ତ୍ରୀ. ଆ)—
Banitā ୧ । ଭାର୍ଯ୍ୟା; ସ୍ତ୍ରୀ—1. Wife. ୨ । ନାରୀ—2. Woman. ୩ । ପ୍ରିୟା; ପ୍ରିୟତମା ସ୍ତ୍ରୀ—3. One's beloved lady. ୪ । ସଂସ୍କୃତ ଛନ୍ଦୋବିଶେଷ—4 Name of a Sanscrit metre.

**ବନି ବନାଉ** ଓ—ଦେ. ବି—(ହି; ସ—ବନି=ମିଳନ; ହି. ବନାଓ=
Bani banāu(o) ମିଳନ ଭାବ)—୧ । ବନା ବନି; ସଦ୍ଭାବ—
बनि बनाउ 1. Good relations. ୨ । ଦୁଇ ଜଣଙ୍କ ମଧ୍ୟରେ
**बनाव** ପଡ଼୍—2. Speaking terms between two persons.

**ବନିବା**—ଦେ. କ୍ରି—୧ । (ସ.ବର୍ଣ୍ଣଯୋଜନ) ବ୍ୟଞ୍ଜନ ବର୍ଣ୍ଣରେ ସ୍ୱରବର୍ଣ୍ଣର
Banibā ମାତ୍ରା ଯୋଗ କରିବା—1. To add vowel-signs
বানানকরা to consonants. ୨ । ଶବ୍ଦସ୍ଥ ଅକ୍ଷରମାନଙ୍କର ବର୍ଣ୍ଣମାନ
**हिज्जे करना, विवरण करना** ବିଶ୍ଳେଷଣ କରିବା; ବନାନ କରିବା-
2. To analyse the spelling of the letters in
তয়েরহওয়া a word. ୩ । ନିର୍ମିତ ହେବା—3. To be built.
**बनना** (ଯଥା—ତାଙ୍କର ଗୋଟାଏ ହୋମାହାଲ୍ଲ କୋଠା ବନୁଛି)
বনা ୪ । ଦୁଇ ଜଣଙ୍କ ମଧ୍ୟରେ ସଦ୍ଭାବ ଥିବା; ପଟିବା—4. To
**बनना** continue in the maintenance of good relations between two persons.
(ଯଥା—ଶାମିଦ ଶ୍ରୀକରଙ୍କ ମଧ୍ୟରେ ସଦ୍ଭାବ ଭଲ ବନନ୍ତି ନାହିଁ)
वर्णना करा ୫ । ବର୍ଣ୍ଣନା କରିବା—5. To describe. ୬ । ବର୍ଣ୍ଣିବା;
**वर्णन करना** ଗାଳିଦେବା; ବକିବା; ବକାବକି କରିବା—6. To
বকা **गालीदेना** abuse; to call names.
বানানশিখা ୭ । (ଛାତ୍ର) ବ୍ୟଞ୍ଜନ ବର୍ଣ୍ଣରେ ସ୍ୱରମାତ୍ରା (ଆକାର,ଇକାର
**हिजेशिखना विवरनेशिखना** ଆଦି) ଯୋଗ କରିବାକୁ ଶିକ୍ଷା କରିବା-
7. (student) To learn the adding of vowel-signs to consonants. ୮ । ଶବ୍ଦରେ ଥିବା ସ୍ୱରଯୁକ୍ତ
বানা করা ବ୍ୟଞ୍ଜନ ବର୍ଣ୍ଣକୁ ବିଶ୍ଳେଷଣ କରିବା—2. To spell a
**विवरन करना** consonant joined with a vowel. ୯ । ହୃଷ୍ଟ-
বনা **बनना** ପୁଷ୍ଟାଙ୍ଗ ହେବା—9. To be fat. ୧୦ । (ଫଳାଦି)
ପୂର୍ଣ୍ଣାଙ୍ଗ ପ୍ରାପ୍ତ ହେବା—10. To develop to proper proportions (said of a fruit). ୧୧ । ସୌନ୍ଦର୍ଯ୍ୟରେ ଶୋଭିତ ହେବା—11. To develop or shine in one's beauty. ୧୨ । ପରିଣତ ହେବା—12. To be;
বনা **बनना** to become; to turn into.
(ଯଥା—ସେ ମୋ ମୁରବ୍ବୀ ବନିଛନ୍ତି ।)
୧୩ । ଫଳତଃ ବା କାର୍ଯ୍ୟରେ ଅମୁକର ସ୍ୱରୂପ ଧାରଣ କରିବା;
পালটা ପାଲଟିବା; ରୂପେ ପରିଣତ ହେବା—13. To be
**बनना** virtually like; to be turned into.
(କନ୍ଦର୍ପର) ଷଡ଼ବାଣ ବନିଲେ ସେ ମୁରଲୀଧର ।
କବିସୂର୍ଯ୍ୟ—ରତ୍ନାକର ଚମ୍ପୂ ।
ପ୍ରାଦେ. (ସମ୍ବଲପୁର) କ୍ରି—୧ । ଠିକ୍ ହେବା—1. To suit; to be appropriate. ୨ । ଆସିବା; ପଡ଼ିବା—
2. To be recalled; to be committed to memory.

**ବନୀ**—ଦେ ବି—୧ । ( ବନ+ସ୍ତ୍ରୀ. ଈ )—ବନସ୍ଥଳୀ; ବନ—
Banī 1. Forest.
ଯମୁନା ବାହୁଣ୍ଡ ତଟକୁଞ୍ଜ ବନୀ ଅବନୀ ବଶାଇ ବାଉ ଯେ ।
କବିସୂର୍ଯ୍ୟ. ଯଶୋଦାଚମ୍ପୂ ଯ. ଗୀତ ।
୨ । ଛୋଟ ବନ—2. A small forest. ୩ । (ବନ ଧାତୁ+ଭାବ. ଈ) ଯାଚଞ୍ଚା—3. Begging. ୪ । ମିଳନ —4. Meeting; mixing. ୫ । ପ୍ରାର୍ଥନା—5. Prayer; solicitation. ୬ । (ପୁଂ; ବନ+ଇନ୍; ୧ମା. ୧ବ.) ବାନପ୍ରସ୍ଥ—6. A person who has taken to the 3rd stage of a Hindu's life.

**ବନୀକ**—ସ. ବିଣ. ପୁଂ. (ବନୀ=ପ୍ରାର୍ଥନା+ଯ+ଅକ; ଯ ଲୋପ; ପ୍ରକୃତି
Banīka ବାଦ)—ପ୍ରାର୍ଥନାକାରୀ—Soliciting; begging;
(ବନୀୟକ, ବନୀୟୂକ—ଅନ୍ୟରୂପ) solicitous.
(ବନୀକା, ବନୀୟକା, ବନୀୟୂକା—ସ୍ତ୍ରୀ) ସ. ବି—ଭିକ୍ଷୁକ—
A beggar; a mendicant (Apte).

**ବନୁଟି**—ଦେ. ବି—ବନେଟି (ଦେଖ)
Banuṭi Baneṭi (See)

**ବନେ**—ଦେ. (କ୍ରିୟା, ଅବ୍ୟୟରୂପେ ବ୍ୟବହୃତ) ଅ—୧ । ନିଶ୍ଚୟ—
Bane I. Certainly. ୨ । ଦୃଢ଼ସଙ୍କଳ୍ପ—2. Determination.
**बनेगा**

(ଯଥା—ଭୁ ଅଇ ମୋ ଗୋଡ଼ ତଳେ ମୁଣ୍ଡ ନୁଆଁଇଲେ ଯାଇ ମୋର ବନେ=ମୁଁ ଦୃଢ଼ ସଙ୍କଳ୍ପ କରିଛି ଯେ ଭୁ ଅଇ ମୋ ଗୋଡ଼ ତଳେ ମୁଣ୍ଡ ଲୁଆଁଇବୁ ।)

୩ । (ଏହା) ଚଳିବ—3. (this) Will do.

ଯଥା—ମୋର ଏକାମ ହେଲେ ବନେ ।

ବନେଇ ବାନେଇ—ଦେ· କ୍ରି. ବଣ—କୌଣସି ବସ୍ତୁକୁ ସୁନ୍ଦରରୂପେ Banei bānei ସଜେଇ ସାଜେଇ—Embellishingly.
বানিয়ে বানিয়ে ଭୁ ଯା ଭାଙ୍କ ବୃଥେଇ ବନେଇ ବାନେଇ କହୁଚୁ ।
**बानावट करके; बनावना करके** ଫକୀରମୋହନ—ଗଳ୍ପସ୍ବଳ୍ପ ।

ବନେ କିଂଶୁକ—ସ. ବ. (ଅଲୁକ୍ ସମାସ; ବଣରେ ପଲାଶଫୁଲ ପରି)—Bane kiṁśuka ବିନା ପରିଶ୍ରମରେ ମିଳିବା ଦ୍ରବ୍ୟ (ହୁ. ଷ.)—Anything got for nothing.

ବନେଚର—ସ. ବଣ. ଓ. ବ (ବନେ=ବନରେ+ଚର ଧାତୁ=ବୁଲିବା Banechara +କର୍ତ୍ତୃ· ଅ; ଅଲୁକ୍ ଉପପଦ ସମାସ)—ବନଚର (ଦେଖ)—Banachara (See)

ବନେଜା—ସଂ. ବ. (ବନେ+ଜନ ଧାତୁ+କର୍ତ୍ତୃ. ଅ+ଆ; ଅଲୁକ୍; Banejā ଉପପଦ ସମାସ)—୧ । ଆମ୍ବ (ହୁ.ଷ.)—1. Mango.
୨ । ପର୍ପଟ (ହୁ. ଷ.) (ଦେଖ)—2. Parpaṭa (See)

ବନେ(ନୋ, ନୌ)ଟି—ବୈଦେ. ବ. (ଅ. ବନେଟ; ଭୁଲ. ସଂ. ବନ+ Bane(no, n<u>au</u>)ṭi ଯଷ୍ଟି)—ମଲ୍ଲକ୍ରୀଡ଼ାରେ ବ୍ୟବହୃତ ୩।୪
বনেটি; বেনেটী ହାତ ଲମ୍ବ ବାଡ଼ି—A cudgel 3 or 4
**बनैठी** cubits long used in wrestling.

[ ଦ୍ର—ଏଥିର ଦୁଇ ମୁଣ୍ଡରେ କନା ପୁଡ଼ା ବା ଛଅଁ ବୁଲା ବାନ୍ଧି ଉକ୍ତ ବାଡ଼ିର ମଧ୍ୟସ୍ଥଳକୁ ହାତଦ୍ଵାରା ମୁଠାଇ ହସ୍ତକୌଶଳ-ଦ୍ଵାରା ଦୁଇ ମୁଣ୍ଡକୁ ବୃତ୍ତାକାରରେ ବୁଲାଇ ମଲ୍ଲକ୍ରୀଡ଼ା କରାଯାଏ । ]

ବନୋତ୍ସର୍ଗ—ସଂ. ବ. (ବନ+ଉତ୍ସର୍ଗ)—ଦେବମନ୍ଦିର, ବାପୀ, କୂପ, Banotsarga ଉପବନଆଦିର ସର୍ବସାଧାରଣଙ୍କ ବ୍ୟବହାରାର୍ଥ ଉତ୍ସର୍ଗ ବା ଦାନ କର୍ମ (ହୁ. ଷ.)—Formal dedication of a temple well, tank or park for the use of the public.

ବନୌକା—ସଂ. ବଣ. (ବନ ଅଟେ ଓକସ୍=ଗୃହ, ବାସ ଯାହାର; Ban<u>au</u>kā ବନୌକସ୍ ଶବ୍ଦ; ୧ମା. ୧ବ.)—୧ । ବନବାସୀ—1. Living in the forest.
ସଂ. ବ—୧ । ବାନର; ମାକଡ଼—1. Monkey. ୨ । ତପସ୍ୱୀ; ଋଷି—2. Sage; hermit.

ବନୌକା (୧) ସଙ୍ଗେ ବନୌକା (୨) ନୁହନ୍ତୁ କ ହିତ ।
ଉକ୍ତ· ବୈଦେହୀଶବିଳାସ ।

ବନୌଷଧି(ଧୀ)—ସଂ. ବ (୬ଷ୍ଠୀ ତତ୍; ବନ+ଓଷଧି)—୧ । ବନଜାତ Ban<u>au</u>shadhi(dhī) ଚେରମୂଳି; ଜଡ଼ିବୁଟୀ—2. Herbs; medicinal plants and roots.

-ବନ୍ତ—ଦେ.ପ୍ରତ୍ୟୟ (ଅନ୍ୟ ଶବ୍ଦ ସଙ୍ଗରେ ଯୁକ୍ତ ହୁଏ; ସଂ ବତ୍ ପ୍ରତ୍ୟୟର Banta ଅପଭ୍ରଂଶ)—ଯୁକ୍ତ; ଯାହାର ଥାଏ—(a suffix
**वन्त वान्त** ବନ୍ତା, ବନ୍ତୀ—ସ୍ତ୍ରୀ meaning) Having.
( ଯଥା—ଭାଗ୍ୟବନ୍ତ; ଲକ୍ଷ୍ମୀବନ୍ତ । )
**बालुका टीला** ପ୍ରାଦେ (ପୁରୀ) ବ—ବାଲିଢିପ—A heap or hillock of sand; sand dune.
ପ୍ରାଦେ (ଗଡ଼ଜାତ; ଅନୁଗୁଳ) ବ—୧ । ରାମ ଶିଆଳ ୨ (ଦେଖ) 1. Rāmasiāḷa 2 (See) ୨ । ହେଟା—2. Wolf.

ବନ୍ତଳ—ଦେ. ବ (ସଂ, ନାମ - କାଷ୍ଠ କଦଳୀ)—କଞ୍ଚାରେ ତରକାରି Bantaḷa ହୋଇ ଖିଆଯିବା କୋଣବିଶିଷ୍ଟ ଏକପ୍ରକାର କଦଳୀ—
**কাঁচকলা** A kind of plantain used in preparing
**कच्चाकेला; कठकेला** curry while raw; Plantain; Musa
( ବନ୍ତଳ କଦଳୀ—ଅନ୍ୟରୂପ ) Paradiaca (Haines).

[ ଦ୍ର—କଦଳୀ ସାଧାରଣତଃ ତିନ ପ୍ରକାରର ଯଥା—
୧ । ଯାହା କଞ୍ଚାରେ ତରକାରି କରି ଖିଆ ଯାଏ, ଅର୍ଥାତ୍—ବନ୍ତଳ ।
୨ । ଯାହା ପାଚିଲେ ଖିଆଯାଏ ।
୩ । ଯାହା କଞ୍ଚା ତରକାରି କରି ଓ ପାଚିଲେ ମଧ୍ୟ ଖିଆଯାଇ ପାରେ
୧ମ ଶ୍ରେଣୀର ବନ୍ତଳ କଦଳୀ ଅନେକ ଜାତିର ଅଛି; ଯଥା—ମେଣ୍ଢୀବନ୍ତଳ (ଛୋଟ ଛୋଟ), ପାଲିଙ୍ଗିଆ, ଲାଉଆ, ଦକ୍ଷିଣିସାଗର, ବଢ଼ଶିଫେଣିଆ ବନ୍ତଳ, ମଞ୍ଜିକଦଳୀ ।
୨ୟ ଶ୍ରେଣୀର କଦଳୀ ମଧ୍ୟ ନାନା ଜାତିର; ଯଥା—କାଠିଆ, ଚମ୍ପା, ଅମୃତପାଣି, ପାଟକପୁରା, କାବୁଲା, କଣ୍ଠେଇବଇଁଶି, ନାଲିକଦଳୀ, ଚିନିଚମ୍ପା ।
୩ୟ ଶ୍ରେଣୀର କଦଳୀ— ଶଙ୍କର ଓ ବଡ଼ଶା; ଏଗୁଡ଼ିକ ଉତ୍କୃଷ୍ଟ କ୍ଷେତ୍ରେ ଓ ବନାସହରେ ବଢ଼େ ।

ବନ୍ତାଳୁ କଦଳୀ—ପ୍ରାଦେ (ଗଞ୍ଜାମ) ବ—ବନ୍ତଳ (ଦେଖ) Bantāḷu kadaḷī Bantaḷa (See)

ବନ୍ତାଳୁ ମାଛ—ପ୍ରାଦେ. (ଗଞ୍ଜାମ) ବ. (ତେଲୁଗୁ ବନ୍ତାଳୁ+ସ. ମତ୍ସ୍ୟ)—Bantāḷu māchha ଏକ ପ୍ରକାର ସାମୁଦ୍ରିକ ମାଛ—A kind of sea-fish.

ବନ୍ଥ—ପ୍ରାଦେ. (ଗଞ୍ଜାମ) ବ.—ଖାଲୁଅ; ମାଛ ଧରିବା ପାଇଁ ବାଉଁଶ Bantha କାଟିରେ ବୁଣା ହୋଇ ଥିବା ଜାଲବାଡ଼—A matting made of bamboo-laths for catching fish.

ବନ୍ଥଡ଼(ଡ଼ା)—ଦେ. ବ.—ବ୍ୟାଘାତ; ବାଧା— Banthar<u>ḍa</u>(<u>rḍ</u>ā) Obstacle.
ଦେ. ବଣ.—୧ । ବୁଦ୍ଧିହୀନ; ମୋଟାବୁଦ୍ଧି—1. Blunt; dull.-headed ୨ । ବ୍ୟାଘାତକାରକ—2.Obstructive.
୩ । (ସ. ଦନ୍ତୁର; ଭୁଲ. ଇଂ. ବ୍ଲଣ୍ଟ୍)—ଦନ୍ତୁର; ଯେଉଁ ଅସ୍ତ୍ରର ଦାନ୍ତ ମୋଟା ଓ ଦନ୍ତୁର ହୋଇ ଯାଇଥାଏ—3. Blunt; dull-edged.

ବନ୍ଦ (ଧାତୁ)—ସ.—୧ । ପୂଜା କରିବା— Band (root) 1. To worship.
୨ । ସ୍ତବ କରିବା—2. To pray. ୩ । ନମସ୍କାର; କରିବା— . To salute; to show respect-

ବନ୍ଦ—ବୈଦେ. ବ. (ଫା; ଭୁଲ. ଇଂ. ବଣ୍ଡ୍ଲ)—୧ । (କତରଆ) Band ବଣ୍ଡିଲ୍; ଗୋଛା; ବିଡ଼ା; ଢାଡ଼ା—1. Bundle;

ବନ୍ଦ वंद packet. ୨ । ପୁଞ୍ଜୀକୃତ ବସ୍ତୁ ବା ପଦାର୍ଥର ଗୋଟିଏ ଗୁଣ୍ଡି—2. One lot out of several lots of a thing.

ଦେ. ବ —(ଫା. ବନ୍ଦ, ସ. ବନ୍ଧ ଧାତୁ)—୧ । ବ୍ୟବସାୟ, ବିଦ୍ୟାଳୟ ଓ କଚେରୀ ଆଦିର କାର୍ଯ୍ୟ ସ୍ଥଗିତ ହେବାର ଅବସ୍ଥା—1. Closing of a business, school or office; closure. ୨ । ସ୍ଥଗିତ୍ୟ; ନିବୃତ୍ତି—2. Cessation; stoppage ୩ । ଗତିସ୍ଥଗିତ୍ୟ—3. Stoppage or cessation of motion.

ବୈଦେ. ଅ.—(ଯୁବକ ବ୍ୟାୟାମରେ ପ୍ରବର୍ତ୍ତିତ ଡ୍ରିଲ୍ ସମ୍ବନ୍ଧୀୟ ଆଦେଶବଚନ)—ଭୂମିର ଗତି ରହିତ କର—3. (A term of drill) Halt!

ବନ୍ଦ ଦେ. ବଣ.—୧ । ସ୍ଥଗିତ—1. Stopped; ceased. ୨ । ବନ୍ଧା—2. Tied. ୩ । ରୁଦ୍ଧ; ଅବରୁଦ୍ଧ—3. Confined. ୪ । ଦମିତ; ରହିତ—4. Restrained. ୫ । କାର୍ଯ୍ୟରହିତ; ନିକମା (ବ୍ୟକ୍ତି)—5. Unemployed (person). ୬ । ମୁଦ୍ରିତ; ମୁଦା—6. Closed; shut up.

ତିଙ୍ଗଲ ନୟନକୁ କରିଛନ୍ତି ବନ୍ଦ—କୃଷ୍ଣସିଂ. ମହାଭାରତ ବନ ।

୭ । ଗତିରହିତ—3. With the motion stopped. ୮ । ଯହିଁର କାର୍ଯ୍ୟ ସ୍ଥଗିତ ହୋଇ ଥାଏ (ଯଥା—ସ୍କୁଲ, କଚେରୀ, ଅଫିସ୍)—8. Closed (school, court, office).

ବନ୍ଦ୍‌ନା ଯିବା—ପ୍ରାଦେ. (ସମ୍ବଲପୁର) କ୍ରି. (ସଂ. ବନ୍ଦନା)-(ବଢ଼ିଥିବା କନ୍ୟା) ପହିଲ୍ପାଳ ଯିବା—(Matured Band-nā jibā girl) To go to the husband's house for the first time after attaining puberty.

ବନ୍ଦବାନ୍ଦ—ଦେ. ବ.—(ନିରର୍ଥକ ଧ୍ୱନ୍ୟନୁକାରୀ ସହଚର ଶବ୍ଦ)—Band-bānd ସ୍ଥଗିତ୍ୟ—Stoppage; cessation. बन्द बंद

ବନ୍ଦରିଆ—ପ୍ରାଦେ. (ସମ୍ବଲପୁର) ବ—ସ୍ତ୍ରୀମାନଙ୍କର ହାତରେ ପିନ୍ଧା Band-riā ଯିବା ଏକ ପ୍ରକାର ଖଡୁ—A kind of bracelet.

ବନ୍ଦକ—ସ. ବଣ. ପୁଂ. (ବନ୍ଦ୍ ଧାତୁ+କର୍ତ୍ତୃ. ଅକ)—Bandaka ୧ । ଯେ ବନ୍ଦନା କରେ; ସ୍ତୁତି କାରକ—(ବନ୍ଦିକା—ସ୍ତ୍ରୀ) 1. Praying; praising. ୨ । ପ୍ରଣାମକାରୀ—2. Making obeisance.

ବନ୍ଦ କରିବା—ଦେ. କ୍ରି. (ସ. ବନ୍ଧ୍ ଧାତୁ; ଫା. ବନ୍ଦ୍)—Banda karibā ୧ । (ବ୍ୟବସାୟ, କଚେରୀ, ସ୍କୁଲ ଆଦିର କାର୍ଯ୍ୟ) बन्द करा ସ୍ଥଗିତ କରିବା—1. To close up (a business, बन्द करना school or office. ୨ । ଅବଦ୍ଧ ବା ଅବରୁଦ୍ଧ କରିବା—2. To confine. ୩ । ରୋଧ କରିବା; ଅଟକାଇବା—2. To restrain. ୪ । ଖୋଲା ଥିବା ଜିନିଷକୁ (ଯଥା—କବାଟ, ବାକ୍ସ, ଘର) ମୁଦିବା ବା ରୁନ୍ଧିବା—4. To shut up (a box, room or door). ୫ । ଅନ୍ୟର ଗତି ରୋଧ କରିବା—5. To stop the flow or movement of a thing. ୬ । କାର୍ଯ୍ୟ ରହିତ କରିବା—6. To cause cessation of a work. ୭ । ମନା କରିବା; ନିଷେଧ କରିବା—7. To prohibit.

ବନ୍ଦନ—ସ. ବ. (ବନ୍ଦ୍ ଧାତୁ+ଭାବ. ଅନ)—୧ । ସ୍ତୁତି; ସ୍ତବ—Bandana 1. Prayer; hymn; invocation. ୨ । ପୂଜା—2. Worship; adoring. ୩ । ଅଭିବାଦନ; ପ୍ରଣାମ—3. Obeisance; salutation. ୪ । ହୋମାନ୍ତେ ହୋମ ଭସ୍ମରେ ଅଙ୍କିତ ତିଳକ—4. Painteing of marks on the body with the ashes of a Homa on its conclusion. ୫ । ବନ୍ଦାକ; ବନ୍ଦମୂଲି (ହ୍ର. ଶ)—5. Parasitic plant; orchid. ୬ । ପ୍ରଶଂସା କରଣ (ହ୍ର. ଶ)—6. Eulogism; praising. ୭ । (ନାମ) ଅସୁର ବିଶେଷ (ହ୍ର. ଶ)—7. Name of a demon. ୮ । (ନାମ) ଋଷି ବିଶେଷ (ହ୍ର. ଶ)—8. Name of a sage. ୯ । (ନାମ) ବିଷ ବିଶେଷ (ହ୍ର.ଶ) Name of a poison. ୧୦ । ଅନୁରୋଧ; ପ୍ରାର୍ଥନା—10. Solicitation (Apte). ୧୧ । ବନ୍ଦାପନା (ଦେଖ) 11. Bandāpanā (See)

ଦେ. ବ—ବନ୍ଧନ (ଦେଖ)—Bandhana (See)

ବନ୍ଦନ କରିବା—ଦେ. କ୍ରି. (ସ. ବନ୍ଧନ)—୧ । ମନ୍ତ୍ରତନ୍ତ୍ର ପ୍ରୟୋଗ Bandana karibā ଦ୍ୱାରା ଭୂତପ୍ରେତାଦିଙ୍କୁ ବାନ୍ଧିବା—1. To बन्द करा बंधन करना confine spirits through magic. ୨ । ମନ୍ତ୍ର ତନ୍ତ୍ର ପ୍ରୟୋଗ ଦ୍ୱାରା (ମୁଖର ବା ସ୍ତ୍ରୀଗର୍ଭର) ଶକ୍ତିକୁ ବନ୍ଦ କରିବା—2. To restrain the proper working (e.g. of the mouth, of the womb) बन्दन करा वन्दन करना by magic. ୩ । (ସ. ବନ୍ଦ ଧାତୁ) ସ୍ତବ କରିବା; ପ୍ରଶଂସା କରିବା—3. To praise; to pray. ୪ । ପୂଜା କରିବା—4. To worship. ୫ । ନମସ୍କାର କରିବା—5. To make obeisance. ୬ । ବନ୍ଦାପନା କରିବା—6. To formally welcome.

ବନ୍ଦନ ମାଳା—ସ. ବ. (ବନ୍ଦନ=ସ୍ତବ+ମାଳା; ମାଳିକା)—Bandana mālā ଉତ୍ସବ ସମୟରେ ଦ୍ୱାରଦ୍ୱାରରେ ଟଙ୍ଗାଯିବା (ବନ୍ଦନ ମାଳିକା—ଅନ୍ୟରୂପ) ମଙ୍ଗଳସୂଚକ ପୁଷ୍ପାଦିର ମାଳା—(ବନ୍ଦନ ମାଳ—ଅନ୍ୟରୂପ) Garlands hung on the gat-बन्दन माला वन्दनवार on festive occasions.

ବନ୍ଦନା—ସ. ବ. (ବନ୍ଦ୍ ଧାତୁ+ଭାବ. ଅନ+ଆ)—ବନ୍ଦନ (ଦେଖ) Bandanā Bandana (See)

ଦେ. ବ. (ସ. ବନ୍ଦନ)—ମଙ୍ଗଳାଚରଣ; ଗ୍ରନ୍ଥ ବା ନୃତ୍ୟ ଗୀତାଦି ଆରମ୍ଭ କରିବା ପୂର୍ବରୁ ଦେବୋଦ୍ଦେଶ୍ୟରେ ବୋଲାଯିବା ମଙ୍ଗଳସୂଚକ ଗାନ ବା ସ୍ତବ—Hymn invoking blessings at the beginning of a book or of a musical performance.

ଦେ. ବିଣ. ସ୍ତ୍ରୀ—ବନ୍ଦନୀୟା—Adorable (woman).
ଦ୍ରୁପଦ ନନ୍ଦନା ଜଗତେ ବନ୍ଦନୀ—କୃଷ୍ଣସିଂହ. ମହାଭାରତ, ବନ।

ବନ୍ଦନୀ—ପ୍ରାଦେ. (ସମ୍ବଲପୁର) ବି—ମାତୃ ସ୍ତନ୍ୟ—
Bandani Mother's breast.
( ଯଥା—ମିଲ୍ଲ ବେମାର ହେଉଛୁ ବନ୍ଦନୀ ଧରିବାକୁ ନାହିଁ। )
ସଂ. ବି. (ବନ୍ଦ୍ ଧାତୁ+ଭାବ. ଅନ+ଈ)—୧। ସ୍ତୁତି; ସ୍ତବ (ହ୍ରୁ. ଶ)—1. Prayer. ୨। (+କରଣ ଅନ+ଈ) ଗୋରୋଚନା (ହ୍ରୁ. ଶ)—2. A yellow pigment got from dead cattle. ୩। ବଟୀ (ହ୍ରୁ. ଶ);ବଟିକା—3. Pill. ୪। ଶରୀରରେ ଧାରଣ କରାଯିବା ତିଳକ ଚିହ୍ନ (ହ୍ରୁ. ଶ)—4. Sectarian mark painted on the body.

ବନ୍ଦନୀୟ—ସଂ. ବିଣ. ପୁଂ. ( ବନ୍ଦ୍ ଧାତୁ+କର୍ମ ଅନୀୟ )—
Bandaniya ୧। ଯାହାଙ୍କୁ ବନ୍ଦନ ବା ପୂଜା କରାଯାଏ—(ବନ୍ଦନୀୟା—ସ୍ତ୍ରୀ) 1. Worshipped; adored. ୨। ପୂଜ୍ୟ—2. Worshippable; adorable. ୩। ପ୍ରଶଂସନୀୟ; ସ୍ତବନୀୟ—3. Fit to be praised; praiseworthy.

ବନ୍ଦନୀୟା—ସଂ. ବିଣ—ବନ୍ଦନୀୟର ସ୍ତ୍ରୀ ଲିଙ୍ଗ—
Bandaniyā Feminine of 'Bandaniya'.
ସଂ. ବି. ସ୍ତ୍ରୀ—ଗୋରୋଚନା—A yellow pigment found in the body of cows.

ବନ୍ଦବସ୍ତ—ବୈଦେ. ବି—ବନ୍ଦୋବସ୍ତ (ଦେଖ)
Bandabasta Bandobasta (See)
ବନ୍ଦବସ୍ତେ ରହି ପାଞ୍ଚ ସହରେ। ଉତ୍କ. ବୈଦେଶ୍ୱରଚରୀତ।

ବନ୍ଦର—ବୈଦେ. ବି. (ଫା. ବନ୍ଦର)—୧। ସମୁଦ୍ର ବା ନଦୀକୂଳରେ
Bandara ଜାହାଜ ଲାଗିବାର ସ୍ଥାନ; ନଦୀ ବା ସମୁଦ୍ରକୂଳସ୍ଥ
बन्दर ବାଣିଜ୍ୟ ସ୍ଥାନ—1. Port; harbour. ୨। ବନ୍ଦର ସଲଗ୍ନ ନଗର—2. Port town.

ବନ୍ଦରିଆ—ବୈଦେ. ବିଣ. (ଫା. ବନ୍ଦରୀୟା)—୧। ବନ୍ଦରସମ୍ବନ୍ଧୀୟ—
Bandariā 1. Pertaining to a port. ୨। ବନ୍ଦରର
बन्दुरे बन्दरिया ଅଧିବାସୀ—2. Residing in a port.
(ବନ୍ଦର—ଅନ୍ୟରୂପ) ପ୍ରାଦେ. (ସମ୍ବଲପୁର) ବି—ବନ୍ଦରିଆ; ବାଲ ବା ବଳୟ—Bracelet.

ବନ୍ଦଲ—ଦେ. ବି. (ବଣିଆ ଶବ୍ଦ)—ସୁନା ମୁଦ ତିଆରି କରିବାରେ
Bandala ବ୍ୟବହୃତ ଏକପ୍ରକାର ଛୋଟ ନିହାଇ—A small anvil used in preparing gold rings.

ବନ୍ଦା—ସଂ. ବି (ବନ୍ଦ୍ ଧାତୁ+କର୍ତ୍ତୃ. ଅ+ସ୍ତ୍ରୀ. ଆ)—୧। ବନ୍ଦନ-
Bandā କାରିଣୀ ସ୍ତ୍ରୀ—1. An adoring woman. ୨।
ବନ୍ଦାକା } ଅନ୍ୟରୂପ କର୍ମୂଳୀ; ମଲ୍ଲଙ୍ଗ; ଯେଉଁ ଗଛ ବା ଲତା ଅନ୍ୟ
ବନ୍ଦାକା } ଗଛ ଉପରେ ଉଠି ବନା ଚେରରେ ବଢ଼େ—
2. A parasitic plant. ୩। ଭିକ୍ଷୁକୀ ସ୍ତ୍ରୀ—3. A female beggar.
ବୈଦେ. ସର୍ବ (ଭଟରିଆ; ଫା. ବନ୍ଦା=ସେବକ; ଦାସ)
बान्दा; बन्दा ( ଶିଷ୍ଟାଚାରେ ବ୍ୟବହୃତ ଶବ୍ଦ )—୧। ଅଧୀନ;
बंदा ଆପଣଙ୍କର ଆଜ୍ଞାକାରୀ ଭୃତ୍ୟ, ମୁଁ—1. I, your most obedient slave or servant.
ମନସୀ ଚକ୍ରଧର ଦାସ ବନ୍ଦା ତାହାଙ୍କ ପାଶରେ ବସି
ସ୍ନେହନା ଭାଇଙ୍କ ବଳମନ୍ଦ କରୁଅଛା ତାଇଡ।
ଫକୀରମୋହନ. ଛମାଣ ଅଠଗୁଣ୍ଠ
୨। କ୍ରୀତଦାସ; ଗୋଲାମ—2. Slave.
[ ଦ୍ର—ଏହାର ଅର୍ଥ ଅଧୀନ, କ୍ରୀତଦାସ ବା ଗୋଲାମ; କିନ୍ତୁ ମାନ୍ୟ ବ୍ୟକ୍ତିଙ୍କ ନିକଟରେ ଅନୁସରଣୀୟ ବା ଆଶ୍ରିତ ବ୍ୟକ୍ତି ଆପଣାକୁ 'ମୁଁ' ବୋଲି ନ କହି ନମ୍ରତା ପ୍ରକାଶ ପୂର୍ବକ 'ବନ୍ଦା' ଶବ୍ଦ ବ୍ୟବହାର କରେ। ଏହାର ସ୍ତ୍ରୀଲିଙ୍ଗ 'ବାନ୍ଦୀ'='ଗୋଲି; ଦାସୀ'।]
ଦେ. ବି. ( ସଂ. ବନ୍ଦନ )—୧। ବନ୍ଦନା; ପ୍ରଶଂସା—
बन्दना वन्दना 1. Adoration; praise
ତା ଜାଣି ନ ପାରି କରନ୍ତି ତନ୍ଦା ବନ୍ଦା
କରନ୍ତି ଏଣୁ ଦୋଷ ଗୁଣ ଦୁଇ ଫନ୍ଦା। କୃଷ୍ଣସିଂହ. ମହାଭାରତ ଉଦ୍ୟୋଗ
୨। ବନ୍ଦାପନା (ଦେଖ)—2. Bandāpanā (See)

ବନ୍ଦା(ନ୍ଦେ)ଇବା—ଦେ. କ୍ରି. (ସଂ. ବନ୍ଦ୍ ଧାତୁ)—୧। ବନ୍ଦନ କରିବା;
Bandā(nde)ibā ପୂଜା କରିବା—1. To worship ୨।
बन्दना करा ଅଭିବାଦନ କରିବା—2. To salute. ୩। ସ୍ତବ
बन्दन करना କରିବା—3. To worship. ୪। ବନ୍ଦାପନା
बरण करा କରିବା; ଦେବତା ବା ବରକନ୍ୟା ବା ବନ୍ଦନୀୟ ବ୍ୟକ୍ତିଙ୍କ
आरती करना ସମ୍ମୁଖରେ ପ୍ରଦୀପ ଆଦି ବୁଲାଇ ଅଭ୍ୟର୍ଥନା କରିବା—4. To welcome by offerings; to salute a Deity or an honoured person by waving lights etc before him.
ନଈ ସେ କଦଳୀ ଘୃତ ଦୀପ ବନ୍ଦାଇବ। ପ୍ରାଚୀ. ଶ୍ରୀଗୁରୁଭକ୍ତି ଗୀତା।
୫। ପୂଜ୍ୟ ବ୍ୟକ୍ତିଙ୍କୁ ବା ଦେବତାଙ୍କୁ ଧନ ବା ଅଳଙ୍କାରଆଦି ଭେଟି ଦେବା—5. To give presents (of cash or ornaments etc) to a distinguished guest or Deity; to give offerings to a distinguished person as a sign of respect or welcome.

ବନ୍ଦାକ—ସଂ. ବିଣ. ପୁଂ. (ବନ୍ଦା+ସ୍ୱାର୍ଥେ, କ—ଯେ ବନ୍ଦନା କରେ—
Bandāka Adoring; worshipping; saluting.
(ବନ୍ଦାକା—ସ୍ତ୍ରୀ) ସଂ. ବି.—ଚିର ଶ୍ୟାମଳ ପରବୃକ୍ଷଜୀବୀ କ୍ଷୁପ; କର୍ମୂଳୀ ବା ମଲ୍ଲଙ୍ଗ; ଗଛ ଉପରେ ଜନ୍ମିବା ଓ ମାଡ଼ିବା ଲତା—A parasitic plant; orchid; Loranthus Longifolius.
ସଂ. ଅନ୍ୟ ନାମ—
ବନ୍ଦନ, ବନ୍ଦକ(କା),
ବନ୍ଦାକା(କୀ), ବୃକ୍ଷାଦନୀ,
ବୃକ୍ଷରୁହା, ଜୀବନ୍ତିକା, ଶେଖରୀ,
ବନ୍ଦାରୁ, ବନ୍ଦାକ, ସେବ୍ୟା, ନାଳବଲ୍ଲୀ,
ପରବାସିକା, ବଣିନୀ, ପୁଷ୍କରିଣୀ, ବନ୍ଦ୍ୟା,
ପରପୁଷ୍ଟା, ପରାଶ୍ରୟା, କାମବୃକ୍ଷା,
କେଶରୂପା, ଗାନ୍ଧମାଦନୀ, କାମିନୀ,
ଶ୍ୟାମା, କାମବୃକ୍ଷ
बन्दा, बान्दा, परगाछा
[ଦ୍ର—ଏହା ଆମ୍ବ ଆଦି ଗଛର ଶାଖାରେ ମାଡ଼େ; ପତ୍ର ମୋଟା; ଫୁଲ ପ୍ରାୟ ଆରକ୍ତ। ଏହାର ସ୍ୱାଦ ତିକ୍ତ। ବୈଦ୍ୟଙ୍କ ମତରେ ଏହା କଫ,

बांदा — ଚିହ୍ନି ଓ ଶ୍ରମବଦ୍ଧକ; ରକ୍ତଦୋଷ, ବ୍ରଣ ଓ ବିଷଦୋଷ ନାଶକ ।]
ହି. ବାଜ୍ଞମାନେ
ମ. ବାଦାଂଖୁଲ, କାମରୁଥ
ଗୁ. ବାଂଦୋ

**ବନ୍ଦାଣ**—ଦେ. ବି.—(ସଂ. ବନ୍ଦନ)—୧ । ବନ୍ଦନ; ବନ୍ଦାପନା; ଅର୍ଚ୍ଚନା; ପ୍ରଦୀପ ଆଦି ଦେଖାଇ ଅଭ୍ୟର୍ଥନା କରିବା—1. Act of saluting a person by waving lights before him.
Bandāṇa
बन्दन, बरण
आरती

ବନ୍ଦାଣ ମାସକେ ଦେଲେ ଢେ ଭଲ କେ କେ ନଇ ବନ୍ଦାଇ ।
ଭକ୍ତ. ବୈଦେହୀଶବିଳାସ ।

୨ । ବନ୍ଦାଣ ଘର (ଦେଖ)—2. Bandāṇa ghara (See)
୩ । ବିଭା ବବାହାଦିରେ ବନ୍ଧୁମାନଙ୍କର ବରକୁ ବା ବାଳକକୁ ଦେବା ଭେଟି—A present given to the bridegroom or the boy on the occassion of a marriage or upanayana.

**ବନ୍ଦାଣ ଘର**—ଦେ. ବି.—ପୁନର୍ବିବାହ ଉତ୍ସବ—
Bandāṇa ghara The ceremony of consummation of marriage.
पुनरविबाह गोना

**ବନ୍ଦାଣ ତଣ୍ଡୁଳ**—ଦେ. ବି.—ବନ୍ଦାପନା ସମୟରେ ବ୍ୟବହୃତ ଗୁଣ୍ଡୁଳ—
Bandāṇa taṇḍula The unparboiled rice used in Bandāpanā.
(ବନ୍ଦାଣ ଗୁଣ୍ଡୁଳ—ଅନ୍ୟରୂପ)

ବନ୍ଦାଣ ତଣ୍ଡୁଳ ଥୁଇ ଉନଗନ୍ଧ ଗଢ ।
ଭକ୍ତ. ବୈଦେହୀଶବିଳାସ ।

**ବନ୍ଦାପନ(ନା)**—ଦେ. ବି. (ସଂ. ବନ୍ଦନ)—୧ । ବନ୍ଦାଣ; ବନ୍ଦାଇବା କ୍ରିୟା—1. The ceremony of saluting a distinguished guest or a newly married couple.
Bandāpana(nā)
बरण
आरती

୨ । (ଏଥିରେ ବର କନ୍ୟାଙ୍କ ବନ୍ଦାପନା କରା ଯାଉ ଥିବାରୁ) ବନ୍ଦାଣ ଘର; ପୁନର୍ବିବାହ; କନ୍ୟା ରଜସ୍ୱଳା ହେବା ପରେ ବର କନ୍ୟାଙ୍କ ସହବାସ ପୂର୍ବରୁ କରା ଯିବା କର୍ମ; ଆଶୀର୍ବାଦଘର; ଦ୍ୱିରାଗମନ—2 The ceremony or ritual of consummation of marriage.
गोना

ଶୁଭଯୋଗରେ ସରସ ବନ୍ଦାପନା ଦିନ – ଭକ୍ତ. ପ୍ରେମସୁଧାନିଧି ।

**ବନ୍ଦାପନା ଘର**—ଦେ. ବି.—ବନ୍ଦାପନା ୨ (ଦେଖ)—
Bandāpanā ghara Bandāpanā 2. (See)

**ବନ୍ଦାପନ୍ଦା**—ଗ୍ରାମ୍ୟ. ବି. (ସଂ. ବନ୍ଦନା)—ବନ୍ଦାପନା (ଦେଖ)
Bandāpandā Bandāpanā (See)
बरण आरती

**ବନ୍ଦାରୁ**—ସଂ. ବଣ.—୧ । (ବନ୍ଦ୍ ଧାତୁ + କର୍ତ୍ତୃ. ଅରୁ)—ଅଭିବାଦକ; ବନ୍ଦନକାରୀ—1. Adoring; saluting.
Bandāru
୨ । (+କର୍ମ. ଅରୁ)—ପୂଜନୀୟ (ହ୍ର. ଶ.)—2. Adorable.
ସଂ. ବି.—୧ । ସ୍ତୁତିଗାନକାରୀ ବ୍ୟକ୍ତି; ସ୍ତାବକ—
2. Supplicant; singer of hymn.

ବନ୍ଦାରୁ ପରଶୁରାମ ଦର୍ପଭଞ୍ଜନ—ଭକ୍ତ. ବୈଦେହୀଶବିଳାସ ।

୨ । (+କରଣ. ଅରୁ) ସ୍ତୋତ୍ର; ସ୍ତବ (ହ୍ର. ଶ)—2.Hymn; psalm. ୨ । (+କର୍ତ୍ତୃ. ଅରୁ) ବନ୍ଦାକ; ମଳଙ୍ଗ; ପରାଗପୁଷ୍ଟ ବୃକ୍ଷ (ହ୍ର. ଶ)—3 Parasitic plant.

**ବନ୍ଦି**—ସଂ. ବି. ପୁଂ. (ବନ୍ଦ୍ ଧାତୁ=ସ୍ତବ କରିବା+କର୍ତ୍ତୃ. ଇ; ଯେ ବନ୍ଦନା କରେ; ଯେ କାରାରୁଦ୍ଧ ଅବସ୍ଥାରେ ବନ୍ଦନା କରେ; (ବନ୍ଦୀ—ସ୍ତ୍ରୀ) ଭୁଲ ଫା. ବନ୍ଦୀ)—୧ । କଏଦୀ—1. Prisoner; captive (Apte). ୨ । (ବନ୍ଦ୍ ଧାତୁ+ଭାବ. ଇ) ବନ୍ଧନ—2. Bondage; confinement (Apte).
Bandi
୩ । ସିଢ଼ୀ; ନିଶୁଣୀ—3. Ladder. ୪ । ବନ୍ଦନା; ସ୍ତୁତି—4. Hymn; salutation; panegyrics; prayer.
ସଂ. ବଣ—କାରାରୁଦ୍ଧ—Imprisoned; made captive.
ଦେ. ବି—୧ । ସ୍ତ୍ରୀମାନଙ୍କ ଅଳକା ମଧ୍ୟରେ ପିନ୍ଧାଯିବା ଝୁଲା ପଦକ—1. A locket hanging in the middle of a chain for the forehead.
सीँथीर पदक
बंदी
बन्ध बन्द ୨ । ବନ୍ଦ; ସ୍ଥଗିତ—2. Stoppage; cassation.
୪ । ଅବରୋଧ; କାରାରୋଧ—4. Confinement; imprisonment. ୪ । ଭୂତପ୍ରେତ ଆଦିଙ୍କୁ କୌଣସି ବ୍ୟକ୍ତିଠାରେ ବା ସ୍ଥାନରେ ମନ୍ତ୍ର ଯନ୍ତ୍ର ପ୍ରୟୋଗ ଦ୍ୱାରା ଅଟକାଇ ରଖିବା—4. The act of impounding an evil spirit which has possessed a person or place.
बन्ध बन्द ଦେ. ବଣ—କାର୍ଯ୍ୟରୁ ରହିତ; ନିଷ୍କର୍ମୀ—
Restrained; unengaged; stopped from doing work.

**ବନ୍ଦିଆ**—ବୈଦେ. ବି. (ସଂ. ବନ୍ଦି)—୧ । ମଥାମଣି—1. An ornament for the forehead.
Bandiā
सींथीर मणि
विन्दी, बंदी
बन्दिआ
୨ । କର୍ଣ୍ଣାଳଙ୍କାରବିଶେଷ—
2. A kind of ear-ring.

ଦେ ବୋଇଲେ କର୍ଣ୍ଣର ବନ୍ଦିଆ ବନ୍ଦିକ ।
କୃଷ୍ଣସିଂହ. ମହାଭାରତ. ବନ ।

୩ । (ସଂ. ବନ୍ଦି; ଫା. ବନ୍ଦୀ) କାରାରୁଦ୍ଧ ବ୍ୟକ୍ତି; ବନ୍ଦି—
बन्दि बन्दिबान 3. Prisoner.

ବନ୍ଦିଆ ମନ୍ତ୍ରନେ ଶ୍ରବଣେ ଭାଳ ପନ ଘଉନ୍ତ
ବନ୍ଦିଆ ନୋହିବ ସେ ଯିବ ଯେଉଁ ନପୁର ଚନ୍ଦ୍ର । ଭକ୍ତ. ବୈଦେହୀଶବିଳାସ

**ବନ୍ଦିଆଣ**—ଦେ. ବି. (ସଂ. ବନ୍ଦି)—ବନ୍ଦୀ—
Bandiāṇa बन्दि बन्दिबान Prisoner.

ଅକ୍ରୁରର ତେର ବନ୍ଦିଆଣ ସେ ଘରେ ବନ୍ଦୀ ହୋଇ ପଡ଼ିଛନ୍ତି ।
ଫକୀରମୋହନ. ଗଳ୍ପସ୍ୱଳ୍ପ ।

**ବନ୍ଦିଖାନା**—ବୈଦେ. ବି. (ସଂ. ବନ୍ଦିଗୃହ; ଫା. ବନ୍ଦୀଖାନାହ୍)—
Bandikhānā ବନ୍ଦିଶାଳା (ଦେଖ)—Bandiśāḷā (See)
बन्दि शाला बन्दिखाना, बन्दि घर

**ବନ୍ଦି ଗାନ**—ସଂ. ବି. (୬ଷ୍ଠୀ ତତ୍)—ବନ୍ଦି ପାଠ (ଦେଖ)
Bandi gāna Bandi pātha (See)

**ବନ୍ଦି ଗୃହ**—ସଂ. ବି. (୬ଷ୍ଠୀ ତତ୍; ବନ୍ଦି+ଗୃହ)—ବନ୍ଦିଶାଳା (ଦେଖ)
Bandi gṛuha Bandiśāḷā (See)

ବନ୍ଦିଗ୍ରାହ—ସ. ବି. ପୁଂ. (ବନ୍ଦି=କୟେଦୀ; ଗ୍ରହ୍ ଧାତୁ=ଗ୍ରହଣ କରିବା+ କର୍ତ୍ତୃ. ଅ)—୧। ଯେ ସିନ୍ଧି କରି ଚୋରି କରେ Bandigrāha (ଖ୍ରାନେନ୍ଧ)—1. Housebreaker.
ବନ୍ଦି ଚୌର } ଅନ୍ୟରୂପ
ବନ୍ଦିକାର }
୨। ଡକାଏତ (ହି. ଶବ୍ଦସାଗର)—2. Dacoit.

ସ. ବିଣ. ପୁ.—ଯେ ହଠାତ୍ ଆକ୍ରମଣ କରି ବନ୍ଦି କରେ—Taking persons captive by waylaying them.

ଘର—ଦେ. ବି—ବନ୍ଦିଶାଳା ( ଦେଖ )
Bandi ghara Bandisāḷā ( See )

ବନ୍ଦି ଚୌର—ସ. ବି—୧। ବନ୍ଦିଗ୍ରାହ ( ଦେଖ )
Bandi chaura 1. Bandi grāha ( See )
୨। କାରାରୁଦ୍ଧ ଚୋର (ଖ୍ରାନେନ୍ଧ)—2. An imprisoned thief.

ବନ୍ଦି ପଡ଼ିବା—ଦେ. କ୍ରି—୧। ବନ୍ଧନରେ ପଡ଼ିବା; ଅବରୁଦ୍ଧ ହେବା—
Bandi paṛibā 1. To be confined.
বন্দি হওয়া बन्दि होना ୨। ବଶୀଭୂତ ହେବା—
(ବନ୍ଦି ହେବା—ଅନ୍ୟରୂପ) 2. To be brought under subjugation.
ତୋ ଚରଣ ମହିମା ନ ଜାଣୁ, ତୋ ନାମେ ଭୁବନ ବନ୍ଦି ପଡ଼ୁ।
ସ୍ୱାମୀ. ନର୍ସିଂଣ ମାହାତ୍ମ୍ୟ।

ବନ୍ଦି ପାଠ—ସ. ବି. (୬ଷ୍ଠୀ ତତ୍; ବନ୍ଦି+ପାଠ)—୧। ପ୍ରଶଂସାଗାନ—
Bandi pāṭha 1. Panegyrics. ୨। ସ୍ତୁତି ବିଷୟକ ଗ୍ରନ୍ଥ—
2. A work on Panegyrics. ୩। ସ୍ତବ ବୋଲିବା-
3. Reciting of hymns of praise.

ବନ୍ଦି ପାଳ—ସ. ବି. (ବନ୍ଦି+ପାଳ ଧାତୁ+କର୍ତ୍ତୃ. ଅ; ଉପପଦ ତତ୍)—
Bandi pāḷa କାରାଧ୍ୟକ୍ଷ—Jailor; warder.

ବନ୍ଦିବା—ଦେ. କ୍ରି—(ପଦ୍ୟ)—(ସ. ବନ୍ଦ୍ ଧାତୁ)—୧। ବନ୍ଦନା
Bandibā କରିବା; ପୂଜା କରିବା—1. To adore; to
বন্দা बन्दन करना worship.
ଚରଣଯୁଗଳ ତୋର ବନ୍ଦେ ଅଷ୍ଟ ଭୁବନେଶ୍ୱର—କବିସୂର୍ଯ୍ୟ.କଳଶୋଷ ଚମ୍ପୂ ଚ. ଗୀତା

୨। ସ୍ତବ କରିବା—2. To pray.
ବନ୍ଦାଏ ବନ୍ଦନାକୁ ନୃପଙ୍କ ଆରତ—କୃଷ୍ଣସିଂହ, ମହାଭାରତ ଅଦ—
୩। ପ୍ରଶଂସା କରିବା—3. To praise.
ବନ୍ଦିଲେ ଯେତେ କାଳରେ ଭଲିଲେ ନାହିଁ କୋଳରେ
ଶବଦ୍ଧ ସବେ ସେ କଥା ବନ୍ଦୁ—ଉତ୍କ. ବୈଦେହୀଶବିଳାସ।

୪। ( ସ. ବନ୍ଧ୍ ଧାତୁ ) ଭୂତ ପ୍ରେତାଦିଙ୍କୁ କୌଣସି
বন্দকরা ବ୍ୟକ୍ତିର ଦେହରେ ବା କୌଣସି ସ୍ଥାନରେ ମନ୍ତ୍ରସନ୍ଧ ପ୍ରଭାବ
बाँधना ଦ୍ୱାରା ଅବରୁଦ୍ଧ କରି ରଖିବା—4. To confine an evil sprit inside the body of a person or within certain limits by means of charms.
୫। ମନ୍ତ୍ରସନ୍ଧ ପ୍ରୟୋଗଦ୍ୱାରା ସର୍ପର ଗତିରୋଧ କରିବା ବା ଦଂଶନ କର୍ମରୁ ସ୍ୱପକ୍ଷ ବିରତ କରାଇବା—5. To cause a serpent become motionless or unable to bite by means of charm; to hypnotise or enchant a snake by incantations.
ଗ୍ରାମ କ୍ଷୋଧକୁ ସର୍ପକୁ ବନ୍ଦିବା ଇଚ୍ଛାରେ
ପଢାଇଲେ ମନ୍ତ୍ରଧିକ ମନ୍ତ୍ର ଯେ—କୃଷ୍ଣସିଂହ, ମହାଭାରତ ବନ।

୬। ମନ୍ତ୍ରସନ୍ଧ ପ୍ରୟୋଗଦ୍ୱାରା କୌଣସି କାର୍ଯ୍ୟ (ଯଥା—ବାକ୍ୟୋଚ୍ଚାରଣ, ପ୍ରସବ, ଗର୍ଭଧାରଣ, ଗୋରୁ ଦୁଧ ଦେବା ଆଦି) ବନ୍ଦ କରାଇବା—6. To cause natural actions to cease or stop by means of black magic.
ନାଃ ସ୍ତ୍ରୀଗ୍ରୀବାକ ଔଷରେ ଉରଚାକୁ
ବନ୍ଦି, ସେନ ଶୁଅନ୍ତି ଅନପୁତ୍ରକକୁ—କୃଷ୍ଣସିଂହ, ମହାଭାରତ ବନ।

୭। ବ୍ରଣ ଆଦିକୁ ମନ୍ତ୍ରସନ୍ଧ ପ୍ରୟୋଗଦ୍ୱାରା ଦୂଷିତ ବା କଷ୍ଟଦାୟକ କରାଇବା—7. To cause a boil or wound to rankle or fester without healing by means of charms. ୮। ବନ୍ଦ କରିବା; କଏଦ କରିବା—8. To imprison. ୯। ବାହୁନିବା; ଗୁଣି ଗୁଣି ହାହାକାର ହେବା—9. To weep; to sob out.
ଏହିରୂପେ ରାଜମାନଙ୍କ ଗୁଣ ବନ୍ଦି
ସୁଧିଷ୍ଠିର ରଜା କନରେ କାନ୍ଦି କାନ୍ଦି—କୃଷ୍ଣସିଂହ. ମହାଭାରତ ବନ।

ବନ୍ଦିଶାଳା—ସ. ବି—( ବନ୍ଦି+ଶାଳା; ୬ଷ୍ଠୀ ତତ୍ )—କାରାଗାର—
Bandisāḷā বন্দিশালা बन्दिखाना Prison; jail.
( ବନ୍ଦିଶାଳ—ଦେଶଜରୂପ )

ବନ୍ଦୀ—ସ. ବି. ପୁଂ—( ବନ୍ଦ ଧାତୁ=ସ୍ତବ କରିବା+କର୍ତ୍ତୃ. ଇନ୍;
Bandī ବନ୍ଦିନ୍; ୧ମା. ୧ବ)—୧। ଭଟ୍ଟ; ସ୍ତୁତିକ—1. Herald.
୨। (ତୁଳ. ଫା. ଏହି ଅର୍ଥରେ ବନ୍ଦୀ) କାରାରୁଦ୍ଧ ବ୍ୟକ୍ତି—2. Prisoner.
ଦେ. ବି ଓ ବିଣ—ବନ୍ଦି (ଦେଖ)—Bandi (See).
ମନେ କରୁଥିବ ଦସ୍ୟୁନାଥ
ଉଦ୍ଭୁରେ ହୋଇବଟି ବନ୍ଦି—ଜଗନ୍ନାଥ. ଭାଗବତ।

ବନ୍ଦୁ—ପ୍ରାଦେ (ଗଡ଼ଜାତ) ବି—କବାଟରେ ମରାଯାଇଥିବା ଲୌହଖଣ୍ଡ—
Bandu A bit of iron attached to a door-plate.

ବନ୍ଦୁଆଲ—ପ୍ରାଦେ (ଗଡ଼ଜାତ) ବି—(ତୁଳ. ହି. ବନ୍ଦୀବାନ୍)—କଏଦୀ;
Banduāḷa କାରାରୁଦ୍ଧ ବ୍ୟକ୍ତି—Prisoner.

ବନ୍ଦୁକ (ଇତ୍ୟାଦି)—ବୈଦେ. ବି—ବନ୍ଧୁକ ଇତ୍ୟାଦି (ଦେଖ)
Banduka (etc) Bandhuka etc (See).

ବନ୍ଦୁରିଆ—ପ୍ରାଦେ (ସମ୍ବଲପୁର) ବି—ସ୍ତ୍ରୀମାନଙ୍କର ମଣିବନ୍ଧରେ ବ୍ୟବହାର୍ଯ୍ୟ
Banduriā ପିତଳର ବା ଅନ୍ୟ ଧାତୁର ଅଳଙ୍କାରବିଶେଷ;
ବନ୍ଦୁରିଆ—A sliver or brass wristlet.

ବନ୍ଦେ—ସ. କ୍ରି. (ସଂସ୍କୃତ ବନ୍ଦ ଧାତୁର ଉତ୍ତମ ପୁରୁଷ ଏକବଚନର କ୍ରିୟା)
Bande ୧। ମୁଁ ବନ୍ଦନା କରୁଅଛି; ବନ୍ଦଇ—1. I adore; I salute.

[ଦ୍ର—ଏହା 'ବନ୍ଦ୍' ଧାତୁର ସଂସ୍କୃତରୂପ ହେଲେ ମଧ୍ୟ ବଙ୍କିମଚନ୍ଦ୍ରଙ୍କର 'ବନ୍ଦେମାତରଂ' ଗୀତରେ ବ୍ୟବହୃତ ହୋଇଥିବାରୁ ବର୍ତ୍ତମାନ ଭାରତରେ ସ୍ୱଦେଶୀ ଓ ସ୍ୱରାଜ୍ୟ ଆନ୍ଦୋଳନ ସମ୍ପର୍କରେ 'ବନ୍ଦେମାତରମ୍' ଭାରତୀୟ ସମସ୍ତ ଭାଷାରେ ବ୍ୟବହୃତ ହୋଇଗଲାଣି। ]

**ବନ୍ଦେଗି(କି)**—ବୈଦେ. ଅ. (ଫା. ବନ୍ଦଗୀ=ବନ୍ଦା ବା ଗୋଲାମର କର୍ମ; Bandegi(ki) ସମ୍ବୋଧନ ବା ଅଭିବାଦନରେ ବ୍ୟବହୃତ; ଭୁଲ. ସ. बन्दगी, बन्देगी ବନ୍ଦେ)—(ମୁସଲମାନଙ୍କର ନମସ୍କାର) ସଲାମ୍— **बन्देगी, बन्दगी** Salutation (to thee); Good morning. (ବନ୍ଦଜ, ବନ୍ଦଗି—ଅନ୍ୟରୂପ)

**ବନ୍ଦେଜ୍**—ବୈଦେ ବି. ( ଇଂ. ବାଣ୍ଡେଜ୍, ଫା. ବନ୍ଧଶ୍=ବାନ୍ଧୁଣୀ Bandej ବନ୍ଧୁଡ଼ୀ)—୧ । ବାନ୍ଧୁଣୀ—1. A bond; bondage. बन्देज ୨ । ବ୍ୟବସ୍ଥା; ଚିରସ୍ଥାୟୀ ବନ୍ଦୋବସ୍ତ; ମାମୁଲ—2. **बंदीश, बंदेज** Permanent arrangement; provision; settlement. ୩ । ଅପରିବର୍ତ୍ତନୀୟ ଅଭ୍ୟାସ—3. A firmly rooted habit.

**ବନ୍ଦେ ମାତରମ୍(ରଂ)**—ସ. ବାକ୍ୟ—(ସ. ମାତରମ୍=ମାତାଙ୍କୁ+ବନ୍ଦେ= Bande mātaram(raṁ) ବନ୍ଦନା କରୁଛି) (ବଙ୍ଗୀୟ ଆନନ୍ଦମଠ ନାଟକରଚୟିତା ବଙ୍କିମ ବାବୁଙ୍କର ଭାରତମାତାଙ୍କ ପୂଜାସୂଚକ ଜଣାସ୍ୟ ସଙ୍ଗୀତର ଘୋଷା ପଦ)—ମୁଁ ମାତାଙ୍କୁ ବନ୍ଦନା କରୁଛି—(The refrain of the celebrated national Bengalee anthem of Bankim Chandra's novel)—I salute thee, Oh Mother ! Hail mother land !

[ ଦ୍ର—ସ୍ୱଦେଶ ବା ଜନ୍ମ ଭୂମି ପ୍ରତି ଅନୁରାଗ ବା ଭକ୍ତିର ଉଦ୍ଦୀପକ ଯେତେ ଗୀତ ବା ଶବ୍ଦ ଭାରତ ବର୍ଷରେ କଳ୍ପିତ ବା ରଚିତ ହୋଇଅଛି, ତହିଁ ମଧ୍ୟରେ ଏହି ବାକ୍ୟଟି ଭାରତବର୍ଷ ତମାମ୍ ସର୍ବୋଚ୍ଚ ସ୍ଥାନ ଅଧିକାର କରିଅଛି ଓ ଜାତିଧର୍ମନିର୍ବିଶେଷରେ ଭାରତୀୟଙ୍କ ମୁଖରେ ଏ ବାକ୍ୟ ସର୍ବଦା ବୋଲା ଯାଉଅଛି ଓ ଭାରତୀୟ କଙ୍ଗ୍ରେସ ମଧ୍ୟ ଏ ବାକ୍ୟକୁ ପବିତ୍ରତମ ଜାତୀୟ ମଙ୍ଗଳାଚରଣ ରୂପେ ଗ୍ରହଣ କରି ଅଛନ୍ତି । ]

**ବନ୍ଦୋପାଧ୍ୟାୟ** - ଦେ. ବି. (ସ. ବନ୍ଦ୍ୟୋପାଧ୍ୟାୟ; ବନ୍ଦ୍ୟ+ଉପାଧ୍ୟାୟ)— Bandopādhyāya ଏକ ଜାତୀୟ ବଙ୍ଗୀୟ ବ୍ରାହ୍ମଣଙ୍କର କୌଳିକ बन्दोपाध्याय ଉପାଧି; ବାନାର୍ଜ୍ଜୀ—Banerjee (a family- **बन्दोपाध्याय** title of a class of Bengali Brahmins. (ବନ୍ଦୋପାଧ୍ୟା—ଅନ୍ୟରୂପ)

**ବନ୍ଦୋବସ୍ତ**—ବୈଦେ ବି. ( ଫା. ବନ୍ଦ୍ ଓ ବସ୍ତ୍=ବ୍ୟବସ୍ଥା )— Bandobasta ୧ । ବ୍ୟବସ୍ଥା – 1. Settlement; provision; (ବେ ବନ୍ଦୋବସ୍ତ—ବିପରୀତ) ୨ । ସୁନିୟମ; ସୁଶୃଙ୍ଖଳା— बन्देबस्त **बन्दोबस्त; प्रबन्ध** 2. Regularity.

୩ । ସେଟଲ୍‌ମେଣ୍ଟ୍ ; ଗଭର୍ଣ୍ଣମେଣ୍ଟ୍ ରାଜ୍ୟର ଭୂମି ପାଇଁ ପ୍ରଜାଙ୍କଠାରୁ ଅଦାୟ କରିବା ରାଜସ୍ୱର ପରିମାଣ ନିର୍ଣ୍ଣୟ କରିବା ନିମନ୍ତେ ଜମିକୁ ମାପି ତହିଁର ଶ୍ରେଣୀ ଓ ରାଜସ୍ୱାଦି ନିରୂପଣ କରି ତହିଁରେ କାହାର କି ପ୍ରକାର ସ୍ୱତ୍ୱ ଓ ଦଖଲ ଅଛି ଏହା ସ୍ଥିର କରିବା ନିମନ୍ତେ ଯେଉଁ ପ୍ରଣାଳୀ ଓ କ୍ରିୟାମାନ ଅବଲମ୍ବନ କରନ୍ତି—3. Revenue Settlement; the operations undertaken by the Government for settlement of land revenue.

[ଦ୍ର—ଇଂରାଜମାନେ ପ୍ରଥମେ ବାଣିଜ୍ୟ କରିବା ନିମନ୍ତେ ଭାରତ ବର୍ଷକୁ ଆସିବା ପରେ 'ଇଷ୍ଟ୍ ଇଣ୍ଡିଆ କମ୍ପାନୀ'ଙ୍କୁ ଦିଲ୍ଲୀ ସମ୍ରାଟ୍ ସନନ୍ଦ ଦ୍ୱାରା ବଙ୍ଗ ବିହାର ଓ ଓଡ଼ିଶାର ରାଜସ୍ୱକୁ ଇଜାରା ଦେଲେ । ତହିଁ ବଳରେ ଇଂରାଜମାନେ ପ୍ରଥମେ ନିର୍ଦ୍ଦିଷ୍ଟ କାଳ ପାଇଁ (ଯଥା— ଦୋସାଲା, ତିସାଲା, ଦଶ ସାଲା) ପ୍ରଜାମାନଙ୍କ ସଙ୍ଗେ ରାଜସ୍ୱ ବନ୍ଦୋବସ୍ତ କଲେ । ବଙ୍ଗ ଦେଶର ଭାଗ୍ୟ କ୍ରମେ ଏହି ଅସ୍ଥାୟୀ ବନ୍ଦୋବସ୍ତ ଚିରସ୍ଥାୟୀ ବନ୍ଦୋବସ୍ତରେ ପରିଣତ ହେଲା; କିନ୍ତୁ ଓଡ଼ିଶାରେ କେତେଗୁଡ଼ିଏ କିଲ୍ଲା ଛଡ଼ା ଅନ୍ୟତ୍ର ଥରକୁ ଥର ଅସ୍ଥାୟୀ ବନ୍ଦୋବସ୍ତ ହେଉଅଛି ଓ ବନ୍ଦୋବସ୍ତ ଅମଲା ଏବଂ ଅମିନଙ୍କ ଦାଉରେ ପ୍ରଜାମାନଙ୍କ ମଧ୍ୟରେ କେତେଗୁଡ଼ିଏ ଡଗ ମଧ୍ୟ ସୃଷ୍ଟି ହୋଇଅଛି । ଯଥା—

'ଅଇଲେ ବାବା ଅମିନ ବଗ୍,
କର ଚରଗ୍, ଦେ ଖରଗ୍, ନେ ଯାରଗ୍' ।
'ଅଇଲେ ଅମିନ ମାଇଲେ ମେଖ,
ବାରହାଣ୍ଡିଅଙ୍କୁ କରୁଛ ଭେକ' ।
'ଅମିନ ଗାଆଁରେ ମାଇଲେ ମେଖ,
ଗୋଲ୍ଲ ଖିଅଙ୍କର ମଲ୍ଲଟ ଭେକ' ।

ବନ୍ଦୋବସ୍ତର କମିକ ପ୍ରଣାଳୀର ନାମମାନ ଇଂରାଜି, ଫାରସୀ ଓ ହିନ୍ଦୀ ଭାଷାରୁ ଓଡ଼ିଆ ଭାଷାକୁ ଆସିଅଛି । ଯଥା—ସେଟଲ୍‌ମେଣ୍ଟ୍ (ଇଂ), ସର୍ଭେ (ଇଂ), ଅଫିସ୍ (ଇଂ), ଅଫିସର୍ (ଇଂ), ଖେଷ୍ଟାର୍ (ହି), ଖତିଆନ (ହି), ରେକର୍ଡ଼ (ଇଂ), ପଟ୍ଟା (ସ), ଆଟେଷ୍ଟେସନ (ଇଂ), ଯାଞ୍ଚ (ହି), ଖାନାପୁରୀ (ହି), ବଦର (ହି), ଖସଡ଼ା (ଫା), ଅମିନ (ଫା), ଇନ୍ସପେକ୍ଟର (ଇଂ), ବାଉଣ୍ଡାରି (ଇଂ), ଖିଲ (ଫା), ବମ୍ବା (ହି) । ]

**ବନ୍ଦୋବସ୍ତ ଅପି(ଫି)ସର୍**—ବୈଦେ.ବି (ଫା.ବନ୍ଦୋବସ୍ତ ଓ ଇଂ. ଅଫିସର୍)- Bandobasta api(phi)sar ବନ୍ଦୋବସ୍ତ ବିଭାଗର ଉଚ୍ଚ ପଦସ୍ଥ बन्दोबस्ति आफिसर କର୍ମଚାରୀ; ସେଟଲମେଣ୍ଟ ହାକିମ— **बन्दोबस्त अपसर** Settlement officer. (ବନ୍ଦୋବସ୍ତ ହାକିମ—ଅନ୍ୟରୂପ) [ ଦ୍ର—ସର୍ବୋଚ୍ଚ ହାକିମଙ୍କୁ ସେଟଲ୍‌ମେଣ୍ଟ୍ ଅଫିସର୍ ଓ ନିମ୍ନସ୍ଥ ହାକିମଙ୍କୁ ଆସିଷ୍ଟାଣ୍ଟ୍ ସେଟଲ୍‌ମେଣ୍ଟ୍ ଅଫିସର୍ ବୋଲାଯାଏ । ]

**ବନ୍ଦୋବସ୍ତ ଅମିନ**—ବୈଦେ. ବି. (ଫା. ବନ୍ଦୋବସ୍ତ୍ ଓ ଅ. ଅମିନ୍)— Bandobasta amina ରାଜସ୍ୱ ବନ୍ଦୋବସ୍ତ ଇଲାକାରେ ଭୂମି ମାପ बन्दोबस्त आमिन କରିବା ଓ ଜମି ଜମା ସ୍ଥିର କରିବା ନିମନ୍ତେ **बन्दोबस्त आमिन** ନିଯୁକ୍ତ କର୍ମଚାରୀ—Settlement Amin or surveyor.

**ବନ୍ଦୋବସ୍ତ ଆଇନ୍ (ନ)**—ବୈଦେ. ବି.—(ଫା.-ବନ୍ଦୋବସ୍ତ ଓ ଅ- Bandobasta āin(ni) ଆଇନ୍)—ଯେଉଁ ବିଧିମାନଙ୍କଦ୍ୱାରା बन्दोबस्त आइन ବନ୍ଦୋବସ୍ତ କାର୍ଯ୍ୟ ପରିଚାଳିତ ହୁଏ— **बन्दोबस्त आईन** Settlement Law,

**ବନ୍ଦୋବସ୍ତ ଅ(ଆ)ମଲା**—ବୈଦେ. ବ. (ଫା. ଓ ଆ.)—ଯେଉଁ ଅଧସ୍ତନ
Bandobasta ā(a)malā କର୍ମଚାରୀମାନେ ସରକାରଙ୍କ ବନ୍ଦୋବସ୍ତ
বন্দোবস্ত আমলা ବିଭାଗରେ କାମ କରନ୍ତି—The ministerial
**बन्दोबस्त अमला** officers of the Settlement Department.

**ବନ୍ଦୋବସ୍ତ ଇଲାକା**—ବୈଦେ. ବ. (ଫା.)—ସରକାରଙ୍କର ରାଜସ୍ୱ
Bandobasta ilākā ବନ୍ଦୋବସ୍ତ ସଂକ୍ରାନ୍ତ କାର୍ଯ୍ୟ ବିଭାଗ—
বন্দোবস্ত এলাকা Settlement Department.
**बन्दोबस्त इलाका**
ବନ୍ଦୋବସ୍ତ ଡିପାର୍ଟମେଣ୍ଟ, ବନ୍ଦୋବସ୍ତ ବିଭାଗ } —ଅନ୍ୟରୂପ
ବନ୍ଦୋବସ୍ତ ମହକ(କ୍)ମା }

**ବନ୍ଦୋବସ୍ତ କଚେ(ଚି)ରି**—ବୈଦେ. ବ. (ଫା. ଓ ଆ.)—ସେଟଲମେଣ୍ଟ।
Bandobasta kache(chi)ri ହାକମଙ୍କ କାର୍ଯ୍ୟାଳୟ—Settle-
বন্দোবস্ত আফিস **बन्दोबस्त आफिस** ment office.
ବନ୍ଦୋବସ୍ତ ଅ(ଆ)ପି(ଫି)ସ(ସି) } —ଅନ୍ୟରୂପ
ବନ୍ଦୋବସ୍ତ ଅଫ୍(ଫ୍)ସି, }

**ବନ୍ଦୋବସ୍ତ କରିବା**—ଦେ. କ୍ରି.—୧। କୌଣସି ବିଷୟର ବ୍ୟବସ୍ଥା
Bandobasta karibā କରିବା—1. To arrange.
বন্দোবস্ত করা ୨। ସ୍ଥିର କରିବା—2. To settle.
**प्रबन्ध करना** ୩। ଜମିଦାର ପ୍ରଜାଙ୍କୁ ଜମି ବିଲି କରିବା ବା ପଟ୍ଟା ଦେବା—3. To settle land with a royat.
୪। ଭୂମିର ରାଜସ୍ୱ ସ୍ଥିର କରିବା—4. To settle the rent or revenue for a holding.

**ବନ୍ଦୋବସ୍ତ କା(କେ)ମ୍ପ**—ବୈଦେ. ବ. (ଫା. ଓ ଇଂ)—ମଫସଲରେ
Bandobasta kā(ke)mp ବନ୍ଦୋବସ୍ତ ହାକମ ଯେଉଁ
বন্দোবস্ত ক্যাম্প ସ୍ଥାନରେ କିଛିକାଳ ପାଇଁ ତମ୍ବୁ ପକାଇ କଚେରି
**बन्दोबस्त कंपु** ଜମାନ୍ତି—Camp of a Settlement Officer.

**ବନ୍ଦୋବସ୍ତ ମ(ମା)ହାଲ**—ବୈଦେ. ବିଣ.—(ଫା. ଓ ଆ.)—ଯେଉଁ
Bandobasta ma(mā)hāla ମାହାଲ ବା ଜମିଦାରି ବା
বন্দোবস্ত মাহাল ଅଞ୍ଚଳର ରାଜସ୍ୱ ସ୍ଥିରୀକୃତ ହୋଇଅଛି—
**बन्दोबस्त महाल** Tract of country or land in which
[ବନ୍ଦୋବସ୍ତ ମ(ମା)ହାଲ—ଅନ୍ୟରୂପ] there has been a settlement of land revenue.

**ବନ୍ଦ୍ୟ**—ସ. ବିଣ. ପୁଂ.—(ବନ୍ଦ୍ ଧାତୁ=ପୂଜା କରିବା+କର୍ମ. ଯ)—
Bandya (ବନ୍ଦ୍ୟା—ସ୍ତ୍ରୀ) ପୂଜ୍ୟ—Worshippable; adorable.

**ବନ୍ଦ୍ୟା**—ସ. ବ. ସ୍ତ୍ରୀ.—ଗୋରୋଚନା—A yellow pigment
Bandyā found in the body of cows.
ସ. ବିଣ.—ବନ୍ଦ୍ୟର ସ୍ତ୍ରୀଲିଙ୍ଗ—Feminine of Bandya.

**ବନ୍ଧ୍ (ଧାତୁ)**—ସ—୧। ବାନ୍ଧିବା—
Bandh(root) 1. To bind; to tie.
୨। ଅଟକ କରି ରଖିବା—2. To restrain.
ପ୍ରାଦେ. (ସମ୍ବଲପୁର) ବ.—ପୋଖରୀ; ପୁଷ୍କରିଣୀ—Tank.

**ବନ୍ଧ୍ ବୁନ୍ଧା ଯିବା**—ପ୍ରାଦେ. (ସମ୍ବଲପୁର) କ୍ରି.—ଝାଡ଼ାଫେରିବାକୁ ଯିବା;
Bandh-bundhā jibā ପୋଖରୀପାଣି ଯିବା—To go out to ease one's self; to pass stools.

**ବନ୍ଧଲି**—ପ୍ରାଦେ. (ସମ୍ବଲପୁର) ବ.—ଗଡ଼ିଆ; ଛୋଟ ପୋଖରୀ—
Bandh-li A small tank.
ସେଉଠି ଛକେ ବନ୍ଧଲି, କିମ୍ବା ଏ କିଆ ଗୁନ୍ଧଲି।
[ନି ଦଣ୍ଡ—ଛତ୍ରପୁର—ପଦନଳିଛ ଦଳା ବା ଚଉପଦୀ।

**ବନ୍ଧ**—ସ. ବ. (ବନ୍ଧ୍ ଧାତୁ=ବନ୍ଧନ କରିବା+କର୍ମ. ଅ)—୧। ଗଚ୍ଛିତ
Bandha ଧନ; ଗଚ୍ଛିତ ଦ୍ରବ୍ୟ—1. A deposit
୨। (+କରଣ. ଅ)—ବୃନ୍ତ; ପତ୍ର, ଫୁଲ ବା ଫଳର ଡେମ୍ଫ—
2. Stalk. ୩। ଶରୀର—3. Body. ୪। ଗଣ୍ଠି—
4. Knot. ୫। (+ଭାବ. ଅ)—ବନ୍ଧନ; ବାନ୍ଧିବା—
5. Binding; tying; fastening.
ବନ୍ଧନ ମୂର୍ତ୍ତି କବନ୍ଧ, ବନ୍ଧିଲେ ବନ୍ଧ ସେ।
ଉତ୍ତ. ବୈଦେହୀଶବିଳାସ।
୬। ଉତ୍ପତ୍ତି—6. Production ୭। ବାନ୍ଧୁଣୀ; ବାନ୍ଧିବା ଦଉଡ଼ି—7. Bond; string; rope. ୮। ଗୃହାଦିର ବେଷ୍ଟନ ବା ଚଉହଦୀସୀମା—8. The wall surrounding a house; compound; surrounding fence; the boundary line on all sides.
୯। ରୋଧ—9. Restraint. ୧୦। ଧନ ବା ସମ୍ପତ୍ତି ଅନ୍ୟ ନିକଟରେ ବନ୍ଧକ ରଖିବା—10. Pledge.
୧୧। ନିର୍ମାଣ; ଗ୍ରନ୍ଥନ; ରଚନା—11. Composition; construction. ୧୨। ସେତୁ; ଜଳାଶୟର ଜଳରୋଧକ ବାଡ଼—12. Bank; dam; embankment; dyke.
୧୩। (ରତିଶାସ୍ତ୍ର) ରତିକ୍ରୀଡ଼ା ସମୟରେ ଭିନ୍ନ ଭିନ୍ନ ପ୍ରକାରର ଅଙ୍ଗବିନ୍ୟାସପଦ୍ଧତି; ରତିବନ୍ଧ—13. Different postures during copulation.
ବନ୍ଧ ସଂଯୋଗ ଏହାର ମୋର ହୋଇଲେ
ବଶ ହୋଇ ଗୋଡ଼ାଇବ ମୋହର ଭୁଲେ। ଉତ୍ତ. ବୈଦେହୀଶବିଳାସ।
[ଦ୍ର—କୋକଶାସ୍ତ୍ର ଅନୁସାରେ ରତିର ୧୬ ପ୍ରକାର ମୁଖ୍ୟ ଆସନ ବା ବନ୍ଧ ବର୍ଣ୍ଣିତ ହୋଇଅଛି ଓ କୌଣସି କୌଣସି ଶାସ୍ତ୍ରରେ ୬୪ ବନ୍ଧ ବର୍ଣ୍ଣିତ ହୋଇଅଛି। ୧୬ ମୁଖ୍ୟବନ୍ଧର ନାମ—
୧। ପଦ୍ମାସନ; ୨। ନାଗପାଦ; ୩। ଲତାବେଷ୍ଟ; ୪। ଅର୍ଦ୍ଧସମ୍ପୁଟ; ୫। କୁଳିଶ; ୬। ସୁନ୍ଦର; ୭। କେଶର; ୮। ହିଲ୍ଲୋଳ; ୯। ନରସିଂହ; ୧୦। ବିପରୀତ; ୧୧। କ୍ଷୁବ୍ଧକ; ୧୨। ଧେନୁକ; ୧୩। ଉତ୍କଣ୍ଠ; ୧୪। ସିଂହାସନ; ୧୫। ରତିନାଗ; ଓ ୧୬। ବିଦ୍ୟାଧର—ହ୍ର. ଶ.।]
୧୪। ଧାରା; ରୀତି; ପ୍ରଣାଳୀ—14. Method.
୧୫। ଯୋଗ—15. Connection; union.
୧୬। ବନ୍ଦୋବସ୍ତ—16. Arrangement. ୧୭। ଅଙ୍ଗାଦିର ସୁକୌଶଳପୂର୍ଣ୍ଣ ରଚନା ବା ବିନ୍ୟାସ—17. Artistic athletic posture of the body or limbs. ୧୮। ବିଭିନ୍ନ ଆକୃତିବିଶିଷ୍ଟ ରେଖା ଅଙ୍କନ କରି ତହିଁର ଭିନ୍ନ ଭିନ୍ନ ସ୍ଥାନରେ କୌଶଳପୂର୍ବକ ଗୀତ ବା ବାକ୍ୟ ବିନ୍ୟାସ କରିବା ରୀତି; ଚିତ୍ରକାବ୍ୟର ରଚନାବିଶେଷ—
18. Different figures drawn on paper or wall and set with the component leters of a stong.

(ଯଥା – ସର୍ପବନ୍ଧ, ଖଡ୍ଗବନ୍ଧ, ଚକ୍ରବନ୍ଧ, ରଥବନ୍ଧ, ଚନ୍ଦ୍ରବନ୍ଧ, ପଦ୍ମ-ବନ୍ଧ। ଉପେନ୍ଦ୍ରଭଞ୍ଜ ଚିତ୍ରକାବ୍ୟ ବନ୍ଧୋଦୟରେ ଏହି ଶ୍ରେଣୀର ଅନେକ ବନ୍ଧର ଉଦାହରଣ ଦେଇଅଛନ୍ତି ।)

କଷ୍ଟନାଗ ବନ୍ଧ ଏକ ଲେଖିଲେ ପଦ ଅନେକ । ଗୋଲକ, ଇନ୍ଦୁରେଖା ।

୨୦ । ଶିକୁଳି; ଶୃଙ୍ଖଳ; ବେଡ଼ି—21. Chain; fetters ୨୧ । କାରାବନ୍ଧନ; କଏଦ (ହି. ଷ)—21. Imprisonment. ୨୨ । ଯୋଗ ସାଧନରେ ଅବଲମ୍ବିତ ମୁଦ୍ରା ବା ଅଙ୍ଗ-ନ୍ୟାସ—22. Postures in joga-exercise.

(ଯଥା—ଉଡ୍ଡୀୟାନ ବନ୍ଧ, ମୂଳବନ୍ଧ, ଜାଳନ୍ଧର ବନ୍ଧ—ହି. ଷ)

୨୩ । ନିବନ୍ଧ ରଚନା; ଗଦ୍ୟ ବା ପଦ୍ୟ ରଚନା (ହି. ଷ)—23. Literary composition; prose or poetical composition. ୨୪ । ଶିଳ୍ପଶାସ୍ତ୍ର ଅନୁସାରେ ଗୃହର ଦୈର୍ଘ୍ୟ ଓ ପ୍ରସ୍ଥର ଭିନ୍ନ ଭିନ୍ନ ମାନ (ହି. ଷ.)—24. Different standards of rooms having prescribed length and breadth.

ଦେ. ବି—୧ । ନାଟୁଆପିଲାମାନଙ୍କର ଅବୟବ ଚାଳନ ଜନିତ ନ୍ୟାସ—1. Different postures of the limbs performed by dancing boys.

[ ଦ୍ର—ଏ ବନ୍ଧମାନ ଦାକ୍ଷିଣାତ୍ୟରେ ଓ ଓଡ଼ିଶାର ଦକ୍ଷିଣ ଅଞ୍ଚଳରେ ନର୍ତ୍ତକ ନର୍ତ୍ତକୀମାନେ ସାଧନ କରନ୍ତି । ]

डीगबाजी ୨ । ମାଙ୍କଡ଼ଚଳି; ମୁଣ୍ଡକୁ ଭୂମିରେ ଲଗାଇ ଗୋଡ଼କୁ
**অলমচীত, লোটন** ଉପରକୁ ଉଠାଇ ଲେଉଟି ପଡ଼ିବା—2. Somersault.

ପ୍ରାଦେ. (ସମ୍ବଲପୁର, ସିଂହଭୂମି ଓ ଗଞ୍ଜାମ)—ଚାରିଅଡ଼େ ଅଡ଼ି ବା ବନ୍ଧ ଥିବା ପୋଖରୀ; ଜଳାଶୟ—A tank surrounded by embankments.

ପ୍ରାଦେ (ସମ୍ବଲପୁର ଓ ଗଞ୍ଜାମ)—୧ । ପାହାଡ଼ି ନଦୀସ୍ରୋତ ନିମ୍ନ ଭୂମିରେ ବାଡ଼ ପକାଇ ପାଣି ଅଟକାଇ ରଖିବା ଯୋଗୁଁ ହୋଇଥିବା ଜଳାଶୟ—1. A tank formed by forming an embankment stopping the flow of hill-streams; water reservoir. ୨ । ଉଚ୍ଚ ହିଡ଼—2. A high ridge.

**ବନ୍ଧକ**—ସଂ. ବି. (ବନ୍ଧ୍ ଧାତୁ+କର୍ମ ଅକ)—୧ । ଋଣ ପରିଶୋଧର
Bandhaka ଜାମିନ୍ ସ୍ୱରୂପ ଖାତକ ମହାଜନ ନିକଟରେ ଯେଉଁ ଦ୍ରବ୍ୟ ରଖେ—1. Pawn; pledge of a thing by the debtor as security for a loan.

୨ । (+ଭାବ. ଅକ) ବନ୍ଧା; କୌଣସି ଭୂସମ୍ପତ୍ତି ଜାମିନ୍ ରଖି ଋଣ ନେବା—2. Mortgage.

[ଦ୍ର—୧. ଯେଉଁ ବନ୍ଧକ ପ୍ରଣାଳୀରେ ମହାଜନ ନିକଟରେ ବନ୍ଧା ଦିଆ ଯାଇଥିବା ଦ୍ରବ୍ୟକୁ ମହାଜନ ଦଖଲ ନ କରି ଋଣଶୋଧ ପର୍ଯ୍ୟନ୍ତ ଅଦାଲତଙ୍କ ଜରିଆରେ ବିକ୍ରୟ କରିବା ନିମିତ୍ତ ଅଟକାଇ ରଖି ପାରନ୍ତି ତାହା ଜେଣ ବନ୍ଧକ ବା ଜାୟ ବନ୍ଧକ (simple mortgage), ୨. ଯେଉଁଥିରେ ଋଣର ସୁଧ ବା ମୂଳ ଓ ସୁଧ ଉଭୟ ଆଦାୟ ହେବା ପର୍ଯ୍ୟନ୍ତ ମହାଜନ ଉକ୍ତ ଦ୍ରବ୍ୟକୁ ବା ଦ୍ରବ୍ୟର ଆୟକୁ ଭୋଗ କରନ୍ତି ତାହା ଦଖଲ ବନ୍ଧକ (usufructuary mortgage), ୩. ଯହିଁରେ ନିର୍ଦ୍ଦିଷ୍ଟ-କାଳ ମଧ୍ୟରେ ମହାଜନ ସୁଧ ମୂଳ ଓ ଫବାକ୍ ପାଇବାର କଥା କରି ବନ୍ଧକ ଦିଆ ଯାଇଥିବା ବସ୍ତୁକୁ ଏକାବେଳକେ କବାଲା କରି ନିଏ, ମାତ୍ର ଅସଲ ଓ ସୁଧ ଫବାକ୍ ପାଇଲେ ଖାତକକୁ ଉକ୍ତ ଜମିକୁ ଲେଉଟି କବାଲା କରି ଦିଏ ତାହା କଟ୍ ବନ୍ଧକ (English mortgage), ୪. ଯହିଁରେ ଖାତକ ମହାଜନକୁ କବାଲା ଲେଖି ଦିଏ, ମାତ୍ର ନିର୍ଦ୍ଦିଷ୍ଟ ସମୟ ମଧ୍ୟରେ ଖାତକ ଟଙ୍କା ସୁଝି ନ ପାରିଲେ ମହାଜନ ବନ୍ଧକ ସମ୍ପତ୍ତିରେ ମାଲିକ ହୁଅନ୍ତି, ବା ଟଙ୍କା ପରିଶୋଧ କଲେ କବାଲା ଅକର୍ମଣ୍ୟ ହୁଏ, ଏହି ସର୍ତ୍ତ ରଖି ବନ୍ଧକ ଦଲିଲ ହୁଏ ତାହା କଟ କବାଲା ବା କଣ୍ଟ କବାଲା (mortgage by conditional sale), ୫. ଯେଉଁ ପ୍ରକାର ବନ୍ଧକରେ ଦଖଲବନ୍ଧକ ଓ ସାଧା ବନ୍ଧକ ବା ଦଖଲ ବନ୍ଧକ ଓ କଟ କବାଲାର ସର୍ତ୍ତମାନ ମିଶାମିଶି ହୋଇଥାଏ ତାହା ନୈପା-ତନିକ ବା ମିଶାମିଶି ବନ୍ଧକ ( anomalous mortgage ).

ଏ ଶେଷୋକ୍ତ ବନ୍ଧକ ନୂଆ ଆଇନ୍ ଅନୁସାରେ ସିଦ୍ଧ ହୋଇଅଛି । ]

୩ । (+ଭାବ. ଅକ) କଇଦ; କାରାବନ୍ଧନ—3. Confinement; imprisonment. ୪ । ବିନିମୟ; ଅଦଲବଦଲ-4. Barter; exchange. ୫ । (+କର୍ମ. ଅକ) ଲମ୍ପଟ ବ୍ୟକ୍ତି; ସ୍ତ୍ରୀଚୋର; ଉପପତି—5. A lecher; an adulterer. ୬ । ନଗର—6. City. ୭ । (+ଭାବ. ଅକ) ବନ୍ଧନ—7. Binding; bond. ୮ । (+କର୍ତ୍ତୃ. ଅକ) ଯେ ବାନ୍ଧେ; ବନ୍ଧନକାରୀ—8. Binder.

**ବନ୍ଧକ ଗ୍ରହୀତା**—ଦେ. ବି. (କଟରିଆ) (ସଂ. ବନ୍ଧକ+ଗ୍ରହୀତୃ)—
Bandhaka grahitā ଖାତକର ଚଳନ୍ତି ଜିନିଷ ବା ଅଚଳନ୍ତି
বন্ধক গ্রহীতা ସମ୍ପତ୍ତି ବନ୍ଧକ ରଖି ଟଙ୍କା ଋଣ ଦେବା ମହାଜନ—
**बन्धक दार** Mortgagee; pledgee; pawnee.

**ବନ୍ଧକ(କି) ଡିକି(ଗି)ରି**—ଦେ. ବି. ( କଟରିଆ )—ବନ୍ଧକ ଋଣ ଆଦାୟ
Bandhaka(ki) ḍiki(gi)ri କରିବା ପାଇଁ ମହାଜନ ମକଦ୍ଦମା
বন্ধক ডিক্রী ଦାଏର କରି ଅଦାଲତରେ ହାସଲ କରିଥିବା
**बन्धक डिग्री** ହୁକୁମ—Mortgage decree.

[ବନ୍ଧକ(କି) ଡିକ୍ରି(ଗ୍ରି)—ଅନ୍ୟରୂପ]

**ବନ୍ଧକ(କି) ଦଲିଲ୍**—ଦେ. ବି. ( କଟରିଆ )—ଖାତକ ଯେଉଁ ବନ୍ଧକ
Bandhaka(ki) dalil ତମସୁକ ସମ୍ପାଦନ କରି ମହାଜନକୁ
বন্ধকি খত্ ଦେଇ ଋଣ ଗ୍ରହଣ କରେ—
**बन्धकी दस्तावीज** Mortgage-bond.

[ବନ୍ଧକ(କି) ଦସ୍ତାବିଜ, ବନ୍ଧକ(କି) ତମସୁକ, ବନ୍ଧକନାମା—ଅନ୍ୟରୂପ]

**ବନ୍ଧକ ଦାତା**—ଦେ. ବି. (କଟରିଆ)—ବନ୍ଧକ ଦ୍ୱାରା ଋଣ କରିଥିବା
Bandhaka dātā ଖାତକ—Mortgager.
বন্ধক দাতা **बन्धक दाता**

**ବନ୍ଧକ ଦାୟ**—ଦେ. ବି. (କଟରିଆ) (ସଂ. ବନ୍ଧକ+ଦାୟ)—
Bandhaka dāya ଋଣ ଟଙ୍କା ପରିଶୋଧ କରିବା ପାଇଁ

(ବନ୍ଧକ ଦାୟିତ୍ୱ—ଅନ୍ୟରୂପ) ବନ୍ଧକ ସମ୍ପତ୍ତି ଉପରେ ଥିବା ଦାୟିତ୍ୱ-
বন্ধক দায় Mortgage lien; the responsibility
बन्धक दावा attached to a mortgaged property for payment of the mortgage debt.

[ ଦ୍ର—କୌଣସି ମହାଜନ କୌଣସି ବ୍ୟକ୍ତିର ସମ୍ପତ୍ତି ବନ୍ଧକ ନ ନେଇଥିବା ଅବସ୍ଥାରେ ତାହା ଯେବେ ପୂର୍ବରୁ ଅନ୍ୟ ମହାଜନ ଠାରେ ବନ୍ଧକ ଥାଏ, ତେବେ ପ୍ରଥମୋକ୍ତ ମହାଜନ ଅଦାଲତରେ ନାଲିସ କରି ଖାତକ ଉପରେ ଡିଗ୍ରୀ ହାସଲ କରି ଖାତକର ଉକ୍ତ ସମ୍ପତ୍ତିକୁ ନିଲାମ କରାଇଲେ ଉକ୍ତ ସମ୍ପତ୍ତି ପ୍ରଥମ ବନ୍ଧକଦାର ମହାଜନଙ୍କ ବନ୍ଧକଦାୟ ସହିତ ନିଲାମ ହୁଏ । ]

ବନ୍ଧକଦାର—ଦେ. ବ. (କଚେରିଆ)—ବନ୍ଧକ ଗ୍ରହୀତା (ଦେଖ)
Bandhaka dār Bandhaka grahitā (See)

ବନ୍ଧକ(କି) ଦେଣା—ଦେ. ବ. ( କଚେରିଆ )—
Bandhaka(ki) deṇā ସମ୍ପତ୍ତି ବନ୍ଧକ ରଖାଯାଇ ମହାଜନଠାରୁ
বন্ধক দেনা ନିଆ ଯାଇଥିବା ଋଣ—Mortgage-debt.
बन्धक देना [ବନ୍ଧକ(କି) ଦେଏଣା—ଅନ୍ୟରୂପ]

ବନ୍ଧକ ଦେବା—ଦେ. କ୍ରି. ( କଚେରିଆ )—ସମ୍ପତ୍ତି ଆବଦ୍ଧ ରଖି
Bandhaka debā ମହାଜନଠାରୁ ଋଣ କରିବା—To borrow
বন্ধক দেওয়া money by pledge or mortgage.
बन्धक देना, गीरौ रखना
[ବନ୍ଧକ ରଖିବା; ବନ୍ଧକ ପକା(କେ)ଇବା—ଅନ୍ୟରୂପ]

ବନ୍ଧକ(କି) ନିଲାମ—ଦେ. ବ. (କଚେରିଆ)—ବନ୍ଧକ ଡିଗ୍ରୀ ଅନୁସାରେ
Bandhaka(ki) nilāma ଅଦାଲତଙ୍କ ଦ୍ୱାରା ବନ୍ଧକ ସମ୍ପତ୍ତିର
বন্ধকী নিলেম ପ୍ରକାଶ୍ୟ ବିକ୍ରୟ—Court auction in exe-
बन्धकी निलाम cution of a mortgage-decree.

ବନ୍ଧକ ନେବା—ଦେ. କ୍ରି. (କଚେରିଆ)—ଋଣ ଦେଇ ଖାତକର ସମ୍ପତ୍ତିକୁ
Bandhaka nebā ଜାମିନ୍ ସ୍ୱରୂପ ରଖିବା—To advance
বন্ধক লওআ money on pledge or mortgage.
बन्धक लेना (ବନ୍ଧକ ରଖିବା—ଅନ୍ୟରୂପ)

ବନ୍ଧକ(କି) ମକଦ(ଦ୍ଦ)ମା—ଦେ. ବ. (କଚେରିଆ)—ବନ୍ଧକ ଋଣ ବାବଦ
Bandhaka(ki) makada(dda)mā ଟଙ୍କା ଆଦାଏ ପାଇବ
বন্ধক মোকদ্দমা ପାଇଁ ମହାଜନ ଖାତକ ନାମରେ କରିଥିବ
बन्धकी मुकद्मा ମକଦମା—Mortgage suit.

ବନ୍ଧକ ରଖିବା—ଦେ. କ୍ରି—୧ । ବନ୍ଧକ ଦେବା ( ଦେଖ )
Bandhaka rakhibā 1, Bandhaka debā ( See )
বন্ধক রাখা ୨ । ବନ୍ଧକ ନେବା ( ଦେଖ )
बन्धक रखना 2. Bandhaka nebā ( See )

ବନ୍ଧକୀ—ସଂ. ବ. ସ୍ତ୍ରୀ.—(ବନ୍ଧ ଧାତୁ+କର୍ତ୍ତୃ. ଅକ+ସ୍ତ୍ରୀ. ଈ; ଯେ ପର-
Bandhakī ପୁରୁଷର ମନକୁ ବନ୍ଧନ କରେ କିମ୍ବା ଯେ ପର-ପୁରୁଷର ପ୍ରେମରେ ବନ୍ଧା ହୋଇଥାଏ)—୧ । ଅସତୀ ସ୍ତ୍ରୀ; ପୁଂଶ୍ଚଳୀ; କୁଳଟା—1. An adulteress.

ବନ୍ଧକୀ ସ୍ୱଭର୍ତ୍ତ ଲୁଣ୍ଠ ପଡନ୍ତିଆ କଲେ ତହଁ
ପ୍ରମତ୍ତ ମହନ୍ତ ଧୃଷ୍ଟ ଭାବ ରଖିର । ଉତ୍ତ. ବୈଦେହୀଶବିଳାସ ।

୨ । ବେଶ୍ୟା—2. Harlot. ୩ । ବନ୍ଧ୍ୟା ସ୍ତ୍ରୀ—3. A barren or childless woman. ୪ । ଋଣ ଗ୍ରହଣ କାଳରେ ମହାଜନ ନିକଟ ବନ୍ଧା ରଖା ଯାଇଥିବା ବସ୍ତୁ —4. Mortgaged property; pledged article.
୫ । ହସ୍ତିନୀ—5. A female elephant.
ଦେ. ବ—ବନ୍ଧକ—Mortgage.
ଦେ. ବିଣ —ବନ୍ଧକ ସମ୍ବନ୍ଧୀୟ—Relating to mortgage.

ବନ୍ଧ କୁଡ଼ା—ପ୍ରାଦେ. (ସମ୍ବଲପୁର) କ୍ରି—ପୋଖରୀ ଖୋଳା—
Bandha kuḍā Digging of a pool.

ବନ୍ଧ ତନ୍ତ୍ର—ସଂ. ବ. (ବନ୍ଧ+ତନ୍ତ୍ର=ସୈନ୍ୟ)—୧ । ବ୍ୟୂହ ରଚନାର
Bandha tantra କୌଶଳ ବିଶେଷ—1. A kind of battle-array. ୨ । ବନ୍ଧ ଆକାରରେ ସଜ୍ଜିତ ଚତୁରଙ୍ଗ ସେନା—2. The four divisions of army (foot, horse elephant and chariot) arrayed in the form of an embankment. ୩ । ଚତୁରଙ୍ଗ ସୈନ୍ୟ ( ପଦାତି, ଅଶ୍ୱ, ହସ୍ତୀ, ରଥ )—3. The four divisions of the army (infantry, cavalry, elephant and chariot).

ବନ୍ଧନ—ସଂ. ବ. (ବନ୍ଧ୍ ଧାତୁ+ଭାବ. ଅନ)—୧ । ବାନ୍ଧିବା କ୍ରିୟା—
Bandhana 1. The act of binding. ୨ । ଅବରୋଧ; ଅଟକ—2. Restraint. ୩ । କାରାରୋଧ—3. Confinement; imprisonment. ୪ । ବାଧା; ପ୍ରତିବନ୍ଧ—4. Obstruction; hindrance; obstacle. ୫ । ସଂଯମନ—5. Regulating; controlling ୬ । ସେତୁଆଦିର ନିର୍ମାଣ—6. Raising of a dam. ୭ । ( +କରଣ. ଅନ )—ବୃନ୍ତ; ଡେମ୍ଫ—7. Stalk. ୮ । ବଧ; ହନନ; ହତ୍ୟା; ହିଂସା—8. Murder; slaughter. ୯ । ବାଣର ପୁଙ୍ଖ—9. The feathers tied at the tail of an arrow. ୧୦ । ଫାଶ; ଗଣ୍ଠି—10. Knot ୧୧ । ନିଗଡ଼; ବାନ୍ଧିବା ଦଉଡ଼ି—11. Ligature; string; chain; fetters; band. ୧୨ । ବନ୍ଧାଯିବା ପଟି—12. Bandage. ୧୩ । (ଆୟୁର୍ବେଦ) ପତନ ବା ଅସ୍ତ୍ରାଘାତଜନିତ କ୍ଷତକୁ କିମ୍ବା ଅସ୍ତ୍ରଚିକିତ୍ସା ପରେ ଅଙ୍ଗାଦିକୁ ବସ୍ତ୍ରଦ୍ୱାରା ବାନ୍ଧିବା—13. Ligaturing or bandaging of a wound after a fall or an operation.

[ ଦ୍ର—ସୁଶ୍ରୁତରେ ୧୪ ପ୍ରକାରର କ୍ଷତବନ୍ଧନ ପ୍ରଣାଳୀ ଲେଖା-ଅଛି, ଯଥା—୧. ସ୍ୱସ୍ତିକ, ୨. ଗୋଫଣା, ୩. ପଞ୍ଚାଙ୍ଗୀ, ୪ କୋଶ, ୫ ଦାମ, ୬ ଅନୁବେଲ୍ଲିତ, ୭ ମୁତୋଳ, ୮ ମଣ୍ଡଳ, ୯ ସ୍ଥଗିକା, ୧୦ ଯମକ, ୧୧ ଖଟ୍ଟା, ୧୨ ଚୀନ, ୧୩ ବିବନ୍ଧ ଓ ୧୪ ବିତାନ ।]

୧୪ । ଶରୀରର ସନ୍ଧି ସ୍ଥାନ (ବୃ. ଶ.)—14. Joint of the body. ୧୫ । ଶିବ; ମହାଦେବ—15. Siba; Mahādeba. ୧୬ । ବୀର୍ଯ୍ୟସ୍ତମ୍ଭନ; ବୀର୍ଯ୍ୟସ୍ଖଳନ ନ କରାଇବା; ବାଜୀକରଣ—16. Restraint of seminal discharge.

ଦେ. ବି — ବାନ୍ଧନ କାଠ; ବାନ୍ଧଣ କାଠ; ଅରଣ୍ୟ ତରୁବିଶେଷ—
ସ. ସ୍ୟନ୍ଦନ, ରଥଦ୍ରୁ, ତିନିଶ A timber tree; Ougenia
তিনিশ; বাঁধন্ सन्दन, अतइन्द; Dalborgoiodes.
तिन्नाश; तिमशा [ ଦ୍ରୁ—ଏହାର କାଠ ଶକ୍ତ ଓ ଇଷ୍ଟାଭଙ୍ଗର । ଏହି କାଠରେ ଶଗଡ଼ର ଚକଅାଦି ତିଆରି ହୁଏ (ଏଥିଯୋଗୁଁ ଏହାର ସ. ନାମ ରଥଦ୍ରୁ); ବସନ୍ତକାଳରେ ପତ୍ର ଝଡ଼ି ପଡ଼େ । ବନରେ ଅନେକ ଗଛ ଏକତ୍ର ଜନ୍ମେ ବୋଲି ଏହାର ସଂସ୍କୃତ ନାମ ତିନିଶ ? ଏହା ବିହାର, ଓଡ଼ିଶା ଓ ମଧ୍ୟଭାରତର ଜଙ୍ଗଲରେ ମିଳେ । ତିନିଶ (ଦେଖ) ]

ଦେ. ବିଣ — ୧ । ବନ୍ଧା; ବଦ୍ଧ—1. Confined, bound; tied
୨ । ମୁଗ୍ଧ — 2. Charmed.

ମୂରଜନ ମନ କରେ ମୋହନ
ତରୁଣ ଜନ ସ୍ୱଭାବେ ବନ୍ଧନ । ପ୍ରାଚୀ ଉପବାସଥ ।

**ବନ୍ଧନ କରିବା**—ଦେ. କ୍ରି — ୧ । ବାନ୍ଧିବା—1. To tie; to confine.
Bandhana kariba ୨ । ବନ୍ଦନ କରିବା ୧ + ୨ (ଦେଖ)
বন্ধন করা बन्दन करना 2. Bandana kariba 1+2 (See)

**ବନ୍ଧନ ଗ୍ରନ୍ଥି**—ସଂ. ବି. (୬ଷ୍ଠୀ ତତ୍; ବନ୍ଧନ + ଗ୍ରନ୍ଥି)—ଦେହର ସନ୍ଧିର
Bandhana granthi. ବା ଜୋଡ଼ର ହାଡ଼ ( ହ୍ନି. ଶ. )—
A bone of any joint of the body.

**ବନ୍ଧନ ପାଳ**—ସ. ବି. (ବନ୍ଧନ + ପାଳ ଧାତୁ + କର୍ତ୍ତୃ. ଅ)—କାରାଗାର
Bandhana pāla ରକ୍ଷକ (ହ୍ନି. ଶ.)—Jailor.

**ବନ୍ଧନ ବେଶ୍ମ**—ସଂ ବି - କାରାଗାର; ବନ୍ଦୀଶାଳା; ଜେଲ୍ ଖାନା—
Bandhana besma Jail; prison.
(ବନ୍ଧନାଗାର, ବନ୍ଧନଶାଳା, ବନ୍ଧନାଳୟ—ଅନ୍ୟରୂପ)

**ବନ୍ଧନ ଭୟ**—ସ. ବି (୫ମୀ ତତ୍)—ଅପେ ବନ୍ଧା ହେବାର ବା
Bandhana bhaya କାରାବଦ୍ଧ ହେବାର ଆଶଙ୍କା—Fear of being tied down or imprisoned.

**ବନ୍ଧନ ମୁକ୍ତ** - ସ. ବିଣ. (୫ମୀ ତତ୍)—ବନ୍ଧାହେବାରୁ ମୁକ୍ତିଲାଭ ଥିବା—
Bandhana mukta Untied; emancipated.
(ବନ୍ଧନ ମୁକ୍ତି, ବନ୍ଧନ ମୋଚନ — ବି)

**ବନ୍ଧନ ରଜ୍ଜୁ**—ସ. ବି. (୪ର୍ଥୀ ତତ୍)—ବାନ୍ଧିବାର ଦଉଡ଼ି—
Bandhana rajju A rope for tying.

**ବନ୍ଧନ ସାଧନ**— ସ. ବି (୬ଷ୍ଠୀ ତତ୍)—ଯାହାଦ୍ୱାରା ବନ୍ଧାଯାଏ; ବାନ୍ଧିବାର
Bandhana sādhana ଉପକରଣ—Contrivance used in binding or tying.

**ବନ୍ଧନ ସ୍ତମ୍ଭ**—ସ. ବି (୪ର୍ଥୀ ତତ୍)—ପଶୁଅାଦିଙ୍କୁ ବାନ୍ଧିବାର ଖୁଣ୍ଟ—
Bandhana stambha Tying post.

**ବନ୍ଧନାର୍ହ**—ସ. ବିଣ. ପୁଂ—ବନ୍ଧାହେବାର ଉପଯୁକ୍ତ—
Bandhanārha Fit to be tied; deserving confinement or imprisonment.
(ବନ୍ଧନାର୍ହା—ସ୍ତ୍ରୀ)

**ବନ୍ଧନୀ**—ସ. ବି. (ବନ୍ଧ ଧାତୁ + କରଣ ଅନ + ସ୍ତ୍ରୀ. ଈ)—୧ । ବାନ୍ଧିବା
Bandhanī ଦଉଡ଼ି—1. Tying rope. ୨ । ଅସ୍ତ୍ରୋପଚାର ପରେ ଶିରାସବୁ ପ୍ରଭୃତି ବାନ୍ଧିବାର ସୂତ୍ର—2. Ligature.
୩ । ଦେହର ଗଣ୍ଠିରେ ଥିବା ମୋଟ ଶିରା (ହ୍ନି. ଶ.)—
3. Thick veins in the joints of the body.
୪ । ବ୍ରାକେଟ୍; କୌଣସି ବାକ୍ୟକୁ ବା ଅଙ୍କକୁ ସ୍ୱତନ୍ତ୍ରରୂପେ ଚିହ୍ନାଇବାପାଇଁ ବ୍ୟବହୃତ ବ୍ରାକେଟ୍ ବା ବ୍ରାକେଟ୍ ବିଶିଷ୍ଟ ଚିହ୍ନ—4. Brackets; paranthesis.

[ ଦ୍ରୁ—ଏହା ଚାରିପ୍ରକାର ଯଥା—୧ । ଲଘୁବନ୍ଧନୀ ( ),
Simple brackets; first bracket. ୨ । କୁଟିଳବନ୍ଧନୀ { }
Second brackets. ୩ । ବର୍ଗବନ୍ଧନୀ [ ], Third brackets.
୪ । ସରଳରେଖା ——— Brace. ଯେଉଁ ସଂଖ୍ୟାମାନଙ୍କ ଉପରେ ଏହି ଚିହ୍ନ ଥାଏ ତାହାର କାର୍ଯ୍ୟ ଗଣିତରେ ସର୍ବପ୍ରଥମେ କରାଯାଏ, ଏହା ଗଣିତରେ ବନ୍ଧନୀର ଅନ୍ତର୍ଗତ

**ବନ୍ଧନୀୟ**—ସ. ବିଣ—(ବନ୍ଧ୍ ଧାତୁ + କର୍ମ ଅନୀୟ)—ଯାହା ବନ୍ଧା ଯିବାର
Bandhanīya ଉପଯୁକ୍ତ—Capable of being bound; deserving confinement.
ସ. ବି—ସେତୁ ; ପୋଲ (ହ୍ନି. ଶ.) — Bridge.

**ବନ୍ଧ ବାଡ଼**—ଦେ. ବି—( ସମାନାର୍ଥକ ସହଚର )—୧ । ପାଣିକୁ
Bandha bārda ଅଟକାଇବା ପାଇଁ ନିର୍ମିତ ବନ୍ଧ ଓ ବାଡ଼—
বাঁধবেড়া; ভেড়ী 1. Embankment and dyke.
बाँध ୨ । (ଲକ୍ଷଣାର୍ଥ) ବାଧାବିଘ୍ନ; ଅନ୍ତରାୟ—2. (figurative) Obstacle; check.

**ବନ୍ଧ ବାନ୍ଧିବା**—ଦେ. କ୍ରି—ଜଳକୁ ଅଟକାଇ ରଖିବାପାଇଁ ସେତୁ ନିର୍ମାଣ
Bandha bāndhibā କରିବା—To raise a dyke or
[ ବନ୍ଧ ବନ୍ଧା(ବେ)ଇବା — ଅନ୍ୟରୂପ ] bridge or embankment.
বাঁধবাঁধা बाँधबधाँना

**ବନ୍ଧ ଭାଙ୍ଗିବା**—ଦେ. କ୍ରି—ନାନାପ୍ରକାରେ ଶରୀରକୁ ଓଲଟାଇ କରି
Bandha bhāngibā ବ୍ୟାୟାମ କରିବା—To cut somersaults.
ডীগবাজী খাওয়া अलमची उलटना
ଦେ. ବି—ଜଳାଶୟର୍ଯ୍ୟ ହେତୁ ନଦୀର ବା ଜଳାଶୟର ବନ୍ଧର
বাঁধভাঁগা ଭଙ୍ଗ—1 Collapse of an embankment
बाँधटूटना due to rush or excess of water.
(ବନ୍ଧ ଭାଙ୍ଗିଯିବା — ଅନ୍ୟରୂପ)

**ବନ୍ଧ(ନ୍ଧି)ରିଆ**—ପ୍ରଦେ (ସମ୍ବଲପୁର) ବି—କଙ୍ଗନ୍ (ଦେଖ)
Bandha(ndhi-)riā Kañgan (See).

**ବନ୍ଧଲି**—ପ୍ରାଦେ (ସମ୍ବଲପୁର) ବି—(ବନ୍ଧ + ସ୍ୱଳ୍ପାର୍ଥେ. ଲି)—ଛୋଟ
Bandhali ପୋଖରୀ—Pool; small tank.

**ବନ୍ଧା**—ଦେ. ବି—(ସଂ. ବନ୍ଧ୍ ଧାତୁ)—୧ । ବନ୍ଧନ କ୍ରିୟା—1. The
Bandhā act of binding. ୨ । ଅନ୍ୟ ପାଇଁ ଜାମିନ୍; ପ୍ରତିଭୂ-
বাঁধা 2. Surety; security. ୩ । ବନ୍ଧକ—3. Mortgage;
बंधन बाँधा जमानत বাঁধা बंधक;गिरो pledge.
୪ । ଋଣଶୋଧର ଯାମିନ୍‌ସ୍ୱରୂପ ମହାଜନ ନିକଟରେ ନ୍ୟସ୍ତ ବା ରକ୍ଷିତ ବସ୍ତୁ—4. A pledge.

ମଣି ବନ୍ଧା ରଥ ବନ୍ଧ ଦୁଧ ଭଅ ଘଡ଼ ମୋର ବନ୍ଧୁ ପାଦ ।
ଚଣ୍ଡୀକାଥ—ବଡ଼ଧ ସ୍ଥଳାପୁଣ ।

বাঁধা ୫ । ଶୁକ୍ରସ୍ତମ୍ଭନ; ବାଜୀକରଣ—5. Restraint of seminal discharge.
बंधा

୬ । ବ୍ରହ୍ମଚର୍ଯ୍ୟ; ମୈଥୁନରହିତ୍ୟ—6. Continence.

ଦେ. ବଣ—୧ । ବନ୍ଧନ କରା ଯାଇଥିବା; ବଦ୍ଧ—

বাঁধা बंधेज 1. Bound; tied. ୨ । ବନ୍ଧକ ଦିଆ ଯାଇଥିବା—
2. Pledged; mortgaged. ୩ । ବ୍ରହ୍ମଚର୍ଯ୍ୟାବଲମ୍ବୀ—
3. Observing continence.

( ଯଥା—ଲୁସ୍ତି କରବାକୁ ହେଲେ ବନ୍ଧା ରହିବାକୁ ପଡ଼ିବ । )

୪ । ସଯତେନ୍ଦ୍ରିୟ; ଯେ ଇନ୍ଦ୍ରିୟର ବଶୀଭୂତ ନୁହେଁ—
4. Practising self restraint. ୫ । ଅବରୁଦ୍ଧ—
5. Restrained; confined. ୬ । ନିର୍ଦ୍ଦିଷ୍ଟ—6. Ascertained; settled. ୭ । ଅପରିବର୍ତ୍ତନୀୟ—
7. Unchangeable; permanent; hard and fast.
୮ । ଗ୍ରଥିତ; ଇଟା, ପଥର ଓ ଚୂନଆଦିରେ ତିଆରି; ପକ୍କା—
8. Paved; made of masonry.

ବନ୍ଧାଇ—ଦେ. ବି. ( ସଂ, ବନ୍ଧନ )—୧ । ବହି ଆଦି ବାନ୍ଧିବା—
Bandhāi 1. Binding ( of books ).
বাঁধাই ୨ । ବହି ବାନ୍ଧିବାର ଖର୍ଚ୍ଚ ବା ମଜୁରି—
बन्धाइ 2. Binding charges.

ବନ୍ଧା(ନ୍ଧେ)ଇବା—ଦେ. କ୍ରି. ( ବନ୍ଧ୍ ଧାତୁର ଣିଚ୍ )—
Bandhā(ndhe)ibā ୧ । ବାନ୍ଧିବା କ୍ରିୟାର ଣିଜନ୍ତ ରୂପ—
বাঁধান बन्धवाना 1. Causative of Bāndhibā.
(ବନ୍ଧାଇବା—ଅନ୍ୟରୂପ) ୨ । ବନ୍ଧ ପକାଇବା—2. To raise a dam or dyke.

ବୋହି ଗଲା ପାଣି ଯାଉ ଚେଣିକି, ବନ୍ଧେଇଲ ପାଣି ରହୁ ଅଟକି—ଢଗ ।

ବନ୍ଧା ଓକିଲ—ଦେ. ବି—ଯେଉଁ ଓକିଲଙ୍କୁ ଆପଣାର ସମସ୍ତ ମକଦ୍ଦମାରେ
Bandhā okila ନିଯୁକ୍ତ କରାଯାଏ—One's retained
বাঁধা উকিল बंधा वकिल pleader.

ବନ୍ଧା କୋବି—ଦେ· ବି—ଏକ ପ୍ରକାର ବିଦେଶୀୟ ପରିବା—
Bandhā kobi বাঁধা কপি बंद गोभी Cabbage.

[ ଦ୍ର—ଏ କୋବିର ପତ୍ରମାନ ଗୋଟାଇଁଆ ହୋଇ ବାନ୍ଧ ହୋଇଥାଏ ।]

ବନ୍ଧା ଗ(ଘ)ତ—ଦେ. ବି (ସଂ. ବଦ୍ଧ+ଗତି)-୧ । ଅପରିବର୍ତ୍ତନୀୟ ରୀତି—
Bandhā ga(gha)ta 1. Unchangeable practice.
বাঁধী গত্ ୨ । ବାଦ୍ୟ ଯନ୍ତ୍ରରେ ବାଦିତ ହେବା କେବଳ ଏକ
बंधा गत प्रକାରର ସ୍ୱର—2. One fixed melody or tune
(ବନ୍ଧା ସୁରୁ—ଅନ୍ୟରୂପ) set in a musical instrument.
୩ । ନିର୍ଦ୍ଦିଷ୍ଟ ପଦ୍ଧତି ବା ନିୟମ—3. Hard and fast rule.

ବନ୍ଧା ଗହକି—ଦେ. ବି. ( ସଂ. ବଦ୍ଧ + ଗ୍ରାହକ )—ଯେଉଁ ଗ୍ରାହକ ଏକ
Bandhā gahaki ଦୋକାନରୁ ନିୟମିତ ରୂପେ ସଉଦା କରେ—
বাঁধা গ্রাহক Regular customer (of a tradesman).
बंधा ग्राहक

ବନ୍ଧା ଘାଟ—ଦେ. ବି. ( ସଂ. ବଦ୍ଧ+ଘଟ୍ଟ )—ଇଟା ବା ପଥର ବସାଇ
Bandhā ghāṭa ତିଆରି କରା ଯାଇଥିବା ଘାଟ; ପକ୍କା ଘାଟ—
বাঁধা ঘাট A masonry bathing ghat; paved land-
बंधा घाट ing place.

ବନ୍ଧା ଚାକର—ଦେ. ବି. ( ସଂ. ବଦ୍ଧ+ଫା. ଚାକର )—୧ । ଯେଉଁ
Bandhā chākara ଚାକର ଦିନ ଓ ରାତି ସବୁ ବେଳେ କାର୍ଯ୍ୟ
বাঁধা চাকর କରିବା ପାଇଁ ଚାକିରି କରିଥାଏ—1. A regular
बंधा नौकर servant; a whole-time servant.
୨ । ସ୍ଥାୟୀ ଭାବରେ ନିଯୁକ୍ତ ଭୃତ୍ୟ—2. Permanent
(ବନ୍ଧା ଚାକରିଆ, ବନ୍ଧା ନଉକର—ଅନ୍ୟରୂପ) servant.

ବନ୍ଧା ଚାକ(କି)ରି—ଦେ. ବି. ( ସଂ. ବଦ୍ଧ+ଫା. ଚାକର )—
Bandhā chāka(ki)ri ୧ । ନିର୍ଦ୍ଦିଷ୍ଟ କର୍ମ ପାଇଁ ନିଯୁକ୍ତ ଚାକରର
বাঁধা চাকুরী କର୍ମ; ଖାସ୍ ଭୃତ୍ୟତା—1. Service for doing a
बंधी नौकरी particular work. ୨ । ସ୍ଥାୟୀ ଚାକିରି—
2. Permanent service. ୩ । ଦିନ ରାତି ସବୁବେଳେ ଦରକାର ବେଳେ କାମ କରିବା ପାଇଁ ଚାକିରି—
3. Whole time service.

ବନ୍ଧା ଛନ୍ଦା—ଦେ. ବି· ( ଏକାର୍ଥ ବୋଧକ ସହଚର ଶବ୍ଦ )—
Bandhā chhandā ବସ୍ତୁ ବା ସମ୍ପତ୍ତି ବନ୍ଧକ ରଖି ମହାଜନଠାରୁ
বাঁধা ছাঁদা ଋଣ ଆଣିବା—Borrowing money by mort-
बँधक उँधक gaging or pledging or otherwise encumbering one's property.

ବନ୍ଧାଛନ୍ଦା ହେବା—ଦେ. କ୍ରି.—୧ । ଧରି ପଗଡ଼ା ହେବା—
Bandhā chhandā hebā 1. To be detained or
ধর পাগড় बाँधाछँदा होना arrested and bound.

କଟକରୁ ନକେ ଭୃତ୍ୟନ ପଡ଼ାଲେ ସେଠ ଆସିବ;
ଗାଁ ଲୋକେ ବନ୍ଧା ଛନ୍ଦା ହେବେ ଏହା ନିଃସନ୍ଦେହ ।
ଫକୀରମୋହନ. ଛମାଣ ଆଠଗୁଣ୍ଠ ।

୨ । (ଜିନିଷ) ବନ୍ଧକ ଦିଆଯିବା—
2. To be pledged or pawned.

ବନ୍ଧା ଦାନ୍ତ—ଦେ. ବି.—(ସଂ. ବଦ୍ଧ+ଦନ୍ତ)—୧ । କୃତ୍ରିମ ଦାନ୍ତ—
Bandhā dānta Artificial or false tooth.
বাঁধা দাস্ত बाँधा दान्त

ବନ୍ଧା ଦିହ—ଦେ. ବି.—(ସଂ. ବଦ୍ଧ+ଦେହ)—୧ । କେତେକ ଦିନ
Bandhā diha ବିଶ୍ରାମ ନେବା ଯୋଗୁଁ ସବଳୀଭୂତ ଶରୀର—
বাঁধা শরীর 1. A man's body strengthened by some
बाँधाहुआ बदन days' rest. ୨ । ବ୍ରହ୍ମଚର୍ଯ୍ୟାବଲମ୍ବନ କରିଥିବା ଯୋଗୁଁ ସବଳ ଶରୀର—2. One's body strengthened by continence or cessation of sexual acts.

ବନ୍ଧା ଦେବା—ଦେ. କ୍ରି.—ଋଣ ଗ୍ରହଣ କରି କୌଣସି ଦ୍ରବ୍ୟକୁ ଋଣ
Bandhā debā ଅଦାୟ ପର୍ଯ୍ୟନ୍ତ ବନ୍ଧକ ସ୍ୱରୂପ ମହାଜନଙ୍କ ନିକଟ
বাঁধা দেওয়া ନ୍ୟସ୍ତ କରିବା—To pledge or mortgage
[ବନ୍ଧା ପକା(କେ)ଇବା—ଅନ୍ୟରୂପ] any property with
बन्धक रखना the creditor.

ଶୀତ କଲ୍ପ ବଢ଼ ଝାଣ,
ବଢ଼ବୋହୂଙ୍କୁ ବନ୍ଧା ପକେଇ ଚୂଡ଼ା ଗୁଡ଼ ମାଣ ଅଣ । ଶିଶୁଗୀତ ।

ବନ୍ଧା ନଟ—ଦେ. ବି.—ଗଚ୍ଛିତ ଧନ—
Bandā naṭa    Hoarded cash.

ମାର ଧର ବାନ୍ଧରେ ଯେ ହୋଇବେ ପ୍ରମତ୍ତ
ବନ୍ଧା ନଟ ନ ପାଇଣ କଲ୍ଲତ୍ତରେ ଚିତ୍ତ । ପ୍ରାଚୀ. ଶ୍ରୀ ଗୁରୁଭକ୍ତି ଗୀତ ।

ବନ୍ଧା ନିୟମ—ଦେ. ବି.—ନିର୍ଦ୍ଧାରିତ ବା ଅପରିବର୍ତ୍ତନୀୟ ନିୟମ—
Bandā niyama    Hard and fast rule; fixed and
বাঁধা নিয়ম  **वधेज, बांधा नियम**    immutable rule.

ବନ୍ଧା ପଡ଼ିବା—ଦେ. କ୍ରି.—୧ । ଅନ୍ୟ ବ୍ୟକ୍ତି ପାଇଁ ଜାମିନ୍ ହେବା—
Bandhā paṛibā  1. To stand security for
বাঁধা পড়া; জামিন হওয়া  **बन्धक रहना**    another.
(ବନ୍ଧା ରହିବା—ଅନ୍ୟରୂପ)  ୨ । (କୌଣସି ବସ୍ତୁ) ଋଣ ନିମନ୍ତେ ମହାଜନ ନିକଟରେ ବନ୍ଧକ ରଖାଯିବା—2. (a property) To be pledged or mortgaged with a creditor.  ୩ । ଆବଦ୍ଧ ରହିବା—3. To be confined or detained.

ବନ୍ଧା ପଶୁ—ଦେ. ବି.—(ସ ବଦ୍ଧ+ପଶୁ)—ଯେଉଁ ପଶୁ ସର୍ବଦା
Bandhā paśu  ଖୁଣ୍ଟରେ ବନ୍ଧା ରହି ଥାଏ ଓ ଚରିବାକୁ ଛଡ଼ା
বাঁধা পশু  ହୁଅ ଯାଏ ନାହିଁ—A beast always kept tied
**बंधा पशु**    up and not let out to graze; stable-bred
[ଦ୍ର—ଯଥା—ଘୋଡ଼ା, ଗୋରୁ ।] or stall-fed animal.

ବନ୍ଧା ପାଣି—ଦେ. ବି.—(ସ. ବଦ୍ଧ+ପାନୀୟ) ଅଟକ ରଖା ଯାଇଥିବା
Bandhā pāṇi  ଜଳ; ଅବଦ୍ଧ ବା ସ୍ରୋତୋହୀନ ଜଳ—
বাঁধা জল  **बन्धा जल, बन्धा पानी**    Stagnant water.

ବନ୍ଧା ବନ୍ଧି—ଦେ. ବି.—୧ । ଅନେକ ବସ୍ତୁ ବାନ୍ଧିବା ପ୍ରକ୍ରିୟା—
Bandhā bandhi  1. The act of tying down many
বাঁধা বাঁধি  **बाँधा बाँधि**    things.  ୨ । ଉତ୍ତମରୂପେ ବାନ୍ଧିବା—2. Binding a thing strongly or securely. ୩ । ଅନ୍ୟୋନ୍ୟରେ ବାନ୍ଧିବା; ଛନ୍ଦାଛନ୍ଦି—3. Mutual tying; binding each other.

ତରୁ ତୃଣଗିରି    ପ୍ରେମେ ବନ୍ଧାବନ୍ଧି
ଛନ୍ଦାଛନ୍ଦି ହେଲାହେଲି ।
ଯୋଗ୍ୟ ବୃକ୍ଷ ପୁଞ୍ଜ    ଅନ୍ଧାହିତ ସାର
ଠାବେ ଠାବେ ନଇବେଣୀ । ରାଧାନାଥ, ମହାଯାତ୍ରା ।

୪ । ଅପରିବର୍ତ୍ତନୀୟ ନିୟମ—4. Hard and fast rule.
ଦେ. ବିଣ.—ଧରାବନ୍ଧା; ନିର୍ଦ୍ଦିଷ୍ଟ (ନିୟମ)—
Hard and fast (rule).

ବନ୍ଧା ବହି—ଦେ. ବି.—(ସ. ବଦ୍ଧ+ଅ. ବହୀ)—ଯେଉଁ ପୁସ୍ତକର ପୃଷ୍ଠା
Bandhā bahi  ଗୁଡ଼ିକର ମୂଳ ସୂତାରେ ବନ୍ଧା ହୋଇ ତହିଁ ଉପରେ
বাঁধাবই  **बाँन्धातुआ बही**    ଟାଣୁଆ ମଲାଟ ମଡ଼ା ହୋଇଥାଏ—
Bound book.

ବନ୍ଧା ମଉ(ହ)କି(କେ)ଲ—ଦେ. ବି.—(ସ. ବଦ୍ଧ+ପା. ମୁଅକ୍କିଲ୍)—
Bandhā mau(ha)ki(ke)la  ଯେଉଁ ମକ୍କେଲ୍ ସମସ୍ତ ମକଦମାରେ
বাঁধামক্কেল  ନିଜର ନିର୍ଦ୍ଦିଷ୍ଟ ଓକିଲଙ୍କ ଛଡ଼ା ଅନ୍ୟ ଓକିଲଙ୍କୁ ଆଶ୍ରୟ
**बधाँमुवक्किल**  କରେ ନାହିଁ—Regular client of a lawyer.

ବନ୍ଧିତ୍ର—ସ. ବି.—( ବନ୍ଧ୍ ଧାତୁ=ବନ୍ଧନ କରିବା+କର୍ତ୍ତୃ. ଇତ୍ର )—
Bandhitra  ୧ । କାମଦେବ; ମଦନ—1. Cupid.  ୨ । (+କରଣ. ଇତ୍ର ) ଅନୁରାଗ; ସ୍ନେହ; ପ୍ରୀତି—2. Love; attachment.  ୩ । (+କର୍ମ. ଇତ୍ର) ଚର୍ମ ବ୍ୟଜନ—3. Leather fan.

ବନ୍ଧୀ—ସ. ବିଣ. ପୁଂ—( ବନ୍ଧ୍ ଧାତୁ+ଇନ୍ )—ବନ୍ଧା ହୋଇଥିବା—
Bandhī  (ବନ୍ଧିନୀ—ସ୍ତ୍ରୀ)  Bound; tied down.

ବନ୍ଧୁ—ସ. ବି—(ବନ୍ଧ୍ ଧାତୁ+କର୍ତ୍ତୃ. ଉ; ଯେ ସ୍ନେହଦ୍ୱାରା ବନ୍ଧନ
Bandhu  କରେ)—୧ । ଆତ୍ମୀୟ; ବାନ୍ଧବ; ଜ୍ଞାତି; ସ୍ୱଜନ—
1. Relative; kinsman; a cognate.

[ ଦ୍ର—ଅମରକୋଷରେ ସଗୋତ୍ର ଓ ଅସଗୋତ୍ର ସ୍ୱଜନମାନଙ୍କୁ ବନ୍ଧୁ ବୋଲାଯାଇ ଅଛି; କିନ୍ତୁ ହିନ୍ଦୁ ଶାସ୍ତ୍ରରେ ବିବାହ ବନ୍ଧନଦ୍ୱାରା ଯେଉଁମାନଙ୍କ ସଙ୍ଗେ ସମ୍ପର୍କ ଥାଏ ସେମାନଙ୍କୁ ବନ୍ଧୁ (Cognate) ବୋଲାଯାଏ; ରକ୍ତ ବା ଗୋତ୍ରଦ୍ୱାରା ଯେଉଁମାନଙ୍କ ସଙ୍ଗେ ସମ୍ପର୍କ ଥାଏ ସେମାନଙ୍କୁ କୁଟୁମ୍ବ (agnate) ବୋଲାଯାଏ । କୁଟୁମ୍ବମାନେ ନିଜ ଗୋତ୍ରଜ; କିନ୍ତୁ ବନ୍ଧୁମାନେ ପରଗୋତ୍ରଜ । ହିନ୍ଦୁଶାସ୍ତ୍ର ଅନୁସାରେ ବନ୍ଧୁ ତିନ ପ୍ରକାର:—ଆତ୍ମବନ୍ଧୁ; ଯଥା— ଝିଅର ପୁଅ, ଝିଅର ଝିଅର ପୁଅ ଇତ୍ୟାଦି । ମାତୃବନ୍ଧୁ; ଯଥା—ମଉସା । ପିତୃ-ବନ୍ଧୁ—ଯଥା:—ପିଉସା । ]

୨ । ମିତ୍ର; ସୁହୃଦ୍—2. Friend; fast friend.

[ ଦ୍ର—ବନ୍ଧୁ, ସୁହୃଦ୍, ମିତ୍ର ଓ ସଖା ପ୍ରାୟ ଏକ ଅର୍ଥରେ ବ୍ୟବହୃତ ହୁଏ, କିନ୍ତୁ ନିମ୍ନଲିଖିତ ଶ୍ଳୋକରେ ଏ ଶବ୍ଦମାନଙ୍କର ଅର୍ଥଗତ ପ୍ରଭେଦ ସୂଚିତ ହୋଇଅଛି—

ଅତ୍ୟାଗସହନୋବନ୍ଧୁଃ; ସଦୈବାନୁଗତଃ ସୁହୃତ୍
ଏକକ୍ରିୟଂ ଭବେନ୍ମିତ୍ରଂ; ସମପ୍ରାଣଃ ସଖା ମତଃ । ]

୩ । ପ୍ରଣୟୀ—3. Lover. ୪ । ବନ୍ଧୂକ ବୃକ୍ଷ; ବନ୍ଧୁଲି—4. Pentapetallus Phoenicia. ୫ । କୁଟୁମ୍ବ—5. Kinsman; agnate. ୬ । ପିତା—6. Father (Apte). ୭ । ମାତା—7. Mother (Apte). ୮ । ଭ୍ରାତା—8. Brother (Apte). ୯ । ପ୍ରିୟ ବ୍ୟକ୍ତି—9. One's beloved person. ୧୦ । ପିତୃବ୍ୟ ପୁତ୍ର—10. Father's brother's son. ୧୧ । ସର୍ବଦା ସହାୟକ ବ୍ୟକ୍ତି (ହି. ଶ.)-11. A constant helper. ୧୨ । ସଂସ୍କୃତ ଛନ୍ଦୋବିଶେଷ ( ହି. ଶ. )—12. Name of a Sanscrit metre.

ସ. ବିଣ—୧ । (ଅନ୍ୟ ଶବ୍ଦ ସଙ୍ଗେ ଯୁକ୍ତ ହେଲେ) ସଦୃଶ—1. Equal to (when added to another word )
ବନ୍ଧୁଜୀବ-ବନ୍ଧୁ ଦନ୍ତ ବାସ—କବିସୂର୍ଯ୍ୟ. ସଙ୍ଗୀତ ।
୨ । (ପିତୃ, ମାତୃ, ବିପ୍ର, କ୍ଷତ୍ରିୟ ଆଦି ଶବ୍ଦ ପରେ ଯୁକ୍ତ ହେଲେ) ନୀଚତର; ହୀନତର—2. Inferior to.

ଦେ. ବି—ବ୍ରଜବନ୍ଧୁ ଓ ଗୋକୁଳବନ୍ଧୁ ଆଦି ବ୍ୟକ୍ତିଙ୍କୁ ଡାକିବା ନାମ—2. A name by which persons named Brajabandhu etc are called.

**ବନ୍ଧୁଆ**—ଗ୍ରା. (ପଦ୍ୟ) ବି—(ସଂ. ବନ୍ଧୁ)—୧ । ବନ୍ଧୁ—1 Friend.
Bandhuā বঁধুআ **बन्धुआ** ୨ । ପ୍ରିୟତମ ବ୍ୟକ୍ତି—2. One's dearest person.

ପୋଡମାର୍ଗଣ ଧାଡିରେ ବନ୍ଧୁଆ ସରଲହଁ ସରଲହଁ—କଦସ ପୂର୍ବ. ସଙ୍ଗୀତ ।

**ବନ୍ଧୁ(ନ୍ଧୂ)କ**—ସଂ. ବି—(ବନ୍ଧ୍ ଧାତୁ + ଉକ; ଊକ)—ବଧୂଲି (ଦେଖ)—
Bandhu(ndhū)ka Badhūli (See)

**ବନ୍ଧୁକ**—ବୈଦେ. ବି—(ତୁରକୀ—ବନ୍ଦୁକ୍; ତୁଳନା କର ସଂ.—
বন্দ(ন্ধু)ক ବନ୍ଦୁକ=ବନ୍ଧୁକ ନଳୀର ଅଗ ଉପରେ ଦିଆଯାଇ ଥିବା
**बन्दूक** ବିନ୍ଦୁ ବା ମାଛି)—ନାଳକାଷ୍ଠ; ନଳୀ; ଅଗ୍ନେୟାସ୍ତ୍ର—
Gun; musket.

[ ଦ୍ର—ବନ୍ଧୁକ ଅନେକପ୍ରକାର ଯଥା:—ଟୋପୀଦାର (muzzle loader), ତୋଡ଼ାଦାର (match lock), ପିସ୍ତଲ ବା ଗଣ୍ଡିଆ (pistol), ରାଇଫଲ୍ (Rifle), ବ୍ରିଚଲୋଡ (Breech loader), ପକେଟ୍ ବନ୍ଧୁକ (Revolver) ଓ କମାଣ ବା ତୋପ (Cannon) । ପୂର୍ବେ ଭାରତୀୟ ଯୋଦ୍ଧାମାନେ ଏ ଅସ୍ତ୍ରମାନ ବ୍ୟବହାର କରୁଥିବାର ପ୍ରମାଣ ମିଳେ । କୃଷ୍ଣଯଜୁର୍ବେଦରେ ନାଳକାଷ୍ଠର ନାମ କର୍ଣ୍ଣୀ ବା କର୍ଣ୍ଣିକାବତୀ ।

ବନ୍ଧୁକର ଭିନ୍ନ ଭିନ୍ନ ଅଂଶ:—

ନଳ—ଯେଉଁ ନଳ ମଧ୍ୟରେ ବାରୁଦ ଥାଏ ଓ ଯାହାର ଆଗ ବାଟେ ଗୁଳି ଆଦି ଫାୟାର୍ ହୁଏ—Muzzle. କୁନ୍ଦା ବା ପିଣ୍ଡ—ଯେଉଁ କାଠ ମଧ୍ୟରେ ନଳର ମୂଳ ବସା ଯାଇଥାଏ—Stock. ଛଡ଼—ଯେଉଁ କାଠି ଦ୍ୱାରା ନଳ ଭିତରକୁ ବାରୁଦ ଖେନ୍ଦାଯାଏ—Ramrod. ଛର୍ରା—ଗୁଳିଠାରୁ ଅତି କ୍ଷୁଦ୍ର ସୀସାର ଗୋଳକ (କ୍ଷୁଦ୍ର ଜୀବ ମାରିବା ନିମନ୍ତେ ବନ୍ଧୁକରେ ବ୍ୟବହୃତ)—Pillets ଗୁଳି ବା ଗୁଳା—ଯେଉଁ ସୀସା ଗୋଳକ ଦ୍ୱାରା ଲକ୍ଷ୍ୟକୁ ଆଘାତ କରାଯାଏ—Balls. କାରତୁଜ୍—ବାରୁଦ ଓ ଗୁଳିପୂର୍ଣ୍ଣ ପୁଡ଼ିଆ—Cartridge. ଟୋପି—ବନ୍ଧୁକନଳର ମୂଳରେ ଥିବା ଛିଦ୍ର ବାଟେ ନଳମଧ୍ୟସ୍ଥ ବାରୁଦରେ ନିଆଁ ଲଗାଇବା ପାଇଁ ଯେଉଁ ଟୋପି ବ୍ୟବହୃତ ହୁଏ—Concussion caps. ଘୋଡ଼ା—ଯେଉଁ ଚିପିଆକୁ ଚିପିଦେଲେ ବନ୍ଧୁକର ନଳରେ ନିଆଁ ଧରେ—Trigger. ତୋଡ଼ା ବା ଶଳିତା—ଯେଉଁ ନିଆଁ ବଳିତା ଦ୍ୱାରା ନଳର ମୂଳସ୍ଥ ଛିଦ୍ରରେ ଅଗ୍ନି ସଂଯୋଗ କରାଯାଏ—Match. ]

**ବନ୍ଧୁକ ଅବାଜ୍**—ବୈଦେ. ବି (ତୁ. ବନ୍ଦୁକ୍ + ଫା. ଆୱାଜ୍)—ବନ୍ଧୁକ
Bandhuka abāj ଫୁଟିବାର ଶବ୍ଦ—The sound or
বন্ধুক আওয়াজ report of a gun when it is fired;
**बन्दूक आवाज** booming of a gun.
(ବନ୍ଧୁକ ଆଉଆଜ, ବନ୍ଧୁକ ଅବାଜ୍—ଅନ୍ୟରୂପ)

**ବନ୍ଧୁକ ଉଆଲା**—ଦେ. ବି—ଅଗ୍ନେୟାସ୍ତ୍ର ବ୍ୟବହାରକାରୀ ବ୍ୟକ୍ତି—
Bandhuka uālā Gunner; rifle-man.
(ବନ୍ଧୁକ ବୁଆଲା, ବନ୍ଧୁକଧାରୀ, ବନ୍ଧୁକବାଲା—ଅନ୍ୟରୂପ)
বন্ধুকআলা **बन्दुकवाला**

**ବନ୍ଧୁକ ନା(ଲା)ଛିବା**—ଦେ. କ୍ରି (ତୁର୍କୀ. ବନ୍ଦୁକ୍ + ସଂ. ଲକ୍ଷ)—ବନ୍ଧୁକସ୍ଥ
Bandhuka nā(lā)chhibā ବାରୁଦରେ ଅଗ୍ନି ସଂଯୋଗ
বন্ধুক মারা(দাগা) ପୂର୍ବକ ଗୁଳି ପରିଚାଳନ କରିବା—
**बन्दूक दागना(छोड़ना) (मारना)** To fire a gun; to shoot.
ବନ୍ଧୁକ ଚଲା(ଲେ)ଇବା, ବନ୍ଧୁକ ଫୁଟା(ଟେ)ଇବା, ବନ୍ଧୁକ ମାରିବା, ବନ୍ଧୁକ ଫାୟାର୍ କରିବା, ବନ୍ଧୁକ ଦାଗିବା }—ଅନ୍ୟରୂପ

**ବନ୍ଧୁକ ଫିଟିଯିବା**—ଦେ. କ୍ରି—ଥୁଆ ହୋଇଥିବା ବନ୍ଧୁକରୁ ହଠାତ୍
Bandhuka phitijibā ନିଆଁ ବାହାରପଡ଼ି ମନକୁ ଫାୟାର୍
বন্ধুক আবাজ হওয়া ହୋଇଯିବା—To fire suddenly
**बन्धूक छूटजाना** and automatically (said of
(ବନ୍ଧୁକ ଫୁଟିଯିବା—ଅନ୍ୟରୂପ) a gun being accidentally fired).

**ବନ୍ଧୁକ ଫୁଟା**—ଦେ. ବି (ଫା. ବନ୍ଦୁକ + ସଂ. ସ୍ଫୋଟନ)—୧ । ଅଗ୍ନି-
Bandhuka phutā ସଂଯୋଗ ଦ୍ୱାରା ବନ୍ଧୁକର ଶବ୍ଦପୂର୍ବକ ଅଗ୍ନି
ଉଦ୍ଗୀରଣ—1. The firing of a gun; the discharge of a gun; gunfire.
ବନ୍ଧୁକ ଫାୟାର୍, ବନ୍ଧୁକ ଫୁଟିବା, ବନ୍ଧୁକ ମାରି, ବନ୍ଧୁକ ଦଗା }—ଅନ୍ୟରୂପ
୨ । ବନ୍ଧୁକ ଫାୟାର୍ ହେବାଦ୍ୱାରା
বন্ধুক ফুটা ଉତ୍ପାଦିତ ଶବ୍ଦ—2. The sound of
**बन्धककूटना** gunfire; booming of a gun.

**ବନ୍ଧୁକବନ୍ଧୁ**—ସଂ. ବି (୬ଷ୍ଠୀ ତତ୍; ବନ୍ଧୁକ ପୁଷ୍ପର ବନ୍ଧୁ)—ସୂର୍ଯ୍ୟ—
Bandhukabandhu The sun

**ବନ୍ଧୁ କରିବା**—ଦେ. କ୍ରି—ବନ୍ଧୁ ବାନ୍ଧିବା (ଦେଖ)
Bandhu kariba Bandhu bāndhibā (See)

**ବନ୍ଧୁକୁଟୁମ୍ବ**—ସଂ. ବି (ପ୍ରଭେଦାର୍ଥକ ସହଚର ଶବ୍ଦ)—ଅସଗୋତ୍ର ଓ
Bandhu kutumba ସଗୋତ୍ର ଆତ୍ମୀୟଗଣ—Relatives and kinsmen; one's kith and kin.

**ବନ୍ଧୁ ଘର**—ଦେ. ବି.—୧ । ବାନ୍ଧବର ଗୃହ—1. The house of
Bandhughara a relative. ୨ । ବନ୍ଧୁର ପରିବାର—
বন্ধুরবাড়ী **बंधुघर** 2. The family of a relation.

**ବନ୍ଧୁ ଚରଚା**—ଦେ. ବି—(ସଂ. ବନ୍ଧୁ ଚର୍ଚ୍ଚା)—ସମାଗତ ବନ୍ଧୁଙ୍କର ସତ୍କାର—
Bandhu charchā Entertainment of relatives or
বন্ধুসংকার **बंधुसत्कार** guests.
(ବନ୍ଧୁଚର୍ଚ୍ଚା, ବନ୍ଧୁ ସତ୍କାର—ସଂସ୍କୃତ ରୂପ)

**ବନ୍ଧୁଜନ**—ସଂ. ବି—୧ । ବନ୍ଧୁ ସମୂହ; ବନ୍ଧୁଗଣ; ବନ୍ଧୁମାନେ—
Bandhujana 1; Relatives; the body of one's relatives. ୨ । କୌଣସି ବନ୍ଧୁ—2. Any friend or relative.

**ବନ୍ଧୁ(ନ୍ଧୂ)ଜୀବ**—ସଂ. ବି.—[ ବନ୍ଧଧାତୁ + ଉ (ଊ) + ଜୀବ୍ + ଅ ]—
Bandhu(ndhū)jiba ବଧୂଲି (ଦେଖ) Badhuli (See)
[ବନ୍ଧୁ (ନ୍ଧୂ) ଜୀବକ—ଅନ୍ୟରୂପ] ବିଣ. ବନ୍ଧୁ ଯାହାର ଜୀବନ ସ୍ୱରୂପ;
ବନ୍ଧୁଗତପ୍ରାଣ—Sincerely devoted to one's friend.

ବନବାସୀ ରହିବା ରକ୍ଷିବା ବୋଲି ଶବ ସେ
ବନ୍ଧୁଜୀବ ବୋଲିବାକୁ ବନ୍ଧୁଜୀବ ଶବ ସେ । ଇତି. ବୈଦେହୀଶ ବିଳାସ.

ବନ୍ଧୁତା(ତ୍ୱ)—ସଂ. ବି. (ବନ୍ଧୁ+ଭାବାର୍ଥେ ତା, ତ୍ୱ)—୧ । ବନ୍ଧୁତ୍ୱ; Bandhutā (twa) ମିତ୍ରତା—1. Friendship. ୨ । ପ୍ରଣୟ—2. Attachment. ୩ । ଘନିଷ୍ଠତା; ସଂଶ୍ରବ—3. Intimacy. ୪ । ବାନ୍ଧବ ସମ୍ପର୍କ—4. Ralationship. ୫ । (+ସମୂହାର୍ଥେ ତା) ବନ୍ଧୁ ସମୂହ ।—5. Friends.

ବନ୍ଧୁତାସୂତ୍ରେ—ଦେ. କ୍ରି ବିଣ—ମିତ୍ରତା ଦ୍ୱାରା—By relationship; Bandutā sūtre বন্ধুতাসূত্রে by friendship. बंधुतासूत्रमे [ବନ୍ଧୁତା ସୂତ୍ରରେ—ଅନ୍ୟରୂପ]

ବନ୍ଧୁଦତ୍ତ—ସଂ. ବି (ହିନ୍ଦୁସ୍ମୃତି)—ସ୍ତ୍ରୀଧନ ବିଶେଷ; ବିବାହ ସମୟେ Bandhudatta ଆପଣା ପିତାମାତା ଓ ଭାଇଅବନ୍ଧୁଙ୍କଠାରୁ କନ୍ୟାକୁ ମିଳିଥିବା ଧନ—(Hindu Law) A class of woman's own property consisting of gifts of her relations at the marriage.

ବନ୍ଧୁଦା—ସଂ. ବି. (ବନ୍ଧୁ+ଦା ଧାତୁ+କର୍ତ୍ତୃ. ଅ+ସ୍ତ୍ରୀ ଆ)—୧ । ଦୁଷ୍ଟ-Bandhudā ଚରିଣୀ ସ୍ତ୍ରୀ (ବ୍ର. ଗ) —1. A wicked woman. ୨ । ବେଶ୍ୟା (ବ୍ର. ଗ)—2. Prostitute.

ବନ୍ଧୁପ—ସଂ. ବିଣ. ପୁଂ (ବନ୍ଧୁ+ପା ଧାତୁ=ରକ୍ଷା କରିବା+କର୍ତ୍ତୃ ଅ)—Bandhupa ଯେ ଆପଣା ବନ୍ଧୁକୁ ରକ୍ଷାକରେ—One who (ବନ୍ଧୁପା—ସ୍ତ୍ରୀ) saves his friend.

ବନ୍ଧୁ ପରିମଳ—ଦେ. ବି—(ସଂ ବନ୍ଧୁ+ପରିମଳ=ସୁବାସ)—ବନ୍ଧୁର Bandhu parimaḷa ପରିଚୟ; ଉତ୍କୃଷ୍ଟ ବନ୍ଧୁର ଲକ୍ଷଣ—বন্ধুর পরিচয় बंधुताजाँच The indications of a good relative or friend.

ଫୁଲ ପରିମଳ, ଧୋବା ଭୂତରୁ ଜଣେ
ବନ୍ଧୁ ପରିମଳ, ଦେଖିଲେ ହୁଏ । ଛନ୍ଦ.

ବନ୍ଧୁ ବସିବା—ଦେ. କ୍ରି—ମହାପ୍ରସାଦ ଆଦି ଦେଇ କୌଣସି ବ୍ୟକ୍ତି Badhu basiba ସଙ୍ଗେ ଧର୍ମ-ସମ୍ବନ୍ଧ ସ୍ଥାପନ କରିବା—To set বন্ধুপাতান बंधुताजोडना up a god-relationship with a person.

ବନ୍ଧୁ ବାନ୍ଧବ—ଦେ. ବି—(ଏକାର୍ଥକ ସହଚର ପଦ)—ବନ୍ଧୁ ଓ କୁଟୁମ୍ବାଦି-Bandhu bāndhaba Kith and kin; relatives and বন্ধুবান্ধব बंधुबान्धव kinsmen.

ଏମନ୍ତ ବୋଲି ଅଙ୍କ ଦେଲେ
ବନ୍ଧୁ ବାନ୍ଧବ ଶୁଣାଇଲେ । ଜଗନ୍ନାଥ, ଭାଗବତ.

ବନ୍ଧୁ ବାନ୍ଧିବା—ଦେ. କ୍ରି—କୌଣସି ବ୍ୟକ୍ତି ବା ବଂଶ ସଙ୍ଗେ ବିବାହ Bandhubāndhibā ବନ୍ଧନ ଦ୍ୱାରା ବନ୍ଧୁତା ସ୍ଥାପନ କରିବା—কাজকরা To establish relationship with a person सम्बन्ध जोडना or family by marriage.

ବନ୍ଧୁ ବିଦାକି—ଦେ. ବି—(ସଂ. ବନ୍ଧୁ+ଅ. ବିଦାଇ)—୧ । କୌଣସି Bandhu bidāki ଉତ୍ସବ ଉପଲକ୍ଷରେ ନିମନ୍ତ୍ରିତ ହୋଇ ଆସିଥିବା বন্ধুবিদায়, সম্মান ବାନ୍ଧବମାନଙ୍କୁ ବିଦାୟଦେବା ସମୟରେ ଉପହାର बंधुविदाई ଦିଆଯିବା ବସ୍ତ୍ର ଓ ବାଟ ଖରଚଆଦି—1. Presents and passage-money or honorarium given to guests and relatives on their departure after attending ceremonies. ୨ । ଉତ୍ସବାଦି ପାଇଁ ନିମନ୍ତ୍ରିତ ବନ୍ଧୁମାନଙ୍କୁ ବିଦାୟଦେବା—2. Bidding adiew to guests after a social function.

ବନ୍ଧୁ ବେଭାର—ଦେ. ବି (ସଂ. ବନ୍ଧୁ+ବ୍ୟବହାର)—କୌଣସି ପାରିବାରିକ Bandhu bebhāra ଉତ୍ସବରେ ବନ୍ଧୁମାନଙ୍କ ମଧ୍ୟରେ ଉପଢୌକନର ଆଦାନ ପ୍ରଦାନ—Exchange of gifts between relatives and friends on the occasion of social ceremonies.

ବନ୍ଧୁ ମର୍ଯ୍ୟାଦା—ଦେ. ବି—(ସଂ. ବନ୍ଧୁ+ମର୍ଯ୍ୟାଦା)—୧ । ବନ୍ଧୁଙ୍କ ପ୍ରତି Bandhu marjyādā ପ୍ରଯୁକ୍ତ ସମ୍ମାନ—1. Respect due सम्मान to a relative or friend. ୨ । ନିମନ୍ତ୍ରଣ କ୍ରମେ बंधुसत्कार ଉତ୍ସବାଦିକୁ ସମାଗତ ବନ୍ଧୁଙ୍କର ସତ୍କାର ବା ସେବା—2. Entertainment of relatives and guests. ୩ । ବନ୍ଧୁ ବିଦାକି (ଦେଖ)—3. Bandu bidāki (See). ୪ । ବନ୍ଧୁ ବେଭାର (ଦେଖ)—4. Bandhu bebhāra (See).

ବନ୍ଧୁ(ନ୍ଧୂ)ର—ସଂ. ବିଣ—( ବନ୍ଧ୍ ଧାତୁ+କର୍ତ୍ତୃ. ଉର; ଊର )—Bandhu(ndhū)ra ୧ । ଉନ୍ନତାବନତ; ଉଚ୍ଚାବଚ; ଅସମତଳ [ବନ୍ଧୁ(ନ୍ଧୂ)ରା—ସ୍ତ୍ରୀ] ଖାବୁଡ଼ା; ଖାଲ ଢିପ; ଅମସୃଣ—1. Un-(ବନ୍ଧୁରତା[ତ୍ୱ]—ବି) even; undulting; wavy; rough. ୨ । ବଧିର—2. Deaf. ୩ । ରମ୍ୟ; ସୁନ୍ଦର—3. Beautiful. ୪ । କ୍ଷତିଜନକ—4. Harmful. ୫ । ନମ୍ର; ବିନୀତ—5. Humble.

ସଂ. ବି—୧ । ବିହଙ୍ଗ; ପକ୍ଷୀ—1. Bird. ୨ । ବକ; ବଗ—2. Paddy-bird. ୩ । ହଂସ—3. Duck; gander. ୪ । ମୁକୁଟ—4. Crown; diadem. ୫ । କକର୍ଦ୍ଦା-ଶୃଙ୍ଗୀ (ବ୍ର. ଗ.) (ଦେଖ)—5. Kakardāśrungi (See) ୬ । ବନ୍ଧୁଲି ଫୁଲ (ବ୍ର. ଗ.) (ଦେଖ)—6 Badhuli (See). ୭ । ଗର୍ତ୍ତ; ଗାତ—7. Den; hole. ୮ । ରଥରେ ବା ଗାଡ଼ିରେ ସାରଥି ବସିବାର ସ୍ଥାନ (ବ୍ର. ଗ.)—8 The driver's seat in a car or carriage.

ବନ୍ଧୁ(ନ୍ଧୂ)ରା—ସଂ ବି. ସ୍ତ୍ରୀ—(ବନ୍ଧୁର+ସ୍ତ୍ରୀ. ଆ)—୧ । କୁଳଟା; ପୁଂଶ୍ଚଳୀ-Bandhu(ndhū)rā 1. Adulteress; unchaste woman.

ସଂ. ବିଣ — 'ବନ୍ଧୁର'ର ସ୍ତ୍ରୀଲିଙ୍ଗ—Feminine of Bandhura.

ବନ୍ଧୁଳ—ସଂ ବି. ପୁଂ—୧ । ବେଶ୍ୟାପିଲା; ଦୁଶ୍ଚରିଣୀ ସ୍ତ୍ରୀଠାରୁ ଉତ୍ପନ୍ନ-Bandhuḷa ସନ୍ତାନ (ବ୍ର. ଗ)—1. Bastard. ୨ । ବେଶ୍ୟା-(ବନ୍ଧୁଳା—ସ୍ତ୍ରୀ) ପୁତ୍ର—2. Whoreson.

ସଂ. ବିଣ—୧ । ସୁନ୍ଦର (ବ୍ର. ଗ)—1. Beautiful. ୨ । ନମ୍ର (ବ୍ର. ଗ)—2. Humble.

ବନ୍ଧୁଳୀ—ସଂ ବି—ବନ୍ଧୁଳି (ଦେଖ) Bandhuḷi Bandhūli (See)

ବେଳାରେ ପଡ଼ିଲେ ବାଲ୍ୟସୂର୍ଯ୍ୟେ ଅବା ବନ୍ଧୁଳୀପୁଷ୍ପ-ଶେଖର ।
ପଦ୍ମନାଭ—ଗୀତଗ ।

ବନ୍ଧୁ ସମ୍ପର୍କ—ସଂ. ବି—(୬ଷ୍ଠୀ ତତ୍; ବନ୍ଧୁ+ସମ୍ପର୍କ)— ବିବାହଜନିତ
Bandhu samparka ବନ୍ଧୁତା ବା ସମ୍ବନ୍ଧ—Tie established
(ବନ୍ଧୁ ସମ୍ବନ୍ଧ—ଅନ୍ୟରୂପ) by marriage.

ବନ୍ଧୁଳ—ସଂ. ବିଣ.—୧ । ବନ୍ଧୁର—1. Uneven. ୨ । କୋମଳ—
Bandhūḷa 2. Soft. ୩ । ଅସତୀ ପୁତ୍ର—3. Whoreson; the son of a harlot.
ସଂ. ବି.—ବନ୍ଧୁଳି (ଦେଖ)—Badhūli (See)

ବନ୍ଧୁଳି—ସଂ. ବି. (ବନ୍ଧ୍ ଧାତୁ+ଉଲ)—ବନ୍ଧୁଲି (ଦେଖ)
Bandhūḷi Badhūli (See)

ବନ୍ଧୋ—ସଂ. ବି. (ବନ୍ଧୁ ଶବ୍ଦର ସମ୍ବୋଧନ ରୂପ)—(ବନ୍ଧୁ ପ୍ରତି ସମ୍ବୋଧନ)
Bandho ହେ ବନ୍ଧୁ !—Oh friend !

ବନ୍ଧ୍ୟ—ସଂ. ବିଣ. ପୁଂ. (ବନ୍ଧ୍ ଧାତୁ+କର୍ମ. ଯ)—୧ । ବନ୍ଧନ ଯୋଗ୍ୟ;
Bandhya ବନ୍ଧନାର୍ହ—1. Fit to be tied; deserving
(ବନ୍ଧ୍ୟା - ସ୍ତ୍ରୀ) confinement.
[ବନ୍ଧ୍ୟତା(ତ୍ୱ)—ବି] ୨ । ବାଞ୍ଝ; ଫଳହୀନ; ନିଷ୍ଫଳ (ବୃକ୍ଷ)—
2. Fruitless; sterile; barren. (tree)
୩ । ନିଃସନ୍ତାନ (ବ୍ୟକ୍ତି)—3. Childless.
ସଂ. ବି.—୧ । ବନ୍ଧ—1. Dam. ୨ । ପୋଲ—
2. Bridge; culvert.

ବନ୍ଧ୍ୟା—ସଂ. ବିଣ. ସ୍ତ୍ରୀ.—(ବନ୍ଧ୍ୟ+ସ୍ତ୍ରୀ. ଆ)—୧ । ସନ୍ତାନୋତ୍ପାଦ-
Bandhyā ଶକ୍ତିହୀନା; ବାଞ୍ଝି—1. Sterile (woman).
ସଂ. ବି.—୧ । ରଜସ୍ୱଲା କୁମାରୀ; ଅନୂଢ଼ାବସ୍ଥାରେ ରଜସ୍ୱଲା
ହୋଇଥିବା କନ୍ୟା—1. A girl who has attained puberty before marriage. ୨ । ସୁଗନ୍ଧ
ଔଷଧ ଦ୍ରବ୍ୟବିଶେଷ—2. Name of a medicinal
scent. ୩ । ଯୋନିରୋଗବିଶେଷ—3. A sort of
vaginal disease.

ବନ୍ଧ୍ୟା କର୍କୋଟକୀ—ସଂ. ବି.—୧ । ତିକ୍ତ କର୍କୋଟକୀ; ପିତା କୁଆଁରଡ଼ା-
Bandhyā karkoṭakī 1. A kind of bitter cucur-
তীত কাকরোল, তিত কাঙ্কড়ী bitatious fruit; Memor-
वाँझखखसा वाँझ ककोडा dica Diocicamale.
ସଂ. ପର୍ଯ୍ୟାୟ— [ ଗୁ—ଏହାର ଲତା, କଟୁତିକ୍ତ
ଦେବୀ, କନ୍ୟା, ଯୋଗେଶ୍ୱରୀ, ରସ; ଏହା ବ୍ରଣ, କଫ, ବିସର୍ପ
ନାଗାରି, ନକ୍ର ଦମନୀ, ବିଷ କଣ୍ଟକିନୀ ନାଶକ ।]
ମ. ବଳନ୍ଧ୍ୟା କର୍ଟୋଲି ୨ । ବାଇଆ କାଙ୍କଡ଼; ଏକ
ଗୁ. ବାଁଝ କଣ୍ଟୋଲି ପ୍ରକାର ବଡ଼ କାଙ୍କଡ଼—
ତେ. ଗୋଡ଼ୁଆଗାକର 2. A cucurbitatious fruit
with soft thorns over the rind.
୩ । ଅଶାଢ଼ୁଆ (ଦେଖ)—3. Ashārdhuā (See)

ବନ୍ଧ୍ୟାସୁତ—ସଂ. ବି—ବନ୍ଧ୍ୟା ସ୍ତ୍ରୀର ପୁତ୍ର ପରି ଅସମ୍ଭବ ବା ଅଳୀକ ବସ୍ତୁ—
(ବନ୍ଧ୍ୟା ତନୟ - ଅନ୍ୟରୂପ) A physically impossible
thing (like the son of a barren woman).

ବନ୍ଧ୍ର—ସଂ. ବି. (ବନ୍ଧ୍ ଧାତୁ+ର)—ପେଟ; ଉଦର; କୁକ୍ଷି—
Bandhra Belly.

ବନ୍ନ—ଗ୍ରା. ବି. (ସଂ. ବର୍ଣ୍ଣ)—ବର୍ଣ୍ଣ—
Banna Colour.
ଦେ. ବିଣ.—ବର୍ଣ୍ଣଯୁକ୍ତ; ରଞ୍ଜିତ; ରଙ୍ଗୀନ୍—Coloured.
(ଯଥା—ବନମାଛ, ବନଦ୍ୱଲଗା ।)

ବନ୍ନେଇବା—ପ୍ରାଦେ. (ସମ୍ବଲପୁର)—କ୍ରି.—( ଭୁଲ. ହି. ବୁହାରନା;
Banneibā ବହୁନାନା)—ଓଳାଇବା; ଝାଡ଼ୁଦ୍ୱାରା ପରିଷ୍କାର
କରିବା—To sweep with a broom.

ବନ୍ୟ—ସଂ. ବିଣ.—(ବନ+ସମ୍ବନ୍ଧାର୍ଥେ ଓ ଜାତାର୍ଥେ ଯ)—୧ । ବଣୁଆ;
Banya ବନ ସମ୍ବନ୍ଧୀୟ—1. Relating to forest; wild;
(ବନ୍ୟା—ସ୍ତ୍ରୀ) sylvan. ୨ । ବନବାସୀ—2. Living in
the forest. ୩ । ବନଜାତ—3. Produced in
the forest; growing wild.
ସଂ. ବିଣ.—୧ । ବଣ ଓଲୁଅ—1. Wild arum.
୨ । ଭୂଇଁ କଖାରୁ (ହି. ଶବ୍ଦସାଗର) (ଦେଖ) 2. Bhūiñ
kakhāru (see) ୩ । ଶଙ୍ଖ (ହି. ଶ.)—3. Conch.

ବନ୍ୟ ଜନ୍ତୁ—ସଂ. ବି. ( କର୍ମଧା )—ବଣୁଆ ଜନ୍ତୁ—
Banya jantu (ବନ୍ୟଜୀବ—ଅନ୍ୟରୂପ) Wild animal.

ବନ୍ୟ ବରାହ—ସଂ. ବି. (କର୍ମଧା)—ବଣ ବାରୁହା—
Banya barāha Wild boar.

ବନ୍ୟା—ସଂ. ବି. ( ବନ=ଜଳ+ସମୂହାର୍ଥେ ଯ+ଆ; ବନ=
Banyā ଅରଣ୍ୟ+ଜାତାର୍ଥେ. ଯ+ଆ )—୧ । ଅରଣ୍ୟାନୀ;
ବନସମୂହ—1. Range of forests.

ବନ୍ୟାଭିଃଷ୍ଟ୍ୟରର ଡହୁଁ ବଥିଲ୍ଲଥା ପ୍ରାପ୍ତ ହୋଇ
ଭୂଶିବାର ପ୍ରବର୍ତ୍ତିଲ୍ଲ ଅଛ ସେ – ଭକ୍ତ. ବୈଦେହୀଶବିଳାସ ।

୨ । ବଢ଼ି; ଜଳପ୍ଲାବନ—2. Flood; inundation.
୩ । ମୁଦ୍ଗପର୍ଣ୍ଣୀ—3. Pheseolus Trilobus. ୪ ।
ଗୋପାଳ କର୍କଟୀ—4. A kind of wild fruit.
୫ । ଗୁଞ୍ଜା; କାଇଞ୍ଚ—5. Abrus Precatorius.
୬ । ମିଶ୍ରେୟା; ସଉଫ—6. Aniseed; Pimpinella
Anisum. ୭ । ଭଦ୍ରମୁସ୍ତା—7. A sort of bulbous grass root. ୮ । ଗନ୍ଧପତ୍ରୀ—8. A species
of zedoary. ୯ । ଅଶ୍ୱଗନ୍ଧା (ଦେଖ) (ହି. ଶ.)—
9. Aswagandhā (See).

ବପ୍ ( ଧାତୁ )—ସ—୧ । ବୀଜ ବୁଣିବା—1. To sow seeds.
Bap (root) ୨ । ମୁଣ୍ଡନ କରିବା; କ୍ଷୌର କରିବା—2. To
shave. ୩ । ଲୁଗା ବୁଣିବା—3. To weave.
୪ । ନିଷେକ କରିବା; ସ୍ତ୍ରୀ ଗର୍ଭରେ ବୀର୍ଯ୍ୟାଧାନ କରିବା—
4. To put semen into a woman's womb.
୫ । ଘାସ ଛେଲିବା—5. To mow grass.

ବପ—ସଂ. ବି. ( ବପ୍ ଧାତୁ+ଭାବ. ଅ )—ବପନ ( ଦେଖ )
Bapa Bapana ( See )

**ବପନ**—ସଂ. ବି (ବପ୍ ଧାତୁ. ବୁଣିବା; ମୁଣ୍ଡନ କରିବା + ଭାବ. ଅନ)—
Bapana ୧ । ବୀଜ ରୋପଣ; ମଞ୍ଜି ବୁଣିବା—1. Sowing of seeds. ୨ । ଗର୍ଭାଧାନ; ନିଷେକ କ୍ରିୟା—2. The act or ceremony of putting semen into a woman's womb. ୩ । ମୁଣ୍ଡନ; କ୍ଷୌର କର୍ମ—3. Shaving.

ଯାହା ସକଳ ହିଁ ଯାଏ ଧନ, ବେଗେହେଁ ବପନ କ କର—
ଜଗନ୍ନାଥ. ଭାଗବତ ।

୪ । ବୟନ; ଲୁଗା ବୁଣିବା—4. Weaving. ୫ । ଘାସ ଛେଳିବା—5. Mowing.

**ବପଣୀ**—ସଂ. ବି. ( ବପ୍ ଧାତୁ + କରଣ. ଅନ + ସ୍ତ୍ରୀ. ଈ. )—୧ । ଲୁଗା
Bapanī ବୁଣିବା ଯନ୍ତ୍ରବିଶେଷ; ଭୁସି ( ବଙ୍ଗଳା-ମାକୁ )—1. Shuttle. ୨ । ଭଣ୍ଡାରିର ଅସ୍ତ୍ରବିଶେଷ; କ୍ଷୁର—2. A razor. ୩ । (+ଅଧି. ଅନ) ତନ୍ତୁଶାଳ—3. Loom-room. ୪ । ଭଣ୍ଡାରି ଯେଉଁଠାରେ ବସି ଲୋକଙ୍କୁ କ୍ଷୌର କରେ ( ହି. ଶ. )—4 A place where a barber shaves people.

**ବପା**—ସଂ. ବି. (ବପ୍ ଧାତୁ + କର୍ତ୍ତୃ. ଅ + ସ୍ତ୍ରୀ. ଆ)—୧ । ରନ୍ଧ୍ର; ଛିଦ୍ର—
Bapā 1. Hole. ୨ । ମେଦ; ମାଂସ—2. Flesh. ୩ । ଚର୍ବି—3. Fat.

(ବପ୍ପା—ଅନ୍ୟରୂପ) ଗ୍ରା. ବି ( ପ୍ରାଚୀନ ପଦ୍ୟ ) ( ସଂ. ବପ୍ରା )—
ବାବା **ବप्पा** (ଆପଣାଠାରୁ ବୟସରେ ସାନ ଲୋକ ପ୍ରତି ବାତ୍ସଲ୍ୟ ସମ୍ବୋଧନ) ବତ୍ସ ! ବାବୁ !—(a term of endearment used to persons who are one's youngers). Oh son !

ବୁଢ଼ା ତ ଅଛି ମୁହିଁ ହୋଇଲିନ ବପା
ତୁମ୍ଭର ବଚନକୁ ନାହିଁ ମୋର କପା—କୃଷ୍ଣସିଂହ. ମହାଭାରତ. ଦ୍ରୋଣ

**ବପୁ**—ଦେ. ବି. ( ସଂ ବପୁଃ=ବପୁସ୍ ଶବ୍ଦର ୧ମା. ୧ବ )—୧ । କାୟ;
Bapu ବପୂ **बपु** ଶରୀର; ଦେହ—1. Body. ୨ । ବିକ୍ରମ; ଶାରୀରିକ ବଳ—2. Might; strength.

ଏହାଙ୍କୁ ମାରିବ କେଶାର ମହାବପୁ—କୃଷ୍ଣସିଂହ. ମହାଭାରତ. ଉଦ୍‌ଯୋଗ ।

୩ । ଶକ୍ତି; କ୍ଷମତା—3. Power.

ହୋଇଛନ୍ତି ଜଗତଜୀବନ ମଧ୍ୟବପୁ
ଦେଖିଲେ ଜନଙ୍କର ଭଙ୍ଗ ଅଛ ବପୁ—କୃଷ୍ଣସିଂହ, ମହାଭାରତ. ଉଦ୍‌ଯୋଗ ।

**ବପୁଃ**—ସଂ. ବି (ବପ୍ ଧାତୁ + କର୍ତ୍ତୃ. ଉସ୍; ୧ମା. ୧ବ)—ଶରୀର; ଦେହ—
Bapuḥ Body.

**ବପୁ ବ(ମ)ନ୍ତ**—ଦେ. ବିଣ ( ସଂ. ବପୁଷ୍ମତ୍ ଶବ୍ଦ )—୧ । ଶରୀରୀ;
Bapu ba(ma)nta ମୂର୍ତ୍ତିମନ୍ତ—1. Represented by
बपुवन्त **मुर्त्तिमंत; बपुवंत** image; assuming a body or physical form; corporeal.

କନ୍ଦାଇବାରେ ପୁଣି ସେ ପ୍ରଥମାଏ
ବପୁବନ୍ତ ହେଉ ଗୁଣାକ୍ଷର ପ୍ରାୟେ—ଉପେ. ବୈଦେହୀଶବିଳାସ ।

୨ । ଲାବଣ୍ୟଯୁକ୍ତ; ଶୋଭାମୟ—2. Graceful.

ବପୁବନ୍ତକୁ ହୋଇଛ ରଞ୍ଜନ
ବାଙ୍କ ସୁବେଶ ଗେହ୍ଲର ଅଞ୍ଜନ —ଉପେ. ବୈଦେହୀଶବିଳାସ ।

**ବପୁବାଲ୍ଲ**—ଦେ· ବିଣ. ପୁଂ.(ସଂ. ବପୁସ୍ + ଫା. ବାଲ୍ଲ)—୧ । ବଳୁଆ—
Bapubālā 1. Strong. ୨ । ବିଶାଳକାୟ—2. Big-
(ବପୁବାଲି—ସ୍ତ୍ରୀ) bodied. ୩ । ସୁନ୍ଦର—3. Graceful.

**ବପୁଷ୍ଟମା**—ସଂ. ବି. ସ୍ତ୍ରୀ. ( ବପୁସ୍ + ପ୍ରଶସ୍ତାର୍ଥେ ତମ + ସ୍ତ୍ରୀ. ଆ )—
Bapushṭamā ୧ । ସର୍ବାଙ୍ଗଶୋଭନା ସ୍ତ୍ରୀ—1. A woman with a very graceful body and limbs. ୨ । ପରୀକ୍ଷିତଙ୍କ ପୁତ୍ର ଜନମେଜୟ ରାଜାଙ୍କ ଭାର୍ଯ୍ୟା—2. Name of the wife of king Janamejaya, the son of Parikshita. ୩ । ପଦ୍ମଚାରିଣୀ ଲତା; ସ୍ଥଳପଦ୍ମ ଗଛ—3. Hibiscus Mutabilis.

**ବପୁଷ୍ମନ୍ତ**—ଦେ. ବିଣ. (ସଂ. ବପୁଷ୍ମତ୍ ଶବ୍ଦ)—୧ । ବପୁଷ୍ମାନ୍ (ଦେଖ)—
Bapushmanta 1. Bapushmān ( See ) ୨ । ସଶରୀର; ସଦେହ—2. In body; bodily; corporeal.

ବପୁଷ୍ମନ୍ତେ ମନ୍ତ୍ର ହୋଇବେ କଣ୍ଠରେ ।
ଭାବବେ ଜନନି ପ୍ରେମ ହେ । ଉପେ. ବୈଦେହୀଶବିଳାସ ।

**ବପୁଷ୍ମାନ୍**—ସଂ. ବିଣ. ପୁଂ. (ବପୁସ୍ + ଅସ୍ତି ଅର୍ଥେ ମତ୍; ବପୁଷ୍ମତ୍ ଶବ୍ଦ ୧ମା.
Bapushmān ୧ବ.)—୧ । ସୁନ୍ଦର ଓ ସ୍ଥୂଳକାୟ—1. Having a big and graceful body. ୨ । ସ୍ଥୂଳକାୟ—2. Corpulent.

ସଂ. ବି—ଶାଲ୍ମଳୀ ଦ୍ୱୀପର ରାଜା—Name of an ancient king of the mythological Śālmali island.

**ବପ୍ତା**—ସଂ. ବିଣ. ପୁଂ. (ବପ୍ ଧାତୁ + କର୍ତ୍ତୃ. ତୃ; ବପ୍ତୃ ଶବ୍ଦ ୧ମା. ୧ବ.)-
Baptā ବୀଜବପନକାରୀ; ଯେ ବୀଜ ବୁଣେ—Sowing seeds.
(ବପ୍ତ୍ରୀ—ସ୍ତ୍ରୀ) ସଂ. ବି—୧ । ବାପ; ପିତା—1. Father. ୨ । କବି—2. Poet. ୩ । କୃଷକ; ଚଷା—3. Husbandman. ୪ । ଭଣ୍ଡାରି; ନାପିତ (ହି. ଶ.)—4. Barber.

**ବପ୍ର**—ସଂ. ବି. (ବପ୍ ଧାତୁ + ଅଧିକରଣେ ର)—୧ । କିଆରି; କ୍ଷେତ;
Bapra ଜମି—1 Field.

ବୋଉରେ ମୋ ଦନ୍ତ ଘର୍ଷଣ ଯଶ
ବପ୍ର ତୁମ୍ଭେ ହେବ କରିବ ରସ । ଉପେ. ବୈଦେହୀଶବିଳାସ ।

୨ । ତୀର; ତଟ—2. Bank. ୩ । ପର୍ବତର ସାନୁ—3. Tableland. ୪ । କାନ୍ଥ—4. Wall. ୫ । (+ କର୍ମ. ର) ପ୍ରାଚୀର—5. Compound wall.

ବପ୍ର ତାରତର ସାର ଜଣାନ
ବପ୍ର ବପ୍ରରେ ବହନ ସ୍ଥାନ । ଉପେ. ବୈଦେହୀଶବିଳାସ ।

୬ । ଦୁର୍ଗ ବା ନଗରର ଚାରିପାଖରେ ଖାଇ ଖୋଳିବାଦ୍ୱାରା ଯେଉଁ ମୃତ୍ତିକାସ୍ତୂପ ଜମା କରାଯାଏ—6. Mound of earth raised after digging a ditch round a city or fort. ୭ । କ୍ଷେତର ହିଡ଼—7. Ridge of a field. ୮ । (+ କର୍ତ୍ତୃ. ର) ବାପ; ଜନକ; ପିତା—8. Father. ୯ । ପ୍ରଜାପତି—9. Brahmā. ୧୦ । ସୀସକ—10. Lead. ୧୧ । ଧୂଳି (ହି. ଶ )—11. Dust. ୧୨ । ମାଟିର ଢିପ (ହି. ଶ.)—12. A high mound of earth. ୧୩ । ନଗରଦ୍ୱାରର ଅଟ୍ଟାଳି (ହି.ଶ)—

13. Precipitous bank of a river. ୧୪ ।
ପର୍ବତର ଶୃଙ୍ଗ (ହ୍ର. ଶ.)—14. The summit of a mountain.

ବପ୍ର କ୍ରୀଡ଼ା—ସଂ. ବ. (୭ମୀ ତତ୍; ବପ୍ର=କ୍ଷେତ୍ର+କ୍ରୀଡ଼ା)—ହୃଷ୍ଟ
Bapra kri<u>rd</u>ā ପଶୁମାନେ (ଯଥା—ହାତୀ, ଷଣ୍ଢ) ଦନ୍ତ, ଶୃଙ୍ଗ ବା
(ବପ୍ରକ୍ରିୟା—ଅନ୍ୟରୂପ) ଖୁରଦ୍ୱାରା ଉଚ୍ଚଭୂମିକୁ ବା ପାହାଡ଼ର ଗାତ୍ରକୁ ବିଦାରଣ କରି ଯେଉଁ କ୍ରୀଡ଼ା କରନ୍ତି; ଖୁସ୍ସା ଖାଇବା; ଉତ୍ଖାତ କେଳି—Frolics of mad or frolicsome beasts in striking mounds of earth or the sides of mountains with tusks (in the case of elephants) and hoofs and horns (in the case of bulls).

ବପ୍ରକ—ସଂ. ବି—ବୃତ୍ତର ପରିଧି (ହ୍ର. ଶ.)—
Bapraka Circumference of a circle.

ବପ୍ରା—ସଂ. ବି. ସ୍ତ୍ରୀ. (ବପ୍ର+ଆ)—ମଞ୍ଜିଷ୍ଠା—
Baprā Indian madder.

ବପ୍ରି—ସଂ. ବି. (ବପ୍ର+ଇ)—୧ । ସମୁଦ୍ର (ହ୍ର. ଶ.)—1 The sea.
Bapri ୨ । କ୍ଷେତ୍ର (ହ୍ର. ଶ)—2. A field for raising crops.

ବପ୍ରୀ—ସଂ. ବି—(ବପ୍ର+ଈ)—ବଲ୍ମୀକ; ଉଇହୁଙ୍କା (ହ୍ର. ଶ)
Baprī Anthill.

ବଫାତ୍—ବୈଦେ. ବି—(ଆ)—ମୃତ୍ୟୁ—
Baphāt बफ़ात् **वफ़ात** Death.

ବବ—ସଂ. ବି—ଫଳିତ ଜ୍ୟୋତିଷଶାସ୍ତ୍ରୋକ୍ତ ଏକାଦଶ କରଣ ମଧ୍ୟରୁ
Baba ଏକତମ—One of the eleven astrological conjunctions.

[ଦ୍ର—ଏଥିରେ ଜାତ ବ୍ୟକ୍ତି ବଳବାନ୍, ଧୀର, କୃତୀ ଓ ବିଚକ୍ଷଣ ହୁଏ । ]

ବବ(ବୁ)ର୍ଚ୍ଚି(ର୍ଚି)—ବୈଦେ. ବି—(ଫା)—(ତୁର୍କୀ. ବାବର୍ଚୀ)—ପାଚକ;
Baba(bu)rchchi(rchi) ସାହେବ ଓ ମୁସଲମାନ୍‌ମାନଙ୍କ ପାଚକ-
বাবুর্চী **बावर्ची** Cook (of Europeans and Mahommedans).
ବବରଚି } ଅନ୍ୟରୂପ
ବବୁରୁଚି }

ଆସାମ ର ବଡିଗ୍ର ମେନେଜରର ସାହେବ ଗୋଟାଏ କୁଲି ଟୋକାକୁ ବାବୁର୍ଚି କାମରେ ବାହାଲ କରିଥିଲେ । ଫକୀରମୋହନ, ଗଳ୍ପସ୍ୱଳ୍ପ ।

ବବ(ବୁ)ର୍ଚ୍ଚି ଖାନା—ବୈଦେ. ବି—(ତୁର୍କୀ. ବାବର୍ଚୀ+ଫା. ଖାନାହ୍)-
Baba(bu)rchchi khānā (ସାହେବ ଓ ମୁସଲମାନ୍‌ମାନଙ୍କ)
বাবুর্চীখানা **बावर्चीखाना** ରନ୍ଧନଶାଳା—Cook room; kitchen.

ସାହେବ ଯେବେ ବରୁର୍ଚି ଖାନା ଉଦାରଣ କରିବାକୁ ଲାଗିଲେ— ଫକୀରମୋହନ—ଗଳ୍ପସ୍ୱଳ୍ପ ।

ବବଲତି—ଦେ. ବି—ବଗୁଲିଆତି; ବଗୁଲିଆଗିରି; ଦୁଷ୍ଟାମି—
Babalati **नटखट** Wickedness.
[ବବ(ବ୍ବ,ବୁ,ବ୍ବୁ)ଲିଆତି; ବବ(ବ୍ବ, ବୁ,ବ୍ବୁ)ଲିଯାମି(ଗି)—ଅନ୍ୟରୂପ]

ବବ(ବ୍ବ,ବ୍ବୁ,ବୁ)ଲା(ଲେ)ଇବା—ଦେ. କ୍ରି—(ଭୁଲ. ଇଂ. ବାବ୍ଲ୍=ବୃଥା
Baba(bba,bbu,bu)lā(le)ibā ଗପିବା)—ମିଥ୍ୟା କଥା କହି
**भूलाना** ଭୁଲାଇବାକୁ ଚେଷ୍ଟା କରିବା—To try to deceive
ভোলান by false words.

ବବ(ବ୍ବ,ବୁ,ବ୍ବୁ)ଲିଆ—ଦେ. ବି—ବଗୁଲିଆ (ଦେଖ)—Baguliā
Baba(bba,bu,bbu)liā **नटखटिया** ଦୁଷ୍ଟ (See).

ବବା—ପ୍ରାଦେ. (ବାମଣ୍ଡା; ସମ୍ବଲପୁର)—ବି—ବାପର ବଡ଼ଭାଇ; ଦଦେଇ;
Babā ବଡ଼ ବାପା—Father's elder brother.

ବବୁଆ—ଦେ. ଅ—(ହିନ୍ଦୀରୁ ଅନୁକୃତ)—ପୁତ୍ର, ଜାମାତାଆଦିଙ୍କୁ ସ୍ନେହ
Babuā ସମ୍ବୋଧନ—A term of endearment addressed
বাবা **बबुआ** to one's youngers.

ବବୁର(ଲ,ରି)—ଦେ. ବି—(ସଂ. ବର୍ବୁର; ବବ୍ବୁଲ)—କଣ୍ଟାକୁସୁମ ଗଛ;
Babura(la,ri) କଣ୍ଟକୀ କ୍ଷୁଦ୍ର ବୃକ୍ଷବିଶେଷ—Acacia Gummi; Acacia Arabica (Haines).

ବବୁର କୁସୁମ ବାସ ଜନପଦେ ପ୍ରସରଇ ଅହର୍ନିଶି—ରାଧାନାଥ ଉର୍ବଶୀ ।

ସଂ—ତୀକ୍ଷ୍ଣକଣ୍ଟକ, ପଂକ୍ତିବୀଜ, ଷଟ୍‌ପଦମୋଦିନୀ, ଅଜଭକ୍ଷ, ବର୍ବୁର, ବବ୍ବୁଲ, କିଙ୍କିରାଳ, କିଙ୍କିରାତ, ସପୀତକ, ଆଭା ।
বাবলা
**बाबुल, बबुल, कीकर**
ତେ. ବଲ ବନ୍ତୁରୁ, ନଲ୍ଲତୁମ୍
ମ. ବାଭୁଲ, ଖୀକର
ଗୁ. ବାବଲ
ଫା. ମୁଗିଲାଂଗୋନ
ଆ. ମୁଗିଲାଂସିମଗ
ବାବଲା } ଅନ୍ୟରୂପ
ବବୁର }

[ ଦ୍ର—ଏହା ଖଦିରଜାତୀୟ ବୃକ୍ଷ, ଏଥିରେ କଣ୍ଟା ଅଛି । ଫୁଲ ଶ୍ୱେତ, ଗୋଲାକାର, ହଳଦିଆ ଓ ସୁଗନ୍ଧଯୁକ୍ତ । ଏ ଗଛ ବାଲିଆ ଭୂମିରେ ହୁଏ ଓ ବହୁକାଳ ବଞ୍ଚେ । ଏହାର ଗଣ୍ଡିକୁ କ୍ଷତ କଲେ ଏଥିରୁ ଯେଉଁ ଅଠା ବାହାରେ ତାହା ଅନେକ କାର୍ଯ୍ୟରେ ଲାଗେ । ଏହାର ଛାଲି ଓ ମଞ୍ଜି ଚେପଟା । ଏହାର କାଠରେ ଲଙ୍ଗଳ ଓ ଗାଡ଼ିର ଚକ ହୁଏ । କେତେକ ସ୍ଥାନରେ ଏ ଗଛରେ ଲାଖପୋକ ପାଳି ଲୋକେ ଏ ଗଛରୁ ଲାଖ ଉତ୍ପାଦନ କରନ୍ତି । ଏହାର ଛାଲରେ ଓ ଛୁଇଁରେ ଚମଡ଼ା କଷାଇବା ପାଣି ପ୍ରସ୍ତୁତ ହୁଏ । ଏ ଗଛର ଡାଳ ଦାନ୍ତକାଠିରୂପେ ଦାନ୍ତର ହିତକର । ଏହାର ଶୁଖିଲା ଫଳରୁ ସ୍ଥାୟୀ-ସ୍ୟାହି ତିଆରି ହୁଏ । ବୈଦ୍ୟଶାସ୍ତ୍ର ଅନୁସାରେ ଏହା ମଳସଂଗ୍ରାହକ, ପିତ୍ତ ଓ ବାୟୁନାଶକ, ଶୀତବୀର୍ଯ୍ୟ, ଭଗ୍ନସନ୍ଧାୟକ ଓ ରକ୍ତାତିସାର, ରକ୍ତପିତ୍ତ, ମେହ, ପ୍ରଦର, ରକ୍ତସ୍ରାବ, କଫ, କୁଷ୍ଠ, କ୍ରିମି ଓ ବିଷ-ନାଶକ—ଦ୍ରବ୍ୟଗୁଣ । ଏହି ଶ୍ରେଣୀର ଆଉ ଏକଜାତୀୟ ଗଛକୁ ଗନ୍ଧଗୁହାଇଯା (ବଂ. ଗୁଇଆ ବାବଲା, ସଂ. ବିଟ ଖଦିର; ଇଂ Acacia Farnesira; Acacia Leucopploea) କହନ୍ତି ।]

ବବୁର(ରି) ଅଠା—ଦେ. ବି—ବବୁର ଗଛରୁ ବାହାରିବା ନିର୍ଯ୍ୟାସ—
Babura(ri)aṭhā Gum arabica; gum acacia
বাবলাআঠা **बबुलकागोंद** [Haines].

ବବୁର(ରି) ବାଳ—ଦେ. ବି. (ସଂ. ବର୍ବର କେଶ; ଭୁଲ ଇଂ. ବବ୍‌ଡ୍; ସଂ.
Babura (ri) bā<u>l</u>a ବାର୍ବରୀ=ଆକୁଞ୍ଚିତ କେଶ=ଯୋଗେଶ-
বাবরী; বাঅরী ଚନ୍ଦ୍ର)—ବାଗୁଲିବାଳ; ମୁଣ୍ଡର ବାଳକୁ
**घुंघराले बाल;** ବେକ ପର୍ଯ୍ୟନ୍ତ ଲମ୍ବ କରି କାଟି ତହିଁର ଅଗ୍ରଭାଗକୁ
**बलखायाहुआ बाल** ବେକ ପାଖରେ ମୋଡ଼ି ତରଙ୍ଗାୟିତ କରିବା
ବାବରି }
ବାବୁରି } ଅନ୍ୟରୂପ
ବାବୁଲି }
ରୂପ କେଶବିନ୍ୟାସବିଶେଷ—A sort of curling the hair by growing it up to the neck.

**ବବେଇ**—ପ୍ରାଦେ. (ସିଂହଭୂମ) ବ—ସବେଇ ଘାସ; ଏକପ୍ରକାର ଜଙ୍ଗଲି
Babei ଘାସ—Sabai grass.

[ ଦ୍ର—ଏଥିରେ ଦଉଡ଼ା ବଳାଯାଏ ଓ କାଗଜ ତିଆରି ହୁଏ ।]

**ବବ୍ରା**—ପ୍ରାଦେ (ସମ୍ବଲପୁର) ବ—ବସ୍ରା (ଦେଖ)—
Babrā Barā (See)

**ବଭ୍ରବୀ**—ସଂ. ବ. ସ୍ତ୍ରୀ. (ଭୃ ଧାତୁ=ପାଳନ କରିବା+ଉ. ନିପାତନ=
Babhrabī ବଭ୍ରୁ=ଶିବ+ସ୍ତ୍ରୀ. ଈ)—ଶିବପତ୍ନୀ; ଦୁର୍ଗା—
Durgā.

**ବଭ୍ରି**—ସଂ. ବ—ବଜ୍ର (ହ୍ର. ଶ.)—Thunder.
Babhri

**ବଭ୍ରୀ**—ସଂ. ବ—ଉଇ (ହ୍ର. ଶ.)—
Babhrī White ant.

**ବଭ୍ରୀକୂଟ**—ସଂ. ବ. (୬ଷ୍ଠୀ ତତ୍)—ଉଇହୁଙ୍କା; ବଲ୍ମୀକ (ହ୍ର. ଶ.)—
Babhrikūṭa Anthill.

**ବଭ୍ରୁ**—ସଂ. ବ. (ଭୃ ଧାତୁ+କର୍ତ୍ତୃ. ଉ. ନିପାତନ)—୧ । ଶିବ—
Babhru 1. Śiba. ୨ । ବିଷ୍ଣୁ—2. Bishṇu. ୩ । ମୁନିବିଶେଷ
—3. Name of a sage. ୪ । ଦେଶବିଶେଷ—
4. Name of a country. ୫ । ବହ୍ନି—5. Fire.
୬ । ଗେରୁମାଟି—6. Red ochre; red chalk. ୭ ।
ନେଉଳ—7. Ichneumon; mongoose. ୮ ।
ମୂଷା—8. Rat; mouse. ୯ । ଭାଗବତୋକ୍ତ ଯଦୁବଂଶୀୟ
ଜନୈକ ବୀର—9. Name of a hero born of the
Jadu dynasty. ୧୦ । ପିଙ୍ଗଳ ବର୍ଣ୍ଣ—10. Tawny
colour. ୧୧ । ସୁଶ୍ରୁତୋକ୍ତ ଏକପ୍ରକାର ସର୍ପ (ହ୍ର. ଶ.)—
11. A kind of serpent.

ସଂ. ବିଣ.—୧ । ପାଳନକର୍ତ୍ତା; ପାଳକ—1. Maintainer.
୨ । ବିଶାଳ; ବୃହତ୍—2. Large; big. ୩ । ପିଙ୍ଗଳ—
3. Tawny. ୪ । ରୋଗ ଯୋଗୁଁ ଟାଙ୍ଗରା—
4. Become bald owing to illness.

**ବଭ୍ରୁବାହନ**—ସଂ. ବ. (ନାମ)—ଚିତ୍ରାଙ୍ଗଦା ଗର୍ଭରେ ଅର୍ଜ୍ଜୁନଙ୍କ ଔରସ
Babhrubāhana ଜାତ ପୁତ୍ର; ଆସାମ ଦେଶସ୍ଥ ମଣିପୁରର ରାଜା—
Name of a son of Arjuna, who ruled in
Maṇipur (Assam)

ପୁଣି ସେ ଚିତ୍ରାଙ୍ଗଦା କନ୍ୟା ଠାରୁ ଗଲେ
ବଭ୍ରୁବାହନଙ୍କ ଚହିଁରୁ ଜନ୍ମିଲେ । କୃଷ୍ଣସିଂ. ମହାଭାରତ, ଆଦି ।

**ବମ୍ (ଧାତୁ)**—ସଂ.—୧ । ବାନ୍ତି କରିବା—
Bam (root) 1. To vomit.
୨ । ଆହୁତି ଦେବା—2. To pour oblations into fire.

**ବମ୍**—ସଂ. ଅ.—(ଧ୍ୱନ୍ୟନୁକରଣ)—୧ । ଗାଲ ବାଦ୍ୟ—
Bam 1. Sound produced by striking the puffed
ବম बम up cheeks with the fingers.

[ଦ୍ର—ଗାଲକୁ ଫୁଲାଇ ପାଟି ମୁଦି ହାତର ଅଙ୍ଗୁଠିଦ୍ୱାରା ଗାଲର
ଦୁଇ ପାଖ ଆଘାତ କଲେ ଓଠ ବାଟେ ପବନ କ୍ରମଶଃ ବାହାରୁ
ଥିବା ବେଳେ ଏ ଶବ୍ଦ ଉତ୍ପନ୍ନ ହୁଏ ।]

୨ । ଡମ୍ବରୁ ଧ୍ୱନି—
2. The sound of Śiba's hand drum.

[ଦ୍ର—ମହାଦେବଙ୍କୁ ସ୍ତୁତି କରିବା ପୂର୍ବରୁ ବମ୍, ବମ୍ ବମ୍, ବମ୍
ଭୋଲା ଓ ବମ୍ ଭୋଲାନାଥ ଶବ୍ଦ ଉଚ୍ଚାରଣ କରାଯାଏ ]

୩ । ବରୁଣ ଦେବତାଙ୍କ ମନ୍ତ୍ରର ବୀଜ ଅକ୍ଷର—3. The mystical syllable uttered as the essential part in the worship of the Indian Neptune.

ବୈଦେ. ବ.—(ଇଂ. ବମ୍, ପର୍ତ୍ତୁ. ଗୀଜ୍—ବମ୍ବା)—
বোম্ बम ୧ । ବୋମା; ବମ୍ବାଗୋଳା, ବାଣର ଗୋଲା, ଯାହାର ବମ୍ ଶବ୍ଦ
କରି ଫୁଟେ—1. A bomb. ( ଇଂ. ବୁମ୍, ବାମ୍ବୁ
ଘୋଡ଼ା ଗାଡ଼ିର ସାମନାର ଦଣ୍ଡ, ଯୁଗନ୍ଧର—
বম बम 2. The beam of a carriage.
বম बोम् ୩ । (ଫା.) ତାସ୍ ଖେଳର ଗ୍ରାବୁ ଖେଳରେ ଏକ ପକ୍ଷ
କ୍ରମାନ୍ୱୟରେ ୬ ଥର ଜିତିବା ଅବସ୍ଥା—(ତାସ୍ ଖେଳ
ତଳେ ନୋଟ ଦେଖ)—3. Successive winning of
one party for six times in a game of cards
called Grābu.

ଦେ. ବ.—(ସଂ. ବ୍ୟୋମ)—ମହାଦେବ—Śiba.

**ବମ୍ତୋଡ଼ି**—ପ୍ରାଦେ. (ବାଲେଶ୍ୱର) ବ.—ବମି (ଦେଖ) Bami (See)
Bam-torḍi

**ବମ୍ ଫୁଟା(ଟେ)ଇବା**—ଦେ. କ୍ରି.—ଅଗ୍ନିସଂଯୋଗ ପୂର୍ବକ ବମ୍ବାଗୋଳା
Bam phuṭā(ṭe)ibā ବାଣକୁ ଶବ୍ଦ କରାଇବା—
বোমা ফোটান To fire or discharge a bomb.
बम फोड़ना

**ବମ୍ ବଣିବା**—ଦେ. କ୍ରି.—ହୃଷ୍ଟ ପୁଷ୍ଟ ହେବା; ସ୍ଥୂଳକାୟ ହେବା—
Bam banibā To become fat or stout.
कोल्हू बनजाना, पिल्ला बनजाना

**ବମ୍ ବୁଲି ଯିବା**—ଦେ. କ୍ରି.—ପୂର୍ବାପେକ୍ଷା ହୃଷ୍ଟପୁଷ୍ଟ, ସବଳ ଓ
Bam buli jibā ସୁସ୍ଥ ହେବା—To be stouter and
(ବମ୍ ବନି ଯିବା—ଅନ୍ୟରୂପ) stronger than before.

**ବମ୍ଭୋଳା(ଳା)**—ଦେ. ବ.—ମହାଦେବ— Siba.
Bam bhoḷā(lā) बम भोलानाथ बम भोलानाथ

[ବମ୍ ଭୋଳା(ଲା)ନାଥ—ଅନ୍ୟରୂପ] ଗାଲବାଦ୍ୟ ବାଦନପୂର୍ବକ ମହାଦେବଙ୍କ ପ୍ରତି ଭକ୍ତର ଡାକ—Interjection used in addressing Siba after producing bam sound with the cheeks.

**ବମକଇ**—ଦେ. ବ.—ଏକପ୍ରକାର କଣ୍ଡୁ—
Bamakai A kind of itches.

**ବମ(ମୁ, ମୋ)ଜିବ୍**—ବୈଦେ. ଅ ( ଫା. ବମଜିବ୍ )—ମୁତାବକ—
Bama(mu, mo)jib 1. As per; according to; by
পোতাবেক बमुजिब reason of.
ବମୁଜିବ୍, ବମୋଜିବ୍, ବମୋଜି, ବମ୍ୱୋଜି } ଅନ୍ୟରୂପ [ ଦ୍ର—ଏଥିର ସାଙ୍କେତିକ
ଚିହ୍ନ — । ବ । । ଯଥା—ଏ
ଡାଲକା । ବ । ଜିନିସ ପଠାଗଲା । ]

**ବମଭୁଡ଼**—ପ୍ରାଦେ. ( ମେଦ୍ନାପୁର ) ବି—ବମି ( ଦେଖ )
Bamaturdi   Bami (See)

**ବମଥୁ**—ସଂ. ବି ( ବମ୍ ଧାତୁ+ଭାବ. ଅଥୁ )—ବମନ (ଦେଖ)
Bamathu   Bamana (See)

**ବମନ**—ସଂ. ବି. ( ବମ୍ ଧାତୁ+ଭାବ. ଅନ )—୧ । ଉଦ୍‌ଗାର; ବାନ୍ତି—
Bamana   1. Vomiting. ୨ । ବହିଷ୍କରଣ—2. Emitting. ୩ । ଯେଉଁ ଦ୍ରବ୍ୟ ବମନ କରାଏ—3. An emetic causing vomiting. ୪ । ଅଗ୍ନିରେ ଆହୁତି—4. Oblation to fire. ୫ । କଷ୍ଟ; ଯନ୍ତ୍ରଣା—5. Pain.

**ବମନୀୟ**—ସଂ. ବିଣ ( ବମ୍ ଧାତୁ+କର୍ମ. ଅନୀୟ )—ବମନ କରାଯିବାର
Bamaniya   ଯୋଗ୍ୟ—Fit to be vomited.
ସଂ. ବି—ମାଛି—A fly.

**ବମନେଚ୍ଛା**—ସଂ. ବି—ଉଦ୍‌ଗାର ଉଠାଇବା; ବାନ୍ତି ଦେଖାଇବା; ଅରୁଚି
Bamanechchhā   ଦେଖାଇବା—Tendency to vomit; nausea.

**ବମନୋଦ୍‌ବେଗ**—ସଂ. ବି—ବଳବତୀ ବମନେଚ୍ଛା—Strong tendency
Bamanodbega   to vomit.

**ବମା**—ବୈଦେ. ବି ( ଇ. ବମ୍ )—ବମ୍ବାଜି ( ଦେଖ )
Bamā বোমা **बम**   Bambāji ( See )
କୀଡ଼ା, ଦେ. ବି—ଭମା; ଚାଉଳ ଓ ଧାନଆଦିରେ ଲାଗିବା
**सूड़ा**   ପୋକ—Winged moths or worms attacking rice, paddy and other grains.

**ବମା ଖାଇବା**—ଦେ. କ୍ରି—ଶସ୍ୟାଦି କୀଟଦଷ୍ଟ ହେବା—Being moth-
Bamā khāibā कीड़ाय खाओया **सुँड़ालगना**   eaten.
ବମା ଧରିବା; } ଅନ୍ୟରୂପ   ଧାନ ଗଲେଣି ବମା ଖାଇ
ବମା ଲାଗିବା }   ଓଳିଆ ପଡ଼ିଛି ଶୀକର ହୋଇ—ଭଗ ।

**ବମାଖିଆ**—ଦେ. ବିଣ—କୀଟଦଷ୍ଟ; ପୋକରା—Worm-eaten;
Bamākhiā **सूड़फक्कु; सुँड़ालगा**   moth-infested.
কীড়ালাগা ( ବମାଧରା, ବମାଲଗା—ଅନ୍ୟରୂପ )

**ବମାଲ୍**—ବୈଦେ. ଅ (କଚେରୀ) (ଫା. ବମାଲ୍)—ଚୋରାମାଲ ସହିତ—
Bamāl বমাল, বামাল   With the stolen property.
**बमाल**   ବମାଲ ଗ୍ରେପ୍ତାର, ଆଉ କଣ ରକ୍ଷା ଅଛି ? ଚଣ୍ଡିଆର କଠିନ
ପରିଶ୍ରମ ସହିତ ମିଆଦ ଦେଢ଼ବର୍ଷ—ଫକୀରମୋହନ. ଗଳ୍ପସ୍ୱଳ୍ପ ।
ବି. ( କଚେରୀ )—ଚୋରାମାଲ—Stolen property.

**ବମାଲି କରଣ**—ପ୍ରାଦେ. (ଗଞ୍ଜାମ) ବି—ଶେଠ କରଣ (ଦେଖ)
Bamāli karana   Setha karana (See)

**ବମି**—ସଂ. ବି ( ବମ୍ ଧାତୁ+ଭାବ. ଇ )—୧ । ବମନ—1. Vomiting. ୨ । (+କର୍ତ୍ତୃ. ଇ) ବହ୍ନି; ଅଗ୍ନି—2. Fire. ୩ । ଠକ; ଧୂର୍ତ୍ତବ୍ୟକ୍ତି—3. A cheat.
বানমাছ, বাইনমাছ ଦେ. ବି ( ସଂ. ବର୍ମି )—ସର୍ପାକୃତି ଅଣ୍ଡାଯୁକ୍ତ
**बाँब; बमी; बमेल**   ଏକପ୍ରକାର ମାଛ—A fresh water
(ବମ୍—ଅନ୍ୟରୂପ)   tubular fish; bill fish; Tylosurus Longirostris.
[ ଦ୍ର—ଏହା କୃଷ୍ଣବର୍ଣ୍ଣ ଓ ଚୋଡ଼ିମାଛ ଅପେକ୍ଷା ବଡ଼ । ଏମାନେ ଲମ୍ବରେ ଏକ ହାତ ଓ ବ୍ୟାସରେ ୨ ଇଞ୍ଚ ପର୍ଯ୍ୟନ୍ତ ବଢ଼ନ୍ତି । ବୈଦ୍ୟଶାସ୍ତ୍ର ଅନୁସାରେ ଏହା ଗୁରୁ, ସ୍ନିଗ୍ଧ ଓ ବାୟୁ ଏବଂ ଶ୍ଳେଷ୍ମ ପ୍ରକୋପକ । ]

**ବମିତ**—ସଂ. ବିଣ ( ବମ୍ ଧାତୁ, ଣିଜନ୍ତ ବମି ଧାତୁ+କର୍ମ. ତ )—
Bamita   ଉଦ୍‌ଗୀର୍ଣ୍ଣ; ବାନ୍ତି—Vomited forth.

**ବମିତବ୍ୟ**—ସଂ. ବିଣ ( ବମ୍ ଧାତୁ+ତବ୍ୟ ପ୍ରତ୍ୟୟ )—ବାନ୍ତି ହେବାର
Bamitabya   ଉପଯୁକ୍ତ—To be vomited from the mouth.

**ବମିମୁହାଁ**—ଦେ. ବିଣ. ପୁଂ—ବମି ମାଛ ପରି ଯେଉଁ ଲୋକର ଓଠ
Bamimuhāñ   ଗୋଜା; ଛୁଞ୍ଚମୁହାଁ—Having one's lips
**सूइमुँहा**   ( ବମିମୁହାଁ—ସ୍ତ୍ରୀଲିଙ୍ଗ )   pointed.
[ ଦ୍ର—ଏପରି ଲୋକ ଚୁପ୍‌ସରିତାନ୍ ହୁଅନ୍ତି । ]

**ବମେ**—ବୈଦେ. ଅ (ଫା)—୧ । ସକଳ ପ୍ରକାରର—1. Of all kinds.
Bame সব, সারা **बिलकुल**   ୨ । ସମସ୍ତ—2. All.
( ଯଥା—ବମେ ସରଞ୍ଜାମ ଏଠାରୁ ସ୍ଥାନାନ୍ତରିତ କରିବାକୁ ହେବ । )

**ବମ୍ପର**—ବୈଦେ. ବି ( ଇଂ ) ( ମୋଟର୍ ଗାଡ଼ି ସମ୍ବନ୍ଧୀୟ ଶବ୍ଦ )—
Bampar   ମୋଟର୍ ଗାଡ଼ିରେ ସାମନାରୁ ହାବୁଡ଼ି ଯିବା ବସ୍ତୁର
বম্পার **बंपार**   ଧକ୍କା ସମ୍ଭାଳିବାପାଇଁ ମୋଟର୍‌ର ଆଗରେ ଲାଗିଥିବା ଅନର୍ଗଳବିଶେଷ—Bumper.

**ବମ୍ବ(ମ୍ଭ)ର**—ଗ୍ରା. ବି ( ସଂ. ବିବର )—ଗଭୀର ଗର୍ତ୍ତ—
Bamba(mbha)ra **भाँकाड**   Deep hole; abyss.

**ବମ୍ବା**—ବୈଦେ. ବି (କାନାଡ଼ୀ—ବମ୍ବୁ, ଇଂ. ବାମ୍ବୁ; ଆ. ମମ୍ବା=ନଳ)—
Bambā   ୧ । ନଳାକାର ଖୁଣ୍ଟ—1. A tubular post.
বংবা, খুঁটী **बंबा**   ୨ । ଖିଲା—2. A peg.
(ବୋମ୍ବା—ଅନ୍ୟରୂପ)   [ ଦ୍ର—ସରକାରୀ ରାଜସ୍ୱ ବନ୍ଦୋବସ୍ତ (ସେଟଲ୍‌ମେଣ୍ଟ୍) ସମୟରୁ ଏ ଶବ୍ଦ ଏ ଦେଶରେ ପ୍ରଚଳିତ । ଏହା ମଉଜାମାନଙ୍କ ସୀମା ନିର୍ଦ୍ଦେଶ କରିବା ନିମନ୍ତେ ପୋତାଯିବା ଖୁଣ୍ଟ । ପ୍ରଥମେ ଏହା ବାଉଁଶ ଖିଲାରେ ହେଉଥିଲା, କିନ୍ତୁ ପରେ ଏ ଚିହ୍ନକୁ ଚିରସ୍ଥାୟୀ କରିବା ନିମନ୍ତେ ପୋଡ଼ା ମାଟିର ବା ଲୁହାର ନଳାକାର ଖିଲା ଏହି ଉଦ୍ଦେଶ୍ୟରେ ବ୍ୟବହୃତ ହୋଇ ଭୂମିରେ ପୋତା ହେଲା । ]

**ବମ୍ବାଜି**—ଦେ. ବି ( ଇଂ. ବମ୍ )—ତୋପବାଜି; ବାଣବିଶେଷ—
Bambāji   Firework producing bomblike report.
বোমবাজী **बमबाजी**   [ ଦ୍ର—ଏହା ବାରୁଦ ଖୁନ୍ଦା ଯାଇଥିବା
(ବମ୍‌ବାଜି—ଅନ୍ୟରୂପ)   ପିଣ୍ଡ । ବାଉଁଶ ନଳ ମଧ୍ୟରେ ବାରୁଦ ଖୁନ୍ଦା ହୋଇ ନଳ ଉପରେ ଦୃଢ଼ଭାବରେ ଛଣପଟ ଦଉଡ଼ି ଗୁଡ଼ା ଯାଇଥାଏ । ଏଥିରେ ନିଆଁ ଲାଗିଲେ ତୋପ ପରି ଶବ୍ଦ କରେ । ]

**ବମ୍ବା(ମ୍ବେ)ଟିଆ**—ଦେ. ବି. ( ଇଂ. ବମ୍ବାର୍ଡିଅର୍ )—୧ । ଗୋଲନ୍ଦାଜ
Bamba(mbe)tiā   ସୈନ୍ୟ—1. Bombardier.
बम्बेटे, बम्बेटिआ   [ ଦ୍ର—ପର୍ତ୍ତୁଗୀଜ ବା ଫିରିଙ୍ଗୀ ଜଳଦସ୍ୟୁମାନେ
**समुद्रिडाकु**   (ବୋମ୍ବାଟିଆ—ଅନ୍ୟରୂପ)   ବଙ୍ଗୋପକୂଳକୁ ଆକ୍ରମଣ

କରବା ସମୟରୁ ଏ ଶବ୍ଦ ବଙ୍ଗଭାଷାରେ ପ୍ରବେଶ କରିଅଛି ଓ ଓଡ଼ିଆମାନେ ବଙ୍ଗଦେଶକୁ ଯାଇ ଦେଖି ଏ ଶବ୍ଦକୁ ଆଣି ଆମ ଭାଷାରେ ପୁରାଇ ଅଛନ୍ତି । ]

୨ । ନଦୀ ଓ ସମୁଦ୍ରର ଡକାଇତ; ଜଳଦସ୍ୟୁ—2. Pirate.

ଦେ. ବଣ—ପ୍ରତାରକ; ପ୍ରତାରଣା—Fraudulent; deceitful.

**ବମ୍ବୁ**—ବୈଦେ. ବି. (ଇଂ. ବାମ୍ବୁ; କନାଡ଼ୀ-ବବୁ)—୧ । ବାଉଁଶ—
Bambu 1. Bamboo. ୨ । ବାଉଁଶ ଖିଲା—2. A piece of bamboo used as a peg.
বাঁশ बंबु

**ବମ୍ବୁରୁ**—ପ୍ରାଦେ. (କଳାହାଣ୍ଡି) ବି—ବନ୍ଧନ କାଠ ପରି ଏକପ୍ରକାର ଟାଣୁଆ
Bamburu କାଠ—A tough timber like Bāndhana.
[ ଦ୍ର—ଏଥିରେ ଶଗଡ଼ ଛଆଣ ହୁଏ । ]

**ବମ୍ବେଇ**—ଦେ. ବି. (ନାମ)—ଭାରତର ପଶ୍ଚିମ ଉପକୂଳସ୍ଥ ପ୍ରଦେଶ ଓ
Bambei ରାଜଧାନୀ—Bombay Presidency and capital town.
বোম্বাই मुंबाई, बंबई
ବମ୍ବାଇ, ବମ୍ବେ, ବୋମ୍ବାଇ, ବୋମ୍ବେ, ବୋମ୍ବେଇ }—ଅନ୍ୟରୂପ
[ ଦ୍ର—ପୂର୍ବକାଳର ଏହା ସମୁଦ୍ର ମଧ୍ୟସ୍ଥ କ୍ଷୁଦ୍ର କ୍ଷୁଦ୍ର ଦ୍ୱୀପପୁଞ୍ଜର ସମଷ୍ଟି ଥିଲା । ଇଂରେଜମାନେ ଲବଣଜଳପୂର୍ଣ୍ଣ ସ୍ଥାନମାନ ମୃତ୍ତିକାରେ ପୂର୍ଣ୍ଣ କରି କେତେକ ଗୁଡ଼ିଏ ଦ୍ୱୀପକୁ ମିଶାଇ ଏ ସହରର ଭିତ୍ତି ସ୍ଥାପନ କଲେ । ଭୂଲେଶ୍ୱର ନାମକ ସ୍ଥାନରେ ପ୍ରତିଷ୍ଠିତ ମୁମ୍ବା ଦେବୀଙ୍କ ନାମାନୁସାରେ ଏ ସହରର ନାମ ହିନ୍ଦୀରେ ମୁମ୍ବାଇ ଓ ଅନ୍ୟ ଭାଷାରେ **ବମ୍ବାଇ**, ବମ୍ବେଇ ଓ ଇଂରାଜୀରେ 'ବମ୍ବେ' ହୋଇ ଅଛି । ଏହା ବର୍ତ୍ତମାନ ଭାରତବର୍ଷରେ ଗୋଟିଏ ସମୃଦ୍ଧିଶାଳୀ ନଗର । ମଦନମୋହନ—ଭାରତଦର୍ଶନ । ]

**ବମ୍ଭର**—ସଂ. ବି.—(ବମ୍=ଅନୁକରଣ ଶବ୍ଦ+ଭୃ ଧାତୁ+କର୍ତ୍ତୃ. ଅ)—
Bambhara ମଧୁମକ୍ଷିକା—Bee.

**ବମ୍ଭରାଳୀ(ଣୀ)**—ସଂ. ବି.—(ବମ୍ଭର+ଆଳୀ; ଅଣୀ,—ମଧୁମକ୍ଷିକାସମୂହ
Bambharāli(ṇi) 1. A swarm of bees. ୨ । (ବମ୍=ଭଁ ଭଁ ଶବ୍ଦାନୁକରଣ+ଭୃ ଧାତୁ+ଅଳ+ଈ)—ମକ୍ଷିକା; ମାଛି—
2. Flea. ୩ । ଭ୍ରମର—3. Black wasp.

**ବୟ** (ଧାତୁ)—ସଂ.—ଗମନ କରିବା—
Baya (root) To go.

**ବୟ**—ଗ୍ରା. ବି.—୧ । (ସଂ. ବ୍ୟୟ)—ବଏ (ଦେଖ)
Baya 1. Bae (See)
(ଯଥା—ଆୟରୁ ବୟ ବଳିଲେ ପାଇବ ଶେଷ ।)
୨ । (ସଂ. ବୟଃ)—ବୟସ—2. Age.
ତମ ବୟସ କମ୍ ଭାଇ
ବଏସ ବୟ ଦେଖି ଭଲବ ବଡ ଯୋଗ । ଭକ୍ତିରସ. ଭଜନ ।
ବୈଦେ. ବି. (ଫା. ବୈ.)—ବଏ (ଦେଖ)—Bae (See)
ସଂ. ବି.—( ବେ ଧାତୁ=ବୁଣିବା+କର୍ତ୍ତୃ ଅ ) ୧ । ତନ୍ତୁବାୟ
( ହ୍ର. ଶ. )—1. Weaver.
୨ । ବାୟାଚଢ଼େଇ (ହ୍ର. ଶ.)—2. The weaver bird.

**ବୟଃ**—ସଂ. ବି.—(ବୟ୍ ଧାତୁ+ଅସ୍; ଯେ ଅଲକ୍ଷିତ ଭାବରେ ଗମନ
Bayaḥ କରେ)—୧ । ବୟସ; ଜୀବନ; ଆୟୁଃ—1. Age; time of one's life. ୨ । ଯୌବନ—2. Youth.
୩ । ପକ୍ଷୀ—Bird.

**ବୟଃକ୍ରମ**—ସଂ. ବି.—(୬ଷ୍ଠୀ ତତ୍)—ଆୟୁଷ୍କାଳ; ବୟସ; ଜୀବନକାଳ—
Bayaḥ krama Age; period of one's life.

**ବୟଃ ସଙ୍ଗୀ**—ଦେ. ବି.—୧ । (ସଂ. ବୟଃ+ସଙ୍ଗୀ)—ସମବୟସ୍କ
Bayaḥ saṅgi ବନ୍ଧୁ—1. A friend of the same age.
୨ । (ସଂ. ବୟଃ+ସଙ୍ଗିନୀ)—ସ୍ତ୍ରୀମାନଙ୍କର ସମବୟସ୍କା ସଖୀ—A woman's female companion of the same age.
ବୃଦ୍ଧ ବୟଃସଙ୍ଗୀବାର ଭଙ୍ଗିବ ଏ ଧନ୍ଦବର ମନରେ ଏମନ୍ତ କର ଘା ଜାଣି ଭ୍ରଷି ।
ଭକ୍ତ—ବୈଦେହୀଶବିଳାସ ।

**ବୟଃସନ୍ଧି**—ସଂ. ବି. (୬ଷ୍ଠୀ ତତ୍)—ବାଲ୍ୟ ଓ ଯୌବନର ସଂଯୋଗ
Bayaḥ sandhi ସ୍ଥଳ; ଯୌବନାରମ୍ଭ—Prime of life; transition from childhood to youth.

**ବୟଃସ୍ଥ**—ସଂ. ବଣ. ପୁଂ.—(ବୟଃ+ସ୍ଥା ଧାତୁ+କର୍ତ୍ତୃ.ଅ)—୧ । ମଧ୍ୟ
Bayaḥstha ବୟସ୍କ; ଯୁବା—Youthful. ୨ । ପ୍ରାପ୍ତବୟସ୍କ; (ବୟଃସ୍ଥା—ସ୍ତ୍ରୀ) (ବୟସ୍ଥ—ଅନ୍ୟରୂପ) ସାବାଳଗ—2. Major; mature; middle-aged.

**ବୟଃସ୍ଥା**—ସଂ.ବଣ.ସ୍ତ୍ରୀ—୧ । ଯୁବତୀ—1 Youthful; young
Bayaḥsthā (woman). ୨ । ବିବାହର ଉପଯୁକ୍ତା—
(ବୟସ୍ଥା—ଅନ୍ୟରୂପ) 2. Arrived at a marriageable age.
ସଂ. ବି.—୧ । ଅମଳକୀ, ବାହାଡ଼ା ଓ ହରଡ଼ା; ତ୍ରିଫଳା—
1. The three myrobalans. ୨ । ଗୁଳୁଚ—
2. A medicinal creeper. ୩ । ସୋମଲତା—
3. The Soma creeper. ୪ । କାକୋଲୀ—
4. A medicinal berry. ୫ । ଆମ୍ଳିକ ଶାଗ—
5. A kind of potherb of acid taste.
୬ । ଷ୍ଟେଟ ଅଲେଇଚ; ଗୁଜୁରାତ (ହ୍ର. ଶ.)—6. The small cardamom. ୭ । ଶିମିଳି (ହ୍ର. ଶ.)—
7. Silk cotton. ୮ । ଯୁବତୀ ସ୍ତ୍ରୀ—8, A young woman.

**ବୟଃସ୍ଥାନ**—ସଂ. ବି.—ଯୌବନ (ହ୍ର. ଶ.)—Youth.
Bayaḥsthāna (ବୟସ୍ଥାନ—ଅନ୍ୟରୂପ)

**ବୟନ**—ସଂ. ବି. ( ବେ ଧାତୁ=ବୁଣିବା+ଭାବ. ଅନ )—
Bayana ଲୁଗା ବୁଣା—Weaving.

**ବୟନ ବିଦ୍ୟାଳୟ**—ସଂ.ବି.(ଆଧୁନିକ ବ୍ୟବହାର)—ଯେଉଁ ବିଦ୍ୟାଳୟରେ
Bayana bidyālaya ଲୁଗାବୁଣା ଶିକ୍ଷା ଦିଆଯାଏ—Weaving school.

**ବୟ ପଥ(ଥୁ)**—ଗ୍ରା. ବି. (ପଦ୍ୟ) ( ସଂ. ବେପଥୁ )—
Baya patha(thu) ୧ । କମ୍ପ—1. Trembling.
୨ । ଭୟ—2. Fear.

ଅରଜୁନ ବୋଇଲେ ମୋ ରଥେ ସାରଥ୍ୟ
ଉତ୍ତର କର ଛାଡ଼ ଉଦରୁ ବୟ ପଥ । କୃଷ୍ଣସିଂହ, ମହାଭାରତ, ବିରାଟ ।

**ବୟ ବୃଦ୍ଧ**—ଗ୍ରା. ବିଣ. (ସଂ. ବୟୋବୃଦ୍ଧ)—ବୟୋବୃଦ୍ଧ (ଦେଖ)
Baya bṛuddha — Bayobṛuddha (See)

ବଦ୍ୟାବୃଦ୍ଧ ଯେ ବୟବୃଦ୍ଧରେ ଛନ୍ଦି । କୃଷ୍ଣସିଂହ, ମହାଭାରତ ଉଦ୍‌ଯୋଗ

**ବୟସ**—ଦେ. ବି. (ସଂ. ବୟଃ)—୧ । ଜନ୍ମାବଧି କାଳ ପରିମାଣ; ପ୍ରାଣୀର ଅତୀତ ଜୀବନ କାଳ—1. Time of life; age. ୨ । ଯୁବା ବୟସ; ଯୌବନ—2. Youth.
Bayasa
ବଏସ ब‍यस, उम्र

ଅଳ୍ପ ବୟସ ମୋର କାହିଁ
ପାଇବ ପୁଣ ଉପୁଯାଇ । ଜଗନ୍ନାଥ, ଭାଗବତ ।

**ବୟସ କାଳ**—ଦେ. ବି—୧ । ଯୁବା ବୟସ—1. Youth. ୨ । ପରିଣତ ବୟସ—2. Mature age.
Bayasa kāla
(ବୟସ ବେଳ—ଅନ୍ୟରୂପ) बयसकाल ବଏସ

**ବୟସ ଛଉ**—ଦେ. ବି. (ସଂ. ବୟସ + ଛିଦ୍ର)—ବଅସ ଛଉ; ଯୁବକ ଓ ଯୁବତୀଙ୍କ ଦେହରେ ଯେଉଁ ଛଉ ମାଡ଼ି ଯିବାର ଦେଖାଯାଏ—Scurf or scab appearing on the body of young people.
Bayasa chhau
सिहलि
छूली

**ବୟସ ବରୁଣ**—ଦେ. ବି. (ସଂ. ବୟସ + ବ୍ରଣ)—କାଠ ବରୁଣ; ଯୁବକ ଓ ଯୁବତୀଙ୍କ ମୁହଁରେ ସରୁଆ ଖିଲ ଯୁକ୍ତ ଯେଉଁ ବ୍ରଣମାନ ଦେଖାଯାଏ—Small pimples appearing on the face of youths; blackhead.
Bayasa baruṇa
ବୟସ ফোড়া
बडर, बरे, बरड, बरा

**ବୟସ ମକମକେଇ**—ଗ୍ରା. ବିଣ— (ସ୍ତ୍ରୀ ଲୋକଙ୍କ ପ୍ରତି ଗାଳି) ଯୌବନଗର୍ବିତା (ସ୍ତ୍ରୀ); ଯୁବା ବୟସ ଓ ସୌନ୍ଦର୍ଯ୍ୟ ଜନିତ ଗର୍ବରେ ଯେଉଁ ନାରୀ ମକମକ ବା ଉଚ୍ଛୃଙ୍ଖଳ ହେଉଥାଏ—(a woman) Who is unduly proud of her youthful charms.
Bayasa makamakeī

**ବୟସ ଯିବା**—ଦେ. ବି—ସମସ୍ତ ଅତିବାହିତ ହେବା; ବୃଦ୍ଧ ହେବା—Becoming old.
Bayasa jibā बयस बीतना
ବଏସ যাওয়া

ବୟସ ଗଲାନ ସର ଯୁଝି ଯୁଝିଲାର ପର ଏ ସଙ୍ଗେ ବିରୋଧ କରିବାର ଉଚିତ ।
ଉପେନ୍ଦ୍ର, ବୈଦେହୀଶବିଳାସ ।

**ବୟସ ସନ୍ଧି**—ଦେ. ବି—ବୟଃ ସନ୍ଧି (ଦେଖ)
Bayasa sandhi — Bayaḥ sandhi (See)

ବୟସ ସନ୍ଧି ନକ ନାସା, ନାସୁକ ଅଛ କ ଅବୋଧ ।
ଭୂପତି, ପ୍ରେମପଞ୍ଚାମୃତ ।

**ବୟସି**—ଦେ. ବିଣ. ପୁଂ. (ସଂ. ବୟଃସ୍ଥ)—(ଅନ୍ୟ ଶବ୍ଦ ସଙ୍ଗେ ପ୍ରଯୁଜ୍ୟ; ଯଥା—ସମବୟସି, ଅଧା ବୟସିଆ, ଷୋଳ ବୟସୀ, ପିଲା ବୟସିଆ, ଯୁବା ବୟସୀ, ସତର ବୟସୀ) ବୟସବିଶିଷ୍ଟ; ବୟସ୍ଥ; ଯାହାକୁ ଏତେ ବୟସ ହୋଇଅଛି—Aged; having reached such an age.
Bayasi
(ବୟସିଆ—ଅନ୍ୟରୂପ)
(ବୟସୀ—ସ୍ତ୍ରୀ)
বয়সী बयसी

ସତର ବୟସୀ ସତର ମନ, କତର ଯାହାକୁ ଅନୁଗମନ ।
କବିସୂର୍ଯ୍ୟ, କବିତା ।

**ବୟସିକା**—ଦେ. ବି. ସ୍ତ୍ରୀ. (ସଂ. ବୟସ୍ୟା)—ବୟସୀ (ଦେଖ)
Bayasikā — Bayasī (See)

**ବୟସୀ**—ଦେ. ବିଣ—୧ । ବୟସିର ସ୍ତ୍ରୀ ଲିଙ୍ଗ—1. Feminine of Bayasi. ୨ । ଯୁବତୀ—2. Youthful (lady).
Bayasī

କେ ମୋତେ ଦେବ ଯାଉ ନବୀନ ବୟସୀ । କୃଷ୍ଣସିଂହ, ମହାଭାରତ, ବନ ।

ଦେ. ବି. ସ୍ତ୍ରୀ. (ସଂ. ବୟସ୍ୟା)—ସ୍ତ୍ରୀର ସମବୟସ୍କା ସଖୀ; ଏକବୟସିଆ ସଖୀ—A woman's female companion of the same age.

ଭ୍ରାତେ ନବ ବୟସୀ ବୟସୀ ପାଶେ ବସି ବଶୀଭୂତ ଦର୍ଶନ ଅସେ ଯେ ।
ଉପେନ୍ଦ୍ର, କୋଟିବ୍ରହ୍ମାଣ୍ଡସୁନ୍ଦରୀ ।

**ବୟସ୍କ**—ଦେ. ବିଣ. ପୁଂ. (ସଂ. ବୟଃସ୍ଥ)—୧ । (ଯୁବା ବା ବୃଦ୍ଧ) ବୟସବିଶିଷ୍ଟ—1. Having reached a certain age (e. g. young or old). ୨ । ପୂର୍ଣ୍ଣଯୌବନ—2. Youthful; young. ୩ । ବୟଃସ୍ଥ; ପ୍ରାପ୍ତବୟାଃ; ସାବାଲଗ—3. Major; mature. ୪ । ଯେ ବୟସରେ ବଡ଼—4. Elderly; older in age.
Bayaska
(ବୟସ୍କା—ସ୍ତ୍ରୀ)
বয়স্ক
वयस्क

[ ଦ୍ର—ବୟଃ ଶବ୍ଦ ଅନ୍ୟ ଶବ୍ଦ ସଙ୍ଗେ ଯୁକ୍ତ ହେଲେ ସମସ୍ତ ପଦରେ ବୟସ୍କ ଆକାର ଧାରଣ କରେ । ଯଥା—ବୃଦ୍ଧବୟସ୍କ, ଅଳ୍ପ ବୟସ୍କ, ସମବୟସ୍କ; କିନ୍ତୁ ଏକୁଟିଆ ବୟସ୍କ ଶବ୍ଦର ପ୍ରୟୋଗ ସଂସ୍କୃତ ବ୍ୟାକରଣବିରୁଦ୍ଧ; ବୟଃସ୍ଥ ଶୁଦ୍ଧ ବ୍ୟବହାର ଅଟେ । ]

**ବୟସ୍କୃତ୍**—ସଂ. ବିଣ—(ବୟଃ + କୃ ଧାତୁ + କ୍ୱିପ୍)—ଆୟୁଃପ୍ରଦ—Giving longevity.
Bayaskṛut

**ବୟସ୍ଥ**—ସଂ. ବିଣ. ପୁଂ—ବୟଃସ୍ଥ (ଦେଖ)—Bayaḥstha (See).
Bayastha (ବୟସ୍ଥା—ସ୍ତ୍ରୀ)

**ବୟସ୍ଥା**—ସଂ. ବିଣ ଓ ବି—ବୟଃସ୍ଥା (ଦେଖ)—Bayaḥsthā (See).
Bayasthā

ବୟସ୍ଥା ଯହିଁ ଅନନ୍ତବତୀ କହୁ ବାର୍ତ୍ତା ସ୍ୱଭାବ ଭଣି ହେ—
ଉପେନ୍ଦ୍ର, ବୈଦେହୀଶବିଳାସ ।

**ବୟସ୍ୟ**—ସଂ. ବି. ପୁଂ—(ବୟସ୍ + ତୁଲ୍ୟାର୍ଥେ. ଯ)—୧ । ସଖା; ତୁଲ୍ୟ ବୟସ୍କ ବନ୍ଧୁ; ସମବୟସ୍କ ମିତ୍ର—1. Friends of the same age. ୨ । ସଙ୍ଗୀ; ସହଚର—2. Companion; comrade.
Bayasya (ବୟସ୍ୟା—ସ୍ତ୍ରୀ)

**ବୟସ୍ୟା**—ସଂ. ବି. ସ୍ତ୍ରୀ—(ବୟସ୍ୟ + ଆ)—୧ । ସଖୀ—1. A female companion. ୨ । ଇଟା (ତ୍ରି.ଶ)—2. Brick.
Bayasyā

**ବୟା**—ଗ୍ରା. ବି—(ସଂ. ବ୍ୟୟ)—୧ । ବ୍ୟୟ—1. Expenses. ୨ । (ଅନାଦରାର୍ଥକ) ବୈଷ୍ଣବ ବା ବୈକୁଣ୍ଠ ନାମକ ବ୍ୟକ୍ତିଙ୍କୁ ଡାକିବା ନାମ—2. Name by which Baishṇaba or Baikuṇṭha is called.
Bayā
(ବୟି, ବଇ—ଆଦରାର୍ଥକ ରୂପ)

ବୈଦେ. ବି—(ଇଂ. ବଏ)—ବୟାଁ (ଦେଖ)—Bayān (See).

ମାଛ ବାଲେଣ୍ଟର ବାବ ବାହାର ବୟା ପାଖରେ ପଡ଼ିଛି—
ଫକୀରମୋହନ, ଗଳ୍ପସ୍ୱଳ୍ପ ।

**ବୟାଅଶୀ**—ଦେ. ବି ଓ ବିଣ—(ସଂଖ୍ୟାବାଚକ) (ସଂ. ଦ୍ୱ୍ୟଶୀତି)—୮୨—Eightytwo; 82.
Bayā-asī बिरासी बियाशी
(ବୟାଶୀ—ଅନ୍ୟରୂପ)

ବୟାଁ—ବୈଦେ. ବି—(ଇଂ. ବୟ୍; ପର୍ତ୍ତୁଗୀଜ୍. ବୟା)—ନାବିକମାନଙ୍କୁ
Bayāñ ନଦୀ ସମୁଦ୍ରାଦିରେ ପଥ ନିରୂପଣ ବିଷୟରେ ସାହାଯ୍ୟ
বয়া(য়ঁা) କରିବାପାଇଁ ନଦୀ ବା ସମୁଦ୍ର ଗର୍ଭରେ ଭସା ଯାଇଥିବା
बोया ପୀପା—A buoy.

ବୟାଁ(ୟା)ନବେ—ଦେ. ବି ଓ ବିଣ—(ସଂ. ଦ୍ୱିନବତି; ପ୍ରା. ବାଣ୍ଣବଇ)—
Bayāñ(yā)nabe ୯୨; ଦ୍ୱ୍ୟଧିକ ନବତି—Ninetytwo
বিরান্নবই ବୟାଁଣୋଇ ପଦରେ ୯ ଗୋଟି ହେଲ ଶେଷ—
बिरानबे; बानबे ଉଷ୍ଟ. ବୈଦେହୀଶବିଳାସ ।
[ବୟାଁ(ୟା)ଣୋଇ, ବୟାଁ(ୟା)ଲବେ(ବେ୍), ବୟାଁ(ୟା)ଲୋଇ, ବୟାଁ(ୟା)-
ନ୍ନବେ(ବେ୍)—ଅନ୍ୟରୂପ]

ବୟାଁଳୁ—ପ୍ରାଦେ (ବାଲେଶ୍ୱର) ବି—(ସଂ. ବନ୍ୟ+ଆଳୁ)—ବଣଆଳୁ;
Bayāñlu କରିବା—Wild yam

ବୟାଁଳୁ ଗୋଡ଼(ଡ଼ା)—ପ୍ରାଦେ (ବାଲେଶ୍ୱର) ବି—ଛୋଟ ବୟାଁଳୁ ବା
Bayāñlu gorda(rdā) ବୟାଁଳୁର କ୍ଷୁଦ୍ର ଅଂଶ; ବଣଆଳୁର
ବାଟିଗ୍ରି—Small globes of wild yam.
(ଯଥା—ଏହା ଲତାର ଗଣ୍ଠିରେ ଆଳୁବାଟିଗ୍ରି ପରି ଧରେ)

ବୟାନ—ଦେ. ବି—(ସଂ. ବର୍ଣ୍ଣନ; ବ୍ୟାଖ୍ୟାନ; ଫା. ବୟାନ୍)—
Bayāna ୧ । ବାକ୍ୟ—1. Speech. ୨ । ବିବରଣ; ବର୍ଣ୍ଣନ;
বয়ান ବୃତ୍ତାନ୍ତ—2. Description; relation; narration.
बयान ୪ । ବ୍ୟାଖ୍ୟାନ; ବ୍ୟାଖ୍ୟା କରିବା—4. Explaining.
ବାବୁମାନଙ୍କ ଆଗରେ ସବୁ ହାଲ ବୟାନ କରଯାଇ—
ଫକୀରମୋହନ—ଗଳ୍ପସ୍ୱଳ୍ପ ।

ବୟାନ କରିବା—ଦେ. କ୍ରି—୧ । ବର୍ଣ୍ଣନା କରିବା—1. To des-
Bayāna karibā cribe; to relate; to narrate.
বয়ান করা ୨ । କଥା କହିବା—To speak. ୩ । ଟିକି ଟିକିକରି
बयान करना ବ୍ୟାଖ୍ୟା କରିବା—3. To expatiate upon; to
explain. ୪ । କିଛିଦିନ ପାଇଁ (ବର୍ଷା) ବନ୍ଦ କରିବା—
4. To stop; to cease for a time.
(ଯଥା—ଦୁଇଦିନ ହେଲା ବର୍ଷା ବୟାନ କରିଛି)

ବୟାମ୍—ଦେ. ବି. (ସଂ. ବହ୍ ଧାତୁ)—ଚିନା ମାଟିର ବଡ଼ମୁହାଁ ବୋତଲ-
Bayām A wide-mouthed bottle or jar made of
বোয়াম बयाम,बोयाम porcelain or china clay.
[ଦ୍ର—ଏଥିରେ ଆଚାର ଆଦି ରଖାଯାଏ ।]

ବୟାର—ଦେ. ବି. (ସଂ. ବାୟୁ)—ବତାସ; ତୋଫାନ; ପ୍ରବଳ ବାୟୁ; ଝଡ଼-
Bayāra বাতাস बयार[रा] Tempest; gale
ପ୍ରାଦେ (କଟକ) ବି—ଝାଡ଼ା ବାନ୍ତି—Cholera.

ବୟାରିଆ—ଦେ. ବିଣ—ତୋଫାନିଆ; ପ୍ରବଳବାୟୁଯୁକ୍ତ (ଋତୁ)—
Bayāriā বাতাসে बयारिया Tempestuous (weather)

ବୟା(ୟାଁ)ଳ୍—ବିଣ, ପୁଂ. (ସଂ. ବାଚାଳ)—ଯେ ଗୁଡ଼ାଏ ବୟାନ୍ କରେ;
Bayā(yāñ)l ବାବଦୂକ; ଯେ ଗୁଡ଼ାଏ ଗପେ; ବାଚାଳ—
[ବୟା(ୟାଁ)ଳୀ—ସ୍ତ୍ରୀ] বকুয়া बकवादी Talkative;
garrulous.

ବୟାଳିଶ(ଶି)—ଦେ. ବି ଓ ବିଣ (ସଂଖ୍ୟାବାଚକ) (ସଂ. ଦ୍ୱିଚତ୍ୱାରିଂଶତ୍,
Bayālisa(śi) ପ୍ରା. ବି ଚତ୍ତାଳୀସ)—ଦୁଇ ଅଧିକ ଚାଳିଶ, ୪୨—
বেয়ালীস बयालीस 42; Fortytwo.

ବୟାଶି—ଦେ. ବି ଓ ବିଣ. (ସଂଖ୍ୟାବାଚକ)—ବୟାଅଶୀ (ଦେଖ)—
Bayāśi Bayā-aśi (See)
ବୟାଶୀ ପଦେ ଛନ୍ଦ ଭ୍ରାନ୍ତ । ଉଷ୍ଟ. ବୈଦେହୀଶବିଳାସ ।
ପ୍ରାଦେ. (ବାଲେଶ୍ୱର) ବି—ଚାଷୀର ଖଳାରୁ ମହଣ ଦରରେ
ଧାନ କିମ୍ବା ଚାଉଳ ଆଣିଲେ ଦୁଇମହଣ ସ୍ଥଳରେ ବୟାଶୀ ସେର
ମିଳେ, ପ୍ରତ୍ୟେକ ମହଣରେ ମିଳିବା ଏହି ଅଧିକା ଏକସେର—
The extra seer per maund given to the
purchaser of two maunds purchased from
the threshing floor of a husbandman.
[ଦ୍ର—ଯଥା ମହଣେ ଦରରେ ମୋତେ ୧ ସେର ବୟାଶି
ମିଳିବ ।]

ବୟିବା—ଦେ. କ୍ରି. (ସଂ. ବ୍ୟୟ)—୧ । ବଏ କରିବା (ଦେଖ)—
Bayibā 1. Bae-karibā (See) ୨ । ବ୍ୟୟ କରିବା—2. To
spend.

ବୟୋଗତ—ସଂ. ବିଣ. ପୁଂ. (୨ୟା ତତ୍, ବୟଃ+ଗତ)—ବୃଦ୍ଧ—
Bayogata (ବୟୋଗତା—ସ୍ତ୍ରୀ) Aged; old.

ବୟୋତୀତ—ସଂ. ବିଣ. ପୁଂ. (ବୟଃ+ଅତୀତ)—ବୃଦ୍ଧ—Aged; old.
Bayotīta (ବୟୋତୀତା—ସ୍ତ୍ରୀ)
[ଦ୍ର—ସଂସ୍କୃତରେ ଏ ଶବ୍ଦ ବୟୋଽତୀତ ରୂପେ ଲେଖାଯାଇ
ୟୋ ଏବଂ ତୀ ମଧ୍ୟରେ ଲୁପ୍ତ ଅକାର ଚିହ୍ନିତ ହୁଏ ।]

ବୟୋବୃଦ୍ଧ—ସଂ. ବିଣ. ପୁଂ. (ବୟଃ+ବୃଦ୍ଧ)—୧ । ଯେ ଆପଣାଠାରୁ
Bayobṛuddha ବୟସରେ ବଡ଼—1. Elderly; senior.
(ବୟୋବୃଦ୍ଧା—ସ୍ତ୍ରୀ) ୨ । ବୁଢ଼ା; ବୟସରେ ବୃଦ୍ଧ—2. Aged;
of an advanced age

ବୟୋବୃଦ୍ଧି—ସଂ. ବି. (୬ଷ୍ଠୀ ତତ୍; ବୟଃ+ବୃଦ୍ଧି)—ବୟସର ବୃଦ୍ଧି;
Bayobṛuddhi ବୟସର କ୍ରମେ କ୍ରମେ ବଢ଼ିବା—Increase of
years; gradual advance in age

ବର୍ (ଧାତୁ)—ସଂ—୧ । ଅବ୍ୟକ୍ତ ବା ଅସ୍ପଷ୍ଟ ଶବ୍ଦ କରିବା—
Bar (root) 1. To make an inarticulate sound
୨ । ଅବୋଧ୍ୟ ଭାଷାରେ କଥା କହିବା—2. To speak
in a language which cannot be understood;
to babble.

ବର୍ କଦମ୍—ବୈଦେ. ବି. (ଫା)—କାଶିନ୍ଦ ଆଚାର—A kind of
Bar-kadam कासन्दी बरकद्दम cooked mango-pickle.

ବର୍ କରାର—ବୈଦେ. ବିଣ (କଚେରୀଆ) (ଫା)—୧ । କାଏମ୍; ସୁସ୍ଥିର—
Bar-karār 1. Confirmed. ୨ । ଉପସ୍ଥିତ; ମୌଜୁଦ୍—
বরকরার बरकरार 2. Present; ready; in stock.

ବର୍ ଖିଲାପ୍(ଫ୍)—ବୈଦେ. ବିଣ. (କଚେରୀଆ) (ଫା. ବର୍+ଅ. ଖିଲାଫ୍)—
Bar-khilāp(ph) ପ୍ରତିକୂଳ; ବିରୁଦ୍ଧ—Opposite;
বরখেলাপ बरखिलाफ unfavourable.
ବୈଦେ. ବି—୧ । ପ୍ରତିକୂଳତା—1. Opposition. ୨ । ତ୍ରୁଟି—
2. Negligence.

ବର୍ଖୀ—ପ୍ରାଦେ. (ସମ୍ବଲପୁର) ବି—ରେଜେଇ (ଦେଖ)
Bar-khi Rejei (See)

ବର୍ଗାଏ(ୟ୍)—ପ୍ରାଦେ. (ଲଣ୍ଠ) ବ—ଗଉଡ଼—
Bar-gāe(y) Cowherd.

ବର୍ ତରଫ୍—ବୈଦେ. ବଣ ( କଚରଥ ) (ଫା. ବର୍+ଅ. ତର୍ଫ୍)—
Bar-taraph ୧ । ଅଲଗା; ପୃଥକ୍—1. Separate. ୨ ।
बरतरफ ବରଖାସ୍ତ; କାର୍ଯ୍ୟରୁ ବହିଷ୍କୃତ—2. Dismissed
बरतरफ or removed from service.

ବର୍ନା—ପ୍ରାଦେ. (ସମ୍ବଲପୁର) ବ. (ତୁଳ. ହି. ବଢ଼ନୀ)—ବଢ଼ିଣୀ;
Bar-nā ଝାଡ଼ୁ—Broomstick.

ବର୍ନାଁ(ନେଁ)ଇବା—ପ୍ରାଦେ. ( ସମ୍ବଲପୁର) କ୍ରି. (ତୁଳ. ହି. ବାଢ଼ନା )—
Bar-nāñ(neñ)ibā ଓଳାଇବା; ଝାଡ଼ିବା—To sweep ( a house ).

ବର୍ପାଲ୍—ପ୍ରାଦେ. (ସମ୍ବଲପୁର) ବ—ବର ଗଛର ଓହଳ—Aerial.
Bar-pāl root of a banyan tree
[ ଦ୍ର—ଏହି ଶବ୍ଦରୁ ବରପାଲି ଗ୍ରାମର ନାମକରଣ ହୋଇ-ଅଛି । ]

ବର୍ବଟି—ପ୍ରାଦେ. (ସମ୍ବଲପୁର) ବ. (ସ. ବର୍ବଟୀ)—ଝୁଡ଼ଙ୍ଗ (ଦେଖ)
Bar-baṭi Jhurḍaṅga ( See )

ବର୍ବୁଡ଼ି—ପ୍ରାଦେ. (ସମ୍ବଲପୁର) ବ• ( ସ. ବର୍ବଟୀ )—ବରଗଡ଼ାଝୁଇଁ—
Bar-burḍi A kind of bean; Vigna Semensis.

ବର୍ର ବର୍ର ହେବା—ଦେ. କ୍ରି—କୌଣସି ଉପସ୍ଥିତ ଘଟଣାରେ ବିରକ୍ତ
Bar-ra bar-ra hebā ବା ଅସନ୍ତୁଷ୍ଟିସୂଚକ ଶବ୍ଦ କରିବା—
To grumble; to whimper.

ବର୍ହମ୍ପୁଲ୍—ପ୍ରାଦେ. (ସମ୍ବଲପୁର) ବଣ—ଏକଦମ୍ ଫୋମ୍ପା –
Bar-ham-pulā Entirely hollow.

ବର୍ହା—ପ୍ରାଦେ. ( ସମ୍ବଲପୁର ) ବ—ବନ୍ୟବରାହ; ବାର୍ହା—
Bar-hā Wild boar.

ବର—ସ. ବଣ. ପୁଂ. ( ବୃ ଧାତୁ=ବରଣ କରିବା+କର୍ମ. ଅ )—
Bara ୧ । ପ୍ରବର; ଶ୍ରେଷ୍ଠ; ପ୍ରଧାନ; ଉତ୍କୃଷ୍ଟ—1. Chief;
(ବରା—ସ୍ତ୍ରୀ) best; excellent.

ବଜାଇ କମ୍ବୁବର, ବାହୁଡ଼େ ଭରତର— ଉତ୍କ. ବୈଦେହୀଶବିଳାସ ।

[ ଦ୍ର—ଏହା ସାଧାରଣତଃ ଅନ୍ୟ ଶବ୍ଦ ସଙ୍ଗେ ସମାସରେ ବ୍ୟବହୃତ ହୁଏ; ଯଥା—ନୃପବର, ମିତ୍ରବର, ଯୋଦ୍ଧାବର, ବରପୁତ୍ର, ବରବର୍ଣ୍ଣିନୀ, ବରାଙ୍ଗ, ବରାରୋହା ଇତ୍ୟାଦି । ]

୨ । ଅଭୀଷ୍ଟ; ଇପ୍ସିତ—2. Wished-for. ୩ । ଅଳ୍ପ—
3. Little.

ସ. ବ—୧ । ନବବିବାହିତ ପୁରୁଷ—1. A newly married man. ୨ । ଜୋଇଁ; ଜାମାତା—2. Son-in-law. ୩ । ଭର୍ତ୍ତା; ପତି; ସ୍ୱାମୀ—3. Husband.

ବଧିଲେ ଦେବରବର ବରାରୋହା ମଟେ ବର—
ଉତ୍କ. ବୈଦେହୀଶବିଳାସ ।

୪ । ବିବାହାର୍ଥ ସ୍ତ୍ରୀସ୍ୱୀକୃତ ପାତ୍ର—4. Bridegroom elect. ୫ । ଆଶୀର୍ବାଦ—5. Blessing. ୬ । ଅଭୀଷ୍ଟ ଲାଭ ବା ପ୍ରାର୍ଥନାପୂରଣସୂଚକ ଆଶୀର୍ବାଦ ବା ପ୍ରତିଶ୍ରୁତି—6. Boon; blessing or promise for the fulfilment of one's wishes.

ପୂର୍ବେ କଠୋର ତପ କରି
ବର ମାଗିଲେ ସୃଷ୍ଟି ହରି – ଜଗନ୍ନାଥ. ଭାଗବତ ।

[ ଦ୍ର—୧. ଦେବତାଙ୍କଦ୍ୱାରା ବା ଅଭୀଷ୍ଟପୂରଣ କରିବାକୁ ସମର୍ଥ ବ୍ୟକ୍ତିଙ୍କଦ୍ୱାରା ନିଜର ଅଭୀଷ୍ଟ ବା ମନୋରଥ ସିଦ୍ଧିକୁ ବର ବୋଲାଯାଏ, ଯଥା—ମୁଁ ପରମେଶ୍ୱରଙ୍କୁ 'ଭାଷାକୋଷ' ପୂରଣ ବର ମାଗୁଛି । ୨. ଦେବତା ବା ଅଭୀଷ୍ଟପୂରକ ବ୍ୟକ୍ତିଙ୍କଠାରୁ ଆଶୁ ବା ଭବିଷ୍ୟତରେ ମନୋରଥ ସିଦ୍ଧିସୂଚକ ଯେଉଁ ଅଭୟବାଣୀ ବା ଆଶୀର୍ବାଦ ମିଳେ ତାକୁ ବର ବୋଲାଯାଏ, ଯଥା—ହେ ପରମେଶ୍ୱର ! ଭାଷାକୋଷର ପୂର୍ତ୍ତି ପାଇଁ ବର ମୋତେ ମିଳୁ । ୩. ପ୍ରାର୍ଥିତ ଅଭୀଷ୍ଟ ବା ମନୋରଥକୁ ମଧ୍ୟ ବର ବୋଲାଯାଏ । ]

୭ । ବାଳକ—7. Boy. ୮ । କାଫ୍ରାନ; କୁଙ୍କୁମ—8. Saffron. ୯ । ଶିବ; ମହାଦେବ—9. Siba. ୧୦ । ଦେବତା ଆଦିଙ୍କ ଆଶୀର୍ବାଦରୁ ଅଭୀଷ୍ଟ ପ୍ରାପ୍ତି ବା ମନୋରଥ ସିଦ୍ଧି—10. Fulfilment of one's wishes through Divine Grace. ୧୧ । ଷିଙ୍ଗ; ଲମ୍ପଟ ବ୍ୟକ୍ତି; ରଭସ୍ଥଣ୍ଡକ—11. An adulterer; lecher. ୧୨ । ଜାର; ଉପପତି—12 Paramour; lover. ୧୩ । ଅସୁରବିଶେଷ—13. Name of a demon. ୧୪ । ବେଢ଼ିବା; ବେଷ୍ଟନ—14. Surrounding; encompassing. ୧୫ । ଛତାବରି; ଛତୌରି—15. Asparagus Racemosus. ୧୬ । ତ୍ୱକ୍; ଚମଡ଼ା—16. Skin. ୧୭ । ଛାଲି; ବକଳ—17. Bark. ୧୮ । ଆର୍ଦ୍ରକ; ଅଦା—18. Ginger. ୧୯ । ଗୁଗ୍ଗୁଳ ( ହି. ଶ. )—19. Bdellium. ୨୦ । ଡାଲଚିନି ( ହି. ଶ )—20. Cinnamon. ୨୧ । ସୈନ୍ଧବ ଲବଣ ( ହି. ଶ. )—21. Rocksalt. ୨୨ । ପିୟାଲଗଛ ( ହି. ଶ. )—22. Buchanania Latifolia ( tree ). ୨୩ । ବଉଳ ଗଛ ( ହି. ଶ. )—23. Mimusops Elengi ( tree ). ୨୪ । ହଳଦୀ (ହି. ଶ.)—24. Turmeric. ୨୫ । ବାୟା ଚଢ଼େଇ (ହି. ଶ.)—25. The weaver bird.

ବট, বড় ଦେ. ବ.—(ସ. ବଟ )—୧ । ବଟବୃକ୍ଷ—1. The
बड, बर, बरगद banyan tree; Ficus Indica; Ficus Bengalius.

ସ. ନାମ—ବଟ, ବଟପୀ, ସ୍କନ୍ଧରୁହ, ସ୍କନ୍ଧଜ, ମଣ୍ଡଳୀ, ମହାଛାୟ, ଭୃଙ୍ଗୀ, ଧ୍ରୁବ, ନୀଲ, ଯମ ପ୍ରିୟ, ଯକ୍ଷାବାସ, ଯକ୍ଷ ତରୁ, ପାଦରୋହଣ, କ୍ଷୀରୀ, ଶିଫାରୁହ, ରକ୍ତ ଫଳ, ଶୃଙ୍ଗୀ, ନ୍ୟଗ୍ରୋଧ, ବୃହତ୍ପାଦ, ବୈଶ୍ରବଣୋଦୟ, ବୈଶ୍ରବଣାବାସ, ଭୃଙ୍ଗନାଥ, ଯମପ୍ରିୟ, କର୍ମଜ, ଭାଣ୍ଡୀର,

[ଦ୍ର—ଏହା ପ୍ରସିଦ୍ଧ ବସ୍ତୀର୍ଣ୍ଣଶାଖ ଅବରୋହବିଶିଷ୍ଟ ବୃହତ୍ ବୃକ୍ଷ । ଏହା ଉଚ୍ଚତାରେ ୧୦୦ ଫୁଟ ଓ ପରିଧିରେ ତୁଇ ହଜାର ବର୍ଗ ଗଜ ପର୍ଯ୍ୟନ୍ତ ବଢ଼େ । ଏଥିର ସ୍କନ୍ଧରୁ ଓ ଶାଖାରୁ ଅବରୋହ ( ଓହଳ )ମାନ ବାହାରି ତଳ

କଞ୍ଚୀଲ, କଞ୍ଚାଲ, ରୋହଣ, ଅବରୋହୀ, ବହୁପାଦ, ବନସ୍ପତି । ଅଡ଼କୁ ଲମ୍ବି ଭୂମିରେ ସଲଗ୍ନ ହୁଏ । ଏ ଗଛର ପଲ୍ଲବ କୋମଳ ଓ ଲୋମଶପୃଷ୍ଠ । ଫଳଗୁଡ଼ିକ ଶ୍ଳେଟ ବରକୋଳ ପରି ଗୋଲ ଓ ପାଚଲେ ଚୋପା ନାଲିଆ ଦିଶେ । ଫଳ ମଧ୍ୟସ୍ଥ ଅସଂଖ୍ୟ ମଞ୍ଜି ହଳଦିଆ ଓ ରେଣୁବତ୍ । ଗୋଟିଏ ଫଳରେ ବହୁସହସ୍ର ମଞ୍ଜି ଥାଏ । ଡିମ୍ବିରି ଓ ଓସ୍ତ ପରି ଏହାର ଫଳରେ ଫୁଲ ଥାଏ । ଏ ଫଳକୁ (କମ୍ପ ଫଳ ପରି) ଭୁଆମାନେ ଖାଇ ହଗିଲେ ସେହି ମଞ୍ଜିରୁ ଗଛ ଉଠେ । ମଞ୍ଜିମାନ ପଥର ଦେଉଳ, କାନ୍ଥ, କୋଠା ଛାତ, ଅନ୍ୟ ବୃକ୍ଷ (ଯଥା—ତାଳ, ଖଜୁରି, ଆମ୍ବ)ର କୋରଡ଼ରେ ପଡ଼ି ବା ଲାଗିରହି ବଡ଼ ବଡ଼ ଗଛ ଜନ୍ମେ । ବରଗଛର ଚେର ଦେଉଳ, କୋଠା ଆଦିର କାନ୍ଥ ସନ୍ଧିକୁ ଭେଦ କରିବା ଓ ପଥର ଇଟା କାନ୍ଥକୁ ଫଟାଇବା ଦେଖାଯାଏ । ଅନ୍ୟ ବୃକ୍ଷର କୋରଡ଼ରୁ ଗଛ ଉଠି ଗଛର ଚେର ଉକ୍ତ ଗଛକୁ ଚିପି କରି ମାରିପକାଏ । ବରଗଛର ଡାଳ ନେଇ ପୋତିଲେ ତାହା ବଞ୍ଚି ଗଛ ହୁଏ ।

ଅତି କ୍ଷୁଦ୍ର ବର ମଞ୍ଜିରୁ ମହା ପ୍ରକାଣ୍ଡ ବୃକ୍ଷ ଜନ୍ମେ । ଗୋଟିଏ ଗୋଟିଏ ଗଛର ବିସ୍ତୃତ ଡାଳମାନ ପ୍ରକାଣ୍ଡ ଭୂଖଣ୍ଡକୁ ଆବୃତ କରେ ଓ ଏଥିର ଲମ୍ବ ଡାଳମାନଙ୍କରୁ ଓହଳମାନ ଭୂମିକୁ ଲାଗି ଉକ୍ତ ଡାଳମାନଙ୍କୁ ସମୂଳ ଟେକି ଧରେ । କାଳକ୍ରମେ ଉକ୍ତ ଓହଳମାନ ଗଛର ଗଣ୍ଡି ରୂପେ ପରିଣତ ହୁଏ । ଏ ଗଛ ପତ୍ରଗହଳ ଥିବାରୁ ଛାୟା ପାଇଁ ଲୋକେ ଏହାକୁ ହାଟ, ବାଟ ଓ ରାଜପଥ ପାଖରେ ଲଗାନ୍ତି । ହିନ୍ଦୁମାନେ ଏ ଗଛକୁ ପୂଜା କରନ୍ତି । ଏହାର ପତ୍ର ବସନ୍ତକାଳରେ ଝଡ଼ି ପଡ଼େ, ପୁଣି ନୂଆ ପତ୍ର କଅଁଳେ । ଲୋକେ ବର ଓ ଅଶ୍ୱତ୍ଥ ଗଛକୁ ଏକ ସଙ୍ଗରେ ଲଗାଇ ବର ଗଛକୁ କନ୍ୟା ଓ ଅଶ୍ୱତ୍ଥ ଗଛକୁ ବର କଳ୍ପନା କରି ବିଭା କରାନ୍ତି ଓ ହିନ୍ଦୁମାନେ ଏହି ବର ଓସ୍ତ ବିଭାକୁ ଧର୍ମ କାର୍ଯ୍ୟ ବୋଲି ଗଣନା କରନ୍ତି; କିନ୍ତୁ ଛାୟାଦାନ ପାଇଁ ବର ଓ ଓସ୍ତ ଗଛ ଲଗାଇବା ଏଥିର ମୌଳିକ ଉଦ୍ଦେଶ୍ୟ । ବର-ଅଠା ଔଷଧରେ ଲାଗେ । ବର ଡାଳକୁ ହାତୀ ଖାଆନ୍ତି ଓ ବରକାଠ ଜାଳ ହୁଏ । ଗରିବ ଲୋକମାନେ ବର ଡାଳରେ ଘରର ଖୁଣ୍ଟ କରନ୍ତି । ବରଗଛ ବହୁକାଳ ବଞ୍ଚେ । ବିଶେଷ ବିଶେଷ ବରଗଛକୁ ଲୋକମାନେ ଉକ୍ତରୂପ ସ୍ଥାନୀୟ ନାମରେ ଡାକନ୍ତି ଯଥା— କାଞ୍ଚିଆ ବର, ଫାସିଦିଆ ବର, ଯୋଗିଆ ବର, ବଗୁଲି ବର ଇତ୍ୟାଦି । ବୈଦ୍ୟଶାସ୍ତ୍ର ଅନୁସାରରେ ଏହା ଶୀତବୀର୍ଯ୍ୟ, ଗୁରୁ, ଧାରକ, ବର୍ଣ୍ଣ ପ୍ରସାଦକ ଓ କଷାୟ ରସ ଓ କଫ, ପିତ୍ତ, ବ୍ରଣ, ଦାହ, ତୃଷ୍ଣା, ମେହ ଓ ଯୋନିଦୋଷନାଶକ । ଏକ ପ୍ରକାର ବରଗଛର ଡାଳମାନ ଲଟା ପରି କଅଁଳ ଓ ଡାଳର ଅଗମାନ ନଇଁ ପଡ଼ି ଥାଏ । ବର ଜାତୀୟ ଏକ ପ୍ରକାର ଗଛର ଅଠାରୁ ରବର ହୁଏ ।]

ଦେ. ବିଶେଷ ବିଣ—ମହାନ୍; ଅତ୍ୟନ୍ତ— Very; very much.

ବର ଭଲିତ ଭଲିତ ଭଣିବା ବସ୍ତାନ
କହିତ କରିଛ କହି କହୁଛି ବଚନ—ଉକ୍ତ. ବୈଦେହୀଶବିଳାସ ।

ଗ୍ରା. ବି.—(ବାକ୍ୟର କଣ୍ଠସ୍ଥ ଅବ ମାତ କାହିଁକି ଉଚ୍ଚାରଣ ଦୋଷରୁ ଲ ସ୍ଥାନରେ ର ଉଚ୍ଚାରଣ)—୧ । ବଳ— 1. Strength. ୨ । କ୍ଷମତା—2. Power.

ସଂ. ପ୍ରତ୍ୟୟ (ସଂ. ବରଚ୍)—ବଶିଷ୍ଟାର୍ଥ ଓ ଅତ୍ୟନ୍ତାର୍ଥବୋଧକ ପ୍ରତ୍ୟୟ—(meaning) A suffix; greatly. (ଯଥା—ଭାସ୍ୱର, ଇଶ୍ୱର ।)

**ବର ଓସ୍ତ**—ଦେ· ବି.—(ସଂ. ବଟ+ଅଶ୍ୱତ୍ଥ)—ବର ଗଛ ଓ ଅଶ୍ୱତ୍ଥ ଗଛ—The banyan tree and the religious fig tree.
Bara osta
ବଟ অশ্বথ **बर पिपल** (ବର ଓସସ୍ତ—ଅନ୍ୟରୂପ)

**ବର ଓସ୍ତ ବିଭା**—ଦେ. ବି.—(ସଂ. ବଟ+ଅଶ୍ୱତ୍ଥ+ବିବାହ)—ନିକଟରେ ଲଗାଲଗି ହୋଇ ରୋପିତ ହୋଇଥିବା ବା ମନକୁ ଉଠିଥିବା କନ୍ୟାରୂପେ କଳ୍ପିତ ବର ଗଛ ସଙ୍ଗେ ବର ରୂପେ କଳ୍ପିତ ଅଶ୍ୱତ୍ଥ ବୃକ୍ଷର କାଳ୍ପନିକ ବିବାହ ଉପଲକ୍ଷରେ ଅନୁଷ୍ଠିତ ଉତ୍ସବ—A mock marriage ceremony performed between a banyan and a religious fig tree planted side by side.
Bara osta bibhā
ବର ଓସ୍ତ ବାହା, ବର ଓସ୍ତ ଘର—ଗ୍ରାମ୍ୟରୂପ
বট অশ্বথ বিবাহ
**बरपिपलकी सादी**

[ଦ୍ର—ଏ ବିବାହ ଅନୁଷ୍ଠାନରେ ହଳଦିଆ ସୂତା ଏ ଦୁଇ ଗଛର ଗୁଡ଼ିର ପାଖେ ବେଢ଼ାଇ ଦିଆଯାଏ ।]

**ବର ଓହ(ହୋ)ଳ**—ଦେ. ବି.—(ସଂ. ବଟ+ଅବରୋହ)—ବରଗଛର ଶାଖାରୁ ଯେଉଁ ଚେରମାନ ବାହାରି ତଳକୁ ମୁହାଁଏ—The aerial roots which a banyan tree throws out towards the ground from the branches.
Bara oha(ho)la
বটের ঝুরি
**बरगदकी जटा**

**ବରଂ**—ସଂ. ଅ.—(ବୃ ଧାତୁ=ଆବରଣ କରିବା+ଅମ୍)— ୧ । ଏକ ପକ୍ଷରେ—1. On the one hand.
Barm **वरन**
(ବରଂତ—ଅନ୍ୟରୂପ)

ବରଂ ନିବାସ ଭଲ ରଣ କ୍ଷେତ୍ରରେ,
ଉପରେ ସଦା ପଡ଼ୁଁ ଭୂତସୁ ଅରେ,
କିନ୍ତୁ ଏ ଶ୍ରମ ସ୍ଥଳେ ରାଜ୍ୟ ପ୍ରାପତ
ଅଟଇ ମୋ ବିଗ୍ରହେ ଅଧମ ଗତ ।
—ମଧୁସୂଦନ. ବର୍ଜିନ ଦ୍ୱୀପରେ ନିର୍ବାସିତର ବିଳାପ ।

୨ । ଅଧିକନ୍ତୁ—2. Moreover. ୩ । ଅପେକ୍ଷାକୃତ ଉତ୍କୃଷ୍ଟ ବା ଉତ୍ତମ—3. Rather good. ୪ । ଇଚ୍ଛାର ବିଷୟୀଭୂତ—4. Desirable.; optional ୫ । ଅନ୍ୟ ବିଷୟ ଅପେକ୍ଷା ଶ୍ରେୟସ୍କର—5. Preferable to anothe matter.

**ବରକ୍**—ବୈଦେ. ବି. (ଆ)—୧ । ପତ୍ର; ପର୍ଣ୍ଣ—1. Leaf of a tree. ୨ । ପୁସ୍ତକର ପତ୍ର—2. Leaf of a book. ୩ । ସୁନା ରୁପାର ଖୁବ୍ ପତଳା ପତ୍ର; ତବକ (ଯାହା ମିଠାଇ ଆଦି ଉପରେ ଲଗା ଯାଏ)—3. Very thin leaf of gold or silver.
Barak
বরক
**बरक**

**ବରକ**—ସଂ. ବିଣ· ପୁଂ. (ବୃ ଧାତୁ+କର୍ତ୍ତୃ. ଅକ)—୧ । ବରଣକାରୀ— 1. Choosing. ୨ । କନ୍ୟାର ବିବାହପ୍ରାର୍ଥୀ—2. Wooing; asking a female in marriage;
Baraka
(ବରିକା—ସ୍ତ୍ରୀ)

ସ. ବି—୧ । ଆଚ୍ଛାଦନ ବସ୍ତ୍ର—1. A covering cloth; cloak. ୨ । ଚିନା ଧାନ୍ୟ—2. A kind of fine grain. ୩ । ବନ୍ୟ ମୁଦ୍ଗ (ପ୍ରକୃତିବାଦ)—3. A wild pulse. ୪ । ଯୋତାଚ୍ଛାଦନ (ପ୍ରକୃତିବାଦ)—4. A covering for a ship. ୫ । ପ୍ରିୟଙ୍ଗୁ (ଦ୍ର. ଶ)—5. Priyangu (See) ୬ । ବନ୍ୟ ବଦର (ଦ୍ର. ଶ)—6. Wild jujube (tree). ୭ । (ବର+ସ୍ୱାର୍ଥେ, କ) ବର; ଅଭୀଷ୍ଟ ଫଳ—7. Boon (Apte). ୮ । କନ୍ୟାର ବିବାହ ପ୍ରାର୍ଥୀ ବ୍ୟକ୍ତି—8. Suitor; one who asks a female in marriage; wooer (Apte). ୯ । (ବୃ ଧାତୁ+କରଣେ. ଅକ) ଗାମୁଛା; ତଉଲିଆ—9. A towel; wiper (Apte). ୧୦ । (+କର୍ମ. ଅକ). ବନ୍ୟ ଶିମ୍ବବିଶେଷ—10. A kind of wild bean (Apte).

**ବରକତ(ତି)**—ବୈଦେ. ବି. (ଅ. ବରକତ୍=ବୃଦ୍ଧି)—୧ । ପ୍ରାଚୁର୍ଯ୍ୟ—
Barakata(ti)　बरकत　**बरकत**　1. Plenty.
୨ । ସୌଭାଗ୍ୟ—2. Good fortune. ୩ । ମଙ୍ଗଳ—3. Bliss. ୪ । ଉନ୍ନତି; ଶ୍ରୀବୃଦ୍ଧି; ବଢ଼ତି—4. Prosperity.

ନୟରେ ବରକତ; ନୟରେ ବରକତ—ଢଗ ।

୫ । ସଫଳତା—5. Success. ୬ । ବୃଦ୍ଧି—6. Increase. ୭ । ପୂର୍ଣ୍ଣତା—7. Fullness; completion.

**ବରକତି**—ବୈଦେ. ବିଣ. (ଅ. ବରକତୀ)—୧ । ଭାଗ୍ୟବାନ—
Barakatī　बरकते　**बरकती**　1. Lucky; fortunate; (ବରକତିଆ—ଅନ୍ୟରୂପ) ୨ । ଶ୍ରୀବୃଦ୍ଧିଶାଳୀ—2. Prosperous; ୩ । ପ୍ରାଚୁର୍ଯ୍ୟପୂର୍ଣ୍ଣ—3. Full of plenty.

**ବର କନିଆଁ**—ଗ୍ରା. ବି. (ଦ୍ୱନ୍ଦ୍ୱ ଲିଙ୍ଗ ସହଚର; ବର+କନ୍ୟା)—
Bara kaniāṅ　ବର କନ୍ୟା (ଦେଖ)—Bara kanyā (See)
বর কনে　**दुल्हा दुल्हिन, बनरा बनरी**

**ବରକନ୍ଦାଜ**—ବୈଦେ. ବି. (ଅ ଓ ଫା. ବର୍‌କନ୍ଦାଜ୍; ଅରବୀ ବରକ୍
Barakandāj　=ବିଦ୍ୟୁତ୍, ବଜ୍ର ବା ଆଗ୍ନେୟାସ୍ତ୍ର+ଅନ୍ଦାଜ୍
বর কন্দাজ, সাপাহী　ପ୍ରତ୍ୟୟ=ନିକ୍ଷେପକ; ବଜ୍ର ନିକ୍ଷେପକ ଯୋଦ୍ଧା;
**बर कन्दज**　ଯେ ଆଗ୍ନେୟାସ୍ତ୍ର ବା ବନ୍ଧୁକ ଧରି ପ୍ରଭୁଙ୍କ ସଙ୍ଗରେ ଯାଏ ।

ବର କନ୍ଦାର
ବର୍କନ୍ଦାଜ୍(ଜ୍)
ବର୍‌କନ୍ଦାଜ୍(ଜ୍)
} ତୁଳନା କର ସ. ପରସ୍କନ=ଅନ୍ତଃ ଅନ୍ୟରୂପ ପୁରର ରକ୍ଷକ)—୧ । ଚପରାସୀ; ପିଆଦା—1. Peon.

ଦେଖ ଦାନ ନାନା ସଜା ସବୁ ନାଚ ଭୁଲ ବଜାଇବାହାର
ହୋଇଲେ ବରକନ୍ଦାଜ ।　　ବ୍ରଜନାଥ. ସମର ତରଙ୍ଗ ।

୨ । ଅର୍ଦ୍ଦଳୀ; କନଷ୍ଟେବଲ୍—2. An orderly.; constable.

× × × ଲକ୍ଷ କଣାରୁ ପ୍ରସ୍ତାବ ମୁକ୍ତି ଜମାଦାର
ବରକନ୍ଦାଜ ସହାଶେ ନେବାରଣ ସ୍ୱୀକାର କଥା ।
　　ଫକୀରମୋହନ. ଛଅମାଣ ଆଠଗୁଣ୍ଠ ।

୩ । ସିପାଇ; ପଦାତିକ—3. A foot soldier. ୪ । ବନ୍ଧୁକ ଧାରୀ ପ୍ରହରୀ—4. A watchman armed with a gun. ୫ । ଯଷ୍ଟିଧାରୀ ପ୍ରହରୀ—5. A guardsman armed with a baton.

**ବର କନ୍ୟା**—ସ. ବି—୧ । (ଦ୍ୱନ୍ଦ୍ୱ) ବରପାତ୍ର ଓ କନ୍ୟାପାତ୍ର—
Bara kanyā　1. Bridegroom elect and bride elect. ୨ । ନବବିବାହିତା ପୁରୁଷ ଓ ବଧୂ—3. Bridegroom and bride. ୩ । (କର୍ମଧା) ଉତ୍କୃଷ୍ଟା କନ୍ୟା ବା ବିବାହିତା ସ୍ତ୍ରୀ—3. An excellent bride or married woman.

**ବରକନ୍ୟା ପ୍ରସଙ୍ଗ**—ସ. ବି—କୌଣସି ବିବାହଯୋଗ୍ୟ ବାଳକ ପାଇଁ
Barakanyā prasaṅga　କନ୍ୟା, କମ୍ବା କନ୍ୟା ପାଇଁ ବର ସ୍ଥିର କରାଯିବା ପ୍ରସ୍ତାବ—A proposal in connection with the finding out of a suitable bride for a bridegroom or vice versa.

**ବର କଳନା**—ପ୍ରାଦେ (ଯାଜପୁର) ବି—ବରଡ଼ା (ଦେଖ)
Bara kalanā　　Barar̤ā (See).

**ବର କାୟା**—ସ. ବିଣ. ସ୍ତ୍ରୀ—(ବହୁବ୍ରୀ. ହି; ବର=ସୁନ୍ଦର ଅଟେ କାୟ=
Bara kāyā　ଶରୀର ଯାହାର)—ସୁନ୍ଦରୀ (ସ୍ତ୍ରୀ)—Beautiful; graceful (woman).

**ବରକୁଦା**—ଦେ. ବି. (ନାମ)—ଚିଲିକା ମଧ୍ୟସ୍ଥ ଗୋଟିଏ କ୍ଷୁଦ୍ର ଦ୍ୱୀପ—
Barakudā　A small island in the Chilkā lake.
(ବଡ଼କୁଦା—ଅନ୍ୟରୂପ)　[ ଦ୍ର—ଏଥିରେ ଖଇରକୋଟ ରାଜାଙ୍କର ଗୋଟିଏ ବଙ୍ଗଳା ଅଛି ଓ ଗୁଡ଼ିଏ ହରିଣ ଛଡ଼ାଯାଇଛନ୍ତି । ]

**ବରକୁଳି**—ଗ୍ରାମ୍ୟ. ବି—ବରକୋଳି (ଦେଖ)
Barakul̤i　　Barakol̤i (See).

**ବରକୋଳି**—ଦେ. ବି—(ସ. ବଦର+କୋଳି)—ବଦରବୃକ୍ଷ ଓ ତହିଁର
Barakol̤i　ଫଳ—Jujube (tree and berry); Zezyphus;
নারকুল্, কুল্, নারকুলে কুল্, বঅর　　Jujube.
**बेर, बैर**　କଇ ସାର ବରକୋଳି/ବଥ ହୁକାରେ—.
　　ବଳରାମ. ରାମାୟଣ. ଅଯୋଧ୍ୟା ।

ସ. ନାମ—ବଦର, ବଦରି, ବଦରୀ, ବଦରିକା, କର୍କନ୍ଧୁ, କଣ୍ଟକୀ, କୋଳ, କୋଲି, ଫେନିଲ, କୁବଲ, ଘୋଣ୍ଟା, ସୌବୀର, ବକ୍ର କଣ୍ଟକ।
ମ. ବୋର୍
ତେ. ରେଗୁଚେଟ୍ଟୁ, ରଂଘ
ତା. ଇଲନ୍ଥି
ଗୁ. ବୋରଡ଼ୀ
ଫା. କୁନାର
ଆ. ସିଦର୍, ନବକ୍

[ ଦ୍ର—ଏହା କାଣ୍ଡମାର୍ଗେ କଣ୍ଟକୀ ତରୁ; ପତ୍ରର ନିମ୍ନପୃଷ୍ଠ ଲୋମଶ ଓ ଧଳା; ଫଳ ପ୍ରାୟ ଗୋଲ । ଏକପ୍ରକାର ବରକୋଳି ନଡ଼ିଆ ଫଳ ଭଳି ଅଣ୍ଡାକାର ଅଟେ । ଏହାର ଫଳ ପାଚିଲେ ଈଷତ୍ ମିଷ୍ଟ ଓ ଅମ୍ଳ ଲାଗେ । ଏହାର ମଞ୍ଜି ଟାଣୁଆ । ପାଚିଲା ଫଳକୁ ଲୋକେ ଆଗ୍ରହ କରନ୍ତି । ବରକୋଳି ଗୁଡ଼ପ୍ରକାର—ଏକପ୍ରକାର ବରକୋଳି ଗଛର ଫଳ ଗୋଲ ଓ ମଞ୍ଜି ବଡ଼; ଅନ୍ୟ ପ୍ରକାର ବରକୋଳି ମାଂସଳ ଓ ଏହାର ମଞ୍ଜି କ୍ଷୁଦ୍ର । ଆଉ ଏକ ପ୍ରକାର ବରକୋଳି ଗଛ ଅଛି ତାହା ଚଉଡ଼ା ଡେଙ୍ଗପର ଭୂମିରେ ମାଡ଼େ । ଚତୁର୍ଥ ପ୍ରକାର ବରକୋଳିକୁ ବଣବରକୋଳି କହନ୍ତି । ଏହା ବହୁ କଣ୍ଟକଯୁକ୍ତ ଓ କ୍ଷୁଦ୍ର ପତ୍ରବିଶିଷ୍ଟ । ଏ ଗୁଡ଼ପ୍ରକାର ବର—

କୋଳର ସଂ. ନାମ—(୧) ବକ୍ର କଣ୍ଟକ, ବୃତ୍ତଫଳ, ଦୃଢ଼ ବୀଜ—(୨) ପୃଥୁବୀଜ, ତନୁବୀଜ, ମଧୁର ଫଳ, ସ୍ଥଳବଦର—(୩) ଭୂମିବଦରୀ, ବଲ୍ଲିବଦରୀ, ବହୁଫଳକା—(୪) ସୂକ୍ଷ୍ମପତ୍ରକ, ଦୁଷ୍ପର୍ଶ, ଶବରାହାର, ଲଘୁବଦର—(ଦ୍ରବ୍ୟଗୁଣ. କଳ୍ପଦ୍ରୁମ)

ବୈଦ୍ୟଶାସ୍ତ୍ର ଅନୁସାରେ ଏହା ଶୀତବୀର୍ଯ୍ୟ, ଭେଦକ, ଗୁରୁ, ଶୁକ୍ରବର୍ଦ୍ଧକ ଓ ପୁଷ୍ଟିକାରକ । ଏହା ପିତ୍ତ, ଦାହ, ରକ୍ତଦୋଷ, କ୍ଷୟ ଓ ପିପାସାନାଶକ; କିନ୍ତୁ କଫବର୍ଦ୍ଧକ । ଯେଉଁ କୋଳ ପାଚଲେ ମିଠା ଓ ଆକାରରେ ବଡ଼ ତାକୁ ସଂସ୍କୃତରେ ସୌବୀର, ମଧ୍ୟମଭଳ କୋଳକୁ କୋଲ ଓ ଅଲ୍ପଶ୍ରେଷ୍ଠ କୋଳକୁ କର୍କନ୍ଧୁ କହନ୍ତି । ମାଘ ମାସରେ ବରକୋଳ ଖାଇବା ନିଷିଦ୍ଧ । ]

**ବରକୋଳଥା**—ଦେ. ବଣ—ଆକାରରେ ବରକୋଳ ପରି—
Barakoḷiā Of the shape of Jujube berry.
କুলের মতন **बैरकैसा**

**ବରକୋଳଥା ଟୋପା**—ଦେ. ବ—ବରକୋଳପରି ବଡ଼ ବର୍ଷାବିନ୍ଦୁ—
Barakoḷiā ṭopā Raindrops as big as jujube berries.
বড়বড়টোপা **बड़ाबड़ाबुंद**

**ବରକୋଳଥା ବସନ୍ତ**—ଦେ. ବ—ଯେଉଁ ବସନ୍ତ ରୋଗର ବର୍ଣ୍ଣୋଟକ ମାନ ବରକୋଳ ପରି ବଡ଼ବଡ଼—
Barakoḷiā basanta Smallpox eruptions like jujube berries in shape; black or big hemorrhagic postules.
টোপা কুলে **बड़ा बड़ा चेचक**

**ବରଖ୍**—ପ୍ରାଦେ (ଉତ୍ତର ଭାଷା) ବ—(ଭୁଲ. ହି. ବରଖ=ବର୍ଷ)—
Barakh ୧ । ବର୍ଷ—1. Year. ୨ । ବୟସ—2. Age.

**ବରଖଡ଼ା**—ଦେ. ବ—କୈବର୍ତ୍ତମାନେ ବାଁଆ ହାତରେ ଯେଉଁ ଲମ୍ବକାଠି
Barakhaṛā ଧରି ଥାଆନ୍ତି ଓ ଜାଲଗଣ୍ଠିକୁ ବୁଣା ସରିଥିବା
পাতি; ফলকাঠি ଜାଲର ଫାଶମାନଙ୍କୁ ଯେଉଁ କାଠିରେ ଅଟକାଇ ରଖନ୍ତି—A long slender rod held by the left hand on which the weaver of a net puts the already finished nooses of the net, while weaving.

**ବରଖାସ(ସ୍ତ)**—ବୈଦେ. ବ. (ଫା. ବର୍‌ଖାସ୍ତ)—୧ । ପଦଚ୍ୟୁତ;
Barakhās(st) ଡିସ୍‌ମିସ୍ ହୋଇଥିବା; କାର୍ଯ୍ୟରୁ ମାତୁଲ୍ ହୋଇ
বরখাস্ত ଥିବା—1. Dismissed; removed from a post
**बरखास्त; बरखास** or service. ୨ । କାର୍ଯ୍ୟରହିତ କରାଯିବା (କଚେରି)—2. Stopped from working; closed (said of an office or court).

ଫାଗ ବାକ୍ସ ବାନ୍ଧ କଚେରି ବରଖାସ୍ତ । ଭଗ

ବୈଦେ. ବ—୧ । କାର୍ଯ୍ୟଚ୍ୟୁତି; ଚାକିରିରୁ ମାତୁଲ୍ ହେବା—
1. Dismissal; removal from service. ୨ ।
କଚେରିର କାର୍ଯ୍ୟ ବନ୍ଦ ହେବା—2. Closing of court.

**ବରଖାସ୍ତ କରିବା**—ଦେ. କ୍ରି. ( ଫା. ବର୍‌ଖାସ୍ତ)—୧ । (କୌଣସି
Barakhāsta karibā ବ୍ୟକ୍ତିକୁ) ପଦଚ୍ୟୁତ କରିବା; ଡିସ୍‌ମିସ୍
বরখাস্ত করা କରିବା; ମାତୁଲ୍ କରିବା—1. To dismiss or
**बरखास्त कराना** remove a person from service. ୨ । (କଚେରି ଅଫିସର) କାମ ବନ୍ଦ କରିବା—2. To close; to stop the working of (a court or office).

**ବରଖାସ୍ତ ହେବା**—ଦେ. କ୍ରି. (ଫା. ବର୍‌ଖାସ୍ତ)—୧ । କାର୍ଯ୍ୟରୁ ଚ୍ୟୁତ
Barakhāsta hebā ହେବା—1. To be dismissed from
বরখাস্ত হওয়া service. ୨ । (କଚେରିଆଦି) ବନ୍ଦ ହେବା—2
**बरखास्त होना** (court etc.) To be closed.

**ବରଖାସ୍ତି**—ବୈଦେ. ବଣ. (ଫା. ବର୍‌ଖାସ୍ତୀ)—ବରଖାସ୍ତ ସମ୍ବନ୍ଧୀୟ—
Barakhāsti Relating to dismissal.
বরখাস্তী (ଯଥା—ବରଖାସ୍ତି ହୁକୁମ, ବରଖାସ୍ତି ପରୁଆନା ।)
**बरखास्ती** ବ. (ଫା. ବରଖାସ୍ତୀ)—କର୍ମଚ୍ୟୁତି—Dismissal.

**ବରଖିଲାପ(ପି, ଫ, ଫି)**—ବୈଦେ. ବ. (ଫା. ବର୍‌ଖିଲାଫ୍=ପ୍ରତିକୂଳ)—
Barakhilāpa(pi, pha, phi) ୧ । କାର୍ଯ୍ୟରେ ହେଳା—.
খিলাপ(পি); বরখেলাপ(পি) 1. Negligence; neglect of duty.
**बरखिलाफ** ୨ । ଅମଙ୍ଗଳ—2. Adversity. ୩ । ଅସଙ୍ଗତି—3 Incongruity.

ବୈଦେ. ବଣ. (ଫା. ବରଖିଲାଫୀ)—୧ । ଓଲଟା; ବିପରୀତ—
1. Opposite; adverse; contrary. ୨ । ଅମଙ୍ଗଳଜନକ—2. Leading to adversity. ୩ । ଅସଙ୍ଗତ—3. Incongruous.

**ବରଗ**—ଗ୍ରା. ବ. (ସଂ. ବର୍ଗ)—୧ । ବର୍ଗ (ଦେଖ)—1. Barga
Baraga (See) ୨ । ଢାଗ; ଗ୍ରାହି; ପଦ୍ଧତି; ଶୃଙ୍ଖଳା—
বর্গ 2. Mode. ୩ । ଢାଗବରଗ; ସୁନିୟମ; ସୁଶୃଙ୍ଖଳା—
**बरग** 3. Method; good rule; regularity. ୪ । ସମୂହ—4. Multitude.

**ବରଗଡ଼ା**—ଦେ. ବ. (ସଂ. ବର୍ବଟୀ)—ଏକପ୍ରକାର ଛୁଇଁ—A kind
Baragaṛā of bean; Vigna Semensis.
বরবটী [ ଦ୍ର—ଏ ଲତା ଶିମ୍ବ ଗଛ ପରି ମାଡ଼େ, ଏହାର ଛୁଇ
**लोमिया; बोडा** ଶିମ୍ବ ପରି କିନ୍ତୁ ମୋଟା ଓ ଲମ୍ବ, ଏ ଲତା ଓ ଛୁଇଁ ୨ ପ୍ରକାର,-ଧଳା ଓ କଳା ବା ନାଲି ମିଶ୍ରିତ କଳା । ଏହାର ଛୁଇଁକୁ ଓ ଛୁଇଁ ଭିତରର ମଞ୍ଜିକୁ ତରକାରି କରି ଖାଆନ୍ତି । ]

**ବରଗଣ(ଣା)**—ଗ୍ରା. (ପଦ୍ୟ) ବ. (ସଂ. ବୃଜ୍ ଧାତୁ=ଉତ୍ସର୍ଗ କରିବା, ତ୍ୟାଗ
Baragaṇa(ṇā) କରିବା)—୧ । ପ୍ରେରଣ;ପଠାଇବା;ବରଗିବା—
পাঠান **भेजना** 1. Sending; emitting; to discharge (Apte).

ମଲ୍ଲପମାନଙ୍କୁ ସେ ବରଗଣ କଲେ
ସବୁ ଗିରିମାନଙ୍କ ଭଙ୍ଗାଇ ସେ ଦେଲେ । କୃଷ୍ଣସିଂ. ମହାଭାରତ ବନ ।

୨ । ଦୂତ ପ୍ରେରଣ—2. Sending of emissaries or messengers.

ଗୁରୁଜଣେ ବରଗଣ ଗଣ କରେ ଯୁଗଳ୍ଳ ବଶ୍ୟାତ ।
ଭଞ୍ଜ, କୋଟିବ୍ରହ୍ମାଣ୍ଡସୁନ୍ଦରୀ ।

୩ । ଦୂରଦେଶରେ କୌଣସି କାର୍ଯ୍ୟ କରିବା ପାଇଁ କୌଣସି ସ୍ଥାନକୁ ଯିବା ନିମନ୍ତେ କୌଣସି ବ୍ୟକ୍ତିର ନିଯୁକ୍ତି—
3. Deputation of a person to do some work at a distant place.

ବରଗଣ ପଢ଼ିଲେ ଲୁଚଇ ସେ ଲୋକ
ଚାହୁଁ ନ ଦେଖିବ ହେ ରାଜନ ! ସେବେହ । କୃଷ୍ଣସିଂ ହ. ମହାଭାରତ ଶାନ୍ତି ।

ପ୍ରାଦେ. (ଗଡ଼ଜାତ) ବି—ବିଦେଶ ବାସ; ପ୍ରବାସ—Sojourn.

ମୋ ନାଥଙ୍କ ଶୁଣ, ମୁଁ ଦାନ୍ତରେ କାଠର ଖୁଣ
ମୋ ଦାନ୍ତ ବଳ । ଜଣ ବଉ ଖାଇ ବସେ ! ସ୍ୱାମୀ ଗଲେ ବରଗଣ ।
ଗଡ଼ଜାତ. କାହାଣୀ ଗୀତ ।

**ବରଗ ବରଗ**—ଦେ. ବଣ. (ସଂ. ବର୍ଗ)—୧ । ବହୁ ଦଳ; ସମୂହ ସମୂହ; Baraga baraga ଦଳ ଦଳ—1. Several groups of. **बरग बरगका** ୨ । ଭିନ୍ନ ଭିନ୍ନ ଜାତୀୟ; ନାନା ଜାତିର—2. Of various kinds. ୩ । ଅସଂଖ୍ୟ—3. Countless.

ବରଗ ବରଗ ସୁମନା ଜିହ୍ଳପଲ ଜାର ଦେଲ ପାଟାମ୍ବର ।
ଭଞ୍ଜ. ବୈଦେହୀଶବିଳାସ ।

୪ । ଶ୍ରେଣୀବିଭାଗ—4. Classification.

**ବରଗା**—ବୈଦେ. ବି. (ସଂ. ବର୍ଗ; ପର୍ତ୍ତୁ. ଭର୍ଗା=ଯଷ୍ଟି)—୧ । Baragā କୋଠାର ଛାତରେ କଡ଼ି ଉପରେ ଯେଉଁ କ୍ଷୁଦ୍ରକାଷ୍ଠ ବରଗା ଖଣ୍ଡମାନ ଦିଆଯାଇ ଥାଏ—1. Rafter of the roof of **बरगा** a building.

[ଦ୍ର—ବରଗା ଉପରେ ଟାଇଲ୍ ବସି ଥାଏ । ]

୨ । (ଜାହାଜିଆ ଭାଷା) ଜାହାଜର ପାଲରେ ଲାଗିଥିବା ଲମ୍ବ କାଠି—2. (nautical) Long bars or rollers attached to sails.

× × ପଡ଼ିଲୁ କଳମିତୋଲ ଅଭ ବରଗାମାନ
ଟେକ ଦେଇ ଶେଷ ଉଡ଼ାଇ ଠିକ କରି ରଖି ଦେଇଛନ୍ତି ।
ଫକୀରମୋହନ, ଗଳ୍ପସ୍ୱଳ୍ପ ।

**ବରଗା(ଗେ)ଇବା**—ଦେ. (ପଦ୍ୟ) କ୍ରି—ବରଗିବା କ୍ରିୟାର ଣିଜନ୍ତରୂପ—Baragā(ge)ibā Causative of Baragibā.

**ବରଗି**—ବୈଦେ. ବି. (ଫା. ବାର୍‌ଗୀର୍=ଘାସିଆ; ଘୋଡ଼ା ସହିସର Baragi ସହାୟକ ଭୃତ୍ୟ; ଭୁଲ. ସଂ. ବର୍ଗ=ଦଳ; ଏମାନେ ବର୍ଗି ଦଳବଦ୍ଧ ହୋଇ ଆକ୍ରମଣ କରୁଥିବାରୁ)—ମହାରାଷ୍ଟ୍ରୀୟ **बारगीर; बार्गी** ଅଶ୍ୱାରୋହୀ ଦେଶଲୁଣ୍ଠନକାରୀ ସେନା—Marhatta (ବର୍ଗୀ—ଅନ୍ୟରୂପ) horsemen or freebooters.

ବରଗି ଦ୍ରୋହ ଅଛିଆ ହଲେ ଅମଳ
ସବରବି ଦେଇଥିଲେ ଭୂପାଳ । ବ୍ରଜନାଥ—ସମରତରଙ୍ଗ ।

[ଦ୍ର—ଏମାନେ ସପ୍ତଦଶ ଓ ଅଷ୍ଟାଦଶ ଶତାବ୍ଦିରେ ଓଡ଼ିଶାର ଓ ବଙ୍ଗଦେଶର ଗ୍ରାମ ଓ ନଗରମାନ ଆକ୍ରମଣ ଓ ଲୁଣ୍ଠନ କରି ଅଧିବାସୀମାନଙ୍କୁ ବ୍ୟତିବ୍ୟସ୍ତ କରୁଥିଲେ । ବର୍ଗ ବା ଦଳ ବାନ୍ଧି ଘୋଡ଼ା ଚଢ଼ି ଏମାନେ ରାଜ୍ୟ ଆକ୍ରମଣ କରୁଥିଲେ । ]

**ବରଗିଆ**—ଦେ. ବଣ. (ସଂ. ବର୍ଗୀୟ=ଅନ୍ୟ ଶବ୍ଦ ସଙ୍ଗେ ଯୁକ୍ତ; ଯଥା—Baragiā ଅବରଗିଆ; ବେବରଗିଆ)—୧ । ସୁସମ୍ବଦ୍ଧ—2. Methodical. ୨ । ବର୍ଗୀୟ (ଦେଖ)—2. Bargiya (See)

**ବରଗିବା**—ଦେ. କ୍ରି. (ସଂ. ବୃଜ୍ ଧାତୁ=ତ୍ୟାଗ କରିବା—To emit Baragibā Apte)—୧ । ଦୂତଆଦି ପଠାଇବା—1. To send **पाठान भेजना** an emissary.

ବରଗିଲେ ଏକା ଯୁଦ୍ଧେ ଭୀମା ସାଇଁ । କୃଷ୍ଣସିଂ ହ. ମହାଭାରତ ବନ ।

୨ । କୌଣସି କାର୍ଯ୍ୟରେ ନିଯୋଗ କରିବା—2. To employ in a certain work; to depute.

ବରଗିଲେ ଇନ୍ଦ୍ର ସହସ୍ର ଦେଖି ସେ
ଅଭରଣ ଭୂଜ ଛାଡ଼ା । ଦୀନକୃଷ୍ଣ—ସଙ୍ଗୀତ ।

୩ । ପ୍ରେରଣ କରିବା—3. To send; to despatch.

ବୃଦ୍ଧା ଅଷ୍ଟ ବରଗି କାଟିଲେ ଶରକ୍ । କୃଷ୍ଣସିଂ ହ. ମହାଭାରତ ବନ ।

**ବରଗୁଡ଼ି**—ଦେ. ବି. (ସଂ. ବର୍ବଟୀ)—ଏକପ୍ରକାର ବ୍ରୀହି—A kind Baragurdi of pulse: the cowpea; ହରିଦ୍ରର୍ଣ୍ଣ ବର୍ବଟୀର ସଂ. Vigna Catjang; Dolichos ପର୍ଯ୍ୟାୟ—ଗ୍ରାମଜା, ଫଳମା, Sinensis. ନଖଗୁର୍ବିକା, ମଣ୍ଡପା, ଫଳକା, ଶିମ୍ବୀ, ଗୁଚ୍ଛଫଳା, ବିଶାଳଫଳକା, କୃଷ୍ଣାକୀ ଓ ଚପିଠା । ଶ୍ୱେତବର୍ବଟୀର ସଂ. ପର୍ଯ୍ୟାୟ—ଅଙ୍ଗୁଳଫଳା, ନଳକଣ୍ଠାବକା, ବୃତ୍ତକଣ୍ଠାବକା, ଗ୍ରାମ୍ୟା, ନଖପୁଞ୍ଜଫଳା ଓ ଅଶନା
बर्बटि, बोडा, बरबूटी, बरबटि
**लोबिया; बर्वटी; राम्सो; रईस; बोडा**
ମ. ଭୁଡ଼ବର୍ଣ୍ଣି
କ. ଅଲୁବରେ

[ଦ୍ର—ଏ ଗଛ ଉଚ୍ଚରେ ୧ହାତ ହୁଏ । ପ୍ରକୃତରେ ଏହା ଲତା, କନ୍ତୁ ଗଛ ପରି ଠିଆ ରହେ । ପତ୍ର ତ୍ରିପର୍ଣ୍ଣୀ; ଏହାର ଛୁଇଁ ଭିତରେ ଥିବା ବୀଜଶସ୍ୟ ଶ୍ୱେତ ଓ ଗୋଲ । ଏ ବୀଜକୁ ଲୋକେ ଡାଲି କରି ଖାଆନ୍ତି । ହରିତ୍ ଓ ଶ୍ୱେତ ବର୍ଣ୍ଣ ଭେଦରେ ଏହା ଦୁଇପ୍ରକାର । ଏ ଦୁଇଙ୍କ ମଧ୍ୟରେ ଶ୍ୱେତବର୍ବଟୀ ଉତ୍କୃଷ୍ଟ । ଉଭୟ ବର୍ବଟୀ କଷାୟ-ମଧୁରୀ ରୁଚିକର, ଅଗ୍ନିବର୍ଦ୍ଧକ ଓ କଣ୍ଠଶୋଧକ । ଏହାର ଯୂଷ ସ୍ତନ୍ୟବର୍ଦ୍ଧକ, ବଳକାରକ, କଫନାଶକ ଓ ଚକ୍ଷୁରୋଗରେ ଉପକାରକ । ଭଜା ବରଗୁଡ଼ିର ଯୂଷ ଗୁରୁପାକ, ଉଷ୍ଣବୀର୍ଯ୍ୟ, ଅମ୍ଳବିପାକ, ଶୁକ୍ରବର୍ଦ୍ଧକ, କଫ ଓ ଶୋଥନାଶକ ଓ ରକ୍ତପିତ୍ତ ବାୟୁ, ମୂତ୍ର ଓ ସ୍ତନ୍ୟର ବୃଦ୍ଧିକାରକ । ]

**ବରଗୁଡ଼ିଆ**—ଦେ. ବଣ—ବରଗୁଡ଼ି ଆକାର ତୁଲ୍ୟ ଛୋଟ ଓ ଗୋଲ—Baragurdiā Round and small like grains of cowpea.

(ଯଥା—ବରଗୁଡ଼ିଆ ବସନ୍ତ ।)

**ବରଗୁଡ଼ିଆ ବସନ୍ତ**—ଦେ. ବି—ଯେଉଁ ବସନ୍ତର ବିସ୍ଫୋଟକମାନ ବରBaregurdiā basanta ଗୁଡ଼ି ପରି ସାନ—Pea-like a posमसूरे बसन्त **छोटा चेचक; बेन्गुडी चेचक** tules of small pox.

**ବରଗୁଡ଼ି ମୁହାଁ**—ଦେ. ବଣ. ପୁଂ—୧ । ବରଗୁଡ଼ି ପରି ଚିହ୍ନ ଯାହା Baragurdi muhāṅ ମୁହଁରେ ଥାଏ—2. Having pockछोटिमुखो marked face. ୨ । ଯାହାର ମୁହଁ ଶରୀରର ଆକାର **खुदरमुहाँ** ତୁଳନାରେ ଅପେକ୍ଷାକୃତ ଛୋଟ—2. Having a (ବରଗୁଡ଼ିଆମୁହାଁ—ଅନ୍ୟରୂପ) small face.

ବରଗୁଡ଼ି ମୁହାଁ } ସ୍ତ୍ରୀ
ବରଗୁଡ଼ିଆ ମୁହାଁ }

[ଦ୍ର—ଏହା ଗାଳିବିଶେଷ; ଏପରି ବ୍ୟକ୍ତିମାନେ ଚୁପ୍‌ସଇତାନ ଓ ଖଳ ବୋଲି ଲୌକିକ ବିଶ୍ୱାସ । ]

**ବରଚୀନ**—ଦେ. ବଣ. (ସଂ. ବର+ଚୀନ)—ଅତି ସୂକ୍ଷ୍ମ; ଅତି ପତଳା Barachina (ଲୁଗା)—Very thin (cloth).

ଦେ. ବି—ଅତି ପତଳା ଲୁଗା; ଚୀନାଂଶୁକ—Very thin cloth.

ବରଟୀକ ଜର୍ତ୍ତ ଅଙ୍ଗ ବ୍ୟକ୍ତ ଧରିଥିବାରୁ ପୀଡ଼ିଅସ୍ଵବ ।
ଭଞ୍ଜ – ବୈଦେହୀଶବିଳାସ ।

**ବରଛା(ଛି)**—ଦେ. ବି. (ସଂ. ବ୍ରଶ୍ଚ୍ ଧାତୁ=କାଟିବା, ଚିରିବା)—ବଲ୍ଲମ; Barachhā(chhi) ଭଲ୍ଲାସ୍ତ୍ର; ଟେଣ୍ଟା—Spear; lance. ବର୍ଛା, ସଡ଼କୀ
ଯେଉଁଠାରୁ ମୋତେ ସେ ବରଛା ଭଳି ଲଗେ
ବରଛି(ଛୀ) ନେତ୍ରାନ୍ତ ବରଛରେ ଭୁଷିଲେ । କବିସୂର୍ଯ୍ୟ. ସଙ୍ଗୀତ
ବର୍ଛା, ବର୍ଛି } ଅନ୍ୟରୂପ [ ଦ୍ର— ଖଣ୍ଡିଏ ମୁନିଆଁ ଲମ୍ବ, ଲୁହା ଫଳା, ଲମ୍ବ ବାଉଁଶ ବା କାଠର ଅଗରେ ମରାଯାଇ ବରଛା କରାଯାଇଥାଏ ।]

**ବରଛା ଘାତକ**—ଦେ. ବିଣ—ବର୍ଚ୍ଛା ଦ୍ଵାରା ଅଘାତ ପାଇଥିବା ବ୍ୟକ୍ତି— Barachhā ghātika (one) Wounded with the spear.
ବରଛା ଘାତକ ଟଙ୍କ ବୋଲୁଳରେ ବୁଲନ୍ତ ଗିରି କନ୍ଦର ।
ଭଞ୍ଜ. ବୈଦେହୀଶବିଳାସ ।

**ବରଜ**—ଗ୍ରା. ବିଣ. (ବର+ଜନ୍ ଧାତୁ=ଜନ୍ମିବା+ଅ)— Baraja ଜ୍ୟେଷ୍ଠ (ହି. ଶ)—Elder; eldest. (ବରଜା – ସ୍ତ୍ରୀ) ଦେ ବି. (ସଂ. ବୃ ଧାତୁ=ଆବରଣ କରିବା; ତମ୍ଭା ଅ. ବୁର୍ଜ=ଦୁର୍ଗ; ଦୁର୍ଗ ପରି ମାଟି ସ୍ତୂପ ଘେରିଅଟ୍ଟେ ଘେର ବରଜ ବରୌଜା,ବରେଜ ଥିବାରୁ; ସଂ. ଭୁଳ. ବାଟିକା; ପ୍ରା. ବାଡ଼ୁଅ)- ପାନ ଲତାମାନ ଧାଡ଼ି ଧାଡ଼ି ହୋଇ ଲଗା ଯାଇଥିବା ତୃଣାଚ୍ଛାଦନ ବିଶିଷ୍ଟ ଉଚ୍ଚ କ୍ଷେତ୍ର—Betel plantation (with a light thatch over it.)

ନାଗବଲ୍ଲୀ-ଦଳ ବରଜେ ଶ୍ୟାମଳ ଶୋଭାଳ ଶଣ । ସଧାନାଥ. ଛତା ।

ଗ୍ରା. ବି—୧ । ବ୍ରଜସୁନ୍ଦର; ବ୍ରଜବନ୍ଧୁ ଆଦି ନାମଧାରୀ ବ୍ୟକ୍ତିଙ୍କ ଡାକିବା ନାମ– 1. A name by which persons named Brajasundara, Brajabandhu, Brajabihari etc are called.
୨ । (ସଂ. ବ୍ରଜ) ବ୍ରଜ (ଦେଖ)—2. Braja (See)
ତରକ୍ଷଣେ ଚୋର କ୍ଷୀର ପାନ ଦେଲେ ଡ଼ୁରିଷ ବରଜ ଘଳନ ।
ଦସ୍ତକାଥ. ଚଉଦ ସମ୍ବୃତ୍ତ ।

**ବରଜନ**—ଗ୍ରା. ବି. (ପଦ୍ୟ)—ବର୍ଜନ ( ଦେଖ ) Barajana Barjana ( See )

**ବରଜ ବରଜ**—ଗ୍ରା. ବିଣ. (ସଂ. ବ୍ରଜ)—ବହୁ ସଂଖ୍ୟକ— Baraja baraja Numerous; of great number.
ବରଜ ବରଜ ଯହିଁ ଗୋବଧଗ ଜାହିଁ ସେ ସ୍ଵର କରବ ।
ଭଞ୍ଜ. ବୈଦେହୀଶବିଳାସ ।

**ବରଜି**—ଦେ. ବିଣ—ପାନବସ; ଯେଉଁମାନେ ବରଜ କରି ପାନ ଗଛ Baraji ଅବାଦ କରନ୍ତି—Growers of betel in plantations. ବାରୁଈ ବରୈ, ବରିୟା, ବରଈ
(ବରଜିଆ, ବର୍ଜି, ବର୍ଜିଆ— ଅନ୍ୟରୂପ) [ ଦ୍ର—ପାନବସମାନେ ପାନ (ବରଜିଆଣୀ – ସ୍ତ୍ରୀ) ବିକ୍ରି କରନ୍ତି ଓ ବରଜିମାନେ ପାନ ଅବାଦ କରନ୍ତି । ]

**ବରଜିବା**—ଦେ. (ପଦ୍ୟ) କ୍ରି. (ସଂ. ବର୍ଜ୍ ଧାତୁ=ତ୍ୟାଗ କରିବା)— Barajibā ଛାଡ଼ିବା—To give up; to shun.

ବରଜ୍ଜା ବରଜ ନଜଣା ନକୁ ଶୁଣ ହେ ସମ୍ଭାତ ।
ବରଜନା ମଧୁସୂଦନ, ବସନ୍ତଗାଥା ।
ପ୍ରାଦେ. (ଗଡ଼ଜାତ) କ୍ରି—ଚଢ଼ିବା; ରାଗିବା—To fret.

**ବରଜୀବୀ**—ସଂ. ବି. (ବର ଜୀବନ; ୧ମା. ୧ବ)—୧ । ଗୋପ ଓ ତନ୍ତୁ- Barajibi ବାୟଙ୍କଠାରୁ ଉତ୍ପନ୍ନ ବର୍ଣ୍ଣସଙ୍କର ଜାତିବିଶେଷ (ହି.ଶ) (ବରଜୀବିନୀ—ସ୍ତ୍ରୀ) 1. A mixed caste born of cowherd and weaver castes.
୨ । ଶୂଦ୍ରା ଗର୍ଭଜାତ ବ୍ରାହ୍ମଣର ଔରସ ସନ୍ତାନ ( ହି. ଶ )— 2. A son born of a Brāhmaṇa father and Śūdra mother.

**ବର ଝାଞ୍ଜି**—ଦେ. ବି. (ସଂ. ବଲାଦ୍ୟା)—ପୋଖରୀଆଦିରେ ପାଣି Bara jhānji ଉପରେ ଭାସମାନ ଏକ ପ୍ରକାର ଗୁଡ଼ାଳିଆ ଦଳ— ସଂ. ବାରପର୍ଣ୍ଣୀ, କୁମ୍ଭିକା An aquatic bushy weed; ପାନା, ଟୋକା ପାନା, ଜଲ କୁମ୍ଭୀ Pistia Stratiotes; Duck ବରେଠା, ଜଲ କୁମ୍ଭୀ weed.
ଗୁ. କୁମ୍ଭୀ
ମ. ଜଲ ମଣ୍ଡୀ
ତେ. ଭୁଟିକୁର
ବଲ ଝାଞ୍ଜି }
ବୁର(ଲ) ଝାଞ୍ଜି } ଅନ୍ୟରୂପ]
ବୋର(ଲ)ଝାଞ୍ଜି }
[ ଦ୍ର—ଏହାର ଚେର ପାଣି ମଧ୍ୟକୁ ଲମ୍ବି ଥାଏ । ପତ୍ରର ଉପର ପାଖ କୋମଳ ଓ ମସୃଣ; ପାଣି ପଡ଼ିଲେ ପଦ୍ମ ପତ୍ରରେ ପାଣି ପଡ଼ିଲା ପରି ଢଳଢଳ ହୁଏ । ବୈଦ୍ୟକ ମତରେ ଏହା ଶୀତବୀର୍ଯ୍ୟ; ତିକ୍ତ ମଧୁର କଟୁ ରସ, ଲଘୁ, ସାରକ, ତ୍ରିଦୋଷନାଶକ, ରକ୍ତ ଦୁଷ୍ଟି, ଜ୍ଵର ଓ ଶୋଷନାଶକ । ଯେଉଁ ଆଡ଼କୁ ପବନ ବହେ ପୋଖରୀରେ ଭାସୁଥିବା ବରଝାଞ୍ଜି ସେହି ଆଡ଼କୁ ଆଉଜି ଯାଏ, ଏଥିପାଇଁ କୌଣସି ବ୍ୟକ୍ତି ସାମାନ୍ୟ ପ୍ରରୋଚନାରେ ଏକ ପକ୍ଷ ତ୍ୟାଗ କରି ଅପର ପକ୍ଷକୁ ସମର୍ଥନ କଲେ ତାଙ୍କୁ ବର ଝାଞ୍ଜି ସଙ୍ଗେ ତୁଳନା କରନ୍ତି । କୀର୍ତ୍ତିକାର ତାଙ୍କ ଭାରତୀୟ ଉଦ୍ଭିଦ (Indian plants) ପୁସ୍ତକରେ ଲେଖି ଅଛନ୍ତି ଯେ ଏହି ଦଳରୁ ଗୁଡ଼ାଏ ନେଇ ଘରେ ଜମା କଲେ ସେ ଘରେ ଥିବା ଛାର ପୋକ (ଓଡ଼ଶ) ମାନେ ତହିଁ ପ୍ରତି ଆକୃଷ୍ଟ ହୋଇ ଆସି ଉକ୍ତ ଦଳରେ ଜମା ହୋଇ ମରି ଯାଆନ୍ତି । ଏହା କେତେକ ଜେଲଖାନାରେ ପରୀକ୍ଷିତ ହୋଇଅଛି । ]

**ବରଞ୍ଚ**—ସଂ. ଅ. (ବରଂ+ଚ)—ବରଂ ( ଦେଖ ) Barañcha Baraṁ ( See )

**ବରଟ**—ସଂ. ବି. ପୁଂ. ( ବୃ ଧାତୁ+କର୍ମ. ଅଟ )—୧ । ରାଜହଂସ— Baraṭa 1. Swan; gander. ୨ । କୁନ୍ଦ ଫୁଲ (ହି. ଶ)— (ବରଟା – ସ୍ତ୍ରୀ) 2 Kunda flower (See). ୩ । ବିରୁଡ଼ି (ହି, ଶ)—3. Wasp. ୪ । ଶସ୍ୟବିଶେଷ (ହି. ଶ); ବରଗୁଡ଼ି ?—4. A kind of grain (Apte).

**ବରଟା**—ସଂ. ବି. ସ୍ତ୍ରୀ. (ବରଟ+ସ୍ତ୍ରୀ. ଆ)—୧ । ବିରୁଡ଼ି—1. Wasp. Baraṭā ୨ । ବରଟର ସ୍ତ୍ରୀ ଲିଙ୍ଗ; ରାଜହଂସୀ—2. Feminine of Baraṭa.
ବରଟାର ଗର୍ଭାଳସୀ ହୋଇ । ଭଞ୍ଜ. ବୈଦେହୀଶବିଳାସ ।
୩ । ଗାରୁଡ଼ା ପୋକ (ହି. ଶ)—3. A kind foetid insect; lady bird.

**ବରଟୀ**—ସଂ. ବି. ସ୍ତ୍ରୀ: ( ବରଟ+ସ୍ତ୍ରୀ. ଈ )—ରାଜହଂସୀ—
Barațī Goose; a female swan.

ଗର୍ଭାଳସୀ ବରଟୀ ଗତକ କରେ ଭଣ୍ଡ
ହଂସକ ବାଦେ କାଦେ କଲେ । ଅଭିମନ୍ୟୁ, ବିଦଗ୍ଧ ଚିନ୍ତାମଣି ।

**ବରଡ଼ି**—ଦେ. ବି. ସ୍ତ୍ରୀ. (ସଂ. ବର୍ଦ୍ଧ୍ ଧାତୁ )—ବରଡ଼ା ୧ (ଦେଖ)
Bararḍa Bararḍā 1 ( See )

**ବରଡ଼ା**—ଦେ. ବି. ସ୍ତ୍ରୀ. ( ସଂ. ବର୍ଦ୍ଧ୍ ଧାତୁ ? )—୧ । ଯେଉଁ ବୁଢ଼ୀଗାଈ
Bararḍā ଗାଈର ଦୁଧ ବନ୍ଦ ହୋଇ ଯାଇଥାଏ; ପଡ୍ଡିଆ ଗାଈ; ବସ୍ନି
**विषखी हुइ गाय, बकेन** ଯାଇଥିବା ଗାଈ—1. A milch cow which has gone dry. ୨ । (ସଂ. ବସ୍ତ୍ର) ବରଡ଼ା ପତ୍ର ( ଦେଖ )—2. Bararḍā patra ( See ). ୩ । ବରଗଡ଼ା (ଦେଖ)—3. Baragarḍā (See) ୪ । ଏକ ପ୍ରକାର ବଡ଼ ଜଙ୍ଗଲୀ ଗଛ (ଯହିଁର ଶାଖାଗ୍ରରେ ଥିବା କୋମଳ ପତ୍ର ଶାଗ ହୁଏ)—4. A big wild tree whose young and tender shoots are cooked as pot-herb.
[ ଦ୍ର—ଏହାର କୋମଳ ପତ୍ର ଗଡ଼ଜାତରେ ଶାଗରୂପେ ବ୍ୟବହୃତ ହୁଏ । ଏହାର ଫଳ ଅଁଳା ତୋଳ ଅକୃତିବିଶିଷ୍ଟ ଓ ଅଖାଦ୍ୟ । ]
୫ । ଚିତ୍ରକାରମାନେ ରଙ୍ଗ ଲଗାଇବା ପରେ ତାହାକୁ ସ୍ଥାୟୀ ଓ ଉଜ୍ଜ୍ୱଳ କରିବା ସକାଶେ ଚିତ୍ର ଉପରେ ଯେଉଁ ପ୍ରସ୍ତରଖଣ୍ଡ ଘଷନ୍ତି—5. A piece of stone used by painters to rub over paintings to make them permanent and shining.
୬ । ନଡ଼ିଆ ବା ତାଳ ଗଛର ବାହୁଙ୍ଗା—6. The leafy
ডাল **छड़ा** branch of a cocoanut or palm tree.

ତଳ ବରଡ଼ା ଶୁଖୁଛି, ଉପର ବରଡ଼ା ହସୁଛି,
ଉପର ବରଡ଼ା ଆଉ ବୋଲିଲ୍ ତୋ ବନକାଳ ଅସୁଛି—ଢଗ ।

ପ୍ରାଦେ. ( ବାଣପୁର ) ବି—ଧାନ ବୁଣିବାକୁ କାଦୁଅ କରି ତା ଉପରେ ମଇ ଚଲାଇ ସେହି କାଦୁଅ ଉପରେ ଧାନ ବିହନକୁ ଛିଞ୍ଚିବା—To sow paddy in a ploughed and levelled up muddy field.

**ବରଡ଼ା ପତ୍ର**—ଦେ. ବି. ( ସଂ. ବସ୍ତ୍ର )—୧ । ନଡ଼ିଆ ଓ ତାଳ ଗଛର
Bararḍā patra ବାହୁଙ୍ଗାର ଦୁଇ ପାଖରେ ସଂଲଗ୍ନ ପତ୍ର—
নারকেল (তাল) পাতা 1. The leaves attached to the
**नारीयलका ( तालका ) पत्ता** ridge of the bough of
(ବରଡ଼ା ପତର—ଅନ୍ୟରୂପ ) cocoanut and palm trees.
[ ଦ୍ର—ଏ ପତ୍ରମାନ ସାମାନ୍ୟ ପବନରେ ଥରନ୍ତି, ଏଥିପାଇଁ କୌଣସି ବ୍ୟକ୍ତିର ଦେହ କମ୍ପିଲେ ଲୋକେ କହନ୍ତି ତା ଦେହ ବରଡ଼ାପତ୍ର ପରି ଥରୁଛି । ]
নারকেলডাল ୨ । ନଡ଼ିଆ ଓ ତାଳ ଗଛର ବାହୁଙ୍ଗା—
**नारीयलका तालका छड़ा** 2, Branches of cocoanut and palm trees.

**ବରଡ଼ି**—ଦେ. ବି. ସ୍ତ୍ରୀ—ବରଡ଼ିଆ ( ଦେଖ )
Bararḍi Bararḍiā ( See )

ପ୍ରାଦେ. (ବାଲେଶ୍ୱର) ବି· (ସଂ. ବରଟୀ)—ବିରୁଡ଼ି—Wasp.

**ବରଡ଼ିଆ**—ଦେ: ବି· ସ୍ତ୍ରୀ. ( ସଂ. ବଷ୍କୟଣୀ )—ଯେଉଁ ଗାଈର ବାଛୁରି
Barardiā ବଡ଼ ହୋଇ ଯିବାରୁ ଗାଈ ଆଉ ଦୁଧ ଦିଏ ନାହିଁ,
খাড়গাই, দুধছাড়া গাই ଜିମ୍ମା ଅଳ୍ପ ସାମାନ୍ୟ ଦୁଧ ଦିଏ; ପଡ୍ଡିଆ
**बकेन** ଗାଈ—A milch cow which has gone dry owing to its calf becoming old.

**ବରଣ**—ସଂ. ବି. ( ବୃ ଧାତୁ=ସେବା କରିବା, ଆବୃତ କରିବା+ଭାବ.
Barana ଅନ )—୧ । ନିଯୋଗ—1. Engagement; appointing. ୨ । ଦେବପୂଜା ପୂର୍ବରୁ ପୁରୋହିତ ବା ବ୍ରାହ୍ମଣଙ୍କୁ ପୂଜା ସ୍ଥାନକୁ ନିମନ୍ତ୍ରଣପୂର୍ବକ ଅଭ୍ୟର୍ଥନା—2 The act of welcoming a priest or Brāhmaṇa to officiate at a ritual. ୩ । ସ୍ୱୟମ୍ବର ସଭାରେ ଉପସ୍ଥିତ ବହୁ ବ୍ୟକ୍ତିଙ୍କ ମଧ୍ୟରୁ ଜଣକୁ ଆପଣାର ବର ବୋଲି ବାଛିବା—3, The act of choosing or selecting one's husband at a suiters' competition meeting. ୪ । (+କରଣ. ଅନ ) ଆବରଣ ବସ୍ତ୍ର—4. A covering cloth; wrapper. ୫ । ବରୁଣ (୫) (ଦେଖ)—5. Baruṇa (5) ( See ). ୬ । ( +କରଣ. ଅନ ) ପ୍ରାଚୀର; ଗଡ଼ବାଲି—6. Rampart; compound wall, ୭ । ପ୍ରାର୍ଥନା—7, Prayer; supplication. ୮ । ସ୍ୱୟମ୍ବର—8. The ceremony of a bride choosing her husband in an assembly of candidates. ୯ । ନିର୍ବାଚନ—9. Selection; choosing. ୧୦ । ନିମନ୍ତ୍ରଣ—10, Invitation.

କୃଷ୍ଣ **ଅଙ୍କରେ** ଭୃଗୁଗଣେ
ଗଲେ ଯେ ସ୍ୱଜାଙ୍କ ବରଣେ—ଜଗନ୍ନାଥ, ଭାଗବତ ।

୧୧ । ପ୍ରଶଂସା—11, Praise.

ବରଣ କଣ୍ଠ ମନେ ମଣ୍ଡିଥିବେ ସର୍ବପୁର ଅଳଙ୍କାର ଯେ—
ଉକ୍ତ. ବୈଦେହୀଶବିଳାସ ।

୧୨ । ଓଷ୍ଟ୍ର; ଉଟ ( ହି. ଶ. )—12, Camel. ୧୩ । ପୋଲ୍; ସେତୁ (ହି. ଶ)—13. Bridge; dyke. ୧୪ । ପୂଜା; ଅର୍ଚ୍ଚନା; ସତ୍କାର ( ହି. ଶ· )—14, Adoration; worship. ୧୫ । ଆଚ୍ଛାଦନ—15. Covering; screening ( Apte ). ୧୬ । ବୃକ୍ଷ—16. A tree in general ( Apte ). ୧୭ । ବାରଣ—17. Keeping off; prohibiting ( Apte )'

বরণ ଦେ. ବି. ( ସଂ. ବ୍ରଣ; ବରଣ୍ଡ )—୧ । ଯୌବନକଣ୍ଟକ;
**बरी, बरे** ତାଠବଳୁଣ; ମୁଖଜାତ ବ୍ରଣ—1. Pimples on the
( ବରୁଣ—ଅନ୍ୟରୂପ ) face; acne. ୨ । ବ୍ରଣ—2. Boil.
বরণ **बरन** ୩ । ( ସଂ. ବର୍ଣ୍ଣ; ପଦ୍ୟରେ ବ୍ୟବହୃତ )—ରଙ୍ଗ—
3. Colour

ତଡ଼ିତ୍‌ବରଣ ଘନେ ତୋ ଦେହି—ଜଗନ୍ନାଥ, ମେଘଦୂତ ।

बरण ४ । ( ସଂ. ନାମ ଅଧିବାସ; ସଂ. ବନ୍ଦନ )—ଧାନ୍ୟ, ଦୁବ,
बन्दन ବରକୋଳି ପତ୍ର ଓ ଦୀପ ଆଦି ଦ୍ୱାରା ନବବିବାହିତ ବର ଓ କନ୍ୟାଙ୍କୁ ବା ଉପନୟନ ହୋଇଥିବା ବ୍ରାହ୍ମଣ ବାଳକଙ୍କୁ ବା ବିଶିଷ୍ଟ ବ୍ୟକ୍ତିଙ୍କୁ ଅଭ୍ୟର୍ଥନା କରିବା ବିଧି; ବନ୍ଦାପନା—4. A kind of showing respect to a newly married couple or an honoured guest.

ଦେ. ବିଣ. ପୁଂ. (ସଂ. ବର୍ଣ୍ଣି) ( ପଦ୍ୟ )—ରଙ୍ଗର; ବର୍ଣ୍ଣର; [ବରଣା(ଣୀ)—ସ୍ତ୍ରୀଲିଙ୍ଗ] ବର୍ଣ୍ଣବିଶିଷ୍ଟ—Having the colour of.

ବରଣକ—ସଂ. ବି. ( ବରଣ + କ )—ଆଚ୍ଛାଦନ ( ହ୍ରି. ଶ )—
Baraṇaka Covering.

ବରଣଡ (ଡା)ଲି—ଦେ. ବି. (ସଂ. ବନ୍ଦନ + ଡଲ୍ଲକ)—ସମାଗତ ବିଶିଷ୍ଟ
Baraṇaḍa (ḍā)li ବ୍ୟକ୍ତି ବା ଜାମାତାଙ୍କ ଅଭ୍ୟର୍ଥନା କରିବା ପାଇଁ
बरणडाला ଯେଉଁ ଡାଲିରେ ଦୁବ, ବରକୋଳିପତ୍ର, ନଡ଼ିଆ,
बन्दनकी डाला ଗୁଆ, ଫୁଲ, ଚନ୍ଦନ ଓ ନୂଆ ଲୁଗା ଆଦି ସଜ୍ଜିତ ହୋଇଥାଏ—A tray in which various necessary articles are kept arranged with a view to be used while welcoming a guest or a bridegroom on ceremonial occasions.

[ ଦ୍ର—ବରଣଡାଲିରେ ୨୪ଟି ପଦାର୍ଥ ଥାଏ । ଯଥା—ଗଙ୍ଗାମୃତ୍ତିକା, ଚନ୍ଦନ, ଶିଳା, ଧାନ୍ୟ, ଦୂର୍ବା, ପୁଷ୍ପ, ଫଳ, ଦଧି, ଘୃତ, ସ୍ୱସ୍ତିକ ( ପିଠଉ ନିର୍ମିତ ମୂର୍ତ୍ତି ), ସିନ୍ଦୂର, ଶଙ୍ଖ, କଜ୍ଜ୍ୱଳ, ଗୋରୋଚନା ବା ହଳଦୀ, ସିଦ୍ଧାର୍ଥ ( ତଣ୍ଡୁଳ ), ସ୍ୱର୍ଣ୍ଣ, ରୌପ୍ୟ, ତାମ୍ର, ଲୌହ, ଦର୍ପଣ, ଅଳତା, ହରିଦ୍ରାରଞ୍ଜିତସୂତ୍ର, ଚାମର, ଦୀପ । ପ୍ରତ୍ୟେକ ପଦାର୍ଥ ଯଥୋପଯୁକ୍ତ ମନ୍ତ୍ର ଉଚ୍ଚାରଣପୂର୍ବକ ବରଣୀୟ ବ୍ୟକ୍ତିଙ୍କୁ ଯଥାକ୍ରମେ ଅର୍ପଣ କରାଯାଏ । ]

ବରଣମାଳ(ଳା,ଲ୍ୟ)—ସଂ. ବି. (ମ. ପ. ଲେ; ବରଣ + ମାଳା; ମାଲ୍ୟ)—
Baraṇamāḷa(ḷā,lya) ସ୍ୱୟମ୍ବର ସଭାରେ କନ୍ୟା ବରଙ୍କୁ ବରଣ କରିବା ନିଦର୍ଶନସ୍ୱରୂପ ତାଙ୍କ ବେକରେ ଯେଉଁ ଫୁଲମାଳ ଲମ୍ବାଇ ଦିଏ—A chaplet of flowers which a bride puts round the neck of the selected bridegroom at the competition parade.

ବରଣସୀ—ସଂ. ବି—ବାରାଣସୀ; କାଶୀ—
Baraṇasī Benares (Apte).

ବରଣା—ଦେ. (ପଦ୍ୟ) ବିଣ. (ଅନ୍ୟ ଶବ୍ଦ ପରେ ଲାଗେ; ଯଥା—ହେମ-
Baraṇā ବରଣା )—ବରଣର ସ୍ତ୍ରୀଲିଙ୍ଗ—Feminine of Baraṇā.

ଦେ. ବି—ବଳଣା ( ଦେଖ )—Baḷaṇā ( See )

ସଂ. ବି. ( ନାମ )—୧ । କାଶୀ ନିକଟରେ ବହୁଥିବା ଛୋଟ ନଦୀ—1. Name of a small river flowing near Benares.

[ ଦ୍ର—ଏ ନଦୀ ଓ ଅସୀ ନାମକ ନଦୀର ନାମଦ୍ୱୟରୁ ବାରାଣସୀ ନାମର ଉତ୍ପତ୍ତି । ]

୨ । ସିନ୍ଧୁନଦର ଉପନଦବିଶେଷ—2. Name of a tributary of the Indus.

[ ଦ୍ର—ଏହା ଅଟକଠାରେ ବିପରୀତ ଦିଗରୁ ସିନ୍ଧୁନଦରେ ମିଳିଅଛି । ]

୩ । ହରଡ଼ (ହ୍ରି. ଶ.)—3. A kind of pulse.

ବରଣି—ଦେ. ବି. ( ସଂ. ବରଣ )—୧ । ବରଣ—1. Act of
Baraṇi choosing, selecting or formally inviting.

୨ । ( ଭୋଜନ ପାଇଁ ) ନିମନ୍ତ୍ରଣ—2. Invitation ( to a feast or dinner ).

ବରଣିଆ(ଆଁ)—ଦେ. ବିଣ. ( ସଂ. ବରଣୀୟ )—୧ । ଭୋଜନ ଆଦିକୁ
Baraṇiā( āṅ ) ନିମନ୍ତ୍ରିତ—1. Invited to a feast.
व्रती बरण दिया हुआ ୨ । ଯେଉଁ ବ୍ରାହ୍ମଣଙ୍କୁ ଦେବାରାଧନାଦି କରିବା ପାଇଁ ଯଜମାନ ବରଣ କରିଥାଆନ୍ତି—2. (Brāhmaṇa) Commissioned to do worship to gods.

ବରଣୀ—ଦେ. ବିଣ. ( ସଂ. ବର୍ଣ୍ଣା )—ବରଣର ସ୍ତ୍ରୀଲିଙ୍ଗ—Feminine
Baraṇī of Baraṇa.

ଶୁଭ୍ରଗ୍ରୀମୀକର ଚମ୍ପକ ବରଣୀ—ଯାଜକୃଷ୍ଣ. ଜଗମୋହନ ।

ବରଣୀୟ—ସଂ. ବିଣ. ପୁଂ. ( ବୃ ଧାତୁ + କର୍ମି. ଅନୀୟ )—ପୂଜନୀୟ;
Baraṇīya ପୂଜ୍ୟ; ସମ୍ମାନନୀୟ—Worshippable;
( ବରଣୀୟା—ସ୍ତ୍ରୀ ) adorable.

ବରଣ୍ଡ—ସଂ. ବି. ( ବୃ ଧାତୁ + କର୍ତ୍ତୃ. ଅଣ୍ଡ )—୧ । ମୁଖଜାତ ବ୍ରଣ;
Baraṇḍa ଯୌବନ କଣ୍ଟକ—1. Pimples on the face of young people; acne. ୨ । ବାରଣ୍ଡା—2. Veranda; portico. ୩ । ବନିଶି ଡୋର (ହ୍ରି.ଶ)—3. Angling string; the string of a fish-hook ( Apte ). ୪ । ସମୂହ ( ହ୍ରି. ଶ )—4. Multitude; collection; group ( Apte ). ୫ । ଘାସ ଗୋଛା ବା ଗଦା ( ହ୍ରି. ଶ )—5. A bundle or heap of grass (Apte). ୬ । ଦୁଇ ହାତୀ ଲଢ଼ାଲଢ଼ି ନ ହେବା ପାଇଁ ହାତୀଶାଳରେ ଦୁଇ ହାତୀଙ୍କ ରହିବା ସ୍ଥାନ ମଧ୍ୟରେ ଦିଆଯିବା କାନ୍ଥ ( ହ୍ରି. ଶ )—6. A wall raised between the stables of two quarrelsome elephants. ୭ । କୁର୍ତ୍ତାର ପକେଟ୍—7. Pocket ( Apte ).

ବରଣ୍ଡକ—ସଂ. ବି. ( ବୃ. ଧାତୁ + କର୍ତ୍ତୃ. ଅଣ୍ଡ + ସ୍ୱାର୍ଥେ. କ )—
Baraṇḍaka ୧ । ବରଣ୍ଡ ( ଦେଖ )—1. Baraṇḍa (See)

୨ । ପରସ୍ପର ଯୁଧ୍ୟମାନ ହସ୍ତିଦ୍ୱୟର ମଧ୍ୟସ୍ଥ ଭିତ୍ତି—2. The wall between two fighting elephants. ୩ । କାନ୍ଥ—3. Wall. ୪ । ହାତୀର ହାଉଦା—4. Elephant-saddle ( Apte ). ୫ । ମାଟିର ଢିପ (ହ୍ରି. ଶ.)—5. A mound of earth ( Apte ).

ସଂ. ବିଣ - ୧ । ବର୍ତ୍ତୁଳ; ଗୋଲ—1. Round. ୨ । ଭୀତ—2. Terrified. ୩ । ବିଶାଳ; ବଡ଼—3. Large; massive; great ( Apte ). ୪ । କୃପଣ—4. Miserly. ୫ । ଦୁଃଖଗ୍ରସ୍ତ; ମ୍ଳାନ—5. Miserable; wretched (Apte).

ବରଣ୍ଡା—ଦେ. ବ (ସଂ. ବରଣ୍ଡ; ବାରୁଣ୍ଡୀ=ଦ୍ୱାର ପିଣ୍ଡ; ଫା. ବର୍ଆମ୍ଦା)-
Barandā ବାରଣ୍ଡା; ଦ୍ୱାରପିଣ୍ଡ; ଗୃହର ଦ୍ୱାରସମ୍ମୁଖସ୍ଥ ପିଣ୍ଡା;
বারন্দা ଅଗ୍ରଭାଗ—Veranda; portico; porch.
बरामदा; बरण्डा

ବରଣ୍ଡା—ସଂ. ବ. ( ବୃ. ଧାତୁ+କରଣ. ଅଣ୍ଡ+ଅ )—୧ । କତୁରୀ
Barandā (ହି. ଷ.)—1. Billhook. ୨ । ବତି; ବଳିତା—
2. Lamp-wick ( Apte ). ୩ । ସାରିକାପକ୍ଷୀ—
3. The hill-myna bird ( Apte ).

ବରଣ୍ଡାଳୁ—ସଂ. ବ—ଗବଗଛ—
Barandālu Castor-seed plant.

ବରଣ୍ଡୀ—ଦେ. ବ. ( ସଂ. ବରଣ୍ଡ )—( ଶିଳ୍ପଶାସ୍ତ୍ର ) ଦେଉଳର ଜାଙ୍ଘ
Barandi ବା ବନ୍ଧନର ଉପରେ ଓ ତଳେ ଥିବା କାନ୍ଥର ଅଂଶଦ୍ୱୟ;
ପ୍ରଥମ ବରଣ୍ଡୀ ଓ ଦ୍ୱିତୀୟ ବରଣ୍ଡୀ ( ଦେଉଳ ତଳେ ନୋଟ୍ ଓ ଚିତ୍ର ଦେଖ )—Particular parts of the structure of a temple.

ବରଣ୍ଡେଇବା—ପ୍ରାଦେ. ( କଳାହାଣ୍ଡି ) କ୍ରି. ( ସଂ. ବର୍ଦ୍ଧନୀ; ଓ. ବଢ଼ଣୀ;
Barandeibā ହି. ବାରୁନା )—ଓଳେଇବା—To sweep.

ବରତ—ଗ୍ରା. ବ ( ସଂ. ବ୍ରତ )—୧ । ବ୍ରତ ( ଦେଖ )—1. Brata
Barata बरत ( ବର୍ତ୍ତ—ଅନ୍ୟରୂପ ) ( See )

ନ ଗୀତ ନ ନାଟ ଶୀଳ, ନ କୃତ ବରତ ଫଳ,
ଠାକୁର ପାଉନ୍ତି ମୋ ମନରେ । ଧର୍ମସ୍ତୁର୍ତ୍ତି. କଣୋଗ୍ରନ୍ଥେ, ବ. ଗୀତ

୨ । ଅନନ୍ତବ୍ରତ ଦିନ କୌଣସି ବିଶିଷ୍ଟ ବ୍ରତ ଉପଲକ୍ଷରେ ବ୍ରତଧାରୀର ହାତରେ ବନ୍ଧାଯିବା ବାହୁବନ୍ଧ—2. An amulet worn on the occasion of Anantabrata.

ବରତନ—ଦେ. ବ. ( ସଂ. ବର୍ତ୍ତନ; ବୃତ୍ତି; ବେତନ )—
Baratana ୧ । ବେତନ—1. Pay.
বেতন
वर्त्तन, बीत

ପାଇବାକୁ ଯେ ବରତନ ଯଥା କାଳେ
ଦେଖନ୍ତୁ ନକି ନୃପ ନ ପାଯୋର ତ୍ରାଳେ ।
କୃଷ୍ଣସିଂ. ମହାଭାରତ. ସଭା ।

୨ । ଧୋବା, ଭଣ୍ଡାରୀ, ବଢ଼େଇ ଗୃହର କାର୍ଯ୍ୟ କରିବା ଯୋଗୁ
ଭୋଳ मुठ ବର୍ଷରେ ଥରେ ପାଇବା ପାରିଶ୍ରମିକ—
2. Annual wages paid to a washerman, barber and carpenter rendering service to a house-holder

୩ । ( ହିନ୍ଦୀରୁ ଅନୁକୃତ )—ବାସନ; ତୈଜସ ପତ୍ର—
বাসন बरतन 3. Utensil.
ଗ୍ରା. ବ—ବର୍ତ୍ତନ ( ଦେଖ )
Bartana ( See )

ବରତନ ସାଧିବା—ଦେ. କ୍ରି—୧ । ଦାଉ ସାଧିବା—
Baratana sādhibā 1. To take vengeance.
[ ଦ୍ର—ଧୋବା ଭଣ୍ଡାରୀଙ୍କୁ ଯେଉଁ ଗୃହସ୍ଥ ବରତନ ଦେବାରେ ହେଳନ କରଥାଏ ତାହାର କୌଣସି ନିମିତ୍ୟ ପର୍ବ ପଡ଼ିଲେ ସେହି ଅବସରରେ ଧୋବା ଭଣ୍ଡାରୀ ଉକ୍ତ ଗୃହସ୍ଥର କାର୍ଯ୍ୟରେ ଛିନ୍ନ କରି ତାଙ୍କୁ ନାନା ପ୍ରକାର ସଙ୍କଟରେ ପକାନ୍ତି ବୋଲି ଏହି ଅର୍ଥ ହୋଇଅଛି । ]

୨ । (ଧୋବା ଭଣ୍ଡାରୀ) ଗ୍ରାମବାସୀଙ୍କଠାରୁ ବାର୍ଷିକ ପାରିଶ୍ରମିକ ଆଦାୟ
ଭୋଳ অসুল করা मूठ वसुलकरना କରିବା—3. (the barber and washerman) To collect the annual wages from each of the villagers.

ବର ତନ୍ତୁ—ସଂ. ବ. (ନାମ)—ଋଷିବିଶେଷ—
Bara tantu Name of a sage.
[ ଦ୍ର—ଏହାଙ୍କ ଶିଷ୍ୟ ଗୁରୁଙ୍କୁ ଦକ୍ଷିଣା ଦେବାପାଇଁ ଅଜ ରାଜାଙ୍କଠାରେ ଭିକ୍ଷା କରିଥିଲେ ଓ ଅଜ ତାଙ୍କୁ ସର୍ବସ୍ୱ ଦାନ କରିଥିଲେ । ]

ବର ତିକ୍ତା—ସଂ. ବ—ଫଣଫଣା ( ଦେଖ )
Baratiktā Phanaphanā ( See )
(ବରତିକ୍ତିକା—ଅନ୍ୟରୂପ)

ବରତ୍ରା—ସଂ. ବ. ( ବର+ତ୍ରୈ ଧାତୁ+କର୍ତ୍ତୃ. ଅ+ଆ )—
Baratrā ଛଣପଟର ମୋଟ ଦଉଡ଼ି (ହି. ଶବ୍ଦସାଗର)—
A thick hempen rope.

ବରତମାନ—ଗ୍ରା. ବିଶ. ବ ଓ କ୍ରି. ବିଣ—ବର୍ତ୍ତମାନ ( ଦେଖ )
Baratamāna Barttamāna ( See )

ବରତମାନରେ ତାହା ଆସ୍ୱାଦନ କରୁନେ ଆଜ ଭୂତର ।
ଭକ୍ତ. ବୈଦେହୀଶବିଳାସ ।

ବରତରଫ୍—ବୈଦେ. ବିଣ. (ଫା)—୧ । କର୍ମଚ୍ୟୁତ; ପଦଚ୍ୟୁତ—
Barataraph 1. Dismissed; removed from service; discharged from service.
বরতরফ
बरतरफ ୨ । ଅଲଗା ହୋଇଥିବା—2. Separated.
ବୈଦେ. ବ—ବରତରଫି (ଦେଖ)—Barataraphi (See)

ବରତରଫି—ବୈଦେ. ବ. (ଫା)—୧ । କର୍ମଚ୍ୟୁତି; ଡସ୍‌ମିସ୍ ହେବା—
Barataraphi 1. Dismissal. ୨ । ଅଲଗା ହେବା; ପୃଥଗ୍‌ଭାବ
2 Separation.

ବରତା(ତେ)ଇବା—ଗ୍ରା. କ୍ରି—ବରତିବା କ୍ରିୟାର ଣିଜନ୍ତ ରୂପ—
Baratā(te)ibā Causative of Baratibā.
বর্ত্তান बरताना

ବରତିକ—ଦେ. ବ. ( ସଂ. ବର୍ତ୍ତିକ )—ବତର ପକ୍ଷୀ—
Baratika The grey quail.

ବରତିକ ଅବ ପକ୍ଷୀ ଅଛ ପକ୍ଷ ଦେଲେ ଛଡ଼ନ୍ତି ଦନର ।
ଭକ୍ତ. ବୈଦେହୀଶବିଳାସ ।

ବରତିବା—ଗ୍ରା. କ୍ରି. (ସଂ. ବୃତ୍ ଧାତୁ)—୧ । ବର୍ତ୍ତିବା; ପ୍ରାଣରେ ରହିବା;
Baratibā ବଞ୍ଚିବା—1. To live; to survive.
বর্ত্তা
बरतना

ରସବତୀ ଯେବେ ଦେଖିଲେ ଜୀବନ ଏସ ବରତବ କେହ୍ନୁ ।
ଧର୍ମସ୍ତୁର୍ତ୍ତି. ସଙ୍ଗୀତ ।

୨ । ବିପଦରୁ ଉଦ୍ଧାର ପାଇବା; ଉଧୁରିବା—2. The escape from a danger. ୩ । ବଞ୍ଚିଯିବା—3. To be saved with one's life.

ବରତଲେ ଦୁଇ ବୃନ୍ଦରୁ ଦଶ ଜଣ
ପାଣ୍ଡବଙ୍କର ସାତ ଅସୁର ତିନ ଜଣ । କୃଷ୍ଣସିଂ. ମହାଭାରତ. ଅଡ଼ ।

୪ । ଅବଶିଷ୍ଟ ରହିବା—4. To remain after.
୫ । ବର୍ତ୍ତିବା (ଦେଖ)—5. Barttibā ( See )

**ବରଭୁଅ**—ଗ୍ରା. ବଣ. ( ସ. ବ୍ରତ )—୧ । ଯାହାର ବ୍ରତ ଓ ଉପନୟନ
Baratuā ସଂସ୍କାର ସମାଧା ହୋଇଥାଏ—1. Invested with
( ଅବରଭୁଅ—ବିପରୀତ ) the sacred thread. ୨ । ବ୍ରତୀ
व्रती ( ଦେଖ )—2 Bratī ( See ).

**ବରତୁଲ**—ଗ୍ରା. (ପଦ୍ୟ) ବ. (ସ. ବର୍ତ୍ତୁଲ)—ବର୍ତ୍ତୁଲ (ଦେଖ)
Baratuḷa Barttuḷa (See)

ବରତୁଳ ପୟୋଧରେ ରତନର ଦୁଲେ ଅରେ ଯୁବତୀର ।
କବିସୂର୍ଯ୍ୟ—ସଙ୍ଗୀତ ।

**ବରତ୍ରା**—ସ. ବ. (ବର + ତ୍ରୈ ଧାତୁ + କର୍ତ୍ତୃ. ଅ + ଆ)—୧ । ଚମଡ଼ା
Baratrā ପଟି—1. A strap or girth of leather (Apte). ୨ । ଚମଦଉଡ଼ି—2. Thong (Apte).
୩ । ହାତିର ବା ଘୋଡ଼ାର ପେଟି—3. The girth of an elephant or horse (Apte).

**ବରଦ**—ସ. ବଣ. ପୁଂ. (ବର + ଦା ଧାତୁ + କର୍ତ୍ତୃ. ଅ)—୧ । ଯେ
Barada ବର ଦାନ କରେ; ଅଭୀଷ୍ଟଫଳଦ—1. Granting a
(ବରପ୍ରଦ, ବରଦାତା—ଅନ୍ୟରୂପ) boon ୨ । ପ୍ରସନ୍ନ—
(ବରପ୍ରଦା, ବରଦା, ବରଦାତ୍ରୀ—ସ୍ତ୍ରୀ) 2. Satisfied; propitiated; pleased.

ବ—୧ । ପ୍ରସନ୍ନତାଦ୍ୟୋତକ ହସ୍ତାଦି ବିନ୍ୟାସରୂପ ମୁଦ୍ରାବିଶେଷ—
1. A kind of posture of the hand and other limbs indicating satisfaction.
୨ । ଲେଉଟିଆ ( କବିରାଜ ହରେକୃଷ୍ଣ—ଦ୍ରବ୍ୟଗୁଣ )—
2. A kind of potherb; Amaranthes Polygamus.

**ବରଦ କାଳ**—ଦେ. ବ—ଦେବତାଙ୍କର ବରଦେବାର ଉପଯୁକ୍ତ ସମୟ—
Barada kāḷa Opportune or fit time or moment of a Deity granting a boon.

ବାଟ୍ଟେଙ୍କ ଅତି ବହିଲେ ଚଳେ କୃଷ୍ଣକଣ୍ଠର ବରଦକାଳେ
ନତା ମୁଁ ଯିବ ବୋଲି ବପଳେ ମାଗିଲ ଚାଷ ସେ । ଉପ. ବୈଦେହୀଶବିଳାସ

**ବରଦକ୍ଷିଣା**—ସ. ବ. (ମ. ପ. ଲୋ; ବର + ଦକ୍ଷିଣା)—ବିବାହବେଳାରେ
Baradakshiṇā କନ୍ୟାଦାନ କାଳରେ କନ୍ୟାପିତାଙ୍କର ବରଙ୍କୁ
ଦେବା ଧନାଦି—Present made to the bridegroom by the bride's father while bestowing the hand of the bride on him (Apte).

**ବରଦଲି**—ଦେ. ବ—ଚକ୍ରାକାର ଅସ୍ତ୍ରବିଶେଷ—A kind of
Baradaḷi (ବର୍ଦ୍ଦଳି—ଅନ୍ୟରୂପ) circular weapon.

ଧରି ରଣୋତ୍ସାହେ ଯମ ଦଣ୍ଡ ପ୍ରାୟେ କରେ ବଙ୍କ ବରଦଳ ।
ଭୀମାନନ୍ଦ—ମହାଯାତ୍ରା ।

**ବରଦ ସ୍ୱାମୀ**—ଦେ. ବ—ଦାକ୍ଷିଣାତ୍ୟର କାଞ୍ଚୀ ନଗରସ୍ଥ ବିଷ୍ଣୁକାଞ୍ଚୀରେ
Barada swāmī ପ୍ରତିଷ୍ଠିତ ବିଷ୍ଣୁ ବିଗ୍ରହ—Name of the
(ବରଦା ସ୍ୱାମୀ—ଅନ୍ୟରୂପ) image of Bishṇu in Bishṇukāñchī of Southern India.

**ବରଦା**—ସ. ବ. ସ୍ତ୍ରୀ. (ବରଦ + ସ୍ତ୍ରୀ. ଆ)—୧ । ଦୁର୍ଗା—1. Durgā.
Baradā ୨ । ସରସ୍ୱତୀ—2. Goddess of learning. ୩ ।
ଅଶ୍ୱଗନ୍ଧା—3. A medicinal plant.

ସ. ବ—ବରଦର ସ୍ତ୍ରୀଲିଙ୍ଗ—Feminine of Barada.

**ବରଦାଇ(ଏ)**—ଗ୍ରା. ବଣ. ପୁଂ. ( ସ. ବରଦାୟକ; ବରଦାୟୀ )—
Baradāi(e) ଅଭୀଷ୍ଟଫଳଦ—Granting a boon.
बरदाय़ बरदेन वाला (ବରଦାଏକ—ଅନ୍ୟରୂପ)
(ବରଦାଏନୀ, ବରଦୋଇନୀ—ସ୍ତ୍ରୀ)

**ବରଦା ଚତୁର୍ଥୀ**—ସଂ. ବ—ମାଘ ଶୁକ୍ଳ ଚତୁର୍ଥୀ—The 4th day
Baradā chaturthī of the bright fortnight of the month of Māgha.

**ବରଦାନ**—ସଂ. ବ. ( ୬ଷ୍ଠୀ ତତ୍; ବର + ଦାନ )—୧ । କୌଣସି
Baradāna ବ୍ୟକ୍ତିର ଅଭୀଷ୍ଟସିଦ୍ଧିସୂଚକ ବର ଦେବା—
(ବରପ୍ରଦାନ—ଅନ୍ୟରୂପ) 1. Granting of a boon. ୨ ।
ତୀର୍ଥବିଶେଷ—2. The name of a sacred place.

ବରଦାନ ତୀର୍ଥକୁ କଲେ ଦରଶନ
କରିଥିବା ପାତକ କୁଅଇ ଧ୍ୱଂସନ । କୃଷ୍ଣସିଂହ, ମହାଭାରତ ବନ ।

**ବରଦାୟକ**—ସଂ. ବଣ. ପୁଂ—ବରଦ (ଦେଖ)—Barada (See)
Baradāyaka (ବରଦାୟୀ—ଅନ୍ୟରୂପ)
(ବରଦାୟିକା, ବରଦାୟିନୀ—ସ୍ତ୍ରୀ)

**ବରଦାର୍**—ବୈଦେ. ବ. (ଫା. ପ୍ରତ୍ୟୟ; ଅନ୍ୟ ଶବ୍ଦ ପରେ ଲାଗେ)—
Baradār ୧ । ବାହକ; ଧାରଣକାରୀ—1. Bearing;
बरदार बरदा carrying.
(ଯଥା—ଆସାବରଦାର୍, ଝାଡ଼ୁବରଦାର୍ ।)
୨ । ପାଳନକାରୀ—2. Obeying; carrying out.
(ଯଥା—ହୁକୁମବରଦାର୍ ।)

**ବରଦାସ୍ତ**—ବୈଦେ. ବ. (ଫା. ବରଦାଶ୍ତ୍ = ସହନ)—ସହନ; ସହିବା—
Baradāsta Bearing; endurance.
बरदाश्त बरदास्त ବଣ—ସହ୍ୟ—Bearable; endurable.
ବରଦାସ୍, ବର୍ଦ୍ଦାସ୍, ବର୍ଦ୍ଦାସ୍ତ } ଅନ୍ୟରୂପ

ସେମାନଙ୍କର କଷ୍ଟ ଦେଖିବା ମିଛଙ୍କର
ବରଦାସ୍ତ ହେଉ ନ ଥିଲା ।
ଫକୀରମୋହନ—ଛମାଣ ଅଠଗୁଣ୍ଠ ।

**ବରଦାସ୍ତ କରିବା**—ଦେ. କ୍ରି—ସହିବା—To bear; to put up
Baradāsta karibā बरदाश्त करा with; to endure.
बरदास्त करना

**ବରଦାସ୍ତ ହେବା**—ଦେ. କ୍ରି—ସହ୍ୟ ହେବା; ସହି ହେବା—
Baradasta hebā To be borne; to be endured.

**ବରଦାସ୍ତି**—ବୈଦେ. ବଣ. (ଫା)—ସହନଶୀଳ; ସହିଷ୍ଣୁ—
Baradāsti बरदाश्ती बरदास्ती Patient; enduring.

**ବରଧନ**—ଗ୍ରା. ବ. (ପଦ୍ୟ)—ବର୍ଦ୍ଧନ ( ଦେଖ )
Baradhana Barddhana ( See )
बरधन

ଯାହା । ତ କରଅଛ ତୁମ୍ଭେ ବରଧନ । କୃଷ୍ଣସିଂହ. ମହାଭାରତ ସଭା ।

बरघन ଗ୍ରା. ବଣ. ପୁଂ. (ସମାସରେ ବ୍ୟବହୃତ)—ବର୍ଦ୍ଧକ; ବର୍ଦ୍ଧନ-
(ବରଧନା, ବରଧନୀ—ସ୍ତ୍ରୀ) କାରୀ—Increasing.

ମୋର୍ ସୁଖ ବରଧନା ହେଉ ବ ଅସତ । କବିସୂର୍ଯ୍ୟ—କବିତା ।

**ବରଧନକର**—ଗ୍ରା. ବଣ. (ପଦ୍ୟ) ( ସ. ବର୍ଦ୍ଧନକର )—ବର୍ଦ୍ଧକ;
Baradhanakara ବୃଦ୍ଧିକାରକ—Increasing.

ମଦନ ମଦ ବରଧନ କର । ଭକ୍ତ—ପ୍ରେମସୁଧାନିଧି ।

**ବରଧମାନ**—ଗ୍ରା. ବିଣ. (ପଦ୍ୟ) (ସଂ. ବର୍ଦ୍ଧମାନ)—ବର୍ଦ୍ଧମାନ (ଦେଖ)
Baradhamāna Barddhamāna (See)

ବରଧମାନ ହେଉଥାଇ ନ ଭୃଙ୍ଗ ସର୍ବଦା ପ୍ରେମଗମ୍ଭୀର ।
ଭକ୍ତ—ବୈଦେହୀଶବିଳାସ ।

**ବରଧରା**—ଦେ. ବି. (ସଂ. ବର+ଧୃ ଧାତୁ)—କନ୍ୟାପକ୍ଷୀୟ ଯେଉଁ ବ୍ୟକ୍ତି
Baradharā ବିବାହ ହେବା ପାଇଁ ବରକୁ ବରଘରୁ ନିମନ୍ତ୍ରଣ
बरधरा କରି ସଙ୍ଗରେ ଆଣିବାକୁ ଯାଏ—A person who is
(ବର୍ଦ୍ଧରା—ଅନ୍ୟରୂପ) sent from the bride's house to the bridegroom's house to fetch the latter for the marriage at the bride's place.

**ବରଧୁତ**—ଗ୍ରା. ବି. (ସଂ. ବର୍ଦ୍ଧିତ)—ବରଧୁତି (ଦେଖ)
Baradhuta (ବର୍ଦ୍ଧୁତ—ଅନ୍ୟରୂପ) Baradhuti (See)
ଦେ. ବିଣ—୧ । ବୃଦ୍ଧିଯୁକ୍ତ—1. Increased. ୨ । ସୌଭାଗ୍ୟଯୁକ୍ତ—2. Prosperous.

**ବରଧୁତି**—ଗ୍ରା. ବି. (ସଂ. ବୃଦ୍ଧି)—୧ । ବୃଦ୍ଧି—1. Increase. ୨ ।
Baradhuti ସୌଭାଗ୍ୟ ବୃଦ୍ଧି—2. Increase of pros-
ବର୍ଦ୍ଧୁତି—ଅନ୍ୟରୂପ perity. ୩ । ସୌଭାଗ୍ୟ; ଐଶ୍ୱର୍ଯ୍ୟ—3 Prosperity; affluence.

**ବରନ୍**—ପ୍ରାଦେ. (ସମ୍ବଲପୁର) ବି—ବର୍ଣ୍ଣ—Colour.
Baran बरन **बरन**

**ବରନ୍ ସଙ୍କରିଆ**—ପ୍ରାଦେ. (ସମ୍ବଲପୁର) ବି. (ଭୁଲ. ହି. ବରନସଙ୍କର)—
Baran saṅkariā ବର୍ଣ୍ଣସଙ୍କର ( ଦେଖ )—Barṇṇasaṅkara ( See )

**ବରନ**—ଦେ. ବି. (ସଂ. ବର୍ଣ୍ଣ)—ବର୍ଣ୍ଣ, ରଙ୍ଗ—Colour,
Barana ନାନାଜାତିବରନ ଫୁଲମାଳମାନ । କୃଷ୍ଣସିଂହ. ମହାଭାରତ ସଭା
बरण ଦେ ବିଣ• ପୁଂ (ଅନ୍ୟ ଶବ୍ଦ ସଙ୍ଗେ ବ୍ୟବହୃତ)—ବର୍ଣ୍ଣଯୁକ୍ତ—
**बरन** (ବରନା, ବରନୀ—ସ୍ତ୍ରୀ) Coloured.

**ବରନଲା**—ଦେ. ବି—ଜାହାଜ ଓ ବୋଇତରୁ ବର୍ଷାପାଣି ଓ ଧୁଆଧୋଇ
Baranalā ପାଣି ବାହାରି ଯିବାର ନଳା ବା ମାର୍ଗ—The
परनाला gutter or tube for the passage of rain
**बरनाल(ला)** or other water from a boat or ship.

**ବରନିଆଁ**—ଦେ. ବିଣ. ପୁଂ. (ଅନ୍ୟ ଶବ୍ଦ ସଙ୍ଗେ ବ୍ୟବହୃତ)—ବର୍ଣ୍ଣଯୁକ୍ତ—
Baraniāṅ बरन **बरनिया** Coloured.

ପୃଷ୍ଟରଣୀ ସମୀପେ ଶ୍ୟାମ ବରନିଆଁ
ଇକ୍ଷ୍ୱାକୁ ସଜ୍ଜପୂତ ହୋଇଛନ୍ତି ଠିଆ । କୃଷ୍ଣସିଂହ. ମହାଭାରତ ବନ ।

**ବରନିବା**—ଗ୍ରା. (ପଦ୍ୟ) କି. ( ସଂ. ବର୍ଣ୍ଣ ଧାତୁ )—ବର୍ଣ୍ଣିବା; ବର୍ଣ୍ଣନା
Baranibā କରିବା—To describe.
बरना ପଦ ନଖ କୋଣ କଣକୁ, ଦେବତା ମଣି ପଣକୁ,
**बरनना** ସାଧାରଣେତର ଗୁଣକୁ ବରନି ପାରିବେ କାହିଁ ଇତରା ।
ବନ୍ଦସୂର୍ଯ୍ୟ. ସଙ୍ଗୀତ ।

**ବର ନିଶ୍ଚୟ**—ସଂ. ବି. ( ୬ଷ୍ଠୀ ତତ୍; ବର+ନିଶ୍ଚୟ )—
Bara nischaya କନ୍ୟା ନିମନ୍ତେ ବର ପାତ୍ରର ନିର୍ବାଚନ—The choice of a bridegroom for a girl.

**ବରଣୀୟ**—ଗ୍ରା. ବିଣ. ( ସଂ. ବର୍ଣ୍ଣନୀୟ )—ବର୍ଣ୍ଣନୀୟ—Describable;
Baraniya fit to be described.

**ବର ପକ୍ଷ**—ସଂ.ବି (୬ଷ୍ଠୀ ତତ୍)—ବିବାହର ବରର ଆତ୍ମୀୟଗଣ ବା ଗୋଷ୍ଠୀ
Bara paksha वर **पक्ष** Bridegroom's party.
**दुल्हाका तरफ**

**ବର ପଣ**—ଦେ. ବି. ( ସଂ• ବର+ପଣ )—କନ୍ୟା ପକ୍ଷଠାରୁ ବର
Bara paṇa ପାଇଁ ଦାବୀ କରାଯିବା ଧନାଦି; ବିବାହ ପୂର୍ବରୁ ଦାବୀ
वर पण କରାଯିବା ଯୌତୁକ—Claim made by the bridegroom's party on the bride's party during a marriage negotiation.

**ବର ପାତ୍ର**—ସଂ• ବି—କନ୍ୟାକୁ ବିବାହ ଦେବା ନିମନ୍ତେ ସ୍ଥିରୀକୃତ ବର—
Bara pātra Bridegroom elect

**ବର ପୁତ୍ର**—ସଂ. ବି. (ବର ଦ୍ୱାରା ପ୍ରାପ୍ତ ପୁତ୍ର; ମଧ୍ୟପଦଲୋପୀ କର୍ମଧା)—
Bara putra ୧ । ଦେବତାଙ୍କ ବର ଯୋଗୁଁ ଜାତ ସନ୍ତାନ—1. A son born by the blessings of a Deity.
୨ । ଦେବତାଙ୍କ ବିଶେଷ ଅନୁଗ୍ରହ ପାତ୍ର—୨. A person specially favoured by the Deities; a favourite of the Gods. ୩ । ନିଜ ପୁତ୍ର ପରି ଦେବତାଙ୍କ ଦ୍ୱାରା ଅନୁଗୃହୀତ—3. Favoured and looked upon by a Deity as His own offspring.
( ଯଥା—ଉପେନ୍ଦ୍ର ଭଞ୍ଜ ସରସ୍ୱତୀଙ୍କ ବରପୁତ୍ର ଥିଲେ । )
୪ । ଦେବତାଙ୍କଠାରୁ ବରପ୍ରାପ୍ତ ବ୍ୟକ୍ତି—4. A person who has got a special boon from a Deity.
୫ । ଶ୍ରେଷ୍ଠ ପୁତ୍ର—5. Best son.

**ବରପୂର୍ବା (କନ୍ୟା)**—ଦେ. ବିଣ. ସ୍ତ୍ରୀ—ବାଗ୍ଦତ୍ତା ବା ମନୋଦତ୍ତା ହେବ
Barapūrbā (kanyā) (ଅର୍ଥାତ୍ ମହାପ୍ରସାଦ ନିର୍ବନ୍ଧ ହେବା)
वागदत्ता ପରେ ଯେଉଁ ବର ସହିତ ବିବାହ ନିର୍ବନ୍ଧ ହୋଇଥାଏ, ସେ ନିର୍ବନ୍ଧ ଭାଙ୍ଗି ଯାଇ ଅବିବାହିତା ଅବସ୍ଥାରେ ରହିଥିବା (କନ୍ୟା)—(a girl) Whose betrothal has been violated or broken and who has not thereafter been given in marriage.

**ବର ପ୍ରଦାୟକ**—ସଂ. ବିଣ.ପୁଂ. (ବର+ପ୍ର+ଦା ଧାତୁ+କର୍ତ୍ତୃ. ଅକ)—
Bara pradāyaka ଅଭୀଷ୍ଟ ଦାତା; ବରଦ—Granting
(ବର ପ୍ରଦାତା—ଅନ୍ୟରୂପ) boons.
(ବର ପ୍ରଦାୟିକା, ବର ପ୍ରଦାତ୍ରୀ—ସ୍ତ୍ରୀ)

**ବରଫ**—ବୈଦେ. ବି. ( ଫା. ବର୍ଫ୍ )—୧ । ଘନୀଭୂତ ଜଳ—1. Ice.
Barapha ୨ । ତୁଷାର; ହିମାନୀ—2. Snow.
बरफ ( ଯଥା—ଜଳ ଜମି ଗଲେ ବରଫ ହୁଏ, ମାତ୍ର ଜଳୀୟ
**बर्फ, बरफ** ବାଷ୍ପ ଜମିଲେ ତୁଷାର ହୁଏ । )
ବୈଦେ. ବିଣ—ବରଫ ପରି ଥଣ୍ଡା—Ice-cold.

**ବର ଫଳ**—ସଂ. ବି. ( କର୍ମଧା; ବର+ଫଳ )—୧ । ନାରିକେଳ;
Bara phaḷa ନଡ଼ିଆ (ବୃ. ଘ)—1. Cocoanut (fruit).
बट फल ୨ । ( ବହୁବ୍ରୀହି ) ନଡ଼ିଆ ଗଛ—2. Cocoanut
**वड फल** tree.
ଦେ. ବି. (ସଂ. ବଟ+ଫଳ)—ବର ଗଛର ଫଳ—The fruit of banyan tree.

ବରଫି—ବୈଦେ. ବି. (ଫା)—ଦୁଗ୍ଧ ଓ ଶର୍କରାରେ ପ୍ରସ୍ତୁତ ଚତୁଷ୍କୋଣାକାର ଶୁକ୍ଳ ବର୍ଣ୍ଣ ମିଷ୍ଟାନ୍ନ ବା ସନ୍ଦେଶବିଶେଷ—Square cake of sweetmeat as white as ice.
Baraphi
(ବର୍ଫି—ଅନ୍ୟରୂପ)
बरफी **बरफी**

ବର ବଧୂ—ସଂ. ବି—ବର କନ୍ୟା ( ଦେଖ )
Bara badhū Bara kanyā ( See )

ବର ବନିତା—ବି. ( ବର+ବନିତା )—୧ । (ଦ୍ୱନ୍ଦ୍ୱ) ପତି ଓ ପତ୍ନୀ; ସ୍ତ୍ରୀ ପୁରୁଷ—1. Husband and wife.
Bara banitā

ସେଠାରୁ ଗମନ କଲେ ବର ବନିତା । ବିଶ୍ୱନାଥ, ବଡ଼ଚମ୍ପୂଶ୍ୟାମ ।

୨ । ( ବର=ଉତ୍କୃଷ୍ଟ+ବନିତା; କର୍ମଧା ) ଉତ୍କୃଷ୍ଟା ସ୍ତ୍ରୀ—2. An excellent woman.

ବରବର—ଦେ. ଅ ( ଧ୍ୱନ୍ୟନୁକରଣ )—୧ । ଗରଗର; ଝର୍ଝର; ରାଗରେ ବା ବିରକ୍ତିରେ ମୁହଁରେ ଏଣୁ ତେଣୁ ସୁଡ଼ାଏ କହିବା—1. Grumbling; angrily muttering.
Barabara
बड़बड़ **बडबड, बरबर**

× × × ପିଙ୍ଗଳ ସୁସ୍ୱଡ଼ାଏ ମାର ପାଣି କଳସୀ କାଖରେ ଧର ବରବର ହୋଇ ମାରକଣ୍ଡ ଅର ଦୃଷ୍ଟିଧାରଣପୂର୍ବକ ସ୍ୱଗୃହାଭିମୁଖେ ଗମନ × × ×—ଫକୀରମୋହନ, ଛମାଣ ଅଠଗୁଣ୍ଠ ।

୨ । ଅଜୀର୍ଣ୍ଣ ଯୋଗୁଁ ଛାତି ଭିତରେ ଗଡ଼ ଗଡ଼ ଶବ୍ଦ ହେବା ଓ ଛାତି ଭିତର ପୋଡ଼ିବା—2. A gurgling sound and burning sensation inside the breast on account of indigestion.

ବରବରନା(ଣା)—ଦେ. (ପଦ୍ୟ) ବି. ସ୍ତ୍ରୀ. ( ସଂ. ବରବର୍ଣ୍ଣିନୀ )—ବରବର୍ଣ୍ଣିନୀ (ଦେଖ)—Barabarṇṇinī (See)
Barabaranā(ṇā)

ବରବରନାକୁ ଗୋଳନ୍ତ ଦ୍ରୁତ୍ତେ ଅଛନ୍ତ ଯେତେ ଖାବର—
ଉପ, ବୈଦେହୀଶବିଳାସ ।

ବରବରଣୀ(ଣୀ)—ଦେ. ବି. ସ୍ତ୍ରୀ—ବରବର୍ଣ୍ଣିନୀ ( ଦେଖ )
Barabaranī(ṇī) Barabarṇṇinī ( See )

ବନେ ବୁଲୁବକେ କୋଷ୍ଟ ଏଣେ କେତେକେ ମୋ ଚିତ୍ତେ ବୃଦ୍ଧି ହେଲେ—
ଉପ, ପ୍ରେମସୁଧାନିଧି ।

ବରବର୍ଣ୍ଣ—ସଂ. ବି. (ବହୁବ୍ରୀହି; ବର+ବର୍ଣ୍ଣ )—ସୁନା—Gold ( Apte ).
Barabarṇṇa

ବରବର୍ଣ୍ଣିନୀ—ସଂ. ବି. ସ୍ତ୍ରୀ. ( ବର=ଉତ୍କୃଷ୍ଟ+ବର୍ଣ୍ଣ=ରଙ୍ଗ+ଅସ୍ତ୍ୟର୍ଥରେ ଇନ୍+ସ୍ତ୍ରୀ. ଈ )—୧ । ସୁନ୍ଦରୀ ସ୍ତ୍ରୀ—1. A beautiful or fair-complexioned woman.
Barabarṇṇinī

୨ । ଶ୍ୟାମା; ଗୌରୀ; ଦୁର୍ଗା; ପାର୍ବତୀ—2. Pārbatī.
୩ । ଲକ୍ଷ୍ମୀ—3. Goddess Lakshmī. ୪ । ସରସ୍ୱତୀ—4. Goddess Saraswatī. ୫ । ଲାକ୍ଷା—5. Lac.
୬ । ଗୋରୋଚନା—6. A yellow pigment.
୭ । ହରିଦ୍ରା—7. Turmeric.

ବରବର୍ଣ୍ଣିନୀ ହରିଦ୍ରା ବୋଲଇନ୍ତ ତୁରି ଯାହା ବଳେବତ—
ଉପ, ବୈଦେହୀଶବିଳାସ ।

୮ । ପ୍ରିୟଙ୍ଗୁ ଲତା ( ଦେଖ )
8. Priyangu creeper ( Apte ) ( See )

ବରବାଦ୍(ଦି)—ବୈଦେ. ବି. ( ଫା. ବର୍‌ବାଦୀ )—୧ । ଅପବ୍ୟୟ—1. Squandering. ୨ । ଅପଚୟ—2. Waste.
Barabād(di)
बरबाद **बरबाद**

ବୈଦେ. ବିଣ. ( ଫା. ବରବାଦ୍ )—୧ । ନଷ୍ଟ; ସର୍ବନାଶ; ଉତ୍ସନ୍ନ—1. Done for; undone; ruined. ୨ । ଅପଚିତ—2. Spent; squandered. ୩ । ବ୍ୟୟୟୁକ୍ତ—3. Put to expenses.

ବରବାଦ୍ କରିବା—ଦେ. କ୍ରି—୧ । ଅନ୍ୟ ବ୍ୟକ୍ତିକୁ ଉତ୍ସନ୍ନ କରିବା—1. To ruin a person. ୨ । ଧନ ଅପବ୍ୟୟ କରିବା ବା ଉଡ଼ାଇବା—2. To spend or squander money.
Barabād kariba
बरबाद करा
**बरबाद करना**

ବରବାଦିଆ—ଦେ. ବିଣ—ଅତ୍ୟଧିକ ବ୍ୟୟଶୀଳ—Squandering; spendthrift.
Barabādia

ବର ବାହୁଡ଼ା—ଦେ. ବି—ବିବାହ ପରେ ( ବିବାହ ବାସି ବା ଚଉଠି ବାସୀ ) କନ୍ୟାକୁ ସଙ୍ଗରେ ନେଇ ଯାନାରୋହଣପୂର୍ବକ କନ୍ୟାପିତା ଗୃହରୁ ଶୋଭାଯାତ୍ରାପୂର୍ବକ ଅପଣା ଘରକୁ ବରର ପ୍ରତ୍ୟାଗମନ—The procession of the bridegroom returning to his own house with the bride after his marriage.
Bara bāhurḍā
পাটে আসা
(ବରକନ୍ୟା, ବାହୁଡ଼ା—ଅନ୍ୟରୂପ)

ବରବାହ୍ଲୀକ—ସଂ. ବି—କୁଙ୍କୁମ—Saffron ( Apte).
Barabāhlīka

ବରଭାଇ—ପ୍ରାଦେ. ( ଯାଜପୁର ) ବି—ବର ବିବାହାର୍ଥ ଯାତ୍ରା କରିବା ବେଳେ ତା ସଙ୍ଗେ ଯିବା ମାର୍କୁଣ୍ଡୀ—A boy related to the bridegroom who accompanies him while he goes to the bride's place for marrying.
Barabhāi
বিতবর; নীতবর
**लोकनीया**

ବର ଭାରିଯା—ଦେ. ବି. ( ସଦତର ) ( ସଂ. ବର+ଭାର୍ଯ୍ୟା )—ସ୍ୱାମୀ ଓ ସ୍ତ୍ରୀ—Husband and wife.
Bara bhārijā

ବରମ୍—ସଂ. ଅ—ବରଂ ( ଦେଖ )
Baram बेश्म **बरहम** Baraṁ ( See )

ଗ୍ରା. ବି. ( ସଂ. ବ୍ରହ୍ମ )—୧ । ବ୍ରହ୍ମ; ଆତ୍ମା—1. Soul.
(ବରମ୍ମ—ଅନ୍ୟରୂପ) ୨ । ପ୍ରାଣ—2. Life.

ବରମ୍ ଗ୍ୟାନି—ଗ୍ରାମ୍ୟ. ବି. ( ସଂ. ବ୍ରହ୍ମଜ୍ଞାନୀ )—ବ୍ରହ୍ମଜ୍ଞାନୀ (ଦେଖ)
Baram gyāni बेश्म গ্যানী Brahma jnānī ( See )
**बरहम गँयानि**

ବରମ୍ ରାଖସ୍—ପ୍ରାଦେ. (ସମ୍ବଲପୁର) ବି. (ଭୁଲ. ବ୍ରହ୍ମ ରାକ୍ଷସ)—ବ୍ରହ୍ମ ରାକ୍ଷସ ( ଦେଖ )
Baram rākhas **बरहम पिशाच** Brahma rākshasa ( See )

ବର ମଣ୍ଡଳା—ପ୍ରାଦେ. (ମୟୂରଭଞ୍ଜ) ବି. (ସଂ. ବର+ମଣ୍ଡଳ)—ବିବାହ ହେବା ପାଇଁ ଘରୁ ବର ଅନୁକୂଳ କଲା ବେଳେ ଭୂମିରେ ଅଙ୍କିତ ହୋଇଥିବା ଚକ୍ର ବା ମଣ୍ଡଳ—A circle drawn on the ground when the bridegroom starts from his house to the bride's house for marriage.
Bara maṇḍalā

ବରମ(ମ୍) ପୁର—ଦେ. ବ—ଗଞ୍ଜାମର ବ୍ରହ୍ମପୁର ନଗର—
Barama(m) pura Berhampore in Ganjam.
(ବରମପୁରୀ; ବରମପୁରିଆ—ବଣ)

ବରମା—ଦେ. ବ. ( ସ. ବ୍ରହ୍ମ )—ବ୍ରହ୍ମଦେଶ—The country of
Baramā (ବର୍ମା—ଅନ୍ୟରୂପ) Burma.

ବର ମାଳା(ଲ୍ୟ)—ସ. ବ. ( ମ. ଯ. ଲୋ; ବର+ମାଳା)—
Bara mālā(lya) ୧ । ସ୍ୱୟମ୍ବର ସଭାରେ ବରର ବେକରେ
(ବର ସ୍ରକ୍—ଅନ୍ୟରୂପ) କନ୍ୟାର ପ୍ରଦତ୍ତ ମାଳା—1. The garland put by the bride on the neck of the selected bridegroom.
୨ । (କର୍ମଧା) ଉତ୍କୃଷ୍ଟ ମାଳା—2. An excellent garland.

ବରମି—ଦେ. ବ. ( ସ. ବ୍ରାହ୍ମ )—୧ । (ବ୍ୟଙ୍ଗରେ ବ୍ୟବହୃତ) ବ୍ରହ୍ମ
Barami ମତାବଲମ୍ବୀ (ବ୍ୟକ୍ତି)—1. A person following
ब्रह्म समाजी the Brahmo faith; a Brahmo.
(ବରମି—ଅନ୍ୟରୂପ) ୨ । (ସ. ବ୍ରହ୍ମ) ବ୍ରହ୍ମ ଦେଶୀୟ ବ୍ୟକ୍ତି—
2. A Burmese.

ବର ଯାତ—ଦେ. ବ. (ସ. ବରଯାତ୍ରୀ)—ବର ଯାତ୍ରୀ ( ଦେଖ )
Bara jāti बर यात्री, बराती Bara jātri ( See )

ବର ଯାତ୍ରା—ସ. ବ—ବିଭା ହେବା ପାଇଁ କନ୍ୟାର ଗୃହକୁ ବରର ସ୍ୱଜନ
Bara jātrā ସମଭିବ୍ୟାହାରରେ ଯାତ୍ରା ବା ପ୍ରସ୍ଥାନ—The
(ବର ପ୍ରସ୍ଥାନ—ଅନ୍ୟରୂପ) setting out of a bridegroom
बर यात्रा बरात in procession for marrying to the bride's house.
ଆଜ ଗୁରୁ ୧୪ ଦିନ, ବରଯାତ୍ରା ପାଇଁ ଠିକ ହୋଇଛି ।
ଫକୀରମୋହନ. ଗଳ୍ପସ୍ୱଳ୍ପ ।

ବର ଯାତ୍ରୀ—ସ. ବ—ବିବାହ କରିବା ନିମନ୍ତେ କନ୍ୟା ଘରକୁ ଯିବା
Bara jātri ସମୟରେ ବରର ଗହଣରେ ଯିବା ବନ୍ଧୁ ବର୍ଗ—
(ବର ଯାତ୍ରିକ—ଅନ୍ୟରୂପ) The relations and friends accompanying a bridegroom in a marriage procession.

ବର ଯାତ୍ରୀ ବିଦାକି—ଦେ. ବ—ବର ଯାତ୍ରୀମାନଙ୍କୁ କନ୍ୟା ପକ୍ଷରୁ ଦଥ
Bara jātri bidāki ଯିବା ଉପଢୌକନ—Presents made
बर यात्री मर्यादा, to the friends accompanying
बर यात्री विदाई the bridegroom
(ବର ଯାତ୍ରୀ ମର୍ଯ୍ୟାଦା—ଅନ୍ୟରୂପ)

ବରୟିତା—ସ. ବଣ. ପୁଂ. ( ବୃ ଧାତୁ ଣିଚ୍, ବର ଧାତୁ+କର୍ତ୍ତୃ. ତୃ;
Barayitā ବରୟିତୃ ୧ମା. ୧ବ )—୧ । ଯେ ବରଣ କରେ—
(ବରୟିତ୍ରୀ—ଅନ୍ୟରୂପ) 1. Choosing; selecting.
୨ । ପ୍ରତିନିଧି ନିର୍ବାଚନକାରୀ—2. Electing; choosing a representative. ୩ । କନ୍ୟାର ବିବାହପ୍ରାର୍ଥୀ—
3. Wooing (Apte).

ବରୟିତ୍ରୀ—ସ. ବ. ସ୍ତ୍ରୀ. ( ବରୟିତୃ+ସ୍ତ୍ରୀ. ଈ )—ସ୍ୱୟଂବର ପତ୍ନୀ—
Barayitri A wife who has got her husband by selection.

ସ. ବଣ. ସ୍ତ୍ରୀ—ବରୟିତାର ସ୍ତ୍ରୀଲିଙ୍ଗ—Feminine of Barayitā.

ବର ଯୁବତି(ତୀ)—ସ. ବ. ସ୍ତ୍ରୀ. [ କର୍ମଧା; ବର+ଯୁବତି(ତୀ) ]—
Bara jubati(tī) ସୁନ୍ଦରୀ ଯୁବତୀ ସ୍ତ୍ରୀ—A beautiful damsel; a beautiful young woman (Apte).

ବର ରୁଚି—ସ. ବ. ( ବର=ଉତ୍କୃଷ୍ଟ+ରୁଚି=ଦୀପ୍ତି, ସ୍ପୃହା ଯାହାର;
Bara ruchi ବହୁବ୍ରୀହି )—୧ । ଉଜ୍ଜ୍ୱଳଦୀପ୍ତିଶାଳୀ—
1. Shinning; refulgent ୨ । ଉତ୍କୃଷ୍ଟ ରୁଚିଯୁକ୍ତ—
2. Having a good tase. ୩ । ଉତ୍କୃଷ୍ଟ ସ୍ପୃହାଯୁକ୍ତ—
3. Having a good desire.
ସ. ବ. (ନାମ)—୧ । ବିକ୍ରମାଦିତ୍ୟଙ୍କ ସଭାର ନବ ରତ୍ନଙ୍କ ମଧ୍ୟରୁ ଏକତମ ପଣ୍ଡିତ ଓ ପ୍ରସିଦ୍ଧ ବୈୟାକରଣିକ ଓ କବି—
One of the nine gems (Pandits) of King Bikramāditya's Court.
[ ଦ୍ର—ଏ 'ପ୍ରାକୃତପ୍ରକାଶ' 'ଲିଂଗାନୁଶାସନ' ନାମକ ବ୍ୟାକରଣ ଗ୍ରନ୍ଥ ରଚନା କରିଥିଲେ । ବିକ୍ରମାଦିତ୍ୟଙ୍କ ସଭାର ନବ ରତ୍ନ ଯଥା—
ଧନ୍ୱନ୍ତରିକ୍ଷପଣକାମରସିଂହଶଙ୍କୁ-
ବେତାଳଭଟ୍ଟଘଟକର୍ପରକାଳିଦାସାଃ,
ଖ୍ୟାତୋ ବରାହମିହିରୋ ନୃପତେଃ ସଭାୟାଂ
ରତ୍ନାନି ବୈ ବରରୁଚିର୍ନବ ବିକ୍ରମସ୍ୟ ॥
୨ । ପାଣିନୀୟ ବ୍ୟାକରଣର ବାର୍ତ୍ତିକସୂତ୍ରକାରକ କାତ୍ୟାୟନ ମୁନି—2. Sage Kātāyana who wrote Kārttika sūtra of Pānini.

ବରଲ୍—ପ୍ରାଦେ. ( ସମ୍ବଲପୁର ) ବ. ( ସ. ବରଳ )—କଳା ବଳା
Baral ପାତିହଂସ ଜାତୀୟ ପକ୍ଷୀ—A black species of duck.
[ ଦ୍ର—ଏମାନେ ଶୀତ ଦିନେ ଏ ଦେଶକୁ ଆସନ୍ତି ଓ ବର୍ଷା ଦିନେ ଚାଲି ଯାଆନ୍ତି । ଲୋକେ ଶୀକାର କରି ଏମାନଙ୍କର ମାଂସ ଖାଆନ୍ତି । ]

ବରଳ—ସ. ବଣ. ପୁଂ. ( ବର+ଲା ଧାତୁ=ଦାନ କରିବା+କର୍ତ୍ତୃ.
Barala ଅ )—ବରଦ—Granting a boon.
(ବରଳା—ସ୍ତ୍ରୀ) ସ. ବ—ବିରୁଡ଼ି—1. Wasp.
ବରଳ ସମାନ ଘାଡ଼ ବରୁଅଛ ଫଳଗରେ ରବରେ । ଭକ୍ତ. ବୈଦେହୀଶବିଳାସ
୨ । ରାଜହଂସ—2. Swan; gander.

ବରଳା—ସ. ବଣ. ସ୍ତ୍ରୀ—ବରଳର ସ୍ତ୍ରୀ ଲିଙ୍ଗ—
Baralā Feminine of Barala.
ପ୍ରାଦେ. (ମେଦିନୀପୁର) ବ—କଦଳୀ ବାହୁଙ୍ଗା—
Plantain branches.

ବରଷ—ଦେ. ବ. (ସ. ବର୍ଷ)—୧ । ବର୍ଷ—1. Year. ୨ । ଅୟୁଷ୍କାଳ.
Barasha 2. Year of age. ୩ । ପୃଥିବୀର ବିଭାଗ; ଦେଶ—
बच्छर बरस 3. Division of the earth; country.
बरष ସତର ଦିନ ମଧ୍ୟେ ଆର ଦ୍ୱୀପ ବରଷ ଯେତେ ହୋଇ ।
बरस ଭରତ ବର୍ଷ ତହିଁ ଧନ୍ୟ ଯହିଁରେ ଜନ୍ମ ପ୍ରାଣିମାନ—ଜଗନ୍ନାଥ. ଭାଗବତ ।

୪ । ଜମ୍ବୁ ଦ୍ୱୀପ—4. The Jambu island in India.

ବରଷ ମଧ୍ୟେ ଲୁବ୍ଧ ଏକ କେହୁ ମଜିଲା ବନ୍ଧ ଠାବର ।
ଭକ୍ତ. ବୈଦେହୀଶବିଳାସ ।

ବରଷକ—ସଂ. ବି. (ସଂ. ବର୍ଷୁକ)—ବର୍ଷଣକାରୀ; ବର୍ଷଣ କରୁଥିବା—
Barashaka Copious discharging.

ବରଷକ ବର ଶବଦ ମଦର ଉଚ୍ଚୁର ବର ଯାଉ × × ।

ଦେ. ବି—ଏକ ବର୍ଷ ମାତ୍ର—One year only.

ବରଷକା ବରଷ—ଦେ. କ୍ରି. ବିଣ—ପ୍ରତିବର୍ଷ—Every year;
Barashakā barasha yearly; annually.
প্রতি বচ্ছর, বছরে বছরে फी बरस, बरस बरस

ବରଷ କୁଟା—ପ୍ରାଦେ. (ବାଲେଶ୍ୱର) ଅ—ବରଷଯାକ; ବରଷ ତମାମ୍—
Barasha kutā Throughout the year.

ଏ ବରଷ କୁଟା ଲୋ ପିଉ ଗଲେଟ, କଥା ଶୁଣୁ ନ ଥିଲୁ ପଣ ।
ଫକୀରମୋହନ· ଗଳ୍ପସ୍ୱଳ୍ପ ।

ବରଷକେତେ—ଦେ. ବି—କେତେକ ବର୍ଷ—Some years.
Barasha kete কুছ বরষ बच्छुर कतक

ବରଷ ଗଣ୍ଠି—ଦେ. ବି—ବାର୍ଷିକ ଜନ୍ମୋତ୍ସବ—Birth day ceremony.
Barasha ganṭhi জনম দিন बरस गाँठ

ବରଷଣ—ଗ୍ରା. ବି. (ସଂ. ବର୍ଷଣ)—ବର୍ଷଣ (ଦେଖ)
Barashaṇa Barshaṇa (See)
বরষণ
बरषन

ବରଷଣ ଶରେ କୃଷ୍ଣ ଧାର ତୁଟେ ଯଥା ଲୁବ୍ଧକ ଶବର ।
ଭକ୍ତ. ବୈଦେହୀଶବିଳାସ ।

ବରଷ ଦିନ—ଦେ. କ୍ରି. ବିଣ—୧ । ବର୍ଷମଧ୍ୟରେ—1. Within a
Barasha dina year. ୨ । ବର୍ଷଯାକ—2. Throughout the year.

ବରଷ ଦିନେ } ଅନ୍ୟରୂପ
ବରଷ ଦିନରେ }
(ଯଥା—ବରଷ ଦିନେ ମୋର ୫୦୦ ଟଙ୍କା ଦରମାଗାର ହୁଏ ।)

୩ । ବର୍ଷକ ମଧ୍ୟରେ ଏକ ଦିନ ମାତ୍ର—3. Once in a year. ୪ । ଆଜ ବର୍ଷ ଆଜ—4. This day year.
୫ । ପ୍ରତିବର୍ଷର ନିର୍ଦ୍ଦିଷ୍ଟ ଏକ ଦିନରେ—5. On a fixed day of every year.

ବରଷ ଦିନରେ କର ମହୋତ୍ସବ ଅରେ । ପ୍ରାଚୀ. ଶ୍ରୀ ସୁଭଦ୍ରଙ୍କ ଗୀତ ।

ବରଷନା ପାଣି—ଦେ. ବି—ବୃଷ୍ଟି ଜଳ—Rain water.
Barashanā pāṇi (ବରଷା ପାଣି—ଅନ୍ୟରୂପ)
বরষা জল, বর্ষানী, বরষণিয়া জল बरषातका पानी

ବରଷ ପଡ଼ି—ଦେ. ବି—କୌଣସି ବ୍ୟକ୍ତିର ଭରଣପୋଷଣ ପାଇଁ ବର୍ଷକ
Barașha parḍi ନିମନ୍ତେ ଖଞ୍ଜାଥିବା ବୃତ୍ତି—Yearly maintenance allowance for a person.
বার্ষিক बरषासन

ବରଷ ବିଆଣ—ଦେ. ବି—ପ୍ରତି ବର୍ଷ ସ୍ତ୍ରୀର ସନ୍ତାନ ପ୍ରସବ କରିବା
Barasha biāṇa ଅବସ୍ଥା—The state of a woman
বছর বিয়ান bringing forth a child every year.
बरष बियान

ବରଷ ବିଆଣୀ—ଦେ. ବିଣ. ସ୍ତ୍ରୀ—ଯେଉଁ ସ୍ତ୍ରୀ ବା ଗବାଦ ପଶୁ ପ୍ରତିବର୍ଷ
Barasha biāṇi ସନ୍ତାନ ପ୍ରସବ କରେ—Giving birth to
বছর বিয়ানী children almost every year.
पुरहिया, बरष बिआवर, बरसाइन (ଯଥା—ସେ ପନ୍ତ ବରଷ-

ବରଷ ବିଆଣିଆ } ଅନ୍ୟରୂପ
ବରଷ ବିଆଣେଇ }
ବିଆଣୀ, ଘର କୁଆଡ଼ିକି ଘର କୁଆଣି କୁଆ ଭଳି କରୁଛି ।)

ବରଷା—ଦେ. ବି. (ସଂ. ବର୍ଷା)—୧ । ବୃଷ୍ଟି—1. Rain.
Barashā ୨ । ମେଘ ବର୍ଷିବା—2. Raining.
বৃষ্টি, বরষা, বরিষা [ଦ୍ର—ମେଘ ବର୍ଷିବା ସମୟରେ ବଡ଼, ସାନ ଓ
बारिश, बरषा, बरखा ଅସରାର ପରିମାଣ ଅନୁସାରେ ବରଷାର ଭିନ୍ନ ଭିନ୍ନ ନାମ ଅଛି । ସାଧାରଣ ବର୍ଷାର ଏକ ଦମ୍ଭାକୁ ଅସରା ବୋଲାଯାଏ ।

କୁଣ୍ଡା ଝଡ଼ା(ଗ୍ର)—ଅତି ଶ୍ରେଷ୍ଠ ବିନ୍ଦୁରେ ବର୍ଷା, ଚୋପାଗୁଡ଼ିକ ପଡ଼ିବା ବେଳେ କାଣ୍ଡିଆ କୁଣ୍ଡା ଝଡ଼ିଲା ପରି ଦେଖାଯାଏ—
গুঁড়িগুঁড়ি Raining like fog.

ଅଠ ଦୁମୁକାଣି ଖୋଳ ଅସରା
ବଉଳ ଲଫି ଲଫି ଉଳଷଠି କୁଣ୍ଡା ଝଡ଼ା । କୃଷିବଚନ ।

ଝିପ୍(ପି)ଝିପ୍(ପି) }
ଲିଫିଲିଫି }
ଫିସିଫିସି }
ଫିରିଫିରି }
ଫିରଫିରା }
फिसफिस मिस्सी
ବିନ୍ଦୁପାତ ବୃଷ୍ଟି; କୁଣ୍ଡା ଝଡ଼ାଠାରୁ ବଡ଼ ଟୋପା—
Raining in minute drops.

ଝୁପୁରୁଝୁପୁରୁ }
ଟୁପୁଟୁପୁ }
ଟୁପୁରୁଟୁପୁରୁ }
ଟୁପୁରୁଟାପର }
झिपझिप बुन्द
ସାମାନ୍ୟ ଶବ୍ଦପୂର୍ବକ ଶ୍ରେଷ୍ଠ ଟୋପାରେ ବରଷା—
Raining in small drops.

ମେଘ ବରଷଇ ଟୁପୁରୁଟୁପୁରୁ (ଟପରଟପର)
ମୋ ଦୁଆରେ କିଏ ରେ,
ବାଉଁଅଡ଼େ ମାଣ୍ଡିଆକୁ ପଡ଼ର
ମଣ୍ଡରେ ଗୋଟିଏ ଦେ ରେ ।

ଝପ୍‌ଝପ୍ }
ଟପଟପ }
ଟପରଟପର, ଟପରଟାପର }
झमझम फुहार
ବଡ଼ ଟୋପାରେ ବର୍ଷା—
Raining in large drops.

ମେଘ ବରଷଇ ଟପରଟପର କେଶୁର ମାରଇ ଗଛା
କେଉଁ ଘଇଜରେ ରହିଲେ ମୋ ରଜା ତେଲଙ୍ଗି ବାଉଦ ବଜା ।

ଧୁନ୍ଦୁମ୍ }
ଧୁଲ୍‌ଧୁଲ }
ଦୁମୁକାଣି }
ବଉଳିଆ }
মুষলধারা मूषलाधार
ଖୁବ ବଡ଼ ଟୋପାରେ ବର୍ଷା—Heavy shower; raining cats and dogs.]

୩ । (ଲକ୍ଷଣାର୍ଥ) (ବାଣାଦିର) ଉପର୍ଯ୍ୟୁପରି ପତନ—
3. Repeated showering of (arrows).

ଅକଳବାଣ ବରଷା, ସଙ୍କେତ ଭୂଷଣ ବୃଷା,
ସଙ୍କେତ ଅପାଙ୍ଗ ଭୃଷା ମିଶିଗ ରେ । ବିଦଗ୍ଧଚିନ୍ତାମଣି ସଙ୍ଗୀତ ।

ବରଷା(ଷେ)ଇବା—ବରଷିବା କ୍ରିୟାର ଣିଜନ୍ତ ରୂପ—Causative
Barashā(she)ibā বরষান बरसाना of Barashibā.

ବରଷା କରିବା—ଦେ. ବି—ମେଘ ବର୍ଷିବା—
Barashā karibā বরষান बरसाना Raining.

ବରଷା କାଳ—ଦେ. ବି—ବର୍ଷା ଋତୁ; ଚଉମାସ୍ୟା—
Barashā kāla Rainy season; the rains.

ବରଷା କାଲ [ ଦ୍ର—ଆଷାଢ଼, ଶ୍ରାବଣ, ଭାଦ୍ର ଓ ଆଶ୍ୱିନ ଏହି
**बरसात, बरसाकाल** ଚାରି ମାସ । ]
(ବରଷା ଦିନ, ବରଷା ସମୟ, ବରଷା ଋତୁ—ଅନ୍ୟରୂପ)

ବରଷା ଝଡ଼(ଢ଼)—ଦେ. ବି. (ସହଚର)—ବର୍ଷା ଓ ତୋଫାନ—
Barashā jharda(rdi) বরষাতুফান, Rain and wind.
बरषाबादल **बारिसमक्डी** (ବରଷାବାଆ, ବରଷା ପବନ—ଅନ୍ୟରୂପ)

ବରଷାତି—ଦେ. ବିଣ. ( ସଂ. ବର୍ଷାର୍ତୁ )—୧ । ବର୍ଷାଋତୁ ସମ୍ବନ୍ଧୀୟ—
Barashāti বর্ষাতী **बरसाती** 2. Relating to rainy
( ବର୍ଷାତି—ଅନ୍ୟରୂପ ) season. ୨ । ଯାହା ବର୍ଷାଋତୁରେ
ଜାତ ହୁଏ—2. Happening or grown in rainy
season. ୩ । ଯାହା ବର୍ଷାଋତୁରେ ବ୍ୟବହାର କରା-
ଯାଏ—3. Used in the rainy season.
ବି—୧ । ବର୍ଷାଋତୁରେ ବ୍ୟବହାର କରାଯିବା ବର୍ଷାପାଣିର
ଦୁର୍ଭେଦ୍ୟ ପୋଷାକ—1. Water-proof coat. ୨ ।
ବର୍ଷାଋତୁରେ ଘୋଡ଼ାଙ୍କ ଦେହରେ ଯେଉଁ ଘାଆ ଉଠେ—
2. Eruptions or sores coming out on the
body of horses during the rains

ବରଷାତି ଫସଲ—ଦେ. ବି. (ସଂ. ବର୍ଷା+ଫା. ଫସ୍ଲ)—ବର୍ଷାଋତୁରେ
Barashāti phasala ଯେଉଁ ଫସଲ ଆବାଦ କରାଯାଏ; ଭୋଦେଇ
বর্ষাতী ফসল্ ଫସଲ—Crops raised during
**बरसाती फसल; भदई** the rainy season.
[ ଦ୍ର—ଯଥା—ଜହ୍ନି, କାକୁଡ଼ି, ମକା ଓ ଭେଣ୍ଡି ଇତ୍ୟାଦି । ]

ବରଷା ପାଣି—ଦେ. ବି. ( ସଂ. ବର୍ଷା+ପାନୀୟ )—ବରଷଣା ପାଣି;
Barashā pāni ବର୍ଷାଜନିତ ଜଳ—Rain water.
बरषाजल, বর্ষানি ୨ । ( ସହଚର ) ଉପରୁ ବର୍ଷିବା ଜଳ ଓ
**बरसातका पानी** ଭୂମିରେ ଜମିଥିବା ପାଣି—2. Rain ( from
above ) and water ( on the ground ).
( ଯଥା—ମୁଁ ଆଜ ଦଶକୋଶ ବାଟ ବରଷା ପାଣିରେ ଭିଜି
ଭିଜି ମୋ ବାବାଙ୍କୁ ଦେଖିବାକୁ ଦଉଡ଼ି ଆସିଛି । )

ବରଷା ବଢ଼ି—ଦେ. ବି. ( ସହଚର ଶବ୍ଦ ) ( ସଂ. ବର୍ଷା+ବୃଦ୍ଧି )—
Barashā bardhi ଜଳବୃଷ୍ଟି ଓ ନଦୀବୃଦ୍ଧି—Rain and
बरषाबान **बरखाबाड़** (ବରଷା ବଢ଼ଲ—ଅନ୍ୟରୂପ) flood.

ବରଷା ବାଦଲ—ଦେ. ବି (ସହଚର ଶବ୍ଦ) (ସଂ. ବର୍ଷା+ସଂ ବାରିଦ)—
Barashā bādala ବର୍ଷା ଓ ମେଘ—Rain and clouds
बरषा बादल **बरखा बादल**

ବରଷାବେଳ—ଦେ. ବି. ( ସଂ. ବର୍ଷା+ବେଳା )—୧ । ମେଘ ବରଷୁ
Barashābela ଥିବା ସମୟ—1. The exact time when
बरषाबेला it is raining. ୨ । ବର୍ଷାକାଳ—2. Rainy
**बरखाका समय** season.

ବରଷିଆ—ଦେ. ବିଣ. ପୁଂ (ସଂ. ବର୍ଷୀୟ)—୧ । ବର୍ଷୀୟ; ବର୍ଷସମ୍ବନ୍ଧୀୟ—
Barashiā 1. Relating to year. ୨ । ଏତେ ବରଷ
বছরের **बरहाका** ବୟସ୍କ—2. Aged so many years.
( ବରଷୀ—ସ୍ତ୍ରୀ ) ଷାଠିଏ ବରଷିଆ ଅଟନ୍ତି ଭୂପାଳ—କୃଷ୍ଣସିଂହ. ମହାଭାରତ. ଅଦ
୨ । ଏତେ ବରଷରେ ଉତ୍ପନ୍ନ ହେବା—
2. Produced in so many years.

ବରଷିକିଆ—ଦେ. ବିଣ ( ସଂ. ବାର୍ଷିକ )—୧ । ଏକବର୍ଷ ବୟସ୍କ—
Barashikiā 1. Aged one year; one year old.
একবছরের ୨ । ଏକବର୍ଷରେ ଉତ୍ପନ୍ନ—
**बरसभरको** 2. Produced in one year.
সালিআনা ୩ । ବାର୍ଷିକ; ସାଲିଆନା—
**सालाना** 3, Yearly; annual.
বছরুকী ଦେ. ବି ( ସଂ. ବାର୍ଷ )—ମୃତ୍ୟୁର ପ୍ରଥମ ବର୍ଷ ପୂରିବା ପରେ
**बरसी** ମୃତ୍ୟୁତିଥିରେ ଅନୁଷ୍ଠିତ ବାର୍ଷିକ ଶ୍ରାଦ୍ଧ; କୌଣସି ବ୍ୟକ୍ତିର
ପ୍ରଥମ ସାମ୍ବତ୍ସରିକ ଶ୍ରାଦ୍ଧ—The first anniversary
Srāddha of a deceased.

ବରଷିବା—ଦେ. କ୍ରି ( ସଂ. ବୃଷ୍ ଧାତୁ=ବର୍ଷା ହେବା )—୧ । ବୃଷ୍ଟି
Barashibā ହେବା—1. To rain.
বর্ষা ଛୁଟା ବାହ୍ମନ୍ତେ ମେଘମାଳ
**बरसना** ଭୂମିରେ ବରଷନ୍ତି ଜଳ—ଜଗନ୍ନାଥ. ଭାଗବତ ।
୨ । ବୃଷ୍ଟି କଲା ପରି ଢାଳିବା—
2. To shower any thing like rain.
ଝପ ଝପ ଶର ବରଷୁଅଛି ସେ ଦୋ ନପୃକ ଖଣ୍ଡକଟ—
ବନମାଳୀ. ସଙ୍ଗୀତ ।
୩ । ବରଷାଇବା; ବୁହାଇବା—
3. To cause to rain; to cause to flow.
ଅକରଣ ନେତ୍ର ଧାର ବରଷିଲେ ସତୀ—ନନ୍ଦକିଶୋର—ସୀତାବନବାସ ।

ବରଷେ ବରଷ(ଷେ)—ଦେ. ଅ—୧ । ପ୍ରତିବର୍ଷ—1. Every year.
Barashe barasha(she) বছরে বছর(রে) **बरसे बरस**
ଏମନ୍ତେ ବରଷେ ବରଷ
ରହୁନ୍ତି କରି କଂସ ନାଶ—ଜଗନ୍ନାଥ. ଭାଗବତ ।
୨ । କୌଣସି କୌଣସି ବରଷରେ—2. In some years.

ବରସୁଦ୍—ପ୍ରାଦେ. ( ଗଡ଼ଜାତ ) ବି—ଶୂଦ୍ର କୃଷକ ଜାତିବିଶେଷ—
Barasud A sūdra class of cultivators.

ବରସୁରତ—ସଂ. ବିଣ. ପୁଂ. (ବର+ସୁରତ)—୧ । ଅତ୍ୟନ୍ତ କାମୁକ—
Barasurata 1. Very wanton (Apte). ୨ । ରତି-
( ବରସୁରତା—ସ୍ତ୍ରୀ ) ଶାସ୍ତ୍ରରେ ସୁପଣ୍ଡିତ—2, Acquainted
with the secrets of sexual intercourse
( Apte ).

ବରହ—ଗ୍ରା. ବି. (ପଦ୍ୟ) ( ସଂ. ବର୍ହ )—୧ । ମୟୂରପୁଚ୍ଛ—
Baraha 1, The tail of peacock.
ବରହ ଟେକ ଅନାଇ କେକା କରିଲା—ଉଦ୍ଧ. ବୈଦେହୀଶବିଳାସ ।
୨ । ଅଗ୍ନିଶିଖା—2, Flame.
ବରହେ ମଦନ ଶିଖୀକ ବଢ଼ାଇ ହୁମନ୍ତ ଅନୁସ୍ୱର—
ଉଦ୍ଧ. ବୈଦେହୀଶବିଳାସ ।

ବରହବାନ—ଗ୍ରା. ବି. ( ସଂ. ବର୍ହବତ୍ )—ବର୍ହବାନ୍ ( ଦେଖ )
Barahabāna Barhabān ( See )
ବରହବାନପଦକା ଚର୍ଚ୍ଚକରେ ଚିତ—ଉଦ୍ଧ. ବୈଦେହୀଶବିଳାସ ।

ବରହମ୍—ଗ୍ରା. ବି. ( ସଂ. ବ୍ରହ୍ମ )—୧ । ଆତ୍ମା—1. Soul.
Baraham ব্রম **बरहम** ୨ । ପ୍ରାଣ—2. Life.
( ବରହମ୍, ବରମ୍ମ—ଅନ୍ୟରୂପ ) ୩ । ଜୀବାତ୍ମା—
3. The sentient soul.

( ଯଥା—ବ ଦନ ଦେଖି ଖାଇବାକୁ ନ ପାଇ ମୋ ବରହମ୍ ଡାଇ ଯାଉଛି । )

ବୈଦେ. ବଣ. (ପା. ବରୁହମ୍)—୧ । କ୍ରୁଦ୍ଧ—1. Angry; flown into a rage. ୨ । ଉତ୍ତେଜିତ—2. Irritated.

ବରହମ୍ ଝାଁଟ—ପ୍ରଦେ. (ସମ୍ବଲପୁର) ବ—ଖଡ଼ା ଶାଗ—Amaranthus Gangeticus; Amaranthus Frumentaceus.
Baraham jhā̃ṇṭ ডাঁঠাশাগ ठढीयाशाग

ଘରେ ନାହିଁ ବରହମ ଝାଁଟ
ପତ୍ରଳ ଅଛେ ମେଞ୍ଚ ଝାଁଟ—ଭଗ ।

[ ଦ୍ର—ଏହା କେବଳ ଏହି ଉଗରେ ବ୍ୟବହୃତ ହୁଏ । ]

ବରହି—ଗ୍ରା. ବ. (ପଦ୍ୟ)—(ସ. ବର୍ହି=ଅଗ୍ନି)—ବର୍ହି (ଦେଖ)
Barahi Barhi (See).

ବରହି ଅନ୍ତରେ ଗୁପତ ସବୁରେ ନ ଦେଖି ଲଙ୍କେଶ—
ଉକ୍ତ. ବୈଦେହୀଶବିଳାସ ।

ବରହିଣ—ଗ୍ରା. ବ. ପୁଂ. (ପଦ୍ୟ)—(ସ. ବର୍ହିଣ)—ବର୍ହିଣ; ମୟୂର—
Barahiṇa Peacock.

ବରହିଣ ନର୍ତ୍ତିକ ନର୍ତ୍ତିକ ପ୍ରକାଶିତ—ଉକ୍ତ. ବୈଦେହୀଶବିଳାସ ।

ବରହୀ—ଗ୍ରା. ବ. (ପଦ୍ୟ)—(ସ. ବର୍ହୀ)—ବର୍ହୀ (ଦେଖ)
Barahī বরহী बरह Barhī (See).

ବହନ୍ତି ନର୍ତ୍ତିକ ନର୍ତ୍ତିକ ବରହି ଅଛ ନର୍ତ୍ତିକ ବରହୀ—
ଉକ୍ତ. ବୈଦେହୀଶବିଳାସ ।

ବରହ୍ଣା(ଢ୍ଣେ)ଇବା—ପ୍ରଦେ. (ଗଡ଼ଜାତ) କ୍ରି. (ଭୂଇ. ହି. ବଢ଼ନା)—
Barahṇā(ṇhe)ibā ଓଳାଇବା; ଝାଡ଼ୁଦ୍ୱାରା ସଫା କରିବା—To sweep or cleanse with a broom.

ବରା—ସ. ବଣ. ସ୍ତ୍ରୀ—(ବର+ସ୍ତ୍ରୀ. ଆ)—୧ । ଶ୍ରେଷ୍ଠା; ଉତ୍କୃଷ୍ଟା—
Barā 1. Excellent. ୨ । ପ୍ରଧାନା—2. Chief.

ସ. ବ—୧ । ଗୁଡ଼ୁଚି—1. A medicinal creeper; Menispermum Gabrum. ୧ । ବ୍ରାହ୍ମୀ ଶାକ—2. A pot herb. ୩ । ହରିଦ୍ରା—3. Turmeric. ୪ । ହରଡ଼ା, ବାହାଡ଼ା ଓ ଅଁଳା; ତ୍ରିଫଳା—4. The three myrabolans. ୫ । ବିଡ଼ଙ୍ଗ; ବାଇବିଡ଼ଙ୍ଗ—5. Embelia (herb). ୬ । ରେଣୁକା ( ହି. ଶ. ) (ଦେଖ)—6. Reṇukā. ୭ । ପାଠା; ଅକାନବନ୍ଦୁ (ହି. ଶ. ) ( ଦେଖ )—7. Akānabindu ( See ). ୮ । ବାଇଗଣ (ହି. ଶ)—8. Brinjal; eggplant. ୯ । ଜବା; ମନ୍ଦାରଫୁଲ (ହି. ଶ)—9. China rose. ୧୦ । ମଦ୍ୟ (ହି. ଶ)—10. Wine. ୧୧ । ସୋମରାଜୀ (ହି. ଶ) ଦେଖ—11. Somarājī (See). ୧୨ । ଶତାବରୀ (ହି. ଶ. )—12. Asparagus Racemoca. ୧୩ । ଶ୍ୱେତ ଅପରାଜିତା (ହି. ଶ.)—13. The white variety of the Clitoris flower.

ଦେ. ବ—୧ । (ସ. ବଟକ) ବଠା ବରରେ ଛଅଣ ଘିଅ ବା ତୈଳପକ୍ୱ ପିଷ୍ଟକବିଶେଷ; ବଡ଼ା—1. A cake made of pulse flour fried in ghee or oil. ୨ । କାଷ୍ଠ-କୀଟ ମଧ୍ୟସ୍ଥ କାଷ୍ଠଦଷ୍ଟ ଛିଦ୍ର—2. Holes made in timber by worms.
বড়া बरा, बड़ा

ବରାକ—ସ. ବଣ—( ବୃ ଧାତୁ=ଆଚ୍ଛାଦନ କରିବା+କର୍ତ୍ତୃ. ଆକ )—
Barāka ୧ । ଶୋଚନୀୟ—1. Deplorable; pitiable. (ବରାକୀ—ସ୍ତ୍ରୀ) ୨ । ଦୀନ—2. Poor. ୩ । ଭିକ୍ଷୁ—3. Beggar; begging. ୪ । ନିରପରାଧ—4. Innocent. ୫ । ହତଭାଗ୍ୟ—5. Unfortunate; unlucky. ୬ । ନୀଚ;ଅଧମ (ହି. ଶ)—6. Low; mean. ୭ । ପାପୀ (ହି. ଶ)—7. Sinful. ୮ । ବେଗୁସ୍ତ ( ହି. ଶ. )—8. Helpless.

ସ. ବ—୧ । ଶିବ—1. Siba.

ବରାକୀ ବରାଙ୍ଗୀ ସୀତା ବରାକ ବରଇ ରଣ୍ଡ
ଜୀବନ ଯାଉ କୋହୁଲେ ହେଲେ ଏ ବର—ଉକ୍ତ. ବୈଦେହୀଶବିଳାସ ।

୨ । ଯୁଦ୍ଧ—2. War; fighting. ୩ । ତାମ୍ବୂଲବିକ୍ରୟୀ; ପାନଗ୍ର—3. Betel-seller.

ବରାକା—ଦେ. ବଣ. ସ୍ତ୍ରୀ—(ସ. ବରାକୀ)—ବରାକୀ (ଦେଖ)
Barākā Barākī (See).

ବରାକୀ—ସ. ବଣ. ସ୍ତ୍ରୀ—( ବରାକ+ସ୍ତ୍ରୀ. ଈ )—ଦୀନା; ଶୋଚନୀୟା; ନିରପରାଧିନୀ; ହତଭାଗା (ସ୍ତ୍ରୀ) —Deplorable; poor; innocent; unfortunate (woman).
Barākī

ନଦ୍ରା ଭଙ୍ଗରୁ ସଜୀବ ସରବେ ବାହାର ପୂର୍ବ ବରାକୀ—
ରାଧାନାଥ. ପାର୍ବତୀ ।

ବରା ଗୁଲ୍‌ଗୁଲା—ଦେ. ବ. (ସହତର)—ବରା ଓ ଗୁଲଗୁଲା ବା ପ୍ରଥ ନାମକ ପିଷ୍ଟକଦ୍ୱୟ—Two kinds of flat and round cakes fried in ghee or oil.
Barā gulgulā বড়া बरा
(ବରା ଗୁଲ୍‌ଗୁଲା—ଅନ୍ୟରୂପ)

ବରାଙ୍ଗ—ସ. ବଣ. ପୁଂ. (ବର=ଉତ୍କୃଷ୍ଟ ଅଙ୍ଗ ଯାହାର; ବହୁବ୍ରୀହି)—
Barāṅga ୧ । ସୁନ୍ଦର ଦେହବିଶିଷ୍ଟ—1. Having graceful symmentrical body or limb. ୨ । ସୁନ୍ଦର ରୂପବିଶିଷ୍ଟ—2. Having an elegant form (Apte).
(ବରାଙ୍ଗୀ—ସ୍ତ୍ରୀ)

ସ. ବ. ( କର୍ମଧା )—୧ । ଉତ୍ତମାଙ୍ଗ; ମସ୍ତକ—1. The head ( Apte ). ୨ । ଯୋନି—2. Pudendum muliebre; (Apte) female organ ୩ । ଉପସ୍ଥ; ଲିଙ୍ଗ—3. Penis. ୪ । ସୁନ୍ଦର ଦେହ—4. Graceful body. ୫ । ଗୁହ୍ୟ ଦେଶ—5. Private part; anus. ୬ । କୌଣସି ବସ୍ତୁର ସର୍ବୋତ୍ତମ ଅଂଶ—6. The best part (Apte). ୭ । ସୁନ୍ଦର ରୂପ—7. An elegant form (Apte). ୮ । ( ବହୁବ୍ରୀହି ) ଗୁଡ଼ତ୍ୱକ—8. Cinnamon. ୯ । କାମ ଦେବ—9. God cupid. ୧୦ । ବିଷ୍ଣୁ—10. Bishṇu. ୧୧ । ହସ୍ତୀ—11. Elephant.

ବରାଙ୍ଗନା—ସଂ. ବି. ସ୍ତ୍ରୀ. (ବର=ଉତ୍ତମା, ଶ୍ରେଷ୍ଠା+ଅଙ୍ଗନା=ସ୍ତ୍ରୀ)—
Barāṅganā ୧ । ଉତ୍ତମା ସ୍ତ୍ରୀ; ଶ୍ରେଷ୍ଠା ସ୍ତ୍ରୀ—1. An excellent woman. ୨ । ସତୀ; ସାଧ୍ୱୀ—2. A chaste woman. ୩ । ଆଦର୍ଶସ୍ଥାନୀୟା ସ୍ତ୍ରୀ—3. A model woman. ୪ । ସୁନ୍ଦରୀ ସ୍ତ୍ରୀ—4 A lovely woman.

ବରାଙ୍ଗୀ—ସଂ. ବିଣ. ସ୍ତ୍ରୀ. (ବରାଙ୍ଗ+ଈ)—ବରାଙ୍ଗର ସ୍ତ୍ରୀଲିଙ୍ଗ—
Barāṅgi Feminine of Barāṅga.
ସଂ. ବି—ହଳଦୀ—Turmeric (Apte).

ବରାଜୋର(ରି)—ଦେ. ବି. (ହି. ବରଜୋର)—୧ । ବଳାତ୍କାର—
Barājora(ri) 1. Force. ୨ । ଜୋରଜବରଦସ୍ତି; ବଳ-
ଜୋର ଜବରଦସ୍ତି ପ୍ରୟୋଗ—2. Use of force or compul-
**बरजोरी** sion; coercion.
ଦେ. ବିଣ. (ହି. ବରଜୋର)—୧ । ଅନ୍ୟାୟ ବଳପ୍ରୟୋଗ-
जबरदस्त କାରୀ—1. Using force. ୨ । ଯେ ଜବରଦସ୍ତି
**बरजोर** କରେ—2. Coercive. ୩ । ଜବରଦସ୍ତ; ବଳବାନ୍—3. Strong.
ଦେ. କ୍ରି. ବିଣ—ବଳପୂର୍ବକ ଜବରଦସ୍ତ କରି—Forcibly.

ବରାଟ—ସଂ. ବିଣ. (ବର=ଅଳ୍ପ+ଅଟ୍ ଧାତୁ=ଗମନ କରିବା+କର୍ତ୍ତୃ.
Barāṭa ଅ; ଯେ ଅଳ୍ପ ଯାଏ ଅର୍ଥାତ୍ ଯାହାର ପ୍ରସାର ଅଳ୍ପଦୂର
(ବରାଟୀ—ସ୍ତ୍ରୀ) ପର୍ଯ୍ୟନ୍ତ)—୧ । ଅକିଞ୍ଚିତ୍କର—2· Insignificant. ୨ । ଅଳ୍ପ; କ୍ଷୁଦ୍ର; ଛୋଟ—2. Small; little. ୩ । ଛାର; ହେୟ—3. Negligible.
ସଂ. ବି—୧ । କଉଡ଼ି—1. Cowrie; shell-money.
ବଳ କର ନଅଶ ଗଣି ବରାଟକ । କୃଷ୍ଣସିଂହ. ମହାଭାରତ ବନ ।
୨ । ଦଉଡ଼ି—2. Rope; cord (Apte).

ବରାଟକ—ସଂ. ବିଣ. (ବର+ଅଟ୍ ଧାତୁ+ଅ; କ)—୧ । ବରାଟ; ତୁଚ୍ଛ;
Barāṭaka ଅକିଞ୍ଚିତ୍କର—1. Insignificant. ୨ । ଛୋଟ—2. Smali; little.
ସଂ. ବି—୧ । କପର୍ଦ୍ଦକ; କଉଡ଼ି; ବୋଡ଼ି—1. Shell money; cowrie. ୨ । ପଦ୍ମଫୁଲର ବୀଜକୋଷ—2. The seed-vessel of the lotus flower (Apte). ୩ । ଦଉଡ଼ି—3. Rope (Apte).

ବରାଟୀ—ସଂ. ବିଣ—ବରାଟର ସ୍ତ୍ରୀଲିଙ୍ଗ—Feminine of Barāṭa.
Barāṭi ସଂ. ବି—୧ । କପର୍ଦ୍ଦକ; କଉଡ଼ି—1. Shellmoney. ୨ । ରଜ୍ଜୁ; ଦଉଡ଼ି—2. Rope; string. ୩ । ବରାଡ଼ୀ (ଦେଖ)—3. Barārḍi (See)

ବରାଡ଼ାଲୁ—ପ୍ରାଦେ. (ଗଞ୍ଜାମ) ବି. (ତେଲୁଗୁ)—କାନର ମଲକଡ଼ି—
Barārḍālu A kind of ear-ring.

ବରାଡ଼—ପ୍ରାଦେ. (ଉତ୍ତର ବାଲେଶ୍ୱର) ବି. (ସଂ. ବରଳ)—ବିରୁଡ଼ି—
Barārḍi Wasp.

ବରାଡ଼ୀ—ସଂ. ବି. ସ୍ତ୍ରୀ—ରାଗିଣୀବିଶେଷ—One of the subor-
Barārḍi dinate airs in the Hindu music.
बराड़ी [ ଦ୍ର—ବରାଡ଼ୀ ରାଗିଣୀ ବସନ୍ତ ରାଗର ୬ ରାଗିଣୀ
**बराडी** ମଧ୍ୟରୁ ଏକତମ । ]

ବରାଣସୀ—ସଂ. ବି. ସ୍ତ୍ରୀ. (ବରଣା ଓ ଅସୀ ନାମକ ନଦୀଦ୍ୱୟ ଅଛି ଯେଉଁ
Barāṇasi ସ୍ଥାନରେ)—ବାରାଣସୀ; କାଶୀ—Benares.

ବରାଣ୍ଡି—ଦେ. ବି. (ଇ. ବରଣ୍ଡି)—ବରଣ୍ଡି (ଦେଖ)—
Barāṇḍi Baranḍi (See)
ବ୍ରାଣ୍ଡି ବୈଦେ. ବି. (ଇଂ. ବ୍ରାଣ୍ଡି)—୧ । ବ୍ରାଣ୍ଡି ନାମକ ବିଲାତି
**बरांडी** ଉଗ୍ର ସୁରା—1. Brandy. ୨ । ବିଲାତି ମଦ; ବିଦେଶୀ ମଦ୍ୟ—2. Foreign liquor.

ବରାତ(ଦ)—ବୈଦେ. ବି. (ଆ. ବରାଅତ୍=ଅନ୍ୟକୁ କାର୍ଯ୍ୟଭାର ଦେଇ
Barāt(da) ନିଜେ ମୁକ୍ତ ହେବା—ଯୋଗେଶଚନ୍ଦ୍ର; କମ୍ପା ଫା.
बरात(द) ବରାୟ=ନିମନ୍ତେ+ଦାନ=ଦେବା ନିମନ୍ତେ କମ୍ପା ଫ.
**भारा; सुपुर्दगी** ଭାର)—୧ । କୌଣସି ବ୍ୟକ୍ତି ଉପରେ କୌଣସି
(ବରାଦ—ଅନ୍ୟରୂପ) କାର୍ଯ୍ୟର ଭାର ନ୍ୟସ୍ତୀକରଣ; କାର୍ଯ୍ୟଭାରାର୍ପଣ—
1. Commission; assignment of a duty to a certain person. ୨ । ନିୟୋଜନ; ନିୟୋଗକରଣ; କୌଣସି କାର୍ଯ୍ୟ କରିବାପାଇଁ ଆଦେଶ କରିବା—2. Direction.
ଉଡ଼ସାଏ ଚନ୍ଦ୍ର ନନ୍ଦ ହେଲେ ବରାଦ । ଉକାସ—ଗୀତ ଲହରୀ ।
୩ । ବନ୍ଦୋବସ୍ତ; ନିର୍ଦ୍ଧାରଣ; ବ୍ୟବସ୍ଥା—3. Settlement;
**प्रबन्ध** arrangement. ୪ । ପ୍ରୟୋଜନ—4. Necessity.
**नसीब** ୫ । କପାଳ; ଭାଗ୍ୟ; ଅଦୃଷ୍ଟ—5. Luck; fortune.
୬ । ଯେଉଁ ଚିଠିଦ୍ୱାରା ପ୍ରେରକ ଛଡ଼ା ଅନ୍ୟ କୌଣସି ବ୍ୟକ୍ତିକୁ ଟଙ୍କାଆଦି ଗ୍ରହଣ କରିବା ସକାଶେ କ୍ଷମତା ଦିଆଯାଏ—6. Letter of authority to a person to receive from or give to any person any amount or article; letter of assignment; payment order. ୭ । କୌଣସି ପଣ୍ୟାଦି ପଠାଇବା ପାଇଁ ବ୍ୟବସାୟୀ ନିକଟ ପଠାଯିବା ହୁକୁମ; ଫରମାସ—7. A business-order for the
बराती supply of an article. ୮ । ହୁଣ୍ଡି—8. Hoondi.
**हुण्डी** ୯ । ଚିଠି; ହୁକୁମନାମା; ଆଦେଶପତ୍ର; ପରୁଆନା—9. Order; warrant; writ.

ବରାତ କରିବା—ଦେ. କ୍ରି—୧ । କାର୍ଯ୍ୟର ଭାର କୌଣସି ବ୍ୟକ୍ତିଠାରେ
Barāt karibā ଅର୍ପଣ କରିବା—1. To assign a work
बरात करा to a certain person; to commission a
**सुपर्द करना** person to do a particular act. ୨ । ଆଦେଶ କରିବା—2. To direct. ୩ । କୌଣସି ବ୍ୟକ୍ତିଙ୍କୁ ଟଙ୍କା ଆଦି ଦେବା ନିମନ୍ତେ ଚିଠି ଲେଖିବା—3. To write a letter of assignment ୪ । ନିର୍ଦ୍ଧାରଣ କରିବା,
**तय करना** ସ୍ଥିର କରିବା—4. To settle.

ବରାତ—ବୈଦେ. ବି. (ହିନ୍ଦୀରୁ ଅନୁକୃତ; ସଂ. ବରଯାତ୍ରା)—୧ । ବିବା-
Barāta ହସମୟବ୍ୟାପାରରେ ବିବାହାର୍ଥୀ ବରର ଶୋଭାଯାତ୍ରା;
बरयात्रा बरात ବରଯାତ୍ରୀଙ୍କ ଶୋଭାଯାତ୍ରା—1. Marriage
**बारात; बरात** procession or party headed by a bridegroom, going to marry. ୨ । ବରଯାତ୍ରୀ-

2. Bridegroom's friends attending a marriage party. ୩ । ଗଞ୍ଜପା ଖେଳରେ ରଙ୍ଗବିଶେଷ —3. One set of cards in a game of Ganjapā.

[ ଦ୍ର—ଗଞ୍ଜପା ଶବ୍ଦେ ନୋଟ୍ ଦେଖ । ]

ବରାତ(ତି)—ବୈଦେ. ବଣ. (ଅ)—୧ । ଯାହା ବରାଦ କରାହୋଇ-
Barāti(di) ଅଛି—1. Directed; assigned; ordered.
बराती ୨ । ଜାଣିଥିବା—2. Ascertained; fixed.

ବରାତ(ଦ) ଚିଠି—ଦେ. ବ—୧ । ଅର୍ଥାଦ ଗ୍ରହଣ କରିବାର ଭାର; ଅର୍ପଣ
Barāti(di) chițhi ପତ୍ର—1. Letter of assignment.
बराती चिटी हुंडी; चिट्ठी ୨ । ହୁଣ୍ଡି—2. Hoondi

ବରାତ(ଦ) ଚେକ୍—ବୈଦେ. ବ (କଟକଅ)—(ଅ. ବରାତ୍+ଇଂ.
Barāti(di) chek ଚେକ୍ )—ଯେଉଁ ଚେକ୍‌ଦ୍ୱାରା କୌଣସି
बरातीचेक ବ୍ୟକ୍ତିଙ୍କୁ ତାହା ତାଙ୍କ ଆଦେଶ ଅନୁସାରେ ଟଙ୍କା
चेक ଦିଆଯିବାପାଇଁ ଲେଖାଯାଇଥାଏ—A cheque payable to order.

ବରାଦ ମାଲ—ବୈଦେ. ବ (ମହାଜନୀ) (ଅ)—ଯେଉଁ ମାଲ ବା ଦ୍ରବ୍ୟ
Barādi māla ପାଇଁ ଆଦେଶ ଦିଆଯାଇଥାଏ—Ordered
बराती माल article.

ବରାନନା—ସଂ. ବଣ. ସ୍ତ୍ରୀ—(ବହୁବ୍ରୀହି; ବରାନନ+ଆ)—ସୁନ୍ଦର ମୁଖ-
Barānanā ବିଶିଷ୍ଟା ସ୍ତ୍ରୀ—A woman having a fair face; a lovely faced woman.

ବରାଣ୍ଡ—ଦେ. ବ. (ସଂ. ବରଣ୍ଡ)—(ଶିଳ୍ପଶାସ୍ତ୍ର) ଖୁଲ ଘର ଛାତର କାଠ
Barānda କାମ—Wood work of the thatch frame.

ବରା ପୁଆ—ଦେ· ବ.—(ସଂ. ବଟକ+ପୂପ)—ବରା ଗୁଲଗୁଲା (ଦେଖ)
Barā puā Barā gulgulā (See)

ବରାବର—ବୈଦେ. ଅ. (ଫା. ବରାବର)—୧ । ସମ; ତୁଲ୍ୟ; ସଦୃଶ;
Barābara ସମଭାବରେ—1. Alike; like.
बराबर(रि) ଉପବନ କରଣ ବରାବର ତରଣ
बराबर ନତାଂଶୁ ଦ୍ୟୁତିଗଣ ହିଂସ ଉରଣ ହେ । କବିସୂର୍ଯ୍ୟ: କଂସେସରଣ୍ଣ ।

ବରାବର, ବୋରାବର, ବୋରାବର } —ଅନ୍ୟରୂପ ୨ । ସମାନ ଭାବରେ— 2. Uniformly; equally.

କ୍ଷୀର ସାର ସୁଧାଂଶୁ କି ଉବ ବାରୁ ମୀନ ବରାବରେ ଖେଳିବା ।
କବିସୂର୍ଯ୍ୟ. ବ୍ରଜୋହରଚମ୍ପୂ.

୩ । ସଙ୍ଗେ ସଙ୍ଗେ ବା ସମାନ୍ତର ଭାବରେ—3. A breast; running parallel to. ୪ । ଏକଦମ୍—4. At once. ୫ । ସମ୍ମୁଖରେ—5. In front.

୬ । ସମ୍ପୂର୍ଣ୍ଣରୂପେ—6. Fully; completely.
ବଣ୍ଟାଷଣଙ୍କୁ ବିଶ୍ୱାସ କରିବାକୁ ସୁଗ୍ରୀବ ବରାବର ମନା କଲା ।
ଗୀଳକଣ୍ଠ—ଡିଙ୍ଗଙ୍କ ରାମାୟଣ ।

୭ । ସିଧା ସିଧା; ଏକ ରେଖାରେ—7. Straight way; directly; in a line. ୮ । ଅନବଚ୍ଛିନ୍ନ ରୂପେ; ସଦା-ସର୍ବଦା—8. Continually; always; all along. ୯ । ମୂଳରୁ ଶେଷ ପର୍ଯ୍ୟନ୍ତ—9. From beginning to end. ୧୦ । ପ୍ରଥମରୁ ଆରମ୍ଭ କରି—10. From the very beginning. ୧୧ । ଶେଷ ପର୍ଯ୍ୟନ୍ତ—11. To the end; to the finish. ୧୨ । ସମୀପରେ; ପାଖେ ପାଖେ—12. Contiguously. ୧୩ । ସମାନ୍ତରାଳଭାବରେ—13. Parallely. ୧୪ । ନିକଟକୁ—14. To; up to. ୧୫ । ଚିରକାଳ ପାଇଁ—15. For ever. ୧୬ । ଅତ୍ୟନ୍ତ; ଅତି—16. Very; very much.

ବୈଦେ. ବଣ.—୧ । ସମାନ—1. Similar.
କରୁଥିଲେ ନାମ ରୂପ ବେନି ବରାବର ।
ତୁଳସୀ—ଜନ୍ମ ରାମାୟଣ ଅର ।

୨ । ସେହି ଏକା—2. Same. ୩ । ସମାନ୍ତର—3. Parallel. ୪ । ସମ୍ମୁଖରେ ଅବସ୍ଥିତ—4. Frontal.

ବରାବର ହେବା—ଦେ. କ୍ରି. (ମନ୍ଦ ଅର୍ଥରେ)—କୌଣସି ମନ୍ଦ ବ୍ୟକ୍ତି
Barābara hebā ସଙ୍ଗେ ସେହି ବ୍ୟକ୍ତିର ବ୍ୟବହାରସ୍ୱରୂପ ବ୍ୟବହାର
लागान बराबरि करना କରିବା—To return a wicked
(ବରାବର କରିବା—ଅନ୍ୟରୂପ) person's action or words in his own coins.

(ଯଥା—ଶ୍ରେଷ୍ଠ ଲୋକ ମନ୍ଦ ଗାଳି ଦେଲେ ବୋଲି ମୁଁ ତ
ସଙ୍ଗେ ବରାବର ହେଲେ ଲୋକେ କି ନା ନିନ୍ଦା କରିବେ ।)

ବରାବରି—ବୈଦେ. ଅ ଓ ବଣ.— (ଅ. ବରାବରୀ=ସମାନତା)—
Barābari ବରାବର (ଦେଖ)—Barābara (See)
बराबरी ବ—୧ । ସମାନତା; ତୁଲ୍ୟତା—1. Equality;
बराबरी similarity. ୨ । ସାମ୍ନାଖ୍ୟ—2. Front.

ବରାବରେଷୁ—ଦେ. କ୍ରି. ବଣ (କଟକଅ)—(ପାରସୀ ଶବ୍ଦ ବରାବର୍
Barābareshu ବା ବରାବର ସଙ୍ଗେ ସଂସ୍କୃତ ୭ମୀ ବିଭକ୍ତି
बराबरेषु ବହୁବଚନର ପ୍ରତ୍ୟୟ 'ସୁ' (ଏଷୁ) ଯୋଗ—ସମୀପେଷୁ;
सेवामे ସମୀପକୁ; ସନ୍ନିଧାନକୁ—To.

(ଯଥା—ଏ ପତ୍ର ଶ୍ରୀହରିଙ୍କ ବରାବରେଷୁ ।)

[ ଦ୍ର—ଏହା ପତ୍ରାଦିର ଶିରୋନାମାରେ ଲେଖାଯାଏ ।]

ବରାବାଦ(ଦି)—ବୈଦେ. ବ—(ଫା. ବରବାଦ=ନାଶ; ବିନାଶ)—
Barābad(di) ୧ । କ୍ଷୋକସାନ୍; କ୍ଷତି—1. Loss. ୨ ।
बरबादी ଅପବ୍ୟୟ—2. Squandering.
बरबादी ୩ । ଅପଚୟ—3. Waste.

ବଣ (ଫା. ବରବାଦ୍)—୧ । ବିନଷ୍ଟ—1. Lost. ୨ । କ୍ଷତି-ଗ୍ରସ୍ତ—2. Put to loss. ୩ । ଅପବ୍ୟୟିତ—3. Squandered. ୪ । ଅପଚୟିତ—4. Wasted.

ବରାଭୟ—ସଂ. ବ—(ଦ୍ୱନ୍ଦ୍ୱ; ବର ଓ ଅଭୟ)—ଅଭୀଷ୍ଟ ଫଳ ଓ ଅଭୟ
Barābhaya ବଚନ—Boon and assurance of safety.

ବରାଭୟ ଦାତା—ସଂ. ବଣ. ପୁଂ—(ବର+ଅଭୟ+ଦାତା; ଦ୍ୱନ୍ଦ୍ୱ ଓ
Barābhaya dātā ୬ଷ୍ଠୀ ତତ୍)—ଯେ (ପ୍ରଭୁ ବା ଦେବତା)
(ବରାଭୟ ଦାତ୍ରୀ—ସ୍ତ୍ରୀ) ଆଶ୍ରିତ ବ୍ୟକ୍ତିଙ୍କୁ ବର ଓ ଅଭୟ ପ୍ରଦାନ କରନ୍ତି—Granting a boon and assurance of safety to a supplicant.

**ବରାଭରଣ**—ସଂ. ବି—( ବର+ଆଭରଣ )—କନ୍ୟାଦାତା ବିବାହ
Barābharana ସମୟରେ ବରକୁ ଯେଉଁ ବସ୍ତ୍ରାଳଙ୍କାରାଦି ଉପଢୌକନ ଦଅନ୍ତି; ଯୌତୁକ—Present of cloth and ornaments given to the bridegroom by the bride's parents

**ବରାମତ(ଦ)**—ବୈଦେ. ବି (କଚେରୀଅ)—( ଫା. ବରାମଦ୍=ପ୍ରାପ୍ତ )—
Barāmat(da) କୌଣସି ଚୋରିଦାର ଅପରାଧସଂପୃକ୍ତ ବସ୍ତୁ
बरामद କୌଣସି ସ୍ଥାନରୁ ଅନୁସନ୍ଧାନଦ୍ୱାରା ବାହାରିବା—
**बरामद्** Seizure of an article from any place.
बरामदी ବୈଦେ. ବିଣ—୧ । ଧୃତ—1. Seized (said of an
**बरामदी** article). ୨ । ପ୍ରାପ୍ତ (ନଷ୍ଟବସ୍ତୁ)—2. Recovered (lost property).

[ ଦ୍ର—ପୁଲିସ କର୍ମଚାରୀ ଆଦି ଖୋଜି ବାହାର କରିବା ଅପହୃତ ଧନ ଓ ବସ୍ତୁ ଆଦିକୁ ବରାମତି(ଦି) ମାଲ ବୋଲାଯାଏ । ]

**ବରାମତ(ଦ) କରିବା**—ଦେ. କ୍ରି ( କଚେରୀଅ )—( ଫା. ବରାମଦ୍ )—
Barāmata(da) kariba କୌଣସି ଅପରାଧସଂପୃକ୍ତ ଦ୍ରବ୍ୟକୁ
बरामद करना ଖୋଜି ବାହାର କରିବା—To find out or
**बरामद् करना** bring out an article (after search) in respect of which an offence has been committed.

**ବରାମତ(ଦ) ହେବା**—ଦେ. କ୍ରି (କଚେରୀଅ)—(ଫା. ବରାମଦ୍)—
Barāmata(da) heba କୌଣସି ଅପରାଧସଂପୃକ୍ତ ଦ୍ରବ୍ୟ ତଲାସ
बरामद हओना ପରେ ବାହାରିବା—To be seized (said of
**बरामद् होना** articles for which search is made).

ହେଲେ ମଙ୍ଗରାଜଙ୍କ ପହଡ଼ ଘର, ଛନ ହାତ ଲମ୍ବ ରେକେ ମୋଟ ଗୋଟାଏ
ବାଉଁଶ ଠେଙ୍ଗା ବରାମତ ହେଲା । ଫକୀରମୋହନ—ଛମାଣଆଠଗୁଣ୍ଠ ।

**ବରାମତି(ଦି)**—ବୈଦେ. ବି ଓ ବିଣ—( ବରାମତ୍ )—ବରାମତ୍
Barāmati(di) (ଦେଖ)—Barāmat (See).

**ବରାରକ**—ସଂ. ବି—ହୀରକ; ହୀରା (ହି. ଶ)
Bararaka Diamond.

**ବରାରୋହ**—ସଂ. ବିଣ—(ବର=ଉତ୍ତମ+ଆରୋହ=ଆରୋହଣ, ଯାନ
Barāroha ଯାହାର; ବହୁବ୍ରୀହି)—୧ । ଉତ୍କୃଷ୍ଟ ଯାନାରୋହୀ—
(ବରାରୋହା—ସ୍ତ୍ରୀ) 1 Riding on an excellent conveyance. ୨ । ( ବହୁବ୍ରୀହି; ବର=ସୁନ୍ଦର+ ଆରୋହ=ଶ୍ରୋଣି ଯାହାର ) ଉତ୍କୃଷ୍ଟ କଟିଯୁକ୍ତ—2. Having symetrical or beautiful waiste.
ସଂ. ବି. ପୁଂ—୧ । (ବହୁବ୍ରୀହି) ହସ୍ତିପକ; ହାତୀର ମାହୁନ୍ତ—1. A driver of an elephant. ୨ । ହସ୍ତ୍ୟାରୋହୀ ବ୍ୟକ୍ତି—2, Elephant rider. ୩ । (କର୍ମଧା) ସୁନ୍ଦର କଟିଦେଶ—3. Fine waist ୪ । ବିଷ୍ଣୁ (ହି. ଶ)—4. A name of Bishnu.

**ବରାରୋହା**—ସଂ. ବିଣ. ସ୍ତ୍ରୀ—ବରାରୋହର ସ୍ତ୍ରୀଲିଙ୍ଗ—
Bararoha Feminine of Bararoha.
ସଂ. ବି. ସ୍ତ୍ରୀ—୧ । ଶ୍ରେଷ୍ଠ ଯାନବାହିକା—1. A woman who bears a conveyance excellently, ୨ । ସୁଶ୍ରୋଣୀ—2. A woman having good or graceful buttocks. ୩ । ବରାଙ୍ଗୀ; ସୁନ୍ଦରୀ ସ୍ତ୍ରୀ—3. A paragon amongst women; a very graceful woman.

**ବରାଲ**—ସଂ. ବି—ଲବଙ୍ଗ (ହି. ଶ)
Barāla Clove.

**ବରାଲି**—ସଂ. ବି—ଚନ୍ଦ୍ରମା (ହି. ଶ)
Barāli The moon.

**ବରାଲିକା**—ସଂ.ବି. ସ୍ତ୍ରୀ—(ବର=ଉତ୍କୃଷ୍ଟ+ଆଲିକା=ସଖୀ ଯାହାଙ୍କର;
Barālikā ବହୁବ୍ରୀହି)—୧ । ଦୁର୍ଗା—1. Durgā. ୨ । (କର୍ମଧା) ପ୍ରଧାନା ସଖୀ—2. Chief female companion.

**ବରାଶି(ସି)**—ସଂ. ବି—(ବର=ଉତ୍ତମ+ଅଶ୍ ଧାତୁ=ଆବରଣ କରିବା+
Barāsi(si) ଇ)—ମୋଟାଲୁଗା—Coarse cloth.

**ବରାସନ**—ସଂ. ବି (କର୍ମଧା)—୧ । ଶ୍ରେଷ୍ଠ ଆସନ—1. Excellent
Barāsana or chief seat. ୨ । ସମ୍ମାନିତ ପଦ—2. Honorable seat. ୩ । (ଷଷ୍ଠୀ ତତ୍) ବିବାହ ବେଦିରେ ବର ବସିବାର ଆସନ-3 The seat for a bride groom on the marriage altar. ୪ । (ବର= ବରଣ କରିବା+ଅସନ=କ୍ଷେପଣ; ଯେଉଁ ଫୁଲକୁ ଦେବତାଙ୍କ ଉପରକୁ ବରଣ ବା ପୂଜା କରିବା ସମୟରେ କ୍ଷେପଣ କରାଯାଏ ) ଜବା; ମନ୍ଦାରଫୁଲ—4. The china rose. ୫ । (ବର=ଶ୍ରେଷ୍ଠ ବ୍ୟକ୍ତି+ଅସ୍ ଧାତୁ= ଦୂରୀକରଣ+କର୍ତ୍ତୃ. ଅନ; ଯେ ପତ୍ନୀଠାରୁ ତାହାର ଶ୍ରେଷ୍ଠ ବ୍ୟକ୍ତିଙ୍କୁ ବା ସ୍ୱାମୀଙ୍କୁ ଦୂର କରେ)—ଲମ୍ପଟ ବ୍ୟକ୍ତି; ପରସ୍ତ୍ରୀଗାମୀ—5. A lecher; adulterer. ୬ । (ବହୁବ୍ରୀହି; ବର+ଆସନ; ଯାହାର ଆସନ ଗୃହର ଶ୍ରେଷ୍ଠସ୍ଥାନ ବା ଦ୍ୱାରରେ ) ଦ୍ୱାରପାଳ—6 Doorkeeper. ୭ । ନପୁଂସକ ବ୍ୟକ୍ତି (ହି. ଶ)—7. An eunoch.

**ବରାହ**—ସଂ. ବି—(ବର=ଶ୍ରେଷ୍ଠାଙ୍ଗ ବା ଥୋମଣୀ+ଆ+ହନ୍ ଧାତୁ
Barāha ଆଘାତ କରିବା+କର୍ତ୍ତୃ. ଅ; ଯେ ଥୋମଣୀରେ ଭୂମିକୁ ଆଘାତ କରେ; କିମ୍ବା ବର=ଶ୍ରେଷ୍ଠ ବସ୍ତୁ ବା ଫସଲ ଆଦି+ହନ୍ ଧାତୁ=ନଷ୍ଟ କରିବା+କର୍ତ୍ତୃ. ଅ )—
(ବରାହୀ—ସ୍ତ୍ରୀ) ୧ । ବାହ୍ରା; ବନ୍ୟଶୂକର—1. Wild hog; boar. ୨ । ଶୂକର; ଘୁଷୁରି—2. Hog; pig. ୩ । ବିଷ୍ଣୁଙ୍କର ବରାହରୂପ ତୃତୀୟ ଅବତାର—3. The third incarnation of Bishnu.

[ ଦ୍ର—ପୂର୍ବେ ଧରଣୀ ଜଳତଳେ ନିମଗ୍ନ ଥିଲା । ବିଷ୍ଣୁ ବରାହରୂପ ଧାରଣ କରି ପୃଥିବୀକୁ ଜଳମଧ୍ୟରୁ ଦନ୍ତଦ୍ୱାରା ଉତ୍ତୋଳନ କରିଥିଲେ । ଏହାଙ୍କ ଔରସରେ ଧରଣୀଙ୍କ ଗର୍ଭରୁ ନରକାସୁର ଜାତ ହୋଇଥିଲେ । ଏହି ଅବତାରରେ ବିଷ୍ଣୁ ହିରଣ୍ୟାକ୍ଷ ନାମକ ଦୈତ୍ୟକୁ ନିପାତ କରିଥିଲେ । ଏହି ଅବତାରର ଜନ୍ମଦିନ ପୌଷ ଅମାବାସ୍ୟା ବା ବକୁଳ ଅମାବାସ୍ୟା । ]

ଶ୍ୱେତ ବରାହରୂପ ଧରି, ପୃଥିବୀ ପାତାଳୁଁ ଉଦ୍ଧରି ।
ଭୂପତି—ପ୍ରେମପଞ୍ଚାମୃତ ।

୪ । ପ୍ରାଚୀନ ଦେଶବିଶେଷ—4. Name of an ancient country.

[ ଦ୍ର—ପୁରାଣୋକ୍ତ ୧୮ଟି ଦ୍ୱୀପ ମଧ୍ୟରୁ ଏହା ଗୋଟିଏ—ହି. ଶ. । ]

୫ । ପୁରାଣବିଶେଷ; ବରାହପୁରାଣ—5. Name of a Hindu mythological treatise. ୬ । ବରାହମିହିର ( ଦେଖ )—6. Barāhamihira (See). ୭ । ମୁଥା (ହି. ଶ)—7. Bulbous grass-root. ୮ । ଶିଶୁମାର ( ହି. ଶ )—8. The gangetic porpoise. ୯ । ବାରାହୀ କନ୍ଦ (ହି. ଶ), ଭୂଇଁକଖାରୁ—9. Disocorea; Ipomoea Digitata.

ବରାହକ—ସଂ. ବି—(ବରାହ+କ)—୧ । ହୀରକ; ହୀରା (ହି. ଶ)—Barāhaka 1. Diamond. ୨ । ଶିଶୁମାର ( ହି. ଶ )—2. The gangetic porpoise.

ବରାହକର୍ଣ୍ଣୀ—ସଂ. ବି—(ବରାହ+କର୍ଣ୍ଣ+ଈ)—ଅଶ୍ୱଗନ୍ଧା (ହି. ଶ) Barāha karnni (ଦେଖ)—Aswagandhā (See). (ବରାହପତ୍ରୀ—ଅନ୍ୟରୂପ)

ବରାହକ୍ରାନ୍ତା—ସଂ.ବି—୧ । ବାରାହୀକନ୍ଦ, ( ହି. ଶ )—1. A bulbuous rooted creeper; Discorea. Barāha krāntā ୨ । ଲଜ୍ଜାଳୁ ଲତା ( ହି. ଶ )—2. The Mimosa creeper.

ବରାହଜୀ—ଦେ ବି—କଟକ ଅଉଲର ପ୍ରସିଦ୍ଧ ବରାହରୂପୀ ବିଷ୍ଣୁ ବିଗ୍ରହ—Barāhaji Name of an image of the third incarnation of Bishnu worshipped in the Killa Aul of Cuttack.

ବରାହତୀର୍ଥ—ହିନ୍ଦୁମାନଙ୍କର ତୀର୍ଥବିଶେଷ—Barāha tirtha A sacred place of the Hindus.

ବରାହତୀର୍ଥ ସ୍ନାନ କଲେ ବିଷ୍ଣୁ ସେବି

ତୁଅଇ ଯେଣୁ ପୁଣ୍ୟ ତୁଅଇ ଅଧିକ—କୃଷ୍ଣସିଂ. ମହାଭାରତ ବନ ।

ବରାହ ଦାଢ଼—ଦେ. ବି. (ସଂ. ବରାହ+ଦଂଷ୍ଟ୍ରା; ବରାହ ଦାନ୍ତର ଦାଢ଼ପରି Barāha dārdha ଆକୃତି ହୋଇଥିବାରୁ)—୧ । ଏକପ୍ରକାର ବନ୍ୟପୁଷ୍ପ; ବାରହାଦାଢ଼ଫୁଲ—1. A kind of wild flower,

ବାରହା ଦାଢ଼ / ବରହା ଦାଢ଼ } ଅନ୍ୟରୂପ

୨ । ବରାହ ଦନ୍ତର ଦାଢ଼—2. The sharp edge of the tusk of a boar.

(୧+୨) ବହୁ ହରଣାସ୍ତ୍ର ହବ ଶିଣିର

ବରାହଦାଢ଼ ବେଢରେ ବୁଦର । ଉତ୍ତ. ବୈଦେହୀଶବିଳାସ ।

ବରାହ ଦ୍ୱାଦଶୀ—ସଂ. ବି—ମାଘର ଶୁକ୍ଳ ଦ୍ୱାଦଶୀ (ଏ ଦିନ ବିଷ୍ଣୁ ପୂଜା Barāha dwādasi କରାଯାଏ)—The 12th day of the bright lunar fortnight of Māgha.

ବରାହ ନାଥ—ଦେ. ବି—ଯାଜପୁରର ବିଷ୍ଣୁଙ୍କ ବରାହ ଅବତାରରୂପୀ Barāha nātha ଦେବବିଗ୍ରହ—The famous deity of Jājpur.

ବରାହ ବ୍ୟୂହ—ସଂ. ବି—ପ୍ରାଚୀନକାଳର ସୈନ୍ୟରଚନାବିଶେଷ—Barāha byūha A kind of battle-array in ancient India.

[ ଦ୍ର—ଏଥିର ଅଗ୍ରଭାଗ ସରୁ, ମଝି ଓ ଶେଷ ଭାଗ ସ୍ଥୂଳ ହୋଇଥିଲା । ]

ବରାହମିହିର—ସଂ. ବି. (ନାମ)—ଉଜ୍ଜୟିନୀ ଅଧିପତି ବିକ୍ରମାଦିତ୍ୟଙ୍କ ସଭାର Barāha mihira ନବରତ୍ନ ବା ୯ ଜଣ ଭାରତବିଖ୍ୟାତ ପଣ୍ଡିତଙ୍କ (ବରାହାଚାର୍ଯ୍ୟ—ଅନ୍ୟ ନାମ) ମଧ୍ୟରୁ ଏକତମ—One of the nine gems or Pandits or the Court of king Bikramāditya.

[ ଦ୍ର—ଏ ଜଣେ ପ୍ରସିଦ୍ଧ ଜ୍ୟୋତିର୍ବିତ୍ ପଣ୍ଡିତ ଥିଲେ । ଏ ଜ୍ୟୋତିଷଶାସ୍ତ୍ରର ବିଶେଷ ଉନ୍ନତି କରିଥିଲେ । ଏହାଙ୍କ ରଚିତ ପ୍ରଧାନଗ୍ରନ୍ଥର ନାମ 'ବୃହତ୍ ସଂହିତା' । ପଞ୍ଚସିଦ୍ଧାନ୍ତିକା ନାମକ ଅନ୍ୟ ଗୋଟିଏ ଜ୍ୟୋତିଷଗ୍ରନ୍ଥ ଏହାଙ୍କ ରଚିତ । ଆର୍ଯ୍ୟଭଟ୍ଟଙ୍କ ଉଦ୍ଭାବିତ ପୃଥିବୀର ଆହ୍ନିକ ଗତିକୁ ଏ ସ୍ୱୀକାର କରି ନାହାନ୍ତି । କେହି କେହି କହନ୍ତି, ବରାହ ଓ ମିହିର ଦୁଇଜଣ ବ୍ୟକ୍ତି ଥିଲେ । ବରାହ ପିତା, ମିହିର ପୁତ୍ର ଓ ଖନା ମିହିରଙ୍କ ସ୍ତ୍ରୀ ଥିଲେ । କିନ୍ତୁ ଜଣାଯାଏ ଯେ, ବରାହ ମିହିର ଦୁଇଜଣ ବ୍ୟକ୍ତି ନୁହନ୍ତି । ଯେଉଁ ଶ୍ଲୋକରେ ବିକ୍ରମାଦିତ୍ୟଙ୍କ 'ନବରତ୍ନ'ଙ୍କ ନାମ ଉଲ୍ଲେଖ ଅଛି,ସେ ଶ୍ଲୋକରୁ ବରାହମିହିର ଜଣେ ବୋଲି ଜଣାଯାଏ । କାହାରି କାହାରି ମତରେ ବରାହମିହିର ଖ୍ରୀଷ୍ଟ ଷଷ୍ଠ ଶତାବ୍ଦୀରେ ଜୀବିତ ଥିଲେ । ବିକ୍ରମାଦିତ୍ୟଙ୍କ ରାଜତ୍ୱ କାଳ ଖ୍ରୀ ୩୭୫--୪୧୩ (ସୁବଲଚନ୍ଦ୍ର. ବଙ୍ଗଳା ଅଭିଧାନ ।

ଯୋଗେଶଚନ୍ଦ୍ର ରାୟଙ୍କର 'ଆମାଦେର ଜ୍ୟୋତିଷୀ' ଗ୍ରନ୍ଥରେ ଏହାଙ୍କ ବିଷୟରେ ନିମ୍ନଲିଖିତ ରୂପେ ଲେଖାଅଛି ।

ମଗଧ ଦେଶ (ବିହାର ପଶ୍ଚିମ ପ୍ରଦେଶ ଉଜ୍ଜୟିନୀ ଜିଲ୍ଲାରେ କାଲ୍ପୀ ନଗର) କାମ୍ପିଲ୍ୟ ନଗରର ଦ୍ୱିଜକୁଳରେ ବରାହମିହିର ଜାତ ହୋଇଥିଲେ । ବିକ୍ରମାଦିତ୍ୟଙ୍କ ସଭାର ନବରତ୍ନ ମଧ୍ୟରୁ ଏ ଜଣେ । ଏ ପଞ୍ଚସିଦ୍ଧାନ୍ତିକା ନାମକ ଜ୍ୟୋତିଷକରଣ ଗ୍ରନ୍ଥକୁ ରଚନା କରିଥିଲେ । ଶକାବ୍ଦ ୫ମ ଶତାବ୍ଦୀ ( ଖ୍ରୀଷ୍ଟୀୟ ୬ଷ୍ଠ ଶତାବ୍ଦୀ ) ରଚିତ ଜ୍ୟୋତିଷଗ୍ରନ୍ଥରେ ବରାହମିହିର ଯବନାଚାର୍ଯ୍ୟ ଯାବନିକ ପାରିଭାଷିକ ଶବ୍ଦ ଓ ଯାବନିକ ଆଚାର୍ଯ୍ୟମାନ ଉଲ୍ଲେଖ କରିଅଛନ୍ତି । ଏହାଙ୍କର ପିତା ଆଦିତ୍ୟ ଦାସ । ପୁତ୍ର ପୃଥୁଯଶା ମଧ୍ୟ ଜ୍ୟୋତିଷୀ ଥିଲେ । ]

ବରାହମୁକ୍ତା—ସଂ. ବି. (ମ. ପ. ଜୋ)—ବରାହର ଶରୀରରୁ ପ୍ରାପ୍ତ ମୁକ୍ତା—Barāha muktā Pearl said to be got from the body of a boar.

ବରାହ ଲେଣ୍ଡି ସାରୁ—ପ୍ରାଦେ. (ବାମଣ୍ଡା) ବି—ଏକପ୍ରକାର ଛୋଟ ସାରୁ—Barāha lendi sāru A species of small arum. (ବରହା ଲେଣ୍ଡି ସାରୁ—ଅନ୍ୟରୂପ)

ବରାହ ସଂହିତା—ସଂ. ବି—ବରାହମିହିରଙ୍କ ସଙ୍କଳିତ ବୃହତ୍ ସଂହିତା Barāha samhitā ନାମକ ଜ୍ୟୋତିଷିକ ଗ୍ରନ୍ଥ—A name of an astronomical treatise by Barāha mihira.

ବରାହିକା—ସଂ. ବି. (ବରାହ+କ+ଆ)—କପିକଚ୍ଛୁ; ବାଇଡଙ୍କ (ହି.ଶ)-Barāhikā Cowhage.

ବରାହୀ—ସଂ. ବି. ସ୍ତ୍ରୀ. ( ବରାହ+ସ୍ତ୍ରୀ. ଈ )—୧ । ମାଈ ଘୁଷୁରି—
Barāhī 1. A female pig. ୨ । ବରାହୀକନ୍ଦ (ବୃ. ଶ)—
2. A kind of wild yam. ୩ । ଅଶ୍ୱଗନ୍ଧା ( ବୃ. ଶ. ) (ଦେଖ)—3. Aśwagandhā ( See ) ୪ । ଭଦ୍ରମୁସ୍ତା ( ବୃ. ଶ ); ନାଗରମୁଥା —4. A kind of bulbuous grass-root ୫ । କୃଷ୍ଣବର୍ଣ୍ଣ ଜଳପକ୍ଷୀ-ବିଶେଷ (ହି. ଗୌରେୟା)—5. A kind of black water-cock.

ବରିଆ—ଦେ. ବି—୧ । ଅଗ୍ନି ସଞ୍ଚୟ କରିବାପାଇଁ କୁଣ୍ଡାରେ ବଳା
Bariā ଯାଇଥିବା ଲମ୍ବା ମୋଡ଼ା; ନିଆଁଅଁଠା; ନିଆଁବରିଆ—
ଖଡ଼େର ବଡ଼ 1. A plait of straw twisted to preserve
ଲୁଆଠା; ଡක fire,
ଦଣ୍ଡ କରେ ଘଣ୍ଟି ବାମେ ନିଆଁ ବରିଅଟ – ସାରଳା, ମହାଭାରତ, ବନ୍ଦ.
୨ । ବଣିଆ ( ଗଛ ) ( ଦେଖ )
2. Baṇiā ( gachha ( See )
ଗ୍ରା. ( ଇତର; ନୀଚ ଜାତିଙ୍କ ଉଚ୍ଚାରଣଦୋଷଘଟିତ ) ବି—
ବଳିଆ ( ଦେଖ )—Baḷiā ( See )

ବରିକୁଙ୍କ—ପ୍ରାଦେ. ( ବାଲେଶ୍ୱର ) ବି—ଏକଜାତୀୟ ଧାନ—
Barikunka A kind of paddy.

ବରିପୋଲୁଅ—ଦେ. ବି. ( ସ. କଳକାରକ )—ଗିଲିଜାତୀୟ ବୃହତ୍
Baripolua ଲତାଳିଆ ଏକପ୍ରକାର କଣ୍ଟା
ସ. କଳକାରକ, କଣ୍ଟକରଞ୍ଜ, ଗଛ—Caesalpina Bondu-
ପୂତିକରଞ୍ଜ, ଅମ୍ଳକରଞ୍ଜ, ସୋମବଲ୍ଲୀ cella; a species of
ନାଟା କରଞ୍ଜା, ডহর করঞ্জা pongamia.
কটকরঞ্জ, কাঁটাকরেজা [ ଦ୍ର—ଏହାର ପତ୍ର ଚଟଣୀ
ଡା. ପେଟା ଜଳପୁ ହୁଏ । ଫଳ ଅଗୁର ହୁଏ ୫
ବରପୋଲ, ବୋରପୋଲ, ବରପଲଇ, ବୋରପୋଲଇ } ଅନ୍ୟରୂପ
ଏହାର ମଞ୍ଜି ସବୁପ୍ରକାର ଜ୍ୱରର ଔଷଧ, ଫଳ କଣ୍ଟକମୟ । ଏହାର ଛୁଇଁକୁ ବାଡ଼ି ମୁଣ୍ଡରେ ଲଗାଇଲେ ବାଳ ପରିଷ୍କୃତ ହୁଏ । ଗଞ୍ଜାମ ଅଞ୍ଚଳରେ ଏହାର ପତ୍ରକୁ ସ୍ୱରୁପାଣି କରନ୍ତି । ]

ବରିବସ୍ୟା(ସ୍ୟା)—ସ. ବି. ( ବୃ ଧାତୁ=ସେବା କରିବା+ଭାବେ. ଇବସ୍+ଯ+ଆ )—୧ । ପୂଜା—1. Wor-
Baribas(syā) shipping. ୨ । ସେବା; ଶୁଶ୍ରୂଷା—2. Tending; service rendred to an elder; infant or invalid. ୩ । ଧନ—3. Wealth ( Apte ). ୪ । ଭକ୍ତି— 4. Devotion.

ବରିବସି(ସ୍ୟି)ତ—ସଂ. ବିଣ. ପୁଂ ( ବରିବସ୍; ବରିବସ୍ୟା+ଯୁକ୍ତାର୍ଥେ. ଇତ)—୧ । ପୂଜିତ—1. Worshipped.
Baribasi(syi)ta
(ବରିବସି[ସ୍ୟି]ତା—ସ୍ତ୍ରୀ) ୨ । ସେବିତ—2. Tended; served.

ବରିବା—ଦେ. କି. ( ସଂ. ବୃ ଧାତୁ )—୧ । ମନୋନୀତ କରିବା; ବରଣ
Baribā କରିବା—1. To choose; to select; to elect;
বরা to engage. ୨ । ସ୍ୱାମୀ ବା ସ୍ତ୍ରୀରୂପେ ବରଣ
বরনা କରିବା—2. To accept as one's husband or wife.
ବନ୍ଧୁ ବନ୍ଧୁ ଜନା ଅଛ ଗତ ଜାଣି ମୋ ଜଗତେ
ଅନ୍ୟକୁ ନ ବରି ଏବା ବରିବୁ ତୁ ମୋତେ – ଉପେନ୍ଦ୍ର ଭଞ୍ଜ, ଲବଣ୍ୟବତୀ ।
୩ । ମଣ୍ଡନ କରିବା—3. To adorn.
ଜନେ ବରି ସବୁ ସବୁ ମାଳତୀ କବରୀ ବରି
ଧରଣୀ ସେଭ ପ୍ରଭାର ସାର – ଉପେନ୍ଦ୍ର ଭଞ୍ଜ, ପ୍ରେମସୁଧାନିଧି ।

ବରି(ରି)ମା—ସଂ. ବି. ( ବର+ଇମନ୍; ୧ମା. ୧ବ. )—ଶ୍ରେଷ୍ଠତା—
Bari(rī)mā Excellence ( Apte ).

ବରିଲା—ପ୍ରାଦେ. ( କଟକ ) ବି—ଓଳିଆର ମୋଡ଼ା—The circular
Barilā rings of rope encircling a straw-packet for storing grains.

ବରିଶୀ—ସଂ. ବି—ବନସି; ବଡ଼ିଶ—
Bariśī Fish-hook ( Apte ).

ବରିଷଣ—ଗ୍ରା. ବି. ( ସଂ. ବର୍ଷଣ )—ବୃଷ୍ଟି—Raining.
Barishaṇa বরিষণ বরসনা

ବରିଷ୍ଟ—ଗ୍ରା. ବିଣ ( ସଂ. ବରିଷ୍ଠର ଅଶୁଦ୍ଧ ପ୍ରୟୋଗ )—ବରିଷ୍ଠ (ଦେଖ)
Barishṭa Barishṭha ( See )
ପାଣ୍ଡୁ ନୃପ ବରିଷ୍ଟ ସେବକଙ୍କୁ ଡାକିଲେ—କୃଷ୍ଣସିଂହ. ମହାଭାରତ, ଅଦି ।

ବରିଷ୍ଠ—ସଂ. ବିଣ. ପୁଂ. (ଉରୁ=ମହତ୍+ଅତ୍ୟନ୍ତ ଅର୍ଥରେ. ଇଷ୍ଠ)—
Barishṭha ୧ । ଅତିଶୟ ପୂଜ୍ୟ; ପୂଜ୍ୟତମ—1. Very
( ବରିଷ୍ଠା—ସ୍ତ୍ରୀ ) honourable or adorable. ୨ । ସବୁଠାରୁ ବୃହତ୍—2. Greatest. ୩ । ସର୍ବୋତ୍ତମ—3. Best.
ସ. ବି—୧ । ତାମ୍ର—1. Copper. ୨ । ମରିଚ—2. Black pepper, ୩ । ତିତିର ପକ୍ଷୀ—3. Sand piper; Frankoline partridge. ୪ । ନାରଙ୍ଗ ବୃକ୍ଷ—4. Sweet orange.

ବରିହା—ଦେ. ବି—ବରିଆ (ଦେଖ)—Bariā (See)
Barihā ପ୍ରାଦେ. (କଳାହାଣ୍ଡି) ବି—ବାରହା—Boar.
ପ୍ରାଦେ. (ଗଡ଼ଜାତ) ବି—ବଂଶୋପାଧିବିଶେଷ—A family title.

ବରୀ—ସ. ବି. ( ବୃ ଧାତୁ+କର୍ମ ଅ+ସ୍ତ୍ରୀ. ଈ )—୧ । ଶତାବରୀ—
Barī 1. Asparagus Racemosus. ୨ । ମଧୁର ତରଡ଼ା—
2. Luffa Aegytiaca; Luffa Algyptiaca. (ହରେକୃଷ୍ଣ ଦ୍ରବ୍ୟଗୁଣ) ୩ । ସୂର୍ଯ୍ୟପତ୍ନୀ; ଛାୟା—
3. Name of one of the two wives of the Sun-God.

ବରୀ(ଲୀ)ବର୍ଦ୍ଦ—ସ. ବି. ( ବଲୀ=ଶକ୍ତି+ବୃଧ୍ ଧାତୁ+ଭୂଳ. ଇଂ.
Barī(lī)bardda ବୃଦ୍ଧିକ୍ ବର୍ତ୍ତି. ଅ, ଲ ଆ ଦେଶ )—ବଳଦ—
Ox (Apte); bullock.

ବରୀୟାଂସ—ଦେ. ବିଣ• (ସ. ବରୀୟସ୍)—ବରୀୟାନ୍ (ଦେଖ)—
Barīyāṁsa Barīyān (See)
କୈବର୍ତ୍ତର ନାମ ବର୍ଣ୍ଣଶ୍ରେଷ୍ଠ
ହିତମ୍ଭ ବରୀୟାଂସ ଶ୍ରେଷ୍ଠ । ଜଗନ୍ନାଥ – ଭାଗବତ ।

ବରୀୟାନ୍—ସଂ. ବଣ. ପୁଂ. ( ଉରୁ+ଅତ୍ୟର୍ଥେ ଈୟସ୍; ବରୀୟସ୍ ଶବ୍ଦ
Barīyān ୧ମା. ୧ବ. )—୧ । ଉତ୍କୃଷ୍ଟତର—1. Better; (ବରୀୟସୀ—ସ୍ତ୍ରୀ) more excellent. ୨ । ପୂଜ୍ୟତର—2. More adorable. ୩ । ବୃହତ୍ତର—3. Largely greater. ୪ । ଅତିଉତ୍ତମ—4. Very good. ୫ । ବୟସରେ ଅତି ସାନ—4. Extremely tender or younger (Apte).

ସ. ବି—ଜ୍ୟୋତିଷୋକ୍ତ ବିଷ୍କୁମ୍ଭାଦି ଯୋଗ ମଧ୍ୟରୁ ଏକତମ; ଅଷ୍ଟାଦଶ ଯୋଗ—Name of an astrological conjunction.

ବରିଷୁ—ସ. ବି—କାମଦେବ (ହ୍ରୀ. ଶ.)—Cupid personified.
Barishu

ବରୁଗୁଡ଼ି—ଗ୍ରା. ବି. (ସ. ବର୍ବଟୀ)—ବରଗୁଡ଼ି (ଦେଖ)
Barugurdi Baragurdi (See)

ବରୁଣ—ସ. ବି. (ବୃ ଧାତୁ=ବେଢ଼ିବା+ଉନ; ଯେ ପୃଥିବୀକୁ ସାଗର—
Baruṇa ଦ୍ୱାରା ବେଷ୍ଟନ କରିଅଛନ୍ତି)—୧ । ଜଳାଧିପତି; ସମୁଦ୍ରାଧିପତି ଦେବତା—1. The legendary god of the ocean.

ସଂ—ତିକ୍ତଶାକ, ଶ୍ୱେତପୁଷ୍ପ, ଶ୍ୱେତଦ୍ରୁମ, ମରୁତାପହ, ଅଶ୍ମରୀଘ୍ନ
वरणा; वरुण; वरुन्;
तिक्तशाक्; गोड़ा
बराना; बरबन्ना, बरुश्रा;
बरुना; बरुश्रा; बिलासी;
बिला; बिलाना
ମ. ବରୁଣ, ଲୁମ୍ବ, କାବଣାନ୍
ତା. ମରଲିଙ୍ଗମ୍; ମାଵିଲେଙ୍ଗାମ୍,
ମାରୁଭଲେଙ୍ଗା, ନାର୍ଭାଲ
ତେ. ଉରୁମଟ୍ଟି, ଭଲମିଡ଼ି,
ଉସ୍କିଅ, ଉସିକ,
ତେଲ୍ଲଉଲମିଡ଼ି, ଉରମିଡ଼ି

[ ଦ୍ର—ବୈଦିକଯୁଗରେ ବରୁଣ ପ୍ରଧାନ ଦେବତାରୂପେ କଳ୍ପିତ ହୋଇଥିଲେ । ତତ୍ପରେ ତାଙ୍କର ପ୍ରାଧାନ୍ୟ କମିଯାଇ ଇନ୍ଦ୍ରଙ୍କ ପ୍ରାଧାନ୍ୟ ବଢ଼ିଲା । ବରୁଣ ଅଦିତିଙ୍କ ଅଠ ପୁତ୍ର ମଧ୍ୟରେ ଜଣେ ବୋଲି କଥିତ । ବେଦରେ ଏ ଜଳର ଅଧିପତି; ଦସ୍ୟୁମାନଙ୍କ ନାଶକ ଓ ଦେବତାମାନଙ୍କ ରକ୍ଷକ ବୋଲି କଳ୍ପିତ । ଏହାଙ୍କର ଅସ୍ତ୍ରପାଶ । ପୁରାଣମାନଙ୍କରେ ଏ ପଶ୍ଚିମ ଦିଗର ଦିକ୍ପାଳ ଥିବାର ଉଲ୍ଲେଖ ଅଛି । କାବ୍ୟାଦିରେ ବରୁଣଙ୍କୁ କରୁଣରସର ଅଧିଷ୍ଠାତୃରୂପେ କଳ୍ପିତ । ଜ୍ୟୋତିଷରେ ବରୁଣ ଶତଭିଷା ନକ୍ଷତ୍ରର ଅଧିଷ୍ଠାତୃ ଦେବ । ବରୁଣଙ୍କ ଅନ୍ୟ ସଂସ୍କୃତ ନାମ ପ୍ରଚେତା, ପାଶୀ, ଯାଦସାଂପତି, ଅପ୍ପତି, ଯାଦଃପତି, ଜମ୍ବୁକ, ମେଘନାଦ, ପଶ୍ଚିମେଶ, ଜଳେଶ୍ୱର, କୁଣ୍ଡଳୀ । ]

୨ । ସମୁଦ୍ର—2. Ocean. ୩ । ଜଳ—3. Water. ୪ । ଦ୍ୱୀପବିଶେଷ —4. Name of a legendary island. ୫ । ଋଷିବିଶେଷ (ହ୍ରୀ. ଶ.)—5. Name of a sage. ୬ । ବୃକ୍ଷବିଶେଷ—6. A wild tree; Cratæva Religiosa; Crotseva Aurifolia.

(୧+୫) ବରୁଣ ଶରାବ ସୁମନସ ତୁ ହ ପଢ଼ି ସେ । ଉଷ. ବୈଦେହୀଶବିଳାସ ।

[ ଦ୍ର—ଏହା ମଧ୍ୟାକୃତି ବନ୍ୟ ତରୁ; ବଳ୍କଳ ଧୂସର, ପତ୍ର ତ୍ରିପର୍ଣ୍ଣି ଓ ଶାଖାର ଅଗ୍ରରେ ଥାଏ; ବର୍ଷିତୁବର୍ଷେ ଏଥିର ପତ୍ର ଝଡ଼େ; କାଠ ପାଣ୍ଡୁର ଓ ଶକ୍ତ; ଫୁଲ ବଡ଼ ବଡ଼ ଓ ଆପୀତ; ଶରତ୍କାଳେ ଫୁଟେ; ଫଳ ଗୋଲ ଓ ବହୁବୀଜ ।

ମୂତ୍ରରୋଗ, ଜ୍ୱର, କାଛୁକୁଣ୍ଡିଅ, ବମନ ଓ ପଥୁରିଆ ରୋଗର ଔଷଧ ପାଇଁ ଏହାର ଛେଲି, ପତ୍ର ଓ ମୂଳ ବ୍ୟବହୃତ ହୁଏ । ]

ମେଛେତା ଦେ. ବି.—(ସ. ବ୍ରଣ, ବରୁଣ୍ଡ)—କାଠବରୁଣ; ମୁଖବ୍ରଣ;
बरें बरौं ଯୌବନଲକ୍ଷଣ—Pimples on the face of young
ब्रण people. ୨ । ମୁଖରେ ହେବା ଭୟାନକ ବ୍ରଣ—2. Fatal boil on the face. ୩ । ନବାବିଷ୍କୃତ ଗ୍ରହବିଶେଷ; ନେପ୍‌ଚୁନ୍ ଗ୍ରହ (ହ୍ରୀ. ଶ.)—3. Neptune (planet)

ବରୁଣ ଗ୍ରହ—ସ. ବି.—(ବରୁଣ+ଗ୍ରହ ଧାତୁ+ଅଧିକରଣ. ଅ)—
Baruṇa graha ଘୋଡ଼ାଙ୍କ ରୋଗବିଶେଷ—Name of a horse disease.

[ ଦ୍ର—ଏ ରୋଗରେ ଘୋଡ଼ାର ଆଖି, ଜିଭ, ତାଳୁ ଓ ଲିଙ୍ଗ କଳା ପଡ଼ିଯାଏ ଓ ଦେହରୁ ଖୁବ୍ ଝାଳ ବହେ । ଏ ରୋଗ ଅଧିକାଂଶ ସମୟରେ ମାରାତ୍ମକ ହୁଏ—ହ୍ରୀ. ଶ.]

ଦେ. ବି.—ନେପ୍‌ଚୁନ୍ ଗ୍ରହ—Neptune.

ବରୁଣ ପାଶ—ସ. ବି.—୧ । (୬ଷ୍ଠୀ ତତ୍)—ବରୁଣଦେବଙ୍କର ପାଶାସ୍ତ୍ର—
Baruṇa pāsa 1. Noose, the weapen of Baruṇa God. ୨ । (ବହୁବ୍ରୀହି)—ନକ୍ର; କୁମ୍ଭୀର (ହ୍ରୀ. ଶ.) (ବରୁଣଙ୍କ ପାଶ ପରି ଏ ଜଳଦ୍ୱାରା ଆକ୍ରାନ୍ତ ଜୀବକୁ ଆକ୍ରମଣ କରେ)—2. Alligator.

ବରୁଣ ପ୍ରଘାସ—ସ. ବି.—ଆଷାଢ଼ ବା ଶ୍ରାବଣପୂର୍ଣ୍ଣିମା ଦିନ ଅନୁଷ୍ଠିତ
Baruṇa praghāsa ବ୍ରତବିଶେଷ—A religious vow observed on the fullmoon of Āshārdh or Srābaṇa.

[ଦ୍ର—ଏଥିରେ ଛତୁଆ ଖିଆଯାଏ । ଏହି ବ୍ରତଧାରୀ ବ୍ୟକ୍ତି ଜଳରେ ବୁଡ଼ିମଲେ ନାହିଁ କି ଜଳଜନ୍ତୁମାନେ ତାଙ୍କୁ ଆକ୍ରମଣ କରନ୍ତି ନାହିଁ ବୋଲି ଲୋକବିଶ୍ୱାସ ।]

ବରୁଣ ମଣ୍ଡଳ—ସଂ. ବି. (ଜ୍ୟୋତିଷ) ରେବତୀ, ପୂର୍ବାଷାଢ଼ା, ଆର୍ଦ୍ରା,
Baruṇa maṇḍaḷa ଅଶ୍ଳେଷା, ମୂଳା, ଉତ୍ତରଭାଦ୍ରପଦ ଓ ଶତଭିଷା ନକ୍ଷତ୍ର ସମନ୍ୱିତ ନକ୍ଷତ୍ରମଣ୍ଡଳ ( ହ୍ରୀ. ଶ. )—A group of stars consisting of the 28th, 20th, 6th, 9th, 15th, 26th and 24th asterisms.

ବରୁଣା(ଣେ)ଇ—ଦେ. ବି. ସ୍ତ୍ରୀ.—ବରୁଣୀ (ଦେଖ)
Baruṇā(ṇe)ī Baruṇī (See)
(ଯଥା—ତାକୁ 'ସି' ଅକ୍ଷର ବରୁଣାଇ ପଡ଼ିତ ।)

ବରୁଣାତ୍ମଜା—ସଂ. ବି. ସ୍ତ୍ରୀ.—(୬ଷ୍ଠୀ ତତ୍; ବରୁଣ+ଆତ୍ମଜା)—
Baruṇātmajā ବାରୁଣୀ (ଦେଖ)—Bāruṇī (See)

ବରୁଣାନୀ—ସ. ବି. ସ୍ତ୍ରୀ.—(ବରୁଣ+ସ୍ତ୍ରୀ. ଆନୀ)—ବରୁଣ ଦେବତାଙ୍କ ସ୍ତ୍ରୀ—
Baruṇānī The wife of the God of ocean.

ବରୁଣାଳୟ—ସଂ. ବି.—(୬ଷ୍ଠୀ ତତ୍; ବରୁଣ+ଆଳୟ)—ସମୁଦ୍ର—
Baruṇālaya The sea.

ବରୁଣାଳୟ କୂଳରେ ସେ ସେ ସୀତା ସଙ୍ଗେ ସେ । ଉଷ. ବୈଦେହୀଶବିଳାସ ।

ବରୁଣୀ—ଦେ. ବି. ସ୍ତ୍ରୀ.—୧ । ଗ୍ରାମଦେବୀବିଶେଷ—1. Name of a
Baruni popular goddess. ୨ । ଖୋରଧା
(ବରୁଣେଇ—ଅନ୍ୟରୂପ) ଅଞ୍ଚଳସ୍ଥ ପାହାଡ଼; ବରୁଣାଇ ପାହାଡ଼—
2. Name of a hill in Khurdha subdivision of the Puri District.

ରନ୍ଧ୍ରିରେଖା ମହା-ଗରେ ଅସିଥିବ ବାରୁଣୀ-ଶିଖର-ଶିଖେ ।
ପ୍ରଧାନାଥ—ଚାଙ୍ଗି ।

[ଦ୍ର—ଏହି ପାହାଡ଼ ଖୋରଧାର ଦକ୍ଷିଣ ପଶ୍ଚିମରେ ୧ ମାଇଲ ଦୂରରେ ଅବସ୍ଥିତ । ଏଥିରେ କେତେକ ଗୁମ୍ଫା ଓ ପ୍ରାଚୀନ ଶିଳାଲିପି ଅଛି ।

ବରୁତ୍ର—ସଂ. ବି. (ବୃ ଧାତୁ=ଆବରଣ କରିବା+ତ୍ର)—
Barutra ୧ । ଉତ୍ତରୀୟ ବସ୍ତ୍ର—1. Sheet. ୨ । ଓଢ଼ଣୀ—
2. Upper cloth; cloak; mantle (Apte).

ବରୂଥ—ସଂ. ବି. ( ବୃ ଧାତୁ=ଆବରଣ କରିବା+କର୍ମ. ଊଥ)—
Barūtha ୧ । ରଥ ମଧ୍ୟରେ ଲୁଚି ରହିବାପାଇଁ ଥିବା ଗୁପ୍ତ ସ୍ଥାନବିଶେଷ; ରଥଗୁପ୍ତି—1. A secret and covered space inside a car.

ସାତ ଶତସାବ ସେ ଅନୁକର୍ଷ କଲେ
ତାହାରା ଏ ରଥବରୂଥ ବୋଲାଇଲେ । କୃଷ୍ଣସିଂହ, ମହାଭାରତ. କର୍ଣ୍ଣ ।

୨ । (+କର୍ତ୍ତୃ. ଊଥ) ଚର୍ମ—2. Skin. ୩ । (+କରଣ, ଊଥ)—କବଚ; ବର୍ମ; ସାଞ୍ଜୁ—3. Armour. ୪ । (କର୍ମ. ଊଥ) ଗୃହ—4. House. ୫ । ଶତ୍ରୁର ବାଣ ଗୁଳା ଆଦିର ଆକ୍ରମଣରୁ ରଥକୁ ରକ୍ଷା କରିବାପାଇଁ ରଥ ଉପରେ ପଡ଼ିବା ଲୁହାର ଆବରଣ (ହି. ଶ)—5. An iron cover for protecting a car from the blow of an enemy's missile. ୬ । ସେନା; ସୈନ୍ୟ; ଫଉଜ (ହି. ଶ)—6. Army. ୭ । ପରସ୍ପର ଆଘାତରୁ ରଥକୁ ରକ୍ଷା କରିବାପାଇଁ ରଥରେ ଯୁକ୍ତ ବାଡ଼ା ବା ପଟା—7. A short of wooden or iron fence or finder with which a chariot is provided as a defence against collision ( Apte ). ୮ । ଢାଲ—8. Shield (Apte). ୯ । ସମୂହ—9. Group; multitude (Apte) ୧୦ । (+ଭାବ. ଊଥ) ରକ୍ଷଣ—10 Protection (Apte). ୧୧ । ( +କର୍ମ. ଊଥ ) ପରିବାର—11. Family (Apte). ୧୨ । କୋଇଲି—12. The cuckoo (Apte).

ବରୂଥିନୀ—ସଂ. ବି—(ବରୂଥ+ଇନ୍+ସ୍ତ୍ରୀ. ଈ)—ସେନା—
Baruthini Army.

ଏହି ସେ ଦେଖଇ ଯାର, ଅର୍ଦ୍ଧବରୂଥିନୀ
ସମବେତ ନାନାବିଧ ବୀରଙ୍କରୁ ଅସି—ପ୍ରଧାନାଥ, ମହାଯାତ୍ରା ।

ବରୂଥୀ—ସଂ. ବି—(ବରୂଥ+ଇନ୍; ୧ମା. ୧ବ)—ରଥ—
Baruthi Car; chariot.

ବରୂଥିନୀ—ସ୍ତ୍ରୀ) ସଂ. ବିଣ. ପୁଂ—୧ । କବଚ ଦ୍ୱାରା ରକ୍ଷିତ—
1. Protected by an armour ( Apte ). ୨ । ସେନାପରିବୃତ—2. Surrounded by a troop (Apte).

ବରେ—ଦେ. କ୍ରି. ବିଣ—( ସଂ. ବର=ଉତ୍କୃଷ୍ଟ )—ବଡ଼େ; ବଡ଼େ;
Bare ଉଚ୍ଚରେ—Loudly.

ବରେ ଶୁଭନ୍ତେ ଶବଦ ତାହାର
ବ୍ୟୋମେ ଦୃଷ୍ଟି କଲୁ ଚାହାଁସାରିକର । ଉତ୍କ. ବୈଦେହୀଶବିଳାସ ।

ବରେଇ (ଇତ୍ୟାଦି)—ଦେ. ବି—ବରେହି ଇତ୍ୟାଦି ( ଦେଖ )
Barei (etc) Barehi etc. ( See )

ବରେଇ ଖୋଦ—ବୈଦେ. ଅ. ( କଚରଆ. ହିନ୍ଦିରୁ ଅନୁକୃତ; ଫା. ବରଏ ଖୁଦ୍=ନିଜ ପାଇଁ)—ସ୍ୱୟଂ ନିଜେ—
Barei khod Self; personaly.
ଖୁଦ ଖୁଦ୍
(ବରେ ଖୋଦ୍, ବରୈ ଖୋଦ୍—ଅନ୍ୟରୂପ)

ବରେଣ୍ୟ—ସ. ବି. ପୁଂ. (ବୃ ଧାତୁ=ବରଣ କରିବା+କର୍ମ. ଏନ୍ୟ)—
Barenya ୧ । ବରଣୀୟ; ପୂଜ୍ୟ; ମାନ୍ୟ—1. Respectable
(ବରେଣ୍ୟା—ସ୍ତ୍ରୀ) reverend; honourable. ୨ । ଉତ୍କୃଷ୍ଟ—
2. Excellent. ୩ । ପ୍ରାର୍ଥନୀୟ; ଅଭୀଷ୍ଟ—3. Desirable; wished for; cherished. ୪ । ଶ୍ରେଷ୍ଠ; ପ୍ରଧାନ—4. Chief; principal.
ସ. ବି—୧ । କୁଙ୍କୁମ—1. Saffron. ୨ । ଶିବ; ମହାଦେବ (ହି. ଶ)—2. Siba. ୩ । ଭୃଗୁଙ୍କର ଏକ ପୁତ୍ର (ହି. ଶ)—3. Name of a son of sage Bhrugu.

ବରେନ୍ଦ୍ର—ସ. ବି. (ବର+ଇନ୍ଦ୍ର)—୧ । ପ୍ରାଚୀନ ଗୌଡ଼;ବଙ୍ଗଦେଶର
Barendra ପ୍ରାଚୀନ ବିଭାଗ; ପୁଣ୍ଡ୍ରଦେଶ—1. Ancient Bengal. ୨ । ଗୌଡ଼ ଦେଶର ରାଜଧାନୀ—2. Capital of ancient Bengal.

[ ଦ୍ର—କେହି କେହି ଏହାକୁ ବରେନ୍ଦ୍ରୀ କହନ୍ତି । ]

୩ । ଇନ୍ଦ୍ର—3. Indra. ୪ । ପ୍ରଧାନ ରାଜା; ସମ୍ରାଟ; ରାଜାଧିରାଜ—4. Emperor.

ବରେନ୍ଦ୍ର ଗୋଷ୍ଠୀ—ଦେ. ବି—ବଙ୍ଗୀୟ ବ୍ରାହ୍ମଣଙ୍କର ଶାଖାବିଶେଷ—
Barendra goshṭhi Name of a branch of Bengalee
বরেন্দ্র গোষ্ঠী बरेन्द्रगोष्ठि Brāhmaṇas.

ବରେହା—ଗ୍ରା. ବି. (ପ୍ରାଚୀନ ପଦ୍ୟ) (ସ. ବରାହ)—
Barehā ବନ୍ୟଜନ୍ତୁବିଶେଷ; ବାରୁଆ—Boar.

ହରଣ ବରେହା ଗଣ୍ଡା ଶମ୍ବର । ପ୍ରତାପ. ଶଶିସେଣା ।

ବରେହି—ଦେ. ବି—ବରେହି ପାଠକ ( ଦେଖ )
Barehi Barehi pāṭaka ( See )

ବରେହି କରିବା—ଦେ. କ୍ରି—ଜାତିଅଣ ସମ୍ବନ୍ଧରେ କୌଣସି କଳହ
Barehi karibā ବିଷୟର ମୀମାଂସା ନ ହୋଇ ପାରିଲେ ତହିଁର
ବରେହି କରା(ରେ)ଇବା } ଅନ୍ୟରୂପ ମୀମାଂସା କରିବା ପାଇଁ
ବରେହି କରା(ସେ)ଇବା } ବରେହି ପାଠକର ଅଧିବେଶନ
ବରେହି ଡକା(ଜେ)ଇବା } କରାଇବା ଅର୍ଥାତ୍ ଭିନ୍ନ ବିଷୟ
(ବରେହି ବସିବା—ଅନ୍ୟରୂପ) ନେଇ ସାଙ୍ଗଜାତିମାନ ସମ୍ବନ୍ଧରେ ଉପସ୍ଥାପିତ
বাহুআরী তজায় নিষ্পত্তি করান କରିବା—To have a
बरह बरना सभा करना matter discussed and decided by a gathering of various castes.

**ବରେହ୍ମ ପାଟକ**—ଦେ. ବି. (ସଂ. ବାର=ସମୂହ) (ଭୁଲ୍ଂ ବଂ ଶବ୍ଦ
Barehi pāṭaka ବାରେୟାରୀ=ପ୍ରତି ବର୍ଷ ଏକ ଗ୍ରାମର ବା
बाराआरि तलाय़ निष्पत्ति ପଡ଼ାର ବା ନଗରର ସମସ୍ତ ଜାତିର
**बरह बरना सभा** ଲୋକେ ମିଳି ଯେଉଁ ଠାକୁରପୂଜା ବା ଉତ୍ସବ
(ବରେହ୍ମି ସଭା—ଅନ୍ୟରୂପ) କରନ୍ତି)—କୌଣସି ସମାଜଗତ ବିଷୟ ଜାତିଆଣ ସଭାରେ ମୀମାଂସିତ ହୋଇ ନ ପାରିଲେ ତାହା ମୀମାଂସା କରିବା କାରଣ ଅଦ୍ଭୁତ ୩୬ ପାଟକର ଲୋକଙ୍କ ଦ୍ୱାରା ଗଠିତ ସଭା; ଛତିଶ ପାଟକ ସଭା; ସାର୍ବଜନୀନ ସଭା—A gathering of people of various castes to consider and adjudicate upon a matter which could not be decided by a meeting of a caste-guild.

[ ଦ୍ର—ଜାତିଆଣ ସଭାରେ ଜାତି ଭାଇଙ୍କ ବିଚାରମଣାରେ ଯାହାର ମନ ନ ମାନେ ସେ ବରେହ୍ମ ପାଟକ ବସାଏ । ସବୁ ଜାତିର ଲୋକଙ୍କୁ ଡାକି ଏକ ସ୍ଥାନରେ ବସାଇବାକୁ ସବୁବେଳେ ସମ୍ଭବପର ନ ଥିବାରୁ ଲୋକେ ହାଟକୁ ଯାଇ ସେହିଠାରେ ଉପସ୍ଥିତ ବହୁ ଜାତୀୟ ଲୋକଙ୍କୁ ବସାଇ ସଭା କରନ୍ତି ଓ ତାକୁ ବରେହ୍ମ ପାଟକ ସଭା ବୋଲାଯାଏ ।]

**ବରେହ୍ମ ପାଟକ ବସା(ସେ)ଇବା**—ଦେ. କ୍ରି—ବରେହ୍ମ କରିବା (ଦେଖ)
Barehi pāṭaka basā(se)ibā Barehi karibā (See)

**ବରେହ୍ମ ବସିବା**—ଦେ. କ୍ରି—ବରେହ୍ମ ସଭାର ଅଧିବେଶନ ହେବା—
Barehi basibā The holding of a Barehi meeting
बरह बरना सभा बैठना to discuss a matter.
(ବରେହ୍ମ ପାଟକ ବସିବା—ଅନ୍ୟରୂପ)

**ବରୋଟ**—ସଂ. ବି—ମରୁଆ ଗୁଳ୍ମ ଓ ଫୁଲ (ହ. ଶ)—The Marubaka
Barota plant and flower (Apte).

**ବରୋଦା**—ଦେ. ବି. (ନାମ)—୧ । ଗାଇକବାଡ଼ ବା ପ୍ରାଚୀନ ଗୁର୍ଜ୍ଜର
Barodā ରାଜ୍ୟର ରାଜଧାନୀ—1. Capital of ancient
बरोदा **बरोदा** Gurjara; Baroda.

[ ଦ୍ର—ଏହି ନଗର ବିଶ୍ୱାମିତ୍ରୀ ନଦୀକୂଳରେ ଅବସ୍ଥିତ । ନଗର ମଧ୍ୟରେ ଅନେକ ହିନ୍ଦୁ ଦେବମନ୍ଦିର ଅଛି । ବହୁକାଳରୁ ଏଠାରେ ଏକ ମୁଦ୍ରାଯନ୍ତ୍ର ଅଛି ଓ ବରୋଦା ମହାରାଜଙ୍କ ନାମାଙ୍କିତ ମୁଦ୍ରା ଏଠାରେ ମୁଦ୍ରିତ ହୋଇ ଏ ରାଜ୍ୟରେ ପ୍ରଚଳିତ ହୁଏ । ]

୨ । ଭାରତର ପଶ୍ଚିମ ଉପକୂଳରେ ଅବସ୍ଥିତ ଦେଶୀୟ ରାଜ୍ୟବିଶେଷ ଓ ତହିଁର ପ୍ରଧାନ ନଗର—2. Baroda state and its capital.

[ ଦ୍ର—ଏ ରାଜ୍ୟ ମଧ୍ୟଭାରତରେ ଅବସ୍ଥିତ ଗୋଟିଏ ମରହଟ୍ଟା ରାଜ୍ୟ । ଏଥିର ରାଜାଙ୍କ ବଂଶଗତ ଉପାଧି ଗାଇକବାଡ଼ । ଏଥିର କ୍ଷେତ୍ରଫଳ ୮୧୮୨ ବର୍ଗମାଇଲ ଓ ଲୋକସଂଖ୍ୟା ପ୍ରାୟ ୨୦ ଲକ୍ଷ ଓ ଏଥିର ରାଜସ୍ୱ ପ୍ରାୟ ୨୨ କୋଟି ଟଙ୍କା । ଏଠାରେ ମହାରାଜଙ୍କ ପ୍ରତିଷ୍ଠିତ କଲେଜ୍ ବମ୍ବାଇ ବିଶ୍ୱବିଦ୍ୟାଳୟ ସଙ୍ଗେ ସମ୍ବଦ୍ଧ । ଏ ମହାରାଜଙ୍କର ସ୍ୱତନ୍ତ୍ର ହାଇକୋର୍ଟ ଅଛି ଏବଂ ଏ ରାଜାଙ୍କ ନିକଟରେ ବ୍ରିଟିଶ ସରକାରଙ୍କର ଜଣେ ରେସିଡେଣ୍ଟ୍ ( ରାଜଦୂତ ) ଥାଆନ୍ତି । ମରହଟ୍ଟା ଶକ୍ତିର ପତନୋନ୍ମୁଖ ଅବସ୍ଥାରେ ଯେତେବେଳେ ପେଶବାମାନେ ନାଗପୁର ଭୋଁସଲାମାନଙ୍କ ନାମରେ କ୍ଷମତା ପରିଚାଳନ କରୁଥିଲେ, ସେହି ସମୟରେ ( ଖ୍ରୀ. ୧୭୪୦-୬୧ ) ପିଲାଜୀ ରାଓ ଗାଇକବାଡ଼ ବରୋଦାଠାରେ ଏ ରାଜବଂଶର ମୂଳଭିତ୍ତି ସ୍ଥାପନ କରିଥିଲେ ଓ ରଣଜୀ ସିନ୍ଧିଆ ଗୁଆଲିୟରରେ ଓ ମୁଲ୍ହାର ରାଓ ହୋଲ୍କାର ଇନ୍ଦୋରରେ ମଧ୍ୟ ଗୋଟିଏ ଗୋଟିଏ ରାଜ୍ୟର ମୂଳଭିତ୍ତି ସ୍ଥାପନ କରିଥିଲେ । ]

**ବରୋନ୍ମୁଖ**—ସଂ. ବିଣ. ପୁଂ. ( ବର ଦେବାପାଇଁ ଉନ୍ମୁଖ ହୋଇଅଛି
Baronmukha ଯେ; ବହୁବ୍ରୀହି )—ବର ଦେବାକୁ ଉଦ୍ୟତ—
Ready to grant a boon.

**ବରୋରୁ**—ସଂ. ବିଣ. ପୁଂ. ଓ ସ୍ତ୍ରୀ—୧ । ଯାହାର ଶ୍ରେଷ୍ଠ ଜଙ୍ଘ ଅଛି—
Baroru 1. Having excellent thighs, ୨ । ସୁନ୍ଦରୀ ସ୍ତ୍ରୀ ( ହ. ଶ. )—2. A beautiful or graceful lady.

**ବରୋଲ**—ସଂ. ବି—ଏକପ୍ରକାର ଭରୁଡ଼—
Baroḷa A kind of wasp ( Apte ).

**ବରୋହ୍ମି**—ପ୍ରାଦେ. ( ସିଂହଭୂମ ) ବି—ମୋଟା ଦଉଡ଼ି—
Barohī A thick rope.

**ବର୍କ୍କର**—ସଂ. ବି. ପୁଂ ( ବୃକ୍ ଧାତୁ=ଗ୍ରହଣ କରିବା+କର୍ମ. ଅର୍;
Barkkara ଯାହାକୁ ଛେଦନାର୍ଥେ ଗ୍ରହଣ କରାଯାଏ; ବହୁବ୍ରୀହି)—
बकरी ୧ । ମେଷଶାବକ; ଛେଳିଛୁଆ; ବୋକା—1. A small
**बकरी** goat or lamb. ୨ । ଯୁବା ପଶୁ—2. A young
ଓ.ବଲୁଷ beast. ୩ । କ୍ରୀଡ଼ା—3. Game; sport;
(ବର୍କ୍କରା—ସ୍ତ୍ରୀ) pastime. ୪ । କୌତୁକ; ଆମୋଦପ୍ରମୋଦ—4 Amusement; mirth. ୫ । ପରିହାସ—5. Jesting. ୬ । ଛେଳି—6. A goat. (Apte).

**ବର୍କ୍କରାଟ**—ସଂ. ବି. ( ବର୍କ୍କର+ଅଟ ଧାତୁ=ଗତି କରିବା+ଅ )—
Barkarāṭa ୧ । କଟାକ୍ଷ ( ହ. ଶ. )—1. Sideglance; ogling. ୨ । ମଧ୍ୟାହ୍ନ ସୂର୍ଯ୍ୟଙ୍କ ପ୍ରଭା ( ହ. ଶ. )—2. The rays of the midday sun. ୩ । ସ୍ତ୍ରୀ କୁଚପାର୍ଶ୍ୱରେ କାହିତ ନଖକ୍ଷତ (ହ. ଶ. )—3. Scratching of nails on the sides of the female breast ( as a result of amorous pastime ).

**ବର୍ଗ**—ସଂ. ବି. ( ବୃଜ୍ ଧାତୁ=ତ୍ୟାଗ କରିବା, ପୃଥକ କରିବା+ଭାବ.
Barga ଅ )—୧ । ବର୍ଜନ; ତ୍ୟାଗ—1. Relinquishment. ୨ । ( +କର୍ମ. ଅ ) ଧାଡ଼ି; ଶ୍ରେଣୀ—2. Class; row; category. ୩ । ବୃନ୍ଦ; ଦଳ; ପଲ—3. Flock; multitude. ୪ । ( ସଂସ୍କୃତ ବ୍ୟାକରଣ ) ଏକସ୍ଥାନରୁ ଉଚ୍ଚାରିତ ସ୍ପର୍ଶ ବ୍ୟଞ୍ଜନବର୍ଣ୍ଣମାନଙ୍କ ସମୂହ ) ବ୍ୟଞ୍ଜନ ବର୍ଣ୍ଣମାଳାର ଉଚ୍ଚାରଣ ଭେଦରେ ପାଞ୍ଚ ଶ୍ରେଣୀ—4. Sanscrit grammar ) The five classes of consonants.

[ ଦ୍ର—ଯଥା; କ ବର୍ଗ—କ, ଖ, ଗ, ଘ, ଙ । ଚ ବର୍ଗ—ଚ, ଛ, ଜ, ଝ, ଞ । ଟ ବର୍ଗ—ଟ, ଠ, ଡ, ଢ, ଣ । ତ ବର୍ଗ—ତ, ଥ, ଦ, ଧ, ନ । ପ ବର୍ଗ—ପ, ଫ, ବ, ଭ, ମ ।

[ ଦ୍ର—ବ୍ୟାକରଣ ଶାସ୍ତ୍ରରେ ବ୍ୟାକରଣୋକ୍ତ ଦିଶ୍ଟ ୫ ବର୍ଗ ଛଡ଼ା ସ୍ୱରବର୍ଣ୍ଣ, ଅନ୍ତସ୍ଥ ବର୍ଣ୍ଣ ଓ ଶ ଷ ସ ହ ବର୍ଣ୍ଣମାନଙ୍କୁ ପୃଥକ୍ ବର୍ଗର ଅନ୍ତର୍ଗତ କରାଯାଇଅଛି । ଯଥା— ଅ ବର୍ଗ=ସବୁ ସ୍ୱରବର୍ଣ୍ଣ, ଯ ବର୍ଗ=ଯ ର ଲ ଵ, ଶ ବର୍ଗ=ଶ ଷ ସ । ଅ ବର୍ଗର ସ୍ୱାମୀ ସୂର୍ଯ୍ୟ, କ ବର୍ଗର ମଙ୍ଗଳ, ଚ ବର୍ଗର ଶୁକ୍ର, ଟ ବର୍ଗର ବୁଧ, ତ ବର୍ଗର ବୃହସ୍ପତି, ପ ବର୍ଗର ଶନି, ଯ ବର୍ଗର ଚନ୍ଦ୍ର ବୋଲି ଯାଇଅଛି—ହ୍. ଶବ୍ଦସାଗର । ]

୫ । ସଜାତୀୟସମୂହ; ଗୋଷ୍ଠୀ; ଏକଜାତୀୟ ଅନେକ ବସ୍ତୁର ସମୂହ; ଗଣ; ଶ୍ରେଣୀ—5. A number or multitude of similar things or animals; clan; class. ୬ । ପ୍ରକାର—6. Kind; species. ୭ । ଗ୍ରନ୍ଥର ପରିଚ୍ଛେଦ ବା ବିଭାଗ ବା ଅଧ୍ୟାୟ—7. Chapter of a book. ୮ । ଖଣ୍ଡ—8. Piece. ୯ । ମାର୍ଗ; ପଥ—9. Road; way. ୧୦ । ଦୁଇ ସମାନ ସଂଖ୍ୟାର ଗୁଣଫଳ—10. A square number. ୧୧ । ଶାସନ—11. Administration. ୧୨ । ସଂସାରରେ ଜନ୍ମଗ୍ରହଣର ଉଦ୍ଦେଶ୍ୟ—12. One of the 4 ulterior objects of life; the summon bonum of existence.

[ ଦ୍ର—ଚତୁର୍ବର୍ଗ=ଧର୍ମ, ଅର୍ଥ, କାମ ଓ ମୋକ୍ଷ । ]

୧୩ । ( ଅନ୍ୟ ଶବ୍ଦ ସଙ୍ଗେ ବହୁବଚନରେ ବ୍ୟବହୃତ । ଯଥା— ଭ୍ରାତୃବର୍ଗ; ବନ୍ଧୁବର୍ଗ ) ମାନେ; ସମୂହ; ସମସ୍ତେ—13. ( used to denote plural or all ) All of. ୧୪ । ଆକାର ପ୍ରକାରରେ ଭିନ୍ନ ହେଲେ ହେଁ କୌଣସି ସାଧାରଣ ଧର୍ମବିଶିଷ୍ଟ ପଦାର୍ଥମାନଙ୍କ ସମୂହ ( ଯଥା— ଅନ୍ତସ୍ଥ ବର୍ଗ, ବନୌଷଧି ବର୍ଗ )—14. A class of things having a common attribute though differing in shape and other things. ୧୫ । ( ଜ୍ୟାମିତି ) ବର୍ଗକ୍ଷେତ୍ର; ଯେଉଁ ସମକୋଣୀ କ୍ଷେତ୍ରର ଦୈର୍ଘ୍ୟ ଓ ପ୍ରସ୍ଥ ସମାନ—15. ( geometry ) A square. ୧୬ । (ଗଣିତ) ଦୁଇ ସମାନ ରାଶିର ଗୁଣଫଳ—16. ( Mathematics ) The square of a number.

( ଯଥା—୪ ର ବର୍ଗ=୧୬ । )

୧୭ । ବଳ—17. Strength ( Apte ).

ଦେ. ବି—୧ । ନିୟମ—1. Rule; regulation. ୨ । ନିୟମାଧୀନତା—2. Discipline; regularity. ୩ । ବାଗ; ପଦ୍ଧତି; ଶୃଙ୍ଖଳା—3. Method; system. ୪ । ଭଦ୍ରସମାଜ; ଭଦ୍ରଗୋଷ୍ଠୀ—4. High society. ୫ । ବିଦ୍ୟାଳୟର ଶ୍ରେଣୀ—5. A class of a school.

ପ୍ରାଦେ. ( ସମ୍ବଲପୁର ) ବି—ବଂଶୋପାଧିବିଶେଷ— A family title.

**ବର୍ଗକ୍ଷେତ୍ର**—ସଂ. ବି—ସମକୋଣ ଓ ସମବାହୁବିଶିଷ୍ଟ ଚତୁର୍ଭୁଜ କ୍ଷେତ୍ର; Bargakshetra ସମକୋଣୀ ଓ ସମବାହୁ ଚତୁର୍ଭୁଜ—A square field or figure; a square.

**ବର୍ଗଛଡ଼ା**—ଦେ. ବିଣ· ( ମନ୍ଦ ଅର୍ଥରେ )—ଆପଣାର ଶ୍ରେଣୀର ଅନ୍ୟ Bargachharda ମାନଙ୍କଠାରୁ ସ୍ୱତନ୍ତ୍ର—Exceptional; not confirming to the others of the same class.

**ବର୍ଗଣା**—ସଂ. ବି—ଗୁଣନ— Bargana Multiplication ( Apte ).

**ବର୍ଗଫଳ**—ସଂ. ବି ( ଗଣିତ )—୧ । ଦୁଇଟି ସମାନ ସଂଖ୍ୟାର ଗୁଣଫଳ— Bargaphala 1. The square of a number. ୨ । ଭୂମିର ଦୈର୍ଘ୍ୟ ଓ ପ୍ରସ୍ଥର ଗୁଣଫଳ; କ୍ଷେତ୍ରଫଳ— 2. The square area of a figure or field.

**ବର୍ଗବନ୍ଧନୀ**—ସଂ. ବି—୧ । ଏକପ୍ରକାର ବନ୍ଧନୀ—1. A kind of Bargabandhani bracket. ୨ । ବନ୍ଧନୀ ତଳେ ନୋଟ୍ ଦେଖ—2. See notes under Bandhani.

**ବର୍ଗବର୍ଗ**—ସଂ. ( ଗଣିତ )—କୌଣସି ସଂଖ୍ୟାର ବର୍ଗଫଳର ବର୍ଗଫଳ— Bargabarga ( mathematics ) The square of the square of a number.

**ବର୍ଗଭୀମା**—ଦେ. ବି—ତାମ୍ରଲିପ୍ତ ବା ଅଧୁନାକ ତମଲୁକରେ ପ୍ରତିଷ୍ଠିତା Bargabhima ଦେବୀ—Name of the image of a popular goddess in Tamaluk.

ବର୍ଗଭୀମା ଅଧିଷ୍ଠିତ ମନ୍ତ୍ରସ୍ୱର୍ଗୋପମା—ଜଗନ୍ନାଥ· ମହାଯାତ୍ରା ।

**ବର୍ଗମୂଳ**—ସଂ. ବି. ( ଗଣିତ )—ଦୁଇ ସମାନ ରାଶିର ଗୁଣଫଳରୁ ଯାହାର Bargamula କଳ୍ପିବା ମୌଳିକ ସଂଖ୍ୟା ବା ରାଶି—( mathe- (ବର୍ଗପଦ—ଅନ୍ୟରୂପ) matics ) The square root.

**ବର୍ଗଶଃ**—ସଂ. ବିଣ. ( ବର୍ଗ+ଶସ୍ )—ବର୍ଗ ବର୍ଗ ହୋଇ; ଶ୍ରେଣୀ ଶ୍ରେଣୀ Bargasah ହୋଇ; ଦଳ ଦଳ ହୋଇ—In groups ( Apte ).

**ବର୍ଗା**—ଦେ. ବି—ବରଗା ( ଦେଖ ) Barga Baraga ( See )

**ବର୍ଗାଏ**—ପ୍ରାଦେ. ( ଲରଥ ) ବି—ଗଉଡ଼— Bargae Cowherd.

**ବର୍ଗି**—ବୈଦେ. ବି. ( ମରହଟ୍ଟି ଶବ୍ଦ )—ବରଗି ( ଦେଖ ) Bargi Baragi ( See )

**ବର୍ଗିଆ**—ଦେ. ବି. ( ସଂ. ବର୍ଗୀୟ )—୧ । ବର୍ଗୀୟ; ବର୍ଗସମ୍ବନ୍ଧୀୟ— Bargia 1. Relating to Barga. ୨ । ସୁଶୃଙ୍ଖଳ— 2. Methodical.

**ବର୍ଗିବା**—ଦେ· କ୍ରି. (ସଂ. ବୃଜ୍ ଧାତୁ=ତ୍ୟାଗ କରିବା)—ପଠାଇବା— Bargiba To send; to dipute.

ପୁଣି ସେନାନାୟକ ପାଞ୍ଚୋଟ ବର୍ଗିଲ

ବୃକମନ୍ତ୍ର ବଳରେ ତାଙ୍କ କ୍ଷୟ ଗଲା—କୃଷ୍ଣସିଂହ. ମହାଭାରତ· ବନ ।

**ବର୍ଗୀୟ**—ସଂ. ବିଣ. ପୁଂ. (ବର୍ଗ+ସମ୍ବନ୍ଧାର୍ଥେ. ଈୟ)—୧ । ଶ୍ରେଣୀସ୍ଥ— Bargiya 1. Belonging to a class. ୨ । ବର୍ଗର ( ବର୍ଗୀଣ—ଅନ୍ୟରୂପ ) ଅନ୍ତର୍ଗତ—2. Included in a class. (ବର୍ଗୀଣା, ବର୍ଗୀୟା—ସ୍ତ୍ରୀ) ୩ । ବ୍ୟଞ୍ଜନବର୍ଣ୍ଣର ୫ ଗୋଟି ବର୍ଗର ଅନ୍ତର୍ଗତ—3. Included in the 5 Bargas of consonants.

ବର୍ଗୀୟ ଜ—ସ. ବ—ଚ ବର୍ଗର ତୃତୀୟ ବର୍ଣ୍ଣ—The 3rd consonant of Cha Barga.
Bargiya ja

[ ଦ୍ର—ଅବର୍ଗୀୟ ବା ଅନ୍ତଃସ୍ଥ ଯର ଉଚ୍ଚାରଣ 'ଯ' 'ଜ୍ୟ' ବା 'ୟ' । ]

ବର୍ଗୀୟ ବ—ସ. ବ—'ପ' ବର୍ଗର ଶେଷ ବର୍ଣ୍ଣ—The 3rd consonant of Pa Barga.
Bargiya ba

[ ଦ୍ର—ଅନ୍ତଃସ୍ଥ ବା ଅବର୍ଗୀୟ 'ବ'ର ଉଚ୍ଚାରଣ ଭୂଅ (ଯଥା—ଭୂଅର୍); ଏହାକୁ ଭାଷାକୋଷରେ ଏକ ନୂତନ ଅକ୍ଷର ଓ ଦ୍ୱାରା ଚିହ୍ନିତ କରାଯାଇଅଛି । ଓଡ଼ିଆ ଭାଷାରେ ସଂସ୍କୃତ ଶବ୍ଦମାନଙ୍କରେ ଥିବା ବର୍ଗୀୟ ଓ ଅବର୍ଗୀୟ 'ବ'ର ଉଚ୍ଚାରଣରେ ବା ଲେଖାରେ କୌଣସି ପ୍ରଭେଦ ରଖାଯାଏ ନାହିଁ । ]

ବର୍ଗୁର୍ଡ଼ି ( ଇତ୍ୟାଦ )—ଦେ. ବ ( ସ. ବଦ୍ୟଷ୍ଟୀ ) —ବରଗୁଡ଼ି ଇତ୍ୟାଦ
Bargurdi ( etc ) ( ଦେଖ )—Baragurdi etc ( See )

ବର୍ଗୋତ୍ତମ—ସ. ବଣ—ବର୍ଗ ମଧ୍ୟରେ ଶ୍ରେଷ୍ଠ—Chief among the clan; best in the lot.
Bargottama

ସ. ବ—୧ । ( ଫଳିତ ଜ୍ୟୋତିଷ )—୧ । ମେଷାଦି ଦ୍ୱାଦଶ ରାଶିର ନବାଂଶବିଶେଷ—1. ( astrology ) The 9th part of the signo of zodiac

[ ଦ୍ର—ଫଳିତ ଜ୍ୟୋତିଷ ମତରେ ଚର ରାଶି ( ମେଷ, କର୍କଟ ତୁଳା, ମକର )ର ପ୍ରଥମ ଅଂଶ; ସ୍ଥିରରାଶି ( ବୃଷ, ସିଂହ, ବୃଶ୍ଚିକ, ଧନୁ )ର ପଞ୍ଚମ ଅଂଶ; ଓ ଦ୍ୱ୍ୟାତ୍ମିକ ରାଶି ମିଥୁନ, କନ୍ୟା, ଧନୁ ମୀନ )ର ନବମ ଅଂଶ ବର୍ଗୋତ୍ତମ ଅଟେ । ଏହାର ଅର୍ଥରୁ ସମସ୍ତ ରାଶିଙ୍କ ନବାଂଶକୁ ବର୍ଗୋତ୍ତମ ବୋଲାଯାଏ । ବର୍ଗୋତ୍ତମରେ ଥିବା ଗ୍ରହମାନ ଶୁଭ ଅଟନ୍ତି—ହୃ. ଶ. । ]

୨ । ( ବ୍ୟାକରଣ ) ବର୍ଗ୍ୟ ବର୍ଣ୍ଣମାନଙ୍କର ଶେଷରେ ଥିବ ଅକ୍ଷର; ଅନୁନାସିକ ବର୍ଣ୍ଣ; ବର୍ଗାନ୍ତ୍ୟ ବର୍ଣ୍ଣ—2. ( grammar ) A nasal consonant; the last letter or each of the first five classes of consonants ( Apte ).

ବର୍ଗ୍ୟ ( ଇତ୍ୟାଦ )—ସ. ବଣ. ( ବର୍ଗ+ସମ୍ବନ୍ଧାର୍ଥେ. ଯ )—ବର୍ଗୀୟ
Bargya ( etc ) ଇତ୍ୟାଦ ଦେଖ )—Bargiya etc ( See ).
( ବର୍ଗ୍ୟା—ସ୍ତ୍ରୀ )

ସ. ବ—୧ । ସହପାଠୀ ବ୍ୟକ୍ତି—1. Fellow student ( Apte ). ୨ । ସହକର୍ମୀ ବ୍ୟକ୍ତି—2. Colleague ( Apte )

ବର୍ଗ୍ୟ ଜ—ସଂ. ବ—ବର୍ଗୀୟ ଜ ( ଦେଖ )
Bargya ja Bargiya ja ( See )

ବର୍ଗ୍ୟ ବ—ସ. ବ—ବର୍ଗୀୟ ବ ( ଦେଖ )
Bargya ba Bargiya ba ( See )

ବର୍ଚ୍ଛ୍ (ଧାତୁ)—ସ—ଦୀପ୍ତି ପାଇବା—
Barchh (root) To shine.

ବର୍ଚ୍ଚଃ—ସ. ବ. ( ବର୍ଚ୍ଚ୍ ଧାତୁ+କର୍ତ୍ତ୍ରି. ଅସ୍ )—୧ । ଉଜ୍ଜ୍ୱଳତା—1. Lustre. ୨ । ତେଜଃ—2. Glory; spirit; power; vigour. ୩ । କାନ୍ତି—3. Splendour; beauty. ୪ । ରୂପ—4. Form; shape. ୫ । ଶୁକ୍ର—5. Semen; matter. ୬ । ମଳ—6. Fæcus.
Barchhah

ବର୍ଚ୍ଚସ୍ୱୀ—ସ. ବଣ. ପୁଂ. (ବର୍ଚ୍ଚସ୍+ଅସ୍ତି ଅର୍ଥରେ ବିନ୍; ବର୍ଚ୍ଚସ୍ୱିନ୍ ଶବ୍ଦ ୧ମା. ୧ବ)—୧ । ତେଜସ୍ୱୀ—1. Glorious; Splendid. ୨ । ଉଜ୍ଜ୍ୱଳ; ଦୀପ୍ତିଶାଳୀ—2. Radiant; dazzling; shining. ୩ । ଓଜସ୍ୱୀ—3. Powerful.
Barchhaswi
(ବର୍ଚ୍ଚସ୍ୱାନ୍—ଅନ୍ୟରୂପ)
ବର୍ଚ୍ଚସ୍ୱିନୀ, ବର୍ଚ୍ଚସ୍ୱତୀ } ଅନ୍ୟରୂପ

ସ. ବ—୧ । ସୂର୍ଯ୍ୟ—1. The Sun. ୨ । ଚନ୍ଦ୍ର—2. The moon.

ବର୍ଚ୍ଚସ୍ୟ—ସ. ବଣ (ବର୍ଚ୍ଚସ୍+ଯ)—ତେଜୋବର୍ଦ୍ଧକ—Increasing spirit or vigour.
Barchchasya

ବର୍ଚ୍ଛା(ର୍ଚ୍ଛା)—ଦେ. ବ—ବରଛା ( ଦେଖ )
Barchhā(rchchhā) Barachhā ( See )

ବର୍ଜନ—ସ. ବ. ( ବୃଜ୍ ଧାତୁ=ତ୍ୟାଗ କରିବା+ଭାବ ଅନ )—
Barjana ୧ । ତ୍ୟାଗ—1. Giving up; abandonment; relinquishment. ୨ । ରହିତ କରିବା—2. Setting aside. ୩ । ହିଂସା—3. Hostility. ୪ । ବଧ—4. Slaughter.
(ବର୍ଜ୍ଜନ—ଅନ୍ୟରୂପ)

ବର୍ଜନା—ଦେ. ବ—ପ୍ରତିବନ୍ଧକ—Obstacle.
Barjanā (ବର୍ଜ୍ଜନା—ଅନ୍ୟରୂପ)

ବର୍ଜନା କ ସେନକ ଚାର, କଇଦ୍ୟ କାମ ଶବ୍ଦର ।
ଲକ୍ଷ୍ମଣ, ବୈଦେହୀଶବିଳାସ ।

ବର୍ଜନୀୟ—ସ. ବଣ. ( ବୃଜ୍ ଧାତୁ+କର୍ମ. ଅନୀୟ )—
Barjaniya ବର୍ଜନଯୋଗ୍ୟ; ତ୍ୟାଜ୍ୟ—Proper to be shunned; relinquishable.
(ବର୍ଜ୍ୟ, ବର୍ଜ୍ଜ୍ୟ, ବର୍ଜ୍ଜନୀୟ—ଅନ୍ୟରୂପ)
(ବର୍ଜ୍ୟା, ବର୍ଜ୍ଜ୍ୟା, ବର୍ଜନୀୟା—ସ୍ତ୍ରୀ)

ବର୍ଜୟିତା—ସ. ବଣ. ପୁଂ—ତ୍ୟାଗକାରୀ—Abandoning; growing up.
Barjayitā (ବର୍ଜୟିତ୍ରୀ—ସ୍ତ୍ରୀ)

ବର୍ଜାଇସ—ବୈଦେ. ବ. (ଇଂ)—ଛପାର କ୍ଷୁଦ୍ରତମ ଅକ୍ଷର—
Barjāis Smallest type of printing letters bourgeois.
বর্জাইস बर्जाइस

ବର୍ଜିତ—ସ. ବଣ. ( ବୃଜ୍ ଧାତୁ+କର୍ମ. ତ )—
Barjita ୧ । ପରିତ୍ୟକ୍ତ—1. Abandoned; shunned; relinquished.
(ବର୍ଜ୍ଜିତ—ଅନ୍ୟରୂପ)
(ବର୍ଜିତା—ସ୍ତ୍ରୀ)

ଅଧର୍ମସୁମନଙ୍କରେ ହୋଇବ ବର୍ଜିତ ।
କୃଷ୍ଣସିଂହ, ମହାଭାରତ, ଅଦ ।

୨ । ନିରାକୃତ—2. Removed. ୩ । ରହିତ—3. Set aside; deprived of. ୪ । ହତ—4. Killed.

ବର୍ଜିବା—ଦେ. କ୍ରି. (ସ. ବୃଜ୍ ଧାତୁ)—ତ୍ୟାଗ କରିବା—
Barjibā To abandon; to shun; to give up.
বর্জা बर्जना

ସୁମନ୍ତଠାରେ ଅପଯଶ ଯେ ଅର୍ଜିବ
ଜାଣି କର ଏହା ଯେ ଖାଣକୁ ବର୍ଜିବ
କୃଷ୍ଣସିଂହ, ମହାଭାରତ, ବନ ।

ବର୍ଡ୍ଡି—ପ୍ରାଦେ. (ବି ହୃଭୂମ) ବ—ବରୁଡ଼—
Barrdi Wasp.

ବର୍ଣ୍ଣ (ଧାତୁ)—ସ—୧ । ବାକ୍ୟର ବସ୍ତାର କରବା; ବର୍ଣ୍ଣନା କରବା—
Barn (root) 1. To describe. ୨ । ସ୍ତବ କରବା—
2. To pray. ୩ । ନଯୋଗ କରବା—3. To appoint; to depute; to commission. ୪ । ଚତ୍ର କରବା—4. To point; to colour. ୫ । ବଲେପନ କରବା—5. To anoint.

ବର୍ଣ୍ଣ—ସ. ବ. ( ବର୍ଣ୍ଣ ଧାତୁ+କର୍ମ. ଅ; ପ୍ରା. ବନ୍ନ; ଯେଉଁମାନେ ବେଦ
Barnna ବାକ୍ୟଦ୍ୱାରା ଅଗ୍ରଗ୍ରହରେ ପ୍ରବୃତ୍ତ ହୁଅନ୍ତି; କମ୍ବା ବୃ ଧାତୁ ବାଛବା+କର୍ମ. ନ; ବ୍ୟବସାୟ ଅନୁକ୍ରମରେ ଯାହାଙ୍କୁ ବଭନ୍ନ ଶ୍ରେଣୀରେ ବଣ୍ଟ ଯାଇଅଛ )—୧ । ବ୍ରାହ୍ମଣ, କ୍ଷତ୍ରିୟ, ବୈଶ୍ୟ ଓ ଶୂଦ୍ର ଜାତ; ଜାତ—1. Caste; class.

[ ଦ୍ର—ଏ ଶବ୍ଦର ପ୍ରାଚୀନ ପ୍ରୟୋଗ ଋଗ୍ବେଦରେ ଅଛ । ତହିଁରେ ମନୁଷ୍ୟମାନଙ୍କୁ ଦୁଇବର୍ଣ୍ଣରେ ବଭକ୍ତ କରାଯାଇଅଛ; ଆର୍ଯ୍ୟ ଓ ଦସ୍ୟୁ ବା ଅନାର୍ଯ୍ୟ । ଏ ବଭାଗ ପ୍ରଥମେ ଦେହର ବର୍ଣ୍ଣ ଅନୁସାରେ ହୋଇଥିବାର ଜଣାଯାଏ, କାରଣ ଆର୍ଯ୍ୟମାନେ ଗୋରା ଓ ଦସ୍ୟୁ ବା ଅନାର୍ଯ୍ୟମାନେ କଳା ଥିଲେ । ପରବର୍ତ୍ତୀ କାଳରେ ବ୍ୟବସାୟ ଉପରେ ଗୁରବର୍ଣ୍ଣର ବଭାଗ ହେବାର ଜଣାଯାଏ । ପୁରୁଷସୂକ୍ତରେ ଆଲଙ୍କାରକ ଉକ୍ତିରେ ବର୍ଣ୍ଣିତ ହୋଇଅଛ ଯେ, ଈଶ୍ୱରଙ୍କ ମୁଖରୁ ବ୍ରାହ୍ମଣ ବାହୁରୁ କ୍ଷତ୍ରିୟ, ଜଙ୍ଘରୁ ବୈଶ୍ୟ ଓ ପାଦରୁ ଶୂଦ୍ରଙ୍କ ଉତ୍ପତ୍ତି ହୋଇଥିଲା । ବର୍ଣ୍ଣ ଶବ୍ଦ ବୃ ଧାତୁରୁ ଉତ୍ପନ୍ନ; ବୃ ଧାତୁର ଅର୍ଥ ବରଣ କରବା,ବାଛବା;ଅତଏବ ବର୍ଣ୍ଣଶବ୍ଦର ଅର୍ଥ ହେଲା ବ୍ୟବସାୟ;ବ୍ୟବସାୟ ଅନୁସାରେ ବଭନ୍ନ ଶ୍ରେଣୀବଭାଗଙ୍କୁ ବର୍ଣ୍ଣ ବୋଲାଗଲା । ଏହ ଗୁରବର୍ଣ୍ଣଙ୍କର ଧର୍ମ ବା ବର୍ଣ୍ଣାଶ୍ରମଧର୍ମ ମଧ୍ୟ ସ୍ମୃତ ଆଦରେ ନରୂପିତ ହୋଇଅଛ । ବ୍ରାହ୍ମଣର ଧର୍ମ—ଅଧ୍ୟୟନ, ଅଧ୍ୟାପନ, ଯଜନ, ଯାଜନ, ଦାନ, ପ୍ରତଗ୍ରହ; କ୍ଷତ୍ରିୟର—ଅଧ୍ୟୟନ, ଯଜ୍ଞାନୁଷ୍ଠାନ, ଦାନ, ପ୍ରଜାପାଳନ; ବୈଶ୍ୟର କୃଷି, ପଶୁପାଳନ, ବାଣିଜ୍ୟ, ଦାନ ଯଜ୍ଞ, ଅଧ୍ୟୟନ; ଶୂଦ୍ରର—ଉକ୍ତତର ତନ ବର୍ଣ୍ଣଙ୍କ ସେବା । ସବୁ ଦେଶରେ ବ୍ୟବସାୟଭେଦ ଓ ଧଳା କଳା ଚମଡ଼ା ଭେଦହେତୁର ଅଳ୍ପ ବହୁତ ଚଳ ଅଛ । ସ୍ୱାରଣାସ୍ୟ ଆର୍ଯ୍ୟଙ୍କ ଲୋକ ବ୍ୟବସ୍ଥାରେ ଏହ ବର୍ଣ୍ଣଭେଦ ବ୍ୟବସାୟଗତ ଭେଦରୁ ଆରମ୍ଭ ହୋଇଥିଲେହେଁ ତାହା ଜନ୍ମଗତ ହୋଇଅଛ (ହ. ଷ.) । ଗୀତାରେ ଭଗବାନ କହୁଅଛନ୍ତି—ଗୁଣକର୍ମବଭାଗ ଅନୁସାରେ ମୁଁ ଗୁର ବର୍ଣ୍ଣର ସୃଷ୍ଟି କରଅଛ । ପ୍ରୋଫେସର ପ୍ରାଣକୃଷ୍ଣ ପଡ଼ିକା 'ନବଭାରତ' ପତ୍ରିକାର ୧ ମ ଖଣ୍ଡ ୭ମ ସଂଖ୍ୟାରେ ବଜ୍ଞାନଦୃଷ୍ଟିରେ ବର୍ଣ୍ଣାଶ୍ରମଶୀର୍ଷକ ପ୍ରବନ୍ଧରେ ମତ ପ୍ରକାଶ କରଅଛନ୍ତି ଯେ ଲୋକମାନଙ୍କ ଦେହର ବର୍ଣ୍ଣର ତାରତମ୍ୟ ବର୍ଣ୍ଣାଶ୍ରମର ମୂଳକାରଣ । ତାପରେ କର୍ମବଭାଗ ଏବଂ ଅନୁଷଙ୍ଗିକ ଗୁଣବଭାଗ ଆସିଲା । ଆମେରକାର ଉଦାହରଣଦ୍ୱାରା ସେ ଏ ମତର ପୋଷକତା କର ଅଛନ୍ତି ]

୨ । (ଯାହାଦ୍ୱାରା ବାକ୍ୟ ବସ୍ତାର କରାଯାଏ) 'ଅ' ଠାରୁ 'କ୍ଷ' ପର୍ଯ୍ୟନ୍ତ ଅକ୍ଷର—2. Alphabet; letter of alphabet.

[ ଦ୍ର—ଉଦାନ ବାୟୁ କଣ୍ଠନାଳୀରୁ ନଃସୃତ ହୋଇ ଶ୍ରବଣେନ୍ଦ୍ରିୟଗ୍ରାହ୍ୟ ଶବ୍ଦ ଉତ୍ପାଦନ କରେ । ଏହ ଅସ୍ଫୁଟ ଶବ୍ଦର ନାମ ଧ୍ୱନ ଓ ସ୍ଫୁଟ ଶବ୍ଦର ନାମ ବର୍ଣ୍ଣ; ବର୍ଣ୍ଣର ଯେଉଁ ସାଙ୍କେତକ ଚହ୍ନ ଲେଖାଯାଏ ତାକୁ ଲପି ବୋଲାଯାଏ । ବର୍ଣ୍ଣ ୨ ଶ୍ରେଣୀରେ ବଭକ୍ତ; ସ୍ୱର ଓ ବ୍ୟଞ୍ଜନ । ]

୩ । (କର୍ମ. ଅ) ଅକ୍ଷରସମଷ୍ଟି; ବାକ୍ୟ—3. Word. ୪ । ରଙ୍ଗ—4. Colour; hue; tint. ୫ । ଦେହର ରଙ୍ଗ—5. Colour of the skin. ୬ । ସୌନ୍ଦର୍ଯ୍ୟ—6. Beauty. ୭ । ହସ୍ତୀର ପୃଷ୍ଠସ୍ଥିତ ଚତ୍ରିତ କମ୍ବଳାଦ—7. Painted blanket covering the back of an elephant. ୮ । ଗୁଣ—8. Virtue. ୯ । ସ୍ତବ, ପ୍ରଶଂସା—9. Adoration; praise. ୧୦ । ବ୍ରତ—10. Vow. ୧୧ । କୀର୍ତ୍ତି—11. Fame. ୧୨ । ନାଟ୍ୟାବେଶ—12. Prelude. ୧୩ । ବର୍ଣ୍ଣନା—13. Description. ୧୪ । ଉତ୍କର୍ଷ—14. Excellence; eminence. ୧୫ । ପ୍ରସିଦ୍ଧି; ଖ୍ୟାତ—15. Reputation; good name. ୧୬ । ଗୁଣକୀର୍ତ୍ତନ—16. Extolling, recitation of good deeds. ୧୭ । ଗୀତକ୍ରମ—17. Sequence of songs. ୧୮ । ସୁବର୍ଣ୍ଣ—18. Gold. ୧୯ । ଭେଦ; ପ୍ରକାର—19. Kind; class. ୨୦ । ବଲେପନ—20. Annointment. ୨୧ । ଅଷ୍ଟବଧ ମୈଥୁନାତ୍ମକ ରୂପ ବ୍ରତ—21. A vow consisting of eight kinds of amour. ୨୨ । ଆକୃତ; ରୂପ—22. Shape; figure. ୨୩ । କଷ୍ଟି ପଥରରେ ପଡ଼ୁଥିବା ସୁବର୍ଣ୍ଣରେଖା—Gold line on the touch stone. ୨୪ । କୁଙ୍କୁମ—24. Saffrn. ୨୫ । ଚତ୍ର ଛବ (ହ. ଷ)—25. Picture. ୨୬ । ବ୍ୟବସାୟ; ପେଷା; ଜୀବକା (ହ. ଷ)—26. Livelihood; profession.

ବର୍ଣ୍ଣକ—ସ. ବଣ. (ବର୍ଣ୍ଣ ଧାତୁ+କର୍ତ୍ତୃ. ଅକ)—୧ । ବର୍ଣ୍ଣନାକାରୀ—
Barnnaka 1 Describing. ୨ । ସ୍ତୁତପାଠକ; ଗୁଣକୀର୍ତ୍ତନକାରୀ—2. Singing praise; eulogising.

ସ. ବ—୧ । (ବର୍ଣ୍ଣ+ସ୍ୱାର୍ଥେ.କ)—ହରତାଳ—1. Yellow orpiment. ୨ । ତୂଳୀ—2. Painting brush. ୩ । ମଣ୍ଡଳ (ହ. ଷ.)—3. Circle. ୪ । ରଙ୍ଗ (ହ. ଷ.)—4. Colour. ୫ । ଅକ୍ଷର—5. Letter; alphabet. ୬ । ଗ୍ରନ୍ଥ—6. Book. ୭ । ବେଶବନ୍ୟାସ—7. Chignon. ୮ । ଲେପନଦ୍ରବ୍ୟ (ଚନ୍ଦନାଦ)—8. Ointment; (eg. sandal paste). ୯ । ହରଦ୍ରା—9. Turmeric. ୧୦ । ଅଭନେତାମାନଙ୍କ

ପରିଚ୍ଛଦ (ବ୍ରୁ. ଷ.)—10. The dress of actors. ୧୧ । ଚିତ୍ରକର (ବ୍ରୁ. ଷ.)—11. Painter.

**ବର୍ଣ୍ଣ ଗନ୍ଧ**—ସଂ. ବି. (ଦ୍ୱନ୍ଦ୍ୱ ସମାସ)—୧ । କୌଣସି ବସ୍ତୁର ରଙ୍ଗ ଓ Barnna gandha ଗନ୍ଧ—1. Colour and smell of a thing. ୨ । କୌଣସି ବସ୍ତୁର ଚିହ୍ନ ମାତ୍ର ଚିହ୍ନ—2. Trace of a thing.

**ବର୍ଣ୍ଣ ଗୁରୁ**—ସଂ. ବି. (୭ମୀ ତତ୍)—୧ । ବ୍ରାହ୍ମଣ—1. A Brāhman. Barnna guru ୨ । ଯେଉଁ ଗୁରୁ ଅକ୍ଷର ଶିକ୍ଷା ଦେଇଥାନ୍ତି—2. A teacher who teaches the alphabets.

**ବର୍ଣ୍ଣଜ୍ଞାନ**—ସଂ. ବି. (୬ଷ୍ଠୀ ତତ୍; ବର୍ଣ୍ଣ+ଜ୍ଞାନ)—ଅକ୍ଷରସମ୍ବନ୍ଧୀ ଜ୍ଞାନ—Barnnajñāna Knowledge of the alphabet. (ବର୍ଣ୍ଣପରିଚୟ, ବର୍ଣ୍ଣବୋଧ—ଅନ୍ୟରୂପ)

**ବର୍ଣ୍ଣ ଜ୍ୟେଷ୍ଠ**—ସଂ. ବିଣ. ପୁଂ. (୭ମୀ ତତ୍)—୧ । ବର୍ଣ୍ଣ ବା ଜାତିରେ Barnna jyeshṭha ଉତ୍କୃଷ୍ଟ—1. Of superior caste. (ବର୍ଣ୍ଣଜ୍ୟେଷ୍ଠା—ସ୍ତ୍ରୀ) ୨ । ସବୁଜାତି ଅପେକ୍ଷା ଶ୍ରେଷ୍ଠ—2. (ବର୍ଣ୍ଣଶ୍ରେଷ୍ଠ—ଅନ୍ୟରୂପ) Superior to all other castes. (ବର୍ଣ୍ଣଶ୍ରେଷ୍ଠା—ସ୍ତ୍ରୀ) ସଂ. ବି—ବ୍ରାହ୍ମଣ—Brāhmaṇa.

**ବର୍ଣ୍ଣତୁ(ତୂ)ଲି(ଲୀ)**—ସଂ. ବି—୧ । ରଙ୍ଗ କରିବାର ତୂଳିକା—1. Barnnatu(tū)li(lī) Painting brush. ୨ । କଲମ—(ବର୍ଣ୍ଣତୁ(ତୂ)ଳିକା—ଅନ୍ୟରୂପ) 2. Pen.

**ବର୍ଣ୍ଣଦୂତ**—ସଂ. ବି. (୬ଷ୍ଠୀ ତତ୍; ବର୍ଣ୍ଣ+ଦୂତ; ଏହା ବର୍ଣ୍ଣ ବା ଅକ୍ଷର-Barnnadūta ମାନଙ୍କୁ ବହନ କରେ)—ପତ୍ର; ଚିଠି—Letter.

**ବର୍ଣ୍ଣ ଦୂଷକ**—ସଂ. ବି. ପୁଂ. (୬ଷ୍ଠୀ ତତ୍; ବର୍ଣ୍ଣ+ଦୂଷକ)—ସଂକ୍ରଦୂଷକ; Barnna dūshaka ପତିତ ବ୍ୟକ୍ତି—Outcaste; excommunicated.

**ବର୍ଣ୍ଣ ଧର୍ମ**—ସ.ବି. (୬ଷ୍ଠୀ ତତ୍)—ବ୍ରାହ୍ମଣ,କ୍ଷତ୍ରିୟ, ବୈଶ୍ୟ ଓ ଶୂଦ୍ରାଦିବର୍ଣ୍ଣର Barnna dharma ଶାସ୍ତ୍ରବିହିତ କର୍ତ୍ତବ୍ୟ କର୍ମ—The respective duties of the castes as prescribed in the shastras.

**ବର୍ଣ୍ଣନ(ନା)**—ସଂ. ବି. (ବର୍ଣ୍ଣ+ଣିଚ୍. ଅନ)—୧ । ବାକ୍ୟ ବିସ୍ତାର Barnnana(nā) କରଣ; ବିସ୍ତାରିତ ରୂପେ କଥନ; କୌଣସି ବିଷୟର ବିସ୍ତାରିତ ବିବରଣ—1. Describing; description. ୨ । ଗୁଣ କଥନ; ପ୍ରଶଂସା କରଣ; ସ୍ତୁତିପାଠ—2. Praising; eulogy. ୩ । ଅନ୍ୟର ଚିତ୍ତ ବିନୋଦନ—4. Act of pleasing another. ୪ । ରଞ୍ଜନ; ଚିତ୍ରଣ—4. Painting; dying. ୫ । ଲେଖିବା—5. Writing. ୬ । ବ୍ୟାଖ୍ୟାନ—6. Explaining; explanation.

**ବର୍ଣ୍ଣନ କର**—ଦେ. ବି. ( ବର୍ଣ୍ଣନ+କୃ ଧାତୁ+ଅ )—କବି—Barnnana kara Poet.

ବର୍ଣ୍ଣନକର ଦର୍ପ ସହିତ । ଉଦ୍ଧ. ପ୍ରେମସୁଧାନିଧି ।

**ବର୍ଣ୍ଣନା**—ସଂ. ବି. (ବର୍ଣ୍ଣନ+ଆ)—ବର୍ଣ୍ଣନ (ଦେଖ) Barnnanā Barnnana (See

**ବର୍ଣ୍ଣନା କରିବା**—ଦେ.କ୍ରି—୧ । ବ୍ୟାଖ୍ୟା କରିବା—1. To describe. Barnnanā kariba ୨ । ବିଶଦଭାବରେ କହିବା—2. To বর্ণনা কবা বয়ান করনা narrate in full.

**ବର୍ଣ୍ଣନାତୀତ**—ସଂ. ବିଣ. (୭ମୀ ତତ୍; ବର୍ଣ୍ଣନା+ଅତୀତ)—ଯାହା ବର୍ଣ୍ଣନା Barnnanātita କରି ଶେଷ କରିଯାଇ ନ ପାରେ—Passing description; indescribable.

**ବର୍ଣ୍ଣନା ପତ୍ର**—ଦେ. ବି. ( ତତ୍ପୁରୁଷ )—ଅଦାଲତରେ ପ୍ରତିବାଦୀ Barnnanā patra ବାଦୀର ଅଭିଯୋଗର ଉତ୍ତରରେ ଯେଉଁ ଲେଖା জবাব ଦାଖଲ କରେ; ଜବାବ—A written statement जवाब filed by the defendant.

**ବର୍ଣ୍ଣନାଶ**—ସଂ. ବି. (୬ଷ୍ଠୀ ତତ୍) (ଲୌକିକ ବା ବୈଦିକ ବ୍ୟାକରଣ)—Barnnanāśa ପ୍ରକୃତିପ୍ରତ୍ୟୟଦ୍ୱାରା ନିଷ୍ପନ୍ନ ପଦ ମଧ୍ୟସ୍ଥ କୌଣସି ବର୍ଣ୍ଣର ଲୋପ—The dropping out of a letter from a word formed under grammatical rules.

( ଯଥା—ପୃଷତୋଦର ଓ ପୃଷତୋଦ୍ୟାନ ପଦର 'ତ'ର ନାଶ ହୋଇ ପୃଷୋଦର ଓ ପୃଷୋଦ୍ୟାନ ପଦର ବ୍ୟବହାର ହୁଏ ।]

**ବର୍ଣ୍ଣନିବା**—ଦେ. କ୍ରି.—(ପଦ୍ୟ) (ସଂ. ବର୍ଣ୍ଣନ) ବର୍ଣ୍ଣନା କରିବା—Barnnanibā To describe; to relate.

ବର୍ଣ୍ଣିଲୁ ଅ... ଗୁଣ ଚରିତ । ଉଦ୍ଧ. କୋଟିବ୍ରହ୍ମାଣ୍ଡସୁନ୍ଦରୀ ।

**ବର୍ଣ୍ଣନୀୟ**—ସଂ. ବିଣ. ( ବର୍ଣ୍ଣ ଧାତୁ+କର୍ମ. ଅନୀୟ )—୧ । ବର୍ଣ୍ଣନା Barnnaniya ଯୋଗ୍ୟ—1. Describable. ୨ । ବ୍ୟାଖ୍ୟାର (ବର୍ଣ୍ଣ୍ୟ—ଅନ୍ୟରୂପ) ଉପଯୁକ୍ତ—2. Fit to be narrated in detail.

**ବର୍ଣ୍ଣବତୀ**—ସଂ. ବି. (ବର୍ଣ୍ଣ+ବତ୍+ଈ)—ହଳଦୀ ( ବ୍ରୁ. ଷ. )—Barnnabati (ବର୍ଣ୍ଣବିଳାସିନୀ—ଅନ୍ୟରୂପ) Turmeric.

**ବର୍ଣ୍ଣବିକାର**—ସଂ. ବି. (୬ଷ୍ଠୀ ତତ୍; ବର୍ଣ୍ଣ+ବିକାର) (ଭାଷାତତ୍ତ୍ୱ)—ଶବ୍ଦ Barnnabikāra ବା ପଦର କୌଣସି ବର୍ଣ୍ଣର ଅନ୍ୟ ବର୍ଣ୍ଣରେ ପରିବର୍ତ୍ତନ—(philology) The change of one letter to another in a word.

[ ଦ୍ର—ହରିଦ୍ରା ଶବ୍ଦର ବର୍ଣ୍ଣବିକାର ଘଟି ହଳଦ ଶବ୍ଦରେ ପରିଣତ ହେଲା । ]

**ବର୍ଣ୍ଣ ବିପର୍ଯ୍ୟୟ**—ସ. ବି. (୬ଷ୍ଠୀ ତତ୍)—(ଭାଷାତତ୍ତ୍ୱ) ଶବ୍ଦରେ ଥିବା Barnna biparjyaya ବର୍ଣ୍ଣମାନଙ୍କର ହେରଫେର—(philology) The inversion or exchange of letters in a word.

[ ଦ୍ର—ହନସ୍ ଧାତୁ+ଅ ପ୍ରତ୍ୟୟ ନିଷ୍ପନ୍ନ ହଂସ ଶବ୍ଦର ବର୍ଣ୍ଣ ବିପର୍ଯ୍ୟୟ ଘଟି ସିଂହ ଶବ୍ଦର ଉତ୍ପତ୍ତି । ]

**ବର୍ଣ୍ଣବୃତ୍ତ**—ସ. ବି (୬ଷ୍ଠୀ ତତ୍)—ଯେଉଁ ପଦ୍ୟର ଚରଣମାନଙ୍କରେ Barnnabrutta ଅକ୍ଷରମାନଙ୍କ ସଂଖ୍ୟା ଓ ଲଘୁଗୁରୁର କ୍ରମ ସମାନ ରଖାଯାଏ—Metre.

**ବର୍ଣ୍ଣବୋଧ**—ସଂ. ବି—ଯେଉଁ ପୁସ୍ତକଦ୍ୱାରା ବର୍ଣ୍ଣଜ୍ଞାନ ଜନ୍ମେ—Barnnabodha A primer; a spelling book. (ବର୍ଣ୍ଣବୋଧକ—ଅନ୍ୟରୂପ).

ବର୍ଣ୍ଣମାଳା—ସଂ. ବ—୧। କୌଣସି ଭାଷାର ଅକ୍ଷରସମୂହ; ସବୁ ଅକ୍ଷର-
Barnnamālā ମାନଙ୍କର ପର୍ଯ୍ୟାୟ କ୍ରମେ ଲିଖିତ ସୂଚୀ—
1. The alphabets. ୨। ଜାତି ଫୁଲର ମାଳା—2. A garland made of Jāti flowers.

ବର୍ଣ୍ଣୟିତବ୍ୟ—ସଂ. ବ. (ବର୍ଣ୍ଣ୍ ଧାତୁ+କର୍ମ. ତବ୍ୟ)—ବର୍ଣ୍ଣନୀୟ (ଦେଖ)
Barnnayitabya Barnnaniya ( See )

ବର୍ଣ୍ଣୟିତା—ସଂ. ବଣ. ପୁଂ ( ବର୍ଣ୍ଣୟିତୃ; ବର୍ଣ୍ଣ୍ ଧାତୁ+କର୍ମ. ତୃ )—ଯେ
Barnnayitā ବର୍ଣ୍ଣନା କରେ—Describing; narrating.
(ବର୍ଣ୍ଣୟିତ୍ରୀ—ସ୍ତ୍ରୀ)

ବର୍ଣ୍ଣ ଯୋଜକ—ସଂ. ବ. ( ଅଧୁନିକ ପ୍ରୟୋଗ )—( ଛାପାଖାନା ) ଯେ
Barnna jojaka ଟାଇପ୍ ଅକ୍ଷର ଯୋଡ଼େ—(printing) Compositor.

ବର୍ଣ୍ଣ ଯୋଜନ(ନା)—ସଂ.ବ. ( ଅଧୁନିକ ପ୍ରୟୋଗ )—୧। (ଛାପାଖାନା)
Barnna jojana(nā) ଅକ୍ଷର ଟାଇପ୍ ଯୋଡ଼ିବା—1. (printing) Composition of the type of letters.
୨। କୌଣସି ଶବ୍ଦରେ ଥିବା ମୌଳିକ ଅକ୍ଷରମାନଙ୍କର ବିଶ୍ଳେଷଣ କରି ସେମାନଙ୍କୁ ଏକତ୍ର ଯୋଡ଼ିବା—2. The conglomeration of original letters of a word after they are disjointed.

ବର୍ଣ୍ଣ ରେଖା—ସଂ. ବ —କଠିକା; ଖଡ଼ୀ—
Barnna rekhā Chalk.

ବର୍ଣ୍ଣ ସଙ୍କର—ସଂ. ବ. ( ବର୍ଣ୍ଣ=ବ୍ରାହ୍ମଣାଦି+ସଙ୍କର=ମିଶ୍ରଣ )—
Barnna sankara ୧। ଅନୁଲୋମ ବା ପ୍ରତିଲୋମଜାତ ମିଶ୍ର ଜାତି—1. Mixed caste. ୨। ଭିନ୍ନ ବର୍ଣ୍ଣର ସ୍ତ୍ରୀ-ପୁରୁଷ ସଂଶ୍ରବରୁ ଉତ୍ପନ୍ନ ସନ୍ତାନ; ଦୋଗୋସଲା—2. A person of mixed blood.

ସେହି ଦେଶରେ ବର୍ଣ୍ଣସଙ୍କର ଦୋଷହିଁ
ସବୁ ଅଛନ୍ତି ସାନ୍ତ୍ର ରହୁଅଛି ସୋଷ । କୃଷ୍ଣସିଂ ଭ. ମହାଭାରତ. ୪୬ ।

[ ଦ୍ର—ଗରୁଡ଼ପୁରାଣ ୯୬ ଅଧ୍ୟାୟରେ ଲିଖିତ ଯାଜ୍ଞବଲ୍କ୍ୟଙ୍କ ବଚନ ଅନୁସାରେ ବର୍ଣ୍ଣସଙ୍କର ଜାତିଙ୍କ ନାମ—ବ୍ରାହ୍ମଣ ପିତା ଓ କ୍ଷତ୍ରିୟା ମାତାଙ୍କଠାରୁ ଜାତ=ମୂର୍ଦ୍ଧାବସିକ୍ତ; ଶିବ । ବ୍ରାହ୍ମଣ ପିତା+ବୈଶ୍ୟା ମାତା=ଅମ୍ବଷ୍ଠ । ବ୍ରାହ୍ମଣ ପିତା+ଶୂଦ୍ରା ମାତା=ନିଷାଦ; ପାର୍ଶବ । କ୍ଷତ୍ରିୟ ପିତା+ବ୍ରାହ୍ମଣୀ ମାତା=ସୂତ । କ୍ଷତ୍ରିୟ ପିତା+ବୈଶ୍ୟା ମାତା=ମାହିଷ୍ୟ । କ୍ଷତ୍ରିୟ ପିତା+ଶୂଦ୍ରା ମାତା=ଉଗ୍ର । ବୈଶ୍ୟ ପିତା+ବ୍ରାହ୍ମଣୀ ମାତା=ବୈଦେହକ । ବୈଶ୍ୟ ପିତା+କ୍ଷତ୍ରିୟା ମାତା=ମାହିଷ୍ୟସୁତ; ମାଗଧ । ବୈଶ୍ୟ ପିତା+ଶୂଦ୍ରା ମାତା=ଉଗ୍ରସୁତ; କରଣ । ଶୂଦ୍ର ପିତା+ବ୍ରାହ୍ମଣୀ ମାତା=ଚଣ୍ଡାଳ । ଶୂଦ୍ର ପିତା+କ୍ଷତ୍ରିୟା ମାତା=ଖତ୍ତାର । ଶୂଦ୍ର ପିତା+ବୈଶ୍ୟା ମାତା=ଅୟୋଗବ । ମାହିଷ୍ୟ ପିତା+କରଣୀ ମାତା=ରଥକାର । ଅନୁଲୋମଜ ଓ ପ୍ରତିଲୋମଜ ଭେଦରେ ବର୍ଣ୍ଣସଙ୍କରଙ୍କୁ ଦୁଇ ଶ୍ରେଣୀରେ ବିଭକ୍ତ କରାଯାଇଅଛି । ମାତାଙ୍କ ଅପେକ୍ଷା ପିତାଙ୍କ ବର୍ଣ୍ଣ ଉଚ୍ଚତର ହେଲେ ତଦୁତ୍ପନ୍ନ ବ୍ୟକ୍ତି ବା ଜାତି ଅନୁଲୋମଜ ଓ ପିତାଙ୍କ ଅପେକ୍ଷା ମାତାଙ୍କ ବର୍ଣ୍ଣ ଉଚ୍ଚ ହେଲେ ତଦୁତ୍ପନ୍ନ ବ୍ୟକ୍ତି ବା ଜାତିକୁ ପ୍ରତିଲୋମଜ ବୋଲାଯାଏ । ]

ସଂ. ବଣ—ଭିନ୍ନ ଜାତୀୟ ପିତା ଓ ମାତାଙ୍କଠାରୁ ଉତ୍ପନ୍ନ; ଦୋମିଶା; ଦୋଗୋସଲା—Half bred; hybrid; of mixed descent.

ବର୍ଣ୍ଣା—ସଂ. ବ. (ବର୍ଣ୍ଣ+ଆ)—ବରଗୁଡ଼ି (ହି. ଶ)—
Barnnā A kind of pulse.
ପ୍ରାଦେ. (ସମ୍ବଲପୁର) ବ—ଏକ ପ୍ରକାର ଧାନ—
A species of paddy.

ବର୍ଣ୍ଣାଞ୍ଜନ—ଦେ. ବଣ. ପୁଂ (ବହୁବ୍ରୀହି; ବର୍ଣ୍ଣ+ଅଞ୍ଜନ; ବର୍ଣ୍ଣ ଅଟେ
Barnnānjana ଅଞ୍ଜନ ପରି ଯାହାର)—ଶ୍ୟାମଳବର୍ଣ୍ଣବିଶିଷ୍ଟ—
(ବର୍ଣ୍ଣାଞ୍ଜନା—ସ୍ତ୍ରୀ) Of dark colour.
ବର୍ଣ୍ଣାଞ୍ଜନ ହେଲେ ସ୍ୱବର୍ଣ୍ଣ ପିତୁଳା । ଭକ୍ତ- ବୈଦେହୀଶବିଳାସ ।

ବର୍ଣ୍ଣାଟ—ସଂ. ବ. ପୁଂ (ବର୍ଣ୍ଣ+ଅଟ୍ ଧାତୁ+କର୍ତ୍ତୃ. ଅ)—୧। ଗାୟକ—
Barnnāta 1 Singer. ୨। ଚିତ୍ରକର—2. Painter.
(ବର୍ଣ୍ଣାଟୀ—ସ୍ତ୍ରୀ) ୩। ନଟ—3. Dancer; actor.

ବର୍ଣ୍ଣାଧିପ—ସଂ. ବ. ( ୬ଷ୍ଠୀ ତତ୍; ବର୍ଣ୍ଣ+ଅଧିପ )—(ଫଳିତ ଜ୍ୟୋତିଷ)
Barnnādhipa ବ୍ରାହ୍ମଣ କ୍ଷତ୍ରିୟାଦି ବର୍ଣ୍ଣମାନଙ୍କ ଅଧିପତି ବା ରକ୍ଷକ
(ବର୍ଣ୍ଣାଧିପତି—ଅନ୍ୟରୂପ) ଗ୍ରହ—(astrology) The planets said to be the protectors of particular castes.

[ ଦ୍ର—ବ୍ରାହ୍ମଣମାନଙ୍କ ଅଧିପତି ବୃହସ୍ପତି ଓ ଶୁକ୍ର, କ୍ଷତ୍ରିୟଙ୍କର ମଙ୍ଗଳ ଓ ରବି, ବୈଶ୍ୟଙ୍କର ଚନ୍ଦ୍ର, ଶୂଦ୍ରଙ୍କର ବୁଧ ଓ ଅନ୍ତ୍ୟଜମାନଙ୍କର ଅଧିପତି ଶନି ଅଟନ୍ତି । ]

ବର୍ଣ୍ଣାନୁଭାବକତା—ସଂ. ବ. ( ଅଧୁନିକ ପ୍ରୟୋଗ )—ଶୁକ୍ଳାଦି ବର୍ଣ୍ଣର
Barnnānubhābakatā ପ୍ରଭେଦ ଅନୁଭବ କରିବାର କ୍ଷମତା—
( ବର୍ଣ୍ଣାନୁଭୂତି—ଅନ୍ୟରୂପ ) The power of differentiating between different colours.

ବର୍ଣ୍ଣାଶୁଦ୍ଧି—ସଂ. ବ. ( ୬ଷ୍ଠୀ ତତ୍; ବର୍ଣ୍ଣ+ଅଶୁଦ୍ଧି )—ଅକ୍ଷର ଲେଖି-
Barnnāsuddhi ବାରେ ଭୁଲ—Spelling mistake.

ବର୍ଣ୍ଣାଶ୍ରମ—ସଂ. ବ. ( ୬ଷ୍ଠୀ ତତ୍; ବର୍ଣ୍ଣ+ଆଶ୍ରମ )—ହିନ୍ଦୁଧର୍ମର ଦ୍ୱିଜାତି
Barnnāsrama ( ବ୍ରାହ୍ମଣ, କ୍ଷତ୍ରିୟ ଓ ବୈଶ୍ୟ )ମାନଙ୍କ ଜୀବନରେ ବାଲ୍ୟକାଳରୁ ଅନୁଷ୍ଠିତ ଭିନ୍ନ ଭିନ୍ନ ଶାସ୍ତ୍ରୋକ୍ତ ଆଶ୍ରମ ( ଯଥା—ବ୍ରହ୍ମଚର୍ଯ୍ୟ, ଗାର୍ହସ୍ଥ୍ୟ, ବାନପ୍ରସ୍ଥ ଓ ଭିକ୍ଷୁ ବା ଯତି)—The four stages of the life enjoined in the Sāstras to be followed by a twice-born amongst the Hindus.

[ ଦ୍ର—ଆଶ୍ରମ ଶବ୍ଦ ନୋଟ୍ ଦେଖ । ]

ବର୍ଣ୍ଣାଶ୍ରମ ଧର୍ମ—ସଂ. ବ—ଶାସ୍ତ୍ରରେ ନିର୍ଦ୍ଦିଷ୍ଟ ବ୍ରାହ୍ମଣ, କ୍ଷତ୍ରିୟ, ବୈଶ୍ୟ ଓ
Barnnāsrama dharma ଶୂଦ୍ରଙ୍କ ଆଚରଣୀୟ ନାନା କର୍ତ୍ତବ୍ୟ
( ବର୍ଣ୍ଣଧର୍ମ—ଅନ୍ୟରୂପ ) ପୃଥକ୍ କର୍ମମାନ—The different duties enjoined by the Sāstras to be performed by the 4 castes amongst the Hindus.

[ ଦ୍ର—ବର୍ଣ୍ଣ ୧ ଶବ୍ଦ ନୋଟ୍ ଦେଖ । ]

ବର୍ଣ୍ଣାଶ୍ରମୀ—ସଂ. ବଣ. ପୁଂ—ବର୍ଣ୍ଣାଶ୍ରମଧର୍ମ ଅବଲମ୍ବନ କରିଥିବା (ବ୍ୟକ୍ତି)—
Barnnāsrami Following the duties of Barnnāsrama system.

ବର୍ଣ୍ଣି—ସ. ବି. ( ବର୍ଣ୍ଣ+ଇ )—ସୁବର୍ଣ୍ଣ—
Barnni Gold.
ସ. ବିଣ—୧ । ( ଅମୁକ ବସ୍ତୁର) ରଙ୍ଗ ଥିବା—1. Having the colour of ( a certain thing. ୨ । ଅମୁକ ଜାତିର ଅନ୍ତର୍ଗତ—2. Belonging to the caste of.

ବର୍ଣ୍ଣିକ—ସ. ବି. ପୁଂ (ବର୍ଣ୍ଣ+ଇକ)—୧ । ଚିତ୍ରକର—1. Painter.
Barnnika ୨ । ଲେଖକ—2. Writer.
( ବର୍ଣ୍ଣିକା—ସ୍ତ୍ରୀ ) ସଂ. ବିଣ—ବର୍ଣ୍ଣସମ୍ବନ୍ଧୀୟ—
Relating to Barnna.

ବର୍ଣ୍ଣିକ ବୃତ୍ତ—ସଂ. ବି· ( କର୍ମଧା )—ଯେଉଁ କବିତାର ପ୍ରତି ଚରଣରେ
Barnnika brutta ବର୍ଣ୍ଣସଂଖ୍ୟା ଓ ଲଘୁ ଗୁରୁ କ୍ରମ ସମାନ ଥାଏ—A poem in the lines of which the number of letters and the sequence of long and short letters are regular.

ବର୍ଣ୍ଣିକା—ସଂ· ବି. ସ୍ତ୍ରୀ. ( ବର୍ଣ୍ଣିକ+ଆ )—୧ । ବର୍ଣ୍ଣିକର ସ୍ତ୍ରୀଲିଙ୍ଗ—
Barnnika 1. Feminine of Barnnika. ୨ । କଠିଣ; ଖଡ଼ୀ—2. Chalk. ୩ । ନର୍ତ୍ତକର ପୋଷାକ—3. The dress or mask of an actor. ୪ । କାଳୀ—4. Ink. ୫ । କଲମ—5. Pen; pencil. ୬ । ଚନ୍ଦ୍ରମା ( ହି. ଶ. )—6. Moon. ୭ । ବିଲେପନ ( ହି. ଶ. )—7. Besmearing.

ବର୍ଣ୍ଣିତ—ସଂ. ବିଣ ( ବର୍ଣ୍ଣ ଧାତୁ+କର୍ମ. ତ )—୧ । ଯାହା ବର୍ଣ୍ଣନା
Barnnita କରାଯାଇଥାଏ—1. Described. ୨ । କଥିତ;
( ବର୍ଣ୍ଣିତା—ସ୍ତ୍ରୀ ) କଥିତ—2. Spoken; narrated. ୩ । ବ୍ୟାଖ୍ୟାତ—3. Explained. ୪ । ପ୍ରଶଂସିତ—4. Praised; extolled. ୫ । ରଞ୍ଜିତ—5. Painted. ୬ । ଲିଖିତ—6. Written.

ବର୍ଣ୍ଣିନୀ—ସଂ. ବି. ସ୍ତ୍ରୀ. ( ବର୍ଣ୍ଣ+ଇନ୍+ସ୍ତ୍ରୀ. ଈ )—୧ । ନାରୀ; ସ୍ତ୍ରୀ—
Barnnini 1. Woman. ୨ । ଚତୁର୍ବର୍ଣ୍ଣ ମଧ୍ୟରୁ କୌଣସି ବର୍ଣ୍ଣର ସ୍ତ୍ରୀ—2. A woman belonging to any one of the four principal Hindu castes. ୩ । ହରିଦ୍ରା—3. Turmeric.

ବର୍ଣ୍ଣିବା—ଦେ. କି. ( ସଂ. ବର୍ଣ୍ଣ ଧାତୁ )—୧ । ବର୍ଣ୍ଣନ କରିବା—
Barnniba 1. To describe. ୨ । ଗାଳି ଦେବା—
ବର୍ଣ୍ଣ ବର୍ଣ୍ଣନ करना 2. To rebuke.

ବର୍ଣ୍ଣୀ—ସଂ. ବି. ପୁଂ ( ବର୍ଣ୍ଣ=ରଙ୍ଗ+ଅସ୍ତି ଅର୍ଥରେ ଇନ୍; ବର୍ଣ୍ଣିନ୍ ଶବ୍ଦ
Barnni ୧ମା. ୧ବ. )—୧ । ଚିତ୍ରକର—1. Painter. ୨ । ଲେଖକ—2. Writer. ୩ । ବ୍ରହ୍ମଚାରୀ—3. A young bachelor religious student. ୪ । ବ୍ରାହ୍ମଣାଦି ଜାତି—4. Brahmin and other
(ବର୍ଣ୍ଣିନୀ—ସ୍ତ୍ରୀ) three castes.

ବର୍ଣ୍ଣୁ—ସଂ. ବି. ( ବର୍ଣ୍ଣ ଧାତୁ=ସ୍ତୁତି କରିବା+କର୍ମ. ଉ )—ସୂର୍ଯ୍ୟ—
Barnnu The sun ( Apte ).

ବର୍ଣ୍ଣ୍ୟ—ସଂ. ବିଣ ( ବର୍ଣ୍ଣ୍ ଧାତୁ+କର୍ମ. ଯ )—୧ । ଯାହା ବର୍ଣ୍ଣନ
Barnnya କରାଯିବ—1. To be described. ୨ । ବର୍ଣ୍ଣନୀୟ; ବର୍ଣ୍ଣନଯୋଗ୍ୟ—2. Describable.
ସଂ. ବି—୧ । କୁଙ୍କୁମ; ଜାଫ୍ରାନ କେଶର ( ହି. ଶ. )—1. Saffron. ୨ । ବନତୁଳସୀ ( ହି. ଶ. )—2. Wild basil. ୩ । ଉପମେୟ ( ହି. ଶ. )—3. A thing which is compared with a standard of comparision. ୪ । ଭରଦ୍ୱାଜ ପକ୍ଷୀ (ଗ୍ଲାନେଜ)—4. Occamantis Marulinus ( bird ).

ବର୍ତ୍ତି—ଗ୍ରା. ( ଇତର ) ବି. ( ସଂ. ବ୍ରତର ଅଶୁଦ୍ଧ ଉଚ୍ଚାରଣ )—
Bartta (ବରତ—ଅନ୍ୟରୂପ) ବ୍ରତ (ଦେଖ) Brata ( See )

ବର୍ତ୍ତକ—ସଂ. ବିଣ. ପୁଂ. ( ବୃତ୍ ଧାତୁ=ବିଦ୍ୟମାନ ଥିବା+କର୍ତ୍ତୃ.
Barttaka (ବର୍ତ୍ତିକା—ସ୍ତ୍ରୀ) ଅକ)—ବିଦ୍ୟମାନ—Existing.
ସଂ. ନାମ – ବର୍ତ୍ତକ, ବର୍ତ୍ତିକା, ସଂ. ବି—୧ । ବତର ପକ୍ଷୀ—
ବର୍ତ୍ତିକ, ଚଚ୍ଚ 1. The grey quail.
বটের [ ଦ୍ର—ବୈଦ୍ୟକ ମତରେ ଏହାର ମାଂସ ଅଗ୍ନି-
बटेर କାରକ, ଶୀତବୀର୍ଯ୍ୟ, ରୁଚିକର, ଶୁକ୍ରବର୍ଦ୍ଧକ, ବଳକର ଓ ଜ୍ୱର ଏବଂ ତ୍ରିଦୋଷନାଶକ—ଦ୍ରବ୍ୟଗୁଣ । ]
୨ । ଏକପ୍ରକାର ମିଶ୍ର ଲୌହ; ବର୍ତ୍ତ୍ଲୌହ—2. A kind of mixed iron. ୩ । ଅଶ୍ୱର ଖୁର—3. The hoof of a horse. ୪ । ବଟୁଆ ( ହି. ଶ. )—4. A cloth bag or wallet.

ବର୍ତ୍ତିକା(କ୍ଷୀ)—ସଂ. ବି. ସ୍ତ୍ରୀ ( ବର୍ତ୍ତକ+ଆ. ଈ )—ମାଈ ବତର ପକ୍ଷୀ—
Barttakā(ki) A female grey quail.

ବର୍ତ୍ତିଘର—ଗ୍ରା. ( ଇତର ) ବି. ( ସଂ. ବ୍ରତ )—ବ୍ରତଘର ( ଦେଖ )
Barttaghara Brataghara ( See )
( ବର୍ତ୍ତଘର, ବରତଘର—ଅନ୍ୟରୂପ )

ବର୍ତ୍ତନ—ସ. ବି.—(ବୃତ୍ ଧାତୁ+ଭାବ. ଅନ)—୧ । ବୃତ୍ତି; ଜୀବିକା,
Barttana ବ୍ୟବସାୟ, ଜୀବନୋପାୟ—1. Livelihood; means of living; provision; profession.
୧ । ଶଲ୍ୟକର୍ମର ଚର୍ମ; ଖତ ମଧ୍ୟରେ ସଳା ପୁରାଇ ଖତର ଗଭୀରତା ପରୀକ୍ଷଣ (ହି. ଶ.)—1. Probing of a wound. ୨ । ଶିଳରେ ବାଟିବା; ପେଷିବା (ହି. ଶ)—2. Bruising. ୩ । ଯାଆ ଆସ; ଚଳପ୍ରଚଳ ହେବା, ବୁଲ ବୁଲ (ହି. ଶ.)—3. Roaming; coming and going; frequenting. ୪ । ପରିବର୍ତ୍ତନ (ହି. ଶ.)-4. Change. ୫ । ବ୍ୟବହାର ( ହି. ଶ. )—5. Treatment; dealing. ୬ । ଆଚରଣ—6. Conduct. ୭ । ସ୍ଥିତି—7. Presence; stay. ୮ । ଅବସ୍ଥିତି—8. Existence; position. ୯ । ବେତନ—9. Pay; wages; salary. ୧୦ । ନିଯୋଗ—10. Appointment. ୧୧ । (+କର୍ମ. ଅନ) ବଟୁଲ—11. A wide-mouthed small brass cooking pot. ୧୨ । ତାଳୁତର . ପିଣ୍ଡ—

—12. The base of a spindle.
୧୩ । ବଲଣା; ସିଷ୍ଟା ଢୁଲାର ବର୍ତ୍ତିକା—
13. Skien; roll of carded cotton. ୧୪ । (+ କର୍ତ୍ତୃ. ଅନ)—ବାୟୁସ; କୁଆ ( ହ. ଶ.)—14. Crow. ୧୫ । ବାମନ—15. Dwarf (Apte) ୧୬ । (ବୃତ୍ ଧାତୁ ଣିଚ୍=ବର୍ତ୍ତି ଧାତୁ+ଭାବ. ଅନ); ସ୍ଥାପନ—16. Placing; setting up. ୧୭ । ପ୍ରେରଣ—17. Sending. ୧୮ । ପ୍ରେଷଣ—18. Commanding; commissining. ୧୯ । ( +ଅଧିକରଣ. ଅନ ) ପଥ; ରାସ୍ତା; ବାଟ—19. Path; road; way. ୨୦ । (କର୍ମ. ଅନ)—ବଟା ଦ୍ରବ୍ୟ (ଷ୍ଟିନେକ୍)—20. Paste. ୨୧ । ବାସନ; ତୈଜସ ପାତ୍ର—21. Utensil.
ସ. ବଣ.—୧ । (ବୃତ୍+କର୍ତ୍ତୃ. ଅନ)—ବୃତ୍ତିଯୁକ୍ତ—
1. Having a means of living. ୨ । ବର୍ତ୍ତମାନ—
2. Present; existing. ୩ । ସ୍ଥିତିଶୀଳ—3. Permanent. ୪ । ପେଶାଦାରୁ—4. Professional.
ଦେ. ବ.—ବରତନ (ଦେଖ)—Baratana (See)
ବର୍ତ୍ତନ ଉତରତନ ଲେଖି ଦେବ ରେଟେ ତରୁଣୀ କୋହ ଋଣୀ ।
ଉକ୍ତ, ବୈଦେହୀଶବିଳାସ ।

**ବର୍ତ୍ତନୀ**—ସ. ବ.—୧ । (ବୃତ୍+ଅଧି. ଅନ+ସ୍ତ୍ରୀ. ଈ)—ପଥ, ରାସ୍ତା—
Bartani 1. Road.
୨ । (ବୃତ୍ ଧାତୁ+ଭାବ. ଅନ+ସ୍ତ୍ରୀ. ଈ)—ବାଟିବା; ପେଷିବା—
2 Bruising; pastling.

**ବର୍ତ୍ତନ ସାଧିବା**—ଦେ. କି.—ବରତନ ସାଧିବା (ଦେଖ)
Barttana sādhibā Baratana sādhibā (See)

**ବର୍ତ୍ତମାନ**—ସ. ବ.—(ବୃତ୍ ଧାତୁ+କର୍ତ୍ତୃ. ଅନ)—୧ । ବିଦ୍ୟମାନ;
Bartta māna ଉପସ୍ଥିତ—1. Present; existing.
(ବର୍ତ୍ତମାନା—ସ୍ତ୍ରୀ) ଦୁଇପଣକୁ ଦୁଇ ସେ ବର୍ତ୍ତମାନ—ପ୍ରାଚୀ. ନବରତ୍ନ ।
୨ । ଜୀବିତ—2. Living; alive. ୩ । ପ୍ରଚଳିତ—
3. Current; in use. ୪ । ଆଧୁନିକ (ହ. ଶ.)—
4. Modern
ସ. ବ.—୧ । ଅପରିସମାପ୍ତ କ୍ରିୟାର କାଳ; ଉପସ୍ଥିତ ସମୟ—
1. The present time. ୨ । (ବ୍ୟାକରଣ) ଧାତୁର ଅପରିସମାପ୍ତ କ୍ରିୟାର କାଳ—2. (grammar) The present tense.
[ ଦ୍ର—କୌଣସି କ୍ରିୟା ଆରମ୍ଭ ହୋଇ ଚାଲୁଥିବା ଓ ସମାପ୍ତ ହୋଇ ନ ଥିବା ଅବସ୍ଥା ବର୍ତ୍ତମାନକାଳଦ୍ୱାରା ପ୍ରକାଶିତ ହୁଏ; ଯଥା—ସେ ଖାଉଛି=ଖାଇବା କ୍ରିୟା ଆରମ୍ଭ ହୋଇ ଚାଲୁଅଛି ଓ ତାହା ସମାପ୍ତ ହୋଇ ନାହିଁ । ଏହାକୁ ବ୍ୟାକରଣରେ 'ଘଟମାନ ବା ଶୁଦ୍ଧ ବର୍ତ୍ତମାନ' ବୋଲାଯାଏ । ଯେଉଁ କ୍ରିୟାର ପ୍ରୟୋଗଦ୍ୱାରା କାର୍ଯ୍ୟର ନିତ୍ୟପ୍ରବୃତ୍ତି ପ୍ରକାଶିତ ହୁଏ,ତାକୁ 'ନିତ୍ୟପ୍ରବୃତ୍ତ ବର୍ତ୍ତମାନ' ବୋଲାଯାଏ; ଯଥା—ମୁଁ ସନ୍ଧ୍ୟା ୮ଟା ବେଳେ ଶୁଏ=ମୁଁ ପ୍ରତିଦିନ ସନ୍ଧ୍ୟା ୮ଟା ବେଳେ ଶୟନ କରେ । ଏହା ନିତ୍ୟପ୍ରବୃତ୍ତ ବର୍ତ୍ତମାନର ଉଦାହରଣ । ଯେଉଁ କ୍ରିୟାଦ୍ୱାରା ବୃତ୍ତିବିରତତା ବୁଝା ଯାଏ ତାକୁ 'ବୃତ୍ତିବିରତ ବର୍ତ୍ତମାନ' ବୋଲାଯାଏ । ଯଥା କଣ୍ଟା ପଡ଼ିଆରେ ଘୋଡ଼ଦୌଡ଼ ହୁଏ=କଣ୍ଟା ପଡ଼ିଆରେ ପୂର୍ବେ ଘୋଡ଼ଦୌଡ଼ ହେଉଥିଲା, ଆଜିକାଲି ହେଉଅଛି ଓ ପୁଣି ପରେ ହେବ । ଯେଉଁ କ୍ରିୟାଦ୍ୱାରା କୌଣସି ଉପସ୍ଥିତ କ୍ରିୟାର ସମ୍ଭାବନା ବୁଝାଯାଏ ତାକୁ 'ସାମ୍ଭାବ୍ୟ-ବର୍ତ୍ତମାନ' ବୋଲାଯାଏ; ଯଥା—ଜଗବନ୍ଧୁ ଅନ୍ୟ ଗ୍ରାମରୁ ଆସିଥିଲେ ମୁଁ ଅନ୍ୟ ଗ୍ରାମକୁ ଯାଇଥାଆନ୍ତି । ଯହିଁରେ ଅନୁମାନ ସୂଚିତ ହୁଏ, ତାହା 'ଆନୁମାନିକ ବର୍ତ୍ତମାନ'; ଯଥା—ମୁଁ ତାକୁ ପତ୍ର ଲେଖିଥିଲି, ସେ ଆଜ ତହିଁର ଉତ୍ତର ଦେଉଥିବ । ଏହିପରି ବଙ୍ଗ ବୈୟାକରଣିକମାନେ ବର୍ତ୍ତମାନକାଳକୁ କେତେ ଶ୍ରେଣୀରେ ବିଭକ୍ତ କରିଅଛନ୍ତି । ]
୩ । ବୃତ୍ତାନ୍ତ; ସମାଚାର (ହ. ଶ)—3. Tidings; narrative. ୪ । ଚଳନ୍ତି ବ୍ୟବହାର (ହ. ଶ)—
4. Current practice.
ବର୍ତମାନ ସ. କି. ବଣ—୧ । ଏଇକ୍ଷଣେ—1. Now; at pre-
ଅବ୍ ମୀ sent; ୨ । ଅଧୁନା—2. Just now; now a days.
ପ୍ରାଦେ ( ଥଠମଳ୍ଲିକ ) ବଣ—ରଜସ୍ୱଲା ( କନ୍ୟା )—
Matured; (a girl) who has attained puberty.

**ବର୍ତ୍ତିରୁକ**—ସ. ବ—୧ । (ନାମ) ନଦୀବିଶେଷ ( ହ. ଶ)—1. Name
Barttaruka of a river. ୨ । କୁଆର ବସା ( ହ. ଶ )—
2. The nest of a crow. ୩ । ଦ୍ୱାରପାଳ (ହ.ଶ)-
3. Door-keeper.

**ବର୍ତ୍ତ ଲୋ(ଲୌ)ହ**—ସ. ବ—ବର୍ତ୍ତକ; ଏକ ପ୍ରକାର ମିଶ୍ର ଲୌହ—
Bartta lo(lau)ha A kind of mixed iron.
(ବର୍ତ୍ତୀକ୍ଷ୍ଣ—ଅନ୍ୟରୂପ) [ ଦ୍ର—ବୈଦ୍ୟକ ମତରେ ଶୋଧିତ ଅନ୍ୟ ସ. ନାମ—ନୀଳକ; ବର୍ତ୍ତଲୋହ କଟୁ, ମଧୁର, ତିକ୍ତ ଓ ଏହା ନୀଳକ, ନୀଳଲୋ(ଲୌ)ହ । କଫ, ଦାହ ଓ ପିତ୍ତନାଶକ । ]

**ବର୍ତ୍ତା(ର୍ତ୍ତେ)ଇବା**—ଦେ. କି (ସ. ବୃତ୍ ଧାତୁ)—ବରତାଇବା (ଦେଖ)-
Barttā(rtte)ibā ବର୍ତ୍ତାନ ବରତାନା Baratāibā (See).
[ବର୍ତ୍ତା(ର୍ତ୍ତେ)ଇବା—ଅନ୍ୟରୂପ]

**ବର୍ତ୍ତି(ର୍ତ୍ତୀ)**—ସ. ବ—(ବୃତ୍ ଧାତୁ ଣିଚ୍; ବର୍ତ୍ତି ଧାତୁ=ଦୀପ୍ତି ପାଇବା+
Bartti(rttī) କର୍ତ୍ତୃ. ଇ; ଈ)—୧ । ପ୍ରଦୀପ—1. Lamp.
୨ । ପ୍ରଦୀପର ବତୀ; ବଳିତା; ଶଳିତା—2. Lamp-wick. ୩ । ମହମ ବତୀ—3. Wax candle. ୪ । ବଟର ପକ୍ଷୀ—4. The grey quail. ୫ । ତୂଳୀ—5. Painting brush. ୬ । ବାର୍ଣ୍ଣିସ୍—
6. Varnish. ୭ । ଅଞ୍ଜନ (ହ. ଶ) ନେତ୍ରାଞ୍ଜନ; ନେତ୍ର ରୋଗର ଔଷଧବିଶେଷ—7. Collirium; a paint for the eye.
ବର୍ତ୍ତୀ ହୋଇବସ ଯୁବତୀରତନ ନେତ୍ରରୋଗ ଘେନ ନବର୍ତ୍ତୀ ।
ଉକ୍ତ, ବୈଦେହୀଶବିଳାସ ।
୮ । ସନ୍ନା; ସଲେଇ; ଘାଆରେ ଭିତର ଜଣାଯିବା ଶଳାକା (ହ. ଶ)—8. Probe. ୯ । ଅନୁଲେପନ (ହ. ଶ)—
9. Ointment. ୧୦ । (ବୃତ୍ ଧାତୁ+ଭାବ. ଇ) ଔଷଧ

ଭଷଧ ତିଆରି କରିବା (ହ୍ରୁ. ଶ)—10. Preparation of medicines. ୧୧ । (+କର୍ମ. ଇ) ବଟିକା (ହ୍ରୁ. ଶ)—11. Pill.

ଦେ. ବି—୧ । ଲାକ୍ଷାଜାତୀୟ ବସ୍ତୁବିଶେଷ—1 A lac-like article used in setting gems on ornaments.

[ ଦ୍ର—ଅଳଙ୍କାରରେ ଏହାକୁ ଦେଇ ତାହା ଉପରେ ପଥର ବସାଇଲେ ପଥର ଖୁବ୍ ଟାଣ ହୋଇ ବସେ ଓ ଅଳଙ୍କାରର ସୌନ୍ଦର୍ଯ୍ୟ ମଧ୍ୟ ବଢ଼େ । ]

ବର୍ତ୍ତିକ(ର)—ସଂ. ବି—ବତର ପକ୍ଷୀ—The grey quail.
Barttika(ra)  ତୈତ୍ତିକ ଚଟକ ଅଛ ଯେ ବତରହଂ ।
(ବର୍ତ୍ତିକା—ସ୍ତ୍ରୀ)  ଭକ୍ତ. ବୈଦେହୀଶବିଳାସ ।

ବର୍ତ୍ତିକା—ସଂ. ବି. (ବର୍ତ୍ତିକ+ଆ)—୧ । ବତରପକ୍ଷୀ—1. The grey quail. ୨ । ବାୟା ଚଢ଼େଇ—2. The weaver bird; Ploceus Baya. ୩ । ବର୍ତ୍ତି ( ଦେଖ )—3. Bartti ( See ). ୪ । ଅଜଶୃଙ୍ଗୀ (ହ୍ରୁ. ଶ.) (ଦେଖ) 4. Ajaśrungi (See)
Barttikā

ବର୍ତ୍ତିତ—ସଂ. ବିଣ. ( ବୃତ୍ ଧାତୁ ଣିଚ୍=ବର୍ତ୍ତି ଧାତୁ+କର୍ମ. ତ )—୧ । ସମ୍ପାଦିତ; ନିଷ୍ପାଦିତ (ହ୍ରୁ. ଶ.)—1. Accomplished. ୨ । ପ୍ରବର୍ତ୍ତିତ; ଚଳିତ—2. Promulgated; set in motion. ୩ । ମରାମତ କରାଯାଇଥିବା (ହ୍ରୁ.ଶ)—3. Repaired; set right.
Barttita

ବର୍ତ୍ତିବା—ଦେ. କ୍ରି. (ସଂ. ବୃତ୍ ଧାତୁ)—୧ । ବଞ୍ଚିବା; ବଞ୍ଚି ରହିବା—1. To live; to exist
Barttibā
ବର୍ତା, ଅର୍ଥାନ  ଜଳତରଙ୍ଗରେ ଅଛି ଲୋକେ
ବରତେନା, ବଚନା  ବର୍ତ୍ତିଇ ଅବା ଉପବାସେ । ଜଗନ୍ନାଥ. ଭାଗବତ ।

୨ । ମୃତ୍ୟୁମୁଖରୁ ବଞ୍ଚିଯିବା—2. To escape with life; to survive.

ବେନବାର ବ କ ପ୍ରକାରେ ବର୍ତ୍ତିଲେ ଏବେ ମୋ ଗରେ ଦେବେ ତ୍ରାଣ ।
ଦୀନବନ୍ଧୁ. ଦଶରଥସମ୍ୱାଦ ।

୩ । ବିପଦରୁ ଉଦ୍ଧାର ପାଇବା—3. To escape from danger. ୪ । ଜାତ ହେବା—4. To take birth; to be born.

ବୋଲେ ପ୍ରସବେ ସନ୍ତକୁମାର ଯେଉଁଜ
ବର୍ତ୍ତିବେ ସେ ରାଜ୍ୟର ବୋଲଲେ କୁଶଳେ । ଭକ୍ତ. ବୈଦେହୀଶବିଳାସ ।

୫ । ତିଷ୍ଠିବା; ସ୍ଥିର ହୋଇ ରହିବା—5. To stand; to remain unchanged.

ପ୍ରତାରଣ ବର୍ତ୍ତି ନ ପାରେ ତା ଆଗେ । ଜଗନ୍ନାଥ, ଦରବାର ।

୬ । ଯାଇବା—7. To be attributed to; to fall on the shoulders of.

( ଯଥା—ଏ ବିଷୟରେ ତାଙ୍କଠାରେ ଦୋଷ ବର୍ତ୍ତିବ ନାହିଁ । )

୭ । ଜୀବନଯାତ୍ରା ନିର୍ବାହ କରିବା—7. To eke out one's existence.

ବର୍ତ୍ତିଷ୍ଣୁ—ସଂ. ବିଣ. (ବୃତ୍ ଧାତୁ+ଶୀଳାର୍ଥେ ଇଷ୍ଣୁ)—ସ୍ଥିରଶୀଳ (ଅପ୍ରଚଳିତ)—Stable.
Barttishnu

ବର୍ତ୍ତୁ(ତ୍ତି)ଆ—ଗ୍ରା. ବିଣ. ( ସଂ. ବ୍ରତ; ବ୍ରତୀ )—୧ । ବ୍ରତ ହୋଇଥିବା (ବାଳକ); ଯାହାର ଉପନୟନ ସଂସ୍କାର ହୋଇ ସାରି ଅଛି—1. Having undergone the ceremony of initiation. ୨ । ଯେଉଁ ବାଛୁରି ଖସି ହୋଇଥାଏ—2. Castrated (calf). ୩ । ବ୍ରତ ବା ଉପବାସ ପାଳନକାରୀ; ବ୍ରତଧାରୀ—3. Observing a religious vow.
Barttu(rtti)ā
[ବର୍ତ୍ତୁ(ତ୍ତି)ଆ—ଅନ୍ୟରୂପ]
(ଅବର୍ତ୍ତୁଆ—ବିପରୀତ)
ବ୍ରତୀ
ବରତୀ

ବର୍ତ୍ତୁଳ—ସଂ. ବିଣ. ( ବୃତ୍ ଧାତୁ+କର୍ତ୍ତୃ. ଉଳ )—୧ । ଗୋଲ; ଚକ୍ରାକାର—1. Circular ( Apte ). ୨ । ମଣ୍ଡଳାକାର; ବାଟୁଳା; ଘନବୃତ୍ତାକାର—2. Globular. ୩ । ବୃତ୍ତ—3. Circular. ୪ । ସ୍ଥୂଳ—4. Plump.
Barttula

ସଂ. ବି—୧ । ବୃତ୍ତ—1. Circle. ୨ । ଘନ ମଣ୍ଡଳ—2. Globe. ୩ । ଗୋଲାକାର ବସ୍ତୁ—3. Spherical thing. ୪ । ବାଟୁଳା—4. A ball. ୫ । ଗୃଞ୍ଜନ ଗାଜର—5. Turnip. ୬ । ଏକପ୍ରକାର ଡାଲି—6. A kind of pulse. ୭ । ଗୁଳି; ଗୋଳା—7. Bullet; ball. ୮ । ବାଟୁଳୀ—8. A hardened ball of clay shot by means of a bow. ୯ । ମଟର (ହ୍ରୁ. ଶ.)—9 Pea. ୧୦ । ଗଣ୍ଡତୃଣ (ହ୍ରୁ. ଶ.)—10. A kind of grass with globular nodules. ୧୧ । ସୁହାଗା (ହ୍ରୁ. ଶ.)—11 Borax.

ବର୍ତ୍ତୁଳା—ସଂ. ବି. ( ବର୍ତ୍ତୁଳ+ଆ )—୧ । ତାକୁଡ଼ିର ମୂଳରେ ଥିବା ମାଟିର ଗୋଲା ବା ବାଟୁଳା—1. A ball of earth attached to the spindle. ୨ । ଗଜପିପ୍ପଳୀ—2. The fruit of Scindapsus Officinalis.
Barttulā

[ ଦ୍ର—ଏ ଅର୍ଥରେ 'ବର୍ତ୍ତୁଳୀ' ଶବ୍ଦ ମଧ୍ୟ ହୁଏ । ]

ବର୍ତ୍ମ—ସଂ. (ବୃତ୍ ଧାତୁ+କର୍ତ୍ତୃ. ମନ୍; ବର୍ତ୍ମନ୍; ଶବ୍ଦ)—୧ । ପଥ; ରାସ୍ତା—1. Way; road. ୨ । ବ୍ୟବହାର—2. Treatment; conduct. ୩ । ଅଭ୍ୟାସ; ରୀତି—3. Custom; usage; course of conduct. ୪ । ଆଖିର ପତା; ଚକ୍ଷୁର ପଲକ—4. Eyelid.
Bartma

[ଦ୍ର—'ଅକ୍ଷିପତା' ଅର୍ଥରେ ବର୍ତ୍ମ ଶବ୍ଦ ସଙ୍ଗେ ଅନ୍ୟ ଶବ୍ଦମାନ ଯୁକ୍ତ ହୋଇ ଅକ୍ଷିପତା ସମ୍ବନ୍ଧୀୟ ରୋଗବିଶେଷ ରୋଗର ନାମକରଣ ବୈଦ୍ୟକ ଗ୍ରନ୍ଥରେ ହୋଇଅଛି । ଯଥା—ବର୍ତ୍ମକର୍ଦ୍ଦମ; ବର୍ତ୍ମବନ୍ଧ, ବର୍ତ୍ମରୋଗ, ବର୍ତ୍ମଶର୍କରା, ବର୍ତ୍ମାର୍ଶ, ବର୍ତ୍ମାର୍ବୁଦ, ବର୍ତ୍ମାବରୋଧ; ଏଗୁଡ଼ିକ ଅକ୍ଷିପତାର ଭିନ୍ନ ଭିନ୍ନ ରୋଗ ।]

୫ । ସୀମା—5. Edge; border; boundary.

୬ । ଗାଡ଼ିର ଚକର ମାର୍ଗ; ସଗଡ଼ ଗୁଳା (ହ୍ରୁ. ଶ.)—6. The track of the wheels of a carriage.

୭ । ପ୍ରକାର; ପ୍ରଣାଳୀ—7. Mode; manner (Apte).

୮ । ଆଶ୍ରୟ; ଆଶ୍ରୟ (ହ୍ରୁ. ଶ.)—8. Shelter.

**ବର୍ତ୍ମନି**—ସଂ. ବି. (ବର୍ତ୍ମ+ସ୍ୱାର୍ଥେ ଅନ; ବୃତ୍ ଧାତୁ+ମ+ଅଧିକରଣେ ଅନ)—ପଥ; ରାସ୍ତା; ବାଟ (ଶବ୍ଦକଳ୍ପଦ୍ରୁମ)—Path; road; way.
Bartmani

**ବର୍ତ୍ମାନ୍**—ଗ୍ରା. କ୍ରି. ବିଣ.—(ସଂ. ବର୍ତ୍ତମାନ ର ଅଶୁଦ୍ଧ ଉଚ୍ଚାରଣ)—ବର୍ତ୍ତମାନ—Now; at present.
Bartmān
(ବର୍ତ୍ ମାନ୍—ଅନ୍ୟରୂପ)

**ବର୍ତ୍ମରୋଗ**—ସଂ. ବି. (୬ଷ୍ଠୀ ତତ୍)—ଆଖିପତା ବୁଜି ହୋଇଯିବା ରୋଗ ବିଶେଷ (ହି. ଶ.)—A disease of the eyelids, causing them to be shut up.
Bartma roga
ବର୍ତ୍ମାସ୍ତମ୍ଭା, ବର୍ତ୍ମାବରୋଧ—ଅନ୍ୟରୂପ

**ବର୍ତ୍ମାର୍ବୁଦ**—ସଂ. ବି.—(ମ. ପ. ଲୋ.)—ଆଖିପତାରେ ଉଠିବା ଯନ୍ତ୍ରଣାହୀନ ଅର୍ବୁଦ (ହି. ଶ.)—A painless tumour on the eyelid.
Bartmārbbuda

**ବର୍ଦ୍ଦାୟି(ଇ, ଏ)**—ଗ୍ରା. ବିଣ. (ସଂ. ବରଦ; ବରଦାୟକ)—ବରଦାୟକ (ଦେଖ)—Baradāyaka (See) (ଯଥା—ଲକ୍ଷ୍ମୀ ତୋତେ ବର୍ଦ୍ଦାଏ ହୁଅନ୍ତୁ ।)
Barddāya(i,e)
ବର୍ଦାୟି(ଇ,ଏ), ବରଦାୟି(ଇ,ଏ)—ଅନ୍ୟରୂପ
(ବର୍ଦ୍ଦାଏକ, ବର୍ଦାୟକ, ବର୍ଦାୟୀ—ଅନ୍ୟରୂପ)

**ବର୍ଦସ୍ତ୍ (ଇତ୍ୟାଦି)**—ବୈଦେ. ବିଣ.—ବରଦାସ୍ତ୍ ଇତ୍ୟାଦି (ଦେଖ)
Bardāst (etc) Bar-dāst etc. (See)

**ବର୍ଦ୍ଦ୍(ର୍ଧ୍) (ଧାତୁ)**—ସଂ.—୧। ଛେଦନ କରିବା—1. To cut (Apte). ୨। କାଟିବା—2. To shear (Apte). ୩। ବିଭାଗ କରିବା—3. To divide (Apte). ୪। ପୂର୍ତ୍ତି କରିବା—4. To fill up. (Apte)
Bardd(rdh) (root)

**ବର୍ଦ୍ଧ**—ସଂ. ବି.—(ବୃଧ୍ ଧାତୁ=ଛେଦନ କରିବା, ବୃଦ୍ଧି ପାଇବା+ଭାବେ ଅ)—୧। ଛେଦନ; କର୍ତ୍ତନ—1. Cutting. ୨। ବୃଦ୍ଧି—2. Increase. ୩। ପୂରଣ; ପୂର୍ତ୍ତି—3. Completion; fulfilment. ୪। ସୀସା—4. Lead. ୫। ବ୍ରାହ୍ମଣଯଷ୍ଟିକା ବା ବ୍ରାହ୍ମଣହାଟିଆ କ୍ଷୁପ—5. Clerodendron Siphonanthus. (plant) ୬। ସିନ୍ଦୂର—6. Red lead (Apte).
Barddha
(ବର୍ଧ—ଅନ୍ୟରୂପ)

**ବର୍ଦ୍ଧକ**—ସଂ. ବିଣ. (ବୃଧ୍ ଧାତୁ+କର୍ତ୍ତୃ. ଅକ)—୧। ଛେଦକ—1. Cutting. ୨। ବୃଦ୍ଧିକାରକ; ଯେ ବୃଦ୍ଧି କରେ—2. Increasing. ୩। ପୂରକ—3. Filling up; fulfilling.
Barddhaka
(ବର୍ଧକ—ଅନ୍ୟରୂପ)
(ବର୍ଦ୍ଧିକା—ସ୍ତ୍ରୀ)
ସଂ. ବି.—ବଢ଼େଇ—Carpenter (Apte).

**ବର୍ଦ୍ଧକି(କୀ)**—ସଂ. ବି. (ବୃଧ୍ ଧାତୁ+କର୍ତ୍ତୃ. ଅ+କି; ବର୍ଧ ଧାତୁ+ଅକ; +ଇନ୍; ୧ମା. ୧ବ.)—ବଢ଼େଇ; ସୂତ୍ରଧର—Carpenter.
Barddhaki(kī)
[ବର୍ଧକି(କୀ)—ଅନ୍ୟରୂପ]

**ବର୍ଦ୍ଧନ**—ସଂ. ବି. (ବୃଧ ଧାତୁ କିମ୍ବା ବୃଦ୍ଧ୍ ଧାତୁ+ଭାବ. ଅନ)—୧। ଛେଦନ—1. Cutting. ୨। ବଢ଼ିବା; ବୃଦ୍ଧି—2. Increasing; growing; augmentation. ୩। ଉନ୍ନତି—3. Improvement; advancement. ୪। (ବୃଧ୍ ଧାତୁ ଣିଜନ୍ତ ବର୍ଦ୍ଧି ଧାତୁ+ଭାବ. ଅନ) ବଢ଼ାଇବା—4. Extending; causing to increase. ୫। ପୂରଣ—5. Filling up; completing. ୬। (କର୍ତ୍ତୃ. ଅନ) ଶ୍ରୀବୃଦ୍ଧିକାରକ ବ୍ୟକ୍ତି—6. Bestower of prosperity (Apte). ୭। ବାଦାଢ଼ା ଦାନ୍ତ—7. A tooth growing over another tooth (Apte). ୮। ଶିବ—8. Śiba (Apte)
Barddhana
(ବର୍ଧନ—ଅନ୍ୟରୂପ)
(ବର୍ଦ୍ଧନା—ସ୍ତ୍ରୀ) ସଂ. ବିଣ. ପୁଂ (+କର୍ତ୍ତୃ. ଅନ)—ବୃଦ୍ଧିକାରୀ—Increasing.

**ବର୍ଦ୍ଧନଶୀଳ**—ସଂ. ବିଣ. ପୁଂ. (ବର୍ଦ୍ଧନ+ଶୀଳ)—ଯେ ବୃଦ୍ଧି ପାଉଥାଏ; ବର୍ଦ୍ଧିଷ୍ଣୁ—Prospering; growing.
Barddhanaśila
(ବର୍ଦ୍ଧନ ଶୀଳା—ସ୍ତ୍ରୀ) (ବର୍ଦ୍ଧନ ଶୀଳତା—ବି)

**ବର୍ଦ୍ଧନୀ**—ସଂ. ବି. (ବର୍ଦ୍ଧନ+ସ୍ତ୍ରୀ. ଈ)—୧। ଛୋଟ ଜଳପାତ୍ର; ଗଡ଼ୁ—1. A small water jug. ୨। ବଢ଼ଣି; ପଦ୍ମିନୀ; ସମ୍ମାର୍ଜ୍ଜନୀ; ଶୋଧନୀ—2. Broom-stick. ୩। କୋକେଇ; ଶବବାହୀ ବିମାନ—3. A bier (Apte).
Barddhanī
(ବର୍ଧନୀ—ଅନ୍ୟରୂପ)

**ବର୍ଦ୍ଧମାନ**—ସଂ. ବିଣ. ପୁଂ (ବୃଧ୍ ଧାତୁ+କର୍ତ୍ତୃ. ଆନ)—ବୃଦ୍ଧିଶୀଳ; ଯାହା ବଢ଼ୁଅଛି—Gradually increasing; growing; thriving; prospering.
Barddamāna
(ବର୍ଦ୍ଧମାନା—ସ୍ତ୍ରୀ)
ବର୍ଧମାନ, ବର୍ଦ୍ଧ(ଧ)ମାନକ—ଅନ୍ୟରୂପ
ସଂ. ବି—୧। ପଶ୍ଚିମ ବଙ୍ଗର ବିଭାଗ, ଜିଲ୍ଲା ଓ ନଗରବିଶେଷ—1. Burdwan (name of a division, district and town in western Bengal). ୨। ଗବ ବା ଏରଣ୍ଡ ବୃକ୍ଷ—2. Castor oil-seed plant. ୩। ଶରା; ଶରାବ—3. A small earthen pan or flat pot. ୪। ପଶୁବିଶେଷ—4. The name of a beast. ୫। ବିଷ୍ଣୁ—5. Bishnu. ୬। ମିଠା ଟାଭା—6. Sweet citron (Apte). ୭। ପ୍ରହେଳିକାବିଶେଷ—7. A kind of riddle. ୮। ଯେଉଁ ଘରର ଦକ୍ଷିଣ ପାଖରେ ଦ୍ୱାର ନ ଥାଏ—8. A house having no door on the south side. ୯। (ନାମ) ବର୍ଦ୍ଧମାନ ମିଶ୍ର ନାମକ ଉତ୍କଳୀୟ ପଣ୍ଡିତଙ୍କ କୃତ ସଂସ୍କୃତ ବ୍ୟାକରଣ ଗ୍ରନ୍ଥ ବିଶେଷ; ବର୍ଦ୍ଧମାନ ବ୍ୟାକରଣ—9. Title of a Sanscrit grammar by Barddhamāna Miśra. ୧୦। ଶରା ଆକାରରେ ନିର୍ମିତ ମନ୍ଦିର—10. A temple built in the shape of a flat earthen pan. ୧୧। ବର୍ଣ୍ଣବୃତ୍ତ ବିଶେଷ (ହି. ଶ.)—11. Name of a Sanscrit metre.

**ବର୍ଦ୍ଧମାନକ**—ସଂ. ବିଣ. (ବର୍ଦ୍ଧମାନ+ସ୍ୱାର୍ଥେ କ)—୧। ସମୃଦ୍ଧିଶୀଳ—1. Prospering. ୨। ବୃଦ୍ଧିଶୀଳ—2. Thriving; growing.
Barddhamānaka
(ବର୍ଧମାନକ—ଅନ୍ୟରୂପ)

(ବର୍ଦ୍ଧମାନକା—ସ୍ତ୍ରୀ) ସଂ. ବି—୧ । ଗବଗଛ—1. Castor seed plant. ୨ । ଶଗ୍ର—2. A small earthen pan.

ବର୍ଦ୍ଧମାନ କାରିକା—ସଂ. ବି—( ନାମ ) ବର୍ଦ୍ଧମାନ ମିଶ୍ରଙ୍କ ସଂକଳିତ Barddhamāna kārikā ବୈଦିକ ଅନୁଷ୍ଠାନ ପଦ୍ଧତି ବିଷୟକ ସଂସ୍କୃତ ଗ୍ରନ୍ଥ—The title of a Sanscrit treatise on rituals by Barddhamāna Misra.

ବର୍ଦ୍ଧମାନ ବ୍ୟାକରଣ—ସଂ. ବି—ବର୍ଦ୍ଧମାନ ମିଶ୍ରଙ୍କ କୃତ ସଂସ୍କୃତ Barddhamāna byākaraṇa ବ୍ୟାକରଣ—The title of a Sanscrit grammar by Barddhamāna Misra.

ବର୍ଦ୍ଧମାନ ମହାପାତ୍ର—ଦେ. ବି. (ନାମ)—ଜଣେ ଉତ୍କଳୀୟ ସଂସ୍କୃତ Barddhamāna mahāpātra ବ୍ୟାକରଣକାର—An Oriya grammarian of Sanskrit.

[ ଦ୍ର—ଏହାଙ୍କ କୃତ ସଂସ୍କୃତ ବ୍ୟାକରଣର ନାମ ବର୍ଦ୍ଧମାନ ବ୍ୟାକରଣ । ଏ ଖ୍ରୀ: ଚତୁର୍ଦ୍ଦଶ ଶତାବ୍ଦୀର ବା ଅଜକୁ ୬୦୦ ବର୍ଷ ପୂର୍ବର ଲୋକ ଥିଲେ ଓ ବର୍ଦ୍ଧମାନ କାରକା ଓ ଦୁର୍ଗୋତ୍ସବ ଚନ୍ଦ୍ରିକା ଗ୍ରନ୍ଥ ପ୍ରଣୟନ କରିଥିଲେ—ଜଗବନ୍ଧୁ ପ୍ରାଚୀନ ଉତ୍କଳ । ]

ବର୍ଦ୍ଧ(ର୍ଧ)ୟିତା—ସଂ. ବିଣ. ପୁଂ. ( ବୃଧ୍ ଧାତୁ ଣିଚ+କର୍ତ୍ତୃ ତୃ ; ୧ମା. Barddha(rdha)yita ୧ବ. )—ଯେ ବଢ଼ାଏ—
[ବର୍ଦ୍ଧ(ର୍ଧ)ୟିତ୍ରୀ—ସ୍ତ୍ରୀ] Augmenting; enhancing.

ବର୍ଦ୍ଧିତ—ସଂ. ବିଣ. ( ବୃଧ୍ ଧାତୁ ଣିଚ୍=ବର୍ଦ୍ଧି ଧାତୁ+କର୍ମ. ତ )—Barddhita ୧ । ବୃଦ୍ଧିପ୍ରାପିତ; ଯାହାକୁ ବଢ଼ାଇ ଦିଆଯାଇ (ବର୍ଧିତ—ଅନ୍ୟରୂପ) ଅଛି—1. Increased; augmented; enlarged; enhanced. ୨ । ଛିନ୍ନ—2. Cut. ୩ । ପୂରିତ—3. Filled up. ୪ । ପୋଷିତ—4. Maintained; brought up.

ବର୍ଦ୍ଧିଷ୍ଣୁ—ସଂ. ବି. (ବୃଧ୍ ଧାତୁ+ଶୀଳାର୍ଥେ. ଇଷ୍ଣୁ)—ବଢ଼ିଥିବା; ବର୍ଦ୍ଧନ-Barddhishṇu ଶୀଳ—Thriving; prospering; in-(ବର୍ଧିଷ୍ଣୁ—ଅନ୍ୟରୂପ) creasing.

ବର୍ଦ୍ଧୁତ—ଗ୍ରା. ବି. ( ସଂ. ବର୍ଦ୍ଧିତ )—ଐଶ୍ୱର୍ଯ୍ୟ; ବଢ଼ତି—Barddhuta Prosperity; improvement of material ବାଡ଼ତୀ ବଢ଼ତୀ (ବର୍ଧୁତ—ଅନ୍ୟରୂପ) condition.
ଗ୍ରା. ବିଣ—୧ । ଐଶ୍ୱର୍ଯ୍ୟଶାଳୀ—1. Prosperous. ୨ । ଯାହାର ସମ୍ପତ୍ତି ବୃଦ୍ଧିଲାଭ କରିଅଛି—2. Whose material condition has improved.

ବର୍ଦ୍ଧ୍ମ—ସଂ. ବି—( ବୃଧ୍ ଧାତୁ=ବୃଦ୍ଧି ପାଇବା+କର୍ତ୍ତୃ. ମନ୍; ୧ମା. Bardhma ୧ବ)—୧ । ବାଘୀ—1. Bubo. ୨ । ଅନ୍ତ୍ରକୋଷ ବେଗ (ହି. ଘ)—2. Hernia.

ବର୍ଦ୍ଧ୍ର—ସଂ. ବି—(ବୃଧ୍ ଧାତୁ+କର୍ତ୍ତୃ. ର)—ଚର୍ମ; ଚମଡ଼ା—Bardhra Skin; hide.

ବର୍ଦ୍ଧ୍ରୀ—ସଂ. ବି—( ବର୍ଦ୍ଧ୍ର+ଈ )—ଚମ ଦଉଡ଼ି—Bardhri Thong; rope of hide.
( ବର୍ଧ୍ରୀକା—ଅନ୍ୟରୂପ )

ବର୍ବ୍(ର୍ବ୍) (ଧାତୁ)—ସ—ଗମନ କରିବା—
Barb(rbb) (root) To go; to move.

ବର୍ବ୍ବ(ର୍ବ)—ସଂ. ବି—( ବର୍ବ୍ ଧାତୁ+କର୍ତ୍ତୃ. ଅ )—ପ୍ରାଚୀନ ଭାରତର Barbba(rba) ସ୍ୱର୍ଣ୍ଣମୁଦ୍ରାବିଶେଷ (ଜ୍ଞାନେନ୍ଦ୍ର)—A gold coin of ancient India.

ବର୍ବ୍ବ(ର୍ବ)ଟ—ସଂ. ବିଣ—( ବର୍ବ୍ ଧାତୁ+କର୍ତ୍ତୃ. ଅଟ )—୧ । ଦ୍ରୁତ Barbba(rba)ṭa ଗମନଶୀଳ—1. Moving or going quickly. ୨ । ଲମ୍ପଟ—2. Adulterous.
ସଂ. ବି—(ଶୀଘ୍ର ବୃଦ୍ଧି ପାଏ ବୋଲି) ୧ । ବରଗୁଡ଼ି (ଶସ୍ୟ)—1. A kind of pulse. ୨ । ବରଗଡ଼ା (ଛୁଇଁ)—2. A kind of bean.

ବର୍ବ୍ବ(ର୍ବ)ଟୀ(ଟି)—ସଂ. ବି—(ବର୍ବ୍ବଟ+ସ୍ତ୍ରୀ. ଈ, ଇ)—୧ । ବରଗୁଡ଼ି Barbba(rba)ṭā(ṭi) (ଦେଖ)—1. Baragurdi (See). ୨ । ବରଗଡ଼ା (ଦେଖ)—2. Baragardā (See). ୩ । ବରାଙ୍ଗନା; ବେଶ୍ୟା—3. Prostitute; whore (Apte).

ବର୍ବ୍ବ(ର୍ବ)ଣା—ସଂ ବି—(ବର୍=ଅନୁକରଣଶବ୍ଦ+ବଣ୍ ଧାତୁ ଶବ୍ଦ କରିବା Barbba(rba)ṇā +ଅ, ଆ )—ନୀଳବର୍ଣ୍ଣ ମକ୍ଷିକା; ଭଣଭଣିଆ ମାଛି— The blue bo tle.
ଯେସନେ ବର୍ବ୍ବଣା ମାଛି, ସୁଗନ୍ଧ ଦ୍ରବ୍ୟକୁ ଲେଡ଼, ଦୁର୍ଗନ୍ଧେ ବସଇ ଯାଇ ସୁଖ ପାଇଣ ।
କେଶବ—ଗୋପଦକୋତ ।

ବର୍ବ୍ବ(ର୍ବ)ର—ସଂ. ବିଣ—(ବର୍ ଧାତୁ ଦ୍ୱିତ୍ୱ+ଅ, ବା ବର୍ବ୍ ଧାତୁ+Barbba(rba)ra ଅର; ଭୁଳ. ଗ୍ରୀକ୍=ବାର୍ବେରସ୍=ଗ୍ରୀକ୍ ଜାତିର ଅବୋଧ୍ୟ ଭାଷା କଥକ ବିଦେଶୀୟ ବ୍ୟକ୍ତି )—୧ । ନୀଚ; ପାମର—1. Low; mean. ୨ । ଅଶିଷ୍ଟ; ଅଭଦ୍ର—2. Uncouth. ୩ । ନିର୍ବୋଧ—3. Foolish. ୪ । ମୂର୍ଖ—4. Illiterate. ୫ । ଅନାର୍ଯ୍ୟ; ଅସଭ୍ୟ; ମ୍ଳେଚ୍ଛ—5. Barbarian; nomad; uncivilized. ୬ । ଅସ୍ପଷ୍ଟ ବା ଦୁର୍ବୋଧ୍ୟ-ଭାଷୀ (ଜ୍ଞାନେନ୍ଦ୍ର)—6.Speaking in an unintelligible jargon.

[ ଦ୍ର—ଅସଭ୍ୟ ଜାତିମାନେ ସଭ୍ୟ ଜାତିର ଅବୋଧ୍ୟ ଭାଷାରେ କଥା କହୁଥିବାରୁ (ବର୍ ଧାତୁ=ଅବୋଧ୍ୟରୂପେ କହିବା) ଓ ମାନ ଜନପଦରେ ସ୍ଥାୟୀ ଭାବରେ ନ ରହି ଏକ ସ୍ଥାନରୁ ଅନ୍ୟ ସ୍ଥାନକୁ ସତତ ଯାଉଥିବାରୁ (ବର୍ବ୍ ଧାତୁ=ଗମନ କରିବା) ଏମାନଙ୍କର ଏହି ନାମ ହୋଇଅଛି । ପ୍ରାଚୀନ ଗ୍ରୀକମାନେ ମଧ୍ୟ ଅନ୍ୟ ଜାତିମାନଙ୍କୁ ବାର୍ବେରିଅନ୍ ( Barbarian ) ଆଖ୍ୟା ପ୍ରଦାନ କରିଥିଲେ । ]

ସଂ. ବି—ଅସଭ୍ୟ ଜାତି—1. Barbarians; nomad tribe. ୨ । ନୀଚ ବ୍ୟକ୍ତି—2. Wicked or mean person. ୩ । କୃଷ୍ଣ ତୁଳସୀ—3. The black holy basil plant. ୪ । ବାମ୍ଭଣ ହାଟିଆ ଗୁଳ୍ମ—4. A plant. ୫ । ବାବୁରି ବା ବାବୁରି ବାଳ—5. A mode of growing curling hair upto the neck.

୬ । ପ୍ରାଚୀନ ଭାରତର ଅସଭ୍ୟଜାତି ଅଧ୍ୟୁଷିତ ଦେଶ ବିଶେଷ—6. Name of a tract of country in ancient India inhabited by a nomad tribe.

[ ଦ୍ର—ମହାଭାରତ ଭୀଷ୍ମପର୍ବରେ ଓ ବାମନପୁରାଣ, ମାର୍କଣ୍ଡେୟ ପୁରାଣରେ ବର୍ବର ଦେଶର ନାମ ଉଲ୍ଲେଖ ଅଛି, କିନ୍ତୁ ଏହା କେଉଁଠାରେ ଥିଲା ତାହା ସୁସ୍ଥିର ହୋଇ ପାରୁ ନାହିଁ । ପ୍ରାଚୀନ ଗ୍ରୀକ୍ ଓ ରୋମକ ଐତିହାସିକମାନେ ସିନ୍ଧୁନଦ ମୁହାଣରେ ବର୍ବର ନାମକ ଦେଶ ଥିବାର ଲେଖି ଯାଇଅଛନ୍ତି । କେତେକ ଭାରତୀୟ ଗ୍ରନ୍ଥକାର ମହାରାଷ୍ଟ୍ର ଦେଶର ଏକ ବିଭାଗର ଏହି ନାମ ଥିବାର ଲେଖିଅଛନ୍ତି । 'ପ୍ରାକୃତଚନ୍ଦ୍ରିକା' ଗ୍ରନ୍ଥରେ ବର୍ବରମାନଙ୍କ କଥିତ 'ବର୍ବର-ପ୍ରାକୃତ'ର ଉଲ୍ଲେଖ ଅଛି । ଅତଏବ ବର୍ବର ନାମକ ଦେଶର ଅଧିବାସୀ ଅସଭ୍ୟ ଥିଲେ ଓ ତାଙ୍କୁ ଆର୍ଯ୍ୟମାନେ ଘୃଣାଚକ୍ଷୁରେ ଦେଖୁଥିଲେ । ଏମାନେ ବବୁରି ବାଳ ରଖୁଥିଲେ । କ୍ରମଶଃ ଏହି ଶବ୍ଦ ଅସଭ୍ୟ ଓ ମ୍ଳେଚ୍ଛଜାତିବାଚକ ହେଲା । ପ୍ରାଚୀନ ରୋମକ ଓ ଗ୍ରୀକ୍‌ମାନେ ଅନ୍ୟ ଦେଶବାସୀ ଅସଭ୍ୟ ଜାତିଙ୍କୁ ବର୍ବର (Barbarian) ନାମରେ ଡାକୁଥିଲେ—ହି. ଶ.] ।

୭ । ବର୍ବରକ (ଦେଖ)—7. Barbbaraka (See)

ଦେ. ବି—ମଧ୍ୟଆଫ୍ରିକାର ନିଗ୍ରୋଅଧ୍ୟୁଷିତ ରାଜ୍ୟପୁଞ୍ଜ; ବାର୍ବାରି ରାଜ୍ୟ ( ଗ୍ଲାନେକ୍ସ )—The Barbary States in the middle of Africa.

ବର୍ବ(ର୍ବ)ରକ—ସଂ. ବି—ଏକପ୍ରକାର ଚନ୍ଦନ—
Barbba(rba)raka A kind of sandal.
(ବର୍ବର ଚନ୍ଦନ, ବର୍ବରୋତ୍ଥ—ଅନ୍ୟ ନାମ) [ଅନ୍ୟ ସଂ. ନାମ ଶୀତ, ପିତ୍ତାରି । ବୈଦ୍ୟକ ମତରେ ଏହା କଫ, ବାୟୁ, ପିତ୍ତ, କୁଷ୍ଠ, ଚର୍ମରୋଗ, ବ୍ରଣ ଓ ରକ୍ତଦୋଷ ନାଶକ—ହି. ଶ. ] ।

ବର୍ବରତା(ତ୍ୱ)—ସ. ବି—(ବର୍ବର+ଭାବ. ତା)—୧ । ନୀଚତା—1.
Barbbaratā(twa) Meanness. ୨ । ଅସଭ୍ୟତା—2. Barbarity. ୩ । ଅଶିଷ୍ଟତା; ଅଭଦ୍ରତା—3. Ungentlemanliness.

ବର୍ବରୀ—ସ. ବି—ଦୁଲଭି (ଦେଖ)—
Barbbari Dulabhā (See)

ବର୍ବରୀକ—ସ. ବି—(ବୃ ଧାତୁ=ଆବରଣ କରିବା ଦ୍ୱିତ୍ୱ+ଈକ)—୧ ।
Barbbarika ବାବୁରି; ବବୁରିବାଳ—1. Curling hair grown flowing upto the neck. ୨ । ବ୍ରାହ୍ମଣ ଯଷ୍ଟିଅ (ହି. ଶ)—2 A plant. ୩ । ମହାକାଳ (ହି. ଶ)—3. Colocynth.

ବର୍ବରୋଚିତ—ସ. ବଣ.—ଅସଭ୍ୟ ବା ନୀଚ ବ୍ୟକ୍ତିର ଆଚରଣୀୟ—
Barbbarochita Befitting or suiting a barbarian; barbarous.

ବର୍ବୁ(ର୍ବୂ)ର—ସ. ବି. (ବର୍ବ୍ ଧାତୁ+ଉର)—୧ । ଜଳ—1. Water.
Barbu(rbū)ra ୨ । ବବୁରଗଛ—2. Acacia Arabica (tree).

ବର୍ମ—ସ. ବି—(ବୃ ଧାତୁ=ଆବରଣ କରିବା+କରଣ. ମନ୍; ଭୂଜ-
Barma ଲାଟିନ୍ ଆର୍ମି; ଇଂ. ଆର୍ମର)—୧ । କବଚ; ସାଞ୍ଜୁ; ତନୁତ୍ରାଣ—1. Armour. ୨ । (+କର୍ତ୍ତୃ. ମ) ଘର; ଗୃହ (ହି. ଶ)—2. House. ୩ । ପର୍ପଟକ (ହି. ଶ) ଘରପୋଡ଼ିଆ (ଦେଖ)—3. Gharapordiā (See)

ବେଦ୍ମ ଦେ. ବି—କ୍ଷତ୍ରିୟଙ୍କ ବଂଶୋପାଧି ବିଶେଷ (ଗ୍ଲାନେକ୍ସ)—
वरम A family title of the Kshatriyas.
ଗ୍ରାମ୍ୟ. ବି. (ସଂ. ବ୍ରହ୍ମ)—ବ୍ରହ୍ମ; ଆତ୍ମା—Soul.

ବର୍ମକ—ସଂ. ବି—ମହାଭାରତୋକ୍ତ ଦେଶବିଶେଷ; ଅଧୁନାକ ବ୍ରହ୍ମଦେଶ
Barmaka (ହି. ଶ)—An ancient country; the modern Burma.

ବର୍ମ କଣ୍ଟକ—ସଂ. ବି—ଘରପୋଡ଼ିଆ (ହି. ଶ) (ଦେଖ)
Barma kaṇṭaka Gharapordiā (See).

ବର୍ମ କଷା—ସଂ. ବି—ସପ୍ତଲା; ନାଗଫେଣିଆ—
Barma kashā The prickly pear; Opuntia Dilleni.

ବର୍ମହର—ସଂ. ବଣ, ପୁଂ—( ବର୍ମ+ହୃ. ଧାତୁ+କର୍ତ୍ତୃ. ଅ )—କବଚ-
Barmahara ଧାରୀ—Wearing an armour.
(ବର୍ମଧର, ବର୍ମଧାରୀ—ଅନ୍ୟରୂପ; ବର୍ମହରା, ବର୍ମଧରା—ସ୍ତ୍ରୀଲିଙ୍ଗ)

ବର୍ମା—(ସଂ. ବର୍ମନ୍ ଶବ୍ଦ. ୧ ମା ୧ବଚନ)—୧ । କ୍ଷତ୍ରିୟଙ୍କ ଉପାଧି—
Barmā 1. A title of the Kshatriyas.
ଦେ. ବି ( ସଂ. ବ୍ରହ୍ମ; ବର୍ମ ) ବ୍ରହ୍ମଦେଶ—The country of Burma.

ବର୍ମାଣୀ—ଦେ. ବି.—ବ୍ରହ୍ମଦେଶୀୟା ରମଣୀ—A Burmese lady.
बर्मिनी बर्मया

ବର୍ମା ଟାଟୁ(ଟ୍ଟୂ)—ଦେ. ବି—ବ୍ରହ୍ମଦେଶୀୟ ଛୋଟ ଘୋଡ଼ା—A
Barma taṭu(ṭṭu) Burmese pony; a Pegu pony.
(ବର୍ମା ପଙ୍କୁ, ବର୍ମାପେଗୁ—ଅନ୍ୟରୂପ)

ବର୍ମିଜ୍—ବୈଦେ. ବଣ ଓ ବି ( ଇଂ )—ବ୍ରହ୍ମ ଦେଶର ଅଧିବାସୀ—
Barmij The Burmese.
ମଗ; ବ୍ରହ୍ମୀ, ବର୍ମୀ वर्मी

ବର୍ମି—ସ. ବି—(ବୃ ଧାତୁ=ଆବରଣ କରିବା+ମି)—ବମି ମାଛ—
Barmi बाँईन् बामी A kind of fish.

ବର୍ମିତ—ସ. ବଣ—(ବର୍ମ+ଇତ)—ବର୍ମଧାରୀ—
Barmita Wearing an armour.
ସମ୍ପାଦୀ ବସ୍ତ୍ର ଦେଲୁଁ ଅଶ୍ୱରତ୍ନ ସ.ଗ
ଠଣେ ଠଣେ ଅଶ୍ୱସୃତ୍ୱେ, ଚିତ୍ରଳ ବର୍ମିତ—ରାଧାନାଥ, ମହାଯାତ୍ରା ।

ବର୍ମୀ—ସ. ବଣ. ପୁଂ (ବର୍ମ+ଇନ୍ ; ୧ମା. ୧ବ)—ବର୍ମଧାରୀ—
Barmi Armed with armour.
(ବର୍ମିଣୀ—ସ୍ତ୍ରୀ) ଦେ. ବଣ—ବ୍ରହ୍ମଦେଶବାସୀ—Burmese.
[ ବର୍ମି, ବର୍ମିୟା—ଅନ୍ୟରୂପ ]

ବର୍ଜ୍ୟ(ର୍ଯ୍ୟ)—ସ. ବଣ. ପୁଂ (ବୃ ଧାତୁ=ପ୍ରାର୍ଥନା କରିବା+କର୍ମ. ଯ)—
Barjya(rja) ୧ । ବରଣୀୟ; ପୂଜ୍ୟ—1. Worshippable;
(ବର୍ଯ୍ୟା—ସ୍ତ୍ରୀ) adorable. ୨ । ଶ୍ରେଷ୍ଠ; ପ୍ରଧାନ—2. Chief.
[ ଦ୍ର—ଏ ଶବ୍ଦର ପ୍ରୟୋଗ ସମସ୍ତ ପଦରେ ଅନ୍ୟ ଶବ୍ଦ ପରେ ହୋଇଥାଏ ଯଥା—ବ୍ରାହ୍ମଣ ବର୍ଯ୍ୟ; ବହୁବର୍ଯ୍ୟ, ଦ୍ୱିଜବର୍ଯ୍ୟ । ]

ସଂ. ବି—କାମଦେବ; କନ୍ଦର୍ପ—Cupid-god.

**ବର୍ଯ୍ୟା(ର୍ଯ୍ଯା)**—ସଂ. ବଂ ସ୍ତ୍ରୀ—(ବ ର୍ଯ୍ୟ+ସ୍ତ୍ରୀ. ଅ)—୧ । ପତିମ୍ବରା କନ୍ୟା—
Barjyā(rjā) 1. A girl who elects her own husband.
ବର୍ଯ୍ୟାକାଳରେ ଫଳମାନ ଧର କେବଳ ବଂଶକ ଥାଇ ସେ । ଇଞ୍ଚ. ବୈଦେଶ୍ଵରକାଳ ।
୨ । କନ୍ୟା—2. Bride. ୩ । ବରଡ଼ି; (ହି. ଶ)—
3. A kind of pulse.
ସଂ. ବଣ—ବର୍ଯ୍ୟର ସ୍ତ୍ରୀଲିଙ୍ଗ—Feminine of Barjya
ପ୍ରାଦେ (ଉତ୍ତିଷ୍ଠ୍ରଣା) ବି—ଘୁଷୁରି—Hog.

**ବର୍ଷ**—ସଂ. ବି (ବୃଷ୍ ଧାତୁ=ବର୍ଷଣ କରିବା+ଭାବ. ଅ)—୧ । ବୃଷ୍ଟି—
Barsha 1. Rain. ୨ । (+ଅଧିକରଣ.ଅ) ବର୍ଷାଋତୁ; ବର୍ଷାକାଳ
2. Rainy season. ୩ । (+କର୍ତ୍ତୃ. ଅ) ମେଘ—
3. Cloud. ୪ । ବତ୍ସର; ବରଷ—4 Year.
୫ । (+ଭାବ. ଅ) ରେତଃପାତ—5. Discharge of
semen. ୬ । (+ଅଧି. ଅ) ଦେଶ—Country.
୭ । ପୃଥିବୀର ବିଭାଗ—7. Division of the earth.
୮ । ଭାରତବର୍ଷ—8 Country of India.
[ ଦ୍ର—ପୃଥିବୀର ପୁରାଣୋକ୍ତ ଦେଶ ବା ବିଭାଗମାନଙ୍କ ମଧ୍ୟରୁ ଭାରତ ଗୋଟିଏ ବର୍ଷ । ପ୍ରାଚୀନ ହିନ୍ଦୁମାନେ ପୃଥିବୀରେ ନଅଗୋଟି ବର୍ଷ ଥିବାର ଉଲ୍ଲେଖ କରିଅଛନ୍ତି; ଯଥା—ଭାରତ, କୁରୁ, ହିରଣ୍ମୟ, ରମ୍ଯକ, ଇଳାବୃତ, ହରି, କେତୁମାଳ, ଭଦ୍ରାଶ୍ଵ ଓ କିନ୍ନର ବା କିଂପୁରୁଷ । ]

**ବର୍ଷକ**—ଦେ. ବି—ଏକ ବର୍ଷ—One year only.
Barshaka এক বছর एकबरस

**ବର୍ଷକ ଯାଏ(କେ)**—ଦେ. କ୍ରି. ବଣ—ଏକ ବର୍ଷକାଳ ପର୍ଯ୍ୟନ୍ତ—Upto
Barshaka jā eke) the end of one year; for the
একবছর পর্যন্ত सालतक period of one year.

**ବର୍ଷକଯାକ**—ଦେ. କ୍ରି. ବଣ—ଏକବର୍ଷ ବ୍ୟାପୀ-Throughout the
Barshakajāka বছর তমাম साल तमाम year.
(ବର୍ଷତମାମ; ବର୍ଷଭରି—ଅନ୍ୟରୂପ)

**ବର୍ଷକର**—ସଂ. ବି. (ବର୍ଷ+କୃ ଧାତୁ+କର୍ତ୍ତୃ. ଅ)—ମେଘ (ହି. ଶ)—
Barshakara Cloud.
ଦେ. ବଣ—୧ । ଏକ ବର୍ଷ ବୟସ୍କ—1. Aged one
বছরের year. ୨ । ଏକ ବର୍ଷ ସମୟରେ ଘଟିବା ବା ହେବା—
सालका 2. Happening during a year. ୩ । ଏକ ବର୍ଷ
ବ୍ୟାପୀ—3. Occupying a year.

**ବର୍ଷକରୀ**—ସଂ. ବି. (ବର୍ଷକର+ଈ)—ଝିଙ୍ଗୀ; ଝିଣ୍ଟିକା (ହି. ଶ)—
Barshakarī Grasshopper; cricket.

**ବର୍ଷକା(କୁ) ବର୍ଷ**—ଦେ. କ୍ରି. ବଣ—ପ୍ରତି ବରଷ—
Barshakā(ku) barsha Every year; annually.
বর্ষ বর্ষ फी सन, बरसकोबरस (ବର୍ଷ ବର୍ଷ—ଅନ୍ୟରୂପ)

**ବର୍ଷ କାମ**—ସଂ. ବଣ. (ବର୍ଷ+କମ ଧାତୁ+ଅ)—ବୃଷ୍ଟିର କାମନାକାରୀ—
Barsha kāma Hankering after or wishing for rain.

**ବର୍ଷକାମେଷ୍ଟି**—ସଂ. ବି. (ବର୍ଷକାମ+ଇଷ୍ଟି)—ବର୍ଷା ହେବା ପାଇଁ
Barshakāmeshti ଅନୁଷ୍ଠିତ ଯଜ୍ଞ—A vedic fire-sacrifice for invoking rain.

**ବର୍ଷକାଳ**—ଦେ. ବି—ଏକ ବର୍ଷ ସମୟ—
Barshakāla Period of one year.
(ବର୍ଷେ କାଳ—ଅନ୍ୟରୂପ)

**ବର୍ଷକାଳୀ**—ସଂ. ବି. (ବର୍ଷ+କାଳ+ଈ)—ଜୀରା (ହି. ଶ)—
Barshakāli Cumin seed.

**ବର୍ଷକେତୁ**—ସଂ. ବି. (ବର୍ଷ=ବର୍ଷାକାଳ ଅଟେ କେତୁ=ଚିହ୍ନ ଯାହାର;
Barshaketu ଏହା ବର୍ଷା ସମୟରେ ଜନ୍ମିବାରୁ )—ନାଲି
ପୁରୁଣୀ ଶାଗ; ରକ୍ତ ପୁନର୍ନବା—1. A kind of
pot herb; red Hogweed. ୨ । (ଷଷ୍ଠୀ ତତ୍)
ବର୍ଷ ପର୍ବତ ( କ୍ଷୀରୋଦ୍ ) (ଦେଖ)—2. Barsha parbata (See).

**ବର୍ଷକୋଷ**—ସଂ. ବି. ( ବର୍ଷ+କୋଷ=ଶବ୍ଦାଦି ସଂଗ୍ରହ )—
Barsha kosha ୧ । (ବହୁବ୍ରୀହି) ଦୈବଜ୍ଞ; ବର୍ଷଫଳ ଗଣକ—
1. Fortune-tellor; astrologer. ୨ । (ଷଷ୍ଠୀ ତତ୍)
ମାସ—2. Month.

**ବର୍ଷଜ**—ସଂ. ବଣ. (ଉପପଦ ତତ୍ ପୁରୁଷ; ବର୍ଷ+ଜନ୍ ଧାତୁ+କର୍ତ୍ତୃ.ଅ)-
Barshaja ୧ । ବୃଷ୍ଟି ଯୋଗୁଁ ଉଦ୍ଭବ—1. Produced by
rain. ୨ । ମେଘଜ—2. Produced from cloud.
୩ । ଜମ୍ବୁ ଦ୍ଵୀପୋଦ୍ଭବ—3. Produced in India.

**ବର୍ଷଣ**—ସଂ. ବି. (ବୃଷ୍ ଧାତୁ+ଭାବ. ଅନ)—୧ । ବୃଷ୍ଟି—1. Rain.
Barshana ୨ । ବୃଷ୍ଟିପାତ; ଧାରା ପତନ—2. Rainfall.
୩ । ବୃଷ୍ଟି ପରି ଅଜସ୍ର ଧାରାରେ ପତନ—3. Falling like
a shower; copious discharge.

**ବର୍ଷଣ କରିବା**—ଦେ. କ୍ରି—୧ । ବରଷିବା—1. To rain.
Barshana karibā ୨ । ବର୍ଷା ପରି କୌଣସି ପଦାର୍ଥ ଅଜସ୍ର
বর্ষণ করা ପାତନ କରିବା; ଅଜାଡ଼ିବା—2. To shower
बर्षण करना anything profusely; to pour any thing
like a shower.

**ବର୍ଷଧର**—ସଂ. ବି. ( ବର୍ଷ=ବୃଷ୍ଟି+ଧୃ ଧାତୁ+କର୍ତ୍ତୃ. ଅ )—୧ ।
Barshadhara ମେଘ—1. Cloud
୨ । (ବର୍ଷ=ରେତଃପାତ+ଧର ଯେ ଧାରଣ ବା ରୋଧ କରେ ।)
ନପୁଂସକ—2. An impotent person; eunoch.
୩ । ଅନ୍ତଃପୁର ରକ୍ଷକ—
3 A male watchman of a seraglio.

**ବର୍ଷନା(ଣା) ପାଣି**—ଦେ. ବି ( ସଂ. ବର୍ଷଣ+ପାନୀୟ )—ବୃଷ୍ଟିଜଳ—
Barshanā(nā) pāni Rain water.
বর্ষণাজল, বর্ষার জল बर्षाका पानी

**ବର୍ଷପ**—ସଂ. ବି. (ବର୍ଷ+ପା ଧାତୁ=ରକ୍ଷା କରିବା+କର୍ତ୍ତୃ. ଅ )—ଫଳିତ
Barshapa ଜ୍ୟୋତିଷ ଅନୁସାରେ କୌଣସି ବର୍ଷର ଅଧିପତି
ଗ୍ରହ—( astrology ) The planet said to preside over a particular year.
ବର୍ଷପତି, ବର୍ଷାଧିପ, ବର୍ଷାଧିପତି, ବର୍ଷେଶ, ବର୍ଷାଧୀଶ—ଅନ୍ୟରୂପ
[ ଦ୍ର—ବର୍ଷପ ଗ୍ରହ ଅନୁସାରେ ସେ ବର୍ଷର ଶୁଭାଶୁଭ ନିର୍ଣ୍ଣୀତ ହୁଏ । ]

ବର୍ଷ ପର୍ବତ—ସଂ. ବି. ( ବର୍ଷ=ଜମ୍ବୁଦ୍ୱୀପାଦରେ ଅବସ୍ଥିତ ପର୍ବତ )—
Barsha parbata ହିନ୍ଦୁ ପୁରାଣ ମତରେ ପୃଥିବୀର ଭିନ୍ନ ଭିନ୍ନ ବର୍ଷ ବା ଦେଶରେ ଥିବା ହେମକୂଟାଦି ଭିନ୍ନ ଭିନ୍ନ ପର୍ବତ—The ranges of hills said to be in the various divisions of the world known to the ancient Hindus.
[ ଦ୍ର—ଏମାନଙ୍କର ନାମ; ଯଥା—ହିମବାନ୍, ହେମକୂଟ, ନିଷଧ, ମେରୁ, ଚୈତ୍ର, ବର୍ଣ୍ଣୀ ଓ ଶୃଙ୍ଗୀ । ]

ବର୍ଷ ପାକୀ—ସଂ. ବି. ( ବର୍ଷ+ପାକ+ଈ )—ଆମ୍ରାତକ; ଅମୃଡ଼ା
Barsha pāki ( ହି. ଗ )—Hogplum.

ବର୍ଷ ଫଳ—ସଂ. ବି. ( ୬ଷ୍ଠୀ ତତ୍ )—( ଫଳିତ ଜ୍ୟୋତିଷ ) ଜ୍ୟୋତିଷ
Barsha phala ଗଣନା ଅନୁସାରେ ବର୍ଷ ମଧ୍ୟରେ ଘଟିବା ଫଳ—Happenings during a year according to astrological calculations.

ବର୍ଷବର—ସଂ. ବି. ( ବର୍ଷ=ରେତଃପାତ+ବର=ନିବାରକ; କର୍ତ୍ତୃ-
Barshabara ଧାତୁ )—୧ । ନପୁଂସକ—1. An impotent
(ବର୍ଷଧର୍ଷ—ଅନ୍ୟରୂପ) person, ୨ । ଅନ୍ତଃପୁର ରକ୍ଷକ ନପୁଂସକ ଭୃତ୍ୟ—2. An eunoch guarding the seraglio.

ବର୍ଷବିଧି—ପ୍ରାଦେ. ( ଯାଜପୁର ) ବି—ବର୍ଷବୃଦ୍ଧି ( ଦେଖ )
Barshabidhi Barshabṛuddhi ( See )

ବର୍ଷବୃଦ୍ଧି—ସଂ. ବି. (୬ଷ୍ଠୀ ତତ୍)—୧ । ବୟୋବୃଦ୍ଧି—1. Advance
Barshabṛuddhi in age. ୨ । ବୃଷ୍ଟିର ଆଧିକ୍ୟ; ବର୍ଷାଧିକ୍ୟ—2. Excess of rains. ୩ । ଜନ୍ମ ତିଥି—3. Anniversary; birthday. ୪ । ଜନ୍ମତିଥି କୃତ୍ୟ ଉତ୍ସବ—4. Birth-day festival.
ପ୍ରାଦେ. ( ଯାଜପୁର ) ବି—ବିବାହର ପ୍ରଥମ ବାର୍ଷିକ ଉତ୍ସବ ଦିନ କନ୍ୟା ଘରେ ବର କନ୍ୟାଙ୍କ ବନ୍ଧନବାନ୍ଧ ଗ୍ରନ୍ଥି ମୋଚନ ( ଉତ୍ସବ )—The ceremony of untying the knot in the upper cloths of the married couple made at the time of marriage.
[ ଦ୍ର—ବରର ଅନୁପସ୍ଥିତିରେ ଶିଳପୁଅକୁ ବରର ପ୍ରତିନିଧିରୂପେ ସ୍ଥାପନ କରି କାର୍ଯ୍ୟ ଚଳେ । ]

ବର୍ଷମାଣ—ସଂ. ବିଣ. ( ବୃଷ୍ ଧାତୁ+କର୍ତ୍ତୃ. ଆନ )—ବରଷୁଥିବା;
Barshamāna ବର୍ଷଣଶୀଳ—Raining; showering.

ବର୍ଷଶତ—ଦେ. ବି. ( ସଂ. ବର୍ଷଶତାନି )—୧ । ଶହେ ବର୍ଷ—1. One
Barshaśata hundred years. ୨ । ବହୁକାଳ—2. A long time.

ବର୍ଷ ସହସ୍ର—ଦେ. ବି. ( ସଂ. ବର୍ଷ ସହସ୍ରାଣି )—୧ । ହଜାରେ ବର୍ଷ—
Barsha sahasra 1. One thousand years.
୨ । ବହୁକାଳ—2. A long time.

ବର୍ଷା—ସଂ. ବି. ( ବର୍ଷ+ସ୍ତ୍ରୀ. ଆ )—୧ । ପ୍ରାବୃଟ୍‌କାଳ; ଚତୁର୍ମାସ୍ୟ—
Barshā 1. The rainy season; the rains.
[ ଦ୍ର—ଆଷାଢ଼, ଶ୍ରାବଣ, ଭାଦ୍ର ଓ ଆଶ୍ୱିନ ଏହି ୪ ମାସ । ]
୨ । ବୃଷ୍ଟି—2. Rain. ୩ । ବର୍ଷଣ—3. Raining.

ବର୍ଷା(ର୍ଷେ)ଇବା—ଦେ. କ୍ରି—ବର୍ଷିବା କ୍ରିୟାର ଣିଜନ୍ତରୂପ—
Barshā(rshe)ibā बर्षान Causative of Barshibā.
बरसाना ସୁଧା ବର୍ଷାଇଲୁ, ବସ୍ତେ—ସ୍ୱର୍ଥାନାଥ, ଶରଣୀ ତରଣ ।

ବର୍ଷା ଉଠାଇବା—ପ୍ରାଦେ. ( ସମ୍ବଲପୁର ) କ୍ରି—ଘନାଗମ ହେବା; ମେଘ
Barshā utrāibā ଉଠିବା—Overclouding before
( ବର୍ଷା ଉଠାଇ ଆସିବା—ଅନ୍ୟରୂପ ) a shower; the rising of a rain-cloud.

ବର୍ଷା ଋତୁ—ସଂ. ବି—ପ୍ରାବୃଷ୍; ଚତୁର୍ମାସ୍ୟ; ଆଷାଢ଼, ଶ୍ରାବଣ, ଭାଦ୍ର ଓ
Barshā ṛutu ଆଶ୍ୱିନ ଏହି ଚାରି ମାସ—The rainy
(ବର୍ଷାକାଳ, ବର୍ଷା ଦିନ—ଅନ୍ୟରୂପ) season.

ବର୍ଷାଂଶ—ସଂ. ବି. (୬ଷ୍ଠୀ ତତ୍)—୧ । ବର୍ଷର ଭିନ୍ନ ଭିନ୍ନ ଅଂଶ—
Barshāmśa 1. The different components of or
(ବର୍ଷାଙ୍ଗ—ଅନ୍ୟରୂପ) periods comprising a year.
[ ଯଥା—ଋତୁ, ମାସ, ଦିନ, ଅୟନ । ]
୨ । ମାସ (ହି. ଗ.)—2. Month.

ବର୍ଷାଗମ—ସଂ. ବି. (୬ଷ୍ଠୀ ତତ୍; ବର୍ଷା+ଆଗମ)—ବର୍ଷାଋତୁର ଆରମ୍ଭ—
Barshāgama The beginning of the rainy season.
ଦେ. ବି—ଅତି ଶୀଘ୍ର ବର୍ଷା ହେବାର ଲକ୍ଷଣ—Indications of a coming shower.

ବର୍ଷାଘନ—ସଂ. ବି (ମ. ପ. ଲୋ)—ବରଷୁଥିବା ମେଘ—
Barshāghana Raining cloud.
ବର୍ଷାଘନ ସଙ୍ଗରରେ ଘର ଘାଳ ଭୂର
ଭୃଙ୍ଗ ଫୁଟେ ଭୂଷ୍ଣାନ ତିର ଯେ—ଭକ୍ତ. ବୈଦେହୀଶବିଳାସ ।

ବର୍ଷାଘୋଷ—ସଂ. ବି. ( ବର୍ଷା ସମୟରେ ଘୋଷ=ଧ୍ୱନି ଯାହାର;
Barshāghosha ବହୁବ୍ରୀହି )—୧ । ମେଘ—1. Cloud.
୨ । ବେଙ୍ଗ; ବେଙ୍ଗ—2. Frog.

ବର୍ଷାଙ୍ଗୀ—ସଂ. ବି. ସ୍ତ୍ରୀ (ବର୍ଷାଙ୍ଗ+ଈ)—ରକ୍ତ ପୁନର୍ନବା; ନାଲି ପୁରୁଣୀ
Barshāngi ଶାଗ—The red hog weed.

ବର୍ଷା ଜଳ—ସଂ. ବି.—୧ । ବର୍ଷିଲା ପାଣି—1. Rain water.
Barshā jala ୨ । (ସହଚର) ବୃଷ୍ଟି ଓ ଜଳ—2. Rain and
(ବର୍ଷାପାଣି—ଦେଶଜରୂପ) water.

ବର୍ଷା ଝଡ଼(ଡି)—ଦେ. ବି. (ସହଚର ଶବ୍ଦଦ୍ୱୟ)—ବୃଷ୍ଟି ଓ ତୋଫାନ—
Barshā jharda(rdi) झड़ वृि Rain and gale.
(ବର୍ଷା ତୋଫାନ, ବର୍ଷା ବାଆ, ବର୍ଷାବତ୍ୟା, ବର୍ଷାବାଦଲ, ବର୍ଷାବଦଳ—
बरसातुफान ଅନ୍ୟରୂପ)

ବର୍ଷାତ୍ୟୟ—ସଂ. ବି. ( ୬ଷ୍ଠୀତତ, ବର୍ଷା=ବୃଷ୍ଟିକାଳ+ଅତ୍ୟୟ=
Barshātyaya ଅବସାନ ) ୧ । ବୃଷ୍ଟିର ଅବସାନ 1. Cessation of rain; end of the rainy season. ୨ । ଶରତ୍‌କାଳ 2. The autumn.
ବର୍ଷାପଗମ, ବର୍ଷାବସାନ } ଅନ୍ୟରୂପ

ବର୍ଷାପ୍ରିୟ—ସଂ. ବି. (ବହୁବ୍ରୀହି; ବର୍ଷା ଯାହାର ପ୍ରିୟ)-ଗୃଡକପକ୍ଷୀ (ହି.ଗ)
Barshāpriya Coccyster; swift.

ବର୍ଷାବର୍ଷି—ଦେ. ବି. (ସହଚର) ବେଶୀ ବା କମି ପରିମାଣରେ ବୃଷ୍ଟି—
Barshābarshi वर्षावर्षा बरसावरसी Heavy or light showers

ବର୍ଷାଭାବ—ସଂ. ବି. ( ୬ଷ୍ଠୀ ତତ୍; ବର୍ଷା+ଅଭାବ )—ବୃଷ୍ଟିର ଅଭାବ; Barshābhāba ମରୁଡ଼ି—Drought; want of rain.

ବର୍ଷାଭୂ—ସଂ. ବିଣ. (ବର୍ଷା+ଭୂ ଧାତୁ=ହେବା+କର୍ତ୍ତୃ. କ୍ୱିପ୍)—ଯାହା Barshābhū ବର୍ଷାକାଳରେ ଜନ୍ମେ— Growing during the rainy season.
ସଂ. ବି.—୧ । ଭେକ; ବେଙ୍ଗ 1 Frog; tadpole.
୨ । ପୁରୁଣିଶାଗ 2. Hog weed. ୩ । କେଞ୍ଚୁଆ; ଜିଆ—3. Earth worm. ୪ । ଇନ୍ଦ୍ରଗୋପ କୀଟ; ସାଧବଘର ବୋହୂ ପୋକ 4. Coccineal ( red velvety insect ); scarlet mite; Trombidium.
୫ । ପୋକ ଜୋକ—5. Insects and worms.

ବର୍ଷାମଦ—ସଂ. ବି. (ବର୍ଷା=ବର୍ଷାଋତୁ ଅଟେ ମଦ=ଆମୋଦ ଯାହାର Barshāmada ବହୁବ୍ରୀହି )—୧ । ମୟୂର—1. Peacock. ୨ । ବେଙ୍ଗ—2 Frog.

ବର୍ଷାମୁଖ—ସଂ. ବି. (୬ଷ୍ଠୀ ତତ୍; ବର୍ଷା+ମୁଖ)--ବର୍ଷାକାଳର ଆରମ୍ଭ— Barshāmukha Beginning of the rainy season

ବର୍ଷାମୁଖେ ଶୁଣି ଘନ ଧ୍ୱନିତ
ବହୁ ଶରତ ଶରର ପ୍ରମତ୍ତ—ଭଞ୍ଜ ବୈଦେହୀଶବିଳାସ ।

ବର୍ଷାୟସ—ସଂ. ବି.--ନବେ ବରଷରୁ ଊର୍ଦ୍ଧ୍ୱବୟସ୍କ ବୃଦ୍ଧ ବ୍ୟକ୍ତି (ହ୍ରି. ଶ.) Barshāyasa A person aged more than ninety (ବର୍ଷାୟସୀ—ସ୍ତ୍ରୀ) years.

ବର୍ଷାରମ୍ଭ—ସଂ. ବି. (୬ଷ୍ଠୀତତ୍; ବର୍ଷ+ଆରମ୍ଭ)—୧ । ବତ୍ସରର ପ୍ରଥମ Barshārambha ଦିନ—1. Beginning of a year. (ବର୍ଷାଦ୍ୟ—ଅନ୍ୟରୂପ) ୨ । ନୂଆଖିଆ 2. New year's day
୩ । ( ବର୍ଷା+ଆରମ୍ଭ ) ବର୍ଷାଋତୁର ଆଦ୍ୟ—3. The beginning of the rainy season.

ବର୍ଷାର୍ଚ୍ଚିଃ—ସଂ. ବି. (ବହୁବ୍ରୀହି; ବର୍ଷା+ଅର୍ଚ୍ଚିସ୍=ତେଜଃ, କିରଣ ଯାହାର) Barshārchchiḥ ମଙ୍ଗଳଗ୍ରହ—Mars (planet).

ବର୍ଷାଳ—ସଂ. ବି.—ପତଙ୍ଗ (ହ୍ରି. ଶ.) ; ପକ୍ଷଯୁକ୍ତ କୀଟ Barshāla Winged insect.

ବର୍ଷିକ—ସଂ. ବିଣ. (ବର୍ଷ+ସମ୍ବନ୍ଧାର୍ଥେ ଇକ) ୧ । ବର୍ଷ ସମ୍ବନ୍ଧୀୟ;ବାର୍ଷିକ- Barshika 1. Annual; yearly. ୨ । (ବର୍ଷା+ଇକ) ବର୍ଷା ସମ୍ବନ୍ଧୀୟ—2. Rainy; pertaining to the rains.
୩ । ଯାହା ବର୍ଷା କରେ—3. Raining. ୪ । ଯାହା ବର୍ଷାଋତୁରେ ଜନ୍ମେ—4. Growing during the rainy season.

ବର୍ଷିବା—ଦେ. କ୍ରି. (ସଂ. ବୃଷଧାତୁ) —୧ । ବରଷିବା; ବୃଷ୍ଟି କରିବା— Barshibā 1. To rain. ୨ । ବୃଷ୍ଟି ଧାରାପରି ଅଜାଡ଼ିବା ବା ବର୍ଷାନ ବରସନା ଢାଳିବା—2. To pour like shower.

କୃଷ୍ଣା କୃଷ୍ଣ କେଶେ ଇନ୍ଦ୍ର ବର୍ଷିଡ ପ୍ରଚୁର
ଚତୁରଙ୍କ ବୃକୋଦର ଭୁଶୋସନ ଉର । ଜଗନ୍ନାଥ. ବେଣୀସଂହାର ।

ବର୍ଷିଷ୍ଠ—ସଂ. ବିଣ. ପୁଂ. (ବୃଦ୍ଧ+ଅତିଶୟାର୍ଥେ ଇଷ୍ଠ)—୧ । ଅତି ବୃଦ୍ଧ Barshishṭha —1. Very old. ୨ । ସମସ୍ତଙ୍କ ମଧ୍ୟରେ (ବର୍ଷିଷ୍ଠା—ସ୍ତ୍ରୀ) ବୃଦ୍ଧ; ବୃଦ୍ଧତମ—2. Oldest; eldest.

ବର୍ଷୀୟାନ୍—ସଂ. ବିଣ. ପୁଂ. (ବୃଦ୍ଧ+ଅତି ଶୟାର୍ଥେ ଈୟସ୍; ବର୍ଷୀୟସ୍ ଶବ୍ଦ Barshiyān ୧ମା. ୧ବ.)—୧ । ଅତି ବୃଦ୍ଧ—1. Very old. (ବର୍ଷୀୟସୀ—ସ୍ତ୍ରୀ) ୨ । ବୟୋଜ୍ୟେଷ୍ଠ—2. Elder; elderly.
୩ । ଦୁଇଜଣଙ୍କ ମଧ୍ୟରେ ବୃଦ୍ଧ; ବୃଦ୍ଧତର—3. Older of the two.

ବର୍ଷୁକ—ସଂ. ବିଣ. (ବୃଷ୍ ଧାତୁ+କର୍ତ୍ତୃ. ଉକ; ଶୀଳାର୍ଥେ)—ବର୍ଷଣଶୀଳ; Barshuka ବର୍ଷଣକାରୀ—Raining; showering.
( ବର୍ଷୁକ ମେଘ=ଯେଉଁ ମେଘ ଉଠାଇଲେ ଶୀଘ୍ର ବର୍ଷା ହେବାର ସୂଚିତ—Rain cloud )

ବର୍ଷୋପଳ—ସଂ. ବି. (୬ଷ୍ଠୀ ତତ୍; ବର୍ଷା=ବୃଷ୍ଟି+ଉପଳ=ପ୍ରସ୍ତର)-- Barshopala କରକା; ଭୁଅପଥର—Hail stone.

ବର୍ଷୋପଳ ପାତ ବାତା ରଭସ ପ୍ରଭାବ । ଭଞ୍ଜ. ବୈଦେହୀଶବିଳାସ ।

ବର୍ଷ୍ମ(ର୍ଷ୍ମା)—ସଂ. ବି. (ବୃଷ୍ ଧାତୁ+କର୍ତ୍ତୃ. ମନ୍; ବର୍ଷ୍ମନ୍ ୧ମା. ୧ବ.)— Barshma(rshmā) ୧ । ଶରୀର—1. Body. ୨ । ସୁନ୍ଦରାକୃତି —2. Beautiful shape or form. ୩ । ପରିମାଣ —3. Measure; area; quantity. ୪ । ଉଚ୍ଚତା— 4. Height. ୫ । ପାଷାଣ; ପଥର—5. Stone. ୭ । ଜଳରୋଧକ ବନ୍ଧ—7. Dyke; embankment.

ବର୍ହ୍ (ଧାତୁ)—ସଂ—୧ । ଗଛରୁ ପତ୍ରାଦି ଛିଣ୍ଡାଇବା-1. To pluck. Barh (root) ୨ । ଦୀପ୍ତି ପାଇବା—2. To shine.

ବର୍ହ—ସଂ. ବି. (ବୃହ୍ ଧାତୁ=ବୃଦ୍ଧି ପାଇବା, ଦୀପ୍ତି ପାଇବା ଭାବ+ଅ)- Barha ୧ । ବୃଦ୍ଧି ପାଇବା—1. Increasing. ୨ । ଦୀପ୍ତି— 2. Shining; glamour. ୩ । (+କର୍ତ୍ତୃ. ଅ)— ମୟୂର ପୁଚ୍ଛ—2. The tail of peacock. ୪ । ଗ୍ରନ୍ଥିପର୍ଣ୍ଣୀ ବୃକ୍ଷ—4. A kind of plant. ୫ । ବୃକ୍ଷର ପତ୍ର— 5. Leaf of a tree. ୬ । ସହଚର—6. Companion; comrade.

ବର୍ହଣ—ସଂ. ବି. ( ବର୍ହ ଧାତୁ+ଭାବ. ଅନ )—୧ । ଛିଣ୍ଡାଇବା— Barhana 1. Tearing; plucking. ୨ । (+କର୍ମ. ଅନ) ଗଛର ପତ୍ର—2. Leaf.

ବର୍ହବାନ୍—ସଂ. ବିଣ. ( ବର୍ହ+ଅସ୍ତି ଅର୍ଥରେ ବତ୍ )—୧ । ଅଗ୍ନି— Barhabān 1. Fire. ୨ । ମୟୂର—2. Peacock.

ବର୍ହା—ସଂ. ବି. ସ୍ତ୍ରୀ. ( ବର୍ହ+ସ୍ତ୍ରୀ. ଆ )—୧ । ମୟୂର ପୁଚ୍ଛ— Barhā 1. Peacock tail. ୨ । ସହଚରୀ—2. A female companion. ୩ । (ବର୍ହ ଧାତୁ+କର୍ତ୍ତୃ. ଅସ୍; ବର୍ହସ୍ ଶବ୍ଦ ୧ମା. ୧ବ.) ଅଗ୍ନି (ହ୍ରି. ଶ)—3. Fire. ୪ । ଚିତ୍ରକ ଗୁଳ୍ମ (ହ୍ରି. ଶ.)—4. Plumbago tree. ୫ । (+ କରଣ. ଅସ୍)—ଯଜ୍ଞ (ହ୍ରି.ଶ.)—5. Vedic sacrifice. ୬ । କୁଶ (ହ୍ରି. ଶ.)—6. The Kusa grass. ୭ । (+ଭାବ. ଅସ୍)—ଦୀପ୍ତି—7. Shining; glamour.
ପ୍ରାଦେ. (ସମ୍ବଲପୁର ଓ ବୌଦ) (ସଂ.ବରାହ)—ବାଘ୍ୱା;ବରାହ— Boar.

ବର୍ହି—ସଂ. ବି. ( ବୃହ୍ ଧାତୁ+ଇ )—୧ । ଅଗ୍ନି; ନିଆଁ—1. Fire. Barhi ୨ । ଉଜ୍ଜ୍ୱଳତା; ଦୀପ୍ତି—2. Light; lusture. ୩ । କୁଶ—3. Sacrificial grass.

ବର୍ହିଣ—ସଂ. ବି. (ବର୍ହ+ଅସ୍ତ୍ୟର୍ଥେ ଇନ)—ମୟୂର—
Barhiṇa Peacock.

ବର୍ହିପତ୍ର—ସଂ. ବି. (୬ଷ୍ଠୀ ତତ୍; ବର୍ହିନ୍+ପତ୍ର)—ମୟୂରପୁଚ୍ଛ; ମୟୂର ପକ୍ଷ-
Barhipatra Peacock tail; peacock feather.

ବର୍ହିବାହନ—ସଂ. ବି. (ବହୁବ୍ରୀହି; ବର୍ହିନ୍+ବାହନ)—ମୟୂରବାହନ;
Barhibāhana କୁମାର; କାର୍ତ୍ତିକେୟ—Kārttikeya (Siba's elder son).

ବର୍ହିମୁଖ—ସଂ. ବି. (ବର୍ହି=ଅଗ୍ନି ଅଟେ ମୁଖ ଯାହାର; ଅଗ୍ନିରେ ଆହୁତି
Barhimukha ଦେଲେ ଯେଉଁମାନେ ଖାଆନ୍ତି)—ଦେବତା—
The gods; celestial beings; deities.

ବର୍ହିଷଦ୍—ସଂ. ବି. (ବର୍ହିସ୍=କୁଶ; ଅଗ୍ନି=ଅଦ୍ ଧାତୁ=ଖାଇବା=
Barhishad କର୍ତ୍ତୃ. କ୍ୱିପ୍; ଅଗ୍ନିରେ ଆହୁତି ଦେଲେ ଯେଉଁମାନେ
ଖାଆନ୍ତି)—ପିତୃଗଣବିଶେଷ—A class of the departed ancestors.

ବର୍ହୀ—ସଂ. ବି. ପୁଂ (ବର୍ହ=ଇନ୍; ବର୍ହିନ୍ ଶବ୍ଦ, ୧ମା. ୧ବ.)—୧ ।
Barhī (ନାମ) କଶ୍ୟପ ଋଷିଙ୍କ ଏକ ପୁତ୍ର—1. Name of a son of sage Kaśyapa. ୨ । ମୟୂର—2. Peacock.
୩ । ତଗର (ହି. ଶ.)—3. Tagara (See)
ସଂ. ବିଣ ପୁଂ.—ଯେ ମୟୂର ଶିଖା ପିନ୍ଧି ଥାଏ, ବର୍ହଧାରୀ—
Adorned with peacock-tail.

ବଲ୍ (ଧାତୁ)—ସଂ.—୧ । ଆବରଣ କରିବା—
Bal (root) 1. To cover.
୨ । ବେଷ୍ଟନ କରିବା—2. To encompass; to surround. ୩ । ଦାନ କରିବା—3. To give. ୪ । ପ୍ରାଣ ଧାରଣ କରିବା—4. To live. ୫ । ବଧ କରିବା—
5. To kill.

ବଲ୍—ବୈଦେ. ବି. (ଇଂ)—୧ । କ୍ରୀଡ଼ାର୍ଥ ବ୍ୟବହୃତ ପେଣ୍ଡୁ; ଗୋଲକ—
Bal बल বল 1. Ball (used in games).
(ଯଥା—କ୍ରିକେଟ୍ ବଲ୍; ଫୁଟ୍‌ବଲ୍; ଟେନିସ୍ ବଲ୍, ବଲ୍‌ଆଡ଼୍ ବଲ୍ ।)
୨ । ଇଉରୋପୀୟ ପଦ୍ଧତି ଅନୁସାରେ ସ୍ତ୍ରୀପୁରୁଷଙ୍କର ଯୋଡ଼ା ନାଚ—2. Ball dance.
ଗ୍ରା. (ଇତର)—(ସଂ. ବଲୀବର୍ଦ୍ଦ; ତୁଳ. ହିନ୍ଦି, ବଏଲ୍)—
ବଳଦ—Ox.
ପ୍ରାଦେ. (ସମ୍ବଲପୁର ଳ ସ୍ଥାନରେ ଲ୍ ଉଚ୍ଚାରଣ)—(ସଂ. ବଳ)—
ବଳ—Strength.

ବଲ୍‌ତା—ପ୍ରାଦେ. (ବସ୍ତର) ବି.—ବଳିତା (ଦେଖ)
Bal-tā Balitā (See)

ବଲ୍ ନାଚ(ଟ)—ଦେ. ବି. (ଇଂ ବଲ୍+ସଂ ନୃତ୍ୟ)—ବଲ୍ ୨ (ଦେଖ)
Bal-nācha(ṭa) बलनाच বলনাচ Bal 2 (See)
(ବଲ୍ ଡାନ୍ସ—ବୈଦେ. ରୂପ)

ବଲ୍‌ବା—ପ୍ରାଦେ. (ସମ୍ବଲପୁର) କ୍ରି.—ବୋଲିବା; କହିବା—
Bal-bā To speak; to say.

ବଲ୍‌ବା(ମା)ନ୍—ପ୍ରାଦେ. (ସମ୍ବଲପୁର)—ବିଣ.—ବଳବାନ୍—
Bal-bā(mā)n Powerful; strong.

ବଳ—ସଂ. ବି. (ବଲ୍ ଧାତୁ+ଭାବ. ଅ)—୧ । ଶାରୀରିକ ଶକ୍ତି—
Baḷa 1. Bodily might; physical strength.
ସୁରବେ ଏକ ସହ ବଳ
ଜାତ ହୋଇଲେ ଅନର୍ଗଳ । ଜଗନ୍ନାଥ. ଭାଗବତ ।
୨ । କ୍ଷମତା; ସାମର୍ଥ୍ୟ—2. Power; ability. ୩ । ପରାକ୍ରମ; ଜୋର—3. Force; might. ୪ । (+କରଣ. ଅ) ମଜ୍ଜା; ସାର—4. Essence; marrow; pith.
୫ । କ୍ଷେତରେ ଦିଆ ଯିବା ସାର ବା ଖତ—5. Manure.
୬ । ଶୁକ୍ର—6. Semen. ୭ । (+କର୍ତ୍ତୃ. ଅ) କୁଆ—
7. Crow. ୮ । ରକ୍ତ—8 Blood. ୯ । ରୂପ; ଆକୃତି—9 Shape; form. ୧୦ । ଶରୀର—
10. Body. ୧୧ । ବରୁଣ ଗଛ—11. The name of a kind of tree. ୧୨ । ଚତୁରଙ୍ଗ ସୈନ୍ୟ—
12. Army; force (of various divisons).
ଦ୍ରୌପଦେୟ ଶିଖଣ୍ଡୀ ଧୃଷ୍ଟଦ୍ୟୁମ୍ନ ବୀର
କଲେ ଚମୂରେ ବଳଯାକଙ୍କ ସଂହାର । କୃଷ୍ଣସିଂ. ମହାଭାରତ. କର୍ଣ୍ଣ ।
[ଦ୍ର—ଭୃତ୍ୟ, ସୁହୃତ୍, ଶ୍ରେଣୀ, ଦ୍ୱିଷତ୍, ଆଟବିକ ଓ ମୌଳ ଏହି ଛଅ ପ୍ରକାର ସୈନ୍ୟ ଓ ପଦାତି, ଅଶ୍ୱ, ଗଜ ଓ ରଥ ଏହି ଚାରି ଶ୍ରେଣୀର ସୈନ୍ୟଙ୍କୁ ବଳ ବୋଲାଯାଏ।]
୧୩ । ଶତରଞ୍ଜ ବା ନ୍ୟାୟବଳ ଖେଳରେ ରଜା ଓ ମନ୍ତ୍ରୀଙ୍କ ଛଡ଼ା ଅନ୍ୟ ଗୋଟି—13. A pawn at chess; a chessman; the balls used in chess (except the King and the Minister. ୧୪ । ଭାର—
14. Weight; load. ୧୫ । ବଳରାମ; ଶ୍ରୀକୃଷ୍ଣଙ୍କ ବଡ଼ ସତ୍‌ଭୁଣୀଆ ଭାଇ—15. Elder step-brother of Srīkṛushṇa.
ବଳ ସଙ୍ଗ ହୋଇଅଛ ସହଜେ
ବୃଷ୍ଟିକୁ ବୃଷ୍ଟିରେ ପୁଣ ଜୟକେ । ଉଷ୍ଣ. ବୈଦେହୀଶବିଳାସ ।
୧୬ । ବାସୁକି; ଅନନ୍ତ—16. The great mythological serpent. ୧୭ । ଦାର୍ଢ୍ୟ; ଦୃଢ଼ତା—17. Firmness; hardness. ୧୮ । ଅଟଳତା—18. Stability.
୧୯ । ଦୈତ୍ୟବିଶେଷ—19. Name of a demon.
[ଦ୍ର—ଏ ଅସୁର ଦେବତାମାନଙ୍କ ଗୋରୁଗାଈଙ୍କୁ ଗ୍ରେଣ୍ଡାଇ ନେଇ ଏକ ପର୍ବତ ଗୁହାରେ ଲୁଚାଇଥିଲା । ଇନ୍ଦ୍ର ସେ ଗୁହାରୁ ଗୋରୁଗାଈଙ୍କୁ ଛଡ଼ାଇ ଆଣିଲେ । ପୁଣି ଏ ବଳଦ ରୂପ ଧାରଣ କଲା; ଶେଷରେ ବୃହସ୍ପତି ତାକୁ ନିହତ କଲେ—ହି. ଶ ]
୨୦ । ପାରତୋଷିକ—23. Reward. ୨୧ । ପ୍ରବଳ ସହାୟ—
21. Strong support. ୨୨ । ସାହାଯ୍ୟ—22. Help.
୨୩ । (ବିଜ୍ଞାନ) ଯାହା ଦ୍ୱାରା ବେଗ ଉତ୍ପାଦିତ ହୁଏ—
23. (science) That which generates velocity, force or energy.
ସଂ. ବିଣ. (ବଲ୍ ଧାତୁ+କର୍ତ୍ତୃ. ଅ)—୧ । ବଳବାନ୍; ବଳିଷ୍ଠ—
1. Strong; powerful.

ଯୁଧିଷ୍ଠିର ବୋଇଲେ ଦୁର୍ବଳକୁ ବଳ
ବଡ଼ ଗୋଳ କଲେ କହବ ସେ କ ବଳ । କୃଷ୍ଣସିଂହ, ମହାଭାରତ- ଶାନ୍ତି ।

୬ । ସ୍ଥୂଳ—2. Stout; robust.

ସଂ. ବି—ସମୂହ; ଦଳ—Party.

[ ଦ୍ର—ଏହି ଅର୍ଥରେ ଏହା ଦଳ ଶବ୍ଦ ପରେ ସହଚରରୂପେ ମଧ୍ୟ ବ୍ୟବହୃତ ହୁଏ । ]

ଏହି ସମୟରେ ୫ ବର୍ଣ୍ଣଙ୍କର ବଳ
ଚାର ହେଲେ ଗ୍ରାହ ସକଳ ନସାଜଲ—କୃଷ୍ଣସିଂହ· ମହାଭାରତ ବନ ।

୬ । ଉତ୍ସାହ—2. Encouragement. (ଯଥା—ଓଡ଼ିଆ ଭାଇମାନେ ମୋତେ ବଳ ଦେଲେ ମୁଁ ଭାଷାକୋଷର ସମାପ୍ତି କରେଁ)—୭ । ବରଖଡ଼ା (ଦେଖ)—3. Barakharda (See).

ବଳକର—ସଂ. ବି—୧ । ପରାକ୍ରମଶାଳୀ—1. Powerful.
Balakara ୬ । ତେଜୋମୟ—2. Full of force. ୭ । ଯାହା (ବଳକରୀ—ସ୍ତ୍ରୀ) ବଳ ହୁଏ—3. Invigorating; strengthening.

ବଳକର ଧର୍ମ ଲକ୍ଷଣକରକ ପ୍ରଭ ଅଟଇ ପ୍ରବଳ—
ଭଞ୍ଜ, ବୈଦେହୀଶବିଳାସ ।

ବଳ କରିବା—ଦେ. କ୍ରି—୧ । ବାଳବାନ୍ କରିବା; ଶରୀରରେ ବଳ
Bala kariba ଦେବା—1. To give strength; to strengthen.
বল দেওয়া बलदेना
(ଯଥା—ଘିଅଦୁଧ ଖୁବ୍ ବଳ କରେ ।)

বলকরা ୬ । କୌଣସି ବ୍ୟକ୍ତିକୁ ବା ବସ୍ତୁକୁ ଆପଣାର ପ୍ରଧାନ
बलकरना ସହାୟକରୂପେ ଭରସା କରିବା—2. To depend upon a thing or person as one's support or prop.

(ଯଥା—ମୋ ଜମିବ୍ୟାପାରଟି ଉଠାଇବା ପାଇଁ ମୁଁ ମୋ ସାଆନ୍ତଙ୍କୁ ଖୁବ୍ ବଳ କରୁଛି ।)

୭ । ଜୋର୍ ପ୍ରକାଶ କରିବା—3 To exhibit one's strength.

ବଳକା—ଦେ. ବଣ. (ସଂ. ବହୁଳ)—୧ । ବଢ଼ିକା; ପ୍ରୟୋଜନାତିରିକ୍ତ;
Balaka ଉଦ୍‌ବୃତ୍ତ; ଅଧିକା—1. Excessive; redundant;
অতিরিত superfluous; in excess of requirement.
उबारु ପୁଣି ବଳକା ଖରଚ ଦେଖି ଭର ବଢ଼ବାର ।
ଫକୀରମୋହନ. ଗଳ୍ପସ୍ୱଳ୍ପ ।

বাবেঁচেছে ୬ । ପ୍ରୟୋଜନାବଶିଷ୍ଟ—2. Remaining over
बचत after use; surplus.

ଦେ. ବି.—୧ । ପ୍ରୟୋଜନାତିରିକ୍ତ ପଦାର୍ଥ; ଉଦ୍‌ବୃତ୍ତ ପଦାର୍ଥ—1. Redundant thing; surplusage; a thing remaining over; being in excess of one's requirements. ୨ । ବହୁଳତା; ପ୍ରୟୋଜନାଧିକ୍ୟ—2. Redundance; excess.

ବଳକା—ଦେ. ବଣ. ପୁଂ—(ହି. ବୁଦ୍ଧୁ)—୧ । ଓଲମା; ଓଲୁ—
Balaka 1. Idiotic.
(ବଳକୀ—ସ୍ତ୍ରୀ) ୨ । ନିର୍ବୋଧ—2. Foolish.

ବଳକାରକ—ସଂ. ବଣ.—(ବଳ+କୃ ଧାତୁ+କର୍ତ୍ତୃ. ଅକ)—ଯାହା-
Balakaraka ଦ୍ୱାରା ଦେହରେ ଜୋର୍ ହୁଏ—Strength;
(ବଳକାରୀ—ଅନ୍ୟରୂପ) invigorating.

ବଳକିବା—ଦେ. କ୍ରି.—୧ । ବଢ଼ିକିବା; ବଳାଇବା; ବଳପଡ଼ିବା;
Balakiba ପ୍ରୟୋଜନାତିରିକ୍ତ ଥିବାରୁ ଉଦ୍‌ବୃତ୍ତ ହେବା—
বাচা 1. To remain over after the requirements
उबारुहोना are met; to be more than enough.

୬ । (ସଂ. ଜଳ୍ପ ଧାତୁ; ବଦ୍ ଧାତୁ) ଗଳ୍ପ କରିବା; କହିବା—
2. To talk.

ନଳ କୁବରଙ୍କ ଚରିତକୁ ବୁଧେ ବଳକୁ ଅଛନ୍ତି ଏବେ ।
କବିସୂର୍ଯ୍ୟ. ବଳରା

ବଳକୁ—ପ୍ରାଦେ. (ଯାଜପୁର) ଅ.—(ଭୁଲ. ହି. ବଲ୍‌କି)—କିନ୍ତୁ—
Balaku But.

ବଳକ୍ଷ—ସଂ. ବଣ. (ବଳ=ଶକ୍ତି+କ୍ଷୈ ଧାତୁ+କ୍ଷୀଣ ହେବା+କର୍ତ୍ତୃ.
Balaksha ଅ)—ଧବଳ; ଶୁକ୍ଳ; ଶ୍ୱେତବର୍ଣ୍ଣବିଶିଷ୍ଟ—
(ବଳାକ୍ଷ—ଅନ୍ୟରୂପ) White.

ସଂ. ବି.—ଶ୍ୱେତବର୍ଣ୍ଣ—White colour.

ବଳକ୍ଷକର—ସଂ. ବି.—(ବହୁବ୍ରୀହି, ବଳକ୍ଷ+କର=କିରଣ) ଚନ୍ଦ୍ର—
Balakshakara The moon.

ବଳକ୍ଷ କର ବପକ୍ଷ କରି ବଳ ମାନ ଯେ ।
ଭଞ୍ଜ. ବୈଦେହୀଶବିଳାସ ।

ବଳକ୍ଷ ପକ୍ଷ—ସଂ. ବି. (କର୍ମଧା)—୧ । ଚାନ୍ଦ୍ର ମାସର ଶୁକ୍ଳ ପକ୍ଷ; ଜହ୍ନ
Balaksha paksha ପକ୍ଷ—The bright fortnight of the lunar month. ୬ । ଧଳା ଡେଣା—
2. White wing.

ବଳଗଣ୍ଡି—ଦେ. ବି.—ରଥଯାତ୍ରାରେ ବଡ଼ଦାଣ୍ଡର ଯେଉଁ ଅଂଶରେ
Balagandi ରଥ ଟଣା ଆରମ୍ଭ ହେବା ପରେ ପ୍ରଥମେ ରଥମାନ ଅଟକା ଯାଏ—Name of a place in the grand road of Puri where the cars of the 3 Idols are stopped for the first time after they are dragged; name of the first halting place of the Puri cars.

ବଳଗଣ୍ଡି ଠାରେ ରହି ଯାଅ ଜଗନ୍ନାଥ । ଭଞ୍ଜ, ବୈଦେହୀଶବିଳାସ ।

ବଳଗଣ୍ଡିଆ—ଦେ. ବି.—(ବଳଗଣ୍ଡିରେ ପ୍ରସ୍ତୁତ)—ଏକ ପ୍ରକାର ମୋଟା
Balagandia ଲୁଗା ଓ ଶାଢ଼ୀ—A coarse cloth.

[ଦ୍ର—ପୂର୍ବେ ପୁରୀର ବଳଗଣ୍ଡି ନିକଟରେ ଥିବା ତନ୍ତିମାନେ ଉକ୍ତ ଲୁଗା ବୁଣୁଥିଲେ ।]

ବଳ ଗର୍ବ—ସଂ ବି.—(ମ. ପ. ଲୋ; ବଳଜନିତ ଗର୍ବ)—ଆପଣାର
Bala garba ବଳ ଥିବା ହେତୁ ଅହଙ୍କାର—Pride of
(ବଳଦର୍ପ—ଅନ୍ୟରୂପ) strength.

ବଳଗର୍ବିତ—ସଂ. ବଣ. ପୁଂ.—ଆପଣା ବଳ ଯୋଗୁଁ ଗର୍ବିତ—
Balagrabita Proud of one's strength.
(ବଳଦୃପ୍ତ—ଅନ୍ୟରୂପ)

ବଳଗୁ—ଗ୍ରା. ବଣ.—(ସଂ. ବଲ୍‌ଗୁ)—ବଲ୍‌ଗୁ (ଦେଖ)
Balagu Bal-gu (See)

ବଳସ୍ୱ ତରୁଙ୍କ କସ୍ତୁରୀ ଜାଣ କେହ୍ନ ସ୍ଥଳରେ ବଳଜସ୍ଥଳରେ ।
ଉପେ. ବୈଦେହୀଶବିଳାସ ।

**ବଳଜ**—ସଂ. ବି. (ବଳ୍=ଶକ୍ତ+ଜନ୍ ଧାତୁ+କର୍ତ୍ତୃ. ଅ)—
Baḻaja ୧ । ଶସ୍ୟର ଗୁଡ଼—1. A heap of grains.
୨ । ଶସ୍ୟ—2. Corn. ୩ । ଅସ୍ଥିର ମଜ୍ଜା; ହାଡ଼ରସା—
3. The marrow of the bone. ୪ । କ୍ଷେତ୍ର; ବିଲ
4. Cultivated plot of land. ୫ । ଯୁଦ୍ଧ—
5. Battle. ୬ । ପୁରଦ୍ୱାର—6. City gate.
୭ । ଦ୍ୱାର (ହ୍ର. ଷ) 7. Door.

**ବଳଜା**—ସଂ. ବି. ସ୍ତ୍ରୀ—୧ । ସୁନ୍ଦରୀ ସ୍ତ୍ରୀ—
Baḻajā 1. A beautiful woman,
ବନ ବନିତା ବା ସମ ସ୍ଥଳେ ମୂର୍ଛି କଶାସ୍ତ ଉରଲେ ।
ଉପେ. ବୈଦେହୀଶବିଳାସ ।
୨ । ଜୁଇ ଫୁଲ—2. A kind of jasmine. ୩ । ଦଉଡ଼ି
(ହ୍ର. ଶ.)—3. Rope. ୪ । ପୃଥିବୀ—(ହ୍ର. ଷ.)—
4. The earth

**ବଳଣ**—ପ୍ରାଦେ.—(ଯାଜପୁର) ବି—ବିଲକୁ ପାଣି ନେବା ପାଇଁ
Baḻaṇa ଖୋଲା ଯାଇ ଥିବା ଛୋଟ ନାଳିଆ—A small
channel for irrigating fields.

**ବଳଣା(ଣି)**—ଦେ. ବି. (ସଂ. ବର୍ତ୍ତନ)—ଘଣା ହୋଇଥିବା ତୁଳାକୁ
Baḻaṇā(ṇi) ଖଣ୍ଡିଏ ସରୁକାଠିଦ୍ୱାରା ବଳ ପ୍ରସ୍ତୁତ କରାଯିବା ତୁଳାର
(ବଳଣୀ—ଅନ୍ୟରୂପ) ନଳୀ—A roll or skein of carded
তুলোর গোছ **पीर** cotton from which thread is spun.

**ବଳତ୍(ତ)କାର (ଇତ୍ୟାଦି)**—ଗ୍ରା. ବି. (ସଂ. ବଳାତ୍କାର)—ବଳାତ୍କାର
Baḻat(ta)kāra (etc) ଇତ୍ୟାଦି (ଦେଖ)—Baḻātkāra etc
(See)

**ବଳଦ**—ସଂ. ବିଣ. ପୁଂ (ବଳ+ଦା ଧାତୁ+କର୍ତ୍ତୃ ଅ)—ଯେ ବଳ ପ୍ରଦାନ
Baḻada କରେ; ଶକ୍ତିଦାତା—Giving strength or
(ବଳଦା—ସ୍ତ୍ରୀ) vigour; invigarating.
ସଂ. ବି—୧ । ଜୀବକ ନାମ ଔଷଧ—1. Name of a
rare drug. ୨ । ହୋମାଗ୍ନି—2. Sacrificial fire.
ଦେ. ବି. (ସଂ. ବଳୀବର୍ଦ୍ଦ)—୧ । ବଳୀବର୍ଦ୍ଦ; ମୁଷ୍କଚ୍ଛେଦନ
বলদ; গরু କରାଯାଇ ଥିବା, କୃଷିକାର୍ଯ୍ୟ ଓ ଭାର ବହନାଦି କାର୍ଯ୍ୟର
**बपेल; बैल; बरद** ଉପଯୋଗୀ ବୃଷ—1. Bullock; ox;
castrated ox.
ବଳଦଆଏ, ଲାଂ ଧୋଆଏ ବୁଢ଼ି—ଚଡ ।

[ ଦ୍ର—ଯୁବା ବଳଦକୁ ଦାମୁଡ଼ି ଓ ବୁଢ଼ା ବଳଦକୁ ବୁଢ଼ା
ବୋଲାଯାଏ; ହଳରେ ଲାଗିବା ବଳଦକୁ ହଳିଆ ବଳଦ, ସଗଡ଼ରେ
ଲାଗିବା ବଳଦକୁ ସଗଡ଼ିଆ ବଳଦ, ଥୋର(ଡ଼) ବୋହିବା ବଳଦକୁ
ଥୋର(ଡ଼)ଆ ବଳଦ ଓ ଘଣା ଟାଣିବା ବଳଦକୁ ଘଣା ବଳଦ
ବୋଲାଯାଏ । ଓଡ଼ିଶାରେ ଅଣ୍ଡିରା ବାଛୁରିର ମୁଷ୍କ ଛେଦନ କରି
ବଳଦ କରାଯାଏ, ଭାରତର ଉତ୍ତର ପଶ୍ଚିମରେ ମୁଷ୍କ ଛେଦନ ହୋଇ
ନ ଥିବା ବଳଦକୁ କାର୍ଯ୍ୟରେ ଲଗାଯାଏ । ]

୨ । ବଳଦ ପରି ନିର୍ବୁଦ୍ଧିଆ ଲୋକ—2. A stupid
person. ୩ । ବଳଦପରି ବହୁତଗୁଡ଼ାଏ ଖାଉଥିବା
ଲୋକ—3. A greedy or voracious person.
୪ । ଗୋଟିଏ ଥୋଡ଼ ବଳଦ ଉପରେ ଲଦା ହେବା ଭୋଟିର
ପରିମିତ ବସ୍ତ୍ରାଦି—4. A heap of cloth equal to
a full load on a pack-bullock.
( ଯଥା—ଚଉଡ଼ଲୋକ ସାନ ଶୀତଦିନେ ବଳଦେ ଲେଖାଏଁ
ଶୀତଲୁଗା ଲଦି ହୋଇ ଆଣନ୍ତି । )
୫ । ସୂର୍ଯ୍ୟଙ୍କର ପ୍ରଥମ ପୁତ୍ର—5. The first son of
the Sun-god.
ପ୍ରଥମପୁତ୍ର ପ୍ରଥମ ପୁତ୍ରଙ୍କ ବଳଦ
ସେହି ଦୁଦଳଙ୍କ ପ୍ରଥମ ବଳଦ୍ଦତ । କୃଷ୍ଣସିଂହ, ମହାଭାରତ ବନ ।
୬ । ୫୦ ଯୋଡ଼ା ଧୂଆଁପତ୍ରର ମେଣ୍ଢା—6. 50 pairs
of plaited tobacco leaves.
ଦେ. ବିଣ. (ଲକ୍ଷଣାର୍ଥ)—୧ । ପେଟୁ; ଅସଂଯମୀ—1.
Greedy; voracious. ୨ । ଅଳସୁଆ—2. Idle;
lazy; requiring constant goading to
work. ୩ । ନିର୍ବୁଦ୍ଧି—3. Foolish; stupid.
ପ୍ରାଦେ. (ମେଦିନୀପୁର) ବି—ଥୋଡ଼ିଆ ବଳଦ—Pack-
bullock.

**ବଳଦ ଗାଡ଼ି**—ଦେ. ବି. (ସଂ. ବଳୀବର୍ଦ୍ଦ+ଗନ୍ତ୍ରୀ)—ବଳଦଦ୍ୱାରା ଟଣା
Baḻada gāṛi গোরুগাড়ি ହେବା ଗାଡ଼ି—Bullock-cart.
**बैलगाडि** [ ଦ୍ର—ବଳଦଗାଡ଼ି ଅନେକ ପ୍ରକାର; ଯଥା—ଏକ
ବଳଦଆ, ଦୁଇ ବଳଦଆ, ଛାଡି, ସ୍ପ୍ରିଙ୍ଗ୍ ବା ଛଇର ଗାଡ଼ି ଓ
ଖୋଲା ଗାଡ଼ି । କାଠର ପ୍ରକୋଷ୍ଠ ଯୁକ୍ତ କେଟେଣ୍ଟ ଗାଡ଼ି (ଗଞ୍ଜାମ
ଅଞ୍ଚଳରେ ନାମ, ବାଣ୍ଡି) ମଧ୍ୟ ବଳଦଙ୍କ ଦ୍ୱାରା ଟଣାଯାଏ । ମଧ୍ୟ
ଭାରତ ଓ ଉତ୍ତର ଭାରତରେ ବଡ଼ବଡ଼ ଗାଡ଼ିକୁ ୩ଟା, ୪ଟା
ଲେଖାଏଁ ବଳଦ ଟାଣନ୍ତି । ]

**ବଳଦଗାଣ୍ଡିଆ**—ଦେ. ବିଣ. (ଗାଳି)—ନିର୍ବୁଦ୍ଧିଆ—
Baḻada gāṇḍiā গোবেচারা Foolish; stupid.
**बैलगांडु** (ବଳଦଗାଣ୍ଡୁ—ଅନ୍ୟରୂପ)

**ବଳଦ ବାପ(ପୁ)ଡ଼ା**—ଦେ. ବି—ବଳଦ ବପୁରା (ବଳଦ ପ୍ରତି ପ୍ରୀତି ବା
Baḻada bāpa(pu)ṛā ଅନୁକମ୍ପାସୂଚକ ସମ୍ବୋଧନ)—
বলদ বেচরা, গোবেচারা(রী) The poor bullock ( used
**बैलबपुरा** in pity ).
ବଳଦ ବାପଡ଼ା ବନ୍ଧ ହୋଇଗଲା ଗଗନେ ଉଡ଼ିଲା ଧୂଳି
ତଳିର କଙ୍କଡ଼ା ମୃଦଙ୍ଗ ବଜାଇଲେ ବେଙ୍ଗ ଦେଲେ ହୁଳହୁଳି—
ଶଙ୍କରଭେଦ ଭଜନ ।
ଗାଈ ସହଦେବଙ୍କର, ଷଣ୍ଢ ମହାଦେବଙ୍କର
ବଳଦବାପୁଡ଼ା କାହାର ନୁହେଁ—ଢଗ ।

**ବଳଦା**—ସଂ. ବି. ସ୍ତ୍ରୀ—ଅଶ୍ୱଗନ୍ଧା—A medicinal plant;
Baḻadā Physalis Flexuosa.

**ବଳଦଆ**—ଦେ. ବିଣ—୧ । ବଳଦ ପରି ଅଳସୁଆ—1. Idle like a
Baḻadiā bullock. ୨ । ବଳଦ ପରି ପେଟୁ—2. Greedy
বলদিয়া, বলদো like a bullock. ୩ । ବଳଦ ପରି
**बैलकापसा, बरदिया** ନିର୍ବୋଧ—3, Stupid like an ox.

ଦେ. ବି—ଥୋଡ଼ବଳଦର ଅଧ୍ୟକ୍ଷ; ଥୋଡ଼ିଆ—The master of paok-bullocks; one who carries on trade by getting commodities carried on pack-bullocks.

ବଳଦିଆ ହିସାବ—ଦେ. ବି ( ଗଣିତ )—୧ । ଗଣିତର ମୋଟାମୋଟି
Baladiā hisāba ହିସାବ; ଗଣିତର ଯୋଗ ବିଯୋଗ ଆଦି
বলদে হিসাব ସାଧାରଣ ଅଶିକ୍ଷିତ ଥୋଡ଼ିଆମାନେ ଯେପରି
सांकेतिक, मूडकट्टी ହିସାବ କରନ୍ତି ସେହିପରି ହିସାବର ପ୍ରଣାଳୀ—1. (arithmetic) A rough and ready way of reckoning; practice. ୨ । ମାନସାଙ୍କ—2. Mental arithmetic.

ବଳଦେବ—ସଂ. ବି ( ବଳ=ବଳବାନ୍+ଦେବ=ଦେବତା )—
Baladeba ୧ । ବଳରାମ; ହଳାୟୁଧ; କୃଷ୍ଣଙ୍କ ବଡ଼ ବୈମାତ୍ର ଭାଇ ଓ ରୋହିଣୀଙ୍କ ପୁତ୍ର—1. Elder step-brother of Ṡrīkṛushṇa.
[ ଦ୍ର—ଏ ବାଲ୍ୟକାଳରୁ ଶ୍ରୀକୃଷ୍ଣଙ୍କ ସଙ୍ଗେ ଗୋକୁଳ (ବୃନ୍ଦାବନ)ରେ ଥିଲେ ଓ ପରେ ତାଙ୍କ ସଙ୍ଗେ ମଥୁରାକୁ ଆସିଥିଲେ । ଏ ବଡ଼ ଉଦଣ୍ଡ ଥିଲେ ଓ ମଦ୍ୟପାନ କରୁଥିଲେ । ଏ ବର୍ଣ୍ଣରେ ଗୌର ଥିଲେ । ଏହାଙ୍କ ଅସ୍ତ୍ର ହଳ ଓ ମୂଷଳ ଥିଲା । ଏହାଙ୍କ ରଥର ପତାକାରେ ତାଳ ଚିହ୍ନ ଥିଲା । ପୌରାଣିକ ସୂତ ମୁନିଙ୍କ ଧୃଷ୍ଟଭାବରେ କ୍ରୁଦ୍ଧ ହୋଇ ବଳରାମ ତାଙ୍କୁ ନିହତ କରିଥିଲେ—ହି. ଶ ] ୨ । ପବନ—2. Wind.

ବଳଦେବ ପୂଜା—ଦେ. ବି—ଗହ୍ମା ପୂର୍ଣ୍ଣିମାରେ ବଳଦେବଙ୍କ ଜନ୍ମ
Baladeba pūjā ଉପଲକ୍ଷରେ କରାଯିବା ପୂଜା—The full moon of the month of Ṡrābaṇa.
[ ଦ୍ର—ଏଦିନ ଗ୍ରାମ ପ୍ରାନ୍ତରେ ଗୋଟିଏ ଲମ୍ବା ବେଦୀ କରାଯାଇ ତହିଁରେ ବଳଦେବଙ୍କର ପୂଜା ହୁଏ ଓ ଗୋଟିଏ ଅଣ୍ଡିରା ବାଛୁରୀ (ଅନଡ୍ୱାହ)କୁ ଆଣି ସେ ବେଦୀକୁ ଡିଆନ୍ତି । ]

ବଳଦେବ ରଥ—ଦେ. ବି. ( ନାମ )—କବିସୂର୍ଯ୍ୟ ( ଦେଖ )
Baladeba ratha Kabisūrjya ( See )

ବଳ ଦେବା—ଦେ. କ୍ରି—୧ । ବଳବାନ୍ କରିବା—1. To give
Bala debā strength. ୨ । ହିମ୍ମତ ଦେବା—2. To in-
জোর দেওয়া fuse vigour; to encourage. ୩ । ସାହାଯ୍ୟ
बल देना କରିବା—3. To render help.

ବଳଦ୍ୱିଟ୍—ସଂ. ବି. ( ବଳ+ଦ୍ୱିଷ୍ ଧାତୁ+କର୍ତ୍ତୃ. କ୍ୱିପ୍; ବଳଦ୍ୱିଷ୍;
Baladwiṭ ୧ମା. ୧ବ )—ବଳ ନାମକ ଅସୁରର ନିହନ୍ତା; ଇନ୍ଦ୍ର-
(ବଳଦ୍ୱିଷ, ବଳ ନିସୂଦନ, ବଳ ବିନାଶନ—ଅନ୍ୟରୂପ) Indra.

ବଳନ—ଦେ. ବି—ଗଠନ; ଗଢ଼ଣ—Build.
Balana
ଶଣ-ଶୀର୍ଷ ତ୍ରାସେ ଅଙ୍ଗନା-ଅଙ୍ଗ ଚାରୁ ବଳନ ।
ରସାକାଶ. ଚନ୍ଦ୍ରକଳା ।
ସଂ. ବି. (ଗଣିତ ଜ୍ୟୋତିଷ)—ଗ୍ରହନକ୍ଷତ୍ରାଦିର ଅସୁକାଂଶରୁ ଚଳନ; ବିଚଳନ (ହି. ଶ)—(astronomy) Aberrations of a planet or star.

ବଳ ନାଶ—ସଂ. ବି. (୬ଷ୍ଠୀ ତତ୍; ବଳ+ନାଶ)—ବଳ ହାନି (ଦେଖ)
Bala nāṡa Bala hāni ( See )

ବଳନ୍ତ—ଦେ. ବିଣ. (ସଂ. ବଳବତ୍‌ର ବହୁ ବଚନ ବଳବନ୍ତଃ)—
Balanta ବଳବାନ୍—Strong.

ବଳ ପର—ସଂ. ବି. (୬ଷ୍ଠୀ ତତ୍; ବଳ+ପର=ଶତ୍ରୁ)—ଇନ୍ଦ୍ର—
Bala para Indra.
ବଳପର ବନସ୍ତୀ ଯୌବନ ପତ୍ରରନ୍ତେ । ଉଷ୍ଣ. ବୈଦେହୀଶବିଳାସ ।

ବଳ ପଶା—ଦେ. ବିଣ. ପୁଂ (ସଂ. ବଳ+ପ୍ରବେଶ)—
Bala paṡā ୧ । ଯେ ଜବରଦସ୍ତି ପ୍ରବେଶ କରେ—
(ବଳେ ପଶା—ଅନ୍ୟରୂପ) 1. Entering a place forcibly.
(ବଳ ପଶୀ, ବଳେ ପଶୀ—ସ୍ତ୍ରୀଲିଙ୍ଗ) উপর পড়া
बल धकेल ୨ । ଯେ ନିମନ୍ତ୍ରିତ ନ ହୋଇ କୌଣସି ସ୍ଥାନକୁ ଯାଏ—2. Going to a place uninvited.
ଆସ କହି ! କଥା ଲହସରେ ଗଲି ଚଇଲି
ମତେ ନ ବୋଲିବୁ ବଳପଶୀ—ଭ ଗ ।

ବଳ ପାଣ୍ଡୁର—ସଂ. ବି—କୁନ୍ଦ ଫୁଲ (ହି. ଶ)—
Bala pāṇḍura The Kunda plant.

ବଳ ପୁଚ୍ଛକ—ସଂ. ବି—କୁଆ (ହି. ଶ)—
Bala puchchhaka Crow.

ବଳ ପୃଷ୍ଠକ—ସଂ. ବି—ରୋହି ମାଛ (ହି. ଶ)—
Bala pṛushṭhaka Labeo Robita (fish).

ବଳ ପୂର୍ବକ—ଦେ. କ୍ରି. ବିଣ—ଜୋର କରି; ବଳାତ୍କାରରେ—
Bala pūrbaka Forcibly; by force.
बल पूर्वक बल पूर्वक

ବଳ ପ୍ରସୂ—ସଂ. ବି. ସ୍ତ୍ରୀ. (ବଳ+ପ୍ର+ସୂ ଧାତୁ+କର୍ତ୍ତୃ. କ୍ୱିପ୍)—
Bala prasū ବଳରାମଙ୍କ ମାତା; ରୋହିଣୀ—Mother of Balarāma.

ବଳ ପ୍ରୟୋଗ—ସଂ. ବି. (୬ଷ୍ଠୀ ତତ୍)—ଜବରଦସ୍ତି; ବଳାତ୍କାର—
Bala prayoga Use of force.

ବଳବତ୍—ସଂ. ବିଣ. ( ବଳ+ଅସ୍ତି ଅର୍ଥରେ ବତ୍ )—୧ । ବଳୁଆ;
Balabat ଶକ୍ତିଶାଳୀ—1. Strong. ୨ । କାର୍ଯ୍ୟକାରୀ—2 Effectual ୩ । ମାତବର—3. Valid.
ସଂ. କ୍ରି. ବିଣ—ଅତିଶୟ; ଅତ୍ୟନ୍ତ—Very; very much.

ବଳବତ୍ ଓ ଫଳବତ୍—ଦେ. ବିଣ. (କଚେରୀ) (ସଂ. ବଳବତ୍ ଓ
Balabat o phalabat ଫଳବତ୍)—ମାତବର ଓ କାର୍ଯ୍ୟକାରୀ—
কাএমী कायम Valid and effectual; of full force.
( ଯଥା—ଏ ଟଙ୍କା ପରିଶୋଧ ନ ହେବା ପର୍ଯ୍ୟନ୍ତ ଏହି ଦଖଲ ବନ୍ଧକ ତମସୁକ ବଳବତ୍ ଓ ଫଳବତ୍ ରହିବ । ]

ବଳବତ୍ତର—ସଂ. ବିଣ. (ବଳବତ୍+ଅତିଶଯ୍ୟାର୍ଥେ. ତର)—
Balabattara ୧ । ଅତ୍ୟନ୍ତ ବଳବାନ୍—1. Very strong. ୨ । ଦୁଇ ଜଣଙ୍କ ମଧ୍ୟରେ ବେଶି ବଳୁଆ—2. Stronger.

ବଳବତ୍ତମ—ସଂ. ବିଣ. (ବଳବତ୍+ଅତିଶଯ୍ୟାର୍ଥେ ତମ)—
Balabattama ୧ । ଅତି ବଳବାନ୍—1. Very strong. ୨ । ଅନେକଙ୍କ ମଧ୍ୟରେ ବେଶି ବଳୁଆ—2. Strongest.

ବଳବତ୍ତା—ସଂ. ବି (ବଳବତ୍+ଭାବ. ତା)—୧ । ଅତିଶୟ ବଳ, Balabattā ସାମର୍ଥ୍ୟ ବା ଶକ୍ତି—1. Very great power. ୨ । ଶକ୍ତିମତ୍ତା; ଶକ୍ତିବିଶିଷ୍ଟତା—2. The state of being strong; potency; validity.

ବଳବତ—ଗ୍ରା• ବିଣ—(ସଂ. ବଳବତ୍ତର)—ବଳବତ୍ତର (ଦେଖ) Balabatra Balabattara (See).

ବଳବନ୍ତ(ନ୍ତା)—ଦେ, ବିଣ—(ସଂ. ବଳବତ୍ ଶବ୍ଦର ୧ମା ବହୁବଚନ, Balabanta(ntā) ବଳବନ୍ତଃ)—୧ । ବଳବାନ୍; ବଳୁଆ— (ବଳବନ୍ତୀ—ସ୍ତ୍ରୀ) 1. Strong; might.

ଯାହାକୁ ରକ୍ଷିବେ ଅନନ୍ତ
କି କରି ପାରେ ବଳବନ୍ତ—ଜଗନ୍ନାଥ• ଭାଗବତ ।

बलवन्त ସେ ନାବରେ ବସି ମାଝିଙ୍କ କଥା ଚିନ୍ତା

बलवंत କରନ୍ତେ ପାଇଗଲେ ମାତ୍ର ବଳବନ୍ତା—କୃଷ୍ଣସିଂହ, ମହାଭାରତ ବନ ।

୨ । କ୍ଷମତାଶାଳୀ—2. Powerful.

ପୁଣି ଯେଉଁମାନେ ଅଟନ୍ତି ବଳବନ୍ତ
ତାଙ୍କ ଭୂମେ ବସୁଛନ୍ତି କି ସତକୃତ—କୃଷ୍ଣସିଂହ, ମହାଭାରତ ସଭା ।

ବଳ ବୟସ—ଦେ• ବି (ସଂ. ବଳ+ବୟଃ)—୧ । ଦେହରେ ସମଧିକ Bala bayasa ବଳ ଓ ଯୁବା ବୟସ—1. Strength and बलवएस youth, ୨ । କୌଣସି କାର୍ଯ୍ୟ କରିବା ପାଇଁ ଉପଯୁକ୍ତ बलवएस ବଳ ଓ ବୟସ—2. Enough strength and age for accomplishing an act.

ବଳବର୍ଦ୍ଧକ—ସଂ. ବିଣ—(ଉପପଦ ତତ୍ପୁରୁଷ)—ଯାହା ବଳ ବଢ଼ାଏ— Bala barddhaka Increasing strength; strengthening; invigorating.

ବଳବର୍ଦ୍ଧନ—ସଂ. ବି (୬ଷ୍ଠୀ ତତ୍)—ବଳର ବୃଦ୍ଧି—Increase Balabarddhana of strength, power or force.
ସଂ. ବିଣ—ଶକ୍ତି ବର୍ଦ୍ଧକ—Increasing strength or vigour; strengthening.

ବଲବଲ କରି ଚାହିଁବା—ଦେ. କ୍ରି (ସଂ. ପଲକ)—ଓଲୁପରି ଅନିମେଷ Balabala kari chāhinbā ନୟନରେ ଅନାଇବା—To बलबलकरे चाओया ताकना stare like an idiot.

ସେ ବଲ ବଲ କରି ଚାହିଁ ରହୁଥାଏ—
ଫକୀରମୋହନ: ଛମାଣ ଆଠଗୁଣ ।

ବଲ ବଲଣା(ନା)—ଦେ. ବି—ବନ୍ୟ ଗୁଳ୍ମବିଶେଷ—A wild shrub. Bala balaṇā(nā)
इसारमोल [ ଦ୍ର—ଏଥିର ଚେର ହାଡ଼ୁଆ । ଏହା ପୁରୀ, ଖୋରଧା ଓ ଗଡ଼ଜାତ ଅଞ୍ଚଳର ଜଙ୍ଗଲମାନଙ୍କରେ ହୁଏ । ]

ବଲବଲା—ଦେ. ବିଣ• ପୁଂ—ଓଲୁ—Idiot, Balabalā ଉଲୁ उल्लु [ ବଲବଲୀ, ବଲବଲେଇ ସ୍ତ୍ରୀ ]

ବଲବଲିଆ—ଦେ. ବିଣ. ପୁଂ—(ପୁରୁଷଙ୍କ ପ୍ରତି ଗାଳିବିଶେଷ)—(a Balabaliā term of abuse to males)—୧ । ବଲବଲା बलबले भद्दु (ଦେଖ)—1, Balabalā (See) ୨ । ଯେ କାର୍ଯ୍ୟଗୁଡ଼ିକ ଅସୁନ୍ଦର ଭାବରେ କରେ— 2. Doing acts clumsily. ୩ । ଯାହା ପେଟରେ କଥା ରହେ ନାହିଁ 3. Babbling.

ଦେ. ବି—୧ । ଏକ ପ୍ରକାର ଶାଗ—1. A kind of pot-herb. ୨ । କ୍ଷୁଦ୍ର ଗୁଳ୍ମ ବିଶେଷ—2. A kind of small shrub.
[ ଦ୍ର—ଏହାର ପତ୍ର ଘାଅରେ ଲଗାଇଲେ ଘାଅ ଶୁଖିଯାଏ ।]

ବଳବାନ୍—ସଂ. ବିଣ• ପୁଂ—(ବଳ+ବତ୍; ବଳବତ୍ ଶବ୍ଦ, ୧ମା. ୧ବ)— Balabān ୧ । ବଳୁଆ—1. Strong; mighty, ୨ । କ୍ଷମତା- [ବଳବତୀ—ସ୍ତ୍ରୀ] ଶାଳୀ—2. Powerful.
କ୍ରି. ବିଣ ଓ ବିଣର ବିଣ—ଅତ୍ୟନ୍ତ—Very much.

ବଳ ବିକ୍ରମ—ସଂ. ବି—(ଏକାର୍ଥକ ସହଚର ଶବ୍ଦଦ୍ୱୟ)—ଶକ୍ତି— Bala bikrama Power; strength.
(ବଳପରାକ୍ରମ—ଅନ୍ୟରୂପ; ବଳପ୍ରାକର୍ମ—ଦେଶଜରୂପ)

ବଳ ବିନ୍ୟାସ—ସଂ. ବି—(୬ଷ୍ଠୀ ତତ୍; ବଳ+ବିନ୍ୟାସ)—ସୈନ୍ୟସଜ୍ଜା; Balabinyāsa ବ୍ୟୂହ ରଚନା—Array of troops.

ବଳବୀଜ—ସଂ. ବି—ଅତିବଳା (ଦ୍ର. ଶ) (ଦେଖ) Balabīja Atibalā (See).

ବଳ ବ୍ୟସନ—ସଂ• ବି—(୬ଷ୍ଠୀ ତତ୍; ବଳ=ସୈନ୍ୟ+ବ୍ୟସନ= Bala byasana ବିପଦ)—ସୈନ୍ୟ ଦଳର ପରାଜୟ ବା ଛତ୍ରଭଙ୍ଗ—Defeat or rout of an army.

ବଳଭଦ୍ର ଭଞ୍ଜ—ଦେ. ବି—ଗଞ୍ଜାମ ଜିଲ୍ଲା ଘୁମୁସର ରାଜ୍ୟର ଜନୈକ Balabhadra bhañja ପୁରାତନ ସାହିତ୍ୟିକ ରାଜା—Name of a literary Raja of Ganjam district.
[ ଦ୍ର—ସେ ୧୦୨୨-୧୦୭୨ ଖ୍ରୀଷ୍ଟାବ୍ଦ ପର୍ଯ୍ୟନ୍ତ ରାଜତ୍ୱ କରିଥିଲେ । ସେ ଉତ୍କଳର ପ୍ରଥମ କବି ଏବଂ ଉତ୍କଳଭାଷାରେ 'ଭାଗବତ' ନାମକ ଗ୍ରନ୍ଥେ କାବ୍ୟ ରଚନା କରିଥିଲେ ।
ଚାରଣୀଚରଣ-ଉତ୍କଳସାହିତ୍ୟ ଇତିହାସ । ]

ବଳଭଦ୍ର ଭୋଗ—ଦେ. ବି—ଏକପ୍ରକାର ସୁବାସିତ ଧାନ—A species Balabhadra bhoga of sweet scented paddy.

ବଳଭଦ୍ର ମିଶ୍ର—ସଂ. ବି (ନାମ)—ଜନୈକ ଓଡ଼ିଆ ଜ୍ୟୋତିଷୀ— Balabhadra miśra Name of an Oria astrologer.
[ ଦ୍ର—୧୫୬୩ ଶକାବ୍ଦରେ ଏ ହାୟନରତ୍ନ ନାମକ ବର୍ଷଫଳ ଗଣନୋପଯୋଗୀ ତାଜକଗ୍ରନ୍ଥ ରଚନା କରିଥିଲେ । )

ବଳଭଦ୍ରା—ସଂ• ବି (ବଳ+ଭଦ୍ର+ଆ)—୧ । କୁମାରୀ—1. A Balabhadrā maiden. ୨ । ବଳରାମଙ୍କ ସ୍ତ୍ରୀ—3. Wife of Balarāma. ୪ । ଜଙ୍ଗଲୀ ଗାଈ; ନୀଲଗାଈ (ହି)— 4. The Nilghau. ୫ । ତ୍ରାୟମାଣା ଲତା (ହି. ଶ) (ଦେଖ)—5. Trāyamāṇā (See).

ବଳ ଭାଙ୍ଗିବା—ଦେ. କ୍ରି—କୌଣସି କାର୍ଯ୍ୟରେ ନିଜର ବଳ ଓ ଶକ୍ତି Bala bhāṅgibā ପ୍ରୟୋଗ କରିବା—To spend one's बलभाङ्गा energy (in doing a thing).
ଦେ. କ୍ରି—ବଳକ୍ଷୟ ହେବା—The ebbing of one's बल तुटना strength.

ବଳଭଦ୍ର—ସଂ. ବି (ବଳ=ଶକ୍ତି+ଭଦ୍ର=ଶ୍ରେଷ୍ଠ, ଅଥବା ବଳ= Balabhadra ବଳବାନ୍=ବଳବାନ୍ (ହୋଇ ମଧ୍ୟ)+ଭଦ୍ର=

ସୋମ୍ୟ )—୧ । ବଳରାମ; ଶ୍ରୀକୃଷ୍ଣଙ୍କ ବଡ଼ ଭାଇ—1. Balarāma. ୨ । ଅନନ୍ତ ନାଗ—2. The great serpent. ୩ । ଲୋଧ୍ର; ଲୋଧ୍ରଗଛ—3. Symplocus Racemosa. ୪ । ବଳୁଆ ବ୍ୟକ୍ତି—4. A strong man. ୫ । ଗଲଗାଈ (ହି. ଶ)—5. The Nilghau; Boselaphus Tragocamelus. ୬ । ଭାରତବର୍ଷର ପର୍ବତବିଶେଷ (ହି. ଶ)—6. Name of a mountain. ୭ । ଗବୟ; ଗୟଲ—7. The Gayal; Bos Frontalis.

**ବଳଭଦ୍ର ଗୋତ୍ରୀ**—ଦେ. ବି (ସ. ବଳଭଦ୍ର+ଗୋତ୍ରୀୟ)—ଓଡ଼ିଆ ବ୍ରାହ୍ମଣ-Balabhadra gotri ମାନଙ୍କର ଏକ ନିମ୍ନଶାଖା; ମାସ୍ତାନ—**मुहँहार** A low class of Oria Brāhmaṇas.

ବଳଭଦ୍ର ଗୋତ୍ରିଆ, ବଳରାମ ଗୋତ୍ରୀ, ବଳରାମ ଗୋତ୍ରିଆ } ଅନ୍ୟରୂପ

[ ଦ୍ର—ଏମାନେ ଅଠ କର୍ମରେ ବ୍ରତ ହୁଅନ୍ତି, କିନ୍ତୁ ଏମାନଙ୍କର ସାବିତ୍ରୀ ପ୍ରଦାନ ବା ବ୍ରତ ସମୟରେ ଗୁରୁଙ୍କଠାରୁ ମନ୍ତ୍ର ଗ୍ରହଣ ପ୍ରଥା ନାହିଁ । ଏମାନେ ସାଧାରଣତଃ ହଳ କରନ୍ତି ଓ ପିକା ଖାଆନ୍ତି, ଏମାନଙ୍କ ମଧ୍ୟରେ ସେନାପତି, ସାହୁ, ସ୍ୱାଇଁ, ମହାନ୍ତି ଆଦି ଶୂଦ୍ରୋଚିତ ବଂଶୋପାଧି ଅଛି । ]

**ବଳଭଦ୍ର ଜନ୍ମ**—ସ. ବି—ବଳଦେବଙ୍କର ଜନ୍ମଦିନ; ବଳଦେବ ପୂଜା, Balabhadra janma ଗହ୍ମାପୂର୍ଣ୍ଣିମୀ; ଶ୍ରାବଣ ପୂର୍ଣ୍ଣିମୀ—The fullmoon of the month of Śrābaṇa. ( ବଳଭଦ୍ର ପୂଜା—ଅନ୍ୟରୂପ )

**ବଳଭି(ଭୀ)**—ସ. ବି. (ବଲ୍ ଧାତୁ=ଆବୃତ କରିବା+ଅଭ+ଇ;ଈ)—Balabhi(bhī) ବଡ଼ଭି ( ଦେଖ )—Bardabhi ( See )

**ବଳଭିଦ୍**—ସ. ବି. ( ବଳ ନାମକ ଅସୁରକୁ ଯେ ଭେଦ କରିଥିଲେ; Balabhid ବଳ+ଭିଦ୍ ଧାତୁ+କର୍ତ୍ତୃ. କ୍ୱିପ୍ )—ଇନ୍ଦ୍ର—Indra. (ବଳଘ୍ନ, ବଳହା, ବଳସୂଦନ, ବଳନିସୂଦନ, ବଳହନ୍ତା—ଅନ୍ୟରୂପ )

**ବଳଭୂମି**—ସ. ବି. ( ୬ଷ୍ଠୀ ତତ୍; ବଳ=ସୈନ୍ୟ+ଭୂମି=ସ୍ଥାନ )—Balabhūmi ଛାଉଣୀ; ସେନାନିବାସ—A camp of soldiers; cantonment.

**ବଳମ୍(ମ)**—ଦେ. ବି. ( ସ. ଭଲ୍ଲ )—ବର୍ଚ୍ଛା—Spear. Balam(ma) बर्छा **बल्लम**

**ବଳମାନ**—ଗ୍ରା. ବିଣ ( ସ. ବଳବାନ୍‌ର ଅଶୁଦ୍ଧ ପ୍ରୟୋଗ )—Balamāna ବଳବାନ୍; ସବଳ—Strong.

ବାସରେ ସ୍ନେହ; ବଳମାନ ସ-ବିକ୍ରମ ବପୁର—
ଭକ୍ତ. ବୈଦେହୀଶବିଳାସ ।

**ବଳୟ**—ସ. ବି ( ବଲ୍ ଧାତୁ=ବେଷ୍ଟନ କରିବା+କର୍ତ୍ତୃ. ଅୟ )—Balaya ୧ । କରଭୂଷଣ; କଙ୍କଣ; ଖଡ଼ୁ—1. Wristlet; bracelet.

[ ଦ୍ର—ଓଡ଼ିଆରେ ଗୋଡ଼ର ଭୂଷଣ 'ବଳା' ଓ ବଙ୍ଗଳାରେ ହାତର ଭୂଷଣ 'ବାଲା' ଏହି ଶବ୍ଦର ଅପଭ୍ରଂଶ । ]

୨ । ବାହୁ ଅଗରେ ବସାଯିବା ଧାତୁନିର୍ମିତ ମୁଦିଆ ବା ବଳା—2. A circular ring of metal. ୩ । ଗୋଲାକାର ବାଡ଼; ବେଷ୍ଟନ—3. A circular enclosure. ୪ । ମଣ୍ଡଳ—4. Circle. ୫ । ( +ଭାବେ. ଅୟ ) ବେଷ୍ଟନ—5. Circumscribing; encircling. ୬ । ( +କର୍ତ୍ତୃ. ଅୟ ) ଗଳରୋଗବିଶେଷ—6. A kind of throat disease.

[ ଦ୍ର—ଏହା ୧୮ ପ୍ରକାର ଗଳଗଣ୍ଡ ରୋଗରୁ ଏକ ଅଟେ; ଏଥିରେ କଫ ଯୋଗୁଁ ଗଳନାଳୀରେ ଗୋଟିଏ ଗଣ୍ଠି ହୋଇଯାଏ ଓ ଏହା ଅନ୍ନର ପଥ ରୋଧ କରେ; ଏହା ଅସାଧ୍ୟ—ହି. ଶ. । ]

୭ । ଶାଖା—7. A branch. ୮ । କଟିମେଖଳା—8. The zone or girdle of a married woman. ୯ । ଗୋଡ଼ି; କଙ୍କର ( ହି. ଶ )—9. Pebble.

**ବଳୟା**—ଗ୍ରା. ପ୍ରାଦେ. ( ଗଡ଼ଜାତ ) ବି—ବଳଆ କୁକୁର; ବନ୍ୟ Balayā କୁକୁର—Wild dog.

**ବଳୟାକାର**—ସ. ବିଣ ( ବହୁବ୍ରୀହି; ବଳୟ+ଆକାର )—( ବଳୟ Balayākāra ପରି ) ଗୋଲ—Circular ( like a bracelet ). ( ବଳୟାକୃତି—ଅନ୍ୟରୂପ )

**ବଳୟିତ**—ସ. ବିଣ. ( ବଳୟ+ଯୁକ୍ତ ବା ସଞ୍ଜାତାର୍ଥେ. ଇତ )—Balayita ୧ । ବଳୟଯୁକ୍ତ; ବଳୟପରିହିତ—1. Wearing a bracelet. ୨ । ଗୋଲ; ବଳୟାକୃତି—2. Circular; round. ୩ । ବେଷ୍ଟିତ—3. Surrounded. ୪ । କୁଞ୍ଚୁକୁଞ୍ଚିଆ—4. Curly ( Apte ).

**ବଳ ରହିବା**—ଦେ. ବି—( ବୟସର ଆଧିକ୍ୟ ହେତୁରୁ, ରୋଗାଦି Bala rahibā ହେତୁରୁ ବା କାର୍ଯ୍ୟରେ କ୍ଳାନ୍ତି ହେତୁରୁ) ପୂର୍ବତନ जोर कमा,कामजोर हओया ଶକ୍ତି ରହିତ ହେବା—The decaying of strength ( owing either to old **बल घटना** age, disease or fatigue).

ବଳ କମିବା, ବଳ କମିଯିବା, ବଳ ରହିଯିବା } ଅନ୍ୟରୂପ

**ବଳରାମ**—ସ. ବି ( ବଳ+ରମ ଧାତୁ=କ୍ରୀଡ଼ା କରିବା+କର୍ତ୍ତୃ. ଅ )—Balarāma ଶ୍ରୀକୃଷ୍ଣଙ୍କ ବଡ଼ ସାବତ ଭାଇ; ବଳଦେବ; ବଳଭଦ୍ର, ବିଷ୍ଣୁଙ୍କର ଅଷ୍ଟମ ଅବତାର—The elder step-brother of Srikrushna; the 8th incarnation of Bishnu.

**ବଳରାମ ଦାସ**—ଦେ. ବି. ( ନାମ )—ଜଣେକ ଓଡ଼ିଆ କବି—Balarāma dāsa An Oriya poet.

[ ଦ୍ର—କବି ପୁରୁଷୋତ୍ତମ କ୍ଷେତ୍ରବାସୀ ଜଣେ କରଣ ଥିଲେ । ଏ ବୈଷ୍ଣବଧର୍ମିବଳମ୍ବୀ; ରାମାୟଣ, ଭଗବଦ୍‌ଗୀତା, ବିରାଟଗୀତା, ଲକ୍ଷ୍ମୀପୁରାଣ ପ୍ରଭୃତି ୨୪ ଖଣ୍ଡ ପୁସ୍ତକ ରଚନା କରିଥିଲେ । ଓଡ଼ିଶାର ସ୍ୱାଧୀନ ରାଜା ପ୍ରତାପରୁଦ୍ରଦେବଙ୍କ ସମୟରେ ( ୧୫୦୪—୧୫୩୨ ଖ୍ରୀଷ୍ଟାବ୍ଦ ) ସେ ଜୀବିତ ଥିଲେ—ତାରିଣୀ. ଉତ୍କଳ ସାହିତ୍ୟ. ଇତିହାସ । ]

**ବଳରିପୁ**—ସ. ବି. ( ୬ଷ୍ଠୀ ତତ୍ )—ଇନ୍ଦ୍ର—Balaripu Indra.

ବଳଶାଳୀ—ସଂ. ବଣ. ପୁଂ ( ବଳ+ଅସ୍ତି ଅର୍ଥରେ ଶାଳୀନ୍ )—
Balaśāli ବଳବାନ୍; ବଳୁଆ; ବଳଷ୍ଠ—Strong; mighty.
(ବଳଶାଳିନୀ—ସ୍ତ୍ରୀ)

ବଳସ—ପ୍ରାଦେ. ( ଅଠମଲ୍ଲିକ ) ବ—ଅମାର; ଶସ୍ୟାଗାର—
Balasa Granary.

ବଳ ସଞ୍ଚୟ—ସଂ. ବ. ( ୬ଷ୍ଠୀ ତତ୍ )—ବଳାଧାନ—Conservation
Bala sañchaya or accumulation of energy.

ବଳସୂଦନ—ସଂ. ବ ( ବଳ+ସୂଦ ଧାତୁ=ବିନାଶ କରିବା+କର୍ତ୍ତୃ.
Balasūdana ଅନ )—ଇନ୍ଦ୍ର—Indra.

ବଳସେବୀ—ଦେ. ବ. ବଣ ( ଆଧୁନିକ ପ୍ରୟୋଗ; ଇଂ. ବଲ୍‌ଶେଭିକ୍ ଶବ୍ଦର
Balasebi ଆଧୁନିକ ଭାବାର୍ଥକ ଓଡ଼ିଆ ଅନୁବାଦ )—ବଲ୍‌ଶଭିକ୍
( ଦେଖ )—Bals-bhik ( See ).

ବଳସ୍ଥିତି—ସଂ. ବ. ( ୬ଷ୍ଠୀ ତତ୍ )—୧ । ସେନାନିବାସ; ଛାଉଣୀ—
Balasthiti 1. Cantonment; camp. ୨ । ସୈନ୍ୟ
ସମାବେଶ—2. Array of troops. ୩ । ସୈନ୍ୟ-
ମାନଙ୍କର ଅବସ୍ଥିତି—3. The position of an army.

ବଳହା—ସଂ. ବ. ( ବଳ+ହନ୍ ଧାତୁ+କର୍ତ୍ତୃ. କ୍ୱିପ୍; ବଳହନ୍ ଶବ୍ଦ
Balahā ୧ମା. ୧ବ )—୧ । ଇନ୍ଦ୍ର—1. Indra. ୨ । (ଯାହା
( ବଳହନ୍ତା—ଅନ୍ୟରୂପ ) ଶକ୍ତିକୁ ବିନାଶ କରେ ) ଶ୍ଳେଷ୍ମା—
2. Cough; catarrh; phlegm. ୩ । ବଳରାମ—
Balarāma.

ବଳହାନି—ସଂ. ବ. ( ୬ଷ୍ଠୀ ତତ୍ )—୧ । ଶକ୍ତିର ବିନାଶ—
Balahāni 1. Loss of strength. ୨ । ସୈନ୍ୟନାଶ—
( ବଳଲୋପ, ବଳକ୍ଷୟ—ଅନ୍ୟରୂପ ) 2. Loss of an army.

ବଳହୀନ—ସଂ. ବଣ. ପୁଂ ( ୩ୟା ତତ୍ )—୧ । ଦୁର୍ବଳ; ଦୁର୍ବଳ—
Balahīna 1. Weak; infirm. ୨ । ସୈନ୍ୟଦଳହୀନ—
( ବଳରହିତ—ଅନ୍ୟରୂପ ) 2. Devoid of an army.
( ବଳହୀନା, ବଳରହିତା—ସ୍ତ୍ରୀ )

ବଳା—ସ. ବ. ( ବଳ+ଅ )—୧ । ବାଡ଼ି ଅଁଳା ଗୁଳ୍ମ—1. Sida
Balā Cordifolia. ୨ । ବଳା ଚତୁଷ୍ଟୟ ( ଦେଖ )
ରମଲ पयल, पायल 2. Balā chatushṭaya (See)

ବଳାପତ୍ର ଫଳବତୀ ପ୍ରଫୁଲ୍ଲ ସେବତୀ
ବଢଣ ଲକ୍ଷଣା ଦେଖ ବହୁରେ ପାବତୀ । ଉତ୍ତ. ବୈଦେହୀଶବିଳାସ ।

୨ । ଯୁଦ୍ଧବିଦ୍ୟାବିଶେଷ—2. An art of war.
୩ । ଅସ୍ତ୍ରବିଦ୍ୟାବିଶେଷ; ( ତାଡ଼କାବଧ ସମୟରେ ବିଶ୍ୱାମିତ୍ର
ଶ୍ରୀରାମଙ୍କ ଏହି ମନ୍ତ୍ର ପ୍ରଦାନ କରିଥିଲେ)—2. A kind of
incantation. ୪ । ସାନ ଭଉଣୀ (ହ. ଶ)—
4. Younger sister.

ଦେ. ବ. (ସ. ବଳୟ)—୧ । ଗୋଡ଼ର ଗଣ୍ଠି ତଳେ ପିନ୍ଧା-
ଯିବା ଅଳଙ୍କାର—1. Anklet.

ଚରଣରେ ବଳା ପଟେ, ନାଦ ପ୍ରକଟଇ । ଉତ୍ତ. ସ୍ୱର୍ଣ୍ଣବତୀ ।

ଅଁଗଠୀ मुंदिया ୨ । ମୁଦିଆ; ଧାତୁ ବଳୟ—1. A metal
ବାଳା चूड़ी ring. ୩ । ସ୍ତ୍ରୀକରଭୂଷଣ—3. Bracelet;
bangle. ୪ । ଶଗଡ଼ଚକର ମଝିରେ ଗୁର ପାଖେ ବୁଲିଥିବା
ଲୌହ—4. An iron plate surrounding the
knob of a cart wheel. ୫ । ବଳିବା କ୍ରିୟା—
5. Act of rolling up a thing. ୬ । (ସ. ବାଳ)
ବାଳକ; ସନ୍ତାନ; ପୁତ୍ର—6. Son.

ତୋ ମାଆର ତୁ ଏକୋଇ ବଳା
ସେଣ୍ଟ ତୁ ଅଛିରୁ ଦେଶିଙ୍କ ପଲା
ଦେବୁଳିଆ ଦସ ପୁଅ ପ୍ରସୁଙ୍କ ଶିଶୁବଚନ ।

ପ୍ରାଦେ. (ଭଦ୍ରକ) ବ—ଡାବଲର ଦୁଇ ମୁଣ୍ଡରେ ଥିବା ଦଣ୍ଡର
ବଳା ଯାଇଥିବା ମୁଠା—The two knobbed ends
of the stick with which the game of
Dābala puā is played.

ପ୍ରାଦେ. (ବିଦ୍ରୁମ) ବ—ହାତରେ ପିନ୍ଧାଯିବା ସୁନା ରୁପାର
ପଇଞ୍ଚ—An ornament of gold or silver for
the wrist.

ପ୍ରାଦେ. (ଯାଜପୁର ଓ ବାଲେଶ୍ୱର) ବ. (ଭୁଲ. ବ. ବାଲା)—
ସ୍ତ୍ରୀଙ୍କ ହାତରେ ପିନ୍ଧାଯିବା ସରୁଆ ଖଡ଼ୁ—Thin brace-
let worn by women.

ପ୍ରାଦେ. (ଗଞ୍ଜାମ) ବ—ବାଗି—Bubo.

ବଲା—ପ୍ରାଦେ. (ସମ୍ବଲପୁର) ବ—ବଳୟ; ହାତ ଖଡ଼ୁ—
Balā Bangle.

ବଳା(ଳେ)ଇବା—ଦେ. କ୍ରି. ( ସ. ବଳ; ବଳାତ୍କାର )—୧ । କୌଣସି
Balā(le)ibā କାର୍ଯ୍ୟ କରିବାକୁ ବାଧ୍ୟ କରିବା; କୌଣସି
जबरदस्ति करना କର୍ମ କରିବାକୁ ବଳାତ୍କାର କରିବା—
बरजोरी करना 1. To force a person to do a thing.
୨ । ବଳାତ୍କାର କରିବା; ବଳ ପ୍ରୟୋଗ କରିବା; ଜବରଦସ୍ତି
କରିବା—2. To use force; to commit viol-
ence; to coerce.
( ଯଥା—ଦେଖିବା ଦେଖି ! କିଏ ମୋତେ ବଳାଇ ଅନ୍ୟାୟ
କାର୍ଯ୍ୟ କରାଇବ ? )
୩ । ଆଗ୍ରହାତିଶଯ୍ୟ ପୂର୍ବକ ପ୍ରବର୍ତ୍ତାଇବା; ବିଶେଷ ଭାବରେ
हठ करना ଅନୁରୋଧ କରିବା—3. To importune; to
press.

କାହିଁକି ସଖି ! ବଳାଉ ମୋତେ ଗୋ । ସଙ୍ଗୀତ ।

୪ । ଅତିକ୍ରମ କରାଇବା—4. To cause a person to
pass over a place.

ଏ ସମୟେ ବାଳାକୁ ବଳାଇ ଦେଉଛନ୍ତି କି ।
ଉତ୍ତ. କୋଟିବ୍ରହ୍ମାଣ୍ଡସୁନ୍ଦରୀ ।

୫ । ପ୍ରସ୍ଥାନକାରୀ ବ୍ୟକ୍ତିଙ୍କ ସଙ୍ଗେ ଖଣ୍ଡିଏ ବାଟକୁ ଯାଇଁ ଛାଡ଼ି
ଦେଇ ଆସିବା; ବାଟ ବଳାଇବା—5. To see a
departing person off by accompanying
अरिआतना him to a certain distance.
( ଯଥା—ସୁଜା ସାହେବ ସୋଲିଟକାଲ୍ ଏଜେଣ୍ଟଙ୍କୁ ବଳାଇବାକୁ
କୋଶେ ବାଟ ଯାଇଥିଲେ । )

୬ । ବଢ଼ିବା; ବଳ ପଡ଼ିବା; କ୍ଷମତା ବା ଶକ୍ତିର ଅତିରିକ୍ତ ହେବା—6. To exceed one's power or capacity.
**बढ़ना**
( ଯଥା—ଏଣିକି ପେଟ ଦୁଃଖ ମତେ ବଳାଇଲାଣି । )

୭ । ଅନ୍ୟ ଦ୍ୱାରା ବଳିବା କ୍ରିୟା କରାଇବା—7. To cause another to roll or twist up.
**बाँटवाना**
( ଯଥା—ସେ଼ରକୁ ଡେଲର ବାକୁ ଦଉଡ଼ି ବଳାଉଛନ୍ତି । )

୮ । ଅବଶିଷ୍ଟ ବା ଉଦ୍‌ବୃତ୍ତ ରଖିବା—8. To leave any remainder.
**बाँकि रखना**
( ଯଥା—ମୁଁ ବଣ ଭୋଜି ପାଇଁ ଯେତେକ ଚାଉଳ ଦେଲି ତାକୁ ବଳାଇ କରି ଘରକୁ ଫେରାଇ ଆଣିବ ନାହିଁ । )

୯ । ବଢ଼ାଇବା; ସୀମାରୁ ଅଧିକ କରିବା—9. To cause to exceed a limit.
**बेशि करना**
( ଯଥା—ଗଉଣୀ ଉପରେ ବଳାଇ କରି ଅଉ ପୋଏ ଚାଉଳ ମୋତେ ନ ଦେଲେ ମୋ ପେଟ ପୂରିବ ନାହିଁ । )

୧୦ । ସୀମାରୁ ଅତିରିକ୍ତ ବା ଅଧିକ ହେବା—10. To exceed the limit.
**बढ़ना**
( ଯଥା—ନଈରେ ପଶି କରି ଯାଉଁ ଯାଉଁ କ୍ଷଣଦୂରରେ ପାଣି ମୋ ଛାତିରୁ ବଳାଇଲା । )

୧୧ । ମହତ୍ତର କରିବା—11. To make greater; to enhance; to enlarge.
**बढ़ाना**
ବିସ୍ମ ମଧ କରିଃଭ ପାଞ୍ଚ
ବଳାଚରୁ ଏ କୀର୍ତ୍ତି ବଳାଇଲେ ।—ଉକ୍ତ. ବୈଦେହୀଶବିଳାସ ।

୧୨ । ( ଆପଣାର ମନକୁ ) କୌଣସି ବିଷୟ ପ୍ରତି ଆକୃଷ୍ଟ କରାଇବା; ଆସକ୍ତ କରିବା—12. To cause (one's mind) to be attracted or attached to a matter.
**बढ़ाना**
ବଳାହିବ କେଶୀ ଚିତ୍ତ, ବନାନ୍ତା ମାନେ ବହୁତ । ଗ୍ରାମ୍ୟ ସଙ୍ଗୀତ ।

୧୩ । ଆଗ ବଳିବା; ସମସ୍ତଙ୍କ ଆଗରେ ଅଗ୍ରସର ହେବା—13. To go ahead; to overtop. ୧୪ । ତଡ଼ି ଦେବା—14. To drive out.
**बढ़ना**
ବଳାଇ ଦ୍ୱାର ବାହୁଡ଼େ ସମତନ୍ତ୍ର ଵତେ
ସୁବେଳରେ ସବେ ସେ (ଗଜ) ଉକ୍ତ. ବୈଦେହୀଶବିଳାସ ।

୧୫ । କୌଣସି ପଦାର୍ଥକୁ ସ୍ପର୍ଶ କରିବା ନିମିତ୍ତ ହସ୍ତ ପଦାଦି ବଢ଼ାଇବା—15. To extend one's hands or feet in order to touch a thing.
**बढ़ाना**
ବଢ ଉ ପଥକୁ ହେଜି ହେଜି ପଦ ବଳା । ଉକ୍ତ. ବୈଦେହୀଶବିଳାସ ।

**ବଳାକ**—ସଂ. ବି. ପୁଂ. (ବଳ=ଶକ୍ତି+ଅଲ୍ ଧାତୁ=ବକ୍ରଗମନ କରିବା +କର୍ତ୍ତୃ. ଅ; ଯେ ବଳପ୍ରକାଶ ପୂର୍ବକ ଊର୍ଦ୍ଧ୍ୱକୁ ବକ୍ର-ଭାବରେ ଗମନ କରେ)—୧ । ଶ୍ୱେତ ବକପକ୍ଷୀ—1. The paddy bird; the egret. ୨ । (ନାମ) ଭାରତବର୍ଷର ପୁରୁ ରାଜାଙ୍କ ପୁତ୍ର ଓ ଜହ୍ନୁଙ୍କ ପୌତ୍ର (ହ୍ର. ଶ.)—2. Name of a king of ancient India. ୩ । ରାକ୍ଷସବିଶେଷ (ହ୍ର. ଶ.)—3. Name of a demon. ୪ । ଜାତୁକର୍ଣ୍ଣ ମୁନିଙ୍କର ଏକ ଶିଷ୍ୟ (ହ୍ର, ଶ.)—4. Name of a disciple of sage Jātukarnna.
Balāka
(ବଳାକା—ସ୍ତ୍ରୀ)

**ବଳାକା**—ସଂ. ବି. ସ୍ତ୍ରୀ.—(ବଳାକ+ଆ)—୧ । ସ୍ତ୍ରୀ ବକପକ୍ଷୀ—1. A female egert. ୨ । କାମୁକୀ ସ୍ତ୍ରୀ—2. A passionate or lustful woman. ୩ । ପ୍ରେମିକା—3. A mistress; a loved woman (M. W.). ୪ । ବକଶ୍ରେଣୀ—4. A row of egrets. ୫ । କୁଳଟା ସ୍ତ୍ରୀ—5. An adulteress. ୬ । ଏକପ୍ରକାର ନୃତ୍ୟ—6. A kind of dance.
Balākā

**ବଳାଗଣ୍ଠି**—ଦେ. ବି—[ ଯାହାତଳେ ବଳା ପିନ୍ଧା ଯାଏ । ] ଗୋଡ଼ର ଗଣ୍ଠି—Ankle.
Balāganthi
**पायेरगाँठ**
**घुटना; गट्टा**
ସେହିଁ ମାନଙ୍କର ଚରଣ, ବଳାଗଣ୍ଠି
ପାର୍ଶ୍ୱ ହେଲା ସେମାନେ ଭଲେ ଚଢ଼ି ଉଠି ।
କୃଷ୍ଣସିଂହ, ମହାଭାରତ ଦ୍ରୋଣ ।

**ବଳାଗଣ୍ଠି ପାଣି**—ଦେ. ବି—ବଳାଗଣ୍ଠି ପର୍ଯ୍ୟନ୍ତ ପାଣିରେ ବୁଡ଼ିଯିବା ଭଳି ଗଭୀର ଜଳ; ପ୍ରାୟ ୩ ଅଙ୍ଗୁଳ ଗଭୀର ଜଳ—Water about 3 inches deep. water deep up to a man's ankle.
Balāganthi pāni
**एकगाँठ जल**
**भरघुट्टो पानी**
(ବଳାଗଣ୍ଠିଏ ପାଣି—ଅନ୍ୟରୂପ)

**ବଳାଗୁଣା**—ଦେ. ବି—ଖଣ୍ଡିଗୁଣା ( ଦେଖ )
Balāgunā Khandi gunā ( See )

**ବଳାଗୁଣି**—ଦେ. ବି. ( ବଣିଆ ଶବ୍ଦ )—ମଞ୍ଜି ପ୍ରଭୃତି ଛିଅର କରିବା ଲାଗି ଏକପ୍ରକାର ସରୁ ଓ ଲମ୍ବା ହାତୁଡ଼ି—A thin long hammer.
Balāguni

**ବଳାଗ୍ର**—ସଂ. ବି. ( ୬ଷ୍ଠୀ ତତ୍; ବଳ+ଅଗ୍ର )—୧ । ସେନାପତି—1. Commander in chief. ୨ । ସେନାର ଅଗ୍ରଭାଗ—2. The advance guard of an army.
Balāgra
ବିଣ. ପୁଂ—ବଳଶାଳୀ ( ହ୍ର. ଶ. )—Strong; mighty.
(ବଳାଗ୍ରା—ସ୍ତ୍ରୀ)

**ବଳାଙ୍ଗି**—ଦେ. ବି—ମୟୂରଭଞ୍ଜର ଶିମୁଳପାଳ ପର୍ବତରୁ ବାହାରି ଥିବା ଗୋଟିଏ ନଦୀ—The river Balāngi rising from Simulipal mountain of Mourbhanj.
Balāngi
ପ୍ରାଦେ. (ଗଡ଼ଜାତ) ବି—ବେଲଙ୍ଗି ବାଉଁଶ—A kind of slender bamboo; Arundinacea (Kirtikar); Oxylenanthera Nigrocilliatate (Haines) Bambusa Tulda.

**ବଳା ଚତୁଷ୍ଟୟ**—ସଂ. ବି—ବୈଦ୍ୟ ଶାସ୍ତ୍ରୋକ୍ତ ବଳା, ଅତିବଳା, ମହାବଳା ଓ ନାଗବଳା ନାମକ ଚାରି ଗୁଳ୍ମ—The four kinds of medicinal plants known as Balā.
Balā chatushtaya
୧ । ବଳା:—(ସଂ. ବଳା, ବାଟ୍ୟା, ବାଟ୍ୟାଳକ, ବାଟ୍ୟାଳକା, ବାଟ୍ୟାମଲା,
**बेड़ेला**
**खिरैटी, बरियारा, बोजवन्द**
[ ଦ୍ର—ବଳା ବା ବାତ୍ୟାଅଁଳାର ଚାରି ପ୍ରକାର ବୈଦ୍ୟଶାସ୍ତ୍ରରେ ବର୍ଣ୍ଣିତ ଅଛି । ଏ ଚାରି ପ୍ରକାର

ମ. ଲଘୁଚକଣା, ଖିରହଟୀ, ଖୋବଟକଣା । ଗୁଲ୍ମକୁ ବଲା ଚତୁଷ୍ଟୟ ବୋଲାଯାଏ; ଯଥା—ବଲା, ମହାବଲା, ଅତିବଲା ଓ ନାଗବଲା ।

ଗୁ. ବଲଦାନା, ଖରେଣ୍ଟୀ

ତେ. ମୁର୍ଗଡ଼ୀ

୧ । ବାଡ଼ିଅଁଲା ଗୁଲ୍ମ ବା ବନ୍ଦ୍ରମୂଲୀ । ଏହା ଜବାନ୍ଧ ବର୍ଗର କ୍ଷୁପ; ପତ୍ରର ମୂଲ ପାକ ପଟ୍ଟ ପର; ପତ୍ର ସୂକ୍ଷ୍ମ ରୋମଶ । ଫୁଲ ପୀତବର୍ଣ୍ଣ, ଫଳ ପାଚିଲେ ଫାଟି କରି ଦଶ ଚକୁଡ଼ା ହୁଏ—Sida Cordifolia; heart-leaved Sida.

୨ । ମହାବଲା-(ସଂ. ମହାବଲା, ପୀତପୁଷ୍ପା, ସହଦେବୀ) ପୀତପୁଷ୍ପ ବେଡ଼େଲା ସହଦେବୀ ୨ । ବାଡ଼ି ଅଁଲା ଜାତୀୟ କ୍ଷୁପ; (ଫୁଲ ଅପୀତ, ଶୀତକାଳରେ ମଧ୍ୟାହ୍ନରେ ଫୁଟେ; ପତ୍ରର ଅଗ୍ରଭାଗ ଶିଘ୍ର ସୂକ୍ଷ୍ମ)—Sida Rhomboida.

ମ. ଭାଂଭୁର୍ଳୀ ଗୁ. ସହଦେବୀ

୩ । (ଅତିବଲା) ସଂ. ଅତିବଲା, ଋଷ୍ୟପ୍ରୋକ୍ତା, କଙ୍କତିକା ଲାଲ ବେଡ଼େଲା ୩ । ବାଡ଼ି ଅଁଲା ବା ଜାତୀୟ ଅରଣ୍ଯ କ୍ଷୁପ; ପତ୍ରର ପିଠି ଲୋମଶ; ଫଳ ପାଚିଲେ ଫାଟି କରି ୫ ଚକୁଡ଼ା ଫଳ ଅପୀତ—Abtylon Indicum; Sida Rhombifolia Indian mallow.

ମ. ଚିକଣ୍ଟଡ଼ି, ଅକକଇ, କାଂସୁଲି

ଗୁ. ଖପାଟ୍ୟ

୪ । ନାଗବଲା ( ସଂ. ନାଗବଲା, ଗାଙ୍ଗେରୁକୀ, ହ୍ରସ୍ୱଗବେଧୁକା ) ଗଗେରନ, गुलसकरी ଗରଗଡ଼ ଗୁଲ୍ମ; ଗୋରକ୍ଷ ଗଣ୍ଡୁଳ—ନାଗବେଡ଼ାଲା, ଗୋରଖଚାଉଲା, ପାନସାଡ଼ା Sida Spinosa.

ମ. ଗାଙ୍ଗେଟି, ଗାଣ୍ଡେଧାମନ ଏ ଚତୁର୍ବିଧ ବଲା ଶୀତବୀର୍ଯ୍ୟ; ମଧୁରରସ, ବଲ ଓ କାନ୍ତିବର୍ଦ୍ଧକ, ଧାରକ; ବାୟୁ, ରକ୍ତଦୋଷ ଓ କ୍ଷତନାଶକ । ବଲାମୂଳଚୂର୍ଣ୍ଣ ଦୁଧ ଓ ଚିନି ସଙ୍ଗେ ଖାଇଲେ ମୂତ୍ରାତିସାର, ମହାବଲାଚୂର୍ଣ୍ଣ ଦୁଧ ଓ ଚିନି ସଙ୍ଗେ ମୂତ୍ରକୃଚ୍ଛ୍ର ଓ ଅତିବଲାଚୂର୍ଣ୍ଣ ଦୁଧ ଓ ଚିନି ସଙ୍ଗେ ପ୍ରମେହନାଶକ ।

**ବଲାଜୋର(ରି)**—ଦେ. ବି—ବଲାତ୍କାର (ଦେଖ)
Ba**l**ājora(ri) Ba**l**ātkāra (See).

**ବଲାଟ**—ସ. ବି (ବଲ+ଅଟ୍ ଧାତୁ+କର୍ତ୍ତୃ. ଅ; ଯେ ବଳପୂର୍ବକ ଗମନ କରେ)—୧ । ଗୋଯୋନି—1. The vagina of a cow. ୨ । ମୁଗ—2. A kind of pulse; mung.
Ba**l**āṭa

**ବଲାଢ୍ୟ**—ସ. ବଣ (ବଲ+ଆଢ୍ୟ=ବଳିଷ୍ଠ)—ବଲବାନ୍; ବଲବନ୍ତ—Strong.
Ba**l**ādhya
(ବଲାଢ୍ୟା—ସ୍ତ୍ରୀ) ସ. ବି.—ମାଷ (ହ୍ର. ଶ)—A kind of pulse.

**ବଲାଣ**—ପ୍ରାଦେ (ଯାଜପୁର) • ବି—ଜମିକୁ ପାଣି ନେବାପାଇଁ ତିଆର ହୋଇଥିବା ଛୋଟ ନାଳ—A small canal for the purpose of irrigating fields.
Ba**l**āṇa

**ବଲାତ୍**—ସ. ଅ (ବଲ+ଅତ୍ ଧାତୁ=ଗମନ କରିବା+କରଣ. କ୍ୱିପ୍)—୧ । ବଳପୂର୍ବକ; ଜବରଦସ୍ତି—1. Forcibly; violently. ୨ । ହଠାତ୍—2. Suddenly.
Ba**l**āt

**ବଲାତ୍କାର**—ସ. ବି (ବଲାତ୍+କୃ ଧାତୁ+ଭାବ. ଅ)—୧ । ଅତ୍ୟାଚାର; ଦୌରାତ୍ମ୍ୟ; ଜୋରପ୍ରକାଶ; ଜବରଦସ୍ତି; ଜୋର ଜୁଲମ—1. Oppression; violence; outrage. ୨ । କୌଣସି ବ୍ୟକ୍ତିର ଇଚ୍ଛାବରୋଧରେ ବଲପୂର୍ବକ କୌଣସି କାର୍ଯ୍ୟ କରାଇବା ( ହ୍ର. ଶ )—2. Coercion. ୩ । ବଲପ୍ରୟୋଗ—3. Use of force.
Ba**l**ātkāra
(ବଲାତ୍କୃତ—ବଣ)
ଦେ. ବି—୧ । ବଲପ୍ରୟୋଗପୂର୍ବକ ସ୍ତ୍ରୀସଙ୍ଗମ କରିବା—1. Rape; outraging female modesty. ୨ । ଖାତକକୁ ଅଟକ ରଖିବାପୂର୍ବକ ଦଣ୍ଡ—2. Forcible detention of a debtor as punishment.

**ବଲାତ୍କାର କରିବା**—ଦେ କ୍ରି—୧ । ବଲପୂର୍ବକ ସ୍ତ୍ରୀର ଇଚ୍ଛାବରୋଧରେ ସଙ୍ଗମ କରିବା—1. To ravish a woman; to commit rape. ୨ । ବଲପ୍ରୟୋଗପୂର୍ବକ ଜୁଲମ କରିବା—2. To commit outrage; to use violence.
Ba**l**ātkāra kariba
बलात्कारकरना
बरजरीकरना

**ବଲାତ୍କାରାଭିଗମ**—ସ. ବି—ବଲପୂର୍ବକ ସ୍ତ୍ରୀସଙ୍ଗମ—Rape; forcible cohabitation with a woman.
Ba**l**ātkārābhigama
(ବଲାତ୍କାରାଭିଗମନ—ଅନ୍ୟରୂପ)

**ବଲାତ୍କାରିତ**—ସ. ବି—୧ । ଯାହାକୁ ବଲପ୍ରୟୋଗ ପୂର୍ବକ ତାହାଦ୍ୱାରା କୌଣସି କାର୍ଯ୍ୟ କରାଯାଇ ଥାଏ—2. Made to do a work by coercion.
Ba**l**ātkārita

**ବଲାତ୍କାରେ**—ଦେ. କ୍ରି. ବଣ. (ସଂ. ବଲାତ୍କାର)—୧ । ବଳେ ବଳେ; ବାଧ୍ୟ ହୋଇ—1. Perforce. ୨ । ଅଗତ୍ୟା—2. Necessarily.
Ba**l**ātkāre
ଜବରଦସ୍ତି जबरदस्ति

ବଲାତ୍କାରେ ଜନ ଅସନ୍ତୁଷ୍ଟ ଛଡି
ଗହିଁଲେ ସେ କଳଙ୍କ ଅତଳର ପିଠି । କୃଷ୍ଣସିଂହ, ମହାଭାରତ ବନ ।

୩ । ନିଶ୍ଚେ—3. Certainly. ୪ । ବଲପୂର୍ବକ; ଜୋର ଜୁଲମ କରି—4. Forcibly; violently.

ବଲାତ୍କାରେ ପୁତ୍ରିମାନଙ୍କ ଧରିଅଣି
ନ ରଖିବ ସରେ ମୋ ବଚନକୁ ମାନ । କୃଷ୍ଣସିଂହ, ମହାଭାରତ ଶାନ୍ତି ।

୫ । ଉପାୟାନ୍ତରବିହୀନ ହୋଇ—5. Having no other alternative left.

( ଯଥା—ମୁଁ ଆଗେ କେତେ ଅନୁସରଣ କରି କେତେ ନେହୁରା ହେଉଥିଲି, ତେବେ ତୋ ମନ ତରଳୁ ନ ଥିଲା, ଏବେ ତୋର ମୋଠେଇ କାମ ପଡ଼ିଲାଣି, ତୁ ବଲାତ୍କାରେ ଆସି ମୋ ଗୋଡ଼ ଧରୁ ଯେ ।)

**ବଲାତ୍କୃତ**—ସ. ବଣ. ପୁଂ. ( ବଲାତ୍+କୃତ )—ଯାହା ଉପରେ ବଲାତ୍କାର କରାଯାଇ ଅଛି—Oppressed; coerced.
Ba**l**ātkruta
(ବଲାତ୍କୃତା—ସ୍ତ୍ରୀ)

**ବଲାତୋଡ଼ପ**—ପ୍ରାଦେ. (ସମ୍ବଲପୁର) ବି—ଶଗଡ଼ ଚକ ନାଭିରେ ଥିବା ଲୁହାର ବଲା ଓ ତୁର ଉଭୟ ଲମ୍ବରେ ବଳଥିବା ଲୁହା—The broad iron ring round the nave of a cart-wheel.
Ba**l**ātorḍapa

ବଲାଦ୍ୟା—ସଂ. ବି—ବରଷ୍ଟାଞ୍ଜି—Duck weed.
Ba*l*ādyā

ବଲାଧାନ—ସଂ. ବି. ( ୬ଷ୍ଠୀ ତତ୍; ବଳ+ଆଧାନ )—ଶକ୍ତିସଞ୍ଚାର; ଶକ୍ତି
Ba*l*ādhāna ସଞ୍ଚୟ—The storing or accumulation or conservation of energy.

ବଲାଧିକ୍ୟ—ସଂ. ବି. ( ୬ଷ୍ଠୀ ତତ୍; ବଳ+ଆଧିକ୍ୟ )—ଶକ୍ତିର
Ba*l*ādhikya ଅତିଶଯ୍ୟ ବା ପ୍ରଚୁରତା—Abundance or excess of strength.

ବଲାଧ୍ୟକ୍ଷ—ସଂ. ବି. ( ୬ଷ୍ଠୀ ତତ୍; ବଳ+ଅଧ୍ୟକ୍ଷ )—ସେନାପତି—
Ba*l*ādhyaksha Commander or general of an army.

ବଲାନି ଦେବା—ପ୍ରାଦେ. ( ସମ୍ବଲପୁର ) କ୍ରି. ( ସଂ. ବଳି; ଭୁଲ ହି.
Balāni debā ବଲୀ ଦେନା )—ଗ୍ରାମରେ ବସନ୍ତ, ବାତ୍ୟା ଆଦି ଲାଗିଥିବା ବେଳେ ବା ଭୂତ ପ୍ରେତ ଆଦିଙ୍କୁ ଛଡ଼ାଇବା ପାଇଁ ଗ୍ରାମ ଶେଷ ରକ ମୁଣ୍ଡରେ ନୈବେଦ୍ୟ, ଛେନାପଣା ହାଣ୍ଡି ଓ ପିଠୁଳା ଆଦି ଥୋଇବା—To leave the offerings to the village-goddess at the extremity of the village during the prevalence of smallpox, cholera etc, with a hope that the evil spirits will be propitiated thereby.

ବଲାନୁଜ—ସଂ. ବି—ବଳରାମଙ୍କ କନିଷ୍ଠ; ଶ୍ରୀକୃଷ୍ଣ—Śrikrushṇa,
Ba*l*ānuja the younger brother of Ba*l*arāma.
(ବଳାବରଜ—ଅନ୍ୟରୂପ)

ବଲାନ୍ୱିତ—ସଂ. ବିଣ. (ବଳ+ଅନ୍ୱିତ; ୩ୟା ତତ୍)—୧ । ଶକ୍ତିଯୁକ୍ତ—
Ba*l*ānwita 2. Mighty; powerful. ୨ । ସୈନ୍ୟ ପରିବୃତ—
2. Accompanied or surrounded by an army.

ବଲ୍ପିଠା—ଦେ. ବିଣ-ଖିଳତ (ଦ୍ୱାର)—Barred; bolted (door).
Balāpiṭā ଦାରବନ୍ଧେ ବଲପିଠା ହୋଇଅଛି ମୁଣ୍ଡୀ ।
ପ୍ରାଚୀ—ବୃନ୍ଦାବନଭ୍ରମଣ ଗୀତା ।

ବଲାବଲ—ସଂ. ବି.—ବଳ ଓ ଅବଳ—
Ba*l*āba*l*a Strength and weakness,
ଦେ. ବି.—୧ । ଶକ୍ତି ସାମର୍ଥ୍ୟର ଯଥାର୍ଥ ପରିମାଣ—
1. Actual measure or estimate of one's strength.
ବଳାବଳ ବୁଝି ଯୁଦ୍ଧ ନ କରବ । କୃଷ୍ଣସିଂହ ମହାଭାରତ ସଭା ।
୨ । ବଳ; ଶକ୍ତି—2. Strength; power. ୩ । ଅଧିକାର;
ପ୍ରଭୁତ୍ୱ—3. Authority; mastery.
ଦେ. ବିଣ—ବଳପୂର୍ବକ; ସାମର୍ଥ୍ୟର ଅତିରିକ୍ତ; ଅସହ୍ୟ—
Unbearable; excessive; exceeding one's strength or capacity.
( ଯଥା—ତା କଥା ତାକୁ ବଳାବଳ ହେଉଛି, ସେ ଅନ୍ୟ ବ୍ୟକ୍ତିକୁ କାହିଁ ସମ୍ଭାଳବ ? )

ବଲାବଲ କରିବା—ଦେ. କ୍ରି—୧ । ବଳାତ୍କାର କରିବା—1. To use
Ba*l*āba*l*a karibā force. ୨ । ବାଧ୍ୟ କରିବା—2. To
बरजोर करना force a person to do a thing.

ବଲାବଲ ସମୟ—ଦେ. ବି—ଅତ୍ୟନ୍ତ ଦରକାର ବା ଜରୁର ବେଳ—
Ba*l*āba*l*a samaya Very urgent time.
দরকারের সময় बहुत जरूरत

ବଲାବଳି—ଦେ. ବି—୧ । ଜଣେ ଅନ୍ୟ ଜଣଙ୍କୁ ବଳପୂର୍ବକ ଅବସ୍ଥା—
Ba*l*āba*l*i 1. The state of one exceeding the
ଜୋର जोर जबरदस्ति other. ୨ । ବଳାତ୍କାର—2. Use of force or violence. ୩ । ଅନୁରୋଧାତିଶଯ୍ୟ—
3. Importunity.
ଚତୁର ସେ ବଳ, ଭଜ ସରଗୋଲା ବଳାବଳି—
ଅଭିମନ୍ୟୁ, ବିଦଗ୍ଧଚିନ୍ତାମଣି ।

ବଲାବଲିପ୍ତ—ସଂ. ବିଣ—ବଳ ହେତୁ ଅହଙ୍କାରୀ—
Ba*l*ābalipta Proud of one's strength.

ବଲାବଲେପ—ସଂ. ବି—ବଳଗର୍ବ; ମୁଁ ବଳୁଆ ବୋଲି ଗର୍ବ—
Ba*l*ābalepa Pride of one's strength.

ବଲାମୋଟା—ସଂ. ବି—ନାଗଦମନୀ ( ଦ୍ରବ୍ୟଗୁଣ )—
Ba*l*āmoṭā Indian wormwood.

ବଲାୟ—ସଂ. ବି—ବରୁଣ ଗଛ ( ହି. ଶ. ) ( ଦେଖ )
Ba*l*āya Baruṇa tree ( See )

ବଲାରାତି—ସଂ. ବି. ( ବଳ ନାମକ ଅସୁରର ଅରାତି; ୬ଷ୍ଠୀ ତତ୍ )—
Ba*l*ārāti ଇନ୍ଦ୍ର—Indra.
ଦେ. ବି—ପେଚା—Owl.
(ସ ଓ ଦେ) ବଳାରାତି ନାବ ବହାଉଛୁ ମନ ସୁରପୁରେ ପଳାଉ—
ଉପେ. ବୈଦେହୀଶବିଳାସ ।

ବଲାଶ(ସ)—ସଂ. ବି. ( ବଳ=ଶକ୍ତି+ଅଶ୍ ଧାତୁ=ଖାଇବା+ଅ;
Ba*l*āśa(sa) ଯେ ବଳକୁ ଖାଇଯାଏ ବା ନାଶ କରେ )—
୧ । ଶ୍ଳେଷ୍ମାରୋଗ—1. Cold. ୨ । ଯକ୍ଷ୍ମା ରୋଗ—
2. Tuberculosis.
ପ୍ରାଦେ. (ଗଡ଼ଜାତ) ବି—ଧାନକୋଠି—Barn; granary.

ବଲାହକ—ସଂ. ବି. ( ବଳ=ଶକ୍ତି+ଅହ୍ ଧାତୁ=ଗମନ କରିବା+
Ba*l*āhaka କର୍ତ୍ତୃ. ଅକ; ଯେ ବଳ ପ୍ରକାଶ କରି ଗତି କରେ ବା ବାରି+ବାହକ=ନିପାତନ ସିଦ୍ଧ )—୧ । ମେଘ—
1. Cloud. ୨ । ପର୍ବତ—2. Mountain.
(୧+୨) ବଳାହକଙ୍କୁ ଛନ୍ଦି ପଦ କଳଣ
ବଳାହକ୍ୟ ଉପରେ ବଢ଼ା ଯେତେ—ଉପେ. ବୈଦେହୀଶବିଳାସ ।
୩ । ଦୈତ୍ୟବିଶେଷ—3. Name of a demon. ୪ । ସର୍ପ-
ବିଶେଷ—4. A species of serpent ୫ । ମୁଥା—
5. Grass-root. ୬ । ଅଶ୍ୱବିଶେଷ—6. A species of horse.
ବରଷାକାଳ ତା ବଳେ ବଳାହକ ମେଘପୁଞ୍ଜେ
ଶୋଭ ଘୋର ତଳେ ବାଏଁ ମୁକୁର ଘୋଷେ—ଉପେ. ବୈଦେହୀଶବିଳାସ
୭ । ଶ୍ରୀକୃଷ୍ଣଙ୍କ ରଥର ଗୋଟିଏ ଘୋଡ଼ାର ନାମ (ହି. ଶ.)—
7. Name of one of the pair of horses drawing Śrikrushṇa's chariot. ୮ । ପୌରାଣିକ ପର୍ବତବିଶେଷ-
8. Name of a mythological mountain.
[ ଦ୍ର—ଲିଙ୍ଗପୁରାଣ ମତରେ ଏହା ଶାଲ୍ମଳଦ୍ୱୀପରେ ଓ ମତ୍ସ୍ୟପୁରାଣ ମତରେ ଏହା କୁଶଦ୍ୱୀପରେ ଅବସ୍ଥିତ – ହି. ଶ. । ]

୯ । ଜୟଦ୍ରଥର ଏକ ଭାଇ ( ହ୍ରୁ. ଷ. ) — 9. Name of a brother of Jayadratha.

**ବଲାହକକେଶା**—ସଂ. ବଣ. ସ୍ତ୍ରୀ (ବହୁବ୍ରୀହି)—ଯାହାର କେଶ ମେଘ **Balāhakakeśā** ପରି ଘନ କୃଷ୍ଣବର୍ଣ୍ଣ—(a woman) Having ( ବଲାହକକେଶୀ—ଅନ୍ୟରୂପ ) hair as black as cloud.

ବଲାହକ କେଶୀ ଚଲୁ,
ବଳାକା ମାନେ ବହୁତ । ପ୍ରାଚୀନ. ସଙ୍ଗୀତ ।

**ବଲାହକବଲ୍ଲୀ**—ସଂ. ବ (ରୂପକ; ବଲାହକ = ମେଘ + ବଲ୍ଲୀ = ଲତା)— **Balāhakaballī** ବିଜୁଳି—Lightning.

ବସ୍ତ୍ର ତଡ଼ଃ ପୀତ ବସନ ବସ୍ତ୍ରେକ ବଲାହକ ବଲ୍ଲୀ ସମାନ ।
ଶ୍ରୀକୃଷ୍ଣ. ରସକଲ୍ଲୋଳ ।

**ବଲାହିତ**—ସଂ. ବ. (ବଳ = ଅସୁରବିଶେଷ + ଅହିତ = ଶତ୍ରୁ)— **Balāhita** ବଳାରି; ଇନ୍ଦ୍ର—Indra.

**ବଲାହିତ ରତ୍ନ**—ସଂ. ବ—ଇନ୍ଦ୍ର ନୀଳମଣି— **Balāhita ratna** Sapphire; emerald.

**ବଲି**—ସଂ.ବ. (ବଲ୍ ଧାତୁ=ଦାନ କରିବା; ବଧ କରିବା + କର୍ତ୍ତୃ.ଇ)— **Bali** ୧ । ଦୈତ୍ୟରାଜ ବିରୋଚନ ପୁତ୍ର ଓ ପ୍ରହ୍ଲାଦ ପୌତ୍ର— 1. Name of a demon king who was pressed down to the nether regions by Bishnu in his third incarnation.

[ ଦ୍ର—ବିଷ୍ଣୁ ବାମନ ଅବତାରରେ ନିଜ ଦେହରୁ ଭୂଗସ୍ତ ପାଦ କାଢ଼ି ତଦ୍ୱାରା ଏ ରାଜାଙ୍କୁ ପାତାଳକୁ ଚୁପିଥିଲେ । ]

୨ । (+କରଣ. ଇ) ନୈବେଦ୍ୟ; ଭୋଗ; ପୂଜାର ଉପକରଣ ବା ସାମଗ୍ରୀ—2. Offerings to a Deity; the ingredients or materials offered to a Deity.

ଭେଟିଲେ ଅର୍ଘ ପାଦ୍ୟ ସୁଦେ ଘେନ ବଳି ।
କୃଷ୍ଣସିଂହ. ମହାଭାରତ. ସଭା ।

୩ । ଛେଦନଯୋଗ୍ୟ ପୂଜାପଶୁ—3. An animal for sacrifice; victim.

[ ଦ୍ର—ଶାସ୍ତ୍ରରେ ବଳିପଶୁ ୧୦ ପ୍ରକାର ଉଲ୍ଲେଖ ଅଛି; ଯଥା—ମୃଗ, ଛାଗ, ମେଷ, ମହିଷ, ଶୂକର, ଶଲ୍ଲକୀ, ଶଶକ, ଗୋଧା, କୂର୍ମ ଓ ଗଣ୍ଡାର । ]

୪ । କର; ରାଜକର; ରାଜସ୍ୱ—4. Revenue; tax.

[ ଦ୍ର—ଭୂମିର ଉତ୍ପନ୍ନ ବସ୍ତୁର ଯେଉଁ ଅଂଶ (ସାଧାରଣତଃ ଷଷ୍ଠାଂଶ) ପ୍ରଜା ରାଜାଙ୍କୁ ଦେଉଥିଲେ ତାହାକୁ ସ୍ମୃତି ଶାସ୍ତ୍ରରେ ବଳି ବୋଲି ଯାଇଅଛି—ହ୍ରୁ. ଷ ]

୫ । ଖାଦ୍ୟାଂଶ; ଅଇଁଠା—5. Leavings of the table.

୬ । ଭୂତ ଯଜ୍ଞ; ବୈଶ୍ୱଦେବ—6. A daily offering of boiled rice to various animals (e.g. gods, guests, ancestors, dogs, crows, sweepers).

୭ । ବୈଶ୍ୱଦେବରେ ଦିଆଯିବା ପିଣ୍ଡମାନ; ବୈଶ୍ୱଦେବ— 7. Oblations given to several beings in Baiswadeba.

[ ଦ୍ର—ହିନ୍ଦୁ ଗୃହସ୍ଥର ଦୈନିକ କର୍ତ୍ତବ୍ୟ ପଞ୍ଚ ଯଜ୍ଞ ମଧ୍ୟରୁ ଏହା ୪ର୍ଥ ବା ଭୂତ ଯଜ୍ଞ; ଏଥିରେ ଗୃହସ୍ଥ ନିଜର ଭୋଜ୍ୟାନ୍ନରୁ କିଛି ଅଂଶ ପୃଥକ୍ କରି କାକ, ଶୃଗାଳ, କୁକ୍କୁର ଆଦିଙ୍କ ଉଦ୍ଦେଶ୍ୟରେ ତାହା ଘରର ବାହାରେ ରଖି ଦିଅନ୍ତି । ]

୮ । ଚଣ୍ଡୀ; ପୂଜା ପରେ ପୂଜା ସାମଗ୍ରୀରୁ କଢ଼ାଯିବା ଅଂଶ— 8. A fixed portion (generally a quarter) taken out of the offerings to a Deity and set apart for a secondary or dependant Deity.

[ ଦ୍ର—ଚଣ୍ଡୀ ବଳ ତଳେ କୋଷ୍ଠ ଦେଖ । ]

୯ । ପଶୁ ଯଜ୍ଞ; ଯଜ୍ଞରେ ପଶୁ ବଧ—9. Animal sacrifice.

୧୦ । ଚାମର ଦଣ୍ଡ; ଚାମରର ବେଣ୍ଟ—10. The handle of a chowrie fan. ୧୧ । ଜରା ଜନିତ ଶ୍ଲଥ ଚର୍ମ; ବଲୋଳ ଚର୍ମ; ଫଳିତ ଚର୍ମ—11. Wrinkle; skin shrivelled up through old age. ୧୨ । ଉଦରାଦି ଅଙ୍ଗରେ ତରଙ୍ଗିତ ମାଂସ; ପୁଷ୍ଟି—12. Folds of skin covered flesh appearing on the belly.

ସେ ତଟର ବଳୀ ବଳୀ-ଶୋଭା ଦେଇ ବଳ
ବଳଭୂକେ ପୁଷ୍ଟି ବାଉତା ଅଳୀ ଅଳୀ । ଉକ୍ତ, ପ୍ରେମସୁଧାନିଧି ।

୧୩ । ଅର୍ଶୋରୋଗ ଜନିତ ମଳଦ୍ୱାରର ମୁହଁରେ ବା ଠିକ୍ ଉପରେ ବାହାରିବା ମାଂସ ଗୁଣ୍ଡିକା; ଗୁଦାଙ୍କୁର; ଗୁହ୍ୟ ଦ୍ୱାରାଭ୍ୟନ୍ତରସ୍ଥ ମାଂସ ପିଣ୍ଡ—13. A ball-like formation just at the mouth of the rectum above the anus in piles.

[ ଦ୍ର—ଅର୍ଶ ୨ ପ୍ରକାର; ଏକ ପ୍ରକାର ବହିର୍ବଳି (Blind piles), ଯହିଁରେ ମାଂସ ଗୁଣ୍ଡିକା ଗୁହ୍ୟ ଦ୍ୱାରର ବାହାରେ ଥାଏ ଓ ଅନ୍ତର୍ବଳି (Bleeding piles), ଯହିଁରେ ମାଂସ ଗୁଣ୍ଡିକା ଗୁହ୍ୟ ଦ୍ୱାରର ମୁହଁ ଉପରେ ହୁଏ ଓ ଯହିଁରୁ ଖୁବ୍ ରକ୍ତସ୍ରାବ ହୁଏ । ବହିର୍ବଳି ଆକାରରେ ଛେଳିର ଚୀର (ଚୁଚୁକ) ପରି । ଏଥିରେ ରକ୍ତ ସ୍ରାବ ହୁଏ ନାହିଁ; କିନ୍ତୁ ଏହା ଭାର ବଳେ ଓ ଯନ୍ତ୍ରଣା ଦିଏ । ]

୧୪ । ଶରୀରର ରେଖା 14. Lines on the body. ୧୫ । ଗୃହଦାରୁ ବିଶେଷ; ଭୁଲସ୍ତମ୍ଭ ଖୁଣ୍ଟ—14. The tallest pillar in a thatched house. ୧୬ । ଓଧ୍ୟ; ଘରଚାଳର ତଳ--16. The lower edge of the thatch. ୧୭ । ରାଜକର;ରାଜସ୍ୱ (ହ୍ରୁ.ଷ.)—17. Rent; revenue. ୧୮ । ରେଖା (ହ୍ରୁ. ଷ.)—18. Line. ୧୯ । ଗନ୍ଧକ (ଦ୍ରବ୍ୟଗୁଣ)—19 Sulphur. ୨୦ । ଶ୍ରେଣୀ; ପଂକ୍ତି (ହ୍ରୁ. ଷ.)—20. Row. ୨୧ । ଏକପ୍ରକାର ବାଦ୍ୟ (ହ୍ରୁ. ଷ.)—21. A kind of musical instrument. ୨୨ । ଉପହାର; ଭେଟି (ହ୍ରୁ. ଷ.)—22. Present. ୨୩ । ଭକ୍ଷ୍ୟ ବସ୍ତୁ; ଅନ୍ନ ଆହାର (ହ୍ରୁ.ଷ.)— 23. Food. ୨୪ । ବିଶିଷ୍ଟ ଦେବତାଙ୍କ ଉଦ୍ଦେଶ୍ୟରେ ପୃଥକ୍‌ଭୂତ ଯଜ୍ଞାଦିରେ ନୈବେଦ୍ୟ ବସ୍ତୁର ଅଂଶ— 24. Parts of the offerings kept apart for particular Deities in a sacrifice.

ସେ ତଟର ବଳୀ ବଳୀ ଶୋଭ ଦେଇ ବଳୀ ବଳୀ ଭୁଲେ ପୁଷ୍ଟି କର୍ଷ
ଅଳୀ ଅଳୀ । ଉକ୍ତ. ପ୍ରେମସୁଧାନିଧି ।

ଦେ. ବ.—୧ । ଲାକ୍ଷା ( ଦ୍ରୁମାମୟ )—1. Lac. ୨ । (ଆଦରାର୍ଥକ) ବଳଭଦ୍ର, ବଳରାମ, ବଳଦେବ ଅର୍ଦ୍ଧଙ୍କ ଡାକ ନାମ—2. (a term of endearment) The name for calling persons whose names begin with the word (Baḷa). ୩ । (ସଂ. ବଳ) (ଲକ୍ଷଣାର୍ଥ) ମହତ୍ ଉଦ୍ଦେଶ୍ୟରେ ଜୀବନ ଆଦିର ସମର୍ପଣ (ଯଥା—ଅସ୍ତ୍ରବଳ, ସ୍ୱାର୍ଥବଳ)—3. (figurative) Offering of something (e. g. one's life, one's selfish aims) for some great object; sacrifice for some noble object.

ପ୍ରାଦେ. (ସୋନପୁର)—ବ.—ଯେଉଁ ବ୍ୟକ୍ତିଠାରେ ଠାକୁରାଣୀ ଅବସ୍ଥା ହୁଅନ୍ତି ବା ଭରା ହୁଅନ୍ତି—A person who is possessed by a Goddess.

[ଦ୍ର—ଅଣ୍ଡିନ ଦଙ୍କ ସମୟରେ ସମଲେଇ ଠାକୁରାଣୀ ଯେଉଁ ଡାଙ୍ଗୁଆ (ସେବକ) ଠାରେ ଭରା ହୁଅନ୍ତି, ସେହି ବ୍ୟକ୍ତି ଠାକୁରାଣୀଙ୍କ ନିକଟରେ ବଳ ଦିଆ ଯାଇ ଥିବା ପଶୁର ଗଣ୍ଡିକୁ ହାତରେ ଧରି ତାହାର ଚୋଟରୁ ଦ୍ରବୁ ଥିବା ରକ୍ତକୁ ଶୋଷି କରି ଦିଇ ସେ ଗଣ୍ଡିକୁ ଫିଙ୍ଗି ପକାଇ ଦିଏ । ସୋନପୁର ଅଞ୍ଚଳରେ ଯେଉଁ ଜୀବକୁ ବଳ ଦିଆ ଯାଏ ତାହାର ନାମ ପଶୁ ଓ ଯାହାଠାରେ ଠାକୁରାଣୀ ଭରା ହୁଅନ୍ତି ତାହାକୁ ବଳ କହନ୍ତି ।]

**ବଲି**—ପ୍ରାଦେ. (ହିନ୍ଦୁସ୍ଥାନୀ) ଅ.—ବୋଲି—
Bali As; styled as; called as; known as.
(ଯଥା—ଏ ବହି ଉତ୍ତମ ବଲି ଆମ୍ଭର ବିଶ୍ୱାସ ।)

**ବଳିଆ**—ଦେ. ବ.—୧ । ଶ୍ୱାନ ଜାତୀୟ ବନ୍ୟ ହିଂସ୍ର ଜନ୍ତୁ ବିଶେଷ—
Baḷiā वलोलाकुता 1. A wild ferocious dog.
(ବଳିଆ କୁକୁର—ଅନ୍ୟରୂପ) [ଦ୍ର—ଏମାନେ ଦୁଇ ପ୍ରକାରର, ଯଥା—ପାଟ ବଳିଆ ଓ ଖଗ ବଳିଆ । ଏମାନେ ଯେଉଁ ଅଞ୍ଚଳରେ ରହନ୍ତି ବାଘ ସେଠାରୁ ଭୟରେ ଛାଡ଼ି ପଳାଏ । ଏମାନେ ମୃଗ ଆଦିଙ୍କୁ ଗୋଡ଼ାଇ ପଛ ଆଡ଼ୁ କାମୁଡ଼ି କାମୁଡ଼ି ଘାଇଲା କରି ମାରି ପକାନ୍ତି ଓ ଖାଇଯାନ୍ତି । ପାଟବଳିଆମାନେ ସ୍ତ୍ରୀ ପୁରୁଷ ଯୋଡ଼ାଏ ଲେଖାଏ ବିଚରଣ କରନ୍ତି । ଖଗବଳିଆମାନେ ଦଳବଦ୍ଧ ହୋଇ ବିଚରଣ କରନ୍ତି । ପାଟବଳିଆମାନେ ଖଗବଳିଆଙ୍କଠାରୁ ଆକାରରେ ବଡ଼ । ଏମାନଙ୍କ ଲୋମ ଇଟାଳିଆ । ]

୨ । (ଏହା ବଳାଯାଇ ଥିବାରୁ) ଶିଆଳି ଲଇରେ ବଳା ହୋଇଥିବା ମୋଟ ଦଉଡ଼ି—2. A twisted thick rope of Śiāḷi creepers.

[ଦ୍ର—ଏ ଦଉଡ଼ିଦ୍ୱାରା ବାଉଁଶ ପଟାଳି ଓ ଭଙ୍ଗା ଆଦିକୁ ଟଣା ଯାଏ । ଏହା ସର୍ବଦା ପାଣିରେ ଓଦା ହେଲେ ହେଁ ଶୀଘ୍ର ବା ଛୋଟ ଦଉଡ଼ି ପରି ପୋଚରା ହୋଇ ଯାଏ ନାହିଁ ।]

୩ । (ଅନାଦରାର୍ଥକ) ବଳଭଦ୍ର, ବଳଦେବ, ବଳରାମଆଦିଙ୍କ ଡାକନାମ—3. A name for calling persons whose names begin with the word Baḷa.

**ବଳିଆ**—ପ୍ରାଦେ. ୧ । (ସମ୍ବଲପୁର) ବ. (ହୁ. ବୋଆଡ଼ୀ)—ପାଠୀନ; ବାଳିଆ
Baḷiā ମାଛ—1. The cat fish; Pike; Cyprinus Denticulatus. ୨ । ( ଗଡ଼ଜାତ ) ବଳିଆକୁକୁର—2. Wild dog.

**ବଳିଆଇବା**—ଦେ. କ୍ରି. ( ସଂ. ବଳ )—୧ । ବଳାଇବା (ଦେଶ);
Baḷiāibā ଅତିରିକ୍ତ ହେବା—1. To exceed; to excel.

ସୁଭଦ୍ରାଙ୍କ ସୁତ ଅଭିମନ୍ୟୁ ରହିଁ
ପଶିଗଲେ ସମସ୍ତ ବୀରଙ୍କୁ ବଳିଆଇ । କୃଷ୍ଣସିଂହ, ମହାଭାରତ ଅଦି ।

୨ । ଅତିରିକ୍ତ କଥା କହିବା; ବିଶେଷ ଅନୁରୋଧ କରି କହିବା—2. To speak repeatedly or much.

ଏତ ମୋର ମରଣରେ ପୁଣି କେତେ ବଳିଆଇ କହୁ ଥାଇ ।
କବିସୂର୍ଯ୍ୟ—ସଙ୍ଗୀତ ।

୩ । ବଳ ପଡ଼ିବା; ଆଗ ବଳିଯିବା—3. To outdo; to surpass.

ବଳିଆଉଁ କହୁ ଅଗ ମୁହିଁ କୁହ ମତିରୁ ପଛରେ । ଭଞ୍ଜ. ବୈଦେହୀଶବିଳାସ ।

୪ । ବିଶେଷ ଭାବରେ ଜିଗର କରିବା—4. To insist; to persist; to importune.

ଆଉ ବଳିଆଇ କହିବା ମୋତେ କୋଉ । କୃଷ୍ଣସିଂହ, ମହାଭାରତ ବନ ।

୫ । ଅନାଦର କରିବା—5. To show disrespect; to treat unlovingly.

ଇନ୍ଦ୍ରଙ୍କୁ ବଳିଆଇ ଯାଗ ଭାଗ ମୁହିଁ
ତୁମ୍ଭଙ୍କୁ ଦେବି ଏଥି ସନ୍ଦେହ ତ ନାହିଁ । କୃଷ୍ଣସିଂହ, ମହାଭାରତ ବନ ।

୬ । ଲଙ୍ଘିବା; ଏଡ଼ିବା—6. To overstep; to avoid.

ବର ପାଇଥିବାରୁ ମୋତେ ବଳିଆଇ
ଯିବାକୁ ତୁମ୍ଭର ଶକତ ହେବ ନାହିଁ । କୃଷ୍ଣସିଂହ, ମହାଭାରତ, ବନ ।

**ବଳିଆର**—ଦେ. ବିଣ (ସଂ. ବଲୀୟାନ୍)—୧ । ବଲୀୟାନ; ବଳବତ୍ତର—
Baḷiāra 1. Stronger. ୨ । ବଳିଷ୍ଠ; ବଳବତ୍ତମ—
वरीयार 2. Strongest.

ସେ ମହାବଳ ବଳୀୟାର — ମଧୁସୂଦନ ଛନ୍ଦମାଳା ।

୩ । ବଳୁଆ—3. Strong; mighty.

ପାଣ୍ଡୁଙ୍କର ସୁତେ ମହାବଳିଆର—କୃଷ୍ଣସିଂହ ମହାଭାରତ ଅଦି ।

୪ । ବଡ଼; ବୃହତ୍; ଅତି ବଡ଼—4. Great; very great.

ତାହାର ପେଟ ବଳିଆର.
କେ ଦେବ ସମ୍ପୂର୍ଣ୍ଣ ଆହାର—ଭୂପତି. ପ୍ରେମପଞ୍ଚାମୃତ ।

୫ । ବେଜାୟ; ଅତ୍ୟଧିକ—5. Excessive; very much.

ସନ୍ତାପ ସେ ସମାର ବଳିଆର—ଅଭିମନ୍ୟୁ. ବିଦଗ୍ଧଚିନ୍ତାମଣି ।

ଦେ. କ୍ରି. ବିଣ—ଅତ୍ୟନ୍ତ—
Very much; too much; excessively.
( ଯଥା—ବହୁକାଳ ପରେ ମତେ ଦେଖି ସେ ବଳିଆର କାନ୍ଦିଲା ।)

**ବଳିଆର ଭୁଜ**—ଦେ. ବ ( ସଂ. ବଲୀୟାନ + ଭୁଜ )—ବଳିଷ୍ଠ ବାହୁ—
Baḷiāra bhuja Strong arms.
वरीयारबाहु ଦେ. ବିଣ—ବଳିଷ୍ଠ ବାହୁଶାଳୀ—
Having strong arms.
[ ଦ୍ର—ଏ ପଦ ପ୍ରଭୁଙ୍କୁ ସମ୍ବୋଧନରେ ବ୍ୟବହାର କରାଯାଏ ।]

ବଳିଆରସିଂହ—ଦେ. ବି—କ୍ଷତ୍ରିୟଙ୍କ ବଂଶୋପାଧିବିଶେଷ—
Baliārasimha A family title of some Kshatriyas.

ବଳି(ଳୀ)କ—ସଂ. ବି (ବଳି+ସ୍ୱାର୍ଥେ. କ)—ଚାଳର ଓଳି—
Bali(lī)ka The lowest edge of a thatch; the eaves.

ବଳିକରି—ପ୍ରାଦେ (ସମ୍ବଲପୁର) ଅ—ବୋଲିକରି; ଯୋଗୁଁ—
Balikari Owing to.

ବଳିଙ୍ଗ—ଦେ. ବି—କଳିଙ୍ଗ ରାଜ୍ୟର ନିକଟବର୍ତ୍ତୀ ଏକ କ୍ଷୁଦ୍ର ରାଜ୍ୟ—
Balinga A small kingdom near Kalinga.
[ ଦ୍ର—ସାରଳା ମହାଭାରତରେ ଏହି ନାମ ବହୁଥର ଲିଖିତ ଅଛି । ]

ବଳିଙ୍ଗି—ଦେ. ବି—ଚିଲିକାରେ ମିଳୁଥିବା ଏକପ୍ରକାର ମାଛ—
Balingi A kind oi sh (in the Chilka).

ବଳିଣ(ନ)—ଦେ. ବିଣ—୧ । ବଳି ହୋଇଥିବା—1. Twisted.
Balina(na) ୨ । ଦୃଢ଼ ଓ ବର୍ତ୍ତୁଳ—2 Round and strong; muscular.
ବଳିଣ ଭୁଜେ (ସେ) ମର୍କଟେ ଧରେ
ଅଙ୍ଗଦ କଙ୍କଣ ବେନି କରେ ବସନେ—ପ୍ରାଚୀ ରଘୁବଂଶମଙ୍ଗଳ ।

ବଳିତ—ସଂ. ବିଣ (ବଳ=ପଳିତ ଚର୍ମ+ସଞ୍ଜାତ ଅର୍ଥରେ ଇତ)—
Balita ୧ । କୁଞ୍ଚିତ; ବଳିଯୁକ୍ତ; ତ୍ରିବଳିଯୁକ୍ତ—1. Wrinkled folded. ୨ । ବଳିବଳିକିଆ—2. Curled; shrivelled; rolled. ୩ । ଶ୍ଳଥ; ଧଡ଼ିଧଡ଼ିଆ; ଲୋଳ; ଲୁଳିତ; ଢିଲା ହୋଇ ଝୁଲୁଥିବା—3. Slackened; flabby; flaccid. ୪ । ପରିବୃତ; ଆବେଷ୍ଟିତ (ବ୍ରୁ. ଶ)—4. Surrounded; encircled. ୫ । ଆଚ୍ଛାଦିତ (ବ୍ରୁ. ଶ)—5. Covered; enveloped.
ଦେ. ବିଣ—୧ । ଅଧିକତର; ସୁନ୍ଦରତର—
1. Finer; more beautiful.
ଅଦ୍ଭୁତ ରୂପ ବଳିତ କାମ—ଭକ୍ତ ଶିଶୁଙ୍କର ।
୨ । ଜାତ—2. Produced; born; generated.
ହର ପଦରମ୍ଭ ସରସ ରସେଣ ବଳିତ ବହୁ ବିକାର—ପ୍ରାଚୀ ରସବାରିଧି ।

ବଳିତା—ଦେ. ବି (ସଂ. ବଳିତ; ବର୍ତ୍ତିକା)—୧ । ଦୀପବର୍ତ୍ତି; ବତି;
Balitā ଶଳିତା; ବଳା ଯାଇଥିବା କନା—
ସଲতে; বাতী बत्ती; पलीता 1. Wick; rolled wick.
ଯେସନେ ପ୍ରଦୀପ ଜଳଇ
ଘୃତ ବଳିତା ଯୋଗ ପାଇ—ଜଗନ୍ନାଥ ଭାଗବତ ।
୨ । ବଳା ଯାଇଥିବା କନା ବା ତୁଳା—2. A roll or skein (of rag or cotton). ୩ । କନ୍ଥା; କନାର ଟିକି ଟିକି ଖଣ୍ଡ—3. Rags; shrivelled up rags.
(ଯଥା—ଏ ଲୁଗା ଖଣ୍ଡ ଚିରିଯାଇ ବଳିତା ହୋଇଗଲାଣି ।)
ଦେ. ବିଣ.—ବଳିତା ପରି ସରୁ ବା କ୍ଷୀଣ—
Slender like a wick.
(ଯଥା—ଖାଇବାକୁ ନ ପାଇ ତା ଦେହ ବଳିତା ହୋଇଗଲାଣି ।)

ବଳିତା କନା—ଦେ. ବି—ଯେଉଁ ଚିରା କନାକୁ ବଳି ବଳିତା ତିଆରି
Balitā kanā କରାଯାଏ—The rags which are to be rolled up into wicks.

ବଳିତା ଖଡ଼ି—ଦେ. ବି—ଏକପ୍ରକାର ସରୁ ଲମ୍ବ କୋଠଲା ଖଡ଼ି—
Balitā khardi A kind of hard chalk cut into thin long slices.
[ ଦ୍ର—ଏହାର ବର୍ଣ୍ଣ ପାଉଁଶିଆ ଧଳା । ଏହା ଲମ୍ବ ଓ ଗୋଲ ହୋଇ ତିଆରି ହୋଇଥାଏ; ଏହାର ବ୍ୟାସ ପ୍ରାୟ ୧ ଇଞ୍ଚ । ଚାଟଶାଳିର ପିଲାମାନେ ଏହା ସାହାଯ୍ୟରେ ଭୂମିରେ ଲେଖନ୍ତି । ]

ବଳିତା ବଳିବା—ଦେ. କ୍ରି—କନାକୁ ଉପର୍ଯ୍ୟୁପରି ଗୁଡ଼ାଇ ବତି
Balitā balibā ତିଆରି କରିବା—To roll up rags into a piece of wick.
সলতে পাকান बती बटना

ବଳିତା ବସା(ସେ)ଇବା—ଦେ. କ୍ରି—ଦେବତାଙ୍କ ସମ୍ମୁଖରେ ବା
Balitā basā(se)ibā ଦେବତାଙ୍କ ଉଦ୍ଦେଶ୍ୟରେ ବା ତୁଳସୀଗଛ
পিদীমদেওয়া ମୂଳରେ ସନ୍ଧ୍ୟା ସମୟରେ ଘିଅ ବତି ଜାଳିବା—
बतीदेना To set lighted wicks saturated with ghee or oil before Deities or the holy basil plant at eve.
[ ଦ୍ର—ବଳିତା ବସାଇବା ସମୟରେ ଲୋକେ ଆପଣାର ଅଭୀଷ୍ଟ ସିଦ୍ଧି ପାଇଁ ବା ଶତ୍ରୁର ଅମଙ୍ଗଳ ପାଇଁ ଦେବତାଙ୍କର ପ୍ରାର୍ଥନା କରିଥାଆନ୍ତି । ଏଥିପାଇଁ 'ଅମୁକ ଅମୁକର ନାଆଁରେ ନିତି ବଳିତା ବସାଉଛି', ବୋଲି କହିଲେ ଅମୁକ ଲୋକ ଅମୁକ ବ୍ୟକ୍ତିର ଅମଙ୍ଗଳ ହେବାପାଇଁ ଦେବତାଙ୍କଠାରେ ପ୍ରାର୍ଥନା କରୁଛି ବୋଲି ବୁଝାଯାଏ ।]

ବଳିତା ଲଗା(ଗେ)ଇବା—ଦେ. କ୍ରି.—ଘୃତ ବା ତେଲାକ୍ତ ବର୍ତ୍ତିକାରେ
Balitā lagā(ge)ibā ଅଗ୍ନିସଂଯୋଗ କରି ତାହାକୁ ଜଳାଇବା—
সলেতে লাগান To light a wick saturated with
बत्ती लगाना (ବଳିତା ଜାଳିବା—ଅନ୍ୟରୂପ) ghee or oil.

ବଳିଦାନ—ସଂ. ବି. (୬ଷ୍ଠୀ ତତ୍)—୧ । ଦେବତାଙ୍କ ଉଦ୍ଦେଶ୍ୟରେ
Balidāna ପଶୁବଧ-1. Animal sacrifice or offering to
(ବଳିପ୍ରଦାନ—ଅନ୍ୟରୂପ) a Deity; sacrifice of a victim.
୨ । ଦେବତାଙ୍କ ଉଦ୍ଦେଶ୍ୟରେ କୌଣସି ଦ୍ରବ୍ୟର ଉତ୍ସର୍ଗ—
2. Dedication of a thing to a Deity.
୩ । ଦେବତାଙ୍କୁ ନୈବେଦ୍ୟ ଦେବା; ପୂଜାର ଉପକରଣ ଦାନ—3. Making of an offering.

ବଳିଦାନ କରିବା—ଦେ. କ୍ରି.—୧ । ଦେବତାଙ୍କ ଉଦ୍ଦେଶ୍ୟରେ ପଶୁବଧ
Balidāna karibā କରିବା—1. To sacrifice an
বলিদান করা बलिदान कर (ବଳିଦେବା—ଅନ୍ୟରୂପ) animal.
ତୁମ୍ଭ ପଦୁରେ କେବେ କେଉଁ ବଳି ମୁହିଁ ଦେଇ ନାହିଁ ।
ନନ୍ଦକିଶୋର. ଶମସ୍ୟା ।
୨ । ବୈଶ୍ୱଦେବରେ ଭୂତ ଓ ପିତୃଗଣଙ୍କୁ ପିଣ୍ଡ ଦେବା—
2. To make food offerings to the created beings and to the manes.

ବଳିଦିଗ—ଦେ. ବି.—(ସଂ. ବଳି+ଦିକ୍) ପାତାଳ—
Baḻidiga The nether region.

ବଳି ଦିଗଙ୍କ ଉପର କରିବା କରୁ ଚତୁର ।
ଉପେ. ବୈଦେହୀଶବିଳାସ ।

ବଳିଧ୍ୱଂସୀ—ସଂ. ବି. ପୁଂ.—(ବଳି+ଧ୍ୱଂସ୍ ଧାତୁ+କର୍ତ୍ତୃ. ଇନ୍; ୧ମା.
Baḻidhwaṁsī ୧ବ.)—ଯେ ବାମନାବତାରରେ ବଳିଙ୍କୁ ନାଶ
କରିଥିଲେ)—ବିଷ୍ଣୁ—A name of Bishṇu.

ବଳିନ—ସଂ. ବିଣ. ପୁଂ.—(ବଳି+ଅସ୍ତ୍ୟର୍ଥେ. ଇନ୍)—୧ । ବଳିଯୁକ୍ତ—
Baḻina 1. Wrinkled; shrivelled.
(ବଳିଭ—ଅନ୍ୟରୂପ) ୨ । ତ୍ରିବଳିଯୁକ୍ତ—2. Having 3 folds
(ବଳିନା, ବଳିଭା—ସ୍ତ୍ରୀ) of skin about the navel.
୩ । ଲୁଳିତ; ଶ୍ଳଥ—3. Flabby; flaccid.
ଦେ. ବିଣ.—ବର୍ତ୍ତୁଳ ଓ ଦୃଢ଼—Round and strong.
(ଯଥା—ବାହୁ ବଳିନ ଭୁଜ ହେମବ୍ରତତି ।)

ବଳି ନନ୍ଦନ—ସଂ. ବି. ( ୬ଷ୍ଠୀ ତତ୍ )—ବାଣାସୁର—
Baḻi nandana A demon; son of Baḻi.
[ ଦ୍ର—ବଳି ରାଜାଙ୍କର ଶତାଧିକ ପୁତ୍ର ଥିଲେ, ତଥାପି
'ବଳିନନ୍ଦନ' କେବଳ ବାଣାସୁରଙ୍କୁ ବୁଝାଏ । ]

ବଳିନୀ—ସଂ. ବି. ସ୍ତ୍ରୀ (ବଳି+ଇନ୍+ସ୍ତ୍ରୀ. ଈ)—ବାଡ଼ିଅଁଳା; ବାଟ୍ୟା-
Baḻinī ଳକ; ବଳା—A medicinal plant; Sida
Cordifolia.

ବଳିନ୍ଦମ—ସଂ. ବି. ପୁଂ ( ବଳିଂ=ବଳିଙ୍କୁ+ଦମ୍ ଧାତୁ=ଶାସନ
Baḻindama କରିବା+କର୍ତ୍ତୃ. ଅ )—ବିଷ୍ଣୁ; ବଳିଧ୍ୱଂସୀ—
Bishṇu

ବଳି ପକା(କେ)ଇବା—ଦେ. କ୍ରି—ବଳି ଦେବା; ବୋଦା ଫକାଇବା;
Baḻi pakā(ke)ibā ଦେବତାଙ୍କ ଅଗରେ ପଶୁବଳି ଦେବା ବା
বলি দেওয়া ପଶୁ ହାଣିବା—To slay an animal before
बलि देना a Deity for sacrifice; to victimise.
( ବଳି ଦେବା—ଅନ୍ୟରୂପ )

ବଳି ପଡ଼ିବା—ଦେ. କ୍ରି—୧ । (ସଂ. ବଳି) (ପଶୁ) ଦେବତାଙ୍କ ଅଗରେ
Baḻi paṛibā ବଳିରୂପେ ହାଣ ଖାଇବା; ବୋଦା ପଡ଼ିବା—
বলি পড়া 1. To be killed or slain before a Deity as
बलि होना a victim. ୨ । (ସଂ. ବହୁଳ) ବଳକା ପଡ଼ିବା; ଅଧିକା
ହେବା; ଉଦ୍‌ବୃତ୍ତ ରହିବା—2. To be in excess;
to exceed; to outstand; to remain over.
୩ । ଟପିଯିବା; ଅତିକ୍ରମ କରିବା—3. To outrun; to
pass over. ୪ । ବୃଦ୍ଧି ପାଇବା—4. To increase.

ଏହା ଶୁଣି ବଳି ପଡ଼ିଲା ମୋ ଉତ୍ସାହ—
କୃଷ୍ଣସିଂ. ମହାଭାରତ ବନ ।

୫ । ସୀମା ଅତିକ୍ରମ କରିବା—5. To pass beyond
bounds; to exceed the limit.

ରୂପରେ ସିନା ମୁଁ ତୋରେ ପର୍ବତୁଲ ବଳିପଡ଼ିବାକୁ କାଥା—
କବିସୂର୍ଯ୍ୟ. କଣ୍ଠୋଦ୍ଧାରଚମ୍ପୂ ଚ. ଗୀତ ।

୬ । ଅସହ୍ୟ ହେବା—6 To be unbearable.
୭ । ସର୍ବାପେକ୍ଷା ଅଧିକ ହେବା—7. To preponderate.

ଏହିରୂପେ ତାଙ୍କୁ ବଳିପଡ଼ି ଶୋକ
ଚିନ୍ତନ୍ତେ ଦମୟନ୍ତୀଙ୍କର ଅନେକ—କୃଷ୍ଣସିଂହ. ମହାଭାରତ ବନ ।

ବଳି ପଶୁ—ସଂ. ବି—କୌଣସି ଦେବତାଙ୍କ ଉଦ୍ଦେଶ୍ୟରେ ହତ ପଶୁ—
Baḻi paśu An animal killed as a victim to a
particular Deity.

ବଳି ପାଇବା—ଦେ. କ୍ରି—୧ । ( ପଶୁ ) ଦେବତାଙ୍କ ଅଗରେ ବଳି
Baḻi pāibā ପଡ଼ିବା ବା ହଣା ହେବା—1. To be slain as
বলি পাওয়া बलि पाना a sacrifice before a Deity.
(ଯଥା—ଆଜି କାଳୀଠାକୁରାଣୀଙ୍କ ଅଗରେ ୩ଟି ଛେଳି ବଳି
ପାଇଲେ ।)
୨ । (ଦେବତା) କୌଣସି ପଶୁକୁ ବଳିରୂପେ ପ୍ରାପ୍ତହେବା—
2 To get a victim slain for self (said of
a Deity).
(ଯଥା—ବିମଳାଠାକୁରାଣୀ ଦୁର୍ଗାପୂଜା ସମୟରେ ପ୍ରତିବର୍ଷ ୭ଟି
ଲେଖାଏଁ ମାତ୍ର ବଳି ପାଆନ୍ତି ।)

ବଳିପୁଷ୍ଟ—ସଂ. ବିଣ. ପୁଂ (୩ୟା ତତ୍)—୧ । ବଳି ବା ଖାଦ୍ୟାଂଶଦ୍ୱାରା
Baḻipushṭa ପାଳିତ—1. Brought up with food
(ବଳିପୁଷ୍ଟା—ସ୍ତ୍ରୀ) thrown after meals. ୨ । ଅଇଁଠାଖିଆ—
2. Living on the leavings of other
people's tables.
ସଂ. ବି—କାକ; କୁଆ—Crow.

ବଳି ପୋଦକୀ—ସଂ. ବି—ବଡ଼ ପୋଇଶାଗ ଲତା (ହ୍ରୁ. ଶ)
Baḻi podakī A large variety of Poi creeper.

ବଳି ପ୍ରିୟ—ସଂ ବି—୧ । ଲୋଧ୍ର (ହ୍ରୁ. ଶ) ( ଦେଖ )—1. Lodhra
Baḻi priya (See). ୨ । କୁଆ (ହ୍ରୁ. ଶ)—2. Crow.

ବଳିବର୍ଦ୍ଦ—ସଂ. ବି—୧ । ଷଣ୍ଢ (ହ୍ରୁ. ଶ)—1. Bull. ୨ । ବଳଦ
Baḻibardda (ହ୍ରୁ. ଶ)—2. Ox; bullock.

ବଳି ବଳିକା—ଦେ. ବିଣ—ଯାହା ମୋଡ଼ି ମୋଡ଼ି ହୋଇଥାଏ—
Baḻi baḻikā Crisp; wrinkled; shrivelled.
( ବଳିବଳିକିଆ—ଅନ୍ୟରୂପ )

ବଳିବା—ଦେ. କ୍ରି (ସଂ. ବୃତ୍ ଧାତୁ )—୧ । କନା ଆଦିକୁ ଉପର୍ଯ୍ୟୁପରି
Baḻibā পাকান ଗୁଡ଼ାଇବା—1. To roll up (rag etc).
बटना ୨ । ଝୋଟ ବା କତାକୁ ହାତରେ ଗୁଡ଼ାଇ ଦଉଡ଼ି କରିବା—
2. To weave or twist fibres into a rope.
୩ । (ମତି ବା ମନ) କୌଣସି ବିଷୟ ପ୍ରତି ଆସକ୍ତ ହେବା ବା
ଆକୃଷ୍ଟ ହେବା—3. (the mind) To be bent upon
যাওয়া a matter or to be attached towards a thing.
आना

ଏ ବାଣୀ ଶ୍ରବଣେ ରାମ ଶ୍ରୀପଦ ଦର୍ଶନ
କରିବାକୁ କ ବଳିଲା ଏ ଦାସର ମନ । ଲକ୍ଷଣଗୋର. ସୀତା ବନବାସ ।

୪ । (ମନ) ଉଦ୍‌ବିଗ୍ନ ହେବା—4. (the mind) To be
anxious for.

ତାହାଙ୍କ ଦେଖିବାକୁ ବଳଇ ମାନସ ।
କୃଷ୍ଣସିଂ. ମହାଭାରତ ବନ ।

ପାକାନ ୫ । ଅଙ୍ଗୁଷ୍ଠ ଦ୍ୱାରା ମାଂସ ଆଦିକୁ ପେଣ୍ଡୁଳ କରିବା—
ବଟନା 5. To roll up into a ball with the help of the fingers.

ବଳି ବାହୁଳକ ସୁନାସ୍ତ ଭୂପେ ସେ ମନୋହର ।
ଉଚ୍ଛ. ବୈଦେହୀଶବିଳାସ ।

୬ । ବାରଣ ନ ମାନିବା—6. To disobey a restriction.

ବଳୀ ବଳସ୍ତ୍ରୀ ଝାମ୍ପେ ଅହାର ଲେଉଛେ
ବଳବଳଶୋଭୀ ତାହାର ନବାଉଛେ । ଉଚ୍ଛ. ବୈଦେହୀଶବିଳାସ ।

ଟପକା ୭ । ଡେଇଁ ଯିବା; ଅତିକ୍ରମ କରିଯିବା—7. To pass over;
ବଢ଼ନା to outrun.

ବଳଇ ଅନଳ ଗତ କରି ଖଳ ଦୁର୍ଗମ ଦୁର୍ଗ ସବୁର ।
ଉଚ୍ଛ. ବୈଦେହୀଶବିଳାସ ।

୮ । (ସ. ବହୁଳ) ବଳକା ହେବା; ବଳିଯିବା—8. To exceed; to be in excess. ୯ । ଅବଶିଷ୍ଟ ରହିବା; ବଳକା ରହିଯିବା; ବ୍ୟବହାର ପରେ ଉଦ୍‌ବୃତ୍ତ ରହିବା; ବଳି
ବଚନା ପଡ଼ିବା—9. To remain over after use.
ବାଁଚା ( ଯଥା—ମୋ ପଞ୍ଚରେ ସୁଦ୍ଧା ଭାତ ବଳବ । )

୧୦ । ବଳିବା; ଅଧିକ ହେବା; ଅଧିକତର ହେବା; ବଳିଯିବା—
ବଢ଼ନା 10. To exceed; to be more than.

ବାଳପେୟ ଯାଗରୁ ତା ଫଳ ବଳଇ । କୃଷ୍ଣସିଂହ. ମହାଭାରତ. ବନ ।

୧୧ । ବଢ଼ିବା; ବୃଦ୍ଧି ପାଇବା; ବଳିଯିବା—11. To increase.
ବାଡ଼ା (ଯଥା—ଧନରୁ ଧନ ତା ଯୋଗ ବଳଇଣି ।)

୧୨ । ଜିତିବା; ବଳିଯିବା—12. To win.
( ଯଥା—ତାକୁ କେହି କଥାରେ ବଳିବ ନାହିଁ । )

୧୩ । (ନିର୍ଦ୍ଦିଷ୍ଟ ସମୟ) ଅତୀତ ବା ଅତିକ୍ରାନ୍ତ ହେବା; ବଳିଯିବା —
ଗତ ହওୟା 13. To pass (said of a fixed time-limit).

ପ୍ରାଣ ନାଥ—ବଳେ ବେଳ ବଳିଲରେ । କବିସୂର୍ଯ୍ୟ. ସଙ୍ଗୀତ ।

୧୪ । (ମନରେ ଶ୍ରଦ୍ଧା, ଆଗ୍ରହ, ସ୍ନେହ ଆଦି) ଜାତ ହେବା; ଜନ୍ମିବା—14. To grow.

ଶ୍ରଦ୍ଧା ବଳଇ ଯାର ମନେ, ସେ ପ୍ରାଣୀ ଧନ୍ୟ ତ୍ରିଭୁବନେ ।
ଭୂପତି. ପ୍ରେମପଞ୍ଚାମୃତ ।

লংঘন করা ୧୫ । ଲଙ୍ଘିଯିବା—15. To overflow; to
ଲାଂଘନା overtop.

ଉତୁଗା ଜଳ ହୋଇ ପ୍ରବଳ ବଳନ୍ତି ତଟ ।
ଗୋପକୃଷ୍ଣ. ଜଗମୋହନ ।

୧୬ । ସଙ୍ଗୀମାନଙ୍କ ଆଗରେ ବା ପଛରେ ଟପିଯିବା—16. To outstrip; to outwalk.
ବଢ଼ଜାନା

[ ଦ୍ର—ବଳିବା କ୍ରିୟାର ଅସମାପିକା ରୂପ ସଙ୍ଗେ ଯିବା, ପଡ଼ିବା, କ୍ରିୟାର ସମାପିକା ରୂପ ଯୁକ୍ତ ହୁଏ । ]

ବଲିବା—ପ୍ରାଦେ (ଜୟପୁର) କ୍ରି. (ଭୁଲ. ବ. ବଲ୍ଲ)—ବୋଲିବା; କହିବା—To say; to speak.
Baliba

ବଳିଭୁକ୍—ସ. ବ. ପୁଂ ଓ ସ୍ତ୍ରୀ. (ବଳି+ଭୁଜ୍ ଧାତୁ=ଖାଇବା+କର୍ତ୍ତୃ. କ୍ୱିପ୍; ବଳିଭୁଜ୍ ଶବ୍ଦ; ୧ମା. ୧ବ.)—
Balibhuk
୧ । କାକ—1. Crow. ୨ । ଘରଚଟିଆ—2. Sparrow.

ବଳିଭୁକ—ଓଡ଼ି. ବ—ବଳିଭୁକ୍ ( ଦେଖ )
Balibhuka Balibhuk ( See )

ସେ ବଚନ ବଳୀ ବଳୀଶୋଭୀ ଦେଇ ବଳ
ବଳିଭୁକେ ସ୍ତୁଚ୍ଛ ବାର୍ତ୍ତ ଅଳୀ ଅଳୀ । ଉଚ୍ଛ. ପ୍ରେମସୁଧାନିଧି ।

ବଳିଭୁଜ—ସ. ବ. (ବଳି+ଭୁଜ ଧାତୁ+କର୍ତ୍ତୃ. ଅ)—
Balibhuja ବାୟସ; କୁଆ—Crow.

ବଳିଭୋଜ(ଜା)—ସ. ବ. (ବଳି+ଭୁଜ୍ ଧାତୁ+ଅ; ଆ)—
Balibhoja(jā) କୁଆ (ହି. ଶ)—Crow.

ବଳି ଭୋଜା – ଦେ. ବ—ନୈବେଦ୍ୟ—
Bali bhojā Offerings to a Deity.

ଭୁ ମୋତେ ଯକ୍ଷେ କରୁ ପୂଜା
ଦେବଙ୍କ ଦେଉ ବଳିଭୋଜା । ଜଗନ୍ନାଥ. ଭାଗବତ ।

ବଳିମାନ୍—ସଂ. ବଣ. ପୁଂ. (ବଳି+ମତ୍; ୧ମା. ୧ବ)—
Balimān ବଳିନ; ବଳିଯୁକ୍ତ—Having wrinkles or
(ବଳିମତୀ—ସ୍ତ୍ରୀ) folds of skin; flabby-skinned.

ବଳି ମୁଖ—ସଂ. ବ. (ବହୁବ୍ରୀହି; ବଳି=ଶ୍ଳଥ ଚର୍ମ ମୁଖରେ ଯାହାର)—
Bali mukha ୧ । ବାନର; ମାଙ୍କଡ଼—1. Monkey.

ବଳିମୁଖ ଘେନେ ଯେଣୁ ଗିରି ଅପ୍ରଗୁର । ଉଚ୍ଛ. ବୈଦେହୀଶବିଳାସ ।

୨ । ଶିବଙ୍କ ଅନୁଚର ବିଶେଷ—2. An attendant of Siba. (୧+୨) ବଳମୁଖକୁ ବଳିମ ଖର ଭେଳା କରୁ ।
ଉଚ୍ଛ. ବୈଦେହୀଶବିଳାସ ।

ବଳିର—ସଂ. ବ. ପୁଂ. (ବଳି+ର)—ଟେରା—Squint-eyed.
Balira (ବଳିରା—ସ୍ତ୍ରୀ) (ବଳିରତା—ବିଶେଷ୍ୟ)

ବଳିଶ—ସଂ. ବ—ବଳିସି (ହି. ଶ)—
Baliśa Angling rod.

ବଳି ଶୋଭିନୀ—ସଂ. ବଣ. ସ୍ତ୍ରୀ. (ବଳି+ଶୋଭ୍+ଇନ୍+ଈ)—
Bali śobhini ତ୍ରିବଳୀ ଶୋଭିନୀ ( ସ୍ତ୍ରୀ )—( a female ) Having wrinkled folds of skin about her navel. ବଳି ବଳିଶୋଭିନୀ ତାହାର ନବାଉଛେ । ଉଚ୍ଛ. ବୈଦେହୀଶବିଳାସ ।

ବଳିଷ୍ଟ—ଗ୍ରା. ବଣ. (ସଂ. ବଳିଷ୍ଠର ଅଶୁଦ୍ଧ ପ୍ରୟୋଗ)—ବଳବାନ୍—
Balishta Strong; mighty.

ବଳିଷ୍ଠ—ସ. ବଣ. ( ବଳବତ୍+ଅତ୍ୟର୍ଥେ. ଇଷ୍ଠ )—୧ । ଅତ୍ୟନ୍ତ
Balishtha ବଳବାନ୍—1. Very strong. ୨ । ବଳୁଆ—2. Strong. ୩ । ବଳବତ୍ତମ—3. Strongest. ୪ । କାର୍ଯ୍ୟକ୍ଷମ—4. Fit for work; hale. ୫ । ହୃଷ୍ଟପୁଷ୍ଟ—5. Well developed; stout; robust.

ବଳିଷ୍ଠକାୟ—ସ. ବ ( କର୍ମଧା )—ବଳବାନ୍ ଦେହ—Strong
Balishthakāya body; robust physique.
( ବଳିଷ୍ଠ ଦେହ, ବଳିଷ୍ଠ ଶରୀର—ଅନ୍ୟରୂପ )
ସ. ବଣ. ( ବହୁବ୍ରୀହି )—ଦୃଢ଼କାୟ—
Strong in physique; able-bodied.

ବଳିଷ୍ଣୁ—ସ. ବଣ ( ବଳି+ଇଷ୍ଣୁ )—ଅପମାନିତ ( ହି. ଶ )—
Balishnu Insulted.

ବଳିସଦ୍ମ—ସ. ବ ( ଷଷ୍ଠୀ ତତ୍ )—ପାତାଳ—The nether world;
Balisadma infernal regions.
( ବଳି ମନ୍ଦିର, ବଳି ସଦନ, ବଳିପୁର—ଅନ୍ୟରୂପ )

ବଳିହା—ସ. ବ ( ବଳି+ହନ୍ ଧାତୁ+କର୍ତ୍ତୃ. କ୍ୱିପ୍ )—ବଳିଧ୍ୱଂସୀ;
Baliha ବିଷ୍ଣୁ—Bishnu (who killed Bali).

ବଳିହାର୍ କରିବା—ଦେ. କ୍ରି ( ହିନ୍ଦୀରୁ ଅନୁକୃତ )—ଜୟଜୟକାର
Balihāri karibā କରିବା; ଜେଜେକାର କରିବା—To sing
बलिहारि करना praise; to extol; to raise exclamations
**वालिहारि करना** praising a man.

ବଳିହୃତ୍—ସ. ବଣ ( ବଳ+ହୃ ଧାତୁ+କର୍ତ୍ତୃ. କ୍ୱିପ୍ )—୧ । କରପ୍ରଦ;
Balihrut ଯେ କର ଦିଏ—1. Paying rent; tributary.
୨ । ଯେ ଭେଟି ଆଣେ—2. Carrying or bringing presents. ୩ । ଯେ କର ଗ୍ରହଣ କରେ; କରଗ୍ରାହୀ—3. Taking or accepting tribute or rent.
ସ. ବି—ରାଜା ( ହି. ଶ )—A king.

ବଳି—ସ. ବଣ. ପୁଂ ( ବଳ+ଇନ୍; ବଳିନ୍ ଶବ୍ଦ ୧ମା. ୧ବ )—
Bali ୧ । ବଳବାନ୍; ବଳୁଆ—1. Strong. ୨ । ଅଂଶଳ;
( ବଳିନୀ—ସ୍ତ୍ରୀ ) ସ୍ଥୂଳକାୟ—2. Stout; robust; muscular.
ବି—୧ । ବଳରାମ; ବଳଭଦ୍ର—1 Balabhadra. ୨ । ଓଷ୍ଟ୍ର; ଉଟ—2. Camel. ୩ । ମହିଷ—3. Buffalo.
୪ । ବୃଷଭ; ଷଣ୍ଢ—4 Bull. ୫ । ଶୂକର—5. Hog.
୬ । କଫ—6. Phlegm. ୭ । କୁନ୍ଦ ( ଫୁଲଗଛ )—7. A sort of jasmine. ୮ । ମାଷ; ବିରି—8. A sort of pulse; Phaseolus Radiatus.
୯ । ବଳି ୧୧ରୁ ୧୬ ( ଦେଖ )—9. Bali 11 to 16 (See).
ବଳୀ ବଳ ଦେଖେ ସେ ପ୍ରବଳ ରଣ ଶୋଭା—ଉପେ. ବୈଦେହୀଶବିଳାସ

ବଳୀକ—ସ. ବି ( ବଲ୍ ଧାତୁ=ଆବରଣ କରିବା+କର୍ତ୍ତୃ. ଈକ )—
Balika ୧ । ଛାତ; ଘରଚାଳର ତଳ—1. The lower end of a thatch; the eaves. ୨ । ଜାଣ୍ଡଶର ( ହି. ଶ )—2. A kind of reed.

ବଳୀନ—ସଂ. ବି—୧ । ବିଛା; ଛନୁଳିଆ ବିଛା—1. A centepede.
Balina ୨ । ଦୈତ୍ୟବିଶେଷ ( ହି. ଶ. )—2. Name of a demon.

ବଳୀନ୍ଦ୍ର—ସ. ବଣ (୭ମୀ ତତ୍: ବଳୀ+ଇନ୍ଦ୍ର)—ଅତ୍ୟନ୍ତ ବଳଶାଳୀ—
Balindra Very strong.
ବି—ବୀର ପୁରୁଷ—A hero.

ବଳୀବର୍ଦ୍ଦ—ସ. ବି ( ବଳ=ଶକ୍ତି+ବୃଧ୍ ଧାତୁ=ବୃଦ୍ଧି ପାଇବା+
Balibardda କର୍ତ୍ତୃ. ଅ, ନିପାତନ )—୧ । ବଳଦ—1. Ox; a castrated bull; bullock. ୨ । ଷଣ୍ଢ—2. Bull.

ବଳୀବର୍ଦ୍ଦ ପୂଜା—ସ. ବି—ବଳଦେବ ପୂଜା ( ଦେଖ )
Balibardda pūjā Baladeba pūjā ( See )

ବଳୀୟାନ୍—ସ. ବଣ. ପୁଂ ( ବଳବତ୍+ଅତ୍ୟର୍ଥେ. ଈୟସ; ବତ୍‌ଲୋପ;
Baliyān ବଳୀୟସ ଶବ୍ଦ ୧ମା. ୧ବ )—୧ । ବଳୁଆ; ବଳୀୟାର—
(ବଳୀୟସୀ—ସ୍ତ୍ରୀ) 1. Strong; mighty. ୨ । ବଳବତ୍ତର—2. Stronger. ୩ । ଖୁବ୍ ବଳୁଆ—3. Very strong.
ବି—ଓଷ୍ଟ୍ର, ମହିଷ ପ୍ରଭୃତି ବଳଶାଳୀ ପଶୁ—Strong beasts (e. g. camel, buffalo etc ).

ବଳୁଆ—ଦେ. ବଣ ( ସ. ବଳବାନ୍ )—ବଳବାନ୍—Strong.
Baluā बलवन्त **बलिष्ठ**
ପ୍ରାଦେ. ( ଅଠମଲ୍ଲିକ ଓ ଗଡ଼ଜାତ ) ବି—ବଳିଆ କୁକୁର—Wild ferocious dog.

ବଳୁରି—ଦେ. ବି—ବିରୁଡ଼ି ( ଦେଖ )
Baluri Birurdi ( See )

ବଳୂଳ—ସ. ବି ( ବଳ+ଅସ୍ତ୍ୟର୍ଥରେ ଊଳ )—ବଳୁଆ; ବଳବାନ୍—
Balūla Strong; mighty.

ବଳେ—ଦେ. କ୍ରି. ବଣ—୧ । ବଳପୂର୍ବକ; ଜବରଦସ୍ତି—
Bale जबरदस्ति **जबरदस्त** 1. Forcibly.
ଦ୍ୱାରକାରେ ଯାଇ ବଳେ ସୁଭଦ୍ରାକୁ
ବିଭା ହୋଇ ଅର୍ଜୁନ ଆଣିଲେ ଘରକୁ—କୃଷ୍ଣସିଂହ. ମହାଭାରତ. ଆଦ ।
आपनी ୨ । ଆପଣା ମନକୁ; ସ୍ୱେଚ୍ଛାରେ; ସ୍ୱଏଁ ସ୍ୱଏଁ—2. Out of
**आपसेआप** one's own accord; automatically; willingly.
निश्चय ୩ । କାର୍ଯ୍ୟତଃ; ନିଶ୍ଚେ—
**अलबत** 3. Certainly; as a matter of course.
ଚେତନ ଥିଲେ ସେ ବଳେ, ବୟସର
କ୍ଷଣଭୁତ ଭୂତଠାରେ—ବଳଦେବ. କଳୋଷ ଚମ୍ପୂ. ଠ ଗୀତ
୪ । ବାଧ୍ୟ ହୋଇ—4. Under compulsion; compulsorily.
ଭିକ୍ଷୁ ସେବକେ ନ ଭୁଞ୍ଜଇ
ବଶ୍ୟଷ ସଂଯୋଗେ ବଳେ ଖାଇ—ଜଗନ୍ନାଥ. ଭାଗବତ ।
ଅ—( ଅନ୍ୟ ବିଶେଷ୍ୟ ଶବ୍ଦ ପରେ ଲାଗେ )—ଯୋଗେ; ଯୋଗୁଁ—For.
ହଥାଇ ତୁ କୋଟେ, ବଳସୂର୍ଯ୍ୟବଳେ
ଉଦ୍ଧୁ ହେଲେ ସୁରେଶ୍ୱର ରେ—ଉପେନ୍ଦ୍ର, ସଙ୍ଗୀତ ।

ବଲେ—ପ୍ରାଦେ. ( ଉତ୍ତରାଞ୍ଚଳ ) ଅ—ସୁଦ୍ଧା; ହେଲେହେଁ—
Bale Even.

ବଲେଇ—ଦେ. ବଣ—କ୍ଷୁଦ୍ର; ଛୋଟ—
Bale-i Small; minute.
(ବଲେି—ଅନ୍ୟରୂପ) ବି—୧ । ଛୋଟ ବିଆରି—1. Small strip or plot of fields. ୨ । ଛୋଟ ଛୋଟ ଅକାରରେ କଟା ହୋଇ ବିଡ଼ା ବନ୍ଧା ହୋଇଥିବା ଜାଳ କାଠ—2. Fuel cut into bits and tied into small bundles.
ଦେ. କ୍ରି. ବଣ—କୌଣସି ବ୍ୟକ୍ତିକୁ ଅଗ ବଳାଇ ଦେଇ—After accompanying a person to some distance.

ବଳାଇ; ବାଲାଇ ବୈଦେ. ବି. (ଅ. ବଲା=ବିପଦ; ଗୁରୁଦାୟିତ୍ୱ)—
**बला; बलाय** ୧ । ବଳା; ଦାୟିତ୍ୱ—1. Responsibility.
ମୁଁ ତାକୁ ବାରବାର ଚେତେଇ ଦେଇଛି କହୁଛି
ପରନ୍ତୁ, ଗୁହାରୁଛି ସେ ବଲେଇରେ ପଶ ନାହିଁ ।
ଫକୀରମୋହନ. ଗଳ୍ପସ୍ୱଳ୍ପ ।
୨ । ବିପଦ—2. Danger. ୩ । ବିଘ୍ନ—3. Obstacle. ୪ । ଅଡୁଆ; ଗୋଳମାଳ—4. Trouble; confusion; difficulty.

[ଦ୍ର—ଏ ଶବ୍ଦ ଅନର୍ଥକ 'ଅଲେଇ' ଶବ୍ଦ ସହିତ ବ୍ୟବହୃତ ହୋଇ ଏକାର୍ଥବୋଧକ ଯୁକ୍ତଶବ୍ଦ ଉତ୍ପାଦନ କରେ, ଅଲେଇ ବଲେଇ ।]

**ବଲେ କଲେ**—ଦେ. କ୍ରି. ବିଣ. (ସହଚର ଶବ୍ଦ)—ବଲେ ବଲେ
Bal̤e kal̤e କୌଶଳେ; ଶରୀରର ବଳଦ୍ୱାରା ହେଉ ବା କୌଶଳ-
(ବଲେ କଲେ କୌଶଳେ—ଅନ୍ୟରୂପ) ଦ୍ୱାରା ହେଉ, ଯେ କୌଣସି କଳେବଳେ, ଛଳେବଳେ ଉପାୟରେ; ସତ୍ ହେଉ ବା ଅସତ୍ ହେଉ
ছলবলসে ଯେ କୌଣସି ଉପାୟରେ—Anyhow; by any means whatever; either by bodily strength or wiles; by means fair or foul.

**ବଲେନ**—ପ୍ରାଦେ. (ବାମଣ୍ଡା) ବି—କ୍ଷୁଦ୍ର ପାଣି ନାଳ—
Balena A small water channel.

**ବଲେପଶା**—ଦେ. ବିଣ. ପୁଂ—ବଳପଶା ( ଦେଖ )
Bal̤epaśā (ବଲେପଶୀ—ସ୍ତ୍ରୀ) Bal̤apaśā (See)

**ବଲେ ପଶି ମଙ୍ଗଳବାର କରିବା**—ଦେ. କ୍ରି—ପରଘରେ ଜବରଦସ୍ତି ବା
Bal̤e paśi maṅgal̤abāra karibā ଅନାହୂତ ହୋଇ
(ବଲେ ପଶି ଓଷା ଭୁଞ୍ଜେଇବା—ଅନ୍ୟରୂପ) ମୁରବୀ ପଣିଆ କରିବା—To thrust one's self as the guardian of another's affairs; to poke one's nose into another's affairs.

**ବଲେ ବଲେ**—ଦେ. କ୍ରି. ବିଣ—ଆପଣା ମନକୁ; ସ୍ୱଇଚ୍ଛାରେ—
Bal̤e bal̤e Of one's own accord; without any
আপনা আপনি आपसेआप one's request.

**ବଲେୟା**—ଦେ. ବି—ବନ୍ୟଜନ୍ତୁବିଶେଷ; ବଣଆ କୁକୁର—
Baleyā Wild ferocious dog.

ମଇଁଷି ଘୋଡ଼ା ଫେକୋଷ ବଲେୟା । ପ୍ରଭାପ ଶଶିରେଖା ।

**ବଲୋପବିଷ୍ଟ**—ସଂ. ବିଣ. (ତୃତୀୟାତତ୍; ବଳ+ଉପବିଷ୍ଟ)—୧ । ଶକ୍ତି-
Bal̤opabishṭa ବିଶିଷ୍ଟ—1. Powerful; endowed with
(ବଲୋପେତ—ଅନ୍ୟରୂପ) strength. ୨ । ଜବରଦସ୍ତି ପ୍ରବେଶ କରିଥିବା—2. Entering into a place by force.

**ବଲ୍କ**—ସଂ. ବି. (ବଲ୍ ଧାତୁ=ଆବରଣ କରିବା+କର୍ତ୍ତୃ. କ)—ବକଳ;
Balka ବୃକ୍ଷତ୍ୱକ୍; ଗଛର ଛାଲ—Bark of tree.

**ବଲ୍କତରୁ**—ସଂ. ବି. (ବହୁବ୍ରୀହି)—ଗୁଆଗଛ ( ହ. ଶ. )—
Bal̤kataru Arecanut-tree.

**ବଲ୍କଦ୍ରୁମ**—ସଂ. ବି.(ମ. ପ. ଲୋ)—ଭୋଜପତ୍ରର ଗଛ ( ହ. ଶ. )—
Bal̤kadruma The birch tree.

**ବଲ୍କଲ**—ସଂ. ବି. ( ବଲ୍ ଧାତୁ=ଆବରଣ କରିବା+କର୍ତ୍ତୃ. କଲ )—
Bal̤kal̤a ୧ । ଗଛର ଛାଲ; ବକଲ—1. Bark. ୨ । ମାଛର କାତି; ଶଲ୍କ—2. Scale of fish. ୩ । ଜାଇତ୍ରୀ—3. Mace (spice). ୪ । ଲୁଗାରୂପେ ବ୍ୟବହୃତ ଗଛର ଛାଲ ( ହ. ଶ. )—4. Bark of a tree used as a cloth.

**ବଲ୍କଲ ଧାରୀ**—ସଂ. ବିଣ. ପୁଂ. ( ଉପପଦ ତତ୍ପୁରୁଷ )—ଯେଉଁ ବ୍ୟକ୍ତି
Bal̤kal̤a dhārī ଗଛର ବକଳ ପିନ୍ଧିଥାଏ—Wearing
(ବଲ୍କଲ ଧାରଣୀ—ସ୍ତ୍ରୀ) bark.

**ବଲ୍କଲୀ**—ସଂ. ବିଣ. ପୁଂ. (ବଲ୍କଲ+ଅସ୍ତି ଅର୍ଥରେ ଇନ୍)—ବଲ୍କଲଧାରୀ—
Bal̤kalī (ବଲ୍କଲିନୀ—ସ୍ତ୍ରୀ) Wearing bark.

ବଲ୍କଲୀ ସ୍ୱଜାତ୍କ ତେଜି ସର୍ବେ ଭୂଷଣମାନ
ସକ ହେଲେ ସେହିକ୍ଷଣି ଅରଣ୍ୟକ ବେଶେ । ଭ୍ରାନ୍ତିକାଅ. ମହାଭାରତ ।

**ବଲ୍କା**—ଦେ. ବିଣ. ପୁଂ. ( ଫା. ଉକ୍କି )—ଓଲ୍ଲା; ଓଲୁ; ଓଲମା; ନିର୍ବୋଧ-
Balkā (ବଲ୍କୀ—ସ୍ତ୍ରୀ) Idiotic; foolish.

**ବଲ୍କାନ୍**—ଦେ. ବି. (ନାମ)—ଇଉରୋପ ଅନ୍ତର୍ଗତ ତୁରସ୍କ ନିକଟବର୍ତ୍ତୀ
Balkān ଉପଦ୍ୱୀପମୟ କ୍ଷୁଦ୍ର ରାଜ୍ୟପୁଞ୍ଜ—The Balkans (a group of states in Europe.)

**ବଲ୍ଗ୍ (ଧାତୁ)**—ସଂ.—୧ । ବକ୍ର ଗମନ କରିବା—
Balg (root) 1. To move in a crooked line.
୨ । ଡେଇଁ ଡେଇଁ ଚାଲିବା—2. To walk frisking; to move by leaps. ୩ । କହିବା—
3. To speak; to talk.

**ବଲ୍ଗ**—ସଂ. ବି. (ବଲ୍ଗ୍ ଧାତୁ+କରଣ. ଅ)—ବଲ୍ଗା (ରାଜଶେଖର ବସୁ,
Balga ଚଳନ୍ତିକା); ଲଗାମ—Rein.

**ବଲ୍ଗନ**—ସଂ. ବି. (ବଲ୍ଗ୍ ଧାତୁ+ଭାବ. ଅନ)—୧ । ବହୁ କଥନ; ବକା-
Balgana 1. Talking much; talkativeness.
୨ । ବକ୍ର ଗତି—2. Crooked motion. ୩ । ପୂର ଭୋଜନ—3. Eating to the fill. ୪ । ଘୋଡ଼ାର ଦୁଲ୍କି ଚାଲ (ହ. ଶ.)—4. Canter or trot of a horse.

**ବଲ୍ଗମାନ**—ସଂ. ବିଣ. ପୁଂ. (ବଲ୍ଗ୍ ଧାତୁ+କର୍ତ୍ତୃ. ଆନ)—କୁଦି କରି
Balgamāna ଚାଲୁ ଥିବା—Walking in a frisking
(ବଲ୍ଗମାନା—ସ୍ତ୍ରୀ) manner; trotting; cantering.

**ବଲ୍ଗା**—ସଂ. ବି.—(ବଲ୍ଗ ଧାତୁ+କରଣ. ଅ+ସ୍ତ୍ରୀ. ଆ)—ବାଗ;
Balgā ଘୋଡ଼ାର ଲଗାମ—Rein of a horse.

**ବଲ୍ଗାଧାରୀ**—ସଂ. ବି. ପୁଂ.—(ଉପପଦ ତତ୍ପୁରୁଷ)—ସାରଥି—
Balgādhārī (ବଲ୍ଗାଧାରଣୀ—ସ୍ତ୍ରୀ) Charioteer.

**ବଲ୍ଗା ହରିଣ**—ଦେ. ବି.—(ସଂ ବଲ୍ଗା+ଓ. ହରିଣ; ଆଧୁନିକ ପ୍ରୟୋଗ;
Balgā hariṇa ବଙ୍ଗଳାରୁ ଅନୁକୃତ)—ଏକପ୍ରକାର ମୃଗ—
বলগাহরিণ बारहसिंह The reindeer

[ଦ୍ର—ଏମାନେ ଏସିଆ ଓ ଇଉରୋପର ଉତ୍ତର ମେରୁ ନିକଟବର୍ତ୍ତୀ ଶୀତପ୍ରଧାନ ଅଞ୍ଚଳରେ ବାସ କରନ୍ତି; ତଦେଶବାସୀମାନେ ଏହାଙ୍କ ମୁହଁରେ ଲଗାମ ଦେଇ ଘୋଷରା ଗାଡ଼ିରେ (sledge) ଏମାନଙ୍କୁ ଯୋଚି ବରଫ ଉପରେ ଚଳାନ୍ତି ।]

**ବଲ୍ଗିବା**—ଦେ. କ୍ରି—(ସଂ. ବଲ୍ଗଧାତୁ=କହିବା)—କହିବା—
Balgibā (ବଲଗିବା—ଅନ୍ୟରୂପ) To speak.

ବଲଗିଲେ ଶୁଣାକର, ଅଳ୍ପଗୁଳେ ଉଦ୍ଧାରକ
ଘୋଷ ଯେତେ ଦରକର, ଖ୍ୟାମ ନନ୍ଦ । ଅନ୍ୟତ୍ରତ, କ୍ଷେତ୍ରବନ୍ଦୀ କରଣ

**ବଲ୍ଗିତ**—ସଂ. ବି (ବଲ୍ଗ୍ ଧାତୁ ଘୋଡ଼ାର ଗତିବିଶେଷ;+ଭାବ. ତ)
Balgitā ଦୁଲ୍କି—Trotting or cantering of the horse.

[ ଦ୍ର—ଘୋଡ଼ାର ପଞ୍ଚବିଧ ଗତି, ଯଥା—ଆସ୍କନ୍ଦିତ, ଧୌରିତକ, ରେଚିତ, ବଲ୍ଗିତ ଓ ପ୍ଲୁତ ]

୨। ଲୁଦଗୁଲିବା; ପ୍ଲୁତ ଗମନ—2. Frisking. ୩। ବହୁ କଥନ, ଜଳ୍ପନ; ଗପିବା—3. Talking babbling. ୪। ଗପିବାବେଳେ ହସ୍ତପଦାଦିର ଅଷ୍ଫାଳନ—4. Making motions with the hands and legs (while talking).

ବଲ୍ଗୁ—ସଂ. ବି. (ବଲ୍ ଧାତୁ+କର୍ତ୍ତୃ. ଗୁ)—ଛେଳି; ଛାଗଳ—
Balgu Goat.
ବିଣ—ସୁନ୍ଦର; ମନୋଜ୍ଞ—Decent; lovely; beautiful; handsome.

ବଲ୍ଗୁକ—ସଂ. ବି. (ବଲ୍ଗୁ ଧାତୁ+କର୍ତ୍ତୃ.ଉକ)—ଶୃଗାଳ; ବିଲୁଅ (ହି.ଶ)—
Balguka Jackal.

ବଲ୍ଗୁଲିକା—ସଂ. ବି. (ବଲ୍ଗୁ+ଇଲ+କ+ସ୍ତ୍ରୀ. ଆ)—୧। ଅସରପା;
Balgulikā ଅସରପା—1. Cockroach.
(ବଲ୍ଗୁଳିକା—ଅନ୍ୟରୂପ) ୨। ଚେମଣୀ (ହି. ଶ)—2. House-bat.
୩। ପେଟରା (ହି. ଶ)—Cane box.

ବଲ୍ୱଗ—ସଂ. ବି—ଅଁଳା (ହି. ଶ)
Balwaga Embelic myrobalan.

ବଲ୍ୱଜ—ସଂ. ବି—ଉଦୁଖଳ (ହି. ଶ)
Balwaja Mortar.

ବଲ୍ୱଜା—ସଂ. ବି.—ଏକପ୍ରକାର ଘାସ—
Balwajā A kind of grass.
(ଏହାର ଅନ୍ୟ ସଂନାମ ଦୃଢ଼ପତ୍ରୀ, [ ଦ୍ର—ବୈଦ୍ୟକ ମତରେ ଏହା ଦୃଢ଼ସୂତ୍ର ମୌଞ୍ଜୀପତ୍ରୀ, ତୃଣେକ୍ଷୁ ) ଶୀତଳ ଓ ମଧୁର; ଏହା ପିତ୍ତ, ତୃଷା ଓ ଦାହ ଦୂର କରେ—ହି. ଶ ]

ବଲ୍ୱଳ—ସଂ. ବି—ବଳରାମଙ୍କଦ୍ୱାରା ନିହତ ଦୈତ୍ୟବିଶେଷ—Name of
Balwala a demon killed by Balarāma.

ବଲ୍ମି(ଲ୍ମୀ)କ(କୀ)—ସଂ. ବି (ବଲ୍ ଧାତୁ=ଆଚ୍ଛାଦନ କରିବା; ବୃଦ୍ଧି
Balmi(lmī)ka(kī) ପାଇବା+ଈକ, ନିପାତନସିଦ୍ଧ)—
୧। ଉଇହୁଙ୍କା—1. Ant hill; mole hill.
୨। ଶୋଥ ରୋଗ—2. Dropsy; plethora.
୩। ଗଳଗଣ୍ଡ—3. The goitre. ୪। ଶ୍ଲୀପଦ ବା ଗୋଦର—The elephantiasis. ୫। ରାମାୟଣ ପ୍ରଣେତା ବାଲ୍ମୀକି ମୁନି—5. Sage Bālmīki, the author of the Rāmāyana.
[ ଦ୍ର—ରତ୍ନାକର ନାମକ ଦସ୍ୟୁ ଭଗବାନଙ୍କ ଦୟାରୁ ବିବେକଜ୍ଞାନ ଲାଭ କରି ଦସ୍ୟୁବୃତ୍ତି ତ୍ୟାଗକରି ବହୁକାଳ ତପସ୍ୟାରେ ରତ ହୋଇ ହୁଙ୍କା ପାଲଟି ଗଲେ । ପରେ ସେହି ହୁଙ୍କାରୁ ବାହାରିବାରୁ ତାଙ୍କ ନାମ ବଲ୍ମୀକ ବା ବାଲ୍ମୀକି ହେଲା ]
୬। ଉଇ—6. White ant.

ବଲ୍ମୀକୂଟ—ସଂ. ବି (୬ଷ୍ଠୀ ତତ୍)—ଉଇହୁଙ୍କା—
Balmikūṭa Ant hill.

ବଲ୍ୟ—ସଂ. ବିଣ—(ବଳ=ଶକ୍ତି+ହିତାର୍ଥେ. ଯ)—୧। ବଳ
Balya ବିଷୟରେ ହିତକାରକ—1. Conducing to one's
(ବଲ୍ୟା—ସ୍ତ୍ରୀ) health or strength. ୨। ବଳକାରକ—
2. Strength-bestowing; invigorating.
୩। ଶକ୍ତି ବିଷୟକ—3. Relating to strength.
ବି.—୧। ଶୁକ୍ର; ବୀର୍ଯ୍ୟ—1. Semen; virile. ୨। ଶବର ଚନ୍ଦନ (ଦ୍ରବ୍ୟଗୁଣ)—2. A kind of sandal-wood.

ବଲ୍ୟା—ସଂ. ବି. ସ୍ତ୍ରୀ. (ବଲ୍ୟ+ସ୍ତ୍ରୀ. ଆ)—୧। ଅତିବଳା ନାମକ ଔଷଧ
Balyā ଗୁଳ୍ମ ବିଶେଷ—1. Indian mallow. ୨। ଅଶ୍ୱଗନ୍ଧା—2. Phisalis Flexuosa. ୩। ପ୍ରସାରଣୀ ବା ପସାରୁଣୀ ଲତା—3. A creeper; Poedesia Foetida.

ବଲ୍ଲ୍ (ଧାତୁ)—ସ—୧। ଆଚ୍ଛାଦନ କରିବା—1. To cover.
Ball (root) ୨। ସଞ୍ଚାଳନ କରିବା—2. To move to and fro. ୩। ସଂରକ୍ଷଣ କରିବା—3. To preserve.
୪। ଜଗିବା—4. To watch.

ବଲ୍ଲ—ସ. ବି ( ବଲ୍ଲ୍ ଧାତୁ=ଆଚ୍ଛାଦନ କରିବା+କର୍ତ୍ତୃ. ଅ )—
Balla ୧। ପରିମାଣବିଶେଷ; ତିନିଗୁଞ୍ଜା ବା ରତି ଓଜନ—1. A standard of weight.
[ ଦ୍ର—ସୁନା ରୁପା ଆଦିର ଓଜନ କରିବାରେ ଏହା ୩ ଗୁଞ୍ଜାର ଓ ବୈଦ୍ୟଙ୍କ ମତରେ ଏହା ୨ ଗୁଞ୍ଜାର ଓଜନ ଧରାଯାଏ । ସ୍ମୃତି-ଚନ୍ଦ୍ରିକାରେ ଏହା ୨୩ ଗୁଞ୍ଜାର ସମାନ ବୋଲି ନିର୍ଦ୍ଦିଷ୍ଟ ହୋଇ ଅଛି—ହି. ଶ. । ]
୨। ଆହାର; ଭକ୍ଷ୍ୟଦ୍ରବ୍ୟ—2. Victuals. ୩। ଶସ୍ୟାଦି ପାଛୁଡ଼ିବା—3. Winnowing of corn.
[ ଦ୍ର—ଶସ୍ୟାଦି ଅମଳ ହେବା ପରେ ଭୁଷ ମିଶା ଶସ୍ୟରୁ ପବନଦ୍ୱାରା ଭୁଷକୁ ଅଲଗା କରିବା ପାଇଁ ଉଚ୍ଚରୁ ତଳକୁ ପକାଇ କରି ଶସ୍ୟାଦିକୁ ଧୀର ଧୀର କରି ଅଜାଡ଼ିବାକୁ ବଲ୍ଲ ବୋଲାଯାଏ । ]
୪। ନିଷେଧ ( ହି. ଶ. )—4. Prohibition. ୫। ଆବରଣ ( ହି. ଶ. )—5. Covering. ୬। ଶଙ୍ଖଗା ବୃକ୍ଷ (ହି. ଶ.)—6. A kind of wild tree; Acacia.

ବଲ୍ଲକୀ—ସଂ. ବି. ( ବଲ୍ଲ ଧାତୁ=ଆଚ୍ଛାଦନ କରିବା+କର୍ତ୍ତୃ. ଅକ+
Ballakī ସ୍ତ୍ରୀ. ଈ )—୧। ବୀଣା—1. Harp. ୨। ଶଙ୍ଖଗା ଗଛ; ବବୁରି ଗଛ—2. Acacia Arabica ( tree ).
୩। ଝିଙ୍କ ( ଜନ୍ତୁ )—3. Percupine.

ବଲ୍ଲବ—ସଂ. ବି ( ବଲ୍ଲ=ଭକ୍ଷ୍ୟ ଦ୍ରବ୍ୟ+ଅଛି ଯାହାର, ଅର୍ଥରେ ବ )—
Ballaba ୧। ଭୀମ—1. Bhima, the 2nd Pāndaba.
[ ଦ୍ର—ଏ ବିରାଟ ରାଜାଙ୍କ ଗୃହରେ ପାକଶାଳାଧ୍ୟକ୍ଷ ଥିଲେ । ]
୨। ଗୋପ; ଗୋପାଳ—2. Cowherd.
୩। ପାଚକ—3. Cook.

ବଲ୍ଲବ ଯୁବତି(ତୀ)—ସଂ. ବି—ଗୋପାଳୁଣୀ; ଗଉଡୁଣୀ—
Ballaba jubati(tī) A female cowherd (Apte).

ବଲ୍ଲବ ଯୁବତରେ ବନେ ଅବ୍ଧୂର୍ଣ୍ଣଧିପତ—
ଜବଦେବ, ଗୀତଗୋବିନ୍ଦ, ୧ ଗୀତ ।

ବଲ୍ଲଭ—ସଂ. ବିଣ. ପୁଂ (ବଲ୍ଲ ଧାତୁ=ଆଚ୍ଛାଦନ କରିବା+କର୍ତ୍ତୃ. ଅଭ)—
Ballabha ପ୍ରିୟତମ ( ପୁରୁଷ )—Dearest beloved
( ବଲ୍ଲଭା—ସ୍ତ୍ରୀ ) ( male ).

ବି. ପୁଂ.—୧ । ଭର୍ତ୍ତା; ପତି—1. Husband. ୨ । ପ୍ରିୟତମ ବ୍ୟକ୍ତି—2. One's dearest person. ୩ । ନାୟକ; ଦୟିତ; ପ୍ରଣୟୀ—3. Lover; sweet heart. ୪ । ଉତ୍ତମ ଅଶ୍ୱ—4. Steed; excellent horse. ୫ । ଅଧ୍ୟକ୍ଷ; ମାଲିକ (ହି. ଶ.)—5. Owner.

**ବଲ୍ଲଭ ପାଳକ**— ସଂ. ବି. ପୁଂ. (ଉପପଦ ତତ୍ପୁରୁଷ)—ଅଶ୍ୱପାଳକ; ସହିସ—
Ballabha pāḷaka A groom.

**ବଲ୍ଲଭ ପାଳୁଅ**—ପ୍ରାଦେ. ( କଟକ ) ବି—ପାଳୁଅ ନିର୍ମିତ ଏକପ୍ରକାର
Ballabha pāḷua ଘନ ଖିରି ଯାହା ଧବଳେଶ୍ୱରଙ୍କ ନିକଟରେ ଭୋଗ ହୁଏ—A kind of sweetjelly offered to Dhabaḷeśwara Idol.

**ବଲ୍ଲଭ ସମ୍ପ୍ରଦାୟ**—ଦେ. ବି—ବଲ୍ଲଭାଚାର୍ଯ୍ୟଙ୍କ ପ୍ରବର୍ତ୍ତିତ ବୈଷ୍ଣବସଂପ୍ରଦାୟ
Ballabha sampradāya ବିଶେଷ—A sect of Baishṇabas
বল্লভ সংপ্রদায় started by Ballabhāchārjya.
बल्लभ सम्प्रदाय

**ବଲ୍ଲଭାଚାର୍ଯ୍ୟ**—ଦେ. ବି. ( ନାମ ) (ବଲ୍ଲଭ+ଆଚାର୍ଯ୍ୟ)—ବୈଷ୍ଣବ ଧର୍ମ
Ballabhāchārjya ସଂସ୍କାରକ ଓ ବଲ୍ଲଭ ସଂପ୍ରଦାୟର ପ୍ରବର୍ତ୍ତକ—
বল্লভস্বামী Name of a Baishṇaba reformer of the
बल्लभाचार्य 16th century.

( ବଲ୍ଲଭସ୍ୱାମୀ—ଅନ୍ୟରୂପ ) [ ଦ୍ର—ଏ ଖ୍ରୀଷ୍ଟୀୟ ଷୋଡ଼ଶ ଶତାବ୍ଦୀର ଆଦ୍ୟଭାଗରେ ଉତ୍ତରଭାରତରେ ବୈଷ୍ଣବମତ ପ୍ରଚାର କରିଥିଲେ । ଏହାଙ୍କ ଧର୍ମମତ ଏହି ଯେ ପୃଥିବୀ ଉପଭୋଗର ସ୍ଥାନ ଓ ଧର୍ମାଚରଣରେ ଶାରୀରିକ ନିଗ୍ରହର ପ୍ରୟୋଜନ ନାହିଁ—ସୁବଳଚନ୍ଦ୍ର ।

ଚମ୍ପାରଣଗଡ଼ ପାଖେ ବାଟରେ ପଡ଼ିଥିବା ଗୋଟିଏ ଶିଶୁକୁ ଲକ୍ଷ୍ମଣ-ଭଟ୍ଟ ନାମକ ଜଣେ ବ୍ରାହ୍ମଣ ପାଇ ନିଜ ଘରକୁ ଆଣି ପାଳିଲେ । ଲକ୍ଷ୍ମଣ ମରିଯିବାରୁ ଉକ୍ତ ବାଳକ ବିଷ୍ଣୁସ୍ୱାମୀଙ୍କ ମନ୍ଦିରକୁ ଯାଇ ଦୀକ୍ଷା ଗ୍ରହଣ କଲେ; ପରେ କାଶୀକୁ ଯାଇ ସନ୍ନ୍ୟାସ ଗ୍ରହଣ କଲେ; ପରେ ସନ୍ନ୍ୟାସ ତ୍ୟାଗ କରି ଗୃହସ୍ଥ ହେଲେ । ଏ ଆଡ଼ମ୍ବର ସହକାରେ ରାଧାକୃଷ୍ଣଙ୍କ ପୂଜା କରୁଥିଲେ । ଏ ଶୁଦ୍ଧାଦ୍ୱୈତବାଦ ମତର ପ୍ରତିଷ୍ଠା କଲେ—ଜନ୍ମ ଖ୍ରୀ. ୧୪୭୨ ମୃତ୍ୟୁ ୧୫୩୨—ହି. ଶ. । ]

**ବଲ୍ଲଭା**—ସ. ବି. ସ୍ତ୍ରୀ. (ବଲ୍ଲଭ+ସ୍ତ୍ରୀ. ଆ)—୧ । ପ୍ରିୟା—1. Beloved
Ballabhā (woman). ୨ । କାନ୍ତା; ଦୟିତା; ସ୍ତ୍ରୀ; ପତ୍ନୀ—2. Wife; spouse. ୩ । ବ୍ରହ୍ମାଙ୍କ ଜନନୀ—3. The mother of Brahmā.

ସ. ବିଣ. ସ୍ତ୍ରୀ—ପ୍ରିୟତମା ( ସ୍ତ୍ରୀ )—Dearest; beloved (woman).

ଦେ. ବି—୧ । ବଲ୍ଲଭାଚାର୍ଯ୍ୟ (ଦେଖ)—1. Ballabhāchārjya (See). ୨ । ବଲ୍ଲଭ ସଂପ୍ରଦାୟ ( ଦେଖ )—2. Ballabha sampradāya (See). ୩ । ଜଗନ୍ନାଥ, ସାକ୍ଷୀଗୋପାଳ ଆଦି ଦେବତାଙ୍କଠାରେ ସକାଳ ଓଳି ଅର୍ପିତ ହେବା ମିଷ୍ଟାନ୍ନାଦି ଭୋଗ—3. Name of an offering of refreshment made to a Deity in the morning. ୪ । ରୂପ ଗୋସ୍ୱାମୀ ଓ ସନାତନ ଗୋସ୍ୱାମୀଙ୍କ କନିଷ୍ଠ ଭ୍ରାତା ଓ ଜୀବ ଗୋସ୍ୱାମୀଙ୍କ ପିତା—4. Name of the younger brother of Rūpa and Sanātana Goswāmis.

**ବଲ୍ଲଭୀ**—ଦେ. ବି. ସ୍ତ୍ରୀ, (ସଂ. ବଲ୍ଲଭା)—୧.। ଦୟିତା—1. Beloved
Ballabhī woman. ୨ । ସ୍ତ୍ରୀ—2, Wife.

**ବଲ୍ଲମ**—ଦେ. ବି. (ସଂ. ଭଲ୍ଲ)—ବରଛା—Spear.
Ballama बर्षा बल्लम

**ବଲ୍ଲର**—ସଂ. ବି. (ବଲ୍ଲ୍ ଧାତୁ+ଅର)—୧ । ମଞ୍ଜରୀ—1. A sprout.
Ballara ୨ । କୁଞ୍ଜ—2. Grove. ୩ । ବନ—3. Forest. ୪ । କୃଷ୍ଣାଗୁରୁ—4. A kind of black sandal wood.

ଦେ. ବି—୧ । କ୍ଷେତ୍ର—1. Field; a sacred place ୨ । ନିର୍ଜନ ସ୍ଥାନ—2. Solitude.

ବଲ୍ଲର ସ୍ଥାନେ ପୂଜାଇ ଲବଣ ଚ୍ୟମନ । ଭକ୍ତ. ବୈଦେହୀଶବିଳାସ ।

**ବଲ୍ଲରି(ରୀ)**—ସଂ. ବି (ବଲ୍ଲ୍ ଧାତୁ=ଆଚ୍ଛାଦନ କରିବା+କର୍ତ୍ତୃ. ଅରି;
Ballari(rī) ଈ)—୧ । ମଞ୍ଜରୀ—1. Sprout; shoot. ୨ । ଲତା; ବ୍ରତତି—2. A creeper. ୩ । ମେଥି (ହି.ଶ)—3. Fenugrick. ୪ । ବଚ (ହି. ଶ)—3. Acornus Calamus (root); sweet flag. ୫ । ଏକ ପ୍ରକାର ବାଦ୍ୟ (ହି. ଶ)—5. A kind of musical instrument.

**ବଲ୍ଲାଳ ବଂଶ**—ଦେ. ବି. (ନାମ)—ବର୍ତ୍ତମାନ ମଧ୍ୟ ପ୍ରଦେଶର ନାଗପୁର
Ballāla bamśa ଅଞ୍ଚଳରେ ବାସ କରୁଥିବା ବ୍ରାହ୍ମଣ ବଂଶ—A distinguished Brahmin family now residing in Nagpur

**ବଲ୍ଲାଳ ସେନ**—ଦେ. ବି. (ନାମ)—ବଙ୍ଗ ଦେଶରେ ରାଜତ୍ୱ କରୁଥିବା
Ballāla sena ସେନ ବଂଶୀୟ ରାଜାମାନଙ୍କ ମଧ୍ୟରୁ ଜଣେ—One
বল্লালসেন बल्लालसेन of the Sen kings of Bengal.

[ ଦ୍ର—ଏ ରାଜା ବିଜୟ ସେନଙ୍କ ପୁତ୍ର ଓ ସେନବଂଶୀୟ ରାଜାମାନଙ୍କ ମଧ୍ୟରେ ପ୍ରସିଦ୍ଧ; ବଲ୍ଲାଲ ସେନ ବଙ୍ଗୀୟ ବ୍ରାହ୍ମଣ, କାୟସ୍ଥ ଓ ବୈଦ୍ୟମାନଙ୍କ ମଧ୍ୟରେ କୁଳୀନ ପ୍ରଥାର ସୃଷ୍ଟି କରିଥିଲେ । ସେ ଗୁଣ ଅନୁସାରେ କୁଳୀନମାନଙ୍କୁ ପ୍ରଥମେ ବାଛିଥିଲେ । ପରେ ଏହା ବଂଶାନୁଗତ ହେବାରୁ ନାନା ଦୋଷଯୁକ୍ତ ହେଲା । ଏ ସ୍ୱୀୟ ରାଜ୍ୟକୁ ୫ ଭାଗରେ ବିଭକ୍ତ କରିଥିଲେ । ୧. ରାଢ଼ (ବର୍ତ୍ତମାନ ବର୍ଦ୍ଧମାନ ବିଭାଗ), ୨. ବରେନ୍ଦ୍ର (ବର୍ତ୍ତମାନ ରାଜସାହି ବିଭାଗ), ୩. ବାଗଡ଼ୀ (ବର୍ତ୍ତମାନ ପ୍ରେସିଡେନ୍ସୀ ବିଭାଗ) ୪. ବଙ୍ଗ (ପୂର୍ବ ବଙ୍ଗ), ୫. ମିଥିଳା (ଉତ୍ତର ବିହାର) । ଏହାଙ୍କର ନବଦ୍ୱୀପ, ଗୌଡ଼ ଓ ରାମପାଳ ଏପରି ୩ ସ୍ଥାନରେ ରାଜଧାନୀ ଥିଲା । ଏ ୫୦ ବର୍ଷ ରାଜତ୍ୱ କରିଥିଲେ ଓ ଦାନସାଗର ନାମକ ସୁପ୍ରସିଦ୍ଧ ସଂସ୍କୃତଗ୍ରନ୍ଥ ରଚନା କରିଥିଲେ—ସୁବଳଚନ୍ଦ୍ର ]

**ବଲ୍ଲି(ଲ୍ଲୀ)**—ସଂ. ବି. ( ବଲ୍ଲ୍ ଧାତୁ+କର୍ତ୍ତୃ. ଇ; ଈ )—୧ । ବ୍ରତତି;
Balli(llī) ଲତା—1. Creeper. ୨ । ପୃଥିବୀ—2. Earth.

**ବଲ୍ଲିକ**—ଦେ. ବି. (ନାମ)—ପ୍ରାଚୀନ ଉତ୍କଳର ବଣିକ ବିଶେଷ—
Ballika Name of a trader of ancient Utkal.

[ ଦ୍ର—ସେ ପ୍ରଥମେ ଉତ୍କଳବାସୀ ବଣିକ ଥିଲେ । ପରେ ବୁଦ୍ଧଦେବଙ୍କ ଶିଷ୍ୟତ୍ୱ ଗ୍ରହଣ କଲେ । କୃପାସିନ୍ଧୁ ଇତିହାସ ]

ବଲ୍ଲିକା—ସଂ. ବି. (ବଲ୍ଲି+କ+ଆ)—୧ । ଲତା—1. Creeper.
Ballikā ୨ । ପୋଇ ଲତା ( ହ୍ରି. ଶ )—2. The Basella creeper. ୩ । ମଲ୍ଲୀ (ହ୍ରି. ଶ)—3. Jasmine.

ବଲ୍ଲି(ଲ୍ଲୀ)ଜ—ସଂ. ବି· (ବଲ୍ଲି+ଜନ ଧାତୁ+କର୍ତ୍ତୃ. ଅ)—
Balli(llī)ja ମରଚ (ହ୍ରି. ଶ)—Black pepper.

ବଲ୍ଲି(ଲ୍ଲୀ) ନିଳୟ—ସଂ. ବି.—ଲତାକୁଞ୍ଜ ଗୃହ—
Balli(llī) nilaya An arbour; shady grove.
ବଲ୍ଲୀ ନଳୟ ଚଢ଼ାଇ ଖେଳେ । କବିସୂର୍ଯ୍ୟ. କଳୋପଚମ୍ପୂ, ବ. ଗୀତ ।

ବଲ୍ଲୁ(ଲ୍ଲୂ)ର—ସଂ. ବି. (ବଲ୍ଲ ଧାତୁ+କର୍ମ. ଉର; ଊର)—୧ । ଅକର୍ଷିତ
Ballu(llū)ra ଭୂମି; ପତିତ ଭୂମି—1. Waste land. ୨ । ତୃଣକ୍ଷେତ୍ର—2. Grassy field. ୩ । ମରୁଭୂମି—3. A desert. ୪ । ଅରଣ୍ୟ—4. Forest. ୫ । ନିର୍ଜନ ଭୂମି—5. Solitary place. ୬ । ମୁକୁଳ—6. Bud. ୭ । ମଞ୍ଜରୀ—7. Sprout. ୮ । ଶୂକରର ମାଂସ—8. Pork. ୯ । କୁଞ୍ଜ (ହ୍ରି. ଶ)—9. Grove. ୧୦ । ନିର୍ଜଳ ସ୍ଥାନ (ହ୍ରି.ଶ)—10. Waterless place. ୧୧ । ଖରାରେ ଶୁଖାଯାଇଥିବା ମାଂସ (ହ୍ରି. ଶ.)—11. Sun-dried meat.

ବଲ୍ଲୁ(ଲ୍ଲୂ)ରା—ସଂ. ବି. ସ୍ତ୍ରୀ—୧ । ଊଷର ; ଲବଣାକ୍ତ ଭୂମି; ଲୁଣିମାଟି—
Ballu(llū)rā 1. Saline soil. ୨ । ଅରଣ୍ୟ—2. Forest.

ବଲ୍ୱଜ—ସଂ. ବି. (ବଲ ଧାତୁ=ବେଷ୍ଟନ କରିବା+ବଜ୍)—ଉଦୂଖଳ;
Balwaja ଖଲ—Mortar.

ବଲ୍ୟା—ସଂ. ବି. ( ବଲ୍ ଧାତୁ+ଯ+ସ୍ତ୍ରୀ· ଆ )—ଧାତ୍ରୀ ବା ଅମଳସ୍ତ
Balyā ବୃକ୍ଷ; ଅଁଳା ଗଛ—Embellic myrobalan (tree).

ବଲ୍‌ସ୍‌ଭିକ୍—ବୈଦେ. ବି ( ଇଂ· ବଲ୍‌ସଭିକ୍ )—୧ । ସାମ୍ୟବାଦୀ ରୁଷ-
Bal-s-bhik ଜାତୀୟ ଦଳବିଶେଷ—The name of a political party formed in Russia; Bolshevik.
बलसभीक; बलसेवी
बलसवीक; बलसेवी
[ ଦ୍ର—ରୁଷିଆ ଦେଶରୁ ଏହି ମତବାଦର ଉଦ୍ଭବ । ]
ବୈଦେ. ବିଣ—ବଲ୍‌ସଭିଜ୍‌ମ ବା ସାମ୍ୟବାଦ ଜାତିସମ୍ବନ୍ଧୀୟ—
[ବଲ୍‌ସି(ସେ)ଭିକ୍—ଅନ୍ୟରୂପ] Relating to Bolshevism.

ବଲ୍‌ସ୍‌ଭିଷ୍ଟ—ବୈଦେ. ବିଣ· (ଇଂ)—ସାମ୍ୟବାଦ ସମ୍ବନ୍ଧୀୟ—
Bal-s-bhisht Relating to Bolshevism
बलसभिष्ट ବୈଦେ. ବି—ବଲ୍‌ସଭିଜ୍‌ମ ବା ସାମ୍ୟବାଦଦଳର ସଭ୍ୟ—
बलसभिष्ट A Bolshevist.

ବଲ୍‌ସଭିଜ୍‌ମ—ବୈଦେ. ବି. (ଇଂ)—ସାମ୍ୟବାଦଜାତି—Bolshevism.
Balsbhism बलसभिजम बलसभिजम
[ବଲ୍‌ସଭିଜ, ବଲ୍‌ଭଜମ୍, ବଲ୍‌ସି(ସେ)ଭିଜ୍—ଅନ୍ୟରୂପ]
[ଦ୍ର—ଊନବିଂଶ ଶତାବ୍ଦୀର ଶେଷଭାଗରେ ଓ ବିଶେଷତଃ ବିଗତ ଇଉରୋପୀୟ ମହାଯୁଦ୍ଧ (ଖ୍ରୀ. ୧୯୧୪) ସମୟରେ ଇଉରୋପରେ ଓ ବିଶେଷତଃ ରୁଷିଆରେ ଗୋଟିଏ ପ୍ରକାରର ସାମ୍ୟବାଦ socialism ର ପ୍ରାଦୁର୍ଭାବ ହେଲା ଓ ତହିଁଫଳରେ ରୁଷିଆରେ ଓ ଅନ୍ୟ କେତେକ ଦେଶରେ ଏହି ଜାତି ପ୍ରବଳରୂପେ ବିସ୍ତାରିତ ହେଲା । ଏହି ଜାତିଫଳରେ କେତେକ ଦେଶରୁ ରାଜତନ୍ତ୍ର ଉଠିଗଲା ଓ ପ୍ରଜାତନ୍ତ୍ର ପ୍ରତିଷ୍ଠିତ ହେଲା । ଏ ସାମ୍ୟବାଦର ମୂଳ ଫ୍ରେଞ୍ଚ୍ ରିଭଲ୍ୟୁସନ୍ (ଫରାସୀ ରାଷ୍ଟ୍ରବିପ୍ଳବ) ଯୁଗରୁ ପୋତା ହୋଇ ଗଜୁରିଥିଲେହେଁ ତାହା ବଲ୍‌ସଭିଜ୍‌ମରୂପ ଧାରଣ କରି ନ ଥିଲା । ଏହି ଜାତିବାଦୀମାନଙ୍କର ମତ ଏହି ଯେ ରାଜ୍ୟରେ ବଡ଼ ଲୋକ ଗରିବ ଲୋକ ମଧ୍ୟରେ ପ୍ରଭେଦ ରହିବ ନାହିଁ; ଦେଶରୁ ରାଜା, ଧନୀ, ମହାଜନ, ଶେଠ ଶ୍ରେଣୀମାନ ଲୁପ୍ତ ହେବ । ଅପାମର ସାଧାରଣଙ୍କର ଦେଶର ସମସ୍ତ ଭୂମି, ସମସ୍ତ ସମ୍ପତ୍ତି, ସମସ୍ତ ଅଧିକାର ଓ ପଦରେ ସମାନ ଅଧିକାର ରହିବ; ଏମନ୍ତ କି ଅଚ୍ଛେଦ୍ୟ 'ବିବାହବନ୍ଧନ' ନାମରେ କୌଣସି ବନ୍ଧନ ସମାଜରେ ରହିବ ନାହିଁ ଓ ଦେଶରେ ଧର୍ମାନୁଷ୍ଠାନମାନ ଲୁପ୍ତ ହେବ । ]

ବଶ୍ (ଧାତୁ)—ସଂ. ବି—୧ । ଇଚ୍ଛା କରିବା—1. To desire.
Baś (root) ୨ । ଚକ୍ ଚକ୍ କରିବା—2. To shine; to glamour. ୩ । ଅଧିକାର କରିବା; ସ୍ୱାମୀତ୍ୱ କରିବା; ପ୍ରଭୁତ୍ୱ କରିବା—3. To exercise mastery. ୪ । ଅନୁଗ୍ରହ ଦେଖାଇବା—4 To show favour.

ବଶ—ସଂ. ବିଣ. ପୁଂ. (ବଶ୍ ଧାତୁ+କର୍ମ. ଅ)—୧ । ବଶୀଭୂତ; ଆୟତ୍ତ;
Baśa ଅଧୀନ—1. Under control. ୨ । ବଶୀକୃତ—2.
(ବଶା—ସ୍ତ୍ରୀ) Subjugated; subdued. ୩ । ଯେ କଥା ବା ଉପଦେଶ ଅନୁସାରେ ଚଳେ—3. Acting according to the wish or advice of.
ଅବଳ ଶରପତ୍ରକେଶୋ ଯା ଅସ୍ମ ବଶ ନୋହିଲୁ ରେ ।
କବିସୂର୍ଯ୍ୟ, କଳୋପଚମ୍ପୂ, ଗ, ଗୀତ ।
୪ । ମୁଗ୍ଧ; ମୋହିତ—4. Charmed; enchanted.
ବି—୧ । ( +ଭାବ. ଅ ) କର୍ତ୍ତୃତ୍ୱ—1. Mastery; authority. ୨ । ଅଧିକାର—2. Control. ୩ । ଅଧୀନତା—3. Subjugation. ୪ । କାମନା; ଅଭିଳାଷ; ଇଚ୍ଛା—4 Desire. ୫ । ଗଣିକାଳୟ—5. The house of a prostitute.

ବଶଂବଦ—ସଂ. ବିଣ. ପୁଂ. ( ବଶ=ଅଧୀନତା+ବଦ୍ ଧାତୁ=କହିବା
Baśambada +କର୍ତ୍ତୃ. ଅ )—୧ । ଯେ ବାକ୍ୟଦ୍ୱାରା ବଶୀଭୂତ
(ବଶଂବଦା—ସ୍ତ୍ରୀ) କରେ—1. One who captivates by his words. ୨ । ଅନୁଗତ; ବଶବର୍ତ୍ତୀ—2. Subservient; dependent. ୩ । ଆଜ୍ଞାବହ; ଆଜ୍ଞା-
(ବଶମ୍ବଦ—ଅନ୍ୟରୂପ) କାରୀ—3. Obedient.
[ଦ୍ର—ଅଦ୍ୟକାଲି ଚିଠିପତ୍ରର ପରାବରେ ଶେଷରେ "ଇତି । ଆପଣଙ୍କର ବଶଂବଦ (ବା) ( ପତ୍ର ପ୍ରେରକ )" ଲେଖାଯାଏ । ଇଂରାଜୀରେ Yours obediently ବାକ୍ୟର ଅନୁକରଣରେ ଏହା ବ୍ୟବହୃତ । ]
୩ । ଆଜ୍ଞାକାରୀ—3. Obedient. ୪ । ପ୍ରିୟମ୍ବଦ; ମିଷ୍ଟଭାଷୀ—4. Sweet-speaking.

ବଶକ—ସଂ. ବିଣ. ପୁଂ. ( ବଶ+କ )—୧ । ବଶୀଭୂତ—
Baśaka 1. Subservient; come under control.
(ବଶକା—ସ୍ତ୍ରୀ) ୨ । ଆଜ୍ଞାଧୀନ—2. Obedient.

ଦେ ବଶ—ବଶକାରୀ—Subduing; subjugating.
ବଶକ ଏ କଲା ଭୁବନ । ଉତ୍ତ. ବୈଦେହୀଶବିଳାସ ।

ବଶ କରିବା—ଦେ. କ୍ରି—୧ । ବଶୀଭୂତ କରିବା—1. To subjugate; to bring under control.
Baśa kariba̅
(ବଶ୍ୟ କରିବା—ଅନ୍ୟରୂପ) ୨ । ମୁଗ୍ଧ କରିବା—2. To enchant; to charm. ୩ । ପୋଷ ମନାଇବା—
বশকরা 3. To tame. ୪ । ମନ୍ତ୍ର ବା ବଶୀକରଣଦ୍ୱାରା କରଗତ
वशकरना କରିବା—4. To bring a person under control by magical means or charms.

ବଶ କ୍ରିୟା—ସ. ବ. ( ୬ଷ୍ଠୀ ତତ୍; ବଶ=ଅଧୀନତା+କ୍ରିୟା )—
Baśa kriya̅ ବଶୀକରଣ ( ଦେଖ )—
Baśikaraṇa ( See )

ବଶଗ—ସ. ବଣ. ପୁଂ (ବଶ+ଗମ୍ ଧାତୁ+କର୍ତ୍ତୃ. ଅ)--ବଶୀଭୂତ; ଅଧୀନ-
Baśaga Subservient; obedient; brought under control.
(ବଶଗା—ସ୍ତ୍ରୀ)

ବଶ(ଶୁ)ଣି—ଦେ. ବ—୧ । କଣ୍ଠା ଲଚ୍ଛାମରିଚର ଅନୁରୂପ ବଳିଷ୍ଠ
Baśa(śu)ṇi ଅଙ୍କୁଶୀ ଲାଗିଥିବା ନାକର ବାଁଅ ପୁଡ଼ାରେ
ପିନ୍ଧାଯିବା ଏକପ୍ରକାର ଅଳଙ୍କାର—1. A hooked pendant for the nose. ୨ । ପ୍ରଜା ଉପରେ ରାଜସ୍ୱ
বসান ବା ଜମିର ପରିମାଣର ଅନୁପାତରେ ଧାର୍ଯ୍ୟ କରାଯିବା ଅଧିକା
लगान ଟ୍ୟାକ୍ସ ବା ଶୁଳ୍କ—2. Additional assessment; cess assessed on the money-rent or area of a holding.

ବଶଣି କରିବା—ଦେ. କ୍ରି—ପ୍ରଜାଦେୟ ରାଜସ୍ୱର ଟଙ୍କା ବା ଜମିର
Baśaṇi kariba̅ ପରିମାଣର କଡ଼ୋଟରେ ପ୍ରଜାଠାରେ ଅଧିକା ଟିକସ
কর বসান ବସାଇବା—To make an additional assess-
लगान करना ment in proportion to the rent or area of a holding.

ବଶତଃ—ସ. ଅ (ବଶ+ପଞ୍ଚମୀ ବିଭକ୍ତିରେ ତସ୍)—୧ । ଅଧୀନତାପ୍ରଯୁକ୍ତ-
Baśataḥ 1. Owing to. ୨ । ଯୋଗୁଁ; ହେତୁରୁ—2. For; on account of; by reason of. ୩ । ଅଧୀନ;
ବଶବର୍ତ୍ତୀ; ବଶବନ୍ଦମେ—3. Under the influence of; under the control of.
[ ଦ୍ର—ଏହା ଅନ୍ୟ ଶବ୍ଦ ସହିତ ପ୍ରଯୁକ୍ତ ହୁଏ; ଯଥା—ଇଚ୍ଛାବଶତଃ; କାରଣବଶତଃ; କାର୍ଯ୍ୟବଶତଃ; ଭାଗ୍ୟବଶତଃ ]

ବଶତା(ତ୍ୱ)—ସ. ବ (ବଶ+ଭାବ. ତା)—ଅଧୀନତା—
Baśata̅ (twa) Subservience; subjugation.

ବଶତାପନ୍ନ—ସ. ବଣ-(୬ଷ୍ଠୀ ତତ୍; ବଶତା+ଆପନ୍ନ)—୧ । ବଶୀଭୂତ—
Baśata̅panna 1. Come under control; subjugated.
୨ । ଅନୁଗତ—Subservient.

ବଶବର୍ତ୍ତୀ—ସ. ବଣ. ପୁଂ—( ବଶ+ବୃତ୍ ଧାତୁ+ଇନ୍; ବଶବର୍ତ୍ତିନ୍;
Baśabartti ୧ମା. ୧ବ)—୧ । ବଶୀଭୂତ—1. Subject to;
( ବଶବର୍ତ୍ତିନୀ—ସ୍ତ୍ରୀ ) subservient; obsequious.
[ ବଶବର୍ତ୍ତିତା(ତ୍ୱ)—ବ ] ୨ । ଆଜ୍ଞାଧୀନ—2. Obedient.
୩ । ଅଧୀନ—3. Under control.

ବଶମ୍ବଦ—ସ. ବଣ. ପୁଂ—ବଶଂବଦ ( ଦେଖ )—Basambada
Basambada (ବଶମ୍ବଦା—ସ୍ତ୍ରୀ) (See).

ବଶରେ(କୁ) ଆଣିବା—ଦେ. କ୍ରି—ଅପଣାର ଅଧୀନ କରିବା—
Baśare(ku) a̅ṇiba̅ To bring under control; or sway
বশেআনা वशमे लाना

ବଶରେ(କୁ) ଆସିବା—ଦେ. କ୍ରି—ବଶୀଭୂତ ହେବା—To come
Baśare(ku) a̅siba̅ under the control of.
বশেআসা वशमे आना

ବଶରେ ରହିବା—ଦେ. କ୍ରି—(କୌଣସି ବ୍ୟକ୍ତିର) ବଶୀଭୂତ ହୋଇ
Baśare rahiba̅ ରହିବା—To be under the control
বশে থাকা वशमे होना of (some person).

ବଶ ହେବା—ଦେ. କ୍ରି--୧ । ବଶୀଭୂତ ହେବା; ଆଜ୍ଞାକାରୀ ହେବା—
Baśa heba̅ 1. To be subservient.
বশ হওয়া ଇନ୍ଦ୍ର, ଚନ୍ଦ୍ର ଅର୍ଦ୍ଧ ବଳଠାରେ ବଶ ହେଲେ—
वश होना କୃଷ୍ଣସିଂହ. ମହାଭାରତ ବନ ।
୨ । ପୋଷ ମାନିବା—2. To be tamed; to be domesticated.

ବଶା—ସ. ବ. ସ୍ତ୍ରୀ—(ବଶ+ସ୍ତ୍ରୀ. ଆ)—୧ । ବାଂଝୀ; ବନ୍ଧ୍ୟାନାରୀ—
Baśa̅ 1. A barren woman. ୨ । ବନ୍ଧ୍ୟା ଗାଈ—2. A barren cow. ୩ । ହସ୍ତିନୀଜାତୀୟା ନାରୀ—3. One of the four divisions of women. ୪ । ସ୍ତ୍ରୀ;ପତ୍ନୀ
4. Wife. ୫ । କନ୍ୟା—5. Daughter; bride.
୬ । ଶ୍ୟାଳିକା; ଶାଳୀ—6. One's wife's sister
୭ । ନଣନ୍ଦ—7. One's husband's sister.
୮ । ହସ୍ତିନୀ—8. A female elephant. ୯ । ନାରୀ-
9. Woman. ୧୦ । ଗାଈ (ବୃ. ଶ)—10. Cow.

ବଶାନୁଗ—ସ. ବଣ. ପୁଂ ( ବଶ+ଅନୁ+ଗମ ଧାତୁ+କର୍ତ୍ତୃ. ଅ )—
Baśa̅nuga ୧ । ଆଜ୍ଞାନୁବର୍ତ୍ତୀ—1. Obedient. ୨ । ଅଧୀନ—
(ବଶାନୁଗା—ସ୍ତ୍ରୀ) 1. Subservient; subordinate.
ସ. ବ—ଦାସ—Slave; servant.

ବଶି—ଦେ. ବଣ (ସ. ବଶିକ=ଶୂନ୍ୟ)—ଶୂନ୍ୟ—
Baśi Empty; vacant.
ବଶିଶୁଭ କେ ସିଂହାସନରେ ରହୁଁ –
ଉତ୍ତ. ବୈଦେହୀଶବିଳାସ ।

ବଶିକ—ସ. ବଣ—ଶୂନ୍ୟ (ବୃ. ଶ)—
Baśika Empty; vacant.

ବଶିକା—ସ. ବ—ଅଗୁରୁ (ବୃ. ଶ)—
Baśika̅ Agallochum.

ବଶିତା(ତ୍ୱ)—ସ. ବ (ବଶିନ୍+ତା; ତ୍ୱ)—୧ । ବଶ କରିବାର ଶକ୍ତି—
Baśita̅(twa) 1. The power of bringing others under control. ୨ । ଶିବଙ୍କର ଓ ଯୋଗସିଦ୍ଧ
ବ୍ୟକ୍ତିଙ୍କର ଅଷ୍ଟୈଶ୍ୱର୍ଯ୍ୟ ମଧ୍ୟରୁ ଏକତମ—2. One of the 8 godly attributes of Śiba and of a Jogasiddha person. (viz, control over desire).

[ ଦ୍ର—ଅର୍ଥେ ଷଷ୍ଠୀ ହେଲେ ନୋଟ୍ ଦେଖ । ]
୩ । ବାଧ୍ୟତା—3. Obligation. ୪ । ଆତ୍ମସଂଯମ—4. Self control. ୫ । ଅଧୀନତା; ବଶବର୍ତ୍ତିତା—5. Subservience. ୬ । ମୋହକ—6. Enchanting; charming.

**ବଶିନୀ**—ସଂ. ବି—ଶମୀ ବୃକ୍ଷ (ହ୍ଲ. ଶ)—
Basini The Sami tree.

**ବଶିମା**—ସ. ବି—(ବଶ+ଇମନ୍; ୧ମା. ୧ବ)—ବଶିତା ୨ (ଦେଖ)—
Basimā Basitā 2 (See).

**ବଶିର**—ସ. ବି—୧ । ସମୁଦ୍ର ଲବଣ (ହ୍ଲ. ଶ)—1. Sea salt.
Basira ୨ । ଲଙ୍କାମରିଚ (ହ୍ଲ. ଶ)—2. Red pepper.

**ବଶିଷ୍ଟ**—ସ. ବି—( ଅବ+ଶାସ୍ ଧାତୁ+କର୍ତ୍ତୃ. ତ; ଯେ ଅନ୍ୟ
Basishta ମୁନିମାନଙ୍କୁ ଶାସନ କରୁଥିଲେ)—ବଶିଷ୍ଠ (ଦେଖ)—
Basishtha (See).

**ବଶିଷ୍ଠ**—ସ. ବି—(ବଶିନ୍=ଯେ ବଶ କରେ+ଅତିଶୟାର୍ଥେ. ଇଷ୍ଠ)—
Basishtha ବ୍ରହ୍ମାଙ୍କ ମାନସ ପୁତ୍ର; ଋଗ୍‌ବେଦର ବହୁସୂକ୍ତ (ବସିଷ୍ଠ—ଅନ୍ୟରୂପ) ରଚୟିତା ମୁନିବିଶେଷ; ଇକ୍ଷ୍ୱାକୁ ବା ସୂର୍ଯ୍ୟ ବଂଶର କୁଳଗୁରୁ ବା ପୁରୋହିତ—Name of a sage, the family priest of Rāmachandra

[ ଦ୍ର—ବେଦରେ ବଶିଷ୍ଠ ମିତ୍ରାବରୁଣଙ୍କ ପୁତ୍ର ଥିବାର ବର୍ଣ୍ଣିତ ହୋଇଅଛି । ଥରେ ଯଜ୍ଞସ୍ଥଳରେ ଉର୍ବଶୀଙ୍କୁ ଦେଖି ମିତ୍ରାବରୁଣ ଉଭୟଙ୍କର ରେତଃପାତ ହେଲା । ଉକ୍ତ ରେତଃ ଯଜ୍ଞକୁମ୍ଭରେ ରଖା ଗଲା । ସେଥିରୁ ବଶିଷ୍ଠ ଓ ଅଗସ୍ତ୍ୟ ଜାତ ହେଲେ । ଋଗ୍‌ବେଦରେ ବଶିଷ୍ଠ ରାଜାଋଷଜ ହବୋଦସଙ୍କ ପୌତ୍ର ଥିବାର ଉକ୍ତ ହୋଇଅଛି । ପୁରାଣମାନଙ୍କରେ ବଶିଷ୍ଠ ବ୍ରହ୍ମାଙ୍କ ମାନସପୁତ୍ର ଥିବାର ବର୍ଣ୍ଣିତ ହୋଇଅଛି । ବଶିଷ୍ଠ ଓ ରାଜା ନିମିଙ୍କ ମଧ୍ୟରେ ଥରେ କଳି ହେବାରୁ, ଉଭୟେ ଉଭୟଙ୍କୁ ଶାପ ଦେଲେ । ସେହି ଶାପଫଳରେ ବଶିଷ୍ଠ ମିତ୍ରାବରୁଣଙ୍କ ଗାର୍ଯ୍ୟରୁ ପୁଣି ଥରେ ଜନ୍ମଗ୍ରହଣ କଲେ । ବଶିଷ୍ଠଙ୍କ କାମଧେନୁ ଶବଳାଯୋଗୁଁ ବିଶ୍ୱାମିତ୍ରଙ୍କ ( ଯେ ପ୍ରଥମେ ଜଣେ ରାଜା ଥିଲେ ତାଙ୍କ)ର ଓ ବଶିଷ୍ଠଙ୍କର କଳି ହେଲା । ବିଶ୍ୱାମିତ୍ରଙ୍କ ଶତ ପୁତ୍ରଙ୍କୁ ବଶିଷ୍ଠ ହୁଙ୍କାରଦ୍ୱାରା ଜଳାଇ ଦେଲେ । ବିଶ୍ୱାମିତ୍ର ହାରଯାଇ ବ୍ରାହ୍ମଣତ୍ୱ ପାଇବାପାଇଁ ତପସ୍ୟା କଲେ । ବଶିଷ୍ଠଙ୍କର ଅନେକ ପତ୍ନୀ ଥିଲେ । ତନ୍ମଧ୍ୟେ କର୍ଦ୍ଦମ ଋଷିଙ୍କ କନ୍ୟା ଅରୁନ୍ଧତୀ ତାଙ୍କର ପ୍ରିୟତମା ଥିଲେ । ଅକ୍ଷମାଳା ନାମରେ ତାଙ୍କର ଆଉ ଏକ ସ୍ତ୍ରୀ ଥିଲେ । ଋଗ୍‌ବେଦରେ ସେ ଅନେକ ମନ୍ତ୍ରର ଦ୍ରଷ୍ଟା ଅଟନ୍ତି । ବଶିଷ୍ଠଙ୍କର ଶତପୁତ୍ର ଥିଲେ । ସପ୍ତର୍ଷିମଣ୍ଡଳର ସାତ ତାରକାଙ୍କ ମଧ୍ୟରୁ ବଶିଷ୍ଠ ଏକତମ (ନକ୍ଷତ୍ର ତଳେ ନୋଟ୍ ଦେଖ) । ଗୋଟିଏ ସ୍ମୃତିଗ୍ରନ୍ଥ ବଶିଷ୍ଠସଂହିତା ବଶିଷ୍ଠଙ୍କ ସଙ୍କଳିତ ଥିବାର କଥିତ । ଗୋଟିଏ ଜ୍ୟୋତିଷ ଗ୍ରନ୍ଥ (ବଶିଷ୍ଠ ସିଦ୍ଧାନ୍ତ) ମଧ୍ୟ ତାଙ୍କ ରଚିତ ଥିବାର କଥିତ । ହ୍ଲ. ଶ. ]

ଦେ. ବି—ପ୍ରଧାନ ବ୍ୟକ୍ତି—Prominent person.

ବଶିଷ୍ଠେ ଯେତେ ଛନ୍ତି ସେ ହୋଇଲ ବଗତନ୍ତ୍ରୀ
ଜମ ମନ୍ଦିରେ ଲୁଚ କୋଶ ସେ । ଉଦ୍ଧ. ବେଦେଶ୍ୱରଚଳାସ ।

ବଶ—ଉପବିଷ୍ଟ—Seated.

'ବଶିଷ୍ଠ କୁସୁମକୁ ବଶିଷ୍ଠ କୁସୁ ସହିଁ
ଶାତ କୁସୁମରେ ଢାଳେ ଜଳ ସେ । ଉଦ୍ଧ. ବେଦେଶ୍ୱରଚଳାସ ।

**ବଶିଷ୍ଠାଶ୍ରମ**—ଦେ. ବି. ( ନାମ )—ଆସାମର ଆଶ୍ରମବିଶେଷ ( ସ୍ୱାମୀ
Basishthāsrama ସ୍ୱାମାନନ୍ଦ)—A hermitage in Assam.

**ବଶୀ**—ସ. ବିଣ. ପୁଂ. (ବଶ=ସ୍ୱାଧୀନତା+ଅସ୍ତି ଅର୍ଥରେ ଇନ୍. ବଶିନ୍
Basi ଶବ୍ଦ. ୧ମା. ୧ବ; ଯାହାର ଇନ୍ଦ୍ରିୟଗଣ ନିଜ ଅଧୀନ)—
(ବଶିନୀ—ସ୍ତ୍ରୀ) ୧ । ଜିତେନ୍ଦ୍ରିୟ—1. One who has subdued his passions. ୨ । ବଶକାରୀ—2. Capable of bringing under control. ୩ । ବଶବର୍ତ୍ତୀ—3. Obedient; subservient.

**ବଶୀକରଣ**—ସ. ବି. (ବଶ+ଅଭୂତତଦ୍ଭାବେ ଚ୍ୱି+କରଣ )—୧ ।
Basikarana ଲୋକକୁ ବଶ କରିବା—1. Act of bringing a person under control ୨ । ତାନ୍ତ୍ରିକ ଅଭିଚାରବିଶେଷ—2. A Tantric process of subduing another. ୩ । (+କରଣ ଅନ) ପରକୁ ବଶ କରିବା ପାଇଁ ବ୍ୟବହୃତ ତାନ୍ତ୍ରିକ ମନ୍ତ୍ରସନ୍ଧାନ—3. Esoteric magical applications to bring others under control; a magical charm.
( ଯଥା—ସ୍ତ୍ରୀ ବଶୀକରଣ, ସ୍ୱାମୀ ବଶୀକରଣ, ଗ୍ରହ ବଶୀକରଣ, ସର୍ପ ବଶୀକରଣ, ଶତ୍ରୁ ବଶୀକରଣ ଇତ୍ୟାଦି । )

[ ଦ୍ର—ଏହା ତନ୍ତ୍ରୋକ୍ତ ଷଟ୍‌କ୍ରିୟାର ଅନ୍ତର୍ଗତ । ଷଟ୍‌କ୍ରିୟା ଯଥା—ସ୍ତମ୍ଭନ, ମୋହନ, ବଶୀକରଣ, ଉଚ୍ଚାଟନ ଓ ମାରଣ । ତନ୍ତ୍ର ତଳେ ନୋଟ୍ ଦ୍ରଷ୍ଟବ୍ୟ; ଅଥର୍ବ ବେଦରେ ବଶୀକରଣ ବିଷୟର ଉଲ୍ଲେଖ ଅଛି । ]

**ବଶୀକୃତ**—ସ. ବିଣ. ପୁଂ. ( ବଶ+ଅଭୂତ ତଦ୍ଭାବେ. ଚ୍ୱି+କୃତ )—
Basikruta ଅଧୀନୀକୃତ; ଯାହାକୁ ଅଧୀନ କରାଯାଇ ଅଛି—
( ବଶୀକୃତା—ସ୍ତ୍ରୀ ) Overcome; subdued; brought under control; rendered obedient; brought under one's power.

**ବଶୀଭୂତ**—ସ. ବିଣ. ପୁଂ. ( ବଶ+ଅଭୂତ ତଦ୍ଭାବେ ଚ୍ୱି+ଭୂତ )—
Basibhūta ବଶବର୍ତ୍ତୀ; ବଶତାପନ୍ନ; ଆଜ୍ଞାଧୀନ—Obedient;
(ବଶୀଭୂତା—ସ୍ତ୍ରୀ) come under control; fallen into
(ବଶୀଭାବ—ବି) subjection.

**ବଶୁ(ଶୁଁ)**—ଦେ. ଅ.—(ସ. ବଶତଃ)—ବଶତଃ; ହେତୁରୁ; ଯୋଗୁଁ—
Basu(sun) ବଶତଃ କାରଣସେ Owing to.

ସ୍ୱଦେଶେ ବାହୁଡ଼ି ଯିବାକୁ ବାସନା
ବଶୁଁ କରୁଛନ୍ତି ତହିଁ ମନ୍ତ୍ରଣା । ରାଧାନାଥ ଚନ୍ଦ୍ରଭାଗା ।

**ବଶୁଦିଅ**—ଗ୍ରା. ବି.—ବୈଶ୍ୱଦେବ (ଦେଖ)
Basudia Baiswadeba (See)
(ବଶୁଦେବ, ବଶ୍ୱଦେବ, ବଶୁଦ୍ୟ—ଅନ୍ୟରୂପ)

**ବଶେ**—ଦେ. ଅ.—(ସ. ବଶତଃ)—ବଶୁ (ଦେଖ)
Base asu (See)

ବଶ୍ୟ—ସ. ବଣ. ପୁଂ (ବଶ୍ ଧାତୁ+କର୍ମ. ଯ)—୧ । ଯେ ସହଜରେ ବଶ ହୁଏ—1. Easily controllable.
Baśya
(ବଶ୍ୟା—ସ୍ତ୍ରୀ) ୨ । ପୋଷା—2. Tame. ୩ । ଆଜ୍ଞାଧୀନ—3. Obedient; subservient. ୪ । ଇଚ୍ଛନ୍ତୁ; ଅଧୀନ—4. Subordinate. ୫ । ବିନୀତ—5. Humble.
ସ. ବି.—୧ । ଦାସ; ସେବକ (ହି. ଶ.)—1. Slave; servant. ୨ । ଅଧୀନ କର୍ମଚାରୀ—2. A subordinate.
ଗ୍ରା. ବି.—(ସ. ବୈଶ୍ୟ)—ବୈଶ୍ୟ—Baisya.

ବ୍ରାହ୍ମଣ ବଶ୍ୟ ଶୂଦ୍ର ଜାତି,
ପାଟକ ଅଷ୍ଟାଦଶ ଛନ୍ତି । ଗ୍ରା.ୀ. ପୂର୍ଣ୍ଣତମ ଚନ୍ଦ୍ରୋଦୟ ।

ବଶ୍ୟକ—ସ. ବଣ. ପୁଂ. (ବଶ୍ୟ+କ)—ଆଜ୍ଞାଧୀନ—Obedient.
Baśyaka (ବଶ୍ୟକା—ସ୍ତ୍ରୀ)

ବଶ୍ୟ କରଣ—ଗ୍ରା. ବି.—(ସ. ବୈଶ୍ୟ+କରଣ)—ଶ୍ରେଣୀ କରଣ; ବୈଶ୍ୟଜାତିବିଶେଷ—
Baśya karaṇa
(ବଶ୍ୟ ମହାନ୍ତି—ଅନ୍ୟରୂପ) A caste of Baisyas.

ବଶ୍ୟତା(ତ୍ୱ)—ସ. ବି.—(ବଶ୍ୟ+ଭାବ. ତା, ତ୍ୱ)—୧ । ଅଧୀନତା—1. Dependence.
Baśyatā(twa)
୨ । ବଶବର୍ତ୍ତିତା—2. Subservience.
୩ । ଆଜ୍ଞାଧୀନତା—3. Obedience.

ବଶ୍ୟତା ସ୍ୱୀକାର କରିବା—ଦେ. କ୍ରି.—୧ । ପୋଷ ମାନିବା—1. To become tame.
Baśyatā swikāra kariba
বশ্যতাস্বীকার করা ୨ । ଅନ୍ୟର ପ୍ରଭୁତ୍ୱ ସ୍ୱୀକାର କରିବା—
वश्यता स्वीकार करना 2. To acknowledge another's sway or suzerainty. ୩ । ଆପଣାକୁ ପରର ପଦ ତଳେ ସମର୍ପଣ କରିବା—3. To surrender one's self to another.

ବଶ୍ୟ ବଣିଆ—ଗ୍ରା. ବି.—(ସ. ବୈଶ୍ୟବଣିକ୍)—ଏକ ଜାତୀୟ ବଣିଆ; ପୋଟଳୀବଣିଆ—A caste of druggists;
Baśya baṇiā
বৈশ্যবেনে वैश्यबणिक Baisya by caste.

ବଷଟ୍—ସ. ଅ.—(ବହ୍ ଧାତୁ=ବହନ କରିବା+କରଣ. ଅଷଟ୍; ଯାହାଦ୍ୱାରା ଦେବତାଙ୍କ ନିକଟକୁ ପୂଜା ଦ୍ରବ୍ୟ ବାହିତ ହୁଏ)—ତ୍ୟାଗାର୍ଥକ ମନ୍ତ୍ର; ଦେବତାଙ୍କ ଉଦ୍ଦେଶ୍ୟରେ ପୁଷ୍ପ ଓ ଆହୁତି ଅର୍ପ ଦେବାର ମନ୍ତ୍ର—A mystic exclamation uttered while offering flowers and oblations to Deities.
Bashaṭ
[ଦ୍ର—ଅଙ୍ଗନ୍ୟାସ କରିବା ବେଳେ ଶିଖା ଶବ୍ଦ ସଙ୍ଗେ ଓ କରନ୍ୟାସ କରିବା ବେଳେ ମଧ୍ୟମାଙ୍ଗୁଳି ସଙ୍ଗେ ଏହି ଶବ୍ଦ 'ଶିଖାୟୈ ବଷଟ୍, ମଧ୍ୟମାଭ୍ୟାଂ ବଷଟ୍' ରୂପେ ବୋଲାଯାଏ । ]

ବଷଟ୍କାର—ସ. ବି. (ବଷଟ୍=ତ୍ୟାଗାର୍ଥକ ମନ୍ତ୍ର+କୃ ଧାତୁ+ଅ)—ଦେବତାଙ୍କ ଉଦ୍ଦେଶ୍ୟରେ ଅଗ୍ନିରେ ଆହୁତି ପ୍ରଦାନ; ହୋମ—Act of offering oblations to the Gods in fire.
Bashaṭkāra
(ବଷଟ୍କୃତ୍ୟ—ଅନ୍ୟରୂପ)

ବଷଟ୍କୃତ—ସ. ବଣ.—(ବଷଟ୍+କୃତ)—ବଷଟ୍ ଏହି ମନ୍ତ୍ରଦ୍ୱାରା ଅଗ୍ନିରେ ହୁତ—Offered unto the fire by pronouncing the mantra 'Bashaṭ'.
Bashaṭ-kṛuta

ବଷ୍କ (ଧାତୁ)—ସ.—ଗତି କରିବା—To move.
Bashka (root)

ବଷ୍କୟ—ସ. ବି (ବଷ୍କ ଧାତୁ+ଅୟ)—ଏକ ବରଷିଆ ବାଛୁରି—A calf one year old (Apte).
Bashkaya

ବଷ୍କୟ(ୟି)ଣୀ(ଣି)—ସଂ. ବି. ସ୍ତ୍ରୀ—(ବଷ୍କ ଧାତୁ+କର୍ତ୍ତୃ. ଅନ+ସ୍ତ୍ରୀ. ଈ)
Bashkaya (yi)ṇi(ṇi) ୧ । ବହି ଯାଇଥିବା ଗାଈ; ବଉଡ଼ ଗାଈ (ହି. ଶ.)—1. A cow which has all but gone dry.
[ ଦ୍ର—ଏ ଗାଈର ଦୁଧ ଅନ୍ୟ ଗାଈର ଦୁଧ ଅପେକ୍ଷା ଗାଢ଼ା ଓ ମିଠା ହୁଏ । ]
୨ । ଯେଉଁ ଗାଈର ବାଛୁରି ବଢ଼ି ଯାଇଅଛି—2. A cow having a full grown calf (Apte). ୩ । ବହୁପ୍ରସବା ଗୌ—3. A prolific cow (Apte).

ବସ୍ (ଧାତୁ)—ସ—୧ । ବାସ କରିବା—1. To live. ୨ । ଘର କରି ରହିବା—2. To settle. ୩ । ଆଚ୍ଛାଦନ କରିବା—3. To cover. ୪ । ଅବସ୍ଥିତ ହେବା—4. To be; to exist (Apte). ୫ । (ସମୟ) ଯାପନ କରିବା—5. To pass (time) (Apte). ୬ । ପରିଧାନ କରିବା—6. To wear; to put on (Apte).
Bas (root)

ବସ୍—ବୈଦେ.—୧ । (ଇଂ) (ବି) ବହୁତ ଲୋକ ବସିଯିବାର ଉପଯୋଗୀ ବଡ଼ ମଟରଗାଡ଼ି—1. Bus ୨ । (ଅବ୍ୟୟ). ବାସ୍
Bas
বাস (ବାସ୍—ଅନ୍ୟରୂପ) (ଦେଖ)—Bās (See)
ପ୍ରାଦେ. (ସମ୍ବଲପୁର) ବି. (ସ. ବସା)—ବସ; ଚର୍ବି—Fat

ବସ୍କେ(ଗେ)ତ୍—ପ୍ରାଦେ. (ସମ୍ବଲପୁର) ବି (ସ. ବାସ)—ବାସ; ଅଧିବାସ; ବାସ କରିବା—Habitation; residence.
Bas-ke(ge)t
( ଯଥା—ଇନେ ଆମର ବସ୍କେତ ୧୨ ବର୍ଷ ହେଲାଣି । )

ବସ୍ବା—ପ୍ରାଦେ. (ସମ୍ବଲପୁର) କ୍ରି—ବସିବା—To sit.
Bas-bā

ବସ୍ଲା ଦହି—ପ୍ରାଦେ. (କଟକ) ବି—ବସାଦହି—Curdled milk.
Bas-lā dahi

ବସ—ଦେ. ବି (ସ. ବସା)—୧ । ଅନ୍ତ; ପେଟ—1. Entrails.
Basa [ ଦ୍ର—ମାଛ ପେଟର ଅନ୍ତକୁ ବସ କୁହାଯାଏ । ]
আঁতী, बस ୨ । ବସା; ଚର୍ବି—2. Fat.
ବୈଦେ ଅ.—୧ । (ଅ. ବସ୍=ଯଥେଷ୍ଟ) ଏତିକି—1. This much. ୨ । ଯଥେଷ୍ଟ—2 Enough ! ୩ । ବନ୍ଦକର; ଚୁପ ହୁଅ—3. Stop !
বস बस, बास ୨ । ବି (ଇଂ Bus) ଯାତ୍ରୀ ବୁହା ମଟର—2. Bus.
ଦେ. କ୍ରି (ବସିବା କ୍ରିୟାର ଅନୁଜ୍ଞା ରୂପ)—(ତୁମେ) ଉପବେଶନ କର—Do sit.

**ବସ ଉଠ(ଠା)**—ଦେ. କ୍ରି—୧ । ଏକାବେଳକେ ବସିବା ଓ ଠିଆ ହେବା
Basa utha(thā) କ୍ରିୟା—1. Sitting and standing in
ଓଠ ବସ **उठ(ठा) बैठा** succession. ୨ । କୌଣସି ବ୍ୟକ୍ତିଙ୍କ ନିକଟକୁ ବା ସ୍ଥାନକୁ ଯିବା ଆସିବା କରିବା; ଚଳପ୍ରଚଳ—2. Constant intercourse. ୩ । ଉପର୍ଯ୍ୟୁପରି ବସାଇବା ଓ ଠିଆ କରାଇବାରୂପ ଦଣ୍ଡ—3. The punishment given to a person by making him sit down and stand up repeatedly.

**ବସଣୀ**—ଦେ. ବି—ନାକଚଣା; ବସୁଣୀ—1. An ornament for
Basaṇi the nose. ୨ । ବସତି; ବାସ—2. Residence.
ବସଣୀ(୧) ଚେଳ ହେବାର ବ ମନୋରମ
ବସଣୀ(୨) କରିବ ସୁଦ୍ଧ ଚଉରେ ପ୍ରେମ-ଭକ୍ତ, ବୈଦେହୀଶବିଳାସ ।

**ବସତ ବାଟି**—ଦେ. ବି (ବଙ୍ଗଳାରୁ ଅନୁକୃତ; ସ. ବସତ୍=ବାସ
Basata bāṭi କରୁଥିବା ବା ବାସକାରୀ+ବାଟିକା=ଗୃହ)—
**বাস, বসৎবাটী** ୧ । ଯେଉଁ ଘରେ ମନୁଷ୍ୟ ସପରିବାର ବାସ କରେ;
**বাস** ବସବାସ ଘର—1. Family residence. ୨ । ଯେଉଁ ଘରେ କୌଣସି ବ୍ୟକ୍ତି ଚିରସ୍ଥାୟୀ ଭାବରେ ବାସ କରେ—2. Permanent habitation. ୩ । ବାସଗୃହ—3. Dwelling house.

**ବସତି(ତୀ)**—ସ. ବି (ବସ୍ ଧାତୁ=ବାସ କରିବା+ଅଧିକରଣ. ଅତି;
Basati(ti) **बस्ती बस्ती** +ଈ)—୧ । ଅବସ୍ଥାନ; ନିବାସ—
ଓ. ବସ୍ତି 1. Residence; abode. ୨ । (+ଭାବ. ଅତି) ବାସ କରିବା—2. Act of living or residing. ୩ । (+ଅଧି. ଅତି) ବସ୍ତି; ଜନପଦ—3. Village. ୪ । ଯେଉଁ ସ୍ଥାନରେ ବହୁଲୋକ ବାସ କରନ୍ତି—4. A place resided by many people. ୫ । ଉପନିବେଶ—5. Settlement; colony. ୬ । ରାତ୍ରି—6. Night.

**ବସତି କରିବା**—ଦେ. କ୍ରି—୧ । ଘର କରି ରହିବା; ବାସ କରିବା—
Basati kariba 1. To take up one's abode or
বাস করা **बसना** residence. ୨ । ଚିରସ୍ଥାୟିଭାବରେ ରହିବା—2. To take up a place as one's permanent place of abode; to settle. ୩ । କୌଣସି ସ୍ଥାନରେ ବହୁଲୋକଙ୍କ ସଙ୍ଗେ ଘର କରି ରହିବା—3. To colonize at a place; to settle at a place with other people.

**ବସତି ବସା(ସେ)ଇବା**—ଦେ. କ୍ରି—କୌଣସି ସ୍ଥାନରେ ନୂତନ ଗ୍ରାମ
Basati basā(se)ibā ବା ଉପନିବେଶ ବା ବସ୍ତି ସ୍ଥାପନ
बस्ती बसान କରିବା—To open up a colony or settle-
**बस्ती बसाना** ment at a place; to establish a colony or a new village.

**ବସନ**—ସଂ. ବି. (ବସ୍ ଧାତୁ=ଆଚ୍ଛାଦନ କରିବା+କରଣ. ଅନ)—
Basana ୧ । ବସ୍ତ୍ର; ଲୁଗା—1. Cloth; clothing; raiment. ୨ । ପୋଷାକ—2. Dress. ୩ । (+ଭାବ. ଅନ) ଆଚ୍ଛାଦନ—3. Covering. ୪ । ବାସ—4 Residence. ୫ । (+କର୍ମ. ଅନ) ସ୍ତ୍ରୀମାନଙ୍କର କଟିଭୂଷଣ—5. Belt; ornament for the waist. ୬ । ତେଜପତ୍ର (ହି. ଶ.)—6. Cassia leaf. ୭ । ବାସସ୍ଥାନ—7. Place of residence.

**ବସନ ଭୂଷଣ**—ସଂ. ବି. (ଦ୍ୱନ୍ଦ୍ୱ; ବସନ+ଭୂଷଣ)—ଲୁଗା ଓ
Basana bhūshaṇa ଅଳଙ୍କାର—Cloth and ornament.

**ବସନ୍ତ**—ସଂ. ବି (ବସ୍ ଧାତୁ=ବାସ କରିବା+ଅଧିକରଣ. ଅନ୍ତ)—
Basanta (ଯେଉଁ ଋତୁରେ ପ୍ରାଣିଗଣ ସୁଖରେ ବାସ କରନ୍ତି) ୧ । ବର୍ଷର ଛଅ ଋତୁ ମଧ୍ୟରୁ ନାତିଶୀତୋଷ୍ଣ ଋତୁ—1. The spring season.

[ଦ୍ର—ଫାଲ୍‌ଗୁନ, ଚୈତ୍ର ଓ ବୈଶାଖ ଏହି ତିନ ମାସ ଓ ମତାନ୍ତରରେ ଫାଲ୍‌ଗୁନ ଓ ଚୈତ୍ରକୁ ସାଧାରଣତଃ ବସନ୍ତଋତୁ କହନ୍ତି ।]

୨ । ସ୍ୱନାମ ପ୍ରସିଦ୍ଧ ବିସ୍ଫୋଟକ ରୋଗ; ଶୀତଳା ରୋଗ—
বসন্ত **चेचक, माता, गोटी** 2. Smallpox.

[ଦ୍ର—ଏ ରୋଗରେ ପ୍ରଥମେ ଜ୍ୱର ହୋଇ ଅସ୍ପ ଦିନ ଦେହରେ ଗିମ୍ବିରି ଭଳି ବାହାରି ଯାଏ, ପରେ ଏହା ବଡ଼ ହୋଇ ପୂଜରେ ପୂର୍ଣ୍ଣହୋଇ ଯାଏ ଏବଂ ୧୨ଦିନ ପରେ ଶୁଖି ଯାଇ ଖୋଲପା ଛାଡ଼ିଯାଏ । ଏହା ନାନାଆକାରରେ ବାହାରେ; ଯଥା—ବରଗୁଡ଼ିଆ ବା ମସୁରିଆ (ବରଗୁଡ଼ି ବା ମସୁର ପରି), ସୋରିଷିଆ (ସୋରିଷ ପରି ଛୋଟ ଛୋଟ), ମୁଗେଇ (ମୁଗ ଆକାରର) ବରକୋଳିଆ (ବରକୋଳି ପରି), ଅଶାବସନ୍ତ (ଯେଉଁ ବିସ୍ଫୋଟକ ଦେହସାଙ୍ଗ ଲେସି ହୋଇଯାଇଥାଏ ।)

ପୂର୍ବେ ବସନ୍ତରୋଗୀର ବିସ୍ଫୋଟକରୁ ପୂଜ (ବା ଖାଜ) ନେଇ ଲୋକଙ୍କ ଟୀକା (ଦେଶୀ ଟୀକା) ଦେବାଦ୍ୱାରା ସେମାନଙ୍କୁ ବସନ୍ତର ମାରାତ୍ମକ ଆକ୍ରମଣରୁ ରକ୍ଷା କରିବାକୁ ଚେଷ୍ଟା କରାଯାଉଥିଲା; ମାତ୍ର ଏବେ ବସନ୍ତରୋଗାକ୍ରାନ୍ତ ଗୋରୁର ବିସ୍ଫୋଟକରୁ ଖାଜ ନେଇ ଟୀକା (ବିଲାତିଟୀକା ବା ଗୋଖାଜଟୀକା) ଦେବାର ବିଧାନ ଚଳୁଅଛି ।

ଲୋକେ 'ଶୀତଳା' ଠାକୁରାଣୀଙ୍କୁ ବସନ୍ତରୋଗର ଅଧିଷ୍ଠାତ୍ରୀ ଦେବତା ବୋଲି ବିଶ୍ୱାସ କରି ତାହାଙ୍କୁ ପୂଜା କରନ୍ତି ଏବଂ ବସନ୍ତରୋଗୀ ପ୍ରଳାପ କଲେ 'ଠାକୁରାଣୀ ଅବତରୁଛନ୍ତି' ବୋଲି କହନ୍ତି ।

ଆୟୁର୍ବେଦରେ ଏହି ବସନ୍ତରୋଗର ନାମ ମସୁରିକା ବା ମସୁରିକା । ପ୍ରକୁପିତ ଶ୍ଳେଷ୍ମା ଓ ପିତ୍ତଯୋଗୁଁ ରକ୍ତ ଦୂଷିତ ହେଲେ ଏ ରୋଗ ହୁଏ । ମନୁଷ୍ୟ ଦେହରେ ରୋଗବୀଜ ପ୍ରବେଶ କରିବାର ୧୦ । ୧୨ଦିନ ପରେ ଏହା ପ୍ରକାଶ ପାଏ । ଏହାର ଅବସ୍ଥାମାନ ଯଥା—୧. ଅପ୍ରକାଶ ଅବସ୍ଥା ।

୨ । ଆକ୍ରମଣାବସ୍ଥା—କମ୍ପ ବା ଶୀତ ହୋଇ ଜ୍ୱର ହୁଏ । ଶରୀରର ଉତ୍ତାପ ୧୦୪-୧୦୭ ଡିଗ୍ରୀ ଯାଏ ହୁଏ । ଏହି ଜ୍ୱରକୁ ମୁଖ୍ୟଜ୍ୱର କହନ୍ତି । ଜ୍ୱର ସଙ୍ଗେ ପେଟବ୍ୟଥା ହୁଏ, ବାନ୍ତି ମାଡ଼େ, ଦେହ, ଅଣ୍ଟା, ପିଠି ଗୋଳବିନ୍ଧ ହୁଏ, ମୁଣ୍ଡ ବଥାଏ ଏବଂ ମୁହଁ ଲାଲ ହୋଇଯାଏ । ସ୍ଥଳବିଶେଷରେ ପ୍ରଳାପ, ଆକ୍ଷେପ ଓ ମୂର୍ଚ୍ଛା ମଧ୍ୟ ହୁଏ ।

୩ । ସ୍ଫୋଟକ ଅବସ୍ଥା—ଜ୍ୱରର ୩ୟ ବା ୪ର୍ଥ ଦିବସରେ ମୁଖମଣ୍ଡଳରେ ଓ ଦେହରେ ଉଜ୍ଜ୍ୱଳ ଲାଲବର୍ଣ୍ଣ ଦାଗ ଦିଶେ । କ୍ରମେ କ୍ରମେ ଦାଗସବୁ ଉଚ୍ଚ ହୋଇ ସୋରିଷ ଜମ୍ୱା ବନ୍ଧୁକର ଛର୍‌ରା ପରି ଫୋଟକାରେ ପରିଣତ ହୁଏ । ଏହି ଫୋଟକାଗୁଡ଼ିକ ଜଳୀୟପଦାର୍ଥରେ ପୂରିଯାଏ ।

୫ମ ଦିନ ଫୋଟକାର ଜଳୀୟ ଅଂଶ ପୂଜେଇ ଯାଏ । ୮ମ ଦିନ ପରେ ଫୋଟକା ଫାଟି ସେଥିରୁ ପୂଜ ବୋହିବାକୁ ଆରମ୍ଭ କରେ । ୧୧ଶ ବା ୧୪ଶ ଦିନ ଫୋଟକା ଶୁଖି ଚେପା ଛାଡ଼େ; ମାତ୍ର ଫୋଟକାର ଦାଗ ୬ । ୮ ସପ୍ତାହଯାଏ ରହେ । ଫୋଟକା ମାରାତ୍ମକ ହୋଇଥିଲେ ଦେହର ଚମ ଏକାବେଳକେ ନଷ୍ଟ ହୋଇଯାଇ ଗାତମାନ ହୋଇଯାଏ । ଆଖିରେ ବସନ୍ତ ବାହାରିଲେ ଆଖି ଫୁଟିଯାଏ ।

ବସନ୍ତରୋଗର ଆନୁସଙ୍ଗିକ ଉପସର୍ଗମାନ—ଫୁସ୍‌ଫୁସ୍‌ରେ ଓ ହୃଦୟରେ ରୋଗ, ଉଦରାମୟ ଓ ମୁଖବାଟେ ରକ୍ତ ପଡ଼ିବା—

ହରଡ଼ାମଞ୍ଜି ଉପରେ ଲମ୍ୱବାଗରେ ଗୋଟିଏ ଛିଦ୍ର କରି ତାକୁ ସୂତାରେ ଗୁନ୍ଥି ବାହୁରେ ବାନ୍ଧିବା; କଣ୍ଟକାରୀ ଚେରର ଚୂର୍ଣ୍ଣ ୧/୪ ତୋଳା, ମରିଚ ଓ ପାଣି ମିଶାଇ ସପ୍ତାହରେ ଦୁଇ ଥର ପିଇବା, ପୁରଣୀଶାଗର ଚେରକୁ ମରିଚଚୂନା ସଙ୍ଗେ ସପ୍ତାହରେ ୨ । ୩ ଥର ଖାଇବା ଓ ବାସଙ୍ଗରସ ବା ଯଷ୍ଟିମଧୁ ବା କଦଳୀଭଣ୍ଡାର ରସ ସେବନ କରିବା ବସନ୍ତରୋଗର ପ୍ରତିଷେଧକ ବୋଲି କେତେକ କବିରାଜଙ୍କର ମତ । ]

୩ । ରାଗବିଶେଷ—3 Name of a musical air, ୪। (+କର୍ତ୍ତି. ଅ) ଅତିସାର ରୋଗ—4. Diarrhoea; dysentery. ୫ । ନାଟକରେ ବିଦୂଷକର ଉପାଧି—5. The nickname of a buffoon in a drama. ୬ । ତାଳବିଶେଷ—6, A kind of measure in dancing or music. ୭ । ଫୁଲର ଗୁଚ୍ଛ (ହି. ଶ.)—7. A bunch of flowers.

[ଦ୍ର—ସଙ୍ଗୀତ ଶାସ୍ତ୍ରୋକ୍ତ ଛଅଟି ରାଗ ମଧ୍ୟରୁ ବସନ୍ତ ଏକ । ଏହା ବସନ୍ତଋତୁରେ ଗେୟ; ରାଗ ତଳେ ନୋଟ୍ ଦେଖ । ]

বাসন্তী রঙ্গ
**वसन्ती रङ्ग** ଦେ. ବି—୧ । ଚମ୍ପାଫୁଲପରି ହଳଦିଆ ରଙ୍ଗ; ଫିକା ହଳଦିଆ—1, Light yellow colour.

বসন্ত বাতাস
**वसन्तकि हवा** ୨ । ମଳୟାନିଳ; ବସନ୍ତ ପବନ—2, Spring-breeze. ୩ । ଦେଉଳର ତଳପାଭିରେ ହୋଇଥିବା କାରୁକାର୍ଯ୍ୟ ବିଶେଷ—3. Work of art engraved on the plinth of a temple.

୪ । ଭୁବନେଶ୍ୱରର ଲିଙ୍ଗରାଜ ମହାପ୍ରଭୁଙ୍କୁ ଭୋଗ କରାଯିବା ଏକପ୍ରକାର ପାତଳ ଆରିସା ପିଠା—4. A kind of flat, round and thin sweet cake fried in ghee, offered to the Liṅgarāja Deity at Bhubaneswar.

বাসন্তী রঙ্গের কাপড়
**वसन्ती रङ्गका कपडा** ୫ । ଫିକା ହଳଦିଆ ଲୁଗା—5, Light yellow cloth

ଲାଲ ବସନ ବେଣୀପାଣି,
ବସନ୍ତ ପନ୍ତି ଘୋଡ଼ିଲ—ଲୁପତ. ପ୍ରେମପନ୍ଥାମୃତ ।

୬ । ରାମାୟଣବର୍ଣ୍ଣିତ ମର୍କଟ ଯୂଥପତିବିଶେଷ—
6. Name of a leader of the monkey-army.

ବସନ୍ତ ପୂର୍ବରେ ପଡ଼ିଲା କ୍ଷୀଣକୁ ନାଶ ଅର୍ଥେ ପେଶି ବେଗେ ।
ଭଞ୍ଜ. ବୈଦେହୀଶବିଳାସ ।

**ବସନ୍ତ ଆରିସା**—ଦେ. ବି—ଭୁବନେଶ୍ୱରର ଲିଙ୍ଗରାଜଙ୍କୁ ଭୋଗଲାଗିବା ଏକପ୍ରକାର ପତଳା ଆରିସା ପିଠା—
Basanta ārisā
A kind of flat; round and thin sweet cake offered to the Liṅgarāja Deity at Bhubaneswar.

[ଦ୍ର—ଚାଉଳ ଚୂନାକୁ ଗୁଡ଼ ପାଣିରେ ସିଝାଇ ପତଳା ଗୋଲ କରି ଗୋଳକୁ କଦଳୀପତ୍ରରେ ବିଛାଇ, ଘିଅରେ ଛାଣି ଏହି ପିଠା କରାଯାଏ ।]

**ବସନ୍ତକ**—ସଂ. ବି (ବସନ୍ତ+କ)—ଶୋଣାକ; ଫଣଫଣା ( ହି. ଶ ) (ଦେଖ)—Phaṇaphaṇā (See)
Basantaka

**ବସନ୍ତ କୁସୁମ**—ସଂ. ବି—ବସନ୍ତକାଳରେ ଫୁଟିବା ଫୁଲ—
Basanta kusuma — Vernal flower.

**ବସନ୍ତକୁସୁମାକର ରସ**—ସଂ. ବି—କାସନିବାରକ ଆୟୁର୍ବେଦୋକ୍ତ ବଟିକା ବା ଔଷଧବିଶେଷ—
Basantakusumākara rasa
A medicinal preparation or pill prescribed in the Ayurveda for cough.

**ବସନ୍ତଗୁଣ୍ଡି**—ଦେ. ବି—କମଳାଗୁଣ୍ଡି (ଦେଖ)
Basantaguṇḍi — Kamaḻāguṇḍi (See).

**ବସନ୍ତଗୁଣ୍ଡିଚା**—ସଂ. ବି—ସ୍ୱର୍ଣ୍ଣାଦ୍ରିମହୋଦୟରେ ବର୍ଣ୍ଣିତ ଚୈତ୍ର ଗୁଣ୍ଡିଚା; ଚୈତ୍ର ମାସରେ ହେବା ଭୁବନେଶ୍ୱରର ରଥଯାତ୍ରା; ଅଶୋକାଷ୍ଟମୀ ରଥଯାତ୍ରା—The car festival held during the month of Chaitra at Bhubaneswar.
Basantaguṇḍichā

ବସନ୍ତ ଗୁଣ୍ଡିଚା ବୋଲି ବନେ କି ଯାତ୍ରୀ ଅନୁଗତ ପଥ ।
ଭଞ୍ଜ. ବୈଦେହୀଶବିଳାସ ।

[ ଦ୍ର—ଭୁବନେଶ୍ୱର ଲିଙ୍ଗରାଜ ମହାପ୍ରଭୁଙ୍କର ଚୈତ୍ର ଶୁକ୍ଳାଷ୍ଟମୀରେ ଏହି ଯାତ୍ରା ହୁଏ । ଏ ଯାତ୍ରାରେ ଗୋଟିଏମାତ୍ର ରଥ ହୁଏ । ଏ ରଥର ନାମ ରୁକୁଣାରଥ । ]

**ବସନ୍ତଘୋଷ**—ସଂ. ବି ( ବହୁବ୍ରୀହି; ବସନ୍ତ+ଘୋଷ )—ବସନ୍ତଦୂତ; କୋକିଳ; କୋଇଲି—The Indian Cuckoo; (the herald of spring).
Basantaghosha
(ବସନ୍ତଘୋଷୀ—ଅନ୍ୟରୂପ)

**ବସନ୍ତ ଚଢ଼େଇ**—ଦେ. ବି—ହଳଦିବସନ୍ତ (ଦେଖ)
Basanta chaṛhei — Haḻadibasanta (See).

**ବସନ୍ତତିଳକ**—ସଂ. ବି—୧ । ୧୪ ବର୍ଣ୍ଣର ସଂସ୍କୃତ ଛନ୍ଦୋବିଶେଷ—
Basantatiḻaka 1. A Sanskrit metre of 14 letters.

[ଦ୍ର—ଏଥିର ଉଦାହରଣ; ଅଦ୍ୟେ ସ୍ଥିତାପି ଯୁବତୀ ପରୁଷଙ୍ଗମାୟୁ; ଏଥିରେ ୧ମ, ୨ୟ, ୪ର୍ଥ, ୮ମ, ୧୧ଶ, ୧୩ଶ ଓ ୧୪ଶ ଅକ୍ଷରମାନ ଗୁରୁ, ଅନ୍ୟ ବର୍ଣ୍ଣମାନ ଲଘୁ । ଏଥିର ଲକ୍ଷଣ—ଜ୍ଞେୟଂ ବସନ୍ତତିଳକଂ ତଭଜାଜଗୌଗଃ । ]

୨ । ପୁଷ୍ପବିଶେଷ—2. A kind of flower. ୩ । ଆୟୁର୍ବେଦୋକ୍ତ ଯକ୍ଷ୍ମା ରୋଗର ଔଷଧବିଶେଷ—3. A medicinal preparation prescribed in the Ayurbeda for Pthisis

ବସନ୍ତଦୂତ—ସଂ. ବି—୧ । (୬ଷ୍ଠୀ ତତ୍; ବସନ୍ତ+ଦୂତ)—କୋକିଳ—
Basanta dūta 1. The cuckoo. ୨ । ( ବହୁବ୍ରୀହି )
( ବସନ୍ତ ସଖ—ଅନ୍ୟରୂପ ) କାମଦେବ; ମଦନ—2. Cupid personified. ୩ । ପଞ୍ଚମ ସ୍ୱର—3. The fifth of the seven musical notes in the gamot. ୪ । ଆମ୍ର ଗଛ—4. Mango tree ୫ । ଚୈତ୍ରମାସ (ହି. ଶ)—5. The month of Chaitra.

ବସନ୍ତଦୂତିକା—ସଂ. ବି ( ୬ଷ୍ଠୀ ତତ୍; ବସନ୍ତ+ଦୂତିକା )—
Basantadūtikā ୧ । କୋଇଲି—1. A female cuckoo.
(ବସନ୍ତଦୂତୀ—ଅନ୍ୟରୂପ) ୨ । ମାଧବୀଲତା—2. A flowering creeper. ୩ । ପାଟଳିଗଛ—3. A flowering tree. ୪ । ଗନିଆରି; ଅଗ୍ନିମନ୍ଥ ଗଛ—4. Premna Integrifolia (tree).

ବସନ୍ତଦ୍ରୁ—ସଂ. ବି—ଆମ୍ବଗଛ—Mango tree.
Basantadru ବସନ୍ତ ବସନ୍ତ ପକ୍ଷୀ ବସନ୍ତଦ୍ରୁମରେ—ଭକ୍ତ. ବିଦେଶ୍ୱରଲୋଷ ।
( ବସନ୍ତଦ୍ରୁମ—ଅନ୍ୟରୂପ )

ବସନ୍ତପକ୍ଷୀ—ଦେ. ବି—ହଳଦିବସନ୍ତ ( ଦେଖ )
Basantapakshi Haḷadibasanta ( See )
ବସନ୍ତ ବସନ୍ତପକ୍ଷୀ ବସନ୍ତଦ୍ରୁମରେ—ଭକ୍ତ. ବୈଦେଶ୍ୱରଲୋଷ ।

ବସନ୍ତପଞ୍ଚମୀ—ସଂ. ବି—ମାଘ ଶୁକ୍ଳପଞ୍ଚମୀ; ଶ୍ରୀପଞ୍ଚମୀ—The 5th day
Basanta pañchami of the bright fortnight of the month of Māgha.
[ ଦ୍ର—ଏହିଦିନ ବାଣୀ ଆରାଧନା ଦିବସ ବୋଲି ପ୍ରସିଦ୍ଧ । ଛାତ୍ରମାନେ ମହାସମାରୋହରେ ସରସ୍ୱତୀ ପୂଜା କରନ୍ତି । ଗ୍ରାମ୍ୟଶାଳୀର ଛାତ୍ରମାନେ ସରସ୍ୱତୀଙ୍କର ପ୍ରତିମା ବା ଚିତ୍ର ନେଇଯାଇ ଧର ଗୀତ ବୋଲି ପିଲାମାନେ ଓ ବହୁବାଳକଙ୍କ ଘରକୁ ଯାଇ ଭିକ୍ଷା କରନ୍ତି ଏବଂ ଭିକ୍ଷାଲବ୍ଧ ଧନବସ୍ତ୍ର ଅବଧାନଙ୍କୁ ଆଣି ଦିଅନ୍ତି । ]

ବସନ୍ତ ପବନ—ସଂ. ବି ( ୬ଷ୍ଠୀ ତତ୍; ବସନ୍ତ+ପବନ )—ବସନ୍ତ-
Basanta pabana କାଳରେ ଦକ୍ଷିଣ ଦିଗରୁ ବହୁଥିବା ଆରାମପ୍ରଦ
बसन्ती हवा ସ୍ନିଗ୍ଧ ବାୟୁ; ସ୍ୱଳ୍ପସ୍ୱଳ୍ପ ଦକ୍ଷିଣା ପବନ; ମଳୟ ପବନ—
ବସନ୍ତ ବାୟୁ, ବସନ୍ତ ମରୁତ୍, ବସନ୍ତାନିଳ } ଅନ୍ୟରୂପ South wind blowing during the spring; south breeze.
[ ଦ୍ର—ମଳୟଗିରିର ଚନ୍ଦନ ଗଛରେ ଏ ପବନ ବାଜି ଆସୁଥିବାରୁ ଏହା ଚନ୍ଦନର ସୁବାସଦ୍ୱାରା ସୁବାସିତ ହୋଇଥାଏ ବୋଲି ଲୋକେ କଳ୍ପନା କରନ୍ତି ।]

ବସନ୍ତବନ୍ଧୁ—ସଂ. ବି. ( ୬ଷ୍ଠୀ ତତ୍ )—କାମଦେବ; ମଦନ (ହି. ଶ)—
Basantabandhu Cupid.
( ବସନ୍ତଯୋଧ, ବସନ୍ତସଖ[ା] —ଅନ୍ୟରୂପ )

ବସନ୍ତ ବସନ—ଦେ. ବି—୧ । (କର୍ମଧା) ହଳଦିଆ ଲୁଗା—1. Yellow
Basanta basana बसन्त बसन बसन्ती कपडा cloth.
( ବସନ୍ତବାସ—ଅନ୍ୟରୂପ ) ୨ । ( ବହୁବ୍ରୀହି ) ପୀତାମ୍ବର; ବିଷ୍ଣୁ—2. Bishṇu.

ବସନ୍ତ ବସନେ(୧) ଉର୍ଣ୍ଣିକ ଦେଇ କାନ୍ତେ ଚକାଇ
ବସନ୍ତ ବସନ(୨) ମୋହନ ଏହି ଗୁମାନ ବଚ୍ଛ—ଭକ୍ତ. ବୈଦେଶୀଶବିଳାସ

ବସନ୍ତ ବ(ବୋ)ହିବା—ଦେ. ବି—ବସନ୍ତ ପବନ ପ୍ରବାହିତ ହେବା—
Basanta ba(bo)hibā The blowing of the spring
बसन्त बहना बसन्ती हवा बहना -breeze.

ବସନ୍ତବ୍ରତ—ସଂ. ବି ( ବହୁବ୍ରୀହି; ବସନ୍ତ+ବ୍ରତ )—କୋକିଳ ( ହି.
Basanta brata ଶ. )—The Indian cuckoo.

ବସନ୍ତମୁହାଁ—ଦେ. ବିଣ. ପୁଂ ( ସଂ. ବସନ୍ତ ଓ ମୁଖ )—ଯାହା ମୁହଁରେ
Basantamuhāñ ବସନ୍ତରୋଗଜାତ ବସନ୍ତଚିହ୍ନମାନଙ୍କର ଦାଗ
खोदराहा ବା ଛିଦ୍ରମାନ ଥାଏ—Having pock-marked or
( ବସନ୍ତମୁହାଁ—ସ୍ତ୍ରୀ ) pock-pitted face.
ବସନ୍ତମୁହାଁକ ଲଗନା ଗଣ୍ଡ
କାମକାଳର ଚିହ୍ନା ଜାଣିବଣ୍ଡ—ହୃଦ୍ୟମଣି ରହସ୍ୟ ।

ବସନ୍ତରା—ଗ୍ରା. ବି—୧ । ( ସଂ. ବସୁଧାରା ) ବସୁଧାରା ୨ ( ଦେଖ )
Basantarā बसुधारा 1. Basudhārā 2 ( See )
पनसाला ୨ । ( ସଂ. ବସନ୍ତ ଓ ରାଜନ୍ ) ଶୂଦ୍ର ଓ ଭଣ୍ଡାରୀମାନଙ୍କର
( ବସ[ନ୍ତ]ର[ା]ୟ—ଅନ୍ୟରୂପ ) ରାଜଦତ୍ତ ଉପାଧିବିଶେଷ—
2. A title given to śūdras.
ପ୍ରାଦେ. ( ପାରିକୁଦ ) ବି—ପାରିକୁଦ ରାଜାଙ୍କ ପାର୍ଶ୍ୱଲୋକଙ୍କ ମଧ୍ୟରୁ ଯେ ରାଜାଙ୍କ ଅତ୍ୟନ୍ତ ପ୍ରିୟପାତ୍ର ହୁଏ ତାହାର ରାଜଦତ୍ତ ଉପାଧି—A title given to the most favourite servant of the Rājā of Pārikuda.

ବସନ୍ତରା ଘଡ଼ି—ଦେ. ବି—ବୈଶାଖମାସଠାରୁ ମାସକ ଯାଏ ତୁଳସୀ
Basantarā ghaṛdi ଚଉରା ଉପରେ ବନ୍ଧା ହୋଇଥିବା ସଛିଦ୍ର
बसुधारा ଘଣ୍ଟ—A water pot with a hole at the
पनसाला bottom suspended over the top of the holy Basil plant.

ବସନ୍ତ ରାସ—ସଂ ବି—ଶ୍ରୀକୃଷ୍ଣଙ୍କର ବସନ୍ତକାଳୀନ ରାସଯାତ୍ରା ବା ଉତ୍ସବ.
Basanta rāsa ବିଶେଷ—The dancing festival of
(ବସନ୍ତ ବିହାର—ଦେ. ରୂପ Śrikṛushṇa during the spring.

ବସନ୍ତା(ନ୍ତେ)ଇ—ଦେ. ବି. ସ୍ତ୍ରୀ—୧ । ଗ୍ରାମଦେବତାବିଶେଷ—
Basantā(nte)i 1. Name of a popular Goddess.
୨ । ଶୀତଳା ଦେବୀ—2. Goddess śitaḷā ( presiding over small pox ).

ବସନ୍ତାବତାର—ସଂ. ବି ( ୬ଷ୍ଠୀ ତତ୍; ବସନ୍ତ+ଅବତାର )—ପୃଥିବୀରେ
Basantābatāra ବସନ୍ତ ଋତୁର ଆରମ୍ଭ—The advent or
(ବସନ୍ତାଗମ—ଅନ୍ୟରୂପ) setting in of spring ( Apte ).

ବସନ୍ତାର୍ତ୍ତି—ସଂ. ବି ( ବସନ୍ତଋତୁରେ ଏହାର ପତ୍ର ଝଡ଼ିବାରୁ; ବସନ୍ତ+
Basantārtta ଆର୍ତ୍ତି)—ବିଭୀତକ ବୃକ୍ଷ; ବାହାଡ଼ାଗଛ (ହି. ଶ)—
Beleric myrobalan ( tree ).

ବସନ୍ତିଆ—ଦେ. ବିଣ. ( ସଂ ବାସନ୍ତିକ )—୧ । ଫିକା ହଳଦିଆ ରଙ୍ଗ-
Basantiā ଯୁକ୍ତ—1. Light yellow ୨ । ବସନ୍ତକାଳ
बसन्ती, बासन्ती ସମ୍ବନ୍ଧୀୟ—2. Relating to the spring;
बसन्ती vernal.

**ବସନ୍ତୋତ୍ସବ**—ସଂ. ବି॰ ( ମ. ପ. ଲୋ; ବସନ୍ତକାଳୀନ ଉତ୍ସବ )—
Basantotsaba ୧ । ପୂର୍ବେ ମାଘ ଶୁକ୍ଳପଞ୍ଚମୀର ପର ଦିନ କାମଦେବ
ବସନ୍ତ ମହୋତ୍ସବ / ବସନ୍ତଯାତ୍ରା } ଅନ୍ୟରୂପ ଓ ବସନ୍ତର ପୂଜା କରାଯାଉଥିବା ଉତ୍ସବ; ମଦନୋତ୍ସବ (ହି. ଶ)—1. A festival formerly observed in honour of God Cupid during the spring on the sixth day of the bright lunar fortnight of Māgha. ୨ । ଦୋଳଯାତ୍ରା ଉତ୍ସବ; ହୋଲି ( ହି. ଶ.)—2. The Holi festival ( about the full moon of Phālguna ).
[ ଦ୍ର—ପୂର୍ବେ ଏ ଉତ୍ସବ ଚୈତ୍ର ପୂର୍ଣ୍ଣିମାରେ ଅନୁଷ୍ଠିତ ହେଉଥିଲା । ଅଧୁନା ଫାଲ୍ଗୁନ ପୂର୍ଣ୍ଣିମାରେ ଅନୁଷ୍ଠିତ ହେଉଅଛି—Apte ].

**ବସନ୍ତୀ**—ସ. ବି॰ ( ବସନ୍ତ+ଇନ୍; ୧ମା. ୧ବ. ବସନ୍ତକାଳର ସଙ୍ଗୀ
Basanti ହେତୁ )--କୋକିଳ; କୋଇଲି—Cuckoo.
ଦେ. ବିଣ—ବସନ୍ତିଆ ( ଦେଖ )—Basantiā ( See )

**ବସ(ସୁ) ବାସ**—ଦେ. ବି. ( ସଂ. ବସତି ଓ ବାସ )—୧ । ଚିରସ୍ଥାୟୀ-
Basa(su) bāsa ଭାବରେ ବାସ କରିବା—1. Taking up
ବସବାସ permanent residence or domicile at a
**बसोवास** place. ୨ । ବସବାସ କରିବା ଘର, ସ୍ଥାୟୀ ଆବାସ ସ୍ଥଳ—2. One's permanent place of residence.

**ବସ ବାସ କରିବା**—ଦେ. କ୍ରି—କୌଣସି ସ୍ଥାନରେ ସ୍ଥାୟୀ ଭାବରେ ବାସ
Basa bāsa karibā କରି ରହିବା—To take up one's
ବସବାସ କରା abode or residence at a place.
**बसोवास करना, बसना**

**ବସ ବାସ ଘର**—ଦେ. ବି—ସ୍ଥାୟୀ ଆବାସ ସ୍ଥଳ—One's perma-
Basa bāsa ghara nent place of residence.
ବସତ୍‌ବାଟୀ **बसोवास, वास घर**

**ବସା**—ସ. ବି. ( ବସ୍ ଧାତୁ=ଆଚ୍ଛାଦନ କରିବା+କର୍ମ. ଅ+ଆ;
Basā ଯାହାକୁ ଚର୍ମ ଆଚ୍ଛାଦନ କରିଥାଏ )—୧ । ମଜ୍ଜା; ଚର୍ବି ମେଦ—1. Fat; adeps; suet. ୨ । କୌଣସି ତୈଳମୟ ରସ—2. Any fatty exudation (Apte). ୩ । ମଗଜ; ମସ୍ତିଷ୍କ—3. Brain (Apte).
ଦେ. ବି॰ ( ସ. ବସ୍ ଧାତୁ=ବାସ କରିବା; ସ. ବସ )—
ବାସା ୧ । ପକ୍ଷୀର ନୀଡ଼—1. Nest. ୨ । ବନ୍ୟ ପଶୁଙ୍କ ରହିବା
**घोंषला, खोंता** ସ୍ଥାନ—2. Lair of wild beasts.
**गर्त माँद** ୩ । ଅସ୍ଥାୟୀ ବାସ ସ୍ଥାନ—3. Lodgings.
ବାସା ରହିଲେ ପୃଥ୍ବୀର ଘରେ କରି ବସା—
**वासा** କୃଷ୍ଣସିଂହ. ମହାଭାରତ ସଭ ।
୪ । ଆବାସ—4. Residence.
କରି ଗୋଦାବରୀ ନିକଟେ ବସା
ବାଲି ଦେବତା ସେବେ ହେବ ତୃଷା—ଉପେନ୍ଦ୍ର. ଲାବଣ୍ୟବତୀ ।
ବସା **बठक** ୫ । ଉପବେଶନ—5. Sitting.
ବସାନ **बठाना** ୬ । ବସାଇବା—6. Setting.

ଦେ. ବିଣ. (ଅନ୍ୟ ଶବ୍ଦ ସଙ୍ଗେ ବ୍ୟବହୃତ; ଯଥା—ପ୍ରସ୍ତରବସା
ବସାନ **जड़ाहुआ** ମୁଦି; ମୟୂରବସା ଗୁଣା )—
୧ । ଖଚିତ—1. Set with (stones etc).
ବସାନ **वसायाहुआ** ୨ । ବସାଯାଇଥିବା; ସ୍ଥାପିତ—2. Estab-
ବସା lished. ୩ । ଘନୀଭୂତ—3. Set; solidified;
**जमायाहुआ** ( ଯଥା—ବସାଦହି । ) coagulated.
ଦେ. କ୍ରି—ବସାଇବା କ୍ରିୟାର ଅନୁଜ୍ଞା ଅନାଦରାର୍ଥକ ରୂପ ଏକ ବଚନ; (ତୁ) ବସାଇବା କର୍ମ କରୁ—(imperative mood) (thou) Do let or cause to sit; do set.

**ବସା(ସେ)ଇବା**—ଦେ. କ୍ରି. (ସ. ଉପପୂର୍ବକ ବିଶ୍ ଧାତୁ=ଉପବେଶନ
Basā(se)ibā କରିବା; 'ବସିବା'ର ଣିଜନ୍ତ ରୂପ )—
ବସାନ ୧ । କୌଣସି ବ୍ୟକ୍ତିକୁ କୌଣସି ସ୍ଥାନରେ ଉପବେଶନ
**बसाना, बैठाना** କରାଇବା—1. To cause one to sit.
(ଯଥା—ତାଙ୍କୁ ନେଇ ସଭାରେ ବସାଅ ।)
୨ । କୌଣସି ସ୍ଥାନରେ ନୂତନ ଗ୍ରାମ, ନଗର, ଦୋକାନ, ହାଟ ଆଦି ସ୍ଥାପିତ କରିବା; ପ୍ରତିଷ୍ଠିତ କରିବା—1. To establish (a new village etc. at a place); to start; to set up; to found.
ଗ୍ରାମ ବସାଇ ନିଜ ନାମେ
ରହିଲା ଚମ୍ପାପୁର ଗ୍ରାମେ । ଜଗନ୍ନାଥ. ଭାଗବତ ।
୩ । କୌଣସିଠାରେ କୌଣସି ବସ୍ତୁକୁ ସ୍ଥିର ବା ଦୃଢ଼ ଭାବରେ ରଖିବା—3. To set a thing firmly.
ସଗଳ ଶିର ଉର କନ୍ଧେ
ବସାଅ ମନ୍ତ୍ର-ଅନୁବନ୍ଧେ । ଜଗନ୍ନାଥ. ଭାଗବତ ।
୪ । ଅଳଙ୍କାରାଦିରେ ରତ୍ନ ଆଦି ଖଚିତ କରିବା—4. To set gems etc. on ornaments.
( ଯଥା—ଏ ମୁଦିରେ ଖଣ୍ଡେ ହୀରା ବସାଇବ । )
୫ । ଘନୀଭୂତ କରାଇବା; ଜମାଇବା—5. To cause a
**जमाना** liquid to co-agulate; to solidify.
( ଯଥା—ଏ ଘିଅକୁ ବାକ୍ସରେ ରଖି ବସାଅ । )
୬ । ସନ୍ନିବେଶିତ କରିବା; ରଖିବା; ସ୍ଥାପନ କରିବା; ଥୋଇବା—6. To put; to place; to lay down.
( ଯଥା—ଚୁଲି ଉପରେ ହାଣ୍ଡି ବସାଅ । )
୭ । ଢିଲା ଜିନିଷକୁ ଟାଣ କରି ପୋତିବା; ଦୃଢ଼ୀଭୂତ କରିବା—7. To strengthen a loose thing; to drive a
**गाड़ना** thing firmly to the ground.
( ଯଥା—ଏ ଖୁଣ୍ଟକୁ ନ ବସାଇଲେ ଏହା ଛତକୁ ସମ୍ଭାଳିବ ନାହିଁ । )
୮ । କର ଆଦି ଧାର୍ଯ୍ୟ କରିବା—8. To assess.
**लगाना** (ଯଥା—ରାଜା ପ୍ରଜାଙ୍କ ଉପରେ ଘର ପିଛା ଚାରି ଅଣା ଟିକସ ବସାଇଲେ ।)
୯ । ଅକର୍ମା କରିବା; ନିଷ୍କର୍ମା ହୋଇ ବସି ରହିବାକୁ ବାଧ୍ୟ
**बठाना** କରିବା—9. To cause one to sit idle.
( ଯଥା—ମତେ ଏପରି ୩ ଦିନ ହେଲା ବସାଇ ହଇରାଣ କରୁଛ କାହିଁକି ? )

୧୦ । ଗ୍ରଥନ କରିବା; ସଜ୍ଜିତ କରିବା; ସଜାଇବା—10. To arrange; to lay out (as a layer of brick).
(ଯଥା—ପୋଖରୀ ପାହାଚରେ କାରିଗର ପଥରଗୁଡ଼ିକ ଅତି ସୁନ୍ଦର କରି ବସାଉଛି ।)
୧୧ । ମୁଦ୍ରିତ କରିବା; ଛାପ ମାରିବା—11. To stamp; to put a mark.
(ଯଥା—ଏ ହୁକୁମନାମାରେ ରାଣୀଙ୍କ ମୋହର ବସାଅ ।)
लगाना ୧୨ । (ବେତ୍ରାଦିଦ୍ୱାରା) ତଳ ରହିବା ଭଳି ଅଘାତ କରିବା; ପ୍ରହାର କରିବା; ମାରିବା; ଲଗାଇବା—12. To flog or beat; to give a blow with.
୧୩ । (ସଭା ବା ପଞ୍ଚାୟତ ଆଦି) ବସିବାର ବ୍ୟବସ୍ଥା କରିବା 13. To bring about the sitting of a Pancha-
बठना yet of one's caste people.
(ଯଥା—ସେ ଏ କଥାରେ ଜାତିଆଣ ସଭା ବସାଇବ ।)

ବସା ଉଠ(ଠା)—ଦେ. ବି.—ବସ ଉଠ (ଦେଖ)
Basā utha (ṭhā) Basa uṭha (See)

ବସା ଉଠା(ଠେ)ଇବା—ଦେ. କ୍ରି.—ଏକ ସ୍ଥାନରୁ ଅନ୍ୟ ସ୍ଥାନକୁ ଯାଇ
Basā uṭhā(ṭhe)ibā ବସା କରିବା; ବସାକୁ ସ୍ଥାନାନ୍ତର କରିବା
বাস তোলা To remove from one place of lodging
वासा तोडना (ବସା ଉଠିବା—ଣି. ରୂପ) to another.

ବସା କରିବା—ଦେ. କ୍ରି.—୧ । (ପକ୍ଷୀ) ନୀଡ଼ ନିର୍ମାଣ କରିବା—
Basā kariba 1. To build a nest (said of a
কুলায় নির্ম্মাণ করা घोंसला बनाना bird.)
(ଯଥା—ବାୟାଚଢ଼େଇ ତାଳ ଗଛ ଅଗରେ ବସା କରୁଛି ।)
୨ । ଅସ୍ଥାୟୀଭାବରେ ବାସ କରିବା—2. To take up
বাস করা वासा करना one's lodgings; to board at.
ସେନାଙ୍କ ନୂପୁରରେ ଦେବ ପ୍ରଶ୍ନେ ବସା
କରି ଅଛନ୍ତି ହୃଦଲେ ବହୁ ଦଶା । କୃଷ୍ଣସିଂହ: ମହାଭାରତ ସଭା ।
୩ । ବାସ କରିବା; ସ୍ଥାୟୀଭାବରେ ରହିବା—3. To live; to take up one's residence.
(ଯଥା—ତା ମୁଣ୍ଡରେ ଉକୁଣି ବସା କଲେଣି ।)
লেখে থাকা ୪ । ସର୍ବଦା ଉପସ୍ଥିତ ରହିବା—
रहना 4. To be present always.
(ଯଥା—ତା ଜିଭ ଅଗରେ ଖରାପ କଥା ବସା କରିଛି ।)
বাসা করা ୫ । ବସା ଘର ସ୍ଥିର କରିବା—
वासा करना 5. To settle one's lodgings.
(ଯଥା—ରାଜା କଲିକତା ଯିବା ଆଗରୁ ମେନେଜର ଯାଇ ବସା କରିଲେ ।)

ବସା ଘର—ଦେ. ବି. ( ସଂ. ବାସ+ଗୃହ )—ବିଦେଶୀ ଲୋକ ଯେଉଁ
Basāghara ଘରେ ଅସ୍ଥାୟୀଭାବରେ ବାସ କରେ—
বাসা ঘর Lodging house; boarding house.
डेरा, वासाघर

ବସାଟିଆ—ଦେ. ବି.—ଯେଉଁ ବ୍ୟକ୍ତି କୌଣସି ସ୍ଥାନରେ ଅସ୍ଥାୟୀ
Basāṭiā ଭାବରେ ବସା କରି ଥାଏ; ଭଡ଼ାଟିଆ—Lodger;
বাসাড়িআ डेरादार occupier of a rented house.

ବସାଢ୍ୟ—ସଂ. ବିଣ. (ବସା ଢ୍ୟ) — ଚିକ୍କଣ; ମଜ୍ଜାମୟ—
Basāḍhya Marrowy; oily.
(ବସାଢ୍ୟକ—ଅନ୍ୟରୂପ) ସଂ. ବି.—ଶୁଶୁକ—
The gangetic porpoise (Apte).

ବସାଣ(ଣି)—ଦେ. ବି.—୧ । ବସିବା କ୍ରିୟା—
Basāṇa (ṇi) 1. Act of sitting.
বসা बैठना ୨ । ବସାଇବା କ୍ରିୟା—2. The act of setting.
বসা बैठाना ୩ । କର ଧାର୍ଯ୍ୟକରଣ; ଲଗାଣ—
বসান लगान 3. Assessment (of tax or rent).
ପ୍ରାଦେ. (ପୁରୀ) ବି.—କାକରା, ଅମାଲୁ, ପିଠା ଆଦି ଉପର୍ଯ୍ୟୁ-
ପରି ସଜାଇ ରଖିବା ପାଇଁ ବ୍ୟବହୃତ ପଲମ; ଚାଡ଼ୁ ବା
ଚାଡ଼ୁଆ—A flat earthen pan for arranging flat pastry cakes one over the other.

ବସା ଦହି—ଦେ. ବି—ଅଉଟା ଦୁଧ ଥଣ୍ଡା ହେଲେ ତହିଁରେ ମଣ୍ଡ ବା
Basā dahi ଖଟା ପକାଇ କିଛିକାଳ ରଖିଦେବା ପରେ ପ୍ରସ୍ତୁତ
দই ହେବା ଘନୀଭୂତ ଦଧି—Curdled milk; coagulated
चक्कादहि, जमाहुआदही milk; curd.
ପ୍ରାଦେ (ସମ୍ବଲପୁର) ବି—ସୋଲ ଦହି—Curd.

ବସା ପଡ଼ିବା—ପ୍ରାଦେ (ଗଞ୍ଜାମ) କ୍ରି—ହଠାତ୍ ଏକ ସ୍ଥାନରୁ ଆସି ଅନ୍ୟ
Basā paṛibā ଏକ ସ୍ଥାନରେ ବସା କରି ରହିବା—To remove suddenly from one place of lodging to another.

ବସା ବାନ୍ଧିବା—ଦେ. କ୍ରି—(ପକ୍ଷୀମାନେ) କାଠି କୁଟାଆଦି ସଂଗ୍ରହ କରି
Basā bāndhibā ତହିଁରେ ବସା ନିର୍ମାଣ କରିବା—To
বাসা বান্ধা घोंसला बनाना build a nest ( said of birds).

ବସା ବାସ—ଦେ. ବି—ବସାଘର—
Basābāsa বাসাঘর वासाघर Lodgings.
ଅଙ୍ଗୁଳ ଥାମା ତା ଗୁଣ ହୋଇବେ କେତେ ଲୋକ
ଗଲେ ରାଜାମାନେ ଯେ ଯାହା ବସାବାସ—କୃଷ୍ଣସିଂହ-ମହାଭାରତ ବର୍ଣ ।

ବସା ଭାଙ୍ଗିବା—ଦେ. କ୍ରି—ସ୍ଥାନାନ୍ତରରେ ବାସ କରିବା ପାଇଁ କୌଣସି
Basā bhāṅgibā ସ୍ଥାନରୁ ବସା ଅନ୍ତରିତ କରିବା—To
বাসা তোলা वासा तोडना remove from a place.
আড়া ভেঁগেযাওয়া ଦେ. ବି—କୌଣସି ବ୍ୟକ୍ତିର ଅସ୍ଥାୟୀ ସ୍ଥାନର
वासा टूट जाना ଚ୍ୟୁତି—Discontinuance of one's temporary habitation.

ବସା ସଞ୍ଜା—ଦେ. ବି—(ସହରର) ଆଗନ୍ତୁକ ବ୍ୟକ୍ତିଙ୍କର ରହିବା ନିମନ୍ତେ
Basā sañchā ବସାଘର ଓ ଭୋଜନ ପାଇଁ ଖାଦ୍ୟ ସାମଗ୍ରୀ—
বাসা সৌধা Lodgings and victuals for a newly
वासा और उपाइ(य)त् arrived guest.
ଏହି ସହରରୁ ବାହରେ ବାସାସଞ୍ଜା
କରାଅ ତାଙ୍କପାଇଁ କରି ବହୁ ପଞ୍ଜା—କୃଷ୍ଣସିଂହ-ମହାଭାରତ-ଉଦ୍ୟୋଗ ।
[ ପୂର୍ବେ ରାଜାମାନଙ୍କ ଦରବାରକୁ କେହି ବଶିଷ୍ଟ ବ୍ୟକ୍ତି ଗଲେ ପ୍ରଥମରେ ତାଙ୍କୁ ବସାସଞ୍ଜା ଦିଆଯାଉଥିଲା । ]

**ବସି**—ସଂ. ବି (ବସ୍ ଧାତୁ=ପିନ୍ଧିବା + କର୍ମ. ଇ)—୧। ଲୁଗାପଟା—
Basi 1. Clothes (Apte). ୨। (ବସ୍ ଧାତୁ=ବାସ କରିବା + ଅଧିକରଣ. ଇ) ଆବାସ; ଗୃହ—2. Dwelling; residence.
ଗ୍ରା. ଅ—(ପାଦ ବା ବାକ୍ୟ ପୂରଣାର୍ଥରେ ଅଥବା କଥିତ ବିଷୟରେ ଜୋର୍ ଦେବାପାଇଁ ବ୍ୟବହୃତ)—ବି; ମଧ୍ୟ; ସୁଦ୍ଧା—
বসে बैठकर Even; too.
(ଯଥା—ମୁଁ ବସି କାହାଁତକ୍ ଜଗିଥିବି ? ମୋର ଆଉ କିଛି କାମ ନାହିଁ, ମୁଁ ବସି ଏଇତା କରୁଥିବି ?)

**ବସି ଆସିବା**—ଦେ. କ୍ରି—କୌଣସି ସ୍ଥାନରେ ବସିବା ପରେ ସେଠାରୁ
Basi āsibā ଉଠିଆସିବା—To come out after sitting at
বসেআসা बैठकरआना a place.
(ଯଥା—ମୁଁ ଥରେ ଯାଇ ସେ ସଭାରେ ବସିଆସେଁ, ତା ପରେ ତୁମକୁ ସବୁ କଥା କହିବି।)

**ବସି ଉଠିବା**—ଦେ. କ୍ରି—୧। ବସିବା ମାତ୍ରକେ ଠିଆ ହେବା—
Basi uṭhibā 1. To stand up immediately after
বসেই ওঠা बैठकर उठना sitting down.
(ଯଥା—ମୁଁ ଭାତପତ୍ରରେ ବସି ଉଠିଲି ମାତ୍ର)
୨। (ଶୋଇଥିବା ବ୍ୟକ୍ତି) ହଠାତ୍ ଜାଗ୍ରତ ହୋଇ ବସିବା; ଉଠିବସିବା—2. To sit up from a sleeping position.
(ଯଥା—ସେ ଗୋଟେ ବିକଟ ଚିତ୍କାର ଶୁଣି ବସି ଉଠିଲା)
୩। (ରୋଗୀ) ଶୋଇବା ଅବସ୍ଥାରୁ ଅନ୍ୟର ବିନା ସାହାଯ୍ୟରେ ବସିବାକୁ ସମର୍ଥ ହେବା—3. To be able to sit up without another's aid (said of a patient recovering from illness).
(ଯଥା—ସନ୍ନିପାତ ମଲା ମୋ ଔଷଧରେ ବର୍ତ୍ତମାନ ଉଠି ବସିଲାଣି)

**ବସି ଖାଇବା**—ଦେ. କ୍ରି—୧। କିଛି ରୋଜଗାରର ପନ୍ଥା ନ ଧରି ସଞ୍ଚିତ
Basi khāibā ଧନରେ ଜୀବିକା ନିର୍ବାହ କରିବା—To
বসে বসে খাওআ बैठके खाना consume or spend money without earning anything.
ବସି ଖାଇଲେ ନଇବାଲି ସରେ—ଢଗ।
୨। ଉପବେଶନ କରି ଭୋଜନ କରିବା—2. To take one's meal sitting.

**ବସି ପଡ଼ିବା**—ଦେ. କ୍ରି—୧। (କ୍ଳାନ୍ତ ବା ଦୁଃଖବାଦାର୍ତ୍ତ ହୋଇ ଠିଆ
Basi paṛibā ହୋଇଥିବା ବ୍ୟକ୍ତି ବା ପ୍ରାଣୀ) ହଠାତ୍
বসেপড়া ଉପବେଶନ କରିବା—1. To sit down suddenly.
बैठजाना ଉଡ଼ି ଉଡ଼ି ଥରେ ... ବସି ପଡ଼ନ୍ତି
କେବେ ପୃଷ୍ଠେ କେବେ ପଟେ। ରାଧାନାଥ ପାଟଣା।
୨। ହତାଶ ଓ ନିଶ୍ଚେଷ୍ଟ ହେବା; କିଂକର୍ତ୍ତବ୍ୟବିମୂଢ଼ ହେବା—2. To be bewildered; to be struck with despair.

**ବସିତ**—ସଂ. ବିଣ. (ବସ୍ ଧାତୁ + କର୍ମ. ତ)—୧। ପରିହିତ—
Basita 1. Worn; put on. ୨। (+କର୍ତ୍ତୃ. ତ) ବାସ କରୁଥିବା—2. Dwelling. ୩। (+କର୍ମ. ତ) ସଞ୍ଚିତ—3. Stored (Apte).
ସଂ. ବି (+ଅଧି. ତ)—ବାସସ୍ଥାନ—Dwelling (Apte).

**ବସିବା**—ଦେ. କ୍ରି. (ସଂ. ଉପପୂର୍ବକ ବିଶ୍ ଧାତୁ ବା ଆସ୍ ଧାତୁ)—
Basibā ୧। ଉପବେଶନ କରିବା—1. To sit; to take
বসা one's seat. ୨। ଶରୀରର ନିମ୍ନାର୍ଦ୍ଧକୁ ଭୂମିରେ ସ୍ଥାପନ କରି
बैठना ଉପବିଷ୍ଟ ହେବା—2. To squat. ୩। ଅବସ୍ଥାନ କରିବା;
[ବସା(ସେ)ଇବା—ଣିଜନ୍ତ] ରହିବା—3. To stay.
(ଉଠିବା—ବିପରୀତ) ସେ ଯାହାର ବସାରେ ସୁଖରେ ବସିଲେ
থাকা ठहरना ଦମୟନ୍ତୀଠାରେ ମାନସ ନବେଶିଲେ—
କୃଷ୍ଣସିଂହ, ମହାଭାରତ ବନ।
বসা ୪। ବିଶ୍ରାମ କରିବା—4. To take rest.
बैठना (ଯଥା—ଦିନଯାକ ପରିଶ୍ରମ କରି କରି ବସିବାକୁ ମତେ ଫୁରୁସତ୍ ନାହିଁ।)
বসেথাকা ୫। ଅପେକ୍ଷା କରିବା—5. To wait.
बैठना ୬। ନିଷ୍କର୍ମା ହୋଇ ରହିବା—6. To sit idle.
বসেথাকা (ଯଥା—ଦରମା ନେଇ କିଛି କାମ ନ କରି ତୁ କେତେ
बैठेरहना ଦିନ ଯାକେ ବସିବୁ ?)
বসা ୭। ଘନୀଭୂତ ହେବା; ଜମାଟ ହେବା—7. To coagulate;
जमना to be congealed; to curdle; to thicken.
(ଯଥା—ଥଣ୍ଡା ହେଉ ଘିଅ ବସିଗଲା)
বসা ୮। ଭୂମିରେ ଦୃଢ଼ଭାବେ ହୋଇ ସଂଲଗ୍ନ ହେବା—
बैठना 8. To be set firmly on the ground.
(ଯଥା—ଏ ଟେବଲ୍‌ଟି ଅସମତଳ ଭୁଇଁରେ ବସିବ କିପରି ?)
পড়া ୯। (ପୋକ, ଅଂଶେଇ, ମାଛି) ଉତ୍ପନ୍ନ ହେବା; ଜାତ ହେବା;
पडना ଦେଖାଯିବା—9. To appear (said of maggots).
(ଯଥା—ତା ଘାଅରେ ଅଂଶେଇ ବା ମାଛି ବସିଲେଣି)
୧୦। (ଶୁଭବାଚକ) (ଘୋଡ଼ା, ହାତୀ) ମୃତ ହେବା; ମରିବା—10. (euphemism) To die; to sink down (said of horses and elephants).
(ଯଥା—ଏ ବରଷ ରାଜାଙ୍କର ୩ ଘର ହାତୀ ବସିଗଲେ)
জমা ୧୧। ଘନଭାବରେ ମାଡ଼ିଯିବା; ଅଧିକଭାବରେ ଜାତ ହେବା—
जमना, बैठना 11. To preponderate; to spread thickly.
(ଯଥା—ପୋଖରୀରେ ବଧ ବସିଗଲାଣି; ହିଦରେ ମଳ ବସିଗଲାଣି)
বসা ୧୨। ଦବିଯିବା; ତଳକୁ ପଶିବା—12. To sink down;
ना to go down.
(ଯଥା—ଏ ମୂଳଦୁଆର ମାଟି ବର୍ଷା ପାଣି ଖାଇ ବସି ନ ଥିବାରୁ ଖୁଣ୍ଟଗୁଡ଼ାକ ବସିଗଲା।)
বসা ୧୩। (କଣ୍ଠସ୍ୱର ବା ଗଳା) କାର୍ଯ୍ୟକାରିତା ଶକ୍ତି ହରାଇବା—
बैठना 13. To lose the power of action.
(ଯଥା—ଶରଦରେ ମୋ ଗଳା ବସିଗଲା।)
୧୪। ସ୍ଥିରଭାବରେ ରହିବା—14. To remain still.

बसा ୧୫ । ଉନ୍ନତ ଅବସ୍ଥାରୁ ଅବନତ ଅବସ୍ଥାକୁ ଗତ କରିବା;
बैठना ଅଧୋଗତ କରିବା; ଅବନତର ଅବସ୍ଥାପନ୍ନ ହେବା—
15. To come down from a higher position; to deteriorate.

(ଯଥା—ପୂର୍ବେ ସେ ଭାଇ ଧନୀ ଥିଲେ; ମାତ୍ର ଏବକୁ ବସିଗଲେଣି ।)

बसा ୧୬ । କଷି ହେବା; ଚୁସ୍ତ ହେବା—16. To become tight.

(ଯଥା—ଶିଶୁଟି ବଡ଼ ହୋଇଯିବାରୁ ତାର ପିଲାଦିନର ଖଡ଼ୁ ହାତରେ ବସି ଗଲାଣି ।)

बसा ୧୭ । ଖାପ ଖାଇବା; ଅଙ୍ଗର ମାପସହ ହେବା—
बैठना 17. To fit in; to suit.

(ଯଥା—ଏ କୁର୍ତ୍ତାଟା ମୋ ଦେହରେ ଠିକ୍ ହୋଇ ବସୁଛି ।).

बसा ୧୮ । କାଳଯାପନ କରିବା; ଚଳିବା; ବଢ଼ିବା—
बैठना 18. To spend time; to be brought up.

( ଯଥା—ସେ ତ ସଭ୍ୟସମାଜରେ ବସି ନାହିଁ; ଭଦ୍ରତା କାହୁଁ ଜାଣିବ ? )

बसेकाजकरा ୧୯ । କୌଣସି କାର୍ଯ୍ୟରେ ବହୁକାଳ ନିଯୁକ୍ତହେବା—
रहकर कामकरना 19. To be engaged in any work for a protracted period.

ପୁରୁଷ ବସି ଯେତେ ଶାସ୍ତ୍ର ପଢ଼ୁଥାଏ
ଚେତକ ଜାଣ ଜ୍ଞାନ ବୁଦ୍ଧି ତାର ହୁଏ—କୃଷ୍ଣସିଂହ ମହାଭାରତ. ଶାନ୍ତି ।

बसा ୨୦ । ଦଖଲ କରିବା; ଅଧିକାର କରିବା; ପ୍ରଜାରୂପେ
बसना ଜମିରେ ଦଖଲ ପାଇବା—20. To settle on land (said of tenants).

(ଯଥା—ସେ ଅନାବାଦ ଜମିରେ ଗୁଡ଼ାଏ ପ୍ରଜା ବସିଲେଣି ।)

बसना ୨୧ । ଚିହ୍ନିତ ହେବା; ଦାଗ ରହିବା—
बैठना 21. To be left as a mark.

(ଯଥା—ତା ଦେହରେ ବେତର ନୋଳା ବସିଗଲାଣି ।)

बसा ୨୨ । ଈଶ୍ୱରଙ୍କୁ ବା ମହାପ୍ରସାଦକୁ ସାକ୍ଷୀ ରଖି ଅନ୍ୟର
बसना ସଙ୍ଗେ ମିତ୍ରତାସୂତ୍ରରେ ଆବଦ୍ଧ ହେବା—
22. To establish god-relationship.

बसा ୨୩ । (ଉଠୁଥିବା ବ୍ରଣ ଆଦି) ନ ପାଚି ଦେହରେ ଲୀନହେବା—
बैठना 23. To be assimilated to the body; to sink again into the body ( said of boils); to be absorbed.

( ଯଥା—ଥଣ୍ଡା ମଲମ ବୋଳିବାରୁ ବଥଟା ନ ପାଚି ବସିଗଲା । )

बसा ୨୪ । ( ଜଳରେ ଭାସମାନ ପଦାର୍ଥ ବା ଜନ୍ତୁ ) ଜଳର
बैठना ନିମ୍ନଦେଶକୁ ଯାଇ ଅବସ୍ଥିତ ହେବା; ତଳକୁ ଲାଗିଯିବା; ତଳତଳେଇବା—24. To precipitate; to sink down to the bottom.

( ଯଥା—ଗୋଳିଆ ପାଣିରେ ଫିଟକିରି ଗୋଳି ମାଠିଆରେ ରଖିଦେଲେ ଗଙ୍କ ତଳକୁ ବସିଯାଏ । )

बसा ୨୫ । ( ଅମୁକ ରୂପରେ ) କର ଆଦି ଧାର୍ଯ୍ୟ ହେବା—
बैठाया जाना 25. To be assessed ( said of tax etc. )

( ଯଥା—ସବୁ ଜମିରେ ଅଣାଏ ଲେଖାଏ ଟିକସ ବସିଗଲା । )

बसा ୨୬ । ସ୍ଥାପିତ ହେବା; ପ୍ରତିଷ୍ଠିତ ହେବା—
खुलना 26. To be held or established.

( ଯଥା—ଅଳ୍ପ ଦିନ ହେଲା ସେଠାରେ ଗୋଟିଏ ସ୍କୁଲ ବସିଛି । )

बसा ୨୭ । କଚେରି ଆଦିର କାର୍ଯ୍ୟ ଚଳିବା ବା ଆରମ୍ଭ
खुलना ହେବା—27. To go on; to be begun; to be opened; to be started.

( ଯଥା—ଖରାଦିନେ ସକାଳ ଓଳି କଚେରି ବସେ । )

बसा ୨୮ । ଜୀବିତ ରହିବା; ଜୀଇଁବା; ବଞ୍ଚିବା—
बैठना 28. To live.

( ଯଥା—ବୁଢ଼ା ବୁଢ଼ୀ ବସିଛନ୍ତି, ମାତ୍ର ପୁଅ ନାତି ଗଲେ । )

बसा ୨୯ । ଉଦ୍ୟତ ହେବା; ପ୍ରସ୍ତୁତ ହୋଇବା—
तयारहोना 29. To be ready for; to be about to do a thing.

( ଯଥା—ସେ ତ କାଲି ବୁଡ଼ି ମରିବାକୁ ବସିଥିଲା । )

बसा ୩୦ । ଆରମ୍ଭ କରିବା; ବ୍ୟାପୃତ ହେବା—
शुरु करना 30. To begin; to be engaged in.

କଳି ଯେବେ କରିବସିବ ସଙ୍ଗେ ଥିବ ଭଲ
ଦୁଧ ଯେବେ ଖାଇବସିବ ଘରେ ଥିବ ଗାଈ
ଘର ଯେବେ କରିବସିବ ସଙ୍ଗେ ଥିବ ମାଈ—ଢଗ ।

बसानहुआ ୩୧ । ଗ୍ରଥିତ ହେବା—
बैठायाजाना 31. To be laid or set.

( ଯଥା—ଏ ପିଣ୍ଡାରେ ଗୁଡ଼ାଏ ମାକଡ଼ାପଥର ବସିଛି । )

बसा ୩୨ । ସାନ୍ଦ୍ର ହେବା; ଘନ ହେବା—
गफदेना 32. To thicken; to become closer.

( ଯଥା—ନୂଆ ଲୁଗା ଥରେ ଦୁଇ ଥର ଧୋବାଘରେ ପଡ଼ିଲେ ବସିଯାଏ । )

बसा ୩୩ । ଜାଗ୍ରତ ହୋଇ ରହିବା; ଚେଇଁ ରହିବା—
बैठना 33. To watch; to keep waking.

(ଯଥା—ଆମର ରୋଗୀପାଖେ ବସି ବସି ରାତି ପାହିଲା ।)

बसा ୩୪ । ମନରେ (ଦୟାଦିଭାବ) ଉଦ୍ରେକ ହେବା—
होना 34. To arise in the mind.

ଦୟା ନ ବସିବ ତାହାଙ୍କର ମନ ଅଙ୍ଗ । ବଳରାମ. ରାମାୟଣ ।

बासकरा बसना ୩୫ । ବାସ କରିବା—35. To live.

ମନୁମା ଏହାର ଜାଣି ବସନ୍ତି ଏ ଦେଶେ ନାନା ସ୍ଥାନେ ରହିଛନ୍ତି ।
ସାରଳା. ମହାଭାରତ ।

बसा ୩୬ । କୌଣସିଠାରେ ରହିବାକୁ ସ୍ଥାନ ପାଇବା—
बसना 36. To get a place or footing in.

ବସୁଧାର ତୀର୍ଥରେ ଯେ କରଇ ସ୍ନାନ
ବସଇ ସେହି ନର ବୈକୁଣ୍ଠଭୁବନ । କୃଷ୍ଣସିଂହ. ମହାଭାରତ. ବନ ।

बसा स्थापितहोना ୩୭ । ଅବସ୍ଥାପିତ ହେବା—37. To be set up.
(ଯଥା—ଆଶ୍ୱିନ ସପ୍ତମୀ ଦିନ ଦୁର୍ଗାଙ୍କର ଘଟ ବସିବ ।)
୩୮ । (ନାକ) ଚେପ୍ଟା ହୋଇ ଯିବା—38. ( the nose) To become flattened.
ପ୍ରାଦେ. (ଉତ୍ତର ବାଲେଶ୍ୱର) କ୍ରି.—ରଖାଯିବା; ଥୁଆହେବା—To be placed; to be kept.
[ଯଥା—ଘଟ ବସିଛି । (ରାଜ ଥୁଆ ହୋଇଛି) ।]
[ଦ୍ର—ବସିବା କ୍ରିୟାର ଅସମାପିକାରୂପ ସଙ୍ଗେ ପଡ଼ିବା, ରହିବା, ଯିବା କ୍ରିୟାର ସମାପିକା ରୂପ ବ୍ୟବହୃତ ହୁଏ ।]

**ବସିଯିବା**—ଦେ. କ୍ରି.—୧ । ଘନୀଭୂତ ହେବା—
Basi jibā 1. To coagulate; to be congealed.
बसे याओया ୨ । ବସିବା କର୍ମ ଶେଷ କରିବା—
बसयाना 2. To already do the act of sitting
(ଯଥା—ବନ୍ଧୁମାନେ ଭୋଜନ କରିବାକୁ ଯେଝା ଆସନରେ ବସି ଗଲେ ।)

**ବସି ରହିବା**—ଦେ. କ୍ରି.—ନିଷ୍କର୍ମା ହୋଇ ଅର୍ଥାତ୍ କୌଣସି କର୍ମ ନ
Basi rahibā କରି ଆଳସ୍ୟରେ ଦିନ ଯାପନ କରିବା—To spend time without doing any work; sit idle.

**ବସୁ**—ସଂ. ବି. ( ବସ୍ ଧାତୁ + କର୍ତ୍ତୃ. ଉ )—୧ । ଗଣଦେବତାବିଶେଷ
Basu (ଏମାନେ ସଂଖ୍ୟାରେ ଆଠ)—1. A group of eight divine beings or Dieties.
[ ଦ୍ର—ମହାଭାରତ ମତରେ ଏମାନଙ୍କ ନାମ—ଧର ବା ଭବ, ଧ୍ରୁବ, ସୋମ, ବିଷ୍ଣୁ, ଅନିଲ,ଅନଳ, ପ୍ରତ୍ୟୁଷ ଓ ପ୍ରଭବ ବା ପ୍ରଭାସ । ଭାଗବତ ମତରେ ଦ୍ରୋଣ, ପ୍ରାଣ, ଧ୍ରୁବ, ଅର୍କ, ଅଗ୍ନି, ଦୋଷ, ବାସୁ ଓ ବିଭାବସୁ; ଏମାନେ ବସୁଦେବତା ଓ ଏମାନେ ଦକ୍ଷ ପ୍ରଜାପତିଙ୍କ କନ୍ୟା 'ବସୁ'ଙ୍କ ଗର୍ଭରୁ ତାଙ୍କ ସ୍ୱାମୀ ଧର୍ମଙ୍କ ଔରସରେ ଜନ୍ମିଥିଲେ । ଥରେ ବସୁମାନେ ବଶିଷ୍ଠଙ୍କ ନନ୍ଦିନୀ ଗାଈକୁ ହରିନେଇ ନେବାରୁ ବଶିଷ୍ଠ ଶାପ ଦେଲେ ଓ ତହିଁ ଫଳରେ ସେମାନେ ଶାନ୍ତନୁଙ୍କ ପତ୍ନୀ 'ଗଙ୍ଗା'ଙ୍କ ଗର୍ଭରୁ ଜନ୍ମ ଗ୍ରହଣ କଲେ ଓ ଜନ୍ମ ହେବା ଯଣି ମାତା ସେମାନଙ୍କ ମଧ୍ୟରୁ ପ୍ରଥମ ୭ ଜଣଙ୍କୁ ଗଙ୍ଗା ନଦୀର ଗର୍ଭକୁ ଫିଙ୍ଗି ଦେଇଥିଲେ, କେବଳ ସପ୍ତମ ଶିଶୁ ଭୀଷ୍ମ ଶାନ୍ତନୁଙ୍କ ଯୋଗୁଁ ବଞ୍ଚି ଗଲେ ।
ବେଦରେ ବସୁ ଶବ୍ଦର ପ୍ରୟୋଗ ଅଗ୍ନି, ମରୁତ୍, ଇନ୍ଦ୍ର, ଉଷା, ଅଶ୍ୱୀ, ରୁଦ୍ର, ବାୟୁ ଓ ଆଦିତ୍ୟଙ୍କ ପ୍ରତି ହୋଇଅଛି । ବୃହଦାରଣ୍ୟକରେ ପୃଥିବୀ, ବାୟୁ, ଅନ୍ତରୀକ୍ଷ, ଆଦିତ୍ୟ, ଦ୍ୟୌ, ଅଗ୍ନି, ଚନ୍ଦ୍ରମା ଓ ନକ୍ଷତ୍ରଙ୍କ ପ୍ରତି ପ୍ରୟୋଗ କରି ଯାଇଅଛି—ହି. ଶ ]
୨ । ( ବସୁଦେବଙ୍କ ସଂଖ୍ୟାରୁ ), 'ଆଠ' ସଂଖ୍ୟା—9. The number '8' (eight). ୩ । ଏକ କଉଡ଼ା କଉଡ଼ିମୂଲ୍ୟର ଆଠ ଭାଗରୁ ଏକ ଭାଗ—3. One eighth of the value of a cowrie or shell-money. ୪ । ବସୁଧାରା ୧ (ଦେଖ) 4. Basudhārā 1 (See). ୫ । ଧନ—5. Riches;wealth. ୬ । ଧନପତି କୁବେର—6. The God of riches. ୭ । ଅଗ୍ନି—7, Fire. ୮ । ସୂର୍ଯ୍ୟ—8, The sun. ୯ । ଧନିଷ୍ଠା ନକ୍ଷତ୍ର—9. The 23rd asterism. ୧୦ । କିରଣ; ରଶ୍ମି—10. A ray of light. ୧୧ । ବଲ୍ଗା; ଘୋଡ଼ାର ବାଗ ବା ଲଗାମ—11. Rein of a horse. ୧୨ । ରାଜା—12. King. ୧୩ । ଦେବରାଜ—13. Name of an ancient king of India. ୧୪ । ସ୍ୱର୍ଣ୍ଣ । 14. Gold. ୧୫ । ଲବଣ—15. Salt. ୧୬ । ଜଳ—16. Water. ୧୭ । ବାଲି—ବସୁ ବା ବଳାବାଇଁଶି ମାଛ—17. A kind of fresh water fish. ୧୮ । ରତ୍ନ (ହି. ଶ )—19. Gem. ୧୯ । ଅଗସ୍ତି ଗଛ (ହି. ଶ)—19. Sesbania Grandiflora (tree). ୨୦ । ଯୋକ୍ତ୍ର; ଯୋତ ଦଉଡ଼ି (ହି. ଶ)—20. The rope with which the beasts are tied to the yoke; the tie of a yoke (Apte). ୨୧ । ପୀତମୁଗ (ହି. ଶ)—2!. The yellowish variety of Phaseolus Munga. ୨୨ । ବୃକ୍ଷ (ହି. ଶ)—22. Tree. ୨୩ । ଶିବ (ହି.ଶ)—23. Śiba. ୨୪ । ସରୋବର (ହି. ଶ)—24. Tank. ୨୫ । ବିଷ୍ଣୁ (ହି. ଶ)—25. Bishṇu. ୨୬ । ବକୁଳ (ବୃକ୍ଷ) (ହି. ଶ)—26, Bakuḷa (tree). ୨୭ । ସାଧୁପୁରୁଷ; ସଜ୍ଜନ (ହି. ଶ)—27. A saintly person. ୨୮ । ଦୀପ୍ତି; ଆଭା (ହି. ଶ) —28. Lustre; light. ୨୯ । ବୃଦ୍ଧି ନାମକ ଔଷଧ (ହି. ଶ)—29. A rare-herb. ୩୦ । ଦକ୍ଷପ୍ରଜାପତିଙ୍କ କନ୍ୟା ଓ ଧର୍ମଙ୍କ ସ୍ତ୍ରୀ (ଭାଗବତ) (ହି. ଶ)—30. Name of the wife of Dharma and daughter of Daksha.
[ ଦ୍ର—ଭାଗବତ ମତରେ ଏ ଦ୍ରୋଣାଦି ଅଷ୍ଟବସୁଙ୍କ ମାତା—ହି. ଶ ]
ସଂ. ବିଣ. (ପୁଂ ଓ ସ୍ତ୍ରୀ)—୧ । (+କର୍ତ୍ତୃ. ଉ) ଯେ ସବୁଥିରେ ବାସ କରନ୍ତି (ହି. ଶ)—1. Living or existing in all things. ୨ । ( +ଅଧିକରଣ ଉ ) ଯହିଁରେ ସମସ୍ତଙ୍କର ବାସ ( ହି. ଶ. )—2. Holding all things. ୩ । ମଧୁର—3. Sweet ( Apte ). ୪ । ଶୁଖିଲା—4. Dry ( Apte. )
ଦେ. ବି—୧ । ବଙ୍ଗୀୟ କାୟସ୍ଥଙ୍କର ଉପାଧିବିଶେଷ—1. A family title of the Kāyasthas of Bengal. ୨ । ପୁରୀଜିଲ୍ଲା ଶାସନୀ ବ୍ରାହ୍ମଣଙ୍କର ବଂଶିଷ୍ଠତା ପରିଚାୟକ ସଞ୍ଜ୍ଞାବିଶେଷ—2. A distinctive surname of certain high class Brāhmaṇas of Puri district.
( ଯଥା—ବେଣୁଧରପୁରର ବସୁ । )
ଦ. ବିଣ—୧ । ଶୁଷ୍କ—1. Dry. ୨ । ମଧୁର—2. Sweet.
बसूक बैठ ଦେ. କ୍ରି—( ବସିବା କ୍ରିୟାର ଅନାଦରାର୍ଥକ ଅନ୍ୟପୁରୁଷ ଏକବଚନ [ ସେ ] କର୍ତ୍ତା ସହିତ ପ୍ରଯୁକ୍ତ ରୂପ ) ( ସେ ) ଉପବେଶନ କରୁ—Let him sit.

ବସୁକ—ସଂ. ବି—୧ । ବକପୁଷ୍ପ ( ଦେଖ ) ( ଭାବପ୍ରକାଶ ଦ୍ରବ୍ୟଗୁଣ )—1. Bakapushpa ( See )
Basuka
୨ । ସମ୍ବର ଲବଣ ( ହ. ଶ. )—2. Salt from the Sambar Lake; fossil salt. ୩ । ପାଂଶୁ ଲବଣ ( ହ. ଶ. )—3. Salt from vegetable ash. ୪ । ବଥୁଆ ଶାଗ ( ହ. ଶ. )—4. Chenopodum pot-herb. ୫ । ଅର୍କଗଛ (ହ. ଶ)—5. Swallow-wort plant. ୬ । ବଡ଼ ବକୁଳଗଛ ( ହ. ଶ. )—6. A big-flowering variety of Bakula tree. ୭ । ( ନାମ ) ଭରଦ୍ୱାଜ ଗୋତ୍ରଜ ଓ ବଶିଷ୍ଠଙ୍କ ଗୋତ୍ରଜ ଦୁଇଜଣ ଋଷି ( ହ. ଶ. )—7. Name of two ancient sages.

[ ଦ୍ର—ଏହି ଋଷିଙ୍କ ଦୃଷ୍ଟ ମନ୍ତ୍ର ବେଦରେ ଦୃଷ୍ଟ ହୁଏ—ହ. ଶବ୍ଦସାଗର । ]

୮ । ସମୁଦ୍ର ଲବଣ—8. Sea-salt ( Apte ).

ବସୁକୀଟ—ସଂ. ବି (୬ଷ୍ଠୀ ତତ୍; ବସୁ=ଧନ+କୀଟ)—୧ । ଧନଯାଚକ; ଧନଲୋଲୁପ—1. One who begs money; beggar. ୨ । କୃପଣ ବ୍ୟକ୍ତି—2. A miser.
Basukita
( ବସୁକୃମି—ଅନ୍ୟରୂପ )

ବସୁଦ—ସଂ. ବିଣ. ପୁଂ ( ବସୁ+ଦା ଧାତୁ+କର୍ତ୍ତୃ. ଅ )—ଧନଦାତା—Giving riches.
Basuda
( ବସୁପ୍ରଦ—ଅନ୍ୟରୂପ ) ସଂ. ବି—୧ । କୁବେର—1. God of riches. ୨ । ( ସହସ୍ର ନାମୋକ୍ତ ) ବିଷ୍ଣୁ—2. Bishnu.
( ବସୁଦା, ବସୁପ୍ରଦା—ସ୍ତ୍ରୀ )

ବସୁଦା—ସଂ. ବି. ସ୍ତ୍ରୀ ( ବସୁ+ଦା ଧାତୁ+କର୍ତ୍ତୃ. ଅ+ସ୍ତ୍ରୀ. ଆ )—୧ । ପୃଥିବୀ—1. The earth. ୨ । ସ୍କନ୍ଦଙ୍କ ଛଅ ମାତାଙ୍କ ମଧ୍ୟରୁ ଏକ—2. Name of one of the 6 mothers of Kārttikeya. ୩ । ନର୍ମମାନାମ୍ନୀ ଗନ୍ଧର୍ବୀର କନ୍ୟା ଓ ମାଲୀ ରାକ୍ଷସର ପତ୍ନୀ—3. Name of the wife of demon Māli.
Basudā

[ ଦ୍ର—ଏହାଙ୍କ ପୁତ୍ର ପୁଞ୍ଜ ଅନଳ, ଅନିଳ, ହର ଓ ସମ୍ପାତି ବିଭୀଷଣଙ୍କ ଅମାତ୍ୟ ଥିଲେ—ହ. ଶ. । ]

ବସୁଦେବ—ସଂ. ବିଣ. ପୁଂ ( ବସୁ=ଧନ+ଦିବ୍ ଧାତୁ=କ୍ରୀଡ଼ା କରିବା +କର୍ତ୍ତୃ. ଅ; ଯେ ଧନରେ କ୍ରୀଡ଼ା କରେ )—୧ । ଧନୀ—1. Rich. ୨ । ( ବହୁବ୍ରୀହି; ବସୁ=ରତ୍ନ+ ଦେବ=କାନ୍ତି ) ଉଜ୍ଜ୍ୱଳ କାନ୍ତିବିଶିଷ୍ଟ—2. Lustrous.
Basudeba
ସଂ. ବି—୧ । ଶ୍ରୀକୃଷ୍ଣଙ୍କ ପିତା; ଦେବକୀଙ୍କ ସ୍ୱାମୀ—1. Father of Śrikrushṇa.

[ ଦ୍ର—ବସୁଦେବ ଯଦୁବଂଶର ଶୂରକୁଳର ରାଜା ଦେବମୀଢ଼ ଓ ତାଙ୍କ ପତ୍ନୀ ମାରିଷାଙ୍କଠାରୁ ଜନ୍ମି ଥିଲେ । ଏ ଜନ୍ମିବା ସମୟରେ ସ୍ୱର୍ଗରୁ ଦୁନ୍ଦୁଭି ଶବ୍ଦ ଶୁଣାଯାଇଥିଲା । ଏଥିଯୋଗୁଁ ଏହାଙ୍କର ଏକ ନାମ ଆନକଦୁନ୍ଦୁଭି । ଏ ପିତାଙ୍କ ଜ୍ୟେଷ୍ଠପୁତ୍ର ଥିଲେ । ଏହାଙ୍କର ପୌରବୀ, ରୋହିଣୀ, ମଦିରା, ଧରା, ବୈଶାଖୀ, ଭଦ୍ରା, ସୁନାମ୍ନୀ ସହଦେବା, ଶାନ୍ତିଦେବା, ଶ୍ରୀଦେବା, ଦେବରକ୍ଷିତା ଓ ଦେବକୀ ନାମରେ ୧୨ ଜଣ ଭାର୍ଯ୍ୟା ଥିଲେ । ଏହାଙ୍କ ଛଡ଼ା ସୁତନୁ ଓ ବଡ଼ବା ନାମରେ ଦୁଇ ଦାସୀ ଥିଲେ । ରୋହିଣୀଙ୍କ ଗର୍ଭରୁ ବଳରାମ ଓ ଦେବକୀଙ୍କ ଗର୍ଭରୁ ଶ୍ରୀକୃଷ୍ଣ ଜାତ ହୋଇଥିଲେ । ପାଣ୍ଡବ ମାତା କୁନ୍ତୀ ଏହାଙ୍କ ଭଉଣୀ ଥିଲେ—ହ. ଶ. । ]

୨ । (୬ଷ୍ଠୀ ତତ୍; ବସୁ=ଧନ+ଦେବ=ଦେବତା) କୁବେର—2. God of riches. ୩ । (ନାମ) ବସୁଭୂତି ରାଜାଙ୍କର ଅମାତ୍ୟ ଓ ପରେ ତାଙ୍କୁ ହତ କରି ସିଂହାସନରେ ବସିଥିବା ରାଜା ( ହ. ଶ )—3. Name of a king of ancient India. ୪ । ( ବହୁବ୍ରୀହି ) ଧନିଷ୍ଠା ନକ୍ଷତ୍ର (ହ. ଶ. )—4. The 23rd asterism.

ବସୁଦେବତ—ସଂ. ବି. ( ବହୁବ୍ରୀହି; ବସୁ=ଅଷ୍ଟାବସୁ ଅଟନ୍ତି ଦେବତା ଯାହାର )—ଧନିଷ୍ଠା ନକ୍ଷତ୍ର ( ହ. ଶ. )—The 23rd asterism.
Basudebata
(ବସୁଦେବ୍ୟା, ବସ୍ୱଦୈବତ, ବସୁଭ—ଅନ୍ୟରୂପ)
(ବସୁଦଅ—ଅନ୍ୟ ଗ୍ରାମ୍ୟନାମ) ଗ୍ରା. ବି—ବୈଶ୍ୱଦେବ ( ଦେଖ ) Baiswadeba ( See )

ବସୁଦେବତା—ସଂ. ବି—୧ । (୬ଷ୍ଠୀ ତତ୍; ବସୁ+ଦେବତା) କୁବେର—1. God Kubera. ୨ । (ବହୁବ୍ରୀହି) ଧନିଷ୍ଠା ନକ୍ଷତ୍ର—2. The 23rd asterism.
Basudebatā

ବସୁଧା—ସଂ. ବିଣ. ସ୍ତ୍ରୀ. ( ବସୁ=ଧନ+ଧା ଧାତୁ=ଧାରଣ କରିବା+କର୍ତ୍ତୃ. କ୍ୱିପ୍)—୧ । ଧନଧାରଣୀ—1. Holding or containing riches. ୨ । ଧନଦାତା ( ହ. ଶ. )—2. Bestowing riches.
Basudhā
(ବସୁଧାନ—ଅନ୍ୟରୂପ) ସଂ. ବି—୧ । ପୃଥିବୀ—1. The earth. ୨ । ଭୂମି—2. The ground ( Apte ).

ବସୁଧାଧର—ସଂ. ବି. ( ଉପପଦ ତତ୍ପୁରୁଷ; ବସୁଧା=ପୃଥିବୀ+ଧୃ ଧାତୁ =ଧାରଣ କରିବା+କର୍ତ୍ତୃ. ଅ)—୧ । ଭୂଧର; ପର୍ବତ—1. Mountain. ୨ । ଅନନ୍ତ; ବାସୁକୀ—2. The great serpent.
Basudhādhara

ବସୁଧାଧିପ—ସଂ. ବି. ପୁଂ. ( ୬ଷ୍ଠୀ ତତ୍, ବସୁଧା+ଅଧିପ )—ପୃଥିବୀପତି; ରାଜା—A King.
Basudhādhipa

ବସୁଧାଭୃତ୍—ସଂ. ବି. ପୁଂ. ( ବସୁଧା+ଭୃ ଧାତୁ=ପାଳନ କରିବା+କର୍ତ୍ତୃ. କ୍ୱିପ୍ )—ପର୍ବତ—1. Mountain. ୨ । ରାଜା—2. King.
Basudhābhrut

ବସୁଧାରା—ସଂ. ବି. ( ବସୁ=ଧନ+ଧୃ ଧାତୁ=ଧାରଣ କରିବା+ଭାବ. ଅ+ସ୍ତ୍ରୀ. ଆ )—୧ । ଅଭ୍ୟୁଦୟିକ ବା ନାନ୍ଦୀମୁଖ ଶ୍ରାଦ୍ଧ ପୂର୍ବରୁ ଗୃହର କାନ୍ଥରେ ଘୃତର ସାତଗୋଟି ଧାର ବହାଇ ତାହାର ମୁଣ୍ଡରେ ଚନ୍ଦନ ଓ ସିନ୍ଦୂର ଟୋପା ମାରିବାରୂପ କୃତ୍ୟବିଶେଷ—1. A ritual consisting of letting seven currents of ghee trickle down a wall and putting tips of sandal-paste and vermilion on the heads thereof.
Basudhārā

[ ଦ୍ର—ଏ ଉତ୍ସବରେ ରାଜା ବସୁଙ୍କ ଉଦ୍ଦେଶ୍ୟରେ ଘୃତର ୭ଟି ଧାର କାନ୍ଥରେ ଦିଆଯାଏ । ପ୍ରଥମେ କାନ୍ଥରେ ଚନ୍ଦନଦ୍ୱାରା ୭ଟି ବିନ୍ଦୁ ଚିହ୍ନିତ କରାଯାଏ, ପରେ ବେଦମନ୍ତ୍ରପାଠପୂର୍ବକ ପାତ୍ରୀର ମୁଖକୁ କାନ୍ଥରେ ଲଗାଇ ତଳକୁ ଧାର ବୋହିଯିବା ଭଳି ୭ଟି ଧାର ପାଖେ ପାଖେ ଲଗାଇ ରାଳିବାକୁ ହୁଏ । ]

୨ । (୬ଷ୍ଠୀ ତତ୍; ବସୁ=ଜଳ+ଧାରା) ବୈଶାଖ ମାସରେ ପଣା-ସଂକ୍ରାନ୍ତି ଠାରୁ ଏକ ମାସ ପର୍ଯ୍ୟନ୍ତ ତୁଳସୀ ଗଛ ବା ଦେବତାଙ୍କ ଉପରେ ସଚ୍ଛିଦ୍ର ଜଳପୂର୍ଣ୍ଣ କଳସ ଝୁଲାଇ ତାହାର ଛିଦ୍ର ବାଟେ ଜଳଧାର ବୋହିବାର ଯେଉଁ ବ୍ୟବସ୍ଥା କରାଯାଏ—A mode of maintaining a dropping flow of water from a jug (with a hole at the bottom) over the Basil plant or a Deity during the summer month of 'Baisākha.'

୩ । ଜୈନଙ୍କ ଦେବୀବିଶେଷ (ହି. ଶ )—3. Name of a Goddess worshipped by the Jainas.

[ ଦ୍ର—ଏହାଙ୍କର ଅନ୍ୟ ନାମ—ତାରା, ତାରିଣୀ, ଖାଳସରସ୍ୱତୀ, ମହାଶ୍ରୀ, ସ୍ୱାହା, ଶ୍ରୀ, ଜମ୍ଭା, ଅନନ୍ତା, ଶିବା, ଭଦ୍ରା, ଧର୍ମିଣୀ, ମହାତାରା, ତ୍ରିଲୋଚନା—ହି. ଶ. ]

୪ । କୁବେରପୁରୀ; ଅଳକା (ହି. ଶ) – 4. Name of the capital of Kubera. ୫ । ତୀର୍ଥବିଶେଷ (ହି. ଶ)- 5. Name of a sacred place of the Hindus.

୬ । ନଦୀବିଶେଷ ( ହି. ଶ)—6. Name of a river.

**ବସୁଧାରା ତୀର୍ଥ**—ସଂ. ବି—ହିନ୍ଦୁମାନଙ୍କର ତୀର୍ଥବିଶେଷ—A sacred
Basudhārā tirtha place of the Hindus.

ବସୁଧାରା ତୀର୍ଥରେ ଯେ କରଇ ସ୍ନାନ
ବସଇ ସେହି ନର ବୈକୁଣ୍ଠ ଭୁବନ । କୃଷ୍ଣସିଂ. ମହାଭାରତ. ବନ ।

**ବସୁ ଧାର୍ମିକା**—ସଂ. ବି. ( ବସୁ+ଧର୍ମ+କ+ଆ )—
Basu dhārmikā ୧ । ସ୍ଫଟିକ (ହି. ଶ)—1. Quartz.
୨ । ଶ୍ୱେତମର୍ମର (ହି. ଶ)—2. Marble.

**ବସୁଧ୍ୟା**—ଗ୍ରା. ବି. ( ସଂ. ବସୁଧା )—ବସୁଧା; ପୃଥିବୀ—
Basudhyā The earth.

**ବସୁନ୍ଧର**—ସଂ ବି. ପୁଂ. ( ବସୁ+ଧୃ ଧାତୁ+କର୍ତ୍ତୃ. ଅ )—
Basundhara କୁବେରଙ୍କ ଅନୁଚରବିଶେଷ—An attendant of Kubera.

**ବସୁନ୍ଧରା**—ସଂ. ବିଣ. ( ବସୁ+ଧୃ ଧାତୁ+କର୍ତ୍ତୃ. ଅ+ସ୍ତ୍ରୀ. ଆ )—
Basundharā ଧନଧାରିଣୀ; ବସୁଧା—Containg riches.
ସଂ. ବି—୧ । ବସୁଧା; ପୃଥିବୀ—1. The earth.
୨ । 'ବସୁନ୍ଧର'ର ସ୍ତ୍ରୀ—2. The wife of Kubera's attendant. ୩ । ଉଗ୍ରସେନଙ୍କ କନ୍ୟା ଓ କୃଷ୍ଣତନୟ ଶାମ୍ବଙ୍କ ଭାର୍ଯ୍ୟା ( ହି. ଶ )—3. The wife of a Krushna's son Sāmba.
ଦେ. ବି—ବସୁଧାରା (ଦେଖ)—Basudhārā (See)

**ବସୁନ୍ଧରୀ**—ଦେ. ବି. ସ୍ତ୍ରୀ. ( ସଂ. ବସୁନ୍ଧରା )—ପୃଥିବୀ—
Basundharī,

ଅସୁର ଉଦ୍ଧରି ବସୁନ୍ଧରୀ, ବ୍ରହ୍ମାଙ୍କୁ କଲ ଯେ ସ୍ଥାପିତ ।
ଭୂପତି. ପ୍ରେମପଞ୍ଚାମୃତ ।

**ବସୁପତି**—ସଂ. ବି. ( ୬ଷ୍ଠୀ ତତ୍; ବସୁ+ପତି )—ରାଜା—
Basupati King.

ବସୁପତି ସ୍ୱକୃତ ବସୁ ସେବକେ ସେବକ ମତି—
ଉପେ. ବୈଦେହୀଶବିଳାସ ।

**ବସୁପ୍ରଦ**—ସଂ. ବିଣ. ପୁଂ. ( ବସୁ+ପ୍ର+ଦା ଧାତୁ+କର୍ତ୍ତୃ. ଅ )—
Basuprada ବସୁଦ (ଦେଖ)—Basuda (See)
(ବସୁପ୍ରଦା—ସ୍ତ୍ରୀ) ସଂ. ବି. ପୁଂ—୧ । ବସୁଦ ( ଦେଖ )
1. Basuda (See). ୨ । ଶିବ (ହି. ଶ)—2. Śiba.
୩ । ସ୍କନ୍ଦଙ୍କ ଅନୁଚରବିଶେଷ (ହି. ଶ)—3. Name of an attendant of Kārttikeya.

**ବସୁମତୀ**—ସଂ. ବିଣ. ସ୍ତ୍ରୀ. (ବସୁ=ଧନ+ଅସ୍ତି ଅର୍ଥରେ ମତ୍+ସ୍ତ୍ରୀ. ଈ)—
Basumatī ଧନଶାଳିନୀ—Rich.
ସଂ. ବି—ପୃଥିବୀ—The earth.

**ବସୁମତୀ ଧର**—ଦେ. ବି. ( ବସୁମତୀ+ଧର )—ଭୂଧର; ପର୍ବତ—
Basumatī dhara Mountain.

ବସୁମତୀଧରଙ୍କ ଶ୍ରେଷ୍ଠ ସାର, ନୋଶବଣ ଉଚ୍ଚ ଗମନଦ୍ୱାର ।
ଉପେ. ବୈଦେହୀଶବିଳାସ ।

**ବସୁ ମାତା**—ଦେ. ବି. (ସଂ. ବସୁମତୀ)—ପୃଥିବୀ ( ମାତୃ ଦେବତାରୂପେ
Basu mātā କଳ୍ପିତା—The earth (goddess).

वसुमाङ्गे वसुधामायी

**ବସୁମାତା ଗାଧୁଆ**—ଦେ. ବି—ରଜସଂକ୍ରାନ୍ତିର ପରବର୍ତ୍ତୀ ୩ୟ ଦିବସ
Basumātā gādhuā ପ୍ରଭାତରେ ସମ୍ପାଦିତ ବସୁମତୀ ଦେବୀଙ୍କର ସ୍ନାନ ଉତ୍ସବବିଶେଷ; ଠାକୁରାଣୀଗାଧୁଆ—
A ceremony performed on the 3rd day after Raja Samkrānti.

[ ଦ୍ର—ଅଷାଢ଼ ସଂକ୍ରାନ୍ତିରେ ପୃଥିବୀ ବା ବସୁମାତା ରଜସ୍ୱଲା ହୁଅନ୍ତି ଏବଂ ୩ ଦିନ ପରେ ଘରେ ଗୋଟିଏ ସ୍ନାନ ଲଗା ହୋଇ ମହାଲକ୍ଷ୍ମୀଙ୍କୁ ପୂଜା ଓ ବସୁମାତାଙ୍କୁ ସ୍ନାନ କରାଇବା ବିଧି ସମ୍ପାଦିତ ହୁଏ । ]

**ବସୁମାନ୍**—ସଂ. ବିଣ. ପୁଂ. ( ବସୁ=ଧନ+ମତ୍; ୧ମା. ୧ବ )—
Basumān (ବସୁମତୀ—ସ୍ତ୍ରୀ) ଧନବାନ୍—Rich.
ସଂ. ବି—୧ । ରାଜା—1. King. ୨ । ନୃପବିଶେଷ—2. Name of a King. ୩ । ଉତ୍ତର ଦେଶୀୟ ପୌରାଣିକ ପର୍ବତବିଶେଷ (ହି. ଶ )—3. Name of a mythological mountain.

**ବସୁରେତା**—ସଂ. ବି. ( ବସୁ+ରେତସ୍; ୧ମା. ୧ବ )—
Basuretā ୧ । ଅଗ୍ନି (ହି. ଶ)—1. Fire.
୨ । ଶିବ (ହି. ଶ)—2. Śiba.

**ବସୁଳ**—ସଂ. ବି. (ବସୁ+ଲା ଧାତୁ=ଗ୍ରହଣ କରିବା+କର୍ତ୍ତୃ. ଅ)—
Basuḷa ଦେବ (ହି. ଶ)—Deity.

**ବସୁ ଶ୍ରେଷ୍ଠ**—ସଂ. ବି. ( ୭ମୀ ତତ୍; ବସୁ+ଶ୍ରେଷ୍ଠ)—ରୌପ୍ୟ (ହି. ଶ)—
Basu śreshtha Silver.

**ବସୁସାର**—ସଂ. ବି. (ବସୁ+ସାର+ଅ)—କୁବେରପୁରୀ; ଅଳକାପୁରୀ—
Basusārā The capital of Kubera.

**ବସୁସ୍ଥଳୀ**—ସଂ. ବି. ସ୍ତ୍ରୀ. ( ୬ଷ୍ଠୀ ତତ୍; ବସୁ+ସ୍ଥଳୀ )—
Basusthali ୧ । ଧନାଗାର—1. Treasury. ୨ । କୁବେରଭବନ—2. The abode of Kubera. ୩ । କୁବେର ନଗରୀ; ଅଳକା—3. The capital of Kubera; Alakā.

**ବସୂକ**—ସଂ. ବି—ଅଗସ୍ତ୍ୟ ଗଛ (ହ. ଷ)—
Basūka Sesbania Grandiflora.

**ବସୂରା**—ସଂ. ବି. (ବସୁ+ର ଧାତୁ+ଅ+ସ୍ତ୍ରୀ. ଆ)—ବେଶ୍ୟା—
Basūrā Harlot; prostitute (Apte).

**ବସେଇବା**—ଦେ. କ୍ରି—ବସାଇବା ( ଦେଖ )—
Baseibā Basāibā (See)

ବସାନ ପ୍ରାଦେ. ( ଗଞ୍ଜାମ ) ବି—ବାଳକାର ପ୍ରଥମେ ରଜସ୍ୱଳା ହେବା
**बैठाना** ଉପଲକ୍ଷେ ସମ୍ପାଦିତ ଉତ୍ସବବିଶେଷ—A ceremony performed in connection with a girl being menstruated for the first time.

[ ଦ୍ର—କୌଣସି ବାଳିକା ଋତୁମତୀ ହେଲେ ତା ଶାଶୁଘରକୁ ଦୁଇ ଚାରି ଜଣ ଅଧବା ସ୍ତ୍ରୀ ନୂଆ ଲୁଗା, ହଳଦୀ, ସିନ୍ଦୁର ପ୍ରଭୃତି ସାଙ୍ଗରେ ଘେନି ଆସନ୍ତି । ଗୋଟିଏ ଘରେ ନୂଆ ଧାନ, ବିରି ପ୍ରଭୃତିରେ କୋଠି କରାଯାଇ ସେହି କୋଠି ମଧ୍ୟରେ କନ୍ୟାବରଙ୍କୁ ବସାଇ ଦିଆଯାଏ ଏବଂ ସଙ୍ଗେ ସଙ୍ଗେ ପୁଅଣି ବା ଆଶୀର୍ବାଦ ଘର କେଉଁ ଦିନ ହେବ ସ୍ଥିର କରାଯାଏ । ସାଧାରଣତଃ ଏହି 'ବସେଇବା'ର ସପ୍ତମଦିବସରେ ସାତପୁଅଣି ବା ଆଶୀର୍ବାଦ ଘର ହୁଏ । କୌଣସି ଅସୁବିଧା ଥିଲେ କନ୍ୟାର ପିତା ବା ଅଭିଭାବକ ଏହି ସମୟରେ ପ୍ରସ୍ତାବ ପଠାଇ କନ୍ୟାକୁ ଶାଶୁଘରକୁ ପଠାଇବା ପାଇଁ ଛଅମାସ ବା ବର୍ଷେ ସମୟ ନିଅନ୍ତି । ]

**ବସ୍ତ (ଧାତୁ)**—ସଂ—୧ । ହିଂସା କରିବା; ବଧ କରିବା—1. To
Bast (root) hurt; to kill (Apte). ୨ । ଯାଚ୍ଞା କରିବା—2. To beg; to ask; to solicit (Apte). ୩ । ଗତି କରିବା—3. To move (Apte). ୪ । ଉତ୍ପୀଡ଼ନ କରିବା—4. To torment (Apte).

**ବସ୍ତ**—ସଂ. ବି—୧ । (ବସ୍ତ ଧାତୁ=ବଧ କରିବା+କର୍ତ୍ତୃ. ଅ)—ଛାଗ;
Basta ଛେଳି (ହ. ଷ.)—1. Goat. ୨ । (ବସ୍ ଧାତୁ+ଅଧି. ତ)—ଆବାସ; ଗୃହ—2. An abode (Apte).

**ବସ୍ତକ**—ସଂ. ବି—କୃତ୍ରିମ ଲବଣ—
Bastaka Artificial salt (Apte).

**ବସ୍ତବ୍ୟ**—ସଂ. ବିଣ. ( ବସ୍ ଧାତୁ=ବାସ କରିବା+କର୍ମ. ତବ୍ୟ )—
Bastabya ବାସୋପଯୋଗୀ—Fit for residence.

**ବସ୍ତର**—ପ୍ରାଦେ. ( ସମ୍ବଲପୁର ) ବି. ( ସଂ. ବସ୍ତ୍ର; ତୁଳ. ହି. ବସ୍ତର )—
Bastar ବସ୍ତ୍ର; ଲୁଗା—Cloth.

**ବସ୍ତର**—ଗ୍ରା. ବି. ( ସଂ. ବସ୍ତ୍ର )—ବସ୍ତ୍ର; ଲୁଗା—
Bastara Cloth.

ଦେ. ବି (ନାମ)—ଉତ୍କଳୀୟ ଗଡ଼ଜାତବିଶେଷ—
Name of an Oriya State.

[ ଦ୍ର—ଏହା ମଧ୍ୟପ୍ରଦେଶର ଉତ୍ତର ପଶ୍ଚିମର ଶେଷ କୋଣରେ ଅବସ୍ଥିତ । ଏହାର ପୂର୍ବରେ ମାନ୍ଦ୍ରାଜ ପ୍ରଦେଶ, ଉତ୍ତରରେ ଛତିଶଗଡ଼, ଦକ୍ଷିଣରେ ହାଇଦ୍ରାବାଦ ଓ ପଶ୍ଚିମରେ ମଧ୍ୟପ୍ରଦେଶର ମୋଗଲବନ୍ଦି, ଏହା କଳାହାଣ୍ଡି ଓ ଜୟପୁରକୁ ଲାଗିଛି । ଏହାର ରାଜବଂଶ ଓଡ଼ିଆ । ଦଳପତ ଦେବ ମହାରାଜ ୨୦୦ ବର୍ଷ ତଳେ ଏ ରାଜ୍ୟ ବସାଇଥିଲେ । ଏହାର ରାଜଧାନୀ ଜଗଦଲପୁର ବା ବସ୍ତର; ଏହା ଗୋଦାବରୀ ନଦୀର ଇନ୍ଦ୍ରାବତୀ ନାମକ ଗୋଟିଏ ଶାଖା ନଦୀର କୂଳରେ ଅବସ୍ଥିତ । ଏ ରାଜ୍ୟର କ୍ଷେତ୍ରଫଳ ୧୩୦୦୦ ବର୍ଗମାଇଲ, ଏଥିମଧ୍ୟରୁ କୃଷଭୂମି ୧୦୦୦ ବର୍ଗମାଇଲ ଓ ଲୋକସଂଖ୍ୟା ୪ ଲକ୍ଷ ।
ଏହି ବସ୍ତର ରାଜ୍ୟ ଓ ଜୟପୁରର ପାହାଡ଼ମାନ ରାମାୟଣବର୍ଣ୍ଣିତ ଦଣ୍ଡକାରଣ୍ୟର ଅଂଶ ବୋଲି ଅନୁମାନ କରାଯାଏ । ବସ୍ତର ପ୍ରାଚୀନ ଦଣ୍ଡକାରଣ୍ୟ ଏବଂ ତ୍ରେତାଯୁଗରେ ଅଗସ୍ତ୍ୟ ଋଷି ଏଠାରେ ବାସ କରୁଥିଲେ । ]

**ବସ୍ତା**—ବୈଦେ. ବି. ( ଫା. ବସ୍ତା=ବସ୍ତାନି; ତୁଳ. ସଂ. ବସ୍ତ୍ର )—୧ ।
Bastā ବୋରା; ଅଖାର ବଡ଼ ମୁଣା—1. Gunny-bag; bale;
বোরা, বস্তা bag. ୨ । ଗଣ୍ଠିଲି ବାନ୍ଧିବାରେ ବ୍ୟବହୃତ ଖୋଳଲୁଗା—
**बस्ता; बोरा** 2. Gunny. ୩ । ବାଲେଶ୍ୱର ଜିଲ୍ଲାର ଗୋଟିଏ ଥାନା ଓ କ୍ଷୁଦ୍ର ନଗର—3. Name of a small town and a police station in Balasore.

**ବସ୍ତାନି**—ଦେ. ବି. ( ଫା. ବସ୍ତା )—ଲୁଗା ବା କାଗଜପତ୍ର
Bastāni ଏକାଠି ବନ୍ଧା ଯାଇଥିବା ଲୁଗାର ପୁଡ଼ା—A cloth-
বস্তানী **बस्ता; बस्तार** packet of cloths or papers.
ମୁକ୍ତି ରଙ୍କଧର ଦାସ କପାଳ ବସ୍ତାନି ଫିଟାଇ ଯେତିକି ମେଲ ତେବେ
ଫକୀରମୋହନ, ଛମାଣ ଆଠଗୁଣ୍ଠ ।

**ବସ୍ତାପଚା**—ଦେ. ବିଣ—ଯେଉଁ ମାଲ ବସ୍ତାରୁ ନ କାଢ଼ାରୁଣୁ ପଚି ନଷ୍ଟ
Bastāpachā ହୋଇଥାଏ—(article) Damaged while
বোরাপচা **सडापचा** long kept in the bale.

**ବସ୍ତାବନ୍ଦ (ନ୍ଦି)**—ଦେ. ବି. (ଫା. ବସ୍ତା+ସଂ. ବନ୍ଧନ)—ଧାନ ଚାଉଳ
Bastāband(ndi) ଆଦି ବସ୍ତୁକୁ ଭିନ୍ନ ଭିନ୍ନ ବସ୍ତାରେ ପୂରାଇ
বস্তাবন্দ(ন্দী) ବାନ୍ଧିବା—Act of making of articles
**बोराबंदी** into bags or bales.
ଦେ. ବିଣ—ଯାହା ବସ୍ତାରେ ବନ୍ଦ କରାଯାଇ ଅଛି—
Baled; made up into bales.

**ବସ୍ତି(ସ୍ତି)**—ସଂ. ବି. (ବସ୍ ଧାତୁ=ବାସ କରିବା, ଆଚ୍ଛାଦନ କରିବା+
Basti(sti) ଅଧି+ତି+ଇ)—୧ । ନାଭିର ନିମ୍ନଦେଶ; ତଳପେଟ—1. Abdomen; pelvis. ୨ । (+କରଣ+ତି) ବସ୍ତ୍ରର ଦଶୀ—2. The ends of a cloth. ୩ । ( +ଅଧି-କରଣ+ତି) ବସତି; ବାସ—3. Residence. ୪ । ଗ୍ରାମର ଭିଟ—4. Village site. ୫ । ପଲ୍ଲୀ; ଗ୍ରାମ—5. Village; hamlet. ୬ । ନଗର—6 Town. ୭ । (+କର୍ମ. ତି) ମୂତ୍ରାଶୟ—7. Bladder; kidney. ୮ । (ଯୋଗରେ) ଏକପ୍ରକାର ସାଧନା; ବସ୍ତିଶୋଧନକ୍ରିୟାବିଶେଷ—

8. A sort of external or bodily purification (in Yoga). ୯ । ପିଚକାରୀ (ହ୍ର.ଶ.)—9. Syringe.

ଦେ. ବି—୧ । ସାହି; ଏକଜାତୀୟ ଲୋକଙ୍କର ବାସସ୍ଥାନ—
बस्ती 1. A hamlet consisting of several houses
बस्ती of people of the same class. ୨ । ନିମ୍ନଶ୍ରେଣୀର ଓ ଅତି ଗରୀବ ବ୍ୟକ୍ତିମାନଙ୍କର ଘନବନ୍ନ୍ୟସ୍ତ ବାସଗୃହସମୂହ—2. Slum.

ପ୍ରାଦେ. (ସମ୍ବଲପୁର) ବି—ଗ୍ରାମର ଜମି; ଘରବାଡ଼ି ରହିଥିବା ଜମି—Village land; homestead holding.

**ବସ୍ତିଆ**—ଦେ. ବିଣ—କୌଣସି ବସ୍ତି ବା ପଲ୍ଲୀରେ ବାସ କରୁଥିବା—
Bastiā Resident of a particular hamlet.

ବସ୍ତୀଓ୍ୱାଲା ଦେ. ବି—ଶୂଦ୍ରମାନଙ୍କର ବଂଶୋପାଧିବିଶେଷ—
बस्तीवाला Family title of certain Śūdras.

**ବସ୍ତିକର୍ମ**—ସଂ.ବି. (ବୈଦ୍ୟକ)—ଲିଙ୍ଗେନ୍ଦ୍ରିୟ ଓ ଗୁହ୍ୟେନ୍ଦ୍ରିୟ ଅନ୍ଦର ମାର୍ଗ
Bastikarma ପିଚକାରୀଦ୍ୱାରା ପରିଷ୍କାର କରିବା କର୍ମ—The act of cleansing the bowels.

**ବସ୍ତିମଳ**—ସଂ. ବି. (୬ଷ୍ଠୀ ତତ୍; ବସ୍ତି+ମଳ)—ମୂତ୍ର—
Bastimala Urine.

**ବସ୍ତି ଶୋଧନ**—ସଂ. ବି. (ବହୁବ୍ରୀହି; ବସ୍ତି+ଶୋଧନ)—୧ । ଯେଉଁ
Basti śodhana ଔଷଧଦ୍ୱାରା ମୂତ୍ରାଶୟରୁ ବିଶେଷ ପରିମାଣରେ ମୂତ୍ର ନିର୍ଗତ ହୁଏ—1. A diuretic (medicine). ୨ । ମଦନଫଳ ଓ ବୃକ୍ଷ ( ଦେଖ )—2. Madana fruit and tree (See)

**ବସ୍ତୁ**—ସଂ. ବି. ( ବସ୍ ଧାତୁ=ଥିବା, ହେବା+କର୍ତ୍ତୃ. ତୁ)—୧ । ଦ୍ରବ୍ୟ;
Bastu ପଦାର୍ଥ—1. Thing; object; article; substance. ୨ । ସତ୍ୟ—2. Truth; reality. ୩ । ପ୍ରକୃତ ପଦାର୍ଥ; ଅସ୍ତିତ୍ୱବିଶିଷ୍ଟ ବସ୍ତୁ — 3. Actual or existing thing; matter; a reality. ୪ । ସାର—4. Essence; pith. ୫ । ଉପକରଣ; ଉପାଦାନ—5. Materials; ingredients; stuff of which a thing is made. ୬ । ଦ୍ରବ୍ୟର ପ୍ରାକୃତିକ ଗୁଣ—6. Natural property of a thing. ୭ । ନାଟକବର୍ଣ୍ଣିତ ବିଷୟ ବା ଗଳ୍ପ—7. The plot of a drama. ୮ । ବୃତ୍ତାନ୍ତ—8. Circumstance. ୯ । ସତ୍ପାତ୍ର—9. Fit person. ୧୦ । ଧନ; ସମ୍ପତ୍ତି—10. Wealth; possessions; property (Apte). ୧୧ । କୌଣସି ବିଷୟର ପୂର୍ବରୁ କଳ୍ପିତ ଆକାର—11. Plan; design. ୧୨ । ନାଟକାଦିର କଥାବସ୍ତୁ ( ହ୍ର. ଶ. )—12. The plot of a drama or poem or novel.

[ ଦ୍ର—ଏହା ୨ ପ୍ରକାର; ଆଧିକାରିକ, ଯହିଁରେ ନାୟକର ଚରିତ୍ର ଥାଏ ଓ ପ୍ରାସଙ୍ଗିକ, ଯହିଁରେ ନାୟକ ବ୍ୟତୀତ ଅନ୍ୟ କାହାର ଚରିତ୍ର ବର୍ଣ୍ଣିତ ହୋଇଥାଏ—ହ୍ର. ଶ. ]

ଗ୍ରା. ବି. (ସଂ.ବସ୍ତି)—(ସ୍ତ୍ରୀମାନଙ୍କ ବ୍ୟବହୃତ)(ଗୁହ୍ୟ ବା ଯୋନି)—( euphemism ) Vagina; female organ.

[ ଦ୍ର—କଥା ପ୍ରସଙ୍ଗରେ ସ୍ତ୍ରୀମାନେ 'ଯୋନି' ଶବ୍ଦର ଅଶ୍ଳୀଳ ଓଡ଼ିଆ ପ୍ରତିଶବ୍ଦ ବ୍ୟବହାର ନ କରି ବସ୍ତୁ ଶବ୍ଦ ବ୍ୟବହାର କରିଥାଆନ୍ତି । ]

**ବସ୍ତୁକ**—ସଂ. ବି. (ବସ୍ ଧାତୁ+ଉକ, ତ ଆଗମ)—ବଥୁଆ (ଦେଖ)
Bastuka Bathuā (See)

**ବସ୍ତୁଗତ୍ୟା**—ସଂ. କ୍ରି. ବିଣ. (ବସ୍ତୁ=ପଦାର୍ଥ+ଗତ୍ୟା=ଗତିଦ୍ୱାରା)—
Bastugatyā ବସ୍ତୁତଃ; ଫଳତଃ; କାର୍ଯ୍ୟତଃ; ପ୍ରକୃତରେ—Naturally; virtually; as a matter of fact; in point of fact.

**ବସ୍ତୁତଃ**—ସଂ. କ୍ରି. ବିଣ. (ବସ୍ତୁ+ତସ୍)—୧ । ଫଳତଃ; ପ୍ରକୃତରେ;
Bastutah ଯଥାର୍ଥରେ—1. Actually; really; in fact; virtually. ୨ । ନିଶ୍ଚୟ—2. Of course.

**ବସ୍ତୁତତ୍ତ୍ୱ**—ସଂ. ବି—୧ । ପଦାର୍ଥବିଜ୍ଞାନ—1. Physics, Natural
Bastutattwa science; physical Science. ୨ । ଈଶ୍ୱର ଏହି ଜଗତରେ ଏକମାତ୍ର ସାର ବସ୍ତୁ ଏହି ଜ୍ଞାନ—2. The knowledge that God is the only essence in the creation.

**ବସ୍ତୁ ନିର୍ଦ୍ଦେଶ**—ସଂ. ବି. ( ୬ଷ୍ଠୀ ତତ୍ )—କାବ୍ୟ ନାଟକରେ ମଙ୍ଗଳା-
Bastu nirddeśa ଚରଣର ଏକ ଭେଦ, ଯହିଁରେ କଥାବସ୍ତୁର ଆଭାସ ଦିଆଯାଇ ଥାଏ—The invocation at the beginning of a drama or epic or lyric in which there is indication of the plot.

**ବସ୍ତୁବାଦ**—ସଂ. ବି—ଦାର୍ଶନିକ ସିଦ୍ଧାନ୍ତବିଶେଷ; ଜଡ଼ବାଦ —
Bastubāda Materialism; materialistic theory.

**ବ ବିଜ୍ଞାନ**—ସଂ. ବି—ବସ୍ତୁ ତତ୍ତ୍ୱ ( ଦେଖ )
Bastu bijñāna Bastu tattwa ( See )
(ବସ୍ତୁ ବିସ୍ତର—ଅନ୍ୟରୂପ)

**ବସ୍ତୁ ମାତ୍ର**—ସଂ. ବି—କୌଣସି ବିଷୟର ସ୍ଥୂଳ ବର୍ଣ୍ଣନା ( ଯହିଁର ସ୍ପଷ୍ଟ
Bastu mātra ବର୍ଣ୍ଣନା ପରେ କରାଯିବ )—The mere outline or skeletion of any subject ( to be afterwards developed ) (Apte)

**ବସ୍ତୂତ୍ଥାପନ(ନା)**—ସଂ. ବି. (୬ଷ୍ଠୀ ତତ୍; ବସ୍ତୁ+ଉତ୍ଥାପନ)—
Bastūtthāpana(nā) ନାଟକରେ ଯାଦୁକରୀ ବା ମନ୍ତ୍ର ଯନ୍ତ୍ରଦ୍ୱାରା କୌଣସି ବିଷୟର ଅବତାରଣା—The production of any incident in a drama by means of magic or conjuration (Apte).

**ବସ୍ତୂପମା**—ସଂ. ବି—ଉପମାଳଙ୍କାରବିଶେଷ —
Bastūpamā A kind of simile.

[ ଦ୍ର—ଯେଉଁଠାରେ ଉପମାନ ଓ ଉପମେୟ ବସ୍ତୁଙ୍କର ସାଧାରଣ ଧର୍ମର ଉଲ୍ଲେଖ ବା ପ୍ରକାଶ ହୋଇ ନ ଥାଏ ତାକୁ ବସ୍ତୂପମା ବୋଲି-

ଯାଏ । ଯଥା—ଗୁଣାବ ଧର ବଦନ, ନେତ୍ର ନୀଲୋତ୍ପଲ, ଉପମାନ ଓ ଉପମେୟରୂପେ ପ୍ରଯୁକ୍ତ ଦୁଇଟି ବାକ୍ୟର ସାଧାରଣ ଧର୍ମ ଭିନ୍ନ ଭିନ୍ନ ପଦଦ୍ୱାରା କଥିତ ହେଲେ ତାକୁ ପ୍ରତିବସ୍ତୂପମା ବୋଲାଯାଏ । ]

ବସ୍ତ୍ୟ—ସଂ. ବି. ( ବସ୍ ଧାତୁ=ବାସ କରିବା+ଅଧିକରଣରେ ତ୍ୟ; Bastya ଯହିଁରେ ବାସ କରାଯାଏ )—ବାସସ୍ଥାନ; ଆବାସ; ଗୃହ—Residence; abode; house.

ବସ୍ତ୍ର—ସଂ. ବି. (ବସ୍ ଧାତୁ=ଆଚ୍ଛାଦନ କରିବା+କରଣ. ତ୍ର; ଯାହାଦ୍ୱାରା Bastra ଶରୀର ଆଚ୍ଛାଦନ କରାଯାଏ)—୧ । ବସନ; ଲୁଗା—1. Cloth. ୨ । ପୋଷାକ; ପରିଚ୍ଛଦ—2. Dress; apparel; garment.

ବସ୍ତ୍ର କୁଟ୍ଟିମ—ସଂ. ବି. ( ୬ଷ୍ଠୀ ତତ୍; ବସ୍ତ୍ର+କୁଟ୍ଟିମ )—Bastra kuṭṭima ୧ । ପଟ୍ଟବାସ; ରାଉଟି; ତମ୍ବୁ—1. Tent. ୨ । ଅତପତ୍ର; ଛତା—2. Umbrella.

ବସ୍ତ୍ର ଗୃହ—ସଂ. ବି. ( ୬ଷ୍ଠୀ ତତ୍; ବସ୍ତ୍ର+ଗୃହ )—Bastra gṛuha ତମ୍ବୁ; ରାଉଟି; ପଟ୍ଟବାସ—Tent. (ବସ୍ତ୍ରାଗାର—ଅନ୍ୟରୂପ)

ବସ୍ତ୍ର ଗ୍ରନ୍ଥି—ସଂ. ବି. ( ୬ଷ୍ଠୀ ତତ୍; ବସ୍ତ୍ର+ଗ୍ରନ୍ଥି )—Bastra granthi ପିନ୍ଧିଥିବା ଲୁଗାର ଗଣ୍ଠି; ନୀବି; କଷ୍ଟଗଣ୍ଠି—Knot of the lower garment.

ବସ୍ତ୍ର ନିର୍ଣ୍ଣେଜକ—ସଂ. ବି. ( ୬ଷ୍ଠୀ ତତ୍ )—ଧୋବା—Bastra nirṇṇejaka Washerman (Apte). (ବସ୍ତ୍ରନିର୍ଣ୍ଣେଜକା—ଅନ୍ୟରୂପ)

ବସ୍ତ୍ର ପୁତ୍ରିକା—ସଂ. ବି. ସ୍ତ୍ରୀ. (ବସ୍ତ୍ର+ପୁତ୍ରିକା)—କନାର ପିତୁଳା—Bastra putrikā A doll made up of rags.

ବସ୍ତ୍ର ପୂତ—ସଂ. ବିଣ. ( ୩ୟା ତତ୍; ବସ୍ତ୍ର+ପୂତ )—Bastra pūta କପଡ଼ା ଛାଣ କରାଯାଇଥିବା; କନାରେ ଛଣା ଯାଇଥିବା—Filtered through a cloth.

ବସ୍ତ୍ର ବିଳାସ—ସଂ. ବି. (୭ମୀ ତତ୍)—ପୋଷାକରେ ଆଡ଼ମ୍ବର—Bastra bilāsa Foppery in dress (Apte).

ବସ୍ତ୍ର ଭୂଷଣ—ସଂ. ବି. ( ଦ୍ୱନ୍ଦ୍ୱ; ବସ୍ତ୍ର+ଭୂଷଣ; ସମାହାର )—ଲୁଗା ଓ Bastra bhūshaṇa ଅଳଙ୍କାର—Dress and ornaments

ବସ୍ତ୍ରଭେଦକ—ସଂ. ବି. ( ୬ଷ୍ଠୀ ତତ୍ )—ଦରଜି—Bastra bhedaka Tailor (Apte) ( ବସ୍ତ୍ର ଭେଦୀ—ଅନ୍ୟରୂପ )

ବସ୍ତ୍ର ଯୋନି—ସଂ. ବି. ( ୬ଷ୍ଠୀ ତତ୍ )—କୌଣସି ବସ୍ତ୍ରର ଉପାଦାନ Bastra joni (ଯଥା—ତୁଳା, ପାଟ, ସୂତା)—The material of cloth.

ବସ୍ତ୍ର ରଞ୍ଜନ—ସଂ. ବି. (ବହୁବ୍ରୀହି; ଯାହାଦ୍ୱାରା ବସ୍ତ୍ରର ରଞ୍ଜନ ହୁଏ)—Bastra rañjana କୁସୁମ ଫୁଲ—Safflower (Apte).

ବସ୍ତ୍ରାଗାର—ସଂ. ବି. ( ୬ଷ୍ଠୀ ତତ୍; ବସ୍ତ୍ର+ଅଗାର )—ଯେଉଁ ଘରେ Bastrāgāra ଲୁଗାପଟା ରଖାଯାଏ—War-drobe; a room in which dress is kept.

ବସ୍ତ୍ରାଞ୍ଚଳ—ସଂ. ବି. (୬ଷ୍ଠୀ ତତ୍; ବସ୍ତ୍ର+ଅଞ୍ଚଳ)—ଲୁଗାର କାନି; ପଣତ Bastrāñchaḷa କାନି—The hem of a garment; (ବସ୍ତ୍ରାନ୍ତ—ଅନ୍ୟରୂପ) the end of a cloth.

ବସ୍ତ୍ରାଭାବ—ସଂ. ବି. ( ୬ଷ୍ଠୀ ତତ୍; ବସ୍ତ୍ର+ଅଭାବ )—ଲୁଗାର ଅଭାବ—Bastrābhāba Want of cloth.

ବସ୍ତ୍ରାଭାବେ ସୂତ୍ରଂ ଦଦ୍ୟାତ୍—ସଂ. ବାକ୍ୟ—ଶାସ୍ତ୍ରରେ ଯେଉଁଠାରେ Bastrābhābe sūtraṁ dadyāt ଖଣ୍ଡିଏ ଲୁଗା ଦେବାର ବିଧି ଅଛି, ଲୁଗା ଖଣ୍ଡେ ଦେବାକୁ ଅକ୍ଷମ ବ୍ୟକ୍ତି ସେ ସ୍ଥଳରେ ଖଣ୍ଡିଏ ନୂଆ ସୂତା ଦେଇ ଶାସ୍ତ୍ର ବିଧାନକୁ ରକ୍ଷା କରେ ଏହି ଭଳି ନ୍ୟାୟରେ ଏ ବାକ୍ୟ ବ୍ୟବହୃତ ହୁଏ—A sanskrit sentence used in cases where the direction for giving a piece of cloth is observed by substituting a piece of thread in its place.

ବସ୍ଥା—ସଂ. ବି. (ଅବ୍+ସ୍ଥା ଧାତୁ+ଅ+ଆ —ଅବସ୍ଥା; ଦଶା—Basthā Condition.

ବସ୍ନ—ସଂ. ବି. (ବସ୍ ଧାତୁ+ନ)—୧ । (+କର୍ମ. ନ) ଭଡ଼ା; ମଜୁରି—Basna 1. Hire; wages (Apte). ୨ । (+ଭାବ. ନ) ବାସ କରିବା—2. Dwelling; abiding (Apte). ୩ । ( +କରଣ. ନ ) ଧନ; ସମ୍ପତ୍ତି—3. Wealth. ubstance (Apte). ୪ । (+କର୍ମ. ନ) ଲୁଗା—4. Cloth. ୫ । ଚମଡ଼ା—5. A skin (Apte). ୬ । ମୂଲ୍ୟ—6. Price (Apte). ୭ । ମୃତ୍ୟୁ—7. Death (Apte)

ବସ୍ନନ—ସଂ. ବି. (ବସ୍ ଧାତୁ+ନନ)—କମରପଟ୍ଟି; କମରବନ୍ଧ—Basnana Girdle; zone (Apte)

ବସ୍ନସା—ସଂ. ବି. (ବସ୍ ଧାତୁ+କରଣ. ନସ୍+ଅ) —ସ୍ନାୟୁ; ପେଶୀ—Basnasā Tendon; nerve (Apte).

ବସ୍ନିକ—ସଂ. ବିଣ. ( ବସ୍ନ+ଇକ )—ଭଡ଼ା ବା ମଜୁରିଦ୍ୱାରା ଗୃହୀତ Basnika (ବ୍ୟକ୍ତି)—Mercenary; hireling.

ବହ୍ (ଧାତୁ)—ସଂ—୧ । ବହନ କରିବା—1. To carry. Bah (root) ୨ । ପ୍ରବାହିତ ହେବା; ବହିବା—2. To flow; to blow.

[ ଦ୍ର—ଏଥିରେ ତ ପ୍ରତ୍ୟୟ ହୋଇ ବିଶେଷଣରେ ଊଢ଼ ଓ ତି ପ୍ରତ୍ୟୟ ହୋଇ ବିଶେଷ୍ୟରେ ଊଢ଼ି ହୁଏ । ]

୩ । ଚଳାଇବା— 3. To drive; to propel (Apte) ୪ । ବାଟ କଢ଼ାଇ ନେବା —4. To lead on. ୫ । ବିସ୍ତାରିତ କରିବା—5. To spread; to diffuse. ୬ । ଧାରଣ କରିବା—6. To have; to possess. ୭ । ନେଇ ପଳେଇଯିବା; ହରଣ କରିବା; ସ୍ୱେଚ୍ଛ କରି ନେବା—7. To take away; to rob; to carry off. ୮ । ପିନ୍ଧିବା—8. To wear. ୯ । ଗର୍ଭ ଧାରଣ କରିବା—9. To be with child. ୧୦ । ଟାଣିବା—10. To draw. ୧୧ । ଚେଷ୍ଟା କରିବା—

11. To sustain; to support. ୧୨ । ବବାହ କରିବା—12. To marry. ୧୩ । ସହ୍ୟ କରିବା; ଅନୁଭବ କରିବା—13. To bear; to suffer; to experience. ୧୪ । ନିଶ୍ୱାସ ମାରିବା—14. To breathe (Apte).

**ବହ** – ସଂ. ବଣ. ପୁଂ. (ବହ୍ ଧାତୁ+କର୍ତ୍ତୃ. ଅ) ଅନ୍ୟ ଶବ୍ଦ ସଙ୍ଗେ ପ୍ରଯୁଜ୍ୟ ଯଥା—ଅକ୍ଷାବହ)—ଯେ ବହନ କରେ—Carrying anything.
Baha
(ବହା – ସ୍ତ୍ରୀ)

ସଂ. ବ.—(ବହ୍ ଧାତୁ+କର୍ତ୍ତୃ. ଅ)—୧ । ଯାନ; ବାହନ—1. Conveyance. ୨ । ବୃଷସ୍କନ୍ଧ—2. The shoulder of a bull. ୩ । ପଥ; ରାସ୍ତା—3. Road; path. ୪ । ଘୋଡ଼ା—4. Horse; (Apte). ୫ । ବାୟୁ—5. Air; wind (Apte) ୬ । ନଦ—6. River.—୭ । ବାହୁ—7. Arm. ୮ । (+କର୍ମ.ଅ) ପରିମାଣବିଶେଷ; ଚାରି ଦ୍ରୋଣ ପରିମାଣ—8. A measure equal to 4 Dronas. ୯ । (+ଭାବ. ଅ)—ବହନ—9. Bearing; carrying; supporting.

**ବହକ**—ଦେ. ବ.—୧ । ଆଧିକ୍ୟ—1. Excess. ୨ । ଅନ୍ୟାୟ—2. Wrong.
Bahaka

**ବହକା**—ଦେ. ବଣ. (ସଂ ବହୁଳ)—୧ । ବଳକା; ଅଧିକନ୍ତୁ—1. Excessive; spare
Bahakā
बेशी ୨ । ଅଧିକା—2. Outstanding.
बढ़ाहुआ ୩ । ଉଦ୍‌ବୃତ୍ତ—3. In excess.

**ବହକା(କେ)ଇବା**—ଦେ. କ୍ରି. ('ବହକିବା'ର ଣିଜନ୍ତ ରୂପ)—
Bahakā(ke)ibā ୧ ପ୍ରୟୋଜନରୁ ଅଧିକ କରି ବଢ଼ାଇବା; ବଳାଇବା—1. To cause anything to be in excess. ୨ । ଲୋକଙ୍କୁ ଭୁଲାଇବା; ଭଣ୍ଡାଇବା ଫୁସୁଲାଇବା—2. To inveigle. ୩ । ଲୋକଙ୍କୁ ଲକ୍ଷ୍ୟ-ଭ୍ରଷ୍ଟ କରିବା—3. To cause a person to miss his aim.
बँचान
बढ़ाकर रखना
भोलान
बहकाना

**ବହକିବା**—ଦେ. କ୍ରି.—୧ । ଟପିଯିବା; ବଳି ପଡ଼ିବା; ଅଧିକା ହେବା—
Bahakibā 1. To be in excess. ୨ । ଅତିକ୍ରମ କରିବା—
ଉପଚେ ପଡ଼ା 2. o exceed. ୩ । ଲକ୍ଷଭ୍ରଷ୍ଟ ହେବା—3. To
बढ़ना miss one's aim. ୪ । ଭ୍ରମ ପ୍ରମାଦ କରିବା—
ଭୁଲକରା बहकना 4. To err.

**ବହକିଯିବା**—ପ୍ରାଦେ.—(ଯାଜପୁର) କ୍ରି.—ଭୁଲିଯିବା—
Bahaki jibā To forget.

**ବହଙ୍ଗର**—ପ୍ରାଦେ. (ସମ୍ବଲପୁର) ବଣ.—୧ । ବଳବାନ୍—
Bahangar 1. Strong.
୨ । ଅଂସଳ; ହୃଷ୍ଟପୁଷ୍ଟ—2. Stout; muscular.

**ବହତ**—ସଂ. ବ.—(ବହ୍ ଧାତୁ+କର୍ତ୍ତୃ. ଅତ)—୧ । ବାୟୁ—
Bahati 1. Air. ୨ । ବଳଦ—2. Ox. ୩ । ମନ୍ତ୍ରୀ—3. Minister.

ଗ୍ରା. ବ.—(ସଂ. ବର୍ତ୍ତି)—ପ୍ରଦୀପର ବତି; ବଳିତା—The wick of a lamp.

**ବହତା**—ସଂ. ବ. (ବହ୍ ଧାତୁ+କର୍ତ୍ତୃ. ଅତ+ଈ)—ନଦୀ—
Bahatī River.

**ବହତୁ**—ସଂ. ବ. (ବହ୍ ଧାତୁ=ବହନ କରିବା+କର୍ତ୍ତୃ. ଅତୁ)—
Bahatu ୧ । ଦୂତ—1 Messenger.

ହେତୁ ବହତୁ ଶଜାଇଲ ହେଲେ ।
ଉକ୍ତ. ବୈଦେହୀଶବିଳାସ ।

୨ । ପଥିକ—2. Traveller. ୩ । ବୃଷଭ; ବଳଦ—3. Bull; ox. ୪ । (ଭାବ. ଅତୁ) (ବୈଦିକ) ବିବାହ ପରେ ବିବାହିତା ପତ୍ନୀର ପିତୃଗୃହରୁ ସ୍ୱାମୀଗୃହକୁ ଗମନ ହେବା—4. (vedic) The conveyance of a married wife from her father's house to her husband's after marriage.
[ ଦ୍ର—ଏହି ବୈଦିକ ଶବ୍ଦରୁ ପରବର୍ତ୍ତୀକାଳରେ ବିବାହ ଓ ଉଦ୍‌ବାହ ଶବ୍ଦ ଉତ୍ପନ୍ନ । ]

**ବହନ**—ସଂ. ବ. (ବହ୍ ଧାତୁ+ଭାବ. ଅନ)—୧ । ଭାର ବୋହିବା—
Bahana 1. Carrying of weight. ୨ । ଅଙ୍ଗରେ ଧାରଣ; ପରିଧାନ—2. Wearing. ୩ । ସହିବା; ସହନ—3. Bearing. ୪ । ବୋହିବା—4. Flowing; blowing ୫ । ( +କର୍ତ୍ତୃ. ଅନ ) ଯାନ; ବାହନ—5. Conveyance. ୬ । ନୌକା—6. Boat; raft (Apte).
शीघ्र ଦେ. କ୍ରି. ବଣ—ଶୀଘ୍ର; ସତ୍ୱର; ଚଞ୍ଚଳ—Soon;
जलदी quickly.

ସଲିଙ୍କ ଡକାଇଣ କହିଲେ ବହନ । କୃଷ୍ଣସିଂହ, ମହାଭାରତ ଶାନ୍ତି ।

**ବହନି**—ଗ୍ରା. ବ. (ପଦ୍ୟ) (ସ. ବହ୍ନି)—୧ । ବହ୍ନି; ଅଗ୍ନି—1. Fire.
Bahani ଏ ମୋର କୋଧ ବହନି, ଫଳବ ଜାଣି ଯେ ।
(ବହନି—ଅନ୍ୟରୂପ) ତୁଳସୀ. ଗଣିଗେଣା ।
बहनी ୨ । ବଇନି ( ଦେଖ )—2. Baini ( See )

**ବହନୀୟ**—ସଂ. ବଣ. ( ବହ୍ ଧାତୁ+କର୍ମ. ଅନୀୟ )—୧ । ବହନ-
Bahanīya ଯୋଗ୍ୟ—1. Fit to be carried.

**ବହନେଣ**—ଦେ. (ପଦ୍ୟ) କ୍ରି. ବଣ. (ସ. ବହନ)—ଶୀଘ୍ର; ସତ୍ୱର--
Bahanena Soon; quickly.
शीघ्र ଏବେ ମୋର ବୋଲ କର, ବହନେଣ ଅନୁସର ।
जलदि ଗ୍ରାମ୍ୟ. ରସବାରିଧି ।

**ବହନ୍ତା**—ଦେ. ବଣ—୧ । ( ସଂ. ବହତ୍ ) (ପାଣି) ବହିଯାଉ ଥିବା;
Bahantā ସ୍ରୋତୋଯୁକ୍ତ ( ନଦୀ ବା ଜଳ )—1. Flowing (water). ୨ । (ପବନ) ବହୁଥିବା—2. Blowing (wind).
ବୋହନ୍ତା } ଅନ୍ୟରୂପ
ବୁହନ୍ତା }
बहता बहताहुआ

**ବହନ୍ତି**—ଦେ. ବ—୧ । ପିଣ୍ଡାର ସୀମାକୁ ବଳି ବାହାରକୁ ଥିବା ଘରର
Bahanti ଅଂଶବିଶେଷ—1. The portion of a thatch
छाँच which projects beyond the edges of the
बढ़ती; बलती veranda below; eave. ୨ । ବହନ୍ତି ଘରର ବଉସମାନ କରି ପିଣ୍ଡାର ଯେଉଁ ଅଂଶକୁ ବଢ଼ାଇ କରି ସେଥି

ବଗ୍ରଯାଏ—2. Extension of a veranda below projecting thatch. ୩ । କୌଣସି ନିର୍ଦ୍ଦିଷ୍ଟ ସୀମାର ବାହିର ବହିର୍ଭୂତ ଅଂଶ—3. Outskirt; suburban.
(ଯଥା—ଗାଁ ବହନ୍ତ ।)

୪। ଘୋର ଜଙ୍ଗଲର ସେଉଁ ସୀମା ମେଲ୍ଲ ଜାଗା ଅଡ଼କୁ ମାଡ଼ି ଆସିଥାଏ ଓ ଯାହାର ଗଛ ବୁଦା ଅବ ଅସଲ ଜଙ୍ଗଲ ପର ଗହଳଥ ହୋଇ ନ ଥାଏ—4 Outskirts of a forest; a strip up forest projecting with the open country.

ଦେ. ବଣ—ବହନ୍ତା ( ଦେଖ )—Bahantā ( See )

**ବହପ(ପା)**—ଦେ. ବ. ( ସଂ. ବପୁ )—୧ । ହେମତ; ସାହସ—Bahapa(pā) 1. Courage. ୨ । ଶକ୍ତି; ବଳ—2. Strength. बल वल, बफ, वोफ

**ବହପ କରିବା**—ଦେ. କ୍ରି—୧ । କୌଣସି କାର୍ଯ୍ୟ କରିବାକୁ ସାହସ ବାନ୍ଧିବା—1. To muster courage Bahapa karibā वोफ करना to do thing. ୨ । କୌଣସି କାର୍ଯ୍ୟ କରିବାକୁ ଚେଷ୍ଟା କରିବା—2. To try to do a thing.

**ବହପ ପାଇବା**—ଦେ. କ୍ରି—୧ । କୌଣସି କାର୍ଯ୍ୟ କରିବାକୁ ସାହସୀ ହେବା—1. Having courage to do Bahapa pāibā बल पाओया a thing. ୨ । କୌଣସି କାମକୁ ବଳ ପାଇବା—2. वोफपाना वोफआना Having strength or power for doing a thing.
(ବହପ ଆସିବା—ଅନ୍ୟରୂପ)
(ଯଥା—ଏ ବୟସରେ ପିଲ୍ଲର ବୋଝ ବାଣିବାକୁ ବହପ ପାଇବା ପାଇଁ ଖାଦ୍ୟ କାହିଁ ?)

ଦେ. କ୍ରି—ଅନ୍ୟ ବ୍ୟକ୍ତିଠାରୁ ଉତ୍ସାହ ପାଇବା—To get encouragement from another to do something.

**ବହପ ବାନ୍ଧିବା**—ଦେ. କ୍ରି—କୌଣସି କଷ୍ଟସାଧ୍ୟ କାର୍ଯ୍ୟ କରିବାକୁ ମନରେ ସାହସ ବା ସଂକଳ୍ପ କରିବା—Bahapa bāndhibā बुकबाँधा वोफबाँधना To resolve to do some difficult task.

**ବହପିଆ**—ଦେ. ବଣ. ପୁଂ—୧ । ବଳୁଆ—1 Strong. ୨ । ସାହସୀ—2. Courageous. Bahapiā बलवान
(ବହପୀ, ବହପେଇ—ସ୍ତ୍ରୀ) साहसी

**ବହମାନ**—ସଂ. ବଣ. ( ବହ୍ ଧାତୁ+କର୍ତ୍ତୃ. ଅନ )—୧ । ପ୍ରବାହିତ ହେଉଥିବା (ଜଳ)—1. Flowing (water). Bahamāna ୨ । ବୋଝ ବୋହୁଥିବା—2. Carrying (a load). ୩ । ବହୁଥିବା (ବାୟୁ)—3. Blowing (air; wind).

**ବହର**—ବୈଦେ. ବ. (ଅ. ବହର୍=ଉପସାଗର; ସମୁଦ୍ର, ଜାହାଜ; ତୁଲ. ସଂ. ବହଳ=ନୌକା)—୧ । ଜାହାଜ—Bahara बहर 1. Ship. ୨ । ଜଳଯାନ ସମୂହ—2. A fleet of ships. बेडा ଦେ. ବ—୧ । ( ସଂ. ଗମ୍ଭୀର ) ଜଳର ଗଭୀରତା—बहर 1. Depth of water. ୨ । (ସଂ. ବିସ୍ତାର) ଲୁଗାର ପ୍ରସ୍ଥ चौडाइ ବା ଓସାର—2. Breadth; width.

ଗ୍ରା. ବ—୧ । (ସଂ. ବୃତ୍ତାକାର) ଚକ୍ରାକାର ବା ବୃତ୍ତଶୀଅ ରାସ୍ତା—1. Winding path. ୨ । (ଇତର ଲୋକଙ୍କ ଉଚ୍ଚାରଣ ଦୋଷ; ଳ ସ୍ଥାନରେ ର ଉଚ୍ଚାରଣ)—ବହଳ—2. Thickness.

**ବହରେଇବା**—ପ୍ରାଦେ. (ସମ୍ବଲପୁର) କ୍ରି. (ତୁଲ. ହି. ବହରାନା)—Bahareibā 'ବାହାରିବା'ର ଣିଜନ୍ତରୂପ—Causative form of Bāhāribā.

**ବହଲ୍**—ପ୍ରାଦେ. (ସମ୍ବଲପୁର) ବଣ. (ସଂ. ବହୁଳ)—ବହଳ; ଘନ—Bahal Thick.

**ବହଳ**—ସଂ. ବଣ. (ବହ୍ ଧାତୁ=ବହନ କରିବା+କର୍ତ୍ତୃ. ଅଲ)—Bahaḷa ୧ । କଠିନ; ଦୃଢ଼; କଠୋର; ଝାଣ—1. Hard; घन; पुष्ट firm. ୨ । ବହୁଳ; ପ୍ରଚୁର—2. Great; plentiful; copious; abundant. ୩ । ଅନେକ—3. Many. ୪ । ମୋଟା—4. Thick; tough.

ନୁହେଁ ବହଳ ଉପାଇବ ସୋଚ୍ଚ
କିଛିକେ କମାଷ ନ କରେ ଅତ । ବଳମୂର୍ତ୍ତ୍ୟ, ବହଡାଲଛେ ଜଗା ।

୫ । ଘଷ; ସାନ୍ଦ୍ର; ଘନ—5. Dense. ୬ । ବହୁ ଲୋମଯୁ; ଝାମ୍ପୁଡ଼ା—6. Shaggy (Apte). ୭ । କଠୋର (ଶବ୍ଦ) –7. Harsh (sound).

ସଂ. ବ. ( ବହ୍ ଧାତୁ+କର୍ତ୍ତୃ. ଅଲ; ତୁଲ. ଫା. ବହରୁ=ଜାହାଜ)—୧ । ନୌକା; ଜଳଯାନ; ଜାହାଜ—1. Boat; vessel, ship. ୨ । ଏକପ୍ରକାର ଆଖୁ—2. A kind of sugarcane (Apte).

ଦେ. ବଣ—ନିର୍ଲଜ୍ଜ; ଦାମ୍ଭିକ—Shameless; thick-मुखेबल skinned.

ମୋରର ମହି ବହଳ–ଭଳ ।

ଦେ. ବ—୧ । ( ସ. ବହୁଳତା ) ଆଧିକ୍ୟ; ପ୍ରାଚୁର୍ଯ୍ୟ—1. Excess.

ଜଳ ବହଳେ ବୃଷ୍ଟି ହୋଇ, ନାଶ ହୁଅନ୍ତି ସବାକଳ ।
ପ୍ରାଚୀ. ନାର୍ଗ୍ଣମାହାସ୍ୟ ।

୨ । ବାହୁଲ୍ୟ ବଚନ; ଅନାବଶ୍ୟକ ବାକ୍ୟ-ଅପଚୟ—2. Unnecessary waste of words.

**ବହଳ ତ**—ସଂ. ବ. (ବହୁବ୍ରୀହି; ବହଳ+ତ୍ୱଚ୍)—ଧଳା ଫୁଲ ଫୁଟିବା ଲୋଧ୍ରଗଛ—The white flowering Bahaḷatwacha Lodhra tree (Apte).

**ବହଳା**—ସଂ. ବ. ସ୍ତ୍ରୀ. ( ବହଳ+ସ୍ତ୍ରୀ. ଆ )—୧ । ଭେଲା—1. Bahaḷā 1. Rafter, ୨ । ବଡ଼ ଅଳେଇଚ—2. Large cardamums (Apte).

ଦେ. ବଣ—ବହଳ (ଦେଖ)—Bahaḷa (See)

**ବହଳା(ଳେ)ଇବା**—ଦେ. କ୍ରି—୧ । କୌଣସି ଲେପକୁ ବହଳ କରିବା; ମୋଟା କରିବା—1. To thicken. Bahaḷā(ḷe)ibā घनकरना ୨ । (ଲକ୍ଷଣାର୍ଥ) କୌଣସି କଥାକୁ ବାରମ୍ବାର କହିବା—गाढा करना बाड़ान 2. (fig) To repeat a thing.

ବହଲ(ଲେ)ଇବା—ଦେ. କ୍ରି (ସଂ. ବହ୍ଲ; ଫା. ବହାଲ୍=ଭୁଲାଇବା;
Bahalā(le)ibā ହି. ଷ.)—୧ । ମିଷ୍ଟ କଥାରେ ଭୁଲାଇବା—
फुसलाना 1. To seduce; to inveigle. ୨ । ଭଣ୍ଡାଇବା;
बहलाना ଭୁଲାଇବା; ଧପାଇବା—2. To cheat; to deceive.

ବହଲିଆ—ଦେ. ବଣ—ବହଲ ( ଦେଖ )—
Bahalia Bahala ( See )

ବହସ—ବୈଦେ. ପ୍ରାଦେ. (ସମ୍ବଲପୁର) ବ. (ଅ) (କଟରଅ) (ହିନ୍ଦୀରୁ
Bahas ଅନୁକୃତ)—୧ । ତର୍କବିତର୍କ; ବାଦାନୁବାଦ—1. Argument. ୨ । ଅଦାଲତରେ ଓକିଲଙ୍କ ବାଦାନୁବାଦ—2. Pleaders' argument. ୩ । କୌଣସି ବ୍ୟକ୍ତିର ପକ୍ଷରେ ଲଢ଼ି କହିବା—3. Pleading in favour of a person. ୪ । କଳି; ବିବାଦ—4. Dispute. ୫ । ବାଜି—5. Wager; stake in a hazard.

ବହସ କରିବା—ବୈଦେ. ପ୍ରାଦେ. ( ସମ୍ବଲପୁର ) କ୍ରି. ( ଅ. ବହସ୍‌ନା )
Bahas karibā କ୍ରି—୧ । କୌଣସି ବ୍ୟକ୍ତି ପାଇଁ ଓକିଲାତି କରିବା ବା ତାହାର ପକ୍ଷ ସମର୍ଥନ କରିବା—1. To plead for a person. ୨ । ମକଦମାରେ ଓକିଲରୂପେ ବାଦାନୁବାଦ କରିବା—2. To argue for a party in a court.

ବହା—ସଂ. ବ. ( ବହ୍ ଧାତୁ+କର୍ତ୍ତୃ. ଅ+ସ୍ତ୍ରୀ. ଆ )—ନଦୀ—
Bahā 1. River.
ଦେ. ବ. ( ଅନ୍ୟ ଶବ୍ଦ ସଙ୍ଗେ ପ୍ରଯୋଜ୍ୟ; ସଂ. ବହ )—ଯେ ବହନ କରେ—One who carries.
ବମାନବହା ପୁରୁଷରେ, ନୃପ କହଇ କୋପରେ । ଜଗନ୍ନାଥ. ଭାଗବତ ।

ବହା(ହେ)ଇବା—ଦେ. କ୍ରି. ( 'ବହିବା'ର ଣିଜନ୍ତରୂପ )—ବୁହାଇବା
Bahā(he)ibā (ଦେଖ); ଅନ୍ୟଦ୍ୱାରା ବହିବା କ୍ରିୟା କରାଇବା—
बहान बहाना To cause to carry or flow.

ବହାଲ—ପ୍ରାଦେ. (ବାଲେଶ୍ୱର) ବ—ଏକପ୍ରକାର ଲୁଣି ମାଛ—
Bahāla A species of sea-fish.

ବହାଳୁ—ଦେ. ବ. (ସଂ. ବହୁବାର)—ଗର୍ଭିଣୀ ଗଛ (ଦେଖ)
Bahālu Garbhaṇā gachha (See)

ବହି—ବେଦେ. ବ. (ଅ. ବହ୍ଲ=ଈଶ୍ୱର ବାଣୀ, କୋରାନ୍; ଭୁଲ. ଇଂ.
Bahi ବୁକ୍; ସଂ. ବେଦ; ବଦ୍ଧ ପୁସ୍ତକ)—୧ । ଛାପ; ଗ୍ରନ୍ଥ;
बई, बहि ପୁସ୍ତକ—1. Book. ୨ । ଲେଖା ଖାତା—2. A
बही manuscript book. ୩ । ବନ୍ଧା ବହି—3. Bound book. ୪ । ହିସାବ ପୁସ୍ତକ—4. Account book. ୫ । ବ୍ୟବସାୟର ଆୟ ବ୍ୟୟର ହିସାବ ଖାତା—5. Business accounts.

ବହିଃ—ସ. ଅ. ( ବହିସ୍ ଶବ୍ଦ )—ବାହାରେ—
Bahiḥ (ବିପରୀତ—ଅନ୍ତଃ) In the outside; the exterior.

ବହିଃ ପ୍ରାଣ—ସ. ବ—୧ । ( କୌଣସି ବ୍ୟକ୍ତିର ଦେହର ବାହାରେ
Bahiḥ prāṇa ଥିବା ଜୀବନ ସ୍ୱରୂପ ) କୌଣସି ବ୍ୟକ୍ତିର ପ୍ରିୟତମ ବ୍ୟକ୍ତି—1. One's beloved or dear person ( as dear as one's life); any thing as dear as life (Apte). ୨ । ଟଙ୍କା; ମୁଦ୍ରା—2. Money (Apte).

ବହିଃ ଶତ୍ରୁ—ସ. ବ—ଆପଣା ଦେଶର, ଘରର ବା ଦଳର ବାହାରର
Bahiḥ śatru ଶତ୍ରୁ—Outside enemy; external
(ବିପରୀତ—ଅନ୍ତଃ ଶତ୍ରୁ) enemy.

ବହି(ଇ)ଣୀ—ଦେ. ବ. ସ୍ତ୍ରୀ. ( ସଂ. ଭଗିନୀ; ପ୍ରା. ବହିଣୀ )—
Bahi(i)ṇī ଭଗିନୀ; ଭଉଣୀ—Sister.
बईन, बहिनी ବହିଣୀ ଭୁ ମୋର ନ ଜାଣି ସଂସାର ମଧ୍ୟରେ କେ ଅଛ—
बहिन ଉକ୍ତ. ବୈଦେହୀଶବିଳାସ ।

ବହିତ୍ର—ସଂ. ବ. ( ବହ୍ ଧାତୁ=ବହନ କରିବା+କରଣ. ଇତ୍ର )—
Bahitra ୧ । ନୌକା; ଜଳଯାନ; ବୋଇତ; ଜାହାଜ—1. Boat; ship. ୨ । ରାମାୟଣ ବର୍ଣ୍ଣିତ ରାକ୍ଷସ ସେନାପତି ବିଶେଷ—2. A commander of the demons described in the Rāmāyaṇa.
ବହିତ୍ର ନାମ ଭଲେ ଅପୂର୍ବ କଳ କାଳେ ଇମ୍ଭ କର ଉଡ଼ାଇ ଦେଲେ—
ଉକ୍ତ. ବୈଦେହୀଶବିଳାସ ।

ବହିଦାର—ପ୍ରାଦେ. (ସମ୍ବଲପୁର) ବ. (ଭୁଲ. ହି. ବହିଦାର=ଖାତା
Bahidār ଲେଖକ)—୧ । ଯେ ହିସାବ ପତ୍ର ଲେଖେ—1. Accountant. ୨ । ଯେ ବହି ବନ୍ଧାଇ କରେ—2. Book binder. ୩ । ସମ୍ବଲପୁର କରଣମାନଙ୍କ ଉପାଧି ବିଶେଷ—3. A family-title of the Karaṇas in Sambalpur

ବହିନ୍—ପ୍ରାଦେ. ( କଟକ ଗ୍ରାମ ) ବ ( ଭୁଲ. ହିନ୍ଦୀ )—ଭଉଣୀ—
Bahin Sister.

ବହିନା—ଦେ. ବ—ବଇନା ( ଦେଖ )
Bahinā Bainā ( See )
ମାଗିଲେ ବହି ଦେବା ବହିନା କରି ଯେ—
ବିଶ୍ୱନାଥ. ବଡ଼ଚମ୍ପୁ ରାମାୟଣ ।

ବହିବା—ଦେ. କ୍ରି. ( ସଂ. ବହ୍ ଧାତୁ )—
Bahibā ୧ । ବହନ କରିବା—1. To carry.
बहा ଶମ୍ଭୁ ପରପଛୀ ଭୁଣେ କେତେ ବାଣ ବହିଛ ।
बहना ବଳଦ୍ୱୀପ. ରତ୍ନାକର ଭାଷ୍ୟ ।
୨ । (ସ୍ରୋତଃ) ପ୍ରବାହିତ ହେବା—2. To flow (said of a current).
ବହି ଗଙ୍ଗ ଆଗୁଳ ପଡ଼ଇ ଅଧରେ । ଉକ୍ତ. ବୈଦେହୀଶବିଳାସ ।
୩ । (ପବନ) ଚଳିତ ହେବା—3. To blow (said of the wind). ୪ । (ସମୟ) ଅତିବାହିତ ହେବା—4. To pass (said of time).
୧ ମଧ୍ୟେ ବହିଗଲ କେତେ ଦିବସ । ମଧୁସୂଦନ. ଇଚ୍ଛିବାଣକଥା ।
୫ । ଦେହରେ ଧାରଣ କରିବା; ପରିଧାନ କରିବା—5. To bear on the body; to wear; to put on.
ଦେବବହେ ବାହୁବା କନା ବଣ ଛନ୍ଦ
ଛିଚ୍ଛ ପଦ ବାହୁ କଦଳୁ ବହନ୍ତୁ । କୃଷ୍ଣ ବି. ମହାଭାରତ. ବନ ।
୬ । ମନରେ ଧାରଣ କରିବା—6. To entertain; to feel.
ଦୁ କ ଏ ଅନ୍ତରେ ବହିଲୁ ରେ । ବଳଦ୍ୱୀପ. ଯଶୋଦା ଗୀତ ।

୭ । (ନାମ) ଧାରଣ କରିବା—7. To bear (a name).

ଉତଙ୍କ ଯାକର ଅଦ୍ଭୁତ ଦେଖିଲ
ତନ ଛନ୍ଦ ଅତନ ନାମକୁ ବହିଲ । କୃଷ୍ଣସିଂହ. ମହାଭାରତ. ବନ ।

୮ । ପଶିବା; ପ୍ରବେଶ କରିବା—8. To enter.

କଣ୍ଠା ନ ବହେ ଯା ଚରଣ, ସେ କ ଜାଣଇ ସେ କଷଣ ।
ଜଗନ୍ନାଥ—ଭାଗବତ ।

୯ । କୌଣସି ସ୍ଥାନରୁ ଅନ୍ୟ ସ୍ଥାନକୁ ଯିବା ପାଇଁ ଅଗ୍ରସର ହେବା—9. To go out; to leave a place; to start from a place.

ନାସର ଛନ୍ଦେ ଏ ଛନ୍ଦରେ ଉଛି
ବହିଲେ ପ୍ରଭାତେ ହରଷ ହୋଇ—ଉପେ. ବୈଦେହୀଶବିଳାସ ।

୧୦ । (ଦେହରୁ ରକ୍ତ, ପୂଜ)—ବାହାର ହେବା; ଝରିବା—13. ( blood; pus ) To come out ( of the body ).

ବହିର—ଦେ. ବଣ. ( ସଂ. ବଧିର; ପ୍ରା. ବହିର )—୧ । ବଧିର—
Bahira 1. Deaf. ୨ । ବଧିର (କାନ)—2. Deafened;
କାଲା stunned (said of the ears). ୩ । ବୋଧଶକ୍ତିହୀନ
बहरा; बहिरा (ଚମଡ଼ା)—3. Deadened to touch; made
(ବହିରୀ—ସ୍ତ୍ରୀ) insensitive to touch (said of skin).

ବହିରଙ୍ଗ—ସଂ. ବଣ. ( ବହୁବ୍ରୀହି; ବହିସ୍=ବାହାରେ+ଅଙ୍ଗ )—
Bahiranga ୧ । ବାହାରରେ ଥିବା—1. Belonging to or
(ଅନ୍ତରଙ୍ଗ—ବିପରୀତ) staying outside. ୨ । ଅନାତ୍ମୀୟ;
(ବହିରଙ୍ଗତା—ବି) ପର—2. Foreign; not closely related.

ବହିରଙ୍ଗେ ଉଛି ବୁଲୁଛନ୍ତି ଅଗଣାରେ—ଚନ୍ଦ୍ରଶେଖର, ବ. ଗୀତ ।

୩ । ଦଳର ବହିର୍ଭୂତ—3. Not belonging to a party.

ସଂ. ବି—୧ । ଅନାତ୍ମୀୟ ବ୍ୟକ୍ତି—1. Stranger. ୨ । ଦଳ ବା ପରିବାରର ବାହାରର ଲୋକ—2. Outsider. ୩ । ଶତ୍ରୁ—3. Enemy.

ବହିରା—ଦେ. ବି—୧ । (ସଂ. ବଧିର, ପ୍ରା. ବହିର) ବଧିର ବ୍ୟକ୍ତି—1. A
Bahirā deaf person. ୨ । (ଅ॰ ବହିରୀ; ସଂ. ପକ୍ଷିବିଶେଷ) ମାଙ୍କଡ଼
କାଲା ଚିଲ—2. A bird of prey allied to the kite;
बहरा the peregrine falcon; Falco Peregrinus.
बैरी; बाजबैरी [ ଦ୍ର—ଏହା ଏକ ପ୍ରକାର ମାଂସାଶୀ ପକ୍ଷୀ; ପ୍ରାୟ
बैरि; बहरी ୧ ହାତ ଲମ୍ବ ଏବଂ ବାଜଠାରୁ ବଡ଼ । ଏ ପାଖ ପ୍ରକାର
ଛୋଟ ପକ୍ଷୀଙ୍କୁ ଶିକାର କରି ଖାଏ; ଏହା ଶ୍ୟେନ ବା ବାଜ ଅପେକ୍ଷା ବଡ଼ ଓ ବଳୁଆ; ଚକ୍ଷୁ ସ୍ଥୂଳ ଓ ଚକ୍ଷୁର ଉପର ପାଖ ହଳଦିଆ । ପୁଚ୍ଛ ଗୋଲ ଓ ଅଗାଲ ମାଙ୍କଡ଼ । ]

୩ । ବାଜ ବା ଶ୍ୟେନ—3. The hawk; the goshawk. ୪ । ଏକ ଜାତୀୟ ଶ୍ୟେନ—4. Goat-sucker. ୫ । କାଠ ଚିରି ଦୁଇଫାଳ କରିବା ପାଇଁ ବ୍ୟବହୃତ କାଠର ହୋରମୁଣ୍ଡା ବା ହାତୁଡ଼ା—5. A very heavy wooden sledge-hammer used for splitting up logs of wood.

ଦେ. ବଣ—ବହିର (ଦେଖ)—Bahira (See)

ବହିରାଗମନ—ସଂ. ବି. (ବହିଃ+ଆଗମନ)—ବାହାରକୁ ଆସିବା—
Bahirāgamana Coming out; emerging.

ବହିରି—ଦେ. ବି—ବହିରା ( ଦେଖ )
Bahiri Bahirā ( See )

ବହିରିନ୍ଦ୍ରିୟ—ସଂ. ବି. ( ବହିଃ+ଇନ୍ଦ୍ରିୟ )—ଚକ୍ଷୁ, କର୍ଣ୍ଣ, ନାସିକା,
Bahirindriya ଜିହ୍ୱା ଓ ତ୍ୱକ୍ ଏହି ୫ ଇନ୍ଦ୍ରିୟ—The five external organs of sight, hearing, smell, taste and touch.

ବହିରିଭୂତ—ଗ୍ରା. ବଣ. (ସଂ. ବହିର୍ଭୂତ)—ବହିର୍ଭୂତ (ଦେଖ)
Bahiribhuta बाहिर बाहिर Bahirbhūta (See)

ବହିର୍ଗତ—ସଂ. ବଣ. ପୁଂ. (ବହିଃ+ଗତ)—୧ । ବାହାରକୁ ଯାଇଥିବା
Bahirgata ବା ଆସିଥିବା—1. Come out; emerged;
(ବହିର୍ଗତା—ସ୍ତ୍ରୀ) gone forth; gone out. ୨ । ବାହାରରେ
(ଅନ୍ତର୍ଗତ—ବିପରୀତ) ଥିବା—2. Staying or situated outside. ୩ । ପୃଥକ୍ (ହି. ଶ.)—2. Separate.

ବହିର୍ଗମନ—ସଂ. ବି. (ବହିଃ+ଗମନ)—ବାହାରକୁ ବା ପଦାକୁ ଯିବା—
Bahirgamana Going outside.

ବହିର୍ଦାସୀ—ସଂ. ବି. (ବହିଃ+ଦାସୀ)—ପରିଚାରିଣୀ; ଗୋଇଲୀ—
Bahirdāsī Maid servant.

ଗୃହକରେ ଅଶ୍ୱାଦି ଚରନ୍ତି ବହିର୍ଦାସୀମାନଙ୍କ ଅଙ୍କରେ ଜନ୍ମିଲେ ।
ବନମାଳୀ, ସଙ୍ଗୀତ ।

ବହିର୍ଦେ(ର୍ଦ୍ଦେ)ଶ—ସଂ. ବି. (ବହିଃ+ଦେଶ)—୧ । ବାହାର ପାଖ—
Bahirde(rdde)śa 1. External side.
୨ । ପଦାର୍ଥର ଉପରଭାଗ—2. Exterior; outside.
୩ । ଗ୍ରାମର ବାହାରର ଅଂଶ—3. Outskirts of a village (where people ease themselves).
୩ । ଗ୍ରାମ ବା ନଗରହୀନ ସ୍ଥାନ—3. A place without a town or village (Apte.)

बहर्देश ଦେ. ବି.—ପୋଖରୀପାଣି ଯିବା; ଝାଡ଼ାଫେରିବା—
झाडेजङ्गल Going out to answer the calls of nature.

ବହିର୍ଦେ(ର୍ଦ୍ଦେ)ଶ ଯିବା—ଦେ. କ୍ରି॰—ଝାଡ଼ା ଫେରିବାକୁ ଯିବା—
Bahirde(rdde)śa jibā To go out to answer the
बहिर्देश याओया झाडेजङ्गलजाना calls of nature.

[ଦ୍ର—ପୂର୍ବେ ପାଇଖାନାର ପ୍ରଚଳନ ନ ଥିଲା । ଲୋକେ ମଳତ୍ୟାଗ କରିବାକୁ ଗ୍ରାମର ବହିର୍ଦେଶକୁ ଯାଉଥିଲେ । ଏଣୁ 'ବହିର୍ଦେଶ' 'ପୋଖରୀପାଣି' 'ବାହାରକୁ' ବା 'ମଇଦାନ' ଯିବା ଆଦି ପଦ ମଳତ୍ୟାଗ କରିବା ଅର୍ଥରେ ବ୍ୟବହୃତ ହୋଇଅଛି ଓ ହିନ୍ଦିରେ ଗ୍ରାମ ବାହାରର ଝାଡ଼ ଜଙ୍ଗଲକୁ ଝାଡ଼ାଫିରନା, ଝାଡ଼େଜଙ୍ଗଲ ଜାନା ଓ ବଙ୍ଗଳାରେ ବାହ୍ୟ ଯାଓୟା ଶବ୍ଦମାନଙ୍କର ବ୍ୟବହାର ହୋଇଅଛି । ମଳତ୍ୟାଗାନ୍ତେ ଲୋକେ ଶୌଚ କରିବାକୁ ପୁଷ୍କରିଣୀ ଓ ନଦୀ ଆଦିକୁ ଯିବାରୁ ଓଡ଼ିଆରେ ପୋଖରୀ ଯିବା ଓ ହିନ୍ଦୀରେ ପୋଖରଜାନା, ନଦୀ ଜାନା ମଳତ୍ୟାଗ କରିବା ଅର୍ଥ ବୋଲାଯାଏ ।]

ବହିର୍ଦ୍ୱାର—ସଂ. ବି. (ବହିଃ+ଦ୍ୱାର)—ବାହାରର ଫାଟକ—
Bahirdwāra The outer gate.

ବହିର୍ବଳି—ସ. ବ.—(ବହିଃ+ବଳି)—('ଅର୍ଶ' ତଳେ ନୋଟ୍ ଦେଖ—
Bahirbali See notes under Arśa )
(ଅନ୍ତର୍ବଳି—ବିପରୀତ) ଏକପ୍ରକାର ଅର୍ଶ ରୋଗରେ ଗୁହ୍ୟଦ୍ୱାରର ବାହାର ପାଖ ବାଡ଼ରେ ବାହାରିବା ଅଙ୍ଗୁଳିସ୍ତନବତ୍ ଚର୍ମଗୁଟିକା— Blind piles.

ବହିର୍ବାଣିଜ୍ୟ—ସ. ବ. (ବହିଃ+ବାଣିଜ୍ୟ)—୧ । ରପ୍ତାନି; ଆପଣା
Bahirbāṇijya ଦେଶରୁ ବିଦେଶକୁ ପଣ୍ୟ ପ୍ରେରଣ—
(ଅନ୍ତର୍ବାଣିଜ୍ୟ—ବିପରୀତ) 1. Export trade.
୨ । ଭିନ୍ନ ଭିନ୍ନ ଦେଶମାନଙ୍କ ପରସ୍ପର ମଧ୍ୟରେ ଚଳୁଥିବା ବାଣିଜ୍ୟ—2. International trade. ୩ । ଦେଶାନ୍ତରରୁ ଆପଣା ଦେଶକୁ ପଣ୍ୟ ଦ୍ରବ୍ୟର ଆନୟନ— 3. Import trade.

ବହିର୍ବାସ—ଦେ. ବି. (ବହିଃ+ବାସ)—୧ । ବୈଷ୍ଣବମାନେ କୌପୁନୀମାନ
Bahirbāsa ତାହା ଉପରେ ଯେଉଁ ଲୁଗା ପିନ୍ଧି ଥାନ୍ତି—
1. A piece of cloth worn by ascetics round the lions over the strip of rag tucked about the privities. ୨ । ଉତ୍ତରୀୟ ବସ୍ତ୍ର; ଚାଦର—2. Outer sheet put round the upper part of the body. ୩ । ବାହାରରେ ଅବସ୍ଥାନ—3. Residence abroad.

ବହିର୍ବାହ—ସ.ବି. (ବୈଜ୍ଞାନିକ ପରିଭାଷା; ବହିଃ+ବାହ)—ଯେଉଁ ପ୍ରବାହ
Bahirbāha ଦ୍ୱାରା କୌଣସି ପଦାର୍ଥର ଅଭ୍ୟନ୍ତରସ୍ଥ ଜଳ ବାହାରକୁ ବହି ଥାଏ—An outer current; exosmosis.
ସଂ ବିଣ.—ଯାହା (ଯେଉଁ ନଦୀ ଆଦି) ଦେଶର ବାହାର ଆଡ଼କୁ ବହି ଯାଇ ଥାଏ—Flowing or running outwards (said of a stream)

ବହିର୍ବାହୀ ସ୍ନାୟୁ—ଦେ. ବି. (ଅଧୁନାତନ ବିଜ୍ଞାନ ପରିଭାଷା)—ଯେଉଁ
Bahirbāhi snāyu ନାଡ଼ୀମାନ ଚିତ୍ତକୁ ହୃତ୍ପିଣ୍ଡରୁ ଦେହର ଅନ୍ୟ ଅଂଶମାନଙ୍କୁ ବହି ନିଏ—Arteries.

ବହିର୍ବିକାର—ସ. ବି. (ବହିଃ+ବିକାର)—ଫିରଙ୍ଗ ରୋଗ; ଗରମୀ
Bahirbikāra ବେମାର—Syphilis (Apte).

ବହିର୍ବ୍ୟସନ—ସ. ବି.—ଇନ୍ଦ୍ରିୟ ବୃତ୍ତିର ଚରିତାର୍ଥତା—
Bahirbyasana Licentiousness; immorality;
(ବହିର୍ବ୍ୟସନୀ—ବିଣ. ପୁଂ) lewdness.

ବହିର୍ଭବ—ସ. ବିଣ. (ବହିଃ+ଭୂ ଧାତୁ+ଅ)—ବାହ୍ୟ; ବାହାରରେ
Bahirbhaba ଥିବା—External.

ବହିର୍ଭାଗ—ସ. ବି. (ବହିଃ+ଭାଗ)—ବାହାରର ଅଂଶ—
Bahirbhāga Outside; external part.
(ଅନ୍ତର୍ଭାଗ—ବିପରୀତ)

ବହିର୍ଭୂତ—ସ. ବିଣ. (ବହିସ୍+ଭୂ ଧାତୁ+କର୍ତ୍ତୃ. ତ)—୧ । ବହିର୍ଗତ—
Bahirbhūta 1. Gone forth. ୨ । ବର୍ଜିତ—
(ବହିର୍ଭୂତା—ସ୍ତ୍ରୀ) 2. Abandoned. ୩ । ବହିଷ୍କୃତ; ତାଡ଼ିତ—
(ଅନ୍ତର୍ଭୂତ—ବିପରୀତ) 3. Expelled; driven out.
(ବହିର୍ଭବ—ବି) ୪ । ଅତୀତ (ସମୟ)—4. Past; expired (time) ୫ । ବାହାରରେ ଥିବା—5. Situate outside; outside the scope of; beyond the boundaries of. ୬ । ଅମନୋଯୋଗୀ—6 Careless; inattentive.

ବାହିର ଦେ. ବିଣ—(ଆଦେଶ ବା ଇଚ୍ଛାର)—ଲଙ୍ଘନକାରୀ;
बाहर ଅବାଧ୍ୟ—1. Disregarding one's wish or order
୨ । ଅନ୍ୟଥାକୃତ—2. Performed or done otherwise

ବହିର୍ମୁଖ—ସଂ ବିଣ.—(ବହୁବ୍ରୀହି; ବହିଃ+ମୁଖ)—୧ । ଯାହାର ମୁହଁ
Bahirmukha ବାହାର ଆଡ଼କୁ ବୁଲିଅଛି—1. Facing outwards; with the face turned outwards; turning one's face away from. ୨ । ବିମୁଖ; ପରାଙ୍ମୁଖ—2. Averse from; indifferent to. ୩ । ବାହ୍ୟବିଷୟାସକ୍ତ—3. Much addicted to worldly or outer matters.
୪ । ମୁଖରୁ ବହିର୍ଗତ—4. Coming out of the mouth (Apte).
ସ. ବି.—ଦେବତା—God; deity.

ବହିର୍ଯାତ୍ରା(ନ)—ସ.ବି. (ବହିଃ+ଯାତ୍ରା;ଯାନ)—ଦେଶର ବାହାରକୁ ବୁଲି
Bahirjātrā(na) ଯିବା—Expedition; excursion (Apte)

ବହିର୍ଲମ୍ବ—ସ. ବିଣ. (ବହୁବ୍ରୀହି; ବହିଃ+ଲମ୍ବ) (ଜ୍ୟାମିତି)—ସ୍ଥୂଳକୋଣୀ
Bahirlamba (ତ୍ରିଭୁଜ)—Obtuse-angled ( triangle ) (Apte).

ବହିର୍ଲିପି—ସ. ବି. (ବହିଃ=ବାହାରେ ପ୍ରକଟିତ+ଲିପି)—ଶବ୍ଦାଳଙ୍କାର
Bahirlipi ବା ଚିତ୍ରରଚନାବିଶେଷ—A rhetorical
(ଅନ୍ତର୍ଲିପି—ବିପରୀତ) composition in which the 1st,
(ବହିର୍ଲିପିକା—ଅନ୍ୟରୂପ) 2nd or any other letters of the successive lines, when put one after the other, make out a meaning intended to be conveyed by the composer; a poetical composition in which the intention of the author becomes patent by putting a particular letter of each line, as opposed to Antarlipi in which the meaning is latent or lies hidden in the words which are got in answer to the questions put in the successive lines.

[ ଦ୍ର—ବହିର୍ଲିପିରେ ପ୍ରତିପଦର ଆଦ୍ୟ, ମଧ୍ୟ, ଦ୍ୱିତୀୟ ବା ଶେଷ ଅକ୍ଷରମାନଙ୍କୁ ଯଥାକ୍ରମେ ଧାଡ଼ିଚୁଲିଆ କରି ବସାଇଲେ ସେହି ଅକ୍ଷରମାନଙ୍କଦ୍ୱାରା ଯେଉଁ ବାକ୍ୟ ହେବ, ତହିଁରୁ ରଚକଙ୍କ ମନୋଗତ ବ୍ୟକ୍ତ ହୁଏ । ଅନ୍ତର୍ଲିପି ରଚନାରେ ପ୍ରତି ଧାଡ଼ିରେ ଥିବା ପ୍ରଶ୍ନର ଉତ୍ତର ବା ସମାଧାନରୁହିଁ ସେହି ପ୍ରଶ୍ନମାନ ବାହାରେ

ସେହି ପଦମାନଙ୍କ ଆଦ୍ୟ, ମଧ୍ୟ ବା ପ୍ରାନ୍ତ ଅକ୍ଷରମାନଙ୍କୁ ଧାଡ଼ିମାନଙ୍କ କରି ବସାଇଲେ କବିଙ୍କ ମନୋଭାବ ବ୍ୟକ୍ତ ହୁଏ । ଅନ୍ତର୍ଲାପିରେ କବିଙ୍କ ମନୋଭାବ ଅନ୍ତର୍ନିହିତ (latent) ଥାଏ, ବହିର୍ଲାପିରେ ଏହା ବହିର୍ନିହିତ ବା ପ୍ରକାଶିତ ( patent or apparent) ଥାଏ ।

ବହିର୍ଲାପିର ଉଦାହରଣ ଃ—

କେହି ନାରୀ ସଙ୍ଗରେ ରଙ୍ଗରେ ରୂପସତି,
ବସି ଭାଷି ରହେ କହେ ଏମନ୍ତ ଭାରତୀ—

୧. (କ)ର୍ଣ୍ଣ ସ୍ତନ ଦାଡ଼ିମ୍ବ ! କେ ଆଦତ୍ୟ ନନ୍ଦନ ? (କର)
୨. (ର)ତି ଲାଳସି ! କେ ସୁଖ କରଇ ବର୍ଜନ ? (ରତି)
୩. (ହ)ରଣ ନୟନା ! କେଉଁ ଝଙ୍କାର ସର୍ଜଇ ? (ହର)
୪. (ର)ହସ୍ୟ ବର୍ଦ୍ଧିକା ! କାହିଁ ରସ ପ୍ରବର୍ତ୍ତଇ ? (ରହଃ)
୫. (ସ)ଖି ! କେଉଁ ଅଟଇ ନାରୀଙ୍କ ପ୍ରିୟକର ? (ସଖୀ)
୬. (ମା)ନିନୀର କସ ଛଡ଼ାଏ ନାଗରେ କେ ? (ମାନ)
୭. (ନ)ର ଇନ୍ଦ୍ରଜା ! ବକ୍ଷ୍ର କେଉଁ ଅବତାର ? (ନର)
୮. (ସ)ଶିହାସୀ ! କେ ଭୂଷଣ ମହାଦେବଙ୍କର ? (ଶଶୀ)

ଅନ୍ତର୍ଲାପି ଅଦେଖ ବହିର୍ଲାପି ପ୍ରାନ୍ତେ ଭାଷା
ଦୁହିଁଣ ସୁଦୟା କର ସରସିଜ ଦୃଶା !
ବସୁକଣ୍ଠେ କ୍ୟାତ ବୋଲ ରମଣୀ ଭାଷିଲା
ନେହେ ମୃଦୁ ମୃଦୁ ହସି ଅଙ୍ଗନା ଲାଜିଲା
ଯାବାଦ୍ୟ ହିବର୍ଣ୍ଣ ବାମଭାଗରେ ପ୍ରକାଶ
ଏଥିଁ ବାହାରୁଛି 'କର ହରସ ମାନସ' ।

ଉପେନ୍ଦ୍ରଭଞ୍ଜ. ଚିତ୍ରକାବ୍ୟବନ୍ଧୋଦୟ ।

ଏହା ବହିର୍ଲାପିରେ 'କର ହରସେ ମାନସ' ପ୍ରକଟିତ କରୁଛି । ଏହା ମଧ୍ୟ ଅନ୍ତର୍ଲାପିରେ ସେହି ବାକ୍ୟ ଉତ୍ପାଦନ କରୁଛି । ୧ ଚିହ୍ନିତ ପଦରେ କହିତ ପ୍ରଶ୍ନର ଉତ୍ତର (କର); ଏହିପରି ପରବର୍ତ୍ତୀ ସାତ ପଦରେ ଥିବା ପ୍ରଶ୍ନର ଉତ୍ତର ପଦମାନଙ୍କ ପ୍ରଥମ ଅକ୍ଷରମାନଙ୍କୁ ପଢ଼ିଲେ ମଧ୍ୟ 'କର ହରସେ ମାନସ' ବାକ୍ୟ ହେବ । ]

**ବହିଶ୍ଚର**—ସଂ. ବିଣ. ( ବହିଃ+ଚର ଧାତୁ=ଗମନ କରିବା+କର୍ତ୍ତୃ. ଅ )—୧ । ଯେଉଁ ବ୍ୟକ୍ତି ଗ୍ରାମର ବା ଘରର ବାହାରେ ବିଚରଣ କରେ—1. Roaming outside the village or home (Apte). ୨ । ବାହ୍ୟ—2. External.
Bahischara
(ବହିଶ୍ଚରୀ—ସ୍ତ୍ରୀ)

ସଂ. ବି— କୁଳୀର; କଙ୍କଡ଼ା—Crab.

**ବହିଷ୍କ**—ସଂ. ବିଣ. (ବହିଃ+ସମ୍ବନ୍ଧାର୍ଥେ କ)—ବାହ୍ୟ—
Bahishka (ବହିଷ୍କା—ସ୍ତ୍ରୀ) External; outer.

**ବହିଷ୍କରଣ**—ସଂ. ବି. (ବହିଃ+କରଣ)—୧ । ବାହାର କରିଦେବା; ତଡ଼ିଦେବା; ଦୂରୀକରଣ—1. Removal; expulsion; expelling; driving away. ୨ । ବର୍ଜନ—2. Abandoning; rejection. ୩ । ଆବିଷ୍କାର କରିବା—3. Making a discovery. ୪ । ଜାତିଚ୍ୟୁତ—4. Excommunication. ୫ । ବାହ୍ୟେନ୍ଦ୍ରିୟ—5. External organ.
Bahishkarana
ବହିଷ୍କାର } ଅନ୍ୟରୂପ
ବହିଷ୍କ୍ରିୟା }

**ବହିଷ୍କୃତ**—ସଂ. ବିଣ. (ବହିଃ+କୃତ)—୧ । ଦୂରୀକୃତ; ଯାହାକୁ ତଡ଼ିଦିଆଯାଇ ଥାଏ—1. Expelled; driven out; turned out. ୨ । ସ୍ଥାନାନ୍ତରିତ—2. Removed. ୩ । ବର୍ଜିତ—3 Rejected.
Babishkruta
(ବହିଷ୍କୃତା—ସ୍ତ୍ରୀ)

**ବହିଷ୍କ୍ରାନ୍ତ**—ସଂ. ବି. (ବହିଃ+କ୍ରାନ୍ତ)—ବାହାରକୁ ବାହାରି ଯାଇଥିବା—Emerged; gone out; come out.
Bahishkrānta
(ବହିର୍ନିଷ୍କ୍ରାନ୍ତ—ଅନ୍ୟରୂପ)

**ବହିଷ୍କ୍ରିୟା**—ସଂ. ବି. (ବହିଃ+କ୍ରିୟା)—ବହିଷ୍କରଣ (ଦେଖ)
Bahishkriyā Bahishkarana (See)

ଦେ. ବି—ଝାଡ଼ାଫେରିବା କର୍ମ—
Act of easing one's self.

**ବହିଷ୍ଠାତ୍**—ସଂ. ଅ. (ବହିଃ+ସ୍ଥାତ୍)—ବାହାରରେ—
Bahisthat On the outside; abroad (Apte).

**ବହୁ**—ସଂ. ବିଣ. (ବନ୍ହ ଧାତୁ=ବୃଦ୍ଧି ପାଇବା+କର୍ତ୍ତୃ. ଉ; ଯେ ବୃଦ୍ଧି ପାଏ)—୧ । ସ୍ଥୂଳ—1. Great; large. ୨ । ବହୁତ; ଅନେକ—2. Many. ୩ । ଅସଂଖ୍ୟ—3. Innumerable. ୪ । ବେଶି ଅଧିକ—4. Excessive; ୫ । ପ୍ରଚୁର; ବହୁଳ—5. Much. ୬ । ଅତ୍ୟନ୍ତ—6. Very. ୭ । ବାରଂବାର କୃତ—7. Repeated (Apte).
Bahu
(ବହ୍ୱୀ, ବହ୍ୱୀ—ସ୍ତ୍ରୀ)

ସଂ. କ୍ରି. ବିଣ—୧ । ଅତ୍ୟନ୍ତ—1. Much. ୨ । ଅତ୍ୟଧିକ-ରୂପେ—2. Exceedingly; greatly.

ଦେ. ବି. (ସଂ. ବଧୂ)—ବହୂ (ଦେଖ)—Bahū (See)

ଦେ. କ୍ରି—(ବହିବା କ୍ରିୟାର ଅନୁଜ୍ଞା ଅନ୍ୟ ପୁରୁଷ ୧ ବଚନ ଅନାଦରାର୍ଥକ କର୍ତ୍ତା (ସେ) ସଙ୍ଗେ ବ୍ୟବହୃତ)—ସେ ବହନ କରୁ—Let him carry.
वहन करूक
बहे

**ବହୁକ**—ସଂ. ବି. ( ବହୁ+କ )—୧ । କର୍କଟ; କଙ୍କଡ଼ା—1. Crab. ୨ । ଅର୍କ ବା ଅକନ ଗଛ—2. A plant; Asclepias Gigantea. ୩ । ଦାତ୍ୟୁହ; ଡାହୁକ ପକ୍ଷୀ—3. The white-breasted water-hen ୪ । ଜଳଖାତକ; ଯେ ପୋଖରୀ ଖୋଳେ—4. Digger of a tank. ୫ । ସୂର୍ଯ୍ୟ—5. The sun (Apte).
Bahuka

ସଂ. ବିଣ—ମହର୍ଘରେ କ୍ରୀତ—Dear-brought (Apte).

**ବହୁକଣ୍ଟକ**—ସଂ. ବି. (ବହୁବ୍ରୀହି)—୧ । ଏକପ୍ରକାର କଣ୍ଟାଳି ଗୁଳ୍ମ—1. A prickly plant; Hedysarum Alhagi. ୨ । ହିନ୍ତାଳ—2. Marshy date tree; Phoenix or Elate Paludosa. ୩ । କ୍ଷୁଦ୍ର ଗୋକ୍ଷୁର ଗୁଳ୍ମ—3. A small medicinal plant; Ruellia Longifolia.
Bahukantaka

**ବହୁ କଣ୍ଟକା**—ସଂ. ବି. ( ବହୁକଣ୍ଟକ+ଆ )—ଅଗ୍ନିଦମନୀ ଗୁଳ୍ମ—A medicinal plant of narcotic properties; Solanum Jacquinai.
Bahu kantakā

**ବହୁକଣ୍ଟା**—ସ. ବି—କଣ୍ଟକାରୀ ଗଛ—
Bahukanṭā The prickly nightshade.

**ବହୁକନ୍ଦ**—ସ. ବି—ଶୂରଣ; ଓଲ୍ୱ—The wild arum; Arum
Bahukanda Campanelatum.

**ବହୁକର** ସ. ବି—୧ । ଉଷ୍ଟ୍ର—1. Camel. ୨ । ପରିଶ୍ରମୀ
Bahukara ବ୍ୟକ୍ତି—2. A laborious person. ୨ । ମାର୍ଜନକାରୀ; ଯେ ଘର ଓଳାଏ—3. A sweeper; a cleaner.
(ବହୁକରୀ—ସ୍ତ୍ରୀ) ସ. ବିଣ. ପୁଂ—୧ । ପରିଶ୍ରମୀ—1. Industrious (Apte). ୨ । ଅନେକପ୍ରକାରରେ ଉପକାରୀ ବା ବ୍ୟବହାରଯୋଗ୍ୟ—2. Useful in many-ways ( Apte ).

**ବହୁକରୀ**—ସ. ବି—ସମ୍ମାର୍ଜନୀ; ଝାଡ଼ୁ—
Bahukarī A broom.

**ବହୁକର୍ଣ୍ଣିକା**—ସ. ବି—ଶୂକାକାନୀ ଗଛ—A medicinal plant;
Bahukarṇṇikā Salvinia Cucullata.

**ବହୁକଳୀ**—ସ. ବିଣ. ( ବିଜ୍ଞାନ ପରିଭାଷା )—ଯାହାର ଅନେକ କଳ୍ପ
Bahukaḷī ଥରେ—Multiphase.

**ବହୁକାଳ**—ସ. ବି. ( କର୍ମଧା; ବହୁ+କାଳ )—ଅନେକ ଦିନ; ବହୁ
Bahukāḷa ସମୟ—A long time.

**ବହୁକାଳିଆ**—ଦେ. ବିଣ. ( ସ. ବହୁକାଳୀନ )—ଅନେକ ଦିନର;
Bahukāḷiā ବହୁକାଳୀନ—1. Of long standing; an-
ବହୁକାଲେର cient; old. ୨ । ବୃଦ୍ଧ ( ବ୍ୟକ୍ତି )—
**बहुतदिनका** (ବହୁଦିନିଆ—ଅନ୍ୟରୂପ) 2 Old ( person ).

**ବହୁକାଳୀନ**—ସ. ବିଣ. ( ବହୁକାଳ+ଈନ )—୧ । ଅନେକ ଦିନରୁ
Bahukāḷīna ଥିବା—1. Of long standing; chronic. ୨ । ପୁରାତନ—2. Ancient; old.

**ବହୁକୂର୍ଚ୍ଚ**—ସ. ବି. ( ବହୁବ୍ରୀହି; ବହୁ+କୂର୍ଚ୍ଚ )—ମଧୁନାରିକେଳ;
Bahukūrchcha ଏକପ୍ରକାର ସୁସ୍ୱାଦୁ ନଡ଼ିଆ—A kind of excellent cocoanut with sweet kernel.

**ବହୁକେନ୍ଦ୍ରକ**—ସ. ବିଣ. ( ବିଜ୍ଞାନ ପରିଭାଷା )—ଯାହାର ବହୁ କେନ୍ଦ୍ର
Bahukendraka ଅଛି—Multinuclear.
( ବଙ୍ଗୀୟ ବିଜ୍ଞାନପରିଷଦ୍; ବୈଜ୍ଞାନିକପରିଭାଷା । )

**ବହୁକୋଷ**—ସ. ବିଣ. ( ବିଜ୍ଞାନ ପରିଭାଷା )—ଯାହା ମଧ୍ୟରେ ବହୁ
Bahukosha କୋଷ ଅଛି—Multicellular.

**ବହୁକ୍ଷମ**—ସ. ବିଣ. ପୁଂ. ( ବହୁ+କ୍ଷମ୍ ଧାତୁ+କର୍ତ୍ତୃ. ଅ )—୧ । ଯେ
Bahukshama ବହୁକ୍ଲେଶ ସହିପାରେ—1. Capable of
(ବହୁକ୍ଷମା—ସ୍ତ୍ରୀ) much endurance. ୨ । ସହିଷ୍ଣୁ—
(ବହୁକ୍ଷମତା—ବି) 2. Patient ୩ । ବିଶେଷ କ୍ଷମାଶୀଳ—
3. Very forgiving.
ସ. ବି—ଜୀନବିଶେଷ—A deified Jaina saint (Apte)

**ବହୁକ୍ଷୀର**—ସ. ବିଣ. ପୁଂ. ( ବହୁବ୍ରୀହି; ବହୁ+କ୍ଷୀର—
Bahukshīra ବହୁଦୁଗ୍ଧ (ଦେଖ) Bahudugdha (See)

**ବହୁଗନ୍ଧ**—ସ. ବିଣ. ( ବହୁବ୍ରୀହି; ବହୁ+ଗନ୍ଧ )—ତୀବ୍ରଗନ୍ଧବିଶିଷ୍ଟ,
Buhugandha କଡ଼ା ବାସନାଯୁକ୍ତ—Strong-scented.
ସ. ବି—୧ । କୁନ୍ଦୁରୁଖଣ୍ଡ; ସୁଗନ୍ଧ ଧୂପଦ୍ରବ୍ୟବିଶେଷ—
1. Olibanum. ୨ । ତେଜପତ୍ର—2. The cassia leaves. ୩ । ଡାଲଚିନି—3. Cinnamon.

**ବହୁଗନ୍ଧଦା**—ସ. ବି. ସ୍ତ୍ରୀ ( ବହୁ+ଗନ୍ଧ+ଦା ଧାତୁ+କର୍ତ୍ତୃ. ଅ+ସ୍ତ୍ରୀ.
Bahugandhadā ଆ )—କସ୍ତୁରୀ—Musk ( Apte ).

**ବହୁଗନ୍ଧା**—ସ. ବି. ସ୍ତ୍ରୀ—୧ । ଚମ୍ପାକଢ଼ି—1. The bud of
Bahugandhā Champaka flower. ୨ । ଯୁଥିକା; ଯୁଇ—2. Arabian jasmine. ୩ । କଳାଜୀରା—3. The black cumin seed; Aligela Indica.

**ବହୁଗୁଣ**—ସ. ବିଣ (ବହୁବ୍ରୀହି)—୧ । ବହୁଗୁଣବିଶିଷ୍ଟ—1. Having
Bahuguṇa many qualities. ୨ । ବହୁସୂତ୍ରବିଶିଷ୍ଟ—
2. Having many threads or strings.

**ବହୁଗ୍ରନ୍ଥି**—ସ. ବିଣ ( ବହୁବ୍ରୀହି; ବହୁ+ଗ୍ରନ୍ଥି )—ବହୁତ ଗଣ୍ଠିଯୁକ୍ତ;
Bahugrnthi ଗଣ୍ଠିଗଣ୍ଠିଆ—Knotty.
( ବହୁଗ୍ରନ୍ଥିକ—ଅନ୍ୟରୂପ ) ସ. ବି—ଝାଉଁଗଛ—The tamarisk tree; the aspen ( tree ).

**ବହୁଗ୍ରହ**—ସ. ବିଣ ( ବହୁବ୍ରୀହି; ବହୁ+ଗ୍ରହ=ଗ୍ରହଣ )—ଯହିଁରେ
Bahugraha ବହୁତ ପଦାର୍ଥ ସମ୍ଭାଏ—Capacious; having the capacity to hold a large quantity.

**ବହୁଜଳବୃଷ୍ଟି**—ସ. ବି—ଖୁବ୍ ବର୍ଷା; ପ୍ରଚୁର ବୃଷ୍ଟି—
Bahujaḷabrushṭi Copious outpour of rain.

**ବହୁଜଳ୍ପ**—ସ. ବିଣ. ପୁଂ ( ବହୁବ୍ରୀହି )—ଗପୁଡ଼ି—Talkative;
Bahujaḷpa (ବହୁଜଳ୍ପା—ସ୍ତ୍ରୀ) loquacious.

**ବହୁଜ୍ଞ**—ସ. ବିଣ. ପୁଂ ( ବହୁ+ଜ୍ଞା ଧାତୁ+କର୍ତ୍ତୃ. ଅ )—୧ । ଯେ
Bahujña ଅନେକ ବିଷୟ ଜାଣେ—1. Knowing much.
( ବହୁଜ୍ଞା—ସ୍ତ୍ରୀ ) ୨ । ଅତି ବିଦ୍ୱାନ୍—2. Very learned.
୩ । ବହୁଦର୍ଶୀ—3. Experienced.

**ବହୁଡ଼**—ଦେ. ବି—ଏକଜାତୀୟ ତୃଣ—
Bahuṛda A kind of grass.

**ବହୁଡ଼ୀ**—ପ୍ରାଦେ. ( ମେଦିନୀପୁର; ଗାଉଁ ଭାଷା; ଭୁଲ. ବି. ବହୁଡ଼ୀ=
Bahuṛdi ବାଳିକାବଧୂ ) ବି—ବୋହୂ; ବଧୂ—
Daughter-in-law.
ଦେ. ବି—ବହୁଡ଼ (ଦେଖ)—Bahuṛda ( See )

**ବହୁତ**—ଦେ. ବିଣ ( ସ. ବହୁ; ଭୁଲ. ସ. ପ୍ରଭୂତ=ପ୍ରା. ବହୁଅ )—
Bahuta ୧ । ବହୁ; ଅନେକ—1. Many, multifarious
ବହୁତ **बहुत** ୨ । ଅତ୍ୟଧିକ; ପ୍ରଭୂତ—2. Much. ୩ । ଅତ୍ୟଧିକ—
3. Excessive. ୪ । ଅଧିକ ପରିମିତ—4 Extensive. ୫ । ପ୍ରଚୁର; ପର୍ଯ୍ୟାପ୍ତ—5. Abundant.

ଅଳପ ବଳକୁ ବହୁତ କଥା
ଛୁଦ ମଇଳାକୁ ବଡ଼ ଜଥାଡ଼—ଢଗ ।

ଦେ. କ୍ରି. ବଣ ଓ ବଣର ବଣ. (ସଂ. ବହୁତଃ)—୧ । ଅନେକ ପରିମାଣରେ—1. In large quantity ୨ । ଅନେକ ପ୍ରକାରେ 2. In many ways. ୩ । ଅତ୍ୟନ୍ତ—3. Very much.

ଦେ. ବ ( ଶୁଭବାଚକ )—'୧' ସଂଖ୍ୟା—( euphemism ) Number '1'; one.

[ଦ୍ର—ଧାନ ମାପୁଣୀମାନେ ପ୍ରଥମ ପରୁଣୀକ ଧାନ ମାପିବାବେଳେ 'ଏକ' ସଂଖ୍ୟା ମୁହଁରେ ନ କହି 'ବହୁତ','ବଢ଼ି', 'ସ୍ୱାମ', 'ଜଗନ୍ନାଥ' ଆଦି ଶବ୍ଦମାନ ଉଚ୍ଚାରଣ କରନ୍ତି ।]

ବହୁତଃ—ସ. କ୍ରି. ବଣ. (ବହୁ+ତସ୍)—ବହୁଧା; ବହୁପ୍ରକାରରେ; Bahutaḥ ଅନେକରୂପେ—In many ways; in various ways.

ବହୁତନ୍ତ୍ରିକ—ସ. ବଣ. (ବହୁ + ତନ୍ତ୍ରି + କ)—ଅନେକ ତନ୍ତ୍ର ବା ତାର Bahutantrika ବିଶିଷ୍ଟ—Having many wires; fibrous; (ବହୁତନ୍ତ୍ରୀ—ଅନ୍ୟରୂପ) many-fibred.

ବହୁତର—ସ. ବଣ. (ବହୁ+ଅପେକ୍ଷାକୃତ ଅଧିକ ଅର୍ଥରେ ତର)—Bahutara ୧ । ଅଧିକତର; ଅପେକ୍ଷାକୃତ ବେଶି—1. More; more excessive; greater; larger. ୨ । ଅପେକ୍ଷାକୃତ ଅଧିକ ସଂଖ୍ୟକ—2. More numerous. ୩ । ଅତି ଅଧିକ—3. Very great; very large.

ବହୁତା(ତ୍ୱ)—ସ. ବ. [ବହୁ+ଭାବାର୍ଥରେ ତା (ତ୍ୱ)]—Bahutā (twa) ୧ । ଅଧିକ୍ୟ—Excess; multifariousness. ୨ । ବାହୁଲ୍ୟ; ପ୍ରାଚୁର୍ଯ୍ୟ—2. Plenty; abundance.

ବହୁତିଥ—ସ. ବ. (ବହୁ+ପୂରଣାର୍ଥରେ ତିଥ)—୧ । ଅନେକତମ, Bahutitha ଅନେକଙ୍କ ମଧ୍ୟରୁ ଗୋଟିଏ—1. One out of many. ୨ । ବହୁସଂଖ୍ୟକ—2. Multitudinous; numerous; many. ୩ । ଅତ୍ୟଧିକ—3. Excessive; much. ୪ । ପ୍ରଚୁର—4. Abundant.

ବହୁତୃଣ—ସ. ବଣ.—୧ । (ତୃଣ+ତୁଲ୍ୟାର୍ଥରେ ବହୁ; ପୂର୍ବନିପାତ)—Bahu truṇa ତୃଣତୁଲ୍ୟ; ତୃଣ ସଦୃଶ; ତୃଣବତ୍—1. Like grass. ୨ । (ବହୁବ୍ରୀହି; ବହୁ+ତୃଣ)—ଯେଉଁଠାରେ ବିଶେଷ ଘାସ ଜନ୍ମି ଥାଏ—2. Grassy. ୩ । ହେୟ; ତୁଚ୍ଛ—3. Insignificant (Apte).

ସ. ବ—୧ । ପଡ଼ିଆ—1. Meadow. ୨ । ଘାସଥିବା ଭୂମି—2. A grassy plot of land.

ବହୁତ୍ୱକ୍—ସଂ.ବ. (ବହୁ+ତ୍ୱଚ୍; ଯାହାର ତ୍ୱକ୍ ବା ଛାଲ; ବହୁସ୍ତରଯୁକ୍ତ) Bahutwak ଭୂର୍ଜ ବୃକ୍ଷ—The birch tree. (ବହୁତ୍ୱକ୍କ—ଅନ୍ୟରୂପ)

ବହୁତ୍ର—ସଂ. କ୍ରି. ବଣ. (ବହୁ+ସ୍ଥାନାଧିକରଣାର୍ଥେ. ତ୍ର)—୧ । ବହୁ Bahutra ସ୍ଥାନରେ; ଅନେକ ସ୍ଥଳରେ—1. In many places. ୨ । ଅନେକ ପ୍ରକାରେ—2. In many ways (Apte).

ବହୁଦ—ସଂ. ବଣ. ପୁଂ (ବହୁ+ଦା ଧାତୁ+କର୍ତ୍ତୃ. ଅ)—ବଦାନ୍ୟ; Bahuda ଦାନଶୀଳ—Munificent; liberal. (ବହୁଦା—ସ୍ତ୍ରୀ)

ବହୁଦଂଷ୍ଟ୍ର—ସଂ. ବଣ. ପୁଂ. (ବହୁବ୍ରୀହି; ବହୁ+ଦଂଷ୍ଟ୍ର)—ଯାହାର Bahudamshtra ଅନେକ ଦାନ୍ତ ଥାଏ—Having many (ବହୁଦଂଷ୍ଟ୍ରା—ସ୍ତ୍ରୀ) teeth.

ବହୁଦକ୍ଷିଣ—ସଂ. ବଣ. ପୁଂ (ବହୁ+ଦକ୍ଷିଣ=ଉଦାର)—୧ । ବଦାନ୍ୟ Bahu dakshiṇa ଅତ୍ୟୁଦାର—1. Very liberal; muni-(ବହୁ ଦକ୍ଷିଣା—ସ୍ତ୍ରୀ) ficent.

୨ । ଯେଉଁ ଯଜ୍ଞାଦିରେ ବହୁତ ଦକ୍ଷିଣା ଦିଆଯାଏ—2. (a vedic festival) Attended with various presents and offerings.

ବହୁଦର୍ଶୀ—ସଂ. ବଣ. ପୁଂ. (ବହୁ+ଦୃଶ୍ ଧାତୁ+କର୍ତ୍ତୃ. ଇନ୍; ୧ମା· ୧ବ) Bahudarśi ୧ । ବହୁଜ୍ଞ; ଯେ ବହୁତ ବିଷୟ ଦେଖି ଥାଏ, (ବହୁଦର୍ଶକ—ଅନ୍ୟରୂପ) ଅନୁଭବୀ—1. Experienced. (ବହୁଦର୍ଶିକା, ବହୁଦର୍ଶିନୀ—ସ୍ତ୍ରୀ) ୨ । ପର୍ଯ୍ୟବେକ୍ଷକ—(ବହୁଦର୍ଶିତା—ବ) 2. Observant. ୩ । ଜ୍ଞାନୀ—3. Wise. ୪ । କାର୍ଯ୍ୟାକାର୍ଯ୍ୟ ବିଶ୍ୱେତକ—4. Prudent.

ବହୁଦଳ—ସଂ. ବଣ. (ବହୁବ୍ରୀହି; ବହୁ+ଦଳ)—ବହୁତ ପତ୍ର ବା Bahudaḷa ପାଖୁଡ଼ାବିଶିଷ୍ଟ—Polypetalous; having (ବହୁଦଳକ—ସ୍ତ୍ରୀ) many petals.

ବହୁଦୁଗ୍ଧ—ସଂ. ବଣ. (ବହୁବ୍ରୀହି; ବହୁ+ଦୁଗ୍ଧ)—ଯାହାଠାରେ ବହୁତ Bahu dugdha ଦୁଗ୍ଧ ବା ଦୁଗ୍ଧ ପରି ରସ ଥାଏ—Having abundant milk or milky juice.

ସଂ. ବ—ଗୋଧୂମ—Wheat.

ବହୁଦୁଗ୍ଧା—ସଂ. ବଣ. ସ୍ତ୍ରୀ. (ବହୁଦୁଗ୍ଧ+ସ୍ତ୍ରୀ. ଆ)—ବହୁକ୍ଷୀରା; ଯେଉଁ Bahu dugdhā ଗାଈ ଅନେକ ପରିମାଣରେ ଦୁଧ ଦିଏ—(ବହୁକ୍ଷୀରା—ଅନ୍ୟରୂପ) (a cow) Giving much milk.

ବହୁଦୁଗ୍ଧିକା—ସଂ. ବ· ସ୍ତ୍ରୀ (ବହୁ+ଦୁଗ୍ଧ+କ+ସ୍ତ୍ରୀ. ଆ)—ସୁହୁଙ୍ଗ ବା Bahudugdhikā ସିହୁ ଗଛ—The Euphorbia (plant).

ବହୁ ଦୃଷ୍ଟ—ସଂ. ବଣ. ପୁଂ. (ବହୁବ୍ରୀହି)—ଖୁବ ଅନୁଭବୀ—Bahudrushṭa Much experienced (Apte). (ବହୁଦୃଷ୍ଟା—ଅନ୍ୟରୂପ) (ବହୁଦୃଷ୍ଟା—ସ୍ତ୍ରୀ)

ବହୁଧନ—ସଂ. ବ. (କର୍ମଧା; ବହୁ+ଧନ)—ପ୍ରଚୁର ଧନ—Bahu dhana Too much riches.

ସଂ. ବଣ. ପୁଂ (ବହୁବ୍ରୀହି)—ବହୁତ୍ ଧନୀ—Very rich.

ବହୁଧା—ସଂ. ଅ. (ବହୁ+ପ୍ରକାରାର୍ଥରେ. ଧା)—୧ । ବହୁ ପ୍ରକାରରେ-Bahudhā 1. In many ways; manifold; in various ways. ୨ । ଅନେକ ଥର—2. Many a time. ୩ । ଅନେକ ଶାଖାରେ—3. Into many branches. ୪ । ଉପର୍ଯ୍ୟୁପରି—4. Repeatedly; several times.

ବହୁଧାକୃତ—ସଂ. ବଣ.—୧ । ଗୁଣିତ—Bahudhākṛuta 1. Multiplied (Apte).

(ବହୁଧାବଉଣ—ବ) ୨ । ସାଧାରଣରେ ପ୍ରକାଶିତ—
2. Published broadcast; divulged (Apte).

**ବହୁଧାର**—ସଂ. ବ. - (ବହୁବ୍ରୀହି; ବହୁ+ଧାର୍ =ଶସ୍ତ୍ର ପ୍ରାନ୍ତ ଭାଗ; Bahudhāra ଇନ୍ଦ୍ରଙ୍କ ବଜ୍ର—The thunderbolt of Indra

**ବହୁନାଦ**—ସ. ବ. (ବହୁବ୍ରୀହି; ବହୁ+ନାଦ)—ଶଙ୍ଖ— Bahunāda Conch-shell (used as a trumpet).

**ବହୁପତ୍ନୀକ**—ସ. ବଣ. ପୁଂ - (ବହୁ+ପତ୍ନୀ+କ)—ଯାହାର ଅନେକ Bahupatnīka ଭାର୍ଯ୍ୟା ଥାଆନ୍ତି—Poligamous; polyandrous.
[ବହୁ ପତ୍ନୀକତା(ତ୍ବ)—ବ]

**ବହୁପତ୍ର**—ସଂ. ବ. (ବହୁବ୍ରୀହି; ବହୁ+ପତ୍ର)—୧ । ପଲାଣ୍ଡୁ; ପିଆଜ— Bahu patra 1. Onion. ୨ । ଅଭ୍ର ଧାତୁ—2 Mica
ସଂ. ବଣ—ବହୁ ପତ୍ର ବା ପାଖୁଡ଼ାବିଶିଷ୍ଟ—Many-leaved polypetalous.

**ବହୁପଦୀ**—ସଂ. ବଣ—( ବହୁ ପଦ+ଇନ୍ ) (ବଙ୍କାଳ ପରଭାଷା )— Bahupadī ୧ । ବହୁ ଚରଣଯୁକ୍ତ—1. Multipeded. ୨ । ( ଗଣିତ ) ବହୁସଂଖ୍ୟକପଦଯୁକ୍ତ—2. ( mathematics) Multinomial.

**ବହୁପର୍ଣ୍ଣ (ର୍ଣ୍ଣୀ)**—ସଂ. ବଣ—(ବହୁବ୍ରୀହି; ବହୁ+ପର୍ଣ୍ଣ)—ଅନେକ ପତ୍ର Bahuparṇṇa (rṇṇi) ବିଶିଷ୍ଟ; ବହୁପତ୍ର; ବହୁଦଳ—Having many leaves, polypetalous.
ସଂ. ବ—ସପ୍ତଚ୍ଛଦ ବୃକ୍ଷ; ଛତିଆନା ଗଛ—Chhatiānā (See)

**ବହୁପାଦ୍(ଦ)**—ସଂ. ବ—[ବହୁବ୍ରୀହି; ବହୁ+ପାଦ୍ (ଦ)]—ବଟବୃକ୍ଷ— Bahupād(da) The Banyan tree.
( ବହୁପଦ—ଅନ୍ୟରୂପ )

**ବହୁପୁଷ୍ପ**—ସଂ. ବ—( ବହୁବ୍ରୀହି )—୧ । ନିମ୍ବଗଛ—1. Nimba Bahu pushpa tree. ୨ । ପାଲଧୂଆ ଗଛ—2. The coral tree.

**ବହୁପ୍ରଜ**—ସଂ. ବଣ. ପୁଂ (ବହୁବ୍ରୀହି; ବହୁ+ପ୍ରଜା)—୧ । ଅନେକ Bahupraja ସନ୍ତାନ ସନ୍ତତି ବିଶିଷ୍ଟ—1 Having many (ବହୁ ପ୍ରଜା—ସ୍ତ୍ରୀ) offsprings ୨ । ବହୁ ପ୍ରଜାବିଶିଷ୍ଟ— 2. Populous. ୩ । ଫଳବାନ୍; ବହୁଫଳ— 3. Prolific.
ସଂ. ବ—୧ । ଶୂକର—1. Hog. ୨ । ମୁଞ୍ଜତୃଣ— The Munja grass.

**ବହୁପ୍ରଦ**—ସଂ. ବଣ. ପୁଂ ( ବହୁ+ପ୍ରଦ )—ବିଶେଷ ଦାନଶୀଳ— Bahuprada (ବହୁପ୍ରଦା—ସ୍ତ୍ରୀ) Very munificent.

**ବହୁପ୍ରସୂ**—ସଂ. ବଣ. ସ୍ତ୍ରୀ (ବହୁ+ପ୍ରସୁ=ସେ ସନ୍ତାନ ପ୍ରସବ କରେ)— Bahuprasū ବହୁ ସନ୍ତାନ ପ୍ରସବକାରିଣୀ ( ସ୍ତ୍ରୀ )—Very (ବହୁ ପ୍ରସୂତା—ଅନ୍ୟରୂପ) prolific (woman).

**ବହୁଫଳ**—ସଂ. ବଣ. ପୁଂ ( ବହୁବ୍ରୀହି; ବହୁ+ଫଳ )—୧ । ଯାହାର Bahuphaḻa (ଯେଉଁ ବୃକ୍ଷର) ବହୁତ ଫଳ ଥାଏ—1. Bearing (ବହୁଫଳା—ସ୍ତ୍ରୀ) many fruits; rich in fruits ୨ । ଉର୍ବର—2. Fertile; fruitful; fecund.
ସଂ. ବ—୧ । କଦମ୍ବ ଗଛ—1. Kadamba tree. ୨ । ବଇଁଚ; ଭଇଁଚକୋଳି ଗୁଳ୍ମ—2. A thorny plant bearing berries.

**ବହୁଫଳା(ଳୀ)**—ସଂ. ବ. ସ୍ତ୍ରୀ [ ବହୁବ୍ରୀହି; ବହୁ+ଫଳ+ସ୍ତ୍ରୀ. ଆ Bahuphaḻā(ḻī) (ଈ)] - ୧ । ଖୀରକୋ; ଖୀରକୋଳି ଗଛ— 1. A tree bearing edible berries; Flacourtia Ramontchi. ୨ । ମାଷପର୍ଣ୍ଣୀ ( ଲତା ) (ଦେଖ)— 2 Māsha parṇṇī (creeper) (See). ୩ । କାକାଦନୀ (ଗୁଳ୍ମ)—3. Caparis Separia (plant). ୪ । କାକୁଡ଼ି—4 Cucumber. ୫ । କ୍ଷୁଦ୍ର କାରବେଲ୍ଲ; କ୍ଷୁଦ୍ର କଲରା—5. A small round species of memordica. ୬ । ଭୂମ୍ୟାମଲକୀ; ଭୂଇଁଅଁଳା—6 A medicinal plant. ୭ । ଅଁଳା ଗଛ— 7. Embolic Myrobolan tree. ୮ । ଡିମ୍ବିରିଗଛ— 9. Fig tree.

**ବହୁବଚନ**—ସଂ. ବ—( ବ୍ୟାକରଣ ) ଦୁଇରୁ ଅଧିକ ସଂଖ୍ୟା Bahubachana (grammar) The plural number.

**ବହୁବଳ** -ସଂ. ବଣ (ବହୁବ୍ରୀହି; ବହୁ+ବଳ )—ବିଶେଷ ବଳଶାଳୀ; Bahubaḻa ଖୁବ୍ ବଳୁଆ—Very strong; mighty.
ସ. ବ—ସିଂହ—Lion.

**ବହୁବାର**—ସ. ବ—୧ । ଗର୍ଭଣାଗଛ—1. Cordia Mixa (tree) Bahubāra ୨ । ଓଉ (ଦେଖ)—2. Ou (See).
ଦେ. କ୍ରି. ବଣ ( ସଂ. ବହୁବାର )—ଅନେକ ଥର— বহুবার बहुतदफा Many times; often.

**ବହୁବିଘ୍ନ**—ସ. ବ (କର୍ମଧା; ବହୁ+ବିଘ୍ନ)—ନାନାପ୍ରକାର ବାଧା— Bahubighna Many obstacles.
ସଂ. ବଣ (ବହୁବ୍ରୀହି)—ନାନାବିଘ୍ନଯୁକ୍ତ—Attended with various obstacles.

**ବହୁବିତ୍**—ସଂ. ବଣ (ବହୁ+ବିଦ୍ ଧାତୁ+କର୍ତ୍ତୃ. କ୍ୱିପ୍)-୧ । ବହୁଜ୍ଞ— Bahubit 1. Wise; knowing many things
ବହୁବେତ୍ତା } ଅନ୍ୟରୂପ ୨ । ଖୁବ୍ ପଣ୍ଡିତ—
ବହୁବିଦ୍ୟ } 2. Very learned.

**ବହୁବିଧ**—ସଂ. ବଣ ( ବହୁବ୍ରୀହି; ବହୁ+ବିଧା=ପ୍ରକାର )- ବିବିଧ; Bahubidha ନାନାପ୍ରକାରର—Manifold; of many (ବହୁବିଧା—ସ୍ତ୍ରୀ) sorts; various; multifarious.

**ବହୁ ବିବାହ**—ସଂ. ବ—୧ । ଗୋଟିଏ ପୁରୁଷର ଏକାଧିକ ସ୍ତ୍ରୀଙ୍କୁ Bahu bibāha ବିବାହ କରିବା ବିଧି—1. Polygamy ୨ । ଜଣେ ସ୍ତ୍ରୀର ଅନେକ ପୁରୁଷଙ୍କୁ ବିବାହ କରିବା ପ୍ରଥା— 2. Polyandry.

**ବହୁବୀଜ**—ସଂ. ବଣ (ବହୁବ୍ରୀହି; ବହୁ+ବୀଜ)—ପ୍ରଚୁର ବୀଜବିଶିଷ୍ଟ— Bahubīja Having many seeds.
(ବହୁବୀଜୀ—ଅନ୍ୟରୂପ) ସଂ. ବ—୧ । ଡାଲିମ୍ବ— 1. Pomagranate. ୨ । ଅତ୍ରଫଳ; ଆତଫଳ— 2. Custard apple.

**ବହୁ ବ୍ୟୟ**—ସଂ. ବ (କର୍ମଧା; ବହୁ+ବ୍ୟୟ)—୧ । ବିଶେଷ ଖରଚ— Bahu byaya 1. A great expense. ୨ । ଅତିରିକ୍ତ ବ୍ୟୟ—2. Lavishness in expenditure.

**ବହୁ ବ୍ୟୟସାଧ୍ୟ**—ସଂ. ବଣ (କର୍ମଧା ତତ୍; ବହୁ ବ୍ୟୟ+ସାଧ୍ୟ)—ଯେଉଁ
Bahu byaya sādhya କାର୍ଯ୍ୟ ବହୁ ଧନ ବ୍ୟୟ କରିବାଦ୍ୱାରା ସିଦ୍ଧ ହୋଇପାରେ—Very costly or expensive.

**ବହୁବ୍ୟୟୀ**—ସ. ବଣ. ପୁଂ. (ବହୁବ୍ୟୟ+କର୍ତ୍ତୃ. ଇନ୍)—ଯେ ବିଶେଷ
Bahubyayī ଖରଚ କରେ—Spending too much;
(ବହୁବ୍ୟୟିନୀ—ସ୍ତ୍ରୀ) having to meet large expenses; prodigal; lavish; spendthrift.

**ବହୁବ୍ରୀହି**—ସ. ବି. (ବ୍ୟାକରଣ) (ବହୁ+ବ୍ରୀହି=ଶସ୍ୟ)—ସମାସ
Bahubrīhi ବିଶେଷ, ଯେଉଁ ସମାସରେ ଅନ୍ୟ ପଦର ପ୍ରାଧାନ୍ୟ ରହେ; (ଯେଉଁ ପଦମାନଙ୍କଦ୍ୱାରା ସମସ୍ତ ପଦଟି ଗଠିତ ହୁଏ ସେହି ସମସ୍ତ ପଦ ବିଦ୍ୟମାନ ଥିବା ପଦର ଅର୍ଥକୁ ନ ବୁଝାଇ ଅନ୍ୟ ଅର୍ଥ ପ୍ରକାଶ କଲେ ବହୁବ୍ରୀହି ସମାସ ହୁଏ)—A form of grammatical attributive compound.
[ ଦ୍ର—ବହୁବ୍ରୀହି ସମାସ ନାନାବିଧ; ତନ୍ମଧ୍ୟରୁ ଏହି କେତୋଟି ପ୍ରଧାନ, ଯଥା—ଦ୍ୱିତୀୟାନ୍ୟପଦାର୍ଥ—ଆରୂଢ଼ବାନର—ଆରୂଢ଼ ହୋଇଅଛି ବାନର ଯାହାକୁ । ତୃତୀୟାନ୍ୟପଦାର୍ଥ;—ଜିତେନ୍ଦ୍ରିୟ—ଜିତ ହୋଇଅଛି ଇନ୍ଦ୍ରିୟ ଯାହାଦ୍ୱାରା । ଚତୁର୍ଥୀନ୍ୟପଦାର୍ଥ;—ଦତ୍ତୋପଦେଶ—ଦତ୍ତ ହୋଇଅଛି ଉପଦେଶ ଯାହାକୁ । ପଞ୍ଚମ୍ୟନ୍ୟ ପଦାର୍ଥ;—ନିରତିଶୟ—ନାହିଁ ଅତିଶୟ ଯାହାଠାରୁ । ଷଷ୍ଠ୍ୟନ୍ୟ ପଦାର୍ଥ;—ଲମ୍ବୋଦର—ଲମ୍ବ ଉଦର ଯାହାର । ସପ୍ତମ୍ୟନ୍ୟ ପଦାର୍ଥ;—ନିର୍ଜନ—ନାହିଁ ଜନ ଯେଉଁଠାରେ । ସାଧାରଣତଃ ବହୁବ୍ରୀହି ସମାସନିଷ୍ପନ୍ନ ପଦ ବିଶେଷଣ ହୁଏ, କିନ୍ତୁ ସମୟ ସମୟରେ ଉକ୍ତ ପଦ ଉକ୍ତ ବିଶେଷଣ ଗୁଣଧାରୀ ବ୍ୟକ୍ତି ବା ବସ୍ତୁକୁ ବୁଝାଏ, ଯଥା—ଚକ୍ରପାଣି, ଚତୁର୍ମୁଖ, ଷଡ଼ାନନ । ]
ସ. ବଣ—ଯାହାର ବହୁତ ଶସ୍ୟ ଥାଏ—Having an abundant supply of grain.

**ବହୁଭାଗ୍ୟ**—ସ. ବି. (କର୍ମଧା; ବହୁ+ଭାଗ୍ୟ)—ଅତିଶୟ ସୌଭାଗ୍ୟ—
Bahubhāgya Good fortune.
ସଂ. ବଣ. ପୁଂ (ବହୁବ୍ରୀହି)—ସୌଭାଗ୍ୟବାନ୍—Fortunate.
( ବହୁଭାଗ୍ୟା—ସ୍ତ୍ରୀ )

**ବହୁଭାର୍ଯ୍ୟ**—ସଂ. ବଣ. ପୁଂ. ( ବହୁବ୍ରୀହି; ବହୁ+ଭାର୍ଯ୍ୟା )—ଯାହାର
Bahubhārjya ଏକାଧିକ ସ୍ତ୍ରୀ ଅଛନ୍ତି—Having many
(ବହୁପତ୍ନୀକ—ଅନ୍ୟରୂପ) wives.

**ବହୁଭାଷଣ**—ସଂ. ବି. (କର୍ମଧା; ବହୁ+ଭାଷଣ)—ବହୁତ କଥା କହିବା—
Bahubhāshaṇa Talking too much.

**ବହୁଭାଷାବିତ୍**—ସଂ. ବଣ. (ବହୁଭାଷା+ବିଦ୍ ଧାତୁ+କର୍ତ୍ତୃ. କ୍ୱିପ୍;
Bahubhāshābit ବହୁଭାଷାବିଦ୍; ୧ମା. ୧ବ.)—ଯେ ଅନେକ
ବହୁଭାଷାଭିଜ୍ଞ
ବହୁଭାଷାଜ୍ଞ } ଅନ୍ୟରୂପ ପ୍ରକାର ଭାଷାରେ ପଣ୍ଡିତ—Learned in many languales.
ବହୁଭାଷାବିଶାରଦ

**ବହୁଭାଷୀ**—ସଂ. ବଣ. ପୁଂ—୧ । (ବହୁ+ଭାଷ୍ ଧାତୁ=କହିବା+
Bahubhāshi କର୍ତ୍ତୃ. ଇନ୍; ୧ମା. ୧ବ.)—ଗପଡ଼ି; ବାଚାଳ—
(ବହୁଭାଷିଣୀ—ସ୍ତ୍ରୀ) 1. Talkative; loquacious; garrulous.
(ଅଳ୍ପଭାଷୀ—ବିପରୀତ)
୨ । ( ବହୁ+ଭାଷା+ଇନ୍ )—
(ବହୁଭାଷିଣୀ—ସ୍ତ୍ରୀ) ଅନେକ ଭାଷାଭିଜ୍ଞ—2. Polyglot; versed in many languages. ୩ । ଯେଉଁ ଗ୍ରନ୍ଥରେ ଏକାଧିକ ଭାଷା ବ୍ୟବହୃତ ହୋଇଥାଏ—3. Multilingual; (a book) witten in more than 2 languages.

**ବହୁଭୁକ୍**—ସଂ. ବଣ. ପୁଂ. (ବହୁ+ଭୁଜ୍ ଧାତୁ+କର୍ତ୍ତୃ. କ୍ୱିପ୍; ବହୁଭୁଜ୍;
Bahubhuk ୧ମା. ୧ବ.)—ଉଦରମ୍ଭରି; ପେଟୁ; ଯେ ଗୁଡ଼ାଏ ଖାଏ—Greedy; voracious.

**ବହୁମଞ୍ଜରୀ**—ସଂ. ବଣ. ( ବହୁବ୍ରୀହି; ବହୁ+ମଞ୍ଜରୀ )—ଯେଉଁ ଗଛ
Bahumañjarī ଅନେକ ମୁକୁଳ ଧରେ—Many-blossomed.
ସଂ. ବି—ତୁଳସୀ ଗଛ—The holy Basil plant.

**ବହୁମତ**—ସଂ. ବଣ. ପୁଂ. (ବହୁ+ମନ୍ ଧାତୁ+କର୍ମ. କ୍ତ)—୧ । ଅତି
Bahumata ସମାଦୃତ—1. Highly respected or
(ବହୁମତା—ସ୍ତ୍ରୀ) esteemed or prized. ୨ । ପୂଜିତ—2. Honoured. ୩ । ବହୁଜ୍ଞାନଶାଳୀ—3. Very wise. ୪ । ଯାହାର ଅନେକ ମତ ଥାଏ—4. Having many opinions.
ଦେ. ବଣ—ବହୁପ୍ରକାରର—Of various sorts.
ହିଁ ଗୁଣେ ଲୋକେ ସେ ପ୍ରସ୍ଥିତ
ହିତକର-ମନ୍ତ୍ରୀ ବହୁମତ । ଉପେନ୍ଦ୍ର. ଲାବଣ୍ୟ ।

**ବହୁମଳ**—ସଂ. ବଣ. (ବହୁବ୍ରୀହି; ବହୁ+ମଳ=ମଇଳା)—ବିଶେଷ
Bahumala ମଳଯୁକ୍ତ—Having too much dirt.
ସଂ. ବି—ସୀସକ; ସୀସା—Lead (metal).

**ବହୁମାନ**—ସଂ. ବି. (କର୍ମଧା; ବହୁ+ମାନ)—ସମ୍ମାନ; ସମାଦର—
Bahumāna Great respect; high regard.
(ବହୁମତ—ଅନ୍ୟରୂପ) ସଂ. ବଣ ( ବହୁବ୍ରୀହି )—ଅତି ସମ୍ମାନିତ—Much respected; honowred.

**ବହୁମାର୍ଗ**—ସଂ. ବି—୧ । ( କର୍ମଧା; ବହୁ+ମାର୍ଗ=ବାଟ )—ଅନେକ
Bahumārga ବାଟ—1. Many ways; various paths. ୨ । (ବହୁବ୍ରୀହି) ଅଙ୍ଗନ; ଅଗଣା—2. A courtyard. ୩ । ଛକ—3. A meeting place of many roads ( Apte ).

**ବହୁମାର୍ଗଗା**—ସଂ. ବି. ସ୍ତ୍ରୀ ( ବହୁମାର୍ଗ+ଗମ୍ ଧାତୁ+କର୍ତ୍ତୃ. ଅ )—
Bahumārgagā ୧ । ଗଙ୍ଗାନଦୀ—1. The river Ganges. ୨ । ଅସତୀ ସ୍ତ୍ରୀ—2. A wanton or unchaste woman ( Apte ).

**ବହୁମାର୍ଗୀ**—ସଂ. ବଣ. ପୁଂ—(ବହୁ+ମାର୍ଗ+ଇନ୍; ୧ମା. ୧ବ)—
Bahumārgī ନାନା ପଥାବଲମ୍ବୀ—Following various
(ବହୁମାର୍ଗିଣୀ—ସ୍ତ୍ରୀ) paths.
ସ. ବି—ଛକ—A meeting place of many roads (Apte).

**ବହୁମୁଖ**—ସଂ. ବଣ ପୁଂ—(ବହୁବ୍ରୀହି)—୧ । ଅତ୍ୟଳ୍ପ—
Bahumukha 1. Excessive (Apte).
( ବହୁମୁଖୀ—ସ୍ତ୍ରୀ )

ବହୁମୂତ୍ର—ସଂ. ବି. (ବହୁବ୍ରୀହି)—ମେହରୋଗବିଶେଷ—
Bahumūtra Diabetes.
[ ଦ୍ର—ଏଥିରେ ରୋଗୀ ପୁନଃ ପୁନଃ ବହୁପରିମାଣରେ ପ୍ରସ୍ରାବ କରେ ଏବଂ ତଦ୍ଦ୍ୱାରା ରୋଗୀର ଶରୀରଶକ୍ତି କମିଯାଏ । ଏହା ଦୁଇ ପ୍ରକାର—ମୂତ୍ର ସଙ୍ଗେ ଚିନି ଥିଲେ ମଧୁମେହ ଓ ଚିନି ନ ଥିଲେ ମୂତ୍ରମେହ । ]

ବହୁମୂର୍ତ୍ତି—ସଂ. ବିଣ. (ବହୁବ୍ରୀହି; ବହୁ+ମୂର୍ତ୍ତି)—ବହୁରୂପ; ଅନେକ-
Bahumūrtti ରୂପବିଶିଷ୍ଟ—Having various forms; multiform.
ସଂ. ବି—୧ । ବିଷ୍ଣୁ—1. Bishṇu ୨ । ଶିବ—2. Śiba. ୩ । ବନକାର୍ପାସ—3. Wild cotton.

ବହୁମୂର୍ଦ୍ଧା—ସଂ. ବିଣ. (ବହୁବ୍ରୀହି; ବହୁ+ମୂର୍ଦ୍ଧନ୍; ୧ମା. ୧ବ.)—
Bahumūrddhā ଯାହାର ଅନେକଗୁଡ଼ିଏ ମୁଣ୍ଡ ଥାଏ—
(ବହୁଶିରସ୍କ—ଅନ୍ୟରୂପ) Having many heads; hydra-headed.
ସଂ. ବି—ବିଷ୍ଣୁ (ସହସ୍ରଶୀର୍ଷ ଥିବାରୁ)—Bishṇu.

ବହୁମୂଳ—ସଂ. ବିଣ. (ବହୁବ୍ରୀହି; ବହୁ+ମୂଳ)—ବହୁ ଚେରବିଶିଷ୍ଟ—
Bahumūla Having many roots.
(ବହୁମୂଳକ—ଅନ୍ୟରୂପ) ସଂ. ବି—୧ । ବଟବୃକ୍ଷ—1. The Banyan tree. ୨ । ନାଗବିଶେଷ—2. Name of a mythological serpent. ୩ । ଏକପ୍ରକାର ଘାସ—3. A kind of grass.

ବହୁମୂଳୀ—ସଂ. ବି. ( ବହୁମୂଳ+ସ୍ତ୍ରୀ. ଈ )—ଶତାବରୀ; ଶତମୂଳୀ;
Bahumūli ଛତୋରୀ—Asparagus Recemosus.

ବହୁମୂଲ୍ୟ—ସଂ. ବିଣ. ( ବହୁବ୍ରୀହି; ବହୁ + ମୂଲ୍ୟ )—୧ । ଉତ୍କୃଷ୍ଟ
Bahumūlya ମୂଲ୍ୟବାନ୍; ଦାମୀ—1. Valuable; costly; ୨ । ମହାର୍ଘ; ମହର୍ଗ—2. Dear (in price).
ସଂ. ବି. ( କର୍ମଧା )—୧ । ବହୁତ ଦାମ—1. High price. ୨ । ବହୁତ ଧନ—2. A large amount of money.

ବହୁରାଶିକ—ସଂ. ବି. ( ଗଣିତ ପରିଭାଷା ) ( ବହୁ+ରାଶି+କ )—
Bahurāśika ପାଟୀଗଣିତରେ ପାଞ୍ଚ ବା ତତୋଽଧିକ ତୈରାଶିକ-ସଂଯୁକ୍ତ ଅଙ୍କ—(arithmetic) The double Rule of Three.
ସଂ. ବିଣ. (ଗଣିତ)—ଯହିଁରେ ଅନେକ ରାଶି ଥାଏ—( mathematics ) Consisting of many terms.

ବହୁରୁଚି—ଦେ. ବି—ରାଜସାହିରୁ ଅସୁଥିବା ଏକ ପ୍ରକାର ପତ୍ର—
Bahuruchi Ganja leaves brought from Raj-
(ବହୁରୁଚ, ବହୁଚି—ଅନ୍ୟରୂପ) Sahi district in Bengal.

ବହୁ ରୂପ—ସଂ. ବିଣ. ( ବହୁବ୍ରୀହି; ବହୁ + ରୂପ )—ବହୁମୂର୍ତ୍ତିଧାରୀ;
Bahu rūpa ବହୁବେଶଧାରୀ—Of various shapes; assuming different shapes; assu-
ବହୁ ରୂପକ } ଅନ୍ୟରୂପ ming different masks is disguise.
ବହୁ ରୂପୀ }
(ବହୁରୂପା—ସ୍ତ୍ରୀ)

ସଂ. ବି—୧ । ବିଷ୍ଣୁ—1. Bishṇu. ୨ । କାମଦେବ—2. Cupid. ୩ । ଶିବ—4. Śiba. ୪ । ଧୁଣା—4. Resin ୫ । ନାସାରୋଗବିଶେଷ; ପୀନସ ରୋଗ—5. Polypus of the nose. ୬ । କୃକଳାସ; ଏଣ୍ଡୁଅ-6. Chameleon. ୭ । ବ୍ରହ୍ମା—7. Brahmā. ୮ । କେଶ—8. Hair. ୯ । ଯେଉଁ ବ୍ୟକ୍ତି ଲୋକରଞ୍ଜନାର୍ଥ ନାନା ଛଦ୍ମ ବେଶ ଧାରଣ କରେ—9. A professional masker.

ବହୁ ରୂପା—ସଂ. ବି. ସ୍ତ୍ରୀ. (ବହୁ+ରୂପ+ସ୍ତ୍ରୀ. ଆ; ବହୁବ୍ରୀହି)—
Bahu rūpā ଦୁର୍ଗା—The Goddess Durgā.

ବହୁରୂପୀ(ପା)—ଦେ. ବି॰ (ସ. ବହୁରୂପ)—୧ । ସରଟ; ଏକ ପ୍ରକାର
Bahurūpi(pā) ଏଣ୍ଡୁଅ—1. Chameleon.
[ ଦ୍ର—ଏହା ସରୀସୃପ; ଦେହ ୬।୧୦ ଅଙ୍ଗୁଳ ଲମ୍ବା; ଲାଞ୍ଜ ୧୦।୧୨ ଅଙ୍ଗୁଳ; ଆଖି ବଡ଼ ବଡ଼; ଦେହ ଚେପଟା ଓ ଅନୁଚ୍ଚ; ପଦ ଦୀର୍ଘ; ମୁଣ୍ଡ ପାଖରେ ଚଳ ଥାଏ; ଜିଭ ଗୋଲ ଏବଂ ଜିଭ ଅଗ ମୋଟା; ଏ ହଠାତ୍ ଜିଭ ବାହାର କରି ପକାଏ । ବହୁରୂପୀର ଦେହର ରଙ୍ଗ ଦିନ ମଧ୍ୟରେ ଅନେକ ଥର ବଦଳେ । ମାଛର ପରି ଏମାନଙ୍କ ପିଠିର ବେଶି ଶିରା ଉପରେ କଣ୍ଟା ଥାଏ । ]
ବହୁରୂପ ୨ । ଏକ ପ୍ରକାର ଫୁଲ—2. Quisakialis Indica.
ବହୁରୂପୀୟା ୩ । ବହୁରୂପ ୯ (ଦେଖ)—3. A masker.

ବହୁରେଖ—ସଂ. ବିଣ. ( ବହୁବ୍ରୀହି; ବହୁ+ରେଖା )—
Bahurekha ଅନେକ ରେଖାବିଶିଷ୍ଟ—Having various lines.

ବହୁରୋମା—ସଂ. ବିଣ. ( ବହୁବ୍ରୀହି; ବହୁ + ରୋମନ୍ )—
Bahuromā ଅତି ଲୋମଶ—Having shaggy furs.
ସଂ. ବି—ମେଣ୍ଢା—Ram; sheep.

ବହୁଳ—ସଂ. ବିଣ. (ବଂହ ଧାତୁ=ବୃଦ୍ଧି ପାଇବା+କର୍ତ୍ତୃ. ଉଳ)—
Bahula ୧ । ଅନେକ; ଅଧିକ—1. Many; much; ex-
( ବହୁଳତା(ତ୍ୱ)—ବି ) cessive. ୨ । ଘନ—2. Thick; dense; compact.
[ ଦ୍ର—ଏହା ଅନ୍ୟ ପଦ ସଙ୍ଗେ ସମାସଦ୍ୱାରା ଯୁକ୍ତ ହୁଏ, ଯଥା—ତରଙ୍ଗବହୁଳ ସାଗର, ହିଂସ୍ରଜନ୍ତୁବହୁଳ ଅରଣ୍ୟ । ]
୩ । ଗପଡ଼ୀ—3. Garrulous. ୪ । (ବହୁ+ଲ ଧାତୁ=ବାଚ କରିବା+କର୍ତ୍ତୃ. ଅ) କୃଷ୍ଣବର୍ଣ୍ଣବିଶିଷ୍ଟ—5. Black; dark. ୫ । କୃତ୍ତିକା ନକ୍ଷତ୍ରରେ ଜନ୍ମ ଗ୍ରହଣ କରିଥିବା ( ବ୍ୟକ୍ତି )—5. (a person) Born under the Pleidas ( Apte ).
ସଂ. ବି—୧ । କୃଷ୍ଣ ପକ୍ଷ—1. The dark fortnight of the month. ୨ । କୃଷ୍ଣବର୍ଣ୍ଣ—2. Black colour. ୩ । ଧଳା ମରିଚ—3. White pepper. ୪ । ଆକାଶ—4. The sky. ୫ । ଅଗ୍ନି—5. Fire.
ସଂ. କ୍ରି: ବିଣ—୧ । ଅତ୍ୟନ୍ତ—1. Much. ୨ । ସର୍ବଦା—2. Frequently; often (Apte).

**ବହୁଲଚ୍ଛଦ**—ସଂ. ବଣ. (ବହୁବ୍ରୀହି; ବହୁଳ+ଛଦ=ପତ୍ର; ଯାହାର ଅନେକ ସ୍ଥାନରେ ଛ)—୧। ବହୁ ପତ୍ରବିଶିଷ୍ଟ;
**Bahulachchhada**
ପତ୍ରବହୁଳ—1. Having many leaves. ୨। ଘନ ପତ୍ର ସନ୍ନିବିଷ୍ଟ—2. Densely set with leaves.

**ବହୁଳତା(ତ୍ୱ)**—ସଂ. ବି. [ ବହୁଳ+ଭାବ. ତା(ତ୍ୱ) ]—୧। ବାହୁଲ୍ୟ; ଆଧିକ୍ୟ—1. Excess; multifariousness. ୨। ପ୍ରାଚୁର୍ଯ୍ୟ—2. Abundance; copiousness.
**Bahulatā(twa)**

**ବହୁଳ ପକ୍ଷ**—ସଂ. ବି. (ବହୁଳ=କୃଷ୍ଣ+ପକ୍ଷ)—କୃଷ୍ଣ ପକ୍ଷ—
**Bohula paksha** The dark fortnight.
ଅଥବା ବହୁଳ— ପକ୍ଷେ ଶ୍ରାତୀ ନୁଲେ
କୁମାଂଶୁ ହେଲା ଚରମା। ପ୍ରଥାନାଥ, ପାତଙ୍ଗ।

**ବହୁଳା**—ସଂ. ବି. ସ୍ତ୍ରୀ ( ବହୁଳ+ସ୍ତ୍ରୀ. ଆ )—୧। କୃଷ୍ଣପକ୍ଷ—
**Bahulā** 1. The dark lunar fortnight.
୨। ତାମସୀ ରାତ୍ରି—2. Dark or moonless night ୩। କୃତ୍ତିକା ନକ୍ଷତ୍ର—3. The 3rd asterism; the Pleidas. ୪। ଗାଇ—4. Cow. ୫। ନଦୀବିଶେଷ—5. Name of a river. ୬। ଏଲା ଲତା—6, Cardamom plant. ୭। ନୀଳ ବୃକ୍ଷ—7. Indigo plant. ୮। ଶୁକ୍ଳ ମରିଚ—8. White pepper (Apte). ୯। ଆକାଶ—9. The sky (Apte).

**ବହୁଳାଳାପ**—ସଂ. ବଣ. ( ବହୁବ୍ରୀହି; ବହୁଳ+ଆଳାପ )—
**Bahulālāpa** ବାଚାଳ—Talkative (Apte).
(ବହୁଳାଳାପା—ସ୍ତ୍ରୀ)

**ବହୁଳାଶ୍ୱ**—ସଂ. ବଣ. ପୁଂ. ( ବହୁବ୍ରୀହି; ବହୁଳ+ଅଶ୍ୱ )—
**Bahulāśwa** ଯାହାର ଅନେକ ଘୋଡ଼ା ଅଛନ୍ତି—
Owning many horses.
ସଂ. ବି—ଜନକ ବଂଶୀୟ ଜନୈକ ରାଜା—
Name of a king of Mithilā.

**ବହୁଳୀକରଣ**—ସଂ. ବି. (ବହୁଳ+ଅଭୂତ ତଦ୍ଭାବେ. ଚ୍ୱି+କରଣ)—
**Bahulīkarana** ୧। ବିସ୍ତାରିତ-କରଣ—1. Expanding.
(ବହୁଳୀକୃତ—ବଣ) ୨। ବୃଦ୍ଧି କରଣ—2. Multiplying.
୩। ଧାନ୍ୟାଦିର ଉତ୍ପୁଣୀକରଣ; ବେଦଗଲା ସଦାଇ ବା ପଛୀ ଉପରେ ବାଡ଼େଇ ଧାନ ଚେଣ୍ଡାରୁ ଶସ୍ୟକୁ ପୃଥକ୍ କରି ଏକତ୍ର କରିବା—3. The winnowing of grains; the threshing of grains. ୪। ସାଧାରଣରେ ପ୍ରକଟିତ କରିବା—4. Promulgation; publication.

**ବହୁଳୀଭୂତ**—ସଂ. ବଣ. ( ବହୁଳ+ଅଭୂତ ତଦ୍ଭାବେ ଚ୍ୱି+ଭୂତ )—
**Bahulībhūta** ୧। ବୃଦ୍ଧିପ୍ରାପ୍ତ—1. Increased. ୨। ସୁଦୂର
(ବହୁଳୀଭବ—ବି) ବିସ୍ତୃତ—2. Wide spread. ୩। ସୁପ୍ରକଟିତ —3. Published broadcast. ୪। ସୁପ୍ରଖ୍ୟାତ—4. Made notorious or famous (Apte).

**ବହୁଶଃ**—ସଂ. କ୍ରି. ବଣ. (ବହୁ+ଶସ୍)—୧। ଅନେକବାର; ବାରଂବାର
**Bahuśah.** 1. Many a time; frequently; repeatedly. ୨। ବାହୁଲ୍ୟରୂପେ; ପ୍ରଚୁରରୂପେ—2. Abundantly; copiously. ୩। ସାଧାରଣତଃ—3. Generally.

**ବହୁଶତ୍ରୁ**—ସଂ. ବଣ. ( ବହୁବ୍ରୀହି; ବହୁ+ଶତ୍ରୁ )—ଯାହାର ଅନେକ
**Bahu śatru** ଶତ୍ରୁ ଅଛନ୍ତି—Having many enemies.
ସଂ. ବି.—ଚଟକ; ଘରଚଟିଆ ପକ୍ଷୀ—Sparrow.

**ବହୁଶାଖ**—ସଂ. ବଣ. ( ବହୁବ୍ରୀହି; ବହୁ+ଶାଖା )—ଅନେକ ଶାଖା-
**Bahu śākha** ବିଶିଷ୍ଟ—Having many branches or
(ବହୁଶାଖା—ସ୍ତ୍ରୀ) ramifications.

**ବହୁଶିଖ(ଖା)**—ସଂ. ବଣ. (ବହୁବ୍ରୀହି; ବହୁ+ଶିଖ [ଖା])—ଅନେକ
**Bahu śikha(khā)** ଶିଖାଯୁକ୍ତ—Having several tufts or points.
ସଂ. ବି.—ଅଗ୍ନି—Fire.

**ବହୁଶିରାଃ**—ସଂ ବଣ.—(ବହୁବ୍ରୀହି; ବହୁ+ଶିରସ୍, ୧ମା. ୧ବ.)—
**Bahu śirāh** ଯାହାର ଅନେକ ମୁଣ୍ଡ ଥାଏ—Having many heads.
ସଂ. ବି.—ବିଷ୍ଣୁ—Bishnu,

**ବହୁଶ୍ରୁତ**—ସଂ. ବଣ. ପୁଂ. (ବହୁ+ଶ୍ରୁତ=ଶୁଣିଥିବା; ଅନେକବାର
**Bahu śruta** ବେଦାଦି ଶ୍ରବଣ କରିଥିବାରୁ)—୧। ସୁପଣ୍ଡିତ—
(ବହୁଶ୍ରୁତା—ସ୍ତ୍ରୀ) 1. Very learned.
୨। ସୁଶିକ୍ଷିତ—2. Well educated. ୩। ବେଦାଦି ଶାସ୍ତ୍ରଜ୍ଞ—3. Well versed in the Bedas.

**ବହୁଶ୍ରେୟାନ୍**—ସଂ. ବଣ. ପୁଂ (ବହୁବ୍ରୀହି; ବହୁ+ଶ୍ରେୟସ୍; ବହୁଶ୍ରେୟସ୍
**Bahu śreyān** ୧ମା. ୧ବ.)—୧। ବହୁ ସୁଗୁଣଶାଳୀ—
(ବହୁଶ୍ରେୟସୀ—ସ୍ତ୍ରୀ) 1. Having many good qualities.
୨। ଅତି ଉତ୍ତମ—2. Excellent.

**ବହୁସଂଖ୍ୟକ**—ସଂ. ବଣ. (ବହୁ+ସଂଖ୍ୟା+କ)— ସଂଖ୍ୟାରେ ଅନେକ-
**Bahu samkhyaka** Multifarious; many.

**ବହୁ ସନ୍ତତି**—ସଂ. ବଣ. (ବହୁବ୍ରୀହି; ବହୁ+ସନ୍ତତି)—ଯାହାର
**Bahu santati** ଅନେକ ପୁଅ ଝିଅ ଅଛନ୍ତି—Having numerous children.
ସଂ. ବି.—କଣ୍ଟା ବାଉଁଶ—The thorny bamboo; Bambusa Arundinacea.

**ବହୁସାର**—ସଂ. ବଣ. (ବହୁବ୍ରୀହି; ବହୁ+ସାର)—ଯାହା ମଧ୍ୟରେ
**Bahu sāra** ଅନେକ ସାରାଂଶ ଅଛି—Having much substance or pith inside.
ସଂ. ବି.—୧। ଖଜୁରି ଗଛ—1. The date palm.
୨। ଖଇର ବୃକ୍ଷ—2. The catechu tree.

**ବହୁସୂ**—ସଂ. ବଣ. ସ୍ତ୍ରୀ—(ବହୁବ୍ରୀହି; ବହୁ+ସୂ=ପ୍ରସବ)—ଅନେକ
**Bahusū** ଥର ପ୍ରସବ କରିଥିବା (ସ୍ତ୍ରୀ ବା ଗାଈ); ବହୁପ୍ରସୂ—
(ବହୁସୂତ—ଅନାଗରୁଢ଼) Bearing many children.
ସଂ. ବି.—୧। ଘୁଷୁରୀ—1. She-hog; sow.

୨ । ଅନେକ ପିଲାଙ୍କ ମାତା—2. The mother of many children ୩ । ଅନେକ ବାଛୁରୀ ହୋଇଥିବା ଗାଈ—3. A cow that often calves.

ବହୁସୂନୀ—ସଂ. ବଣ. ସ୍ତ୍ରୀ. ଓ ପୁଂ (ବହୁ+ସୂନ+ଈ); ପୁଂ. (ବହୁ ସୂନ Bahusūnī +ଇନ୍; ୧ମା. ୧ବ.)—୧ । ବହୁ ପୁଷ୍ପବତୀ (ଲତା) ବା ବହୁପୁଷ୍ପଧାରୀ (ବୃକ୍ଷ)—1. (a creeper or tree) Bearing many flowers.

୨ । ବହୁବାର ପୁଷ୍ପବତୀ ଲତା ବା ପୁଷ୍ପଧାରୀ ବୃକ୍ଷ—2. (a creeper or tree) Bearing flowers several times during the year.

୩ । (ସ୍ତ୍ରୀ) ବହୁବାର ରଜସ୍ୱଳା ହୋଇଥିବା (ସ୍ତ୍ରୀ)—3. (a woman) Who has menstruated many times.

ସଂ. ବ. ସ୍ତ୍ରୀ—ଭୂଅସୁଣୀ; ଯୁବତୀ କୁଳବଧୂ—A young housewife.

[ଦ୍ର—ଓଡ଼ିଆ ଭୂଅଶୁଣୀ ଶବ୍ଦ ସଂ. 'ବହୁସୂନୀ' (=ବହୁବାର ପୁଷ୍ପବତୀ ହୋଇଥିବା ସ୍ତ୍ରୀ) ଶବ୍ଦର ଅପଭ୍ରଂଶ ଥିବାର ଅନୁମିତ ହୁଏ; ପ୍ରୋଫେସର ଅର୍ତ୍ତବଲ୍ଲଭ ମହାନ୍ତି ସୁବାସିନୀ (=ଅବୀରା ସ୍ତ୍ରୀ) ଶବ୍ଦର ଅପଭ୍ରଂଶ ଭୂଅଶୁଣୀ ।

ବହୁସ୍ତ୍ରୀକ—ସଂ. ବଣ. ପୁଂ (ବହୁ+ସ୍ତ୍ରୀ+କ)—ବହୁପତ୍ନୀକ; ଯାହାର Bahu strīka ବହୁତ ପତ୍ନୀ ଅଛନ୍ତି—Having many wives; polygamous.

ବହୁସ୍ୱାମିକ—ସଂ. ବଣ. (ବହୁ+ସ୍ୱାମିନ୍+କ)—ଯାହାର ଅନେକ Bahu swāmika ସ୍ୱାମୀ ବା ମାଲିକ ଅଛନ୍ତି—Having (ବହୁସ୍ୱାମିକା—ସ୍ତ୍ରୀ) many owners or masters; owned by many persons.

ବହୁସ୍ରବା—ସଂ. ବଣ.—(ବହୁବ୍ରୀହି; ବହୁ+ସ୍ରବ)—ଯହିଁରୁ ବହୁତ ରସ Bahusrabā ଅବା ଝରୁଥାଏ—Exuding too much juice.

ସଂ. ବ.—ଶଲ୍ଲକୀ ବୃକ୍ଷ; କୁନ୍ଦୁରୁକୁ ଗଛ—The Gum Olibanum tree; Boswellia Thurifera.

ବହୂ—ଦେ. ବ. (ସଂ. ବଧୂ)—ବୋହୂ—
Bahū Daughter-in-law.
ବଉ ବହୁ

ବହୂଦକ—ସଂ. ବଣ. (ବହୁବ୍ରୀହି; ବହୁ+ଉଦକ)—ପ୍ରଚୁର ଜଳବିଶିଷ୍ଟ—Bahūdaka Having abundant water.

ସଂ. ବ—ଚତୁଃପ୍ରକାର ସନ୍ନ୍ୟାସୀଙ୍କ ମଧ୍ୟରୁ ଏକ—One of the 4 classes of Sannyāsis.

[ ଦ୍ର—ସୂତସଂହିତା ମତରେ ସନ୍ନ୍ୟାସୀ ୪ ଶ୍ରେଣୀରେ ବିଭକ୍ତ;—କୁଟୀଚକ, ବହୂଦକ, ହଂସ ଓ ପରମହଂସ । ବହୂଦକଙ୍କର ଲକ୍ଷଣ ଏହି କି ଏମାନେ ଏକ ଘରୁ ଆପଣାର ଭୋଜନାର୍ଥ ଯଥେଷ୍ଟ ଭିକ୍ଷା ଗ୍ରହଣ ନ କରି ସାତ ଘରୁ ଭିକ୍ଷା ଗ୍ରହଣ କରିବେ । ଗାତ୍ରର ସୂତ୍ର-ବେଷ୍ଟନରେ ବନ୍ଧା କିଛିଶ୍ଚ, ଶିଖା, ଜଳପୂର୍ଣ୍ଣ ପାତ୍ର, କୌପୀନ, କମଣ୍ଡଳୁ, କନ୍ଥା, ପାଦୁକା, ଛତ୍ର, ରୁଦ୍ରାକ୍ଷମାଳା, ଯୋଗପଟ୍ଟ, ଖନିତ୍ର ଓ କୃପାଣ ଏମାନେ ସଙ୍ଗରେ ନେବେ । ବହୂଦକଙ୍କର ଶବକୁ ପାଣିରେ ବୁଡ଼ାଇ ଦିଆଯାଏ—ହି. ଶ. ]

ବହୂପମା—ସଂ. ବ. (ବହୁବ୍ରୀହି; ବହୁ+ଉପମା)—ଉପମାଲଙ୍କାରବିଶେଷ; Bahūpamā ଯେଉଁ ଅଳଙ୍କାରରେ ଗୋଟିଏ ଉପମେୟକୁ ଅନେକ ଉପମାନ ସଙ୍ଗେ ତୁଳନା କରାଯାଏ (ହି. ଶ.)—A figure of speech in which one thing is compared to many other similar things.

ବହୂପରସ(ସି)ଣିଆ—ପ୍ରାଦେ. (ସମ୍ବଲପୁର) ବ. (ସଂ. ବଧୂ+ପରିବେଷଣ)—Bahūparasa(si)niā ବୋହୂର ପରିବେଷଣ ବା ପରଷିବା; ଶ୍ୱଶୁରଙ୍କ ଭୋଜନାର୍ଥ ବଧୂଦ୍ୱାରା ଅନ୍ନାଦିର ପରିବେଷଣ—The daughter-in-law's serving food to her father-in-law.

ବହୂବହୂକା ଖେଳ—ଦେ. ବ. (ସଂ. ବଧୂ+ବଧୂ)—ବାଳିକାମାନଙ୍କର Bahū bahūkā khela ଆପଣା ଆପଣା ମଧ୍ୟରେ ଶାଶୂ ବୋହୂ ବୌବୌକା খেল ଅବ; ଅଭିନୟ କରିବା ଖେଳ—A game of ବହୁବହୁ ଖେଲ girls in which they act as mother-in-law, daughter-in-law etc; the game of girls playing at keeping house.

ବହୂଭୂଅଶୁଣୀ—ଦେ. ବ. (ସଂ. ବଧୂ+ବହୁସୂନୀ; ଏକାର୍ଥବୋଧକ Bahūbhuāsuṇī ସହଚର)—କୁଳବଧୂ—Housewife; ବউ বউড়ী ବହୁବହୁଅସିନୀ the daughter-in-law of a family.

ବହେ—ଦେ. ବଣ ଓ କ୍ରି. ବଣ. (ସଂ. ବହୁ)—ବହେ; ବହାକ; Bahe ଅନେକ थोडा, बहुत ବହୁତ—Much; too much.

ବହକ } ଅନ୍ୟରୂପ (ଯଥା—ମୁଁ ବହେ ବାଟ ଚାଲିଲିଣି; ସେ ମତେ
ବହାକ } ବହେ ଗୋଧିଲା ।)

ବହେର୍ଡ଼ା—ଗ୍ରା. ବ—ଭିଡ଼; ଲୋକମାନଙ୍କର ଦୁର୍ଭେଦ୍ୟ ସଂହତି—Baherḍa ভিড় भीड Pressure of people; crowd.

ବହେଣୀ—ଦେ. (ପ୍ରାଚୀନ ପଦ୍ୟ) ବ. (ସଂ. ଭଗିନୀ; ପ୍ରା. ବହିଣୀ)—Baheṇī বহিনী बहीन ଭଗିନୀ; ଭଉଣୀ—Sister.

ପକ୍ଷସଙ୍କ କସୁ କର, ବଳେ ବହେଣୀକ ନେଲା ।
ଜଗନ୍ନାଥ, ଚଉଡିଶାମାସୁଏ ।

ବହ୍ନା—ପ୍ରାଦେ. (ସମ୍ବଲପୁର) ବ—ବଢ଼ିଣା; ଝାଡ଼ୁଣୀ—
Bahnā Broom stick.

ବହ୍ନାଇବା—ପ୍ରାଦେ. (ସମ୍ବଲପୁର) କ୍ରି. (ତୁଳ. ହି. ବୁହାରନା)—Bahnāibā ବଢ଼ିଣାମୁଠା ବା ଝାଡ଼ୁଣୀରେ ଓଳାଇବା; ଝାଡ଼ିବା—To sweep.

ବହ୍ନି—ସଂ. ବ. (ବହ୍ ଧାତୁ=ବହନ କରିବା+କର୍ତ୍ତୃ. ନି; ଯେ ହୋମ-Bahni ଦ୍ରବ୍ୟାଦି ଦେବତାମାନଙ୍କ ନିକଟକୁ ବହନ କରି ନିଏ)—୧ । ହବ୍ୟବାହ; ଅଗ୍ନି—1. Fire.

[ ଦ୍ର—ବୈଦିକ ସାହିତ୍ୟରେ 'ବହ୍ନି' ଶବ୍ଦର ଅର୍ଥ 'ବାହକ' ବା 'ବହନକାରୀ' । ]

୨ । ଭଲ୍ଲାତକ; ଭଲିଆ—2. Marking nut. ୩ । ଚିତୃତ ବା ଧଳାଚିତା—3. A poisonous plant

corrosive plant; plumbago plant. ୪ । (ତନ୍ତ୍ରଶାସ୍ତ୍ର) ରେଫ୍ ବା 'ର୍' ବର୍ଣ୍ଣ—4. (Tantra) The letter Ra or its mark. ୫ । (ନାମ) ମିତ୍ରବିନ୍ଦାଙ୍କ ଗର୍ଭରୁ ଉତ୍ପନ୍ନ କୃଷ୍ଣଙ୍କର ପୁତ୍ର (ହ୍ର. ଶ.)—5. Name of a son of Krushna. ୬ । (ନାମ) ତୁର୍ବସୁଙ୍କ ପୁତ୍ର—6. Name of the son of Turbasu. ୭ । (ନାମ) ଭୁଜ୍ଯୁ ବଂଶୀ ଏକ ଯାଦବ—7. Name of a scion of the Jādaba dynasty of kings of ancient India. ୮ । (ନାମ) ଶ୍ରୀରାମଙ୍କ କପିସେନାର ଜଣେ ସେନାପତି (ହ୍ର. ଶ.)—8. Name of a monkey-general of Rama's army. ୯ । ତିନ ସଂଖ୍ୟା (ହ୍ର. ଶ.)—9. The number three.

ବହ୍ନିକର—ସଂ. ବି. ( ବହ୍ନି+କୃ ଧାତୁ+କର୍ତ୍ତୃ. ଅ )—୧ । ବିଦ୍ୟୁତ୍; Bahnikara ବିଜୁଳି ( ହ୍ର. ଶ. )—1. Lightning. ୨ । ଚକମକି ପଥର (ହ୍ର. ଶ.)—2. Flint stone.

ବହ୍ନିକରୀ—ସଂ. ବି. (ବହ୍ନିକର+ଈ)—ଧଅ ଗଛ ( ହ୍ର. ଶ. )—Bahnikarī Angeissus Latifolia (tree). (ବହ୍ନିଜ୍ୱାଳ, ବହ୍ନିପୁଷ୍ପୀ—ଅନ୍ୟରୂପ)

ବହ୍ନିକାଷ୍ଠ—ସଂ. ବି. ( ମ. ପ. ଲୋ; ବହ୍ନି ଉତ୍ପାଦକ କାଷ୍ଠ )—Bahnikāshtha ୧ । ଜାଳକାଠ—1. Fuel. ୨ । ସଂଘର୍ଷଣଦ୍ୱାରା ଅଗ୍ନ୍ୟୁତ୍ପାଦକ କାଠ—2. A piece of wood which produces fire by friction. ୩ । ଅଗ୍ନିମନ୍ଥ; ଅଗବଥୁ ଗଛର କାଠ—3. The wood of the Premna Integrifolia tree.

ବହ୍ନିଗର୍ଭ—ସଂ. ବଣ. ( ବହୁବ୍ରୀହି; ବହ୍ନି+ଗର୍ଭ )—୧ । ଯାହାର ଗର୍ଭ Bahnigarbha ବା ଅନ୍ତଃସ୍ଥଳରେ ଅଗ୍ନି ଥାଏ—1. Having (ବହ୍ନିଗର୍ଭା—ସ୍ତ୍ରୀ) fire inside. ୨ । ଯାହାକୁ ଘଷିଲେ ନିଆଁ ବାହାରେ—2. Producing fire when rubbed.

ସଂ. ବି—୧ । ବାଉଁଶ—1. Bamboo. ୨ । ସମୁଦ୍ର—2. The ocean.

ବହ୍ନିଗର୍ଭା—ସଂ. ବି ସ୍ତ୍ରୀ. (ବହ୍ନିଗର୍ଭ+ସ୍ତ୍ରୀ. ଅ)—ଶମୀବୃକ୍ଷ; ଶାଇଁଗଛ—Bahnigarbhā Prosopis Spicigera (tree). [ ଦ୍ର—ପୂର୍ବକାଳରେ ଏହି ଗଛର କାଠ ଦୁଇ ଖଣ୍ଡ ଘଷି ଲୋକେ ନିଆଁ ବାହାର କରୁଥିଲେ । ]

ବହ୍ନିନନ୍ଦନ—ସଂ. ବି. (୬ଷ୍ଠୀ ତତ୍; ବହ୍ନି+ନନ୍ଦନ)—୧ । ଅଗ୍ନିର Bahninandana ପୁତ୍ର—1. Son of the Fire-god. ୨ । ନୀଳ ନାମକ ବାନରସେନାପତିବିଶେଷ—2. The monkey-commander Nīla.

ବେଗେ ଯାଇଁ, ବହ୍ନିନନ୍ଦନ ଠାଣ ।

ଉତ୍ତ. ବୈଦେହୀଶବିଳାସ ।

ବହ୍ନିନାମ—ସଂ. ବି.—(ବହୁବ୍ରୀହି; ବହ୍ନି+ନାମନ୍; ୧ମା. ୧ବ.)—Bahni nāma ୧ । ଚିତ୍ରକ; ଧଳାଚିତା—1. Swallow wort. (plant). ୨ । ଭଲ୍ଲାତକ (ହ୍ର. ଶବ୍ଦସାଗର)—2. Marking nut (plant).

ବହ୍ନିବିବିକ୍ଷୁ—ସଂ. ବଣ. (ବହ୍ନି+ବିବିକ୍ଷୁ)—ଅଗ୍ନିରେ ପ୍ରବେଶ କରିବାକୁ Bahni bibikshu ଅଭିଳାଷୀ—Wishing to enter into a fire.

ବହ୍ନିବୀଜ—ସଂ. ବି.—୧ । ସ୍ୱର୍ଣ୍ଣ; ସୁନା—Bahni bīja 1. Gold.

[ ଦ୍ର—ବ୍ରହ୍ମବୈବର୍ତ୍ତପୁରାଣରେ ଲେଖାଅଛି ଯେ ଥରେ ଦେବତାମାନଙ୍କ ସଭାରେ ନୃତ୍ୟ କରୁଥିବା ରମ୍ଭା ଅପ୍ସରାକୁ ଦେଖି ଅଗ୍ନିଦେବ କାମପୀଡ଼ିତ ହେଲେ ଓ ସେହି ସଭାରେ ତାଙ୍କ ରେତଃପାତ ହେଲା । ରମ୍ଭା ଏହା ଦେଖି ଲଜ୍ଜିତା ହୋଇ ଉକ୍ତ ସ୍ଖଳିତ ବୀର୍ଯ୍ୟକୁ ଆପଣା ଲୁଗାରେ ଘୋଡ଼ାଇ ଦେଲା । କିଛି ଦିନ ପରେ ତାହା ସୁନା ପାଲଟି ଯାଇ ରମ୍ଭାର ବସ୍ତ୍ରରୁ ତଳକୁ ଖସି ପଡ଼ିଲା—ହ୍ର. ଶ. ]

୨ । (ତନ୍ତ୍ର) ରଂ ବୀଜ—2. The particle Ram in tantrik ritual.

ବହ୍ନିଭୂତିକ—ସଂ. ବି.—ରୂପା; ରୌପ୍ୟ (ହ୍ର. ଶ.)—Bahnibhūtika Silver.

ବହ୍ନିଭୋଗ—ସଂ. ବି.—ଘୃତ; ଘିଅ (ହ୍ର. ଶ.)—Bahnibhoga Ghee.

ବହ୍ନିମନ୍ଥ—ସଂ. ବଣ. (ବହ୍ନି+ମନ୍ଥ ଧାତୁ+କରଣ. ଅ)—ମନ୍ଥନଦ୍ୱାରା Bahnimantha ଅଗ୍ନି ଉତ୍ପାଦକ; ଯାହାକୁ ଘଷିଲେ ନିଆଁ ବାହାରେ—Producing fire when rubbed.

(ବହ୍ନିମନ୍ଥନ—ଅନ୍ୟରୂପ) ସଂ. ବି—ଅଗ୍ନିମନ୍ଥ; ଅଗବଥୁ ଗଛ—Premna Integrifolia (tree).

ବହ୍ନିମିତ୍ର—ସଂ. ବି. (୬ଷ୍ଠୀ ତତ୍; ବହ୍ନି+ମିତ୍ର)—ବାୟୁ—Bahnimitra Wind; air.

ବହ୍ନିମୁଖ—ସଂ. ବି. (ବହୁବ୍ରୀହି; ବହ୍ନି+ମୁଖ; ଅଗ୍ନି ଯାହାଙ୍କର ମୁଖ ସ୍ୱରୂପ Bahnimukha ଅର୍ଥାତ୍ ଅଗ୍ନିରେ ଆହୁତି ଦେଲେ ଯେ ପାଆନ୍ତି)—ଦେବତା—Deity; the gods.

ବହ୍ନିରେତାଃ—ସଂ. ବି. ( ବହୁବ୍ରୀହି; ବହ୍ନି+ରେତସ୍ )—ଶିବ; Bahniretāh ମହାଦେବ—Siba.

ବହ୍ନିଶିଖ—ସଂ. ବଣ. ( ବହୁବ୍ରୀହି; ବହ୍ନି+ଶିଖା=କେଶର )—Bahnisikha ଅଗ୍ନିଶିଖାଯୁକ୍ତ—Having flames like fire.

ସଂ. ବି—କୁସୁମଫୁଲ—The safflower.

ବହ୍ନିଶିଖା—ସଂ. ବି. (୬ଷ୍ଠୀ ତତ୍; ବହ୍ନି+ଶିଖା)—ନିଆଁର ଶିଖା—Bahnisikhā Flames or tongues of fire.

ବହ୍ନିସଖ—ସଂ. ବି. ( ୬ଷ୍ଠୀ ତତ୍; ବହ୍ନି+ସଖା )—ବାୟୁ—Bahnisakha Air.

[ ଦ୍ର—'ଅଗ୍ନି'ର ମଧ୍ୟ 'ବାୟୁସଖା' ଏକନାମ । ]

ବହ୍ୱପତ୍ୟ—ସଂ. ବଣ. ପୁଂ. ( ବହୁବ୍ରୀହି; ବହୁ+ଅପତ୍ୟ )—ଯାହାର Bahwapatya ଅନେକ ସନ୍ତାନ; ବାଳବଚ୍ଚାବାଲା—Having (ବହ୍ୱପତ୍ୟା—ସ୍ତ୍ରୀ) a good many children.

ବହ୍ୱପତ୍ୟା—ସଂ. ବଣ. ସ୍ତ୍ରୀ. (ବହ୍ୱପତ୍ୟ+ସ୍ତ୍ରୀ. ଆ)—ବହ୍ୱପତ୍ୟର ସ୍ତ୍ରୀଲିଙ୍ଗ—Bahwapatyā Feminine of Bahwapatya.

ସଂ. ବି. ସ୍ତ୍ରୀ—୧ । ଶୂକରୀ—1. A sow. ୨ । ମୂଷା—2. Rat.

ବହ୍ୱର୍ଥ—ସଂ. ବିଣ.—(ବହୁବ୍ରୀହି; ବହୁ+ଅର୍ଥ)—ନାନାର୍ଥଯୁକ୍ତ; ଯାହାର
Bahwartha ନାନା ପ୍ରକାର ଅର୍ଥ ହୋଇପାରେ—Having
(ବହ୍ୱର୍ଥକ—ଅନ୍ୟରୂପ) more than one meaning.

ବହ୍ୱାଡ଼ମ୍ବର—ସଂ. ବି° (କର୍ମଧା; ବହୁ+ଆଡ଼ମ୍ବର)—ମହା ଆଡ଼ମ୍ବର;
Bahwārdamabara ବିଶେଷ ଜାକଜମକ; ଭାରି ଗୋଲମାଲ—
Grand preparation; much ado.
ସଂ. ବିଣ.—( ବହୁବ୍ରୀହି )—ମହା ଆଡ଼ମ୍ବରପୂର୍ଣ୍ଣ—Full of great ado; grand.

ବହ୍ୱାୟାସ—ସଂ. ବି.—(କର୍ମଧା; ବହୁ+ଆୟାସ)—ଗୁରୁ ପରିଶ୍ରମ—
Bahwāyāsa (ବହୁଳାୟାସ—ଅନ୍ୟରୂପ) Great labour.

ବହ୍ୱାରମ୍ଭ—ସଂ. ବି. (କର୍ମଧା, ବହୁ+ଆରମ୍ଭ)—ମହା ଆଡ଼ମ୍ବର—
Bahwārambha Much ado.
(ଯଥା—ବହ୍ୱାରମ୍ଭ ଲଘୁ କ୍ରିୟା—ସଂସ୍କୃତ ପ୍ରବଚନ ।)
ସଂ. ବିଣ. (ବହୁବ୍ରୀହି)—୧ । ଯେଉଁ କାର୍ଯ୍ୟର ଆରମ୍ଭ ବିଶେଷ ଘଟଣଘଟା ସହିତ କରାଯାଏ—1. (work) Begun with a great ado. ୨ । ମହାଆଡ଼ମ୍ବରମୟ—2. Grand.

ବହ୍ୱାଶୀ—ସଂ. ବିଣ. ପୁଂ—୧ । (ବହୁ+ଅଶ୍ ଧାତୁ=ଖାଇବା କର୍ତ୍ତୃ.
Bahwāsi ଇନ୍; ବହ୍ୱାଶିନ୍ ୧ମା. ୧ବ.)—ବହୁ ଭୋଜନଶୀଳ;
(ବହ୍ୱାଶିନୀ—ସ୍ତ୍ରୀ) ଯେ ଗୁଡ଼ାଏ ଖାଏ 1. Voracious; gluttonous. ୨ । (ବହୁ+ଆଶା+ଇନ୍) ବିଶେଷ ଆଶା ବା ଆକାଙ୍କ୍ଷାଯୁକ୍ତ—2. Having great aspirations; expecting too much.
ସଂ. ବି.—ଧୃତରାଷ୍ଟ୍ରଙ୍କ ପୁତ୍ରବିଶେଷ—Name of a son of Dhrutarāshtra.

ବହ୍ୱୃକ୍—ସଂ. ବିଣ. ପୁଂ (ବହୁ+ଋଚ୍=ବେଦ ମନ୍ତ୍ର; ବହ୍ୱୃଚ୍ ୧ମା
Bahwruk ୧ବ.)—ଋଗ୍ବେଦ ବା ମନ୍ତ୍ର ଜାଣିଥିବା (ବ୍ୟକ୍ତି);
(ବହ୍ୱୃଚୀ—ସ୍ତ୍ରୀ) ଋଗ୍ବେଦବେତ୍ତା—Versed in the Rugbeda or the Mantras. ୨ । ବହୁ ମନ୍ତ୍ରଯୁକ୍ତ—2. Full many mantras.

ବହ୍ୟ—ସଂ ବିଣ. (ବହ୍ ଧାତୁ+କର୍ମ. ଯ)—ବହନୀୟ; ବହନଯୋଗ୍ୟ—
Bahya Fit to be carried or endured.
ସଂ. ବି.—୧ । (+କରଣ. ଯ.)—ଯାହାଦ୍ୱାରା ବହନ କରାଯାଏ; ଯାନ; ବାହନ—1. Conveyance. ୨ । ଗାଡ଼ି; ଶଗଡ଼—2. Cart; carriage. ୩ । ରଥ—3. Car.

ବହ୍ଳା—ଦେ. ବିଣ.—୧ । ଯେଉଁ ଲୋକ ଅଚିନ୍ତା ହୋଇ ଖାଇ ପିଇ
Bahlā ହୃଷ୍ଟପୁଷ୍ଟାଙ୍ଗ ହୋଇଥାଏ—1. One who grows
ବେଜାୟବାଡ଼ା corpulent having no anxiety. ୨ ।
ବେଜା ବଢ଼ାହୁଆ ବିଶେଷ ହୃଷ୍ଟପୁଷ୍ଟ ହୋଇ ବଢ଼ୁଥିବା (ଲତା, ବୃକ୍ଷାଦି) 2. Growing up over luxuriantly; overluxuriant; exuberent. (said of plants
(ବହ୍ଲା—ଅନ୍ୟରୂପ) and creepers on a very rich soil).
[ଦ୍ର—ଜମିରେ ବିଶେଷ ସାର ଥିଲେ ଗଛଗୁଡ଼ିକ ବହ୍ଳା ହୋଇ ବଢ଼ି ଯାଏ, ମାତ୍ର ଉକ୍ତ ବହ୍ଳା ଗଛରୁ ଉତ୍ପନ୍ନ ଫଳ ସାଧାରଣ ଗଛର ଫଳ ଅପେକ୍ଷା କମ୍ ହୁଏ ।]

ବା (ଧାତୁ)—ସଂ.—୧ । ଗମନ କରିବା—
Bā (root) 1. To go.
୨ । ଗନ୍ଧ ବୋହି ନେବା—2. To carry scents or smells. ୩ । ସୂତ୍ର ବିସ୍ତାର କରିବା—3. To sprerd or extend a piece of thread.

ବା—ସଂ. ଅ. (ବା ଧାତୁ=ଗମନ କରିବା+ଭାବେ. କ୍ୱିପ୍)—୧ । ଅବା;
Bā ଅଥବା; କିମ୍ବା—1. Or; either.
[ଦ୍ର—ଏହା ସନ୍ଦେହ, ସମ୍ଭାବନା, ଉକ୍ଷପୂରା, ସାଦୃଶ୍ୟ, ସମୁଚ୍ଚୟ, ପ୍ରଶ୍ନ, ଉପମା, ନାନାର୍ଥ ଓ ପାଦ ପୂରଣରେ ବ୍ୟବହୃତ ହୁଏ ।]
୨ । ପରିବର୍ତ୍ତରେ—2. In lieu. ୩ । ପଶ୍ଚାତ୍ତରରେ—3. Else; otherwise. ୪ । ଅପି; ମଧ୍ୟ—4. Even.
ଦେ. ବି.—ବାଆ—(ଦେଖ)—Bā-ā (See)
ଦେ. ବିଣ. (କଟରିଆ) (ସାଙ୍କେତିକ)—ବାବଦ; ସମ୍ବନ୍ଧୀୟ—As per; regarding; relating to.
[ଦ୍ର—ଏହା । ବ,। । ବୋଲି ମଧ୍ୟ ଲେଖାଯାଏ ।
ଗ୍ରା. (ଇତର) ଅ.—୧ । ହେ ! ରେ !—1. Oh, ! ୨ । ୨ । (ବାକ୍ୟାନୁପ୍ରାସ) ମ; ମିଁ—2. Too.

ବାଆ—ଦେ. ବି.—୧ । (ସଂ. ବାତ; ବାୟୁ)—ବାୟୁ; ପବନ—
Bā-ā ବତାସ; বা বतास, हवा 1. Wind.
ନୃତ୍ୟ ଗଗନେ ସଜାଡ଼ି ଜବାସ, ଉଡ଼ି ଯୁ ଗାଲି ବାଅରେ ।
ଉବାସ. ଗୀତଲହରୀ ।
୨ । ପ୍ରବଳ ବାୟୁ; ବତାସ—2. Tempest; highwind.
୩ । (ଲକ୍ଷଣାର୍ଥ) ସାମାନ୍ୟ ମାତ୍ର ସମ୍ପର୍କ ବା ସ୍ପର୍ଶ—3. Slight connection or touch.
( ଯଥା—ବଡ଼ଲୋକଙ୍କ ହିତରେ ଗରିବର ବାଆ ବାଜିଲେ ବଡ଼ଲୋକେ ଚମକି ପଡ଼ନ୍ତି । )
ଗ୍ରାମ୍ୟ—(ଇତର ବ୍ୟବହୃତ)—୧ । ବାପ; ପିତା—
বিয়ে ब्याह 1. Father; papa.
୨ । (ସଂ. ବିବାହ) ବାହା; ବିବାହ—2. Marriage.

ବାଆଁ—ଦେ. ବିଣ. (ସଂ. ବାମ)—ବାମ ପାଖର; ବାମଦିଗସ୍ଥ—
Bā-āñ বাঁ बायाँ Left (side).
(ବିପରୀତ—ଡାଆଣ; ଡାହାଣ) ଦେ. ବି.—ବାମଭାଗ; ବାମ ପାର୍ଶ୍ୱ—Left side.

ବାଆଁକୁ ମୋଡ଼—ଦେ. ଅ—( ସବାରି ବେହେରାମାନଙ୍କର ଭାଷା);
Bā-āñku morda ସବାରିର ବାଉଁଶକୁ ବାମ ଦିଗକୁ ଉଠୁଥିବ
(ବାଆଁକୁ ଧର—ଅନ୍ୟରୂପ) କରିବା ନିମନ୍ତେ ଅଗ ବେହେରାଙ୍କର ପଛ ବେହେରାଙ୍କ ପ୍ରତି ସଙ୍କେତ ବାକ୍ୟ—(A halloo of Palki bearers) Direct the motion of the Palki towards the left.

**ବାଆଁଖାଡ଼ିଆ**—ଦେ. ବି—କୌଣସି ବ୍ୟକ୍ତିର ହାତରେ ନ ପଡ଼ିବାପାଇଁ
Bā-āñ khārdia ଗୁପ୍ତରେ ଇତସ୍ତତଃ ଗତି କରିବା—
ବାଆଁଖଡ଼ା } ଅନ୍ୟରୂପ Careful or stealthy
ବାଆଁଖେଲା } Zigzag movement to
ବାଆଁଖେଳ(ଡ଼ି)ଆ } evade a person.

**ବାଆଁଖାଡ଼ିଆ ଦେବା**—ଦେ. କ୍ରି—ଏଡ଼ି କରି ଏଣେ ତେଣେ ବୁଲିବା
Bā-āñkhārdia debā To evade a person by stealthily moving from one place to another.
এড়িয়ে চলা
**কন্নি কাটনা, বাঁযাদেনা**

**ବାଆଁ ଛାଡ଼**—ଦେ. ଅ—( ସବାରି ବେହେରାଙ୍କ ଡାକ) ବାଟର ବାମ
Bā-āñ chhārda ପାଖରେ କୌଣସି ବାଧା ଥିଲେ ପଛ
ବାଆଁଣ ଛାଡ଼ } ଅନ୍ୟରୂପ ବେହେରାମାନଙ୍କୁ ଆଗ ବେହେରା-
ବାୟାଁ ଛାଡ଼ } ମାନଙ୍କର ସତର୍କ କରିଦେବାର ଡାକ—
**बाँयाछाड** (a halloo of Palki-bearers) Avoid the danger on the left side.

**ବାଆଁ ଡାଆଁ**—ଦେ. ବି—(ସଂ. ବାମ + ଦକ୍ଷିଣ)-ବାମ ଓ ଦକ୍ଷିଣ ଦିଗ—
Bā-āñ dā-āñ Right and left sides.
( ବାଆଁଣ ଡାଆଁଣ—ଅନ୍ୟରୂପ )
ডাআন বাঁ **बाँया दाहिना**

**ବାଆଁ ଡାଆଁ ବତା(ତେ)ଇବା**—ଦେ. କ୍ରି—କୌଣସି ବ୍ୟକ୍ତିକୁ ଅସ୍ପଷ୍ଟ
Bā-āñ dā-āñ batā(te)ibā ଉତ୍ତର ନ ଦେଇ ଏଣୁ ତେଣୁ
(ବାଆଁଣ ଡାଆଁଣ ବ[ତେତା]ଇବା—ଅନ୍ୟରୂପ) ଭୁଲାଇ କହିବା—
এধার ওধার বাতলান To prevaricate.
**बायाँ दाहिना बताना**

**ବାଆଁ ଡାଆଁ ବୁଲା(ଲେ)ଇବା**—ଦେ. କ୍ରି—କୌଣସି ବ୍ୟକ୍ତିକୁ
Bā-āñ dā-āñ bulā(le)ibā ଅଭୀପ୍ସିତ ସ୍ଥାନକୁ ନ ନେଇ
এধার ওধার ঘোরান ଅନିର୍ଦ୍ଦିଷ୍ଟ ଭାବରେ ଏଣେ ତେଣେ ବୃଥା
**बायाँ दाहिना घुमाना** ବୁଲାଇବା—To lead a person astray without taking him at once to the desired point.

**ବାଆଁ ଡାହାଣ**—ଦେ. ଅ—(ସବାରି ବେହେରାଙ୍କ ଡାକ) ବାମ ଓ ଦକ୍ଷିଣ
Bā-āñ dāhāna ଦିଗରେ ବାଧା ଥିଲେ ଆଗ ବେହେରାମାନଙ୍କର
(ବାଆଁଣ ଡାହାଣ—ଅନ୍ୟରୂପ) ପଛ ବେହେରାମାନଙ୍କୁ ସତର୍କ
বাঁয়ে ডাইনে କରିବା ଡାକ—(a halloo of Palki-bearers).
**बायाँ दाहिना** Beware of both sides.

**ବାଆଁ ପଡ଼ିଆ**—ଦେ. ବି—ଶଗଡ଼ ଯାଉଥିବା ବାଟରେ ବାଆଁ ଚକ
Bā-āñ pardiā ଖାଲରେ ପଡ଼ିବା ଅବସ୍ଥା—The state of
( ଡାହାଣ ପଡ଼ିଆ—ବିପରୀତ ) the left wheel of a cart moving on a lower plane.

**ବାଆଁ(ୟାଁ)ବିଲୁଆ**—ଦେ. ବି—( ସଂ. ବାମ ଓ ବିଲବାସୀ )—କୌଣସି
Bā-āñ (yāñ)biluā ଉଦ୍ଦେଶ୍ୟ ସାଧନ ନିମନ୍ତେ ଅନୁକୂଳ କରି
(ବାଏଁ ବିଲୁଆ—ଅନ୍ୟରୂପ) ଯାତ୍ରା କରୁଥିବା ସମୟରେ ଯାତ୍ରାକାରୀର
বাঁয়ে শেয়াল ବାମ ପାଖରେ ଦେଖାଯିବା ବିଲୁଆ—A jackal
**बाया शियार** seen on the left side of a person while starting on a journey (regarded as a good omen).
(ବାଆଁ ଶିଆଳ—ଅନ୍ୟରୂପ)

[ ଦ୍ର—ଲୋକବିଶ୍ୱାସ ଅନୁସାରେ ଏହା ମଙ୍ଗଳସୂଚକ । ଡାହାଣ ପାଖରେ ଯାଉଥିବା ବିଲୁଆ ପଥିକ ଆଡ଼କୁ ମୁହଁ ଫେରାଇ ଦୃଷ୍ଟି ପକାଇଲେ ତାହା ମଧ୍ୟ ଶୁଭସୂଚକ । ସେ ସମ୍ବନ୍ଧରେ ଜନାବଚନ ଅଛିଃ—ବାୟାଁଠିଁ ଡାୟାଁ ଭଲ, ଯେବେ ଫେରି ଚାହେଁ । ]

**ବାଆଁରା**—ଦେ. ବି—ବାଛୁରିମାନେ ଗାଈଙ୍କଠାରୁ ଯେପରି ଦୁଧ ପିଇ ନ
Bā-āñrā ପାରନ୍ତି ସେଥି ନିମନ୍ତେ ବାଛୁରିମାନଙ୍କ ମୁହଁରେ ବନ୍ଧା
মুখের জালি ହୋଇଥିବା ଏକାଧିକ ମୁନଯୁକ୍ତ ଏକପ୍ରକାର
**कटीला** ଆବରଣ—A pointed or forked muzzle put on the mouth of calves to prevent them from sucking milk from cows.

**ବାଆଁରା ବାଆଁରି**—ଦେ. ବି—୧ । ଛଳନା—1. Feigning;
Bā-āñrā bā-āñri excuse. ୨ । ଭୁଲାଇବା; ପ୍ରବର୍ତ୍ତାଇବା-
**भुलावा** 2. Deluding; inveigling.

**ବାଆଁରି**—ପ୍ରାଦେ. (ଅନୁଗୁଳ) ବି—ଢୋଡ଼ି ମାଛ—
Bā-āñri The bill fish.

**ବାଆଁରେଇବା**—ଦେ. କ୍ରି—୧ । ଛଳନା କରିବା; ବାହାନା କରିବା—
Bā-āñreibā 1. To feign. ୨ । କଥାଦ୍ୱାରା ଭୁଲାଇବା;
ବାଆଁ(ଆ)ରା ବାଆଁ(ଆ)ରି କରିବା } ଭଣ୍ଡିବା; ପ୍ରବଞ୍ଚନା
ବାଆଁରେଇବା } ଅନ୍ୟରୂପ କରିବା—
ବାଆଁ(ଆ)ରେଇ ଦେବା } To delude; to imveigle.
লতাকরা **भुलावादेना; बहकाना**

[ ଦ୍ର—ଉଦାହରଣ ସ୍ୱରୂପ, ମୁଁ ଗୁପ୍ତ ଭାବରେ କୌଣସି ସମ୍ବାଦ ଜାଣିବା ପାଇଁ ଏକ ସ୍ଥାନକୁ ଯାଇଅଛି, କିନ୍ତୁ ମୋ ଉଦ୍ଦେଶ୍ୟ ଅନ୍ୟମାନଙ୍କ ଆଗରେ ପ୍ରକାଶିତ ନ ହେବା ମୋ ଇଚ୍ଛା ଅଟେ; ସେ ସ୍ଥାନରେ ହଠାତ୍ ଜଣକ ସାଙ୍ଗେ ଦେଖା ହେବାରୁ ଓ ସେ ମୋର ସେଠାକୁ ଆସିବାର କାରଣ ପଚାରିବାରୁ, ମୁଁ ତାଙ୍କୁ ମୋ ଉଦ୍ଦେଶ୍ୟ ନ କହି ଆଉ ଗୋଟିଏ ଉଦ୍ଦେଶ୍ୟରେ ଆସିଅଛି ବୋଲି କହି ତାଙ୍କୁ ବାଆଁରେଇ ଦେଲି । ]

**ବାଆଁଶ**—ପ୍ରାଦେ. (ଯାଜପୁର) ବି—(ସଂ. ବଂଶ)—ବାଉଁଶ—
Bā-āñśa Bamboo.

**ବାଆଁଶ ଗଜା**—ପ୍ରାଦେ. (ବାଲେଶ୍ୱର) ବି—ଏକଜାତୀୟ ଧାନ—
Bā-āñśa gajā A kind of paddy.

**ବାଆଁଶ ପତରି**—ପ୍ରାଦେ. (ବାଲେଶ୍ୱର) ବି. ( ସଂ. ବଂଶପତ୍ରକ )—
Bā-āñśa patari ସାମୁଦ୍ରିକ ମତ୍ସ୍ୟବିଶେଷ—A sea fish.
(ବାଆଁଶ ପତରିଆ—ଅନ୍ୟରୂପ)

**ବାଆଁ(ଆ)ଶେଣା**—ଦେ. ବି—ବୋରହାଙ୍କି ଉପରେ ଜନ୍ମିବା ଘାସ ପରି
Bā-āñ(a) śenā ଏକ ପ୍ରକାର ଦଳ—A kind of aquatic grass growing on water-lettuce.

**ବାଆଁ ହାତ**—ଦେ. ବି. (ସଂ. ବାମ ହସ୍ତ)—ବାମ ହସ୍ତ—
Bā-āñ hāta বাঁ হাত **बायाँ हात** Left hand.

**ବାଆଁ ହାତିଆ**—ଦେ. ବିଣ—୧ । ବାମ ହସ୍ତ ସମ୍ବନ୍ଧୀୟ—
Bā-āñ hātiā 1. Relating to the left hand.
(ବାଆଁ ହାତ—ଅନ୍ୟରୂପ) ୨ । ବାୟାଁ; ବାଉଁଆ—
**बेंहत्थी** বাঁয়ে দিগের 2. Left-handed

ନେଟା, ଲେଟା କ୍ରି. ବଣ—୧ । ବାମ ହଗରେ—2. Towards
लेटराहा, लेटरा the left. ୨ । ବାମ ହସ୍ତ ଦ୍ୱାରା—2. With the left hand.

ବାଆଁକୁ ବତା(ତେ)—ଦେ. ପ୍ରବଚନ—ପବନକୁ ବତା ଦେଇ ଅଟକାଇ
Bā-āku batā(te) ରଖିବା ପରି ହାସ୍ୟାସ୍ପଦ ଚେଷ୍ଟା—
वायुको हातसे रोकना Trying to do a ludicrous act like tying to tie the wind with a bamboo lath.

ବାଆ (ଏ)ଛ୍ଚଏଁ—ପ୍ରାଦେ. (ଯାଜପୁର) କ୍ରି. ବଣ—ସାମାନ୍ୟରେ—
Bā-ā-(e)chhāeṅ Slightly.
( ଯଥା—ସେ ବେତଟା ହଲଉ ହଲଉ ମୋ ଦେହରେ ବାଆ ଛଏଁ ବାଜିଗଲା । )

ବାଆଣୀ—ଦେ. ବ. ସ୍ତ୍ରୀ. ( ସ. ବାଜନୀ )—ରଜା ଓ ରାଣୀଙ୍କ ଅଗରେ
Bā-āṇī ବାଦ୍ୟ ବଜାଇବା ଦାସୀ—A maid servant play-
बाजीयॆ, बाईदी ing drums in the presence of Rajas
बजवया and Ranees.

ବାଆନ(ନେ)—ଦେ. ବ ଓ ବଣ. ( ସଂଖ୍ୟାବାଚକ ) ( ସ. ଦ୍ୱିପଞ୍ଚାଶତ୍;
Bā-āna(ne) ପ୍ରା. ବବ୍ୱଣ୍ଣ; ପା. ଦ୍ୱିପଣ୍ଣାସା )—ପଚାଶରୁ ଦୁଇ
(ବାଆବନ, ବାଉନ, ବାବନ—ଅନ୍ୟରୂପ) ଅଧିକ ସଂଖ୍ୟା—
बाआन्न, बायान्न, बाहान्न बावन Fifty two; 52.

ବାଆନ ବଜାର ତେପନ ଗଲି—ଦେ. ବ—ଅଗ କାଳର କଟକ
Bā-āna bajāra tepana gali ସହରରେ ୫୨ ଗୋଟି
ବଜାର ଓ ୫୩ଟି ଗଲି ଥିବାର ଲୌକିକ ଉକ୍ତି—
52 bazars (big roads) and 53 lanes said to comprise the ancient town of Cuttack.

ବାଆ(ହା)ନ(ନ୍ନ)ବା—ଦେ. ବଣ. ପୁଂ—୧ । ମିଥ୍ୟାବାଦୀ—
Bā-ā(hā)na(nna)bā 1. Lying. ୨ । ଛଳନାବାଦୀ—
[ବାଆନ(ନ୍ନ)ସା—ସ୍ତ୍ରୀ] 2. Feigning. ୩ । ଯେ ବୃଥାରେ
बाफोर ଗୁଡ଼ାଏ ଗପେ—3. Talkative; braggart.
डींगिया

ବାଆନା ଶହେ(ଏ)—ଦେ. ବ ଓ ବଣ. ( ସଂଖ୍ୟାବାଚକ )—
Bā-ānā śahe(e) ଏକଶତ ବାଆନ; ୧୫୨—152.
(ଦ୍ର—ବାଆନା ଦୁଇଶ=୨୫୨)

ବାଆ ପବନ—ଦେ. ବ. ( ସଂ. ବାତ+ପବନ ) ( ଏକାର୍ଥବୋଧକ
Bā-ā pabana ସହଚର)—୧ । ବାୟୁ—1. Wind. ୨ । ଝଡ଼
ବା ପବନ
ବାଆ ବତାସ(ସି)
ବାଆ ବସ୍ୟାର } ଅନ୍ୟରୂପ
ତୋଫାନ—2. Tempest.
बायु बातास वायु बसात

ବାଆ ପାଣି—ଦେ. ବ. ( ସଂ. ବାତ+ପାନୀୟ )—୧ । ତୋଫାନ ଓ
Bā-ā pāṇi ବର୍ଷା—1. Tempest and rain.
बातास बिष्टी ଝଡ଼ ବାତ ଝଡ଼, ବାଆ ପାଣି ଖାଇ ଫୁଲ—ଶିଶୁ ଗୀତ ।
झक्कड ୨ । କୌଣସି ସ୍ଥାନର ଜଳବାୟୁ—2. Climatic
(ବାଆ ବରଷା—ଅନ୍ୟରୂପ) condition of a place.

ବାଆ ବତା—ଦେ. ବ—ଘରର ଚାଳ ପବନରେ ଉଡ଼ି ନ ଯିବ ବୋଲି
Bā-ā batā ଚାଳର ଉପର ପାଖରେ ଓ ମୁଣ୍ଡ ଅଂଶରେ ବନ୍ଧାଯିବା
ଖେଣ୍ଟ ଖେଣ୍ଟ ବତା—Pieces of split bamboo tied over the thatch of a house, so that it may not be blown away by the wind.

ବାଆଲ—ବୈଦେ. ବ. ( ଫା; ମୂଳ. ସଂ. ବହିଃ )—ଉପରେ—
Bā-āla Above.
ବ ଓ ବଣ—ବାହାଲ (ଦେଖ)—Bāhāla (See)

ବାଆ(ହା)ଲିଆ—ଦେ. ବ ଓ ବଣ.( ସ. ବହିଃ )—କାର୍ଯ୍ୟରେ ନିଯୁକ୍ତ
Bā-ā(hā)liā ଥିବା ବ୍ୟକ୍ତିମାନଙ୍କ ମଧ୍ୟରୁ କେହି ହଠାତ୍ କାର୍ଯ୍ୟ
बाहिली କରିବାକୁ ଅସମର୍ଥ ହେଲେ ତାହାର ସ୍ଥାନ ପୂରଣ କରିବା
एवजी ସକାଶେ ରଖିତ ବ୍ୟକ୍ତି—A reserved person; an extra hand kept in reserve for emergency.

ବାଆ ଶୂଳ—ଦେ. ବ. ( ସଂ. ବାତ+ଶୂଳ )—ସନ୍ତାନ ଜନ୍ମ ଶୂଳ ଆସି
Bā-ā śūla ପିଲା ଜନ୍ମ ହେବା ପୂର୍ବରୁ ପ୍ରସୂତି ଯେଉଁ ସାନ ସାନ
ଶୂଳ ଅନୁଭବ କରେ—Slight labour-pangs felt before the acute throes begin.

ବାଆଷଠା ଶହେ(ଏ)—ଦେ. ବ ଓ ବଣ. ( ସଂଖ୍ୟାବାଚକ )—
Bā-āshaṭhā śahe(e) ଏକଶତ ବାଆଷଠି; ୧୬୨—162.
(ବଅଷଠା ଶହେ—ଅନ୍ୟରୂପ) (ବାଆଷଠା ଦୁଇଶ=୨୬୨)

ବାଆଷଠି—ଦେ. ବ ଓ ବଣ. ( ସଂଖ୍ୟାବାଚକ ) ( ସଂ. ଦ୍ୱିଷଷ୍ଟି; ପ୍ରା.
Bā-āshaṭhi ବାସଟ୍ଠି )—ଷାଠିଏରୁ ଦୁଇ ଅଧିକ; ୬୨—62.
(ବାଷଠି—ଅନ୍ୟରୂପ) बाषट्ठी बासठ

ବାଆସ୍ତ(ସ୍ତୁ, ସ୍ତୋ)ରି—ଦେ. ବ ଓ ବଣ. ( ସଂଖ୍ୟାବାଚକ ) ( ସଂ.
Bā-āsta(stu, sto)ri ଦ୍ୱିସପ୍ତତି; ପ୍ରା. ବହତ୍ତର )—
ବାସ୍ତୁ(ସ୍ତୋ)ରି
ବାସ୍ତରି } ଅନ୍ୟରୂପ ସତୁରିରୁ ଦୁଇ ଅଧିକ; ୭୨—72.
बाहात्तर बहत्तर

ବାଆସ୍ତ(ସ୍ତୁ)ରା ଶହେ—ଦେ. ବ ଓ ବଣ—ଏକଶତ ବାଆସ୍ତରି; ୧୭୨—
Bā-āsta(stu)rā śahe 172.

ବାଇ—ଦେ. ବ. ( ସଂ. ବାୟୁ )—୧ । ବାୟୁ କୁପିତ ହୋଇ ଉଦର
Bāi ମଧ୍ୟରେ ହେବା ବାୟୁ ରୋଗ; ବାତ ଶୂଳ—1. A disease
बाई वात, वाउ due to the derangement of wind in the stomach.
୨ । ପେଟ ଫମ୍ପା ରୋଗ—2. Flatulence. ୩ । ଅଧୋବାୟୁ;
ପାଦ—3. Wind passed through the anus.
୪ । ଶ୍ୱାସ ବାୟୁ; ପ୍ରାଣ ବାୟୁ—4. The vital air; breath.
ସ୍ତ୍ରିସ ଉଇଲ ବାଇ ମିଛ ଯାଉ
ଶ୍ୱାସ ହୋଇଯିବ ସାଥିରେ ବାଇ—ସ୍ଥା. ପରତେ ଗୀତ ।
୫ । (ସଂ. ବାତକ; ବାତ) ଖିଆଲ; କୌଣସି ବିଷୟରେ ମନୁଷ୍ୟ
बातिक, बाई, छिट ମନରେ ଜାତ ହେବା କ୍ଷଣିକ ବା ସ୍ଥାୟୀ ଯିଦର;
सिडीपन ତୃଷ୍ଣା—5. Whim; caprice; a fit of desire which at times overpowers a person; craze; fad; hobby. ୬ । ବାତୁଳତା—6. Fit of madness. ୭ । ( ପୁଂ ଓ ସ୍ତ୍ରୀ ) ବାତୁଳ ବ୍ୟକ୍ତି—
बाङ्गे बाई 7. Mad person; a mad sap.

୮ । ଗୁଜରାଟ, ମହାରାଷ୍ଟ୍ର ଅଞ୍ଚଳ ଓ ବମ୍ବେରେ କ୍ଷତ୍ରିୟ ଓ ବୈଶ୍ୟ ଭଦ୍ର ମହିଳାମାନଙ୍କର ଉପାଧି ବିଶେଷ—8. A title attached to the name of ladies in Bombay corresponding to 'Lady' or 'Madam.' ୯ । ବେଶ୍ୟା ଓ ନର୍ତ୍ତକୀମାନଙ୍କର ଉପାଧି—9. A title of prostitutes and dancing girls. ୧୦ । ଭଉଣୀ—10. Sister. ୧୧ । ଅଳ୍ପବୟସ୍କା ବାଳିକାଙ୍କୁ ଓ କନ୍ୟାସ୍ଥାନୀୟା ସ୍ତ୍ରୀଙ୍କୁ ଗୁରୁଜନଙ୍କର ସ୍ନେହ ସମ୍ବୋଧନ—11. An address of endearment to girls or to women in the position of a daughter by elders. ୧୨ । ପୁରୁଷ ଓ ସ୍ତ୍ରୀମାନଙ୍କୁ ଦିଆଯିବା ନାମ—12. A name given to males

बाई बाई and females. ୧୩ । ନର୍ତ୍ତକୀ—13. Dancing girl.

ଦେ. ବିଣ—୧ । ଉନ୍ମତ୍ତ; ବାତୁଳ; ବାୟା—1. Maddened; mad.

ଯଦୁବଂଶୀଙ୍କ ସୁତେ ହେଲେ ଗଙ୍କେ ବାଇ—କୃଷ୍ଣସିଂ. ମହାଭାରତ ବନ ।

୨ । କୌଣସି ବିଷୟ ପ୍ରତି ଅତି ଆସକ୍ତ—2. Much addicted to a thing; gone mad after a person or thing or after a hobby. ୩ । ବିବେଚନା ଶୂନ୍ୟ—3. Thoughtless; inconsiderate; devoid of judgment.

ସଜା ହେଲ ବାଇ କି ? କନକ ତାଇ ବଡର ପଡ଼ିଲେ
ବୃଡଙ୍କ ସଫଳ ପାଇବ ? —ଦଣ ।

ପ୍ରାଦେ—୧ । (ସମ୍ବଲପୁର ଓ ଗଡ଼ଜାତ) ବି—ବଡ଼ ଭଉଣୀ—1. Elder sister. ୨ । (ବାଲେଶ୍ୱର) ବି—ଘରଚଟିଆ ଚଢ଼େଇ—2. Sparrow.

**ବାଇଁଶିଆ**—ଦେ. ବି. (ସ. ବଂଶ)—ବାଉଁଶିଆ ( ଦେଖ )—
Bāiṅsiā Bāuṅsiā ( See )

**ବାଇ ଅଡ଼ିବା**—ଦେ. ବି—ପେଟ ଭିତରେ ବାୟୁ କୁପିତ ହେବାରୁ ପେଟ ଫାମ୍ପିବା—Flatulence.
Bāi arḍibā পেটফাঁপা
वायुरुकना (ବାଇଧରିବା, ବାଇବନ୍ଦ, ବାଇବନ୍ଦିବା—ଅନ୍ୟରୂପ)

**ବାଇକ୍**—ବୈଦେ. ବି. (ଇଂ. ବାଇସାଇକ୍ଲ ; ବାଇକ୍)—ବାଇସାଇକଲ; ଦୁଇଚକିଆ ଗାଡ଼ି—Bicycle.
Bāik বাইক बाइसिकिल

**ବାଇକ**—ଦେ. ବି—୧ । ( ସ. ଅବ୍ୟଙ୍ଗା )—ବାଇଡଙ୍କ—
Bāika 1. Cowage; Mucuna Prurita.
আলকুসী [ ଦ୍ର—ଏହା ଓଡ଼ିଶାରେ ଜନ୍ମେ । ଏହାର ପତ୍ର, ଡାଳ,
किवाच, कौंच ଗଣ୍ଡି ଓ ଛୁଇଁ ଅଂଶୁଆଂଶୁଆ । ଏହି ଗୁଳ୍ମ ସରୁ ଓ ଡେଙ୍ଗା । ]

୨ । ବାୟକ (ଦେଖ)—2. Bāyaka (See)

**ବାଇ କରିବା**—ଦେ. କ୍ରି—୧ । ପାଦିବା; ଅଧୋବାୟୁ କରିବା—
Bāi karibā 1. To crack wind through the anus
বাতকর্ম করা बाइ छोड़ना
পাগল করা ୨ । (ଅମୁକ ଲୋକକୁ ଅମୁକ ବିଷୟ) ପାଗଳ କରିବା—
बावला बनादेना 2. To make or turn one mad.

**ବାଇ କୋଷ**—ଦେ. ବି. (ସ. ବାୟୁ କୋଷ)—ଅନ୍ତ୍ରକୋଷ ରୋଗ; ବାୟୁ ଜନିତ କୋଷବୃଦ୍ଧି—Hernia.
Bāi kosha
অন্তকোষ अंडकोस

**ବାଇ ଖେଞ୍ଚିବା**—ଦେ. ବି—ପେଟମରି ବା ବାତଶୂଳ ରୋଗ—
Bāi kheñchibā Colic pain.

**ବାଇଗ(ଙ୍ଗ)ଣ**—ଦେ. ବି. (ସ. ବଙ୍ଗନ, ବାଡିଙ୍ଗଣ)—ପ୍ରସିଦ୍ଧ କୃଷିଜାତ
Bāiga(ṅga)ṇa ଗୁଳ୍ମ ଓ ତାହାର ଫଳ—Brinjal; egg-fruit; Solanum Melongena.

ସ. ନାମ—ବାତିଙ୍ଗନ(ଣ), ବଙ୍ଗନ, ବାର୍ତ୍ତାକୀ, ବୃନ୍ତଫଳା, ନୃପପ୍ରିୟଫଳା, ମାଂସଫଳା, ବୃନ୍ତାକ(କୀ), ବାର୍ତ୍ତାକ(କୁ), ବାତିଗ, ବଙ୍ଗ, ବାତିଗମ, ଭଣ୍ଟାକୀ, ଭଣ୍ଟିକା
বেগুন बैंगन, भंटा, बगुनी
ତେ. ବଙ୍ଗ, ବଙ୍କାୟା
ତା. କୁଟିରେକଇ
ଫା. ବାଦଞ୍ଜାନ୍
ଅ. ବାଦ୍‌ଜାନ୍
ମ. ବୈଂଗନ, ବାଙ୍ଗେ, ଭଣ୍ଟା

[ ଦ୍ର—ଏହା କୃଷି ଜାତ ବାର୍ଷିକ ଗୁଳ୍ମ; ପ୍ରଥମେ ମଞ୍ଜିରୁ ଗଛ କରି ଗଛଗୁଡ଼ିକ ପ୍ରାୟ ୮ ଅଙ୍ଗୁଳ ଉଚ୍ଚ ହୋଇଗଲେ କୋଡ଼ରେ ହଣା ହୋଇଥିବା ଜମିରେ ସେମାନଙ୍କୁ ପୋତିବାକୁ ହୁଏ । ବାଇଗଣ ଗଛ ଛିପ ଯାଗାରେ ହୁଏ ଏବଂ ୩ ଦିନରେ ଥରେ ଲେଖାଏଁ ପାଣି ଦେବାକୁ ହୁଏ । ଖୁବ୍ ଉଚ୍ଚ ପାର୍ବତ୍ୟ ଦେଶରେ ବାଇଗଣ ଗଛ ଉଧାଏ ନାହିଁ । ବାଇଗଣ ଧଳା, କଳା, ବାଇଗଣିଆ ଓ ସବୁଜ ଭେଦରେ ନାନାପ୍ରକାର । କେତେକ ବାଇଗଣର ଡାଳ ଓ ପତ୍ର ଓ ଡେମ୍ଫରେ କଣ୍ଟା ଥାଏ ଏବଂ କେତେକରେ ନ ଥାଏ । କେତେକ ବାଇଗଣ ଛୋଟ ଛୋଟ ଓ ପେନ୍ଥା ପେନ୍ଥା ହୋଇ ଫଳେ । ସେମାନଙ୍କୁ ପେଣ୍ଡୁ ବାଇଗଣ ବୋଲାଯାଏ । ବଡ଼ ବଡ଼ ବାଇଗଣକୁ ଭେଣ୍ଟୁଆ ଏବଂ ଖୁବ୍ ବଡ଼ ବଡ଼ ହେଲେ ସେମାନଙ୍କୁ ହନୁମନ୍ତିଆ ବାଇଗଣ ବୋଲାଯାଏ । ସରୁ ଓ ଲମ୍ବା ଏକପ୍ରକାର ବାଇଗଣକୁ ନାଇକର ବା ନାଡ଼ିକର ବା ନାରକର ବାଇଗଣ ବୋଲାଯାଏ । ଯେଉଁ ବାଇଗଣ ନଈର ପାଲରେ ଫଳେ ଓ ପାଣିଚିଆ ଲାଗେ ତାକୁ ପାଲୁଆ ବା ଲୁଡୁଆ ବାଇଗଣ କୁହାଯାଏ । ଅତି କ୍ଷୁଦ୍ର କଣ୍ଟାଯୁକ୍ତ ଏକପ୍ରକାର ଅତି ଛୋଟ ବାଇଗଣ ପଡ଼ିଆ ଜମିରେ ଫଳେ । ତାକୁ ଭେଜାବାଇଗଣ ବୋଲାଯାଏ । ବେଏଁକୋଳି ନାମକ କଣ୍ଟାଲତାରେ ବାଇଗଣ ପରି ଅତି ଛୋଟ ଛୋଟ ଫଳ ଫଳେ ଏବଂ ତାହା ଔଷଧରେ ବ୍ୟବହୃତ ହୁଏ । ଲୋକେ ବାଇଗଣକୁ ତରକାରି, ପୋଡ଼ା ଓ ଭଜା କରି ଖାଆନ୍ତି । ବାଇଗଣ ମଞ୍ଜି ଛୋଟ, ଚେପଟା ଓ ଗୋଲ ଥିବାରୁ ଯେଉଁ ଲେଖା ଅକ୍ଷର ଛୋଟ ଓ ଗୋଲ ହୋଇ ଥାଏ ତାକୁ ବାଇଗଣ ମଞ୍ଜି ସଙ୍ଗେ ତୁଳନା କରାଯାଏ; ଜଙ୍ଗଲରେ ଏହି ଜାତୀୟ ଏକପ୍ରକାର ଗଛ ୮।୧୦ ହାତ ଉଚ୍ଚରେ ବଢ଼େ ଓ ତହିଁରେ ବାଇଗଣ ଆକୃତି-ବିଶିଷ୍ଟ ଗୋଟାଳ ପରି କ୍ଷୁଦ୍ର ଫଳ ଧରେ; ଏହାର ନାମ ଗୋଠ-ବାଇଗଣ (ବଂ. ଗୋଟବେଗୁନ) । କୃଷକ ଯତ୍ନ କଲେ ବର୍ଷକ ମଧ୍ୟରେ ୩ ଥର ବାଇଗଣ ଫସଲ ଅମଦାନି କରି ପାରେ । ବୈଦ୍ୟକମତରେ ଏହା ମଧୁରରସ, ତୀକ୍ଷ୍ଣ, ଉଷ୍ଣବୀର୍ଯ୍ୟ, କଟୁବିପାକ, ଅଗ୍ନିଦୀପକ, ଶୁକ୍ରଜନକ, ଲଘୁ ଓ ବାୟୁ, ଜ୍ୱର ଏବଂ ଶ୍ଳେଷ୍ମନାଶକ, କଞ୍ଚି ବାଇଗଣ

କଫ ଓ ପିତ୍ତନାଶକ । ପାଚିଲା ବାଇଗଣ ପିତ୍ତକାରକ ଓ ଗୁରୁ; ପୋଡ଼ା ବାଇଗଣ ଈଷତ୍ ପିତ୍ତକର, ଲଘୁ, ଅଗ୍ନିଦୀପକ ଓ କଫ, ମେଦ, ବାୟୁ ଓ ଆମଦୋଷର ଶାନ୍ତିକର । ଶୁକ୍ଳ ଡାଣ୍ଡି ଗଛ ଏକ-ପ୍ରକାର ଧଳା ବାଇଗଣ ଅର୍ଶରୋଗରେ ବିଶେଷ ହିତକର । ]

ବାଇଗଣ କୋଡ଼ା—ଦେ. ବି—୧ । ବାଇଗଣ କିଆରିରେ ଲାଗିଥିବା
Bāigaṇa korḍā ବାଇଗଣର ଛୋଟ ଗଛମାନଙ୍କ ମୂଳରେ ମାଟି
ମାଟିକୋଡ଼া ଦେବା ପାଇଁ କୋଦାଳଦ୍ୱାରା କିଆରିର ମାଟି ହାଣିବା
कोदालसे काटना କ୍ରିୟା—1. The operation of spading
কোদালে কোদ্যালে মেঘ; কোদালে কুড়ালে a plot of land
कोदरकेटा मेंह on which brinjal plants have been
(ବାଇଗଣକୋଡ଼ିଆ—ଅନ୍ୟରୂପ) planted. ୨ । ମଳା ମଳା ହୋଇ ଦେଖା ଯାଉଥିବା ଏକପ୍ରକାର ମେଘ—
2. A sort of cloud looking like clods of earth separated by a spade; the mackerel cloud..

[ଦ୍ର—ବାଇଗଣ କିଆରିରେ ମାଟି କୋଡ଼ିଲେ ମାଟି ଯାକ ଯେପରି ଢେଲା ଢେଲା ହୋଇ ଦେଖାଯାଏ ସେହିପରି ଢେଲା ଢେଲା ବା ମଳା ମଳା ଦେଖା ଯାଉଥିବା ମେଘକୁ ବାଇଗଣ କୋଡ଼ା ମେଘ କୁହାଯାଏ । ଏପରି ମେଘ ଦେଖା ଗଲେ ନିକଟ ଭବିଷ୍ୟତରେ ବର୍ଷା ହେବାର ସମ୍ଭାବନା ନ ଥାଏ ଏବଂ ଏହା ଅଣ ଦୁର୍ଭିକ୍ଷର ସୂଚନା କରେ । ଏଥି ପାଇଁ ଖନାବଚନ ଅଛି :—ଦଳକୁ ମଳା ମଳା, ଘଡ଼ିକ କମଳା, ନାଥ ବୋଲେ ପୁତାରେ ! ରାଜ୍ୟ ଛାଡ଼ି ପଳା ।]

ବାଇଗଣ ଟୋପର—ଦେ. ବି.—ଖୁବ୍ ଛୋଟ ବାଇଗଣ; ମୁଣ୍ଡି ବାଇଗଣ—
Bāigaṇa ṭopara Very stunted egg fruits.
कुली बेगुन [ଦ୍ର—ବାଇଗଣ ଗଛ ବୁରୁଣା ହୋଇ ଗଲେ ଫଳ ଖୁବ୍ ଛୋଟ ହୋଇଯାଏ । ଏହାକୁ ବାଇଗଣ ଟୋପର ବୋଲଯାଏ ।]

ବାଇଗଣ ପ(ପୋ)ଲେଇ—ଦେ. ବି.—ମାନ୍ଦ୍ରାଜର ବାଗ୍‌ନାନ୍ ପଲ୍ଲୀ
Bāigaṇa pa(po)lei ନାମକ ଅଞ୍ଚଳର ଉତ୍କୃଷ୍ଟ ଅମ୍ବ ଫଳ-
मान्द्राजी ବିଶେଷ—A kind of excellent mango
बंगनापल्लि growing in Bagnanpalli in Madras Presidency.

ବାଇଗ(ଗି)ଣିଆ(ଆଁ)—ଦେ. ବଣ.—କଳା ବାଇଗଣ ବର୍ଣ୍ଣ ପରି ନାଲ.
Bāiga(gi)ṇiā(añ) ରକ୍ତ ବର୍ଣ୍ଣ ମିଶ୍ରିତ—Violet; deep
বেগুনে बेगनी purple.
[ବାଇଗ(ଗି)ଣିଆ(ଆଁ)—ଅନ୍ୟରୂପ] ଦେ. ବି. ( ନାମ )—
ବାଲେଶ୍ୱରର ପର୍ବତବିଶେଷ—Name of a mountain in Balasore.
ଦକ୍ଷ ପ୍ରାନ୍ତେ ଯାର ବସେ ଗଣ୍ଡଶୈଳ ବାଇଗଣିଆ । ସ୍ୱଧାକାଥ. ଜଷା ।

ବାଇଗ(ଗି)ଣୀ—ଦେ. ବି.—୧ । ବାଇଗଣକୁ ଫଡ଼ା ଫଡ଼ା କରି ତାକୁ
Bāiga(gi)ṇi ବେସନ ବା ପିଠଉରେ ବୁଡ଼ାଇ ଘିଅ ବା ତେଲରେ
বেগুনী ଛାଣି ପ୍ରସ୍ତୁତ କରିବା ଏକପ୍ରକାର ପିଠା—1. A cake
बैग(ज)नी fried in ghee or oil, consisting of slices of brinjal immersed in gruel. ୨ । ବିଦେଶରୁ ଓଡ଼ିଶାକୁ ଆସି ବର୍ଦ୍ଧିତ ହେଉଥିବା ଏକ ପ୍ରକାର ଦୁଅଁପତ୍ର—
2. Nicotina Alta (tobacco leaf).

[ଦ୍ର—ଏହାର ଫୁଲ ଧଳା । ସନ୍ଧ୍ୟାବେଳେ ଏଥିର ଫୁଲ ଫୁଟେ ଏବଂ ସକାଳେ ବୁଜି ହୋଇ ଯାଏ । ରାତିରେ ଫୁଲର ଖୁବ୍ ସୁଗନ୍ଧ ଥାଏ । (Haines).]

ଦେ. ବଣ—ବାଇଗଣିଆ (ଦେଖ)—Bāigaṇiā (See)

ବାଇଗବ(ବା)—ଦେ. ବି.—୧ । (ସଂ. ବ୍ୟାଘ୍ରପୃଷ୍ଠ ଏରଣ୍ଡ; ଭୁଲ. ସଂ.
Bāigaba(bā) ବ୍ୟାଘ୍ର=ନାଲି ଗବଗଛ)—ଶୁକ୍ଳ ଏରଣ୍ଡ; ଏକ
বাঘ ভেরেণ্ডা, গাবভেরেণ্ডা ପ୍ରକାର ଗୀଗ୍ସ ବୃକ୍ଷ—1. A kind
ସଂ. ନାମ—ପଞ୍ଚାଙ୍ଗୁଳ of hedge plant; physic nut; Jatropha Curcas.

[ଦ୍ର—ଏ ଗଛ ୮।୧୦ ହାତ ଉଚ୍ଚ ହୁଏ । ଏହାର ପତ୍ର ହାତ ପାପୁଲି ପରି ୫୨ ଅଗ୍ରଠିଯୁକ୍ତ; ଫୁଲ ଈଷତ୍ ହଳଦିଆ; ଫଳ ଗବ-ଫଳ ପରି ୩ ଚଉକିଆ; ମଞ୍ଜି ଗବ ମଞ୍ଜି ପରି, ମାତ୍ର ଆକାରରେ ବଡ଼ । ଏ ଗଛକୁ ହାଣିଲେ କ୍ଷୀର ବାହାରେ । ଏହାର ଡାଳକୁ ଦାନ୍ତକାଠି କରାଯାଏ । ଏ ଗଛରେ ବାଡ଼ ବୁଜିଲେ ବାଡ଼ ଦୃଢ଼କାଳ ରହେ ।]

୨ । ରକ୍ତ ଏରଣ୍ଡ; ବଳାଇ ବାଇଗବା; ବାଇଗବା ଜାତୀୟ ଛୋଟ ଓ ନାଲି ଗଛ—2. A small species of Bāigabā plant; Jatropha Gossypifolia
লাল ফেরেণ্ডা, স্বয়ম্বর Jatrophā Glandulifera.

[ଦ୍ର—ଏହା ପ୍ରଥମେ ଆମେରିକାର ବ୍ରାଜିଲ ଦେଶରୁ ଏ ଦେଶକୁ ଆଣିତ ହୋଇଥିଲା, ଏହାର ଉଚ୍ଚତା ପ୍ରାୟ ୨ ଫୁଟ । ଡାଳ ଓ ପତ୍ର ନାଲି ଦିଶେ ।]

ବାଇଚ(ଛ)—ଗ୍ରା. ବି. (ସଂ. ବାଚ୍ୟ=ନିନ୍ଦ୍ୟ)—ନିନ୍ଦା—
Bāicha(chha) Blame.
বাচ্য; বাইচ कुचेष्टा ବଣ.—ନିନ୍ଦିତ—Blamed; censured.

ବାଇଚ(ଛ)କରିବା—ଦେ. କ୍ରି. (ସଂ. ବାଚ୍ୟ=ନିନ୍ଦନୀୟ)—କୌଣସି
Bāicha (chha) kariba ବ୍ୟକ୍ତିର ଦୋଷ ଦେଖାଇ ତାକୁ ଗାଳି ଦେବା—To find fault with a person.

ବାଇଚଟିଆ—ଦେ. ବି.—(ସଂ. ବାତ+ଚଟକ ବା ବାପକ+ଚଟକ)—
Bāichaṭiā ବାୟା ଚଢ଼େଇ—The weaver bird;
বাৰা बाया Ploceus Baya.

ବାଇଜ—ଦେ. ବଣ. (ସଂ. ବର୍ଜିତ)—୧ । ସମାଜରୁ ଚ୍ୟୁତ—
Bāija 1. Excommunicated
বাহির बाहर ୨ । ପରିତ୍ୟକ୍ତ—2. Abandoned.

ବାଇଜ କରିବା—ଦେ. କ୍ରି.—କୌଣସି ବ୍ୟକ୍ତିକୁ ସମାଜଚ୍ୟୁତ କରିବା-
Bāija karibā To excommunicate a person.
বাহির করা बाहरना

ବାଇଜଡ଼ା—ପ୍ରାଦେ. (ମେଦିନୀପୁର) ବି.—ବାଇଗବ (ଦେଖ)
Bāijarḍā Bāigaba (See)

ବାଇଜ(ଜି) ହାଣ୍ଡି—ଦେ. ବି. (ସଂ. ବର୍ଜିତ ଓ ହଣ୍ଡିକା) ଅଶୌଚରେ
Bāija(ji) hāṇḍi ଯେଉଁ ପାକପାତ୍ରମାନ ବର୍ଜିତ ହୋଇ
ছুত হাঁড়ি ଫୋପଡ଼ା ଯାଏ—Earthen cooking pots which
मरदुअरी हाँडि are abandoned and thrown away on the occasion of a death or birth in a family.

× × × ପଡ଼ଥିଲେ ବାଇଜ ଦାଣ୍ଡ ପର ଉବସ ସୁରଞ୍ଚ ସଢ଼ୁ ଅଛ ।
ଫଗୀରମୋହନ. ଛମାଣ ଅଠଗୁଣ୍ଠ ।

**ବାଇଜା(ଝା)ଲି**—ଦେ. ବି.—ଦଣ୍ଡରରୁ ମାଛ ପରି ଏକ ପ୍ରକାର ଅତି
Bāijā (jhā)li ଛୋଟ ମାଛ—A kind of tiny fresh
[ବାଇଜା(ଝା)ଲିଆ—ଅନ୍ୟରୂପ] water fry with stings on the neck.
[ଦ୍ର—ଏ ମାଛ ଅତି ପତଳା । ଏହାର ଗାଲ ପାଖେ କଣ୍ଟା ଥାଏ ଓ ତାହା ମନୁଷ୍ୟ ଦେହରେ ଫୋଡ଼ ହୋଇ ଗଲେ ଭାରି ବଥା ହୁଏ ।]

**ବାଇଜୀ**—ବୈଦେ. ବି. (ହି.)—ନର୍ତ୍ତକୀ—
Bāiji बाईजी **बाईजी** Dancing girl; nautch girl.

**ବାଇଝାଲି ଗୀତ**—ପ୍ରାଦେ.—(ସଡ଼ଜାତ) ବି.—ସଡ଼ଜାତରେ ବାଳିକା
Bāijhāli gitā ମାନେ ବୋଲିବା ଗୀତବିଶେଷ—
A kind of song sung by girls.

**ବାଇଟା**—ଦେ. ବି. (ସ. ବାୟୁକ; ବାପକ=ଯେ ବୁଣେ )—
Bāitā ୧ । ବାୟା ଚଢ଼େଇ—1. The weaver bird.
[ ଦ୍ର—ଏମାନଙ୍କ ମୁଣ୍ଡରେ ଲୋମ ନ ଥିବାରୁ ଏମାନେ ଟାଙ୍ଗରା ବିଶନ୍ତି । ]
୨ । ବାଇ ଟାଙ୍ଗରା (ଦେଖ)—2. Bāi ṭāngarā (See)

**ବାଇଟା(ଟୁ)ଙ୍ଗ(ଙ୍ଗୁ)ରା(ରି)**—ଦେ. ବି. ପୁଂ—ମୁଣ୍ଡରେ ବାଳ ନ ଥିବା
Bāitā(ṭu)ṅga(ṅgu)rā(ri) ବାଳକ ବାଳିକାମାନଙ୍କୁ ବାୟା
[ବାଇଟା(ଟୁ)ଙ୍ଗ(ଙ୍ଗୁ)ରିଆ—ଅନ୍ୟରୂପ] ଚଢ଼େଇ ସଙ୍ଗେ ତୁଳନା କରି
[ବାଇଟା(ଟୁ)ଙ୍ଗ(ଙ୍ଗୁ)ରୀ—ସ୍ତ୍ରୀ] ଡାକିବା ସ୍ନେହ ସମ୍ବୋଧନ—
নেড়া, ন্যাড়া A term of endearment applied to
टुंगरिया bald headed children.
[ ଦ୍ର—ବାୟା ଚଢ଼େଇଙ୍କ ମୁଣ୍ଡ ଲୋମହୀନ ବା ଟାଙ୍ଗରା । ]
ଦେ. ବିଣ—୧ । ଯେଉଁ ଲୋକ ବେଳେ ବେଳେ ବାଉଳା ପରି ହୁଏ; ଅଡ଼ବାୟା; ଅମୂଳ ବାୟା—1. Crack-brained;
আড পাগলা crazy; a person subject to temporary
बावला(रा) madness.
୨ । ଅବ୍ୟବସ୍ଥିତ ଚିତ୍ତ—2. Of unsettled or unfixed
আড় পাগলা mind; fickle-minded.
बावला ୩ । ଖିଆଲିବାଜ(ଲୋକ)—3. Whimsical(person).
୪ । ଅବ୍ୟବସ୍ଥିତ କର୍ମା; ଅସଜଣା (ଲୋକ)—
4. Unmethodical (person).
୫ । ବାଇଟୁଙ୍ଗୁରା ବ୍ୟକ୍ତିର ଆଚରଣ ସଦୃଶ—5. Similar to the acts of or befitting a fickle-minded person.

**ବାଇଡ(ଢ)ଙ୍କ**—ଦେ. ବି. ( ସ. ଅବ୍ୟଙ୍ଗା; ବାନସ୍ତ )—
Bāiḍa(ḍha)ṅka ଶିମ୍ବାଦି ବର୍ଗର ଅରଣ୍ୟ ଜାତ ଲତା ବିଶେଷ—
ସ. ପର୍ଯ୍ୟାୟ—କପିକଚ୍ଛୁ, ଅତ୍ମଗୁପ୍ତା, 1. A kind of wild nettle,
ବୃଷ୍ୟା, ବାନରୀ, ମର୍କଟୀ, the cowhage; cowitch;
ଅଜଡ଼ା, କଣ୍ଡୁରା, କୁଣ୍ଡଳୀ, Mucuna Pruriens.
ଶୁମ୍ବବଲ୍ଲୀ, କଟା, ଗାହବଲ୍ଗା, [ ଦ୍ର—ଶିମ୍ବ ଲତାର ପତ୍ର ପରି
ଅବ୍ୟଙ୍ଗା, ଦୁର୍ଭଗା, ଶୂକଶିମ୍ବ, ଏହାର ତେଣ୍ଟାରେ ୩ଟ ଲେଖାଏଁ
ଚୋଥା, ଶୂକା, ପ୍ରାବୃଷାୟଣୀ, ପତ୍ର ଥାଏ; ଛୁଇଁ ବଣ୍ଟା; ଲତାର ଓ
ଲାଙ୍ଗଳୀ, ଶୂକଶିମ୍ବୀ, କେଶୀ, ଛୁଇଁର ଦେହସାକ ଲୋମ ପରି
ଚଣ୍ଡା, କଚ୍ଛୁରା ଓ ସ୍ୱୟଂଗୁପ୍ତା, ଛୋଟ ଛୋଟ ବିଷାକ୍ତ କଣ୍ଟା ଥାଏ ।
ସଦ୍ୟଶୋଥା, ଋଷଭ ଶରତରେ ପବନ ସାହାଯ୍ୟରେ
আলকুশী, শুয়াঁশিম্বী, ଉକ୍ତ ଲୋମଗୁଡ଼ିକ ଉଡ଼ି ଆସି
দয়াধুনার শুঁড়ো ମନୁଷ୍ୟ ଦେହରେ ବାଜିଲେ ଦେହ
**काचकुरि, काउन्रांच, कौंछ,** କୁଣ୍ଡାଇ ହୋଇ ଫୁଲି ଯାଏ ଏବଂ
**किंवाँच, कोंच, कौंच** ବିଶେଷ ଯନ୍ତ୍ରଣା ହୁଏ । ଏହାର
ତେ. ପିଲ୍ଲିଅଡୁଗୁ, ଦୁଲଗୁଣ୍ଡି ମଞ୍ଜି ବଡ଼ ବଡ଼ ଓ ବାଇଗଣି ରଙ୍ଗ
ଗୁ. ଘୁନାଇକ୍, କାଉ ଯୁକ୍ତ । ବୈଦ୍ୟକ ମତରେ ଏହା
ମ. କବଚ, କୁହାଣ୍ଟ ଶୁକ୍ର ଓ ବଳଶକ୍ତିବର୍ଦ୍ଧକ ଓ
ବାତଘ୍ନ । ପାଚିଁଶିଆ, କଳା ଓ ଧଳା ଭେଦରେ ଏ ଗଛ ୩ ପ୍ରକାର । ଧଳା ଗଛର ଛୁଇଁରେ ଲୋମ ନ ଥାଏ । ]
୨ । (ଲକ୍ଷଣାର୍ଥ) ଦୁଷ୍ଟ ବା ଖଳ ବ୍ୟକ୍ତି; ଯେଉଁ ବ୍ୟକ୍ତି ପରର ଅନିଷ୍ଟ
আলগুসী କରେ—2. (fig) A wicked person.
୩ । ଚର୍ମ୍ମୂଳୀ ଲତା ବିଶେଷ—3. Cuscuta Reflexa (Haines ).
[ ଦ୍ର—ଏହାର ଡଙ୍କ ସୂତା ପରି; ଫୁଲ ଧଳା ଏବଂ ସନ୍ଧ୍ୟାବେଳେ ବାସେ । ]

**ବାଇଡମ୍ବିରି**—ପ୍ରାଦେ. (ଗଞ୍ଜାମ) ବି—ଖରସଣ ( ଦେଖ )
Bāi ḍimbiri Kharasaṇa ( See )

**ବାଇଣ୍ଟି ପୋଇଲି**—ପ୍ରାଦେ. ( ଗଞ୍ଜାମ ) ବି. ସ୍ତ୍ରୀ—ଝୋଟି ଝିଅମାନଙ୍କୁ
Bāiṇṭi poili ମାଆମାନଙ୍କର ଦେବା ଗାଳିବିଶେଷ—
A term of mild abuse applied by mothers to young girls.
ବାହାର କ ଚନ୍ତା, ବାଇଣ୍ଟି ପୋଇଲିର ସଉଗ ଚନ୍ତା—ଚଗ ।

**ବାଇଦ**—ଗ୍ରା. ବି. ( ସ. ବାଦ୍ୟ )—ବାଜା; ଢୋଲ—
Bāida বাজা **बाजा** Drum.
ହୋଇ କାମଙ୍କ ପିଟେ ବ ବାଇଦ । କୃଷ୍ଣସିଂ. ମହାଭାରତ, ସଭା ।

**ବାଇଦ(ଦି)କା(କି)ରିଆ**—ଦେ. ବି. ( ସ. ବାଦ୍ୟକାର )—
Bāida(di)kā(ki)riā ବାଜାଦାର; ଯେ ବାଜା ବଜାଏ—
বাজাদার **बजनिया** Drummer.

**ବାଇଦ ବଡ଼କାଠ**—ଦେ. ବି. ( ସହଚର )—ସାନ ଢୋଲ ଓ ବଡ଼
Bāida baṛdakāṭha ଢୋଲ—Small and big
ঢোল ডংকা **ढोल डंका** drums.

**ବାଇଦା**—ପ୍ରାଦେ. (ଗଞ୍ଜାମ) ବୈଦେ. ( ଫା. ବାଦା; ଅ. ବାଇଦା = ନିର୍ଦ୍ଦିଷ୍ଟ ସମୟ )—୧ । (କଚେରିଅ) ମକଦ୍ଦମା ଅଦାଲତ ଶୁଣାଣି
Bāidā
সাবকাস ନମନ୍ତେ ନିର୍ଦ୍ଧାରିତ ଦିନ ବା ତାରିଖ—1. A date
**वादा** fixed for hearing of a case. ୨ । କୌଣସି କାର୍ଯ୍ୟ କରିବା ପାଇଁ ପ୍ରାର୍ଥିତ ବା ସ୍ୱୀକୃତ ସମୟ; ମିଆଦ—
2. Time taken or settled for doing a certain thing; time limit; adjournment.

**ବାଇଦା ଦେବା**—ପ୍ରାଦେ. (ଗଞ୍ଜାମ) କ୍ରି—କୌଣସି କାର୍ଯ୍ୟ କରିବା ପାଇଁ
Bāidā debā ପକ୍ଷଙ୍କୁ (ବିଚାରପତି) ସମୟ ବା ମହଲତ ଦେବା—
সাবকাস দেওয়া To grant time for some matter; to
**बादा देना** adjourn a case to some other date.

ବାଇଦା ପଡ଼ିବା—ପ୍ରାଦେ. ( ଗଞ୍ଜାମ ) ବ. ( କଚେରୀ )—
Bāidā pardibā ମକଦ୍ଦମା ଶୁଣାଯିବା ନିମନ୍ତେ ଗୋଟିଏ ନିର୍ଦ୍ଦିଷ୍ଟ ତାରିଖ ନିର୍ଦ୍ଧାରିତ ହେବା—(a case) Being fixed for hearing on a certain date.

ବାଇଦା ଲେଡ଼ିବା—ପ୍ରାଦେ. ( ଗଞ୍ଜାମ ) କ୍ରି. ( କଚେରୀ )—
Bāidā lordibā କୌଣସି ମକଦ୍ଦମାରେ ମହଲତ ପ୍ରାର୍ଥନା କରିବା—To pray for an adjournment of a case.

ବାଇ ଧନ—ଦେ. ବି. ପୁଂ—ପ୍ରିୟତମ ବ୍ୟକ୍ତିକୁ ସ୍ନେହସୂଚକ ସମ୍ବୋଧନ—
Bāi dhana A term of endearment.
(ବାଇଧନୀ—ସ୍ତ୍ରୀ) ବାଇଧନ ତ ! ବାଇଧନ ଗଲେ ବୃନ୍ଦାବନ ତ।
ବାପ ଧନ ହେଳା ଗୀତ।

ବାଇ ଧନିଆ(ଆଁ)—ଦେ. ବି. ପୁଂ ଓ ସ୍ତ୍ରୀ—ବାଇ ଧନ ( ଦେଖ )
Bāi dhaniā(ān) Bāi dhana ( See )

ବାଇ ଧରିବା—ଦେ. ବି—ଶରୀରରେ ବାୟୁବୃଦ୍ଧିଜନିତ ପୀଡ଼ା; ପେଟଫମ୍ପା
Bāi dharibā —Disease due to excess of wind in body; flatulence.
ପେଟ ଫାଁପା बाइ पगडना
(ବାଇଧରା—ଅନ୍ୟରୂପ)

ବାଇ ନାଚ(ଟ)—ଦେ. ବି—ବେଶ୍ୟା ନାଚ—
Bāināch (ṭa) Dancing girls' dance.
ବାଈ ନାଚ बाइ नाच

ବାଇ ଫଳ—ଦେ. ବି.—(ଏପରି ଫଳ ଖାଇଲେ ଲୋକ ବାଉଳା ହୋଇ ଯିବାର ଅଥବା ସ୍ୱାଭାବିକ ଥିବାରୁ)—ଅଜ୍ଞାତନାମା ଓ ଅଜ୍ଞାତଗୁଣ ବନ୍ୟ ଫଳ—A wild fruit of unknown name and attribute.
Bāi phala
ବାଜେ ଫଲ
बेकार फल
ନଇଲେ, ହେବା ଖୁକୁତ କୁଦଳକେ ଖାଉଥୁ ଡଠ ଫିଙ୍ଗି ଦେଲ ବାଇଫଳ
ଭୂଇଁରେ । ଅଭିମନ୍ୟୁ. ବିଦଗ୍ଧଚିନ୍ତାମଣି।

ବାଇବ—ଗ୍ରା. ବି—(ସଂ. ବାୟବ)—ବାୟୁ କୋଣ—
Bāiba ବାୟବ୍ୟ वायव Northwest.
ସେ ଖଡ଼ଙ୍କରେ ବସିଲେ ବାଇବେ ଦିଗପାଳ ହେଲେ।
ଯଶୋବନ୍ତ. ପ୍ରେମଭକ୍ତି ବ୍ରହ୍ମଗୀତା।

ବାଇବ(ବେ)ଲ—ବୈଦେ. ବି—(ଇଂ. ବାଇବ୍ଲ)—ଖ୍ରୀଷ୍ଟାନମାନଙ୍କ ଧର୍ମ ପୁସ୍ତକ—The Holy Bible.
Bāiba(be)la
ବାଇବଲ बाइबिल

ବାଇବା—ଦେ. କ୍ରି—( ସଂ. ବଦ୍ ଧାତୁ ଣିଚ୍. ବାଦ ଧାତୁ )—
Bāibā ବାଦ୍ୟ ବଜାଇବା—To play on a musical instrument.
ବାଜାନ बजाना
ଶଙ୍ଖ ଭେରୀ ମୃଦଙ୍ଗ ଢୋଲ ବାଇଲେ
ସେ ଶବଦେ ସ୍ୱର୍ଗଭୂମିକି କମ୍ପାଇଲେ—
କୃଷ୍ଣସିଂହ, ମହାଭାରତ ସ୍ୱର୍ଗ।

ବାଇ ବାଉ(ତୁ)ଳ(ଳା)—ଦେ. ବିଣ—(ସହଚର)—ପାଗଳ—
Bāi bāu(tu)la(lā) Mad.
(ବାଇବାଉଳୀ—ସ୍ତ୍ରୀ) ଦେ. ବି—ପାଗଳାମି—
ପାଗଲ ଛାଗଲ बावदा Madness.

ବାଇଛିଛ(ଚ୍ଛ)—ଦେ. ବିଣ—(ସଂ. ବାୟୁବତ୍)-୧। ବାଉଳାପରି ଅସ୍ଥିର—
Bāibichha(chchha) 1. Restless like a mad man
[ବାଇବଛା(ଚ୍ଛା)ଲ—ଅନ୍ୟରୂପ] ୨। ପ୍ରବଳ ବାୟୁପରି ଅସ୍ଥିର ଓ
ଅସ୍ଥିର ବେଗଶୀଳ—2. Hasty and restless like the tempest.
वायुकाला
(ଯଥା—ପାଇକଯାକ ରଣଭୂଇଁକୁ ବାଇବିଛ ହୋଇ ପଳେଇ ଗଲେ।)
ଦେ. ବି—ବାଉଳତା—Insanity.
(ଯଥା—ତାକୁ ବାଇବିଛ ଲାଗିଛି।)

ବାଇବିଡ଼ଙ୍ଗ—ଦେ. ବି. (ସଂ. ବିଡ଼ଙ୍ଗ)-ଔଷଧ ଗୁଳ୍ମ ବିଶେଷ; ବିଡ଼ଙ୍ଗ—
Bāibirdanga Embelia Robusta; embelia Ribes.
ସଂ. ନାମ—ଚିତ୍ର ତଣ୍ଡୁଳ, କୃମିଘ୍ନ [ ଦ୍ର—ଏହାର ଫଳ ଗୋଲମରିଚ ବୃଷାମ୍ଳ, ବାତାରି ଓ ରସାୟନ, ପରି। ଏହା କୃମି ଓ ଉଦରବାୟୁ କ୍ରିମିଘ୍ନ, ଜନ୍ତୁନାଶନ। ନାଶକ; ଅତି କମ୍ପୁଷ୍ଟ ଓ ପ୍ରେମଗ
ବିଡ଼ଙ୍ଗ; ବାবরঙ্গ ଏହି ଗଛକୁ ଲୁଣୀଲୁଣୀଅ ଗଛ
वाओविडंग, वायविडंग, ମଧ୍ୟ ବୋଲାଯାଏ। ଏ ଗଛ ଦୁଇ
वाइविरंग, विविरङ्ग ଜାତି। ଏକ ଜାତି ବୃହତ୍ ଲତାଜାତୀୟ
ମ. ବାବଡ଼ୀଙ୍ଗ, କାରକୁଣୀ ଗୁଳ୍ମ; ଚଟ୍ଟଗ୍ରାମ, ବୋମ୍ବେ, ସିଂହଳ,
ଗୁ. ବାବଟୀଂଗ ଓ ବ୍ରହ୍ମଦେଶରେ ଜନ୍ମେ। ଅପର
ତେ. ବାୟୁବିଡ଼ଙ୍ଗମ୍ ଜାତି ଶ୍ରେଷ୍ଠ ତରୁ, ବଙ୍ଗ ବିହାର
ତା. ବାୟୁବିଲଂ ଓଡ଼ିଶାରେ ଜନ୍ମେ। ଦୁଇ ଜାତିର
ଫା. ବରଙ୍ଗକାବଲୀ ଫଳ କ୍ରିମିଘ୍ନ ଓ ଉଦରବାୟୁ
ଆ. ବରଞ୍ଜକାବଲୀ ନାଶକ। ବୈଦ୍ୟକ ମତରେ ଏହା
କଟୁ, ତୀକ୍ଷ୍ଣ, ଉଷ୍ଣବୀର୍ଯ୍ୟ, ରୂକ୍ଷ, ଅଗ୍ନିକାରକ ଓ ଲଘୁ। ଏହା ଶୂଳ, ଉଦରାଧ୍ମାନ, ଉଦର ରୋଗ, ଶ୍ଳେଷ୍ମା, କୃମି, ବାତ ଓ ବିବନ୍ଧନାଶକ। ]

ବାଇ ମୁଣ୍ଡ—ଦେ. ବି—(ଶିଶୁରଞ୍ଜନ)—୧। ଶିଶୁମାନଙ୍କୁ ଖେଳାଇବା
Bāi munda ଉଦ୍ଦେଶ୍ୟରେ ମାଆମାନଙ୍କର ବୋଲିବା ପଦ ବିଶେଷ—1. A term of endearment used to children while nodding their heads.
ବାଇମୁଣ୍ଡ, ଛତ୍ର ଖାଇବାକୁ କନ୍ଦମୁଣ୍ଡ—ଶିଶୁରଞ୍ଜନ. ଗୀତ।
[ ଦ୍ର—ମାଆମାନେ ଏହା ବୋଲିବା ସମୟରେ ଶିଶୁମାନେ ବାଯୁଗ୍ରସ୍ତଙ୍କ ଭଳି ମୁଣ୍ଡକୁ ଏ ପାଖ ସେ ପାଖ ହଲାଉ ଥାଆନ୍ତି।]
୨। ବାଉଳ ବ୍ୟକ୍ତିର ମସ୍ତିଷ୍କ—2. Mad man's brain.
କଟକ ଚଣ୍ଡୀ ବାଇମୁଣ୍ଡକୁ ଦର୍ଶ—ଢଗ।

ବାଇଲ—ଦେ. ବି—୧। ରାଜଭୃତ୍ୟବିଶେଷ—1. Tittle of a class
Bāila of personal servants of a Raja. ୨। ଏକପ୍ରକାର ଶିମ୍ବ—2. A kind of flat and fleshy been.
[ ଦ୍ର—ଏହା ସାଧାରଣ ଶିମ୍ବପରି; ୪। ୫ ଅଙ୍ଗୁଳ ଲମ୍ବ ଓ ଚେପଟା। ଏହାର ମଞ୍ଜି ଗୋଲ ଓ ଚେପଟା। ଶିମ୍ବର ମଞ୍ଜି ଓ ଚୋପାକୁ ତରକାରୀ କରାଯାଏ, ମାତ୍ର ବାଇଲର ଚୋପା ଖାଦ୍ୟ ନୁହେଁ। ଲୋକେ ଏହାର ମଞ୍ଜିକୁ କେବଳ ତରକାରୀ ଓ ବଡ଼ା କରି ଖାଆନ୍ତି। ]

ବାଇଲ ବାଇଲ ବୈଦେ. ବି. (ଇଂ)—ଉପବିଧି—Byelaw.

ବାଇ ଲଗିବା—ଦେ. ବି—୧ । ବେଳେ ବେଳେ କୌଣସି ବଦ୍‌ଖିଆଲ Bāi lagibā ମନକୁ ଆକ୍ରମଣ କରିବା—1. Fits of whims. (ବାଇ ଉଠିବା—ଅନ୍ୟରୂପ) ୨ । ସାମୟିକ ବାଉଳ ହେବା—2. ବାଈକଲାଗা The state of being attacked with a fit বাইলাগনা of madness.

ବାଇଲି—ପ୍ରାଦେ. (ଉତ୍ତର ଭାଷା) ବି—୧ । ସ୍ତ୍ରୀଲୋକ; ମାଇକିନିଆ—Bāili 1. Woman. ୨ । ଭାର୍ଯ୍ୟା; ମାଇପ—2. Wife.

ବାଇଲେନ୍—ବୈଦେ. ବି. (ଇଂ.)—ଗଳିଭିତରେ ଥିବା କ୍ଷୁଦ୍ର ଗଳି—Bāilen বাইলেন बाइलेन By-lane.

ବାଇଶ(ଶି)—ଦେ. ବି ଓ ବିଣ. (ସଂଖ୍ୟାବାଚକ) (ସଂ. ଦ୍ୱାବିଂଶତି; ପ୍ରା. Bāisa(si) ବାଇସା)—କୋଡ଼ିଏରୁ ଦୁଇ ଅଧିକ; ଦ୍ୱାବିଂଶତି; বাইস बाईस . ୨୨—Twenty two; 22.

ଦେ. ବି—୧ । ନିୟମ—1. Rule; regularity; ୨ । ସ୍ଥିରତା; ନିଶ୍ଚିତତା—2. Certainty. ୩ । ସାମଞ୍ଜସ୍ୟ—3. Coherency.

(ଯଥା—ତା କଥାରେ କିଛି ବାଇଶ ନାହିଁ ।)

ବାଇଶ କୁରଡ଼ି ବେଣ୍ଟ—ପ୍ରାଦେ. ବାଲେଶ୍ୱର) ବି—(ପୁରୁଷଙ୍କୁ ଦିଆଯିବା Bāisa kurardhi benta ଅଶ୍ଳୀଳ ଗାଳି ବିଶେଷ—A vulgar term of abuse applied to males.) ଲମ୍ପଟଚରିତ୍ର ବ୍ୟକ୍ତି—A licentious person.

ବାଇଶ(ଶି) ପାହାଚ—ଦେ. ବି—ପୁରୀର ଶ୍ରୀ ଜଗନ୍ନାଥଙ୍କ ସିଂହଦ୍ୱାରଠାରୁ Bāisa(si) pāhācha ଭିତରବେଢ଼ାକୁ ଯିବା ପର୍ଯ୍ୟନ୍ତ ଯେଉଁ ୨୨ ଗୋଟି ପାବଚ୍ଛ ଅତିକ୍ରମ କରି ଯିବାକୁ ହୁଏ—The 22 steps leading from the lion's gate to the main block of temples in the Temple of Jagannath at Puri.

ବାଇଶ ହରଡ଼ ଡାଲି—ପ୍ରାଦେ. ( ବାଲେଶ୍ୱର ) ବି—(ସ୍ତ୍ରୀ ଓ ପୁରୁଷଙ୍କ Bāisa hararda dāli ପ୍ରତି ଅଶ୍ଳୀଳ ଗାଳିବିଶେଷ—A vulgar term of abuse, applied to males and females), ଲମ୍ପଟ ଚରିତ୍ର; ଖେଚେଡ଼ା—Licentious; wicked; wanton.

ବାଇଶା—ଦେ. ବିଣ—୧ । ୨୨ ସଂଖ୍ୟକ—1. Numbering 22. Bāisā ୨ । '୨୨' ସମ୍ବନ୍ଧୀୟ—2. Relating to 22. ୩ । বাইশা ୨୨ ଗୌଣୀ ପରିମିତ (ଶସ୍ୟ)—3. Measuring 22 Gaunies. ୪ । ଦ୍ୱାବିଂଶ; ୨୨ ସ୍ଥାନୀୟ—4. Twenty-second.

ଦେ. ବି—୧ । ବାଇଶିଟି ବସ୍ତୁର ସମାହାର—1. An aggregate of 20 things. ୨ । ବିଲରୁ କଟାଳ କାଟଣି ମୁଲ୍ଲ ନେବା ପୂର୍ବରୁ ଗଦା କରିଥିବା ୨୨ ଟି ଲେଖାଏଁ ବିଡ଼ାର ଗଦା—2. A heap of 22 sheaves of paddy reaped by a reaper.

[ ଦ୍ର—ଧାନକଟାଳ ୧୧ଟି ବିଡ଼ା କାଟିଲେ ତହିଁରୁ ଗୋଟିଏ ଅପଣା ମୂଲ ପାଇଁ ପାଏ । ସେଥିପାଇଁ ୨୨ଟି ଲେଖାଏଁ ବିଡ଼ା ପୃଥକ୍ କରି ରଖେ ଓ ମୁଲ୍ଲ ଦେଲା ବେଳେ ପ୍ରତି ବାଇଶାରୁ ୨ଟି ଲେଖାଏଁ ବିଡ଼ା ମୂଲ ନିଏ । ]

ବାଇଶା କୁଟା—ଦେ. ବି—୨୨ ଗୌଣୀ ଧାନ କୁଟା ଦେଲେ ଯାହା Bāisā kutā ବଦଳରେ ୧୦ ଗୌଣୀ ଚାଉଳ ପାଇବା ରୀତି—The system of getting 10 Gaunies of rice in lieu of 22 Gaunies of paddy.

[ ଦ୍ର—ଉଷୁନା ଚାଉଳ ବାଇଶା କୁଟା ପ୍ରମାଣେ ଓ ଅରୁଆ ଚାଉଳ ପଚଶାକୁଟାରେ ଧାନକୁଟାଳିଙ୍କଠାରୁ ଆଦାୟ କରାଯାଏ । ]

ବାଇଶି ଦିନିଆ(ଆଁ) ଜର—ଦେ. ବି—୨୨ ଦିନ ବ୍ୟାପୀ ଏକପ୍ରକାର Bāisi diniā(ān) jara ମାରାତ୍ମକ ଜ୍ୱର; ଟାଇଫଏଡ୍ ଜର—বাইশদিনে জর Typhoid fever

ବାଇଶି ପଲିଆ—ଦେ. ବିଣ—ଯେଉଁ ବିଶାର ପରିମାଣ ୨୨ ପଲ—Bāisi paliā (a Bisā) of 22 Palas.

[ ଦ୍ର—କେତେକ ସ୍ଥାନରେ ୨୪ ଓ କେତେକ ସ୍ଥଳରେ ୨୨ ପଲିଆ ବିଶା ଚଳେ । ]

ବାଇଶି ପଲିଆ ବିଧା—ଦେ. ବି—ଖୁବ୍ ଶକ୍ତ ବିଧା—A heavy fist-Bāisi paliā bidhā बीसमण कीच blow.

ବାଇ ସାଇକ(କେ)ଲ୍—ବୈଦେ. ବି. (ଇଂ)—ଦୁଇଚକିଆ ପାଦଚାଳିତ Bāi sāika(ke)l বাইসাইকেল ଗାଡ଼ି; ଶୁନଗାଡ଼ି—Bicycle. बाइसिकिल [ବାଇସିକ(କେ)ଲ୍—ଅନ୍ୟରୂପ]

ବାଇସୋଠା(ଡ଼ା)—ବୈଦେ. ବି. (ଇଂ. ବାଇକାର୍ବନେଟ୍ ଅଫ୍ ସୋଡ଼ା)—Bāisothā(rdā) ପାଶ୍ଚାତ୍ୟ ଲବଣ ଜାତୀୟ ଔଷଧ ବିଶେଷ—বাইসোড়া सोडा Sodi Bicarb; Bicarbonate of soda.

[ ଦ୍ର—ଏହା ଖାଇଲେ ପେଟର ବାୟୁରୋଗ କମେ । ]

ବାଇ(ଏ, ୟ, ୟୋ)ସ୍କୋପ୍—ବୈଦେ. ବି. ( ଇଂ. ବାୟୋସ୍କୋପ୍ )—Bāi(e, ya, yo)skop ଆଲୋକ ଓ ଛାୟା ପ୍ରତିଫଳନ ପୂର୍ବକ বায়োস্কোপ জীবন্তবৎ চলমান ଓ ତହିଁର ଯନ୍ତ୍ର; ଚଳଚ୍ଚିତ୍ର—बायस्कोप Bioscope.

ବାଇହାଣ୍ଡି—ପ୍ରାଦେ. (ପୁରୀ) ବି—ପୁରୀ ବଡ଼ଦେଉଳରେ ଜଗନ୍ନାଥଙ୍କୁ Bāihāndi ଯେଉଁ ବଡ଼ ଅଣ୍ଡାହାଣ୍ଡିରେ ମହାପ୍ରସାଦ ଭୋଗ କରାଯାଏ—A big earthen pot for boiled rice offered to Lord Jagannath at Puri.

ଦେ. ବି—ବାଇଜ ହାଣ୍ଡି (ଦେଖ)—Bāija hāndi (See)

ବାଈ—ଦେ. ବି. ସ୍ତ୍ରୀ—ବାଇ ୧୩ ( ଦେଖ )—Bāi Bāi 13 ( See )

ମତ ମତ୍ତ ଖାଇ ନସ୍ୟ ଇଚ୍ଛ ବାଈ—ସ୍ୱଧାନାଥ. ଦରବାର ।

ବାଉ—ପ୍ରାଦେ. (ବାଲେଶ୍ୱର) ବି—ବାୟା (ଦେଖ)—Bāu Bayā (See)

ବାଉଁ—ଦେ. ବି—୧ । (ସଂ. ବ୍ୟାମ)—ବେଁ—1. Fathom. ୨ । Bāun বাওঁ बायाँ ବାମପାର୍ଶ୍ୱ—2. Left side.

বায়াঁ, বাঁ ଦେ. ବିଣ. ( ସଂ. ବାମ )—୧ । ବାମ—बायाँ 1. Left (side

ବୈଦେ. ବି. (ଜାହାଜଅ ଶବ୍ଦ)—୬ ହାତ ଜଳର ଗଭୀରତାର
**বাম** ମାପ; ବାମ୍—( nautical ) A unit of measuring the depth of water; fathom.

ବାଉଁଅ(ଆଁ)—ଦେ.ବିଣ•ପୁଂ—(ସ.ବାମ)—ବାମ୍ଯାଁ; ଯେଉଁ ବ୍ୟକ୍ତିର ବାମ-
Bāuñā(āñ) ହାତ ଡାହାଣ ହାତ ଅପେକ୍ଷା ବେଶୀ କାର୍ଯ୍ୟକାରୀ—
লেটা, নেটা, ন্যাটা, নেঙা, নেঙ্গা Left-handed; one who
**वैहतथा** is deft in using the left hand.
(ବାଉଅଁ, ବାଓଅଁ—ଅନ୍ୟରୂପ) [ବାଉଁଈ, ବାଓଁଈ—ସ୍ତ୍ରୀ]

ବାଉଁକ୍—ପ୍ରାଦେ. (ମେଦନୀପୁର) ବି. (ବ. ବାଙ୍ଗୀ)-ବାହୁଙ୍ଗୀ; ଭାରଦଣ୍ଡ—
Bāuñk A pole with a sling attached to each end for holding loads and carried across the shoulder.

ବାଉଁ ଡାଉଁ ଇତ୍ୟାଦି—ଦେ. ବି—ବାଅଁ ଡାଅଁ ଇତ୍ୟାଦି (ଦେଖ)
Bāuñ ḍāuñ etc Bā-āñ ḍā-āñ etc (See).

ବାଉଁଶ—ଦେ. ବି—(ସ. ବଂଶ)—ଧାନ୍ୟାଦି ବର୍ଗର ପ୍ରସିଦ୍ଧ ଦୀର୍ଘ ବୃକ୍ଷ
Bāuñśa ବିଶେଷ—Bamboo; Bambusa.
ସ. ପର୍ଯ୍ୟାୟ—ବେଣୁ, ତ୍ୱକ୍‌ସାର, ଶତପର୍ବା, ଯବଫଳ, ଧନୁର୍ଦ୍ରୁମ, କର୍ମୀର, ଧାନୁଷ୍ୟ, ତୃଣସାର, ତୃଣଧ୍ୱଜ, ଶତଫଳ, ମସ୍କର, ତେଜନ—
বাঁশ
**बाँस**
ମ. ବେଲ
ଗୁ. ବାଂଶ
ତେ. ବେଦୁରୁ, ବେଉ
ତା• ମନଗିଲ
ଫା. କସବ
[ଦ୍ର—ଏହା ଧାନଜାତୀୟ ବଡ଼ଗଛ । ୪୦ । ୫୦ ବର୍ଷରେ ବାଉଁଶଗଛରେ ଧାନ କେଣ୍ଡାପରି ଫଳ ଧରେ ଏବଂ ଏଥିରୁ ଧାନ ଭଳି ଶସ୍ୟ ବାହାରେ । ଏ ଧାନକୁ ବାଉଁଶ ଧାନ ବୋଲାଯାଏ । ଏ ଧାନରୁ ଚାଉଳପରି ଏକପ୍ରକାର ଚାଉଳ ବାହାରେ ଏବଂ ଦୁର୍ଭିକ୍ଷ ସମୟରେ ଗରିବ ଲୋକେ ଏହାକୁ ରାନ୍ଧିକରି ଖାଆନ୍ତି । ବାଉଁଶ ଗଛରେ ଫୁଲ ଧରିଲେ ବାଉଁଶଗଛ ମରିଯାଏ । ଏଥିପାଇଁ ପ୍ରବାଦ ଅଛିଃ—ବାଉଁଶ ଫୁଲିଲେ ମରେ । ବାଉଁଶଗଜା ବା କରଡ଼ୀକୁ ତିଅଣ, ମୁରବା ଓ ଆଚାର କରାଯାଏ । ଅନେକପ୍ରକାର ବାଉଁଶ ଅଛି ଯଥା—ବେଲଙ୍ଗି, ବାରହାବଧ, କଣ୍ଟାବାଉଁଶ, ବାଳଅ, ଶାଳଅ, କଣ୍ଟାବାଳଅ ଓ ସୁନ୍ଦରକଣିଆ ବା ସୁନ୍ଦରପାଇ ବା ସୁନ୍ଦରାପାଇ । ବୈଦ୍ୟକମତରେ ବାଉଁଶ କଫ, ପିତ୍ତ, କୁଷ୍ଠ, ରକ୍ତଦୋଷ, ବ୍ରଣ ଓ ଶୋଥନାଶକ, ମୂତ୍ରାଶୟ ଶୋଧକ ।

ବଂଶାଙ୍କୁର—ଗୁରୁ, ସାରକ, ବିଦାହୀ, କଫ, ବାୟୁ ଓ ପିତ୍ତ-ବର୍ଦ୍ଧକ ।

ବଂଶତଣ୍ଡୁଳ—ସାରକ, ବାୟୁ ଓ ପିତ୍ତବର୍ଦ୍ଧକ, ମୂତ୍ରରୋଧକ ଓ କଫନାଶକ ।]

ବାଉଁଶ ଅଗିରା(ଲା)—ଦେ. ବି.—(ସ. ବଂଶ ଓ ଅଗ୍ର)—ବାଉଁଶର ଅଗ୍ର-
Bāuñśa agirā(lā) ଭାଗ—The top of a bamboo
বাঁশের ডগা **बासका छीप** stem.

ବାଉଁଶ କଣି—ଦେ. ବି.—ବାଉଁଶର କ୍ଷୁଦ୍ର ଶାଖା ଓ ଉପଶାଖା—
Bāiñśa kaṇi The small branches from the main bamboo.
বাঁশের কচী **बासकी करची**
[ବାଉଁଶ ପକ୍ଷି(ଖି)ରି—ଅନ୍ୟରୂପ]

ବାଉଁଶ କରଡ଼ି—ଦେ. ବି. ( ସ. ବଂଶ ଓ କରୀର )—ବାଉଁଶର
Bāuñśa karaṛdi କଅଁଳିଆ ଗଜା—Tender shoots of bamboo.
বাঁশের কোড় **बाँसका कोपल**
[ଦ୍ର—ଏଥିରେ ଆଚାର ଓ ତରକାରୀ କରାଯାଏ । ]

ବାଉଁଶ କରିଡ଼—ପ୍ରାଦେ. ( ଗଞ୍ଜାମ ) ବି—ବାଉଁଶ କରଡ଼ି—
Bāuñśa kariṛda Tender shoots of bamboo.

ବାଉଁଶ କୁଣ୍ଡି—ପ୍ରାଦେ. ( ଗଞ୍ଜାମ ) ବି—ବାଉଁଶ ପାତିଆରେ ବୁଣା
Bāuñśa kuṇḍi ଟୋକେଇ—Basket of bamdoo laths.

ବାଉଁଶ କୁମ୍ଭ—ପ୍ରାଦେ. ( ଗଡ଼ଜାତ ) ବାଉଁଶ ବୁଦା—
Bāuñśa kumbha A bamboo cluster; a clump of bamboo trees.

ବାଉଁଶ ଖେଳ—ଦେ• ବି. ( ସ. ବଂଶ + କ୍ରୀଡ଼ା )—ଭୂମିରେ ପୋତା
Bāuñśa khela ହୋଇଥିବା ଖୁବ ଉଚ୍ଚ ବାଉଁଶ ଉପରେ
(ବାଉଁଶବାଜି—ଅନ୍ୟରୂପ) ନାନାପ୍ରକାର ବ୍ୟାୟାମ ପ୍ରଦର୍ଶନ—
বাঁশ বাজী Exhibition of various athletic exercises
**बांसकीबाजी** on the top of a bamboo

ବାଉଁଶ ଚାଉଳ—ଦେ• ବି—ବାଉଁଶ ଧାନରୁ ବାହାରିବା ତଣ୍ଡୁଳବତ୍
Bāuñśa chāula ଶସ୍ୟ—Rice-like substance got
বাঁশের চাল from the paddy-like grains of
**बाँसका चावल** the bamboo tree.

ବାଉଁଶ ଠୋଲା—ଦେ. ବି—କରୀର ବଲ୍କଲ; ବାଉଁଶ କରଡ଼ି ଉପରେ
Bāuñśa ṭholā ଥିବା ଖୋଳ ବା ଆବରଣ—The rind
(ବାଉଁଶ ଖୋଳପା—ଅନ୍ୟରୂପ) covering a young shoot
বাঁশের কাপড়(খোল) of bamboo.
**बाँसकी सुपती**

ବାଉଁଶ ଦେବା—ଦେ. କ୍ରି—ଫଳନ୍ତ ଧାନ ଗଛ ଏଣିକି ତେଣିକି ଆଉଜି
Bāuñśa debā ପଡ଼ିଯିବା ଓ କାଟିବା ବେଳେ ଅସୁବିଧା ହେବା
মই দেওয়া ଭୟରେ ଠିଆ ହୋଇଥିବା ଧାନ ଗଛକୁ ବାଉଁଶ ଦ୍ୱାରା ଏକ ଦିଗକୁ ଶୁଆଇ ଦେବା—To make the standing paddy plants incline towards one side by drawing a long bamboo over them.

ବାଉଁଶ ଧାନ—ଦେ. ବି. ( ସ. ବଂଶ ଓ ଧାନ୍ୟ )—
Bāuñśa dhāna ବାଉଁଶ ଗଛର ଫୁଲରୁ ବାହାରିବା ଧାନ
বাঁশের ধন ବିଶେଷ—A paddy-like grain borne by
**बाँस धान** bamboo trees.

ବାଉଁଶ ପଭୁରି—ଦେ. ବିଣ. ( ସ. ବଂଶ ଓ ପତ୍ର )—ବାଉଁଶ ପତ୍ର ପରି—
Bāuñśa paturi Like bamboo leaves.
(ବାଉଁଶ ପଭୁରିଆ, ବାଉଁଶ ପତ୍ରିଆ—ଅନ୍ୟରୂପ)
বাঁশ পাতা ଦେ. ବି—୧ । ଏକ ପ୍ରକାର ଧଳା ଛୋଟ ମାଛ—
**बाँस पतिया** 1. A kind of small fish. ୨ । ଏକ ପ୍ରକାର ଘାସ—2. A kind of grass.

ବାଉଁଶ ପାତିଆ—ଦେ. ବି—ବାଉଁଶ ଚିରିରୁ ତିଆରି ହୋଇଥିବା ପତଳା
Bāuṅsa pātiā ଖଣ୍ଡ (ବାଉଁଶିଆ ଅଦରି ତିଆରିରେ ବ୍ୟବହୃତ)—
বাঁশের পাত Thin strips taken from bamboo
**बाँसकी कमची** and used in weaving baskets,

ବାଉଁଶ ଫାଳିଆ—ଦେ. ବି—ମଝିରୁ ଦୁଇଫାଳ ହୋଇ ଚିରା ହୋଇଥିବା
Bāuṅsa phāḻiā ବାଉଁଶ—Bamboo split into two.
বাঁখারি [ଦ୍ର—ଫାଳିଆକୁ ଅଧିକ ଖଣ୍ଡ କରି ଚିରିଲେ ତାହା
**फट्टा** ବତା ହୁଏ । ]

ବାଉଁଶ ଫୁଲିବା—ଦେ. ବି—ବାଉଁଶ ଗଛରେ ଫୁଲ ଧରିବା—
Bāuṅsa phulibā The flowering of bamboo
বাঁশ ফোলা **बाँस फुलना** trees.

ବାଉଁଶ ବୁଦା - ଦେ. ବି—ଏକ ସ୍ଥାନରେ ଉଠିଥିବା ଅନେକ ସମୂହ
Bāuṅsa budā ବାଉଁଶ—A cluster of bamboos
**बाँस कोठो, बाँसका बीट** coming out of one place.

ବାଉଁଶ ମୂଳୀ—ଦେ. ବି—୧ । ଏକ ପ୍ରକାର ମୋଟ ଧାନ—
Bāuṅsa mūḻi 1. A species of coarse paddy.
বাঁশের মূল ୨ । ବାଉଁଶ ଗଛର ତଳ ମୂଳ ଖଣ୍ଡ—2. The
small piece of the lower part of bamboo
with the roots attached to it.

ବାଉଁଶ ରାଣୀ – ଦେ. ବି—ଯେଉଁ ସ୍ତ୍ରୀ ଲୋକମାନେ ପୋତା ହୋଇଥିବା
Bāuṅsa rāṇi ବାଉଁଶର ଅଗରେ ନାନା ପ୍ରକାର ଆଶ୍ଚର୍ଯ୍ୟ-
বাঁশ বাজীবালী (ওয়ালী) ଜନକ ବ୍ୟାୟାମ ଦେଖାନ୍ତି—Women
**बँसचढ़ी** who perform athletic feats on the top
of high bamboos.

ବାଉଁଶ ହଳ—ପ୍ରାଦେ. (ଗଡ଼ଜାତ) ବି—ହଳେ ବା ଦୁଇଟି ବଳଦ ଯେତେ
Bāuṅsa haḻa ବାଉଁଶ ଯୁଆଳିଦ୍ୱାରା ବଣରୁ ବୁହାଇ ଆଣି ପାରନ୍ତି—
As much of bamboo as can be carried by
a pair of oxen.

ବାଉଁଶା—ପ୍ରାଦେ. ( ସମ୍ବଲପୁର ) ବି—ଘର ଛପରର ରୁଅ—
Bāuṅsā Rafters of a thatched house.

ବାଉଁଶିଆ—ଦେ. ବି. ( ସଂ. ବଂଶ; ସଂ. ବେ ଧାତୁ=ବୁଣିବା )—
Bāuṅsiā ୧ । ବାଉଁଶ ପାତିଆରେ ତିଆରି ପାଚିଆ; ବାଉଁଶିଆ—
বাঁশের চুপড়ী 1. A small basket made of thin strips
**बोहया, पथिया** of bamboo; a work basket.
୨ । ଏକ ପ୍ରକାର ଆଖୁ—2. A species of sugarcane.

ବାଉଁଶିଣିଆ—ପ୍ରାଦେ. ( ଜୟପୁର ) ବି—ଏକ ପ୍ରକାର ଛତୁ—
Bāuṅsiṇiā A kind of mushroom.

ବାଉ(ହୁ)ଟା—ବୈଦେ. ବି. (ଚୈ ?)—(ଜାହାଜର ଶବ୍ଦ) ପତାକା—
Bāu(hu)ṭā ପତାକା **झंडा** (nautical) Flag.
ଦୁଇ ଶ୍ରେ ଗୋଟୁ ବାଉଟା ଉପରେ ଅସ୍ତମାନଙ୍କ ଦଣ୍ଡବତ କଲେ ।
ଫକୀରମୋହନ. ଗଳ୍ପସ୍ୱଳ୍ପ ।
ଦେ. ବି—ବାଉଟିଆ ( ଦେଖ )—
Bāuṭiā ( See )

ବାଉ(ହୁ)ଟିଆ—ଦେ. ବି. ( ସଂ. ବାତାୟୁ; ବାତାଟ; ବାତମୃଗ )—
Bāu(hu)ṭiā ମୃଗ ବିଶେଷ; କୃଷ୍ଣସାର; କଳା ବାଉଟିଆ—
বাউটা **काला हिरन, करसायल** The black buck.
[ ଦ୍ର—ଏମାନଙ୍କ ଶିଙ୍ଗ ଲମ୍ବାଲମ୍ବା ଓ ମୋଡ଼ା ମୋଡ଼ା । ]

ବାଉଡ଼ି—ଦେ. ବି. ( ଧ୍ୱନ୍ୟନୁକରଣ )—ପୂର୍ଣ୍ଣ ଭୋଜନ ପରେ ଯେଉଁ
Bāuḍi ଢେକୁଟ ବା ଉଦ୍ଗାର ବାହାରେ; ଏଉଡ଼ି—
ঢেকুর Belching or eructations coming out
**ढेकार** after a full meal

ବାଉନ ପତି—ଗ୍ରା. ବି—ବାହାନ ପତି ( ଦେଖ )
Bāuna pati Bāhāna pati ( See )

ବାଉନା — ଦେ. ବି—ବାହୁନା ( ଦେଖ )
Bāunā Bāhunā ( See )

ବାଉନିବା—ପ୍ରାଦେ. (ସମ୍ବଲପୁର) କ୍ରି – ନାପସନ୍ଦ କରିବା; ଅନୁମୋଦନ
Bāunibā ନ କରିବା —To disapprove.
ଦେ. କ୍ରି—ବାହୁନିବା (ଦେଖ)—Bāhunibā (See)

ବାଉରା—ପ୍ରାଦେ. ( ସମ୍ବଲପୁର ) ବିଣ· ପୁଂ. ( ସଂ. ବାତୁଳ; ଭୂଲ. ହି·
Bāurā ବାଉରା )—ବାତୁଳ; ପାଗଳ; ବାଉଲା—
(ବାଉରୀ—ସ୍ତ୍ରୀ) Mad; insane.

ବାଉରି—ଦେ. ବି. ପୁଂ· (ସଂ. ବର୍ବର)—୧ । ହିନ୍ଦୁ ନୀଚ ଜାତିବିଶେଷ
Bāuri 1. A low depressed caste.
বাঅরি [ଦ୍ର—ବାଉରିମାନେ ବିବାହାଦି ଉପଲକ୍ଷେ ଶଙ୍ଖ ବଜାନ୍ତି
(ବାଉରିଣୀ—ସ୍ତ୍ରୀ) ଶଙ୍ଖାସୁର ବଧହନ୍ତା ବିଷ୍ଣୁଙ୍କଠାରୁ ଏମାନେ ଶଙ୍ଖ
ପାଇଥିବା କଥା ବଳରାମ ଦାସ ଲେଖିଅଛନ୍ତି ।
ପ୍ରତ୍ନତତ୍ତ୍ୱବିତ୍‌ମାନେ ସ୍ଥିର କରିଅଛନ୍ତି ଯେ ବାଉରିମାନେ ବୌଦ୍ଧ
ଥିଲେ । ପ୍ରତାପରୁଦ୍ର ଦେବ ଏମାନଙ୍କ ଧର୍ମ ବିଶ୍ୱାସ ଯୋଗୁଁ ଏମାନଙ୍କ
ଉପରେ ଅତ୍ୟାଚାର ଆରମ୍ଭ କରିବାରୁ ଏମାନେ ପ୍ରକାଶ୍ୟରେ
ବ୍ରାହ୍ମଣ୍ୟ (ହିନ୍ଦୁ) ଧର୍ମ ଗ୍ରହଣ କଲେ ଏବଂ ହିନ୍ଦୁ ଦେବଦେବୀଙ୍କୁ
ମୁହଁରେ ମାନିଲେ; କିନ୍ତୁ ଭିତରେ ଭିତରେ 'ମହାଶୂନ୍ୟଙ୍କୁ' ପୂଜା
କଲେ । ଏହି ସମୟରୁ ଏମାନେ ଅସ୍ପୃଶ୍ୟରୂପେ ବିବେଚିତ ହେଲେ ।
ଏମାନେ ବିବାହ ବେଳେ ପଇତା ପିନ୍ଧନ୍ତି । ଏମାନଙ୍କ ଜାତିର
ସରଦାରଙ୍କୁ 'ମହାପାତ୍ର' ବୋଲାଯାଏ । 'ବାଉରି ବଇଷ୍ଣବ' ନାମକ
ଏକ ସମ୍ପ୍ରଦାୟ ଏମାନଙ୍କ ପୁରୋହିତ । ଏମାନେ ଆର୍ଯ୍ୟେତର;
କଦାପି ଆର୍ଯ୍ୟ ନୁହନ୍ତି । ଏମାନେ ପାଣ ହାଡ଼ି ଆଦିଙ୍କ ଘର ଗୋ-
ମାଂସ ଭକ୍ଷଣ କରନ୍ତି ନାହିଁ । ମୟୂରଭଞ୍ଜର ବାଥୁଡ଼ିମାନେ ପ୍ରକୃତରେ
ବାଉରି ନୁହନ୍ତି । ବଳରାମ ଦାସ ତାଙ୍କ ସିଦ୍ଧାନ୍ତ ଡମରୁରେ ଲେଖିଅଛନ୍ତି
ଯେ ବାଉରିମାନେ ବିଶ୍ୱାମିତ୍ରଙ୍କଠାରୁ ଜାତ ଓ ବ୍ରାହ୍ମଣଙ୍କ ଭାଇ ଅଟନ୍ତି ।]
(ପୁଂ. ଓ ସ୍ତ୍ରୀ)—ଅଗ୍ରଜିଆଣୀ ପୁତ୍ର କନ୍ୟାଙ୍କୁ ଡାକିବା ନାମ-
2. A name given to children born after the
death of their elders.
ପ୍ରାଦେ. (ସମ୍ବଲପୁର) ବି.—ଓଲଟ ବେଗାର—A present
sent to a friend's or a relative's house in
return for the present sent by the latter.

ବାଉରି ବଇଷ୍ଣବ—ଦେ. ବି. —ବାଉରି ଜାତିର ପୁରୋହିତ—
Bāuri baishṇaba A sect of Bāuris who officiate
as priests amongst the Bāuris.

ବାଉରି ବତା—ଦେ. ବି.—ଘରଚାଳର ଗୋଟିଏ ପାଖ ଛପର କରି ସାରି Bāuribatā ଅଗରୁ ସେ ପାଖର କାଠଗୁଡ଼ିକର ଅଗକୁ ଭୂଇର ଟୁଇର ବাতা ଉପରେ ବାନ୍ଧି କୁଲ୍ଲାଇ ଅପରପାଖେ ବାନ୍ଧିବାରେ ବ୍ୟବହୃତ ବତା—The bamboo lath tied to the top-most zone of the thatched framework of a house connecting it with the already thatched other half.

ବାଉରି ବୁଣା—ଦେ. ବି.—ବାଉରି ଜାତୀୟ ଏକପ୍ରକାର ତନ୍ତି—Bāuri bunā A caste of low class weavers.
ଦେ. ବିଣ.—ବାଉରିବୁଣା ତନ୍ତିଙ୍କଦ୍ୱାରା ବୁଣା ହୋଇଥିବା (ମୋଟ ଲୁଗା)—( coarse cloth ) Woven by Bāuri weavers.

ବାଉଳଚି ବକିବା—ପ୍ରାଦେ. (ଯାଜପୁର)—କ୍ରି.—ବାତୁଳ ପରି ପ୍ରଳାପ Bāulachi bakibā କରିବା—To rave like a mad man.

ବାଉଳା—ଦେ. ବିଣ. ପୁଂ. (ସ. ବାତୁଳ)—୧ । ବାତୁଳ—Bāulā বাউল বাতুলা; বাতর 1. Mad; insane. (ବାଉଳୀ—ସ୍ତ୍ରୀ) ୨ । ଭ୍ରାନ୍ତ—2. Erring. ୩ । ବାତୁଳ ବ୍ୟକ୍ତି ପରି ବାହ୍ୟ ଜ୍ଞାନଶୂନ୍ୟ—3. Maddened; behaving like a mad person.
ଦେ. ବି.—୧ । ଭ୍ରାନ୍ତି—1. Delusion; mistake; error. ୨ । ବାତୁଳତା—2. Madness.
ପ୍ରାଦେ. (ଉତ୍ତର ବାଲେଶ୍ୱର) ବି.—କଣ୍ଟିଆ ଜାତୀୟ ଏକ ପ୍ରକାର ଅତି କ୍ଷୁଦ୍ର ମତ୍ସ୍ୟ—A very small fish belonging to 'kaṇṭiā' class.
[ଦ୍ର—ଏହାର କଣ୍ଟା ଦେହରେ ବାଜିଲେ ଭାରି ବଥା ହୁଏ ଏବଂ ମନୁଷ୍ୟ ବାତୁଳ ପରି ହୋଇ ଯାଏ । ଏଣୁ ଏହାର ଏହି ନାମ ହୋଇ ଅଛି ।]

ବାଉଳା କରିବା—ଦେ. କ୍ରି.—୧ । ବାତୁଳ ପରି ଅସ୍ଥିର କରିବା—Bāulā karibā 1. To cause to be restless like a পাগল করা mad man. ୨ । ଭ୍ରାନ୍ତ ବା ଭ୍ରମଯୁକ୍ତ କରିବା; বাতর করনা 2. To cause to fall into error;to delude.

ବାଉଳି(ଲି)—ଦେ. ବି.—୧ । (ସ. ବାତୁଳ) ବୈଷ୍ଣବଧର୍ମ ସମ୍ପ୍ରଦାୟ Bāuli(la) বাউল ବିଶେଷ—1. A sect of anchorites.
[ଦ୍ର—ବଙ୍ଗଦେଶରେ ଏ ସମ୍ପ୍ରଦାୟର ବୈଷ୍ଣବମାନେ ମୁଣ୍ଡରେ ଟୋପର ଓ ହାତରେ କନ୍ଥା ଦେଇ ଧୁଡୁଙ୍ଗା ବଜାଇ ହରି ନାମ ଗାଇ ବୁଲନ୍ତି । ଏଥିର ମୌଳିକ ଅର୍ଥ ଯେ ହରି ନାମରେ ବାତୁଳ ।]
୨ । ବାଉଳି ( ଦେଖ )—Bāuli ( See ). ୩ । ବାହାଳି ( ଦେଖ )—3. Bāhāḷi ( See ). ୪ । ଘରର ଚାଳ ଛପରବନ୍ଧ କରିବା ସମୟରେ ହାଣ୍ଡିଅଳର କାନ୍ଥରେ ବର୍ଷା ପାଣି ନ ପଡ଼ିବା ଉଦ୍ଦେଶ୍ୟରେ ଛପରର ଶେଷଭାଗରେ ବାନ୍ଧି ହଥାଯିବା ନଡ଼ା—4. Straw put on the extremity of a gabled thatch to prevent rain water from reaching the gabled wall.

ବାଉଳି—ଦେ. ବି. (ସଂ. ବଲୟ)—କାନର ଉପରଭାଗରେ ପିନ୍ଧିବା Bāuli ଝୁମ୍ପାଲଗା ନୋଳି—An ear-ring with pendants উপরকানের মাকড়ী worn on the upper part of the কনৌসী ear.

ବାଉଳି ଚାଉଳି—ଦେ. ବିଣ—୧ । କାନ୍ଦି ବା ବାତୁଳତା ଜନ୍ୟ ପ୍ରଳାପ Bāuli chāuli କରୁଥିବା—1. Raving. ୨ । ବ୍ୟାକୁଳ—পাগলের মত বাবলাকা পরা 2. Agitated. (ବାଉଳା ଚାଉଳା—ଅନ୍ୟରୂପ)

ବାଉଳି ଫାସିଆ—ଦେ. ବି—ବାଉଳିରେ ଝୁମ୍ପା ଓହୋଳ ଥିବା କର୍ଣ୍ଣ-Bāuli phāsiā ଭୂଷଣବିଶେଷ—A kind of ear-ring উপরকানের মাকড়ী কনৌসী with pendants.

ବାଉଳି ଲକ୍ଷ୍ମୀ—ପ୍ରାଦେ· (ଯାଜପୁର) ବି. ସ୍ତ୍ରୀ—ବୁଦ୍ଧିହୀନ ସ୍ତ୍ରୀ—Bāuli lakshmī A thought-less or foolish woman.

ବାଏ—ଦେ. କ୍ରି. ବିଣ (ସ. ବାତେନ)—ବାଆ ବା ପବନଦ୍ୱାରା—Bāe By the wind.

ମଣ୍ଡପରେ ମୋ ପୃଷ୍ଠେ ଡେଣ ମୋ ବଧିଲ
ଶାଳୁଣାଙ୍କ ଉଡ଼ାଇଦେଲା କରବାଏ—କୃଷ୍ଣସିଂ. ମହାଭାରତ ସ୍ତ୍ରୀ ।

ବାଏଁ—ଦେ. କ୍ରି. ବିଣ (ସ. ବାମେ)—ବାମପାର୍ଶ୍ୱରେ—On the left. Bāen̄ বাঁয়ে বাযে

ବାଏଁ ବାଏଁ—ଦେ. କ୍ରି. ବିଣ—୧ । ପବନ ଗତିରେ—1. With Bāen̄ bāen̄ the velocity of the wind. ୨ । ପବନଦ୍ୱାରା (ବାଏ ବାଏ—ଅନ୍ୟରୂପ) ଚାଳିତ ହୋଇ—2. Being carried বাএঁ বাএঁ বাপ বাপ away or waved by the wind.
( ଯଥା—ଶରଟି ଲକ୍ଷ୍ୟସ୍ଥାନରେ ନ ବାଜି ବାଏଁ ବାଏଁ ଉଡ଼ିଗଲା । )
୩ । କାହାରି କର୍ଣ୍ଣରେ ପ୍ରବେଶ ନ କରି; କେହି ନ ଶୁଣି—3 Without being heard or attended to by any one.
( ଯଥା—ମୁଁ ଯାଇ ହାକିମ ଆଗରେ ଗୁହାରିକଲି; ମାତ୍ର ମୋ ଗୁହାରିଟା ବାଏଁ ବାଏଁ ଉଡ଼ିଗଲା । )
୪ । (ସ. ବହିଃ) ବାହାରେ ବାହାରେ; ଭିତରେ ପ୍ରବେଶ ନ କରି—4. Without-entering inside.
୫ । (ସ. ବାମ) ବରାବର ବାମ ଦିଗରେ—5. All along to the left; keeping to the left.

ବାଏଁରା—ପ୍ରାଦେ. ( ସିଂହଭୂମ ) ବି—ବମ୍ପିମାଛ—Bāen̄rā A kind of fish.

ବାଏଗନ—ପ୍ରାଦେ. ( ସମ୍ବଲପୁର ) ବି—ବାଇଗଣ—Bāegān Brinjal.

ବାଏଙ୍କା—ପ୍ରାଦେ. ( ଯାଜପୁର ) ବି - ବଣଭୁଆ—Bāenkā Wild cat.

ବାଏଲ୍—ପ୍ରାଦେ. (ସମ୍ବଲପୁର)ବ. ( ସଂ. ବାଲୁକା, ଭୁଲ. ଜଏଦ୍=ନଗ୍ନ; Bāel ସ୍ୱଏଡ=ସ୍ୱଚ୍ଛ)—ବାଲି—Sand.

ବାଏଲ୍ ସେଁକ୍—ପ୍ରାଦେ. ( ସମ୍ବଲପୁର ) ବ— ବାଲିସେକ; ବାଲିପୁଡ଼ାଇ Bāel señk ଗରମ କରି ଦେହରେ ସେକିବା—Dry fomentation with heated sand.

ବାଓ(ଓଁ)—ଦେ. ବ. ( ସଂ. ବ୍ୟାମ )—ବେଁ— Bāo(oñ) Fathom.

ବାଂଶ—ସଂ. ବଣ. ( ବଂଶ + ଅ )— ବଂଶସମ୍ବନ୍ଧୀୟ— Bāṁsa Pertaining to 'Baṁsa'.
ସଂ. ବ—ବଂଶଲୋଚନା——The manna of bamboo.

ବାଂଶରି—ପ୍ରାଦେ. ( ଗଡ଼ଜାତ ) ବ(ଭୁଲ. ବ. ବ ଂଶୁରୀ)—ବଂଶୀ— Bāṁśari Flute.

ବାଂଶିକ—ସଂ. ବ. ପୁଂ. (ବଂଶ + ଅର୍ଥରେ ଇକ)—ବଂଶୀବାଦକ— Bāṁśika (ବାଂଶିକା—ସ୍ତ୍ରୀ) The blower of a flute.

ବାଃ—ଦେ. ଅ. ( ସଂ. ବା=ବିସ୍ମୟ ବା ବିତର୍କସୂଚକ ଅବ୍ୟୟ )— Bāḥ ୧ । ( ପ୍ରଶଂସାର୍ଥକ ) ସାବାସ୍; ଧନ୍ୟ—1. Bravo ! वाः वाहवाह; वाह well done ! ୨ । ଅହୋ !—2. Oh ! (ବାଃ ବା; ବାଃବାଃ—ଅନ୍ୟରୂପ)

ବାଁ (ଇତ୍ୟାଦି)—ଦେ. ବ ଓ ବଣ—ବାଅଁ ଇତ୍ୟାଦି ( ଦେଖ ) Bāñ (etc) Bā-āñ etc ( See )

ବାଁଟ୍ ଧରୁ—ପ୍ରାଦେ. ( ବସ୍ତର ) ବ—ଅଂଶୀଦାର— Bāñṭ dharu Shareholder; co-sharer.

ବାଁଟ୍‌ବା—ପ୍ରାଦେ. ( ବସ୍ତର ) କ୍ରି—ବାଣ୍ଟିବା— Bāñṭ-bā To divide; to distribute.

ବାଁଟାଦାର—ପ୍ରାଦେ. ( ବସ୍ତର ) ବ—ଅଂଶୀଦାର— Bāñṭādār A shareholder.

ବାଁ ମାରିବା—ପ୍ରାଦେ. ( ଗଡ଼ଜାତ ) କ୍ରି—ନବପ୍ରସୂତା ଗାଈ ବା Bāñ māribā ମଇଁଷୀର ଧରିବା ବା ଫୁଙ୍କିବା—To blow wind into the belly of a milch cow.

ବାକ୍—ସଂ. ବ. ( ବଚ୍ ଧାତୁ=କହିବା + କ୍ୱିପ୍; ବାଚ୍ ଶବ୍ଦ ୧ମା. ୧ବ. Bāk ଯାହା କୁହାଯାଏ )—୧ । ବାକ୍ୟ; ଶବ୍ଦ; ଉକ୍ତି; କଥା; ଉଚ୍ଚାରିତ ବିଷୟ—1. Speech; utterance; word; sentence. ୨ । ବିଦ୍ୟା—2. Learning. ୩ । ସରସ୍ୱତୀ—3. The Goddess of learning. ୪ । (+ କରଣ କ୍ୱିପ୍ ) ବାଗିନ୍ଦ୍ରିୟ; ପାଟି—4. The organ of speech.
[ ଦ୍ର—ଏହି ଶବ୍ଦ ସମାସରେ ଅନ୍ୟ ଶବ୍ଦ ସଙ୍ଗେ ଯୁକ୍ତ ହୁଏ; ଯଥା—ପ୍ରଗଲ୍ଭବାକ୍, ଅନୃତବାକ୍, ପ୍ରିୟବାକ୍ ଇତ୍ୟାଦି । ]

ବାକ୍‌ଚାତୁରୀ—ସଂ. ବ. ( ୭ମୀ ତତ୍ )—୧ । କଥାରେ ଚାତୁରୀ Bāk-chāturi ଦେଖାଇବା; ବାଗାଡ଼ମ୍ବର—1. Bravado; (ବାକ୍‌ଚାତୁର୍ଯ୍ୟ—ଅନ୍ୟରୂପ) bragging. ୨ । କଥା କହିବାରେ ବାକ୍‌ଚତୁର(ପୁଂ) } ବଣ ବାକ୍‌ଚତୁରା(ସ୍ତ୍ରୀ) } ବାକ୍‌ପଟୁତା—2. Cleverness of speech
ଦେ. ବ—ବକ୍ରୋକ୍ତି; ଦୁଇ ଅର୍ଥ ପ୍ରକାଶ କରୁଥିବା କଥା— An equivoque.

ବାକ୍‌ଚାତୁରୀ କେବଳ ଉତ୍ତର
ଉତ୍ତରରେ ସମର୍ପିବା ହୋଇଛ—ଉତ୍ତ. ବୈଦେହୀଶବିଳାସ ।

ବାକ୍ ଚାପଲ୍ୟ—ସଂ. ବ. ( ୭ମୀ ତତ୍ )—୧ । କଥା କହିବା ବିଷୟରେ Bāk-chāpalya ଚଞ୍ଚଳତା ପ୍ରକାଶ—1. Hasty speech. ବାକ୍‌ଚପଳ(ପୁଂ) } ବଣ ବାକ୍‌ଚପଳା(ସ୍ତ୍ରୀ) } ୨ । ବୃଥାଗପ—2. Chatter; gossip.

ବାକ୍‌ଛଳ—ସଂ. ବ. ( ୭ମୀ ତତ୍ )—କଥାଦ୍ୱାରା ପ୍ରତାରଣା— Bāk-chhala Dodge; evasive expression; quibble; equivocation.

ବାକ୍‌ପଟୁ—ସଂ. ବଣ. (୭ମୀ ତତ୍; ବାକ୍ + ପଟୁ)—୧ । କଥା କହିବାରେ Bāk-paṭu ପଟୁ ବା ଚତୁର—1. Skilled in language; [ବାକ୍‌ପଟୁତା (ଭ୍ର)—ବ] clever in expression. ୨ । ବାଗ୍ମୀ—2 Eloquent.

ବାକ୍‌ପତି—ସଂ. ବଣ. (୬ଷ୍ଠୀ ତତ୍) ବାଗ୍ମୀ— Bāk-pati Eloquent.
ସଂ. ବ.—୧ । ବୃହସ୍ପତି—1. Bṛuhaspati. ୨ । ବିଷ୍ଣୁ (ହି. ଶ.)—2. Bishṇu. ୩ । ନିର୍ଦ୍ଦୋଷ ବାକ୍ୟ (ହି. ଶ.)—3. Faultless speech.

ବାକ୍ ପାରୁଷ୍ୟ—ସଂ. ବ. (୬ଷ୍ଠୀ ତତ୍; ବାକ୍ + ପାରୁଷ୍ୟ)—୧ । କଥାରେ Bāk-pārushya କର୍କଶତା; ରୂଢ଼ବଚନ ପ୍ରୟୋଗଶୀଳତା— [ବାକ୍‌ପରୁଷ(ଷା)—ବଣ] 1. Roughness in speech. ୨ । କଠୋର ବା କର୍କଶ ବଚନ—2. Scurrility. ୩ । ଅପବାଦ—3. Defamation.

ବାକ୍‌ବାକୁମ୍ କୁମ୍—ଦେ. ଅ. (ଧ୍ୱନ୍ୟନୁକରଣ)—ପାରା ସମୂହବାର ଶବ୍ଦ— Bāk-bākum kum The sound made by pigeons; बाक बाकुम् कुम्; बकबक टुकुम cooing of pegeons. गटरगू, घुटघु

ବାକ୍‌ବିତଣ୍ଡା—ଦେ. ବ. (ସଂ. ବାଚ୍‌ବିତଣ୍ଡା)—୧ । ବାଗ୍‌ଯୁଦ୍ଧ— Bāk-bitaṇḍā 1. Wordy fight. ୨ । ଅନୁପଯୁକ୍ତ ଯୁକ୍ତି—3. Improper argument.

ବାକ୍‌ଶକ୍ତି—ସଂ. ବ. (୬ଷ୍ଠୀ ତତ୍; ବାକ୍ + ଶକ୍ତି)— କଥା କହିବାର Bāk-śakti ସମତା—Power of speech.

ବାକ୍‌ସଂଯମ—ସଂ. ବ. ( ୬ଷ୍ଠୀ ବା ୭ମୀ ତତ୍ )—ବୃଥାରେ ନ ଗପିବା; Bāk-saṁjama ଅଳ୍ପବାକ୍ୟ କହିବା; ଅପ୍ରୟୋଜନୀୟ ବାକ୍ୟ ନ [ବାକ୍‌ସଂଯତ(ତା)—ବଣ] କହିବା—Moderation in speech

ବାକ୍‌ସିଦ୍ଧି—ସଂ ବ. ( ୬ଷ୍ଠୀ ତତ୍ )—କଥିତ ବାକ୍ୟ କାର୍ଯ୍ୟରେ ଘଟିବା Bāk-siddhi ରୂପ ଅଲୌକିକ ସାଧନରେ ସଫଳତା—Success in bringing about the fruition of one's words.
[ବାକ୍‌ସିଦ୍ଧ(ଦ୍ଧା)—ବଣ]

ବାକ୍‌ସୂତ୍ର—ସଂ. ବ. (୬ଷ୍ଠୀ ତତ୍; ବାକ୍ + ସୂତ୍ର)—୧ । କଥାର ସୂତ୍ରପାତ; Bāk-sūtra ବାକ୍ୟାରମ୍ଭ—1. Beginning of speech.

୨ । ସ୍ୱରୋତ୍ପାଦକ ଚର୍ମସୂତ୍ର ବା ତନ୍ତ୍ର—2. Gut-string capable of producing sound when struck.

**ବାକ**—ସ. ବି. (ବଚ୍ ଧାତୁ+କର୍ମ. ଅ)—ବାକ୍ୟ; କଥା; ଉକ୍ତି—
Bāka Word; speech.

ବୋଲୁଁ କୋପି ଚକ୍ରବାକ, ବୋଇଲ ଏମନ୍ତ ବାକ ।
ଉଦ୍ଧ. ବୈଦେହୀଶବିଳାସ ।

**ବାକ କଲ୍ୟାଣୀ**—ଦେ. ବି. ( ସ. ବାକ୍+କଲ୍ୟାଣ; ଯେ ବାକ୍ୟରେ କଲ୍ୟାଣ କରନ୍ତି )—ବ୍ରାହ୍ମଣ—
Bāka kalyāṇi Brāhmaṇa.

ବାକକଲ୍ୟାଣୀବ ଶୁଣି ଦଶରଥେ କହୁ—ଉଦ୍ଧ. ବୈଦେହୀଶବିଳାସ ।

**ବାକ ଟ(ଟା)କୁଲିଆ**—ଦେ. ବିଣ—ଜାତିଭ୍ରଷ୍ଟ—
Bāka ta(ṭā)kuliā Excommunicated.
अजात ଦେ. ବି—ଶୂଦ୍ର ଜାତିବିଶେଷ—A sect of śūdras.

**ବାକସ**—ବୈଦେ. ବି. ( ଇଂ ବକ୍ସ )—୧ । କାଠର ତିଆରି ବନ୍ଦିଷ୍ଟ କ୍ଷୁଦ୍ର ଚତୁଷ୍କୋଣ ଆଧାର; ଶ୍ରେଷ୍ଠ ସିନ୍ଦୁକ—1. Box.
বাকস, बाक्स ୨ । ଉଦ୍ୟାନରେ ରୋପିତ ବହୁଚିତ୍ରିତ ପତ୍ରଶାଳୀ
बक्कस ବିଦେଶାଗତ ଗୁଳ୍ମ; କ୍ରୋଟନ୍—2. Croton plant.
୩ । ଏକ ଜାତୀୟ ଦୃଢ଼କାଷ୍ଠ ଉଦ୍ଭିଦ୍‌ବିଶେଷ ବୃକ୍ଷ—
পাতা বাহার 3. Box wood.
୪ । ହାତ ବାକସ—4. Hand box.

**ବାକସ ଗଛ**—ଦେ. ବି—ଉଦ୍ୟାନରେ ରୋପିତ ବହୁଚିତ୍ରିତପତ୍ର-
Bākasa gachha ବିଶିଷ୍ଟ ନାନା ବର୍ଣ୍ଣର ଗୁଳ୍ମ—
পাতা বাহার Croton plant.

**ବାକି**—ବୈଦେ. ବିଣ. (ଆ)—୧ । ଅବଶିଷ୍ଟ—1. Remaining.
Bāki ୨ । ଉଦ୍‌ବୃତ୍ତ; ଯାହା ବଳି ପଡ଼ି ଥାଏ—2. In excess;
बाकी বাকী in balance. ୩ । ବକେୟା—3. In arrears; outstanding.
( ଯଥା—ହାଲ ବାକି; ଜାସ୍ତି ବାକି । )
୪ । ଅସୁଲ ବାଦ ଅବଶିଷ୍ଟ ପ୍ରଦେୟ—4. Payable after deducting previous payments.
( ଯଥା—ଓାସିଲ୍ ବାକି । )
୫ । ଅବଶିଷ୍ଟ ପ୍ରାପ୍ୟ—5. Due as remainder.
ବି—୧ । ଅବଶିଷ୍ଟାଂଶ; ଅବଶେଷ—1. Remainder; remnant. ୨ । ବକେୟା ଦେୟ ବା ପ୍ରାପ୍ୟ—2. Arrears; outstanding amount.
୩ । ଅବଶିଷ୍ଟ ଦେୟ ଧନ—3. Amount payable as remainder ୪ । ଅବଶିଷ୍ଟ ପ୍ରାପ୍ୟ ଧନ—4. Amount due as remainder. ୫ । ବିୟୋଗ ଫଳ—5. Remainder after subtraction; residue. ୬ । ଉଦ୍‌ବୃତ୍ତ ଧନ ବା ପଦାର୍ଥ; ଯାହା ବଳି ପଡ଼େ—6. Balance.
( ଯଥା—ତହବିଲ ବାକି । )
ବୈଦେ. ଅ—୧ । କିନ୍ତୁ—1. But. ୨ । ଏବଂ—2. And.
୩ । ମଧ୍ୟ—3. Also. ୪ । ଅଧିକନ୍ତୁ—Moreover.

**ବାକିଆ**—ଦେ. ବିଣ. ( ଆ. ବାକି )—୧ । ବକେୟା; ପୂର୍ବ ସନର ବାକି
Bākiā ଥିବା ଦେୟ—1. Arrears accruing in pre-
বাকী बाकी vious years. ୨ । ଅବଶିଷ୍ଟ; ବାକି—
2. Remaining due.
ଦେ. ବି—୧ । ବାକିଥିବା ଧନ; ଅବଶିଷ୍ଟ ଧନ—
1. Balance. ୨ । ବାକିଥିବା ଖଜଣା ବା ଅନ୍ୟ କୌଣସି ଦେୟ—2. Arrears.

**ବାକି କରିବା**-ଦେ. କ୍ରି—ଦେୟ ଧନ ସମ୍ପୂର୍ଣ୍ଣ ରୂପେ ପରିଶୋଧ ନ
Bāki karibā କରିବା ଯୋଗୁଁ ଆପଣା ଉପରେ ବାକି ରହିବାକୁ
বাকী রাখা ଦେବା—To allow arrears to accrue on
बाकी रखना one's self.

**ବାକି କାଟିବା**—ଦେ. କ୍ରି—୧ । ଦେୟ ଧନର ପରିମାଣରୁ ଦତ୍ତ ଧନର
Bāki kāṭibā ପରିମାଣ ବାଦ ଦେଇ ବାକି ଦେୟ ଧନର ହିସାବ
ବାକି ଗଡ଼ା(ଡ଼େ)ଇବା } ଅନ୍ୟରୂପ ଲେଖିବା—1. To show
ବାକି ଦେଖା(ଖେ)ଇବା } arrears after deduct-
বাকি কাটা ing the amount paid. ୨ । ହିସାବ ଚୁକାଣ
बाकि काटना କରିବା—2. To finally strike the accounts of arrears. ୩ । ଦୁଇ ରାଶିର ବିୟୋଗଫଳ ସ୍ଥିର କରିବା—3. To cast off the balance. ୪ । ଆୟରୁ ବ୍ୟୟ ବାଦ୍ ଦେଇ ଉଦ୍‌ବୃତ୍ତ ଧନର ହିସାବ ଲେଖିବା—4. To show the balance of income over expenditure.

**ବାକି ଖ(ଖା)ଜ(ଞ୍ଜ)ଣା**—ବୈଦେ. ବି. (ଆ. ବାକି+ଫା. ଖଜାନା)—
Bāki kha(khā)ja(ñja)ṇā ପ୍ରଜାର ଦେୟ ଯେଉଁ କର ଚଳିତ
বাকী খাজনা ବର୍ଷରେ ଦିଆ ନ ଯାଇ ପ୍ରଜା ଉପରେ ଜମିଦାରଙ୍କର
बाकी खजाना ପାଉଣା ଥାଏ—Arrear rent.

**ବାକି ଖାତା**—ବୈଦେ. ବି. ( ଆ. ବାକି+ଫା. ଖାତା )—
Bāki khātā ଯେଉଁ ଖାତା ବା ହିସାବ ବହିରେ ବାକିଦାର-
বাকি খাতা ମାନଙ୍କଠାରୁ ପ୍ରାପ୍ୟ ଧନର ହିସାବ ଲେଖା ଥାଏ—
बाकि खता Account books showing arrears.

**ବାକି ଗଡ଼ିବା**—ଦେ. ବି—ହିସାବ ଖାତାରେ କୌଣସି ବ୍ୟକ୍ତିର ନାମରେ
Bāki gaṛḍibā ଥିବା ବାକି ଧନ ଧାର୍ଯ୍ୟବାହକ ରୂପେ ଦେଖାଯିବା
बाकि होना The showing of arrears or balance
(ବାକି ପଡ଼ିବା,ବାକି ଉଠିବା—ଅନ୍ୟରୂପ) in the account book.

**ବାକି(କୁ)ଟି**—ପ୍ରାଦେ. ( ଗଞ୍ଜାମ ) ବି. ପୁଂ. ( ତୁଳ. ବି. ବାଗ୍ଦି )—
Bāki(ku)ṭi ମାଛ ଧରିବା ନୀଚ ଜାତିବିଶେଷ; ବାଗ୍ଦି—A low
(ବାକି [କୁ]ଟିଆଣୀ—ସ୍ତ୍ରୀ) caste of fishermen.

**ବାକି(କୁ)ଟିଆଣୀ**—ପ୍ରାଦେ.(ଗଞ୍ଜାମ) ବି.ସ୍ତ୍ରୀ—୧ । ବାକିଟିଜାତୀୟା ସ୍ତ୍ରୀ—
Bāki(ku)tiāṇi 1. A female of the Bākiti caste.
୨ । ବାକୁଟିଆଣୀ (ଦେଖ) —2. Bākuṭiāṇi (See)

**ବାକି ତାଲିକା**—ଦେ. ବି. ( ଆ. ବାକି+ଫା. ତାଲିକା )—
Bāki tālikā ବାକିଦାରମାନଙ୍କ ନାମ ଓ ଦେୟ ବାକିର ପରିମାଣ
বাকী তালিকা ଯେଉଁ ତାଲିକାରେ ଲେଖାଯାଏ—Arrears
बाकी तालिका list.

ବାକିଦାର—ବୈଦେ.ବି. ( ଅ. ବାକି+ଫା. ପ୍ରତ୍ୟୟ ଦାର )—
Bākidār ଯେଉଁ ବ୍ୟକ୍ତିଠାରେ ଅନ୍ୟର ପ୍ରାପ୍ୟ ବାକି ରହିଥାଏ—
बाकीदार बाकीदार Defaulter.
ବିଣ—ଅନ୍ୟର ପ୍ରାପ୍ୟ ଯାହାଠାରେ ପାଉଣା ଥାଏ—
In arrears; defaulting.

ବାକି ବୁକର—ଦେ. ବି. ( ଧ୍ୱନ୍ୟନୁକରଣ ଅନର୍ଥକ ସହଚର )—
Bāki bukara ବାକିଥିବା ପ୍ରାପ୍ୟ—Arrears.
বাকি বুকর, বাকী সাকী बाकी उकी
(ବାକି ସାକି—ଅନ୍ୟରୂପ)

ବାକି ରଖିବା—ଦେ. କ୍ରି—୧ । ଅପଣାର ଦେୟ ନ ଦେବା—
Bāki rakhibā 1. To make default; to be in
[ବାକି ପକା(କେ)ଇବା—ଅନ୍ୟରୂପ] arrears. ୨ । କୌଣସି
বাকি থাকা କାର୍ଯ୍ୟରୁ ଅକୃତ ବା ଅବଶିଷ୍ଟ ରଖିବା—2 To leave
बाकि रखना any part of a work undone. ୩ । ବ୍ୟୟ
ପରେ ଧନ ବଳାଇ କରି ରଖିବା—3. To leave any balance unspent.
( ଯଥା—ମୁଁ ତତେ ପହେ ଟଙ୍କା ଦେଲି; ତୁ ସେଥିରୁ ୧ ଇସାଟିଏ ହେଲେ ବାକି ରଖିଲୁ ନାହିଁ । )

ବାକି ରହିବା—ଦେ. କ୍ରି.—୧ । ଉଦ୍‌ବୃତ୍ତ ରହିବା—
Bāki rahibā 1. To be in balance.
(ବାକି ହେବା—ଅନ୍ୟରୂପ) ୨ । ଅବଶିଷ୍ଟ ରହିବା—
বাকি থাকা बाकि रहना 2. To be left as remainder.
୩ । ଦେୟ ଧନ ଅଦାୟ ନ ହେବା—3. To be due as arrears. ୪ । ବଳି ପଡ଼ିବା—4. To be in excess.

ବାକୁ(ଗୁ)ଚି—ଦେ.ବି.—(ସଂ ବାକୁଚୀ)—ବର୍ଷାୟୁଃ ଶାକବିଶେଷର ବୀଜ—
Bāku(gu)chi Psorallea Corylifolia; Serratula
বাকুচি, হাকুচি बकची, बावची Anthelmintica.

ସଂ. ପର୍ଯ୍ୟାୟ—ସୁଗନ୍ଧ, କଣ୍ଟକ, ଅବଲ୍‌ଗୁଜ, ସୋମରାଜୀ, ଶଶିଲେଖା, ବାକୁଚି, ସୁପର୍ଣ୍ଣିକା, କୃଷ୍ଣ ଫଳା, ସୋମା, ପୂତିଫଳା(ଳୀ) କାଳମେଷୀ, କୁଷ୍ଠଘ୍ନୀ, ସୁବଲ୍ଲୀ, ସୋମବଲ୍ଲୀକା

[ଦ୍ର—ଏ ଗୁଳ୍ମ ପ୍ରାୟ ୨ ହାତ ଉଚ୍ଚ ହୁଏ । ଏହାର ପତ୍ରରେ ୧ ବା ୩ ପର୍ଣ୍ଣ ଥାଏ; ଫୁଲ ଈଷତ୍ ରକ୍ତ ନୀଳ । ଏହା ଶୀତ କାଳରେ ଫୁଟେ । ଏହାର ଫୁଲରେ ଗୋଟିଏ ଅଣ୍ଡାକାର ମଞ୍ଜି ଥାଏ । ଏ ମଞ୍ଜି ସୁଗନ୍ଧ ଓ ତିକ୍ତ । ଏହା ପିତ୍ତବର୍ଦ୍ଧକ, କଟୁରସ ଏବଂ କେଶର ଓ ଚର୍ମର ଉପକାରକ । ଏ ଗଛର ନାମ ସୋମରାଜୀ ଓ ଏହା ଶ୍ଲେଷ୍ମା, ରକ୍ତପିତ୍ତ, ଶ୍ୱାସ, କୁଷ୍ଠ, ମେହ, ଜ୍ୱର, କୃମି ଓ ପାଣ୍ଡୁ ରୋଗନାଶକ । ଏହି ବୀଜ ଧବଳ ରୋଗର ମହୌଷଧ ।]

ବାକୁଟିଆଣୀ—ପ୍ରାଦେ. (ଗଡ଼ଜାତ) ବି.—ରାଜାଙ୍କର ପାଟରାଣୀ ବା ପ୍ରଧାନ
Bākuṭiāṇi ରାଣୀଙ୍କ ଛଡ଼ା ଅନ୍ୟ ବା ସାଧାରଣ ରାଣୀ—
(ବାକୁଟରାଣୀ—ଅନ୍ୟରୂପ) Ordinary or junior Ranee of a Raja.

ଏତେ କହିଣ କନିଷ୍ଠ ରାଣୀ,
ପୁଣି କାନ୍ଦନ୍ତି ବାକୁଟିଆଣୀ । ଭକ୍ତଚରଣ. ମଥୁରାମଙ୍ଗଳ ।

ବାକୁଲି—ଦେ. ବି. ( ସ. ଯୁଗକୀଲକ )—୧ । ଶଗଡ଼ର ଯୁଆଳିର ଦୁଇ
Bākuli ମୁଣ୍ଡରେ ଥିବା କଣାରେ ଗଳାଯିବା କାଠି (ଯହିଁରେ
सैल, सैलां, कनैल ଯୋଚି ହେବା ବଳଦଙ୍କ ପଘାକୁ ଅଟକାଇ ରଖା ଯାଏ); ଯୁଗାନ୍ତକୀଲକ; ଯୁଗକୀଲକ—The pin or peg fixed on each end of the yoke of a cart to which the neck-rope of the bullock yoked to the cart is tied.
খীল ୨ । ଗୋଡ଼ ହାତ ବନ୍ଧିବା ରୋଗବିଶେଷ—Cramp (of
मरोड़; वघा टटैनि hands and legs).
ପ୍ରାଦେ.—(ବାଲେଶ୍ୱର, ମେଦିନୀପୁର) ବି. (ଭୁଲ. ବ. ବାକୁଲି)
ପ୍ରାଚୀର ବା ଗୃହବେଷ୍ଟିତ ଚତ୍ୱର; ଅଗଣା—
Courtyard.

ବାକୁଲି ଉଠିବା—ଦେ. ବି.—ଗୋଡ଼ ହାତ ବନ୍ଧିବା—
Bākuli uṭhibā Being seized with cramp.
পায়েখীলধরা मडोड

ବାକୁ(ଙ୍କୁ)ସ—ବୈଦେ. ବି.—(ଇଂ. ବକ୍‌ସ୍)—କାଠର ଢାଙ୍କୁଣିଥିବା
Bāku(ṅku)sa ଆଧାର—Box.

ବାକେଶ୍ୱରୀ—ଦେ. ବି.—(ସ. ବାକ=ବଚନ+ଈଶ୍ୱରୀ)—ଗ୍ରାମଦେବୀ
Bākeśwarī ବିଶେଷ—Name of a popular Goddess.

ବାକୋବାକ(କ୍ୟ)—ସ. ବି.—୧ । କଥୋପକଥନ (ହି. ଶ.)—
Bākobāka (kya) 2. Conversation.
୨ । ତର୍କବିତର୍କ (ହି. ଶ.)—2. Argument; wrangling

ବାକ୍କୀର—ସ. ବି. ପୁଂ—ଶଳା—
Bākkīra Wife's brother (Apte)

ବାକ୍ୟ—ସ. ବି.—(ବଚ୍ ଧାତୁ+କର୍ମ. ଯ)—୧ । ଉଚ୍ଚାର୍ଯ୍ୟମାଣ ପଦ;
Bākya ବଚନ; କଥା—1. Speech; expression.
୨ । ଅର୍ଥବୋଧକ ଶବ୍ଦସମଷ୍ଟି—2. A significant sentence or group of words.
୩ । ଅର୍ଥବୋଧକ ଶବ୍ଦ—3. A word. ୪ । ଶାସ୍ତ୍ରୀୟ ବଚନ—4. A sentence or quotation from scriptures. ୫ । ପ୍ରତିଜ୍ଞା—5. Promise.

[ଦ୍ର—ଅଲଂକାର ଶାସ୍ତ୍ରର ନିୟମାନୁସାରେ ଯୋଗ୍ୟତା ଆକାଙ୍କ୍ଷା ଓ ଆସତ୍ତିଯୁକ୍ତ ପଦ ସମୂହକୁ ବାକ୍ୟ ବୋଲିଯାଏ । ଏହା ତ୍ରିବିଧ—୧. ବିଭକ୍ତ୍ୟନ୍ତ ପଦ ସମୂହ, ୨. କ୍ରିୟା ପଦ ସମୂହ ଓ ୩. କାରକଯୁକ୍ତ କ୍ରିୟା ପଦ । କ୍ରମଶଃ ଉଦାହରଣ ଯଥା—୧—ଏହା ମହାତ୍ମାମାନଙ୍କର ପ୍ରକୃତିସିଦ୍ଧ; ୨—ଖାଉଛି, ଦେଉଛି ଓ ନାଚୁଛି; ୩—ଦେବଦତ୍ତ ଗ୍ରାମକୁ ଯାଉଅଛି । ନ୍ୟାୟଶାସ୍ତ୍ର ମତରେ ଯେଉଁ ପଦସମଷ୍ଟି ଦ୍ୱାରା ଶ୍ରୋତା ବକ୍ତାର ଅଭିପ୍ରାୟ ବୁଝି ପାରେ ତାହା ବାକ୍ୟ ଅଟେ । ବାକ୍ୟରେ ୩ ଟି ଉପାଦାନ ରହିବା ଆବଶ୍ୟକ ଯଥା—ଆକାଙ୍କ୍ଷା (ତାତ୍ପର୍ଯ୍ୟ), ଯୋଗ୍ୟତା (ଅର୍ଥର ସଙ୍ଗତି ବା ସମ୍ଭବତା) ଓ ଆସତ୍ତି ପଦମାନଙ୍କର ଦେଶକାଳାନୁସାରେ ପରସ୍ପର ସମ୍ବନ୍ଧ—ହି. ଶ.]

ଦେ. ବି—ଧର୍ମକର୍ମାଦିର ସଙ୍କଳ୍ପ କରିବା ସମୟରେ ବୋଲାଯିବା

ସଙ୍କଳ୍ପବଚନ— Appropriate formula or resolution uttered at the beginning of vedic rituals.

ବାକ୍ୟକର—ସ. ବି. ପୁଂ (ବାକ୍ୟ+କୃ ଧାତୁ+କର୍ତ୍ତୃ. ଅ)—୧ । ଦୂତ; Bākya kara ଯେ ଜଣକଠାରୁ ଅନ୍ୟ ଜଣକଠାକୁ ମୁହଁରେ ଖବର ନିଏ (ହି. ଷ.)—2. Verbal messenger. ୨ । ବାକ୍ୟ ରଚନା କରିବା ବ୍ୟକ୍ତି—2. A person who constructs a sentence.

ବାକ୍ୟ କରିବା—ଦେ. କ୍ରି-୧ । ଦୃଢ଼ ଜବାବ ଦେବା; ପ୍ରତିଶ୍ରୁତ ହେବା— Bākya kariba 1. To promise. ୨ । ଚୁକ୍ତି କରିବା— କଥାଦେଓୟା 2. To enter into a contract. ୩ । ଉଚ୍ଚ- बातकरदेना; बचनदेना ନୈମିତ୍ତିକ ବୈଦିକ କ୍ରିୟାରମ୍ଭ ପୂର୍ବରୁ सङ्कल्पकरवा ଶାସ୍ତ୍ରବିହିତ ପଦ୍ଧତି ଅନୁସାରେ ସଙ୍କଳ୍ପ-ବାକ୍ୟ ବୋଲିବା— वाक्यकरना 3. To recite appropriate formula at a ritual.

ବାକ୍ୟଦାନ—ସ. ବି—( ୬ଷ୍ଠୀ ତତ୍; ବାକ୍ୟ+ଦାନ )—ଅଙ୍ଗୀକାର; Bākyadāna ପ୍ରତିଶ୍ରୁତି—Promise; making a promise.

ବାକ୍ୟ ବାଗୀଶ—ଦେ. ବିଣ—ଯେ କେବଳ ଗୁଡ଼ିଏ କଥା କହିପାରେ Bākya bāgiśa (କାର୍ଯ୍ୟତଃ କିଛି କରେ ନାହିଁ)— বাক্যবাগীশ बक्की Braggart.

ବାକ୍ୟବାଣ--ସ. ବି—(ରୂପକ) ବାଣପରି କଠୋର ବାକ୍ୟ— Bākyabāṇa Cruel words (compared to shafts).

ବାକ୍ୟ ବିନିମୟ—ସ. ବି—( ୬ଷ୍ଠୀ ତତ୍; ବାକ୍ୟ+ବିନିମୟ )— Bākya binimaya କଥୋପକଥନ—Exchange of words; conversation.

ବାକ୍ୟବିନ୍ୟାସ—ସ. ବି—( ୬ଷ୍ଠୀ ତତ୍; ବାକ୍ୟ+ବିନ୍ୟାସ )— Bākyabinyāsa ୧ । ରଚନାରେ ଉପଯୁକ୍ତ ବାକ୍ୟମାନଙ୍କର ଯଥାସ୍ଥାନରେ ସନ୍ନିବେଶ—1. Arrangement of proper sentences or words in a composition. ୨ । ବାକ୍ୟମଧ୍ୟରେ ଯଥା ସ୍ଥାନରେ ଉପଯୁକ୍ତ ପଦମାନଙ୍କର ବିନ୍ୟାସ— 2. Arrangement of proper words in a sentence.

ବାକ୍ୟ ବିଶାରଦ—ସ. ବିଣ. ପୁଂ—(୭ମୀ ତତ୍; ବାକ୍ୟ+ବିଶାରଦ)— Bākya biśārada ୧ । ବାକ୍‌ପଟୁ—1. Skilled n (ବାକ୍ୟ ପଟୁ——ଅନ୍ୟରୂପ) speech. ୨ । ବାଗ୍ମୀ— (ବାକ୍ୟ ବିଶାରଦା – ସ୍ତ୍ରୀ) 2. Eloquent.

ବାକ୍ୟବ୍ୟୟ—ସ. ବି—(୬ଷ୍ଠୀ ତତ୍; ବାକ୍ୟ+ବ୍ୟୟ)--କଥା କହିବା— Bākya byaya Use of words in speaking.

ବାକ୍ୟବ୍ୟୟ କରିବା—ଦେ. କ୍ରି—କଥା କହିବା— Bākya byaya kariba To speak; to talk. বাক্যব্যয় করা बाक्यव्यय करना

ବାକ୍ୟାଡ଼ମ୍ବର—ସ. ବି—( ୬ଷ୍ଠୀ ତତ୍; ବାକ୍ୟ+ଆଡ଼ମ୍ବର )— Bākyārdambara ବାଗ୍‌ଜାଲ; ବାଗାଡ଼ମ୍ବର—Bombastic expression; grandiloquent speech; pompous style.

ବାକ୍ୟାଳାପ—ସ. ବି—( ୬ଷ୍ଠୀ ତତ୍; ବାକ୍ୟ+ଆଳାପ )— Bākyālāpa ୧ । କଥାବାର୍ତ୍ତା; କଥୋପକଥନ—1. Conversation. ୨ । ସଦ୍ଭାବଜନିତ କଥାଭାଷା--2. Friendly talk. ୩ । କଥାକହିବାଦ୍ୱାରା କୌଣସି ବ୍ୟକ୍ତି ସଙ୍ଗେ ବନ୍ଧୁତା—3. Speaking terms. ୪ । କଥା କହିବା; ପାଟି ଫିଟାଇବା—4. Speaking; talking.

ବାକ୍ସ—ବୈଦେ. ବି—(ଇଂ. ବକ୍ସ)—କାଠପଟା ବା କାଗଜ ପଟାରେ Bāksa ତିଆରି ଯୋଡ଼ଣୀ ବା ଢାଙ୍କୁଥିବା ସାନ ପେଡ଼ି; ପେଟୀ— বাক্স बकस Box.

ବାକ୍ସ ଗଛ—ଦେ. ବି—୧ । (ଇଂ.ନାମ —କ୍ରୋଟନ୍; ବୋଧ ହୁଏ ପୂର୍ବେ Bāksa gachha ଏ ଗଛମାନ କାଠର ବାକ୍ସରେ ମାଟି ଦେଇ কোটন ଚହିଁରେ ଲଗାଯାଉ ଥିବାରୁ ଏ ନାମ)—ନାନାବର୍ଣ୍ଣ ରଞ୍ଜିତ- करोटन ପତ୍ରବିଶିଷ୍ଟ ବିଦେଶୀ ଗୁଳ୍ମ ବିଶେଷ—Croton.

[ ଦ୍ର—ବଗିଚାର ଶୋଭାବର୍ଦ୍ଧନାର୍ଥ ଏହା ପ୍ରୋଥିତ ହୁଏ । ଏହାର ଡାଳ ପୋତିଲେ ଗଛ ହୁଏ । ଏହା ପତ୍ରର ବର୍ଣ୍ଣ ଭେଦରେ ଓ ଆକାର ଭେଦରେ ନାନାଜାତୀୟ ଅଛି । ଏ ଦେଶରେ ଏ ଗଛମାନଙ୍କର କଢ଼ି ଭଲ ଫୁଲ ଧରେ; କିନ୍ତୁ ଫଳ ହୁଏ ନାହିଁ । ଅଧିକାଂଶ ବୃକ୍ଷ ମାଲକ୍କାଦ୍ୱୀପରୁ ଆଗତ (ଯୋଗେଶଚନ୍ଦ୍ର) । ]

୨ । (ଇଂ. ବକ୍ସ୍) ଏକପ୍ରକାର ଦୃଢ଼କାଷ୍ଠ ଇଉରୋପୀୟ ବୃକ୍ଷ—2. The box tree.

[ ଦ୍ର—ଏଥିର କାଠ ଖୁବ୍ ଦୃଢ଼ ଓ ଭଲ ପାଲିସ୍ ହୋଇପାରେ; ଏଥିପାଇଁ ଇଉରୋପରେ ସୁନ୍ଦର ସଙ୍ଖୋଦକରଣମାନ ଏ କାଠରେ ତିଆରି ହୁଏ । ]

ବାଖଇ ପାଇଲ—ଗ୍ରାଦେ. (ଗଡ଼ଜାତ) ବି—(ଗାଳି)—ଦୁଷ୍ଟ ପୁରୁଷ— Bākhai pāila Wicked person.

ବାଖର—ଦେ. ବି—(ସ. ବଲ୍କଲ; ଏହା ଗଛର ବଲ୍କଲ ସଙ୍ଗେ ଥାଏ Bākhara ବୋଲି)—୧ । ଉଦ୍ଭିଜ୍ଜାତ ସଢ଼ା ପଦାର୍ଥ ବିଶେଷ; বাখর କିଣ୍ୱ—1. A herb which is made to turn into खमीर, बाखर fungus and added to boiled rice to ferment it for preparing spirituous liquor; a kind of yeast; ferment.

[ଦ୍ର—ଏହା ଏକଜାତୀୟ ବନ୍ୟଗୁଳ୍ମ; ଏହାକୁ କାଟି ଏହାର ବକଲ ଓ ଚେରକୁ ଛେଚି ତଦ୍ଦ୍ୱାରା ଗୋଲ ବାନ୍ଧି ବାଖରରୂପେ ବଜାରରେ ବିକ୍ରି କରାଯାଏ । ]

୨ । ଘୋଡ଼ା ପିଠିରେ ପକାଇବା ଆସ୍ତରଣ ବା ପଲ୍ଲାଣ— 2. A convering or cloth-saddle put on the back of a horse.

ସଂପାଦିଏ ତା ଦେଖି ଅଣାଇଣ ଘୋଡ଼ା
ତା ପୃଷ୍ଠେ ବାଖର ପକାଇ କଲେ ଠିଆ—
କୃଷ୍ଣସିଂ ମହାଭାରତ. ଉଦ୍‌ଯୋଗ ।

ବାଖୁଣୀ—ପ୍ରାଦେ. (ସିଂହଭୂମ)—ବି—କାହାଣୀ; ଗଳ୍ପ—
Bākhuṇī Story; folktale.

ବାଖୁଲି—ପ୍ରାଦେ (ଯାଜପୁର) ବି—ବାକୁଲି (ଦେଖ)
Bākhuli Bākuli (See).

ବାଗ୍—ବୈଦେ. ବି—୧ । (ଅ. ବାଗ୍=ବଗିଚ୍ଚ; ତୁଳ. ସ. ବାଟିକା)—
Bāg ବଗିଚ୍ଚ; ଉଦ୍ୟାନ—1. Garden. ୨ । ପୁଷ୍ପୋଦ୍ୟାନ—
বাগ বাগ 2. Flower garden. ୩ । (ଇଂ) ଥଳି; ମୁଣି—
ব্যাগ; বেগ বেগ 3. Bag.

ବାଗ୍‌ଜାଲ—ସ. ବି. (ରୂପକ କର୍ମଧାରୟ; ବାକ୍+ଜାଲ)—୧ ।
Bāgjāla ବାଗାଡ଼ମ୍ବର; ବାକ୍ୟର ଅଡ଼ମ୍ବର—1. Bragging; (ବାଗ୍‌ଡ଼ମ୍ବର—ଅନ୍ୟରୂପ) grandiloquent expressions; bombast. ୨ । ମନୋମୁଗ୍ଧକର ବାକ୍ୟସମୂହ—2. Charming expressions

ବାଗ୍‌ଡ଼ି—ପ୍ରାଦେ. (ସମ୍ବଲପୁର) ବି—ବାଘବଜାର (ଦେଖ)
Bāg-ṛdi Bāghabajāri (See)

ବାଗ୍‌ଡୁଡୁ—ଦେ. ବି—ଡୁଡୁ (ଦେଖ)—Duḍu (See)
Bāg-ḍuḍu (ବାଗ୍‌ଡୁ, ବାଗ୍‌ଡୁଗୁଡୁ—ଅନ୍ୟରୂପ)

ବାଗ୍‌ଦଣ୍ଡ—ସ. ବି. (ଷଷ୍ଠୀ ତତ୍; ବାକ୍+ଦଣ୍ଡ)—୧ । ଭର୍ତ୍ସନା—
Bāg-daṇḍa 1. Abuse ୨ । ବାକ୍‌ସଂଯମ—2. Control over the tongue; restraint of speech (Apte).

ବାଗ୍‌ଦତ୍ତ—ସ. ବିଣ. (ଷଷ୍ଠୀ ତତ୍; ବାକ୍+ଦତ୍ତ)—ଯାହାକୁ ଦାନ
Bāg-datta କରିବା ନିମନ୍ତେ ବାକ୍ୟ ପ୍ରଦତ୍ତ ହୋଇଅଛି—
(ବାଗ୍‌ଦତ୍ତା—ସ୍ତ୍ରୀ) Promised to be given away.

ବାଗ୍‌ଦତ୍ତା—ସ. ବିଣ. ସ୍ତ୍ରୀ—ପିତା ଯେଉଁ କନ୍ୟାକୁ ବରପାତ୍ରଙ୍କୁ ପ୍ରଦାନ
Bāgdattā କରିବା ନିମନ୍ତେ ପ୍ରତିଶ୍ରୁତ ହୋଇ ଥାଆନ୍ତି—(a girl) Promised to be given away to a bridegroom by the bride's father; affianced; betrothed.
ସ. ବି. ସ୍ତ୍ରୀ—ଯେଉଁ ବାଳିକାର ମହାପ୍ରସାଦ ନିର୍ବନ୍ଧ ହୋଇ ଯାଇଅଛି—An affianced virgin (Apte).

ବାଗ୍‌ଦରିଦ୍ର—ସ. ବିଣ. ପୁଂ. (୭ମୀ ତତ୍; ବାକ୍+ଦରିଦ୍ର)—
Bāg-daridra ଯେ ଅଳ୍ପ କଥା କହେ—Speaking little
(ବାଗ୍‌ଦରିଦ୍ରା—ସ୍ତ୍ରୀ) (Apte).
(ବାଗ୍‌ଦରିଦ୍ରତା, ବାଗ୍‌ଦାରିଦ୍ର୍ୟ—ବି)

ବାଗ୍‌ଦଳ—ସ. ବି. (ବାକ୍+ଦଳ)—ଓଠ—
Bāg-daḷa Lip (Apte).

ବାଗ୍‌ଦାନ—ସ. ବି. (ଷଷ୍ଠୀ ତତ୍; ବାକ୍+ଦାନ)—୧ । ପ୍ରତିଶ୍ରୁତି—
Bāg-dāna 1 Promise. ୨ । କନ୍ୟାକୁ ବରପାତ୍ରଙ୍କ ସଙ୍ଗେ ବିବାହ ଦେବା ନିମନ୍ତେ କନ୍ୟାପିତାଙ୍କର ପ୍ରତିଜ୍ଞା; ମହାପ୍ରସାଦ ନିର୍ବନ୍ଧ—2. Ceremony of betrothal done by the bride's father.

ବାଗ୍‌ଦୁଷ୍ଟ—ସ. ବିଣ. ପୁଂ. (ବହୁବ୍ରୀହି, ବାକ୍+ଦୁଷ୍ଟ)—୧ । ଯେ
Bāg-dushṭa ମୁହଁରେ ଅଶ୍ଳୀଳପୂର୍ଣ୍ଣ ବାକ୍ୟ ଧରେ—2.
(ବାଗ୍‌ଦୁଷ୍ଟା—ସ୍ତ୍ରୀ) 1. Scurrilous. ୨ । ଯେ ଅବ୍ୟାକରଣିକ ଭାଷା ବ୍ୟବହାର କରେ—2. Using ungrammatical language.
(ବାଗ୍‌ଦୁଷ୍ଟି, ବାଗ୍‌ଦୋଷ, ବାଗ୍‌ଦୁଷ୍ଟତା—ବି)
ସ. ବି—୧ । ଅପବାଦକାରୀ—1. Defamer (Apte).
୨ । ଯେଉଁ ବ୍ରାହ୍ମଣର ଉପଯୁକ୍ତ ବୟସରେ ଉପନୟନ ହୋଇ ନାହିଁ—2. A Brāhmaṇa not invested with the sacred thread at the proper time of life (Apte).

ବାଗ୍‌ଦେବତା—ସ. ବି. (ରୂପକ କର୍ମଧା; ବାକ୍+ଦେବତା)—
Bāg-debatā ସରସ୍ୱତୀ—The Goddess of learning.
(ବାଗ୍‌ବାଦିନୀ, ବାଗ୍‌ଦେବୀ—ଅନ୍ୟରୂପ)

ବାଗ୍‌ଦୋଷ—ସ. ବି. (୬ଷ୍ଠୀ ତତ୍ ବା ୭ମୀ ତତ୍; ବାକ୍+ଦୋଷ)—
Bāg-dosha ୧ । କର୍କଶ ବାକ୍ୟ ବା ଧ୍ୱନିର ଉଚ୍ଚାରଣ—
(ବାଗ୍‌ଦୋଷୀ—ବିଣ) 1. Utterance of harsh sound or words (Apte). ୨ । ଭର୍ତ୍ସନା—2. Abuse (Apte). ୩ । ଅପବାଦ—4. Defamation (Apte). ୪ । ଅବ୍ୟାକରଣିକ ବାକ୍ୟ—4. Ungrammatical speech (Apte).
୫ । ବାକ୍ୟରେ ଅପରାଧୀ—5. Guilty of improper or impious speech

ବାଗ୍‌ଦୋଷୀ—ସ. ବିଣ—ବାଗ୍‌ଦୋଷକାରୀ—
Bāg-doshī Guilty of Bāgdosha (See)
ଦେ. ବିଣ—୧ । ଯେ ନିଜର ବଚନ ବା ପ୍ରତିଶ୍ରୁତି ରକ୍ଷା ନ କରେ—1. Not true to one's promise. ୨ । ଭର୍ତ୍ସନାକାରୀ—2. Abusive.
୩ । ବାକ୍ୟରେ ଅପରାଧୀ—3. Guilty of impious speech.

ବାଗ୍‌ବଜ୍ର—ସ. ବି. (ରୂପକ; ବାକ୍+ବଜ୍ର)—୧ । କଠୋର ବାକ୍ୟ—
Bāg-bajra 1. Severe or harsh language. ୨ ।
(ବାଗ୍‌ବଜ୍ର—ଅନ୍ୟରୂପ) ଅଟଳ ବାକ୍ୟ—2. Adamantine words (Apte).

ବାଗ୍‌ବିଭବ—ସ. ବି (୬ଷ୍ଠୀ ତତ୍; ବାକ୍+ବିଭବ)—୧ । ବାକ୍‌ଚାତୁରୀ
Bāg-bibhaba ବାକ୍ୟସମୂହର ଭଣ୍ଡାର—1. Stock of words (Apte). ୨ । ବାକ୍ୟରେ ବର୍ଣ୍ଣନା କରିବାର ପ୍ରକୃଷ୍ଟ ସମତା—Power of description; command over language (Apte)

ବାଗ୍‌ବିଳାସ—ସ. ବି.—(୬ଷ୍ଠୀ ତତ୍; ବାକ୍+ବିଳାସ)—ମନୋହର
Bāg-bilāsa ବାକ୍ୟ—Graceful or elegant speech.

ବାଗ୍‌ବ୍ୟବହାର—ସ ବି. (୬ଷ୍ଠୀ ତତ୍; ବାକ୍+ବ୍ୟବହାର)—
Bāg-byabahāra—ବାଦାନୁବାଦ—Verbal discussion.

ବାଗ୍‌ବୈଦଗ୍ଧ୍ୟ—ସ. ବି—୧ । ବାକ୍‌ଚାତୁରୀ (ଦେଖ)—2. Bak-
Bāg-baidagdhya chāturī (See). ୨ । ସୁନ୍ଦର ଅଳଙ୍କାର ଓ ଉପମାଦିପୂର୍ଣ୍ଣ ବାକ୍ୟପ୍ରୟୋଗରେ ନିପୁଣତା—
2. Skill in using figures of speech.

ବାଗ୍‌ବ୍ୟୟ—ସଂ. ବି. (୬ଷ୍ଠୀ ତତ୍; ବାକ୍+ବ୍ୟୟ)—ବାକ୍ୟ ବ୍ୟୟ; କଥା
Bāg-byaya କହିବା—Use of words in speaking.

ବାଗ୍‌ବ୍ୟାପାର—ସଂ. ବି. ( ୬ଷ୍ଠୀ ତତ୍; ବାକ୍+ବ୍ୟାପାର )—୧ । କଥା
Bāg-byāpāra କହିବାର ଢଙ୍ଗ—1. The manner of speaking ( Apte ). ୨ । କଥା କହିବାର ପଦ୍ଧତି ବା ଅଭ୍ୟାସ—2. The style or habit of speaking. ୩ । ଅଭ୍ୟାସଗତ ବାକ୍ୟବିନ୍ୟାସ—3. Customary phraseology or mode of talking.

ବାଗ୍‌ଯତ—ସଂ. ବିଣ. ପୁଂ. ( ୭ମୀ ତତ୍; ବାକ୍+ଯତ )—୧ । ଯେ
Bāg-jata ଗୁଡ଼ାଏ କଥା କହେ ନାହିଁ; ଯାହାର ବାକ୍‌ସଂଯମ ଅଛି; (ବାଗ୍‌ଯତା—ସ୍ତ୍ରୀ) ସଂଯତବାକ୍—1. Taciturn, reserved; having control over one's tongue. ୨ । ମୌନୀ—2. Silent; one who has curbed his speech.

ବାଗ୍‌ଯମ—ସଂ. ( ବାକ୍+ଯମ) ( ୬ଷ୍ଠୀ ତତ୍ )—୧ । ବାକ୍‌ସଂଯମ
Bāg-jama ( ଦେଖ )—1. Bāk-samjama ( See ). ୨ । ( ବହୁବ୍ରୀହି ) ସଂଯତବାକ୍ ବ୍ୟକ୍ତି—2. A person who has control over his tongue. ୩ । ମୁନି; ଋଷି—3. Sage ( Apte ).

ବାଗ୍ ଯାମ—ସଂ. ବି. ପୁଂ. (ବାକ୍+ଯମ ଧାତୁ+ଅ)—ମୂକ ଲୋକ—
Bāg-jāma A dumb man ( Apte ).

ବାଗ୍‌ଯୁଦ୍ଧ—ସଂ. ବି. ( ୭ମୀ ତତ୍; ବାକ୍+ଯୁଦ୍ଧ)—୧ । କଳିକଜିଆ;
Bāg-juddha ଗାଳିଦିଆଦେଇ—1. A war of words; exchange of abuses. ୨ । ବାଦାନୁବାଦ; ତର୍କବିତର୍କ—2. Wrangling; a verbal contest; controversy.

ବାଗ—ଦେ. ବି—୧ । ( ସଂ. ବର୍ତ୍ତ; ମାର୍ଗ )—ନିର୍ଦ୍ଧାରିତ ଉପାୟ; ଧାରା;
Bāga ରୀତି; ପ୍ରଣାଳୀ—1. Ascertained means; mode;
ବାଗ method. ୨ । ପନ୍ଥା; ପଥ; ବାଟ—2. Way; road;
मार्ग; रास्ता path. ୩ । ଫନ୍ଦି; ଯୁକ୍ତି; କୌଶଳ—3. Stratagem; skill; cleverness. ୪ । ବ୍ୟବସ୍ଥା—4. Arrangement. ୫ । ନିୟମ—5. Rule. ୬ । ପାଖ; ଅଡ଼; ଦିଗ—5. Side; direction. ୬ । ସୁବିଧା—6. Convenience. ୭ । ସୁଯୋଗ—7. Opportunity. ୮ । (ସଂ. ବଲ୍ଗା) ଘୋଡ଼ା
ବାଗ बाग ମୁହଁରେ ଲଗାଯିବା ରଜ୍ଜୁ; ଲଗାମ—8. Bridle; reins of a horse. ୯ । ଶାସନ—9. Rule. ୧୦ । ଆୟତ୍ତାଧୀନତା—10. Control.
ଦେ. ବିଣ.—ଅଧୀନ—Under control.

ବାଗ କରିବା—ଦେ. କ୍ରି.—୧ । ଅଧୀନ କରିବା—
Bāga kariba 1. To bring under control;
ବাগে আনা ୨ । କୌଶଳ କରିବା—2. To act tactfully.
ठीक करना ୩ । ସୁବିଧା କରିବା; ସଜାଡ଼ିବା; ସୁସଜ୍ଜିତ କରିବା—3. To arrange; to set right. ୪ । ଉପାୟ କରିବା—4. To devise means.

ବାଗକୁ ଆଣିବା—ଦେ. କ୍ରି.—୧ । ବଶୀଭୂତ କରିବା; ଆପଣାର ଅଧୀନ
Bāgaku āniba କରିବା—1. To bring under one's
বাগান, বাগে আনা रास्तापरलाना control. ୨ । ବିଗିଡ଼ି [ବାଗରେ ପକା(କେ)ଇବା—ଅନ୍ୟରୂପ] ଥିବା ବସ୍ତୁକୁ ସଜାଡ଼ିବା—2. To reorganise; to set right. ୩ । ବାଟକୁ ଆଣିବା—3. To bring to the right path.

ବାଗଡ଼—ଦେ. ବି.—(ସଂ. ବଚର; ବ୍ୟାଘାତ)—ଗୁରୁଜନଙ୍କୁ ଦିଆଯିବା
Bāgarda ଅସମ୍ମାନସୂଚକ ଉତ୍ତର—Disrespectful or in-
বাগড়া फटकार subordinate reply to one's superior.

ବାଗଡ଼ ବତା(ତେ)ଇବା—ଦେ. କ୍ରି.—ଗୁରୁଜନଙ୍କୁ ଅସମ୍ମାନସୂଚକ
Bāgarda batā(te)iba ଉତ୍ତର ଦେବା—To give
বেআড়া কথা বলা disrespectful reply to one's
फटकारना superior.

ମୁଁ କେମନ୍ତ ମାନିବି ଙ୍କ,
(ମଂତ) ବାଗଡ଼ ବତେଇ ସା । ତ୍ରା ।

ବାଗଡୋର—ଦେ. ବି.—( ସଂ. ବଲ୍ଗା+ଡୋରକ )—ଘୋଡ଼ାର
Bāga dora ମୁହଁ ରଜ୍ଜୁ—A long rope used to tie up
বাগডোর बागडोर a horse at the mouth.
[ବ୍ରି—ଘୋଡ଼ାର ମୁହଁରେ ଲଗା ଯାଇ ଥିବା କଡ଼ିର ଏକ ପାଖରେ ଏ ଡୋରକୁ ଲଗାଇ ଘୋଡ଼ାର ମୁଣ୍ଡ ବାଟେ ବୁଲାଇ ଆଣି କଡ଼ିର ଅପର ପାଖରେ ସଲଗ୍ନ କରାଯାଏ ଓ ତହିଁର ଲମ୍ବା ଅଂଶକୁ ଘୋଡ଼ାକୁ ଚଳାଇବା ଲୋକଟି ଧରେ ।]

ବାଗଣ—ଦେ. ବି.—ଏକ ପ୍ରକାର ଇନ୍ଦ୍ରଜାଲ ବା କୁହୁକ ବିଦ୍ୟା—
Bāgana A kind of magic.
ପ୍ରାଦେ. (ମେଦିନୀପୁର) ବି.—ବାଇଗଣ—Brinjal.

ବାଗ(ଗୁ)ଦୀ—ଦେ. ବି. (ସଂ. ବକଦ୍ୱୀପ=ମେଦିନୀପୁରସ୍ଥ ପ୍ରଦେଶବିଶେଷ;
Bāga(gu)di ଏମାନେ ସେଠାର ଅଧିବାସୀ ଥିବାରୁ)—ମତ୍ସ୍ୟଜୀବୀ
বাগ্দী ଅସ୍ପୃଶ୍ୟ ଜାତିବିଶେଷ—A low caste people living
[ବାଗୁ(ଘ)ଡ଼ି, ବାଗୁଡ଼ି(ଘ)—ଅନ୍ୟରୂପ] on fishing.
[ବ୍ରି—ବକଦ୍ୱୀପ ବକାସୁରର ରାଜ୍ୟ ଓ ଏହା ବାଗଦୀ ଜାତିର ଆଦିବାସସ୍ଥାନ ଥିଲା ବୋଲି କିଂବଦନ୍ତୀ ଅଛି ।—ଯୋଗେଶଚନ୍ଦ୍ର ]

ବାଗ ଧରିବା—ଦେ. କ୍ରି.—୧ । ପକ୍ଷ ଅବଲମ୍ବନ କରିବା—
Bāga dhariba 1. To take a side.
বাগধরা ୨ । କୌଣସି ବ୍ୟକ୍ତିକୁ ନିୟନ୍ତ୍ରିତ କରିବା—
बागधरा 2. To guide or control a person.
୩ । କୌଣସି କଥାରେ ଜିଦ୍ କରିବା—3. To persist in any act. ୪ । ସ୍ଥିର ବୋଲି ଗ୍ରହଣ କରିବା—4. To accept as unchangeable. ୫ । ଘୋଡ଼ାକୁ ନିୟନ୍ତ୍ରିତ କରିବା ପାଇଁ ଘୋଡ଼ାର ଲଗାମକୁ ଧରିବା—5. To hold the rein of a horse.

ବାଗ ପାଇବା—୧ । ସୁଯୋଗ ପ୍ରାପ୍ତ ହେବା—
Bāga pāiba 1. To get an opportunity.
୨ । କୌଣସି ବ୍ୟକ୍ତିର ହୃଦୟର ଭାବ ଜାଣି ପାରିବା;

ମନକଥା ପାଇବା—2. To fathom the heart of a person. ୩ । କୌଣସି ବିଷୟର ଗୂଢ଼ ଜାଣି ପାରିବା-3. To know the secret of a matter.

ବାଗ ବଗିଚ୍ଚ—ବୈଦେ. ବି.—(ଫା. ବାଗ୍+ବାଗ୍ଚ୍ଚ; ଏକାର୍ଥବୋଧକ ସହଚର)—ଫୁଲ ଓ ଫଳ ବଗିଚ୍ଚ; ବଗାଚ—
Bāga bagichā — Orchards and flower gardens.
বাগ বগিচা — ଦେ, ବାଗ ବଗିଚ୍, ବର ଅଶ୍ୱୋସମାନ ଗଛ ଜମିଥାଏ
बाग बगिचा — ଚାଲୁକା ଗ୍ରହ ଯୋଃ। ଫସାରମୋଡ଼ନ, ଗ୍ରନାଣ ଅଠଗଣ୍ଡ ।

ବାଗ ବତା(ତେ)ଇବା—ଦେ. କ୍ରି- ଗୋଟିଏ ସୁବିଧାଜନକ ଉପାୟ ଶିଖା ଦେବା—To point out a convenient mode of doing a thing; to point out an expedient.
Bāga batā(te)ibā
উপায় বাৎলান
उपाय बतलाना, राह बतलाना

ବାଗ ବରଗ—ଦେ. ବି. ( ଏକାର୍ଥକ ସହଚର; ସଂ. ବର୍ଗ; ମାର୍ଗ )—
Bāga baraga ୧ । ନିର୍ଦ୍ଦିଷ୍ଟ ନିୟମ—1. Settled rule or principle.
(ବାଗ ସାଗ, ବାଗ ବାଇଷ—ଅନ୍ୟରୂପ)
তাগ বাগ ୨ । ଶୃଙ୍ଖଳ; ଧାରା; ସୁବ୍ୟବସ୍ଥା—2. Method; methodical arrangement.
ठिकाना
୩ । ଖଞ୍ଜ; ଯନ୍ତ୍ରାଦିର କଳସଜ୍ଜା—3. Mechanism of any instrument.

ବାଗ ବିଳାସ—ଦେ. ବି—ପୁଷ୍ପ ଲତାବିଶେଷ—
Bāga bilāsa — A kind of flowering creeper; Bougenvellia.
বাগান বিলাস बाग विलास
[ ଦ୍ର—ଏ କଣ୍ଟାଳିଆ ଓ ବୁଦାଳିଆ ଗୁଳ୍ମ ଓ ବଡ଼ା କଣ୍ଟା ଦ୍ୱାରା ଅନ୍ୟ ଗଛରେ ମାଡ଼େ । ଫୁଲ ସଙ୍ଗେ ୩ଟି ପତ୍ର ଥାଏ ଏହି ପତ୍ର ଗୋଲାପୀ ବା ପାଟଳ । ଏ ଗଛ ଅମେରିକାରୁ ଏ ଦେଶକୁ (ବାଗନାବିଲାସ—ଅନ୍ୟରୂପ) ଆସିଥିଲା । ]

ବାଗ ମଡ଼ା(ଡ଼େ)ଇବା—ଦେ. କ୍ରି—କୌଣସି ବ୍ୟକ୍ତିକୁ ସୂଚନା ଦ୍ୱାରା ବା ଷଡ଼ଯନ୍ତ୍ରରେ କୌଣସି କାର୍ଯ୍ୟ କରିବାକୁ ପ୍ରବର୍ତ୍ତାଇବା—To induce a person to do a thing by hints or stratagem.
Bāga mar̤dā(r̤de)ibā

ବାଗ(ଘ)ମତି—ଦେ. ବି. (ସଂ. ବାଙ୍ମତୀ)—ବାଙ୍ମତୀ ( ଦେଖ )
Bāga(gha)mati — Bāṅ-mati ( See )

ବାଗ ମାନିବା—ଦେ. କ୍ରି—୧ । ଅଧୀନ ହେବା—1. To be brought under control.
Bāga mānibā
বাগ মানা ୨ । ଆଦେଶ ପାଳନ କରିବା—2. To obey one's directions.
बाग मानना ୩ । ଆଦେଶ ମୁତାବକ ଚାଲିବା—3. To be guided by.
୪ । (ଘୋଡ଼ା) ଆରୋହୀର ନିୟନ୍ତ୍ରଣାଧୀନ ହେବା—4. (a horse) To obey the reins.

ବାଗ ମୋଡ଼ିବା—ଦେ. କ୍ରି—୧ । ବାଗ ଦ୍ୱାରା ଘୋଡ଼ାର ଗତିକୁ
Bāga mor̤dibā କୌଣସି ଦିଗକୁ ପରିବର୍ତ୍ତିତ କରିବା—
বাগ মোড়া 1, To direct the motion of a horse by handling the reins.
बाग मोडना
୨ । (ଲକ୍ଷଣାର୍ଥ) ଆଗେ ଚଢ଼ା ନ ପଡ଼ି କୌଣସି ବ୍ୟକ୍ତିକୁ ପରିଚାଳିତ କରିବା—2. ( figurative ) To guide a person from behind.

ବାଗର—ଦେ. ବିଣ—୧ । ସୁପନ୍ଥାରେ ଚାଳିବା (ବ୍ୟକ୍ତି); ସୁଧାର—
Bāgara 1. Methodical.
୨ । ଉତ୍ତମ—2. Good.
( ଯଥା—ସେ ପିଲାଟି ବାଗର ଦେଖା ନାହିଁ । )
ସଂ. ବି—୧ । ଶାଣ (ହ୍ର. ଶ)—1. Whetstone.
୨ । ନିର୍ଣ୍ଣୟ (ହ୍ର. ଶ)—2. Ascertainment.
୩ । ମେଣ୍ଢା (ହ୍ର. ଶ)—3. Sheep.
୪ । ପଣ୍ଡିତ (ହ୍ର. ଶ)—4. A learned person.
ସଂ. ବିଣ—ନିର୍ଭୟ (ହ୍ର. ଶ)—Fearless.

ବାଗରେ ପକା(କେ)ଇବା—ଦେ. ବି—୧ । ଅଧୀନକୁ ଆଣିବା—
Bāgare pakā(ke)ibā 1. To bring under control.
বাগে ফেলা, কারে ফেলা ୨ । ସୁଧାରିବା—2. To set right.
रास्तापर लाना

ବାଗା—ସଂ. ବି—ବଲ୍ଗା; ଲଗାମ (ହ୍ର. ଶ)—
Bāgā — Reins.

ବାଗାଡ଼ମ୍ବର—ସଂ. ବି. ( ୬ଷ୍ଠୀ ତତ୍; ବାକ୍+ଆଡ଼ମ୍ବର )—
Bāgār̤dambara ବାକ୍ୟର ଆଡ଼ମ୍ବର; ବାକ୍ୟାଡ଼ମ୍ବର—Pomposity; bragging; grandiloqent expression.

ବାଗାରୁ—ସଂ.ବିଣ—ଆଶା ଦେଇ ନିରାଶ କରିବା (ବ୍ୟକ୍ତି); ବିଶ୍ୱାସଘାତକ-
Bāgāru — Treacherous; tantalising.

ବାଗି(ଘି)—ଦେ. ବି. ( ସଂ. ବର୍ଦ୍ଧ=କୋଡ଼ ଗାତରେ ହେବା ବ୍ରଣ;
Bāgi(ghi) ବଂକ୍ଷଣ=କୋଡ଼ ଗାତ )—୧ । ଉପଦଂଶ ଜନିତ
বাগী, বাঘী ବ୍ରଣବିଶେଷ; ବାଳିଆ ଦାଉ—1. Bubo.
बाघी, बद [ ଦ୍ର—ଏହା ଜଂଘ ଓ ତଳ ପେଟର ସନ୍ଧି କୋଡ଼ଗାତରେ ହୁଏ ଓ ବହୁ କଷ୍ଟଦାୟକ ହୁଏ । ଏହା ସହଜରେ ପାଚେ ନାହିଁ କମ୍ପା ବସେ ନାହିଁ । ]
୨ । ପିଚ୍ଛଳ; ଉରୁ ସନ୍ଧିରେ ପଡ଼ିବା ଗିଲ୍ଟି—
2. Lymphatic gland.

ବାଗିଆ—ଦେ. ବି—୧ । ବାଇଗବା ( ଦେଖ )
Bāgiā 1. Bāigabā ( See )
୨ । ପାର୍ଶ୍ୱବର୍ତ୍ତୀ ଦୁଇ ଖଣ୍ଡି ପଥରକୁ ଜାକି ଧରିବା ନିମନ୍ତେ ବ୍ୟବହୃତ ଦୁଇ ପାଖରେ ବଙ୍କା ହୋଇ ଅଙ୍କୁଶ ଥିବା (⌐¬) ଏକ ପ୍ରକାର ଲୁହା କଣ୍ଟା; ଜୋକଅ—2. An iron
जौंक nail hooked at both ends to keep two adjacent stones in position.

ବାଗିଆ ବାଗି କରିବା—ଦେ. କ୍ରି. (ସଂ. ବକ୍ ଧାତୁ=ଗତି କରିବା)—
Bāgiā bāgi karibā ୧ । ଅଧୀନ କରିବା—1. To bring
বাগান बागना under control.
୨ । କୌଣସି ବ୍ୟକ୍ତିର ମନକୁ ଭଲ ଅଡ଼କୁ ଆଣିବା—2. To bring a person to a better state of mind.
୩ । ସୁଧାରିବା—3. To set right.

୪ । ମଣାଇବା—4. To persuade.

ବାଗିନ୍(ନି)—ବୈଦେ. ବି. ( ଇଂ. ୱାଗନ୍ )—ରେଲର ମାଲ ବୁହା
Bāgin(ni) ଗାଡ଼ି; ମାଲ ବୁହା ଡବା—Goods-waggon of
বাগেন वागन the Railway.
ବଣ—ରେଲର ଏକ ୱାଗନ୍ ଭର୍ତ୍ତି ହେବା ପରିମିତ (ବସ୍ତୁ)—
Waggon load of ( some article ).

ବାଗିବା—ଦେ. କ୍ରି—ବାଗେଇବା ( ଦେଖ )
Bāgibā Bāgeibā ( See )

ଅକଯାଏ ମଧ୍ୟ ରହିଛ ତାହା ସଙ୍ଗି
କହୁଛ, ବସି କେତେ ବୃଥା କଥା ବାଗି—
ବୃନ୍ଦାବନ ଦ୍ବି. ମହାଭାରତ ଉଦ୍‌ଯୋଗ ।

ବାଗିର—ପ୍ରାଦେ. ( ସମ୍ବଲପୁର ) କ୍ରି—୧ । ପରି; ସଦୃଶ—
Bāgir 1. Like; similar to.
୨ । ଅନୁସାରେ—2. According to; in accordance with.

ବାଗୀଶ—ସଂ. ବି. ( ୬ଷ୍ଠୀ ତତ୍; ବାକ୍+ଈଶ )—୧ । ପ୍ରଧାନ ବା
Bāgīsa ଉତ୍କୃଷ୍ଟ ବକ୍ତା—1. An eloquent speaker; an
(ବାଗୀଶ୍ୱର—ଅନ୍ୟରୂପ) excellent orator. ୨ । ବୃହସ୍ପତି—
ବାଗୀଶା } ସ୍ତ୍ରୀଲିଙ୍ଗ 2. Bṛuhaspati. ୩ । ବ୍ରହ୍ମା—
ବାଗୀଶ୍ୱରୀ } 3. Brahmā.

ବାଗୀଶା—ସଂ. ବି. ସ୍ତ୍ରୀ. (ବାଗୀଶ+ଆ)—ସରସ୍ୱତୀ ( ହି. ଶ. )—
Bāgīsā The goddess of learning.
(ବାଗୀଶ୍ୱରୀ—ଅନ୍ୟରୂପ)

ବାଗୁଚି(ଜି)—ସଂ. ବି—ବାକୁଚି ( ହି. ଶ. )—
Bāguchi( ji) Bākuchi (See)

ବାଗୁଡ଼ି(ଡ଼ୁ)—ଦେ. ବି—ଡୁଡୁ (ଦେଖ)—
Bāgurdi(rdu) হাডুডু कबड्डी Ḍudu (See).
(ବାଗୁଡ଼ି ଗୁଡ଼ି, ବାଗୁଡ଼ୁ ଗୁଡ଼ୁ—ଅନ୍ୟରୂପ)

ବାଗୁଡ଼ି(ଡ଼ୁ) ଖେଳିବା—ଦେ. କ୍ରି—(ଲକ୍ଷଣାର୍ଥ) ଲୁଚିଥିବା ବ୍ୟକ୍ତିକୁ
Bāgurdi(rdu) khelibā ଧରି ନ ଦେଇ ଏଣେତେଣେ
[ବାଗୁଡ଼ିବତା(ତେ)ଇବା—ଅନ୍ୟରୂପ] ବୁଲିବା—(figurative)
লুকোচুরী খেলা To play at hide and seek with a
ऊक्कापंजा खेलना person.
( ବାଗୁଡ଼ି ଗୁଡ଼ି ଖେଳିବା—ଅନ୍ୟରୂପ )

ବାଗୁଣ—ସଂ. ବି—୧ । ବାଇଗଣ (ହି. ଶ)—1. Brinjal.
Bāguṇa ୨ । କରମଙ୍ଗା (ହି. ଶ) (ଦେଖ)—
2. Karamaṅgā (See).

ବାଗୁରା—ସଂ. ବି—(ବା ଧାତୁ=ସୂକ୍ଷ୍ମ ବିସ୍ତାର କରିବା+କରଣ. ଉର+
Bāgurā ସ୍ତ୍ରୀ. ଆ; 'ଗ' ଆଗମ)—୧ । ମୃଗ ଆଦି ଧରିବାର
ଫାଶ; ଫାନ୍ଦ—1. Snare; a trap. ୨ । ଜାଲ—
2. Net. ୩ । ମାଛ ଧରିବା ନିମିତ୍ତ ବାଉଁଶ ଶଲାକାନିର୍ମିତ
ବଡ଼ ଗଇଁଚ—3. A fishing contrivance made
(ବାଗୁରକା—ସ୍ତ୍ରୀ) of slender bamboo laths.

ବାଗୁରିକ—ସଂ. ବି. ପୁଂ—(ବାଗୁରା+ଠକ୍ ଅର୍ଥରେ ଇକ )—ବ୍ୟାଧ;
Bāgurika ଯେ ଫାଶ ବସାଇ ଜନ୍ତୁ ଧରେ—One who sets
snares to catch animals.

ବାଗୁଲ—ପ୍ରାଦେ. (ଗଡ଼ଜାତ) ବି—ଗଣ୍ଡିଆଲ (ଦେଖ)
Bāgula Gaṇḍiāḷa (See).

ବାଗୁଳି—ସଂ. ବି—ପାନବଟା; ପାନଡବା (ହି. ଶ)
Bāguḷi A metal case for keeping betel-packets.

ବାଗୁଲି—ପ୍ରାଦେ. (ଗଡ଼ଜାତ) ବି—ପଳାଶୀ ଘାସ; ସବେଇ—
Bāguli Sabei grass.
ଦେ. ବି—ବବୁରି (ଦେଖ)—Baburi (See).

ବାଗୁଳିକ—ସଂ. ବି—ରାଜାଙ୍କୁ ପାନଖିଲ ଯୋଗାଇବା ଚାକର (ହି. ଶ)—
Bāguḷika A servant who hands over betel-
(ବାଗୁ ଳି—ଅନ୍ୟରୂପ) packets to a Raja.

ବାଗୁଳୀ—ପ୍ରାଦେ. (ଗଡ଼ଜାତ) ବି. ( ସଂ. ବାଗୁଳିକ )—ରାଜାଙ୍କର
Bāguḷī ତାମ୍ବୂଳବାହକ ଭୃତ୍ୟବିଶେଷ—The betel-bearer
of a king.

ବାଗୁଲୁ ଚାଗୁଲୁ ବତ(ତେ)ଇବା—ଦେ. କ୍ରି—ନାନା ଛଳ ପ୍ରୟୋଗ
Bāgulu chāgulu batā(te)ibā ପୂର୍ବକ ଭଣ୍ଡାଇ କରି କହିବା—
এদিগ ওদিগ বলা इधरऊधरबतलाना To prevaricate.

ବାଗେ—ଦେ. କ୍ରି. ବିଣ—୧ । ପ୍ରକାରେ; ରୂପେ—
Bāge 1. In the manner of.
(ବାଗେରେ—ଅନ୍ୟରୂପ) ୨ । ଅନୁସାରେ—2. According
বাগে तरहसे to.

ସ୍ୱପ୍ନ ତାହା ଶୁଣିଣ ସୁଧିଷ୍ଠିର ଆଗେ
ଜଣାଇଲେ ସମସ୍ତ କଥା ସେହି ବାଗେ—
ବୃନ୍ଦାବନ ଦ୍ବି. ମହାଭାରତ ବନ ।

୩ । ପରି—3. Like. ୪ । ସୁବିଧାକ୍ରମେ—
4. Conveniently.

ବାଗେଇବା—ଦେ. କ୍ରି—୧ । କୌଣସି ଅଡ଼କୁ ମୁହଁକରି ଗଢ଼କରିବା—
Bāgeibā 1. To turn to go to one direction.
বাগান ୨ । ଏକ ଦଗରୁ ଅନ୍ୟ ଦଗକୁ ମୁହଁ ବୁଲାଇବା—2. To
बागना turn round. ୩ । ଅଧୀନକୁ ଆଣିବା—3. To bring
under control. ୪ । ସୁପଥକୁ ଆଣିବା—4. To
bring to the right path. ୫ । ସୁଧାରିବା;
ସଜାଡ଼ିବା—5. To set right; to change a
thing for the better. ୬ । ଘୋଡ଼ାର ବାଗଧରି
ତାହାର ଗତିକୁ ଉଦ୍ଦିଷ୍ଟ ଦଗକୁ ନିୟନ୍ତ୍ରିତ କରିବା—
6. To guide a horse by drawing the
reins to one direction or other. ୭ । ଗୋଟିଏ
ପାଖକୁ ବା ପଖକୁ ଢଳିବା—7. To incline to one
side.

ବାଗ୍ଭଟ—ସଂ. ବି. (ନାମ)—୧ । 'ବାଗ୍ଭଟ ସଂହିତା'ର ରଚୟିତା—
Bāgbhaṭa 1. The author of 'Bāg-bhaṭa saṁhitā.
୨ । ଜୈନ ଅଳଙ୍କାରବିଶେଷ—2. Name of a
Jaina grammarian.

[ ଦ୍ର—ପ୍ରାଚୀନ ଗ୍ରନ୍ଥମାନଙ୍କରେ ଏକାଧିକ ବାଗ୍ଭଟନାମଧାରୀଙ୍କ ପରିଚୟ ମିଳେ । ୧—ଅଷ୍ଟାଙ୍ଗ ହୃଦୟ ସଂହିତା ନାମକ ବୈଦ୍ୟକ ଗ୍ରନ୍ଥର ରଚୟିତା; ପିତାଙ୍କ ନାମ ସିଂହ ଗୁପ୍ତ । ୨—ପଦାର୍ଥଚନ୍ଦ୍ରିକା, ଶବ୍ଦପ୍ରକାଶ, ରସରତ୍ନସମୁଚ୍ଚୟ, ଶାସ୍ତ୍ର-ଦର୍ପଣ ଆଦି ଗ୍ରନ୍ଥର ରଚୟିତା । ୩—ବୈଦ୍ୟକ ନିର୍ଘଣ୍ଟୁର ରଚୟିତା ଓ ୪—ଅଳଙ୍କାର ତିଳକ, ବାଗ୍ଭଟାଳଙ୍କାର ଓ ଛନ୍ଦାନୁଶାସନ ଗ୍ରନ୍ଥ ପ୍ରଣେତା ଜୈନ ପଣ୍ଡିତ । ପିତାଙ୍କ ନାମ ନେମିକୁମାର—ହି. ଶ. । ]

ବାଗ୍ଭଟ ସଂହିତା—ସ. ବି—ସଂସ୍କୃତ ବୈଦ୍ୟଶାସ୍ତ୍ରବିଶେଷ; ଅଷ୍ଟାଙ୍ଗହୃଦୟ ସଂହିତା—A Sanskrit medical work on the Hindu system.
Bāgbhaṭa samhitā

[ ଦ୍ର—ଏହା ଚରକ ଓ ସୁଶ୍ରୁତ ନାମକ ଗ୍ରନ୍ଥଦ୍ୱୟ ପରି ପ୍ରାମାଣିକ ଗ୍ରନ୍ଥ । ]

ବାଗ୍ମୀ—ସଂ. ବିଣ. ପୁଂ—(ବାକ୍+ଅସ୍ତି. ଅର୍ଥରେ ମିନ୍; ବାଗ୍ମିନ୍. ୧ମା. ୧ବ)—୧ । ସୁବକ୍ତା—1. Versed in oratory.
Bāgmī
(ବାଗ୍ମିତା(ତ୍ୱ)—ବି) ୨ । ବାକ୍‌ପଟୁ—2. Skilled in the use of expressions; skilful in speech
[ବାଗ୍ମିନୀ—ସ୍ତ୍ରୀ]
୩ । ବାଚାଳ—3. Talkative; garrulous.
୪ । ବିଦ୍ୱାନ୍—4. Learned.
ସଂ. ବି—୧ । ବୃହସ୍ପତି—1. Bṛuhaspati. ୨ । ବକ୍ତୃତାଦାତା—2. Orator.

ବାଗ୍ୟ—ସଂ. ବିଣ. ପୁଂ—ପରିମିତଭାଷୀ (ହି· ଶ) Moderate in speech.
Bāgya
ସଂ. ବି—ନିର୍ବେଦ (ହି. ଶ) ବୈରାଗ୍ୟ—Renunciation of worldly concerns.

ବାଘ୍—ପ୍ରାଦେ. (ସମ୍ବଲପୁର) ବି—ବାଘ— Tiger.
Bāgh

ବାଘ୍‌ଧେରା—ପ୍ରାଦେ. (ସମ୍ବଲପୁର) ବିଣ. ପୁଂ—ସ୍ତ୍ରୀଲୋକର ପୁରୁଷକୁ ଦେବା ଗାଳିବିଶେଷ; ବାଘଖିଆ—A term of curse addressed to a male by a female.
Bāgh-dherā

ବାଘ—ଦେ. ବି. (ସ. ବ୍ୟାଘ୍ର; ପ୍ରା. ବାଗ୍ଘ)—୧ । ହିଂସ୍ର ଶ୍ୱାପଦ ବିଶେଷ; ଶାର୍ଦ୍ଦୂଳ; ବ୍ୟାଘ୍ର—1. Tiger; Felis Tigris
Bāgha
বাঘ बाघ (ବାଘୁଣୀ—ସ୍ତ୍ରୀ)

[ ଦ୍ର—ଏମାନେ ବିଡ଼ାଳ ଜାତୀୟ । ଏମାନଙ୍କ ଦେହର ବର୍ଣ୍ଣ ଈଷତ୍ ହଳଦିଆ ବା ଲୁଣା ପରି । ପଟାହାରିଆ ବାଘଙ୍କ ଦେହରେ କଳା ଲମ୍ବା ଡୋରି ଓ କଲରାପତ୍ରିଆ ବାଘଙ୍କ ଦେହରେ କଲରାପତ୍ର ଭଳି ଗୋଲଗୋଲିଆ କଳାଦାଗ ଥାଏ । ଏମାନେ ସାଧାରଣତଃ ୨।୩ ହାତ ଉଚ୍ଚ ଏବଂ ଲାଞ୍ଜସହିତ ୬।୭ ହାତ ଲମ୍ବ ହୁଅନ୍ତି । ଏମାନଙ୍କ ଶରୀରର ଗଠନ ଠିକ୍ ବିରାଡ଼ି ଦେହ ପରି । ଏଥିପାଇଁ ବିରାଡ଼ିକୁ ବାଘର ମାଉସୀ ବୋଲାଯାଏ । ବାଘ ଅନେକ ଜାତୀୟ; ଯଥା—ନେପାଳୀ ବା ଚିତାବାଘ, କେନୁଆ, ପେଣ୍ଡା, କଲରାପତ୍ରିଆ ଓ ପଟାହାରିଆ ବା ମହାବଳ । ]

୨ । କ୍ଷତ୍ରିୟଙ୍କ ବଂଶୋପାଧିବିଶେଷ—
2. A family title of the Kshatriyas.

ବାଘ ଅଙ୍କୁ(ଞ୍ଚୁ)ଡ଼ା—ଦେ. ବି. [ ସ. ବ୍ୟାଘ୍ର+ଅଙ୍କୋଟ(ଲ) ]—ବୃକ୍ଷବିଶେଷ; ଏକପ୍ରକାର ଧଳା ଅଙ୍କୁ ଗଛ; ଅଙ୍କୋଟ ( ଦେଖ )—Alangium Decapetalum.
Bāgha āṅku(ñchu)ṛḍā
বাঘ আঁচড়া ढेरा

ବାଘ ଗଡ଼ିବା—ଦେ· ବି—ବାଘ ପାହାଡ଼ରୁ ବା ଜଙ୍ଗଲରୁ ଆସି ବାହାରରେ ବୁଲିବା—A tiger's coming down from a hill or out of a forest.
Bāgha gaṛḍibā
বাঘনামা बाघ आना

ବାଘଛାଲ—ଦେ. ବି—ମଲା ବାଘର ଚମଡ଼ା—Tiger skin.
Bāghachhāla বাঘছাল(লা) बाघकाखाल

ବାଘଛେଳି—ଦେ· ବି—୧ । ବାଘବଜାରି ( ଦେଖ )—1. Bāgha-bajāri ( See ). ୨ । ପିଲାମାନଙ୍କର ଏକ-ପ୍ରକାର ଦଉଡ଼ାଦଉଡ଼ି ଖେଳ—2. A kind of outdoor game amongst boys.
Bāgha chheḷi
[ବାଘବକ(ଲ୍ଲ)ରି—ଅନ୍ୟରୂପ]
বাঘ বকরী बाघ बकरी

[ ଦ୍ର—ଏ ଖେଳରେ ଗୋଟିଏ ପିଲା ବାଘ ହୁଏ; ଅନ୍ୟ ପିଲାମାନେ ଅଣ୍ଟା ଧରାଧରି ହୋଇ ଗୋଟିଏ ଧାଡ଼ିରେ ଛେଳି ସାଜନ୍ତି । ଅନ୍ୟ ଗୋଟିଏ ପିଲା ବୁଢ଼ିଅଣୀ ହୋଇ ଏକ ସ୍ଥାନରେ ବସିରହେ ଏବଂ ତା ପାଖରେ ବାଘ ପାଣ୍ଠିର ଖାଉଥାଏ । ଛେଳିମାନେ ବାଘକୁ ଏଡ଼ି ବୁଢ଼ିଅଣୀକୁ ଛୁଇଁବାପାଇଁ ଚେଷ୍ଟା କରନ୍ତି । ବୁଢ଼ିଅଣୀକୁ ଛୁଇଁବା ପୂର୍ବରୁ ବାଘ ଯେଉଁ ଛେଳିକୁ ଧରି ପକାଏ ସେ ପିଲା ହାରେ ବା ମରେ । ]

୩ । ବ୍ୟାଘ୍ର ଓ ଛାଗଳ—3. Tiger and sheep. ୪ । ( ଲକ୍ଷଣାର୍ଥ )—ଖାଦକ ଜୀବ ଓ ଖାଦ୍ୟଜୀବ—4. ( figurative ) The eater and its victim.

ବାଘ ଛେଳି ଏକାତୁ(ତୋ)ଠରେ(ଘାଟରେ) ପାଣି ପିଇବା—ଦେ. ବାକ୍ୟ ( ନ୍ୟାୟ ବଚନ )—ରାଜ୍ୟରେ ସୁଶାସନ ଯୋଗୁଁ ସର୍ବତ୍ର ଶାନ୍ତି ବିରାଜିତ ହେବା—( An analogical sentence applied to) An administration where there is perfect peace amongst naturally antagonistic parties, due to good administration.
Bāgha chheḷi ekā tu(to)ṭhare (ghāṭare) pāṇi pi-ibā
बाघबकरी एक घाटपर पानीपीना

[ ଦ୍ର—ଯେଉଁ ରାଜ୍ୟରେ ସୁଶାସନ ଯୋଗୁଁ ପରସ୍ପର ଶତ୍ରୁମାନଙ୍କ ମଧ୍ୟରେ, ରାଜା ଓ ପ୍ରଜା ମଧ୍ୟରେ, ପ୍ରବଳ ଓ ଦୁର୍ବଳ ମଧ୍ୟରେ ଶାନ୍ତି ଥାଏ ଓ ପ୍ରବଳ ଦୁର୍ବଳ ପ୍ରତି କିଛି ଅନିଷ୍ଟ କରି ନ ପାରେ ସେଠାରେ ଏ ନ୍ୟାୟ ଖଟାଯାଏ; ଯଥା—'ଇଂରାଜ ସରକାରଙ୍କ ଅମଳରେ ବାଘ ଛେଳି ଏକାତୁଠରେ ପାଣି ପିଉଛନ୍ତି' ]

ବାଘଜିଭ—ପ୍ରାଦେ. ( ଗଞ୍ଜାମ ) ବି—ଖରଖରି ( ଦେଖ ) Kharakharī ( See )
Bāghajibha

ବାଘ(ଘେ)ଟା—ଦେ. ବି—ହେଜେଡ଼ା ବାଘ— Hejena.
Bāgha(ghe)ṭā

ବାଘ(ଘୁ)ଟି—ଦେ. ବି. ( ସଂ. ବାହୁ )—ଅଳଙ୍କାରବିଶେଷ—
Bāgha(ghu)ṭi A kind of ornament for the arm.
बाहुटी ବାହୁଟି ବାଘଟି ବାହୁଟିଆ ଗଡ଼ି ନାଗ କଇଣ କାଡଇ ।
ଅଭିମନ୍ୟୁ. ବିଦଗ୍ଧଚିନ୍ତାମଣି ।

ବାଘତଲ—ଦେ. ବି—ଜଇସଣ୍ଡା ( ଦେଖ )
Bāghatāḷa Jaisaṇḍā (See) (Haines)

ବାଘଦୁଧ—ଦେ. ବି. (ସଂ. ବ୍ୟାଘ୍ରଦୁଗ୍ଧ)—୧ । ବାଘଠାରୁ ଦୁହାଁହେବା
Bāghadudha ଦୁଧ ଆଣିବା ମନୁଷ୍ୟ ପକ୍ଷରେ ଯେପରି ଅସମ୍ଭବ,
বাঘের দুধ ସେହିପରି ଅସମ୍ଭବ କଥା—1. Impossible thing.
शेरका दुध ୨ । ଅପ୍ରାପ୍ୟ ବସ୍ତୁ—2. Unprocurable thing.

ବାଘନଖ—ଦେ. ବି. ( ସଂ. ବ୍ୟାଘ୍ର ଓ ନଖ )—୧ । ବାଘର ନଖ—
Bāghanakha 1. Tiger's claws. ୨ । ବାଘନଖଯୁକ୍ତ
বাঘনখ କଣ୍ଠର ସ୍ୱର୍ଣ୍ଣାଲଙ୍କାରବିଶେଷ—2. An ornament for
बाघनख the neck set with tiger's claws.
[ ଦ୍ର—ବାଘନଖର କେତେକ ଅଂଶକୁ ସୁନା ବା ରୁପା ଲଗାଇ କରି ବେକର ହାରରେ ହାତରେ, ବାହୁବନ୍ଧରେ ବସାଯାଏ ଓ ଆଜି କାଲି ବ୍ରୁଚ୍ କରାଯାଉ ଅଛି । ]
୩ । ବାଘନଖୀ (ଦେଖ)—3. Bāghanakhī (See)

ବାଘନଖିଆ—ଦେ. ବିଣ—୧ । ବାଘନଖ ପରି ଅଗବଙ୍କା ହୋଇଥିବା
Bāghanakhiā (କଣ୍ଟା)—(thorns) Shaped like tiger-
[ବାଘନଖା(ଖୀ)—ଅନ୍ୟରୂପ] claws. ୨ । ବାଘନଖୀ ଅସ୍ତ୍ରଦ୍ୱାରା
বাঘনখ ସଜ୍ଜିତ—2 Armed with the Bāghanakhī
बघघहाँ; बघनहियाँ weapon.
କଡ଼ଟି ଧାଇ ଚନ୍ଦନଖିଆ
କୁଟମନ୍ଦିର ମୋ ବାଘନଖିଆ । ବାଳକୃଷ୍ଣ. ଉପବନ୍ଧୋଇ ।
ଦେ. ବି—ବାଘନଖୀ ( ଦେଖ )—
Bāghanakhī ( See )

ବାଘନଖୀ—ଦେ. ବି. (ସଂ. ବ୍ୟାଘ୍ରନଖ)—୧ । କ୍ଷେମଣ ବର୍ଷାୟୁ ବନ୍ୟ
Bāghanakhī ଶାକ ଗୁଳ୍ମବିଶେଷ—1, Devil's claw;
[ବାଘନଖ(ଖା),ବାଘନଖିଆ—ଅନ୍ୟରୂପ] Martynia Diandra.
বাঘনখী [ ଦ୍ର—ଏ ଗଛ ପ୍ରଥମେ ଦକ୍ଷିଣ ଆମେରିକାରୁ ଏ ଦେଶକୁ ଆନୀତ ହୋଇଥିଲା । ଏହା ବର୍ଷାଦିନେ ଜନ୍ମେ । ଏହାର ପତ୍ର କୋମଳ ଓ ଅଠାଳିଆ; ଫୁଲ ଢଳଫୁଲ ପରି ଲମ୍ବ ବଡ଼ ବଡ଼ ଓ ଈଷତ୍ ଗୋଲାପୀ, ଏହାର ଫଳ ବାଇଗଣ ପରି ଅଂଶୁଯୁକ୍ତ ଏବଂ ଫଳ ଶେଷକୁ ବାଘନଖ ପରି ୨ଟା ବାହାରିଥାଏ । ଏହାର ଫଳ ଓ ଫୁଲ ପେନ୍ଥା ପେନ୍ଥା ହୋଇ ଧରେ । ଫଳ ଉଜା ହୋଇ ସେହି ତେଲ ବାହାରେ ତାହା ଗାଈ ମଇଁଷିଙ୍କ ରୋଗରେ ଉପକାର କରେ । ଫଳ ଖୁବ୍ ପାଚିଗଲେ ବାଘ ନଖ ପରି ଦୁଇ ବିପରୀତ ଦିଗକୁ ଅଗ ବଙ୍କା ହୋଇ ଫାଟିଯାଇ ଖୋସାରୁ ଖସି ପଡ଼େ । ]
୨ । ବ୍ୟାଘ୍ରନଖାକୃତି ଅସ୍ତ୍ରବିଶେଷ—2. A kind of weapon shaped like tiger's claws worn on the fingers and kept concealed in the fisted palm and used in attacking an enemy unawares.
[ ଦ୍ର—ଏଥିରେ ବାଘନଖ ପରି ଗୁଡ଼ିଏ ମୁନିଆଁ ବଙ୍କା କଣ୍ଟା ଥାଏ । କଣ୍ଟାମାନଙ୍କ ମୂଳରେ ମୁଦିଆ ଥାଏ ଓ ସେ ମୁଦିଆମାନ ଅଙ୍ଗୁଠିରେ ପୂରାଇ ଏହାକୁ ମୁଠା ମଧ୍ୟରେ ଗୋପନରେ ରଖାଯାଇ ପାରେ ଏବଂ ନିକଟକୁ ଆସିଥିବା ଶତ୍ରୁକୁ ଅତର୍କିତ ଅବସ୍ଥାରେ ଆକ୍ରମଣ କରିବା ଲାଗି ବ୍ୟବହୃତ ହୁଏ । ହାତ ମୁଠାକୁ ମେଲା କରି ବାଘ ନଖ ସଦୃଶ କଣ୍ଟାମାନଙ୍କୁ ଶତ୍ରୁର ଦେହରେ ଗଳାଇ ଦିଆଯାଏ । ]
নখী ୩ । ନଖୀନାମକ ଗନ୍ଧଦ୍ରବ୍ୟ—
नखी, बगनहा 3. A medicinal scent; shell.

ବାଘ ନଳ( ଳି )—ଦେ. ବି—ଅଖୁ ବା ଶରଜାତୀୟ ତୃଣବିଶେଷ;
Bāgha naḷa(ḷi) କାଣ୍ଡଶର—A kind of hol-
नरकट low reed; Lobelia Nicotianaefolia
[ ଦ୍ର—ଏହାର ନଳ ଓ ପତ୍ର ବାଉଁଶ ପରି ପୋଲା ଓ ହାଲୁକା । ]

ବାଘ ନ(ଲ)ହଡ଼ା—ଦେ. ବି—ଏକଜାତୀୟ ଲଟା ଘାସ—
Bāgha na(la)haṛdā Commelina Salicifolia; a kind of grass which creeps or extends over the ground.
[ ଦ୍ର—ଏହା କଳମ ଶାଗଜାତୀୟ ଲତା; ପାଣିକୂଳରେ ଜନ୍ମେ । ଏହା ଦେଖିବାକୁ ଘାସ ପରି । ଫୁଲ ନୀଳବର୍ଣ୍ଣ, ଶୀତକାଳରେ ଫୁଟେ । ଏ ଲତାର ରସ କାକୁଆ—ଯୋଗେଶ୍ୱର, ]

ବାଘ ବକ(କୁ)ରି—ଦେ. ବି. ( ସଂ. ବ୍ୟାଘ୍ର+ବର୍କର )—
Bāgha ba(ka)kuri ୧ । ବାଘ ଓ ଛେଳି—
बाघ बकरी 1. Tiger and sheep.
୨ । ବାଘ ବଜାରି (ଦେଖ)—2. Bāga bajāri (See)
୩ । ବାଘ ଛେଳି ୨ ( ଦେଖ )—3. Bāgha chheḷi 2 (See)

ବାଘ ବଜାରି—ଦେ. ବି—ଭୂମିରେ ଗୋଟିଏ ଛକରେ ୨୫ଟି ଘର କାଟି
Bāgha bajāri ସେଥିରେ ଦୁଇ ଜଣ ଖେଳାଳିଙ୍କର ଖେଳିବା
ବାଘ ଛେଳି } ଏକ ପ୍ରକାର ଖେଳ—
ବାଘ ବକ(କୁ)ରି } ଅନ୍ୟରୂପ बाघ बन्दी An indoor game.
ବାଘ ବନ୍ଦେ(ଧେ)ଇ } बाघ बकरी, बाघ गोटी
[ ଦ୍ର—ଏ ଖେଳରେ ଦୁଇ ଜଣ ଖେଳାଳି ଖେଳନ୍ତି । ଭୂମିରେ ଗୋଟିଏ ବର୍ଗ କ୍ଷେତ୍ର ଅଙ୍କିତ କରାଯାଇ ତାକୁ ରେଖାପାତଦ୍ୱାରା ୧୬ଟି କ୍ଷୁଦ୍ର ବର୍ଗକ୍ଷେତ୍ରରେ ବିଭକ୍ତ କରାଯାଏ । ଲମ୍ବ ବାଗରେ ଓ ଚଉଡ଼ା ବାଗରେ ସମଦୂରସ୍ଥ ୫ଟି ଲେଖାଏଁ ରେଖା ଅଙ୍କନ କରି ଏ ଖେଳର ପାଲି କରାଯାଏ ଓ ସେ କ୍ଷେତ୍ରମାନଙ୍କୁ ଗୋଟିଏ ଲେଖାଏଁ କର୍ଣ୍ଣରେଖାଦ୍ୱାରା ୩୨ଟି ସମକୋଣୀ ତ୍ରିଭୁଜରେ ବିଭକ୍ତ କରାଯାଏ । କ୍ଷେତ୍ରମାନଙ୍କରେ ଗୋଟିଏ ଲେଖାଏଁ କର୍ଣ୍ଣରେଖା ଟଣାଯାଏ । ଛୋଟ ଛୋଟ ଉକ୍ତ ୧୬ଟି ବର୍ଗକ୍ଷେତ୍ର ଦ୍ୱାରା ୨୫ଟି ଛକ ଉତ୍ପନ୍ନ ହୁଏ । ଜଣେ ଖେଳାଳି ୪ଟି ବାଘସୂଚକ ବଡ଼ ଗୋଡ଼ି ବା କଉଡ଼ି ବା ମଞ୍ଜି ନିଏ । ଅନ୍ୟ ଜଣକ ୨୦ଟି ଛେଳିସୂଚକ ସାନ ଗୋଡ଼ି ବା ମଞ୍ଜି ନିଏ । ଖେଳାଳିମାନେ ନିଜ ନିଜର ସାରିମାନଙ୍କୁ ୨୪ଟି ଛକରେ ବସାନ୍ତି ଓ ବାଘକୁ ଚଳିବା ପାଇଁ ଗୋଟିଏ ଛକ ଛାଡ଼

ଡ଼ଖଯାଏ । ତାହାକୁ ବାଘ ପାଣି ଖାଇବା ଘର କୋଲ୍ଲଯାଏ । ବାଘ ଓ ଛେଳମାନେ ରେଖାମାନଙ୍କ ବାଟେ ଏକ ଛକରୁ ଅବ୍ୟବହିତ ପରବର୍ତ୍ତୀ ଛକକୁ ଚଲା ଯାଆନ୍ତି । ଯେବେ ଯେଉଁ ଛକରେ ବାଘ ସାର ଥାଏ ଓ ତା ପରବର୍ତ୍ତୀ ଛକରେ ଗୋଟିଏ ଛେଳ ସାର ଥାଏ, କିନ୍ତୁ ତତ୍ପରବର୍ତ୍ତୀ ଛକ ଶୂନ୍ୟ ଥାଏ । ତେବେ ବାଘ ତେଉଁ ପଡ଼ି ଛକରୁ ଛେଳକୁ ଖାଇଦିଏ ଓ ଛେଳଟି ମରଯାଏ । ଏହିପରି ଅଧିକାଂଶ ଛେଳସାର ମର ଗଲେ ବାଘର ଅଧିକାଂଶ ଜିତେ । କିନ୍ତୁ ଯେବେ ଛେଳସାରମାନଙ୍କୁ ଏପରି ଚଲାଯାଏ ଯେ ବାଘର ଛକଠାରୁ ପରବର୍ତ୍ତୀ ଦୁଇଟି ଛକ ଶୂନ୍ୟ ନ ରହେ ତେବେ ବାଘମାନେ ଅବଶ ହୋଇ ଅଚଳ ହୋଇ ଯାଆନ୍ତି ଓ ଛେଳର ଅଧିକାଂଶ ଜିତେ । ]

**ବାଘ ଭେଲ(ଲି)କି**—ଦେ. ବି—୧ । ମନୁଷ୍ୟକୁ ଦେଖିଲେ ଭୟ ଉତ୍ପାଦନ Bāgha bhela(li)ki କରିବା ନିମନ୍ତେ ବାଘ ଯେଉଁ ଗାଲ ବାঘ ভেল্কী **বাঘ জড** ଫୁତ୍କାର କରେ; ସ୍ୱର ଓ ଅଙ୍ଗଭଙ୍ଗି ଆଦି—1. The demeanour and poses of a tiger to frighten a man on seeing the latter.

୨ । କିଂକର୍ତ୍ତବ୍ୟବିମୂଢ଼ତା—2. Bewilderment.

**ବାଘ ମାଛି**—ପ୍ରାଦେ. (ଗଡ଼ଜାତ) ବି—ବାଘର୍‌ ମାଛି (ଦେଖ)
Bāgha māchhi Bāgharā māchhi (See)

**ବାଘ ମାମୁଁ**—ଦେ. ବି. ( ଶିଶୁ ଭାଷା )—ଶିଶୁମାନଙ୍କର କଳ୍ପିତ ମାଉଲ Bāgha māmuṅ ସମ୍ପର୍କୀୟ ବାଘ (ଜଣେ ଯେପରି ସବୁ ଶିଶୁଙ୍କର বাঘ মামা ମାମୁ ବାଘ ମଧ୍ୟ ସେହିପରି କଳ୍ପିତ ହୁଏ) —1. The **बाघ मामा** tiger adddressed as the maternal uncle of every child in nursery stories.

୨ । କୌଣସି ପ୍ରଚଣ୍ଡ ଆତ୍ମୀୟ ବ୍ୟକ୍ତି—
2. A ferocious relation.

**ବାଘ ମୁରଗିଆ**—ପ୍ରାଦେ. ( ବାଲେଶ୍ୱର ) ବିଣ—ଧୋଇରେ ଧାନକ୍ଷେତ Bāgha muragiā ନଷ୍ଟ ହେବା ପରେ ବିଲରେ ଅବଶିଷ୍ଟ ଥିବା
ବାଘ ମିରିଗିଆ } ଅନ୍ୟରୂପ ( ଧାନ ଗଛ )—(paddy plants)
ବାଘ ମୁ(ମି)ରୁଗା } Remaining in the field after the crops are destroyed by flood.

**ବାଘ ମୁହାଁ**—ଦେ· ବି—ଚୋରମାନଙ୍କୁ ଚୋର କରିବାକୁ ଯିବା ସମୟରେ Bāgha muhān̐ ଲୋକେ ଚିହ୍ନି ନ ପାରିବେ ବୋଲି କପାଳ, **कपर मुहाँ** କାନ ଓ ଓଠ ଆଦିକୁ ଘୋଡ଼ାଇ ବାନ୍ଧିଥିବା ଢେଙ୍କା— A mode of tying a long strip of cloth round the face and the chin; resorted to by robbers as a mask against detection.

ଦେ· ବି—ବାଘମୁଖ ପରି ବିକଟ ମୁଖବିଶିଷ୍ଟ (ବ୍ୟକ୍ତି)—
**सेरदहाँ** Ferocious looking (person).

**ବାଘମୁ(ମୋ)ହିଁ**—ଦେ. ବି—୧ । ବାଘମୁହାଁ ( ଦେଖ )
Bāgha mu(mo)hiṅ 1. Bāgha muhān̐ ( See )
**परदा** ୨ । ଘର ଭିତରକୁ ପଶିବା ଦୁଆରଆଗରେ ଘର ମଧ୍ୟରେ ଦିଆଯାଇଥିବା ଆଡ଼ କାନ୍ଥ (ଯେଉଁ କାନ୍ଥ ଯୋଗୁଁ ଅଗନ୍ତୁକ ବ୍ୟକ୍ତି ହଠାତ୍ ଗୃହମଧ୍ୟକୁ ପଶି ନ ପାରି ବାଉଳା ହୁଏ ଓ ଯେଉଁ କାନ୍ଥ ପ୍ରତିବନ୍ଧକ ଥିବାରୁ ବାହାରରେ ଠିଆ ହେବା ଲୋକକୁ ଘରର ଭିତର ଦେଖା ଯାଏ ନାହିଁ )—2. A small wall raised inside the room adjoining the entrance, so that a new comer is puzzled when trying to enter the room.

୩ । ପୋଖରୀର ପଥର ପାହାଚମାନଙ୍କ ମଝିରେ ମଝିରେ ପାଣି ଉପରକୁ ବାହାରିଥିବା ପଥରଖଣ୍ଡ—3. Stones projecting over the flight of steps in a tank.

[ ଦ୍ର—ଭୁବନେଶ୍ୱର କେଦାରଗୌରୀ କୁଣ୍ଡର ପାହାଚରେ ଏପରି ବାଘମୁହିଁ ପଥର ସବୁ ଅଛି । ଏ ପଥର ଉପରେ ଲୋକେ ବସି ଲୁଗା କାଚନ୍ତି ଓ ଗୋଡ଼ହାତ ଆଦି ଧୁଅନ୍ତି ।]

**ବାଘର୍ ଚରା**—ପ୍ରାଦେ. (ସମ୍ବଲପୁର) ବି.—ପୁରୁଷଙ୍କୁ ଦିଆଯିବା ଗାଳି Bāghar charā ବିଶେଷ; ବାଘଖିଆ—A term of abuse applied to males. (in Sambalpur)

**ବାଘର ଘରେ ମିରିଗର ନାଟ**—ଦେ. ନ୍ୟାୟବାକ୍ୟ—( ସଂ. ବ୍ୟାଘ୍ରସ୍ୟ Bāghara ghare mirigara nāṭa ଗୃହେ ମୃଗସ୍ୟ ନୃତ୍ୟଂ)—
বাঘের ঘরে ঘোগের বাসা ମାଲିକ ବା ଗୃହସ୍ୱାମୀଙ୍କ ଅନୁପସ୍ଥିତିରେ
**शेरके घरमे सियार कुदना** ବା ମୃତ୍ୟୁ ପରେ ତାଙ୍କ ଘରେ ନୀଚ ବ୍ୟକ୍ତିମାନଙ୍କର କ୍ରୀଡ଼ା ବା ବ୍ୟବହାର— An analogical sentence applied to a case where lesser people or mean persons reign supreme in the family in the absence or on the death of the master.

**ବାଘର ମାଉସୀ**—ଦେ. ବି.—(ସଂ. ବ୍ୟାଘ୍ର+ମାତୃସ୍ୱସା)—୧ । (ଏହାର Bāghara māusi ରୂପ ସଙ୍ଗେ ବାଘର ସାଦୃଶ୍ୟ ଥିବାରୁ )—
বাঘের মাসী ୧ । ବିରାଡ଼ି—1. Cat. ୨ । ନିର୍ଭୀକ ବ୍ୟକ୍ତି—
**बाघकि मौसि** 2. Fearless person.

**ବାଘର୍‌**—ଦେ. ବିଣ.—୧ । ବାଘ ସମ୍ବନ୍ଧୀୟ—
Bāgharā 1. Pertaining to the tiger.
বাঘটিয়া; বাঘাটে (ଯଥା—ବାଘର୍‌ ଗନ୍ଧ ।)
**बाघपेसा** ୨ । ବାଘ ପରି—2. Resembling the tiger.

ଦେ. ବି.—ବାଘର୍‌ ମାଛି (ଦେଖ)—
Bāgharā māchhi (See)

**ବାଘର୍‌ ମାଛି**—ଦେ. ବି.—ଏକପ୍ରକାର ବଡ଼ ମହୁମାଛି—A species Bāgharā māchhi of big bees; Apis Dorsata.
বাঘা মৌমাছী [ଦ୍ର—ଏମାନଙ୍କର ନାହୁଡ଼ି ଅଛି । ଏମାନେ ବଡ଼
**बडी मधुमक्खी** ବଡ଼ ଫେଣା ବାନ୍ଧି ମହୁ କରନ୍ତି । କେହି ଏମାନଙ୍କ (ବାଘର୍‌ ମହୁମାଛି—ଅନ୍ୟରୂପ) ଫେଣାକୁ ଭାଙ୍ଗିଲେ ଏମାନେ ତାକୁ ବେଢ଼ି ଯାଇ ଅତି ବଲବଲ କରି ମାରନ୍ତି । ଏମାନଙ୍କ ଦଂଶନରେ ଆହତ ବ୍ୟକ୍ତିର ଦେହ ଗଡ଼ିକାଠ ପରି ଫୁଲିଯାଏ । ]

**ବାଘର୍‌ ମୁହାଁ**—ଦେ. ବିଣ. ପୁଂ—କଥା କହିବା ସମୟରେ ଯେଉଁ Bāgharā muhān̐ ଲୋକଙ୍କର ପାଟିରୁ ଦୁର୍ଗନ୍ଧ ବାହାରେ—
(ବାଘର୍‌ମୁହିଁ—ସ୍ତ୍ରୀ) (a person) Having an offensive
**मुहँ गन्धक ; मुहँ महका** smell in the mouth.

ବାଘସିଂହ—ପ୍ରାଦେ. (ଗଞ୍ଜାମ) ବି.—ଦୈହିକ ବଳଶାଳୀ ବ୍ୟକ୍ତି ପ୍ରତି
Bāgha simha ରାଜଦତ୍ତ ଉପାଧିବିଶେଷ—A title conferred by kings on persons of strong physique.

ବାଘା—ଦେ. ବିଣ.—୧ । ବାଘପରି ବିକଟ ମୁଖବିଶିଷ୍ଟ—
Bāghā 1. Having a face as fierce as that of a tiger.
বাঘা बाघा
(ଯଥା—ବାଘା କୁକୁର ।)
୨ । ବୃହତ୍; ବଡ଼—2. Big.

ବାଘାମ୍ବର(ରି)—ଦେ· ବି. ( ସଂ. ବ୍ୟାଘ୍ର+ଅମ୍ବର )—୧ । ସାଧୁମାନେ
Bāghāmbara(ri) ଯେଉଁ ବ୍ୟାଘ୍ରଛାଲ ଉପରେ ବସନ୍ତି—
বাঘাম্বর 1. Tiger hide on which anchorites sit.
बघंबर ୨ । ବାଘଛାଲ ପରି ଚିତ୍ରିତ କମ୍ବଳ—2. A blanket or rug appearing like a tiger skin.
୩ । ବସ୍ତ୍ରରୂପେ ବ୍ୟବହୃତ ବାଘଚମ—3. Tiger skin used as cloth.
ବିଣ.—ବ୍ୟାଘ୍ରଚର୍ମ ପରିଧାନକାରୀ—Wearing a tiger skin.

ବାଘୁଆ (ଇତ୍ୟାଦି)—ଦେ. ବିଣ.—ବାଘରା ଇତ୍ୟାଦି (ଦେଖ)
Bāghuā (etc) Bāgharā etc. (See)

ବାଘୁଆ ଗନ୍ଧ—ଦେ. ବି.—ବାଘର ଦେହରୁ ବାହାରିବା ଗନ୍ଧ ପରି କଞ୍ଚା
Bāghuā gandha ବା ସଢ଼ା ମାଂସର ଗନ୍ଧ—An animal
বাঘাটে গন্ধ stench (like that of raw or rotten flesh
बाघ पेसा गंघ as is emitted from the body and mouth of a tiger.)

ବାଘୁଆ ଜାଡ଼—ଦେ. ବି—ଘୋର ଶୀତ (ଯଥା—ମାଘମାସର ଶୀତ)—
Bāghuā jāṛda Extreme cold (as is felt in the
(ବାଘୁଆଶୀତ—ଅନ୍ୟରୂପ) month of Māgha).
बडाजोर शीत

ବାଘୁଆ ଫାଶ—ଦେ. ବି. (ବ୍ୟାଘ୍ର+ପାଶ)—୧ । ଦଉଡ଼ିରେ ପକାଯିବା
Bāghuā phāsa ଏକପ୍ରକାର ଦୋହୋର ଗଣ୍ଠି—1. Reef-
बघबंध knot; clove hitch; a double knot made with a string. ୨ । ବାଘକୁ ଧରିବାପାଇଁ ବ୍ୟବହୃତ ଦଉଡ଼ିର ଜାଲ—2. A snare for catching a tiger.

ବାଘୁଆ ବି(ଭି)ରୁଡ଼ି—ଦେ. ବି. ( ସଂ. ବ୍ୟାଘ୍ର+ବରଲ )—ଏକପ୍ରକାର
Bāghuā bi(bhi)ruṛdi ବଡ଼ ବିରୁଡ଼ି—A species of big
বাঘা ভীমরুল भमडा विढनी wasp.

ବାଘୁଆରି—ଦେ. ବି—ଜଇସଣ୍ଢା ( ଦେଖ )
Bāghuāri Jaisaṇḍā ( See )

ବାଘୁଣୀ—ଦେ. ବି. ସ୍ତ୍ରୀ. ( ସଂ. ବ୍ୟାଘ୍ରୀ )—୧ । ମାଈବାଘ—1. A
Bāghuṇi tigress. ୨ । ବାଘପରି ଦୁଷ୍ଟା ସ୍ତ୍ରୀ—2. Vixen;
বাঘিনী; বাঘী बाघीन virago.

ବାଘୁତି—ଦେ. ବି—ବାଗୁତି ( ଦେଖ )
Bāghuti Bāguti ( See )

ବାଘେଟା—ଦେ. ବି—ଏକପ୍ରକାର ଛୋଟ ହେଟା—
Bāgheṭā बघेरा A kind of small hyena.

ବାଙ୍କ୍—ବୈଦେ.ବି. (ଇଂ)—ଟଙ୍କା ଅଦ ଳାରବାର କରିବା କାର୍ଯ୍ୟାଳୟ—
Bāṅk ব্যাঙ্ক; বেঙ্ক बैंक Bank.
ପ୍ରାଦେ· ( ମେଦିନୀପୁର ) ବି. ( ଭୁଲ. ବ. ବାଙ୍ଗୀ )—ବାହୁଙ୍ଗି ( ଦେଖ )—Bāhuṅgi ( See )

ବାଙ୍କଶିଆଳି ଦେବା—ପ୍ରାଦେ. ( ଯାଜପୁର ) କ୍ରି—ବାଆଁ ଖାଇଅ ଦେବା;
Bāṅksiāḷi deba To evade a person.
[ ଦ୍ର—ବିଲୁଆକୁ କୁକୁର ଗୋଡ଼ାଇଲେ ବିଲୁଆ ଯେଉଁ ପରି ବକ୍ରଗତି କରିବାରୁ କୁକୁର ତାକୁ ଧରି ପାରେ ନାହିଁ, ସେହିପରି ବକ୍ରଗତିକୁ ଏ ଶବ୍ଦର ଅର୍ଥ ସୂଚନା । ]

ବାଙ୍କ—ଦେ. ବିଣ. ( ସଂ. ବକ୍ର, ବଙ୍କ )—ବକ୍ର; ବଙ୍କା—
Bāṅka বাঁক वांक Curved bent; crooked.
ଦେ. ବି—୧ । ନଈ ବା ରାସ୍ତା ଯେଉଁ ସ୍ଥାନରେ ବଙ୍କା ହୋଇଥାଏ; ମୋଡ଼—1. Curvature; a bend in a river or road etc. ୨ । ଖୁଣ୍ଟି ଧରିବାପାଇଁ ବ୍ୟବହୃତ ଲୁହାର ଯନ୍ତ୍ରବିଶେଷ—2. An iron vice. ୩ । ସ୍ତ୍ରୀଲୋକଙ୍କର ଗୋଡ଼ରେ ପିନ୍ଧିବା ଅଳଙ୍କାରବିଶେଷ; ବାଙ୍କି; ଏକପ୍ରକାର ବଳା—3. A curved anklet.
ସୁନା ବାଙ୍କ ଥିଲେ କଲଡ଼ି—ତଗ ।

ବାଙ୍କଚାହାଣି—ଦେ. ବି—ବକ୍ରଦୃଷ୍ଟି; ଅପାଙ୍ଗଦୃଷ୍ଟି—Side-long
Bāṅkachāhāṇi বাঁকানয়ন; বাঁকাচাউনী glance.
तिरछी चितवन

ବାଙ୍କଚୂଳିଆ—ଦେ. ବି. ( ସଂ. ବକ୍ରଚୂଡ଼ )—ଯାହାର ମୁଣ୍ଡର ଚୂଳ ବା
Bāṅkachūḷiā ଜଟ ବକ୍ରଭାବରେ ସଜ୍ଜିତ ହୋଇଥାଏ—
বাঁকাশিখী Having a slanting tuft on the head.
वंकचूलीया ଦେ. ବି—ଶ୍ରୀକୃଷ୍ଣଙ୍କର ବିଶେଷଣାତ୍ମକ ନାମବିଶେଷ—An epithet of Srīkṛushna.

ବାଙ୍କଛୁରି—ଦେ. ବି—ବକ୍ରାଗ୍ର ଛୁରିକା; ଯେଉଁ ଛୁରିର ଅଗ ବଙ୍କା—
Bāṅkachhuri A curved knife.
বাংকাছুরী [ ଦ୍ର—ସାଧାରଣତଃ ମଲ୍ଲ ଓ ଶିକାରୀମାନେ ଏହା
वाँक ବ୍ୟବହାର କରନ୍ତି । ]

ବାଙ୍କଟାଙ୍କ—ଦେ. ବି. ( ବଙ୍ଗଳାରୁ ଅନୁକୃତ; ନିରର୍ଥକ ସହଚର )—
Bāṅkaṭāṅka ବଙ୍କାଟଙ୍କା; ବକ୍ର—Crooked.
বাঁকাটাঁকা वांकाढांका

ବାଙ୍କଟେରା—ଦେ. ବିଣ. ପୁଂ—ଅଳ୍ପ ଟେରା—Slightly squint-
Bāṅkaṭerā স্বর্ষ্য টেরা कुछटेरा eyed.
(ବାଙ୍କଟେରୀ—ସ୍ତ୍ରୀ)

ବାଙ୍କଡ(ଡେ)ଉଁରିଆ—ଦେ. ବି. ( ସଂ. ବକ୍ର+ଡମରୁ )—ସ୍ତ୍ରୀଲୋକଙ୍କର
Bāṅkaḍa(ḍe)uṅriā ବାହୁରେ ପିନ୍ଧିବା ଡେଉଁରିଆଯୁକ୍ତ ଏକ-
তাবিজ ପ୍ରକାର ବାହୁବଳ—A kind of armlet worn
वांक by females.

ବାଙ୍କଡ଼ା—ଦେ. ବିଣ—ଈଷତ୍ ବକ୍ର—Slightiy curved or bent.
Bāṅkaṛdā বাঁকড়া, বাঁকুয়া वांका

**ବାଙ୍କନଳ(ଳି)**—ଦେ॰ ବି. (ସଂ. ବଙ୍କ + ନଳ)—ବଙ୍କିଆ ଯେଉଁ ବକ୍ରମୁଖ
Bāṅkanaḷa(ḷi) ସରୁ ଧାତବ ନଳଦ୍ୱାରା ସୁନାରିମାନେ ଫୁଙ୍କି
বাঙ্কনল; ଦେଇ ସୁନା ଅଲଙ୍କାରର କୌଣସି ଅଂଶକୁ ତରଳାଏ
**बंकनाल; बाँकनल** ବା କୌଣସି କ୍ଷୁଦ୍ର ଅଲଙ୍କାରକୁ ଝାଳେ—
Blow pipe.

**ବାଙ୍କନିଧି**—ଦେ. ବି—୧ । ଶ୍ରୀକୃଷ୍ଣଙ୍କ ବିଶେଷଣ—1. An epithet
Bāṅkanidhi of Śrikṛushṇa. ୨ । ପୁରୁଷଙ୍କୁ ଦିଆଯିବା
বাঁকারায় **बाँकाविहारी** ନାମ—2. Name given to males.

**ବାଙ୍କମଲ**—ଦେ. ବି. ( ସଂ. ବଙ୍କବଲୟ )—ଗୋଡ଼ର ବଳାଗଣ୍ଠି ତଳେ
Bāṅkamala ପିନ୍ଧାଯିବା ଏକପ୍ରକାର ବଙ୍କ ବଳୟ; ବାଙ୍କି;
বাঁকমল; বাঁকী **बांक** ବାଙ୍କିଆ—A crooked anklet.

**ବାଙ୍କମୁଣି**—ଦେ॰ ବି—ଏକପ୍ରକାର କ୍ଷୁଦ୍ର ପକ୍ଷୀ—
Bāṅkamuṇi . A small species of bird.

**ବାଙ୍କଶାଳ**—ପ୍ରାଦେ. (ବାଲେଶ୍ୱର) ବି. (ଜାହାଜିଆ ଶବ୍ଦ)—୧ । ବନ୍ଦର
Bāṅkaśāḷa ତଟବର୍ତ୍ତୀ ବାଣିଜ୍ୟ ଗୋଦାମ—1.(nautical)
বাঁকসাল A godown in a port on the bank of a
**बंकसाल** river or sea.

[ ଦ୍ର—କଲିକତାରେ ଗଙ୍ଗାନଦୀର କୂଳଠାରୁ ଖଣ୍ଡିଏ ଦୂରରେ ବାଙ୍କସାଲ ଷ୍ଟ୍ରିଟ (Bankshall Street) ନାମରେ ଗୋଟିଏ ପଥ ଅଛି । ]

୨ । ଜାହାଜର ଯେଉଁ କୋଠରୀରେ ଜାହାଜର ଦଉଡ଼ି, ଶିକୁଳି ଆଦି ରଖାଯାଏ—2. A cabin of a ship used for storing the ropes, chains etc.

**ବାଙ୍କ ସଣ୍ଡୁଆଶି**—ଦେ. ବି. (ସଂ. ବଙ୍କ ଓ ସନ୍ଦଂଶ)—ଏକ ପ୍ରକାର
Bāṅka saṇḍuāsi ବଙ୍କ ଓ ଲମ୍ବ ମୁହଁ ଚିମୁଟା; ବଙ୍କମୁହଁ—
বাঙ্ক সঁড়াশী **बाँका सँडसी** Tongs.

**ବାଙ୍କ ସୁନ୍ଥା**—ଦେ. ବି. (ସଂ. ବଙ୍କ+ସୀମନ୍ତ)—ମୁଣ୍ଡର ସାମନା ପାଖ
Bāṅka sunthā ବାଳକୁ କପାଳର ଏକ ପାଖରେ ଦ୍ୱିଭାଗ କରି
বাঁকা সিঁথী କୁଣ୍ଡାଇ ସଜାଇବା କେଶବିନ୍ୟାସ—A mode of
**टेढ़ि माँग** dressing the hair by combing it and
parting it on one side of brow.

**ବାଙ୍କି**—ଦେ. ବି.—୧ । (ନାମ) କଟକ ଜିଲ୍ଲାର ଜିଲ୍ଲାଜାତ ଗୋଟିଏ
Bāṅki ଖାସମହାଲ ବା ସରକାରୀ ଜମିଦାରୀ—1. Name of a
Government estate in the district of Cuttack.

[ ଦ୍ର—ପ୍ରଥମେ ଏ ଗୋଟିଏ ଗଡ଼ଜାତ ରାଜ୍ୟ ଥିଲା । ଏ ରାଜ୍ୟର ରାଜା କେତେକ ବ୍ରାହ୍ମଣଙ୍କ ଉପରେ ଅତ୍ୟାଚାର କରି କେତେକଙ୍କୁ ମାରି ପକାଇଥିବାରୁ ୧୮୪୦ ଖ୍ରୀଷ୍ଟାବ୍ଦରେ କମିଶନର ମିଲ୍‌ସ ଉକ୍ତ ରାଜାଙ୍କୁ ବନ୍ଦୀ କଲେ ଏବଂ ବାଙ୍କିକୁ ଖାସ୍ କରି କଟକ ଜିଲ୍ଲା ସାମିଲ କଲେ । ବାଙ୍କି ଖାସମହାଲର ଖଜଣାଅସୁଲଭାର ପ୍ରଥମେ ଜଣେ ତହସିଲଦାରଙ୍କ ଉପରେ ଥିଲା । ଏବେ ସେଠାରେ ଜଣେ ଡେପୁଟି କଲେକ୍ଟର ରହନ୍ତି ଓ ସରକାରଙ୍କ ପକ୍ଷରୁ ଖଜଣା ଅଦାୟ କରାଯାଏ । ବର୍ତ୍ତମାନ ସେଠାରେ ଗୋଟିଏ ହାଇସ୍କୁଲ ହୋଇଅଛି ।]

୨ । ଏକପ୍ରକାର ବଙ୍କବଳୟ; ବାଙ୍କମଲ—
2. A crooked anklet.

ଦେ. ବିଣ—ବଙ୍କା—Curved bent.

ପ୍ରାଦେ. ( ବାଲେଶ୍ୱର ) ବି—ମାଛ ଧରିବାର ଯନ୍ତ୍ରବିଶେଷ—
A kind of implement for catching fish.

[ ଦ୍ର—ଏହା ବାଉଁଶ କାଠିରେ ପ୍ରସ୍ତୁତ ହୁଏ । ଏହାର ଶେଷ ଅଂଶ ବା ଅଗ୍ରଭାଗ ବଙ୍କା ହୋଇଥାଏ । ଅଳ୍ପ ପାଣି ବହି ଯାଉଥିବା ସ୍ଥାନରେ ଏହା ବ୍ୟବହୃତ ହୁଏ । ]

**ବାଙ୍କିଆ**—ଦେ. ବିଣ—ବଙ୍କ; ବଙ୍କା—
Bāṅkiā বাঁকা **बांका** Crooked.

ବଙ୍କକୁ ଗଲେ, ବାଙ୍କିଆ ହଟସ ଛାଡ଼ି ଅଇଲ—ପ୍ରବୋଧଚନ୍ଦ୍ରିକା ।

ଦେ. ବି—୧ । ବାଙ୍କି ( ୨ ) ( ଦେଖ )
1. Bāṅki ( 2 ) ( See )

ପାଦରେ ବାଙ୍କିଆ ବଜ ସେ ସୁନାର, ବେଢ଼ିତ ନହନ୍ତୁ ଶେଷ ।
ଉପେନ୍ଦ୍ର. ଲାବଣ୍ୟବତୀ ।

୨ । ଏକ ପ୍ରକାର ଶିବିକା ( ଏହାର ବାଉଁଶ ବଙ୍କା )—
2. A kind of sedan chair or Palki with a crooked pole.

**ବାଙ୍କି ବସିବା**—ଦେ. କ୍ରି. ( ବଙ୍ଗଳାରୁ ଅନୁକୃତ )—
Bāṅki basibā ଅଡ଼ି ବସିବା; ଏକ ଅଖଣ୍ଡିଆ ଜିଦ୍ କରିବା—
বাঁকিয়া বসা, বেঁকে বসা To become obstinate.
**हठ करना** (ବାଙ୍କେଇ ବସିବା—ଅନ୍ୟରୂପ)

**ବାଙ୍କିବା**—ଦେ. କ୍ରି. ( ସଂ. ବଙ୍କୀଭବ )—୧ । ବଙ୍କ ହେବା—
Bāṅkibā 1. To become bent.
বাঁকা ୨ । ବାଙ୍କି ବସିବା; ଏକଜିଦ ଧରିବା—2. To be
**बांका होना** insistent; to become obstinate.
(ବାଙ୍କି ଯିବା—ଅନ୍ୟରୂପ)

**ବାଙ୍କି ମୁହା(ହାଁ)ଣ**—ଦେ. ବି—ପୁରୀର ପୂର୍ବ ଦିଗରେ ଅବସ୍ଥିତ ସମୁଦ୍ର—
Bāṅki muhā(hāñ)ṇa The sea to the east of the town of Puri.

[ ଦ୍ର—ଏଠାରେ ସମୁଦ୍ରର ଉପକୂଳ ବଙ୍କା ହୋଇ ଦକ୍ଷିଣ ଦିଗକୁ ଚାଲି ଯାଇଅଛି । ]

**ବାଙ୍କୁଲି**—ଦେ. ବି—ଏକ ପ୍ରକାର ବଙ୍କା ରତ୍ନ ଅଳଙ୍କାର—A kind of
Bāṅkuli ornament of gems.

**ବାଙ୍କେଇବା**—ଦେ. କ୍ରି॰ ( ସଂ. ବଙ୍କୀକରଣ )—କୌଣସି ବସ୍ତୁକୁ
Bāṅkeibā ବଙ୍କ କରିବା—To bend a thing.
বাঁকান **बाँकना**

**ବାଙ୍କେଇ ଯିବା**—ଦେ. କ୍ରି—ବାଙ୍କିବା; ବଙ୍କହେବା—
Bāṅkei jibā To be curved.

ଦେ. ବିଣ—ହାତ ମୁଠା ପାଖରେ ବଙ୍କା ( ବାଡ଼ି )—
Curved at the handle (stick).

**ବାଙ୍କେଡ଼ି**—ଦେ. ବି—ବଙ୍କ ଯୁଦ୍ଧାସ୍ତ୍ରବିଶେଷ; ବାଙ୍କେଡ଼ି; ବାଙ୍କୋଡ଼ି—
Bāṅkeṛi A crooked weapon of offence.
**बांकतोपी**

ବାଙ୍କେଡ଼ିବା—ଦେ. କ୍ରି.—ବଙ୍କେଇଯିବା; ବଙ୍କ ହୋଇଯିବା—
Bāṅkerdibā To bend; to be bent.
বেঁকেযাওয়া বাঁকাহোনা (ବାଙ୍କେଡ଼ିଯିବା—ଅନ୍ୟରୂପ)

ବାଙ୍କୋଇ—ଦେ. ବି—ଏକପ୍ରକାର ମୋଟ ଧାନ—
Bāṅkoi বাঁকুই A species of coarse paddy.

ବାଙ୍କୋଇ ମହୀପାଳ—ଦେ. ବି—ଏକପ୍ରକାର ମୋଟ ଧାନ—
Bāṅkoi mahipāla A species of coarse paddy.
বাঙ্কসাল, বাঙ্কচুর

ବାଙ୍ଗ(ଙ୍ଗୁ)ର(ରା)—ଦେ. ବିଣ. ପୁଂ (ସଂ. ବଙ୍କୁର; ବାମନ; ସଂ. ବଣ୍ଟ=
Bāṅga(ṅgu)ra(rā) ଖର୍ବକାୟ)—ଖର୍ବକାୟ—Dwarfish.
[ବାଙ୍ଗ(ଙ୍ଗୁ)ରୀ—ସ୍ତ୍ରୀ] କୃଷ୍ଣ ଭେଙ୍ଗା ଅଥବା ବାଙ୍ଗର—ଲ୍ଲୋମଣି. ରସମାଳଦୀ ।
বেঁটে(ঠে),বাঙ্গর বৌনা

ବାଙ୍ଗର ମାଧେ(ଧୋ)ଇ—ଦେ. ବି—ଏକପ୍ରକାର ସରୁ ଧାନ—
Bāṅgara mādhe(dho)i A species of fine paddy.

ବାଙ୍ଗା—ପ୍ରାଦେ (ବସ୍ତର) ବି.—ବାଇଗଣ—
Bāṅgā Brinjal.

ବାଙ୍ଗାଲ୍—ଦେ. ବିଣ (ବଙ୍ଗଳାରୁ ଅନୁକୃତ)—ପୂର୍ବବଙ୍ଗୀୟ—
Bāṅgāl Belonging to East Bengal.
বাঙ্গাল ଦେ. ବି—ପୂର୍ବବଙ୍ଗ ଅଧିବାସୀ—
Resident of East Bengal.

ବାଙ୍ଗିଣ—ପ୍ରାଦେ (ଗଞ୍ଜାମ) ବି—ବାଇଗଣ—
Bāṅgiṇa Brinjal.

ବାଙ୍ମତୀ—ସଂ. ବି (ନାମ)—ନେପାଳର ନଦୀବିଶେଷ—
Bāṅmatī Name of a river in Nepal.
[ ଦ୍ର—ବରାହପୁରାଣରେ ଏ ନଦୀକୁ ଗଙ୍ଗାଙ୍କଠାରୁ ଅଧିକ ପବିତ୍ର ବୋଲି କୁହାଯାଇଅଛି । ଏଥିରେ ସ୍ନାନ କଲେ ଓ ଏହା କୂଳରେ ମଲେ ବିଷ୍ଣୁଲୋକ ପ୍ରାପ୍ତି ହୁଏ—ହି. ଶ. ]

ବାଙ୍ମନ—ଦେ. ବି (ଦ୍ୱନ୍ଦ୍ୱ; ବାକ୍+ମନଃ; ଦ୍ୱିବଚନ=ବାଙ୍ମନସୌ)—
Bāṅmana ମନୋବଚନ; ମନ ଓ ବଚନ; ବାକ୍ୟ ଓ ମନ—
Word and mind.
[ ଦ୍ର—ସଂସ୍କୃତରେ ବାକ୍ ଓ ମନଃ ଶବ୍ଦ ଦ୍ୱନ୍ଦ୍ୱରେ ଦ୍ୱିବଚନାନ୍ତ ବାଙ୍ମନସୌ ଶବ୍ଦ ହୁଏ ଓ ସମସ୍ତ ପଦରେ ଏ ଶବ୍ଦ ଅନ୍ୟ ଶବ୍ଦ ପୂର୍ବେ ଲାଗିଲେ ବାଙ୍ମନଃ ଆକାର ଧାରଣ କରେ, ଯଥା—ବାଙ୍ମନୋଯୋଗ, ବାଙ୍ମନଃସଂଯୋଗ । ]

ବାଙ୍ମୟ—ସଂ. ବିଣ. ( ବାକ୍+ଅପୃଥକ୍ ଭାବ ଅର୍ଥରେ ମୟ )—
Bāṅmaya ୧ । ବାକ୍ୟାତ୍ମକ—1. Composed or consis-
(ବାଙ୍ମୟୀ—ସ୍ତ୍ରୀ) ting of words. ୨ । ବାଗ୍ମୀ—2. Eloquent.
୩ । ବାକ୍ୟରେ ପ୍ରକାଶିତ—3. Verbal.
ସଂ. ବି—୧ । ବକ୍ତୃତା ( ଶବ୍ଦ କଳ୍ପଦ୍ରୁମ )—1. Speech; address. ୨ । ସାହିତ୍ୟ (ଶ. କ)—2. Literature.
୩ । ଅଳଙ୍କାର ଶାସ୍ତ୍ର (ଶ. କ)—4 Rhetoric.
୪ । କାବ୍ୟ ଶାସ୍ତ୍ର (ଶ. କ)—4. Epic.

ବାଙ୍ମୟ ତପଃ—ସଂ. ବି—ବାକ୍ୟ ଦ୍ୱାରା ସାଧିତ ତପସ୍ୟା—
Bāṅmaya tapaḥ Austerity through words.
(ଶାସ୍ତ୍ରର ତପଃ—ତପସ୍ୟା) [ ଦ୍ର—ଭଗବଦ୍ଗୀତା ସପ୍ତଦଶ ଅଧ୍ୟାୟ ପଞ୍ଚଦଶ ଶ୍ଳୋକରେ ଅନୁଦ୍ୱେଗକର ବାକ୍ୟ, ପ୍ରିୟ ଓ ହିତ ବାକ୍ୟ, ସତ୍ୟ, ସ୍ୱାଧ୍ୟାୟାଭ୍ୟସନ (ବେଦାଭ୍ୟାସ)କୁ ବାଙ୍ମୟ ତପଃ ବୋଲି ଯାଇଅଛି । ]

ବାଙ୍ମୟୀ—ସଂ. ବି. ସ୍ତ୍ରୀ. (ବାଙ୍ମୟ+ସ୍ତ୍ରୀ. ଈ)—ସରସ୍ୱତୀ (ସ୍ତ୍ରୀଲିଙ୍ଗ)—
Bāṅmayī The Goddess of learning.

ବାଙ୍ମୁଖ—ସଂ. ବି. ( ବାକ୍+ମୁଖ=ଆରମ୍ଭ )—୧ । ବାକ୍ୟାରମ୍ଭ;
Bāṅmukha ଅବତରଣିକା; ମୁଖବନ୍ଧ—1. Introduction.
୨ । ଗଦ୍ୟ କାବ୍ୟ; ଉପନ୍ୟାସ (ହି. ଶ)—2. Novel.

ବାଙ୍ମୂଳ—ଦେ. (ଗଞ୍ଜାମ) ବି. (କଚେରୀ) (ବାକ୍+ମୂଳ)—
Bāṅmūla କୋର୍ଟରେ ସାକ୍ଷୀମାନଙ୍କ ଜବାନବନ୍ଦି—
Deposition of witnesses in court.

ବାଙ୍‌ଯମ—ସଂ. ବି. ପୁଂ ( ବହୁବ୍ରୀହି; ବାକ୍+ଯମ )—
Bāṅ-jama ୧ । ମୁନି ( ହି. ଶ )—1. A sage.
୨ । ମୌନବ୍ରତୀ ବ୍ୟକ୍ତି ( ହି. ଶ )—2. A person observing the vow of silence.

ବାଚ୍‌ବା—ପ୍ରାଦେ. (ଉତ୍ତରିଷ୍ୟା) କ୍ରି—ବଳିବା; ବଳ ପଡ଼ିବା—
Bāch-bā To exceed.

ବାଚ—ଦେ. ବି—ବିବାହ ବେଶରେ ବର କନ୍ୟାଙ୍କର ଯେଉଁ ଦୁଇ
Bācha ଖଣ୍ଡର ମୁଣ୍ଡରେ ଗଣ୍ଠି ପଡ଼େ ତହିଁ ମଧ୍ୟରୁ କନ୍ୟାର ଓଢ଼ଣୀ—The bridal scarf.
ସଂ. ବି—ବଚୁଆ ମାଛ (ଦେଶୀ)—Bachuā fish.

ବାଚଂଯମ—ସଂ. ବିଣ. ପୁଂ. (ବାଚଂ+ଯମ୍ ଧାତୁ+କର୍ତ୍ତୃ. ଅ)—
Bāchaṁjama ୧ । ମୌନୀ—1. Silent; taciturn.
(ବାଚଂଯମା—ସ୍ତ୍ରୀ) ୨ । ମୌନବ୍ରତୀ—2. Practising taciturnity as a vow.
ସଂ. ବି. ପୁଂ—ମୌନବ୍ରତୀ ମୁନି—A sage who maintains the vow of rigid silence.

ବାଚକ—ସଂ. ବିଣ. ( ବଚ୍ ଧାତୁ+କର୍ତ୍ତୃ. ଅକ )—
Bāchaka ୧ । କଥକ—1. Speaking. ୨ । ରବକାରକ—
(ବାଚକା—ସ୍ତ୍ରୀ) 2. Uttering cries. ୩ । ପୁରାଣ ପାଠକ—
3. Reading or reciting the Purāṇas.
୪ । ବାକ୍‌ଦ୍ଧକ; ବାକ୍ୟ ପ୍ରକାଶକାରୀ—4. Vocal.
୫ । (ଅନ୍ୟ ଶବ୍ଦ ସଙ୍ଗେ ପ୍ରଯୁକ୍ତ୍ୟ ଯଥା—ବସ୍ତୁବାଚକ; ସ୍ନେହ ବାଚକ; କ୍ରିୟାବାଚକ) ଅର୍ଥ ପ୍ରକାଶକ; ଦ୍ୟୋତକ; ବୋଧକ—5. Expressive of; indicating.
ସଂ. ବି—ନାମ; ସଂଜ୍ଞା ( ହି. ଶବ୍ଦସାଗର )—
Name; definition.

ବାଚ କଡ଼ି—ଦେ. ବି—ଯୁଦ୍ଧାସ୍ତ୍ରବିଶେଷ—
Bācha kardi A weapon of offence.

ବାଚନ—ସଂ. ବି. (ବଚ୍ ଧାତୁ ଣିଚ୍=ବାଚ ଧାତୁ+ଭାବ. ଅନ)—
Bāchana ୧ । କହିବା—1. Speaking. ୨ । ବୋଲିବା; ଆବୃତ୍ତି କରିବା—2. Reciting; repeating.
୩ । ଅନ୍ୟ ଦ୍ୱାରା ବୋଲାଇବା—3. Recital through

another. ୪ । ଜଣାଇବା—4. Informing.
୫ । ପ୍ରତିପାଦନ (ହ୍ୟୁ. ଷ)—5. Demonstration.
୬ । ଉଚ୍ଚାରଣ (ହ୍ୟୁ. ଷ)—6. Pronunciation; utterance.

ବାଚନକ—ସ. ବ. (ବାଚନ+କ)—ପ୍ରହେଳିକା—
Bāchanaka Riddle.

ବାଚନି—ଦେ. ବ. (ସ. ବଚନ)—୧ । ଉକ୍ତି ପ୍ରତ୍ୟୁକ୍ତି—
Bāchani 1. Dialogue. ୨ । ମୌଖିକ ଉତ୍ତର—
बात बत 2. Verbal reply. ୩ । ଉତ୍ତର ପ୍ରତ୍ୟୁତ୍ତର—
বাচনিক জবাব 3. Exchange of replies. ୪ । ପ୍ରତ୍ୟୁତ୍ତର-
4. Reply. ୫ । ମୌଖିକ ସମ୍ବାଦ—5. Verbal message.
ଦେ. ବଣ. (ସ. ବାଚନିକ)—ମୌଖିକ—
Verbal; oral.

ବାଚନିକ—ସ. ବଣ. (ବଚନ+କଣ୍ଠସ୍ଥାର୍ଥେ. ଇକ)—ମୌଖିକ—
Bāchanika Verbal; oral.

ବାଚନି କରିବା—ଦେ. କ୍ରି.—୧ । କଥା କହିବା—
Bāchani kariba 1. To talk.
বাচনিক জবাব দেওয়া ୨ । ମୌଖିକ ଉତ୍ତର ଦେବା—
मुहँ जबानी करना 2. To give a verbal reply.

ବାଚ(ଛ) ବିଚାର—ଦେ. ବ.—(ସ. ନିର୍ବାଚନ+ବିଚାର)—୧ । ବିଚାର
Bācha(chha) bichāra ପୂର୍ବକ ନିର୍ବାଚନ—1. Choice
বাচ(ছ) বিচার after consideration; well considered
बात बिचार choice. ୨ । ନ୍ୟାୟାନ୍ୟାୟ ବିବେଚନା—
2. Discrimination between right and wrong. ୩ । ସମାଲୋଚନା—3. Criticism.

ବାଚୟିତା—ସ. ବଣ. ପୁଂ—(ବଚ ଧାତୁ ଣିଚ୍ ବାଚ ଧାତୁ+ତୃ)—
Bāchayitā ଯେ କୁହାଏ—Causing to speak.
(ବାଚୟିତ୍ରୀ—ସ୍ତ୍ରୀ)

ବାଚସି—ପ୍ରାଦେ. (ଭକ୍ତି ଭାଷା) ବ.—ଅଧିକ୍ୟ—
Bāchasi Excess.

ବାଚସ୍ପତି—ସ. ବଣ. (ବାଚଃ=ବାକ୍ୟର+ପତି=ପ୍ରଭୁ)—ବାକ୍‌ପଟୁ—
Bāchaspati Skilled in speech.
ବାଚଃପତି } —ଅନ୍ୟରୂପ ସ. ବ.—୧ । ବାକ୍ୟ ଶାସ୍ତ୍ର
ବା(ବ)ଚସାଂପତି } ବିଶାରଦ ପଣ୍ଡିତ—1. A master in the art of speech; a linguist.
୨ । ବୃହସ୍ପତି—2. Bruhaspati. ୩ । ବିଦ୍ୱାନ୍ ବ୍ୟକ୍ତି—
3. Learned person. ୪ । ପୁଷ୍ୟା ନକ୍ଷତ୍ର—4. The 8th asterism of the Indian system of astronomy.
ଦେ. ବ.—ପ୍ରସିଦ୍ଧ ପଣ୍ଡିତଙ୍କୁ ପଣ୍ଡିତସଭା ବା ସ୍ୱଜାତି ପ୍ରଦତ୍ତ ଉପାଧି (ଯଥା ତାରାନାଥ ତର୍କ ବାଚସ୍ପତି)—A title of distinction bestowed on very learned Pandits.

ବାଚସ୍ପତ୍ୟ—ସ. ବ. (ବାଚସ୍ପତି+ଭାବେ. ଯ)—ବାଗ୍ମିତା; ବାକ୍‌ପଟୁତା—
Bāchaspatya Oratory; eloquence.
বাচস্পত্য ଦେ. ବ.—ବଙ୍ଗୀୟ ପଣ୍ଡିତ ତାରାନାଥ ତର୍କ ବାଚସ୍ପତି
वाचस्पत्य ପ୍ରଣୀତ ସଂସ୍କୃତ ଅଭିଧାନବିଶେଷ—A Sanskrit dictionary edited by Pandit Taranath of Bengal.

ବାଚ୍ଚା—ଦେ. ବ. (ବଙ୍ଗଳାରୁ ଅନୁକୃତ)—(ସ. ବତ୍ସ)—ବତ୍ସ; ଶିଶୁ—
Bāchā বাচ্চা बच्चा 1. Child; infant.
ସ. ବ.—କଥା; ବାକ୍ୟ—1. Word; speech.
ବାଚା ଶୁଣୁଥିବା ସଙ୍ଗେ ମିଳାଇ – ଅଭିମନ୍ୟୁ. ବିଦଗ୍ଧ ଚିନ୍ତାମଣି ।
୨ । ପ୍ରତିଜ୍ଞା; ପ୍ରତିଶ୍ରୁତି—2. Promise. ୩ । ବଚୁଆ ମାଛ (ଦେଖ)—3. Bachuā fish (See)

ବାଚା(ତା)ଖାଣି—ଦେ. ବ.—କଥାର ବାଲଙ୍ଗି; ବାଗାଡ଼ମ୍ବର—
Bāchā(tā)khāni Bragging; bombastic language
বড় বড় কথা डींग

ବାଚାଖାଣି କରିବା—ଦେ. କ୍ରି.—କଥାରେ ବାଲଙ୍ଗି କରିବା—
Bāchākhāṇi kariba To brag.
বড়বড় কথা বালা डींग हाँकना

ବାଚାଟ(ଳ)—ସ. ବଣ. ପୁଂ [ବାଚ+ଅଟ (ଅଳ)]—ବହୁଭାଷୀ, ପ୍ରଗଳ୍ଭ—
Bāchāṭa(ḷa) Talkative; loquacious; garrulous; braggart.
[ବାଚାଟା(ଳା)—ସ୍ତ୍ରୀ] (ବାଚାଟ [ଳ]ତା—ବ)

ବାଚା ପତ୍ର— ସ. ବ. (ମ. ପ. ଲେ)—ପ୍ରତିଜ୍ଞା ପତ୍ର (ହ୍ୟୁ. ଷ)—A deed
Bāchā patra of promise; affidavit.

ବାଚାବଦ୍ଧ—ସ. ବ.—(ଅନ୍ୟ ମତ; ବାଚ୍+ଅବଦ୍ଧ) ପ୍ରତିଜ୍ଞାବଦ୍ଧ
Bāchā baddha (ହ୍ୟୁ. ଷ.)—Promise-bound.
(ବାଚାବଦ୍ଧତା—ବ.)

ବାଚିକ—ସ. ବଣ—(ବାଚ୍+ ଭବାର୍ଥେ. ଇକ )—୧ । ବାଚନିକ;
Bāchika ମୌଖିକ—1. Verbal; oral. ୨ । ସଙ୍କେତରେ କଥିତ—3. Spoken by signs; spoken in cypher language.
ସ. ବ—ମୌଖିକ ସମ୍ବାଦ—Verbal message.

ବାଚୀ—ସ. ବଣ. ପୁଂ (ଅନ୍ୟପଦ ପରେ ଲାଗେ)—ବାଚକ (ଦେଖ)
Bāchī (ବାଚନୀ—ସ୍ତ୍ରୀ) Bāchaka (See).

ବାଚୁ—ଦେ.ବ—ଫେଣ; ଅତିରିକ୍ତ ପରିଶ୍ରମ ବା କଥାବାର୍ତ୍ତା ବା ରୋଗଜନିତ
Bāchu କ୍ଲାନ୍ତି ଯୋଗୁଁ ମୁହଁରୁ ବାହାରିବା ଫେନଯୁକ୍ତ ଲାଳ—
ফেনা Froth issuing from the mouth.
गाजद ଦେଖ ପାଟ ବେଉ ବାହାରୁଅଛି ବାଚୁ –
କୃଷ୍ଣସିଂହ. ମହାଭାରତ. ବନ ।

ବାଚ୍ଛଲ୍ୟ—ଗ୍ରା. ବ—( ସ. ବାତ୍ସଲ୍ୟର ଅଶୁଦ୍ଧ ଉଚ୍ଚାରଣ )—ବାତ୍ସଲ୍ୟ
Bāchchhalya (ଦେଖ)—Bātsalya (See).

ବାଚ୍ୟ—ସ. ବଣ—( ବଚ୍ ଧାତୁ+କର୍ମ. ଯ )—୧ । ବକ୍ତବ୍ୟ—
Bāchya 1. Fit to be spoken. ୨ । କଥନୀୟ; କହିବା-ଯୋଗ୍ୟ—2. Utterable. ୩ । ଭର୍ତ୍ସନୀୟ—
3. Reproachable; deserving abuse.
୪ । କୁତ୍ସିତ-4. Nasty; wretched. ୫ । ଗର୍ହିତ—

5. Detested. ୬ । ଜାତିଭ୍ରଷ୍ଟ—6. Excommunicated. ୭ । ଦୁଷ୍ଟ—7. Wicked. ୮ । ପ୍ରତିପାଦ୍ୟ—8. Demonstrable. ୯ । ନିନ୍ଦ୍ୟ—9. Blameworthy.

ସଂ. ବି—୧ । କଥା—1. Speech. ୨ । ନିନ୍ଦା—2. Reproch. ୩ । ( ବ୍ୟାକରଣ ) ବାକ୍ୟର ଯେଉଁ ପ୍ରକୃତିଦ୍ୱାରା ଅଭିଧା ବା ବକ୍ତାଙ୍କର ଇଚ୍ଛା ଜଣାଯାଏ ଓ ବାକ୍ୟରେ ବ୍ୟବହୃତ କ୍ରିୟାର ପ୍ରକୃତି ଜଣାଯାଏ—3. (grammar) The voice of a verb (e. g. active voice and passive voice).

[ ଦ୍ର—ସଂସ୍କୃତ ବ୍ୟାକରଣରେ ବାଚ୍ୟ ୮ ପ୍ରକାର; ଯଥା—କର୍ତ୍ତୃ, କର୍ମ, କରଣ, ସମ୍ପ୍ରଦାନ, ଅପାଦାନ, ଅଧିକରଣ, ଭାବ ଓ କର୍ମକର୍ତ୍ତୃ । ଓଡ଼ିଆ ବ୍ୟାକରଣରେ ବାକ୍ୟର ବାଚ୍ୟ ଚାରି ପ୍ରକାର—କର୍ତ୍ତୃ, କର୍ମ, ଭାବ ଓ କର୍ମକର୍ତ୍ତୃ ବାଚ୍ୟ । ]

୪ । ( ବ୍ୟାକରଣ ) ଧାତୁର ଉତ୍ତର ଭିନ୍ନ ଭିନ୍ନ ଅର୍ଥରେ ଯୁକ୍ତ ହେବା ପ୍ରତ୍ୟୟ—4. (grammar) Suffix of a verb. ୫ । ( ବ୍ୟାକରଣ ) ଶବ୍ଦଦ୍ୱାରା ଯେଉଁ ବସ୍ତୁର ବା ଅର୍ଥର ବୋଧ ହୁଏ; ଅଭିଧେୟ ବସ୍ତୁ ବା ଅର୍ଥ (ହି.ଶ)—5. A thing or meaning indicated by a word. ୬ । ଅଭିଧେୟ (ଦେଖ)—6. Abhidheya (See).

**ବାଚ୍ୟମାନ**—ସ. ବିଣ.—( ବଚ ଧାତୁ ଣିଚ୍+କର୍ମ. ଆନ )—
Bāchyamāna ୧ । ବକ୍ଷମାଣ; କଥ୍ୟମାନ—1. Being spoken. ୩ । ପ୍ରକାଶ୍ୟମାନ—3. That which is being expressed. ୪ । ନିନ୍ଦନୀୟ—3. Blameable.

**ବାଚ୍ୟାର୍ଥ**—ସଂ. ବି—(କର୍ମଧା; ବାଚ୍ୟ+ଅର୍ଥ)—(ବ୍ୟାକରଣ) ଶବ୍ଦର
Bāchyārtha ନିଯୁକ୍ତ ଅର୍ଥଦ୍ୱାରା ପ୍ରକଟିତ ଅଭିପ୍ରାୟ; ସଙ୍କେତରୂପେ ସ୍ୱୀକୃତ ଶବ୍ଦର ମୌଳିକ ଅର୍ଥ—(grammer) The original or settled or fundamental meaning of a word.

[ ଦ୍ର—ଶବ୍ଦମାନଙ୍କର ତିନି ଶକ୍ତି—ଅଭିଧା, ଲକ୍ଷଣା ଓ ବ୍ୟଞ୍ଜନା । ଲକ୍ଷଣା ଓ ବ୍ୟଞ୍ଜନାର ଆଧାର ଅଭିଧା ଅଟେ, ଯାହା ଶବ୍ଦସଙ୍କେତ ଦ୍ୱାରା ଶବ୍ଦର ନିଯୁକ୍ତ ଅର୍ଥର ବୋଧ କରାଏ । ଯେଉଁ ଅର୍ଥ ଶବ୍ଦର ମୌଳିକ ଅର୍ଥ ଅଟେ ତାହା ହିଁ ଶବ୍ଦର ବାଚ୍ୟାର୍ଥ—( ହି. ଶ. ) । ]

**ବାଚ୍ୟାବାଚ୍ୟ**—ସ. ବିଣ—(ବାଚ୍ୟ+ଅବାଚ୍ୟ)—କଥ୍ୟ ଓ ଅକଥ୍ୟ—
Bāchyābāchya Speakable or unspeakable.
ସ. ବି—କଥ୍ୟ ଓ ଅକଥ୍ୟ ବିଷୟ—Speakable and unspeakable matters.

**ବାଚ୍ୟୋତ୍ପ୍ରେକ୍ଷା**—ସଂ. ବି—ଅର୍ଥାଲଙ୍କାରବିଶେଷ ( ଉତ୍ପ୍ରେକ୍ଷା
Bāchyot-prekshyā ଲଙ୍କାର ତଳେ ନୋଟ୍ ଦେଖ)—Simile (see notes under 'Utprekshālankāra ).

**ବାଛ**—ଦେ. ବି ( ସଂ. ବାଚ୍ୟ )—୧ । ନିନ୍ଦା; ଅପବାଦ; ବାଇଚ—
Bāchha 1. Defamation; blame. ୨ । ସମାଲୋଚନା—2. Criticism.
ବାଈଚ निन्दा
ବାଛା चुनना ୩ । (ସଂ. ନିର୍ବାଚନ) ବାଛିବା; ନିର୍ବାଚନ କରିବା—3. Selecting ( good from bad ).
ବାଛବିଚାର ୪ । ଭଲ ମନ୍ଦର ବିଚାର—4. Discrimination.
विवेचार

**ବାଛନ୍ଦ**—ଦେ. ବି. ଓ ବିଣ—ବାସନ୍ଦ (ଦେଖ)
Bāchhanda Bāsanda (See).

**ବାଛବୁଛ କରିବା**—ଦେ. କ୍ରି—ବିଛବିଛି କରିବା; ଉତ୍ତମରୂପେ ବାଛିବା—
Bāchhabuchha karibā To carefully separate the good things from the bad.
( ବାଛବୁଛ ଦେବା—ଅନ୍ୟରୂପ )
ବାଛାବାଛି କରା चुनाचुनी करना

**ବାଛର**—ଦେ. ବି (ସଂ. ବତ୍ସତର)—୧ । ଘୋଡ଼ାଛୁଆ—1. Colt.
Bāchharā ୨ । ( ସଂ. ବତ୍ସ+ଅତିସାର ) ଶିଶୁରୋଗବିଶେଷ; ଶିଶୁମାନଙ୍କର ଝାଡ଼ା ରୋଗ—2. Infantile diarrhoea.
ବାଛା बछरा
ଦେ. ବିଣ—ଅଳ୍ପବୟସ୍କ ( ପଶୁ )—Young (animal).

**ବାଚ୍ଛା**—ଦେ. ବି (ବଙ୍ଗଳାରୁ ଅନୁକୃତ) (ସଂ. ବତ୍ସ)—ଶିଶୁ; ବାଳକ—
Bāchhā Child; boy.
ବାଛା बचा ପ୍ରାଦେ ( ବସ୍ତର ) ବି (ତୁଳ. ହି. ବାଛା)—ଅଣ୍ଡିରା ବାଛୁରୀ ବା ଦାମୁଡ଼ି—Young bullock.

**ବାଛିବା**—ଦେ. କ୍ରି (ସଂ. ନିର୍ବାଚନ)—୧ । ନିର୍ବାଚନ କରିବା—
Bāchhibā 1. To select; to choose.
ବାଛା चुनना ୨ । ଭଲ ଓ ମନ୍ଦକୁ ପୃଥକ୍ କରିବା—2. To separate the good from the bad.
[ବାଛ(ଛେ)ଇବା—ଣିଜନ୍ତ]
ନିଡ଼ାନ कमाना; निकोना ୩ । ଧାନ କିଆରିରୁ ଘାସ ଆଦି ଓପାଡ଼ିବା—3. To root out weeds from paddy fields.
ବାଛା ; अमनिया करना ୪ । ଚାଉଳ ବା ଶସ୍ୟ ଆଦିରୁ ଅସାର ଅଂଶଯାକ କାଢ଼ିପକାଇବା—4. To pick out bad from good things.
ବାଛା बनाना ୫ । ମାଛ ଓ ଶାଗ ଆଦିରୁ ପାକର ଅଯୋଗ୍ୟ ବା ଅଖାଦ୍ୟ ଅଂଶମାନ ବାହାର କରିଦେବା—5. To prepare pot herb or fish for cooking after clearing them of refuse matters.
दूषना ୬ । (ସଂ. ବାଚ୍ୟ) ଦୋଷ ଦେବା; ନିନ୍ଦା କରିବା—6. To blame; to show any defect.
ବାଛିବାକୁ ଚହଟରେ କଥା ନାହିଁ କିଛି—କୃଷ୍ଣ ବ. ମହାଭାରତ ବନ ।
୭ । ସମାଲୋଚନା କରିବା—7. To criticise.
रफू करना, जाली बीनना ୮ । ଚିରା ଲୁଗାର ଛିଦ୍ରକୁ ଛୁଞ୍ଚି
ରଫୁକରା ସାହାଯ୍ୟରେ ସୂତା ବୁଣିବା; ରଫ କରିବା—

8. To knit with thread and needle any hole opened in a cloth; to, darn.

দোষবের করা ୯ । (ଦୋଷ, ଦୁର୍ଗୁଣାଦ) ଖୋଜ ବାହାର କରିବା— দোষ নীকালনা To find fault with.

ତୁ କର୍ଣ୍ଣ ମୋତେ ଏବେ ନିନ୍ଦା କରୁଅଛୁ
କଟୁକରି କଥା କହୁ ମୋ ଦୋଷ ବାଛୁ—କୃଷ୍ଣସିଂହ. ମହାଭାରତ ଶାନ୍ତି ।

ବାଛୀ—ଗ୍ରାଦେ (ସମ୍ବଲପୁର) ବି (ଭୁଲ. ହି. ବାଛୀ)—୧ । ଛୁଆଗାଈ—
Bāchhi 1. Young cow.

୨ । ମାଈ ବାଛୁରୀ—2. Female calf.

ବାଛୁରୀ—ଦେ. ବି (ସଂ. ବସ୍ତତରୀ)—ଗୋବତ୍ସ—
Bāchhurī Calf.
বাছুর বাছা, বছড়া ଦୁଧ ପିଇ ବାଛୁରୀ ଯେବେ ପଳା ଯାନ୍ତେ—
କୃଷ୍ଣସିଂହ, ମହାଭାରତ ଅଦି ।

[ଦ୍ର—ସଂସ୍କୃତରେ ଅଣ୍ଡିରା ବାଛୁରୀକୁ 'ବସ୍ତତର' ଓ ମାଈ ବାଛୁରୀକୁ ବତ୍ସତରୀ ବୋଲାଯାଏ; କିନ୍ତୁ ଓଡ଼ିଆ ଭାଷାରେ 'ବାଛୁରୀ' ଶବ୍ଦ ଉଭୟ ଲିଙ୍ଗରେ ବ୍ୟବହୃତ ହୁଏ । ]

ବାଛୁରୀ ବ୍ରତ—ଗ୍ରାଦେ. (ଅଳ) ବି—ବସ୍ତତରର ମୁଷ୍କଚ୍ଛେଦନ—
Bāchhurī brata Castration of a calf.

ଦେ. ବି—ଅଣ୍ଡିରା ବାଛୁରୀକୁ ଶିବ ମନ୍ଦିରରେ ବ୍ରତ କରିବା, (ବାଛୁରବରତ—ଗ୍ରାମ୍ୟରୂପ) ଅର୍ଥାତ୍ ତାହାର ଜଙ୍ଘାରେ ତା ଦେହରେ ତ୍ରିଶୂଳ ଚିହ୍ନିତ କରି ଷଣ୍ଢରୂପେ ଉତ୍ସୃଷ୍ଟ କରି ଛାଡ଼ି ଦେବା ବିଧି—Consecration of a bull calf in the temple of Siba.

ବାଜ୍—ବୈଦେ. ପ୍ରତ୍ୟୟ (ଫା)—୧ । ପଟୁ—1. Proficient in.
Bāj (ଯଥା—ମକଦ୍ଦମା ବାଜ୍; ଦଗାବାଜ୍ ।)
বাজ বাজ ୨ । ଅଭ୍ୟାସକ୍ତ—2. Addicted to.
(ଯଥା—ନିଶାବାଜ୍; ରଣ୍ଡୀବାଜ୍ ।)

ବାଜ୍‌ଖଟ—ଗ୍ରାଦେ. ( ସମ୍ବଲପୁର ) ବି—୧ । ମୁର୍ଦାର ବୁହା ଖଟିଆ; ଜୋକେଇ—1. A bamboo bedstead or
Bāj-khat stretcher for carrying a corpse. ୨ । ସପ୍ତର୍ଷି-ମଣ୍ଡଳ ( ତାରାପୁଞ୍ଜ )—2. The Great Bear (group of stars).

ବାଜ୍‌ବା—ଗ୍ରାଦେ.(ସମ୍ବଲପୁର) କ୍ରି—ବାଜିବା—
Bāj-bā To slightly strike.

ବାଜ—ବୈଦେ. ବି—୧ । (ଅ. ବାଜ୍; ସଂ. ଶ୍ୟେନ)—ପ୍ରସହବର୍ଗର
Bāja ଦବାତର ଶିକାରୀ ପକ୍ଷିବିଶେଷ; ଛଞ୍ଚାଣ—1, Hawk.
বাজ [ ଦ୍ର—ଏମାନେ ଶ୍ରେଷ୍ଠ ଓ ବଡ଼ ନାନା ଶ୍ରେଣୀର ଅଛନ୍ତି ।
বাজ ଏମାନେ ଅନ୍ୟାନ୍ୟ ଶ୍ରେଷ୍ଠ ପକ୍ଷୀଙ୍କୁ ମାରି ଖାଆନ୍ତି । ]

୨ । (ଅ. ବାଜ୍=ଡେଣା)—ପକ୍ଷୀର ଡେଣା—
2. Wings of a bird.

ବାଜ ପକ୍ଷବଳ ତାର, ବକ୍ଷେ ଘେ ଛୁଇଁ ସେ ଶର ।
ଉପେ. ବୈଦେହୀଶ ବିଳାସ ।

বাজু ୩ । ( ଫା. ବାଜୁ=ବାହୁ )—ବାଜୁବନ୍ଧ—
বাজু 3. An ornament for the arm.

ସଂ. ବି. (ବଜ ଧାତୁ=ଗତି କରିବା+ଭାବ. ଅ )—୧ । ଗମନ; ଗତି—1. Movement; motion. ୨ । ଘୃତ; ଘିଅ—2. Ghee.

ଗ୍ରା. ବି—ସତ୍ୟବାଦୀ, ବ୍ରଜବନ୍ଧୁ ନାମକ ବ୍ୟକ୍ତିର ଅଦରାର୍ଥକ (ବାଜ—ଅନ୍ୟରୂପ) ଡାକନାମ—A name for calling a (ବାଜିଆ—ଅନାଦରାର୍ଥକରୂପ) person named Satyabādī or Brajabandhu in fondness.

ବାଜଣା—ଦେ. ବି. (ସଂ. ବାଦନ)—୧ । ବାଦ୍ୟଧ୍ୱନି—1. Sound
Bājanā of music. ୨ । ବାଦନ; ବାଜାବଜାଇବା—
বাজনা বাজন 2. Playing on music.

ଅନ୍ତକୁ ନେଇ ମିଳିବାକୁ ହୋଇଛି ଯଶଡିଣ୍ଡିମ ବାଜଣା ।
କବିସୂର୍ଯ୍ୟ. କବୋକଲ୍ଲୋଳ ।

୩ । ବାଦ୍ୟଯନ୍ତ୍ର; ବାଜା—3. Musical instrument
ନାନାଜାତ ଗୀତ ବାଜଣା ବଜାଇଲେ । କୃଷ୍ଣସିଂହ. ମହାଭାରତ ସଭା ।

ବାଜଣାଦାର—ଦେ. ବି—ବାଜାଦାର; ବାଦ୍ୟକାର—Musician.
Bājanādāra বাজনাদার; বাজনদার বজনীয়া
(ବାଜଣାବାଲା, ବାଜଣିଆ—ଅନ୍ୟରୂପ)

ବାଜ(ଜି, ଜେ)ଣୀ—ଦେ. ବି. (ସଂ. ବାଦ୍ୟ; ପାଦମଞ୍ଜୀର)—୧ । ନୂପୁର;
Bāja(ji, je)nī ଘୁଙ୍ଗୁର; ଘୁଙ୍ଗୁରଲଗା ବଳା—1. Tinkling
নেপুর anklet. ୨ । ବଜାଇବାର ଶବ୍ଦ—3. Tinkling
पैजनी sound.
(ଯଥା—ଏ ଠଙ୍କାର ବାଜଣୀ କମ୍ ଅଛି ।)

ଦେ. ବିଣ—ଶବ୍ଦକାରୀ—Making a sound;tinkling.

ବାଜଣୀ ନୂପୁର ବାଜେ ଚରଣ ତଳେ । ବିଶ୍ୱନାଥ. ବିଚିତ୍ରରାମାୟଣ ।

ବାଜଣିଆ—ଦେ. ବି—ବାଦ୍ୟକାର—Musician.
Bājaniā ବାଜଣିଆ ବଳ ଲଜ୍ଜାରୁ ବାହାର ଏବାଳେ ବାଦ୍ୟ ବଜାଇ ସେ ।
বাজনদার বজনীয়া ଉପେ. ବୈଦେହୀଶବିଳାସ ।

ବାଜ ପାରା—ଦେ. ବି. ( ବାଜ ପାରାକୁ ଆକ୍ରମଣ କରି ଖାଉଥିବାରୁ;
Bāja pārā ଭୁଲ. ଅହିନକୁଳ )—୧ । ( ଲକ୍ଷଣାର୍ଥ ) ଖାଦକ
বাজপায়রা ଓ ଖାଦ୍ୟ ବସ୍ତୁ—1. (implied meaning) The
बाजपरवा eater and the eaten. ୨ । ପରସ୍ପରର ଚିର-ଶତ୍ରୁ—2. Confirmed enemy of each other.

ରଜା ପ୍ରଜା ଏବେ ହେଲେ ବାଜପାରା—ପ୍ରଧାନାଥ. ଦରବାର ।

ବାଜପେୟ—ସଂ. ବି. ( ବହୁବ୍ରୀହି, ବାଜ=ଘୃତ+ପେୟ=ଯହିଁରେ
Bājapeya ଦେବତାଙ୍କୁ ଘୃତ ଦ୍ୱାରା ପାନ କରାଯାଏ)—ଯଜ୍ଞବିଶେଷ—
A vedic sacrifice

ବାଜପେୟୀ—ସଂ. ବି. ପୁଂ. ( ବାଜପେୟ+ଇନ୍; ୧ମା. ୧ବ. )—୧ ।
Bājapeyī ବାଜପେୟ ଯଜ୍ଞକର୍ତ୍ତା—1. Performer of 'Bāja pega'. ୨ । ଯାଜ୍ଞିକ ବ୍ରାହ୍ମଣଙ୍କ ଉପାଧିବିଶେଷ—2. Title given to a class of performs of vedic sacrifices.

ବାଜପୋଇ—ଦେ. ବି—ବାଜ ଜାତୀୟ ପକ୍ଷି ବିଶେଷ—
Bājapoi A species of hawk.

ଗ୍ରା. ବି—ବାଜପେୟୀ (ଦେଖ)—Bājapeyī (See)

**ବାଜ ବଇ(ହି)ରା(ରି)**—ଦେ. ବି—ବହିରା ୨ ( ଦେଖ )
Bāja bai(hi)rā(ri) बाज बैरी Bahirā 2 ( See)
[ବାଜ ବହି(ହା)ର, ବାଜ ବଇର—ଅନ୍ୟରୂପ] बाज
ପୁତ ନଳୀରୁ ଗୁଳି ବାହାର ଆଡ଼ ଦେବାର ବାଜ ବଇରି
ମାଡ଼ ବସିଲେ ପକ୍ଷୀକ ଧର ନ ମନୋହର ଯେ—ଉଦ୍ଧ. ପ୍ରେମ

**ବାଜରା**—ଦେ. ବି. ( ସଂ ବଜ୍ରା; ବର୍ଜରୀ )—
Bājarā ୧ । ମକ୍କା ଜାତୀୟ କୃଷିଜାତ ଶସ୍ୟବିଶେଷ—
बाजरा 1. Bulrush millet; Pennisetum
बाज्रि, बाजरा * Typhoidium.
[ ଦ୍ର—ଏ ଗଛ ୫।୬ ହାତ ଉଚ୍ଚ ହୁଏ; ଏ ଗଛ ବାଲିଆ ଓ ଡିପ ଜମିରେ ହୁଏ । ଏହା ଦେଖିବାକୁ ଆଖୁଗଛ ପରି । ଏ ଗଛରେ ଗୁଚ୍ଛ ଗୁଚ୍ଛ ହୋଇ ଶସ୍ୟ ଫଳେ । ପଶ୍ଚିମରେ ସାଧାରଣ ଲୋକେ ଏ ଶସ୍ୟକୁ ମଇଦା କରି ଖାଆନ୍ତି । ଏହାକୁ ଭାଜିଲେ ଖୁବ ବଡ଼ ବଡ଼ ଲିଆ ହୁଏ । ଏଥିର କ୍ଷେତରେ ଖତ ଦେବା ବା ପାଣି ମଡ଼ାଇବା ଆବଶ୍ୟକ ହୁଏ ନାହିଁ । ]

**ବାଜସନି**—ସ. ବି—ସୂର୍ଯ୍ୟ ( ହ୍ର. ଶ )—
Bājasani The sun.

**ବାଜା**—ଦେ. ବି. ( ସ. ବାଦ୍ୟ )—ବାଦ୍ୟ—
Bājā बाजा बाजा Musical instrument.
ବାଜଣ ପାହାନ୍ତ ବାଜା—କବିକଶୋର. ଶର୍ମିଷ୍ଠା ।
ପ୍ରାଦେ. (ସମ୍ବଲପୁର) ବି—ଏକ ପ୍ରକାର ଢୋଲ; ନିଶାଣି—
A kind of drum.

**ବାଜା(ଦା) ଅମ୍ବ(ମ୍ବା)**—ବିଦେ. ବି. (ପ୍ରେଞ୍ଚ୍-ଅକାଜ; ମାଲୟ-ଅକାୟୁ; କାୟୁ=ଗଛ)—ଲଙ୍କା ଅମ୍ବ—
Bājā(dā) āmba(mbā)
[ବାଜା(ଦା)ମ୍ବ(ମ୍ବା)—ଅନ୍ୟରୂପ] The cashew nut;
बादाम, हिजलि बादाम Anacardium Occidentale.
काजु [ ଦ୍ର—ଏହା ଅମ୍ରାତ ବର୍ଗର ବୃକ୍ଷ;
ଟେ. ଗିଲ୍ଡମାମେଣ୍ଟି, ଏହାର ଆଦି ନିବାସ ଦକ୍ଷିଣ ଅମେରିକା;
ମୁଣ୍ଡାମାମବଚେଣ୍ଟୁ ଏହାର ଫଳର ଡେମ୍ଫ ଖୁବ ମୋଟ ଓ
ଗୁ. କାଜୁ ଫଳ ପରି ଦେଖାଯାଏ; ଏ ଡେମ୍ଫ ପାଚିଲେ
ନାଲି ବା ହଳଦିଆ ହୁଏ ଏବଂ ଏହାର ରସ ମିଠା ଓ କଷା । ଲୋକେ ଏହି ଫଳର ବେଣ୍ଟକୁ ଫଳ ବୋଲି ଓ ବେଣ୍ଟ ଅଗରେ ଲାଗିଥିବା ଫଳକୁ ମଞ୍ଜି ବୋଲି ମନେ କରନ୍ତି । ଏହି ମଞ୍ଜି ଅମ୍ବ ଅକୃତିର, ମାଂସ ଅଛି କ୍ଷୁଦ୍ର ଓ ନାଲାଭ; ଏହା କଠିନତ୍ୱକ୍ ଦ୍ୱାରା ଆବୃତ । ଏହି ତ୍ୱକ୍‌ରେ କଷାକ୍ତ ତେଲ ଥାଏ ଏବଂ ମଞ୍ଜି ଭିତରେ ସୁସ୍ୱାଦୁ ଶସ ଥାଏ । ଏ ଗଛ ସମୁଦ୍ର ଉପକୂଳବର୍ତ୍ତୀ ବାଲିଆ ଜମିରେ ହୁଧାଏ । ଏ ଫଳକୁ ନିଆଁରେ ପୋଡ଼ିଲେ ଶେପାରୁ ତେଲ ବାହାରେ ଓ ପୋଡ଼ାଫଳ ଭିତରୁ ଶସ ବାହାରେ । କାଠ ଜଳିବା ଅବରେ ଏହି ତେଲ ବୋଳ ଡହିଁରେ ହୁଇ ଧରନ୍ତି ନାହିଁ । ]

**ବାଜାଦାର**—ଦେ. ବି—ବାଦ୍ୟକର—
Bājādār Musician.
(ବାଜାବାଲା—ଅନ୍ୟରୂପ) बाजादार बाजादार

**ବାଜି**—ବିଦେ. ବି. (ଫା. ବାଜୀ; ତୁଲ. ସ. ବାଜ)—
Bāji ୧ । କୁହୁକ; ଇନ୍ଦ୍ରଜାଲ—1. Magic. ୨ । କ୍ରୀଡ଼ା;
बाजि कୌତୁକ—2. Amusements; sports. ୩ । ଖେଳର
बाजी ଥର—3. Turn or heat of a game. ୪ । ଖେଳରେ ରଖାଯିବା ପଣ; ହୁଡ଼—4. Wager. ୫ । ବାଣ ପୋଡ଼ା—5. Firework; display of fireworks. ୬ । ଗଞ୍ଜପା ଖେଳରେ ସୂର୍ଯ୍ୟ ରଙ୍ଗର ରଜା—6. The King in one set of cards in 'Gañjapā' game. ୭ । ଖେଳରେ ଖେଳୁଥିବା ଏକାଧିକ ଖେଳାଳିଙ୍କ ମଧ୍ୟରୁ ପ୍ରତ୍ୟେକ ବ୍ୟକ୍ତିର ଖେଳିବାର ଥର; ପାଳି—7. The turn of a player in a game.
ବିଦେ. ପ୍ରତ୍ୟୟ (ଫା)—ଫା. 'ବାଜ୍' ପ୍ରତ୍ୟୟାନ୍ତ ଶବ୍ଦ ଦ୍ୱାରା ସୂଚିତ କାର୍ଯ୍ୟ ବା ଅବସ୍ଥା ( ଯଥା—ରଣ୍ଡିବାଜି, ଦଗାବାଜି, ଖେଲ୍‌ବାଜି)—Th state or act of doing a thing
बाजी denoted by a word formed with the
बाजी Persian suffix 'Baj.'
ପ୍ରାଦେ. (ବାଲେଶ୍ୱର) ବି—୧ । ମାକଡ଼ଡେଇଁ—1. Somersault. ୨ । ପଟ୍ଟତନ ଡଙ୍ଗା—2. A plank-decked boat ୩ । ଖେଳର ଦାନ—3. The throw in a game. ୪ । ତାସ୍ ଖେଳରେ ତାସ୍ ବଣ୍ଟା ହେବା ପରେ ହାତକୁ ଆସିଥିବା ତାସ୍—4. The portion of the pack of cards coming to a player's hands after their distribution. ୫ । ତାସ୍ ଖେଳରେ ପ୍ରତ୍ୟେକ ଖେଳାଳି ଖଣ୍ଡେ ଖଣ୍ଡେ ତାସ୍ ଖେଳିବା ପରେ ଯେଉଁ ତାସ୍‌ମାନଙ୍କୁ ଜିଣିବା ବ୍ୟକ୍ତି ଉଠାଇ ନେଇ ଆପଣା ପାଖେ ରଖିଦିଏ—5. The cards collected by the winner after every throw. ୬ । ଥର—6. Time. ୭ । କ୍ରିୟା—7. Action.
ଗ୍ରା. ବି—ସତ୍ୟବାଦୀ, ବ୍ରଜବନ୍ଧୁ ଆଦି ବ୍ୟକ୍ତିର ଆଦରାର୍ଥକ ଡାକନାମ—A name for calling Satyabādi, Brajabandhu etc in fondness.

**ବାଜିଆ**—ଗ୍ରା. ବି. ପୁଂ. (ଅନାଦରାର୍ଥକ) ସତ୍ୟବାଦୀର ଡାକନାମ—
Bājiā A name for calling Satyabādi.

**ବାଜି ଅଟିକା**—ପ୍ରାଦେ. (ବାଲେଶ୍ୱର) ବି. (ସ. ବର୍ଜିତ)—
Bāji āṭikā ଅଶୌଚ ଅବରେ ସବୁ ବାହାର କରି ଫିଙ୍ଗି ଦିଆଯାଇଥିବା ହାଣ୍ଡି ଆଦି; ବାଇଜ ହାଣ୍ଡି—
(ବାଜ ହାଣ୍ଡି—ଅନ୍ୟରୂପ) Earthen cooking pots which are abandoned and thrown away as impure on the occasion of deaths or births in a family.

**ବାଜିଆ ପ(ଫ)ତ୍(ତି)**—ବିଦେ. ବିଣ ଓ ବି. (ଫା. ବାଜେୟାପ୍ତ୍)—
Bājiā pa(pha)t(ti) ବାଜ୍ୟାପ୍ତ ( ଦେଖ )—
Bājyāpt ( See )

**ବାଜିକ(ଗ)ର**—ବିଦେ. ବି. ( ଫା. ବାଜୀଗର )—
Bājika(ga)ra ୧ । ଐନ୍ଦ୍ରଜାଲିକ; କୁହୁକିଆ; ଜାଦୁକର—
बाजीकर बाजीगर 1. Magician.

ବଣ୍ଡିକ ବିଜିକ ପ୍ରଷ୍ଠ ଉଦବହ ବସ ପ୍ରେମ-ବାଜିକର ।
ଯଗନ୍ନାଥ. ଯଗାଡ ।

୨ । ସେହି ବ୍ୟକ୍ତି ନାନା ପ୍ରକାର ଐନ୍ଦ୍ରଜାଲିକ ଓ ଆଶ୍ଚର୍ଯ୍ୟମୟ କ୍ରୀଡ଼ା ଓ ଦୃଶ୍ୟ ଦେଖାଏ—2. A person who exhibits magical and other wonderful performances.

ବାଜିକ(ଗ,ଗି)ରି—ବୈଦେ. ବି. (ଫା.) ବାଜିକରର କାର୍ଯ୍ୟ ବା ପେଶା—
Bājika(ga,gi)ri The act or profession or performances of a magician.
ବାଜିଗିରୀ **बाजिगरी**
ଦେ. ବିଣ—ଭୁଦୁକ ଦେଖାଇବା ସମ୍ବନ୍ଧୀୟ—Pertaining to the exhibition of magical feats.
(ଯଥା—ବାଜିଗର ତାମସା)

ବାଜିଗନ୍ଧା—ସଂ. ବି.—ଅଶ୍ୱଗନ୍ଧା (ଦ୍ର. ଷ.) (ଦେଖ)—
Bājigandhā Aświagandhā (See).

ବାଜିନ୍ଦାର୍—ପ୍ରାଦେ. (ବାଲେଶ୍ୱର) ବି—ଯେ ବାଜି ବା ଭୁଦୁକ ଦେଖାଏ-
Bājindār Magician.

ବାଜିନ୍ଦ୍ର(ଦ୍ରା)—ଦେ. ବିଣ—୧ । ଉତ୍କୃଷ୍ଟ—1. Eminent. ୨ । ବୀରତ୍ୱପୂର୍ଣ୍ଣ—2. Heroic. ୩ । ବାହାଦୁର-
Bājindra(udrā)
ବାଜି(ଜେ)ନ୍ଦ(ନ୍ଦା)ପଣ—ବି } 3. Creditable. ୪ । ଖିର
ବାଜି(ଜେ)ନ୍ଦ(ନ୍ଦା)ପଣିଆ(ଅଁ) } ଦୁଷ୍ଟ (ବାଳକ)-4. Naughty.

ବାଜିବା—ଦେ. କ୍ରି. (ବଦ୍ ଧାତୁ ଣିଚ୍=ବାଦ ଧାତୁ=ଭୁଚାଇବା; Bājibā ଶବ୍ଦ କରାଇବା; ସଂ. ବାଦିତ=ଶବ୍ଦାୟିତ; ସଂ. ବଜଧାତୁ ବାଜା ଗତି କରିବା, ଣିଚ୍ ବାଜଧାତୁ=ଗତି କରାଇବା) ୧ । ବାଦିତ
**बजना** ହେବା; ଧ୍ୱନିତ ହେବା; ଶବ୍ଦାୟମାନ ହେବା—1. To be sounded.
[ବଜା(ଜେ)ଇବା—ଣିଜନ୍ତ]

ବଡ଼ ଦେଉଳରେ ବାଜିଲା ଘଣ୍ଟା ।
ଶାନ୍ତି ଶିଖରର ଉଠିଲ ଘଣ୍ଟା—ଉଚ

୨ । ଆଘାତ କରିବା—2. To strike; to collide with.

ଗଚ୍ଛି କନ୍ଧ ଦେଇ ଚଳରେ, ବ୍ରହ୍ମାଣ୍ଡ ବାଜିଲ ଗର୍ଜନେ—
ଜଗନ୍ନାଥ. ଭାଗବତ ।

[ଦ୍ର—ଦୁଇ ବସ୍ତୁ ପରସ୍ପରକୁ ଆଘାତ କଲେ ପ୍ରତ୍ୟେକ ବସ୍ତୁ ଅନ୍ୟ ବସ୍ତୁରେ 'ବାଜିଲା' ବୋଲି ବୋଲାଯାଏ ଓ ସେହି ବସ୍ତୁ ଗତି କରୁ କରୁ ଅନ୍ୟ ସ୍ଥିର ବସ୍ତୁକୁ ଆଘାତ କରେ ଓ ସେହି ସ୍ଥିର ବସ୍ତୁରେ ଅନ୍ୟ ଗତିବିଶିଷ୍ଟ ବସ୍ତୁର ଆଘାତ ହୁଏ, ଏ ଦୁଇ ବସ୍ତୁ ପ୍ରତି ମଧ୍ୟ 'ବାଜିବା' କ୍ରିୟା ପ୍ରଯୋଜ୍ୟ ହୁଏ; ଯଥା—ଖୁଣ୍ଟରେ ମୁଣ୍ଡ ବାଜିବ ଓ ଖୁଣ୍ଟ ମୁଣ୍ଡରେ ବାଜିବ ।]

୩ । (ଶବ୍ଦ) ପ୍ରବେଶ କରିବା; ପହଞ୍ଚିବା—3. (a sound) To enter; to reach.

ସୁତୁର ଉଲାପ—ଧ୍ୱନି ବାଜଇ ଶ୍ରବଣେ – ଉପେନ୍ଦ୍ରଭଞ୍ଜ. ଲାବଣ୍ୟବତୀ ।

୪ । ଉଚ୍ଚସ୍ୱରରେ ପ୍ରକଟିତ ହେବା; ଉଦ୍‌ଘୋଷିତ ହେବା—4. To be loudly proclaimed.

ଭୂମ୍ବର ବାମାପଙ୍କେ ଯାକ ବାଜଇ, ଶୁଣି ସେଦିଦେଲେ ମାନ୍ୟେ
ଗ୍ରାଭୀ. ଚନ୍ଦ୍ରସମ୍ଭବ ।

୫ । ଘଡ଼ିରେ ସମୟସୂଚକ ଘଣ୍ଟାର ସଙ୍ଖ୍ୟା ଜଣାଯିବା—5. To strike the time of the day (said of a clock).

(ଯଥା—ଦଶ ଅସି ଅଠଟା ବାଜିଲାଣି, ବାରୁଙ୍କର ଛଡ ଘଣ୍ଟା ବାଜିଛି; ପିଟା ଘଣ୍ଟା ବଜା ଯାଇ ସମୟ ଜ୍ଞାପିତ ହେବାରୁ ବାଜିବାର ଏହି ଅର୍ଥ ଆସିଅଛି । ବାଜିବା କଲଘଣ୍ଟାରେ ମଧ୍ୟ ଘଣ୍ଟାର ସଙ୍ଖ୍ୟା ଯନ୍ତ୍ର ଯୋଗେ ବାଦିତ ହୁଏ । ଏହି ଅର୍ଥରୁ ଘଣ୍ଟାର ସଙ୍ଖ୍ୟାପ୍ରତି ମଧ୍ୟ 'ବାଜିବା' କ୍ରିୟା ଲାଗୁଅଛି ।)

୫ । (ପ୍ରହାର) ବସିବା—5. To be administered (as a stroke).
(ଯଥା—ବାବୁ, ତୋ ଉପରେ ଏବେ ଗୋଟାକେତେ ବାଜିବ)

୬ । ବାରୁଡ଼ିବା; ଭେଟିବା—6. To be met with; to be encountered with.
(ଯଥା—ଏଡ଼େବଡ଼ ଯାତ୍ରାରେ ପଣ୍ଡାଙ୍କ ଭାଗ୍ୟକୁ ଜଣେ ହେଲେ ବଡ଼ ଯାତ୍ରୀ ବାଜିଲେ ନାହିଁ ।)

୭ । (ବାଦ୍ୟଯନ୍ତ୍ର) ଶବ୍ଦିତ ହେବା—7. (a musical instrument) To be played upon.
( ଯଥା—ତାଇମୋଡ଼ଯନ୍ତ୍ର ବାଜୁଛି; ବେହେଲ ବାଜୁଛି, ବଂଶୀ ବାଜୁଛି ଜନ୍ମ ଘରେ—ମଧୁସୂଦନ ବର୍ଣ୍ଣବୋଧ)

୮ । ବାଡ଼ିବା; ବାଧିବା; କ୍ଲେଶର ଅନୁଭୂତି ଉତ୍ପନ୍ନ କରାଇବା—8. To affect; to cause a painful sensation.
(ଯଥା—ତାଙ୍କ ମନ୍ତବ୍ୟ ମୋତେ ଭାରି ବାଜିଲା)

ଲାଗା **लगना** ୯ । ଦେବାକୁ ପଡ଼ିବା—9. To have to be paid or given.
[ଯଥା—ଏ ମକଦମାରେ ତାଙ୍କୁ (ବା ତାଙ୍କ ହାତରୁ) ଟଙ୍କା ଶହେ ବାଜିଯିବ ।]

୧୦ । ସ୍ପର୍ଶ କରିବା; ଲାଗିବା—10. To touch.
( ଯଥା—ଅସ୍ପୃଶ୍ୟ ବ୍ୟକ୍ତିର ଲୁଗାକାନ୍ଧ ମୋ ଦେହରେ ବାଜିଲା । )

ବାଜିଭ—ସଂ. ବି—ଅଶ୍ୱିନୀ ନକ୍ଷତ୍ର (ଦ୍ର. ଷ.)
Bājibha The first asterism.

ବାଜି ଭୋର୍—ଦେ. ବି (ଫା. ବାଜୀ+ସଂ. ଉପବସ୍)—ଏକଥର ଖେଳର
Bāji bhor ସମାପ୍ତି—The end of a game; the end of
ବାଜୀଭୋର **बाजीभोर** one heat of a game.

ବାଜୀ ମାତ୍—ବୈଦେ. ବି (ଅ)—ଖେଳରେ ଜୟଲାଭ—
Bāji māt Victory in a game
ବାଜୀମାତ୍ **बाजीमात**

ବାଜି ମାରିବା—ଦେ. କ୍ରି—୧ । କୌଣସି ବିଷୟରେ ପଣ ରଖିବା—
Bāji māribā 1. To lay a wager; to bet.
ବାଜୀମାରା **बाजीमारना** ୨ । କୌଣସି ବିଷୟରେ ଜୟଲାଭ କରି ପଣକୁ ପାଇବା—2. To win a bet. ୩ । କୃତକାର୍ଯ୍ୟ ହେବା—3. To be successful in a competition.

ବାଜି ରଖିବା—ଦେ. କ୍ରି—ବାଜି ମାରିବା (୧) (ଦେଖ)
Bāji rakhibā Bāji māribā (1)(See).
[ବାଜିଲବା(କୋ)ଇବା, ବାଜିଲଗା(ଗେ)ଇବା—ଅନ୍ୟରୂପ]
ବାଜିରାଖା **बाजीलगाना**
[ବାଜି ଲଗାଯି(ହେ)ବା, ବାଜି ଲଗିବା, ବାଜି ପଡ଼ିବା—ବିଶେଷ୍ୟରୂପ]

**ବାଜିରି**—ପ୍ରାଦେ (ଅଙ୍ଗୁଳ ଓ ଚଉଦ୍ୱାର) ବି—ବାଦୁଡ଼ି—
Bājiri Flying fox; large bat.

**ବାଜିରାଜ**—ସଂ. ବି (ବାଜିନ୍+ରାଜନ୍)—୧ । ବିଷ୍ଣୁ—1. Bishṇu.
Bājirāja ୨ । ଉଚ୍ଚୈଃଶ୍ରବା ଅଶ୍ୱ—2. Indra's horse.

**ବାଜିଶତ୍ରୁ**—ସଂ. ବି ( ୬ଷ୍ଠୀ ତତ୍ ; ବାଜିନ୍+ଶତ୍ରୁ )—ଅଶ୍ୱମାର;
Bājiśatru କଣିଅର ଗଛ ( ହି. ଶ. )—The Bastard Oleander (tree).

**ବାଜୀ**—ସଂ. ବି. ପୁଂ (ବଜ୍ ଧାତୁ=ଗମନକରିବା+ଅ=ବାଜ=ଗମନ;
Bājī ବାଜ+ଅସ୍ତି ଅର୍ଥରେ ଇନ୍=ବାଜିନ୍, ୧ମା ୧ବ)—
( ବାଜିନୀ—ସ୍ତ୍ରୀ ) ୧ । ଅଶ୍ୱ; ଘୋଡ଼ା—1. Horse.
୨ । ଶର; ବାଣ—2. Arrow. ୩ । ଗ୍ରହ—3. Planet.
୪ । ପକ୍ଷୀ—4. Bird. ୫ । ବାସକ (ଗଛ) (ହି. ଶ.)—
5. Bāsaka (tree) (See). ୬ । ଛିଣ୍ଡି ଯାଇଥିବା ଦୁଧର ପାଣି; ଛେନାପାଣି ( ହି. ଶ )—6. Whey. (ବୈଦ୍ୟକ ମତରେ ଏହା ରୁଚିକର ଓ ତୃଷ୍ଣା, ଦାହ, ରକ୍ତପିତ୍ତ ଓ ଜ୍ୱରର ନାଶକ—ହି. ଶ. )—୭ । ହବିଃ ( ହି. ଶ. ); ଘୃତ—
7. Ghee.

**ବାଜୀକରଣ**—ସଂ. ବି (ବାଜିନ୍=ଘୋଡ଼ା+ଅଭୂତତଦ୍ଭାବେ ଚ୍ୱି+କରଣ;
Bājīkaraṇa ଏ ପ୍ରକ୍ରିୟା ବା ପ୍ରୟୋଗଦ୍ୱାରା ଦୁର୍ବଳ ବ୍ୟକ୍ତି ଘୋଡ଼ା ପରି ବଳୁଆ ହେବାରୁ)—ଆୟୁର୍ବେଦୋକ୍ତ ରତିଶକ୍ତି-ବର୍ଦ୍ଧକ ଔଷଧ ଓ ପ୍ରକ୍ରିୟା—The process and medicines by which a man's vitality and virility are strengthened;aphrodisiac drugs and appliances.
ଦେ. ବି—ବାଜିଗର; ବାଜିକରର କାର୍ଯ୍ୟ—
The act or profession of a magician.

ଧନ୍ୟରେ ପ୍ରଦେଶ ଧନ୍ୟ ତୋ କରଣି
ଧନ୍ୟ ତୋ ବାଜୀକରଣ – ନନ୍ଦକିଶୋର. ଗର୍ଜ୍ଜନ ।

**ବାଜୀଦଇବତ**—ଦେ. ବି (ପଦ୍ୟ) (ସଂ. ବାଜିନ୍+ଦୈବତ)—ଅଶ୍ୱିନୀ-
Bājīdaibata କୁମାରଦ୍ୱୟ—The twin heavenly physicians.

ବାଜୀ ଦଇବତ ଶିଶ୍ୱ ଅଛ ଦୂର କରିବ ଅବଧି—ଉପେ. ବୈଦେହୀଶବିଳାସ ।

**ବାଜୁ**—ବୈଦେ. ବି (ଆ. ବାଜୁ=ବାହୁ; ପାର୍ଶ୍ୱ)—୧ । ପାର୍ଶ୍ୱଦେଶ—
Bāju 1. Side. ୨ । ଚଉକାଠର ଦୁଇପାଖର ଦଣ୍ଡ—
বাজু **বাজু** 2. The long side-pieces of wood of a door frame.
୩ । ବାଜୁବନ୍ଧ; ବାହୁଟି—
3. An ornament for the arm.
ପ୍ରାଦେ (ସିଂହଭୂମି) ବି—ଖଟର ଦଣ୍ଡା; ଖଟର ଚଉକାଠର ଲମ୍ବ କାଠଦ୍ୱୟ—The long side-pieces of a bedstead-frame.

**ବାଜୁବନ୍ଦ(ନ୍ଧ)**—ବୈଦେ. ବି. (ଫା. ବାଜୁ=ବାହୁ; ତୁଳ. ସଂ. ଭୁଜ;
Bājubanda(ndha) ଫା. ବାଜୁବନ୍ଦ୍)—୧ । ବାହୁର ଅଳଙ୍କାର
[ବାଜୁ(ଜୁ), ବାଜବନ୍ଧ—ଅନ୍ୟରୂପ] ବିଶେଷ; ଭୁଜବଳୟ—1.
বাজু, বাজুবন্দ An arm plate; a broad ornament for
**बाजू; बाजूबन्द** the arm.

କରେ ତ ତୁ, ବାହୁ ଯୁଗେ ବାଜବନ୍ଧ—ପ୍ରାଚୀନ. ଗୀତ ।
୨ । ସ୍ତ୍ରୀଲୋକଙ୍କ ବାହୁରେ ବାଜୁବନ୍ଧ ଆକାରରେ ଚିତା ହୋଇଥିବା ଚିତା ବା ଚିତ୍ର—2. A painting resembling an armplate, tattooed on the arms of females.

**ବାଜେ**—ବୈଦେ. ବିଣ. ( ଅ. ବାଜ୍; ବଅଜ୍; ତୁଳ. ସଂ. ବାହ୍ୟ )—
Bāje ୧ । ଅନାବଶ୍ୟକ—1. Unnecessary; useless.
বাজে ୨ । ଇତର—2. Vulgar; common. ୩ । ଅନିୟମିତ;
**बाज, बाजे** ନିୟମର ବହିର୍ଭୂତ; ନିୟମବାହ୍ୟ—3. Irregular; not covered or governed by the rules; beyond the rules. ୪ । ବାହ୍ୟ; ବହିଃସ୍ଥ—4. External; outside; outer.
(ଯଥା—ବାଜେ ଘର ।)
୫ । ବିବିଧ; ନାନାସ୍ଥାନରୁ ସଂଗୃହୀତ—5. Miscellaneous ୬ । ଗୌଣ; ଅପ୍ରଧାନ—6. Secondary; of secondary importance. ୭ । ରଦ୍ଦି (କାଗଜ)—
7 Waste (paper). ୮ । ନିକୃଷ୍ଟ (ଜମି)—8. Inferior ( land ).

**ବାଜେ ଆଦାୟ**—ବୈଦେ. ବି. (ଫା. ବାଜ୍+ଅଦା)—ଜମିଦାରଅଦତ
Bāje ādāya ନିର୍ଦ୍ଦିଷ୍ଟ ଆୟ ଛଡ଼ା ଅନ୍ୟ ପ୍ରକାର ଅସ୍ଥାୟୀ ଆୟ—
বাজে আদায় **बाज आदा** Miscellaneous receipts.
(ବାଜେ ଆୟ, ବାଜେ ଜମା; ବାଜେ ଅମଦାନି—ଅନ୍ୟରୂପ)

**ବାଜେ କଥା**—ଦେ. ବି. (ଫା. ବାଜ୍+ସଂ. କଥା)—୧ । ଅନାବଶ୍ୟକ
Bāje kathā ବିଷୟ—1. Useless or unnecessary
বাজেকথা thing or matter. ୨ । ବୃଥା ଗଳ୍ପ—2.
**बाजबात** Idle talk.

**ବାଜେ କାଗଜ**—ବୈଦେ. ବି. ( ଫା. ବାଜ୍+କାଗଜ୍ )—୧ ।
Bāje kāgaja ବେଦରକାରୀ ବା ରଦ୍ଦି କାଗଜ—1. Useless
বাজে কাগজ or waste paper. ୨ । ବିବିଧ ବିଷୟକ କାଗଜ—
**बाज कागज** 2. Miscellaneous papers.
(ବାଜେ କାଗଜାତ୍—ବହୁବଚନ)

**ବାଜେ କାମ**—ଦେ ବି. (ଫା. ବାଜ୍+ସଂ. କର୍ମ)—୧ । ନିର୍ଦ୍ଦିଷ୍ଟ କାର୍ଯ୍ୟ
Bāje kāma ଛଡ଼ା ଅଧିକା କାର୍ଯ୍ୟ—1. Extra work. ୨ ।
বাজে কাজ ତୁଚ୍ଛ ବା ଅକିଞ୍ଚିତ୍କର କାର୍ଯ୍ୟ—2. Mean or
**बाजकाम** insignificant work.

**ବାଜେ ଖରଚ**—ବୈଦେ. ବି. ( ଫା. ବାଜ୍+ଖର୍ଚ୍ଚ )—ଅନାବଶ୍ୟକ
Bāje kharacha ବା ସାମାନ୍ୟ ସମାନ୍ୟ ବ୍ୟୟ; ଛୁଟକା ଖରଚ—
বাজে খরচ Miscellaneous expenses; unnecessary
**बाजखर्च** or petty expenses

**ବାଜେ ଘର**—ଦେ. ବି. ( ଫା. ବାଜ୍+ସଂ. ଘର )—୧ । ଗୃହସ୍ୱାମୀଙ୍କ
Bāje ghara ବ୍ୟବହାରରେ ଲାଗିବା ଘର ଛଡ଼ା ଅନ୍ୟ ଘର,
বাজে ঘর ଅସଲ ଘରର ବାହାରେ (କିନ୍ତୁ ଏକ ହତା ମଧ୍ୟରେ)
**बाज घर** ଥିବା ଘର)—1. Out-houses. ୨ । ଅନ୍ତଃପୁରର ବହିଃସ୍ଥ ଗୃହ—2. The outer apartments of a house.

ବାଜେ ଜମା—ବୈଦେ. ବ. ( ଜମିଦାର ଓ ମହାଜନ ସିରସ୍ତା ) ( ଫା.
Bāje jamā ବାଜ୍+ଜମା )—୧ । ଜମିଦାରଙ୍କ ପ୍ରାପ୍ୟ ଖଜଣା
বাজেজমা ଛଡ଼ା ଅନ୍ୟ ଜମା; ଦଫାଏର୍ ଜମା—1. Receipts
**बाज जमा** other than rent. ୨ । ଅନିର୍ଦ୍ଦିଷ୍ଟ ବା ଅନିୟମିତ
ଜମା—2. Miscellaneous or irregular realisations. ୩ । ସାମାନ୍ୟ ବା ଛୋଟ ଛୋଟ ଆୟ—
3. Petty realisations or receipts.

ବାଜେ ଜମି—ବୈଦେ. ବ· (ଜମିଦାର ସିରସ୍ତା) (ଫା. ବାଜ୍+ଜମୀନ୍)
Bāje jami ନିକୃଷ୍ଟ ଭୂମି—Inferior land.
বাজে জমি **बाज जिमिन**

ବାଜେ ଜିନିଷ—ବୈଦେ. ବ. ( ଫା. ବାଜ୍+ଜିଂସ୍ )—ଅପ୍ରୟୋଜନୀୟ
Bāje jinisa ଦ୍ରବ୍ୟ—Useless articles; miscellaneous
বাজেজিনিস **बाजजीन्स, बाजचीज** articles.

ବାଜେନ୍ଦ୍ର(ନ୍ଦ୍ରା)—ଦେ. ବ—ବାଜେ ଲୋକ, ଅଥଚ ଆପଣାର ପ୍ରତିପତ୍ତି
Bājendra(ndrā) ପ୍ରଦର୍ଶକ ବ୍ୟକ୍ତି—A self-styled important personage, but actually a man of straw.
ଦେ. ବ—ବାଜିନ୍ଦ୍ର (ଦେଖ)—Bājindra (See)

ବାଜେ ମାର୍କା—ବୈଦେ. ବ. ( ଫା. ବାଜ୍+ଇଂ. ମାର୍କ୍ )—ନକଲି ବା
Bāje mārkā ଖରାପ ପଦାର୍ଥ—Inferior sort of article
বাজেমর্কা (which has not been stamped with a
**बाजारी** wellknown or 1st class trademark of any celebrated maker).
ଦେ. ବଣ—(ଲକ୍ଷଣାର୍ଥ) ଇତର; ନଗଣ୍ୟ—Counted as nothing; mean; insignificant

ବାଜେୟାପ୍ତ (ପ୍ତ, ପ୍ତି, ପ୍ତି)—ବୈଦେ. ବଣ ଓ ବ—ବାଜ୍ୟାପ୍ତ (ଦେଖ)
Bajeyāpt(pht; pti; phti) Bājyāpta (See)

ବାଜେ ଲୋକ—ଦେ·ବ.(ଫା.ବାଜ୍+ସ. ଲୋକ)—୧ । ଇତର ଲୋକ-
Bāje loka 1. Common or vulgar people. ୨ ।
ବାଜେ ମନୁଷ୍ୟ / ବାଜେ ମଣି (ଣି, ଜ)ଷ } ଅନ୍ୟରୂପ ସାଧାରଣ ଲୋକ—2. The mass; the mob. ୩ ।
বাজে লোক ଅଧିକା ବା ଅତିରିକ୍ତ ଲୋକ—3. Extra hand.
**बाज आदमी** ୪ । ନିକମା ବ୍ୟକ୍ତି—4. A person who sits idle; an unemployed person. ୫ । ଆପଣାର ଗୋଷ୍ଠୀ ବା ଦଳ ବହିର୍ଭୂତ ବ୍ୟକ୍ତି; ଯେ ଆପଣାର ସ୍ୱଜନ ନୁହେ—5. An outsider. ୬ । ଦେଖଣାହାରୀ—6. Sightseer; spectator. ୭ । କାର୍ଯ୍ୟରେ ନିଯୁକ୍ତ ବ୍ୟକ୍ତିଙ୍କ ଛଡ଼ା ଅନ୍ୟ ବ୍ୟକ୍ତି—7. Persons other than the retained or regular staff.

ବାଜ୍ୟାପ୍ତ (ପ୍ତ, ପ୍ତି, ପ୍ତି)—ବୈଦେ. ବଣ. (କଚେରୀ; ଫା. ବାଜେୟାପ୍ତ=
Bājyāpt (pht;pti;phti) ଫା. ବାଜ୍=ପୁନର୍ବାର+ୟାପ୍ତ୍
=ପ୍ରାପ୍ତ, ମିଳିତ)--ରାଜାଙ୍କରସ୍ୱାଧିକାରକୁ ଆଗତ; ପୁନଃପ୍ରାପ୍ତି;
(ବଙ୍ଗଳା—বাজেয়াপ্ত) ଅଧିକାରକୁ ଆଗତ (ଭୂମି ଆଦି)—
বাজেয়াপ্ত **बाजेयाप्त** Resumed; brought to the direct control of the Government.
ବ—୧ । କୌଣସି ବ୍ୟକ୍ତିର ପୂର୍ବରୁ ଖଜଣା ନ ଦେଇ ଭୋଗ କରୁଥିବା ଜମି,ଯାହା କି ପୁନର୍ବାର ରାଜାଙ୍କ ଅଧିକାରକୁ ଆସେ ବା ଯହିଁରେ ରାଜା ପୁଣି କର ବସାନ୍ତି—1. Resumed revenue-free holding. ୨ । ପ୍ରଜାର ଧନ ରାଜାଙ୍କ ହାତକୁ ଆସିବା—2. Forfeiture of any property. ୩ । ମାନେଜର ବା କର୍ମଚାରୀଙ୍କ ଦ୍ୱାରା କରାଯାଇଥିବା ଓ ହିସାବରେ ଲେଖା ଯାଇଥିବା ଖରଚର ନାମଞ୍ଜୁରୀ—3. Rejection of an item of expenditure undergone and entered in the accounts by a manager or other responsible servant.
(ଯଥା—ସତ୍ୟବାଦୀ ମନ୍ଦିର କମିଟିର ମାନେଜରଙ୍କ ଦାଖଲ ଜମା ଖରଚ ମଧ୍ୟରୁ ମେମ୍ବରମାନେ ବଜେଟ୍ ବହିର୍ଭୂତ ଖରଚମାନ ବାଜ୍ୟାପ୍ତ କଲେ )

ବାଜ୍ୟାପ୍ତ(ପ୍ତି,ପ୍ତ,ପ୍ତି) କରିବା—ଦେ.କ୍ରି (କଚେରୀ) —୧ । ନିଷ୍କର ଜମିରେ
Bājyāpt(pti,pht,phti)kariba କର ବସାଇବା—1. To
বাজেয়াপ্ত করা resume a rent free holding. ୨ । ପ୍ରଜାର
**बाजेयाप्त करना** ଜାଗିରଜମିକୁ ଖାସ କରିବା—2. To resume or take khas possession of a service tenure.
୩ । ନିମ୍ନସ୍ଥ କର୍ମଚାରୀ ବା ଗୁମାସ୍ତାଙ୍କ ହିସାବରେ ଚଢ଼ିଥିବା ଆଦେଶବହିର୍ଭୂତ ଖରଚକୁ ନାମଞ୍ଜୁର କରିବା—
3 To reject an unauthorised item of expenditure entered in the account by a subordinate or agent.

ବାଝିବା—ଦେ. କ୍ରି (ସଂ ବାଧ ଧାତୁ)—ବାଧିବା—To affect pain-
Bājhibā **दुःखदेना** fully; to pain.
(ଯଥା—ତା ଅପ୍ରିୟ କଥନ ମୋତେ ବଡ଼ ବାଝିଲା)
(ବାଝିସିବା—ଅନ୍ୟରୂପ) ଦେ. ବ—କ୍ଲାନ୍ତିର ଅନୁଭବ
**दुःखहोना** (ଯଥା—ପାଞ୍ଚକୋଶ ବାଟ ଚାଲିଆସିବାରୁ ମୋତେ ଭାରି ବାଝିଲାଣି)

ବାଞ୍ଛ୍ ଧାତୁ—ସଂ.—ଇଚ୍ଛାକରିବା—
Bānchh (root) To wish.

ବାଞ୍ଛନ—ସଂ. ବ (ବାଞ୍ଛ ଧାତୁ+ଭାବ. ଅନ)—ବାସନା; ଇଚ୍ଛା—
Bānchhana Wish; desire.
ସଂ. ବଣ ( +କର୍ମ ଅନ)—ଈପ୍ସିତ (କ୍ଷୀରନେତ୍ର) Wished for; desired.

ବାଞ୍ଛନୀୟ—ସଂ. ବଣ (ବାଞ୍ଛ୍ ଧାତୁ+କର୍ମ ଅନୀୟ)—୧ । ପ୍ରାର୍ଥନୀୟ—
Bānchhaniya 1. Prayed for; desirable. ୨ । ଅଭିଲଷିତ—
(ବାଞ୍ଛ୍ୟ—ଅନ୍ୟରୂପ) 2. Wished for; desired.

ବାଞ୍ଛା—ସଂ. ବ—(ବାଞ୍ଛ୍ ଧାତୁ+ଭାବ. ଅ+ସ୍ତ୍ରୀ. ଆ)—ଅଭିଳାଷ;
Bānchhā ଇଚ୍ଛା—Desire.

M. Patnaik, Pleader.
Sutahat, Cuttack-1.

ଦେ. ବି—(ଅନାଦରାର୍ଥକ) ବାଞ୍ଛାନିଧି ନାମକ ବ୍ୟକ୍ତିର ଡାକ (ବାଞ୍ଛି, ବାଞ୍ଛୁ—ଅନାଦରାର୍ଥକରୂପ) ନାମ—Name by which Bāñchhānidhi is called.

ବାଞ୍ଛାକଳ୍ପତରୁ—ସଂ. ବି. (୬ଷ୍ଠୀତତ୍; ବାଞ୍ଛା+କଳ୍ପତରୁ)—୧ । ଲୋକର Bāñchhākalpataru ବାସନା ପୂରଣକାରୀ ପୌରାଣିକ [ବାଞ୍ଛାଦ୍ରୁମ, ବାଞ୍ଛାବଟ—ଅନ୍ୟରୂପ] କଳ୍ପବୃକ୍ଷ—1. The mythological banyan tree which fulfils people's desires; the wish—yielding tree. ୨ । ବିଷ୍ଣୁଙ୍କ ନାମ—2. A name of Bishṇu.

ବାଞ୍ଛାନିଧି—ସଂ. ବି—୧ । ଭଗବାନଙ୍କ ନାମ—1. Name of Bāñchhānidhi Bishṇu. ୨ । ବାଞ୍ଛିତ ରତ୍ନ—2. One's wished for gem or jewel.

ଦେ. ବି. ପୁଂ—ଲୋକଙ୍କୁ ଦିଆଯିବା ନାମ—A name given to males.

ବାଞ୍ଛିତ—ସଂ ବିଣ. (ବାଞ୍ଛ୍ ଧାତୁ+କର୍ମ. ତ)—ଈପ୍ସିତ; ଅଭିଳଷିତ—Bāñchhita Desired; wished for.

ସଂ. ବି. (+ଭାବ. ତ)—ଇଚ୍ଛା—Desire.

ବାଞ୍ଛିବା—ଦେ. କ୍ରି. (ପଦ୍ୟ) (ସ. ବାଞ୍ଛଧାତୁ)—୧ । ବାଞ୍ଛା କରିବା; Bāñchhiba ଅଭିଳାଷ କରିବା—1. To wish; to desire. বাঞ্ছা । बांछना ୨ । ପାଇବାକୁ ଇଚ୍ଛାକରିବା; ମନାସିବା—2. To desire to get, to wish for.

ଶିବ ହୋଇ ସୁରତରୁ କୁସୁମ ବାଞ୍ଛିଲୁରେ—କବିସୂର୍ଯ୍ୟ. କଳୋସରଣ । ସ ଗୀତ

ବାଞ୍ଝ—ଦେ. ବିଣ. (ସ. ବନ୍ଧ୍ୟ; ପ୍ରା. ବଞ୍ଝ; ବାଂଝ)—୧ । ଅନୁର୍ବର—Bāñjha ଅଫଳପ୍ରସୂ—1. Unproductive; sterile.
বাঁঝা ମଙ୍ଗରାଜଙ୍କ ଝିଆରୀ କି ବାଞ୍ଝ ?
बांझ ଫକୀରମୋହନ. ଛମାଣଆଠଗୁଣ୍ଠ ।
(ବାଞ୍ଝଫଣ—ବି) ୨ । ଅଫଳନ୍ତୀ (ଗଛ)—2. Unfruitful (tree). ୩ । (ସ୍ତ୍ରୀ) ବନ୍ଧ୍ୟା (ସ୍ତ୍ରୀ)—3. Barren (woman).

ବାଞ୍ଝ ମାଇପର କି ସମ୍ପତ୍ତି, ସିନ୍ଦୂର ଫରୁଆ କଜଳପାତି—ଢଗ ।

(ବାଂଝ—ଅନ୍ୟରୂପ) ୪ । (ପୁଂ) ଯେଉଁ ପୁରୁଷର ସନ୍ତାନୋତ୍ପାଦନା ବାଞ୍ଜ ବାଞ୍ଝ ବାଞ୍ଜ ଶକ୍ତି ନାହିଁ; ସନ୍ତାନୋତ୍ପାଦନାକ୍ଷମ (ପୁରୁଷ)—4. (a male) Having no power of procreation.
[ଞ୍ଜ—ଞ+ଝ କୁ ଗଞ୍ଜାମ ଅଞ୍ଚଳରେ ଝ ଲେଖନ୍ତି; ଓଡ଼ିଶାରେ କେହି କେହି ଞ୍ଜ, ଞ୍ଝ ଲେଖନ୍ତି ।]

ବାଞ୍ଝ କାକରା—ଦେ. ବି—ଯେଉଁ କାକରାପିଠା ମଧ୍ୟରେ ପୂର ନ ଥାଏ—Bāñjha kākarā A cake without sandwiches (ପୂର କାକରା—ବିପରୀତ) पुरी inside it.

ବାଞ୍ଝ କାଙ୍କଡ଼(ଡ଼ା)—ଦେ. ବି—ବନ୍ଧ୍ୟାକର୍କୋଟକୀ (ଦେଖ) Bāñjha kāṅkarda(rdā) Bandhyākarkoṭakī তীতকাংকরোল बांझककोली (See)

ବାଞ୍ଝପୁଅ(ଅ)—ଦେ. ବି. (ସ. ବନ୍ଧ୍ୟାପୁତ୍ର)—ବନ୍ଧ୍ୟାର ପୁତ୍ରବତ୍ ଅସାର Bāñjhapua(ā) ବା ଅଳୀକ କଥା—An unreal thing. [ବାଞ୍ଝପୁଅ(ଅ)—ଅନ୍ୟରୂପ] বাঁঝের ছেলে बांझका लडका

ବାଞ୍ଝ ପୁଆତି—ଦେ. ବି. (ସ. ବନ୍ଧ୍ୟା+ପ୍ରସବତୀ)—୧ । ବନ୍ଧ୍ୟାନାରୀର Bāñjha puāti ବହୁଦିନ ପରେ ପୁତ୍ରଲାଭ—1. The birth of a son to a hitherto sterile woman.
୨ । ବହୁକାଳପରେ ସନ୍ତାନ ଲାଭ କରିଥିବା ନାରୀ—2. A woman who has been blessed with a son after a long period of sterility.

ବାଞ୍ଝ ବରଡ଼ୀ—ଦେ. ବିଣ. ସ୍ତ୍ରୀ. (ସନ୍ଧିତର)—୧ । ବନ୍ଧ୍ୟା—Bāñjha barardī 1. Barren.
বাংঝা ବାଞ୍ଝ ବରଡ଼ୀ ହେବା କି ଭଣା ପାପ ?
ଫକୀରମୋହନ, ଛମାଣଆଠଗୁଣ୍ଠ ।
ବାଞ୍ଝୀ ବରଡ଼ୀ, ବାଞ୍ଝୀ ବରଡ଼ୁଅ, ବାଞ୍ଝ ବରଡ଼ୁଅ } ଅନ୍ୟରୂପ ୨ । ଥରେ ସନ୍ତାନ ଜନ୍ମ କରିବା ପରେ ବହୁକାଳ ହେଲା ବନ୍ଧ୍ୟା; କାକବନ୍ଧ୍ୟା—2. (a woman) Who has become sterile after giving birth to one child.
୩ । (ଦ୍ୱନ୍ଦ୍ୱ) ବନ୍ଧ୍ୟା ଓ ବଷ୍କୟଣୀ (ଗାଈ ଗଣ)—बांझबकेन 3. Sterile cow and cow which calved long ago.
(ଯଥା—ରାମ ବେହେରାର ଗୋଠରେ ଆଗେ ଷାଠ ଯାଠ ଦୁଧିଆଳୀ ଗାଈ ଥିଲେ; ଏବେ ତାର ବାଞ୍ଝ ବରଡ଼ୀ ହୋଇ ମାତ୍ର ୧୦ଟି ଗାଈ ଅଛନ୍ତି ।)

ବାଞ୍ଝୀ—ଦେ. ବିଣ. ସ୍ତ୍ରୀ.—(ସ ବନ୍ଧ୍ୟା)—ବନ୍ଧ୍ୟା (ସ୍ତ୍ରୀ)—Bāñjhī Barren (woman).
বাঁঝী बाँझ; बाझा ବି. ସ୍ତ୍ରୀ.—ବନ୍ଧ୍ୟା ସ୍ତ୍ରୀ ବା ପଶୁ—A sterile woman or beast.

ବାଟ—ସ. ବି. (ବଟ୍ ଧାତୁ=ବେଷ୍ଟନ କରିବା+କର୍ମ. ଅ; ତୁଳ. ପ୍ରା. Bāṭa ବଟ୍ଟ)—୧ । ବେଷ୍ଟିତ ସ୍ଥାନ—1. A fenced place; enclosure. ୨ । ମାର୍ଗ; ରାସ୍ତା; ପଥ—2. Road; way; path.

ଜଗିଲେ ଯାଙ୍କ ଯିବା ବାଟକୁ ଦୂର ହୋଇ—କୃଷ୍ଣସିଂହ. ମହାଭାରତ ବନ ।

୩ । ମଣ୍ଡପ (ତ୍ରି. ଶ.)—3. An open shade. ୪ । ବାସ୍ତୁ (ତ୍ରି. ଶ.)—4. Homestead. ୫ । କୋଡ଼ଗାଳ—5. Groin (Apte). ୬ । ଶସ୍ୟବିଶେଷ—6. A sort of grain (Apte).

রাস্তা ଦେ. ବି.—୧ । (ଲକ୍ଷଣାର୍ଥ) ଉପାୟ; ପନ୍ଥା—रास्ता, बाट 1. (figurative.) Way; means.

ଶୋକର ବୋଇଲେ ସେ ବାଟ କହ ଭଲେ
କହନ୍ତେ ମୁଁ ତାହା ଅବଶ୍ୟ ହେଲେ । କୃଷ୍ଣସିଂହ. ମହାଭାରତ. ବନ ।

୨ । ପ୍ରବେଶର ବା ବହିର୍ଗମନର ଦ୍ୱାର—2. Entrance or exit. ୩ । ଦୂରତ୍ୱ—3. Distance. ୪ । ଯାତ୍ରୀ ସନ୍ଧାନ କରନ୍ତେ ପୁରୀ ପଣ୍ଡାଙ୍କର ଯିବା ଦୂରଦେଶ—4. Distant countries visited by pilgrim-hunters of Puri. ୫ । ସ୍ଥାନ—5. Place.

ବସ୍ତୁ ଦିଲେ ଯଜ୍ଞ ବାଟେ
ବଡ଼ ନୃପତିର ନିକଟେ । ଜଗନ୍ନାଥ. ଭାଗବତ ।

**ବାଟ ଓଲା(ଲେ)ଇବା**—ଦେ. କ୍ରି.—୧ । ଓଲାଇ କରି ବାଟ ସଫା
Bāṭa olā(le)ibā କରିବା—1. To sweep a path
রাস্তা সাফ করা clean. ୨ । (ଲକ୍ଷଣାର୍ଥ) କୌଣସି କାର୍ଯ୍ୟ ପାଇଁ
**रास्ता साफ करना; बाटबुहारना** ଉପାୟ ସ୍ଥିର କରିବା—2. To settle means to achieve an object.

**ବାଟ ଓଷା**—ଦେ. ବି.—ପୌଷମାସ କୃଷ୍ଣ ୨ୟା, ୬ଷ୍ଠୀ ଓ ୮ମୀ ରାତ୍ରିରେ
Bāṭa oshā ସ୍ତ୍ରୀଲୋକଙ୍କର ଗ୍ରାମ ବାଣ୍ଡରେ ବା ଛକରେ ଗାତ ଖୋଳି ବସିହିରେ ଯମ ଦେବତାଙ୍କୁ ଭୋଗ ଦେବା ରୂପ ପର୍ବ; ଯମ ଓଷା; ବାଣ୍ଡପହିଁରି ଓଷା—A festival observed on the 2nd, 6th and 8th days of the dark fortnight of the month of Paus̱ha when the God of death is worshipped in a hole dug on the crossing of the village roads.
[ ଦ୍ର—ମୃତବତ୍ସା ସ୍ତ୍ରୀଲୋକମାନେ ଏ ଓଷା କଲେ ସେମାନଙ୍କର ସନ୍ତାନମାନେ ଦୀର୍ଘଜୀବୀ ହୁଅନ୍ତି ।]

**ବାଟ କଢ଼ା(ଢ଼େ)ଇବା**—ଦେ. କ୍ରି.—୧ । କୌଣସି ବ୍ୟକ୍ତିକୁ ପଥ
Bāṭa kaṟḏhā ṟḏhe)ibā ପ୍ରଦର୍ଶନ କରିବା—1. To
রাস্তা দেখান **बाट दिखान** lead the way.
[ବାଟ ଦେଖା(ଖେ)ଇବା—ଅନ୍ୟରୂପ] ୨ । ଗନ୍ତବ୍ୟ ପଥ ଚିହ୍ନାଇବା
2. To show the way. ୩ । ଆଗେ ଆଗେ ଯିବା—3. To go ahead.

**ବାଟକା ବାଟେ(ଟୋ)ଇ**—ଦେ. ବି.—ଯେଉଁ ଲୋକ ବାଟେ ବାଟେ
Bāṭakā bāṭe(to)i ଚାଲି ଯାଉ ଥାଏ ଏବଂ ଗଲା ବେଳେ
রাহাগির ଦୈବାତ୍ ଯାହା ଆଖି ଆଗରେ ପଡ଼େ ତାହା ଦେଖିଥାଏ—
**राहागिरि; बटाउ, बटोहि** A simple wayfarer who witnesses an occurrence by mere chance.

**ବାଟ ଖରଚ**—ଦେ. ବି. (ଦେ. ବାଟ+ଫା. ଖର୍ଚ୍ଚ)—ଏକ ସ୍ଥାନରୁ ଅନ୍ୟ
Bāṭa kharacha ସ୍ଥାନକୁ ଯିବା ବ୍ୟକ୍ତି ଯାତାୟାତ କରିବାପାଇଁ
**राह खरच** ଓ ଭୋଜନ ଆଦି ପାଇଁ ଯେଉଁ ବ୍ୟୟ କରନ୍ତି—
(ବାଟଖର୍ଚ୍ଚ—ଅନ୍ୟରୂପ) Travelling expenses.

**ବାଟ ଗୁଡ଼ି**—ଦେ. ବି.—ନରସିଂହ କଡ଼ା (ଦେଖ)
Bāṭa guṟḏi Narasimha kaṟḏā (See)

**ବାଟ ଘ(ଘା)ଟ**—ଦେ. ବି.—୧ । (ସହରର)—ପଥ ଓ ନଈ ପାର
Bāṭa gha(ghā)ṭa ହେବା ସ୍ଥାନମାନ—1. Roads and
রাস্তা ঘাট crossingo. ୨ । ପଥରେ ପଥିକ ଓ ପଣ୍ୟବାଣ୍ଟି-
**रास्ता घाट** ମାନଙ୍କଠାରୁ ଆଦାୟ ହେବା ଶୁଳ୍କ—2. Cess
রাহদারী leved from wayfarers and merchandise.
**राहदारी**

**ବାଟ ଘର**—ଦେ. ବି.—୧ । ଯେଉଁ ଘର ଭିତର ଦେଇ ଅଗଣାକୁ
Bāṭa ghara ପଦାକୁ ଯିବାର ରାସ୍ତା ଥାଏ ଏବଂ ଯେଉଁ ବାଟେ
**बाटघर** ଲୋକେ ଅଗଣା ମଧ୍ୟକୁ ଯିବା ଆସିବା କରନ୍ତି—1. A house which is used by people for going out of and coming into a courtyard. ୨ । କୌଣସି ସ୍ଥାନକୁ ଯିବାର ଅଧବାଟରେ ଥିବା ଘର—2. A house situate midway.
୩ । ରାସ୍ତାକୁ ଲାଗି ଥିବା ଗୃହ; ରାସ୍ତା କଡ଼ରେ ଥିବା ଘର—3. A house adjoining the road; wayside house.

ବାଟଘର ଏଣ୍ଡି ଅଢୁଆ କର
ଦେବେ ଉଭା ରାଜକରେ କରିବୁ ଘର—ଭଗ ।

୪ । (ଲକ୍ଷଣାର୍ଥ) ସର୍ବଦା ଯିବା ଆସିବା ସ୍ଥାନ—
4. (fig) A place of constant resort.

**ବାଟ ଘ(ହ)ଷ**—ଦେ. ବି. (ଏ ଦିନ ଉତ୍ସବକର୍ତ୍ତାଙ୍କ ଗୃହରେ ବଟା ଘଷା
Bāṭa gha(ha)sha ପ୍ରଧାନ କାର୍ଯ୍ୟ ଥିବାରୁ)—ବିବାହ ବା ବ୍ରତର
**दनही** ଦୁଇ ଦିନର ପୂର୍ବ ଦିବସ—Last but one day before a marriage or Upanayana ceremony.

କାଲି ସେ ବାଟଘଷ ପିଠୋଉ ଗୋଳ
ପଅର ଭଳ ହେବ ମଙ୍ଗଳ ଘର ।—ପୀତାମ୍ବର. ଉଦ କଞ୍ଜନବଟୀ ।

**ବାଟ ଛାଡ଼ିବା**—ଦେ. କ୍ରି.—୧ । ପ୍ରକୃତ ପଥ ତ୍ୟାଗ କରି ଅବାଟରେ ଯିବା-
Bāṭa chhāṟḏibā 1 To take a wrong path.
রাস্তা ছড়া ୨ । କୌଣସି ବ୍ୟକ୍ତିର ବାଟରେ ଯିବା ସକାଶେ ତାକୁ
**रास्ता छोडना** ବାଟର କେତେକ ଅଂଶ ଛାଡ଼ି ଦେବା—2. To
(ବାଟ ଛାଡ଼ି ଦେବା—ଅନ୍ୟରୂପ) give a person road enough to pass; to make a way for another.

ସେ ହଗ ନାହିଁ କ ବାଟ ଛାଡ଼ ନାହିଁ—ଭଗ ।

**ବାଟ ଛାପୁଲି**—ଦେ. ବି—କପୋତ ଜାତୀୟ ଏକ ପ୍ରକାର ଛୋଟ
Bāṭa chhāpuli ଚଢ଼େଇ—A kind of dove-like bird.
(ବାଟ ଛପୁ—ଅନ୍ୟରୂପ) [ ଦ୍ର—ଏମାନେ ପାରଠାରୁ ଛୋଟ; ଯୋଡ଼ି ଯୋଡ଼ି ହୋଇ ରହନ୍ତି । ଏମାନଙ୍କ ଦେହ ମାଟିଆ ବର୍ଣ୍ଣ ଏବଂ ଖୁବ୍ ଛୋଟ । ଏମାନେ ସନ୍ଧ୍ୟା ବେଳେ ମନୁଷ୍ୟ ଯିବା ବାଟରେ ବସି ଥାଆନ୍ତି ଏବଂ ଏମାନଙ୍କ ବର୍ଣ୍ଣ ମାଟି ସଙ୍ଗେ ମିଶିଯିବାରୁ ଏମାନେ ଦୂରରୁ ବାରି ହୁଅନ୍ତି ନାହିଁ; ମନୁଷ୍ୟ ଏମାନଙ୍କ ପାଖରେ ପହଞ୍ଚିଲା ମାତ୍ରକେ ଫରଫର ଉଡ଼ି ଯାଆନ୍ତି । ପଥିକ ହଠାତ୍ ଏହା ଦେଖି ଚକିତ ହୋଇଯାଏ । ]

**ବାଟଣ**—ପ୍ରାଦେ. (ମେଦିନୀପୁର) ବି. (ଭୁଲ. ହି. ବାଟନା)—
Bāṭana ବଟା ବେସର—Rye paste

**ବାଟ(ଟେ)ଣା**—ଦେ. ବି. ( ସଂ. ବର୍ତ୍ତନ—ବାଟିବା )—
Bāṭa(ṭe)ṇā ତରକାରୀରେ ଦିଆଯିବା ପାଇଁ ବଟା ହେବା ମସଲା-
বাটনা Spices ground for being mixed with
**उबटन, बटना** curry.

ଲୁଗା ପଟା ଧୋଇଁ ବାଟଣା ବାଟି
ଦଯା ପୋଇ କରି ପରିବା କାଟି—ଭକ୍ତବ. ରତ୍ନମାଳୀ ।

**ବାଟ ଦେବା**—ଦେ. କ୍ରି—୧ । ପଥ ଛାଡ଼ି ଦେବା—1. To give
Bāṭa debā give a person road enough to pass.
রাস্তা দেওয়া ୨ । (ଲକ୍ଷଣାର୍ଥ) ଉପାୟ ବତାଇ ଦେବା—
**रास्ता देना** 2. (fig) To suggest means.

**ବାଟ ଧରିବା**—ଦେ. କ୍ରି—୧ । ପ୍ରକୃତ ରାସ୍ତାରେ ଚାଲିବା—
Bāṭa dharibā 1. To take to the true road.

रास्ता धरा ୨ । ଅବାଟରୁ ନ ଯିବା—2. Not to take
राह पकडना the wrong track.

ବାଟ ପଡ଼ା(ଡ଼ି)—ଦେ. ବି. ( ସଂ. ବାଟ+ପତନ )—
Bāṭa parḍā(rḍi) ବାଟ ମାରଣା ( ଦେଖ )
বাট পাড় बाट पाड़ु(ड) Bāṭa māraṇā ( See )

ବାଟ ପାରି(ଡ଼ି, ଡ଼ୁ)—ଦେ. ବି. ( ବାଟ+ପତନ )—
Bāṭa pāri(ṛdi, ṛdu) ୧ । ଡକାଇତି; ରାଜ ବାଣ୍ଟରେ ଦସ୍ୟୁ
(ବାଟ ପଡ଼ା—ଅନ୍ୟରୂପ) ବୃତ୍ତି—Highway robbery.
বাট পাড়ী, রাহাজানী ଏ କାଳରେ ସେ ଘୋର କଳି
बटपारी ବାଟପାରି ବଳି ଭାବ ଭ ବଡ଼ନ୍ତି—
ଉତ୍କଳ-କଟକ ଦେଖ ।

বাট পাড়া ୨ । ଡକାଇତ; ସେ ରାଜବାଣ୍ଟରେ ପଥିକମାନଙ୍କୁ
बट पार ଆକ୍ରମଣ କରେ—2. Highwayman.

ବାଟ ପାହି—ଦେ. ବି. ( ପାନ ବରଜ )—
Bāṭa pāhi ପାନ ବରଜରେ ଦୁଇ 'ଗଛ' ମଧ୍ୟରେ ଥିବା ଫାଙ୍କ—
The space between two rows of betel plants in a betel plantation.

ବାଟ ବରଣ—ଦେ. ବି—ବରପାତ୍ର ବିବାହ କରିବାକୁ କନ୍ୟାଘରକୁ ଆସିବା
Bāṭa baraṇa ସମୟରେ କନ୍ୟା କର୍ତ୍ତାଙ୍କର ତାହାଙ୍କୁ ଶଣ୍ଡଦୂରରୁ
ବରଣ କରି ଆଣିବା କର୍ମ—The ceremony of the bride's father formally meeting the coming bridegroom and welcoming him to the marriage alter,

ଅସ ପାଛେ ! ବରକୁ ବାଟବରଣ କରି ନଅ ।
ଫକୀରମୋହନ-ଗଳ୍ପସ୍ୱଳ୍ପ ।

ବାଟ ଭାଙ୍ଗିବା—ଦେ. କ୍ରି—୧ । ବାଟରୁ ଏକ ପାଖିଆ ହୋଇଯିବା—
Bāṭa bhāṅgibā 1. To go by moving to a side.
রাস্তা ভাঙ্গা ୨ । ବାଟରେ କୌଣସି ପ୍ରତିବନ୍ଧକ ଥିବାର ଦେଖି
बाट काटना ଶଣ୍ଡଦୂରୁ ଅଗରୁ ସେ ବାଟ ଛାଡ଼ି ଅନ୍ୟ ବାଟେ ଯିବା—
2. To alter one's course to evade an obstruction.
(ବାଟ କାଟିବା—ଅନ୍ୟରୂପ)

ବାଟ ଭୁଲିବା—ଦେ. କ୍ରି—୧ । ଗନ୍ତବ୍ୟ ପଥରୁ ଠିକ୍ ନ ପାଇବା—
Bāṭa bhulibā 1. To forget the true road.
(ବାଟ ବୁଡ଼ିବା—ଅନ୍ୟରୂପ) ୨ । ପ୍ରକୃତ ପଥରେ ନ ଯାଇ ଭ୍ରମରେ
রাস্তা ভুলা ଅନ୍ୟ ବାଟରେ ଯିବା; ଭୁଆଁ ଭୁଲିବା—2. To take
बाट भूलना a wrong path by mistake.

ବାଟ ମଙ୍ଗଳା—ଦେ. ବି—୧ । ଶ୍ରୀ ଜଗନ୍ନାଥ ମହାପ୍ରଭୁଙ୍କ ବେଢ଼ା ମଧ୍ୟରେ
Bāṭa maṅgalā ଉତ୍ତର ଦୁଆର ପାଖେ ଥିବା ଦେବୀ—
1. An idol of a Goddess near the north gate inside the compound of the Jagannath temple at Puri
୨ । ସ୍ତ୍ରୀ ଲୋକମାନେ ଚୈତ୍ର ମାସର ମଙ୍ଗଳବାରମାନଙ୍କରେ ଗ୍ରାମ ବାଣ୍ଡରେ ଗାତ ଖୋଳ ତହିଁରେ ପଣା, ହୁଗୁଡ଼ା ଆଦି ରଖି ଯେଉଁ ଠାକୁରାଣୀଙ୍କ ପୂଜା କରନ୍ତି—2. A popular Goddess worshipped by females in a hole dug on the village road on the Tuesdays of the month of Chaitra.

ବାଟ ମଡ଼ା ଶାଢ଼ୀ—ପ୍ରାଦେ. ( ଯାଜପୁର ) ବି—
Bāṭa marḍā śārḍhi ନଣନ୍ଦ ପୋଟଳ ( ଦେଖ )
Nanaṇda poṭaḷi ( See )

ବାଟ ମାରଣା—ଦେ. ବି—୧ । ପଥ ଦସ୍ୟୁ; ଯେ ରାସ୍ତା ଘାଟରେ
Bāṭa māraṇā ପଥିକମାନଙ୍କଠାରୁ ଲୁଟି ଘାଟ କରି ଧନ ଆଦି
বাট পাড় ଛଡ଼ାଇ ନିଅନ୍ତି ବା ସେମାନଙ୍କୁ ମାରି ପକାନ୍ତି—
बटपरा, बटपार, बटमार 1. Highwayman; robber.
(ବାଟମାରୁ, ବାଟମାରୁଆ—ଅନ୍ୟରୂପ) ୨ । ଡକାଏତ—2 Dacoit.

ବାଟମୁଣ୍ଡ—ଦେ. ବି—୧ । ରାସ୍ତାର ଶେଷ ଭାଗ ବା ଛକ ଯାଗା—
Bāṭamuṇḍa 1. The extremity of a road.
রাস্তার মোড় ୨ । ଦୁଆରମୁହଁ—2. Entrance at the door;
चौक doorway.

ବାଟଲି—ବୈଦେ. ପ୍ରାଦେ. (ବାଲେଶ୍ୱର) ବି. (ଇଂ. ବଣ୍ଟ୍ଲାଇନ୍)—
Bāṭali (ଜାହାଜିଆ) ଜାହାଜର ପାଲର ମୁଣ୍ଡରୁ ଲାଗିଥିବା ଦଉଡ଼ି,
বাটলীন ଯାହା ମାସ୍ତୁଲ ଅଗ ପର୍ଯ୍ୟନ୍ତ ଯାଇ ସେଠାରୁ ସଗଡ଼ ବାଟଦେଇ
बाटली ତଳକୁ ଲମ୍ବିଥାଏ ଓ ଯାହାଦ୍ୱାରା ପାଲକୁ ଟାଣିବାକୁ ହୁଏ—
(Nautical) Buntline; a rope passing from the top of a sail, led up to the masthead and thence on deck to help in hauling up the sail.

ବାଟା—ପ୍ରାଦେ. (ବାଲେଶ୍ୱର) ବି. (ଭୁଲ. ବଂ. ବାଟା)—ପୋହୋଳା
Bāṭā ମାଛ—Cirrhina Reba (fish).
[ ଦ୍ର—ଏମାନେ ଶକଳୀ ଓ ପ୍ରାୟ ୧୫।୧୬ ଅଙ୍ଗୁଳ ଲମ୍ବ ହୁଅନ୍ତି ଏବଂ ମଧୁର ପାଣିରେ ରହନ୍ତି । ]

ବାଟି—ଦେ. ବି—୧ । ଏକପ୍ରକାର କଉଡ଼ି ଖେଳ—1. A kind of
Bāṭi indoor game with cowries. ୨ । ଭୂମି ପରିମାଣ
ବିଶେଷ; ୨୦ ଏକର ବା ମାଣ—2. A unit of 20
বাটি acres of land. ୩ । (ବଙ୍ଗଳାରୁ ଅନୁକୃତ)—ଗିନା;
बाटी କଟୋରି; ଡାବୁଆ—3. Saucer; cup. ୪ । ମାରବାଡ଼ୀ-
বাটি ମାନଙ୍କ ବ୍ୟବହୃତ ପିଣ୍ଡାକାର ରୁଟି—4. A kind of
बाटी bread resembling a ball.
[ ଦ୍ର—ଅଟାକୁ ବଳ ଗୋଟିଏ ଲେଖାଏଁ ଚେପଟା ପିଣ୍ଡାକାର କରି ତାକୁ ଗରମ ପାଉଁଶରେ ପୋଡିବାକୁ ହୁଏ । ଉପରେ ତାହାକୁ ଡାଲି ଘିଅରେ ବୁଡ଼ାଇ ରଖିବାକୁ ହୁଏ । ଏହାକୁ ବାଟି ବୋଲିଯାଏ । ଏହା ଗୁରୁପାକ । ]
ପ୍ରାଦେ. (ଗଞ୍ଜାମ) ବି. (ସଂ. ବର୍ତ୍ତୀ)—୧ । ଗୁଲି ( ଦେଖ )—
1. Guli ( See ). ୨ । ଏକପ୍ରକାର ଗୁଲି ବା ମାର୍ବଲ
ଖେଳ—2. A kind of game with balls of marble or glass.
[ ଦ୍ର—ଏହା ୨ ପ୍ରକାର ଯଥା—ଗାତଖେଳ ଓ ବନ୍ଧଖେଳ । ୧ମ ପ୍ରକାର ଖେଳରେ ଭୂଇଁରେ ଗୋଟିଏ ଗାତ ଖୋଳିବାକୁ ହୁଏ । ଗାତଟି ସାଧାରଣତଃ ½ ଇଞ୍ଚ ଗଭୀର ହୁଏ । ଖେଳାଳିମାନେ

ସମସଂଖ୍ୟକ ୨ ଦଳ ହୁଅନ୍ତି । ପ୍ରଥମ ଦଳ ଅଗ ଖେଳ କରି ବାଟକୁ ଟିପି (ଅଙ୍ଗୁଠିଦ୍ୱାରା ଟିପି) ଅନ୍ୟ ଦଳର ବାଟରେ ବଜାଇବାକୁ ଚେଷ୍ଟା କରନ୍ତି । ଶେଷରେ ଯେଉଁ ଖେଳାଳିର ବାଟ ବିପକ୍ଷର ବାଟରେ ବାଜି ଗାତରେ ପଡ଼େ ସେ ଜିତେ ।

୬ଯୁ ପ୍ରକାର ଖେଳ ବା ବନ୍ଧଖେଳରେ ଭୂଇଁରେ ଗୋଟିଏ ଚତୁଷ୍କୋଣ ଖେତ୍ର କାଟିବାକୁ ହୁଏ । ତହିଁ ମଧ୍ୟରେ ଏକ ଦଳ ଖେଳାଳିଙ୍କର କେତେ ଗୁଡ଼ିଏ ବାଟକୁ ଧାଡ଼ି କରି ରଖିବାକୁ ହୁଏ । ଅନ୍ୟ ଦଳ ଜଣଜଣ ହୋଇ ଖେତ୍ରମଧ୍ୟସ୍ଥ ବାଟମାନଙ୍କୁ ଲକ୍ଷ୍ୟ କରି ନିଜ ନିଜର ବାଟକୁ ଫୋପାଡ଼ନ୍ତି । ଯେଉଁ ଖେଳାଳିର ବାଟ ଖେତ୍ର-ମଧ୍ୟସ୍ଥ ବାଟରେ ବାଜେ ସେ ଜିଣେ । ବାଟ ନ ବାଜିଲେ ତାହା ପଡ଼ିବା ଥାନରୁ ପୁଣି ଉକ୍ତ ବାଟକୁ ଟିପି ବିପକ୍ଷର ବାଟକୁ ମାରିବାକୁ ହୁଏ । ]

ପ୍ରାଦେ. ( ସିଂହଭୂମି ) ବି—୧ । ପଇଲା ( ଦେଖ )—1. Pailā ( See ). ୨ । ୮୪ ଠାରୁ ୧୦୦ ତୋଳା ଓଜନ—2. A standard of weight varying from 84 to 100 Tolas.

**ବାଟିଆ**—ଦେ. ବି. ( ସଂ. ବାଟ )—୧ । ବାଟୋଇ; ପଥିକ—1. **Bāṭiā** Way farer. ୨ । ଅଡ଼ୁଆ—2. Complication. ହିନ୍ଦୀ **बटाउ** ୩ । ଦୁର୍ନାମ; କଳଙ୍କ; ବଦ୍‌ନାମ—3. Stain; **गोलमाल** bad name. ୪ । ଗୁରୁ ଦାୟିତ୍ୱ—4. Grave **घब्बा** responsibility.

(ଯଥା—ନିଜହାତରେ ତହବିଲ ରଖିଲେ ବଡ଼େ ହେଲେ ବାଟିଆ ଲାଗିବ ।)

୫ । ବିଲରେ ହଳ ବୁଲାଇବା ବେଳେ ଲଙ୍ଗଳ ମୁଣ୍ଡାର ଦୁଇପଟିରେ ଯେଉଁ କାଦୁଅ ମାଟି ପୁଳାମାନ ଲାଗିଯାଏ (ଏ ସବୁକୁ ହଳଅ ଗୋଡ଼ଦ୍ୱାରା ଲଙ୍ଗଳଦେହରୁ ଛଡ଼ାଇ ଦେଉଥାଏ ଏବଂ ଆଉ ଜଣେ ଲୋକ ସେଗୁଡ଼ିକୁ ଲଙ୍ଗଳତଳରୁ ଉଠାଇ ଛୋଟ ଛୋଟ ପୁଳା କରି ବିଲର ଚାରିଆଡ଼େ ଖେଳାଇ କରି ଫିଙ୍ଗୁଥାଏ)—5. Clods of clay clinging to the wings of a plough during the puddling operation.

**ବାଟିଆଇବା**—ଦେ. କ୍ରି. (ସଂ. ବାଟ)—ବାଟେଇବା ୧ ( ଦେଖ ) **Bāṭiāibā** Bāṭeibā 1 (See)

**ବାଟିଆ ଖେଳା**—ଦେ. ବି—ବେଉଷଣ ପରେ ବିଲର ଘନ ସନ୍ନିବିଷ୍ଟ **Bāṭiā khelā** ଧାନଗଛମାନଙ୍କୁ ଓପାଡ଼ି ପରସ୍ପରଠାରୁ ସମାନ [ବାଟଅଖେଳ(ଳ)ଅ—ଅନ୍ୟରୂପ] ଦୂରତାରେ ଖେଳାଇ ପୋତିବା— **थान बाछना** The act of evenly distributing and ( ବାଟିଆ ଖେଳା[ଳେ]ଇବା—କ୍ରି ସ୍ୱରୂପ ) transplanting dense paddy plants in a field.

**ବାଟିଆ ଛଡ଼ା(ଡ଼େ)ଇବା**—ଦେ. କ୍ରି—୧ । କଳଙ୍କ ଅପନୟନ କରିବା— **Bāṭiā chhaṛā(ṛe)ibā** 1. To remove one's bad name. ୨ । ଦାୟିତ୍ୱରୁ କଷ୍ଟ ପାଇବା ଉପାୟ କରିବା—2. To take means to be relieved of a responsibility.

**ବାଟିଆ ବୋଲିବା**—ଦେ. କ୍ରି—ଦୁର୍ନାମ କରିବା; (ପରକୁ) ଦୋଷ **Bāṭiā bolibā** ଦେବା—To lay the blame on another.

**ବାଟିଆ ପକା(କେ)ଇବା**—ପ୍ରାଦେ. (ଯାଜପୁର) କ୍ରି—ଘନସନ୍ନିବିଷ୍ଟ ଧାନ **Bāṭiā pakā(ke)ibā** ଗଛମାନଙ୍କୁ ପରସ୍ପରଠାରୁ ସମାନ ଦୂରତାରେ ପୋତିବା—To evenly distribute paddy plants in a field.

**ବାଟିଆ ମାଡ଼ିବା**—ଦେ. କ୍ରି—ହଳଅ ହଳର ଦୁଇ ପକ୍ଷରୁ ଗୋଡ଼ଦ୍ୱାରା **Bāṭiā māṛibā** ଛଡ଼ାଇଥିବା କାଦୁଅପୁଳାମାନ ( ହଳଅର ସାଥୀ) ବିଲରେ ଖେଳାଇ କରି ଚାରିଆଡ଼େ ପକାଇବା—To scatter over the paddy field the clods of clay clinging to the wings of a plough during puddling.

**ବାଟିଆ ଲଗା(ଗେ)ଇବା**—ଦେ. କ୍ରି—୧ । କୌଣସି ବ୍ୟକ୍ତିଠାରେ **Bāṭiā lagā(ge)ibā** କଳଙ୍କାରୋପ ବା ଦୋଷାରୋପ କରିବା— **दोष लागान** 1. To accuse a person; to lay the blame **दोष लागान** on a person. ୨ । କୌଣସି ବ୍ୟକ୍ତିକୁ ଅଡ଼ୁଆରେ ପକାଇବା—2. To put a man to inconvenience or complications.

**ବାଟିକା**—ସଂ. ବି-(ବଟ୍ ଧାତୁ=ବେଷ୍ଟନ କରିବା+ଇକ+ସ୍ତ୍ରୀ. ଆ)— **Bāṭikā** ୧ । ଛୋଟ ଘର—1. A small house. ୨ । ବାଡ଼ି; ଛୋଟ ଫଳବଗିଚା—2. Small orchard ୩ । ବାସ୍ତୁ—3 The site of a house (Apte).

**ବାଟି ଖେଳ**—ଦେ. ବି—ବଟି ଖେଳ— **Bāṭi khelā** A kind of game.

ପ୍ରାଦେ. (ଗଞ୍ଜାମ) ବି—ମାରବଲ ଖେଳ—A kind of game with balls of marble or glass.

**ବାଟିଛତୁ**—ପ୍ରାଦେ. (ଜୟପୁର) ବି—ଏକପ୍ରକାର ଛତୁ— **Bāṭichhatu** A kind of mushroom.

**ବାଟିବା**—ଦେ. କ୍ରି. ( ଉତ୍ ଉପସର୍ଗ ବୃତ୍ ଧାତୁ ବା ବଟ୍ ଧାତୁ=ଖୁଦ୍ **Bāṭibā** ବିଭାଗ କରିବା)—ଘନପଦାର୍ଥକୁ ଶିଳରେ ଜଳଯୋଗରେ **बाटा** ପେଷଣ କରି ପିଠଉ ପରି କରିବା; ପେଷିବା—To **उबटना** grind a hard substance to pulp; to bruise.

[ ଦ୍ର—ଶିଳ ଓ ଶିଳପୁଅ ସାହାଯ୍ୟରେ ବାଟିବାକୁ ହୁଏ; ମାତ୍ର ଲୁଣୀବାଡ଼ ବା ଖଲପୁଅଦ୍ୱାରା ଘୋଟିବାକୁ ହୁଏ । ]

**ବାଟୀ**—ସଂ. ବି. (ବାଟ+ସ୍ତ୍ରୀ. ଈ)—୧ । ଘର—1. House ୨ । **Bāṭī** ଆବୃତ ସ୍ଥାନ; ବାଡ଼—2 An enclosed space or garden. ୩ । ବାସ୍ତୁ; ଘରବାଡ଼ି—3. The site of a house (Apte). ୪ । ରାସ୍ତା; ପଥ—4. A road (Apte). ୫ । କୋଡ଼ଗାତ—5. Groin (Apte).

**ବାଟୁଆ**—ଦେ. ବି. (ସଂ. ବାଟ)—ବାଟୋଇ; ପଥିକ-- **Bāṭuā** ହିନ୍ଦୀ **बटवाहा** Wayfarer.

ପ୍ରାଦେ॰ (ପୁରୀ) ବି—ଯେଉଁ ପଣ୍ଡାମାନେ ଯାତ୍ରୀ ସଂଗ୍ରହ କରିବା-ପାଇଁ ଦୂରଦେଶକୁ ଯାଆନ୍ତି—The pilgrim-hunters of Puri who visit distant countries.

ବାଟୁଳ—ଦେ. ବଣ· ( ସ. ବର୍ତ୍ତୁଳ )—ବର୍ତ୍ତୁଳ—
Bātuḷa Globular; spherical.

ବାଟୁଳା—ଦେ. ବି. (ସ. ବର୍ତ୍ତୁଳ)—୧ । ଗୋଲକ—1, A globe.
Bātuḷā ୨ । ପେଣ୍ଡୁ—2. Ball. ୩ । ଅନ୍ନାଦିର ଗୋଲାକାର
गोला ପିଣ୍ଡ—3. Boiled rice etc made into a
গোলা ball ୪ । କଠାଉର ଚୂଳ ଉପରେ ଥିବା ଗୋଲକ—
4. The ball-like top of the pin of a wooden sandal.

ବାଟୁଳା ଚଣା—ପ୍ରାଦେ· (ଗଞ୍ଜାମ) ବି. (ସ. ବର୍ତ୍ତୁଳ + ଚଣକ; ଭୁଲ. ବି. ବାଟୁଳ ମଟର)—ମଟର—Pea.
Bātuḷā chaṇā

ବାଟୁଳା ଭୋଗ—ଦେ. ବି.—ସକାଳେ ରନ୍ଧା ହୋଇଥିବା ଅନ୍ନରୁ
Bātuḷā bhoga ଗୋଟିଏ ବାଟୁଳା କରି ରଖି ସନ୍ଧ୍ୟାବେଳେ
ତାହାକୁ ଠାକୁରଙ୍କ ନିକଟରେ ନୈବେଦ୍ୟରୂପେ ଅର୍ପଣ
କରିବା—Offering of a ball of rice to an Idol in the evening, having kept it apart out of the rice cooked in the morning and offered to the Idol.

ବାଟୁଳି—ଦେ. ବି. (ସ.ବର୍ତ୍ତୁଳ; ତୁଳ. ଫା. ଗିଲୁଲ୍=ବାଟୁଳି ଖଡ଼ା)—
Bātuḷi ଧନୁକାଦି ସାହାଯ୍ୟରେ ଦୂରକୁ କ୍ଷିପ୍ତ ହେବା ଲୁହାର ବା
বাটুল, ভাঁটা ମାଟିର ଗୋଟାଳି—Small iron or earthen
गुलति balls or pellets shot from a sling or bow.

ହସ୍ତେ ଶାର୍ଙ୍ଗ ଧନୁ ପୃଷ୍ଠେ ନିଷଙ୍ଗେ ପୂରିତ
ଅବ୍ରତ-ମାରଣ-ପଟୁ ଅସୁସ ବାଟୁଳି—ଜଗନ୍ନାଥ, ମହାଭାରତ ।

ବାଟୁଳି ଖଡ଼ା—ଦେ. ବି—ବାଟୁଳି ନିକ୍ଷେପ କରିବାରେ ବ୍ୟବହୃତ ବାଉଁଶ
Bātuḷi khaṛā ନିର୍ମିତ ଓ ଗୁଣଯୁକ୍ତ ଧନୁକାକୃତି ଅସ୍ତ୍ରବିଶେଷ—
বাঁটুলখাড়া A bow used in shooting iron or
गुलेल, गुलेला earthen pellets.

ସେ ଧନ କହ ଗୋଟାଏ ସାମାନ୍ୟ ବାଟୁଳିଖଡ଼ା ନୁହେଁ—
ଗୋପାଳଚନ୍ଦ୍ର, ପିତୃଙ୍କ ଗ୍ରନ୍ଥପୁଣ ।

ବାଟେ(ଟୋ)ଇ—ଦେ. ବି—ପଥିକ—Wayfarer; traveller.
Bāṭe(ṭo)i ରাহী बटबाहा

ବାଟେ(ଟୋ)ଇବା—ଦେ. କ୍ରି—(ସ. ବାଟ)—୧ । ବାଟଅଇବା; ଯାତ୍ରା
Bāṭe(ṭo)ibā ଥିବା ବ୍ୟକ୍ତି ସଙ୍ଗେ ଖଣ୍ଡେଦୂର ବାଟ ଯାଇ ତାକୁ
আবগাড়ান ଛାଡ଼ି ଦେଇ ଆସିବା; ବାଟ ବଳେଇବା; ଅନୁବ୍ରଜନ
अरियातना କରିବା—1. To accompany a person some way to see him off ୨ । ବାଟ ଦେଖାଇବା—
2. To lead or show the way.

ବାଟେ ବାଟେ—ଦେ. କ୍ରି. ବଣ—୧ । ଗୋଟିଏ ବାଟକୁ ଧରି (ଚାଲି
Bāṭe bāṭe ଚାଲି ଯିବା); ରାସ୍ତାକୁ ନ ଛାଡ଼ି (ଚାଲିବା)—
बाटे बाटे 1. (to go) One's way. ୨ । ସିଧା ସିଧା ବାଟରେ—
2. Straightway.

ବାଟ୍ୟ—ସ. ବି—(ବାଟ + ଯ)—ଉଦ୍ୟାନ ସମ୍ବନ୍ଧୀୟ—
Bāṭya Belonging to a garden.

ବାଟ୍ୟାଳ(ଳୀ)—ସ. ବି—ଅତିବଳା (ଦେଖ)
Bāṭyāḷa(ḷī) Atibaḷā (Apte) (See).
(ବାଟ୍ୟା, ବାଟ୍ୟୀ, ବାଟ୍ୟାଳକା—ଅନ୍ୟରୂପ)

ବାଡ୍ (ଧାତୁ)—ସ—୧ । ଗାଧୋଇବା—1. To bathe (Apte).
Bāṛ (root) ୨ । ପାଣିରେ ବୁଡ଼ିବା—2 To dive (Apte).
୩ । ବାହାରକୁ ବାହାରି ପଡ଼ିବା—3. To emerge (Apte).

ବାଡ୍‌କିନ୍—ବୈଦେ. ବି—( ଇଂ. ବଡ୍‌କିନ୍ )—୧ । ଛପାଖାନାରେ
Bāḍ-kin କମ୍ପୋଜିଟରମାନେ ଫର୍ମରେ ବସାଯାଇଥିବା ଟାଇପ୍
বাড়কীন ମାନଙ୍କୁ ଉଠାଇବା ପାଇଁ ବ୍ୟବହାର କରିବା କାଠବେଣ୍ଟ-
बाडकीन ବାଲା ମୁନ ନ ଥିବା ଫୋଡ଼ଣୀ—1. Compositors' bodkin; a wooden-handled blunt needle.
୨ । ଦପ୍ତରୀମାନେ ବହି ବାନ୍ଧିବା ପାଇଁ ପୃଷ୍ଠାମାନଙ୍କ
ଫୋଡ଼ିବାରେ ଯେଉଁ କାଠବେଣ୍ଟବାଲା ଫୋଡ଼ଣୀ
ବ୍ୟବହାର କରନ୍ତି—2. Bookbinder's bodkin.

ବାଡ଼(ଢ଼)ଣି—ପ୍ରାଦେ. (ସମ୍ବଲପୁର) ବି. (ସ ବର୍ଦ୍ଧନୀ)—ଝାଡ଼ୁ;ପହିଁରୀମୁଠା
Bāṛ(ṛh)-ni ବଢ଼ଣୀ—Broomstick.
[ବାଢ଼ୁ(ଢ଼ୁ)ନି—ଅନ୍ୟରୂପ ]

ବାଡ଼—ଦେ. ବି—(ସ. ବାଟ=ବେଷ୍ଟନ; ଅବୃତ ସ୍ଥାନ)—୧ । ବାଉଁଶ
Bāṛa ଖଣ୍ଡ ବା କଣ୍ଟା ଆଦିରେ ବୁଜା ହୋଇ କୌଣସି ସ୍ଥାନର
বাড়, বেড়া ଚାରିପାଖେ ଘେର ହେବା ବେଢ଼; ଘେର ବନ୍ଧ—
बेडा, बाडा 1 Fencing; hedge, enclosure.

ଶୁଖ ଦେଇ ଶୁଖ—ପଥେ କଣ୍ଟବାଡ଼ ଦେଇ ରୁନ୍ଧ ଦେଇ ସହୀ—
ଜଗନ୍ନାଥ. ଉଷାଭ ।

୨ । ଗୃହର କାନ୍ଥ—2. Wall.

ହେଲେ ବ ସେ ଘର ସୁନା ଗୟ ବାଡ଼—
କୃଷ୍ଣସିଂହ. ମହାଭାରତ. ବନ—

कनहेडी ୩ । ନୌକାର ପାର୍ଶ୍ୱସ୍ଥ ବେଷ୍ଟନ—3. The walls of
a boat. ୪ । (ଗାଡ଼ି ଓ ଖଟିଆ ଆଦିର) ପାର୍ଶ୍ୱସ୍ଥ କାନ୍ଥ—
बाडा 4. Side railings (of a car or bedstead).
टाट ୫ । କୌଣସି ସ୍ଥାନକୁ ଭିନ୍ନ ଭିନ୍ନ ଅଂଶରେ ବିଭକ୍ତ
କରିବା ସକାଶେ ମଝିରେ ଦିଆଯିବା କାନ୍ଥ—5. Partition wall. ୬ । ଏକଗ୍ରାମବାସୀ ବା ଏକସମାଜ ମଧ୍ୟରେ
ହେବା ଭିନ୍ନ ଭିନ୍ନ ଦଳ ବା ପକ୍ଷ—6. Factions
पाटी created amongst a body of villagers or caste people.
(ଯଥା—ସେହି ଗ୍ରାମରେ ୩ବାଡ଼ ହୋଇଅଛନ୍ତି ।)
୭ । କର ଅଦାୟ ଦୃଷ୍ଟିରେ ମଉଜାର ଭିନ୍ନ ଭିନ୍ନ ଅଂଶ
वटि ବା ବିଭାଗ—7. Separate fiscal portions of a village.
(ଯଥା—ଏ ମଉଜାଟି ୩ ବାଡ଼ରେ ବିଭକ୍ତ ଯଥା—ଦେଓଳ
ବାଡ଼, ବଳସି ବାଡ଼ ଓ ଜାଗିର ବାଡ଼ ।)
बाडा ୭ । କାନ୍ଥ—7. Wall.
( ଯଥା—ଜନାଙ୍କ ବାଡ଼ )

୮ । ପରଦା—8. Partition; screen. ୯ । ଜଳାଶୟରେ ବା ନଦୀରେ ସୀମାନିର୍ଦ୍ଦିଷ୍ଟ ସ୍ଥାନରୁ ଅନ୍ୟତ୍ର ମାଛ ଅବ ପଳାଇ ନ ଯିବା ପାଇଁ ସେଠାରେ ଦିଆଯିବା ଜାଲର ଘେର—8. A partition consisting of a net-wall put upright in a river or tank to prevent fishes from escaping.

ପ୍ରାଦେ. (ଗଡ଼ଜାତ) ବି. (ଭୂଲ. ହି. ବାଡ଼ା=ଚାରିଆଡ଼େ ବାଡ଼ ଦ୍ୱାରା ଘେରା ହୋଇଥିବା ସ୍ଥାନ)—ଯେଉଁ ବନେ ଗୋରୁ ଓ ମଇଁଷି ଗୋଠକୁ ଗଉଡ଼ମାନେ ରାତିରେ ବନ୍ଦ କରନ୍ତି ସେହିଠାରେ ପକାନ୍ତି; ଅଡ଼ା—A place in a field where herds of cattle are kept confined at night; pen.

( ଯଥା—ଗାଈ ବାଡ଼; ମଇଁଷି ବାଡ଼ । )

ପ୍ରାଦେ. (ଉତ୍ତର ବାଲେଶ୍ୱର) ବି—ଅଡ଼; ତରଫ—Direction; quarter.

ବାଡ଼ କରିବା—ଦେ. କ୍ରି—ବାଡ଼ ଦେଇ କୌଣସି ସ୍ଥାନକୁ ଭିନ୍ନ ଭିନ୍ନ
Bārda karibā ଅଂଶରେ ବିଭକ୍ତ କରିବା—To divide
বেড়া দেওয়া a plot into smaller plots by erecting
पाटी करना partition hedges.

ବାଡ଼ ଦେବା—ଦେ. କ୍ରି—୧ । ଅନ୍ତରାୟ ହେବା—
Bārda debā 1. To be an obstacle.
बाड देना ୨ । ବାଧା ଦେବା—2. To present an obstacle.
বেড়া দেওয়া ୩ । କୌଣସି ସ୍ଥାନକୁ ଘୂରିବା ପାଇଁ ବାଡ଼ ପୋତିବା—2. To set up a fencing at a place.

ବାଡ଼ ପାଣି—ପ୍ରାଦେ. ( ଗଞ୍ଜାମ ଓ ଗଡ଼ଜାତ ) ବି—
Bārda pāni ଶୂଦ୍ରଙ୍କ ଜାତିରେ ବିବାହଯୋଗ୍ୟା କନ୍ୟା ପାଇଁ ଉପଯୁକ୍ତ ବରପାତ୍ର ନ ମିଳିଲେ ପ୍ରଥମେ ଉକ୍ତ କନ୍ୟାକୁ ତାହାର ଭଣଜା-ପଣ ବା ଅଜାଙ୍କ ସଙ୍ଗେ ନାମମାତ୍ର ବିବାହ ଦେବାର ପ୍ରଥା—The usage prevalent amongst some Sudras of giving a grown-up girl in nominal marriage to a relative pending her regular marriage with a suitable bridegroom when available.
[ବାଡ଼ ପାଣି ପିଠା, ବାଡ଼ୁଅପାଣି, ବାଡ଼ୁଅପାଣିପିଠା—ଅନ୍ୟରୂପ]

ବାଡ଼ ପୋତିବା—ଦେ. କ୍ରି—ବାଡ଼ ଦେବା ୩ ( ଦେଖ )
Bārda potibā Bārda debā 3 ( See)

ବାଡ଼ବ—ସଂ. ବି· ( ବଡ଼ବା=ଘୋଟକୀ+ସମ୍ବନ୍ଧାର୍ଥେ. ଅ )—
Bārdaba ୧ । ସମୁଦ୍ର ଗର୍ଭରୁ ଉପରକୁ ଉଠିବା ଅଗ୍ନି—1. Submarine fire.
[ବାଡ଼ବା, ବାଡ଼ବାନଳ, ବାଡ଼ବାଗ୍ନି—ଅନ୍ୟରୂପ]
୨ । ଘୋଟକ (ସିନ୍ଧୁଘୋଟକ ଛଡ଼ା)—2. Horse (excepting walrus).
୩ । ବ୍ରାହ୍ମଣ—3. A Brāhmana. ୪ । ପାତାଳ—4. The nether regions. ୫ । ଘୋଟକ ସମୂହ; ଘୋଡ଼ା ପଲ—4. A herd or stud of horses or mares.
୬ । ଫଳିତ ଜ୍ୟୋତିଷରେ କରଣବିଶେଷ; ବାଳବ କରଣ—6. A kind astrological conjunction.

ସଂ. ବିଣ—ବଡ଼ବା ସମ୍ବନ୍ଧୀୟ—Relating to Bardabā.

ବାଡ଼ବ ଜାତ—ଦେ. ବି—ଅଶ୍ୱିନୀକୁମାର ଦ୍ୱୟ—
Bārdaba jāta The twin heavenly physicians.

ବାଡ଼ ବତା—ଦେ. ବି. ( ସହଚର )—ବାଧା; ପ୍ରତିବନ୍ଧକ—
Bārda batā Obstruction; restriction.
( ଯଥା—ତା ମୁହଁରେ ବାଡ଼ବତା ନାହିଁ । )

ବାଡ଼ବାଗ୍ନି—ସଂ. ବି. (ବାଡ଼ବ+ଅଗ୍ନି)—
Bārdabagni ସମୁଦ୍ର ଗର୍ଭରୁ ଉପରକୁ ଉଠିବା ଅଗ୍ନି—Submarine fire.
(ବାଡ଼ବାନଳ—ଅନ୍ୟରୂପ)

ବାଡ଼ ବାଙ୍କୁ—ଦେ. ବି—ଡଙ୍ଗାବାଡ଼ର ପଟାରେ ସମକୋଣ ଭାବରେ
Bārda bānku ସଂଲଗ୍ନ କାଠି—The right-angled props or brackets supporting the side-walls of a boat.

ବାଡ଼ ବୁଜା—ଦେ. ବି—କୌଣସି ସ୍ଥାନରେ ବାଡ଼ ଦେବା କର୍ମ—
Bārda bujā The act of setting up a fence at
বেড়া দেওয়া बाडा देना a place.

ବାଡ଼ ବୁଜିବା—ଦେ. କ୍ରି. ( ସଂ. ବାଟ+ମୁଦ ଧାତୁ )—
Bārda bujibā ୧ । କୌଣସି ସ୍ଥାନର ଚାରିଆଡ଼େ ବାଡ଼ାବନ୍ଦ
বেড়া দেওয়া କରିବା—1. To set up a fencing round
बाडा बन्दी करना a spot. ୨ । ଖୋଲା ସ୍ଥାନକୁ ବାଡ଼ାବନ୍ଦ କରିବା—2. To enclose an open space. a hedge with.
[ବାଡ଼ ଦେବା; ବାଡ଼ ପକା(କେ)ଇବା, ବାଡ଼ ବସା(ସେ)ଇବା—ଅନ୍ୟରୂପ]
[ବାଡ଼ ବୁଜା(ଯେ)ଇବା; ବାଡ଼ଦିଅଇବା—ପ୍ରଯୋଜକ ରୂପ]

ବାଡ଼ବେୟ—ସଂ. ବି· ( ବଡ଼ବା+ଏୟ )—
Bārdabeya ୧ । ବାଡ଼ବାଗ୍ନି—1. Submarine fire.
୨ । ଅଶ୍ୱିନୀକୁମାରଦ୍ୱୟ—2. The twin sons of Aświni; the twin heavenly physicians.
୩ । ଷଣ୍ଢ—3. A bull (Apte).
ସଂ· ବିଣ—ବଡ଼ବା ସମ୍ବନ୍ଧୀୟ—Relating to submarine fire.

ବାଡ଼ବେୟ ସୁତ—ଦେ ବି—୧ । ଅଶ୍ୱିନୀକୁମାର ଦ୍ୱୟ—
Bārdabeya suta 1. The twin sons of Aświnī.
୨ । ନଳ ନାମକ ବାନର—2. A monkey called 'Nala.'
ବାଡବେୟ ସୁତ ଙ୍କୁଶେ ସତ ଏ ତରକ । ଉଦ୍ଧ. ବୈଦେହୀଶବିଳାସ ।
[ ଦ୍ର—ଏ ଶ୍ରୀରାମଙ୍କ ଅଷ୍ଟ ବାନର ସେନାପତି ମଧ୍ୟରୁ ଜଣେ । ]

ବାଡ଼ବ୍ୟ—ସଂ. ବିଣ. (ବଡ଼ବା+ଯ)—୧ । ବଡ଼ବା ସମ୍ବନ୍ଧୀୟ—
Bārdabya 1. Relating to submarine fire.
୨ । (ବାଡ଼ବ=ବ୍ରାହ୍ମଣ+ସମୂହାର୍ଥେ. ଯ) ବ୍ରାହ୍ମଣ ସମୂହ—2. A collection or group of Brāhmanas.

ବାଡ଼ ମୋହିନୀ—ଦେ. ବି—ଦେବଯୋନି—
Bārda mohinī A class of demigoddesses.
ବାଡ଼ ମୋହିନୀ ସ୍ୱଭବେ ବଳୁଥ ଉଠିତ । ଉଦ୍ଧ. ବୈଦେହୀଶବିଳାସ ।

ବାଡ଼ା—ଦେ. ବ (ସ. ବାଟ)— ୧ । ବାଡ଼—1. Fence.
Bārdā ୨ । ପାର୍ଶ୍ୱସ୍ଥ କାନ୍ଥ—2. Side wall.
ପ୍ରାଦେ. (ମେଦନୀପୁର) ବ—ଯଷ୍ଟି; ବାଡ଼ି—Stick.

ବାଡ଼ାଇବା—ଦେ. କ୍ରି—ବାଡ଼େଇବା ( ଦେଖ )
Bārdāibā Bārdeibā ( See )

ବାଡ଼ା ବନ୍ଧ—ଦେ. ବ—୧ । କୌଣସି ସ୍ଥାନକୁ ବାଡ଼ ଦ୍ୱାରା ବେଷ୍ଟନ
Bārdā bandi କରିବା—1. The act of enclosing a
ବେଡ଼া বন্দি বাডা বন্দী place with a hedge.
୨ । ବାଡ଼ା; ପାର୍ଶ୍ୱସ୍ଥ କାନ୍ଥ—2. Side wall.

ବାଡ଼ି—ବେଦେ. ବ. ( ଇଂ. ବଡ଼ିସ୍ )—ସ୍ତ୍ରୀଲୋକଙ୍କ ବକ୍ଷଃସ୍ଥଳ ଓ ପେଟ
Bādi ଆବରଣ କରିବା ଓ ଅଣ୍ଟାପର୍ଯ୍ୟନ୍ତ ଲମ୍ବ କୁର୍ତ୍ତି; ଜାକେଟ୍—
ବାড়ী बाडीस (ବାଡ଼ୀସ୍—ଅନ୍ୟରୂପ) Bodice.

ବାଡ଼ି—ଦେ. ବ—୧ । ( ସ. ବାଟିକା )—ବାଟିକା; ଛୋଟ ବଗିଚା—
Bārdi 1. Small garden. ୨ । ଷେତ; କିଆରି—2. Field;
ବাগান cultivated plot of land for growing
वारी vegetables. ୩ । ଗୃହସଂଲଗ୍ନ ଭୂମି—3. Home-
ক্ষেত stead; land adjoining a house. ୪ । ଗୃହର
खेत ପଛପଟରେ ଥିବା ଗୃହସଂଲଗ୍ନ ଭୂମି—4. Backside of
বাড়ি; ছড়ি a homestead. ୫ । (ସ. ଯଷ୍ଟି; କମ୍ବା ବାଟ=ଖାଡ଼ି;
छडी ଯାହା ବାଡ଼ରେ ବ୍ୟବହାର କରାଯାଇ ପାରେ)—5. Stick; staff.

ଏ ଘୋଡ଼ାଙ୍କ ଦେହେ ବାଜିବ ଯେବେ ବାଡ଼ି
ସାନ୍ଧୁଡ଼ାର ପିଠି ପଡ଼ିବେ ଅଣ୍ଟ ମାଡ଼ି । କୃଷ୍ଣସିଂହ. ମହାଭାରତ ବନ ।

ঘা; বাড়ি ୬ । ଯଷ୍ଟି ଅଘାତ ଦ୍ୱାରା ଆଘାତ—6. Stroke with a
चोट stick.
(ଯଥା—ମାଷ୍ଟରେ ପିଲାକୁ ବେତରେ ୩ ବାଡ଼ି ପକାଇଲେ ।)
লাঠি ୭ । ଜମି ମାପିବା ସରିକା—7. A rod for measuring
बल्ला land. ୮ । ହଇଜା; ଓଲାଉଠା—8. Cholera.
हैजा ভেদবমি ବାଡ଼ିସହାରଣୀ ଦେଖା ଜାଗରୁଣି କମସ୍ଥଳେ ।
ଫକୀରମୋହନ. ଛମାଣ ଆଠଗୁଣ୍ଠ ।

୯ । ଲୁଣ ତିଆରି କରିବା ନିମନ୍ତେ ଲୁଣୀମାଟି ସଂଗୃହୀତ ହୋଇ ରଖାଯିବା ସ୍ଥାନ—9. A place where saline earth is collected for the manufacture of salt.

ମାଛ ଶଗଡ଼ ଛାକର ଭାମ ବାଡ଼ି । ଫକୀରମୋହନ. ଗଳ୍ପସ୍ୱଳ୍ପ ।

୧୦ । ଶୂଦ୍ରମାନଙ୍କର ବଂଶୋପାଧିବିଶେଷ—10. A family-title of certain Śūdras. ୧୧ । ଚାଟଶାଳୀରେ ଅବଧାନମାନେ ପିଲାଙ୍କୁ 'ଆ'କାର ଶିଖାଇବା ବେଳେ ରୂପକ ଆକାରରେ 'ଆ'ର ଯେଉଁ ନାମ ଦିଅନ୍ତି—11. The perpendicular line which is subjoined to a consonant in order to join 'ā', to it, is, by way of a familiar simile, is called a stick by the teacher while teaching the use of the compound alphabates to beginners.
(ଯଥା—'କ' ରେ ବାଡ଼ି ଦେଲେ 'କା', ଖ ରେ ବାଡ଼ି ଖା ।)
ପ୍ରାଦେ. (ଗଞ୍ଜାମ; ଗଡ଼ଜାତ) ବ. (ଭୁଲ. ବ. ଓ ହୁଣ୍ଡି. ବାଡ଼ି =ଋଣ ଦିଅଯିବାର ସୁଧ)—ବିନା ସୁଧରେ ଟଙ୍କା ଧାର ଦେବା; ଉଧାର—Loan without interest.

ଅଣେ ଋଣ, ଢ ଏ ବାଡ଼ି, ତା ମାଉସୀ ନଦୀହାତ—ଢଗ ।

ବାଡ଼ିଅଁଳା—ଦେ. ବ— ୧ । ( ସ. ବାଟ୍ୟାଳିକା )—ଜବାକୁସବର୍ଗର କ୍ଷୁଦ୍ର
Bārdiāṅlā ବୃକ୍ଷଶେଷ; ବଳମୂଳୀ—1. Sida Cordifolia.
ଅନ୍ୟ ସ. ନାମ—ବଳା, ବାଟ୍ୟାମଲକ] [ ଏହା ପତ୍ରର ମୂଳ ପାନ
বেড়েলা; ভুঁইআমলা ପରି ଏବଂ ସୂକ୍ଷ୍ମ ଲୋମଶ; ଫୁଲ ହଳଦିଆ;
खिरीहिटा; बारिआरि; ଫଳ ପାଚିଲେ ଫାଟି କରି ୧୦ ଚଉଡ଼ା
ककहिआ; गुलशकरी ହୁଏ । ଲୋକେ ଭୁଲରେ ଭୁଇଁଅଁଳାକୁ
[ବାଡ଼ିଅ(ଅଁ)ଳା—ଅନ୍ୟରୂପ] ବାଡ଼ିଅଁଳା କହନ୍ତି । ]
লাল বেড়েলা ୨ । ( ସ. ଅତିବଳା )—ଏକପ୍ରକାର ନାଲି ବାଡ଼ିଅଁଳା—2. Sida Rhombifolia.
[ ଦ୍ର—ଏ ଗଛ ଉପର ନାଲି । ଏହାର ପତ୍ର ଲୋମଶ ଓ ତଳପାଖ ପାଉଁଶିଆ । ଏ ପତ୍ରର ମୂଳ ପାନପତ୍ର ପରି ହୁଏନି; ଫୁଲ ଫିକା ହଳଦିଆ; ଏହା ବର୍ଷାଦିନେ ଫୁଟେ । ଏ ଗଛର ପାଚିଲା ଫଳ ଫାଟିଯାଇ ୫ ଚଉଡ଼ା ହୁଏ । ]
শ্বেত বেড়েলা ୩ । ( ସ. ମହାବଳା ) ଏକପ୍ରକାର ଧଳା ବାଡ଼ିଅଁଳା—3 Sida Rhomboidia.
[ ଦ୍ର— ଏହାର ଫୁଲ ଫିକାହଳଦିଆ । ଏହା ଶୀତଦିନେ ମଧ୍ୟାହ୍ନରେ ଫୁଟେ; ପତ୍ରରେ ୩ଟା ଶିରା ସ୍ପଷ୍ଟ ଦେଖାଯାଏ । ]
নাগ বেড়েলা; গোরখ চাউলা ୪ । ( ସ. ଗୋରକ୍ଷ ତଣ୍ଡୁଲା )—
ଅନ୍ୟ ସ. ନାମ—ନାଗବଳା] ଏକପ୍ରକାର ଗୋରଖ ଚାଉଳ ବା ଗରଗଡ଼ି—Sida Spinosa.
[ ଦ୍ର—ଏହାର ପତ୍ରର ୩ଟା ଶିରା; ଡେମ୍ଫପାଖେ ୩ଟା ଅରୁ ଥାଏ; ପତ୍ରର ତଳପାଖ ଲୋମଶ ଓ ପାଉଁଶିଆ । ଏହାର ଫୁଲ ଛୋଟ ଓ ଧଳା ଏବଂ ଫଳ ପଞ୍ଚକୋଷ । ]
୫ । ବର୍ଷାୟୁ ଗୁଳ୍ମବିଶେଷ—5. A kind of bush.
[ ଏହା ଉଚ୍ଚରେ ପ୍ରାୟ ୨ ଫୁଟ ହୁଏ । ଏହାର ପତ୍ର ଭେଣ୍ଡିପତ୍ର ପରି । ଏହାକୁ କଞ୍ଚାଦୁଧରେ ବାଟି ପିଇଲେ ଶୀଘ୍ର ପ୍ରସବ ହୁଏ । ଏ ଗଛର ଫଳ କେଣ୍ଡାରେ ଫଳେ ଏବଂ ମାଣ୍ଡିଆ ପରି ଗୋଲ ଓ ଛୋଟ । ]

ବାଡ଼ିଅ—ଦେ. ବ— ( ସ. ବଦ ଧାତୁ ଣିଚ ବାଦ ଧାତୁ; ବାଦନ)—
Bārdiā ୧ । ଯଷ୍ଟିଦ୍ୱାରା ପ୍ରହାର ବା ମାଡ଼—1. Stroke with
বাডান a stick. ୨ । ଯଷ୍ଟିଦ୍ୱାରା ପ୍ରହାର କରିବା କର୍ମ—2.
लाठीकामार Beating; cudgelling.
(ଯଥା—ଗୋରୁଙ୍କ ବାଡ଼ିଅ ।)
୩ । ( ଲକ୍ଷଣାର୍ଥ ) ମୈଥୁନ—3. Cohabitation; coition. ୪ । ଭୂମିରେ (ମୁଣ୍ଡ) ପିଟିବା—4. Striking (of the head) on the ground. ୫ । (ସଂବାଟିକା) ବଗିଚା ଜଗିବାଲୋକ; ମାଳୀ—5. Gardener; a person in charge of a garden.

ଦେ. ବଣ—୧ । ପ୍ରହାରତ—1. Struck. ୨ । ଯେଉଁ (ବାଡ଼େଇ—ସ୍ତ୍ରୀ) ବ୍ୟକ୍ତି ଖୁବ୍ ପ୍ରହାର ଖାଏ ବା ସହେ—2. Habituated to constant beatings. ୩ । ଯେ ଅନ୍ୟକୁ ଖୁବ୍ ପ୍ରହାର ଦେବାରେ ଅଭ୍ୟସ୍ତ; ପ୍ରହାରଦାଶ୍ରୀ—3. Habituated to beating others. (ଯଥା—କୁକୁର ବାଡ଼ଅ ମେଢେଲୁର ।)

ପ୍ରାଦେ. ( ବାଲେଶ୍ୱର ) ବ—ବାଡ଼ୁଅ ( ଦେଖ )— Bārduā ( See )

**ବାଡ଼ଅଡ଼**—ଦେ. ବ—ଘରର ପଛ ବଗ—The backside of Bārdiārda ଖିଡକି **बाडीतरफ** a house. (ବାଡ଼ପଟ—ଅନ୍ୟରୂପ) ହେଉ ବରଷଡ଼ ଉପର ଉପର ମୋ ବାଡ଼ଅଡ଼େ (ବାଣ୍ଡଅଡ଼—ଉପସ୍ୱିତ) ଏବେ ରେ ?—ଶିଶୁଗୀତ । [ ଦ୍ର—ଗୃହସଂଲଗ୍ନ ଭୂମି ସାଧାରଣତଃ ଘରର ପଛଅଡ଼େ ଥିବାରୁ 'ବାଡ଼ଅଡ଼'ର ଏପରି ଅର୍ଥ ହୋଇଅଛି । ]

**ବାଡ଼ଆ ବାଡ଼ି**—ଦେ. ବ.—୧ । ଢର୍ଦ୍ଦମ ପ୍ରହାର— Bārdiā bārdi 1. Much beating. (ବାଡ଼ିଆବାଡ଼େଇ—ଅନ୍ୟରୂପ) ୨ । ଅନ୍ୟୋନ୍ୟରେ ଯଷ୍ଟ୍ୟାଘାତ-ଲାଠାଲାଠି **पिटा पीटी** 2. Striking each other with sticks.

ଦେ. ବଣ.—ପରସ୍ପର ପ୍ରହୃତ—Severely struck by one another; mutually beaten.

ବାଡ଼ଅବାଡ଼େଇ ହୋଇ ମରନ୍ତି ସମରେ—ସ୍ୱାମୀ ଅ. ମହାଯାତ୍ରା ।

**ବାଡ଼ି କବ(ବା)ଟ**—ଦେ. ବ. ( ସ. ବାଟିକା+କପାଟ )—ବାଡ଼ିଘର Bārdi kaba(bāta) ଅର୍ଥାତ୍ ଗୃହର ପଛ ବଗରେ ଅବସ୍ଥିତ ଖିଡ଼ିକୀ ଦୁଆର ଘରର ଯେଉଁ କବାଟ ଘରପଛଅଡ଼ର ବାଡ଼ିକୁ ଫିଟ **बाडी दरवाजा** ଥାଏ—Postern of a house. [ସଦର ଦରଜା,ଦାଣ୍ଡକବ(ବା)ଟ—ବିପରୀତ]

**ବାଡ଼ିକି**—ଦେ. ବ.—୧ । ଝାଡ଼ା; ବସ୍ଥା— Bārdiki 1. Dung; ordure. বাহ্যি **झाडा, दस्त** ୨ । ଝାଡ଼ା ଫେରିବା—2. Easing one's self; passing stools. [ଦ୍ର—ଝାଡ଼ାଫେରିବା ନିମନ୍ତେ ଲୋକେ ଗୃହସଂଲଗ୍ନ ବାଡ଼ିକୁ ଯାଉଥିବାରୁ 'ବାଡ଼ିକି' ଶବ୍ଦର ଏପରି ଅର୍ଥ ହୋଇଅଛି ।]

**ବାଡ଼ିକି ଛୁଆଁ**—ଦେ. ବଣ.—ଯେଉଁ ଲୁଗା ପିନ୍ଧି ଝାଡ଼ା ଫେରି ଥାଏ Bārdiki chhuān ସେ ଲୁଗାକୁ ନ ଧୋଇବା ବା ନ ବଦଳାଇବା ଯୋଗୁଁ ଅଶୁଚି (ବ୍ୟକ୍ତି)—(a person who is) Untouchable owing to not having washed or changed his clothes after easing himself.

**ବାଡ଼ିକି ବସିବା**—ଦେ. କ୍ରି—ବାହାରକୁ ବସିବା; ଝାଡ଼ା ଫେରିବା; ମଳ Bārdiki basibā ତ୍ୟାଗ କରିବା—To ease one's self; বাহ্য বসা **झाडा फीरना** to pass stools.

ଅଳପ ଖାଇ ଲୋକେ ବହୁତ ବାଡ଼ିକି ବସୁଛନ୍ତି ଶଙ୍କିଡ଼ ହୋଇ ଯାଉଛନ୍ତି ! କୁଞ୍ଜବି. ମୋହାରତ ଉତ୍କଳ ।

**ବାଡ଼ିକି ମାଡ଼ିବା**—ଦେ. ବ.—ଝାଡ଼ା ତଳବ ଦେବା; ଯୋଗଶଗାଖି Bārdiki mārdibā মাড়িবা—Feeling of a tendency to বাহ্যি তলব দেওয়া **झाडा तलब देना** ease one's self. [ବାଡ଼ିକି ତଳବ ଦେବା, ବାଡ଼ିକି ଦେଖା(ଖେ)ଇବା—ଅନ୍ୟରୂପ]

**ବାଡ଼ିକି ଯିବା**—ଦେ. କ୍ରି.—ଝାଡ଼ା ଫେରିବାକୁ ଯିବା; ବାହାରକୁ ଯିବା Bārdiki jibā To go to ease one's self. বাহ্যি যাওয়া **झाडाफीरने जाना**

**ବାଡ଼ିକି ହେବା**—ଦେ. ବ.—୧ । ମଳୋତ୍ସର୍ଗ—1. The Bārdiki hebā passing of stools. ୨ । ପେଟ ଛାଡ଼ିବା ବাহ্যি হওয়া ଝାଡ଼ା ହେବା—2. Passing of loose stools. **दस्त होना**

**ବାଡ଼ି ଖାଇବା**—ଦେ. କ୍ରି.—ଯଷ୍ଟିଦ୍ୱାରା ମାଡ଼ ଖାଇବା— Bārdi khāibā To be struck with a stick.

ଦେ. ବ.—ହଇଜା ରୋଗରେ ମରିବା— Dying of cholera.

**ବାଡ଼ିଖିଆ**—ଦେ. ବଣ. ପୁଂ—(ଗାଳି)—ହଇଜା ରୋଗରେ ମରିବା Bārdikhiā ଯୋଗ୍ୟ(ବ୍ୟକ୍ତି)—Sure to die of cholera. (ବାଡଘଡ଼ା, ବାଡ ପଶା—ଅନ୍ୟରୂପ)

**ବାଡ଼ି ଗବ(ବା)**—ଦେ. ବ.—ବାଇଗବ (ଦେଖ) Bārdi gaba (bā) Bāigaba (See)

ବାଡ଼ଅଡ଼େ ବାଡ଼ି ଗବ, କଥା ନ କହୁଲେ କସ ହୋଇବ, ଖାଉସୁରେ ମନେ ଥିବ । ଢଗ ।

**ବାଡ଼ି ଗ(ଗା)ଡ଼ିଆ**—ଦେ. ବ. (ସ. ବାଟିକା+ଗହ୍ୱର)—ଭଦ୍ର ଘରର Bārdi ga(gā)rdiā ସ୍ତ୍ରୀମାନଙ୍କ ବ୍ୟବହାରାର୍ଥ ଘରର ପଛ ପଟେ ଖିଡ଼ିକି ପୁକୁର (ବାଡ଼ି ଅଡ଼େ) ଥିବା ଛୋଟ ଜଳାଶୟ— A small tank on the back side of the house of well-to-do people for the exclusive use of the females.

**ବାଡ଼ି ଘର**—ଦେ. ବ.—୧ । ଗୃହ ସନ୍ନିକଟସ୍ଥ ଜମି ଓ ଘର; ଘରବାଡ଼ି- Bārdi ghara 1. Homestead and home. ঘর বাড়ী **घरबाडि बाहारका घर** ୨ ।.ଘରର ପଶ୍ଚାତ୍ ଭାଗର କୋଠରୀ—2. A room on the back side of a house.

**ବାଡ଼ିଙ୍ଗଣ(ଣ)**—ସ. ବ.—ବାର୍ତ୍ତାକୁ; ବାଇଗଣ— Bārdingana(na) Egg plant; brinjal.

**ବାଡ଼ିଟୀକା**—ଦେ. ବ. (ଅଧୁନାତନ ବ୍ୟବହାର)—ଲୋକଙ୍କୁ ହଇଜା Bārdi tikā ରୋଗର ଅଶୁ ଆକ୍ରମଣରୁ ରକ୍ଷା କରିବା ନିମନ୍ତେ ওলাউঠার টিকা ଦିଆଯିବା ଟୀକା—Cholera injection. (ବାଡଫୋଡ଼ା—ଅନ୍ୟରୂପ)

**ବାଡ଼ିତଅ(ହା)ଡ଼ି**—ଦେ. ବ.—ଘରର ଚତୁଃପାର୍ଶ୍ୱରେ କାଠ ବା ବାଉଁଶର Bārdi tiā(hā)rdi ବାଡ଼ ଦେଇ ତହିଁ ଉପରେ ମାଟି ଲିପି বেড়ার দেওয়াল **টাট** ଦିଆଯିବା ପ୍ରଣାଳୀ—Mode of raising the walls of a house by setting up a hedge of bamboo or wood and plastering it with mud; mud and wattle wall.

[ ଦ୍ର—ଗ୍ରାମ ଘରର କାନ୍ଥ ସାଧାରଣତଃ ୩ ପ୍ରକାର ହୋଇଥାଏ; ୧ ଦଲମ୍ ବା କାଦଅ; ଯେଉଁ କାନ୍ଥ କେବଳ କାଦୁଅ ଦୁଅ ଦୁଅ ଦେଇ ଯାଇ ତିଆରି ହୁଏ । ୨ ବାଢ଼ଢିଆଡ଼ି କାଠ ବାଉଁଶ ବାଡ଼ (ଯଷ୍ଟି)ମାନ ପୋତା ଯାଇ ତହିଁ ଉପରେ କାଦୁଅ ଲିପି ଯେଉଁ କାନ୍ଥ ତିଆରି ହୁଏ ଓ ୩ ଛାଟ ମାଟି—ସରୁ ସରୁ କାଠି ଓ ବୃକ୍ଷାଦିର ଛାଟ (ସରୁ ଶୁଖିଲା ପତ୍ରଯୁକ୍ତ ଅଗ ଶାଖା) ପୋତି ତା ଉପରେ କାଦୁଅ ଦେଇ ଯେଉଁ କାନ୍ଥ କରାଯାଏ ।]

ବାଢ଼ ଢିଆଡ଼ି—ଦେ. ବିଣ.—ବାଢ଼ଢିଆଡ଼ି ପ୍ରଣାଳୀରେ କାନ୍ଥ ଦିଆ ଯାଇ ଥିବା (ଘର)—(a house) Having walls made of bamboo plasted over with mud.
Bārdi tiārdā
टटौकाघर

ବାଢ଼ ଦୁଆର—ଦେ. ବି.—୧ । ଗୃହର ପଛ ଅଡ଼ର କବାଟ—
Bārdi duāra 1. Back door of a house.
खिड़किदरोजा ୨ । ଗୃହର ପଶ୍ଚାଦ୍‌ଦେଶସ୍ଥ ଅଞ୍ଚଳ; ବାଡ଼ିପଟ; ବାଢ଼ିଅଡ଼—
बाड़िका दरवाजा 2. The back side vicinity of a house.

ବାଢ଼ ପଡ଼ିବା —ଦେ. କ୍ରି—କୌଣସି ଅଞ୍ଚଳ ବା ଗ୍ରାମ ବା ଗୃହରେ ଓଲାଉଠା ରୋଗ ପ୍ରବଳ ହେବା—The raging of cholera in a village or family.
Bārdi pardibā
ବାଢ଼ ପଶିବା } ଅନ୍ୟରୂପ
ବାଢ଼ ହେବା }
हैजा होना

ବାଢ଼ ପୋକ ଶୁଂଘା—ଦେ. ବି—ଏକ ପ୍ରକାର ପୋକଶୁଂଘା ଗଛ—
Bārdi poka śumghā A kind of 'Pokaśumghā' plant; Vernonia Cinerera.
ଛୋଟ କୁକଶିମା
[ ଦ୍ର—ଅନ୍ୟ ଏକ ଜାତିର ପୋକଶୁଂଘାକୁ ବଣ ପୋକଶୁଂଘା ବୋଲାଯାଏ । ପୋକଶୁଂଘା ଶବ୍ଦରେ ନୋଟ୍ ଦେଖ । ]

ବାଢ଼ ପୋଖରୀ—ଦେ. ବି—୧ । ଭଦ୍ର ପରିବାରର ଘରର ବାଢ଼ ଅଡ଼େ ସ୍ତ୍ରୀ ଲୋକଙ୍କ ବ୍ୟବହାର ପାଇଁ ଖୋଳା ଯାଇଥିବା ପୁଷ୍କରଣୀ—1. A tank on the back side of a house of a well-to-do person for the use of females.
Bārdi pokhari
ଖିଡ଼ିକି ପୁକୁର
बावली
[ବାଢ଼ ଗ(ଗା)ଡ଼ିଆ—ଅନ୍ୟରୂପ]
ওলাওঠা, ভেদবমী
୨ । ହଇଜା ରୋଗ ଯୋଗୁଁ ହେବା ଝାଡ଼ା—2. Motions due to cholera.
हैजाका दस्त
୩ । ହଇଜା; ବିସୂଚିକା—3. Cholera.

ବାଢ଼ ବଗିଚା—ଦେ. ବି. (ସହରର)—୧ । ଉଦ୍ୟାନ ସମୂହ—
Bārdi bagichā 1. Gardens.
(ବାଢ଼ ବଗାଚ—ଅନ୍ୟରୂପ) ୨ । ବଡ଼ ଓ ସାନ ବଗିଚା—
বাগান 2. Gardens large and small.
बाग बगीचा ୩ । ଘର ପଛ ଅଡ଼ ବଗିଚା—3. Back-side garden.

ବାଢ଼ ବଜା(ଜେ)ଇବା—ପ୍ରାଦେ. (ଗଞ୍ଜାମ) କ୍ରି—ବାଢ଼ ଅଦ ଜନ୍ମଶ୍ରେଣୀର ଲୋକେ ୨ ଖଣ୍ଡ ଛୋଟ ବାଢ଼ ଧରି ଗୀତ ବୋଲି ଉକ୍ତ ବାଢ଼ ଦୁଇ ଖଣ୍ଡକୁ ପରସ୍ପର ଆଘାତ କରିବା—To strike two small sticks with each other while singing songs.
Bārdi bajā(je)ibā

[ ଦ୍ର—ବାଢ଼ ବଜାଇବା ବେଳେ ବୋଲିବା ଗୀତ—
ଗଞ୍ଜାର ବାଢ଼ ବୁଲନ୍ତି ବାଢ଼
ଚଢ଼ନ୍ତି ଗଧ ପିଅନ୍ତି ମଦ
ବୁଲନ୍ତି ଭୁଲା, ଘରକୁ ଗଲେ କହନ୍ତି, ଅମେ ବ୍ରାହ୍ମଣ ପିଲା । ]
ଦେ. କ୍ରି—ଯଷ୍ଟି ଦ୍ୱାରା ଅଳ୍ପ ପ୍ରହାର କରିବା—To give a light beating with a stick.

ବାଢ଼ ବସା ଲୁଗା—ପ୍ରାଦେ. (ଗଡ଼ଜାତ) ବି—ଏକ ପ୍ରକାର ଶାଢ଼ୀ—
Bārdi basā lugā A kind of 'Sārdhi'

ବାଢ଼ ବାଇଗଣ—ଦେ. ବି—୧ । ଯେଉଁ ବାଇଗଣ ଗୃହ ନିକଟସ୍ଥ ବାଢ଼ରେ ଫଳେ—1. Brinjals growing on the garden attached to a house.
Bārdi bāigaṇa
बगीचेका बैंगन
[ ଦ୍ର—ନାନା ରକମର ବାଇଗଣ ଅଛି । 'ବାଇଗଣ' ଶବ୍ଦରେ ନୋଟ୍ ଦେଖ । ]
୨ । ( ବ୍ୟପଦେଶ-ପୋଥି ବାଇଗଣ ) ଯେଉଁ ବାଇଗଣ ଆପଣା ବାଢ଼ରେ ଫଳେ; ଆପଣା ବାଢ଼ରେ ହେବା ବାଇଗଣ ଫଳ—2. Brinjals grown on one's own garden.

ବାଢ଼ ବାଇଗଣ ପୋଥି ବାଇଗଣ—ନ୍ୟାୟ—ଶାସ୍ତ୍ରବିଧି ଅନୁସାରେ କାର୍ଯ୍ୟ କରି ନ ଥିବା ସ୍ଥଳରେ ଏ ନ୍ୟାୟ ପ୍ରୟୋଗ କରାଯାଏ; ଏ ସମ୍ବନ୍ଧରେ ଗୋଟିଏ ଗଳ୍ପ ଅଛି—ପୋଥି ବା ଶାସ୍ତ୍ରରେ ଲେଖାଅଛି ଯେ ଅଲାବୁ, ଶ୍ୱେତବାର୍ତ୍ତାକୀ । ଧଳା ବାଇଗଣ ଇତ୍ୟାଦି ଖାଇବା ନିଷିଦ୍ଧ । ଦିନେ ଜଣେ ପଣ୍ଡିତ ଆପଣା ବାଢ଼ରେ ଫଳିଥିବା ଧଳା ବାଇଗଣକୁ ତୋଳି ତରକାରି କରିବାକୁ ଘରକୁ ନେବା ବେଳେ ପଣ୍ଡିତଙ୍କର ଶାସ୍ତ୍ରଜ୍ଞ ପୁଅ ପଚାରିଲେ, 'ବାପା ! ଶ୍ୱେତବାର୍ତ୍ତାକୀ ଖାଇବା ପରି ଶାସ୍ତ୍ରରେ ନିଷିଦ୍ଧ ?' ପଣ୍ଡିତେ ଉତ୍ତର କଲେ, "ପୋଥି ବାଇଗଣ ସିନା ଖାଇବା ନିଷିଦ୍ଧ । ଉକ୍ତ ନିଷେଧ ବଚନ ବାଢ଼ ବାଇଗଣ ପ୍ରତି ପ୍ରଯୁଜ୍ୟ ନୁହେଁ"—Making a distinction between theory and practice.
Bārdi bāigaṇa pothi bāigaṇa
बगीचा बैंगन और पोथी बैंगन

ବାଢ଼ ବାଁଉଶ—ପ୍ରାଦେ. (ବାଲେଶ୍ୱର) ବି—ଲମ୍ବା, ମୋଟା ଓ ଫମ୍ପା ନ ଥିବା ବାଉଁଶ; ଯୁନୁଆଳ ବାଉଁଶ—A kind of stout bomboo.
Bārdi bāṅśa

ବାଢ଼ ବାଟ—ଦେ. ବି—ଘରର ପଛ ଅଡ଼େ ଥିବା ବାଟ—
Bārdi bāṭa A path running on the back side of a house.
খিড়কি রাস্তা

ବାଢ଼ ବାଢ଼ିକ—ଦେ. ବି—ବାଢ଼ ପୋଖରୀ ୨,୩ ( ଦେଖ )
Bārdi bārdiki Bārdi pokhari 2,3 ( See )
(ବାଢ଼ ବାଢ଼ାରିକୁ—ଅନ୍ୟରୂପ)

ବାଢ଼ ବାନ୍ତି—ଦେ. ବି—ଝାଡ଼ା ବାନ୍ତି; ହଇଜା—
Bārdi bānti ভেদবমি হাজা Cholera.

ବାଢ଼ ବୁଲା(ଲେ)ଇବା—ଦେ. କ୍ରି—ବ୍ୟାୟାମ ବା ମଲ୍ଲକ୍ରୀଡ଼ାରୂପେ ଯଷ୍ଟି ସଞ୍ଚାଳନ କରିବା—To brandish a stick.
Bārdi bulā(le)ibā
লাঠি ঘুরান लाठी भाँजना; लाठी घुमाना

**ବାଡ଼ି ମଳୁ**—ଦେ. ବ—ହଇଜା ରୋଗଗ୍ରସ୍ତ ରୋଗୀ—
Bā̤rdi malu Cholera patient.

**ବାଡ଼ି ମାରିବା**—ଦେ. କ୍ରି—ଅନ୍ଧାର ରାସ୍ତାରେ ବାଟ ନ ଦିଶିଲେ କିମ୍ବା
Bā̤rdi māribā ପାଣିର ଗଭୀରତା ଜଣା ନ ଥିଲେ ଅଗ୍ରସର
ଲାଠିମାରା ହେବା ପୂର୍ବରୁ ଅଗର ସ୍ଥାନ ଖାଲ ବା ଛିପ ଏହା
**लाठीसे थाहना** ଜାଣିବା ପାଇଁ ଆପଣା ହାତରେ ଥିବା ଯଷ୍ଟିଦ୍ୱାରା
ସେ ସ୍ଥାନକୁ ବାଉଁବା—To feel a place by means of a stick held by the hand before stepping further (in water or in a dark place or road).

**ବାଡ଼ିରେ ଯିବା**—ଦେ. କ୍ରି—ହଇଜା ରୋଗରେ ମୃତ ହେବା—
Bā̤rdire jibā To succumb to cholera.
**हैज़ामें खतम होना**

**ବାଡ଼ି ସାହାଳି**—ଦେ. ବ—ଗୃହର ପଛଅଡ଼େ ଥିବା ଗୃହଶ୍ରେଣୀ—
Bā̤rdi sāhāla Row of houses on the back part of a house.
**बाड़ीका वर्ग**

**ବାଡ଼ୀର**—ସ. ବ—୧ । ଭୃତ୍ୟ; ଚାକର—1. Servant (Apte).
Bā̤rdira ୨ । ଦାସ—2. A slave. ୩ । ମୂଲିଆ—
3. A day-labourer; a hireling (Apte).

**ବାଡ଼ୁଅ**—ଦେ. ବଣ. ସ୍ତ୍ରୀ. (ସ. ଅବ୍ୟୂଢ଼ା)—ଅବିବାହିତା—
Bā̤rdua Unmarried.
ଆଇବୁଡ଼ୋ(ଡା) ମୁଁ ବୋଉର ମାଡ ବ ନୁହେ ଖୁଆ ଘର
**क्वारी; बिनब्याही** ବୋଉଲେ ବାଡ଼ୁଅ ଜାଣେ ମୁଁ ଥିଲ ଘର
କୃଷ୍ଣସିଂ. ମହାଭାରତ ଶାନ୍ତି ।

**ବାଡ଼ୁଅ ଝିଅ**—ଦେ. ବ. (ସ. ଅବ୍ୟୂଢ଼ା+ଦୁହିତା)—ଅବିବାହିତା
Bā̤rdua jhia କନ୍ୟା; କୁମାରୀ; ଅଲଅଡ଼ୀ ଝିଅ—A maid;
ଆଇ ବুড়ামেয়ে **क्वारी लड़की** unmarried girl.

**ବାଡ଼ୁଅ ପାଣି**—ଦେ. ବ. (ସ. ବିବାହ+ପାନୀୟ)—ବୋଉଳ କୁଣ୍ଡ;
Bā̤rdua pāni ବିବାହ ଦିନ ଭୋରରୁ କନ୍ୟା ଯେଉଁ ସ୍ନାନ
ବিয়ার জল କରେ—Bath taken early in the morning
**चतुर्थीका पानी** of the day of marriage by a bride.

**ବାଡ଼ୁଅ ପାଣି ପଡ଼ିବା**—ଦେ. ବ—କନ୍ୟାର ଦେହରେ ବାଡ଼ୁଅପାଣି
Bā̤rdua pāni pa̤rdibā ପଡ଼ିବା ଅର୍ଥାତ୍ କନ୍ୟା ବିବାହିତା
ବিয়ার জল লাগা ହେବା—Being married (said of a girl).
**चतुर्थीका पानी पड़ना**

**ବାଡ଼ୁଆ**—ପ୍ରାଦେ. (ବାଲେଶ୍ୱର) ବ—ଗ୍ରାମର ମୁଖ୍ୟ ବ୍ୟକ୍ତି; ପ୍ରଧାନ—
Bā̤rduā Headman of a village.

**ବାଡ଼େଇବା**—ଦେ. କ୍ରି. (ଦେ. ବାଡ଼ି ଶବ୍ଦରୁ ନାମଧାତୁ)—୧ । ଯଷ୍ଟି-
Bā̤rdeibā ଦ୍ୱାରା ଆଘାତ କରିବା—1. To beat with a
ବাড়ান Stick. ୨ । ମାଡ଼ ଦେବା; ପ୍ରହାର କରିବା—2. To
**पीटना; लठीयना** beat; to belabour. ୩ । ଆଘାତ କରିବା—
ବାଡ଼େଇ ଦେବା } ଅନ୍ୟରୂପ 3. To strike. ୪ । ଭୂମିରେ
ବାଡ଼େଇ ପକେଇବା } ପିଟିବା—4. To strike on
ঠোকা **पटकना** the ground.
(ଯଥା—ମୁଣ୍ଡ ବାଡ଼େଇବା ।)
୫ । (ଲକ୍ଷଣାର୍ଥ) ସ୍ତ୍ରୀକୁ ରମଣ କରିବା—5. (figurative)
Copulate with a woman. ୬ । (ବର୍ଷା, ତୋଫାନ)
**बढ़जाना** ବହୁପରିମାଣରେ ହେବା—6. (rain or wind) To be in a great or large quantity.

**ବାଡ଼େଇ ହେବା**—ଦେ. କ୍ରି—୧ । ବାୟୁଅବଦ୍ୱାରା ଅନ୍ୟ ପଦାର୍ଥରେ
Bā̤rdei hebā ଆଘାତ କରିବା; ବାଜି ଯିବା—1. To strike
**भीड़ना** against another thing; to come
(ବାଡ଼େଇ ହୋଇଯିବା—ଅନ୍ୟରୂପ) in collision with.
(ଯଥା—ତୋଫାନରେ ଗଛର ଡାଳସବୁ କୋଠାକାନ୍ଥରେ
ବାଡ଼େଇ ହଉଛି ।)
୨ । (ଲକ୍ଷଣାର୍ଥ) ବହୁତ ସମୟ ଜୋରରେ ଗପିବା—
2. (figurative) To talk loudly for a long
time. ୩ । ଗୋଡ଼ ହାତ ବାଡ଼ େହବା—3. To strike one's limbs on the ground.

**ବାଡ଼ୋରି**—ଦେ. ବ—ମଲ୍ଲ ଯୁଦ୍ଧବିଶେଷ—
Bā̤rdori A kind of athletic exercise.

**ବାଢ଼ିବା**—ଦେ. କ୍ରି. (ସ. ବୃଧ୍ ଧାତୁ)—୧ । ଖାଇବା ଲୋକଙ୍କ ଭୋଜନ
Bā̤rdhibā ପାଇଁ ଅନ୍ନ ବ୍ୟଞ୍ଜନାଦି ଭୋଜନପାତ୍ରରେ ଆଣି ରଖିବା;
বাড়া; বাডা ପରିବେଷଣ କରିବା—1. To serve food on.
**परोसना** plates; to deal out food to eaters.
[ବଢ଼ା(ଢ଼େ)ଇବା—ଣିଜନ୍ତରୂପ]
ଅନ୍ନ ବ୍ୟଞ୍ଜନ ହେଉଥାଏ, ଅଜଣେ ବାଢ଼ିଲେ ଦଶେଷେ ।
ରଘୁନାଥ. ସ୍ୱଭାବ ।
**बढ़ाना, सजाना** ୨ । ଦ୍ରବ୍ୟସମୂହକୁ ବିସ୍ତୃତ କରି ଥୋଇବା; ବିସ୍ତାର
କରିବା; ମେଲେଇ ରଖିବା—2. To spread things for show.
ଘରଭିତ ଦ୍ରବ୍ୟମାନ ବାଢ଼ିଲେ ଘନ ଘରେ—ଗୃହ ଉତ୍ସବରେ ।
ବাড়াবাড়িকরা ୩ । ବିସ୍ତାରିତ ଭାବରେ ପ୍ରକାଶ କରିବା—
**बढ़ाचढ़ाकर कहना** 3. To speak out in extense.
ବୁଢ଼ା ହେବାଠାରେ ସେ ପାଣ୍ଡବଙ୍କ ଝୌଡ଼ି
ଏବେ ବିଚ ଲୋକଙ୍କ ଆଗେ ଛଲ୍ଲ ବାଢ଼ି—କୃଷ୍ଣସିଂ. ମହାଭାରତ ବନ ।
୪ । ପ୍ରସ୍ତାବ ଆଦି ଉପସ୍ଥାପିତ କରିବା; ପ୍ରସ୍ତାବ କରିବା—
4. To propose. ୫ । ଭାବିବା; ବିଚାର କରିବା—
5. To think.
ମୋହର ବଳ ଦୋଷମାନ ଲୁଚେ ବାଢ଼ି
ତଦଙ୍କୁରେ ରେ ଯଥ ମେ ଥଲ୍ଲ ବାଢ଼ି—
କୃଷ୍ଣସିଂ. ମହାଭାରତ, ବନ—

**ବାଢ଼ୁଣୀ**—ପ୍ରାଦେ. (ଗଡ଼ଜାତ ଓ ସିଂହଭୂମ) ବ. (ସ. ବର୍ଦ୍ଧନୀ) ପ୍ରା.
Bā̤rdhuni ବଢ଼ୁଣୀ)—ଝାଡ଼ୁଣୀ; ଝାଡ଼ୁ—
ବাড়ুন **बढ़नी** Broomstick.

**ବାଢ଼ୋଇ**—ପ୍ରାଦେ. (ଗଡ଼ଜାତ) ବ (ସ. ବର୍ଦ୍ଧକି ପ୍ରା.ବଡ଼ଢଇ)-ବଢ଼େଇ
Bā̤rdhoi বাড়ই, বার্ডই **बढ़ई** Carpenter.

**ବାଣ**—ସ. ବ. (ବଣ୍ ଧାତୁ=ଶବ୍ଦ କରିବା+କର୍ତ୍ତୃ. ଅ)—୧ । ଧନୁ-
Bāna ଦ୍ୱାରା ଦୂରକୁ ଫିଙ୍ଗାଯିବା ତୀକ୍ଷ୍ଣ ଲୌହାଗ୍ର ଲମ୍ବ ଅସ୍ତ୍ର; ଶର;
ତୀର—1. Arrow; a dart.

[ଦ୍ର—ବାଣର ଅନ୍ୟ ସ ନାମ—ପୃଷତ୍କ, ବଶିଖ, ଖଗ, ଆଶୁଗ, କଳମ୍ବ, ମାର୍ଗଣ, ପତ୍ର, କ୍ଷେପ, ଶାରଚର, କାଣ୍ଡ, ଚିତ୍ରପର୍ଣ୍ଣ, ଶର, ବାଜୀ, ପତ୍ରବାହ, ଅଷ୍ଟକଣ୍ଟକ ।

ପ୍ରାଚୀନ କାଳରେ ପୃଥିବୀର ସମସ୍ତ ଦେଶରେ ଓ ଅଦ୍ୟାପି ଅସଭ୍ୟ ଜାତିମାନଙ୍କ ମଧ୍ୟରେ ଧନୁ ଓ ବାଣର ବ୍ୟବହାର ଥିଲା ଓ ଅଛି । ଏଥିରେ ଯୁଦ୍ଧ ଓ ମୃଗୟା କରାଯାଉଥିଲା । ବୃତ୍ତଖଣ୍ଡାକାର ବାଉଁଶର ଦୁଇ ମୁଣ୍ଡ ଡୋରିଦ୍ୱାରା ବନ୍ଧା ହୋଇ ଧନୁ କରା ଯାଉଥିଲା ଓ ସରୁ ବାଉଁଶ ବା କାଣ୍ଡର କାଠିର ଅଗ ଲୁହା ଫଳକଯୁକ୍ତ ହୋଇ କାଣ୍ଡ ତିଆର ହେଉଥିଲା । ବାଣର ମୂଳ ପାଖେ ପକ୍ଷି ଲଗା ଯାଉଥିଲା । ପୂର୍ବେ ଧନୁର୍ବେଦ ଯୁଦ୍ଧବିଦ୍ୟାର ପ୍ରଧାନ ଅଙ୍ଗ ଥିଲା ।]

୨ । ୫ ଅଙ୍କ ବା ସଂଖ୍ୟା—2. The figure 5.

[ଦ୍ର—କାମଦେବଙ୍କ ବାଣସଂଖ୍ୟା ୫ଥିବାରୁ ବୋଧ ହୁଏ ବାଣର ଏହି ଅର୍ଥ ହୋଇଛି ।]

୩ । ଅଗ୍ନି—3. Fire. ୪ । ଶବ୍ଦ—4. Sound. ୫ । ଗୋସ୍ତନ; ଗାଈର ପଣ୍ଡା—5. The udder of the cow. ୬ । ଅସୁରବିଶେଷ; ବଳରାଜାଙ୍କ ଜ୍ୟେଷ୍ଠପୁତ୍ର; ବାଣାସୁର ଅନିରୁଦ୍ଧଙ୍କ ସ୍ତ୍ରୀ ଊଷାର ପିତା—6. Name of a demon.

[ଦ୍ର—ଏହାଙ୍କ ରାଜଧାନୀ ପାତାଳର ଶୋଣିତପୁରରେ ଥିଲା । ଏ ମହାଦେବଙ୍କୁ ତପସ୍ୟାରେ ସନ୍ତୁଷ୍ଟ କରି ବର ପାଇଥିଲେ ଓ ତଦନୁସାରେ ଦେବତାମାନେ ଏହାଙ୍କ ଅନୁଚର ହୋଇଥିଲେ । ହ. ଷ ]

୭ । ନୀଳଝିଣ୍ଟି ଦାସକେରେଣ୍ଟା ଗୁଳ୍ମ ( ହରେକୃଷ୍ଣ ଦ୍ରବ୍ୟଗୁଣ ) 7. The blue flowered variety of Barlaria. ୮ । ବାଣଭଟ୍ଟ କାଦମ୍ବରୀ ପ୍ରଣେତା ପ୍ରସିଦ୍ଧ କବି—8 A poet author of Kādambarī. ୯ । ଶରର ଅଗ୍ରଭାଗ ( ହ. ଶ. )-9. The sharp edge or point of an arrow. ୧୦ । ଭଦ୍ରମୁଞ୍ଜ ( ହ. ଶ. ) ( ଦେଖ ) 10 Bhadramuñja ( See ). ୧୧ । ନିଶାଣ; ଲକ୍ଷ (ହ.ଶ.) 11. Aim; target. ୧୨ । ( ନାମ ) ଇକ୍ଷ୍ୱାକୁ ବଂଶୀୟ ବିକୃତି ରାଜାଙ୍କ ପୁତ୍ର ( ହ. ଶ. ) 12 Name of a son of Raja Bikṛuti.

আতসবাজী ଦେ. ବ—୧ । ଅଗ୍ନି ଲଗାଇବା କ୍ଷମରେ ପ୍ରସ୍ତୁତ
**आतसबाजी,बान** ବାରୁଦକାମ; ଆତସବାଜି; ଅଗ୍ନିବାଣ—1 Fire works.

[ ଦ୍ର—ପୁରୀ ଜିଲ୍ଲାର କେତେକ ସ୍ଥାନରେ ଶାସନରେ ବହୁକାଳରୁ ଶୀତଳ ଷଷ୍ଠୀ, ଚମ୍ପକ ଦ୍ୱାଦଶୀ, ନୃସିଂହ ଚତୁର୍ଦ୍ଦଶୀଅବସରେ ଗ୍ରାମର ଲୋକେ ପୁରୁଷାନୁକ୍ରମେ ନାନାପ୍ରକାରର ବାଣ ନିଜେ ତିଆର କରି ମାରନ୍ତି । କେତେକ ଲୋକଙ୍କ ଘରେ ବାରୁଦ ଓ ବାଣ ତିଆର କରିବାରେ 'ଖାତ' ସବୁ ପୋଥିରେ ଲେଖାଅଛି । ବାରୁଦରେ ବାଣ ତିଆର ହୁଏ ଓ ତହିଁରେ ନିଆଁ ଲଗାଇଲେ ନାନା ବର୍ଣ୍ଣର ଚକର, ଶବ୍ଦର ଓ ଗନ୍ଧର ଅଗ୍ନିକ୍ରୀଡ଼ା ଦେଖାଯାଏ; ସୁତରାଂ ବାଣର ନାମ—ଚମ୍ପା, ଲକ୍ଷ୍ମୀ, ଭୂମ୍ବ, ହାଉଇ, ଚକ୍ର, ଆକାଶମଣ୍ଡୀ, ଅସମାନଗୋଲା, ଠେଙ୍ଗ, କାଠଚମ୍ପା, ଚନ୍ଦ୍ରଉଦୟ ବା ମହତାପ, ପାଣିଭୁଆ, ବମ୍ବାଣ, ତୋପବାଣ, କଦମ୍ବଗଛ, ବଗଡ଼ଦମ୍ବ । ]

ବାଏ ୨ । ତାନ୍ତ୍ରିକ ମାରଣ କ୍ରିୟାର ପ୍ରୟୋଗ; ଯନ୍ତ୍ର ପ୍ରୟୋଗ—
**पुरश्चरण, यन्त्रमन्त्र** 2. A Tantric rite to kill a person.

[ ଦ୍ର—ଯେଉଁ ବ୍ୟକ୍ତିକୁ ବାଣ ମରାଯାଏ ସେ ବାନ୍ତି କରେ ଓ ତାର ରକ୍ତଝାଡ଼ା ହୋଇ ପ୍ରାଣ ଯାଏ । ]

ବାନ ୩ । ( ସ. ବାନ; ବନ୍ୟା; ସ. ବନ=ସଲିଳ ) ବନ୍ୟା;
**बाढ** ନଈ ବଢ଼ି—3. Flood. ୪ । ଜୁଆର—4. Flow tide. ୫ । ଏକ ପ୍ରକାର ଫୁଲ; ଗୋଡ଼ି ବାଣ—5 A kind of flower.

[ ଦ୍ର—ଏହା ହଳଦିଆ ଓ ନାଲି ଭେଦରେ ଦୁଇ ପ୍ରକାର; ଯଥା—ଗୋଡ଼ିବାଣ ଓ ଅଗ୍ନିବାଣ । ]

ବାନୀ ୭ । (ସଂ ବୟନ ବେତନ) ତନ୍ତୀମାନଙ୍କୁ ଲୁଗା ବୁଣିବାପାଇଁ
**मजदुरी** ସୂତା ଦେଲେ ସେମାନେ ଯେଉଁ ଲୁଗା ବୁଣିବା ମଜୁରି ନିଅନ୍ତି; କରମୂଲ—7. Weaver's wages.

୭ । ମୂଲ୍ୟ—7. Price.

ବାଣ ଖାଣ, ମାଣ ସାନ—ଚଗ ।

ବାଣ କରିବା—ଦେ. କ୍ରି—କୌଣସି ବ୍ୟକ୍ତିକୁ ମାରି ଦେବା ଉଦ୍ଦେଶ୍ୟରେ
Bāṇa karibā ମାରଣମୂଳକ ଯନ୍ତ୍ରମନ୍ତ୍ରାଦି ପ୍ରୟୋଗ କରିବା—
[ବାଣ ବସା(ପେ)ଇବା—ଅନ୍ୟରୂପ] To employ fatal
বাণ মারা **अभिचार प्रयोग करना** spells against.

ବାଣ ଗଙ୍ଗା—ସ. ବି—ହିମାଳୟରୁ ବାହାରିଥିବା ନଦୀବିଶେଷ—
Bāṇa gaṅgā Name of a river flowing from the Himalayas.

[ ଦ୍ର—ପୂର୍ବକାଳରେ ରାବଣ ବାଣ ଦ୍ୱାରା ହିମାଳୟର ସୋମେଶ୍ୱର ପର୍ବତକୁ ଫୁଟାଇ ତହିଁରୁ ଏହି ଜଳଧାରା ବାହାର କରାଇଥିଲେ । ]

ବାଣ ଦଣ୍ଡ—ସ. ବି. (ସ. ବୟନ ଦଣ୍ଡ)—ବସ୍ତ୍ର ବୟନ ଯନ୍ତ୍ରବିଶେଷ—
Bāṇa daṇḍa A working meterial of a loom consisting of a roller.

ବାଣଧି—ସ. ବି. (ବାଣ+ଧା ଧାତୁ+କର୍ତ୍ତୃ. ଇ)—
Bāṇadhi ତୂଣୀର; ଶରତୂଣୀ—A quiver.

ବାଣ ନଡ଼ିଆ—ଦେ. ବି. (ସ. ବାମନ ଓ ନାରିକେଳ)—
Bāṇa nardiā ଏକ ପ୍ରକାର ଛୋଟ ସ୍ୱାଦୁ ନଡ଼ିଆ—
বামন নারিকেল A small species of cocoanut.
**बौना नारियल**

ବାଣପୁର—ସ. ବି—ବାଣାସୁରର ରାଜଧାନୀ—The capital of the
Bāṇapura demon 'Bāṇāsura'.

[ ଦ୍ର—ଏହା ପାତାଳସ୍ଥ ଶୋଣିତପୁର ଥିଲା । ]

ଦେ. ବି—ଖୋରଧା ଅଞ୍ଚଳର ଗୋଟିଏ ପ୍ରଗନ୍ନା ବଜାର ଓ ଗ୍ରାମ—Name of a big village and a fiscal division in Khurda Subdivision of Puri District.

[ ଦ୍ର—ଏଠାରେ ଭଗବତୀ ଠାକୁରାଣୀ ଅଛନ୍ତି । ]

**ବାଣ ଫୁଟା(ଟେ)ଇବା**—ଦେ. କ୍ରି—ବାଣ ମାରିବା—
**Bāṇa phuṭā(ṭe)ibā** To exhibit fire work.
ଫୁଟାଇଛ ବାଣ ଚକ୍ଷୁ ଚମକାଇ—ରାଧାନାଥ, ଚନ୍ଦ୍ରଭାଗା ।

**ବାଣ ବାର**—ସଂ. ବି. (ବାଣ+ବୃ ଧାତୁ ଣିଚ୍ ବାର ଧାତୁ=ଅବରଣ କରିବା+କର୍ତ୍ତୃ. ଅ)—ବର୍ମ୍ମ; କବଚ; ସାଞ୍ଜୁ—
**Bāṇa bāra** Mail armour; coat of mail.

**ବାଣ ବିଦ୍ଧ**—ସଂ. ବିଣ. (୩ୟା ତତ୍; ବାଣ+ବିଦ୍ଧ)—
**Bāṇa biddha** ଶରଦ୍ୱାରା ବିଦ୍ଧ—Pierced by an arrow.

**ବାଣ ବିଦ୍ୟା**—ସଂ. ବି—ଧନୁର୍ବିଦ୍ୟା—
**Bāṇa bidyā** Archery.

**ବାଣ ଭଟ୍ଟ**—ସଂ. ବି—ପ୍ରସିଦ୍ଧ ସଂସ୍କୃତ ଗଦ୍ୟ କାବ୍ୟ ପ୍ରଣେତା କବି—
**Bāṇa bhaṭṭa** Name of the auther of Sanskrit novels.
[ ଦ୍ର—ସେ କାଦମ୍ବରୀର ପୂର୍ବାର୍ଦ୍ଧ ଓ ହର୍ଷଚରିତ ଆଦି ଗ୍ରନ୍ଥ ରଚନା କରିଥିଲେ । ସେ ହର୍ଷବର୍ଦ୍ଧନଙ୍କ ସଭାପଣ୍ଡିତ ଥିଲେ । ]

**ବାଣ ମାରିବା**—ଦେ. କ୍ରି—୧ । ଅଗ୍ନି କ୍ରୀଡ଼ା କରିବା—
**Bāṇa māribā** 1. To exhibit fire works.
বাণ মারা ୨ । କୌଣସି ବ୍ୟକ୍ତି ପ୍ରତି ତାନ୍ତ୍ରିକ ମାରଣ ମନ୍ତ୍ର ପ୍ରୟୋଗ
**बान मारना** କରିବା; ଯନ୍ତ୍ର କରିବା—2. To employ Tantric rites to kill a person.

**ବାଣମୁଦ୍ରା**—ସଂ. ବି—ଉପାସନାରେ ତାନ୍ତ୍ରିକ ଅଙ୍ଗୁଳିମୁଦ୍ରାବିଶେଷ—
**Bāṇamudrā** A Tantric pose of the hands used against one's enemies.

**ବାଣଯୁଆର**—ପ୍ରାଦେ (ଗଡ଼ଜାତ) ବି (ସଂ. ବନ୍ୟଶୂକର)—ବରାହ—
**Bāṇajuāra** Boar.

**ବାଣଲିଙ୍ଗ**—ସଂ. ବି (ମ. ପ. ଲୋ. କର୍ମଧା; ବାଣ=ବାଣାସୁର ପ୍ରତିଷ୍ଠିତ ଲିଙ୍ଗ)—୧ । ନର୍ମଦାତୀରସ୍ଥ ଶିବଲିଙ୍ଗବିଶେଷ—
**Bāṇalinga** 1. Name of a Śiba Linga on the bank of the Narmadā. ୨ । ନର୍ମଦା ନଦୀ ଗର୍ଭରୁ ପ୍ରାପ୍ତ କ୍ଷୁଦ୍ର ସ୍ୱଚ୍ଛ ସ୍ଫଟିକ ଶିବଲିଙ୍ଗବିଶେଷ—2. Small Śiba Linga found on the bed of the Narmada river.

**ବାଣହତା**—ଦେ. ବି—ବାଣରେ ନିଆଁ ଧରାଇବାପାଇଁ ବ୍ୟବହୃତ ଲମ୍ବା ବାଉଁଶ ଦଣ୍ଡ ଯହିଁରେ ଅଗ୍ନିଦାୟୀ ରସି ବନ୍ଧା ଥାଏ; ଯେଉଁ ଲମ୍ବା ବାଉଁଶଖଣ୍ଡର ଅଗ୍ରଭାଗରେ ସଳିତା ଥାଏ—
**Bāṇahatā** (ବାଣଲଗା ହାତା—ଅନ୍ୟରୂପ)
The long bamboo pole to which the fuse rope is tied running to a fire work.

**ବାଣା**—ସଂ. ବି (ବାଣ+ଅ)—ନୀଳଝିଣ୍ଟି ଗଛ; ବାସକେଲେଶ୍ୱା—
**Bāṇā** The blue flowered Barberia.

**ବାଣାଧାର**—ସଂ. ବି (୬ଷ୍ଠୀ ତତ୍; ବାଣ+ଆଧାର)—ତୂଣୀର—
**Bāṇādhāra** Quiver.
(ବାଣାଶ୍ରୟ—ଅନ୍ୟରୂପ)

**ବାଣାବତୀ**—ସଂ. ବି. ସ୍ତ୍ରୀ—ବାଣାସୁରର ପତ୍ନୀ (ହ. ଷ)—
**Bāṇābatī** The name of the wife of Bāṇāsura.

**ବାଣାବାଡ଼ି**—ପ୍ରାଦେ (ଗଞ୍ଜାମ) ବି—ଲମ୍ବା ମୋଟା ବାଡ଼ି; ଲାଠି—
**Bāṇābārḍi** A big stick; cudgel.

**ବାଣାସନ**—ସଂ. ବି. (ବାଣ+ଅସ୍ ଧାତୁ=କ୍ଷେପଣ କରିବା+କରଣ ଅନ)—ଧନୁ; ଶରାସନ—Bow.
**Bāṇāsana**

**ବାଣାସୁର**—ସଂ. ବି—ବଳିରାଜାଙ୍କ ଜ୍ୟେଷ୍ଠପୁତ୍ର; ଅସୁରବିଶେଷ—
**Bāṇāsura** Name of a demon.
(ବାଣରାଜ—ଅନ୍ୟରୂପ) [ ଦ୍ର—ଏ ଶିବଙ୍କ ବରରେ ୧୦୦୦ ହାତ ଲାଭ ଓ ସହସ୍ର ବାହୁ ହୋଇଥିଲେ । ପାତାଳର ଶୋଣିତପୁର ଏହାଙ୍କ ରାଜଧାନୀ ଥିଲା । ଏ ହଜାରେ ବର୍ଷ ତପସ୍ୟା କରି ଶିବଙ୍କଠାରୁ ବର ପାଇଥିଲେ ଯେ ଶିବ ଏହାଙ୍କୁ ଯୁଦ୍ଧରେ ସ୍ୱୟଂ ସାହାଯ୍ୟ କରିବେ, ଏହାଙ୍କ କନ୍ୟା ଉଷା ଶ୍ରୀକୃଷ୍ଣଙ୍କ ପୁତ୍ର ଅନିରୁଦ୍ଧ ସଙ୍ଗେ ପ୍ରଣୟାସକ୍ତା ହୋଇ ସ୍ୱସଖୀ ଚିତ୍ରଲେଖାକୁ ପଠାଇ ଆକାଶମାର୍ଗରେ ଅନିରୁଦ୍ଧଙ୍କୁ ଆଣି ଅନ୍ତଃପୁରରେ ରଖିଥିବା ସମୟରେ ବାଣାସୁର ଅନିରୁଦ୍ଧଙ୍କୁ କାରାବଦ୍ଧ କଲେ । ଶ୍ରୀକୃଷ୍ଣ ଏହା ଶୁଣି ବାଣାସୁରକୁ ଆକ୍ରମଣ କଲେ । ମହାଦେବଙ୍କ କହିବା ଅନୁସାରେ ଶ୍ରୀକୃଷ୍ଣ ବାଣାସୁରଙ୍କର ଚାରିଟି ହାତ ଛାଡ଼ିଦେଲେ, ବାକି ହାତଯାକ କାଟିପକାଇଲେ । ପରେ ବାଣ ପରାଜିତ ଓ ବାଧ୍ୟ ହୋଇ ଉଷାକୁ ଅନିରୁଦ୍ଧଙ୍କ ହସ୍ତରେ ସମର୍ପଣ କଲେ—(ହ. ଷ) ]

**ବାଣି**—ସଂ. ବି (ବଣ୍ ଧାତୁ+ଭାବ. ଇ)—୧ । ବୟନ; ଲୁଗାବୁଣିବା—
**Bāṇi** 1. Weaving. ୨ । (+କରଣ. ଇ) ବାକ୍ୟ; ସ୍ୱର—Voice, speech. ୩ । (+କରଣ. ଇ)—ତାନ୍ତଦଣ୍ଡ; ତନ୍ତ—3. Loom.

**ବାଣିଅଁ**—ଦେ. ବି (ବୈଦ୍ୟକ)—ଔଷଧବୃକ୍ଷବିଶେଷ—
**Bāṇiāṅ** A medicinal plant.
[ ଦ୍ର—ଏହାର ପତ୍ରରେ ଅଳ୍ପ ଘିଅ ଚୋପା ତେଲ ଲଗାଇ ଅଗ୍ନିରେ ସେକି ମୁଣ୍ଡରେ ଥୋଇ ପାଗ ବାନ୍ଧିଲେ ଶିରଃପୀଡ଼ା ଦୂର ହୁଏ । ଏହାର ମୂଳକୁ ମହିତ ସହିତ ବାଟି ଖାଇଲେ ଗୋଡ଼ ଫୋଲା କମିଯାଏ । ଏହାର ଅଧିକ ମାତ୍ରା ବାନ୍ତିକାରକ—ଦ୍ରବ୍ୟଗୁଣ କଳ୍ପଦ୍ରୁମ । ]

**ବାଣିଜ**—ସଂ. ବି. (ବଣିଜ୍+ଅ)—ବଣିକ; ବାଣିଜ୍ୟକାରୀ—
**Bāṇija** Merchant; trader.
ଦେ. ବି—ବାଣିଜ୍ୟକାରୀ—Trade.
କୃଷି ବାଣିଜ କରେ ଧନେ—ପ୍ରାଚୀ ଧର୍ମମାହାତ୍ମ୍ୟ ।

**ବାଣିଜିକ**—ସଂ. ବିଣ. (ବଣିଜ୍+ଇକ)—ବାଣିଜ୍ୟ ସମ୍ବନ୍ଧୀୟ—
**Bāṇijika** Relating to trade.

**ବାଣିଜ୍ୟ**—ସଂ. ବି. (ବଣିଜ୍+ଭାବ. ଯ)—୧ । ବଣିଗ୍‌ବୃତ୍ତି; କ୍ରୟବିକ୍ରୟ—1. Trade. ୨ । (କର୍ମ. ଯ) ବ୍ୟବସାୟ—
**Bāṇijya** 2. Commerce.

**ବାଣିଜ୍ୟ ପବନ**—ଦେ. ବି. (ଆଧୁନିକ ପ୍ରୟୋଗ)—ବିଷୁବରେଖାରୁ ଉତ୍ତରମେରୁ ଓ ଦକ୍ଷିଣମେରୁ ଅଭିମୁଖେ ବାରମାସ ବହୁଥିବା ପବନ—Trade wind.
**Bāṇijya pabana**
বাণিজ্য বায়ু **ब्यापार वायु**
(ବାଣିଜ୍ୟ ବାୟୁ—ଅନ୍ୟରୂପ)

ବାଣିଜ୍ୟ ପ୍ରତିନିଧି—ସ. ବ. ( ଅପ୍ରଚଳିତ ପ୍ରୟୋଗ )—ଏକ ଦେଶରୁ
Bāṇijya pratinidhi ଯାଇ ବାଣିଜ୍ୟର ପ୍ରତିନିଧିରୂପେ ଅନ୍ୟ ଦେଶରେ ରହୁବା ବ୍ୟକ୍ତି—Trade agent of one country living in another.

ବାଣିଜ୍ୟ ବ୍ୟବସାୟ—ସ. ବ. ( ସଦ୍ଧିତର )—ବାଣିଜ୍ୟ—
Bāṇijya byabasāya Commerce; trade.

ବାଣିଜ୍ୟାଗାର—ସ. ବ. ( ୬ଷ୍ଠୀ ତତ୍; ବାଣିଜ୍ୟ+ଅଗାର )—୧ ।
Bāṇijyāgāra ଯେଉଁ ଘରେ ପଣ୍ୟଦ୍ରବ୍ୟମାନ ରହେ—1. Warehouse. ୨ । ଯେଉଁ କୋଠିରେ ସଉଦା କରାଯାଏ—2. Mart; merchant office.

ବାଣିନୀ—ସ. ବ. ସ୍ତ୍ରୀ. ( ବାଣ ବା ବାଣି+ଇନ୍+ସ୍ତ୍ରୀ. ଈ )—
Bāṇinī ୧ । ନଟୀ—1. An actress. ୨ । ନର୍ତ୍ତକୀ—2. A dancing girl. ୩ । ମତ୍ତ ସ୍ତ୍ରୀ—3. A furious woman; a shrew. ୪ । ବିଦଗ୍ଧା; ଚତୁରା—4. A clever woman; an intriguing woman. ୫ । ଦୂତୀ—5. A female go-between.

ବାଣୀ—ସ. ବ. ( ବଣ୍ ଧାତୁ=ଶବ୍ଦ କରିବା+କର୍ମ. ଇ+ସ୍ତ୍ରୀ. ଈ )—
Bāṇī ୧ । କଥା; ବାକ୍ୟ—1. Word; speech. ୨ । ବାଗ୍‌ଦେବୀ; ସରସ୍ୱତୀ—2. The Goddess of learning. ୩ । (+ଭାବ. ଇ)—ଲୁଗା ବୁଣିବା—3. Weaving.
ଦେ. ବ. ( ସ. ବା ଧାତୁ=ବୁଣିବା )—୧ । ଦେଁସ ବା
सुतरी ମୁନ୍ଦୁରା ବୁଣିବାରେ ବ୍ୟବହୃତ ସରୁ ଝୋଟ ଦଉଡ଼ା—1. Strings for weaving mats. ୨ । ଝୋଟର ସରୁ ସୂତୁଲି—2. Jute strings. ୩ । ଗୋରୁଙ୍କ ଦେହରେ ଦିଆଯିବା ତାତିଲା ଲୁହାର ଦାଗ ବା ରେଖା—
दाग 3. Lines drawn on the body of cattle
तान with red-hot iron. ୪ । ( ସ. ବାଣୀ ) ଗୀତ
बानी ବୋଲିବାର ବୃତ୍ତ ବା ସ୍ୱର—4. Air of a song.
मजुरी ୫ । ବଣିଆଙ୍କର ଅଳଙ୍କାରଗଢ଼ା ମଜୁରି—5. Goldsmith's wages for preparing ornaments. ୬ । ଲୁଗା ବୁଣିବା ମଜୁରି—6. Weaver's wages.
ପ୍ରାଦେ (ଗଡ଼ଜାତ) ବ—ଚେକା ପର ବଡ଼ ବଡ଼ ବାଲିଗୋଡ଼ା Big pebbles.
[ଦ୍ର—ଲୋକେ ଏଥିରେ ମୁନ୍ଦୁରବୁଣା ଦଉଡ଼ି ବାନ୍ଧ ସେହି ଦଉଡ଼ିକୁ ଝୁଲାଇ ରଖି ମୁନ୍ଦୁର ବୁଣନ୍ତି । ]

ବାଣୀ କାଟିବା—ଦେ. କ୍ରି—୧ । ଝୋଟ ବା ଛଣପଟର ସରୁ ଦଉଡ଼ି
Bāṇī kāṭibā ବୁଣିବା—1. To weave strings
सुतरीबाँटना ୨ । ଗୋରୁଙ୍କ ଦେହରେ ତାତିଲା ଲୁହାରେ
दागदेना ଦାଗଦେବା—2. To mark the bodies of cattle with hot iron

ବାଣୀଜା—ଦେ. ବ. ସ୍ତ୍ରୀ (ସ. ବାଣିନୀ)—ସଖୀ—
Bāṇijā A female companion.
ବାଣୀବାଣୀଜା ଭଣିର ମୁଁ ହେଉଛି—ଭକ୍ତ. ଜୋଷ୍ୟ.....

ବାଣୀ ଦଉଡ଼ା(ଡ଼ି)—ଦେ. ବ—ଝୋଟ ବା ଛଣପଟରେ ବୁଣାଯିବା
Bāṇī daurḍā(rḍi) ସରୁ ଦଉଡ଼ା—Slender strings
सुतरी made of hemp or flax.

ବାଣୀ ପଥର—ଦେ. ବ- ୧ । ସାନ ଗୋଟାଳିଆ ପଥର; ବାଲିଗୋଡ଼ା—
Bāṇī pathara 1. Small round pebbles.
सुतरीका मुद्रा ୨ । ଦେଁସ ବୁଣିବା ପାଇଁ ବ୍ୟବହୃତ ବାଣୀ ବା ଦଉଡ଼ା ଗୁଡ଼ିକ ଯେଉଁ ପଥରରେ ଗୁଡ଼ିଆ ହୋଇଥାଏ—2. Round bits of stone on which are wound the strings for weaving a reed mat.

ବାଣୁଆ—ଦେ. ବ. (ସ. ବାଣ)—୧ । ଯେ ବାଣ ମାରେ—
Bāṇuā 1. One who exhibits fire works; a
बानइत, बानैत, बनैत pyrotechnic.
୨ । ଯେ ଅତସବାଜି ତିଆରି କରେ—2. Manufacturer of fire works. ୩ । ବ୍ୟାଧ; ଶିକାରୀ—3. A hunter. ୪ । ବନ୍ଧୁକ ମାରିବାରେ ସିଦ୍ଧହସ୍ତ—4. A marksman.

ବାଣୁଆ ରାଇ(ୟ)—ପ୍ରାଦେ. (ଗଞ୍ଜାମ) ବ—ରାଜଦତ୍ତ ଉପାଧିବିଶେଷ—
Bāṇuā rāi(ya) A title conferred by Rajas.

ବାଣୁଆ ସିଂହ—ପ୍ରାଦେ. (ଗଞ୍ଜାମ) ବ—ରାଜଦତ୍ତ ଉପାଧିବିଶେଷ—
Bāṇuā simha A title conferred by Rajas.

ବାଣ୍ଟ—ଦେ. ବ. (ସ. ବଣ୍ଟ୍ ଧାତୁ)—୧ । ବିଭାଗ କରଣ—
Bāṇṭa 1. Division. ୨ । ବଣ୍ଟନ; ବାଣ୍ଟରା—2. Partition.
୩ । ଅନେକ ଲୋକଙ୍କ ମଧ୍ୟରେ କୌଣସି ବସ୍ତୁର ବିତରଣ—3. Distribution of a thing amongst many.
୪ । ବିଭାଗ କରି ଯାଇଥିବା ଅଂଶ—4. Allotment.
୫ । ତାସ୍ ବାଣ୍ଟିବା ପାଳି—5. Turn for distributing playing cards amongst the players.

ବାଣ୍ଟ କୁଣ୍ଟ—ଦେ. ବ. (ସଦ୍ଧିତର)—ବାଣ୍ଟ; ବଣ୍ଟନ—
Bāṇṭa kuṇṭa Division; distribution.
बाँटा कूँटा बाँटचूँट (ବାଣ୍ଟକଣ୍ଟା, ବାଣ୍ଟାକୁଣ୍ଟା—ଅନ୍ୟରୂପ)

ବାଣ୍ଟରା—ଦେ. ବ. (ସ. ବଣ୍ଟନ)—୧ । ବାଣ୍ଟ; ବଣ୍ଟରା; ବଣ୍ଟନ—
Bāṇṭarā 1. Partition. ୨ । ବହୁଲୋକଙ୍କୁ ବିତରଣ—
बाँटरा बटवारा 2. Distribution.

ବାଣ୍ଟିବା—ଦେ. କ୍ରି. (ସ. ବଣ୍ଟ୍ ଧାତୁ)—୧ । ବିଭାଗ କରିବା; ଅଂଶ
Bāṇṭibā ପୃଥକ୍ କରିବା—1. To divide; to partition.
बाँटा बाँटना ୨ । ( ଧନାଦି ) ଅନେକ ଲୋକଙ୍କ ମଧ୍ୟରେ ବିତରଣ କରିବା—2. To distribute.
ବ୍ୟଥିତୁ ନବଚନ୍ଦ୍ରମାନଙ୍କ ବାଣ୍ଟିଲୁ କ ରହୁ କହିବେ ।
ବନସ୍ପର୍ଷ. ଉପେନ୍ଦ୍ରଭଞ୍ଜ
୩ । ମନରେ ଭଲ ମନ୍ଦ ବିଚାର କରିବା—3. To distinguish mentally the good from the bad; to think over the pros and cons of a matter.

କଥା ବାଣ୍ଟିଲେ ନ ଅସର ହୁଅ
ବୁଦ୍ଧି ହରଇ ଏବେ ବଢ଼ୁ ଅଛ । ପ୍ରାଚୀ. ଉତ୍ତରହୀତାସ ।

ବାଣ୍ଟି ହେବା—ଦେ· କ୍ରି.—୧ । ଆପଣା ଭିତରେ ପୃଥକ୍ ଦଳରେ
Bāṇṭi hebā ବିଭକ୍ତ ହେବା—1. To divide amongst
**बँटहोना** one another. ୨ । ବାଣ୍ଟିବା କ୍ରିୟାର କର୍ମବାଚ୍ୟରୂପ-
2. The passive voice of Bāṇṭibā.

ବାଣ୍ଠିଆ—ପ୍ରାଦେ. (ବାଲେଶ୍ୱର)—ବିଣ. (ମୂଳ. ବ. ବେଁଟେ)—
Bāṇṭhiā ଖର୍ବାକାର—Dwarfish
(ବାଣ୍ଠୁଲା—ଅନ୍ୟରୂପ)

ବାଣ୍ଡ୍—ବୈଦେ. ବି.—(ଇଂ. ବାଣ୍ଡ୍)—ବିଶେଷ ଯୁଦ୍ଧ ବାଦ୍ୟସମ୍ପ୍ରଦାୟ
Bāṇḍ ବାଦନକାରୀ ଦଳ—Band; a band of musicians
ব্যাণ্ড attached to a particular regiment.
(ବ୍ୟାଣ୍ଡ, ବେଣ୍ଡ୍—ଅନ୍ୟରୂପ) [ଦ୍ର—ଏ ଦଳରେ ଢୋଲ, ଝାଞ୍ଜ ଓ
ଓ କାହାଳୀ ବଜାଯାଏ । ସାଧାରଣତଃ ଏହା ଯୁଦ୍ଧବାଦ୍ୟ ଅଟେ ।
ଅଜକାଲି ବଡ଼ଲୋକମାନେ ସଉକରେ ଏ ଦଳକୁ ପୋଷନ୍ତି ।]

ବାଣ୍ଡ—ଦେ. ବି. (ସ. ବାଣ=ଶର; ଭୁଲ ସ. ବଣ୍ଡ=ଛିନ୍ନଚର୍ମ ଲିଙ୍ଗ)
Bāṇḍa **लड्डा** (ଅଶ୍ଳୀଳ) ଶିଶ୍ନ; ଲିଙ୍ଗ—Penis

ବାଣ୍ଡି—ପ୍ରାଦେ. (ଗଞ୍ଜାମ) ବୈଦେ. (ତେ. ବାଣ୍ଡୀ)—ବି.—
Bāṇḍi ୧ । ଏକପ୍ରକାର ବଳଦ ଗାଡ଼ି; କେରେଞ୍ଚ ଗାଡ଼ି—
1. Bandy cart.
[ଦ୍ର—ଏହା ବଡ଼ ଆରାମପ୍ରଦ; ଏଥିରେ ସବାର ପର କାଠର
କ୍ଲୋଟ କୋଠର ଥାଏ ଏବଂ ଅକ୍ଷ ଉପରେ କମାଣୀ ଲାଗିଥାଏ ।]
୨ । ଶଗଡ଼ ଗାଡ଼ି—2. Bullock cart.

ବାଣ୍ଡେଜ୍—ବୈଦେ. ବି. (ଇଂ.)—ଘା ଆଦିର ଉପରେ ବାନ୍ଧିବା ପାଇଁ
Bāṇḍej ଅଳ୍ପ ଚଉଡ଼ାର ଲମ୍ବ କନାପଟି—Bandage.
ব্যাণ্ডেজ **बंडेज** [ବ୍ୟା(ବେ)ଣ୍ଡେଜ୍—ଅନ୍ୟରୂପ]

ବାଣ୍ଡୋରି—ବୈଦେ. ବି. (ଇଂ. ବାଉଣ୍ଡାରୀ)—ସେଟଲ୍‌ମେଣ୍ଟ୍ ମାପରେ
Bāṇḍori ନିର୍ଦ୍ଦିଷ୍ଟ ଭୂମିର ସୀମା—Boundary line in a
survey.

ବାଣ୍ଡୋରିଆ—ଦେ. ବି. (ଇଂ. ବାଉଣ୍ଡାରୀ)—ଯେଉଁମାନେ ମାପ କରି
Bāṇḍoriā ଭୂମିର ସୀମା ନିରୂପଣ କରନ୍ତି; ଭୂମି ମାପ କରିବା
ଅମିନ—Surveyors who lay the boundaries
of villages.

ବାତ୍—ଦେ. ବି.—(ହିନ୍ଦୀରୁ ଅନୁକୃତ; ସଂ. ବାର୍ତ୍ତା)—ବାକ୍ୟ; କଥା;
Bāt বাত **बात** ଉକ୍ତି; ବଚନ—Word; speech.

ବାତ୍‌ଚିତ୍—ଦେ. ବି.—( ହିନ୍ଦୀରୁ ଅନୁକୃତ; ସ. ବାର୍ତ୍ତା ସଙ୍ଗେ ଅନର୍ଥକ
Bāt-chit ଦ୍ୱିତୀୟ ସହଚର ଶବ୍ଦ)—୧ । କଥୋପକଥନ;
কথাবার্ত্তা ବାକ୍ୟାଳାପ—1. Conversation.
**बातचित** ୨ । ପ୍ରଶ୍ନୋତ୍ତର—2. Question and answer.

ବାତ୍‌ଫ(ଫୁ)ରୁସ୍(ସି)—ଦେ. ବି. ( ହି. ବାତ୍+ସ. ସ୍ଫୁର୍ତ୍ତି )—
Bāt-pha(phu)rus(si) ବାଲଙ୍ଗି; ସତ ମିଛ ମିଶାଇ କଥା
বক্তৃতা ଗଢ଼ିବା; ବାଗାଡ଼ମ୍ବର—Braggadacio; boasting;
**बात फौस** bombast.

ବାତ୍‌ଫୁ ର(ରୁ)ସିଆ—ପୁଂ } ବିଣ ଦେ. ବିଣ—ବାଗାଡ଼ମ୍ବର ପ୍ରିୟ—
ବାତ୍‌ଫୁର(ରୁ)ସେଇ—ସ୍ତ୍ରୀ } Boastful; bragging;
bombastic.

ବାତ୍ସକ—ସ· ବି. (ବତ୍ସ+ସ୍ୱାର୍ଥେ. ଅ+କ)—ବାଛୁରୀ ପଲ—
Bāt-saka A herd of calves (Apte).

ବାତ୍ସଲ୍ୟ—ସ. ବି. (ବତ୍ସଲ+ଭାବ. ଯ)—ବତ୍ସଲତା; ସ୍ନେହ; ପୁତ୍ରାଦିଙ୍କ
Bāt-salya ପ୍ରତି ଗୁରୁଜନଙ୍କ ପ୍ରେମ—Affection towards
one's youngers; tenderness or fondness
for children.

ବାତ୍ସାୟନ—ସ. ବି. (ନାମ)—୧ । ସଂସ୍କୃତ 'କାମସୂତ୍ର' ନାମକ ରତି-
Bāt-sāyana ଶାସ୍ତ୍ର ବିଷୟକ ଗ୍ରନ୍ଥର ରଚୟିତା—1. Name
of the author of a Sanskrit work on
erotic subjects.
୨ । ନ୍ୟାୟ ଶାସ୍ତ୍ରର ଟୀକାକାର—2. Name of a commentator on the Nyāya Śāstra (Apte).

ବାତ୍ସି(ସୀ)—ସ. ବି. ସ୍ତ୍ରୀ—ବ୍ରାହ୍ମଣ ଔରସରେ ଶୂଦ୍ରା ଗର୍ଭଜାତା କନ୍ୟା-
Bāt-si(sī) The daughter of a Brāhmaṇa father
and Śūdrā mother (Apte).

ବାତ—ସ. ବି. ( ବା ଧାତୁ=ଗତି କରିବା+କର୍ତ୍ତୃ. ତ )—
Bāta ୧ । ପବନ; ବାୟୁ—1. Wind; air.
୨ । ଆୟୁର୍ବେଦ ମତେ ଶରୀରସ୍ଥ ବାୟୁ—2. One of the
humours of the body; wind in the body;
nerve energy; rheum.
[ ଦ୍ର—ବୈଦ୍ୟକ ମତରେ ଶରୀରସ୍ଥ ବାୟୁର ସ୍ଥାନ ପକ୍ୱାଶୟ ।
ଶରୀରସ୍ଥ ସମସ୍ତ ଧାତୁର ଓ ମଳ ମୂତ୍ର ଆଦିର ପରିଚାଳନ ଏହା ଦ୍ୱାରା
ହୁଏ ଓ ଶ୍ୱାସ, ପ୍ରଶ୍ୱାସ, ଚେଷ୍ଟା, ବେଗ ଆଦି ଇନ୍ଦ୍ରିୟର କାର୍ଯ୍ୟରେ
ଏହାହିଁ ମୂଳ ଅଟେ । ଶ୍ଳ. ଶ ]
୩ । ମୂର୍ଚ୍ଛାରୋଗ; ମୃଗୀ ରୋଗ—3. Fit; epilepsy
୪ । ଯେଉଁ ରୋଗରେ ଅଣ୍ଟ, ଗଣ୍ଠି ଦରଜ ହୁଏ; ଆମବାତ—
4. Rheumatism; gout ୫ । ଜାର ପୁରୁଷ—
5. A paramour. ୬ । ଧୃଷ୍ଟ ନାୟକ—6. A fickle
paramour.
ସ. ବିଣ—ଗତ—Gone.
ଦେ. ବି—ବାୟୁ ଦେବତା—The God of wind.
ବଧ ବାତ ମେଘ ଯହିଁ ବାଜବାରୁ ରହି—ଭଞ୍ଜ. ବୈଦେହୀଶବିଳାସ ।

ବାତ କଫ—ସ. ବି—୧ । ବାୟୁ ଓ କଫଜନିତ ରୋଗବିଶେଷ—
Bāta kapha 1. Cough due to wind in the body.
୨ । ଟାଇଫଏଡ୍ ଜ୍ୱର—2. Typhoid.

ବାତ କର୍ମ—ସ. ବି—ପର୍ଦ୍ଦନ; ପାଦିବା; ଅଧୋବାୟୁ ତ୍ୟାଗ—
Bāta karma The act of cracking air through
the anus; fart.

ବାତକୀ—ସ. ବିଣ. ପୁଂ. (ବାତ+ଇନ୍; କ ଆଗମ; ୧ମା. ୧ବ)—
Bātakī ବାତ ରୋଗାକ୍ରାନ୍ତ—Suffering from rheumatism.
(ବାତକିନୀ—ସ୍ତ୍ରୀ)

ବାତ କୁମ୍ଭ—ସ. ବି—ଗଜ କୁମ୍ଭର ନିମ୍ନ ଦେଶ—
Bāta kumbha The lower part of the temples of an elephant.

ବାତ କୁଷ୍ଠ—ସ. ବି—ରୋଗବିଶେଷ—
Bāta kushtha A disease.

ବାତ କୃମି—ଦେ. ବି—ଶିଶୁମାନଙ୍କ କୃମି ରୋଗବିଶେଷ—
Bāta krumi A disease of worms in children.
(ବାତକୃମି, ବାତକୁରୁମି—ଗ୍ରାମ୍ୟ ରୂପ)

ବାତ କେତୁ—ସ. ବି. ( ୬ଷ୍ଠୀ ତତ୍; ବାତ + କେତୁ )—
Bāta ketu ପାଂଶୁ; ଧୂଳି—Dust.

ବାତ କେଳି—ସ. ବି—୧ । ସୁନ୍ଦର ଆଳାପ (ହି. ଶ)—
Bāta keli 1. Charming talk.
୨ । ଉପପତିଙ୍କ ଦନ୍ତକ୍ଷତ (ହି. ଶ)—2. The tooth mark left on the body (cheeks or lips) of a lady by her paramour.

ବାତ ଗୁଳ୍ମ—ସ. ବି—୧ । ବାତ ଯୋଗୁଁ ଉତ୍ପନ୍ନ ଗୁଳ୍ମ ରୋଗ—
Bāta gulma 1. A disease due to vitiated wind.
(ବାତ ଗୁଳୁମ—ଗ୍ରାମ୍ୟରୂପ) ୨ । ଆମବାତ—2. Rheumatism (Apte). ୩ । ପ୍ରବଳ ବାୟୁ; ତୋଫାନ—3. A high wind (Apte).

ବାତଘ୍ନ—ସ. ବିଣ. (ବାତ+ହନ୍ ଧାତୁ+କର୍ତ୍ତୃ. ଅ)—୧ । ଯାହା
Bātaghna ବାତରୋଗ ନାଶ କରେ—1. Curing rheuma-
(ବାତଘ୍ନୀ—ସ୍ତ୍ରୀ) tism. ୨ । ଯାହା ଶରୀରର ବାତଧାତୁ ଉପଶମ କରେ—2. Removing disorders of the wind in the system.

ବାତଘ୍ନୀ—ସ. ବି—୧ । ଅଶ୍ୱଗନ୍ଧା ( ଦେଖ )—1. Aśwagandhā
Bātaghnī ( See ) ୨ । ଶାଳପର୍ଣ୍ଣୀ ( ଦେଖ )—2. Śālaparnnī ( See )

ବାତ ଚକ୍ର—ସ. ବି. ( ମ. ପ. ଲୋ; ବାତଚାଳିତ ଚକ୍ର )—୧ । ବାୟୁ-
Bāta chakra ଦ୍ୱାରା ଚାଳିତ ଚକ୍ର ବା ଯନ୍ତ୍ର—1 A wheel propelled by wind; windmill. ୨ । ଫଳିତ ଜ୍ୟୋତିଷର ଯୋଗବିଶେଷ—2. Name of an astrological conjunction.
[ ବି—ଅଷାଢ଼ପୂର୍ଣ୍ଣିମା ଦିନ ସୂର୍ଯ୍ୟାସ୍ତ ବେଳେ ଏ ଯୋଗ ହୁଏ । ସେ ସମୟରେ ବାୟୁ ବହିବାର ଦିଗରୁ ବର୍ଷଫଳ ନିର୍ଣ୍ଣୟ କରାଯାଏ—ହି. ଶ. ]

ବାତ ଚଟକ—ସ. ବି—୧ । ତିତ୍ତିର ପକ୍ଷୀ (ହି. ଶ.)—1. Partridge.
Bāta chataka ୨ । ବାୟା ଚଢ଼େଇ ( ଦେଖ )—2. Bāyā chardhei ( See )
ଦେ. ବି—୧ । ( ଲକ୍ଷଣାର୍ଥ ) ମନକୁ ଅସ୍ଥିର କରିବା କୌଣସି
बातचक्कर ବିଶେଷ ଚିନ୍ତା—1. Grave anxiety or uneasiness. ୨ । ବାତ୍ ଫରୁସ୍ ( ଦେଖ )—2. Bāt-pharus ( See ) ୩ । କଥାରେ ଉଣ୍ଡିବା—3. Prevarication.

ବାତଜ—ସ. ବି. ( ବାତ + ଜନ୍ ଧାତୁ + କର୍ତ୍ତୃ. ଅ )—ବାୟୁପୁତ୍ର;
Bātaja ହନୁମାନ୍—Hanumān.
ସ. ବିଣ—ଶରୀରସ୍ଥ ବାୟୁ ପ୍ରକୋପରୁ ଜାତ—Resulting from derangement of the wind or rheum in the body.
ଦେ. ବି—ବତାସ—Storm.
ବାତଜ ପ୍ରବର ଅତ୍ୟନ୍ତ ଧକେଲ୍-କୋଦଣ୍ଡ ଉଦତ ସର୍ବୁଁ—
ଉପେ. ବୈଦେହୀଶବିଳାସ ।

ବାତଜ୍ୱର—ସ. ବି—ବାତ ଧାତୁ-ପ୍ରକୋପରୁ ଉତ୍ପନ୍ନ ଜ୍ୱର—Fever
Bātajwara due to excess of wind in the system; rheumatic fever.
[ ବି—ଏ ଜ୍ୱରରେ ଗଳା, ଓଠ ଓ ମୁହଁ ଶୁଖିଯାଏ, ନିଦ ହୁଏ ନାହିଁ, ହାଙ୍କୁ ଉଠେ, ଶରୀର ରୁକ୍ଷ ହୁଏ, ମୁଣ୍ଡ ଓ ଦେହ ବିନ୍ଧେ, ମୁହଁ ଫିକ୍କା ପଡ଼ିଯାଏ, ମଳ ରୁନ୍ଧ ହୁଏ । କେବେ କେବେ ଦେହରେ ତାପ ବଢ଼ିଯାଏ ଓ କେବେ କେବେ କମିଯାଏ—ହି. ଶ. ]
ଦେ. ବି—ଶ୍ଳୀପଦ ରୋଗ; ଏକପ୍ରକାର ଜ୍ୱର—Moon
বাতের ব্যামো fever; fever accompanied with
फीलपाव swelling of the lymphatic glands and elephantiasis and scrotal tumour; filarial fever.
[ ବି—ଏ ଜ୍ୱରରେ ପ୍ରଥମେ କାଖସନ୍ଧି ଓ ଉରୁସନ୍ଧି (କୋଢ଼-ଗାତ)ର ଗିଲଟି ଫୁଲିଯାଇ ଦରଜ ହୁଏ ଓ ଶରୀରରେ ତାପ ବଢ଼େ; ଏବଂ ଶରୀରର ପ୍ରାନ୍ତଭାଗ ଅର୍ଥାତ୍ ଯେଉଁ ଅଙ୍ଗମାନ ତଳକୁ ଝୁଲେ (ଯଥା—ହାତ, ଗୋଡ଼, କୋଷ, ସ୍ତନ ବା ଲିଙ୍ଗ) ସେହିକୁ ରକ୍ତ ଆସି ତାହା ମୋଟର ହୋଇଯାଏ ଅର୍ଥାତ୍ ଫୁଲିଯାଏ; ଏବଂ ଏହି ମୋଟର ଉପରେ ଅବୁମାନ ମଧ୍ୟ ବାହାରେ । କୌଣସି କୌଣସି ରୋଗୀର ଏକ ପାଖର ଅଙ୍ଗ, କାହାର କାହାର ଦୁଇ ପାଖର ଅଙ୍ଗ ମୋଟର ହୁଏ । ଆଜି ପର୍ଯ୍ୟନ୍ତ ଏ ଜ୍ୱରର କୌଣସି ଔଷଧ ଆବିଷ୍କୃତ ହୋଇ ନାହିଁ । ସୂର୍ଯ୍ୟାସ୍ତଠାରୁ ସୂର୍ଯ୍ୟୋଦୟ ପର୍ଯ୍ୟନ୍ତ ସମୟ ମଧ୍ୟରେ ଭୋଜନ ନ କରିବା ହିଁ ଏହାର ଏକମାତ୍ର ପ୍ରତିକାର । ପୂର୍ଣ୍ଣିମା, ସଂକ୍ରାନ୍ତି, ଅଷ୍ଟମୀ, ଏକାଦଶୀ ଓ ଅମାବାସ୍ୟାରେ ଏ ଜ୍ୱର ଆକ୍ରମଣ କରିବା ଦେଖାଯାଏ । ସାଧାରଣତଃ ଏହା ୨।୩ ଦିନ ପରେ ଛାଡ଼ିଯାଏ; ମାତ୍ର ବେଳେ ବେଳେ ଏହା ନ ଛାଡ଼ି ଲାଗି ରହେ ଏବଂ ରୋଗୀକୁ ବିଶେଷ ଯନ୍ତ୍ରଣା ଦେଇ ଶେଷରେ ମାରି ପକାଏ । ବାତଜ୍ୱରର ଏହି ଅବସ୍ଥାକୁ 'ବାତଜ୍ୱର ବିଗିଡ଼ିବା' ବୋଲାଯାଏ, ବାତଜ୍ୱରର ପ୍ରଧାନ ଚିହ୍ନ ଗିଲ୍ଟି ଦରଜ ହେବା । ଗିଲଟି ଦରଜ ନ ହୋଇ ଅଙ୍ଗ ବିଶେଷ ଫୁଲିଲେ ତାହା ବାତଜ୍ୱର ନୁହେ ବୋଲି ଜାଣିବାକୁ ହେବ; ପାଶ୍ଚାତ୍ୟ ଡାକ୍ତରମାନେ ସ୍ଥିର କରି ଅଛନ୍ତି ଯେ, କୌଣସି କୌଣସି ଅଞ୍ଚଳରେ ଜଳବାୟୁ ଦୋଷରୁ ଦେହରେ ଏକ ପ୍ରକାର ଜୀବାଣୁ (filaria) ପ୍ରବେଶ କରନ୍ତି ଓ ତାଙ୍କଦ୍ୱାରା ଏ ରୋଗ ହୁଏ । ପୁରୀଜିଲ୍ଲାରେ ଏ ରୋଗ ଅନେକ ଲୋକଙ୍କୁ ଆକ୍ରମଣ କରିବାର ଦେଖାଯାଏ । ପୁରୀରେ ଏ ବିଷୟରେ ସରକାର ଗବେଷଣା କରାଇ ଥିଲେ ଓ ଇଞ୍ଜେକ୍ସନ୍‌ଦ୍ୱାରା ଏ ରୋଗର ଆକ୍ରମଣରୁ ଲୋକଙ୍କୁ ରକ୍ଷା

କରିବାର ଚେଷ୍ଟା କରୁଥାଇଥିଲେ, ତହୁଁ ତାହା ଫଳପ୍ରଦ ହୋଇନାହିଁ ଦେଖାଗଲା ନାହିଁ—ଏମନ୍ତ କ, ସେହିଁ ସିଦ୍ଧ ସର୍ଜନ ଏ ଗବେଷଣାର ଅର୍ଥପର୍ଥି ହୋଇଥିଲେ (ଛାଲ୍ଗର ବାଘ) ତାଙ୍କର ଗୋଡ଼ ଗୋଦର ହୋଇଥିବାର ଦେଖାଗଲା । ଏ ରୋଗଜନିତ ଶାଦଶୋଥ (ଗୋଦରଗୋଡ଼)କୁ ପାରସୀରେ ଓ ହୃଦରେ ପାଇପାଓ ( = ହାଗଗୋଡ଼ ) ଓ ଇଂରାଜୀରେ ଏଲଫାଣ୍ଟିଆସିସ୍ ( ହାତୀ ପର ଉଦ୍ଭବା ରୋଗ ) ବୋଲାଯାଏ । ]

ବାତ ତୁଳ—ସଂ. ବି. (ମ. ଷ. ଲୋ; କର୍ମଧା; ବାତକ୍ଷୋଭ ଭାତ୍ରତ ତୁଳ— Bāta tula ତୁଳା )—୧ । ଶୂନ୍ୟମାର୍ଗରେ ବାୟୁ ତାଡ଼ିତ ଲୁତିଅଣି [ଅନ୍ୟ ସଂ. ନାମ—ବୃଦ୍ଧସୂତ୍ରକ, ସୂତା—1. Spider's web ଇନ୍ଦ୍ରତୁଳ, ଗ୍ରାବାହାସ, floating in the air. ୨ । ବଣକପା, ମରୁଦ୍ଧ୍ୱଜ] ପବନରେ ଉଡ଼ୁଥିବା ତୁଳା ପର ମଞ୍ଜି—2. Cottony seeds floating in the air (Apte).

ବାତଦେହୀ - ଦେ. ବଣ—ଯାହା ଦେହରେ ବାତ ଧାତୁ ପ୍ରବଳ— Bātadehī One in whose system the Bāta humour predominates.

ବାତ ଧରିବା—ଦେ. କ—ଆମବାତ ରୋଗର ଆକ୍ରମଣ—Attack of Bāta dharibā वातधरा बातपकडना rheumatism.

ବାତ ଧାତୁ—ଦେ. ବ—ଶରୀରସ୍ଥ ବାତ ନାମକ ଧାତୁ—The humour Bāta dhātu of wind or rheum the system.

ବାତ ଧ୍ୱଜ—ସଂ. ବ. ( ବହୁବ୍ରୀହି; ବାତ+ଧ୍ୱଜା )—୧ । ମେଘ— Bāta dhwaja 1. Cloud. ୨ । ଧୂଳି—2. Dust (Apte).

ବାତ ପଟ—ସଂ. ବ. (ମ. ଷ. ଲୋ; ବାତଗ୍ରାହକ ପଟ)—ପତାକା (ହ. ଶ.) Bāta paṭa Flag.

ବାତପତ୍ନୀ—ସଂ. ବ. (ଷଷ୍ଠୀ ତତ୍; ବାତ+ପତ୍ନୀ)—ଦିଗ (ହ. ଶ.)— Bātapatnī Quarter of the globe.

ବାତ ପିତ୍ତ—ସଂ. ବ. ( ଦ୍ୱନ୍ଦ୍ୱ; ବାତ+ପିତ୍ତ)—୧ । ବାତ ଓ ପିତ୍ତ— Bāta pitta 1. Rheum and bile in the system. ୨ । ବାତ ଓ ପିତ୍ତ ବୃଦ୍ଧିଜନିତ ରୋଗ—2. Disease due to excess of bile and rheum in the system.

ବାତ ପିତ୍ତ କଫ—ସଂ. ବ—ଆୟୁର୍ବେଦ ମତେ ଶରୀରସ୍ଥ ତିନିଧାତୁ (ଯଥା— Bāta pitta kapha ବାତ, ପିତ୍ତ ଓ କଫ—The three humours of the body (according to the Hindu system of medicine; rheum; bile and phlegm).

ବାତ ପୁତ୍ର—ସଂ. ବ. (ଷଷ୍ଠୀ ତତ୍; ବାତ+ପୁତ୍ର )— Bāta putra ୧ । ହନୁମାନ୍ (ହ. ଶ)—1. Hanumān. ବାତ ତନୟ / ବାତାତ୍ମଜ } ଅନ୍ୟରୂପ ୨ । ଭୀମ—2. Bhīma (Apte). ୩ । ଠକ—3. A cheat (Apte).

ବାତ ପ୍ରକୃତି—ସଂ. ବଣ—ଯେଉଁ ଲୋକର ଦେହରେ ବାତ ଧାତୁର Bāta prakruti ଆଧିକ୍ୟ ବା ପ୍ରକୋପ ଦେଖାଯାଏ— (ବାତ ପ୍ରକୃତିକ—ଅନ୍ୟରୂପ) Of a rheumatic constitution.

ବାତ ପ୍ରମୀ—ସଂ. ବ. ( ବାତ+ପ୍ର+ମା ଧାତୁ=ପରିମାଣ କରିବା+ Bāta pramī କର୍ତ୍ତୃ. ଈ )—୧ । ବାତ ମୃଗ ( ଦେଖ ) 1. Bāta mruga ( See ) ୨ । ଘୋଡ଼ା ( ହ୍ଣ. ଷ )—2. Horse. ୩ । ନକୁଳ; ବେଜିଲ (ହ. ଶ)—3. Ichneumon; mongoose.

ବାତ ପ୍ରଶମକ—ସଂ. ବଣ. ( ବାତ+ପ୍ରଶମକ )— Bāta praśamaka ଯାହା ଦ୍ୱାରା ଦେହରେ ବାତ ଧାତୁର ପ୍ରକୋପ (ବାତ ପ୍ରଶମୀ—ଅନ୍ୟରୂପ) ଉପଶମିତ ହୁଏ—Preventing the (ବାତ ପ୍ରଶମିକା, ବାତ ପ୍ରଶମିନୀ—ସ୍ତ୍ରୀ) morbidity of the (ବାତ ପ୍ରଶମନ—ବିଶେଷ୍ୟ) humour of rheum in the system.

ବାତ ଫୁଟ—ଦେ. ବ. ( ସଂ. ବାତ+ସ୍ଫୋଟକ )— Bāta phuṭa କୁଷ୍ଠ ରୋଗବିଶେଷ; ବାତରକ୍ତ— ବାତ ଫୁଟ(ଟୁ)କା / ବାତ ଫୋଟକା } ଅନ୍ୟରୂପ A sort of leprosy. [ ଦ୍ର—ଏଥିରେ ଦେହସାରା ଗୁଡ଼ିଏ ଫୁଟିରୋଗ୍ୟ ବଣ ହୋଇଯାଏ । ]

ବାତ ଫୁଲ୍ଲାବ—ସଂ. ବ—ବାୟୁଜନିତ ପେଟ ଫୁଲା— Bāta phullāba Flatulence in the bowels caused by indigestion (Apte).

ବାତ ବୈରୀ—ସଂ. ବ—୧ । ବାଦାମ (ଦେଖ) Bātabairi 1. Badāma (See). ୨ । ଏରଣ୍ଡଗଛ—2. The Casto oil plant (Apte).

ବାତବସ୍ତି—ସଂ. ବ—ମୂତ୍ରରୋଧ—Suppression of urine Bātabasti (Apte).

ବାତବୃଦ୍ଧି—ସଂ. ବ—୧ । (ଷଷ୍ଠୀ ତତ୍) ଶରୀରରେ ବାତଧାତୁର ପ୍ରାବଲ୍ୟ- Bātabruddhi 1. Predominance of rheum or wind. in the system. ୨ । କୋଷବୃଦ୍ଧି—2. Swollen testicle (Apte).

ବାତବ୍ୟାଧି—ସଂ. ବ—ଦେହର ସନ୍ଧିସ୍ଥାନ ଫୁଲିବା ଓ ବିନ୍ଧିବା Bātabyādhi ରୋଗବିଶେଷ—Acute rheumatism. (ବାତରୋଗ ଅନ୍ୟରୂପ )

ବାତମଣ୍ଡଳୀ—ସଂ. ବ ( ଷଷ୍ଠୀ ତତ୍; ବାତ+ମଣ୍ଡଳୀ )—ଘୂର୍ଣ୍ଣୀବାୟୁ; Bātamaṇḍalī ବାତାବର୍ତ୍ତ; ଶଣ୍ଢଅକୁଡ—Whirlwind.

ବାତ ମାରିବା—ଦେ. ବ—ଅପସ୍ମାରାଦି ରୋଗଜନିତ ମୂର୍ଚ୍ଛା— Bāta māribā Fit or attack of epilepsy. फीट बातमारना

ବାତ ମୃଗ—ସଂ. ବ (ମ. ଷ. ଲୋ. କର୍ମଧା; ବାତ+ମୃଗ; ଯେଉଁଆଡ଼ୁ Bāta mruga ପବନ ବହୁଥାଏ ଏମାନେ ସେହି ଦିଗକୁ ମୁହଁକରି (ବାତମଜ—ଅନ୍ୟରୂପ) ଦଉଡ଼ନ୍ତି)—ଦ୍ରୁତଗାମୀ କ୍ଷୁଦ୍ର ମୃଗବିଶେଷ; ବାଉଟିଆ—A spotted deer.

ବାତ ଯାନ—ସଂ. ବି ( ବହୁବ୍ରୀହି; ବାତ+ଯାନ; ଯେ ବାୟୁ ସଙ୍ଗେ Bāta jāna ଗତି କରି ପାରେ )—ମୃଗ—Deer. ( ବାତରଥ—ଅନ୍ୟରୂପ )

ବାତର—ସଂ.; ବ ( ବାତ+ର )—୧ । ବାୟୁମୟ—1. Stormy;
Bātara windy (Apte). ୨ । ଶୀଘ୍ରଗ; ଦ୍ରୁତଗତ—
2. Swift (Apte).

ବାତରକ୍ତ—ସଂ ବି—୧ । କୁପିତ ବାୟୁଦ୍ୱାରା ଦୂଷିତ ହେବା ରକ୍ତଜନିତ
Bātarakta ରୋଗବିଶେଷ—1. A kind of leprosy.
(ବାତ ଶୋଣିତ—ଅନ୍ୟରୂପ)
[ ଦ୍ର—ଏଥିରେ ଦେହରେ ଓ ବିଶେଷତଃ ଗୋଡ଼ରେ ମଣ୍ଡା ମଣ୍ଡା ବ୍ରଣ ଓ ଦାଗ ବାହାରେ । ଏହା ଏକପ୍ରକାର କୁଷ୍ଠରୋଗ ।]
୨ । ଅମବାତ—2. Acute gout (Apte).

ବାତରକ୍ତଘ୍ନ—ସଂ. ବି—୧ । ବାତରକ୍ତ ରୋଗନାଶକ ଔଷଧ—
Bātaraktaghna 1. Antidote for 'Bātarakta' disease. ୨ । ଭୃଙ୍ଗରାଜ; ଘୋଡ଼ସୁଂଘା—2. A herbal plant; Blumea Lacers.

ବାତ ରଥ—ସଂ. ବି—(୬ଷ୍ଠୀ ତତ୍; ବାତ+ରଥ)—ମେଘ (ହ. ଷ.)—
Bāta ratha Cloud.

ବାତରା—ଦେ. ବି—( ସଂ. ମାଳା )—ଦେଶୀଅଳୁଲତାର ପ୍ରତ୍ୟେକ
Batarā ଗଣ୍ଠିରୁ ବାହାରିବା ଛୋଟ ଗୋଲାକାର କନ୍ଦ—
(ବାତୁରା—ଅନ୍ୟରୂପ) Small round bulbs coming out
गाईठ आल of the joints of the creeper of yam.

वायुग्रस्त गुरुलो ଦେ. ବଣ. ପୁଂ—ଶରୀରସ୍ଥ ବାତ ଧାତୁର
(ବାତୁରା—ଅନ୍ୟରୂପ) ପ୍ରାବଲ୍ୟ ବଶତଃ ରୋଗଗ୍ରସ୍ତ—
(ବାତ[ଳୁ]ରୀ—ସ୍ତ୍ରୀ) Suffering from the excess of
बाती बातुआ 'Bāta' humour in the system.

ବାତରାୟଣ—ସଂ. ବଣ—୧ । ଅପ୍ରୟୋଜକ ପୁରୁଷ (ହ. ଷ)—
Bātarāyaṇa 1. An useless person. ୨ । ବାଣ; ଶର
(ବାତରାୟଣୀ—ସ୍ତ୍ରୀ) (ହ. ଷ)—2. Arrow (Apte). ୩ । ଜଳ ପାତ୍ର; ଲୋଟା (ହ. ଷ)—3. A small water pot. ୪ । କୂଟ; ପର୍ବତାଦିର ଚୂଡ଼ା—4. Peak or summit (Apte). ୫ । ସିଧା ଗଛ (ହ. ଷ)—5 A straight tree. ୬ । ଉନ୍ମତ୍ତ ପୁରୁଷ (ହ. ଷ)—6. A mad or intoxicated person (Apte). ୭ । ସରଳଦ୍ରୁମ—7. The pine tree (Apte). ୮ । କରତ—8. Saw (Apte). ୯ । ଅଳସୁଆ ବ୍ୟକ୍ତି—9. An idler (Apte). ୧୦ । ବାଣର ଗତି—10. Bowshot; an arrow's flight (Apte).

ବାତରୂପ—ସଂ. ବି—(ବାତ+ରୂପ)—୧ । ତୋଫାନ—1. Storm;
Bātarūpa violent wind (Apte). ୨ । ଇନ୍ଦ୍ରଧନୁ—
2. The rainbow (Apte) ୩ । ଲାଞ୍ଚ; ଘୁସ—
9. A bribe (Apte).

ବାତରୋଗୀ—ସଂ. ବଣ. ପୁଂ—ବାତରୋଗଦ୍ୱାରା ଆକ୍ରାନ୍ତ (ବ୍ୟକ୍ତି)—
Bātarogi Suffering from epilepsy or rheumatism.
(ବାତରୋଗିଣୀ—ସ୍ତ୍ରୀ)

ବାତଳ—ସଂ ବଣ—(ବାତ+ଲା.ଧାତୁ=ଦାନ କରିବା+କର୍ତ୍ତୃ.ଅ; ଯାହା
Bātala ବାୟୁକୁ ଦିଏ ଅର୍ଥାତ୍ ଯାହା ଖାଇଲେ ଶରୀରରେ ବାୟୁ
(ବାତବର୍ଦ୍ଧକ—ଅନ୍ୟରୂପ) ବୃଦ୍ଧି ହୁଏ)—୧ । ବାୟୁବର୍ଦ୍ଧକ—
(ବାତଳୀ—ସ୍ତ୍ରୀ) 1. Increasing wind in the system.
୨ । ପବନମୟ; ଝଡ଼ାଳିଆ—2. Windy; stromy (Apte). ୩ । ଯାହା ପେଟ ଫୁଲାଏ; ଶୀଘ୍ର ଉତ୍ପାଦକ—
3. Flatulent (Apte).
ସଂ. ବି—୧ । ଚଣକ; ଚଣା—1. Chick pea; gram.
୨ । ଜୁଅ—2. Oat. ୩ । ପବନ; ବତାସ—
3. Wind (Apte).

ବାତଳା ରୋଗ—ସଂ. ବି—ଯୋନିରେ ସୂଚୀବେଧନବତ୍ ପୀଡ଼ା ହେବା
Bātalā roga ରୋଗବିଶେଷ (ହ. ଷ)—A disease consisting of sharp pricking sensation in the female organ.

ବାତଶୀର୍ଷ—ସଂ. ବି—ତଳପେଟ—
Bātaśirsha The lower belly (Apte).

ବାତଶୂଳ—ସଂ. ବି—(ମ. ପ ଲୋ. କର୍ମଧା; ବାତଜନିତ ଶୂଳ)—
Bātaśūla ବାୟୁ ରୋଗଜନିତ ପେଟମରା ରୋଗ; ପେଟମରା ସହିତ ପେଟ ଫମ୍ପା—Colic due to wind in the system; colic with flatulence (Apte).

ବାତଶ୍ଳେଷ୍ମା—ସଂ. ବି ବାତ ଓ କଫଜନିତ ରୋଗ; ବାତ କଫ—
Bātaśleshmā Disease due to wind and catarrh.

ବାତ ସହ—ସଂ. ବଣ. ( ବାତ+ସହ୍ ଧାତୁ+କର୍ତ୍ତୃ. ଅ )—
Bāta saha ୧ । ଯେ ବା ଯାହା ବାୟୁର ବେଗ ସମ୍ଭାଳି ପାରେ—
1. Capable of withstanding the force of wind.
୨ । ବାତ ରୋଗୀ—2. Suffering from 'Bāta' disease; gouty.

ବାତ(ଭା)ସା—ଦେ. ବି. ( ବଙ୍ଗଳାରୁ ଅନୁକୃତ ) (ସଂ. ବାତ; ଏଥି-
Bāta(bhā)sā ମଧ୍ୟରେ ପବନର ବହୁ ବୁଦ୍ବୁଦ ଥିବାରୁ)—ଫେଣୀ—
बातासा A kind of cake made of bloated
बतासा sugar.

ବାତ ସାରଥି—ସଂ. ବି. ( ୬ଷ୍ଠୀ ତତ୍; ବାତ ସାରଥି )—
Bāta sārathi ଅଗ୍ନି ( ହ. ଷ )—Fire.
(ବାତସଖ—ଅନ୍ୟରୂପ)

ବାତାଜୀର୍ଣ୍ଣ—ସଂ. ବି. ( ମ. ପ. ଲୋ. କର୍ମଧା; ବାତଜନିତ ଅଜୀର୍ଣ୍ଣ )—
Bātājirṇṇa ବାତ ଜନିତ ଅଜୀର୍ଣ୍ଣ ରୋଗ—Dyspepsia.
[ ଦ୍ର—ଏହା ଦୁରାରୋଗ୍ୟ । ]

ବାତାଟ—ସଂ. ବି. (ବାତ+ଅଟ୍ ଧାତୁ=ଗମନ କରିବା+କର୍ତ୍ତୃ.ଅ)—
Bātāṭa ବାତ ମୃଗ; କାଲୁଟିଆ—A spotted deer.

ବାତାଣ୍ଡ—ସଂ. ବି—ଅଣ୍ଡକୋଷ ରୋଗ (ହ. ଷ)—
Bātāṇḍa Hernia.

ବାତାଦ(ମ,ମ୍ର)—ସଂ. ବି—ବାଦାମ ( ଦେଖ )
Bātāda(ma,mra) Bādāma ( See )

ବାତାଧିକ୍ୟ—ସଂ. ବି. ( ୬ଷ୍ଠୀ ତତ୍; ବାତ+ଅଧିକ୍ୟ )—
Bātādhikya ଶରୀରରେ କୁପିତ ବାୟୁର ଅଧିକ୍ୟ ବା ପ୍ରକୋପ—
Increase or morbidity of wind or rheum in the system.

ବାତା(ତି, ତେ)ନି—ଦେ. ବି. (ସଂ. ବଚନ)—
Bātā(ti, te)ni ୧ । କଥା; ଉକ୍ତି—1. Word; speech.
୨ । କୌଣସି କଥାର ମୌଖିକ ଉତ୍ତର—2. Verbal reply.
୩ । ମୌଖିକ ସମ୍ବାଦ ବା ଖବର—
3. Verbal message or information.
୪ । ବାଗାଡ଼ମ୍ବର—4. Bombastic speech; bombast.
ଦେ. ବିଣ—ବାଗାଡ଼ମ୍ବର ପ୍ରିୟ—Bombastic; boastful.

ବାତାପି—ସଂ. ବି. (ବାତ=ବାୟୁ+ଅପ୍ ଧାତୁ=ପ୍ରାପ୍ତ ହେବା+ଇ)—
Bātāpi ବାୟୁ ରୂପଧାରୀ ରାକ୍ଷସବିଶେଷ—A demon said to have been devoured by sage Agastya.

[ ଦ୍ର—ଅତାପି ଓ ବାତାପି ନାମରେ ଦୁଇ ଭାଇ ଅସୁର ଥିଲେ ଓ ଏମାନେ ଋଷିମାନଙ୍କ ଉପରେ ନାନା ଅତ୍ୟାଚାର କରୁଥିଲେ । ବାତାପି ମେଣ୍ଢା ରୂପ ଧରୁଥିଲା ଓ ଅତାପି ତାକୁ ମେଣ୍ଢାକୁ ମାର ତାକୁ ମାଂସ ଋଷିମାନଙ୍କୁ ଖାଇବାକୁ ଦେଉଥିଲା । ଋଷିମାନେ ତାକୁ ମାଂସ ଖାଇ ସାରଲା ପରେ ଅତାପି ଋଷିମାନଙ୍କ ଅଗରୁ ଆସି ଆପଣା ଭାଇର ନାମ ଧର ଡାକ ପକାଉଥିଲା । ଡାକ ପକାଇବାରୁ ବାତାପି ତାକୁ ମୁନମାନଙ୍କ ପେଟରୁ ଚର ପେଟରୁ ବାହାରୁଥିଲା— ଏହିପର ଏହି ଦୁଇ ଭାଇ ଅନେକ ମୁନଙ୍କ ପ୍ରାଣ ନେଲେ । ଏକେ ଅଗସ୍ତ୍ୟ ଋଷି ଅତାପି ଘରେ ଯାଇ ପହଞ୍ଚବାରୁ ଅତାପି ବାତାପିର ମାଂସକୁ ଅଗସ୍ତ୍ୟଙ୍କୁ ଖୁଆଇଲା । ଅଗସ୍ତ୍ୟ ସମୁଦ୍ର ପାଣି ପିଇ ତାକୁ ଜୀର୍ଣ୍ଣ କର ଦେଲେ ଓ ଅତାପି ଭାଇକୁ ଯେତେ ଡାକଲା, ବାତାପି ଆଉ ଅଗସ୍ତ୍ୟଙ୍କ ପେଟରୁ ବାହାରଲା ନାହିଁ—ହି. ଘ ]

| | |
|---|---|
| ସଂ. ନାମ. ବୀଜପୂର, ମାତୁଲଙ୍ଗ, | ଦେ. ବି. ( ସଂ. ବୀଜପୂର )— |
| ରୁଚକ, ଫଲପୂରକ, ଅମ୍ଳକେଶର, | ୧ । ମୋଟା ଚୋପା ଥିବା ଓ ଲାଲ |
| ବୀଜପୂର୍ଣ୍ଣି, ପୂର୍ଣ୍ଣବୀଜ, ସୁକେଶ, | ରଙ୍ଗର ବୀଜଯୁକ୍ତ ଏକ ପ୍ରକାର |
| ବୀଜକ, ସୁପୂର, ବୀଜ ଫଲକ, | ବଡ଼ ଲେମ୍ବୁ; ଟଭା—A kind |
| ଜଂଭୁଘ୍ନ, ପୂରକ, ରୋଚନ ଫଲ | of thick-rinded orange; |
| बाताপি(বি) | Citrus Decumana. |
| चकोतरा, महानाबी, | [ ଦ୍ର—ପ୍ରଥମେ ଏହା ଯବଦ୍ୱୀପର |
| बिजौरा, गागड़, | ବଟେଭିୟା ନଗରରୁ ଏ ଦେଶକୁ |
| ତା. ବୋମ୍ବାଲେନସ୍ | ଆସିଥିବାରୁ ଏହାର ଏପରି ନାମ- |
| ତେ. ଏବାପାଣ୍ଡୁ | କରଣ ହୋଇଅଛି ବୋଲି |
| ଗୁ. ଓବାକୋଟ୍ରୁ | କାହାର କାହାର ଅନୁମାନ । |
| ମ. ପାପନାଶା | ଏହା ଦୁଇ ପ୍ରକାର । ଏକ ପ୍ରକାରର |

ଫୁଲ ଓ ଫଲ ଭିତରର ରୁଅ ଧଳା ଏବଂ ଅନ୍ୟ ପ୍ରକାରର ଫୁଲ ଓ ଫଲର ରୁଅ ନାଲି । ଏ ଫଲ ଶରତ୍କାଳରେ ପକ୍ୱ ହୁଏ । ଏ ଗଛ ଲେମ୍ବୁ ଗଛଠାରୁ ବଡ଼ । ଏକ ପ୍ରକାରର ରସ ମିଠା ଓ ଅନ୍ୟର ରସ ଖଟା; ଏ ଫଲର ଚୋପା ଭାର ବହଳ ।

ବୈଦ୍ୟକ ମତରେ ଏହା ଖଟା, କଣ୍ଠଶୋଧକ, ପାଚକ, ରୁଚି-କାରକ, ସ୍ୱାଦିଷ୍ଟ ଓ ତ୍ରିଦୋଷ, ତୃଷା, କାସ, ହିକ୍କା ଦୂର କରେ । ]

୨ । ବାତାପି ଛୁରି; ଛ ଇଞ୍ଚ ଲମ୍ବ ଓ ଏକ ଇଞ୍ଚ ଓସାରର ପତଳା ଫଲଯୁକ୍ତ ଛୁରି—2. Table knife.

ବାତାପି ଛୁରି—ଦେ. ବି—ବାତାପି ୨ (ଦେଖ)
Bātāpi chhuri Bātāpi 2 (See)

ବାତାପ୍ୟ—ସଂ. ବି—ଜଳ (ହି. ଶ)—
Bātāpya Water.

ବାତାମୋଦ—ସଂ. ବି. (ବହୁବ୍ରୀହି; ବାତ+ଆମୋଦ)—
Bātāmoda କସ୍ତୁରୀ (ହି. ଶ)—Musk.

ବାତାୟନ—ସଂ. ବି. (୬ଷ୍ଠୀ ତତ୍; ବାତ+ଅୟନ=ମାର୍ଗ)—୧ । ଗବାକ୍ଷ;
Bātāyana ଝରକା—Window; shutter; loophole.
୨ । (ବହୁବ୍ରୀହି; ବାତ ପରି ଅୟନ ଅର୍ଥାତ୍ ଗତି ଯାହାର) ଘୋଡ଼ା; ଅଶ୍ୱ—Horse.

ବାତାୟୁ—ସଂ. ବି. (ବାତ+ଅୟ୍ ଧାତୁ=ଯିବା+କର୍ତ୍ତୃ. ଉ)—ମୃଗ—
Bātāyu Deer.

ବାତାରି—ସଂ. ବି. (୬ଷ୍ଠୀ ତତ୍; ବାତ+ଅରି)—୧ । ବାତଘ୍ନ ଔଷଧ—
Bātāri 1. Medicine or antidote against wind disease ୨ । କଦଳୀ ଗଛ—2 Plantain tree.
୩ । ଏରଣ୍ଡ ବା ଗବଗଛ—3. Castor seed plant.
୪ । ବାଇବିଡ଼ଙ୍ଗ—4. Embelia. ୫ । ଶତମୂଳି; ଛତଉଷ୍ଣୀ—5. Asparagns Racemosus. ୬ । ଶେଫାଳିକା; ଗଙ୍ଗଶିଉଳି—6. The night flower; Nictanthes Arbor Tristes; night jasmine.
୭ । ଯବାନୀ; ଜୁଆଣି—7. Ajwan; Liquisticum Ajwan. ୮ । ଭାର୍ଗୀ; ବ୍ରାହ୍ମଣଯଷ୍ଟିକା—8. Celodendron Syphonanthus. ୯ । ସ୍ନୁହୀ; ସିଜୁ—9. Euphorbia Nivulia; Euphorbia Hirta.
୧୦ । ଶୂରଣ; ଓଲୁଅ—1. An esculant bulbous root. ୧୧ । ଭଲ୍ଲାତକ; ଭାଲିଆ—11. The marking nut (plant and fruit). ୧୨ । ନିର୍ଗୁଣ୍ଡୀ (ହି.ଶ.) (ଦେଖ); ବେଗୁନିଆ—12. Nirgundi (See)
୧୩ । ଚମୁଡ଼ି; ବାଦୁଡ଼ି (ଶବ୍ଦ କଳ୍ପଦ୍ରୁମ)—13. Bat (bird)—୧୪ । ଚେମଣି ଚଢ଼େଇ—14. House-bat.

ବାତାଳୀ—ସଂ. ବି. (ବାତ+ଆଳୀ=ଶ୍ରେଣୀ)—୧ । ବାତ୍ୟା—
Bātāli 1. Tempest.
୨ । ବାତାବର୍ତ୍ତ; ଘୂର୍ଣ୍ଣିବାୟୁ—2. Whirlwind.

ବାତାଶ୍ୱ—ସଂ. ବି. (ମ. ପ. ଲୋ. କର୍ମଧା; ବାତ ବା ବାୟୁର ଗତିବିଶିଷ୍ଟ
Bātāśwa ଅଶ୍ୱ)—ଦ୍ରୁତଗାମୀ ଅଶ୍ୱ—A fleet horse; a steed.

ବାତାସନ—ସଂ. ବି. (ବହୁବ୍ରୀହି, ବାତ+ଅସନ)—ମେଘ—
Bātāsana Cloud.
ଦେ. ବି.—(ସଂ. ବାତଯାନ) ମୃଗ—Deer.
ବାଧ କରି ସେନତ୍ତ ଜଳ ସାଝ
ବାତାସନ ଅସମାନ ଲକ୍ଷଃ । ଭକ୍ତ, ବୈଦେହୀଶବିଳାସ ।

ବାତାହତ—ସଂ. ବିଣ. (୩ୟା ତତ୍; ବାତ+ଆହତ)—ପବନ ବା ବାୟୁ
Bātāhata ଦ୍ୱାରା ଅଘାତପ୍ରାପ୍ତ—Struck down or shaken by the wind.

ବାତ—ସଂ. ବି. (ବା ଧାତୁ=ବହିବା+କର୍ତ୍ତୃ. ଅତ)—୧ । ବାୟୁ—
Bāti 1. Wind. ୨ । ସୂର୍ଯ୍ୟ—2. The sun. ୩ । ଚନ୍ଦ୍ର—The moon.

ପ୍ରାଦେ. (ମେଦନୀପୁର ଓ ଅଳ) ବି.—(ଭୁଲ. ବଂ. ବାତ୍ତି)—ବତୀ—Wick.

[ଦ୍ର—ଅଞ୍ଚଳରେ ଧୋବାମାନେ ଚପଲୁସାରେ କଲା ୭/୮ ଇଞ୍ଚ ଲମ୍ବ ଓ ୧ ଇଞ୍ଚ ଚଉଡ଼ାର କଳଟାକୁ ଲୁହାର ତେଣ୍ଡା ଅବୃତ ବଶିଷ୍ଟ ଭାବରେ ଯୋଖି ଯାଉଥିବାରେ ଜାଳନ୍ତି; ତାହାକୁ ବାତି ବୋଲାଯାଏ ।]

ବାତିକ—ସଂ. ବିଣ. (ବାତ+କୋପନାର୍ଥେ ବା ସମ୍ବନ୍ଧାର୍ଥେ. ଇକ)—
Bātika ୧ । ବାତ ସମ୍ବନ୍ଧୀୟ—1. Relating to the vitiated state of wind in the system.
୨ । ବତାସିଆ—2. Windy; stormy; (Apte)
୩ । ବାତରୋଗଗ୍ରସ୍ତ—3. Gouty; rheumatic (Apte). ୪ । ବାୟା; ବାତୁଳ—4. Mad (Apte).

বাতিক ଦେ. ବି.—(ବଙ୍ଗଳାରୁ ଅନୁକୃତ)—୧ । ବାତଜନିତ
वातिक ରୋଗ—1. Disease due to wind; nervous-desease. ୨ । ବାତୁଳତା—2. Madness. ୩ । କ୍ଷଣିକ ପ୍ରବଳ ଇଚ୍ଛା; ଝୁଙ୍କ—3. Whim; caprice, a passing humour. ୪ । ବାଇ; କୌଣସି ବିଷୟ ପ୍ରତି କୌଣସି ବ୍ୟକ୍ତିର ପ୍ରକୃତି ବା ଅଭ୍ୟାସଗତ ପ୍ରବଳ ଇଚ୍ଛା—Hobby; mania.

ବାତି(ତିଂ)ଗଣ(ମ)—ସଂ. ବି.—ବାଇଗଣ—
Bāti(tiṁ)gaṇa(ma) The egg plant (Apte)

ବାତିଲ୍(ଲି)—ବୈଦେ. ବିଣ. (ଜତରଅ) (ଅ. ବାତିଲ୍)—୧ । ଗ୍ରହଣର
Bātil(li) ଅଯୋଗ୍ୟ; ଅଗ୍ରାହ୍ୟ—1. Unfit to be accepted;
বাতীল बातील unacceptable.
୨ । ଅସାର—2. Unsubstantial. ୩ । ମିଥ୍ୟା—3. False. ୪ । ଅସିଦ୍ଧ; ଅକର୍ମଣ୍ୟ ଓ ନିଷ୍ଫଳ—4. Null and void; useless; fruitless ୫ । ନାମଞ୍ଜୁର କରାଯିବା—5. Rejected.

ବାତିଲ୍ କରିବା—ଦେ. କ୍ରି. (ଜତରଅ)—ଅଗ୍ରାହ୍ୟ କରିବା; ନାମଞ୍ଜୁର
Bātil karibā କରିବା—1. To reject.
বাতিল করা ୨ । ରଦ୍ କରିବା—2. To set aside; to
बातील करना annual; to nullify.
(ଯଥା—ଉପରସ୍ଥ ହାକିମ ତଳ ହାକିମଙ୍କ ହୁକୁମକୁ ବାତିଲ୍ କରି ଦେଲେ ।)

ବାତୁଆ—ଦେ. ବିଣ. ପୁଂ.—୧ । ବାତରୋଗଗ୍ରସ୍ତ—
Bātuā ବେଟୋ, ବେତୋ 1. Suffering from rheuma-
बातड (ବାତେ[ତୋ]ଇ—ସ୍ତ୍ରୀ) tism or gout.
୨ । ଯାହାକୁ ବାତ ମାରେ—2. Epileptic.

ବାତୁ(ତୂ)ଳ—ସଂ. ବି.—( ବାତ+ଉ[ଊ]ଳ )—୧ । ବାତ୍ୟା—
Bātu(tū)la 1. Tempest. ୨ । (ପୁଂ) ପାଗଳ ଲୋକ—
(ବାତୁଳୀ—ସ୍ତ୍ରୀ) 2. Mad man; a lunatic.
ସଂ. ବିଣ. ପୁଂ—୧ । ଉନ୍ମତ୍ତ; ବାୟା—1. Mad, crazy; insane; crack headed. ୨ । ବାତରୋଗଗ୍ରସ୍ତ—
(ବାତୁଳୀ—ସ୍ତ୍ରୀ) 2. Suffering from wind desease.

ବାତୁଳା—ଦେ. ବିଣ. ପୁଂ (ସଂ. ବାତୁଳ) ପାଗଳ; ବାୟା—
Bātulā Mad; lunatic.
পাগল बावला ( ବାତୁଲୀ—ସ୍ତ୍ରୀ )

ବାତୁଳି—ସଂ. ବି (ବାତ+ଉଲି)—ବାଦୁଡ଼ି—
Bātuli Bat.

ବାତ୍ୟା—ସଂ. ବି ( ବାତ+ସମୂହାର୍ଥରେ. ଯ+ଅ; ତୁଳନା କର;
Bātyā ବନ+ପ୍ରାଚୁର୍ଯ୍ୟାର୍ଥେ ଯ+ଅ=ବନ୍ୟା)—୧ । ପ୍ରବଳ ବାୟୁ; ବତାସ; ଝଡ଼—1. Tempest; gale; storm. ୨ । ଘୂର୍ଣ୍ଣି ବାୟୁ—2. Whirlwind.

ବାତ୍ୟା ବିଚଳିତ—ସଂ. ବିଣ ( ୭ମୀ ତତ୍; ବାତ୍ୟା+ବିଚଳିତ )—
Bātyā bichalita ପ୍ରବଳ ବାୟୁଦ୍ୱାରା ସ୍ଥାନଚ୍ୟୁତ—Displaced by the force of wind or tempest.
ବାତ୍ୟାବିଘୂର୍ଣ୍ଣିତ, ବାତ୍ୟାବିତାଡିତ, ବାତ୍ୟାହତ } ଅନ୍ୟରୂପ

ବାତ୍ସଲ୍ୟ—ସଂ. ବି—ବାତ୍ସଲ୍ୟ (ଦେଖ)
Bātsalya Bāt-salya (See).

ବାତ୍ସଲ୍ୟ ଭକ୍ତି—ଦେ. ବି—କୃଷ୍ଣଙ୍କ ପ୍ରତି ନନ୍ଦ ଓ ଯଶୋଦାଙ୍କର ପୁତ୍ରସ୍ନେହ-
Bātsalya bhakti ମିଶ୍ରିତ ଭକ୍ତି—The affection verging on devotion shown by Nanda and Jasodā to Krushṇa; affectionate regard.

ବାତ୍ସଲ୍ୟ ରସ—ସଂ. ବି—ଅଳଙ୍କାରଶାସ୍ତ୍ରୋକ୍ତ ନବରସାତିରିକ୍ତ ରସବିଶେଷ
Bātsalya rasa A kind of sentiment of affection in poetry and romance.
[ ଦ୍ର—ପୁତ୍ର କନ୍ୟା ଓ ଶିଷ୍ୟାଦିଙ୍କ ପ୍ରତି ପିତା ମାତା ଓ ଗୁରୁଜନ ପ୍ରଭୃତିଙ୍କର ସ୍ୱାଭାବିକ ସ୍ନେହପ୍ରବଣତା ବାତ୍ସଲ୍ୟରସ ନାମରେ ଅଭିହିତ ହୁଏ । ବାତ୍ସଲ୍ୟରସର ଉଦାହରଣ—
ଯଶୋଦାଙ୍କର କୃଷ୍ଣଙ୍କ ପ୍ରତି—
ଚଉଁଆଡ଼ୁ ଅନାଉଛୁ, ରଖିଁଲେ ଚୋରୁ
ନନ୍ଦନ ନନ୍ଦନ ସୁତ ବାହୁଁ ପାଇଁ ସାରୁ,
କଳାମାଣିକ ରେ—ଅଭିମନ୍ୟୁ, ବିଦଗ୍ଧଚିନ୍ତାମଣି । ]

ବାଥୁରୀ—ପ୍ରାଦେ ( ମୟୂରଭଞ୍ଜ ) ବି—ମୟୂରଭଞ୍ଜ ଓ କେନ୍ଦୁଝରବାସୀ
Bāthuṛī ଅଧମଜାତିବିଶେଷ—Name of a low caste in Mayurbhanj & Keonjhar States.
[ ଦ୍ର—ସମ୍ଭବତଃ ଏମାନେ ଅନାର୍ଯ୍ୟ । ଏମାନେ ଗଡ଼ଜାତର ଆଦିମନିବାସୀ ଭୂୟାଁ ଜାତିର ସମକକ୍ଷ ଜାତି । କେତେକ ବର୍ଗୀୟ ପ୍ରାଚ୍ୟତତ୍ତ୍ୱଜ୍ଞ ପଣ୍ଡିତ ଏମାନଙ୍କୁ ବାଉରି ବୋଲି ଯାହା କହୁଅଛନ୍ତି ତାହା ଠିକ୍ ନୁହେ । ବ୍ରାହ୍ମଣ ହିନ୍ଦୁମାନେ ଏମାନଙ୍କ ସ୍ପୃଷ୍ଟ ଜଳ ବ୍ୟବହାର କରନ୍ତି । ଏମାନେ ଡୋଲି ବହନ୍ତି, ଭଙ୍ଗ ବୁହାନ୍ତି । ]
ବାଥୁରି ବାହକ ଡୋଲା ପରେ ଭର
ହୋଇ କଡ଼ ମାନ ଦେଖି ନବ ଶୋଭ
ଉଡ଼ୁବେଉଥାଏ ସ୍ୱରରେ ସଙ୍ଗୀତ;
ଅଙ୍କ ବେଳା ପାଦ ହୋଇ ଅକଳତ—କେଶବ. ବୈତରଣୀ ।

ବାଦ୍—ବୈଦେ, ଅ (ଅ)—୧ । ଉତ୍ତାରୁ; ପରେ; ଅନନ୍ତର—
Bād 1. After.
বাদে বাদ ୨ । ପରବର୍ତ୍ତୀ ସମୟରେ—2. Afterwards.
୩ । ସୀମାରୁ ବାହାରେ—3. Beyond the limit.
୪ । ବାକି; ଅବଶିଷ୍ଟ—4. Remaining.
୫ । ବହିର୍ଭୂତ—5. Excluded from; outside the scope of.
୬ । ବିୟୋଗ—Deduction.

ବାଦ୍ ଦେବା—ଦେ. କ୍ରି ( ଅ. ବାଦ୍ )—୧ । ଫେଡ଼ିବା—
Bād debā 1. To deduct; to subtract.
[ ବାଦ୍ ପକା(କେ)ଇବା; ବାଦ୍‌କରିବା—ଅନ୍ୟରୂପ ] ୨ । ନ
বাদ দেওয়া बाद देना ଗଣିବା—2. Not to count.

ବାଦ୍‌ନୁମା—ବୈଦେ. ବି—ପବନ ବହୁଥିବା ଦିଗ ଜଣାଇବା
Bād-numā ପାଇଁ ବ୍ୟବହୃତ ଘୂର୍ଣ୍ଣୀ ଯନ୍ତ୍ର—
বাদ নুমা बादनुमा Windgauge; a contrivance for indicating the direction of the wind.

ବାଦ୍ ପଡ଼ିବା—ଦେ. କ୍ରି. ( ଅ. ବାଦ୍ )—୧ । କୌଣସି ବିଷୟରୁ
Bād pardibā ବହିର୍ଭୂତ ହେବା—1. To be excluded
(ବାଦ୍‌ଯିବା—ଅନ୍ୟରୂପ) from. ୨ । ଫେଡ଼ାଯିବା—2. To be
বাদপড়া; বাদযাওয়া बादपडना subtracted from.

ବାଦ୍ ବାକି—ବୈଦେ. ବି. ( ଅ. ବାଦ୍+ଫା. ବାକି )—୧ । ବିୟୋଗ
Bād bāki ଫଳ—1. Remainder after subtraction.
বাদবাকী बादबाकी ୨ । ଅବଶିଷ୍ଟାଂଶ—2. Residue.

ବାଦ୍‌ଲି—ଗ୍ରାଦେ. ( ସମ୍ବଲପୁର ) ବି. ( ସଂ. ବାତୁଳ )—୧ । ବାଦୁଡ଼ି—
Bād-li 1. Bat. ୨ । ଚେମେଣି—2. Housebat.

ବାଦ୍‌ସା—ବୈଦେ. ବି. ( ଫା. ବାଦ୍‌ଶାହ୍; ମୂଳ. ସଂ. ପତ୍ତିଶାସକ )—
Bād-sā ପାଦ୍‌ଶାହା; ସମ୍ରାଟ; ରାଜା—Emperor; king;
বাদশা; বাদশাহ बादशाह sovereign.
(ବାଦ୍‌ସାହା, ବାଦସା—ଅନ୍ୟରୂପ) ତଦେଲ ବାଦସା ରୂପକୁତର ।
କବିସୂର୍ଯ୍ୟ. ବଳଦାବଳ୍ଲୋଳ ।

ବାଦ୍‌ସାଇ(ହି)—ବୈଦେ. ବିଣ. ( ଫା )—୧ । ବାଦ୍‌ସା ସମ୍ବନ୍ଧୀୟ—
Bād-sāi(hi) 1. Regal; kingly; imperial. ୨ ।
বাদসাহী ବାଦ୍‌ସାଙ୍କ ଯୋଗ୍ୟ—2. Becoming or befitting
बादशाही an emperor. ୩ । ରାଜଭୋଗ୍ୟ—3. Fit for an emperor.
ବୈଦେ. ବି. ( ଫା )—ସମ୍ରାଟଙ୍କ ପଦ—Kingly position.

ବାଦ୍‌ଶା ଜାଦା—ବୈଦେ. ବି. ପୁଂ. ( ଫା. ବାଦ୍‌ଶାହ୍‌ଜାଦା )—
Bād-sā jādā বাদশাহজাদা ସମ୍ରାଟ ପୁତ୍ର—Prince.
बादशाहजादा (ବାଦ୍‌ସାହାଜାଦା—ଅନ୍ୟରୂପ)
(ବାଦ୍‌ଶାଜାଦୀ, ବାଦ୍‌ସାହାଜାଦୀ—ବିପରୀତଲିଙ୍ଗ)

ବାଦ୍‌ସାଦ୍—ବୈଦେ. ବି. (ସହଚର; ଫା. ବାଦ୍+ନିରର୍ଥକ ଦ୍ୱିତୀୟ ଶବ୍ଦ)—
Bād-sād ୧ । ବିୟୋଗ—1. Deduction; subtraction.
বাদসাহ ୨ । ବହୁଲୋକ ବା ବସ୍ତୁ ମଧ୍ୟରୁ ପୃଥକ୍‌କରଣ—
बादसाद 2. Separation from many. ୩ । ଅବଶେଷ—
3. Remainder; remnant.
ବୈଦେ. ବିଣ—୧ । ବିଯୁକ୍ତ; ଫେଡ଼ା ଯାଇଥିବା—
1. Deducted; subtracted. ୨ । ପୃଥକ୍‌କୃତ—
2. Separated from many. ୩ । ଅବଶିଷ୍ଟ—
3. Remaining. ୪ । ବଳି ପଡ଼ିଥିବା—4. Left over. ୫ । ଯାହାକୁ ଛାଡ଼ି ଦିଆଯାଇ ଥାଏ—5. Left out; omitted.

ବାଦ୍‌ସା ଭୋଗ—ଦେ. ବି. ( ଫା. ବାଦ୍‌ଶାହ୍+ସଂ. ଭୋଗ୍ୟ; ଅର୍ଥ=
Bād-sā bhoga ରାଜଭୋଗ୍ୟ )—୧ । ଏକପ୍ରକାର ଉତ୍କୃଷ୍ଟ
(ବାଦ୍‌ସାହା ଭୋଗ—ଅନ୍ୟରୂପ) ଆମ୍ବ—1. A species of
বাদসাহ ভোগ excellent mango. ୨ । ଏକପ୍ରକାର ସରୁ
बादशाह भोग ଧାନ—2. A species of fine rice. ୩ ।
ଏକପ୍ରକାର ଉତ୍କୃଷ୍ଟ ମିଷ୍ଟାନ୍ନ—3. A kind of excellent sweetmeat. ୪ । ରାଜଭୋଗ—
4. Royal enjoyment.
ଦେ. ବିଣ—ସମ୍ରାଟ୍ ଭୋଗ୍ୟ—Fit for being enjoyed by an emperor.

ବାଦ—ସଂ. ବି. ( √ବଦ୍ ଧାତୁ=କହିବା+ଭାବ. ଅ )—୧ । ଉକ୍ତି;
Bāda କଥନ; କହିବା—1. Speech; talk. ୨ । ବିତର୍କ;
ଯୁକ୍ତିତର୍କ—2. Argument; discussion. ୩ ।
ଯୁକ୍ତିଯୁକ୍ତ ବିଚାର—3. Reasoning.
[ ଦ୍ର—ନ୍ୟାୟଶାସ୍ତ୍ରରେ କଥିତ ୧୬ ପଦାର୍ଥ ମଧ୍ୟରୁ ବାଦ ଦଶମ ବସ୍ତୁ । ଯେବେ ଜଣେ ବ୍ୟକ୍ତି କୌଣସି ବିଷୟ ସମ୍ବନ୍ଧରେ ଗୋଟିଏ ଉକ୍ତି ବା ପ୍ରତିଜ୍ଞା ଉତ୍ଥାପିତ କରେ ଓ ଆଉ ଜଣେ ବ୍ୟକ୍ତି ଉକ୍ତ ଉକ୍ତିର ବିରୁଦ୍ଧ ପ୍ରତିଜ୍ଞା କହେ ଓ ଦୁହେଁ ଦୁହିଁଙ୍କ ଉକ୍ତିର ସମର୍ଥକ ତର୍କ ବା ଯୁକ୍ତି କଥାବାର୍ତ୍ତାରେ ଉଲ୍ଲେଖ କରନ୍ତି, ଉକ୍ତ କଥୋପକଥନ ବା ଯୁକ୍ତି ତର୍କକୁ ବାଦ ବୋଲାଯାଏ । ବାଦରେ ପ୍ରତ୍ୟେକ ପକ୍ଷ ଆପଣା ଉକ୍ତିର ପୋଷକ ଓ ଅପରପକ୍ଷର ଉକ୍ତିର ଖଣ୍ଡନକାରକ ଯୁକ୍ତି ଓ ପ୍ରମାଣ ଉପସ୍ଥାପିତ କରେ । ଯେବେ ଉକ୍ତ ଯୁକ୍ତି ତର୍କ 'ନିଗ୍ରହସ୍ଥାନରେ' ପହଞ୍ଚେ ତେବେ ଯାହାର ଉକ୍ତି ଖଣ୍ଡିତ ହୁଏ ସେ ହାରିଗଲା ବୋଲି ବୋଲାଯାଏ—ହି. ଶ. ]
୪ । ପ୍ରବାଦ—4. Proverb. ୫ । (କର୍ମ. ଯ) ବାଦ୍ୟ—
5. Music. ୬ । କୌଣସି ବିଶିଷ୍ଟ ବିଷୟରେ ଯୁକ୍ତି ଦ୍ୱାରା ନିରୂପିତ ବା ପ୍ରମାଣିତ ପ୍ରତିଜ୍ଞା—6. Theory; doctrine; a demonstrated conclusion.
( ଯଥା—ନାସ୍ତିକ ବାଦ; ବିବର୍ତ୍ତନ ବାଦ )
୭ । ବର୍ଣ୍ଣନା—7. Narration; account (Apte).
୮ । କୌଣସି ନିର୍ଦ୍ଦିଷ୍ଟ ବିଷୟରେ ବାଦାନୁବାଦ—
8. Controversy (Apte). ୯ । ଉତ୍ତର; ଜବାବ—

9, Reply (Apte). ୧୦ । ବ୍ୟାଖ୍ୟା—10. Exposition; explanation (Apte), ୧୧ । ଶବ୍ଦ; ଧ୍ୱନି—11· Sound; sounding (Apte).
୧୨ । ଜନଶ୍ରୁତି—12. Report; rumour.
ଦେ. ବି—୧ । ବିବାଦ—1. Dispute; dissension.
୨ । କଳି; ଝଗଡ଼ା—2. Quarrel.
ଗୋପ ଜନଙ୍କେ ବାଦ କରନେ ଏକ ଅଭବେ ବଢ଼ ।
ଭକ୍ତ. ମଥୁରାମଙ୍ଗଳ ।
୩ । ଅହନ୍ତା; ଆକ୍ରୋଶ—3. Malice; grudge.
୪ । ପ୍ରତିଦ୍ୱନ୍ଦ୍ୱିତା—4. Emulation; rivalry.
୫ । ଶତ୍ରୁତା—5. Enmity.
୬ । ଶତ୍ରୁ—6. Enemy.
ବାଦ ସବୁଠ ଲଙ୍କାକୁ ଉଗ୍ରର ନଗବାର ଅରକୁ ଯଥା ବାସ ।
ଭକ୍ତ. ବୈଦେହୀଶବିଳାସ
୭ । ପଣ; ଜିଦ—7. Wager
(ଯଥା—ସେ ମୋ ସଙ୍ଗରେ ଅମୁକ କଥାରେ ବାଦ ପକାଇଛି ।)

ବାଦ ଅହନ୍ତା—ଦେ. ବି. (ସବୁଠର)—ବିବାଦ ଓ ଆକ୍ରୋଶ—
Bāda ahantā बाद् आहनेत्र Grudge and dispute.

ବାଦ ଉଠା(ଠେ)ଇବା—ଦେ. କ୍ରି.—କୌଣସି ବିଷୟରେ ବିବାଦ ବା
Bāda uṭhā(ṭhe)ibā କଳିର ସୂତ୍ରପାତ କରିବା—To raise
বিবাদ লাগান up a quarrel; to set up a dispute.
बाद् उठाना

ବାଦକ—ସଂ. ବିଣ. ପୁଂ. (ବଦ୍ ଧାତୁ ଣିଚ୍. ବାଦ ଧାତୁ+କର୍ତ୍ତୃ. ଅକ)—
Bādaka ଯେ ବଜାଏ; ବାଦ୍ୟକର—Musician.
(ବାଦକା—ସ୍ତ୍ରୀ) ସଂ. ବି.—ବକ୍ତା—Speaker.

ବାଦ କରିବା—ଦେ. କ୍ରି.—୧ । କଳି କରିବା—
Bāda karibā 1. To quarrel.
(ବାଦ ଲଗା[ଗେ]ଇବା—ଅନ୍ୟରୂପ) ୨ । ତର୍କ କରିବା; ଯୁକ୍ତି
बाद् करना କରିବା—2. To argue. ୩ । ଆକ୍ରୋଶ କରିବା-
বিবাদকরা 3. To envy. ୪ । ପ୍ରତିଦ୍ୱନ୍ଦ୍ୱିତା କରିବା—
4. To emulate.

ବାଦଚଞ୍ଚୁ—ସ. ବିଣ. (ବାଦ+ଚଞ୍ଚୁ)—କୌଣସି ବିଷୟର ସରସ ଉତ୍ତର
Bāda chañchu ଦେବାରେ ପଟୁ—Clever in reparties or witty replies (Apte).

ବାଦନ(ନା)—ସ. ବି. (ବଦ୍ ଧାତୁ ଣିଚ୍+ଭାବ. ଅନ+ଆ)—୧ ।
Bādana(nā) ବାଦ୍ୟ ବଜାଇବା—1. Playing music.
୨ । (+କର୍ମ ଅନ) ବାଦ୍ୟଯନ୍ତ୍ର—2. Musical instrument.

ବାଦନ ଯନ୍ତ୍ର—ସ. ବି.—ବାଦ୍ୟଯନ୍ତ୍ର; ବାଜା—
Bādana jantra Musical instrument.
(ବାଦନକ—ଅନ୍ୟରୂପ)

ବାଦନା—ପ୍ରାଦେ. (ଗଞ୍ଜାମ)—ବି.—(ବଚରଆ)—କଚେରୀରେ ପକ୍ଷ-
Bādanā ମାନଙ୍କ ଜବାବସୁଆଲ—Argument in court.

ବାଦ ଦଣ୍ଡ—ସଂ ବି.—ସାରଙ୍ଗୀ, ବେହେଲା ଆଦି ବଜାଇବାର ଛଡ଼
Bāda daṇḍa (ହି. ଶ.)—The bow of a stringed instrument.

ବାଦ ପକା(କେ)ଇବା—ଦେ. କ୍ରି.—୧ । ପ୍ରତିଦ୍ୱନ୍ଦ୍ୱିତା କରିବା—
Bāda pakā(ke)ibā 1. To emulate; to rival.
बाजी रखना ୨ । ଜିଦ ମାରିବା; ପଣ କରିବା—
বাজীরাখা 2. To lay a wager.

ବାଦ ବିବାଦ—ସଂ ବି. (ସବୁଠର)—୧ । ବାଦାନୁବାଦ; ଯୁକ୍ତି ପ୍ରତ୍ୟୁକ୍ତି-
Bāda bibāda 1. Wrangling; discussion.
ବାଦଯୁଦ୍ଧ, ବାଦ ପ୍ରତିବାଦ, ବାଦବିଗ୍ରହ, ବାଦବିତଣ୍ଡା — ଅନ୍ୟରୂପ
୨ । କଳିକଜିଆ; ଝଗଡ଼ା—2. Quarrelling.
୩ । ବାଗ୍‌ଯୁଦ୍ଧ—3. Wordy fighting; controversy (Apte)

ବାଦବୁଡିଆ—ଦେ ବିଣ—୧। (ଦୁଇଜଣ) ପରସ୍ପର ମଧ୍ୟରେ ବିବାଦ କରୁ-
Bādabudiā ଥିବା—1. Antagonistic; disputing
बाद् विबादी with each other. ୨ । ପ୍ରତିଦ୍ୱନ୍ଦ୍ୱୀ—
2. Rival; emulating one another; competing with each other.
ଦେ. ବି.—ପ୍ରତିଦ୍ୱନ୍ଦ୍ୱିତା—Rivalry; competition; antagonism.

ବାଦ ମେଣ୍ଟା(ଣ୍ଟେ)ଇବା—ଦେ. କ୍ରି.—ବିବାଦ ମୀମାଂସା କରିବା—
Bāda meṇṭā(ṇṭe)ibā To settle a dispute.
বিবাদ মেটানা बाद् मिटाना
[ବାଦ ଭୁଟା(ଟେ)ଇବା; ବାଦ ମିଟା(ଟେ)ଇବା—ଅନ୍ୟରୂପ]

ବାଦମି(ମେ)ଟି(ଣ୍ଟି)ବା—ଦେ. ବି.—ବିବାଦର ମୀମାଂସା—
Bāda mi(me)ṭi(ṇṭi)bā The settlement of a
বিবাদ মিটা बाद् मिटना dispute.
(ବାଦ ଭୁଟିବା, ବାଦ ମେଣ୍ଟିଯିବା, ବାଦ ଭୁଟିଯିବା—ଅନ୍ୟରୂପ)

ବାଦର—ସଂ. ବି. (ବଦର+ଅ)—୧ । ବରକୋଳି—
Bādara 1. Jujube plum.
୨ । ବରକୋଳି ଗଛ—2. The jujube plant.
୩ । କପା ଗଛ—3. Cotton plant. ୪ । କପାସୂତା-
4. Cotton thread. ୫ । ସୂତା ଲୁଗା (ହି. ଶ.)—
5. Cotton-cloth; cotton garment (Apte).
୬ । ବଦରିକାଶ୍ରମ (ଦେଶ)—6. Badarikāśrama.
୭ । ଦକ୍ଷିଣାବର୍ତ୍ତ ଶଙ୍ଖ—7. A conch shell winding from left to right. (Apte)
୮ । ରେଶମ—8. Silk (Apte). ୯ । ଜଳ—
9. Water (Apte).
ସଂ. ବିଣ.—କାର୍ପାସ ନିର୍ମିତ—Made of cotton.

ବାଦରା—ସ. ବି. (ବାଦର+ସ୍ତ୍ରୀ. ଆ)—୧ । କପାଗଛ—
Bādarā 1. Cotton plant.
୨ । କପା (ହି. ଶ.)—2. Cotton.

ବାଦରାୟଣ—ସଂ. ବି. (ବଦରୀ ଗୁ, ବାଦର=ବଦ୍ରୀ+ଅୟନ=ଆଶ୍ରୟ
Bādarāyaṇa ଜନ୍ମ ବାଦର=ଋଷିବିଶେଷ+ଅପତ୍ୟାର୍ଥେ.
ଅୟନ)—ବ୍ୟାସଦେବ; ବେଦବ୍ୟାସ—The sage Byāsa.

ବାଦରାୟଣି—ସଂ. ବି. (ବାଦରାୟଣ+ଅପତ୍ୟାର୍ଥରେ. ଇ)—
Bādarāyaṇi ୧। ବ୍ୟାସଦେବଙ୍କ ପୁତ୍ର ଶୁକମୁନି—1. The sage Śuka. ୨। (ବାଦରାୟଣ+ସ୍ୱାର୍ଥେ. ଇ)— ବ୍ୟାସଦେବ। (ପ୍ରକୃତିବାଦ)—2. The sage Byāsa.

ବାଦରିକ—ସଂ. ବିଣ. (ବଦର=ବରକୋଳି+ଇକ.)—ବରକୋଳି
Bādarika ସମ୍ବନ୍ଧୀୟ—Relating to the jujube berry. (ବାଦରିକା—ସ୍ତ୍ରୀ) ସ. ବି. ପୁଂ—୧। ବରକୋଳି ବିକ୍ରେତା—
1. Sellor of jujube berries.
୨। ବରକୋଳି ସଂଗ୍ରହକାରୀ ବ୍ୟକ୍ତି—2. One who gathers jujube berries (Apte).

ବାଦଲ୍—ପ୍ରାଦେ. (ସମ୍ବଲପୁର) ବି. (ସ. ବାଦର; ବାର୍ଦ୍ଦଲ=ଦୁର୍ଦ୍ଦିନ;
Bādal ତୁଳ. ହି. ବାଦଲ୍)—ମେଘ—Cloud.
ବାଦ୍‌ଲା ଦେ. ବି—ଲୁଗା, ଟୋପି ଆଦିରେ କାରୁକାର୍ଯ୍ୟ କରିବା
বাদলা ପାଇଁ ବ୍ୟବହୃତ ସୁନା ରୁପା ଆଦିର ଖିଅ ସରୁ ତାର; ଜରି—Lace.

ବାଦଲ୍ କାମ—ଦେ. ବି—୧। ପ୍ରତିମାଙ୍କର ମେଢ଼ ଉପରେ ବସାଯିବା
Bādal kāma ପତ୍ର କାମ—1 Tin foil embroidery
बादल काम work on the frame of an image.
୨। ଲୁଗା ଓ ଟୋପି ଆଦି ଉପରେ ସୁନା ଦ୍ୱାରା କରାଯିବା ଜରି କାମ—2. Fret-work; lace work; embroidery.

ବାଦଲ(ଳ)—ଦେ. ବି. (ସ. ବାର୍ଦ୍ଦଲ=ଦୁର୍ଦ୍ଦିନ; ମେଘାଚ୍ଛନ୍ନ ଦିବସ;
Bādaḷa(la) ବାର୍ଦ୍ଦଲ=ଜଳ; ତୁଳ. ଅ. ବାଦଲ୍=ମେଘ)—
[ବାଦଲା(ଳା)—ଅନ୍ୟରୂପ] ୧। ମେଘ—1. Cloud.
বাদল ୨। ସେହିଁ ପାଗରେ ମେଘ ଓ ବୃଷ୍ଟି ହୁଏ—
बादल 2. Rainy and stormy weather.
୩। ମେଘୁଆ ପାଗ; ଦୁର୍ଦ୍ଦିନ; ମେଘାଚ୍ଛନ୍ନ ଦିନ—
3. Cloudy weather.
୪। ଅବିରାମ ବୃଷ୍ଟି—4. Incessant raining.
୫। ବର୍ଷା—5. Rain.
୬। ଝଡ଼; ତୋଫାନ—6. Tempest.
ସ. ବି—ଯଷ୍ଟିମଧୁ (ହୁ. ଷ)—Liquorice root.

ବାଦଲ(ଳ) ଉଠା(ଠେ)ଇବା—ଦେ. ବି—ଆକାଶରେ ମେଘୋଦୟ
Bādaḷa(la) uṭhā(ṭhe)ibā ହେବା; ମେଘ ଘୋଟିବା—
বাদলধরা Overclouding; rising of clouds in the
बादल उठना sky.

ବାଦଲ ଫାଟିବା—ଦେ. ବି—ଉଠିଥିବା ମେଘ ଖଣ୍ଡ ଖଣ୍ଡ ହୋଇ
Bādala phāṭibā ଛିନ୍ନଭିନ୍ନ ହୋଇଯିବା; ମେଘ ଫାଟ-
बादल फटना ଫାଟିବା—The scattering of a rising cloud; the sky becoming clear by the diffusion of rising clouds.

ବାଦଲା—ଦେ. ବି—ଲୁଗା ଓ ଟୋପି ଆଦିରେ ସୂଚି କର୍ମରେ ବ୍ୟବହୃତ
Bādalā ସୁନା ବା ରୁପାର ଖିଅ ସରୁ ତାର; ଜରି—
বাদলা Very fine gold or silver wire used in
बादला embroidery; lace.

ପ୍ରାଦେ. (ମେଦିନୀପୁର, ସମ୍ବଲପୁର) ବି. (ତୁଳ. ଏହି ଅର୍ଥରେ ବ. ବାଦଲ୍)—ଅତି ବୃଷ୍ଟି—Excessive rainfall.
ବିଣ—ମେଘୁଆ (ପାଗ)—Cloudy (weather).

ବାଦଲା ପାଗ—ଦେ. ବି—ମେଘୁଆ ପାଗ—
Bādaḷā pāga Cloudy weather.
(ବାଦଲଆ ପାଗ—ଅନ୍ୟରୂପ)

ବାଦଲା ପୋକ——ପ୍ରାଦେ. (ମେଦିନୀପୁର, ସମ୍ବଲପୁର; ତୁଳ ଏହି
Bādalā poka ଅର୍ଥରେ ବ. ବାଦଲା ପୋକା)—
ଝିଣ୍ଟି ପୋକ—Winged ants.

ବାଦଲିଆ—ପ୍ରାଦେ. (ସମ୍ବଲପୁର) ବିଣ—ମେଘୁଆ (ପାଗ)—
Bādaliā Cloudy (weather).

ବାଦ ସାଧନ—ସ. ବି—୧। ଅପକାର କରିବା—1. Doing a
Bāda sādhana mischief; mischief-making.
୨। ତର୍କ କରିବା—2. Wrangling.

ବାଦ ସାଧିବା—ଦେ. କ୍ରି. (ସ. ବାଦ ସାଧନ)—
Bāda sādhibā ୧। ବାଦ ସାଧିବା; ପୂର୍ବର ଅଦଉତି ସୁଝିବା;
বাদ সাধা ଅବଲ୍ୟା ନେବା—1. To feed fat one's old
बाद साधना grudge; to satisfy one's grudge.
୨। ଅକ୍ରୋଶ କରିବା; ଅବଲ୍ୟା ରଖିବା—2. To envy; to act maliciously; to have a grudge.

ବାଦାନୁବାଦ—ସ. ବି. (ଦ୍ୱନ୍ଦ୍ୱ; ବାଦ+ଅନୁବାଦ; ସ. ବାଦାନୁବାଦୌ—
Bādānubāda ଦ୍ୱିବଚନ)—୧। ବାଦ ପ୍ରତିବାଦ; ତର୍କବିତର୍କ; ବାଗ୍‌ଯୁଦ୍ଧ—1. Hot discussion; wrangling; controversy.
୨। କୌଣସି ବିଷୟରେ ଉକ୍ତି ଓ ଉକ୍ତିର ପ୍ରତ୍ୟୁକ୍ତି—
2. Assertion and reply.
୩। ମୁଦେଇର ଅଭିଯୋଗ ଓ ଉତ୍ତରରେ ମୁଦାଲାର ସଫେଇ-3. Accusation and defence in court.
୪। ବାଦୀର ଅଭିଯୋଗ ଓ ଉତ୍ତରରେ ପ୍ରତିବାଦୀର ବର୍ଣ୍ଣନା—
4. Plaint and the statement in reply.

ବାଦାମ—ବୈଦେ. ବି—(ପା. ବାଦାମ୍; ତୁଳ. ସ. ବାତାଦ; ବାତାମ)—
Bādāma ୧। ତୈଳପ୍ରଦ ଫଳ ବୃକ୍ଷ ବିଶେଷ; କାବୁଲୀ ବାଦାମ—
ସ. ବାତାଦ, ବାତାମ୍ର, ବାତବୈରୀ 1. Almond; Prunus
ନେତ୍ରୋପମ ଫଳ, ବାଦାମ। Amygdalus; sweet almond.
বাদাম
बादाम
ତେ. ବେଦମ
ତା. ନଟ ବଡ଼ୁମ
ମ. ବାଦାମ
ଅ. ଲୋଜଲହଲୁ
ପା.
[ଦ୍ର—ଏହା ଭାରତର ଉତ୍ତର ପଶ୍ଚିମ ପ୍ରାନ୍ତ ଓ ଅଫଗାନିସ୍ଥାନର ବୃକ୍ଷ ବିଶେଷର ଫଳ ମଧ୍ୟସ୍ଥ ତୈଳମୟ ବୀଜ। ଏହି ଫଳ ଉପରେ କଠିଣ ଖୋସା ଥାଏ ଏବଂ ଭିତରେ ସୁସ୍ୱାଦ୍ୟ ମଞ୍ଜ (ଶସ୍ୟ) ଥାଏ। ଏହା ଭାରତୀୟମାନେ ଭକ୍ଷଣ କରନ୍ତି। ବୈଦ୍ୟକ ଶାସ୍ତ୍ର ମତରେ ଏହା ଉଷ୍ଣବୀର୍ଯ୍ୟ, ସ୍ନିଗ୍ଧ, ବାୟୁନାଶକ, ଶୁକ୍ରବର୍ଦ୍ଧକ

ଓ ଗୁରୁ; ବାଦାମ ମଞ୍ଜିର ମଜ୍ଜା ବା ଶସ ମଧୁର ରସ, ଶୁକ୍ରବର୍ଦ୍ଧକ, ସ୍ନିଗ୍ଧ, ବାୟୁନାଶକ ଓ କଫକାରକ। ବାଦାମ ମଞ୍ଜିର ଶସକୁ ସାମାନ୍ୟ ମରଚ ସଙ୍ଗେ ବାଟି ମିଶ୍ରି ପଣା ସଙ୍ଗେ ପିଇଲେ କବୁଜାଇର କୋଷ୍ଠବଦ୍ଧ ରୋଗ ଦୂର ହୁଏ। ]

୨। ହରୀତକ୍ୟାଦ ବର୍ଗର ବୃକ୍ଷବିଶେଷ; ଦେଶୀ ବାଦାମ—2. Indian almond; Terminalia Catapha.

[ ଦ୍ର—ଏହା ପ୍ରଥମେ ଅଣ୍ଡାମାନ ଦ୍ୱୀପରୁ ଏ ଦେଶକୁ ଆନୀତ ହୋଇଥିଲା। ଏହାର ପତ୍ର ଝଡ଼ପଡ଼ିବା ପୂର୍ବରୁ ତୋଫା ନାଲିରଙ୍ଗ ହୁଏ। ଏ ଗଛର ଶାଖା ଗଛର ଗଣ୍ଡି ଚାରିପାଖେ ଥାକ ଥାକ ହୋଇ ବାହାରେ। ଏ ଫଳ ଆମ୍ବଡ଼ାପରି କଷୁ ଅଖାଦ୍ୟ। ଏହାର ମଞ୍ଜି ଭିତରର ପତଳା ଶସ ତୈଳପ୍ରଦ। ସେରେ ଶସରୁ ଅଧସେରେ ତେଲ ବାହାରେ। ଏହାକୁ କଳାଇ ବା ଦେଶୀବାଦାମ ବୋଲି ସାଧାରଣ ଲୋକେ କହନ୍ତି। ଲୋକେ ଏହି ବାଦାମ ତେଲକୁ ଘିଅ ଓ ତେଲ ସଙ୍ଗେ ମିଶାଇ ବଜାରରେ ବିକନ୍ତି। ]

୩। ବାଜାଆମ୍ବ (ଦେଖ)—3. Bāja-āmba (See).

ପ୍ରାଦେ. (ବାମଣ୍ଡା) ବି—ପିଜୁଳି—Guava.

ବାଦାମୀ—ଦେ. ବି—୧। କାବୁଲି ବାଦାମଫଳ ପରି ଫିକା ହଳଦିଆ
Badāmi ମିଶା ନାଲିରଙ୍ଗବିଶିଷ୍ଟ—1. Almond coloured.
বাদামী ୨। କାବୁଲିବାଦାମର ଆକୃତିବିଶିଷ୍ଟ—
बादामी 2. Almond-shaped; elliptical.

ବାଦାଲି—ପ୍ରାଦେ. (ସିଂହଭୂମି) ବି—ବାଡ଼—
Badāla Hedge.

ବାଦାଲି—ସ. ବି.—ବାଳଅ ମାଛ (ହି. ଶ)
Badāla The Boal fish.

ବାଦି—ସ. ବି. ( ବଦ୍ ଧାତୁ=କହିବା+ଇ )—୧। ପଣ୍ଡିତ—
Bādi 1. A Pandit; a learned man. ୨। ମୃଦଙ୍ଗର ଦୁଇ ମୁଣ୍ଡର ଚମଡ଼ା ଚମକୁ ବାନ୍ଧି ଟାଣି ରଖିବା ନିମନ୍ତେ ବ୍ୟବହୃତ ଚମଦଉଡ଼ି—2. Thongs of leather which tie the round strips of leather on both ends of a Mrudanga drum.

ପ୍ରାଦେ. (ସିଂହଭୂମ) ବି—ସମତଳ ଶସ୍ୟକ୍ଷେତ୍ର—
A levelled field.

ବାଦିକ—ସ. ବିଣ. ପୁଂ—(ବାଦ+ଇକ)—ତାର୍କିକ—
Bādika Argumentative.

ବାଦିତ—ସ. ବି—(ବଦ୍ ଧାତୁ ଣିଚ୍ ବାଦ ଧାତୁ+କର୍ମ. ତ;—
Bādita ୧। ବଜାଯାଇଥିବା; ଶବ୍ଦିତ; ନିନାଦିତ—1. Sounded (sound of musical instrument) ୨। ଉଚ୍ଚାରିତ ଉଚ୍ଚାରିତ—2. Caused to be uttered.

ବାଦିତ୍ର—ସ. ବି—( ବଦ୍ ଧାତୁ ଣିଚ୍+କର୍ମ. ଇତ୍ର )—ବାଦ୍ୟଯନ୍ତ୍ର;
Bāditra ବାଜା—Musical instrument.

ବାଦିତ୍ରକ—ଦେ. ବିଣ—ବାଦ୍ୟକର—
Bāditraka Musician.

ବାଦିତ୍ରକ, ବସ୍ତ୍ର ଭାଣ୍ଡାର ଆଦି, ବାଦିତ୍ରକ ବେଢ଼ିଗଲେ ବାଦ୍ୟ ଘୋର।
ଉଷା. ବୈଦେହୀଶବିଳାସ।

ବାଦୀ—ସ. ବିଣ—(ବଦ୍ ଧାତୁ+କର୍ତ୍ତୃ. ଇନ୍; ୧ମା. ୧ବ)—
Bādi ୧। ବକ୍ତା; ଯେ କହେ—
(ବାଦିନୀ—ସ୍ତ୍ରୀ) 1. Speaking.

[ ଦ୍ର—ଏହା ଅନ୍ୟ ଶବ୍ଦ ସଙ୍ଗେ ଲାଗେ; ଯଥା—ସତ୍ୟବାଦୀ; ମିଥ୍ୟାବାଦୀ; ସ୍ପଷ୍ଟବାଦୀ। ]

୨। ବିବାଦକାରୀ—2. Disputing. ୩। ପ୍ରତିକୂଳ—3. Antagonistic. ୪। ଅନିଷ୍ଟକାରୀ—4. Causing injury; injurious.

ସ. ବି—୧। ( ସଙ୍ଗୀତ )—ସଙ୍ଗୀତର ପ୍ରଧାନ ସ୍ୱର—1. Homophonia. ୨। ମକଦ୍ଦମାରେ ପ୍ରଥମପକ୍ଷ ବା ଫେରସ୍ତାଦୀ; ମୁଦେଇ—2. Plaintiff; complainant.

[ ଦ୍ର—ପ୍ରଥମ ପକ୍ଷକୁ ଫଉଜଦାରୀ ମକଦ୍ଦମାରେ ମୁଦେଇ ଏବଂ ଦେଓ୍ୱାନି ମକଦ୍ଦମାରେ ବାଦୀ ବୋଲାଯାଏ। ]

୩। ବିପକ୍ଷ; ଅପରପକ୍ଷ; ପ୍ରତିଦ୍ୱନ୍ଦ୍ୱୀ—3. Antagonist.
୪। ଶତ୍ରୁ—4. Enemy.

କୃଷ୍ଣ ଉଦୟେ ଯେତେ ବାଦୀ
ଅନ୍ତ୍ୟ ଶିଶୁପାଳ ଆଦି—ଜଗନ୍ନାଥ, ଭାଗବତ।

୫। କୌଣସି ବିଷୟରେ ପ୍ରଥମ ପ୍ରସ୍ତାବକାରୀ—5. Proposer.

विवाद विबाद् ଦେ. ବି—କଳି; ବିବାଦ—Dispute; quarrel.

ଦେ. ବିଣ—ସ୍ୱନଯୁକ୍ତ—Making a sound; sonorous.

ବାଦୀ ବାଦ ବେଣୁଥାଇ ଥାଇ ପ୍ରେମଶୀଳା—ଉଷ. ବୈଦେହୀଶବିଳାସ।

ବାଦୀ ଜମି—ପ୍ରାଦେ. (ସିଂହଭୂମି) ବି—ସମତଳସ୍ଥ ଧାନଜମି—
Bādi jami Paddy field in the plain.

[ ଦ୍ର—ଏ ଜମିରେ ଲଘୁଧାନ ହୁଏ। ]

ବାଦୀ ପାଲି—ଦେ. ବି—ଯାଉଁଳିପାଲି; ଯେଉଁ ପାଲିରେ ଏକାଧିକ ପାଲି-
Bādi pāla ବାଲା ଦଳ ଅପଣା ଅପଣାର ଯୋଗ୍ୟତା ଦେଖାନ୍ତି;
कोर्तनसम्मोलन ଲଢ଼େଇ ପାଲି—The performance by 2 or more rival parties of Pāla dancers.

ବାଦୀ ପ୍ରତିବାଦୀ—ସ. ବି—(ସ.ବାଦନ୍+ପ୍ରତିବାଦନ୍)—୧। ମକଦ୍ଦମାରେ
Bādi pratibādi ୧ମ ଓ ୨ୟ ପକ୍ଷ—1. Plaintiff and
(ବାଦୀ ବିବାଦୀ—ଅନ୍ୟରୂପ) defendant; complaint and accused. ୨। ବିବାଦରେ ୧ମ ଓ ୨ୟ ପକ୍ଷ—2. The two opponents in a dispute

विवाद विबाद् ଦେ. ବି—ବିବାଦ—Dispute.

ବାଦୀ ଭଗାରି—ଦେ. ବି—(ଉଭୟାର୍ଥକ ସହଚର)—ଶତ୍ରୁ—
Bādi bhagāri Enemy

ଦେ. ବିଣ—ଶତ୍ରୁଭାବାପନ୍ନ—Inimical; antagonistic.

(ଯଥା—ବର୍ଷେ ହେଲା ଗାଁର ବାଲି ବାଦୀ ଭଗାରି ହୋଇ ମୋ ସଙ୍ଗେ ଲାଗିଛନ୍ତି।)

ବାଦୀସ୍ୱର—ସ. ବି—(ସଙ୍ଗୀତ) ସଙ୍ଗୀତର ପ୍ରଧାନ ସ୍ୱର—
Bādiswara (music) Homophonia.

ବାଦୁଆ—ଦେ. ବିଣ. ପୁଂ—୧। କଳିପ୍ରିୟ—1. Quarrelsome.
Bādua ୨। ବିବାଦ ପ୍ରିୟ—2. Fond of dispute.

[ବାଦେ(ଦୋ)ଇ—ସ୍ତ୍ରୀ] ୩ । ଯେ ଅନ୍ୟ ବ୍ୟକ୍ତିସହ ପ୍ରତିଦ୍ୱନ୍ଦ୍ୱିତା କରେ; ଈର୍ଷୀ—Emulative; malicious.

**ବାଦୁଡ଼**—ଦେ. ବି (ସଂ. ବାଦୁଳ)—ଚମଚଟା ବା ଚେମେଣିଠାରୁ ବଡ଼ Bādurdi ଡମଡ଼ା—ଡେଣାଯୁକ୍ତ ସ୍ତନ୍ୟପାୟୀ ଜୀବବିଶେଷ—Flying fox; large bat; Pteropus Medius.

ବାଡୁଲ୍, ବାଡୁର; ବାଦୁଡ଼, ବାଦୁଲ୍, ବାଦେଡ଼ା, ବାଦେଡ଼, ବାଦଗ୍ } ଅନ୍ୟରୂପ

ବାଦୁଡ଼ [ ଦ୍ର—ଏମାନେ ସୁଭକାଳ ଭିତ୍ତ ଫଳ ଖାଆନ୍ତି

**ବାତୁଡ; ଚମଗାଦଡ** ଓ ଦିନସାର ଗଛ ଡାଳରୁ ଗୋଡ଼ର ନଖରେ ଧରି ତଳକୁ ମୁହଁକରି ଝୁଲୁଥାଆନ୍ତି । ଏମାନଙ୍କ ଦେହରେ ଲୋମ ଅଛି । ବର୍ଣ୍ଣ କୃଷ୍ଣ ବର୍ଣ୍ଣ । ମୁହଁ କୁକୁରମୁହଁ ପରି । ଏହାର ନାକ କାନ ଅଛି । ଏମାନଙ୍କର ମୁଣ୍ଡଠାରୁ ଶେଷପର୍ଯ୍ୟନ୍ତ ଲମ୍ବରେ ୧ ଫୁଟଣ୍ଡ ଓ ଡେଣାର ୨ ମୁଣ୍ଡର ମାପ ପ୍ରାୟ ଏକ ହାତ ହେବ । ଏମାନଙ୍କ ଡେଣା ପକ୍ଷୀଙ୍କ ଡେଣାପରି ପରଯୁକ୍ତ ନୁହେଁ, ତାହା ପତଳା ଚର୍ମ ଅଟେ । ଏମାନେ ଛୁଆ ଜନ୍ମ କରନ୍ତି ଓ ଛୁଆମାନେ ମାତାର ସ୍ତନ୍ୟ ପାନ କରି ବଢ଼ନ୍ତି । ]

**ବାଦୁଲି**—ଗ୍ରାଦେ. (ସମ୍ବଲପୁର ଓ ବାମଡ଼ା) ବି.—ବାଦୁଡ଼ (ଦେଖ) Bāduli Bādurdi (See)

**ବାଦ୍ୟ**—ସଂ. ବି. (ବାଦ୍. ଧାତୁ. ଣିଚ ବାଦ ଧାତୁ+କର୍ମ. ଯ)—Bādya ୧ । ବାଇଦ; ବାଜା—1. Musical instrument. ୨ । ବାଜଣା—2. Instrumental music.

ବିଣ.—ବାଦନୀୟ; ବାଦନଯୋଗ୍ୟ—Fit to be struck or tuned to music.

**ବାଦ୍ୟକ**—ସଂ. ବି. ପୁଂ (ବାଦ୍ୟ+କ)—ବାଜା ବଜାଇବା ବ୍ୟକ୍ତି; Bādyaka ବାଜାବାଲା—Musician.

**ବାଦ୍ୟକର**—ସଂ. ବି ( ବାଦ୍ୟ+କୃ ଧାତୁ+କର୍ତ୍ତୃ. ଅ )—Bādyakara ୧ । ବାଜାବାଲା; ଯେ ବାଜା ବଜାଏ; ବାଦକ; (ବାଦ୍ୟକାର—ଅନ୍ୟରୂପ) ବାଇଦକାରଅ—1. Musician. ୨ । ଯେ ବାଦ୍ୟଯନ୍ତ୍ର ନିର୍ମାଣ କରେ—2 Manufacturer of musical instruments.

**ବାଦ୍ୟ ଭାଣ୍ଡ**—ସଂ. ବି—(ଷଷ୍ଠୀ ତତ୍; ବାଦ୍ୟ=ବାଜା+ଭାଣ୍ଡ=ପାତ୍ର)-Bādya bhānda ୧ । ମୃଦଙ୍ଗାଦି ବାଦ୍ୟଯନ୍ତ୍ର—1. Musical instruments such as tabour. ୨ । ନାନାପ୍ରକାର ସମନ୍ୱିତ ବାଦ୍ୟଯନ୍ତ୍ର ସମୂହ—2. Musical band; concert.

**ବାଧ୍** (ଧାତୁ) —ସଂ.—୧ । ବାଧା ଜନ୍ମାଇବା; ବାଧାଦେବା—Bādh (root) 1. To obstruct; to resist; to oppose. ୨ । ପୀଡ଼ା ଦେବା. —2. To give pain. ୩ । ମନରେ ପୀଡ଼ା ଦେବା —3. To vex. ୪ । ଆଘାତ କରିବା—4. To hurt; (Apte). ୫ । କ୍ଷତଗ୍ରସ୍ତ କରିବା; ଅପକାର କରିବା—5. To injure (Apte.) ୬ । ତଡ଼ି ଦେବା—6. To drive away; to expel. (Apte).

**ବାଧ**—ସଂ. ବି (ବାଧ୍. ଧାତୁ+ଭାବ. ଅ)—୧ । ବାଧା; ପ୍ରତିବନ୍ଧକ; Bādha ବ୍ୟାଘାତ—1. Obstacle; obstruction; impediment; clog. ୨ । ବିଘ୍ନ; ରୋଧ—2. Resistance. ୩ । ଉପଦ୍ରବ—3. Ravage. ୪ । ପୀଡ଼ା 4. Pain.

ଦେ. ବି—୧ । ବିନାଶ—1. Destruction.
୨ । ଶୋଷଣ—2. Sucking.

(୧+୨) ବାଧ ନ କରୁ ରାକ୍ଷସ ପ୍ରଚଣ୍ଡ ପବନ;
କଉଦେଖ୍ଲି ନାମ ଜନ୍ମ ସରିରୁ ଜୀବନ—
ଉପ. ବୈଦେହୀଶବିଳାସ ।

ଦେ. ବିଣ—ନିଷିଦ୍ଧ—Prohibited.

ବାଧ ହୋଇ ଦ୍ୱିସଙ୍ଗତ୍ୟା ବଧ ନ କରନ୍ତୁ ଶୁଣାଇଲ ବଚନଟା।
ଉପ. ବୈଦେହୀଶବିଳାସ ।

**ବାଧକ**—ସଂ. ବିଣ—(ବାଧ୍ ଧାତୁ+କର୍ତ୍ତୃ. ଅକ)—୧ । ବାଧାଜନକ; Bādhaka ଯେ ବାଧା ଦିଏ—1. Obstructing; impending; obstructive. (ବାଧକତା—ବି) ୨ । ଯେ କୌଣସି କାର୍ଯ୍ୟ କରିବାକୁ ଅନ୍ୟକୁ ବାଧ୍ୟ କରେ—2. Compelling; obliging.

ବି—୧ । ପ୍ରତିବନ୍ଧକ—1. Obstacle; hindrance. ୨ । ଗର୍ଭଧାରଣରେ ବାଧା ପ୍ରଦାୟକ ସ୍ତ୍ରୀ ରୋଗବିଶେଷ; ବନ୍ଧ୍ୟତ୍ୱ ରୋଗ; ନାରୀର ରଜଃସ୍ରାବ ଦୋଷ—2. Barrenness; a female disease which prevents conception.

[ ଦ୍ର—ଆୟୁର୍ବେଦ ମତରେ ବାଧକ ରୋଗ ୪ ପ୍ରକାର; ଯଥା—୧ । ରକ୍ତମାଦ୍ରୀ—ଏଥିରେ କଟି, ନାଭି, ଗୋଡ଼ଭଣ୍ଡାରେ ବେଦନା ହୁଏ, ଋତୁ ନିଯୁମିତ ସମୟରେ ( ୧୬ । ୨୮ ଦିନରେ ଥରେ) ହୁଏ ନାହିଁ । ୨ । ଷଷ୍ଠୀ—ଏଥିରେ ଋତୁକାଳରେ ଅକ୍ଷି, ଲେଙ୍କ ଓ ଯୋନିରେ ପୋଡ଼ାଜଳା ହୁଏ, ରକ୍ତସ୍ରାବ ନୀଳାମୟ ହୁଏ, ମାସକେ ଦୁଇ ଥର ଋତୁ ହୁଏ । ୩ । ଅଙ୍କୁର—ଏଥିରେ ଋତୁ ସମୟରେ ମାନସିକ ଉଦ୍‌ବେଗ; ଶରୀରରେ ଭାର ବୋଧ ଓ ବହୁତ ରକ୍ତ ସ୍ରାବ ହୁଏ; ନାଭି ତଳେ ବେଦନା ହୁଏ ଓ ୩ । ୪ ମାସରେ ଥରେ ଋତୁ ହୁଏ; ହାତ ଗୋଡ଼ ଜଳେ । ୪ । ଜଳକୁମାର—ଏଥିରେ ଦେହ ଫୁଲିଯାଏ; ବହୁତ ଦିନ ଅନ୍ତରରେ ଋତୁ ହୁଏ, ମୂଢ଼ଗର୍ଭ ହୁଏ । ବାଧକରୋଗ ଗର୍ଭଧାରଣର ବାଧା ପ୍ରଦାୟକ—ହି. ଷ. । ]

୩ । ଋତୁସ୍ରାବ ସମୟରେ ବେଦନା—3. Painful menstrual discharge; dysmenorrhoea.

ଦେ. ବି—ବାଧକା (ଦେଖ)—Bādhakā (See).

**ବାଧକତା(ତ୍ୱ)**—ସଂ. ବି—୧ । ବାଧ୍ୟ କରିବାର ଶକ୍ତି—Bādhakatā(twa) 1. Power of compelling. ୨ । ବାଧା ଦେବାର ଶକ୍ତି—2. Power of obstructing.

ବାଧ(ଧି)କା—ଦେ. ବି—(ସ. ବାଧା)—୧ । କ୍ଳାନ୍ତି; ଅବସାଦ; ବାଧା—
Bādha(dhi)kā 1 Fatigue; weariness; exhaustion.
বাধা बाधा ୨ । ବେଦନା; ପୀଡ଼ା; ବ୍ୟଥା—2. Pang; pain; anguish. ୩ । ମନୋଦୁଃଖ—3. Mental pain.
୪ । ମୁମୂର୍ଷୁ ଅବସ୍ଥା—4. Dying condition.
ବିଣ—୧ । ଅବସନ୍ନ; କ୍ଳାନ୍ତ—1. Fatigued. ୨ । ବ୍ୟଥିତ—2. Pained. ୩ । ଦୁଃଖିତ—2. Sorry. ୪ । ବ୍ୟଥାପ୍ରଦ—4. Painful. ୫ । ମୁମୂର୍ଷୁ—5. Dying.

ବାଧ(ଧି)କିବା—ଦେ. କ୍ରି—୧ । ପ୍ରାଣାନ୍ତକ ପୀଡ଼ିତ ହେବା; ରୋଗଗ୍ରସ୍ତ ହୋଇ ମୁମୂର୍ଷୁ ହେବା; କଷ୍ଟଭୋଗି ହେବା—
Bādha(dhi)kibā 1. To be in a dying condition on account of protracted illness; to lie very seriously ill.
ବାଧକ ହୋଇ ପଡ଼ିବା, ବାଧକ ପଡ଼ିବା } ଅନ୍ୟରୂପ
सेजमे सटना
୨ । ଅତ୍ୟନ୍ତ କ୍ଳାନ୍ତ ହେବା—2. To be over-fatigued.

ବାଧନ—ସ. ବି—(ବାଧ୍ ଧାତୁ+ଭାବ. ଅନ)—୧ । ଉପଦ୍ରବ; ପୀଡ଼ା—
Bādhana 1. Oppression; annoyance. ୨ । କ୍ଳାନ୍ତି—(ବାଧିତ, ବାଧ, ବାଧନୀୟ—ବିଣ) 2. Fatigue. ୩ । କ୍ଳେଶ—3. Pain. ୪ । ପ୍ରତିବନ୍ଧକ—4. Obstruction.
୫ । ବାଧା—5. Opposition; hindrance.
୬ । ବାଧା ଦେବା—6. Hindering; restraining. ୭ । କଷ୍ଟ ଦେବା—7. Giving pain.

ବାଧା—ସ. ବି—( ବାଧ୍ ଧାତୁ+ଭାବ. ଅ+ଆ )—୧ । ପ୍ରତିବନ୍ଧକ; ବିଘ୍ନ—1. Obstacle; obstruction; hindrance.
Bādhā
୨ । ଉପଦ୍ରବ; ଉତ୍ପୀଡ଼ନ—2. Oppression.
୩ । (+କର୍ତ୍ତୃ.ଅ) କାଷ୍ଠ ପାଦୁକା;ଖଡ଼ମ—3. Wooden sandal; a clog. ୪ । ଶାରୀରିକ ପୀଡ଼ା; ବ୍ୟଥା; ବେଦନା; କ୍ଳେଶ; ଦୁଃଖ—4. Pang; pain; agony.
୫ । ମନୋଦୁଃଖ—5. Mental pain. ୬ । ଭୟ; ଆଶଙ୍କା; (ହି. ଷ) — 6. Fear; apprehension.

ବାଧାଜନକ—ସ. ବିଣ—ଯାହା ବାଧା ଦିଏ—
Bādhājanaka Obstructive; preventive; hindering.
(ବାଧାପ୍ରଦ, ବାଧାକାରକ—ଅନ୍ୟରୂପ)

ବାଧା ଦେବା—ଦେ. କ୍ରି—୧ । କୌଣସି କାର୍ଯ୍ୟରେ ବିଘ୍ନକାତ କରିବା—1. To obstruct; to resist; to hinder; to impede.
Bādhādebā
(ବାଧା କରିବା—ଅନ୍ୟରୂପ)
বাধাদেওয়া ୨ । ବନ୍ଦ କରିବା—2. To stop.
बाधादेना, बाधाडालना ୩ । ମନା କରିବା—3. To forbid.

ବାଧା ପାଇବା—ଦେ. କ୍ରି—କୌଣସି କାର୍ଯ୍ୟରେ ବାଧାପ୍ରାପ୍ତ ହେବା; ସ୍ଥଗିତ ହେବା—To be hindered or resisted; to be checked.
Bādhā paibā
বাধা পাওয়া बाधा पाना

ବାଧା ବିଘ୍ନ—ସ. ବି—(ଏକାର୍ଥବୋଧକ ଶବ୍ଦଦ୍ୱୟର ଯୋଗ)—ବାଧା—
Bādhā bighna Obstacle.

ବାଧିକା ପଡ଼ିବା—ପ୍ରାଦେ. ବିଣ. (ବାଲେଶ୍ୱର)—ବାଧକିବା (ଦେଖ)—
Bādhikā pardibā Bādhakibā (See).
ବାଧିକା ପଡ଼ିଛ, କଥା କୋଲ ପାରିବ ନାହିଁ—
ଫକୀରମୋହନ. ଗଳ୍ପସ୍ୱଳ୍ପ ।

ବାଧିତ—ସ. ବିଣ—(ବାଧ୍ ଧାତୁ+କର୍ମ. ତ)—୧ । ଦୁଃଖିତ; ବ୍ୟଥିତ—
Bādhita (ବାଧିତା—ସ୍ତ୍ରୀ) 1. Pained.
ଶୋକରେ ହୁଅଇ ବାଧିତ
କୋଧରେ ହୁଏ ସେ ଦୁଃଖିତ — ଜଗନ୍ନାଥ ଭାଗବତ ।
୨ । ପୀଡ଼ିତ—2. Oppressed. ୩ । ନିବାରିତ—3. Stopped; prevented. ୪ । ଅନୁଗତ; ବଶୀଭୂତ—4. Obedient; subservient. ୫ । ବାଧ୍ୟ; କୌଣସି ବ୍ୟକ୍ତି ନିକଟରେ ଉପକାରପାଶରେ ଅବଦ୍ଧ—5, Obliged; ୬ । ଉପକୃତ—6. Benefited. ୭ । ପ୍ରତିବନ୍ଧ; ବ୍ୟାହତ—7. Thwarted; obstructed.

ବାଧିବା—ଦେ. କ୍ରି.—(ସ. ବାଧ୍ ଧାତୁ)—୧ । ବାଜିବା; କଷ୍ଟପ୍ରଦ ହେବା—1. To affect painfully; to cut to the quick; to hurt one's feeling
Bādhibā
মনে লাগা
चोट लगना ୨ । କ୍ଳାନ୍ତିପ୍ରଦ ହେବା—2. To tire; to cause fatigue.
ବାଧେ ତୁହି । ବିରହଭୁ ବନ ସମସ୍ତଙ୍କ ।
ଉପ. ବୈଦେହୀଶବିଳାସ ।
୩ । ବ୍ୟଥା ଦେବା; ପୀଡ଼ା ଦେବା—3. To be painful; to agonise.
ଦୁଷ୍କର ପଦନର ବନ୍ଧୁତା ବା ଅଛି,
କୋହଲେ ହରା ଭୁମ୍ଭକୁ ସେ ନ ବାଧିବ । କୃଷ୍ଣସିଂ. ମହାଭାରତ. ଶାନ୍ତି ।
୪ । ବାଧା ଦେବା—4. To obstruct; to check.
ସୂର୍ଯ୍ୟ ଅନଳ ଦୃଷ୍ଟି କ ତହା ବଢାଇଧ
ବଧରେ ସେ ବଧ ବାଧିବରେ—ଉପ. କୋଟିବ୍ରହ୍ମାଣ୍ଡସୁନ୍ଦରୀ ।

ବାଧିର୍ଯ୍ୟ—ସ. ବି. (ବଧିର+ଭାବ. ଯ)—ବଧିରତା—
Bādhirjya Deafness.

ବାଧ୍ୟ—ସ. ବିଣ. (ବାଧ୍ ଧାତୁ+କର୍ମ. ଯ)—୧ । ବାଧାଯୋଗ୍ୟ; ନିବାରଣଯୋଗ୍ୟ—1. Preventible. ୨ । ବଶୀଭୂତ; ଅନୁଗତ—2. Obedient; subservient.
Bādhya
୩ । ଉପକୃତ; ଉପକାରଦ୍ୱାରା ଅବଦ୍ଧ—3. Obliged.
বাধ্য ଦେ. ବିଣ(ସ. ବାଧିତ)—୧। କୌଣସି କାର୍ଯ୍ୟ କରିବା ନିମନ୍ତେ ଅବଦ୍ଧ—1. Obliged to do a thing; compelled to do a thing.
बाधित
—୨ । ଚୁକ୍ତିଦ୍ୱାରା ଅବଦ୍ଧ—2. Bound by contract or promise.

ବାଧ୍ୟ କରିବା—ଦେ. କ୍ରି.—ଯବରଦସ୍ତି କରିବା—
Bādhya karibā To oblige a person to do something; to compel a person to do a thing.
বাধ্য করা
बाध्य करना

ବାଧ୍ୟତା(ତ୍ୱ)—ସ. ବି.—(ବାଧ୍ୟ+ଭାବ. ତା)—୧ । ବଶ୍ୟତା—
Bādhyatā(twa) 1. Subservience.

୨ । ଆଦେଶାନୁସରଣ—2. Obedience. ୩ । ଯବରଦସ୍ତି—3. Compulsion. ୪ । ବାରଣଯୋଗ୍ୟତା—4. Preventibleness. ୫ । ନିଷିଦ୍ଧତା—5. The state of being forbidden.

**ବାଧ୍ୟତା ମୂଳକ**—ସଂ. ବିଣ.—ଯାହା ଯବରଦସ୍ତି ବା ଅବଶ୍ୟ ବାଧ୍ୟ Bādhyatā mūḷaka ହୋଇ କରିବାକୁ ହେବ—(ବିପରୀତ—ଇଚ୍ଛାମୂଳକ) Compulsory.

**ବାଧ୍ୟ ବାଧକ**—ଦେ. ବିଣ.—(ସଂ. ବାଧ୍ୟ ଓ ବାଧକ)—ଅନୁଗତ ବ୍ୟକ୍ତି Bādhya bādhaka ଓ ଉପକାରୀ ବ୍ୟକ୍ତି—The obliged বাধ্য বাধক बाध्य बाधक and the obliger.

**ବାଧ୍ୟ ବାଧକତା**—ଦେ. ବି.—୧ । ଦୁଇଜଣଙ୍କ ମଧ୍ୟରୁ ଜଣେ ଅନ୍ୟ Bādhya bādhakatā ଜଣକ ଠାରେ ବାଧ୍ୟ ହେବା ସମ୍ବନ୍ଧ—বাধ্য বাধকতা 1.The relationship of the obligor and बाध्य बाधकता the obliged between two persons. (ବାଧ୍ୟ ବାଧକ ସମ୍ବନ୍ଧ—ଅନ୍ୟରୂପ) ୨ । ଦୁଇଜଣଙ୍କ ମଧ୍ୟରେ ପରସ୍ପର ଅନୁଗତ୍ୟ ରୂପ ସମ୍ବନ୍ଧ—2. Mutual obligation.

**ବାଧ୍ରୀଣ(ଣ)ସ**—ସଂ. ବି.—ଗଣ୍ଡା; ଗଣ୍ଡା ପଶୁ—Bādhrīna(ṇa)sa Rhinoceros.

**ବାନ୍**—ସଂ (ପ୍ରତ୍ୟୟ) ପୁଂ (ବତ୍ ପ୍ରତ୍ୟୟ)—ବତ୍ ପ୍ରତ୍ୟୟାନ୍ତ ଶବ୍ଦର ୧ମା Bān ବିଭକ୍ତି ଏକ ବଚନାନ୍ତ—An affix denoting (ବତୀ—ସ୍ତ୍ରୀଲିଙ୍ଗ) having.

**ବାନ**—ସଂ. ବି.—୧ । (ବନ୍ ଧାତୁ=ଶବ୍ଦ କରିବା+କର୍ତ୍ତି. ଅ)—ଶୁଷ୍କ Bāna ଫଳ—1. Dry fruit. ୨ । (ବା ଧାତୁ=ଗମନ କରିବା+ଗ୍ଭବ. ଅନ)—ଗମନ; ଗତି—2. Motion. ୩ । ଉତ୍ଖାତଗର୍ତ୍ତ; ଖର୍ତ୍ତ—3. Foundation pit. ୪ । (ବନ+ସମୂହାର୍ଥେ. ଅ)—ବନ ସମୂହ—4 A number of forests. ୫ । ଜଳପ୍ରବାହ; ତରଙ୍ଗ—5. Tide; wave. ୬ । ବନ୍ୟା; ଜଳବୃଦ୍ଧି—6. Flood. ୭ । ଚଟେଇ (ହି. ଶ.)—7. Mat. ୮ । ସୁଡ଼ଙ୍ଗ (ହି. ଶ.)—8. Culvert. ୯ । ବାୟୁ ଓ ଜଳ ଅବିରତ ବହନ—9. Blowing of wind; flowing of water (Apte.) ୧୦ । କୁଟାର ମୁକୁର—10. A mat of straw (Apte.) ୧୧ । ବୁଣା ବୁଣା; ବୟନ—11. Weaving (Apte). ୧୨ । ଘର କାନ୍ଥରେ କଣା—12. A hole in the wall (Apte.)

ସଂ. ବିଣ.—୧ । ଶୁଷ୍କ—1. Dry. ୨ । ଜୀବନ୍ତ—2. Living; alive. ୩ । ଜଙ୍ଗମ—3. Moving. ୪ । ବନ୍ୟ—4. Wild.

ଦେ. ବି.—୧ । ତେଜ; କାନ୍ତି—1. Lustre.

ବାନ ବଢ଼ାଇ ଅର୍କରେ ଦହି ଶିଳେ କଷାଇ ହେମ ।

ଉକ୍ତ. ବୈଦେହୀଶବିଳାସ ।

୨ । ବାଅନ ସଂଖ୍ୟା—2. Fifty two.

ଦେଖି ତାନ୍ଦୁଲ-ବାନ ପରେ କହେ ବାଇକର ।

ଉକ୍ତ. ବୈଦେହୀଶବିଳାସ

ଗ୍ରା. ବି.—(ଶିଶୁ ଭାଷା) ଶିଶୁ ଶିଶ୍ନ—A term of endearment used for the penis of infants.

**ବାନପ୍ରସ୍ଥ**—ସଂ. ବି.—(ବାନ=ବନର ଏକଦେଶ+ପ୍ର+ସ୍ଥା ଧାତୁ Bānaprastha +କର୍ତ୍ତି. ଅ; ଯେ ବନକୁ ପ୍ରସ୍ଥାନ କରେ)—୧ । ହିନ୍ଦୁଙ୍କର ଚାରି ଆଶ୍ରମରୁ ତୃତୀୟ ଆଶ୍ରମ—1. The 3rd of the 4 stages of a Hindu's life (in which he goes out to the forest to pass that period of his life.) ୨ । ପଳାଶ ବୃକ୍ଷ—2. Butea Frondosa (tree).

ବିଣ—ବାନପ୍ରସ୍ଥ ଆଶ୍ରମାବଲମ୍ବୀ—Retiring to the wilderness in the 3rd stage of life.

**ବାନପ୍ରସ୍ଥାଶ୍ରମ**—ସଂ. ବି—ହିନ୍ଦୁର ତୃତୀୟ ଆଶ୍ରମ ରୂପ ବନବାସ—Bānaprasthāśrama The 3rd stage of a Hindu's life; sojourn in the woods.

[ ଦ୍ର—ଦ୍ୱିଜାତି ବାଳକର ଉପନୟନଠାରୁ ୨୫ ବର୍ଷ ବୟସ ପର୍ଯ୍ୟନ୍ତ ବ୍ରହ୍ମଚର୍ଯ୍ୟାଶ୍ରମ, ତହୁଁରେ ୫୦ ବର୍ଷ ବୟସ ପର୍ଯ୍ୟନ୍ତ ଗାର୍ହସ୍ଥ୍ୟାଶ୍ରମ, ତହୁଁରେ ୨୫ ବର୍ଷ ବାନପ୍ରସ୍ଥାଶ୍ରମ, ତହୁଁରେ ଜୀବନର ଶେଷକାଳ ପର୍ଯ୍ୟନ୍ତ ଭିକ୍ଷୁ ଆଶ୍ରମ; ଏହି ଚାରି ଆଶ୍ରମ, ମଧ୍ୟରୁ ବାନପ୍ରସ୍ଥାଶ୍ରମ ତୃତୀୟ ଆଶ୍ରମ । ଏ ଆଶ୍ରମବାସୀ ନଗର ଓ ଗ୍ରାମରୁ ଦୂରରେ ଅରଣ୍ୟରେ ରହିବେ; ବନ ଫଳ ମୂଳ ଖାଇବେ; ଶଯ୍ୟା, ପଲଙ୍କ, ବାହନ, ବସ୍ତ୍ରାଦିର ବ୍ୟବହାର ତ୍ୟାଗ କରିବେ ଓ ସ୍ତ୍ରୀକୁ ପୁତ୍ର ପାଖେ ଛାଡ଼ି ଯିବେ କିମ୍ବା ସଙ୍ଗରେ ବନକୁ ନେବେ । ଏହି ଆଶ୍ରମରେ ରହି ଯଦି ମନୁଷ୍ୟର ପୂର୍ଣ୍ଣ ବୈରାଗ୍ୟ ଜାତ ହୁଏ ତେବେ ସନ୍ନ୍ୟାସ ଅବଲମ୍ବନୀୟ—ହି. ଶ ]

**ବାନପ୍ରସ୍ଥାଶ୍ରମୀ**—ସଂ. ବିଣ. ପୁଂ—ଯେ ବାନପ୍ରସ୍ଥ ଆଶ୍ରମ ଗ୍ରହଣ କରେ—Bānaprasthāśramī Retiring to the woods in (ବାନପ୍ରସ୍ଥାବଲମ୍ବୀ—ଅନ୍ୟରୂପ) the 3rd stage of life.

**ବାନର**—ସଂ. ବି. ପୁଂ (ବନ=ଅରଣ୍ୟ+ରମ୍ ଧାତୁ=କ୍ରୀଡ଼ା କରିବା+Bānara କର୍ତ୍ତି. ଅ କିମ୍ବା ବା=ତୁଲ୍ୟ+ନର=ମନୁଷ୍ୟ)—(ବାନରୀ—ସ୍ତ୍ରୀ) କପି; ମର୍କଟ; ମାଙ୍କଡ଼; ହନୁମାନ୍—Monkey.

**ବାନର ରାଜ**—ସଂ. ବି. (୬ଷ୍ଠୀ ତତ୍; ବାନର+ରାଜନ୍)—Bānara rāja ୧ । କପି ଶ୍ରେଷ୍ଠ—1. Chief amongst the (ବାନରେନ୍ଦ୍ର—ଅନ୍ୟରୂପ) monkeys. ୨ । କପିରାଜ ବାଳି—2. Bāḷi, the monkey king of Kishkindhyā. ୩ । କପିରାଜ ସୁଗ୍ରୀବ—3. Sugrība, the brother of Bāḷi, the monkey king. ୪ । ହନୁମାନ୍—4. Hanumān.

**ବାନରୀ**—ସଂ. ବି. ସ୍ତ୍ରୀ—୧ । ମାଈ ମାଙ୍କଡ଼—Bānarī 1. A female monkey. ୨ । କପିକଚ୍ଛୁ; ବାଇଡଙ୍କ (ହି. ଶବ୍ଦସାଗର)—2. Cowhage.

ବାନସ୍ଥ—ଦେ. ବି. (ସଂ. ବାନପ୍ରସ୍ଥ)—ବାନପ୍ରସ୍ଥ ( ଦେଖ )
Bānastha Bānaprastha ( See )

ଶୁଣ ହେ ଧର୍ମର ନନ୍ଦନ
ବାନସ୍ଥ ବ୍ରହ୍ମଚର୍ଯ୍ୟ ଧର୍ମ—ଜଗନ୍ନାଥ, ଭାଗବତ ।

ବାନସ୍ପତ୍ୟ—ସଂ. ବି. ( ବନସ୍ପତି + ଉପସ୍ଥିତାର୍ଥେ. ଯ )—
Bānaspatya ୧ । ଯେଉଁ ବୃକ୍ଷମାନଙ୍କରେ ଫୁଲ ହୋଇ ଫଳ ହୁଏ ( ଯଥା—ଆମ୍ବ ) (ଆପ୍ଟେ ଓ ପ୍ରକୃତିବାଦ)—
1. Trees the fruits of which are produced from flowers (Apte).
[ ଦ—ବନସ୍ପତି ଶବ୍ଦର ଅର୍ଥ, ଯେଉଁ ବୃକ୍ଷର ଫୁଲ ଦେଖା ନ ଯାଇ ଫଳ ଦେଖାଯାଏ; ଚନ୍ତୁ ବାନସ୍ପତ୍ୟର ଅର୍ଥ ଏଥିର ବିପରୀତ, ଯେଉଁ ବୃକ୍ଷର ଫୁଲ ହୋଇ ଫଳ ହୁଏ । ]
୨ । (ବନସ୍ପତି+ସମୂହାର୍ଥେ. ଯ) ବନସ୍ପତି ସମୂହ (ହି.ଶ)—
2. A number of trees bearing fruits without flowering.

ବାନା—ଦେ. ବି. (ସଂ. ବର୍ଣ୍ଣ୍ ଧାତୁ; ତମ୍। ସଂ. ବାନ=ବସ୍ତ୍ର)—
Bānā बाना झंडा, बाना ୧ । ପତାକା—1. Flag.
୨ । ଆତ୍ମରକ୍ଷା ଓ ଶତ୍ରୁକୁ ଆକ୍ରମଣ କରିବା ପାଇଁ ମଲ୍ଲ ଦ୍ୱାରା ବ୍ୟବହୃତ ଲାଠି—1. A thick stick used by athletes for defence and attack.
୩ । ( ଲକ୍ଷଣାର୍ଥ ) ପ୍ରସିଦ୍ଧ ଗୁଣ—
2. (figurative) Known attribute.

ପତିତପାବନ ବାନା ମୋର
ଅମୃତ କରିବଇଁ ସାର । ଜଗନ୍ନାଥ, ଭାଗବତ ।

୪ । ( ଲକ୍ଷଣାର୍ଥ ) ( ଅମୁକ ନିମନ୍ତେ ) ପ୍ରସିଦ୍ଧି—
2. ( figurative ) Celebrity for some thing.

ଦୀନ ବତ୍ସଳ ତୋର ବାନା
ଭକ୍ତରେ ତୋହର କରୁଣା । ଜଗନ୍ନାଥ, ଭାଗବତ ।

୫ । (ଲକ୍ଷଣାର୍ଥ) ଶ୍ରେଷ୍ଠ ବ୍ୟକ୍ତି ବା ବସ୍ତୁ—
5. (figurative) Supreme thing or person.

ସୁନ୍ଦର ଚକ୍ରବର୍ତ୍ତୀଙ୍କ ବାନା ସଂସାରରେ ସୁନ୍ଦର ଗଢେ ସିନା ।
କବିସୂର୍ଯ୍ୟ, କବିତା ।

୬ । ବାନାମ୍ବର ନାମକ ବ୍ୟକ୍ତିର ଡାକ ନାମ—
6. Name by which Bānāmbara is called.
ସଂ. ବି—ବର୍ତ୍ତିକ ପକ୍ଷୀ ( ହି. ଶବ୍ଦସାଗର )—
The grey quail.

ବାନା ଉଡ଼ା(ଡ଼େ)ଇବା—ଦେ. କ୍ରି—୧ । ଜୟ ଲାଭ ସୂଚକ ଯାତ୍ରା
Bānā urḍā(rḍe)ibā କରିବା—1. To advance with
झंडा फहराना flag flying as a sign of victory.
୨ । ପତାକାକୁ ପବନ ଦ୍ୱାରା ସଞ୍ଚାଳିତ କରାଇବା—
2. To flow a flag.

ବାନା ଉଡ଼ିବା—ଦେ. କ୍ରି—୧ । ପତାକା ପବନରେ ଫରଫର ହେବା—
Bānā urḍibā 1. The flying of a flag.
झंडा फहरना ବଡ଼ ଦେଉଳରେ ଉଡ଼ନ୍ତି ବାନା – ଗୀତ ।
୨ । ( ଲକ୍ଷଣାର୍ଥ ) ଯଶସ୍ୱୀ ହେବା—
2. ( figurative ) Being famous.

ଧର୍ମ ଘା ଜନ୍ମର ବାସନା, ଭକ୍ତି ଭବରେ ଉଡ଼େ ବାନା—
ଭୂପତି, ପ୍ରେମପଞ୍ଚାମୃତ ।

ବାନା ଧରିବା—ଦେ. କ୍ରି—୧ । ଉଡ଼ୁଥିବା ପତାକାର ଦଣ୍ଡକୁ ହାତରେ
Bānā dharibā ଧରିବା—1. To hold up a flag.
(ବାନା ଟେକିବା—ଅନ୍ୟରୂପ) ୨ । ( ଲକ୍ଷଣାର୍ଥ ) କୌଣସି ମହତ୍
झंडा पकड़ना ବ୍ୟକ୍ତି ବା ଦେବତାଙ୍କ ଆଶ୍ରୟ ନେବା—
2. To take shelter of a Deity or great man.

ବାନା ପଟା—ଦେ. (ସଂ. ବାଣ)—୧ । ଏକ ପ୍ରକାର ମଲ୍ଲ କ୍ରୀଡ଼ା; ଯଷ୍ଟି
Bānā paṭā କ୍ରୀଡ଼ା; ଖଣ୍ଡିଏ ଲାଠି ଦ୍ୱାରା ଆତ୍ମରକ୍ଷା ଓ ଆକ୍ରମଣ
बाना ରୂପ କ୍ରୀଡ଼ା—1. Stick play; an athletic exercise with a stick.
୨ । ବଟୌଟି (ଦେଖ)—2. Banauṭi ( See )

ବାନା ବନ୍ଧା—ପ୍ରାଦେ. (କେନ୍ଦୁଝର) ବି (ନାମ)—କେନ୍ଦୁଝର ରାଜ୍ୟର
Bānā bandhā ଇନ୍ଦ୍ରଛତୁ ପର୍ବତର ଅନ୍ୟ ନାମ—The other name of Indrachhatu mountain in the State of Keonjhar.

ବାନା ବାନ୍ଧିବା—ଦେ. କ୍ରି—୧ । ମନସ୍କାମନାର ସିଦ୍ଧି ପାଇଁ ଦେବତାଙ୍କ
Bānā bāndhibā ମନ୍ଦିର ଉପରେ ପତାକା ବନ୍ଧାଇବା; ମାନସିକ
मन्नतमानना କରିବା—1. To have a flag set on the top of a temple.

ବାନା ବୈରଖ—ଦେ. ବି. (ସହଚର ଶବ୍ଦ)—ପତାକା—
Bānā bairakha झंडापताका Flag.

ଆଗରେ ବାନା ବୈରଖ ଉଡ଼ୁଛି, ହର ବୋଲ ପଡୁଛି ।
ଫକୀରମୋହନ, ଗଳ୍ପସ୍ୱଳ୍ପ ।

ବାନୀର— ସଂ. ବି. (ବନ=ଜଳ+ଈର)—ଜଳବେତସ; ବେତଗଛ—
Bānira The cane plant or creeper growing near water.

ବାନୀରକ—ସଂ. ବି. ( ବାନୀର+କ )—୧ । ଶରତୃଣ—1. Reed.
Bāniraka ୨ । ମୁଞ୍ଜତୃଣ—2. A sort of long grass with fibres.

ବାନ୍ତ—ସଂ. ବିଣ. ( ବମ୍ ଧାତୁ+କର୍ମ. ତ )—ଉଦ୍ଗୀର୍ଣ୍ଣ—
Bānta Vomitted; ejected.

ବାନ୍ତାଦ—ସଂ. ବି. ( ବାନ୍ତ+ଅଦ୍ ଧାତୁ+କର୍ତ୍ତୃ. ଅ; ଯେ ବାନ୍ତ ଦ୍ରବ୍ୟ
Bāntāda ଖାଏ )—କୁକ୍କୁର—Dog.

ବାନ୍ତି—ସଂ. ବି. ( ବମ୍ ଧାତୁ+ଭାବ. ତି )—୧ । ବମନ; ଉଦ୍ଗିରଣ—
Bānti 1. Vomitting. ୨ । ବମନ କରାଯିବା ବସ୍ତୁ—
2. Vomitted matter.
ଦେ. କ୍ରି. (ପଦ୍ୟ) (ସଂ. ବଦ ଧାତୁ ଣିଚ ବାଦ ଧାତୁ; ବାଇବା କ୍ରିୟାର ବର୍ତ୍ତମାନ କାଳ; ସେ, ସେମାନେ)—ବଜାନ୍ତି—
(he) Does or (they) do play on musical instruments.

ଗଡେ ନାଚନ୍ତି ବୀଣା ବାନ୍ତି । ସଦାଶିବ ପ୍ରେମଭକ୍ତି ବ୍ରହ୍ମଗୀତ

ବାନ୍ତି କରିବା—ଦେ. କ୍ରି—ବମନ କରିବା—
Bānti karibā বাঁতিকরলা To vomit.
বমিকরা ମ ଜମାନଙ୍କରେ ଜ୍ୱାଳା କରଣ ବାନ୍ତି
ଘର ଦେଖି ରହିଲେ ବଳୁଅଛ ଅତ। କୃଷ୍ଣସିଂହ. ମହାଭାରତ ଶାନ୍ତି।

ବାନ୍ତିକୃତ୍—ସଂ. ବଣ. (ବାନ୍ତି+କୃ ଧାତୁ+କ୍ୱିପ୍)—ଯାହା ବାନ୍ତି କରାଏ-
Bāntikṛut (ବାନ୍ତିଦ—ଅନ୍ୟରୂପ) Emetic (Apte).

ବାନ୍ତି ପୋଖରି—ଦେ. ବି—ଏକ ସମୟରେ ବମନ ଓ ମଳ ନିଃସରଣ;
Bānti pokharī ଝାଡ଼ା ବାନ୍ତି; ହଇଜା—Cholera.
ঝাড়াবমী কৈদস্ত

ବାନ୍ତି ମାଡ଼ିବା—ଦେ. କ୍ରି—୧। ଅଇ ଉଠିବା; ବମନୋଦ୍ବେଗ ହେବା—
Bānti mārḍibā 1 A tendency to vomit.
ବାନ୍ତି ଉଠା(ଠେ)ଇବା } —ଅନ୍ୟରୂପ
ବାନ୍ତି ଦେଖା(ଖେ)ଇବା }
ଏହି ସବାଶୁଁ ମୋତେ ମାଡ଼ୁଅଛି ବାନ୍ତି। କୃଷ୍ଣସିଂହ. ମହାଭାରତ ବନ।
বমিদেখান (ଲକ୍ଷଣାର୍ଥ) ଘୃଣା ବୋଧ ହେବା—2. (figurative)
उलटीहोने चाहना A feeling of revulsion.
ଅଟୁଙ୍କ ବାନ୍ତି, ଭଦେ ଦେଖି କରି ମାଡ଼ୁ ବାନ୍ତି—ଭଜ

ବାନ୍ତିଦା—ସଂ. ବି ଓ ବଣ. ସ୍ତ୍ରୀ—ଯାହା ବାନ୍ତି କରାଏ; ବମନକାରକ—
Bāntidā Causing vomitting; emetic.
ବି—କଟୁକୀ ଗୁଳ୍ମ—Picrorrhiza Kurroa (plant).

ବାନ୍ଦ(ନ୍ଧ)ନ—ଦେ. ବି. (ସଂ. ସ୍ୟନ୍ଦନ)—ବନ୍ଧନ (ଦେଖ)
Bānda(ndha)na Bandhana (See)

ବାନ୍ଦର—ଦେ. ବି. (ସଂ. ବାନର)—୧। କପି; ମାକଡ଼—
Bāndara (ବାନ୍ଦରୀ, ବାନ୍ଦେରୀ—ସ୍ତ୍ରୀ) 1. Monkey.
বাঁদর ବୁଢ଼ାକୁ ଭେଟିଛି ହୋଇ ବାନ୍ଦର
बांदर; बंदर ହେ ଭାଇମାନେ। ପର ପଦ୍ମବଣ ଚିହ୍ନ। ଉଦ୍ଧବ ଗୀତ ଲହରୀ।
୨। ଘାଉ ମାକଡ଼—2. Ape.
ବଣ—ମାକଡ଼ ମୁହଁପରି ଅସୁନ୍ଦର—
Ugly, like the face of a monkey.
ବରୁ ସୁନ୍ଦର, ବୁଢ଼ାମାକଡ଼ କହୁ ଯାଉଛ ମୁହଁଅ ବାନ୍ଦର। ଚିଶୁପାଳ।

ବାନ୍ଦ(ନ୍ଦେ)ରା—ଦେ. ବଣ. ପୁଂ—୧। ଅସୁନ୍ଦର (ପୁରୁଷ)—
Bānda(ndae)rā 1. Ugly-looking (male). ୨।
বাঁদরমুখ ଅସୁନ୍ଦରରୂପେ କାର୍ଯ୍ୟ କରିବା (ଯଥା—ଲେଖିବା)
बांद्रा (ବ୍ୟକ୍ତି)—2. Untidy (person). ୩। ଅସୁନ୍ଦରରୂପେ
ବାନ୍ଦରୀ } ସ୍ତ୍ରୀ (ଯଥା—ମୋଟ ଅକ୍ଷର, ଲେଖିବା, ଲେଖାରେ ବହୁ-
ବାନ୍ଦେରୀ } ସ୍ଥାନରେ କାଳି ପକାଇବା) ଲେଖା ହୋଇଥିବା—
3. Clumsy (writing).
୪। ଅପରିଚ୍ଛନ୍ନ (ବ୍ୟକ୍ତି)—4. Slovenly.

ବାନ୍ଦରା ପଣ—ଦେ. ବି—ଦେହ ବା ଲୁଗା ପଟା ବା କାଗଜ ପତ୍ରରେ
Bāndarā paṇa କାଳି ବା ମଇଳା ବା ସ୍ୱାହି ଲଗାଇ ଅପରିଷ୍କୃତ
(ବାନ୍ଦରା ପଣିଆ—ଅନ୍ୟରୂପ) କରିବା ପ୍ରବୃତ୍ତି—Untidiness;
বাঁদরামি बांद्रापन slovenliness.

ବାନ୍ଦରା ମୁହାଁ—ଦେ. ବଣ. ପୁଂ—ଯାହାର ମୁହଁ ଅସୁନ୍ଦର—
Bāndarā muhāñ Having an ugly face.
(ବାନ୍ଦରୀ ମୁହୀ—ସ୍ତ୍ରୀ) বাঁদরমুখ बंद्रमुहाँ

ବାନ୍ଦା—ବୈଦେ. ବି. (ଫା. ବନ୍ଦା)—୧। କ୍ରୀତଦାସ; ଗୋଲାମ—
Bāndā 1. Slave. ୨। ଭୃତ୍ୟ; ଚାକର—2. Servant.
(ବାନ୍ଦୀ—ସ୍ତ୍ରୀ) বাঁদা बांदा.

ବାନ୍ଧ—ଦେ. ବି—୧। (ସଂ. ବନ୍ଧ୍ୟା)—ବନ୍ଧ୍ୟା; ବାଞ୍ଝ—1. Barren.
Bāndha ୨। (ସଂ. ବନ୍ଧନ) ବନ୍ଧନ—2. Binding. ୩।
ଗଣ୍ଠି—3. Knot; tie. ୪। ଲୁଗାବୁଣିବା ନିମନ୍ତେ
କଣ୍ଡାରେ ଗୁଡ଼ିଅ ହୋଇଥିବା ସୂତା—4. Thread
wound round a small roller of wood for
weaving.

ବାନ୍ଧକିନେୟ—ସଂ. ବି. ପୁଂ. (ବନ୍ଧକୀ=ଅସତୀ ସ୍ତ୍ରୀ+ଅପତ୍ୟାର୍ଥେ ଏୟ
Bāndhakineya =ନ. ଅଗମ)—୧। ଅସତୀପୁତ୍ର—
(ବାନ୍ଧକିନେୟୀ—ସ୍ତ୍ରୀ) 1. Whoreson.

ବାନ୍ଧଣା—ଦେ. ବି—ବାନ୍ଧଣି ୧ ଓ ୨ (ଦେଖ)
Bāndhaṇā Bāndhaṇi 1 and 2 (See).
କପିଙ୍କ ହାତରେ ବନ୍ଧଣା ପାଇଲୁଁ—
କୃଷ୍ଣସିଂହ. ମହାଭାରତ ବନ।

ବାନ୍ଧଣି—ଦେ. ବି—(ସଂ. ବନ୍ଧନ)—୧। ବନ୍ଧନ—1. Bond; tie.
Bāndhaṇi ୨। (ସଂ. ବନ୍ଧନୀ) ବାନ୍ଧିବା ଦଉଡ଼ି—2. A rope
ବାନ୍ଧଣି } ଅନ୍ୟରୂପ for tying. ୩। ଡଙ୍ଗାର ଅଡ଼କାଠ
ବାନ୍ଧେଣି } ବା ପରନ୍ଦ ତଳେ ଦିଆ ଯାଇଥିବା ମଝି
বাঁধন(নী) ଖୁଣ୍ଟିକୁ ସିଧା ଓ ଲମ୍ବ ଭାବରେ ଠିଆ କରି ରଖିବା
बंधनी ପାଇଁ ବ୍ୟବହୃତ, ଘର ଖଣ୍ଡରେ ଲାଗିଥିବା କନ୍ଦୁଣିଆଁ ପରି
ତିର୍ଯ୍ୟକ୍ ବା ତେରଛା କାଠ—A slanting or oblique piece of wood supporting the middle
post of a country-boat.

ବାନ୍ଧ ପୁଅ(ଆ)—ଦେ. ବି.—(ସଂ. ବନ୍ଧ୍ୟାପୁତ୍ର)—ବନ୍ଧ୍ୟାର ପୁତ୍ର ପରି
Bāndha pua(ā) ଅସାର ବା ଅଲୀକ କଥା—
An unreal thing.

ବାନ୍ଧବ—ସଂ. ବି.—(ବନ୍ଧୁ+ସ୍ୱାର୍ଥେ. ଅ)—୧। ସୁହୃଦ୍; ମିତ୍ର; ବନ୍ଧୁ—
Bāndhaba 1. Friend.
୨। ସ୍ୱଜନ; ଆତ୍ମୀୟ—2. Relative. ୩। ଅସଗୋତ୍ର
ସ୍ୱଜନ; ବିବାହାଦିଦ୍ୱାରା ଯେଉଁମାନଙ୍କ ସଙ୍ଗେ ଆତ୍ମୀୟତା
ଜାତ ହୋଇଥାଏ—2 Relations by marriage;
a cognate.

[ଦ୍ର—ଜୋଇଁ, ଭଣଜା, ମାମୁ, ମଉସା, ପିଉସା ପ୍ରଭୃତିଙ୍କୁ
ବାନ୍ଧବ କୁହାଯାଏ।]

ବାନ୍ଧବ ମର୍ଯ୍ୟାଦା—ସଂ. ବି—ବାନ୍ଧବଙ୍କୁ ପ୍ରଦର୍ଶିତ ସମ୍ମାନ—
Bāndhaba marjyādā Respect due to a relative.
ଦେ. ବି—ବିବାହାଦି ସମୟରେ ବାନ୍ଧବମାନଙ୍କୁ ଦିଆଯିବା ବସ୍ତ୍ରାଦି
ଉପହାର—Presents of cloth etc given to
one's relatives on occasions of family-
ceremonies.

ବାନ୍ଧବୀ—ଦେ. ବି. ସ୍ତ୍ରୀ—(ବାନ୍ଧବର ଓଡ଼ିଆ ସ୍ତ୍ରୀଲିଙ୍ଗ)-ସ୍ତ୍ରୀ; ପ୍ରାଣସଙ୍ଗିନୀ—
Bāndhabī बंधुआ Wife; beloved woman.

ଜୀବ ବାନ୍ଧବୀ ରେ ! ପ୍ରାଣ ବାନ୍ଧବୀ ରେ ! ତୋ ବିନା ମୋତେ ଅନ୍ଧ ।
ବନମାଳୀ, ସଙ୍ଗୀତ ।

ବାନ୍ଧ ମାର—ଦେ. ବି—(ସହଚର ଶବ୍ଦ) (ସ. ବନ୍ଧନ+ମାରଣ)—
Bāndha māra କୌଣସି ବ୍ୟକ୍ତିକୁ ବାନ୍ଧିବା ଓ ମାରିବା—
बाँधमार Binding and beating a person.

ବାନ୍ଧି—ଦେ. ବି—(ପାନବରଜ ଭାଷା)—ପ୍ରଥମେ ପାନ ଲଗା ହେବା
Bāndhi ଦୂଙ୍କୁ ପାନ ଲତା ଯୋଡାଯିବା ପାଇଁ ବରଜ ମଧ୍ୟରେ ଦିଆ ଯିବା ହୁଡ଼ା—The low ridges raised inside a betel plantation on which bitel creepers are first planted.

ବାନ୍ଧିବା—ଦେ. କ୍ରି—(ସ. ବନ୍ଧ୍ ଧାତୁ)—୧ । ରଜ୍ଜୁଦ୍ୱାରା ବନ୍ଧନ
Bāndibā କରିବା—1. To tie; to bind with a rope.
बाँधा ୨ । ଶୃଙ୍ଖଳିତ କରିବା—2. To enchain. ୩ । ନୌକାଦିକୁ
बाँधना କୂଳ ନିକଟସ୍ଥ ବୃକ୍ଷ ବା ଖୁଣ୍ଟା ସହିତ ଦଉଡ଼ିଦ୍ୱାରା ସଂଯୋଗ
[ବନ୍ଧାଯି(ହେ)ବା—କର୍ମବାଚ୍ୟରୂପ] କରିବା; ଖଟାଇବା—
(ବନ୍ଧା[ବେ]ଇବା—ଣିଜନ୍ତରୂପ) 3. To tie up a boat to a peg or a tree. ୪ । ଗଣ୍ଠିର କରିବା; ବୋଜଗ୍ କରିବା; ଲୁଗାପଟା ବା କୌଣସି ପଦାର୍ଥକୁ ଗଣ୍ଠିରେ ଏକତ୍ର କରିବା—4. To tie up a thing into a packet; to pack up.

ବାନ୍ଧ୍ ଥା, ଯାହା ପାଇଥିବୁ ବାନ୍ଧ୍ ଥା—ଢଗ ।

୫ । ଜଟ ପାଡ଼ିବା, କେଶ ରଚନା କରିବା; ମଥାର କେଶଗୁଚ୍ଛକୁ ଫିତା ଆଦିଦ୍ୱାରା ବନ୍ଧନ କରି ସଜ୍ଜିତ କରିବା—5. To tie the hair of the head into a knot or chignon or plait.

ବନ୍ଧୁ ଜାଣିଲେ କଥା ସୁନ୍ଦର
ବାନ୍ଧି ଜାଣିଲେ ମଥା ସୁନ୍ଦର—ଢଗ ।

୬ । ଗୋରୁ ଆଦି ପଶୁଙ୍କୁ ବା କୌଣସି ଜୀବକୁ ନେଇ ଖୁଣ୍ଟରେ ଖଟାଇବା—6. To tie up cows etc to a peg or post.

ବାନ୍ଧିଲ ବଳଦ। ପୁଅଙ୍କ ବଇଦ—ଢଗ ।

୭ । ପଦ ବା ଗୀତ ଆଦି ରଚନା କରିବା—7. To compose a song. ୮ । ଯୁଦ୍ଧ କରିବା ପାଇଁ ଦେହକୁ ଖଣ୍ଡା, ଢାଲ ଆଦିଦ୍ୱାରା ସନ୍ନଦ୍ଧ କରିବା—8. To arm one's self with (weapons).

ଢାଲ ଲଢ଼ାଇବାକୁ ବାନ୍ଧିଲେ ଢାଲ—
ବନମାଳୀ, କବିତା ।

୯ । ବନ୍ଧ ପକାଇବା; ବନ୍ଧ ପକାଇ ଜଳରୋଧ କରିବା; ସେତୁ ନିର୍ମାଣ କରିବା—9. To stop the flow of water by raising a dam; to build a dam.

ଦେଖ ସଖି ! ତୋ ପାଇଁ ସମୁଦ୍ର ବାନ୍ଧନ୍ତ—
କୃଷ୍ଣସିଂହ, ମହାଭାରତ ବନ ।

୧୦ । ବେହେଲା ସୀତାରଆଦି ଯନ୍ତ୍ରର ତାରକୁ ନିର୍ଦ୍ଦିଷ୍ଟ ସ୍ୱର ବାହାର କରିବା ପାଇଁ ସୁନିୟନ୍ତ୍ରିତ କରିବା—10. To bring an instrument to order for producing a proper tune; to tune a musical instrument. ୧୧ । ଅଟକାଇବା; ବାଧା ଦେବା—11. To restrain.

(ଯଥା—ଯେ ସ୍କୁଲକୁ ବାହାରିବାକୁ ବସିବ ତାକୁ ବଏ ବାନ୍ଧି ରଖିବ ।)

୧୨ । ଧନ ଆଦି ଲୁଗାର କାନିରେ ସଂଗୃହୀତ କରିବା—12. To collect money or grains in a cloth or bag.

(ଯଥା—ମୁଁ ଟ୨୫୧ ବାନ୍ଧି ନିଲାମ ଡାକିବାକୁ ଅସିଚ୍ଛି ।)

୧୩ । (ଲକ୍ଷଣାର୍ଥ) ରଜ୍ଜୁରେ ବାନ୍ଧିବାପରି ବଶୀଭୂତ କରିବା; ମୋହିବା—13. To bring a person under one's complete control.

ମାୟା ମୋହନ କଥା କହି
ଲକ୍ଷ୍ମୀର ମନ ସେ ବାନ୍ଧିଲେ—ଜଗନ୍ନାଥ, ଭାଗବତ ।

୧୪ । କୌଣସି କାର୍ଯ୍ୟ କରିବାକୁ ବାଧ୍ୟ ବା ଜବରଦସ୍ତି କରିବା—14. To force or coerce a person to do a thing.

(ଯଥା—ଜମିଦାର ଧରିବାନ୍ଧି ମୋଠାରୁ ଗୋଟାଏ ଅଲେଖା କାଗଜରେ ସନ୍ତକ କରାଇ ନେଲେ ।)

୧୫ । ଅବରୋଧ କରିବା; ବନ୍ଦ କରିବା—
15. To stop.

(ଯଥା—ମନ୍ତ୍ର ଔଷଧ କରି ତା ମୁହଁ ବଏ ବାନ୍ଧି ଦେଲାଣି ।)

୧୬ । ଚାଲୁଥିବା ନୌକା ବା କଳ ଗାଡ଼ିର ଗତିରୋଧ କରିବା—16. To stop the motion of a moving boat, steamer, train or motor.

୧୭ । (ଅକର୍ମକ କ୍ରିୟା) ତରଳ ବସ୍ତୁ ଘନରେ ପରିଣତ ହେବା; ଗୋଟା ବାନ୍ଧିବା—
17. To turn into clots; to become stiff; to coagulate.

(ଯଥା—ଏବେ ଭଲ ଗ୍ୱର ବନ ହେଲା ରୋଗୀର ମଳ ବାନ୍ଧିଲାଣି ।)

୧୮ । ହାତୀ ଘୋଡ଼ା ଆଦି ପଶୁଙ୍କୁ ପୋଷିବା ବା ପାଳିବା—
18. To domesticate or maintain beasts.

ଖାଠିଏ ଟଙ୍କାର ବଳଦ ବାନ୍ଧି ନାଥେ ହେଲେ ହରବର—ଢଗ ।

୧୯ । ପୁସ୍ତକର ଭିନ୍ନ ଭିନ୍ନ ପୃଷ୍ଠାକୁ ସୂତା ଦ୍ୱାରା ଅଟକାଇବା ବା ଗୁନ୍ଥିବା—19. To bind the pages of a book.
[ବାନ୍ଧି ଦେବା, ବାନ୍ଧି ପକା(କେ)ଇବା—ଅନ୍ୟରୂପ]

୨୦ । (ଗେଣ୍ଠ, ଦମ୍ଭ, ଆଣ୍ଠ, ମସୁଧା) ମନରେ ସ୍ଥିର କରିବା—20. To settle; to resolve; to form in one's mind.

ବାନ୍ଧଅଛ ମ୍ଲେଚ୍ଛ ମନେ ବଡ଼ ଆଣ୍ଠ
ଗଢ଼ିଛୁ ଅକାଶେ କନକ ଗଡ଼ । ଜଡକଶୋର, କୃଷ୍ଣକୁମାରୀ ।

୨୧ । କ୍ଷୁଦ୍ର ବସ୍ତୁମାନଙ୍କୁ ଏକତ୍ର କରି ଗୋଲା ବାନ୍ଧିବା—
21. To roll many small things into a ball.

( ଯଥା—ଲଡୁ ଦାନା ବାନ୍ଧିବା । )

୨୨ । ଅଳ୍ପ ମୂଲ୍ୟର ମୁଦ୍ରାମାନଙ୍କ ବଦଳରେ ଉଚ୍ଚତର ମୂଲ୍ୟର ମୁଦ୍ରା ପାଇବା—
22. To get coins of higher value in exchange for those of lower value.

[ ଦ୍ର—ଭାଙ୍ଗିବା—ଏହାର ବିପରୀତ । ]

୨୩ । (ଦେହକୁ) ବ୍ରହ୍ମଚର୍ଯ୍ୟ ଦ୍ୱାରା ଦୃଢ଼ ରଖିବା—
23. To keep ( one's body ) strong by observing continence.

ପ୍ରାଦେ. (ଗଞ୍ଜାମ) କ୍ରି—ଟଙ୍କା ଦାଖଲ କରିବା—
To pay or deposit money.

( ଯଥା—ତାଙ୍କ ଅଜ ଟ୍ରେଜରୀରେ ଦଶ ଟଙ୍କା ବାନ୍ଧିଲେ । )

ବାନ୍ଧି ବୁନ୍ଧି—ସ. କ୍ରି. ବିଣ (ବାନ୍ଧିବା ଓ ଧ୍ୱନ୍ୟନୁକରଣରେ ଗଠିତ ତନ୍ମିର
Bāndhi bundhi ସହିତର ବୁନ୍ଧିବା କ୍ରିୟା ଦ୍ୱୟର ସମାପିକା
বেঁধে বুঁধে ରୂପ କ୍ରି. ବିଣ ରୂପେ ବ୍ୟବହୃତ )—
**बाँधबुँधकर** ୧ । ବହୁ ବସ୍ତୁ ଏକତ୍ର ବନ୍ଧାବନ୍ଧି କରି—
1. Tying up many things.

( ଯଥା—ମୁଁ ଏଠାରୁ ଲୁଗାପଟା ବାନ୍ଧିବୁନ୍ଧି ବାହାରିଲିଣି । )

୨ । ଉତ୍ତମ ରୂପେ ବନ୍ଧାବନ୍ଧି କରି—
2. Tightly or nicely tying up.

( ଯଥା—ପୁରୋହିତ ମହାପ୍ରଭୁ ନୈବେଦ୍ୟ ସାମଗ୍ରୀସବୁ ବାନ୍ଧି ବୁନ୍ଧି ଗୋଟିଏ ସାନ୍ଧିଳ ତିଆରି କଲେଣି । )

୩ । ବନ୍ଧନ କାର୍ଯ୍ୟ ସମାପ୍ତ କରି—
3. Finishing the act of binding.

( ଯଥା—ମୁକୁଳା ବାଳତକ ବାନ୍ଧିବୁନ୍ଧି ଗୋଟିଏ ଜଟ ପାରି ଦେଲେ କେଡ଼େ ସୁନ୍ଦର ଦିଶନ୍ତା । )

[ ଦ୍ର—ତୁଳନା କର :—ଖାଇଖିଇ, ଦେଖିଦାଖି, ଯୁଟିଚୁଟି, ମାରିମୁରି ଇତ୍ୟାଦି; ଦ୍ୱିଗୀୟ କ୍ରିୟାର ଏହି ଆକାର ଓ ପ୍ରୟୋଗ ଛଡ଼ା ସ୍ୱତନ୍ତ୍ର ବ୍ୟବହାର ନାହିଁ । ]

ବାନ୍ଧି ମାରିବା—ଦେ. କ୍ରି. ( ପ୍ରଥମେ ବାନ୍ଧିବା ପରେ ମାରିବା )—
Bāndhi māribā କୌଣସି ବ୍ୟକ୍ତିକୁ ବା ଜୀବକୁ ବନ୍ଧନ ପୂର୍ବକ
বেঁধে মারা ପ୍ରହାର କରିବା—To beat a person or beast
**बांध मारना** after binding him down.

ବାନ୍ଧି ମାରିଲେ ସେ, ଧରି ମାରିଲେ ସେ—ଜଗ ।

ବାନ୍ଧି ଯିବା—ଦେ. କ୍ରି—ବାନ୍ଧି ହେବା ୩ ଓ ୪ ( ଦେଖ )
Bāndhi jibā Bāndhi hebā 3 & 4 ( See )
বেঁধে যাওয়া **बंधजाना**

ବାନ୍ଧି ରଖିବା—ଦେ. କ୍ରି—୧ । କୌଣସି ବ୍ୟକ୍ତିକୁ ବା ବସ୍ତୁକୁ ଅବଦ୍ଧ
Bāndhi rakhibā କରିବା ବା ବନ୍ଦ କରି ରଖିବା—
বেঁধে রাখা 1. To shut up a thing or person.
**बांधकरके रखना** ୨ । (ଲକ୍ଷଣାର୍ଥ) ଆପଣାର ସମ୍ପୂର୍ଣ୍ଣ ଅଧୀନରେ ରଖିବା—2. (figurative) To keep a thing or person under one s complete control.

ବାନ୍ଧି ହେବା—ଦେ. କ୍ରି—୧ । ଶୃଙ୍ଖଳାବଦ୍ଧ ହେବା; ବନ୍ଧା ହେବା—
Bāndhi hebā 1. To be bound up.
বাঁধা হওয়া ୨ । ଛନ୍ଦଣି ମନ୍ଦଣି ହେବା—
**बँधा होना** 2. To be entangled.

୩ । (ତରଳ ବସ୍ତୁ) କଠିନୀଭୂତ ହେବା—3. To crystallise; to coagulate; to become solid.

୪ । ଆପଣା କାର୍ଯ୍ୟରେ ଅଚଳ ହେବା; ଅଶକ୍ତ ହେବା; ଅତିରିକ୍ତ ରୂପେ ତୃପ୍ତ ହୋଇ ବିରକ୍ତି ବୋଧ କରିବା—
4. To become incapable of further action; to be surfeited.

( ଯଥା—ଗୁଡ଼ାଏ ମିଠାଇ ଖାଇ ମୋ ମୁହଁ ବାନ୍ଧି ହୋଇ ଗଲାଣି । )

୫ । ଅନ୍ୟର ବଶୀଭୂତ ହେବା—5. To be under the full control of.

( ଯଥା—ଯାହାର ଦାନା ଖାଇବ ତା ପାଖରେ ବାନ୍ଧି ହୋଇ ପଡ଼ି ରହିବ । )

ବାନ୍ଧୁ(ନ୍ଧେ)ଣୀ—ଦେ. ବି. ( ସ. ବନ୍ଧନୀ )—୧ । ବନ୍ଧନ—
Bāndhu(ndhe)ṇi 1. Binding.

ଘୋର କରୁଣା ଅଙ୍କ ଶୁଣି
ଦେବେ ସେ ଫେଡ଼ିବୁ ବାନ୍ଧେଣୀ ।

বাঁধন **बंधनी** —ଭୂପତି- ପ୍ରେମପଞ୍ଚାମୃତ ।

୨ । ବନ୍ଧା ହେବା ଅବସ୍ଥା—2. State of being bound. ୩ । ଗ୍ରନ୍ଥି—3. Knot. ୪ । କାରାବନ୍ଧନ—
4. Confinement; imprisonment.

୫ । ବନ୍ଧନ ରଜ୍ଜୁ; ଛୋଟ ଦଉଡ଼ି—5. Small string.

୬ । ଛନ୍ଦଣୀ; ଛନ୍ଦ ଦଉଡ଼ି; ମେଣ୍ଢା ଓ ବାଛୁରି ଆଦିଙ୍କୁ ବାନ୍ଧିବାର ଛୋଟ ଦଉଡ଼ି—6. Tying string.

ବାନ୍ନି—ପ୍ରାଦେ. (ସମ୍ବଲପୁର; ବୌଧ) ବି.—(ତୁଳ. ହି. ବଢ଼ନୀ)—
Bānni ଝାଡ଼ୁଣୀ ବା ଓଳିଆ ମୁଠା—Broomstick.

ବାପ୍ତା—ବୈଦେ. ବି. (ଫା. ବାଫ୍ତା)—ଏକପ୍ରକାର ରେଶମ ମିଶା
Bāp-tā କାର୍ପାସ ବସ୍ତ୍ର—A kind of mixed stuff of
বাপ্তা **बाफता** cotton and silk.
(ବାପ୍ତା; ବାଫ୍ତା, ବାପ୍ତା—ଅନ୍ୟରୂପ) [ ଦ୍ର—ଏଥିରେ ପାଟର ଟାଣି ଓ ସୂତାର ଭରଣୀ ଥାଏ । ]

ବାପ୍‌ରେ—ଦେ. ଅ.—( ଦେ. ବାପା+ସ. ଅରେ )—ବିସ୍ମୟ, ଭୟ,
Bāp-re ମନସ୍ତାପ, ଯନ୍ତ୍ରଣା ପ୍ରଭୃତି ସୂଚକ ଉଚ୍ଚାର—An
বাপরে **बापरे** exclamation of surprize, fear, agony
(ବାପ୍, ବାପ୍‌ରେ ବାପ୍; ବାପ୍‌ଲୋ—ଅନ୍ୟରୂପ) etc

ବାପ—ସ. ବି.—(ବପ୍ ଧାତୁ+ଭାବ. ଅ)—୧ । ମଞ୍ଜି ବୁଣିବା—
Bāpa 1. Sowing seed.

୨ । ଲୁଗା ବୁଣିବା—2. Weaving. ୩ । କେଶେକ, ଗର୍ଭାଧାନ—3. The ceremony of putting

semen into the womb of the wife; impregnating. ୪ । ମୁଣ୍ଡନ; କ୍ଷୌର (ହ. ଷ.)—4. Shaving. ୫ । ( + ଅଧିକରଣ. ଅ ) କ୍ଷେତ୍ର (ହ. ଷ.)—5 Agricultural field; plot of cultivated land. ୬ । ( + କର୍ତ୍ତୃ. ଅ ) ବୀଜ ବୁଣିବା ବ୍ୟକ୍ତି—6. A sower of seeds.

বাপ **बाप; बाबा** ଦେ. ବି.—(ସଂ. ବପ୍ତୃ; ବପ୍ତା=ଜନକ; ପିତା)-୧ । ପିତା; ବାପା; ବାବା—1. Father. ୨ । ପିତୃ ସ୍ଥାନୀୟ ଗୁରୁଜନ—2. One's elder who is like one's father.

[ଦ୍ର—ଆପଣାଠାରୁ ଯୋଗ୍ୟତର ବା ପ୍ରକୃଷ୍ଟ ବ୍ୟକ୍ତି ବା ଅଧିକ କ୍ଷମତାଶାଳୀ ବ୍ୟକ୍ତି ଅର୍ଥରେ ଏ ଶବ୍ଦ ବ୍ୟବହୃତ ହୁଏ ।]

(ଯଥା—ଆପଣଙ୍କ ହୁକୁମ ନ ମାନିବାକୁ ମୋ ବାପର ସାଧ୍ୟ ନାହିଁ—ଅର୍ଥାତ୍ ମୋ କଥା ଦୂରରେ ଥାଉ, ମୋ ଅପେକ୍ଷା କ୍ଷମତାଶାଳୀ ବ୍ୟକ୍ତିର ମଧ୍ୟ ସାଧ୍ୟ ନାହିଁ ।]

୩ । ପ୍ରକୃତରେ ଯାହା ବୀର୍ଯ୍ୟରୁ ମାତୃଗର୍ଭରେ ମନୁଷ୍ୟ ଜନ୍ମେ—3. The real progenitor of a person, as opposed to the putative father.

ଚଉ ଜାଣେ ପାପ, ମା ଜାଣେ ବାପ=ଢଗ ।

বাবা **बाबा** ଦେ. ଅ.—ହେ ବତ୍ସ ! (ସ୍ନେହସ୍ଥାନୀୟ ବ୍ୟକ୍ତି ପ୍ରତି ସ୍ନେହ ସମ୍ବୋଧନ)—An exclamation of fondness to one's younger.

বাবা **बाबा** ବିଣ.—ଶ୍ରେଷ୍ଠ; ଗରିଷ୍ଠ—Superior to; best of all.

ଅଛ ଯେତେ ଚାପ । ଅନଙ୍ଗ ଦେବଙ୍କ ସବୁର ବାପ ।

ଉପେନ୍ଦ୍ର—ବଇଦେହୀଶବିଳାସ

ବାପ ଅଜା—ଦେ. ବି.—(ସଂ. ବପ୍ତ + ଆର୍ଯ୍ୟ)—୧ । ପିତୃପିତାମହ—1. Father and grandfather.
Bāpa ajā

ବାପ ଗୋସେଇଁ ବାପ
ବାପ ଦଦା, ବାପଦାଦା }—ଅନ୍ୟରୂପ
ବାପ ବଡ଼ବାପ

୨ । ପୂର୍ବପୁରୁଷଗଣ—2. One's ancestors.

**बाप दादा** **बाप दादा**

ବାପ ଅଜାଙ୍କ ନାଆଁ ଧରିବା—ଦେ. କ୍ରି.—ଅନ୍ୟ ବ୍ୟକ୍ତିର ପିତା ବା ପୂର୍ବପୁରୁଷଙ୍କ ନାମ ଧରି ଗାଳି ଦେବା—To abuse one by casting slur on one's father or ancestors.
Bāpa ajāñka nā-āñ dharibā
বাপতোলা
**बापदादाका नामलेना**

(ବାପ ନାଆଁ ଧରିବା, ବାପଙ୍କୁ ଉଦ୍ଧାରିବା—ଅନ୍ୟରୂପ)

ବାପ ଅଜାଙ୍କ ନାଆଁ ପକା(କେ)ଇବା—ଦେ. କ୍ରି.—ମନ୍ଦ ବା ଜଘନ୍ୟ କାର୍ଯ୍ୟଦ୍ୱାରା ପିତୃ-ପିତାମହଙ୍କ ସୁନାମରେ କଳଙ୍କ ଲଗାଇବା—To cast a slur on one's own family reputation; to spoil the good name of one's ancestors by one's evil actions.
Bāpa ajāñka nā-āñ pakā(ke)ibā
**बाप दादाका नाम डुबाना**

ବାପ ଅଜାଙ୍କ ନାଆଁ ବୁଡ଼ା(ଡେ)ଇବା—ଦେ. କ୍ରି.—ଆପଣାର ଅଯୋଗ୍ୟତାଦ୍ୱାରା ବଂଶଗୌରବ ଲୋପ କରିବା—To cause the disappearance of one's family reputation by one's unfitness.
Bāpa ajāñka nā-āñ burdā(rde)ibā
[ ବାପ ଅଜାଙ୍କ ନାଆଁ ଭୁବା(ବେ)ଇବା—ଅନ୍ୟରୂପ ]
বাপদাদার নাম ডুবান

ବାପ ଅଜାଙ୍କ ନାଆଁ ରଖିବା—ଦେ. କ୍ରି.—ଆପଣାର ଯୋଗ୍ୟତା ବା ଭଲ କାର୍ଯ୍ୟଦ୍ୱାରା ବଂଶ ମର୍ଯ୍ୟାଦାକୁ ଅକ୍ଷୁଣ୍ଣ ରଖିବା—To maintain one's family reputation by one's good conduct.
Bāpa ajāñka nā-āñ rakhibā

ବାପଅଜା ଚଉଦ ପୁରୁଷ—ଦେ. ବି.—ଆପଣାର ପିତୃ ପିତାମହ ପ୍ରପିତାମହ ଆଦି ସମସ୍ତ ପୂର୍ବପୁରୁଷ—One's ancestors beginning from one's father.
Bāpa ajā chauda purusha

ବାପ ଅମଳ—ଦେ. ବି.—ଆପଣା ପିତାଙ୍କ ଜୀବନ କାଳ—Life-time of one's father.
Bāpa amala
বাবার অমল **बाबाका अमल** (ବାପ କାଳେ, ଘୋଡ଼ା ଶାଳେ ଢଗ)
(ବାପଙ୍କ ଅମଳ, ବାପ କାଳ—ଅନ୍ୟରୂପ)

ବାପକ—ସଂ. ବିଣ. ପୁଂ—( ବପ୍ ଧାତୁ ଣିଜନ୍ତ. ବାପି ଧାତୁ + କର୍ତ୍ତୃ. ଅକ )—୧ । ବୈପକ କାରୟିତା: ଯେ ଅନ୍ୟଦ୍ୱାରା ମଞ୍ଜି ବୁଣାଏ—1. Getting seeds sown by another. ୨ । ଯେ ଅନ୍ୟଦ୍ୱାରା ଲୁଗା ବୁଣାଏ—2. Getting a cloth woven by another.
Bāpaka
(ବାପିକା—ସ୍ତ୍ରୀ)

ବାପ କାଳିଆ—ଦେ. ବିଣ—୧ । ପିତାଙ୍କ ଅମଳର—1. Which had happened during the lifetime of one's father. ୨ । ପୁରାତନ—2. Old. ୩ । ମରହଟ୍ଟି—3. Archaic.
Bāpa kālia
বাপকালী, বাপকেলে
**बाबाका अमलका**

ବାପ ଘର—ଦେ. ବି—ବଧୂର ପିତୃଗୃହ—The house of a bride's or woman's father.
Bāpa ghara
বাপের বাড়ি ପଥ ସରିର ବାପଘର ପିରୁ
**पीहर; नैहर** ଅଭ ଅସୋଧାକୁ ମନ ନ କରିବୁ—ଢଗ ।

ବାପ ଜନମ କଥା କହିବା—ଦେ. କ୍ରି. (ବ୍ୟଙ୍ଗ) (ଅସମ୍ଭବ କଥା କହିବା ବ୍ୟକ୍ତି ପ୍ରତି ପ୍ରୟୋଜ୍ୟ)—(ବାପର ବିଭା କଥା କହିବା—ଅନ୍ୟରୂପ) ଅସମ୍ଭବ କଥା କହିବା—To speak a thing which is impossible.
Bāpa janama kathā kahibā
বাপের জনম কথা বলা
**बापका जनमका बात बोलना**

ବାପ ଦଣ୍ଡ—ସଂ. ବି. ( ବାପ=ବୟନ + ଦଣ୍ଡ=ଯଷ୍ଟି )—ବୟନ ଦଣ୍ଡ; ଯେଉଁ ଦଣ୍ଡଦ୍ୱାରା ଲୁଗା ବୁଣାଯାଏ; ନଳିଜ; ତନ୍ତୁକାଠ—The weaver's yard or beam.
Bāpa daṇḍa

ବାପଧନ—ଦେ. ବି—ପିତୃଧନ; ପୈତୃକ ସମ୍ପତ୍ତି; ଯାହା ସ୍ୱୋପାର୍ଜିତ ଧନ ନୁହେଁ—Father's acquisition; ancestral property; not one's acquired property.
Bāpadhana
**बपौती; बपोता**

ଅ—(ବାତ୍ସଲ୍ୟ ସମ୍ବୋଧନ) ହେ ବତ୍ସ—An address of fondness to one's youngers.
**बाबा** বাবা

ବାପନ—ସ. ବି. ( ବପ୍ ଧାତୁ ଣିଚ୍—ବାପି ଧାତୁ+ଭାବ. ଅନ )—
Bāpana ୧ । ଅନ୍ୟଦ୍ୱାରା କ୍ଷେତ୍ରରେ ମଞ୍ଜି ବୁଣାଇବା—1. Causing to be sown. ୨ । ଅନ୍ୟଦ୍ୱାରା କ୍ଷୌର କରାଇବା—2. Causing to be shaven. ୩ । ଅନ୍ୟଦ୍ୱାରା ଲୁଗା ବୁଣାଇବା—3. Causing cloth to be woven.

ବାପ ନାଆଁ ପଚାରିଲେ ଆସିବ ନାହିଁ—ଦେ. (ବାକ୍ୟ)—(ଜାରଜ ବ୍ୟକ୍ତି
Bāpa nāān pachārile āsiba nāhin ପ୍ରତି ଉକ୍ତି
ବାପ ନାଆଁ ଆସିବ ନାହିଁ
ବାପ ନାଆଁ ପଇଟିବ ନାହିଁ
ବାପ ନାଆଁ କହିପାରିବ ନାହିଁ
ବାପ ନାଆଁ ଜଣା ନାହିଁ
} ଅନ୍ୟରୂପ
ଘୃଣାର୍ଥରେ ବ୍ୟବହୃତ ବାକ୍ୟ— (ଅର୍ଥାତ୍ ଅମୁକ ଜାରଜ ଅଟେ)—A sentence used in rebuking
বাবাকা নামমী নহো বতানা a person, telling him thereby that he is a bastard.

ବାପ ପୁଅ—ଦେ. ବି. (ସହଚର ଶବ୍ଦ) (ସ.ବପ୍ତୃ+ପୁତ୍ର)—ପିତା ଓ ପୁତ୍ର—
Bāpa pua বাপবেটা बाबाबेटा Father and son.

ବାପ ବୟସୀ—ଦେ. ବଣ—ବୟସରେ ପିତାଙ୍କର ସମକକ୍ଷ (ବ୍ୟକ୍ତି)—
Bāpa bayasi (a person) Fit to be one's father in
(ବାପ ବୟସିଆ—ଅନ୍ୟରୂପ) age; of the age of one's
बापके उमरका father ( and so deserving of one's respect ).

ବାପ ମା—ଦେ. ବି (ସହଚର ଶବ୍ଦ) ( ସ. ବପ୍ତା+ମାତା )—ପିତା ଓ
Bāpa mā ମାତା—One's father and mother.
(ବାପ ମାଆ; ବାପ ମାଏ—ଅନ୍ୟରୂପ) କ୍ରୋଡ଼ରେ ଖାଉ ଥିବ କୋଳରେ ପଡ଼ିବ
মা বাপ मा बाप ତୁମ୍ଭକୁ ଉଠିଲେ ଅନ୍ଧ ବାପ ମାଏ ।
କୃଷ୍ଣ ଦ. ମହାଭାରତ ସଭ ।

ବାପ ମୋର—ଦେ. ଅ—ବାପଧନ ( ଦେଖ )
Bāpa mora বাবা আমার बाबा मेरा Bāpadhana (See)

ବାପର ପୁଅ—ଦେ. ବି—୧ । ପିତାର ସୁସନ୍ତାନ—1. A good son
Bāpara pua of a father. ୨ । ଯୋଗ୍ୟ ପିତାଙ୍କର ଯୋଗ୍ୟ
বাপের বেটা ସନ୍ତାନ—2. A fit son of a fit father.
बापका लडका ୩ । ଯେ ଜାରଜ ସନ୍ତାନ ନୁହେଁ; ପିତାର ଔରସ ସନ୍ତାନ—2. The begotten son of a father (not a bastard).
(ଯଥା—ତୁ ଯେବେ ବାପର ପୁଅ ହୋଇଥିବୁ ତେବେ ବଂଶ ମର୍ଯ୍ୟାଦା ଠିକ ରଖିବୁ ।)

ବାପର ବିଭାଘର ଦେଖା(ଖୋ)ଇବା—ଦେ. କି. (ଗାଳି)—ଜନକର
Bāpara bibhāghara dekhā(khe)ibā ମୃତ୍ୟୁ କାମନା ସୂଚକ
বাপের বিএ দেখান ଗାଳି—To wish a person to see his
[ବାପର ହୋମ ଘର ଦେଖା(ଖୋ)ଇବା—ଅନ୍ୟରୂପ) father's marriage (after the death of the person's mother).

ବାପ ଶ୍ରାଦ୍ଧ—ଦେ. ବି—୧ । ପିତୃ ଶ୍ରାଦ୍ଧ—1. Annual offering of
Bāpa śrāddha oblations to one's deceased father.
পিতৃশ্রাদ্ধ पितृश्राध ୨ । କୌଣସି ଅପରିହାର୍ଯ୍ୟ କର୍ତ୍ତବ୍ୟ—2. Any unavoidable duty.

ବାପର ଶ୍ରାଦ୍ଧ କରିବା—ଦେ. କି—୧ । (ଲକ୍ଷଣାର୍ଥ) ଅନ୍ୟ ବ୍ୟକ୍ତିର
Bāpara śrāddha karibā ପିତୃ ପିତାମହଙ୍କ ନାମ ଧରି ଗାଳି
ବାପ ଅଜାଙ୍କ ଶ୍ରାଦ୍ଧ କରିବା
ବାପ ଦାଦାଙ୍କ ଶ୍ରାଦ୍ଧ କରିବା
} ଅନ୍ୟରୂପ ଦେବା—1. (figurative) To call
বাপের শ্রাদ্ধ করা names to a person's ancestors.
बापका श्राध करना ୨ । (ଲକ୍ଷଣାର୍ଥ) କୌଣସି ଅପରିହାର୍ଯ୍ୟ ବା ଅବଶ୍ୟ କର୍ତ୍ତବ୍ୟ କର୍ମ କରିବା—2. (figurative) To perform some unavoidable act.

ବାପର ସାଧ୍ୟ—ଦେ. (ବାକ୍ୟ)—ନିଜ ସାମର୍ଥ୍ୟର ବହିର୍ଭୂତ କର୍ମ (ଏପରି କ,
Bāpara sādhya ପିତାଙ୍କ ସାମର୍ଥ୍ୟର ବହିର୍ଭୂତ କାର୍ଯ୍ୟକୁ ଲକ୍ଷ
বাপের সাধ্য କରି ବ୍ୟବହୃତ )—An expression used to
बापका सधर denote that a thing is beyond one's power (literally beyond even one's father's power ).
(ଯଥା—ମୁଁ ତାହା ନ କରିବାକୁ ମୋ ବାପର ସାଧ୍ୟ ଅଛି ?)

ବାପ ସୁଆ(ହା)ଗିଆ—ଦେ. ବଣ—ଅତ୍ୟଧିକ ପିତୃ ସ୍ନେହୀ—
Bāpa suā(hā)giā Excessively fond of ones father
[ବାପସୁଆ(ହା)ଗୀ(ଗେଇ) – ସ୍ତ୍ରୀ] (ବାପସୁଆ(ହା ଗି—ଅନ୍ୟରୂପ)

ବାପ ସୋରିଆ—ଦେ. ବଣ. ( ସ. ବପ୍ତା+ସ୍ନେହ )—
Bāpa soriā ପିତୃସ୍ନେହୀ—Loving like a son.
[ ଦ୍ର—ଏପରି ବାପ ସୋରିଆ ପୁତ୍ରଙ୍କୁ ପୋଲିସ ଖୁବ ଅଳ୍ପ ଦେଖାଯାନ୍ତି । ଦୈନିକ ସମାଜ । ]

ବାପା—ଦେ. ବି. ଓ ଅ.—(ସ. ବପ୍ତା)—ବାପ (ଦେଖ)
Bāpā Bāpa (See)
ପ୍ରାଦେ. (ପୁରୀ) ବି. (ବ୍ରାହ୍ମଣ ସମାଜରେ ପ୍ରଚଳିତ)—
ପିତାମହ—Paternal grand-father.
[ ଦ୍ର—ପୁରୀ ଜିଲ୍ଲା ଓ କଟକ ଜିଲ୍ଲାର କେତେକାଂଶର ବ୍ରାହ୍ମଣମାନେ ପିତାଙ୍କୁ ନନା ଓ ପିତାମହଙ୍କୁ ବାପା, ମାତାଙ୍କୁ ବୋଉ ଓ ପିତାମହୀଙ୍କୁ ମାଆ ବୋଲି ଡାକନ୍ତି । କଟକ ଜିଲ୍ଲାର ଅବଶିଷ୍ଟାଂଶ ଓ ବାଲେଶ୍ୱର ପ୍ରଭୃତିରେ ପିତାଙ୍କୁ ବାପା ଓ ମାତାଙ୍କୁ ମା ବୋଲି ଡାକନ୍ତି ।]

ବାପା ବଡ଼ବାପା—ଦେ. ବି—୧ । ପିତୃପିତାମହ—1. Father and
Bāpā bardabāpā grandfather, ୨ । ପିତା ଓ
(ବାପା ବଡ଼ାପା—ଗ୍ରାମ୍ୟରୂପ) ଜ୍ୟେଷ୍ଠତାତ—2. Father and his elder brother.

ବାପା(ପ୍ପା) ରାଓ—ଦେ. ବି. (ନାମ)—ମେବାରର ରାଜପୁତ ରାଣାମାନଙ୍କ
Bāpā(ppā) rāo ଆଦି ପୁରୁଷ—Name of a Rajput king, the founder of the Rana dynasty of a Mewar.
[ ଦ୍ର—ରାଜପୁତାନାରେ ପ୍ରଚଳିତ ପୁରାଣ ପ୍ରସ୍ତୁତିରୁ ଜଣାଯାଏ ଯେ ବଲ୍ଲଭୀ ବଂଶର ମହାରାଜ ଶୁଳାଦିତ୍ୟଙ୍କର ଏ ଅଷ୍ଟମ ବଂଶଧର ନାଗାଦିତ୍ୟଙ୍କ ପୁତ୍ର ଥିଲେ । ଏ ଶିଶୁ ଥିବା

ଅବସ୍ଥାରେ ଏହାଙ୍କ ପିତାଙ୍କୁ ଶତ୍ରୁମାନେ ହତ୍ୟା କରିଥିଲେ ଓ ଏହାଙ୍କ ରକ୍ଷଣାବେକ୍ଷଣର ଭାର ଏହାଙ୍କ ମାତା ଓ ଜଣେ ବ୍ରାହ୍ମଣ ପୁରୋହିତ ଗ୍ରହଣ କରିଥିଲେ । ଏ ପିଲାଦିନେ ଜଣେ ବ୍ରାହ୍ମଣର ଗାଈ ଚରାଉଥିଲେ; ସେହି ଅବସ୍ଥାରେ ଏ ହାରୀତ ନାମକ ଋଷିଙ୍କୁ ଭେଟିଲେ ଓ ତାଙ୍କଠାରୁ ଶିବଦୀକ୍ଷା ଗ୍ରହଣ କରି 'ଏକଲିଙ୍ଗ' ନାମ ଶିବବିଗ୍ରହଙ୍କୁ ପୂଜା କଲେ । ଏ ଚିତୋରକୁ ଆସି ସେଠାରେ ରାଜ୍ୟସ୍ଥାପନ କଲେ । ଏ ମେବାର ରାଜବଂଶର ଆଦି ପୁରୁଷ ଥିଲେ । ଟଡ୍ ସାହେବ ଏହାଙ୍କ ଜନ୍ମକାଳ ୭୨୮ ଖ୍ରୀଷ୍ଟାବ୍ଦ ଥିବାର କଳ୍ପନା କରନ୍ତି—ହି. ଶ. ]

ବାପି(ପୀ)—ସଂ. ବି. (ବପ୍ ଧାତୁ=ବୁଣିବା+ଅଧିକରଣ. ଇ; ଈ; ଯହିଁରେ
Bāpi(pī) ପଦ୍ମାଦି ବପନ କରାଯାଏ)—୧ । ପୋଖରୀ; ପୋଖରୀ;
(ବାପିକା—ଅନ୍ୟରୂପ) ବାପୀ; ଚାରିକୋଣିଆ ଲମ୍ବ ପୋଖରୀ.
ଜଳାଶୟ—1. Tank; pool; an oblong pond;
୨ । ବାଙ୍ଖୀ; ଚଉକୋଣ ପ୍ରସ୍ତର ନିର୍ମିତ ବୃହତ୍ କୂପ—
2. A big square well with masonry walls.

ବାପିତ—ସଂ. ବିଣ. (ବାପ+ଇତ ବା ବପ୍ ଧାତୁ ଣିଜନ୍ତ ବାପି ଧାତୁ+
Bāpita କର୍ମ. ତ)—୧ । (ମଞ୍ଜି) ବୁଣାଯାଇ ଥିବା—1. Sown
୨ । (ଲୁଗା) ବୁଣା ଯାଇଥିବା—2. Woven. ୩ ।
ମୁଣ୍ଡିତ—3. Shaven.

ବାପୁ—ଦେ. ଅ. (ହିନ୍ଦୀରୁ ଅନୁକୃତ)—୧ । ପିତାଙ୍କ ପ୍ରତି ସମ୍ବୋଧନ-
Bāpu 1. A form of address to father. ୨ । ବାତ୍ସଲ୍ୟାର୍ଥ
बापू सम्बोधन; ହେ ବତ୍ସ ! ବାବୁ !—2, A form of address
बापु to youngers.
[ ଦ୍ର—ମହାତ୍ମା ଗାନ୍ଧୀଙ୍କୁ ତାଙ୍କର ଅଧିକାଂଶ ଅନୁଚର ଓ ଭକ୍ତ ଏହି ନାମରେ ସମ୍ବୋଧନ କରନ୍ତି । ]

ବାପୁ(ପ, ପେ)ଡ଼ା(ଡ଼ି)—ଦେ. ବି. ପୁଂ. ( ସହାନୁଭୂତିସୂଚକ; ଅନ୍ୟ ଶବ୍ଦ
Bāpu(pa, pe)ṛdā(ṛdi) ସଙ୍ଗେ ବ୍ୟବହୃତ)—୧ । ଅନନ୍ୟୋପାୟ
ବ୍ୟକ୍ତି; ବିଚରା; ବେଚରା; ମୂର୍ଖ; ନିର୍ବୋଧ—
1. (used in pity) The poor being.

(ବାପୁ[ପ, ପେ]ଡ଼ୀ—ସ୍ତ୍ରୀ) ବେଚାରା बापुरा

> ୯ ସବାଣୁ ଦୁର୍ଯୋଧ୍ୟା ବସ୍ତ୍ରରୁ ଶ୍ରେଷ୍ଠ ବାଷ୍ଟ
> ଚିନ୍ତି କରି ରହିଛ ଦୁଃଖେ ସେ ବାପୁଡ଼ାନ୍ତ ।
> କୃଷ୍ଣସିଂହ. ମହାଭାରତ ବନ ।

୨ । ଉତ୍ତମ ବ୍ୟକ୍ତି—2. A good soul.

> ଯୁଧିଷ୍ଠିର ରଜା ତ ଧାର୍ମିକ ବାପୁଡ଼ା
> ଲେଉଟିଲେ ବାସେ ଫଳର ନାସି ପୁଡ଼ା । କୃଷ୍ଣସିଂହ. ମହାଭାରତ ବନ ।

୩ । ( ତୁଚ୍ଛାର୍ଥକ ) ନଗଣ୍ୟ ବ୍ୟକ୍ତି—3. A man of straw.

> ବନ୍ଦ ମନ୍ଦିରେ ରହି ବଳୁଅ ବାପୁଡ଼
> ଦେହର ପାଣିପାଙ୍କ ଢକାଇସ ଖାଲୁ—
> କୃଷ୍ଣସିଂହ. ମହାଭାରତ. ଶାନ୍ତି ।

ବାପୁରା—ପ୍ରାଦେ. (ଗଡ଼ଜାତ) ବି—( ଭୁଲ. ହି. ବାପୁରା )—ବାପୁଡ଼ା
Bāpurā (ଦେଖ)—Bāpuṛdā (See).

ବାପୁଦେବ ଶାସ୍ତ୍ରୀ—ଦେ. ବି. ( ନାମ )—ପ୍ରସିଦ୍ଧ ମହାରାଷ୍ଟ୍ରୀୟ ବ୍ରାହ୍ମଣ
Bāpudeba śāstri ପଣ୍ଡିତ—Name of a Marhatta Brāhmaṇa Paṇḍit.
[ ଦ୍ର—ଏ ୧୮୨୧ ଖ୍ରୀଷ୍ଟାବ୍ଦରେ ଜନ୍ମଗ୍ରହଣ କରିଥିଲେ । ଏ ଗଣିତ ଶାସ୍ତ୍ରରେ ଅତ୍ୟନ୍ତ ନିପୁଣ ଥିବାରୁ କାଶୀର ସଂସ୍କୃତ କଲେଜରେ ରେଖା ଗଣିତର ଅଧ୍ୟାପକ ଓ ପରେ ଗଣିତ ଅଧ୍ୟାପକ ହୋଇଥିଲେ । ଏ ସଂସ୍କୃତ ଓ ହିନ୍ଦିଭାଷାରେ ରେଖାଗଣିତ, ତ୍ରିକୋଣମିତି ଆଦି ଅନେକ ଶାସ୍ତ୍ର ରଚନା କରିଥିଲେ । ଇଂରେଜୀ ନାବିକ ପଞ୍ଜିକା ଅବଲମ୍ବନ କରି ଏ ସଂସ୍କୃତ ପଞ୍ଜାଙ୍ଗ ରଚନା କରିଥିଲେ । ଏହାଙ୍କର ପ୍ରଗାଢ଼ ପାଣ୍ଡିତ୍ୟ ଦର୍ଶନରେ ମୁଗ୍ଧ ହୋଇ ଗଭର୍ଣ୍ଣମେଣ୍ଟ ଏହାଙ୍କୁ ସି. ଆଇ. ଇ ( C. I. E. ) ଓ ମହାମହୋପାଧ୍ୟାୟ ଉପାଧି ଦେଇଥିଲେ । ଏ ଇଂଲଣ୍ଡର ଓ କଲିକତାର ଏସିଆଟିକ୍ ସୋସାଇଟିର ଏବଂ ଆଲ୍ଲାହାବାଦ ବିଶ୍ୱବିଦ୍ୟାଳୟର ସଭ୍ୟ ହୋଇଥିଲେ । ଏହାଙ୍କର ପ୍ରକୃତ ନାମ ନୃସିଂହ ଶାସ୍ତ୍ରୀ । ]

ବାପ୍ତା(ପ୍ତ୍ଂ)—ବୈଦେ. ବି—(ଫା. ବାଫ୍ତା)—୧ । ରେଶମର ଟାଣୀ ଓ
Bāptā(phtā) ସୂତାର ଭରଣୀରେ ବୁଣା ଏକପ୍ରକାର ଲୁଗା—
बाफ्ता 1. A cloth woven with silken warp and
बाफता cotton woof. ୨ । ବୁଟାଦାର ବା ସୂତକର୍ମଯୁକ୍ତ ଏକପ୍ରକାର ରେଶମ ଲୁଗା—2. A kind of embroidered silken cloth.

ବାପ୍ୟ—ସଂ. ବି—୧ । (ବାପୀ+ଯ)—ବାଙ୍ଖିର ଜଳ (ହି. ଶ)
Bāpya 1. Water from a wide masonry well.
୨ । (ବପ୍ ଧାତୁ ଣିଚ, ବାପି ଧାତୁ+କର୍ତ୍ତୃ. ଯ)—
ବୁଣା ଧାନ; ଯେଉଁ ଧାନ ବିହନ ବୁଣାଯାଇ ଉଠିଥାଏ
(ହି. ଶ)—2. Paddy grown by sowing.

ବାଫୀ—ଦେ. ବି. ( ସ. ବାପୀ )—ବାଙ୍ଖୀ—A big square well
Bāphi बाउली, बावली with masonry walls.

> ରଚନ ସୁତ ଦିବ୍ୟ ସରିଷ ମିଳାଇ
> ଗୃହ ଚଉରେ ବାଫୀ କୂପ ଖୋଳା ଥାଇ ।
> — କୃଷ୍ଣସିଂହ. ମହାଭାରତ- ଅନୁଶାସନ ।

ବାବ—ଦେ. ବି—ବବୁର ( ଦେଖ )
Bāba Babura ( See )

ବାବତ୍(ତ)—ବୈଦେ. ବିଣ. (କଚଉଆ) (ଆ. ବାବତ୍=ସମ୍ବନ୍ଧ)—
Bābat(ta) ୧ । ସମ୍ବନ୍ଧୀୟ—1. Pertaining to.
ବାବଦ୍, ବାବୁତ୍, ବାବୁଦ୍ } ଅନ୍ୟରୂପ
୨ । ଯଥାକ୍ରମ; କ୍ରମିକ—
2. Successive; respective.
बाबत् बाबत

ବି—୧ । ସମ୍ପର୍କ; ସମ୍ବନ୍ଧ—1. Connection.
बाबत् ୨ । କୌଣସି ବିଷୟ—2. Head; item;
बाबत् any matter.
୩ । ହିସାବ—3. Account
[ ଦ୍ର—ଏଥିର ସାଙ୍କେତିକ । ବା । ଜମା । ବା, । ]
ଅ—୧ । ଅମୁକ ବିଷୟରେ—1. In respect of.
୨ । ଅମୁକ ସମ୍ପର୍କରେ—2. In connection with.

ବାବତ ବାବତ କରି—ଦେ. କ୍ରି. ବିଣ. (କଚଉଆ)—
Bābata bābata kari ୧ । ଯଥାକ୍ରମରେ; ଭିନ୍ନ ଭିନ୍ନ କରି;
बाबत् बाबत् ଭିନ୍ନ ଭିନ୍ନ ହୋଇ—Respectively; separ-
बाबत् बाबत् करके ately; in separate blocks; item by item.

୪ । ଭିନ୍ନ ଭିନ୍ନ ହିସାବରେ—4. Under different headings or groups.

ବାବତ ବାବତ କରିବା—ଦେ. କ୍ରି. (କର୍ତ୍ତୃଅ)—ଭିନ୍ନ ଭିନ୍ନ ବା ପୃଥକ୍ ପୃଥକ୍ କରିବା—To separate into different groups, heads or items
Bābata bābata karibā
बाबत बाबत करना
বাবৎ বাবৎ করা

ବାବଦୂକ—ସଂ. ବଣ. ପୁଂ. (ବଦ୍ ଧାତୁ ଯଙ୍ ଲୁଗନ୍ତ ଅର୍ଥାତ୍ ଅତ୍ୟର୍ଥାର୍ଥେ ଦ୍ୱିତ୍ୱ—ବାବଦ୍ ଧାତୁ=ଅତ୍ୟଧିକ କହିବା ବା ବକିବା +ଉକ; ଅଧିକ ବକିବା ଯାହାର ସ୍ୱଭାବ)—୧ । ବାଚାଳ; ଗପୁଡ଼ି—1. Talkative; babbling; garrulous. ୨ । ବକ୍ତୃତ୍ୱ ସମ୍ପନ୍ନ—2. Eloquent (Apte). ୩ । ଶାସ୍ତ୍ରଜ୍ଞାନ ସମ୍ପନ୍ନ ହୋଇଥିବାରୁ ଯୁକ୍ତିଯୁକ୍ତ ଆଲୋଚନାକାରୀ (ବ୍ୟକ୍ତି)—(ପ୍ରକୃତିବାଦ)—3. Learned in the scriptures and reasoning matters elaborately.
Bābadūka

ବାବନ—ଗ୍ରା. ବି.—(ସଂ. ବାମନ)—ବାମନ (ଦେଖ)
Bābana Bāmana (See)
ଦେ. ବି. ଓ ବଣ.—ବାଆନ (ଦେଖ)—Bā-āna (See)

ବାବନା ଭୂତ—ଦେ. ବି.—୧ । ଭୂତ— 1. A ghost.
Bābanā bhūta
୨ । ଭୂତ ପରି ବୁଲୁଥିବା ବ୍ୟକ୍ତି—2. A wanderer; a wandering person; a person stalking like a ghost. ୩ । ଅମୋଘ ପ୍ରେତ ପରି ଅଥୟ ଲୋକ—3. A restless person (like a spirit). ୪ । ଜଗନ୍ନାଥଙ୍କର ରଥଯାତ୍ରା ବେଳେ ଜଗନ୍ନାଥ, ବଳଭଦ୍ର ଓ ସୁଭଦ୍ରା ଗୁଣ୍ଡିଚା ଘରକୁ ଗଲେ ସେହି ଦେଉଳକୁ ଜଗି ରହିବା କଳ୍ପିତ ଭୂତ—4. The imaginary spirit which guards the Gundichā house during Rath Jatra festival when Jagannāth, Balabhadra and Subhadrā resort to and occupy that place.

ବାବର୍—ବୈଦେ. ବି. (ନାମ)—ଭାରତର ପ୍ରଥମ ମୋଗଲ ସମ୍ରାଟ—The first Moghal Emperor of India.
Bābar
बाबर
বাবর
[ ଦ୍ର—ଏ ତୈମୁରଙ୍କର ଷଷ୍ଠ ବଂଶଧର ଅଟନ୍ତି । ୧୫୨୬ ଖ୍ରୀଷ୍ଟାବ୍ଦରେ ପଠାଣ ସମ୍ରାଟ ଇବ୍ରାହିମ ଲୋଦିଙ୍କୁ ଏ ପ୍ରଥମ ପାନିପଥ ଯୁଦ୍ଧରେ ପରାସ୍ତ କରି ଦିଲ୍ଲୀ ସିଂହାସନ ଅଧିକାର କରିଥିଲେ । ପରେ ରାଣା ସଙ୍ଗ୍ରାମ ସିଂହ ଏହାଙ୍କୁ ଭାରତରୁ ବହିଷ୍କୃତ କରିବା ପାଇଁ ଚେଷ୍ଟା କରିଥିଲେ । ସିକ୍ରିଠାରେ ୧୫୨୭ ଖ୍ରୀଷ୍ଟାବ୍ଦରେ ବାବର ଓ ରାଜପୁତମାନଙ୍କ ମଧ୍ୟରେ ଯୁଦ୍ଧ ହେଲା; ତହିଁରେ ସଙ୍ଗ୍ରାମ ସିଂହ ପରାସ୍ତ ହେଲେ ଓ ବାବର ସ୍ଥାୟୀଭାବରେ ମୋଗଲ ସମ୍ରାଟ ହେଲେ । ସେ ୧୫୩୦ ଖ୍ରୀଷ୍ଟାବ୍ଦରେ ପ୍ରାଣତ୍ୟାଗ କରିଥିଲେ । ]

ବାବର୍ ନେ(ଲେ)ଟ୍—ବୈଦେ. ବି.—(ଇଂ. ବବିନେଟ୍)—ମଶାର ଆଦି ପାଇଁ ବ୍ୟବହୃତ ସରୁ ସରୁ ଛିଦ୍ରଯୁକ୍ତ ଜାଲି କନା—Bobbinet; a stuff of net cloth used for making mosquito curtains.
Bābar-ne(le)t
बाबिनेट
বাবিনেট

ବାବରା—ଦେ. ବଣ. ( ସଂ. ଯାଯାବର )—୧ । ବାୟୁଗ୍ରସ୍ତ; ଯାଯାବର—1. Wandering. ୨ । ସ୍ଥିରଚିତ୍ତାବସ୍ଥାହୀନ—2. Unsettled; out of joint.
Bābarā
बावरा
କାଳ ହେଲ ବାବରା—ଦାସଙ୍କ ଭାଇ ଗୁହଳ,
ବ୍ରାହ୍ମଣଙ୍କ ଜାବଡ଼ା—ଢଗ ।
୩ । (ସଂ. ବାତୁଳ) ବାତୁଳ—3. Mad.

ବାବ(ବେ)ଲ୍ ମାଣ୍ଡ(ଣ୍ଡେ)ବ୍—ବୈଦେ. ବି. ( ଫା. ନାମ )—ଆରବ ଉପସାଗର ଓ ଲୋହିତ ସାଗର ମଧ୍ୟରେ ଥିବା ପ୍ରଣାଳୀ—The straits of Bab-el-mandeb between the Arabian Sea and the Red Sea.
Bāba(be)l mānda(nde)b
बाबल माण्डेब
बाबेल मैंडेब

ବାବଲ—ଦେ. ବି—ଶରବିଶେଷ—
Bābala Name of an arrow.
ବାବଲ ତ୍ୱାଣୋଭିମ ପ୍ରୟୋଗେ କେଉଁଭଳ
ଚାରଭମ କଲେ ଉତ୍ତର । ଭକ୍ତ. ବୈଦେହୀଶ ବିଳାସ ।

ବାବା—ବୈଦେ. ବି. ପୁଂ. (ତୁରସ୍କ ଦେଶୀୟ ଭାଷା)—୧ । ବାପ (ଦେଖ)
Bābā 1. Bāpa (See) ୨ । (ପୁଂ ଓ ସ୍ତ୍ରୀ) ( ଆୟାମାନଙ୍କ ଭାଷା ) ସାହେବମାନଙ୍କ ଶିଶୁ ସନ୍ତାନ—2. A generic name for European children.
(ଯଥା—ମିସି ବାବା, ଜନ୍ ବାବା ।)
୩ । ସାଧୁ ସନ୍ନ୍ୟାସୀଙ୍କ ନାମ ପରେ ସ୍ନେହସୂଚକ ଉପାଧି—3. An affectionate title added to the name of a recluse.
(ଯଥା—ସତ୍ୟ ମହିମାଧର୍ମୀ ବ୍ରହ୍ମ ଅବଧୂତ ବିଶ୍ୱନାଥ ବାବା ।)
বাবা बाबा ଅ—୧ । ପିତାଙ୍କ ପ୍ରତି ସମ୍ବୋଧନ—1. Papa. ୨ । ଗୁରୁଜନଙ୍କ ପ୍ରତି ସମ୍ବୋଧନ—2. (Used in addressing elders) Father ! ୩ । ବାବାଜୀମାନଙ୍କ ପ୍ରତି ସମ୍ବୋଧନ—3. Used in addressing ascetics and religious people—(similar to the Reverend). ୪ । ଆପଣାଠାରୁ ଅଳ୍ପ ବୟସ୍କ ବ୍ୟକ୍ତିଙ୍କୁ ଓ ପୁତ୍ରସ୍ଥାନୀୟ ବ୍ୟକ୍ତିଙ୍କୁ ବାତ୍ସଲ୍ୟସୂଚକ ସମ୍ବୋଧନ—4. An address of affection applied to one's youngers.

ବାବା ଅଦ(ଦି)ମୀ—ଦେ. ବି. (ସଂ. ବପ୍ତା+ଫା. ଅଦମୀ) (ସାଧୁ ସନ୍ନ୍ୟାସୀମାନଙ୍କ ପ୍ରତି ବାବା ପଦ ପ୍ରଯୁକ୍ତ ହେବାରୁ)—ଯେଉଁ ବ୍ୟକ୍ତି ସଂସାରର ସବୁ ମାୟାରୁ ଛାଡ଼ ହୋଇ ଅଛି; ବିଷୟ ବୈରାଗୀ ବ୍ୟକ୍ତି—A person who has cut off all his worldly connections and is care-free.
Bābā āda(di)mi
बाबाआदमी

ବାବାଜାନ୍—ବୈଦେ. ଅ. ( ଆ. ଅବ୍ବାଜାନ୍ )—ଆଦରାର୍ଥ ବାତ୍ସଲ୍ୟସୂଚକ ସମ୍ବୋଧନ—(Interjection) A term of fond address to youngers.
Bābājān

ବାବାଜୀ—ଦେ. ବି. ପୁଂ—୧ । ସାଧୁ; ସନ୍ନ୍ୟାସୀ; ବୈରାଗୀ; ବୈଷ୍ଣବ—1. An anchorite. ୨ । ଲୋକଙ୍କୁ ଡାକିବା ନାମ—2. Name given to males. ୩ । (ନାମ)
Bābāji
(ମାତାଜୀ—ସ୍ତ୍ରୀ)

ବାବାଜୀ ମରହଟ୍ଟା ଅମଳରେ ଓଡ଼ିଶାର ଜଣେ ସୁବାଦାରଙ୍କ ନାମ—
**बाबाजी** 3. Name of a Marhatta Governor of Orissa.

[ ଦ୍ର—ଏ ୧୭୭୨ ରୁ ୧୭୭୭ ଖ୍ରୀଷ୍ଟାବ୍ଦ ପର୍ଯ୍ୟନ୍ତ ଓଡ଼ିଶାର ସୁବାଦାର ଥିଲେ । ଏହାଙ୍କ ଅମଳରେ ଖ୍ରୀ. ୧୭୭୭ ରେ ଓଡ଼ିଶାରେ ଏକ ଭୟଙ୍କର ଦୁର୍ଭିକ୍ଷ ପଡ଼ିଥିଲା । ଭୋଁସଲା ରାଜାଙ୍କ ପ୍ରେରିତ ମାଧୋଜୀ ହରି ନାମକ ଜଣେ ସୁବାଦାର ଏହାଙ୍କୁ ଡାକିରୁଦ୍ଧ କରି ଓଡ଼ିଶାର ସୁବାଦାର ହେଲେ । ]

ଅ—ପୁତ୍ର ଓ ପୁତ୍ର ସ୍ଥାନୀୟ ବ୍ୟକ୍ତିଙ୍କ ପ୍ରତି ଆଦରାର୍ଥକ ସମ୍ବୋଧନ—An interjection addressed to youngers in fondness.

ବାବାଜୀ ବଇଷ୍ଣବ—ଦେ. ବ. ( ସହଚର ଶବ୍ଦ )—ବୈରାଗୀମାନେ—
Bābāji baishnaba Anchorites.
(ବାବାଜୀ ବୈଷ୍ଣବ—ଅନ୍ୟରୂପ) (ବାବାଜୀ ବୈଷମ—ଗ୍ରାମ୍ୟରୂପ)

ବାବାଜୀ ମ(ମା)ହାରାଜ—ଦେ. ବ—ମହନ୍ତ; ମଠାଧୀଶ—
Bābāji ma(mā)hārāja A mahant.
ବাবাজী মহারাজ ଅ—ବାବାଜୀମାନଙ୍କ ପ୍ରତି ସମ୍ବୋଧନ—An
**बाबाजी महाराज** address made to anchorites.

ବାବା ବାଚ୍ଛା—ପ୍ରାଦେ. (ସିଂହଭୂମି) ବ—ଅତ୍ୟନ୍ତ ପ୍ରୀତିଯୁକ୍ତ ସମ୍ବୋଧନ—
Bābā bāchhā An endearing term of address.

ବାବା ମୋର—ଦେ. ଅ—ବାପ ଧନ ( ଦେଖ )—
Bābā mora বাবাআমার **बाबामेरा** Bāpa dhana (See)

ବାବା ରାମ୍—ଦେ. ବ ଓ ବଣ—ଉଦାସୀ ଓ ଦୟାଳୁ ବ୍ୟକ୍ତି—
Bābā rām A kind man; indifferent to worldly
**बाबा राम** বাবারাম concerns

ବାବାରେ—ଦେ. ଅ—୧ । ବାତ୍ସଲ୍ୟାର୍ଥ ସମ୍ବୋଧନ—1. Interjection
Bābāre used in addressing one's youngers.
ବାବା ଗୋ } ୨ । ଆର୍ତ୍ତନାଦ—2. (Interjection)
ବାବା ଲୋ } ଅନ୍ୟରୂପ A call of distress.
ବାପରେ } বাপরে **बापरे**

ବାବାଲ୍—ପ୍ରାଦେ. (ଗଡ଼ଜାତ) ବ—ବବୁର (ଦେଖ)
Bābāl Babura (See)

ବାବାଲି—ପ୍ରାଦେ. (ଗଡ଼ଜାତ) ବଣ. ସ୍ତ୍ରୀ—ବାୟାଣୀ—
Bābāli (ବାବଲା—ପୁଂ) Mad (woman).

ବାବିବା—ଗ୍ରା. କ୍ରି. ( ପ୍ରାଚୀନ ପଦ୍ୟ )—ବାଇବା; ବଜାଇବା—
Bābibā To play on a musical instrument.

ଗାବନ୍ତି ବାବନ୍ତି ନୃତ୍ୟନ୍ତି ବାଳା
ଉଜୁଡ଼ ମଦନ ଶରେ ବହେଲା । ପ୍ରାଚୀ, ରହସ୍ୟମଞ୍ଜରୀ ।

[ ଦ୍ର—ବାଇବା କ୍ରିୟାର ଅନ୍ୟ ପୁରୁଷ ମାନ୍ୟାର୍ଥକ ଏକବଚନ ଓ ବହୁବଚନରେ କେବଳ 'ବାବନ୍ତି' ରୂପ ପ୍ରାଚୀନ ପଦ୍ୟମାନଙ୍କରେ ଦେଖାଯାଏ, ଭୁଲକାବର କରନ୍ତି ସ୍ଥାନରେ କରିବନ୍ତି; ଗାଅନ୍ତି ସ୍ଥାନରେ ଗାବନ୍ତି । ]

ବାବିଲନ—ବୈଦେ. ବ. (ନାମ)—ଏସିଆଖଣ୍ଡର ଭୂଭାଗର ଅଧିକାର
Bābilan ମେସୋପୋଟାମିଆଁରେ ଅବସ୍ଥିତ ପ୍ରାଚୀନ ସମୃଦ୍ଧିମନ୍ତ
বেবিলন ରାଜଧାନୀ—Babylon; a very ancient
**बाबिल** capital of an ancient kingdom.

[ ଦ୍ର—ପୁରାତତ୍ତ୍ୱବିତ୍‌ମାନେ ସ୍ଥିର କରି ଅଛନ୍ତି ଯେ ଖ୍ରୀଷ୍ଟପୂର୍ବ ୩୮୦୦ ପୂର୍ବେ ଏଠାରେ ଚାଲ୍‌ଡିଆନ ସମୃଦ୍ଧ ସାମ୍ରାଜ୍ୟର ସମ୍ରାଟଙ୍କ ରାଜଧାନୀ ଥିଲା ଏବଂ ବର୍ତ୍ତମାନ ମଧ୍ୟ ସେହି ରାଜଧାନୀର ଭଗ୍ନାବଶେଷ ସ୍ତୂପମାନ ବିଦ୍ୟମାନ ଅଛି । ଏହି ନଗର ଇଉଫ୍ରେଟିସ୍ ଓ ଟାଇଗ୍ରୀସ୍ ନଦୀଦ୍ୱୟର ମଧ୍ୟସ୍ଥଳରେ ଅବସ୍ଥିତ ଥିଲା । ଏଠାରେ ବିଖ୍ୟାତ ପ୍ରାଚୀନ ସମ୍ରାଟ ନେବୁଚାଡ଼୍‌ରଜାର (Nebuchad Rezzar) ତାଙ୍କ ରାଣୀ ଆମିଟିସ୍‌ଙ୍କ ବିଳାସାର୍ଥ ଗୋଟିଏ ଦୋଳାସ୍ତମ୍ଭ ଉଦ୍ୟାନ ତିଆର କରିଥିଲେ । ପୃଥିବୀର ୭ ଗୋଟି ଅତ୍ୟାଶ୍ଚର୍ଯ୍ୟ ବସ୍ତୁ ମଧ୍ୟରେ ଏ ଉଦ୍ୟାନଟି ଏକତମ ରୂପେ ପରିଗଣିତ ହେଉଥିଲା । ଏହି ବଗିଚାରେ ପାଣି ଦେବା ପାଇଁ ବଡ଼ ବଡ଼ ଚେଣ୍ଡା କଳ (Hydraulic pumps) ଲଗା ହୋଇଥିଲା । ଖ୍ରୀ. ୧୯୦୦ ସାଲରେ ମାଟି ଖୋଳା ହୋଇ ଭୂଗର୍ଭରେ ପୋତି ହୋଇ ଯାଇଥିବା ଅନେକ କୋଠା, ରାଜପ୍ରାସାଦ, ଦେଉଳ, ପୋଲ ଓ ଉଦ୍ୟାନର ଭଗ୍ନାବଶେଷ ଦେଖାଯାଇ ଅଛି—ଷ୍ଟେଟ୍‌ସ୍‌ମାନ୍ ପତ୍ରିକା । ]

ବାବୁ—ବୈଦେ. ବ° ( ଫା; ହିନ୍ଦୀ ବାପୁ ; ଭୂଳ· ସଂ. ବପ୍ତା )—
Bābu ୧ । ବଙ୍ଗ ଓ ଉତ୍କଳରେ ଭଦ୍ର ବ୍ୟକ୍ତିମାନଙ୍କ ନାମ
(ବାବୁଆଣୀ—ସ୍ତ୍ରୀ) ପୂର୍ବରେ ଲାଗିବା ସମ୍ମାନସୂଚକ ଉପାଧି—
বাবু 1. A respectful address prefixed to the
**बाबु** names of gentlemen, corresponding to English Mr or Esq.

[ ଦ୍ର—ବାବୁ ଶବ୍ଦର ଏହି ଅର୍ଥରେ ବ୍ୟବହାର ବଙ୍ଗ ଦେଶରୁ ଆମ ଦେଶକୁ ଆସିଅଛି । ଫାରସୀରେ ପିତା, ବୃଦ୍ଧ, ମାନ୍ୟ ଓ ସମ୍ଭ୍ରାନ୍ତ ବ୍ୟକ୍ତିମାନଙ୍କ 'ବାବୁ' ସମ୍ବୋଧନ କରାଯାଏ । ମୁସଲମାନ ଯୁଗ ପୂର୍ବେ ବଙ୍ଗଳାରେ ବାପୁ ଶବ୍ଦ ବ୍ୟବହାର ଥିଲା । ମୁସଲମାନ ଯୁଗରେ ଉର୍ଦ୍ଦୁରେ 'ବାବା' ବ୍ୟବହାରରୁ 'ବାବୁ' ବ୍ୟବହାର ଚଳିଲା । 'ବାବା' ଶବ୍ଦର ସ୍ତ୍ରୀଲିଙ୍ଗ 'ବବା' । ଉତ୍କଳରେ ପୂର୍ବେ ବାତ୍ସଲ୍ୟ ସମ୍ବୋଧନରେ 'ବାବୁ' ଶବ୍ଦ ବ୍ୟବହୃତ ହେଉଥିଲା ଓ ରାଜାଙ୍କ ବନ୍ଧୁବରମାନଙ୍କୁ 'ବାବୁ' ବୋଲାଯାଏ । ହିନ୍ଦୁମାନଙ୍କୁ ବାବୁ ଓ ମୁସଲମାନମାନଙ୍କୁ ମିଆଁ ବୋଲାଯାଏ ।

ଗୁଜରାଟ ଓ ମାଡ଼ୱାଡ଼ ଅଞ୍ଚଳରେ ପିତାଙ୍କୁ 'ବାପୁ' ବୋଲି ସମ୍ବୋଧନ କରାଯାଏ । ]

୨ । ପ୍ରଭୁ; କର୍ତ୍ତା; ଖାମିନ୍ଦ; ସାଆନ୍ତ—2. Lord;master
୩ । ଗୃହକର୍ତ୍ତା—3. Master of the house; lord of the house.
୪ । ରାଜାଙ୍କ ବନ୍ଧୁବର—4. Kinsman of a Raja.
୫ । ଇଂରାଜୀ ଶିକ୍ଷିତ ନବ୍ୟ ସମ୍ପ୍ରଦାୟର ସବ୍ୟ ଭବ୍ୟ ହିନ୍ଦୁ ଯୁବକ—5. An English educated Hindu youngman.

୬ । ରସିକ ପୁରୁଷ; ନାଗର ବ୍ୟକ୍ତି; ଲମ୍ପଟାନୁଷ୍ଠାନରତ ବ୍ୟକ୍ତି; ସଉକକଷା ଲୋକ—6. A fop; a beau.

୭ । ଅଳସୁଆ ଓ ସୁଖଭୋଗୀ ଧନୀ ବ୍ୟକ୍ତି; ସୁଖଭୋଗରେ ଅଭ୍ୟସ୍ତ ବ୍ୟକ୍ତି—7. A lazy and comfortable man of means.

୮ । ଅଫିସ୍ ଅବର ପ୍ରଧାନ ହିନ୍ଦୁ କର୍ମଚାରୀ—1. The head Hindu ministerial officer of an office.

୯ । ପିତା; ବାପ—9. Father.

ବାବୁ ଭଲ ପୁଅ ସେ ତୁମନ୍ତେ ନନ୍ଦନ
ଦ୍ରୌପଦୀ ଦେବୀଙ୍କର ହେଲ ଶୋକ ମନ । କୃଷ୍ଣସିଂହ. ମହାଭାରତ ।

୧୦ । ଧନୀ ବ୍ୟକ୍ତିଙ୍କ ନାମ ପରେ ଲଗିବା ଉପାଧି—
10 A title added to the name of a rich man.

ବି—୧ । ବାତ୍ସଲ୍ୟାର୍ଥ ସମ୍ବୋଧନ—1. A fond address.

ଛାଡ଼ରେ ବାବୁ ଭୟ ନ କର । କହନ୍ତ ମାଏ ଗୋ —ଚଇତଣ ।

୨ । ସାଧାରଣ ଭଦ୍ର ବ୍ୟକ୍ତିଙ୍କର ଅନ୍ୟ ଭଦ୍ର ବ୍ୟକ୍ତିଙ୍କୁ ସମ୍ବୋଧନ—2. A term addressed to a gentleman by another.

[ ଦ୍ର—ସାଧାରଣ କଥାବାର୍ତ୍ତାରେ ଓ ପତ୍ରାଦିରେ ପୁରା ନାମ ପୂର୍ବରେ ବାବୁ ଲାଗେ, ଯଥା—ବାବୁ ବଳଦେବ ଚରଣ ପଟ୍ଟନାୟକ, କିମ୍ବା କେବଳ ମୂଳ ନାମ ପରେ ବାବୁ ଶବ୍ଦ ଲାଗେ, ଯଥା— ବଳଦେବ ବାବୁ । ମୂଳ ନାମ ପୂର୍ବରେ ବାବୁ ଶବ୍ଦ ଲାଗିଲେ ତାହା ବାତ୍ସଲ୍ୟାର୍ଥକ ସମ୍ବୋଧନ ବୁଝାଏ । ତାଙ୍କର ଗୁରୁ ସ୍ଥାନୀୟ ବା ବୟୋଜ୍ୟେଷ୍ଠ ବନ୍ଧୁ ଉପରୋକ୍ତ ବ୍ୟକ୍ତିଙ୍କୁ ତାଙ୍କବେ 'ବାବୁ ବଳଦେବ ।' ]

୩ । ପ୍ରଭୁଙ୍କ ପ୍ରତି ସମ୍ବୋଧନ—3. A word used in addressing a master.

[ ଦ୍ର—ବଙ୍ଗୀୟମାନେ ଏ ଦେଶକୁ ଆସିବା ପୂର୍ବରୁ ଓଡ଼ିଆ ଚାକରମାନେ ପ୍ରଭୁଙ୍କୁ ସାଆନ୍ତ ଓ ପ୍ରଭୁପତ୍ନୀଙ୍କୁ ସାଆନ୍ତାଣୀ ବୋଲି ସମ୍ବୋଧନ କରୁଥିଲେ । ବର୍ତ୍ତମାନ ପ୍ରଭୁଙ୍କୁ ବାବୁ ଓ ପ୍ରଭୁପତ୍ନୀଙ୍କୁ ଠାକୁରାଣୀ, ବାବୁଆଣୀ ବା ମାଆ ବୋଲି ସମ୍ବୋଧନ କରନ୍ତି । ]

ପ୍ରାଦେ. (ସମ୍ବଲପୁର ଓ ସିଂହଭୂମି) ବି—ଶ୍ରେଷ୍ଠ ପୁରୁଷ ପିଲା—
A male child.

[ଦ୍ର—ବାପ ମାଆ ପୁଅକୁ ମଧ୍ୟ ଏହି ସମ୍ବୋଧନରେ ଡାକନ୍ତି ।]

**ବାବୁଆଣୀ**—ଦେ. ବି. ସ୍ତ୍ରୀ—ବାବୁର ସ୍ତ୍ରୀ ଲିଙ୍ଗ—
Bābuāṇi Feminine of Bābu.
**बबुआनी** ଗୃହକର୍ତ୍ତ୍ରୀ; ମାଲିକାଣୀ—The mistress of the house.

**ବାବୁଆଣୀ**—ଦେ. ବି—୧ । ବିଳାସିତା; ସଉକ—
Bābuāni 1. Luxury; foppery.
ବାବୁଆନା } ଅନ୍ୟରୂପ
ବାବୁଗିରି }
୨ । ସୁଖାସକ୍ତି-ଆଳସ୍ୟ; ଅଳସୁଆ ପଣ; ଭୋଗବିଳାସିତା—
बाबुगिरि, बाबुयाना, बाबुयानी 2. Comfortable idleness; luxurious ease.
**बाबुआना**

୨ । ଧନୀଙ୍କ ଚାଲିଚଳନ; ବଡ଼ଲୋକି—1. Acts or conduct becoming a rich man.

**ବାବୁଇ**—ପ୍ରାଦେ. (ମେଦନୀପୁର) ବି—ତୃଣ ଘାସ—
Bābui A kind of rush or long grass.

**ବାବୁଇଆ**—ଦେ. ବି—ପନାସି ( ଦେଖ )
Bābuiā Panāsi ( See ) (Hainee).

**ବାବୁଘର**—ଦେ. ବି—୧ । ବଧୂର ବାପଘର; ପିତୃଗୃହ—
Bābughara The house of the father of a daughter-in-law.
**नैहर; पीहर**

ତୁ ଗର୍ଭେ ଥିଲୁ ତୋର ମାତା ବାବୁଘର
ଯାଇଥିଲେ ସେଠାରେ ଜନ୍ମ ହେଲୁ ତୋର—
କୃଷ୍ଣସିଂହ. ମହାଭାରତ. ଶାନ୍ତି ।

୨ । ବଡ଼ ଧନୀ ବ୍ୟକ୍ତିର ଘର—2. The houseor home of a rich man.

**ବାବୁଜୀ**—ବୈଦେ. ଅ. (ହିନ୍ଦୀରୁ ଅନୁକୃତ)—୧ । ବାବୁମାନଙ୍କୁ କରାଯିବା ସମ୍ବୋଧନ—1. A term of address to
Bābuji a 'Bābu'. ୨ । ବାତ୍ସଲ୍ୟାର୍ଥକ ସମ୍ବୋଧନ—
बाबुजी, बाबाजी 2. A term of fond address.
**बाबुजी**

**ବାବୁନା**—ଦେ. ଅ—ପ୍ରେମ୍ବସୀର ଅପଣାର ପ୍ରିୟତମ ବ୍ୟକ୍ତିପ୍ରତି ବା ସ୍ତ୍ରୀର
Bābunā ସ୍ୱାମୀ ପ୍ରତି ସ୍ନେହସୂଚକ ସମ୍ବୋଧନ—A fond
( ବାବୂନ—ଅନ୍ୟରୂପ ) address by a woman to her beloved.

ବାବୁନା ବୈଦେ. ବି. (ଫା)—ସୋମରାଜ୍ୟାଦି ବର୍ଗର ଶାକବିଶେଷ—
**बाबुना** Chamomile.

[ ଦ୍ର—ଏହା ଇଉରୋପ ଓ ପାରସ୍ୟର ଗଛ; ପଞ୍ଜାବରେ ଜନ୍ମେ । ଏହାର ଶୁଖିଲା ଧଳା ଫୁଲ ଔଷଧରେ ଲାଗେ; ଏହି ଫୁଲକୁ ତେଲରେ ପକାଇଲେ ସେ ତୈଳଦ୍ୱାରା ଶୂଳରୋଗ, ଦୁର୍ବଳତା ନଷ୍ଟ ହୁଏ । ଏ ଫୁଲକୁ ପାଣିରେ ସିଝାଇ ପିଇଲେ ବମନ ହୁଏ ଓ ସ୍ତ୍ରୀମାନଙ୍କ ଋତୁ ବନ୍ଦ ହୋଇଥିଲେ ଏହିରେ ଉପକାର ଦର୍ଶେ ।]

**ବାବୁ ଭ(ଭା)ୟା**—ଦେ· ବି—(ସହରର ଶବ୍ଦ)—୧ । ଭଦ୍ର ଓ ଧନୀ
Bābu bha(bhā)yā ବ୍ୟକ୍ତିମାନେ—1. The rich and the noble.
ବାବୁ ବସ୍ତ୍ରବର } ଅନ୍ୟରୂପ
ବାବୁଭେୟା }
୨ । ରାଜ ଦରବାରର ବ୍ୟକ୍ତିଗଣ—2. The noblemen of a state.
**बाबुभैया**

**ବାବୁର୍ ବୁଆ**—ପ୍ରାଦେ. (ସମ୍ବଲପୁର) ବି. ପୁଂ—ପୁରୁଷ ପିଲାର ବାପ;
Bābur buā ପୁଅର ବାପ—The father of a male child.

[ ଦ୍ର—ଏହା ସନ୍ତାନବାନ୍ ପୁରୁଷପ୍ରତି ଅଭିବାଦନସୂଚକ ବାକ୍ୟରୂପେ ଓ ପୁତ୍ରବତୀସ୍ତ୍ରୀର ଅପଣା ସ୍ୱାମୀ ପ୍ରତି ସମ୍ବୋଧନ ବାକ୍ୟରୂପେ ବ୍ୟବହୃତ ହୁଏ । ]

**ବାବୁର୍ ମା**—ପ୍ରାଦେ ( ସମ୍ବଲପୁର ) ବି. ସ୍ତ୍ରୀ—ପୁଅର ମା; ଅପଣାର
Bābur mā ସନ୍ତାନବତୀ ସ୍ତ୍ରୀ ପ୍ରତି ସମ୍ବୋଧନ—Oh ! mother of my son (addressed to one's wife who has got children).

ବାବୁରି(ଲି)—ଦେ. ବି—ବବୁର ବାଳ (ଦେଖ)
Bāburi(li) बाबुरी **बाबरी** Babura bāḷa (See)
ସରଶୀର ମୃଦୁବାତେ ମନ୍ଦେ ଦୋଳ ଶ୍ୱେତାର୍ଦ୍ର ଭଲେ ବାବୁରି
କୁନ୍ତଳର ଲଗ୍ନ ଗୁଚ୍ଛ ଉଅଇଛ ଅଯତ୍ନ-ଜାତ ମାଧୁରୀ—
ରାଧାନାଥ, ଯଯାତି ।

ବାବୁ ସାହେ(ହା)ବ—ଦେ. ଅ—୧ । ବାତ୍ସଲ୍ୟାର୍ଥ ସମ୍ବୋଧନ—
Bābu sāhe(hā) ba 1. A term of fond address.
**बाबुसाहेब** ୨ । ଭଦ୍ରଲୋକଙ୍କ ପ୍ରତି ଦୁଃଖୀର ସମ୍ବୋଧନ—
2. A term of address to the rich by the poor.

ବାବେ—ପ୍ରାଦେ. (ସମ୍ବଲପୁର) ବି—ପନାସି (ଦେଖ)
Bābe (ବାବେଇ—ଅନ୍ୟରୂପ) Panāsi (See).

ବାଭା—ପ୍ରାଦେ. (ଗଡ଼ଜାତ) ବି—ପୁଅ; ବତ୍ସ—
Bābhā Son; child.

ବାଭିଏ—ଗ୍ରା. ଅ—ଶୂଦ୍ର ଜାମାତାମାନଙ୍କର ଶ୍ୱଶୁରଙ୍କ ପ୍ରତି ଓ ଶ୍ୱଶୁରଙ୍କର
Bābhie ଜାମାତାଙ୍କ ପ୍ରତି ପ୍ରୟୋଗ କରିବା ସମ୍ମାନସୂଚକ ସମ୍ବୋଧନ
ବାବଏ(ବେ) } ଅନ୍ୟରୂପ (ଏ ଶବ୍ଦ ପ୍ରାୟଶଃ ଏକ ବଚନରେ
ବାବେ(ଭେ) } ପ୍ରଯୁକ୍ତ ହୁଏ)—Expression add-
ବାଭେଇ } ressed by a Sudra to his
**बापु** father-in-law or the father-in-law to his son-in-law, used in the singular number.

ବାଭୁ(ମୁ,ମ୍ଭୁ)ଣ—ଗ୍ରା. ବି—(ସଂ. ବ୍ରାହ୍ମଣ)—ବ୍ରାହ୍ମଣ—
Bābhu(mu, mbhu)ṇa A Brāhmaṇa
बामुन, बामण **बाम्हन**

ବାଭ୍ରବୀ—ସଂ. ବି. ସ୍ତ୍ରୀ—(ବଭ୍ରୁ=ଶିବ+ଅ+ସ୍ତ୍ରୀ. ଈ)—ଦୁର୍ଗା—
Bābhrabī Goddess Durgā.

ବାମ୍—ବୈଦେ. ବି. (ଇଂ)—ଏକପ୍ରକାର ସୁଗନ୍ଧ ପତ୍ରବିଶିଷ୍ଟ ଗୁଳ୍ମ—
Bām बाम **बाम** Melissa (plant); Balm of Gilead.

**बाम** ଦେ. ବି—(ସଂ. ବ୍ୟାମ)—୧ । ଜାହାଜରେ ବ୍ୟବହୃତ ଜଳର ଗଭୀରତାର ମାପବିଶେଷ; ପ୍ରାୟ ୬ଫୁଟ ଦୈର୍ଘ୍ୟ; ବେଁ—
1. A nautical measure of 6 feet; fathom.
[ ଦ୍ର—ମନୁଷ୍ୟ ନିଜର ଦୁଇ ବାହୁକୁ ପରସ୍ପର ବିପରୀତ ଦିଗକୁ ଦୁଇ ସ୍କନ୍ଧ ସହିତ ଏକ ସରଳରେଖାରେ ପ୍ରସାରିତ କଲେ ଏକ ହାତର ମଝି ଅଙ୍ଗୁଠିର ଅଗରୁ ଅନ୍ୟ ହାତର ମଝି ଅଙ୍ଗୁଠିର ଅଗ ପର୍ଯ୍ୟନ୍ତ ଦୈର୍ଘ୍ୟକୁ ବାମ୍ ବୋଲିଯାଏ । ଏହା ପ୍ରାୟ ୬ଫୁଟ୍ ଅଟେ । ]
୨ । ଜାହାଜ ଅଦରେ ବ୍ୟବହୃତ, ଅଗରେ ସୀସାଖଣ୍ଡ ବନ୍ଧା ହୋଇଥିବା ମାପ ଦଉଡ଼ି—2. Fathom-line of a ship; line and lead.
[ଦ୍ର—ଜାହାଜ ଚାଲୁଥିବା ବେଳେ ଜାହାଜ ଉପରେ ଜଣେ ଲୋକ ଠିଆହୋଇ ସମୁଦ୍ର ଆଡ଼କୁ ଝୁଙ୍କିପଡ଼ି ଜାହାଜର କଡ଼ର ପାଣିକୁ ଏ ଦଉଡ଼ାକୁ ଫିଙ୍ଗୁଥାଏ ଓ ଉଠାଉଥାଏ, ଏବଂ ଉକ୍ତ ଦଉଡ଼ାରେ ଯେତେହାତ ଉଚ୍ଚତା ପର୍ଯ୍ୟନ୍ତ ପାଣିର ଚିହ୍ନ ରହେ ତଦନୁସାରେ ପାଣିର ଗଭୀରତା ଅନୁମିତ ହୁଏ]।
୩ । ବେଁ (ଦେଖ)—3. Beṅ (See).

ବାମ୍ଣୀ(ଣି)—ପ୍ରାଦେ. (ସମ୍ବଲପୁର) ବି—ନିର୍ବିଷ ସର୍ପବିଶେଷ—
Bām-ṇī(ṇi) A kind of venomless snake.
[ ଦ୍ର—ଏହାର ବେକଠାରୁ ମୁଣ୍ଡ ପର୍ଯ୍ୟନ୍ତ ହଳଦିଆ ଓ ଦେହ ଚକ ଚକ ଅଟେ । ]

ବାମ୍ ଦେଖ୍—ଦେ. ଅ—(ଯୁବକ ଯାଧାସ୍ୟାମଙ୍କ ପ୍ରବର୍ତ୍ତିତ ଡ୍ରିଲ୍ ସମ୍ବନ୍ଧୀୟ
Bām dekh ଆଦେଶ ବଚନ)—ବାମ ଦିଗକୁ ଗୃହାଁ—
(a term of school drill) Left dress !

ବାମ୍ନା—ପ୍ରାଦେ. (ସମ୍ବଲପୁର) ବି.—(ଭୁଲ. ହି° ବାଭନ୍)—ବ୍ରାହ୍ମଣ—
Bām-nā (ବାମ୍ହନ୍—ଅନ୍ୟରୂପ) A Brāhmaṇa.
ଖେଳ କଖାଏ ଶରବନା
ଗାଁ ଜଗାଏ ବାମନା — ଢଗ ।

ବାମ୍ ବାଙ୍କ୍—ଦେ. ଅ.—( ଯୁବକ ଯାଧାସ୍ୟାମଙ୍କ ପ୍ରବର୍ତ୍ତିତ ଡ୍ରିଲ୍
Bām bāṅk ସମ୍ବନ୍ଧୀୟ ଆଦେଶ ବଚନ)—( a term of school drill) Left Wheel !

ବାମ୍ ବୁଲ୍—ଦେ. ଅ.—( ଯୁବକ ଯାଧାସ୍ୟାମଙ୍କ ପ୍ରବର୍ତ୍ତିତ ଡ୍ରିଲ୍
Bām bul ସମ୍ବନ୍ଧୀୟ ଆଦେଶ ବଚନ)—(a term of school drill) Left Turn !

ବାମ—ସଂ. ବିଣ.—(ବା ଧାତୁ=ଗମନ କରିବା+କର୍ତ୍ତୃ. ମ)—୧ । ବାଁଆ
Bāma (ପାଖ); ଅପସବ୍ୟ; ଦକ୍ଷିଣେତର—1. Left (side).
(ବାମା—ସ୍ତ୍ରୀ) ୨ । ବିପରୀତ—2. Opposite; reverse. ୩ । ବିମୁଖ; ପ୍ରତିକୂଳ; ବିପକ୍ଷ—3. Reverse; antagonistic. ୪ । ବକ୍ର; କୁଟିଳ—4. Bent; curved. ୫ । ବାମଦିଗରେ ସ୍ଥିତ—5. Situate on the left side. ୬ । ସୁନ୍ଦର; ମନୋହର; ସୁନ୍ଦର—6. Beautiful; dainty; pleasing. ୭ । ଅଧମ—7. Worthless; mean. ୮ । ଶ୍ରେଷ୍ଠ—8. Excellent. ୯ । ମନ୍ଦ; ଦୁଷ୍ଟ (ହ୍ର. ଷ.)—9. Bad; wicked.
ବି.—୧ । ବାଆଁ ପାଖ—1. Left side. ୨ । ମହାଦେବ—2. Siba. ୩ । କାମଦେବ—3. Cupid personified. ୪ । ବକ୍ଷ—4. Breast; chest. ୫ । ଜୀବ—5. Animal ୬ । ଧନ—6. Treasure; wealth. ୭ । କୁଚ; ସ୍ତନ—( ହ୍ର. ଷ. )—7. Female's breast. ୮ । ଏକ ରୁଦ୍ରଙ୍କ ନାମ (ହ୍ର.ଷ) 8. Name of a Rudra Deity. ୯ । ବରୁଣ—(ହ୍ର. ଷ.)—9. The sea-god. ୧୦ । (ନାମ) କୃଷ୍ଣଙ୍କ ଏକ ପୁତ୍ର (ହ୍ର.ଷ.)—10. Name of a son of Krushṇa. ୧୧ । ୨୪ ଅକ୍ଷରର ଏକ ବର୍ଣ୍ଣବୃତ୍ତ, ଯହିଁର ପ୍ରତି ଚରଣରେ ସାତ ଜଗଣ ଓ ଏକ ଯଗଣ ଥାଏ (ଏ ବୃତ୍ତର ଅନ୍ୟ ନାମ, ମଞ୍ଜରୀ, ମକରନ୍ଦ, ମାଧବୀ)—(ହ୍ର. ଷ.)—11. Name of a Sanscirt metre of 24 syllables.
ଦେ. ବି—୧ । ପ୍ରତିକୂଳତା—1. Unfavourableness.
ଯେଉଁମାନେ ଯୁଦ୍ଧରେ ମାରିବେ ଦେବଙ୍କ
ସେମାନେ ମଲେ ଅଗ୍ନ ଅଦୃଷ୍ଟ ବାମକୁ । କୃଷ୍ଣସିଂହ, ମହାଭାରତ ଶଲ୍ୟ

୨ । ବକ୍ରତା—2. Crookedness.
୩ । ବାମଦେବ ନାମକ ବ୍ୟକ୍ତିର ଡାକ ନାମ—
3. A name for calling 'Bāmadeba'.

**ବାମ କରବା**—ଦେ. କ୍ରି—କୌଣସି ବ୍ୟକ୍ତିକୁ ବାମ ପାଖରେ ରଖି ବସିବା
**Bāma kariba** To sit at the right side of another
**बाँयाकरना** leaving the left side to him.

ବାମ କରିବ କ କହ ଯେ ମୋ ପ୍ରାଣେଶ୍ୱର—
ଉକ୍ତ. କୋଟିବ୍ରହ୍ମାଣ୍ଡ ସୁନ୍ଦରୀ ।

**ବାମକେଳି**—ଦେ. ବି—ମୌଲମିନ (ଦେଖ)
**Bāmakeḷi** Maulamin (See).

**ବାମଦେବ**—ସଂ. ବି—( ବାମ=ସୁନ୍ଦର ବା ବକ୍ରରୂପ+ଦେବ )—
**Bāmadeba** ୧ । ମହାଦେବ—1. Śiba. ୨ । ଋଷିବିଶେଷ—
2. Name of a sage.
[ଦ୍ର—ଏ ଦଶରଥଙ୍କ ପୁରୋହିତ ଓ ମନ୍ତ୍ରୀ ଥିଲେ । ଋଗ୍‌ବେଦର ୪ର୍ଥ ମଣ୍ଡଳର ଅଧିକାଂଶ ସୂକ୍ତର ଦ୍ରଷ୍ଟା ବାମଦେବ ନାମକ ଜଣେ ଋଷି ଥିଲେ ।]
ଦେ. ବି—ପୁରୁଷମାନଙ୍କୁ ଦିଆଯିବା ନାମ—A name given to males.

**ବାମଦେବୀ**—ସଂ. ବି—(ବାମ+ଦେବୀ)—୧ । ଦୁର୍ଗା (ହି. ଶ)—
**Bāmadebī** 1. Durgā. ୨ । ସାବିତ୍ରୀ (ହି. ଶ)—
2. Sābitrī (See).

**ବାମନ(ନା)**—ପ୍ରାଦେ. (ସମ୍ବଲପୁର) ବି—(ସଂ. ବ୍ରାହ୍ମଣ; ଭୂଲ. ହି
**Bāman(nā)** ବାମ୍ହନ)—ବ୍ରାହ୍ମଣ—Brāhmaṇa.
କୁଲାସ୍ୟା କୁଲତା ନଷ୍ଟ ର ତେଲ
ବାମନ୍ ସାଙ୍ଗେ ବାନ୍ଧ ନ ଗୁଲି—ଗୀତ ।

**ବାମନ**—ସଂ. ବଣ. ପୁଂ—( ବମ୍ ଧାତୁ ଣିଚ୍; ବାମି ଧାତୁ=ବମନ କରିବା+ କର୍ମ. ଅନ; ଯେ ଅନ୍ୟାନ୍ୟ ପ୍ରାଣିଙ୍କଠାରୁ ବଳିବା ବା ଖର୍ବ ଅବୟବବିଶିଷ୍ଟ )—୧ । ଖର୍ବ;
**Bāmana** (ବାମନକ-ଅନ୍ୟରୂପ)
**ବାମନା** } ସ୍ତ୍ରୀ ଖର୍ବକାୟ; ଗେଡ଼ା; ହ୍ରସ୍ୱ—1. Dwarfish;
**ବାମନିକା** } stunted. ୨ । କ୍ଷୁଦ୍ର—2. Small ୩ । ନୀଚ—
3. Low.
ବି—୧ । ଖର୍ବକାୟ ବ୍ୟକ୍ତି—1. A dwarf. ୨ । (ବାମ=ବପନ+ନ=ଛେଦନ )—ବିଷ୍ଣୁଙ୍କର ୪ର୍ଥ ଅବତାର—
2. The fourth incarnation of Bishṇu.
[ଦ୍ର—ଏ ଅବତାରରେ ବିଷ୍ଣୁ ଗୋଟିଏ ଖର୍ବକାୟ ବ୍ରାହ୍ମଣ ରୂପ ଧରି ବଳିରାଜାକୁ ଦାନ ମାଗି ତାଙ୍କୁ ତାଙ୍କ ଶରୀରରୁ ନର୍ଗତ ତୃତୀୟ ପାଦରେ ପାତାଳପୁରକୁ ଚାପିଥିଲେ । ]
୩ । ଦକ୍ଷିଣ ଦିଗର ହସ୍ତୀ—3 The mythological elephant guarding the south. ୪ । ବିଷ୍ଣୁ (ହି. ଶ)—Bishṇu. ୫ । ଶିବ (ହି. ଶ)—5. Śiba. ୬ । ଏକ ପ୍ରକାର ଶ୍ୱେତ (ଚିତ୍ର) ଘୋଡ଼ା (ହି. ଶ. )—6. A species of nag. ୭ । ( ନାମ ) ହନୁମାନର ଏକ ପୁତ୍ର (ହି. ଶ)—7. Name of a son of Hanumān. ୮ । (ନାମ) ଏକ ନାଗର ନାମ (ହି. ଶ)—8. Name of a mythological serpent. ୯ । (ନାମ) ଗରୁଡ଼ବଂଶୀ ଏକ ପକ୍ଷୀ (ହି.ଶ)—9. Name of a mythological bird.
୧୦ । (ନାମ) କ୍ରୌଞ୍ଚ ଦ୍ୱୀପର ଏକ ପର୍ବତ (ହି. ଶ)—10. Name of a mythological mountain.
୧୧ । ଅଠର ପୁରାଣ ମଧ୍ୟରୁ ଏକ (ହି. ଶ.)—11. The title of one of the 18 Hindu mythological treatises.
ଦେ. ବି—ପୁରୁଷ ଲୋକଙ୍କୁ ଦିଆଯିବା ନାମ—A name given to males.

**ବାମନ ଜନ୍ମ**—ସଂ. ବି—ଭାଦ୍ର ଶୁକ୍ଳଦ୍ୱାଦଶୀରେ ଅନୁଷ୍ଠିତ ପର୍ବ—
**Bāmana janma** The religious ceremoney observed
(ବାମନ ଦ୍ୱାଦଶୀ—ଅନ୍ୟରୂପ) on the 12th day of the bright fortnight of Bhādra.
[ଦ୍ର—ବାମନ ଅବତାରରେ ବିଷ୍ଣୁ ଏହିଦିନ ଅଦିତିଙ୍କ ଗର୍ଭରୁ ଆବିର୍ଭୂତ ହୋଇଥିଲେ ।]

**ବାମନ(ନା)ଭୂତ**—ପ୍ରାଦେ. (ସମ୍ବଲପୁର) ବି—ବାବନାଭୂତ (ଦେଖ)
**Bāmana(nā)bhut** Bābanābhūta (See).

**ବାମନୟନା**—ସଂ. ବଣ. ସ୍ତ୍ରୀ—(ବହୁବ୍ରୀହି; ବାମ=ସୁନ୍ଦର+ନୟନ)—
**Bāmanayanā** ସୁନ୍ଦର ନେତ୍ରବିଶିଷ୍ଟା (ସ୍ତ୍ରୀ); ସୁଲୋଚନା—
(ବାମଲୋଚନା—ଅନ୍ୟରୂପ) Fine-eyed (damsel).

**ବାମନୀ(ଣୀ) ରାଜ୍ୟ**—ଦେ. ବି—( ସଂ. ବ୍ରାହ୍ମଣୀୟ+ରାଜ୍ୟ )—ବାହାମନୀ
**Bāmanī(ṇī) rājya** ରାଜ୍ୟ; ପଠାଣ ସାମ୍ରାଜ୍ୟର ପତନ ସମୟରେ
(ବାହାମଣୀ(ନୀ)ରାଜ୍ୟ—ଅନ୍ୟରୂପ) ଦକ୍ଷିଣଭାରତରେ ପ୍ରତିଷ୍ଠିତ
ବାହାମନୀରାଜ୍ୟ ହୋଇଥିବା ମୁସଲମାନ ରାଜ୍ୟବିଶେଷ—The
**बाहामनी राजय** Bohamony kingdom; a Mahomedan kingdom established in the Deccan (modern Hyderabad) on the fall of the Pathān Empire.
[ଦ୍ର—ପଠାଣ ସମ୍ରାଟ ଗିୟାସୁଦ୍ଦିନ୍ ତୋଗଲକଙ୍କ ପୁତ୍ର ମହମ୍ମଦ୍ ତୋଗଲକ୍ ବିଦ୍ୱାନ୍ ଥିଲେହେଁ ଅତି ନିର୍ଦ୍ଦୟ ଓ ବାତୁଳ-ପ୍ରାୟ ହେବାରୁ ସାମ୍ରାଜ୍ୟର ସ୍ଥାନେ ସ୍ଥାନେ ବିଦ୍ରୋହର ସୂତ୍ରପାତ ହେଲା ଓ ପ୍ରାଦେଶିକ ଶାସନକର୍ତ୍ତାମାନେ ସ୍ୱାଧୀନତା ଘୋଷଣା କଲେ । ଖ୍ରୀ ୧୩୪୭ ସାଲରେ ଦାକ୍ଷିଣାତ୍ୟ ଭୂଭାଗର ଶାସନକର୍ତ୍ତା ଜାଫର ଖାଁ ସ୍ୱାଧୀନତା ଘୋଷଣା କରି ବାମନୀ ରାଜ୍ୟ ସ୍ଥାପନ କଲେ । ଏ ରାଜ୍ୟର ସ୍ଥାପୟିତାଙ୍କୁ ବାଲ୍ୟକାଳରେ ଗଙ୍ଗୁ ନାମକ ଜଣେ ବ୍ରାହ୍ମଣ ପୁତ୍ରବତ୍ ପ୍ରତିପାଳ ଥିବାରୁ ଉକ୍ତ ପାଳକଙ୍କୁ ଚିରସ୍ମରଣୀୟ କରିବା ଉଦ୍ଦେଶ୍ୟରେ ସ୍ଥାପୟିତା ଏ ରାଜ୍ୟର ନାମ 'ବ୍ରାହ୍ମଣୀ' ବା 'ବାମନୀ' ବା 'ବାହାମନୀ' ରଖିଲେ ଓ ନିଜର ନାମ ଅଲ୍ଲାଉଦ୍ଦିନ ହସନ ଗଙ୍ଗୁ ବାହାମନୀ ରଖିଲେ । ଏହା ଦାକ୍ଷିଣାତ୍ୟର ଅଧୁନାତନ ହାଇଦ୍ରାବାଦ ରାଜ୍ୟ । ଏ ରାଜ୍ୟ ଉତ୍ତରରେ ତାପ୍ତୀ ନଦୀଠାରୁ ଦକ୍ଷିଣରେ ତୁଙ୍ଗଭଦ୍ରା ଓ କୃଷ୍ଣାନଦୀ ପର୍ଯ୍ୟନ୍ତ ବିସ୍ତୃତ ଥିଲା । ପ୍ରଥମେ ଏଥିର ରାଜଧାନୀ କୁଲବର୍ଗ; ପରେ ବିଦରରେ ହୋଇଥିଲା । ଏ

ରାଜବଂଶ ପ୍ରାୟ ୧୫୦ ବର୍ଷ ରାଜତ୍ୱ କରବା ପରେ ଏହାର ପତନ ହେଲା ଓ ଏ ରାଜ୍ୟରୁ ପାଞ୍ଚ ଗୋଟି ସ୍ୱାଧୀନ ରାଜ୍ୟ ଓ ରାଜବଂଶ ସ୍ଥାପିତ ହେଲା :—

୧ । ଆଦଲ୍‌ସାହାଙ୍କ ସ୍ଥାପିତ ଆଦଲ୍‌ସାହି ରାଜ୍ୟ—(ସ୍ଥାପିତ ଖ୍ରୀ ୧୪୮୯, ରାଜଧାନୀ ବିଜାପୁର)—୨ । ନିଜାମ୍‌ସାହାଙ୍କ ସ୍ଥାପିତ ନିଜାମ୍‌ସାହି ରାଜ୍ୟ—(ସ୍ଥାପିତ ଖ୍ରୀ ୧୪୯୦, ରାଜଧାନୀ ଅହାମଦନଗର—୩ । କୁତବ୍‌ସାହାଙ୍କ ପ୍ରତିଷ୍ଠିତ କୁତବ୍‌ସାହି ରାଜ୍ୟ—(ସ୍ଥାପିତ ଖ୍ରୀ ୧୫୧୨, ରାଜଧାନୀ ଗୋଲକୁଣ୍ଡା)—୪ । ବରଦ୍‌ସାହାଙ୍କ ବରଦ୍‌ସାହି ରାଜ୍ୟ—(ସ୍ଥାପିତ ଖ୍ରୀ ୧୫୦୪, ରାଜଧାନୀ ବିଦର)—୫ । ଇମାଦ୍‌ସାହାଙ୍କ ଇମାଦ୍‌ସାହି ରାଜ୍ୟ—(ସ୍ଥାପିତ ଖ୍ରୀ ୧୪୮୪, ରାଜଧାନୀ ବେରାର)—ପରେ ଏ ରାଜ୍ୟମାନ ମୋଗଲ ସମ୍ରାଟମାନଙ୍କ ଦ୍ୱାରା ମୋଗଲ ସାମ୍ରାଜ୍ୟଭୁକ୍ତ ହେଲା—ପ୍ରୋଥେରୋ ସାହେବଙ୍କ ଇଂରାଜ ସ୍କୁଲ—ଇତିହାସ । ]

ବାମମାର୍ଗ—ସ. ବି. (କର୍ମଧା, ବାମ=ପ୍ରତିକୂଳ, ଅର୍ଥାତ୍ ବେଦବିରୁଦ୍ଧ+ମାର୍ଗ)—ବେଦବିହିତ (ଦକ୍ଷିଣ) ମାର୍ଗର ପ୍ରତିକୂଳ (ବାମମାର୍ଗୀ—ବ୍ୟକ୍ତିବାଚକ ବିଶେଷଣ) ତାନ୍ତ୍ରିକ ବିଧି, ଯହିଁରେ ବେଦବିରୁଦ୍ଧ ପଞ୍ଚମକାରଆଦିର ବିଧାନ ଅଛି—
Bāmamārga The Tantrik rituals (as opposed of the Bedic rituals).

ବାମଲୂର—ସ. ବି. (ବାମ=ବିପରୀତ+ଲୂ ଧାତୁ=ଛେଦନ କରିବା+ର)—ବଲ୍ମୀକ; ଉଇହୁଙ୍କା—Ant hill.
Bāmalūra

ବାମହସ୍ତ—ଦେ. ବି.—(ପୁରୁଷ ପକ୍ଷରେ) ଆପଣାର ହସ୍ତଦ୍ୱାରା ଅସ୍ୱାଭାବିକ ରୀତିରେ କାମପ୍ରବୃତ୍ତି ଚରିତାର୍ଥ କରିବା; ହସ୍ତମୈଥୁନ—Masturbation; onanism.
Bāmahasta (ବାମହସ୍ତକ—ଅନ୍ୟରୂପ)
**सरका कुटना** हस्तमैथुन

ବାମା—ସ. ବିଣ. ସ୍ତ୍ରୀ. (ବାମ+ଆ; ବାମର ସ୍ତ୍ରୀଲିଙ୍ଗ)—୧ । ପ୍ରତିକୂଳା—
Bāmā 1. Antagonistic (female). ୨ । ପ୍ରତିକୂଳାଚାରିଣୀ—2. (a woman) Acting contrarily. ୩ । ସୁନ୍ଦରୀ—3. Beautiful; graceful

ବି. ସ୍ତ୍ରୀ—୧ । ନାରୀ; ସ୍ତ୍ରୀ—1. Woman. ୨ । ଦୁର୍ଗା—2. Durgā. ୩ । ଲକ୍ଷ୍ମୀ—3. Lakshmī. ୪ । ଦଶ ଅକ୍ଷରବିଶିଷ୍ଟ ବର୍ଣ୍ଣବୃତ୍ତବିଶେଷ—4. Name of a Sanscrit metre.

[ ଦ୍ର—ଏଥିର ପ୍ରତ୍ୟେକ ଚରଣରେ ଏକ ତଗଣ, ଏକ ୟଗଣ ଏକ ଯୁଗଣ ଥାଏ ଓ ଶେଷ ବର୍ଣ୍ଣ ଗୁରୁ—ହି. ଶ. ]

୫ । ସରସ୍ୱତୀ—5. Saraswatī (Apte).

ଦେ. ବି. ସ୍ତ୍ରୀ. (ସ. ବାମୀ)—୧ । ଘୋଟକୀ—1. Mare.

ବାମାକାଳେ ଭନୁବାମା—ପ୍ରସବ ସୂନୁ ସୁଷମା
ଲକ୍ଷିତ ହୁଅନ୍ତା ଅଙ୍ଗ ଅନଙ୍ଗ ପ୍ରଭ । ଉଚ୍ଚ. ବୈଦେହୀଶବିଳାସ ।

୨ । ବାମା ସୁନ୍ଦରୀ ବା ବାମା ପ୍ରେୟସୀ ନାମ୍ନୀ ସ୍ତ୍ରୀର ଡାକ ନାମ—2. Name by which Bāmāsundarī or Bāmāpreyasī is called.

ବାମା କଣ୍ଠ—ସ. ବି. (୬ଷ୍ଠୀ ତତ୍; ବାମା+କଣ୍ଠ)—୧ । ସ୍ତ୍ରୀକଣ୍ଠ—
Bāmā kantha 1. Woman's throat. ୨ । ସ୍ତ୍ରୀର କଣ୍ଠସ୍ୱର—2. Female tone; female voice.

ବାମାକ୍ଷି—ସ. ବି. ପୁଂ. (କର୍ମଧା; ବାମ+ଅକ୍ଷି)—ବାଆଁ ଆଖି—
Bāmākshi Left eye.

ବିଣ. (ବହୁବ୍ରୀହି)—୧ । ସୁନ୍ଦର ନେତ୍ରବିଶିଷ୍ଟ—1. Having fine eyes. ୨ । ଯାହାର ବାଆଁ ଆଖିଟି ଅଛି; ବାଆଁ ଆଖିଆ—2. Left eyed.

ବାମାକ୍ଷୀ—ସ. ବିଣ. ସ୍ତ୍ରୀ. (ବାମ+ଅକ୍ଷ+ଈ)—ବାମନୟନା; ସୁନୟନା—
Bāmākshī Fine-eyed (woman).

ସ. ବି. ସ୍ତ୍ରୀ—୧ । ସୁନ୍ଦରୀ ସ୍ତ୍ରୀ—1. A graceful lady.
୨ । ଦୀର୍ଘଈକାର (ହି. ଶ.)—2. The letter long 'ī'.

ବାମାଚାର—ସ. ବି. (ବାମ=ଶ୍ରେଷ୍ଠ+ଆଚାର=ଧର୍ମାଚରଣ; ତନ୍ତ୍ରମତେ ଶ୍ରେଷ୍ଠାଚାର)—ତନ୍ତ୍ରୋକ୍ତ ପଞ୍ଚମକାର ସାଧନ ରୀତି; ବାମମାର୍ଗ—A method of worship or rites recommended in the Tantras.
Bāmāchāra

[ ଦ୍ର—ମତ୍ସ୍ୟ, ମାଂସ, ମଦ୍ୟ, ମୈଥୁନ ଓ ମୁଦ୍ରାଦ୍ୱାରା ଏ ଉପାସନା କରାଯିବାରୁ ଏ ଉପାସନାର ନାମ ପଞ୍ଚମକାର ସାଧନ । ଏହି ମତାବଲମ୍ବୀ ସାଧକମାନେ ଆପଣାକୁ ସାଧକ, ବୀର ନାମରେ ଓ ବିରୋଧୀ ମତବାଦୀ ସାଧକଙ୍କୁ 'କଣ୍ଟକ' ନାମରେ ଅଭିହିତ କରନ୍ତି—ହି. ଶ. ]

ବାମାଚାରୀ—ସ. ବିଣ. ପୁଂ—ତନ୍ତ୍ରୋକ୍ତ ବାମାଚାର ପ୍ରକ୍ରିୟାର ସାଧକ—
Bāmāchārī (a devotee) Worshipping according to 'Bāmāchāra' rites.
(ବାମ ମାର୍ଗୀ—ଅନ୍ୟରୂପ)

ବାମାବର୍ତ୍ତ—ସ. ବିଣ. (ବହୁବ୍ରୀହି; ବାମ=ବାଆଁ ଦିଗକୁ ଆବର୍ତ୍ତ=ଭଉଁରି ଯାହାର)—୧ । ଯେଉଁ ଶଙ୍ଖର ଭଉଁରି ଡାହାଣଦିଗରୁ ବାଆଁ ଦିଗକୁ ବୁଲିଥାଏ—
Bāmābartta (ଦକ୍ଷିଣାବର୍ତ୍ତ—ବିପରୀତ) (ବାମାବର୍ତ୍ତୀ—ଦେଶଜରୂପ) 1. (a conch) Whose whorl winds spirally from right to left.

ସ. ବି—ବାମାବର୍ତ୍ତ ଶଙ୍ଖ—A conch shell whose spiral runs from right to left (Apte).

[ ଦ୍ର—ସାଧାରଣତଃ ଶଙ୍ଖମାନ ବାମାବର୍ତ୍ତ ଅଟନ୍ତି, ଦକ୍ଷିଣାବର୍ତ୍ତ ଶଙ୍ଖ କ୍ୱଚିତ୍ ମିଳେ । ]

୨ । ଯେଉଁ ପରିକ୍ରମା ଡାହାଣପାଖରୁ ବାମଅଡ଼କୁ କରାଯାଏ-(a circumambulation) Which begins from the right and is directed towards the left.

ବାମା ସ୍ୱର—ସ. ବି. ( ୬ଷ୍ଠୀ ତତ୍; ବାମା+ସ୍ୱର )—
Bāmā swara ସ୍ତ୍ରୀର କଣ୍ଠଧ୍ୱନି-Female's voice or tone.

ବାମିକା—ସ. ବି. ସ୍ତ୍ରୀ. ( ବାମ+କ+ସ୍ତ୍ରୀ.ଆ )—ଚଣ୍ଡିକା (ହି. ଶ)—
Bāmikā The Goddess Chandī.

ବାମୀ—ସ. ବି. ସ୍ତ୍ରୀ. (ବାମ+ଈ)—୧ । ମାଈ ବିଲୁଆ (ହି. ଶ)—
Bāmī 1. A she-jackal.

୨ । ଘୋଡ଼ୀ ( ହି. ଶ )—2. Mare.
୩ । ମାଈ ଗଧ (ହି. ଶ)—3. She-ass.

୪ । ମାଈ ହାତୀ; ହାତୁଣୀ—4. A female elephant (Apte).

**ବାମୁ(ମ୍ହୁ, ହ୍ମୁ)ଣ (ଇତ୍ୟାଦ)**—ଗ୍ରା. ବି. ପୁଂ—ବ୍ରାହ୍ମଣ ଇତ୍ୟାଦ (ଦେଖ)
Bāmu(mhu, hmu) ṇa (etc) Brāhmaṇa etc. (See)
बामुन, बाम्हन बाम्हन

**ବାମୁଣିଆ**—ଗ୍ରା. ବିଣ—ବ୍ରାହ୍ମଣସମ୍ବନ୍ଧୀୟ—
Bāmuṇiā Brāhmanic.

**ବାମୁ(ମ୍ହୁ, ହ୍ମୁ)ଣୀ (ଇତ୍ୟାଦ)**—ଗ୍ରା. ବି. ସ୍ତ୍ରୀ. ( ସଂ. ବ୍ରାହ୍ମଣୀ )—
Bāmu(mhu, hmu)ṇī (etc) ବ୍ରାହ୍ମଣୀ ଇତ୍ୟାଦ (ଦେଖ)
(ବାମୁଣିଅଣୀ—ଅନ୍ୟରୂପ) Brāhmaṇī etc. (See)

**ବାମୁନ୍ ହଟା**—ପ୍ରାଦେ. (ସମ୍ବଲପୁର) ବି—ବ୍ରାହ୍ମଣ ଯଷ୍ଟିକା; ବ୍ରାହ୍ମଣ
Bāmun haṭā ଝାଟିଆ ଗୁଳ୍ମ—Clerodendron Sephonanthus (plant).

**ବାମେତର**—ସଂ. ବିଣ. ( ୫ମୀ ତତ୍; ବାମଠାରୁ ଇତର=ଅନ୍ୟ)—
Bāmetara ଦକ୍ଷିଣ; ଡାହାଣ—Right (side).

**ବାମୋରୁ(ରୂ)**—ସଂ. ବି. ସ୍ତ୍ରୀ. (ବାମ=ସୁନ୍ଦର+ଊରୁ=ଜଙ୍ଘ+ଉ)—
Bāmoru(rū) ୧ । ସୁନ୍ଦର ଜଙ୍ଘଥିବା ସ୍ତ୍ରୀ—1. A woman with charming thighs.
୨ । ସୁନ୍ଦରୀ ସ୍ତ୍ରୀ (ହି. ଶ)—2. A graceful lady.

ଅହୋ, ହେ ବାମୋରୁ ! କାନ୍ତବୈଜୟନ୍ତ-ତୋରଣ-ବନ୍ଦନ-ସ୍ତମ୍ଭ ।
ଗଙ୍ଗାଧର. ପଦ୍ୟ ।

**ବାମ୍ଫ**—ଦେ. ବି. ( ସଂ. ବାଷ୍ପ; ଭୁଲ. ଇଂ. ଭେପର୍ )—
Bāmpha ୧ । ବାଷ୍ପ—1, Vapour.
ভাপ, ভাপরা ୨ । ଉଷ୍ଣ ଜଳୀୟ ବାଷ୍ପ—2. Hot steam.
भाप, भपरा ମ. ବାଫ, ବାଫାର

**ବାମ୍ଫୀ**—ଦେ. ବି. ( ସଂ. ବାପୀ )—୧ । ବଡ଼ କୂଅ—
Bāmphī 1. Big well.
ইন্দারা, কুয়া ୨ । ବେଢ଼ ବଡ଼ ଅଶୁତନ ବନ୍ଧିଷ୍ଟ ପଥର ବା ଇଟାର
बावली, बाउली କୂଅ—1. A stone or masonry well.

ସେହି କୂପେ ପୁଣି ଦେଖିଲ ବାମ୍ଫୀମାନ ।
କୃଷ୍ଣସିଂହ. ମହାଭାରତ. ସଭା ।

**ବାମ୍ଫୁଆଣି**—ଦେ. ବି. (ସଂ. ବାଷ୍ପ; ବାଷ୍ପାୟ ନାମ ଧାତୁଜ ବା ବାଷ୍ପଯୁକ୍ତ)—
Bāmphuāṇi ଫୁଟିବା ଜଳରୁ ବା ଔଷଧ ମିଶ୍ରିତ ଜଳରୁ ଉତ୍ଥିତ
ভাপরা ବାଷ୍ପ ଦ୍ୱାରା ଶରୀରର ସେକ କ୍ରିୟା—
भाप लेना Vapour bath; steam bath,

**ବାମ୍ଫୁଆଣି ଘି(ଘେ)ନିବା**—ଦେ. କ୍ରି—ଜଳ ବା ଔଷଧ ସିଝା ପାଣିରୁ
Bāmphuāṇi ghi(ghe)nibā ଉଠୁଥିବା ବାଷ୍ପକୁ ଦେହରେ
ভাপরা লওয়া ଲଗାଇବା—To have a steam bath or
भाप लेना vapour bath.
(ବାମ୍ଫୁଆଣି ନେବା—ଅନ୍ୟରୂପ) [ ଦ୍ର—ବୈଦେକ ସେଗରେ ଔଷଧ ମିଶ୍ରିତ ଜଳକୁ ହାଣ୍ଡିରେ ଗରମ କରି ପାତ୍ରରୁ ବାମ୍ଫ ଉଠୁଥିବା ଅବସ୍ଥାରେ ପାତ୍ରକୁ ଗୋଟିଏ ଚଉକି ତଳେ ରଖାଯାଏ ଓ ଚଉକି ଉପରେ ରୋଗୀ ବସି ରୋଗୀର ରୁଗ୍ଣ ଅଙ୍ଗରେ ବା ସମସ୍ତ ଶରୀରରେ ଉକ୍ତ ପାତ୍ରରୁ ଉଠୁଥିବା ବାମ୍ଫକୁ ଲଗାଇବାର ବ୍ୟବସ୍ଥା କରାଯାଏ । ଏହି ପ୍ରକ୍ରିୟାକୁ ବାମ୍ଫୁଆଣୀ ଘେନିବା ବୋଲାଯାଏ । ]

**ବାୟ**—ସଂ. ବି. ( ବେ ଧାତୁ=ବୁଣିବା+ଭାବେ. ଅ )—
Bāya ବୟନ; ଲୁଗା ବୁଣିବା—Weaving.
বায় वाय ଗ୍ରା. ବି—ବାୟୁ; ପବନ—Wind.

କାଳକୀ ବଣ ଜଳ ଇଥେ
ପଡ଼ିଏ ନ ଉଡ଼ନ୍ତ ବାୟେ । ଜଗନ୍ନାଥ. ଭାଗବତ ।

**ବାୟକ**—ଦେ. ବି. ପୁଂ. ( ସଂ. ବାଦକ )—
Bāyaka ୧ । ବାଦ୍ୟକର; ବାଦକ—1. Musician.
(ବାଏକ—ଗ୍ରାମରୂପ) ୨ । ଠିଆପାଲାବାଲାଙ୍କ ଦଳରେ ଯେଉଁ
বায়ক ଲୋକ ମୃଦଙ୍ଗ ବଜାଏ—2. The person who
वायक plays on the drum in a Ṭhiāpālā performance.
[ ଦ୍ର—ପାଲା ତଳେ ନୋଟ୍ ଦେଖ । ]
ସଂ. ବିଣ, ପୁଂ. ( ବେ ଧାତୁ+କର୍ତ୍ତୃ. ଅକ )—
(ବାୟିକା—ସ୍ତ୍ରୀ) ୧ । ବୟନକାରୀ—1. Weaving.
୨ । ବୀଜ ବପନକାରୀ—2. Sowing.
ସଂ. ବି. ପୁଂ—୧ । ତନ୍ତୀ—1. Weaver.
୨ । ସମୂହ—2. Multitude; collection (Apte).

**ବାୟଣ**—ପ୍ରାଦେ. (ସମ୍ବଲପୁର) ବି. (ସଂ. ବଙ୍ଗନ)—ବାଇଗଣ—
Bāyaṇa Brinjal.

**ବାୟ ଦଣ୍ଡ**—ସଂ. ବି. ( ବାୟ= ବୟନ+ଦଣ୍ଡ )—
Bāya daṇḍa ବୟନ ଦଣ୍ଡ; ତନ୍ତ କାଠ—Weaver's yard.

**ବାୟନ**—ସଂ. ବି—୧ । ଦେବ ପୂଜା ବା ଉତ୍ସବାଦ ଉପଲକ୍ଷେ ପ୍ରସ୍ତୁତ
Bāyana ମିଷ୍ଟାନ୍ନ (ହି. ଶ)—1. Sweetmeats prepar-
(ବାୟନକ—ଅନ୍ୟରୂପ) ed on occasions of religious worship or social festivals.
୨ । ଭେଟି; ଉପହାର (ହି. ଶ)—2. Present.
୩ । ଉତ୍ସବାଦ ଉପଲକ୍ଷେ ବନ୍ଧୁମାନଙ୍କଠାକୁ ପ୍ରେରିତ ମିଷ୍ଟାନ୍ନ (ହି. ଶ)—3. Present of sweets sent to friends and relations on ceremonial, or festive occassions.

**ବାୟବ**—ସଂ. ବିଣ. (ବାୟୁ+ଅ)—୧ । ବାୟୁ ସମ୍ବନ୍ଧୀୟ—
Bāyaba 1. Relating to wind; windy; ærial.
ବାୟବୀୟ, ବାୟବ୍ୟ } ଅନ୍ୟରୂପ ୨ । ବାୟୁ କୋଣ ବା ଉତ୍ତର ପଶ୍ଚିମ ଦିଗ ସମ୍ବନ୍ଧୀୟ—2. Relating to the north-western quarter of the globe.
୩ । ବାୟୁ ଚାଳିତ—3. Turned or moved by air;
୪ । ବାୟୁ ଦୈବତ; ଯହିଁର ଦେବତା ବାୟୁ (ହି. ଶ)—
4. Having the wind-god as its presiding Deity.
ସଂ. ବି—୧ । ଉତ୍ତର ପଶ୍ଚିମ ଦିଗ (ହି. ଶ)—
1. The north western quarter.
[ ଦ୍ର—ଏହି ଦିଗର ଅଧିପତି ବାୟୁ ଅଟନ୍ତି । ]

୨ । ପୁରାଣବିଶେଷ; ବାୟୁ ପୁରାଣ ( ହ୍ରୁ. ଶ. )—2 Name of a Hindu mythological treatise. ୩ । ପ୍ରାଚୀନ ଯୁଦ୍ଧାସ୍ତ୍ରବିଶେଷ ( ହ୍ରୁ. ଶ. )—3. Name of an ancient weapon of offence.

ଦେ. ବି—ଶରବିଶେଷ; ବାବଲ ଶର—Name of an arrow said to have been used in ancient times.

**ବାୟୁ(ଇ)ବତା**—ଦେ.ବି—ପବନରୁ ଘରର ଚାଳକୁ ରକ୍ଷା କରିବା ପାଇଁ Bāya(i)batā ଚାଳ ଉପରେ ବନ୍ଧାଯିବା ବତା—The split bamboos which are tied on the straw of a thatch to prevent the straw from being blown away by the wind.

ଅଠାଇଶି ଓଳିଆଣି ଉଞ୍ଚ ବାୟୁବତା
ମଧ୍ୟରେ ବୃହନ୍ତା ଦିଶେ ଯେସନେକେ ଛତା । ପ୍ରାଚୀ. ବୃନ୍ଦାବନରୁପଣଗୀତା ।

**ବାୟବୀ**—ସଂ. ବି. ( ବାୟୁ+ଅ+ଈ )—ବାୟୁକୋଣ; ଉତ୍ତରପଶ୍ଚିମ Bāyabī କୋଣ—The north-west quarter.

ଦେ. ବିଣ. ( ସଂ. ବାୟୁବ୍ୟାୟୁ; ବାୟବ; ବାୟବ୍ୟ=ବାୟୁକୋଣ (ବାଏବା—ଅନ୍ୟରୂପ) ସମ୍ବନ୍ଧୀୟ)—୧ । ବିଦେଶାଗତ ଅଜ୍ଞାତନାମା वायवी (ବ୍ୟକ୍ତି); ଅଜ୍ଞାତକୁଳଶୀଳ—1. (a person) Who is an utter stranger; ୨ । ନବାଗତ (ବ୍ୟକ୍ତି)—2. Newly arrived (person.)

[ ଦ୍ର—ପ୍ରାଚୀନ ବୈଦିକ ଯୁଗଠାରୁ ଐତିହାସିକ ମୋଗଲ ଯୁଗ ପର୍ଯ୍ୟନ୍ତ ଭାରତକୁ ଯେତେ ବିଦେଶୀ ଆସିଥିଲେ ସେମାନେ ବାୟୁ ବା ଉତ୍ତର ପଶ୍ଚିମ କୋଣରୁ ଭାରତକୁ ଆସିଛନ୍ତି; ଅତଏବ ଏହି ଅର୍ଥରେ ଏହି ଶବ୍ଦର ପ୍ରୟୋଗ ଭାଷାରେ ଚଳିଅଛି । ]

**ବାୟବ୍ୟ କୋଣ**—ସ. ବି—ଉତ୍ତର ପଶ୍ଚିମ କୋଣ—Bāyabya koṇa The north-west quarter.

**ବାୟବ୍ୟ ବାୟୁ**—ସ. ବି. ( ଅଧୁନିକ ପ୍ରୟୋଗ )—ଯେଉଁ ବାୟୁ ଭାରତ Bāyabya bāyu ମହାସାଗରରେ ୬ ମାସ ନୈର୍ଋତରୁ ଓ ୬ ମାସ ଈଶାନକୋଣରୁ ବହେ; ମୌସୁମୀବାୟୁ—The Monsoon; the trade wind.

**ବାୟବ୍ୟାସ୍ତ୍ର**—ସଂ ବି—୧. । ବାୟୁ ଚାଳିତ ବନ୍ଧୁକ—1. Air gun. Bāyabyāstra ୨ । ବାୟୁଚାଳିତ ଅସ୍ତ୍ର—2. A weapon propelled or worked by the air.

**ବାୟଲୀ**—ପ୍ରାଦେ. (ବସ୍ତର) ବି. ସ୍ତ୍ରୀ. (ସ. ବାଲା)—ମାଇପି ଲୋକ; ସ୍ତ୍ରୀ-Bāyalī Female; woman.

(ଯଥା—ବାୟଲୀକେ ଡାହାଣୀ ଧରଛେ=ସ୍ତ୍ରୀଲୋକକୁ ଡାହାଣୀ ଲାଗିଛି । )

**ବାୟସ**—ସ. ବି. ପୁଂ. ( ବୟ୍ ଧାତୁ=ଗମନ କରିବା+କର୍ତ୍ତୃ. ଅସ )—Bāyasa ୧ । କାକ; କୁଆ—1. The crow. ୨ । ଅଗୁରୁ—(ବାୟସୀ—ସ୍ତ୍ରୀ) 2. Agallochum; aloe-wood. ୩ । ତାର୍ପିନ୍ (ହ୍ରୁ. ଶ.)—3. Turpentine.

**ବାୟସାରାତି**—ସ. ବି. ( ୬ଷ୍ଠୀ ତତ୍; ବାୟସ+ଅରାତି=ଶତ୍ରୁ )—Bāyasārāti ପେଚକ; ପେଚା—The owl. (ବାୟସାରି—ଅନ୍ୟରୂପ)

**ବାୟସୀ**—ସ. ବି. ସ୍ତ୍ରୀ. ( ବାୟସ+ସ୍ତ୍ରୀ. ଈ )—୧ । କାଉଣୀ—Bāyasī 1. A female crow. ୨ । କାକଡୁଣ୍ଡୀ; କୁଆଁଠେଙ୍ଗା ଲତା—2. Cephalandra Indica. ୩ । କାକମାଚୀ ଗୁଳ୍ମ—3. Solanum Nigrum (shrub). ୪ । ମହାଜ୍ୟୋତିଷ୍ମତୀ ଲତା—4. A kind of phosphorescent creeper.

**ବାୟସେକ୍ଷୁ**—ସଂ. ବି—କାଶ ତୃଣ ( ହ୍ରୁ. ଶ.)—A kind of long Bāyasekshu reed grass (Apte).

**ବାୟ(ଇ, ଏ, ୟୋ)ସ୍କୋପ୍**—ବୈଦେ. ବି. ( ଇଂ. ବାୟୋସ୍କୋପ )—Bāya(i, e, yo)skop ଅଧୁନିକ ଛାୟାଚିତ୍ର ପ୍ରଦର୍ଶନୀ; ଚଳଚ୍ଚିତ୍ର; बायोस्कोप ପରଦା ଉପରେ ଆଲୋକ ସାହାଯ୍ୟରେ ନାନାପ୍ରକାର बायसकोप ଚଳନ୍ତି ଜୀବ ଓ ବସ୍ତୁ ଆଦିର ଛାୟା ପ୍ରତିଫଳିତ କରିବାର ଅଧୁନିକ ଯନ୍ତ୍ରବିଶେଷ—Bioscope.

**ବାୟା**—ଦେ. ବିଣ. ପୁଂ. ( ସଂ. ବାତୁଳ )—ବାତୁଳ; ପାଗଳ—Bāyā (ବାୟାଣୀ—ସ୍ତ୍ରୀ) Mad. पागल ବି—୧ । ପାଗଳ ବ୍ୟକ୍ତି—1. Mad man. ୨ । बौडाहा, बावला ସ୍ନେହସୂଚକ ସମ୍ବୋଧନ—2. A term of बापू बापु endearment. ୩ । ବାହିଆ ( ଦେଖ )—3. Bāhiā ( See ) ୪ । ( ସଂ. ତନ୍ତୁବାୟୁ ବା ବାୟକ बाँबई =ବୟନକାରୀ; ବାୟ=ବୟନ; ତନ୍ତୀ ଲୁଗା ବୁଣିଲାପରି बाया ଏମାନେ ଆପଣା ବସାକୁ ନଡ଼ିଆ ଓ ତାଳଅାଦି ପତ୍ରର ସରୁ ତନ୍ତୁରେ ବୁଣି ଥିବାରୁ )—ବାୟା ଚଢ଼େଇ; ଶାଖାଶ୍ରୟୀ ବର୍ଗର ୭ ଅଙ୍ଗୁଳ ଲମ୍ବ ଏକପ୍ରକାର ଶ୍ରେଷ୍ଠ ପକ୍ଷୀ—4. The weaver bird; Ploceus Baya.

ବାୟା ବାୟାବଧୂ ବସନ୍ତ ନିର୍ଭୟେ । ଗ୍ରାମ୍ୟଜାଦ ଗୀତିକା ।

[ଦ୍ର—ଏମାନେ ତାଳ, ନଡ଼ିଆ ଓ ଅନ୍ୟ ବଡ଼ ବଡ଼ ଗଛର ଅଗ ଡାଳରେ ପତ୍ରମାନଙ୍କ ସରୁ ତନ୍ତୁଦ୍ୱାରା ବୋତଲ ପରି ସରୁମୁହାଁ ବସା ବୁଣି ଝୁଲାଇ ଥାଆନ୍ତି ଓ ବସାର ତଳ ପାଖେ ବାଟ ରଖି ଥାଆନ୍ତି । ଏମାନେ ଦଳ ଦଳ ଆସି ପାଚିଲା ଧାନ କ୍ଷେତରୁ ବହୁତ ଧାନ ଖାଇ ଯାଆନ୍ତି । ଏମାନଙ୍କ ମୁଣ୍ଡ ହଳଦିଆ ବା ଲୋମଶୂନ୍ୟ ।

ଆଉ ଏକ ଜାତୀୟ ବାୟା ଚଢ଼େଇଙ୍କୁ 'ତାଳବାୟା' ( ବ. ବାବୁଇ ବା ତାଳଚଟା ) ବୋଲାଯାଏ । ଏମାନେ ତାଳ ଗଛ ଅଗରେ ବାୟା ଚଢ଼େଇଙ୍କ ପରି ବସା ବାନ୍ଧନ୍ତି । ( The palm swift; Tachornis Batasseinsis ) । ଏମାନଙ୍କ ଥଣ୍ଟ ବାୟାଙ୍କଠାରୁ ଶ୍ରେଷ୍ଠ; ଥଣ୍ଟର ଅଗ ବଙ୍କା ଓ ଚଉଡ଼ା । ଏମାନେ ଉଡ଼ି ଉଡ଼ି ପୋକ ଧରି ଖାଆନ୍ତି ।

ଆମଦେଶରେ ବାୟା ଚଢ଼େଇଙ୍କୁ ଲକ୍ଷ୍ୟ କରି ଅନେକ ଶିଶୁଗୀତ ରଚିତ ହୋଇଅଛି । ଯଥା—

୧ । ଧୋଉଡ଼ରେ ବାୟା ଖୋ !
ଯେଉଁ ବଣରେ ଗହଳ ମାଣ୍ଡିଆ ସେହି ବଣରେ ଶୋ ।
୨ । ବାୟାର କ ଯାଏ, ବାଅ ବଳେ ବସା ଦୋହେଲୁ ଥାଏ ।
୩ । ବାୟା ମାଅ ଯେ ସରୁ କାଟୁଣୀ, ହିଁଅଲୁ ପିନ୍ଧାଏ ପାଟ ପଡ଼ନ୍ତା, ପୁଅକୁ ପିନ୍ଧାଏ ନେତ, ଅପେ ପିନ୍ଧାଥାଏ କଳା ବୋଇତ ଲେ, ଝୁଡ଼େଇ କାଢ଼ୁଛି ଭୂତ ।

୪ । ବାୟା ଚଢ଼େଇରେ ! ବାୟା ଚଢ଼େଇ !
ତୁ ଯାଅ ଯାଅ ବଣକୁ ।
କୁହୁଡ଼ି କାକର ମାଡ଼ି ଆସୁଛି ତୋ ଥାଙ୍ଗସି ମୁଣ୍ଡକୁ । ]

ବୈଦେ. ବି ( ଜବତ୍ଅ ) ( ଅ. ବାୟେ )—ବିକ୍ରେତା—
बाय्रा **बेचनेवाला, बानियाँ** Seller; vendor.
(ମୁସ୍ତରୀ—ବିପରୀତ)

**ବାୟାଁ**—ଦେ. ବିଣ. ପୁଂ—୧ । ବାଉଁଶଁ ( ଦେଖ )
**Bāyāñ** 1. **Bāuñāñ** ( See )
बायँा ୨ । ବାମ ସମ୍ବନ୍ଧୀୟ—2. Pertaining to the left.
**बायँ**
(ବାଇଁଶ—ଅନ୍ୟରୂପ) ଦେ. ବି—ବାୟାଁ ତବଲା ( ଦେଖ )
**Bāyāñ tabalā** ( See )
କ୍ରି. ବିଣ—ବାମ ଦିଗକୁ—To the left.

**ବାୟାଁ ତ(ତା)ବଲା**—ଦେ. ବି. (ସଂ. ବାମ+ଅ. ତବଲ୍; ତବଲା)—
**Bāyāñ ta(tā)balā** ୧ । ଯେଉଁ ତବଲା ବା ଚର୍ମ ବାଦ୍ୟକୁ
बायँा **बायाँ** ବାଆଁ ହାତରେ ବଜା ଯାଏ; ଡୁଗୀ—
बायँा तवला 1. A kettle drum which can be manipulated with the left hand.
**बायाँ तबला**
୨ । ଡୁଗୀ ଓ ତବଲା; ବାୟାଁ ଓ ତବଲା ନାମକ ଦୁଇଟି ସ୍ୱତନ୍ତ୍ର ଐକତାନକ ବାଦ୍ୟ—2. A musical instrument consisting of 2 pieces of drums; one struck by the left and the other by the right hand.

**ବାୟା ଚଟେଇ**—ପ୍ରାଦେ. (ଗଡ଼ଜାତ) ବି—ବାୟା ୪ ( ଦେଖ )
**Bāyā chaṭei** Bāyā 4 ( See )

**ବାୟା ଚଢ଼େଇ**—ଦେ. ବି—ବାୟା ୪ ( ଦେଖ )
**Bāyā chardhei** Bāyā 4 ( See )

**ବାୟା ମୁସ୍ତରୀ**—ବୈଦେ. ବି. (ଜବତ୍ଅ; ଉପସ୍ଥିତାର୍ଥକ ସହଚର)—
**Bāyā mustarī** ବିକ୍ରେତା ଓ କ୍ରେତା—Vendor and
बाय्रा मुस्तरी vendee; seller and purchaser.
**बेँचनेवाला खरिदनेवाला, वानिया और गहकी**

**ବାୟୁ**—ସଂ. ବି. (ବା ଧାତୁ=ବହିବା+କର୍ତ୍ତୃ. ଉ)—
**Bāyu** ୧ । ପବନ—1, Air.
[ ଦ୍ର—ବିଜ୍ଞାନ ମତରେ ନାଇଟ୍ରୋଜେନ୍ ଅକ୍ସିଜେନ୍ ନାମକ ଦୁଇଟି ବାଷ୍ପର ସମ୍ମିଶ୍ରଣରେ ବାୟୁ ଜାତ ହୁଏ ।

ହିନ୍ଦୁମାନଙ୍କ ମତରେ ବାୟୁ ପଞ୍ଚ ମହାଭୂତ ମଧ୍ୟରୁ ଏକତମ; ବୈଶେଷିକ ଦର୍ଶନ ମତରେ ବାୟୁ ରୂପରହିତ, ସ୍ପର୍ଶବାନ୍ ଓ ନିତ୍ୟ ଦ୍ରବ୍ୟ ଅଟେ । ନ୍ୟାୟ ଦର୍ଶନ ମତରେ ବାୟୁ ପଞ୍ଚଭୂତ ମଧ୍ୟରୁ ଏକତମ ଓ ଏଥିର ଗୁଣ ସ୍ପର୍ଶ ଓ ଏଥିରୁ ସ୍ପର୍ଶେନ୍ଦ୍ରିୟର ଉତ୍ପତ୍ତି ବୋଲି କୋଲି ଯାଇଅଛି । ବୈଶେଷିକ ଦର୍ଶନରେ ସ୍ପର୍ଶ ଗୁଣ ଛଡ଼ା ବାୟୁର ସଂଖ୍ୟା, ପରିମାଣ, ପୃଥକ୍ତ୍ୱ, ସଂଯୋଗ, ବିଭାଗ, ପରତ୍ୱ, ଅପରତ୍ୱ ଓ ବେଗ ଗୁଣମାନ ଅଛି । ସାଂଖ୍ୟ ଦର୍ଶନରେ ବାୟୁର ଉତ୍ପତ୍ତି ସ୍ପର୍ଶ ତନ୍ମାତ୍ରାରୁ ହୋଇଥିବାର କଥିତ । ଉପନିଷଦମାନଙ୍କରେ ଆକାଶରୁ ବାୟୁର ଉତ୍ପତ୍ତି ବୋଲି କୋଲି ଯାଇଅଛି ।

ହିନ୍ଦୁ ଶାସ୍ତ୍ର ଅନୁସାରେ ପୃଥିବୀକୁ ବାୟୁର ୭ଟି ସ୍ତର ଉପର୍ଯ୍ୟୁପରି ବେଢ଼ିଅଛି, ଯଥା—ଆବହ, ପ୍ରବହ, ସଂବହ, ଉଦ୍‌ବହ, ବିବହ, ପରିବହ ଓ ପରାବହ । ]

୨ । ନିଃଶ୍ୱାସ ପବନ; ପ୍ରାଣ ବାୟୁ—2. The vital air; the breath of life.
[ ଦ୍ର—ହିନ୍ଦୁ ଶାସ୍ତ୍ର ମତରେ ପ୍ରାଣ ବାୟୁ ୫ଟି ଯଥା—ପ୍ରାଣ, ଅପାନ, ବ୍ୟାନ, ଉଦାନ ଓ ସମାନ । ତନ୍ତ୍ରାଦି ମତରେ ଶରୀରରେ ଥିବା ବାୟୁର ସଂଖ୍ୟା ୭ ଓ ଏହି ୭ଟି ଯଥାକ୍ରମେ ୭ ଭାଗ ଲେଖାଏଁ ହୋଇ ୪୯ଟିରେ ବିଭକ୍ତ । ]

୩ । ଶରୀରସ୍ଥ କୁପିତ ବାୟୁ; ବାତ—2. Morbid affectation of the windy humour; the deranged humour of wind in the system.
[ ଦ୍ର—ଆୟୁର୍ବେଦ ମତରେ ଶରୀରର ତ୍ରିଧାତୁ ବାତ, ପିତ୍ତ ଓ କଫ ମଧ୍ୟରେ ବାୟୁ ଏକତମ । ଏହା କୁପିତ ହେଲେ ମନୁଷ୍ୟ ବାତୁଳ ହୁଏ ଓ ପେଟ ଫମ୍ପା ମଧ୍ୟ କୁପିତ ବାୟୁର ଫଳ । ଶ୍ଳୀପଦ, ଫୁସ୍‌ଫୁସର ରୋଗ (ନିଉମୋନିଆ) ଓ ବାତ ସନ୍ନିପାତ (ଟାଇଫଏଡ୍) କୁପିତ ବାୟୁର ଫଳ ଥିବାର କଥିତ । ଆୟୁର୍ବେଦରେ କଥିତ ବାୟୁକୁ ଆଧୁନିକ ଚିକିତ୍ସା ବିଜ୍ଞାନ ଅନୁସାରେ ଦେହର ସ୍ନାୟବିକ ଯନ୍ତ୍ରମଣ୍ଡଳ (nervous system) ବୋଲିଯାଇ ପାରେ । ଯୋଗେଶ୍ୱନ୍ଦ୍ର ]

୪ । ଅଧୋବାୟୁ—4. Wind passed through the anus.
୫ । ଉତ୍ତର ପଶ୍ଚିମ କୋଣ—5. The north-west quarter.
୬ । ଉତ୍ତର ପଶ୍ଚିମ କୋଣର ରକ୍ଷକ ଦେବ; ପବନ ଦେବ—6. The wind-God according to the Hindus; the presiding Deity of the north west quarter of the earth,
बातिक ଦେ. ବି—୧ । ବାତିକ; ଖିଆଲ—
**लहर** 1. Whim; humour.
୨ । ବାତୁଳତା—2. Madness; mania.
୩ । ବ୍ୟକ୍ତିବିଶେଷଙ୍କର କୌଣସି ବିଶିଷ୍ଟ ବିଷୟ ପ୍ରତି ଜୀବନବ୍ୟାପୀ ସ୍ଥାୟୀ ଝୁଙ୍କ—3. Hobby; fixed idea; monomania.

**ବାୟୁ କରିବା**—ଦେ. କ୍ରି—୧ । ବାତାସ କରିବା; ପଙ୍ଖା କରିବା—
**Bāyu karibā** বাতাস করা **हवा करना** 1. To fan.
**बाइ छोडना** ୨ । ଅଧୋବାୟୁ ଛାଡ଼ିବା; ପାଦିବା—2. To pass
বাতকর্ম্ম করা wind through the anus.

**ବାୟୁ କେତୁ**—ସଂ. ବି. (୬ଷ୍ଠୀ ତତ୍)—ଧୂଳି—
**Bāyu ketu** Dust.

**ବାୟୁ କୋଣ**—ସଂ. ବି—ଉତ୍ତର ପଶ୍ଚିମ କୋଣ—The north-
**Bāyu koṇa** west quarter of the globe.

**ବାୟୁ କୋଷ**—ସଂ. ବି—୧ । ଅନ୍ତ୍ର କୋଷ; ବାୟୁ ଜନିତ କୋଷବୃଦ୍ଧି-
**Bāyu kosha** 1. Hernia.

୨ । ଶରୀରସ୍ଥ ବାୟୁ ରହିବାର ମୁଣି; ଫୁସଫୁସ—
2. Air-bladder; lungs.

**ବାୟୁ ଗଣ୍ଡ**—ସଂ. ବି. (ମ. ପ. ଲୋ; ବାୟୁ ଜନିତ ଗଣ୍ଡ=ସ୍ଫୀତି)—
Bāyu ganda  ଅଜୀର୍ଣ୍ଣ ଜନିତ ପେଟଫମ୍ପା—Flatulence due to indigestion (Apte).

**ବାୟୁ ଗତି**—ସଂ. ବିଣ. (ବହୁବ୍ରୀହି; ବାୟୁ ପରି ଗତି ଯାହାର)—
Bāyu gati  ବାୟୁର ଗତି ପରି ଶୀଘ୍ର ଗତିବିଶିଷ୍ଟ; ବେଗଗାମୀ—Swift as wind; very fleet (Apte).

**ବାୟୁ ଗୁଳ୍ମ**—ସଂ ବି. (୬ଷ୍ଠୀ ତତ୍)—୧ । ଝଡ଼; ତୋଫାନ—
Bāyu gulma  1. Hurricane; storm (Apte).
୨ । ଜଳଭ୍ରମୀ; ମଲମଲି—2. Whirlpool (Apte).
୩ । ପେଟର ଏକ ରୋଗ—3. A kind of disease in the belly.

[ ଦ୍ର—ଏ ରୋଗରେ ପେଟ ମଧ୍ୟରେ ବାୟୁ ଗୋଟିଏ ଗୁଳା ପରି ଜଣାଯାଏ ଓ ତାହା କମିଯାଏ ଓ ବଢ଼େ । ଏଥିରେ ମଳ ମୂତ୍ରର ଅବରୋଧ ହୁଏ, ଗଳା ଶୁଖି ଯାଏ, ହୃଦୟ, ପାର୍ଶ୍ୱ ଓ ପଞ୍ଜରା ଦରଜ ହୁଏ । ପେଟ ଖାଲି ଥିବା ବେଳେ ଏ ରୋଗର ପ୍ରକୋପ ବେଶି ହୁଏ—ହି. ଶ. ]

**ବାୟୁଗ୍ରସ୍ତ**—ସଂ. ବିଣ. ପୁଂ.—( ୩ୟା ତତ୍ )—୧ । ବାତ ରୋଗଗ୍ରସ୍ତ;
Bāyu grasta  ବାତୁଳ—1. Hypochondriac; insane.
(ବାୟୁଗ୍ରସ୍ତା—ସ୍ତ୍ରୀ)  ୨ । ବାୟୁ ରୋଗାକ୍ରାନ୍ତ—2. Suffering from disease of wind (e. g. gout.) ୩ । କୁପିତ ବାୟୁ ଯୋଗୁଁ ଫୁଲି ଥିବା—3. Flatulent (Apte).

**ବାୟୁ ଚକ୍ର**—ଦେ. ବି.—ବାୟୁଦ୍ୱାରା ଚାଳିତ ଯନ୍ତ୍ର—Wind mill;
Bāyu chakra  machine prapelled by wind.
(ବାୟୁ ଘରଟ୍ଟ, ବାୟୁ ଯନ୍ତ୍ର—ଅନ୍ୟରୂପ)

**ବାୟୁନା**—ଦେ. ବି.—ବାଦକ; ବାଦ୍ୟ ବଜାଇବା ଲୋକ—
Bāyunā  ବାইয়ে, বায়ন **बजनीया**  Musician.

**ବାୟୁ ନିଷ୍କାସନ(କ) ଯନ୍ତ୍ର**—ସଂ ବି. (ଆଧୁନିକ ପ୍ରୟୋଗ)—ଯେଉଁ ଯନ୍ତ୍ର-
Bāyu niskāsana(ka) jantra  ଦ୍ୱାରା କୌଣସି ସ୍ଥାନରୁ ବାୟୁଶୂନ୍ୟ କରାଯାଏ—Air pump.

**ବାୟୁ ପୁତ୍ର**—ସଂ. ବି. (୬ଷ୍ଠୀ ତତ୍; ବାୟୁ+ପୁତ୍ର)—୧ । ହନୁମାନ୍—
Bāyu putra  1. A name of Hanumān.
ବାୟୁ ତନୟ, ବାୟୁ ଜାତ, ବାୟୁ ନନ୍ଦନ, ବାୟୁସୁତ, ବାୟୁସୂନୁ }—ଅନ୍ୟରୂପ  ୨ । ଭୀମ—2. A name of Bhīma.

**ବାୟୁ ପୁରାଣ**—ସଂ. ବି.—ବାୟୁ ଦେବତାଙ୍କ ଜନ୍ମ ସମ୍ବନ୍ଧେ ରଚିତ; ପୁରାଣ
Bāyu purāna  ବିଶେଷ—Name of a Hindu mythological treatise.

**ବାୟୁ ଫଳ**—ସଂ. ବି.—୧ । କୁଆ ପଥର—
Bāyuphala  1. Hail (Apte).
୨ । ଇନ୍ଦ୍ରଧନୁ—2. Rainbow (Apte).

**ବାୟୁ ବର୍ତ୍ମ**—ସଂ. ବି.—(ବହୁବ୍ରୀହି; ୬ଷ୍ଠୀ ତତ୍ ବାୟୁ+ବର୍ତ୍ମନ; ୧ମା
Bāyu bartma  ୧ବ. )—ଶୂନ୍ୟ—1. The sky. ୨ । (ବାୟୁପଥ, ବାୟୁ ମାର୍ଗ—ଅନ୍ୟରୂପ)  ୨ । ଆକାଶ ମାର୍ଗ; ପଥରୂପେ ବ୍ୟବହୃତ ଆକାଶ—2. Airway; passage through the sky. ୩ । ପବନ ଯିବା ଆସିବାର ବାଟ—4. Passage for circulation of wind or ventilation.

**ବାୟୁ ବାହ**—ସଂ. ବି.—(ବାୟୁ+ବାହ=ବାହକ; ବହୁବ୍ରୀହି, ଯାହାକୁ
Bāyu bāha  ବାୟୁ ବହନ କରେ)—୧ । ମେଘ—1. Cloud.
୨ । ଧୂମ—2. Smoke. ୩ । ବାଷ୍ପ—3. Vapour; steam.

**ବାୟୁ ବାହନ**—ଦେ. ବି.—(ବହୁବ୍ରୀହି)—ମୃଗ—
Bāyu bāhana  Deer.

ବାୟୁ ବାହନ ଜନସ୍ତ । ବନେ ଗର୍ବିକ ସୁନ୍ଦର ।
ଉତ୍ତ. ବୈଦେହୀଶବିଳାସ ।

**ବାୟୁ ବାହିକା**—ସ. ବିଣ.—ଯେଉଁ ଶିରା ଶରୀର ମଧ୍ୟରେ ବାୟୁକୁ
Bāyu bāhikā  ଖେଳାଏ—( vein ) Circulating the
(ବାୟୁବାହିନୀ—ଅନ୍ୟରୂପ)  wind through the system.

**ବାୟୁ ବେଗ**—ସଂ. ବି.—୧ । (୬ଷ୍ଠୀ ତତ୍)-ବାୟୁ ଚଳିବାର ସମୟାନୁସାରେ
Bāyu bega  ଦୂରତ୍ୱ—1. Velocity of wind. ୨ । ବାୟୁ ପରି ଚଞ୍ଚଳ ଗତି—The swiftness of wind.
(ବାୟୁବେଗା—ସ୍ତ୍ରୀ)—ସଂ. ବିଣ. ପୁଂ.—( ବହୁବ୍ରୀହି )—ଶୀଘ୍ରଗତି ବିଶିଷ୍ଟ—Fleet; swift.

**ବାୟୁ ଭୁକ୍**—ସଂ.ବିଣ.—(ବାୟୁ+ଭୁଜ୍ ଧାତୁ+କର୍ତ୍ତୃ. କ୍ୱିପ୍)—ଯେ ପବନ
Bāyu bhuk  ଭକ୍ଷଣ କରି ବଞ୍ଚେ—Subsisting on air only.
ବାୟୁ ଭକ୍ଷ, ବାୟୁ ଭକ୍ଷଣ, ବାୟୁ ଭକ୍ଷ୍ୟ }—ଅନ୍ୟରୂପ  ବି.—ସର୍ପ; ସାପ; ପନ୍ନଗାଶନ—Serpent.

**ବାୟୁ ମଣ୍ଡଳ**—ସଂ. ବି.—(୬ଷ୍ଠୀ ତତ୍; ବାୟୁ+ମଣ୍ଡଳ) —ଆକାଶମଣ୍ଡଳ-
Bāyu mandala  The sky.

**ବାୟୁମାନ ଯନ୍ତ୍ର**—ସଂ. ବି.—( ଆଧୁନିକ ବ୍ୟବହାର )—ବାୟୁଗୁରୁତ୍ୱର
Bāyumāna jantra  ପରିମାଣଜ୍ଞାପକ ଯନ୍ତ୍ର—Barometer.

**ବାୟୁ ରୋଗ**—ସଂ. ବି.—୧ । ବାତୁଳତା—
Bāyu roga  1. Insanity.
୨ । ବାତ ରୋଗ—2. Rheumatism; gout.
୩ । ପେଟ ଫମ୍ପା ରୋଗ—3. Tympanites; flatulence. ୪ । ବାୟୁ ଶୂଳ—4. Colic due to wind.
ବାୟୁରୋଗୀ, ବାୟୁ ରୁଗ୍ଣ }—ବିଣ
୫ । ଅପସ୍ମାରବତ ବାତ—5. Epileptic fit.

**ବାୟୁ ଶୂଳ**—ସଂ. ବି.—ବାୟୁ ଜନିତ ପେଟମରା ରୋଗ—
Bāyu sūla  Colic due to wind.

**ବାୟୁ ସଖ (ଖି)**—ସଂ. ବି.—(ବହୁବ୍ରୀହି; ବାୟୁ+ସଖା)—ଅଗ୍ନି—
Bāyu sakha (khi)  Fire.

**ବାୟୁ(ୟୂ)ଷ**—ସଂ. ବି.—କଳାବାଇଁଶି ମାଛ—
Bāyu(yū)sha  A kind of darkish fresh-water-fish;
**কালবোস, কাল্‌বসী नैनी**  Lubeo Calbasu.

(ଦ୍ର—ବୈଦ୍ୟଙ୍କ ମତରେ ଏହା ମଧୁର, ରୂକ୍ଷ, ପୁଷ୍ଟିକର ଓ ଧାତୁବର୍ଦ୍ଧକ ଅଟେ ।)

**ବାୟୁ ସଞ୍ଚାଳନ**—ସଂ. ବି. (୬ଷ୍ଠୀ ତତ୍; ବାୟୁ+ସଞ୍ଚାଳନ)—ଘରକୁ ସୁଧା ପବନ ଯିବା ଆସିବା କରିବା—
Bāyu sanchālana — Ventilation.

**ବାୟେ**—ଗ୍ରା. ବି.—ବାୟୁ; ପବନ—
Bāye वाइ **बाह** Wind.
କେତକୀଗନ୍ଧ ବହେ ମଧୁ ବାୟେ
ପ୍ରାଣ ଦହଇ କାମ ବାଣ ସାୟେ । ପ୍ରାଚୀ, ରସକୀଧ ।

**ବାୟେଁ**—ଦେ. କ୍ରି. ବିଣ.—(ସଂ. ବାମେ)—ବାମ ପାଖରେ—
Bayeñ वायेँ **बाये** On the left side.
ବାୟେଁ ଝଲ ମଲ ମୟୂର ପୁଚ୍ଛ
ମତ୍ତ ମଧୁକର ଭ୍ରମେ । ପ୍ରାଚୀ, ରହସ୍ୟମଞ୍ଜରୀ ।

**ବାର୍**—ସଂ. ବି.—(ବୃ ଧାତୁ ଣିଚ=ବାରି ଧାତୁ=ଆବରଣ କରିବା+କର୍ତ୍ତୃ. କ୍ବିପ୍)—ଜଳ—Water.
Bār
ପ୍ରାଦେ· (ବାଲେଶ୍ୱର)—ବି.—ଗୁଡ଼ି ଦେବାରେ ସୂତାର ଟଣା ବା ଝାଙ୍କର ପରିମାଣ ବା ବଳ—The force exerted on the string by a flying kite.
(ମେଦିନୀପୁର)—ବି.—(ଭୁଲ. ବଂ. ବାର୍)—ବାହାର; ବହିଃ—Outside, exterior.

बार ବୈଦେ.ବି. (ଇଂ)—୧ । ଆଇନ୍ ବ୍ୟବସାୟୀଙ୍କ ଦଳ—A body of legal practitioners; the bar.
**बार**
୨ । ଧାତୁ ବା କାଷ୍ଠ ନିର୍ମିତ ଶଲକା—2. Wooden or iron bar.
(ଯଥା—ପାରାଲେଲ୍ ବାର୍; ହୋରିଜଣ୍ଟାଲ ବାର ।)

**ବାର୍-ଆଟ୍-ଲ(ଲ)**—ବୈଦେ. ବି. (ଇଂ)—ବାରିଷ୍ଟର୍—
Bār-at la(lā **बारएटला** बार-आट ला A barrister.

**ବାର୍ କଶ୍**—ବୈଦେ. ବି. (ଫା)—୧ । ଘୋଡ଼ାର ଜିନ୍‌କୁ ଘୋଡ଼ା ପିଠିରେ ଦୃଢ଼ଭାବରେ ବନ୍ଧା କରି ରଖିବାପାଇଁ ସେହି ଘୋଡ଼ା ବା ପିଠା କଷି ବନ୍ଧ ବାନ୍ଧିବାକୁ ଚମ-
Bār-kash
(ବାହାର କଶ—ଅନ୍ୟରୂପ)
**बारकस** 1. The tape used to (fasten firmly) the
बारकस saddle to the back of a horse. ୨ । କାଠର ଉଚ୍ଚ ଧାର ଥିବା ଡାଲା—2. A wooden tray with high walls. ୩ । ବାର୍‌କାସ୍ (ଦେଖ)—3. Bār-kās (See).

**ବାର୍ କାସ୍**—ବୈଦେ. ବି. (ଇଂ. ବାର୍‌ରାକ୍—ବ୍ରହ୍ମଦେଶବାସୀ ଓଡ଼ିଆଙ୍କ ବ୍ୟବହୃତ)—୧ । କୁଲିମାନଙ୍କର ରହିବାପାଇଁ କଳ
Bār-kās
बारकस କାରଖାନାର ମାଲିକମାନେ ତୋଳାଇଥିବା ଧାଡ଼ିଏ ଘର—
**बार; बारीक** 1. Barracks; the lines of houses built by capitalists for accomodating the workmen of a factory or mill.
୨ । ସୈନ୍ୟମାନଙ୍କ ରହିବାପାଇଁ ନିର୍ମିତ ଗୃହଶ୍ରେଣୀ—2. Barracks.

**ବାର୍‌କେଇବା**—ପ୍ରାଦେ. ( ଭୁଲ. ବଂ. ବେର୍‌କରା )—ବାହାର କରି
Bār-keibā ଦେବା; ତଡ଼ିଦେବା; ଘଉଡ଼ାଇ ଦେବା—To drive away; to oust.

**ବାର୍‌ଣୀ**—ପ୍ରାଦେ· (ସମ୍ବଲପୁର) ବି. (ହି. ବର୍ଢ଼ନୀ)—ଝାଡ଼ୁ—
Bār-ni (ବାର୍ଣ୍ଣୀ—ଅନ୍ୟରୂପ) Broomstick.

**ବାର୍ ନସ୍**—ବୈଦେ. ବି. ଓ ବିଣ—ବାର୍ଣ୍ଣିସ୍ (ଦେଖ)
Bār-nis (ବାର୍ଣ୍ଣିସ୍—ଅନ୍ୟରୂପ) Bārnis (See).

**ବାର୍ ବର୍ ଦାର୍**—ବୈଦେ. ବି. (ଫା. ବାର୍=ଭାର; ବର୍‌ଦାର୍=ଯେ
Bār-bar-dār ବହନ କରେ; ଭୁଲ. ହି. ଭାରବାହୀ)—ଭାର
(ବାର୍‌ବର୍ଦ୍ଦାର—ଅନ୍ୟରୂପ) ବାହକ; ବୋଝିଆ—A carrier of
बारबर्दार **बारबरदार** loads; porter.

**ବାର୍‌ବର୍‌ଦାରି**—ବୈଦେ. ବିଣ. (ଫା)—ବାର୍ ବର୍‌ଦାର ସମ୍ବନ୍ଧୀୟ—
Bār-bar-dāri Relating to porters; payable to
(ବାର ବର୍ଦ୍ଦାରି—ଅନ୍ୟରୂପ) porters. ବି.—୧ । ବୋଝିଆ ବୃତ୍ତି—
बारबर्दारी 1. The state or profession of a porter.
**बारबरदारी** ୨ । ବୋଝିଅଙ୍କ ବୋଝ ବୋହିବା ମଜୁରି—2. Porter's wages.

**ବାର୍ ଲାଇବ୍ରେରି**—ବୈଦେ. ବିଣ. (ଇଂ. ବାର୍ ଲାଇବ୍ରେରି)—ଅଦାଲତ
Bār-lāibrerī ସଂଲଗ୍ନ ଓକିଲମାନଙ୍କ ବଇଠକ୍‌ଖାନା;
बारलाइब्रेरी **बारलाइब्रेरी** ଓକିଲଖାନା—Bar library.
[ବାରଲାଇବ(ବେ)ରୀ—ଗ୍ରାମ୍ୟରୂପ]
[ ଦ୍ର—ଏ ସ୍ଥାନରେ ଓକିଲମାନଙ୍କର କଚେରିରୁ ଫୁରସତ ମିଳିବା ସମୟରେ ସେମାନେ ବସନ୍ତି ଓ ଏଠାରେ ଆବଶ୍ୟକ ଆଇନ ପୁସ୍ତକାଦି ସଂଗୃହୀତ ହୋଇ ରହିଥାଏ; ଏଥିଯୋଗୁଁ ଏଥିର ନାମ ଲାଇବ୍ରେରି ବା ପୁସ୍ତକାଗାର । ]

**ବାର**—ସଂ. ବି—( ବୃ. ଧାତୁ=ଆବରଣ କରିବା+କର୍ମ. ଅ )—
Bāra ୧ । ବାସର; ସପ୍ତାହର ଦିବସ—1. Day of the week.
[ଦ୍ର—ସପ୍ତାହର ସାତ ବାରର ନାମ, ଯଥା—୧ । ରବିବାର (ସଂ. ଓଡ଼ିଆ, ବ.) ଇଂ. ସନ୍‌ଡ଼େ (Sunday) (ମୁସଲମାନୀ ) ଏତବାର ବା ଏକ୍‌ଶୁମ୍ବା; ୨ । ସୋମବାର (ସଂ. ଓଡ଼ିଆ, ବ.) ଇଂ. ମନ୍‌ଡେ (Monday) (ମୁ.) ପୀର୍ ବା ଦୋଶୁମ୍ବା; ୩ । ମଙ୍ଗଳବାର (ସଂ. ଓଡ଼ିଆ ବ.) ଇଂ. ଟ୍ୟୁସ୍‌ଡେ (Tuesday) (ମୁ) ମଙ୍ଗଲ ବା ସେଶୁମ୍ବା; ୪ । ସୌମ୍ୟ ବା ବୁଧବାର (ସଂ. ଓଡ଼ିଆ ବ.) ଇଂ. ୱେଡ୍‌ନେସ୍‌ଡେ) (Wedensday) (ମୁ) ବୁଧ ବା ଚହାର୍ ଶୁମ୍ବା; ୫ । ଗୁରୁବାର ବା ବୃହସ୍ପତି ବାର (ସଂ. ଓଡ଼ିଆ ବ.) ଇଂ. ଥର୍ସ୍‌ଡେ (Thursday) (ମୁ.) ଜୁମାରାତ୍ ବା ଜୁମେରାତ୍; ୬ । ଶୁକ୍ରବାର (ସଂ. ଓଡ଼ିଆ. ବ.) ଇଂ. ଫ୍ରାଇଡେ (Friday) (ମୁ) ଜୁମ୍ମା; ୭ । ଶନିବାର (ସଂ. ଓଡ଼ିଆ ବ.) ଇଂ. ସାଟର୍‌ଡେ (Saturday) (ମୁ) ଶନିଚର୍ ବା ଶୁମ୍ବାହପ୍ତା । ]
୨ । ଥର; ଦଫା—2. Time. ୩ । ପାଳି—3. Turn ୪ । ଅବସର—4. Leisure. ୫ । ବହୁସଂଖ୍ୟା; ନିବହ; ସମୂହ—5. Collection; many. ୬ । ବହୁଲୋକ—6. Many people; multitude. ୭ । ଜଳ—7. Water. ୮ । ଦ୍ୱାର—8. Door. ୯ । (+ଭାବ. ଅ) ବାରଣ; ନିବାରଣ—9. Prevention.

୧୦ । (ଢାକଣ. ଅ) ଆବରଣ; ଘୋଡ଼ଣୀ—10. Cover. ୧୧ । (+କର୍ମ. ଅ) ମଦ୍ୟର ପାତ୍ର; ମଦ ପିଆ ପାତ୍ର—11. Wine cup; drinking cup; peg. ୧୨ । (+ଭାବ. ଅ) ଅବରୋଧ; ଅଟକ—12. Obstruction; restraint. ୧୩ । (+କର୍ତ୍ତୃ. ଅ) କ୍ଷଣ (ହ. ଶ)—13. Moment. ୧୪ । ବାଣ; ଶର (ହ. ଶ)—14. Arrow. ୧୫ । ଶିବ—15. Śiba. ୧୬ । ନଦୀ ବା ସମୁଦ୍ରର କୂଳ (ହ.ଶ)—16. Shore of river or sea.

ବିଣ—୧ । ନିବାର୍ଯ୍ୟ—1. Preventible; which should be prevented. ୨ । ଅମଙ୍ଗଳଜନକ—2. Inauspicious. ୩ । ନିବାରଣୀୟ; ନିଷିଦ୍ଧ—3. Forbidden; prohibited.

ଦେ. ବି—ମୃତାହର ଦ୍ୱାଦଶ ଦିବସର କର୍ତ୍ତବ୍ୟ କାର୍ଯ୍ୟ ଓ ଭୋଜି—The rituals and feast given to relatives of the deceased on the 12th day of his death.
बारहों

ବି ଓ ବିଣ—(ସଂଖ୍ୟାବାଚକ) (ସଂ. ଦ୍ୱାଦଶ; ପ୍ରା. ବାର)—
बार ୧ । ୧୨—1. Twelve. ୨ । (ସଂ. ବାର=ବହୁ)
बारह ବହୁ ସଂଖ୍ୟକ—2. Many.

(ଯଥା—ତା ସମ୍ପତ୍ତିକୁ ବାରଭୂତ ଖାଇଗଲେ) ।

[ ଦ୍ର—ବହୁ ଅର୍ଥରେ ଅନ୍ୟାନ୍ୟ ସଂଖ୍ୟାବାଚକ ଶବ୍ଦ ମଧ୍ୟ ବ୍ୟବହୃତ ହୁଏ, ଯଥା—ତିନି, ପାଞ୍ଚ, ଦଶ, ଚଉଦ, ଶହେ, ହଜାରେ, ଲକ୍ଷେ ଇତ୍ୟାଦି । ]

ବିଣ—ଦ୍ୱାଦଶ ସଂଖ୍ୟକ—Twelve.

ବାର ବାରିବଧୂକୁ ପେଷି ଦେଇ—
ଉପେ. ବୈଦେହୀଶବିଳାସ ।

ବ୍ୟାକରଣ ଓ ଓଡ଼ିଆ ପ୍ରତ୍ୟୟ—୧ । ଅସମାପିକା କ୍ରିୟା ସଙ୍ଗେ ଯୁକ୍ତ ହେଲେ କ୍ରିୟାବାଚକ ବିଶେଷ୍ୟ ବୁଝାଏ—1. A suffix added to an infinite verb to make it a noun.

(ଯଥା—ମୋର କାମ କରିବାର ନୋହିଲା)

୨ । କ୍ରିୟା ସଙ୍ଗେ ଯୁକ୍ତ ହେଲେ ବିଶେଷଣ ପଦ ରୂପେ ଉକ୍ତ କ୍ରିୟାସାଧକ (ବ୍ୟକ୍ତି) କୁ ବୁଝାଏ—2. A suffix added to a verb to denote the person doing the act or thing denoted by the verb.

ଖାଇବାର ପୁଣି ଗଲା ମଥାର ପୁରକୁ ସେ କୋଇଲି ।
ମାର୍କଣ୍ଡ ଦାଶ. କୋଇଲି ।

୩ । ପ୍ରାଦେ. (ଗଞ୍ଜାମ) ପ୍ରତ୍ୟୟ (ବ୍ୟାକରଣ) ଭୂତ ଓ ଭବିଷ୍ୟତ୍ କାଳର କ୍ରିୟାରେ ଲାଗେ—3. A verbal suffix to denote the past and future tense of a verb.

[ ଦ୍ର—ଯିବାର=ଯିବୁଁ; ଯାଇଥିବାର=ଯାଇଥିବୁଁ । ]

ଗ୍ରା. (ଉତ୍ତରଭାଷା) ବି—୧ । ବାଡ଼—1. Fence.

(ଯଥା—ଭୂଇଁକା ବର, ବାଡ଼ ସ୍ଥାନରେ ବାର । )

୨ । ବାଳ; କେଶ—2. Hair. (ଭୂଇ. ସୁନ୍ଦର, କେନ୍ଦୁର)

ବାରଂବାର—ଦେ. ଅ. (ସଂ. ବାରଂବାରଂ)—
Bārambāra ୧ । ବହୁଥର; ଥରକୁ ଥର—1. Again and
बारंबार again; many times.
बार बार ୨ । ଉପର୍ଯ୍ୟୁପରି—2. Repeatedly.
(ବାରୁଂବାର, ବାରମ୍ବାର—ଅନ୍ୟରୂପ)

ବାର ଅଡ଼ା—ପ୍ରାଦେ. (ସମ୍ବଲପୁର) ବି—ନିଶୁଣି; ଅଧିରୋହଣୀ—
Bāra arḍā Ladder.

ବାର ଅନା—ଗ୍ରା. ଅ—ଅନେକ ପ୍ରକାରେ; ବହୁତ ରୂପେ—
Bāra anā Very much; in various ways.

ଗେଲ୍ହା ମଧ ତାକୁ ବାର ଅନା କରି ଗାଳି ଦେଲା ।
(ବାରଅନା କରି—ଅନ୍ୟରୂପ) କନ୍ତଲାକୁମାରୀ ନଅ ଭୂଣୀ ।

ବାର ଆଡ଼ର ଛୁଆ—ପ୍ରାଦେ. (ସମ୍ବଲପୁର) ବି—ଜାରଜ ସନ୍ତାନ; ବର୍ଣ୍ଣସଙ୍କର—A mongrel; a child of mixed blood.
Bāra ārḍara chhuā
(ବାରଅଡ଼ିଆ ପିଲା—ଦେ. ରୂପ)

ବାର ଆଡ଼େ—ଦେ. କ୍ରି. ବିଣ—୧ । ବହୁ ଦିଗରେ—
Bāra ārḍe 1. On many sides.
बार दिगे ୨ । ବହୁ ସ୍ଥାନରେ—2. At many places.
बारह बाट

ବାରକ—ସଂ. ବିଣ. ପୁଂ. (ବୃ ଧାତୁ ଣିଚ୍; ବାର ଧାତୁ=ବାରଣ କରିବା+କର୍ତ୍ତୃ. ଅକ)—
Bāraka
(ବାରକା—ସ୍ତ୍ରୀ) ନିବାରକ; ନିଷେଧକ—Preventing; prohibiting.

ବି—୧ । ଅଶ୍ୱବିଶେଷ—1. A kind of pony.
୨ । ଘୋଡ଼ାର କଦମ୍ ଚାଲ (ହ. ଶ)—2, Canter of a horse (Apte).
୩ । କଷ୍ଟର ବା ବ୍ୟଥାର ସ୍ଥାନ—3. The seat of pain (Apte).
୪ । ସୁଗନ୍ଧବିଶେଷ; ବାଳ—4. A kind of perfume (Apte).

ବାର କଥା—ଦେ. ବି. (୧୨ ସଂଖ୍ୟାର ବହୁବଚନସୂଚକ ପ୍ରୟୋଗ)—
Bāra kathā ନାନା କଥା ବା ବିଷୟ; ବହୁ ବିଷୟ—
बारहोबात Many matters.

(ଯଥା—ବାର ମିଶିପରେ ବାର କଥା; ବାର ମାଇପରେ ବାର କଥା । )

ବାର କନା—ଦେ. ବି—ଅନେକ ସୂକ୍ଷ୍ମ ମୁନ ଥିବା ଶସ୍ତ୍ର ବିଶେଷ—
Bāra kanā A lance with several points or forks.
बारह कन्ना

ବାର କନ୍ୟା—ସଂ. ବି—ବେଶ୍ୟା (ହ. ଶ)—
Bāra kanyā Prostitute.

ବାର କାଉଚିଆ—ଦେ. ବିଣ—ନାନା ବସ୍ତୁ ମିଶ୍ରିତ—
Bāra kāuchiā Mingled; mixed up.
बरहबटी (ବାରକାଉଚ୍ଛ—ଅନ୍ୟରୂପ)

ବାର କାନ୍ତା—ଦେ. ବି. ( ତୁଳ. ବାର ବନିତା )—ବେଶ୍ୟା—
Bāra kāntā Public woman; prostitute.
ମନ୍ତ୍ରୀ ବୋଲେ ବାର କାନ୍ତାଙ୍କ ଡ଼ାକରେ
ଏକାନ୍ତରେ ତାଙ୍କର କାନରେ କହିଲେ । ବୃନ୍ଦାବତୀ. ମହାଭାରତ ସଭା ।

ବାରକୀ—ସଂ. ବି. ପୁଂ. (ବାରକ=ପ୍ରବଳ ବଳକ+ଅସ୍ତି ଅର୍ଥରେ ଇନ୍)—
Bārakī ୧ । ସମୁଦ୍ର—1. Ocean.
(ବାରକିଣୀ—ସ୍ତ୍ରୀ) ୨ । ବାରୁଜୀବୀ;ବରଜୀ—1. A betel planter.
୩ । ତାମ୍ବୂଳ ବିକ୍ରେତା—3. A seller of betel leaves.
୪ । ଉତ୍କୃଷ୍ଟ ଘୋଟକ—4. An excellent steed.
୫ । ଶତ୍ରୁ—5. Enemy; adversary.
୬ । ପର୍ଣ୍ଣାଶୀ ଯତି (ହି. ଶ)—6. A sage subsisting on leaves only (Apte).
ଦେ. ବି—ପାପବୁଦ୍ଧି ବାଳକ—Guilty-minded boy.
ବାରକୀର ବୁଦ୍ଧି ସେ ତାକୁ ଗ୍ରହି । ଉପେ. ବୈଦେହୀଶବିଳାସ ।

ବାରକୀର—ସଂ. ବି. ( ବାର+କୃ ଧାତୁ=କ୍ଷେପଣ କରିବା+କର୍ତ୍ତୃ.ଅ)—
Bārakīra ୧ । ଦ୍ୱାର ରକ୍ଷକ—1. A porter; a gate-man.
(ବାରକୀର୍—ଅନ୍ୟରୂପ)
୨ । ବାଡ଼ବାଗ୍ନି—2. Submarine fire.
୩ । ଜୋକ—3 Leech. ୪ । ଉକୁଣୀ—4. Louse.
୫ । ନୀରାଜିତ ବା ପୂଜିତ ଅଶ୍ୱ—5. A worshipped horse. ୬ । ଶ୍ୟାଳକ; ଶଳା—6. Wife's brother.
୭ । ଯୁଦ୍ଧ ଘୋଟକ—7. War-horse; courser.
୮ । ଭାରବାହୀ; ବୋହିଆ—8. Carrier; porter.
୯ । ପାନିଆଁ—9. Comb (Apte).

ବାର କୋଳ—ଦେ. ବି. (ବଂ. ବାର କୋଲ)—ଖୁବ୍ ବଡ଼ କଇଁଛ—
Bāra kola বার কোল Big tortoise.

ବାର କୋଶ—ବୈଦେ. ବି. (ଫା. ବାର୍ କଶ୍; ତୁଳ. ସଂ. ଭାର+କୋଷ =ପାତ୍ର)—କାଠର ଉଚ୍ଚ ଧାରଥିବା ଡାଲା—
Bāra kośa বার কোষ बारकश A wooden tray with high sides.

ବାର ଖଡ଼ି—ସଂ. ବି. ( ସଂ. ଦ୍ୱାଦଶ; ପ୍ରା. ବାର+ସଂ. ଖଡ଼ୀ; ପ୍ରା. ଖଡ଼ୀ; କମ୍ପା+ସଂ. ଅକ୍ଷର )—
Bāra khaḍi बारह खडी ବର୍ଣ୍ଣ ଶିକ୍ଷା କରୁଥିବା ପିଲାଙ୍କର ବ୍ୟଞ୍ଜନ ବର୍ଣ୍ଣରେ ଯୁକ୍ତ ହେବା ସ୍ୱରବର୍ଣ୍ଣର ମାତ୍ରାମାନଙ୍କ ଶିକ୍ଷା—The stage when children learn to add the signs of vowels to consonants.
[ ଦ୍ର—ପିଲାମାନେ ବ୍ୟଞ୍ଜନ ବର୍ଣ୍ଣ ସଙ୍ଗେ ସ୍ୱର ବର୍ଣ୍ଣ ଓ ଅନୁସ୍ୱାର, ବିସର୍ଗର ଚିହ୍ନ ଯୋଗ କରିବାକୁ ଶିକ୍ଷା କରିବା ସ୍ତରକୁ ବାର ଖଡ଼ି ବୋଲାଯାଏ ଓ ବ୍ୟଞ୍ଜନ ବର୍ଣ୍ଣରେ ବ୍ୟଞ୍ଜନ ବର୍ଣ୍ଣ ଯୁକ୍ତ କରିବାକୁ ଶିକ୍ଷା କରିବା ସ୍ତରକୁ ସତର ଫଳା ବୋଲାଯାଏ । ବାସ୍ତବରେ ବାର ଖଡ଼ିର ସଂଖ୍ୟା ପ୍ରକୃତରେ ୧୨ ନୁହେଁ ବା ସତର ଫଳାର ସଂଖ୍ୟା ୧୭ ନୁହେଁ । ]

ବାର ଖିଆ—ଦେ. ବି—ଚିଲିକା ହ୍ରଦରେ ମିଳୁଥିବା ଏକ ପ୍ରକାର ଲୁଣି
Bāra khiā ମାଛ—A species of salt water fish found in the Chilka lake.

ବାର ଗଣ୍ଡା ଦି କଡ଼ା—ଦେ. ବି. ( ଲକ୍ଷଣାର୍ଥ )—ଅତ୍ୟନ୍ତ ଅସ୍ୱଚ୍ଛଳ
Bāra gaṇḍā di kaḍā ବା ଦୁର୍ଦ୍ଦଶାଗ୍ରସ୍ତ ଅବସ୍ଥା—Straits; distressed condition; miserable state.
ବାର ଅଣ୍ଡା ଦକଡ଼ା
ବାରଣ୍ଡା ଦକଡ଼ା } ଗ୍ରାମ୍ୟରୂପ;
ବାରେଣ୍ଡା ଦକଡ଼ା
[ଦ୍ର—ବାରଗଣ୍ଡା ଦୁଇକଡ଼ା=୫୦ କଡ଼ା (କଉଡ଼ି), ଏହା ଏହା ମନୁଷ୍ୟର ଦୁର୍ଦ୍ଦଶାଗ୍ରସ୍ତ ଅବସ୍ଥା ଅର୍ଥରେ ବ୍ୟବହୃତ ହୁଏ; ଯଥା— କହିବାକୁ ଯୋଗୁଁ ମୋ ଅବସ୍ଥା 'ବାରଗଣ୍ଡା ଦକଡ଼ା' ହୋଇଛି । ]
ଦେ. ବିଣ.—୧ । ଅତ୍ୟଧିକ—1. Excessive. ୨ । ଅତି ଦୁଃଖମୟ—2. Very miserable.

ବାର ଗାଣ୍ଡିଆ ଚଢ଼େଇ—ପ୍ରାଦେ. (ଗଡ଼ଜାତ) ବି.—ଘରଚଟିଆ ଠାରୁ
Bāra gāṇḍiā chaṛhei ଛୋଟ ଏକପ୍ରକାର ଚଢ଼େଇ—Wren; babbler.
[ଦ୍ର—ଏମାନଙ୍କର ଲାଞ୍ଜ ନାଲି ମିଶା କଳା ଓ ପିଠି ଧଡ଼େ ଚେକ ହୋଇ ଥାଏ । ଏମାନେ ମଧୁର ସ୍ୱର କରନ୍ତି; ବସିବା ବେଳେ ଲାଞ୍ଜ ହଲାଉଥାଆନ୍ତି । ]

ବାର ଗାଣ୍ଡିଆ ମହୁ—ପ୍ରାଦେ. ( ଗଡ଼ଜାତ ) ବି.—ପୋଡ଼କ ପରି ଛୋଟ
Bāra gāṇḍiā mahu ଆକାରର ଛୋଟ ମହୁମାଛିମାନେ ଯେଉଁ ମହୁ ତିଆର କରନ୍ତି—The honey preparad by a tiny species of bees.
[ଦ୍ର—ଏହି ମହୁମାଛିମାନେ ଗଛର କୋରଡ଼ରେ ବସା ନିର୍ମାଣ କରନ୍ତି ।]

ବାର ଗୋଡ଼ିଆ—ଦେ. ବିଣ.—ଯେଉଁ ନାହାରେ ବାର ଗୋଟି କକ୍ଷ ବା
Bāra goṛiā बारह खानाके କକ୍ଷସ୍ଥ ଥାଏ—A country-boat having 12 compartments.
ଚାର ନଉର ବୋଡ଼ିଏ ସହିତ ବାରଗୋଡ଼ିଆ ପନ୍ଦରଗୋଡ଼ିଆ ଭୁଖଲି ଉଦରକିଆ ନାଆ ଅଛି । ଫକୀରମୋହନ. ଗଳ୍ପସ୍ୱଳ୍ପ ।
[ଦ୍ର—ଏହିପରି ପାଞ୍ଚ ଗୋଡ଼ିଆ, ସାତଗୋଡ଼ିଆ, ଦଶଗୋଡ଼ିଆ, ପନ୍ଦର ଗୋଡ଼ିଆ ଶବ୍ଦ ନାହା ସମ୍ବନ୍ଧେ ବ୍ୟବହୃତ ହୁଏ ।]

ବାର ଗୋପାଳ—ଦେ. ବି.—ବାରସୁତ (ଦେଖ)
Bāra gopāḷa Bārasuta (See)

ବାରଗୋଳାର ତେର ବୁଲା—ପ୍ରାଦେ. (ଗଞ୍ଜାମ) ବି—ବାର ଜାତି
Bāragolāra tera bulā ତେର ଗୋଳା (ଦେଖ)—
Bārajāti tera golā (See)

ବାର ଘର—ଦେ. ବି.—ବହୁଲୋକଙ୍କ ଗୃହ—
Bāra ghara बारहघर Houses of many people.

ବାରଘର ବୁଲା—ଦେ. ବିଣ. ପୁଂ.—ବାରଦୁଆରୀ (ଦେଖ)
Bara ghara bulā बड घरिया Bāra duāri (See)
(ବାରଘର ବୁଲୀ—ସ୍ତ୍ରୀ)

ବାର ଘରିଆ—ଦେ. ବିଣ.—୧ । ବାରଗୋଟି ଗୃହସମ୍ବନ୍ଧୀୟ—
Bāra ghariā बारह घरिया 1. Consisting of 12 houses or families.
୨ । ବାରଦୁଆରୀ (ଦେଖ)—2. Bāra duāri (See)

ବାରଙ୍କ—ସଂ. ବି.—ପକ୍ଷୀ—
Bārañka A bird (Apte).

ବାରଙ୍ଗ—ସଂ. ବି.—( ବୃ ଧାତୁ=ଆବରଣ କରିବା+ଅଙ୍ଗ. ଅଙ୍ଗ;
Bāraṅga ଯାହାକୁ ବେଣ୍ଟ ଆବୃତ କରି ଥାଏ)—ଲୌହ ଅସ୍ତ୍ର ଶସ୍ତ୍ରର ମୂଳର ଯେଉଁ ଅଂଶ କାଠ ବେଣ୍ଟ ମଧ୍ୟରେ ପଶିଥାଏ- 1. The part or end of an iron weapon which is thrust into the wooden handle. (Apte). ୨ । ଖଣ୍ଡା, ଛୁରୀ ବା ଖଣ୍ଡାର ବେଣ୍ଟ— 2. The handle of a sword or knife (Apte).
ଦେ. ବି.—କଟକ ଜିଲ୍ଲାର ଗ୍ରାମବିଶେଷ—The name of a village and railway station in the district of Cuttack.
[ଦ୍ର—ଏହା କଟକରୁ ଦକ୍ଷିଣରେ ଛ ମାଇଲ ଦୂର । ଏଠାରେ ବେଙ୍ଗଲ ନାଗପୁର ରେଲୱେର ଗୋଟିଏ ଷ୍ଟେଟ ଷ୍ଟେସନ୍ ଅଛି । ଏଠାରେ ଅନେକ ମୋଟ ବାସ କରନ୍ତି ଓ ସେମାନେ ଖୁବ୍ ମଜଭୁତ ଚଟ ଯୋଡା ତିଆରି କରି ଶସ୍ତା ଦରରେ ବିକ୍ରୟ କରନ୍ତି । ୧୯୩୭ ମସିହାରେ ଏଠାରେ କେତେକ ମାରୁଆ ଚିନ୍ତକ୍ୱାରା ଗୋଟିଏ କାଗଜ କାରଖାନା ସ୍ଥାପିତ ହୋଇଥିଲା ଓ ଏହି କାଗଜ ଶସ୍ତା ଦରରେ ବିକ୍ରୟ ହେଉଥିଲା, କିନ୍ତୁ ତାହା ଏବେ ଉଠିଯାଇ ଅଛି । ଏହି ନିକଟରେ ଜଙ୍ଗଲର ପ୍ରାଚୀନ ଚୂଡ଼ଙ୍ଗ ଗଡ଼ର ଭଗ୍ନାବଶେଷ ଓ ଚୁଡ଼ଙ୍ଗ ଦହ ହ୍ରଦ ଅଛି ।]

ବାରଙ୍ଗନା—ଗ୍ରା. ବି.—ବାରାଙ୍ଗନା (ଦେଖ)
Bāraṅganā Bārāṅganā (See)

ବାର ଚଉଳିଆ—ଦେ. ବିଣ.—୧ । ଯେଉଁ ବ୍ୟକ୍ତି କୌଣସି କାର୍ଯ୍ୟପାଇଁ
Bāra chāuḷiā ଗୋଟିଏ ନିର୍ଦ୍ଦିଷ୍ଟ ପନ୍ଥା ନ ଧରି ନାନା ପନ୍ଥା ଧରେ— 1. Pursuing various ways for attaining one's object. ୨ । ଅସ୍ଥିର; ଅନିଶ୍ଚିତ—2. Uncertain; not fixed. ୩ । ଅସଙ୍ଗତ—3. Incoherent; incongruous. ୪ । ବହୁ ପ୍ରକାରର— 4. Multifarious. ୫ । ଅସ୍ଥିର ପ୍ରକୃତିକ; ଅବ୍ୟବସ୍ଥିତ—5. Fickle-minded.

ବାରଜ—ଦେ. ବିଣ—( ସଂ. ବର୍ଜ୍ୟ, ବର୍ଜିତ ବା ବାର୍ଯ୍ୟ )—୧ । ବର୍ଜିତ;
Bāraja ତ୍ୟକ୍ତ—1. Abandoned.
(ବାରଜ—ଅନ୍ୟରୂପ) ୨ । ପୃଥକ୍‌ରୂପେ ଚିହ୍ନିତ—2. Distin-
अलग guished. ୩ । ପୃଥକ୍ କୃତ—3. Separated. ୪ । ଏକଘରିଆ କରାଯାଇ ଥିବା; ସମାଜଚ୍ୟୁତ—4. Excommunicated; out-casted.
ବି.—(ସଂ. ବାର) ୧ । ବାରଣ—1. Prevention. ୨ । ବାଧା—2. Obstruction; obstacle. ୩ । ପ୍ରଭେଦ—3. Distinction.
୪ । ଦୁଇ ସ୍ଥାନ ମଧ୍ୟରେ ବ୍ୟବଧାନ ବାଡ଼—
4. A partitioning force between two places.

ବାରଜ ବାରଜ—ଦେ. କ୍ରି. ବିଣ.—୧ । ପୃଥକ୍ ପୃଥକ୍ ହୋଇ; ଭିନ୍ନ
Bāraja bāraja ଭିନ୍ନ ରୂପେ—1. Separately. ୨ । ଭିନ୍ନ ଭିନ୍ନ ଭାଗରେ—2. In separate or distinct lots.

ବାରଜ ହେବା—ଗ୍ରା. କ୍ରି.—୧ । (ସଂ. ବାରଣ)—ସ୍ୱତନ୍ତ୍ର ରୂପରେ ଚିହ୍ନ
Bāraja hebā ହେବା; ବାରି ହେବା—1. To be distinguished. ୨ । (ସଂ. ବର୍ଜିତ)—ଜାତିଚ୍ୟୁତ ହେବା—
2. To be excommunicated.

ବାର ଜାତି—ଦେ. ବି.—୧ । ବହୁ ଜାତି—
Bārajāti बारह बरन 1. Many castes.
୨ । ଅନେକ ଜାତୀୟ ବ୍ୟକ୍ତି—2. People of various castes

ବାର ଜାତ ତେର ଗୋଇ
ବଇଷମ ହେଲେ ସବୁ ଗଇ । ପ୍ରବ ।

ବିଣ.—ବାରଜାତିଆ (ଦେଖ)—Bārajātiā (See)

ବାର ଜାତିଆ—ଦେ. ବିଣ—୧ । ଅନେକ ପ୍ରକାରର—1. Of
Bāra jātiā several kinds and species. ୨ । ବହୁ
बारहबरनका ଜାତୀୟ—2. Of various castes.

ବାର ଜାତି ତେର ଗୋଲ—ଦେ. ବି—(ନିରର୍ଥକ ସହଚର ଶବ୍ଦ)—ଭିନ୍ନ
Bāra jāti tera golā ଭିନ୍ନ ଜାତି ଓ ଉପଜାତି—Various sects or castes and subcastes.

ବାରଜାତିରେ ମିଶିବା—ଦେ. କ୍ରି—ଜାତିଭେଦ ନ ରଖିବା—
Bāra jātire misibā To do away with caste-
जातपात नही रखना distinction.

ବାରଜାତ୍ରା—ଗ୍ରା. ବି—(ସଂ. ଦ୍ୱାଦଶ+ଯାତ୍ରା)—ସନ୍ତାନ ଜନ୍ମର ଦ୍ୱାଦଶ
Bārajātrā ଦିନ ଓ ସେ ଦିନର କର୍ତ୍ତବ୍ୟ କର୍ମ—The
[ବାରସୂଜ(ତି)—ଅନ୍ୟରୂପ) twelveth day of a child-birth and the acts done that day
[ ଦ୍ର—ଏ ଦିନ ପ୍ରସୂତା ନଖ କଟାନ୍ତି ଓ ସ୍ନାନ କରି ଅଶୌଚରୁ ମୁକ୍ତ ହୁଅନ୍ତି । ]

ବାରଟିଆ—ଦେ. ବି-ଧାନ କଟାଳମାନେ ୧୨ ଗୋଟି ଧାନଢ଼ାଲା କାଟିଲେ
Bāraṭiā ପାରିଶ୍ରମିକ ସ୍ୱରୂପ ଗୋଟିଏ ଢାଲା ନିଅନ୍ତି;—ଏହିଭଳି
(ବାରେଟିଆ—ଅନ୍ୟରୂପ) ଚୁକ୍ତିମୂଳକ ପରିଶ୍ରମ—The labour
बरटीया based on contract system of taking one sheaf in every twelve sheaves cut by a reaper.
ବିଣ—୧ । ଦ୍ୱାଦଶ ସଂଖ୍ୟକ—1. Numbering twelve.
୨ । ଦ୍ୱାଦଶ ସଂଖ୍ୟାର ସମାହାରବିଶିଷ୍ଟ—
2 Consisting of units of twelve.

ବାରଣ୍(ନ୍)—ପ୍ରାଦେ. (ସମ୍ବଲପୁର)ବି—ସମାଜଚ୍ୟୁତି; ଏକଘରିଆ ହେବା—
Bāraṇ(n) Excommunication; ostracism.

ବାରଣ—ସଂ. ବି—(ବୃ. ଧାତୁ. ଣିଚ୍; ବାର. ଧାତୁ+ଭାବ. ଅନ )—
Bāraṇa ୧ । ନିଷେଧ; ନିବାରଣ—1. Prevention; prohibition. ୨ । ନିବୃତ୍ତି—2. Cessation. ୩ । ରୋଧ—3. Obstruction. ୪ । (+କରଣ. ଅ) ସେତୁ; ବନ୍ଧ—4. A dam. ୫ । ପ୍ରଭେଦ—5. Distinction; differentiation. ୬ । ସାଞ୍ଜୁ—6. Coat of mail; armour. ୭ । ( +କର୍ତ୍ତୃ. ଅନ) ହସ୍ତୀ—7. Elephant. ୮ । ଅଙ୍କୁଶ—8. A

hook, ୯ । ( +ବାରଣ. ଅନ) ହାତୀର ଅଙ୍କୁଶ—9. A hook or goad used to control elephants.

ଦେ. ବି—୧ । ବାଡ଼—1. Partition wall; fence. ୨ । ଭେଦ ଜ୍ଞାନ—2. Idea of distinction.

ଯେତେବେଳେ ଗୁରୁ ଶିଷ୍ୟ ବାରଣ ନ ଥିବେ—
ପ୍ରାଚୀ. ବ୍ରହ୍ମାଣ୍ଡଭୂଗୋଳ ଗୀତା ।

୩ । ବାଧା; ବିଘ୍ନ—3. Obstacle; impediment. ୪ । ଅମଙ୍ଗଳ—4. Evil.

ବାରଣ ଶିରେ ପଦ ଦେଇ ଅଛୁ—
ଉପେ. ବୈଦେହୀଶବିଳାସ ।

ବାରଣ କରିବା—ଦେ. କ୍ରି—( ସ. ବାରଣ )—୧ । ମନା କରିବା; Bārana karibā ନିଷେଧ କରିବା; ବାରିବା—1. To forbid; বারণকরা to prohibit. ୨ । ବାଧା ଦେବା—2. To prevent; to obstruct. ୩ । ଦୁଇ ସ୍ଥାନ ମଝିରେ ବାରଣ କରେ ବାଡ଼ ଦେବା—3. To set up a fence or partition wall. ୪ । ଭେଦାଭେଦ କରିବା—4. To distinguish; to observe any distinction; to differentiate.

ବାରଣ କେଶର—ଦେ. ବି—ନାଗ କେଶର (ଦେଖ) Bārana kesara Nāgakesara (See).

ବାରଣ କେଶର ପୁଷ୍ପ ତୋଳି ପଦ୍ମ ଜଳ—
ଉପେ. ବୈଦେହୀଶବିଳାସ ।

ବାରଣ ବୁ(ବୂ)ଷା(ସା)—ସ. ବିଣ. ସ୍ତ୍ରୀ—କଦଳୀ (ଗଛ ଓ ଫଳ)—Bārana bu(bū)shā(sā Plantain (tree and fruit). (ବାରଣବଲ୍ଲଭା, ବାରବୁ(ବୂ)ଷା, ବାରବୁଷା—ଅନ୍ୟରୂପ)

ବାରଣ ରଖିବା—ଦେ. କ୍ରି—ଜାତିଦ୍ୱାରା ଭେଦ ରଖିବା—Bārana rakhibā To differentiate; to observe any distinction.

ବାରଣ ଶିର—ଦେ. ବି—(ବହୁବ୍ରୀହି; ବାରଣ+ଶିରସ୍)—ଗଣେଶ—Bāranasira God Ganesa.

ବାରଣସୀ—ସ. ବି—ବାରାଣସୀ; କାଶୀ—Bāranasi Benares (Apte).

ବାରଣ ହାର ମୋତି—ଦେ. ବି—ଗଜମୁକ୍ତା (ଦେଖ) Bāranahāra moti Gajamuktā (See).

ବାଳକା ହସ୍ତୁଂ ମନେ ଅଧିକ ହାର ବାରଣ
ହାର ମୋତ ଦରଣ ସ୍ତନ ଶୋଭନ୍ତ—ଉପେ. ବୈଦେହୀଶବିଳାସ ।

ବାରଣ ହେବା(ଯିବା)—ଦେ. କ୍ରି—ବାରି ହେବା; ପ୍ରଭେଦ ଜଣା ପଡ଼ିବା—Bāran hebā(jibā) বারণহোনা To be distinguished.

ବାରଣା—ପ୍ରାଦେ (ଗଞ୍ଜାମ) ବି. (ସ. ବନ୍ୟା)—ଦୁଇ କୂଳକୁ ଲାଗି Bāranā ନଦୀ ବଢ଼ି—High flood.

ଗ୍ରା. ବି—ବାର ଅଣା—Twelve annas.

ବାରଣାବତ—ସ. ବି—୧ । ପାଣ୍ଡବମାନଙ୍କ ରାଜଧାନୀ; ହସ୍ତିନା; ହସ୍ତିନା-Bāranābata ପୁର ( ଅଧୁନିକ ଦିଲ୍ଲୀ ନିକଟସ୍ଥ )—1. The ancient capital of India (near modern Delhi).

[ଦ୍ର—ଏଠାରେ ପାଣ୍ଡବମାନଙ୍କୁ ଦଗ୍ଧ କରିବା ନିମନ୍ତେ ଦୁର୍ଯ୍ୟୋଧନ ଜତୁଗୃହ ପୁରୋଚନ ନାମକ ବ୍ୟକ୍ତି ଜତୁଗୃହ ନିର୍ମାଣ କରି ତହିଁରେ ଅଗ୍ନି ଲଗାଇ ଦେଇଥିଲା]

୨ । ଗଙ୍ଗା ଯମୁନା ସଙ୍ଗମ ସ୍ଥଳରେ ସ୍ଥାପିତ ପ୍ରସିଦ୍ଧ ନଗର; ପ୍ରୟାଗ; ଅଲ୍ଲାହାବାଦ (ଇଂରେଜ)—2. The ancient town of Prayāga (now Allahabad). (ବାରଣାବତ—ଗ୍ରାମ୍ୟରୂପ)

ବାର(ରି,ରେ)ଣୀ—ଦେ. ବି (ସ. ବାରଣ)—୧ । ବ୍ୟାଘ୍ର, ଭୂତ, ପ୍ରେତାଦି Bāra(ri,re)nī ଓ ଶତ୍ରୁଙ୍କ ଆକ୍ରମଣରୁ ପ୍ରତିହତ କରିବାପାଇଁ বারণী ମନ୍ତ୍ରଦ୍ୱାରା ସ୍ଥାନକୁ ବା ଦେହକୁ ବାନ୍ଧିବା; ବାରଣ କରିବା ମନ୍ତ୍ର—1. Charms used as proof against attacks of tiger, serpent, mosquito ghosts, enemy etc.

ବାରଣୀ ଜାଣଇ ଯେତେ କୋଇ ପୁଣି ହୋଇବ ତାହାର ତରେ
ଉପେ. ବୈଦେହୀଶବିଳାସ ।

୨ । (ସ. ବାରଣ)—ବାରଣ କରିବାର ଉପାୟ—2. Means of preventing or counteracting. ୩ । ବାରୁଣୀ; ସମୁଦ୍ର ବା ଗଙ୍ଗା ଆଦି ତୀର୍ଥ ଜଳରେ ସ୍ନାନ କରିବାର ଶୁଭ ଯୋଗ—3. Auspicious time for bathing in sacred rivers or ocean. ୪ । ( ସ. ବାରଣ ) ପ୍ରତିବିଧାନ ବା ପ୍ରତିକାର ଉପାୟ—4. Remedy. ୫ । ବାଡ଼—5. Hedge; partition wall. ୬ । ବାଧା; ରୋଧ—6. Obstruction; obstacle.

ବାର(ରି, ରେ)ଣୀ କରିବା—ଦେ. କ୍ରି—କୌଣସି ଜନ୍ତୁ ବା ଦୁଷ୍ଟ ଜୀବକୁ Bāra(ri, re)nī karibā ବାରଣ କରିବା ପାଇଁ ମନ୍ତ୍ର, ଯନ୍ତ୍ର, বারণী করনা ଔଷଧାଦି ପ୍ରୟୋଗ କରିବା—To employ charms for restraining the attack of an enemy.

ବାର(ରି, ରେ)ଣୀ ସ୍ନାନ—ଦେ. ବି ( ସ. ବାରୁଣୀସ୍ନାନ )—ବାରୁଣୀ Bāra(ri, re)nī snāna ସ୍ନାନ (ଦେଖ)—Bārunī snāna বারিণী স্থান বারিণী স্নান ( See ). [ ବାର(ରି, ରୁ, ରେ)ଣୀ ବୁଡ଼—ଅନ୍ୟରୂପ ]

ବାର(ରି, ରେ)ଣୀ ଯୋଗ—ଦେ. ବି ( ସ. ବାରୁଣୀ ଯୋଗ )—Bāra(ri,re) joga ୧ । ବାରୁଣୀ ସ୍ନାନ (ଦେଖ)—1. Bārunī বারিণী যোগ snāna ( See ) ୨ । ବହୁକାଳପରେ ଘଟିବା ସୁଯୋଗ—2. An opportunity presenting itself after a long interval. ୩ । ସୁଯୋଗ—বারিণীযোগ 3. Opportunity.

ବାରଣୀୟ—ସ. ବିଣ ( ବାର ଧାତୁ+କର୍ମ. ଅନୀୟ )—୧ । ଯାହା Bāraniya ବନ୍ଦ କରାଯାଇ ପାରେ; ନିବାର୍ଯ୍ୟ—1. Preventible. ୨ । ବାରଣ କରିବାର ଉପଯୁକ୍ତ—2. Deserving to be prevented or prohibited. ୩ । ନିଷିଦ୍ଧ—3. Forbidden.

ବାରଣ୍ଡ—ସଂ ବି—୧ । କ୍ଷେତ୍ର—1. A field ( Apte ). ୨ ।
Bāranṭa କ୍ଷେତ୍ରସମୂହ—2. A number of fields (Apte).
ଓୟାରଣ୍ଟ ବୈଦେ. ବି (ଇଂ. ୱାରଣ୍ଟ)—ଉଆରଣ୍ଟ ( ଦେଖ )
बारण्ट Uāranṭa ( See )

ବାରଣ୍ଟା—ସ. ବି. ସ୍ତ୍ରୀ—ହଂସୀ—
Bāranṭā Goose ( Apte ).

ବାର(ରେ)ଣ୍ଡା—ଦେ. ବି—ବରଣ୍ଡା ( ଦେଖ )
Bāra(re)ṇḍā Baranḍā ( See )
ଗ୍ରା. ବି ଓ ବିଣ—୧୨ ଗଣ୍ଡା ବା ୪୮ଟା—
12 ganḍās, i.e. 48; forty eight.

ବାରତ—ଗ୍ରା ( ପ୍ରାଚୀନ ପଦ୍ୟ ) ବି ( ସ. ବାର୍ତ୍ତା )—ବାରତା (ଦେଖ)
Bārata Bāratā (See)
ବୋଇଲ କସ ବାରତ କାହିଁ ମୋ ସୁତ ସ୍ନେ—
ପ୍ରାଚୀ. ଗୁଡାପ ଗଣେଶେଣା ।

ବାରତା—ଗ୍ରା. (ପଦ୍ୟ) ବି ( ସ. ବାର୍ତ୍ତା )—୧ । ବାର୍ତ୍ତା; ସମ୍ବାଦ—
Bāratā বারতা बारता News.
ଗୁରମାନେ ବୁଝି ଶତ୍ରୁଙ୍କ ବାରତାକୁ—କୃଷ୍ଣଙ୍ଗ ହ. ମହାଭାରତ ସଭା ।

ବାରତ୍ର—ସ. ବି—ଚମ ଦଉଡ଼ି—
Bāratra A leather thong (Apte).

ବାରଦାଣ୍ଡି—ଦେ. ବି—ଏକପ୍ରକାର ବ୍ୟାୟାମ କ୍ରୀଡ଼ା—
Bāradāṇḍi A kind of athletic game.

ବାରଦାଣ୍ଡିଆ—ଦେ. ବିଣ. ପୁଂ—ବାରବୁଲା ( ଦେଖ )—Bārabulā
Bāradāṇḍiā (ବାରଦାଣ୍ଡେଇ—ସ୍ତ୍ରୀ) ( See )

ବାରଦ(ଦା)ରି—ଦେ. ବି ( ଗ୍ରା. ବାରହ+ସ. ଦ୍ଵାର )—ଯେଉଁ
Bārada(dā)ri ଚାରିଆଡ଼େ ବା ତମ୍ବୁର ଚାରିଆଡ଼ ଖୋଲାଥାଏ—
बारहदरी বারদারী A tent open on all sides.

ବାର ଦୁଆର—ଦେ. ବି—ଅନେକ ଲୋକଙ୍କ ଘରର ପ୍ରବେଶ ଦ୍ଵାରମାନ—
Bāra duāra Doors of many people.
বারদুয়ার बरदुआर

ବାର ଦୁଆର ବୁଲିବା—ଦେ. କ୍ରି—୧ । ଏ ଦୁଆର ସେ ଦୁଆର ବୁଲିବା—
Bāra duāra bulibā 1. To go from door to door ( abegging ).
ବାର ଦୁଆର ଶୁଣ୍ଢିପିଣ୍ଡା ହେବା }
ବାର ଦୁଆର ହେବା } ଅନ୍ୟରୂପ ୨ । ଘାସାର୍ଥ ବା ଆଶ୍ରୟାର୍ଥ
ବାର ଓଳ ଗୁଡ଼ିଅପିଣ୍ଡା ହେବା } ବା ସାହାଯ୍ୟ ଲାଭାର୍ଥ
बरदुआर घुमना ଅନେକ ବ୍ୟକ୍ତିଙ୍କ ଦ୍ଵାରସ୍ଥ ହେବା—2. To approach or visit the doors of many people for shelter or alms; to knock at
বারদুয়ার ঘুরা the doors of various people.

ବାର ଦୁଆର ଶୁଣ୍ଢି ପିଣ୍ଡା—ଦେ. ବି—ଅସହାୟ ଅବସ୍ଥାରେ ଆଶ୍ରୟଲାଭାର୍ଥ
Bāra duāra śunḍhi pinḍā ବହୁଲୋକଙ୍କ ଦ୍ଵାରେ, ଏମନ୍ତ କି
बरदुआर ଶୁଣ୍ଢି ପର ନୀଚ ବ୍ୟକ୍ତିର ପିଣ୍ଡାରେ ବାଧ୍ୟ ହୋଇ ମନୁଷ୍ୟର ଉପସ୍ଥିତ ହେବା—Calling at the doors of many people in a helpless condition.

ବାରଦୁଆରି—ଦେ. ବିଣ. ପୁଂ—୧ । ବାରଘର ବୁଲା; ଯେ ଆଶ୍ରୟ ବା
Bāraduāri ଘାସାଲାଭାର୍ଥ ବହୁଲୋକଙ୍କ ଦ୍ଵାରରେ ଉପସ୍ଥିତ ହୁଏ—
ବାର ଦୁଆର ବୁଲା } ଅନ୍ୟରୂପ 1. Knocking at the doors
ବାର ଦୁଆରିଆ } of various persons for
ବାର ଦୁଆର ବୁଲି } ସ୍ତ୍ରୀ shelter or alms. ୨ । ( କୁକୁର-
ବାର ଦୁଆରି } ମାନେ ଅଇଁଠା ପତ୍ର ଚାଟିବା ପାଇଁ ବହୁ
बरदुआरी ଲୋକଙ୍କ ଦୁଆରକୁ ଯିବା ପରି ) ଯେଉଁ ଲୋକ
বারদুয়ারী ବହୁଲୋକଙ୍କ ଦୁଆରେ ବୁଲୁଥାଏ—2. (a person) Visiting various houses ( like a dog going to eat the leavings of dinners at the doors of many persons); loafing.

ବାରଦୁଆରି—ଦେ. ବିଣ. ସ୍ତ୍ରୀ—୧ । ବାର ଘର ବୁଲୀ; ଯେଉଁ ସ୍ତ୍ରୀ
Bāra duāri ଆଶ୍ରୟଲାଭାର୍ଥ ବହୁଲୋକଙ୍କ ଘରକୁ ଯାଏ—
बरदुआर घूमनेवाली 1. ( woman ) Visiting many houses for shelter or alms. ୨ । କୁଳଟା; ଯେଉଁ ସ୍ତ୍ରୀ ଇନ୍ଦ୍ରିୟବୃତ୍ତି ଚରିତାର୍ଥ କରିବା ପାଇଁ ବହୁଲୋକଙ୍କ ଦ୍ଵାରସ୍ଥ ହୁଏ—2. (a woman) Visiting various houses for adultery.
[ ଦ୍ର—ମନ୍ଦ ଅର୍ଥରେ ଏ ଶବ୍ଦ ଗାଳିରେ ବ୍ୟବହୃତ ହୁଏ ।
ବାର ଘର ବୁଲା କୁତା—ପୁଂ, ବାର ଘର ବୁଲି କୁତ୍ତି—ସ୍ତ୍ରୀ ।
ବାର ଦୁଆର ବୁଲା କୁତା—ପୁଂ, ବାର ଦୁଆର ବୁଲି କୁତ୍ତି—ସ୍ତ୍ରୀ । ଗାଳିରେ ବ୍ୟବହୃତ ହୁଏ । ]

ବାରନାରୀ—ସଂ. ବି (ସ୍ତ୍ରୀ)—(ବାର=ବହୁବ୍ୟକ୍ତିଙ୍କର+ନାରୀ=ସ୍ତ୍ରୀ)—
Bāranārī ବେଶ୍ୟା—Prostitute.
ବାରବଧୂ, ବାରବଧୂଟୀ, ବାରବନିତା, ବାରବିଳାସିନୀ, }
ବାରଯୋଷା, ବାରଯୋଷିତ୍, ବାରରମଣୀ, ବାରସ୍ତ୍ରୀ, } ଅନ୍ୟରୂପ
ବାରାଙ୍ଗନା, ବାରବାଣୀ, ବାରମୁଖ୍ୟା }

ବାରନ୍ଦ(ଦା)—ଦେ. ବି. (ସ. ବରଣ୍ଡ)—ଘର ଛାଳର କାଠ କାମ—
Bāranda(ndā) Wood work of the thatched
বারন্দা बारामदा frame of a house.

ବାର ପଣ—ଦେ. ବି—କୌଣସି ବସ୍ତୁର ଷୋଳ ପଣ ମଧ୍ୟରୁ ବାର ପଣ;
Bāra paṇa ଚାରି ଭାଗରୁ ତିନି ଭାଗ; ତିନି ଚତୁର୍ଥାଂଶ; ¾—
(ବାର ଅଣା—ଅନ୍ୟରୂପ) $\frac{3}{4}$; three fourths of a thing.

ବାର ପଣି—ଦେ. ବି—ବାର୍ଷିକ ଖଜଣାର ଚାରି ଭାଗରୁ ତିନି ଭାଗ—
Bāra paṇi Three fourths of the annual
(ବାର ଅଣି—ଅନ୍ୟରୂପ) rent.
ବିଣ—ବାର ପଣିଆ ( ଦେଖ )
Bāra paṇiā ( See )

ବାର ପଣିଆ(ଆଁ)—ଦେ. ବିଣ—୧ । କୌଣସି ପଦାର୍ଥର ¾ ସମ୍ବନ୍ଧୀୟ—
Bāra paṇiā(āṅ) 1. Relating to $\frac{3}{4}$ of a thing.
୨ । ଯେଉଁ ସମୟରେ ବା ଲାଟବନ୍ଦି କିସ୍ତିରେ ପ୍ରଜାର ବାର୍ଷିକ ଦେୟ ଖଜଣାର ¾ ଜମିଦାରଙ୍କୁ ଦଆଯିବା କଥା ଥାଏ—
2. ( the time or revenue payment day ) By which $\frac{3}{4}$ of the annual rent is to be paid by the tenants.

ବାର ପତି—ସଂ. ବି. ( ବାର=ଜଳ+ପତି )—
Bāra pati ୧ । ସମୁଦ୍ର—1. Ocean.
୨ । ବରୁଣ—2. Baruṇa.



M. Patnaik Pleader.

ବାର (୧୨)ରେ ସୁଆ ପଢ଼ ହେବାର ସ୍ମୃତ ଯାହିଁ ବଳାତ ପଢ଼ିବ ଦିନ ।
ଅଭିମନ୍ୟୁ. ବିଦଗ୍ଧ ଚିନ୍ତାମଣି ।

**ବାର ପତ୍ର**—ଦେ. ବି—ମୃତାହର ଦ୍ୱାଦଶ ଦିବସରେ ଦିଆଯିବା ଭୋଜି
Bāra patra ଓ କର୍ମ—The feast given to relatives of the deceased and the rites performed on the 12th day of one's death amongst the twice-born Hindus.
(ବାରପତର—ଅନ୍ୟରୂପ)

**ବାର ପେଁଚଲିଆ**—ପ୍ରାଦେ. (ସମ୍ବଲପୁର) ବି—ଛଳୀ; ଫିସାଦିଆ—
Bāra peñchaliā Crafty.

**ବାର ବକଳିଆ**—ଦେ. ବି—ଏକ ପ୍ରକାର ବଡ଼ ଗଛ—
Bāra bakaḷiā A species of tree.
(ବାରବକଳା—ଅନ୍ୟରୂପ)
[ ଦ୍ର—ଏଥିର କାଠରୁ ବହୁ ପରସ୍ତ ବକଳା ବାହାରେ, ଏବଂ ଏହା ଜାଳ କାଠ ରୂପେ ବ୍ୟବହୃତ ହୁଏ । ]

**ବାର ବଜାରିଆ ପଣ**—ଦେ. ବି—ଅତ୍ୟନ୍ତ ବଜାରି ଢଙ୍ଗ; ବଟୁଙ୍ଗଳା ଓ
Bāra bajāriā paṇa ଅଭଦ୍ର ସ୍ୱଭାବ—
Low vulgarity.

**ବାର ବଫାତ୍**—ବୈଦେ. ବି. ( ଅ. ବାରହ୍ ୱଫାତ୍ )—
Bāra bafāt ହଜରତ୍ ମହମ୍ମଦଙ୍କ ମାରାତ୍ମକ ପୀଡ଼ାର ୧୨ଦିବସ—
বার বফাত The twelve days of Mahommad's
बारह वफात् mortal illness
(ବାରେ ବଫାତ୍—ଅନ୍ୟରୂପ) [ ଦ୍ର—ଏହାକୁ ମୁସଲମାନ୍‌ମାନେ ପର୍ବ ରୂପେ ପ୍ରତି ବର୍ଷ ପାଳନ୍ତି । ଏ ମୁସଲମାନୀ ଚାନ୍ଦ୍ର ମାସ ରବିଉଲ୍ ଅଉଅଲ୍‌ରେ ପଡ଼େ । ଏହି ପୀଡ଼ାର ଫଳରେ ମହମ୍ମଦ ଦେହତ୍ୟାଗ କରିଥିଲେ ! ]

**ବାର ବୟ(ୟା,ୟୀ)**—ଦେ. ବିଣ. ପୁଂ ଓ ସ୍ତ୍ରୀ—ଦ୍ୱାଦଶ ବର୍ଷୀୟ—
Bāra baya(yā,yī) Aged 12 years.
ବାରବୟା ତା ପାଳଣା ତଳପରେ ।
ଅଭିମନ୍ୟୁ. ବିଦଗ୍ଧ ଚିନ୍ତାମଣି ।

**ବାର ବରତ**—ଗ୍ରା. ବି. (ସହରର ଶବ୍ଦ)—ବର୍ଷକ ମଧ୍ୟରେ ହେଉଥିବା
Bāra barata ଭିନ୍ନ ଭିନ୍ନ ଉପବାସ ବା ବ୍ରତ—
(ବାର ବ୍ରତ—ଦେଶଜ ରୂପ) The several religious fasts and feasts of the year.
ବାର ବରତରେ ଶାହିଅର ଅଳକାର ଭର ମନ ।
ଫକୀରମୋହନ. ଛମାଣ ଆଠ ଗୁଣ୍ଠ ।
[ ଦ୍ର—ବ୍ରତ ତଳେ ଦେଖ । ]

**ବାର ବରଷିଆ**—ଦେ. ବିଣ, ପୁଂ. (ସଂ ଦ୍ୱାଦଶ ବର୍ଷୀୟ)—
Bāra barashiā ୧ । ବାର ବର୍ଷ ବୟସ୍କ—1. Aged 12.
(ବାର ବରଷୀ—ଅନ୍ୟରୂପ) ୨ । ଯାହା ୧୨ ବର୍ଷରେ ଥରେ ଘଟେ—2. Happening or taking place once in 12 years.
୩ । ବାର ବର୍ଷ ପୂର୍ବେ ଘଟିଥିବା—3 Which took place 12 years ago.
ବି—ଏକ ପ୍ରକାର ସପୁରି ଜାତୀୟ ଗଛ; ମୁର୍ବା—
The century plant; the American Aloe; the agave; Agave Amaryllidaceæ.
বিলাতি আনারস,
বিলাতি পাতা,
কোয়ান, মুগা
बाँस केवड़ा,
रकशपाता, कटला,
बड़ा कुँवार
[ ଦ୍ର—ଏହାର ଗଣ୍ଡି ଖୁବ୍ ମୋଟ ଓ ଖଣ୍ଡିଆ ପତ୍ର ଲମ୍ବ ଓ ପତ୍ରର ଅଗରେ ଖୁବ୍ ଦୃଢ଼ ମୁନିଆ କଣ୍ଟା ଥାଏ । ଏଥିର ପତ୍ରକୁ ପାଣିରେ ସଢ଼ାଇ ଦେଲେ ବା ଛେଚିଲେ ତହିଁରୁ କୋମଳ ଅଂଶ ବାହାରି ଯାଇ ଖୋଟ ପରି ତନ୍ତୁ ବାହାରେ ଓ ତହିଁରେ ଖୁବ୍ ଶକ୍ତ ଧନୁର୍ଗୁଣ ହୁଏ । ୧୨ ବର୍ଷରେ ଏ ଗଛରୁ ଗୋଟିଏ ୧୦।୧୫ ହାତ ଲମ୍ବ କାଣ୍ଡ ବାହାରେ ଓ ଉକ୍ତ କାଣ୍ଡ ଅଗରେ ଫୁଲ ଓ ଫଳ ଧରେ । ଫଳ ଧରିବା ପରେ ଏ ଗଛ ମରିଯାଏ । ଏ ଗଛକୁ ଲୋକେ ବାଡ଼ ବା ହୁଡ଼ାରେ ପୋତନ୍ତି । ଏହା ପ୍ରଥମେ ଆମେରିକାରୁ ଏ ଦେଶକୁ ଆଣୀତ ହୋଇଥିଲା; ଏଥିର ତନ୍ତୁରେ ଅସନା, ମୋଟ ଲୁଗା, ଗାଲିଚ୍ଛ ଆଦି କେନ୍ଦୁଝର ଜେଲରେ ଓ ଅନ୍ୟାନ୍ୟ ସ୍ଥାନରେ ବୁଣା ଯାଉଅଛି । ସମ୍ବଲପୁର ସହର ନିକଟରେ କେଶୀ ନାମକ ଜଣେ ସାହେବ ଏହି ଗଛର ଗୋଟିଏ ପ୍ରକାଣ୍ଡ କୃଷିକ୍ଷେତ୍ର କରି, କଳରେ ତହିଁର ଖୋଟ ବାହାର କରି ଦଉଡ଼ା ବଳାଯିବା ପାଇଁ ଉକ୍ତ ଖୋଟକୁ ବିଦେଶକୁ ପଠାଉ ଅଛନ୍ତି । ଏ ଦଉଡ଼ା ଖୁବ୍ ଟାଣୁଆ ହୁଏ । ଏ ଗଛକୁ ସମ୍ବଲପୁର ଅଞ୍ଚଳରେ 'ମୁରୁଗା' (ସଂ. ମୂର୍ବା) କହନ୍ତି; କିନ୍ତୁ ମୂର୍ବା ଗଛ ଶାକ ଜାତୀୟ ଓ କ୍ଷୁଦ୍ର; ଏବଂ ବାରବରଷିଆ ଗଛ ବଡ଼ ଓ ବିଦେଶରୁ ଆଣୀତ । ]

**ବାର ବାଟ**—ଦେ. ବି—ବହୁତ ଉପାୟ; ନାନା ପନ୍ଥା—Many ways;
Bāra bāṭa बारह बाट various means.

**ବାର ବାଟୀ**—ଦେ. ବି—ଓଡ଼ିଶାର କଟକ ନଗରରେ ଥିବା ପ୍ରାଚୀନ
Bāra bāṭī ଉତ୍କଳର ସ୍ୱାଧୀନ ନରପତିଙ୍କ ଦୁର୍ଗ—
The name of an old fort (now in ruins) in the town of Cuttack
ବାରବାଟି ଆଜ ସାକେ ସଙ୍କୀର୍ତ୍ତ । ରଘୁନାଥ. ଦରବାର ।
[ ଦ୍ର—ଏହା କଟକ ସହରର ଉତ୍ତରାଂଶରେ ମହାନଦୀର କୂଳରେ ଅବସ୍ଥିତ ପ୍ରାଚୀନ ଉତ୍କଳର ଗୋଟିଏ ଦୁର୍ଗ । ଉକ୍ତ ଦୁର୍ଗର ହତାର କ୍ଷେତ୍ରଫଳ ବାରବାଟି ବା ଦୁଇଶତ ବାଇଶ ମାଣ ଥିବାରୁ ଏହାର ଏହି ନାମ ହୋଇଅଛି । ଉତ୍କଳର ସ୍ୱାଧୀନ ନରପତି ଅନଙ୍ଗଭୀମଦେବ ଏହି ଦୁର୍ଗ ଖ୍ରୀଷ୍ଟୀୟ ଚତୁର୍ଦ୍ଦଶ ଶତାବ୍ଦୀରେ ନିର୍ମାଣ କରାଇଥିଲେ । ଏହାର ଚାରିପାଖେ ବେଢ଼ି ଥିବା ଗଭୀର ପରିଖା ବର୍ତ୍ତମାନ ପର୍ଯ୍ୟନ୍ତ ରହିଅଛି, କିନ୍ତୁ ପୋତି ହୋଇ ଗଲାଣି । ପରିଖା ଉପରେ ଥିବା ଏକମାତ୍ର ପୋଲରେ ଏଥିର ଫାଟକ ଥିଲା । ଏଠାରେ ରାଜା ମୁକୁନ୍ଦଦେବଙ୍କ ନିର୍ମିତ ପାଷାଣର ନବତଲ ପ୍ରାସାଦ ଥିଲା । ଅବୁଲ୍‌ଫାଜଲ୍ ନାମକ ମୁସଲମାନ୍ ଐତିହାସିକ ଲେଖିଅଛନ୍ତି ଯେ, ଏ ପ୍ରାସାଦର ସର୍ବ ତଳ ମହଲରେ ହାତୀଘୋଡ଼ା, ଦୋମହଲାରେ ଯୁଦ୍ଧୋପକରଣ ଓ ତହିଁର ରକ୍ଷକବର୍ଗ, ତିମହଲାରେ ରାଜାନୁଚର ଓ ପ୍ରହରୀବର୍ଗ, ଚଉମହଲାରେ ଶିଳ୍ପିଗଣ, ପଞ୍ଚମତଳରେ ରନ୍ଧନଶାଳା, ଷଷ୍ଠତଳରେ ରାଜସଭା, ସପ୍ତମରେ ଗୋପନୀୟ ରାଜକର୍ମାଳୟ ଓ ମନ୍ତ୍ରଣାସଭା, ଅଷ୍ଟମରେ ରାଜାନ୍ତଃପୁର ଓ ସର୍ବୋଚ୍ଚ ନବମ ତଳରେ ରାଜା ସ୍ୱୟଂ ରହୁଥିଲେ । ପ୍ରାଚୀନ ଭାରତରେ ଅନ୍ୟତ୍ର ନବତଲ ପ୍ରାସାଦ ଥିବାର ଅନୁମିତ ହେଉ

ନାହିଁ । ଦୁର୍ଗରେ ବହୁଦେଶରେ ଗୋଟିଏ ଟୋକାଶୋଭିତ ଉଚ୍ଚ ପ୍ରସ୍ତର ସ୍ତମ୍ଭ ଥିଲା । ବର୍ତ୍ତମାନ, ଏ ପ୍ରାସାଦର ଭଗ୍ନାବଶେଷରୂପେ ଗୋଟିଏ ମାଟିସ୍ତୂପ ମାତ୍ର ଅଛି । କଳାପାହାଡ଼ର ଓଡ଼ିଶା ଆକ୍ରମଣ କାଳବେଳେ ଏଠାରେ ମୁକୁନ୍ଦଦେବଙ୍କ ରାଣୀ ରହୁଥିଲେ । ଆଜିକାଲି ଏହି ଦୁର୍ଗ ମଧ୍ୟରେ ଲାଇଟ୍‌ହାଉସ, ଇଉରୋପୀୟମାନଙ୍କ କ୍ଲବ୍ ଅବସ୍ଥିତ । ଦୁର୍ଗରେ ପରଖା ମହାନଦୀ ସଙ୍ଗେ ଗୋଟିଏ ଗୁପ୍ତ ନାଳଦ୍ୱାରା ସଂଯୁକ୍ତ ଥିଲା । ]

**ବାର ବାଣ**—ସଂ. ବି.—( ବାର=ବାରଣ କରିବା+ବାଣ=ଶର ଯାହା ଦ୍ୱାରା )—୧ । ବାଣବାରକ; ସାଞ୍ଜୁ; ବର୍ମ—
Bāra bāṇa
1. Mail coat; coat of mail. ୨ । (ବାଣ+ବାର; ପୂର୍ବନିପାତ) ବାଣ; ସମୂହ—2. A number of arrows. ୩ । ବେଶ୍ୟା ସମୂହ—3. A number of harlots (Apte).

ବାର ବାଣ ହେବ ଯୁଦ୍ଧସଙ୍କଟେ-ବାର ବାଣକୁ ତଞ୍ଚ ବଶିଷର —
ଉଦ୍ଧ. ବୈଦେହୀଶବିଳାସ ।

**ବାରବାଣି**—ସଂ. ବି.—୧ । ବଂଶୀ ବଜାଇବା ଲୋକ—1. A piper;
Bārabāṇi a player on a flute (Apte). ୨ । ବାଜା-ବାଲା—2. Musician (Apte). ୩ । ବର୍ଷ—3. Year (Apte). ୪ । ବିଚାରପତି—4. A Judge (Apte).

**ବାର ବାଣୀ(ଣି)**—ଦେ. ବିଣ—(ସଂ. ବାରବର୍ଣ୍ଣି; ହିନ୍ଦୀ ସଂ. ଦ୍ୱାଦଶ ପ୍ରା. ବାରହ=ଦ୍ୱାଦଶାଦିତ୍ୟଙ୍କ ବର୍ଣ୍ଣପରି ଉଜ୍ଜ୍ୱଳ)—ସୁନ୍ଦର ବା ଉତ୍କୃଷ୍ଟ ବା ଉଜ୍ଜ୍ୱଳ ରଙ୍ଗବିଶିଷ୍ଟ—
Bāra bāṇi(ṇi) बारहवानी Shining; having bright colour.

**ବାରବାଣୀ ସୁନା**—ଦେ. ବି—ଉତ୍କୃଷ୍ଟ ସୁନା; ଖାଣ୍ଟି ସୁନା—Excellent
Bārabāṇi sunā बारहवान gold; pure gold.

ମନ୍ଦମୂର୍ତ୍ତିକୁ କଷି କରୁଥାଇ ବାରବାଣୀ ସୁନା ଦର୍ପ ଚୂନା ।
ସ୍ୱଧାକାଥ. ସପ୍ତ ।

**ବାରବାନ**—ଦେ. ବି—(ସଂ. ବାରବର୍ଣ୍ଣି)-ବାରବାଣୀ ସୁନା (ଦେଖ)—
Bāra bāna बारहवान Bārabāṇi sunā (See)

ବାରବାନକୁ ଯେ ପାଇ—ଦ୍ୱିବ ରଙ୍ଗରେ ମନ ଅନୁରୂପେ ପାଇ ।
ଉଦ୍ଧ. ବୈଦେହୀଶବିଳାସ ।

**ବାର ବାୟୁ**—ସଂ. ବି—ପ୍ରଚଣ୍ଡ ପବନ; ବତାସ—
Bāra bāyu Stormy wind; gale.

ବାର ବାୟୁରେ ଧୈର୍ଯ୍ୟମୂଳ ଉପୁଡ଼ି ପଡ଼ିଲା ପ୍ରକାର ।
ଉଦ୍ଧ. ବୈଦେହୀଶବିଳାସ ।

**ବାର ବାର**—ଦେ. କ୍ରି. ବିଣ—(ସଂ. ବାରମ୍ବାର)—୧ । ଥରକୁଥର;
Bāra bāra बार बार बारबार ଅନେକ ଥର—
1. Several times.

ହରଣାକ୍ଷିରେ ନାନା, ହର କେଳି ଯାନା ବୋଲି ଯେ କରୁଥାନ୍ତି ବାରବାର ।
କବିସୂର୍ଯ୍ୟ. ସଙ୍ଗୀତ ।

୨ । ପୁନଃପୁନଃ—2. Repeatedly.

ବାର ବାର ନବବାରଣବରଗାମୀ
ରତ ରସ ଦେଖା ରଙ୍ଗିଣୀ ପଟେ—
କବିସୂର୍ଯ୍ୟ. ରତ୍ନାକରଗ୍ରନ୍ଥ, ୬, ଗୀତ ।

**ବାରବିଜା**—ଦେ. ବିଣ—ଯାହାର ଜନ୍ମଦାତା କିଏ ନ ଥାଏ; ଅଜ୍ଞାତ
Bārabijā ବ୍ୟକ୍ତିର ଔରସରେ ଉତ୍ପନ୍ନ ସନ୍ତାନ—Bastard; of unknown parentage.

**ବାରବୁଲା**—ଦେ. ବିଣ. ପୁଂ—୧ । ବାସୁଗନ୍ଧୁ ଯେ ବାରଅଡ଼େ ବୁଲେ;
Bāra bulā ଯେ ଘରେ ନ ରହି ଏଣେ ତେଣେ ବୁଲୁଥାଏ—
(ବାରବୁଲୀ—ସ୍ତ୍ରୀ) 1. Of wandering or erratic habits.
बार फटका vagabondish. ୨ । ବାର ଦୁଆରି (ଦେଖ)—
उड़ी Bāra duāri (See).

**ବାର ବେନି**—ଦେ. (ପଦ୍ୟ) ବିଣ—ଚଉଦ; ୧୪—
Bāra beni Fourteen; 14.

ବାର ବେନି ଯୁଗଧାର ମୋହନ ପୁଂସ—
ଉଦ୍ଧ. ବୈଦେହୀଶବିଳାସ ।

**ବାର ବେଳା**—ସଂ. ବି—( ବାର=ଅଶୁଭ ବା ନିଷିଦ୍ଧ+ବେଳା=
Bāra beḷā ସମୟ )—ଫଳିତ ଜ୍ୟୋତିଷ ମତରେ ସପ୍ତାହର ବିଭିନ୍ନ ବାରରେ ସବୁ କର୍ମ କରିବାର ନିଷିଦ୍ଧ କାଳ—Fixed periods in different week-days which is pronounced as inauspicious(in astrology) for any undertaking.

[ଦ୍ର—ଦିନର ଶୁଭ ପ୍ରହରକୁ ୮ ଭାଗରେ ବିଭକ୍ତ କଲେ ପ୍ରତ୍ୟେକ ଭାଗକୁ ଯାମାର୍ଦ୍ଧ ବୋଲାଯାଏ । ସପ୍ତାହର ପ୍ରତ୍ୟେକ ବାରର ୨ ଗୋଟି ଓ ଶନିବାରର ଅଧିକ ଗୋଟିଏ ନିର୍ଦ୍ଦିଷ୍ଟ ଯାମାର୍ଦ୍ଧ ସମୟକୁ ବାରବେଳା ଓ କାଳବେଳା ବୋଲାଯାଏ । ବାରବେଳାରେ ଯାତ୍ରା କଲେ ମୃତ୍ୟୁ, ବିବାହ କଲେ କନ୍ୟା ବିଧବା ଓ ଉପନୟନ କଲେ ବ୍ରାହ୍ମଣ ବଧ ପାପ ହୁଏ ।

ରବିବାର—୪ର୍ଥ ଓ ୫ମ ଯାମାର୍ଦ୍ଧ ( ୫ମଟି ବାରବେଳା )
ସୋମବାର—୨ୟ ଓ ୭ମ „ ( ୨ୟଟି „ )
ମଙ୍ଗଳବାର—୬ଷ୍ଠ ଓ ୨ୟ „ ( ୬ଷ୍ଠଟି „ )
ବୁଧବାର—୫ମ ଓ ୩ୟ „ ( ୩ୟଟି „ )
ଗୁରୁବାର—୭ମ ଓ ୮ମ „ ( ୭ମଟି „ )
ଶୁକ୍ରବାର—୩ୟ ଓ ୪ର୍ଥ „ ( ୪ର୍ଥଟି „ )
ଶନିବାର—୧ମ, ୬ଷ୍ଠ ଓ ୮ମ „ (୧ମ ଓ ୮ମ „ )

ଏ ସମସ୍ତ ବାରବେଳା ଓ କାଳବେଳା ବୋଲି ନିର୍ଦ୍ଦିଷ୍ଟ ଅଛି । ଏଥିରୁ ଗୋଟିଏ ବାରବେଳା ଓ ଗୋଟିଏ କାଳବେଳା । ଓଡ଼ିଆରେ ଏ ସମ୍ବନ୍ଧରେ ଗୋଟିଏ ଢାଗରୂଷି ବଚନ ଅଛି, ଯଥା—ରବି ଦଶ ଘଡ଼ି, ସୋମ ଚଉଠା, କାଳ ମଙ୍ଗଳ, ପଣ୍ଡିତ ଷଠା, ଗୁରୁ ଚଉଦ, ଶୁକ୍ର ଅଠ, ଉଦୟ ଅସ୍ତ ଶନିର ସାଠ ।

ଦିନର ୧୬ ଘଡ଼ିକୁ ଅଠ ଭାଗ କଲେ ୧ ଯାମାର୍ଦ୍ଧ=୨ ଘଡ଼ି । ଏହିପରି ରାତ୍ରିର କେତେକ ଯାମାର୍ଦ୍ଧକୁ କାଳରାତ୍ରି ବୋଲାଯାଏ । ଏ ସମୟରେ ଶୁଭକର୍ମ ନିଷିଦ୍ଧ । ]

**ବାରବେଳା କାଳବେଳା**—ସଂ. ବି (ସଙ୍ଗତର ଶବ୍ଦ)—ବାରସର ନିର୍ଦ୍ଦିଷ୍ଟ
Bārabeḷā kāḷabeḷā ଅଶୁଭ ସମୟ— Certain inauspicious periods of different week-days.

[ ଦ୍ର—ବାରବେଳା ତଳେ ନୋଟ୍ ଦେଖ ]

ବାର ଭାଇଅ—ଦେ. ବିଣ.—୧ । ବାର ଅଂଶୀଆ; ବାରଜଣ ଭାଇ ବା
Bāra bhāiā ମାଲିକଙ୍କ ଅଧିକୃତ; ବହୁସ୍ୱାମିକ ( ସମ୍ପତ୍ତି )—
(ବାରଜଣିଆଁ—ଅନ୍ୟରୂପ) 1, (Property) Belonging to
ବାରଭାଁ(ଭେ)ୟେ many coshares.
୨ । ବହୁ ଭ୍ରାତୃ ସମନ୍ୱିତ (ପରିବାର)—2. (a family) Consisting of many brothers. ୩ । ଯେଉଁ କାର୍ଯ୍ୟରେ ବା ବିଷୟରେ ଅନେକ ଲୋକଙ୍କର ସମ୍ପର୍କ ଥିବାରୁ ତାହା ଉପରେ କର୍ତ୍ତବ୍ୟ ଦାୟିତ୍ୱ ନ ଥାଏ—3. (a work) Concerning many people and in which no particular person is responsible or particularly interested.

ବାର ଭାଇଅ ଅଖଡ଼ା—ଦେ.ବି—୧ । ଯେଉଁ ଅଖଡ଼ାରେ ବା ସ୍ଥାନରେ
Bāra bhāiā ākhardā ଅନେକ ଲୋକଙ୍କର ସମ୍ପର୍କ ଥାଏ—
(ବାରଭାଇ ଅଖଡ଼ା—ଅନ୍ୟରୂପ) 1. A place owned by many people. ୨ । ବହୁସ୍ୱାମିକ କାର୍ଯ୍ୟ—2. A work done or to be done by many people in which none is particularly responsible or interested. ୩ । ଯେଉଁଠାରେ ବହୁ ବ୍ୟକ୍ତି ରୁଣ୍ଡ ହୁଅନ୍ତି—3. A rendezvous of many persons) ୪ । ଗୋଳମାଳଆ ସ୍ଥାନ—4. A place full of confusion.

ବାରଭାଇଅ କାମ—ଦେ. ବି—ବହୁସ୍ୱାମିକ ବିଷୟ; ଉତ୍ତରଅଧିକାରୀ ବିଷୟ—
Bāra bhāiā kāma A matter in which many people are involved.
ବାରଜଣିଆ କାମ } ଅନ୍ୟରୂପ
ବାରଭାଇଅ କଥା
বারভেয়ে কাজ

ବାରଭାଇଅ ଗେଧ—ଦେ. ବି—କେବଳ ପୁରୁଷ ଅଣ୍ଡିରା ଗେଧ ମାଙ୍କଡ଼
Bārabhāiā gedha ଥିବା ମାଙ୍କଡ଼ପଲ—A flock of
বারভেয়ে গোদা monkeys consisting of males only.

[ ଦ୍ର—ମାଙ୍କଡ଼ଙ୍କ ଦଳରେ ଗୋଟିଏ ଦଳପତି ଥାଏ । ତାକୁ ଗେଧ (ବ. ପାଲେର ଗୋଦା) ବୋଲାଯାଏ । ଦଳର ସମସ୍ତ ସ୍ତ୍ରୀଙ୍କ ଉପରେ ଗେଧର ଏକାଧିପତ୍ୟ ଥାଏ । ଦଳରେ ପୁରୁଷ ମାଙ୍କଡ଼ ଜନ୍ମ ହେଲେ ତାକୁ ସେହି ଦଳପତି ଗେଧ ଶିଶୁକାଳରେ ମାରିପକାଇ ଛଣ୍ଡକ ପ୍ରବୃତ୍ତି ଭୋଗକରେ । ଯେଉଁ ଅଣ୍ଡିରା ମାଙ୍କଡ଼ ଯାକ ଦଳପତିର ତର୍ଜ୍ଜନରୁ ତ୍ରାହି ପାଇବାପାଇଁ ପିଲାବେଳୁ ଦଳ ଛାଡ଼ି ପଳାଇ ଯାଆନ୍ତି ସେମାନେ ଗୋଟିଏ ସ୍ୱତନ୍ତ୍ର ଦଳ ଗଠନ କରନ୍ତି ଓ ସେମାନେ ବାଧ୍ୟତାମୂଳକ ବ୍ରହ୍ମଚର୍ଯ୍ୟ ଅବଲମ୍ବନ କରୁଥିବାରୁ ସାଧାରଣତଃ ଭାରି ବଳୁଆ, ହୁଙ୍କୁମା ଓ ଦୁଷ୍ଟ ହୁଅନ୍ତି ଓ ଗ୍ରାମରେ ବିଶେଷ ଉତ୍ପାତ କରନ୍ତି । ]

ବାର ଭାତ—ଦେ. ବି—କୌଣସି ବ୍ୟକ୍ତିର ମୃତ୍ୟୁର ଦ୍ୱାଦଶ ଦିନ ଭାତ
Bāra bhāta କୁଟୁମ୍ବମାନଙ୍କୁ ଦିଆଯିବା ଅନ୍ନ ଭୋଜନ—The
(ବାର ଭୋଜନ—ଅନ୍ୟରୂପ) social feast given to the agnates of a deceased on the 12th day of his death.

ବାର ଭୂୟାଁ—ଦେ. ବି—ପଞ୍ଚଦଶ ଓ ଷୋଡ଼ଶ ଶତାବ୍ଦୀରେ ରାଜତ୍ୱ
Bāra bhuyāñ କରୁଥିବା ବଙ୍ଗଦେଶର ବାରଗୋଟି ଭୂସ୍ୱାମୀ
ବାରଭୂଇଁଆଁ } ଅନ୍ୟରୂପ ୧୨ଜଣ ଭୂମ୍ୟଧିକାରୀ—12 Zamindars ruling in Bengal in the 15th and 16th centuries.
ବାରଭୂୟାଁ
বারভূয়াঁ

ବାର ଭୂତ—ଦେ. ବି—ବହୁ ଅସମ୍ପର୍କୀୟ ଲୋକ—
Bāra bhūta A great many outsiders.

ଦୁଇପକ୍ଷ ମଝିରେ ମାରେ ଚାଲିଛି ବାଦ କଜାନ,
ସେହି ଛଳେ ବାରଭୂତ ଗୋଟାଇ ଖାଇ ଅଛନ୍ତି ।
ଫକୀର ମୋହନ. ଛମାଣ ଆଠଗୁଣ୍ଠ

ବାର ମାଢ଼ି—ଦେ. ବିଣ (ବ. ବାରବାଣୀ)—ଉତ୍କୃଷ୍ଟ (ସ୍ୱର୍ଣ୍ଣ)—
Bāra mārdhi Excellent (gold).

ବାର ମାସ—ଦେ. ବି—ବର୍ଷର ଦ୍ୱାଦଶ ମାସ—The 12 months
Bāra māsa বারমাস बारहमास of the year.

[ ଦ୍ର— ଚାନ୍ଦ୍ରମାନ ଓ ସୌରମାନ ମାସମାନଙ୍କର କାଳ ପୃଥକ୍ । ଇଂରେଜୀୟ ଓ ମୁସଲମାନୀ ମାସମାନଙ୍କ କାଳ ମଧ୍ୟ ପୃଥକ୍ । ସାଧାରଣତଃ ମାସକ ୩୦ ଦିନ ଓ ବର୍ଷକ ୩୬୦ ଦିନ ଗଣନା କରାଯାଏ । ସୌରମାନ ବର୍ଷର ମାସମାନ, କେଏ ୨୮, କେଏ ୩୦ ଓ କେଏ ୩୧ ଦିନ ଗଣତି କରାଯାଏ ।

ଇଂରେଜୀୟ ମାସ ସୌରମାନ ଓ ମୁସଲମାନୀ ମାସ ଚାନ୍ଦ୍ରମାନ ଅଟେ ।

ଆମ ଦେଶରେ ଚାନ୍ଦ୍ରମାନ ଓ ସୌରମାନ ମାସ ଗଣନାରେ ସୌରମାନ ମାସର ଗଣନାରୁ ବର୍ଷକେ ଯେଉଁ ୧୨ ଦିନ ବଳପଡ଼େ ତହିଁର ସାମଞ୍ଜସ୍ୟ ରକ୍ଷା କରିବା କ୍ରମରେ ପ୍ରାୟ ତିନି ବର୍ଷ ଅନ୍ତରରେ ଚାନ୍ଦ୍ରମାନ ଗଣନାକ୍ରମେ ଗୋଟିଏ 'ମଳମାସ' କଳ୍ପିତ ହୁଏ । ମାର୍ଗଶିରଠାରୁ ମାସ ଗଣନା ଆରମ୍ଭ ହୁଏ ବୋଲି ଏହାର ଅନ୍ୟ ନାମ 'ଅଗ୍ରହାୟଣ' । ଜମିଦାରମାନଙ୍କର ପୁଣ୍ୟାହ ( ଭାଦ୍ର ଶୁକ୍ଳ ଦ୍ୱାଦଶୀ ) ପରଦିନଠାରୁ ବର୍ଷ ଆରମ୍ଭ ହୁଏ ।

ଇଂରେଜୀୟମାନଙ୍କର ଜାନୁଆରୀରୁ ପ୍ରଥମ ମାସର ଗଣନା ହୁଏ ( ବହୁ ପୂର୍ବେ ମାର୍ଚ୍ଚରୁ ପ୍ରଥମ ମାସ ଗଣନା ହେଉଥିଲା ) ଦେବତାମାନଙ୍କ ପୂଜା ଆଦି ସମ୍ବନ୍ଧରେ ଜନ୍ୟ ମାସ ପ୍ରଥମ ମାସ । ମୁସଲମାନମାନଙ୍କର ମହରମ ପ୍ରଥମ ମାସ । କୃଷିବର୍ଷ ଚୈତ୍ରମାସଠାରୁ, ଓ ପାଞ୍ଜି ବୈଶାଖ ମାସରୁ ଆରମ୍ଭ ହୁଏ । ଏହିପରି ଭିନ୍ନ ଭିନ୍ନ କାର୍ଯ୍ୟରେ ଓ ଦେଶରେ ଭିନ୍ନ ଭିନ୍ନ ସମୟରୁ ମାସ ଗଣନାର ଆରମ୍ଭ ହୁଏ । ହିନ୍ଦୁମାନଙ୍କ ଚାନ୍ଦ୍ରମାନ ମାସ ଅମାବାସ୍ୟା ସକାଳରୁ ଆରମ୍ଭ ହୋଇ ପୂର୍ଣ୍ଣିମାରେ ସମାପ୍ତ ହୁଏ । ମୁସଲମାନଙ୍କ ଚାନ୍ଦ୍ରମାନ ମାସ ଚନ୍ଦ୍ର ପ୍ରଥମେ ଦେଖାଯିବା ( ଶୁକ୍ଳ ଦ୍ୱିତୀୟା ବା ତୃତୀୟା )ର ସନ୍ଧ୍ୟାରୁ ଆରମ୍ଭ ହୁଏ । ହିନ୍ଦୁମାନଙ୍କ ସୌରମାନ ମାସ ଗଣନା ସଂକ୍ରାନ୍ତିରୁ ଆରମ୍ଭ ହୁଏ ।

ଚାନ୍ଦ୍ରମାନ ମାସମାନ :—ମାର୍ଗଶିର (ଅଗ୍ରହାୟଣ ବା ମଗୁଶିର), ପୌଷ ( ପୁଷ ), ମାଘ, ଫାଲ୍ଗୁନ ( ଫଗୁଣ ), ଚୈତ୍ର ( ଚଇତ ), ବୈଶାଖ ( ବଇଶାଖ ), ଜ୍ୟେଷ୍ଠ ( ଜେଷ୍ଠ ), ଆଷାଢ଼ ( ଅଷାଢ଼ ), ଭାଦ୍ର ( ଭାଦ୍ରବ, ଭାଦୁଅ ), ଆଶ୍ୱିନ ( ଆଶିଣ ), କାର୍ତ୍ତିକ ।

ସୌରମାନ ମାସ :—ମେଷ ( ବୈଶାଖ ) ୩୧ ଦିନ । ବୃଷ ( ଜ୍ୟେଷ୍ଠ ) ୩୧ ଦିନ । ମିଥୁନ ( ଆଷାଢ଼ ) ୩୨ ଦିନ । କର୍କଟ ( ଶ୍ରାବଣ ) ୩୧ ଦିନ । ସିଂହ ( ଭାଦ୍ର ) ୩୧ ଦିନ । କନ୍ୟା ( ଆଶ୍ୱିନ ) ୩୧ ଦିନ । ତୁଳା ( କାର୍ତ୍ତିକ ) ୩୦ ଦିନ । ବିଛା ( ମାର୍ଗଶିର ) ୨୯ ଦିନ । ଧନୁ ( ପୌଷ ) ୩୦ ଦିନ । ମକର ( ମାଘ ) ୨୯ ଦିନ । କୁମ୍ଭ ( ଫାଲ୍ଗୁନ ) ୩୦ ଦିନ । ମୀନ ( ଚୈତ୍ର ) ୩୦ ଦିନ ।

ଇଉରୋପୀୟ ମାସ :—ଜାନୁଆରୀ ( ଜନୋରୀ ) ୩୧ ଦିନ (January), ଫେବୃଆରୀ (ଫିବୋରୀ) ୨୮ ଦିନ ଓ ୪ ବର୍ଷରେ ଥରେ ୨୯ ଦିନ (February), ମାର୍ଚ୍ଚ ( ମାରଚ ) ୩୧ ଦିନ ( March ), ଏପ୍ରେଲ୍ ( ଅପ୍ରେଲ ) ୩୦ ଦିନ ( April ), ମେଁ ( ମଇ ) ୩୧ ଦିନ ( May ), ଜୁନ୍ ୩୦ ଦିନ ( June ), ଜୁଲାଇ ୩୧ ଦିନ ( July ), ଅଗଷ୍ଟ୍ ( ଅଗସ୍ତ ) ୩୧ ଦିନ ( August ), ସେପ୍ଟେମ୍ବର୍ ( ସିତମ୍ବର ) ୩୦ ଦିନ ( September ), ଅକ୍ଟୋବର୍ ( ଅକ୍ତୁବର ) ୩୧ ଦିନ ( October ), ନଭେମ୍ବର୍ ( ନବମ୍ବର ) ୩୦ ଦିନ ( November ), ଡିସେମ୍ବର୍ ( ଦିସମ୍ବର ) ୩୧ ଦିନ ( December ) ।

ମୁସଲମାନ୍ ମାସମାନ ଚାନ୍ଦ୍ରମାନ ଗଣନାକ୍ରମେ ହେଉଥିବାରୁ ତିଥିମାନଙ୍କ କ୍ଷୟବୃଦ୍ଧି ଅନୁସାରେ ମାସମାନଙ୍କ ଦିନ ସଂଖ୍ୟାର କମି ବେଶି ହୁଏ ଓ ଚନ୍ଦ୍ର ଯେଉଁ ଦିନ ସନ୍ଧ୍ୟାବେଳେ ପ୍ରଥମେ ଦେଖାଯାଆନ୍ତି ସେହି ଦିନଠାରୁ ସେମାନଙ୍କ ମାସ ଗଣନା ହେଉଥିବାରୁ ଶୁକ୍ଲପକ୍ଷ ଦ୍ୱିତୀୟା ବା ତୃତୀୟାଠାରୁ ସେମାନଙ୍କର ମାସ ଗଣନା ହୁଏ । ଏପରି ସ୍ଥଳରେ ମୁସଲମାନଙ୍କ ମାସ ୨୯ ଦିନ ବା ୩୦ ଦିନ ହୁଏ ଓ ପ୍ରତି ୪ ବର୍ଷ ମାସମାନଙ୍କ ଦିନ ସଂଖ୍ୟା ସମାନ ରହେ ନାହିଁ । ମୁସଲମାନଙ୍କ ମାସର ପ୍ରଥମ ଦିନ ପ୍ରଥମ ଚନ୍ଦ୍ର ଦର୍ଶନ ଠାରୁ ସନ୍ଧ୍ୟାଠାରୁ ଆରମ୍ଭ ହୁଏ ।

ମହରମ ( ପ୍ରଥମ ଦଶଦିନ ପର୍ବ ), ସଫର୍, ରବୀଉଲ୍ ଅଉଅଲ୍ ( ବାରହ ବଫାତ୍ ପର୍ବ ), ରବୀଉସ୍ସାନୀ, ଜମାଦୀଉଲ୍ ଅଉଅଲ୍, ଜମାଦୀ ଉସ୍ସାନୀ, ରଜବ୍, ସାବାନ୍, ରମ୍‌ଜାନ୍ ( ଉପବାସ ବା ରୋଜା କରିବା ମାସ ), ସଉଆଲ୍ ( ଇଦ୍‌ପର୍ବ ), ଜିଲ୍‌କାଦ୍, ଜିଲ୍‌ହଜ୍ ( ବକରିଦ୍ ପର୍ବ ) । ]

**ବାରମାସିଆ**—ଦେ. ବିଣ—୧ । ବାରମାସୀ ( ଦେଖ )—
Bāramāsiā বারমেসে **बारहमासी** 1. Bāramāsi ( See )
୨ । ଯାହା ଜନ୍ମିବାକୁ ୧୨ ମାସ ଲାଗେ—2. Taking 12 months for its birth. ୩ । ( ଯେଉଁ ସନ୍ତାନ ) ମାତୃଗର୍ଭରେ ୧୨ ମାସ ରହି ଜନ୍ମ ହୁଏ—3. ( child ) Born after 12 months of conception. ୪ । ବର୍ଷତମାମ କୃଷିରେ ଲାଗି ରହିଥିବା ( କୃଷକ )—4. Whole year (agriculturist). ୫ । ବର୍ଷଯାକ କାର୍ଯ୍ୟରେ ନିଯୁକ୍ତ ହୋଇଥିବା ( ଚାକର ) —5. ( servant ) Employed throughout the year.

**ବାରମାସୀ**—ଦେ. ବିଣ—୧ । ବର୍ଷର ୧୨ ମାସ ସମ୍ବନ୍ଧୀୟ—
Bāramāsi 1. Pertaining to the 12 months of the year.
বারমেসে, বারমাসী **बारहमासी**
୨ । ବର୍ଷର ୧୨ ମାସଯାକ ଫଳୁଥିବା—2. Bearing fruits throughout the 12 months of the year.
ବି—୧ । ଏକପ୍ରକାର ସଜନା ( ଗଛ )—1. A species of horse radish. ୨ । ଏକପ୍ରକାର କ୍ଷୁଦ୍ର ଚଢ଼େଇ—2. A species of small bird.
[ଦ୍ର—ଏମାନଙ୍କର ଦେହର ରଙ୍ଗ ବର୍ଷର ୧୨ ମାସରେ ଅନେକ ଥର ବଦଳେ । ]
୩ । ବାରବରଷିଆ ( ଦେଖ )—
3. Bārabarashiā ( See )
ପ୍ରାଦେ. ( ଗଡ଼ଜାତ ) ବି—ବର୍ଷକ ପାଇଁ ମୂଲ ଲାଗିବା ଚାକର—A servant employed throughout the year.

**ବାରମାସୀ ଗୀତ**—ଦେ. ବି—୧ । ବାରମାସରେ ବା ବର୍ଷକର ପ୍ରତ୍ୟେକ ମାସରେ ବିରହିଣୀର ବିରହାନୁଭୂତିଜ୍ଞାପକ କବିତା ବା ଗୀତ—1. A class of songs mentioning the loving thoughts occuring to the mind of a separated lover (woman) during every month of the year.
Bāramāsi gita
**बारहमासा**
୨ । ବର୍ଷର ପ୍ରତିମାସର ବର୍ଣ୍ଣନା ଉଲ୍ଲେଖ କରି ଦେବତାଙ୍କ ଉଦ୍ଦେଶ୍ୟରେ ରଚିତ ଗୀତ—2. A class of songs composed in honour of a Deity mentioning every month of the year. ୩ । ବର୍ଷର ପ୍ରତ୍ୟେକ ମାସର ପ୍ରକୃତି ବର୍ଣ୍ଣନାତ୍ମକ ପଦ୍ୟ—3. Song describing the natural sceneries during all the months of the year.

**ବାରମାସୀ ଫଳ**—ଦେ. ବି—ଯେଉଁ ଫଳ ବରଷକଯାକ ଗଛରେ ଫଳୁଥାଏ—A fruit which is borne on the tree throughout the year.
Bāramāsi phala
(ବାରମାସିଆ ଫଳ—ଅନ୍ୟରୂପ)
বারমেসে ফল **बारहमहिनोंका फल**

**ବାରମସୀ ଯାତ୍ରା**—ଦେ. ବି—ବର୍ଷକର ୧୨ ମାସ ମଧ୍ୟରେ ବିଷ୍ଣୁଙ୍କର ୧୨ ଗୋଟି ଓ ଶିବଙ୍କର ୧୪ ଗୋଟି ଉତ୍ସବ—The twelve religious festivals of Bishṇu and fourteen of Śiba, observed during the year.
Bāramāsi jātrā
[ ଦ୍ର—ବିଷ୍ଣୁଙ୍କର ( ପୁରୀ ଜଗନ୍ନାଥଙ୍କର ) ୧୨ ଉତ୍ସବ ଯଥା— ୧ । ଦମନକ ଚତୁର୍ଦ୍ଦଶୀ—ଚୈତ୍ର ଶୁକ୍ଳଚତୁର୍ଦ୍ଦଶୀ ବା ଦଅଣାଭେଟ ଯାତ । ୨ । ଅକ୍ଷୟ ତୃତୀୟା—ବୈଶାଖ ଶୁକ୍ଳ ତୃତୀୟା । ୩ । ଦେବସ୍ନାନପୂର୍ଣ୍ଣିମା ବା ସ୍ନାନ ପୂର୍ଣ୍ଣିମା—ଜ୍ୟେଷ୍ଠ ପୂର୍ଣ୍ଣିମା । ୪ । ଶ୍ରୀଗୁଣ୍ଡିଚା ବା ରଥଯାତ୍ରା—ଆଷାଢ଼ ଶୁକ୍ଳ ଦ୍ୱିତୀୟା । ୫ । ହରି ଶୟନ—ଆଷାଢ଼ ଶୁକ୍ଳ ଏକାଦଶୀ । ୬ । ଦକ୍ଷିଣାୟନ—ଆଷାଢ଼ ଶୁକ୍ଳ ଚତୁର୍ଦ୍ଦଶୀ । ୭ । ପାର୍ଶ୍ୱ ପରିବର୍ତ୍ତନ—ଭାଦ୍ର ଶୁକ୍ଳ ଏକାଦଶୀ । ୮ ।

ଦେବୋତ୍ଥାପନ—କାର୍ତ୍ତିକ ଶୁକ୍ଳ ଏକାଦଶୀ । ୯ । ପ୍ରାବରଣ ଷଷ୍ଠୀ ବା ଓଢ଼ଣଷଷ୍ଠୀ ମାର୍ଗଶିର ଶୁକ୍ଳଷଷ୍ଠୀ । ୧୦ । ପୁଷ୍ୟାଭିଷେକ—ପୌଷ ପୂର୍ଣ୍ଣିମା । ୧୧ । ମକରସଂକ୍ରାନ୍ତି—ସୌରମାନ ମାସ ମାସର ପ୍ରଥମ ଦିନ । ୧୨ । ଦୋଳଯାତ୍ରା—ଫାଲ୍‌ଗୁନ ପୂର୍ଣ୍ଣିମା ।

ଶିବଙ୍କର ଚତୁର୍ଦ୍ଦଶ ଯାତ୍ରା ( ଲିଙ୍ଗରାଜଙ୍କ ଯାତ୍ରା )—୧ । ଦମନକ ଚତୁର୍ଦ୍ଦଶୀ—ଚୈତ୍ର ଶୁକ୍ଳ ଚତୁର୍ଦ୍ଦଶୀ । ୨ । ଅକ୍ଷୟ ତୃତୀୟା—ବୈଶାଖ ଶୁକ୍ଳ ତୃତୀୟା । ୩ । ପରଶୁରାମାଷ୍ଟମୀ—ଅଷାଢ଼ ଶୁକ୍ଳ ଅଷ୍ଟମୀ । ୪ । ଶୟନଚତୁର୍ଦ୍ଦଶୀ—ଅଷାଢ଼ ଶୁକ୍ଳ ଚତୁର୍ଦ୍ଦଶୀ । ୫ । ପବିତ୍ରାରୋପଣ—ଶ୍ରାବଣ ଶୁକ୍ଳ ଚତୁର୍ଦ୍ଦଶୀ । ୬ । ଯମଦ୍ୱିତୀୟା—କାର୍ତ୍ତିକ ଶୁକ୍ଳ ଦ୍ୱିତୀୟା । ୭ । ଶିବୋତ୍ଥାପନ—କାର୍ତ୍ତିକ ଶୁକ୍ଳ ଚତୁର୍ଦ୍ଦଶୀ । ୮ । ପ୍ରଥମାଷ୍ଟମୀ—ମାର୍ଗଶିର କୃଷ୍ଣାଷ୍ଟମୀ । ୯ । ପ୍ରାବରଣ ଷଷ୍ଠୀ—ମାର୍ଗଶିର ଶୁକ୍ଳ ଷଷ୍ଠୀ । ୧୦ । ପୁଷ୍ୟାଭିଷେକ—ପୌଷ ପୂର୍ଣ୍ଣିମା । ୧୧ । ମକରସଂକ୍ରାନ୍ତି—ସୌରମାନ ମାସ ମାସର ପ୍ରଥମ ଦିନ । ୧୨ । ମାଘସପ୍ତମୀ—ମାଘ ଶୁକ୍ଳ ସପ୍ତମୀ । ୧୩ । ଶିବରାତ୍ରି—ଫାଲ୍‌ଗୁନ କୃଷ୍ଣ ଚତୁର୍ଦ୍ଦଶୀ । ୧୪ । ଅଶୋକାଷ୍ଟମୀ—ଚୈତ୍ରଶୁକ୍ଳ ଅଷ୍ଟମୀ । ]

ବାର(ରା, ରୋ)ମି(ମେ)ଟ(ଟା)ର—ବୈଦେ.ବି (ଇଂ. ବାରୋମେଟର)—
Bāra(rā, ro)mi(me)ṭa(ṭā)r ବାୟୁର ଚାପମାନ ଯନ୍ତ୍ର—
ବାରମେটার **बारामीटर** Barometer.

ବାରମିଶା - ଦେ. ବିଣ ( ପ୍ରା. ବାରହ + ସଂ. ମିଶ୍ରିତ )—ଯହିଁରେ ବହୁ
Bāramiśā ବସ୍ତୁ ବା ପ୍ରକାର ପଦାର୍ଥ ମିଶିଥାଏ—Consisting
(ବାରମିଶାଣିଆଁ—ଅନ୍ୟରୂପ) of a mixture of many-
(ବାରମିଶାଣି—ଅନ୍ୟରୂପ) things or kinds.
(ଯଥା—ବାରମିଶା ଧାନ, ବାରମିଶାଣି ଶାଗ ।)

ବାରମିଶାଲ(ଣି) ଶାଗ—ପ୍ରାଦେ. ( ବାଲେଶ୍ୱର ) ବି—ପାଞ୍ଚମିଶାଳ ଶାଗ
Bāramiśāli(ṇi) śāga (ଦେଖ)—Pānchamiśāḷi śāga ( See )

ବାରମୁଣ୍ଡିଆ—ଦେ· ବି—୧ । କ୍ଷେତ୍ରର ସୀମା; ସରହଦ—1.
Bāramuṇḍiā The boundary of a plot of land.
**बारहपत्थर** ୨ । କ୍ଷେତ୍ରର ବା ଗ୍ରାମର ସୀମାଜ୍ଞାପକ ପ୍ରସ୍ତର ଖଣ୍ଡ—
2. Boundary-stone.

ବାରମୁରିଆ—ଗ୍ରା. (ଉତ୍ତର) ବି ( ଶୀତ ଜାଗାୟ ବ୍ୟକ୍ତିଙ୍କର ଳ ସ୍ଥାନରେ
Bāramuriā ର ଅଶୁଦ୍ଧ ଉଚ୍ଚାରଣ ଦୋଷ )—ବାଳମୁଳିଆ
( ଦେଖ )—Bāḷamūḷiā ( See )

ବାରମ୍ବାର—ଦେ. ଅ (ସଂ. ବାରଂ ବାରଂ)—ବାରଂବାର (ଦେଖ)
Bārambāra Bārambāra (See)

ବାରୟିତା—ସଂ. ବିଣ. ପୁଂ (ବୃ ଧାତୁ ଣିଚ୍; ବାର ଧାତୁ + କର୍ତ୍ତୃ· ତୃ;
Bārayitā ବାରୟିତୃ, ୧ମା. ୧ବ.)—ବାରଣକାରୀ; ନିଷେଧକାରୀ;
(ବାରୟିତ୍ରୀ—ସ୍ତ୍ରୀ) ନିବାରକ—Forbidding.
ସଂ. ବି. ପୁଂ—ପତି—Husband.

ବାରରାତ୍ର(ତ୍ରି)—ଦେ. ବି. ( ପ୍ରା. ବାରହ + ସଂ. ରାତ୍ରି )—ସନ୍ତାନ ଜନ୍ମ
Bārarātra(tri) ହେବାର ଦ୍ୱାଦଶ ଦିବସରେ ପ୍ରସୂତିର ସ୍ନାନାଦି କ୍ରିୟା ଓ ତଦୁପଲକ୍ଷେ କରାଯିବା ଉତ୍ସବ—
**बारही; बारहो** The ceremony done and bath taken by the mother on the 12th day of a child's birth.

ବାରରାତ୍ର ଗାଧୁଆ—ଦେ. ବି—ପ୍ରସବର ଦ୍ୱାଦଶ ଦିନ ପ୍ରସୂତିର ଶୁଦ୍ଧି ସ୍ନାନ—
Bārarātra gādhuā Purificatory bath taken by the mother on the 12th day of the child's birth.

ବାରଳା—ସଂ. ବି. ( ବାର୍=ଜଳ + ଅଲ୍ ଧାତୁ=ଭୂଷିତ କରିବା +
Bāraḷā ଅ + ସ୍ତ୍ରୀ. ଆ )—୧ । ରାଜହଂସୀ—1. A goose.
୨ । ବରୁଡ଼ି—2. Wasp. ୩ । କଦଳୀ ( ହ. ଶ. )—
3. Plantain

ବାରଶିଂଗା(ଘା)—ଦେ. ବି. ( ସଂ. ଦ୍ୱାଦଶ; ପ୍ରା. ବାରହ + ଶୃଙ୍ଗ )—
Bāraśiṁgā(ghā) ୧ । ଏକପ୍ରକାର ହରିଣ; ଯେଉଁ ହରିଣର
**बारहसिंगा** ଶିଙ୍ଗରୁ ୧୨ ଗୋଟି ବା ବହୁଶାଖା ବାହାରି ଥାଏ—
1. An antler. ୨ । ବାରଶିଙ୍ଗା ( ଦେଖ )—
2. Bārśingā ( See )

ବାରସୀ—ଦେ. ବି. ( ସଂ. ବାସି, ବାଶୀ; ବସ୍ ଧାତୁ=ଛେଦନ
Bārasī କରିବା )—ବଢ଼େଇର ଲୁହାଡ଼ୀ—
(ବାରେସୀ, ବାର୍ସୀ—ଅନ୍ୟରୂପ) Carpenter's axe; adze.
बाइस; बासी
**बसुला**

ପ୍ରକଟ ବାରସୀ ମୁଗୁର ଧରି କରେ
ହାଣିବ କାଠମାନ ରୋଷେ କରନ୍ତରେ ।
କୃଷ୍ଣସିଂହ. ମହାଭାରତ ଶାନ୍ତି ।

[ ଦ୍ର—ବାରସୀର ଦାଣ୍ଡ ବେଣ୍ଟ ସହିତ ସମକୋଣରେ ଥାଏ; ଲୁହାଡ଼ିର ଦାଣ୍ଡ ବେଣ୍ଟର ସମାନ୍ତର ଅଟେ । ]

ବାରସୁତ—ଦେ. ବି—ଶ୍ରୀକୃଷ୍ଣଙ୍କ ସହଚର ୧୨ ଜଣ ଗୋପାଳ ବାଳକ—
Bārasuta The twelve cowherd boys, companions of Śrikṛushṇa.

ମଧୁର ଅକ୍ରୁର ବସୁ ଘବନ ସୁଦାମ,
ଯାଦବ ବାଳକ ମଧ୍ୟ ମଧୁର କଳ୍ୟାଣ ।
ଗୋକୁଳ ଯେ ବୃନ୍ଦାବନ ବାରସୁତ ଶୁଣ;
ଉତ୍ତମ ଗୋପାଳ ତୁମ୍ଭେ ମୁଁ ତେ ଏବ ପୁଣ ।
ଅଚ୍ୟୁତାନନ୍ଦ· ଶ୍ରୀ ଗୁରୁଭକ୍ତି ଗୀତା ।

ବାରସୁତୀ—ଗ୍ରା. (ପ୍ରାଚୀନ ପଦ୍ୟ) ବି. ସ୍ତ୍ରୀ. ( ସଂ. ବାର=ବହୁ + ସତୀ;
Bārasutī ବହୁ ଇନ୍ଦ୍ରଙ୍କ ପତ୍ନୀ ଥିବାରୁ )—ଇନ୍ଦ୍ରାଣୀ, ଶଚୀ—
ବାରସ୍ୱତୀ } ଅନ୍ୟରୂପ Sachi; the wife of Indra
ବାରସତୀ } for the time being.

ବାର ସେବା—ସଂ. ବି. ( ବାର + ସେବା )—
Bāra sebā ୧ । ବେଶ୍ୟା ବୃତ୍ତି—1. Prostitution (Apte)
୨ । ବେଶ୍ୟା ସମୂହ—1. A number of harlots (Apte).

ବାର ସ୍ତିରି—ଗ୍ରା. (ପଦ୍ୟ) ବି· ସ୍ତ୍ରୀ. (ସଂ. ବାର ସ୍ତ୍ରୀ)—ବେଶ୍ୟା; ଭୁଇଁଚା—
Bāra stiri Prostitute; adulteress.

ତ୍ରିସ ହୋଇ ଯେବେ କଲେ ବହୁ ପତ
ତାହାକୁ ବାର ତ୍ରିସ ସମସ୍ତେ କହନ୍ତି । କୃଷ୍ଣସିଂହ. ମହାଭାରତ ଆଦି ।

ବାର ସ୍ପ(ସ୍ୱ)ତି—ଦେ.ବି. (ସଂ.ବାର ସ୍ପତ=ବୃହସ୍ପତି ସମ୍ବନ୍ଧୀୟ;ବାର୍ହସ୍ପତ୍ୟ=
Bāra spa(swa)ti ବୃହସ୍ପତି ଶିଷ୍ୟ )—୧ । ବ୍ରହ୍ମାଙ୍କ ପୁର—
1. The city of Brahmā.

ବାର ମଧ୍ୟେ ସୁର ଗୁରୁ ଶିଳ୍ପୀ ଯେ
ବାରୁଣିଙ୍କ ଲକ୍ଷ୍ୟ କରି କହନ୍ତି ଯେ । ଉପେ. ବୈଦେହୀଶବିଳାସ

୨ । ସ୍ୱର୍ଗ—2. Heaven.

ବୋଲନ୍ତି ଶୁଣ ସୁରପତି
ବେଗେ ତୁ ଛାଡ଼ ବାରସ୍ୱତ । ଜଗନ୍ନାଥ. ଭାଗବତ ।

୩ । ଇନ୍ଦ୍ରପୁରୀ; ଅମରାବତୀ—3. The capital of Indra.

ବାର ସ୍ୱତି—ଗ୍ରା. ବି. ୧ । ( ସଂ. ବାର୍ହସ୍ପତ୍ୟ=ବୃହସ୍ପତିଙ୍କ ଶିଷ୍ୟ; ଇନ୍ଦ୍ର ବୃହସ୍ପତିଙ୍କ ଶିଷ୍ୟ ଥିବାରୁ )—ଇନ୍ଦ୍ର—
Bāra swati
1. Indra the King of Gods.

ବାରସ୍ୱତ ଭବନ ପ୍ରାୟକ ପଦପାନ୍ତ । ସାରଳା. ମହାଭାରତ ।

୨ । ( ସଂ. ବାର=ବହୁ+ସତୀ )—ଇନ୍ଦ୍ରାଣୀ; ଶଚୀ—2. The wife of Indra.

ବାର ହାଣ୍ଡିଆ—ଦେ. ବିଣ—ଯେ ଏକ ସ୍ଥାନରେ ସ୍ଥିର ହୋଇ ନ ରହି, ବାର ଯାଗାରେ ଅର୍ଥାତ୍ ବହୁ ସ୍ଥାନରେ ହାଣ୍ଡି କରି ଖାଦ୍ୟ ଦ୍ରବ୍ୟ ପାକ କରେ—Constantly moving one's lodgings; having no settled place of residence.
Bāra hāṇdiā

ବି—ବନ୍ଦୋବସ୍ତ ସମ୍ପର୍କରେ ବାଉଣ୍ଡର ମାପ କରିବା ଅମୀନ—Boundary Surveyors in connection with the Revenue Settlement operation.

ବାର ହାତ—ଦେ. ବି—୧ । ବାର ହାତ ଦୈର୍ଘ୍ୟ—1. A length of 12 cubits (more than 6 yards).
Bāra hāta

୨ । ବହୁ ବ୍ୟକ୍ତିଙ୍କ ହସ୍ତ—2. Hands of many persons.

ବିଣ—ବହୁ ଲୋକଙ୍କ ହାତରେ ପଡ଼ିବା—Handled by many persons.

( ଯଥା—ଅତି ଛୁଦ୍ର ଛୁଦ୍ର ମୁକ୍ତା ଗୁଡ଼ିକ ବାରହାତ ହେବାରୁ ଭୁଶିଗଲା । )

ବାର ହାତ କାକୁଡ଼ିକୁ(ର) ତେର ହାତ ମଞ୍ଜି—ଦେ. ଢଗ—
Bāra hāta kākurḍiku(ra) tera hāta manji
(ବାର ହାତ ଖୋଲରୁ ତେର ହାତ ଖଣ୍ଡା—ଅନ୍ୟରୂପ)

ଅସମ୍ଭବ କଥା—A physically impossible thing (literally a seed measuring thirteen cubits contained in a fruit twelve cubits long).

ବାର ହାତ କାକୁଡ଼ିରୁ ତେର ହାତ ମଞ୍ଜି, କହୁ ଜାଣିଲେ ଫଳେ—ଢଗ ।

ବାର ହାତି—ଦେ. ବିଣ—୧ । ବାର ହାତିଆ ( ଦେଖ )
Bāra hāti — 1. Bāra hātiā ( See )

୨ । ବାର ହାତ (ଦେଖ)—2. Bāra hāta (See)

ବାର ହାତିଆ—ଦେ. ବିଣ—ବାର ହାତ ଦୀର୍ଘ—
Bāra hātiā — Having a length of 12 cubits.

ବାରା—ଦେ. ବି. (ସ. ବନ୍ଦର; ବାନ୍ଦର୍)—୧ । ବାଢ଼ା ( ଦେଖ )
Bārā — 1. Bārhā ( See )

୨ । (ଜାହାଜଅ ଭାଷା) ପୋତାଶ୍ରୟ—2. Harbour.

ବୈଦେ. ବି. (ଇଂ. ବାର୍) ନଦୀମୁହାଣରେ ଥିବା ବାଲିଚର—Bar; a bank of sand at the mouth of a navigable river.

ସେହି ଶେଷ ଘର ସବୁ ବାଲେଶ୍ୱର ବାରରେ ପଡ଼ିଥାନ୍ତି ।
ଫକୀରମୋହନ. ଗଳ୍ପସ୍ୱଳ୍ପ ।

ବାରାଂ ନିଧି—ସଂ. ବି. [ବାରାଂ(=ଜଳମାନଙ୍କର)+ନିଧି(=ସ୍ଥାନ)]—
Bārāṁ nidhi — ସମୁଦ୍ର—Ocean.

ବାରାଙ୍ଗ—ସ. ବି. (ବାର+ଅଙ୍ଗ)—ଅସ୍ତ୍ର ପ୍ରଭୃତିର ଯେଉଁ ଅଂଶକୁ କାଠ ବେଣ୍ଟ ମଧ୍ୟରେ ଭରତି କରି ଯାଇ ଥାଏ; ବାରଙ୍ଗ—That end of a weapon thrust inside the wooden handle.
Bārāṅga

ବାରାଙ୍ଗନା—ସ. ବି. ସ୍ତ୍ରୀ. (୬ଷ୍ଠୀ ତତ୍; ବାର=ବହୁ ବ୍ୟକ୍ତି+ଅଙ୍ଗନା=ସ୍ତ୍ରୀ)—ବାରନାରୀ; ବେଶ୍ୟା—Prostitute.
Bārāṅganā

ବାରାଣସୀ—ସ. ବି. ସ୍ତ୍ରୀ. (ନାମ) (ବାର=ଯେ ବାରଣ କରେ+ଅନସ୍=ଜନ୍ମ; ଅର୍ଥାତ୍ ଯେଉଁଠାରେ ମୃତ ହେଲେ ମନୁଷ୍ୟର ପୁନର୍ଜନ୍ମ ନିବାରିତ ହୁଏ; କିମ୍ବା ବରଣା ଓ ଅସୀ ନାମ୍ନୀ ୨ଟି ନଦୀର ମଧ୍ୟରେ ଅବସ୍ଥିତ ଥିବାରୁ; କିମ୍ବା ବର=ଶ୍ରେଷ୍ଠ+ଅନସ୍=ଜଳ—ଶ୍ରେଷ୍ଠ ଜଳଭାଗ ଉପରେ ଅବସ୍ଥିତ ଥିବାରୁ) ବନାରସ; କାଶୀ—The holy city of Benares (town).
Bārāṇasi

ବାରାଣସେୟ—ସ. ବିଣ. (ବାରାଣସୀ+ଭବାର୍ଥେ ଏୟ)—
Bārāṇaseya — ୧ । ବାରାଣସୀ ସମ୍ବନ୍ଧୀୟ—1. Relating to Benares.

୨ । ବନାରସୀ; ବାରାଣସୀଜାତ; କାଶୀରେ ନିର୍ମିତ—2. Produced in Benares; belonging to Benares.

ବାରାନିଧି—ଦେ. ବି. (ସ. ବାରାଂନିଧି)—ବାରିଧି; ସମୁଦ୍ର—
Bārānidhi — Ocean.
(ବାରାଧି—ଅନ୍ୟରୂପ) ଶ୍ରୀ ବାରାନିଧି ତୈରେ ନାଥ, ଗମିଲେ ସେ ଦୁର୍ଗମ ପଥ ।
ଉପେ. ପ୍ରେମସୁଧାମୃତ ।

ବାରାନ୍ତର—ସ. ବି. (ନିତ୍ୟ ବା କର୍ମଧାରୟ; ଅନ୍ୟବାର=ବାରାନ୍ତର)—
Bārāntara — ସମୟାନ୍ତର; ଅନ୍ୟ ଥର—Another time.

ବାରାନ୍ତରେ—ଦେ. କ୍ରି. ବିଣ—୧ । ପୁନର୍ବାର; ଆଉ ଥରେ—
Bārāntare — 1. Again; once again.
बारान्तरे — ୨ । ସମୟାନ୍ତରରେ—2. Another time.
दुसरा दफा — ୩ । ପରେ; ଭବିଷ୍ୟତରେ—3. Once again in future; again on a future occasion.

ବିଣ—ବାରାନ୍ତରେ ପ୍ରକାଶ୍ୟ (ଦେଖ)—4. Bārāntare prakāśya ( See ).

ବାରାନ୍ତରେ ପ୍ରକାଶ୍ୟ—ଦେ. ବିଣ. ( ଅଧୁନିକ ପତ୍ରିକାରେ ବ୍ୟବହୃତ ବାକ୍ୟ )—ଭବିଷ୍ୟତରେ ଏ ପତ୍ରିକାର ପରବର୍ତ୍ତୀ ସଂଖ୍ୟାରେ ପ୍ରକାଶଯୋଗ୍ୟ; ଯାହା ପରବର୍ତ୍ତୀ ସଂଖ୍ୟାରେ ପ୍ରକାଶିତ ହେବ—( a turm used in newspapers and periodicals ) To be continued; which will again appear in a future issue of the paper.
Bārāntare prakāśya

ବାରାବସ୍କନ୍ଦୀ—ସଂ. ବି—(ବାର=ବହୁ+ଅବସ୍କନ୍ଦ+ଇନ୍; ଯାହା ବହୁତ
Bārābaskandī ବନକୁ ଆକ୍ରମଣ କରେ)—ଅଗ୍ନି (ବୃ. ଶ)—
Fire.

ବାରାଳିକା—ସଂ. ବି—( ବାର=ବହୁ+ଅଳି+କ+ଅ )—ଦୁର୍ଗା
Bārāḷikā (ବୃ. ଶ)—Goddess Durgā.

ବାରାଶିଙ୍ଗା(ଘା)—ଦେ. ବି—( ଏହାର ଭ୍ରମଣୀ ବାରଶିଂଗା ହରଣର
Bārāsiṅgā(ṅghā) ଶିଂଘପରି ଶାଖାବିଶିଷ୍ଟ ଥିବାରୁ )—
बारसिंगा ଘୋଡ଼ାଗାଡ଼ିର ବମ୍ ଗାଡ଼ିର ଅଗ୍ର ସଙ୍ଗରେ ସଂଲଗ୍ନ
बारहसिंगा ହେବାର ଏକାଧିକ ଗାଲକ ଯୁକ୍ତ ଲୁହାର ଦଣ୍ଡ
ବା ଭ୍ରମଣୀ—A hinge or contrivance for fiting the beam of a carriage into the body.

ବାରାସନ—ଦେ. ବି—(ସଂ. ବି) ୧। (ବାର=ଜଳ+ଆସନ=ରହିବା
Bārāsana ସ୍ଥାନ)—ଜଳପାତ୍ର—1. Water pot. ୨। ଦ୍ୱାର-
ପାଳ—2. Gate-keeper.

ବାରାସନ ହର ସ୍ଥାପି ଜଗେଥ ଅଥିତ—
ଜଣ- ବୈଦେହୀଶବିଳାସ।

ବାରାହ—ସଂ. ବିଣ—( ବରାହ+ସମ୍ବନ୍ଧାର୍ଥେ. ଅ )—୧। ବରାହ
Bārāha ସମ୍ବନ୍ଧୀୟ—1. Relating to a boar. ୨। ବରାହ
(ବାରାହୀ—ସ୍ତ୍ରୀ) ଠାରୁ ପ୍ରାପ୍ତ—1. Got from a boar.
(ଯଥା—ବାରାହୀ ମୁଦ୍ରା)
ବି—୧। ବରାହ ପୁରାଣ; ଅଷ୍ଟାଦଶ ପୁରାଣ ମଧ୍ୟରୁ ଏକତମ—
1. Name of a Purāṇa; one of the eighteen chief Hindu mythological treatises.
୨। ବାରାହୀ କନ୍ଦ ( ବୃ. ଶ )—2. Bārāhi kanda (See). ୩। ଜଳ ବେତସ (ବୃ. ଶ )—
3. A kind of ratan cane growing near water. ୪। ବରାହ; ବନ୍ୟ ଶୂକର—4. Boar (Apte).

ବାରାହୀ—ସଂ. ବି— ୧। ବରାହରୂପିଣୀ ଶକ୍ତି ବା ଦେବୀ; ମାତୃକାବିଶେଷ-
Bārāhi 1. A Goddess having the shape of a boar.

[ ଦ୍ର—ସପ୍ତମାତୃକା ଯଥା—ବ୍ରାହ୍ମୀ ମାହେଶ୍ୱରୀ ଚୈବ କୌମାରୀ ବୈଷ୍ଣବୀ ତଥା; ବାରାହୀ ଚ ତଥେନ୍ଦ୍ରାଣୀ ଚାମୁଣ୍ଡା ସପ୍ତମାତୃକାଃ।

ଯାଜପୁରରେ ଏହି ସପ୍ତମାତୃକାଙ୍କର ମୂର୍ତ୍ତି ଅଛି। ଚଣ୍ଡୀପୁରାଣ (ଅଷ୍ଟମ ଅଧ୍ୟାୟ) ରେ ଏ ସପ୍ତମାତୃକାଙ୍କ ଅବଲମ୍ବ ବିଷୟ ବର୍ଣ୍ଣିତ ହୋଇଅଛି। ଏହି ମାତୃକା ବିଷ୍ଣୁଙ୍କ ଅଂଶ ସମ୍ଭୂତ—

ପୁରୀଜିଲ୍ଲାର ନିମାପଡ଼ା ଥାନା ଅନ୍ତର୍ଗତ ପ୍ରାଚୀ ନଦୀର ତୀରବର୍ତ୍ତୀ ତୁଳସୀପୁର (ପ୍ରାଚୀନ ଚୌରାଶୀ ) ଗ୍ରାମରେ ବାରାହୀ ଠାକୁରାଣୀଙ୍କ ମନ୍ଦିର ଅଛି। ଉକ୍ତ ମନ୍ଦିର କୋଣାର୍କ ମନ୍ଦିର ପରି ସୂକ୍ଷ୍ମ କାରୁକାର୍ଯ୍ୟବିଶିଷ୍ଟ। କିମ୍ବଦନ୍ତୀ ଅଛି ଯେ କୋଣାର୍କ ମନ୍ଦିର ନିର୍ମାତା ବାରଶହ ବଢ଼େଇ (କାରିଗର) ଏହି ଗ୍ରାମରେ ବସା କରି ରହୁଥିଲେ ଓ ସେହିମାନେ ଅବସର ସମୟରେ ଏ ମନ୍ଦିରକୁ ନିର୍ମାଣ କରିଥିଲେ। କଥିତ ଅଛି ଯେ ଏ ବାରାହୀମୂର୍ତ୍ତିଙ୍କ ନାଭି ସ୍ଥଳରେ ଖଣ୍ଡିଏ ବହୁମୂଲ୍ୟ ହୀରା ଥିଲା ଓ ତାକୁ କୌଣସି ବୈଦେଶିକ ଅପହରଣ କରି ନେଇ ଯାଇଥିଲା ଓ କାଳକ୍ରମେ ଉକ୍ତ ହୀରା ରୁଷିଅର ଜାର୍(ଜାର୍)ଙ୍କ ହସ୍ତଗତ ହେଲା। ଏବେ ମଧ୍ୟ ଉକ୍ତ ଦେବୀମୂର୍ତ୍ତିଙ୍କ ନାଭିସ୍ଥଳରେ ଗୋଟିଏ ଗର୍ତ୍ତ ଥିବାର ଦେଖାଯାଏ—
ଭାରତୀର ଗ୍ରାଧାଚରଣ ପଣ୍ଡାଙ୍କ ପ୍ରବନ୍ଧ।]

୨। ପରିମାଣବିଶେଷ—2. A kind of measure.
୩। ଶୂକରୀ—3. A sow; she-boar. ୪। ପୃଥିବୀ—
4. The earth.

ବାରାହୀ କନ୍ଦ—ସଂ. ବି—୧। ହାତୀଗୋଡ଼ିଆ ଆଳୁ; ହାଣ୍ଡିଆ ଆଳୁ—
Bārāhi kanda 1. A kind of yam resembling the foot of an elephant. Dioscorea Alata.

୧। ଅନ୍ୟ ସଂ. ନାମ—ଚର୍ମକାରାଳୁକ, ବଦାରୀ, ସ୍ୱାଦୁକନ୍ଦା, ସୀତା, କ୍ରୋଷ୍ଟ୍ରୀ, ଇକ୍ଷୁଗନ୍ଧା, କ୍ଷୀରବଲ୍ଲୀ, କ୍ଷୀରଶୁକ୍ଲା, ପୟସ୍ୱିନୀ, ବାରାହବଦନା, ଗୃଷ୍ଟି, ବଦରା, ବିଷ୍ୱକ୍ସେନପ୍ରିୟା, ଧୃଷ୍ଟି, କନ୍ଥା, ବନମାଳିନୀ, ବଲ୍ମୂଳା, ଶୂକରୀ, କ୍ରୋଡ଼କନ୍ୟା, କୌମାରୀ, ତ୍ରିନେତ୍ରା, ବ୍ରହ୍ମପୁତ୍ରୀ, କ୍ରୋଡ଼ୀ, କନ୍ୟା, ମାଧବେଷ୍ଟା, ଶୂକର କନ୍ଦ, ବନବାସୀ, କୁଷ୍ଠନାଶନ, ବନ୍ୟ; ଅମୃତ, ମହାବୀର୍ଯ୍ୟ, ଶବର କନ୍ଦ, ବରାହକନ୍ଦ, ବୀର, ବ୍ରାହ୍ମୀକନ୍ଦ, ମହୌଷଧ, ସୁକନ୍ଦକ, ବୃଷ୍ଟିଦ, ବ୍ୟାଧିହନ୍ତ୍ରୀ, ମାଗଧୀ—(ବୃ. ଶ)
ଓ. ହାତୀଗୋଡ଼ିଆ ବା ହାଣ୍ଡିଆଆଳୁ
চুবড়ীআলু
गेंठी, गिवोनीकन्द
ମ. ବାରାହୀକନ୍ଦ, ଡୁକରକନ୍ଦ,
ତେ. ବ୍ରହ୍ମଦଣ୍ଡି ଚେଟ୍ଟୁ, ଗୁ. ଘୁଅରିଅ।

[ ଦ୍ର—ଏହା ଲତାର ମୂଳ ଅଟେ ଓ ଭଅଣ, ଭଜା ଓ ତରକାରିରେ ବ୍ୟବହୃତ ହୁଏ। ଏହାର ବର୍ଣ୍ଣ ଘୁଷୁରିର ଦେହପରି ଫିକା କୃଷ୍ଣବର୍ଣ୍ଣ ଥିବାରୁ ଓ ଧୂଷର ଲୋମପରି ମୋଟା ଶିଅମାନ ଏ ଆଳୁର ଦେହରେ ଥିବାରୁ ଏହାର ଏହି ନାମ ହୋଇଅଛି। ଏଥିର ପନ୍ଦ ଓ ବୈଦ୍ୟକ ମତରେ ଏହା ମଧୁରରସ, ସ୍ନିଗ୍ଧ, ପୁଷ୍ଟିକର, ସ୍ତନ୍ୟଜନକ, ଶୁକ୍ରବର୍ଦ୍ଧକ, ଶୀତବୀର୍ଯ୍ୟ, ସ୍ୱରବର୍ଦ୍ଧକ, ମୂତ୍ରକାରକ, ବଳକାରକ ଓଜୋବର୍ଦ୍ଧକ, ବର୍ଣ୍ଣପ୍ରସାଦକ, ଗୁରୁ, ରସାୟନ। ଏହା ପିତ୍ତ, ରକ୍ତଦୋଷ, ବାୟୁ ଓ ଦାହନାଶକ—ଦ୍ରବ୍ୟଗୁଣ। ]

୨। ସଂ. ନାମ—ବଦାରୀ, ସ୍ୱାଦୁକନ୍ଦା, କ୍ରୋଷ୍ଟ୍ରୀ, ସୀତା, ଇକ୍ଷୁଗନ୍ଧା, କ୍ଷୀରବଲ୍ଲୀ, କ୍ଷୀରଶୁକ୍ଲା, ପୟସ୍ୱିନୀ।
ଓ. ଭୁଇଁକଖାରୁ
ভুইকুমড়া
बिलाइकन्द; बिदारीकन्द
ମ. ଭୂଇଁ କୋହଲା, ବେନ୍ଦ୍ରୀ ଗୁବେଲ।
ଗୁ. ଫଗବେଲନୋ କନ୍ଦ; ଖୋବୋଲୁ।
ତେ. ମଟ୍ଟୁମଲ୍ଲଭଗ, ନେଲଗୁଂଲୁଡ଼।

୨। ବଦାରୀ; ଭୂଇଁକଖାରୁ; ଲତାକନ୍ଦବିଶେଷ; କରବା ଆଳୁ; ବନ୍ୟ ଆଳୁ—2. Ipomoea Digitata.

[ଦ୍ର—ଏହା ଦେଖିବାରୁ ଠିକ୍ ହାଣ୍ଡିଆ ଆଳୁପରି; କିନ୍ତୁ ଆକାରରେ ତା ଅପେକ୍ଷା ସରୁ। ବୈଦ୍ୟଶାସ୍ତ୍ର ମତରେ ଏହାର ଗୁଣ ହାଣ୍ଡିଆ ଆଳୁପରି; ସ୍ୱର, ମୂତ୍ର, ବଳ, ବୀର୍ଯ୍ୟ, ସ୍ତନ୍ୟବର୍ଦ୍ଧକ, ଗୁରୁପାକ। ଏହା ରକ୍ତଦୋଷ, ବାୟୁଦୋଷ ଓ ଦାହନାଶକ—ଦ୍ରବ୍ୟଗୁଣ। ]

ବାରି—ସଂ. ବି. ( ବୃ ଧାତୁ ଣିଚ୍=ବାର ଧାତୁ; ଆବରଣ କରିବା + କର୍ତ୍ତୃ ଇ, ଯାହା ପୃଥିବୀକୁ ଆବରଣ କରିଅଛି )—୧ । ଜଳ; ସଲିଳ—1. Water. ୨ । ( + କର୍ତ୍ତୃ. ଇ ) ଜଳପାତ୍ର; ଘଟ—2 Water vessel; water jar. ୩ । (+କର୍ମ. ଈ) ସରସ୍ୱତୀ—3. Goddess Saraswati. ୪ । (+ବୃ. ଧାତୁ ଣିଚ୍ ବାର ଧାତୁ ବନ୍ଧନ କରିବା + କରଣ. ଇ ) ହସ୍ତୀର ବନ୍ଧନ ରଜ୍ଜୁ—4. A rope for tying an elephant. ୫ । ( +ଅଧିକରଣ. ଇ ) ଯେଉଁ ସ୍ଥାନରେ ହସ୍ତୀକୁ ବନ୍ଧନ କରାଯାଏ—5. A place where an elephant is tied. ୬ । (+କର୍ମ. ଇ) ବନ୍ଦୀ; କଏଦୀ—6. Prisoner. ୭ । ହାତୀ ଧରିବାପାଇଁ ଫାଶ ବା ଗର୍ତ୍ତ—7. A trap or hole for catching wild elephants (Apte). ୮ । ସୁଗନ୍ଧବେଲ ( ହି. ଶ ) କଲୁବେଲୀ—8. Pavonia Odorata (plant). ୯ । ତରଳପଦାର୍ଥ; ଜଳୀୟବସ୍ତୁ ( ହି. ଶ )—9. Liquid; fluid (Apte). ୧୦ । ବାକ୍ୟ—10. Speech (Apte).

Bāri

ଦେ. ବି—୧ । ଲୋତକ—1. Tears.

ବହଇ, ବାରି ଯା ଜଳନି ଚକ୍ଷେ ଯେ—ଭକ୍ତ. ବୈଦେହୀଶବିଳାସ ।

ବାରି ବାରୀ ୨ । ( ସଂ. ବାର ) ସପ୍ତାହ ମଧ୍ୟରେ ବୋଟ ବା ଜାହାଜ କୌଣସି ସ୍ଥାନରୁ ଅନ୍ୟ ସ୍ଥାନକୁ ଛାଡ଼ିବାର ନିର୍ଦ୍ଦିଷ୍ଟ ଦିବସ—2. The weekday on which a weekly service boat leaves a place. ୩ । କୌଣସି କାର୍ଯ୍ୟ କରିବାର ପାଳି—3. A turn of service. ୪ । ଯେଉଁ ବୋଟ ବା ଡଙ୍ଗା ସପ୍ତାହର ନିର୍ଦ୍ଦିଷ୍ଟ ଦିନରେ ବା ଦିନମାନଙ୍କରେ କୌଣସି ନିର୍ଦ୍ଦିଷ୍ଟ ସ୍ଥାନରୁ ଅନ୍ୟ ନିର୍ଦ୍ଦିଷ୍ଟ ସ୍ଥାନକୁ ଯାତ୍ରୀ ବା ମାଲମାନ ନେଇ ଅଣା କରେ; ବାର ବୋଟ—4. A service boat for carrying passengers and goods. ୫ । ହାଟ ବସିବାର ନିର୍ଦ୍ଦିଷ୍ଟ ବାସର—5. A week day fixed for a weekly market. ୬ । ଯେଉଁ ଗ୍ରାମରେ ଡାକଘର ନ ଥାଏ ସେ ଗ୍ରାମକୁ ସପ୍ତାହର ଯେଉଁ ନିର୍ଦ୍ଦିଷ୍ଟ ଦିବସରେ ଡାକବାଲା ଆସେ—6. A weekday or days when the postal peon visits a village distant from a post office.

ବାରୀ ଗ୍ରା. ( ଇତର ) ବି—୧ । ( ସଂ. ବାଟିକା ) ବାଡ଼; ବଗିଚା—1. Garden. ୨ । ( ସଂ. ବହିଃ ) ଘରର ପଛଅଡ଼ ଭୂମି; ଘରପଛାଡ଼ ପଟ—2. Land lying to the back of a house; the backside of a house

ବାରିଆ—ଦେ. ବି—ବଗିଆ ( ଦେଖ )
Bāriā Bāgiā (See)

ପ୍ରାଦେ. ( ଗଞ୍ଜାମ ) ବି—ବାରହା, ବାହ୍ରା—
Wild hog; boar.

ବାରିଆ ବାଣ—ପ୍ରାଦେ. ( ବାଲେଶ୍ୱର ) ବି—ଢାଲ ସୁପାରି କୁହୁକରେ ବ୍ୟବହୃତ ଏକପ୍ରକାର ମନ୍ତ୍ର ପ୍ରୟୋଗ—An incantation used in the Dhālasupāri charm.
Bāriā bāṇa

[ ଦ୍ର—ମୁଠାଏ ଚାଉଳକୁ ମନ୍ତ୍ରର ବିପକ୍ଷର ନାମ ଧରି ତା ଉଦ୍ଦେଶ୍ୟରେ ଫିଙ୍ଗି ଦିଆଯାଏ ଏବଂ ଏଥିର ଫଳରେ ଉକ୍ତିଷ୍ଟ ବିପକ୍ଷର ଉପରେ ବାଣବୃଷ୍ଟି ହେଲା ପରି ଶୂନ୍ୟରୁ ଆଘାତ ହୁଏ । ]

ବାରିକ୍—ବୈଦେ. ବି. ( ଅ )—୧ । ସୂକ୍ଷ୍ମ; ଖୁବ୍ ପତଳା (ଲୁଗା)—1. Very fine ( cloth ) ୨ । ଚାରୁ; ଉତ୍କୃଷ୍ଟ ( କାରୁକାର୍ଯ୍ୟ )—2. Excellent ( workmanship ). ୩ । ଅତି କ୍ଷୁଦ୍ର ଓ ସୁନ୍ଦର ( ହସ୍ତାକ୍ଷର )—3. Very small and fine (handwriting). ୪ । (ଇଂ. ବାରକ୍ସ୍) କାରଖାନାରେ କାମ କରୁଥିବା ମୂଲିଆମାନଙ୍କ ରହିବା ପାଇଁ ଯେଠମାନଙ୍କ ନିର୍ମିତ ଗୃହପଂକ୍ତି—4. Rows of houses built for labourers by the owner of a factory or mill.
Bārik
बारिक
बारीक

ବାରିକ୍ ମିସ୍ତ୍ରୀ—ବୈଦେ. ବି ( ଇଂ. ବାରକ୍=ସେନାନିବାସ + ମାଷ୍ଟର; ଏମାନେ ପ୍ରଥମେ ସରକାରୀ ସେନାନିବାସ ପ୍ରସ୍ତୁତ କରୁଥିବାରୁ)—୧ । ସୂକ୍ଷ୍ମ ଶିଳ୍ପରେ ନିପୁଣ ବ୍ୟକ୍ତି—1. An expert in fine arts; artist. (ବାରିକ ମିସ୍ତ୍ରୀ—ଅନ୍ୟରୂପ) ୨ । ଇଞ୍ଜିନିୟର—2. Engineer. ୩ । ଗଭର୍ଣ୍ଣମେଣ୍ଟଙ୍କର ପୂର୍ତ୍ତବିଭାଗ—3. The Public Works Department of Government; Engineering Department.
Bārik mistri
बारिकमाष्टार(मिस्त्री)
बारीक माष्टर

[ ଦ୍ର—ଗଭର୍ଣ୍ଣମେଣ୍ଟଙ୍କ ପରିଚାଳିତ ସାଧାରଣ ହିତକର କାଳ, ସଡ଼କ, ବନ୍ଧ, କୋଠା ଆଦିର ନିର୍ମାଣ ଓ ରକ୍ଷଣାଦିର ଭାର ଏହି ବିଭାଗ ଉପରେ ନ୍ୟସ୍ତ ଥାଏ । ଏହି ପବ୍ଲିକ୍ ଓ୍ୱାର୍କସ୍ ଡିପାର୍ଟମେଣ୍ଟ (Public Works Department )ର ସାଙ୍କେତିକ ଡି. ପି. ଡବଲିଉ ( D. P. W. ) ବା ପି. ଡବଲିଉ ଡି ( P. W. D. ) । ଏଥିର ବଡ଼ ବଡ଼ କର୍ତ୍ତାଙ୍କୁ ଇଞ୍ଜିନିୟର ବୋଲାଯାଏ । ]

ବାରିକ—ଦେ. ବି. ପୁଂ—୧ । ଭଣ୍ଡାରୀ—1. Barber. ୨ । ଶୂଦ୍ରମାନଙ୍କ ବଂଶୋପାଧିବିଶେଷ—2. A family-title of Śūdras.
Bārika
नापित नाइ

ବାରିକାଣୀ / ବାରିକଆଣୀ } ସ୍ତ୍ରୀ ପ୍ରାଦେ. ( ଗଞ୍ଜାମ ) ବି—ଗ୍ରାମ ଚଉକିଦାର—Village watchman

ବାରିକଫ—ସଂ. ବି (ବହୁବ୍ରୀହି)—ସମୁଦ୍ର ( ହି. ଶ. )—The sea.
Bāri kapha

ବାରିକର୍ପୂର—ସଂ. ବି—ଇଲିଶିମାଛ—The hilsa fish (Apte).
Bārikarpūra

ବାରିକା—ବୈଦେ. ବି. ( ଫା. ବାରିକ୍ )—ଚିତ୍ରକାରମାନଙ୍କର ରେଖା ଟାଣିବାର ସରୁ ତୁଳୀ—A very fine painter's brush.
Bārikā
बारीका सरूतुली

ବାରି କୁଣ୍ଡ—ଦେ. ବି—କ୍ଷୁଦ୍ର ସରୋବର; କ୍ଷୁଦ୍ର ପୋଖରୀ—A small tank.
Bāri kuṇḍa

ବାରି ପୁଣି ସେ ବାରି କରି ଯାଉ ବିଗଳ ପାଳେକ ପତ୍ର ଉତ୍କିଷ୍ଟ ସେ, ବାରିକୁଣ୍ଡ—ଭକ୍ତ. ବୈଦେହୀଶବିଳାସ ।

ବାରିକୁବ୍ଜ—ସଂ ବି—ଶୃଙ୍ଗାଟକ; ଶିଂଘଡ଼ା ( ହ୍ରୁ. ଷ. )—
Bārikubja Water-chestnut ( Apte ).
( ବାରିକୁବ୍ଜକ—ଅନ୍ୟରୂପ )

ବାରିକୋଳ—ସଂ. ବି. ( ୬ଷ୍ଠୀ ତତ୍; ବାରି+କୋଳ )—ବୃହତ୍ କଚ୍ଛପ;
Bārikoḷa বারকোল বারকৌল କଇଁଛ—Tortoise.
[ ଦ୍ର—ସାଧାରଣ କଇଁଛର ଖୋଳ ଉପରେ ଦାଗ ଥାଏ; ବାରିକୋଳର ଖୋଳ ଉପରେ ଦାଗ ନ ଥାଏ । ]

ବାରିଚର—ସଂ. ବିଣ. ( ବାରି=ଜଳ+ଚର୍ ଧାତୁ; କର୍ତ୍ତୃ. ଅ )—ଯେ
Bārichara ଜଳରେ ବିଚରଣ କରେ; ଜଳଚର—Frequenting the water.
ବି—୧ । ଜଳଚର ଜୀବ—1. Aquatic animal.
୨ । ମତ୍ସ୍ୟ; ମାଛ—2. Fish.
୩ । ଶଙ୍ଖ ( ହ୍ରୁ. ଷ. )—3. Conch shell.

ବାରିଜ—ସଂ. ବିଣ. ( ବାରି+ଜନ୍ ଧାତୁ+କର୍ତ୍ତୃ. ଅ )—ଜଳଜାତ—
Bārija Born of water.
ବି—୧ । ପଦ୍ମ—1. Lotus. ୨ । ଶଙ୍ଖ—2. Conch.
୩ । ଶମ୍ବୁକ; ଶାମୁକା—3. Oyster.
୪ । ଲବଙ୍ଗ (ପ୍ରକୃତିବାଦ)—4 Cloves (Apte).
୫ । ଗେଣ୍ଡା ( ହ୍ରୁ. ଷ. )—5. Snail. ୬ । କଉଡ଼ି ( ହ୍ରୁ. ଷ )—6. Small sea-shells formerly used as currency. ୭ । ଖାଣ୍ଟି ସୁନା (ହ୍ରୁ. ଷ.)—7. Pure gold.

ବାରିଜବନ୍ଧୁ—ସଂ. ବି. (୬ଷ୍ଠୀ ତତ୍ )—ସୂର୍ଯ୍ୟ—The sun.
Bārijabandhu ବାରିଜବନ୍ଧୁ ଉଦେକୁ ଏଡ଼େ ଖରପଣ—ଉପେ. ବୈଦେହୀଶବିଳାସ
( ବାରିଜବାନ୍ଧବ; ବାରିଜମିତ୍ର—ଅନ୍ୟରୂପ )

ବାରିଜାକ୍ଷ—ସଂ. ବିଣ. ପୁଂ—ଯାହାର ଚକ୍ଷୁ ପଦ୍ମ ପରି ବିଶାଳ ଓ ସୁନ୍ଦର—
Bārijāksha ( ବାରିଜାକ୍ଷୀ—ସ୍ତ୍ରୀ ) Lotus-eyed.

ବାରିଜୌକାଃ(କା)—ସଂ. ବି. ( ବହୁବ୍ରୀହି ବାରିଜ+ଓକସ )—ଜଳୌକା;
Bārijaukaḥ(kā) ଜୋକ—Leech ( Apte ).
( ବାରିକ୍ରିମି—ଅନ୍ୟରୂପ )

ବାରିଝରି—ଦେ. ବି ( ସଂ. ବାରି+ଝରି )—୧ । ଜଳଝର; ଝରଣା—
Bārijhari 1. Spring. ୨ । ଜଳପୂର୍ଣ୍ଣ କଳସୀ—2. A jar full of water.
ବହ୍ନିତ ବାରିଝରି ଭାବରେ ଚହିଁ—ଉପେ. ବୈଦେହୀଶବିଳାସ ।

ବାରିତ—ସଂ. ବିଣ. ( ବୃ. ଧାତୁ ଣିଚ୍ ବାରି ଧାତୁ+କର୍ମ. ତ )—
Bārita ୧ । ନିବାରିତ—1. Prohibited; prevented.
୨ । ଯହାକୁ ଅଟକ କରାଯାଇଅଛି—
2. Restrained; checked.

ବାରିତର—ସଂ. ବି—ଉଶୀର; ବେଣାମୂଳ ( ହ୍ରୁ. ଷ. )—
Bāritara The fragrant root of Beṇā grrss.

ବାରିତସ୍କର—ସଂ. ବି. ( ୬ଷ୍ଠୀ ତତ୍; ବାରି+ତସ୍କର )—୧ । ମେଘ—
Bāritaskara 1. Cloud ( Apte ).
୨ । ସୂର୍ଯ୍ୟ—2. The sun ( Apte ).

ବାରିତ୍ରା—ସଂ. ବି. ( ବାରି+ତ୍ରୈ ଧାତୁ+କର୍ତ୍ତୃ. ଅ+ଆ; ଯାହା ଜଳରୁ
Bāritrā ମନୁଷ୍ୟକୁ ରକ୍ଷା କରେ; ତୁଳ. ଅତପତ୍ର; ତୁଳନୀୟ; ଇଂ. ୱାଟର୍ ପ୍ରୁଫ୍—water proof )—ଛତା; ଅତପତ୍ର—Umbrella ( Apte ).

ବାରିଦ—ସଂ. ବି. ( ବାରି=ଜଳ+ଦା. ଧାତୁ; କର୍ତ୍ତୃ. ଅ )—
Bārida ( ବାରିଧର—ଅନ୍ୟରୂପ ) ଜଳଦ; ମେଘ—Cloud.

ବାରିଧି—ସଂ. ବି. ( ବାରି+ଧା ଧାତୁ=ଧାରଣ କରିବା+ଅଧିକରଣ. ଇ )—ସମୁଦ୍ର—Ocean; sea.
Bāridhi
( ବାରିନାଥ, ବାରିନିଧି, ବାରିଶ—ଅନ୍ୟରୂପ )

ବାରିଧି ଚଳୁକ—ସଂ. ବି. (ବହୁବ୍ରୀହି )—ଅଗସ୍ତ୍ୟ ଋଷି—
Bāridhi chaḷuka Sage Agastya.
[ ଦ୍ର—ଏହାଙ୍କ ପିତା କୁମ୍ଭ ଋଷି କୁମ୍ଭରେ ଥିବା ଅଳ୍ପ ଜଳରେ ବୁଡ଼ି ମରିଥିବାରୁ ଏ ଋଷି ସପ୍ତସମୁଦ୍ରକୁ ଚଳୁ କରି ପିଇଦେଇଥିଲେ । ]

ବାରିଧିଜ—ସଂ. ବି. (ବାରିଧି+ଜନ୍ ଧାତୁ+କର୍ତ୍ତୃ. ଅ)—ଚନ୍ଦ୍ର—Moon.
Bāridhija ବାରିଧିଜ ଉଦେ ଅବନୀତଳ ଉର—
ଉପେ. ବୈଦେହୀଶବିଳାସ ।

ବାରିପର୍ଣ୍ଣୀ—ସଂ.ବି. (୬ଷ୍ଠୀ ତତ; ବାରି+ପର୍ଣ୍ଣ+ଈ)—ଦଳ; ବୋଇଞ୍ଜି;
Bāriparṇṇī କୁମ୍ଭିକା—The duck weed.
( ବାରିପୁଷ୍ପୀ, ବାରିମୂଳୀ, ପୃଶ୍ନିପର୍ଣ୍ଣୀ—ଅନ୍ୟରୂପ )

ବାରି ପେଞ୍ଚ—ପ୍ରାଦେ. ( ବାଲେଶ୍ୱର ) ବି—ନିର୍ଦ୍ଦିଷ୍ଟ ଦିବସରେ ଖେଳା
Bāri peñcha ଯାଉଥିବା ଏକପ୍ରକାର ଖେଳ—Games played on some fixed days.
[ଦ୍ର—ଏହି ଖେଳ ଖେଳିବା ଲାଗି ଲୋକେ ପ୍ରଚୁର ଖାଦ୍ୟୋପକରଣ ସଙ୍ଗରେ ନେଇ ଗୋଟିଏ ମେଲା ପଡ଼ିଆରେ ଉପସ୍ଥିତ ହୁଅନ୍ତି । ବିନଯାକ ସେମାନେ ଦଳ ବାନ୍ଧି ଗୁଡ଼ି ଉଡ଼ାନ୍ତି ଓ ପେଞ୍ଚ ( କୁସ୍ତି ) ଖେଳନ୍ତି । ଏହା ଦେଖିବା ପାଇଁ ଅନେକ ଦେଖଣାହାରୀ ମଧ୍ୟ ଉପସ୍ଥିତ ହୁଅନ୍ତି । ଗୋଟିଏ ଗୋଟିଏ ନିର୍ଦ୍ଦିଷ୍ଟ ଦିନରେ ଏହି ପେଞ୍ଚ ଖେଳା ଯାଉଥିବାରୁ ଏହାକୁ 'ବାରି ପେଞ୍ଚ' କହନ୍ତି । ବର୍ତ୍ତମାନ ଏହି ପ୍ରଥା କ୍ରମେ ଲୋପ ପାଇବାକୁ ବସିଲାଣି । ]

ବାରି ପ୍ରବାହ—ସଂ. ବି. ( ୬ଷ୍ଠୀ ତତ୍; ବାରି+ପ୍ରବାହ )—୧ । ଜଳ-
Bāri prabāha ପ୍ରବାହ; ଜଳସ୍ରୋତଃ—1. Water current.
୨ । ଜଳପ୍ରପାତ—2. Waterfall.
୩ । ନିର୍ଝର; ଝରଣା—3. Spring.

ବାରିବା—ଦେ. କ୍ରି. ( ସକ. ) ( ସଂ. ବୃ. ଧାତୁ )—୧ । ଅଟକାଇବା;
Bāribā ବାଧା ଦେବା; ରୋଧ କରିବା—
বারা বারনো 1. To obstruct; to restrain.
ରୋଷ ସମ୍ଭାଷଣ ବାରିଲେ ବାରନ୍ତି ନାହିଁ ଏ ପ୍ରେମିକ ମନ—
ଗ ଥାନାଥ, କେଦାରଗୌରୀ ।
୨ । ବାରଣ କରିବା—2. To prevent.
ଚ ସ୍ଥିର ନ ହୁଏ ବାରଇ ସଙ୍କ । ଉପେ. ପ୍ରେମସୁଧାନିଧି ।
୩ । ନିଷେଧ କରିବା—3. To forbid. ୪ । ନିବାରଣ କରିବା; ଦୂର କରିବା—4. To cause to disappear; to remove.
ବହୁ ଏ ସୁଖାରତା ବାର ତା ଦୁଃଖ । ଗ୍ରଥାନାଥ. ମେଘଦୂତ ।

୫ । ପ୍ରଭେଦ ରଖିବା; ପ୍ରଭେଦ ଜାଣିବା—5. To distinguish; to discriminate; to make distinction between; to differentiate.

ବହୁଙ୍କେ ଭକ୍ତ ଦେବ ସ୍ୱତନ୍ତ୍ର ଗୁଣକେ ବାରିଲେ ପାଇବ ।
ଭକ୍ତ. ବୈଦେହୀଶବିଳାସ ।

୬ । ଡରିବା; ଅଗରୁ ସାବଧାନ ହେବା—6. To be forewarned; to become vigilant. ୭ । ଜାଣିବା; ଠଉରାଇବା—7. To know; to recognise.

ବାରି ତାରି ନାହିଁରେ ସୁକେଶି
ବାରି ମଧ୍ୟେ ତୁ ଅଲୁ ବଳସି । କବିସୂର୍ଯ୍ୟ. ସଙ୍ଗୀତ ।

୮ । ବାଡ଼ଦ୍ୱାରା ପୃଥକ୍ କରିବା—8. To separate by a fence. ୯ । ମାନିବା—9. To regard; to respect. ୧୦ । କୌଣସି ବ୍ୟକ୍ତିର ବା କାର୍ଯ୍ୟରେ ଘଟିଥିବା ଦୋଷକୁ ଦେଖାଇବା—10. To point out one's fault or defect. ୧୧ । ବିଚାରିବା—11. To think over.

କ ପ୍ରଭେଦ ଅବା ଗର୍ଜ ବାରବାଆଲେ
ନ ପାରିଲି ବାରି, ହାୟ ଦୁର୍ବଳ ବୁଦ୍ଧିରେ — ଚନ୍ତାମଣି. ଚକ୍ରମାଧବ ।

୧୨ । ବିଚାରପୂର୍ବକ ସ୍ଥିର କରିବା —
12. To ascertain after thinking.

ବାଡ଼ବେଦୀ ସ୍ତୁତ ଲକ୍ଷେ ସତ ଏ ରଇକ
ବାର ଏତେ କନ୍ୟା ଯେଉଁ ନାମ ଲଭାଇବ ।
ଭକ୍ତ. ବୈଦେହୀଶବିଳାସ ।

୧୩ । ଶାନ୍ତ କରିବା; ଲାଘବ କରିବା; ଉପଶମ କରିବା- 13. To appease; to lighten.

କାମିନୀଏ ଏ ରୂପେ ବିରହ କ୍ଲେଶ
ବାରନ୍ତି, ବାରିଦ, ତୁ ଜାଣ ବିଶେଷ ।
ରାଧାନାଥ, ମେଘଦୂତ ।

ବାରିବାସ—ସଂ. ବି—(ବାରି+ବସ ଧାତୁ. ଣିଚ; ବାସି ଧାତୁ+କର୍ତ୍ତୃ
Bāribāsa ଅ)—ମଦ ତିଆରି କରିବା ବ୍ୟକ୍ତି; ଶୁଣ୍ଡୀ (ହି. ଶ)—
A distiller of wine; manufacturer of wine.

ବାରି ବାହ—ସଂ. ବି—(ବାରି+ବହ. ଧାତୁ+କର୍ତ୍ତୃ. ଅ)—ମେଘ—
Bāri bāhe Cloud.
( ବାରିମୁଚ, ବାରି ବାହକ— ଅନ୍ୟରୂପ )

ବାରି ବୋଟ—ଦେ. ବି—(ସଂ. ବାରି+ଇଂ. ବୋଟ୍)—ଯେଉଁ ବୋଟ
Bāri boṭa ବା ଡଙ୍ଗା ସପ୍ତାହର ନିର୍ଦ୍ଦିଷ୍ଟ ଓ ବିଜ୍ଞାପିତ ଦିନରେ
বারিবোট ବା ଦିନମାନଙ୍କରେ ଏକ ସ୍ଥାନରୁ ଅନ୍ୟ ସ୍ଥାନକୁ
**बारीबोट** କେନାଲରେ ବା ଜଳପଥରେ ଯାତ୍ରୀ ଓ ମାଲମାନ
ଭଡ଼ାରେ ନିଅଆଣା କରେ—A service boat carrying passengers and goods from one place to another on fixed week days.

ବାରି ବ୍ୟାଳ—ଦେ. ବି—ପାଣିଅଣ୍ଡ ସାପ—A snake living in
Bāri byāḷa water; water-snake, Hoemalapsidae.

ବାରି ବ୍ୟାଳ ଜାଳ କଚ୍ଛପ ମଣ୍ଡୂକ ସାବେରୀ ଅଙ୍କଣି ବହୁ—
ଭକ୍ତ. ବୈଦେହୀଶବିଳାସ ।

ବାରିଯନ୍ତ୍ର—ସଂ. ବି—୧ । ଜଳଯନ୍ତ୍ର—1. Water-mill. ୨ । ଜଳର
Bāri jantra ଉତ୍ସ ବା ଫୁଆରା—2. Artificial fountain.

ବାରିଯନ୍ତ୍ର ପରି ଯହିଁ, ଚମ୍ପକ ଜଙ୍ଗାହିଁ ବହୁ—
ଭକ୍ତ. ବୈଦେହୀଶବିଳାସ ।

ବାରିରାଶି—ସଂ. ବି—(୬ଷ୍ଠୀ ତତ୍; ବାରି+ରାଶି)—୧ । ଜଳ ସମଷ୍ଟି—
Bārirāśi 1. An expanse of water. ୨ । ସମୁଦ୍ର—
2. The sea.

ବାରିରୁହ—ସଂ. ବି—(ବାରି+ରୁହ ଧାତୁ+କର୍ତ୍ତୃ. ଅ)-ପଦ୍ମ; ଜଳରୁହ—
Bāriruha Lotus.
ସଂ. ବିଣ—ଜଳଜାତ (ଉଦ୍ଭିଦ)—Aquatic (plant).

ବାରିଶ—ସଂ. ବି—( ବାରି+ଶୀ ଧାତୁ=ଶୋଇବା+କର୍ତ୍ତୃ. ଅ )—
Bāriśa (ପ୍ରଳୟ ଜଳଶାୟୀ) ବିଷ୍ଣୁ ( ହି. ଶ )—A name of Bishṇu.

ବାରି ଶାସ୍ତ୍ର—କେଉଁ ସ୍ଥାନରେ କେଉଁ ସମୟରେ ଓ କେତେ ପରିମାଣରେ
Bāri śāstra ବର୍ଷା ହେବ, ଏହା ଯେଉଁ ଫଳିତ ଜ୍ୟୋତିଷଗ୍ରନ୍ଥରୁ ଗଣନା କରି ଯାଇପାରେ (ହି. ଶ)—An astrological treatise with the help of which predictions about rainfall can be deduced.
[ ଦ୍ର—ଏହା ଗର୍ଗ ମୁନିଙ୍କ ରଚିତ । ]

ବାରି(ରେ)ଷ୍ଟର—ବୈଦେ. ବି. (ଇଂ. ବାରିଷ୍ଟର)—ବିଲାତରୁ ଆଇନ୍
Bāri(re)shṭar ପାଠ ହାସଲ କରି ଏ ଦେଶକୁ ଆସି ଆଇନ୍
বারিষ্টার ବ୍ୟବସାୟ କରୁଥିବା ଉଚ୍ଚ ଶ୍ରେଣୀର ବ୍ୟବହାରାଜୀବ—
**बारिस्टर** Barrister.
[ ଦ୍ର—ସାଧାରଣ ଲୋକେ ବଡ଼ ଓ ପ୍ରସିଦ୍ଧ ଓକିଲଙ୍କୁ ବାରିଷ୍ଟର ଆଖ୍ୟା ଦିଅନ୍ତି । ଓଡ଼ିଶାରେ ସ୍ୱର୍ଗୀୟ ମିଷ୍ଟର ଦାସଙ୍କର ମଧ ବାରିଷ୍ଟର ଆଖ୍ୟା ଏଥିର ଉଦାହରଣ । ]

ବାରିଷ୍ଟରି—ଦେ. ବି—୧ । ବାରିଷ୍ଟରଙ୍କ ବୃତ୍ତି ବା କାର୍ଯ୍ୟ—1 The
Bārishṭari profession of a barrister. ୨ । ବାରିଷ୍ଟର
বারিষ্টারী ଯୋଗ୍ୟ ବୁଦ୍ଧି—2. The intelligence of a
**बारिस्टरी** barrister.
ବିଣ—୧ । ବାରିଷ୍ଟର ସମ୍ବନ୍ଧୀୟ—1. Relating to a barrister. ୨ । ବାରିଷ୍ଟର ଯୋଗ୍ୟ—
2. Befitting a barrister.

ବାରିହା—ପ୍ରାଦେ, (ଗଡ଼ଜାତ) ବି—ବରାହ—
Bārihā Boar.
[ ଦ୍ର—ଗଡ଼ଜାତର ଲୋକେ ବିଶ୍ୱାସ କରନ୍ତି ଯେ ବରାହ ପଲର ନେତା ଦନ୍ତା ବରାହର ଦେହରେ ଡଣ୍ଡୀ ଅବସ୍ଥା ହୋଇ ତାକୁ ଚଳାଇ କରନ୍ତି । ]

ବାରିହା ବଧ ବାଉଁଶ—ପ୍ରାଦେ. ( ଗଡ଼ଜାତ )—ବି—ଏକ ଜାତୀୟ
Bārihā badha bāunśa ସରୁ ବାଉଁଶ—A species of slender bamboo.
[ ଦ୍ର—ଏହା ବେଲଙ୍ଗ ବାଉଁଶ ପରି ବୁଦାଳିଆ, ସରୁ ଓ ଅପେକ୍ଷାକୃତ କୋମଳ । ]

ବାରି ହେବା—ଦେ. କ୍ରି—ଜାଣି ହେବା; ବାରଣ ପଡ଼ିବା; ପ୍ରଭେଦ
Bāri hebā ଜଣାପଡ଼ିବା—To be discriminated; to be distinguished from.

ବାରିହୋଇ ହୋଇ ଥିବ ବଡ଼ ଯଥା ବଡ଼ର ବାର
ପୁନଃ ପୁନଃ ଉଦ୍‌ଦେଶମାନ ଗ୍ରହଣରେ—ଉଷ୍ଣ. ବୈଦେହୀଶବିଳାସ ।

ବାରି—ସଂ. ବି. ସ୍ତ୍ରୀ. ( ବାର ଧାତୁ+ଇ )—୧ । ବାର; ଜଳ—
Bārī 1. Water. ୨ । କୁମ୍ଭ; ମାଠିଆ—2. Waterpot water jar. ୩ । ଗଜବନ୍ଧନ ରଜ୍ଜୁ ( ହ୍ର. ଶ. )—3. A rope for fastening an elephant. ୪ । ଗଜଶାଳା—4. A house where elephants are kept.

ବାରୀନ୍ଦ୍ର—ସଂ. ବି. ( ଷଷ୍ଠୀ ତତ୍; ବାରି+ଇନ୍ଦ୍ର )—ସମୁଦ୍ର—
Bārindra (ବାରୀଶ—ଅନ୍ୟରୂପ) The sea.

ବାରୁ—ଦେ. ବି. ( ସଂ. ବାର )—୧ । ଘୋଟକ—1. Horse. ୨ ।
Bāru ଦ୍ରୁତଗାମୀ ଘୋଟକ—2. A steed; a swift-footed horse.

ସଂ. ବି—୧ । ଯୁଦ୍ଧ ହସ୍ତୀ—1. War-eleplant. ୨ । ବିଜୟିକୁଞ୍ଜର—2. Elephant-carrying the standard of a victor.

ବାରୁଆରି—ପ୍ରାଦେ. (ମେଦିନୀପୁର, ବାଲେଶ୍ୱର) ବି. (ସଂ. ବାର=ସମୂହ)—
Bāruāri ୧ । ଗ୍ରାମରେ ସାଧାରଣଙ୍କ ଚାନ୍ଦାଦ୍ୱାରା ହେବା ଯାତ୍ରା—
ବାରୋୟାରୀ 1. Dancing and festivities set up by public subscription in the village. ୨ । ଯାତ୍ରା—2. Amusements and music.

ବାରୁଆଲି—ଦେ. ବି—୧ । କଳହ; କଳି—1. Quarrel. ୨ । ବଚ
Bāruāli ବଚଅ; ବାଦାନୁବାଦ—2. Wrangling.

ବିଣ. ପୁଂ ଓ ସ୍ତ୍ରୀ—୧ । ବିରୋଧୀ—1. Antagonistic. ୨ । ଶତ୍ରୁଭାବର—2. Inimical. ୩ । କଳହପ୍ରିୟ—3. Quarerlsome.

ପ୍ରାଦେ· (ଯାଜପୁର ଓ ବାଲେଶ୍ୱର) ବି· (ବଙ୍ଗଳାରୁ ଅନୁକୃତ)—ବାରୁଆରି (ଦେଖ)—Bāruāri (See)

ବାରୁଠ—ସଂ. ବି. ( ବୃ ଧାତୁ ଣିଚ ବାର ଧାତୁ+କର୍ମ. ଊଠ )—୧ ।
Bārutha ଅନ୍ତ୍ୟଶଯ୍ୟା; ମୃତ୍ୟୁଶଯ୍ୟା ( ହ୍ର. ଶ. )—1. Death-bed. ୨ । କୋକେଇ; ଯେଉଁ ଯାନରେ ଶବକୁ ଶ୍ମଶାନ ଘାଟକୁ ନିଆଯାଏ ( ହ୍ର. ଶ. )—2. A stretcher or framework in which the dead body is carried to the cremation or burial ground.

ବାରୁଣ —ସଂ. ବିଣ· ( ବରୁଣ+ଅ )—ବରୁଣସମ୍ବନ୍ଧୀୟ—Relating
Bāruṇa to the sea-God

(ବାରୁଣୀ—ସ୍ତ୍ରୀ) ବି—୧ । ବରୁଣ ଅଧିକୃତ ଦିଗ; ପଶ୍ଚିମ ଦିଗ—1. The west. ୨ । ଜଳ—2. Water. ୩ । ଜଳଦ୍ୱାରା ସ୍ନାନ—3. Water-bath. ୪ । ଶତଭିଷା ନକ୍ଷତ୍ର—4. The 24th asterism. ୫ । ହରିତାଳ (ହ୍ର. ଶ )—5. Yellow arsenic. ୬ । ବରୁଣ ଗଛ ( ହ୍ର. ଶ. ) ( ଦେଖ )—6. Baruṇa tree ( See )

ବାରୁଣକର୍ମ—ସଂ· ବି—ଖାତ ଖନନ; ଜଳାଶୟ ଓ କୂପାଦି ଖନନ—
Bāruṇa karma Sinking of a tank or well; waterworks

ବାରୁଣି—ସଂ. ବି. ପୁଂ. ( ବରୁଣ+ଅପତ୍ୟାର୍ଥେ. ଇ )—୧ । ଅଗସ୍ତ୍ୟ
Bāruṇi ମୁନି—1 Sage Agastya. ୨ । ବଶିଷ୍ଠ (ହ୍ର· ଶ.) —2. Sage Baśishṭa ୩ । ବନ୍ୟ ହାତୀ (ହ୍ର. ଶ.)—3. A tusker. ୪ । ବରୁଣ ଗଛ (ହ୍ର. ଶ.) (ଦେଖ)—4. Baruṇa tree (See)

ବାରୁଣୀ—ସଂ. ବି. ସ୍ତ୍ରୀ. ( ବରୁଣ+ଅପତ୍ୟାର୍ଥେ ଅ+ସ୍ତ୍ରୀ ଈ )—୧ ।
Bāruṇi ବରୁଣ କନ୍ୟା—1. The daughter of the sea God.

[ ଦ୍ର—ସମୁଦ୍ରମନ୍ଥନ ସମୟରେ କ୍ଷୀରୋଦ ସାଗରରୁ ଚନ୍ଦ୍ର, ସୁଧା, ସୁରା, ଧନ୍ୱନ୍ତରି, ଅପ୍ସରା, ଉଚ୍ଚୈଃଶ୍ରବା, କୌସ୍ତୁଭ ଓ ଲକ୍ଷ୍ମୀଙ୍କ ସହିତ ବରୁଣ କନ୍ୟା ବାରୁଣୀ ମଧ୍ୟ ଉଠିଥିଲେ । ଏହି ବରୁଣ କନ୍ୟା ସୁରାର ଅଧିଷ୍ଠାତ୍ରୀ ଦେବୀ । କିନ୍ତୁ ବଙ୍ଗୀୟ କବି ମାଇକେଲ ମଧୁସୂଦନ ତାଙ୍କ ମେଘନାଦ ବଧ କାବ୍ୟରେ ବରୁଣ ପତ୍ନୀ 'ବରୁଣାନୀ' ସ୍ଥଳରେ 'ବାରୁଣୀ' ଶବ୍ଦ ପ୍ରୟୋଗ କରିଅଛନ୍ତି ଓ ଏ ପ୍ରୟୋଗର ଔଚିତ୍ୟ ସମ୍ବନ୍ଧେ କହୁଛନ୍ତି ଯେ 'ବାରୁଣୀ' ଶବ୍ଦ ତାଙ୍କୁ ଶ୍ରୁତିମଧୁର ହେବାରୁ ସେ ସ୍ୱତନ୍ତ୍ର ବ୍ୟାକରଣର ନିୟମକୁ ଲଙ୍ଘନ କଲେ; କିନ୍ତୁ ଧ୍ୱନି ଶବ୍ଦସାଗରରେ ଏ ଶବ୍ଦର ଏକ ଅର୍ଥ ବରୁଣ ପତ୍ନୀ ଦିଆଯାଇ ଅଛି । ]

୨ । ସୁରା; ମଦ୍ୟ—2. Wine.

[ ଦ୍ର—ପୁନର୍ନବା ବା ପୁରୁଣୀଶାଗରୁ, ତାଳ ବା ଖଜୁରି ରସରୁ, ଖାଠିକା ଧାନର ଚାଉଳରୁ ଓ କଦମ୍ବ ଫଳରୁ ପ୍ରସ୍ତୁତ ମଦକୁ ବାରୁଣୀ ବୋଲାଯାଏ—ହ୍ର. ଶ· ]

୩ । ଦୂର୍ବା—3. The Durbā grass. ୪ । ପଶ୍ଚିମ ଦିଗ—4, The west. ୫ । ଶତଭିଷା ନକ୍ଷତ୍ର—5. The 24th asterism. ୬ । ଶତଭିଷା ନକ୍ଷତ୍ର ଯୁକ୍ତ ଚୈତ୍ର କୃଷ୍ଣ ତ୍ରୟୋଦଶୀ—The 13th day of the dark fortnight of Chaitra when it tallies with the 24th asterism. ୭ । ବାରୁଣୀ ଗଙ୍ଗାସ୍ନାନ ଯୋଗ—7. The auspicious time for having a bath in the Ganges on the 13th day of the dark fortnight of Chaitra. ୮ । ଗଣ୍ଡଦୂର୍ବା ( ହ୍ର. ଶ. )—8. A kind of bulbous-rooted grass. ୯ । ଭୂଇଁ ଅଁଳା (ହ୍ର. ଶ·) ( ଦେଖ )—9. Bhuiñ a-añlā ( See ) ୧୦ । ଘୋଟକର ଗତିବିଶେଷ ( ହ୍ର. ଶ. )—10 A kind of horse's motion. ୧୧ । ଇନ୍ଦ୍ରବାରୁଣୀ ଲତା (ହ୍ର· ଶ.) —11. The colocassia creeper. ୧୨ । ମାଈହାତୀ; ହାତୁଣୀ ( ହ୍ର. ଶ. )—12. A female elephant. ୧୩ । ବରୁଣାନୀ; ବରୁଣପତ୍ନୀ (ହ୍ର. ଶ.)—13. The wife of the sea-god

ଦେ. ବଣ. ସ୍ତ୍ରୀ—ବରୁଣ ସମ୍ବନ୍ଧୀୟା—(feminine) Relating to Baruṇa.

ବଧ ବଧ ଭସ । ବାରୁଣୀ ଶୋଭ ସଡ ଚାଲ୍ ଦେଲ ।
ଉପେ. ବୈଦେହୀଶବିଳାସ ।

**ବାରୁଣୀ ଗଙ୍ଗାସ୍ନାନ**—ସଂ. ବ—ଗଙ୍ଗାନଦୀରେ ଚୈତ୍ର କୃଷ୍ଣ ତ୍ରୟୋଦଶୀ ଦିନ ଘଟିବା ପ୍ରଶସ୍ତ ସ୍ନାନଯୋଗ—
Bāruṇi gaṅgāsnāna
The auspicious time to perform ablutions in the Ganges on the 13th day of the dark fortnight of Chaitra.

**ବାରୁଣୀ ବଲ୍ଲଭ**—ସଂ. ବ (ବାରୁଣୀ=ଶତଭିଷା ନକ୍ଷତ୍ର+ବଲ୍ଲଭ=ପ୍ରିୟ)—ବରୁଣ—The God of the sea.
Bāruṇi ballabha

**ବାରୁଣୀ ସନ୍ଧ୍ୟା**—ଦେ ବ—ସନ୍ଧ୍ୟାକାଳୀନ ପଶ୍ଚିମାକାଶ—
Bāruṇi sandhyā The evening sky.

ବାରୁଣୀ ସନ୍ଧ୍ୟା ଅରୁଣୀ ପ୍ରାୟେ କେହିଁ ମାର୍ଗ । ଉପେ. ବୈଦେହୀଶବିଳାସ ।

**ବାରୁଣୀ ସ୍ନାନ**—ସଂ. ବ—ଚୈତ୍ର କୃଷ୍ଣ ତ୍ରୟୋଦଶୀ ଦିନ ଗଙ୍ଗାରେ ଓ ସମୁଦ୍ରରେ ଘଟିବା ସ୍ନାନଯୋଗ; ସମୁଦ୍ରରେ ସ୍ନାନ କରିବାର ପ୍ରଶସ୍ତ ଯୋଗ—An auspicious time to perform ablutions in the sea and other sacred waters.
Bāruṇi snāna
(ବାରୁଣୀ ଯୋଗ—ଅନ୍ୟରୂପ)

[ଦ୍ର—ଚୈତ୍ର କୃଷ୍ଣ ତ୍ରୟୋଦଶୀ ଦିନ ଯଦି ଶନିବାର ବା ଶତଭିଷା ନକ୍ଷତ୍ର ଓ ଜ୍ୟୋତିଷମତରେ ଶୁଭଯୋଗ ପଡ଼େ ତେବେ ଏହାକୁ ବାରୁଣୀଯୋଗ ବୋଲାଯାଏ । ଯେବେ ଶନିବାର ଓ ଶତଭିଷା ନକ୍ଷତ୍ର ଉଭୟେ ସେ ଦିନ ପଡ଼ନ୍ତି ତେବେ ଏହାକୁ ମହାବାରୁଣୀ ଯୋଗ ବୋଲାଯାଏ । ଏହି ବାରୁଣୀ ଓ ମହାବାରୁଣୀ ଯୋଗରେ ଗଙ୍ଗାରେ ସ୍ନାନ କଲେ ଶତସଂଖ୍ୟକ ସୂର୍ଯ୍ୟୋପରାଗରେ ଅନୁଷ୍ଠିତ ଧର୍ମକାର୍ଯ୍ୟର ପୁଣ୍ୟ ଫଳ ମିଳେ । ତୀର୍ଥରାଜ ସମୁଦ୍ରରେ ଗଙ୍ଗାଜଳ ପଡ଼ିଥିବାରୁ ସମୁଦ୍ରରେ ମଧ୍ୟ ଲୋକେ ଏହି ଯୋଗରେ ସ୍ନାନ କରନ୍ତି ଓ ଅନ୍ୟାନ୍ୟ ସମୁଦ୍ରଗାମିନୀ ନଦୀମାନଙ୍କରେ ମଧ୍ୟ ସ୍ଥାନୀୟ ଲୋକେ ବାରୁଣୀ ବୁଡ଼ ପାରନ୍ତି ।

ପୁରୀ ସଦର ସବ୍‌ଡିଭିଜନର ବଗଲ ବାଲୁକେଶ୍ୱର ମହାଦେବଙ୍କ ମନ୍ଦିରର ନିକଟବର୍ତ୍ତୀ ଭାର୍ଗବୀ ନଦୀରେ ଏବଂ ଅନ୍ୟ କେତେକ ସ୍ଥାନରେ ଏହି ଦିନ ବୁଡ଼ ପଡ଼େ ।

ଋଷିକୁଲ୍ୟା ନଦୀ ଉତ୍ତରବାହିନୀ ହୋଇଥିବା ସ୍ଥାନ ଗଞ୍ଜାମର ସୋରଡ଼ା ନିକଟସ୍ଥ ପଞ୍ଚାନନ ପ୍ରଭୁଙ୍କ ନିକଟରେ, ଧରାକୋଟର ଚନ୍ଦ୍ରକଲେଶ୍ୱରଙ୍କ ନିକଟରେ, ଆସିକା ସୁବର୍ଣ୍ଣେଶ୍ୱରଙ୍କ ନିକଟରେ, ପ୍ରତାପପୁର ଭୁମେଶ୍ୱର ଓ ଗଞ୍ଜାମ ନଗରର ପଶ୍ଚିମରେ ଲୋକନାଥ ସ୍ୱାମୀଙ୍କ ନିକଟରେ ସ୍ଥାନୀୟ ଲୋକେ ବାରୁଣୀ ସ୍ନାନ କରନ୍ତି । ଦୈନିକ ଆଶା ।]

**ବାରୁଦ**—ଦେ. ବ. (ତୁର୍କୀ. ବାରୁତ୍, ଫା. ବାରୁଦ୍)—ବିସ୍ଫୋଟକ ଚୂର୍ଣ୍ଣ; କୋଇଲା, ସୋରା ଓ ଗନ୍ଧକ ମିଶ୍ରିତ ଚୂର୍ଣ୍ଣ; ଦାରୁ, ଅଗ୍ନିଚୂର୍ଣ୍ଣ—Gun powder.
Bāruda
वारूद बारूद
(ବାରଦ, ବାର୍ଦ—ଅଳ୍ପଖୋଳ)

[ଦ୍ର—ପ୍ରତ୍ନତତ୍ତ୍ୱ ଗବେଷଣାଦ୍ୱାରା ଜଣା ଯାଇଅଛି ଯେ ବହୁକାଳ ପୂର୍ବେ ଚୀନ ଦେଶରେ ଓ ଭାରତରେ ବାରୁଦର ବ୍ୟବହାର ଥିଲା ଓ ଯୁଦ୍ଧରେ ଅଗ୍ନ୍ୟସ୍ତ୍ର (ବନ୍ଧୁକ, ତୋପ) ବ୍ୟବହୃତ ହେଉଥିଲା । ଅଶୋକଙ୍କ ଶିଳାଲିପିରେ ଅଗ୍ନିଖଂଧ (ସଂ. ଅଗ୍ନିସ୍କନ୍ଧ) ଆତସବାଜି ବା ବାଣ ପୋଡ଼ା ଅର୍ଥରେ ବ୍ୟବହୃତ ହୋଇଅଛି । ବାରୁଦ ଓ ବନ୍ଧୁକର ପ୍ରଚୁର ଇଉରୋପରେ ଖ୍ରୀଷ୍ଟୀୟ ଚତୁର୍ଦ୍ଦଶ ଶତାବ୍ଦିରେ ଆରବ୍ ଦେଶବାସୀ ମୁରମାନେ ପ୍ରଥମେ କରଥିଲେ ଓ ଷୋଡ଼ଶ ଶତାବ୍ଦି ପର୍ଯ୍ୟନ୍ତ କେବଳ ବନ୍ଧୁକ ପାଇଁ ବାରୁଦର ବ୍ୟବହାର ଇଉରୋପରେ ହେଉଥିଲା । ସାଧାରଣ ବାରୁଦରେ ଶତକଡ଼ା ୭୫ ଅଂଶ ସୋରା, ୧୦ ଅଂଶ ଗନ୍ଧକ ଓ ୧୫ ଅଂଶ କୋଇଲା ଚୂନା ପଡ଼େ । ଏହି ଉପକରଣମାନଙ୍କ ଭାଗମାପକୁ କମ୍ ବେଶି କରି, ଲୁହା ଚୂନା, ତମ୍ବା ଚୂନା ଆଦି ମିଶାଇ ନାନାପ୍ରକାର ଆଲୋକ ଓ ସ୍ଫୁଲିଙ୍ଗ ଉତ୍ପାଦକ ବାଣ ତିଆରି କରାଯାଏ । ହି. ଶ,]

**ବାରୁଦ କାମ**—ଦେ. ବ.—(ଫା. ବାରୁଦ୍+ସଂ. କର୍ମ)—୧ । ବାରୁଦ ଓ ବାଣ ତିଆରି କରିବାର ପ୍ରକ୍ରିୟା—1. The art of making gunpowder and fireworks; pyrotechnics.
Bāruda kāma
बारूद काम
बारुद् काम
୨ । ବାଣ; ଆତସବାଜି—2. Fireworks,

**ବାରୁଦଖାନା**—ବୈଦେ. ବ.—(ଫା.—ବାରୁଦ୍+ଖାନାହ୍)—୧ । ଯେଉଁ ଘରେ ବାରୁଦ ଓ ବାଣ ତିଆରି ହୁଏ—1. Gunpowder factory, ୨ । ବାରୁଦ ସଞ୍ଚୟ କରି ରଖିବା ଘର—2. Gunpowder store; gunpowder magazine.
Bāruda khāna
बारूदखाना
बारुद्खाना
(ବାରୁଦ ଘର—ଅନ୍ୟରୂପ)

**ବାରୁ ଲଗି**—ଦେ. ବ.—ଘୋଡ଼ାରେ ଚଢ଼ିବା—
Bāru lāgi Horse riding.
ବଣ.—ଘୋଡ଼ାରେ ଚଢ଼ିଥିବା—Riding on a horse.

**ବାରେ**—ଦେ. କ୍ରି. ବଣ.—ଥରେ; ଏକବାର—Once.
Bāre बारेक एकदफा (ବାରେକ—ଅନ୍ୟରୂପ)

ଶ୍ରୀପଦ ଦର୍ଶନ ଏହି ବନେ ପୁଣି
ବାରେ ସେ ପାଇବ କି ନା । ନନ୍ଦକିଶୋର. ଶର୍ମିଷ୍ଠା ।

**ବାରେ ଅ(ବ)ଫାଡ୍**—ବୈଦେ. ବ.—ବାରବଫାଡ୍ (ଦେଖ)
Bāre a(ba)phāt Barabaphat (See)

**ବାରେଇ**—ପ୍ରାଦେ. (ଯାଜପୁର) ବ.—ବଢ଼େଇ (ଦେଖ)
Bārei Barhei (See)

**ବାରେଇବା**—ଦେ. କ୍ରି.—(ପରକଲମ ଓ ପେନସିଲକୁ) କାଟିବା—
Bāreibā To mend (a pen or pencil).
ପ୍ରାଦେ. (ଯାଜପୁର)—କ୍ରି.—ଧାନ ବିଲ ବାଛିବା; ବାଳୁଙ୍ଗା ଉପାଡ଼ିବା—To root out the weeds from a paddy field.

**ବାରେଣୀ**—ଗ୍ରା. ବ.—ବାରୁଣୀ (ଦେଖ)
Bāreṇi Bāruṇi (See)
ପ୍ରାଦେ. (ବାମଣ୍ଡା)—ବ.—ପର୍ଦ୍ଦର; ଝାଡ଼ୁ—Broomstick.

ବାରେନ୍ଦ୍ର—ସଂ. ବି.—(ବରେନ୍ଦ୍ର+ଅ)—୧ । ଅଧୁନାତନ ରାଜସାହି
Bārendra ବିଭାଗ; ଗୌଡ଼ ଦେଶର ଏକ ପ୍ରାଚୀନ ଜନପଦ—
(ବାରେନ୍ଦ୍ରୀ—ସ୍ତ୍ରୀଲିଙ୍ଗ) 1. The Division of Rajsahi.
୨ । ବରେନ୍ଦ୍ର ଦେଶର ଅଧିବାସୀ—2. Inhabitant of the country of Barendra.
୩ । ବରେନ୍ଦ୍ର ଶ୍ରେଣୀୟ ବ୍ରାହ୍ମଣ—3. Brahmins of the Barendra class.

ବାରେନ୍ଦ୍ର ଗୋଷ୍ଠୀ—ଦେ. ବି.—ରାଜସାହି ବିଭାଗରେ ଉପନିବେଶ
Bārendra goshṭhi ସ୍ଥାପନ କରିଥିବା ବଙ୍ଗାଳୀ ବ୍ରାହ୍ମଣ ଓ
(ବାରେନ୍ଦ୍ରଶ୍ରେଣୀ—ଅନ୍ୟରୂପ) କ୍ଷତ୍ରିୟମାନଙ୍କର ଦଳ—A class of Bengalee Brāhmaṇas or Kshatriyas settled in the Rajsahi Division.

ବାରେ ବାରେ—ଦେ.ଅ.—(ସଂ.ବାରଂ ବାରଂ)—୧ । ବାର ବାର (ଦେଖ)
Bāre bāre বারবার बारबार 1. Bāra bāra (See)
ବାରେ ବାରେ ଶିବ ଶିବ ସେ ଘୋଷେ—ଇନ୍ଦୁ ବୈଦେହୀଶ ବିଳାସ ।
୨ । କେବେ କେବେ—2. Occasionally.

ବାରେହା ଦାଢ଼—ଦେ. ବି.—ବରାହ ଦନ୍ତ ତୁଲ୍ୟ ପୁଷ୍ପ ବିଶେଷ—
Bārehā dāṛdhā A flower resembling the tusk of a boar.
ବାରେହା ଦାଢ଼ କରୁଣା କୋରକ,ବିରୁଚକ ମଚ୍ଛକୁନ୍ଦ ।
ପ୍ରାଚୀ, ଉଦୟ ମହୋ ।

ବାରୋମି(ମେ)ଟ(ଟା)ର—ବୈଦେ ବି.—(ଇଂ.ବାରୋମେଟର)—ବାୟୁର
Bāro mi(me)ṭa(ṭā)r ଚାପମାନ ଯନ୍ତ୍ର—Barometer.
বারোমিটার बारोमिटर

ବାର୍କ୍ଷ—ସଂ. ବିଣ.—(ବୃକ୍ଷ+ଅ)—ବୃକ୍ଷ ସମ୍ବନ୍ଧୀୟ—
Bārkshya Relating to a tree.
ସଂ. ବି.—ଗଛର ଛାଲରେ ନିର୍ମିତ ବସ୍ତ୍ର (ହି. ଘ.)—Cloth made from the bark of a tree.

ବାର୍କ୍ଷୀ—ସଂ.ବି.(ନାମ)—(ବାର୍କ୍ଷ+ଈ)—ପ୍ରମ୍ଳୋଚା ନାମ୍ନୀ ଅପ୍ସରାର କନ୍ୟା,
Bārkshi ପ୍ରଚେତାଗଣଙ୍କ ପତ୍ନୀ ଓ ଦକ୍ଷ ପ୍ରଜାପତିଙ୍କ ମାତା;
ମାରିଷା—Name of the mother of Daksha Prjāpati.
[ଦ୍ର—ପ୍ରମ୍ଳୋଚା ଅପ୍ସରାର ଦେହରୁ ବାହାର ଥିବା ସ୍ୱେଦ ଗୋଟିଏ ବୃକ୍ଷରେ ପଡ଼ିବାରୁ ତହିଁରୁ ଏହିକନ୍ୟାର ଉତ୍ପତ୍ତି ହୋଇଥିଲା ।
ହି. ଶବ୍ଦସାଗର ।]

ବାର୍ଣ୍ଣକ—ସଂ. ବି. ପୁଂ—(ବର୍ଣ୍ଣି ଧାତୁ+ଅକ)—ଲେଖକ—
Bārṇṇaka (ବାର୍ଣ୍ଣିକା—ସ୍ତ୍ରୀ) A writer; scribe.

ବାର୍ଣ୍ଣିକ—ସଂ.ବି. ପୁ—(ବର୍ଣ୍ଣ+ଇକ; ଶିଳ୍ପୀ ଅର୍ଥରେ)—୧ । ଲେଖକ—
Bārnnika 1. Writer.
୨ । ଚିତ୍ରକର—2. Painter.
ବିଣ—ବର୍ଣ୍ଣସମ୍ବନ୍ଧୀୟ—Relating to letters or colour.

ବାର୍ଣ୍ଣିସ୍—ବୈଦେ. ବି. (ଇଂ)—କାଷ୍ଠାଦି ଚକଚକ କରିବା ପ୍ରଲେପ-
Bārṇnis ବିଶେଷ—Varnish.
[ବାର୍ନିସ୍—ଅନ୍ୟରୂପ] বার্নিস वारनिश
ବିଣ—ବାର୍ଣ୍ଣିସ୍ ବୋଳାଯାଇଥିବା—Varnished.

ବାର୍ତ୍ତ—ସଂ. ବି—(ବୃତ୍ତ+ଅ)—୧ । ଆରୋଗ୍ୟ—1. Recovery
Bārtta or freedom from disease. ୨ । ସ୍ୱାସ୍ଥ୍ୟ—
2. Health. ୩ । କୁଶଳ; ମଙ୍ଗଳ—3. Bliss.
୪ । ପଟୁତା—4. Dexterity; skill.
ସଂ. ବିଣ—୧ । ନୀରୋଗ; ନୀରୋଗ; ସୁସ୍ଥ—1. Hale; healthy. ୨ । ମନୋହର—2 Beautiful; charming. ୩ । ପଟୁ—3. Dexterous. ୪ । ବୃତ୍ତିଶାଳୀ—4. Having means of livlihood; pursuing a profession. ୫ । ବୃତ୍ତି ସମ୍ବନ୍ଧୀୟ—5. Professional; relating to a profession.

ବାର୍ତ୍ତକ—ସଂ. ବି—ବଟର ପକ୍ଷୀ—
Bārttaka The grey quail.

ବାର୍ତ୍ତା—ସଂ. ବି—(ବୃତ୍ତ=ବୃତ୍ତାନ୍ତ, ଅର୍ଥାତ୍ ଲୋକ ଚରିତ+ଅନ୍ତ
Bārttā ଅର୍ଥରେ. ଅ+ସ୍ତ୍ରୀ. ଆ)—୧ । ବିବରଣ; ବୃତ୍ତାନ୍ତ—
1. Description. ୨ । କଥା; ବାକ୍ୟ—2. Word.
୩ । ବୃତ୍ତି; ଜୀବିକା—3. Livelihood. ୪ । କୃଷି ଓ ବାଣିଜ୍ୟାଦି ବିଷୟକ ଶାସ୍ତ୍ର—4. Science of agriculture and trade. ୫ । ସମ୍ବାଦ; ଖବର—5. News; tidings; message; information.
ବାର୍ତ୍ତା ଶୀଘ୍ର ଶୁଣି ମନ୍ଦରେ ଯିବ
ବେଗେ ଚନ୍ଦ୍ରା ତୁରଗ ଶରୁ ବସର—
ଇନ୍ଦୁ. ବୈଦେହୀଶବିଳାସ ।
୬ । ଜନଶ୍ରୁତି—6. Rumour; report. ୭ । ଦୁର୍ଗା—7. Goddess Durgā. ୮ । ବିଷୟ; ପ୍ରସଙ୍ଗ—8. Matter; subject. ୯ । କଥୋପକଥନ (ହି. ଶ)—9. Conversation.

ବାର୍ତ୍ତାକ(କୀ,କୁ)—ସଂ. ବି—(ବୃତ୍ ଧାତୁ+ଅକ;+ସ୍ତ୍ରୀ; ଈ;+ଅକୁ)—
Bārttāka(ki,ku) ବାଇଗଣ; ବାଇଗଣ—Eggplant and fruit; brinjal plant and fruit.

ବାର୍ତ୍ତାବହ—ସଂ. ବିଣ. ପୁଂ—(ବାର୍ତ୍ତା+ବହ୍ ଧାତୁ+କର୍ତ୍ତୃ. ଅ)—
Bārttābaha ସମ୍ବାଦବାହକ—Carrying message.
(ବାର୍ତ୍ତାବହା—ସ୍ତ୍ରୀ) ବି—୧ । ଦୂତ—1. Messenger.
୨ । ଚର—2. Spy. ୩ । ଅର୍ଥବାଣିଜ୍ୟ ବିଷୟ ପ୍ରଦର୍ଶକ ନୀତିଶାସ୍ତ୍ର—3. Political economy. ୪ । (ଆଧୁନିକ ବ୍ୟବହାର) ସମ୍ବାଦବାହକ ଯନ୍ତ୍ର—4. Telegraph; telephone.
( ବୈଦ୍ୟୁତିକ ବା ତାଡ଼ିତ ବାର୍ତ୍ତାବହ=ଇଲେକ୍ଟ୍ରିକ୍ ଟେଲିଗ୍ରାଫ )

ବାର୍ତ୍ତାୟନ—ସଂ. ବି. ପୁଂ—(ବକ୍ତୃସ୍ଥ; ବାର୍ତ୍ତା+ଅୟନ)—୧ । ସମ୍ବାଦ
Bārttāyana ବାହକ; ଦୂତ—1. Messenger. ୨ । ଚର;
(ବାର୍ତ୍ତାୟନୀ—ସ୍ତ୍ରୀ) ଗୁପ୍ତ ପୁରୁଷ—2. Spy. ୩ । ସମ୍ବାଦଦାତା—3. Correspondent.

ବାର୍ତ୍ତିକ—ସଂ. ବିଣ—(ବାର୍ତ୍ତା+ଇକ)—ବାର୍ତ୍ତାସମ୍ବନ୍ଧୀୟ—
Bārttika Relating to message. ୨ । ( ବୃତ୍ତି+ଇକ )

ବୃତ୍ତି ସମ୍ବନ୍ଧୀୟ—2. Relating to livelihood.
ବ—୧ । ବ୍ୟାଖ୍ୟା ଗ୍ରନ୍ଥ; ଟୀକା—1. Commentary,
୩ । ବର୍ତ୍ତିକ ପକ୍ଷୀ; ବଟର ଚଢ଼େଇ—
3. The grey quail.

ବାର୍ଦ୍ଦ—ସଂ. ବ—(ସଂ. ବାର୍=ଜଳ+ଦା ଧାତୁ+କର୍ତ୍ତୃ. ଅ; ନିପାତନ)-
Bārdda ବାଦଲ; ମେଘ (ହି. ଶ)—Cloud.

ବାର୍ଦ୍ଦର—ସଂ. ବ—(ସଂ. ବାର୍=ଜଳ+ଦର)—୧ । ଦକ୍ଷିଣାବର୍ତ୍ତ ଶଙ୍ଖ
Bārddara (ହି. ଶ)—1. Conch having the spiral winding to the right. ୨ । ଆମ୍ବ ଟାଙ୍କୁଆ (ହି. ଶ)—2. The stone inside the mango fruit. ୩ । ରେଶମ (ହି. ଶ)—3. Silk. ୪ । ଜଳ-(ହି. ଶ)—4. Water. ୫ । କାକଚିଞ୍ଚା (ହି. ଶ) (ଦେଖ)—5. Kākachiñchā (See).

ବାର୍ଦ୍ଦଳ—ସଂ. ବ—[ବାର୍=ଜଳ+ଦ (=ଦା ଧାତୁ+ଅ)+ଲା ଧାତୁ
Bārddaḷa +କର୍ତ୍ତୃ. ଅ]—୧ । ଦୁର୍ଦ୍ଦିନ; ବାଦଲ—1 A rainy day. ୨ । ମସୀଧାର; ଦୁଆତ—2. Inkpot.

ବାର୍ଦ୍ଧକ—ସଂ. ବ—(ବୃଦ୍ଧ+କ)—୧ । ବୃଦ୍ଧାବସ୍ଥା—1. Old age.
Bārddhaka ୨ । ବୃଦ୍ଧ ସମୂହ—2. A number of old men. ୩ । ବୃଦ୍ଧର କର୍ମ—3. The act of an old man.

ବାର୍ଦ୍ଧକୀ—ଦେ. ବ—(ସଂ. ବାର୍ଦ୍ଧକ୍ୟ)—ବୃଦ୍ଧାବସ୍ଥା—
Bārddhakī Infirmity due to old age.
ବସୁଧା ସହିଁ ଅମରବଗ କହୁ ବାର୍ଦ୍ଧକୀ ସ୍ୱଭାବ ହନି ହେ—
ଉପେ. ବୈଦେହୀଶବିଳାସ ।

ବାର୍ଦ୍ଧକ୍ୟ—ସଂ. ବ—(ବାର୍ଦ୍ଧକ+ଭାବେ. ଯ)—୧ । ବୃଦ୍ଧାବସ୍ଥା—
Bārddhakya 1. Old age. ୨ । ଜରା—2. Infirmity due to old age.
[ ଦ୍ର—ଏହା ୭୦ ବର୍ଷ ପରେ ଆରମ୍ଭ ହୁଏ । ]

ବାର୍ଦ୍ଧି—ସଂ. ବ—(ବାର୍=ଜଳ+ଧା. ଧାତୁ+ଅଧିକରଣ. ଇ)—ବାରିଧି
Bārddhi ସମୁଦ୍ର—The sea; the ocean.

ବାର୍ଦ୍ଧିଜା—ସଂ. ବ( ବାର୍ଦ୍ଧି+ଜନଧାତୁ+କର୍ତ୍ତୃ. ଅ+ଆ )—ଲକ୍ଷ୍ମୀ—
Bārddhijā Lakshmī.
ବୋଲନ୍ତ ମଧ ସବାର କ୍ଷେତେ ମସ୍ତାସ ଅପଣ
ବାର୍ଦ୍ଧିଜା ଦୁର୍ଗା ଲେଖେ ଯାହା ହୋଇଲେ ତାହା କ ଜାଣ—
ଉପେ—ବୈଦେହୀଶବିଳାସ ।

ବାର୍ଦ୍ଧୁଷି(ଷୀ)—ସଂ. ବଣ. ପୁଂ—(ବୃଦ୍ଧି=ସୁଧ+ଉପଜୀବ ଅର୍ଥରେ. ଇ;
Bārddhushi(shī) ଈ; ନିପାତନ )—ବୃଦ୍ଧିଜୀବୀ—Living on usury.
(ବାର୍ଦ୍ଧୁଷିକ—ଅନ୍ୟରୂପ) ବ—ସୁଧଖୋର; ମହାଜନ—
(ବାର୍ଦ୍ଧୁଷିକା—ସ୍ତ୍ରୀ) A usurer.
ଏ ଦଳ କରନ୍ତୁ ବୃଦ୍ଧି ଭୂବ ବାର୍ଦ୍ଧୁଷିକେ
ରଘୁନାଥ —ମହାଯାତ୍ରା ।

ବାର୍ଦ୍ଧୁଷ୍ୟ—ସଂ. ବ—(ବାର୍ଦ୍ଧୁଷି+ଯ; ନିପାତନ)—୧ । ଟଙ୍କାକୁ ସୁଧରେ
Bārddhushya ଖଟାଇବା; ସୁଧପାଇଁ ଟଙ୍କା କରଜ ଦେବା; ମହାଜନୀ—1. Usury; advancing money on interest; money-lending. ୨ । ଧାନ ଆଦିକୁ ବଢ଼ୁତ ସୁଧରେ କରଜ ଦେବା (ହି. ଶ)—ମୂ
2. Usury in grains.

ବାର୍ଦ୍ଧ୍ର(ଧ୍ରୀ)—ସଂ. ବ. (ବୃଧ୍ ଧାତୁ=ବୃଦ୍ଧି ପାଇବା+ର;+ଈ)—
Bārddhra(rddhrī) ଚର୍ମ ଦଉଡ଼ି—Thong of hide; rope made of hide.

ବାର୍ଦ୍ଧ୍ରୀଣ(ଣ)ସ—ସଂ. ବ. (ବାର୍ଦ୍ଧ୍ରୀ=ଚର୍ମ ଭଳି+ନସ=ନାସିକା)—
Bārddhrīṇa(na)sa ୧ । ଗଣ୍ଡା (ପଶୁ)—1. Rhinoceros. (ବାର୍ଧ୍ରୀଣସ—ଅନ୍ୟରୂପ) ୨ । ଲମ୍ବ କର୍ଣ୍ଣ ବିଶିଷ୍ଟ ଶ୍ୱେତ ବର୍ଣ୍ଣ ବୃଦ୍ଧ ଛାଗ—2. Long-eared and white old goat.
[ ଦ୍ର—ପାଣିରେ ମୁହଁ ଲଗାଇ ପାଣି ପିଇବା ବେଳେ ଏ ଜାତୀୟ ଛେଳିର କାନର ଅଗ ପାଣିକୁ ସ୍ପର୍ଶ କରେ । ]
୩ । ଏକ ପ୍ରକାର ପକ୍ଷୀ—3. A kind of bird.
[ ଦ୍ର—ଏହାର ମୁଣ୍ଡ କାଳ ଗଳା ନାଲ ଓ ଶରୀରର ଅନ୍ୟ ଅଂଶ ଧଳା । ପ୍ରାଚୀନ କାଳରେ ବିଷ୍ଣୁଙ୍କ ଉଦ୍ଦେଶ୍ୟରେ ଏ ପକ୍ଷୀକୁ ବଳି ଦିଆ ଯାଉଥିଲା—ହି. ଶ ]
୪ । ଯେଉଁ ପଶୁର ନାକ ଫୋଡ଼ା ହୋଇ ଫୋଡ଼ରେ ଦଉଡ଼ି ଗଳାଯାଇଥାଏ—An animal through whose nose is bored and a rope is passed.

ବାର୍ନୀ—ପ୍ରାଦେ. ( ସମ୍ବଲପୁର ) ବ. ( ସଂ. ବର୍ଦ୍ଧନୀ)—ବଢ଼ଣୀ; ଝାଡ଼ୁ—
Bārnī Broomstick.

ବାର୍ବଟ—ସଂ.ବ. (ବାର=ଜଳ+ବଟ୍ ଧାତୁ=ବେଷ୍ଟନ କରିବା+କର୍ମ.ଅ)-
Bārbaṭa ୧ । ଅରିତ୍ର—1 Rudder; oar.
୨ । ଜଳଯାନ; ନୌକା—2. Boat; vessel.

ବାର୍ବଟୀର—ସଂ. ବ. ( ବର୍ବଟୀ+ର )—
Bārbaṭīra ୧ । ଅସତୀ ପୁତ୍ର; ଜାରଜ—1. Bastard.
୨ । ଆମ୍ର ପଲ୍ଲବ—2. Mango leaf.

ବାର୍ବଣା—ସଂ. ବ—ଏକ ଜାତୀୟ ନେଳ ମାଛି; ଭଣଭଣା ମାଛି—
Bārbaṇā A kind of blue fly (Apte).

ବାର୍ଭଟ—ସଂ. ବ. (ବାର୍=ଜଳ+ଭଟ୍ ଧାତୁ ପୋଷଣ କରିବା+କର୍ତ୍ତୃ.
Bārbhaṭa ଅ )—କୁମ୍ଭୀର—Crocodile; alligator.
ବାର୍ଭଟଙ୍କ ଘନ ଯୂଥ ହେଲା ତହିଁ । ଉପେ. ବୈଦେହୀଶବିଳାସ ।

ବାର୍ମୁକ୍—ସଂ. ବ. (ବାର୍=ଜଳ+ମୁଚ୍ ଧାତୁ=ତ୍ୟାଗ କରିବା+
Bārmuk କର୍ତ୍ତୃ. କ୍ୱିପ୍ )—ମେଘ—Cloud.

ବାର୍ଯ୍ୟ—ସଂ. ବଣ. ( ବାର ଧାତୁ+କର୍ମ. ଯ )—
Bārjya ୧ । ବାରଣୀୟ—1. Preventible.
୨ । ନିଷେଧ ଯୋଗ୍ୟ—2. Which should be forbidden.
୩ । ( ବାର୍+ଯ ) ବାର୍ ବା ଜଳ ସମ୍ବନ୍ଧୀୟ—
3. Relating to water.
ସଂ. ବ—୧ । ବର; ଦେବତାଙ୍କ ପ୍ରଦତ୍ତ ଅନୁଗ୍ରହ ବ ଆଶୀର୍ବାଦ—1. Boon; blessing (Apte).
୨ । (ବହୁବଚନ) ସମ୍ପତ୍ତି—2. (plural) Possessions; riches (Apte).

**ବାର୍ଯ୍ୟମାଣ**—ସ. ବଣ. ( ବାର୍ ଧାତୁ + କର୍ମ ମାନ )—
Bārjyamāṇa ଯାହା ନିବାରଣ କରା ଯାଉଅଛି—
Which is being prevented.

**ବାର୍ଲି**—ବୈଦେ. ବ. (ଇଂ)—୧ । ଯବ ଚୂର୍ଣ୍ଣ—
Bārli 1. Powdered barley.
ବାର୍ଲୀ बारली ୨ । ଯବ—2. Barely.

**ବାର୍ଷିକ**—ସ. ବଣ. (ବର୍ଷ+ଇକ, ଦେୟ ବା ନିବୃତ୍ତ୍ୟର୍ଥେ, ଇକ)—
Bārshika ୧ । ସାମ୍ବତ୍ସରିକ; ପ୍ରତି ବର୍ଷ ଘଟିବା ବା କରାଯିବା—
(ବାର୍ଷିକୀ—ସ୍ତ୍ରୀ) 1. Annual; yearly; taking place or done every year.
୨ । ପ୍ରତି ବର୍ଷ ପାଇଁ ନିର୍ଦ୍ଦିଷ୍ଟ—2. Fixed for the year.
୩ । ବତ୍ସର ସମ୍ବନ୍ଧୀୟ—3. Relating to the year.
୪ । ପ୍ରତି ବର୍ଷ ଦେୟ—4. Payable annually.
୫ । ପ୍ରତି ବର୍ଷ ପ୍ରାପ୍ୟ—5. Falling due annually.
୬ । ଯାହା ପ୍ରତି ବର୍ଷ ନିର୍ଦ୍ଦିଷ୍ଟ ସମୟରେ କରାଯାଏ—
6. Performed at a fixed time, once every year.
( ଯଥା—ବାର୍ଷିକ ଉତ୍ସବ । )
୭ । ଯାହା ପ୍ରତି ବର୍ଷ ଜନ୍ମେ ଓ ମରେ; ବର୍ଷଜୀବୀ (ଗୁଳ୍ମ)—
7. (a plant or creeper) Which grows and dies in a year; annual; seasonal.
୮ । (ବର୍ଷା+ଇକ) ବର୍ଷାକାଳୀନ; ବର୍ଷା ସମ୍ବନ୍ଧୀୟ—
8. Relating to rain; rainy.
୯ । ବର୍ଷା ଋତୁ ସମ୍ବନ୍ଧୀୟ—9. Relating to the rainy season.
ବ—୧ । ବାତ୍ସରିକ ବେତନ—1. Annual pay.
୨ । ବାତ୍ସରିକ କର—2. Annual rent.
୩ । ପ୍ରତି ବର୍ଷ କର୍ତ୍ତବ୍ୟ ପୂଜାଦି—
3. Annual religious ceremonies.
୪ । ବର୍ଷରେ ଥରେ ଦେୟ ବା ପ୍ରାପ୍ୟ ବସ୍ତୁ—3. Any thing payable once every year
ଦେ. ବ—ଚୌପଣୀ (ଦେଖ)—Chaupaṇi (See)

**ବାର୍ଷିକ ପରୀକ୍ଷା**—ଦେ. ବ. ( ସ. ବାର୍ଷିକ+ପରୀକ୍ଷା )—
Bārshika pariksha ବର୍ଷ ଶେଷରେ ଏକ ଶ୍ରେଣୀରୁ ଅପର
सालाना इम्तिहान् ଶ୍ରେଣୀକୁ ଉଠିବାପାଇଁ ଛାତ୍ରମାନଙ୍କ ଯୋଗ୍ୟତା
বার্ষিক পরীক্ষা ବାଛିବା ନିମନ୍ତେ କରାଯିବା ପରୀକ୍ଷା—Annual examination held in a school.

**ବାର୍ଷିକୀ**—ଦେ. ବ. (ସ. ବାର୍ଷିକୀ)—ବାର୍ଷିକ ପ୍ରାପ୍ୟ ବା ଭେଟି; ସାଲିଅନା—
Bārshiki A due or gift payable every year.
বার্ষিকী सालाना

**ବାର୍ଷିକୀ**—ସ. ବ. ସ୍ତ୍ରୀ. ( ବର୍ଷା+ଇକ+ସ୍ତ୍ରୀ. ଈ )—ମୁଗ୍‌ଧରା ମଲ୍ଲୀ—
Bārshiki A kind of Jasmine; Jasminum Sembac.
बेल चम्बा, मुगरा
ପ୍ର. ମୋଗରା ସ. ବଣ—ବର୍ଷ କର୍ତ୍ତବ୍ୟ (ପୂଜାଦି);
ଡା. ମନ୍ତବ୍ୟ ଯାହା ବର୍ଷର ନିର୍ଦ୍ଦିଷ୍ଟ ସମୟରେ ଥରେ
ତେ. ଭୂଲ ବକାଣ୍ଡୁଚେଟ୍ଟୁ କରାଯାଏ (ଯଥା—ଦେବୀଙ୍କର ବାର୍ଷିକୀ
ଶାରଦୀୟ ପୂଜା)—Done at a fixed time once in the year.

**ବାର୍ଷିଲ**—ସ. ବ. (ବର୍ଷା+ଇଲ+ଅ)—କରକା; ଭୂଅପଥର (ହି.ଶ)—
Bārshila Hailstone.

**ବାର୍ଷୁକ**—ସ. ବଣ. (ବୃଷ୍ ଧାତୁ+କର୍ତ୍ତୃ. ଉକ)—ବର୍ଷଣଶୀଳ—
Bārshuka Showering; raining.

**ବାର୍ଷ୍ଣ**—ସ. ବଣ. ପୁଂ. ( ବୃଷ୍ଣି+ଅ )—ବାର୍ଷ୍ଣେୟ ( ଦେଖ )
Bārshṇa Bārshṇeya ( See )
(ବାର୍ଷ୍ଣୀ—ସ୍ତ୍ରୀ) ସ. ବ—ଶ୍ରୀକୃଷ୍ଣ—Srikrushṇa.

**ବାର୍ଷ୍ଣେୟ**—ସ. ବଣ. ପୁଂ. ( ବୃଷ୍ଣି+ଅପତ୍ୟାର୍ଥେ. ଏୟ )—ବୃଷ୍ଣିବଂଶ-
Bārshṇeya ସମ୍ଭୂତ; ଯଦୁବଂଶୀୟ—Descended from the
(ବାର୍ଷ୍ଣେୟୀ—ସ୍ତ୍ରୀ) Jadu dynasty.
ବ—୧ । (ନାମ) ନଳରାଜାଙ୍କ ସାରଥି—1. The name of the car-driver of king Naḷa. ୨ । ଶ୍ରୀକୃଷ୍ଣ-Srikrushṇa.

**ବାର୍ହଦ୍ରଥ(ଥି)**—ସ. ବ. ପୁଂ ( ବୃହଦ୍ରଥ+ଅପତ୍ୟାର୍ଥେ ଅ;+ଇ )—
Bārhadratha(thi) ଜରାସନ୍ଧ—A name of King Jarāsandha.

**ବାର୍ହସ୍ପତ**—ସ. ବଣ ( ବୃହସ୍ପତି+ଅ )—ବୃହସ୍ପତି ସମ୍ବନ୍ଧୀୟ—
Bārhaspata Relating to Bruhaspati.
ସ. ବ.—କ୍ଲୈବ ବତ୍ସର; ସୂର୍ଯ୍ୟଙ୍କ ଚତୁର୍ଦିଗରେ ଥରେ ପରିକ୍ରମା କରିବାକୁ ବୃହସ୍ପତି ଗ୍ରହକୁ ଯେତେ ସମୟ ଲାଗେ; ସୌର ୧୨ ବର୍ଷ ( ଗ୍ଲେଜେନ୍ )—A period of 12 years which it takes the planet Jupiter to go round the sun.

**ବାର୍ହସ୍ପତ୍ୟ**—ସ. ବଣ. ( ବୃହସ୍ପତି+ଯ )—ବୃହସ୍ପତିସମ୍ବନ୍ଧୀୟ—
Bārhaspatya Relating to Bruhaspati.
ବ—୧ । ବୃହସ୍ପତି ପ୍ରଣୀତ ନୀତିଶାସ୍ତ୍ର—1. Moral philosophy compiled by sage Bruhaspati. ୨ । ଚାର୍ବାକ ମୁନି—2. Sage Chārbāka. ୩ । ବୌଦ୍ଧ-ଦର୍ଶନ ବା ନୀତିଶାସ୍ତ୍ର—3. The Buddist philosophy or ethics.

**ବାର୍ହା**—ଦେ. ବ. ( ସ. ବରାହ )—ବନ୍ୟଶୂକର; ବରାହ—
Bār-hā Wild hog; boar.
(ବାର୍ହା—ଅନ୍ୟରୂପ) [ ଦ୍ର—ବାର୍ହା ଦୁଇ ପ୍ରକାର—୧ । ଘୋଡ଼ା-
बरा ଖୁରିଆ—ଏମାନଙ୍କ ଟାପୁ ବା ଖୁର ଘୋଡ଼ା ଖୁର ପରି
बनैला सुअर ଗୋଟିଏ । ଏମାନେ ନିବିଡ଼ ବଣରେ ରହନ୍ତି । ୨ । ଖାଲବଣିଆ ବା ଫଟାଖୁରିଆ—ଏମାନଙ୍କ ଖୁର ଘୁଷୁରି ଖୁରପରି ଦୁଇଫାଳିଆ; କେତେକ ବାର୍ହାଙ୍କ ଶରୀର ଧାଡ଼ିଆ ଓ କେତେକଙ୍କର ଶରୀର କଳା ମଧ୍ୟ ଦେଖାଯାଏ । ]

**ବାଲ୍**—ଗ୍ରାଦେ. ( ସମ୍ବଲପୁର ) ବ—୧ । ( ସ. ବୋଦାଲ; ବାଲ )
Bāl ବାଲିଆ ମାଛ—1. The cat fish. ୨ । ( ସ. ବାଲ )—
କେଶ—2. Hair.

ବାଳ—ସଂ ବି ( ବଲ୍ ଧାତୁ=ବେଷ୍ଟନ କରିବା+କର୍ତ୍ତୃ. ଅ )—
Bāḷa ୧ । କେଶ—1. Hair.

[ ଦ୍ର—ବଙ୍ଗଭାଷାରେ ଏହା ଜନନେନ୍ଦ୍ରିୟର ଓ ଗୁହ୍ୟଦ୍ୱାରର ସନ୍ନିକଟସ୍ଥ କେଶ ବା ଅନ୍ତର୍ଲୋମକୁ ବୁଝାଏ । ମସ୍ତକର ବାଳକୁ 'ଚୁଲ୍' ବୋଲାଯାଏ । ]

୨ । ଅସ୍ଥାନର କେଶ—2. The hairs on the private parts of a man or woman. ୩ । (ପୁଂ) ( ବଲ ଧାତୁ=ବୃଦ୍ଧି ପାଇବା+କର୍ତ୍ତୃ. ଅ )—ବାଳକ; ୧୬ ବର୍ଷ ଅପେକ୍ଷା ନ୍ୟୂନ ବୟସ୍କ ଅଣ୍ଡିରା ପୁଅ—3. Boy; lad ( under the age of 16 ) ୪ । ଅଣ୍ଡିରା ଶିଶୁ—4. Male infant; male child ୫ । ବାଳଅ ମାଛ—5. The cat fish. ୬ । ବାଳଧି; ଚାମର—6. Chowrie; a fly flap or fan made of the bushy tail of the yak. ୭ । ଘୋଡ଼ାଛୁଆ—7. Colt. ୮ । ପାଞ୍ଚବର୍ଷ ବୟସ୍କ ହାତୀ—8. A young ve elephant of fi ,years of age. ୯ । ନାରିକେଳ ବୃକ୍ଷ—9. Cocoanut tree. ୧୦ । ବାଲା; ହ୍ରୀବେର; ଲୁରୁବେଲ—10. Pavonia Odorata. ୧୧ । ନିର୍ବୋଧ ବା ଅବୁଝ ଲୋକ ( ହି. ଶ. )—11. A fool.

ବିଣ—୧ । ନୂତନ—1. New. (ଯଥା—ବାଳରବି ।)
୨ । ନବଜାତ—2. Newly born. ୩ । ଅତିକ୍ଷୁଦ୍ର—(ଯଥା—ବାଳ ମୂଷିକ)—3. Very small. ୪ । ଅଜ୍ଞାନ, ମୂର୍ଖ—4. Igeorant; illiteratn; block-headed. ୫ । ନିର୍ବୋଧ—5. Foolish.

ଗ୍ରା. ବିଣ—୧ । ନଗଣ୍ୟ—1. Insignificant. ୨ । ହେୟ—2. Despicable. ୩ । ଅଳ୍ପବୟସ୍କ—3. Of tender or young age.

ବାଳ ଉପଡ଼ା—ଦେ. ବି. ( ସ. ବାଳ ଓ ଉତ୍ପାଟନ )—କେଶ ମୂଳରୁ
Bāḷa upaṛdā ଉପୁଡ଼ି ପଡ଼ିବା; କେଶର ପତନ—
बालउखड़ना चूल उठा The falling of hair.
(ବାଳ ଉପୁଡ଼ା, ବାଳ ଉପୁଡ଼ିବା, ବାଳ ଉପୁଡ଼ିଯିବା—ଅନ୍ୟରୂପ)

ବାଳ ଉପାଡ଼ିବା—ଦେ. କ୍ରି—୧ । କେଶକୁ ଉତ୍ପାଟନ କରିବା—
Bāḷa upārḍibā 1. To root out the hair.
(ବାଳ ଓପାଡ଼ିବା—ଅନ୍ୟରୂପ) ୨ । ( ଗାଳିରେ ବ୍ୟବହୃତ )—
बाल उखाड़ना ଅନିଷ୍ଟ କରିବା—2. To injure a person.
চুল তোলা ୩ । କଷ୍ଟ ଦେବା—3. To give pain.

ବାଳ ଓପଡ଼ା—ଦେ. ବି—କେଶ ଉତ୍ପାଟନ—
Bāḷa opaṛdā The rooting out of hairs.
(ବାଳ ଓପୁଡ଼ା—ଅନ୍ୟରୂପ) बाल उखाड़ना চুলতোলা

ବାଳକ ଦାସ୍—ବୈଦେ. ବି (ହିନ୍ଦୀ)—ବାବାଜୀଙ୍କର ଟୋକା ଚେଲା—
Bālāk dāa A boy disciple of a Bairagee.
(ବାଳ ଦାସ୍—ଅନ୍ୟରୂପ) बालकदास বালকদাস

ବାଳକ—ସ. ବି. ପୁଂ ( ବାଳ+କ )—୧ । ଅପ୍ରାପ୍ତ ବୟସ୍କ ପୁରୁଷ
Bāḷaka ଶିଶୁ—1. A young boy. ୨ । ଶିଶୁ ପୁତ୍ର—
(ବାଳିକା—ସ୍ତ୍ରୀ) 2. A male child. ୩ । ନିର୍ବୋଧ ବ୍ୟକ୍ତି—3. A fool; a block-head. ୪ । ମୂର୍ଖ ବ୍ୟକ୍ତି—4. An ignorant person. ୫ । ଅଙ୍ଗୁରୀୟକ—5. Finger ring. ୬ । କେଶ—6. Hair. ୭ । ଲାଙ୍ଗୁଡ଼—7. Tail. ୮ । ବଳୟ—8. Bracelet. ୯ । ହ୍ରୀବେର; ଲୁରୁବେଲ—9. Pavonia Odorata. ୧୦ । ହାତୀଛୁଆ (ହ୍ରୁ. ଶ.)—10. The young of an elephant. ୧୧ । ଘୋଡ଼ାଛୁଆ ( ହ୍ରୁ. ଶ. )—11. Colt. ୧୨ । ଜଟାମାଂସୀ ( ହ୍ରୁ. ଶ. )—12. Indian spikenard.

ବିଣ—ବାଳକ ପରି ନିର୍ବୋଧ ବା ଅଜ୍ଞାନ—Foolish or ignorant as a child.

ଦେ. ବି—ଦ୍ୱାଦଶ ଗୋପାଳ ମଧ୍ୟରୁ ଜଣେ ଗୋପାଳ—One of the twelve cowherd companions of Srikṛushṇa.

[ ଦ୍ର—ବାରସ୍ତର ଭଲେ ନୋହି ଦେଖ । ]

বালক बालिग ବୈଦେ. ବି ଓ ବିଣ (ଫା. ବାଲିଗ୍) ସାବାଳକ—
(ନାବାଳକ—ବିପରୀତ) Major; one who has attained majority.

ବାଳକତା(ତ୍ୱ)—ସ. ବି.—୧ । ବାଲ୍ୟାବସ୍ଥା—
Bāḷakatā (twa) 1. Boyhood.
୨ । ଶିଶୁ ବୃଦ୍ଧି; ଅବାଚୀନତା—2. Childishness.

ବାଳ କଥା—ଦେ. ବି—ବାଲ୍ୟକାଳର ଦରୁଟି କଥା—
Bāḷa kathā 1. Childish language; prattle.
खराप बात ଗ୍ରା. (ଇତର; ଅଶିଷ୍ଟ)—ବି—୧ । ଘୃଣ୍ୟ ବିଷୟ—
1. Despicable matter. ୨ । ମୂଲ୍ୟହୀନ ବିଷୟ—
বালের কথা 2. Worthless matter.

ବାଳ କଟା(ଟେ)ଇବା—ଦେ. କ୍ରି.—ଭଣ୍ଡାରୀଦ୍ୱାରା ଆପଣାର କେଶକୁ
Bāla kaṭā(te)ibā କତୁରି କରାଇବା—To have one's
बाल छँटाना চুল ছাঁটান hairs corpped up by a barber.
(ବାଳ କତୁରା(ରେ)ଇବା, ବାଳ ଛଟା(ଟେ)ଇବା
ବାଳଛଣା(ଣେ)ଇବା }—ଅନ୍ୟରୂପ

ବାଳକପ୍ରିୟା—ସ. ବି.—(୬ଷ୍ଠୀ ତତ୍; ବାଳକପ୍ରିୟ+ଆ)—୧ । କଦଳୀ
Bāḷaka priyā (ହ୍ରୁ. ଶ)—1. Plantain.
୨ । ଇନ୍ଦ୍ର ବାରୁଣୀ (ହ୍ରୁ. ଶ); ମହାକାଳ—2. Colocynth.

ବାଳକାଟି—ଦେ. ବି. (ଗ୍ରାମ)—ପୁରୀଜିଲ୍ଲା ଭୁବନେଶ୍ୱର ନିକଟସ୍ଥ ଗ୍ରାମ—
Bāḷa kāṭi A village near Bhubaneswar in the District of Puri.

[ଦ୍ର—ଏଠାରେ ଉତ୍କୃଷ୍ଟ କଂସା ବାସନ ତିଆରି ହୁଏ ।]

ବାଳ କାଟିବା—ଦେ. କ୍ରି.—ଅନ୍ୟ ବ୍ୟକ୍ତିର କେଶକୁ କତୁରି ଦ୍ୱାରା
Bāḷa kāṭibā କାଟିବା—To crop up another's hair.
(ବାଳ କତୁରିବା, ବାଳ ଛାଟିବା, ବାଳ ଛାଣିବା—ଅନ୍ୟରୂପ) ;
बाल छाँटना চুল ছাঁটা

**ବାଳ କାଣ୍ଡ**—ସଂ. ବି.—ରାମାୟଣର ଅାଦ୍ୟ କାଣ୍ଡ—The first of the
Bāla kānda seven books of the Rāmāyana (describing the doings of Rāma in his boyhood.)
[ଦ୍ର—ଏଥିରେ ରାମଚନ୍ଦ୍ରଙ୍କର ବାଲ୍ୟାବସ୍ଥାର ଚରିତ ବର୍ଣ୍ଣିତ ହୋଇଅଛି ।]

**ବାଳ କାମୀ**—ସଂ. ବିଣ. ପୁଂ—(ବାଳ+କାମ+ଇନ୍; ୧ମା. ୧ବ)—
Bāla kāmi ସନ୍ତାନକାମୀ; ପୁତ୍ରକାମୀ—Wishing to have a child.
(ବାଳକାମିନୀ—ସ୍ତ୍ରୀ)

**ବାଳ କାଳ**—ସଂ ବି—ଶୈଶବ ସମୟ; ବାଲ୍ୟାବସ୍ଥା—
Bāla kāla Childhood; boyhood.

**ବାଳକି**—ଦେ. ବି.—(ସଂ. ବାଳକ) ଲାଞ୍ଜ—
Bālaki Tail.
ଊର୍ଦ୍ଧ୍ୱ ପିଙ୍ଗଳା ଚାମ୍ବ ବେଶ
ବାଳକି ପ୍ରାୟ ବେନି ନଶ—ତୁଳସୀ, କ୍ଷେତ୍ର ମାହାତ୍ମ୍ୟ ।

**ବାଳ କିରଣ**—ଦେ. ବି.—୧ । ନବୋଦିତ ସୂର୍ଯ୍ୟ କିରଣ—
Bāla kirana 1. Early rays of the sun.
ଅନ୍ତରୀକ୍ଷେ ଶୋଭେ ଠାବେ ଠାବେ ବାଳ-କିରଣ ଲିହ୍ ।
ରାଧାନାଥ, ଉଷା ।
୨ । ତାହାଣିଆ ଖରା—2. Slanting rays of the evening sun.

**ବାଳକୀ**—ଦେ. ବି—(ପଦ୍ୟ ଓ ପ୍ରାଚୀନ) (ସଂ. ବାଳିକା)—ବାଳକର
Bālaki ସ୍ତ୍ରୀଲିଙ୍ଗ—1. The feminine of Bālaka.
बालकी ବାଳିକା—Girl.
ବାଳକ ବାଳକୀ ହୋଇଲେ ।
ଯଶୋବନ୍ତ, ପ୍ରେମଭକ୍ତି ବ୍ରହ୍ମଗୀତା ।
ବିଣ.—ବାଲ୍ୟାବସ୍ଥା ସମ୍ବନ୍ଧୀୟ—
Relating to childhood

**ବାଳ କୁଣ୍ଡା(ଣ୍ଡେ)ଇବା**—ଦେ. କ୍ରି—ପାନିଅରେ ବାଳ ସୁନ୍ଦରରୂ ଚଷି
Bāla kundā(nde)ibā ସୁସଜ୍ଜିତ କରିବା—To comb hair.
बालकंघीकरना चुलआँ चड़ा

**ବାଳ କୃମି**—ସଂ. ବି. ( ୬ଷ୍ଠୀ ତତ୍ )—କେଶ କୃମି; ଢିଲୁଣୀ
Bāla krumi Louse.

**ବାଳ କୃଷ୍ଣ**—ସଂ. ବି.—ଶିଶୁ ଶ୍ରୀକୃଷ୍ଣ—
Bāla krushna Child Śrikrushna.
(ବାଳକୃଷ୍ଣି—ଗ୍ରାମ୍ୟରୂପ) ଦେ. ବି—ଲୋକଙ୍କୁ ଡାକିବା ନାମ—
Name given to males.
[ଦ୍ର—ଏହିପରି ବାଳ ଗୋବିନ୍ଦ, ବାଳ ମୁକୁନ୍ଦ ଇତ୍ୟାଦି ଶବ୍ଦ ଗଠିତ ହୁଏ ।]

**ବାଳ କ୍ରୀଡ଼ା**—ସଂ. ବି ( ୬ଷ୍ଠୀ ତତ୍ )—ପିଲା ଖେଳ—
Bāla krirdā Child's play.
(ବାଳ କ୍ରୀଡ଼ନ—ଅନ୍ୟରୂପ)

**ବାଳ ଖାଇବା**—ଦେ. କ୍ରି—(ଅଶିଷ୍ଟ) କୌଣସି କାର୍ଯ୍ୟରେ ଅକୃତକାର୍ଯ୍ୟ
Bāla khāibā ହେବା—(slanj) To fail in an undertaking.
(ବାଳ ଖାଇ ଯିବା, ବାଳଙ୍କ ବାଳ ଖାଇବା—ଅନ୍ୟରୂପ)
मजा चखना मजा देखा

**ବାଳଖିଲ୍ୟ**—ସଂ. ବି—(ବାଳ+ଖିଲ+ଯ)—ବ୍ରହ୍ମାଙ୍କ ଶରୀରରୁ ଜାତ
Bāla khilya ବୃଦ୍ଧାଙ୍ଗୁଷ୍ଠପରିମିତ ୬୦ ହଜାର ମୁନି—The generic name of 60 thousand sages of the height of the thumb, born of the body of Brahmā.

**ବାଳଗଡ଼ା**—ଦେ. ବି—(ବଣିଆ ଶବ୍ଦ)—ଦାନାଗଡ଼ା (ଦେଖ)
Bāla gardā Dānā gardā (See)

**ବାଳ ଗର୍ଭିଣୀ**—ସଂ. ବି—ପ୍ରଥମ ଗର୍ଭବତୀ—A female who has
Bāla garbhini conceived for the first time.

**ବାଳ ଗୋପାଳ**—ଦେ. ବି—ବାଳକୃଷ୍ଣ (ଦେଖ)
Bāla gopāla 1. Bāla Krushna (See)
बाल गोपाल ୨ । ଶିଶୁ—2. Child.
বাল গোপাল ୩ । ବାଳକ ଶିଶୁଗଣ—3. Male children.

**ବାଳଗୋବିନ୍ଦ**—ସଂ. ବି—ବାଳକୃଷ୍ଣ (ଦେଖ)
Bāla gobinda Bāla Krushna (See)
ଅବାଳ ଚନ୍ଦ୍ର ବାଳଗୋବିନ୍ଦ
ବାଳ ବେଲୁ ବେଲୁ ଫଳାଏ ଛନ୍ଦ । ଚନ୍ଦ୍ର ।

**ବାଳଗ୍ରହ**—ସଂ. ବି—(ବାଳ+ଗ୍ରହ୍ ଧାତୁ+କର୍ତ୍ତୃ. ଅ; ଯେ ବାଳକମାନଙ୍କୁ
Bāla graha ଅାକ୍ରମଣ କରେ ବା ଅକାଳରେ ଇହଲୋକରୁ ଗ୍ରହଣ କରେ)—୧ । ଅକାଳରେ ଶିଶୁ ପ୍ରାଣନାଶକ ରୋଗ ବିଶେଷ—1. A fatal infantile disease.
୨ । ଶିଶୁମାନଙ୍କ ପ୍ରାଣନାଶକ ୯ଟି ଉପଦେବତା—
2. A generic name of demigods said to attack infants with fatal results.
[ ଦ୍ର—ଏମାନଙ୍କ ନାମ ସ୍କନ୍ଦ, ସ୍କନ୍ଦାପସ୍ମାର, ଶକୁନୀ, ରେବତୀ ପୂତନା, ଗନ୍ଧପୂତନା, ଶୀତପୂତନା, ମୁଖମଣ୍ଡିକା ଓ ନୈଗମେୟ । କଥିତ ଅଛି ଯେ ଯେଉଁ ପରିବାରରେ ଦେବ ପୂଜା, ଅତିଥି ପୂଜା, ସଦାଚାର ପାଳିତ ନ ହୁଏ ସେ ପରିବାରର ପିଲାଙ୍କୁ ଏ ଗ୍ରହମାନେ ଆକ୍ରମଣ କରନ୍ତି । ଏ ଗ୍ରହଜନିତ ରୋଗରେ ଆକ୍ରାନ୍ତ ଶିଶୁ ବାରମ୍ବାର, କାନ୍ଦେ, ନଖରେ ଅାପଣା ଦେହ ବା ପରର ଦେହକୁ ସାମ୍ଭୁଡ଼େ, ଦାନ୍ତ ଉଗଡ଼େ, ଓଠ ଚପେ, ଖାଏ ନାହିଁ, ହାତ ଗୋଡ଼ ମୁଠା ମୁଠା କରେ ଓ ମୂର୍ଚ୍ଛିତ ହୁଏ—ଜ୍ଞା. ଷ. । ]

**ବାଳଚର**—ସଂ. ବି. (ଅଧୁନାତନ ପ୍ରୟୋଗ)—ବଏ ସ୍କାଉଟ୍ (ଦେଖ)
Bāla chara Bae skāut ( See )

**ବାଳ ଚର୍ଯ୍ୟ**—ସଂ. ବି. ( ବହୁବ୍ରୀହି; ବାଳ+ଚର୍ଯ୍ୟ=ଅାଚରଣ )—
Bāla charjya ୧ । କୁମାର; କାର୍ତ୍ତିକେୟ—1. Kārttikeya
ବାଳଚର୍ଯ୍ୟ ଯେ ଅଛନ୍ତି ଜାମ ହେଲେ ସେହି ମନ ତୁଅ କୃପେ
ବସିଅଛ ନୋହିଲେ ଯେ । ଜଗ. ବୈଦେହୀଶବିଳାସ
୨ । ( ୬ଷ୍ଠୀ ତତ୍ ) ବାଳକର ଚରିତ୍ର—
2. Boyish conduct.

**ବାଳ ଚର୍ଯ୍ୟ(ର୍ଯ୍ୟା)**—ସଂ. ବି. (୬ଷ୍ଠୀ ତତ୍; ବାଳ+ଚର୍ଯ୍ୟ; ଚର୍ଯ୍ୟା)—
Bāla charjya(rjyā) ଶିଶୁ ପାଳନ—The bringing up of children; the care of children; midwifery.
ବାଳ ଚିକିତ୍ସା
ବାଳ ତନ୍ତ୍ର } ଅନ୍ୟରୂପ
ବାଳ ଭୃତ୍ୟ(ତ୍ୟା)

ବାଲ ଛାଡ଼ିବା—ଦେ. ଚି—୧ । ଶୋକ ଅବ ନ ହୋଇ ଅପଣାର
Bāla chhārdibā କେଶକୁ ବଢ଼ାଇବା—1. To let one's
চুল বাড়ান hairs grow long.
बाल छोड़ना ୨ । କେଶକୁ ଉନ୍ମୁକ୍ତ କର ଲମ୍ବିତ କରାଇବା—
চুল এলোকরা 2. To let loose the hair.
ବାଳ ଛାଡ଼ ବଧ ଅଣ୍ଟାରେ ପଡ଼ି
ଲକ୍ଷେ ତମ୍ପା ଫୁଲ ଝଡ଼ି—ଚଗ ।

ବାଲ ଜ୍ଞାନ ନ କରିବା—ଦେ. କ୍ରି—ସାମାନ୍ୟ ମାତ୍ର ସମ୍ମାନ ବା ଖାତିର
Bāla jnāna na karibā ନ ଦେଖାଇବା—Not to show
खातीर नहीँ करना or have the slightest regard
খাতির না করা for a person.

ବାଲଞ୍ଚ—ଦେ. ବ. (ବଣିଆ ଶବ୍ଦ)—ଅଳଙ୍କାର ସଫା କରିବା ପାଇଁ ବାରୁ
Bālancha ବାଲରେ ବନ୍ଧା ହୋଇଥିବା ମୁଠା—
A small bundle of hair of the boar to brush or cleanse ornaments.

ବାଲଟି(ତି)—ବୈଦେ· ବ. (ପର୍ତ୍ତୁଗୀଜ୍ ବାଲେଡ୍; ଇଂ. ବକେଟ୍)—
Bālați(ti) ଲୌହାଦି ନିର୍ମିତ ବର୍ତ୍ତୁଳ ମୁଖ ଏକ ପ୍ରକାର ପାତ୍ର—
বালতী बालटी A bucket.

ବାଲ ଡିମ୍ବିରି—ଦେ. ବ—କ୍ଷୁଦ୍ର ବୃକ୍ଷ ବିଶେଷ—
Bāla dimbiri Ficus Hispida (Hains).
[ ଦ୍ର—ଏହି ବୃକ୍ଷ ନଦୀ ଓ ନାଳ କୂଳରେ ଜନ୍ମେ । ଏହାର ଫଳ ଖିଆଯାଏ । ]

ବାଲ ତନୟ—ସ. ବ—ଖଇର ଗଛ—
Bāla tanaya Acacia Catechu (tree).
(ବାଲ ଦଳକ, ବାଲ ପତ୍ର—ଅନ୍ୟରୂପ)

ବାଲ ତାଲ—ଦେ. ବ—ତାଲସଜ; ତାଳଶ୍ରିମଜ୍ଜା (ଦ୍ରବ୍ୟଗୁଣ)—
Bāla tāla The soft substance inside the hard seed of the palm fruit.

ବାଲ ତୃଣ—ସ. ବ—କଅଁଳିଆ ଘାସ; ନୂଆ ଘାସ—
Bāla truna Tender new grass.

ବାଲ ଧନ—ସ. ବ. (୬ଷ୍ଠୀ ତତ୍; ବାଲ=ନାବାଳକ+ଧନ)—
Bāla dhana ନାବାଳକର ଧନ—Minor's property.

ବାଲ ଧରାଧରି—ଦେ. କି. ବଣ—୧ । ପରସ୍ପର ଚୁଟି ଧରାଧରି ହେବା—
Bāla dharādhari 1. Mutual catching by
চুল টানাটানী बाल खौंचाखीँची the hair.
୨ । ଉଗ୍ରଭାବର କଳି ଝଗଡ଼ା—2. Fierce quarrel.
ହାତ୍ତଭାସ, ଦନ୍ତ ଚଡ଼ା ଖାଇ ବସିଣ
ଘରଚା ସାଙ୍ଗରେ ବାଲ ଧରାଧରି,
ବାଅର ସାଙ୍ଗରେ ବରିଛିଲି—ବେଲା ଗୀତ ।

ବାଲଧି(ଧୀ)—ସ. ବ· (ବାଲ ଧାତୁ+କର୍ତ୍ତୃ. ଇ; ଈ)—
Bāladhi(dhi) ୧ । ଚାମର—1. A fan made of the tail of the yak.
୨ । କେଶଯୁକ୍ତ ପୁଚ୍ଛ—2. Hairy tail; bushy tail.

ବାଲ ଧୂପ—ଦେ. ବ· (ସ. ବାଲ=ବାଳକ ଓ ଧୂପ)—
Bāla dhūpa ୧ । ଠାକୁରଙ୍କ ସକାଳେ ସର୍ବପ୍ରଥମେ ଲାଗିବା

(ବାଲ ଭୋଗ—ଅନ୍ୟରୂପ) ଅନ୍ନାଦି ନୈବେଦ୍ୟ—1. The day's
सुबहकी आरती first offering of food to the
বাল্যভোগ Deity.
୨ । ଦେବତାଙ୍କୁ ଖେଚରରୁ ଭୋଗ ଲଗାଯିବା ଜଳଖିଆ—
2. The Deity's tiffin or breakfast.

ବାଲ ପକା(କେ)ଇବା—ସ· କ୍ରି—ଦେବତାଙ୍କ ଉଦ୍ଦେଶ୍ୟରେ ମାନସିକ
Bāla paka(ke)ibā କରି ଛାଡ଼ିଥିବା ବା ବଢ଼ାଇବା ସାର୍ଦକେଶକୁ
চুল ফেলা, চুল দেওয়া କ୍ଷୌରିକ ଦ୍ୱାରା ମୁଣ୍ଡିତ ହେବା—
बाल देना To have one's long hairs shaven.

ବାଲ ପାଚିବା—ଦେ. ବ. ( ସ. ବାଲ+ପଚ ଧାତୁ )—
Bāla pāchibā ୧ । କେଶର ପକ୍ୱତା—1. Greyness of
চুল পাকা बाल पकना hairs.
୨ । ବୃଦ୍ଧାବସ୍ଥା—2. Old age.

ବାଲ ପାଶ୍ୟା—ସ. ବ. (ବାଲ=କେଶ+ପାଶ+ଯ+ଆ)—
Bāla pāsyā ୧ । ଲଲାଟ ଭୂଷଣ; ଅଲକାପାନ୍ତି—
1. An ornament for the brow.
୨ । ସୀମନ୍ତ—2. The ringlets of small hair hanging down the brow.

ବାଲ ପୁଅ—ଦେ. ବ. ପୁଂ. (ସ. ବାଲପୁତ୍ର)—ଶିଶୁପୁତ୍ର; ପିଲା ପୁଅ—
Bāla pua Small child or boy.
(ବାଲ ପୋଇ—ଅନ୍ୟରୂପ) ପିଠା ବଡ଼ରେ ବାଲ ପୁଅ
[ବାଲ ପୁ(ପୋ)ଏ—ବହୁବଚନ) ବୋଇଲେ ଶୁଣ ପିତାମହ
छोटा लड़का ছোটছেলে ଗ୍ରାମ୍. କର୍ଣ୍ଣମାହାତ୍ମ୍ୟ ।

ବାଲ ପୁଷ୍ପୀ—ସ. ବ. (ବାଲ=କେଶ+ପୁଷ୍ପ+ଇନ୍)—
Bāla pushpi ଯୂଥିକା; ଯୂଇ—A sort of tiny Jasmine;
(ବାଲ ପୁଷ୍ପିକା—ଅନ୍ୟରୂପ) Jasmine Quriculatus.

ବାଲ ପ୍ରମାଣ(ଣେ)- ଦେ. କ୍ରି. ବଣ—୧ । କେଶ ପରି ଅତି ସୂକ୍ଷ୍ମ
Bāla pramāna(ne) ଭାବରେ; ସରୁ ଭାବରେ—
(ବାଲ ପରି—ଅନ୍ୟରୂପ) 1. Delicately like the thickness of a hair.
চুল প্রমাণ
बाल बराबर ୨ । କେଶର ବ୍ୟବଧାନ ମାତ୍ର ରହି—1. Leaving a hair-breadth (distance).

ବାଲବ—ସ. ବ—ଫଳିତ ଜ୍ୟୋତିଷ ଶାସ୍ତ୍ର ସମ୍ମତ ଏକାଦଶ କରଣରୁ
Bālaba ଦ୍ୱିତୀୟ କରଣ—One of the 11 astrological conjunctions.
[ ଦ୍ର—ଏ କରଣରେ ଶୁଭ କର୍ମ କରିବ; ଏ କରଣରେ ଜନ୍ମିଥିବା ବ୍ୟକ୍ତି କାର୍ଯ୍ୟକୁଶଳ ସ୍ୱପରିବାରପାଳକ, କୁଳଶୀଳସମ୍ପନ୍ନ, ଉଦାର ଓ ବଳବାନ୍ ହୁଏ—ଜ୍ୟୋ. ଶ ]

ବାଲ ବଙ୍କା ହେବା—ଦେ. ବ. (ଉଭୟ ବ୍ୟବହୃତ)—କୌଣସି ବ୍ୟକ୍ତିର
Bāla bankā hebā ସାମାନ୍ୟ ମାତ୍ର ଅନିଷ୍ଟ ହେବା—
बाल बाँकना The happening of the slightest
(ବାଲ ବଙ୍କା କରିବା—କ୍ରିୟା) injury to a person (e. g.
চুলছিঁড়া touching the hair of a person's head and
[ବାଲବଙ୍କା(କେ)ଇବା—କ୍ରିୟା] making it bend a little).

ବାଲ ବଚ୍ଚା(ଛା)—ଦେ. ବ ( ସଙ୍କର ଶବ୍ଦ; ସ. ବାଲ ଓ ବତ୍ସ; ହିନ୍ଦିରୁ
Bāla bachā(chchā) ଅନୁକୃତ )—୧ । ପିଲାପିଲି—
বালবাচ্চা 1. Children. ୨ । ଆପଣାର ସନ୍ତାନସନ୍ତତି—
बालबच्चे 2, One's own children.

ସନ୍ତାନ ନ ହେଉଣ୍ ଚାଇ
ବାଲବଚ୍ଛା ସବୁ ତାର ହେତ ହେବ ଗଲା – ଉପେନ୍ଦ୍ର, ବୈଦେହୀଶ ।

୩ । ପରିବାର—3. family.

ବାଲବଚ୍ଚା(ଛା)ବାଲା—ଦେ. ବଣ– ବହୁ ସନ୍ତାନସନ୍ତତିବିଶିଷ୍ଟ—Having
Bālabachā(chchā)bālā a family of many
বালবাচ্চাওয়ালা ছাপোষা children.

ବାଲ ବଢ଼(ଢୁ)ଣୀ—ଦେ. ବ ( ସ. ବାଲ ଓ ବର୍ଦ୍ଧନୀ )—୧ । ଶତାବରୀ
Bāla bardha(rdhu)ṇi ଗଛ—1. The asparagus.
[ ଦ୍ର—ଏହାର ଡାଳ ମୁଣ୍ଡରେ ଖୋସିଲେ ମସ୍ତକର କେଶ ବୃଦ୍ଧି ପାଏ ବୋଲି ସ୍ତ୍ରୀଲୋକଙ୍କର ବିଶ୍ୱାସ । ]
୨ । କେଶ ବୃଦ୍ଧିକାରକ ଔଷଧ—2. A preparation which causes the hair to grow.

ବାଲ ବଢ଼ା(ଢେ଼)ଇବା—ଦେ. କ୍ରି. ( ସ. ବାଲ+ବର୍ଦ୍ଧନ )—ବାଳକୁ
Bāla bardhā(rdhe)ibā ନ କାଟି ଲମ୍ବ ହେବାକୁ ଛାଡ଼
চুলবাড়ান ଦେବା—1. To let one's hair grow long
बालबढाना ( without cutting it ). ୨ । ଔଷଧ ବା ତୈଳାଦି ପ୍ରୟୋଗଦ୍ୱାରା କେଶ ବୃଦ୍ଧି ହେବା ଉପାୟ କରିବା—
2. To make one's hair grow long by application of medicated oil etc.

ବାଲ ବତ୍ସ(ତ୍ସ୍ୟ)—ସ. ବ ( ବହୁବ୍ରୀହି; ବାଲ+ବତ୍ସ=ପ୍ରିୟ )—
Bālabatsa(tsya) କପୋତ; ପାରା—Pigeon.

ବାଲ ବାନ୍ଧିବା—ଦେ· କ୍ରି—ଲମ୍ବକୁ କେଶକୁ ଏକତ୍ର କରି ଖୋସା ପକାଇବା;
Bāla bāndhibā ମୁଣ୍ଡ ବାନ୍ଧିବା—To tie up the hair
চুলবাঁধা चोटीबाँधना of the head into a knot or chignon.

ବାଲ ବାହ୍ୟ—ସ. ବଣ ( ବାଲ+ବହ୍ ଧାତୁ+କର୍ମ· ଯ )—ଶିଶୁଦ୍ୱାରା
Bāla bāhya ବହନୀୟ—Capable of being carried by a child.
ବି—ବନ୍ୟ ଛାଗଳ—Wild goat.

ବାଲ ବିଧବା—ସ. ବି—ବାଳୁତ ବିଧବା ( ଦେଖ )
Bāla bidhabā Bāluta bidhabā ( See )
( ବାଲବୈଧବ୍ୟ—ଅବସ୍ଥାବାଚକ ବିଶେଷ୍ୟ )

ବାଲବିଧୁ—ସ. ବି ( କର୍ମଧା; ବାଲ+ବିଧୁ )—ଶୁକ୍ଳପକ୍ଷ ଦ୍ୱିତୀୟାର
Bālabidhu ଚନ୍ଦ୍ର; ନବଚନ୍ଦ୍ରମା—The new moon.

ବାଲ ବିବାହ—ସ. ବି. ( ୬ଷ୍ଠୀ ତତ୍; ବାଲ+ବିବାହ )—ବରର ବା
Bāla bibāha କନ୍ୟାର ବାଲ୍ୟାବସ୍ଥାରେ କରାଯିବା ବିବାହ—
Child-marriage.

ବାଲ ବୀର—ସ. ବି (ଆଧୁନିକ ପ୍ରୟୋଗ)—ବଏ ସ୍କାଉଟ୍ ( ଦେଖ )
Bāla bīra Bae skāut ( See )

ବାଲ ବୁଦ୍ଧି—ସ. ବି—ବାଳକର ବୁଦ୍ଧି ପରି ସାମାନ୍ୟ ବୁଦ୍ଧି—
Bālabuddhi Slight intelligence or discretion.
ସ. ବଣ—ମନ୍ଦ ବୁଦ୍ଧି ( ବ୍ୟକ୍ତି )—
Having slight intelligence.

ବାଲବୋଧ—ସ. ବି—ଦେବନାଗର ଲିପି (ହି. ଶ)—
Bālabodha The Debanāgara script.
ସ. ବଣ—ବାଳକର ବୋଧଗମ୍ୟ; ଅତି ସହଜ—
Very easy
( ଯଥା—ପଣ୍ଡିତ କୁଳମଣି ଦାସଙ୍କ ବାଲବୋଧ ବ୍ୟାକରଣ । )

ବାଲ ବ୍ୟଜନ—ସ. ବି ( ମ· ପ· ଲୋ· କମ୍ବା ୬ଷ୍ଠୀ ତତ୍; ବାଲ=କେଶ
Bāla byajana +ବ୍ୟଜନ=ପଙ୍ଖା )—ଚାମର; ଚଅଁର—
Chowrie; a fan made of the bushy tail of beasts.

ବାଲ ବ୍ରତ—ସ ବି—ମଞ୍ଜୁଘୋଷ ନାମକ ଜନୈକ ଜୈନ ଧର୍ମପ୍ରଚାରକ—
Bāla brata Mame of a Jaina missionary.
ବଣ—ବାଲକ ଆଚରଣବିଶିଷ୍ଟ—
Conducting one's self like a child.

ବାଲ ବ୍ରହ୍ମଚାରୀ—ସ· ବି—ଯେଉଁ ବ୍ୟକ୍ତି ବାଲ୍ୟାବସ୍ଥାରୁ ବ୍ରହ୍ମଚର୍ଯ୍ୟ
Bāla brahmachārī ଅବଲମ୍ବନ କରିଅଛି; କୁମାରବ୍ରତଧାରୀ—
(ବାଲବ୍ରହ୍ମଚର୍ଯ୍ୟ—କର୍ମ ବା ଅବସ୍ଥା ବାଚକ ବିଶେଷ୍ୟ) A person who has observed continence since his very boyhood, a lifelong celebate.

ବାଲ ଭାନୁ—ସ. ବି ( ବାଲ+ଭାନୁ )—୧ । ( କର୍ମଧା ) ଅଳ୍ପକାଳ
Bāla bhānu ହେଲା ଉଦିତ ହୋଇଥିବା ସୂର୍ଯ୍ୟ—1. Newly
(ବାଲସୂର୍ଯ୍ୟ, ବାଲାର୍କ, ବାଲରବି—ଅନ୍ୟରୂପ) risen sun.
୨ । ବୈଦୁର୍ଯ୍ୟ ମଣି ( ହି· ଶ· )—2, Lapis lazuli.

ବାଲ ଭାବ—ସ. ବି ( ୬ଷ୍ଠୀ ତତ୍; ବାଲ+ଭାବ )—୧ । ବାଲକତ୍ୱ—
Bāla bhāba 1. Childhood.
୨ । ବାଲ୍ୟଚପଳତା—2. Childishness.

ବାଲ ଭାଷଣ—ସ. ବି. ( ୬ଷ୍ଠୀ ତତ୍, ବାଲ+ଭାଷଣ )—୧ । ଶିଶୁର
Bāla bhāshaṇa କହିବା କଥା—1. A child's utter-
(ବାଲ ଭାଷିତ—ଅନ୍ୟରୂପ) ance. ୨ । ଶିଶୁର ଅସ୍ପଷ୍ଟ କଥା—
2. The lispings of an infant,
୩ । ଶିଶୁର ଭାଷା—3, Childish language.

ବାଲଭୋଗ—ସ. ବି—୧ । ଶ୍ରୀକୃଷ୍ଣଙ୍କ ବିଗ୍ରହଙ୍କୁ ଅର୍ପିତ ନୈବେଦ୍ୟ ( ହି.
Bālabhoga ଶ. )–1. Offering made to an idol of Srikṛushṇa.
୨ । ଜଳଖିଆ ( ହି. ଶ· )—2. Light refreshment.
বাল্যভোগ ଦେ. ବି—ଦେବତାଙ୍କୁ ଅର୍ପିତ ହେବା ପରେ ସମବେତ
बालभोग ଶିଶୁମାନଙ୍କୁ ବଣ୍ଟାଯିବା ନୈବେଦ୍ୟ—Offerings distributed amongst the assembled children.

ବାଲ ଭୋଜ୍ୟ—ସ. ବଣ. ( ୬ଷ୍ଠୀ ତତ୍; ବାଲ+ଭୋଜ୍ୟ )—
Bāla bhojya ଶିଶୁର ପଥ୍ୟ—Fit to be taken by infants; (food) beneficial for infants.

ବାଲ(ଲ୍ଲା)ମ୍(ମି)—ଦେ. ବି—ବରିଶାଲ ଅଞ୍ଚଳରୁ କଲିକତାକୁ ଆଗତ
Bāla(lā)m(mi) ଏକ ପ୍ରକାର ଉତ୍କୃଷ୍ଟ ଶାଳ ଚାଉଳ—
बालाम A kind of excellent rice imported to
बालम; बिलाइती चावल Calcutta from Barisal side.
[ଦ୍ର—କୁଅଖାଲି ଓ ବାଖରଗଞ୍ଜ ପ୍ରଭୃତି ଅଞ୍ଚଳରେ ବ୍ୟବହୃତ ନୌକା ବିଶେଷର ନାମ 'ବାଲମ୍'। ଏହି ନୌକାର ପଟାମାନଙ୍କୁ ବେତ ଲଇ ଦ୍ୱାରା ପରସ୍ପର ସହିତ ଖଞ୍ଜି କରି ବାନ୍ଧିବାକୁ ହୁଏ। ବରିଶାଲ ଅଞ୍ଚଳରୁ ଏ ଚାଉଳ 'ବାଲାମ୍' ନୌକାରେ କଲିକତା ଅଞ୍ଚଳକୁ ଆସୁଥିବାରୁ ଏ ଚାଉଳର ଏହି ନାମ ହୋଇଅଛି। ଏ ଚାଉଳ ସାଧାରଣ ଚାଉଳ ଅପେକ୍ଷା ସରୁ ଓ ଲମ୍ବ, ଓ ଏଥିରେ ଅଳ୍ପ ଗୋଟି ଗୋଟି ହୁଏ। ଏ ଚାଉଳରେ ଖେଚୁଡ଼ି, ପଲଉ ଆଦି ରନ୍ଧାଯାଏ—ଯୋଗେଶଚନ୍ଦ୍ର ]

ବାଲ ମାଧବ—ସଂ. ବି. ପୁଂ—ବାଲ ଶ୍ରୀକୃଷ୍ଣ ( ଦେଖ )
Bāla mādhaba　Bāla śrikrushna ( See )

ବାଲ ମାଧୋଇ }
ବାଲ ମାଧେଇ } ଦେଶଜରୂପ　ଦେ. ବି. ପୁଂ—ପୁରୁଷଙ୍କ ଦିଆଯିବା ନାମ—A name given to males
बालमधवा

ବାଲ ମଣ୍ଡା—ଦେ. ବି—ଦେହରେ ଚକା ଚକା ହୋଇ ସ୍ଥାନେ ସ୍ଥାନେ
Bāla mandā ଉଠିବା ବଡ଼ ଲୋମରାଶି—Hairy growth;
लहसन polytrichia; hirsute patches on the body.

ବାଲମିକ(କି)—ଗ୍ରା. ବି. (ସଂ. ବାଲ୍ମିକି)—ବାଲ୍ମିକି ( ଦେଖ )
Bālamika(ki)　Bālmika ( See )

ବାଲମିକ କୌଶିକ ଗୌତମ ମିଶି । ଭକ୍ତ. ବୈଦେହୀଶବିଳାସ ।

ବାଲମିକ(କି) ରାମାୟଣ—ଗ୍ରା. ବି—ବାଲ୍ମିକି ମୁନିଙ୍କ ରଚିତ ସଂସ୍କୃତ
Bālamika(ki) rāmāyaṇa ରାମାୟଣ—The Rāmāyaṇa composed by sage Bālmika.

ବାଲ ମୁକୁନ୍ଦ—ସଂ. ବି—ବାଲମାଧବ (ଦେଖ)
Bāla mukunda　Bālamādhabā (See)
(ବାଲମକୁନ୍ଦ—ଦେଶଜରୂପ)

ବାଲ ମୁକୁଳା(ଳେ)ଇବା—ଗ୍ରନ୍ଥିତ କେଶକୁ ଉନ୍ମୁକ୍ତ କରିବା—
Bāla mukulā(le)ibā　To unloosen the knotted
बाल खोलना चूना एगान hair.
[ବାଲମୁକୁଳା କରିବା, ବାଲ ଫିଟା(ଟେ)ଇବା—ଅନ୍ୟରୂପ]

ବାଲମୂଳକ—ସଂ. ବି. (କର୍ମଧା; ବାଳ+ମୂଳକ)—କୋମଳ ଓ କଅଁଳିଆ
Bālamūlaka ମୂଳା—Tender and young radish.
[ଦ୍ର—ବୈଦ୍ୟକ ମତରେ ଏହା କଟୁ, ଉଷ୍ଣ, ପାଚକ, ବଳବର୍ଦ୍ଧକ; ଏହା ଶ୍ୱାସ, ଅର୍ଶ, କ୍ଷୟ ଓ ନେତ୍ର ରୋଗରେ ଉପକାରୀ—ହି. ଶ)—

ବାଲମୂଳିକା ସଂ. ବି—(ବହୁବ୍ରୀହି; ବାଳ+ମୂଳିକା)—ଅମ୍ବଡ଼ାଗଛ
Bālamūlikā　(ହି. ଶ)—Hog plum (tree).

ବାଲ ମୂଳିଆ—ଦେ. ବି—(ସଂ. ବାଲ+ମୂଳୀୟ)—ଲୋମ ମୂଳରେ
Bāla mūliā ଉତ୍ପନ୍ନ ବ୍ରଣ—Boils growing at the
बालघाव pores of the skin; multiple tumours; molluscum.

ବାଲ ମୂଷିକ—ସଂ. ବି—(କର୍ମଧା; ବାଳ+ମୂଷିକ)—ଛୋଟିଆ ମୂଷା—A
Bāla mūshika very small species of mouse.

ବାଲ ରାଜ—ସଂ. ବି—( ବାଲ+ରାଜନ୍, କର୍ମଧା )—ଶିଶୁ ରଜା—
Bāla rāja　1. A young or boy king.
୨ । (୭ମୀ ତତ୍) ବାଲକ ଶ୍ରେଷ୍ଠ—2. An excellent boy. ୩ । (ବାଲ+ରାଜ ଧାତୁ+କର୍ତ୍ତୃ. ଅ)—2. A ବୈଦୂର୍ଯ୍ୟ ମଣି—3. Saphire; Lapis lazuli.

ବାଲ ରୋଗ—ସଂ. ବି.—ଶିଶୁମାନଙ୍କୁ ଆକ୍ରମଣ କରିବା ରୋଗ ମାନ—
Bāla roga　Diseases ordinarily attacking infants; infantile diseases.

ବାଲ ଲୀଳା—ସଂ. ବି—(୬ଷ୍ଠୀ ତତ୍)—୧ । ବାଲକମାନଙ୍କର କ୍ରୀଡ଼ା—
Bāla līlā　1. Boys' game.
୨ । ଶିଶୁକାଳରେ କୌଣସି ବ୍ୟକ୍ତିର କ୍ରୀଡ଼ା କୌତୁକ ବି—
2. Sports of a person during childhood.
बाल्यलीला　ଦେ. ବି—ଦେବତାଙ୍କ ଭୋଗକୁ ସମବେତ ବାଲକମାନଙ୍କ
बाललीला　ମଧ୍ୟରେ ବଣ୍ଟନ—Distribution of sweets amongst the assembled boys after they are offered to a Deity.

ବାଲ ଶିଷ (ଷି)—ଗ୍ରା. ବି—(ସଂ. ବାଲ+ଶିଷ୍ୟ ବା ଶିଶୁ)—୧ । ଛୋଟ
Bāla śisha (shi) ବାଲକ; ଶିଶୁ ବାଲକ—1. Young boy; malechild. ୨ । ବାଲକ ସଙ୍ଗୀ—
Boy-companion.

ବୃନ୍ଦାବନରେ କରନ୍ତି ବିହାର,
ସଙ୍ଗେ ଘେନି ଅନେକ ବାଲଶିଷ । ଉତ୍କଳରଣ ମଥୁରାମଙ୍ଗଳ ।

୩ । ବିଦ୍ୟାଳୟରେ ପଢୁଥିବା ସାନ ପିଲା—3. A young boy or infant reading in school.

ବାଲ ହସ୍ତ—ସଂ. ବି—(ଉପମିତ କର୍ମଧାରୟ; ବାଲ ହସ୍ତ ପରି)—୧ ।
Bāla hasta କେଶଗୁଚ୍ଛ—2. A tuft of hair. ୨ ।
ଲାଙ୍ଗୁଳ—2. Tail.

ବାଲା—ସଂ. ବି. ସ୍ତ୍ରୀ—(ବାଲ+ଆ)—୧ । ବାଳିକା; ଅଳ୍ପବୟସ୍କା କନ୍ୟା;
Bālā　ଟୋକୀ—1. Girl; lass.
୨ । ଯୁବତୀ; ଷୋଳବର୍ଷୀ ସ୍ତ୍ରୀ—2. A young woman aged 16 years. ୩ । ନାରୀ; ରମଣୀ; ଲଳନା—3. Woman. ୪ । ତରୁଣୀ; ନବଯୁବତୀ; ପ୍ରୌଢ଼ ଯୁବତୀ—3. A youthful girl; a girl who had recently attained puberty. ୫ । କନ୍ୟା; ଝିଅ—5. Daughter.
[ଦ୍ର—ଦୁଇ ବର୍ଷ ବୟସରୁ ଅନଧିକ ବୟସ୍କା କନ୍ୟା—
ହି. ଶବ୍ଦସାଗର ।]
୬ । ସ୍ତ୍ରୀ; ଭାର୍ଯ୍ୟା—6. Wife. ୭ । ଭୁରୁବେଲ; ଗନ୍ଧବେର ( ଗୁଳ୍ମ )—7. Pavionia Odorata ( plant ). ୮ । ନାରିକେଳ ( ବୃକ୍ଷ ଓ ଫଳ )—8 Cocoanut ( tree and fruit ) ( M. W. ). ୯ । ହଳଦୀ—9. Turmeric. ୧୦ । ଏକବର୍ଷବୟସ୍କା ମାଈ ବାଛୁରୀ—10. A female calf one year old; heifer. ୧୧ । ମାଈ ଘୋଡ଼ାଛୁଆ—11. Filly. ୧୨ । ପଞ୍ଚ-

ବର୍ଷୀୟ ମାଈ ହାତୀଛୁଆ—12. A female elephant aged 5 years. ୧୩ । ବାଳଧି; ପୁଚ୍ଛ—13. A tail. ୧୪ । ରୋହିତ ମତ୍ସ୍ୟ; ରୋହିମାଛ—14. A scaly fish; Cyprinus Rohita ୧୫ । ହାତଖଡ଼ୁ; ବଳୟଭୂଷଣ—15. Wristlet; bracelet. ୧୬ । ଛୋଟ ଅଳାଇଚ—16 Small cardamom. ୧୭ । ନୀଳଝିଣ୍ଟୀ; ବାସକେଚରେଖା ଗୁଳ୍ମ—17. Blue Barleria. ୧୮ । ଘୃତକୁମାରୀ, ଘିକୁଆଁରି—18. Aloe; Aloe Perfoliata. ୧୯ । ମଲ୍ଲି ଫୁଲ ବିଶେଷ—19. A kind of jasmine. ୨୦ । ଖଇର ଗଛ (ହୁ. ଶ.)—20. Acacia Catechu (plant) ୨୧ । ଦଶ ମହାବିଦ୍ୟା ମଧ୍ୟରୁ ଏକଦେବୀ (ହୁ. ଶ.)—21. One of the ten Mahābidyās ୨୨ ଛଅ ଭଗଣ ଓ ୧ ଗୁରୁବର୍ଣ୍ଣ ଥିବା ବର୍ଣ୍ଣବୃତ୍ତ ବିଶେଷ (ହୁ. ଶ.)—22. A Sanscrit metre of 10 syllables.

ଦେ. ବି—ବାଲ ଶବ୍ଦ ଆଗରେ ଥିବା ବ୍ୟକ୍ତି (ଯଥା, ବାଲମୁକୁନ୍ଦ) ମାନଙ୍କ ଡାକ ନାମ—Name for calling persons whose names begin with the word 'Bāla'

**ବାଲ୍**—ପ୍ରା. ଦେ. ବି (ବାଲେଶ୍ୱର; ମେଦନୀପୁର; ସଂ. ବଳୟ)—ବଳୟ—Wristlet.
Bāla

[ ଦ୍ର—ବଙ୍ଗାଳୀମାନଙ୍କ ବଳୟ ଅଳଙ୍କାର 'ବାଲା'ର ଓ ଓଡ଼ିଆଙ୍କ ବଳୟ (ହାତ ଖଡ଼ୁ)ର ଗଢ଼ଣ ପୃଥକ୍ ଅଟେ । ସେହିଁ ଓଡ଼ିଆ ରମଣୀମାନେ ବଙ୍ଗାଳୀଙ୍କ 'ବାଲା' ଅଳଙ୍କାର ବ୍ୟବହାର କରନ୍ତି ସେମାନେ ଏହାକୁ 'ହାତଖଡ଼ୁ' ନ କହି 'ବାଲ୍' କହନ୍ତି । ସଂ. ବାଲ ଶବ୍ଦର ଅର୍ଥ ପ୍ରକୃତିବାଦରେ 'ବଳୟ ଭୂଷଣ' ବୋଲି ଲେଖା ଅଛି । ଏହାର ଅନ୍ୟ ଆକାର 'ବାଲି' ବୋଲି ମଧ୍ୟ ଲେଖାଅଛି । ]

ପ୍ରାଦେ. (ସମ୍ବଲପୁର) ବି—ବଡ଼ କାନ ଫାଶିଆ—A ring for the ear; big ear-ring.

ବୈଦେ. ବିଣ. ପୁଂ (ଫା. ପ୍ରତ୍ୟୟ; ଅନ୍ୟ ଶବ୍ଦ ସଙ୍ଗେ ଯୁକ୍ତ (ବାଲୀ—ସ୍ତ୍ରୀ) ହୁଏ)—୧ । (ଅମୁକର) ଅଧିକାରୀ; ମାଲିକ; ସ୍ୱାମୀ—ଓ୍ୱାଲା **বালা** 1. Owning (a certain thing). (ଦ୍ରୁଅଲ୍ଲ—ଅନ୍ୟରୂପ) (ଯଥା—ଘରବାଲ୍ଲ ।)

୨ । (ଅମୁକ ଦ୍ରବ୍ୟର) ବିକ୍ରୟକାରୀ—2. Selling (a certain thing).
(ଯଥା—ବରଫ ବାଲ୍ଲ, ମାଛ ବାଲ୍ଲ ।)

୩ । (ଅମୁକ ବିଷୟ ବା ପଦାର୍ଥ) ଯାହାର ଅଛି—3. Having (a certain thing).
(ଯଥା—ପଇସା ବାଲ୍ଲ ।)

୪ । ଯେ (ଅମୁକ କର୍ମ) କରେ—4. Doing (a certain work).
(ଯଥା—ପିବା ବାଲ୍ଲ; ଖାଇବା ବାଲ୍ଲ ।)

୫ । ଯେ (ଅମୁକ) କାର୍ଯ୍ୟରେ ନିଯୁକ୍ତ—5. Engaged in (a certain work); enlisted in.
(ଯଥା—କଂଗ୍ରେସ ବାଲ୍ଲ ।)

ଦେ. ବି. (ଅନାଦରାର୍ଥକ)—ବାଲକୃଷ୍ଣର ଡାକ ନାମ—A name for calling Bālakrushṇa.

**ବାଲ୍ଲଖାନା**—ବୈଦେ. ବି. (ଫା. ବାଲ୍ଲ=ଉପରର+ଖାନା=ଗୃହ)—ଉପର ମହଲା; ଏକ ମହଲା କୋଠା ଉପରେ ଥିବା ଘର; ଦୋତାଲା—Second storey; upper storey.
Bālākhānā বালাখানা **বালাখানা**

**ବାଲାଞ୍ଚ ବାଲା**—ଦେ. ବିଣ—ବାସ୍ତୁରା (ଦେଖ) Bāsturā (See)
Bālā(la)ñchbālā

**ବାଲାତପ**—ସଂ. ବି. (ବାଲ+ଆତପ)—ଉଦୟମାନ ସୂର୍ଯ୍ୟଙ୍କ କିରଣ; କଅଁଳିଆ ଖରା—The rays of the rising sun.
Bālātapa

**ବାଲ୍ଲଦସ୍ତି**—ବୈଦେ. ବି (ଫା)—୧ । ଜବରଦସ୍ତି; ବଳପ୍ରୟୋଗ—1. Use of force. ୨ । ବଳପୂର୍ବକ ଅଧିକାର—2. Forcible siezure or possession.
Bālādasti **বালাদস্তি**

ଦେ. ବି—ବାଲ୍ଲଦାସ୍ (ଦେଖ)—Bālādās (See)

**ବାଲ୍ଲଦାସ୍**—ଦେ. ବି (ହି॰ ବାଲକ୍‌ଦାସ୍)—ବାବାଜୀଙ୍କର ବାଳକ ଶିଷ୍ୟ—A boy disciple of a Bairāgi.
Bālādās

**ବାଲ୍ଲପୋଷ୍**—ବୈଦେ. ବି. (ଫା. ବାଲ୍ଲ=ଉପରର+ପୋଷ=ପୋଷାକ =ବହିରାବରଣ)—ତୁଳାଦିଆ ଡାଲୁକା ଗାଢ଼ ବସ୍ତ୍ର—A wrapper stuffed with cotton or wool.
Bālāposh বালাপোষ **বালাপোষ**

**ବାଲ୍ଲବର**—ବୈଦେ. ବି. (ଫା)—ଏକପ୍ରକାର ଚପକନ୍ (ଭୁରତା)—A kind of Chapkan.
Bālābar **বালাবর**

[ ଦ୍ର—ଏଥିରେ ୪ଟି କଳୀ ଓ ୬ଟି ବୋତାମ ବା ବାନ୍ଧିବା ଡୋରି ଥାଏ । ]

**ବାଲ୍ଲବାଲ୍ଲ**—ପାଦେ. (ଅଠମଲ୍ଲିକ) ଅ (ଭୁଲକା କର. ଏହି ଅର୍ଥରେ ହଳୀ ଏହି ଶବ୍ଦ)—ସିଧାଭାବରେ; ସିଧାଏ ସିଧାଏ—Straight; directly.
Bālābālā

(ଯଥା—ତୁମେ ତୁମ ଦରଖାସ୍ତ ହାକିମଙ୍କ ହାତରେ ନ ପଠାଇ ବାଲ୍ଲ ବାଲ୍ଲ ଲାଟଙ୍କ ଖମୁକୁ ପଠାଇ ଦିଅ ।)

**ବାଲାମଣି**—ସଂ. ବି(୭ମୀ ତତ୍)—ଶ୍ରେଷ୍ଠା ସ୍ତ୍ରୀ—Excellent woman.
Bālāmaṇi ବାଲାରତ୍ନ—ଅନ୍ୟରୂପ)

**ବାଲାରୁଣ**—ସଂ. ବି—୧ । (କର୍ମଧା; ବାଲ+ଅରୁଣ)—ଉଦୟମାନ ସୂର୍ଯ୍ୟ; ନବୋଦିତ ସୂର୍ଯ୍ୟ—1. Newly risen sun; rising sun. ୨ । (ମ. ଶ. କୋ) କନ୍ୟାରାଶିରେ ଅବସ୍ଥିତ ସୂର୍ଯ୍ୟ—2. The sun while in the sign of Virgo.
Bālāruṇa (ବାଲାର୍କ—ଅନ୍ୟରୂପ)

**ବାଲାଷ୍ଟ(ସ୍)**—ବୈଦେ. ବି. (ଇଂ. ବାଲାଷ୍ଟ୍)—୧ । ଖାଲି ଜାହାଜର ସ୍ଥିରତା ଠିକ୍ ରଖିବା ପାଇଁ ସେଥିରେ ଲଦାଯିବା ପଥର, ଇଟା, ବାଲି ଆଦି—1. Ballast; loads of stone etc. put in an empty ship to keep it steady.
Bālāsht(s) বালাষ্ট **বাল্লিস**

୨ । ରେଲପଥ ଉପରେ ବଛାଯିବା ଗୋଡ ଓ ଟିକି ଟିକି ପ୍ରସ୍ତର ଖଣ୍ଡମାନ; ଗେଣ୍ଟି—2. Gravel and bits of stone spread on railway lines.

ବାଲା(ଲି)ଷ୍ଟ(ସ୍) ଟ୍ରେନ୍—ବୈଦେ. ବି. ( ଇଂ. ବାଲାଷ୍ଟ+ଟ୍ରେନ୍ )—Bālā(li)sht(s) tren ଯେଉଁ ରେଲ ଗାଡ଼ିମାନଙ୍କରେ ରେଲ ଲାଇନରେ ବଛାଯିବା ଗେଣ୍ଟିମାନ ସ୍ଥାନାନ୍ତରକୁ ବୁହାଯାଏ—Ballast-train.
ବାଲାସ୍ଟ ଟ୍ରେନ
ବାଲିସ ଟ୍ରେନ
[ବାଲା(ଲି)ଷ୍ଟ(ସ୍) ଗାଡ଼ି—ଅନ୍ୟରୂପ]

ବାଲାଶତ(ତ୍ତ)ର—ବୈଦେ. ବି. (କଚରଥ) (ଫା. ବାଲାଇ=ଉପରସ୍ଥ; ଅଥବା+ସତ୍ତର=ଧାଡ଼ି )—ଦଲିଲ ଆଦି ଲେଖାଯିବା ସମୟରେ ଭୁଲ କ୍ରମେ ଛାଡ଼ି ଯାଇଥିବା ଶବ୍ଦକୁ ୨ ଶବ୍ଦ ମଧ୍ୟରେ ଚିହ୍ନ ଦେଇ ଉକ୍ତ ଚିହ୍ନ ସ୍ଥାନର ଧାଡ଼ି ଉପରେ ଲେଖାଯିବା ଅଂଶ—A line or passage interpolated above a written line from which the line or passage had been omitted by mistake.
Bālā śata(tta)ra
ବାଲାଏ ସତ(ତ୍ତ)ର } ଅନ୍ୟରୂପ
ବାଲାଇ ସତ(ତ୍ତ)ର }
ବାଲ୍ୟା ସତ୍ତର
ବାଲାଇ ସତ୍ତର

ବାଲାସ୍ଥି ବିକୃତି ରୋଗ—ସଂ. ବି. (ଅଧୁନିକ ଚିକିତ୍ସା ଶାସ୍ତ୍ର ପରିଭାଷା)—Bā̤lāsthi bikṛuti roga ଶିଶୁମାନଙ୍କର ଅସ୍ଥିର ଦୁର୍ବଳତା ଜନିତ ରୋଗ ବିଶେଷ—Rickets.
[ ଦ୍ର—ଏ ରୋଗରେ ଶିଶୁର ଗୋଡ଼ ଧନୁ ପରି ବଙ୍କେଇ ଯାଏ, ପିଠି କୁଜା ହୋଇଯାଏ ଓ ଶିଶୁ ଚାଲି ପାରେ ନାହିଁ । ]

ବାଲି(ଳୀ)—ସଂ. ବି. (ବାଲ+ଇ; ଜନନୀଙ୍କ କେଶରୁ ଏହାଙ୍କର ଜନ୍ମ ହୋଇ ଥିବାରୁ )—କିଷ୍କିନ୍ଧ୍ୟାର ମର୍କଟ ରାଜା; ଇନ୍ଦ୍ରପୁତ୍ର; ଋକ୍ଷରାଜଙ୍କ ପୁତ୍ର, ସୁଗ୍ରୀବଙ୍କ ଜ୍ୟେଷ୍ଠ ଭ୍ରାତା—Name of a monkey king, brother of Sugrība.
Bā̤li(lī)
[ ଦ୍ର—ପୁରାଣରେ କଥିତ ଅଛି ଯେ ବ୍ରହ୍ମା ମେରୁ ପର୍ବତରେ ତପସ୍ୟା କରୁ କରୁ ତାଙ୍କ ଆଖିରୁ ଗଡ଼ିବା ଲୁହରୁ ଋକ୍ଷରାଜ ନାମକ ବାନର ଉତ୍ପନ୍ନ ହେଲା । ଋକ୍ଷରାଜ ଏକଦା ଅପଣା ଛାୟାକୁ ପାଣିରେ ପ୍ରତିବିମ୍ବିତ ହେବାର ଦେଖି ସେ ରୂପରେ ମୁଗ୍ଧ ହୋଇ ପାଣିକୁ ଡେଇଁ ପଡ଼ିଲା ଏବଂ ପାଣିରୁ ଉଠିଲା ବେଳକୁ ଗୋଟିଏ ସୁନ୍ଦରୀ ସ୍ତ୍ରୀ ରୂପ ଧାରଣ କଲା । ଇନ୍ଦ୍ର ଓ ସୂର୍ଯ୍ୟ ଉକ୍ତ ସ୍ତ୍ରୀ ରୂପ ଦେଖି ମୋହିତ ହେଲେ । ଇନ୍ଦ୍ରଙ୍କ ରେତଃ ଉକ୍ତ ସ୍ତ୍ରୀର ମସ୍ତକର କେଶ (ବାଲ)ରେ ପଡ଼ିଲା ଓ ସୂର୍ଯ୍ୟଙ୍କ ରେତଃ ତା ଗଳା (ଗ୍ରୀବା)ରେ ପଡ଼ିଲା । ଇନ୍ଦ୍ରଙ୍କ ବୀର୍ଯ୍ୟରୁ ବାଲି ଓ ସୂର୍ଯ୍ୟଙ୍କ ବୀର୍ଯ୍ୟରୁ ସୁଗ୍ରୀବ ଉତ୍ପନ୍ନ ହେଲେ । କିଛି ଦିନ ପରେ ଉକ୍ତ ସ୍ତ୍ରୀ ପୁଣି ପୂର୍ବତନ ପୁରୁଷ ରୂପରେ ପରିବର୍ତ୍ତିତ ହୋଇଗଲା । ବ୍ରହ୍ମାଙ୍କ ଆଜ୍ଞାରେ ଉକ୍ତ ପୁରୁଷ (ଋକ୍ଷରାଜ) କିଷ୍କିନ୍ଧାରେ ରାଜତ୍ୱ କଲା । ଥରେ ବାଲି ଗୋଟିଏ ଦୈତ୍ୟ ପଛରେ ଗୋଡ଼ାଇ ପାତାଳରେ ପ୍ରବେଶ କଲା ଓ ଏହି ଅବସରରେ ସୁଗ୍ରୀବ ତା ରାଜ୍ୟ ମାଡ଼ି ବସିଲା । ପାତାଳରୁ ଫେରି ଆସି ବାଲି ସୁଗ୍ରୀବକୁ ତଡ଼ି ଦେଇ ସ୍ତ୍ରୀ ତାରା ଓ ସୁଗ୍ରୀବର ସ୍ତ୍ରୀ ରୁମା ସଙ୍ଗେ ଘର କରି ରହିଲା । ସୁଗ୍ରୀବ ପଳାଇ ଯାଇ ମତଙ୍ଗ ମୁନିଙ୍କ ଆଶ୍ରମରେ ଆଶ୍ରୟ ନେଲା । ଥରେ ରାବଣ କିଷ୍କିନ୍ଧ୍ୟା ଆକ୍ରମଣ କଲା । ସେ ସମୟରେ ବାଲି ଦକ୍ଷିଣ ସାଗରରେ ସନ୍ଧ୍ୟା କରୁଥିଲା । ରାବଣକୁ ଦେଖି ବାଲି ତାକୁ କାଖରେ ଜାକି ଦେଲା । ରାବଣ ହାର ମାନିବାରୁ ବାଲି ତାକୁ ଛାଡ଼ି ଦେଲା । ରାବଣ ସୀତାଙ୍କୁ ହରଣ କରି ନେବାରୁ ଶ୍ରୀରାମଚନ୍ଦ୍ରଙ୍କର ସୁଗ୍ରୀବ ସଙ୍ଗେ ମିତ୍ରତା ହେଲା ଓ ସୁଗ୍ରୀବର ଅନୁରୋଧରେ ଶ୍ରୀରାମ ବାଲିକୁ ବଧ କଲେ ଓ ସୁଗ୍ରୀବକୁ କିଷ୍କିନ୍ଧ୍ୟାର ରାଜା ଓ ବାଲିପୁତ୍ର ଅଙ୍ଗଦକୁ ଯୁବରାଜ କଲେ—ହି. ଶ. ]

ପ୍ରାଦେ. (ଗଞ୍ଜାମ) ବି—୧ । ସ୍ତ୍ରୀଲୋକମାନଙ୍କ କର୍ଣ୍ଣାଳଙ୍କାର ବିଶେଷ; ବାଉଳି—1. A kind of ear ring.
୨ । ଏକ ପ୍ରକାର ସାନ କଉଡ଼ି—1. A small cowrie for playing.
[ ଦ୍ର—ଏହା ଖେଳରେ ବ୍ୟବହୃତ ହୁଏ । ]

ବାଲି—ଦେ. ବି. ( ସଂ. ବାଲୁକା; ବାଳିକା )—
Bā̤li
ସଂ. ବାଲୁ, ବାଲୁକା, ସିକତା, ବାଳିକା, ସୂକ୍ଷ୍ମ ଶର୍କରା, ଶୀତଳା
ବାଲି
ବାଲୁ, ରେତ
ମ. ବାଳୁ
ଗୁ. ରେତି
ତେ. ଇଟିକା
ଫା. ରେଗ୍
ଅ. ରମ୍ଲ
ବାଲୀ
ବାଲୀ

୧ । ନଦୀ ଗର୍ଭସ୍ଥ ବା ସମୁଦ୍ର କୂଳସ୍ଥ କ୍ଷୁଦ୍ର ପ୍ରସ୍ତର ଓ ମୃତ୍ତିକା ଚୂର୍ଣ୍ଣ—1. Sand; silica.
୨ । (ନାମ) ଭାରତ ମହାସାଗରରେ ଭାରତବର୍ଷର ଦକ୍ଷିଣ ପଶ୍ଚିମରେ ଅବସ୍ଥିତ ଦ୍ୱୀପ ବିଶେଷ; ଯବଦ୍ୱୀପ; ଯାଭାଦ୍ୱୀପ—2. The island of Java in the Indian ocean.
[ କଳିଙ୍ଗୀୟମାନେ ପୂର୍ବେ ଜାହାଜ ଦ୍ୱାରା ଏହି ଦ୍ୱୀପ ସହିତ ବାଣିଜ୍ୟ କରୁଥିବାର ଓ ସେଠାରେ ଉପନିବେଶ ସ୍ଥାପନ କରିଥିବାର ପ୍ରମାଣ ମିଳେ । ]
୩ । (ସଂ. ବାଳିକା) ମୁସଲମାନ୍ ସ୍ତ୍ରୀ ଲୋକମାନେ କାନର ମଝିରେ ଯେଉଁ ଫାଳିଆ ପିନ୍ଧନ୍ତି—3. A kind of ear-ring worn by the Mohemmedan women.

ପ୍ରାଦେ. ( ସମ୍ବଲପୁର )ବି—ବେଣ୍ଡାଲି—A kind of ear ornament.

ବୈଦେ. ବି. ( ଇଂ. ବାର୍ଲି )—ବାର୍ଲି ( ଦେଖ ) Bā̤rli ( See )

ଦେ. ବି. (ଆଦରାର୍ଥକ)—ବାଲକୃଷ୍ଣ, ବାଲୁକେଶ୍ୱର ଆଦିଙ୍କର ଡାକ ନାମ—A name for calling Bā̤lakṛushṇa, Bā̤lukeśwara etc.

ବାଲିଅନ୍ତା—ଦେ. ବି—ପୁରୀ ଜିଲ୍ଲାର ଭୁବନେଶ୍ୱର ନିକଟସ୍ଥ ଗ୍ରାମ ବିଶେଷ—Name of a village in the district of Puri near Bhubaneswar.
Bā̤liantā
[ ଦ୍ର—ଏହିଠାରେ କୁଶଭଦ୍ରା କୁଆଖାଇରୁ ବାହାରି, ଏହା ଦୁଇଟି ନଦୀଗର୍ଭର ବିସ୍ତୀର୍ଣ୍ଣ ବାଲୁକାମୟ ସ୍ଥାନ ଥିବାରୁ ଏପରି ନାମ ହୋଇଅଛି । ]

ବାଲିଆ—ଦେ. ବି—୧ । ( ସଂ. ବାଲମତ୍ସ୍ୟ )—ଏକପ୍ରକାର କାତି ନ ଥିବା ବଡ଼ ମାଛ—1. The cat fish; Wallago Attu; Cyprinus Denticulatus.
Bā̤liā
ସଂ. ନାମ—ସହସ୍ରଦଂଷ୍ଟ୍ର, ପାଠୀନ, ବାଲମତ୍ସ୍ୟ
ବୋୟାଲ
[ ଦ୍ର—ଏହାର ମୁହଁର ଦୁଇ ପାଖରେ ଦୁଇଟି ଲେଖାଏଁ ବଡ଼ ବାଳ ପରି

ଗୁଆରୀ, ଷୀଆଡୀ, ଜଣ ଥିବାରୁ ଏପରି ନାମ ହୋଇ
ସହିଲା, ପଢୀନା ଅଛି । ଏ ମାଛ ଲମ୍ବରେ ୫ ହାତ
ପର୍ଯ୍ୟନ୍ତ ବଢିବାର ଦେଖାଅଛି । ଏମାନେ ଘୋଷସ୍ୱର ଅନ୍ୟ ମାଛ-
ମାନଙ୍କୁ ଖାଇ ଯାଆନ୍ତି ଓ ମାଂସ ଖାଆନ୍ତି । ଅତି ବୃହତ୍ ବାଳଆ
ମାଛକୁ ଖସକ ବୋଲାଯାଏ । ବୈଦ୍ୟ ଶାସ୍ତ୍ର ମତରେ ଏହା
ଶ୍ଳେଷ୍ମକର, ବଳ ବର୍ଦ୍ଧକ । ଏହାଦ୍ୱାରା ରକ୍ତ ପିତ୍ତ ଦୂଷିତ ଓ କୁଷ୍ଠ
ରୋଗ ଉତ୍ପନ୍ନ ହୁଏ । ଶ୍ରେଷ୍ଠ ବାଳଆମାଛକୁ ବାଳଆ ପତକା
ବୋଲାଯାଏ ।]

୨ । ବାଲିଆ ବାଉଁଶ ( ଦେଖ )
2. Bālia bāunsa ( See )

ବାଲିଆ—ଦେ. ଵଣ (ସଂ ବାଲୁକାମୟ)—୧ । ବାଲୁକା ମିଶ୍ରିତ—
Bālia 1. Mixed with sand; sandy. ୨ । ବାଲୁକା-
(ବାଲିଅସ୍ୱ—ଅନ୍ୟରୂପ) ବହୁଳ—2. Abounding in sand.
বালিয়া, বেল্যে ଦେ. ବ (ଅନାଦରାର୍ଥକ) ବାଲକୃଷ୍ଣର ଡାକନାମ—
बलूआही A name for calling Bālakrushna.

ବାଲିଆକନ୍ଦା—ଦେ. ବ—ବାଲି ମିଶ୍ରିତ ଧଳା ପଥର—Sand-stone.
Bālia kandā বেল্যেপথর बलूआ पत्थर

ବାଲିଆ ଖଡ଼ି—ଦେ. ବ—ବାଲିମିଶା ଖଡ଼ିପଥର—
Bālia khardi Sandy chalk.

ବାଲିଆ ଗୁଡ଼—ଦେ. ବ—୧ । ଯେଉଁ ଗୁଡ଼ରେ ବାଲି ମିଶିଥାଏ—
Bālia gurda 1. Molasses mixed with sand.
বালিয়াগুড় ୨ । ଯେଉଁ ଗୁଡ଼ ବାଲିପରି ଗୁଆ ଧରିଥାଏ—
बलूआगुड 2. Molasses consisting of fine crystals like sand.

ବାଲିଆଡ଼ି—ପ୍ରାଦେ (ମେଦିନୀପୁର, ବାଲେଶ୍ୱର) ବ. (ସଂ ବାଲିଆ+
Bālsārdi ଆଳୀ)—ବାଲିକୁଦ ( ଦେଖ )—Bālikuda (See).

ବାଲିଆ ବାଉଁଶ—ଦେ. ବ—ଏକପ୍ରକାର ମୋଟ ଓ ଲମ୍ବା ବାଉଁଶ; ଭଲ
Bālia bāunsa ବାଉଁଶ—A species of Bamboo.
ঢেমনাভালুকাবাংশ बोंबाँस
[ ଦ୍ର—ଏହା ଲମ୍ବରେ ୪୦ ହାତ ଓ ବ୍ୟାସରେ ୫ । ୬ ଇଞ୍ଚ
ପର୍ଯ୍ୟନ୍ତ ବଢ଼ିବାର ଦେଖାଯାଏ । ଏହାର ପବ ୧ହାତ ହୁଏ । ]

ବାଲିଆ ମଟାଳ—ଦେ. ବ—ବାଲୁକା ମିଶ୍ରିତ କଠିଣ ମୃତ୍ତିକା—
Bāli matāla Hard soil mixed with sand.
(ବାଲିଅସ୍ୱ ମଟାଳ—ଅନ୍ୟରୂପ) বালিয়ামাটি बलूआही मिट्टी

ବାଲିଆ ମାଟି—ଦେ. ବ—ବାଲୁକା ମିଶ୍ରିତ ମୃତ୍ତିକା—
Balia māti বেল্যেমাটি बलूआहीमिट्टी Sandy soil.
(ବାଲିଅସ୍ୱ ମାଟି—ଅନ୍ୟରୂପ)

ବାଲିକଖାରୁ—ଦେ. ବ—ନଦୀବାଲି ଉପରେ ବଢ଼ିଦ୍ୱାରା ପଡ଼ୁଯାଇଥିବା
Bālia kakhāru ସାମାନ୍ୟ ପଟୁମାଟିରେ ଯେଉଁ କଖାରୁ ଫସଲ
बालुकद्दुआ କରାଯାଏ—Sweet pumpkins grown on the silt deposits on river beds.

ବାଲି କଙ୍କଡ଼ା—ଦେ. ବ—୧ । ବାଲିରେ ଗାତ କରି ରହୁଥିବା ଏକ
Bāli kankardā ପ୍ରକାର ଅତି କ୍ଷୁଦ୍ର କଙ୍କଡ଼ା—
बालु केकडा 1. A kind of very small crabs boring in sand; sand-crab.
୨ । ସ୍ଥଳଚର କଙ୍କଡ଼ା—2. Land crab.

ବାଲି କଣା—ଦେ. ବ. ( ସଂ. ବାଲୁକା କଣ )—
Bāli kanā ବାଲିର ଗୋଟିଏ ରେଣୁ—
बालु कणा A particle of sand.

ବାଳିକା—ସଂ. ବ. ସ୍ତ୍ରୀ. ( ବାଳକ+ସ୍ତ୍ରୀ. ଆ )—
Bālikā ୧ । ସ୍ତ୍ରୀ ଶିଶୁ—1. Female child.
୨ । କନ୍ୟା—2. Daughter.
୩ । ଅଳ୍ପ ବୟସ୍କା ସ୍ତ୍ରୀ—3. Girl.
୪ । ସିକତା; ବାଲୁକା—4. Sand.
୫ । କର୍ଣ୍ଣଭୂଷା—5. An ornament for the ear.
୬ । ବାଳା—6. Woman.

ବାଳିକା କନକ କାନ୍ତି କନକ କଳସ
ବାଳିକା କନକ କାନ୍ତି କନକ କଳସ । ଉଷା. ବୈଦେହୀଶ ବିଳାସ ।

ଦେ. ବ—ବାଳି-ପତ୍ନୀ; ତାରା—Tārā, the wife of Bāli.

ବାଳିକା ଜାଙ୍ଗଳୀ ସୁତ ପୌଷ୍ଟି ଦଶରଥ
ବହାଣ ତଣ୍ଡୁଳ ଥୁଡ ତନ୍ତ ଗନ୍ଧ ରଥ । ଉପ. ବୈଦେହୀଶବିଳାସ ।

ବାଲି କାଗଜ—ଦେ. ବ. ( ବଙ୍ଗ ଦେଶର ଶ୍ରୀରାମପୁର ଅଞ୍ଚଳର ବାଲି
Bāli kāgaja ନାମକ ସ୍ଥାନର କଳରେ ପ୍ରସ୍ତୁତ ହେଉଥିବାରୁ)—
पीला कागज ଏକ ପ୍ରକାର ମାଟିଆ କାଗଜ—Bally paper; a kind of brown paper.

ବାଳିକା ବଧୂ—ସଂ. ବ—କୁଆ ବୋହୂ; ଅପ୍ରାପ୍ତବୟସ୍କା ବିବାହିତା
Bālikā badhū କନ୍ୟା—A girl-wife.

ବାଲି କିର୍ଡ଼ା—ପ୍ରାଦେ. (ବାଲେଶ୍ୱର) ବ—ବାଲି ଗରଡ଼ା ମାଛ—
Bāli kirdā A kind of fresh-water fish.

ବାଲି କୁଦ(ଦା)—ଦେ. ବ. ( ବାଲୁକା ଓ କୂଟ )—୧ । ବାଲି ଏକତ୍ର
Bāli kuda(dā) ଜମା ହୋଇ ଉଚ୍ଚ ହୋଇଥିବା ସ୍ଥାନ—
বালিয়াড়ি, বালিআড়ি 1. Sand drift; mound of
बालुका टीला sand.
୨ । ବାଲିର ପାହାଡ଼—2. Sand dune; sand hill.
[ ଦ୍ର—ପବନ ଦ୍ୱାରା ଚାଳିତ ହୋଇ ଏକ ସ୍ଥାନରେ ବାଲି
ପାହାଡ଼ ବା ବନ୍ଧ ପରି ଗଦା ହୋଇ ଯାଏ—ମେଦିନୀପୁରରେ ଏପରି
ବାଲି କୁଦ ବହୁତ ଦେଖାଯାଏ । ]

ବାଲି(ଲୁ) ଖଣ୍ଡ(ଣ୍ଡି)—ପ୍ରାଦେ.(ପୁରୀ) ବ—୧ । ପୁରୀ ସହରର ଉତ୍ତରାଂଶ;
Bāli(lu) khanda(ndi) ଗୁଣ୍ଡିଚା ମନ୍ଦିର ନିକଟସ୍ଥ ଅଞ୍ଚଳ—
1. A sandly tract to the north of Puri town and adjoining the Gundichā house.
୨ । ପୁରୀର ସମୁଦ୍ର କୂଳବର୍ତ୍ତୀ ବାଲୁକାମୟ ଅଞ୍ଚଳ—
2. The sea-beeach of Puri town.
[ ଦ୍ର—ପୂର୍ବେ ଏ ଅଞ୍ଚଳ ବିଶେଷ ବାଲୁକାମୟ ଥିଲା । ବର୍ତ୍ତମାନ
ପୁରୀର ପୂର୍ବବର୍ତ୍ତୀ ସମୁଦ୍ର କୂଳସ୍ଥ ଭୂମିକୁ (ଯାହାକି ପୂର୍ବେ ବାଲୁକା-
ମୟ ପ୍ରାନ୍ତର ଥିଲା ଓ ଯହିଁରେ ବର୍ତ୍ତମାନ ସୌଧମାଳା ଓ ହୋଟେଲ
ଆଦି ନିର୍ମିତ ହୋଇଅଛି ଓ ଗଭର୍ଣ୍ଣମେଣ୍ଟଙ୍କର ଖାସ ଜମିଦାରି ହୋଇ
ଅଛି ତାକୁ) ବାଲି ଖଣ୍ଡ ବୋଲାଯାଏ । ]

ବାଲି ଖିଅ—ପ୍ରାଦେ. (ଯାଜପୁର) ବି—ବାଲିକଟା ରୋଗ—
Bāli khiā Chilblain.
( ବାଲି ଘା—ଅନ୍ୟରୂପ )

ବାଲି ଗଡ଼—ପ୍ରାଦେ. (ମେଦିନୀପୁର) ବି—ବଡ଼ କଇଁଛ—
Bāli garda Big tortoise.

ବାଲି ଗରଡ଼ା—ଦେ· ବି. (ସଂ. ଘର୍ଷଣାଳ; ସଂ. କର୍କର)—
Bāli garardā ୧ । ବାଲିରେ ମିଳୁଥିବା ସାନ ସାନ ମସୃଣ ଗୋଲାକାର ପଥର ଗୋଟାଳ—1. Sandy pebble.
ସଂ. ନାମ ଲୁଳଣ ମତ୍ସ୍ୟ
କାଁକର
କଙ୍କଡ, ବାଲୁ କଙ୍କଡ
୨ । (ସଂ. ବାଲିକା+ଗର୍ଗରି) ଏକ ପ୍ରକାର କାଉଁଶଯୁକ୍ତ ଈଷତ୍ ହଳଦିଆ ମାଛ—2. A kind of small scaly yellowish fresh water fish; sand fish; Trichodon.
ବାଲି ଗରଡ଼, ବାଲି ଗଇଡ଼ା, ବାଲି ଗେରେଡ଼ା } ଅନ୍ୟରୂପ
ବେଲ୍ୟେ, ভোলা,
বালিকড়া, বেলে গুড়গুড়ে
বালু ସଂ. ନାମ—ଲୁଳଣ ମତ୍ସ୍ୟ [ ଦ୍ର—ଏମାନେ ଲମ୍ବରେ ଏକ ଫୁଟରୁ ବେଶି ବଢ଼ିବାର ଦେଖାଯାଏ ନାହିଁ । ଏମାନେ ନଦୀର ବାଲି ଶଯ୍ୟାରେ ଥାଆନ୍ତି ଓ ଅଳ୍ପ ଆୟାସରେ ଧରା ପଡ଼ନ୍ତି । ଏମାନଙ୍କ ପେଟରେ ବାଲିର କଣାମାନ ଥିବାର ଦେଖାଯାଏ ।
ବୈଦ୍ୟ ଶାସ୍ତ୍ର ମତରେ ଏହା କଷାୟ ମଧୁର ରସ, ହୃଦ୍ୟ, ଅଗ୍ନି-ଦୀପକ, ବଳବର୍ଦ୍ଧକ, ସ୍ନିଗ୍ଧ, ଲଘୁ ଓ ମଳସଂଗ୍ରାହକ । ]

ବାଲି ଗଡ଼ି—ଦେ. ବି—ନଦୀର ଯେଉଁ ବାଲୁକାମୟ ଉଚ୍ଚ ସ୍ଥାନରୁ ସ୍ରୋତ
Bāli gardi ଜଳକୁ ( ହଠାତ୍ ଗଭୀରତର ସ୍ଥାନକୁ ) ବହି
बालीगड ଯାଉଥାଏ—A high sandbank from which water flows into a deeper part.
[ ଦ୍ର—ଏଠାରେ ସ୍ରୋତଗଡ଼ି ଦ୍ୱାରା ଉଚ୍ଚ ସ୍ଥାନର ପ୍ରାନ୍ତରେ ଚେଉ ବାଲି ବା ଭୁଷା ବାଲି ଜମା ହୋଇଯାଏ । ]

ବାଲି ଗୁରୁଡ଼(ଡ଼ୁ)—ପ୍ରାଦେ. (କଟକ) ବି—ବାଲି ଗରଡ଼ା ୨ (ଦେଖ)
Bāli gururda(rdu) Bāli garardā 2 ( See )

ବାଲି ଗୋଡ଼ି—ଦେ. ବି· (ସଂ. ବାଲୁକା+କଙ୍କର)—
Bāli gordi ବାଲୁକା ଓ କଙ୍କର—Sand and gravel.
बालि काँकर ( ଯଥା—ଏ ଗୃହଳରେ ବହୁତ ବାଲି ଗୋଡ଼ି
बालु कंकड अଛି । )

ବାଲି ଗୋଡ଼ି ଗଡ଼ା(ଡ଼େ)ଇବା—ଚାଉଳ, ଧାନ ଆଦି ଶସ୍ୟରେ ମିଶିଥିବ
Bāli gordi garḍā(rde)ibā ବାଲି ଓ କଙ୍କରମାନଙ୍କୁ କୁଲା ଦ୍ୱାରା ବା କୌଣସି ପାତ୍ରରେ ପାଣିରେ ଧୋଇବାର କୌଶଳ ଦ୍ୱାରା ଚାଉଳରୁ ବା ଧାନରୁ ଅଲଗା କରି ଦେବା—
To separate particles of sand and gravel mixed with a quantity of grain by winnowing or washing skilfully.

ବାଲି ଘଡ଼(ଣ୍ଟା)—ଦେ. ବି. ( ସଂ. ବାଲୁକା+ସଟୀ )—ଡମ୍ବରୁ
Bāli ghardi(ṇṭā) ଆକାରର ଦ୍ୱିଫାଳ ଯୁକ୍ତ କାଚ ଯନ୍ତ୍ର,
বালি ঘড়ী ଯହିଁର ମଧ୍ୟସ୍ଥ ଛିଦ୍ର ବାଟେ ବାଲି ଏ ପାଖରୁ ସେ
बालू घडी ପାଖକୁ ଖସି ପଡ଼ି ଘଣ୍ଟା ସମୟ ଜଣାଯାଏ—Sand-glass.

ବାଲି ଘାଇ—ଦେ. ବି—ବାଲି ବନ୍ଧରେ ଜଳ ସ୍ରୋତ ଦ୍ୱାରା ଭାଙ୍ଗି ବା
Bāli ghāi ଫୁଟି ଯାଇଥିବା ବାଟ—A breach or leak made in a bank of sand by the rush of flowing water.

ବାଲି ଘାସ—ସ. ବି. ( ସ. ବାଲୁକା+ଘାସ )—
Bāli ghāsa ନଦୀର ଓ ସମୁଦ୍ରର ବାଲିରେ ଉଠିବା ମୋଟ ରସାଳ
বালু ঘাস ଚେରଯୁକ୍ତ ଘାସ—Sand grass; thick and
बालू घास luscious rooted grass growing on sand.

ବାଲି ଘୁମୁରା—ଦେ. ବି—୧ । ଲୁଗାରେ ବାଲି ପୁଡ଼ା କରି ମାଛ ଧରିବାର
Bāli ghumurā କୌଶଳ ବିଶେଷ—1. A mode of catching fish by means of a bag of sand.
୨ । ବାଲିଗରଡ଼ା ୨ ( ଦେଖ )—2. Bāligarardā 2 ( See )

ବାଲି ଘୁରୁଣି—ଦେ. ବି· ( ସ. ବାଲୁକା+ଘୁର୍ଘୁରି )—ବାଲିରେ
Bāli ghuruṇi ବଡ଼େଇଙ୍କ ଭଅଁର ପରି କଣା କରି ପଶିଯିବା
ঘুর্ঘুরে পোকা ଏକପ୍ରକାର କୀଟ; ଗୁଣ୍ଡୁର ୨ ( ଦେଖ )—
गुबड्ड A kind of insect boring into sand; sand cricket; sand borer.
(ବାଲି ଗୁଣ୍ଡୁର, ବାଲି ଗୁରୁଣି, ବାଲି ଘୁଘୁରା, ବାଲି ଘୁଂଘୁରା, ବାଲି ଭଅଁର, ବାଲି ଭଉଁରି—ଅନ୍ୟରୂପ)

ବାଲିଙ୍ଗ(ଙ୍ଗୀ)—ବୈଦେ. ବି. ( ଫା. ବାଲ୍‌ଗୀ=କୌଣସି ଦ୍ରବ୍ୟର ନମୁନା
Bāling(ngi) ବା ମଞ୍ଜ )—୧ । ବାଳଗି; ଗର୍ବ—
[ବାଳିଙ୍ଗି(ଙ୍ଗୀ)—ଅନ୍ୟରୂପ] 1. Pride; arrogance. ୨ ।
डींग, सेकी, बडबील ବାଗାଡ଼ମ୍ବର; ପ୍ରୌଢ଼ି—2. Bombast;

ବାଲିଙ୍ଗ କାଢ଼ିବା—ଦେ. କ୍ରି—ପ୍ରୌଢ଼ି କଥା କହିବା; ଅସ୍ୱଭାବିମାପୂର୍ଣ୍ଣ
Bālinga kārdhibā ଭାବ ଦେଖାଇ ହେବା—To brag.
[ ବାଲିଙ୍ଗ୍ ବଢ଼ା(ଢେ)ଇବା, ବାଲିଙ୍ଗ୍ କରିବା—ଅନ୍ୟରୂପ ]
डींगहकना

ବାଲି ଚଡ଼ା(ଢ଼ା,ରା)—ଦେ ବି—ନଦୀଗର୍ଭସ୍ଥ ଦ୍ୱୀପ ବାଲୁକାମୟ ଭୂଖଣ୍ଡ—
Bāli chardā(rdhā, rā) A sand-bank; a sandy
বালিচড়া shoal; a hidden sand-hill in the bed of
बालुकाठेक a river.
× × × ଗୋଟାଏ ବାଲି ଚଡ଼ାରେ ଡଙ୍ଗା ଲଗିଗଲା ।
ଫକୀରମୋହନ. ଗଳ୍ପସ୍ୱଳ୍ପ ।
[ ଦ୍ର—ଏଥିରେ ଅନେକ ସମୟରେ ନୌକାଆଦି ଲାଗିଯାଏ । ]
ଦେ. ବିଣ—ଯେଉଁ ଜମି ଉପରେ ବାଲିର ସ୍ତର ପଡ଼ିଥାଏ; ବାଲୁକା ସ୍ତରଦ୍ୱାରା ଆବୃତ ( ଭୂମି )—( land ) Over-spread with a layer of sand.
୨ । ଯେଉଁ ଜମିରେ ନଦୀବଢ଼ିଦ୍ୱାରା ଆଗତ ବାଲୁକାର ଘନସ୍ତର ପଡ଼ିଯାଏ—2. Land over which there is a thick deposit of sand brought by the flood of rivers.
[ ଦ୍ର—ଏପରି ଜମିରେ ଫସଲ ଜନ୍ମିପାରେ ନାହିଁ । ]

ବାଲି ଚର—ଦେ. ବି. ( ସ.ବାଲୁକା+ଚର୍ ଧାତୁ )—୧ । ବାଲୁକାମୟ

Bāli chara ବସ୍ତୀର୍ଣ୍ଣ ଭୂମି—1 A wide sandy expanse.
বালিচড়া ୨ । ବାଲିଚଡ଼ା (ଦେଶ)—Bālicharḍā (See)
बालुचरा, बालुवर्द

ବାଲି ଚୂନ—ଦେ. ବ. ( ସଂ. ବାଲୁକା+ଚୂର୍ଣ୍ଣ )—ପକ୍କା ଗାନ୍ଥୁନୀ ପାଇଁ
Bāli chūna ବ୍ୟବହୃତ ବାଲିମିଶ୍ରିତ ଚୂନ—Sand and
বালিচুন बालुचूना lime used in masonry work.

ବାଲି ଛଣା—ପ୍ରାଦେ. ( ବାଲେଶ୍ୱର ଓ ସିଂହଭୂମ ) ବ—ଚାଉଳ ଧୋଇ
Bāli chhaṇā ବାଲି ଗୋଡ଼ି ଆଦି ବାହାର କରିଦେବା କ୍ରିୟା—
The act of clearing away the particles of sand from rice.

ବାଲି ଛତୁ—ଦେ. ବ. ( ସଂ. ବାଲୁକା+ଛତ୍ରାକ )—ବାଲିଆ ମାଟି
Bāli chhatu ଉପରେ ଉଠିବା ଏକପ୍ରକାର ଛୋଟ ଛତୁ—
बालुछत्ता A species of small mushroom growing on sandy places.

ବାଲି ଜଣ୍ଡା—ଦେ. ବ—୧ । ବର୍ଷାଦିନରେ ପାଣି ଓ କାଦୁଅ ଲାଗି
Bālijanḍā ପାଦର ଆଙ୍ଗୁଠି ସନ୍ଧିମାନଙ୍କରେ ହେବା ଘାଆ—
পাঁকুই; পাঁকুই; হাজা 1. Chilblain ୨ । ବାଲିଆ ସ୍ଥାନମାନଙ୍କ
घानोलगना ଉପରେ ବିଚରଣ କରୁଥିବା ଏକପ୍ରକାର ଜଣ୍ଡା—
A kind of big black ant generally found inhabiting sandy places.
[ ଦ୍ର—ଏମାନଙ୍କ ଦେହ ଗାଢ଼ କୃଷ୍ଣବର୍ଣ୍ଣ । ଏମାନେ ଦଳବଦ୍ଧ ହୋଇ ବାସ କରନ୍ତି । ବଣ, ଅସରପା, ଜଳଚର ପ୍ରଭୃତି ଜୀବମାନଙ୍କୁ ପାଇଲେ ହଠାତ୍ ଦଳବଦ୍ଧ ହୋଇ ସେମାନଙ୍କୁ ଆକ୍ରମଣ କରି ମାରି ଖାଇ ଯାଆନ୍ତି । ଏମାନେ କାମୁଡ଼ିଲେ ବିଶେଷ ଯନ୍ତ୍ରଣା ହୁଏ । ]

ବାଲି ଟେଣ୍ଟେଇ—ଦେ. ବ. ( ସଂ. ବାଲୁକା+ଟିଟ୍ଟିଭ )—ଏକପ୍ରକାର
Bāli tenṭei କୂଳେଚର କ୍ଷୁଦ୍ର ପକ୍ଷୀ; ଟେଁଟେୟା ଚଢ଼େଇ—
Sand piper, sandsnipe.

ବାଲି ତୃତୀୟା—ଦେ. ବ—ଭାଦ୍ର ଶୁକ୍ଳ ତୃତୀୟା—The 3rd day of
Bāli trutiyā the bright fortnight of the month of Bhādraba.
[ ଦ୍ର—କଥିତ ଅଛି ଯେ ଏ ଦିନ ଗୌରୀ (ପାର୍ବତୀ) ମହାଦେବଙ୍କୁ ସ୍ୱାମୀରୂପେ ପାଇବା ନିମନ୍ତେ ବାଲିରେ ଶିବଲିଙ୍ଗ ନିର୍ମାଣ କରି ପୂଜା କରିଥିଲେ । ତେଣୁ ଏ ଦିନ ସଧବା ଓ କୁମାରୀମାନେ ନଦୀର ବା ପୋଖରୀର କୂଳରେ ଓଦା ବାଲିରେ ଶିବଲିଙ୍ଗ ଗଢ଼ି ପୂଜା କରନ୍ତି । ସେ ଦିନଯାକ ଅହୋରାତ୍ର ସେମାନେ ନିର୍ଜଳ ଉପବାସ କରନ୍ତି ଓ ଗୌରୀପୂଜା କରନ୍ତି । ଏ ବ୍ରତ କଲେ ସ୍ତ୍ରୀମାନେ ବୈଧବ୍ୟ ଓ ନିଃସନ୍ତାନ ଅବସ୍ଥା ଭୋଗ କରନ୍ତି ନାହିଁ ବୋଲି ପୁରାଣରେ ଅଛି । ]

ବାଲିଦାନି—ଦେ. ବ. ( ସଂ. ବାଲୁକା+ଫା. ଦାନି )—ଏ ଦେଶରେ
Bālidāni ବ୍ଲଟିଙ୍ଗର ପ୍ରଚଳନ ପୂର୍ବରୁ କାଗଜରେ ସଦ୍ୟ ଲେଖା-
বালিদানী ହୋଇଥିବା କାଳିକୁ ଶୋଷିବାପାଇଁ ବ୍ୟବହୃତ ବାଲି ଓ
बालुदानी ଧୂଳି ଯେଉଁ ଛିଦ୍ରଦାର ଦାନିରେ ରଖାଯାଉ ଥିଲା—
Sandbox; a perforated pot containing sand, which was formerly used for sprinkling dust on fresh writing with ink before blotting paper came into use.

ବାଲିପୁଡ଼ା(ଡ଼ି)—ଦେ. ବ. ( ସଂ. ବାଲୁକା+ପୁଟକ )—୧ । ଏ
Bālipurḍā(rḍi) ଦେଶରେ ବ୍ଲଟିଙ୍ଗର ପ୍ରଚଳନ ପୂର୍ବରୁ
(ବାଲିପୁଡ଼ିଆ—ଅନ୍ୟରୂପ) କାଗଜରେ ସଦ୍ୟ ଲେଖା ହେବା
বালিপুরিয়া କାଳିକୁ ଶୋଷିବା ପାଇଁ ବ୍ୟବହୃତ ବାଲୁକା ପୂର୍ଣ୍ଣ
बालिपुरिया କନାର ପୁଡ଼ା—1. Some sand put in a rag and tied up, used for soaking ink from fresh writing ୨ । ଦେହ ସେକିବା ପାଇଁ ବ୍ୟବହୃତ ବାଲୁକାପୂର୍ଣ୍ଣ କନାର ପୁଡ଼ା—2 A rag tied up into a ball containing sand inside it, used in dry-fomenting.

ବାଲି ବନ୍ଧ—ଦେ. ବ—ବାଲିରେ ତିଆରି ହୋଇଥିବା ବନ୍ଧ—
Bāli bandha An embankment of sand.
বালিবাংধ [ ଦ୍ର—ବାଲୁକାନିର୍ମିତ ବନ୍ଧ ପରି ଅସ୍ଥାୟୀ ଓ ଅଶକ୍ତ
बालुकाबाँध କାର୍ଯ୍ୟ ପ୍ରତି ମଧ୍ୟ ଏ ଉପମା ଦିଆଯାଏ । ]

ବାଲି ବସ୍ତା—ଦେ. ବ ( ସଂ. ବାଲୁକା+ଫା. ବସ୍ତା )—ହଠାତ୍ ବନ୍ଧ
Bāli bastā ବା କାନ୍ଥ ନିର୍ମାଣ କରିବା ପାଇଁ ଉପର୍ଯ୍ୟୁପରି ରଖାଯିବା
ବାଲିପୂର୍ଣ୍ଣ ଅଖାମାନ—Sand bags used for raising emergent or impromptu bank.

ବାଲି ଭଇଞ୍ଚି—ଦେ. ବ—କଣ୍ଟେଇ କୋଳି—Gymnosporea
Bāli bhaiñchi Emarginata (Haines).

ବାଲି ଭଜା—ଦେ. ବ ( ସଂ. ବାଲୁକା+ଭର୍ଜନ )—ହାଣ୍ଡି ମଧ୍ୟରେ
Bāli bhajā ବାଲି ପୂରାଇ ସେ ବାଲି ଚୂଲି ଉପରେ ଗରମ
বালিভাজা ହେବା ପରେ ତହିଁରେ ଚାଉଳ, ମୁଗ, ଧାନ ଆଦି
भूजा ଭାଜିବା—Frying corns etc in heated sand inside a frying pot.
[ ଦ୍ର—ଏପରି ଭାଜିବାଦ୍ୱାରା ଭଜା ହେବା ବସ୍ତୁ ବାଲିରେ ବୁଡ଼ି ରହିବାରୁ ସେ ବସ୍ତୁ ଚାରିଆଡ଼ରେ ସମଭାବରେ ଉତ୍ତାପ ପାଏ ଏଣୁ ଭଲ ରୂପେ ସର୍ବାଙ୍ଗ ଭାଜି ହୁଏ । ]
ଦେ. ବଣ—ଉତ୍ତପ୍ତ ବାଲୁକା ସାହାଯ୍ୟରେ ଭର୍ଜିତ ( ଚାଉଳ ମୁଗ ଆଦି )—( corn ) Fried in hot sand.
[ ଦ୍ର—ଚାଉଳ, ମୁଗ ଆଦି ଦ୍ରବ୍ୟକୁ ଶୁଖିଲା ହାଣ୍ଡିରେ ଭାଜିଲେ ତହିଁର ଯେଉଁ ଅଂଶ ଉତ୍ତପ୍ତ ହାଣ୍ଡିର ସ୍ପର୍ଶରେ ଆସେ ସେ ଅଂଶ ପୋଡ଼ି ଯାଏ ଓ ଅନ୍ୟ ଅଂଶ କଞ୍ଚା ରହେ । କିନ୍ତୁ ସେ ହାଣ୍ଡିରେ ଶୁଖିଲା ବାଲି ପୂରାଇ ବାଲିଗୁଡ଼ିକ ଖୁବ ତାତିଗଲା ପରେ ସେଥିରେ ଚାଉଳ ଆଦି ଭାଜିଲେ ଚାଉଳ ଆଦିକୁ ଉତ୍ତପ୍ତ ବାଲି ଘେରି ରହିବାରୁ ଭଜା ହେବା ଦ୍ରବ୍ୟର ସର୍ବାଙ୍ଗରେ ସମ ପରିମାଣ ତାପ ଲାଗେ । ]

ବାଲିମା—ସଂ. ବ ( ବାଲ+ଇମନ୍; ୧ମା. ୧ବ )—ବାଲ୍ୟାବସ୍ଥା—
Bālimā Childhood ( Apte )

ବାଲି ମାଟି—ଦେ. ବ ( ସଂ. ବାଲୁକା+ମୃତ୍ତିକା )—୧ । ବାଲିମିଶ୍ରିତ
Bāli māṭi ମୃତ୍ତିକା ବା ମୃତ୍ତିକାମିଶ୍ରିତ ବାଲି—1. Sandy

बार्लिमाटि soil. ୨ । କଚା ଗାନ୍ଥଣୀ ଓ ପଲସ୍ତର ପାଇଁ
बालुमिटी ବ୍ୟବହୃତ ବାଲି ମିଶା କାଦୁଅ—Sand and clay ( used in mud masonry and plaster.

ବାଲି ମେଣ୍ଢି —ଦେ. ବ—ବାଲି ଘୁରୁଣି ( ଦେଖ )
Bāli mendhi Bāli ghuruṇi ( See )

ବାଲି ଲୋକନାଥ — ଦେ. ବ - ପୁରୀ ସହରର ପଶ୍ଚିମାଂଶରେ ବାଲୁକାମୟ
Bāli lokanātha ପ୍ରଦେଶରେ ପ୍ରତିଷ୍ଠିତ ଶିବଲିଙ୍ଗ—
A image of Śiba in the western extremity of Purī Town.
[ ଦ୍ର—ଏ ପୁରୀର ରକ୍ଷକ ଦେବ ଓ ପୁରୀକ୍ଷେତ୍ର ଏହାଙ୍କ ଯୋଗୁଁ ଶିବକ୍ଷେତ୍ର ବୋଲି ପ୍ରସିଦ୍ଧ । ]

ବାଲିଶ —ବୈଦେ. ବ (ଫା) ( ଭୁଲ. ସଂ. ବାଲିଶ=ତକିଆ. Apte)—
Bālis ଆଉଜିବା ନିମନ୍ତେ ବସ୍ତ୍ରାବୃତ ତୁଳାସ୍ଥଳୀ; ଉପାଧାନ; ତକିଆ;
বালিস बालिश ମାଣ୍ଡି—Pillow.

ବାଲିଶ—ସଂ. ବଣ. ପୁଂ ( ବଳ=ପୂଜା ଦ୍ରବ୍ୟ+ଶୋ ଧାତୁ=ନାଶ
Bāliśa କରିବା+କର୍ତ୍ତୃ. ଅ=ବଳଶ=ଯେ ପୂଜା ପାଇଁ ରଖା
(ବାଳଶା—ସ୍ତ୍ରୀ) ଯାଇଥିବା ଦ୍ରବ୍ୟକୁ ବା ଅମୁଣିଅକୁ ମାସ୍ତ କରେ; ବଳଶ+ସ୍ୱାର୍ଥେ. ଅ)—୧ । ଅଜ୍ଞାନ—1. Ignorant; inexperienced. ୨ । ଅଳ୍ପ ବୟସ୍କ—2. Very young. ୩ । ମୂର୍ଖ—3. Illiterate. ୪ । ଅସାବଧାନ—4. Careless. ୫ । ଶିଶୁପ୍ରକୃତିକ—5. Puerile; childish.

ସଂ. ବ ( ବଳନ୍=ମସ୍ତକ+ଶୀ ଧାତୁ=ଶୋଇବା+ଅଧିକରଣ. ଅ. )—୧ । ଉପାଧାନ; ତକିଆ—1. Pillow (Apte). ୨ । (ବାଲ+ ସ୍ୱାର୍ଥେ. ଇଶ) ଶିଶୁ; ବାଳକ—2. Child ( Apte ). ୩ । ( ବାଲ+ତୁଲ୍ୟାର୍ଥେ. ଇଶ )—ଜବୋଧ ବ୍ୟକ୍ତି—3. A fool; a blockhead ( Apte ).

ବାଲିଶଯ୍ୟା—ଦେ. ବ ( ସଂ. ବାଲୁକା ଶଯ୍ୟା )—ମୃତ୍ୟୁ ଆସନ୍ନ ହେଲେ
Bāliśajyā ମୁମୂର୍ଷୁ ବ୍ୟକ୍ତିକୁ ପବିତ୍ର ଗଙ୍ଗା ବାଲି ମିଶା ଯେଉଁ
बालुशय्या ସିକତାମୟ ଶଯ୍ୟାରେ ଶୁଆନ୍ତି—A bed of sand mixed with the sacred sand of the Ganges on which a dying person is laid down when every hope of his or her life is given up.

ବାଲିଶଯ୍ୟାରେ ଶୋଇ ହେଉ
ବନ୍ଧୁ ବାନ୍ଧବ ବେଢ଼ି ରହୁଁ—ଜଗନ୍ନାଥ. ଭାଗବତ. ।

[ ଦ୍ର—ହିନ୍ଦୁ ଧର୍ମଶାସ୍ତ୍ର ଅନୁସାରେ ଗଙ୍ଗାତୀରର ବାଲୁକାରେ ଶୟନ କରିଥିବା ଅବସ୍ଥାରେ ମୃତ୍ୟୁ ଘଟିଲେ ସ୍ୱର୍ଗପ୍ରାପ୍ତି ହୁଏ, ଏହି ବିଶ୍ୱାସରେ ଯେଉଁମାନେ ଗଙ୍ଗାନଦୀର ଗର୍ଭକୁ ନୀତ ହୋଇ ପାରନ୍ତି ନାହିଁ, ଆସନ୍ନମୃତ୍ୟୁ ଅବସ୍ଥାରେ ସେମାନଙ୍କୁ ତାଙ୍କ ପାଖରେ ଥିବା ଭାଇ ବନ୍ଧୁ କୁଟୁମ୍ବ ଘରଭିତରୁ ଅଗଣାକୁ ନେଇ ସେଠାରେ ଗଙ୍ଗାବାଲି ଥିଲେ ତାହା ମଗାଇ ବା କଳ୍ପିତ-ଗଙ୍ଗାବାଲୁକାରଚିତ ଶଯ୍ୟାରେ ଶୁଆଇ ଦିଅନ୍ତି । ]

ବାଲିଶା —ଦେ. ବଣ. ସ୍ତ୍ରୀ —୧ । ମୂର୍ଖା; ମୂଢ଼ା ( ସ୍ତ୍ରୀ )—
Bāliśā Ignorant ( female )

ବାଳଶା ସେ ମହତ ବେଶେ ଶ୍ରୀରାମସ୍ତୁତି କରୁ—
ଉପେ. ବୈଦେହୀଶବିଳାସ ।

୨ । ବାଉଳା ( ସ୍ତ୍ରୀ )—2. Mad; idiot (woman).
୩ । ବାଳକାବୁଦ୍ଧିଯୁକ୍ତା ( ସ୍ତ୍ରୀ )—
3. Childish; foolish.

(୨+୩) ବାଳଶା ପ୍ରିୟା ତୁ କୃଷ୍ଣ କରୁ କ୍ଷମା ବାଲ ସେ—
ଉପେ. ବୈଦେହୀଶବିଳାସ ।

ବାଲିଶୁଆ—ଦେ.ବଣ. ( ଗାଳି )—ଯେ ମୃତ ହୋଇ ନଦୀ ବାଲିରେ
Bāliśuā ଯାଇ ଶୋଇବ; ଯାହାର ମୃତଦେହ ନଦୀବାଲିରେ ଫିଙ୍ଗା ହେବ—( a term of abuse or curse ) One who will be laid down in the river-bed to die.
ବ. (ସଂ. ବାଲୁକା+ଶୁକ)—ଏକପ୍ରକାର କ୍ଷୁଦ୍ର ଶୁକପକ୍ଷୀ—A species of small parrot.

ଉଡ଼ନ୍ତି ଖଣ୍ଡ ପ୍ରାୟେ ଶ୍ରେଣୀ ଉଡ଼ା ହେଉ ଚୂଳେ ବାଲିଶୁଆ —
ରାଧାନାଥ, ପାର୍ବତୀ ।

ବାଲିସରା—ଦେ. ବ—ପୋଖରୀ; ପୟଃପ୍ରଣାଳୀ ବା କାଦୁଅ ନଦୀ ଭିତରେ
Bālisarā ସ୍ନାନ ଘାଟପାଖର ବାଲୁକାମୟ ସ୍ଥାନ—A beaten
बालुआहीघाट sandy place in a stream or muddy river where people take their bath and which is sandy and not muddy.
[ଦ୍ର—ଏ ସ୍ଥାନରେ ଲୋକେ ଗାଧୁଆ ଧାଧୁଆ କରି ସର୍ବଦା ପାଦରେ ମାଡ଼ିବା ଯୋଗୁଁ କାଦୁଅ ନ ଜମି ବାଲି ପଡ଼ି ଯାଇ ଥାଏ ।]

ବାଲି ସାହି—ଦେ. ବ—ବାଲୁକାମୟ ସ୍ଥାନରେ ପ୍ରତିଷ୍ଠିତ ଲୋକବସତି—
Bāli sāhi A village on a sandy place or site.
[ଦ୍ର – ପୁରୀ ସହରର ଗୋଟିଏ ସାହିକୁ ଓ ଖଲ୍ଲି ଇଲାକାର ଗୁହାଳ ପ୍ରଗଣାର ଗୋଟିଏ ଗ୍ରାମକୁ ବାଲିସାହି ନାମ ଦିଆ ଯାଇ ଅଛି ।]

ବାଲିସିରା ଛତୁ—ଗ୍ରାଦେ (ଦ୍ୱୟପୁର) ବ —ଏକପ୍ରକାର ଛତୁ—
Bālisirā chhatu A species of mushroom.

ବାଲି ସେକ—ଦେ· ବ—(ସଂ. ବାଲୁକା ସ୍ୱେଦ )—ତପ୍ତ ବାଲୁକାମୟ
Bāliseka ପୁଡ଼ାଦ୍ୱାରା ଶରୀରର ବ୍ୟଥାଯୁକ୍ତ ଅଙ୍ଗର ତାପନ—
বালিসেঁক Hot sand bath; fomentation with hot
बालूसेंक sand.

ବାଲିହଂସ—ଦେ. ବ—ଏକପ୍ରକାର କ୍ଷୁଦ୍ର ହଂସ—
Bālihamsa A species of gander living in
বালিহংস बालूहंस sandy places.

ବାଲିହନ୍ତା—ସଂ. ବ. ପୁଂ—( ବାଳ+ହନ୍ ଧାତୁ+କର୍ତ୍ତୃ. ତୃ )—
Bālihantā (ବାଳି ରାଜାକୁ ବଧ କରିଥିବା) ଶ୍ରୀରାମ—
Rāmachandra (who killed Bāli.)

ବାଲି ହରିଣ—ଦେ. ବ—୧ । ଏକଜାତୀୟ କ୍ଷୁଦ୍ର ହରିଣ; ବାଲୁଟିଆ—
Bāli hariṇa বালিহরিন बालूहीरन 1. The black buck.
[ ଦ୍ର—ଏମାନେ ପୁରୀଜିଲ୍ଲାର ସମୁଦ୍ର ଉପକୂଳସ୍ଥ ବାଲିରେ ଦଳ ଦଳ ହୋଇ ବୁଲୁଥାଆନ୍ତି । ]

୨ । ( ଲକ୍ଷଣାର୍ଥ ) (ତୃଣସ୍ଥାନ ବାଲିରେ ହରିଣମାନଙ୍କ ଖାଦ୍ୟୋପଯୋଗୀ ତୃଣ ଲତାଦି ନ ଥିବାରୁ ଓ ସେମାନଙ୍କ ଖାଦ୍ୟୋପଯୋଗୀ ସ୍ଥଳାଦି ସେମାନଙ୍କୁ ଈଶ୍ୱର ଯୋଗାଉ ଥିବାରୁ ) ଈଶ୍ୱର ଉପାସ୍ୟସ୍ଥାନ ଯେଉଁ ବ୍ୟକ୍ତିଙ୍କୁ ଈଶ୍ୱର ଖାଦ୍ୟ ଯୋଗାନ୍ତି । ଅଦାଗ ପାଣିଅଁ ଲୋକ—2. (figurative) A person who depends on the Providence for his maintenance.

**ବାଲୀ**—ସ. ବି. ସ୍ତ୍ରୀ—(ବାଳ+ସ୍ତ୍ରୀ. ଈ)—୧ । ବାଳା; ସ୍ତ୍ରୀ—
Bāḷī 1. Woman. ୨ । ଯୁବତୀ—2. A young woman. ୩ । (ବାଳ+ଅଛି ଅର୍ଥରେ. ଇନ୍) ବାଳି (ଦେଖ)—3. Bāḷi (See). ୪ । କର୍ଣ୍ଣାଳଙ୍କାର ବିଶେଷ; ବାଉଳି—3. A kind of ear ring (M.W & Apte).
ବପୁହିଁ ହେମବାଳୀ ବାମ ଶ୍ରବଣରେ—
ଉତ୍କ. ପ୍ରବନ୍ଧଦେବ ।
୫ । ବଳୟଭୂଷଣ ( ପ୍ରତ୍ନବାଦ )—5. Wristlet; bracelet. (ତୁଲ. ବି· ବାଲା) ।

**ବାଲୀ**—ବୈଦେ. ବି (ଫା. ପ୍ରତ୍ୟୟ)—ବାଲାର ସ୍ତ୍ରୀଲିଙ୍ଗ—
Bālī The feminine of the Persian suffix Bālā.
ଓ୍ୱାଲୀ वाली (ବୃଅଲୀ—ଅନ୍ୟରୂପ)
[ଦ୍ର—ଘରବାଲା, ପୁଂଲିଙ୍ଗ—ଘରବାଲୀ, ସ୍ତ୍ରୀଲିଙ୍ଗ ।]

**ବାଳୀଶ**—ସ. ବି—ମୂତ୍ରକୃଚ୍ଛ୍ର ରୋଗ—
Bāḷīsa Scanty urination due to gravel.
ଦେ. ବି. ସ୍ତ୍ରୀ—୧ । (ବାଳୀ+ଈଶ) ବାଳାମଣି; ଶ୍ରେଷ୍ଠା ସ୍ତ୍ରୀ—1. An excellent lady ୨ । ( ବାଳ+ଈଶ ) ବାଳି ନାମକ ମର୍କଟ ରାଜା—2. The name of the nonkey king of Kiskindhyā.
ବାଳୀଶର ତଥା କୋଟେ ଗଣିତ—
ଉତ୍କ. ବୈଦେହୀଶବିଳାସ ।
ବିଣ. (ସ. ବାଳିଶ)—୧ । କ୍ଷୁଦ୍ର—1. Small.
ବାଳଶତ ନହିଁ ସେକ ସୁତରୁ
ବାଳୀ ବଳିଷ୍ଠ ବୃନ୍ଦେ ଦୋହଦ । ଉତ୍କ. ବୈଦେହୀଶବିଳାସ ।
୨ । ମୂର୍ଖ—2. Ignorant.
ବାଳୀଶ ତ ନୁ ହୁ ସେକ ସୁତରୁ—
ଉତ୍କ. ବୈଦେହୀଶବିଳାସ ।

**ବାଲୁ**—ସ. ବି—( ବଲ୍. ଧାତୁ=ବୃଦ୍ଧି ପାଇବା+କର୍ତ୍ତୃ. ଉ )—ବାଲି;
Bālu ସିକତା—Sand.
ଦେ· ବି—(ବାଲୁକେଶ୍ୱର ନାମକ ବ୍ୟକ୍ତିର ଡାକ ନାମ)—
A name for calling Bālukeśwara.
ଗ୍ରାଦେ (ଅଳ) ବି—ବାଲୁଅ (ଦେଖ)—Bālua (See).

**ବାଲୁଅ**—ଦେ. ବି—ଯନ୍ତ୍ର ବା ଡେଙ୍କିର ବାହାଲ ମୁଣ୍ଡରୁ ସ୍ୱଳ୍ପ
Bālua କଷ୍ଟରବାଳପରି ବନ୍ଧା ଯାଇଥିବା ମାଟି ପିଣ୍ଡୁଳା—The ball of mud or ballast put to the further end of a water-lifting crane to lessen the exertion of the person in lifting water at the other end.

**ବାଲୁଆ**—ଦେ. ବିଣ. ପୁଂ—୧ । ଯାହା ଦେହରେ ବହୁତ କେଶ
Bāḷua ଉଠିଥାଏ; ଲୋମଶ—Hairy; having much hair on the body; shaggy.
ବାଲେଇ } ସ୍ତ୍ରୀ
ବାଲୋଇ }
बलवाला

**ବାଲୁଆ**—ଦେ. ବିଣ. ପୁଂ ( ସ. ବାଳଶ )—୧ । ଓଳୁ—1. Foolish;
Bālua idiotc· ୨ । ଭାତାଖିଆ; ଯେ ଖାଦ୍ୟଦ୍ରବ୍ୟ ପ୍ରତି
ବାଲେଇ } ସ୍ତ୍ରୀ
ବାଲୋଇ }
ଅତ୍ୟନ୍ତ ଲୋଭାସକ୍ତ; ପେଟୁ—2. Gluttonous.
ଗ୍ରାଦେ. (ଗଡ଼ଜାତ)—ବାଲୁଅ (ଦେଖ)—Bālua (See).

**ବାଲୁକ**—ସ. ବି—୧ । ଏଲବାଳୁକ ନାମକ ଗନ୍ଧଦ୍ରବ୍ୟ—
Bāluka 1. Name of a perfume.
୨ । ପାଣାସ୍ୱାମଳକ; ପାଣିଅଁଳା (ହି. ଶ)—
2. Flacourtie Cataphracta.

**ବାଲୁକା**—ସ ବି—(ବଲ୍ ଧାତୁ+ଉ+କ)—୧ । ବାଲି—
Bālukā 1. Sand. ୨ । ଶାଖା—2. Branch. ୩ । ଅଙ୍ଗ-ପ୍ରତ୍ୟଙ୍ଗାଦି—3. Limbs. ୪ । କାକୁଡ଼ି—4 Cucumber. ୫ । କର୍ପୂର—5. Camphor. ୬ । ବାଲୁକା ସ୍ୱେଦ; ବାଲିସେକ—6. Sand bath. ୭ । ବାଲୁକା-ଯନ୍ତ୍ର—7. Bālukā jantra (See).

**ବାଲୁକା ଖେଳ**—ଦେ. ବି—ଧୂଳି ଖେଳ—
Bālukā kheḷa Playing with sand.
ବାଳ ବାଲୁକା ଖେଳ, ବକ୍ଷରେ ତ ଅଳ ତୁମ୍ଭ ବୋଲ
ଉତ୍କ: ବୈଦେହୀଶବିଳାସ ।

**ବାଲୁକାମୟ**—ସ. ବିଣ—( ବାଲୁକା+ପ୍ରାଚୁର୍ଯ୍ୟାର୍ଥେ. ମୟ )—
Bālukāmaya ବାଲୁକା ପୂର୍ଣ୍ଣ—Sandy; full of sand.

**ବାଲୁକା ଯନ୍ତ୍ର**—ସ. ବି—୧ । ସମୟନିରୂପଣାର୍ଥ ବ୍ୟବହୃତ ଛିଦ୍ରଯୁକ୍ତ
Bālukā jantra ବାଲୁକାପୂର୍ଣ୍ଣ କ୍ଷୀଣକଟୀ ପାତ୍ର—1. Sand glass; sand hour-glass. ୨ । କାଥ ଉପରେ ବସାଯିବା ହାଣ୍ଡି ମଧ୍ୟରେ ବାଲି ପୂରାଇ ସେହି ବାଲି ମଧ୍ୟରେ ଔଷଧାଦି ପୋତି ପାକ କରିବା ନିମନ୍ତେ ବ୍ୟବହୃତ ବାଲୁକାପୂର୍ଣ୍ଣ ପାତ୍ର—2. A pot full of sand within which any article is kept for being fried over fire.

**ବାଲୁକୀ**—ସ. ବି·—ଏକ ପ୍ରକାର କାକୁଡ଼ି (ହି. ଶ)—
Bālukī A kind of cucumber.

**ବାଲୁକା ଶଙ୍କର**—ସ. ବି—ପୂଜାର୍ଥ ନିର୍ମିତ ବାଲୁକାର ଶିବ ଲିଙ୍ଗ—
Bālukā śankara Siba linga or a phallic image prepared with sand.
[ଦ୍ର—କୁମାରୀମାନେ ବାଲି ଢିପ ବନ୍ଧାଇ ଜଳାଶୟ କୂଳରେ ବାଲୁକା ଶଙ୍କର ତିଆରି କରି ପୂଜା କରନ୍ତି ।]

**ବାଲୁକା ସ୍ୱେଦ**—ସ. ବି—(ଷଷ୍ଠୀ ତତ୍)—ବାଲି ସେକ (ଦେଖ)
Bālukā sweda Bāli seka (See)

**ବାଲୁକେଶ**—ସ. ବି—ବାଲୁକା ଶଙ୍କର (ଦେଖ)
Bālukeśa Bālukā śankara (See)
(ବାଲୁକେଶ୍ୱର—ଅନ୍ୟରୂପ) ଦେ. ବି—ବାଲୁଙ୍କେଶ (ଦେଖ)
Bālunkeśa (See)

ବାଲୁକେ(ଙ୍କେ)ଶ ଜଗଦ୍ଦେ(ଦେ)ବ ବ—ଦେ.—(ନାମ)—ଗଞ୍ଜାମ ଜିଲ୍ଲାର Bāluke(ṅke)śa jagadd e(de)ba ଅଠଗଡ଼ର ବଦେ୍ୟାସ୍ତାପ୍ତ ଜନୈକ ରଜା—

ବାଲୁକେ(ଙ୍କେ)ଶ ଦେବ
ବାଲୁକେ(ଙ୍କେ)ଶ ହରଚନ୍ଦନ } —ଅନ୍ୟରୂପ
ବାଲୁକେ(ଙ୍କେ)ଶ୍ୱର ଜଗଦେବ

[ଦ୍ର—ଏ ସ୍ୱୟଂକଣ୍ଠ ଓ ସଙ୍ଗୀତାନୁରାଗୀ ଥିଲେ। କବିସୂର୍ଯ୍ୟ ବଳଦେବ କେତେକ ଦିନ ଏହାଙ୍କ ସଭାପଣ୍ଡିତ ଥାଇ ଏହାଙ୍କ ଅଣ୍ଡପୁରେ ଶରୋବରଚନ୍ଦ୍ରାନନ ଚମ୍ପୂ ଓ ଅନେକ ସଙ୍ଗୀତ ରଚନା କରି ଏହାଙ୍କ ନାମରେ ଭଣିତା କରିଥିଲେ। ଏ ରଜାଙ୍କ ଜୀବନକାଳରେ କବିସୂର୍ଯ୍ୟ ପରଲୋକ ଗମନ କଲେ। ଏହାଙ୍କ ପୁତ୍ର ରାମଚନ୍ଦ୍ର ଜଗଦେବଙ୍କ ରାଜତ୍ୱର ୩ୟ ବର୍ଷରେ ବାକି ରାଜସ୍ୱ ପାଇଁ ଅଠଗଡ଼ ରାଜ୍ୟ ନିଲାମ ହେବାରୁ ତାହାଙ୍କୁ ଖଲିକୋଟ ରଜା ଖରିଦ କଲେ।]

ବାଲୁଙ୍କା—ଗ୍ରା. ବି—(ସ. ବାଲୁକା)—୧। ବାଲି—1. Sand. Bāluṅkā ୨। ବାଲୁକା ଶଙ୍କର—2. Phallic image of Mahādeba.

ସେ କନ୍ୟା ଚନ୍ଦ୍ରାର ଭୁବନେ
ବାଲୁଙ୍କା ପୂଜେ ପ୍ରତି ଦିନେ। ଯଶୋବନ୍ତ. ପ୍ରେମଭକ୍ତି ବ୍ରହ୍ମଗୀତା।

୩। (ଅନାଦରାର୍ଥ) ବାଲୁଙ୍କେଶ୍ୱରର ଡାକ ନାମ—3. A name for calling Bālukeswara.

ବାଲୁଙ୍କା ଦାସ—ଦେ. ବି—(ନାମ)—ଓଡ଼ିଆ କବିବିଶେଷ—Bāluṅkā dāsa Name of an Oriya poet.

[ଦ୍ର—ଏ ଜାଜପୁରରେ ବାସ କରୁଥିଲେ, ଏ ଓଡ଼ିଆ ଭାଷାରେ କେତେକ ପୁରାଣ ଓ ଭଜନ ଆଦି ରଚନା କରି ଯାଇ ଅଛନ୍ତି।]

ବାଲୁଙ୍କା ପୂଜା—ଦେ. ବି—ବାଲିତୃତୀୟା ଦିନ କୁମାରୀମାନେ ଜଳାଶୟ Bāluṅkā pūjā କୂଳରେ ଓଦା ବାଲିଦ୍ୱାରା ଶିବ ଲିଙ୍ଗ ନିର୍ମାଣ କରି ଯେଉଁ ପୂଜା କରନ୍ତି—Worship of Siba-Liṅga made of sand on the day of Bālitrutiyā by maidens.

ବାଲୁଙ୍କୀ—ସ. ବି—ବାଲୁକା ୪ (ଦେଖ) Bāluṅki Bālukā 4 (See)

ବାଲୁଙ୍କିକା
ବାଲୁଙ୍ଗୀ —ଅନ୍ୟରୂପ
ବାଲୁଙ୍ଗିକା

ଦେ. ବି—ବାଲୁଙ୍କେଶ୍ୱରର ଡାକ ନାମ—A name for calling Bāluṅkeswara.

ବାଲୁଙ୍କେଶ—ଦେ. ବି—(ସ. ବାଲୁକେଶ)—୧। ବାଲିତୃତୀୟା ଦିନ Bāluṅkeśa କୁମାରୀମାନଙ୍କଦ୍ୱାରା ପୁଷ୍କରିଣୀ କୂଳରେ ରଚିତ ଓ (ବାଲୁଙ୍କେଶ୍ୱର—ଅନ୍ୟରୂପ) ପୂଜିତ ବାଲୁକା ଲିଙ୍ଗ—2. Siba-liṅga of sand set up and worshipped by the maidens on the day of Bālitrutiyā. ୨। ପୁରୀ ଜିଲ୍ଲା ବରାଳ ଗ୍ରାମରେ ବିରାଜିତ ଶିବ ଲିଙ୍ଗ—2. Name of the Siba liṅga in the village of Barāla in the district of Puri. ୩। ଲୋକଙ୍କୁ ଦିଆ ଯିବା ନାମ—3. Name given to males. ୪। ବାଲୁକେଶ ଜଗଦେବ (ଦେଖ) 4. Bālukeśa Jagadeba (See)

ବାଳୁଙ୍ଗା—ଦେ. ବି—ନିବାର; ଝଡ଼ା ଧାନ୍ୟ; କୃଷି ଧାନ; କୃଷି କରି ନ Bāḷuṅgā ଯାଇ ଉଠିବା ଧାନ; ଅଯତ୍ନସମ୍ଭୂତ ଧାନ୍ୟ; ସ୍ୱାହାଡ଼ୀ—ସ. ତୃଣଧାନ୍ୟ, ଅରଣ୍ୟଶାଲୀ Paddy growing without cultivation. ঝড়া ধান, ওরিধান,উড়ি ধান तिन्नी, मड़

କୃଷକେ ଉପାଡ଼ନ୍ତି ବାଳୁଙ୍ଗା ଖେତରୁ
ଧାଧ୍ୟ ଯେସନେ ଅସୁରତମ ତରୁ।—ସ୍ୱଧାନାଥ ଭୂଳଶାସ୍ତ୍ରବକ।

[ଦ୍ର—ଏହି ଧାନ କୃଷିଉତ୍ପନ୍ନ ଧାନ ଗଛରୁ ଝଡ଼ି ପଡ଼ି କ୍ଷେତରେ ପଡ଼ି ରହି ଥାଏ ଏବଂ ଗଛ ଉଠେ ଓ ଫଳେ। ଏହାର ଶସ୍ୟର ଅଗରେ ବଡ଼ ବଡ଼ ଶିଙ୍ଗ ଥାଏ। ଏହି ଧାନ କର୍ଷିତ ଧାନ ଗଛ ସଙ୍ଗେ କିଆରରେ ଉଠିଲେ କୃଷି ଧାନ ଅପେକ୍ଷା ଅଗରୁ ପାଚି ଯାଏ ଓ କିଆରରେ ଝଡ଼ି ପଡ଼େ। ପୁଣି ପରବର୍ତ୍ତୀ ବର୍ଷକୁ ଉଠେ ଓ ଅଗେ ପାଚେ। ଏହିପରି ହେବାଦ୍ୱାରା କିଆରୀକୁ ନଷ୍ଟ କରି ପକାଏ। ଏଥି ପାଇଁ କୃଷକମାନେ ଧାନ କିଆରରୁ ବାଳୁଙ୍ଗା ଗଛମାନ ଅଗରୁ ଓପାଡ଼ି ପକାନ୍ତି। ଧାନ ଗଛ ଛୋଟ ଥିବା ବେଳେ ଗଛର ମୂଳ ଦେଖି ଧାନ ଗଛ ଓ ବାଳୁଙ୍ଗା ଗଛକୁ କୃଷକମାନେ ଚିହ୍ନି ପାରନ୍ତି। ଧାନ କ୍ଷେତରୁ ବାଳୁଙ୍ଗା ନ ଓପାଡ଼ିଲେ ୩ ବର୍ଷ ମଧ୍ୟରେ କିଆରିଯାକ ବାଳୁଙ୍ଗାମୟ ହୋଇ ଯାଏ ଓ ମାଟିରୁ ସାର ଟାଣି ନେଇ କୃଷିଧାନ ଗଛକୁ ଦୁର୍ବଳ କରି ପକାଏ।

ପୂର୍ବକାଳରେ ଋଷିମାନେ ଏହାର ଚାଉଳକୁ ଖାଉଥିଲେ; ଏ ଧାନର ଚାଉଳ ମିଠିଆ ଓ ରୁକ୍ଷ।]

୨। (ଗ୍ରା°) ଅଯୋଗ୍ୟ ଓ ଦୁଷ୍ଟ ବ୍ୟକ୍ତି—2. A wicked and unworthy person. ୩। ଅଧମ ବ୍ୟକ୍ତି—3. A mean person.

ଚନ ବରଷରେ ଧାନ ବାଳୁଙ୍ଗା
ତନ ପୁରୁଷରେ କୁଳ ବାଳୁଙ୍ଗା। ଢଗ।

୪। ମୂର୍ଖ ବ୍ୟକ୍ତି—4. An ignorant person; a dunce.

ବାଳୁଙ୍ଗା କିଆରି—ଦେ. ବି—ଯେଉଁ କ୍ଷେତ୍ର ବାଳୁଙ୍ଗା ଧାନର ଗଛରେ Bāḷuṅgā kiāri ପୂର୍ଣ୍ଣ ହୋଇ ଥାଏ—A field full of झड़बीला खेत Bāḷuṅgā paddy plants. (ବାଳୁଙ୍ଗା କ୍ଷେତ, ବାଳୁଙ୍ଗା ବାଡ଼ି, ବାଳୁଙ୍ଗା ବିଲ—ଅନ୍ୟରୂପ)

ବାଳୁଙ୍ଗା ବାଛିବା—ଦେ. କ୍ରି—ଧାନ କିଆରିରୁ ବାଳୁଙ୍ଗା ଧାନର ଗଛ Bāḷuṅgā bāchhibā ସାକ ଓପାଡ଼ି ପକାଇବା—To weed झड़कमाना; झड़निराना out Bāḷuṅgā plants from a paddy field.

[ଦ୍ର—ଧାନ ବାଛିବା ଅର୍ଥ ଧାନ କିଆରିରୁ ଧାନ ଗଛ ସାକ ଛାଡ଼ିଦେଇ ଘାସ, ବାଳୁଙ୍ଗା ଆଦିକୁ ଉପାଡ଼ି ପକାଇବା।]

ବାଳୁତ—ଗ୍ରା. ବି. ପୁଂ—(ସ. ବାଲ)—୧। ବାଳକ—1. Boy. Bāḷuta बाल (ବାଳୁତୀ—ସ୍ତ୍ରୀ)

ଜାଣି ବାଳୁତ ବାଳୁ ଲବଣୀ ହାଣ୍ଡି ଚଢ଼ି
ଧରି ଫଗରେ ବୃଦ୍ଧେ ଭିଡ଼ି। କବିସୂର୍ଯ୍ୟ. ସଙ୍ଗୀତ।

୨। ପୁଂ ସନ୍ତାନ—2. Male child. ୩। ଶିଶୁ—3. Child.

ଯେସନେ ରଜସ୍ୱର୍ଗୀୟଯୁକ୍ତ
ତହିଁରୁ ଜନ୍ମଲେ ବାଳୁତ। ଗ୍ରାଚୀ. ବର୍ଣ୍ଣନ ମାହାତ୍ମ୍ୟ।

ବିଣ.—୧ । ଅଳ୍ପବୟସ୍କ; ବାଲ୍ୟ—1. Of tender age.
୨ । ଶିଶୁ ପରି ଜ୍ଞାନଶୂନ୍ୟ—2. Ignorant as a child.
୩ । ଶିଶୁଜନୋଚିତ—3. Childish; childlike.

**ବାଲୁତ କନ୍ୟା**—ଗ୍ରା. ବି—୧ । ଶିଶୁ ବାଳିକା—
Bā̤luta kanyā 1. A girl who is a mere child.
बाल कन्या ୨ । ଯେଉଁ ବାଳିକା ରଜସ୍ୱଳା ହେବା ପୂର୍ବରୁ ବିବାହିତା
বাল কন্যা ହୁଏ—2. A girl given in marriage before attaining puberty.

**ବାଲୁତ କାଳ**—ଗ୍ରା. ବି—ବାଲ୍ୟକାଳ (ଦେଖ)
Bā̤luta kā̤la बाल्य पन Bālya kā̤la (See)
(ବାଲୁତ ବୟସ—ଅନ୍ୟରୂପ) ছেলেবেলা
ବାଲୁତ କାଳରୁ ତୁହେଁ ତୁହିଁ କର ହୃଦୟ ମୂଳ୍ୟରେ ଭଣା ।
ପ୍ରଥାବାଥ, କେଦାରଗୌରୀ ।

**ବାଲୁତ କୁମର**—ଗ୍ରା. ବି—(ସଂ. ବାଲ+କୁମାର)—୧ । ସନ୍ତାନ—
Bā̤luta kumara কচিছেলে 1. Male child.
बच्चा ୨ । ଅତି ଶିଶୁ—2. A mere child; an infant.
(ବାଲୁତ କୁମାର, ବାଲୁତ ପୁଅ, ବାଲୁତ ପିଲା—ଅନ୍ୟରୂପ)

**ବାଲୁତ ପଣ**—ଦେ. ବି.—୧ । ଶିଶୁ ସ୍ୱଭାବ—1. Childishness
Bā̤luta paṇa the nature of a child. ୨ । ବାଲ୍ୟ-
(ବାଲୁତ ପଣିଆ—ଅନ୍ୟରୂପ) କାଳ—2. Childhood.

**ବାଲୁତ ବିଧବା**—ଗ୍ରା. ବି. ସ୍ତ୍ରୀ—(ସଂ. ବାଲ ବିଧବା)—ଯେଉଁ ବାଳିକା
Bā̤luta bidhabā ରଜସ୍ୱଳା ହେବା ପୂର୍ବରୁ ବା ସ୍ୱାମୀ ସହବାସ
কড়ে রাণ্ড बाल विधवा ପୂର୍ବରୁ ସ୍ୱାମୀଙ୍କୁ ହରାଇ ଥାଏ; ଅକ୍ଷତ-
(ବାଲ୍ୟ ବିଧବା—ଅନ୍ୟରୂପ) ଯୋନି ବିଧବା—Child widow.

**ବାଲୁତ ବିବାହ**—ଗ୍ରା. ବି—(ସଂ. ବାଲ୍ୟ ବିବାହ)—ଅପ୍ରାପ୍ତବୟସ୍କ
Bā̤luta bibāha ବାଳକ ଓ ବାଳିକାଙ୍କର ବିବାହ; ବାଲ୍ୟ
(ବାଲ୍ୟବିବାହ—ସଂ; ବାଲୁତ ବିଭା—ଅନ୍ୟରୂପ) ବିବାହ—
Child marriage.

**ବାଲୁ ବାଲୁ**—ଦେ. ବିଣ-(ସଂ. ବାଲମୟ)—୧ । ଯାହାର ଶରୀରରେ
Bā̤lu bā̤lu ଅଧିକ ପରିମାଣରେ କେଶ ଜନ୍ମି ଥାଏ—
ବାଲ ବାଲୁଆ } —ଅନ୍ୟରୂପ 1. Having a hairy body.
ବାଲୁ ବାଲୁଆ } ୨ । ବାଲୁଆ; କେଶମୟ—
2. Hairy ୩ । ବହୁକେଶମିଶ୍ରିତ—3. Mixed with a quantity of hair. ୪ । ବାଲ ପରି ଅଝଟ—
4. Tangled like hair.
ବି.—୧ । ସମ୍ବାଲୁଆ ପୋକ—The wooly bear; wooly caterpillar. ୨ । ଏକ ପ୍ରକାର ଝୋଲଯୁକ୍ତ ଶାଗ—2. A kind slimy of potherb.
[ଦ୍ର—ଏ ଶାଗର କାଣ୍ଡ ନାଲି, ପତ୍ର ବର ପାଲ ପରି ଗୋଟ ଓ ମୋଟ; ଏ ଶାଗ ଖାଇବାରେ ମଜା ମଜା ହୋଇ ବଡ଼େ ।]

**ବାଲୁ ବାଲୁ**—ଦେ. ଅ.—ପାଣିଆ ଓ ଅଠାଳିଆ ବସ୍ତୁ ଅନେକ ସ୍ଥାନରେ
Bā̤lu bā̤lu ବୋଳା ଯାଇଥିବା ଅବସ୍ଥା—1. Sticking; with some sticky liquid or gum sticking at many undesirable places. ୨ । କଦର୍ଯ୍ୟ ଓ ଅପରିଷ୍କାର ରୂପେ କାଳି ବୋଳି କରି ଲେଖିବା ପ୍ରକାରେ—
2. Clumsily; (writing) in an ugly or slovenly manner. ୩ । ବଲ ବଲ କରି ଗୁହିଁବା ପ୍ରକାରେ—3. (gazing) In a vacant or staring manner.
ଦେ. ବିଣ.—ବାଲୁ ବାଲୁଆ (ଦେଖ)
Bālu bā̤luā (See)

**ବାଲୁବାଲୁଆ**—ଦେ. ବିଣ—୧ । ଅନେକ ସ୍ଥାନରେ କଦର୍ଯ୍ୟ ଭାବରେ
Bālu bā̤luā ବୋଳା ହୋଇଥିବା; ଚିକିଟିଆ; ଅଠାଳିଆ—
बालबालुआ 2. Sticky. ୨ । କଦର୍ଯ୍ୟରୂପେ ଲିଖିତ—
2. Clumsily written; slovenly written.
ବି.—ବାଲୁବାଲୁଅ ଶାଗ—A kind of potherb.
[ଦ୍ର—ଏହାର ମୂଳ ବାଟି ବଥ ଉପରେ ଦେଲେ ବଥ ଫାଟି ଯାଏ । ଏହା ବାଟିଲେ ଝାଲୁଆ ହୁଏ ।]

**ବାଲୁସାଇ(ହି)**—ଦେ. ବି—ଗୋଲ୍ଲକାର ମିଠା ଗଜାବିଶେଷ—
Bālu sā̤i(hi) A kind of sweetmeat.
বালুশাই बालुसाही [ଦ୍ର—ଅଟା ବା ମଇଦାକୁ ପାଣିରେ ଚକଟି ଖାଲୁ ଟିକିଆ ପରି କରି ଘିଅରେ ଭାଜି ସିରାରେ ବୁଡ଼ାଇ ଏହା ପ୍ରସ୍ତୁତ କରାଯାଏ ।]

**ବାଲେଇବା**—ଦେ. କ୍ରି.-କୌଣସି ଖାଦ୍ୟକୁ ଅଳ୍ପ ସମୟରେ ଖାଇ
Bāleibā ସାରିବା—To finish eating a food swiftly.
टप टप करके खाना (ବଲେଇ ଦେବା—ଅନ୍ୟରୂପ)

**ବାଲେଇ**—ଦେ. ବିଣ· ସ୍ତ୍ରୀ—୧ । ଓଲୁ—
Bālei मरखुलाही 1. Idiotic; foolish.
୨ । ଯେ କଦର୍ଯ୍ୟରୂପରେ ଓ ଅପରିଷ୍କୃତ ଭାବରେ ଖାଏ ଓ ଅନ୍ୟାନ୍ୟ କାର୍ଯ୍ୟ କରେ--2. (a woman) Eating and acting in a clumsy manner.
୩ । ପେଟୁ (ସ୍ତ୍ରୀ)—3. Gluttonous (woman).
[ଦ୍ର—ଏ ଶବ୍ଦର ପୁଂଲିଙ୍ଗ ଆକାରର ବ୍ୟବହାର ନାହିଁ ।]

**ବାଲେ କାଲେ**—ଦେ. କ୍ରି.—(ସଂ. ବାଲ+କାଲେ)—ଶିଶୁ ଅବସ୍ଥାରେ—
Bā̤le kā̤le In childhood.
ଯେ ନୁହେଁ ବାଳେ କାଳେ, ସେ ନୁହେଁ କାଳେ କାଳେ । ଢଗ ।

**ବାଲେନ୍ଦୁ**—ସଂ. ବି.—(ବାଲ+ଇନ୍ଦୁ; କର୍ମଧା)—ଦ୍ୱିତୀୟାର ବା ତୃତୀୟାର
Bā̤lendu କ୍ଷୀଣ ଚନ୍ଦ୍ର—The new moon; the crescent moon.
ଦେ. ବି—ଏକ ପ୍ରକାର ମାଛ—A species of fish.

**ବାଲେୟ**—ସଂ. ବିଣ.—(ବାଲ+ଯୁକ୍ତାର୍ଥେ. ଏୟ)—୧ । ବାଳକ ପରି
Bā̤leya ମୃଦୁ ବା କୋମଳ— 1. Soft or delicate. like a child. ୨ । ବାଳକ ପକ୍ଷରେ ହିତକର—
2. Beneficial to children. ୩ । (ବଳି+ଏୟ) ପୂଜାର ଉପଯୁକ୍ତ—3. Fit to be given as an offering.
ବି.—୧ । ଗର୍ଦ୍ଦଭ; ଗଧ—1. Ass. ୨ । ଦୈତ୍ୟବିଶେଷ—
2. Name of a demon. ୩ । ଅଙ୍ଗାରବଲ୍ଲୀ; ବ୍ରାହ୍ମଣଯଷ୍ଟିକା—3. Siphonanthus Indica (plant).

୪ । ପୁତ୍ର (ହ୍ରି. ଶ.)—4. Son. ୫ । ଚାଉଳ (ହ୍ରି. ଶ)—5. Rice.

**ବାଲେଶ୍ୱର**—ଦେ. ବି.—(ନାମ)—ଉତ୍କଳ ମୋଗଲବନ୍ଦର ଗୋଟିଏ
Bāleśwara ଜିଲ୍ଲା ଓ ସହର—Name of a district and town of Orissa; Balasore.

[ଦ୍ର—ପୂର୍ବକାଳରେ ଏଠାରେ ଗୋଟିଏ ବନ୍ଦର ଥିଲା । ଏହି ବନ୍ଦର ଜାହାଜ ନିର୍ମାଣର ପ୍ରଧାନ କେନ୍ଦ୍ର ଥିଲା । ଜଳଦସ୍ୟୁମାନଙ୍କୁ ଦମନ ଓ ଚଟ୍ଟଗ୍ରାମ ଜୟ କରିବା ନିମନ୍ତେ ବଙ୍ଗର ସୁବାଦାର ସାଏସ୍ତା ଖାଁ ଏଠାରେ ବହୁତ ଯୁଦ୍ଧ ଜାହାଜ ତିଆରି କରାଇଥିଲେ (କୃପାସିନ୍ଧୁ ଇତିହାସ) । ଏଠାରେ ଉତ୍କୃଷ୍ଟ କଂସା ବାସନ ତିଆରି ହୁଏ ।

କଥିତ ଅଛି ଏହା ବାଣାସୁରର ରାଜଧାନୀ ଥିଲା । ବାଲେଶ୍ୱର ସହରରେ ଊଷାମେଢ଼ (ବାଣ କନ୍ୟା ଊଷାର ଅନ୍ତଃପୁର) ନାମରେ ଗୋଟିଏ ସ୍ଥାନ ଅଛି । ବାଣାସୁରର ରାଜ୍ୟ ମେଦିନୀପୁର (ତମଲୁକ) ଠାରୁ ପୁରୀ ଜିଲ୍ଲାର ବାଣପୁର ପର୍ଯ୍ୟନ୍ତ ବିସ୍ତୃତ ଥିଲା । ଏ କାର୍ତ୍ତିକେୟଙ୍କ ଠାରୁ ମୟୂର ଧ୍ୱଜ ଓ ମୟୂର ବାହନ ପାଇ ଥିଲା । ବାଣାସୁରର ବଂଶଧର ମୟୂର ଧ୍ୱଜୀ ରାଜାମାନେ ଓଡ଼ିଶାର ସମସ୍ତ ଗଡ଼ଜାତର ରାଜା ଥିଲେ । ମୟୂରଭଞ୍ଜର ସୂର୍ଯ୍ୟବଂଶୀୟ ରାଜାଙ୍କ ପୂର୍ବପୁରୁଷ ଏହି ମୟୂର ଧ୍ୱଜୀ ରାଜାଙ୍କୁ ଭଞ୍ଜନ କରି ରାଜ୍ୟ ସ୍ଥାପନ କଲେ । କେହି କେହି କହନ୍ତି ମୋଗଲମାନଙ୍କ ଅମଳରେ ଏହା ସମୁଦ୍ରକୂଳବର୍ତ୍ତୀ ବନ୍ଦର ଥିବାରୁ ଏହି ନାମ ହୋଇ ଅଛି । ଫା• ବାଲାଏ=ଉପରେ+ସୋର=ସମୁଦ୍ର ।]

**ବାଲେଶ୍ୱରୀ**—ଦେ. ବି—ମେଦିନୀପୁର ଅଞ୍ଚଳରୁ ଆସୁଥିବା ଏକପ୍ରକାର
Bāleśwarī ଧୂଆଁପତ୍ର—A kind of tobacco; Nictotina Tabacum (Haines).
ବାଲେସରୀ } ଅନ୍ୟରୂପ
ବାଲେଶିରୀ }
[ଦ୍ର—ଏହା ପୂର୍ବେ ବାଲେଶ୍ୱର ବନ୍ଦର ବାଟେ ଏ ଦେଶକୁ ଆସୁଥିବାରୁ ଏହି ନାମ ହୋଇଅଛି ।]
বালেশ্বরী
ବିଣ—୧ । ବାଲେଶ୍ୱରବାସୀ—1. Resident of Balasore. ୨ । ବାଲେଶ୍ୱରରେ ନିର୍ମିତ—2. Made in Balasore.
(ବାଲେଶ୍ୱରଆ—ଅନ୍ୟରୂପ)
(ବାଲେଶ୍ୱରଆଣୀ—ସ୍ତ୍ରୀ)

**ବାଲେଶ୍ୱରୀ ସେର**—ଦେ. ବି—୮୦ ଟଙ୍କା ଓଜନର ସେର—
Bāleśwarī sera A standard seer of 80 rupees weight.
সের পক্কীসের
[ଦ୍ର—ଏହାହିଁ ଭାରତର ସର୍ବତ୍ର ପ୍ରଚଳିତ ସେର; କେବଳ ଓଡ଼ିଶାର କଟକ ଜିଲ୍ଲାରେ ଓ ପୁରୀ ଜିଲ୍ଲାରେ କଟକୀ ସେର ଚଳେ, ଯହିଁର ଓଜନ ୧୦୮ ଟଙ୍କା ।]

**ବାଲେଷ୍ଟ**—ସଂ. ବି. ( ବାଲ+ଇଷ୍ଟ )—ବରକୋଳି ( ହ୍ରି. ଶ. )—
Bāleshṭa Jujube.

**ବାଲ୍କ**—ସଂ· ବିଣ. [ବଲ୍କ(ଲ)+ଅ]—୧ । ବଲ୍କଳନିର୍ମିତ—1. Made
Bālka of bark.
(ବାଲ୍କଲ—ଅନ୍ୟରୂପ) ଦୈତ୍ୟବିଶେଷ—Name of a demon.
ସଂ. ବି—ବସ୍ତ୍ରରୂପେ ବ୍ୟବହୃତ ବଲ୍କଳ—Bark used as cloth.

**ବାଲ୍କଲୀ**—ସଂ. ବି—୧ । ମଦ୍ୟବିଶେଷ—1. A kind of spirit.
Bālkalī ୨ । ତାଡ଼ି; ଖଜୁରିମଦ—2. Toddy. ୩ । ଗୌଡ଼ୀ ମଦ୍ୟ—3. Wine made from molasses.

**ବାଲ୍ଟି(ଲ୍ଟୀ)**—ବୈଦେ. ବି—ବାଲଟି ( ଦେଖ )
Bālṭi(lṭi) Bālaṭi ( See )

**ବାଲ୍ମି(ଲ୍ମୀ)କ**—ସଂ. ବି—ବଲ୍ମୀକ ( ଦେଖ )
Bālmi(lmī)ka Balmīka ( See )

**ବାଲ୍ମି(ଲ୍ମୀ)କି**—ସଂ. ବି. ( ବଲ୍ମୀକ=ଉଇହୁଙ୍କା+ଇ; ହୁଙ୍କାରୁ ବାହାରି
Bālmi(lmī)ki ଥିବାରୁ )—ଆଦିକବି; ରାମାୟଣ ରଚୟିତା ମୁନି—A sage; the author of the Sanscrit Rāmāyaṇa in verse.

[ଦ୍ର—ରତ୍ନାକର ଦସ୍ୟୁ ବହୁକାଳ ଏକାସନରେ ତପସ୍ୟା କରୁ କରୁ ତା ଉପରେ ଉଇହୁଙ୍କା ହୋଇଗଲା, ପରେ ସେ ଉଇହୁଙ୍କାରୁ ବାହାରି ବାଲ୍ମୀକି ଋଷି ହେଲେ ।]

**ବାଲ୍ମି(ଲ୍ମୀ)କୀୟ**—ସଂ. ବିଣ. ( ବାଲ୍ମୀକି+ଈୟ )—ବାଲ୍ମୀକି ସମ୍ବନ୍ଧୀୟ—
Bālmi(lmī)kīya Relating to Bālmiki.

**ବାଲ୍ୟ**—ସଂ· ବି. ( ବାଲ+ଭାବେ. ଯ )—ବାଲକାବସ୍ଥା; ଶୈଶବ—
Bālya Childhood; boyhood; infancy.

[ଦ୍ର—"ଆ ଷୋଡ଼ଶାତ୍ ଭବେଦ୍ ବାଲ୍ୟଂ" ଏହା ୧୬ ବର୍ଷ ବୟସର ଆରମ୍ଭ ହେବାର ପୂର୍ବବର୍ତ୍ତୀ ପର୍ଯ୍ୟନ୍ତ ସମୟ ଅଟେ ।]

ସଂ. ବିଣ. ( ବାଲ+ଯ )—୧ । ବାଲ ବା କେଶ ସମ୍ବନ୍ଧୀୟ—1. Relating to hair. ୨ । ବାଳକ ସମ୍ବନ୍ଧୀୟ—2. Relating to child. ୩ । ବାଳକାଳ ସମ୍ବନ୍ଧୀୟ—3. Childish. ୪ । ବାଳକସୁଲଭ—4. Childlike.

**ବାଲ୍ୟକାଳ**—ସଂ. ବି—ଶୈଶବ; ପିଲାଦିନ—Childhood.
Bālyakāla (ବାଲ୍ୟାବସ୍ଥା—ଅନ୍ୟରୂପ)

**ବାଲ୍ୟ ଚପଳତା**—ସଂ. ବି. ( ୬ଷ୍ଠୀ ତତ୍; ବାଲ୍ୟ+ଚପଳତା )—
Bālya chapalatā ବାଲ୍ୟକାଳର ବା ବାଳକର ସ୍ୱଭାବସୁଲଭ ଚଞ୍ଚଳତା—Childishness; puerility.
ବାଲ୍ୟ ଚାପଲ୍ୟ } ଅନ୍ୟରୂପ
ବାଲ୍ୟ ସ୍ୱଭାବ }

**ବାଲ୍ୟବିଧବା**—ସଂ. ବି. ସ୍ତ୍ରୀ—ବାଲବିଧବା ( ଦେଖ )—
Bālybidhabā Bālabidhabā ( See )
(ବାଲ୍ୟବୈଧବ୍ୟ—ଭାବାର୍ଥକ ବିଶେଷ୍ୟ)

**ବାଲ୍ୟବିବାହ**—ସଂ. ବି—ବାଲବିବାହ ( ଦେଖ )—
Bālyabibāha Bālabibāha ( See )
(ବାଲବିବାହିତ—ପୁଂ) (ବାଲବିବାହିତା—ସ୍ତ୍ରୀ—ବିଣ)

**ବାଲ୍ୟଲୀଳା**—ସଂ. ବି. (ମହିମାଧର୍ମିବାଲମ୍ବୀମାନଙ୍କ ବ୍ୟବହୃତ; ଏହା ପ୍ରଥମେ
Bālyalīlā ଉପସ୍ଥିତ ବାଳକ ବାଳିକାମାନଙ୍କୁ ବିତରଣ କରାଯାଉଥିବାରୁ )—ମହିମାଧର୍ମୀମାନଙ୍କର ଶୁକ୍ଳ ଚତୁର୍ଦ୍ଦଶୀଦିନ ବା ଅନ୍ୟ ସମୟରେ ବ୍ରହ୍ମାର୍ପିତ ମିଷ୍ଟାନ୍ନ ନୈବେଦ୍ୟ, ଯାହା ସେଠାରେ ଉପସ୍ଥିତ ଆବାଲବୃଦ୍ଧବନିତାଙ୍କ ମଧ୍ୟରେ ବିତରଣ କରାଯାଏ—Sweets offered to the Deity by persons professing the Mahimā faith and distributed among the persons present.

[ ଦ୍ର—ପ୍ରାତଃ ବ୍ରାହ୍ମମୁହୂର୍ତ୍ତ ସମୟରେ ଏକ ସୁନିର୍ମଳ ଗୋମୟ ଲିପ୍ତ ସ୍ଥାନରେ ଧୌତ ନୂତନ ମୃଣ୍ମୟ ଭାଣ୍ଡରେ ପଞ୍ଚଦ୍ରବ୍ୟ (ଚୂଡ଼ା, ନାନାପ୍ରକାର ସୁମିଷ୍ଟ ଦ୍ରବ୍ୟ, ଅର୍ଥାତ୍ ଦୁଗ୍ଧ, ଦଧି, ଘୃତ, ମଧୁ, ଓ ଶର୍କରା, ନାରିକେଳ, ସୁପକ୍ୱ ରମ୍ଭାଫଳ) ଚନ୍ଦନ କର୍ପୂର ସହଯୋଗେ ବ୍ରହ୍ମଚାରୀ ବ୍ୟକ୍ତି ପୂର୍ବାଭିମୁଖ ଦଣ୍ଡାୟମାନ ହୋଇ ବ୍ରହ୍ମଚିନ୍ତନପୂର୍ବକ ଭାଣ୍ଡକୁ ଊର୍ଦ୍ଧ୍ୱକୁ ଉତ୍ତୋଳନ କରି ପରଂବ୍ରହ୍ମଙ୍କଠାରେ ଅର୍ପଣ କରିବେ, ତତ୍ପରେ ଉଚ୍ଚୈଃସ୍ୱରରେ 'ମହିମାଅଲେଖ' ଉଚ୍ଚାରଣ କରି ଅଲେଖ ବ୍ରହ୍ମଙ୍କୁ ପ୍ରଣାମ କରି ଏହି ବ୍ରହ୍ମପ୍ରସାଦ ଆବାଲବୃଦ୍ଧ ସକଳ ମାନବଙ୍କୁ ବିତରଣ କରିବେ। ଏହାଙ୍କର ଗୃହସ୍ଥମାନଙ୍କୁ ଶୁକ୍ଳ ଚତୁର୍ଦ୍ଦଶୀ ପାଳନ କରିବା ବିହିତ, ଆଉ ମଧ୍ୟ ଅନ୍ୟ ଯେ କୌଣସି ସମୟରେ ଏହା କରାଯାଇ ପାରେ—ଏହାକୁ ବାଲ୍ୟଲୀଳା 'ବୋଲାଯାଏ— ବିଶ୍ୱନାଥବାବାଙ୍କ ମହିମାଧର୍ମ ପ୍ରତିପାଦକ ଗ୍ରନ୍ଥ—ଚମ୍ପୂଉଲ୍ଲାସ ୬୪୫ ପୃଷ୍ଠା। ]

ବାହ୍ଲା—ପ୍ରାଦେ (ଗଞ୍ଜାମ) ବି—୧। ପ୍ଲୀହା—1. Spleen. ୨। ପ୍ଲୀହା
Bāllā ବୃଦ୍ଧି ରୋଗ—2. Enlargement of the spleen.

ବାଶ୍ (ଧାତୁ)—ସଂ. ଶବ୍ଦ କରିବା—
Bāś (root) To make a sound.

ବାଶ—ସଂ. ବି—(ବାଶ୍ ଧାତୁ+କର୍ତ୍ତୃ. ଅ)—ବାସଙ୍ଗ (ଦେଖ)
Bāśa Bāsanga (See).
( ବାଶା, ବାଶିକା—ଅନ୍ୟରୂପ )

ବାଶନ—ସଂ. ବି—(ବାଶ୍ ଧାତୁ+ଭାବ. ଅନ) —୧। ପକ୍ଷୀଙ୍କ ବୋବାଳି;
Bāśana ପକ୍ଷିରବ—2. The cooing of birds. ୨। ମାଛିଙ୍କ ଭଣଭଣ ହେବା (ହି. ଶ)—2, Buzzing or humming of fleas.
ସଂ. ବିଣ. ପୁଂ—(+କର୍ତ୍ତୃ. ଅନ)—୧। ବୋବାଉଥିବା (ପକ୍ଷୀ) (ହି.ଶ)—1. Warbling (bird). ୨। ଭଣଭଣ ହେଉଥିବା (ମାଛି) (ହି. ଶ)—2. Buzzing (fleas).

ବାଶିତ—ସଂ. ବି—(ବାଶ୍ ଧାତୁ+ଭାବ. ତ)—ପକ୍ଷୀଙ୍କ କୂଜନ (ହି. ଶ)-
Bāśita Warbling of birds.

ବାଶିତା—ସଂ. ବି. (ସ୍ତ୍ରୀ)—୧। ସ୍ତ୍ରୀ (ହି. ଶ)—1. Woman.
Bāśitā ୨। ହାତୁଣୀ (ହି. ଶ)—2. A female elephant.

ବାଶି—ସଂ. ବି—(ବାଶ୍ ଧାତୁ+କର୍ତ୍ତୃ. ଇ)—ଅଗ୍ନି (ହି. ଶ)
Bāśi Fire.

ବାଶି(ଶୁ, ଶେ)ଳୀ—ଦେ. ବି—(ସଂ. ବଶୀଭାଗୀର ଅପଭ୍ରଂଶ, ବମ୍ପା ବିଦ୍ୟା
Bāśi(śu, śe)ḷī ବାସିନୀର ଅପଭ୍ରଂଶ )—ଦେବୀବିଶେଷ;
ବାଶୁଲୀ ଦେବୀ ଚଣ୍ଡୀଙ୍କର ମୂର୍ତ୍ତିଭେଦ—A popular Goddes.
[ ଦ୍ର—ଏ ମନୁଷ୍ୟଠାରେ ଅବିର୍ଭୂତା ହେଲେ ମନୁଷ୍ୟ ଖୁବ୍ କୁଦେ ଓ ନାଚେ। ପୁରୀରେ ଯାଇ ଯାତ ସମୟରେ ବାଶିଳୀ ଠାକୁରାଣୀଙ୍କ ମୂର୍ତ୍ତି ବାହାରନ୍ତି ଓ ଚଇତଘୋଡ଼ାକୁ ସମସ୍ତ ସମୟରେ ବାଶେଳୀ ଲାଗନ୍ତି।]

ବାଶି(ଶେ)ଳୀ ଲାଗିବା—ଦେ. ବି—ମନୁଷ୍ୟଠାରେ ବାଶେଳୀ ଠାକୁରାଣୀ
Bāśi(śe)ḷī lāgibā ଅବିର୍ଭୂତ ହେବା—The possession
देवीलगना of a person by the spirit of Goddess.
[ଦ୍ର—କୌଣସି ବ୍ୟକ୍ତି ପାଗଳପରି ବକିଲେ ବା ଅଜସ୍ର ଗାଳିମନ୍ଦ କଲେ ତାକୁ ବାଶେଳୀ ଲାଗିଛି ବୋଲି ବ୍ୟଙ୍ଗରେ କହନ୍ତି।]

ବାଶିଷ୍ଠ—ସଂ. ବିଣ—(ବଶିଷ୍ଠ+ଅ)—ବଶିଷ୍ଠସମ୍ବନ୍ଧୀୟ—
Bāśishṭha Relating to sage Baśishṭha.
(ବାଶିଷ୍ଠୀ—ସ୍ତ୍ରୀ) ସଂ. ବି—୧। ଏକ ଉପପୁରାଣର ନାମ (ହି. ଶ)—
1. Name of a minor mythlogical treatise.
୨। ଏକ ପ୍ରାଚୀନତୀର୍ଥ (ହି. ଶ)—2. Name of a place of Hindu pilgrimage.

ବାଶେଳୀ ସାହି—ଦେ. ବି (ନାମ)—ପୁରୀ ସହରର ଗୋଟିଏ ସାହି ବା
Bāśeḷī sāhi ପଲ୍ଲୀ—A part of the town of Puri.

ବାଶ୍ର—ସଂ. ବି—୧। ମନ୍ଦିର; ଗୃହ ( ହି. ଶ )—1. House.
Bāśra ୨। ଚୌରାସ୍ତା (ହି. ଶ)—2. A meeting place of cross roads.

ବାଷଠୀ(ଠ୍ଠୀ)ଶଏ(ହେ)—ଦେ. ବି ଓ ବିଣ (ସଂଖ୍ୟାବାଚକ) (ସଂ. ଦ୍ୱିଷଷ୍ଟି ଶ
Bāshaṭhā(ṭṭhā)śae(he) ଉତ୍ତର ଶତ)—ଏକଶହ ବାଷଠି—
एकसौबाहठ One hundred and sixty-two.
(ଏହିପରି ବାଷଠୀ ଦୁଇଶ=୨୬୨)

ବାଷଠି(ଠ୍ଠି)—ଦେ. ବି ଓ ବିଣ (ସଂଖ୍ୟାବାଚକ) (ସଂ. ଦ୍ୱିଷଷ୍ଟି; ପ୍ରା.
Bāshaṭhi(ṭṭhi) ବାସଟ୍ଠି, ବାସଟ୍ଟି)—ଷାଠିଏ ଅପେକ୍ଷା ଦୁଇ
बाआसठी बासठ ଅଧିକ—Sixty-two.

ବାଷ୍କଳ—ସଂ. ବି. ( ବାଷ=ଅସ୍ତ୍ରବିଶେଷ+ଲା. ଧାତୁ=ଗ୍ରହଣ କରିବା+
Bāshkaḷa କର୍ତ୍ତୃ. ଅ)—୧। ଯୋଦ୍ଧା—1 Warrior.
୨। ଦାନବବିଶେଷ—2. Name of a Titan.
୩। ଋଷିବିଶେଷ (ହି. ଶ)—3. Name of a sage.
ସଂ. ବିଣ—ବୃହତ୍; ବଡ଼—Large.

ବାଷ୍ପ(ସ୍ପ)—ସଂ. ବି. (ବା ଧାତୁ=ଗମନ କରିବା+କର୍ତ୍ତୃ. ପ; ନିପାତନ)—
Bāshpa(spa) ୧। ଭାପ୍; ଜଳର ବାୟବୀୟ ଅବସ୍ଥା; ବାମ୍ଫ; ଉତ୍ତାପ ଦ୍ୱାରା ଜଳର ପରବର୍ତ୍ତିତ ସୂକ୍ଷ୍ମ ଆକାର—
1. Steam; vapour.
୨। ଘନ ବା ତରଳ ପଦାର୍ଥର ବାୟବୀୟ ଆକାର—
2. Gas.
( ଯଥା—ଜଳୀୟ ବାଷ୍ପ, ଅଙ୍ଗାରକାମ୍ଳ ବାଷ୍ପ, ଯବକ୍ଷାରଯାନ ବାଷ୍ପ, ଜଳଯାନ ବାଷ୍ପ, ଅମ୍ଳଜାନ ବାଷ୍ପ ଇତ୍ୟାଦି। )
୩। ଶୋକ ବା ରାଗ ଯୋଗୁଁ ଉଠିବା କଣ୍ଠ ଶ୍ଳେଷ୍ମ; କଣ୍ଠବାରୁ—3 Choking sensation in sudden outburt ofanger or sorrow.
୪। ଅଶ୍ରୁ; ଲୋତକ—4. Tear.
୫। ଲୁହା ( ହି. ଶବ୍ଦସାଗର )—5 Iron.
୬। କଣ୍ଟକାରି ( ହି. ଶବ୍ଦସାଗର ) ( ଦେଖ )
6. Solanum Nigrum.

ବାଷ୍ପକ—ସଂ. ବି—ଏକ ପ୍ରକାର ଖଡ଼ା ଶାଗ (ହି. ଶ)—
Bāshpaka A kind of Amaranth (pot-herb).

ବାଷ୍ପ ଗଦ୍ଗଦ—ସଂ. ବିଣ—ରାଗ ବା ଶୋକପୂର୍ଣ୍ଣ ( କଣ୍ଠ )—
Bāshpa gadgada (throat) Choked with anger or sorrow

**ବାଷ୍ପ ଚାଳିତ**—ସଂ. ବଣ. ( ୩ୟା ତତ୍ )—ବାଷ୍ପର ବେଗ ଦ୍ୱାରା ଗତି-
Bāshpa chālita ବିଶିଷ୍ଟ—Propelled or moved by steam.

**ବାଷ୍ପ ପୂରିତ**—ସଂ. ବଣ. ( ୩ୟା ତତ୍; ବାଷ୍ପ+ପୂରିତ )—
Bāshpa pūrita ଲୋତକପୂର୍ଣ୍ଣ (ଚକ୍ଷୁ)—Tearful (eyes).

**ବାଷ୍ପମାନ ଯନ୍ତ୍ର**—ସଂ. ବି. ( ଆଧୁନିକ ପ୍ରୟୋଗ )—ଯେଉଁ ଯନ୍ତ୍ର ଦ୍ୱାରା
Bāshpamāna jantra ବାୟୁରେ ବା ଅନ୍ୟ ଜାଗାରେ ଥିବା ବାଷ୍ପର ଗୁପ୍ତ ପରିମାଣ ମାପ କରାଯାଏ—Hygrometer.

**ବାଷ୍ପ ସ୍ୱେଦ**—ଦେ. ବି. (ବୈଦ୍ୟକ)—ଏକପ୍ରକାର ସେକ; ବାମ୍ଫଅଣି-
Bāshpa sweda A kind of hot bath or fomenting; vapour-bath

[ ଦ୍ର—ସ୍ୱେଦ ଶଢ ଦେଖ । ]

**ବାଷ୍ପାକୁଳିତ**—ସଂ. ବଣ—ଲୋତକ ଦ୍ୱାରା ଅସ୍ଥିର ( ଚକ୍ଷୁ )—
Bāshpā kulita Perturbed with tears; (eyes) dimmed with tears.

**ବାଷ୍ପାୟନ**—ଦେ. ବି—ତରଳ ପଦାର୍ଥର ବାଷ୍ପୀୟ ଅବସ୍ଥାରେ ପରିଣତି-
Bāshpāyana Evaporation; reduction of a liquid into vapour

**ବାଷ୍ପାୟମାନ**—ସଂ. ବି. ( ବାଷ୍ପାୟ ନାମ ଧାତୁ+କର୍ତ୍ତୃ. ଅନ )—
Bāshpāyamāna ବାମ୍ଫ ବାହାରୁଥିବା—Steaming.

**ବାଷ୍ପୀଭୂତ**—ସଂ. ବି. (ବାଷ୍ପ+ଅଭୂତଭାବେ ଚ୍ୱି+ଭୂତ)—
Bāshpībhūta (ଜଳଆଦି) ବାଷ୍ପରେ ପରିଣତ—
(ବାଷ୍ପୀ ଭବ—ବି) Evaporated; (water) changed into vapour.

**ବାଷ୍ପୀୟ**—ସଂ. ବଣ. ( ବାଷ୍ପ+ସମ୍ବନ୍ଧାର୍ଥେ ଈୟ )—ବାଷ୍ପ ସମ୍ବନ୍ଧୀୟ—
Bāshpiya Relating to steam.

**ବାଷ୍ପୀୟ ପୋତ**—ସଂ. ବି. ( ଆଧୁନିକ ପ୍ରୟୋଗ ) ( କର୍ମଧା; ବାଷ୍ପୀୟ+
Bāshpiya pota ପୋତ)—ବାଷ୍ପର ବେଗ ଦ୍ୱାରା ଚାଳିତ ଜାହାଜ-
Steamer; steam-ship

**ବାଷ୍ପୀୟ ଯନ୍ତ୍ର**—ସଂ. ବି. ( ଆଧୁନିକ ପ୍ରୟୋଗ )—ବାଷ୍ପ ଚାଳିତ ଯନ୍ତ୍ର—
Bāshpiya jantra A steam engine.

**ବାଷ୍ପୀୟ ଯାନ**—ସଂ. ବି. ( ଆଧୁନିକ ପ୍ରୟୋଗ )—
Bāshpiya jāna ବାଷ୍ପର ଗତି ଦ୍ୱାରା ଚାଳିତ ଗାଡ଼ି—
ବାଷ୍ପୀୟ ରଥ } —ଅନ୍ୟରୂପ Conveyance or train propelled by steam.
ବାଷ୍ପୀୟ ଶକଟ }

**ବାଷ୍ପୋଦ୍ଗତି**—ସଂ. ବି. ( ୬ଷ୍ଠୀ ତତ୍; ବାଷ୍ପ+ଉଦ୍ଗତି )—
Bāshpodgati ୧ । ବାମ୍ଫ ଉପରକୁ ଉଠିବା—1. The ascension or rising of steam.
(ବାଷ୍ପୋଦ୍ଗମ—ଅନ୍ୟରୂପ)
୨ । ଆଖିରୁ ଲୁହ ବୋହିବା—2. The emission of tears from the eyes.

**ବାଷ୍ପୋଦ୍ଗିରଣ**—ସଂ. ବି. ( ୬ଷ୍ଠୀ ତତ୍; ବାଷ୍ପ+ଉଦ୍ଗିରଣ )—
Bāshpodgiraṇa ମୁହଁ ବାଟେ ବାମ୍ଫ ବାହାର କରିବା—
Emission of steam through the mouth.

**ବାସ୍ (ଧାତୁ)**—ସଂ—ବାସିତ ବା ସୁଗନ୍ଧିତ କରିବା—
Bās (root) To perfume.

**ବାସ୍**—ଦେ. ଅ—ବସ୍ ( ଦେଖ )
Bās Bas ( See )

**ବାସ**—ସଂ. ବି. ( ବସ୍ ଧାତୁ=ବାସ କରିବା+ଅଧିକରଣ· ଅ )—
Bāsa ୧ । ବସତି ସ୍ଥାନ; ଆବାସ—2. Residence.
୨ । ଘର; ଗୃହ—2. House.
୩ । ( +ଭାବ. ଅ ) ଅବସ୍ଥାନ; ସ୍ଥିତି—
3. Staying, situation; position.
୪ । (+ଅଧିକରଣ.ଅ) ଆଧାର—4. Receptacle.
୫ । ( ବସ୍ ଧାତୁ=ଆଚ୍ଛାଦନ କରିବା+କର୍ତ୍ତୃ. ଅ )—
ବସ୍ତ୍ର; ଲୁଗା—5. Cloth.
୬ । ( ବାସ୍ ଧାତୁ=ବାସିତ କରିବା+କର୍ତ୍ତୃ. ଅ )—
ଖୁସ୍‌ବୋ; ସୁଗନ୍ଧ—6 Sweet smell.
୭ । ଗନ୍ଧ—7. Smell; scent.
୮ । ବାସଙ୍ଗ ( ଦେଖ )—8. Bāsanga (See)
ଦେ. ବଣ—୧ । ସୁଗନ୍ଧଯୁକ୍ତ; ସୁବାସିତ—1. Scented; sweet-smelling, perfumed.

[ ଦ୍ର—ଓଡ଼ିଆରେ 'ବାସ' ଶବ୍ଦର ତିନି ଗୋଟି ଅର୍ଥ (ଗନ୍ଧ, ବସ୍ତ୍ର, ଓ ଗୃହ)ର ପ୍ରଭେଦ ଗୋଟିଏ ବଚନ ଦ୍ୱାରା ଉକ୍ତିତ ହୋଇଅଛି । ଯଥା—'ଯେଉଁ ଦିନୁ' ହେଲା ସୁବାସ ନାଶ
ସେହି ଦିନୁ' ହେଲା ସୁବାସ ନାଶ, ସୁବାସ ନାଶ, ସୁବାସ ନାଶ' । ଅର୍ଥାତ୍ ମୁଁ ଯେଉଁ ଦିନରୁ ସୁବାସ ନସ୍ୟ ଗ୍ରହଣ କରିବାର ଅଭ୍ୟାସ କଲି ସେହି ଦିନୁ'
୧ । ସୁବାସ ଅର୍ଥାତ୍ ନାକଦ୍ୱାରା ଅନ୍ୟ ସୁବାସ (ସୁଗନ୍ଧ) ଗ୍ରହଣ କରିବାର କ୍ଷମତା ଲୋପ ହେଲା ।
୨ । ଲୁଗାରେ ନାକ ପୋଛିବାରୁ ସୁବାସ (ଉତ୍ତମ ବସ୍ତ୍ର) ମଇଳା ହେଲା ।
୩ । ନାକପୁଡ଼ାକୁ ଅଙ୍ଗୁଠିଦ୍ୱାରା ଚିପି ପୋଛି ଘର କାନ୍ଥରେ ବୋଳିବାରୁ ସୁବାସ (ସୁପରିଷ୍କୃତ ଗୃହ ଓ କାନ୍ଥ) ମଇଳା ହେଲା । ]

୨ । ଦୁର୍ଗନ୍ଧ—2. Bad smell.
ଏ ମଡ଼ା ମାଇଁସ କରୁଅଛି ବଡ଼ ବାସ
କ ରୂପରେ କଲୁଆ କରୁଛୁ ତୁ ଭାସ । କୃଷ୍ଣସିଂହ, ମହାଭାରତ, ଶାନ୍ତି ।
ଦେ. ବି. (ଆଦରାର୍ଥକ) ବାସୁଦେବ, କୃତ୍ତିବାସ, ଶ୍ରୀନିବାସଆଦି ବ୍ୟକ୍ତିଙ୍କ ଡାକ ନାମ—Names for calling persons whose name begin with Bāsa or ends with Bāsa

**ବାସଃ**—ସଂ. ବି. ( ବାସ୍ ଧାତୁ ଣିଚ୍ ବାସି ଧାତୁ=ଆଚ୍ଛାଦନ କରିବା+
Bāsaḥ କରଣ ଅସ୍, ବାସସ୍ ଶବ୍ଦ; ୧ମା. ୧ବ )—ବସ୍ତ୍ର; ଲୁଗା—Cloth.

**ବାସଅଙ୍ଗୀ**—ଦେ. ବଣ. ସ୍ତ୍ରୀ. ( ସ୍ୱ ବାସ+ଅଙ୍ଗ )—୧ । ସୌରଭାଙ୍ଗୀ-
Bāsa-angi 1. Having limbs emitting sweet scent.
ବାସ ବାସ ଅଙ୍ଗୀର ଗଞ୍ଜି ସୁବ୍ରସୁ ଧ୍ୱନ । ଉପ. ବୈଦେହୀଶବିଳାସ ।
୨ । ବସ୍ତ୍ରପରିହିତାଙ୍ଗୀ—2. Wearing clothes.
ବାସ ଅଙ୍ଗୀରେ ଅଇଙ୍ଗନ
ଦର୍ଶ ବଳୀବଗ ସେନ । ଉପ, ବୈଦେହୀଶବିଳାସ ।

ବାସକ—ସ. ବଣ. ( ବାସଧାତୁ=ବାସିତ କରିବା+କର୍ତ୍ତୃ. ଅକ )—
Bāsaka ୧ । ସୁଗନ୍ଧପ୍ରଦ—1. Sweet-smelling. ୨ । ବାସ
(ବାସକା—ସ୍ତ୍ରୀ) କରୁଥିବା—2. Residing; dwelling. ୩ ।
ସୁଗନ୍ଧକାରକ—3. Perfuming.
ବି—୧ । ବସତି ସ୍ଥାନ; ଆବାସ; ଗୃହ—1. Residence.
୨ । ବାସଙ୍ଗ ( ଦେଖ )—2. Bāsanga ( See )
୩ । ଗାନର ଅଙ୍ଗ ବିଶେଷ—3 Name of a part of a song.
[ ଦ୍ର—ଶଙ୍କରଙ୍କ ମତରେ ମନୋହର, କନ୍ଦର୍ପ, ସ୍ୱଚ୍ଛ ଓ ନନ୍ଦନ; ମତାନ୍ତରରେ ବିନୋଦ, ବରଦ, ନନ୍ଦ ଓ କୁମୁଦ, ଗାନର ଏହି ଗୁରି ଅଙ୍ଗ ଅଟେ—ହି. ଶ. ]
୪ । ବାସର; ଦିନ (ହି. ଶ)—4 Day.
ଦେ. ବି—ସୁବାସ; ବାସନା; ସୁଗନ୍ଧ—Sweet scent.

ବାସ କରିବା—ଦେ. କ୍ରି—୧ । (ସ. ବସ୍‌ଧାତୁ) ଘର କରି ରହିବା—
Bāsa karibā 1. To reside; to live in. (ସ.ବାସ୍‌ଧାତୁ)
ବାସକରା ୨ । ବାସନା କରିବା; ବାସିବା; ସୁବାସ ବିସ୍ତାର କରିବା—
बसना,बू करना 2. To smell; to emit smell.

ବାସକର୍ଣ୍ଣୀ—ସ. ବି. ( ବାସ=ଗୃହ+କର୍ଣ୍ଣ+ଈ )—ଯଜ୍ଞଶାଳା; ଯଜ୍ଞ-
Bāsakarṇṇī ଗୃହ—A room for the perfomance of Vedic sacrifice.

ବାସକ ସଜ୍ଜା—ସ. ବି. ( ବହୁବ୍ରୀହି; ବାସକ=ବାସସ୍ଥାନ; ଗୃହ+
Bāsaka sajjā ସଜ୍ଜା )—କାବ୍ୟୋକ୍ତ ନାୟିକାବିଶେଷ; ନିଜେ
(ବାସସଜ୍ଜା—ଅନ୍ୟରୂପ) ବେଶଭୂଷାରେ ସଜ୍ଜିତା ହୋଇ ଓ ଆପଣାର କେଳି ମନ୍ଦିରକୁ ନାନା ମନୋହର ଦ୍ରବ୍ୟରେ ସଜ୍ଜିତ କରି ଯେଉଁ ନାୟିକା ନାୟକର ଆଗମନକୁ ଅପେକ୍ଷା କରିଥାଏ—A class of heroines in love-stories; a lady dressed in all her finery and after decorating her room, eagerly expecting the advent of her lover or paramour.

ବାସକ ଶଯ୍ୟା—ଦେ. ବି—ବାସକ ସଜ୍ଜା ( ଦେଖ )
Bāsaka śajyā Bāsaka sajjā ( See )
କୃଷ୍ଣସିଂ. ମହାଭାରତ. ସଭା ।

ବାସକା—ସ. ବି—ବାସଙ୍ଗ ( ଦେଖ )—Bāsanga ( See )
Bāsakā (ବାସା, ବାସିକା—ଅନ୍ୟରୂପ)

ବାସକାରୀ—ଦେ. ବଣ—ଅଧିବାସୀ—Living in.
Bāsakārī ସେହିଠି ଯୋଗୀଙ୍କର ଥିବ ବାସକାରୀ ।
କୃଷ୍ଣସିଂ. ମହାଭାରତ. ସଭା ।

ବାସଗୃହ—ସ. ବି. ( ୪ର୍ଥୀ ତତ୍; ବା ଷଷ୍ଠୀ ତତ୍; ବାସ+ଗୃହ )—
Bāsagṛuha ୧ । ବାସ କରି ରହିବା ଘର—1. Residential house. ୨ । ସୁବାସପୂର୍ଣ୍ଣ ଘର—2. A room sweet full of scents.

ବାସଙ୍ଗ—ଦେ. ବି. ( ସ. ବାସକ )—ଉଦ୍ଭିଦ ବିଶେଷ—
Bāsanga Adhatoda Vasica; Bergera Koenigi.
ସ. ଅରୁଷକ, ବାସ(ଶା),
ବାସା(ଶା), ବାସକା, ବାଶିକା,
ସିଂହମୁଖୀ, ସିଂହାସ୍ୟ, ସିଂହପର୍ଣ୍ଣୀ,
ସିଂହକଣ୍ଠ, ଭିଷ, ଅଟରୂଷକ,
ବୃଷ, ବୈଦ୍ୟମାତା
वासक, वाकस
अड़ुसा, बासा
ମ. ଅଡୁଳସା
ତେ. ଅଡ଼ସର, ଅଡ୍ଡସରମୁ
ତା. ଅଧତୋଡ଼େ
[ ଦ୍ର—ଏହାର ପତ୍ର ପିଙ୍ଗ, ଶାଖାଗ୍ରରେ ବହୁ ପୁଷ୍ପ ଜନ୍ମେ । ପୁଂ ସଙ୍ଗେ ଅନେକ ଉପପତ୍ର ଥାଏ । ଫୁଲ ଧଳା ଓ ଫୁଲର କଣ୍ଠ ହଳଦିଆ । ଏହା ଶୀତକାଳରେ ଫୁଟେ । ଏହାର ଫୁଲ କାଶ ଓ ଯକ୍ଷ୍ମରୋଗରେ ହିତକର । ଏହା ପୁଷ୍ପବର୍ଣ୍ଣଭେଦରେ ଦୁଇ ପ୍ରକାର । ଶୁକ୍ଳପୁଷ୍ପୀ ବାସଙ୍ଗର ସ୍ୱତନ୍ତ୍ର ନାମ ସିଂହମୁଖୀ; ତାମ୍ରପୁଷ୍ପୀ ବାସଙ୍ଗର ସ୍ୱତନ୍ତ୍ର ନାମ ଅସିତପର୍ଣ୍ଣୀ (ଦ୍ରବ୍ୟଗୁଣ କଳ୍ପଦ୍ରୁମ) । ]

ବାସ ଚନ୍ଦନ—ଦେ. ବି. ( ସ. ବାସ+ଚନ୍ଦନ )—
Bāsa chandana ସୁବାସ ଯୁକ୍ତ ଚନ୍ଦନ; ଅସଲ ଚନ୍ଦନ କାଠ—
सुबास चन्दन (sweet scented) sandal wood;
সুবাসচন্দন genuine sandal wood

ବାସ ଚହଟା(ଟେ)ଇବା—ଦେ. କ୍ରି—(କୌଣସି)ବସ୍ତୁ ନିଜର ସୁବାସ ଗୁରି
Bāsa chahaṭā(ṭe)ibā ଅଡ଼େ ବିସ୍ତାରିବା—To diffuse a
महक फैलाना বাস ছড়ান strong smell.
[ବାସ ମହକା(କେ)ଇବା—ଅନ୍ୟରୂପ]

ବାସ ଚହଟିବା—ଦେ. ବି—ସୁବାସର ପ୍ରସାରଣ—Diffusion of a
Bāsa chahaṭibā strong scent.
(ବାସ ମହକିବା—ଅନ୍ୟରୂପ) महक फैलना বাস ছড়াছড়ি

ବାସ ଜଳ—ଦେ. ବି. ( ସ. ସୁବାସିତ ଜଳ )—
Bāsa jaḷa ସୁବାସିତ ଜଳ; ସୁଗନ୍ଧୀକୃତ ପାଣିଯ—
बासित जल Perfumed or scented water.
সুবাস জল (ବାସ ପାଣି—ଅନ୍ୟରୂପ)

ବାସତ—ସ. ବି—ଗର୍ଦ୍ଦଭ; ଗଧ—
Bāsata An ass.

ବାସତେୟ—ସ. ବଣ. ( ବସତି+ଏୟ )—
Bāsateya ୧ । ବସତିର ଉପଯୋଗୀ—1. Habitable; fit for residence.
୨ । ରାତ୍ରିବାସୋପଯୋଗୀ—2. Fit for passing a night in.

ବାସତେୟୀ—ସ. ବି. ସ୍ତ୍ରୀ. ( ବାସତେୟ+ଈ )—
Bāsateya ରାତ୍ରି; ଯାମିନୀ—Night.

ବାସ ଦେବା—ଦେ. କ୍ରି—୧ । ବାସିବା; ସୁଗନ୍ଧ ଦେବା—
Bāsa debā 1. To emit smell.
बास देना ୨ । ରହିବାକୁ ସ୍ଥାନ ଦେବା—2. To allow a
বাসদেওয়া person to live in a place.
( ଯଥା—ସେଠି ମସ୍ତ ଯନ୍ତ୍ରଣା ମତେ ସ୍ୱର୍ଗ, ମର୍ତ୍ତ୍ୟ ପାତାଳରେ ବାସ ଦେଉ ନାହିଁ । )

ବାସନ—ସ. ବି. ( ବାସ୍ ଧାତୁ+ଭାବ. ଅନ )—
Bāsana ୧ । ସୁଗନ୍ଧୀକରଣ—1. Perfuming.
୨ । ଧୂପନ—2 Fumigating.

୩ । ( + ଅଧି. ଅନ ) ବାସ ସ୍ଥାନ—3. Residence, dwelling.
୪ । ( ବାସି ଧାତୁ=ପରିଧାନ କରିବା+କର୍ମ. ଅନ )—
ବସ୍ତ୍ର—4. Cloth.
୫ । ବାକ୍ସ; ଆଧାର—4. Box; receptacle.
୬ । ତୈଜସ ପାତ୍ର; ପାତ୍ର—6. Utensil.
୭ । ଜଳ ପାତ୍ର—7. Water pot.
୮ । ପୋଟଲା; ପୁଡ଼ା—8. A packet.
୯ । ଭୋଜନ ପାତ୍ର—9. A plate for eating.

**ବାସନ କୁସନ**—ଦେ. ବି. (ସହଚର ଶବ୍ଦ)—ଛୋଟ ବଡ଼ ସମସ୍ତ ବାସନ—
Bāsyna kusana Utensils, large and small.
(ବାସନ ପତ୍ର, ବାସନ ବରତନ, ବାସନ ବର୍ତ୍ତନ—ଅନ୍ୟରୂପ)
**बासन उसन** ସେଠାରେ ବାସନ କୁଶନ ସବୁ ସୁନା, ନଣି, ମାଣିକରେ ତିଆର ।
বাসনকোসন ଜଳକଣ୍ଠଦାସ, ଚିତ୍ରଙ୍କ ପ୍ରମାସୁନ ।

**ବାସନ ବଦଳ(ଲା, ଲି)**—ଦେ. ବି—ପୁରୁଣା ଓ ଭଙ୍ଗା ବାସନ ଦେଇ
Bāsana badaḻa(ḻā, ḻi) ତହିଁ ନାମସୂତ୍ରରେ ନୂଆ ବାସନ
**बासन बदली** ଆଣିବା—Exchange of old utensils
বাসনবদল for new.

**ବାସନ ବଦଳା(ଲେ)ଇବା**—ଦେ. କ୍ରି—କାରିଗରଙ୍କୁ ଆପଣାର ପୁରୁଣା
Bāsana badaḻā(ḻe)ibā ଭଙ୍ଗା ବାସନ ଦେଇ ତତ୍ ପରିବର୍ତ୍ତରେ
বাসন বদলান নୂଆ ବାସନ ଆଣିବା—To exchange old
**बासन बदलाना** utensils for new ones.
[ ଦ୍ର—ସମ ପରିମାଣରେ ପୁରୁଣା ଓ ଭଙ୍ଗା ବାସନ ପରିବର୍ତ୍ତରେ ସମ ପରିମିତ ନୂତନ ବାସନ ବଦଳାଇଲେ ନୂଆ ବାସନର ଓଜନ ଉପରେ କାରିଗରର ମଜୁରି ଯାହା ଦେବାକୁ ପଡ଼େ ତାକୁ କରମୂଲ (ବ. ବାନୀ) ବୋଲାଯାଏ । ]

**ବାସନ ମଜା**—ଦେ. ବି—ଜଳ ଓ ପାଉଁଶ ଆଦି ଦ୍ୱାରା ଘଷି ବାସନକୁ
Bāsana kusana ପରିଷ୍କାର କରିବା—Act of scouring
বাসন মাজা **बासन मलना** the utensils.

**ବାସନା**—ସ. ବି. ( ବାସ୍ ଧାତୁ+ଭାବ. ଅନ+ସ୍ତ୍ରୀ ଆ )—
Bāsanā ୧ । ପ୍ରତ୍ୟାଶା—1. Hope or desire in return.
୨ । ଲାଳସା—2. Hankering; passion for anything.
୩ । କାମନା; ଅଭିଳାଷ; ବାଞ୍ଛା—
3. Desire; inclination; wish.
୪ । ପୂର୍ବ ଜନ୍ମର ସଂସ୍କାର; ମନୁଷ୍ୟ ପୂର୍ବ ଜନ୍ମରେ ମନରେ ଯେଉଁ ସବୁ ଭୋଗ କରିବାକୁ ଆଶା କରିଥାଏ—
4. Desires or hankerings entertained by a person in a previous existence.
୫ । ଜ୍ଞାନ—5. Knowledge.
୬ । ଯୁକ୍ତି—6. Argument.
୭ । ଦୁର୍ଗା—7. Goddess Durgā.
୮ । ( ଜ୍ୟୋତିଷ ) ଗ୍ରହସ୍ଥିତିନିରୂପଣୋପଯୋଗୀ ସଂସ୍କାରବିଶେଷ—8. (astrology) A process or retual for ascertaining the position of planets

ଦେ. ବି—୧ । ବାସ; ଗନ୍ଧ—1. Smell; scent.
୨ । ସୁବାସ; ସୁଗନ୍ଧ—2. Sweet smell.
୩ । (ଲକ୍ଷଣାର୍ଥ) କୌଣସି ବିଷୟର ସାମାନ୍ୟ ମାତ୍ର ଗନ୍ଧ;
**सुबास, खुसबू** ଗନ୍ଧ ସମ୍ବନ୍ଧୀ ଅନୁଭୂତ—3. (allegorical)
**গন্ধ** Scent of a matter.
( ଯଥା—ସାଆନ୍ତ ୫୦୦ ଲୋକଙ୍କ ଖିର ପିଠା ବାଣ୍ଟିଲେ, ମୁଁ ତାର ବାସନା ସୁଦ୍ଧା ପାଇଲି ନାହିଁ । )
ବିଣ—୧ । ସୁବାସିତ—1. Sweet-scented.
সুবাসিত ୨ । (ଲକ୍ଷଣାର୍ଥ) ସର୍ବୋତ୍ତମ; ଶ୍ରେଷ୍ଠ ସ୍ଥାନୀୟ ବ୍ୟକ୍ତି—
**सुबासित, खुसबूदार** 1. Best.
ସୁନା ଗୋରା ରୁ ଏବା ସିନା
ସୁନାଗର ଶିର ଫୁଲ ବାସନା । କବେନ୍ଦ୍ର ... ସଙ୍ଗୀତ ।

**ବାସନା ଅର୍କ(ଅରକ)**—ଦେ. ବି. ( ସ, ସୁବାସିତ+ଫା. ଅର୍କୁଶୀ )—
Bāsanā arka(araka) ସୁବାସିତ ତରଳୀୟ ସାର—
**सुबासित अर्क** সুবাসিত আরখ Perfumed essence.

**ବାସନା କରିବା**—ଦେ. କ୍ରି. ( ସ. ବାସନା )—୧ । କାମନା କରିବା—
Bāsanā karibā 1. To wish for or desire to
**बासना करना, बू देना** গন্ধকরা have a thing.
୨ । (ସ. ବାସ)—ବାସିବା—2. To smell sweet.
୩ । ଗନ୍ଧାଇବା—3. To emit a bad smell.

**ବାସନା କଦଳୀ**—ପ୍ରାଦେ. (ଗଞ୍ଜାମ) ବି.—ଚମ୍ପା କଦଳୀ (ଦେଖ)
Bāsanā kadaḻī Champā kadaḻī (See)

**ବାସନା ଛାଡ଼ିବା**—ଦେ. କ୍ରି—ବାସନା କରିବା ୨।୩ (ଦେଖ)
Bāsanā chhāṛdibā Bāsanā karibā 2. 3 (See)
(ବାସନା ଦେବା—ଅନ୍ୟରୂପ)

**ବାସନା ତେଲ**—ଦେ. ବି—ସୁବାସିତ ତୈଳ—
Bāsanā tela **खुसबूदार तेल** Sweet-scented oil.

**ବାସନା ପାଇବା**—ଦେ. କ୍ରି—୧ । କୌଣସି ପଦାର୍ଥର ସୁବାସ ଗ୍ରହଣ
Bāsanā paibā କରିବା—1. To smell the odour of
**खुसबूलेना, खुसबूपाना** a thing.
(ଯଥା—ଠାକୁର ଭୋଗରୁ କେବଳ ମାତ୍ର ବାସନା ପାଆନ୍ତି ।)
୨ । (ଲକ୍ଷଣାର୍ଥ) କୌଣସି ବିଷୟର ଗନ୍ଧ ମାତ୍ର ଜାଣିବା—
2. ( figurative ) To get the scent of a matter; to get an inkling of a matter.

**ବାସନା ବାଜିବା**—ଦେ. ବି—କୌଣସି ପଦାର୍ଥର ଗନ୍ଧ ନାକରେ ବାଜିବା
Bāsanā bājibā One's sense of smell being
**बू लगना** সুবাস লাগা affected; (a smells') reaching one's nose.

**ବାସନା ବାରିବା**—ଦେ. କ୍ରି—୧ । ନାକଦ୍ୱାରା କୌଣସି ବସ୍ତୁର ବାସ୍ନା
Bāsanā bāribā ଗନ୍ଧ ଗ୍ରହଣ କରିବା—1. To scent a thing.
**बू लेना** ୨ । (ଲକ୍ଷଣାର୍ଥ) କୌଣସି ବିଷୟରେ ଟେର ପାଇବା—
বাসঠাওরান 2. (figurative) to get the hint of something. ୩ । ନାକଦ୍ୱାରା କୌଣସି ବସ୍ତୁର ଗନ୍ଧକୁ ସ୍ଥିରକରି ସେ ବସ୍ତୁର ଅବସ୍ଥାନ ଆଦି ସ୍ଥିର କରିବା—

3. To locate a thing with the help of [ବାସନା ଠଉରା(ରେ)ଇବା—ଅନ୍ୟରୂପ] the scent it emits.

**ବାସନୀ**—ଦେ. ବି—ଭୋଜନ ପାଇଁ ତୈଜସପାତ୍ର—
**Bāsanī** বাসন বাসন A plate for eating; utensils.
ଉତ୍ତମ ବାସନରେ ହୋଇଛ ପରପୂର୍ଣ୍ଣ
ଅଛ ସେପରୁ କାହିଁ ଶୁଣି କାହିଁ କର୍ଣ୍ଣ । କୃଷ୍ଣସିଂହ. ମହାଭାରତ: ଅବ ।

**ବାସନ୍ତ**—ସଂ. ବିଣ. (ବସନ୍ତ+ସମ୍ବନ୍ଧାର୍ଥେ. ଅ)—୧ । ବସନ୍ତ ଋତୁ-
**Bāsanta** ସମ୍ବନ୍ଧୀୟ—1. Vernal; relating to the (ବାସନ୍ତୀ—ସ୍ତ୍ରୀ) spring season. ୨ । ବସନ୍ତ ଋତୁରେ କରାଯିବା—2. Performed during the spring.
ବି·—୧ । କୋକିଳ—1. The cuckoo. ୨ । ମଳୟ ପବନ—2. The spring-breezee; south breeze; breeze. ୩ । ମଦନ ବୃକ୍ଷ; ମଦଣ ଗଛ—3. Randia Longispina; Vangoria Spinosa. ୪ । ଉଷ୍ଟ୍ର—4. Camel. ୫ । ମୁଗ—5. Mung pulse, ମୁଗ—5. A kind of pulse; Phasiolus Mung. ୬ । ନାଲି ଓ ହଳଦିଆ ମିଶା ରଙ୍ଗ; ନାରଙ୍ଗୀ ରଙ୍ଗ—6. Reddish yellow colour. ୭ । ଚତୁର୍ଦ୍ଦଶାକ୍ଷର ଛନ୍ଦୋବିଶେଷ—7. A metre of 14 syllables.

**ବାସନ୍ତି**—ଦେ· ବିଣ—୧ । ମନୋନୀତ—
**Bāsanti** 1. Selected; choice
୨ । ଭଲ ପାଉଥିବା; ସ୍ନେହ କରୁଥିବା—2. Loving.
ବାସନ୍ତି ଅଳ ବାସନ୍ତି ଅଳପରୁ ଗୁଞ୍ଜିବ ଭୋଳ
ଭକ୍ତ· କୋଟବ୍ରହ୍ମାଣ୍ଡସୁନ୍ଦରୀ ।
ପ୍ରାଦେ. (ଗଡ଼ଜାତ) ବି—ବାସନାଯୁକ୍ତ ଔଷଧରେ ବ୍ୟବହୃତ ବନ୍ୟ ଗୁଳ୍ମ ବିଶେଷ—A kind of shrub used in scenting medicines.

**ବାସନ୍ତିକ**—ସଂ. ବିଣ—(ବସନ୍ତ+ସମ୍ବନ୍ଧାର୍ଥେ. ଇକ)—୧ । ବସନ୍ତ-
**Bāsantika** କାଳୀନ—1. Vernal ୨ । ବସନ୍ତ ସମୟୋଦ୍ଭୂତ 2. Produced during the spring.
ବି.—୧ । ବିଦୂଷକ—1. A jester. ୨ । ନଟ—2. An actor; a dancer.

**ବାସନ୍ତିକ ଦୁର୍ଗୋତ୍ସବ**—ସଂ. ବି—ଚୈତ୍ର ଶୁକ୍ଳ ପ୍ରତିପଦ୍ ଠାରୁ ଆରମ୍ଭ
**Bāsantika durgotsaba** କରି ନବମୀ ପର୍ଯ୍ୟନ୍ତ କରାଯିବା ଦୁର୍ଗାପୂଜା ଉତ୍ସବ—Worship of Goddess Durgā performed during the spring season and beginning from the first to the 9th day of the bright fortnight of the month of Chaitra.

**ବାସନ୍ତୀ**—ସଂ. ବିଣ. ସ୍ତ୍ରୀ—(ବାସନ୍ତ+ଈ)—ବସନ୍ତକାଳୀନ—
**Bāsantī** Vernal
ବି.—୧ । ନବ ମାଳିକା; ନଅଲି ଫୁଲ—1. Jasminum. Zambac. ୨ । ମାଧବୀ ଲତା—2. A flowering creeper; Hyptaga Madablata. [ଦ୍ର—ଏହା ବସନ୍ତ କାଳରେ ଫୁଟେ ।] ୩ । ମଦନୋତ୍ସବ—3. A festival in honour of God Cupid held during the spring. ୪ । ଦୁର୍ଗା—4. Goddess Durgā. ୫ । କୃଷ୍ଣମୁଦ୍ଗ; କଳା-
ଦେ. ବି—ବସନ୍ତକାଳୀନ ଫୁଲ—
Flowers of the spring season.
ବାସନ୍ତୀର ପ୍ରକଟିତ ବାସ
ବାସ ମଧ୍ୟେ ନ ହରଇ ବାସ । ଭକ୍ତ· ପ୍ରେମସୁଧାନିଧି ।

**ବାସନ୍ତୀ ପଞ୍ଚମୀ**—ସଂ. ବି—ବସନ୍ତ ପଞ୍ଚମୀ (ଦେଖ)
**Bāsantī panchamī** Basanta panchamī (See).

**ବାସନ୍ତୀ ପୂଜା**—ସଂ. ବି—ବସନ୍ତକାଳୀନ ( ଚୈତ୍ରମାସରେ ଅନୁଷ୍ଠିତ )
**Bāsantī pūjā** ଦୁର୍ଗାପୂଜା—The worship of Durgā during the spring.

**ବାସନ୍ଦ**—ଦେ. ବି—(ସଂ. ବନ୍ଟ୍ ଧାତୁ=ପୃଥକ୍ କରିବା)—୧ । ମନା;
**Bāsanda** ନିଷେଧ—1. Prevention; forbidding.
ଟୋକୁ ନଥି ପାଣି ଧୋଇବା ଭଣ୍ଡାର ସବୁ ବାସନ୍ଦ—
ଫକୀରମୋହନ. ଗଳ୍ପସ୍ୱଳ୍ପ ।
অলগ আটক ୨ । ଜାତିରୁ କିଛିକାଳ ପାଇଁ ଅଟକ କରିବା; ସମାଜ ଚ୍ୟୁତି—2. Temporary excommunication. ୩ । ପ୍ରଭେଦ; ବାରଣ—3. Distinction.
ବିଣ—ଜାତିଚ୍ୟୁତ—Excommunicated.

**ବାସନ୍ଦ କରିବା**—ଦେ. କ୍ରି—୧ । ଜାତିରୁ ଅଟକ କରିବା—1. To
**Bāsanda karibā** excommunicate. ୨ । କୌଣସି ସ୍ଥାନକୁ
ବାସନ୍ଦିବା } ଅନ୍ୟରୂପ
ବାସେନ୍ଦନ୍ଦିବା }
ଆସିବାକୁ ମନା କରିବା—2. To forbid a person from going somewhere.
অলগ করনা একঘরে করা

**ବାସ ପଖାଳ**—ଦେ. ବି—ଲେମ୍ବୁ ବା ଟଭି ପତ୍ର ଅବା ଦଆଯାଇ ସୁବାସିତ
**Bāsa pakhāla** ହୋଇଥିବା ପଖାଳ—Watered stale rice which is perfumed by adding scented leaves.

**ବାସପୁଷ୍ପା**—ସଂ. ବି—ହାଲିମ (ଦେଖ)
**Bāsapushpā** Hālima (See).

**ବାସ ଫୁଲ**—ପ୍ରାଦେ (ଗଡ଼ଜାତ) ବି—ଦେବୀଙ୍କ ନିକଟରେ ତାନ୍ତ୍ରିକ
**Bāsa phula** ପୂଜାବେଳେ ନୈବେଦ୍ୟରୂପେ ବ୍ୟବହୃତ ମଦ୍ୟ—Wine used as an offering before a Goddess during of tantric worship.
ଦେ. ବି—ଏକ ପ୍ରକାର ସରୁ ସୁବାସଯୁକ୍ତ ଧାନ୍ୟ—
A species of paddy emiting sweet smell.

**ବାସବ**—ସଂ. ବି. ପୁଂ—(ବସୁ=ଧନ+ଅ; ଯେ ଧନ ବଳିଷ୍ଠ; ଅମ୍ବା ବସ
**Bāsaba** ଧାତୁ=ବାସ କରିବା+ଅ; ଯେ ସ୍ୱର୍ଗରେ ବାସ କରନ୍ତି)-
(ବାସବୀ—ସ୍ତ୍ରୀ) ୧ । ଇନ୍ଦ୍ର; ସୁରରାଜ; ଦେବରାଜ—
1. Indra; the president of the assembly of the gods in heaven. ୨ । ଧନିଷ୍ଠା ନକ୍ଷତ୍ର-
2. The 23rd asterism.

ବାସବ ଆୟୁଧ—ଦେ. ବ—(ସଂ. ବାସବାୟୁଧ)—ଇନ୍ଦ୍ରଙ୍କ ଅସ୍ତ୍ର; ବଜ୍ର—
Bāsaba āyudha Thunder.
ବାସବ ଅସୁଧ ମୋଶିରେ ନ ପଡେ
ଗୋଡ଼ ନ ଯାଇ କଷ୍ଟା ପ୍ରବାସ । ଉଦ୍ଧଃ ପ୍ରେମସୁଧାନିଧି ।

ବାସବ ଦତ୍ତା—ସଂ. ବ. ସ୍ତ୍ରୀ—୧ । କବି ସୁବନ୍ଧୁ ରଚିତ ସଂସ୍କୃତ ଗଦ୍ୟ
Bāsaba dattā କାବ୍ୟର ନାୟିକା—1. The name of the heroine of a Sanscrit novel composed by Subandhu. ୨ । କବି ସୁବନ୍ଧୁ ରଚିତ ସଂସ୍କୃତ ଗଦ୍ୟ କାବ୍ୟ—2. The title of a Sanscrit novel by poet Subandhu.

ବାସ ବାସ—ଦେ. ବ—୧ । ତମ୍ବୁ—
Bāsa bāsa Tent.
ନବ ପ୍ରକାଶ କାଶ ବୃକ୍ଷ ବାସ ବାସ ପରକାଶ ସବୁଶ ଦୃଶ ।
ଉଦ୍ଧ. ରସିକହାରାବଳୀ ।
୨ । ସୁବାସ ସ୍ଥାନ—2. Sweet-smelling place.
ବାସବାସ କ ରଙ୍ଗରୁ ରଙ୍ଗ ଉଛେ ଅଛ ସେ—
ଉଦ୍ଧ. ବୈଦେହୀଶବିଳାସ ।

ବାସବୀ—ସଂ. ବ. ସ୍ତ୍ରୀ (ବାସବ+ଈ)—ଇନ୍ଦ୍ରାଣୀ; ଶଚୀ—1. The
Bāsabī queen of Indra. ୨ । ସତ୍ୟବତୀ; ବ୍ୟାସଜନନୀ—2. The mother of sage Byāsa.

ବାସ ଯୋଗ—ସଂ. ବ—(ବ୍ୟାସ=ସୁଗନ୍ଧ+ଯୋଗ=ମିଶ୍ରଣ)—
Bāsa joga ୧ । ସୁଗନ୍ଧଚୂର୍ଣ୍ଣ—1. Scented powder. ୨ । ଫଗୁ; ଅବିର—2. Coloured red powder used in sprinkling in sport during the Holi festival. ୩ । (ଅନ୍ୟ ଶବ୍ଦ ସଙ୍ଗେ ପ୍ରଯୁଜ୍ୟ) ବାସ କରିବାର ଅବଶ୍ୟମ୍ଭାବୀ ଘଟଣା—3. A concatenation of circumstances leading to one living in 'Bana' or kārā etc.
(ଯଥା—ରାମଚନ୍ଦ୍ରଙ୍କୁ ବନବାସ ଯୋଗ ଥିଲା ।)

ବାସ ଯୋଗ୍ୟ—ସଂ. ବଣ—(୬ଷ୍ଠୀ ତତ୍; ବାସ+ଯୋଗ୍ୟ)—
Bāsa jogya ବାସୋପଯୋଗୀ; ବାସ କରିବା ପାଇଁ ଉପଯୁକ୍ତ (ସ୍ଥାନ)—Habitable; fit for living; fit for occupation.

ବାସର—ସଂ. ବ—(ବସ୍ ଧାତୁ ଣିଚ୍=ବାସ କରାଇବା+କର୍ତ୍ତୃ. ଅର)—
Bāsara ୧ । ଦିବସ; ସପ୍ତାହର ଦିନ—1. Day; week-day. ୨ । (ବସ୍ ଧାତୁ+ଅଧି. ଅର) ଗୃହ—2. House. ୩ । ମଧୁ ଶଯ୍ୟା—3. The bed on which the newly married couple sleep during the first few nights; the bed of the honeymoon. ୪ । ନାଗବିଶେଷ—4. Name of a serpent.

ବାସରୁଘର—ଦେ. ବ—(ସଂ. ବଙ୍ଗ ବାସର)—୧ । ବାସର ୩
Bāsara ghara (ଦେଖ)—1. Bāsara 3 (See)
कोहबरघर ୨ । ମଧୁଶଯ୍ୟାର ଗୃହ—2. The room in which
बासरघर the newly married couple pass the honey moon.

[ ଦ୍ର—ବଙ୍ଗୀୟ ସମାଜରେ ବରକନ୍ୟାଙ୍କର ବାସର ଘରରେ ମିଳନ ଉପଲକ୍ଷରେ କନ୍ୟାର ସହଚରୀମାନେ ବରଙ୍କ ସଙ୍ଗେ ନାନା ଆମୋଦ ଓ ଥଟ୍ଟା ପରିହାସ କରିବାର ପ୍ରଥା ଚଳେ । ]

ବାସର ମୁଖ—ସଂ. ବ—(୬ଷ୍ଠୀ ତତ୍)—ସକାଳ—
Bāsara mukha Morning.
ବାସର ମୁଖେ ସନ୍ଧ୍ୟାରେ ଭ୍ରମି ଦୁଃଖେ ଦେଖନ୍ତି ସେ ଲୁଚ ।
ଉଦ୍ଧ. ବୈଦେହୀଶବିଳାସ ।

ବାସ ରହିତ—ସଂ. ବଣ—(୩ୟା ତତ୍)—୧ । ଗୃହହୀନ—1. Home
Bāsa rahita less. ୨ । ଗନ୍ଧହୀନ—2. Smell-less. ୩ । (ବାସହୀନ—ଅନ୍ୟରୂପ) ବସ୍ତ୍ରହୀନ—3. Clothless. ୪ । ନଗ୍ନ—3. Naked.

ବାସରାନ୍ତ—ସଂ. ବ—(୬ଷ୍ଠୀ ତତ୍)—ସନ୍ଧ୍ୟା—
Bāsarānta Evening.
ବଣ—ସନ୍ଧ୍ୟାକାଳୀନ—Happening in the evening.
ବାସରାନ୍ତ କର ବୃଷ୍ଟି ଇ ସମାନ ଭିନ୍ଦାବ ସେ ରଣ୍ଡଚ—
ଉଦ୍ଧ. ବୈଦେହୀଶବିଳାସ ।

ବାସ ସମ୍ବିଧାନ—ସଂ. ବ (୬ଷ୍ଠୀ ତତ୍)—୧ । ବସ୍ତ୍ର ନିର୍ମାଣ; ଲୁଗା
Bāsa sambidhāna ବୁଣିବା—1. Manufacture of cloth. ୨ । ଆବାସ ନିର୍ମାଣ—2. Building of a house. ୩ । ଗୃହପ୍ରତିଷ୍ଠା—3. Consecration or formal opening of a house.

ବାସାଗାର—ସଂ. ବ (୬ଷ୍ଠୀ ତତ୍)—୧ । ବାସଗୃହ—
Bāsāgāra 1. Dwelling house.
୨ । ଶୟନାଗାର—2. Bed room.

ବାସାଙ୍ଗ—ଦେ. ବ—ବାସ; ସୌରଭ—
Bāsāṅga Scent; smell.
ବାସାଙ୍ଗେ ଭଳେ ପାରୁଜ'ଜବକୁ
ବୋଇବ ଯୋଜନଗନ୍ଧା ହୋଇ—ଉଦ୍ଧ. ବୈଦେହୀଶବିଳାସ ।

ବାସାଞ୍ଚଳ—ସଂ. ବ (୬ଷ୍ଠୀ ତତ୍)—୧ । ପିନ୍ଧା ବସ୍ତ୍ରର କାନି—
Bāsāñchala 1. The ends of a cloth.
ବାସାଞ୍ଚଳେ ଅଶ୍ରୁ ତୋଳୁ ଶ୍ରମ—ଉଦ୍ଧ. ବୈଦେହୀଶବିଳାସ ।
୨ । କରପୃଷ୍ଠ; ପାପୁଲି—9. The back of the palm.

ବାସାରିଷ୍ଟ—ସଂ. ବ—ବାସଙ୍ଗପତ୍ର ଓ ଛେଲି ଅବରୁ ବୈଜ୍ଞାନିକ ପ୍ରକ୍ରିୟା
Bāsārishta ଦ୍ୱାରା କରାଯିବା ଅର୍କ—Essence extracted from Bāsaṅga leaves and bark.
[ ଦ୍ର—ଏହା କାଶ ଓ ଶ୍ୱାସର ଔଷଧରୂପେ ବ୍ୟବହୃତ ହୁଏ । ]

ବାସାର୍ହ—ସଂ. ବଣ. (୬ଷ୍ଠୀ ତତ୍; ବାସ+ଅର୍ହ=ଉପଯୁକ୍ତ)—ବାସ
Bāsārha କରିବାର ଉପଯୁକ୍ତ; ବାସୋପଯୋଗୀ—Habitable.

ବାସି—ସଂ. ବ. (ବସ୍ ଧାତୁ=ଛେଦନ କରିବା+ଇ)—କୁଠାରବିଶେଷ;
Bāsi ବାଇସି—Carpenter's adze.
(ସଜ—ଉପସର୍ଗ) ଦେ. ବଣ. (ସଂ ପର୍ଯ୍ୟୁଷିତ, ଅବଶିଷ୍ଟ, ବାସିତ)—
बासी ୧ । ପର୍ଯ୍ୟୁଷିତ; ଯାହା ଅଳ୍ପ ନୁହେ; ଯାହା ଟଟକା
बासी ନୁହେ—1. Stale.
ଯା ଦେଖି ସୁହାଗୀ ବହୁଳଃ ବାସି କୁସୁମମାଳା ପ୍ରକାରେ—
କବିସୂର୍ଯ୍ୟ, ମଙ୍ଗୀତ ।

୨ । ଝାଉଁଳି ପଡ଼ିଥିବା—2. Withered.

ଚନ୍ଦ୍ର ଦେବେ କି ସେ ଅଙ୍ଗ
ତଉରେ ମଉଳ ପୁଷ୍ପ ବାସି ହେବାପାଏ—ସୁଧାକାର, ମହାଯାତ୍ରା ।

୩ । ପୁରାତନ—3. Old. ୪ । ଗତ କାଲରୁ ଅବଶିଷ୍ଟ—4. Remaining from the previous day.

ଯେ ବାସି ହେଲା ନ ଲୁଚାଇବି
ତାହିଁ ଚାଉଳ ସେବେ ଅର୍ପି—ଭୂପତି: ପ୍ରେମପଞ୍ଚାମୃତ ।

୫ । ପରବର୍ତ୍ତୀ ( ଦିବସ )—5. Next ( day ).

୬ । (ସ. ବାସିତ) ଧୋବାଦ୍ୱାରା ପରିଷ୍କୃତ (ଲୁଗା)—6. Well cleansed and washed (cloth).

दूसरेदिन ବି—ପରବର୍ତ୍ତୀ ଦିବସ—Next eay.

बासि [ ଦ୍ର—ଏହା ଅନ୍ୟ କେତେକ ଶବ୍ଦ ପରେ ଲାଗେ, ଯଥା—ବିବାହ ବାସି, ଯାତ୍ରା ବାସି; ପୁନେଇଁ ବାସି ଇତ୍ୟାଦି । ]

ବାସି ଅଇଁଠା—ଦେ. ବି—କାଲି ଖିଆ ଯାଇଥିବା ଭୋଜନ ସ୍ଥାନରେ
Bāsi ainṭhā ପଡ଼ିଥିବା ଉଚ୍ଛିଷ୍ଟ ଦ୍ରବ୍ୟ ଓ ବାସନ ଆଦି—
( ବାସି ଇଣ୍ଠା—ଅନ୍ୟରୂପ ) Leavings of yesterday's
**बासीजुठ** food and plates uncleansed since
बासिएँठो yesterday.

ବାସି ଅର୍ଡ଼ତି—ଦେ. ବି—ଭୋରରୁ ଉଠି ଯେଉଁସବୁ ଗୃହକର୍ମ କରାଯାଏ—
Bāsi ārḍati Menial works of the household, such
ବାସି ପାଇଟି } ଅନ୍ୟରୂପ as cleansing, sweeping, scouring etc, which are done first
ବାସି କାମ }
**सबेरका काम** early in the morning.
बासीपाट

ସାରି ବାସିକାମ ସାରି ପାଣ ନିତ ବଧୂମାନେ ଧ୍ୟାନେ—
କବିକଲ୍ଲୋଳ, ଦର୍ପଣୀ ।

ବାସିକ—ସ. ବି. ( ବସ+ଇକ )—ଚର୍ବି—
Bāsika Fat.

ବାସି କରିବା—ଦେ. କ୍ରି—୧ । କୌଣସି ସଦ୍ୟ ପଦାର୍ଥକୁ ବା ଖାଦ୍ୟକୁ
Bāsi kariba ବା ଶବକୁ ତହିଁଆରଦିନ ପର୍ଯ୍ୟନ୍ତ ରଖିବା—
**बासी करना** 1. To allow any fresh thing or food or
बासीकरा human corpse to become stale.

୨ । (ରଜକ) ଲୁଗାକୁ ବାସି ଧୋଇ କରି କାଚିବା—2, To cleanse or wash the cloth well.

ବାସି ଖିରିପିଠା—ଦେ. ବି—୧ । ବିବାହ ଆଦି ଉତ୍ସବର ବାସି ବା
Bāsi khiripiṭhā ପରବର୍ତ୍ତୀ ଦିବସରେ ଗୃହସ୍ୱାମୀଙ୍କର ବନ୍ଧୁବାନ୍ଧବ-
**बासी खीरपूरी** ମାନଙ୍କୁ ଦେବା ଭୋଜି—1. Feast given to friends on the next day of a family festival. ୨ । ଉତ୍ସବାଦିରେ ପ୍ରସ୍ତୁତ ମିଷ୍ଟାନ୍ନାଦି ମଧ୍ୟରୁ ପରଦିନକୁ ବଳି ପଡ଼ିଥିବା ପଦାର୍ଥ—2. Food which remains over to the next day of a festival. ୩ । ପର୍ଯ୍ୟୁଷିତ ମିଷ୍ଟାନ୍ନାଦି—3. Stale sweetmeat.

ବାସି ଘର—ଦେ. ବି—ଯେଉଁ ଘର ସକାଳୁ ଓଳିଆ ବା ଲିପା ପୋଛା
Bāsi ghara ହୋଇ ନ ଥାଏ—A house wich has not
**बासीघर** been cleansed or swept in the morning.

ବାସି ଚନ୍ଦନ—ଦେ. ବି—୧ । ପୂର୍ବ ଦିବସରୁ ଘୋରି ଯାଇଥିବା ଚନ୍ଦନ—
Bāsi chandana 1. Sandal paste prepared on the
**बासी चन्दन** सुवासचन्दन previous day.

୨ । ( ସ. ବାସଚନ୍ଦନ ) ଅଗୁରୁ ବା ଉତ୍କୃଷ୍ଟ ଚନ୍ଦନ—2. Excellent or genuine sandal wood.

ବାସିତ—ସ. ବିଣ. ( ବାସ୍ ଧାତୁ ଣିଚ ବାସି ଧାତୁ+କର୍ମ. ତ )—
Bāsita ୧ । ସୁରଭୀକୃତ; ସୁଗନ୍ଧୀକୃତ—1. Perfumed.
( ବାସିତା—ସ୍ତ୍ରୀ ) ୨ । ବିଖ୍ୟାତ—2. Famous; renowned.
୩ । ଧୂପିତ—3. Fumed. ୪ । (ବସ୍ ଧାତୁ=ଆଚ୍ଛାଦନ କରିବା+କର୍ମ. ତ )—ବସ୍ତ୍ରାଚ୍ଛାଦିତ—4. Clothed; dressed. ୫ । ଆର୍ଦ୍ରୀକୃତ—5. Moistened.
୬ । ପର୍ଯ୍ୟୁଷିତ—6. Stale.
୭ । ଅଧ୍ୟୁଷିତ; ବସବାସ କରଯାଇଥିବା—7. Inhabited
୮ । ପୁରୁଣା; ପୁରାତନ—8. Old.
ବି. (ବାସ୍ ଧାତୁ. ଶବ୍ଦ କରିବା+ଭାବ. ତ)—ପକ୍ଷୀର ଶବ୍ଦ—Note of a bird.

ବାସିତା—ସ. ବି. ସ୍ତ୍ରୀ. ( ବାସିତ+ଆ )—୧ । କରିଣୀ—1. A
Bāsitā female elephant. ୨ । ନାରୀ; ସ୍ତ୍ରୀ—2, Woman.
ଦେ. ବିଣ. ସ୍ତ୍ରୀ—୧ । ସୌରଭାନ୍ୱିତା—1. Sweet smelling.
୨ । ବସ୍ତ୍ରାଚ୍ଛାଦିତା—2. Covered with clothes.
ଦେ. ବି. ସ୍ତ୍ରୀ—ଗୃହିଣୀ—3. Mistress of a house.

ବାସିତା ଗୀତାଙ୍କ ସେନ ଶ ବାଠ ବହନ
ବଉରତ ବନ୍ତରେ ବଳବନ୍ତ ସୁନ—ଭକ୍ତ. ବୈଦେହୀଶବିଳାସ ।

ବାସି ଥକା—ଦେ. ବି—୧ । ସ୍ଥାନାନ୍ତରକୁ ଯାଇ ସେଠାରେ ଏକ
Bāsi thakā ଦିନରୁ ଅଧିକ ରହିଯିବା—1 Staying at a
**रातगमाना** place for more than a day.

ବନେ ମଥୁରା ନ ରହେ ବାସି ଥକା । ଦାଶରଥି ବୃନ୍ଦାବନ ।

୨ । ବାସି ଅର୍ଡ଼ତି—2 Menial household duties performable early in the morning.
୩ । କାଲି କରିଯିବା କାର୍ଯ୍ୟ ଅଦ୍ୟକୁ ବାକି ରଖିଥିବା—3. Leaving yesterday's domestic menial duties unperformed.

ବାସିଥକା ରଖିବା—ଦେ. କ୍ରି.—ଅଦ୍ୟର ଗୃହକାର୍ଯ୍ୟ ଅଦ୍ୟ ଶେଷ ନ
Bāsithakā rakhibā କରି କାଲିକୁ ପକାଇ ରଖିବା—To
काज बाकीराखा allow the daily menial household duties to remain unperformed till the next day.

ବାସିଥକା ରହିବା—ଦେ. କ୍ରି—ସ୍ଥାନାନ୍ତରକୁ ଯାଇ ସେଠାରୁ ସେହି ଦିନ
Bāsithakā rahibā ଘରକୁ ଫେରି ନ ଆସି ତହିଁର ବାସି ଦିନ
ପର୍ଯ୍ୟନ୍ତ ରହିବା—To stay abroad for more
**रातगमाना** than a day.

ଘରେ ମୁଁ ରହିବ ଏକା
ବଳଦ ଯୋଉଣି କଏ ମୋହିଁବ ନ ରହିବ ବାସି ଥକା. ଚଉତିସୋଡ଼ା ଗୀତ.

**ବାସି ଦୁଧ**—ଦେ. ବି—ଗତକାଲି ବା ପୂର୍ବାହ୍ନରେ ଦୋହନ କରାଯାଇଥିବା ଦୁଧ—Milk drawn from the cow yesterday or in the forenoon.
Bāsi dudha
(ସଜଦୁଧ—ବିପରୀତ)

**ବାସିଧୋବ**—ଦେ. ବିଣ—୧ । ଧୋବାମାନଙ୍କର ଏକଦିନରୁ ବେଶି ସମୟରେ ଲୁଗା ପରିଷ୍କାର କରିବା ବିଧି—1. The process of washing cloth which takes more than one day.
Bāsidhoba
बासिधोप
**बासीधोब**

[ ଦ୍ର— ପୂର୍ବେ ରଜକ ବସ୍ତ୍ରକୁ ପରିଷ୍କୃତ ରୂପେ ଧୌତ କରି ତାହାକୁ ସୁବାସିତ କରିବାର ବିଧି ଥିଲା । ଏଥିଯୋଗୁଁ 'ସୁବାସିତ'ରୁ 'ବାସି କରିବା' ଓ 'ବାସିଧୋବ' ଶବ୍ଦର ବ୍ୟବହାର ଭାଷାରେ ରହିଅଛି । ପୂର୍ବେ ଲୁଗାକୁ କାଚି ସଫା କରି ତାହାକୁ ନେଳଅଦି ରଙ୍ଗ ଦ୍ୱାରା ରଞ୍ଜିତ କରାଯାଉଥିବା ବିଧିରୁ 'ରଜକ' ଶବ୍ଦର ବ୍ୟବହାର ରହିଅଛି ।

ଧୋବାମାନେ ଯେଉଁ ମଇଳା ଲୁଗା ନେଇ କାଚକରି ଏକାଦିନକେ ଫେରାଇ ଦିଅନ୍ତି ତାହାକୁ 'ସଜଧୋବ' ବୋଲାଯାଏ ଓ ଯାହା ଏକରୁ ଅଧିକ ଦିନରେ ଦିଅନ୍ତି ତାକୁ 'ବାସିଧୋବ' ବୋଲାଯାଏ; ଫଳତଃ 'ସଜଧୋବ' ଲୁଗା ଅପେକ୍ଷା 'ବାସିଧୋବ' ଲୁଗା ବେଶି ଶୁଭ୍ର ଓ ସୁପରିଷ୍କୃତ ହୁଏ । ]

୨ । ଏକଦିନରୁ ଅଧିକ କାଳ ପରିଶ୍ରମ କରାଯାଇ ସୁପରିଷ୍କୃତ (ଲୁଗା)—2. Well cleansed (cloth).

**ବାସିଧୋବ ପକା(କେ)ଇବା**—ଦେ. କ୍ରି.—ବାସିଧୋବ କରିବା ନିମନ୍ତେ ଧୋବାକୁ ଲୁଗା ଦେବା—To give cloth to the washerman for being well cleansed and returned after a day.
Bāsidhoba pakā(ke)ibā
(ବାସି ପକାଇବା—ଅନ୍ୟରୂପ)
**बासीधोबकेलियेदेना**

**ବାସିଧୋବ ପଡ଼ିବା**—ଦେ. କ୍ରି—(ବସ୍ତ୍ର) ବାସିଧୋବ କରାଯିବା ନିମନ୍ତେ ଧୋବାଘରେ ଦିଆଯିବା—(cloth) To be given to the washerman to be well cleansed and returned after a day or more.
Bāsidhoba paṛibā
(ବାସିପଡ଼ିବା—ଅନ୍ୟରୂପ)
**बासीधोबकेलियेदियाजाना**

**ବାସି ନିଶା**—ଦେ. ବି—ପୂର୍ବଦିନ ଖାଇଥିବା ମାଦକ ଦ୍ରବ୍ୟର ପରଦିନ ପର୍ଯ୍ୟନ୍ତ ଅନୁଭୂତ ହେଉଥିବା ନିଶା ବା ମାଦକତା—The remaining or after effect of yesterday's intoxicating thing.
Bāsi nisā
बासि नेशा **बासीनिशा**

**ବାସିନି**—ଦେ. ବିଣ—ସୁଗନ୍ଧଯୁକ୍ତ—Scented; sweet-smelling.
Bāsini

ମେଲ ଚରନ କେହ କେହ ସୁବାସିନ
ବାସିନୀ ସୁଜାତ ଜାତ ସ୍ୱବର ସ୍ୱବନ । ଉତ୍ତ. ବୈଦେହୀଶବିଳାସ,

**ବାସିନ୍ଦା**—ବୈଦେ. ବି (ଫା)—୧ । ଅଧିବାସୀ—1. Inhabitant. ୨ । ନିବାସୀ—2. Resident. ୩ । କୌଣସି ସ୍ଥାନର ସ୍ଥାୟୀ ଅଧିବାସୀ—3. Permanent resident.
Bāsindā
बासिन्दा **बासिन्दा**

**ବାସି ପଖାଳ**—ଦେ. ବି—ଏକ ବା ଏକାଧିକ ଦିନ ପୂର୍ବରୁ ରଖାହୋଇ ପଖାଳ ଯାଇଥିବା ଭାତ—Boiled rice which has been kept moistened since yesterday or previously.
Bāsi pakhāla
पान्ताभात
**बासीभात**

[ ଦ୍ର—ଯେଉଁ ଦିନ ଭାତ ରନ୍ଧାହୋଇ ଥାଏ ସେହି ଦିନ ତାହା ପଖାଳ କରି ଯାଇଥିଲେ ତାକୁ ସଜ ପଖାଳ ବୋଲାଯାଏ ଓ ସଜ ପଖାଳ ଏକଦିନରୁ ଅଧିକ ରହିଗଲେ ତାକୁ ବାସି ପଖାଳ ବୋଲାଯାଏ । ]

**ବାସି ପାଣି**—ଦେ. ବି—୧ । ଗତ ଦିବସରୁ ରଖାଯାଇଥିବା ଜଳ—Water kept since yesterday. ୨ । ମଦ—2. Wine; toddy (from its getting fermented only when kept to the next day).
Bāsi pāṇi
(ବାସିଜଳ—ଅନ୍ୟରୂପ)
बासिजल **बासी पानी**

**ବାସି ଫୁଲ**—ଦେ. ବି—୧ । ଯେଉଁ ଫୁଲ ପୂର୍ବଦିନରୁ ଫୁଟି ପରଦିନକୁ ରହି ଶୁଖି ଯାଇଥାଏ—1. Withered flower. ୨ । କାଲି ବ୍ୟବହାର କରାଯାଇଥିବା ଫୁଲ—2. Flower which was used yesterday.
Bāsi phula
**बासीफूल**
बासीफूल

**ବାସିବା**—ଦେ. କ୍ରି (ସଂ. ବାସ୍ ଧାତୁ)—୧ । ସୁବାସିତ ହେବା—1. To get scented.
Bāsibā **बूदार होना**

ନୋହିଲେ କର୍ପୂର ଶ୍ୱାସ ଡେଇନ୍ତି ବାସେ. କୃଷ୍ଣସିଂହ ମହାଭାରତ. ବନ

୨ । (ଶୁଦ୍ଧବାଚକ) ଗନ୍ଧାଇବା—2. To emit a bad smell.

**ବାସି ବିଛଣା**—ଦେ· ବି—ରାତିରେ ବ୍ୟବହୃତ ଯେଉଁ ଶଯ୍ୟା ସକାଳୁ ଉଠା ଯାଇ ନ ଥାଏ—Bed used over night but not wound up in the morning.
Bāsi bichhaṇā
बासि बिछाना
**बासी बिछौना** (ବାସି ଶେଯ—ଅନ୍ୟରୂପ)

**ବାସି ବିବାହ**—ଦେ. ବି—୧ । ବିବାହର ପରବର୍ତ୍ତୀ ଦିବସ—1. The next day after marriage.
Bāsi bibāha
बासि बिआ **बयाहका दुसरा रोज**

୨ । ବିବାହ ପାଇଁ ନିର୍ଦ୍ଦିଷ୍ଟ ଦିବସରେ ଓ ଲଗ୍ନରେ ସମ୍ପାଦିତ ହୋଇ ନ ପାରି ତହିଁ ପରଦିନ ସକାଳେ ସମ୍ପାଦିତ ହେବା ବିବାହ—2. Marriage rites performed on the next day after the day fixed for marriage (owing to inability of going through all the ceremonies on the fixed day).
ବାହିବାହା } —ଗ୍ରାମ୍ୟରୂପ
ବାସି ଭଥା }

[ ଦ୍ର—କରଣ ଓ କ୍ଷତ୍ରିୟ ସମାଜରେ ବର ଯାଇ କନ୍ୟାର ଘରେ ପହଞ୍ଚିବା ପରେ ଅନୁପୂର୍ବିକ ବିଧି ଓ ଚର୍ଚ୍ଚିତଚର୍ବଣାଦି ସବୁ ସବୁ ସ୍ଥିତ ପାଳିହୁଏ; ଫଳତଃ ତହିଁ ଅର ଦିନ ବାଉଗଣ୍ଠି ଆଦି କେତେକ ବିଧି ସାଧିତ ହୁଏ । ]

**ବାସି ଭାତ**—ଦେ.ବି.—ପୂର୍ବଦିନ ରନ୍ଧା ଯାଇଥିବା ଭାତ; ପର୍ଯ୍ୟୁଷିତାନ୍ନ—Yesterday's boiled rice.
Bāsi bhāta **बासि भात** बासी भात

**ବାସି ମଡ଼ା**—ଦେ. ବି—ଯେଉଁ ମୃତ ଦେହ ମରିବା ଦିନ ଶ୍ମଶାନକୁ ନୀତ ହୋଇ ନ ଥାଏ—A corpse not removed to the cremation or burial ground on the very day of death.
Bāsi maṛā
(ବାସି ମୁର୍ଦ୍ଦାର—ଅନ୍ୟରୂପ)
बासी मड़ा

ବାସିମଡ଼ା କରିବା—ଦେ. କ୍ରି—ମୃତଦେହକୁ ବା ଶବକୁ ମୃତ୍ୟୁ ଦିବସରେ
Bāsimarḍā karibā ଶ୍ମଶାନକୁ ନ ନେଇ ଘରେ ପକାଇ
(ବାସିମଡ଼ା ପକାଇବା—ଅନ୍ୟରୂପ) ରଖିବା—To allow a
बासिमड़ा करा; बासिमड़ा रखा corpse to remain in the
बासीमुर्दा करना house till a day after death.

ବାସି ମଦୁଆ—ଦେ. ବଣ—ପୂର୍ବଦିନ ମଦ ଖାଇଥିବା ଯେଉଁ ବ୍ୟକ୍ତିର
Bāsi maduā ନିଶା ପରଦିନକୁ ସମ୍ପୂର୍ଣ୍ଣରୂପେ ଛାଡ଼ି ନ ଥାଏ—
बासीमता A drunkard still suffering from the
बासी मातान effects of yesterday's drink.

ବାସି ମୁହଁ—ଦେ. ବ—ସକାଳୁ ଧୁଆ ହୋଇ ନ ଥିବା ମୁହଁ; ଅଧୁଆ ମୁହଁ—
Bāsi muhaṅ Face not washed early in the
बासिमुख बासीमुँह morning.

ବାସିମୁହଁରେ ପାଣିଦେବା—ଦେ. କ୍ରି—୧। ସକାଳୁ ଉଠି ମୁହଁ
Bāsimuhaṅre pāṇidebā ଧୋଇବା—1. To wash
बासिमुखे जल देओया the face, the first act in the
बासीमुँहमे जलदेना morning. ୨। ସକାଳେ ନିଦ ଭାଙ୍ଗିବା
ପରେ ମୁହଁ ହାତ ଧୋଇ ଜଳଯୋଗ କରିବା—2. To
break one's fast in the morning after
washing the face.

ବାସିଯିବା—ଦେ. କ୍ରି—୧। ବାସି ହୋଇଯିବା; ମଳିନ ହେବା—
Bāsijibā बासीहोना 1. To become stale; to wither,

ଖଣେ ଯତନେ କଲେହେଁ ଅପଚ
ନ ବାସିଯାଏ ନ ଚକ୍ଷକ ସୁଖ। ବଇସୂର୍ଯ୍ୟ, ବଡ଼ରା।

୨। ବାସି ହେବାରୁ ଗନ୍ଧାଇବା—2. To emit a bad
smell on becoming stale or on account of
being kept long unused.

ବାସି ରହିବା—ଦେ. କ୍ରି—୧। (କୌଣସି ସଦ୍ୟ ପଦାର୍ଥ ବା ଖାଦ୍ୟ)—
Bāsi rahibā ପରଦିନ ପର୍ଯ୍ୟନ୍ତ ବଳି ପଡ଼ିବା—1. (any fresh
(ବାସି ହେବା—ଅନ୍ୟରୂପ) food) To remain over for
बासीरहना the next day
बाकि थाका ବାସି ରହିବାକୁ ନାହିଁ, କ ଭରା ଖାଇବାକୁ ନାହିଁ —ଭଗ

୨। (ସଦ୍ୟପଦାର୍ଥ) ପର୍ଯ୍ୟୁଷିତ ହେବା; ମଉଳିଯିବା—
2. To become stale; to wither.

ସଜଫୁଲ ବାସି ହେଲେ ନାହିଁ ମଳାରେ – ଗୀତ।

ବାସିଷ୍ଠ—ସଂ. ବ—ରୁଧିର; ରକ୍ତ—
Bāsishṭa Blood.

ବାସି[ଶି]ଷ୍ଠ—ସଂ. ବଣ—(ବଶିଷ୍ଠ+ସମ୍ବନ୍ଧ ବା କୃତ ଅର୍ଥରେ+ଅ)—
Bāsi(śi)shṭha ୧। ବଶିଷ୍ଠ ଋଷି ସମ୍ବନ୍ଧୀୟ—1. Relating
to sage Basishṭha. ୨। ବଶିଷ୍ଠ ଗୋତ୍ରୀୟ—
2. Born in the family of Basishṭha.
୩। ବଶିଷ୍ଠପ୍ରଣୀତ—3. Made by Basishṭh.
ବ—୧। ବଶିଷ୍ଠ ପ୍ରଣୀତ ଯୋଗଶାସ୍ତ୍ର—1. A book on
Joga by Basishṭha. ୨। ବଶିଷ୍ଠଙ୍କ ପୁତ୍ର—
2. Son of Bashishṭha. ୩। ରୁଧିର; ରକ୍ତ
(ତ୍ରି. ଶ)—3. Blood.

ବାସିଷ୍ଠ ସିଦ୍ଧାନ୍ତ—ସଂ. ବ (ନାମ)—ବରାହମିହିରଙ୍କଦ୍ୱାରା ସଙ୍କଳିତ ସିଦ୍ଧାନ୍ତ
Bāsishṭha siddhānta ଶାସ୍ତ୍ର—An astrological book
compiled by Barahamihira.

ବାସି[ଶି]ଷ୍ଠୀ—ସଂ. ବ—ଗୋମତୀ ନଦୀ—
Bāsi(śi)shṭhī The river Gomatī.

ବାସିଷ୍ଠୀ ବାରି ସୁବାସି ସଙ୍ଗେ
ଉଦ୍ଭୋତ ହେବସ ବାହେସ ରଙ୍ଗେ—
ଉପ. ବୈଦେହୀଶବିଳାସ।

ବାସୀ—ସଂ. ବ. ପୁଂ—(ବସ୍ ଧାତୁ=ବାସ କରିବା+ଇନ୍, ବାସିନ୍ ଶବ୍ଦ
Bāsī ୧ମା. ୧ବ)—ଯେ ବାସ କରେ; ନିବାସୀ—Residing
[ବାସିନୀ—ସ୍ତ୍ରୀ] in; resident of; inhabiting.

[ଦ୍ର—ଏ ଶବ୍ଦର ସ୍ୱତନ୍ତ୍ର ପ୍ରୟୋଗ ନାହିଁ। ଏହା ଅନ୍ୟ ଶବ୍ଦ
ସଙ୍ଗେ ପ୍ରଯୁକ୍ତ ହୁଏ। ଯଥା—କାଶୀବାସୀ, ନଗରବାସୀ, ଶ୍ମଶାନ-
ବାସୀ, ଗ୍ରାମବାସୀ, ସ୍ୱର୍ଗବାସୀ, ଇତ୍ୟାଦି।]

ବ—ବାସି (ଦେଖ)—Bāsi (See).

ବାସୁ—ସଂ. ବ—(ବସ୍ ଧାତୁ=ବାସ କରିବା+କର୍ତ୍ତୃ. ଉ)—
Bāsu ୧। (ସର୍ବବ୍ୟାପକ) ବିଷ୍ଣୁ—1. Bishṇu. ୨। ପୁନର୍ବସୁ
ନକ୍ଷତ୍ର—2. The 7th asterism in Hindu
astronomy. ୩। ପରମାତ୍ମା—3. The Holy
spirit; the Spirit pervading the whole
universe.

(ବାସୁଆ—ଅନାଦରାର୍ଥକ) ଦେ. ବ. (ଆଦରାର୍ଥକ) ବାସୁଦେବର
ଡାକ ନାମ—Name for calling Bāsudeba.

ବାସୁଆ ବଳଦ—ଦେ. ବ—ମହାଦେବଙ୍କ ବାହନ ବୃଷଭ—
Bāsuā baḷada Popular name of the bull
which is said to carry Śiba on its back.

ବାସୁଆ ଭୋଗ—ପ୍ରାଦେ. (ବାଲେଶ୍ୱର) ବ—ଏକ ଜାତୀୟ ସୁଗନ୍ଧ ଯୁକ୍ତ
Bāsuā bhoga ଧାନ—Name of a sweet-scented
(ବାସୁ ଭୋଗ—ଅନ୍ୟରୂପ) specifics of paddy.

ବାସୁକି—ସଂ. ବ. (ବସୁ=ରତ୍ନ+କ=ମସ୍ତକ+ଇ; ଯାହାର ମୁଣ୍ଡରେ
Bāsuki ରତ୍ନ ଅଛି; ନାଗ ଅଧିକଙ୍କ ମୁଣ୍ଡରେ ମଣି ବାହାରିବାର
(ବାସୁକେୟ—ଅନ୍ୟରୂପ) ଦେଖାଯାଏ)—ସର୍ପରାଜ—
The king of serpents.

[ଦ୍ର—ପୁରାଣୋକ୍ତ ଅଷ୍ଟ ନାଗ ମଧ୍ୟରେ ଏ ଦ୍ୱିତୀୟ; କଦ୍ରୁଙ୍କ
ଗର୍ଭରୁ କଶ୍ୟପ ଋଷିଙ୍କ ଔରସରେ ଏହାଙ୍କର ଜନ୍ମ। ଏ ଫଣା ଦ୍ୱାରା
ପୃଥିବୀକୁ ଟେକି ଧରି ଅଛନ୍ତି। ଏହାଙ୍କର ସହସ୍ର ଫଣା ଥିବାର
ବର୍ଣ୍ଣିତ ହୋଇଅଛି।]

ବାସୁଙ୍ଗା—ଦେ. ବ. (ସଂ. ବାସନ=ଆବରଣ)—
Bāsuṅgā କଦଳୀ ଗଛର ଶୁଖିଲା ବହିଃଆବରଣ ବା ବକଳା—
बासना Dry rind and branches of plantain
डमखोड tree

ଶିଳରୁ କଦଳୀ ବାସୁଙ୍ଗା ସହିତେ ସୁମାର ନଅଣ ଥାଇ।
ଉଦାର. ରାଧିକୃଷ୍ଣ ବାହା।

ବାସୁଦେବ —ସଂ. ବି. (ବସୁଦେବ + ଅପତ୍ୟାର୍ଥେ ଅ; ବା ବାସୁ=ସର୍ବବ୍ୟାପୀ
Bāsudeba +ଦେବ; ଯେ ସର୍ବତ୍ର ବିଦ୍ୟମାନ ଅଛନ୍ତି)—
ଦେବକୀଙ୍କ ଗର୍ଭରେ ବସୁଦେବଙ୍କ ଔରସରେ ଜାତ ଶ୍ରୀକୃଷ୍ଣ—
Srikrushna.
ଦେ. ବି. ପୁଂ—ଲୋକଙ୍କୁ ଦିଆଯିବା ନାମ—
Name given to males.

ବାସୁଦେବ କବିଚନ୍ଦ୍ର ବଡ଼ ପଣ୍ଡା—ସଂ. ବି—କେନ୍ଦୁଝର ଆନନ୍ଦପୁରର
Bāsudeba kabichandra barda pandā ବଳଭଦ୍ରପୁର ଶାସନବାସୀ ଜଣେକ ସ୍ୱର୍ଗୀୟ ପଣ୍ଡିତ; [ଏ ସରସ ସଙ୍ଗୀତ ରଚନାରେ ଓ ପ୍ରାଚୀନ ଓଡ଼ିଆ ଗୀତମାନଙ୍କର ଅର୍ଥ କରିବାରେ ପଟୁଥିଲେ । ଶ୍ରୀଯୁକ୍ତ କେଶବ ମିଶ୍ର ତାଙ୍କ ବୈତରଣୀ ପତ୍ରିକାର ତୃତୀୟ ସର୍ଗରେ ଏହାଙ୍କ ବର୍ଣ୍ଣନା କରି ଅଛନ୍ତି]—Name of a late Oriya Pandit of the Keonjhar State.

ବାସୁଦେବ ରଥ—ଦେ. ବି. (ନାମ) —ଜଣେକ ଉତ୍କଳୀୟ ବ୍ରାହ୍ମଣ—
Bāsudeba ratha Name of a Brāhmana.
[ ଦ୍ର—ଏ ଉତ୍କଳର କେଶରୀବଂଶର ଶେଷ ରାଜା ସୁବର୍ଣ୍ଣ କେଶରୀଙ୍କର ମନ୍ତ୍ରୀ ଥିଲେ । ପରେ ତାହାଙ୍କ ସଙ୍ଗେ ବିବାଦ ହେବାରୁ ସେ ଦକ୍ଷିଣ ରାଜ୍ୟକୁ ଯାଇ ଚୋଡ଼ଗଙ୍ଗଙ୍କୁ ଉତ୍କଳ ସିଂହାସନରେ ବସାଇବାକୁ ଚେଷ୍ଟା କରିଥିଲେ ।
ଏ 'ଗଙ୍ଗାବଂଶାନୁଚରିତ' ନାମରେ ଖଣ୍ଡିଏ ଚମ୍ପୂ କାବ୍ୟ ସଂସ୍କୃତ ଭାଷାରେ ଲେଖିଥିଲେ—ଜଗବନ୍ଧୁ. ପ୍ରାଚୀନ ଉତ୍କଳ । ]

ବାସେଚ୍ଛା—ସଂ. ବି—(କୌଣସି ସ୍ଥାନରେ) ବାସ କରିବାକୁ ଇଚ୍ଛା—
Bāsechchhā Desire to live ( at a place ).

ବାସୋପଯୁକ୍ତ—ସଂ. ବିଣ (୭ମୀ ତତ୍ପୁରୁଷ )—ବାସ କରିବା ନିମନ୍ତେ
Bāsopajukta ଉପଯୁକ୍ତ; ବାସଯୋଗ୍ୟ—Habitable.
( ବାସୋପଯୋଗୀ—ଅନ୍ୟରୂପ )

ବାସ୍ତ—ଦେ. ବି ( ସଂ. ବାସ୍ତୁ )—ନିବାସ—
Bāsta Residence,

ବାସ୍ତବ—ସଂ. ବିଣ ( ବସ୍ତୁ+ସମ୍ବନ୍ଧାର୍ଥେ ଅ )—୧ । ଯଥାର୍ଥ; ପ୍ରକୃତ;
Bāstaba ଯାହା କାଳ୍ପନିକ ନୁହେଁ—1. Actual; real.
(ଅବାସ୍ତବ—ବିପରୀତ) ୨ । ସାରବାନ୍—2. Substantial.

ବାସ୍ତବନ୍ଧ—ଦେ· ବି—ବାସ୍ତୁବନ୍ଧ ( ଦେଖ )
Bāstabandha Bāstubandha ( See)

ବାସ୍ତବରେ—ଦେ. କ୍ରି. ବିଣ ( ସଂ. ବାସ୍ତବ )—୧ । ପ୍ରକୃତରେ—
Bāstabare 1. Actually. ୨ । ଯଥାର୍ଥରେ—2. Really.
ବାସ୍ତବିକ वास्तवमे ୩ । ସତେ—3. Truly.

ବାସ୍ତବିକ—ସଂ· ବି ( ବସ୍ତୁ+ଇକ )—୧ । ନିଶ୍ଚିତ—1. Certain.
Bāstabika ୨ । ଯଥାର୍ଥ—2. Actual ୩ । ପ୍ରକୃତ—
3. Real. ୪ । ସତ୍ୟଭୂତ—4. True
ବାସ୍ତବିକ ଦେ. କ୍ରି. ବିଣ—୧ । ଯଥାର୍ଥରେ—1. Actually,
वास्तविक ୨ । ସତେ; ସତରେ; ପ୍ରକୃତରେ—
2. Truly; really.

ବାସ୍ତବ୍ୟ—ସଂ. ବିଣ ( ବସ୍ ଧାତୁ ଣିଚ୍=ବାସି ଧାତୁ +କର୍ମ. ତବ୍ୟ)—
Bāstabya ୧ । ବାସଯୋଗ୍ୟ—1. Habitable.
୨ । ପ୍ରତିବାସୀ—2. Neighbouring. ୩ । ଅଧିବାସୀ
3. Resident; residing.
ବି.—ଗୃହ—House; residence.
ଦେ. ଅ.—ବସ୍ତୁତଃ; ବାସ୍ତବରେ, ବାସ୍ତବିକ—
Eventually.

ବାସ୍ତବ୍ୟ ଅପଣ ପଣ କେ ଅଛ
ବଇଲେ ପଦାର୍ଥ ନ ଭୂତଃ ବଛ । ଉଞ୍ଜ. ବୈଦେହୀଶବିଳାସ ।

ବାସ୍ତା—ପ୍ରାଦେ. (ବସ୍ତ୍ର) ବି—ବାଉଁଶ କରଡ଼—
Bāstā The young shoot of bamboo.

ବାସ୍ତୁ—ସଂ. ବି. ( ବସ ଧାତୁ +ଅଧିକରଣ; ତୁ )—
Bāstu ୧ । ବାସ; ଗୃହ—1. Residence; house.
୨ । ବାସ ସ୍ଥାନ—2. Place of residence.
୩ । ପୂର୍ବପୁରୁଷାନୁକ୍ରମରେ ଯେଉଁଠାରେ ବାସ କରୁଥାଏ; ଭିଟା—3. One's ancestral residence.
୪ । ଘର ତଳ; ଗୃହର ସ୍ଥଳୀ; ଯେଉଁ ଜମି ଉପରେ ଘର ତୋଳାଯାଏ; ଘର ଡିହ—4. The site of a house.
୫ । ଘରବାଡ଼ି; ଗୃହ ଓ ତତ୍ ସଂଲଗ୍ନ ଭୂମି—
5. Homestead.
୬ । ଗ୍ରାମର ଗୃହସମଷ୍ଟି ଓ ତତ୍ ସଂଲଗ୍ନ ଭୂମି—
6. The site of a residential village.
୭ । ବଥୁଆ ଶାଗ ( ହରେକୃଷ୍ଣ ଦ୍ରବ୍ୟଗୁଣ )—
7. Chenopodium Album (potherb).

ବାସ୍ତୁକ—ସଂ. ବି. (ବାସ୍ତୁ+କ)—୧ । ବଥୁଆ ଶାଗ—
Bāstuka 1. Chenopodium (pot-herb).
୨ । ପୁନର୍ନବା; ପୁରୁଣୀ ଶାଗ (ହି. ଶବ୍ଦସାଗର)—
2. Hogweed.

ବାସ୍ତୁଦେବ—ସଂ. ବି—ଗୃହସ୍ଥଳୀର ରକ୍ଷକ ଦେବତା—
Bāstudeba The presiding or tetular Deity of a homestead.
ବାସ୍ତୁ ଦେବତା } ଅନ୍ୟରୂପ
ବାସ୍ତୁପ, ବାସ୍ତୁ ପତି

ବାସ୍ତୁ ପୂଜା—ସଂ. ବି—ନୂତନ ଗୃହ ପ୍ରବେଶ ଉପଲକ୍ଷରେ କରାଯିବା ବାସ୍ତୁ
Bāstu pujā ଦେବତାଙ୍କ ପୂଜା—Worship of the pre-
(ବାସ୍ତୁଯାଗ—ଅନ୍ୟରୂପ) siding Deity of a homestead on the occasion of coming to live in a newly built house.

ବାସ୍ତୁ ବନ୍ଧ—ସଂ. ବି—ଗୃହର ବା ଗ୍ରାମର ସୀମା ନିରୂପକ ବନ୍ଧ ବା ଦଣ୍ଡା—
Bāstu bandha A ridge raised as the boundary-
वास्तिबंध mark of the cite of a village or house.

ବାସ୍ତୁ ବିଦ୍ୟା—ସଂ. ବି—ବାସ୍ତୁର ଶୁଭାଶୁଭ ନିର୍ଣ୍ଣାୟକ ଶାସ୍ତ୍ରବିଶେଷ—
Bāstu bidyā A book dealing with the art of constructing a house, especially the auspicious or inauspicious nature of sites and the remedies for counteracting evil.

ବାସ୍ତୁ ଭିଟା—ଦେ. ବି. ( ସଙ୍କର ଶବ୍ଦ; ସଂ. ବାସ୍ତୁ + ଭିତ୍ତି)—
Bāstu bhitā ୧ । ଘର ତଳ ଜମି—1. Homestead.
ঘরবাড়ী ୨ । ପୂର୍ବ ପୁରୁଷାଧିକୃତ ଘର ବାଡ଼ି ଜମି—
বাস্তভীটা 2. Ancestral homestead.

ବାସ୍ତୁର—ଦେ. ବିଣ. ପୁଂ ( ଗାଳି )—ଯେ ଉଦ୍ଦେଶ୍ୟହୀନ ଭାବରେ
Bāsturā হাভাতে ଏଣେ ତେଣେ ବୁଲୁଥାଏ—
(ବାସ୍ତୁରୀ—ସ୍ତ୍ରୀଲିଙ୍ଗ) Roving; wandering; errant.

କୁକୁର চিতা ଦେ. ବି—ଔଷଧ ବୃକ୍ଷବିଶେଷ; କୁକୁର ଚଟା (ଦେଖ)
কুকুরচান্দী Litsæpolyanthus; Litsæa Pebifera ( See )
[ ଦ୍ର—ଏହା ଝରଣା ନିକଟରେ ବଢ଼େ । ଗଛର ବକଳା ଔଷଧରେ ଲାଗେ; ଫୁଲ ଛୋଟ ଛୋଟ, ଗ୍ରୀଷ୍ମକାଳରେ ଫୁଲ, ଫୁଟେ ଅଣ୍ଡିରା ଓ ମାଈ ଗଛ ପୃଥକ୍; ଏହା ବନ୍ୟ ତରୁ ଶ୍ୟାମଳ ତରୁ । ]

ବାସ୍ତୁ(ସ୍ତୂ)କ—ସଂ. ବି. (ବାସ୍ତୁ=ବାସ୍ତୁ ଭୂମି, ଘର ବାଡ଼ି + ଭବାର୍ଥେ କ;
Bāstu(stū)ka ଯେ ବାସ୍ତୁ ଭୂମିରେ ଜନ୍ମେ )—ବଥୁଆ ଶାଗ—
Chenopodium Album.

ବାସ୍ତୋଷ୍ପ(ଷ୍ପ)ତି—ସଂ. ବି. (ବାସ୍ତୋଃ=ଗୃହବାସ୍ତୁର + ପତି=ଦେବତା)-
Bāstoshpa(spa)ti ଦେବରାଜ; ଇନ୍ଦ୍ର—Indra.

ବାସ୍ୟ—ସଂ. ବିଣ. (ବସ୍ ଧାତୁ ଣିଚ୍=ବାସି ଧାତୁ + କର୍ମ· ଯ)—
Bāsya ବାସର ଉପଯୋଗୀ—Habitable.

ବାହ—ସଂ. ବିଣ. ( ବହ୍ ଧାତୁ + କର୍ତ୍ତୃ· ଅ )—
Bāha ୧ । ଯେ ବହନ କରେ; ବାହକ—1. Bearing; carrying.
[ ଦ୍ର—ଏହା ଅନ୍ୟ ଶବ୍ଦ ସଙ୍ଗେ ଯୁକ୍ତ ହୋଇ ବାହକ ଅର୍ଥ ବୁଝାଏ । ଯଥା—ଭାରବାହ, ଭାରବାହ । ]
ବି—୧ । ବୋହିଆ—1. Carrier of loads; porter.
୨ । ( + କରଣ. ଅ ) ବାହୁ—3. Arm ୩ । ସ୍କନ୍ଧ—3. Shoulder. ୪ । ବାୟୁ—4. Wind; air.
୫ । ବୃଷ—5. Bull. ୬ । ବଳଦ—6. Bullock.
୭ । ମହିଷ—7. Buffalo. ୮ । ଅଶ୍ୱ—8. Horse.
୯ । ଚତୁରଙ୍ଗ ବଳ—9. An army consisting of the 4 divisions.
ଦେ. ବି—ବହିବା କର୍ମ—The act of carrying load.
ମନସ୍ତ ପବନ ଗୃହଁ ବୋଲଇ ବଚନ
ବହନେ ବହିବା ଯାଇଁ ତୋର ବାହମାନ । ଗ୍ରାଚୀ, ରସବାରିଧି ।

ବାହକ—ସଂ. ବିଣ ପୁଂ. (ବହ୍ ଧାତୁ ବା ବାହି ଧାତୁ + କର୍ତ୍ତୃ. ଅକ)—
Bāhaka ୧ । ଭାର ବହନକାରୀ—1. Carrying.
(ବାହକା—ସ୍ତ୍ରୀ) ୨ । ଯେ ବହନ କରେ—2. Bearing load.
ବି—୧ । ରଥ ଚାଳକ; ସାରଥି—1. Charioteer; driver of a carriage. ୨ । ବୋହିଆ—2. Carrier of a load.

ବାହନ—ସଂ· ବି· (ବହ୍ ଧାତୁ ଣିଚ୍=ବାହି ଧାତୁ + କରଣ. ଅନ)—
Bāhana ୧ । ଯାନ; ଯାହା ଦ୍ୱାରା ଏକ ସ୍ଥାନରୁ ଅନ୍ୟ ସ୍ଥାନକୁ ଯାତ ବା ବାହିତ ହେବାକୁ ହୁଏ—1. A vehicle; conveyance.
୨ । ଲୋକଙ୍କୁ ବା ମନୁଷ୍ୟଙ୍କୁ ଯେଉଁ ଜୀବଜନ୍ତୁ ବହନ କରି ନିଅନ୍ତି; ଭାରବାହୀ ଜୀବ—2. An animal which carries persons or loads.
୩ । ଭିନ୍ନ ଭିନ୍ନ ଦେବତାଙ୍କୁ ପିଠିରେ ନେବା ଆଣିବା କରିବା ଭିନ୍ନ ଭିନ୍ନ ଜୀବ—3. Animals carrying respective Deities on the back.
[ ଦ୍ର—ଶାସ୍ତ୍ରରେ ପ୍ରତ୍ୟେକ ଦେବତାଙ୍କର ଭିନ୍ନ ଭିନ୍ନ ବାହନ ବା ଯାନ ବର୍ଣ୍ଣିତ ଅଛି; ଯଥା—୧ । ଶିବଙ୍କ ବାହନ—ବୃଷ, ୨ । ବିଷ୍ଣୁଙ୍କର ବାହନ—ଗରୁଡ଼; ୩ । ବ୍ରହ୍ମାଙ୍କର—ହଂସ; ୪ । ଦୁର୍ଗାଙ୍କର—ସିଂହ; ୫ । କାର୍ତ୍ତିକେୟଙ୍କ—ମୟୂର; ୬ । ଲକ୍ଷ୍ମୀଙ୍କ—ପେଚକ; ୭ । ସରସ୍ୱତୀଙ୍କ—ହଂସ, ମକର; ୮ । ଅଗ୍ନିଙ୍କ—ଛାଗ, ମେଷ; ୯ । ଗଙ୍ଗାଙ୍କ—ମକର; ୧୦ । ଇନ୍ଦ୍ରଙ୍କ—ଐରାବତ ହସ୍ତୀ, ଉଚ୍ଚୈଃଶ୍ରବା ଅଶ୍ୱ; ୧୧ । ଯମଙ୍କ—ମହିଷ । ]
୪ । (ବାହ ଧାତୁ + କର୍ମ· ଅନ) ରତ୍ନ—4. Gems.
୫ । (ବହ ଧାତୁ + ଣିଚ୍ + ଭାବ. ଅନ) ଭାର ବହିବା—5. Carrying; carriage. ୬ । ଅନ୍ୟଦ୍ୱାରା ବହିବା କାର୍ଯ୍ୟ କରାଇବା—6. Causing another to bear or carry.

ବାହର—ପ୍ରାଦେ (ଉତ୍ତରଖଣ୍ଡ) ବି—ବାହାର; ବହିର୍ଦ୍ଦେଶ—
Bāhara Outside; exterior.

ବାହା (ଇତ୍ୟାଦି)—ଗ୍ରା. ବି—ବିଭା ଇତ୍ୟାଦି (ଦେଖ)
Bāhā (etc) Bibhā etc (See).
বিয়া(য়ে) ଦେ. ବି—(ସଂ. ବାହୁ) ୧ । ବାହୁ—Arm.
বয়াহ ୨ । (ଲକ୍ଷଣାର୍ଥ) ବଳ—2. Strength; power.
ଉଠିବି, ମୁଁ ବାହୁବ ପାଇ ଭୁଜ ବାହା
ବୃହନ୍ନଳା ସାହା ହେ ଜାଣ ଶାର ନାହା,
କୃଷ୍ଣସିଂହ. ମହାଭାରତ ବନ୍ୟ ।

ବାହାକ୍—ପ୍ରାଦେ (ସମ୍ବଲପୁର) ବି—୧ । ବାଦ୍ୟକାର; ବାଜୁଆ—
Bāhāk 1. Musician. ୨ । ବାଦ୍ୟରେ ପ୍ରବୀଣ ବ୍ୟକ୍ତି—2. An expert player on music.

ବାହା କଳା(ଲେ)ଇବା—ପ୍ରାଦେ (ସାକ୍ଷୀପୁର) ବି—ହାତ ଗୋଳହେବା—
Bāhā kilā(le)ibā The aching of the hand.
(ଯଥା—ପିଲା ଟାକୁ କାଖେଇ ମୋ ବାହା କଲେଇଲାଣି ।)

ବାହାଘର—ଗ୍ରା. ବି—ବିବାହ ଉତ୍ସବ—
Bāhāghara বিবেষর বয়াহ Marriage festival.

ବାହାଜୋର୍(ରି)—ଦେ. ବି—( ସଂ. ବାହୁ + ଫା· ଜୋର୍ )—
Bāhājor(ri) ୧ । ବାହୁର ବଳ—2. The power of
বাহাজোরী one's arms. ୨ । ଶାରୀରିକ ଶକ୍ତି—2. Physical strength. ୩ । ବଳଜୋରି; ଜବରଦସ୍ତି—
গায়ের জোর 3. Coercion.

ବାହାଞ୍ଚୋତ୍(ଦ୍)—ବୈଦେ. ବି. ଓ ବିଣ—(ଅଶ୍ଳୀଳ ଗାଳି)—(ଫା. ବହିନ
Bāhāñchot(d) ଚୁଦ୍)—ଭଗିନୀର ସତୀତ୍ୱ ନଷ୍ଟକାରୀ ବ୍ୟକ୍ତି—
বাহিঞ্চোৎ; ভাঞ্চোৎ (a slang term of abuse) An
বাহিনচোদ incestuous person.
( ବାହାଞ୍ଚୋ, ବାହିଞ୍ଚୋ—ଅନ୍ୟରୂପ )

ବାହାଡ଼ା—ଦେ. ବ—( ସଂ. ବସୁସ୍ଥା, ବଶ୍ଚରକ, ବହେଡ଼ୁକ; ପ୍ରା. Bāhar̲dā ବହେଡ଼ଅ)—୧ । ତ୍ରିଫଳା ମଧ୍ୟରୁ ଏକତମ ଫଳ—1. Beleric Myrobalan; Terminalia Beleric.

ସ—ବିଭୀତକ, ବହେଡ଼ୁକ, ଭଲଦ୍ରୁମ, କଳିବୃକ୍ଷ, ସବର୍ତ୍ତ, ଭୂତ, ଭୂତବାସ, ଭୂଶିକ, ବାସନ୍ତ, ବହୁବୀର୍ଯ୍ୟ, ଅକ୍ଷ, ତୈଳଫଳ, ବିଷଘ୍ନ, କଳକ, କାସଘ୍ନ, ତୋଳଫଳ, ବାର୍ଯ୍ୟ, କର୍ଷ ଫଳ, ଭୂତାବାସ, ଛଳପୃଷ୍ଟକ—

ବଘ୍ରଡ଼ା

**बहेडा, भेरा**

ମ. ବହେଡ଼ା, ବେହେଡ଼ା

ତେ. ତାଣ୍ଡିକାଯ୍ଲକ, ତାଣ୍ଡ୍ରେଚେଟ୍ଟୁ,

ତା. ତନ୍ତଣ୍ଡି

[ ଦ୍ର—ଏହା ଅର୍ଜୁନାଦି ବର୍ଗର ବୃକ୍ଷ ଓ ଏହାର ଫଳ ଲୋମଶ । ଗଛର ବର୍ଣ୍ଣଙ୍କୁ ବର୍ଷ ପତ୍ର ଝଡ଼େ; କାଠ ପାଣ୍ଡୁର । ଶାଖାର ପ୍ରାନ୍ତରେ ପତ୍ର ଧରେ । ଏହାର ଫଳ କଷାୟ ଓ ଔଷଧରେ ବ୍ୟବହୃତ ହୁଏ । ଏହା କଫ, କାଶ ଓ କୃମି-ନାଶକ । ଏହା ଚମଡ଼ା ସିଝାଇବା ଓ ରଙ୍ଗିବା କାମରେ ଲାଗେ । ଏହାର କାଠ ଦୃଢ଼ ହୁଏ । ]

କାଠଶିମ, କାଳଶିମ ୨ । ଏକପ୍ରକାର ବିଷାକ୍ତ ବୀଜବିଶିଷ୍ଟ ଶିମ୍ବ; **बछूआशीम** ମହରଡ଼ା—2. Canavalia Virosa; Dolichos Virasus; a kind of sword-bean with poisonous seeds (Haines).

[ ଦ୍ର—ଏହା ଲତା ଓ ଏହାର ଛୁଇଁ ଶିମ୍ବଜାତୀୟ । ]

**कुक्कुरदाँत; कुक्कुरदंत** ବଣ. ( ସ. ବ୍ୟାହତ ବା ଅସାଧପ୍ରାପ୍ତ ଦନ୍ତ; ବର୍ଦ୍ଧିତ )—୧ । ଧାଡ଼ିରୁ ପୃଥକ ହୋଇ ବାହାରିଥିବା ( ଦାନ୍ତ )—1. Redundant ( tooth ); ( tooth ) coming out of the proper line of the jaw.

ବଣାର ଛନଚୋନ୍ତ ଦୁଇଗୋଟି ବାହାଡ଼ା ହୋଇ ଗୋଟାକ ଉପରେ ଗୋଟାଏ ଚଢ଼ିଯାଇ ଦନ୍ତ ଦୁଇ ପର ଟେକ ରହିଥିବାରୁ, ସେ ଶିଶୁରଣଣା—ଫକୀରମୋହନ, ଛମାଣ ଆଠଗୁଣ୍ଠ ।

[ ଦ୍ର—ଶିଶୁ ଅବସ୍ଥାରେ କୌଣସି କୌଣସି ଦୁଧ ଦାନ୍ତ ଝଡ଼ି ନ ପଡ଼ିଣୁ ସେ ସ୍ଥାନରେ ଆଉ ଗୋଟିଏ ଦାନ୍ତ ଗଜୁରିଲେ ପଡ଼ି ନ ଥିବା ଦାନ୍ତ ତାକୁ ବାଧା ଦିଏ । ସେଥିପାଇଁ ନୂଆ ଦାନ୍ତ ବାଧାପ୍ରାପ୍ତ ହୋଇ ଦାନ୍ତର ପ୍ରକୃତ ଧାଡ଼ିରେ ନ ଉଠି ଧାଡ଼ିରୁ ଛାଡ଼ିଯାଇ ଉଠେ, ତାହାକୁ ବାହାଡ଼ା ଦାନ୍ତ ବୋଲାଯାଏ । ]

୨ । ଏକାଧିକ ବସନ୍ତ ବ୍ରଣ ଏକତ୍ର ଏକ ସମୟରେ ଉଠି ମ୍ଳାନ ନ ପାଇ ଏକତ୍ର ଲେଶିଲ୍ଲ ପର ହୋଇଯିବା—

2. ( Compound small pox sores ) Which become painful and linger for a long period.

[ ଦ୍ର—ବସନ୍ତ ରୋଗୀର ଦେହରେ ଗୋଟିଏ ସ୍ଥାନରେ ବସନ୍ତ ବ୍ରଣ ଉଠିଥିବା ଅବସ୍ଥାରେ ସେହି ସ୍ଥାନରେ ଆଉ ଗୋଟିଏ ବା ଅଧିକ ବସନ୍ତ ବ୍ରଣ ଉଠିଲେ ପୂର୍ବରୁ ଉଠିଥିବା ବ୍ରଣ ନୂଆ ବ୍ରଣକୁ ବ୍ୟାଘାତ ଦେବାରୁ ସେ ନୂଆ ବ୍ରଣ ବାହୁଡ଼ି ନ ଯାଇ ପ୍ରକୁପିତ ହୋଇ ଭୟାନକ ରୂପ ଧାରଣ କରେ । ଅତଏବ 'ବାହୁଡ଼ିବା ଶବ୍ଦରୁ' ବାହାଡ଼ା ଶବ୍ଦ ଆସିଥିବାର ଅନୁମିତ ହୁଏ । ]

ବାହାଡ଼ା ଆଙ୍ଗୁଠି(ଳି)—ଦେ. ବ. ( ସ. ବର୍ଦ୍ଧିତ+ଅଙ୍ଗୁଳ )—ଗୋଡ଼ର Bāhar̲dā ānguṭhi(li) ବା ହାତର ପାଖ ଆଙ୍ଗୁଠି ପାଖରେ

**बढ़ीअंगुली** ବାହାରିଥିବା ଅଧିକା ଆଙ୍ଗୁଠି—The unnecessary additional finger in a hand or leg.

ବାହାଡ଼ା ଘିଅ—ପ୍ରାଦେ. ( ଗାଙ୍ଗପୁର ଓ ସମ୍ବଲପୁର ) ବ—ବାହାଡ଼ା Bāhar̲dā ghia ମଞ୍ଜିରୁ ପ୍ରସ୍ତୁତ ତୈଳ—The oil produced from Bāhar̲dā seeds.

[ ଦ୍ର—ବାହାଡ଼ା ମଞ୍ଜି ଭିତରର ଶସକୁ ଛୁଟି ତାକୁ ଜଡ଼ା ତେଲ ରାନ୍ଧିବା ପରି ଚୁଲିରେ ବସାଇଲେ ତହିଁରୁ ଘିଅ ପରି ବସ୍ତୁ ବାହାରେ । ତହିଁରେ ପିଠା ଇତ୍ୟାଦି ଛଣାଯାଏ, ତରକାରୀ ଆଦି ବଘର ଯାଏ ଓ ସେ ଘିଅ ମଧ୍ୟ ଘିଅରେ ମିଶିଥାଏ । ]

ବାହାଡ଼ା ଦନ୍ତା—ଦେ. ବଣ—ଯାହାର ଦାନ୍ତ ବାହାଡ଼ା ହୋଇଥାଏ—Bāhar̲dā dantā A person having some teeth **कुकुरदंता** appearing beyond the proper line ( ବାହାଡ଼ା ଦାନ୍ତୀ—ସ୍ତ୍ରୀ ) **गजदन्त** of the teeth.

ବାହାଡ଼ା ଦାନ୍ତ—ଦେ. ବ. ( ସ. ନାମ ଗଜଦନ୍ତ )—ଯେଉଁ ଦାନ୍ତ Bāhar̲dā dānta ଦାନ୍ତପାଟିର ଧାଡ଼ିରୁ ଅନ୍ୟ ସ୍ଥାନରେ ଉଠି **गजदाँत** ଥାଏ—Teeth coming out beyond the **कुकुरदं(दाँ)त** proper row of the jaw; redundant teeth.

ବାହାଡ଼ା ବସନ୍ତ—ଦେ. ବ—ବାହାଡ଼ା ହୋଇଯାଇଥିବା ବସନ୍ତ ବ୍ରଣ—Bāhar̲dā basanta Painful compound sores of **दोहरीचेचक** small pox lingering after the ordinary period without being healed.

ବାହାଣ—ଦେ. ବ ( ସ. ବହନ; ବାହନ )—୧ । ମାଛ ଧରିବା ପାଇଁ Bāhāṇa ମନୁଷ୍ୟ ଡଙ୍ଗାଉପରେ ଥାଇ ଡଙ୍ଗା କ୍ରମଶଃ ଅଗ୍ରସର ହେଉ **बाहाना** ହେଉ ଜାଲକୁ କ୍ରମଶଃ ପାଣିରେ ପେଲିବା **पातान** ପ୍ରକ୍ରିୟା—1. The spreading of nets by fishermen in deep water from boats taken along the track on which the net is to be laid.

୨ । ବୁହାଇବା; ବହନ କରିବା—2. Carrying.

୩ । ବାହାଣିଆ ( ଦେଖ )—3. Bāhāṇiā ( See )

**चलान** ୪ । ଡଙ୍ଗାକୁ କାତ ଆଦି ଦ୍ୱାରା ଚଳାଇବା—5. The plying of a boat. ୫ । ଭର୍ତ୍ସନା; ଗାଳି—5. Abuse.

**बायाँ** ବଣ. ( ସ. ନାମ )—୧ । ବାଆଁ ପାଖରେ ଯୋଚା ଯାଇଥିବା **बायाँ** ( ବଳଦ ); ବାଆଁଣ—1. ( a bullock ) Yoked to the left side of the plough or cart.

୨ । ବାମପାର୍ଶ୍ୱସ୍ଥ—2. Pertaining of the left side.

ବାହାଣ କରିବା—ଦେ. କ୍ରି ( ସ. ବାହନ )—୧ । ଜାଲକୁ ପାଣିରେ Bāhāṇa karibā ପେଲିବା—1. To cast or spread a **बाहना** net in the water for fishing. ୨ । ଡଙ୍ଗାକୁ ( ବାହାଣ ବାହିବା—ଅନ୍ୟରୂପ ) ପାଣିରେ ଚଳାଇବା—2. To **पातान, चलान** move a boat forward by rowing.

୩ । ( ଲକ୍ଷଣାର୍ଥ ) ଗାଳିଦେବା—

3. (figurative) To chastise; to abuse.

**ବାହାଣକାରି**—ଦେ. ବି ( ସଂ. ବହନକାରି )—୧ । ନୌକା ବାହିବା
Bāhāṇakāri ଲୋକ—1. A boat driver; the person who plies a boat. ୨ । ଯେଉଁ ବ୍ୟକ୍ତି ଜାଲକୁ ପାଣିରେ ମେଲାଏ—2. A person who spreads or lays out the net for fishing.

**ବାହାଣି**—ଦେ. ବି—ବାହାଣ ( ଦେଖ )—
Bāhāṇi Bāhāṇa (See)
ପ୍ରାଦେ. ( ସିଂହଭୂମ ) ବି—ବଡ଼ ନାହିଆ—
A big earthen tub.

**ବାହାଣିଆ(ଆଁ)**—ଦେ. ବି—ବାହାଣକାରି ( ଦେଖ )
Bāhāṇiā(āṅ) चाहानिया Bāhāṇakāri ( See )
ନାଆ ଉପରୁ ମଙ୍ଗଧରି, ବାହାଣିଆ ବାଃ କହୁ। ସବୁସୁଦ୍ଧାକ ଝୁପୁଥାପ ନଈରେ ପଡ଼ିଗଲେ—ଫକୀରମୋହନ, ଗଳ୍ପସ୍ୱଳ୍ପ ।
दाँड़ी
ପ୍ରାଦେ. ( ଯାଜପୁର ) ବିଣ ସିଆଣିଆ; ଚଲାଖ୍; ଫାଜିଲ୍—
Clever; sly. ( ଭୁଲ. ସଂ. ଭାଜ ଓ ଓଡ଼ିଆ ବାହାନା ।)

**ବାହାଦଣ୍ଡା**—ଦେ. ବି (ସଂ. ବାହୁଦଣ୍ଡ )—୧ । ବାହୁଦଣ୍ଡ—
Bāhādaṇḍā 1. The arm. ୨ । ପ୍ରସାରିତ ବାହୁ—
बाँहदँड 2. The extended arm. ୩ । ବାହୁଦ୍ୱାରା ଅଘାତ;
पाँजाकोला ବାହାପଟ—3. A stroke with the blade of the arm. ୪ । ଭାରି ବସ୍ତୁ ଟେକିବା ପାଇଁ ଦୁଇ ଜଣଙ୍କ ବାହୁର ପରସ୍ପର ମିଳନ—4. Intertwining of the arms of two persons for lifting a heavy thing.

**ବାହା ଦଣ୍ଡା କରି ଟେକି ନେବା**—ଦେ. କ୍ରି—୧ । କୌଣସି ବ୍ୟକ୍ତିର
Bāhā daṇḍā kari ṭekinebā ଦୁଇ ବାହାକୁ ଧରି ଉଠାଇ
**बाहादण्डी (बन्दि) करके उठाना** ନେବା—1. To carry a
पाँजा कोले person by lifting him up by the arms.
करे लओया ୨ । ଦୁଇଜଣ ବ୍ୟକ୍ତି ପରସ୍ପରର ବାହୁ ଦ୍ୱୟକୁ ସିଧାଭାବରେ ଛନ୍ଦି କରି କୌଣସି ଭାରି ବସ୍ତୁକୁ ଉଠାଇବା—2. (two persons) To lift up a very heavy thing with the help of their extended arms twined with each other.

**ବାହାଦୁର**—ବୈଦେ. ବିଣ—(ଫା ବାହାଦୁର=ସାହସୀ; ପରାକ୍ରମୀ)—
Bāhādur ୧ । ବୀର—1. Heroic; valiant. ୨ । ସାହସୀ
बाहादुर **बाहादुर** 2. Chivalrous. ୩ । ସାହସୀ—
3. Courageous. ୪ । ସମ୍ଭ୍ରାନ୍ତ—4. Noble; gentle; respectablle
ବାହାଦରି, ବାହାଦଲ୍, ବାହାଦୁଲ, ବାହାଦର—ଅନ୍ୟରୂପ
୫ । ନିର୍ଭୀକ—5. Fearless.
୬ । ବିଖ୍ୟାତ—6. Famous.
୭ । ସୁଦକ୍ଷ; ପଟୁ; କାର୍ଯ୍ୟକ୍ଷମ—7. Clever. ୮ । ଶ୍ରେଷ୍ଠ—8. Excellent. ୯ । ମାନ୍ୟବର—9. Honourable. ୧୦ । ଉତ୍କୃଷ୍ଟ—10. Excellent.
ବି.—୧ । ବୀର ପୁରୁଷ—1. A hero. ୨ । ବୀର ପୁରୁଷଙ୍କର ବା ସମ୍ମାନିତ ବ୍ୟକ୍ତିଙ୍କ ଉପାଧି—2. Title of heroes or high personages. (ଯଥା—ଜଙ୍ଗ୍ ବାହାଦୁର, ସରକାର ବାହାଦୁର, କୋମ୍ପାନୀ ବାହାଦୁର, ଜଜସାହେବ ବାହାଦୁର ଇତ୍ୟାଦି ।)
୩ । ସାଧାରଣ ହିତକର କର୍ମ ଓ ଅନ୍ୟ ଉପାୟଦ୍ୱାରା ଇଂରାଜ ଗଭର୍ଣ୍ଣମେଣ୍ଟଙ୍କୁ ଅପ୍ୟାୟିତ କରିଥିବା ବ୍ୟକ୍ତିଙ୍କୁ ରାଜ ପ୍ରଦତ୍ତ ସମ୍ମାନସୂଚକ କେତେକ ଉପାଧିର ଶେଷ ପଦ—3. **Bahadoor**, the last word of some titles bestowed on persons as a mark of approbation by the Government for public and other services rendered.

[ଦ୍ର—ବଙ୍ଗ ବିହାର ପ୍ରଦେଶରେ ହିନ୍ଦୁମାନଙ୍କୁ ଦିଆ ଯିବା ଉପାଧି ଯଥା—୧ । ରାୟ (ଏ) ବାହାଦୁର, ୨ । ରାଜା ବାହାଦୁର, ୩ । ମହାରାଜା ବାହାଦୁର୍ । ମାନ୍ଦ୍ରାଜରେ ରାଓ ବାହାଦୁର୍, ଦେବାନ୍ ବାହାଦୁର୍ । ମୁସଲମାନମାନଙ୍କ ଉପାଧି ଯଥା—ଖାଁ ବାହାଦୁର୍, ନବାବ୍ ବାହାଦୁର୍ ।]

**ବାହାଦୁର୍(ରି) କାଠ**—ଦେ. ବି—ଶାଳ, ସାଗୁଆନ ପ୍ରଭୃତି କାଠର ବଡ଼
Bāhādur(ri) kāṭha ବଡ଼ ମୁଣ୍ଡି—Logs of timber.
बाहादुरि काठ **बडा काठ**

**ବାହାଦୁର୍(ରି)ପଣ**—ଦେ. ବି.—୧ । ବୀରତ୍ୱ—
Bāhādur(ri) paṇa 1. Heroism.
(ବାହାଦୁର [ରି] ପଣିଆ—ଅନ୍ୟରୂପ) ୨ । ସାହସିକତା—
बाहादुरी **बाहादुरि** 2. Valour; bravery.
୩ । ପୌରୁଷ; ପୁରୁଷତା—3. Chivalry. ୪ । ନୈପୁଣ୍ୟ; ଦକ୍ଷତା—4. Cleverness. ୫ । ଶ୍ରେଷ୍ଠତା; ଉତ୍କର୍ଷ; ତାରିଫ୍—5. Excellence. ୬ । ପୌରୁଷ ପ୍ରଶଂସା—6. Praise. ୭ । ପ୍ରଶଂସାଗାନ—7. Eulogy. ୮ । ବିଶେଷତ୍ୱ—8. Peculiarity.

**ବାହାଦୁରି**—ବୈଦେ. ବି—(ଫା. ବାହାଦୁରୀ)—ବାହାଦୁର ପଣ (ଦେଖ)
Bāhāduri 1. Bāhādura paṇa (See)
ବାହାଦୁରି ନେବା ଆଶାରେ ହୋଇ ଅଛୁ ବାହାର—ରାଧାନାଥ. ବ୍ୟଙ୍ଗ କବିତା ।
बाहादुरी ୨ । ବାହାଦୁର ଉପାଧି—2. Title of Bahadoor.
**बाहादुरी** ବିଣ.—୧ । ବୀରତ୍ୱପୂର୍ଣ୍ଣ; ପୌରୁଷପୂର୍ଣ୍ଣ—1. Full of valour, chivalrous. ୨ । ବୀରଯୋଗ୍ୟ—
2. Befitting a hero.
ପ୍ରାଦେ.—(ଯାଜପୁର) ବି.—ପ୍ରତିମାହର ମେଢ଼ ଉପରେ ଖଞ୍ଜା ଯିବା ଜରି କାମ—Lace work on the framework of images.

**ବାହାଦୁରି କରିବା**—ଦେ. କ୍ରି.—୧ । ଆପଣାର ନୈପୁଣ୍ୟ ବା ବୀରତ୍ୱ
Bāhāduri karibā ପ୍ରକାଶ କରିବା—1. To exhibit
बाहादुरी करा one's cleverness or heroism.
**बाहादुरी करना** ୨ । ପ୍ରଶଂସା କରିବା—2. To praise.
(ବାହାଦୁର ଦେଖା[ଖେ]ଇବା—ଅନ୍ୟରୂପ)

**ବାହାଦୁରି ଦେବା**—ଦେ. କ୍ରି—ପ୍ରଶଂସା କରିବା—To praise; to
Bāhāduri debā बाहादुरी देना **बाहाबा करना** extol.

ବାହାଦୁର ପାଇବା—ଦେ. କ୍ରି—ପ୍ରଶଂସା ପାଇବା; ପ୍ରଶଂସିତ ହେବା—
Bāhāduri pāibā To be praised or extolled.
বাহাদুরি পাওয়া **बाहादुरी पाना**

ବାହାନ—ଗ୍ରା. ବି. ( ସଂ. ବାହନ )—୧ । ଯାନ—
Bāhāna 1. Conveyance.
ସେ ଯାହାର ବାହାନମାନଙ୍କ ଚଢ଼ିଲେ । କୃଷ୍ଣସିଂହ, ମହାଭାରତ ଅଦି ।
୨ । ଭାରବାହୀ ପଶୁ—2. An animal which carries loads or persons. ୩ । ( ଲକ୍ଷଣାର୍ଥ ) ବାହାନ ପରି ସବୁବେଳେ ସଙ୍ଗରେ ଥିବା ବ୍ୟକ୍ତି—3. ( figurative ) A dependent or constant follower of a person.

ବାହାନ ପତି—ସଂ. ବି. ( ସଂ. ବାହନୀ ପତି=ସେନାପତି )—
Bāhāna pati ବ୍ରାହ୍ମଣମାନଙ୍କର ସ୍ୱଜାତିତ୍ୱ ଉପାଧିବିଶେଷ—An honorific title given to Brāhmaṇas.
ବାହୁନ ପତି, ବାହାନ ପତି, ବାହୁନ୍ ପତି, ବାହନ ପତି, ବାହିନ ପତି } ଅନ୍ୟରୂପ [ ଦ୍ର—ପୂର୍ବେ ସ୍ୱଜାତିତ୍ୱ ବାହିନୀ ପତି ଉପାଧି କ୍ରମଶଃ ବଂଶାନୁଗତ ଉପାଧିରେ ପରିଣତ ହୋଇଅଛି । ]

ବାହାନ(ନ୍ନ)ବା—ଦେ·ବିଣ. ପୁଂ—୧ । ଛଳନାକାରୀ—1. Feigning.
Bāhāna(nna)bā ୨ । ମିଥ୍ୟାବାଦୀ—2. Lying. ୩ ।
[ ବାହାନ(ନ୍ନ)ୀ—ସ୍ତ୍ରୀ ] ବୃଥାଗର୍ବସୂଚକ ଗଳ୍ପକାରୀ—2. Bragging.

ବାହାନା—ଦେ ଓ ବୈଦେ. ବି. ( ସଂ. ଭାଣ; ପା. ବହାନହ୍=ଅଳ; ଓଜର )—୧ । ଛଳନା; ଓର—1. Pretext.
Bāhānā
(ବାଆନା—ଅନ୍ୟରୂପ) ସେ ବାହାନା କରି ଶୋଇ ପଡ଼େ ।
ভাণ ;বাহানা **बहाना** ଫକୀରମୋହନ, ଗଳ୍ପସ୍ୱଳ୍ପ ।
୨ । ଛଳ ଗାଇବା—2. Feigning; pretence. ୩ । କୌଣସି କାର୍ଯ୍ୟ କରିବା ପାଇଁ ଓଜର ଆପତ୍ତି—3. Objection against doing a thing; excuse for not doing an act.

ବାହାନା କରିବା—ଦେ· କ୍ରି—୧ । ଛଳନା କରିବା; ଓର କରିବା—
Bāhānā karibā 1. To pretend; to make or advance excuses; to find out an excuse
ବାହାନା କାଢ଼ିବା, ବାହାନା ଖେଳିବା, ବାହାନା ଯୋଡ଼ିବା } ଅନ୍ୟରୂପ ୨ । ଛଳ ଗାଇବା—2. To feign.
ভাণকরা **बाहाना करना**

ବାହାନା ଖୋଜିବା—ଦେ. କ୍ରି—କୌଣସି କାର୍ଯ୍ୟରୁ ରକ୍ଷା ପାଇବା
Bāhānā khojibā ଉଦ୍ଦେଶ୍ୟରେ ଛଳନାର ଅବକାଶ ଲୋଡ଼ିବା—To seek an excuse.
**बहाना खोजना**

ବାହାନା(ଲା,ଡ଼—ଦେ· ବି—ବାହୁସ୍ଫୋଟ—Stroke of the palm
Bāhānā(lā)da on the arm producing a hollow sound
**तालठोंका; बगलबाजा**
তালঠোকা
ବେ ବଳେ ଏକୁଥରେ ଧରି
ଭାବନ୍ତି ବାହା ନାଦ କରି—ଜଗନ୍ନାଥ, ଭାଗବତ ।

ବାହାନା ପାଇବା—ଦେ. କ୍ରି—କୌଣସି କାର୍ଯ୍ୟପାଇଁ ଗୋଟିଏ ଓର ବା
Bāhānā pāibā ଛଳନା ପାଇବା—To get an excuse.
**बहाना पाना**

ବାହାନି—ପ୍ରାଦେ. (ସମ୍ବଲପୁର ଓ ବସ୍ତର)—ବି—ମୁଣ୍ଡଲା; ତକିଆ –
Bāhāni Pillow,

ବାହାପଟ—ଦେ. ବି. ( ସଂ. ବାହୁପଟ୍ଟ )—୧ । ବାହୁଦ୍ୱାରା ଅନ୍ୟ
Bāhāpaṭa ବ୍ୟକ୍ତିଙ୍କୁ କରିବା ଆଘାତ ବା ଧକ୍କା—1. A blow or push with the arm.
**बाँहसेधक्का**
ମଦମତ୍ତ କୁଞ୍ଜରେ ଦୁହେଁ ବାହାପଟ
ଉର୍ଦ୍ଧ୍ୱଁ କାଡ ହେଲେ ଶବଦ ତଟ ଘଟ । କୃଷ୍ଣସିଂହ, ମହାଭାରତ ବନ ।
୨ । (ସଂ· ବାହୁସ୍ଫୋଟ)—ମଲ୍ଲବ୍ୟକ୍ତିର ମଲ୍ଲକ୍ରୀଡ଼ା ବା ମଲ୍ଲଯୁଦ୍ଧ
**तालठोंका** ପୂର୍ବରୁ ଏକ ବାହୁ ଉପରେ ଅନ୍ୟ କରତଳଦ୍ୱାରା ମାରିବା
তালঠোকা ଫୁଟଚ—2 A pat on one arm by the hollowed palm of the other hand made by an athlete before any exhibition.
ଏହା ପାଖରେ ବେଳ ବଳଶାଳୀ ଥାଇ ବାହାପଟମାନ ମାରୁଛ ।
ବିଶ୍ୱନାଥ, ବଡ଼ଚମ୍ପାଗୀନ୍ ।
୩ । ଦୁଇଜଣ ବ୍ୟକ୍ତି ପରସ୍ପର ବାହୁ ଛନ୍ଦି ତା ଉପରେ ଅନ୍ୟ ଜଣଙ୍କୁ ସ୍ନେହ ବା ଆଦରରେ ବସାଇ କମ୍ବା ଭାରୀ ବସ୍ତୁକୁ ବହି ନେବା ପ୍ରକାର—3. The state of carrying a person or a heavy thing on the arms of two persons entwined with each other.
ବହ ଯାହାକୁ ଉଚ ବାହାପଟ
ବହ କ ତୋଷ୍ଟଁ ବୃହ ଚାହା ଘଟ ।
ଦିବ୍ୟସିଂହ-ବଚନ ।
୪ । ମଲ୍ଲର ଭୂମିରେ ଶୋଇ ଆପଣା ବାହୁଦ୍ୱାରା ଭୂମିକୁ ଆଘାତ କରିବା—5 A stroke on the ground given by the arm by an athlete.

ବାହାପଟ ମାରିବା—ଦେ. କ୍ରି—୧ । ଅନ୍ୟ ବ୍ୟକ୍ତିଙ୍କୁ ବାହୁଦ୍ୱାରା
Bāhāpaṭa māribā ଆଘାତ କରିବା—1. To strike another person with the blade of the arm.
মালসাটমারা
**तालठोकना, बगलबजाना**
୨ । ମଲ୍ଲକ୍ରୀଡ଼ା ବା ମଲ୍ଲଯୁଦ୍ଧ ପୂର୍ବରୁ ମଲ୍ଲର ଏକ ବାହୁରେ ଅନ୍ୟ କରତଳଦ୍ୱାରା ଫୁଟଚ ମାରିବା—2. To pat on one arm with the hollowed palm of the other hand (said of an athlete while stepping out to the arena). ୩ । ( ମଲ୍ଲ ) ଭୂମିରେ ଆପଣା ବାହୁକୁ ପିଟିବା—3. To strike the ground with the blade of one's arm (said of an athlete).
ମାରନ୍ତି ଉଠେ ଟେକ ଭୂମିରେ ବାହାପଟ
ଉର୍ଦ୍ଧ୍ୱରୁ ଶୁଭେ ମହା ଧ୍ୱନି ଚଟ ଚଟ ।
କୃଷ୍ଣସିଂହ· ମହାଭାରତ-ସଭା ।

ବାହାପିଅ—ଦେ· ବିଣ. ପୁଂ—୧ । ମିଛୁଆ—1. Lying.
Bāhāpiā ୨ । ଘୋର ମିଥ୍ୟାବାଦୀ—2. Mendacious, inveterate liar; having the hardihood or audacity to tell lies.
**लालबुझक्कड**
(ବାହାପେଇ—ସ୍ତ୍ରୀ)
ବାହାପିଅ—ବଳବୃଷଣ, ଭୁଷ୍ଟ ପଦେ ଉତ୍ତାର । ମଧୁସୂଦନ ।

୩ । ବାହାନାକରିବା; ଛଳନାକାରୀ—3. Feigning.
୪ । ଯେ କୌଣସି କଥା ନ ଜାଣି ସେ ସମ୍ବନ୍ଧରେ ଖୁବ ଜାଣିବା ଲୋକପରି ଗପେ—4. Bragging.

ବାହାପିଅ ପଣ—ଦେ. ବି—ଘୋର ମିଥ୍ୟାବାଦିତା—
Bāhāpiā paṇa Mendacity; the habitual telling of lies.
जालबूझक्कडी
( ବାହାପିଅ ପଣିଅ—ଅନ୍ୟରୂପ )
ସବୁଙ୍କ ପଣରେ ଦେଶ; ନ ଦେଖି ନ ଶୁଣି
କହେ ଦେଲେ ରଙ୍ଗେ କଥା ବାହାପିଅ ପଣେ ।
ରଘୁନାଥ, ମହାଯାତ୍ରା ।

ବାହା ପିଟିବା—ଦେ. କ୍ରି—(ସଂ. ବାହୁ+ପିଟ୍ ଧାତୁ )—୧ । ବାହୁ
Bāhā piṭibā ଖୋଟ ମାରିବା; ବାହୁ ଘୃଷୁଡ଼େଇବା—1. To pat on one arm with the palm of the other hand. ୨ । (ମଲ୍ଲ) ନିଜର ବାହୁର ବହିରଂଶକୁ ଭୂମିରେ ପିଟିବା—2. (as athlete) To strike the ground with the backside of one's arm. ୨ । ( ଲକ୍ଷଣାର୍ଥ ) ନିଜ ଉପରେ ନିର୍ଭର କରି କାର୍ଯ୍ୟ କରିବା—2. (figurative)To stand on one's legs.
ताल ठोंकना
मालसाटमारा

ବାହା ପେଷିବା—ଦେ. କ୍ରି—( ଲକ୍ଷଣାର୍ଥ )—ଅତ୍ୟଧିକ କାୟିକ
Bāhā peshibā ପରିଶ୍ରମ କରିବା—To toil very hard.

ବାହା ବନ୍ଧକ—ପ୍ରାଦେ. (ଗଡ଼ଜାତ) ବି—ମୂଲ୍ୟଅଲୁ ଟଙ୍କା ବା ଧାନ
Bāhā bandhaka କରଜ ଦେଇ ତାହା ସୁଝାଯିବା ପର୍ଯ୍ୟନ୍ତ ତାହାକୁ ଦାସ ବା ଚାକରରୂପେ ରଖିବା ପ୍ରଥା—The obsolete custom or practice of keeping one as a servant so long as he does not liquidate the money or paddy taken by him from his master as loan in advance.

ବାହା ବଳେନ୍ଦ୍ର—ଦେ. ବି—କ୍ଷତ୍ରିୟମାନଙ୍କ ବଂଶୋପାଧିବିଶେଷ (ଜଗବନ୍ଧୁ
Bāhā baḻendra ପ୍ରାଚୀନ ଉତ୍କଳ)—A family title of the Kshatriyas.
ବାହା ବଳୀନ୍ଦ୍ର
ବାହୁ ବଳୀ(ଳେ)ନ୍ଦ୍ର } ଅନ୍ୟରୂପ

ବାହାବା—ଦେ. ଅ. (ଫ. ବାଃ; ଭୁଲ. ପର୍ତ୍ତୁଗୀଜ୍ ଓ ଇଂ. ବ୍ରାଭୋ)—
Bāhābā ପ୍ରଶଂସା, ଆଶ୍ଚର୍ଯ୍ୟ ଓ ଆନନ୍ଦ ସୂଚକ ସମ୍ବୋଧନ; ବାଃ—(interjection indicating praise, wonder or joy) Bravo ! well done ! Oh !
ବାହ୍‌ବା
ବାହାୱା
ବାହାରେବା
ବାହାରେବାଃ } ଅନ୍ୟରୂପ
ଜନତା କୁହାନ୍ତେ 'ବାହାବା ବାହାବା'
ରଘୁନାଥ, ଦରବାର ।
বাহাবা वाह ବି—ପ୍ରଶଂସା; ଧନ୍ୟବାଦ; ବାହାଦୁରୀ—
वाहवाहि Praise; eulogy; extolling; thanks.

ବାହାବା କରିବା—ଦେ. କ୍ରି—ଧନ୍ୟବାଦ କରିବା; ପ୍ରଶଂସା କରିବା;
Bāhābā karibā ସାଧୁବାଦ କରିବା—To extol; to give thanks; to raise one to the skies.
(ବାହାବା ଦେବା—ଅନ୍ୟରୂପ)
বাহাবা করা वाहवाही करना

ବାହା ବାହବି—ସଂ. ଅ—( ବାହୁ+ବାହୁ+ଇ )—
Bāhā bāhabi ପରସ୍ପର ମଧ୍ୟରେ ବାହୁ ଯୁଦ୍ଧ; ହାତାହାତି—Wrestling; hand to hand fight.
(ବାହୁ ବାହବି—ଅନ୍ୟରୂପ)

ବାହାମଣି(ଣୀ) ରାଜ୍ୟ—ଦେ. ବି—ବାମନୀ ରାଜ୍ୟ ( ଦେଖ )
Bāhāmani(ṇi) rājya Bāmani rājya ( See )
[ବାହାମୃନୀ(ଣୀ) ରାଜ୍ୟ—ଅନ୍ୟରୂପ]

ବାହାର୍—ବୈଦେ. ବିଣ. (ଫା. ବହାର୍=ଫଳଦାୟକ ଋତୁ; ବସନ୍ତକାଳ)—
Bāhār ୧ । ସୁଦୃଶ୍ୟ; ସୁନ୍ଦର—1. Beautiful; graceful; elegant
বাহার बहार
୨ । ଯାକଯମକ; ଆଡ଼ମ୍ବରମୟ—2.Splendid;grand.
୩ । ଚକଚକିଆ—3. Glittering.
୪ । ବସନ୍ତ କାଳରେ ଗେୟ ରାଗବିଶେଷ—
4.A tune which suits the spring season.
ବି—୧ । ସୌନ୍ଦର୍ଯ୍ୟ—1. Beauty; grace; elegance.
୨ । ବର୍ଣ୍ଣୋଜ୍ଜ୍ୱଲ୍ୟ—2. Splendour;brigt colours.
୩ । ଚାକଚକ୍ୟ—3. Glitter.
ପ୍ରାଦେ. (ସମ୍ବଲପୁର) ବି—ଝାଡ଼ା—Stools; ordure.

ବାହାର୍ ବସିବା—ପ୍ରାଦେ. (ସମ୍ବଲପୁର) କ୍ରି—ଝାଡ଼ା ଫେରିବା—
Bāhār basibā To ease one's self; to pass stools.

ବାହାର୍ ବାନ୍ତି—ପ୍ରାଦେ. (ସମ୍ବଲପୁର) ବି—ଝାଡ଼ା; ବାନ୍ତି; ଓଲାଉଠା—
Bāhār bānti Cholera; liquid motions with vomitting.

ବାହାର—ଦେ. ବି. (ସଂ. ବହିଃ, ବହସ୍, ବହିର; ପ୍ରା. ବାହିର)—
Bāhāra ୧ । ପଦାର୍ଥର ବହିର୍ଦେଶ—1. The outside of a thing.
(ବାହର—ଅନ୍ୟରୂପ) বাইর, বাহির बाहर
ବାହାର ଅତି କଠିନ ଭିତର ସରସ । ଭକ୍ତ. ପ୍ରେମସୁଧାନିଧି ।
୨ । ବହିର୍ଭାଗ—2. Exterior.
୩ । ମନୁଷ୍ୟର ଦେହ; ଶରୀର—3. Body.
ଗୋଳ ଦେଲୁ ମୋର ବାହାର ଭିତର ।
କବିସୂର୍ଯ୍ୟ, କଂଶୋପଦେଶ୍ ଗୀତ ।
୪ । ଗୃହର ବହିର୍ଦେଶ—4. The outer side of a house. ୫ । ଗୃହର ଅନ୍ତଃପୁରର ବହିର୍ଭାଗସ୍ଥ ଅଂଶ—5. The portion of a house outside the inner appartments.
୬ । ଗ୍ରାମର ବହିର୍ଭାଗସ୍ଥ ପଡ଼ିଆ—6. Meadow outside the village. ୭ । ଖଞ୍ଜା; ପରସ୍ତ; ଗୃହର ଅଗଣା—7. Courtyard. ୮ । ଗ୍ରାମ ପ୍ରାନ୍ତ—8. Outskirts ୯ । ବହିର୍ଗମନ—9. Coming out; going beyond.
୧୦ । ସ୍ଥାନ, ପଦ, ଅବସ୍ଥା, ସମୟ ଓ ସମ୍ବନ୍ଧ ଆଦି ବିଷୟର କୌଣସି ନିଶ୍ଚିତ ବା କଳ୍ପିତ ସୀମା (ବା ମର୍ଯ୍ୟାଦା)କୁ ଡେଇଁ ଥିବା ବସ୍ତୁ, ବିଷୟ, ସ୍ଥାନ, ପଦ, ଅବସ୍ଥା ବା ସମୟ—10. Any thing, matter, place, time or position beyond a certain or fixed limit.

ବିଣ.—୧ । ବହିର୍ଗତ; ପଦାକୁ ବାହାରି ଥିବା—
1. Come out; bulging

ଜନ୍ମିବାର ପରେ ପଦାକୁ ସେ ସବୁ ହୋଇଛ ଅଛ ବାହାର ।
ରାଧାନାଥ- ଗୀତଗୀ ।

୨ । ନିର୍ଗତ; ବହିର୍ଗତ—2. Gone out; come out; gone forth; issued forth. ୩ । ବାହ୍ୟ; ବହିର୍ଦେଶସ୍ଥ—3. Exterior; external; outer. ୪ । ବହିସ୍ଥ; ବହିର୍ଭୂତ—4. Situate beyond or outside.

୫ । ସୀମା ଟପିଥିବା—5. Stepping out of bounds.

ଅପଣାର ଧର୍ମରୁ ଯେ ହେବ ବାହାର
କୃଷ୍ଣସିଂହ. ମହାଭାରତ- ବନ ।

୬ । ସୀମା ବହିର୍ଭୂତ—6. Outside the limit of.

୭ । ନିଃସମ୍ପର୍କୀୟ; ନିର୍ଲିପ୍ତ—7. Unconnected; unconcerned.

ଈଶ୍ୱର ହେତୁ ଏ ସଂସାର
ସଂସାରୁ ଈଶ୍ୱର ବାହାର । ଜଗନ୍ନାଥ. ଭାଗବତ ।

୮ । ପୃଥକ୍‌ଭୂତ—8. Separated.

ସାଧୁଙ୍କ ଶ୍ରେଷ୍ଠ ସେହି ନର
ସୁଖ ଦୁଃଖରୁ ସେ ବାହାର । ଜଗନ୍ନାଥ. ଭାଗବତ ।

୯ । ଜାତ; ଭୂମିଷ୍ଠ—10. Born.

ବାଳକ ହୋଇଲା ବାହାର
ଶୁଣେ ପାଣ୍ଡବ ବଂଶଧର । ଜଗନ୍ନାଥ ଭାଗବତ ।

୧୦ । ଗ୍ରାମାନ୍ତର ବା ନଗରାନ୍ତରରେ ସ୍ଥିତ—10. Situate in another village or town. ୧୧ । ବ୍ୟତିକ୍ରମସିଦ୍ଧ—11. Exceptional. ୧୨ । ଅସାଧାରଣ—12. Uncommon; extraordinary. ୧୩ । ଆଦେଶାଦିର ଅବଶୀଭୂତ—13. Disobedient or unsubservient ୧୪ । କୌଣସି ଅଧିକାରରୁ ବା ସମ୍ପର୍କରୁ ବଞ୍ଚିତ—14. Excluded from a privilege or connection.

ଏଣୁ ମଙ୍ଗଳା ବନ୍ଦୁରେ ସାର
ମଲେ ହାଣ୍ଡି କୁଣ୍ଡେଇକୁ ବାହାର । ତଗ ।

ବୈଦେ. ବିଣ. (ଫା. ବହାର୍)—୧ । ସୁନ୍ଦର—
1. Beautiful. ୨ । ଆଡ଼ମ୍ବରମୟ—2. Grand.

ସୁରେନ୍ଦ୍ର, ରୂପ ଲଭ ଦଣେ ବାହାର
ରାଧାନାଥ. ମେଘଦୂତ ।

୧୫ । ପୃଥକ୍; ସ୍ୱତନ୍ତ୍ର; ଭିନ୍ନ—
15. Separate; distinct; different.

ପ୍ରାଦେ. (ସମ୍ବଲପୁର) ବି.—ଝାଡ଼ା—Ordure; night-soil.

ବାହାର କରିବା—ଦେ. କ୍ରି—(ସଂ. ବହିଃ+କରଣ)—୧ । ଭିତରରୁ
Bāhāra karibā ପଦାକୁ ଆଣିବା—1. To bring out.
(ଯଥା—ସାପ ଗାତରୁ ମୁହଁ ବାହାର କରୁଛି ।)
୨ । ପୁସ୍ତକାଦି ପ୍ରକାଶିତ କରିବା; ପ୍ରକଟିତ କରାଇବା—
बाहिरकरा निकालना 2. To publish.
(ଯଥା—ସ୍ୱର୍ଗୀୟ ବିଶ୍ୱନାଥ ବାବୁ 'ଉତ୍କଳସାହିତ୍ୟ' ବାହାର କରିଥିଲେ ।)
୩ । ପଦାକୁ ଦେଖାଇବା; କାଢ଼ିବା; ପ୍ରକାଶ କରିବା—
3. To exhibit; to show forth.
(ଯଥା—ଜେଜା କୁନ୍ଦକ ବାହାର କରୁଛି ।)
୪ । ଉଦ୍‌ଗିରଣ କରିବା—
4. To vomit forth; to eject.
(ଯଥା—ରେଲଗାଡ଼ି ଧୂଆଁ ବାହାର କରି ଚାଲିଛି ।)
୫ । କୌଣସି ସ୍ଥାନରୁ ତଡ଼ି ଦେବା; ସ୍ଥାନାନ୍ତରିତ କରିବା—
5. To drive away; to expel.
(ଯଥା—ଶିକ୍ଷକ ଦୁଷ୍ଟ ପିଲାକୁ ସ୍କୁଲରୁ ବାହାର କରିଦେଲେ ।)
୬ । କୌଣସି ପଦାର୍ଥରୁ ସାର ବା ନିର୍ଯ୍ୟାସ ବା ତୈଳ ବା ରସ ନିଷ୍କାଶିତ କରିବା—6. To extract.
(ଯଥା—ରସାଦିରୁ ଲହୁଣୀ ବାହାର କରାଯାଏ ।)
୭ । ଦୋଷ, ଭ୍ରମ, ପ୍ରମାଦାଦି ଧରିବା—
7. To detect (any fault or mistake).
(ଯଥା—ଶିକ୍ଷକ ଛାତ୍ରର ଲେଖାରୁ ଅନେକ ଭୁଲ ବାହାର କଲେ ।)
୮ । ଆବିଷ୍କାର କରିବା—8. To discover; to invent.
(ଯଥା—ଯେ ସାପ ବିଷର ଔଷଧ ବାହାର କରିବ ତାକୁ ସରକାର ପୁରସ୍କାର ଦେବେ ।)
୯ । ଦେହରୁ ଅନ୍ତର କରିବା; ଦୂର କରିବା—
9. To part with; to put off.

ଜେ ସ୍ୱେଦ ଜଳରେ କରତଳୁଁ ଜାଳବନ୍ତ ନକରଇ ବାହାର—
ଯାଦୁମଣି. ରସକଲ୍ଲୋଳ ।

ବାହାରକୁ—ଦେ. କ୍ରି. ବିଣ (ସଂ. ବହିର)—୧ । ପଦାକୁ; ବହିର୍ଦେଶକୁ—
Bāhāraku बाहिरे बाहर 1. To the outside; out.
(ଯଥା—ବାବୁ ଆଜ ବାହାରକୁ ଯାଇଅଛନ୍ତି ।)
୨ । ବାହାର ବା ବହିର୍ଭାଗରୁ ଦେଖିବା ପ୍ରକାରେ—
2. To an outsider; from an outside point of view.
(ଯଥା—ମହାକାଳଫଳ ବାହାରକୁ କେଡ଼େ ସୁନ୍ଦର ଦେଖାଯାଏ)
୩ । ଗୃହର ବାହାରେ; ଦାଣ୍ଡକୁ—
3. Outside the house; to the public.
(ଯଥା—ଘର ଭିତରର କଳିକି ବାହାରକୁ ବାହାରିଲେ ମୁଣ୍ଡ ଟେକି ଚାଲିବା ଦୁର୍ଘଟ ହୋଇ ଉଠେ ।)
बाह्ये; बाह्य ବି—୧ । ଝାଡ଼ା; ମଳ—1. Stools; fæcus.
झाड़ा; बाहर ୨ । ଝାଡ଼ା ଫେରିବା; ମଳତ୍ୟାଗ କରଣ—
2. Easing one's self.
[ ଦ୍ର—ପୂର୍ବେ ପାଇଖାନା ପ୍ରଥା ନ ଥିଲା । ଲୋକେ ମଳତ୍ୟାଗ କରିବା ପାଇଁ ଗୃହର ବା ଗ୍ରାମର ବାହାରକୁ ଯାଉଥିବାରୁ ଝାଡ଼ା ଫେରିବା ଅର୍ଥରେ ବାହାରକୁ ଯିବା ବାକ୍ୟ ଚଳିଅଛି । ]

ବାହାରକୁ ଆସିବା—୧ । ଗୃହରୁ ଦାଣ୍ଡକୁ ଆସିବା—
Bāhāraku āsibā 1. To come out of the house.

বাহিরে আসা **बाहर आना** ୨ । ସାଧାରଣରେ ପ୍ରକଟିତ ହେବା—
2. To be published ୩ । ମଳତ୍ୟାଗ କରିବା ପାଇଁ
ଗୃହର ବହିର୍ଦେଶସ୍ଥ କୌଣସି ସ୍ଥାନକୁ ଆସିବା—
3. To come to a place to pass stools.

**ବାହାରକୁ ଛୁଆଁ**—ଦେ. ବିଣ—ଯେଉଁ ଲୁଗା ପିନ୍ଧି ମନୁଷ୍ୟ ଝାଡ଼ା
Bāhāraku chhuāñ ଫେରିଥାଏ ସେ ଲୁଗାକୁ ପାଲଟି କମ୍ୱା
(ବାହାର ଛୁଆଁ—ଅନ୍ୟରୂପ) ଧୋଇ ନ ଥିବା ଯୋଗୁଁ ଅଶୁଚ
ছুআঁ (ହୋଇଥିବା ବ୍ୟକ୍ତି ବା ବସ୍ତ୍ର); ଯୋଷସ୍ପୃଷ୍ଟ—
(a person who or the cloth which is) Impure or untouchable for the cloth not having been changed or washed after a person's passing stools.

**ବାହାରକୁ ବସିବା**—ଦେ. କ୍ରି—ଝାଡ଼ା ଫେରିବା;ମଳ ତ୍ୟାଗ କରିବା—
Bāhāraku basibā To pass stools; to ease one's
বাহ্যেবসা; **झाडाफीरना** self.

**ବାହାରକୁ ଯିବା**—ଦେ. କ୍ରି—ଝାଡ଼ା ଫେରିବାକୁ ଯିବା— To go
Bāhāraku jibā out to ease one's self.
বাহ্যে যাওয়া; **दिसाजाना, बाहरजाना**

**ବାହାରକୁ ହେବା**—ଦେ. ବି—ଝାଡ଼ା ରୋଗ ଯୋଗୁଁ ବିଶେଷ
Bāhāraku hebā ପରିମାଣରେ ପାଣିଆ ମଳତ୍ୟାଗ—
বাহ্যে হওয়া Passing of liquid stools; e. g. in cholera
**झाडाहोना, टट्टीहोना** or diarrhœa.

**ବାହାର ଖଞ୍ଜା**—ଦେ. ବି—ଗୃହର ଅନ୍ତଃପୁରର ବହିର୍ଭାଗରେ ଥିବା
Bāhāra khañjā ଅଗଣା—Outer courtyard of a
ବାହାର ଅଗଣା } ଅନ୍ୟରୂପ house; the courtyard beyond
ବାହାର ପରସ୍ତ } the harem of a house.
বাহিরেরপরস্ত **बाहरका आँगन**

**ବାହାର ଗାଁ**—ଦେ. ବି—(ସ.ବହିର୍+ଗ୍ରାମ)—ଗ୍ରାମାନ୍ତର; ଅନ୍ୟଗ୍ରାମ—
Bāhāra gāñ Another village
(ବାହାର ଗାଆଁ—ଅନ୍ୟରୂପ) বাহিরগ্রাম; **बाहरगाँव**

**ବାହାର ଗାଉଁଆଁ**—ଦେ. ବି—ଅନ୍ୟଗ୍ରାମବାସୀ; ଗ୍ରାମାନ୍ତର ବାସୀ—
Bāhāra gauñāñ Inhabitant of another village.
(ବାହାର ଗାଉଁଲି; ବାହାର ଗାଉଁଆଁ)—ଅନ୍ୟରୂପ
বাহিরগাঁএর; **बाहरगाँवका**

**ବାହାର ଘର**—ଦେ. ବି—(ସ. ବହିର୍ଗୃହ) ବାଜେ ଘର; ଗୃହସ୍ଥଳରେ
Bāhāra ghara ଥିବା ପ୍ରଧାନ ଗୃହର ବହିର୍ଦେଶରେ ନିର୍ମିତ
বাহিরের ঘর **बाहारीघर** ଗୃହ—Out-house.

**ବାହାର ଚିଲି(ଲି)କା**—ପ୍ରାଦେ. (ଚିଲିକା ଅଞ୍ଚଳ) ବି.—ଗଭୀର ଚିଲିକା;
Bāhāra chili(la)kā ହ୍ରଦର କୂଳରୁ ଖୁବ ଦୂରଦେଶସ୍ଥ ଅଂଶ
The outer Chilka lake; the portion of the Chilka lake lying far away from the shore.

[ଦ୍ର—ଚିଲିକା ହ୍ରଦର ଯେଉଁ ଅଂଶ ଗଭୀରରେ ନାବ୍ୟ, ଅର୍ଥାତ୍ ଯେଉଁଠାରେ ଗଭୀରରେ ଏକମଣୁଷକୁ ବେଶି ପାଣି ହବେ ତାକୁ ବାହାର ଚିଲିକା ବୋଲାଯାଏ ।]

**ବାହାର ଛାତ୍ର**—ଦେ. ବି—(ଅପ୍ରଚଳିତ ପ୍ରୟୋଗ) ସ୍କୁଲରେ ନ ପଢ଼ି ଯେଉଁ
Bāhāra chhātra ଛାତ୍ର ପରୀକ୍ଷା ଦିଅନ୍ତି—
বাহিরেরছাত্র **बाहरका छात्र** Out student.

**ବାହାର ଦରିଆ**—ଦେ. ବି. (ସ. ବହିର୍+ଫା. ଦରିଆ)—ମହା ଦରିଆ;
Bāhāra dariā ସମୁଦ୍ରର ଯେଉଁ ଅଂଶ କୂଳଠାରୁ ଦୂରବର୍ତ୍ତୀ;
(ବାହାର ସମୁଦ୍ର—ଅନ୍ୟରୂପ) କଳାପାଣି—The outer sea;
বাহার দরিয়া **बाहर दरीया** the deep sea; the open sea.

[ଦ୍ର—ଅନ୍ତର୍ଜାତୀୟ ଆଇନ୍ (International law) ଅନୁସାରେ ସମୁଦ୍ର ଉପକୂଳଠାରୁ ତିନ ମାଇଲରୁ ଅଧିକ ଦୂରବର୍ତ୍ତୀ ଅଂଶ ବାହାର ଦରିଆ ଅଟେ ଓ ଉକ୍ତ ଅଂଶରେ ସବୁ ଜାତିଙ୍କର ଜାହାଜ ଯିବା ଆସିବା କରିବାରେ କେହି ବାଧା ଦେଇ ପାରିବ ନାହିଁ ।]

**ବାହାର ଦୋଳି**—ଦେ. ବି—ଦୋଳଯାତ୍ରାର ଯେଉଁ ସମୟରେ ଠାକୁରଙ୍କୁ
Bāhāra doḷa ଘରୁ ବା ଦେଉଳରୁ ବାହାରକୁ ଅଣାଯାଇ ଯାଏ;
(ବାହାର ଫଗୁ—ଅନ୍ୟରୂପ) କରାଯାଏ—The period of the
(ଉତର ଦୋଳ—ବ୍ୟବହୃତ) Doḷajātrā festival during which the Idol is brought out of the temple and passes the time of the festi-
বাহির দোল val outside the temple.

**ବାହାର ପୋଷାକ**—ବୈଦେ. ବି—(ଫା. ବହାର୍) ସୁନ୍ଦର ଓ ଉତ୍ତମ ବସ୍ତ୍ର
Bāhāra poshaka ପୋଷାକ—Grand dress.
ଦେ. ବି. (ସ. ବାହ୍ୟ) ଯେଉଁ ପୋଷାକ ପିନ୍ଧି ଲୋକ
**बाहारी पोषाक** ବାହାରକୁ (ବିଦେଶ ଆଦିକୁ) ଯାଏ—
1. A dress for use outside one's home.
বাহিরের পোষাক ୨ । ବହିର୍ବସ୍ତ୍ର—2. Outer garment.

**ବାହାର ଭିତର**—ଦେ. ବି (ବ୍ୟସ୍ତାର୍ଥକ ସହଚର ଶବ୍ଦ; ସ. ବହିଃ;
Bāhāra bhitara +ଅଭ୍ୟନ୍ତର)—୧ । ବହିର୍ଦେଶ ଓ
বাহির ভিতর **बाहर भीतर** ଅନ୍ତର୍ଦେଶ—1, Exterior and interior. ୨ । ଦେହ ଓ ମନ—2. Body and mind.

ଶୋଚିଦେଲ ମୋର ବାହାର ଭିତର—କବିସୂର୍ଯ୍ୟ, କଣୋଜ ଚମ୍ପୂ, ଗୀତ ।

ବିଣ—ବହିଃସ୍ଥ ଓ ଅନ୍ତରସ୍ଥ—Internal and external.

କ୍ରି. ବିଣ—ବାହାରେ ଓ ଭିତରେ—In and out; externally and internally; in external appearance and in internal thoughts.

**ବାହାର ମେକାପ**—ଦେ. ବି—ଯାତ୍ରାକାଳରେ ଦେବବିଗ୍ରହଙ୍କୁ ମନ୍ଦିରର
Bāhāra mekāpa ବାହାରକୁଆଣିବା ସମୟରେ ତାଙ୍କର ବସ୍ତ୍ରାଳଙ୍କାରମାନଙ୍କ ପାଇଁ ଯେଉଁ ସେବକ ଦାୟୀ ରହନ୍ତି—
The sebaka who is responsible for the clothes and ornaments of an Idol during the time it is taken out of the temple on festive occasions.

ବାହାର ଲୋକ—ଦେ. ବି—ପରିବାରର ବହିର୍ଭୂତ ବ୍ୟକ୍ତି; ବାହେ
Bāhāra loka ଲୋକ; ଜାତିସମ୍ପର୍କୀୟ ଲୋକ; ବେଉଲ୍ଲକାଦାର-
বাহিরের লোক ବ୍ୟକ୍ତି—An outsider.
**बाहार आदमी, बहरियालोक** [ବାହାର ମଣ(ଣି,ଲ)ଷ—ଅନୁରୂପ]

ବାହାର ସେବା—ଦେ. ବି.—(ସଂ. ବହିଃ+ସେବା)—ଦେବଦେବୀ
Bāhāra sebā ବିଗ୍ରହର ସମ୍ମୁଖ ନ ଯାଇ ଯେଉଁ ସେବା କରାଯାଏ
(ଯଥା—ମନ୍ଦିର ବେଢ଼ା ଓଳାଇବା, ଘଣ୍ଟା, କାହାଳୀ ଆଦି
ବଜାଇବା, ବାସନ ମାଜିବା, ଚନ୍ଦନ ଘୋରିବା,)—The
services which are performed outside the
inner sanctuary of an Idol.

ବାହାର ହେବା—ଦେ. କ୍ରି—୧ । ବାହାରିବା; ବହିର୍ଗତ ହେବା—
Bāhāra hebā 1. To come out.
বাহিরহওয়া ବାହାର ହେଲେ ପଦ୍ମାବତୀ ପାଟ ରାଣୀ—ଯାନ । ଗୀତ
**बाहरहोना, निकलना** ୨ । ତାଡ଼ିତ ହେବା—
2. To be expelled from.
(ଯଥା—ମାସେ ହେଲା ମୁଁ ଜାତିରୁ ବାହାର ହୋଇଛି ।)
୩ । କଥା ବା ଆଦେଶ ବା ନିୟମରୁ ବହିର୍ଭୂତ ହେବା;
ନିୟମାଦି ନ ମାନିବା—3. To disobey.
(ଯଥା—ମୁଁ ଆପଣଙ୍କ ହୁକୁମରୁ ବାହାର ହେବି ନାହିଁ । )
୫ । ସର୍ବସାଧାରଣରେ ଦେଖା ଦେବା—
5 To appear in pub lic.
୬ । କୌଣସି ଅଧିକାରରୁ ଚ୍ୟୁତ ହେବା—6. To be
excluded from a previlage.
(ଯଥା—ସ୍ତ୍ରୀମାନେ ମାସକେ ଥରେ ହାଣ୍ଡିରୁ ବାହାର ହୁଅନ୍ତି ।)

ବାହାରି—ପ୍ରାଦେ. (ଲରିଅ) ବି. ( ଭୁଲ.ହି. ବୁହାରି )—ଖଡ଼ିକାମୁଠା;
Bāhāri ଝାଡ଼ୁ—Broomstick.
ଦେ. ଅ—୧ । ପୃଥକ୍—1. Separate; distinct from.
୨ । ଭିନ୍ନ—2. Different from.

କେ ବୋଇଲେ ପୁରୁଷ କେ ବୋଇଲେ ସ୍ତ୍ରୀ
କେହି ବୋଇଲେ ଦୁଇ କଥାରୁ ବାହାରି ।
କୃଷ୍ଣସିଂହ, ମହାଭାରତ ବନ ।

ବାହାରିଆ—ବୈଦେ. ବିଣ—( ଫା. ବହାର )—୧ । ସୌନ୍ଦର୍ଯ୍ୟମୟ;
Bāhāriā ମନୋମୋହକର—1. Beautiful; charming.
**बाहार** ୨ । ଜାକଜମକଥିବା—2. Splendid; grand.
**बाहरी** ଦେ. ବିଣ (ସଂ. ବହିସ୍) ବାହ୍ୟ—Outer; exterior.

ବାହାରିଆ ପିଲା—ପ୍ରାଦେ. (ଗଡ଼ଜାତ) ବି—ଯେଉଁ ବାଳକ ଭୃତ୍ୟମାନେ
Bāhāriā pilā ରାଜାଙ୍କ ଅନ୍ତଃପୁରରୁ ବାହାରକୁ ସମ୍ବାଦ ନେବା
ଆଣିବା କରନ୍ତି—Servant boys employed
in carrying messages to and from a
Raja's harem.

ବାହାରି ଆସିବା—ଦେ. କ୍ରି—ସ୍ଥାନ ତ୍ୟାଗ କରି ଚାଲି ଆସିବା—
Bāhāri āsibā To come away.
বেরিয়ে আসা **बाहरआना**

ବାହାରି ପଡ଼ିବା—ଦେ. କ୍ରି—୧ । ଯାତ୍ରାର୍ଥେ ଅନୁକୂଳ କରିବା—
Bāhāri pardibā 1. To start on a journey.
বেরিয়ে পড়া ୨ । ମନରୁ ବା ଆପେ ଆପେ ପ୍ରକାଶିତ ହୋଇ ପଡ଼ିବା-
**बाहर निकलना** 2. To be expressed suddenly or of
its own accord. ୩ । ସର୍ବସାଧାରଣରେ ପ୍ରକାଶିତ
ହେବା—3. To be published or divulged.
[ ଦ୍ର—ପଇସା ଥିବା ପର୍ଯ୍ୟନ୍ତ ଜିଲ୍ଲା କଂଗ୍ରେସ କମେଟିବାଲେ
ଟୁଙ୍ଗ ଟୁଙ୍ଗ୍ ହେଉଥିଲେ; ଭାଗ ଯେଉଁଠୁ ସରିଲା ତହୁଁ ଅବସ୍ଥା
ହେଲା କାପ୍ କାପ୍, ଆଉ ବାହାରି ପଡ଼ିଲା ସତକଥା—ଉତ୍କଳ
ସେବକ । ]

ବାହାରି ବଲଦ୍—ପ୍ରାଦେ. (ସମ୍ବଲପୁର) ବି—ଶଗଡ଼ ବା ହଳର ଡାହାଣ
Bāhāri balad ବଳଦ—The right side bullock of a
cart or plough.
[ ଦ୍ର—ଏହାକୁ ଅଡ଼ାଇବାରେ ବ୍ୟବହୃତ ଡାକ :—'ଅରିରେ
ଅରି' । ]

ବାହାରିବା—ଦେ. କ୍ରି—(ସଂ. ବହିସ୍)—୧ । ବହିର୍ଗତ ହେବା —
Bāhāribā বাহিরান, বেরন 1. To come out.
**बाहरहोना, निकलना** ୨ । ବାହାରକୁ ବା ପଦାକୁ ଯିବା—
2. To go out.
(ଯଥା—ଘଣ୍ଟାବେଳେ ସ୍କୁଲର ଶିକ୍ଷକ ଓ ଛାତ୍ର ସମସ୍ତେ
ବାହାରିଲେ ଘରେ ଗୁହ ପଡ଼ିବ ।)
୩ । ସ୍ଥାୟୀ ନ ହେବା—3. Not to stay.
(ଯଥା—ତୋ କଥାଗୁଡ଼ାକ ମୋର ଏ କାନରେ ପଶି ସେ
କାନରେ ବାହାରୁଛି ।)
୪ । ଦୃଷ୍ଟିଗୋଚର ହେବା; ଦେଖାଯିବା; ଆବିର୍ଭୂତ ହେବା-
4. To appear; to be seen,
ଅଳ୍ପ ଖୋଳୁ ଖୋଳୁ ମହାଦେବ ବାହାରିଲେ—ଢଗ ।
୫ । ସ୍ଥାନାନ୍ତରକୁ ଗତି କରିବାକୁ ଆରମ୍ଭ କରିବା; ଯାତ୍ରା-
ପାଇଁ ଅନୁକୂଳ କରିବା—5. To start on a
journey.
(ଯଥା—ମୁଁ ଆଜ କଟକରୁ କଲିକତା ବାହାରିଲି)
୬ । ପ୍ରକଟିତ ହେବା; ସାଧାରଣରେ ପ୍ରକାଶିତ ହେବା—
6. To be published
(ଯଥା—ଭାଷାକୋଷର ୫ ଗୋଟି ଖଣ୍ଡ ବାହାରିଲାଣି ।)
୭ । ଉଚ୍ଚାରିତ ହେବା—7. To be uttered.
(ଯଥା—ମୋ ମୁହଁରୁ ପୁରାଣ ବାହାରିବ ଯେ ।)
୮ । ପ୍ରସ୍ତୁତ ହେବା; ଉଦ୍ୟତ ହେବା—8. To be
ready for; to prepare for.
(ଯଥା—ମୁଁ ବର୍ତ୍ତମାନ ଖାଇବାକୁ ବାହାରିଛି ।)
୯ । ଭୂମିରୁ ଉଠିବା—9. To shoot out of the
ground.
(ଯଥା—ଧାନରୁ ଗଜା ବାହାରିଲାଣି ।)
୧୦ । ( ନଦୀ ପର୍ବତାଦିରୁ ) ନିର୍ଗତ ହେବା—10. To
issue forth; to rise from (said of a river
from a mountain or lake)

(ଯଥା—ଗଙ୍ଗା ହିମାଳୟରୁ ବାହାରିଛି ।)

୧୧ । ଗୃହ ବା ପାତ୍ର ମଧ୍ୟରୁ ବାହାରକୁ ଆଣାତ ହେବା—11. To be brought out of a receptacle.

(ଯଥା—ଅଳ ଖଣ୍ଡ ବଧା ଯିବା କମଲେ ବହୁ ପଦ୍ଧ ଯାକ ଆଲମାରିରୁ ବାହାରିଛି ।)

୧୨ । ଅଗ୍ରବର୍ତ୍ତୀ ହେବା; ଅଗ୍ରଗାମୀ ହେବା—12 To go ahead; to lead; to come forward.

ସାକ୍ଷାତ ହେଲ ପରେ ସାକ୍ଷୀ ଦେବାକୁ ବାହାର
କବିସୂର୍ଯ୍ୟ, ଉତ୍କଳର, ଚମ୍ପୂ, ସଙ୍ଗୀତ ।

୧୩ । (ଜଳ ଅନ୍ଦର) ସମତଳରୁ ଉପରକୁ ଉଠିବା—13. To shoot out to rise above a level.

(ଯଥା—ପୋଖରୀରେ ସ୍ରୋତାଏ ବାହୁଁଶ ଗେଣ୍ଡା ବାହାରିଛି ।)

୧୪ । ଅନେକ ବସ୍ତୁ ବା ବ୍ୟକ୍ତି ମଧ୍ୟରୁ ଉତ୍କୃଷ୍ଟତମ ହୋଇ ଜଣା ପଡ଼ିବା—14. To rise prominently from amongst a mass.

(ଯଥା—ଆମ ବଂଶରୁ ଜଣେ କେହି ହେଲେ ପାଠପଢୁଆ ହୋଇ ବାହାରିଲେ ନାହିଁ ।)

୧୫ । ଉଠିବା; ଉଦିତ ହେବା—15. To rise.

(ଯଥା—ପଶ୍ଚିମ କୋଣରୁ ଖଣ୍ଡେ ମେଘ ବାହାରିଲାଣି ।

୧୬ । ଜଣା ପଡ଼ିବା—16. To become known.

ବାହାର ହେବା ବଚନ ଦ୍ରାକ୍ଷମ ଭଣେ ।
ଉକ୍ତ. ବୈଦେହୀଶ ବିଳାସ ।

୧୭ । ପୃଥକ୍ ହେବା—18. To be separated from.

୧୮ । ଭିନ୍ନ ହେବା—18. To be different from.

[ଦ୍ର—ଏ କ୍ରିୟାର ଅସମାପିକା ରୂପ ସଙ୍ଗେ ଆସିବା, ପଡ଼ିବା, ଯିବା କ୍ରିୟାର ସମାପିକା ରୂପ ମଧ୍ୟ ଯୁକ୍ତ ହୁଏ ।]

**ବାହାରି ଯିବା**—ଦେ. କ୍ରି—୧ । ଢ଼ିଲା ଯିବା—
Bāhāri jibā 1. To be loosened.
বেরিয়ে যাওয়া ୨ । ସ୍ଥାନ ଛାଡ଼ି ଚାଲି ଯିବା—
**निकलजना; बाहर जाना** 2. To go away.

ମନ୍ତ୍ରୀ ଘାଳ ଅଇଁସି ସେ ଯାହା ଗଲେକୁ
ବାହାରି ଗଲେ କଥା ନ କହି କାହାକୁ । କୃଷ୍ଣସିଂହ. ମହାଭାରତ ବନ ।

**ବାହାରେ**—ଦେ. ଅ.—୧ । ଛଡ଼ା; ବ୍ୟତୀତ—
Bāhāre বাইরে **बाहर** 1. Besides; over and above.

ଏ ବାହାରେ କରନ୍ତି ହରଣଙ୍କ ମାଂସ
ଅଳ୍ପ ଭୁଲରେ ପାକ କରନ୍ତି ବିଶେଷ । କୃଷ୍ଣସିଂହ ମହାଭାରତ ସଭା ।

୨ । ଅଧିକନ୍ତୁ—2. Moreover; in addition.

୩ । ବହିର୍ଜଗତର ଦୃଷ୍ଟିରେ—3. To the eyes of the outside public.

ଭିତରେ ଭିତରେ ସବୁ ଶୁଖିଯାଇ ବାହାରେ ସଜିହି କଲ । ଦ୍ରୁଗ ।

୪ । ଅନ୍ତର୍ନିହିତ ବିଷୟକୁ ପ୍ରଣିଧାନ ନ କରି—4. Without diving deep into a matter.

ଯାହାରେ ମାରି ବାହାରେ ଠିଆ—ଢଗ ।

୫ । (ଦେଖ)—5. Bāhābā 1 (See)

ଦେ. କ୍ରି. ବିଣ—ବାହାରେ ବାହାରେ (ଦେଖ)
Bāhāre bāhāre (See)

**ବାହାରେ ବାହାରେ**—ଦେ. କ୍ରି. ବିଣ—୧ । ଭିତରକୁ ନ ଯାଇ;
Bāhāre bāhāre ଅନ୍ତର୍ଦେଶକୁ ସ୍ପର୍ଶ ନ କରି—1. Without
বাইরে বাইরে **बाहर बाहर** affecting or touching the interior.

ବାତ ମଲ୍ଲ, ଜ୍ୱର, ରୋଗ ବାହାରେ ବାହାରେ ଗଲ—ଢଗ ।

୨ । ବାହ୍ୟ ଭାବରେ—2. Externally.

(ଯଥା—ବାହାରେ ମାଳ ଚନ୍ଦା ପରିଚ୍ଛରେ ସୀମା ନାହିଁ, ଭିତରେ ଘର ଗଲା ଜାଳିବାକୁ ଚନ୍ଦ୍ରାର ବସ୍ତ୍ର ନାହିଁ)

୩ । ପଦାର ଲୋକେ ଜାଣିବାକୁ—3. As seen by an outsider. ୪ । କୌଣସି ସ୍ଥାନକୁ ସ୍ପର୍ଶ ନ କରି—4. Without touching a particular place.

୫ । ସିଧାଏ ସିଧାଏ—5. Straight; direct.

(ଯଥା—ମୁଁ କଟକରୁ ସତ୍ୟବାଦୀ ନ ଯାଇ ବାହାରେ ବାହାରେ ପୁରୀକୁ ଆସିଲି ।)

୬ । ଅନ୍ତର୍ନିହିତ ବିଷୟକୁ ପ୍ରଣିଧାନ ନ କରି—6. Without diving deep into a matter.

(ଯଥା—ହାକିମ ଭିତରକୁ ନ ପଶି ବାହାରେ ବାହାରେ ଏ କଥାଟା ଫଇସଲ କରି ଦେଲେ ।)

**ବାହାଲ୍**—ପ୍ରାଦେ. (ସମ୍ବଲପୁର) ବି—୧ । (ଶାରଦ ଧାନ ହେବା) ଖାଲ
Bāhāl ଜମି—1. Low land fit for winter paddy.
(ବେରନା—ବିପରୀତ) ୨ । ବାହାଲ (ଦେଖ)—
2. Bāhala (See)

**ବାହାଲ୍**—ବୈଦେ. ବିଣ—(କଟରଥ)—(ଫା. ବହାଲ୍=ପୂର୍ବବତ୍
Bāhāl ସ୍ଥିତ; ଯେଉଁପରି ଥିଲା ସେହିପରି)—୧ । ସ୍ଥିର; ସୁପ୍ରତିଷ୍ଠିତ-
বাহাল **बहाल** 1. Established; settled. ୨ । ସ୍ଥାୟୀ—
(ବାଦ୍ୟାପ୍ତ—ବିପରୀତ) 2. Permanent. ୩ । କାଏମ୍; ବଜାୟ
3. Confirmed; upheld. ୪ । ଅପରିବର୍ତ୍ତିତ—
4. Constant; unchanged, unmodified.

୫ । ପରବର୍ତ୍ତୀ ବା ଉପରସ୍ଥ ହାକିମଙ୍କ ଦ୍ୱାରା ପୁନଃ ସିଦ୍ଧ କରି ଯାଇ ଥିବା (ଆଦେଶ)—5. Subsequently ratified (order).

୬ । ଇଂରେଜ ଗଭର୍ଣ୍ଣମେଣ୍ଟଙ୍କଦ୍ୱାରା ନିଷ୍କରରୂପେ ମଞ୍ଜୁର କରା ଯାଇଥିବା (ମରହଟ୍ଟା ଓ ଓଡ଼ିଆ ରଜାଙ୍କ ପ୍ରଦତ୍ତ ନିଷ୍କର ଜମି) 6. Confirmed (rent-free tenure). ୭ । କାର୍ଯ୍ୟ ବା ଚାକିରିରେ ନିଯୁକ୍ତ—7 Employed or engaged in a post. ୮ । କାର୍ଯ୍ୟ ବା ଚାକିରିରେ ପୁନଃ ନିଯୁକ୍ତ—8. Reinstated in service. ୯ । କାର୍ଯ୍ୟାଳୟରେ ସ୍ଥାୟୀ ଭାବରେ ନିଯୁକ୍ତ—9. Confirmed in a post.

ବି (ଫା. ବହାଲୀ)—୧ । ପରବର୍ତ୍ତୀ ଆଦେଶଦ୍ୱାରା ପୂର୍ବ ଆଦେଶର ସ୍ଥିରୀକରଣ; ବଜାୟ ରଖିବା—
বাহালী 1. Confirmation of a previous order;
**बहाली** upholding of an order.

ଯୋଷ୍ୟପୁଷ ବୋଲି ସରକାରରୁ ବାହାଲ ହୋଇ ଅଛି—ଫକୀରମୋହନ ଗଳ୍ପସ୍ୱଳ୍ପ

୬ । ଅସ୍ଥାୟୀ ନିଯୁକ୍ତି ବା ମନୋନୟନକୁ ସ୍ଥାୟୀ କରିବାର ଆଦେଶ କରଣ—2. Confirmation of a temporary employment or nomination.

ସେଣ୍ଟମାଣକୁ ଗଭର୍ଣ୍ଣରଙ୍କ ଗୃହାକୁ ବାହାଲ ରଖି ଅଛି ଅଥ ସେବକମାନଙ୍କୁ ସେବକୋଳ କଲେ ଫକୀରମୋହନ ଛ ମାଣ ଆଠ ଗୁଣ୍ଠ

୩ । ସ୍ଥାୟୀକରଣ—3. Making permanent.

୪ । ପୂର୍ବ ରାଜାଙ୍କଦ୍ୱାରା ନିଷ୍କରରୂପେ ପ୍ରଦତ୍ତ ଭୂମି, ଯାହା ପରବର୍ତ୍ତୀ ଇଂରାଜ ସରକାରଙ୍କଦ୍ୱାରା ପୂର୍ବ ପରି ନିଷ୍କର ରୂପେ ମଞ୍ଜୁର କରାଗଲା; ଲାଖରାଜ ବାହେଲ ସ୍ୱତ୍ୱ—4. Confirmed revenue free holding.

(ଯଥା—ଲାଖରାଜ ବାହାଲ୍, ଦେବୋତ୍ତର ବାହାଲ୍, ପୀରୋତ୍ତର ବାହାଲ୍, ବ୍ରହ୍ମୋତ୍ତର ବାହାଲ୍ ଇତ୍ୟାଦି ।)

୫ । କାମ ବା ଚାକିରିରେ ନିଯୁକ୍ତିକରଣ—5. Employing or engaging a person in service; appointing to a post. ୬ । ବରଖାସ୍ତ ହୋଇଥିବା ଚାକରକୁ ପୁନର୍ବାର ଚାକିରିରେ ନିଯୁକ୍ତ କରିବା; ପୁନର୍ନିଯୁକ୍ତି—6. Reinstatement in service; restoration.

**ବାହାଲ**—ଦେ. ବି (ସଂ. ବାହୁ)—୧ । ଯନ୍ତ୍ରଶାଳରେ ( ପାଣିକୁହାରେ ) କପକନା ଉପରେ ଯେଉଁ ବଡ଼ ବାଉଁଶ ଲଗା ଯାଇଥାଏ—
Bāhāla
ପଞ୍ଚୀ
1. The long bamboo pole used as crane in a water lifting contrivance.

[ ଦ୍ର—ଢେଣ୍ଡା ଓ ଯନ୍ତ୍ରଶାଳର ଦୁଇ ଖୁଣ୍ଟ ଉପରେ ଆଡ଼ବାଗରେ ପଡ଼ିଥିବା ବାଉଁଶ ବା ଶାଖାଯୁକ୍ତ କାଠଖଣ୍ଡ(କପକନା)ଉପରେ ଯେଉଁ ଲମ୍ବ ଦଣ୍ଡା ଥାଏ ତାହାକୁ ବାହାଲ ବୋଲାଯାଏ;ସେ ଦଣ୍ଡାର ଗୋଟିଏ ପାଖରେ ଝାଟିମାଟି ବା ପଥର ଲଦା ହୋଇଥାଏ, ଅନ୍ୟ ପାଖରେ ଗୋଟିଏ ଲଗି ବନ୍ଧାଯାଇ ଲଗିର ନିମ୍ନରେ ଗୋଟିଏ ଦାଣ୍ଡି ବ. ସନ୍ତର ମୂଳ ଲାଗିଥାଏ । ଏହି ସେପୋଲ୍ତି ଲଗିକୁ ହାତ ବାଉଁଶ ଲୁହାଯାଏ । ]

୨ । ( ପାନ ବରଜ ଭାଷା ) ପାନ ବରଜରେ ପାନ ଗଛ (ଲତାର ଏକଧାବସ୍ଥିତ, ୬ଟି ଶ୍ରେଣୀ)ର ଦୁଇ ପାର୍ଶ୍ୱ—2. The two sides of a row of betel creepers planted together.

[ ଦ୍ର—ପାନ ଲତାର ଏକଧାବସ୍ଥିତ ୨ଟି ଧାଡ଼ିର ମଝିରେ ପୋତା ଯାଇଥିବା ଯଷ୍ଟି ଉପରେ ଲତାମାନ ମଡ଼ାଯାଏ; ଏହି ୨ଧାଡ଼ିକୁ 'ଗଛ' ବୋଲାଯାଏ । 'ଗଛର' ପାର୍ଶ୍ୱଦ୍ୱୟକୁ ବାହାଲ ଓ ମୁଣ୍ଡକୁ 'ମୁଣ୍ଡ' ବୋଲାଯାଏ ।]

୩ । (ବୈଦ୍ୟକ)—ଏକପ୍ରକାର ଗଛ—3. A kind of medicinal plant.

[ ଦ୍ର—ଏହାର ମୂଳର ଛାଲର ପ୍ରଲେପ ବ୍ରଣ, ଶୋଥ ଓ ବାତ-ବେଦନା ନିବାରଣାର୍ଥ ବ୍ୟବହୃତ ହୁଏ । ଦ୍ରବ୍ୟଗୁଣ କଳ୍ପଦ୍ରୁମ । ]

ବିଣ—ବାହାଲିଆ (ଦେଖ)—Bāhāliā (See)

ପ୍ରାଦେ ( ଗଞ୍ଜାମ ) ବି—ଡୋଡ଼ ମାଛ—The bill fish

(ବାଲେଶ୍ୱର) ବି—ସାମୁଦ୍ରିକ ମତ୍ସ୍ୟବିଶେଷ—A kind of salt water fish.

[ ଦ୍ର—ଏହା ଫେରକଜାଗିୟ ବଡ଼ ମାଛ; ଦେଖିବାକୁ ଈଷତ୍ କଳା ଏବଂ ଓଜନରେ ଦୁଇ ସେର ପର୍ଯ୍ୟନ୍ତ ବଢ଼େ । ]

(ଫ ବହଲ୍) ବିଣ (ଭୁଲ. ହିନ୍ଦୀରେ ଏହି ଅର୍ଥରେ ଏହି ଶବ୍ଦର ପ୍ରୟୋଗ)—ପ୍ରଫୁଲ୍ଲ; ପ୍ରସନ୍ନ—Delightful; joyous.

(ଯଥା—ମନ ବାହାଲ ହେବା=ମନ ପ୍ରଫୁଲ୍ଲ ହେବା । )

**ବାହାଲ କରିବା**—ଦେ. କ୍ରି—(ଫା. ବହାଲ୍) ୧ । ପୂର୍ବ ଆଦେଶକୁ
Bāhāla karibā ମଞ୍ଜୁର୍ ବା ଦୃଢ଼ କରିବା—1. To confirm
ବାହାଲକରା a previous order;to uphold a previous
बहालकरना order. ୨ । (କୌଣସି ବ୍ୟକ୍ତିକୁ) କାମରେ ନିଯୁକ୍ତ କରିବା—2. To appoint a person to a post. ୩ । କୌଣସି ଅସ୍ଥାୟୀ କର୍ମଚାରୀକୁ ସ୍ଥାୟୀ କରିବା—3 To confirm a person in a service. ୪ । ବରଖାସ୍ତ ବ୍ୟକ୍ତିକୁ କାମରେ ପୁନର୍ନିଯୁକ୍ତ କରିବା—4. To reinstate a person in service. ୫ । ପୂର୍ବର ସନନ୍ଦକୁ ମଞ୍ଜୁର କରିବା—5. To confirm or ratify a previous grant.

**ବାହାଲ ଖୁଣ୍ଟ(ଣ୍ଟି)**—ଦେ. ବି—ଯେଉଁ ଦୁଇଖୁଣ୍ଟରେ ପଡ଼ିଥିବା ଆଡ଼ି
Bāhāla khunṭa(nṭi) ଧାରଣା ଉପରେ ବାହାଲ ସଂଲଗ୍ନ ହୋଇଥାଏ—The pillars supporting the
ଢ଼ିଟକୀ; गोरी crane in a water-lifting contrivance.

**ବାହାଲ ଫଇସଲା**—ବୈଦେ. ବି (ଫା. ବହାଲୀ+ଫୈସଲ୍)—ଯେଉଁ
Bāhāla phaisalā ଆଦେଶ ବା ଡିକ୍ରୀ ଦ୍ୱାରା ପୂର୍ବ ରାଜାମାନଙ୍କ
ବାହାଲ ଫୟସାଲା ପ୍ରଦତ୍ତ ନିଷ୍କର ବ୍ରହ୍ମୋତ୍ତର ଇଂରାଜ ଗଭର୍ଣ୍ଣମେଣ୍ଟଙ୍କ
बहाली फैसला କର୍ମଚାରୀମାନଙ୍କ ଦ୍ୱାରା ତଦନ୍ତ କରାଯାଇ ଆଇନ୍ କାନୁନ୍ ମୁତାବକ 'ବାହାଲ ଲାଖରାଜ' ରୂପେ ଅର୍ଥାତ୍ ପ୍ରକୃତ ଲାଖିରାଜ ବୋଲି ବାହାଲ ବା ମଞ୍ଜୁର କରାଗଲା—Decree of a court confirming a revenue-free tenure.

**ବାହାଲ(ଲି) ବରଖାସ୍(ସ୍ତ)**—ବୈଦେ ବି (ଫା ବହାଲୀ+ବରଖାସ୍ତୀ)
Bāhāla(li) barakhās(st) (ବିପରୀତାର୍ଥ ସହଚର ଶବ୍ଦ)କାର୍ଯ୍ୟରେ ବା ଚାକିରିରେ ନିଯୁକ୍ତି ଓ ମାଫୁଲ କରିବା—Appointing and dismissing; appointment and dis-
ବାହାଲ ବରଖାସ୍ତ बहाल बरख़ास्त missal from service.

**ବାହାଲ ବାଉଁଶ**—ଦେ. ବି—(ସଂ. ବାହୁ+ବଂଶ)—ବାହାଲ ୧ (ଦେଖ)·
Bāhāla bāunsa Bāhāla 1 (See)

**ବାହାଲ ବାଯ୍ୟାପ୍ତ(ପ୍ତି)**—ବୈଦେ.ବି(ଫା.ବହାଲ୍+ବାଜ୍ୟାପ୍ତ;ବିପରୀତାର୍ଥକ
Bāhāla bājyāpta(pti) ସହଚର)—୧ । ମଞ୍ଜୁର ଓ ନାମଞ୍ଜୁର—1. Granting and rejecting (a petition).
बहाल बाज्याप्त ୨ । କେତେକ ନିଷ୍କର ଜମିକୁ ନିଷ୍କର ବୋଲି ସ୍ୱୀକାର କରିବା ଓ ଅନ୍ୟ କେତେକ ଭୂମିରେ କର ବସାଇବା—2. Confirmation and resump-
ବାହାଲ ବାଜେୟାପ୍ତ tion of revenue-free tenures.

**ବାହାଲ ହେବା**—ଦେ. କ୍ରି (ପୂର୍ବ ମୀମାଂସା) ରକ୍ଷିତ ବା ଦୃଢ଼ୀକୃତ ହେବା;
Bāhāla hebā ସ୍ଥିରୀକୃତ ହେବା—To be restored;
ବାହାଲ ହୁଓୟା बहाल होना to be retained or confirmed.

(ଯଥା—କମ୍ପ ଅବାଲତଙ୍କୁ ସ୍ୱଏ ବାହାଲ ଦେଲ)

[ ଦ୍ର—ରାଜା, ବଡ଼ଲୋକ, ରାଣୀମାନେ ଚାଲିଲାବେଳେ ଅପଣା ଦୁଇ ବାହୁକୁ ପାଖରେ ଚାଲୁଥିବା ଦୁଇ ବ୍ୟକ୍ତିଙ୍କ ହାତରେ ଭରା ରଖି ଚାଲିବାର ପ୍ରଥା ପୂର୍ବେ ଖୁବ୍ ଚଳୁଥିଲା ।]

**ବାହାଲଦ ଦେବା**—ଦେ. କ୍ରି (ପ୍ରାଚୀନ ପଦ୍ୟ)—୧ । ବାହୁ ଆଶ୍ରୟ ଦେବା—1. To support the arm of a walking person.
Bāhālāda debā
**बाँहादेना**

୨ । ( ବଡ଼ଲୋକ ବା ରାଜା ) ଚାଲିଲାବେଳେ ଅପଣାର ଦୁଇବାହୁକୁ ଦୁଇପାଖରେ ଥିବା ଲୋକଙ୍କ ହାତରେ ରଖିବା—To put one's arms on the hands of 2 persons walking on both sides (of a grand or great person).

୩ । ଚାଲୁଥିବା ବ୍ୟକ୍ତିଙ୍କର ବାହୁକୁ ଅପଣା ହାତରେ ସମ୍ଭାଳିବା—3. To support the arm of a walker on one's hand.

ବେନି ପାଖରେ ସଖୀ ବାହାଲଦ ଦେଇ
ବୃନ୍ଦାବନ ମନ୍ଦିରକୁ ଅଣନ୍ତି ଚଳାଇ । ପ୍ରାଚୀ—ରହସ୍ୟମଞ୍ଜରୀ ।

**ବାହାଳି**—ଦେ. ବି—୧ । ଖେଳିବା କାମରେ ଉପଯୁକ୍ତ ଭଲ କଉଡ଼ି—1. Excellent cowries for the purpose of playing games with.
Bāhāḷi
(ବାହୁଳି, ବାଳି—ଅନ୍ୟରୂପ)

୨ । ଏକପ୍ରକାର କଉଡ଼ି ଖେଳ—2. A kind of game at cowries.

ବିଣ—୧ । (ସଂ. ବହ୍ ଧାତୁ ଣିଚ) ଯେ କଉଡ଼ି ଖେଳରେ କଉଡ଼ିକୁ ଚାଳେ—1. A player who moves the cowries on the play-board. ୨ । ଯେ ନାବ-ଅାଦିକୁ ବାହେ ଅର୍ଥାତ୍ ଚାଳିତ କରାଏ—2. Boatman.

**ବାହାଲୁ**—ଦେ. ବି ( ସଂ, ବହୁବାର )—ଶ୍ଳେଷ୍ମାତକ; ଗର୍ଭଣା ( ଗଛ ) ( ହରେକୃଷ୍ଣ, ଦ୍ରବ୍ୟଗୁଣ )—Cordia Myxa.
Bāhālu

**ବାହା(ଆ)ସାଆ(ହା)**—ଦେ. ବି—୧ । (ନିରର୍ଥକ ସହଚର ଶବ୍ଦ; କମ୍ପା ସଂ. ବିବାହ ଓ ଅ·ସାଧା) ବିବାହ—1. Marriage.
Bāhā(ā) sā-ā(hā)
**ब्याहसादी**
(ଯଥା—ସେ ଅନାଥ ହୋଇ ବୁଲୁଥିଲା, ତାକୁ ମୁଁ ଆଶ୍ରୟ ଦେଇ ବାହା ସାହା କରାଇ ଦେଲି ।)
( ବାହାଭୁ[ତୋ]ଲା—ଅନ୍ୟରୂପ )

୨ । ( ସଂ. ବାହୁ + ସହାୟ ) ବାହୁର ସାହାଯ୍ୟ; ଆଶ୍ରୟ; ଅବଲମ୍ବନ—2. Shelter; protection.

ଯାହା ବାହା ସାହା ଲଭ ବଶ୍ୱଶଲୁଁ—ଭକ୍ତଚରଣ. ମଥୁରାମଙ୍ଗଳ ।

**ବାହାସୂତା**—ପ୍ରାଦେ. ( ସମ୍ବଲପୁର ) ବି—ବାହୁରେ ପିନ୍ଧାଯିବା ଧାତୁମୟ ସୂତ୍ରଯୁକ୍ତ ଅଳଙ୍କାରବିଶେଷ—A kind of armlet
Bāhāsūtā **बाँहसूता**

**ବାହି**—ଦେ. ବି ( ସଂ. ବାହୁ )—୧ । ଏକହାତରେ ପିନ୍ଧାଯିବା ଶଙ୍ଖା ବା କାଚମୁଠା—1. An armful of bangles; a set of bangles put on from the wrist to the elbow of one hand.
Bāhi
**बाँही**

୨ । ହାତର କଚଟିଠାରୁ କହୁଣୀ ପର୍ଯ୍ୟନ୍ତ ପିନ୍ଧାଯିବା କାଚ ବା ଶଙ୍ଖା—2. A double set of bangles worn from the wrist to the elbow.

ବାହି ଖଡ଼ୁ, ଝାଞ୍ଜ ମନ ମୀନକୁ ନେଇ
• ବାହି କଚ କୁବେଣୀରେ ଥୋଇ ଲେଡ଼ଇ—ଉପେ. ବୈଦେହୀଶବିଳାସ ।

୩ । ପାର୍ଶ୍ୱ—3. Side.

**ବାହିଆ**—ଦେ. ବି ( ସଂ. ବହ୍ ଧାତୁ )—୧ । ଧାନ ହଳାକୁ ଉପର୍ଯ୍ୟୁପରି ଏକହଳକୁ ଅଗ କରି ରଖିବା ଗଦା—1. A heap of paddy sheaves, one sheaf deep.
Bāhiā
**बलग**
(ବାଇଆ—ଅନ୍ୟରୂପ)

୨ । ( ସଂ. ବାହୁ ) ବୃକ୍ଷର ବଡ଼ ଶାଖା—2. Big branch of a tree.

**ବାହିଆ କରିବା**—ଦେ. କ୍ରି—(ଜଣେ କଟାଳି) ଆପଣାର କାଟିଥିବା ସମସ୍ତ ଧାନ ହଳାମାନଙ୍କୁ ଗୋଟିଏ ଗଦାରେ ସଜ୍ଜିତ କରିବା—To arrange the sheaves ( cut by one reaper ) in a heap.
Bāhiā kāribā
**बलग करना**

**ବାହିଆ ମୁକୁଳା(ଳେ)ଇବା**—ଦେ. କ୍ରି—ଜଣେ କଟାଳର କାଟିଥିବା ଓ ବାହିଆ କରାଯାଇଥିବା ସମସ୍ତ ହଳା-ମାନଙ୍କୁ ଗଣତି କରି ଉକ୍ତ କଟାଳର ପାରଶ୍ରମିକ ହଳା ତାକୁ ଦେବା—To open up a heap of sheaves reaped by a reaper and give the reaper a portion out of them as his or her wages, at a fixed customary rate.
Bāhiā mukuḷā(ḷe)ibā
**बोनदेना**

**ବାହି ଆସିବା**—ଦେ. କ୍ରି ( ମାଦଳା ପାଞ୍ଜି )—ସୈନ୍ୟ ସହିତ ଯୁଦ୍ଧକୁ ଅଗ୍ରସର ହେବା; ସୈନ୍ୟ ସହ ଆକ୍ରମଣ କରିବା—To march into a country with one's army.
Bāhi āsibā

**ବାହିକ**—ସଂ. ବି (ବହ ଧାତୁ ଣିଚ+କର୍ତ୍ତୃ.କ)—୧ । ଶଗଡ଼; ବଳଦଗାଡ଼ି ( ହ୍ରି. ଷ )—1. Bullock cart.
Bāhika

୨ । ଢକ୍କା ( ହ୍ରି. ଷ )—2. Drum.

**ବାହିକା**—ସଂ. ବି. ସ୍ତ୍ରୀ ( ବାହକ+ସ୍ତ୍ରୀ ଆ )—ସ୍ତ୍ରୀ ବାହକ; ବୋହିଅଣି—A female porter.
Bāhikā

ବିଣ. ସ୍ତ୍ରୀ—ବାହକର ସ୍ତ୍ରୀଲିଙ୍ଗ—Feminine of Bāhaka.

**ବାହି କାଚ**—ଦେ. ବି—ଯେଉଁ କାଚମୁଠା ହାତରେ କଚଟିଠାରୁ କହୁଣୀ ପର୍ଯ୍ୟନ୍ତ ପିନ୍ଧାଯାଏ—Glass bangles worn from the wrist upto the elbow.
Bāhi kācha
**काचका चुडी**

**ବାହି ଖଡ଼ୁ**—ଦେ. ବି—ଇତରଜାତୀୟା ସ୍ତ୍ରୀମାନେ କଚଟିଠାରୁ କହୁଣୀ ପର୍ଯ୍ୟନ୍ତ ଯେଉଁ କଂସାର ବା ପିତଳର ଚଉଡ଼ା ପିନ୍ଧନ୍ତି—Broad metal wristlets worn by low caste women from the wrist upto the elbow.
Bāhi khaṛḍu
**चूडी**

**ବାହିତ**—ସଂ. ବି ( ବହ ଧାତୁ ଣିଚ; ବାହି ଧାତୁ + କର୍ମ ତ )—
Bāhita

୧ । ବୁହା ଯାଇଥିବା; ଅନ୍ୟଦ୍ୱାରା ବୁହାଯାଇଥିବା—1 Caused to be carried from one place to another.

୨ । ସ୍ଥାନାନ୍ତରକୁ ପ୍ରାପିତ—2. Moved from one place to another.

୩ । (ନୌକାଦି) ଚାଳିତ—3. Driven; plied.

୪ । ନୀତ—4. Taken; conveyed.

୫ । ପ୍ରବାହିତ—5. Flowing; flowed from.

୬ । ପ୍ରତାରିତ; ବଞ୍ଚିତ—6. Deceived; cheated.

। ( ବାହୁ ଧାତୁ + କର୍ମ. ତ ) ଷଯତ୍ନୀକୃତ—
7. Much cared after.

**ବାହିନୀ**—ସ. ବି. ( ସଂ ବାହ=ସମ୍ମିଳିତ ସେନ୍ୟ + ଇନ୍ + ସ୍ତ୍ରୀ. ଈ )—
Bāhinī ୧ । ୮୧ ହସ୍ତୀ, ୮୧ ରଥ, ୨୪୩ ଅଶ୍ୱ ଓ ୪୦୫ ପଦାତି ସମ୍ମିଳିତ ସେନା—1. A body of troops consisting of 81 elephants, 81 cars, 243 cavalry, and 405 infantry.
[ ତ୍ରି—୩ ଗଣରେ ଏକ ବାହିନୀ ହୁଏ । ]
୨ । ମୂଳ ସୈନ୍ୟର ଏକ ଦଳ—
2. A batallion of troops.
୩ । ମୂଳ ସୈନ୍ୟର ସମ୍ମୁଖ—
4. The front or face of an army.
୪ । (ବହ୍ ଧାତୁ + କର୍ତ୍ତୃ. ଇନ୍ + ଈ) ନଦୀ—3. River.
ବଣ. ସ୍ତ୍ରୀ. ( ଅନ୍ୟ ଶବ୍ଦ ସଙ୍ଗେ ଯୁକ୍ତ )—ଯାହା ବେହି ଯାଉଥାଏ—Flowing.
( ଯଥା—ପୂର୍ବବାହିନୀ, ବେଗବାହିନୀ, ସ୍ୱର୍ଗବାହିନୀ । )

**ବାହିନୀ ପତି**—ସ. ବ (୬ଷ୍ଠୀ ତତ୍, ବାହିନୀ + ପତି)—୧ । ସେନାପତି—
Bāhinī pati 1. General; commander
୨ । ସରିତ୍ପତି; ସମୁଦ୍ର—2. The ocean (metaphorically, the husband of all the rivers).
ଦେ. ବ—ସ୍ୱଜନଦଙ୍କ ଉପାଧିବିଶେଷ—
An honorary title.
ପ୍ରାଦେ. ( ଯାଜପୁର ) ବ—ଯାଜପୁରର କୁଳୀନ ବ୍ରାହ୍ମଣ ବଂଶବିଶେଷ—A highly respectable family of Brāhmaṇas in the Jajpur subdivision of the Cuttack district.

**ବାହି ବଳା**—ପ୍ରାଦେ. ( ବାଲେଶ୍ୱର ) ବ. ( ସ. ବାହୁ + ବଳୟ )= Bāhi balā ବାହୁଖଡ଼ୁ ( ଦେଖ )—Bāhikhaṛdu ( See )

ଚମଲୀ ପାଣି ପାଖରେ ବସି ଅପଣା ହାତରେ ବାଉଶ ପାଉଥ
ପିଉଳ ବାହିବଳା × × × ନର୍ତ୍ତନ କରୁ କରୁ × × ×
ବଙ୍କୁଡ଼ା ଅରମ୍ଭ କରୁଅଛି – ଫକୀରମୋହନ, ଛମାଣ ଆଠଗୁଣ୍ଠ ।

**ବାହିବା**—ଦେ. କ୍ରି—(ସ. ବହ୍ ଧାତୁ, ଣିଚ୍ ବାହି ଧାତୁ)—୧ । କାତ ବା ଅଣ୍ଟୁଳଦ୍ୱାରା ନୌକା ଚଳାଇବ—1. To move or ply a boat by rowing or by a pole.
Bāhibā
বহান,চালান
বাহনা

ତଟଜରେ ନାବ ସମୁଦ୍ରେ, ଭସୁଥାଏ
ବାଳକ ବାହିଲେ କ ଉହିଁ ଜଳ ଉର୍ଧ୍ୱ ।
କୃଷ୍ଣସିଂହ, ମହାଭାରତ ସଭ ।

୨ । ରଥାଦି ଯାନକୁ ଚଳାଇବା—
2. To drive a car or other conveyance.
କହୁ ଏସନ ବଚନ ଯାନ ବାହାଇ ଧୀରେ ଧୀରେ ।
(ବାହାଇବା—ଅନ୍ୟରୂପ) ଭକ୍ତ ଚରଣ, ମଥୁରାମଙ୍ଗଳ ।
୩ । ଜାଲକୁ ପାଣିରେ ମେଲାଇବା—3. To spread a net in water. ୪ । ଖେଳର ସାରକୁ ଘରରେ ଚଳାଇବା—4. To move the pawns on the board. ୫ । ରାଜ୍ୟ ଆକ୍ରମଣ କରିବା—5. To invade a country. ୬ । ସୈନ୍ୟ ସହ ପ୍ରୟାଣ କରିବା—6. To lead an army. ୭ । କୁଡ଼ାଇବା; ପୁଷ୍କରିଣୀରୁ ଜଳକୁ ଟେକ ଉଚ୍ଚ ସ୍ଥାନରେ ମଡ଼ାଇବା—7. To lift water from a pond to a higher level for irrigatio . ୮ । (ସ. ବାଦ୍. ଧାତୁ ବାଇବା; ବାଦ୍ୟ ବଜାଇବା—8 To set to music; to strike a musical instrument. ୯ । ଗୁଲିବା; ପଥ ଅତିକ୍ରମ କରିବା—9. To walk.

ମାଆଙ୍କ ଠାରୁ ମେଲାଣି ହୋଇ ବେନି ଭାଇ
ମୁନି ସଙ୍ଗେ ଧୀରେ ଧୀରେ ଗଲେ ପଥ ବାହି,
ବିଶ୍ୱନାଥ, ବିଚିତ୍ର ରାମାୟଣ ।

**ବାହିଯ(ଯ୍ୟ)**—ଗ୍ରା. ବଣ—(ସ· ବାହ୍ୟ)—୧ । ବାହ୍ୟ—
Bāhija(jya) 1. External.

ବାହିଯେ ସାଷ୍ଟମ ଅନ୍ତର୍ଗତେ ଅଛ ବ୍ୟଥା ।
ପାଚୀ, ଇହସ୍ୟମଣ୍ଡଳ ।

বাহ্য বাহিজ ୨ । ଇତର—2. Vulgar.

ବାହିଯ ଲୋକ ସାହାଯ୍ୟ କେତେବେଳେ ଉହି ।
ଭକ୍ତ, କୋଶଳଦୁର୍ଭାଗ୍ୟ ସ୍ୱଦେଶ ।

ବ—ବହିର୍ଦ୍ଦେଶ; ବାହାର—Outside; exterior.

ପାଣି ପବନ ଅସ୍ଥା ସୃଜେ
ବହିରେ ଅସ୍ଥାର ବାହିଯେ—
ପ୍ରାଚୀ. ନିର୍ଗୁଣ ମାହାତ୍ମ୍ୟ ।

**ବାହିରି**—ପ୍ରାଦେ. (ଯାଜପୁର) ବ—ବାହାରକୁ—
Bāhiri Out.

**ବାହିର୍ନାମ**—ସ. ବ—(ବହିଃ + ନାମ + ଅ)—ଚିଠି ଉପରେ ଲେଖା ଥିବା ଠିକଣା—The address written on the cover of a letter.
Bāhirnāma

**ବାହିଲ(ଲି)** (ଇତ୍ୟାଦି)—ଦେବିଦେ. ବ ଓ ବଣ—ବାହାଲ(ଲି) ଇତ୍ୟାଦି
Bāhil(li) etc (ଦେଖ)—Bāhāl(li) etc (See).

**ବାହି ଶଙ୍ଖା**—ଦେ. ବ—କଚଟିରୁ କହୁଣୀ ପର୍ଯ୍ୟନ୍ତ ପିନ୍ଧାଯିବା ଶଙ୍ଖା—
Bāhi śankhā Conch shell bangles put on in the space between the wrist and the elbow.
লহঠী

ଶଙ୍ଖା ଦୁଇ ବାହୁ ସେ ଦୁଇ ହାତେ ଲଇ ।
କୃଷ୍ଣସିଂହ, ମହାଭାରତ, ବନ୍ତ ।

**ବାହୀ**—ସ. ବଣ. ପୁଂ—(ବହ୍. ଧାତୁ + ଇନ୍=ବାହିନ୍ ଶବ୍ଦ; ୧ମା. ୧ ବ)—୧ । ବହନକାରୀ; ବାହକ—1. Carrying.
Bāhī
(ବାହିନୀ—ସ୍ତ୍ରୀ) ୨ । ଯାହା ବହିଯାଏ; ପ୍ରବାହିତ—
2. Flowing; running towards.

**ବାହ୍ଲୀକ**—ସ. ବଣ. ପୁଂ—( ବାହ=ବହନ + ଈକ )—
Bāhīka ୧ । ବାହକ; ବାହୀ; ବହନକାରୀ—1. Carrying.
(ବାହ୍ଲୀକା—ସ୍ତ୍ରୀ) ୨ । ଗୁରୁ—2. Heavy. ୩ । ( ବହିସ୍ + ଈକ)—ବହିଃସ୍ଥିତ—3. Lying outside.
ବ—୧ । ଗାଡ଼ି; ଶଗଡ଼; ଯାନ—1. Cart; conveyance.
୨ । ପଞ୍ଜାବର ସ୍ଥାନବିଶେଷ—4. Name of a place in the Punjab ୩ । ବାହ୍ଲୀକ; ଜାତିବିଶେଷ—
3. Name of an ancient tribe.

**ବାହୁ**—ସ. ବି—( ବଢ଼୍. ଧାତୁ=ବାଧନ କରିବା+କର୍ତ୍ତୃ. ଉ )—
**Bāhu** ୧ । ହସ୍ତ; ଭୁଜ—1. Hand; arm
[ ଦ୍ର—କାନ୍ଧଠାରୁ ଅଙ୍ଗୁଠିଅଗ ପର୍ଯ୍ୟନ୍ତ ଅଂଶକୁ ବାହୁ କୁହାଯାଏ । ]
୨ । ବାହା—2. The upper arm.
[ଦ୍ର—କାନ୍ଧ ଠାରୁ କହୁଣୀ ପର୍ଯ୍ୟନ୍ତ ହାତର ଅଂଶକୁ ମଧ୍ୟ ବାହୁ ବୋଲାଯାଏ ।]
୩ । ଜ୍ୟାମିତିକ କ୍ଷେତ୍ରରେ ସୀମା ରେଖା—3. The side of a geometrical figure. ୪ । ତ୍ରିଭୁଜର ପାର୍ଶ୍ୱ ରେଖା - 4. The arms of a triangle.
[ ଦ୍ର—ତ୍ରିଭୁଜର ନିମ୍ନ ରେଖାକୁ ଭୂମି ବୋଲି ଯାଏ । ବାହୁଶବ୍ଦ ବହୁବ୍ରୀହି ସମାସରେ ଅନ୍ୟ ଶବ୍ଦ ସଙ୍ଗେ ଲାଗି ବିଶେଷଣ ପଦ ସୃଷ୍ଟି କରେ, ଯଥା—ସମବାହୁ, ସମଦ୍ୱିବାହୁ, ମହାବାହୁ, ଛିନ୍ନବାହୁ, ବିଷମବାହୁ, ପରାକ୍ରମବାହୁ ଇତ୍ୟାଦି ।]

**ବାହୁକ**—ସ. ବି. (ବାହୁ+କ)—୧ । ନୈଷଧ; ଋତୁପର୍ଣ୍ଣ ରାଜାଙ୍କର
**Bāhuka** ସାରଥି ବେଶଧାରୀ ନଳ ରାଜାଙ୍କର ଛଦ୍ମ ନାମ—
1. The name assumed by king Nala in the guise of a charioteer to the king of Ajodhyā.
ନଳଙ୍କ ସ ରଥ ବାହୁକ ଅଟେ ମୂର୍ଖ
କୃଷ୍ଣସିଂହ, ମହାଭାରତ- ବନ ।
୨ । କପି—2. Monkey. ୩ । ଭୃତ୍ୟ; ଦାସ—
3 Slave; servant.
ଦେ. ବି—୧ । ବାହକ; ସାରଥି—
1. Cart driver; coachman.
ବାହୁକେ ସଇଲ ରଥ କୈବର୍ତ୍ତି ସେକାଳେ
ବାହୁକ ସ୍ତ୍ରୀସେ ସେ ଦଣ୍ଡ ଧାରଣେ ଚଳିଲେ । ଉପେ. ବୈଦେହୀଶବିଳାସ ।
୨ । ନାଉରି—2. Boatman.
ନାବ ବାହୁକ ଦୟା ଦାଶ
ବ୍ରଜ ବାଳକ ବୃନ୍ଦାନେ । ଭୂପତି ପ୍ରେମପଞ୍ଚାମୃତ ।

**ବାହୁ କୁଣ୍ଠ**—ସ. ବଣ. ପୁଂ—(ବାହୁ+କୁଣ୍ଠ)—୧ । ଟେଣ୍ଟା—
**Bāhu kuntha** 1. Maimed in the hand.
(ବାହୁଲୁଣ୍ଟ - ଅନ୍ୟରୂପ) ୨ । ବକ୍ରବାହୁ—2. Of crooked hands.

**ବାହୁ(ହା,ଉ,ଆ)ଙ୍ଗା**—ଦେ. ବି. (ସ. ବାହୁ)—ଡାଳ, ନଡ଼ିଆ ଓ କଦଳୀ
**Bāhu(hā,u,ā)ngā** ଗଛର ବାହୁ ବା ଶାଖା—The bough
ବାଖଡ଼ା **छड़ा** of cocoanut, palm and plantain trees.

**ବାହୁ(ହା,ଆ,ଉ)ଙ୍ଗି**—ଦେ. ବି.—(ସ. ବହଙ୍ଗିକା)—ବାଙ୍ଗି; ଭାର ଦଣ୍ଡ;
**Bāhu(hā,ā,u)ngi** ଦୁଇ ଅଗରେ ଭାର ଝୁଲାଯାଇ କାନ୍ଧରେ ବହନ
बांगी **बहगी** କରାଯିବାର ବାଉଁଶ ଦଣ୍ଡ—An elastic piece
(ବାଙ୍ଗି—ଅନ୍ୟରୂପ) of split bamboo to carry athwart the shoulder weights suspended at both ends.

**ବାହୁଙ୍ଗି ବାଡ଼ି**—ଦେ. ବି.—ବାହୁଙ୍ଗି ଦ୍ୱାରା ପ୍ରହାର—
**Bāhungi bārdi** Blow with the bāhungi.

**ବାହୁଜ**—ସ. ବଣ.—(ବାହୁ+ଜନ୍. ଧାତୁ+କର୍ତ୍ତୃ. ଅ; ଯେଉଁ ଜାତି
**Bāhuja** ବ୍ରହ୍ମାଙ୍କ ବାହୁରୁ ଜନ୍ମି ଥିଲେ)—ବାହୁରୁ ଜାତ—Born of the arm.
ବି.—୧ । କ୍ଷତ୍ରିୟ—1. The Kshatriyas.
ବୋଇଲେ ଉପଜିଲ ଅହେ ଶତ୍ରୁବର
ବାହୁଜ କୁଳରେ କରାଁ ଅଇଲ ଏଠାର । ଉପେ. ବୈଦେହୀଶବିଳାସ ।
୨ । ଶୁକ ପକ୍ଷୀ—2. Parrot.
୩ । ସ୍ୱୟଂଜାତ ତିଳ—3. Sesamum plant growing wild.

**ବାହୁ ଟାଣ**—ଦେ. ବି.—ବାହୁ ପରାକ୍ରମ—
**Bāhu tāna** The power of one's arms.
ଅଣିଗ ହର ଯୁଦ୍ଧେ ଦେଖାଇ ବାହୁ । କୃଷ୍ଣସିଂହ ମହାଭାରତ ବନ ।
ବିଣ—ପରାକ୍ରମୀ—Strong.

**ବାହୁଟୀ**—ଦେ. ବି.—(ସ ବାହୁସ୍ଥ; ପ୍ରା. ବାହୁଟ୍ଠ)—୧ ବାହୁବନ୍ଧ—
**Bāhuti** बाहुबंध, বাউটি 1. A kind of armlet.
ବାହେ ବାହୁଟି ଯାବ ଭୂଷଣ କହିଲେ ଯାଇତ ।
**बहुँटा, बहुटनि** ଭକ୍ତଚରଣ - ମଥୁରାମଙ୍ଗଳ ।
୨ । ମନ୍ତ୍ରଦ୍ୱାରା ମନୁଷ୍ୟ ଦେହରେ ଅବସ୍ଥାପ୍ତ କରାଯିବା ଭୂତ ବା ଚଣ୍ଡୀ—2. A malignant ghost or spirit which is made to possess a human
देवी **देवी** being by magical charms.

**ବାହୁଟୀ ପେଶିବା**—ଦେ. କ୍ରି—ତାନ୍ତ୍ରିକ ମନ୍ତ୍ର ପ୍ରୟୋଗ ଦ୍ୱାରା କୌଣସି
**Bāhuti pesibā** ସ୍ଥାନରେ ବା କୌଣସି ମନୁଷ୍ୟର ଦେହରେ ଦୁଷ୍ଟ
[ବାହୁଟୀ ଲଗା(ଗେ)ଇବା—ଅନ୍ୟରୂପ) ପ୍ରେତର ବା ଚଣ୍ଡୀଙ୍କ ଅବେଶ
जादूकरा **भूतमेजना** କରାଇବା—To cause a malignant spirit to possess a human being or a place by employing black magic.
[ ଦ୍ର—ବାହୁଟୀମାନେ ଅତ୍ୟନ୍ତ ଅତ୍ୟାଚାରୀ ହୁଅନ୍ତି । ]

**ବାହୁଡ଼**—ଦେ. ବି (ସ. ବ୍ୟାବୃତ୍ତ; ପ୍ରା. ବାହୁଡ୍ଡ)—୧ । ପ୍ରତ୍ୟାବର୍ତ୍ତନ—
**Bāhurda** 1. Returning. ୨ । ଲେଉଟି ଆସିବା—
(ବାହୁଡ଼ାଣି—ଅନ୍ୟରୂପ) 2. Coming back.
बाहुड़ा; फिरा **बहुरना, लौटना** ବିଣ.—ପ୍ରତ୍ୟାବର୍ତ୍ତିତ—
Returned; come back.

**ବାହୁଡ଼ା**—ଦେ. ବି.—୧ । ବାହୁଡ଼ା ବିଜେ (ଦେଖ)
**Bāhurdā** 1. Bāhurdā bije (See)
ବଢେଇଲ ପତନ ଯେ ଥା ଚେଡ଼ି ପଛନ
ବାହୁଡ଼ାକୁ ଅପର ସେ । ଉପେ. ବୈଦେହୀଶବିଳାସ.
୨ । ପ୍ରତ୍ୟାବର୍ତ୍ତନ; ଲେଉଟି ଆସିବା—2. Coming back.
୩ । ଲେଉଟାଇବା—3. Returning; giving back.
୪ । (ପୁଂ) ଲୋକଙ୍କ ନାମ—4. A name given to males.
[ ଦ୍ର—ଏହିଶବ୍ଦ ଅନ୍ୟ ଶବ୍ଦମାନଙ୍କ ପରେ ଓ ପୂର୍ବରେ ଯୁକ୍ତ ହୁଏ ଯଥା—ଠାଆ ବାହୁଡ଼ା, ଅଣ ବାହୁଡ଼ା, ବର ବାହୁଡ଼ା, ବର-କନ୍ୟା ବାହୁଡ଼ା, ବାହୁଡ଼ା ବିଜେ, ବାହୁଡ଼ା ଦଶମୀ ଇତ୍ୟାଦି ।]
ଦେ. ବିଣ—ପ୍ରତ୍ୟାବୃତ୍ତ; ଫେର ଆସିଥିବା—Returned; come back.

ବାହୁଡ଼ା(ଡ଼େ)ଇବା—ଦେ. କ୍ରି—(ବାହୁଡ଼ିବା କ୍ରିୟାର ଣିଜନ୍ତ ରୂପ—
Bāhur̤dā(r̤de)ibā The causative form of Bāhur̤dibā)— ୧ । ଫେରାଇବା;
ବାହଡ଼़ान, **बहुराना, लौटाना** ଫେରାଇ ଆଣିବା—1. To cause to come back; to bring back.

ମୁଁ ସେତେବେଳେ ବାହୁଡ଼ାଇ
ପୁଣି ମାଗିବ ଜଂସ ଯାଇ । ଜଗନ୍ନାଥ. ଭାଗବତ ।

୨ । ଯାଇଥିବା ଲୋକଙ୍କୁ ବାଟରୁ ଫେରାଇ ଆଣିବା—
2. To bring back a person who has gone.

ବାହୁଡ଼ା ଏକାଦଶୀ—ଦେ. ବି—ଆଷାଢ଼ ଶୁକ୍ଳ ଏକାଦଶୀ; ହରିଶୟନ
Bāhur̤dā ekādasi ଏକାଦଶୀ; ବିଷ୍ଣୁଙ୍କର ଶୟନ ଯାତ୍ରା—
The 11th day of the bright fortnight of 'Āshār̤dha' in which Lord Bishnu is suppooed to sleep for four months.

ବାହୁଡ଼ା କଟକାଇ—ଦେ. ବି—ସୈନ୍ୟମାନଙ୍କ ସହିତ ଯୁଦ୍ଧ କ୍ଷେତ୍ରରୁ
Bāhur̤dā kaṭakāi ରାଜାଙ୍କର ପ୍ରତ୍ୟାଗମନ—(ପ୍ରାଚୀନ ଓଡ଼ିଆ ସନନ୍ଦ)—A king's return march from the battlefield.

ବାହୁଡ଼ା କରିବା—(ପ୍ରାଚୀନ, ମାଦଳାପାଞ୍ଜି ), କ୍ରି—ଫେରିଯିବା—
Bāhur̤dā kariba To come or go back.

ବାହୁଡ଼ା ଦଶମୀ—ଦେ. ବି—ଆଷାଢ଼ ଶୁକ୍ଳ ଦଶମୀ—The 10th day
Bāhur̤dā dasami of the bright fortnight of Āshār̤dha.

ବାହୁଡ଼ା ବର—ଦେ. ବି—ଯେଉଁ ବର ବିବାହ ପରଦିନ କନ୍ୟା ସହିତ
Bāhur̤dā bara କନ୍ୟା ଗୃହରୁ ନିଜ ଗୃହକୁ ଫେରି ଆସେ—
(ବାହୁଡ଼ା ବରକନ୍ୟା—ଅନ୍ୟରୂପ) The bridegroom who returns to his house accompanied with his newly married bride on the next day of marriage.

ବାହୁଡ଼ା ବିଜେ—ଦେ. ବି—୧ । ଗୁଣ୍ଡିଚା ଯାତ୍ରା ଶେଷରେ
Bāhur̤dā bije ଗୁଣ୍ଡିଚା ମନ୍ଦିରରୁ ବଡ଼ ଦେଉଳକୁ ଜଗନ୍ନାଥଙ୍କର
(ବାହୁଡ଼ା ବିଜୟ—ଅନ୍ୟରୂପ) ଫେରି ଆସିବା ଉତ୍ସବ—1. The
উলটারথ ceremony of the return journey of Lord
**उलटारथ** Jagannath in the car from the garden-house back to the temple. ୨ । (ରାଜାଙ୍କ ସମ୍ବନ୍ଧେ ବ୍ୟବହୃତ) କୌଣସି ସ୍ଥାନରୁ ଫେରି ଆସିବା—
2. Return journey; coming back from a place (said of a Raja).

ବାହୁଡ଼ା ବିଜୟ ଯାତ୍ରା କଲେ ଆନନ୍ଦରେ ।
ମଧୁସୂଦନ, ବାଳ ରାମାୟଣ

ବାହୁଡ଼ି—ଦେ. କ୍ରି. ବିଣ—ଲେଉଟି; ପୁଣି; ପୁନର୍ବାର—
Bāhur̤di **बहुरि** Again.

ବାହୁଡ଼ି ବିଜେ କରିଗଲେ
ଷୋଳ ସହସ୍ର ଏକ ବେଳେ—ଭୂପତି, ପ୍ରେମପଞ୍ଚାମୃତ

ବି.—(ଧ୍ୱନ୍ୟନୁକରଣ) ଢେକୁର—Eructation.

ବାହୁଡ଼ି ଦେବା—ପ୍ରାଦେ (ମେଦିନୀପୁର) କ୍ରି—ମଲା ଗାଈ ଗୋରୁଙ୍କୁ
Bāhur̤di debā ନେଇ ଗୋରୁଙ୍କ ମଶାଣୀ ପଡ଼ିଆରେ ପକାଇବା—
To throw away the carcass of dead cattle in a field at the extremity of the village.

ବାହୁଡ଼ିବା—ଦେ. କ୍ରି (ସ. ବ୍ୟାବୃତ୍ତ, ପ୍ରା. ବାହୁଟ୍ଟ)—୧ । ଫେରି
Bāhur̤dibā ଆସିବା; ପ୍ରତ୍ୟାବୃତ୍ତ ହେବା—1. To return;
বাহুড়া; ফিরা **बहुरना, लौटना** to come back.

ଦଣ୍ଡକୁ ବୁଝିମଣି ଅସ୍ତ ହେବା ଜାଣି ଜନ୍ତୁ ବାହୁଡ଼ିବା ବେଳେ ।
କବିସୂର୍ଯ୍ୟ, ସଙ୍ଗୀତ.

୨ । ଯାଉଥିବା ପଥରୁ ଫେରିଯିବା—2. To turn back.
୩ । ( ଲକ୍ଷଣାର୍ଥ ) ଶିଶୁ ଅବସ୍ଥାରେ ମୃତ ହେବା—
3. (figurative) To die in childhood.
( ଯଥା: ମୋର ୮ଟି ପିଲା ମଧ୍ୟରୁ ୨ଟି ବାହୁଡ଼ିଲେ; ସବୁ ସାନ ପିଲାଟି ଅଛି । )

ବାହୁଡ଼ୀ—ଦେ. ବି. ସ୍ତ୍ରୀ (ସ. ବାହୁଶାଳନୀ)—ଦେବୀବିଶେଷ—
Bāhur̤di [ବାହୁଡ଼ା(ଡ଼େ)ର-ଅନ୍ୟରୂପ] Name of a Goddess.

ବାହୁତୀ—ଦେ. ବି.—ସ୍ତ୍ରୀ (ସ ବାହୁମତୀ)—୧ । ଦେବୀବିଶେଷ—
Bāhuti Name of a Goddess. ୨ । ବାହୁତୀ ୨ (ଦେଖ)
2. Bāhuṭi 2 (See).

ବାହୁତ୍ରାଣ—ସ. ବି ( ବାହୁ+ତ୍ରୈ ଧାତୁ+କରଣ. ଅନ )—୧ । ଅସ୍ତ୍ର-
Bāhutrāṇa ଘାତ ନିବାରଣାର୍ଥ ବାହୁର ଲୌହମୟ ବା ଚର୍ମମୟ ଆବରଣ—1. An armour for the arm.
୨ । କବଚ—2. Armour.

ବାହୁଦନ୍ତକ—ସ. ବି ( ବାହୁ+ଦନ୍ତ+କ; ଯାହାର ଦନ୍ତ ବାହୁ ପରି
Bāhudantaka ବିଶାଳ )—ଐରାବତ—
Indra's elephant.

ବାହୁଦନ୍ତୀ—ସ. ବି—୧ । ଇନ୍ଦ୍ର—1. Indra.
Bāhudanti ୨ । ବାହୁଦନ୍ତକ ( ଦେଖ )
2 Bāhudantaka ( See ).

ବାହୁଦା—ସ. ବି—୧ । ନଦୀବିଶେଷ—
Bāhudā 1. Name of a river.
୨ । ରାଜା ପରୀକ୍ଷିତଙ୍କ ପତ୍ନୀ ( ହ୍ୱ. ଶ. )—
2. Name of the wife of King Parikshita.
ବିଣ ( ସ୍ତ୍ରୀ ) ( ଓଡ଼ିଆ କାବ୍ୟରେ ପ୍ରୟୋଗ )—ଯେ ଅନ୍ୟକୁ ନିଜର ବାହୁ ଧରିବାକୁ ବଢ଼ାଇ ଦିଏ—( a woman ) Extending her arm to another to support it.

ବହର ନର୍ମଦା ସେନ ନର୍ମଦା—ବାହୁଦା ପ୍ରବଳେ ବାହୁ ବାହୁଦା—
ଉପେନ୍ଦ୍ର, ବୈଦେହୀଶବିଳାସ ।

ବାହୁନା—ଦେ. ବି. (ସ. ବର୍ଣ୍ଣନା)—୧ । ବାହୁନିବା; ପ୍ରିୟ ବ୍ୟକ୍ତିଙ୍କୁ ବା
Bāhunā ପଦାର୍ଥକୁ ସ୍ମରଣ କରି ପାଞ୍ଚ କରି କାନ୍ଦିବା; ବିଳାପ କରିବା-
**याना** 1. To bewail a dear departed thing.
[ ଦ୍ର—କୌଣସି କୌଣସି ସମ୍ପ୍ରଦାୟରେ ଝିଅମାନେ ଶାଶୁଘରକୁ ଯିବା ପୂର୍ବେ ବାହୁନା ଶିଖନ୍ତି; ବାହୁନିବା ପ୍ରସଙ୍ଗରେ ପୌରାଣିକ ଆଖ୍ୟାନମାନ ମଧ୍ୟ ବୋଲନ୍ତି । ବର୍ଷିୟସୀମାନେ କନ୍ୟାମାନଙ୍କୁ ବାହୁନା ଶିଖାନ୍ତି । ]

୨ । ଦୋଷ ଦେଖାଇବା; ଖୁଣିବା; ଛିଅଁଉବା—2. Pointing out one's faults; cavilling at a person.

**ବାହୁନା ବାହୁନ**—ଦେ. ବ—୧ । ଦୁଇଜଣ ପରସ୍ପର ଧସ୍ତାଧସ୍ତ ହୋଇ ବାହୁନ କରି କାନ୍ଦିବା—1. Mutual bewailing. ୨ । ଦୁଇଜଣ ପରସ୍ପରକୁ ଛିଅଁଉବା—2. Mutual cavilling.
Bāhunā bāhuni
बाना बानी

**ବାହୁନିବା**—ଦେ. କ୍ରି ( ସଂ. ବର୍ଣ୍ଣ ଧାତୁ )—୧ । ଗୁଣ ବର୍ଣ୍ଣନା କରି କାନ୍ଦିବା; ଗୁଣ ସ୍ମରଣ କରି କାନ୍ଦିବା—1. To bewail. ୨ । ଭୁସେଇବା; ପରର ଦୋଷ ଦେଖାଇ କହିବା; ଖୁଣିବା—2 To cavil at.
Bāhuniba
बाना करके रोना

**ବାହୁ ପାଶ**—ସଂ. ବ (ରୂପକ; ବାହୁ+ପାଶ)—ବାହୁପାଶି (ଦେଖ)
Bāhu pāsa — Bāhupāsi (See).

**ବାହୁପାଶି**—ଦେ. ବ (ସଂ. ବାହୁପାଶ)-ପାଶରୂପେ କଳ୍ପିତ ଆଲିଙ୍ଗନକାରୀର ବାହୁ—The arms of an embracer compared to a noose.
Bāhupāsi
( ବାହୁପାଶ—ଅନ୍ୟରୂପ )
बाँहपाश
बाहु पाश
ବୃଢେ ଛାତିରେ ଯାଉଥାଇ ବର୍ତ୍ତୀକ ଗଳେ ଛଳ ବାହୁପାଶି । ଭକ୍ତ. ପ୍ରେମସୁଧାନିଧି ।

**ବାହୁପ୍ରଲ(ଲ)ମ୍ବ**—ସଂ. ବଣ. ପୁଂ (ବହୁବ୍ରୀହି; ବାହୁ+ପ୍ରଲମ୍ବ)—ଅଜାନୁଲମ୍ବିତବାହୁ—Having long hands.
Bāhupra la(la)mba
[ବାହୁପ୍ରଲ(ଲ)ମ୍ବା—ସ୍ତ୍ରୀ]

**ବାହୁପ୍ଲବନ**—ସଂ. ବ (୩ୟା ତତ୍)—ହସ୍ତଦ୍ୱାରା ସନ୍ତରଣ କରିବା କ୍ରିୟା—The act of swimming with the help of the hands only.
Bāhuplabana
ବାହୁପ୍ଲବନରେ କେତେଦୂର ଯିବା ଅଲଭ ନାହିଁ ଅର୍ଣ୍ଣବେ ଯେ । ଉକ୍ତ. ବୈଦେହୀଶବିଳାସ ।

**ବାହୁବନ୍ଦ(ନ୍ଦି)**—ଦେ. ବ ( ବଳିଆ ଶବ୍ଦ )—ଡେଣାରେ ପିନ୍ଧାଯିବା ସୁନା ବା ରୁପାରୁ ବାହୁଜାତୀୟ ଅଳଙ୍କାରବିଶେଷ—A kind of silver or gold ornament worn on the arm.
Bāhubanda(ndi)

**ବାହୁବଳ**—ସଂ. ବ (୬ଷ୍ଠୀ ତତ୍; ବାହୁ+ବଳ)—୧ । ମନୁଷ୍ୟର ବାହୁର କ୍ଷମତା; ଭୁଜବଳ—1. The force of one's arm; prowess. ୨ । ଶାରୀରିକ ଶକ୍ତି—2. Bodily strength. ୩ । ରାଜବଳ—3. The might of a powerful king or warrior. ୪ । ସୈନ୍ୟବଳ—4. Armed power.
Bāhubala

**ବାହୁବାହବି**—ସଂ. କ୍ରି. ବଣ (ବାହୁ+ବାହୁ+ଇ)—୧ । ବାହୁ ଯୁଦ୍ଧ—1. Hand to hand fight. ୨ । ଭୁସ୍ତାଭୁସ୍ତି—2. Wrestling.
Bāhubāhabi

**ବାହୁଭୂଷଣ**—ସଂ. ବ (୬ଷ୍ଠୀ ତତ୍, ବାହୁ+ଭୂଷଣ)—ବାହୁର ଅଳଙ୍କାର—An ornament for the arm.
Bāhubhūshana
(ବାହୁଭୂଷା—ଅନ୍ୟରୂପ)

**ବାହୁମୂଳ**—ସଂ. ବ (୬ଷ୍ଠୀ ତତ୍; ବାହୁ+ମୂଳ)—୧ । ବଗଲ; କାଖସନ୍ଧି—1. Armpit. ୨ । ଡେଣା—2. The root of the arm.
Bāhumūla

**ବାହୁଯୁଦ୍ଧ**—ସଂ. ବ (୩ୟା ତତ୍; ବାହୁ+ଯୁଦ୍ଧ)—ଦୁଇ ଜଣଙ୍କର ମଲ୍ଲଯୁଦ୍ଧ; ଭୁସ୍ତାଭୁସ୍ତି—Hand to hand fight; wrestling.
Bāhujuddha

**ବାହୁଳ**—ସଂ. ବ (ବହୁଳ+ଭାବ. ଅ)—୧ । ବହୁଳତା—Excess. ୨ । (ବହୁଳା=କୃତ୍ତିକାନକ୍ଷତ୍ରଯୁକ୍ତା ପୂର୍ଣ୍ଣିମା +ଅ)—କାର୍ତ୍ତିକ ମାସ—2. The month of 'Kārttika. ୩ । (ବହୁଳ=ଅଗ୍ନି+ସ୍ୱାର୍ଥେ. ଅ) ଅଗ୍ନି—3. Fire.
Bāhula
ବାହୁଳ ପ୍ରାୟେ ତପସ୍ୱୀ ଜଳଲେ – ଉକ୍ତ. ବୈଦେହୀଶବିଳାସ ।
୪ । ବାହୁତ୍ରାଣ—4. A mail to protect the arms.

**ବାହୁଳଗ୍ରୀବ**—ସଂ. ବ (ବହୁବ୍ରୀହି)—ମୟୂର (ହୃ. ଶ.)—Peacock.
Bāhulagriba

**ବାହୁଲତା**—ସଂ. ବ (ରୂପକ, ବାହୁ+ଲତା)—୧ । କୋମଳ ଲତାରୂପ ବାହୁ—1. Arms tender as a creeper; entwining arms. ୨ । ବାହୁପାଶି ( ଦେଖ ) Bāhupāsi (See).
Bāhulatā

**ବାହୁଳେୟ**—ସଂ. ବ ( ବହୁଳ=କୃତ୍ତିକା ନକ୍ଷତ୍ର+ଅପତ୍ୟାର୍ଥେ. ଏୟ )—ଷଡ଼ାନନ; କାର୍ତ୍ତିକେୟ—Kārttikeya.
Bāhuleya

**ବାହୁଲ୍ୟ**—ସଂ. ବ ( ବହୁଳ+ଭାବ. ଯ )—୧ । ବହୁଳତା; ଅଧିକ୍ୟ; ଅତିଶଯ୍ୟ—1. Excess; multiplicity; abundance. ୨ । ଅତିଶୟୋକ୍ତି—2. Exaggeration.
Bāhulya

**ବାହୁଲ୍ୟ ଭୟ**—ସଂ. ବ. ( ୬ଷ୍ଠୀ ତତ୍ )—ଅତିଶୟୋକ୍ତିର ଆଶଙ୍କା—Fear of exaggeration.
Bahulya bhaya

**ବାହୁଶୂର**—ସଂ. ବ.—ପ୍ରକୃତରେ ବା କାର୍ଯ୍ୟତଃ ଯାହ; ଯେଉଁ ବ୍ୟକ୍ତି ବାହୁଦ୍ୱାରା ନିଜର ଶୌର୍ଯ୍ୟ ଦେଖାଏ—A person who shows his bravery by his arms (and not by words.)
Bāhusūra
(ବଚନଶୂର—ବିପରୀତ)

**ବାହୁ ସହସ୍ର**—ଦେ. ବ. (ନାମ)—ସହସ୍ରାର୍ଜୁନ; ବାଣାସୁର—Bāṇāsura.
Bāhu sahasra
बाहु हजार

**ବାହୁସ୍ଫୋଟ**—ସଂ ବ.—(୬ଷ୍ଠୀ ତତ୍; ବାହୁ+ସ୍ଫୋଟ)—ମଲ୍ଲ ବା ଯୋଦ୍ଧାମାନଙ୍କର ବାହୁରେ କରତଳାଘାତଜନିତ ଶବ୍ଦ; ବାହୁଦ୍ୱୟକୁ ଗୁଞ୍ଜୁଡ଼େଇବା—Striking of one arm with the other hollowed palm producing a loud sound.
Bāhu sphota
ବାହୁବସ୍ଫୋଟ, ବାହାସ୍ଫୋଟ, ବାହୁସ୍ଫୋଟକ } ଅନ୍ୟରୂପ

**ବାହେଲ୍(ଲି)** (ଇତ୍ୟାଦ)—ବୈଦେ. ବ. ଓ ବଣ—ବାହାଲ୍ ଇତ୍ୟାଦ (ଦେଖ)—Bāhāl (etc) (See).
Bāhel(li) (etc)
[ବାହାଲ୍ (ଲ)—ଅନ୍ୟରୂପ]

**ବାହ୍ନି**—ପ୍ରାଦେ (ସମ୍ବଲପୁର) ବ—ଝାଡୁଣିମୁଠା; ଖଡ଼ିକା ମୁଠା—Broomstick.
Bāhni

**ବାହ୍ମୁଣ**(ଇତ୍ୟାଦ)—ଗ୍ରା. ବ—ବ୍ରାହ୍ମଣ ଇତ୍ୟାଦ (ଦେଖ)—Brāhmaṇa etc (See).
Bāhmuṇa (etc)
बामुन बामहन
(ବାହ୍ମୁଣୀ, ବାହ୍ମୁଣିଆଣୀ—ସ୍ତ୍ରୀ)

ବାହ୍ୟ—ସଂ. ବଣ—୧ । ( ବହ୍ ଧାତୁ+କର୍ମ. ଯ)—ବହନଯୋଗ୍ୟ;
Bāhya ବହନୀୟ—1 To be carried; bearable.
୨ । (ବହିଃ+ଯ) ବହିସ୍ଥ—2. External.
୩ । ବହିର୍ଦ୍ଦେଶରେ ସ୍ଥିତ—3 Situated outside.
ବି—୧ । ଯାନ; ବାହନ—1. Conveyance.
୨ । ଭାରବାହୀ ପଶୁ—2. A beast of burden.
ଦେ. ବି—ବହିର୍ଦ୍ଦେଶ—Outskirts; exterior
[ ଦ୍ର—ଏହି ବାହ୍ୟ ଶବ୍ଦର ବିଶେଷ୍ୟ ଅର୍ଥରେ ପ୍ରାଚୀନ ସଂସ୍କୃତରେ ବ୍ୟବହାର ନାହିଁ; କିନ୍ତୁ ପରବର୍ତ୍ତୀ ରାଜତରଙ୍ଗିଣୀ ଆଦି ସଂସ୍କୃତ ଗ୍ରନ୍ଥମାନଙ୍କରେ ଏହାର ପ୍ରୟୋଗ ଦେଖାଯାଏ । ]

ବାହ୍ୟ ଜ୍ଞାନ—ସଂ. ବି—ବାହାର ବସ୍ତୁର ଅନୁଭୂତି—The know-
Bāhya jnāna ledge or perception of external objects.

ବାହ୍ୟ ଜ୍ଞାନ ଶୂନ୍ୟ—ସଂ. ବଣ.—ଆପଣାର ଚାରିପାଖେ ଥିବା ବସ୍ତୁ
Bāhya jnāna śūnya ସମ୍ବନ୍ଧେ ଜ୍ଞାନରହିତ; ବେହୋସ୍—
Unconcious of outside matters; completely insensible to what occurs. ୨ । ଅନ୍ତରର ଧ୍ୟାନଯୋଗୁଁ ବାହାରରେ ଚେତା ବୁଡ଼ିଥିବା—
2. Quite absorbed in an introspective contemplation.

ବାହ୍ୟପଟ(ଟୀ)—ସଂ. ବି.—ରଙ୍ଗମଞ୍ଚର ବହିରାବରଣ ପରଦା (ହି. ଶ)—
Bāhyapaṭa(ṭi) Dropscene.

ବାହ୍ୟବସ୍ତୁ —ସଂ. ବି—(କର୍ମଧା; ବାହ୍ୟ+ବସ୍ତୁ)—ମନୁଷ୍ୟର ବାହାରେ
Bāhya bastu ବା ଚାରିଅଡ଼େ ଥିବା ପଦାର୍ଥସମୂହ—
External things; environments; surroundings.

ବାହ୍ୟବିଦ୍ରଧି—ସଂ. ବି—ଏକ ପ୍ରକାର ବ୍ରଣ ରୋଗ, ଯହିଁରେ ଶରୀରର
Bāhyabidradhi ସ୍ଥାନ ବିଶେଷରେ ଫୁଲା ଓ ପୀଡ଼ା ହୁଏ ଓ ରୋଗୀର ମୁହଁ ବାଟେ ବା ଗୁହ୍ୟ ଦ୍ୱାର ବାଟେ ପୂଜ ବାହାରେ—
A kind of dangerous internal boil.

ବାହ୍ୟଭ୍ୟନ୍ତର—ସଂ. ବି—ପ୍ରାଣାୟାମ ବିଶେଷ (ହି. ଶ)—
Bāhyabhyantara A kind of breath control.
ଦେ. ବି—ଦେହର ବହିର୍ଭାଗ ଓ ଅନ୍ତର୍ଭାଗ—
The outside and inside of the body.

ବାହ୍ୟମାନ—ସଂ ବଣ. ପୁଂ—(ବହ୍ ଧାତୁ ଣିଚ୍. ବାହି ଧାତୁ+ କର୍ମ.
Bāhyamāna ଅନ )—ନୀୟମାନ; ଯାହାକୁ ବହନ କରାଯାଉ
(ବାହ୍ୟମାନା—ସ୍ତ୍ରୀ) ଅଛି—Being carried or borne.

ବାହ୍ୟ ରତି—ଦେ. ବି—ଆଲିଙ୍ଗନ; କୋଳ କରିବା—
Bāhya rati Embrace.

ବାହ୍ୟ ରତି ଏହୁକଣି କରିବେ କୋଳ ।
ଉପେ. ବୈଦେହୀଶବିଳାସ ।

ବାହ୍ୟାଚରଣ—ସଂ. ବି—( କର୍ମଧା; ବାହ୍ୟ +ଆଚରଣ )—ଲୋକଙ୍କୁ
Bāhyācharaṇa ଦେଖାଇବାପାଇଁ କରାଯିବା ଆଚରଣ (ହି.ଶ).
Conduct intended for outward show.

ବାହ୍ୟାନ୍ତେ—ଦେ. ଅ (ସଂ. ବହିଃ+ଅନ୍ତର୍)—ବାହାରେ ଓ ଭିତରେ—
Bāhyānte Externally and internally.
ବାହ୍ୟାନ୍ତରେ
ବାହ୍ୟାଭ୍ୟନ୍ତରେ } ଅନ୍ୟରୂପ

ସପତ ଛନ୍ଦ ଧାତୁ ସେତେ
ଦେହରେ ବସେ ଯା ବାହ୍ୟାନ୍ତେ ।
ଜଗନ୍ନାଥ. ଭାଗବତ ।

ବାହ୍ୟାୟାମ—ସଂ. ବି—ବାୟୁରୋଗ ବିଶେଷ, ଯହିଁରେ ପିଠିର ଶିରା
Bāhyāyāma ଟେଣ୍ଟା ହୁଏ ଓ ଦେହ ପିଠି ଆଡ଼କୁ ନୁଏଁ; ଧନୁଷ୍ଟମ୍ଭ ରୋଗ—A kind of tetanus.

ବାହ୍ୟିକ—ଗ୍ରା. ବଣ—ବାହ୍ୟ; ବହିସ୍ଥ —
Bāhyika External.
[ ଦ୍ର—ଏହି ଶବ୍ଦର ପ୍ରୟୋଗ ଅର୍ବାଚୀନ ଗ୍ରନ୍ଥମାନଙ୍କରେ ଓ ନବ୍ୟ ଲେଖକମାନଙ୍କ ଲେଖାରେ ଲକ୍ଷିତ ହୁଏ; କିନ୍ତୁ ଏହା ଅଶୁଦ୍ଧ ପ୍ରୟୋଗ ଅଟେ । ଏହାର ଶୁଦ୍ଧ ଆକାର ବାହ୍ୟ; 'ବାହ୍ୟ' ବିଶେଷଣ ଶବ୍ଦରେ ପୁଣି 'ଇକ' ବିଶେଷଣ ପ୍ରତ୍ୟୟ ବ୍ୟାକରଣବିରୁଦ୍ଧ । ]

ବାହ୍ୟେନ୍ଦ୍ରିୟ—ସଂ. ବି—( କର୍ମଧା; ବାହ୍ୟ+ଇନ୍ଦ୍ରିୟ )—ବାହାରର ପଞ୍ଚ
Bāhyendriya ଜ୍ଞାନେନ୍ଦ୍ରିୟ—The external organs of sense.
[ ଦ୍ର—ଚକ୍ଷୁ, କର୍ଣ୍ଣ, ନାସିକା, ଜିହ୍ୱା ଓ ତ୍ୱକ୍ ଏହି ପାଞ୍ଚଗୋଟିକୁ ବାହ୍ୟେନ୍ଦ୍ରିୟ କୁହାଯାଏ । ]

ବାହ୍ଲି(ହ୍ଲୀ)କ—ସଂ. ବି—(ବଲ୍ହ୍ ଧାତୁ=ପ୍ରାପ୍ତି ପାଇବା +କର୍ତ୍ତୃ.ଇକ)—
Bālhi(lhī)ka ୧ । ତାତାର ସାମ୍ରାଜ୍ୟର ଦେଶବିଶେଷ; ବଲ୍ଖ ପ୍ରଦେଶ; ବଲ୍ଖ ଦେଶ—1 Balk; a country in Tartar. ୨ । ଗନ୍ଧର୍ବବିଶେଷ—2. Name of a heavenly chorister. ୩ । ବଲ୍ଖ ଦେଶୀୟ ଅଶ୍ୱ—
3. A horse of the Balk country. ୪ । କୁଙ୍କୁମ—
4. Saffron. ୫ । ହେଙ୍ଗୁ—5 Asafœtida.

ବି—ସଂ. ବି—(ବେ ଧାତୁ=ବିସ୍ତାର କରିବା+ସଜ୍ଞାର୍ଥେ. କର୍ତ୍ତୃ. ଇ)—
Bi ୧ । ଆକାଶ—1. The sky. ୨ । ସ୍ୱର୍ଗ—2. Heaven.
୩ । ପକ୍ଷୀ—Bird. ୪ । ( +କର୍ମ. ଇ ) ଚକ୍ଷୁ—
4. Eye.
(ଉପସର୍ଗ)—(ଅନ୍ୟ ଧାତୁ ଓ ଶବ୍ଦ ପୂର୍ବେ ଯୁକ୍ତ ହେଲେ)—
ଅବ୍ୟୟ—୧ । ସମ୍ୟକ୍ ବା ବିଶିଷ୍ଟ—1. Special, much, excellent.
(ଯଥା—ବିଜ୍ଞାନ; ବିଶୁଦ୍ଧ ।)
୨ । ବିପରୀତ; ବିରୁଦ୍ଧ—2. Adverse; opposed; opposite.
(ଯଥା—ବିପକ୍ଷ; ବିବାଦ; ବିଜାତି; ବିକ୍ରୟ ।)
୩ । ବିହୀନ; ବିରହିତ; ଶୂନ୍ୟ—3. Devoid of.
(ଯଥା—ବିଦେଶ; ବିକର୍ଣ୍ଣ ।)
୪ । ବିକୃତ—4. Faded (in colour); transformed.
(ଯଥା —ବିବର୍ଣ୍ଣ ।)
୫ । ଅଭାବ—5. Want; absence.
(ଯଥା— ବିରତ; ବିଶମ ।)

୬ । ବହୁ; ନାନା—6. Many; various.
(ଯଥା—ବିବଧ, ବିଗ୍ରହ ।)
୭ । ପରସ୍ପର—7. Mutual.
(ଯଥା—ବିବାଦ ।)
୮ । ନିଶ୍ଚିତ—8. Certain.
(ଯଥା—ବିଶେଷ; ବିବୃତି ।)
୯ । ସମ୍ପୂର୍ଣ୍ଣରୂପେ—9. Completely.
(ଯଥା—ବିସର୍ଜ; ବିଶ୍ୱାସ; ବିକ୍ଷିପ୍ତ ।)
୧୦ । ବିଗତ—10. Parted with; past.
( ଯଥା—ବିନଷ୍ଟ । )
୧୧ । ଭିନ୍ନ—11. Separated; different.
( ଯଥା—ବିଦେଶ । )
୧୨ । ନିଷିଦ୍ଧ—12. Forbidden.
( ଯଥା ବିକର୍ମ । )

**ଓ ଭୀ** ଦେ. ଅ. ( ସ. ଅପି )—୧ । ଅପି; ସୁଦ୍ଧା; ମଧ୍ୟ—1. Even.
( ଯଥା—କର୍ମକୁ ଏହା ବ ଘଟିଲା । )
୨ । ଅପିତ; ଅଧିକନ୍ତୁ ମଧ୍ୟ—2. Also.
ତୁମେ ବ ମୋ ସଙ୍ଗରେ ଯିବ—ମଧୁସୂଦନ. ଉତ୍ତରରାମଚରିତ ।
୩ । ଏବଂ—3. And.
( ଯଥା—ସେଠାକୁ ମୁଁ ଯିବି, ତୁମେ ବ ଯିବ । )
( କ୍ରିୟାର ଭବିଷ୍ୟତ୍ ପ୍ରତ୍ୟୟ ) ( ସ. ସ୍ୟାମି )—ଭବିଷ୍ୟତ୍‌କାଳ ଉତ୍ତମ ପୁରୁଷ ଏକବଚନରେ କ୍ରିୟାରେ ଲାଗିବା ଅଙ୍ଗ—
An inflection added to a verb in future tense, first person, singular number.
( ଯଥା—କରିବି, ଯିବି ଇତ୍ୟାଦି । )
( ସାଙ୍କେତିକ )—ବିଶେଷ୍ୟର ସାଙ୍କେତିକ—
An abbreviation for the word Biseshya or noun.
[ ଦ୍ର—ଭାଷାକୋଷରେ ଶବ୍ଦମାନଙ୍କୁ ଚିହ୍ନାଇବା ପାଇଁ ଏହି ସାଙ୍କେତିକ ବ୍ୟବହୃତ ହୋଇଅଛି । ]

**ବି ବୀ** ବୈଦେ. ( ଇଂ. ) ( ସାଙ୍କେତିକ )—ଏହି 'ବ' ଅକ୍ଷର ଇଂରାଜୀ ବାଚେଲର୍ ବା ଅବିବାହିତ ବ୍ୟକ୍ତିର ସାଙ୍କେତିକ—
B; an abbreviation for Bachelor in the English language.
[ ଦ୍ର—ଯେଉଁମାନେ ପ୍ରବେଶିକା ( ମାଟ୍ରିକ୍ୟୁଲେସନ୍ ) ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇ ବିଶ୍ୱବିଦ୍ୟାଳୟର ପ୍ରଥମ (ଫାର୍ଷ୍ଟ) ପରୀକ୍ଷା ପାଶ୍ କରିବା ପରେ ଦ୍ୱିତୀୟ ପରୀକ୍ଷାରେ ପାଶ କରନ୍ତି ବା ଗ୍ରାଜୁଏଟ୍ ହୁଅନ୍ତି ସେମାନଙ୍କୁ ଇଂରାଜୀରେ ବାଚେଲର୍ ବା ସଂକ୍ଷେପରେ 'ବି' (B) ଉପାଧି ଦିଆଯାଏ । ବିଶ୍ୱବିଦ୍ୟାଳୟର ଯେଉଁ ବିଭାଗରେ ଛାତ୍ର ପଢ଼ି ପାଶ କରେ, ବି. (B) ଅକ୍ଷର ସଙ୍ଗେ ସେହି ବିଭାଗର ସାଙ୍କେତିକ ଅକ୍ଷର ଯୋଗ କରାଯାଏ । ଯଥା—ବି.ଇ. ( B. E. ) ବାଚେଲର୍ ଇନ୍ ଇଞ୍ଜିନିୟରିଙ୍ଗ୍ (ବାସ୍ତୁକମିସ୍ତ୍ରୀ ବିଭାଗ ) । ବି. ଏ. ( B. A. ) ବାଚେଲର୍ ଇନ୍ ଆର୍ଟସ୍ ( ସାଧାରଣ ଶିକ୍ଷା ) । ବି. ଇଡ. ('B. Ed.) ବାଚେଲର୍ ଇନ୍ ଏଡୁକେସନ୍ ( ଶିକ୍ଷା ) । ବି. ଏସ୍‌ସି. ( B. Sc. ) ବାଚେଲର୍ ଇନ୍ ସାଏନ୍ସ ( ବିଜ୍ଞାନ ) । ବି. ଏଲ୍. ( B. L. ) ବାଚେଲର୍ ଇନ୍ ଲ ( ଆଇନ୍ ) । ବି. ଏମ୍. ( B. M. ) ବାଚେଲର୍ ଇନ୍ ମେଡିସିନ୍ ବା ବାଚେଲର୍ ଇନ ମିଉଜିକ ( ଚିକିତ୍ସା ବା ସଙ୍ଗୀତ ବିଦ୍ୟା ); ( ସାଧାରଣତଃ ଏହା M. B. ଲେଖାଯାଏ ) । ବି. ଡି. ( B. D. ) ବାଚେଲର୍ ଇନ୍ ଡିଭିନିଟୀ ( ଧର୍ମଶାସ୍ତ୍ର ) । ବି. ଏସ୍. ( B. S. ) ବାଚେଲର୍ ଇନ୍ ସର୍ଜରୀ ( ଅସ୍ତ୍ର ଚିକିତ୍ସା ) । ]

**ବି** ( ଧାତୁ )—ସ—ଗମନ କରିବା; ଗତି କରିବା—
Bi ( root ) To go; to move.

**ବିଅଁ**—ଦେ. ବି—୧ । ମନ୍ଦୁରୀ ବା ବେଁତ ବୁଣିବା ପାଇଁ ବ୍ୟବହୃତ ବାଉଁଶ ଦଉଡ଼ିକୁ ଯଥାସ୍ଥାନରେ ରଖିବା ନିମନ୍ତେ ଘରଯୁକ୍ତ ଦଣ୍ଡ—
Bian 1. The long pole graduated to regulate the strings while weaving a mat.
वमशिरा ୨ । କଟିଠାରୁ ବେକମୂଳ ପର୍ଯ୍ୟନ୍ତ ଥିବା ଅସ୍ଥି; ବେଙ୍ଗ
रीडकी हड्डी ଶିରୀ ହାଡ଼—2. Backbone.
ବିଅଁ ମାଡ଼ିଲେ ବ୍ରାହ୍ମଣ ଯେବେ ଯାଏ
ନରକେ ସେ ଜନ୍ମ ଯାଏ ପଡ଼ିଥାଏ—କୃଷ୍ଣସିଂହ. ମହାଭାରତ. ଶାନ୍ତି ।

**ବିଅନ୍ତ(ନ୍ତି)କ ମଣିଷ**—ଗ୍ରା. ବି. ସ୍ତ୍ରୀ—ପୋଷାତୀ ସ୍ତ୍ରୀ; ପ୍ରସୂତା; ଅଳ୍ପଦିନ ହେଲା
Bianta(nti)ka manisha ସନ୍ତାନ ପ୍ରସବ କରିଥିବା ସ୍ତ୍ରୀ ଲୋକ.
विग्रस्त प्रसूती A woman who has recently given birth to a child.
[ବିଅ(ଅଁ)ତ(ତି)କ—ଅନ୍ୟରୂପ]

**ବିଅର୍**—ବୈଦେ ( ଇଂ. )—ଏକପ୍ରକାର ହାଲୁକା ମଦ; ଯବଧାନରୁ
Biar विग्रार वीर ପ୍ରସ୍ତୁତ ମଦ୍ୟ—Beer.
( ବିଅର ସବ୍ଧ, ବୀର ସବ୍ପ—ଅନ୍ୟରୂପ )

**ବିଅର୍ଥ**—ଦେ. ବିଣ ( ସ. ବ୍ୟର୍ଥ )—ବ୍ୟର୍ଥ; ବୃଥା; ପଣ୍ଡ—Fruitless;
Biartha वीर्थ व्यर्थ vain; unnecessary.
ସେ ଶ୍ରମେ ଯେତେ କାର୍ଯ୍ୟ କରେ
ବିଅର୍ଥ ସବୁ ଜାଣ ଭଲେ—ଜଗନ୍ନାଥ, ଭାଗବତ ।
କ୍ରି. ବିଣ—ବିଅର୍ଥେ ( ଦେଖ )—Biarthe (See)

**ବିଅର୍ଥେ**—ଦେ. କ୍ରି. ବି. (ସ. ବ୍ୟର୍ଥ)—ବୃଥା—
Biarthe ବୃଥାୟ नाहक In vain.
ବିଅର୍ଥେ ଏତେ କଷ୍ଟ ଉଅଛି ମୋ ଧନ—କବିସୂର୍ଯ୍ୟ, ଉତ୍କଳଭ୍ରମଣ, ବ ଗୀତ ।

**ବିଆ(ୟା)**—ଗ୍ରା. ବି. ( ଅଶ୍ଳୀଳ ) ( ସଂ. ପାୟୁ=ଗୁହ୍ୟଦ୍ୱାର; ସଂ. ବୀ
Bia(ya) ଧାତୁ=ଗର୍ଭ ଗ୍ରହଣ କରିବା, ଉତ୍ତେଜନା କରିବା; କମ୍ପ,
गुद बुर ସଂ. ଯୋନ୍ୟାଧାର; ଯୋନିଜନନ=ବିଆଣ)—ସ୍ତ୍ରୀ ଜନନେନ୍ଦ୍ରିୟ—
Female generative organ, vagina.

**ବିଆଁ**—ଦେ. ବି (ସ. ବୀ ଧାତୁ=ଗର୍ଭ ଗ୍ରହଣ କରିବା; ବି+ଜନ୍ ଧାତୁ)—
Bian वियान विग्राना ବେଇବା; ପ୍ରସବ କରିବା; ବିୟାଣ—
Act of giving birth; confinement; being delivered of a child.

**ବିଅଁତକ**—୧ । ପ୍ରାଦେ. (ପୁରୀ) ବି. ସ୍ତ୍ରୀ—କୌଣସି ସନ୍ତାନର ଜନ୍ମଦାତ୍ରୀ
Biantaka ବିଗ୍ରସ୍ତ ସ୍ତ୍ରୀ; ଜନୟିତ୍ରୀ—1. A woman who has
विग्राह हुई given birth to a particular child.
୨ । ପ୍ରାଦେ (ଗଞ୍ଜାମ ଓ ଗଡ଼ଜାତ) ବି. ସ୍ତ୍ରୀ—ରାଜାନ୍ତଃପୁରର ଯେଉଁ ଦାସୀ ରାଜାଙ୍କ ଔରସରେ ଗର୍ଭବତୀ ବା ସନ୍ତାନବତୀ

ହୁଏ—2. The maid servant in the harem of a Rājā who is his mistress and becomes a mother.
୩ । ଅଳ୍ପ ଦିନ ହେଲା ସନ୍ତାନ ପ୍ରସବ କରିଥିବା ସ୍ତ୍ରୀ; ପୋଷାତି ସ୍ତ୍ରୀ—3. A woman who has been recently delivered of a child.

**ବିଅଇବା**—ଗ୍ରା. ( ଇତର ) କ୍ରି. ( ସଂ. ବି ଧାତୁ=ଗର୍ଭଧାରଣ କରିବା; Biāibā କମ୍ଭା ପ୍ରଥମ ଦୁଇ ଅକ୍ଷରବିଶିଷ୍ଟ ଶବ୍ଦରୁ ଗଠିତ ନାମ ବିয়ান **বিয়ানো** ଧାତୁ)—ବେଇବା (ଦେଖ)—Beibā ( See ) [ ବିଏଇବା, ବିଆଇବା, ବିଆଇ ପକା(ଢେ)ଇବା—ଅନ୍ୟରୂପ ]

**ବିଆଜ**—ଦେ. ବି. ( ସ. ବ୍ୟାଜ )—
Biāja ୧ । ବ୍ୟାଜ; ଛଳ; କପଟ—1. Excuse.
বেয়াজ ୨ । ଋଣ ଲଗିବା ଟଙ୍କାର ସୁଧ—2. Interest on
**बियाज** money invested on loan.
ହୁଦ୍ଦ ନ ଦାଅନ୍ତି ପିଅଜ, ପଠାଣ ନ ଖାଅନ୍ତି ବିଆଜ—ତ୍ରଗ ।
[ ଦ୍ର—ମୁସଲମାନଙ୍କ ଶାସ୍ତ୍ରରେ ଟଙ୍କା ସୁଦରେ ଖଟାଇବା ନିଷିଦ୍ଧ । ]

**ବିଆଜ ଖାଇବା**—ଦେ. କ୍ରି—ମହାଜନ ଟଙ୍କାର ସୁଧକୁ ଭୋଗ କରିବା ବା Biāja khāibā ଗ୍ରହଣ କରିବା—To take or enjoy the
বেয়াজ খাওয়া interest on money lent.
**बियाज खाना**

**ବିଆଜ ଖୋର୍**—ଦେ. ବି—ଯେ ବେଶି ସୁଧ ନିଏ—
Biāja khor সুদ খোর **सुद् खोर** Usurer.
(ବିଆଜ ଖୋରି—କର୍ମବାଚକ ବିଶେଷ୍ୟରୂପ)

**ବିଆଣ**—ଗ୍ରା. ( ଇତର ) ବି. ( ସଂ ବି ଧାତୁ=ଗର୍ଭ ଗ୍ରହଣ କରିବା;
Biāṇa କମ୍ଭା ସଂ. ବିଜନନ )—
বিয়ান ୧ । ଜନନ କ୍ରିୟା; ବେଇବା; ସନ୍ତାନ ପ୍ରସବ କରିବା—
**बियाना** 1. Giving birth; act of delivery of a child.
ବିଆଣ ଦଶ ଦିନ ନ ସିବାର ଗାଈ
ନାରୀ, ମେଣ୍ଢୀ, ଗର୍ଦ୍ଦଭୀ, ମୃଗୀ, ଛାଗୀ ଏହି
କ୍ଷୁଧେମାନ ଅପେୟ ଅଟେ ବ୍ରାହ୍ମଣର
ପିଇଲେ ଦୋଷ ନଷ୍ଟେ ହୁଏ ନରବର । କୃଷ୍ଣସିଂ ମହାଭାରତ, ଶାନ୍ତି ।
୨ । ସନ୍ତାନ ସନ୍ତତି—2 Offspring.
( ଯଥା—ତାର ଘୁସୁରି ବିଆଣ ଘର ଘରିଦ ମାଡ଼ି ଯାଉଛନ୍ତି । )

**ବିଆଣ ଦୁଆର**—ଗ୍ରା. ବି ( ସ. ବିଜନନ ଦ୍ୱାର )—
Biāṇa duāra ପ୍ରସବ ଦ୍ୱାର; ଯୋନି ମୁଖ—The vaginal
পিসাব দ্বার **पेशाब मार्ग** (ବିଆଣ ମୁହ—ଅନ୍ୟରୂପ) orifice.

**ବିଆଣୀ**—ଦେ. ବିଣ. ସ୍ତ୍ରୀ. ( ସ. ବିଜନୟିତ୍ରୀ )—ପ୍ରସବକାରିଣୀ—
Biāṇi Bringing forth children.
(ବିଆଣିଆଁ—ଅନ୍ୟରୂପ) [ ଦ୍ର—ଏହା ଅନ୍ୟ ଶବ୍ଦ ସଙ୍ଗେ ବ୍ୟବହୃତ
বিয়ানী ହୁଏ । ଯଥା—ବରଷ ବିଆଣୀ, ଏକ ବିଆଣୀ ଇତ୍ୟାଦି । ]
**बियानी**

**ବିଆଲି**—ଦେ. ବି. (ସ. ଶୀଘ୍ର ଧାନ୍ୟ=ଆଶୁ ଧାନ୍ୟ )—
Biāḷi ଆଶୁ ଧାନ୍ୟ; ଶୀଘ୍ର ଫଳିବା ଏକ ପ୍ରକାର ଧାନ—
আউস ধান The Aus paddy; the early paddy;
**साठी, आउस** autumn paddy.
[ ଦ୍ର—ଏହା ବୁଣା ହେବାର ତିନ ମାସ ମଧ୍ୟରେ ପାଚେ । ଏ ଧାନ ବର୍ଷା ଦିନରେ ବୁଣା ହୋଇ ଶରତ୍‌କାଳ ପୂର୍ବରୁ ପାଚେ । ଏ ଧାନ ନିକୃଷ୍ଟ ଓ ଟିପ ଜମିରେ ହୁଏ, ଏହା ଦୁଇ ପ୍ରକାର ଯଥା—
୧. (ଲଘୁ) ଷାଠିଆ, ଦୁଧସରୀ, କଳାସୁର, କଥଲ, ଡାଙ୍ଗୁଆ ।
୨. ବଡ଼) ବଙ୍କି, ଇଙ୍କି, ମାଣ୍ଡିଆ, କାଳିଦା, ପାଙ୍କଚିଆ, ଗୋବର୍ତ୍ତ, ବାଲବକଳ, କବା, କଖାରୁଆ, ଚମ୍ପା, ଗୁହଲ, ଛାବେଇ, ଗ୍ରିଅଳ । ]

**ବି. ଇ**—ବୈଦେ. (ଇଂ) (ସାଙ୍କେତିକ)—ବି ତଳେ ନୋଟ୍ ଦେଖ—
Bi. i See notes under 'Bi'.
বি ই **बी इ** ଇଞ୍ଜିନିୟରିଂ ପାଶ କରିଥିବା ଉପାଧି—B. E.

**ବିଇଞ୍ଚି**—ଦେ. ବି. ( ସଂ. ବିଚର୍ଚ୍ଚିକା )—ଦେହରେ ଫଳିଯିବା ଏକ
Bi-iñchi ପ୍ରକାର କୁଣ୍ଡିଆ—Running scab; exima;
পামা **बेवांचि, खर्रा** eczema.

**ବି-ଇନ**—ଦେ. ବି. (ବି=ପକ୍ଷୀ+ଇନ=ଶ୍ରେଷ୍ଠ; ସ.ଖଗ)—
Bi-ina ପକ୍ଷିରାଜ; ଗରୁଡ଼—Garurda; the King of birds.
ବିନସ୍ୟ ଲସ୍ୟ ତନ୍ତ୍ଥଁ ନସୂନ ଦୂଜ ଦେଇ ଷମ ଜାଣି ବଇନ ସେ ।
ଭଞ୍ଜ. ବୈଦେହୀଶବିଳାସ ।

**ବିଉଗ(ଗୁ)ଲ୍**—ବୈଦେ. ବି. ( ଇଂ. ବ୍ୟୁଗ୍‌ଲ୍ )—
Biuga(gu)l ୧ । ତୁରୀ ବାଦ୍ୟ—1. Bugle.
বিউগল **बिगुल** ୨ । ରଣଭେରୀ—2. War trumpet.
(ବିଉଗ୍ଲ—ଅନ୍ୟରୂପ)

**ବିଉଗ୍ଲ(ଗ୍ଲା)ର୍**—ବୈଦେ. ବି. (ଇଂ)—ତୁରୀ ବାଦକ—Bugler.
Biugla(glā)r বিউগ্লার **बिगुलार**

**ବିଉଚି**—ପ୍ରାଦେ· (ବସ୍ତର) ବି. (ଭୁଲ. ହି. ବେୟାଂଚ)—
Biuchi ବିଇଞ୍ଚି ( ଦେଖ )—Bi-iñchi ( See )
(ବେଉଚି—ଅନ୍ୟରୂପ)

**ବିରୁତ**—ଦେ. ବିଣ—ଅତ୍ୟନ୍ତ ଉଚ୍ଚ; ଗମ୍ଭୀର (ଶବ୍ଦ)—
Biruta Very loud (sound).
ଦେ. ବି—ଅତି ଉଚ୍ଚସ୍ୱର—Very loud sound.

**ବି. ଏ**—ବୈଦେ. ବି. ( ଇଂ )—୧ । ବିଶ୍ୱବିଦ୍ୟାଳୟର ସମ୍ମତ ଉପାଧି
Bi. e ବିଶେଷ—1. Bachelor in Arts; B. A; a title
**बि. ए.** conferred on graduates by the university.
বি. এ. ୨ । ବି. ଏ. ପାଶ କରିଥିବା ବ୍ୟକ୍ତି—2. A graduate.

**ବିଏଁ**—ଦେ. ବି ଓ ବିଣ ( ସଂ. ବ୍ୟାମ )—
Bieñ ଦୈର୍ଘ୍ୟରେ ଏକ ବେଁ ମାପ; ଦୁଇ ହାତକୁ ବିସ୍ତୃତ କଲେ
বেঅঁ, বেঁঅ ଏକ ହାତର ଅଗଠାରୁ ଅନ୍ୟ ହାତର ଅଗ ପର୍ଯ୍ୟନ୍ତ
**बाम** ଦୈର୍ଘ୍ୟ—A length of one Beñ or about 6 feet; fathom.

ବି. ଏନ୍. ଆର୍.—ବୈଦେ. ବି. (ଇ· ସାଙ୍କେତିକ; ଏ ବାକ୍ୟରେ ପ୍ରଥମ
Bi. en. ār. ତିନି ଶବ୍ଦର ଆଦ୍ୟ ଇଂରାଜୀ ଅକ୍ଷର ତ୍ରୟ)—ବେଙ୍ଗଲ
বি. এন. আর নାଗପୁର ରେଲ୍ ୱେ—B. N. R; abbreviation for Bengal Nagpur Railway.
बि ऐन आर

ବିଂଝାଲ୍—ପ୍ରାଦେ. ବି.—(ସମ୍ବଲପୁର)—ଅନାର୍ଯ୍ୟ ଜାତିବିଶେଷ—
Bimjhāl (ବିଁଝାଲ—ଅନ୍ୟରୂପ) An aboriginal tribe.

ବିଂଶ—ସଂ. ବିଣ.—କୋଡ଼ିଏ ସଂଖ୍ୟାର ପୂରକ; ଗଣନାରେ କୋଡ଼ିଏ
Bimśa ସ୍ଥାନୀୟ—Twentieth.
(ବିଂଶତିତମ—ଅନ୍ୟରୂପ) (ବିଂଶୀ; ବିଂଶତିତମା—ସ୍ତ୍ରୀ)
ସଂ· ବି.—କୋଡ଼ିଏ ଭାଗରୁ ଏକ ଭାଗ—
One twentieth part (Apte).

ବିଂଶକ—ସଂ· ବି ଓ ବିଣ.—( ବିଂଶତି + ଅବଯ୍ୟବାର୍ଥେ. କ )—ବିଂଶତି
Bimśaka (ବିଂଶକା—ସ୍ତ୍ରୀ) ସଂଖ୍ୟା; ୨୦—Twenty.

ବିଂଶତି—ସଂ. ବି. ଓ ବିଣ (ସଂଖ୍ୟା ବାଚକ)—୨୦ ସଂଖ୍ୟା; କୋଡ଼ିଏ—
Bimśati Twenty.

ବିଂଶତିକରଜ—ସଂ. ବି.—(ବିଂଶତିକର=ରାବଣ+ଜନ୍ ଧାତୁ+କର୍ତ୍ତୃ
Bimśatikaraja ଅ)—ବିଂଶଭୁଜର ବା ରାବଣର ପୁତ୍ର; ଇନ୍ଦ୍ରଜିତ୍
Indrajit; the son of Rāvaṇa (who had twenty hands.)

ବୋଇଲା ଶ୍ରବଣେ ସତୀ ବଜଣ୍ଡେ ଯେ ବିଂଶତି
କରଜ ହେବ ଲକ୍ଷ୍ମଣ କରେ । ଉପେ. ବୈଦେହୀଶବିଳାସ ।

ବିଂଶତି ତମ—ସଂ. ବିଣ—(ବିଂଶତି+ପୂରଣାର୍ଥେ ତମ)—ବିଂଶତି
Bimśati tama ସଂଖ୍ୟାର ପୂରଣ—Twentieth.

ବିଂଶତିପ—ସଂ. ବି. ପୁଂ—(ବିଂଶତି+ପା ଧାତୁ+କର୍ତ୍ତୃ. ଅ)—କୋଡ଼ିଏଟି
Bimśatipa ଗ୍ରାମର ଅଧିପତି ବା ଜମିଦାର—The lord of
(ବିଶତୀଶ; ବିଂଶତୀଶୀ—ଅନ୍ୟରୂପ) twenty villages.

ବିଂଶତି ପାଣି—ଦେ. ବି· (ସଂ. ବିଂଶପାଣି)—(୨୦ ହସ୍ତ ବିଶିଷ୍ଟ) ରାବଣ
Bimśati pāṇi Rāvaṇa.
ବିଂଶପାଣି
ବିଂଶବାହୁ
ବିଂଶକର
ବିଂଶ ବାହୁ
ବିଂଶ ଭୁଜ
} ସଂସ୍କୃତରୂପ

ଛନଅ ହୋଇ ଗଲା ସେ ବିଂଶତି ପାଣି
କୃଷ୍ଣସିଂହ· ମହାଭାରତ ବନ ।

(ବିଂଶତିବାହୁ, ବିଶତି ଭୁଜ, ବିଂଶତି କର—ଅନ୍ୟରୂପ)

ବିଂଶ ଶତାବ୍ଦୀ—ସଂ. ବି.—୧୯୦୧ ଖ୍ରୀଷ୍ଟାବ୍ଦ ଠାରୁ ୨୦୦୦ ଖ୍ରୀଷ୍ଟାବ୍ଦ
Bimśa śatābdi ପର୍ଯ୍ୟନ୍ତ ୧୦୦ ବର୍ଷ କାଳର ସମାହାର—
The twentieth century

ବିଂଶାକ୍ଷ—ସଂ. ବି.—ବହୁବ୍ରୀହି; ବିଂଶତି+ଅକ୍ଷି; ସମାସରେ ସଂଖ୍ୟାବାଚକ
Bimśāksha ଶବ୍ଦର ତି ଲୋପ) କୋଡ଼ିଏ ଚକ୍ଷୁବିଶିଷ୍ଟ;
(ବିଂଶ ନୟନ; ବିଂଶ ନେତ୍ର—ଅନ୍ୟରୂପ) ରାବଣ—Rāvaṇa.

ବୋଲେ କେହୁ ବିଂଶାକ୍ଷ ଅସୁ ଧର ଗୋ
ଉପେ. ବୈଦେହୀଶ ବିଳାସ ।

ବିଂଶୋତ୍ତର—ସଂ. ବିଣ. (ବହୁବ୍ରୀହି) ଯେଉଁ ସଂଖ୍ୟାର ଶେଷରେ ୨୦
Bimśottara ଥାଏ—(a number) Ending with 20.

ବିଂଶୋତ୍ତର ଶତ—ସଂ· ବି. ଓ ବିଣ—(ସଂଖ୍ୟାବାଚକ) (ବହୁବ୍ରୀହି—
Bimśottara sata ବିଂଶ+ଉତ୍ତର; କର୍ମଧା—ବିଶୋତ୍ତର+ଶତ)
ଏକଶତ କୋଡ଼ିଏ; ଛଅଶହ—One hundred and twenty.

ବିଂଶୋତ୍ତରୀ—ସଂ. ବି.—( ବିଂଶୋତ୍ତର+ଈ )—ଫଳିତ ଜ୍ୟୋତିଷ
Bimśottarī ଗଣନାକ୍ରମେ ମନୁଷ୍ୟର ଆୟୁ ୧୨୦ ବର୍ଷ ଗଣନା
କରି ଯିବା ରୀତି—An astrological scale in which a man's life is calculated to consist of 120 years.
[ଦ୍ର—ଏହି ୧୨୦ ବର୍ଷରେ ନବଗ୍ରହମାନଙ୍କ ଦଶା ନିମ୍ନଲିଖିତ ରୂପେ ଯଥାକ୍ରମେ ଗଣା ଯାଏ—ରବି ଦଶା—୬ ବର୍ଷ, ଚନ୍ଦ୍ର ୧୦, ମଙ୍ଗଳ—୭, ରାହୁ—୧୮; ବୃହସ୍ପତି—୧୬; ଶନି—୧୯, ବୁଧ—୧୭; କେତୁ—୭; ଶୁକ୍ର—୨୦ ବର୍ଷ ।]

ବିକଙ୍କଟ(ତ)—ସଂ. ବି.—(ବି+କଙ୍କ ଧାତୁ=ଗମନ କରିବା+କର୍ତ୍ତୃ.
Bikaṅkaṭa(ta) ଅଟ; ଅତ)—ବଇଁଚ (ଦେଖ)—
(ବିକଙ୍କକ—ଅନ୍ୟରୂପ) Baiñcha (See)

ବିକଚ—ସଂ. ବିଣ.—୧ । ( ବହୁବ୍ରୀହି; ବି=ବିଗତ+କଚ=ବନ୍ଧନ
Bikacha ଯାହାର) ବିକଶିତ; ପ୍ରସ୍ଫୁଟିତ (ଫୁଲ)—1. Full blown;
(ବିକଚା—ସ୍ତ୍ରୀ) opened (flower). ୨ । (ବି=ବିଗତ+
କଚ=କେଶ ଯାହାର)—ଟାଙ୍ଗରା;—2. Bald-headed.
୩ । କେଶହୀନ—3. Destitute of hair.
୪ । ପ୍ରକାଶିତ; ପ୍ରକଟିତ—4. Manifested; distinctly apparent (Apte). ୫ । ବିସ୍ତାରିତ; ଇତସ୍ତତଃ କ୍ଷିପ୍ତ; ବିକ୍ଷିପ୍ତ—5. Scattered over; spreadabout (Apte)
ବି—୧ । କେଶ ଗ୍ରହଣ; ଅନ୍ୟର ଚୁଟି ବଳପୂର୍ବକ ଧରିବା—
1. Holding a person by the hair. ୨ । କେତୁଗ୍ରହ—2. Ketu (planet); the descending node. ୩ । ଧ୍ୱଜ; ପତାକା—3. Banner. ୪ । କ୍ଷପଣକ; ବୌଦ୍ଧ ଯତି—4. A Buddhist mendicant. ୫ । ଦାନବବିଶେଷ—5. The name of a demon.

ବିକଚ୍ଛ—ସଂ. ବିଣ. ପୁଂ (ବହୁବ୍ରୀହି; ବି=ନାହିଁ+କଚ୍ଛ=କଛା ଯାହାର)—
Bikachchha ୧ । ଯେ କଛା ମାରି ଲୁଗା ପିନ୍ଧି ନଥାଏ; କଚ୍ଛ
(ବିକଚ୍ଛା—ସ୍ତ୍ରୀ) ହୀନ—1. Wearing the loin-cloth without tucking down one end thereof along the privities.
୨ । ଯେଉଁ ନଦୀର ଦୁଇ କୂଳରେ କାଦୁଅ ଜମି ନ ଥାଏ
(ହି. ଶ)—2. (a river) Having no mud bank on both the shores.

ବିକଟ—ସଂ. ବିଣ ( ବହୁବ୍ରୀହି; ବି=ବିପୁଳ, ବିକୃତ+କଟ=ଆକୃତି,
Bikaṭa ଅବସ୍ଥା ଯାହାର)—୧ । ଅତି ବୃହତ୍—1. Gigantic.
(ବିକଟା—ସ୍ତ୍ରୀ) ୨ । ଅତି ଭୟଙ୍କର—2. Frightful; very fierce; horrible. ୩ । ଅତି କଦର୍ଯ୍ୟ; କୁତ୍ସିତ—

3. Hideous; ugly. ୪ । ପ୍ରଶସ୍ତ; ବିସ୍ତୀର୍ଣ୍ଣ—4. Wide; spacious; broad (Apte) ୫ । ଗର୍ବିତ; ଦୃପ୍ତ—5. Proud; haughty (Apte). ୬ । ଦନ୍ତୁର; ଦାନ୍ତୁଆ--6. Having large or prominent teeth (Apte). ୭ । ସୁନ୍ଦର—7. Beautiful (Apte). ୮ । ଭ୍ରୂକୁଟୀଯୁକ୍ତ (ମୁଖ)—8. Frowning (face) (Apte). ୯ । ବିକୃତ—9. Changed in appearance (Apte).

ସଂ. ବି—୧ । ବ୍ରଣ; ବଥ—1. Boil; tumour (Apte). ୨ । ବିସ୍ଫୋଟକ (ଫୁଟୁଛିବାଠ)—2. Blister; eruption.

**ବିକଟା**—ସଂ. ବି. ସ୍ତ୍ରୀ—ବଜ୍ରବାରାହୀ; ଦେବୀବିଶେଷ—
Bikaṭā Name of a Goddess.
ସଂ. ବିଣ. ସ୍ତ୍ରୀ—ବିକଟର ସ୍ତ୍ରୀଲିଙ୍ଗ—Feminine of Bikaṭa.
ଦେ. ବିଣ. (ସଂ. ବିକଟ)—ବିକଟ—Fierce.

**ବିକଟା(ଟେ)ଇବା**—ଦେ. କ୍ରି. (ସଂ. ବିକଟାୟିତ)—
Bikaṭā(ṭe)ibā ୧ । (ମୁହଁକୁ) ବ୍ୟାଦାନ କରି ଭୟଙ୍କର କରିବା-
[ବିକଟା(ଟେ)ଇବା—ଅନ୍ୟରୂପ] 1. To yawn hideously;
বিকটান to gape horribly.
**বিকটানো** ୨ । ଭ୍ରୂକୁଟୀ କରିବା—2. To frown.

**ବିକଟାକାର**—ସଂ. ବି (କର୍ମଧା; ବିକଟ+ଆକାର)—କରାଳ ଆକୃତି—
Bikaṭākāra Horrid appearance.
(ବିକଟାକୃତି—ଅନ୍ୟରୂପ) ବିଣ. ପୁଂ (ବହୁବ୍ରୀହି)—ଭୟଙ୍କର ଆକୃତି-ବିଶିଷ୍ଟ—Of frightful appearance; hideous.

**ବିକଟାନନ**—ସଂ. ବି—୧ । (କର୍ମଧା, ବିକଟ+ଆନନ) କୁତ୍ସିତ ବା
Bikaṭānana ଭୟଙ୍କର ମୁଖ—Horrible or hideous face. ୨ । (ବହୁବ୍ରୀହି)—ଧୃତରାଷ୍ଟ୍ରଙ୍କର ଏକ ପୁତ୍ର—Name of a son of Dhṛutarāshṭra.
ସଂ. ବିଣ. ପୁଂ—ଯାହା ମୁହଁ ଦେଖିବାକୁ ଭୟଙ୍କର—Having
(ବିକଟାନନା—ସ୍ତ୍ରୀ) a horrid face.

**ବିକଟାୟିତ**—ସଂ. ବିଣ. (ବିକଟାୟ ନାମ ଧାତୁ+କର୍ମ. ତ)—ବିକଟ
Bikaṭāyita ବା ଭୟଙ୍କର କରାଯାଇଥିବା—Made horrible

**ବିକଟାଳ**—ଦେ. ବିଣ. (ସଂ. ବିକଟ; ବିକରାଳ)—୧ । ବିକରାଳ
Bikaṭāḷa (ଦେଖ)—1. Bikarāḷa (See) ୨ । (ଗ୍ରା.
[ବିକ(ବି)ଟାଳିଆ—ଅନ୍ୟରୂପ] ବେକରାର)—ବ୍ୟାକୁଳ—
বিটকেল **বিকরার** Agitated; troubled.

**ବିକତ୍ଥନ(ନା)**—ସଂ. ବି. (ବି—ବିପରୀତ+କତ୍ଥ ଧାତୁ=ପ୍ରଶଂସା
Bikatthana(nā) କରିବା+ଭାବ. ଅନ; +ଆ)—୧ । ଆତ୍ମ ପ୍ରଶଂସା; ଆତ୍ମଶ୍ଳାଘା—1. Self praise; bragging. ୨ । ବୃଥା ସ୍ତୁତି—2, Vain glory; flattery.
ସଂ. ବିଣ. ପୁଂ (ସ୍ତ୍ରୀ)—(+କର୍ତ୍ତୃ. ଅନ) ଆତ୍ମଶ୍ଳାଘାକାରୀ—3. Arrogant; vain glorious.

**ବିକନ୍ଧ**—ଦେ. ବି (ସଂ. ବିସନ୍ଧି)-ଦୁଇ ଘରର ବା କାନ୍ଥର ମଧ୍ୟବର୍ତ୍ତୀ ସଙ୍କୀର୍ଣ୍ଣ
Bikandi ସ୍ଥାନ; ଗୁପ୍ତ ସ୍ଥାନ—Narrow space or covert
বিসন্ধি **বিসন্ধি** lane between two houses or walls; secret hiding place.
[ଦ୍ର—ଏ ଶବ୍ଦ କନ୍ଧ ସଙ୍ଗେ ସହଚରରୂପେ ବ୍ୟବହୃତ ହୁଏ ଯଥା—କନ୍ଧ ବିକନ୍ଧ; ତୁଲ. ସନ୍ଧ ବିସନ୍ଧ ।]

**ବିକମ୍ପ**—ସଂ ବି. (ବି—ଅତ୍ୟନ୍ତ+କମ୍ପ)—ବେପଥୁ; ଅତିଶୟ କମ୍ପନ;
Bikampa ଥରଡ଼ାପଡ଼ି ପରି ଥରିବା—Violent trembling.
(ବିକମ୍ପନ—ଅନ୍ୟରୂପ)

**ବିକମ୍ପିତ**—ସଂ. ବିଣ. (ବି+କମ୍ପିତ)—୧ । ଅତିଶୟ କମ୍ପୁଥିବା—
Bikampita 1. Trembling or shaking violently. ୨ । ଅତିଶୟ ବିଚଳିତ--2 Rudely shaken; perturbed.

**ବିକରାଳ**—ସଂ. ବିଣ. (ବି=ଅତ୍ୟନ୍ତ+କରାଳ=ଭୟଙ୍କର)—ଅତି
Bikarāḷa (ବିକରାଳା—ସ୍ତ୍ରୀ) ଭୟାନକ—Hideous; horrid.

**ବିକରୁଣ**—ସଂ. ବିଣ. ପୁଂ. (ବି=ନାହିଁ+କରୁଣା ଯାହାର)—
Bikaruṇa ନିଷ୍କରୁଣ; ନିଷ୍ଠୁର; ନିର୍ଦ୍ଦୟ—
(ବିକରୁଣା—ସ୍ତ୍ରୀ) Cruel; pitiless; unkind.

**ବିକର୍ଣ୍ଣ**—ସଂ. ବି. (ବହୁବ୍ରୀହି, ବି=ବିରହିତ+କର୍ଣ୍ଣ ଯାହାର)—
Bikarṇṇa ୧ । କର୍ଣ୍ଣବିରହିତ—1. Earless; destitute of the ears. ୨ । ଶ୍ରବଣଶକ୍ତିରହିତ; କାଲ—2. Deaf.
ବି—୧ । ଦୁର୍ଯ୍ୟୋଧନର ଏକ ଭାଇ—1. Name of one of the brothers of Durjyodhana. ୨ । ରାଜା କର୍ଣ୍ଣଙ୍କର ଏକ ପୁତ୍ର (ହି. ଶ.)—2. Name of a son of King Karṇṇa. ୩ । ଏକପ୍ରକାର ବାଣ (ହି. ଶ.)—3. A kind of arrow.

**ବିକର୍ଣ୍ଣ(ର୍ଣ୍ଣି)କ**—ସଂ. ବିଣ. (ବି—ନାହିଁ+କର୍ଣ୍ଣିକା=କେଶର+କ)—
Bikarṇṇa(rṇṇi)ka କେଶର ନଥିବା (ପୁଷ୍ପ)—(a flower) Having no filaments.
ସଂ ବି—୧ । ଏକପ୍ରକାର ଗୁଳ୍ମପର୍ଣ୍ଣୀ (ହି. ଶ.)—1. A kind of herb ୨ । ଶିବଙ୍କ ଗଣବିଶେଷ—2. A class of Śiba's attendants.

**ବିକର୍ତ୍ତନ**—ସଂ. ବି. (ବହୁବ୍ରୀହି; ବି=ବହୁଧା+କୃତ୍ ଧାତୁ=କାଟିବା
Bikarttana +କର୍ମ. ଅନ)—୧ । ସୂର୍ଯ୍ୟ; ମାର୍ତ୍ତଣ୍ଡ; ବିବସ୍ୱାନ୍—A name of the sun.

ପାଇଲେଣି ଏବେ ଦେବ ବିକର୍ତ୍ତନ
ଭଲେର ଶିରରେ ସ୍ୱର୍ଣ୍ଣ ସିଂହାସନ—ରାଧାନାଥ ଲେଖା ।

[ଦ୍ର—ଏ ଖଣ୍ଡ ଖଣ୍ଡ ହୋଇ କଟା ହୋଇଥିଲେ । ପୁରାଣରେ ଅଛି ଯେ ସୂର୍ଯ୍ୟଙ୍କ ଶ୍ୱଶୁର ବିଶ୍ୱକର୍ମା ସୂର୍ଯ୍ୟଙ୍କ ତେଜକୁ ହ୍ରାସ କରିବା ପାଇଁ ସୂର୍ଯ୍ୟଙ୍କୁ ଖଣ୍ଡ ଖଣ୍ଡ କରି କାଟିବା ପରେ ସୂର୍ଯ୍ୟପତ୍ନୀ ସଂଜ୍ଞା ସୂର୍ଯ୍ୟଙ୍କ ତେଜ ସମ୍ଭାଳିବାକୁ ସମର୍ଥା ହୋଇଥିଲେ ।]
୨ । ଅର୍କବୃକ୍ଷ—2. The plant Swallowort; Calotropis Gigantea. ୩ । (ବି+କୃତ୍ ଧାତୁ+କର୍ତ୍ତୃ. ଅନ)-ଯେ ଖଣ୍ଡ ଖଣ୍ଡ କରି କାଟେ; ଛେଦକ—

Cutter; chopper; one who chops up a thing.

ଦେ. ବି—ଛିନ୍ନ; ଅପସାରିତ —Separated; cut asunder; removed.

**ବିକର୍ତ୍ତନଜ**—ସଂ. ବି. (ବିକର୍ତ୍ତନ+ଜନ୍ ଧାତୁ+କର୍ତ୍ତୃ. ଅ; ସୂର୍ଯ୍ୟପୁତ୍ର)—
Bikarttanaja ସୁଗ୍ରୀବ—Sugriba, the king of monkeys (said to be a son of the Sun-god).

**ବିକର୍ତ୍ତନଜା**—ସଂ. ବି—ସୂର୍ଯ୍ୟକନ୍ୟା; ଯମୁନା —The Jamunā river,
Bikarttanajā the daughter of he Sun-god.

**ବିକର୍ତ୍ତା**—ସଂ. ବି. (ବି=ସମ୍ୟକ୍, ବଶିଷ୍ଟ+କର୍ତ୍ତା=ପ୍ରଭୁ)—ବିଷ୍ଣୁଙ୍କର
Bikarttā (ସହସ୍ରନାମୋକ୍ତ) ଏକ ନାମ—A name of Bishṇu.

**ବିକର୍ମ**—ସଂ. ବି.—(ବି=ମନ୍ଦ, ନିଷିଦ୍ଧ+କର୍ମନ୍)—ନିଷିଦ୍ଧ କର୍ମ—
Bikarma Forbidden act.

ସଂ. ବିଣ. (ବହୁବ୍ରୀହି)—ଦୁରାଚାର—Of bad conduct.

ଦେ. ବି.—କର୍ମ ଦୋଷ; ଦୁର୍ଭାଗ୍ୟ—Ill luck.

ବିକର୍ମରୁ ମୋର ହେଲା ବିଘ୍ନରେଖା ଏମନ୍ତ ଘଟକ ଅଛି ଭଲା।
ଉପେ. ବୈଦେହୀଶବିଳାସ।

**ବିକର୍ମ କୃତ୍**—ସଂ. ବିଣ. ପୁଂ—(ବିକର୍ମ+କୃ. ଧାତୁ+କର୍ତ୍ତୃ. କ୍ୱିପ୍)—
Bikarma kṛut ନିଷିଦ୍ଧ କର୍ମକାରୀ—Doing forbidden acts.
(ବିକର୍ମସ୍ଥ—ଅନ୍ୟରୂପ)

**ବିକର୍ଷ**—ସଂ ବି—(ବି+କୃଷ୍ ଧାତୁ+କର୍ମ. ଅ)—ବାଣ; ଶର (କ୍ୱ.ପ୍ର.)-
Bikarsha Arrow.

**ବିକର୍ଷଣ**—ସଂ. ବି.—( ବି=ବିପରୀତ+କର୍ଷଣ=ଟାଣିବା )—୧।
Bikarshaṇa ବିପରୀତ ଦିଗକୁ ଟାଣିବା—1. Pulling asunder.
(ଆକର୍ଷଣ—ବିପରୀତ) ଆକର୍ଷଣର ବିପରୀତ—
2. Counter-attraction ୩। (ବି=ଅତ୍ୟନ୍ତ+କର୍ଷଣ)—ଆକର୍ଷଣ—
3. Attraction; pulling.

**ବିକଳ**—ସଂ. ବିଣ-(ବହୁବ୍ରୀହି; ବି=ବିଗତ+କଳ=କଳା ଯାହାର)—
Bikaḷa ୧। କଳାହୀନ—1. Out of order;
(ବିକଳା—ସ୍ତ୍ରୀ) deranged; devoid of component parts.
[ବିକଳତା(ତ୍ୱ)—ବି]

୨। ଅଲକ୍ଷଣା; ଶ୍ରୀହୀନ—2. Shorn of beauty or grace. ୩। ଅସମ୍ପୂର୍ଣ୍ଣ—3. Incomplete. ୪। ହ୍ରାସପ୍ରାପ୍ତ; ଖଣ୍ଡିତ—4. Diminished; mutilated; maimed. ୫। ଅପ୍ରଭୁ; ଅବଶ—5. Worn out; benumbed; paralysed; impotent.

୬। ଅସମର୍ଥ—6. Incapable; unfit.

୭। ଅସ୍ୱାଭାବିକ—7. Unnatural; irregular.

୮। ଦୁର୍ଦ୍ଦଶା ଗ୍ରସ୍ତ; ଆର୍ତ୍ତ; ପ୍ରପୀଡ଼ିତ—
8. Oppressed; tortured.

୯। ବ୍ୟାକୁଳ; ଅସ୍ଥିର—9. Agitated; troubled, perturbed.

୧୦। ବିହ୍ୱଳ; ଦୈନ୍ୟଦଶାଗ୍ରସ୍ତ; କାତର—
10. Reduced to a pitiful condition; confounded; overwhelmed.

୧୧। କରୁଣ; କରୁଣାର ଉଦ୍ରେକକାରୀ—
11. Pitiable; exciting pity.

ଦେ. ବିଣ. ( ପା. ବେକରାର; ସଂ. ବ୍ୟାକୁଳ )—
विकुलि ୧। ଚଞ୍ଚଳ; ଅତି ବ୍ୟସ୍ତ—1. Agonised; miserable.
विकल ୨। ପରର ଦୁଃଖରେ କାତର—2. Full of pity.

ବି —୧। ପରର ଦୁଃଖରେ କାତରତା—
1. Pity; compassion; commiseration.

୨। ଦୁର୍ଦ୍ଦଶା; କାତର ଅବସ୍ଥା—2. Pitiable condition; misery; sad plight.

୩। କାତର କ୍ରନ୍ଦନ; ଶୋକ—3. Bewailing; piteous lamentation.

ସବୁଙ୍କ ଏବାବେଳେ ଜାଣ
ଦେଖିବା ବିକଳ ନ ଥାଇ। ରୂପଚ, ପ୍ରେମପଞ୍ଚାମୃତ।

୪। ଜ୍ୱାଳା—4. Agony.

୫। ବ୍ୟାକୁଳତା—5. Restlessness.

ବସ୍ତ୍ର କାଢିବ ବଶ ଜଳେ
ପଶିଲେ ତୃଷାର ବିକଳେ। ଜଗନ୍ନାଥ. ଭାଗବତ।

୬। ଲୋକଙ୍କୁ ଡାକିବା ନାମ—6. A name given to males.

**ବିକଳ ଧ୍ୱନି**—ସଂ. ବି—୧। ବ୍ୟାକୁଳ ଶବ୍ଦ—1. Pitiable sound;
Bikaḷa dhwani piteous wail.
(ବିକଳ ନାଦ—ଅନ୍ୟରୂପ) ୨। ( ବି+କଳ ଧ୍ୱନି )—
ପକ୍ଷୀମାନଙ୍କର ଅବ୍ୟକ୍ତ ମଧୁର ଧ୍ୱନି—2. Sweet carol or cooing of birds.

(୧+୨) ବିକଳ ଧ୍ୱନିରେ ଖେଳ ସୁମନ ଭ୍ରମରେ ମେଳ ଦଶରଥ ଏମନ୍ତ କହିଲେ।
ଉପେ. ବୈଦେହୀଶବିଳାସ।

**ବିକଳପ**—ଗ୍ରା. (ପଦ୍ୟ) ବି—(ସଂ. ବିକଳ୍ପ)—କଳ୍ପନା—
Bikaḷapa Imagination.

ବିକଳପ ଫଳ ଅଙ୍କୁର ଭଳେ ବୃଦ୍ଧି କ୍ରମରେ—
ଉପେ. ବୈଦେହୀଶବିଳାସ।

**ବିକଳ ମନ**—ସଂ. ବି—(କର୍ମଧା)—ଚିନ୍ତାରେ ଅସ୍ଥିର ମନ—
Bikaḷa mana Mind restless through anxiety.

ଥଳପ ଧନ ବିକଳ ମନ—ଭଗ।

**ବିକଳ ଲାଗିବା**—ଦେ. ବି—ପରର ଆର୍ତ୍ତନାଦ ବା ଦୈନ୍ୟଦଶା ଦେଖି
Bikaḷa lāgibā ତାହା ପ୍ରତି କରୁଣାଗ୍ରସ୍ତ ହେବା; ହୃଦୟ
ଦୁଃଖହୋଇ ତରଳିବା—Feeling of pity for another in
विकलता होना misery; commiseration with another.

**ବିକଳ ସହି ନ ପାରିବା**—ଦେ. କ୍ରି—ପରର ଆର୍ତ୍ତାବସ୍ଥା ଦେଖି ହୃଦୟ
Bikaḷa sahi napāribā ତରଳିବା—Not to be able
विकल सहिते नापारा to bear the sight of another's
विकलता नही सहना misery.

**ବିକଳ ହେବା**—ଦେ. କ୍ରି —୧। ଅତି ବ୍ୟସ୍ତ ହେବା—
Bikaḷa hebā 1. To be in a pitiable condition.

আকুলি বিকুলি হওয়া ୨ । ଦୁଃଖରେ ଛଟପଟ ହେବା; ଦୁଃଖରେ
विकल होना ଅସ୍ଥିର ହେବା—2. To be restless in agony. ୩ । ଅତି କାତର ହୋଇ କାନ୍ଦିବା—3. To bewail; to lament pitiably;

ବିକଳା—ସଂ. ବିଣ—(ବିକଳ+ ସ୍ତ୍ରୀ. ଆ)—ଋତୁରହିତା ସ୍ତ୍ରୀ; ଋତୁହୀନା
Bikaḻā ସ୍ତ୍ରୀ—A woman whose menses have ceased.

ଦେ. ବିଣ. ପୁଂ—୧ । ଆର୍ତ୍ତ; ଅଥୟ—1. Afflicted; agonised. ୨ । ଦୈନ୍ୟଦଶାଗ୍ରସ୍ତ—2. Arrived at a pitiable condition; reduced to a miserable plight. ୩ । ବିକଳ ହୋଇ କାନ୍ଦୁଥିବା—3. Bewailing. ୪ । କ୍ଷୁଧା
হাহুতাস, হাভাতে ଜ୍ୱାଳାରେ ବା ଖାଦ୍ୟାଭାବରେ ଅସ୍ଥିର—
हाहुती 4. Oppressed with hunger; restless on account of the pangs of hunger or for want of food. ୫ । (ଘୃଣାର୍ଥକ) କ୍ଷୁଧା ଜ୍ୱାଳାରେ ଅସ୍ଥିର ହୋଇ ଯେ ଆର୍ତ୍ତନାଦ କରେ—5. Making pitiable wails on account of hunger ୬ । ଅଭାବ ଯୋଗୁଁ ଅତି ଅସ୍ଥିର ଓ ବାବଦୁକ—6. Restless and loud for want.

ସଂ. ବି—ଏକ କଳାର ଷାଠିଏ ଅଂଶରୁ ଏକ—
One sixtieth part of a Kaḻā

ବିକଳା(ଳେ)ଇବା—ଦେ. କ୍ରି—(ସଂ. ବିକଳାୟିତ)—ଦୁଃଖାର୍ତ୍ତ ହୋଇ
Bikaḻā(ḻe)ibā ଆର୍ତ୍ତନାଦ କରିବା—To bewail; to
ব্যাকুল হওয়া विकल होना lament in agony.

ବିକଳାଙ୍ଗ—ସଂ. ବିଣ. ପୁଂ—(ବହୁବ୍ରୀହି; ବିକଳ=ହ୍ରାସପ୍ରାପ୍ତ ବା ଅବଶ
Bikaḻāṅga ହୋଇଅଛି ଅଙ୍ଗ ଯାହାର)—୧ । ଯାହାର କୌଣସି
(ବିକଳାଙ୍ଗୀ—ସ୍ତ୍ରୀ) ଅଙ୍ଗ ନାହିଁ; ହୀନାଙ୍ଗ; କୌଣସି ଗୋଟିଏ ଅଙ୍ଗହୀନ—1. Maimed; mutilated; deformed; crippled. ୨ । ଯାହାର କୌଣସି ଅଙ୍ଗ ଅବଶ ହୋଇଅଛି—2. With any limb out of order or paralysed.

[ ଦ୍ର—କୋଢ଼ିଆ, ଖଞ୍ଜା, କେମ୍ପା, ଲୁଲା, କଣା ଓ ଅନ୍ଧ ଏହି ଶ୍ରେଣୀର ଅନ୍ତର୍ଗତ । ]

ବିକଳିଆ—ଦେ. ବିଣ. ପୁଂ—ବିକଳା (ଦେଖ)
Bikaḻiā Bikaḻā (See).
ବିକଳୀ } ସ୍ତ୍ରୀଲିଙ୍ଗ
ବିକଳେଇ } ସ୍ତ୍ରୀଲିଙ୍ଗ
হাহুতাস, হাভাতে
हाहुती

ଯେତେ ବିକଳିଆ ମାରିଗଲେ
ପିଠି ବିକଳିଆ ଲେଖେ ଶୁଏ ।
ଭଗ ।

ବିକଳିତ—ଦେ. କ୍ରି. ବିଣ (ସଂ. ବିକଳ; ବ୍ୟାକୁଳ)—ବିକଳ ହୋଇ—
Bikaḻita Afflictedly; being too much embar-
(ବିକଳିତେ—ଅନ୍ୟରୂପ) assed

ବିକଳିତେ ପୃଥିବୀ ଭରେ—ଉପେ, ବୈଦେହୀଶବିଳାସ ।

ବି—୧ । କଳ୍ପନାତୀତ—1. Beyond imagination.

୨ । ବିକଳ; ବ୍ୟାକୁଳ—2. Afflicted; distressed.

(୧+୨) ବିକଳିତ ଭକ୍ତ, ବିକଳିତ ହେଲେ ନର—
ଉପେ. ବୈଦେହୀଶବିଳାସ ।

ବିକଳେନ୍ଦ୍ରିୟ—ସଂ. ବିଣ. ପୁଂ. (ବହୁବ୍ରୀହି; ବିକଳ ହୋଇଅଛି ଇନ୍ଦ୍ରିୟ
Bikaḻendriya ଯାହାର)—ଯାହାର କୌଣସି ଇନ୍ଦ୍ରିୟ ଅବଶ
(ବିକଳେନ୍ଦ୍ରିୟା—ସ୍ତ୍ରୀ) ହୋଇଅଛି—1. With any organ paralysed or out of order.
(ଯଥା—କଣା, କାଲ, ଛନା ।)
୨ । ଇନ୍ଦ୍ରିୟ ଶକ୍ତିରହିତ—2. Impotent; paralysed. ୩ । ବିକଳାଙ୍ଗ—3. Destitute of any particular limb; maimed. ୪ । ଅବସନ୍ନ; କ୍ଷୁଧା ବା ଶୋକ ଅଧ ଯୋଗୁଁ ଯାହାର ଇନ୍ଦ୍ରିୟମାନଙ୍କ ଶକ୍ତି ଅବଶ ହୋଇଅଛି; ହାତ ଗୋଡ଼ ଚଳୁ ନ ଥିବା—4. Paralysed through hunger or grief.

ବିକଳ୍ପ—ସଂ. ବି. (ବି=ବିପରୀତ; ବିଉତ୍+କଳ୍ପ=କଳ୍ପନା, ବଧ)—
Bikaḻpa ୧ । ପରବର୍ତ୍ତୀ କଳ୍ପନା ବା ଅନୁମାନ—1. Guess; fancy; imagination. ୨ । ବିପରୀତ କଳ୍ପନା—2. Contrary conception or idea. ୩ । ଇଚ୍ଛାନୁଯାୟୀ କଳ୍ପନା—3. Optional conception. ୪ । ନାନାପ୍ରକାର କଳ୍ପନା—4. Various conceptions. ୫ । ସନ୍ଦେହ—5. Doubt. ୬ । ଭ୍ରମ, ଭ୍ରାନ୍ତି—6. Mistake; delusion. ୭ । (ବ୍ୟାକରଣ) କୌଣସି ପଦର ଦ୍ୱୈଧରୂପ ବା ଅନ୍ୟବିଧରୂପ; ବିଭାଷା—7. (grammar) Optional or alternative form; option ୮ । ଅର୍ଥାଲଙ୍କାରବିଶେଷ—8. A figure in Rhetoric in which words having two senses are used, out of which the person addressed to will understand one sense or the other if he is so inclined.

[ ଦ୍ର—ବାସ୍ତବିକ ବିରୁଦ୍ଧ ପଦାର୍ଥ ଦ୍ୱୟର ତୁଲ୍ୟବଳ କଳ୍ପନା-ଦ୍ୱାରା ଏକ କ୍ରିୟାର ସହିତ ସମ୍ବନ୍ଧ ପ୍ରଦର୍ଶନର ନାମ ବିକଳ୍ପାଲଙ୍କାର, ଯଥା—

ବାହୁ ନାକର୍ଣ୍ଣ ବିଧାନ ଯୋଗ୍ୟ ଯୋଦ୍ଧାରୁ
ବଢ଼ିଉ ନାଳ ନକର ଅରିଗନର—ଉପେ. ବୈଦେହୀଶବିଳାସ ।

ବିକଳ୍ପତା—ଦେ. ବି—(ସଂ. ବିକଳ୍ପ) ସନ୍ଦେହ—Doubt.
Bikaḻpatā ବିକଳ୍ପତା ଉପୁଜିଲ ସୁଗ୍ରୀବେ
ବଢ଼ ଗରୁଏ ହୋଇବର ପୂର୍ବେ । ଉପେ. ବୈଦେହୀଶ ବିଳାସ ।

ବିକଳ୍ପରେ—ଦେ. କ୍ରି. ବିଣ—(ବ୍ୟାକରଣ)—ଅନ୍ୟରୂପରେ; ଦ୍ୱୈଧ
Bikaḻpare ଭାବରେ; ଅପରନ୍ତୁ—In the alternative;
(ବିକଳ୍ପେ-ଅନ୍ୟରୂପ) optionally.

ବିକଳ୍ପିତ—ସଂ.ବି (ବିକଳ୍ପ+ଇତ) ୧ । ବିକଳ୍ପବିଶିଷ୍ଟ—1. Fanciful;
Bikaḻpita optional; alternative. ୨ । ବିପରୀତଭାବରେ କଳ୍ପିତ—2. Conceived adversely. ୩ । କଳ୍ପିତ—3. Conceived; invented. ୪ । ସନ୍ଦିଗ୍ଧ—4. Doubtful.

**ବିକଶ(ଷ,ସ)ନ**—ସଂ. ବି (ବି=ଅତ୍ୟନ୍ତ+କଶ୍. ଧାତୁ=ଖ୍ୟାତି
Bikaśa(sha,sa)na ପାଇବା+ଭାବ. ଅନ)—ବିକାଶ—
Expansion; evolution

**ବିକଶା(ଶେ)ଇବା**—ଦେ. (ପଦ୍ୟ) କ୍ରି—(ସଂ. ବି+କଶ ଧାତୁ) ୧।
Bikaśā(śe)ibā ବିକଶିବା କ୍ରିୟାର ଣିଜନ୍ତ ରୂପ—1. The
বিকশান causative form of Bikaśibā). ୧। ଦେଖା-
**विकसाना** ଇବା; ବିକଶିତ କରାଇବା; ବିକାଶିତ କରିବା—1. To cause to expand or become manifest; to exhibit.
୨। (ଫୁଲ) ଫୁଟାଇବା—To cause to bloom.

**ବିକଶି(ଷି,ସି)ତ**—ସଂ.ବିଣ (ବି+କଶ୍. ଧାତୁ=ପ୍ରକାଶିତ ହେବା+କର୍ତ୍ତୃ
Bikaśi(shi,si)ta ତ)—୧। ବିକାଶପ୍ରାପ୍ତ—1. Expanded.
୨। ଉନ୍ମିଳ—2. Unfolded. ୩। ପ୍ରସ୍ଫୁଟିତ—
3. Full blown; bloomed. ୪। ବ୍ୟକ୍ତ—
4. Manifest; exhibited.

**ବିକଶିବା**—ଦେ. କ୍ରି—(ସଂ. ବି+କଶ ଧାତୁ)—୧। ବିକଶିତ ହେବା—
Bikaśibā বিকসা **विकसना** I. To be manifest.
୨। (ଫୁଲ) ଫୁଟିବା—2. (flower) To bloom.
ଶତପତ୍ର ବିକଶଇ କଣ୍ଠପ୍ରାଣ ରମେ। ମଧୁସୂଦନ,ବସନ୍ତ ଗାଥା।
୩। ବିସ୍ତୃତ ହେବା—3. To be expanded.

**ବିକସା(ଶା)**—ସଂ. ବି—୧। ମଞ୍ଜିଷ୍ଠା (ଦ୍ରବ୍ୟଗୁଣ)—1. The Indian
Bikasā(śā) madder plant. ୨। ମାଂସ ରୋହିଣୀ (ଦ୍ରବ୍ୟଗୁଣ)-
2. Redwood tree.

**ବିକସ୍ୱ(ଶ୍ୱ,ଷ୍ୱ)ର**—ସଂ. ବିଣ [ବି+କଶ୍ ଧାତୁ+କର୍ତ୍ତୃ. ବର (ଶୀଳାର୍ଥେ)]—
Bikaswa(śwa, shwa)ra ବିକାଶଶୀଳ; ପ୍ରକାଶଶୀଳ;
(ବିକସ୍ୱରୀ—ସ୍ତ୍ରୀ) Having a tendency to expand.

**ବିକା**—ଦେ. ବି. ( ସଂ. ବିକ୍ରୟ; ପ୍ରା. ବିକ୍କଅ )—
Bikā ୧। ବିକ୍ରୟ; ବିକିବା—1. Sale; selling.
বেচা, বিকা
**बेचना, बिक्री** ୨। ଚାଉଳ ବିକିବାରେ ବ୍ୟବହୃତ ମାଣ ବା ପାତ୍ର—
2. A measure for selling rice.
ବି ଓ ବିଣ. ( ଅନ୍ୟ ଶବ୍ଦ ସଙ୍ଗେ ବ୍ୟବହୃତ )—
বিকান ୧। (ସଂ. ବିକ୍ରେତା) ବିକ୍ରେତା—1. Selling; seller;
**बेचनेवाला** vender.
ଗାଇ ବିକା ଗୃହୀ ନାସ୍ତିକ ବ୍ରାହ୍ମଣଙ୍କୁ
ଯେ ଦେବ ଗାଇ ଯିବ ସେ ବଡ଼ ନର୍କକୁ—କୃଷ୍ଣସିଂହ ମହାଭାରତ ସଭା।
বিকা ୨। ବିକ୍ରୀତ—2. Sold.
୩। ଶରଣାଗତ; ଆଶ୍ରିତ; ଚରଣଗତ—
3. Over-bound or obliged to a person.
ତୁମ୍ଭ ବିନୁ ଗତି ନାହିଁ ଏ ଜଗତେ
ବିକା ମୁଁ ତୁମ୍ଭ ପୟରେ—ରାଧାନାଥ, ଯଯାତି।
বিকা ୪। ( ସଂ. ବିକ୍ରେୟ ) ( ବଳଦକୁ ଗାଳି ) ଅକର୍ମଣ୍ୟ
**बिकाउँ** ଅତଏବ ଅନ୍ୟକୁ ବିକି କରିବାର ଯୋଗ୍ୟ ( ବଳଦ )—
ବିକେଇ } ସ୍ତ୍ରୀ 4. ( a bullock ) Unfit for work and
ବିକା } thus deserving to be sold away.

**ବିକା(କେ)ଇବା**—ଦେ. କ୍ରି. ( ବି+କି ଧାତୁ ଣିଚ; ବିକିବା କ୍ରିୟାର
Bikā(ke)ibā ଣିଜନ୍ତରୂପ—The causative form of
বিকান **बिकवाना** Bikibā. )—
୧। ଅନ୍ୟଦ୍ୱାରା ବିକ୍ରୟ କରାଇବା—
1. To cause a person to sell.
୨। ବିକ୍ରୟ କରିବାକୁ ବାଧ୍ୟ କରିବା—
2. To oblige or force a person to sell.
( ଯଥା—ଶନିସପ୍ତା ଦଶା ମତେ ଘର ବିକାଇ ଦାଣ୍ଡରେ ଭିକ ମଗାଇଲା। )
୩। ମୂଲ୍ୟ ବିନିମୟରେ ବିକି ହେବା—3. To be sold (at a price); to go off at a price.
କହୁ ଜାଣିଲେ କଦଳୀ ମୁଣ୍ଡା ବିକାଏ
କହୁ ନ ଜାଣିଲେ ମାଗୁର ମାଛ ସଢ଼ିଯାଏ—ଢଗ।
୪। ( ଲକ୍ଷଣାର୍ଥ ) ଲାଭଜନକ ହେବା; ପୋଷାଇବା—
4. ( figurative ) To be profitable; to be a paying concern; to pay; ( e. g. this will not pay ).
( ଯଥା—ଆମର ପୁରୁଣା କାଳିଆ ପାଠ ଆଜି କାଲି ବଜାରରେ ବିକେଇବ ନାହିଁ। )
୫। ( ଲକ୍ଷଣାର୍ଥ ) ଲୋକଙ୍କଦ୍ୱାରା ଆଦୃତ ହେବା; ଲୋକ-ସମାଜରେ ସମ୍ମାନିତ ବା ଆଗ୍ରହ ସହକାରେ ଗୃହୀତ ହେବା—
5. ( figurative ) To be sought after; to be respected.
ନ ବିକାଏ ଦେହ ସଂସାରେ, ବିକାଏ ଅବସ୍ଥା ସିନା କେବଳ—
ରାଧାନାଥ. ଯଯାତି।

**ବିକା କିଣା**—ଦେ. ବି. ( ବିପରୀତାର୍ଥକ ସହଚର ଶବ୍ଦ )—୧। ବିକା ଓ
Bikā kiṇā କିଣା; କ୍ରୟବିକ୍ରୟ—1. Sale and purchase.
বিকিকিনি, বেচাকেনা ୨। ପଣ୍ୟ ଦ୍ରବ୍ୟର କ୍ରୟବିକ୍ରୟ—
**बिक्री खरीद** 2. Transactions of sale and purchase of commodities; selling and buying of merchandise.
କାହିଁ ଲୋକ ଗହଳ ବିକା କିଣା ଚହଳ—ମଧୁସୂଦନ, ନଗରଚିତ୍ର।

**ବିକାନ୍ତ**—ଦେ. ବିଣ (ସଂ. ବିକାନ୍ତା)—ଯାହାର କାନ୍ତ ନାହିଁ—One
Bikānta who has no husband or has lost her husband.
ଉତ୍ତରୁ ଅଇଲା ଶୀତ ବିକାନ୍ତ କୁମାରୀ
କାନ୍ତ ଥିଲା କାମିନୀଙ୍କି ତୂଳ ଅଧରେ—ପ୍ରାଚୀ ଉତ୍କଳସଂମଙ୍ଗଳ।

**ବିକା ବିକି**—ଦେ. ବି. ( ସହଚର ଶବ୍ଦ )—୧। ବିକ୍ରୟାଦି କର୍ମମାନ—
Bikā biki 1. The acts of sale etc.
বেচাবেচি ୨। ଅନେକ ବସ୍ତୁର ବିକ୍ରୟ—
**बेचाबेचि** 2. Sale of many things.

**ବିକା ଭଙ୍ଗା**—ଦେ. ବି. ( ସହଚର ଶବ୍ଦ )—ଦ୍ରବ୍ୟାଦି ବିକିବା କର୍ମ—
Bikā bhaṅgā The act of selling things.
(ବିକା ଭଙ୍ଗା କରିବା—କ୍ରିୟାରୂପ)
× × × ପାଞ୍ଚଶ ମାଣ ମଧ୍ୟରୁ ଦଶବର୍ଷ ମଧ୍ୟରେ ଗୃହିଣୀ ମାଣ
ବିକା ଭଙ୍ଗା ସରିଲାଣି—ଫକୀରମୋହନ, ଛମାଣ ଆଠଗୁଣ୍ଠ।

**ବିକାଯିବା**—ଦେ. କି. (ବିକିବା କ୍ରିୟାର କର୍ମବାଚ୍ୟ ରୂପ)—୧ । ବିକ୍ରୀତ
Bikājiba ବେଚା হওয়া **বিকনা** ହେବା —1. To be sold.
(ବିକା ହେବା—ଅନ୍ୟରୂପ) ୨ । ଲୋକଙ୍କଦ୍ୱାରା ଆଦୃତ ହେବା—
2. To be sought after by people.

**ବିକାର**—ସଂ. ବିଣ. ( ବି+କୃ ଧାତୁ+ଭାବ. ଅ. )—୧ । ବିକୃତି;
Bikāra ପ୍ରକୃତିର ବା ସ୍ୱଭାବର ବୈଲକ୍ଷଣ୍ୟ —1. Change
(ବିକୃତ—ବିଣ) of nature; deviation from the natural
state. ୨ । ଆକାରର ପରିବର୍ତ୍ତନ ବା ଅନ୍ୟଥାଭାବ;
ଅବସ୍ଥାନ୍ତର—2. Change of form; modification; transformation.
୩ । ମସ୍ତିଷ୍କ ବିଗିଡ଼ିବା—3. Derangement of brain.
୪ । ବ୍ୟାଧି; ରୋଗ; ଅସ୍ୱାସ୍ଥ୍ୟ—4. Disease.
୫ । ସ୍ଖଳନ; ଉପସ୍ଥିତ ବସ୍ତୁର ନାଶ ବା ଅବନତି—
5. Destruction or deterioration of an existing thing. ୬ । ବ୍ୟାଧିର ଉତ୍କଟ ପରିଣାମ—
6. Fatal condition of a disease; crisis of an illness. ୭ । ଜ୍ୱରର ପ୍ରାବଲ୍ୟ ହେତୁ ମସ୍ତିଷ୍କର ବିକୃତି ଓ ପ୍ରଳାପ ଅବସ୍ଥା; ଜ୍ୱର ବିକାର; ସନ୍ନିପାତ—
7. Fit of delirium attending high fever. ୮ । ମନର ବା ଉଦ୍ଦେଶ୍ୟର ପରିବର୍ତ୍ତନ—8. Change of mind or purpose ( Āpte ). ୯ । ମନୋଭାବର ପ୍ରାବଲ୍ୟ—9. Emotion; feeling (Apte). ୧୦ । ବ୍ୟାକୁଳତା—10. Agitation; excitement ( Apte ). ୧୧ । ମୁଖର ବ୍ୟାଦାନ ବା ସଙ୍କୋଚନଜନିତ ବିକଟତା—11. Contortion of the features or face ( Apte ). ୧୨ । କ୍ଷତ—12. Wound ( Apte ). ୧୩ । ଦୋଷ ( ହି. ଶବ୍ଦସାଗର )—
13. Defect.

বিকার ଦେ. ବି—୧ । ଉପଦଂଶ ରୋଗ—1. Syphilis.
୨ । ମନରେ ଘୃଣାଭାବ—2. Sense of hate; feeling of revulsion or aversion.
୩ । ଖାଦ୍ୟ ଦ୍ରବ୍ୟ ପ୍ରତି ଅରୁଚି—3. Aversion to food. ୪ । ବମନେଚ୍ଛା—4. Tendency to vomit.

**ବିକାର ଗ୍ରସ୍ତ**—ସ. ବିଣ. ପୁଂ (ତତ୍ପୁ ତତ୍)—ବିକାର ଦ୍ୱାରା ଉତ୍ପୀଡ଼ିତ—
Bikāra grasta Affected with or suffering from
(ବିକାରଗ୍ରସ୍ତା—ସ୍ତ୍ରୀ) 'Bikāra.

**ବିକାରିଆ**—ଦେ. ବିଣ. (ସ. ବିକାରୀ)—୧ । ବିକାର ଗ୍ରସ୍ତ—
Bikāria 1. Overtaken with Bikāra.
(ବିକାରିଆ—ଅନ୍ୟରୂପ) ୨ । ଯେ ଘୃଣା କରେ—2. Hating
বিকারী ୩ । ଘୃଣାଜନକ; ଯାହା ଘୃଣାର ଉଦ୍ରେକ କରାଏ—
বিকারী 3. Hateful; repulsive.
୪ । ଅରୁଚିକର—4. Distasteful; causing aversion.

**ବିକାରିତ**—ସ. ବିଣ. (ବିକାର+ଇତ)—ବିକାର ପ୍ରାପ୍ତ—
Bikārita Transformed; changed.

ସେ ପୁଣି କାହେ ବିକାରିତ
ତେବେ ତାହାର ତତ୍ତ୍ୱ ଜାଣ । ଜଗନ୍ନାଥ· ଭାଗବତ ।

**ବିକାରୀ**—ସଂ. ବିଣ. ପୁଂ ( ବିକାର+ଇନ୍; ୧ମା. ୧ବ )—
Bikāri ୧ । ବିକାର ଯୁକ୍ତ—1. Having undergone
(ବିକାରିଣୀ—ଅନ୍ୟରୂପ) change. ୨ । ମନୋବିକାରଯୁକ୍ତ—
2. Having revulsion of feeling.

**ବିକାରେ**—ଦେ. କ୍ରି. ବିଣ—୧ । ଭୟଙ୍କର ଭାବରେ—
Bikāre 1. Fiercely; terribly.
বিকারে ୨ । ବିକୃତ ରୂପ ଧାରଣ କରି—2. Assuming a terrible form. ( ଉଦାହରଣ—ବିକାରେ ହୁଙ୍କାରେ କରି ଗର୍ଜନ ଉଚ୍ଚେକ ମାରି ଭଲେ ଯମ ବେଳ ଜଙ୍ଘ ଫୁଟାଇ ଦେଲା । ଉକ୍ତ. ବୈଦେହୀଶବିଳାସ )

**ବିକାର୍ଯ୍ୟ**—ସଂ. ବିଣ. ( ବି+କୃ ଧାତୁ+କର୍ମ. ଯ)—ବିକୃତିର ଯୋଗ୍ୟ
Bikārjya Capable of being transformed.

**ବିକାଳ**—ସଂ. ବି. ( ବି=ବିପରୀତ ବା କ୍ଷୀଣ+କାଳ )—୧ । ଦୁପରବେଳ; ଅପରାହ୍ଣ ( ଭୁଲ. ବ. ବିକାଲ )—1. After-
Bikāla
(ବିକାଳକ—ଅନ୍ୟରୂପ) noon; the latter half of the day. ୨ । ଅସମୟ; ବେକାଳ—2. Unfavourable time. ୩ । ଲକ୍ଷିତକାଳ; ଦୈବ ପିତ୍ରାଦି କର୍ମର ବିରୁଦ୍ଧ କାଳ 3. Inauspicious time. ୪ । ସାୟଂକାଳ (ହି. ଶ)—4. Evening. ୫ । ଅତିକାଳ; ବିଳମ୍ବ (ହି. ଶ)—5. Delay. ୬ । ମହାଦେବଙ୍କ ଅନୁଚରବିଶେଷ—
5. Name of an attendant of Śiba. [ ତ୍ରିକାଳ ଓ ବିକାଳ ଏହି ଦୁଇ ଜଣ ଶିବଙ୍କର ଦୂତ ବୋଲି ପୁରାଣରେ ବର୍ଣ୍ଣିତ ହୋଇଅଛି । ] ୬ । ଯମଦୂତବିଶେଷ—
6. Name of an attendant of the God of death.

**ବିକାଳି**—ଦେ. ବି—୧ । ବିକ୍ରେତା—1. Seller; dealer; vendor. ୨ । (ସ. ବିକାଳ=ଅକାଳ) ଅସମୟ; ଅପ୍ରତ୍ୟାଶିତ ସମୟ; ଅନୁପଯୁକ୍ତ ସମୟ—2. Improper time.
Bikāli
বিক্রেতা
বেঁচনে বালা ( ଯଥା—ସେ ଆମ ଘରେ ଆସି ରାତି ବିକାଳି ପହଞ୍ଚି
অসময় (ବିକାଳିଆ—ଅନ୍ୟରୂପ) ଗଲେ । )

**ବିକାଳିକା**—ସଂ. ବି. (ବିକାଳ+କ+ଆ)—୧ । ଜଳ ଘଡ଼ି (ହି.ଶ)—
Bikālikā 1. Water clock; water-glass. ୨ । ଘଡ଼ିଆଳ କୁମ୍ଭୀରର ଥୋମଣି ଉପରେ ଥିବା କଟୋରି (ହି. ଶ)—
2. A cup-like formation on the snout of a gavial.

**ବିକାଶ(ସ)**—ସ. ବି. (ବି+କାଶ୍ ଧାତୁ=ଦୀପ୍ତ ପାଇବା+ଭାବ.ଅ) —
Bikāsa(sa) ୧ । ପ୍ରକାଶ—1. Manifestation. ୨ ।
[ବିକାଶ(ସ)—ଅନ୍ୟରୂପ] ବିସ୍ତାର—2. Expansion. ୩ । କ୍ରମପ୍ରକାଶ; କ୍ରମେ କ୍ରମେ ଫୁଟିବା—3. Evolution. ୪ । ପ୍ରକଟନ—4. Promulgation. ୫ । ଉଲ୍ଲାସ—5. Joy; publication. ୬ । ଆକାଶ—6. Sky. ୭ । ବିଷମ ଗତି—7. Circuitous motion; uneven

steps; tottering motion. ୮ । ଗୋପନ—8. Concealment. ୯ । ବିଜନ—9. Solitude.

**ବିକାଶି(ସି)ବା**—ଦେ. କ୍ରି. ( ସଂ. ବି+କାଶ୍ ଧାତୁ )—୧ । ବିକଶିବା; **Bikāsi(si)bā** ପ୍ରକାଶିତ ହେବା; ପ୍ରକାଶ୍ୟମାନ ହେବା—
विकशना 1. To be manifested to view. ୨ । ପ୍ରକଟିତ
विकसना ହେବା; ବିଖ୍ୟାତ ହେବା—2. To be published.
विकाशना ୩ । ବିକଶାଇବା; ପ୍ରକାଶିତ କରିବା; ପ୍ରଦର୍ଶନ କରିବା—
विकासना 3 To exhibit; to show. ( ଉଦାହରଣ—ତାହାକୁ ନାଶ କଲେ ବିକାଶିବ ଯଶ । କୃଷ୍ଣସିଂହ. ମହାଭାରତ. ବନ ) ୪ । ବିସ୍ତାରିତ କରିବା—4. To spread. ୫ । ପ୍ରସ୍ଫୁଟିତ ହେବା—5. To bloom; (said of a flower). ୬ । ପ୍ରକାଶ କରିବା; କହିବା—6, To disclose; to speak out. (ଉଦାହରଣ—ବିକାଶ ତୁମ୍ଭେ କେ ତୁମ୍ଭ ଏ ବନ ଦେଶରେ—ଉପେ. ବୈଦେହୀଶବିଳାସ )

**ବିକାଶୀ(ସୀ)**—ସଂ. ବିଣ. ପୁଂ ( ବିକାଶ+ଇନ୍; ୧ମା. ୧ବ )—୧ । **Bikāsī(sī)** ବିକାଶଶୀଳ—1. Expanding. ୨ । ପ୍ରକାଶ-
[ବିକାଶି(ସି)ନୀ—ସ୍ତ୍ରୀ] ମାନ—2. Manifest. ୩ । ପ୍ରକାଶକାରୀ—3. Manifesting. ୪ । ପ୍ରଫୁଲ୍ଲ; ହର୍ଷଯୁକ୍ତ—4. Delighted. ୫ । ବିସ୍ତାରକାରୀ—5. Spreading.

**ବିକି କିଣି**—ଦେ. ଅ. (ସହଚର ଶବ୍ଦ ) (ବିକିବା ଓ କିଣିବା କ୍ରିୟାର **Biki kiṇi** ଅସମାପିକା ଆକାର ଦ୍ୱୟ )—ବିକି କିଣି କରି; ବେଚେ କେନେ ବିକ୍ରୟ କରି ଓ କ୍ରୟ କରି—By selling and बिक्री खरदि करके purchasing.

**ବିକିବା**—ଦେ. କ୍ରି. (ସଂ. ବି+କ୍ରୀ ଧାତୁ)—ମୂଲ୍ୟ ଗ୍ରହଣ କରି ଅନ୍ୟକୁ **Bikibā** କୌଣସି ବସ୍ତୁ ଦେବା; ବିକ୍ରୟ କରିବା—To sell; to
বিকা, বেচা vend. (ଉଦାହରଣ—ଯେ ଧନ ଅର୍ଥେ ବିକେ ପ୍ରାଣ
बेचना ତାହାର କାହିଁ ପରିତ୍ରାଣ । ଜଗନ୍ନାଥ. ଭାଗବତ) (ଯଥା—
[ବିକା(କେ)ଇବା—ଣିଜନ୍ତ] ନାମ ବିକିବା, ଜାତି ବିକିବା, ହୃଦୟ (ଜଣିବା—ବିପରୀତ) ବିକିବା, ପ୍ରାଣ ବିକିବା, କନ୍ୟା ବିକିବା—ଇତ୍ୟାଦି । )

**ବିକିବା କିଣିବା**—ଦେ. କ୍ରି.—(ବିପରୀତାର୍ଥକ କ୍ରିୟାଦ୍ୱୟ)—୧ । ବିକ୍ରୟ **Bikibā kiṇibā** କରିବା ଓ କ୍ରୟ କରିବା—1. To sell and
বেচা কেনা to purchase. ୨ । ( ଲକ୍ଷଣାର୍ଥ ) ଅଧୀନରେ
बेचना खरिद्‌ना ରଖିବା—2. (figurative) To make a person one's own.
(ଉ.—ବିକେ କିଣେ ଯେ ଯାହାକୁ ସ୍ନେହେ ।
କବିସୂର୍ଯ୍ୟ ବଳଦେବରଥ. ବ ଗୀତ । )

**ବିକିବା ଭାଙ୍ଗିବା**—ଦେ. କ୍ରି—( ସହଚର ଶବ୍ଦ )—ଅନେକ ପଦା **Bikibā bhāṅgibā** ବିକ୍ରୟ କରିବା—To sell away many things.
[ଉ.—ପୂର୍ବପୁରୁଷର ପ୍ରତିଷ୍ଠା ବିଶାଳ
ବିକି ଭାଙ୍ଗି ଯାଉଥିବ କେତେ କାଳ । ରାଧାନାଥ. ଦରବାର ।]
[ଦ୍ର—ସୁନା ରୁପାର ଅଳଙ୍କାର ଅବଦ୍ଧ ଭାଙ୍ଗି ଅଳଙ୍କାର ବିକି କରିବା ସ୍ଥଳରୁ ଦ୍ୱିଗୀୟ ସହଚର ଶବ୍ଦ ବ୍ୟବହୃତ ।]

**ବିକିର**—ସଂ. ବି.— (ବି+କୃ ଧାତୁ—ବିକ୍ଷେପ କରିବା+କର୍ତ୍ତୃ. ଅ)—**Bikira** ୧ । ପକ୍ଷୀ—1. Bird. ୨ । (+କର୍ମ. ଅ)—କୁଶ—2. A sacred grass; Poa Synosuroides. ୩ । ଶ୍ରାଦ୍ଧ ବା ଶାଦ୍ଧ କାଳରେ ଭୂମି ନବାରଣାର୍ଥେ ବିକ୍ଷିପ୍ତ ତଣ୍ଡୁଳାଦି—3. Grains of rice scattered about at the place of a śrāddha. ୪ । (+ଭାବ. ଅ) ବିକିରଣ—4. Scattering about; diffusion. ୫ । ଅଗ୍ନିଦଗ୍ଧ ବ୍ୟକ୍ତିଙ୍କୁ ପିଣ୍ଡଦାନ—5. Funeral cakes offered to the soul of a burnt person. ୬ । କୂଅ (ହି. ଶ)—6. Well.

**ବିକିର ଜଳ**—ସଂ. ବି—ନଦୀତୀରସ୍ଥ ବାଲୁକାମୟ ଭୂମିରେ କୂପ ବା ଗର୍ତ୍ତ **Bikira jala** ଖନନ କଲେ ଯେ କୂପରୁ ଯେଉଁ ଜଳ ମିଳେ—Water got from a well or hole dug in the sandy shore of a river. [ଦ୍ର—ବୈଦ୍ୟଶାସ୍ତ୍ରମତରେ ଏହା ଶୀତଳ, ସ୍ୱଚ୍ଛ, ନିର୍ଦ୍ଦୋଷ, ଲଘୁ, କଷାୟ-ମଧୁର ରସ, ଓ ପିତ୍ତ ନାଶକ । ଏହି ଜଳ କ୍ଷାରବିଶିଷ୍ଟ ହେଲେ କଫ ପିତ୍ତକର ହୁଏ—ଦ୍ରବ୍ୟଗୁଣ ।]

**ବିକିରଣ**—ସଂ. ବି. (ବି+କୃ ଧାତୁ=ବିକ୍ଷେପ କରିବା+ଭାବ. ଅନ)-**Bikiraṇa** ୧ । ବିକ୍ଷେପକରଣ; ଏଣେ ତେଣେ ଫୋପାଡ଼ି ଦିଆ ହେବା; ବିଛି ହେବା—1. Scattering about; dispersion. ୨ । ବିସ୍ତାରକରଣ—2. Spreading. ୩ । (ବିଜ୍ଞାନ ପରିଭାଷା)—କୌଣସି ଉତ୍ତପ୍ତ ଦ୍ରବ୍ୟରୁ ତାପ ଚାରି ଆଡ଼େ ବିଛି ହୋଇଯିବା—3. ( physics ) Diffusion of heat from any heated body. ବିଣ.—( ବି.=ବିଗତ, ନାହିଁ+କିରଣ ଯାହାର)—କିରଣହୀନ—Rayless.

**ବିକିରି**—ଦେ. ବି.—(ସଂ· ବିକ୍ରୟ)—ବିକ୍ରୟ—Sale.
**Bikiri** विक्री बिक्कि ଦେ. ବିଣ—ବିକ୍ରୀତ—Sold.

**ବିକି ହେବା**—ଦେ. କ୍ରି—( ସଂ. ବିକ୍ରୀତ )—୧ । ଅପଣାର ଶରୀରକୁ **Biki hebā** ପରଠାରେ ବିକି କରିବା; ପରଠାରେ ଅପଣା ଜୀବନ
বিকান, বিক্কি হওয়া ସମର୍ପଣ କରିବା—1. To sell one's self
बिकजाना to another; to dedicate one's life to another. (ଉଦାହରଣ—ସତ୍ୟେ ହରିଚନ୍ଦନ ପୃଥିବୀ ଦାନ ଦେଇ, ଶୁଣ୍ଡାଳ ଘରେ ଯାଇ ବିକି ସେ ହୋଇଲେ । ପ୍ରତାପ. ଶଶିସେଣା)। ୨ । ପର ଘରେ ଚାକର ବା ଦାସବୃତ୍ତି କରିବା—2. To take service under another. ୩ । ପରଠାରେ ଅପଣାର ମନକୁ ବନ୍ଦୀ କରିବା; ଅନ୍ୟ ବ୍ୟକ୍ତିକୁ ଅତ୍ୟନ୍ତ ସ୍ନେହ କରିବା—3. To be very much attached to another. (ଉଦାହରଣ—ହେବି ଶୀତରଙ୍କେ ବିକି । ଅଭିମନ୍ୟୁ. ବିଦଗ୍ଧଚିନ୍ତାମଣି ।)

**ବିକୀରଣ**—ସଂ. ବି.—ଅର୍କ ଗୁଳ୍ମ—
**Bikīraṇa** Calotropis Gigantea (M. W.)

ବିକୀ(କି)ରିବା—ଦେ. (ପଦ୍ୟ) କ୍ରି—(ସଂ. ବିକିରଣ)—ବିକିରଣ କରିବା-
Biki(ki)riba ବିକୀରୀ To spread. (ଉଦାହରଣ—ସେ ଭିଜ
ସୁବାସ ବିକୀରଇ ବାତ, ଭ୍ରମି ଭ୍ରମି ଦିଶେ ଦିଶେ ।
ଜଦୁବଂଶୋର. ଭର୍ଜୁରଣୀ ।

ବିକୀର୍ଣ୍ଣ—ସଂ. ବିଣ—(ବି+କୃ. ଧାତୁ+ତ)—୧ । ଇତସ୍ତତଃ ବିକ୍ଷିପ୍ତ—
Bikirnna 1. Scattered about; diffused. ୨ ।
(ବିକୀର୍ଣ୍ଣା—ସ୍ତ୍ରୀ) ବିସ୍ତୃତ—2. Spread; expanded. ୪ ।
ପ୍ରସିଦ୍ଧ (ବ୍ଯ. ପ୍ର)—4. Celebrated.

ବିକୀର୍ଯ(ର୍ଯ୍ୟ)ମାଣ—ସଂ. ବି—(ବି+କୃ. ଧାତୁ+ଅନ)—୧ । ଯାହା ବିସ୍ତ
Bikirja(rjya) mana ଯାଉଅଛି; ବିକ୍ଷିପ୍ୟମାଣ—1. Being
spread or strewn

ବିକୁକ୍ଷି—ସଂ. ବି.—(ବି=ବିଶୀର୍ଣ୍ଣ ହୋଇ ଅଛି କୁକ୍ଷି=ଉଦର ଯାହାର)-
Bikukshi ୧ । କୃଶୋଦର; ଯାହାର ପେଟ ଶୁଖି ଯାଇଅଛି ବା
ଖାଲା ହୋଇଅଛି—1. With the belly receding inwards (through want of food) ୨ । (ନାମ) ସୂର୍ଯ୍ୟବଂଶର ରାମଚନ୍ଦ୍ରଙ୍କ ପୂର୍ବପୁରୁଷ
ଜଣେ ରାଜା—2 Name of a king of the solar dynasty, ancester of Rāmachandra.
[ଦ୍ର.—ବିକୁକ୍ଷି ବଂଶେ ଜାତ ରାମ ଅଣ, ବୈବସ୍ୱତ ଏ
ଗଣେ ତା ମାର୍ଗଣେ । ଉପ. ବୈଦେହୀଶବିଳାସ ।]

ବିକୁଣ୍ଠ—ସଂ. ବି—ବୈକୁଣ୍ଠ ଧାମ; ବିଷ୍ଣୁପୁରୀ—Paradise; the
Bikuntha residence of Bishnu.

ବିକୁଣ୍ଠିତ—ସଂ. ବିଣ (ବି+କୁଣ୍ଠି ତ)—୧ । ବାଧାପ୍ରାପ୍ତ—1. Obstracted.
Bikunthita ୨ । ବିକଳୀକୃତ—2. Maimed; paralysed.
୩ । କୁଣ୍ଠୀକୃତ; ଦନ୍ତୁରା ହୋଇଥିବା—3. Blunted.

ବିକୃତ—ସଂ. ବିଣ. (ବି+କୃ ଧାତୁ+କର୍ମ. ତ)—୧ । ସ୍ୱଭାବର
Bikruta ଅନ୍ୟଥା ପ୍ରାପ୍ତ; ଅସ୍ୱାଭାବିକ—1. Deviated from the natural state; unnatural. ୨ । ବିକାର
ପ୍ରାପ୍ତ—2. Deteriorated; depraved. ୩ ।
ଅନ୍ୟାକୃତ; ପରିବର୍ତ୍ତିତ—3. Changed. ୪ ।
ଅବସ୍ଥାନ୍ତରପ୍ରାପ୍ତ—4. Transformed. ୫ । ବିଗିଡ଼ି
ଯାଇଥିବା; ନଷ୍ଟ—5. Spoiled; deranged; disordered. ୬ । ବିକଟୀକୃତ—6. Made horrid; distorted. ୭ । ଭୟଙ୍କର; ବିକଟ—7. Horrible; ugly. ୮ । ବିକଳତାପ୍ରାପ୍ତ—8 Maimed; deformed. ୯ । ପୀଡ଼ିତ; ବ୍ୟାଧିଗ୍ରସ୍ତ; ରୁଗ୍ଣ—9. Diseased; deranged. ୧୦ । ଅସନ୍ତୁଷ୍ଟ; ବିଦ୍ରୋହୀ
( ବ୍ଯ. ପ୍ର. )—10. Revolted; rebellious. ବି—
ବିକାର ( ଦେଖ )—Bikāra ( See ) ଦେ. ବି—
ରୋଗ—Disease. ବିଣ—ବିମନା—Dissatisfied.
( ଉଦାହରଣ—ବିକୃତ ହୃଦ ମୁଁ ସୁକୃତ କରୁଛି, ତୋହ-
କୁତ ରସେ ମୋର ପ୍ରୀତ । ଉପ. ବୈଦେହୀଶବିଳାସ ।

ବିକୃତ ଅବସ୍ଥା—ସଂ. ବିଣ ( କର୍ମଧା; ବିକୃତ+ଅବସ୍ଥା )—ବିଗିଡ଼ି
Bikruta abasthā ଥିବା ଅବସ୍ଥା—Deranged state.
(ବିକୃତାବସ୍ଥା—ଅନ୍ୟରୂପ)

ବିକୃତ ନେତ୍ର—ସଂ. ବିଣ. ପୁଂ ( ବହୁବ୍ରୀହି; ବିକୃତ+ନେତ୍ର )—
Bikruta netra ଯାହାର ଆଖି ବିକଟ ହୋଇଥାଏ—
(ବିକୃତନେତ୍ରା—ସ୍ତ୍ରୀ) Having distorted eyes.
(ବିକୃତଦୃଷ୍ଟି—ଅନ୍ୟରୂପ)

ବିକୃତ ବୁଦ୍ଧି—ସଂ. ବିଣ ( ବହୁବ୍ରୀହି; ବିକୃତ+ବୁଦ୍ଧି )—ମନ୍ଦବୁଦ୍ଧି—
Bikruta buddhi Of deranged intellect; of perverse mind.

ବିକୃତ ଭ୍ରୂଣ—ସଂ. ବି ( ଡାକ୍ତରୀ )—ଗର୍ଭରେ ଥିବା ଭ୍ରୂଣ ମରିଗଲା
Bikruta bhrūna ଯୋଗୁଁ ପେଟରୁ ଖସି ପଡ଼ିବା ମାଂସ ବା ରକ୍ତ
ପିଣ୍ଡୁଳା—(Medical term) Mole.

ବିକୃତ ମୁଖ—ସଂ. ବିଣ. ପୁଂ ( ବହୁବ୍ରୀହି; ବିକୃତ+ମୁଖ ଯାହାର )—
Bikruta mukha କୁତ୍ସିତ ମୁଖଯୁକ୍ତ; ବିକଟୀକୃତମୁଖ,
(ବିକୃତବଦନ, ବିକୃତାନନ—ଅନ୍ୟରୂପ) ବିକଟାଲମୂର୍ତ୍ତି—Of
(ବିକୃତମୁଖୀ, ବିକୃତବଦନା, ବିକୃତାନନା—ସ୍ତ୍ରୀ) distorted face.

ବିକୃତ ଶରୀର—ସଂ. ବିଣ. ପୁଂ ( ବହୁବ୍ରୀହି; ବିକୃତ+ଶରୀର )—
Bikruta śarira କଦର୍ଯ୍ୟ ଦେହବିଶିଷ୍ଟ; କୁତ୍ସିତାଙ୍ଗ—
(ବିକୃତଦେହ, ବିକୃତାଙ୍ଗ—ଅନ୍ୟରୂପ) Deformed.
(ବିକୃତ ଶରୀରା, ବିକୃତ ଦେହା, ବିକୃତାଙ୍ଗୀ—ସ୍ତ୍ରୀ)

ବିକୃତ ସ୍ୱର—ସଂ. ବିଣ. ପୁଂ (ବହୁବ୍ରୀହି)—୧ । ଯାହାର କଣ୍ଠସ୍ୱର ବିଗିଡ଼ି
Bikruta swara ଯାଇଅଛି—1.One whose tone or
(ବିକୃତସ୍ୱରା—ସ୍ତ୍ରୀ) voice has become deranged ୨। ଯେଉଁ
ଯନ୍ତ୍ରର ସ୍ୱର ବିଗିଡ଼ି ଯାଇଅଛି—2.Out of tune. ସଂ. ବି.
( କର୍ମଧା )—୧ । ବିଗିଡ଼ି ଯାଇଥିବା ସ୍ୱର—1.
Deranged tone. ୨ । ( ସଙ୍ଗୀତ ) ଯେଉଁ ସ୍ୱର
ଅପଣାର ନିର୍ଦ୍ଦିଷ୍ଟସ୍ଥାନରୁ ଭ୍ରଷ୍ଟ କରି ଅନ୍ୟ ଶ୍ରୁତିର ଆଶ୍ରୟ
କରେ—(music) A tune which has deviated from its proper place. [ ଦ୍ର—ହିନ୍ଦୁ ସଙ୍ଗୀତ
ଶାସ୍ତ୍ରରେ ବିକୃତସ୍ୱରର ସଂଖ୍ୟା ୧୨ ଟି ଯଥା—୧ ।
ଚ୍ୟୁତଷଡ଼ଜ, ୨ । ଅଚ୍ୟୁତଷଡ଼ଜ, ୩ । ବିକୃତଷଡ଼ଜ, ୪ ।
ସାଧାରଣଗାନ୍ଧାର, ୫ । ଅନ୍ତରଗାନ୍ଧାର, ୬ । ଚ୍ୟୁତମଧ୍ୟମ,
୭ । ଅଚ୍ୟୁତମଧ୍ୟମ, ୮ । ତ୍ରିଶ୍ରୁତିମଧ୍ୟମ, ୯ । କୈଶିକ-
ପଞ୍ଚମ, ୧୦ । ବିକୃତଧୈବତ, ୧୧ । କୈଶିକ ନିଷାଦ ଓ
୧୨ । କାକଲୀ ନିଷାଦ—ହି ପ ]

ବିକୃତି—ସଂ. ବି ( ବି+କୃ ଧାତୁ+ଭାବ. ତି )—୧ । ବିକାର ( ଦେଖ )
Bikruti —1. Bikāra ( See ) ୨ । ବିକାରପ୍ରାପ୍ତ ରୂପ
( ବ୍ଯ. ପ୍ର )—2. Deformed shape. ୩ । ମନର
ଶୋକ ( ବ୍ଯ. ପ୍ର )—3. Grief; sorrow.

ବିକୃଷ୍ଟ—ସଂ. ବିଣ ( ବି+କୃଷ ଧାତୁ+କର୍ମ. ତ )—ଆକୃଷ୍ଟ—
Bikrushta Drawn; attracted.

**ବିକେଶ**—ସଂ. ବିଣ ପୁଂ [ବି+କେଶ]—୧ । ଯାହା ବାଳ ମୁକୁଳା Bikesa ହୋଇଅଛି [ ବ୍ରୁ ଶ ]—1. With dishevelled (ବିକେଶା—ସ୍ତ୍ରୀ) hair. ୨ । ଟାଙ୍ଗରା [ ବ୍ରୁ ଶ ]—2. Bald.

**ବିକୋଟି କୋଟିବା**—ଦେ. କ୍ରି [ ସଂ. ବିକର୍ତ୍ତନ+କର୍ତ୍ତନ ]—୧ । Bikoti kotiba ପୁନଃ ପୁନଃ ବିକୋଟିବା ବା କାଟିବା— 1. To cut repeatedly; to chop. ୨ । ଅତି କଷ୍ଟ ଦେବା—2. To afflict greatly. [ ଉଦାହରଣ— ବୋଲେ ଯେ ମୁକତି କତି ଏ କେଉଁ ଗାରତି ରତି ପତି ଯେ ଏବେ ବିକୋଟି କୋଟି । ଉତ୍ତ. ପ୍ରେମସୁଧାନିଧି ।]

**ବିକୋଟିବା**—ଦେ. ( ପ୍ରାଚୀନ ପଦ୍ୟ ) କ୍ରି. ( ସଂ. ବି+କୃତ ଧାତୁ— Bikotiba କାଟିବା; ବିକୃନ୍ତନ; ବିକର୍ତ୍ତନ )—୧ । କରତରେ ( ବିକୋଟି ହେବା—କର୍ମବାଚ୍ୟରୂପ ) ଚିରିବା—1. To saw. କାଟା କାଟନା ୨ । କାଟିବା—2. To cut. ୩ । ( ସଂ. ବି+କୃ ଧାତୁ) ବିକୃତ କରିବା—3. To cause distortion. ୪ । ବିକଳାଙ୍ଗ କରିବା—4. To maim. ୫ । କ୍ଷତ ବିକ୍ଷତ କରିବା—5. To lacerate. ୬ । ଛିଣ୍ଡାଇବା— 6. To cut asunder. ୭ । କାମୁଡ଼ି କରି ଛିଣ୍ଡାଇବା— 7. To bite off. ୮ । ( ଲକ୍ଷଣାର୍ଥ ) ନିଦାରୁଣ କଷ୍ଟ ଦେବା—8. ( figurative ) To afflict greatly. (ଉଦାହରଣ—ବିକୋଟି ନାଶା ଭୁଜେ ଶ୍ରୁତି ଛିନାଇ ପଛେ ଅଙ୍ଗୁଷ୍ଠରେ ଉତପିଷ୍ଟେ—ଉତ୍ତ. ବୈଦେହୀଶବିଳାସ । )

**ବିକୋଷ**—ସଂ. ବିଣ. ( ବି+କୋଷ )—୧ । ଖୋଳରୁ ବା ଖାପରୁ Bikosha ବାହାର କରି ଯାଇଥିବା; ନିଷ୍କାସିତ ( ଖଡ୍ଗ )— (ବିକୋଷିତ—ଅନ୍ୟରୂପ) 1. Drawn forth from the scabbard; unsheathed (sword). ୨ । ଆବରଣ- ହୀନ—2. Coverless. ୩ । ଆବରଣମୁକ୍ତ—3. Un- covered; bared.

**ବିକୋଷିବା**—ଦେ (ପଦ୍ୟ) କ୍ରି (ସଂ. ବିକୋଷ)—ଖଡ୍ଗକୁ ଖାପରୁ ମୁକ୍ତ Bikoshiba କରିବା—To draw out a sword from the বিকোষা विकोसना scabbard; unsheathed (sword). (ଉଦାହରଣ—ବିକୋଷିଲି କୃପାଣ ସତ କୃପାଣସ୍ଥାନ ମାରତ ଜନକକୁମାରୀ ସେ । ଉତ୍ତ. ବୈଦେହୀଶବିଳାସ ।)

**ବିକ୍କ**—ସଂ. ବି—(ବିକ୍=ଅନୁକରଣ ଶବ୍ଦ+କୈ. ଧାତୁ=ରବବା+ Bikka କର୍ତ୍ତୃ. ଅ )—ହସ୍ତିଶାବକ—The young of an elephant.

**ବିକ୍ରମ**—ସଂ. ବି (ବି+କ୍ରମ୍ ଧାତୁ=ଯିବା+ଭାବ. ଅ)—୧ । ସାମର୍ଥ୍ୟ; Bikrama ବଳ; ପରାକ୍ରମ—1. Might; strength; prow- ess. ୨ । ଶକ୍ତି—2. Power; energy. ୩ । ବୀରତ୍ୱ—3. Heroism; bravery. ୪ । ସାହସ— 4. Courage; valour ୫ । ପାଦକ୍ଷେପଣ; ଚଳନ; ଗତି—5. Motion; movement; stride. ୬ । ବେଗ—6. Velocity. ୭ । ଆକ୍ରମଣ—7. Attack- ing; invading. ୮ । ପକ୍ଷୀର ଗତି—8. Flight of a bird. ୯ । ପାଦ; ଚରଣ; ଗୋଡ଼—9. Leg; foot. ୧୦ । ପଦ୍ୟର ଚରଣ; ଶ୍ଳୋକର ପାଦ— 10. A foot of a verse. ୧୧ । ବିକ୍ରମାଦିତ୍ୟ (ଦେଖ)—11. Bikramaditya (See) ୧୨ । (ସଙ୍ଗତ ନାମୋକ୍ତି) ବିଷ୍ଣୁଙ୍କର ଏକନାମ—12. A name of Bishnu ୧୩ । କ୍ରମ ବର୍ଜିତ ବେଦପାଠ (ବ୍ରୁ. ଶ)- 13. Recital of the Beda without proper sequence. ଦେ. ବି, ପୁଂ. ପୁରୁଷଙ୍କୁ ଦିଆଯିବା ନାମ— A name given to males. [ ଦ୍ର—ଏହି ନାମ- ଧାରୀ ଜୟପୁର ରାଜ୍ୟର କବି ପଣ୍ଡିତ ରାଜା ଶ୍ରୀ ବିକ୍ରମ ଦେବ ବର୍ମାଙ୍କ କୀର୍ତ୍ତି, ବିଦ୍ୟା, ବଦାନ୍ୟତା ଓ ଉଦାରତା ଭୁବନ ଓ ଅନ୍ୟ ଖଣ୍ଡରେ ସୁବିଖ୍ୟାତ । ]

**ବିକ୍ରମ କେଶରୀ**—ଦେ. ବି—୧ । ବଳୁଆ ସିଂହ—1. A very Bikrama kesari strong lion. (ଉଦାହରଣ— ଭାଜନେ ବିକ୍ରମ କେଶରୀ ମତ । ଶିଶୁଶଙ୍କର ଉଷାଅଭିଳାଷ ।) ୨ । ଲୋକଙ୍କୁ ଦିଆଯିବା ନାମ—2. A name given to males.

**ବିକ୍ରମଗତି**—ଦେ. ବି—ସାହସ ସହିତ ଗମନ—Bold advance or Bikramagati movement. (ଉଦାହରଣ—ବିକ୍ରମ ଗତିର ଦିବ୍ୟ—ଶରଧା ଗୁପଙ୍କୁ ସ୍ତୁତି—କେଶରୀ ଗିରି ମଧ୍ୟରୁ—ସେହି ସ୍ୱଭାବେ । ଉତ୍ତ. ବୈଦେହୀଶବିଳାସ ।)

**ବିକ୍ରମ ପ୍ରକାଶ**—ସଂ. ବି (୬ଷ୍ଠୀ ତତ୍; ବିକ୍ରମ+ପ୍ରକାଶ)—ଆପଣାର Bikrama prakasa ପରାକ୍ରମ ଦେଖାଇବା—Show of one's prowess

**ବିକ୍ରମ ରହିତ**—ସଂ. ବିଣ—ପରାକ୍ରମହୀନ— Bikrama rahita Destitute of strength. (ବିକ୍ରମ ହୀନ, ବିକ୍ରମ ଶୂନ୍ୟ—ଅନ୍ୟରୂପ)

**ବିକ୍ରମ ଶାଳୀ**—ସଂ. ବିଣ. ପୁଂ (ବିକ୍ରମ+ଅସ୍ତି ଅର୍ଥରେ ଶାଳିନ୍)—ମହା Bikrama sali ବଳବାନ୍—Very strong; very (ବିକ୍ରମଶାଳିନୀ—ସ୍ତ୍ରୀ) valiant.

**ବିକ୍ରମାଦିତ୍ୟ**—ସଂ. ବି—(ବିକ୍ରମରେ ଆଦିତ୍ୟ ତୁଲ୍ୟ)—ଉଜ୍ଜୟିନୀର ପ୍ରସିଦ୍ଧ Bikramaditya ହିନ୍ଦୁ ରାଜା—A celebrated king of (ବିକ୍ରମାର୍କ—ଅନ୍ୟରୂପ)— Ujjaini [ ଦ୍ର—ଏ ଶକମାନଙ୍କୁ ୪୦୦ ଖ୍ରୀଷ୍ଟାବ୍ଦରେ ପଶ୍ଚିମ ଭାରତରୁ ତଡ଼ିଦେଇ ଭାରତରେ ସମୁଦ୍ରଗୁପ୍ତଙ୍କ ଦ୍ୱାରା ପ୍ରତିଷ୍ଠିତ ହିନ୍ଦୁରାଜ୍ୟକୁ ଦୃଢ଼ୀଭୂତ କରି- ଥିଲେ ଓ ଏଙ୍କାଙ୍କର ରାଜଧାନୀ ଉଜ୍ଜୟିନୀ ଥିଲା । ଏହାଙ୍କର ଅନ୍ୟନାମ ଚନ୍ଦ୍ରଗୁପ୍ତ ଓ ଏହାଙ୍କ ରାଜତ୍ୱ କାଳ. (ଖ୍ରୀ ୩୭୫—୪୧୩) ।

ଚନ୍ଦ୍ରଗୁପ୍ତ ବୋଲି ଅନ୍ୟ ଜଣେ ମୌର୍ଯ୍ୟବଂଶର ରାଜା ଏହାଙ୍କ ପୂର୍ବରୁ ମଗଧରେ ରାଜତ୍ୱ କରୁଥିଲେ,ଏଥିପାଇଁ ବିକ୍ରମାଦିତ୍ୟଙ୍କୁ ଚନ୍ଦ୍ରଗୁପ୍ତ ବିକ୍ରମାଦିତ୍ୟ ବୋଲାଯାଏ । ଧନ୍ୱନ୍ତରି, କ୍ଷପଣକ, ଅମରସିଂହ, ଶଙ୍କୁ, ବେତାଳଭଟ୍ଟ, ଘଟକର୍ପର, କାଳିଦାସ, ବରାହ ମିହିର ଓ ବରରୁଚି ଏହି ନଅଜଣ ଏହାଙ୍କର ସଭା ପଣ୍ଡିତ ଥିଲେ, ଏମାନଙ୍କୁ ନବରତ୍ନ କୁହାଯାଏ । ଏହାଙ୍କର

ଅନ୍ୟନାମ ଭୋଜରାଜ । ଐତିହାସିକମାନେ ଏହାଙ୍କ ରାଜତ୍ୱ କାଳ ଖ୍ରୀଷ୍ଟ ଜନ୍ମର ଚତୁର୍ଥ ଶତାବ୍ଦୀ ବୋଲି ସ୍ଥିର କରିଅଛନ୍ତି, କିନ୍ତୁ ଏହାଙ୍କ ନାମର ପ୍ରଚଳିତ ଅବ୍ଦ ଖ୍ରୀଷ୍ଟପୂର୍ବ ୫୭ ବର୍ଷ ଠାରୁ ଚଳୁଅଛି । ସ୍କନ୍ଦ ପୁରାଣରେ ଲେଖାଅଛି ଯେ କଳିଯୁଗାରମ୍ଭର ୩ ହଜାର ବର୍ଷ ପରେ ବିକ୍ରମାଦିତ୍ୟ ନାମରେ ଜଣେ ପ୍ରତାପୀ ରାଜା ଥିଲେ । ଗଣନାକ୍ରମେ ଏହା ଖ୍ରୀଷ୍ଟପୂର୍ବ ପ୍ରଥମ ଶତାବ୍ଦୀ ହେଉଅଛି । କିନ୍ତୁ ଇତିହାସ ଏ ବିଷୟରେ ନୀରବ । ଗୁପ୍ତ ବଂଶୀୟ ସମୁଦ୍ର ଗୁପ୍ତଙ୍କ ପୁତ୍ର ଦ୍ୱିତୀୟ ଚନ୍ଦ୍ରଗୁପ୍ତ ବିକ୍ରମାଦିତ୍ୟ ଉପାଧି ଗ୍ରହଣ କରିଥିଲେ । ଖ୍ରୀଷ୍ଟ ସପ୍ତମ ଶତାବ୍ଦୀରେ କାଶ୍ମୀରରେ ବିକ୍ରମାଦିତ୍ୟ ନାମରେ ଜଣେ ରାଜା ହୋଇଥିଲେ । ଚାଲୁକ୍ୟ ବଂଶରେ ଏହି ନାମଧାରୀ କେତେଜଣ ରାଜା ହୋଇଥିଲେ (ହି. ଶ) । ଏଥିରୁ ଜଣାଯାଏ ଅନେକ ରାଜା କାଳକ୍ରମେ ଏହି ଶୌର୍ଯ୍ୟ ସୂଚକ ବିକ୍ରମାଦିତ୍ୟ ଉପାଧି ଗ୍ରହଣ କରିଥିଲେ । ]

**ବିକ୍ରମାବ୍ଦ**—ସଂ. ବି—ସମ୍ବତ୍‌ବିଶେଷ, ବିକ୍ରମାଦିତ୍ୟ ରାଜାଙ୍କ ନାମରେ
Bikramābda ପ୍ରବର୍ତ୍ତିତ ବର୍ଷ ଗଣନା କ୍ରମ—Name of an
(ବିକ୍ରମ ସମ୍ବତ୍—ଅନ୍ୟରୂପ] era running in the name Bikramāditya. [ଦ୍ର—କେହି କେହି ଐତିହାସିକ କହନ୍ତି ଯେ ସଂସ୍କୃତ ସାହିତ୍ୟରେ ସୁବିଖ୍ୟାତ 'ବିକ୍ରମାଦିତ୍ୟ' ମାଳବଦେଶର ରାଜା 'ଯଶୋଧର୍ମ ଦେବ' ଥିଲେ । ମୁଲତାନ ଓ ଲୁନୀର ମଧ୍ୟବର୍ତ୍ତୀ କୋରୁର ନାମକ ଯୁଦ୍ଧକ୍ଷେତ୍ରରେ ଏ ୫୩୩ ଖ୍ରୀଷ୍ଟାବ୍ଦରେ ହୂନ୍ ବା ଶକମାନଙ୍କୁ ପରାଜିତ କରିଥିବା ବିଷୟ ମାଳବଦେଶସ୍ଥ ମନ୍ଦେଶ୍ୱର ନାମକ ସ୍ଥାନରେ ଥିବା ଜୟସ୍ତମ୍ଭରେ ଲିପିବଦ୍ଧ ହୋଇଅଛି । ଖ୍ରୀଷ୍ଟଜନ୍ମର ୫୭ ବର୍ଷ ପୂର୍ବରୁ ଆରମ୍ଭ ହୋଇଥିବା ଗୋଟିଏ ସନ, ଯାହାକି ସେହି ସମୟରେ ମାଳବଦେଶରେ ଚଳୁଥିଲା ତାକୁ ବିକ୍ରମାଦିତ୍ୟ ଗ୍ରହଣ କରି ଆପଣାର ସାମ୍ରାଜ୍ୟରେ 'ସଂବତ୍' ନାମ ଦେଇ ଚଳାଇଲେ ଓ ଉକ୍ତ ସଂବତ୍ ବର୍ଷ ଆଜିପର୍ଯ୍ୟନ୍ତ ହିନ୍ଦୁମାନଙ୍କ ଦ୍ୱାରା ବିକ୍ରମାବ୍ଦରୂପେ ବ୍ୟବହୃତ ହେଉଅଛି । ସଂଭବତଃ ଏହି ଅବ୍ଦ ମାଳବଦେଶକୁ ପୂର୍ବେ ଜୟ କରିଥିବା ଶତ୍ରପ ମାନଙ୍କର ରାଜା 'ରୁଦ୍ରଦାମନ'ଙ୍କର ଜୟଲାଭକୁ ଚିରସ୍ମରଣୀୟ କରିବା ସକାଶେ ବିକ୍ରମାଦିତ୍ୟଙ୍କ ପୂର୍ବରୁ ମାଳବଦେଶରେ ଚଳି ଆସୁଥିଲା । ଏବଂ ଏହା ଏଥିପୂର୍ବେ 'ମାଳବାବ୍ଦ' ବୋଲି ବିଖ୍ୟାତ ଥିଲା ଓ ପରେ ମଧ୍ୟ 'ମାଳବାବ୍ଦ' ଓ 'ମାଳବେଶ୍ୱରାବ୍ଦ' ନାମରେ ବିଖ୍ୟାତ ହୋଇଥିଲା ।

ଇତିହାସ ଗଣନାରୁ ଦେଖାଯାଏ ଯେ ବିକ୍ରମାଦିତ୍ୟଙ୍କ ରାଜସଭାର ନବରତ୍ନ ( ଯାହାଙ୍କ ମଧ୍ୟରେ କବି କାଳିଦାସ, ଜ୍ୟୋତିଷିକ ବରାହମିହିର, ଅମରକୋଷକାର ଅମରସିଂହ ଜଣେ ଜଣେ ଥିଲେ ) ମାନେ ସମକାଳୀନ ନ ଥିଲେ । କାରଣ କାଳିଦାସ ଖ୍ରୀଷ୍ଟୀୟ ୫ମ ଶତାବ୍ଦୀର ଲୋକ ଥିଲେ; କିନ୍ତୁ 'ନବରତ୍ନ'ଙ୍କ ମଧ୍ୟରୁ ଅନ୍ୟମାନେ ତତ୍‌ପରବର୍ତ୍ତୀ ଅଟନ୍ତି । ବରାହମିହିରଙ୍କର ମୃତ୍ୟୁ ୫୭୮ ଖ୍ରୀଷ୍ଟାବ୍ଦରେ ହୋଇଥିବାର କେହି କେହି ଅନୁମାନ କରନ୍ତି । [ ପି. ପ୍ରଥେରୋ ସାହେବ ( Mr. P. Prothero ) ଏବଂ ମହାମହୋପାଧ୍ୟାୟ ସତୀଶଚନ୍ଦ୍ର ବିଦ୍ୟାଭୂଷଣଙ୍କର ଇଂରାଜି ଭାଷାରେ ଲିଖିତ ଭାରତବର୍ଷର ଇତିହାସ ( A short primer of Indian History ) ରୁ ସଂଗୃହୀତ । ]

**ବିକ୍ରମି ଆସିବା**—ଦେ. କ୍ରି ( ସଂ. ବି+କ୍ରମ ଧାତୁ )—ଦଉଡ଼ି ଆସିବା—
Bikrami āsibā To run forward; to come
(ବିକ୍ରମିଯିବା—ବିପରୀତ) running ( ଉଦାହରଣ—ବିକ୍ରମି
ବିକ୍ରମେ আসা ଆସିଲା ମକରୁ ବେଗେ । ଉପେନ୍ଦ୍ର. ବୈଦେହୀଶବିଳାସ ।)
विमक्कर आना

**ବିକ୍ରମିବା**—ଦେ. ( ପଦ୍ୟ ) କ୍ରି ( ସଂ. ବି+କ୍ରମ ଧାତୁ )—୧ । ଜୋର୍
Bikramibā ବା ବଳପ୍ରକାଶ ପୂର୍ବକ ଗମନ କରିବା—
বিক্রমা 1. To go with great force. ( ଉ.—
विक्रमना ବିକ୍ରମି ଲକ୍ଷ୍ମଣ ମିଳେ ରକ୍ଷିବା କାନନ, ବସନ୍ତ ମଳୟାଦ୍ରିରୁ କି ସେ ଆଗମନ । ଉପେ. ବୈଦେହୀଶବିଳାସ) । ୨ । ବଳପ୍ରକାଶ କରିବା—2. To show strength. ( ଉ.—ନାରଦେ ଅପ୍ରମତ୍ତ ହୋଇ. ସିଂହର ପ୍ରାୟେ ବିକ୍ରମଇ । ଜଗନ୍ନାଥ. ଭାଗବତ) ।

**ବିକ୍ରମୀ**—ସଂ. ବିଣ. ପୁଂ ( ବିକ୍ରମ+ଅଛି ଅର୍ଥରେ ଇନ୍; ବିକ୍ରମିନ୍ ୧ମା.
Bikrami ୧ବ. )—୧ । ପରାକ୍ରମୀ; ମହାବଳ—1. Mighty.
(ବିକ୍ରମିଣୀ—ସ୍ତ୍ରୀ) ୨ । ଶୌର୍ଯ୍ୟଶାଳୀ—2. Valiant. ୩ । ବୀର—3 Heroic. ବି—୧ । ସିଂହ—1. The lion. ୨ । ବୀର—2. A hero.

**ବିକ୍ରୟ**—ସଂ. ବି ( ବି+କ୍ରୀ ଧାତୁ=ଦ୍ରବ୍ୟବିନିମୟ କରିବା+ଭାବ. ଅ )
Bikraya —ଅର୍ଥ ବିନିମୟରେ ବସ୍ତୁ ଅର୍ପଣ; ବିକିରି—Sale
(କ୍ରୟ—ବିପରୀତ) ଦେ. ବିଣ [ କଚିତ୍‌ଥ ]—୧ । ବିକ୍ରୀତ—
বিক্রী बिक्री 1. Sold. ୨ । ବିକ୍ରେୟ—2. About to be sold.

**ବିକ୍ରୟ କରିବା**—ଦେ. କ୍ରି—ବିକିବା—To sell.
Bikraya kariba বিক্রয় করা बेचना

**ବିକ୍ରୟକାରୀ**—ସଂ. ବି· ପୁଂ—ଯେ ଦ୍ରବ୍ୟ ବିକ୍ରୟ କରେ; ବିକ୍ରେତା—
Bikrayakāri (ବିକ୍ରୟକାରିଣୀ—ସ୍ତ୍ରୀ) Vendor.

**ବିକ୍ରୟ ଲବ୍ଧ**—ସଂ. ବିଣ. ( ୩ୟା ତତ୍; ବିକ୍ରୟ+ଲବ୍ଧ )—ବିକ୍ରୟ ଦ୍ୱାରା
Bikraya labdha ପ୍ରାପ୍ତ; ବିକ୍ରୀତ ପଦାର୍ଥର ବିନିମୟରେ ପ୍ରାପ୍ତ (ଧନ)—(money) Got by the sale of a property.

**ବିକ୍ରୟ ସଭା**—ସଂ. ବି. (କଚିତ୍‌ଥ)—ଯେଉଁ ସଭାରେ ବିକ୍ରୀତ ବସ୍ତୁର
Bikraya sabhā ଦର ଆଦି ସ୍ଥିରୀକୃତ ହୁଏ—A meeting place where sales are settled.

**ବିକ୍ରୟ ସ୍ଥାନ**—ସଂ. ବି. (୭ମୀ ତତ୍; ବିକ୍ରୟ+ସ୍ଥାନ)—ଯେଉଁ ସ୍ଥାନରେ
Bikraya sthāna ପଦାର୍ଥ ବିକ୍ରି ହୁଏ—Place of sale.

**ବିକ୍ରୟାର୍ଥୀ**—ସଂ. ବିଣ. ପୁଂ—କୌଣସି ପଦାର୍ଥ ବିକିବା ନିମନ୍ତେ ଇଚ୍ଛୁକ—
Bikrayārthi Desirous of selling a thing.
(ବିକ୍ରେଚ୍ଛୁ, ବିକ୍ରେଚ୍ଛୁକ—ଅନ୍ୟରୂପ) (ବିକ୍ରୟାର୍ଥିନୀ—ସ୍ତ୍ରୀ)
(ବିକ୍ରୟାର୍ଥିନୀ, ବିକ୍ରେଚ୍ଛୁକା—ସ୍ତ୍ରୀ)

ବିକ୍ରୟିକ—ସ. ବିଣ. ପୁଂ (ବି+କ୍ରୀ ଧାତୁ+ଇକ)—ବିକ୍ରୟୀ; ବିକ୍ରେତା।
Bikrayika Vendor; seller.
(ବିକ୍ରୟିକା—ସ୍ତ୍ରୀ)

ବିକ୍ରୟୀ—ସ. ବିଣ. ପୁଂ (ବିକ୍ରୟ+ଇନ୍=ବିକ୍ରୟିନ୍; ୧ମା. ୧ବ)—
Bikrayī ବିକ୍ରେତା; ବାଣ୍ୟା—Vendor; seller. [ଦ୍ର—ଏହା
(ବିକ୍ରୟିଣୀ—ସ୍ତ୍ରୀ) ଅନ୍ୟ ପଦ ସଙ୍ଗେ ଯୁକ୍ତ ହୁଏ ଯଥା—ତାମ୍ବୂଳ ବିକ୍ରୟୀ, ବସ୍ତ୍ର ବିକ୍ରୟୀ ଇତ୍ୟାଦି।]

ବିକ୍ରାନ୍ତ—ସ. ବିଣ. ପୁଂ (ବି=ବିଶିଷ୍ଟ ରୂପେ+କ୍ରମ୍ ଧାତୁ=ପ୍ରକାଶ
Bikrānta କରିବା+କର୍ତ୍ତୃ. କ୍ତ)—୧। ବିକ୍ରମୀ; ପରାକ୍ରମୀ;
(ବିକ୍ରାନ୍ତା—ସ୍ତ୍ରୀ) ମହାବଳ—1. Mighty, strong. ୨। ଶୂର—2. Heroic; valiant. ୩। ପ୍ରଭାଯୁକ୍ତ—3. Splendid.
ବି. (+କର୍ତ୍ତୃ. କ୍ତ)—୧। ସିଂହ—1. The lion. ୨। ବୈକ୍ରାନ୍ତ ମଣି—2. A sort of gem. ୩। (+କର୍ମ. କ୍ତ) ବଳ; ବିକ୍ରମ—3. Prowess; might. ୪। (+କର୍ତ୍ତୃ. କ୍ତ) ଶୂର; ଯୋଦ୍ଧା—4. Warrior; hero. ୫। (+ଭାବ. କ୍ତ) ଗୋଳମାଳ; କୋଳାହଳ, ଗୋଳ(ହ୍ରୁ. ଶ)—5. Noise; uproar. ୬। (ନାମ) ହିରଣ୍ୟାକ୍ଷ ଅସୁରର ଏକ ପୁତ୍ର (ହ୍ରୁ. ଶ)—6. Name of a son of demon Hiraṇāksha. ୭। (ବ୍ୟାକରଣ) ଏକ ପ୍ରକାର ସନ୍ଧି ଯହିଁରେ ବିସର୍ଗ ଅବିକୃତ ରହେ (ହ୍ରୁ. ଶ)—7. (grammar) A process of grammatical blending of letters in which Bisarga is not eliminated. ୮। ମଦାଳସା ଗର୍ଭଜାତ କୁବଳୟାଶ୍ୱଙ୍କ ପୁତ୍ର (ହ୍ରୁ. ଶ)—8. Name of a son of Kubalayāśwa. ୯। ସାହସ (ହ୍ରୁ. ଶ)—9. Valour; bravery. ୧୦। ଗୁଲିବାର ଢଙ୍ଗ (ହ୍ରୁ. ଶ)—10. Manner of walking; gait ୧୧। ଏକ ପ୍ରକାର ପେୟ ମାଦକ (ହ୍ରୁ. ଶ)—11. A kind of intoxicating drink.

ବିକ୍ରାନ୍ତା—ସଂ. ବି. (ବିକ୍ରାନ୍ତ+ଆ)—୧। ଅଗ୍ନିମନ୍ଥ ବୃକ୍ଷ; ଅଗବଥୁ—
Bikrāntā 1. Premna Integrifolia (tree). ୨। ଜୟନ୍ତୀ (ହ୍ରୁ. ଶ) (ଦେଖ)—2. Jayanti (See) ୩। ମୂଷାକାଣି (ହ୍ରୁ. ଶ) (ଦେଖ)—3. Mūshākāṇi (See) ୪। ମନ୍ଦାର (ହ୍ରୁ. ଶ)—4. China rose. ୫। ଅପରାଜିତା (ହ୍ରୁ. ଶ) (ଦେଖ)—5. Aparājitā (See) ୬। ନାଲି ଲାଜକୋଳି ଲତା (ହ୍ରୁ. ଶ)—6. The red variety of Lājakoḷi creeper. ୭। ହଂସପଦୀ ଲତା (ଦେଖ)—7. Haṁsapadī (See)

ବିକ୍ରାନ୍ତି—ସଂ. ବି. (ବି+କ୍ରମ୍ ଧାତୁ+ଭାବ. କ୍ତି)—୧। ପରାକ୍ରମ;
Bikrānti ବିକ୍ରମ—1 Might; prowess. ୨। ପ୍ରଭା—2. Splendour; glory. ୩। ଅଶ୍ୱର ଗତିବିଶେଷ; ଘୋଡ଼ାର ଲମ୍ଫଦେଇ ଦଉଡ଼ା—3. A motion of the horse; gallop. ୪। ବୀରତା; ଶୂରତା—4. Valour; heroism. ୫। ଗତି (ହ୍ରୁ. ଶ)—5. Motion.

ବିକ୍ରି—ଦେ. ବି ଓ ବିଣ—ବିକ୍ରୀ (ଦେଖ)—Bikrī (See)
Bikri (ଖଦ—ବିପରୀତ)

ବିକ୍ରି କରିବା—ଦେ. କ୍ରି—(ସ. ବିକ୍ରୟ)—ବିକ୍ରୟ କରିବା; ବିକିବା—
Bikri kariba বিক্রি করা बिक्री करना To sell

ବିକ୍ରି ଖରିଦ—ଦେ. ବି—(ବିପରୀତାର୍ଥକ ଯୁଗ୍ମପଦ; ସ. ବିକ୍ରୟ; ପା.
Bikri kharadi ଖରିଦ)—କିଣା ବିକା—Sale and pur-
বিক্রী খরিদ बिक्री खरीद [ବିକ୍ରି ଖରଦ(ଦ)—ଅନ୍ୟରୂପ] chase.

ବିକ୍ରି ଜମି—ଦେ. ବି—(ତତ୍ପୁରୁଷ) (ସ. ବିକ୍ରୀତ; ବିକ୍ରେୟ+ପା. ଜମୀନ୍)
Bikri jami ୧। ବିକ୍ରୀତ ଭୂମି—1. Land sold.
(ବିକ୍ରୀ ଭୂଇଁ—ଅନ୍ୟରୂପ) ୨। ଯେଉଁ ଜମି ବିକ୍ରୀତ ହେବାକୁ ଅଛି—
বিক্রি জমি बिकाउ ज़मीन 2. The land which is going to be sold.

ବିକ୍ରି ଜରସମନ—ଦେ. ବି—(ତତ୍ପୁରୁଷ) (ସ. ବିକ୍ରୟ+ପା. ଜରସମନ
Bikri jarasamana ଯେଉଁ ମୂଲ୍ୟରେ କୌଣସି ପଦାର୍ଥକୁ ବିକ୍ରି
(ବିକ୍ରି ଦାମ, ବିକ୍ରି ମୂଲ୍ୟ—ଅନ୍ୟରୂପ) କରାଯାଏ—Sale-price;
দাম जरसमन consideration money.

ବିକ୍ରି ଦର—ଦେ. ବି—(ସ. ବିକ୍ରୟ+ପା.ଦର୍)—୧। ଯେଉଁ ଦର ବା
Bikri dara ନିର୍ଦ୍ଦିଷ୍ଟ ରେଟ୍‌ରେ କୌଣସି ଜିନିଷ ବିକ୍ରି ହୁଏ—
বিক্রীদর বিক্রী भाव 1. The settled rate in which a
(ବିକ୍ରି ଦାମ; ବିକ୍ରି ଭାଉ, ବିକ୍ରି ରେଟ୍—ଅନ୍ୟରୂପ) thing is sold. ୨। ପ୍ରଚଳିତ ବଜାର ଦର—2. Market rate of an article.

ବିକ୍ରିୟା—ସ. ବି—(ବି+କୃ ଧାତୁ+କର୍ତ୍ତୃ. ଶ+ସ୍ତ୍ରୀ. ଆ)—୧। ବିକାର
Bikriyā (ଦେଖ)—1. Bikāra (See)
୨। ବିପରୀତ କ୍ରିୟା—1. Opposite or contrary action. ୩। ପ୍ରତିକ୍ରିୟା—3. Reaction.

ବିକ୍ରି ସମ୍ପତ୍ତି—ଦେ. ବି—(ତତ୍ପୁରୁଷ)—୧। ବିକ୍ରୀତ ସମ୍ପତ୍ତି—
Bikri sampatti বিক্রী সম্পতি 1. Property sold.
बिकाउ सम्पत्ति ୨। ବିକ୍ରେୟ ସମ୍ପତ୍ତି—2. Property which
বিক্রী সম্পত্তি is going to be sold.

ବିକ୍ରୀ—ଦେ. ବି—(ସ. ବି+କ୍ରୀ ଧାତୁ)—ବିକ୍ରୟ—Sale. ଦେ.
Bikri ବିଣ—(ସ. ବିକ୍ରେୟ)—୧। ବିକ୍ରେୟ; ଯାହା ବିକ୍ରି କରି-
বিক্রী बिक्री ଥିବ—1. Going to be sold. ୨। ବିକ୍ରୀତ—2. Sold.

ବିକ୍ରୀଡ଼ିତ—ସ. ବି—(ବି=ବିବିଧ ପ୍ରକାରେ+କ୍ରୀଡ଼ ଧାତୁ=ଖେଳିବା+ଭାବ. କ୍ତ)—୧। ବିବିଧ କ୍ରୀଡ଼ା—1. Various
Bikrīrdita sports. ୨। ନାନା ପ୍ରକାର ଲୀଳାଗତି—2. Contortious; tortuous movements; artistic movements. [ଯଥା—ଶାର୍ଦ୍ଦୂଳ ବିକ୍ରୀଡ଼ିତ—ବ୍ୟାଘ୍ର ଗତି]

ବିକ୍ରୀତ—ସ. ବିଣ.—(ବି+କ୍ରୀ ଧାତୁ+କର୍ମ. କ୍ତ)—ଯାହା ବିକା ହୋଇ
Bikrīta ଅଛି—Sold.

ବିକ୍ରୁଷ୍ଟ—ସ. ବିଣ—(ବି+କ୍ରୁଶ ଧାତୁ=ଆକ୍ରୋଶ, କ୍ରନ୍ଦନ, ଆହ୍ୱାନ
Bikrushṭa କରିବା+କର୍ତ୍ତୃ. କ୍ତ)—୧। ଆକ୍ରୋଶକାରୀ—

[ବିକ୍ରୁଷ୍ଟା—ସ୍ତ୍ରୀ] 1. Reproaching; imprecating. ୨ । ରୋଦନକାରୀ—2. Bewailing. ୩ । ଆହ୍ୱାନକାରୀ—3 Summoning. ୪ । (+କର୍ମ. ତ)—ଆହୂତ—4, Called; summoned. ୫ । ନିମନ୍ତ୍ରିତ—5. Invited. ୬ । ନିଷ୍ଠୁର; ନିର୍ଦ୍ଦୟ—6. Cruel; merciless.

ବିକ୍ରେତବ୍ୟ—ସଂ. ବିଣ—(ବି+କ୍ରୀ ଧାତୁ+କର୍ମ. ତବ୍ୟ)—ବିକ୍ରେୟ (ଦେଖ)—Bikreya (See)
Bikretabya

ବିକ୍ରେତା—ସଂ. ବିଣ. ପୁଂ—(ବି+କ୍ରୀ ଧାତୁ+କର୍ତ୍ତୃ. ତୃ; ବିକ୍ରେତୃ; ୧ମା ୧ବ)—ବିକ୍ରୟିତା—Vendor.
Bikretā [ବିକ୍ରେତ୍ରୀ—ସ୍ତ୍ରୀ]

ବିକ୍ରେୟ—ସଂ. ବିଣ—(ବି+କ୍ରୀ ଧାତୁ+କର୍ମ. ଯ)—୧ । ବିକ୍ରୟଯୋଗ୍ୟ—1 Saleable. ୨ । ଯାହା ବିକ୍ରି କରାଯିବ—2 About to be sold. ବି—୧ । ପଣ୍ୟ—1 Merchandise. ୨ । ବିକାଇବା ସଉଦାପତ୍ର—2. Commodities for sale.
Bikreya

ବିକ୍ଳବ—ସଂ. ବି (ବି+କ୍ଳବ୍ ଧାତୁ=ବିହ୍ୱଳ ହେବା+ଭାବ. ଅ)—୧ । ଭୟବିହ୍ୱଳତା—1 Mental confusion; alarm. ୨ । କିଂକର୍ତ୍ତବ୍ୟବିମୂଢ଼ତା—2. Bewilderment. ୩ । ବ୍ୟାକୁଳତା—3. Consternation; agitation. ୪ । ଜଡ଼ତା—4. Numbness. ୫ । ଔଦାସୀନ୍ୟ—5. Indifference. ୬ । ଭ୍ରାନ୍ତି—6, Delusion. ୭ । ଭୀତି—7. Alarm. ବିଣ—୧ । (+କର୍ତ୍ତୃ. ଅ) ବିହ୍ୱଳ; ବ୍ୟାକୁଳ—1. Confused; agitated; perturbed. ୨ । ଭୀତ—2. Alarmed. ୩ । ଉଦାସୀନ—3, Indifferent. ୪ । ଦଶାଗ୍ରସ୍ତ—4. Afflicted. ୫ । କିଂକର୍ତ୍ତବ୍ୟବିମୂଢ଼; କର୍ତ୍ତବ୍ୟାବଧାରଣରେ ଅକ୍ଷମ—5. Bewildered. ୬ । ବିପନ୍ନ—6. Involved in danger.
Biklaba

ବିକ୍ଳିନ୍ନ—ସଂ. ବିଣ. (ବି+କ୍ଳିଦ୍ ଧାତୁ=ଆର୍ଦ୍ର ହେବା+କର୍ତ୍ତୃ. ତ)—୧ । ଆର୍ଦ୍ର; ଓଦା—1. Wet. ୨ । ସିକ୍ତ—2. Moistened. ୩ । ଦ୍ରବୀଭୂତ—3. Melted; liquefied. ୪ । ଜୀର୍ଣ୍ଣ—4. Worn out; wasted; grown old; debilitated. ୫ । ପଚା; ସଢ଼ା—5. Rotten; putrefied.
Biklinna

ବିକ୍ଳେଶରେ—ଦେ. କ୍ରି. ବିଣ—ବିନା କଷ୍ଟରେ; ଅନାୟାସରେ—Without any trouble; easily.
Biklesare
অক্লেশে (ଉ:—ବିକ୍ଳେଶରେ କେ ମୋ ବିନା କରିବା, ବ୍ରହ୍ମାଣ୍ଡେ ସେ ଏକା ମୋତେ ବିନତା—ଉଦ୍ଧ. ବୈଦେହୀଶବିଳାସ ।)

ବିକ୍ଷତ—ସଂ. ବିଣ (ବି=ବିଶେଷରୂପେ+କ୍ଷତ)—୧ । ଆହତ; ଘାଇଲା—1. Wounded; smitten. ୨ । ବିଶେଷରୂପେ ଆଘାତପ୍ରାପ୍ତ—2. Injured; much hurt. ୩ । ବିଦାରିତ—3. Torn; rent. ୪ । ଖଣ୍ଡିତ; ବିଚ୍ଛିନ୍ନ—4. Cut or torn into pieces. ୫ । କ୍ଷୟପ୍ରାପ୍ତ—5. Wasted; decayed.
Bikshata

ବିକ୍ଷୟ—ସଂ. ବି (ବି+କ୍ଷୟ) (ବୈଦ୍ୟକ)—ଅଧିକ ମଦ୍ୟପାନ ଯୋଗୁଁ ଜାତ ରୋଗବିଶେଷ—A disease resulting from excessive drinking.
Bikshaya

ବିକ୍ଷିପ୍ତ—ସଂ. ବିଣ (ବି+କ୍ଷିପ୍ ଧାତୁ=ଫୋପାଡ଼ିବା+କର୍ମ. ତ)—୧ । ଇତସ୍ତତଃ ଫୋପଡ଼ା ହୋଇଥିବା—1. Scattered about. ୨ । ଇତସ୍ତତଃ ସଞ୍ଚାଳିତ—2. Propelled hither and thither. ୩ । କ୍ଷିପ୍ତ; ବିଭ୍ରାନ୍ତ (ମନ)—3. Insane; distracted (said of the mind). ୪ । ତ୍ୟକ୍ତ—4. Abandoned; cast off. ୫ । ଫୋପଡ଼ା ଯାଇଥିବା—5. Thrown. ୬ । ବ୍ୟାକୁଳ 6, Perturbed, ୭ । ପାଗଳ—7, Mad. ବି. ବି—ଯୋଗଶାସ୍ତ୍ରୋକ୍ତ ଚିତ୍ତର ଚଞ୍ଚଳ ଅବସ୍ଥାବିଶେଷ—A sort of mental abstraction described in the joga,
Bikshipta
ବିକ୍ଷିପ୍ତା, ବିକ୍ଷିପ୍ତି, ବିକ୍ଷେପ } ଅନ୍ୟରୂପ

ବିକ୍ଷିପ୍ତକ—ସଂ. ବି (ବିକ୍ଷିପ୍ତ+କ)—ଯେଉଁ ମୃତଦେହକୁ ଦଗ୍ଧ କରା ନ ଯାଇ ବା ପୋତା ନ ଯାଇ ଫିଙ୍ଗି ଦିଆଯାଇଥାଏ (ହି. ଶ)—A dead body which is neither cremated nor buried, but thrown away,
Bikshiptaka

ବିକ୍ଷିପ୍ତ ଗତି—ସଂ. ବି (ବିଜ୍ଞାନ ପରିଭାଷା)—ଫୋପଡ଼ା ଯିବା ଦ୍ରବ୍ୟର ଗତି—Force or motion generated in a body while it is thrown or propelled; momentum of a body which is thrown or pushed,
Bikshipta gati
(ବିକ୍ଷେପ ଗତି—ଅନ୍ୟରୂପ)

ବିକ୍ଷିପ୍ତ ଚିନ୍ତା—ସଂ. ବି—କୌଣସି ବିଷୟର ଧାରାବାହିକ ଆଲୋଚନା କରା ନ ଯାଇ ନାନା ବିଷୟର ଅସଂବଦ୍ଧ ଚିନ୍ତା—Stray thoughts; random thoughts, [ଦ୍ର—ଶ୍ରୀ ଶଶିଭୂଷଣ ରାୟ ଏହି ନାମରେ ଉତ୍କଳ ସାହିତ୍ୟ ପତ୍ରିକାରେ ଅନେକ ବର୍ଷ ହେଲା ନାନାବିଷୟକ ସନ୍ଦର୍ଭମାନ ଲେଖି ଆସୁଅଛନ୍ତି ।]
Bikshipta chintā

ବିକ୍ଷିପ୍ତି—ସଂ. ବି. (ବି+କ୍ଷିପ୍ ଧାତୁ+ଭାବ. ତି)—୧ । ବିକିରଣ, ଇତସ୍ତତଃ ଫୋପାଡ଼ିବା—1, Scattering about; dispersion, ୨ । ବିସ୍ତାର—2. Expansion; diffusion, ୩ । ସଞ୍ଚାଳନ—3, Moving to and fro, ୪ । ତ୍ୟାଗ—4, Abandonment. ୫ । (+କର୍ମ. ତି) ରାଜସ୍ୱ—5, Revenue, ୬ । (+ଭାବ. ତି) ପ୍ରେରଣ—6, Sending out, ୭ । ନିକ୍ଷେପ—7, Throwing. ୮ । ଚିତ୍ତର ଚାଞ୍ଚଲ୍ୟ—8, Distraction, ୯ । ବେହେଲା ସୀତାର ଆଦି ଯନ୍ତ୍ରରେ କୌଣସି ସ୍ୱର ବଜାଇବା ପରେ ସେହି ସ୍ୱର ଠାରୁ ଦୁଇ ବା ତତୋଽଧିକ ସ୍ୱର ବ୍ୟବଧାନରେ ବାମହସ୍ତର ଅଙ୍ଗୁଳି ସ୍ପର୍ଶ ଦ୍ୱାରା ଅବଚ୍ଛେଦରେ ଊର୍ଦ୍ଧ୍ୱଗତି କରଣ—9, A sort of melody produced by the dexterous movement of the fingers of the
Bikshipti
(ବିକ୍ଷେପ—ଅନ୍ୟରୂପ)

left hand on a stringed instrument, while playing a tune with the right hand. ୧୦ । ପାଗଳପଣ; ବାତୁଳତା—10. Madness.

**ବିକ୍ଷୁବ୍ଧ**—ସ. ବିଣ (ବି+କ୍ଷୁଭ୍)—୧ । ସଙ୍ଘଟ୍ଟ; ଘଣ୍ଟାଯିବା—1. Agitated; churned. ୨ । ଦୁଃଖପ୍ରାପ୍ତ—2. Afflicted. ୩ । ଭୀତ; ତ୍ରସ୍ତ—3. Alarmed. ୪ । ଯାହାର ମନରେ କ୍ଷୋଭ ଜାତ ହୋଇଅଛି—4. Grieved.
Bikhshubdha
[ବିକ୍ଷୁବ୍ଧତା, ବିକ୍ଷୁବ୍ଧି, ବିକ୍ଷୋଭ—ବିଶେଷ୍ୟ]

**ବିକ୍ଷେପ**—ସ. ବି (ବି+କ୍ଷିପ୍ ଧାତୁ+ଭାବ, ଅ)—୧ । ବିକିରଣ—1. Scattering about; dispersion. ୨ । ବ୍ୟାପ୍ତି; ବିସ୍ତାର—2. Diffusion. spreading. ୩ । ତ୍ୟାଗ—3. Abandonment. ୪ । ପ୍ରେରଣ—4. Sending; despatching (Apte); transmission. ୫ । ନିକ୍ଷେପ—5. Throwing away. ୬ । (ଜ୍ୟୋତିଷ ପରିଭାଷା) ତାରା ବା ଗ୍ରହାଦିର ଅବସ୍ଥିତିସୂଚକ ଅକ୍ଷାଂଶ—6. (Astronomy) Celestial or polar latitude (Apte). ୭ । (ଅଙ୍ଗାଦିର) ଇତସ୍ତତଃ ସଞ୍ଚାଳନ—7. Spreading out (of the limbs). ୮ । ଧନୁରେ ଗୁଣ ଚଢ଼ାଇବା (ହ୍ର ଶ)—8. Stringing of a bow. ୯ । ମନକୁ ସଂଯତ ନ କରି ଏଣେତେଣେ ଚଳାଇବା (ହ୍ର. ଶ)—9. Letting the mind wander or go astray. ୧୦ । ଇନ୍ଦ୍ରିୟମାନଙ୍କୁ ଆପଣା ବଶ ନ ରଖିବା (ହ୍ର. ଶ)—10. Absence of control on one's senses. ୧୧ । (+କର୍ମ. ଅ) ପ୍ରାଚୀନ କାଳରେ ବ୍ୟବହୃତ ଦୂରକୁ ଫିଙ୍ଗାଯିବା ଅସ୍ତ୍ରବିଶେଷ (ହ୍ର. ଶ)—11. A kind of ancient weapon which was used to be flung; boomerang. ୧୨ । (ଅଧିକରଣ. ଅ) ସେନାଙ୍କ ଡେରା; ଛାଉଣୀ (ହ୍ର. ଶ)—12. Camp of an army. ୧୩ । ବାଧା; ବିଘ୍ନ (ହ୍ର. ଶ)—13. Obstruction; impedement. ୧୪ । ଏଣେତେଣେ ହଲାଇବା (ହ୍ର. ଶ)—14. Moving to and fro; waving (Apte). ୧୫ । ବ୍ୟାକୁଳତା—15. Perplexity (Apte). ୧୬ । (+କରଣ. ଅ) ଭୟ—16. Alarm; fear (Apte). ୧୭ । ଯୁକ୍ତିର ଖଣ୍ଡନ—17. Refutation of an argument (Apte). ୧୮ । ଇତସ୍ତତଃ ଅନିର୍ଦ୍ଦିଷ୍ଟ ରୂପେ ଚାହିଁବା—18. Looking about vaguely or wildly (Apte); staring vacantly.
Bikshepa
(ବିକ୍ଷେପଣ—ଅନ୍ୟରୂପ)

**ବିକ୍ଷେପକ**—ସ. ବିଣ. ପୁଂ (ବି+କ୍ଷିପ୍ ଧାତୁ+କର୍ତ୍ତୃ. ଅକ)—ବିକ୍ଷେପକାରୀ; ବିକିରଣକାରୀ—Sprinkling,
Bikshepaka

**ବିକ୍ଷୋଭ**—ସ. ବି (ବି+କ୍ଷୁଭ୍ ଧାତୁ+ଭାବ. ଅ)—୧ । ଚାଞ୍ଚଲ୍ୟ; ସଙ୍ଘଟ୍ଟ—1 Agitation; perturbation; disturbance. ୨ । ବ୍ୟଥା; ଦୁଃଖ—2. Misery; agony. ୩ । ଗୁରୁତର ଭୟ—3. Alarm. ୪ । ଉତ୍କଣ୍ଠା—4 Anxiety; ୫ । ଔଦାସ୍ୟ—5. Indifference. ୬ । ଚିତ୍ତ ବିଭ୍ରମ—6. Distraction; mental disturbance. ୭ । କମ୍ପ—7. Shaking; tremor.
Bikshobha

**ବିଖ** (ଖୁ, ଖ୍ୟ, ଖ୍ର, ଖ୍ରୁ, ଗ୍ର)—ସ. ବିଣ. ପୁଂ (ବି=ବିଗତ+ନାସିକା; ନିପାତନ)—୧ । ବିଗତନାସିକା; ଯାହାର ନାକ ନାହିଁ—1. Noseless (Apte). ୨ । ଯାହାର ନାକ କଟା ହୋଇଅଛି—Having the nose cut or lopped off.
Bikha(khu, khya, khra, khru, gra)
(ବିଖା—ସ୍ତ୍ରୀ)

**ବିଖଣ୍ଡ**—ବୈଦେ. ବି. (ସ. ବିଘ୍ନ)—୧ । କଳି—1. Quarrel. ୨ । ଗୋଳମାଳ—2. Confusion. ୩ । ଦୁର୍ଘଟଣା—3. Mishap, ୪ । ବ୍ୟାଘାତ—4, Obstacle, [ ଦ୍ର—ଏହା ଅନ୍ୟ ଶବ୍ଦ ପରେ ସହଚର ରୂପେ ବ୍ୟବହୃତ ହୁଏ । ଯଥା—ଝଗଡ଼ା ବିଖଣ୍ଡା ]
Bikharda
বাখড়া; बखेड़ा

**ବିଖଣ୍ଡିଆ**—ବୈଦେ. ବିଣ. ପୁଂ ଓ ସ୍ତ୍ରୀ—ବଖଣ୍ଡିଆ (ଦେଖ)—Bakhardiā (See)
Bikhardiā (ବିଖଣ୍ଡୀ, ବିଖଣ୍ଡେଇ—ସ୍ତ୍ରୀ)

**ବିଖଣ୍ଡ**—ଦେ. ବି ୧ । କୁବଚନ—1. Evil names, ୨ । କୁବାକ୍ୟ—Evil language, [ ଉ.—ଚଣ୍ଡ ହୋଇ ଦେଖ ବିଖଣ୍ଡ କହୁଛ ମଧୁର ନାହିଁ ତୁଣ୍ଡରେ । ଅଭିମନ୍ୟୁ ସାମନ୍ତ ଚିନ୍ତାମଣି ।
Bikhanda

**ବିଖଣ୍ଡିତ**—ସ. ବିଣ—(ବି+ଖଣ୍ଡ ଧାତୁ+କର୍ମ. ତ)—୧ । କ୍ଷତ ବିକ୍ଷତ—1, Wounded and scratched, [ବଳଯାକ, ବିଖଣ୍ଡିତ ଚରମ ଯେ । ଭଞ୍ଜ. ବୈଦେହୀଶବିଳାସ । ] ୨ । ଦ୍ୱିଖଣ୍ଡିତ—2. Cleft in two (Apte). ୩ । ଖଣ୍ଡିତାଙ୍ଗ—3. Mutilated (Apte). ୪ । ଖଣ୍ଡିତ (ଯୁକ୍ତି)—4. Refuted (Apte).
Bikhandita

**ବିଖଣ୍ଡିବା**—ଦେ (ପଦ୍ୟ) କ୍ରି—୧ । ଖଣ୍ଡ ଖଣ୍ଡ କରିବା—1. To make into pieces. [ଉ.—ବିଖଣ୍ଡ ପଦ ପଙ୍କ୍ତି ବିଖଣ୍ଡା ଯେ । ଭଞ୍ଜ. ବୈଦେହୀଶବିଳାସ ।] ୨ । ଜିଣିବା; ପରାସ୍ତ କରିବା—2. To defeat; to overcome, [ଉ.—ନୀଳ ନଳିନ ସୁନ୍ଦର ନୟନ ଗଞ୍ଜିଣ ତୋର ନାସା-ତିଳ—ପ୍ରସୂନ ବିଖଣ୍ଡେ । ପ୍ରାଚୀ. ରସବାରିଧି ।]
Bikhandibā
বিখণ্ডানা

**ବିଖନ**—ଦେ. ବି—(ସଂ. ବିଖନସ୍)—୧ । ବ୍ରହ୍ମା—1. Brahmā. [ଉ.—ସୁସମେ ସମେ ବାଲ୍ୟକାଳେ ଖେଳିଲେ କେହି ନିର୍ମାଣ ଏ ବିଖନେ । ଭଞ୍ଜ. କୋଟିବ୍ରହ୍ମାଣ୍ଡସୁନ୍ଦରୀ] ୨ । ବ୍ରହ୍ମ—2. The Divine Quintessence (Apte).
Bikhana

**ବିଖାସା**—ସ. ବି— ଜିହ୍ୱା—The tongue (Apte).
Bikhāsā

**ବିଖ୍ୟ**—ସ. ବିଣ. ପୁଂ—(ବହୁବ୍ରୀହି; ବି=ବିଗତ+ନାସିକା ଯାହାର; ନିପାତନ)—ବିଖ (ଦେଖ)—Bikha (See).
Bikhya
( ବିଖ୍ୟା—ସ୍ତ୍ରୀ )

**ବିଖ୍ୟାତ**—ସ. ବିଣ—(ବି+ଖ୍ୟାତ)—ପ୍ରସିଦ୍ଧ; ସୁବିଦିତ—
Bikhyāta Celebrated; famous. [ ଦ୍ର—ଏହି ଶବ୍ଦ (ବିଖ୍ୟାତା—ସ୍ତ୍ରୀ) ଅନ୍ୟ ଶବ୍ଦ ପରେ ମଧ୍ୟ ଯୋଗ ହୁଏ ଯଥା— ସୁବିଖ୍ୟାତ; ଭୁବନବିଖ୍ୟାତ, ଜଗଦ୍‌ବିଖ୍ୟାତ ଇତ୍ୟାଦି । ]

**ବିଖ୍ୟାତ କରିବା**—ଦେ. କ୍ରି—ସୁନାମ ବିସ୍ତାର କରିବା—To make
Bikhyāta karibā বিখ্যাত করা विख्यात करना famous.

**ବିଖ୍ୟାତ ହେବା**—ଦେ· କ୍ରି—(ସୁନାମ) ଚତୁର୍ଦ୍ଦିଗରେ ପ୍ରକାଶିତ ହେବା—
Bikhyāta hebā To be renowned; to be famous.
বিখ্যাত হওয়া विख्यात होना

**ବିଖ୍ୟାତି**—ସ. ବି—(ବି+ଖ୍ୟାତି)—୧ । ପ୍ରସିଦ୍ଧି—1. Celebrity.
Bikhyāti ୨ । କୀର୍ତ୍ତି; ଯଶଃ—2. Fame. ଦେ. ବିଣ—ବିଖ୍ୟାତ; ପ୍ରସିଦ୍ଧ—Celebrated.

**ବିଖ୍ୟାତିବା**—ଦେ. କ୍ରି ( ପଦ୍ୟ )—୧ । ପ୍ରକାଶ କରିବା—To
Bikhyātibā express; to publish. ୨ । ବିସ୍ତାର କରିବା;
বিখ্যাতা ବିସ୍ତାରିବା—2. To spread; to extend. [ଉ.—
विख्यात करना ବିଶ୍ୱଧାତ୍ରୀରୁ ବିଭ ହେଲେ କୀର୍ତ୍ତି, ବିଖ୍ୟାତିବେ ଅସୁର ନାଶେ କୀର୍ତ୍ତି । ଉପେ. ବୈଦେହୀଶବିଳାସ ।]

**ବିଖ୍ୟାପନ**—ସ. ବି—(ବି+ଖ୍ୟା ଧାତୁ ଣିଚ୍ ଖ୍ୟାପି ଧାତୁ+ଭାବ. ଅନ)
Bikhyāpana —୧ । ବିଖ୍ୟାତ କରଣ—1. Publication; proclaiming; making famous (Apte). ୨ । ସ୍ୱୀକାର କରିବା—2. Confessing; acknowledging (Apte).

**ବିଖ୍ର(ଖ୍ରୁ)**—ସ. ବିଣ ପୁଂ.—(ନିପାତନ)—ବିଖ (ଦେଖ)
Bikhra(khru) Bikha (See).

**ବିଗ(ଗି)ଡ଼(ଡ଼ା)**—ବୈଦେ. ବିଣ—(ସ. ବିକୃତ; ଭୁଲ; ସଂ ବି+
Biga(gi)ṛda(ṛdā) ଘଟ୍. ଧାତୁ)—୧ । ଦୁଷ୍ଟ—1. Wicked
(ସଜଡ଼ା—ବିପରୀତ) ୨ । ଅନିଷ୍ଟକାରୀ—2. Mischievous;
বিগড়া harmful. ୩ । ନଷ୍ଟ—3. Spoiled. ୪ । ବେଅଡ଼ା—
बिगडा हुआ 4. Irregular. ୫ । ବିକୃତ—5. Deranged. ୬ । ଅଧଃପତିତ—6. Fallen down. ୭ । ଅପ୍ରସନ୍ନ; ବିରକ୍ତ—7. Irritated; displeased. ୮ । ବିଗାଡ଼ୁ (ଦେଖ)—8. Bigāṛdu (See). ବି—୧ । ବିକୃତି
বিগড়া যাওয়া; নষ্ট হওয়া; অধঃপতন—1. Derangement.
बिगडाना, बिगाड ୨ । ବିକୃତ; ନଷ୍ଟ ହେବା—2. Being spoiled. [ଉ.—ଯେ ଅଳ୍ପରୁ ବିଗଡ଼ା, ସେ କେବେ ହୁଏ ସଜଡ଼ା । ଢଗ । ] ୩ । ଗୋଳମାଳ; ବ୍ୟାଘାତ—3. Disorder. (ଯଥା—ପେଟ ବିଗଡ଼ା)

**ବିଗ(ଗି)ଡ଼ା(ଡ଼େ)ଇବା**—ଦେ· କ୍ରି—(ସଂ. ବିକୃତ; ସଂ. ବିକାର)
Biga(gi)ṛdā(ṛde)ibā (ବିଗିଡ଼ିବା କ୍ରିୟାର ଣିଜନ୍ତରୂପ—
(ବିଗାଡ଼ିବା—ଅନ୍ୟରୂପ) The causative form of Bigi-
(ସଜାଡ଼ିବା—ବିପରୀତ) ṛdibā) ୧ । ନଷ୍ଟ କରିବା—1. To
বিগড়ান, বিগড়া spoil. ୨ । ବିକୃତ କରିବା—2. To der-
बिगडाना ange. ୩ । ଗୋଳମାଳ ଘଟାଇବା—3. To confuse; to create confusion. ୪ । ଭଲକୁ ମନ୍ଦ କରିବା—4. To change a good thing to bad; to vitiate. ୫ । କୌଣସି ବ୍ୟକ୍ତିକୁ ଚିଡ଼ାଇବା ବା ବିରକ୍ତ କରିବା—5. To irritate a person.

**ବିଗ(ଗି)ଡ଼ିବା**—ଦେ· କ୍ରି ( ସ. ବିକୃତ )—୧ । ଖରାପ ହେବା; ନଷ୍ଟ
Biga(gi)ṛdibā ହେବା—1. To be spoiled; to be
বিগড়া vitiated. ୨ । ବିକୃତ ହେବା—2. To deteriorate.
बिगडना ୩ । ମନ୍ଦ ବାଟ ଧରିବା—3. To go to the dogs. ୪ । ଅଧଃପତିତ ହେବା; ଜାତିଭ୍ରଷ୍ଟ ହେବା—4. To be depraved. ୫ । ବିରକ୍ତ ବା ଅପ୍ରସନ୍ନ ହେବା—5. To be displeased or irritated. ୬ । ସାଧାରଣ ଅବସ୍ଥାରୁ ମନ୍ଦ ଅବସ୍ଥାଯୁକ୍ତ ହେବା—6. To be deranged; to be out of order. ୭ । କ୍ରୁଦ୍ଧହେବା—7. To be enraged. ୮ । ତ୍ରୁଟିଯୁକ୍ତ ହେବା—8. To be defective.

**ବିଗଣ**—ସ. ବି ( ବି+ଗଣ )—ବିପକ୍ଷ—
Bigaṇa Antagonist.

**ବିଗଣନ(ନା)**—ସ. ବି ( ବି+ଗଣନ )—୧ । ସଙ୍ଖ୍ୟାକରଣ—1.
Bigaṇana(nā) Reckoning; enumeration. ୨ । ଋଣମୋଚନ—2. Discharge of debt. ୩ । ଅବଜ୍ଞା—3. Disregard.

**ବିଗଣିତ**—ସ. ବିଣ ( ବି+ଗଣିତ )—ସଙ୍ଖ୍ୟାତ; ସଙ୍ଖ୍ୟା କରାଯାଇ ଥିବା—
Bigaṇita Reckoned; counted.

**ବିଗତ**—ସ. ବିଣ ( ବି+ଗତ )—୧ । ଯେ ଗତ ହୋଇଅଛି ବା
Bigata ଯାଇଅଛି—1. Gone. ୨ । ପ୍ରସ୍ଥିତ—2. Departed; gone away; parted. ୩ । ନଷ୍ଟ—3. Perished; lost; exhausted. ୪ । ( ସମାସରେ ) ବିହୀନ—4. Destitute or devoid of. ୫ । ଅତୀତ—5. Past; previous. ୬ । ସମ୍ପାଦିତ—6. Accomplished. ୭ । ମୃତ—7. Dead; deceased. ଦେ. ବିଣ—ଅତୀତର ପୂର୍ବେ ଘଟିଥିବା ( ହିଂ ଶ. )—Previous to the last ସ. ବି—ପକ୍ଷୀର ଗତି—The flight of birds (Apte).

**ବିଗତ କଲ୍ମଷ**—ସ. ବିଣ. ପୁଂ ( ବହୁବ୍ରୀହି; ବିଗତ+କଲ୍ମଷ )—୧ ।
Bigata kaḻmasha ପାପଶୂନ୍ୟ—1. Sinless. ୨ । ଯାହାର
(ବିଗତ କଲ୍ମଷା—ସ୍ତ୍ରୀ) ପାପ ପ୍ରାୟଶ୍ଚିତ୍ତଦ୍ୱାରା ଖଣ୍ଡିତ ହୋଇଅଛି—
ବିଗତ କଲ୍ମିଷ } ଅନ୍ୟରୂପ 2. One whose sin has been
ବିଗତ ପାପ } removed by expiation.

**ବିଗତଜ୍ୱର**—ସ. ବିଣ. ପୁଂ ( ବିଗତ+ଜ୍ୱର; ବହୁବ୍ରୀହି )—୧ ।
Bigatajwara ଭୟଶୂନ୍ୟ—1. Fearless. ୨ । କମ୍ପଶୂନ୍ୟ—
(ବିଗତଜ୍ୱରା—ସ୍ତ୍ରୀ) 2. Free from trembling.

**ବିଗତ ବର୍ଷ**—ଦେ. ବି—ଗତବର୍ଷର ପୂର୍ବ ବର୍ଷ; ତୃତୀୟ—Year
Bigata barsha before last; last but one year.
বিগতবৎসর

ବିଗତ ଭୟ—ଦେ. ବିଣ. ପୁଂ ( ବହୁବ୍ରୀହି; ବିଗତ+ଭୟ )—୧ ।
Bigata bhaya ଯାହାଠାରୁ ଭୟ ଦୂର ହୋଇଥାଏ—1.
(ବିଗତଭୟା—ସ୍ତ୍ରୀ) Having shaken out one's fears.
(ବିଗତଭୀ—ଅନ୍ୟରୂପ) ୨ । ନିର୍ଭୟ—2. Fearless.

ବିଗତ ଯୌବନ—ସଂ. ବିଣ. ପୁଂ ( ବହୁବ୍ରୀହି; ବିଗତ+ଯୌବନ )—
Bigata jaubana ଯେ ଯୌବନକୁ ଅତିକ୍ରମ କରିଅଛି—
(ବିଗତ ଯୌବନା—ସ୍ତ୍ରୀ) Having passed the youth.

ବିଗତ ରୟ—ସଂ. ବିଣ ( ବହୁବ୍ରୀହି; ବିଗତ+ରୟ )—ଯାହାର ତେଜ
Bigata raya କମିଅଛି; କ୍ଳାନ୍ତ—Fed up; fatigued;
(ବିଗତରୟା—ସ୍ତ୍ରୀ) whose energy is exhausted.

ବିଗତଶଯ୍ୟା—ଦେ. ବିଣ—ଶଯ୍ୟା ତ୍ୟାଗ କରିଥିବା—Having left
Bigata śajyā the bed. [ ଉ—ବିଗତଶଯ୍ୟା ପ୍ରାତରେ, ବୃଦ୍ଧ କରେ ସାଧୁ ମାରେ । ଉଞ୍ଜ. ବୈଦେହୀଶବିଳାସ ।]

ବିଗତସ୍ପୃହ—ସଂ. ବିଣ. ପୁଂ ( ବହୁବ୍ରୀହି; ବିଗତ+ସ୍ପୃହା )—ଯାହା
Bigataspruha ମନରୁ ସ୍ପୃହା ଦୂର ହୋଇଅଛି—Indifferent;
(ବିଗତସ୍ପୃହା—ସ୍ତ୍ରୀ) void of desise.

ବିଗତାର୍ତ୍ତବା—ସଂ. ବି. ସ୍ତ୍ରୀ (ବିଗତ+ଆର୍ତ୍ତବ=ସ୍ତ୍ରୀରଜଃ+ଆ, ବହୁବ୍ରୀହି)—
Bigatārttabā ନିବୃତ୍ତରଜସ୍କା ନାରୀ—A woman past her menses; a women past childbearing ( in whom the menstrual discharge has ceased ).

ବିଗତି—ଦେ. ବି—ବିଶେଷ ଗତି; ଚଞ୍ଚଳ ଗତି—Quick motion.
Bigati [ ଉ—ବିଗତି ଦେବାନ୍ତକ ନ୍ତିଶିର ନରାନ୍ତକ ମହୋଦର ଅତି କାୟକ । ଉଞ୍ଜ. ବୈଦେହୀଶବିଳାସ । ]
ସ. ବି.—ପକ୍ଷୀର ଗତି—The flight of birds.

ବିଗନ୍ଧ—ସ. ବିଣ—( ବି+ଗନ୍ଧ )—୧ । ଗନ୍ଧହୀନ—1. Having
Bigandha no smell. ୨ । ଦୁର୍ଗନ୍ଧମୟ—2. Foul-smelling; foetid.

ବିଗମ—ସ. ବି—( ବି+ଗମ୍ ଧାତୁ+ଭାବ. ଅ )—୧ । ପ୍ରସ୍ଥାନ—
Bigama 1. Departure. ୨ । ବିନାଶ—2. Destruc-
(ବିଗମନ—ଅନ୍ୟରୂପ) tion. ୩ । ଶେଷ—3. Finish; completion; end.

ବିଗମ୍ୟ—ଦେ. ବିଣ—ଅଗମ୍ୟ—Impassable. [ଉ.—ବିଗମ୍ୟ
Bigamya ଅରଣ୍ୟ ମଧ୍ୟେ ବିହର । ଉଞ୍ଜ. ବୈଦେହୀଶବିଳାସ ।]

ବିଗର୍—ବୈଦେ. ଅ—(ଅ. ବେଗଏର୍)—୧ । ବେଗର୍; ବ୍ୟତୀତ;
Bigar ବିନା—1. Without. ୨ । ବାହାରେ ଥିବା—2
ବେଗର **बिगर** 2. Outside. [ଯଥା—ବିଗର୍ ଛୁଆ ।]

ବିଗର୍ହଣ(ଣା)—ସ. ବି—(ବି+ଗର୍ହଣ)—୧ । ଗ୍ଳାନି; ଅପବାଦ—
Bigarhana(nā) 1. Vilification; defamation. ୨ । ଭର୍ତ୍ସନା—2. Censure; rebuke.

ବିଗର୍ହିତ—ସ. ବିଣ—(ବି+ଗର୍ହିତ)—୧ । ଅତ୍ୟନ୍ତ ନିନ୍ଦିତ—1. Very
Bigarhita blameworthy. ୨ । ନିନ୍ଦ୍ୟ—2. Censurable; reproachable. ୩ । ନିଷିଦ୍ଧ—3. Forbidden. ୪ । ଦୂଷିତ—4. Contaminated. ୫ । ଘୃଣ୍ୟ—5. Detestible. ବି.—ନିନ୍ଦା—Reproach; blame.

ବିଗଳ—ଦେ. (ପ୍ରାଚୀନ ପଦ୍ୟ) କ୍ରି. ବିଣ—(ସ. ବିଗଳିତ)—ଝର ଝର
Bigala ହୋଇ—Profusely; in torrent. [ଉ—ମୁଦ୍ରିତ ନୟନେ ଜଳ ବହଇ ବିଗଳ । ପ୍ରାଚୀ. ରସବାରିଧି]

ବିଗଳ କରିବା—ଦେ. (ପ୍ରାଚୀନ ପଦ୍ୟ) କ୍ରି—(ସ. ବିଗଳିତ)—ଖସାଇ
Bigala karibā ଦେବା; ମୁକ୍ତ କରିବା—To set free; to loosen. [ଉ.—ବିଗଳ କର ବସନ ହରଷ ଗୃହ୍ଣ ବଚନ, ଭୁଜଙ୍ଗେ ଭୁଜଙ୍ଗ ଗୁରୁ ଘଟଣ କର । ପ୍ରାଚୀ. ରସବାରିଧି ।]

ବିଗଳିତ—ସ. ବିଣ—( ବି+ଗଳିତ )—୧ । ସରିତ; ଝରୁ ଥିବା—
Bigalita 1. Trickling; oozing; dropping.
(ବିଗଳନ—ବି) ୨ । ପତିତ—2. Fallen. ୩ । ସ୍ଖଳିତ—3 3. Slipped away. ୪ । ତରଳିତ—4. Melted away. ୫ । ସ୍ଥାନଚ୍ୟୁତ; ଭ୍ରଷ୍ଟ—5. Displaced; detached. ୬ । ଶିଥିଳୀକୃତ—6. Loosened. ୭ । ମୁକୁଳା ହୋଇଥିବା; ମୁକ୍ତ; ଅଲୁଲାୟିତ—7. Dishevelled.

ବିଗଳିତ କେଶ—ସଂ. ବିଣ—(ବହୁବ୍ରୀହି; ବିଗଳିତ+କେଶ ଯାହାର)—
Bigalita keśa ଯାହାର ବାଳ ମୁକୁଳା ହୋଇଥାଏ—With
(ବିଗଳିତ କେ —ସ୍ତ୍ରୀ) dishevelled hair.

ବିଗଳିତାଙ୍କ—ସଂ. ବିଣ—(ବହୁବ୍ରୀହି; ବିଗଳିତ+ଅଙ୍କ)—କଳଙ୍କହୀନ—
Bigalitānka Spotless; stainless; [ଉ—ବିଗଳିତାଙ୍କ ଅର୍କ ଶଶାଙ୍କ ଯୋଷିବା ନ ଯୋଷିବା । ଉଞ୍ଜ. ବୈଦେହୀଶବିଳାସ ।]

ବିଗଳିବା—ପ୍ରାଦେ.—(ସମ୍ବଲପୁର) କ୍ରି.—( ସଂ ବିଗଳିତ=ତରଳିତ)
Bigalibā ଏଣେ ତେଣେ ବ୍ୟାପ୍ତ ହେବା—To spread all round; to be diffused.

ବିଗାଡ଼ି—ବୈଦେ. ବି—(ଫା. ବେଗାରୀ)—୧ । ବେଠିଆ; ଯେଉଁମାନେ
Bigārdi କେବଳ ଖୋରାକ ଖାଇ ସରକାରର ବେଠି କରନ୍ତି—
বেগারিয়া 1. Labourers who work without wages
**बेगार, बिगार** but on subsistence allowance only,
বেগার, বেগারী ୨ । ବେଗାର; ବେଠି—2. Work without
**बेगारी, बिगारी** wages but with subsistence allowance only; free labour; forced labour.

ବିଗାଡ଼ିଆ—ଦେ. ବି—ବିଗାଡ଼ି (ଦେଖ)—Bigārdi (See) ବିଣ-
Bigārdiā ବିଗାଡ଼ୁ (ଦେଖ)—Bigārdu (See)

ବିଗାଡ଼ୁ—ଦେ. ବିଣ—୧ । ଯେ ବିଗାଡ଼େ ବା ନଷ୍ଟ କରେ—1. One
Bigārdu who spoils. [ଯଥା—ଫଇଲ ବିଗାଡ଼ୁ ।]
বিগড়া **बिगड़ेल** ୨ । ଯେ ଗୋଳମାଳ ଉପସ୍ଥିତ କରେ—2. Creating confusion. ୩ । ଯେ କଥା କଥାକେ କଳି କରେ; ତଣ୍ଡୁଲ—3. Quarrelsome, surly. ୪ । ଜିଦ୍‌ଖୋର—4. Obstinate; insistent.

ବିଗାଢ଼—ସଂ. ବିଣ—(ବି+ଗାହ ଧାତୁ+କର୍ତ୍ତୃ. ତ)—୧ । ସ୍ନାତ—
Bigārdha 1. Bathed. ୨ । ମଗ୍ନ—2. Immersed. ୩ । ବିଲୋଡ଼ିତ—3. Churned; agitated. ୪ । (ବି+ଗାଢ଼) ବିଶେଷ ଗାଢ଼—4. Very thick.

ବିଗାନ—ସଂ. ବି.—( ବି=ବିପରୀତ+ଗାନ )—୧ । ନିନ୍ଦା—
Bigāna Censure. ୨ । ଅପବାଦ—2. Defamation.

ବିଗାହ—ସ. ବି ( ବି+ଗାହ ଧାତୁ+ଭାବ. ଅ )—୧ । ସ୍ନାନ; ଅବଗାହନ—
Bigāha 1. Bath; ablution. ୨ । ଅଲୋଡ଼ନ; ମନ୍ଥନ—2. Churning.

ବିଗାହମାନ—ସ. ବିଣ ପୁଂ. ( ବି+ଗାହ୍ ଧାତୁ+କର୍ତ୍ତୃ. ଅନ )—୧ ।
Bigāhamāna ଯେ ଗାଧୋଉଛି—1 Bathing. ୨ । ଯେ ( ବିଗାହ୍ୟମାନ—ଅନ୍ୟରୂପ ) ବିଲୋଡ଼ନ କରୁଅଛି—
2. Churning; agitating.

ବିଗୀତ—ସ. ବିଣ ( ବି=ବିପରୀତ+ଗୈ ଧାତୁ=ଗାନ କରିବା+ତ )—୧ । ନିନ୍ଦିତ—1. Blamed; condemned.
Bigita ୨ । ଭର୍ତ୍ସିତ—2. Censured. ୨ । ବିଗର୍ହିତ—
2. Very bad; deplorable.

ବିଗୁଣ—ସ. ବିଣ ( ବହୁବ୍ରୀହି; ବି=ବିଗତ, ନାହିଁ+ଗୁଣ ଯାହାର )—
Biguna ୧ । ଗୁଣହୀନ—1. Destitute of good qualities ୨ । ବିକୃତ; ନଷ୍ଟ—2. Spoiled. ୩ । ବିପରୀତ; ପ୍ରତିକୂଳ—3. Opposite. ଦେ. ବି—୧ । ଅବଗୁଣ; ଅନିଷ୍ଟ—1. Injury. ୨ । ମନ୍ଦଗୁଣ; ଦୁର୍ଗୁଣ—2. Bad quality. ୩ । ଅଭିମାନ 3. Taking offence. ( ଉ :—ବିଗୁଣ ନ ଘେନିବ ଦେବୀ ଲେଖି—ଉଞ୍ଜ. ବୈଦେହୀଶବିଳାସ । ) ୪ । ଦୁଃଖ—
4. Sorrow. ( ଉ :—ସନ୍ତୋଷ କର ଅହେ ନୃପକୁଳ ଗୁଣ । ନ ରଖ କ୍ଷାତ ନାଶେ ଚିତ୍ତରେ ବିଗୁଣ—କୃଷ୍ଣସିଂହ. ମହାଭାରତ ଅନୁଶାସନ । )—୫ । ଈର୍ଷ୍ୟା—5. Envy; jealousy. ( ଉ :—ଲକ୍ଷ୍ମୀଙ୍କୁ ନ ଲଭି ଅସୁରେ । ବିଗୁଣ ବହିଲେ ଅନ୍ତରେ—ଜଗନ୍ନାଥ. ଭାଗବତ । )

ବିଗୁଣିଆ—ଦେ. ବିଣ. ପୁଂ.—ଯେ ସାମାନ୍ୟ ବିଷୟରେ ବିରକ୍ତ ହୁଏ,
Bigunia ଅତିରିକ୍ତରୂପେ ଅଭିମାନୀ—Irascible; prone to
ବିଗୁଣ୍ୟ take offence at petty things; thin-skinned.
**बिगड़ैल** ( ବିଗୁଣେଇ—ସ୍ତ୍ରୀ )

ବିଗୁଲ୍—ବୈଦେ. ବି ( ଇଂ. ବୁ୍ୟଗ୍‌ଲ୍ )—ରଣତୂରୀ; ଭେରୀ—Bugle.
Bigul বিগুল **बिगुल**

ବିଗୁଲ(ଲ୍)ର୍—ବୈଦେ. ବି ( ଇଂ. ବୁ୍ୟଗ୍‌ଲର୍ )—ରଣତୂରୀବାଦକ—
Bigula(lā)r বিগুলার **बिगुलार** Bugler.

ବିଗୂଢ଼—ସ. ବିଣ ( ବି+ଗୂଢ଼ )—୧ । ଗୁପ୍ତ—1. Concealed.
Bigūrdha ( ବିଗୂହନ—ବି ) ୨ । ବିଗର୍ହିତ—2. Bad.

ବିଗୁ(ଘୁ)ତି—ଗ୍ରା. ବି ( ସ. ବିଭୂତି )—ଯଜ୍ଞର ବା ହୋମର ପାଉଁଶ—
Bigu(ghu)ti বিভূতি **भभूती** The ashes of a sacrificeal fire.

ବିଗୋନିୟା—ବୈଦେ. ବି ( ଇଂ; ଲାଟିନ୍ ବେଗୋନିଆ )—ପର୍ଣ୍ଣାଯୁକ୍ତ
Bigoniyā ଶାକଗୁଳ୍ମବିଶେଷ—Begonia; a foreign shrub;
বিগোনিয়া Elephant's eye. [ ଦ୍ର—ଏ ବିଦେଶାଗତ ଗୁଳ୍ମ
**बेगोनिया** ନାନାଜାତୀୟ ଅଟେ ଓ ଶୋଭାର୍ଥ ଅଧିକାଂଶ ଉଦ୍ୟାନ ମାନଙ୍କରେ ରୋପିତ ହୁଏ । ଆସାମ ଓ ଚଟ୍ଟଗ୍ରାମ ଅଞ୍ଚଳରେ ଏହା ବନ୍ୟ ହୋଇ ଯାଇଅଛି । ଏହା ଘରରେ ଜନ୍ମେ । ଏଥିର ପତ୍ର ହାତୀ କାନ ବା ଡୁଳାପରି । ]

ବିଗ୍ନ—ସ. ବିଣ ( ବିଜ୍ ଧାତୁ=ଭୀତ ହେବା+କର୍ତ୍ତୃ. ତ )—୧ । ସନ୍ତ୍ରସ୍ତ;
Bigna ଭୀତ—1. Alarmed; terrified. ୨ । ଚଞ୍ଚଳ—
2. Anxious; agitated. ୩ । ଦୁଃଖିତ—
3. Dejected.

ବିଗ୍ର—ସ. ବିଣ. ପୁଂ ( ବହୁବ୍ରୀହି; ବି=ବିଗତ+ନାସିକା ଯାହାର, ନିପାତନସିଦ୍ଧ )—ଛିନ୍ନନାସିକ—Deprived of nose;
Bigra
( ବିଗ୍ରା—ସ୍ତ୍ରୀ ) having the nose clipped up.

ବିଗ୍ରହ—ସ. ବି ( ବି+ଗ୍ରହ ଧାତୁ+କର୍ମ. ଅ )—୧ । ବପୁ; ଦେହ;
Bigraha ଶରୀର—1. Body. ୨ । ମୂର୍ତ୍ତି; ଆକୃତି—
2. Image; form; shape. ୩ । ଦେବମୂର୍ତ୍ତି—
3. Idol; image of a Deity. ୪ । ( +ଭାବ. ଅ; ବ୍ୟାକରଣ ) ସମାସର ବାକ୍ୟ ବିଶ୍ଳେଷଣ ( ଯାହାଦ୍ୱାରା ସମାସବଦ୍ଧ ପଦର ପ୍ରକୃତ ଅର୍ଥ ଗୃହୀତ ହୁଏ )—
4 (Grammar) The separating or analysis of a compound word into its component parts. ୫ । ( +କରଣ. ଅ ) ସଂଗ୍ରାମ; ଯୁଦ୍ଧ—
5. Fight; war. ୬ । ବିବାଦ—6. Dispute; quarrel; dissension. ୭ । ( +ଭାବ. ଅ ) ବିସ୍ତାର—7. Extension; expansion. ୮ । ( +କର୍ମ. ଅ ) ଅଂଶ; ବିଭାଗ—8. Portion; share. [ ଦ୍ର—ଏହି ଶବ୍ଦ ଅନ୍ୟ ଶବ୍ଦ ପରେ ଲାଗେ; ଯଥା— ପାଷାଣ ବିଗ୍ରହ, ମଣି ବିଗ୍ରହ, ଦାରୁ ବିଗ୍ରହ, ଧାତୁ ବିଗ୍ରହ ଓ ସନ୍ଧି ବିଗ୍ରହ ଇତ୍ୟାଦି । ] ୯ । ( +ଭାବ. ଅ ) ପୃଥକ୍ କରଣ (ହ୍ର. ଶ)—9, Separating, ୧୦ । ନୀତିଶାସ୍ତ୍ର କଥିତ କର୍ମବିଶେଷ; ଶତ୍ରୁପକ୍ଷ ମଧ୍ୟରେ ବିବାଦ ବା କଳହ ଉତ୍ପାଦନ (ହ୍ର. ଶ)—10, Creating dissension in the enmy's camp, ୧୧ । ( +କର୍ତ୍ତୃ. ଅ ) ଶିବ ( ହ୍ର. ଶ )—11, Siba. ୧୨ । ସ୍କନ୍ଦଙ୍କ ଅନୁଚରବିଶେଷ ( ହ୍ର. ଶ )—12, Name of an attendant of Kārttikeya.

ବିଗ୍ରହଣ—ସ. ବି (ବି+ଗ୍ରହ ଧାତୁ+ଭାବ. ଅନ)—ରୂପ ଗ୍ରହଣ—
Bigrahana Assumption of form; materialisation

ବିଗ୍ରହୀ—ସ. ବିଣ. ପୁଂ (ବିଗ୍ରହ+ଇନ୍; ୧ମା. ୧ବ)—୧ । ଯୁଦ୍ଧକାରୀ—
Bigrahī 1. Fighting. ୨ । କଳହକାରୀ—2. Quarrelling.
( ବିଗ୍ରହିଣୀ—ସ୍ତ୍ରୀ ) ସ. ବି—ଯୁଦ୍ଧବିଭାଗର ମନ୍ତ୍ରୀ—
War minister

ବିଗ୍ରାହ୍ୟ—ସଂ. ବିଣ. ପୁଂ ( ବି+ଗ୍ରହ ଧାତୁ+କର୍ମ. ଯ )—ଯାହା ସଙ୍ଗେ Bigrāhya ଯୁଦ୍ଧ କରିବା ଉପଯୁକ୍ତ ( ଦୂ. ପ୍ର )—Fit to be fought with. ( ବିଗ୍ରାହ୍ୟା—ସ୍ତ୍ରୀ )

ବିଘଂସିତ—ଦେ. ( ପ୍ରାଚୀନ ପଦ୍ୟ ) ବିଣ ( ସଂ. ବିକଶିତ )—ବିକଶିତ; Bighaṁsita ଫୁଲି ଉଠିବା—Fullblown; expanded. ( ଉ :—ମଳୟ ସମୀର ମନ୍ଦର ନାସା ଅଟଇ ଭାର । ବସନ୍ତ ଅଶେଷ ବିଘଂସିତ କୋଷେ କିଂଶୁକାଧର—ପ୍ରତାପ. ଶଶିଶେଣା । )

ବିଘଂସିବା—ଦେ. ( ପ୍ରାଚୀନ ପଦ୍ୟ ) କ୍ରି—ବିକଶିତ ହେବା— Bighaṁsibā To be fullblown; to expand. ( ଉ—କମଳିନୀ ବିଘଂସିଲେ ଅବନୀ ଉଲ୍ଲସି—ପ୍ରାଚୀ. ରହସ୍ୟମଞ୍ଜରୀ । )

ବିଘଞ୍ଚ—ଦେ. ବିଣ ( ସଂ. ବି+ଘନ) —ସାନ୍ଦ୍ର; ନିବିଡ଼—Dense. Bighañcha ଘନ ଘନା ( ଉ :—ବିହଙ୍ଗସ୍ୱନ ତରୁ ଝଙ୍କ, ବିଘଞ୍ଚ ସଞ୍ଚ ପତ୍ରାବଳୀ—ଉଞ୍ଜ. ବୈଦେହୀଶବିଳାସ ।

ବିଘଟଣ—ଦେ. —(ସଂ. ବିଘଟନ)—୧ । ଆଶ୍ଚର୍ଯ୍ୟ ଘଟଣା; ଅଘଟଣ— Bighaṭaṇa 1. Wonderful thing. ୨ । ବିଡ଼ମ୍ବଣ—ବିଷଟନ 2. An awkward thing. ଦେ. ବିଣ.—୧ । ଆଶ୍ଚର୍ଯ୍ୟଜନକ—1. Wonderful. ୨ । ଅଦ୍ଭୁତପୂର୍ବ— 2. Extraordinary. ୩ । କୁତ୍ସିତ—3. Awkward; nasty.

ବିଘଟନ(ନା)—ସଂ. ବି, ( ବି=ବିପରୀତ, ବିରୁଦ୍ଧ+ଘଟନ )—୧ । Bighaṭana(nā) ୧ । ଆଶ୍ଚର୍ଯ୍ୟ ଘଟନା—1. Wonderful event. ୨ । ଅଘଟନ—2 The happening of an unexpected matter. ୩ । ଅମଙ୍ଗଳ; ଦୁର୍ଭାଗ୍ୟ—3. Misfortune. ୪ । ବିଶ୍ଳେଷଣ— 4. Dissolution; analysis; disjunction. ୫ । ଅନିଷ୍ଟ—5. Injury. ୬ । ବିରୋଧ—6. Antagonism. ୭ । ବ୍ୟାଘାତ—7. Obstruction. ୮ । ବିନାଶ—8. Destruction. ୯ । ଭଞ୍ଜନ; ଭାଙ୍ଗି ଦେବା—9. Breaking.

ବିଘଟିତ—ସଂ. ବିଣ. (ବି+ଘଟ ଧାତୁ ଣିଜନ୍ତ ଘଟ ଧାତୁ+କର୍ମ. ତ)— Bighaṭita ୧ । ବିଶ୍ଳେଷିତ—1. Dissolved; broken up. ୨ । ବିନଷ୍ଟ—2. Destroyed. ୩ । ବିକସିତ— 3. Spread; expanded. ଦେ. ବିଣ—ବୃଥା; ମିଥ୍ୟା—False. [ଉ.—ସ୍ୱଗ୍ରେଦସ୍ତୁ ବାକ୍ୟ ଏକ୍ଷୁ ତୁତେ ବିଘଟିତ । ପ୍ରାଚୀ. ଶିବ ସ୍ୱଗ୍ରେଦସ୍ତୁ ।]

ବିଘଟିବା—ଦେ. କ୍ରି—ବିଶେଷରେ ଘଟିବା—To happen parti- Bighaṭibā cularly or excellently. [ଉ—ବିଳାସ ହାସ ଦର୍ଶନେ, ବିଘଟେ କଣ ପ୍ରସଙ୍ଗେ । ଉଞ୍ଜ. ବୈଦେହୀଶ ବିଳାସ ।]

ବିଘଟ୍ଟନ—(ବି+ଘଟ୍ଟ. ଧାତୁ=ଚଳିବା+ଅନ)-୧ । ସଂଘଟ୍ଟ; ଅଘାତ— Bighaṭṭana 1. Stroke. ୨ । ଆଲୋଡ଼ନ; ଘାଣ୍ଟିବା— 2. Agitating; churning; shaking. ୩ । ଦୃଢ଼ ସଂଯୋଗ; ସଂଘଟ୍ଟନ—3. Firm contact; close connection. ୪ । ବିଶ୍ଳେଷଣ—4. Analysis; dissolution; disjunction. ୫ । ସଞ୍ଚାଳନ; ହଲଚଲ ହେବା—5. Movement. ୬ । ଲାଗିଯିବା— 6. Firm attachment. ୭ । ରଗଡ଼ିବା— 7. Grinding. ୮ । ବାଟିବା—8. Bruising. ୯ । ଖୋଲିବା (ଦ୍ର. ପ୍ର)—9. Opening. ୧୦ । ଭଗ୍ନ କରିବା (ଦ୍ର. ପ୍ର)—10. Dashing. ୧୧ । ବିନାଶକରଣ (ଦ୍ର. ପ୍ର)—11. Destroying.

ବିଘଟ୍ଟିତ—ସଂ. ବିଣ—(ବି+ଘଟ୍ଟ. ଧାତୁ+କର୍ମ. ତ)—୧ । ଘାଣ୍ଟା Bighaṭṭita ହୋଇଥିବା, ଆଲୋଡ଼ିତ; ମଥିତ—1. Churned; shaken; thoroughly agitated. ୨ । ବିଶ୍ଳେଷିତ; ବିଭକ୍ତ—2. Analysed; broken up. ୩ । ସଞ୍ଚାଳିତ- 3. Moved. ୪ । କୃତ—4 Caused; done. ୫ । ରଗଡ଼ା ହୋଇଥିବା—5. Ground. ୬ । ବଟା ହୋଇଥିବା—6. Bruised. ୭ । ବିନାଶିତ (ଦ୍ର. ପ୍ର)— 7. Destroyed.

ବିଘତ୍—ଦେ. ବି—(ସଂ. ବିତସ୍ତି; ବଙ୍ଗଳାରୁ ଅନୁକୃତ)—ଅର୍ଦ୍ଧହସ୍ତ; Bighat ବୃଷଣ୍ଡ; ୧୨ ଅଙ୍ଗୁଳି—A unit of lineal measure from the tip of the little finger to the tip of the thumb of the extended palm; the span of the palm. ବିঘৎ ବାଲିସ୍ତ

ବିଘନ—ସଂ. ତ—(ବି+ହନ. ଧାତୁ+ଭାବ. ଅ)—୧ । ଆଘାତ କରିବା- Bighana 1. Striking. ୨ । (+କରଣ ଅ) ଏକପ୍ରକାର ଖୁବ୍ ବଡ଼ ହାତୁଡ଼ୀ—2. Sledge hammer. ୩ ।(+କର୍ତ୍ତୃ. ଅ) ଇନ୍ଦ୍ର—3. Indra.

ବିଘସ—ସଂ. ବି—(ବି+ଅଦ୍. ଧାତୁ=ଭୋଜନ କରିବା+ଭାବ. ଅ; Bighasa ଅଦ ସ୍ଥାନରେ ଘସ ଆଦେଶ)—୧ । ଭୋଜନ— 1. Eating; taking meal. ୨ । ଭୋଜନାବଶିଷ୍ଟ; ଉଚ୍ଛିଷ୍ଟ; ଅଇଁଠା—2. Leavings of a dinner; remnant of food; orts. ୩ । (ମହୁମାଛିର ଉଚ୍ଛିଷ୍ଟ) ମହଣ—3. Wax. ୪ । ଦେବତା, ପିତୃ ଓ ଅତିଥିମାନଙ୍କୁ ଦିଆଯିବା ପରେ ବଳିପଡ଼ିବା ଖାଦ୍ୟ—4. Food left after it is offered to guests, Deities and deceased ancestors.

ବିଘସାଶୀ—ସଂ. ବିଣ. ପୁଂ—(ବିଘସ+ଅଶ୍ ଧାତୁ=ଭକ୍ଷଣ କରିବା+ Bighasāśi କର୍ତ୍ତୃ. ଇନ୍)—ଯେଉଁମାନେ ପ୍ରଭାତରେ ଓ ସନ୍ଧ୍ୟାରେ ପିତୃଲୋକ, ଅତିଥି ଓ ଦେବତାମାନଙ୍କୁ ଅନ୍ନ ପ୍ରଦାନ କରି ସ୍ୱୟଂ ଅବଶିଷ୍ଟ ଅନ୍ନ ଭୋଜନ କରନ୍ତି—Partaking of the food after feeding the guests and offering to Deities and to the deceased ancestors.

[ଉ.—ସାୟଂ ପ୍ରାତଃକାଳେ ଅନ୍ନର ବିଘସ, କରି ଯେ ଲୋକମାନେ କରୁଛନ୍ତି ଭୋଗ, ସେହିମାନଙ୍କୁ ବିଘସାଶୀ ବୋଲି କହି, ଅବେ ଦ୍ଵିଜମାନେ ଏଥି ସନ୍ଦେହ ନାହିଁ— କୃଷ୍ଣସିଂହ. ମହାଭାରତ ଶାନ୍ତିପର୍ବ । ]

**ବିଘସିବା**—ଦେ. କ୍ରି—ସଞ୍ଚରଣ କରିବା; ଭ୍ରମଣ କରିବା—To walk; Bighasibā to travel. [ ଉ—ବ୍ୟାକୁଳ ଗ୍ରବଣ ମନ ଛଳକାରୀ, ପୁଷ୍ପକପୁରେ ବିଘସି । ଉଞ୍ଜ. ବୈଦେହୀଶବିଳାସ ]

**ବିଘା**—ପ୍ରାଦେ ( ମେଦିନୀପୁର ) ବି ( ସଂ. ବର୍ଗ; ବିଗହ )—୧ । ଭୂମିର Bighā ପରିମାଣବିଶେଷ, ୮୦ ହାତ ଲମ୍ବ ଓ ୮୦ ହାତ ଚଉଡ଼ା ବିଘା ପରିମିତ ଭୂମି—6400 square cubits of land. **বীঘা** [ ଦ୍ର—ଏକ ଏକର=ପ୍ରାୟ ୩ ବିଘା । ୧ ବିଘା=୨୦ କାଠା । ] ୨ । ( ସିଂହଭୂମ ) ବି—୧୦୦ ହାତ ଲମ୍ବ ଓ ୧୦୦ ହାତ ଚଉଡ଼ା ପରିମିତ ଭୂମି—2. 10000 square cubits of land. [ ଦ୍ର—ଏହି ବିଘାର ପରିମାଣ=½ ଏକର; ଏକ ଏକର=୧ ବିଘା ୧୧ କାଠା । ]

**ବିଘାତ**—ସଂ. ବି ( ବି+ହନ୍ ଧାତୁ+ଭାବ. ଅ )—୧ । ବିନାଶ—Bighāta 1. Destruction; ruin. ୨ । ଅଘାତ—2. Stroke. ୩ । କ୍ଷତ—3. Injury. ୪ । ବ୍ୟାଘାତ; ବିଘ୍ନ; ପ୍ରତିବନ୍ଧକ—4. Obstacle; obstruction; hindrance. ୫ । ବାରଣ—5. Prohibition. ୬ । ସଙ୍ଗୀତ ଶାସ୍ତ୍ରର ସ୍ଵରବିଶେଷ—6. Name of a musical tune. ୭ । ଝିକ ଝିକ କରିବା ( ହ. ଶ )—7. Breaking into pieces. ୮ । ବିଫଳତା (ହ.ଶ) —8. Non fulfilment; fruitlessness.

**ବିଘାତକ**—ସଂ. ବିଣ. ପୁଂ ( ବି+ହନ୍ ଧାତୁ+କର୍ତ୍ତୃ. ଅକ )—୧ । Bighātaka ବାଧାପ୍ରଦ; ବିଘାତକାରୀ—1. Hindering; (ବିଘାତୀ—ଅନ୍ୟରୂପ) obstructing; marring. ୨ । ବିଘାତିକା } ସ୍ତ୍ରୀ ବିନାଶକ—2. Destructive. ୩ । ଅଘାତକାରୀ ବିଘାତିନୀ } —3. Striking. ୪ । ଘାତକ—4. Killing. [ ଉ—ବିଘାତୀ ଦୈତ୍ୟ ବୃତ୍ତିରେ ହୋଇଥିଲେ ଶତ୍ରୁର ପ୍ରମୁଖ ଗ୍ରହେ । ଉଞ୍ଜ. ବୈଦେହୀଶବିଳାସ । ]

**ବିଘାତନ**—ସଂ. ବି ( ବି+ହନ୍ ଧାତୁ+ଅନ )—୧ । ହତ୍ୟାକରଣ—Bighātana 1. Murdering; slaughtering. ୨ । ଅଘାତ କରଣ—2. Striking. ୩ । ହତ୍ୟା—3. Slaughter. [ ଉ—ବହୁଅଛୁ । ବିଘାତନ ସ୍ଥାନରେ ଗାଇଲି । ଉଞ୍ଜ. ବୈଦେହୀଶବିଳାସ । ]

**ବିଘାତକ**—ଦେ. ବିଣ ( ସଂ. ବିଘାତକ; ବିଘାତୀ )—ଅଘାତକ; ଅଘାତ-Bighātika କାରୀ—Striking. [ ଉ—ବହିବହିଁ କହୁଛନ୍ତି ତାହି, ବିଘାତକ ପଦ ହେଲା ନାହିଁ । ଉଞ୍ଜ. ବୈଦେହୀଶବିଳାସ । ]

**ବିଘାତିବା**—ଦେ ( ପଦ୍ୟ ) କ୍ରି ( ସଂ. ବିଘାତ )—ଅଘାତ କରିବା; Bighātibā କଚାଡ଼ିବା—To strike; to dash down.

বিঘাতী **বিঘাতনা** [ ଉ—ବଳବାନ, ବିଘାତ ବେନି ସାକ୍ରମାନୀ ଉଞ୍ଜ. ବୈଦେହୀଶବିଳାସ । ]

**ବିଘୋଡ଼(ର)**—ଦେ. ବିଣ ଓ କ୍ରି ବିଣ ( ସଂ. ବି+ଘୋର )—୧ Bighorda(ra) ଅତ୍ୟନ୍ତ—1. Very much; excessive. (ଯଥା—ସେ ବିଘୋର କନ୍ଦରେ ଶୋଇଛି ।)

**ବିଘିନ**—ଗ୍ରା. ବି ( ସଂ. ବିଘ୍ନ )—୧ । ବିଘ୍ନ—1. Hindrance; Bighina obstacle; ୨ । ବିଘ୍ନେଶ୍ୱରର ଡାକ ନାମ—2. A বিঘিনি **বিঘন** name for calling Bighneswara.

**ବିଘୂର୍ଣ୍ଣନ**—ସଂ. ବି ( ବି+ଘୂର୍ଣ୍ଣନ )—ଘୂରିଅଡ଼େ ଘୁରିବା—Bighūrṇṇana Whirling. ( ବିଘୂର୍ଣ୍ଣିତ—ବିଣ; ବିଘୂର୍ଣ୍ଣକ—ବ୍ୟକ୍ତିବାଚକ ବିଶେଷଣ )

**ବିଘୂର୍ଣ୍ଣିକା**—ସ, ବି—ନାସିକା; ନାକ ( ହ, ଶ )—Nose Bighūrṇṇikā

**ବିଘୋଷ**—ସଂ, ବି ( ବି+ଘୋଷ )—ଅତି ଉଚ୍ଚ ନାଦ—Roar; Bighosha loud sound.

**ବିଘୋଷକାଶ୍ରୟା**—ଦେ, ବିଣ—ଅଦ୍ଭୁତ ନାଦକାରୀ; ଗର୍ଜନକାରୀ—Bighoshakāśrayā Thundering; roaring. [ ଉ.—ବିଘୋଷକାଶ୍ରୟା ପ୍ରଳୟ ସ୍ତନିତ, କେବେ ଶସି ପ୍ରାପ୍ତ ନର୍ତ୍ତି । ଉଞ୍ଜ, ବୈଦେହୀଶବିଳାସ । ]

**ବିଘ୍ନ**—ସଂ. ବି (ବି=ବିବିଧ ପ୍ରକାରେ+ହନ୍. ଧାତୁ+କରଣ. ଅ; ଯାହା Bighna ଦ୍ୱାରା କାର୍ଯ୍ୟସିଦ୍ଧିର ନାଶହୁଏ)—୧ । ବାଧା; ପ୍ରତିବନ୍ଧକ—1. Obstacle; obstruction; hindrance. ୨ । ବ୍ୟାଘାତ—2. Interruption impediment. ୩ । ପାକଫଳା (ହ. ଶ) ବରଦା କୋଳ (ଦେଶୀ)—3. A kind of acid berry.

**ବିଘ୍ନକର**—ସ. ବିଣ. ପୁଂ—ଯାହା ବାଧା ଦିଏ—Obstructing; im-Bighnakara peding; causing obstruction.

ବିଘ୍ନକୃତ, ବିଘ୍ନକାରକ, ବିଘ୍ନ ଜନକ, ବିଘ୍ନଦାୟକ, ବିଘ୍ନପ୍ରଦ, ବିଘ୍ନପ୍ରଦାୟକ, ବିଘ୍ନକାରୀ, ବିଘ୍ନଦାତା, ବିଘ୍ନକର୍ତ୍ତା } ଅନ୍ୟରୂପ

(ବିଘ୍ନକରୀ—ସ୍ତ୍ରୀ)

**ବିଘ୍ନ ଧ୍ୱଂସ**—ସ. ବି (୬ଷ୍ଠୀ ତତ୍; ବିଘ୍ନ+ଧ୍ୱଂସ)—ବାଧାର ଲୋପ—Bighna dhwamsa The removal of obstacles. (ବିଘ୍ନ ନାଶ; ବିଘ୍ନ ବିନାଶ, ବିଘ୍ନବିଧ୍ୱଂସ—ଅନ୍ୟରୂପ)

**ବିଘ୍ନ ଧ୍ୱଂସକ**—ସଂ ବିଣ. ପୁ—ଯେ ବିଘ୍ନକୁ ଲୋପ କରେ—Bighna dhwamsaka 1. Removing obstacles.

ବିଘ୍ନଧ୍ୱଂସୀ, ବିଘ୍ନ ନାଶକ, ବିଘ୍ନ ନାଶନ, ବିଘ୍ନନାଶୀ, ବିଘ୍ନ ବିଧ୍ୱଂସୀ, ବିଘ୍ନ ବିନାଶନ, ବିଘ୍ନବିନାଶୀ, ବିଘ୍ନ ହର, ବିଘ୍ନହର୍ତ୍ତା, ବିଘ୍ନହାରୀ } ଅନ୍ୟରୂପ

(ବିଘ୍ନଧ୍ୱଂସିକା—ସ୍ତ୍ରୀ) ବି—ଗଣେଶ—God Ganesa.

**ବିଘ୍ନ ବିନାୟକ**—ସ. ବି—ଗଣପତି; ଗଣେଶ—God Ganesa. Bighna bināyaka [ଦ୍ର—ହିନ୍ଦୁମାନେ ବିଘ୍ନ ବିନାଶାର୍ଥ ପୂଜା (ବିଘ୍ନ ନାୟକ, ବିଘ୍ନରାଜ—ଅନ୍ୟରୂପ) ଅବର ପ୍ରଥମେ ଗଣେଶଙ୍କର ପୂଜା କରନ୍ତି]

ବିଘ୍ନ ରହିତ—ସ. ବଣ—( ବହୁ ବ୍ରୀ )—ବିଘ୍ନ ଶୂନ୍ୟ, ନିର୍ବିଘ୍ନ—
Bighna rahita Having no obstacles to cope with.

ବିଘ୍ନିତ—ସ. ବଣ—( ବିଘ୍ନ+ଜାତାର୍ଥେ ଇତ )—୧ । ପ୍ରତିହତ—
Bighnita 1. Opposed; obstructed; impeded.
୨ । ବାଧା ପ୍ରାପ୍ତ—2. Hindered.

ବିଘ୍ନେଶ—ସ. ବି—(ବିଘ୍ନ+ଈଶ=ଶାସ୍ତା; ଷଷ୍ଠୀ ତତ୍ )—ଗଣନାଥ;
Bighnesa ଗଣେଶ—Ganesa. ଦେ. ବି—ପୁରୁଷଙ୍କୁ
(ବିଘ୍ନେଶ୍ୱର—ଅନ୍ୟରୂପ) ଦିଆଯିବା ନାମ—A name given to males

ବିଙ୍ଗିଟଣ—ଗ୍ରାଦେ. (ଗଡ଼ଜାତ) ବି (ସ. ବିଘଟନ)—ବିଭ୍ରମଣ;
Bingitana ଅଘଟଣ କଥା — An awkward thing.
(ଯଥା—ମଲା ! ଏବେ ବିଙ୍ଗିଟଣ ହିଁ ! ବୁଢ଼ୀଟା ମାଠିଆ ଉପରେ ବଳେଇଥାବ ବସିଛି କରୁଛି ?)

ବିଚ୍—ଦେ. ଅ (ହିନ୍ଦୀରୁ ଅନୁକୃତ; ବଚରଅ; ସ. ବିଚ୍ଧାତୁ=ପୃଥକ୍
Bich କରିବା)—୧ । କୌଣସି ସୀମା, ସ୍ଥାନ ଅଥବା ମଧ୍ୟରେ—
মাঝে, মধ্যে, बीच 1. Within (the bounds of ).
୨ । ଦୁଇ ଜଣଙ୍କର ବା ଦୁଇ ସ୍ଥାନର ମଧ୍ୟରେ—2. Between (two persons or places).

ବିଚ୍ ଅଦାଲତରେ—ଦେ. ଅ (ହିନ୍ଦୀରୁ ଅନୁକୃତ; ବଚରଅ)—ପ୍ରକାଶ୍ୟ
Bich adālatare ଅଦାଲତରେ—In open court.
আদালতের মাঝে, बीच अदालतमे

ବିଚ୍(ଚି, ଜ, ଜି)କିଟା(ଟା)—ଦେ. ବଣ (ସ. ବିକୃତ; ବିକଟ; ବିଚ-
Bich(chi, j, ji)kiṭā(ṭā) ଚ୍ଛସ୍ୟ )—୧ । ବିକଟୀକୃତ—
বিতিকিছি; বিজকুটে; বিজকুটিআ 1. Horrible, contorted.
विचकाहुआ ୨ । ବିକୃତ—2. Spoiled. ୩ । ବିକୃତସ୍ୱାଦ-
ବିଶିଷ୍ଟ; ବିସ୍ୱାଦ—3. Having a bad taste.
୪ । ବିରକ୍ତିକର—4. Annoying; teasing; producing annoyance. ୫ । ବିରକ୍ତିସୂଚକ—
5. Indicating displeasure. ୬ । ଅଶ୍ରାବ୍ୟ;
ଅଶ୍ଳୀଳ—6. Profane; indecent (language).
୭ । କଦର୍ଯ୍ୟ; କୁତ୍ସିତ—7 Nasty; ugly; filthy; distorted. ୮ । ବିକୃତସ୍ୱାଦବିଶିଷ୍ଟ—8. Of very bad taste.

ବିଚ୍(ଚି, ଜ, ଜି)କିଟା(ଟେ)ଇବା—ଦେ. କି (ସ. ବିକଟୀକରଣ)—
Bich(chi, j, ji)kiṭā(ṭe)ibā ୧ । (ମୁହଁକୁ) ବିକଟ କରିବା—
বিজকুটে করা 1. To contort (one's face); to distort;
विचकाना to make wry (face). ୨ । (ମୁହଁକୁ)
ବିରକ୍ତିସୂଚକ ଭଙ୍ଗୀଯୁକ୍ତ କରିବା—2. To show signs of annoyance (in the face).

ବିଚ୍କିଟି(ଟି)ଆ କଥା—ଦେ. ବି—୧ । ଦୁର୍ବୋଧ ବାକ୍ୟ—1. Words
Bich kiṭi(ṭi)ā kathā which are difficult to under-
বিজকুটে কথা stand. ୨ । କର୍କଶ ବାକ୍ୟ—2. Harsh words. ୩ । ଅଶ୍ଳୀଳ ଭାଷା—3. Filthy language.
[ ଦ୍ର—ଏହିସବୁ ଶବ୍ଦରେ ବିଚ୍କିଟିଆ ବାମ ଏକ ରୂପ । ]

ବିଚ୍କିଟି(ଟି)ଆ ଗାଳି—ଦେ. ବି—୧ । କର୍କଶ ଗାଳି—1. Cruel or
Bich-kiṭi(ṭi)ā gāli harsh abuse. ୨ । ଅଶ୍ଳୀଳ ଗାଳି;
বিতিকিছি গালাগালী କୁତ୍ସିତ ଭାଷା—2. Filthy abuse.

ବିଚ୍କିଟିଆ ମୁହଁ—ଦେ. ବି—୧ । ବିକଟାଳ ମୁହଁ; ବିକଟ ବଦନ—
Bich-kiṭiā muhaṅ 1. Horrible face; contorted
বিজকুটে মুখ face. ୨ । ବିରକ୍ତିସୂଚକ ମୁଖଭଙ୍ଗୀ—2. Facial
विचका हुआ मुँह appearance; indicating annoyance.

ବିଚ୍କିଟିଆ ଲୋକ—ଦେ. ବି—୧ । କୁତ୍ସିତ ଲୋକ—1. Filthy
Bich-kiṭiā loka or nasty person. ୨ । କପଟୀ ବ୍ୟକ୍ତି
বিজকুটে লোক बुरा आदमि 2. Hypocrete.

ବିଚ୍ ଦାଣ୍ଡରେ—ଦେ. ଅ—୧ । ଦାଣ୍ଡ ମଝିରେ—1. In the middle
Bich dāṇḍare of the road. ୨ । ପ୍ରକାଶ୍ୟତଃ—
রাস্তার মাঝে 2. Openly; publicly; in broad day-
बिच रास्तामे (ବିଚ୍ ରାସ୍ତାରେ—ଅନ୍ୟରୂପ) light.

ବିଚ୍ନା—ଗ୍ରାଦେ. (ବସ୍ତର)—ବି—ବିଚଣା—
Bich-nā Fan

ବିଚ୍ ବଜାରରେ—ଦେ. ଅ—୧ । ବଜାର ମଝିରେ—1. In the
Bich bajārare open market. ୨ । ପ୍ରକାଶ୍ୟରେ—
বাজারের মাঝে 2 Openly; publicly. ୩ । ବହୁଲୋକଙ୍କ
बीच बाजारमे ସମ୍ମୁଖରେ—3. In the presence of many people.

ବିଚକ୍—ବୈଦେ. ବି (ହିନ୍ଦୀ)—ବିଜକ୍ (ଦେଖ)
Bichak Bijak (See)

ବିଚକିଳ—ସ. ବି—(ବି+ଚକ୍ ଧାତୁ=ପ୍ରତିଘାତ କରିବା+କିରଣ.
Bichakila ଇଲ)—୧ । ଏକ ପ୍ରକାର ମଲ୍ଲିଫୁଲ—1. A species of jasmine. [ଦ୍ର—ବିଚକିଲ-ବଲ୍ଲୀ-ଭବେ । କବିସୂର୍ଯ୍ୟ. ସଙ୍ଗୀତ । ]
୨ । ମଦନ ବୃକ୍ଷ—2. The Madana tree.

ବିଚକ୍ର—ଦେ. ବି—ଘୂର୍ଣ୍ଣିବାୟୁ; ଗଣ୍ଡିଅଳୁଅ—Whirlwind.
Bichakra ঘূর্ণি বায়ু [ଦ୍ର. ବନୋଦରେ ଉଡ଼ିବାଗା ବିଚକ୍ର
बवण्डर, विरो ବାତ ସେ—ଭଞ୍ଜ. ବୈଦେହୀଶବିଳାସ ।]

ବିଚକ୍ଷଣ—ସ. ବଣ. ପୁ° (ବି=ବିଶିଷ୍ଟ ରୂପେ+ଚକ୍ଷ୍ ଧାତୁ=ସ୍ପଷ୍ଟ କରି
Bichakshana କହିବା+କର୍ତ୍ତ୍ତ୍ତ ଅନ; ଯେ ବିବେଚନା ପୂର୍ବକ
(ବିଚକ୍ଷଣା—ସ୍ତ୍ରୀ) ସ୍ପଷ୍ଟ କରି କହେ)—୧ । ବିଦ୍ୱାନ୍; ପଣ୍ଡିତ—
[ବିଚକ୍ଷଣତା(ତ୍ୱ)—ବିଶେଷ୍ୟ] 1. Learned. ୨ । ଜ୍ଞାନୀ—
2. Wise. ୩ । ସୁବକ୍ତା—3. Excellent in discoursing. ୪ । ବୁଦ୍ଧିମାନ୍—4. Intelligent.
୫ । ତୀକ୍ଷ୍ଣ ବୁଦ୍ଧିବିଶିଷ୍ଟ—5. Sharp-witted. ୬ ।
ଦକ୍ଷ; କାର୍ଯ୍ୟଦକ୍ଷ; କର୍ମକୁଶଳ—6. Clever; able; skilful. ୭ । ଅଭିଜ୍ଞ—7. Experienced. ୮ ।
ତୀକ୍ଷ୍ଣ (ବୁଦ୍ଧି)—8. Sharp (intellect).

ବିଚକ୍ଷୁଃ—ସଂ. ବିଣ (ବହୁବ୍ରୀହି; ବି—ବିଗତ, ନାହିଁ+ଚକ୍ଷୁସ୍=ନେତ୍ର
Bichakshuḥ ଯାହାର)—୧ । ଚକ୍ଷୁର୍ହୀନ—1. Blind. ୨ ।
ଉଚାଟମନା; ଉନ୍ମନା; ବିଷଣ୍ଣ—2. Dejected. ୩ ।
ଉଦ୍‌ବେଗ ଯୁକ୍ତ—3. Anxious; concerned. ୪ ।
ବିପର୍ଯ୍ୟସ୍ତ—4. Upturned; inverted.

ବିଚଞ୍ଚଳ—ସଂ. ବିଣ. ପୁଂ—ଅତି ବ୍ୟାକୁଳ—Very much agitated.
Bichañchaḷa (ବିଚଞ୍ଚଳା—ସ୍ତ୍ରୀ; ବିଚଞ୍ଚଳତା—ବିଶେଷ୍ୟ)

ବିଚ(ଞ୍ଚ)ଣା(ଣି)—ଦେ. ବି—(ସଂ. ବ୍ୟଜନ)—୧ । ବ୍ୟଜନ; ପଙ୍ଖା—
Bicha(ñcha)ṇā(ṇi) 1. Fan. (ଉ. ବିଞ୍ଚଣାରେ ବହୁତ ଯତ୍ନରେ
পাখা পংখা; বিঞ্জনী ବିଞ୍ଚିଲେ । କୃଷ୍ଣସିଂହ ମହାଭାରତ. ସଭା ।)
୨ । ବ୍ୟଜନଚାଳନ—2. Fanning.

ବିଚୟ—ସଂ. ବି (ବି+ଚୟ)—୧ । ସଙ୍ଗ୍ରହକରଣ; ଏକତ୍ରୀକରଣ—
Bichaya 1. Gathering; collecting, ୨ । ଅନ୍ୱେଷଣ;
(ବିଚୟନ, ବିଚୟ—ଅନ୍ୟରୂପ) ଖୋଜିବା—2, Searching;
seeking, ୩ । ଅନୁସନ୍ଧାନ—3, Investigating.

ବିଚରଣ—ସଂ. ବି (ବି+ଚର୍ ଧାତୁ+ଭାବ. ଅନ)—୧ । ଭ୍ରମଣ—
Bicharaṇa 1. Walking. ୨ । ଏଣେତେଣେ ବୁଲିବା—
2. Roaming; wandering.

ବିଚରଣ କରିବା—ଦେ. କ୍ରି (ସଂ. ବିଚରଣ)—ବୁଲିବା—To walk;
Bicharaṇa kariba (ବିଚରିବା—ଅନ୍ୟରୂପ) to roam,
বিচরণকরা; বিচরা (ଉ.—ବିଚରୁଥିଲେ ଇନ୍ଦ୍ରଦେବ ସଙ୍ଗେ ଧରି ।
বিচরণকরনা, বিচরনা କୃଷ୍ଣସିଂହ. ମହାଭାରତ ସଭା ।)

ବିଚ(ଚା)ରା—ଦେଶଜ. ପୁଂ (ଅ. ବେଚାରା=ଶକ୍ତିଶୂନ୍ୟ; ମୂଳ.ସ. ବିଚାର
Bicha(chā)rā ଅନୁକମ୍ପାର୍ଥକ ପ୍ରୟୋଗ)—୧ । ଦୀନ ବା ଦୁଃଖୀ
(ବିଚାରା—ଅନ୍ୟରୂପ) ଲୋକଟି; ବାପୁଡ଼ା—1 The poor man.
(ବିଚାରୀ, ବିଚାରୀ—ସ୍ତ୍ରୀ) (ଉ :—ଭଗିଆ ବିଚରା ବଡ଼ ସାଦାସିଧା,
বেচারা बेचारा, बिचारा ଲେକ—ଫକୀରମୋହନ ଛମାଣଆଠଗୁଣ୍ଠ)
୨ । ଉପଯୁକ୍ତ ଜୀବ ବା ବ୍ୟକ୍ତି-2. That poor being.
୩ । ଅନାଥ, ଅସହାୟ ବ୍ୟକ୍ତିଟି; ଅକ୍ଷମ ବ୍ୟକ୍ତି—3. The
helpless being. [ ଦ୍ର—ସାଧାରଣତଃ ଏହା ଅନ୍ୟ
ଶବ୍ଦର ପରେ ଲାଗେ । ଯଥା—ଲୁଅ ହଗିଦେଇ ଚମ୍ପଟି,
ବଗ ବିଚରା ମଲା । ] ଦେ. ବିଣ—ଉପାୟାନ୍ତରହୀନ;
ନିରୁପାୟ—Resourceless; helpless.

ବିଚାରାବିଚାରି—ଦେ. ବି ( ସ ବିଚାର )—ଅନ୍ୟୋନ୍ୟରେ ବିଚାର ବା
Bicharābichari ପରାମର୍ଶ—Consultation with each
পরামর্শ করে बिचाराबिचारि other. ଦେ. ବିଣ—ଅନ୍ୟୋନ୍ୟ
ପରାମର୍ଶ କରୁଥିବା—Consulting with one
another.

ବିଚର୍ଚ୍ଚିକା—ସ. ବି. ସ୍ତ୍ରୀ ( ବି+ଚର୍ଚ୍ଚ ଧାତୁ=କହିବା+କର୍ତ୍ତୃ ଅକ+
Bicharchchikā ଆ )—ବିଉଞ୍ଚ ରୋଗ; ଦେହର ଏକ
ସ୍ଥାନରେ ( ବିଶେଷତଃ ନଳୀ ଗୋଡ଼ରେ ) ବାହାରିବା
ଅନେକ ଗୁଡ଼ିଏ ଶୁଖିଲା ଘାଆ—Eczema; scabies;
herpes.

ବିଚଳ—ସ ବିଣ. ପୁଂ ( ବି+ଚଳ ଧାତୁ+କର୍ତ୍ତୃ. ଅ )—୧ । ସ୍ଖଳିତ;
Bichaḷa ଚ୍ୟୁତ; ଭ୍ରଷ୍ଟ—1. Slipped; dislocated;
( ବିଚଳା—ସ୍ତ୍ରୀ ) moved. ୨ । ସନ୍ମାର୍ଗଚ୍ୟୁତ—2. Fallen
from the path of virtue. ୩ । ଅସ୍ଥିର; ଚଞ୍ଚଳ—
3. Restless; fickle. ୪ । ଅବ୍ୟବସ୍ଥିତ—4. Unstable; capricious. ୫ । ଥରୁଥିବା; ବିକମ୍ପିତ;
ଟଳୁଥିବା—5. Shaking; quivering; tottering ୬ । ଗର୍ବୀ—6 Concieted; proud;
arrogant. ( Apte )

ବିଚଳନ—ସ. ବି ( ବି+ଚଳନ )—୧ । ଭ୍ରମ 1. Mistake.
Bichaḷana ୨ । ସ୍ଖଳନ 2. A slip; diviation; a false
step, ୩ । ଗର୍ବ—3. Conceit; pride (Apte).

ବିଚଳିତ—ସ. ବିଣ—(ବି+ଚଳ ଧାତୁ+କର୍ତ୍ତୃ. ତ)—୧ । ସ୍ଖଳିତ;
Bichaḷita ଚ୍ୟୁତ; ଭ୍ରଷ୍ଟ—1. Slipped; dislocated. ୨ ।
( ଅବିଚଳିତ—ବିପରୀତ ) ସ୍ଥାନଚ୍ୟୁତ—2. Removed. ୩ ।
ସନ୍ମାର୍ଗଭ୍ରଷ୍ଟ; ପତିତ—3, Fallen from the
path of virtue; depraved. ୪ । ଅସ୍ଥିର;
ଚଞ୍ଚଳ—4, Unstable; restless; fickle; unsteady. ୫ । ଅବ୍ୟବସ୍ଥିତ ଚିତ୍ତ—5. Capricious.
୬ । ବିକମ୍ପିତ—6. Shaken; trembling.
୭ । ଚିନ୍ତାହେତୁ ଅସ୍ଥିର—7 Uneasy through
anxiety.

ବିଚଳିତ ହେବା—ଦେ. କ୍ରି—୧ । ଅସ୍ଥିର ହେବା;(ମନ) ଚଞ୍ଚଳ ହେବା—
Bichaḷitahebā 1. To be moved; to be agitated.
(ବିଚଳିବା—ଅନ୍ୟରୂପ) ୨ । (ମନ) ଟଳିବା—2, (The mind)
বিচলিতহওয়া; विचलना To be shaken ୩ । ଉଦ୍‌ବିଗ୍ନ ହେବା—
3. To be uneasy or anxious.

ବିଚଳିତ ମତି—ସ. ବିଣ (ବହୁବ୍ରୀହି, ବିଚଳିତ+ମତି ଯାହାର)—
Bichaḷita mati ଅବ୍ୟବସ୍ଥିତ ଚିତ୍ତ;ଅସ୍ଥିର ମତି; ଚଞ୍ଚଳମନା—
( ବିଚଳିତାନ୍ତଃକରଣ—ଅନ୍ୟରୂପ ) Fickle-minded;
unsteady.

ବିଚା—ଗ୍ରାଦେ. ୧ । (ଗଞ୍ଜାମ) ବି—(ସଂ. ବୀଜ)—ବୃଷଣ; ଅଣ୍ଡକୋଷ—1.
Bichā Testicle. ୨ । (ମେଦିନୀ ପୁର) ମାଛଅଣ୍ଡି—2. Fish roe.

ବିଚାର—ସ. ବି (ବି+ଚର ଧାତୁ=ଗମନ କରିବା, ନିର୍ଣ୍ଣୟ କରିବା+
Bichāra ଭାବ. ଅ)—୧ । ତତ୍ତ୍ୱ ନିର୍ଣ୍ଣୟ; ଯାଥାର୍ଥ୍ୟ ନିର୍ଣ୍ଣୟ—
1 Ascertainment of the actual state of
things. ୨ । ତର୍କବିତର୍କ—2 Discussion. ୩ ।
ବ୍ୟବସ୍ଥା—3 Prescription. ୪ । ବିବେଚନା,
ଚିନ୍ତା;—4 Consideration; thought; reflection; deliberation, ୪ । ପ୍ରଭେଦ ଜ୍ଞାନ—
4. Discrimination; discernment. ୫ ।
ମୀମାଂସା; ନିଷ୍ପତ୍ତି; ନିର୍ଣ୍ଣୟ—5. Dicision; settlement. ୬ । ଭଲ ଓ ମନ୍ଦର ପରୀକ୍ଷା—6. Examination; discrimination between right an..

wrong. ୭ । ବିପକ୍ଷ ପକ୍ଷଙ୍କ ବିବାଦର ସତ୍ୟାସତ୍ୟ ନିରୂପଣ—7. Finding out of the truth between the opposite parties. ୮ । ଅଦାଲତରେ ବିଚାର; ନ୍ୟାୟ ନିଷ୍ପତ୍ତି—8 A judicial trial. ୯ । ଅନୁସନ୍ଧାନ—9. Investigation ( Apte ). ୧୦ । ନିର୍ବାଚନ; ମନୋନୟନ—10. Selection (Apte). ୧୧ । ସନ୍ଦେହ—11. Doubt; hesitation (Apte). ୧୨ । ଦୂରଦର୍ଶିତା ବିବେଚନା—12. Prudence; circumspection. ଦେ. ବି—୧ । ପରାମର୍ଶ—1. Advice; consultation. [ଉ—ଏହି ବିଷୟରେ ସେ ଶମ୍ଭୁର ଅସ୍ତ୍ର, ପୁରନ୍ଦରଙ୍କର ପଞ୍ଝଲି ଯା ବିଚାର । କୃଷ୍ଣସିଂହ ମହାଭାରତ ଅନୁଶାସନ । ] ୨ । ଉପାୟ ସମ୍ବନ୍ଧେ ଚିନ୍ତା—2. Thought about some plan or means.

**ବିଚାର ଅଦାଲତ**—ଦେ. ବି—(ଦେଶଜ) (ସଂ. ବିଚାର+ଫା. ଅଦାଲତ) Bichāra adālata ୧ । ଯେଉଁ କୋର୍ଟରେ ମକଦ୍ଦମା ବିଚାର আদালত ପ୍ରଥମେ ବିଚାର ହୁଏ—1. Original court **विचार अदालत** of trial; trial court. ୨ । ବିଚାରାଳୟ—2. Court of justice.

**ବିଚାର ଉଚାର**—ଦେ. ବି—(ନିରର୍ଥକ ଧ୍ୱନ୍ୟାତ୍ମକ ସହଚର ଶବ୍ଦ)—Bichāra uchāra ବିବେଚନା—Deliberation. বিচার টিচার **विचारउचार**

**ବିଚାରକ**—ସ. ବିଣ. ପୁଂ—(ବି+ଚର ଧାତୁ ଣିଚ=ଚାର ଧାତୁ+କର୍ତ୍ତୃ. Bichāraka ଅକ) ଯେ ବିଚାର କରେ—Deciding; deliberating; considering. ବି.—୧ । ବିଚାରପତି; ଜଜ; ବିଚାରକର୍ତ୍ତା; ବିବାଦ ମୀମାଂସକ—1. A judge; adjudicator; the decider of a dispute. ୨ । ସମାଲୋଚକ—2. A critic. ୩ । ଯେଉଁ ବ୍ୟକ୍ତି ସମ୍ୟକ୍ ଭାବରେ ବୁଝି ସୁଝି ନିଷ୍ପତ୍ତି କରେ—3. A good and intelligent thinker. ୪ । ପରୀକ୍ଷକ—4. Examiner. (ବିଚାରିକା—ସ୍ତ୍ରୀ)

**ବିଚାର କରିବା**—ଦେ. କ୍ରି—୧ । ବିବେଚନା କରିବା—1. To deliberate. ୨ । ଚିନ୍ତା କରିବା—2. To think. ୩ । ବିପକ୍ଷଙ୍କ ମଧ୍ୟରେ ବିବାଦ ବୁଝିବା—3. To adjudicate between two antagonists. ୪ । ମକଦ୍ଦମା ବୁଝିବା—4. To judge; to try a case.
Bichāra karibā
বিচারকরা
**विचार करना**

**ବିଚାରକର୍ତ୍ତା**—ଦେ. ବି—(ଦେଶଜ) ମକଦ୍ଦମା ବିଚାର କରୁଥିବା ହାକିମ; Bichārakarttā ଜଜ—A judge. [ ଦ୍ର—ଜନ୍ମ (ବିଚାରପତି—ଅନ୍ୟରୂପ) କର୍ମଚାରୀ ବା ପିଅଦାମାନେ ହାକିମଙ୍କ বিচারকর্তা (পতি) **विचारपति** ନିକଟକୁ କୌଣସି ରିପୋର୍ଟ ଲେଖିବା ବେଳେ ତାହାର ଶିରୋନାମାରେ 'ବିଚାରପତି' ବା 'ଧର୍ମାବତାର' ଶବ୍ଦ ଲେଖି ପରେ ବକ୍ତବ୍ୟ ଲେଖନ୍ତି । ଏଥିର ଅର୍ଥ 'ହେ ନ୍ୟାୟ ବିଚାରକ'! ମୋର ନିବେଦନ ଦୟାକରି ଶୁଣନ୍ତୁ ଅବଧାନକରନ୍ତୁ ।]

**ବିଚାରକ୍ଷମ**—ସ. ବିଣ. ପୁଂ—(୭ମୀ ତତ୍)—କୌଣସି ବିଷୟ ବିଚାର Bichārakshama କରିବାକୁ ସମର୍ଥ—Able to judge or decide a matter. (ବିଚାରକ୍ଷମା—ସ୍ତ୍ରୀ)

**ବିଚାରକ୍ଷମତା**—ସଂ. ବି—୧ । (୬ଷ୍ଠୀ ତତ୍) ବିଚାର କରିବାର ଅଧିକାର—Bichārakshamatā 1. Power of decision; power to try cases. ୨ । (ବିଚାରକ୍ଷମ+ତା) ବିବେଚନା କରିବାର ସାମର୍ଥ୍ୟ—2. Ability for judging.

**ବିଚାରଣ(ଣା)**—ସଂ. ବି—(ବି+ଚର ଧାତୁ ଣିଚ, ଚାର ଧାତୁ+ଭାବ. Bichārana(nā) ଅନ)—୧ । ବିଚାର; ବିବେଚନା—1. Consideration. ( ଉ.—ଏଥିକି ଉପାୟ କେଉଁ ହେଉ ବିଚାରଣା । ପ୍ରଧାନାଥ. ବାଣହରଣ । ) ୨ । ଅଦାଲତରେ ବିଚାର ବା ମୀମାଂସା—2. Judicial trial; adjudication. ୩ । ଯାଥାର୍ଥ୍ୟ ନିର୍ଣ୍ଣୟ—3. Ascertainment of the truth or actual facts. ୪ । ସମାଲୋଚନା—4. Criticism. ୫ । ଯୁକ୍ତି; ତର୍କ—5. Argument; discussion. ୬ । ମୀମାଂସା ଶାସ୍ତ୍ର—6. One of the systems of Hindu philosophy. ୭ । ନ୍ୟାୟ ବିଚାର; ଠିକ୍ ମତ; ସୁବିଚାର—7. Just dicision. ପ୍ରାଦେ. (ଗଞ୍ଜାମ) ବି.—୧ । ମକଦ୍ଦମାରେ ପ୍ରମାଣାଦି ଉପସ୍ଥାପିତ ହେବା ପରେ ପକ୍ଷମାନଙ୍କର ବାଦାନୁବାଦ—1. Argument in a case. ୨ । ମକଦ୍ଦମାର ଶୁଣାଣି—2. The hearing of a case.

**ବିଚାରଣା ମାଗିବା**—ଦେ. କ୍ରି—ହାକିମଙ୍କ ନିକଟରେ ଉପସ୍ଥିତ ହୋଇ Bichāranā māgibā ସୁବିଚାର ପ୍ରାର୍ଥନା କରିବା—To sue সুবিচার প্রার্থনা করা for justice; to pray for just consideration; to pray for judgment.

**ବିଚାରଣୀ**—ଦେ. (ପ୍ରାଚୀନ ପଦ୍ୟ) ବି—ବିଚାର—Consideration. Bichārani (ଉ—ଦ ଭଲ ମନ୍ଦ ଭାବ ହାନି, କି ଅଘ ପନ୍ଥ ବିଚାରଣୀ—ଉପେନ୍ଦ୍ର. ପ୍ରେମସୁଧାନିଧି ।)

**ବିଚାରଣୀୟ**—ସ. ବିଣ—(ବି+ଚର. ଧାତୁ ଣିଚ୍=ଚାର ଧାତୁ+କର୍ମ. Bichāraniya ଅନୀୟ )—ବିବେଚ୍ୟ; ବିଚାରଯୋଗ୍ୟ—Deserving consideration; requiring to be examined.
ବିଚାରୟିତବ୍ୟ } ଅନ୍ୟରୂପ
ବିଚାର୍ଯ୍ୟ

**ବିଚାର ପ୍ରଚାରେ**—ଦେ. କ୍ରି. ବିଣ—ବିବେଚନାପୂର୍ବକ—Deliberately Bichāra prachāre (ଉ.—ବିଚାର ପ୍ରଚାରେ ପଚାରେ ଯାହାକୁ, ଯେତକ ଶକ୍ତି ସେ ଭଣାପର । ଉଞ୍ଜ. ବୈଦେହୀଶବିଳାସ । )

**ବିଚାର ପ୍ରାର୍ଥକ**—ସ. ବିଣ. ପୁଂ—ଯେ ବିବାଦର ବିଚାରପାଇଁ ହାକିମଙ୍କ Bichāra prārthaka ନିକଟରେ ଉପସ୍ଥିତ ହୁଏ—Suitor; (ବିଚାର ପ୍ରାର୍ଥୀ—ଅନ୍ୟରୂପ) praying for justice; suing. (ବିଚାର ପ୍ରାର୍ଥିକା, ବିଚାର ପ୍ରାର୍ଥିନୀ—ସ୍ତ୍ରୀ)

ବିଚାର ପ୍ରାର୍ଥନ(ନା)—ସଂ. ବି—ବିଚାର ନିମନ୍ତେ ଅନୁରୋଧ—Prayer
Bichāra prārthana(nā) for getting justice.

ବିଚାର ବିଭାଗ—ଦେ. ବି—ସରକାରଙ୍କର ଅଧୀନ ମକଦ୍ଦମା ବିଚାର କରିବା ପାଇଁ ବିଭାଗ—The judicial
Bichāra bibhāga
বিচার বিভাগ department under a Government.
**बिचारमहकुमा** (ଶାସନ ବିଭାଗ—ବିପରୀତ)

ବିଚାର ବିଭ୍ରାଟ—ସଂ. ବି—(ଆଧୁନିକ ପ୍ରୟୋଗ)—୧ । ନ୍ୟାୟ ବିଚାର
Bichāra bibhrāṭa ସମ୍ବନ୍ଧେ ଗୋଳମାଳ—1. Abuse of justice. ୨ । ଅବିଚାର—2. Failure or mil-carriage justice.

ବିଚାର ବିରୁଦ୍ଧ—ସଂ. ବିଣ—ସୁବିବେଚନାର ପ୍ରତିକୂଳ—
Bichāra biruddha Contrary to judgment.

ବିଚାର ମାଗିବା—ଦେ. କ୍ରି—(ଅନ୍ୟ ଲୋକର) ପରାମର୍ଶ ଲୋଡ଼ିବା—
Bichāra māgibā To seek advice of another. [ଉ—
সুবিচার চাওয়া ସୁମ ଶୁଣି ସମସ୍ତଙ୍କୁ ବିଚାର ମାଗିଲେ । ମାଳତୀ.
**बिचार मंगना** ପିଲାଙ୍କ ସ୍ୱାମୀଠାରୁ ।]

ବିଚାର ମୂଢ଼—ସଂ. ବିଣ. ପୁଂ—(୭ମୀ ତତ୍, ବିଚାର ବିଷୟରେ ମୂଢ଼)—
Bichāra mūṛha ଭଲ ମନ୍ଦ ବିଚାର କରିବାକୁ ଅକ୍ଷମ;
(ବିଚାର ମୂଢ଼ା—ସ୍ତ୍ରୀ) ଅବିବେଚକ—Incapable of forming
[ବିଚାର ମୂଢ଼ତା(ତ୍ୱ)—ବି] a sound judgment.

ବିଚାର ମୂଳକ—ସଂ. ବିଣ—( ବହୁବ୍ରୀହି ) ସୁବିଚାର ଦ୍ୱାରା ଜାତ—
Bichāra mūḷaka Arrived at after due and
(ବିଚାରସିଦ୍ଧ—ଅନ୍ୟରୂପ) mature consideration.

ବିଚାର ଯୋଗ୍ୟ—ସଂ. ବିଣ—ବିଚାର୍ଯ୍ୟ; ବିଚାରଣୀୟ; ବିଚାର କରିବାର
Bichāra jogya ଉପଯୁକ୍ତ (ବିଷୟ)—Fit to be considered.

ବିଚାର ସଙ୍ଗତ—ସଂ. ବିଣ—ନ୍ୟାୟ ସଙ୍ଗତ—Just; equitable.
Bichāra saṅgata (ବିଚାର ସମ୍ମତ—ଅନ୍ୟରୂପ)

ବିଚାର ସ୍ଥାନ—ସଂ. ବି—୧ । ଯେଉଁ ସ୍ଥାନରେ କୌଣସି ବିଷୟ ବିଚାର
Bichāra sthāna କରାଯାଉ ଥାଏ—1. Place of trial.
(ବିଚାରସ୍ଥଳ—ଅନ୍ୟରୂପ) ୨ । ବିଚାର କରିବାର ବିଷୟ—
2. Matter for consideration. ୩ । ବିଚାର କରିବାର ସୁଯୋଗ ବା ଅବସର—3. Occasion or opportunity for considering a matter.
୪ । ଅଦାଲତ—4. Tribunal (Apte).

ବିଚାରା—ବୈଦେ. ବିଣ. ପୁଂ—ବିଚରା ( ଦେଖ )
Bichārā (ବିଚାରୀ—ସ୍ତ୍ରୀ ) Bicharā ( See )

ବିଚାରାକ୍ଷମ—ସଂ. ବିଣ. ପୁଂ—( ୭ମୀ ତତ୍; ବିଚାର+ଅକ୍ଷମ )—ବିଚାର
Bichārākshama କରିବା ନିମନ୍ତେ ଅକ୍ଷମ—Unable to
( ବିଚାରାକ୍ଷମା—ସ୍ତ୍ରୀ ) consider or judge; unfit to
[ବିଚାର ଅକ୍ଷମତା(ତ୍ୱ)—ବି] judge.

ବିଚାରାଧୀନ—ଦେ. ବି (୬ଷ୍ଠୀ ତତ୍)—୧ । ବିଚାର କରା ଯାଉଥିବା;
Bichārādhina ଯେଉଁ ବିଷୟର ବିଚାର ଚାଲୁଥାଏ ଓ ଶେଷ ହୋଇ ନ ଥାଏ—1. (a matter) Pending trial; under consideration. ୨ । ବିଚାର୍ଯ୍ୟ—2. Being considered.

ବିଚାରାନ୍ତର—ସଂ. ବି (ଅନ୍ୟ+ବିଚାର)—୧ । ଅନ୍ୟ ବିଚାର—1. An-
Bichārāntara other consideration. ୨ । ପୁନର୍ବିଚାର—
2. Reconsideration.

ବିଚାରାଳୟ—ସଂ. ବି—( ୬ଷ୍ଠୀ ତତ୍ )—ଅଦାଲତ; ଧର୍ମାଧିକରଣ—
Bichārāḷaya A court of justice; the bench;
(ବିଚାରଭୂମି—ଅନ୍ୟରୂପ) seat of justice.

ବିଚାରାସନ—ସଂ. ବି —(ମ. ପ. ଲୋ; ବିଚାରପତିଙ୍କ ଆସନ; ଜଜଙ୍କ ଆସନ—
Bichārāsana The seat of a judge; judge's seat; the bench.

ବିଚାରିତ—ସଂ. ବିଣ —(ବି+ଚର୍ ଧାତୁ ଣିଚ୍=ଚାରି ଧାତୁ+କର୍ମ. ତ)—
Bichārita ୧ । ଯାହା ବିଚାର କରାଯାଇଥାଏ—1. Judged; tried. ୨ । ମୀମାଂସିତ—2. Decided upon.
୩ । ଯାହା ସମ୍ବନ୍ଧେ ଯୁକ୍ତି ବା ତର୍କ କରାଯାଇ ଥାଏ—
3. Discussed. ୪ । ଅବଧାରିତ; ସଙ୍କଳ୍ପିତ—
4. Contemplated. ସଂ. ବି (+ଭାବ.ତ) ବିବେଚନା—
Consideration; deliberation (Apte).

ବିଚାରିବା—ଦେ. କ୍ରି (ପଦ୍ୟ) (ସ ବିଚାର)—୧ । ମନରେ ଭାବିବା—
Bichāribā 1. To think. ୨ । ବିବେଚନା କରିବା—2.
বিচার করা, বিচারা To consider. (ଉଦାହରଣ—ବିଚାରି
**बिचारना** ଦେଖ ବଢ଼ାଅ ଅପରିମିତ । ବିଷ୍ଣୁପ୍ରିୟ କଶୋପାଖ୍ୟାନ ଗୀତ । ) ୪ । ଅନୁସନ୍ଧାନ କରିବା—2 To investigate. ୪ । ପରାମର୍ଶ କରିବା—4. To consult.
୫ । ଉତ୍ତମ ରୂପେ ବୁଝିବା ବା ବିବେଚନା କରିବା—
5. To consider well. ( ଉ.—ବିଚାରି କାର୍ଯ୍ୟ କରୁଥିଲେ, ପ୍ରମାଦ ନ ପଡ଼ଇ ବଳେ—ଜଗନ୍ନାଥ ଭାଗବତ ।)

ବିଚାରୀ—ସଂ. ବିଣ. ପୁଂ (ବିଚାର+ଅସ୍ତ୍ୟର୍ଥରେ ଇନ୍; ୧ମା. ୧ବ)—
Bichāri ୧ । ବିଚାରକ; ମୀମାଂସକ—1. Deciding; trying;
বেচারী judging. ୨ । ବିଚାରକର୍ତ୍ତା; ନିର୍ଦ୍ଧାରଣକାରୀ—
**बेचारी** 2. Discriminating. ୩ । (ବି+ଚର ଧାତୁ+କର୍ତ୍ତୃ
(ବିଚାରିଣୀ—ସ୍ତ୍ରୀ) ଇନ୍; ୧ମା. ୧ବ) ବିଚରଣକାରୀ—3. Roaming. ୪ । ଦୁଷ୍ଟ; ଦୁଶ୍ଚରିତ୍ର—4. Wanton; dissolute (Apte). ବୈଦେ. ବିଣ. ସ୍ତ୍ରୀ—ବିଚାରାର ସ୍ତ୍ରୀ ଲିଙ୍ଗ—Feminine of Bichārā.

ବିଚାର୍ଯ୍ୟ—ସଂ. ବିଣ (ବି+ଚର ଧାତୁ ଣିଚ=ଚାରି ଧାତୁ+କର୍ମ. ଯ)—
Bichārjya ୧ । ମୀମାଂସାର ବିଷୟୀଭୂତ—1. Forming the subject of trial or consideration. ୨ । ଯାହା ବିଚାର କରିବା ଉଚିତ—2. Deserving consi-

deration. ୩ । ଯାହା ବିଚାର କରାଯିବ—3. About to be considered or tried.

ବିଚାଳ—ସଂ. ବିଣ (ବି+ଚଲ ଧାତୁ+କର୍ମ ଅ)—
Bichāla ଅଭ୍ୟନ୍ତରସ୍ଥ; ମଧ୍ୟବର୍ତ୍ତୀ—Inmost; internal.

ବିଚାଲ—ଦେ. ବି ଓ ବିଣ—ବେଚାଲ ( ଦେଖ )
Bichāla Bechāla ( See )

ବିଚା(ଛା)ଲି—ଦେ. ବି. ( ସଂ. ବିଚାଲ=ନଡ଼ା; ଶୁଷ୍କ ତୃଣ )—
Bichā(chhā)li ୧ । ବିଛାଲି; ନଡ଼ା; ଭୁଷା—1. Straw. ୨ । ବିଚାଳି, ବିଚିଳି, ବିଚୁଳି ଶୁଖିଲା ଘାସ—2. Hay. ୩ । ଯେଉଁ ଉଲୁଷା, ବିଚାଳୀ ଶୁଖିଲା ଭୁଷା ବା ଘାସକୁ ଘୋଡ଼ା ଆଦି ପଶୁଙ୍କ ଶୋଇବା ନିମନ୍ତେ ଭୂଇଁରେ ବିଛା ଯାଏ—2. Litter for domestic animals; straw or hay spread on the ground for horses and animals to lie on. ବି ଓ ବିଣ—ବେଚାଲ ( ଦେଖ ) Bechāla (See)

ବିଚି—ସଂ. ବି—ବୀଚୀ; ତରଙ୍ଗ; ଲହଡ଼ି (ହ୍ର. ଣ)—Wave. ପ୍ରାଦେ.
Bichi (ମେଦିନୀପୁର) (ଭୁଲ ବି. ବୀଚ)—୧ । ବୀଜ—1. Seed. ୨ । ଆମ୍ବ ଆଦି ଫଳର ଟାକୁଆ—2. The stone inside some fruits. (e. g. mango).

ବିଚିକିତ୍ସା—ସଂ. ବି (ବି=ବିବିଧ ପ୍ରକାର+କିତ୍ ଧାତୁ=ସଂଶୟ କରିବା
Bichikitsā +ସ (ଦ୍ୱିତ୍ୱ)+ଭାବ. ଅ+ଆ)—୧ । ସନ୍ଦେହ—1. Doubt; suspicion; vacillation. ୨ । ଭ୍ରମ—2. Error; mistake.

ବିଚିକିତ୍ସ୍ୟ—ସଂ. ବି ( ବି+ଚିକିତ୍ସା+କର୍ମ ଯ )—୧ । କୁତ୍ସିତ—
Bichikitsya 1. Ugly; nasty. ୨ । ସନ୍ଦେହଜନକ—2. Suspicious; doubtful.

ବିଚିଟିବା—ଦେ. କ୍ରି (ସଂ. ବିକଟୀଭୂତ ବା ବିସ୍ତୃତ)—୧ । ବାତଜ୍ୱରର
Bichiṭibā ଆକ୍ରମଣ ବା ବାତଜ୍ୱରର ଫୁଲ୍ଲ କୌଣସି ବ୍ୟାଧିର ରୂପ

ବିଚିଟ ଯିବା } ଅନ୍ୟରୂପ ଧାରଣ କରି ମାରାତ୍ମକ ଅବସ୍ଥାରେ
ବିଚିଟ ହେବା } ପରିଣତ ହେବା; (ରୋଗ) ବିକୃତାକାର

ବିଷିୟେ ଯାଓଆ ଧାରଣ କରିବା—1. (Said of an attack of
ବିଷାନା moon fever or any other disease) To take a fatal turn. [ ଦ୍ର—ବାତଜ୍ୱରରେ ରୋଗୀଙ୍କୁ ସାଧାରଣତଃ ବାତଜ୍ୱର ଆକ୍ରମଣ କରୁଥାଏ ଓ ୨।୩ ଦିନ ପରେ ଛାଡ଼ିଯାଉ ଥାଏ । କିନ୍ତୁ କୌଣସି କୌଣସି ସମୟରେ ରୋଗୀକୁ ଥରେ ତାହା ଆକ୍ରମଣ କରି ଆଉ ଛାଡ଼େ ନାହିଁ ଓ ମାରାତ୍ମକ ହୋଇ ଉଠେ । ଏପରି ଅବସ୍ଥାରେ ରୋଗୀଠାରେ ବାତଜ୍ୱର ବିଚିଟିଲା ବୋଲି କହନ୍ତି । ] ୨ । (ଔଷଧ) ରୋଗୀର ଦେହ ତମାମ ବ୍ୟାପିକ ବିଷମୟ ଫଳ ସହିତ ବ୍ୟାପିବା—2. (said of any drug) To be diffused throughout the system ending in blood poisoning; to spread throughout the system with a fatal effect.

ବିଚିତ—ସଂ. ବିଣ ( ବି+ଚି ଧାତୁ+କର୍ମ ତ )—ଯାହାର ଅନ୍ୱେଷଣ
Bichita କରାଯାଉ ଥାଏ ( ହ୍ର. ଶବ୍ଦସାଗର )—Searched; sought after.

ବିଚିତି—ସଂ. ବି ( ବି+ଚି ଧାତୁ+ଭାବ ତି )—୧ । ଅନ୍ୱେଷଣ—
Bichiti 1. Search. ୨ । ବିଚାର—2. Consideration.

ବିଚିତ୍ତ—ସଂ. ବିଣ. ପୁଂ (ବି+ଚିତ୍ତ)—୧ । ବେହୋସ; ଅଚେତ (ହ୍ର.
Bichitta ଣ)—1. Unconscious. ୨ । ଅସ୍ଥିରଚିତ୍ତ—2. (ବିଚିତ୍ତା—ସ୍ତ୍ରୀ) Inattentive; fickle-minded.

ବିଚିତ୍ତି—ସଂ. ବି—୧ । ବେହୋସ ଅବସ୍ଥା—1. Unconsciousness.
Bichitti ୨ । ମନର ଅସ୍ଥିରତା—2. Restlessness of mind.

ବିଚିତ୍ର—ସଂ. ବି ( ବି=ବିବିଧ ପ୍ରକାରେ+ଚିତ୍ର ଧାତୁ=ଚିତ୍ରିତ କରିବା
Bichitra +କର୍ତ୍ତୃ. ଅ )—୧ । ନାନା ବର୍ଣ୍ଣ—1. Various colours placed together. ୨ । ଅଭାବନୀୟ ଘଟନା; ଆଶ୍ଚର୍ଯ୍ୟଜନକ ବିଷୟ ବା ଘଟନା—2. A wonder; miracle; wonderful thing; a surprise. ୩ । ଅଦ୍ଭୁତ ବସ୍ତୁର ବା ଉପମାର ବର୍ଣ୍ଣନ; କାବ୍ୟରେ ଅର୍ଥାଳଙ୍କାର ବିଶେଷ—3. A figure of speech; a depiction of wonderful thing. ବିଣ—୧ । ନାନାବର୍ଣ୍ଣ ରଞ୍ଜିତ-
(ବିଚିତ୍ରା—ସ୍ତ୍ରୀ) 1. Variegated; mottled; multicoloured.
[ବିଚିତ୍ରତା(ତ୍ୱ)—ବି] ୨ । ବିସ୍ମୟକର; ଆଶ୍ଚର୍ଯ୍ୟଜନକ—2. Wonderful; astonishing; surprising; strange. ୩ । ଅଭାବନୀୟ—3. Miraculous. ୪ । ରମଣୀୟ; ମନୋଜ୍ଞ; ସୁନ୍ଦର—4. Charming; beautiful.

ବିଚିତ୍ରକ—ସଂ. ବି ( ବିଚିତ୍ର+ସ୍ୱାର୍ଥେ. କ )—ଭୂର୍ଜ୍ଜବୃକ୍ଷ—The birch
Bichitraka tree.

ବିଚିତ୍ର କଥା—ଦେ. ବି—ବିସ୍ମୟକର ଘଟନା—A strange thing.
Bichitra kathā a wonderful thing; a miracle.
[ବିଚିତ୍ର ଘଟନା (ଶା)—ଅନ୍ୟରୂପ] ବିଚିତ୍ର ଘଟନା; ବିଚିତ୍ରବାତ

ବିଚିତ୍ର କର୍ମା—ସଂ. ବିଣ—(ବିଚିତ୍ର+କର୍ମନ୍; ୧ମା. ୧ବ)-ବିଚିତ୍ର ବା
Bichitra karmā ଅବୋଧ କର୍ମକଳାପ ଯାହାଙ୍କର—Capable of performing miracles. ବି—୧ । ଭଗବାନ୍; ବିଷ୍ଣୁ—1. God; Bishṇu; ୨ । ଈଶ୍ୱର; ଶିବ—2. Siba. ୩ । ବ୍ରହ୍ମା—3. Brahmā.

ବିଚିତ୍ର ଦେହ—ସଂ. ବିଣ (ବହୁବ୍ରୀହି; ବିଚିତ୍ର+ଦେହ)—୧ । ନାନାବର୍ଣ୍ଣ-
Bichitra deha ରଞ୍ଜିତ ଦେହବିଶିଷ୍ଟ—1. Having a multicoloured body. ୨ । ଛିପଛିପିଆ—2. Mottled; spotted. ବି — ମେଘ —The cloud.

ବିଚିତ୍ରପୁରି ପାନ—ପ୍ରାଦେ(ଯାଜପୁର)ବି—ବିଚିତ୍ରପୁର ଗ୍ରାମର ପ୍ରସିଦ୍ଧପାନ—
Bichitrapuri pāna The famous betel produced in Bichitrapura in Jajpur.

ବିଚିତ୍ର ବୀର୍ଯ୍ୟ—ସଂ. ବିଣ ( ବହୁବ୍ରୀହି; ବିଚିତ୍ର=ବିସ୍ମୟକର+ବୀର୍ଯ୍ୟ=
Bichitra birjya ବୀରତ୍ୱ ଯାହାର )—ଅଦ୍ଭୁତପରାକ୍ରମଶାଳୀ—Of wonderful prowess. ବି—(ନାମ) ଚନ୍ଦ୍ରବଂଶୀୟ ରାଜା ଶାନ୍ତନୁଙ୍କ ଔରସରେ ସତ୍ୟବତୀଙ୍କ ଗର୍ଭଜାତ ଏକ ପୁତ୍ର—

A son of Raja Sāntanu by Satyabatī of the Lunar dynasty of ancient India.
[ଦ୍ର—ଚନ୍ଦ୍ରବଂଶୀୟ ରାଜା ଶାନ୍ତନୁଙ୍କ ଔରସରେ ସତ୍ୟବତୀଙ୍କ ଗର୍ଭରୁ ଚିତ୍ରାଙ୍ଗଦ ଓ ବିଚିତ୍ର ବୀର୍ଯ୍ୟ ଜାତ ହୋଇଥିଲେ । ଚିତ୍ରାଙ୍ଗଦ କୁମାର ଅବସ୍ଥାରେ ଏକ ଗନ୍ଧର୍ବ ଦ୍ୱାରା ହତ ହୋଇଥିଲେ । ବିଚିତ୍ର ବୀର୍ଯ୍ୟ ଶାନ୍ତନୁଙ୍କ ପରେ ରାଜା ହେଲେ । ସେ କାଶୀରାଜଙ୍କ ଦୁଇ କନ୍ୟା ଅମ୍ବିକା ଓ ଅମ୍ବାଳିକାଙ୍କୁ ବିବାହ କରିଥିଲେ । କିନ୍ତୁ ନିଃସନ୍ତାନ ଅବସ୍ଥାରେ ବିଚିତ୍ରବୀର୍ଯ୍ୟଙ୍କର ମୃତ୍ୟୁ ହେବାରୁ ସତ୍ୟବତୀଙ୍କର ଆଦେଶ କ୍ରମେ ତାଙ୍କ କାନୀନ ପୁତ୍ର ବ୍ୟାସଦେବଙ୍କ ଔରସରେ ବିଚିତ୍ର-ବୀର୍ଯ୍ୟଙ୍କ ବିଧବା ସ୍ତ୍ରୀଦ୍ୱୟଙ୍କ ଗର୍ଭରୁ ଧୃତରାଷ୍ଟ୍ର ଓ ପାଣ୍ଡୁ ଜାତ ହେଲେ ଓ ବିଧବା ଦାସୀ ଗର୍ଭରୁ ବିଦୁର ଜାତ ହେଲେ ।]

ବିଚିତ୍ର ରାମାୟଣ—ଦେ. ବି—କବି ବିଶ୍ୱନାଥ ଖୁଣ୍ଟିଆଙ୍କ କୃତ ଓଡ଼ିଆ ଛନ୍ଦ Bichitra rāmāyaṇa ରାମାୟଣବିଶେଷ—The title of an Oriya metrical Rāmāyaṇa composed by poet Biswanātha Khuṇṭiā.

ବିଚିତ୍ର ଲକ୍ଷଣା—ଦେ. ବି—କାବ୍ୟାଲଙ୍କାରବିଶେଷ—A figure of Bichitra lakshaṇā speech. [ଦ୍ର—ଅଭିମନ୍ୟୁ ସାମନ୍ତ ସିଂହାରଙ୍କ ବିଦଗ୍ଧ ଚିନ୍ତାମଣିର ନିମ୍ନଲିଖିତ ପଦ ଗୁଡ଼ିକ ବିଚିତ୍ର ଲକ୍ଷଣାଯୁକ୍ତ ଅଟେ—ଯଥା—ଅସୀ କଣ୍ଠେ ବସାଇଛି ଖଞ୍ଜରୀଟ ଯୁଗ, ଦେଖି ଭାଳେ ଅଙ୍ଗଦେଶ ହେବ କି ମୋ ଭୋଗ । ପଞ୍ଚ ଉରଜ ବସନ୍ତି ଚହିଁରେ ତ ଭାବ, ଗଉରୀ ପ୍ରସଙ୍ଗେ ଶିଶୁଭୋଗୀକି ଜୋହିବ ।]

ବିଚିତ୍ର ଶାଳା—ସଂ. ବି.—ଯେଉଁ ଘରେ ବିଚିତ୍ର ବସ୍ତୁମାନ ସଂଗୃହୀତ ହୋଇ Bichitra śālā ଥାଏ; ଯାଦୁଘର (ହି. ଘ)-Museum.

ବିଚିତ୍ରାଙ୍ଗ—ସଂ. ବିଣ (ବହୁବ୍ରୀହି; ବିଚିତ୍ର+ଅଙ୍ଗ. ଯାହାର)—୧ । ଚିତ୍ରିତ Bichitrānga ଅଙ୍ଗବିଶିଷ୍ଟ; ଚିତ୍ରିତାଙ୍ଗ—1. Having one's body painted in various paints. ୨ । ନାନା-ବର୍ଣ୍ଣ ରଞ୍ଜିତ ଶରୀରବିଶିଷ୍ଟ; ଛିଟିଛିଟିକିଆ—3. Having a mottled body. ବି—୧ । ମୟୂର—1. The peacock. ୨ । ଚିତାବାଘ; କଲରାପତରିଆ ବାଘ—2. The leopard; the spotted tiger.

ବିଚିତ୍ରାନନ୍ଦ ଦାସ—(ନାମ) ଉତ୍କଳର କରଣ ବଂଶୀୟ ସ୍ୱର୍ଗୀୟ ଦେଶ Bichitrānanda dāsa ହିତୈଷୀ—Name of a late Oriya patriot. [ଦ୍ର—ଓଡ଼ିଶାରେ ଇଂରାଜମାନଙ୍କ ଅଧିକାର ପରେ ଯେଉଁ କେତେ ଜଣ ଓଡ଼ିଆ ପ୍ରଥମେ ସରକାରୀ ଚାକିରି ପାଇଥିଲେ ସେମାନଙ୍କ ମଧ୍ୟରୁ ଏ ଜଣେ । ଓଡ଼ିଆ ଜାତିର ଓ ଭାଷାର ଉନ୍ନତି ଓ ଓଡ଼ିଆଙ୍କ ଜାତୀୟତା ରକ୍ଷା ବିଷୟରେ ଏ ବହୁତ ଯତ୍ନ କରିଥିଲେ । ଓଡ଼ିଶାରେ ବଙ୍ଗଳା ଭାଷାର ପ୍ରଚଳନ ବିରୋଧରେ ଯେଉଁମାନେ ଚେଷ୍ଟା କରି ସରକାରଙ୍କ ଦ୍ୱାରା ଓଡ଼ିଆ ଭାଷାକୁ ସ୍ୱତନ୍ତ୍ର ଭାଷା ରୂପେ ସ୍ୱୀକୃତ କରାଇ ଥିଲେ ସେମାନଙ୍କ ମଧ୍ୟରୁ ଏ ଜଣେ । ଏହାଙ୍କ ଘର ଯାଜପୁର ଅଞ୍ଚଳରେ ଥିଲା ।]

ବିଚିତ୍ରିତ—ସଂ. ବିଣ. (ବି+ଚିତ୍ରିତ)—୧ । ନାନା ବର୍ଣ୍ଣରେ ଚିତ୍ରିତ; Bichitrita ଚିତ୍ରିତ ହୋଇଥିବା—1. Painted in motley colours. ୨ । ନାନାବର୍ଣ୍ଣବିଶିଷ୍ଟ—2. Mottled; particoloured; multicoloured.

ବିଚିନ୍ତିତ—ସଂ. ବିଣ. ପୁଂ. (ବି+ଚିନ୍ତିତ)—୧ । ବିଶେଷ ଭାବରେ Bichintita ଚିନ୍ତା କରା ଯାଇଥିବା (ବିଷୟ)—1. Contemplated, well-considered. ୨ । ବିଶେଷରୂପେ ଚିନ୍ତାଗ୍ରସ୍ତ—Very anxious or uneasy.

ବିଚିନ୍ତ୍ୟମାନ—ସଂ. ବିଣ—(ବି+ଚିନ୍ତ୍ ଧାତୁ ଣିଚ ଚିନ୍ତି=ଭାବନା+ Bichintyamāna କର୍ମ. ଆନ)—୧ । ଯାହା ଭାବନା କରାଯାଉ ଥାଏ; ଚିନ୍ତାର ବିଷୟୀଭୂତ—1. Which is being thought over. ୨ । ବିବେଚନାଧୀନ—2. Subject to consideration.

ବିଚିବା—ପ୍ରାଦେ. (ମେଦିନୀପୁର) କ୍ରି.—(ଭୁଲ. ବଂ. ବେଚ୍; ବିକ୍ର)— Bichibā ବିକିବା—To sell.

ବିଚିଲି—ପ୍ରାଦେ.—(ଯାଜପୁର) ବି. (ସଂ.ବିଚୂଳ=ଶୁଷ୍କ ତୃଣ)— Bichili ଗୋରୁଙ୍କୁ ଦିଆଯିବା କଟା ନଡ଼ା—Chopped hay or straw used as fodder.

ବିଚିହ୍ନ—ଦେ. ବିଣ—ଚିହ୍ନରହିତ; ଦାଗଶୂନ୍ୟ—Spotless; having Bichihna no marks. (ଉ.—ବିଚିହ୍ନ କ୍ଷିତିଦଶନରେ, ବିଶ୍ଳେଷୀ ମୋ ଅଶନରେ । ଭଞ୍ଜ. ବୈଦେହୀଶବିଳାସ ।)

ବିଚୀ—ସଂ. ବି—ବୀଚୀ; ତରଙ୍ଗ (ହି. ଷ) Bichī Wave.

ବିଚୂନ(ନ୍ନ)—ଗ୍ରା. ବିଣ—(ସଂ. ବିଚୂର୍ଣ୍ଣ)—ବିଚୂର୍ଣ୍ଣିତ— Bichūn (nna) Powdered to dust.

ବିଚୂର୍ଣ୍ଣ—ସଂ. ବି—(ବି+ଚୂର୍ଣ୍ଣ)—ଖୁବ୍ ସରୁ ଚୂନା—Fine powder. Bichūrnna ବିଣ.—ବିଚୂର୍ଣ୍ଣିତ—Powdered to fine minute dust. (ଦ୍ର—ଏହା ଚୂର୍ଣ୍ଣ ଶବ୍ଦ ସହିତ ସହଚରରୂପେ ବିଶେଷଣରେ ବ୍ୟବହୃତ ହୁଏ ଯଥା—ଚୂର୍ଣ୍ଣବିଚୂର୍ଣ୍ଣ ।)

ବିଚୂର୍ଣ୍ଣନ—ସଂ. ବି.—ଚୂର କରି ଚୂନା କରିବା କର୍ମ—Powdering Bichūrṇṇana of a thing to dust; disintegration

ବିଚୂର୍ଣ୍ଣିତ—ସଂ. ବିଣ.—(ବି+ଚୂର୍ଣ୍ଣିତ)—ବିଶେଷରୂପେ ଚୂନା କରାଯାଇ Bichūrṇṇita ଥିବା—Finely powdered; powdered into dust; disintegrated; pulverised.

ବିଚେତନ—ସଂ.ବିଣ.ପୁଂ (ବହୁବ୍ରୀହି; ବି=ବିଗତ,ନାହିଁ+ଚେତନା)— Bichetana ୧ । ଚୈତନ୍ୟହୀନ; ସଂଜ୍ଞାଶୂନ୍ୟ; ବେହୋସ୍— (ବିଚେତନା—ସ୍ତ୍ରୀ) 1. Unconscious. ୨ । ଅଚେତନ— 2. Inanimate. ୩ । (ବି=ବିଶିଷ୍ଟ+ଚେତନା ଯାହାର)—ସଚେତନ; ସଜାଗ—3. Animate; fully conscious. ବି—(କର୍ମଧା; ବି=ବିଶିଷ୍ଟ+ଚେତନ)-ବିଶିଷ୍ଟ ଜ୍ଞାନ—Special or intimate or thorough knowledge.

ବିଚେତନା—ଦେ. ବି.—(ବି+ଚେତନା)—ସଂଜ୍ଞା; ଚେତନା— Bichetanā Consciousness. (ତୁଟି ଯାଉ ବିଚେତନା ଛଟ ପଟ ହେବ କିବା—ବିଶ୍ୱସୁନ୍ଦର୍ଯ୍ୟ,କଶୋରୀରଣ୍ଡ ଛ ଗୀତ) ।

**ବିଚେତା(ତ)**—ଦେ. ବିଣ (ସଂ. ବିଚେତନ)—ଜ୍ଞାନଶୂନ୍ୟ; ଅଚେତା— Bichetā (ta) अचेतन; **बेहोश, अचेत** Unconscious.

**ବିଚେତାଃ**—ସଂ. ବିଣ (ବି+ଚେତସ୍; ବିଚେତସ୍ ୧ମା ୧ବ; ବି= Bichetāh ବିପରୀତ; ବିମୁଖ ହୋଇଅଛି ଚେତସ୍=ମନ ଯାହାର)— ୧ । ଉଦ୍ବିଗ୍ନ—1. Uneasy; agitated; bewildered; distracted. ୨ । ବିମନା; ଅସୁଖୀ— 2. Unhappy; miserable. ୩ । ଅଜ୍ଞ— 3. Ignorant. ୪ । ଦୁଷ୍ଟ (ବ୍ୟ.ଶ)—4. Wicked.

**ବିଚେୟ**—ସଂ. ବି—(ବି+ଚି. ଧାତୁ=ଅନ୍ୱେଷଣ କରିବା+କର୍ମ. ଯ)— Bicheya ୧ । ଅନ୍ୱେଷଣୀୟ—1. To be searched after. ୨ । ସଂଗ୍ରହାର୍ହ—2. Fit to be collected together. ୩ । ଅଳ୍ପ; ସାମାନ୍ୟ—3. A little; a few.

**ବିଚେଷ୍ଟ**—ସଂ. ବିଣ. ପୁଂ—(ବି+ଚେଷ୍ଟା, ବହୁବ୍ରୀହି)—୧ । ବେହୋସ; Bicheshṭa ଚୈତନ୍ୟ ରହିତ—1. Unconscious. ୨ । ହସ୍ତ (ବିଚେଷ୍ଟା—ସ୍ତ୍ରୀ) ପଦାଦି ଚାଳନରେ ଅକ୍ଷମ—2. Unable to (ବିଚେଷ୍ଟତା—ବି) move one's limbs. ୩ । ନିଶ୍ଚେଷ୍ଟ— 3. Devoid of exertion.

**ବିଚେଷ୍ଟା**—ଦେ. ବିଣ—ବିଚେଷ୍ଟ (ଦେଖ)—Bicheshṭa (See). Bicheshṭā ବି—୧ । ଶୂନ୍ୟାସକ୍ତିତା—1. Want of attachment; disinclination. [ଉ—ବିଚେଷ୍ଟାକୁ ଦେଖି ରଘୁ ନନ୍ଦନ, ବଳ ଦେଲେ କରଣ ଆଲିଙ୍ଗନ । ଉଞ୍ଜ. ବୈଦେହୀଶବିଳାସ । ] ୨ । ଚେତନାଶୂନ୍ୟତା—2. Unconsciousness. [ଉ—ବିଚେଷ୍ଟା ନ ଭଜଇ ଶୁଦ୍ଧ ପାର୍ଶ୍ୱେ ଭୁହାଇ, ବିବିଧ ବାଦ୍ୟକୁ ବଜାଇ ସେ । ଉଞ୍ଜ. ବୈଦେହୀଶବିଳାସ ।] ୩ । ବିଶେଷ ଚେଷ୍ଟା; ଅତ୍ୟଧିକ ଯତ୍ନ—3. Great care; particular care. [ଉ— ଶୋଭା ବିଚେଷ୍ଟା ଯାହାର ଉଦରେ, ସାମ୍ପ୍ରତ ହେଲେ ସ୍ଥାନ ସ୍ଥିତିରେ । ଅଜ୍ଞାତ ଚିନ୍ତାମଣି । ] ସଂ. ବି— ୧ । ମନ୍ଦ ଚେଷ୍ଟା (ବ୍ୟ. ଶ)—1. Evil endeavour. ୨ । ପୀଡ଼ା ବା ଶୋକ ହେତୁ ମୁଖର ଓ ଅଙ୍ଗାଦିର ବିକ୍ଷେପ (ବ୍ୟ. ଶ)—2. Contortions of the face and striking of the limbs on account of grief or disease. ( ବିଚେରେଷ୍ଟା—ଗ୍ରାମ୍ୟରୂପ )

**ବିଚେଷ୍ଟିତ**—ସଂ. ବି—(ବି+ଚେଷ୍ଟ ଧାତୁ+ଭାବ. ତ)—୧ । ବ୍ୟାପାର; Bicheshṭita କ୍ରିୟା—1. Action; affair; act; deed. ୨ । ବିଶେଷ ଚେଷ୍ଟା—2. Special effort. ୩ । ଭୂଇଁରେ ବାଡ଼େଇ କଷ୍ଟିତ ହେବା—3. Act of striking the limbs on the ground. ବିଣ— ୧ । ଚେଷ୍ଟାରହିତ-1. Effortless. ୨ । ଅନ୍ୱେଷିତ— 2. Sought after. ଦେ· ବି—ଆଚରଣ-Conduct; dealing. [ ଉ—ଭୋ ନାଥ ତୋର ବିଚେଷ୍ଟିତ, ଜଣ ସଂସାରେ ବିଦିତ । ଜଗନ୍ନାଥ. ଭାଗବତ ।]

**ବିଚ୍ଛନ୍ଦ**—ଦେ. ବି. ପୁଂ—ଲୋକଙ୍କୁ ଦିଆଯିବା ନାମ—A name given Bichchhanda to males. ବିଣ—ଧୂର୍ତ୍ତ—Fraudulent; (ବିଚ୍ଛନ୍ଦ—ଅନ୍ୟରୂପ) deceitful. (ଉ—ବିଚ୍ଛନ୍ଦ ମାରଣରେ ବଣା ହେଲେ ରଣରେ, ରାମ ଲକ୍ଷ୍ମଣ ତଥି ସେ । ଉଞ୍ଜ. ବୈଦେହୀଶବିଳାସ । )

**ବିଚ୍ଛନ୍ଦ(ର୍ଦ୍ଦ)କ**—ସଂ. ବି ( ବି+ଛନ୍ଦ୍ ଧାତୁ=ଇଚ୍ଛା କରିବା+କର୍ତ୍ତୃ. Bichchhanda(rdda)ka ଅକ )—୧ । ଉପର୍ଯ୍ୟୁପରି ନିର୍ମିତ ଦେବାଳୟବିଶେଷ — 1. A sort of temple; pagoda. ୨ । ପ୍ରାସାଦ ( ବ୍ୟ. ଶ. )—2. Mansion.

**ବିଚ୍ଛନ୍ଦ ପଟ୍ଟନାୟକ**—ଦେ. ବି ( ନାମ )—ଜନୈକ ସ୍ୱର୍ଗୀୟ ଓଡ଼ିଆ Bichchhanda paṭṭanāyaka ଦେଶହିତୈଷୀ—Name of a late Oriya patriot. [ ଦ୍ର—ଏ ୧୮୪୧ ଖ୍ରୀଷ୍ଟାବ୍ଦ ମାର୍ଚ୍ଚ ୧୨ ତାରିଖରେ ଜନ୍ମିଥିଲେ । ଏହାଙ୍କର ପିତା ସୁନ୍ଦର ରାମଚନ୍ଦ୍ର ଗଜପତି ରାଜାଙ୍କର ଖାମୁକରଣ ଥିଲେ । ପରେ ଇଂରାଜମାନେ ତାଙ୍କୁ ଆଣାଇ ଟ୍ରେଜେରୀ ଅଫିସର ଓ ଚୌକି ଡେପୁଟୀକଲେକ୍ଟର ପଦରେ ନିଯୁକ୍ତ କରିଥିଲେ । ବିଚ୍ଛନ୍ଦ ୧୮୬୦ ଖ୍ରୀଷ୍ଟାବ୍ଦରେ ଏଣ୍ଟ୍ରାନ୍ସ ପରୀକ୍ଷାରେ ୨ୟ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇ ଢାକା କଲେଜକୁ ଯାଇଥିଲେ । ସେଠାରେ ଅକୃତକାର୍ଯ୍ୟ ହୋଇ ଫେରି ଆସି ପ୍ରଥମେ ସମ୍ବଲପୁରରେ ଡିଷ୍ଟ୍ରିକ୍ଟ ଇନ୍ସ୍‌ପେକ୍ଟର ହୋଇଥିଲେ । ପରେ ଅନୁଗୁଳର ତହସିଲଦାର ହେଲେ । ତାହାଙ୍କର ଗୃହରୁ କାଳରେ ସେ ସମ୍ବଲପୁର ଜିଲ୍ଲାସ୍କୁଲକୁ ଖଣ୍ଡ ୩୬୫ ଧନରେ ୩୬୫ଟି ସ୍କୁଲ ବସାଇଥିଲେ । ଏ ସମ୍ବଲପୁରରେ ଥିବା ସମୟରେ ଗୌରୀଶଙ୍କର ରାୟ ଓ ଦାମୋଦର ଦାସଙ୍କ ସହିତ ମିଳି ଓଡ଼ିଶାରେ ବଙ୍ଗଳା ରାଜଭାଷା ଭାଷାରୂପେ ସ୍ୱୀକୃତ ହେବାପାଇଁ କେତେକ ବଙ୍ଗାଳୀଙ୍କ ଉଦ୍ୟମକୁ ପଣ୍ଡ କରି ଓଡ଼ିଆ ଭାଷାକୁ ସ୍ୱତନ୍ତ୍ର ଭାଷାରୂପେ ପ୍ରତିଷ୍ଠିତ କରିଥିଲେ । ଓଡ଼ିଆରେ ଉପଯୁକ୍ତ ପାଠ୍ୟପୁସ୍ତକ ନ ଥିବାରୁ ବର୍ଣ୍ଣପରିଚୟଠାରୁ ଆରମ୍ଭ କରି ଗୁରୁପାଠ, ବୋଧୋଦୟ, କାଦମ୍ବରୀ ଓ ରଘୁବଂଶ ପ୍ରଭୃତି ପୁସ୍ତକ ବଙ୍ଗଳାଭାଷାରୁ ଓଡ଼ିଆରେ ଅନୁବାଦ କରି ପ୍ରକାଶ କରିଥିଲେ । ଏହି ସବୁ ପୁସ୍ତକ ଏଣ୍ଟ୍ରାନ୍ସ ଓ ଭର୍ଣ୍ଣାକୁଲର ସ୍କୁଲମାନଙ୍କରେ ପାଠ୍ୟପୁସ୍ତକରୂପେ ଗୃହୀତ ହୋଇଥିଲା । ଅନୁଗୁଳରେ ଥିବା ସମୟରେ ତାଙ୍କର ସ୍ୱାସ୍ଥ୍ୟ ଖରାପ ହେବାରୁ ସେ କଟକ ଆସିଲେ ଓ ୧୮।୧୦।୮୨ ରେ କଟକଠାରେ ପ୍ରାଣତ୍ୟାଗ କରିଥିଲେ । ]

**ବିଚ୍ଛନ୍ଦ ସୁତ**—ଦେ. ବି—ନଳ ନାମଧେୟ ବାନର—A monkey Bichchhanda suta named Naḷa. ( ଉ—ବ୍ୟାପିବଟି ଶିଳାସ୍ତି ଉଞ୍ଚାଟିଲେ ଅଦ୍ଭୁତେ, ବିଚ୍ଛନ୍ଦସୁତ ହିରଷେ ଉଦଧିକେ ପକାନ୍ତେ—ଉଞ୍ଜ. ବୈଦେହୀଶବିଳାସ । )

**ବିଚ୍ଛତ୍ରକ**—ସଂ. ବି—ସ୍ୱଳ୍ପସ୍ୱାଦୁଥିବା ଶାଗ ( ବ୍ୟ. ଶ. )— Bichchhatraka An aquatic pot-herb.

**ବିଚ୍ଛନ୍ନ**—ଦେ.ବିଣ—ଛିନ୍ନ; ଅତିଚିନ୍ତାଯୁକ୍ତ—Very anxious.(ଉ.— Bichchhanna ବିଚ୍ଛନ୍ନ ମନ ଉଚିତ ବଚନ ଭଣେ ରଚିତ— ଉଞ୍ଜ. ବୈଦେହୀଶବିଳାସ । )

ବିଚ୍ଛର୍ଦ୍ଦକ—ସଂ. ବି. ( ବି+ଛର୍ଦ୍ଦ+କ )—ବମନ ( ହି. ଶ. )—
Bichchharddaka ( ବିଚ୍ଛର୍ଦ୍ଦିକା—ଅନ୍ୟରୂପ ) Vomiting.

ବିଚ୍ଛର୍ଦ୍ଦିତ--ସଂ. ବିଣ—୧ । ଯାହାକୁ ବାନ୍ତି କରାଯାଇଅଛି; ଉଦ୍ଗୀର୍ଣ୍ଣ—
Bichchharddita 1. Vomited forth ୨ । ଉପେକ୍ଷିତ (ହି. ଶ)—2. Disregarded; slighted.

ବିଚ୍ଛାୟ—ସଂ. ବି. ( ବି=ପକ୍ଷୀ+ଛାୟା )—୧ । ପକ୍ଷିଛାୟା; ପକ୍ଷୀ
Bichchhāya ଉଡ଼ିଗଲାବେଳେ ଭୂମିରେ ଯେଉଁ ଛାଇ ପଡ଼େ—
1. The shade of a flying bird appearing on the ground. ୨ । (ବି=ଅଭାବ+ଛାୟା) ଛାୟାର ଅଭାବ—2. Want of shade. ୩ । ( ବି=ବିଶିଷ୍ଟ +ଛାୟା=କାନ୍ତି ) ମଣି—3. A gem. ବିଣ—(ବି= ଅଭାବ+ଛାୟା )—୧ । ଛାୟାରହିତ—1. Shadeless; destitute of shadow. ୨ । ଯେଉଁ ବସ୍ତୁର ବା ପ୍ରାଣୀର ଛାୟା ପଡ଼େ ନାହିଁ; ( ଯଥା—ଦେବତା, ଦାନବ, ଭୂତ, ପ୍ରେତ )—2. Casting no shadow.

ବିଚ୍ଛିତ୍ତି—ସଂ ବି (ବି+ଛିଦ୍ ଧାତୁ=ଛେଦନ କରିବା+ଭାବ. ତି )—
Bichchhitti ୧ । ବିଚ୍ଛେଦ—1. Separation; ୨ । ବିନାଶ—
2. Destruction. ୩ । ବୈଚିତ୍ର୍ୟ—3. Wonderfulness. ୪ । କାଟିକରି ଅଲଗା କରିବା—
4. Severance. ୫ । କମତି; ତ୍ରୁଟି ( ହି. ଶ. )—
5. Loss. ୬ । (+କର୍ମ.ତି)କଣ୍ଠହାର—6. Necklace. ୭ । ସ୍ତ୍ରୀଜନଙ୍କ ଶୋଭନ କେଶରଚନା ଓ ଅଙ୍ଗଲେପନାଦି କାର୍ଯ୍ୟ—7. Toilette of a lady ୮ । କବିତାର ଯତି ( ହି. ଶ )—8. Harmonic pause in metre. ୯ । ଏକପ୍ରକାର ହାବ, ଯହିଁରେ ସ୍ତ୍ରୀ ସାମାନ୍ୟ ଶୃଙ୍ଗାରରେ ପୁରୁଷକୁ ମୋହିତ କରିବାକୁ ଚେଷ୍ଟା କରେ ( ହି. ଶ )—9. A kind of amorous dalliance on the part of a woman who by a little equipment tries to charm a male.

ବିଚ୍ଛିନ୍ନ—ସଂ. ବିଣ. ପୁଂ ( ବି+ଛିଦ୍ ଧାତୁ+କର୍ମ ତ ) —୧ । ବିଯୁକ୍ତ—
Bichchhinna 1. Separated. ୨ । ବିଭକ୍ତ; ପୃଥକ୍କୃତ—
(ବିଚ୍ଛିନ୍ନା—ସ୍ତ୍ରୀ) 2. Separated; severed ୩ । ବିନଷ୍ଟ—
3. Destroyed. ୪ । ଛିଣ୍ଡା ହୋଇଥିବା—4. Torn. [ ଦ୍ର—ଏହି ଶବ୍ଦ ଛିନ୍ନ ଶବ୍ଦ ସହିତ ସବୁତରରୂପେ ବ୍ୟବହୃତ ହୁଏ । ] ୫ । ଯାହାର ଅନ୍ତ ହୋଇଅଛି ( ହି. ଶ )—5. Finished. ୬ । କୁଟିଳ (ହି. ଶ)—
6. Tortuous.

ବିଚ୍ଛୁରିତ—ସଂ. ବିଣ ( ବି+ଛୁର ଧାତୁ=ଛେଦନ ବା ଲେପନ+କର୍ମ
Bichchhurita ତ )—୧ । ଅନୁଲିପ୍ତ—1. Annointed. ୨ । ଅନୁରଞ୍ଜିତ—2. Painted. ୩ । ବିକୀର୍ଣ୍ଣ; ଖେଳେଇ ହୋଇ ପଡ଼ିବା—3. Scattered about; suffused; diffused.

ବିଚ୍ଛେଦ—ସଂ. ବି ( ବି+ଛିଦ୍ ଧାତୁ+ଭାବ. ଅ )—୧ । ବିରହ;
Bichchheda ଛଡ଼ାଛଡ଼ି—1. Separation. ୨ । ପାର୍ଥକ୍ୟ; ପ୍ରଭେଦ—2. Difference. ୩ । ବିୟୋଗ—
ବିଚ୍ଛେଦକ } ବିଣ 3. Disjunction; disunion. ୪ । ବିଭାଗ—
ବିଚ୍ଛେଦ୍ୟ }
4. Division. ୫ । ପୁସ୍ତକର ବିଭାଗ ବା ପରିଚ୍ଛେଦ—
5. Division or chapter of a book. ୬ । ଖଣ୍ଡ—6. A piece. ୭ । ପ୍ରଣୟୀ ପ୍ରଣୟିନୀ ବା ସ୍ୱାମୀ ସ୍ତ୍ରୀ ବା ବନ୍ଧୁମାନଙ୍କର ପରସ୍ପର ପରସ୍ପରଠାରୁ ଭିନ୍ନ ଭିନ୍ନ ହୋଇ ରହିବା; ବିରହ—7. Separation between friends or a couple. ୮ । ବିରାମ—8. Intermission. ୯ । କାଟି କରି ଅଲଗା କରିବା—
9. Severance. ୧୦ । ନାଶ—10. Loss. ୧୧ । ଦୁଇବସ୍ତୁ ମଧ୍ୟରେ ଥିବା ଖାଲି ସ୍ଥାନ; ବ୍ୟବଧାନ ( ହି. ଶ )—11. Interval; space between two things. ୧୨ । କବିତାରେ ଯତି ( ହି.ଶ )—
12. Harmonic pause in metre. ୧୩ । କ୍ରମଭଙ୍ଗ ( ହି. ଶ )—13. Break of continuity.

ବିଚ୍ଛେଦକ—ସଂ. ବିଣ. ପୁଂ ( ବି+ଛିଦ୍ ଧାତୁ+କର୍ତ୍ତୃ. ଅକ )—
Bichchhedaka ପୃଥକ୍କାରୀ—Separating [ ଉ— (ବିଚ୍ଛେଦିକା—ସ୍ତ୍ରୀ) ମୁଁ ସ୍ୱକାୟ ସ୍ନେହ ଦକ ଦକ ଯେ । ଉଦ୍ଧ. ବୈଦେହୀଶବିଳାସ ।]

ବିଚ୍ଛେଦ ଦୁଃଖ—ସଂ. ବି—ପ୍ରିୟ ବ୍ୟକ୍ତିର ବିରହ ଜନିତ ଦୁଃଖ—
Bichchheda duḥkha Pangs of separation.

ବିଚ୍ଛେଦନ—ସଂ. ବି ( ବି+ଛେଦନ )—୧ । ଭଞ୍ଜନ; ଦୂରୀକରଣ—
Bichchhedana 1. Removal; breaking. [ ଉ— ବିଚ୍ଛେଦନ କଲା ମୋ ଚିତ୍ତ ସଂଶୟ । ଉଦ୍ଧ. ବୈଦେହୀଶବିଳାସ । ] ୨ । ନଷ୍ଟକରଣ—2. Destruction ୩ । ପୃଥକ୍କରଣ—3. Severing; separating

ବିଚ୍ଛେଦନୀୟ—ସଂ. ବିଣ ( ବି+ଛେଦନୀୟ )—୧ । ପୃଥକ୍ କରଣୀୟ—
Bichchhedaniya 1. Separable; divisible. ୨ । ଭଙ୍ଗୁର
(ବିଚ୍ଛେଦ୍ୟ—ଅନ୍ୟରୂପ) —2. Fragile.

ବିଚ୍ଛେଦାଇବା—ଦେ ( ପଦ୍ୟ ) କ୍ରି—( ବିଚ୍ଛେଦିବା କ୍ରିୟାର ଣିଜନ୍ତ
Bichchhedāibā ରୂପ— The causative form of Bichchhedibā. )—ଅନ୍ୟଦ୍ୱାରା ବିଚ୍ଛେଦ କ୍ରିୟା କରାଇବା— To cause separation by another. [ ଉ—ବିଚ୍ଛେଦାଇଲେ ତମ ବଂଶ ଉତ୍ତମ ଏ । ଉଦ୍ଧ. ବୈଦେହୀଶବିଳାସ । ]

ବିଚ୍ଛେଦାଗ୍ନି—ସଂ. ବି ( ରୂପକ; ବିଚ୍ଛେଦ+ଅଗ୍ନି )—ଅଗ୍ନିପରି ସନ୍ତାପକ
Bichchhedāgni ବିଚ୍ଛେଦଜନିତ ଦୁଃଖ—Burning pangs
(ବିଚ୍ଛେଦାନଳ—ଅନ୍ୟରୂପ) of separation ( compared to fire ).

ବିଚ୍ଛେଦିତ—ସଂ. ବିଣ—୧ । ବିରହିତ; ପୃଥକ୍କୃତ—1, Separated
Bichchhedita from; deprived of. ୨ । କର୍ତ୍ତିତ; ଅବତ
2. Cut; wounded. [ ଉ—ବିଚ୍ଛେଦିତ ହୋଇ ପ୍ରିୟବଚନରେ, ଉଚ୍ଛେଦିତ କବଚରେ ହୁଳ ଶରେ— ଉଦ୍ଧ. ବୈଦେହୀଶବିଳାସ । ] ୩ । ବିଖଣ୍ଡିତ—
2. Cut asunder, severed.

**ବିଚ୍ଛେଦିବା**—ଦେ. (ପଦ୍ୟ) କ୍ରି—କାଟିବା; ଛେଦନ କରିବା—To cut; to fell down. Bichchhedibā [ଉ—ବିଶାଳ ଭୁଙ୍ଗ ବିଚ୍ଛେଦା ଶାଳ ମସ୍ତାରୂଢ଼, ବିଚ୍ଛେଦିଲା ପ୍ରାୟେ ପଡ଼ିଲା ଦେହ । ଉଞ୍ଜ. ବୈଦେହୀଶବିଳାସ ।] विच्छेदना

**ବିଚ୍ଛେଦୀ**—ଦେ. ବିଣ.ପୁଂ—୧ । ଦୁଇ ବା ତତୋଽଧିକ ଖଣ୍ଡରେ କଟା ହୋଇ ଥିବା (ବ୍ୟକ୍ତି ବା ବସ୍ତୁ)—1. (a person or thing) Cut down into two or more pieces. Bichchhedi विछोई (ବିଚ୍ଛେଦିନୀ—ସ୍ତ୍ରୀ) ୨ । ବିୟୋଗୀ; ବିରହୀ—2. Who is undergoing the pangs of separation. [ଉ-ବିକ୍ରୁସ୍ତ୍ରୀକୁ ଲଭିବା ଇଚ୍ଛା କଲେ, ବିଚ୍ଛେଦୀ ହୋଇଥିଲା ଜନେ । ଉଞ୍ଜ. ବୈଦେହୀଶବିଳାସ ।] ସଂ. ବିଣ. ପୁଂ—ଯେ ବିଚ୍ଛେଦ ଘଟାଏ [ବ୍ର. ଶ]—Causing separation or severance.

**ବିଚ୍ୟୁତ**—ସଂ. ବିଣ—(ବି+ଚ୍ୟୁତ)—୧ । ଆପଣା ସ୍ଥାନରୁ ସ୍ଖଳିତ; ଭ୍ରଷ୍ଟ—1 Dislocated; disjoined. Bichyuta ୨ । ପତିତ—2. Fallen down. ୩ । ପୃଥକ୍‌କୃତ—3. Separated. ୪ । କ୍ଷରିତ—4. Oozed out. ୫ । ବିରହିତ—5. Deprived of; stripped of. ୬ । (ବୈଦ୍ୟକ) ଜୀବିତ ଅଙ୍ଗରୁ କଟା ଯାଇ ଥିବା (ଅଙ୍ଗ) (ବ୍ର. ଶ)—6. (surgery) Amputated (limb).

**ବିଚ୍ୟୁତି**—ସଂ. ବି—(ବି+ଚ୍ୟୁତି)—୧ । ପତନ—1. Fall. ୨ । Bichyuti କ୍ଷରଣ—2. Oozing. ୩ । ପୃଥକ୍‌କରଣ—3. Separation. ୪ । ସ୍ଖଳନ—4 Dislocation. ୫ । ଗର୍ଭପାତ (ବ୍ର. ଶ)—6. Abortion. ୬ । ୭ । (ବୈଦ୍ୟକ) ଜୀବିତ ଅଙ୍ଗରୁ କୌଣସି ଅଂଶ କାଟିବା 7. Amputation.

**ବିଚ୍ରା**—ପ୍ରାଦେ. (ସମ୍ବଲପୁର) ବି—ବିଚରା (ଦେଖ) Bichrā (ବିଚ୍ରୀ—ସ୍ତ୍ରୀ) Bicharā (See)

**ବିଛ**—ଦେ. ବି—ବାଇବିଛ (ଦେଖ) Bichha Bāibichha (See)

**ବିଛ(ଛା)ଉଣି**—ଦେ. ବି (ସଂ. ବିସ୍ତରଣ)—୧ । ବିଛଣି; ବିଛାଇବା ବା ବିସ୍ତାରିତ କରିବା କର୍ମ—1. Act of spreading out or apportioning. Bichha(chhā)uṇi विछान; विछानी विछौनी, विछावनी ୨ । ବଣ୍ଟନ—2. Distribution. ୩ । ଜାହାଜର ବା ଡଙ୍ଗାର ତଳ ମହଲରେ ରଖା ଯିବା ଜିନିଷମାନ ତଳ ବାଟେ ପଶିବା ପାଣିରେ ଓଦା ନ ହେବା ପାଇଁ ଜାହାଜର ବା ଡଙ୍ଗାର ତଳରେ ଯେଉଁ ବତା ବା ଡାଲେଇ ଆଦି ବିଛା ଯାଏ—3. Logs or sticks spread on the bottom of a boat or ship to prevent the articles kept there from being affected by the water accumulating in the hold. ୪ । ଯେଉଁ ବସ୍ତୁ (ଯଥା—ଲୁଗା, କଡ଼ା) ଭୂମିରେ ବା ଘରର ତଳରେ ବିସ୍ତୃତ କରି ଯାଏ—4. Any thing spread on the ground or floor.

**ବିଛଣା**—ଦେ. ବି—(ସଂ. ବିସ୍ତାରଣ)—୧ । ଶୋଇବାର ଆସ୍ତରଣ; ଶଯ୍ୟା—1. Bed; bedding. ୨ । ବହୁଲୋକ Bichhaṇā ବସିବାର ବଡ଼ ଆସନ—2. A big seat or mat for many people. विछाना विछौना ପ୍ରାଦେ.—(ସମ୍ବଲପୁର ଓ ଗଡ଼ଜାତ) ବି.—ବିଛଣୀ ମହୁ ଫେଣା; ଛୋଟ ମହୁ ଫେଣା—Small fan-shaped honeycomb.

**ବିଛଣା ଉଠା(ଠେ)ଇବା**—ଦେ. କ୍ରି—ଭୂମିରେ ବିସ୍ତୃତ ବା ରଚିତ ଶଯ୍ୟାକୁ ଟେକିବା—To tuck up the bed. Bichhaṇā uṭhā(ṭhe)ibā विछाना तोलना; विछाना उठान विछौना उठाना [ବିଛଣା ଟେକିବା—ଅନ୍ୟରୂପ]

**ବିଛଣା କରିବା**—ଦେ. କ୍ରି.—୧ । ଶଯ୍ୟା ରଚନା କରିବା—1. To make up a bed. Bichhaṇā karibā ୨ । ଭୂମିରେ ଶଯ୍ୟା ବିସ୍ତାର କରିବା—2. To lay the bed. विछाना करा (पाता) विछौना करना
ବିଛଣା ପକା(କେ)ଇବା, ବିଛଣା ପାଡ଼ିବା
ବିଛଣା ପାରିବା, ବିଛଣା ବିଛା(ଛେ)ଇବା } —ଅନ୍ୟରୂପ

**ବିଛଣା ଚା(ଚ)ଦର**—ଦେ. ବି.—ଶଯ୍ୟା ଉପରେ ପକାଯିବା ବସ୍ତ୍ର—Bedsheet; bedspread. Bichhaṇā chā(cha)dara विछाना चादर विछौना चादर

**ବିଛଣା ଜମା(ମେ)ଇବା**—ଦେ. କ୍ରି.—୧ । କୌଣସି ସ୍ଥାନରେ ବିଛଣା ବା ଆସନ ପକାଇ ସ୍ଥିର ଭାବରେ ବସିବା—1. To settle on a seat or mat at a place. Bichhaṇā jamā(me)ibā विछाना जमान विछौना जमाना ୨ । ବିଛଣା କରିବା (ଦେଖ) 2. Bichhaṇā karibā (See)

**ବିଛଣା ଦେବା**—ଦେ. କ୍ରି—ସମାଗତ ବ୍ୟକ୍ତିଙ୍କୁ ବସିବା ପାଇଁ ଆସନ ଦେବା—To give a person a seat. Bichhaṇā debā विछाना देओया विछौना देना

**ବିଛଣା ଧରିବା**—ଦେ. କ୍ରି—୧ । ଶୋଇବା ନିମନ୍ତେ ଶଯ୍ୟାକୁ ଆଶ୍ରୟ କରିବା—1. To take to bed. Bichhaṇā dharibā विछाना धरा विछौना धरना ୨ । ଶୋଇବା—2. To sleep. ୩ । (ସ୍ତେଗୀ) ପୀଡ଼ାଭିଶଯ୍ୟ ଯୋଗୁ ଶଯ୍ୟାଶାୟୀ ହେବା—3. To be bedridden; to be confined to one's bed.

**ବିଛଣାପତ୍ର**—ଦେ. ବି (ସହଚର ଶବ୍ଦ)—ବିଛଣା ଆଦି—Beddings. Bichhaṇāpatra विछाना टिछाना विछौना पत्तर (ବିଛଣା ପତର, ବିଛଣା ବିଛଣି—ଅନ୍ୟରୂପ)

**ବିଛଣା ମାଡ଼ିବା**—ଦେ. କ୍ରି—ଅଳ୍ପକାଳ ପାଇଁ ବିଶ୍ରାମାର୍ଥ ଶଯ୍ୟାକୁ ସ୍ପର୍ଶ କରିବା—To touch the bed. Bichhaṇā mārḍibā विछानाय पा देओया विछौना छूना (ବିଛଣା ଛୁଇଁବା—ଅନ୍ୟରୂପ) [ଦ୍ର—ବିବାହ ଦିନ ରାତିରେ ବରକନ୍ୟାଙ୍କର ମଧୁଶଯ୍ୟାରେ ଏକତ୍ର ଶୟନ କରିବାର ବିଧି ଅଛି । କିନ୍ତୁ ବିବାହ ବେଦିର କର୍ମବିଧ ସମାପ୍ତ ହେଉଁ ହେଉଁ ଯେବେ ସକାଳ ଭୋର ହୋଇଯାଏ ତେବେ ବିଧିରକ୍ଷାର୍ଥ ବରକନ୍ୟା ମଧୁଶଯ୍ୟାକୁ ନାମମାତ୍ର ଯାଇ ବିଛଣା ମାଡ଼ି ଆସନ୍ତି ।]

**ବିଛଣି**—ଦେ. ବି. ( ସଂ. ବିଚ୍ଛୁରଣ )—ଇତସ୍ତତଃ ବିଞ୍ଚିହୋଇ ହେବା; ବିସ୍ତାର—Scattering about; being spread
Bichhaṇi

**ବିଛଣା ଘର**—ପ୍ରାଦେ. (ସମ୍ବଲପୁର) ବି—ମହୁଫେଣା—The bee-hive,
Bichhanā gharā

**ବିଛନ୍ଦ**—ଦେ. ବିଣ—ବିଷମ—Irregular. ( ଉ—ବିଛନ୍ଦଛନ୍ଦେ ଏହି ବଡ ବନରେ ସ୍ୱନାମେ ଅଂପଣା ଦେଖି—ଉପେ. ବୈଦେହୀଶବିଳାସ । )
Bichhanda

**ବିଛା**—ଦେ. ବି. ( ସଂ. ବୃଶ୍ଚିକ; ପ୍ରା. ବିଚ୍ଛୁଅ )—୧ । କଙ୍କଡ଼ାବିଛା—1. Scorpion. [ ଦ୍ର—ଏହା ଅଷ୍ଟପଦୀ, ସବିଷ ହିଂସ୍ରପ୍ରାଣୀ । ଏହାର ସମ୍ମୁଖରେ କଙ୍କଡ଼ା ପରି ୨ଟି ହାତ ଥାଏ; ପୁଚ୍ଛ ଦୀର୍ଘ । ଏହା ଗତି କଲାବେଳେ ପୁଚ୍ଛ ପିଠି ଉପରକୁ ଟେକିଥାଏ । ଏହାର ପୁଚ୍ଛ ଅଗରେ ତୀବ୍ର ବିଷଯୁକ୍ତ ନାହୁଡ଼ ଅଛି । ] ୨ । ଛନ୍ଦୁଳିଆ ବିଛା—2. Centepede. [ ଦ୍ର—ଏହା ଶତପଦୀ ଓ ଏହାର ନାହୁଡ଼ରେ ବିଷ ଅଛି; ମୁହଁର ଦୁଇ ପାଖରେ ଦୁଇଟି ନଖ; ସବିଷ । ] ୩ । କାନ ବିଛା; କାନକୋଟରା ବିଛା—3. Chilognath. [ ଦ୍ର—ଏ ଅତି ସରୁ ଓ ୩।୪ ଅଙ୍ଗୁଳ ଲମ୍ବ । ଏହାକୁ ଦଳିଲେ ଏହା ଦେହରୁ ଦୀପକ ଜ୍ୟୋତି ବାହାରେ । ] ୪ । ଅଗ୍ରହାୟଣ; ମାର୍ଗଶିର; ବୃଶ୍ଚିକ ମାସ—4. The month of Mārgaśira. ୫ । ବୃଶ୍ଚିକରାଶି—5. The sign of Scorpion; the eighth of the 12 signs of the zodiac. ୬ । ଛେନ୍ଦୁଳିଆ ବିଛାର ଆକୃତି ବିଶିଷ୍ଟ ଏକସରିଆ ଅଣ୍ଟାସୁତା ବା ଅଣ୍ଟାର ଶିକୁଳି ବା ବେକର ହାର—6. A one -stringed waist-chain or neck-chain in the shape of a centepede, consisting of interwoven rings.
Bichhā
বিছা
**बिच्छा; बिच्छु; गोजर**

**ବିଛା(ଛେ)ଇ**—ଦେ. ବି. ( ସଂ. ବିସ୍ତରଣ )—୧ । ବିଛଣି; ଭୂମିରେ ଇଟା ବା ଗୋଡ଼ି ବା ଚୂନ ଆଦି ସ୍ତର ସ୍ତର କରି ବିସ୍ତୃତ କରିବା କ୍ରିୟା—1. The laying out of bricks, mortar and metal on the surface of the ground. ୨ । ଗୋଡ଼ି ଆଦି ଭୂମିରେ ବିଛାଇବା ନିମନ୍ତେ କାରିଗର ଆଦିଙ୍କୁ ଦିଆଯିବା ମୂଲ ବା ଖରଚ—2. Cost or wages paid for the laying of bricks or metal on the ground.
Bichhā(chhe)i
বিছান, বিছাই
**बिछाई**

**ବିଛା(ଛେ)ଇବା**—ଦେ. କ୍ରି. ( ସଂ ବି+ସ୍ତୃ ଧାତୁ )—୧ । ପାରିବା; ଭୂମିରେ ଶଯ୍ୟାକୁ ବିସ୍ତୃତ କରିବା—1. To spread out the bed on the ground; to lay the bed. ୨ । ମାଟି, ଗୋଡ଼ି, ଇଟା ଆଦିର ସ୍ତର ଭୂମିରେ ବିସ୍ତୃତ କରିବା—2. To lay layers of brick, earth etc on the ground. ୩ । ସ୍ତର ସ୍ତର କରି ପକାଇବା—3. To set in layers. ୪ । ଘର ଛପର ବେଳେ ନଡ଼ା ବିଡ଼ାକୁ ଖୋଲି ସମଭାବରେ ଚାଳ ଉପରେ ମେଲାଇ ଦେବା—4. To spread straw evenly on the thatch after untying the sheaves. ୫ । ଦେୟ ଧନକୁ ବହୁଲୋକଙ୍କ ମଧ୍ୟରେ ବାଣ୍ଟି - ବା ବିଭାଗ କରି ହିସାବ କରିବା; ବିଛଣି କରିବା—5. To apportion a big sum amongst various persons. ( ଯଥା—ଛଅ ଟଙ୍କାକୁ ୧୨ ଜଣଙ୍କ ମଧ୍ୟରେ ବିଛାଇଲେ ଜଣେ ଲୋକ କେତେ ପାଇବ ? ) ପ୍ରାଦେ. ( ବାଲେଶ୍ୱର ) କ୍ରି—ତୋଳିବା - To pick; to pluck. ( ଯଥା—ହରି ଗଛରେ ଚଢ଼ି କେତେ ଆମ୍ବ ବିଛାଇ ଦେଖିଲା ଯେ ୪ଟା କଞ୍ଚା ଓ ୧୦ଟା ପାଚିଲା—ନାରାୟଣପ୍ରସାଦ· ନବବିଧାନ ମାନ· ସାଙ୍ଗସାର । )
Bichhā(chhe)ibā
বিছান **बिछाना**
ভাগকরা
**बाँटना**

**ବିଛା କାମୁଡ଼ା**—ଦେ. ବି—ବୃଶ୍ଚିକ ଦଂଶନ—The stinging of a scorpion. [ ଦ୍ର—ବିଛାମାନେ ଲାଙ୍ଗୁଡ଼ର ନାହୁଡ଼ଦ୍ୱାରା ଲୋକଙ୍କୁ ଆଘାତ କରନ୍ତି । କିନ୍ତୁ ଲୋକେ ‘ବିଛା କାମୁଡ଼ିଲା’ ବୋଲି କହନ୍ତି । ବିଛା କାମୁଡ଼ାରେ ବିଶେଷ ଯନ୍ତ୍ରଣା ହୁଏ । ଏଥିପାଇଁ ଲକ୍ଷଣାର୍ଥରେ ଗୁରୁତର ମାନସିକ ଯନ୍ତ୍ରଣା ହେଲେ ଲୋକେ କହନ୍ତି ‘ତା ତାଳୁରେ ଛନ୍ଦୁଳିଆ ବିଛା କାମୁଡ଼ୁଛି ।’]
Bichhā kāmurḍā
বিছা কামড়ান
**बिच्छा का डँक मारना**

**ବିଛାଣି**—ଦେ. ବି. ( ସଂ. ବିସ୍ତାରଣ )—୧ । ବହୁ ଲୋକଙ୍କଠାରୁ ଆଦାୟ କରାଯିବା ଧନକୁ ଜଣଜଣଙ୍କଠାରୁ ଆଦାୟ କଲେ ଜଣଜଣକେ କେତେ ଦେୟ ହେବ ଏହା ସ୍ଥିର କରିବା—1. Apportionment of a big sum amongst individual payers. ୨ । ବହୁଲୋକଙ୍କୁ ବାଣ୍ଟି ଦେବା; ବଣ୍ଟନ—2. Distribution amongst many persons. ( ଉ—ଏହି ଲବଣର ମୂଲ୍ୟ ଅଡ଼ଙ୍ଗର ସମସ୍ତ ଚୁଲିଅଙ୍କୁ ବିଛାଣି କରିଦିଆଯାଏ—ଫକୀର· ମୋହନ· ଗଳ୍ପସ୍ୱଳ୍ପ । ) ୩ । ବିସ୍ତୃତ କରିବା କ୍ରିୟା—3. The act of spreading out or laying in layers.
Bichhāṇi
বাঁটা, বাঁট
**बंटाई**

**ବିଛା ବାଉଳି**—ପ୍ରାଦେ. (ଗଞ୍ଜାମ) ବି—କର୍ଣ୍ଣଭୂଷଣବିଶେଷ; ବିଛା ପରି ଡିଆରି କାନର ଏକ ପ୍ରକାର ଅଳଙ୍କାର—A species of ear-ring used in Ganjam.
Bichhā bāuḻi

**ବିଛା ବା(ମା)ଳିଆ ଚି(ଚୁ)ଙ୍ଗୁଡ଼ି**—ଦେ. ବି—ଛନ୍ଦୁଳିଆ ବିଛା ପରି ଗାତ୍ର ରକ୍ତ ବର୍ଣ୍ଣ ଖୋଲ ଓ ଗୋଡ଼ବିଶିଷ୍ଟ ସାମୁଦ୍ରିକ ଚିଙ୍ଗୁଡ଼ି; କାଳିଆ ଖଡ଼ା ଚିଙ୍ଗୁଡ଼ି—Prawn; large sea-shrimp. [ ଦ୍ର—ଏହାଙ୍କର ଗୋଡ଼ ଛୋଟ ଓ ଦୁଇଟି ବଡ଼ ନଖ ଥାଏ । ]
Bichhā bā(mā)ḻiā chi(chu)ṅgurḍi
বাদার চিঙ্গড়ী
**बडा झिंगा, समुद्री झिंगा**

**ବିଛା ମନ୍ତ୍ର**—ଦେ. ବି—ବିଛା କାମୁଡ଼ାର ବିଷକୁ ଝାଡ଼ିବା ନିମନ୍ତେ ବ୍ୟବହୃତ ମନ୍ତ୍ର—Incantations used to cure scorpion-sting. [ ଦ୍ର—ବିଛା ମନ୍ତ୍ର ନ ଜାଣି ସାପ ଗାତରେ ହାତ ପୂରାଇବା-ନ୍ୟାୟ । ଏହାର ତାତ୍ପର୍ଯ୍ୟ ଏହି ଯେ, ସହଜ କାର୍ଯ୍ୟ କରିବାର ବିଦ୍ୟା ବା ଶକ୍ତି ନ ଥାଇ କଠିନ କାର୍ଯ୍ୟ କରିବାକୁ ଅଗ୍ରସର ହେବା ରୂପ ଦୁଃସାହସିକତା । ]
Bichhā mantra
বিছার মন্ত্র
**बिच्छा का मन्तर**

ବିଛା ଯି(ହେ)ବା—ଦେ. କ୍ରି—ବିଛାଇବା କ୍ରିୟାର କର୍ମବାଚ୍ୟ ରୂପ—
Bichhā ji(he)bā Passive voice of Bichhāibā.
बिछाना होना बिछा जाना ବିସ୍ତୃତ ହେବା—To be spread.

ବିଛା ହେବା—ପ୍ରାଦେ. (ସିଂହଭୂମ) କ୍ରି—ଦୁଷ୍ଟ ହେବା—To be
Bichhā hebā naughty or wicked; to be notorious.

ବିଛିବା—ପ୍ରାଦେ. ( ସମ୍ବଲପୁର ) କ୍ରି—ବିଛାଇବା; ଶଯ୍ୟା ଅବନୀ
Bichhibā ତଳେ ପାରିବା—To lay the (bed) on the ground.

ବିଛୁ(ଚ୍ଛୁ)—ପ୍ରାଦେ. (ସମ୍ବଲପୁର) ବି (ସଂ. ବୃଶ୍ଚିକ; ତୁଳ ହି. ବିଚ୍ଛୁ)—
Bichhu(chchhu) ବିଛଣା ବିଛା—Scorpion.
ଦେ. ବିଣ—ବିରକ୍ତ—Vexed. ( ଯଥା—ମୋ ମନ ବିଛୁ ହୋଇ ଗଲାଣି । )

ବିଛୁଆଁ(ଆ)—ପ୍ରାଦେ. (ସମ୍ବଲପୁର) ବି. (ତୁଳ ହି. ଏହି ଅର୍ଥରେ ବିଛୁଆ)-
Bichhuāñ(ā) ସ୍ତ୍ରୀମାନଙ୍କର ଗୋଡ଼ର ମଝି ଅଙ୍ଗୁଠିରେ ପିନ୍ଧିବା ଏକ ପ୍ରକାର ମୁଦି (ଏଥିର ଉପର ପାଖରେ ବିଛା ଆକୃତିର ଫୁଲ ବସାଯାଇ ଥାଏ)—A kind of ring worn on the middle finger of the leg

ବିଛୁଆତି—ଦେ. ବି ( ସଂ. ବୃଶ୍ଚିକାଲୀ )—ଜ୍ୱାଳାପ୍ରଦ, ରୋମଶ ଗୁଳ୍ମ
Bichhuāti ବିଶେଷ—Stinging nettle; Fleurya
ସଂ. ବୃଶ୍ଚିକାଳୀ, ନାଗଦନ୍ତିକା Interrupta; Laportea
ନେଷ୍ଟରୋଗଘ୍ନା, ସର୍ପଦଂଷ୍ଟ୍ରା, Cremulata(Haines); Tragia
କାଳ Involucarata. (ଉ—ତୁଳସୀ
बिछूटी, बिछाटी, बिछाती ସମ୍ମୂଳେ ଉପାଡ଼ି ରୋପି ବିଛୁଆତି କି ?
बिछाति, बरहण्टा, बडहण्टा ମଧୁସୂଦନ କବିତା ।) [ବ୍ୟୁ—ଏହାର
ମ. ବୃଶ୍ଚିକାଲୀ ପତ୍ରରେ, ବୃନ୍ତରେ ଓ ଫୁଲରେ କଣ୍ଟା
ତେ. ଦୁଲଗୋଣ୍ଡି, ଉତ୍ପାଦକ ଓ ଜ୍ୱାଳାପ୍ରଦ ତୀକ୍ଷ୍ଣ ରୋମ
ଦୋଲଗୁଣ୍ଡେ ଥାଏ । ଏ ରୋମ ଦେହରେ ଲାଗିଲେ
ତା. କଞ୍ଚୁରି ଅତ୍ୟସହ୍ୟ ଯନ୍ତ୍ରଣା ହଏ ଓ ଦେହ ଫୁଲି ଯାଏ । ଏଥିପାଇଁ ଦଣ୍ଡିତ ବ୍ୟକ୍ତିକୁ ବିଛୁଆତି ଡାଳରେ ପ୍ରହାର କରାଯାଏ ।

ଏହା ସାଧାରଣତଃ ଦୁଇ ପ୍ରକାର—

୧ । ନାଲି ବିଛୁଆତି ବା ଘୋଡ଼ା ବିଛୁଆତି । ଏହା ବର୍ଷାୟୁଃ ଶାକବିଶେଷ; ପତ୍ର ଏକୋତ୍ତର ଦନ୍ତୁରିତ ଓ ତ୍ରିଶିର; ଡେମ୍ଫ ଈଷତ୍ ରକ୍ତ ବର୍ଣ୍ଣ; ପତ୍ର ରୋମଶ ଓ ଡଗାଳୁ—Fleurya Interrupta.

୨ । ଧଳା ବିଛୁଆତି—ଏହା ଲତା ଓ ସର୍ବାୟୁ । ବାଡ଼ରେ ମାଡ଼େ; ପତ୍ର ଏକୋତ୍ତର ତ୍ରିକର୍ଣ୍ଣ; ପତ୍ରର ମୂଳ ପାନ ପରି; ଡେମ୍ଫ ଧଳା; ପତ୍ର ଓ ଡେମ୍ଫ ଅତି ରୋମଶ ଓ ବିଶେଷ ଜ୍ୱାଳାପ୍ରଦ । ଏହା ସାଧାରଣତଃ ବିଛୁଆତି ନାମରେ କଥିତ । Fragia Involucrata.

ଦୁଷ୍ଟ ଓ ପରର ଅନିଷ୍ଟକାରୀ ବ୍ୟକ୍ତିଙ୍କୁ ବିଛୁଆତି ସଙ୍ଗେ ତୁଳନା କରାଯାଏ । ] ବିଣ—ଅତି ଦୁଷ୍ଟ; ଖଳ—Very wicked; wanton.

ବିଛୁଆତି ଗାଈ—ପ୍ରାଦେ. (ଗଡ଼ଜାତ) ବି—ଓଲେଇ ଗାଈ ( ଦେଖ )
Bichhuāti gāi Olei gāi ( See )

ବିଛୁଆତି ଗୁଳି—ଦେ. ବି—ବିଛୁଆତି ଗଛର ଗୋଲାକାର କଢ଼—
Bichhuāti guḷi The leaf-buds of stinging nettle.
बिछूटीरकुँड़ी [ ବ୍ୟୁ—ରକ୍ତ ଗଡ଼ୁଥିବା ଅଙ୍ଗରେ ଛଡ଼ା ତେଲ
बिछुटीकी केंाँटी ଲଗାଇ ଏହାକୁ ମଡ଼ାଇ ଦେଲେ ରକ୍ତ ଶୁଖି ଯାଏ ଓ ଫୁଲା କମିଯାଏ ।]

ବିଛୁଆତି ବାଇଡଙ୍କ—ଦେ. ବି. (ସହରର ଶବ୍ଦ)—୧ । ଦୁଇଟି କଣ୍ଡୁ
Bichhuāti bāidhaṅka ଉତ୍ପାଦକ ବସ୍ତୁ—1. Two it-
(ବାଇଡଙ୍କ ବିଛୁଆତି—ଅନ୍ୟରୂପ) ching things. ୨ । (ଲକ୍ଷ-
बिछूटी आलकुशी ଣାର୍ଥ) ଦୁଇ ଜଣ ଦୁଷ୍ଟ ବ୍ୟକ୍ତିଙ୍କର ମିଳନ—
बिछाता और कोंच 2. Combination of two equally wicked persons.

ବିଛୁଆତି ଲାଗିଲା ପରି ହେବା—ଦେ. କ୍ରି—ଅସ୍ଥିର ହେବା—To be
Bichhuāti lāgilā pari hebā restless like a per-
बिछूटी लागबार मत हओया son stung with the
बिछाता लगनेका ऐसा होना stinging nettle.
(ତୁଳ. ଏହି ଅର୍ଥରେ ମାଛି ଲାଗିଲା ଭଳି ହେବା)

ବିଛୁରିବା—ଦେ. କ୍ରି. ( ସଂ. ବିଚ୍ଛୁରିତ )—ବିକ୍ଷିପ୍ତ ହେବା—To be
Bichhuribā strewn or scattered. (ଉ—ପୁଷ୍ପ ପଡ଼ୁଛି
बिछूरा କେଶୁ ବିଛୁରି, ତାର ଗୁଣ କି କହିବି ପାରି । ପ୍ରାଚୀ. ରସ
बिखुरना ବାରିଧି । )

ବିଛେ(ଚ୍ଛେ)ଦିବା—ଦେ. (ପଦ୍ୟ) କ୍ରି. (ସଂ. ବିଚ୍ଛେଦନ)—୧ । ଛେଦନ
Bichhe(chchhe)dibā କରିବା; କାଟି ପକାଇବା—1. To
विछेदा cut; cut down. (ଉ—ବିଚ୍ଛେଦ ପକାଇଲେ ଶିଶୁପାଳ
विच्छेदवाना ଶିର । କୃଷ୍ଣସିଂହ. ମହାଭାରତ. ସଭା ।) ୨ । ବିଚ୍ଛେଦ ଘଟାଇବା—2. To bring about separation.

ବିଜ୍(ଜି)କା(କି)ଠା(ଟା)—ଦେ. ବିଣ—ବିଚ୍‌କିଟା ଇତ୍ୟାଦି (ଦେଖ)
Bij(ji)kā(ki)ṭā(ṭa) Bich-kiṭā etc, (See)
[ବିଜ୍(ଜି)କା(କି)ଟି(ଟି)ଆ—ଅନ୍ୟରୂପ]

ବିଜ୍(ଜି)ତାଡ଼(ର)କ—ଦେ. ବି. ( ସଂ. ବୃଦ୍ଧଦାରକ )—ବୃଦ୍ଧଦାରକ
Bij(ji)tārḍa(ra)ka (ଦେଖ)—Bṛuddhadāraka (See)
विजताड़क विधारा

ବିଜ୍‌ଲି—ପ୍ରାଦେ. (ସମ୍ବଲପୁର) ବି. (ସଂ. ବିଦ୍ୟୁତ୍; ତୁଳ ହି. ବିଜଲୀ)—
Bij-li ବିଦ୍ୟୁତ—Lightning.

ବିଜଏ—ଗ୍ରା. ବିଣ. (ସଂ. ବିଜୟ)—୧ । ଅବସ୍ଥିତ—1. Situated;
Bijae placed; appearing. ୨ । ଉପସ୍ଥିତ—2. Present.
विजय (ଉ—ପଥର ଶାଳଗ୍ରାମ ମୂର୍ତ୍ତି, ତହିଁ ବିଜଏ ଶ୍ରୀପତି । ପ୍ରାଚୀ. ନିର୍ଗୁଣ ମାହାତ୍ମ୍ୟ ।) ୩ । ଉପବିଷ୍ଟ—3. Seated.
ଦେ. ବି—ରାଜା ଓ ଦେବତାଙ୍କର ଯାତ୍ରା ଆରମ୍ଭ—
Starting in a journey of a Raja or Idol.

ବିଜ(ଜୁ)କ୍—ଦେ. ବି [ ହିନ୍ଦୀରୁ ଅନୁକୃତ; ଫ. ବାଜକ=ଦୂତ (ହି. ଶ)]— Bija(ju)k ୧ । ଷ୍ଟିମର; ରେଲ ବା ଜାହାଜରେ କୌଣସି ଦ୍ରବ୍ୟ ଦୂରସ୍ଥ ବ୍ୟକ୍ତିଙ୍କଠାରୁ ପ୍ରେରଣ କରିବା ଲୋକଙ୍କୁ ଯେଉଁ ସାର୍ଟିଫିକେଟ୍ ବା ଟିକଟ୍ ମିଳେ ଓ ଯେଉଁ ଟିକଟକୁ ଦେଖାଇ ଗ୍ରାହକ ଉକ୍ତ ମାଲକୁ ରେଲର ବା ଜାହାଜର ଅଧ୍ୟକ୍ଷଙ୍କଠାରୁ ନିଏ—1. A bill of lading, ୨ । ଟିକଟ୍—2. Ticket; label, ୩ । ଏକ ସ୍ଥାନରୁ ଦୂରସ୍ଥ ବ୍ୟକ୍ତିଙ୍କ ନିକଟକୁ ଡାକରେ, ରେଲରେ ବା ଜାହାଜରେ ପ୍ରେରଣ କରିବା ବ୍ୟକ୍ତିଙ୍କଠାରୁ ଉକ୍ତ ଦ୍ରବ୍ୟାଦିର ପ୍ରେରକ ଯେଉଁ ତାଲିକା ପଠାନ୍ତି—Invoice.

बिलटी
बिजक्क

ବିଜନ—ସ. ବିଣ—(ବି=ଅଭାବ, ନାହିଁ+ଜନ; ଯହିଁରେ)—୧ । Bijana ନିର୍ଜନ—1. Lonely. ୨ । ଜନଶୂନ୍ୟ—2. Solitary.
[ବିଜନତା(ଭା)—ବିଶେଷ୍ୟ]

ବିଜନନ—ସ. ବି—(ବି+ଜନ୍ ଧାତୁ+ଭାବେ ଅନ)—୧ । ଜନ୍ମ— Bijanana 1. Birth. ୨ । ଉତ୍ପତ୍ତି—2. Production ୩ । ଉଦ୍ଭବ—3 Coming into being. ୪ । ପ୍ରସବ କରିବା—4. Act of bringing forth.

ବିଜନିତ—ଦେ. ବିଣ—ଜାତ—Born; produced. (ଉ— Bijanita ବିଜନିତ କଲ୍ପ ସ୍ଥାନ ଅବସରେ ତମକ ବରଷି ଶରେ । ଉଷ. ବୈଦେହୀଶବିଳାସ । )

ବିଜନ୍ମା—ସ. ବି ( ବି+ଜନ୍ମନ୍ ୧ମା, ୧ବ )—୧ । ଜାରଜ— Bijanmā 1. Bastard; illegitimate. ୨ । ନୀଚ-କୁଳୋଦ୍ଭବ—2. Base-born. ୩ । ଜାତିଚ୍ୟୁତ (ହି. ଶ)—3. Excommunicated. ସ. ବି-(ମନୁ) ବର୍ଣ୍ଣସଙ୍କର ଜାତିବିଶେଷ (ହି. ଶ)—Name of a mixed caste.

ବିଜନ୍ୟ—ଦେ. ବିଣ (ସଂ ବିଜନିତ)—ଜାତ—Brought forth. Bijanya (ଉ—ବାସବ ବଦେ ଅଭ୍ରମୁ କରଣୀ ବିଜନ୍ୟ କଲ୍ପ ଭଲ୍ଲ ପିଣ୍ଡ ଅଣି । ଉଷ. ବୈଦେହୀଶବିଳାସ । )

ବିଜୟ—ସ. ବି (ବି+ଜି ଧାତୁ=ଜୟ କରିବା+ଭାବ. ଅ)—୧ । Bijaya ୧ । ଜୟ; ବିପକ୍ଷର ପରାଭବ; ଜୟ—1. Truimph; victory; conquest. ୨ । ଅର୍ଜୁନଙ୍କ ନାମାନ୍ତର—2, A name of Arjuna. ୩ । ଯମ—3. The God of death. ୪ । ରଥ; ବିମାନ—4. Car. ଦେ ବି—୧ । (ସ ବିଜୟ ଯାତ୍ରା) ବିଜେ; (ଦେବତା ଓ (ବିଜେ—ଅନ୍ୟରୂପ) ରାଜାଙ୍କର) ଗମନ ବା ଯାତ୍ରା—1. The act of going or coming of a Deity or Raja. (ଉ—ଏବେ କହ ତହୁଁ ବିଜେ କରିବ ଲଙ୍କାକୁ । ବିଶ୍ୱନାଥ. ବିଚିତ୍ର ରାମାୟଣ ।). ୨ । ଜୟଲାଭ-ସୂଚକ ଶୋଭାଯାତ୍ରା—2. A triumphal procession. ୩ । ରାଜାଙ୍କ ସିଂହାସନାରୋହଣ—3. The installation of a king on a throne. ୪ । ଉପସ୍ଥିତ—4. Presence; arrival, ଦେ. ବିଣ—୧ । ଯାତ୍ରାର୍ଥ ପ୍ରସ୍ତୁତ; ଯାତ୍ରା କରୁଥିବା; ଯାଉଥିବା; ଗମନ କରୁଥିବା—1. Going; starting. (ଉ—ଏକା ବିଜେ ସାରଥୀ, ଗୋଡ଼ାଇ ମିଶନ୍ତି ସକଳ । କୃଷ୍ଣ. ପ୍ରେମପଞ୍ଚାମୃତ । ) ୨ । ଅଜେୟ—2. Invincible. ୩ । ବିଜୟୀ—3. Victorious, (ଉ—ବିଜୟ ଭୁଜ ଅଳ୍ପ ଜଗତ । ଉଷ ବୈଦେହୀଶବିଳାସ । )—୪ । ଉପବିଷ୍ଟ—4. Sitting, (ଉ—ବଟବୃକ୍ଷ ମୂଳରେ ଉପରେ ବିଜୟ, ସୁଗ୍ରୀବ ଭୂରେ ଅଭ୍ୟାଗତ । ବିଶ୍ୱନାଥ, ବିଚିତ୍ର ରାମାୟଣ ) । ୫ । ବର୍ଦ୍ଧିତ—5. Grown; increased. (ଉ—ବିଜୟ ହୋଇଲା ଜମ୍ବୁକ ଡାଳ ସରଳ । ବିଜୟ ହୃଦରେ ସ୍ୱୟମ୍ଭୁ ରୂପେ ବଳେ ଶମ୍ଭୁ । ଉଷ ବୈଦେହୀଶ ବିଳାସ ) । ୬ । ଆଗତ; ଆଗମନ କରିଥିବା; ଫେରି ଆସିଥିବା; ଫେରନ୍ତା—6. Coming; returned. (ଉ— ସଂଗ୍ରାମେ କରି ଶତ୍ରୁଜୟ, ସବୁର ପଛରେ ବିଜୟ । କୃଷ୍ଣ ପ୍ରେମପଞ୍ଚାମୃତ) । ୭ । ଅବସ୍ଥିତ; ବିରାଜିତ—7. Present. (ଉ—ସକଳେ ବସିଛନ୍ତି ବସି । ମଧ୍ୟେ ବିଜୟ ବୃନ୍ଦାବନଶଶୀ । ଜଗନ୍ନାଥ, ଭାଗବତ) । ୮ । ଉପସ୍ଥିତ; ପହଞ୍ଚିଥିବା—Arrived,

विजय
विराजमान

ବିଜୟ ଅମାବାସ୍ୟା—ସ. ବି—ଆଷାଢ଼ ଅମାବାସ୍ୟା; ଜଗନ୍ନାଥଙ୍କର Bijaya amābāsyā ନେତ୍ରୋତ୍ସବ—The new moon day of the month of Āshārdha.

ବିଜୟକ—ସ. ବିଣ. ପୁଂ—(ବି+ଜି ଧାତୁ+କର୍ତ୍ତୃ ଅକ)—ବିଜୟୀ; ଯେ Bijayaka ଜିତେ—Victorious; conquering. ( ବିଜୟିକା—ସ୍ତ୍ରୀ )

ବିଜୟ କରିବା—ଦେ. କ୍ରି ( ରାଜା ଓ ଦେବତାଙ୍କ ପ୍ରତି ପ୍ରଯୁଜ୍ୟ )— Bijaya kariba ୧ । କୌଣସି ସ୍ଥାନରେ ଉପବେଶନ କରିବା; विजय करना To sit at a place. ୨ । କୌଣସି ସ୍ଥାନରୁ ଯିବା— विराजमान होना 2. To go away from a place. ୩ । କୌଣସି ସ୍ଥାନକୁ ଆସିବା—3. To come to or विजयकरना arrive at a place. ୪ । ଜୟିବା; ଜିଣିବା— विजय करना 4. To conquer; to win.

ବିଜୟ କୁଞ୍ଜର—ସ. ବି—୧ । ରାଜାଙ୍କ ଚଢ଼ିବା ହାତୀ; ପାଟହାତୀ— Bijaya kunjara 1. The royal elephant. ୨ । ଯୁଦ୍ଧ ହସ୍ତୀ (ହି. ଶ)—2. An elephant employed in the battle-field.

ବିଜୟ କେତୁ—ସ. ବି (ମ. ପ. ଲୋ)—୧ । ଜୟଲାଭ କରିବା ପରେ Bijaya ketu ଉଡ଼ାଯିବା ଜୟଲାଭ ସୂଚକ ପତାକା—1. A flag flown by the victor as an indication of victory.
ବିଜୟ ପତାକା } ଅନ୍ୟରୂପ
ବିଜୟ ଧ୍ୱଜା
୨ । (୬ଷ୍ଠୀ ତତ୍) ଜୟଲାଭ ସୂଚକ ଚିହ୍ନ—2. Any indication of victory

ବିଜୟ ଘୋଷ—ସ. ବି—୧ । ଜୟ ଢକ୍କା—1. A war drum; a Bijaya ghosha kind of drum beaten to announce the conquest of a king. ୨ । ବିଜୟ ସୂଚକ ଜୟଧ୍ୱନି—2. Exclamation of joy by the victorious party.
ବିଜୟ ମର୍ଦ୍ଦଳ
ବିଜୟ ଡିଣ୍ଡିମ } ଅନ୍ୟରୂପ
ବିଜୟ ଢକ୍କା
ବିଜୟ ବାଦ୍ୟ

ବିଜୟ ଦଶମୀ—ସ. ବି— ବିଜୟା ଦଶମୀ (ଦେଖ)
Bijaya daśamī Bijayā daśamī (See).

ବିଜୟ ପୂର୍ଣ୍ଣିମା—ସ. ବି—ଆଶ୍ୱିନ ପୂର୍ଣ୍ଣିମା (ହ୍ର. ପ୍ର)—The full
Bijaya pūrṇṇimā moon of the month of Āświna.

ବିଜୟ ପ୍ରତିମା—ସ. ବି—ଠାକୁରଙ୍କର ଚଳନ୍ତି ପ୍ରତିମା—The move-
Bijaya pratimā able image of a Deity, whose
( ଅଚଳ ପ୍ରତିମା—ଦେବଙ୍କରୂପ ) idol is immoveable on account of the massiveness of the latter. [ଭ୍ର—ଏହିରୂପେ ସ୍ନାନ-ଯାତ୍ରାରେ ପୁରୁଷୋତ୍ତମ ଦକ୍ଷିଣ ଭାଗେ, ହୁଡ ହେଲେ ଦେଖା ଦିଅନ୍ତି ବିଜୟ-ପ୍ରତିମା ଅଟେ। ସ୍ନାନଯାତ୍ରା. ଭୂଷା।]

ବିଜୟ ମଙ୍ଗଳ—ଦେ. ବି—ବିଜୟ ଘୋଷ ୨ (ଦେଖ)
Bijaya maṅgaḷa Bijaya ghosha 2 (See).

ବିଜୟ ଯାତ୍ରା—ସ. ବି—୧ । ବିଜୟଲାଭପରେ ବିଜୟୀଙ୍କର ଶୋଭା
Bijaya jātrā ଯାତ୍ରା—1. Triumphal procession. ୨ । ଶତ୍ରୁ ଜୟ କରିବାପାଇଁ ଯାତ୍ରା—2. Starting for conquest. ୩ । ଶୋଭାଯାତ୍ରା—3. Procession.

ବିଜୟରାମ—ଦେ. ବି (ନାମ)—୧ । ପୁରୁଷ ଲୋକଙ୍କୁ ଦିଆଯିବା ନାମ—
Bijayarāma 1. Name given to males. ୨ । ଏକ
विजयराम ପ୍ରକାର ଲୁଣିମାଛ—2. A kind of salt-water
वजयराम fish.

ବିଜୟ ଲକ୍ଷ୍ମୀ—ସ. ବି (ରୂପକ)—୧ । ଦେବୀରୂପେ କଳ୍ପିତ ଜୟଲାଭ—
Bijaya lakshmī 1. Victory personified. ୨ । ଜୟ-
(ବିଜୟ ଶ୍ରୀ—ଅନ୍ୟରୂପ) ଲାଭ ଜନିତ ଶୋଭା—2. Splendour or glory resulting form victory.

ବିଜୟସାର(ଳ)—ସ. ବି.—୧ । ଶାଳ ଜାତୀୟ ଜଙ୍ଗଲୀ ଗଛ—
Bijayasāra(ḷa) 1. A kind of wild timber tree.
विजयसाल बिजेसार बिजयशार [ ଦ୍ର—ଏହା ବଡଗଛ ଓ ଖୁବ ବଢ଼େ, ପତ୍ର ଓ ସ୍ତ ପତ୍ର ଅପେକ୍ଷା ଶ୍ରେଷ୍ଠ; ଫଳ ଅଁଳା ଭୋଳ ପର ଓ ଚଳଚଥ; ଫୁଲ ପାଚଳ; କାଠ ଲଲ ମିଶା ନାଲି ଓ ଖୁବ୍ ଦୃଢ଼। କାଠକୁ ପାଣିରେ ସିଝାଇ କାଳି ତିଆରି କରା ଯାଏ। ବୈଦ୍ୟକ ମତରେ ଏ କାଠ କୁଷ୍ଠ, ବିସର୍ପ, ପ୍ରମେହ, ଗୁହ୍ୟଦ୍ୱାରର ରୋଗ, କୃମି, କଫ, ରକ୍ତ-ଦୋଷ ଓ ପିତ୍ତ ଦୋଷ ନାଶକ [ହ୍ର. ପ୍ର] ୨ । ପିଆସାଲ (ଦେଖ)—2. Piyāsāḷa (See).

ବିଜୟ ସିଂହ—ଦେ. ବି. (ନାମ)—ଖ୍ରୀ (ପୂର୍ବଶତ) ଦେଶର ପ୍ରାଚୀନ
Bijaya simha ରାଜାଙ୍କ ପୁଅ—The son of an ancient king of Gujerat [ଦ୍ର—ଏ ଲଙ୍କା ରାଜକନ୍ୟାଙ୍କୁ ବିବାହ କରିଥିଲେ।]

ବିଜୟା—ସଂ. ବି. ସ୍ତ୍ରୀ—(ବିଜୟ+ସ୍ତ୍ରୀ. ଆ.—୧ । ଦୁର୍ଗାଙ୍କର ନାମ—
Bijayā 1. A name of Durgā. ୨ । ଦୁର୍ଗାଙ୍କର ସଖୀ-ବିଶେଷ—2. Name of a companion of Durgā.—[ଦ୍ର—ଏ ଗୋତମଙ୍କ କନ୍ୟା ଥିଲେ ।] ୩ । ଶ୍ରବଣ ନକ୍ଷତ୍ର ଯୁକ୍ତ ଶୁକ୍ଳା ଦ୍ୱାଦଶୀ—3. The 12th day of a bright fortnight in conjunction with the constellation of śrābaṇa. ୪ । ବିଜୟାଦଶମୀ; ଆଶ୍ୱିନ ଶୁକ୍ଳ ଦଶମୀ; ଦଶହରା—4. The 10th day of the bright fortnight of the month of Āświna. [ ଦ୍ର—ଏ ଦିନ ରାମଚନ୍ଦ୍ର ଲଙ୍କା ଅଭିମୁଖରେ ବିଜୟ ଯାତ୍ରା କରିଥିଲେ । ] ୫ । ଯମର ସ୍ତ୍ରୀ—5. The wife of Jama. ୬ । ହରିତକୀ; ହରଡ଼ା—6. Myrobalan; Terminalia Chebula. ୭ । ବଚ—7. A medicinal root; Acorus Calamus. ୮ । ଶେଫାଳିକା; ଗଙ୍ଗ ଶିଉଳି ଫୁଲ—8. A flower; Nyctanthus Arbortristes ୯ । ମଞ୍ଜିଷ୍ଠା— Indian madder; Rubia Munjistha. ୧୦ । ସିଦ୍ଧି; ଭାଙ୍ଗ; ଗଞ୍ଜାଲି—10. Indian hemp; bruised or pasted Gunja-leaves. ୧୧ । ଅଗ୍ନିମନ୍ଥ; ଅଗବଥୁ (ହ୍ର. ପ୍ର) (ଦେଖ)—11. Agabathu (See) ୧୨ । ଦକ୍ଷଙ୍କର ଏକ କନ୍ୟା (ହ୍ର. ପ୍ର)—12. Name of a daughter of Daksha. ୧୩ । ଜୟନ୍ତୀ (ହ୍ର. ପ୍ର)—13. Indian Mallow. ୧୪ । ପ୍ରାଚୀନ କାଳର ଏକ ପ୍ରକାର ବଡ଼ ତମ୍ବୁ (ହ୍ର. ପ୍ର)—14. A kind of big tent used in ancient India. ୧୫ । ଶ୍ରୀକୃଷ୍ଣଙ୍କ ବନମାଳା (ହ୍ର. ପ୍ର)—15. The garland of wild flowers put on by Śrīkrushṇa.

ବିଜୟା ଦଶମୀ—ସ. ବି—ଆଶ୍ୱିନ ଶୁକ୍ଳ ଦଶମୀ—The 10th day
Bijayā daśamī of the bright fortnight of Āświna. [ ଦ୍ର—ଏ ଦିନ ଦୁର୍ଗାଙ୍କ ମୃଣ୍ମୟୀ ପ୍ରତିମା ଜଳରେ ବିସର୍ଜନ କରାଯାଏ ଓ ଏହାକୁ ଉତ୍କଳରେ ଦଶହରା କହନ୍ତି । ରାମଚନ୍ଦ୍ର ଏ ଦିନ ଦେବୀ ପୂଜାନନ୍ତର ଲଙ୍କାକୁ ଯୁଦ୍ଧ ଯାତ୍ରା କରିଥିଲେ । କ୍ଷତ୍ରିୟଙ୍କର ଓ ରାଜାମାନଙ୍କର ଏହା ଗୋଟିଏ ପ୍ରଧାନ ଉତ୍ସବ । ]

ବିଜୟା ସପ୍ତମୀ—ସ. ବି—ରବିବାରରେ ପଡ଼ିବା କୌଣସି ମାସର ଶୁକ୍ଳ-
Bijayā saptamī ପକ୍ଷର ସପ୍ତମୀ—A sunday falling on the 7th day of the bright fortnight of any lunar month. [ ଦ୍ର—ଏ ଦିନ ରାମଚନ୍ଦ୍ରଙ୍କ ପୂଜା କରାଯାଏ । ]

ବିଜୟିବା—ଦେ. ( ପଦ୍ୟ ) କ୍ରି—ବିଜୟ କରିବା ( ଦେଖ )—Bijaya
Bijayibā karibā ( See ) ( ଭ୍ର—ବିଜୟୀ ଜନ୍ଦଘୋଷରେ,
विजय्या ବିଜୟି ଧନୁଘୋଷରେ, କଇଲାସ ଚଳାଏ ଛଡ଼ାଇ ଅଣାଇ—
विजय करना ଭଞ୍ଜ. ବୈଦେହୀଶବିଳାସ । )

ବିଜୟୀ—ସ. ବିଣ. ପୁଂ. (ବିଜୟ+ଇନ୍; ବିଜୟିନ୍ ଶବ୍ଦ ୧ମା. ୧ବ)—
Bijayī ଜୟଯୁକ୍ତ; ଜୟପ୍ରାପ୍ତ; ଜେତା—Victorious;
( ବିଜୟିନୀ—ସ୍ତ୍ରୀ ) triumphant.

ବିଜୟୋଲ୍ଲାସ—ସଂ. ବି. ( ମ. ପ. ଲୋ. )—ଜୟ କରିବା ଯୋଗୁ
Bijayollāsa ବିଜୟୀର ମନରେ ଜନ୍ମିବା ଆନନ୍ଦ—The joy felt by the victor.

ବିଜୟୋତ୍ସବ—ସଂ. ବି॰ ( ୬ଷ୍ଠୀ ତତ୍; )—୧ । ବିଜୟା ଦଶମୀର
Bijayotsaba ଉତ୍ସବ—1. The festival observed on the Bijayā daśamī day. ୨ । ବିଜୟଲାଭର ଉପଲକ୍ଷରେ ଅନୁଷ୍ଠିତ ଉତ୍ସବ—2. Rejoiceings on the occasion of a victory.

ବିଜର—ସଂ. ବିଣ. ପୁଂ. ( ବି+ଜର୍+ଅ )—୧ । ଜରାରହିତ—
Bijara 1. Free from old age. ୨ । ନୂଆ (ହି. ଶ)—
(ବିଜରା—ସ୍ତ୍ରୀ) 2. New.

ବିଜଳ—ସଂ. ବି. ( ବି+ଜଳ )—୧ । ଜଳର ଅଭାବ ( ହି. ଶ )—
Bijala 1.Want of water. ୨ । ବର୍ଷାର ଅଭାବ (ହି. ଶ)—2. Want of rain.

ବିଜଳ୍ପ—ସଂ. ବି ( ବି+ଜଳ୍ପ ଧାତୁ+ଭାବ. ଅ )—୧ । ବ୍ୟର୍ଥ ବାକ୍ୟ
Bijalpa କଥନ—1. Vain talk. ୨ । ସଜ୍ଜନ ବ୍ୟକ୍ତିଙ୍କ
( ବିଜଳ୍ପନ[ନା]—ଅନ୍ୟରୂପ ) ନାମରେ ଦ୍ୱେଷପୂର୍ଣ୍ଣ ମିଥ୍ୟାପବାଦ ଦେବା ( ହି. ଶ )—2. Vilification.

ବିଜା—ପ୍ରାଦେ. ( ଯାଜପୁର ଓ ସମ୍ବଲପୁର ) ବି. ( ଭୂଲ. ସଂ. ବିଜୟ-
Bijā ସାର )—ପିଆଶାଳ ଗଛ—The Indian kino tree.

ବିଜାତ—ସଂ. ବିଣ॰ ପୁଂ. ( ବି+ଜାତ )—୧ । ବିଜନ୍ମା; ଜାରଜ—
Bijāta 1. Bastard. ୨ । ନୀଚକୁଳୋଦ୍ଭବ—2.
(ବିଜାତକ—ଅନ୍ୟରୂପ) Baseborn. ୩ । ବର୍ଣ୍ଣ ସଙ୍କର—3. Of
(ବିଜାତା—ସ୍ତ୍ରୀ) mixed descent.

ବିଜାତା—ସଂ. ବିଣ. ସ୍ତ୍ରୀ—( ବି+ଜାତ+ଅ )—ଯେଉଁ ସ୍ତ୍ରୀର ସନ୍ତାନ
Bijātā ଜନ୍ମ ହୋଇ ଅଛି—(a woman) Who has been a mother.

ବିଜାତି—ସଂ. ବି.—(ବି+ଜାତି)—୧ । ଭିନ୍ନ ଜାତି—1. A diffe-
Bijāti rent caste. ୨ । ଭିନ୍ନ ଶ୍ରେଣୀ—2- Different class, kind or species. ୩ । ନୀଚ ଜାତି—3. Low caste. ୪ । ସ୍ୱସ୍ଥାନଭିନ୍ନ ଜାତି; ଶୂଦ୍ର ଜାତି—4. The Śūdra caste. ୫ । ପକ୍ଷୀ ଜାତି—5. Bird species. [ଦ୍ର:—ବିଜାତି କେତେ ମାତ୍ରକ-ଭେଳେ ବିଚର୍ଣ୍ଣ ଯେ । ଭକ୍ତ. ବୈଦେହୀଶବିଳାସ) । ସଂ. ବିଣ—ଭିନ୍ନ ଜାତୀୟ (ହି. ଶ)—Of a different caste. ଦେ. ବିଣ—ଧୃଷ୍ଟ; ପ୍ରଗଲ୍ଭ—Audacious; rude; impolite; impudent.

ବିଜାତିଆ—ଦେ. ବିଣ—(ସଂ. ବିଜାତୀୟ)—ବିଜାତୀୟ (ଦେଖ)
Bijātiā Bijātiya (See)

ବିଜାତୀୟ—ସଂ. ବିଣ—( ବିଜାତି+ଈୟ )—୧ । ଭିନ୍ନଜାତିର—
Bijātiya 1. Belonging to a different caste, class or nationality. ୨ । ଭିନ୍ନ ଧର୍ମାବଲମ୍ବୀ—2. Professing different religion. ୩ । ଯାହା ସମଜାତୀୟ ନୁହେଁ—3. Which does not belong to the same caste or class. ୪ । ଅସମ; ଭିନ୍ନ—4. Dissimilar.

ବିଜାତୀୟ ଘୃଣା—ଦେ. ବି—୧ । ବେତାୟ ଘୃଣା—1. Extreme
Bijātiya ghruṇā hatred ୨ । ବିଜାତୀୟ ବ୍ୟକ୍ତି ପ୍ରତି ଘୃଣା—2. Hatred for a person not belonging to one's caste or nationality.

ବିଜାନ—ବୈଦେ. ବି. (ଅ)—ମୃତ୍ୟୁ—Death. ବିଣ. ମୃତ-Dead.
Bijāna [ ଦ୍ର—ବେଭେ ଅଙ୍ଗଦ ଅଗ ରହ, ବିଜାନ ସାଦ ଗଣ କର । ଭକ୍ତ. ବୈଦେହୀଶବିଳାସ ।]

ବିଜାର—ପ୍ରାଦେ. (ସମ୍ବଲପୁର) ବି—ମୁଷ୍କ ଛିନ୍ନ ହୋଇ ନ ଥିବା ପୋଢ଼ୁଅ
Bijāra ବା ଅଣ୍ଡିରା ମଇଁଷି—An uncastrated buffalo bull.

ବିଜାସାର—ପ୍ରାଦେ. (ଯାଜପୁର) ବି—(ସଂ. ବିଜୟସାର)—ବିଜା (ଦେଖ)
Bijāsāra Bijā (See)

ବିଜିଗୀଷା—ସଂ. ବି.—(ବି+ଜି ଧାତୁ=ଜୟ କରିବା+ଇଚ୍ଛାର୍ଥେ ସନ୍
Bijigishā +ଭାବ. ଅ+ଆ)—୧ । ଜୟ କରିବାର ଇଚ୍ଛା—1. Desire to conquer.

ବିଜିଗୀଷୁ—ସଂ. ବିଣ—(ବି+ଜି ଧାତୁ+ଇଚ୍ଛାର୍ଥେ ସନ୍+କର୍ତ୍ତୃ. ଉ)—
Bijigishu ଜୟ କରିବାକୁ ଇଚ୍ଛୁକ—Desirous of conquering; desiring victory.

ବିଜିଗ୍ରାହୟିଷୁ—ସଂ. ବିଣ-(ବି+ଗ୍ରହ୍ ଧାତୁ ଣିଚ୍; ଗ୍ରାହି ଧାତୁ+
Bijigrāhayishu ଇଚ୍ଛାର୍ଥେ ସନ୍+କର୍ତ୍ତୃ. ଉ)—ଅନ୍ୟମାନଙ୍କ
(ବିଜିଗ୍ରାହୟିଷା—ବି) ମଧ୍ୟରେ ଯୁଦ୍ଧ ଲଗାଇବାକୁ ଇଚ୍ଛୁକ—Desirous of fomenting or bringing about a battle.

ବିଜିଘୃକ୍ଷୁ—ସଂ. ବିଣ—(ବି+ଗ୍ରହ ଧାତୁ+ଇଚ୍ଛାର୍ଥେ ସନ୍+କର୍ତ୍ତୃ. ଉ)—
Bijighrukshu ଯୁଦ୍ଧ କରିବାକୁ ଇଚ୍ଛୁକ—Desiring to
(ବିଜିଘୃକ୍ଷା—ବି) fight; desirous of war.

ବିଜିଘୋଷ—ଦେ. ବି—( ସଂ. ବିଜୟଘୋଷ )—ଜୟଢକ୍କା—A war-
Bijighosha drum. [ଦ୍ର—ବିଜିଘୋଷ ଆଦି ବାଦ୍ୟ ବାଜେ ଏ ବିଜୟ ডংকা বিজয় ডংকা ବାଜେ । ଭକ୍ତ. ବୈଦେହୀଶବିଳାସ ।]

ବିଜିତ—ସଂ. ବିଣ॰ ପୁଂ—( ବି+ଜିତ )—୧ । ପରାଭୂତ; ପରାଜିତ
Bijita (ବ୍ୟକ୍ତି)—1. Vanquished; defeated (person).
(ବିଜିତା—ସ୍ତ୍ରୀ) ୨ । ବିଜେତାଦ୍ୱାରା ଅଧିକୃତ (ପ୍ରଦେଶ)—2. Conquered (country)

ବିଜିତ ଶତ୍ରୁ—ସଂ. ବିଣ (ବି—ବହୁବ୍ରୀହି,ହୋଇଅଛି+ଶତ୍ରୁ ଯାହାଦ୍ୱାରା)—
Bijita śatru ଯେ ଶତ୍ରୁକୁ ପରାଜିତ କରିଅଛି—Victorious
(ବିଜିତାରି—ଅନ୍ୟରୂପ) over one's enemies.

ବିଜିତାତ୍ମା—ସଂ. ବିଣ—(ବହୁବ୍ରୀହି; ବିଜିତ+ଆତ୍ମନ୍; ୧ମା. ୧ବ)—
Bijitātmā ଯେ ଆପଣାର ଚିତ୍ତବୃତ୍ତିକୁ ଜୟ କରିଅଛି—One who has controlled his passions; self-subdued. ସଂ. ବି—ଶିବ (ହି. ଶ)—Siba.

ବିଜିବା—ଦେ. କି ( ପଦ୍ୟ )—ବିଞ୍ଚିବା; ବାୟୁକୁ ପଙ୍ଖା ପ୍ରଭୃତିଦ୍ୱାରା
Bijibā ଆନ୍ଦୋଳିତ କରିବା—To fan [ଉ—ପଞ୍ଚବାତେ ଯହିଁ ବିଜନ୍ତି ବିଜନେ ପଞ୍ଚବାତେ ତମତନ୍ତି । ରାଧାନାଥ. ପାର୍ବତୀ]

ବିଜି ବିଜିମା—ପ୍ରାଦେ (ସାକ୍ଷୀଗୋପାଳ) ବି—(ଭୁଲ. ବରେ କୁଜୁ)—କୋକ
Biji bijimā ବାୟା (ଦେଖ)—Kokabāyā (See).

ବିଜୁ—ଗ୍ରା. ବି—(ସଂ. ବିଦ୍ୟୁତ୍; ବିଦ୍ୟୁଲ୍ଲତା)—ବିଜୁଳି (ଦେଖ)—
Biju Bijuli (See) [ଉ—ବିଜୁଲତାଙ୍କ ଆକାରେ ଚଞ୍ଚଳ । (ବିଜୁଲତା—ଅନ୍ୟରୂପ) ପ୍ରାଚୀ. ରସବାରିଧି ।]

ବିଜୁଖୁରି—ଦେ. ବିଣ. ପୁଂ ଓ ସ୍ତ୍ରୀ—ଉଚ୍ଛୃଙ୍ଖଳ (ପିଲା)—Obstinate;
Bijukhuri (ବିଜୁଖୁରିଆ—ଅନ୍ୟରୂପ) refractory (boy or girl).

ବିଜୁଳି—ଦେ ବି (ସଂ. ବିଦ୍ୟୁତ; ଭୁଲ ପ୍ରା. ବିଜ୍ଜୁ; ବିଜ୍ଜୁଲି)—
Bijuli ୧ । ବିଦ୍ୟୁତ୍; ସୌଦାମିନୀ; ତଡ଼ିତ୍—1. Lightning.
बिजली; बिजुली ୨ । ତଡ଼ିତ୍ପ୍ରବାହ; ତଡ଼ିତ୍ଶକ୍ତି—2; Electricity. ୩ । (ସଂ. ପାରେବତ ଫଳ) ପିଚୁଳି; ପିଜୁଳି—
बिजली
ମ. ବିଜଲୀ ପେଆରା अमरूत 3. Guava.

ବିଜୁଳି ଚମକ—ଦେ. ବି—୧ । ବିଜୁଳି ମାରିବାର କ୍ଷଣିକ ଆଲୋକ—
Bijuli chamaka 1. Flash of lightning. ୨ । ବିଜୁଳିର (ବିଜୁଳି ଝଟକ—ଅନ୍ୟରୂପ) ବେଗଜନିତ ଆଘାତ—
बिजलि चमक बिजलिचमकना 2. Electric shock.

ବିଜୁଳି ପଡ଼ି ଗୁଣା—ଦେ ବି (ବର୍ଣ୍ଣିଅ ଶବ୍ଦ)-ବାଦାମୀ ବା ଲମ୍ବା ଆକାରର
Bijuli pardi gunā ନାକରେ ପିନ୍ଧିବା ସୁନାର ଅଳଙ୍କାର—
A kind of golden ornament for the nose

ବିଜୁଳି ପୋକି—ପ୍ରାଦେ (ବାଲେଶ୍ୱର ଓ ମେଦିନୀପୁର) ବି—ଜୁଳୁଜୁଳା
Bijuli poka ପୋକ; ଖଦ୍ୟୋତ—Firefly.

ବିଜୁଳି ପୋକା—ପ୍ରାଦେ (ସିଂହଭୂମ) ବି—ବିଜୁଳି ପୋକ (ଦେଖ)
Bijuli pokā Bijuli poka (See)

ବିଜୁଳି ବତି—ଦେ. ବି (ସଂ. ବିଦ୍ୟୁତ୍+ବର୍ତ୍ତୀ)—୧ । କୃତ୍ରିମ ଉପାୟରେ
Bijuli bati ଉତ୍ପାଦିତ ତଡ଼ିତ୍ ଶକ୍ତିରେ ପ୍ରଜ୍ୱାଳିତ ଆଲୋକମୟ (ବିଜୁଳି ଆଲୁଅ—ଅନ୍ୟରୂପ) ପ୍ରଦୀପ; ବୈଦ୍ୟୁତିକ ଆଲୋକ—
बिजुली बाती 1. Electric light. ୨ । ଟର୍ଚ୍ଚଲାଇଟ—
बिजली बती 2. Electric torchlight.

ବିଜୁଳି ମାରିବା—ଦେ. ବି—ବିଦ୍ୟୁତର ପ୍ରକାଶ; ବିଦ୍ୟୁତର ସ୍ଫୁରଣ—
Bijuli māribā The flashing of lightning.
विद्युत् चमकान बिजली बारना

ବିଜୃମ୍ଭଣ—ସଂ. ବି—(ବି+ଜୃମ୍ଭ ଧାତୁ=ହାଇମାରିବା+ଭାବ. ଅନ)—
Bijrumbhana ୧ । ହାଇମାରିବା—1. Yawning ୨ । ପ୍ରକାଶ—2. Exhibition; manifestation. ୩ । ବିସ୍ତାର—3. Expansion. ୪ । ଇଚ୍ଛା—4. Desire; hankering. ୫ । ଅଙ୍ଗ ମାର୍ଜ୍ଜନ—5. Cleansing of the limbs. ୬ । କ୍ରୀଡ଼ା—6. Pastime; short. ୭ । ମୁଖ ବ୍ୟାଦାନ—7. Opening of the mouth; gaping.

ବିଜୃମ୍ଭମାଣ—ସଂ. ବିଣ. ପୁଂ ( ବି+ଜୃମ୍ଭ ଧାତୁ+କର୍ତ୍ତୃ. ଅନ )—୧ ।
Bijrumbha māna ଯେ ହାଇ ମାରୁଅଛି—1. Yawning. (ବିଜୃମ୍ଭମାଣା—ସ୍ତ୍ରୀ) ୨ । ପ୍ରକାଶମାନ—2. Manifest.

ବିଜୃମ୍ଭା—ସଂ. ବି ( ବି+ଜୃମ୍ଭ ଧାତୁ+ଅ+ଆ )—ହାଇ—
Bijrumbhā Yawn.

ବିଜୃମ୍ଭିତ—ସଂ. ବିଣ ( ବି+ଜୃମ୍ଭ ଧାତୁ+କର୍ମ ତ )—୧ । ବିସ୍ତାରିତ—
Bijrumbhita 1. Expanded; opened; extended. ୨ । ବ୍ୟାପ୍ତ—2. Permeated; diffused. ୩ । ପ୍ରକଟିତ—3. Manifested. [ ଉ—ବାମାଙ୍କେ ବିଜୃମ୍ଭିତ ହୋଇ ବସେ । ଉତ୍କ. ବୈଦେହୀଶବିଳାସ । ] ୪ । ବିଳସିତ—4. Displayed; sportive. ସଂ. ବି ( + ଭାବ ତ )—ବିଜୃମ୍ଭଣ; ହାଇ ମାରିବା—Yawning.

ବିଜେ—ଦେ. ବି ଓ ବିଣ—ବିଜୟ ( ଦେଖ )—Bijaya ( See )
Bije [ ଉ—ଶ୍ରୀକୃଷ୍ଣ ନିଜ କାର୍ଯ୍ୟ ଛଳେ, ନିଜ ଭୁବନେ ବିଜେ ଯେବେ । ଜଗନ୍ନାଥ. ଭାଗବତ । ]

ବିଜେ କରା(ରେ)ଇବା—ଦେ. କ୍ରି—୧ । ରାଜା ବା ଦେବମୂର୍ତ୍ତିଙ୍କୁ ଏକ-
Bije karā(re)ibā ସ୍ଥାନରୁ ଆଣି ଅନ୍ୟ ସ୍ଥାନରେ ଉପସ୍ଥିତ
विजय करान କରାଇବା—1. To cause Raja or a Deity
विजय करोना to come to a place or move from a place. ୨ । ବସାଇବା—2. To cause to sit
[ ଉ—ବଢ଼ିଆ ମଣ୍ଡପେ ଥୋଇଲେ, ମୁନିଙ୍କି ବିଜେ କରାଇଲେ । ଉପେନ୍ଦ୍ର. ପ୍ରେମପଞ୍ଚାମୃତ । ] [ ଦ୍ର—ଜୀବ ଦେବ ମୂର୍ତ୍ତିମାନଙ୍କୁ ଅନ୍ୟ ସେବକମାନେ ବିଜେ କରାଇବା ଆବଶ୍ୟକ ହୁଏ । ସଙ୍ଗୀବ ରାଜାଙ୍କ ମଧ୍ୟ ଜଣେ ସେବକ ଆଗରେ ଶ୍ଵେତ ବାଡ଼ିଧରାଇ ( ପହଣ୍ଡ ମଣାଇ ) ନ ନେଲେ ଅର୍ଥାତ୍ ବିଜେ ନ କରାଇଲେ ସେମାନେ ସ୍ଥାନାନ୍ତରକୁ ଯାଆନ୍ତି ନାହିଁ । ]

ବିଜେ କରିବା—ଦେ. କ୍ରି. ( ରାଜା ଓ ଦେବତାଙ୍କ ପ୍ରତି ବ୍ୟବହୃତ )—
Bije karibā ୧ । ଗମନ କରିବା—1 To go. ( ଉ—(ବିଜେ ହେବା—ଅନ୍ୟରୂପ) ମିଳ ସଖୀ ବ୍ରଜେ ମୋଦେ ଚଳେ ବିଜେ
विजय करा କୁଞ୍ଜରୁ କୁସୁମ ତୋଳିବାକୁ । କବିସୂର୍ଯ୍ୟ. ସଙ୍ଗୀତ । )
विजय करोना विराजमान होना ୨ । ଯାତ୍ରା କରିବା—2. To start. ( ଉ—ବିଜେ ହେଉ ବନ୍ଧୀ ମନ୍ଦିରକୁ ବୋଲି, ଅବ ବଢ଼େ ଅଣ୍ଡି ଠପରେ । କବିସୂର୍ଯ୍ୟ. ସଙ୍ଗୀତ । ) ୩ । ବିରାଜିତ ହେବା; ଉପସ୍ଥିତ ହେବା—3. To attend; to arrive at. ( ଉ—କରନ୍ତି ବିଜେ ଶ୍ରୀପୁରୁଷୋତ୍ତମ ତୀର୍ଥ । କୃଷ୍ଣସିଂହ. ମହାଭାରତ ଉଦ୍ଯୋଗ । ) ୪ । ଆସିବା—4. To come. ୫ । ଅବସ୍ଥିତ ହେବା; ଉପବିଷ୍ଟ ହେବା-5. To sit. ( ଉ—ତର୍ପଣ ଦେବାଙ୍କ ସାର, ଦ୍ୱାର ମନ୍ଦିରେ ଦଣ୍ଡଧାରୀ, ଆନନ୍ଦେ କରନ୍ତି ବିଜେ, ସଙ୍ଗରେ ପୁରନ୍ତି ଦ୍ୱିଜେ । ଉପେନ୍ଦ୍ର. ପ୍ରେମପଞ୍ଚାମୃତ ।) ୬ । (ଦେବତା) ମନୁଷ୍ୟଠାରେ ଅବସ୍ଥିତ ହେବା—6. To possess the mind of a person ( said of a Deity ).

ବିଜେ କର୍ଣ୍ଣକଟା'ର(ରି) — ଦେ. ବି — ହାଣିବାର ଅସ୍ତ୍ରବିଶେଷ — Bije karnnakatara (ri) A cutting weapon.

ବିଜେତା — ସଂ. ବିଣ. ପୁଂ ( ବି + ଜି ଧାତୁ + କର୍ତ୍ତୃ ତୃ; ବିଜେତୃ ଶବ୍ଦ Bijeta ୧ମା. ୧ବ. ) — ବିଜୟୀ; ଜୟୀ — Victorious; triumphant. (ବିଜେତ୍ରୀ — ସ୍ତ୍ରୀ)

ବିଜେୟ — ସଂ. ବିଣ ( ବି + ଜି ଧାତୁ + କର୍ମ ଯ ) — ଜୟ କରିବାର Bijeya ଯୋଗ୍ୟ; ଯାହାକୁ ଜୟ କରାଯିବ — Fit to be conquered. (ବିଜେତବ୍ୟ — ଅନ୍ୟରୂପ)

ବିଜୋଡ଼ — ଦେ. ବିଣ ( ସଂ. ବି + ଯୁଗ୍ମ ) — ୧ । ଯୋଡ଼ା ବା ଦ୍ୱନ୍ଦ୍ୱ Bijorda ମଧ୍ୟରୁ ଗୋଟିଏ ଶୂନ୍ୟ ବା ଅନୁପସ୍ଥିତ ହୋଇଥିବା — বিজোড় 1. Shorn of one of a pair. ୨ । ଅଯୁଗ୍ମ बेजोड़ ( ସଂଖ୍ୟା ); ବିଷମ — 2. Odd ( number ). ୩ । ପରସ୍ପର ସହିତ ମିଳୁ ନ ଥିବା — 3. Not tallying with each other.

ବିଜ୍ଞ — ସଂ. ବିଣ. ପୁଂ ( ବି + ଜ୍ଞା ଧାତୁ + କର୍ତ୍ତୃ ଅ ) — ୧ । ପଣ୍ଡିତ — Bijna 1. Learned. ୨ । ଜ୍ଞାନୀ — 2. Wise. ୩ । (ବିଜ୍ଞା — ସ୍ତ୍ରୀ) ବୁଦ୍ଧିମାନ୍ — 3. Intelligent. [ ବିଜ୍ଞତା(ତ୍ୱ) — ସ୍ତ୍ରୀ ]

ବିଜ୍ଞ(ଜ୍ଞା)ପ୍ତି — ସଂ. ବି. (ବି + ଜ୍ଞା ଧାତୁ + ଣିଚ ଜ୍ଞପି ବା ଜ୍ଞାପି ଧାତୁ + ତି) Bijna(jna)pti ୧ । ନିବେଦନ — 1. Report; announcement. ୨ । ଜ୍ଞାପନ — 2. Informing. ୩ । ବିଶେଷ ବିବରଣ — 3. Detailed information.

ବିଜ୍ଞାତ — ସଂ. ବିଣ — ( ବି + ଜ୍ଞା ଧାତୁ + କର୍ମ. ତ ) — ୧ । ପରିଜ୍ଞାତ; Bijnata ବିଦିତ — 1. Well known. ୨ । ସୁପ୍ରସିଦ୍ଧ — 2. Celebrated; famous.

ବିଜ୍ଞାତବ୍ୟ — ସଂ. ବିଣ. (ବି + ଜ୍ଞା ଧାତୁ + କର୍ମ. ତବ୍ୟ) — ଜ୍ଞାତବ୍ୟ — Bijnatabya Comprehensible; knowable.

ବିଜ୍ଞାତ ଯୌବନା — ସଂ. ବିଣ. ସ୍ତ୍ରୀ. ( ବହୁବ୍ରୀହି, ବିଜ୍ଞାତ + ଯୌବନ + Bijnata jaubana ସ୍ତ୍ରୀ. ଅ ) — ଯୌବନପ୍ରାପ୍ତା; ଯୁବତୀ — (a girl) Having attained puberty.

ବିଜ୍ଞାତା — ସଂ. ବିଣ. ପୁଂ ( ବି + ଜ୍ଞା ଧାତୁ + କର୍ତ୍ତୃ. ତୃ; ବିଜ୍ଞାତୃ ଶବ୍ଦ Bijnata ୧ମା. ୧ବ ) — ଯେ ଉତ୍ତମ ରୂପେ ଜାଣିଥାଏ — Knowing well. (ବିଜ୍ଞାତ୍ରୀ — ସ୍ତ୍ରୀ)

ବିଜ୍ଞାତି — ସଂ. ବି (ବି + ଜ୍ଞା ଧାତୁ + ଭାବ ତି) — ୧ । ଜ୍ଞାନ — 1 Know- Bijnati ledge. ୨ । ଦେବ ଯୋନିବିଶେଷ ( ହି. ଶ ) — 2. A class of divine beings.

ବିଜ୍ଞାନ — ସଂ. ବି (ବି = ବିଶେଷ + ଜ୍ଞା ଧାତୁ + ଭାବ. ଅନ) — ୧ । ବିଶିଷ୍ଟ Bijnana ଜ୍ଞାନ; କୌଣସି ବିଷୟ ସମ୍ବନ୍ଧେ ଜ୍ଞାତବ୍ୟ ତତ୍ତ୍ୱ — 1. Science; special knowledge. ୨ । ଜଗତର ଯାବତୀୟ ବିଷୟ ସମ୍ବନ୍ଧେ ତତ୍ତ୍ୱ ନିରୂପକ ଜ୍ଞାନ — 2. Special branch of knowledge. [ ଦ୍ର — ଅଧୁନା ଅନେକ ବିଜ୍ଞାନ ଆଲୋଚିତ ହେଉଅଛି । ଯଥା — ଜଡ଼ ବିଜ୍ଞାନ ବା ପଦାର୍ଥ ବିଜ୍ଞାନ, ମନୋବିଜ୍ଞାନ, ଭୌତିକ ବିଜ୍ଞାନ, ଜ୍ୟୋତିର୍ବିଜ୍ଞାନ (ଗଣିତ, ଫଳିତ), ଜନ୍ତୁ ବା ଜୀବ ବିଜ୍ଞାନ, ପ୍ରାଣି ବିଜ୍ଞାନ, ଭୂ ବିଜ୍ଞାନ, ଦେହ ବିଜ୍ଞାନ, ଦର୍ଶନ ବିଜ୍ଞାନ, ଭାଷା ବିଜ୍ଞାନ, ପ୍ରତ୍ନତତ୍ତ୍ୱ, ଧାତୁ ବିଜ୍ଞାନ, ଖାଦ୍ୟ ବିଜ୍ଞାନ । ] ୩ । ତତ୍ତ୍ୱଜ୍ଞାନ — 3. Knowledge of fundamental truths about any matter. ୪ । ତତ୍ତ୍ୱବୁଦ୍ଧି — 4. Intelligence ୫ । (ହିନ୍ଦୁ ମତେ) ଜ୍ୟୋତିଷ ବିଦ୍ୟା ବ୍ୟାକରଣାଦି ସପ୍ତ ବିଜ୍ଞାନ (ଯଥା — ଜ୍ୟୋତିଷ-ବ୍ୟାକରଣ, ଅଳଙ୍କାର, ନ୍ୟାୟ, ଗଣିତ, ସଙ୍ଗୀତ, କ୍ଷେତ୍ର ତତ୍ତ୍ୱ) — 5. The seven sciences (according to the Hindus). ୬ । ଆତ୍ମଜ୍ଞାନ — 6. Spiritual knowledge. ୭ । ଦର୍ଶନ ଶାସ୍ତ୍ର — 7. Philosophy. ୮ । ଆତ୍ମା ( ହି. ଶ ) — 8. Soul. ୯ । ବ୍ରହ୍ମ (ହି. ଶ) — 9. The Divine Spirit. ୧୦ । ଆକାଶ (ହି. ଶ) — 10. The sky. ୧୧ । କର୍ଣ୍ଣପ୍ରାପ୍ତିକା ବୁଦ୍ଧି (ହି. ଶ) — 11. Firm conviction. ୧୨ । ମୋକ୍ଷ (ହି. ଶ) — 12. Salvation. ୧୩ । ଅନୁଭବଜନିତ ଜ୍ଞାନ — 13. Perception; direct knowledge. ଦେ. ବିଣ — ଜ୍ଞାନଶୂନ୍ୟ — Devoid of knowledge. (ଉ — ବାମା ବଚନ ଶୁଣି, ବିଜ୍ଞାନ ସେ ଜ୍ଞାନେ କହେ ବାଣୀ । ଉଞ୍ଜ. ବୈଦେହୀଶବିଳାସ ।)

ବିଜ୍ଞାନ କଲେଜ୍ — ଦେ. ବି (ସଂ. ବିଜ୍ଞାନ + ଇଂ. କଲେଜ୍) — ଯେଉଁ ଉଚ୍ଚ Bijnana kalej ବିଦ୍ୟାଳୟରେ ବିଜ୍ଞାନ ଶାସ୍ତ୍ରର ଶିକ୍ଷା ଦିଆଯାଏ — বিজ্ঞান কালেজ Science college; the college of विज्ञान कलेज Science.

ବିଜ୍ଞାନ ବିଦ୍ — ସଂ. ବିଣ. ଓ ବି ( ବିଜ୍ଞାନ + ବିଦ୍ ଧାତୁ ଜାଣିବା + କର୍ତ୍ତୃ. Bijnana bid କ୍ୱିପ୍) — ବିଜ୍ଞାନ ସମ୍ବନ୍ଧେ ତତ୍ତ୍ୱଦର୍ଶୀ — A scientist. (ବିଜ୍ଞାନ ବିଶାରଦ, ବିଜ୍ଞାନ ବେତ୍ତା — ଅନ୍ୟରୂପ)

ବିଜ୍ଞାନମୟ କୋଷ — ସଂ. ବି — ୧ । (ବେଦାନ୍ତ) ପଞ୍ଚ ଜ୍ଞାନେନ୍ଦ୍ରିୟ ରୂପ Bijnanamaya kosha କୋଷ ଦ୍ୱାରା ଆଚ୍ଛାଦିତ ମନୋବୃତ୍ତି — 1. (Bedanta) The sheath of intelligence. ୨ । ମନୁଷ୍ୟର ପଞ୍ଚ ଜ୍ଞାନେନ୍ଦ୍ରିୟ ଓ ବୁଦ୍ଧି — 2. The five organs of perception and intelligence in man.

ବିଜ୍ଞାନାଗାର — ସଂ. ବି. ( ବିଜ୍ଞାନ + ଅଗାର = ଗୃହ ) — ବୈଜ୍ଞାନିକ Bijnanagara ପରୀକ୍ଷା ମନ୍ଦିର — Scieoce laboratory. (ବିଜ୍ଞାନ ମନ୍ଦିର — ଅନ୍ୟରୂପ)

ବିଜ୍ଞାନାଚାର୍ଯ୍ୟ — ସଂ. ବି ( ବିଜ୍ଞାନ + ଆଚାର୍ଯ୍ୟ ) — ବିଜ୍ଞାନ ଶାସ୍ତ୍ର ବିଷୟକ Bijnanacharjya ଶିକ୍ଷା ଦାତା — Professor of science. (ବିଜ୍ଞାନାଧ୍ୟାପକ — ଅନ୍ୟରୂପ)

ବିଜ୍ଞାନିକ — ସଂ ବିଣ ( ବିଜ୍ଞାନ + ଇକ ) — ୧ । ବିଜ୍ଞାନ ସମ୍ବନ୍ଧୀୟ; Bijnanika ବୈଜ୍ଞାନିକ — 1. Scientific. ୨ । ବିଜ୍ଞ — Wise. ୩ । ବିଚକ୍ଷଣ — 3. Clever; of sharp intellect.

**ବିଜ୍ଞାନୀ**—ସ. ବିଣ ପୁଂ—୧ । ଜ୍ଞାନବାନ୍—1. Wise. ୨ । ବିଜ୍ଞାନ
**Bijnāni** ସମ୍ବନ୍ଧେ ବିଶିଷ୍ଟ ଜ୍ଞାନୀ—2. Expert in any science. ୩ । ପଣ୍ଡିତ—3. Learned. ଦେ. ବିଣ—ଜ୍ଞାନଶୂନ୍ୟ; ମୂର୍ଖ—Devoid of knowledge; ignorant. (ଉ—ବିଜ୍ଞାନୀ କୈବର୍ତ୍ତ ଧୋଇଲା, ବିଶେ ପଢିତ ପାବନ ନାମ ବହିଲା । ଉପେ. ବୈଦେହୀଶବିଳାସ । )

**ବିଜ୍ଞାନୀୟ**—ସଂ. ବିଣ (ବିଜ୍ଞାନ+ଈୟ)—ବିଜ୍ଞାନ ସମ୍ବନ୍ଧୀୟ—
**Bijnāniya** Scientific.

**ବିଜ୍ଞାପକ**—ସଂ. ବିଣ. ପୁଂ ( ବି+ଜ୍ଞା ଧାତୁ ଣିଚ+କର୍ତ୍ତୃ. ଅକ )—
**Bijnāpaka** ଯେ ଜଣାଏ—Notifying; informing.
(ବିଜ୍ଞାପୀ—ଅନ୍ୟରୂପ) ସଂ. ବି—ବିଜ୍ଞାପନକାରୀ ବ୍ୟକ୍ତି—
(ବିଜ୍ଞାପିକା, ବିଜ୍ଞାପିନୀ—ସ୍ତ୍ରୀ) Notifier; informant.

**ବିଜ୍ଞାପନ(ନା)**—ସଂ. ବି. (ବି+ଜ୍ଞା ଧାତୁ ଣିଚ୍ ଜ୍ଞାପି ଧାତୁ+ଭାବ. ଅନ)-
**Bijnāpana(nā)** ୧ । ଜଣାଣ—1. Prayer. ୨ । ଜଣାଇବା—2. Informing; announcement. ୩ । ନୋଟିସ୍; ସମ୍ବାଦ—3. Notification; advertisement. ୪ । ପ୍ରଚାର—4. Publication. ୫ । (+କରଣ.ଅନ) ବିଜ୍ଞାପନ ଲେଖାଥିବା ପତ୍ର; ଇସ୍ତାହାର—A notice; a notification.

**ବିଜ୍ଞାପନ କରିବା**—ଦେ. କ୍ରି—୧ । ଜଣାଇବା—1. To inform.
**Bijnāpana karibā** ୨ । ପ୍ରଚାର କରିବା—2. To publish; to notify; to advertise.
বিজ্ঞাপন করা **विज्ञापन करना**

**ବିଜ୍ଞାପନ ଦେବା**—ଦେ. କ୍ରି—ସମ୍ବାଦପତ୍ରାଦିରେ ସର୍ବସାଧାରଣଙ୍କ
**Bijnāpana debā** ଅବଗତି ନିମନ୍ତେ ନୋଟିସ୍ ଦେବା—
বিজ্ঞাপন দেওয়া To advertise in a newspaper; to
**विज्ञापन देना** notify; to give public notice.

**ବିଜ୍ଞାପନ ପତ୍ର**—ସ. ବି—୧ । ଯେଉଁ କାଗଜରେ ବିଜ୍ଞାପନ ଲେଖାଥାଏ—
**Bijnāpana patra** 1. Notice paper. ୨ । ଯେଉଁ ଲେଖାରେ ବିଜ୍ଞାପନ ବାହାରି ଥାଏ; ଇସ୍ତାହାର—2; Notice; notification; proclamation.
(ବିଜ୍ଞାପନ ପତ୍ରିକା, ବିଜ୍ଞାପନ ପତ୍ରୀ, ବିଜ୍ଞାପନ ଲିପିକା, ବିଜ୍ଞାପନ ଲିପୀ, ବିଜ୍ଞାପନ ଲେଖ—ଅନ୍ୟରୂପ)

**ବିଜ୍ଞାପନ ମାରିବା**—ଦେ. କ୍ରି—କୌଣସି ପ୍ରକାଶ୍ୟ ସ୍ଥାନରେ ବିଜ୍ଞାପନ
**Bijnāpana māribā** ପତ୍ର କାନ୍ଥ ଆଦିରେ ଲଗାଇ ଦେବା—
বিজ্ঞাপন মারা To stick a notice to a wall in a pub-
**विज्ञापन मारना** lic road or other public place.
[ବିଜ୍ଞାପନ ଲଗା(ଗେ ଇବା—ଅନ୍ୟରୂପ]

**ବିଜ୍ଞାପନୀ**—ସ. ବି—(ବି+ଜ୍ଞାପି ଧାତୁ+କରଣ. ଅନ+ସ୍ତ୍ରୀ. ଈ)—
**Bijnāpani** ବିଜ୍ଞାପନ ପତ୍ର—Notice paper.

**ବିଜ୍ଞାପନୀୟ**—ସ. ବିଣ—(ବି+ଜ୍ଞାପି ଧାତୁ+କର୍ମ.ଅନୀୟ)—ସାଧାରଣରେ
**Bijnāpaniya** ବିଜ୍ଞାପିତ ହେବାର ଯୋଗ୍ୟ—Fit to be
(ବିଜ୍ଞାପ୍ୟ—ଅନ୍ୟରୂପ) published by notice.

**ବିଜ୍ଞାପିତ**—ସ. ବିଣ—(ବି+ଜ୍ଞାପି ଧାତୁ+କର୍ମ. ତ)—ନିବେଦିତ; ଯାହା
**Bijnāpita** ଜଣାଇ ଦିଆ ହୋଇ ଅଛି—Notified; announced.

**ବିଜ୍ଞେୟ**—ସ. ବି—( ବି+ଜ୍ଞା ଧାତୁ+କର୍ମ. ଯ )—ବିଶେଷଭାବରେ
**Bijneya** ଜ୍ଞାତବ୍ୟ; ଜାଣିବାର ଉପଯୁକ୍ତ—Knowable; fit to be known.

**ବିଜ୍ୱର**—ସ. ବିଣ. ପୁଂ—୧ । ଜ୍ୱର ଶୂନ୍ୟ—1. Free from fever.
**Bijwara** ୨ । ନିଶ୍ଚିନ୍ତ—2. Free from anxiety. ୩ । ଭୟ ଶୂନ୍ୟ—3. Fearless. ୩ । ଯାହାର ଜ୍ୱର ଛାଡି ଯାଇ ଅଛି; ବିଗତଜ୍ୱର—3. One whose fever has gone down.
(ବିଜ୍ୱରା—ସ୍ତ୍ରୀ)

**ବିଜ୍ୱଳ**—ଦେ. ବିଣ—ଅତିଶୟ ଦୀପ୍ତିମନ୍ତ—Very shining; res-
**Bijwala** plendent.
(ବିଜ୍ୱଳିତ—ଅନ୍ୟରୂପ) (ଉ.—ବିଳାସ ବିଶେ ଘନସାର ପ୍ରତତିତ, ବିଜ୍ୱଳ ଶଯ୍ୟା ମଣ୍ଡପ କନ୍ୟାସ୍ତମ୍ଭ କୃତ । ଉପେ. ବୈଦେହୀଶବିଳାସ.)

**ବିଝା**—ଦେ. ବି. ସ୍ତ୍ରୀ—୧ । ( ସ. ବିନ୍ଧ୍ୟବାସିନୀ )—ଦେବୀବିଶେଷ—
**Bijhā** 1. Name of a popular Goddess. ୨ । ଖଣିରୁ ବାହାରିବା ମିଶ୍ରିତ ଲୌହ ଧାତୁ—2. Iron ore.

**ବିଞ୍ଚଣା**—ଦେ. ବି (ସ. ବ୍ୟଜନ)—୧ । ବ୍ୟଜନ; ପଙ୍ଖା; ତାଳବୃନ୍ତ—
**Binchanā** হাতপাখা; পাখা 1. A fan. ୨ । ହାତ-
**विजन, बेना, मोरछल** ପଙ୍ଖା—2. A hand fan [ଉ—ବିଞ୍ଚଣାରେ ବିଞ୍ଚି ଉଡିଲେ ଘୃତ ନେଇ, ନ ଜଳିଲେ ଅଗ୍ନି-ଦେବତା ଦୁଃଖୀ ହୋଇ । କୃଷ୍ଣସିଂହ. ମହାଭାରତ ଶାନ୍ତି]

**ବିଞ୍ଚ(ଞ୍ଚି)ଣି**—ଦେ. ବି—ବିଞ୍ଚଣା (ଦେଖ)—Binchanā (See)
**Bincha(nchi)ni** **विजनी, बेनी** [ ଉ—ବିଞ୍ଚନ୍ତି ଚାଳନ୍ତି କରି, ବିଞ୍ଚିଣି ପୁଚ୍ଛ ଚାମର—ଉପେ. କୋଟିବ୍ରହ୍ମାଣ୍ଡସୁନ୍ଦରୀ ।]
ଦେ. ବିଣ—ବିଞ୍ଚଣା ପରି ପ୍ରସାରିତ—Spread or shaped like a fan. [ ଯଥା—ବିଞ୍ଚିଣି ପଣନ୍ତ; ବିଞ୍ଚିଣି ମଞ୍ଜୁ ଫେଣା ।]

**ବିଞ୍ଚ(ଞ୍ଚି)ଣି ପଣନ୍ତ(ତ)**—ଦେ. ବି—(ସ. ବ୍ୟଜନ+ବସ୍ତ୍ରପ୍ରାନ୍ତ)—ସ୍ତ୍ରୀଲୋକେ
**Bincha(nchi)ni pananta(ta)** ଲୁଗା ପିନ୍ଧିବା ପରେ ଲୁଗାର ଯେଉଁ ଶେଷ ମୁଣ୍ଡ ବା କାନି ଜଙ୍ଘ (ଊରୁ) ଠାରୁ କାନ୍ଧ ପର୍ଯ୍ୟନ୍ତ ବିଞ୍ଚଣା ପରି ମେଲାଇ କରି ସଜାଇ ଥାଆନ୍ତି—The outer end of a woman's scarf (saree) arranged in the shape of a fan and spreading from the thighs to the shoulders in the front. [ଉ—ବ୍ୟକ୍ତ ବିଞ୍ଚିଣି ପଣନ୍ତ । ଊରୁ ଉପରେ ଲମ୍ବିତ । ଉପେ. ଲାବଣ୍ୟବତୀ ]

**ବିଞ୍ଚା**—ଦେ. ବି—୧ । (ସ. ବୀଜ୍ ଧାତୁ)—୧ । ବ୍ୟଜନଦ୍ୱାରା ବାୟୁ-
**Binchā** ଚାଳନ କ୍ରିୟା—1. Act of fanning. ୨ । (ସ.
বাতাস করা ছড়ান ବିସ୍ତରଣ)—ଇତସ୍ତତଃ ବିକ୍ଷିପ୍ତ କରଣ—
**बिजनडुलाना, बीखराना** 2. Strewing, scattering.

**ବିଞ୍ଚା(ଞ୍ଚେ)ଇବା**—ଦେ. କ୍ରି—୧ । ('ବିଞ୍ଚିବା' କ୍ରିୟାର ଣିଜନ୍ତରୂପ) Biñchā(ñche)ibā ଅନ୍ୟଦ୍ୱାରା ବ୍ୟଜନଚାଳନ କରାଇବା—पाखा करान To cause another to fan. ୨ । ('ବିଞ୍ଚିବା' बिजन कराना କ୍ରିୟାର ଣିଜନ୍ତରୂପ) ଅନ୍ୟଦ୍ୱାରା କୌଣସି ପଦାର୍ଥ छड़ान ଭୂମିଅବରେ ବୁଣାଇବା—2. To cause to be बिखरवाना strewn. [ଉ—ସେବଣ ପାଣ୍ଡୁ ବିଞ୍ଚାଇ ପଲଙ୍କରେ । କୃଷ୍ଣସିଂହ. ମହାଭାରତ ଦ୍ରୋଣ । ]

**ବିଞ୍ଚା ଘଷା**—ଦେ. ବି (ସହଚର ଶବ୍ଦ)—କୌଣସି ବ୍ୟକ୍ତିଙ୍କୁ ବିଞ୍ଚିବା ଓ Biñchā ghashā ଅଙ୍ଗ ଘଷିବା—The act of fanning and बजना घसना shampooing of a person.

**ବିଞ୍ଚାବିଞ୍ଚି**—ଦେ. ବି—୧ । ବିଞ୍ଚିବା କାର୍ଯ୍ୟ—1. Act of fanning. Biñchābiñchi ୨ । ପରସ୍ପରକୁ ବିଞ୍ଚିବା—2 Fanning each other. ୩ । ବିଞ୍ଚାବିଞ୍ଚି; ଇତସ୍ତତଃ ବୁଣିଦେବା—3. Scattering about.

**ବିଞ୍ଚିବା**—ଦେ. କ୍ରି (ସଂ. ବୀଜ୍ ଧାତୁ)—୧ । ବ୍ୟଜନ ଚାଳନ କରିବା—Biñchibā 1. To fan. [ଉ—ବିଞ୍ଚଣାରେ ବିଞ୍ଚି ଲୋଡ଼ିଲେ पाखाकरा ଘଡ଼ି ନେଇ, ନ ଜଳିଲେ ଅଗ୍ନି ଦେବତା ଦୁଃଖୀ ହୋଇ । हवादेना, बेना चलाना କୃଷ୍ଣସିଂହ. ମହାଭାରତ ଶାନ୍ତି । ] ୨ । छड़ान ବିଞ୍ଚିବା; ଭୂମିରେ ବୁଣିବା;ଇତସ୍ତତଃ ବୁଣିଦେବା—तीतरबीतर करना; 2. To scatter on the ground बखराना, बडारना [ଉ—ଜଗତ ଅନ୍ଧାର ଅଦ୍ୱେଷ୍ଟି, ପୁଷ୍ପ ବିଞ୍ଚନ୍ତି ବୃଷ୍ଟି छींटना ଘୁଷି । ଜଗନ୍ନାଥ. ଭାଗବତ ।] ୩ । ବପନ କରିବା—3. To बुना sow. [ଉ—ଶ୍ୱେତ ଶାଳ ଜଳ ଦୁଦକେଦାରେ ବିଞ୍ଚିଲୁରେ । କବିସୂର୍ଯ୍ୟ. ଯଶୋଦାଶତକ୍, ଶ ଗୀତ । ] ୪ । ବଛେଇବା; तिछोना ପ୍ରସାରିତ କରିବା—4. To spread. [ଉ—ବିଞ୍ଚି ପଦ୍ମବ बिछान ନାବରେ ପଦ୍ମବଳିକି ମନରେ, ପ୍ରଦୀପାଳୀ ପରରେ ମଣାଇ ବସାଇ । ଉପେ. ବୈଦେହୀଶବିଳାସ ।]

**ବିଞ୍ଚଣି**—ଦେ. ବି—୧ । ବିଞ୍ଚଣା (ଦେଖ)—1. Biñchaṇā (See) Biñchiṇi [ଉ—ବିଞ୍ଚଣି ବିଞ୍ଚଇ ସଖୀର । ଯଶୋବନ୍ତ. ପ୍ରେମଭକ୍ତି पाखा ବ୍ରହ୍ମଗୀତା । ] ୨ । କଳରେ ଚାଳିତ ବିଞ୍ଚଣା ସଦୃଶ ଶାଖାଯୁକ୍ତ बिजनी ବା ବସ୍ତୁତ ବସ୍ତୁବିଶେଷ—2. The fan of a machine; fly-wheel of a machine. [ଦ୍ର—ଏହି ବିଞ୍ଚଣି ଅତି ଦ୍ରୁତ ଗତିରେ ବୁଲୁଥିବାରୁ କୌଣସି ବ୍ୟକ୍ତିର କାର୍ଯ୍ୟ କରିବାରେ ଶୀଘ୍ରତାକୁ ବିଞ୍ଚଣିର ଗତି ସଙ୍ଗେ ତୁଳନା କରାଯାଏ; ଯଥା—ଲକ୍ଷ୍ମୀଦେଇ ମାଡ଼ିଛେ ସେ ବିଞ୍ଚଣି ପରି କାମ କରୁଛି ।] ୩ । କଳ ଚାଳିତ ପଂଖା—3. Fan worked by machine; machine-driven fan. ୪ । ବିଞ୍ଚଣି ମହୁମାଛି (ଦେ)—4. Biñchiṇi mahumāchhi (See)

**ବିଞ୍ଚଣି ମହୁ**—ଦେ. ବି—ବିଞ୍ଚଣି ମହୁମାଛିଙ୍କ ଦ୍ୱାରା ସଂଗୃହୀତ ମଧୁ—Biñchiṇi mahu Honey gathered by Biñchiṇi bees. [ଦ୍ର—ଏ ମହୁ ସାଧାରଣ ମହୁମାଛିଙ୍କ ସଂଗୃହୀତ ମହୁ ଅପେକ୍ଷା ପତଳା ଓ ଅଧିକ ବର୍ଣ୍ଣ । ]

**ବିଞ୍ଚଣି ମହୁଫେଣା**—ଦେ. ବି—ବିଞ୍ଚଣି ମହୁମାଛିଙ୍କ ରଚିତ କ୍ଷୁଦ୍ର Biñchiṇi mahuphenā ବ୍ୟଜନାକାର ମଧୁଚକ୍ର—A small fan-shaped hive built by Apis Floris.

**ବିଞ୍ଚଣି ମହୁମାଛି**—ଦେ. ବି—ଏକପ୍ରକାର ମହୁମାଛି—Apis Floris. Biñchiṇi mahumāchhi [ଦ୍ର—ଏମାନେ ସାଧାରଣ ମହୁମାଛିଙ୍କ ଠାରୁ ଛୋଟ ଓ ନକ୍ଟୀ ମହୁମାଛିଙ୍କ ଠାରୁ ବଡ଼ । ଏମାନେ ଛୋଟ ଗଛରେ ଫେଣା ବାନ୍ଧନ୍ତି । ଏମାନଙ୍କର ନାହୁଡ଼ ନାହିଁ । ଏମାନଙ୍କ ମହୁ ସାଧାରଣ ମହୁମାଛିଙ୍କ ମହୁ ଅପେକ୍ଷା ଅଳ୍ପ ଓ ତରଳ; ଏମାନଙ୍କ ଫେଣା ଛୋଟ ବିଞ୍ଚଣା ଆକାରର ହେବାରୁ ଏମାନଙ୍କୁ ବିଞ୍ଚଣି ମହୁମାଛି ବୋଲାଯାଏ । ]

**ବିଞ୍ଚି ହେବା**—ଦେ. କ୍ରି—୧ । ନିଜର ଦେହକୁ ପଙ୍ଖାଦ୍ୱାରା ପବନ Binchi hebā ଲଗାଇବା—1. To fan one's self by a खुद देना चलाना hand fan. ୨ । ଇତସ୍ତତଃ ବିକ୍ଷିପ୍ତ ହେବା—बिखराना 2. To be scattered.

**ବିଞ୍ଛଣା**—ଦେ. ବି—୧ । ବିଛଣା (ଦେଖ)—1. Bichhaṇā Biñchhaṇā (See). ୨ । (ଧାନବିରଙ୍ଗୀ) ମୁଠାସାରି (ଦେଖ) 2. Muthāsāri (See)

**ବିଞ୍ଛା**—ଦେ. ବି (ସଂ. ବିକୀରଣ)—ଏଣେ ତେଣେ ବୁଣିବା—Binchhā छड़ान बखराना Scattering about.

**ବିଞ୍ଛିବା**—ଦେ. କ୍ରି (ସଂ. ବିକୀରଣ)—ଏଣେ ତେଣେ ବୁଣିବା—Binchhibā To scatter about; to strew. छड़ान बिखारना

**ବିଞ୍ଜା**—ପ୍ରାଦେ. (ବାଲେଶ୍ୱର) ବି—୧ । ଓଲୁଅ ଦେହରେ ବାହାରୁଥିବା ଛୋଟ ଛୋଟ ଅଳ୍ପ ମାଂସଳ କନ୍ଦ ପଦାର୍ଥ—1. Esculent bulbs growing on the wild arum. ୨ । କ୍ଷୁଦ୍ର ଛୋଟ ଛୋଟ ଓଲ—2. Small arum. Binjā

**ବିଞ୍ଜୋଳି**—ସଂ. ବି—ଶ୍ରେଣୀ; ପଂକ୍ତି—Line; row. Binjoli

**ବିଞ୍ଜ୍ୱାରି**—ଦେ. ବି (ନାମ)—ଛତିଶଗଡ଼ୁ ଭାଷାର ଏକ ଉପଭାଷା Binjwari ବିଶେଷ—A sub-dialect of the Chhatis-बिंझवारी gardi language.

**ବିଞ୍ଝା (ଞ୍ଝି)ଲ୍**—ପ୍ରାଦେ. (ସମ୍ବଲପୁର) ବି—ଉଚ୍ଚ ଅନାର୍ଯ୍ୟ ଜାତିବିଶେଷ—Binjā(njhā)l A high class of non-Aryans in (ବିଞ୍ଝାଲ୍, ବିଞ୍ଝିଲ୍—ଅନ୍ୟରୂପ) Sambalpur.

**ବିଟ୍ (ଧାତୁ)**—ସଂ—୧ । ଅକ୍ରୋଶ କରିବା—1. To envy. ୨ । Bit (root) ଗାଳିଦେବା—2. To chide. ୩ । ଅଭିଶାପ ଦେବା—3. To curse. ୪ । ଶବ୍ଦ କରିବା—4. To make a sound. ୫ । ବଞ୍ଚନା କରିବା—5. To cheat.

**ବିଟ୍**—ସଂ. ବି (ବିଶ୍ ଧାତୁ=ବ୍ୟାପିବା+କର୍ତ୍ତୃ. କ୍ୱିପ୍; ବିଟ୍ ଶବ୍ଦ; ୧ମା. Bit ୧ବ)—୧ । ବିଷ୍ଠା; ଗୁହ—1. Night soil. ୨ । ବୈଶ୍ୟ—बीट 2. Baisya. ବୈଦେ. ବି—୧ । (ଇଂ. ବୀଟ୍) ଏକ ପ୍ରକାର बीट ବିଲାତି ଜାତି ମୂଳା—1. The Beet root [ଦ୍ର—ଏହାର

ମୂଳ ମୂଲାପର; ଭଲୁ କାଳ ଓ ମିଠା । ଏଥିରୁ ଅଧିକକ ରଞ୍ଜନ ପ୍ରକ୍ରିୟାଦ୍ୱାରା ଚକ ପ୍ରସ୍ତୁତ ହେଉଅଛି ।] ୨ । (ଇଂ. ବୀଟ୍ )—ଚଉକିଦାରର ନିର୍ଦ୍ଦିଷ୍ଟ ଗସ୍ତ—2. A watchman's beat or round. ୩ । ପ୍ରତ୍ୟେକ ଚଉକିଦାରର ଜଗିବାର ନିର୍ଦ୍ଦିଷ୍ଟ ସୀମା—3. The respective jurisdiction of a watchman.

**ବିଟ୍ କଲା**—ପ୍ରାଦେ (ସମ୍ବଲପୁର; ଗଡ଼ଜାତ) ବଣ—ନିପଟ କଳା—
Bit-kalā (ବିଟ୍ କଲିଆ—ଅନ୍ୟରୂପ) Deep black.

**ବିଟ୍(ଟି) କାଳିଆ**—ଦେ. ବଣ (ସ. ବିକଟ+କାଳ)—ଗାଢ଼ କୃଷ୍ଣବର୍ଣ୍ଣ—
Bit-(ṭi) kālia 1. Deep black. ୨ । ( ସ. ବିକଟ ବିଟ୍ କେଲ, বিটকাল ବିକରାଳ) ବିକଟ; ଭୀଷଣ—2. Horrid. **विकट काला, विकराल**

**ବିଟ୍ଖଦିର**—ସ. ବି—ପାକଡ଼ା ଖଇର—
Biṭ-khadira Brown catechu.

**ବିଟ୍ ଘର**—ଦେ. ବି (ଇଂ. ବୀଟ୍+ସ. ଗୃହ)—ପ୍ରହରୀମାନଙ୍କ ନିମନ୍ତେ
Biṭ-ghara বীটঘর **बिटघर** ଆଶ୍ରୟ ଗୃହ—Beat house.

**ବିଟ୍ଚର**—ସ. ବି (ବିଟ୍=ବିଷ୍ଠା+ଚର ଧାତୁ+କର୍ତ୍ତୃ. ଅ)—୧ । ଗ୍ରାମ୍ୟ
Biṭ-chara ଶୂକର—1. Domestic pig. ୨ । ଗୋବର ପୋକ—2. Beetle; insect boring in cow-dung. ୩ । ବିଷ୍ଠାକୃମି—3. Insect boring in human dung.

**ବିଟ୍ ପତି**—ସ. ବି—ଜାମାତା (କ୍ଳାନେକ୍)—
Biṭ-pati Son-in-law.

**ବିଟ୍ ପ୍ରିୟ**—ସ. ବି—ଶିଶୁମାର (କ୍ଳାନେକ୍)—
Biṭ-priya Gangetic porpoise.

**ବିଟ ବିଟ୍**—ପ୍ରାଦେ (ସମ୍ବଲପୁର) ବଣ ଓ କ୍ରି ବିଣ—ନିପଟ (କଳା); ଅତ୍ୟନ୍ତ—
Biṭ-biṭ Very (dark); deep (black).

**ବିଟ୍ବିଟ୍ କ(କା)ଲିଆ**—ପ୍ରାଦେ (ସମ୍ବଲପୁର) ବଣ—ନିପଟ କଳା—
Biṭ-biṭ ka(kā)lia Deep black.

**ବିଟ୍ ଲିହା**—ପ୍ରାଦେ (ସମ୍ବଲପୁର) ବଣ—୧ । ବିଟାଳିଆ; ଅଛୁଆଁ—
Biṭ-lihā 1. Outcasted. ୨ । ଯେ ଯାହାଇଚ୍ଛାତାହା ଘରେ ଅନ୍ନ ଭୋଜନ କରେ—2. Taking food cooked by others, irrespective of caste.

**ବିଟ୍ସଙ୍ଗ**—ସ. ବି—ମଳରୋଧ (କ୍ଳାନେକ୍)—
Biṭ-saṅga Constipation.

**ବିଟ୍(ଟ) ସାରିକା**—ସ. ବି ( ବିଟ୍=ବିଷ୍ଠା+ସାରିକା=ସାଳ )—ଗୁଆ
Biṭ-(ṭa) sārikā ଶାଳିକା ଚଢ଼େଇ—A kind of myna; (ବିଟସାରିକା—ଅନ୍ୟରୂପ) Tordus Salica.

**ବିଟ**—ସ. ବି (ବିଟ୍ ଧାତୁ=ଗାଳି ଦେବା; ଶବ୍ଦ କରିବା+କର୍ତ୍ତୃ. ଅ)—
Biṭa ୧ । ଲମ୍ପଟ; କାମୁକ—1. A lecher; an adulterer; a fornicator. ୨ । ଉପପତି; ଜାର—2. A paramour. ୩ । କପଟ—3. Hypocricy; deceit. ୪ । ଦୁର୍ତ୍ତ ବ୍ୟକ୍ତି—4. A rogue. ୫ । କାମଶାସ୍ତ୍ରବେତ୍ତା—5. A person well versed in the amatory science. ୬ । ପର୍ବତବିଶେଷ—6. Name of a mountain. ୭ । ପକ୍ଷୀ—7. Bird. ୮ । ଏକପ୍ରକାର ଖଣିଜ ଦୁର୍ଗନ୍ଧମୟ ଲବଣ; କଳା ଲବଣ; ଖଣ୍ଡ ଲବଣ—8. A kind of salt; black salt; foetid salt. ୯ । ନାରଙ୍ଗ ଗଛ—9. Orange tree. ୧୦ । ମୂଷିକ—10. Rat. ୧୧ । ବିସ୍ତାର—11. Divergence; expansion. ୧୨ । ପାକଡ଼ା ବା ପାଖଗ୍ ଖଇର; ପାଚିଲିଆ ଖଇର—12. Brown catechu. ୧୩ । କାବ୍ୟାଦିରେ ବର୍ଣ୍ଣିତ ନାୟକବିଶେଷ—1, A class of heroes in fiction or romance; a dissolute and spendthrift person. [ ଦ୍ର—ସାହିତ୍ୟ ଦର୍ପଣ ମତରେ ଯେଉଁ ନାୟକ ବିଷୟ ଭୋଗ ଯୋଗୁଁ ଆପଣାର ସବୁ ସମ୍ପତ୍ତି ନଷ୍ଟ କରେ, ଭାରି ଧୂର୍ତ୍ତ, ବେଶଭୂଷାରେ ଆଡ଼ମ୍ବର କରେ ଓ କଥାରେ ଭାରି ଚତୁର ତାହାକୁ ବିଟ ବୋଲାଯାଏ - ହି. ଶ. । ]

ଦେ. ବି—ପୁଲଙ୍ଗଗଡ଼ି ବା ମାର୍ବଲ୍ ଖେଳରେ ବ୍ୟବହୃତ ମାରବଲ୍ ଆଦି ଗୋଲାକାର ବସ୍ତୁ—Marbles or nuts used in the game of marbles. ବୈଦେ.

**कोर; बेनी** ବି. ( ଇଂ. ବୀଡ୍=ମାଳା )—୧ । କାଠର ବା ଧାତୁର
**বীট** ଲମ୍ବ, ବର୍ତ୍ତୁଳ ଓ ସରୁଆ ପଟି ( ଯାହା ପଟାର ଧଡ଼ିରେ ଲମ୍ବ ହୋଇ ମରାଯାଏ )—1. A convex strip of metal or wood put on the frieze of a plate. ୨ । ( ଇଂ. ବୀଡ୍=ମାଳା ) କାନ୍ଥ ଅବର କାନ୍ଥସଠାରୁ ଖଣ୍ଡିଏ ଖଣ୍ଡ ତଳେ ଚୂନର ଯେଉଁ ସରୁ ପଟି ରହିଥାଏ—2. An astragal.

**ବିଟକ**—ସ. ବି—ବିଟିକା ( ଦେଖ )
Biṭaka Biṭikā ( See )

**ବିଟ ଖଇର**—ଦେ. ବି (ସ. ବିଟ୍ଖଦିର; ବିଟ୍=ବିଷ୍ଠା+ଖଦିର; ଏହାର
Biṭa khaira ବୃକ୍ଷ ଦୁର୍ଗନ୍ଧମୟ ଥିବାରୁ )—ବବୁଲଜାତୀୟ ଏକ-
**गुयेबावला** ପ୍ରକାର ଦୁର୍ଗନ୍ଧମୟ ବୃକ୍ଷ—A kind of foul-smel-
**गन्धबबुल; दुर्गन्धखैर** ling tree of the Acacia species; Mimosa; sponge tree.

**ବିଟ ଖେଳ**—ଦେ. ବି—ଏକପ୍ରକାର ଖେଳ ( 'ପୁଲଙ୍ଗଗଡ଼ି ଖେଳ'
Biṭa kheḷa ତଳେ ନୋଟ୍ ଦେଖ )—A kind of game ( see notes under Pulāṅgagarḍi kheḷa ).

**ବିଟଙ୍କ**—ସ. ବି ( ବି=ପକ୍ଷୀ+ଟଙ୍କ୍ ଧାତୁ=ବନ୍ଧନ କରିବା+ଅଧିକରଣ.
Biṭaṅka ଅ )—୧ । ପାରାଘର; କପୋତପାଳିକା—1. A pigeon hole. ୨ । ଗୃହପାଳିତ ପକ୍ଷୀର ଉପବେଶନ ଯୋଗ୍ୟ T, ଏହି ଚିହ୍ନ ଅନୁରୂପ ଆସନ; ଅଡ଼ା—2. A perch for a bird to sit upon. ୩ । (+କରଣ ଅ ) ପକ୍ଷୀ ଧରିବା ଫାଶ ( କ୍ଳାନେକ୍ )—3. Bird-net; snare.

ବିଟପ—ସଂ. ବି ( ବିଟ=ଲମ୍ପଟ; ପଶ୍ଚୀ ଅବ+ପା ଧାତୁ=ରକ୍ଷା କରିବା; Biṭapa ଆଶ୍ରୟ ଦେବା+କର୍ତ୍ତୃ· ଅ, ଅଥବା ବିଟ୍ ଧାତୁ=ଶବ୍ଦ କରିବା+କର୍ତ୍ତୃ ଅପ )—୧ । ବୃକ୍ଷଶାଖା; ଡାଳ—1. Branch of a tree. ୨ । ପଲ୍ଲବ—2. Tender leaves of trees. ୩ । (ପୁଂ) ସିଦ୍ଧ; ଅତ୍ୟନ୍ତ ଲମ୍ପଟ ବ୍ୟକ୍ତି—3. A very lecherous person; an adulterer.

ବିଟପତି—ସଂ. ବି ( ବିଟ୍=କନ୍ୟା, ବୈଶ୍ୟ+ପତି )—୧ । ଜାମାତା; Biṭapati ଜୋଇଁ—1. Son-in-law. ୨ । ପ୍ରଧାନ ବଣିକ; ବଡ଼ ମହାଜନ—2. A big merchant.

ବିଟପ ଯୁବତୀ—ଦେ. ବି. ସ୍ତ୍ରୀ ( ସଂ. ବିଟପ+ଯୁବତୀ )—ବିଟପୀ; କୁଳଟା Biṭapa jubati ସ୍ତ୍ରୀ—An adulteress. ( ଉ—ଦୁର୍ଗନ୍ଧ ପଥ ଅବୋଧନ୍ତି, ଯେସନ ବିଟପ ଯୁବତୀ—ଜଗନ୍ନାଥ. ଭାଗବତ । )

ବିଟପାଚାର—ସଂ. ବି ( ବିଟପ+ଆଚାର )—୧ । ଅସଚ୍ଚରିତ୍ର—1. Bad Biṭapāchāra character. ୨ । କଦାଚାର—2. Evil ways.

ବିଟପାଚାରୀ—ସଂ. ବିଣ ପୁଂ—କଦାଚାରୀ; ଯେ ମନ୍ଦ ଆଚରଣ କରେ—Biṭapāchāri Immoral; of evil ways. ( ବିଟପାଚାରିଣୀ—ସ୍ତ୍ରୀ )

ବିଟପୀ—ସଂ. ବି (ବିଟପ=ଶାଖା+ଅସ୍ତି ଅର୍ଥରେ ଇନ୍; ୧ମା. ୧ବ)—Biṭapi ୧ । ବୃକ୍ଷ—1. Tree. ୨ । ବଟବୃକ୍ଷ—2. Banian tree. ଦେ. ବି. ସ୍ତ୍ରୀ—କୁଳଟା ସ୍ତ୍ରୀ; ବ୍ୟଭିଚାରିଣୀ—Adulteress.

ବିଟପୋଦର—ଦେ. ବି ( ୬ଷ୍ଠୀ ତତ୍ )—କୁଞ୍ଜ—Grove. ( ଉ—Biṭapodara ଯେସନେ ଚକୋର୍ସା ପକ୍ଷୀ, କାରୁଣ କରଇ ଜାଣି ତେସନ ମୋ ଅଭ୍ୟର୍ଥନା ବିଟପୋଦରେ—ପ୍ରାଚୀ. ରସକଲ୍ପ । )

ବିଟପ୍ରିୟ—ସଂ. ବି—ମୁଗ—A kind of pulse; Phaseolus Biṭapriya Mungo.

ବିଟଲବଣ—ଦେ. ବି ( ସଂ. ବିଡ଼୍‌ଲବଣ )—କଳା ଦୁର୍ଗନ୍ଧମୟ ଲବଣ-Biṭalabaṇa ବିଶେଷ—Black salt. বিটনুন साँचर नमक

ବି ଟାଇମ୍ ପିସ୍—ବୈଦେ. ବି ( ଇଂ )—ଟେବଲ ଉପରେ ରଖାଯିବା Bi ṭāim pis କ୍ଷୁଦ୍ର ଘଣ୍ଟା—The Bee time-piece. [ ଦ୍ର—बी टाइम पीस ଏହା ଆମେରିକାରେ ନିର्मିତ । ଏଥିର ଟ୍ରେଡ୍ ମାର୍କ बी टाइम पीस ( Trade mark bee ) ମହୁମାଛି ) । ]

ବିଟାଁଡ଼ୁ—ପ୍ରାଦେ. (ସମ୍ବଲପୁର) ବି—ଚଉଡ଼ାମୁହାଁ ଏକପ୍ରକାର ଶର—Biṭākā̃ṛḍ A kind of broad-edged arrow. ପ୍ରାଦେ. (ବିଟାକାଣ୍ଡ—ଅନ୍ୟରୂପ) (ଗଡ଼ଜାତ) ବି—ଏକପ୍ରକାର କାଣ୍ଡ—A kind of ball-topped arrow. [ ଦ୍ର—ଏହାର ଅଗ ଗୋଟାଳିଆ ବା ମୋଟା । ଏହା ଯାହା ଦେହରେ ବାଜେ ତାକୁ ଭଙ୍ଗ କରେ । ]

ବିଟାପର—ପ୍ରାଦେ· ( କଳାହାଣ୍ଡି ) ବିଣ—ଅଳ୍ପ—Biṭāpara A little.

ବିଟା(ଟ)ଳ—ସଂ. ବିଣ. ପୁଂ ( ବିଟ୍ ଧାତୁ=ବଞ୍ଚନା କରିବା+ଅଳ; Biṭā(ṭa)ḷa ଅଳ )—୧ । ପ୍ରତାରକ; ଧୂର୍ତ୍ତ—1. Cheating. ( ବିଟାଳୀ—ସ୍ତ୍ରୀ ) ୨ । କାମୁକ—2. Lascivious libertine. ୩ । ଦୁଷ୍ଟ—3. Wicked. ଦେ. ବିଣ—ବିଟାଳିଆ ( ଦେଖ )—Biṭāḷiā ( See )

ବିଟାଳିଆ—ଦେ. ବିଣ. ପୁଂ ( ସଂ. ବିଟାଳ )—୧ । ଉଦରଜ୍ୱାଳା Biṭāḷiā ନିବାରଣାର୍ଥ ଯେ ନୀଚଜାତୀୟ ବ୍ୟକ୍ତି ଘରେ ଅନ୍ନ ଭୋଜନ বিটাল କରି ଜାତି ହରାଏ; ପତିତ—1. ( a person ) घेटजाला; Who loses his caste on account of ବିଟାଳୀ ବିଟାଳେଣୀ } ସ୍ତ୍ରୀ dining in the house of persons of lower caste to satisfy the pangs of hunger. ୨ । ଉଦରଜ୍ୱାଳାରେ ହତାହିତ ଜ୍ଞାନଶୂନ୍ୟ—2. Devoid of all sense of proportion on account of hunger. ୩ । ଅଜାତିଆ; ଜାତିଚ୍ୟୁତ—3. Outcasted; excommunicated. ୪ । ଅପବିତ୍ର; ଅନାଚାର ଯୋଗୁଁ ଅପବିତ୍ର—4. Made impure on account of doing forbidden acts. ୫ । ଦାରିଦ୍ର୍ୟ; ଅତି ଦରିଦ୍ରତା ଯୋଗୁଁ ନିର୍ଲଜ୍ଜ—5. Shameless through poverty. ଦେ. ବି—ଯେଉଁ ଖାଦ୍ୟ ଖାଇଲେ ଜାତି ନଷ୍ଟ ହୁଏ—The food which makes a man lose his caste if taken.

ବିଟାଳିବା—ଦେ· କ୍ରି—୧ । କୌଣସି ବ୍ୟକ୍ତିକୁ ଜାତିଚ୍ୟୁତ କରିବା—Biṭāḷibā 1. To excommunicate a person. ୨ । ଅପବିତ୍ର କରିବା—2. To make impure. ୩ । ଅପଣା ପରିବାରରୁ ବାହାର କରିଦେବା—3. To drive out from one's family.

ବିଟିକା—ସଂ, ବି—ପାନ ଖିଲ—A roll of betel filled with Biṭikā nut, spices etc. (ଉ—ବାମା ବାମ ପାଦ ଲାଗି ଗମନେ, ବିଟିକା ଶେଷ ପାନର ପଡନେ—ଉପେ. ବୈଦେହୀଶବିଳାସ । )

ବିଟୁ(ଟୋ)ଳ(ଳା) ଦେ· ବିଣ·—(ସଂ. ବିଟାଳ)—୧ । ଦୁଷ୍ଟ—Biṭu(ṭo)ḷa(ḷā) বিটুল বিটোল 1. Wicked; villanous ୨ । ଅନିଷ୍ଟକାରୀ-अजात 2. Injurious. ( ଉ—ପିଠାଯାକରେ ମଣ୍ଡା ବିଟୋଳ, ମଣିଷ ଯାକରେ ଲଣ୍ଡା ବିଟୋଳ । ଢଗ । ) ୩ । ବ୍ୟଭିଚାର ଦୂଷିତ—3. Scandalised, ୪ । ଜାତିଚ୍ୟୁତ—4. Outcasted. ୫ । ନୀଚକୁଳୋଦ୍ଭବ—5 Base-born. ୬ । ଅଜ୍ଞାତ ପିତୃକ—6. Bastard.

ବିଡ଼୍ (ଧାତୁ)—ସଂ—୧ । ଆକ୍ରୋଶ କରିବା—1. To envy. ୨ । Biṛḍ (root) ଭେଦ କରିବା—2. To pierce through.

ବିଡ୍ ଘାତ—ସଂ. ବି—ମଳମୂତ୍ର ରୋଧ—
Bird-ghata Stoppage of urine and stool.

ବିଡ୍ଜ—ସଂ ବିଣ (ବିଟ୍=ବିଷ୍ଠା+ଜନ୍ ଧାତୁ+କର୍ତ୍ତୃ. ଅ)—ବିଷ୍ଠାଜାତ—
Bird-ja Produced from excrements.

ବିଡ୍ ବନ୍ଧ—(ଷଷ୍ଠୀ ତତ୍ପୁ ବିଟ୍+ ବନ୍ଧ)—ମଳାବରୋଧ—
Bird-bandha Constipation.

ବିଡ୍ ବରାହ—ସଂ. ବି (ବିଟ୍=ବିଷ୍ଠା+ବରାହ)-ଗ୍ରାମ୍ୟଶୂକର—
Bird-barāha Domestic pig.

ବିଡ୍ ଭଙ୍ଗ—ସଂ. ବି—ବହୁତ ଝାଡ଼ା ହେବା—Profuse evacua-
Bird-bhanga (ବିଡ୍ଭେଦ—ଅନ୍ୟରୂପ) tion.

ବିଡ୍ ଭେଦୀ—ସଂ. ବି ଓ ବିଣ—ଜୁଲାପ; ଝାଡ଼ା କରାଇବା ଔଷଧ—
Bird-bhedi Cathartic; purgative.

ବିଡ୍ ଲବଣ—ସଂ ବି (ବିଟ୍+ଲବଣ)—ବିଟଲୁଣ—Black salt.
Bird-labana (ବିଡ଼ଗନ୍ଧ—ଅନ୍ୟରୂପ)

ବିଡ୍—ଦେ. ବି (ସଂ. ବିଟ୍)—ମଳ; ଗୁହ—Ordure. ଦେ. ବିଣ—
Birda ଦୁର୍ଗନ୍ଧମୟ—Of offensive smell; fœtid

ବିଡଙ୍ଗ—ସଂ. ବି (ବିଡ୍ ଧାତୁ=ଭେଦ କରିବା+କର୍ତ୍ତୃ. ସଜ୍ଞାର୍ଥେ. ଅଙ୍ଗ)-
Birdanga ୧ । ଗାଛ ବିଶେଷ ଗୁଳ୍ମ ବିଶେଷ—1. Embellia Ribes. [ଦ୍ର—ଏହା ଲଟେଇ ଲଟେଇ ମାଡ଼େ । ଏହାର ଫଳ ରେଚକଗୁଣ । ଏହା ବୋମ୍ବାଇ, ଆସାମ ଓ ବ୍ରହ୍ମ ଦେଶରେ ଜନ୍ମେ । ] ୨ । ବାଇବିଡ଼ଙ୍ଗ—2. Embellia Robusta. ସଂ. ବିଣ—ଅଭିଜ୍ଞ; ବିଜ୍ଞ—Learned; experienced.

ବିଡ଼ମ୍ବ—ସଂ. ବି ( ବି=ବିଶେଷଣରୂପେ+ଡମ୍ବ ଧାତୁ=କ୍ଳେଶ
Birdamba ଦେବା+ଭାବ. ଅ)—୧ । କ୍ଳେଶ; ଯନ୍ତ୍ରଣା—1. Anguish; pain. ୨ । ପ୍ରତାରଣା; ବଞ୍ଚନା—2. Cheating; deception. ୩ । କ୍ଳେଶ ଦେବା—3. Afflicting; distressing. ୪ । ଅନୁକରଣ—4. Imitation (Apte) ଦେ. ବି—ବିଳମ୍ବ—Delay. ଉ—ବିଡ଼ମ୍ବ କୋହିଲେ ଅଛିଣସୂରେ, ବାଳ ଉବଦ୍ୟୋତ ଜବା ବି ଧରେ । ଉଞ୍ଜ. ବୈଦେହୀଶବିଳାସ ।] ଦେ. ବିଣ—ବିଲମ୍ବିତ; ଯାହା ତଳକୁ ଲମ୍ବିଅଛି—Hanging; pendant. [ଉ—ବିଡ଼ମ୍ବ ନୂତନ ମଞ୍ଜରୀ ତଳତଳ ଗଗନେ । ଉଞ୍ଜ. ବୈଦେହୀଶବିଳାସ ।] । ଦେ (ପ୍ରାଚୀନପଦ୍ୟ) ଅ—(ସଂ. ବିଡ଼ମ୍ବ=ଅନୁକରଣ) ପରି; ସଦୃଶ—Like [ଉ—ବିଡ଼ମ୍ବ ଓଷ୍ଠନେତ୍ରାନ୍ତ, ବନଜଚରଣ ହସ୍ତ, ବିଦ୍ରୁମ ମାଣିକ୍ୟ ଅମୂଲ୍ୟ ଛବିରେ ଚତ୍ତ ହୁଏ ଅନୁରକ୍ତ । ଉଞ୍ଜ. ବୈଦେହୀଶବିଳାସ ।]

ବିଡ଼ମ୍ବକ—ସଂ. ବିଣ (ବି+ଡମ୍ବ ଧାତୁ+ଅକ )—ମିଥ୍ୟାଆଶା ପ୍ରଦାନ
Birdambaka (ବିଡ଼ମ୍ବିକା—ସ୍ତ୍ରୀ) କାରୀ—Tantalising.

ବିଡ଼ମ୍ବଣ(ଣା)—ଦେ. ବି ( ସଂ. ବିଡ଼ମ୍ବନ )—୧ । ଯନ୍ତ୍ରଣା; କ୍ଳେଶ—
Birdambana(nā) 1. Trouble. ୨ । ଦୁଃଖ-2. Distress. ବିଡ଼ମ୍ବନ ୩ । ବଞ୍ଚନା; ପ୍ରତାରଣା—2. Deceit; knavery. [ଉ—ଅଜ୍ଞାନ ବିଡ଼ମ୍ବଣ ଏହି, ଏଣେ ଗୋବିନ୍ଦଙ୍କୁ ନ ପାଇ । ଜଗନ୍ନାଥ. ଭାଗବତ ।] ୪ । ବିଟମ୍ବିତା ବା ଅକଡ଼ଥା ଅବସ୍ଥା-4. Awkward predicament; ୫ । ଅମଙ୍ଗଳଜନକ ଘଟଣା—5. Portentous event; an event foreboding evil. ୬ । ଅଶ୍ରୁତପୂର୍ବ ବା ଅଦୃଷ୍ଟପୂର୍ବ ଅମଙ୍ଗଳଜନକ ଘଟଣା—6. An unheard of bad event. ୭ । ପ୍ରାକୃତିକ ଘଟଣାର ବିପର୍ଯ୍ୟୟ—7. Happening of unnatural events; preter-natural event. [ଉ—ସବୁହିଁ ବିଡ଼ମ୍ବଣ ଗାଉ, ଯୋଗୀନ୍ଦ୍ର ଅର୍ଦ୍ଧାଙ୍ଗେ ଯୁବତୀ । ଭୂପତି, ପ୍ରେମପଞ୍ଚାମୃତ ।] ୮ । ନନ୍ଦିତ କର୍ମ; କୁକର୍ମ—8. An evil deed. [ଉ—ରେଷଟଲେ ମାତା ପୁତ୍ରଗଣ, ସେ ବୁଦ୍ଧି ସଙ୍ଗେ ବିଡ଼ମ୍ବଣ । ଯଶୋବନ୍ତ. ପ୍ରେମଭକ୍ତି ବ୍ରହ୍ମଗୀତା ।] ଦେ॰ ବିଣ—୧ । ମନ୍ଦ ପ୍ରକୃତିକ;
(ବିଡ଼ମ୍ବଣିଆ—ଅନ୍ୟରୂପ) କୁତ୍ସିତ; ଘରପଶ—1. Vile. ୨ ।
(ବିଡ଼ମ୍ବଣୀ—ସ୍ତ୍ରୀ) ଅଖାଡୁଆ—2. Awkward ୩ । ଅସାଧାରଣ ଭାବରେ ମନ୍ଦ (ବ୍ୟକ୍ତି)—3. Uncommonly bad (person). ୪ । ଯନ୍ତ୍ରଣାଦାୟକ—4. Painful; afflicting. ୫ । ମିଥ୍ୟା ଆଶା ଦେଇ ଭଣ୍ଡାଉଥିବା—5. Tantalising. ୬ । ବିଟମ୍ବିତା ହେବା—6. Placed in a queer or awkward predicament ୭ । ବିବ୍ରତ ହେଉଥିବା—7. Suffering. ୮ । ମଙ୍ଗଳସୂଚକ—8. Portentous. ୯ । (ମନ୍ଦ ଅର୍ଥରେ) ଅପ୍ରାକୃତିକ; ପ୍ରକୃତିର ନିୟମବିରୋଧୀ—9. Unnatural; uncommon; preter-natural. ୧୦ । ବୃଥା—10. Useless [ଉ—ବିଡ଼ମ୍ବଣ ଅନୀ ଦୃଷ୍ଟି ଯେ ଟଳ ଟଳ ଗଗନେ ଉଞ୍ଜ. ବୈଦେହୀଶବିଳାସ । ]

ବିଡ଼ମ୍ବନ(ନା)—ସଂ. ବିଣ [ବି+ଡମ୍ବ ଧାତୁ+ଭାବ. ଅନ; +( ସ୍ତ୍ରୀ.
Birdambana(nā) ଆ)]—୧ । ଦୁଃଖ; ଯନ୍ତ୍ରଣା; କ୍ଳେଶ—1. Trouble; pain; distress. ୨ । ବଞ୍ଚନା; ପ୍ରତାରଣା—2. Deceit; cheating. ୩ । କ୍ଳେଶପ୍ରଦାନ—3. Distressing; paining. ୪ । ଅନୁକରଣ—4. Copying; imitation. ୫ । ସଦୃଶୀକରଣ—5. Equalising. ୬ । ଦୂରୀକରଣ—6. Driving away; expulsion. ୭ । ମିଥ୍ୟାଆଶା ଦେଖାଇବା—7. Tantalisation. ଦେ. ବି—ବିଡ଼ମ୍ବଣ କଥା; ଅପ୍ରାକୃତିକ ବିଷୟ—Uncommon thing. [ଉ—ତାହା ଶୁଣି କହିଲେ ଉଠି ବଳୀଷଣ, କହୁଛ କପାଇଁ ପକ୍ଷୀ ଏ ବିଡ଼ମ୍ବନ । କୃଷ୍ଣସିଂହ, ମହାଭାରତ ବନ ।] ଦେ. ବିଣ—
ବିଡ଼ମ୍ବମନା ୧ । ଅସାଧାରଣ—1. Extraordinary; uncommon. ଉ—ମସ୍ତକରେ ମଣ୍ଡନ୍ତେ ଫୁଲମାଳମାନ,,ଶୋଭା ଦିଶି ଦିଶିଲା ସେ କଥା ବିଡ଼ମ୍ବନ । କୃଷ୍ଣସିଂହ, ମହାଭାରତ ସଭା] ୨ । ଅସୁନ୍ଦର—2, Ungraceful. ୩ । ଅଡୁଆ; ଅଶ—

ହୋଇଥିବା—3. Awkward. ୪ । ଯନ୍ତ୍ରଣା ପ୍ରାପ୍ତ; କ୍ଲେଶିତ—4. Troubled; distressed. [ଭୁ—କଷ୍ଟରୀ ହୋଇଣ ବିଡ଼ମ୍ବନା ସେହୁ କର । ପ୍ରାଚୀ. ଶ୍ରୀଗୁରୁଭକ୍ତି ଗୀତା । ]

ବିଡ଼ମ୍ବନୀୟ—ସଂ. ବି (ବି+ଡମ୍ବ ଧାତୁ+କର୍ମ ଅନୀୟ)—ବଞ୍ଚନୀୟ—
Birdambaniya Fit to be deceived.

ବିଡ଼ମ୍ବିତ—ସଂ. ବିଣ (ବି+ଡମ୍ବ ଧାତୁ+କର୍ମ, ତ)—୧ । କ୍ଲେଶିତ—
Birdambita 1. Distressed; troubled; affected. ୨ । ପ୍ରତାରିତ—2. Deceived; cheated. ୩ । ମିଥ୍ୟା ଆଶା ଦ୍ୱାରା ଅତୃପ୍ତ ହୋଇ ଶେଷରେ ନିରସ୍ତ—3. Tantalised. ୪ । ଅନୁକୃତ—4. Copied; imitated. ୫ । ସଦୃଶୀକୃତ—5. Equalised.

ବିଡ଼ମ୍ବିବା—ଦେ. କ୍ରି (ପଦ୍ୟ)କ୍ରି (ସଂ. ବିଡ଼ମ୍ବନ)—ଅନୁକରଣ କରିବା—
Birdambiba To imitate. (ଭୁ—ପ୍ରଭୁ ଶୃଙ୍ଗ ବିଡ଼ମ୍ବିଲ୍ଲ
विड़म्बना ମାନେ ବସ୍ତ୍ର ଅର୍ଦ୍ଧ ନାଶିଲ ରଣ । ରାଧାନାଥ. ଚିଲିକା ।)

ବିଡ଼ା—ଦେ. ବି ( ସଂ ବୀଟ; ବୀଟକା=ବନ୍ଧ ଗୁଚ୍ଛ )—୧ । ଗୋଛ—
Birda 1. A bundle; a roll. ୨ । ଧାନ ଆଦି ଶସ୍ୟ ଗଛର
आँटी, बीड़ा ଗୁଚ୍ଛ; ବିଲା; କଳେଇ—2. Sheaf of corn.
अँटिया ୩ । ( ବିଡ଼ ଧାତୁ=ଭେଦ କରିବା ) ବିଡ଼ିବା; ପରୀକ୍ଷା
परीक्षा କରିବା—3. Testing; examining; gauging.
जाँचना ପ୍ରାଦେ. (ସମ୍ବଲପୁର ଓ ବସ୍ତର) ବି ଭୁଲ ହି. ବାଡ଼ା)—ପାନ ଖିଲି—A roll made up of spices and nut put inside a betel-leaf. ଦେ. ବିଣ—୧ । ଗୁଚ୍ଛୀକୃତ—1. Tied into a roll or bundle. ୨ । ଅଲୁଳାୟିତ; ଜଟିଳୀକୃତ—2. Tangled; matted. ୩ । ପରୀକ୍ଷିତ—3. Tested; gauged.

ବିଡ଼ା ଓ(ଔ)ଷଧ—ଦେ. ବି—ପରୀକ୍ଷିତ ଔଷଧ—Well tested
Birda o(au)shadha जाची हुई दवा medicine.

ବିଡ଼ା କରିବା—ଦେ. କ୍ରି—ଲମ୍ବ ପଦାର୍ଥମାନଙ୍କୁ ଗୋଛ କରି ବାନ୍ଧିବା—
Birda kariba To tie long articles into a sheaf
बीड़ा बाँधा बीडा बाँधना or bundle.
(ବିଡ଼ା ବାନ୍ଧିବା—ଅନ୍ୟରୂପ)

ବିଡ଼ାନାସି—ଦେ. ବି. ( ନାମ )—କଟକର ପଶ୍ଚିମରେ ଏକ ମାଇଲ
Birdanasi ଦୂରରେ ଅବସ୍ଥିତ ପ୍ରାଚୀନ ଗ୍ରାମବିଶେଷ—
A old village situated one mile to the west to the town of Cuttack proper. (ଭୁ—ବିଡ଼ାନାସି ଗଡ଼େ ସୁବର୍ଣ୍ଣ କେଶରୀ ଭୂପ, ଭୂପ ଯଥା ଶିଙ୍ଗରେ କେଶରୀ—ରାଧାନାଥ. ନନ୍ଦକେଶରୀ ।) [ ଦ୍ର—କେଶରୀ ବଂଶର ରାଜା ନୃପକେଶରୀ ବାରଣସୀ କଟକ ବା ବର୍ତ୍ତମାନ ବିଡ଼ାନାସି ନାମକ ନଗର ବସାଇ ସେଠାରେ ଦୁର୍ଗ ନିର୍ମାଣ କରିଥିଲେ । ବର୍ତ୍ତମାନ ଏ କ୍ଷୁଦ୍ର ଗ୍ରାମ କାଠଯୋଡ଼ି ନଦୀର ଗର୍ଭ ଓ ବନ୍ଧ ମଧ୍ୟରେ ଅବସ୍ଥିତ । ]

ବିଡ଼ା ବାନ୍ଧିବା—ଦେ. କ୍ରି—ବିଡ଼ା କରିବା (ଦେଖ)
Birda bandhiba Birda kariba (See)

ବିଡ଼ା ବାନ୍ଧିଯିବା } ଅନ୍ୟରୂପ
ବିଡ଼ା ବିଡ଼ା ହେବା
ଦେ. କ୍ରି(ମୁଣ୍ଡର କେଶ) ସହାଳିବାରୁ ଜଟା ବାନ୍ଧିଯିବା—To become
जटा बँधे जाना matted or tangled (said of hair)
जटा होजाना owing to neglect and want of combing.

ବିଡ଼ା ବାଳ—ଦେ. ବି.—୧ । (ମୁଣ୍ଡରେ) ଘନ ସନ୍ନିବିଷ୍ଟ ଓ ଲମ୍ବ କେଶ—
Birda bala 1. Thick and long hair (of the
घनकेश head). ୨ । ଜଟିଳ କେଶ—2. Tangled hair.

ବିଡ଼ା ବିଡ଼ା—ଦେ. କ୍ରି. ବିଣ—୧ । ଗୋଛ ପରେ ଗୋଛ (ଗଣିବା ବା
Birda birda ରଖିବା)—1. Sheaf after sheaf. ୨ ।
(ବିଡ଼ାକୁ ବିଡ଼ା—ଅନ୍ୟରୂପ) ଗୋଛ ଗୋଛ ହୋଇ; ଗୁଚ୍ଛୀକୃତ
बीडा बीडा ଭାବରେ—2. In sheaves. ପ୍ରାଦେ. (ଗଡ଼ଜାତ) ବିଣ—ଅସ୍ତବ୍ୟସ୍ତ; ଅଲୁଅଡ଼ୁଆ (ବାଳ)—Dishevelled and matted (hair).

ବିଡ଼ାଳ—ସଂ. ବି. ପୁଂ (ବିଡ଼ ଧାତୁ=ଶବ୍ଦ କରିବା; ଭେଦ କରିବା+
Birdala କର୍ତ୍ତୃ. ଅଲ)—୧ । ମାର୍ଜାର; ବିରାଡ଼ି—1. Cat.
ବିଡ଼ାଳକ
ବିଡ଼ାଲ } ଅନ୍ୟରୂପ
ବିଲ୍ଲାଳ
୨ । ନେତ୍ର ପିଣ୍ଡ; ଆଖି ପିତୁଳା—2. The pupil of the eye; eye ball. (ବିଡ଼ାଳୀ—ସ୍ତ୍ରୀ)

ବିଡ଼ାଳକ—ସଂ. ବି. ( ବିଡ଼ାଳ=ନେତ୍ର ପିଣ୍ଡ+କ )—ନେତ୍ରୌଷଧ
Birdalaka ବିଶେଷ—A medicine for the eye.

ବିଡ଼ାଳ ଚକ୍ଷୁଃ—ସଂ. ବିଣ ( ବହୁବ୍ରୀହି; ବିଡ଼ାଳ+ଚକ୍ଷୁଃ )—ଯାହାର
Birdala chakshuh ଆଖି ବିରାଡ଼ିର ଆଖି ପରି ପାଣ୍ଡୁର;
(ବିଡ଼ାଳାକ୍ଷି—ଅନ୍ୟରୂପ) ଚନ୍ଦ୍ର ଆଖିଆ—Brown-eyed; pale-eyed.

ବିଡ଼ାଳ ତପସ୍ୱୀ—ସଂ. ବି—ଭଣ୍ଡ ତପସ୍ୱୀ—A hypocrite; a
Birdala tapaswi person who shows himself to
(ବିଡ଼ାଳ ବ୍ରତ—ଅନ୍ୟରୂପ) the world as a pious man.
[ ଦ୍ର—ହିତୋପଦେଶରେ ବିଡ଼ାଳତପସ୍ୱୀ ସମ୍ବନ୍ଧେ ନିମ୍ନ ଲିଖିତ ଗଳ୍ପ ଅଛି—ଗୋଟିଏ ବିରାଡ଼ି ଏକ ଗ୍ରାମରେ ଆହାର ନ ପାଇ ବୃକ୍ଷ କୋଟରସ୍ଥ ପକ୍ଷିଶାବକମାଂସାର୍ଥୀ ହୋଇ ସେଠାରେ ପହଞ୍ଚି ପକ୍ଷୀମାନଙ୍କୁ କହିଲା;—ମୁଁ ନିରାମିଷାଶୀ ତପସ୍ୱୀ, ମୁଁ ଧର୍ମୋପଦେଶ ଶୁଣିବାକୁ ଆସିଅଛି । ବିରାଡ଼ିର କପଟ ତପସ୍ୱିତା ପକ୍ଷୀମାନେ ବୁଝି ନ ପାରି ତାଠାରେ ବିଶ୍ୱାସ କରି ବିରାଡ଼ିକୁ ସେଠାରେ ରହିବାକୁ ଅନୁମତି ଦେଲେ ଓ ବିରାଡ଼ି ସୁବିଧା ଓ ସୁଯୋଗ ଦେଖି ପକ୍ଷିଶାବକମାନଙ୍କୁ ଖାଇଲା । କ୍ରମଶଃ ଶାବକମାନଙ୍କର ସଂଖ୍ୟା କମିବାର ଦେଖି କେତେ ଦିନ ପରେ ପକ୍ଷୀମାନଙ୍କର ବିରାଡ଼ି ଉପରେ ସନ୍ଦେହ ହେବାରୁ ବିରାଡ଼ି ସେଠାରୁ ପଳାଇ ଆସିଲା । ]

ବିଡ଼ାଳ ପଦ—ସଂ. ବି—୧ । ବିରାଡ଼ିର ପାଦ—1. Cat's foot.
Birdala pada ୨ । ଦୁଇ ତୋଳା ପରିମାଣ ବା ଓଜନ—
2. A standard weight of 2 Tolas.

ବିଡ଼ାଳ ବୈରାଗ୍ୟ—ସଂ. ବି—ବାହ୍ୟ ବୈରାଗ୍ୟ—Hypocritical
Birdala bairagya indifference to worldly
(ବିଡ଼ାଳ ବ୍ରତ—ଅନ୍ୟରୂପ) affairs.

**ବିଡ଼ାଳ ଶାବକ**—ସଂ. ବି ( ୬ଷ୍ଠୀ ତତ୍; ବିଡ଼ାଳ+ଶାବକ )—Birḍāla śābaka ବିରାଡ଼ି ଛୁଆ—Kitten. (ବିଡ଼ାଳ ଶିଶୁ — ଅନ୍ୟରୂପ)

**ବିଡ଼ି**—ଦେ. ବି. (ସଂ. ବାଟିକା)—୧ । ଛୋଟ ବିଡ଼ା—1. A small Birḍi sheaf. (ଉ—ଦକ୍ଷିଣ କରେ ଲୁଣବିଡ଼ି, ମନ୍ତ୍ରକ କଲେ ବିଡ଼ୀ ବେଦ ପଢ଼ି—ଜଗନ୍ନାଥ. ଗୁଣ୍ଡିଚା ।) ୨ । ସାନ କଳସି; **भिंडा** ଘଡ଼ି—2. A small earthen water jug. ୩ । ( ସଂ. ବୀଟକ ) ବିଡ଼ିଆ; ପାନ ଖିଲି—3. Betel leaf made up into a packet or conical roll containing slices of nut, spices etc. (ଉ.—ବିଡ଼ିଆ ବିଡ଼ି ବିଡ଼ାଇଲେ ସଜାଡ଼ି । କବିସୂର୍ଯ୍ୟ. ଉଦ୍ଧବଚରିତ୍ର ।) ୪ । ଛୋଟ ପିକା; ଦୋକତାର ଚୂର୍ଣ୍ଣକୁ ବା କ୍ଷୁଦ୍ର ବିଡ଼ୀ **बीड़ी** କ୍ଷୁଦ୍ର ଖଣ୍ଡକୁ କାଠ ପତ୍ରରେ ଗୁଡ଼ାଇ କରି ଯାଇଥିବା ଛୋଟ ଛୋଟ ପିକା—4. Cigarette; biree.

**ବିଡ଼ିଆ**—ଦେ. ବି—(ସଂ. ବାଟିକା; ବୀଟକ)—ପାନଖିଲି—Betel leaf Birḍiā made into a roll containing spices, nuts etc. [ ଉ—ଖିଲି ଖିଲି କରି ଖୁଆଇବ ପ୍ରିୟ ମୁଖେ କର୍ପୂର ବିଡ଼ିଆ । କବିସୂର୍ଯ୍ୟ. ଉଦ୍ଧବଚରିତ୍ର ।]

**ବିଡ଼ିଆ ଲାଗି**—ଦେ. ବି. (ରାଜା ଓ ଦେବତାମାନଙ୍କ ପ୍ରତି ପ୍ରଯୋଜ୍ୟ)—Birḍiā lāgi ୧ । ( ରାଜାଙ୍କର ) ଭୋଜନ ପରେ ମୁଖବାସାର୍ଥ ( ବିଡ଼ିଆ ଯୋଗଣ—ଅନ୍ୟରୂପ ) ପାନଖିଲି ସେବାଇବା—1 Chewing of betel after meal. (ଉ—ପାଞ୍ଚ ଗ୍ରାସ ମଣୋହି ସାରି ବିଡ଼ିଆ ଲାଗି । ବିଶ୍ୱନାଥ. ବିଚିତ୍ର ରାମାୟଣ ) । ୨ । ଦେବତାଙ୍କ ଭୋଗ ବଢ଼ା ଯିବା ପରେ ପାନଖିଲି ଅର୍ପଣ କରାଯିବା ବିଧି—2. The rite of offering rolled betel to a Deity after the offering of food. ଦେ. ବିଣ—୧ । ପାନଖିଲି ସେବାଉ ଥିବା (ରାଜା)—1. (a Rajā) Chewing betel. ୨ । ଯେଉଁ ଦେବତାଙ୍କୁ ପାନଖିଲି ଅର୍ପଣବିଧି କରି ଯାଇ ଥାଏ—( an idol ) Having undergone the ceremony of being presented with a roll of betel.

**ବିଡ଼ିଆଳୀ**—ଦେ. ବିଣ—ରାଜା ଓ ରାଣୀଙ୍କୁ ପାନ ଖିଲି ଯୋଗାଇବା Birḍiāli (ଦାସ ଦାସୀ)—(Servant) Whose duty it is to supply dressed betel to a Rājā or Rāṇi. (ଉ—କର୍ପୂର ବିଡ଼ିଆ ବିଡ଼ିଆଳୀ ସେଇ ଦାଳକ କ୍ଷୁଏ ପଛେ । କବିସୂର୍ଯ୍ୟ. ଚନ୍ଦ୍ରକଳା ।)

**ବିଡ଼ିକ**—ସଂ. ବି.—ପାନ ଖିଲି (ହ. ଶ)—A rolled packet of Birḍika betel.

**ବିଡ଼ି କାଠ**—ଦେ. ବି—ଛୋଟ ଛୋଟ ବିଡ଼ାରେ ବନ୍ଧା ହୋଇ ବଜାରରେ Birḍi kātha ବିକ୍ରି କରି ଯାଉଥିବା ଜାଳେଣି କାଠ—Faggots tied into small bundles and offered for sale.

**ବିଡ଼ି ଖାଇବା**—ଦେ. କ୍ରି—ବିଡ଼ି ବା ଛୋଟ ପିକାରେ ନିଆଁ ଧରାଇ Birḍi khāibā ଧୂମପାନ କରିବା—To smoke cigarette. (ବିଡ଼ି ପିଇବା—ଅନ୍ୟରୂପ) বিড়ী খাওয়া **बीड़ी पीना**

**ବିଡ଼ିବା**—ଦେ. କ୍ରି—[ସଂ. ବିଡ୍ ଧାତୁ—ଭେଦ କରିବା (କାହାରି ମନକୁ)] Birḍibā ୧ । କୌଣସି ବ୍ୟକ୍ତିର ମନକୁ ପରୀକ୍ଷା କରିବା—**परीक्षा करना** 1 To gauge the mind of a person. **जांचना** (ଉ—କହେ ବିଭ ଅର୍ଯ୍ୟମା, ମୁଁ ଦୋଷ କଲେ କ୍ଷମା, ଦେବ ନାହିଁ ବ ଏହା ବିଡ଼ିଲରେ । କବିସୂର୍ଯ୍ୟ. ସଙ୍ଗୀତ ।) ୨ । ପରୀକ୍ଷା କରିବା—2. To test. ( ଉ—ନଳେ ବିଡ଼ ଅମ୍ଭେ ତାହା ଜାଣି ଅଛୁଁ ଭଲେ । ସାରଳା. ମହାଭାରତ) । ୩ । ବାନ୍ଧିବା; ବନ୍ଧନ କରିବା; ମନ୍ତ୍ର ଯନ୍ତ୍ର ପ୍ରୟୋଗଦ୍ୱାରା କୌଣସି ବ୍ୟକ୍ତିର ମନକୁ ବାନ୍ଧି ଦେବା ବା ଅବଶ କରିବା । 3. To enchant a person; to silence a person by means of charms.

**ବିଡ଼ିବିଡ଼ା**—ଗ୍ରାଦେ ( ଗଡ଼ଜାତ ) ବିଣ—ଜଟିଳୀକୃତ ( କେଶ )—Birḍibirḍā Matted; tangled (hair).

**ବିଡ଼ିବିଡ଼ି**—ଦେ. କ୍ରି. ବିଣ—ଛୋଟ ଛୋଟ ବିଡ଼ାରେ—In small Birḍibirḍi sheaves or bundles; by sheaves. (ବିଡ଼ିକବିଡ଼ି—ଅନ୍ୟରୂପ) আঁটিআঁটি

**ବିଡ଼ୀନ**—ସଂ. ବି ( ବି+ଡ଼ୀ ଧାତୁ—ଉଡ଼ିବା+ଭାବ ତ )—ପକ୍ଷୀର Birḍīna ଗତିବିଶେଷ—A kind of bird's motion.

**ବିଡ଼ୁଦୁଲା**—ଗ୍ରାଦେ ( ଗଞ୍ଜାମ ) ବି (ତେଲୁଗୁ)—ଡାକଲଖାରଜ (ଦେଖ) Birḍudulā Dākhalakhāraj (See)

**ବିଡ଼ୋ(ଡ଼ୌ)ଜା**—ସଂ. ବି [ ବହୁବ୍ରୀହି; ବିଡ଼—ବଳ+ଓଜସ୍=ବଳ; Birḍo(rḍau)jā ବିଡ଼ୋ(ଡ଼ୌ)ଜସ୍ ୧ମା. ୧ବ ]—ବଜ୍ରଧର; ଦେବରାଜ; ଇନ୍ଦ୍ର—Indra.

**ବିଣ୍ଡ**—ଦେ. ବି ( ସଂ. ପିଣ୍ଡ )—୧ । ରୁଟିଆଦି ନିମନ୍ତେ ପ୍ରସ୍ତୁତ ମଇଦା-Binḍa ଅଟର ଚକଟା ପିଣ୍ଡ—1. Ball of flour prepared গোলা; তাল for being made into bread etc. ୨ । ବିଣ୍ଡା **डपों** ( ଦେଖ )—2. Binḍā ( See )

**ବିଣ୍ଡା**—ଦେ. ବି ( ସଂ. ପିଣ୍ଡ )—୧ । ପିଣ୍ଡୁଲି; ପିଣ୍ଡାକାର ବସ୍ତୁ; ଗୁଟିକା; Binḍā ଗୋଟାଳ—1. Something rolled into a ball. **गुटली; नेटी** ୨ । ଅଟା, ମଇଦାଆଦି ଗୋଟା ବାନ୍ଧି ଯାଇ ପ୍ରସ୍ତୁତ **पोंडी, पिंडा** ହୋଇଥିବା ପିଣ୍ଡୁଲି ବା ଗୋଟାଳୀ—2 Flour বিড়ী etc rolled into a ball. ୩ । ଗାତର ବା ଛିଦ୍ରର ମୁହଁ ବନ୍ଦ କରିବା ପାଇଁ ମରାଯିବା କନାଆଦିର ପିଣ୍ଡୁଳା—3. Plugs made by rolling rags ୪ । କନ୍ଦୁକ; ଝୁଡ଼ୀ ଛୋଟ ପେଣ୍ଡୁ—4. Small ball. ୫ । ଲୁଣ୍ଡା; ଶୁଖିଲା ଘାସ **जुडी** ବା କୁଟାଆଦି ଗୁଡ଼ାଇ କରିଯାଇ ଥିବା ପିଣ୍ଡାକୃତି ଆଧାର ବିଶେଷ (ଯହିଁରେ ନିଆଁ ରଖି ହୁକୁଲା ପକାଇବାକୁ ହୁଏ)—5. Hay or straw etc rolled into a ball for igniting fire. ( ଉ—ଅଗ୍ନି ଶସ୍ତ୍ରେ ତୃଣବିଣ୍ଡାରେ ଯେ ଲଗାଇଲେ । କୃଷ୍ଣସିଂହ. ମହାଭାରତ ବନ ।) ଗ୍ରାଦେ.

( ସିଂହଭୂମ ) ବି ( ଭୂଲ ଏହି ଅର୍ଥରେ ବ. ବାଡ଼ା )—ବୋହିଅମାନଙ୍କର ବୋଝ ମୁଣ୍ଡାଇବା ପାଇଁ ମୁଣ୍ଡଉପରେ ରଖିବା ପତ୍ରଆଦିର ମୁଣ୍ଡୁଲା—A circlet or cushion of leaves etc used by porters on the head to carry loads on. ବି—୧। ଖଣ୍ଡ ଟୋଇ ବନ୍ଧା ହୋଇଥିବା ଗୋଛା—1. A bundle tied up tightly. ୨। ବୋତଲ ଇତ୍ୟାଦିର ଠିପି—2 Cork

ଛିପି or stopper for a bottle etc. ୩। ମୁହଁରେ ମଗ୍ନଦିବା ଠିପି—3. A gag or plug or wisp to stop the mouth.

**ବିଣ୍ଡା ଧରିବା**—ଦେ. କ୍ରି—ଢେଲା ବାନ୍ଧିବା; ଗୋଟା ବାନ୍ଧିବା; ପିଣ୍ଡାକାର
Bindā dharibā ଧାରଣ କରିବା—To form into clods.
[ ବିଣ୍ଡ ଧରିବା, ବିଣ୍ଡ(ଣ୍ଡା) ବାନ୍ଧିବା —ଅନ୍ୟରୂପ ]
गुटली बाँधा गुठली बंधजाना

**ବିଣ୍ଡା ମାରିବା**—ଦେ· କ୍ରି—ବିଣ୍ଡାଦ୍ୱାରା କୌଣସି ଛିଦ୍ର ବନ୍ଦ କରିବା—
Bindā māribā To stop a hole with a plug or
नूडी मारना छिपिमारा a ball of rags or straw.

**ବିଣ୍ଡି**—ଦେ. ବି—୧ । ବିଣ୍ଡା ( ଦେଖ )—1. Bindā ( See )
Bindi ୨। କୁମ୍ଭାରମାନେ ବାଆଁ ହାତରେ ଯେଉଁ ଗୋଟାଏ
पिंड ପଥରଖଣ୍ଡ ହାଣ୍ଡିର ତଳପାଖରେ ଧରି ହାଣ୍ଡିର ଉପରପାଖକୁ ଡାହାଣ ହାତରେ ପିଟଣାରେ ପିଟନ୍ତି—2. A round piece of stone held by a potter in the left hand inside a pot while hammering it on

जामड़ा; जामुड़ा; कड़ा the outside with the right hand.

ठेला ୩। ଚର୍ମିଷ୍ଠାଦିର ମାଂସଗୁଡ଼ିକା; ଦେହର ଉପରେ ହେବା ଘର୍ଷଣଜନିତ ପିଣ୍ଡାକୃତି କର୍କଶ ମାଂସବୃଦ୍ଧି—3 Hard skin formed on parts of the body due to constant friction of those parts; corn; calluse; clavus; bunion. (ଉ—ବିଣ୍ଡି ହେଲା ମୁଣ୍ଡ ପଛ ଗୋଡ଼ ଚଳେ, ଗଣ୍ଡିଭ ନ ହେଲେ ଅଙ୍କ । ଉକାଶ୍ରି- ସାଥିନଥ ବାଡ଼ା । ) [ ବି—କେତେ ଚିକିତ୍ସାଦ୍ୱାରା ଗୋଡ଼ର ଅଗ ଠି ଆଦି ଉପରେ, ସବାର ଓ ଭାର ବୋହିବାଦ୍ୱାରା କାନ୍ଧରେ ଏବଂ ବୋଝବୋହିବା ଯୋଗୁଁ ବୋହିଅଙ୍କ ମୁଣ୍ଡରେ ବିଣ୍ଡି ବସିଯାଏ । ଏହା ଦୁଇପ୍ରକାର । ଗୋଟିଏ ପ୍ରକାର ବିଣ୍ଡି ଅତ୍ୟନ୍ତ ଯନ୍ତ୍ରଣା ଦିଏ ଏବଂ ଅନ୍ୟ ପ୍ରକାରର ବିଣ୍ଡିରେ କୌଣସି କଷ୍ଟ ହୁଏ ନାହିଁ । ] ୪ । ଧାନ ବିଲ ବାଛିବା ବେଳେ

आँटी ଯେଉଁ ଘାସଆଦି ବିଲରୁ ଓପାଡ଼ି ହାତରେ ବିଣ୍ଡା ମଳି

नूडी ବୁଡ଼ିତଳେ ମାଡ଼ିଦେବାକୁ ହୁଏ ( ଯାହା ସଢ଼ିଯାଇ ବୁଡ଼ିକୁ ଉର୍ବର କରେ )—୪. Weeds uprooted from a paddy field and rolled into a ball and thrust into the ground. ( ଉ —ଫସ୍ତୁ ଖଣ୍ଡି ଗ୍ରେଦୁଅଛି । ବୁଦ୍ଧିବନ୍ତନ । )

**ବିଣ୍ଡିଅ**—ଦେ. ବି—୧ । ବିଣ୍ଡି ପର ଜଳାଥିବା ମଶାଲର ଶୂଳରେ
Bindiā ମାରି, ତେଲରେ ବୁଡ଼ାଇ ଜଳାଇବା ନିମନ୍ତେ ପ୍ରସ୍ତୁତ ଜନାଖଣ୍ଡ; ବିଣ୍ଡଅ—1. Balls of rags prepared to be attached to the prongs of a forked torch after being moistened with oil.

बौड़ा, चिमगा ୨ । ବୋହିଅମାନଙ୍କର ମୁଣ୍ଡ ଉପରେ ବୋଝ ରଖିବା

बीठा ନିମନ୍ତେ ସ୍ଥାପିତ କନାର ବା ପାଳର ମଳା; ମୁଣ୍ଡୁଳା; ବିମୂଳା—2. Rags or straw rolled into circular cushions put by porters over the head to carry loads on. ୩ । ହାଣ୍ଡି, ମାଠିଆ ଆଦିକୁ ଭୂମିରେ ଅଟଳ କରି ବସାଇବା ପାଇଁ ବ୍ୟବହୃତ କନାର ବା ପାଳର ମଳା—3 Circular cushions used for setting firmly round-buttomed pots on the ground

**ବିଣ୍ଡି ବସିବା**—ଦେ. ବି—ବାରମ୍ବାର ଘର୍ଷଣ ଯୋଗୁଁ ଅଙ୍ଗ ବିଶେଷରେ
Bindi basibā ଘଣ ବା କର୍କଶ ମାଂସ ଗୁଟିକା ଜାତ ହେବା—
कड़ा पड़ा Formation of corns or callosities on a
ठेला हागा (ବିଣ୍ଡି ବସିଯିବା—ଅନ୍ୟରୂପ) part of the body.

**ବିଣ୍ଡି ମାରିବା**—ଦେ, କ୍ରି— ୧ । ଧାନ ଷେତରେ ଫାଙ୍କ ଥିବା ସ୍ଥଳରେ
Bindi māribā ଧାନ ଗଛ ରୋଇ ଦେବା—1. To transplant paddy plants in blank
नूडी मारना छिपिमारा spaces of a field.
୨ । ବୋତଲ ଆଦିର ମୁହଁ ବନ୍ଦ କରିବା—2. To stop the mouth by a plug or gag or stopper.

**ବିତ୍(ଦ୍)**—ସଂ. ବିଣ ପୁଂ (ବିଦ୍ ଧାତୁ + କ୍ୱିପ୍)—ଯେ ଜାଣେ; ଜ୍ଞ; ଜ୍ଞାତା-
Bit(d) Knowing; versed in. [ ବି—ଏହା ଅନ୍ୟ ଶବ୍ଦ ସଙ୍ଗେ ପ୍ରଯୁକ୍ତ ହୁଏ । ଯଥା—ବେଦବିତ୍, ଶାସ୍ତ୍ରବିତ୍ । ]

**ବିତ୍‌ପାତ**—ଦେ ବି (ସଂ. ବ୍ୟତୀପାତ)—ବ୍ୟତୀପାତ (ଦେଖ)
Bit-pāta उतपात बितपात Byatipāta (See)

**ବିତ୍‌ବିତା**—ଗ୍ରାଦେ. ( ସମ୍ବଲପୁର ) ବି—ବିରକ୍ତି—Vexation;
Bit-bitā indignation. ବିଣ—ବିରକ୍ତ—Vexed.

**ବିତ୍‌ସନ**—ସଂ. ବି—ବୃଷଭ —Bull.
Bit-sana (ବିତ୍ସନ—ଅନ୍ୟରୂପ)

**ବିତ**—ଗ୍ରା. ବି ( ସଂ. ବିତ୍ତ )—ବିତ୍ତ; ଧନ—Riches; wealth.
Bita ( ଉ—ଅଧର୍ମ ବିତ ଫଳେ ବହୁତ, ଗଲାବେଳେ ଯାଏ ମୂଳ ସହିତ । ଉଗ ।)

**ବିତଂସ**—ସଂ. ବି ( ବି + ତନ୍ସ ଧାତୁ—ଭୂଷିତ କରିବା; ବନ୍ଧନ କରିବା
Bitamsa + କରଣ ଅ )—୧ । ଅଳଙ୍କାରବିଶେଷ—1. A kind of ornament. ୨ । ପଶୁପକ୍ଷୀଙ୍କୁ ଭୁଲାଇବା ପାଇଁ ଶିକାରୀଦ୍ୱାରା ବ୍ୟବହୃତ ପ୍ରାବରଣ ବା ପରିଧେୟ—2 A cloak used by a hunter to mislead animals. ୩ । ପକ୍ଷୀଙ୍କୁ ଧରିବା ଫାଶ—3. A bird-snare; a bird-net. ୪ । ପଞ୍ଜୁରୀ—4. Cage. ୫ । ପଶୁପକ୍ଷୀଙ୍କୁ ବାନ୍ଧିବା ନିମନ୍ତେ ବ୍ୟବହୃତ ପଘା ବା ଡୋରି—5. A string or rope used for tying animals.

**ବିତଣ୍ଡା**—ସଂ. ବି ( ବି+ତନ୍ଡ଼୍ ଧାତୁ=ଆଘାତ କରିବା+ଭାବ ଅ+ ଆ )—Bitandā ସ୍ତ୍ରୀ. ଅ )—୧ । ତର୍କ; ଯୁକ୍ତି; ବାଦାନୁବାଦ—1. Refutation; debate; controversy. ୨ । ପରର ମତ ଖଣ୍ଡନ କରିବା ପାଇଁ ବୃଥା ବାଦାନୁବାଦ—2. Perverse argument. ୩ । ନିଷ୍ଫଳ ତର୍କ—3. Fruitless discussion. ୪ । ଅଶାସ୍ତ୍ରୀୟ ଯୁକ୍ତି—4. Hair-splitting argument. ଦେ. ବି—୧ । ବାଗ୍‌ଯୁଦ୍ଧ—1. Wordy duel. ୨ । ବୃଥା ବାକ୍ୟବ୍ୟୟ — 2. Bragging; boasting. ଦେ. ବିଣ—୧ । ବେତଣ୍ଡା; ବେଅଡ଼ା, ଅନୁଚିତ—1. Improper. ୨ । ବୈତଣ୍ଡିକ; ଯେ ବୃଥା ତର୍କ କରେ—2 Argumentative. ୩ । ଅଶାସ୍ତ୍ରୀୟ—3. Perverse; bumptious. ୪ । ଅବାଧ୍ୟ—4. Insubordinate.

বিতণ্ডা
वितण्डा

**ବିତଣ୍ଡା କରିବା**—ଦେ. କ୍ରି—୧ । ବୃଥା ବାକ୍ୟୁଦ୍ଧ କରିବା—1. To Bitandā kariba make perverse argument. [ବିତଣ୍ଡାଲଗା(ଗେ)ଇବା—ଅନ୍ୟରୂପ] ୨ । ବୃଥାରେ କଳି ଲଗାଇବା—2. To quarrel unnecessarily.

বিতণ্ডা করা
वितण्डा जगाना

**ବିତତ**—ସଂ. ବିଣ ( ବି+ତନ୍ ଧାତୁ=ବିସ୍ତାର କରିବା+କର୍ମ ତ )—Bitata ୧ । ବିସ୍ତୃତ; ବ୍ୟାପ୍ତ—1. Spread. ୨ । ପ୍ରସାରିତ—2. Extended. ସଂ. ବି—ବୀଣା ପ୍ରଭୃତି ତାର ଯୁକ୍ତ ଯନ୍ତ୍ର—Harp and other stringed musical instruments

**ବିତତି**—ସଂ. ବି ( ବି+ତନ୍ ଧାତୁ+ଭାବ ତି )—୧ । ବିସ୍ତୃତି—Bitati 1. Expansion; expanse; extension ୨ । ଶ୍ରେଣୀ; ଧାଡ଼ି—2. Row. ୩ । ସମୂହ—3. Collection; gathering; multitude.

**ବିତଥ**—ସଂ. ବିଣ ( ବହୁବ୍ରୀହି; ବି=ବିଗତ+ତଥ୍ୟ=ସତ୍ୟ; 'ଯ' ଲୋପ )—୧ । ଅସତ୍ୟ; ମିଥ୍ୟା—1. False; Bitatha untrue. ୨ । ଅଳୀକ; ଅମୂଳକ—2. Groundless unsubstantial. ୩ । ବୃଥା; ଅନର୍ଥକ—3. Fruitless. ସଂ. ବି—ପ୍ରବଞ୍ଚନା; ଛଳ—Deceit; deception. ଦେ. ବି—ଦୁଃଖ; ବ୍ୟଥା—Trouble. (ଉ—ଧ୍ୟାନେ ଦେଖୁଛୁ ତା ପୁର ଗତାଗତେ ବିରହେ ବିତଥ ପାଇ । ପ୍ରାଚୀ, ଉପବାରଧି । )

**ବିତଥ୍ୟ**—ସଂ, ବିଣ ( ବହୁବ୍ରୀହି; ବି=ନାହିଁ+ତଥ୍ୟ )—ଅସତ୍ୟ; Bitathya ଅଳୀକ; ମିଥ୍ୟା—Untrue; false.

**ବିତନୁ**—ସଂ, ବିଣ ( ବହୁବ୍ରୀହି; ବି=ବିଶୀର୍ଣ୍ଣ+ତନୁ )—୧ । କ୍ଷୀଣ—Bitanu 1. Tender; weak. ୨ । ରୁଗ୍ଣ; ରୋଗୀ—2 Sickly; of delicate health. ୩ । କମନୀୟ; ସୁନ୍ଦର—3. Graceful.

**ବିତନ୍ତ୍ରୀ**—ସଂ, ବି ( ବହୁବ୍ରୀହି; ବି+ତନ୍ତ୍ରୀ )—ଯେଉଁ ବାଦ୍ୟଯନ୍ତ୍ରର Bitantri ତାର ଉଚିତ ସ୍ୱର ଅନୁରୂପ ସଜଡ଼ା ହୋଇ ନାହିଁ—Musical instruments, the strings of which have not been properly tuned and so have become discordant, (ସୁତନ୍ତ୍ରୀ—ବିପରୀତ)

**ବିତପନ**—ଦେ. ( ପଦ୍ୟ ) ବିଣ—ଦୀପ୍ତ; ଶୋଭାଯୁକ୍ତ—Dazzling; Bitapana bright. (ଉ—ନାନା ତରୁମାନଙ୍କରେ ବିଶୋଭନ, ହେମ ତରୁଗ୍ରାମ ବିତପନ । ବିଶ୍ୱନାଥ. ବିଚିତ୍ରରାମାୟଣ ।) ସ୍ତ୍ରୀ. ବିଣ— ( ସଂ. ବ୍ୟୁତ୍ପନ୍ନ )—ବ୍ୟୁତ୍ପନ୍ନ; ବିଶାରଦ—2. Well versed in. [ ଉ—ସଙ୍ଗୀତବିଦ୍ୟା ବିତପନ, ଅପୂର୍ବ ପୁତ୍ରରତନ । ଭୂପତି ପ୍ରେମପଞ୍ଚାମୃତ ।]

**ବିତର**—ଦେ. (ପଦ୍ୟ) ବି—ବିସ୍ତୃତି—Expansion. [ଉ—Bitara ବିତରରୁ ଭ୍ରମ କହେ ଅଛୁରେ, ବୋଲନ୍ତି ତୁ ଭ୍ରମୁ ବ୍ୟାଧି ଭ୍ରମୁରେ । ଉପେ. ବୈଦେହୀଶବିଳାସ । ]

**ବିତରଣ**—ସଂ. ବି—(ବି+ତୃ ଧାତୁ=ଦାନ କରିବା+ଭାବ. ଅନ)—Bitarana ୧ । ପରିତ୍ୟାଗ—1. Free gift; donation. ୨ । ଦାନ—2. Gift. ୩ । ବଣ୍ଟନ; ବାଣ୍ଟିବା—3 Distribution. ଦେ. (ପଦ୍ୟ) ବି.—ନଦୀ ଆଦି ପାର ହେବା; ଉତ୍ତରଣ—Crossing over; passing over. (ଉ—ବିତରଣେ ସାଗର ବ ପାଷ ପଥ୍ୟରଙ୍ଗ, ବହେ ଭ୍ରମ ଭୁଷ ଶଯ୍ୟା ପ୍ରତ୍ୟୁତ୍ତର ଦେଲ୍ଲ । ଉପେ. ବୈଦେହୀଶବିଳାସ । )

**ବିତରଣୀୟ**—ସଂ. ବିଣ.—(ବି+ତୃ ଧାତୁ+କର୍ମ. ଅନୀୟ)—ବିତରଣ Bitaraniya ଯୋଗ୍ୟ; ଯାହା ଦାନ ବା ବଣ୍ଟନ କରାଯିବା ଉପଯୁକ୍ତ—Fit to be distributed or donated

**ବିତରତି**—ସଂ. କ୍ରି—(ବି+ତୃ ଧାତୁ ବର୍ତ୍ତମାନକାଳ ୧ମ. ୧ବ. କ୍ରିୟା—Bitarati ବିତରଣ କରେ ବା କରୁଅଛି—Is distributing. (ଉ—ବିତରତି ବ ଭୁମ ଶୀତଳ । ପ୍ରାଚୀ. ଉପବାରଧି ।)

**ବିତରିତ**—ସଂ. ବିଣ. (ବି+ତୃ ଧାତୁ ଣିଚ୍+କର୍ମ. ତ)—ବଣ୍ଟା ହୋଇ-Bitarita ଥିବା—Distributed; given away.

**ବିତରିବା**—ଦେ. (ପଦ୍ୟ) କ୍ରି (ବି+ତୃ ଧାତୁ)—ବିତରଣ କରିବା; Bitaribā ବାଣ୍ଟିବା—To distribute; to give away.

বিতরা
वितरणकरना

**ବିତର୍କ**—ସଂ ବି. (ବି+ତର୍କ ଧାତୁ=ଯୁକ୍ତି କରିବା+ଭାବ. ଅ)—Bitarka ୧ । ପରସ୍ପର ମଧ୍ୟରେ ଆଲୋଚନା—1 Discussion. ୨ । ବାଦାନୁବାଦ; ଯୁକ୍ତି—2. Argument. ୩ । ବାଗ୍‌ଯୁଦ୍ଧ—3. Wordy duel. ୪ । ତତ୍ତ୍ୱାନୁସନ୍ଧାନ 4. Ivestigation. ୫ । ସଂଶୟ; ସନ୍ଦେହ—. Doubt. ୬ । ଅନୁମାନ—6 Inference; guess. ୭ । ଯୁକ୍ତିର ଉତ୍ତରରେ ଦିଆଯିବା ଯୁକ୍ତି—7. Counter-argument. ଦେ. ବିଣ—ତତ୍ତ୍ୱାନୁସନ୍ଧିତ୍ସୁ—Desirous to investigate. ( ଉ—କାଳ ସ୍ୱଭାବ ଗୁଣ ବନ୍ଧ, ସଙ୍ଗ ଅସଙ୍ଗ ନ ଛାଡ଼େ । ବିତର୍କ ଜ୍ଞାନ ସେହୁ ମତେ, କ୍ରୀଡ଼ା କରଇ ଏ ଜଗତେ । ଜଗନ୍ନାଥ. ଭାଗବତ ।)

ବିତର୍କକ—ସଂ. ବିଣ. ପୁଂ—(ବିତର୍କ+କୃ ଧାତୁ+ଅ)—୧ । ବାଦାନୁ-
Bitarkaka ବାଦକାରୀ—1 Discussing. ୨ । ଅନୁସନ୍ଧାନ
( ବିତର୍କିକା—ସ୍ତ୍ରୀ ) କାରୀ—2. Investigating. ୩ ।
ବିଚାରକ—3. Adjudicating; judging

ବିତର୍କଣ(ଣା)—ସଂ. ବି—(ବି+ତର୍କ ଧାତୁ+ଭାବ ଅନ;+ସ୍ତ୍ରୀ. ଆ)]—
Bitarkana(nā) ୧ । ବାଦାନୁବାଦକରଣ—1. Act of dis-
(ବିତର୍କିତ—ବିଣ) cussing. ୩ । ଅନୁମାନ କରିବା—3.
Inferring. ୪ । ସନ୍ଦେହ କରିବା—4. Doubting.

ବିତର୍ଦ୍ଦି(ର୍ଦ୍ଦୀ)—ସଂ. ବି—(ବି+ତର୍ଦ୍ଦ ଧାତୁ=ଉପବେଶନ କରିବା+କର୍ମ.
Bitarddi (rddi) ଇ+( ସ୍ତ୍ରୀ. ଈ )—୧ । ବେଦୀ; ମଞ୍ଚ—A
raised platform; an altar; a pulpit. ୨ ।
୨ । ଚୌକି—2. A chair.

ବିତର୍ଦ୍ଦିକା—ସଂ. ବି. (ବିତର୍ଦ୍ଦି+କ+ସ୍ତ୍ରୀ. ଆ)—ବେଦିକା; ଛୋଟ ବେଦୀ-
Bitarddikā A small pulpit.

ବିତଳ—ସଂ. ବି. ( ବି+ତଳ )—୧ । ସପ୍ତ ପାତାଳ ମଧ୍ୟରୁ ୨ୟ
Bitala ପାତାଳ—1. The 2nd of the 7 divisions of
the nether world. (ପାତାଳ ତଳେ ଦୋହ୍ନ ଦେଖ)
୨ । ଗଭୀର ଭୂମଧ୍ୟ—2. A great depth under
ground. [ଉ—ବିତଳକୁ ଅଲଙ୍ଘନ, କର ଜାହ୍ନବୀ
ଶୋଭନ । ଉଞ୍ଜ. ବୈଦେହୀଶବିଳାସ ।]

ବିତସ୍ତା—ସଂ. ବି. (ବି+ତସ୍ ଧାତୁ=ଉତ୍କ୍ଷେପ କରିବା+କର୍ମ ତ+ଆ)-
Bitastā ସିନ୍ଧୁ ନଦର ଶାଖାବିଶେଷ; ପଞ୍ଜାବ ଅନ୍ତର୍ଗତ ଝେଲମ
ନଦୀ—The Jhelum river in the Panjab; a
tributary of the Indus, [ ବ୍ର—ହୃଦ, ଶାସ୍ତ୍ର
ମତେ ଏହି ନଦୀର ଜଳ ତୀର୍ଥ ବାର ରୂପେ ବିବେଚିତ ]

ବିତସ୍ତି—ସଂ. ବି. (ବି+ତସ୍ ଧାତୁ=ଉତ୍କ୍ଷେପଣ କରିବା+କର୍ମ. ତି)—
Bitasti ବିଘତ; ୧୨ ଅଙ୍ଗୁଳ ପରିମାଣ; ପ୍ରସାରିତ କରତଳର
ବୃଦ୍ଧାଙ୍ଗୁଷ୍ଠର ଅଗରୁ କନିଷ୍ଠାଙ୍ଗୁଳି ଅଗ ପର୍ଯ୍ୟନ୍ତ ଦୈର୍ଘ୍ୟ —
A span measured from the tip of the
thumb to that of the little finger of the
fully extended palm.

ବିତା—ଦେ. ବି. (ସଂ ବ୍ୟତ୍ୟୟ)—(କାଳ) କ୍ଷେପଣ—Passing (of
Bitā time). ପ୍ରାଦେ. (ସମ୍ବଲପୁର) ବି. [ସଂ. ବିତସ୍ତି; ଭୁଲ
କାଟାନ ବିତନା ହି ବିଘ୍ନ ] ବିଘତ—A span (linear
ବିତାନ measure) ].

ବିତା(ତେ)ଇବା—ଦେ. କ୍ରି (ସଂ ବ୍ୟତ୍ୟୟ; 'ବିତିବା' କ୍ରିୟାର ଣିଜନ୍ତ
Bitā(te)ibā ରୂପ)—୧ । (ସମୟ) କ୍ଷେପଣ ବା ଯାପନ କରିବା-
କାଟାନ 1. To pass or spend (time). ୨ । ଅଶ୍ରାମ କରିବା;
ବିତାନା (ରୋଗ ଅବ) ବହୁକାଳ ଭୋଗ କରିବା—2. To suffer
from a disease for some time. ୩ । ସମୟ ନଷ୍ଟ
କରିବା—3. To waste time. ୪ । ନିର୍ଦ୍ଦିଷ୍ଟ କାଳକୁ
କଟାଇବା—4. To let the due time pass. ୫ ।
କୌଣସି ବ୍ୟକ୍ତିଠାରେ ବୃଥା ଦୋଷାରୋପ କରିବା—
5. To accuse a person for nothing.
(ଯଥା—ଗାଁ ମହାଜନେ କିଛି ନ ବୁଝି କାହିଁକି ତା ଉପରେ
ଦୋଷ ବିତାଇ ଦେଲେ ।)

ବିତାଡ଼ନ—ସଂ. ବି (ବି+ତଡ଼ ଧାତୁ=ଅଘାତ କରିବା+ଭାବ. ଅନ)—
Bitāṛdana କୌଣସି ବ୍ୟକ୍ତିକୁ କୌଣସି ସ୍ଥାନରୁ ତଡ଼ିଦେବା—
Driving away; expulsion.

ବିତାଡ଼ିତ—ସଂ. ବିଣ (ବି+ତାଡ଼ ଧାତୁ+କର୍ମ. ତ)—୧ । ତାଡ଼ିତ—
Bitāṛdita 1. Expelled. ୨ । ଉତ୍ପାଟିତ—2. Uprooted.
୩ । ବିଶେଷ ରୂପେ ଚାଳିତ—3. Violently moved
or shaken.

ବିତାନ—ସଂ. ବି ( ବି+ତନ୍ ଧାତୁ=ବିସ୍ତୃତ ହେବା+କର୍ତ୍ତୃ. ଅ )—
Bitāna ୧ । ମଣ୍ଡପ—1. An arbour; an open shed.
୨ । ପଟ ମଣ୍ଡପ; ତମ୍ବୁ—2. Tent. ୩ । ଚାନ୍ଦୁଣିଆ—
3. A temporary shed ୪ । ଚାନ୍ଦୁଆ; ଚନ୍ଦ୍ରାତପ—
4. Awning; canopy ୫ । ଯଜ୍ଞ—5. Vedic
sacrifice. ୬ । ସମୂହ—6. Collection ୭ ।
(+ଭାବ. ଅ) ବିସ୍ତାର—7. Expansion. ୮ ।
ଅବସର; ଅବକାଶ 8. Leisure ୯ । ଛନ୍ଦୋବିଶେଷ-
9. Name of a Sanskrit metre- ଦେ. ବିଣ-
୧ । ସାମାନ୍ୟ—1. Simple; ordinary. ୨ । ତୁଚ୍ଛ;
ହେୟ—2. Insignifcant. ୩ । ମନ୍ଦ—3. Bad. ୪ ।
ଶୂନ୍ୟ 4. Vacant. ୫ । ଜଡ଼—5. Solid;
inert.

ବିତାନକ—ସଂ. ବି ( ବିତାନ+ସ୍ୱାର୍ଥେ. କ )—ପଟମଣ୍ଡପ; ବସ୍ତ୍ରଗୃହ—
Bitānaka Tent.

ବିତାନ ମୂଳକ—ସଂ. ବି [ ବହୁବ୍ରୀହି; ବିତାନ=ବିସ୍ତାର(ସୂକ୍ଷ୍ମ)+ମୂଳ
Bitāna mūlaka +କ ]—ବେଣା; ସୁଗନ୍ଧି ଚେର ଯୁକ୍ତ ତୃଣ
ବିଶେଷ; ଉଶୀର—The Benā grass; a kind of
reed-grass with sweet-scented fibrous
roots.

ବିତି—ଦେ. ବି—୧ । ପଶାଖେଳରେ ୩ ଗୋଟି କାଠି ମଧ୍ୟରୁ ୨ ଗୋଟି
Biti କାଠିରେ ୩ ସଂଖ୍ୟକ ଦାନ ପଡ଼ିବା ଘଟଣା—1. The
state of 2 (out of the 3) dice turning
up 3 points. ( ଉ—ବିଉପାତ ଯୋଗ ପୁନ, ଦଶ
ପ୍ରମୁଖରେ ଦାନ, କାଠି ପଡ଼ନ୍ତି ଅନୁକ୍ଷଣ ଯେ । ଉଞ୍ଜ.
ବିତ୍ତି ବୈଦେହୀଶବିଳାସ ।) ୨ । (ସଂ ବିତ୍ତି) ଦେବକାର୍ଯ୍ୟ ବା
बिचि ଅନ୍ୟ ଧର୍ମ କାର୍ଯ୍ୟ ପାଇଁ ଲୋକ ସାଧାରଣଙ୍କଠାରୁ ଆଦାୟ
କରାଯିବା ଧନ ବା ଚୂନା; ଧର୍ମଚୂନା; ଭେଟ—2. Sub-
scription realised from people in general
for the service of certain idols or for
some religious purpose. ପ୍ରାଦେ. (ଗଞ୍ଜାମ) ଡ଼-
ଡୁ ଡୁ (ଦେଖ)—Dudu (See).

**ବିଟି(ଟୁ)କି(କୁ)ଚ୍ଛି(ଟି)ଆ**—ଗ୍ରା. ବିଣ—୧ । (ସଂ ବିକୁତଶ୍ରୀ) ବିକଟଚିହ୍ନଥିବା; Biti(tu)ki(ku)chhi(ti)ā ବିଶ୍ରୀ; କୁତ୍ସିତ—1. Ugly. ୨ । ବিতিকিচ্ছি বিকরাল (ସଂ ବିଚିକିତ୍ସ୍ୟ) ଅସାଧ୍ୟ (ରୋଗ)—2. Incurable (disease).

**ବିତିପାତ**—ଦେ. ବି. (ସଂ. ବ୍ୟତୀପାତ)—ବ୍ୟତୀପାତ (ଦେଖ)—Bitipāta Byatipāta (See) [ଉ—ଜାହ୍ନି ଷଷ୍ଠୀ ବିତିପାତ ব্যতীপাত বিতিপাত ଯୋଗେଧରେ ଯାତ୍ରା—ପ୍ରାଚୀ. ଶିବସ୍ୱରୋଦୟ । ]

**ବିତିବା**—ଦେ. କ୍ରି. (ସଂ. ବ୍ୟତୀୟ; ବ୍ୟତୀତ)—୧ । (କାଳ) Bitibā ଗତ ହେବା; (କାଳ) କଟିବା—1 To pass କাটা ৰীতনা (said of time). [ଉ—ଯୁଗ ଯାଉଥିଲୁ ବିତି—ମଧୁସୂଦନ. କୁସୁମାଞ୍ଜଳି । ] ୨ । (ରୋଗ) ଶରୀରରେ କିଛିକାଳ ପାଇଁ ଅନୁଭୂତ ହେବା—2 To attack a person for some period (said of a disease). ୩ । (ନିର୍ଦ୍ଦିଷ୍ଟ ସମୟ) ଅତିକ୍ରାନ୍ତ ହେବା—3. To be allowed to pass (said of a fixed time or date).

**ବିତୀର୍ଣ୍ଣ**—ସଂ. ବିଣ (ବି+ତୃ ଧାତୁ+କର୍ମ. ତ)—୧ । ଅର୍ପିତ—Bitirnna 1. Entrusted. ୨ । ପ୍ରଦତ୍ତ—2. Given. ୩ । ବିତରିତ—3. Distributed ୪ । ବ୍ୟାପ୍ତ—4. Spread. ୫ । ଆଚ୍ଛାଦିତ—5. Covered. ୬ । ଉତ୍ତୀର୍ଣ୍ଣ; ଅତିକ୍ରାନ୍ତ—6. Passed over; got over a difficulty.

**ବିତୁନ୍ନ**—ସଂ. ବି (ବି+ତୁଦ୍ ଧାତୁ—ବ୍ୟଥା ଉପଶମ କରିବା+କର୍ତ୍ତୃ ଅ)-Bitunna ୧ । ସୁନିଷଣ୍ଣକ ଶାକ; (ସୁନୁସୁନିଆ ଶାଗ)—1 A kind of pot herb growing near water; Marsilia Quadrifolia. [ଦ୍ର—ଏହା ପାଣି-କୂଳରେ ଜନ୍ମେ । ଏହାକୁ ଖାଇଲେ କ୍ଳାନ୍ତି ଦୂର ହୋଇ ସୁନିଦ୍ରା ହୁଏ । ] ୨ । ଶୈବାଳ; ଶିଉଳ—2. Moss.

**ବିତୁନ୍ନକ**—ସଂ. ବି (ବିତୁନ୍ନ+କ)—୧ । ଧନିଆ—1. Coriander. Bitunnaka ୨ । ତୁତିଆ—2. Blue vitriol.

**ବିତୁଲ**—ଦେ. ବିଣ—ଅତୁଲ, ଅତୁଳନୀୟ—Incomparable. (ଉ—Bitula ବିତୁଲ ମଥାମଣି ମାଣିକ୍ୟ—ଉଜ୍ଜ୍ୱଳ ବୈଦେହୀଶବିଳାସ ।)

**ବିତୁଷ୍ଟ**—ସଂ. ବିଣ (ବି+ତୁଷ ଧାତୁ+କର୍ତ୍ତୃ. ତ)—ଅସନ୍ତୁଷ୍ଟ—Bitushta Dissatisfied; discontented; displeased. (ବିତୁଷ୍ଟି—ବି)

**ବିତୁଷ୍ଟିକର**—ସଂ. ବିଣ. (ବିତୁଷ୍ଟି+କୃ ଧାତୁ+କର୍ତ୍ତୃ. ଅ)—ଅସ-Bitushtikara ନ୍ତୋଷଜନକ—Causing dissatisfaction. (ବିତୁଷ୍ଟିକାରକ, ବିତୁଷ୍ଟିଜନକ, ବିତୁଷ୍ଟିପ୍ରଦ—ଅନ୍ୟରୂପ)

**ବିତୃଷ୍ଣ**—ସଂ. ବିଣ. ପୁଂ (ବହୁବ୍ରୀହି; ବି+ତୃଷ୍ଣା)—୧ । ତୃଷ୍ଣାରହିତ—Bitrushna 1 Devoid of intense desire. ୨ । ନିସ୍ପୃହ, (ବିତୃଷ୍ଣା—ସ୍ତ୍ରୀ) କାମନାରହିତ—2. Disinterested; free (ବିତୃଷ୍ଣତା—ବି) from hankering. ୩ । ବିରାଗୀ; ଉଦାସୀନ—3. Indifferent; averse

**ବିତୃଷ୍ଣା**—ସଂ. ବି (ବି+ତୃଷ୍ଣା)—୧ । ଅନିଚ୍ଛା—1. Disinclina-Bitrushnā tion. ୨ । ଅରୁଚି—2. Aversion; disgust ୩ । ପିପାସାର ଶାନ୍ତି—3. Satiety of one's thirst ୪ । ଅନାସକ୍ତି—4. Indifference; want of attachment.

**ବିତ୍ତ**—ସଂ. ବି (ବିଦ ଧାତୁ=ଲାଭ କରିବା+କରଣ. ତ; ଯାହାଦ୍ୱାରା ଧର୍ମ, Bitta ଅର୍ଥ, କାମ, ମୋକ୍ଷାଦି ଲାଭ କରାଯାଏ)—ବିଭବ; ଧନ; ସମ୍ପତ୍ତି—Wealth; riches. ସଂ. ବିଣ (ବିଦ ଧାତୁ=ଜାଣିବା+କର୍ମ. ତ)—୧ । ଜ୍ଞାତ; ବିଦିତ—1. Known. ୨ । ବିଚାରିତ—2. Judged. ୩ । ବିଖ୍ୟାତ—3. Renowned. ୪ । ଲବ୍ଧ—4. Gained.

**ବିତ୍ତବାନ୍**—ସଂ. ବିଣ. ପୁଂ. (ବିତ୍ତ+ବତ୍; ୧ମା. ୧ବ)—ଧନବାନ୍—Bittabān (ବିତ୍ତବତୀ—ସ୍ତ୍ରୀ) Wealthy.

**ବିତ୍ତରହିତ**—ସଂ. ବିଣ. ପୁଂ (୩ୟା ତତ୍; ବିତ୍ତ+ରହିତ)—ନିର୍ଦ୍ଧନ; Bittarahita ଧନଶୂନ୍ୟ—Poor; destitute of property, (ବିତ୍ତଶୂନ୍ୟ, ବିତ୍ତହୀନ—ଅନ୍ୟରୂପ) indigent.

**ବିତ୍ତଶାଠ୍ୟ**—ସଂ. ବି—(୭ମୀ ତତ୍; ବିତ୍ତ+ଶାଠ୍ୟ)—କୃପଣତା—Bitta śāṭhya Niggardliness.

**ବିତ୍ତ ସମ୍ପତ୍ତି**—ଦେ. ବି (ଏକାର୍ଥ ସହଚର)—୧ । ଧନ—1, Riches, Bitta sampatti ୨ । ଚଳନ୍ତି ଓ ଅଚଳନ୍ତି ସମ୍ପତ୍ତି—2. Moveable and immoveable property,

**ବିତ୍ତାର୍ଜନ**—ସଂ. ବି—(୬ଷ୍ଠୀ ତତ୍; ବିତ୍ତ+ଅର୍ଜନ)—ଧନ ଉପାର୍ଜନ; ଧନ Bittārjana କମେଇବା—Earning of riches. (ବିତ୍ତୋପାର୍ଜନ—ଅନ୍ୟରୂପ) (ବିତ୍ତାର୍ଜକ—ବ୍ୟକ୍ତିବାଚକ ବିଣ)

**ବିତ୍ତି**—ସଂ. ବି (ବିଦ୍ ଧାତୁ+ଭାବ. ତି)—୧ । ବିଚାର—1. Consi-Bitti deration; judgment ୨ । (+କର୍ମ. ତି)—ଲାଭ—2. Profit; gain; benefit. ୩ । ଜ୍ଞାନ—3. Wisdom; knowledge ୪ । ସମ୍ଭାବନା—4 Probability. ୫ । ଖ୍ୟାତି—5. Fame; reputation. ୬ । ଅନୁସନ୍ଧାନ—6, Investigation,
বিতি ଦେ. ବି—ଦେବପୂଜାଦି ପାଇଁ ଗ୍ରାମବାସୀମାନଙ୍କଠାରୁ ବା বিত্তি ସାଧାରଣଙ୍କଠାରୁ ଅଦାୟ ହେବା ଧନ; ଚେନ୍ଦା—Subscriptions raised from villagers or from the public for some religious object. [ଦ୍ର—ବଡ଼ ବଡ଼ ମହାଜନ ଓ ବ୍ୟବସାୟୀମାନେ ପଣ୍ୟ ଦ୍ରବ୍ୟ-କ୍ରେତାମାନଙ୍କ ଠାରୁ ଶତକଡ଼ା ନିର୍ଦ୍ଦିଷ୍ଟ ରେଟରେ ଯେଉଁ ବିତ୍ତି ଅଦାୟ କରନ୍ତି, ତାହା ଗୋଟିଏ ସ୍ୱତନ୍ତ୍ର ଫଣ୍ଡରେ ରଖନ୍ତି ଓ ପରେ ପ୍ରାପ୍ତ ବିତ୍ତିକୁ ଧର୍ମ କାର୍ଯ୍ୟରେ ବ୍ୟୟ କରନ୍ତି ।]

**ବିତ୍ତେଶ**—ସଂ. ବି (୬ଷ୍ଠୀ ତତ୍; ବିତ୍ତ+ଈଶ=ପ୍ରଭୁ) ୧ । ଧନୀବ୍ୟକ୍ତି—Bittesa 1. A rich man. ୨ । କୁବେର—2. The God of riches. ୩ । ଯକ୍ଷ—3. A class of fabulous demigods who are said to be the guards of the treasury of Kubera. ୪ । ପ୍ରଭୁ—4. Master; lord.

ବିତ୍ର(ତ୍ରି,ତ୍ରେ)କେ—ଗ୍ରା. (ପ୍ରାଚୀନ ପଦ୍ୟ) ଅ. (ସ. ବ୍ୟତିରେକ)—
Bitra(tri, tre)ke Except; without. [ଉ—ଭୂମ୍ ବିନିବେ, ব্যতিরেকে ଏ ବିଷୟ, ଅନ୍ତ କେ ଯେଉଁବ ବିଷୟ । ଯଶୋବନ୍ତ. वेतिरिके ପ୍ରେମଭକ୍ତି ବ୍ରହ୍ମଗୀତା ।]

ବିତ୍ରପ—ସ. ବିଣ. ପୁଂ (ବହୁବ୍ରୀହି; ବି+ତ୍ରପା=ଲଜ୍ଜା )—ନିର୍ଲଜ୍ଜ;
Bitrapa (ବିତ୍ରପା—ସ୍ତ୍ରୀ) ଅଲଜ୍ଜକ—Shameless.

ବିତ୍ରସ୍ତ—ସ. ବିଣ (ବି+ତ୍ରସ୍ ଧାତୁ+ଭାବ. ତ)—ଅତି ଭୀତ; ସନ୍ତ୍ରସ୍ତ—
Bitrasta Frightened; alarmed.

ବିତ୍ରାସ—ସ. ବି (ବି+ତ୍ରସ୍ ଧାତୁ+ଭାବ. ଅ)—ବିଶେଷ ଭୟ—
Bitrāsa Fright; terror; alarm.

ବିଥ୍ (ଧାତୁ)—ସ—ଯାଚଞ୍ଚା କରିବା—
Bith (root) To ask for; to beg.

ବିଥୟ—ଗ୍ରା. ବିଣ—ବିଥିର (ଦେଖ)
Bithaya Bithira (See).

ବିଥିଡ୍ରା—ବୈଦେ. ପ୍ରାଦେ (ଗଞ୍ଜାମ; କଟକଆ ଭାଷା) ବି (ଇଂ. ୱିଥ୍‌ଡ୍ର)—
Bithirdrā ବାଦୀର ମକଦ୍ଦମା ଉଠାଇ ନେବା କାର୍ଯ୍ୟ—
Withdrawal of a case by the plaintiff.

ବିଥିର—ଦେ. (ପ୍ରାଚୀନ ପଦ୍ୟ) ବିଣ. (ସ. ବି+ସ୍ଥିର )—ଅସ୍ଥିର;
Bithira ଚଞ୍ଚଳ—Restless. [ ଉ—ବିଥିର ଚିତ୍ତ ଚସାଣୀ अस्थिर बेचैन ଯେବେ ସାରଙ୍ଗ । ଭଞ୍ଜ, ବୈଦେହୀଶବିଳାସ । ]
( ବିଥଏ—ଅନ୍ୟରୂପ )

ବିଥୀ ବିଥୀ—ଦେ. ଅ (ସ. ବିଥି; ଗାଥୀ)—୧ । ଧାଡ଼ି ଧାଡ଼ି ହୋଇ—
Bithi bithi 1. In rows. ୨ । ଯୂଥ ଯୂଥ ହୋଇ; ଦଳ ଦଳ ହୋଇ—2. In crowds or gangs. [ ଉ—ବିଥୀ ବିଥୀ ଲୋକ ବସି ଭୁମୁଦ ଭୁମୁଦ । ଭଞ୍ଜ· ବୈଦେହୀଶବିଳାସ ।]

ବିଥୁର—ସ. ବି—(ବ୍ୟଥ୍ ଧାତୁ=ଭୀତ ହେବା+ ଅପାଦାନ ଉର)—୧ ।
Bithura ଚୋର—1. Thief. ୨ । ରାକ୍ଷସ—2. Goblin; demon.

ବିଥେଇ—ଗ୍ରା. ବିଣ (ସ. ବିଚଳିତ; ଅସ୍ଥିର;)—୧ । ବ୍ୟାକୁଳ; କାତର;
Bithei ବ୍ୟସ୍ତ—1. Distracted; agitated; perturbed. विषण्ण बेचैन ୨ । ଚଞ୍ଚଳ; ଅଥୟ; ଅସ୍ଥିର—2. Restless.

ବିଦ୍—ସ. ବିଣ. ପୁଂ (ବିଦ୍ ଧାତୁ=ଜାଣିବା+କ୍ବିପ୍)—୧ । ବେତ୍ତା; ଯେ
Bid ଜାଣେ—1. Knowing; versed in. ୨ । ପଣ୍ଡିତ—
(ବିଦା—ସ୍ତ୍ରୀ) 2. Learned in. [ ଦ୍ର—ଏହା ଅନ୍ୟ ଶବ୍ଦ ସଙ୍ଗେ ଯୁକ୍ତ ହୁଏ । ଯଥା—ବେଦବିଦ୍; ଶାସ୍ତ୍ରବିଦ୍ ।

ବିଦ—ସ. ବି ( ବିଦ୍ ଧାତୁ+କର୍ତ୍ତୃ ଅ )—୧ । ପଣ୍ଡିତ—1. Learned
Bida man; philosopher. ୨ । ବୁଧଗ୍ରହ—2. The planet Mercury. ଦେ. ବି—୧ । ଅନେକ କ୍ଷୁଦ୍ର ଡମ୍ବରୁ ଜଡ଼ିହୋଇଥିବା ଗୁନ୍ଥା ହୋଇ ମାଳାପରି ହୋଇଥିବା ବାହୁର उत्तरकीर्ति ଅଳଙ୍କାରବିଶେଷ—1. An ornament for the arm like a collar made up of several drum-like pieces. ( ଭୁଜ ବାମ ପର ବିଦ, ବାହୁଟି ରୂପରେ ବାନ୍ଧ । ପ୍ରାଚୀ, ରହସ୍ୟମଞ୍ଜରୀ । ) ୨ । ଗୁପସରି; ଚକ୍ ପରି ବେକର ଉଭୁଡ଼ା ଅଳଙ୍କାରବିଶେଷ—2. A collar ornament for the neck.

ବିଦଂଶ—ସ. ବି ( ବି+ଦନ୍ଶ ଧାତୁ+କର୍ମ ଅ )—୧ । ସ୍ୱାଦୁ ବସ୍ତୁ—
Bidamśa 1. A sweet or palatable thing. ୨ । ଦଂଶନ; କାମୁଡ଼ା—2. A bite.

ବିଦଗଧ—ଗ୍ରା ( ପଦ୍ୟ ) ବିଣ ( ସ. ବିଦଗ୍ଧ )—୧ । ଦଗ୍ଧଙ୍କ; ବିଶେଷ
Bidagadha କ୍ଲେଶପ୍ରାପ୍ତ—1. Troubled; afflicted. विजगध ( ଉ—ବିଦଗଧ ସଙ୍ଗ କର୍ମରେ ସଙ୍ଗଦାରେ ଯେ ଅଛି, त्रिदग्ध ବିଦଗଧ ଚିତ୍ତ ପ୍ରାପତ ନୋହିବାରେ ଭୁଲିଗା । ଭଞ୍ଜ. ବୈଦେହୀଶବିଳାସ । ) ୨ । ବିଦଗ୍ଧ ( ଦେଖ )—2. Bidagdha ( See )

ବିଦଗ୍ଧ—ସ. ବିଣ ( ବି+ଦହ୍ ଧାତୁ=ଦାହ କରିବା+କର୍ମ ତ;
Bidagdha କାମଦ୍ୱାରା ଦଗ୍ଧ )—୧ । ରସିକ—1. Witty;
( ବିଦଗ୍ଧା—ସ୍ତ୍ରୀ ) jovial; humorous. ୨ । ନାଗର—2. Lustful; gallant; amorous. ୩ । ଚତୁର—3. Clever; shrewd. ୪ । ପଟୁ; ନିପୁଣ—4. Able; skilful. ସ. ବି—୧ । ପଣ୍ଡିତ—1. A learned man. ୨ । ରସିକ ବ୍ୟକ୍ତି —2 A beau; a wit. ୩ । ନାଗର—3. A gallant.

ବିଦଗ୍ଧ ଚିନ୍ତାମଣି—ଦେ. ବି—ଅଭିମନ୍ୟୁ ସାମନ୍ତସିଂହାରଙ୍କ ପ୍ରଣୀତ ପ୍ରାଚୀନ
Bidagdha chintāmaṇi ଉତ୍କଳୀୟ କାବ୍ୟବିଶେଷ—
An Oriya epic composed by Abhimanyu Sāmantasimhāra.

ବିଦଗ୍ଧତା(ତ୍ୱ)—ସ. ବି [ ବିଦଗ୍ଧ+ଭାବ. ତା(ତ୍ୱ) ]—୧ । ରସିକତା—
Bidagdhatā(twa) 1. Wittiness. ୨ । ପାଣ୍ଡିତ୍ୟ—
2. Learning; wisdom. ୩ । ଚତୁରତା—3. Cleverness. ୪ । ନାଗରତା—4. Gallantry.

ବିଦଗ୍ଧ ମାଧବ—ସ. ବି—୧ । ରସିକ ଶ୍ରୀକୃଷ୍ଣ —1. The beau or
Bidagdha mādhaba gallant Srikrushṇa. ୨ । ଶ୍ରୀକୃଷ୍ଣଙ୍କର ସ୍ୱଥବାଙ୍କ ସହ ପ୍ରଣୟାଦି ବର୍ଣ୍ଣନାତ୍ମକ ସଂସ୍କୃତ ନାଟକବିଶେଷ —2. Name of Sanskrit drama depicting the love stories of Srikrushṇa.

ବିଦଗ୍ଧା—ସ. ବି. ସ୍ତ୍ରୀ—୧ । ରସିକା ନାୟିକା—1. A witty
Bidagdhā woman; a jovial lady. ୨ । କଥାରେ ଓ କାର୍ଯ୍ୟରେ ଯେଉଁ ସ୍ତ୍ରୀ ରସିକତାପୂର୍ଣ୍ଣା; ନାଗରୀ —2. Lustful lady; an amorous woman. ସ. ବିଣ. ସ୍ତ୍ରୀ—ବିଦଗ୍ଧର ସ୍ତ୍ରୀଲିଙ୍ଗ—Feminine of Bidagdha.

ବିଦଗ୍ଧାଜୀର୍ଣ୍ଣ—ସ. ବି ( ବିଦଗ୍ଧ+ଅଜୀର୍ଣ୍ଣ )—ଅମ୍ଳରୋଗ ବିଶେଷ;ଯେଉଁ
Bidagdhājirṇṇa ଅଜୀର୍ଣ୍ଣ ରୋଗରେ ରୋଗୀର ଶରୀର ଦାହଯୁକ୍ତ ହୁଏ—Acid dyspepsia.

ବିଦନ୍ତମୁଦ୍ରା—ଦେ. ବିଣ ( ବି+ଦନ୍ତମୁଦ୍ରା )—ଦନ୍ତଚିହ୍ନ ବସି ନ ଥିବା;
Bidantamudrā ଯହିଁରେ ଦନ୍ତର କ୍ଷତ ଚିହ୍ନ ନାହିଁ—
Having no mark of biting left on it.

( ଉ—ବିଦଳନ୍ଦ୍ରା ରସାଳ, ବିଯୋଗ ଜଳେ ବସାଇ, ବିକଳାସ ଜଳଧର, ବସୁଧାପର ଯେ । ଉଞ୍ଜ, ବୈଦେହୀଶ-ବିଳାସ । )

**ବିଦପର**—ଦେ, ବଣ (ସ, ବିଦ=ପଣ୍ଡିତ+ପର=ପରମ; ଅତ୍ୟନ୍ତ)—
Bidapara ପରମପଣ୍ଡିତ; ବିଶେଷଜ୍ଞ—Highly learned; very wise. ( ଉ—ବିଦପର ତାପସ-ଦଳ୍ତ ହବ, ବହୁତ ଦଶରୂପ ଭଣ ଭୂବ । ଉଞ୍ଜ, ବୈଦେହୀଶବିଳାସ । )

**ବିଦମାଳ(ଳି)**—ଦେ ବି—ବିଦ ( ଦେଖ )—Bida ( See ) ( ଉ
Bidamāla(li) —ବିର ପସୁର ଶିକାଭାଳ, ଶଙ୍ଖ ମୁକୁତା ବିଦମାଳ । ଜଗନ୍ନାଥ, ଭାଗବତ । )

**ବିଦର**—ସ ବି ( ବି+ଦୃ ଧାତୁ=ବିଦାରଣ କରିବା+ଭାବ ଅ )—
Bidara ୧ । ବିଦାରଣ—1. Splitting. ୨ । ( ବି= ଅତ୍ୟନ୍ତ+ଦର=ଭୟ )—ଅତ୍ୟନ୍ତ ଭୟ—2. Terror; fright. ୩ । ବିକଶନ; ପ୍ରସ୍ଫୁଟନ—3. Opening or blooming (of flowers). ୪ । (+କର୍ତ୍ତୃ. ଅ) ନାଗଫେଣିଆ ଗଛ—4. Cactus.
ଦେ. ବି—ନାମ (ସ. ବିଦର୍ଭ) ପ୍ରାଚୀନ ବିଦର୍ଭର ଆଧୁନିକ ନାମ—The modern name of Bidarbha.

**ବିଦରବ**—ଗ୍ରା (ପଦ୍ୟ) ବିଣ (ସ. ବିଦ୍ରୁତ)—ଦ୍ରବୀଭୂତ—1. Melted:
Bidaraba molten. [ଉ—ବିରହ ବିରସାନଳ ସାର ବିଦରବ ବଧମାନ କରତ ତରଳନ ମାଧବ । ଉଞ୍ଜ. ବୈଦେହୀଶ ବିଳାସ । ]

**ବିଦର୍ପକର**—ଦେ. ବିଣ—ଗର୍ବ ବିନାଶକ—Crushing one's
Bidarpakara arrogance. [ ଉ—ବିଦର୍ପକର ଦର୍ପକର ରୂପ ଯେ ଭାରତୀ ବତ ସେ ବଚନେ । ଉଞ୍ଜ. ବୈଦେହୀଶ ବିଳାସ । ]

**ବିଦର୍ଭ**—ସ. ବି—(ବହୁବ୍ରୀହି; ବି=ନାହିଁ+ଦର୍ଭ=କୁଶ)—ଆଧୁନିକ
Bidarbha ବେରାର ପ୍ରଦେଶ—The morden Berar. [ପ୍ର—ପୁରାଣରେ ଅଛି ଯେ ଏହି ଦେଶରେ କୁଶର ଅଘାତରେ ଗୋଟିଏ ଋଷିକୁମାରଙ୍କର ମୃତ୍ୟୁ ହେବାରୁ ଏ ଦେଶରେ କୁଶ ଜନ୍ମ ହବ ନାହିଁ ବୋଲି ଉକ୍ତ ଋଷି-କୁମାରଙ୍କର ପିତା ଉକ୍ତ ଦେଶକୁ ଅଭିଶାପ ଦେଲେ । ସେ ଅଭିଶାପ ଫଳରେ ଏ ଦେଶରେ କୁଶ ଜନ୍ମେ ନାହିଁ ।]
ଦେ. ବି—( ବି+ଦର୍ଭ ) କାଶ ଫୁଲ; କାଇଁଶ ଫୁଲ—The flower of kāsa grass.

**ବିଦର୍ଭଜା**—ସ. ବି—(ବିଦର୍ଭ+ଜନ ଧାତୁ+କର୍ତ୍ତୃ.ଅ+ସ୍ତ୍ରୀ. ଆ)—
Bidarbhajā ୧ । ବିଦର୍ଭ ରାଜା ଭୀମସେନଙ୍କ କନ୍ୟା ଦମୟନ୍ତୀ; ନଳ ରାଜାଙ୍କ ସ୍ତ୍ରୀ—
ଵିଦର୍ଭ କନ୍ୟକା, ବିଦର୍ଭ ତନୟା, ବିଦର୍ଭ ନନ୍ଦିନୀ, ବିଦର୍ଭ ପୁତ୍ରୀ, ବିଦର୍ଭ ରାଜ ତନୟା, ବିଦର୍ଭସୁତା } —ଅନ୍ୟରୂପ. 1. Damayanti; the wife of King Nala. ୨ । ବିଦର୍ଭର ରାଜା ଭୀଷ୍ମକଙ୍କ କନ୍ୟା ରୁକ୍ମିଣୀ, ଶ୍ରୀକୃଷ୍ଣଙ୍କ ସ୍ତ୍ରୀ—2. Rukmiṇi, the wife of Śrikṛushṇa. ୩ । ଅଗସ୍ତ୍ୟଋଷିଙ୍କ ପତ୍ନୀ, ଲୋପା ମୁଦ୍ରା—3. Wife of sage Agastya.

**ବିଦର୍ଭହାସୀ**—ଦେ. ବିଣ. ସ୍ତ୍ରୀ—(ସ. ଵିଦର୍ଭହାସୀ) ଦାନ୍ତହାସୀ; ଶୁକ୍ଳ-
Bidarbha hāsi ହାସ୍ୟଯୁକ୍ତା—Laughing brightly; laughing by exhibiting a white set of teeth. (ଉ—ଵିଦର୍ଭ ବିଦର୍ଭହାସୀ କର୍ଣ୍ଣିକ ଦେଖି । ଉଞ୍ଜ. ବୈଦେହୀଶବିଳାସ ।)

**ବିଦଳ**—ସ. ବି (ବି+ଦଳ ଧାତୁ=ବିଦାରଣ କରିବା+କର୍ମ. ଅ)—
Bidaḷa ୧ । ଦୁଇଫାଳିଆ ହର ମୁଗ ଆଦିର ଡାଲି—1. Split peas; pulse etc ୨ । ଡାଳିମ୍ବର ଛେଲି—2. The bark of pomegranate. ୩ । ବାଉଁଶ ପାତିଆ-ଆଦିରେ ନିର୍ମିତ ପାତ୍ରବିଶେଷ—3. A basket of wicker work. ୪ । ପିଠା—4. A cake; bread
ସ. ବିଣ—(ବି+ଦଳ)—୧ । ଦଳଶୂନ୍ୟ—1. Having no petals ୨ । ବିକଶିତ—2 Opened. ୩ । ବିପକ୍ଷ; ପ୍ରତିପକ୍ଷ; ଶତ୍ରୁ ପକ୍ଷୀୟ—3. Antagonistic.

**ବିଦଳନ**—ସ. ବି—( ବି+ଦଲ୍ ଧାତୁ+ଭାବ. ଅନ )—ଉତ୍ତମରୂପେ
Bidaḷana ଦଳିବା; ବିମର୍ଦ୍ଦନ; ପେଷଣ—Thorough grinding or crushing.

**ବିଦଳିତ**—ସ. ବିଣ—(ବି+ଦଲ୍ ଧାତୁ+କର୍ମ. ତ)—୧ । ବିମର୍ଦ୍ଦିତ—
Bidaḷita 1. Crushed; well ground. ୨ । ବିଦାରିତ—2. Cleft; lacerated. ୩ । ବିକଶିତ 3. Expanded; blossomed.

**ବିଦଳିବା**—ଦେ. (ପଦ୍ୟ) କ୍ରି. (ସ. ବିଦଳନ)—ବିଶେଷଭାବରେ ଦଳିବ
Bidaḷibā To thoroughly crush or grind.
বিদলা বিদ্‌লনা ଉ—ବିଦଳେ ମାତ୍ତଣ ଲୋକ ଇନ୍ଦ୍ରଗୋପ ବନ୍ଧୁକ ଅଶ ହେ ସନ ଗର୍ଜନେ ଜାଇ । ଉଞ୍ଜ. ବୈଦେହୀଶ ବିଳାସ ।)

**ବିଦା**—ସ. ବିଣ. ସ୍ତ୍ରୀ—ବିଦ୍ (ଦେଖ)—Bid (See) ସ. ବି—
Bidā (ବିଦ୍ ଧାତୁ+ଭାବ. ଅ+ସ୍ତ୍ରୀ. ଆ)—ବୋଧଶକ୍ତି; ବୁଦ୍ଧି—Intelligence; understanding. ଦେ. ବି.—
বিদা; বিধাশাল (ସ. ବିଦାରକ; ବର୍ଦ୍ଧକ)—୧ । କ୍ଷେତରେ ଧାନ
हेंगा; पहटा ଗଛ ସଙ୍ଗେ ଉଠିଥିବା ତୃଣମାନଙ୍କୁ ପାଣିଅରେ ବୁଡାଇବା ସହ ଓପାଡ଼ି ଆଣିବା ପାଇଁ ବ୍ୟବହୃତ ଲୌହ କଣ୍ଟକ ବା ଶଳ୍ୟଯୁକ୍ତ କାଷ୍ଠ ଫଳକବିଶେଷ—1. A harrow; ୨ । ପ୍ରହାର—2. Striking; beating. (ଉ—ବିଦା ସଦା ମେଦା ସଦା ସଉଧର ବର ଭାଲ ତାହୁ ବହୁ—ଉଞ୍ଜ. ବୈଦେହୀଶବିଳାସ । ) ଗ୍ରା. ବି. ପୁଂ—ବିଦ୍ୟାଧରର ଡାକ ନାମ—A name or calling Bidyādhara.
ବୈଦେ. ବି. ( ଅ. ବିଦାଅ=ଯିବାକୁ ଅନୁମତି )—୧ ।
বিদায় ବିଦାୟ; ମେଲାଣି—1. Farewell; permission to
বিদা go. ୨ । ଅନୁମତି ସହ ସ୍ଥାନାନ୍ତରକୁ ପ୍ରସ୍ଥାନ—2. Starting for a place with permission. ୩। କୌଣସି ବ୍ୟକ୍ତିକୁ ସ୍ଥାନାନ୍ତରକୁ ପଠାଇବା—3. Act of send-

ing out a man. ବିଣ—ବିଦାୟ ପ୍ରାପ୍ତ; ସ୍ଥାନାନ୍ତରକୁ ଯିବାକୁ ଅନୁମତି ପ୍ରାପ୍ତ—Permitted to leave a place.

ବିଦାଏ—ବୈଦେ. ବି—ବିଦାୟ ( ଦେଖ )
Bidāe Bidāya ( See )

ବିଦାଂବର—ସଂ. ବିଣ. ପୁଂ (ବ୍ରହ୍ମ, ଶାସ୍ତ୍ର, ବେଦ ଆଦି ଶବ୍ଦ ପରେ ପ୍ରଯୋଜ୍ୟ ଯଥା—ବେଦ ବିଦାଂବର)—(ବ୍ରହ୍ମ, ବେଦ, ଶାସ୍ତ୍ର ଆଦିରେ) ବିଜ୍ଞ ଲୋକମାନଙ୍କ ମଧ୍ୟରେ ଶ୍ରେଷ୍ଠ—Chief amongst persons versed in (the Bedas etc). (ଉ—ଜୋଆଡ଼ି ହୋଇ ଶବାୟୁ ବ୍ରହ୍ମବିଦାଂବର, କାମକ୍ରୋଧ ବିଜୟ ଅଜୟ ତୈଁ କାର—କୃଷ୍ଣସିଂହ. ମହାଭାରତ ଶାନ୍ତି ।)
Bidāmbara

ବିଦା କରିବା—ଦେ. କ୍ରି—୧ । କୌଣସି ବ୍ୟକ୍ତିକୁ ବିଦାୟ ଦେବା—
Bidā kariba 1. To bid adieu to a person. ( ଉ—
বিদায় করা ସମସ୍ତଙ୍କୁ ବିଦା କରି ବସି ଏକୁଟିଣି । ଷଧାନାଥ.
बिदाई करना ଦାଣବରଣ ।) ୨ । କୌଣସି ବ୍ୟକ୍ତିକୁ କୌଣସି ସ୍ଥାନକୁ ପଠାଇବା—2. To send out a person.
୩ । କୌଣସି ବ୍ୟକ୍ତିକୁ ସ୍ଥାନ ତ୍ୟାଗ କରି ଯିବାକୁ ଅନୁମତି ଦେବା—3. To permit a person to go.

ବିଦାକି—ବୈଦେ. ବି. ( ଅ. ବିଦାଅ )—୧ । ବନ୍ଧୁମାନଙ୍କୁ ବିଦାୟ
Bidāki ଦେବା—1. Act of bidding adieu to
বিদায়ী friends. ୨ । ଉତ୍ସବାଦି ଉପଲକ୍ଷେ ସମାଗତ ବନ୍ଧୁ ଓ
विदायगी, बिदाई ଭୃତ୍ୟାଦିଙ୍କୁ ବିଦାଯିବା ବିଦାୟକାଳୀନ ଦେୟ ଅର୍ଥାତ୍ ଧନ ବସ୍ତ୍ରାଦି; ମେଲାଣି; ଦକ୍ଷିଣା—2. Money or clothes presented to relatives and servants who attend social and other festivites.

ବିଦାରିବା—ଦେ. କ୍ରି (ବି+ଦୃ ଧାତୁ)—ବିଦାରଣ କରିବା—
Bidārdiba বিদারা बिदारना To lacerate.

ବିଦାଢ଼(ଢ଼ି)—ଦେ. ବି—ଏକ କଉଡ଼ିର ୨୫୦ ଭାଗରୁ ଏକ ଭାଗ—
Bidārdha(rdhi) $\frac{1}{250}$ of a cowrie or shell-money.

ବିଦା ଦେବା—ଦେ. କ୍ରି—୧ । ମେଲାଣି ଦେବା; ଯିବା ପାଇଁ ଅନୁମତି
Bidā deba ଦେବା—1. To bid farewell to a de-
বিদায় দেওয়া parting person; to give permission to
बिदा करना go. ୨ । ଧାନ କିଆରିରେ ବିଦା ଚଲାଇବା—2. To
বিদা দেওয়া drive the harrow in the paddy field.
पहटा (हेंगा) चलाना

ବିଦାବିଦି—ଦେ. ବି—୧ । ବିଦାୟ—1. Farewell. ୨ । ଅନ୍ୟୋ-
Bidābidi ନ୍ୟରେ ବିଦାୟ ଗ୍ରହଣ—2. Mutual farewell.
বিদায় টিদায় बिदाबिदी

ବିଦାୟ—ସଂ. ବି. ( ବି+ଦା ଧାତୁ=ତ୍ୟାଗ କରିବା+ଭାବ. ଅ )—
Bidāya ୧ । ଦାନ—1. Giving away. ୨ । ବିସର୍ଜନ—
বিদায় 2. Relinquishing; abandonment. ବୈଦେ. ବି.
विदा, बिदाई ( ଅ. ବିଦାଅ=ଯିବା ପାଇଁ ଅନୁମତି )—୧ । ସ୍ଥାନାନ୍ତରକୁ ଯିବା ପାଇଁ ବିଦାଯିବା ଅନୁମତି—ସ. ବିଦାୟୁଜ୍ଞା 1. Farewell; permission to depart. ୨ । କାର୍ଯ୍ୟରୁ ବିଦାୟ ଦେବା; କର୍ମଚ୍ୟୁତି—2. Dismissal from service. ୩ । ସ୍ଥାନ ତ୍ୟାଗ—3. Departure from a place. ୪ । କାର୍ଯ୍ୟରୁ ସ୍ଥାୟୀ ଅବସର ଗ୍ରହଣ—4. Leave from service; retirement from service. [ ଦ୍ର—ଏ ଶବ୍ଦ ବୈଦେଶିକ ହେଲେ ମଧ୍ୟ ସାଧୁଭାଷା ବ୍ୟବହାର ପ୍ରିୟ ବ୍ୟକ୍ତିମାନେ ଏଥି ସଙ୍ଗେ କାଳୀନ, ଗ୍ରହଣ, ସଙ୍ଗୀତ, ଭାଷଣ ଆଦି ସଂସ୍କୃତ ଶବ୍ଦମାନ ଯୋଗ କରନ୍ତି । ]

ବିଦାୟ କରିବା—ଦେ. କ୍ରି. (ଅ. ବିଦାଅ)—୧ । ବିବାହାଦି ଉପଲକ୍ଷେ
Bidāya kariba ସମାଗତ ବନ୍ଧୁବାନ୍ଧବ, ଭୃତ୍ୟ, ବ୍ରାହ୍ମଣ ଆଦିଙ୍କର
विदाय करा ପ୍ରସ୍ଥାନ କରିବା ପୂର୍ବରୁ ସେମାନଙ୍କୁ ଉପହାର ଦାନ ବା
बिदा करना ଦକ୍ଷିଣା ଦେବା—1. To give presents to friends, relatives, servants and Brahmanas while preparing to depart after attending social or other festivities. ୨ । ଯିବାକୁ ଛାଡ଼ିଦେବା—2. To let one go. ୩ । କାହାରିକୁ ଯିବାକୁ ଅନୁମତି ଦେବା—3. To give a person permission to go. ୪ । କୌଣସି ବ୍ୟକ୍ତିକୁ କର୍ମଚ୍ୟୁତ କରିବା—4. To dismiss a person. ୫ । ଦୂର କରିବା; ତଡ଼ି ଦେବା—5. To drive away ( a person ).
୬ । କୌଣସି ବ୍ୟକ୍ତିକୁ କୌଣସି ସ୍ଥାନକୁ ପଠାଇବା—6. To send out a person.

ବିଦାୟ କାଳୀନ—ଦେ. ବିଣ ( ଅ. ବିଦାଅ+ସ. କାଳୀନ )—କୌଣସି
Bidāya kālina ବ୍ୟକ୍ତିର ବିଦାୟକାଳ ସମ୍ବନ୍ଧୀୟ—Relating to or composed on the occasion of a person's departure. ( ଯଥା—ଇନ୍ସପେକ୍ଟରଙ୍କ ବିଦାୟକାଳୀନ ଭୋଜି ।)

ବିଦାୟ ଗ୍ରହଣ—ଦେ. ବି (ଅ. ବିଦାଅ+ସ. ଗ୍ରହଣ )—୧ । କାର୍ଯ୍ୟରୁ
Bidāya grahana ଛୁଟି ନେବା—1. Taking leave.
বিদা গ্রহণ ୨ । କାର୍ଯ୍ୟରୁ ଚିରକାଳ ପାଇଁ ଅବସର ଗ୍ରହଣ—2. Retiring from service. ୩ । କାର୍ଯ୍ୟରୁ ଇସ୍ତଫା ଦେବା—3. Resigning a service. ୪ । ଯିବା ପାଇଁ ଅନୁମତି ନେବା—4. Taking leave to go.

ବିଦାୟ ଗ୍ରହଣ କରିବା—ଦେ. କ୍ରି—୧ । ଯିବା ପାଇଁ ଛୁଟି ନେବା—
Bidāya grahana kariba 1. To take leave. ୨ ।
বিদায় গ্রহণকরা; বিদায় লওয়া କାର୍ଯ୍ୟରୁ ଚିରକାଳ ପାଇଁ ଅବସର
विदाय लेना ନେବା—2. To retire from service.
(ବିଦାୟ ନେବା—ଅନ୍ୟରୂପ) ୩ । ଯିବା ପାଇଁ ଅନୁମତି ନେବା—3. To take permission to go.

**ବିଦାୟ ଦେବା**—ଦେ. କ୍ରି—୧ । କାର୍ଯ୍ୟରୁ ଅନ୍ତର କରିବା; ଡିସ୍ମିସ୍ କରିବା—1. To dismiss or discharge from service. ୨ । ଯିବାକୁ ଅନୁମତି ଦେବା; ଛୁଟି ମଞ୍ଜୁର କରିବା—2. To grant leave to go
Bidāya debā
বিদায় দেওয়া
विदा देना

**ବିଦାୟ ପାଇବା**—ଦେ. କ୍ରି—୧ । ଛୁଟି ପାଇବା—1. To get leave. ୨ । ଯିବାକୁ ଅନୁମତି ପାଇବା—2. To get permission to depart.
Bidāya pāibā
বিদায় পাওয়া विदा पाना

**ବିଦାୟ ଭୋଜ(ଜି)**—ଦେ. ବି—କୌଣସି ବିଶିଷ୍ଟ ବ୍ୟକ୍ତିଙ୍କର କୌଣସି ସ୍ଥାନ ଛାଡ଼ିବା ପୂର୍ବରୁ ବନ୍ଧୁମାନଙ୍କର ତାଙ୍କୁ ଦେବା ଭୋଜି—Farewell dinner.
Bidāya bhoja(ji)
বিদায় ভোজ विदाभोगी
( ବିଦାୟ ଭୋଜନ—ଅନ୍ୟରୂପ )

**ବିଦାୟ ମାଗିବା**—ଦେ. କ୍ରି—୧ । ଛୁଟି ମାଗିବା—1. To ask for leave. ୨ । ପ୍ରସ୍ଥାନ କରିବାକୁ ଅନୁମତି ପ୍ରାର୍ଥନା କରିବା; ମେଲାଣି ମାଗିବା—2. To ask for permission to go.
Bidāya māgibā
বিদায় চাওয়া; বিদায় প্রার্থনা করা
विदा चाहना
( ବିଦାୟ ଗୁହାରିବା—ଅନ୍ୟରୂପ )

**ବିଦାୟ ସଙ୍ଗୀତ**—ଦେ. ବି ( ଅ. ବିଦାଅ + ସଂ. ସଙ୍ଗୀତ )—କୌଣସି ବିଶିଷ୍ଟ ବ୍ୟକ୍ତିଙ୍କର କୌଣସି ସ୍ଥାନ ତ୍ୟାଗ କରି ଚାଲି ଯିବାର ହେଲେ ତାହାଙ୍କ ବନ୍ଧୁମାନଙ୍କର ତାହାଙ୍କୁ ଅଭ୍ୟର୍ଥନା କରିବା ସମୟରେ ଯେଉଁ ଗୀତ ବୋଲା-ଯାଏ—Parting song; farewell song; a valedictory song.
Bidāya sangita
বিদায় সংগীত
विदासंगीत
ବିଦାୟ ଗାଥା, ବିଦାୟ ଗାନ, ବିଦାୟ ଗୀତ, ବିଦାୟ ଗୀତିକା—ଅନ୍ୟରୂପ

**ବିଦାର**—ସଂ. ବି ( ବି + ଦୃ ଧାତୁ + ଭାବ. ଅ )—୧ । ବିଦାରଣ; ଚିରି ଦେବା—1. Laceration; tearing. ୨ । ( ଅଧି-କରଣ. ଅ ) ଯୁଦ୍ଧ; ରଣ—2. Fight; battle ୩ । ଜଳୋଚ୍ଛ୍ୱାସ; ଢେଉ—3. The swelling of water; wave.
Bidāra

**ବିଦାରକ**—ସଂ. ବିଣ (ବି + ଦୃ ଧାତୁ + କର୍ତ୍ତୃ. ଅକ)—ବିଦାରଣକାରୀ—Piercing; lacerating; tearing; rending. ସଂ. ବି—୧ । (+କର୍ମ. ଅ + କ) ଶୁଷ୍କ ନଦୀ ବା ପୁଷ୍କରିଣୀ ଗର୍ଭସ୍ଥ କୂପ—1. A well in the dry bed of a river or tank. ୨ । ସମୁଦ୍ର ଗର୍ଭସ୍ଥ ବୃକ୍ଷ ବା ପର୍ବତ—2. A tree or hill rising from the bed of a sea; submarine rock or tree. ୩ । ଚଳୁସାର—3. Unrefined alkali.
Bidāraka
( ବିଦାରିକା ସ୍ତ୍ରୀ )

**ବିଦାରଣ**—ସଂ. ବି ( ବି + ଦୃ ଧାତୁ ଣିଜନ୍ତ ଦାରି ଧାତୁ + ଭାବ. ଅନ )—୧ । ବିଦ୍ଧକରଣ—1. Piercing. ୨ । ଚିରି ଦେବା; ଛିଣ୍ଡାଇ ପକାଇବା—2. Lacerating; tearing. ୩ । ( + ଅଧିକରଣ. ଅନ ) ଯୁଦ୍ଧ—3. Fight; battle. ୪ । (+କରଣ. ଅନ ) ବାଣ, ଶର—4. Arrow. ୫ । ( + ଭାବ ଅନ ) ହନନ, ପ୍ରାଣରେ ମାରିବା—5. Killing. ଦେ. ବି—ଭେଦ; ପ୍ରଭେଦ—Distinction; difference.
Bidārana
[ ଉ—ନିବାରଣ ବେନି ସମାନ ଭାବ ନାହିଁ, ବିଦାରଣ ବୁଦ୍ଧି କେବଳ ଅଛି ରହି—ଭଞ୍ଜ, ବୈଦେହୀଶବିଳାସ । ]

**ବିଦାରଣୀୟ**—ସଂ. ବିଣ (ବି + ଦୃ ଧାତୁ + କର୍ମ. ଅନୀୟ )—ବିଦୀର୍ଣ୍ଣ ହେବା ଯୋଗ୍ୟ—Lacerable; capable of being rent.
Bidāraniya
(ବିଦାର୍ଯ୍ୟ—ଅନ୍ୟରୂପ)

**ବିଦାରିତ**—ସଂ, ବିଣ (ବି + ଦୃ ଧାତୁ ଣିଚ୍ ଦାରି ଧାତୁ + କର୍ମ. ତ)—୧ । ଭେଦିତ; ଚିରା ହୋଇଥିବା—1. Pierced; rent. ୨ । ଛିନ୍ନ ବିଚ୍ଛିନ୍ନ—2. Lacerated; torn.
Bidārita
(ବିଦାରଣ—ବି)

**ବିଦାରିବା**—ଦେ. କ୍ରି (ସଂ. ବିଦାରଣ)—୧ । ବିଦାରଣ କରିବା; ଭେଦ କରିବା—1. To pierce through; to penetrate. [ ଉ—ବଳି ଅଙ୍ଗ ବିଦାରି ଉଠିଲା ଅଗ୍ନି- କୃଷ୍ଣସିଂହ. ମହାଭାରତ ଅଦି । ] ୨ । ଦୂର କରିବା—2. To drive away. [ ଉ—ଜଳଙ୍କୁ ଏ ବଡ଼ନଦୀକୁ ପ୍ରକାଶିଲା, ପୁଷ୍କରଙ୍କ ଭୟଭୟକୁ ବିଦାରିଲା । କୃଷ୍ଣସିଂହ. ମହାଭାରତ ବନ ।] ୩ । ଫାଡ଼ିଦେବା; ଚିରିଦେବା—3. To lacerate; to split up. ୪ । ନଖ ବା ଅସ୍ତ୍ରାଦି ଦ୍ୱାରା ଗଭୀରରୂପେ ଭେଦ କରିବା—4. To scratch deeply.
Bidāribā
বিদারা
विदारना

**ବିଦାରି ହେବା**—ଦେ. କ୍ରି—୧ । ବିଦୀର୍ଣ୍ଣ ହେବା—1. To be rent or lacerated. ୨ । କ୍ରୋଧରେ ବା ଈର୍ଷାରେ ଅସ୍ଥିର ହେବା—2. To be restless with anger or malice; to become furious with rage.
Bidāri hebā
ফেটো যাওয়া
फटना

**ବିଦାରୀ**—ସଂ. ବି—୧ । (ବି + ଦୃ ଧାତୁ + କର୍ତ୍ତୃ. ଇନ୍; ୧ମା. ୧ବ ବୈଦ୍ୟକ)—ଗଳନାଳୀର ଶ୍ଳୈଷ୍ମିକ ପ୍ରଦାହ (ରୋଗ); ଶରତ ଯୋଗୁଁ ଗଳାରେ କଫ ଜମି ଗଳା ଚିରି ହେବାପରି ଜଣାଯିବା ରୋଗ—1. Phlegmonous pharyngites. [ ଦ୍ର—ଏହା ୧୮ ପ୍ରକାର କଣ୍ଠ ରୋଗମଧ୍ୟରୁ ଏକତମ—ହି. ଶ । ] ୨ । ( ବିଦାର + ସ୍ତ୍ରୀ. ଈ ) ଭୂମି କୁଷ୍ମାଣ୍ଡ; ଭୁଇଁ କଖାରୁ—2. Ipomœa Paniculata. ୩ । ଶତପର୍ଣ୍ଣୀ; ଶାଳପର୍ଣ୍ଣୀ—3 Desmodium Gangeticum (medicinal plant). ୪ । କ୍ଷୀରକାକୋଲୀ (ହି.ଶ)(ଦେଖ)—5. Kshirakākoli (See). ସଂ. ବିଣ ପୁଂ—ବିଦାରଣକାରୀ—Lacerating; piercing.
Bidāri
(ବିଦାରଣୀ—ସ୍ତ୍ରୀ) [ ଉ—ଜମ୍ବୁ ଦୁଷ୍ଟ ହିରଣ୍ୟକଶିପୁ-ବିଦାରୀ; କୃଷ୍ଣ-ସିଂହ. ମହାଭାରତ ବିରାଟ । ] [ ଦ୍ର—ଏହା ଅନ୍ୟ ଶବ୍ଦ ପରେ ବ୍ୟବହୃତ ହୁଏ । ]

**ବିଦାରୀ କନ୍ଦ**—ସଂ. ବି—ଭୂମିକୁଷ୍ମାଣ୍ଡ—Ipomœa Paniculata·
Bidāri kanda

**ବିଦାରୀ ଗନ୍ଧା**—ସଂ. ବି—୧ । ଶାଳପର୍ଣ୍ଣୀ ( ହି. ଶ ) 1: Desmodium Gangeticum.
Bidāri gandhā

୨ । ( ସୁଶ୍ରୁତ ) ଶାଳପର୍ଣ୍ଣୀ, ଭୁଇଁକଖାରୁ, ଗୋକ୍ଷୁର, ଶତାବରୀ, ଅନନ୍ତ ମୂଳ, ମୁଦ୍ଗପର୍ଣ୍ଣୀ, ପୁନର୍ନବା ଆଦି ଔଷଧର ଗଣ—2. A class of herbs having some common curative preperties.
[ ଦ୍ର—ଏ ଗଣର ଦ୍ରବ୍ୟମାନ ବାୟୁନାଶକ, ପିତ୍ତନାଶକ ଏବଂ ଶ୍ୱାସ, ଗୁଳ୍ମ, ଶୋଥ, ଊର୍ଦ୍ଧ୍ୱଶ୍ୱାସ ଓ କାଶ ରୋଗରେ ହିତକର—ହି. ଶ. ]

ବିଦାରୁ—ସଂ. ବି (ବି+ଦୃ ଧାତୁ+କର୍ତ୍ତୃ. ଉ)—କୃକଳାସ; ଏଣ୍ଡୁଅ—
Bidāru A kind of lizard; Lace Scutata.

ବିଦାହ—ସଂ. ବି ( ବି+ଦାହ )—୧ । ପିତ୍ତାଧିକ୍ୟ ଯୋଗୁଁ ଅନୁଭୂତ
Bidāha ଜଳାପୋଡ଼ା—1. Burning sensation. ୨ । ହାତ ଓ ଗୋଡ଼ରେ ଜଳାପୋଡ଼ା (ହି· ଶ)—2. Burning sensation in the hands and legs.

ବିଦାହୀ—ସଂ. ବିଣ ( ବିଦାହ-।-ଇନ୍; ୧ମା. ୧ବ )—ଯେଉଁ ଦ୍ରବ୍ୟ
Bidāhī ଖାଇଲେ ଅମ୍ଳ ଜାତ ହୁଏ—(foods) Producing (ବିଦାହକ—ଅନ୍ୟରୂପ) acidity or indigestion.

ବିଦିଆ—ଗ୍ରା. ବି—୧ । (ସଂ. ବିଦ୍ୟା) ବିଦ୍ୟା ( ଦେଖ )—Bidyā
Bidiā (See). ୨ । (ପୁଂ) ବିଦ୍ୟାଧରର ଅନାଦରାର୍ଥକ ଡାକନାମ—2, A name for calling Bidyādhara.

ବିଦିକ୍—ସଂ. ବି (ବିଦିଶ୍; ୧ମା. ୧ବ)—ଦିଗର ମଧ୍ୟସ୍ଥାନ; ଦିକ୍କୋଣ
Bidik ( ଈଶାନ, ବାୟୁ, ନୈର୍ଋତ ଓ ଅଗ୍ନିକୋଣ )—The corners between the four cardinal points of the compass; the intermediate points of the compass.

ବିଦିଗ—ଦେ· ବି – ବିଦିକ୍ (ଦେଖ)
Bidiga Bidik (See).

ବିଦିତ—ସଂ· ବିଣ (ବିଦ୍ ଧାତୁ=ଜାଣିବା+କର୍ମ. ତ )—୧ । ପରିଜ୍ଞାତ,
Bidita ଅବଗତ—1. Known; understood. ୨ । (କର୍ତ୍ତୃ. ତ) ଯେ ଜାଣେ; ଜ୍ଞାତା—2. Knowing; one who knows. ୩ । ପ୍ରାର୍ଥିତ-3. Prayed for. ୪ । ଲବ୍ଧ—4. Obtained. ୫ । ବିଖ୍ୟାତ; ଖ୍ୟାତ—5. Celebrated. ସଂ. ବି—(+ଭାବ. ତ) ୧ । ଜ୍ଞାନ—1. Knowledge. ୨ । ଖ୍ୟାତି—2. Reputation; fame. ୩ । ଲାଭ—3. Gain; profit. ୪ । (+କର୍ତ୍ତୃ. ତ)—କବି (ହି, ଶ)—4. Poet.

ବିଦିଥ—ସଂ. ବି. ପୁଂ (ବିଦ୍ ଧାତୁ+କର୍ତ୍ତୃ. ଇଥ)—୧ । ପଣ୍ଡିତ, ବିଦ୍ୱାନ୍
Biditha ବ୍ୟକ୍ତି (ହି, ଶ)—1. A learned person. ୨ । ଋଷି; ଯୋଗୀ (ହି, ଶ)—2. An ascetic.

ବିଦିଶ—ଦେ. ବି. ସ୍ତ୍ରୀ (ସଂ. ବିଦିଶ୍)—ବିଦିକ୍ (ଦେଖ)
Bidiśa Bidik (See).

ବିଦିଶା—ସଂ· ବି (ବିଦିଶ+ଆ)—୧ । ମାଳବ ଦେଶାନ୍ତର୍ଗତ ବେତ୍ରବତୀ
Bidiśā ନଦୀ ତୀରସ୍ଥ ନଗରୀ—1. Name of an ancient town of India standing on the river Betrabatī. [ ଦ୍ର—ଏହାର ଆଧୁନିକ ନାମ ଭେଲସା—(ହି: ଶ)]—୨ । ପୌରାଣିକ ପାରିପାତ୍ର ପର୍ବତରୁ ବାହାରିଥିବା ନଦୀବିଶେଷ (ହି· ଶ)—2. Name of river mentioned in the Hindu mythologies.

ବିଦୀପ୍ତ—ସଂ· ବିଣ (ବି+ଦୀପ୍ ଧାତୁ+କର୍ତ୍ତୃ. ତ)—ସନ୍ତପ୍ତ; ତାପିତ—
Bidīpta Burnt. [ଉ—ବିଦୀପ୍ତ ହେବାରୁ କରି ତାପ ଘନକାଳ—ଉଜ୍ଞ. ବୈଦେହୀଶବିଳାସ ।]

ବିଦୀର୍ଣ୍ଣ—ସଂ.ବିଣ (ବି+ଦୃ ଧାତୁ+କର୍ମ.ତ)—୧ । ଚିରି ଯାଇ ଖଣ୍ଡ ଖଣ୍ଡ
Bidīrṇṇa ହୋଇଥିବା; ବିଦାରିତ—1. Rent; cleft; lacerated. ୨ । ଫାଟି ଯାଇଥିବା; ଭାଙ୍ଗି ଯାଇଥିବା—3. Broken. ୩ । ହତ—3. Killed. ୪ । ବିସ୍ତୀର୍ଣ୍ଣ—4. Spread; expanded.

ବିଦୀର୍ଯ୍ୟମାଣ—ସଂ. ବିଣ (ସଙ୍କଳ୍ପ ବି+ଦୃ ଧାତୁ=ବିଦୀର୍ଯ୍ୟ ଧାତୁ+
Bidīrjyamāṇa କର୍ମ. ଆନ )—ଯାହା ବିଦୀର୍ଣ୍ଣ ହେଉଅଛି—Being rent or lacerated.

ବିଦୁ—ଦେ. ବି—୧ । (ସଂ ଦ୍ୱି) ପଶାଖେଳରେ ୨ଟି ପଶାକାଠିରେ ଦୁଇ
Bidu ଦୁଇ ପଡ଼ିବା ଦାନ—1. A throw resulting in 2 points turning out in each of 2 dice.
ବିଜୁରି(ଳି) ୨ । ( ସଂ. ବିଦ୍ୟୁତ୍—2· Lightning· [ ଉ—
ବିଜୁ ଦେଖିଲି ଗୋଷ୍ଠେ, ଗୋପାଳ ମେଷେ, ଗାବ ଦୁହୁଁଥିଲେ ହରି; ନୀଳ ଜୀମୂତ, ବିଜୁ ପୀତ, ବସନ ବିଦୁ ପରି । ଭକ୍ତଚରଣ. ମଥୁରାମଙ୍ଗଳ । ] ଗ୍ରା. ବି—୧ । (ପୁଂ) ବିଦ୍ୟାଧରର ଆଦରାର୍ଥକ ଡାକ ନାମ—1 A name for calling males named Bidyādhara. ୨ । (ସ୍ତ୍ରୀ) ବିଦ୍ୟୁ-ଲ୍ଲତା ଆଦି ସ୍ତ୍ରୀଲୋକଙ୍କ ଡାକ ନାମ—2. A name for calling females.
(ବିଦେଇ—ଅନ୍ୟରୂପ)

ବିଦୁଡ଼ି—ପ୍ରାଦେ. ( ଯାଜପୁର ) ବି—ପିଜୁଳି (ଫଳ ଓ ବୃକ୍ଷ)—
Bidurdi Guava.

ବିଦୁଡ଼ୁ—ପ୍ରାଦେ ( କଟକ ) ବି—ପିଜୁଳି (ଫଳ ଓ ବୃକ୍ଷ)—Guava.
Bidurdu

ବିଦୁର—ସଂ.ବି (ବିଦ୍ ଧାତୁ=ଜାଣିବା+ଶୀଳାର୍ଥରେ ଉର)—ଯୁଧିଷ୍ଠିରଙ୍କ
Bidura ପିତୃବ୍ୟ, ଧୃତରାଷ୍ଟ୍ରଙ୍କ ବୈମାତ୍ରେୟ ଭ୍ରାତା—Uncle of Judhisṭhira and step brother of Dhṛutarāshṭra. [ ଦ୍ର—ଏ ମୃତ ଶାନ୍ତନୁଙ୍କ ଦାସୀ ଗର୍ଭଜାତ ବ୍ୟାସଦେବଙ୍କ ଔରସ ସନ୍ତାନ । ଏ ଖୁବ୍ ଜ୍ଞାନୀ, ବୁଦ୍ଧିମାନ୍ ଓ ଦୂରଦର୍ଶୀ ଥିଲେ; ରାଜନୀତି, ଧର୍ମନୀତି ଓ ଅର୍ଥନୀତିରେ ଖୁବ ପ୍ରବୀଣ ଥିଲେ । ଏ ପ୍ରଥମେ କୌରବଙ୍କ ମନ୍ତ୍ରୀ ଥିଲେହେଁ ପାଣ୍ଡବମାନଙ୍କ ପ୍ରତି ଏହାଙ୍କର ଗଭୀର ସ୍ନେହ ଥିଲା । ଦୁର୍ଯ୍ୟୋଧନଙ୍କୁ ଏ ଯୁଦ୍ଧରୁ ବହୁତ ନିବର୍ତ୍ତାଇ ଥିଲେ; କିନ୍ତୁ ଏଥିରେ ବିଫଳ ହୋଇ ପାଣ୍ଡବ ପକ୍ଷରେ ଯୁଦ୍ଧ କରିଥିଲେ ଓ ଯୁଦ୍ଧ ପରେ ପାଣ୍ଡବମାନଙ୍କ ମନ୍ତ୍ରୀ ହୋଇଥିଲେ, ପରେ ଅରଣ୍ୟକୁ ଯାଇ ତପଃସାଧନ କରି ଶେଷରେ ଯୋଗମାର୍ଗରେ ଦେହ ତ୍ୟାଗ କଲେ । 'ବିଦୁରନୀତି' ନାମକ

ମାଉଶାଙ୍କ ଏହାଙ୍କ ଉଚିତ ( ହୁ. ଶ ) ଶ୍ରୀକୃଷ୍ଣ ଏହାଙ୍କ ଗୃହରେ ଆତିଥ୍ୟ ସ୍ୱୀକାର କରିଥିଲେ ।] ସ. ବିଣ. ପୁଂ—ଜ୍ଞାନୀ; ପଣ୍ଡିତ—Wise; learned. ପ୍ରାଦେ (ଗଡ଼ଜାତ) ବି—ପିଜୁଳି—Guava.

**ବିଦୁର ଘର ଖୁଦ**—ଦେ. ପ୍ରବଚନ—ବନେ ଶ୍ରୀକୃଷ୍ଣ ହସ୍ତିନାପୁରକୁ Bidura ghara khuda ଅସିଥିଲେ । ସେ ଅଧର୍ମପରାୟଣ
ବିଦୁର ଘର ଖୁଦଯାଉ } ଅନ୍ୟରୂପ ଦୁର୍ଯ୍ୟୋଧନଙ୍କର
ବିଦୁର ଘର ଶାଗ ପ୍ରଦତ୍ତ ରାଜଭୋଗ ଓ ପରାନ୍ନ
ବିଦୁର ଘର ଶାଗଭାଜ ଗ୍ରହଣ ନ କରି ଶ୍ରଦ୍ଧା ଭକ୍ତି
বিদুরের খুদ ସମନ୍ୱିତ, ଧାର୍ମିକପ୍ରବର ଅଥଚ ଦରିଦ୍ର ବିଦୁରଙ୍କ ଘରେ
**बिदुर घरका शाग** ପହଞ୍ଚି ତାହାଙ୍କ ପ୍ରଦତ୍ତ ଖୁଦଯାଉ ଓ ଶାକାନ୍ନ ଖାଇଥିବା କଥିତ ଅଛି । ଅତଏବ ଅଶ୍ରଦ୍ଧାପ୍ରଦତ୍ତ ପରାନ୍ନ ଅପେକ୍ଷା ଶ୍ରଦ୍ଧାପ୍ରଦତ୍ତ ଶାକାନ୍ନ ଉପାଦେୟ ଏହି ଉପଦେଶ ଶ୍ରୀକୃଷ୍ଣ ଏତଦ୍ଦ୍ୱାରା ଜଗତକୁ ଦେଇଅଛନ୍ତି । କେହି ଧନୀବ୍ୟକ୍ତି ସ୍ନେହବନ୍ଧନ ଯୋଗୁଁ କୌଣସି ଗରିବ ବନ୍ଧୁ ଘରେ ଆତିଥ୍ୟ ଗ୍ରହଣ କଲେ ଗରିବ ବନ୍ଧୁ ଏ ଉପମାସୂଚକ ବାକ୍ୟ ପ୍ରୟୋଗ କରନ୍ତି—A proverb meaning,—preferring a poor dinner at a poor man's house, which is accompanied with affection, to a delicious dish in a rich man's house when unattended with attachment.

**ବିଦୁଲ**—ସ. ବି ( ବିଦ୍ ଧାତୁ+ଉଲ )—୧ । ଜଳବେତସ—Bidula 1. A kind of ratan growing near water; Calamus Rotang. ୨ । ବେତ—2 Ratan cane. ୩ । ବୋଳ; ଗନ୍ଧରସ (ହୁ. ଶ)—3 A kind of incense. ୪ । ଅମ୍ଳବେତସ ( ହୁ. ଶ )—4. A kind of acid pot-herb.

**ବିଦୁଷ**—ଦେ. ବି ( ସ. ବିଦ୍ୱସ୍ ଶବ୍ଦ )—ପଣ୍ଡିତ—Learned man. Bidusha ( ଉ—ବିଦୁଷ ! ଦୂଷଣ ବିବର୍ଜ୍ଜିତ ଗୀତେ ରସ । ଉପେ. ବୈଦେହୀଶବିଳାସ ।]

**ବିଦୁଷୀ**—ସ. ବିଣ. ସ୍ତ୍ରୀ (ବିଦ୍ୱସ୍+ସ୍ତ୍ରୀ. ଈ)—ବିଦ୍ୟାବତୀ; ପଣ୍ଡିତା (ସ୍ତ୍ରୀ)—Bidushi Loarned ( woman ).

**ବିଦୁଷ୍ମତୀ**—ସ. ବିଣ. ସ୍ତ୍ରୀ ( ବିଦ୍ୱସ୍+ଅସ୍ତି ଅର୍ଥରେ ମତ୍+ସ୍ତ୍ରୀ. ଈ )—Bidushmati ବିଦୁଷୀ—Learned (woman).

**ବିଦୂର**—ସ. ବିଣ ( ବି+ଦୂର )—ଅତି ଦୂରବର୍ତ୍ତୀ—Very far; Bidūra very distant; remote. ( ଉ—ଜନ୍ମପୁ ହୋଇ [ବିଦୂରତା(ଭ୍ର)—ବି] ବିଦୂର । କବିସୂର୍ଯ୍ୟ. ଯଶୋଧରଲୀଳା । ) ସ.ବି—୧ । ବହୁଦୂରତା—1. A great distance. ୨ । ପର୍ବତବିଶେଷ—2. Name of a mountain. [ ଦ୍ର—ଏଥିରୁ ବୈଦୂର୍ଯ୍ୟମଣି ମିଳୁଥିବା କଥିତ—ହୁ. ଶ ] ୩ । ଦେଶବିଶେଷ—3. Name of a country. ୪ । ବୈଦୂର୍ଯ୍ୟମଣି—4. A gem; Lapis Lazuli. ୫ । ବହୁଦୂରବର୍ତ୍ତୀ ଦେଶ ( ହୁ. ଶ )—5. A very distant country. ଦେ. ବିଣ—ବିଗତ; ବିତାଡ଼ିତ—Removed; disappeared; gone.

**ବିଦୂରଗ**—ସ. ବିଣ. ପୁଂ—( ବିଦୂର+ଗମ ଧାତୁ+କର୍ତ୍ତୃ. ଅ)—୧ । Bidūraga ସୁଦୂରଗାମୀ—1. Going to a great dis- (ବିଦୂରଗା—ସ୍ତ୍ରୀ) tance. ୨ । ବହୁଦୂର ବିସ୍ତୃତ—3. Spreading far and wide (Apte).

**ବିଦୂରଜ**—ସ. ବି—(ବିଦୂର=ପର୍ବତବିଶେଷ+ଜନ୍ ଧାତୁ+କର୍ତ୍ତୃ. ଅ) Bidūraja ବୈଦୂର୍ଯ୍ୟ ମଣି—Lapis Lazuli. ସ. ବିଣ—ବହୁଦୂରବର୍ତ୍ତୀ ଦେଶରେ ଜାତ—Produced in a far off country.

**ବିଦୂରତଃ**—ସ. ଅ—( ବିଦୂର+ତସ୍ )—୧ । ବହୁଦୂରରୁ—Bidūratah 1. From a great distance. ୨ । ବହୁଦୂରରେ—2. At a great distance; far off (Apte).

**ବିଦୂର ବିଗତ**—ସ. ବିଣ. ଓ ବି—(ସ. ବିଦୂର+ବିଗତ)—ଅନ୍ତ୍ୟଜ—Bidūra bigata A person of depressed caste.

**ବିଦୂରିତ**—ଗ୍ରା. ବିଣ—(ସ. ବିଦୂର; ଅଶୁଦ୍ଧ ବ୍ୟବହାର)—ବିତାଡ଼ିତ; Bidūrita ଦୂରୀକୃତ—Driven away; expelled; removed. [ଦ୍ର—ଶିକ୍ଷିତ ବ୍ୟକ୍ତିମାନଙ୍କ ଲେଖାରେ ଏ ଅଶୁଦ୍ଧ ଶବ୍ଦର ବ୍ୟବହାର ବେଳେ ବେଳେ ଦେଖା ଯାଏ; ଏପରି ବ୍ୟବହାର ପରିହାର୍ଯ୍ୟ ।]

**ବିଦୂଷକ**—ସ. ବିଣ. ପୁଂ—(ବି+ଦୂଷ ଧାତୁ+କର୍ତ୍ତୃ. ଅକ)—୧ । Bidūshaka ନିନ୍ଦକ—1. Reproaching. ୨ । ଅପବାଦ (ବିଦୂଷିକା—ସ୍ତ୍ରୀ) ଦେବା (ବ୍ୟକ୍ତି)—2. Defaming (person.) ୩ । କାମୁକ—3. Lascivious. ୪ । ଲମ୍ପଟ—4. Adulterous; dissolute. ୫ । ନିନ୍ଦାଜନକ; କୁତ୍ସାତ୍ମକ—5. Defamatory. ୬ । ଖଳ—6. Wicked; wanton. ସ. ବି.—୧ । ଭଣ୍ଡ—1. A fool; buffoon; clown. ୨ । ନାଟକରେ ନାୟକର ମନୋରଞ୍ଜନକାରୀ ନଟବିଶେଷ — 2. A jester in a drama. [ ଦ୍ର—ପ୍ରାଚୀନ କାଳରେ ପ୍ରାୟ ସବୁ ଦେଶର ରାଜା ଓ ବଡ଼ଲୋକଙ୍କ ସଭାରେ ଏବଂ ନାଟକରେ ରାଜା ଅବକର ଓ ଶ୍ରୋତୃବର୍ଗଙ୍କ ମନୋରଞ୍ଜନାର୍ଥ ବିଦୂଷକ ଦୃଷ୍ଟ ହୁଅନ୍ତି । ଏ ଅନେକ ପ୍ରକାର ହାସ୍ୟରସ, କୌତୁକ ଓ ପରିହାସରେ ପଟୁ । ସାହିତ୍ୟ ଦର୍ପଣ ମତରେ ବିଦୂଷକ କୌଶଳକ୍ରମେ ଲୋକଙ୍କୁ ହସାଏ, ଲୋକଙ୍କ ମଧ୍ୟରେ କଳି ଲଗାଇ ଦିଏ, ଆପଣା ଉଦରପୂର୍ତ୍ତି ଓ ସ୍ୱାର୍ଥ ସାଧନ ପାଇଁ ସର୍ବଦା ଲାଳାୟିତ ହୁଏ ଓ ମାନିନୀ ନାୟିକାର ମାନଭଞ୍ଜନରେ ନାୟକର ସହାୟ ହୁଏ—ହୁ. ଶ ।] ୩ । ରାଜା ମହାରାଜାଙ୍କ ମନୋରଞ୍ଜନକାରୀ ସହଚର; ବୟସ୍ୟ—3 A jester in the court of a king. ୪ । କାବ୍ୟୋକ୍ତ ୪ ପ୍ରକାର ନାୟକ ମଧ୍ୟରୁ ହାସ୍ୟରସିକ ନାୟକ—4. A class of

heroes in romance; a witty hero of romance. [ଦ୍ର—ଏ ଅପଣା କୌତୁକ ଓ ପରିହାସ ଯୋଗୁଁ କାମକେଳି ଉଦ୍ଦୀପକ ହୁଏ । ହି. ଶ]

**ବିଦୂଷଣ**—ସଂ ବି—(ବି+ଦୂଷ ଧାତୁ+ଭାବ. ଅନ)—୧ । ଭର୍ତ୍ସନା; Bidūshaṇa ଗାଳି—1. Reproach; censure. ୨ । ନିନ୍ଦା—2. Blame. ୩ । ଅପବାଦ—3. Defamation. ୪ । ଦୂଷିତକରଣ—4. Pollution; corruption (Apte). ଦେ.—(ପ୍ରାଚୀନ ପଦ୍ୟ) ବିଣ—ଦୋଷରହିତ; ନିର୍ଦ୍ଦୋଷ—Faultless; free from blemish. ( ଉ—ବିଦୂଷଣ ଗୀତ ସୁଜନେ ଶୁଣ—ଉପେ. ବୈଦେହୀଶବିଳାସ ।)

**ବିଦୂଷିବା**—ଦେ. (ପଦ୍ୟ) କ୍ରି.—(ସଂ, ବି+ଦୂଷ ଧାତୁ)—୧ । ଭର୍ତ୍ସନା Bidūshibā କରିବା; ଅପବାଦ କରିବା—1. To defame. ବିଦୂଷା ୨ । ଦୂଷିତ କରିବା; ନଷ୍ଟ କରିବା—2. To spoil; to **बिदूषना** pollute; to contaminate.

**ବିଦୃଶ**—ଦେ. ବିଣ—ଅଦୃଶ୍ୟ—Invisible. (ଉ—ବିଦୃଶ ପାଶଜନ Bidṛuśa ତମ ରଞ୍ଜନ ଉଜ୍ଜଳ ଜାତ ଜ୍ୟୋତି । ଉପେ. ବୈଦେହୀଶବିଳାସ ।) ସଂ. ବିଣ—ଅନ୍ଧ; ଦୃଷ୍ଟିଶକ୍ତିହୀନ (ହି. ଶ)—Blind.

**ବିଦୃଶ୍ୟ**—ଦେ. (ପ୍ରାଚୀନ ପଦ୍ୟ) ବିଣ—ବିଦୃଶ (ଦେଖ)—Bidṛuśya Bidṛuśa (See) (ଉ—ବାଦେ ଜଣେ କଳ୍ପଦ୍ରୁମ ସହି ବୃଷ ପନ୍ତି; ବିଦୃଶ୍ୟ ଫଳ ସେ ଦୃଶ୍ୟ ଫଳେ ଏ ସ୍ୱଜନ୍ତି । ଉପେ. ବୈଦେହୀଶବିଳାସ ।) ଦେ. ବି—ଦୃଷ୍ଟିଶକ୍ତିହୀନତା; ଅନ୍ଧତା—Blindness.

**ବିଦୃଷ୍ଟ**—ଦେ. ବିଣ—ଯାହା ଦେଖା ଯାଏ ନାହିଁ; ଅଦୃଶ୍ୟ—Invisible. Bidṛushṭa (ଉ—ବିଦୃଷ୍ଟ ସ୍ଥାନରେ କ ସ୍ପଷ୍ଟ ତତ୍ତ୍ୱ—ଉପେ. ବୈଦେହୀଶବିଳାସ ।)

**ବିଦେଇ**—ପ୍ରାଦେ. (ସିଂହଭୂମି) ବି—ବିଦାୟ—Farewell. ଗ୍ରା. ବି. Bidei ପୁଂ—ବିଦ୍ୟାଧରର ଅଦରାର୍ଥକ ଡାକ ନାମ—A name for calling Bidyādhara.

**ବିଦେଶ**—ସ ବି--(ବି=ଅନ୍ୟ+ଦେଶ)-ଦେଶାନ୍ତର—1. A foreign Bideśa country. ୨ । ବହୁଦୂରବର୍ତ୍ତୀ ଦେଶ—2. A far (ସ୍ୱଦେଶ—ବିପରୀତ) off country. ୩ । ପ୍ରବାସ—3. Sojourn.

**ବିଦେଶ କରିବା**—ଦେ. କ୍ରି—୧ । ପ୍ରବାସକୁ ଯିବା—1. To travel Bideśa karibā abroad. ୨ । ପ୍ରବାସ ଜନିତ କଷ୍ଟ ସହିବା—बिदेश करा 2. To bear the privations of sojourn. **परदेश करना** (ବିଦେଶ ଯିବା—ଅନ୍ୟରୂପ)

**ବିଦେଶ ଗତ**—ସ. ବିଣ. ପୁଂ (୨ୟା ତତ୍; ବିଦେଶ+ଗତ)—ପ୍ରବାସକୁ Bideśa gata ଯାଇଥିବା—Sojourning; gone abroad

**ବିଦେଶଜ**—ସ. ବିଣ ( ବିଦେଶ+ଜନ୍ ଧାତୁ+କର୍ତ୍ତୃ. ଅ )—ଦେଶାBideśaja ନ୍ତରରେ ଉତ୍ପନ୍ନ—Produced in a foreign (ବିଦେଶ ଜାତ—ଅନ୍ୟରୂପ) country; exotic.

**ବିଦେଶ ନିବାସ**—ସ. ବି—ପ୍ରବାସ ବାସ—Sojourn; residence Bideśa nibāsa abroad; residence in a foreign (ବିଦେଶ ବାସ—ଅନ୍ୟରୂପ) country.

**ବିଦେଶ ନିବାସୀ**—ସ. ବିଣ. ପୁଂ—ଅନ୍ୟ ଦେଶରେ ବାସ କରୁଥିବା—Bideśa nibāsī Residing in a foreign country. (ବିଦେଶବାସୀ—ଅନ୍ୟରୂପ) [ବିଦେଶ ନିବାସିନୀ(ବାସିନୀ)—ସ୍ତ୍ରୀ]

**ବିଦେଶ ପ୍ରତ୍ୟାଗତ**—ସ. ବିଣ. ପୁଂ (୫ମୀ ତତ୍; ବିଦେଶ+ପ୍ରତ୍ୟାଗତ)-Bideśa pratyāgata ବିଦେଶରୁ ଘରକୁ ଫେରି ଆସିଥିବା—(ବିଦେଶ ପ୍ରତ୍ୟାଗତା—ସ୍ତ୍ରୀ) Returned home from abroad. (ବିଦେଶ ପ୍ରତ୍ୟାଗମନ—ବି)

**ବିଦେଶ ଯାତ୍ରା**—ସ. ବି. (୬ଷ୍ଠୀ ତତ୍; ବିଦେଶ ପ୍ରତି ଯାତ୍ରା)—ପ୍ରବାସକୁ Bideśa jātrā ଯିବା; ଦେଶାନ୍ତର ଗମନ—Going abroad. [ବିଦେଶ ଗମନ (ପ୍ରସ୍ଥାନ)—ଅନ୍ୟରୂପ] (ବିଦେଶ ଯାତ୍ରୀ—ବିଣ. ପୁଂ)

**ବିଦେଶସ୍ଥ**—ସ. ବିଣ ( ବିଦେଶ+ସ୍ଥା ଧାତୁ+କର୍ତ୍ତୃ. ଅ )—୧ । ଅନ୍ୟ Bideśastha ଦେଶୀୟ—1. Living in a foreign country. ୨ । ପ୍ରବାସରେ ଥିବା (ବ୍ୟକ୍ତି)—2. Living abroad.

**ବିଦେଶାଗତ**—ସ. ବିଣ. ପୁଂ ( ୫ମୀ ତତ୍; ବିଦେଶ+ଆଗତ )—Bideśāgata ବିଦେଶରୁ ଆସିଥିବା—Come from abroad; (ବିଦେଶାଗତା—ସ୍ତ୍ରୀ) come from a foreign country. (ବିଦେଶାଗମନ—ବି)

**ବିଦେଶୀ**—ସ. ବିଣ. ପୁଂ ( ବିଦେଶ+ଅସ୍ତି ଅର୍ଥରେ ଇନ୍ )—୧ । ଅନ୍ୟ Bideśī ଦେଶବାସୀ—1. Living in a different coun-(ବିଦେଶିନୀ—ସ୍ତ୍ରୀ) try. ୨ । ବିଦେଶ ଜାତ—2. Foreign; विदेशी परदेशी exotic. ଦେ. ବିଣ—ପରବାସିଆ; ପ୍ରବାସୀ—Sojourning. ଦେ. ବି—୧ । ବିଦେଶୀୟ ବ୍ୟକ୍ତି—ପରଦେଶୀ ଲୋକ—2, Foreigner. ୨ । ପ୍ରବାସୀ ବ୍ୟକ୍ତି—2. A sojourner.

**ବିଦେଶୀୟ**—ସ. ବିଣ. ପୁଂ (ବିଦେଶ+ସମ୍ବନ୍ଧାର୍ଥେ ଇୟ)—୧ । ବିଦେଶ Bideśīya ସମ୍ବନ୍ଧୀୟ—1. Relating to a foreign count-(ବିଦେଶୀୟା—ସ୍ତ୍ରୀ) try. ୨ । ବିଦେଶରେ ଜାତ—2. Produced or manufactured in a foreign country; exotic.

**ବିଦେହ**—ସ. ବି. (ବି=ବିଶିଷ୍ଟ ରୂପେ+ଦିହ୍ ଧାତୁ=ଉପଚୟ ବା Bideha ବୃଦ୍ଧି ପାଇବା+ଅଧିକରଣ ଅ; ଯେଉଁଠାରେ ଧନାଦିର ବୃଦ୍ଧି ହୁଏ)—ଅଧୁନିକ ବିହାର ପ୍ରଦେଶ; ମିଥିଳା—The modern country of Bihar. ୨ । (ବହୁବ୍ରୀହି; ବି= ନାହିଁ+ଦେହ; ଶାପହେତୁ ଦେହହୀନ ହୋଇ ଥିବାରୁ ) ରାଜା ନିମି; ଜନକବଂଶର ଆଦି ପୁରୁଷ—2. The progenitor of the family of King Janaka. ୩ । ରାଜା ଜନକ—3. A name of a King Janaka. ସ.ବିଣ—୧ । ଦେହହୀନ; ନିରବୟବ—1. Formless;

bodiless; ୬ । ଯାହାର ଗଣ୍ଡି ନାହିଁ—2. Trunkless (Apte). ଦେ. ବି—କନ୍ଦର୍ପ; କାମ—Cupid.

**ବିଦେହ ପ୍ରେତ**—ସଂ. ବି—କାମ ଭୂତ; ଭୂତ ସଙ୍ଗେ ତୁଳନା ମଦନ—Bideha preta Excitement of the feeling of love (ବିଦେହ ଭୂତ—ଅନ୍ୟରୂପ) compared to a ghost which is said to possess persons. (ଉ—ବିଦେହ ପ୍ରେତ ଛାଡ଼ିବାକୁ ଅନ୍ତର ଗିରୁ ତୋ ବାଣୀ ମନ୍ତ୍ରକୁଞ୍ଜ. ବୈଦେହୀବିଳାସ ।)

**ବିଦଣ**—ଦେ. ବି ( ନାମ )—ଶକ ୧୭ଶ ଶତାବ୍ଦୀର 'ବାର୍ଷିକ Biddaṇa ତନ୍ତ୍ର'ର ରଚୟିତା ଜନୈକ ପ୍ରସିଦ୍ଧ ଜ୍ୟୋତିଷ—An astronomer of this name who lived in the seventeenth century of the Śaka era and composed Bārshika Tantra.

**ବିଦ୍ଧ**—ସଂ. ବିଣ (ବ୍ୟଧ୍ ଧାତୁ=ଫୋପାଡ଼ିବା, ଭେଦିବା, ବଧ କରିବା+ Biddha କର୍ମ. ତ)—୧ । ଫୋଡ଼ା ହୋଇଥିବା; ଛିଦ୍ରିତ; ବିଦୀର୍ଣ୍ଣ—1. Pierced; perforated; penetrated. ୨ । ଅହତ—2. Smitten; stricken. ୩ । ତାଡ଼ିତ—3. Driven out. ୪ । କ୍ଷିପ୍ତ—4. Thrown out. ୫ । ପ୍ରେରିତ—5. Sent. ୬ । ବକ୍ର—6. Crooked ୭ । ସଦୃଶ—7. Similar; like. ୮ । ବାଧା ପ୍ରାପ୍ତ—8. Obstructed; hindered. ୯ । ଅବଦ୍ଧ—9. Confined. ଦେ. ବି. (ସ ବେଧ)—୧ । ବାଧା—1. Obstacle; impediment. ୨ । ଗ୍ରହଜନିତ ଦୋଷ—2. Evil effect of malignant planets. ବାଧା ଆଘା

**ବିଦ୍ଧକ**—ସଂ ବି. ( ବ୍ୟଧ୍ ଧାତୁ+କର୍ତ୍ତୃ. ଅକ )—ପ୍ରାଚୀନ କାଳରେ Biddhaka ବ୍ୟବହୃତ ମାଟି ଖୋଳିବା ଯନ୍ତ୍ର (ହୁ. ଶ)—An instrument for digging earth.

**ବିଦ୍ଧ କର୍ଣ୍ଣ**—ସଂ. ବିଣ. ପୁଂ (ବହୁବ୍ରୀହି; ବିଦ୍ଧ+କର୍ଣ୍ଣ )—ଯାହାର କାନ Biddha karṇṇa ଫୋଡ଼ା ହୋଇଅଛି—Having the ears bored. ସଂ. ବି—ଲତାବିଶେଷ; ଅକାନବନ୍ଧୁ—A creeper; Cissampelos Hexandra.

**ବିଦ୍ଧ କର୍ଣ୍ଣୀ**—ସଂ. ବି—ଦ୍ରୁତ ବାରକ ( ଦେଖ ) Biddha karṇṇi Dṛuti bāraka ( See )

**ବିଦ୍ଧ ବ୍ରଣ**—ସଂ. ବି. ( ନିଦାନ ଶାସ୍ତ୍ର )—ଅସ୍ତ୍ର କ୍ଷତ—Biddha braṇa Punctured wound.

**ବିଦ୍ଧା**—ସଂ. ବି—ଦେହ ତମାମ କୁଣ୍ଡିଆ ବାହାର ଯିବା, ଏକ ପ୍ରକାର କ୍ଷୁଦ୍ର Biddhā ରୋଗ (ହୁ. ଶ)—A kind of disease in which eruptions come out over the whole body. ଦେ. ବି—ବିଧା (ଦେଖ)—Bidhā (See)

**ବିଦ୍ଧି**—ସଂ. ବି. (ବ୍ୟଧ ଧାତୁ+ଭାବ. ତି)—ଅଘାତ କରିବା—Biddhi Striking.

**ବିଦ୍ୱଜ୍ଜନ**—ସଂ ବି. ପୁଂ. ତ ସ୍ତ୍ରୀ ( ବିଦ୍ୱସ୍=ବିଦ୍ୱତ୍+ଜନ )—ପଣ୍ଡିତ Bidwajjana ବ୍ୟକ୍ତି—Learned person.

**ବିଦ୍ୱଜ୍ଜନ ମଣ୍ଡଳୀ(ଳ)**—ସଂ. ବି ( ୬ଷ୍ଠୀ ତତ୍; ବିଦ୍ୱଜ୍ଜନ+ମଣ୍ଡଳୀ )—Bidwajjana maṇḍaḻī(ḻa) ପଣ୍ଡିତସମୂହ—The society ( ବିଦ୍ୱତ୍କୁଳ,ବିଦ୍ୱତ୍ସମାଜ—ଅନ୍ୟରୂପ ) of learned persons.

**ବିଦ୍ୱତ୍କଳ୍ପ**—ସଂ. ବିଣ. ପୁଂ. ( ବିଦ୍ୱସ୍+ଈଷଦସମାପ୍ତି ନ୍ୟୂନାର୍ଥେ କଳ୍ପ )—Bidwat-kaḻpa ପଣ୍ଡିତ ସଦୃଶ; ପଣ୍ଡିତ ତୁଲ୍ୟ ( ବ୍ୟକ୍ତି )—(ବିଦ୍ୱତ୍କଳ୍ପା—ସ୍ତ୍ରୀ) Approaching a learned man in wisdom.

**ବିଦ୍ୱତ୍ତମ**—ସଂ. ବିଣ ( ବିଦ୍ୱସ୍=ବିଦ୍ୱତ୍+ତମ )—୧ । ବହୁଲୋକଙ୍କ Bidwattama ମଧ୍ୟରେ ବଡ଼ ବିଦ୍ୱାନ୍; ଅଦ୍ୱିତୀୟ ପଣ୍ଡିତ—1. Most learned. ୨ । ସର୍ବଶ୍ରେଷ୍ଠ—2. Best.

**ବିଦ୍ୱତ୍ତର**—ସଂ. ବିଣ ( ବିଦ୍ୱସ୍=ବିଦ୍ୱତ୍+ତର )—ଦୁଇଜଣଙ୍କ ମଧ୍ୟରେ Bidwattara ଅଧିକତର ବିଦ୍ୱାନ୍—More learned.

**ବିଦ୍ୱତ୍ତା(ତ୍ତ୍ୱ)**—ସଂ. ବି ( ବିଦ୍ୱସ୍=ବିଦ୍ୱତ୍+ତା, ତ୍ୱ—ପାଣ୍ଡିତ୍ୟ—Bidwattā(ttwa) Learning.

**ବିଦ୍ୱାନ୍**—ସଂ. ବିଣ ( ବିଦ୍ ଧାତୁ+କର୍ତ୍ତୃ. ବସ୍; ଶତୃ ପ୍ରତ୍ୟୟ ସ୍ଥାନରେ Bidwān ବସ୍=ବିଦ୍ୱସ୍, ୧ମା. ୧ବ)—ପଣ୍ଡିତ; ଶାସ୍ତ୍ରବେତ୍ତା—( ବିଦୁଷୀ—ସ୍ତ୍ରୀ ) Learned; learned in religious lore.

**ବିଦ୍ୱିଷ୍**—ସଂ. ବି ( ବି+ଦ୍ୱିଷ୍ ଧାତୁ+କର୍ତ୍ତୃ. କ୍ୱିପ୍ )—୧ । ବୈରୀ; Bidwish ଶତ୍ରୁ—Enemy. ୨ । ପ୍ରତିଦ୍ୱନ୍ଦୀ—2 Antago-(ବିଦ୍ୱିଟ୍—ଅନ୍ୟରୂପ) nistic; rival. ୩ । ( +ଭାବ. କ୍ୱିପ୍) ଚେଷ୍ଟା—3. Attempt. ( ପ୍ରକୃତିବାଦ )

**ବିଦ୍ୱିଷ୍ଟ**—ସଂ. ବିଣ. ପୁଂ ( ବି+ଦ୍ୱିଷ୍ ଧାତୁ+କର୍ମ. ତ )—୧ । ଯାହାକୁ Bidwishṭa ବିଦ୍ୱେଷ କରାଯାଏ; ବିଦ୍ୱେଷଭାଜନ—1. Object (ବିଦ୍ୱିଷ୍ଟା—ସ୍ତ୍ରୀ) of hatred or enmity. ୨ । ଘୃଣିତ—1. Hated; disliked.

**ବିଦ୍ୱେଷ**—ସଂ. ବି ( ବି+ଦ୍ୱିଷ୍ ଧାତୁ+ଭାବ. ଅ )—୧ । ଈର୍ଷା—Bidwesha 1. Grudge; malice. ୨ । ଶତ୍ରୁତା—( ବିଦ୍ୱିଷ୍ଟି—ବି ) 2. Enmity.

**ବିଦ୍ୱେଷକ**—ସଂ. ବିଣ. ପୁଂ ( ବି+ଦ୍ୱିଷ୍ ଧାତୁ+କର୍ତ୍ତୃ. ଅକ )—ଈର୍ଷୀ; Bidweshaka ଯେ ଈର୍ଷା କରେ—Malicious. ସଂ. ବି—( ବିଦ୍ୱେଷିକା—ସ୍ତ୍ରୀ ) ଶତ୍ରୁ—Antagonist; enemy.

**ବିଦ୍ୱେଷଜନକ**—ସଂ. ବିଣ ( ବିଦ୍ୱେଷ+ଜନ୍ ଧାତୁ+ଅକ )—୧ । Bidweshajanaka ଈର୍ଷାଯୁକ୍ତ—1. Malicious; malevolent ୨ । ଯେଉଁ କାର୍ଯ୍ୟଦ୍ୱାରା ଈର୍ଷା ଜାତ ହୁଏ ବା ବଢ଼େ—2. Producing malice.

**ବିଦ୍ୱେଷଣ**—ସଂ. ବି ( ବି+ଦ୍ୱିଷ୍ ଧାତୁ+ଭାବ. ଅନ )—୧ । ବିଦ୍ୱେଷ Bidweshaṇa ( ଦେଖ )—1. Bidwesha ( See ). ୨ । ଦୁଇଜଣଙ୍କ ମଧ୍ୟରେ କଳି ଲଗାଇବା ପାଇଁ କରାଯିବା ତାନ୍ତ୍ରିକ ପ୍ରୟୋଗ—2. Tantric appliances to bring about quarrel between two persons. ୩ । (+କର୍ତ୍ତୃ.ଅନ)ଶତ୍ରୁ; ବୈରୀ (ହୁ.ଶ)—3 Enemy. ୪ । ଦୁଷ୍ଟତା ( ହୁ. ଶ )—4. Wickedness

**ବିଦ୍ୱେଷଣୀୟ**—ସ. ବିଣ. ପୁଂ ( ବି+ଦ୍ୱିଷ୍ ଧାତୁ+କର୍ମ. ଅନୀୟ )—
Bidweshaniya ୧ । ଘୃଣାର୍ହ—1. Deserving to be hated; abominable. ୨ । ଯାହା ସହିତ ବିଦ୍ୱେଷ କରାଯିବା ଉଚିତ; ବିଦ୍ୱେଷଭାଜନ—2. Deserving to be treated with malice.
ବିଦ୍ୱେଷାର୍ହ, ବିଦ୍ୱେଷ୍ୟ } ଅନ୍ୟରୂପ
ବିଦ୍ୱେଷଣୀୟା, ବିଦ୍ୱେଷାର୍ହା, ବିଦ୍ୱେଷ୍ୟା } ସ୍ତ୍ରୀ

**ବିଦ୍ୱେଷ ବୁଦ୍ଧି**—ସ. ବି(ମ. ପ. ଲୋ)—ବିଦ୍ୱେଷଯୁକ୍ତ ବୁଦ୍ଧି; ଈର୍ଷାବୁଦ୍ଧି—
Bihwesha buddhi Malicious propensity.

**ବିଦ୍ୱେଷଭାବ**—ଦେ. ବି—କୌଣସି ବ୍ୟକ୍ତି ପ୍ରତି ମନରେ ଜାତ ହେବା ଈର୍ଷାଭାବ—Malice entertained against any person.
Bidweshabhāba

**ବିଦ୍ୱେଷୀ**—ସ. ବିଣ. ପୁଂ ( ବିଦ୍ୱେଷ+ଇନ୍; ୧ମା. ୧ବ )—ବିଦ୍ୱେଷ-
Bidweshi କାରୀ—Malicious; spiteful. ସ. ବି. ପୁଂ—ଶତ୍ରୁ—Enemy.
( ବିଦ୍ୱେଷ୍ଟା—ଅନ୍ୟରୂପ )
( ବିଦ୍ୱେଷିଣୀ, ବିଦ୍ୱେଷ୍ଟ୍ରୀ—ସ୍ତ୍ରୀ )

**ବିଦ୍ୟ**—ଦେ. ( ପ୍ରାଚୀନ ପଦ୍ୟ ) ବିଣ ( ସ. ବିଦିତ )—ବିଦିତ;
Bidya ବିଖ୍ୟାତ—Wellknown; famous. ( ଉ—ବିଦ୍ୟ ହୈମବତୀ ପଦରେ—ଉଞ୍ଜ. ବୈଦେହୀଶବିଳାସ । )

**ବିଦ୍ୟକ**—ଦେ. ( ପ୍ରାଚୀନ ପଦ୍ୟ ) ବିଣ ( ସ. ବିଦିତ )—ବିଖ୍ୟାତ—
Bidyaka Famous. (ଉ—ବିରଳେ ଅଦ୍ୟ ସମକେ ବିଦ୍ୟକ—ଉଞ୍ଜ. ବୈଦେହୀଶବିଳାସ । )

**ବିଦ୍ୟମାନ**—ସଂ. ବିଣ. ପୁଂ ( ବିଦ୍ ଧାତୁ=ରହିବା; ହେବା+କର୍ତ୍ତୃ. ଶାନଚ୍ )—ବର୍ତ୍ତମାନ; ଉପସ୍ଥିତ—Present; existing. ଦେ. ବିଣ—ଜୀବିତ—Living. ଗ୍ରା. ( କଟକିଆ ) ବି (ସ. ବିଦ୍ୟମାନତା)—
Bidyamāna
( ବିଦ୍ୟମାନା—ସ୍ତ୍ରୀ )
विद्यमान
विद्यमान ୧ । ଜୀବନକାଳ—1. Lifetime. ୨ । ନୈକଟ୍ୟ; ସାମୀପ୍ୟ—2. Vicinity. ୩ । ଉପସ୍ଥିତି—3. Presence. ୪ । ଅସ୍ତିତ୍ୱ—4. Existence. ( ଯଥା—ପିତାଙ୍କ ବିଦ୍ୟମାନରେ ପୁତ୍ର ଘରେ ମୁରବୀ ହୋଇ ନ ପାରେ । ) ଦେ. ଅ—ସମ୍ମୁଖରେ; ଉପସ୍ଥିତିରେ—Before; in front of. ( ଉ—ତମସ ଶୁଣି ତା ବଚନ । କହିଲୁ ସଭା ବିଦ୍ୟମାନ—ଜଗନ୍ନାଥ. ଭାଗବତ । )

**ବିଦ୍ୟମାନତା(ତ୍ୱ)**—ସଂ. ବି (ବିଦ୍ୟମାନ+ଭାବ. ତା)—୧ । ଉପସ୍ଥିତି—
Bidyamānatā(twa) 1. Presence; existence. ୨ । ସାମୀପ୍ୟ, ସାନ୍ନିଧ୍ୟ—2. Proximity; vicinity. ୩ । ଜୀବଦ୍ଦଶା—3. Living state. ୪ । ଜୀବନକାଳ—4. Lifetime.

**ବିଦ୍ୟମାନରେ**—ଗ୍ରା. (କଟକିଆ) କ୍ରି. ବିଣ—୧ । ଉପସ୍ଥିତି ସମୟରେ—
Bidyamānare 1. During the presence of; in the presence of. ୨ । ଜୀବନକାଳ ମଧ୍ୟରେ, ବିଦ୍ୟମାନ ଥାଉଁ ଥାଉଁ; ବଞ୍ଚି ଥାଉଁ ଥାଉଁ—2. While living or alive; during the life-time of. ( ଯଥା—ପୁତ୍ରର ବିଦ୍ୟମାନରେ ସ୍ତ୍ରୀ ସମ୍ପତ୍ତିର ଉତ୍ତରାଧିକାରିଣୀ ହୋଇ ନ ପାରେ । )
( ଅବିଦ୍ୟମାନରେ—ବିପରୀତ )

**ବିଦ୍ୟା**—ସଂ. ବି. ସ୍ତ୍ରୀ (ବିଦ୍ ଧାତୁ=ଜାଣିବା+କରଣ ଯ+ସ୍ତ୍ରୀ. ଆ)—
Bidyā ୧ । ଜ୍ଞାନ ( ଯାହାଦ୍ୱାରା ବ୍ରହ୍ମଠାରୁ ବ୍ରହ୍ମାଣ୍ଡ ପର୍ଯ୍ୟନ୍ତ ଯାବତୀୟ ବିଷୟର ସତ୍ୟଜ୍ଞାନ ଲାଭ କରାଯାଏ )—1. Knowledge. [ ଦ୍ର—ହିନ୍ଦୁ ଶାସ୍ତ୍ରମତରେ ବିଦ୍ୟାର ସଂଖ୍ୟା ୧୮ । ଯଥା—ଚାରି ବେଦ, ଛଅ ବେଦାଙ୍ଗ ( ଶିକ୍ଷା, କଳ୍ପ, ବ୍ୟାକରଣ, ନିରୁକ୍ତ, ଛନ୍ଦଃ ଓ ଜ୍ୟୋତିଷ ); ମୀମାଂସା, ନ୍ୟାୟ, ଧର୍ମଶାସ୍ତ୍ର ବା ସ୍ମୃତି, ପୁରାଣ, ଆୟୁର୍ବେଦ, ଧନୁର୍ବେଦ, ଗାନ୍ଧର୍ବବେଦ ଓ ଅର୍ଥଶାସ୍ତ୍ର—ହି. ଶ. । ଅମରକୋଷ ମତରେ ବିଦ୍ୟା ଚତୁର୍ଦ୍ଦଶ, ଯଥା—ଚାରି ବେଦ, ଛଅ ବେଦାଙ୍ଗ, ମୀମାଂସା, ନ୍ୟାୟ, ପୁରାଣ ଓ ଧର୍ମଶାସ୍ତ୍ର । ] ୨ । ଅଧ୍ୟୟନାଦି ଜନିତ ବୋଧ—2. Understanding derived from reading; learning. ୩ । ପାଠ—3. Reading; study. ୪ । ପାଣ୍ଡିତ୍ୟ—4. Learning. ୫ । ଦର୍ଶନ ଶାସ୍ତ୍ର—5 Philosophy. ୬ । ତତ୍ତ୍ୱଜ୍ଞାନ—6. Knowledge of fundamental principles or realities. [ ଦ୍ର—ବିଦ୍ୟା ଦୁଇ ପ୍ରକାର:—ପରା ଓ ଅପରା; ଯଦ୍ୱାରା ବ୍ରହ୍ମଜ୍ଞାନ ହୁଏ ତାହା ପରା ଓ ଏତଦବ୍ୟତିରିକ୍ତ ଅନ୍ୟ ଲୌକିକ ବା ପଦାର୍ଥ ବିଷୟକ ଜ୍ଞାନ ଯଦ୍ୱାରା ହୁଏ ତାକୁ ଅପରା ବୋଲାଯାଏ—(ହି. ଶ) । ] ୭ । ଦେହାତ୍ମବୋଧ—7. Knowledge regarding the body and soul. ୮ । ବିଜ୍ଞାନ; ବିଶେଷ ବିଷୟ ସମ୍ବନ୍ଧୀୟ ଜ୍ଞାନ ସମ୍ବଳିତ ବୋଧଶାସ୍ତ୍ର—8. Science. [ ଦ୍ର—ବିଜ୍ଞାନର ଭିନ୍ନ ଭିନ୍ନ ଶାଖା ଭିନ୍ନ ଭିନ୍ନ ବିଦ୍ୟା ନାମରେ ପରିଚିତ; ଯଥା—ପଦାର୍ଥବିଦ୍ୟା ବା ଜଡ଼ବିଜ୍ଞାନ, ଉଦ୍ଭିଦବିଦ୍ୟା, ପ୍ରାଣିବିଦ୍ୟା, ଗଣିତବିଦ୍ୟା; ସୁପ୍ରଜନନବିଦ୍ୟା, ଭୂଗୋଳବିଦ୍ୟା, ଭୂତତ୍ତ୍ୱବିଦ୍ୟା, ଗାରୁଡ଼ବିଦ୍ୟା, ଜୀବବିଦ୍ୟା, ଭୈଷଜ୍ୟ ବିଦ୍ୟା, ଗ୍ରହବିଦ୍ୟା, ସମାଜନୀତିବିଦ୍ୟା ଇତ୍ୟାଦି । ] ୯ । କଳାବିଦ୍ୟା—9. An art; fine art. ୧୦ । ଦୁର୍ଗା—10. Durgā. ୧୧ । ସରସ୍ୱତୀ—11. Goddess of learning. ୧୨ । ଧର୍ମ ଶାସ୍ତ୍ର—12. Scripture. ୧୩ । ଇନ୍ଦ୍ରଜାଲ—13. Magic. ୧୪ । ମନ୍ତ୍ର—14. A vedic text. ୧୫ । ଅଗିଥୁ (ହି. ଶ)—15. Premna Integrifolia tree. ୧୬ । ସୀତାଙ୍କର ଏକ ସଖୀ ( ହି. ଶ )—16. Name of a female companion of Sitā. ୧୭ । ଅର୍ଯ୍ୟା ଛନ୍ଦର ଏକ ଭେଦ—18. One of the Sanscrit vedic metres. ( ଦ୍ର—ଏଥିରେ ୨୬ ଗୁରୁ ଓ ୧୧ ଲଘୁ ମାତ୍ରା ରହେ । ହି. ଶ) ଦେ. ବି—୧ । (ପୁଂ)—ବିଦ୍ୟାକର, ବିଦ୍ୟାସୁନ୍ଦର, ବିଦ୍ୟାଧର ଆଦି ନାମ—A name for calling males named Bidyākara etc. ୨ । (ସ୍ତ୍ରୀ)—

ବିଦ୍ୟାଧରୀ, ବିଦ୍ୟାସୁନ୍ଦରୀ ଅଦିଙ୍କ ଡାକ ନାମ—2. A name for calling females named Bidyādharī etc.

**ବିଦ୍ୟାକର**—ସଂ. ବି. ପୁଂ ଓ ସ୍ତ୍ରୀ—(୬ଷ୍ଠୀ ତତ୍; ବିଦ୍ୟା+ଆକର)—Bidyākara ବିଦ୍ୟାର ଖଣି; ପଣ୍ଡିତ—Learned person; a mine of learning. ସଂ. ବି. ପୁଂ—( ବିଦ୍ୟା+କୃ ଧାତୁ +କର୍ତ୍ତୃ. ଅ)—ଜ୍ଞାନପ୍ରଦ—Imparting knowledge. ଦେ. ବି. ପୁଂ—ଲୋକଙ୍କ ନାମ—A name given to males. (ବିଦ୍ୟାକରୀ—ସ୍ତ୍ରୀ)

**ବିଦ୍ୟାକର ରାଜଗୁରୁ**—ଦେ. ବି—(ନାମ)—ଉତ୍କଳର ଜଣେ ପ୍ରସିଦ୍ଧ Bidyākara rājaguru ସ୍ମୃତିକାର—An Oriya social lawgiver in Sanscrit. ( ଦ୍ର—ଏ ୧୪ଶ ଶତାବ୍ଦୀର ପଣ୍ଡିତ; 'ବାଜପେୟୀ' ଉପାଧି ଲାଭ କରିଥିଲେ । 'ବିଦ୍ୟାଗୁରୁ ପ୍ରଦୀପ' ନାମକ ସଂସ୍କୃତ ପୁସ୍ତକ ଏହାଙ୍କଦ୍ୱାରା ପ୍ରଣୀତ । ଜଗବନ୍ଧୁ ପ୍ରାଚୀନ ଉତ୍କଳ । 'ଧର୍ମ ଶାସ୍ତ୍ର ପ୍ରଦୀପ' ନାମକ ଗ୍ରନ୍ଥ ମଧ୍ୟ ଏହାଙ୍କ କୃତ । ଏହାଙ୍କ ବଂଶଧରମାନେ ବର୍ତ୍ତମାନ ପୁରୀ ଜିଲ୍ଲା ସାରଙ୍ଗଜୋଡ଼ି ବ୍ରହ୍ମପୁରରେ ଅଛନ୍ତି ।)

**ବିଦ୍ୟାଗମ**—ସଂ. ବି—(୬ଷ୍ଠୀ ତତ୍; ବିଦ୍ୟା+ଆଗମ)—୧ । ଜ୍ଞାନୋନ୍ମେଷ Bidyāgama 1. The dawning of knowledge. ୨ । ବିଦ୍ୟାର ପ୍ରାପ୍ତି—2. Attainment of learning.

**ବିଦ୍ୟାଗାର**—ସଂ. ବି—( ୬ଷ୍ଠୀ ତତ୍; ବିଦ୍ୟା+ଆଗାର )—ବିଦ୍ୟାଳୟ; Bidyāgāra (ବିଦ୍ୟାଗୃହ—ଅନ୍ୟରୂପ) ପାଠଶାଳା—School.

**ବିଦ୍ୟାଗୁରୁ**—ସଂ. ବି.—ଯେ ପାଠ ପଢ଼ାନ୍ତି; ଶିକ୍ଷକ—Bidyāguru Teacher. [ଦ୍ର—ଯେ ମନ୍ତ୍ର ଦିଅନ୍ତି ସେ ମନ୍ତ୍ର ଗୁରୁ; ଯେ ଧର୍ମୋପଦେଶ ଦିଅନ୍ତି ସେ ଧର୍ମ ଗୁରୁ । ]

**ବିଦ୍ୟାଚଣ**—ସଂ. ବି (ବିଦ୍ୟା+ପ୍ରସିଦ୍ଧାର୍ଥରେ ଚଣ)—ପ୍ରସିଦ୍ଧ ବିଦ୍ୱାନ୍—Bidyāchaṇa A celebrated learned man. ସଂ. ବିଣ—(ବିଦ୍ୟାଚୁଞ୍ଚୁ—ଅନ୍ୟରୂପ) ବିଦ୍ୟାଯୋଗୁଁ ପ୍ରସିଦ୍ଧ—Famous for deep learning.

**ବିଦ୍ୟାଚର୍ଚ୍ଚା**—ସଂ. ବି ( ୬ଷ୍ଠୀ ତତ୍; ବିଦ୍ୟା+ଚର୍ଚ୍ଚା )—ବିଦ୍ୟାର୍ଜନ ପ୍ରତି Bidyācharchchā ମନୋଯୋଗ ବା ନିଷ୍ଠାପରତା; ବିଦ୍ୟାର୍ଜନ ପାଇଁ ସାଧନା—Devotion to study; cultivation of learning.

**ବିଦ୍ୟାଦଳ**—ସଂ. ବି ( ବହୁବ୍ରୀହି, ଏ ଗଛର ଦଳ ବା ପତ୍ରରେ ବିଦ୍ୟା Bidyādaḷa ଲେଖାଯାଉ ଥିବାରୁ )—ଭୂର୍ଜ ଗଛ ( ହି. ଶ )—Birch tree.

**ବିଦ୍ୟାଦାତା**—ସଂ. ବି. ପୁଂ ( ଉପପଦ; ବିଦ୍ୟା+ଦାତୃ; ୧ମା. ୧ବ )—Bidyādātā ଶିକ୍ଷକ—Teacher; tutor. ( ବିଦ୍ୟାଦାତ୍ରୀ—ସ୍ତ୍ରୀ )

**ବିଦ୍ୟାଦାନ**—ସଂ. ବି ( ୬ଷ୍ଠୀ ତତ୍; ବିଦ୍ୟା+ଦାନ)—୧ । ଜ୍ଞାନଦାନ—Bidyādāna 1. The imparting of knowledge. ୨ । ଶିକ୍ଷାଦାନ; ଛାତ୍ରଙ୍କୁ ପଢ଼ାଇବା—2. The imparting of education; teaching.

**ବିଦ୍ୟାଦେବୀ**—ସଂ. ବି. ସ୍ତ୍ରୀ—୧ । ସରସ୍ୱତୀ; ବାଗ୍‌ଦେବୀ—1. Bidyādebī 1. The Goddess of learning. ୨ । ଜୈନ-ଦେବୀବିଶେଷ— 2. A Goddess worshipped by the Jainas. [ ଦ୍ର—ଏ ଜୈନପୂଜ୍ୟା ୧୬ ଦେବୀଙ୍କ ମଧ୍ୟରୁ ଏକତମା । ]

**ବିଦ୍ୟାଧନ**—ସଂ. ବି—୧ । ( ରୂପକ କର୍ମଧା; ବିଦ୍ୟା+ଧନ )—Bidyādhana ବିଦ୍ୟାରୂପ ଧନ; ବିଦ୍ୟାହିଁ ଧନସ୍ୱରୂପ—1. Learning compared to riches; learning constituting one's riches. ୨ । ( ମ. ପ. ଲୋ ) ବିଦ୍ୟାଦ୍ୱାରା ଉପାର୍ଜ୍ଜିତ ଧନ—2. Wealth earned by learning.

**ବିଦ୍ୟାଧର**—ସଂ. ବି. ପୁଂ (ବିଦ୍ୟା=ଇନ୍ଦ୍ରଜାଲ+ଧୃ ଧାତୁ+କର୍ତ୍ତୃ ଅ)—Bidyādhara ୧ । ଦେବଯୋନିବିଶେଷ; ସ୍ୱର୍ଗଗାୟକ—1. An (ବିଦ୍ୟାଧରୀ—ସ୍ତ୍ରୀ) order of Hindu demigods; a class of (ବିଦ୍ୟାଧୃ—ଅନ୍ୟରୂପ) heavenly choristers. [ଦ୍ର—ଖେଚର, ଗନ୍ଧର୍ବ ଓ କିନ୍ନରମାନେ ଏହି ଦେବଯୋନି ଶ୍ରେଣୀର ଅନ୍ତର୍ଗତ-ହି. ଶ ] ୨ । ୧୬ ପ୍ରକାର ରତିବନ୍ଧର ଏକତମ—2. One of the 16 postures during coition. ୩ । ପାରଦଶୋଧନ କରିବାର ଆୟୁର୍ବେଦୀୟ ଯନ୍ତ୍ରବିଶେଷ—3. An ayurbedic contrivance for purifying mercury. [ ଦ୍ର—ଗୋଟିଏ ଥାଳ ବା ହାଣ୍ଡିରେ ପାରଦ ଧାତୁ ରଖି ତା ଉପରେ ଆଉ ଗୋଟିଏ ଥାଳରେ ପାଣି ଭରିତ କରି ରଖାଯାଏ ଓ ଏ ଦୁଇ ସମ୍ମିଳିତ ପାତ୍ରଙ୍କୁ ୫ ପ୍ରହରକାଳ ନିଆଁ ଉପରେ ବସାଇ ରଖାଯାଏ । ଉପରେ ପାଣି ଥଣ୍ଡା ହେଲେ ପାରଦକୁ କାଢ଼ି ନେବାକୁ ହୁଏ—ହି. ଶ] ଦେ. ବି. ପୁଂ—୧ । ଲୋକଙ୍କୁ ଦିଆଯିବା ନାମ—1. Name given to males. ୨ । କ୍ଷତ୍ରିୟଙ୍କ ଉପାଧିବିଶେଷ—2. A family title of the Kshatriyas.

**ବିଦ୍ୟାଧର ପାଲା**—ଦେ. ବି—ଯେଉଁ ପାଲାରେ ବିଦ୍ୟାଧର ନାମକ Bidyādhara pālā ବ୍ୟକ୍ତିର ଜୀବନରେ ପ୍ରତ୍ୟକ୍ଷୀଭୂତ ସତ୍ୟ-विद्याधर पाला ନାରାୟଣ ବା ସତ୍ୟପୀରଙ୍କର ମାହାତ୍ମ୍ୟ ଗଳ୍ପାକାରରେ ବର୍ଣ୍ଣିତ ହୋଇଅଛି—A religious ballad describing the life of one 'Bidyādhara'. [ଦ୍ର—ପାଲା ତଳେ ଦେଖ ।]

**ବିଦ୍ୟା ନଗର(ରୀ)**—ଦେ. ବି ( ନାମ )—ମାନ୍ଦ୍ରାଜ ପ୍ରଦେଶର ବିଶାଖା-Bidyānagara(rī) ପଟ୍ଟଣା ଜିଲ୍ଲାର ଆଧୁନିକ ବିଜୟନଗର—The विद्यानगरी modern Vizanagram in Madras विद्यानगर Presidency. ଦ୍ର—ରାଜା ପ୍ରତାପରୁଦ୍ରଙ୍କ ସମୟରେ ଏହା ଉତ୍କଳ ରାଜ୍ୟଭୁକ୍ତ ଥିଲା । ପ୍ରବାଦ ଅଛି ଯେ କାଳିଦାସ ନିଜ ପାଣ୍ଡିତ୍ୟ ବଳରେ ଭାରତର ସବୁ ଦେଶର ପଣ୍ଡିତମାନଙ୍କୁ ଜୟ କରିଥିଲେ, ମାତ୍ର ବିଦ୍ୟାନଗରୀକୁ ଜିଣି ପାରି ନ ଥିଲେ । ]

ବିଦ୍ୟାନିଧି—ସଂ. ବି (୬ଷ୍ଠୀ ତତ୍; ବିଦ୍ୟାର ନିଧି, ଅର୍ଥାତ୍ ସ୍ଥାନ, ଆଧାର)—
Bidyānidhi ମହାପଣ୍ଡିତ—A very larned person.
ବିଦ୍ୟାବାରିଧି, ବିଦ୍ୟାନିଧି, ବିଦ୍ୟାର୍ଣ୍ଣବ, ବିଦ୍ୟାମ୍ବୁରାଜ } ଅନ୍ୟରୂପ — ଦେ. ବି—ପଣ୍ଡିତଙ୍କୁ ଦିଆଯିବା ଉପାଧି ବିଶେଷ—Title given to very larned Pandits.
विद्यानिधि **বিদ্যানিধি**
ବିଦ୍ୟାସାଗର, ବିଦ୍ୟାବାଗୀଶ, ବିଦ୍ୟାବିନୋଦ, ବିଦ୍ୟାବିଶାରଦ, ବିଦ୍ୟା ବାଚସ୍ପତି—ଅନ୍ୟରୂପ )

ବିଦ୍ୟାନୁରାଗ—ସଂ. ବି ( ୭ମୀ ତତ୍; ବିଦ୍ୟା+ଅନୁରାଗ )—ବିଦ୍ୟା ପ୍ରତି
Bidyānurāga ସ୍ନେହ ବା ଆସକ୍ତି—Attachment to learning; love of learning.

ବିଦ୍ୟାନୁରାଗୀ—ସଂ. ବିଣ. ପୁଂ ( ୭ମୀ ତତ୍ )—ଯାହାର ବିଦ୍ୟା ପ୍ରତି
Bidyānurāgi ପ୍ରଗାଢ଼ ଆସକ୍ତି ଥାଏ—Having a great attachment towards learning.
(ବିଦ୍ୟାନୁରାଗିଣୀ—ସ୍ତ୍ରୀ)

ବିଦ୍ୟାବତ୍ତା—ସଂ. ବି. (ବିଦ୍ୟା+ବତ୍+ଭାବ ତା)—ପାଣ୍ଡିତ୍ୟ—
Bidyābattā Learning.

ବିଦ୍ୟାବ(ମ)ନ୍ତ—ଦେ. ବିଣ (ସଂ. ବିଦ୍ୟାବତ୍ )—ବିଦ୍ୱାନ୍—Learned
Bidyāba(ma)nta (ଉ—ବିଦ୍ୟାବନ୍ତ ଜନେ ଯେ କମଳା ସାର ଭଣି । ଭଞ୍ଜ, ବୈଦେହୀଶବିଳାସ ।)
विद्यावन्त **বিদ্যাবন্ত**

ବିଦ୍ୟାବାନ—ସଂ. ବିଣ.ପୁଂ (ବିଦ୍ୟା+ଅସ୍ତି ଅର୍ଥରେ ବତ୍; ୧ମା ୧ବ)—
Bidyābān ବିଦ୍ୱାନ୍; ପଣ୍ଡିତ—Learned.
(ବିଦ୍ୟାବତ୍—ଅନ୍ୟରୂପ) (ବିଦ୍ୟାବତୀ—ସ୍ତ୍ରୀ)

ବିଦ୍ୟା ବିନୋଦ—ସଂ. ବି ( ୩ୟା ତତ୍; ବିଦ୍ୟା+ବିନୋଦ )—ବିଦ୍ୟା
Bidyā binoda ଚର୍ଚ୍ଚା ଦ୍ୱାରା ଅନୁଭୂତ ଆନନ୍ଦ—Pleasure derived from learned discussion. ସଂ. ବି ପୁଂ (ବହୁବ୍ରୀହି) ପଣ୍ଡିତମାନଙ୍କୁ ଦିଆଯିବା ଉପାଧି—A title given to Sanscrit scholars. ସଂ. ବିଣ. ପୁଂ (ବହୁବ୍ରୀହି) ବିଦ୍ୟା ଚର୍ଚ୍ଚା କରିବା ଯାହାର ସୁଖପ୍ରଦ ଅଟେ-Deriving pleasure from learned discussions or study.

ବିଦ୍ୟା ବିବାଦ—ସଂ. ବି. ( ୭ମୀ ତତ୍; ବିଦ୍ୟା+ବିବାଦ )—ଏକାଧିକ
Bidyā bibāda ବ୍ୟକ୍ତିଙ୍କ ମଧ୍ୟରେ ବିଦ୍ୟା ବିଷୟକ ବାଦାନୁବାଦ—Hot discussion or dispute between two or more learned persons; wrangling.
(ବିଦ୍ୟା ବିରୋଧ —ଅନ୍ୟରୂପ)

ବିଦ୍ୟା ବିରୁଦ୍ଧତା—ସଂ. ବି — ଅର୍ଥଦୋଷବିଶେଷ—A fault in
Bidyā biruddhatā rhetoric. [ ଦ୍ର—କୌଣସି ଶାସ୍ତ୍ର-ବିରୁଦ୍ଧ କଥାର ବର୍ଣ୍ଣନା ହେଲେ ବିଦ୍ୟାବିରୁଦ୍ଧତା ଦୋଷ ହୁଏ, ଯଥା—କାମିନୀମାନେ ହୋଇ ଯୂଥ ଯୂଥ, କରନ୍ତେ ଗମନ ନ ପାନ୍ତି ପଥ—ଯାନକୃଷ୍ଣ, ରସକଲ୍ଲୋଳ ।]
(ଏଠାରେ 'ଯୂଥ' ଶବ୍ଦର ପ୍ରୟୋଗ ଦୋଷାବହ)

ବିଦ୍ୟା ବିଶାରଦ—ସଂ. ବିଣ ପୁଂ ( ୭ମୀ ତତ୍; ବିଦ୍ୟା+ବିଶାରଦ )—
Bidyā bisārada ସୁପଣ୍ଡିତ—Very learned.
(ବିଦ୍ୟା ବିଶାରଦା—ସ୍ତ୍ରୀ)

ବିଦ୍ୟା ବିସ୍ତାର—ଦେ. ବି ( ୬ଷ୍ଠୀ ତତ୍; ବିଦ୍ୟା+ବିସ୍ତାର )—ଶିକ୍ଷାର
Bidyā bistāra ପ୍ରସାର—Diffusion of knowledge; spread of education.

ବିଦ୍ୟା ବିହୀନ—ସଂ. ବିଣ. ପୁଂ ( ୩ୟା ତତ୍; ବିଦ୍ୟା+ବିହୀନ )—
Bidyā bihina ମୂର୍ଖ; ଅଶିକ୍ଷିତ—Illiterate.
(ବିଦ୍ୟାହୀନ, ବିଦ୍ୟା ଶୂନ୍ୟ—ଅନ୍ୟରୂପ; ବିଦ୍ୟା ବିହୀନା—ସ୍ତ୍ରୀ)

ବିଦ୍ୟା ବ୍ୟବସାୟୀ—ଦେ. ବିଣ—୧ । ଯେଉଁ ପଣ୍ଡିତ ଆପଣାର ବିଦ୍ୟାକୁ
Bidyā byabasāyi ଗୁଣୀମାନଙ୍କ ନିକଟରେ ପ୍ରକାଶ କରି ଅର୍ଥ ଉପାର୍ଜ୍ଜନ କରନ୍ତି—1. Earning money through exhibition of learning. ୨ । ବିଦ୍ୟାଦାନ ବା ପାଠ ପଢ଼ାଇବାକୁ ଯେ ଆପଣାର ପେଶା କରି ଅଛନ୍ତି—2. Following teaching as one's profession.
ସଂ. ବି. ବେତନ ଭୋଗୀ ଅଧ୍ୟାପକ—A paid teacher.

ବିଦ୍ୟା ବ୍ରତ—ସଂ. ବି (ରୂପକ —ଗୁରୁଙ୍କ ଘରେ ବାସ କରି ବିଦ୍ୟାଧ୍ୟୟନ
Bidyā brata କରିବା ବ୍ରତ—The vow of studying by residing in the house of the preceptor.
(ବିଦ୍ୟାବ୍ରତୀ—ବ୍ୟକ୍ତିବାଚକ ବିଶେଷଣ)

ବିଦ୍ୟାଭ୍ୟାସ—ସଂ. ବି ( ୬ଷ୍ଠୀ ତତ୍; ବିଦ୍ୟା+ଅଭ୍ୟାସ )—୧ । ପାଠର
Bidyābhyāsa ଅନୁଶୀଳନ କରିବା; ବିଦ୍ୟା ଚର୍ଚ୍ଚା—1. Devotion to study. ୨ । ପାଠ ପଢ଼ିଥାଇବା; ପାଠ ଘୋଷିବା—2. Practice of studying or getting lessons by heart.

ବିଦ୍ୟା ମନ୍ଦିର—ସଂ. ବି. (୬ଷ୍ଠୀ ତତ୍)—ବିଦ୍ୟାଳୟ; ପାଠଶାଳା—
Bidyā mandira School.

ବିଦ୍ୟାରମ୍ଭ—ସଂ. ବି. (୬ଷ୍ଠୀ ତତ୍; ବିଦ୍ୟା+ଆରମ୍ଭ)—୧ । ଶିକ୍ଷାରମ୍ଭ-
Bidyārambha 1. Beginning of education. ୨ । ଖଡ଼ି ଛୁଆଁ; ଶିଶୁର ପ୍ରଥମେ ପାଠ ଆରମ୍ଭ କରିବା ଉତ୍ସବ—2. The ceremony of a child being first taught to learn. [ ଦ୍ର—ହିନ୍ଦୁ ବାଳକର କର୍ଣ୍ଣବେଧ ସଙ୍ଗେ ବିଦ୍ୟାରମ୍ଭ କରାଯାଏ । ]

ବିଦ୍ୟାର୍ଜ୍ଜନ—ସଂ. ବି (୬ଷ୍ଠୀ ତତ୍; ବିଦ୍ୟା+ଅର୍ଜ୍ଜନ)—୧ । ବିଦ୍ୟାଲାଭ—
Bidyārjana 1. Acquisition of learning ୨ । ପାଠ ପଢ଼ିବା—2. Studying.

ବିଦ୍ୟାର୍ଣ୍ଣବ—ସଂ. ବି (ରୂପକ କର୍ମଧାରୟ; ବିଦ୍ୟା+ଅର୍ଣ୍ଣବ)—୧ । ବିଦ୍ୟା-
Bidyārnnaba ରୂପ ମହାସମୁଦ୍ର—1. Learning compared to an ocean in its vastness. ୨ । ବିଦ୍ୟାନିଧି ( ଦେଖ )—2. Bidyānidhi ( See )

ବିଦ୍ୟାର୍ଥୀ—ସଂ. ବିଣ. ପୁଂ ( ଉପପଦ ତତ୍ପୁରୁଷ; ବିଦ୍ୟା+ଅର୍ଥ+କର୍ତ୍ତୃ.
Bidyārthi ଇନ୍; ୧ମା ୧ବ)—୧ । ବିଦ୍ୟା ପଢ଼ିବା ନିମନ୍ତେ ଗୁରୁଙ୍କ ନିକଟରେ ଉପସ୍ଥିତ—1. Appearing before a teacher to study with him. ୨ । ବିଦ୍ୟା ଶିକ୍ଷା କରିବାକୁ ଇଚ୍ଛୁକ—2 Desirous
( ବିଦ୍ୟାର୍ଥିନୀ—ସ୍ତ୍ରୀ )

of education. ସ. ଣ—ଶିଷ୍ୟ; ଛାତ୍ର—Student; pupil.

**ବିଦ୍ୟାଳୟ**—ସ. ବି ( ୬ଷ୍ଠୀ ତତ୍; ବିଦ୍ୟା+ଆଳୟ )—ବିଦ୍ୟାମନ୍ଦିର; Bidyālaya ପାଠଶାଳା; ଇସ୍କୁଲ; ଶିକ୍ଷାଗାର—School.

**ବିଦ୍ୟାଲାଭ**—ସ. ବି (୬ଷ୍ଠୀ ତତ୍; ବିଦ୍ୟା+ଲାଭ)—ବିଦ୍ୟା ଉପାର୍ଜନ—Bidyālābha Acquisition of learning or knowledge.

**ବିଦ୍ୟାଶିକ୍ଷା**—ସ. ବି ( ୬ଷ୍ଠୀ ତତ୍; ବିଦ୍ୟା+ଶିକ୍ଷା )—ପାଠ ପଢ଼ିବା—Bidyāsikshā Education; study.

**ବିଦ୍ୟାସାଗର**—ସ. ବି—ବିଦ୍ୟାର୍ଣ୍ଣବ ( ଦେଖ )—Bidyārṇṇaba Bidyāsāgara ( See ) ଦେ. ବି ( ନାମ )—ବଙ୍ଗର ସ୍ୱନାମଧନ୍ୟ ମହାପଣ୍ଡିତ ଈଶ୍ୱରଚନ୍ଦ୍ର ବିଦ୍ୟାସାଗର—The late Īswarachandra Bidyāsāgara, the renowned Pandit of Bengal.

**ବିଦ୍ୟୁ**—ଦେ. ( ପଦ୍ୟ ) ବି ( ସଂ. ବିଦ୍ୟୁତ୍ )—ବିଦ୍ୟୁତ୍; ବିଜୁଳି—Bidyu Lightning. ( ଉ—ସେ କରୁଁ ଉପୁଜି ଚପଳ ବିଦ୍ୟୁଦ୍ବାତ—କୃଷ୍ଣସିଂହ. ମହାଭାରତ. ବନ । )

**ବିଦ୍ୟୁଚ୍ଚାଳକ**—ସଂ.ବି ଓ ବିଣ (ଆଧୁନିକ ବିଜ୍ଞାନପରିଭାଷା)—ଯେଉଁ ଦ୍ରବ୍ୟର Bidyuchchālaka ମଧ୍ୟ ଦେଇ ବିଦ୍ୟୁତ୍ ଅବ୍ୟାହତରୂପେ ଗତି (ବିଦ୍ୟୁତ୍ ପରିଚାଳକ—ଅନ୍ୟରୂପ ) କରି ପାରେ—Conductor of electricty.

**ବିଦ୍ୟୁଚ୍ଚିକିତ୍ସା**—ସଂ. ବି ( ୩ୟା ତତ୍; ଆଧୁନିକ ପ୍ରୟୋଗ )—ତଡ଼ିତ୍ Bidyuchchikitsā ଶକ୍ତି ପ୍ରୟୋଗଦ୍ୱାରା ନାନାରୋଗର ଚିକିତ୍ସା—Electrotherapy; electropathy.

**ବିଦ୍ୟୁଜ୍ଜାଳ**—ସଂ. ବି ( ୬ଷ୍ଠୀ ତତ୍; ବିଦ୍ୟୁତ୍+ଜାଳ )—ବିଦ୍ୟୁତ୍ସମୂହ—Bidyujjāla A succession or spontaneous manifestation of lightning or electric flashes,

**ବିଦ୍ୟୁଜ୍ଜିହ୍ୱ**—ସଂ. ବି—ରାମାୟଣୋକ୍ତ ମାୟାବୀ ରାକ୍ଷସବିଶେଷ—Name Bidyujjihwa of a demon described in the Rāmāyaṇa. ( ଉ—ବିଦ୍ୟୁଜ୍ଜିହ୍ୱ ତ୍ରିବେଣୀକ, ଯାଇ ଏକ ସୁବେଣୀକ, ଦେଖାଇ ମାୟା ଜାନକୀ, କରୁ ସମ୍ଭ୍ରମ—ଭଞ୍ଜ. ବୈଦେହୀଶବିଳାସ ।) [ ଦ୍ର—ଇନ୍ଦ୍ରଜିତ ଏହାକୁ ମାୟାସୀତା କରାଇଥିଲେ । ଏ ସୂର୍ପଣଖାର ସ୍ୱାମୀ ଥିଲା—ହି. ଶ । ]

**ବିଦ୍ୟୁତ୍**—ସଂ. ବି ( ବହୁବ୍ରୀହି, ବି=ଅଲ୍ପକାଳସ୍ଥାୟୀ+ଦ୍ୟୁତ=ଦୀପ୍ତି; Bidyut ଅଥବା ବି+ଦ୍ୟୁତ୍ ଧାତୁ+କର୍ତ୍ତୃ. କ୍ୱିପ୍ )—୧ । ସୌଦାମିନୀ; ବିଜୁଳି—1. Lightning. ୨ । ତଡ଼ିତ୍ଶକ୍ତି—2. Electricity. [ ଦ୍ର—ତଡ଼ିତ ତଳେ ନୋଟ୍ ଦେଖ ] ୩ । ସନ୍ଧ୍ୟା—2. Evening. ୪ । (+ଭାବ. କ୍ୱିପ୍)କାନ୍ତି—4. Beauty; lustre. ସଂ. ବିଣ ( ବହୁବ୍ରୀହି; ବି+ଦ୍ୟୁତ୍ )—୧ । ନିଷ୍ପ୍ରଭ; ଅପ୍ରଜ୍ୱଳ—1. Lustreless. ୨ । ଅତ୍ୟନ୍ତ ଦୀପ୍ତିମାନ୍ (ହି. ଶ)—2. Very shining; brilliant.

**ବିଦ୍ୟୁତ୍କମ୍ପନ**—ସଂ. ବି ( ଆଧୁନିକ ପ୍ରୟୋଗ )—ତଡ଼ିତ୍ପ୍ରବାହଜନିତ Bidyut-kampana ବସ୍ତୁର କମ୍ପନ—Electric oscillation.

**ବିଦ୍ୟୁତ୍କେଶ**—ସଂ. ବି—ରାମାୟଣୋକ୍ତ ରାକ୍ଷସବିଶେଷ—Name of Bidyut-kesa a demon. [ ଦ୍ର—ଏ ହେତି ନାମକ ରାକ୍ଷସର ଔରସରେ କାଳ ରାକ୍ଷସର କନ୍ୟା ଭୟା ଗର୍ଭରୁ ଜନ୍ମିଥିଲା । ଏହା ଔରସରେ ପୌଲୋମୀ ଗର୍ଭରୁ ରାକ୍ଷସବଂଶର ବୃଦ୍ଧି ହୋଇଥିଲା—ହି. ଶ । ]

**ବିଦ୍ୟୁତ୍କୋଷମାଳା**—ସଂ. ବି ( ଆଧୁନିକ ବିଜ୍ଞାନ )—ଯେଉଁ Bidyut-koshamālā ବୈଜ୍ଞାନିକ ଯନ୍ତ୍ରରେ ତଡ଼ିତ୍ ଉତ୍ପାଦକ ବସ୍ତୁମାନ ରକ୍ଷିତ ହୋଇଥାଏ; ବାଟେରୀ—Electric battery.

**ବିଦ୍ୟୁତ୍ଘଣ୍ଟ(ଣ୍ଟା, ଣ୍ଟି)**—ଦେ. ବି—ତଡ଼ିତ ଶକ୍ତିଦ୍ୱାରା ବାଦିତ ଘଣ୍ଟା—Bidyut-ghaṇṭa(ṇṭā, ṇṭi) Electric bell; electric বিদ্যুৎঘণ্টা बिजलीघंटा alarm.

**ବିଦ୍ୟୁତ୍ପାତ**—ସଂ.ବି (୬ଷ୍ଠୀ ତତ୍;ବିଦ୍ୟୁତ୍+ପାତ)—୧ । ବିଜୁଳି ମାରିବା—Bidyut-pāta 1. A flash of lightning ୨ । କୌଣସି ଦ୍ରବ୍ୟରେ ବିଦ୍ୟୁତ୍ର ପ୍ରଖର ସ୍ପର୍ଶ—2. A stroke of lightning.

**ବିଦ୍ୟୁତ୍ ପ୍ରବାହ**—ସ. ବି (ଆଧୁନିକ ବିଜ୍ଞାନ)—ତଡ଼ିତ୍ ଶକ୍ତିର ସ୍ରୋତ Bidyut-prabāha ବା ତରଙ୍ଗ—Electric current or wave.

**ବିଦ୍ୟୁତ୍ପ୍ରଦୀପ**—ସ. ବି—( ଆଧୁନିକ )—ବିଜୁଳିବତି; ତଡ଼ିତ୍ଶକ୍ତି Bidyut-pradīpa ସାହାଯ୍ୟରେ ଜଳୁଥିବା ଦୀପ—Electric lamp; electric light.

ବିଦ୍ୟୁଦ୍ଦୀପ
ବିଦ୍ୟୁଦ୍ବର୍ତ୍ତି(ର୍ତ୍ତୀ)
ବିଦ୍ୟୁଦ୍ବର୍ତ୍ତିକା
ବିଦ୍ୟୁଦାଲୋକ
} ଅନ୍ୟରୂପ

**ବିଦ୍ୟୁତ୍ପ୍ରଭ**—ସ. ବିଣ ( ବହୁବ୍ରୀହି; ବିଦ୍ୟୁତ୍+ପ୍ରଭା )—ବିଜୁଳିପରି Bidyut-prabha ଉଜ୍ଜ୍ୱଳ—Shining or bright like lightning. (ବିଦ୍ୟୁତ୍ପ୍ରଭା—ସ୍ତ୍ରୀ) (ବିଦ୍ୟୁଜ୍ଜ୍ୱାଲ, ବିଦ୍ୟୁଦାଭ—ଅନ୍ୟରୂପ)

**ବିଦ୍ୟୁତ୍ପ୍ରିୟ**—ସ. ବି—କଂସା ଧାତୁ ବା ତନ୍ନିର୍ମିତ ବାସନ (ହି. ଶ)—Bidyut-priya Bellmetal or any utensil of that metal. [ଦ୍ର—ଏ ଖୁବ୍ ବିଦ୍ୟୁଚ୍ଚାଳକ ଥିବାରୁ ଏହି ନାମ । ]

**ବିଦ୍ୟୁତ୍ପ୍ରଭା**—ସ. ବି—(୬ଷ୍ଠୀ ତତ୍)—୧ । ବିଦ୍ୟୁତର ତେଜ—Bidyut-prabhā The glamour of lightning. ୨ । ତଡ଼ିତ୍ ଶକ୍ତି—2. Electricity.

ବିଦ୍ୟୁଜ୍ଜାଳା,
ବିଦ୍ୟୁତ୍ତେଜ
ବିଦ୍ୟୁଦାଭା
} —ଅନ୍ୟରୂପ

**ବିଦ୍ୟୁତ୍(ଦ୍) ବାର୍ତ୍ତା**—ଦେ. ବି—(ଆଧୁନିକ ପ୍ରୟୋଗ)—ତାର ଖବର—Bidyut(d) bārttā Telegraphic news; telegram; (ବିଦ୍ୟୁଦ୍ବାର୍ତ୍ତା—ଶୁଦ୍ଧ ରୂପ) telephonic message.

**ବିଦ୍ୟୁତ୍ସ୍ପନ୍ଦନ**—ସ. ବି—୧ । ବିଜୁଳି ମାରିବା—Bidyut-spandana 1. A flash of lightning. ୨ । (ବିଜ୍ଞାନ) ତଡ଼ିତ୍ ପ୍ରବାହର କ୍ଷଣିକ ପ୍ରକାଶ—2. Electric flash.

ବିଦ୍ୟୁଦ୍ବିକାଶ
ବିଦ୍ୟୁଦ୍ବିଳାସ
ବିଦ୍ୟୁତ୍ସ୍ଫୁରଣ
} ଅନ୍ୟରୂପ

ବିଦ୍ୟୁତ୍‌ଶକ୍ତିବିଜ୍ଞାନ–ସଂ. ବି.—(ବିଦ୍ୟୁତ୍ ଶକ୍ତି+ବିଜ୍ଞାନ)—ତଡ଼ିତର ଶକ୍ତି
Bidyut-śaktidbijnāna ବିଷୟକ ତଥ୍ୟମାନ ଯେଉଁ ବିଜ୍ଞାନରେ ଆଲୋଚିତ ହୋଇଥାଏ—The science dealing with the energy of electricity; electrodynamics.

ବିଦ୍ୟୁତ୍ ସ୍ଫୁଲିଙ୍ଗ—ଦେ. ବି—ତଡ଼ିତ୍‌ର ଅଗ୍ନିକଣା।—
Bidyut-sphulinga Electric spark.

ବିଦ୍ୟୁତ—ଦେ. ବି—(ସଂ. ବିଦ୍ୟୁତ୍)—୧। ବିଜୁଳି—1. Lightning.
Bidyuta ୨। ତଡ଼ିତ୍‌ତେଜ; ବିଦ୍ୟୁତ୍‌ଶକ୍ତି—2. Electricity.

ବିଦ୍ୟୁତା—ସଂ. ବି—(ବି+ଦ୍ୟୁତ ଧାତୁ+କର୍ତ୍ତି, ଅ+ଆ)—ବିଜୁଳି;
Bidyutā ସୌଦାମିନୀ (ହ୍ରୁ. ଶ)—Lightning.

ବିଦ୍ୟୁତ୍ତରଙ୍ଗ—ସଂ. ବି—(ଆଧୁନିକ ବିଜ୍ଞାନ) ତଡ଼ିତ୍‌ପ୍ରବାହର ପ୍ରବଳ
Bidyuttaranga ସ୍ଫୁରଣ—Electric wave.

ବିଦ୍ୟୁତ୍ୱାନ୍—ସଂ. ବି—(ବିଦ୍ୟୁତ୍+ଅସ୍ତି ଅର୍ଥରେ ବତ୍; ୧ମା. ୧ବ)—
Bidyutwān ମେଘ—Cloud. ସଂ. ବିଣ. ପୁଂ—ବିଦ୍ୟୁତ୍‌ଶକ୍ତି-
(ବିଦ୍ୟୁତ୍ୱତୀ—ସ୍ତ୍ରୀ) ବିଶିଷ୍ଟ—Full of electricity.

ବିଦ୍ୟୁତ୍ୟ—ସଂ. ବିଣ (ବିଦ୍ୟୁତ୍+ଯ)—ବିଦ୍ୟୁତ୍‌ରୁ ଉତ୍ପନ୍ନ (ହ୍ରୁ. ଶ)—
Bidyutya Produced by electricity or lightning

ବିଦ୍ୟୁଦ୍‌ଗର୍ଭ—ସଂ. ବିଣ (ବହୁବ୍ରୀହି; ବିଦ୍ୟୁତ୍+ଗର୍ଭ)—ଯାହାର ଗର୍ଭ ବା
Bidyudgarbha ଅଭ୍ୟନ୍ତରରେ ବିଦ୍ୟୁତ୍ ଅଛି—Full of
(ବିଦ୍ୟୁଦ୍‌ଗର୍ଭା—ସ୍ତ୍ରୀ) electricity.

ବିଦ୍ୟୁଦାବେଶ—ସଂ. ବି—(୬ଷ୍ଠୀ ତତ୍; ଆଧୁନିକ ବିଜ୍ଞାନ)—କୌଣସି
Bidyudābeśa ବସ୍ତୁରେ ତଡ଼ିତ୍ ଶକ୍ତିର ପ୍ରବେଶ—Electric charge.

ବିଦ୍ୟୁଦାବେଶନ—ସଂ. ବି (ଆଧୁନିକ ବିଜ୍ଞାନ)—କୌଣସି ଦ୍ରବ୍ୟରେ
Bidyudābeśana ତଡ଼ିତ୍ ଶକ୍ତି ପୁରାଇବା—Electrification.

ବିଦ୍ୟୁଦ୍ଦାମ—ସଂ. ବି (ବିଦ୍ୟୁତ୍+ଦାମ)—୧। ଖୁବ୍ ଦୀପ୍ତିମୟ ମାଳା—
Bidyuddāma 1. Very shining or bright garland.
୨। ମାଳାପରି ପ୍ରକାଶିତ ହେବା ବିଦ୍ୟୁତ୍—2. Lightning flashes like a garland of light.

ବିଦ୍ୟୁଦ୍ଦ୍ୱାର—ସଂ. ବି (୬ଷ୍ଠୀ ତତ୍, ଆଧୁନିକ ବିଜ୍ଞାନ)—ଯେଉଁ ଦ୍ୱାର
Bidyuddwāra ବାଟେ ତଡ଼ିତ୍ ପ୍ରବାହ ବସ୍ତ୍ୱନ୍ତରକୁ ଯାଏ—Electrode.

ବିଦ୍ୟୁଦୁତ୍କୀର୍ଣ୍ଣନ–ସଂ. ବି—(୩ୟା ତତ୍; ଆଧୁନିକ ବିଜ୍ଞାନ)—ତଡ଼ିତ୍ ଶକ୍ତି
Bidyudutkirnnana ଦ୍ୱାରା ଧାତୁ ଆଦି ଉପରେ ଅକ୍ଷର
(ବିଦ୍ୟୁଦୁତ୍କୀର୍ଣ୍ଣ—ବିଣ) ଆଦି ଖୋଳିବା କର୍ମ—Electro-engraving.

ବିଦ୍ୟୁଦ୍ଦୀପ୍ତ—ସଂ. ବି (୩ୟା ତତ୍; ବିଦ୍ୟୁତ୍+ଦୀପ୍ତ)—୧। ବିଦ୍ୟୁତ୍‌ଦ୍ୱାରା
Bidyuddipta ଆଲୋକିତ—1. Lighted by lightning.
୨। ବିଦ୍ୟୁତ୍‌ପରି ଜ୍ୟୋତିର୍ବିଶିଷ୍ଟ—2. Flashing like
(ବିଦ୍ୟୁଦ୍ଦୀପ୍ତି—ବି) lightning.

ବିଦ୍ୟୁଦ୍(ତ୍)ବାର୍ତ୍ତାବହ—ସଂ. ବି (ଆଧୁନିକ)—ତଡ଼ିତ୍ ଶକ୍ତିଦ୍ୱାରା ଏକସ୍ଥାନରୁ
Bidyud(t)bārttābaha ଅନ୍ୟ ସ୍ଥାନକୁ ସମ୍ବାଦ ପ୍ରେରଣକାରୀ ଯନ୍ତ୍ର—Electric telegraph or telephone.

ବିଦ୍ୟୁଦ୍ବିଚ୍ଛେଦ—ସଂ. ବି—(୬ଷ୍ଠୀ ତତ୍; ଆଧୁନିକ ବିଜ୍ଞାନ)—ତଡ଼ିତ୍ ଶକ୍ତି
Bidyudbichchheda ଦ୍ୱାରା ବସ୍ତୁର ଉପାଦାନମାନଙ୍କର ରାସାୟନିକ ବିଶ୍ଳେଷଣ—Electrolysis

ବିଦ୍ୟୁଦ୍‌ବିଜ୍ଞାନ—ସଂ. ବି—(ଆଧୁନିକ) (ମ. ପ. କୋ)—ତଡ଼ିତ୍ ଶକ୍ତି
Bidyud-bijnāna ସମ୍ବନ୍ଧେ ବିଶେଷ ଜ୍ଞାନସମ୍ବଳିତ ଶାସ୍ତ୍ର –
The science dealing with electricity.

ବିଦ୍ୟୁଦ୍‌ବିଦ୍—ସଂ. ବି ଓ ବିଣ (ଆଧୁନିକ ବିଜ୍ଞାନ)—ତଡ଼ିତ୍ ସମ୍ବନ୍ଧେ
Bidyud-bid ବିଶେଷଜ୍ଞ—Electrician; versed in the electrical science.

ବିଦ୍ୟୁଦ୍‌ବୀକ୍ଷଣ—ସଂ. ବି (ଆଧୁନିକ ବିଜ୍ଞାନ)—ବିଦ୍ୟୁତ୍ ବା ତଡ଼ିତ୍ ଶକ୍ତି
Bidyud-bikshana ବା ପ୍ରବାହର ଅବସ୍ଥିତି ଗତି ଓ ବେଗ ଆଦି ପ୍ରଦର୍ଶନ କରିବା ଯନ୍ତ୍ରବିଶେଷ—Electroscope. [ଦ୍ର—ଏହା ଦୁଇ ପ୍ରକାର; ୧। ସ୍ୱର୍ଣ୍ଣପତ୍ର ବିଦ୍ୟୁଦ୍‌ବୀକ୍ଷଣ—Gold leaf electroscope ଏବଂ ୨। ସଞ୍ଚାୟୀ ବିଦ୍ୟୁଦ୍‌ବୀକ୍ଷଣ]—Condensing electroscope.

ବିଦ୍ୟୁଦ୍‌ବେଗ—ସଂ. ବି—(୬ଷ୍ଠୀ ତତ୍, ବିଦ୍ୟୁତ୍+ବେଗ)—ତଡ଼ିତର ଗତି
Bidyudbega ପରି ଦ୍ରୁତଗତି—Velocity of lightning.
ସଂ. ବିଣ (ବହୁବ୍ରୀହି)—ବିଦ୍ୟୁତ୍ ପରି ଗତିବିଶିଷ୍ଟ—
Having the velocity of lightning.

ବିଦ୍ୟୁଦ୍ବ୍ୟଜନ—ଦେ. ବି—(ସଂ. ବିଦ୍ୟୁତ୍+ବ୍ୟଜନ)—ବିଦ୍ୟୁତ ଶକ୍ତି-
Bidyudbyajana ପରିଚାଳିତ ପଙ୍ଖା; ବୈଦ୍ୟୁତିକ ପଙ୍ଖା—
Electric fan; fan propelled by electricity.

ବିଦ୍ୟୁନ୍ମାପକ—ସଂ. ବିଣ—ଆଧୁନିକ ବିଜ୍ଞାନ)—ଯଦ୍ୱାରା ତଡ଼ିତ୍ ପ୍ରବାହର
Bidyunmāpaka ପରିମାଣ ସ୍ଥିର କରି ଯାଏ—Measuring
ବିଦ୍ୟୁନ୍ମାନ, ବିଦ୍ୟୁତ୍ ପରିମାପକ } ଅନ୍ୟରୂପ— the electric current.
ସଂ. ବି—ନିଯୋଜିତ ତଡ଼ିତ୍‌ଶକ୍ତିର ଓ ଦ୍ରବାହର ପରିମାଣ ସ୍ଥିର କରିବା ଯନ୍ତ୍ର—
A scientific instrument for measuring electric force or current; electrometer; electro-dynamometer.

ବିଦ୍ୟୁନ୍ମାଳା—ସଂ. ବି(୬ଷ୍ଠୀ ତତ୍, ବିଦ୍ୟୁତ୍+ମାଳା)-୧। ଏକତ୍ର ମାରୁଥିବା
Bidyunmālā ବିଦ୍ୟୁତ୍ ସମୂହ—Sheets of ligtning;
( ବିଦ୍ୟୁଦ୍ଦାମ—ଅନ୍ୟରୂପ ) simultaneous sparks of
lightning. ୨। ସଂସ୍କୃତ ଛନ୍ଦୋବିଶେଷ—2. A Sanskrit metre.

ବିଦ୍ୟୁନ୍ମାଳୀ—ସଂ. ବି. ପୁଂ ( ବିଦ୍ୟୁନ୍ମାଳିନ୍; ୧ମା. ୧ବ )—୧।
Bidyunmāli ପୌରାଣିକ ଅସୁରବିଶେଷ—1. The name of mythological demon. [ଦ୍ର—ଏ ଶିବଙ୍କୁ ଉପାସନା କରି ତାଙ୍କ ବରରେ ଗୋଟିଏ ଜ୍ୟୋତିର୍ମୟ ବିମାନ ପାଇ ଥିଲା; ସେ ବିମାନ ହବାକରି ସୂର୍ଯ୍ୟଙ୍କ ପଛରେ ରହୁଥାଏ ଓ ସୂର୍ଯ୍ୟକିରଣଦ୍ୱାରା ଉଦ୍ଭାସିତ ହେଉଥାଏ। ସୂର୍ଯ୍ୟ ଉତ୍ତ୍ୟକ୍ତ ହୋଇ ନିଜ ତେଜରେ ସେ ବିମାନକୁ ତରଳାଇ ଦେବାରୁ ବିମାନ ଭୂମିରେ ଖସି ପଡ଼ିଲା। ଧର୍ମଯୁଦ୍ଧ ସୁଷେଣଙ୍କ ସଙ୍ଗେ ଏହାର ଯୁଦ୍ଧ ହୋଇଥିଲା। ରାମାୟଣରେ ଓ ମହାଭାରତରେ ଏହି ନାମଧାରୀ ୨ଟି ଅସୁରଙ୍କର ଉଲ୍ଲେଖ ଅଛି—ହ୍ରୁ. ଶ।] ୨। ଛନ୍ଦୋବିଶେଷ—2. Name of

a Sanscrit metre. [ ଦ୍ର—ଏଥିର ପ୍ରତ୍ୟେକ ଚରଣରେ ଏକ ଭଗଣ, ଏକ ମଗଣ ଓ ଅନ୍ତରେ ୨ଟି ଗୁରୁ ବର୍ଣ୍ଣ ଥାଏ—ହି. ଶ । ]

**ବିଦ୍ୟୁଲ୍ଲତା**—ସଂ. ବି (ବିଦ୍ୟୁତ୍+ଲତା)—୧ । ଲତା ଆକୃତିବିଶିଷ୍ଟ Bidyullatā ବିଦ୍ୟୁତ୍ର ଝଲକର ରେଖା—1. A streak of (ବିଦ୍ୟୁଲ୍ଲେଖା—ଅନ୍ୟରୂପ) lightning ୨ । ମେଘଜ୍ୟୋତିଃ; ବଜ୍ରାଗ୍ନି—2. Lightning. ୩ । ତଡ଼ିତ୍ ଶକ୍ତି—3. Electricity.

**ବିଦ୍ୟୁଲ୍ଲେଖ**—ସଂ. ବି (ଅସ୍ମା ତତ୍; ଆଧୁନିକ ବିଜ୍ଞାନ)—ଯେଉଁ ଯନ୍ତ୍ରଦ୍ୱାରା Bidyullekha ତଡ଼ିତ୍ପ୍ରବାହଦ୍ୱାରେ ପରମାଣ ଖବ ଖବ ଲିପିବଦ୍ଧ ହୋଇଯାଏ—Electrograph.

**ବିଦ୍ୟୁଲ୍ଲେପ**—ସଂ. ବି (ଅସ୍ମା ତତ୍; ବିଦ୍ୟୁତ୍+ଲେପ; ଆଧୁନିକବିଜ୍ଞାନ)—Bidyullepa ତଡ଼ିତ୍ ଶକ୍ତିଦ୍ୱାରା କୌଣସି ବସ୍ତୁ ଉପରେ ସୁନାରୁପା ଆଦିର ଲେପ ବା ସ୍ତର ପକାଇବା କ୍ରିୟା—Electroplating; electrogilding.
ବିଦ୍ୟୁଲ୍ଲିପ୍ତ } ବିଣ. ରୂପ
ବିଦ୍ୟୁଲ୍ଲେପିତ }

**ବିଦ୍ୟୋତ୍**—ସଂ. ବି (ବି+ଦ୍ୟୁତ୍ ଧାତୁ+କର୍ତ୍ତୃ. କ୍ୱିପ୍)—୧ । ବିଦ୍ୟୁତ୍ Bidyot (ହି. ଶ)—1. Lightning. ୨ । ଦୀପ୍ତି; ପ୍ରଭା; କାନ୍ତି; ଦ୍ୟୁତି—2. Lustre; splendour. ୩ । ଅପ୍ସରୋବିଶେଷ (ହି. ଶ)—3. Name of a heavenly nymph.

**ବିଦ୍ୟୋତ**—ସଂ. ବି (ବି+ଦ୍ୟୁତ୍ ଧାତୁ+ଭାବ. ଅ)—ପ୍ରଭା; ଦୀପ୍ତି—Bidyota Lustre; gleam.

**ବିଦ୍ୟୋତମାନ**—ସଂ. ବିଣ. ପୁଂ (ବି+ଦ୍ୟୁତ୍ ଧାତୁ+କର୍ତ୍ତୃ. ଅନ)—Bidyotamāna ଦ୍ୟୁତିମାନ୍; ଉଜ୍ଜ୍ୱଳ—Shining; lustrous (ବିଦ୍ୟୋତମାନା—ସ୍ତ୍ରୀ)

**ବିଦ୍ୟୋତ୍ସାହୀ**—ସଂ. ବିଣ. ପୁଂ (୭ମୀ ତତ୍; ବିଦ୍ୟା+ଉତ୍ସାହିନ୍, ୧ମା ୧ବ.) ବିଦ୍ୟାର ଉନ୍ନତି ବିଷୟରେ ଉତ୍ସାହଦାତା—Bidyotsāhi (ବିଦ୍ୟୋତ୍ସାହିନୀ—ସ୍ତ୍ରୀ) uraging the spread of education; patronising learning.

**ବିଦ୍ୟୋପାର୍ଜ୍ଜନ**—ସଂ. ବି (୬ଷ୍ଠୀ ତତ୍; ବିଦ୍ୟା+ଉପାର୍ଜ୍ଜନ)—ବିଦ୍ୟାଲାଭ; Bidyoparjjana ଶିକ୍ଷାଲାଭ—Acquisition of knowledge.

**ବିଦ୍ର**—ସଂ. ବି (ବିଧ୍ ଧାତୁ=ବିଦ୍ଧ କରିବା+ର)—ଛିଦ୍ର; ବିବର—Bidra Hole; perforation.

**ବିଦ୍ରଧ**—ସଂ. ବିଣ. ପୁଂ ( ବିଧ୍ ଧାତୁ+କର୍ତ୍ତୃ. ରଧ )—୧ । ହୃଷ୍ଟପୁଷ୍ଟ Bidradha (ହି. ଶ)—1. Stout and strong. ୨ । ଦୃଢ଼ (ହି. ଶ —2. Strong; firm. ୩ । କୌଣସି କାର୍ଯ୍ୟ ପାଇଁ ଉଦ୍ୟମରୂପେ ପ୍ରସ୍ତୁତ (ହି. ଶ)—3. Ready to do a certain work.

**ବିଦ୍ରଧି**—ସଂ. ବି (ବିଦ୍ର+ଧା ଧାତୁ=ଧାରଣ କରିବା+କର୍ତ୍ତୃ. ଇ )—ପେଟ Bidradhi ମଧ୍ୟରେ ଜନ୍ମିବା କଷ୍ଟଦାୟକ ଓ ମାରାତ୍ମକ ବ୍ରଣରୋଗ ବିଶେଷ—A kind of painful boil or abscess inside the stomach.

**ବିଦ୍ରଧିକା**—ସଂ. ବି ( ବିଦ୍ରଧି+କ+ଆ )—ପ୍ରମେହରୋଗ ବହୁଦିନ Bidradhikā ରହିଲେ ଦେହରେ ଜାତ ଏକପ୍ରକାର ଛୋଟ ବ୍ରଣ; ପ୍ରମେହପିଡ଼କା (ହି. ଶ)—A kind of small boil coming out in the body of patients suffering from chronic gonerrhoea.

**ବିଦ୍ର(ଦ୍ରା)ବ**—ସଂ. ବି (ବି+ଦ୍ରୁ ଧାତୁ=ପଳାଇବା+ଭାବ. ଅ)—Bidra(drā)ba ୧ । ପଳାୟନ—1. Flight; retreat. ୨ । ଭୟ—2. Fear; terror ୩ । କ୍ଷରଣ; ତରଳ ଦ୍ରବ୍ୟ ଗଳିପଡ଼ିବା—3. Oozing of liquid. ୪ । ଦ୍ରବୀଭବନ—4. Melting ୫ । ଥଟ୍ଟା; ପରିହାସ—5. Jesting ୬ । ନିନ୍ଦା—6. Rebuke; censure. ୭ । ଯୁଦ୍ଧ—7. Battle. ୮ । ବୁଦ୍ଧି—Intellect; understanding. ଦେ ଭଣ ଗଳି ପଡ଼ୁଥିବା—Oozing out. [ଉ—ବିଦ୍ରାବ କିଧାର ରକ୍ତ ବସନ ଗୁଡ଼ି, ବାଟେ ପୁଷ୍ପିତ ମନ୍ଦାର ବୃକ୍ଷ କି ଉଡ଼ି । ଉକ୍ତ ବୈଦେହୀଶବିଳାସ ।]

**ବିଦ୍ରାବକ**—ସଂ. ବିଣ. ପୁଂ (ବି+ଦ୍ରୁ ଧାତୁ ଣିଚ୍+କର୍ତ୍ତୃ. ଅକ)—୧ । ଯେ Bidrābaka ଥଟ୍ଟା କରେ—1. Jesting. ୨ । ଦ୍ରବକାରୀ; (ବିଦ୍ରାବିକା—ସ୍ତ୍ରୀ) ଯାହା ତରଳାଏ—2. Melting.

**ବିଦ୍ରାବଣ**—ସଂ. ବି ( ବି+ଦ୍ରୁ ଧାତୁ ଣିଚ୍+ଭାବ ଅନ)—୧ । ତରଳା । Bidrābana ଇବା—1. Melting. ୨ । ଫାଡ଼ି ଦେବା (ହି. ଶ)—2. Splitting up; tearing. ୩ । ତାଡ଼ନ; ତଡ଼ି ଦେବା—3. Driving away. ୪ । ଉଡ଼ିଯିବା (ହି. ଶ)—4. Flying. ୫ । ପ୍ରହାର ଦେବା—5. Beating. ସଂ. ବିଣ ( +କର୍ତ୍ତୃ. ଅନ )—୧ । ପଳାଇ ଯାଉଥିବା—1. Running away; retreating. [ଉ—ବିଦ୍ରାବଣ କରୁଣପଣ ହେଲେ ତରତ୍ରେ ଜନକସାତ । ଉକ୍ତ. ବୈଦେହୀଶବିଳାସ ।] ୨ । ନଷ୍ଟକାରୀ (ହି. ଶ)—2. Spoiling; ruining.

**ବିଦ୍ରାବିତ**—ସଂ. ବିଣ (ବି+ଦ୍ରୁ ଧାତୁ ଣିଚ୍ ଦ୍ରାବି ଧାତୁ+କର୍ମ. ତ)—Bidrābita ୧ । ଦ୍ରବୀଭୂତ—1. Molten; liquefied. ୨ । ବିତାଡ଼ିତ; ତାଡ଼ନାର୍ଥ ପଶ୍ଚାଦ୍ଧାବିତ—2. Driven from behind; chased.

**ବିଦ୍ରାବୀ**—ସଂ. ବିଣ. ପୁଂ—(ବି+ଦ୍ରୁ ଧାତୁ+ଇନ, ୧ମା, ୧ବ)—୧ । Bidrābi ପଳାୟନକାରୀ (ହି. ଶ)—1. Fleeing away; re- (ବିଦ୍ରାବିଣୀ—ସ୍ତ୍ରୀ) treating. ୨ । ତରଳୁଥିବା (ହି. ଶ)—2. Melting (thing). ୩ । (ବି+ଦ୍ରୁ ଧାତୁ ଣିଚ୍+ଇନ୍) ତରଳାଉଥିବା; ଦ୍ରବକାରୀ—3. Liquefying (person). ୪ । ଯେ ଫାଡ଼ିଦିଏ—4. Splitting up.

**ବିଦ୍ରୁତ**—ସଂ. ବିଣ ( ବି+ଦ୍ରୁ ଧାତୁ+କର୍ତ୍ତୃ. ତ )—୧ । ପଳାୟିତ—Bidruta 1. Fled away. ୨ । ଦ୍ରବୀଭୂତ; ଗଳିତ—2. Molten; liquefied. ୩ । ସନ୍ତ୍ରସ୍ତ—3 Terrified; (ବିଦ୍ରୁତା—ସ୍ତ୍ରୀ) alarmed.

**ବିଦ୍ରୁମ**—ସଂ. ବି (ବି+ଦ୍ରୁମ=ବୃକ୍ଷ)—୧ । ରକ୍ତ ପ୍ରବାଳ—1. Red Bidruma coral. [ ଦ୍ର—ପ୍ରବାଳ ଏକ ପ୍ରକାର ସାମୁଦ୍ରିକ କୀଟ

ସମଷ୍ଟି । ଏ କୀଟମାନେ ପରସ୍ପର ସଲଗ୍ନ ହୋଇ ଶାଖାଯୁକ୍ତ ବୃକ୍ଷ ପରି ସମୁଦ୍ର ଗର୍ଭରେ ବଢନ୍ତି । ] ୨ । ବୃକ୍ଷର ନବ-ପଲ୍ଲବ—2. Young shoots of plants. ୩ । ପଦ୍ମରାଗ ମଣି—3. Ruby; spinal ruby. ୪ । ମୁକ୍ତା-ଫଳ ବୃକ୍ଷ ( ପ୍ରକୃତିବାଦ ଓ ହ୍ଲ. ଶ )—4. A kind of tree. ୫ । ପ୍ରବାଳ ବୃକ୍ଷ—5. The coral tree, bearing reddish precious gems called corals (Apte).

**ବିଦ୍ରୂପ**—ଦେ. ବି. (ସ. ବିଦ୍ରବ, ବିରୂପ; ବଙ୍ଗୀୟ ଲେଖକଙ୍କ ଲେଖାରୁ ଅନୁକୃତ ଓଡ଼ିଆରେ ଗୃହୀତ)—୧ । ପରିହାସ—1. Jesting; redicule; mockery. ୨ । ବ୍ୟଙ୍ଗ—2. Irony; satire. [ ଦ୍ର—ଏହା ବ୍ୟଙ୍ଗ ଶବ୍ଦ ପରେ ଏକାର୍ଥକ ସହଚର ରୂପେ ବ୍ୟବହୃତ ହୁଏ ।]
Bidrūpa বিদ্রূপ ঠট্টা-ঠাট্টা বোলীঠোলী, তানা

**ବିଦ୍ରୂପ କରିବା**—ଦେ. କ୍ରି—ଥଟ୍ଟା । ହସିବା—To jeer at; to cut capers; to play pranks.
Bidrūpa karibā

**ବିଦ୍ରୂପ ପ୍ରିୟ**—ଦେ. ବିଣ. ପୁଂ—ଥଟ୍ଟାଳିଆ—Fond of mockery.
Bidrūpa priya বিদ্রূপ প্রিয় ঠট্টাবাজ (ବିଦ୍ରୂପ ପ୍ରିୟା—ସ୍ତ୍ରୀ)

**ବିଦ୍ରୂପାତ୍ମକ**—ଦେ. ବିଣ—ବ୍ୟଙ୍ଗ ପୂର୍ଣ୍ଣ—Ironical; satirical
Bidrūpātmaka (ବିଦ୍ରୂପ ସୂଚକ—ଅନ୍ୟରୂପ) বিদ্রূপাত্মক

**ବିଦ୍ରୂପୋକ୍ତି**—ଦେ. ବି (ବିଦ୍ରୂପ+ଉକ୍ତି)—ବ୍ୟଙ୍ଗୋକ୍ତି; ଥଟ୍ଟାଳିକଥା—Ironical or satirical expression.
Bidrūpokti বিদ্রূপোক্তি বোলীঠোলী

**ବିଦ୍ରୋହ**—ସ. ବି. (ବି+ଦ୍ରୁହ୍ ଧାତୁ=ହିଂସା କରିବା+ଭାବ.ଅ)—୧ । ପ୍ରଭୁଙ୍କର ବା ରାଜାଙ୍କର ବିରୋଧାଚରଣ—1. Treason. ୨ । ମେଳି—2. Revolt; rebellion; mutiny. ୩ । ବିଦ୍ବେଷ—3. Malice.
Bidroha

**ବିଦ୍ରୋହାଚରଣ**—ସ. ବି. ( ୬ଷ୍ଠୀ ତତ୍; ବିଦ୍ରୋହ+ଆଚରଣ )—୧ । ବିରୋଧାଚରଣ; ଅବାଧ୍ୟାଚରଣ—1. Rising or acting against an authority. ୨ । ରାଜଶାସନ ପ୍ରତି ଅସମ୍ମାନ ପ୍ରଦର୍ଶନ—2. Raising of a revolt; disregard of lawful authority or established government.
Bidrohācharaṇa

**ବିଦ୍ରୋହାନଳ**—ସ. ବି. ( ରୂପକ କର୍ମଧା; ବିଦ୍ରୋହ+ଅନଳ )—ଅଗ୍ନି ପରି ଶୀଘ୍ର ଅନ୍ୟତ୍ର ବ୍ୟାପିଯିବା ମେଳି—Mutiny spreading like wild fire.
Bidrohānaḷa
(ବିଦ୍ରୋହାଗ୍ନି, ବିଦ୍ରୋହବହ୍ନି—ଅନ୍ୟରୂପ)

**ବିଦ୍ରୋହୀ**—ସ. ବିଣ. ପୁଂ(ବି+ଦ୍ରୁହ୍ ଧାତୁ+କର୍ତ୍ତୃ ଇନ୍; ୧ମା ୧ବ)—୧ । ମେଳିଆ—1. Mutinous. ୨ । ରାଜାଙ୍କ ପ୍ରତି ଅସମ୍ମାନ ପ୍ରଦର୍ଶକ—1. Rebellious. ୩ । ଅନିଷ୍ଟାଚରଣକାରୀ—3. Injurious. ୪ । ଦ୍ବେଷୀ—4. Malcious.
Bidrohī (ବିଦ୍ରୋହିଣୀ—ସ୍ତ୍ରୀ)

**ବିଧ୍** (ଧାତୁ)—ସ—୧ । ବିଦ୍ଧ କରିବା; ଫୋଡ଼ିବା—1. To pierce (Apte). ୨ । ପୂଜା କରିବା; ସମ୍ମାନ କରିବା—2. To honour; to worship. (Apte). ୩ । ଶାସନ କରିବା—4. To rule; to administer (Apte). ୪ । ଯାଚଣା କରିବା; ମାଗିବା—4. To beg; to ask (Apte).
Bidh (root)

**ବିଧ**—ସ. ବି (ବି+ଧା ଧାତୁ+କର୍ମ ଅ)—୧ । ପ୍ରକାର—1, Kind; sort. ୨ । ଧାରା—2. Style; mode; manner. ୩ । ବିଧାନ; ନିୟମ; ଦସ୍ତୁର—3. Rule; formula. ୪ । ରୀତି—4. Custom; practice. ୫ । ଗଜଗ୍ରାସ; ଗଜ-ଭକ୍ଷ୍ୟ ଅନ୍ନ—5. An elephant's food. ୬ । ସମୃଦ୍ଧି—6. Wealth; prosperity. ୭ । ବିଦ୍ଧକରଣ; ଫୋଡ଼ିବା—7. Perforating; penetrating. ୮ । ବେତନ—8. Salary; remuneration. ୯ । ମୂଲ—9. Wages. ସ. ବିଣ. ପୁଂ. (ଅନ୍ୟ ଶବ୍ଦ ସଙ୍ଗେ ଯୁକ୍ତ ହେଲେ, ଯଥା ବହୁବିଧ; ନାନାବିଧ)—୧ । ପ୍ରକାରର; ଜାତୀୟ—1. ( a prefix meaning) Of kinds; of sorts; like or similar to. ୨ । ଆକାରର—2. Of the form of. ଗ୍ରାଦେ. (ସମ୍ବଲପୁର) ବି—ଗୋଇଠା—Kick. ଦେ. ବି. (ସ. ବେଧ) ୧ । ବିବାଦ—1. Dispute. ୨ । କଳି—2. Quarrel. ୩ । ପ୍ରତିବନ୍ଧକ, ବାଧା—3 Obstacle.
Bidha (ବିଧା—ସ୍ତ୍ରୀ) বাধা

**ବିଧଂ(ଧ୍ୱଂ)ସିବା**—ଦେ. (ପଦ୍ୟ) କ୍ରି—ବିଧ୍ୱଂସ କରିବା—To destroy.
Bidham(dhwam)sibā বিধ্বংসা বিধ্বংসনা

**ବିଧ ପଡ଼ିବା**—ଦେ. କ୍ରି—କୌଣସି କାର୍ଯ୍ୟରେ ବାଧା ଉପସ୍ଥିତ ହେବା—The appearance of an obstacle in the way in the course of a certain work.
Bidha paṛibā
ବିଧ ପକୁ(ଡ଼)ଥିବା }
ବିଧ ହାରୁ(ବୋ)ଛିବା } ଅନ୍ୟରୂପ
বাধা পড়া বাধা পড়না

**ବିଧବନ**—ସ. ବି. (ବି+ଧୂ ଧାତୁ+ଭାବ ଅନ)—୧ । କମ୍ପନ; ଥରା—1. Trembling; tremour. ୨ । (ବି+ଧୂ ଧାତୁ ଣିଚ ଧବ ଧାତୁ+ଭାବ ଅନ ) କମ୍ପାଇବା—2. Agitating; shaking.
Bidhabana

**ବିଧବ ଯୋଗ**—ସ. ବି. ( ବିଧବ+ଯୋଗ )—୧ । ବୈଧବ୍ୟ ଯୋଗ, ସ୍ତ୍ରୀର ବିଧବା ହେବାର ଦୈବ ନିର୍ଦ୍ଦିଷ୍ଟ ଘଟଣା—1. The preordination of a woman becoming a widow. ୨ । ବୈଧବ୍ୟ—2. Widowhood.
Bidhaba joga

**ବିଧବା**—ସ. ବି. ସ୍ତ୍ରୀ. ( ବହୁବ୍ରୀହି, ବି=ବିଗତ+ଧବ=ସ୍ୱାମୀ+ସ୍ତ୍ରୀ. ଆ )—ମୃତଭର୍ତ୍ତୃକା ସ୍ତ୍ରୀ; ରାଣ୍ଡ—A widow. ସ. ବିଣ. (ବହୁବ୍ରୀହି; ବି=ନାହିଁ+ଧବ=ବସ୍ତ୍ର+ସ୍ତ୍ରୀ. ଆ)—୧ । ବିବସ୍ତ୍ରା (ସ୍ତ୍ରୀ)—1. Clothless or naked (woman). ୨ । ମୃତ ଭର୍ତ୍ତୃକା (ସ୍ତ୍ରୀ)—2. (woman) Who has lost her husband.
Bidhabā

**ବିଧବାଗାମୀ**—ସ. ବିଣ. ପୁଂ (ବିଧବା+ଗମ ଧାତୁ+କର୍ତ୍ତୃ. ଇନ; ୧ମା ୧ବ)—ବିଧବା ସଙ୍ଗମକାରୀ ( ପୁରୁଷ )—(a male) Having sexual intercourse with a widow.
Bidhabāgāmi (ବିଧବାଗମନ—[illegible])

**ବିଧବା ବିବାହ**—ସଂ. ବି. (୬ଷ୍ଠୀ ତତ୍ପୁ ବିଧବା + ବିବାହ)— ମୃତଭର୍ତ୍ତୃକା
Bidhabā bibāha ନାରୀର ପୁନର୍ବିବାହ—Widow-marriage.
(ବିଧବା ବେଦନ—ଅନ୍ୟରୂପ)

**ବିଧର୍ମ**—ସଂ. ବି—ଆପଣାର ଧର୍ମ ଛଡ଼ା ଅନ୍ୟ ଧର୍ମ; ଧର୍ମାନ୍ତର; ଭିନ୍ନଧର୍ମ—
Bidharma A religion other than one's own.

**ବିଧର୍ମା**—ସଂ. ବିଣ. ( ବି+ଧର୍ମ=ବିଧର୍ମନ୍, ୧ମା. ୧ବ; ବହୁବ୍ରୀହି )—
Bidharmā ଭିନ୍ନ ଧର୍ମାବଲମ୍ବୀ—Professing a different religion.

**ବିଧର୍ମୀ**—ଦେ. ବିଣ ( ସଂ. ବିଧର୍ମା )—୧ । ଆପଣା ଧର୍ମ ଛଡ଼ା ଅନ୍ୟ ଧର୍ମ
Bidharmi ଅବଲମ୍ବନ କରିଥିବା (ବ୍ୟକ୍ତି); ଅନ୍ୟ ଧର୍ମାବଲମ୍ବୀ—
ବିଧର୍ମୀ 1. ( a person ) Professing another religion.
୨ । ଯେ ଆପଣା ଧର୍ମ ତ୍ୟାଗ କରି ଧର୍ମାନ୍ତର ଗ୍ରହଣ କରେ—
2. Apostate. [ 'ଦ୍ର—ଧର୍ମାଦନ୍ କେବଳଂ' ଏହି ସୂତ୍ର ଅନୁସାରେ 'ବିଧର୍ମା' ଶବ୍ଦ ସଂସ୍କୃତମୂଳକ, ତେଣୁ ବିଧର୍ମୀ ଶବ୍ଦ ଦେଶଜଶବ୍ଦରୂପେ ଗୃହୀତ ହେଲା । ]

**ବିଧା**—ସଂ. ବି ( ବି+ଧା ଧାତୁ+କର୍ତ୍ତୃ. ଅ+ସ୍ତ୍ରୀ. ଆ )—୧ । ବିଧ
Bidhā ( ଦେଖ )—1. Bidha ( See ) ୨ । ଭଡ଼ା—
ଘୁସୀ, କୀଲ 2. Hire ( Apte ), ୩ । ମୂଲ—3. Wages
ମୁକ୍କା ( Apte ). ୪ । କର୍ମ; କାର୍ଯ୍ୟ—4. Act; action ( Apte ). ଦେ. ବି. ( ସଂ. ବଦ୍ଧ ମୁଷ୍ଟ୍ୟାଘାତ ) ମୁଷ୍ଟ୍ୟାଘାତ; ମୁଷ୍ଟି ପ୍ରହାର; ହାତକୁ ମୁଠା କରି ମୁଷ୍ଟିବଦ୍ଧ କରତଳର କନିଷ୍ଠାଙ୍ଗୁଳ ପାର୍ଶ୍ୱଦ୍ୱାରା କୌଣସି ବ୍ୟକ୍ତିକୁ କରାଯିବା ଆଘାତ—Fisticuff; a blow with the fist
[ ଉ—ପାଣ୍ଡୁ ବଜାଅନ୍ତେ ଦେଖାଇଣ ବିଧା । ହେଲା ତାର ପ୍ରାଣପବନଯାକ ବୃଥା—କୃଷ୍ଣସିଂହ, ମହାଭାରତ, ବନ । ]
[ଦ୍ର—କରତଳକୁ ମୁଠା କରି କନିଷ୍ଠାଙ୍ଗୁଳ ଅଡ଼ର ପାଖଦ୍ୱାରା କରାଯିବା ଆଘାତକୁ ବିଧା ଓ ବୃଦ୍ଧାଙ୍ଗୁଳ ଅଡ଼ର ପାଖଦ୍ୱାରା ଆଘାତକୁ ମୁଥ ବା ମୁଣୀ ବୋଲାଯାଏ । ମୁଥ ବା ମୁଣୀ ଆକ୍ରାନ୍ତ ବ୍ୟକ୍ତିର ମୁଣ୍ଡରେ ବା ଗାଲରେ ବଜାଯାଏ । ମୁଠା କରାଯାଇଥିବା କରତଳଦ୍ୱାରା ଆଗକୁ ଭୁଷିବା ଆଘାତକୁ ଭୁଷା ବା ଠଣା ବୋଲାଯାଏ । ]

**ବିଧା ଉଞ୍ଚା(ଞ୍ଚେ, ଚ୍ଛେ)ଇବା**—ଦେ. କ୍ରି (ସଂ. ବଦ୍ଧମୁଷ୍ଟି+ଉତ୍ତୋଳନ )—
Bidhā uñchā(ñche, chche)ibā ବିଧା ମାରିବା ପାଇଁ ବଦ୍ଧ-
କୀଲତୋଲା; କୀଲ ପାକାନ ମୁଷ୍ଟିକୁ ଉତ୍ତୋଳନ କରିବା—To lift
ମୁକ୍କା ଉଠାନା up or raise the closed fist for dealing fisticuffs.

**ବିଧା ଖାଇବା**—ଦେ. କ୍ରି - କୌଣସି ବ୍ୟକ୍ତିଦ୍ୱାରା ମୁଷ୍ଟ୍ୟାଘାତରେ
Bidhā khāibā ପ୍ରହାରିତ ହେବା—To be struck with
କୀଲ ଖାଓୟା ମୁକ୍କାଖାନା fisticuffs
( ବିଧା ପାଇବା—ଅନ୍ୟରୂପ )

**ବିଧା ଗୋଇଠା**—ଦେ. ବି ( ସହଚର )—ମୁଷ୍ଟ୍ୟାଘାତ ଓ ପଦାଘାତ—
Bidhā goiṭhā Fisticuffs and kicks
ଲାଥୀ କୀଲ ମୁକ୍କା ଲାତ

**ବିଧା ଚୁପ(ପୁ, ପେ, ପୋ)ଡ଼ା**—ଦେ. ବି ( ସହଚର )—ମୁଷ୍ଟ୍ୟାଘାତ ଓ
Bidhā chapa(pu, pe, po)ṛdā ହସ୍ତାଗ୍ରର କରତଳଦ୍ୱାରା
ଚଡ଼କୀଲ ମୁକ୍କାଥପଡ଼ ଆଘାତ—Fisticuffs and slaps.
[ ବିଧା ଚାପ(ପୁ)ଡ଼ା—ଅନ୍ୟରୂପ ]

**ବିଧାତଃ**—ସଂ. ଅ ( ବିଧାତୃ ଶବ୍ଦର ସମ୍ବୋଧନ )—ହେ ବିଧାତା !—
Bidhātaḥ Oh God !; Oh Creator !.

**ବିଧାତବ୍ୟ**—ସଂ. ବିଣ ( ବି+ଧା ଧାତୁ+କର୍ମ. ତବ୍ୟ )—୧ । ବିଧାନ
Bidhātabya କରାଯିବା ଯୋଗ୍ୟ—1. Fit to be regulated or provided for. ୨ । କର୍ତ୍ତବ୍ୟ—2. Fit to be done.

**ବିଧାତା**—ସଂ. ବିଣ. ପୁଂ ( ବି+ଧା ଧାତୁ=ଧାରଣ କରିବା+କର୍ତ୍ତୃ. ତୃ;
Bidhātā ବିଧାତୃ, ୧ମା. ୧ବ )—୧ । ନିର୍ମାତା—1. Buil-
( ବିଧାତ୍ରୀ—ସ୍ତ୍ରୀ ) ding; making; creating. ୨ । ଯେ ବିଧାନ କରେ; ନିୟାମକ; ବିଧାନକାରୀ—2. Regulating; making provision for. ୩ । ଦାତା—3. Giving; bestowing. [ ଦ୍ର—ଏହା ଅନ୍ୟ ଶବ୍ଦ ସଙ୍ଗେ ଯୁକ୍ତ ହୁଏ; ଯଥା—ଭାଗ୍ୟବିଧାତା । ]
ସଂ. ବି. ପୁଂ— ୧ । ବିଧି; ବ୍ରହ୍ମା; ପୃଥିବୀର ସୃଷ୍ଟିକର୍ତ୍ତା—
1. Brahmā, the Creator. ୨ । ଭଗବାନ୍; ଈଶ୍ୱର; ଯେ ପୃଥିବୀର ସମସ୍ତ ବିଷୟ ପରିଚାଳନ କରନ୍ତି—
2. God; Providence. ୩ । ପ୍ରଜାପତି ( ଯେ ପୁରୁଷ ଓ ସ୍ତ୍ରୀଙ୍କୁ ବିବାହଦ୍ୱାରା ବାନ୍ଧନ୍ତି )—3. The God who brings about marriages.
୪ । ଭାଗ୍ୟ; କର୍ମ; କପାଳ—4. Luck; fortune.
୫ । ନିର୍ମାଣକାରୀ ବ୍ୟକ୍ତି—5 Maker; builder; creator. ୬ । ଦାତା ବ୍ୟକ୍ତି—6. Giver; bestower ( Apte ). ୭ । ବିଶ୍ୱକର୍ମା—7 The divine architect ( Apte ). ୭ । କାମଦେବ—7. Kāmadeba; the God of love ( Apte). ୯ । ସୁରା—
9. Spirituous liquor ( Apte ).

**ବିଧାତାକୁ କହିବା**—ଦେ. କ୍ରି—କୌଣସି ଦୁର୍ଦ୍ଦଶା ପଡ଼ିଲେ ଭଗବାନଙ୍କ
Bidhātāku kahibā ଆଗେ ଫେରିଆଦ୍ ହେବା ବା ଭଗବାନଙ୍କୁ
ବିଧାତାକେ ଜାନାନ ଉକ୍ତ ଦୁର୍ଦ୍ଦଶାର କର୍ତ୍ତା ବୋଲି ପ୍ରକାଶ କରିବା—
To attribute a thing to one's fate.

**ବିଧାତା କୂଟ**—ଦେ. ବି—ମନୁଷ୍ୟର ଅବୋଧ୍ୟ ଦୈବୀ ଘଟଣା—
Bidhātā kūṭa A providential event which is an enigma to man

**ବିଧାତା ଛାଡ଼ିବା**—ଦେ. ବି—କୌଣସି ବ୍ୟକ୍ତିକୁ ଦୁର୍ଦ୍ଦଶା ଘୋଟିବା; ବିଧି
Bidhātā chhāṛdibā ବାମ ହେବା; କର୍ମ ବାମ ହେବା;
ବିଧି ବାମ ହଓୟା ଦୁର୍ଭାଗ୍ୟ ଘଟିବା—The state of God
ବିଧାତା ବାକ ହୋନା being cruel to a person; the happening of misfortune to a person.
ବିଧାତା ଅବଳ ହେବା, ବିଧାତା ବାମ ହେବା, ବିଧାତା ପ୍ରତିକୂଳ ହେବା } ଅନ୍ୟରୂପ

**ବିଧାତାଦ୍ରି**—ଦେ. ବି—ଗନ୍ଧମାଦନ ପର୍ବତ—The Gandhamādana
Bidhātādri mountain. [ ଉ—ବିଧାତାଦ୍ରି ଶୃଙ୍ଗ ସ୍ଥାନେ, ଥୋଇ ସାଙ୍ଗି ହନୁମାନେ, ସୈନ୍ୟ ପେଷି ଲଙ୍ଘିଲେ ସେ ଧ୍ୱଂସୀ ସେ—ଉପେନ୍ଦ୍ର. ବୈଦେହୀଶବିଳାସ । ]

**ବିଧାତା ପୁରୁଷ**—ଦେ. ବି ( ସଂ. ବିଧାତୃ ପୁରୁଷ )—ସୃଷ୍ଟିର ନିୟାମକ
Bidhātā purusha ଈଶ୍ୱରାତ୍ମକ ଭଗବାନ୍—God; the sole
বিধাতাপুরুষ **बिधातापुरुष** regulator of the affairs of the world.

**ବିଧାତା ଲି(ଲେ)ଖନ**—ଦେ. ବି ( ସଂ. ବିଧାତୃ-ଲିଖନ )—ମନୁଷ୍ୟର
Bidhāta li(le)khana ଜୀବନରେ ଯାହା ଯାହା ଘଟିବ ବୋଲି
বিধাতা লিখন ମନୁଷ୍ୟର ଜନ୍ମ ପୂର୍ବରୁ ବିଧାତା କପାଳରେ ଲେଖି
**बिधाताका लेखा** ଥାଆନ୍ତି—An event which has been preordained by God and noted on the brow of a person before he is born.

**ବିଧାନ**—ସଂ. ବି ( ବି+ଧା ଧାତୁ+ଭାବ. ଅନ )—୧ । ଶାସ୍ତ୍ରବିହିତ
Bidhāna ନିୟମ—1. A rule laid down in the scriptures. ୨ । ବିଧି; ବ୍ୟବସ୍ଥା—2. Prescription; ordinance; precept. ୩ । ରୀତି—3. Custom. ୪ । ନିୟମ—4. Rule. ୫ । ବିଧିବଦ୍ଧ ନିୟମ—5. Codified rules. ୬ । ( +କରଣ. ଅନ) ଉପାୟ—6. Means; expedient; contrivance. ୭ । ନିର୍ମାଣ; ସର୍ଜନ—7. Building; making; creating. ୮ । ପ୍ରେରଣ—8. Sending out. ୯ । କରଣ; ସମ୍ପାଦନ—9. Accomplishment; doing; performing. ୧୦ । ପଦ୍ଧତି—10 Method; procedure; mode. ୧୧ । ବନ୍ଦୋବସ୍ତ; ସଂସ୍ଥାନ—11. Arrangement; disposition.
୧୨ । (+କର୍ମ. ଅନ)ଗଜଗ୍ରାସ—12. An elephant's food. ୧୩ । ପୂଜା; ଅର୍ଚ୍ଚନା—13. Worship; adoration. ୧୪ । ଶତ୍ରୁତାଚରଣ—14. Enmity; inimical conduct. ୧୫ । ଗ୍ରହଣ—15. Acceptance. ୧୬ । ଧନ; ସମ୍ପତ୍ତି—16 Wealth; riches. ୧୭ । ଅନୁଭବ—17. Experience. ୧୮ । ଉପାର୍ଜନ—18. Earning; acquisition; gaining. ୧୯ । ଜନନ—20. Giving birth to; procreation. ୨୦ । ଆଜ୍ଞାକରଣ—20. Ordering. ୨୧ । ବ୍ୟବସ୍ଥା—21. Management. ୨୨ । ପ୍ରୟୋଗ—22. Application; employment ୨୩ । ଶାସ୍ତ୍ର ବିହିତ କର୍ମକରଣ—23. Performance of prescribed acts or rites (Apte) ୨୪ । ଶାସ୍ତ୍ର ବିହିତ କର୍ମ ବା ଅନୁଷ୍ଠାନ—24. Rite; ceremony; ritual. ୨୫ । ପ୍ରାପ୍ତି—25. Obtaining. ୨୬ । ଧାତୁ ବା ଶବ୍ଦାଦିରେ ପ୍ରତ୍ୟୟାଦିର ଯୋଗକରଣ—26. Affixing; or prefixing (Apte.) ୨୭ । ହସ୍ତୀଙ୍କୁ ମତ୍ତ କରିବା ପାଇଁ ଦିଆ ଯିବା ଖାଦ୍ୟ—27. The food given to elephants to make them intoxicated (Apte.) ୨୮ । ଦୁଃଖ; ବ୍ୟଥା—28. Pain; agony; (Apte). ୨୯ । ଶତ୍ରୁତାଚରଣ—29. An act of hostility (Apte). ୩୦ । କର୍ମ ପଦ୍ଧତି—3. Procedure. ଦେ. ଅ—ପରି; ସଦୃଶ—Like. [ଉ—କୋଧେ ନ ସ୍ଫୁରଇ ବଚନ, ନ ଜାଣି ଜାଣିଲା ବିଧାନ । ଭୂପତି. ପ୍ରେମ ପଞ୍ଚାମୃତ ।]

**ବିଧାନକ**—ଦେ. ବିଣ—(ବିଧାନ+କୃ ଧାତୁ+କର୍ତ୍ତୃ. ଅ)—ବିଧାନକାରୀ;
Bidhānaka ଘଟଣକାରୀ; ବିଧାୟକ—Bringing about; dispensing; causing; producing. [ଉ—ବିଧାନକ, ବଳ ଯେତେ ତାଙ୍କ କାର୍ଯ୍ୟେ କାର୍ଯ୍ୟେ । ଉପେ. ବୈଦେହୀଶବିଳାସ । ସଂ. ବି—(ବିଧାନ+କ)—ଦୁଃଖ Pain; agony; distress (Apte).

**ବିଧାନଜ୍ଞ**—ସଂ. ବିଣ. ପୁଂ—(ବିଧାନ+ଜ୍ଞା ଧାତୁ+କର୍ତ୍ତୃ. ଅ)—ବିଧିଜ୍ଞ;
Bidhānajña ନିୟମାଭିଜ୍ଞ—Well versed in the rules
(ବିଧାନଜ୍ଞା—ସ୍ତ୍ରୀ) or procedure; acquainted with law.
(ବିଧାନବିଦ୍—ଅନ୍ୟରୂପ)

**ବିଧାନ ଶାସ୍ତ୍ର**—ସଂ. ବି—(ଅଧୁନା କ)—୧ । ଆଇନ୍; ବ୍ୟବସ୍ଥା ଶାସ୍ତ୍ର—
Bidhāna śāstra 1. Law. ୨ । ନୀତିଶାସ୍ତ୍ର—2. Ethics; the science of morals.

**ବିଧାନୀ**—ଦେ. ବିଣ—(ସଂ. ବିଧାୟକ)—ଯେ ବିଧାନ କରେ; ବିଧାୟକ-
Bidhāni Doing; practising. [ ଉ—ବେଢ଼ି ଗଲେ ସଜନୀ ଗୁରୁ ପାଶେ, ବିଧାନୀ ସେ ନୋହିଲେ ପରିହାସେ । ଉପେ. ବୈଦେହୀଶବିଳାସ ।]

**ବିଧା ବସିବା**—ଦେ. କ୍ରି—ବିଧା ମାଡ଼ ହେବା; ବିଧା ବାଜିବା—
Bidhā basibā The dealing of some
কীলবসা **मुक्का जमना** fisticuffs on a person.
(ବିଧା ବାଜିବା—ଅନ୍ୟରୂପ) (ବିଧା ବସା[ସେ]ଇବା—କ୍ରିୟାରୂପ)

**ବିଧାବିଧି ହେବା**—ଦେ. କ୍ରି—ଅନ୍ୟୋନ୍ୟରେ ମୁଷ୍ଟ୍ୟାଘାତ କରିବା—
Bidhā bidhi hebā The dealing of fisticuffs to
কীল মারামারি হওয়া **मुक्कामुक्की होना** each other.
(ବିଧା ମସ୍ ମସ ହେବା—ଅନ୍ୟରୂପ)

**ବିଧା ମାଡ଼**—ଦେ. ବି—ମୁଷ୍ଟ୍ୟାଘାତ—Blows with the fisticuffs.
Bidhā mārḍa ঘুসীর মর **मुक्काकी मार**

**ବିଧା ମାରିବା**—ଦେ. କ୍ରି—ମୁଷ୍ଟ୍ୟାଘାତ କରିବା—To deal fisticuffs
Bidhā māribā ঘুসী মারা **मुक्का मारना**
ବିଧା ଦେବା, ବିଧାବଜା (ଜେ)ଇବା,
ବିଧା ପକା(କେ)ଇବା, ବିଧା ଲଗା(ଗେ)ଇବ । —ଅନ୍ୟରୂପ
ବିଧା ବସା(ସେ)ଇବା

ବିଧାୟକ—ସଂ. ବିଣ. ପୁଂ—(ବି+ଧା ଧାତୁ+କର୍ତ୍ତୃ. ଅକ)—୧ । Bidhāyaka ନିୟାମକ—1. Controlling. ୨ । ବ୍ୟବସ୍ଥାପକ; (ବିଧାୟିକା—ସ୍ତ୍ରୀ) ବ୍ୟବସ୍ଥାକାରୀ—2. Laying down; prescribing; legislative; arranging. ୩ । ସଂଘଟନକାରୀ—3. Bringing about; dispensing. ୪ । ଉତ୍ପାଦକ—4. Causing; producing. ୫ । ଅର୍ପଣକାରୀ—5. Consigning; delivering to the care of; entrusting.

ବିଧାୟୀ—ସଂ. ବିଣ. ପୁଂ—(ବି+ଧା ଧାତୁ+ଇନ୍; ୧ମା. ୧ବ,)—Bidhāyi ବିଧାୟକ (ଦେଖ)—Bidhāyaka (See) (ବିଧାୟିନୀ—ସ୍ତ୍ରୀ)

ବିଧାର—ଦେ. ବି—୧ । ଅନିୟମ—1. Irregularity. ୨ । ଅସତ୍ Bidhāra ଆଚରଣ—2. Bad or improper conduct. বেধারা ଦେ. ବିଣ—୧ । ଅନିୟମିତ—1. Irregular; un- बेधारा methodical. ୨ । ବେଆଡ଼ା—2. Improper. ୩ । ଦୁର୍ନୀତିକ—3. Immoral.

ବିଧି—ସଂ. ବି. ( ବି+ଧା ଧାତୁ+କର୍ତ୍ତୃ ଇ )—୧ । ପ୍ରଜାପତି; ବ୍ରହ୍ମା; Bidhi ବିଧାତା—1. Brahmā, the Creator. ୨ । ବିଷ୍ଣୁ—2 Bishṇu. ୩ । ଭଗବାନ୍; ଈଶ୍ୱର—3. God; Providence. ୪ । ଦୈବ; ଭାଗ୍ୟ—4. Fortune; luck; fate. ୫ । ( +ଭାବ. ଇ ) ପଦ୍ଧତି; କ୍ରମ—5. Step; procedure; style. ୬ । ନିୟମ—6. Rule; regulation. ୭ । ନିୟୋଗ—7. Precept; command; appointment. ୮ । ଅନୁଷ୍ଠାନ—8. Institution; act; deed. ୯ । ପ୍ରଥା; ରୀତି—9. Custom; practice. ୧୦ । ଅଭ୍ୟାସ—10. Usage. ୧୧ । (+କରଣ ଇ) ଶାସ୍ତ୍ରବିଧାନ—11. Religious precept. ୧୨ । ପ୍ରକାର—12 Sort; kind; mode; manner. ୧୩ । ବିଧାନ—13. Statute; formula. ୧୪ । ଆଇନ—14. Law; legistation. ୧୫ । ଆଚରଣ—15. Conduct. ୧୬ । ଉପାୟ; ପ୍ରଣାଳୀ—16. Means; method; ways. ୧୭ । ଯଜ୍ଞ—17. Vedic sacrifice. ୧୮ । ଲକ୍ଷଣ—18. Mark; sign; badge. ୧୯ । ସୂଚକ—19. A clue. ୨୦ । ସ୍ୱତଃସିଦ୍ଧ ବଚନ—20. Axiom. [ଦ୍ର—କୌଣସି କାର୍ଯ୍ୟ କରିବା ନିମନ୍ତେ ଆଦେଶକୁ ବା ନିୟମକୁ 'ବିଧି' ଏବଂ କୌଣସି କାର୍ଯ୍ୟ କରିବାକୁ ମନା କରିଥିବା ନିୟମକୁ 'ନିଷେଧ' ବୋଲି ଯାଏ । ] ୨୧ । (+କର୍ମ. ଇ) ଅବସ୍ଥା—21. Condition. ୨୨ । ବ୍ୟାପାର—22. Incident. ୨୩ । ଗଜଖାଦ୍ୟ—23. The food of elephants (Apte) ୨୪ । ସମୟ—24. Time (Apte). ୨୫ । ବୈଦ୍ୟ—25. Physician (Apte). ଦେ. ବି—୧ । ଶପଥ—1. Oath. (ଉ—ବିଧି କରିଛ ନଯାକା ଶୁଣ ଶକୁ ବନ୍ୟାସିବ ନାହିଁ ତତ୍ତ୍ୱ ଅନେ ଗୋ । ଭକ୍ତ, ବୈଦେହୀଶ ବିଳାସ ।) ୨ । ନିର୍ଦ୍ଦିଷ୍ଟ ପଦ୍ଧତି ବା କ୍ରମ ଅନୁସାରେ କରାଯିବା ବ୍ରତ ଅବ—2. Any vow observed according to a fixed practice or procedure. ୩ । ରାଜା ଓ ଦେବତାଙ୍କର ଉଦ୍ଦେଶ୍ୟରେ ଦୈନିକ ନୀତି ବା କ୍ରିୟାକଳାପ—3. The different ceremonial rites observed in the case of kings and Deities

ବିଧି କର୍ମ—ପ୍ରାଦେ· ( ଗଡ଼ଜାତ ) ବି ( ଉତ୍ତର )—ବିଧିମତ କାର୍ଯ୍ୟ Bidhi karma ଆଇନ୍ ସଙ୍ଗତ କାର୍ଯ୍ୟ—Legal steps or (ବିଧି କାର୍ଯ୍ୟ—ଅନ୍ୟରୂପ) actions. (ଯଥା—ଏ କଥି ବିଧିକର୍ମ ସକାଶେ ସୁପରିଣ୍ଟେଣ୍ଡେଣ୍ଟଙ୍କ ନିକଟକୁ ପଠାଗଲା ।)

ବିଧିଜ୍ଞ—ସ. ବିଣ· ପୁଂ, (ବିଧି+ଜ୍ଞା ଧାତୁ+କର୍ତ୍ତୃ. ଅ)—୧ । ଯେ ବିଧାନ Bidhijna ମାନ ଜାଣେ—1. Versed in rules or pro- (ବିଧିଜ୍ଞା—ସ୍ତ୍ରୀ) cedure or rituals. ୨ । ବିଧାନ ଶାସ୍ତ୍ରଜ୍ଞ; ଯେ ଆଇନ ଜାଣେ; ବ୍ୟବହାର ଶାସ୍ତ୍ରଜ୍ଞ—2. Versed in law.

ବିଧିତ୍ସା—ସ. ବି. ( ବି+ଧା ଧାତୁ+ଇଚ୍ଛାର୍ଥରେ ସନ୍+ଭାବ ଅ+ଆ) Bidhit-sā —ବିଧାନ କରିବାର ଇଚ୍ଛା; କରଣେଚ୍ଛା; ଚକୀର୍ଷା—A wish to do something; a desire to (ବିଧିତ୍ସା—ଅନ୍ୟରୂପ) provide for.

ବିଧିତ୍ସିତ—ସ. ବିଣ—(ବି+ଧା ଧାତୁ, ଇଚ୍ଛାର୍ଥରେ ସନ୍+କର୍ମ. ତ)- Bidhit-sita ଯାହା କରିବାକୁ କେହି ଇଚ୍ଛା କରୁ ଥାଏ—Intended to be done. ସ· ବି—ଉଦ୍ଦେଶ୍ୟ—(ବିଧିତ୍ସିତ—ଅନ୍ୟରୂପ) Design; intention (Apte).

ବିଧିତ୍ସୁ—ସ. ବିଣ—(ବି+ଧା ଧାତୁ, ଇଚ୍ଛାର୍ଥରେ. ସନ୍+କର୍ତ୍ତୃ. ଉ)- Bidhit-su ବିଧାନ କରିବାକୁ ଇଚ୍ଛୁକ—Desirous of doing (ବିଧିତ୍ସୁ—ଅନ୍ୟରୂପ) a thing; intending to provide for

ବିଧିଦର୍ଶୀ—ସ. ବିଣ. ପୁଂ—(ବିଧି+ଦୃଶ୍ ଧାତୁ+କର୍ତ୍ତୃ. ଇନ୍; ୧ମା. Bidhidarsi ୧ବ)—ବିଧିଜ୍ଞ—Versed in rules or law. (ବିଧିଦର୍ଶିନୀ—ସ୍ତ୍ରୀ)

ବିଧିଦ୍ୱୈଧ—ସ. ବି—(୬ଷ୍ଠୀ ତତ୍; ବିଧି+ଦ୍ୱୈଧ)—ନିୟମ ବା ବିଧାନ Bidhi dwaidha ମାନଙ୍କ ମଧ୍ୟରେ ବିରୋଧ—Diversity of (ବିଧିବିରୋଧ—ଅନ୍ୟରୂପ) rules; variance of precept.

ବିଧିଦ୍ରଷ୍ଟା—ସ.ବି ଓ ବିଣ.ପୁଂ—(୬ଷ୍ଠୀ ତତ୍; ବିଧି+ଦ୍ରଷ୍ଟୃ)—୧ । ଯେଉଁ Bidhidrashṭā ବ୍ୟକ୍ତି ନିୟମ ଦେଖାଏ—1. One who points out the law or the rules.
ବିଧିଦର୍ଶକ } —ଅନ୍ୟରୂପ
ବିଧିଦେଶକ }
୨ । ପୁରୋହିତ—1. A priest who directs the performance of ceremonials. ୩ । ଗୁରୁ—3. Preceptor; teacher (Apte). (ବିଧିଦ୍ରଷ୍ଟ୍ରୀ—ସ୍ତ୍ରୀ)

ବିଧି ନିର୍ଦ୍ଦିଷ୍ଟ—ସଂ. ବିଣ—(୩ୟା ତତ୍; ବିଧି+ନିର୍ଦ୍ଦିଷ୍ଟ)—ବିଧିବିହିତ
Bidhi nirddishṭa (ଦେଖ)—Bidhibihita (See)
(ବିଧି ନିର୍ଦ୍ଦେଶ—ବି)

ବିଧିନିର୍ଦ୍ଦେଶକ—ସଂ. ବିଣ ଓ ବି. ପୁଂ—୧ । ବ୍ୟବସ୍ଥାପକ—1. Legislating. ୨ । ବିଧାନୋପଦେଶକ—2. Advising about the procedure.
Bidhi nirddeśaka
(ବିଧିନିର୍ଦ୍ଦେଶିକା—ସ୍ତ୍ରୀ)

ବିଧି ନିଷେଧ—ସଂ. ବି—(ଦ୍ୱନ୍ଦ୍ୱାର୍ଥ ସମାସ)—କୌଣସି କାର୍ଯ୍ୟ କରିବା ପାଇଁ ନିୟମ ଓ କୌଣସି କାର୍ଯ୍ୟ ନ କରିବା ପାଇଁ ନିୟମ—Positive precepts and prohibitive rules. [ଦ୍ର—ସର୍ବଦା ସତ୍ୟ କହିବ—ବିଧି; ମିଥ୍ୟା କହିବ ନାହିଁ—ନିଷେଧ ।]
Bidhi nishedha

ବିଧିପୂର୍ବ—ସଂ. କ୍ରି. ବିଣ—( ବିଧି+ପୂର୍ବ; ବହୁବ୍ରୀହି ) ଯଥାବିଧି; ନିୟମ ଅନୁସାରେ—According to law or established practice. [ ଉ—ବିଧିପୂର୍ବ କରି ଋଷି ସମସ୍ତ ରଚିତ, ଭୂଷି, ଚର୍ଚ୍ଚିତ ଭୂଷିତ ଯାଇ ଲାଗେ କୂଳରେ ।—ଉଦ୍ଧ. ବୈଦେହୀଶବିଳାସ ।]
Bidhi pūrba

ବିଧିପୂର୍ବକ—ସଂ. ବିଣ—( ବହୁବ୍ରୀହି; ବିଧି+ପୂର୍ବ; କ· ଆଗମ )—ନିୟମାନୁଯାୟୀ—Customary; conforming to rules or procedure laid down.
Bidhi pūrbaka
କ୍ରି. ବିଣ—ନିୟମ ଅନୁସାରେ—According to law or rule.

ବିଧି ପ୍ରବର୍ତ୍ତକ—ସଂ. ବିଣ. ପୁଂ—(ଉପପଦ ତତ୍; ବିଧି+ପ୍ରବର୍ତ୍ତକ)—ଯେ କୌଣସି ବିଧିକୁ ପ୍ରଥମେ ଚଳାଏ—Promulgating a law or rule.
Bidhi prabarttaka
(ବିଧିପ୍ରବର୍ତ୍ତିକା—ସ୍ତ୍ରୀ)
(ବିଧିପ୍ରବର୍ତ୍ତନ—ବି)

ବିଧି ପ୍ରୟୋଗ—ସଂ. ବି—( ୬ଷ୍ଠୀ ତତ୍; ବିଧି+ପ୍ରୟୋଗ)—ନିୟମକୁ କାର୍ଯ୍ୟରେ ଖଟାଇବା—Application of a rule.
Bdhi prayoga

ବିଧି ବଢ଼ା(ଢ଼େ)ଇବା—ଦେ. କ୍ରି—( ରାଜାଙ୍କ ପ୍ରତି ପ୍ରଯୋଜ୍ୟ )—କୌଣସି ଦୈନିକ କାର୍ଯ୍ୟ ସମାପ୍ତ କରିବା—To finish one's daily act.
Bidhi bardhā(rdhe)ibā
(ବିଧି ସାରିବା—ଅନ୍ୟରୂପ)
দৌনিক কাজ শেষ করা नितकरमसे निबटना

ବିଧି ବଢ଼ିବା—ଦେ. ବି.—ରାଜାଙ୍କର କୌଣସି 'ବିଧିର' ସମାପନ—The completion of a daily act of a Raja.
Bidhi bardhibā
দৌনিক কাজ শেষ করা नितकरम निबटना

ବିଧିବତ୍—ସଂ. ଅ.—( ବିଧି+ବତ୍ )—ଯଥାବିଧି; ବିଧିପୂର୍ବକ; ଶାସ୍ତ୍ରବିଧି ବା ଆଇନ୍ ଅନୁସାରେ—According to rules.
Bidhibat

ବିଧିବଦ୍ଧ—ସଂ. ବିଣ ( ୩ୟା ତତ୍; ବିଧି+ବଦ୍ଧ )—୧ । ବ୍ୟବସ୍ଥାପିତ—1. Legalised; codified; enacted.
Bidhibaddha
(ବିଧିନିବଦ୍ଧ—ଅନ୍ୟରୂପ)
୨ । ନିୟମବଦ୍ଧ—2. Regulated. ୩ । ଶାସ୍ତ୍ରଦ୍ୱାରା ନିରୂପିତ—3. Regulated by scriptural rules.

ବିଧିବନ୍ଧନ—ସଂ. ବି—୧ । (୬ଷ୍ଠୀ ତତ୍)—ବିଧାନମାନଙ୍କ ରଚନ—Legislation; laying down rules. ୨ । ( ୩ୟା ତତ୍ ) ନିୟମମାନଙ୍କଦ୍ୱାରା ନିୟନ୍ତ୍ରଣ—2. Regulation; controlling by rules.
Bidhi bandhana

ବିଧି ବନିବା—ଦେ. ବି—ଦୁଇ ବା ଏକାଧିକ ବ୍ୟକ୍ତିଙ୍କ ମଧ୍ୟରେ ମତର ବା ମନର ମେଳ ହେବା—Agreement between two or more persons. [ ଯଥା—ତାଙ୍କର ମୋର ବିଧି ବନୁ ନାହିଁ । ]
Bidhi banibā
মনেরমীল হওয়া
दीलका मेल होना

ବିଧି ବାମ ହେବା—ଦେ. ବି—(କୌଣସି ବ୍ୟକ୍ତିର) ଭାଗ୍ୟ ମନ୍ଦହେବା; ଦୁର୍ଭାଗ୍ୟ ଘଟିବା—The happening of misfortune; the Fates being averse to a person.
Bidhi bāma hebā
(ବିଧି ପ୍ରତିକୂଳ ହେବା—ଅନ୍ୟରୂପ)
বিধিবাম হওয়া
विधिवाम होना

ବିଧି ବିଡ଼ମ୍ବନା—ସଂ. ବି. (୬ଷ୍ଠୀ ତତ୍; ବିଧି+ବିଡ଼ମ୍ବନା)—୧ । ଅଦୃଷ୍ଟର ବଞ୍ଚନା ବା ପ୍ରତାରଣା; ବିଧାତାର ଛଳନା—1. Tantalisation by Fate, irony of fate. ୨ । ଦୁର୍ଭାଗ୍ୟ—2. A bad turn of one's fate; misfortune.
Bidhi birdambanā
ବିଧିବିପାକ
ବିଧିବିପର୍ଯ୍ୟୟ } ଅନ୍ୟରୂପ
ବିଧିନିଗ୍ରହ

ବିଧି ବିଡ଼ମ୍ବିତ—ସଂ. ବିଣ ( ୩ୟା ତତ୍, ବିଧି+ବିଡ଼ମ୍ବିତ )—୧ । ଅଦୃଷ୍ଟଦ୍ୱାରା ପ୍ରତାରିତ—1. Tantalised by Fate. ୨ । ଦୁର୍ଦ୍ଦଶାଗ୍ରସ୍ତ—2. Overpowered with misfortune.
Bidhi birdambita
(ବିଧିନିଗୃହୀତ—ଅନ୍ୟରୂପ)

ବିଧିବିଦ୍—ସଂ. ବିଣ. ପୁଂ ( ବିଧି+ବିଦ୍ ଧାତୁ+କର୍ତ୍ତୃ କ୍ୱିପ୍ )—ବିଧିଜ୍ଞ ( ଦେଖ )—Bidhijna ( See )
Bidhibid
(ବିଧିବେତ୍ତା—ଅନ୍ୟରୂପ)

ବିଧି ବିଧାନ—ସଂ. ବି (୬ଷ୍ଠୀ ତତ୍)—୧ । ବିଧିର ଲିଖନ; ଈଶ୍ୱରାଦେଶ—1. Providence; the decree of Fate. ( ଉ—ବିଧିବିଧାନ ସୁଖମୟ, ଗାଅ ହେ ସେହି ବିଧି ଜୟ । ମଧୁସୂଦନ. ଗୀତମାଳା ।) ୨ । (ଏକାର୍ଥକ ସମାସ) ବିଧି ବା ନିୟମ—2. Rules and regulations. ୩ । ନିୟତି, ଭାଗ୍ୟ—Fate. ୪ । ବିଧିବନ୍ଧନ (ଦେଖ)—4. Bidhibandhana (See).
Bidhi bidhāna

ବିଧିବିରୁଦ୍ଧ—ସଂ. ବିଣ—ନିୟମର ବିରୁଦ୍ଧ ବା ପ୍ରତିକୂଳ—Contrary to law of rules.
Bidhibiruddha
(ବିଧି ବିରୋଧ; ବିଧି ବିରୁଦ୍ଧତା—ବି)

ବିଧିବିହିତ—ସଂ· ବିଣ ( ୩ୟା ତତ୍ )—୧ । ଯଥାଶାସ୍ତ୍ର, ଯଥାନିୟମ—1. According to precepts or rules. ୨ । ନିୟମାନୁସାରୀ—2. Prescribed by rules. ୩ । ଅଦୃଷ୍ଟଲିଖିତ—3. Preordained by fate; providential.
Bidhibihita
(ବିଧିମତ—ଅନ୍ୟରୂପ)

ବିଧିବୋଧିତ—ସଂ. ବିଣ (୩ୟା ତତ୍, ବିଧି+ବୋଧିତ )—୧ । ଶାସ୍ତ୍ରସମ୍ମତ—1. Prescribed by rules. ୨ । ଆଇନସଙ୍ଗତ; ବିଧାନାନୁଯାୟୀ—2. Legal; conforming to law.
Bidhibodhita
ବିଧିସଙ୍ଗତ
ବିଧିସମ୍ମତ } ଅନ୍ୟରୂପ
ବିଧିମତ

**ବିଧିମତ(ତେ)**—ବେ. କ୍ରି. ବିଣ—୧। ଯଥାକ୍ରମରେ; ନିୟମିତରୂପେ—Bidhimata(te) 1. Regularly; as usual. ୨ । ଆଇନ ଅନୁସାରେ—2. According to law; legally.

**ବିଧିମନ୍ତ(ନ୍ତେ)**—ବେ. କ୍ରି. ବିଣ—ବିଧିମତ ( ଦେଖ )—Bidhimata Bidhimanta(nte) ( See ) [ ଉ—ବିଧିମନ୍ତ କର ଶକ୍ତ୍ରଲାର ବିଧିମନ୍ତ ଭଲ, ଗାନ୍ଧର୍ବ ବିବାହରେ ଧଇଲେ ନୃପବର । କୃଷ୍ଣସିଂହ. ମହାଭାରତ ଅଦି । ] ବେ. ବିଣ—ବିଧିଜ୍ଞ ( ଦେଖ ) Bidhijña (See).

**ବିଧିରେ**—ବେ. ଅ—ଫଳତଃ; କାର୍ଯ୍ୟତଃ—Virtually; in the Bidhire end; actually. [ଉ—ବିଧିରେ ଅସୁର ବିଧୀରେ କାହିଁକି ସୁର କଲେ ପୁରନ୍ଦର । ଉଞ୍ଜ. ବୈଦେହୀଶବିଳାସ । ]

**ବିଧି ଲି(ଲେ)ଖନ**—ସଂ. ବି (୬ଷ୍ଠୀ ତତ୍; ବିଧି+ଲିଖନ)—କର୍ମଲିଖନ, Bidhi li(le)khana ଅଦୃଷ୍ଟ; ଭାଗ୍ୟ; ଯାହା ଘଟିବ ବୋଲି [ବିଧିଲିପି—ଅନ୍ୟରୂପ] କପାଳରେ ଲେଖାଥାଏ—The decree of Fate; Providence; events preordained by God.

**ବିଧିଶାସ୍ତ୍ର**—ସଂ. ବି—୧ । ସ୍ମୃତିଶାସ୍ତ୍ର; ଧର୍ମଶାସ୍ତ୍ର—1. Ethical Bidhiśāstra codes. ୨ । ବ୍ୟବହାର ଶାସ୍ତ୍ର; ଆଇନ—2. The science of law.

**ବିଧି ସଂକଳନ**—ସଂ. ବି—(୬ଷ୍ଠୀ ତତ୍)—ଶୃଙ୍ଖଳା ନିୟମର ସଂଗ୍ରହକରଣ—Bidhi saṁkaḷana Compilation of rules.

**ବିଧିହୀନ**—ସଂ. ବିଣ (୫ମୀ ତତ; ବିଧି+ହୀନ)—୧ । ଶୃଙ୍ଖଳାବିହୀନ; Bidhihīna ଅନିୟନ୍ତ୍ରିତ—1. Unregulated; unmethodical. ୨ । ଅନିୟମିତ—2. Irregular. ୩ । ଅଶାସ୍ତ୍ରୀୟ—3. Against the rules of the Scriptures.

**ବିଧୀର**—ଦେ. ବି—ମୂର୍ଖଲୋକ; ଅବୋଧ ବ୍ୟକ୍ତି—An ignorant Bidhīra person. [ ଉ—ବଇଦେହୀ ଦାସୀ ଏ ବ ସେବକ ହୋଇବ; ବିଧୀରେ ଇନ୍ଦ୍ର ପ୍ରଶଂସା ଭୁମ୍ଭେ ପାଇବ—ଉଞ୍ଜ. ବୈଦେହୀଶବିଳାସ ।]

**ବିଧୀରେ**—ଦେ. କ୍ରି. ବିଣ—ମୂର୍ଖତାବଶତଃ—Out of ignorance. Bidhīre [ଉ—ବିଧିରେ ଅସୁର, ବିଧୀରେ ସୁର କଲେ ପୁରନ୍ଦର । ଉଞ୍ଜ. ବୈଦେହୀଶବିଳାସ ।]

**ବିଧୁ**—ସଂ. ବି (ବି+ଧେ ଧାତୁ=ପାନ କରିବା+କର୍ତ୍ତୃ. ଉ)—୧ । ଚନ୍ଦ୍ର Bidhu —1. The moon. ୨ । କର୍ପୂର—2. Camphor. ୩ । ବିଧାତା; ବ୍ରହ୍ମା—3. Brahmā; the creator. ୪ । ବିଷ୍ଣୁ—4. Bishṇu. ୫ । ବାୟୁ—5. Air. ୬ । ଜଳ-6. Water. ୭ । (ବ୍ୟଧ ଧାତୁ=ତାଡ଼ନା କରିବା+କର୍ତ୍ତୃ. ଉ) ରାହୁ—7. The ascending node; the dragon's head. ୮ । କେତୁ—8. The dragon's tail; the descending node. ୯ । ରାକ୍ଷସ—9. Demon. ୧୦ । ବାଣ—10. A shaft; an arrow. ୧୧ । (+କରଣ. ଉ) ଯୁଦ୍ଧ—11. War. ୧୨ । ଆୟୁଧ—12. Weapon. ୧୩ । ଜଳସ୍ନାନ—13. A bath by immersion.

**ବିଧୁକ୍ଷୟ**—ସଂ. ବି—( ୬ଷ୍ଠୀ ତତ୍; ବିଧୁ+କ୍ଷୟ )—୧ । (କୃଷ୍ଣପକ୍ଷରେ) Bidhukshaya ଚନ୍ଦ୍ରଙ୍କର ହ୍ରାସ—1. The moon's wane; the waning of the moon. ୨ । ( ଦିବସରେ ବା ଗ୍ରହଣ ସମୟରେ ବା ଅମାବାସ୍ୟାରେ) ଚନ୍ଦ୍ରଙ୍କର ଅଦର୍ଶନ ବା ଲୋପ—2. The disappearance of the moon (during daytime or an eclipse or on the new moon).

**ବିଧୁଚୂଡ଼**—ସଂ. ବି (ବହୁବ୍ରୀହି, ବିଧୁ+ଚୂଡ଼ା)—ଚନ୍ଦ୍ରଶେଖର; ମହାଦେବ; Bidhuchūrda ଶିବ—Siba. [ଉ—ବିଧୁଚୂଡ଼ ଗଉରୀ, ବିଗ୍ରହିତ ସୁମସୀତା ଧର । ଉଞ୍ଜ. ବୈଦେହୀଶବିଳାସ । ]

**ବିଧୁ(ଧୂ)ତ**—ସଂ. ବିଣ ( ବି+ଧୁ ଧାତୁ=କମ୍ପିବା+କର୍ମ. ତ )—Bidhu(dhū)ta ୧ । କମ୍ପିତ—1. Shaking; trembling. ୨ । ବିସର୍ଜିତ; ତ୍ୟକ୍ତ—2. Abandoned; relinquished. ୩ । କ୍ଷାଳିତ—3. Washed. ୪ । ଅପସାରିତ—4. Removed. ୫ । ନିଷ୍କାଶିତ—5. Taken out; tossed; extracted. ୬ । ଅସ୍ଥିର—6. Unsteady (Apte).

**ବିଧୁ(ଧୂ)ତ କଲ୍ମଷ**—ସଂ. ବିଣ. ପୁଂ—(ବହୁବ୍ରୀହି; ବିଧୁତ+କଲ୍ମଷ)—Bidhu(dhū)ta kaḷmasha ପାପରୁ ମୁକ୍ତ ହୋଇଥିବା—Free (ବିଧୁ(ଧୂ)ତ ପାପ—ଅନ୍ୟରୂପ) from sin (Apte). (ବିଧୁ(ଧୂ)ତ କଲ୍ମଷା—ସ୍ତ୍ରୀ) [ବିଧୁ(ଧୂ)ତ କଲ୍ମିଷ—ଅନ୍ୟରୂପ]

**ବିଧୁ(ଧୂ)ନନ**—ସଂ. ବି (ବି+ଧୁ ଧାତୁ+ଭାବ. ଅ; ନିପାତନ)—Bidhu(dhū)naka ୧ । କମ୍ପନ—1. Trembling; shaking. ୨ । ବିସର୍ଜନ; ପରିତ୍ୟାଗ—1. Abandonment; relinquishment. ୩ । ନିଷ୍କାଶନ—3. Bringing out; extraction. ୪ । ଝାଡ଼ିବା; କମ୍ପନଦ୍ୱାରା ଫିଙ୍ଗି ଦେବା—4. Shaking off.

**ବିଧୁ(ଧୂ)ନିତ**—ସଂ. ବିଣ ( ବି+ଧୁ ଧାତୁ+କର୍ମ, ତ; ନିପାତନ )—Bidhu(dhū)nita ୧ । ପ୍ରକମ୍ପିତ—1. Shaken. ୨ । ବିହ୍ୱଳ—2. Agitated; overwhelmed. ୩ । ତ୍ୟକ୍ତ—3. Abandoned. ୪ । ଭୀତ—4. Terrified. ୫ । ଅଭିଭୂତ—5. Afflicted; overwhelmed; overtaken. ୬ । ଦୂରୀକୃତ—6. Removed; ୭ । ଅପସାରିତ—7. Held back; kept aloof. ୮ । ନିଃସାରିତ; ନିଷ୍କାଶିତ—8. Extracted. ୯ । ଝଡ଼ା ହୋଇ ଫିଙ୍ଗା ଯାଇ ଥିବା—9. Shaken off.

**ବିଧୁନ୍ତୁଦ**—ସଂ. ବି (ବିଧୁଂ=ଚନ୍ଦ୍ରଙ୍କୁ+ତୁଦ୍ ଧାତୁ=ବ୍ୟଥା ଦେବା+Bidhuntuda କର୍ତ୍ତୃ, ଅ; ଯେ ଚନ୍ଦ୍ରଙ୍କୁ ବ୍ୟଥା ଦିଏ )—ରାହୁ—The ascending node; the dragon's head.

**ବିଧୁପଞ୍ଜର**—ସଂ. ବି—ଖଡ୍ଗ; ଖଣ୍ଡା—Bidhupañjara Sword; scimitar.

**ବିଧୁବଦନ**—ସଂ. ବିଣ. ପୁଂ ( ବହୁବ୍ରୀହି; ବିଧୁ+ବଦନ )—ଚନ୍ଦ୍ରାନନ; Bidhubadana ଯାହାର ମୁଖ ଚନ୍ଦ୍ର ପରି କାନ୍ତିଯୁକ୍ତ ବା ସୁନ୍ଦର—

ବିଧୁବଦନା } ସ୍ତ୍ରୀ Having a face as amiable as
ବିଧୁମୁଖୀ } the moon.
( ବିଧୁମୁଖ— ଅନ୍ୟରୂପ )

ବିଧୁବଦନୀ—ଦେ. ବିଣ· ସ୍ତ୍ରୀ—(ସ. ବିଧୁବଦନା)—ବିଧୁ ବଦନର ସ୍ତ୍ରୀଲିଙ୍ଗ; Bidhubadani ବିଧୁମୁଖୀ—(a woman) Having a face as fair as the moon.

ବିଧୁର—ସ. ବିଣ ପୁଂ ( ବହୁବ୍ରୀହି; ବି=ବିଶେଷ+ଧୁର=ଭାର ବା Bidhura ଦୁଃଖ)—୧ । କାତର—1. Distressed; troub- [ ବିଧୁରତା(ତ୍ୱ)—ବି ] led; overcome. ୨ । ଦୁଃଖିତ— ( ବିଧୁରା—ସ୍ତ୍ରୀ ) 2. Agitated; afflicted with grief. ୩ । ଭୀତ; ତ୍ରସ୍ତ—3. Terrified; alarmed. ୪ । ଅସମର୍ଥ—4. Incapable; incapacitated. ୫ । ବିମୂଢ଼—5. Bewildered; overwhelmed. ୬ । ବିକଳ—6. Confused; defective; imperfect. ୭ । ପୀଡ଼ାଦାୟକ—7. Distressing; painful. ୮ । ପ୍ରିୟ ବ୍ୟକ୍ତିର ବିୟୋଗରେ ବା ବିଚ୍ଛେଦରେ ଅତି ଦୁଃଖ ପ୍ରାପ୍ତ—8. Lovelorn; bereaved; suffering on account of separation from one's wife or beloved (Apte). ୯ । ( ସମାସରେ; ଯଥା—କଳଙ୍କବିଧୁର ) (ଅମୁକରୁ) ମୁକ୍ତ—9 Freed from ( Apte ). ୧୦ । ଶତ୍ରୁଭାବାପନ୍ନ; ପ୍ରତିକୂଳ—10. Adverse; hostile; unfriendly (Apte). ସ· ବି— ୧ । ବିୟୋଗ; ବିଚ୍ଛେଦ—1. Separation; disunion. ୨ । ବୈକଲ୍ୟ—2. Defect; imperfection. ୩ । ପୀଡ଼ା; କ୍ଳେଶ—3. Distress; trouble; suffering. ୪ । ଶତ୍ରୁ—4. An enemy; adversary. ୫ । ଉତ୍ପୀଡ଼କ ବ୍ୟକ୍ତି—5. An oppressor. ୬ । ମୃତଦାର ବ୍ୟକ୍ତି—6. A widower (Apte). ୭ । ତ୍ରାସ—7. Alarm (Apte). ୮ । ଉତ୍କଣ୍ଠା—8. Anxiety (Apte). ୯ । କୈବଲ୍ୟ; ମୋକ୍ଷ—(ହି· ଶ) 9. Beatitude. ଦେ. ବିଣ—୧ । ତ୍ୟକ୍ତ— 1. Shunned. ( ଉ—ବିଧୁର ସେ, ବିରସତନ ସବୁଙ୍କର । ଉଞ୍ଜ. ବୈଦେହୀଶବିଳାସ । ) ୨ । ( ସ· ବିଦୂର ) ବିଦୂରିତ, ଦୂରକୁ ଗତ—2. Removed to a distance. ( ଉ---ବି ଭରମ ହେଲା ପୁଣ ପାସୋରରୁ ପର ହୋଇଲେ ବିଦୂର—ଉଞ୍ଜ. ବୈଦେହୀଶବିଳାସ । )

ବିଧୁରା—ସ. ବିଣ. ସ୍ତ୍ରୀ ( ବିଧୁର+ଆ )—ବିଧୁରର ସ୍ତ୍ରୀଲିଙ୍ଗ—Femi- Bidhurā nine of Bidhura. ସ. ବି—ଚିନି ଓ ମସଲା ମିଶ୍ରିତ ଦହି—Curd mixed with sugar and spices ( Apte ).

ବିଧୁଶିଳ—ଦେ. ବି· (ସ. ବିଧୁଶିଳା)—ଚନ୍ଦ୍ରକାନ୍ତ ମଣି—A fabu- Bidhusila lous gem; having the peculiarity of melting under moon's rays; jasper. (ବିଧୁଶିଳା—ସଂସ୍କୃତ ରୂପ) ( ଉ— ବିଧୁଶିଳ ପ୍ରାୟେ କି ହୋଇଲା ମୋର ଦେହି । ଉଞ୍ଜ. ପ୍ରେମସୁଧାନିଧି । )

ବିଧୁନନ ରତି—ଦେ. ବି—ବିପରୀତ ରତି—Sexual embrace Bidhūnana rati in a reverse order. ( ଉ—ବିଧୁନନ ରତି କର ମନ ତୋଷନ୍ତି—ଉଞ୍ଜ. ବୈଦେହୀଶବିଳାସ । )

ବିଧୂ(ଧୁ)ବନ—ସ. ବି ( ବି+ଧୂ ଧାତୁ=କମ୍ପିବା+ଭାବ. ଅନ )— Bidhū(dhu)bana କମ୍ପନ—Shaking; tremor.

ବିଧୂମିତ—ଦେ. ବିଣ ( ବିଧୂମ+ଇତ )—ଧୂମଯୁକ୍ତ; ଧୂମପୂର୍ଣ୍ଣ—Full Bidhūmita of smoke. ( ଉ— ଅହାଶକୁ କମ୍ପିଲେ ବିଧୂମିତ ହୋଇ—କୃଷ୍ଣସିଂହ. ମହାଭାରତ· ଆଦି । )

ବିଧୂୟମାନ—ସ. ବିଣ ( ବି+ଧୂ ଧାତୁ=କମ୍ପିବା+କର୍ତ୍ତୃ. ଅନ )— Bidhūyamāna କମ୍ପମାନ—Trembling; shaking.

ବିଧୃତ—ସ. ବିଣ ( ବି+ଧୃ ଧାତୁ=ଧରିବା+କର୍ମ. ତ )—୧ । ଧୃତ— Bidhṛuta 1. Cought; seized; grasped. ୨ । ଗୃହୀତ; ଅବଲମ୍ବିତ—2. Depended upon; taken. ୩ । ଆକ୍ରାନ୍ତ—3. Invaded; overcome; subdued. ୪ । ଅଧିକୃତ—4. Possessed (Apte). ୫ । ପୃଥକ୍‌କୃତ—5. Separated; kept asunder (Apte ). ୬ । ନିୟନ୍ତ୍ରିତ; ବାଧାପ୍ରାପ୍ତ—6. Checked; restrained ( Apte ). ୭ । ବାହିତ; ଯାହାକୁ ଟେକି ରଖାଯାଇଥାଏ—7. Supported; borne up ( Apte ). ୮ । ରକ୍ଷିତ—8. Protected ( Apte ). ସ. ବି. ( +ଭାବ. ତ )—୧ । ଆଦେଶର ଅବମାନନ— 1. Disregard of a command ( Apte ). ୨ । ଅସନ୍ତୋଷ—2. Dissatisfaction ( Apte ).

ବିଧୃତି—ସ· ବି ( ବି+ଧୃ ଧାତୁ+ଭାବ. ତି )—୧ । ବୈଧୃତି ଯୋଗ; Bidhṛuti ଜ୍ୟୋତିଷଶାସ୍ତ୍ରୋକ୍ତ ୨୭ ଗୋଟି ଯୋଗ ମଧ୍ୟରୁ ଏକତମ ଅଶୁଭଯୋଗ—One of the 27 special conjunctions in astrology. [ ଦ୍ର—ଏ ଯୋଗରେ କୌଣସି କାର୍ଯ୍ୟ କଲେ ଅଶୁଭ ଘଟେ । ] ୨ । ବ୍ୟବସ୍ଥା— 2. Arrangement; regulation ( Apte ). ଗ୍ରା. ବି—୧ । ବିବାଦ; କଳି—1. Dispute; quarrel. ୨ । ପରସ୍ପର ମନୋମାଳିନ୍ୟ—2. Mutual misunderstanding; bad terms.

ବିଧେ—ସ. ବି (ବିଧି ଶବ୍ଦର ସମ୍ବୋଧନ)—ବିଧାତଃ !; ହେ ବିଧାତା— Bidhe Oh God | Oh Lord |

ବିଧେୟ—ସ. ବିଣ ( ବି+ଧା ଧାତୁ+କର୍ମ. ଯ )—୧ । କରିବା Bidheya ଉଚିତ; କର୍ତ୍ତବ୍ୟ—1. Proper to be done or [ ବିଧେୟତା(ତ୍ୱ)—ବି ] accomplished. ୨ । ନ୍ୟାୟାନୁଯାୟୀ; ଶାସ୍ତ୍ରସମ୍ମତ—2. Legal; lawful; just. ୩ । (ବ୍ୟାକରଣ) କ୍ରିୟାବାଚକ—3. Predicable; verbal. ୪ । ବଶ୍ୟ;ବାଧ୍ୟ—4. Obliged; ୫ । ଅଧୀନ—5. Subservient; subordinate. ୬ । ଆଜ୍ଞାନୁବର୍ତ୍ତୀ—

6. Fit to be provided for. ୭ । ସୁବିଧାଜନକ—7. Convenient. ୮ । ବିନମ୍ର—8. Humble; modest. ୯ । ଅଜ୍ଞାଧୀନ—9. Obedient.ସ.ବି—୧ । ( ବାକ୍ୟାଳଙ୍କାର ) ଅପରିଜ୍ଞାତ ବିଷୟ ବା ବସ୍ତୁ—1. ( rhetoric ) An unknown matter. ୨ । ( ବ୍ୟାକରଣ ) କୌଣସି ବାକ୍ୟର କ୍ରିୟାଂଶ—2. The predicate of a proposition. [ ଦ୍ର—ନ୍ୟାୟ ଓ ବ୍ୟାକରଣରେ ବାକ୍ୟର ୨ଟି ମୁଖ୍ୟଅଙ୍ଗ କରାଯାଇଅଛି—ଉଦ୍ଦେଶ୍ୟ ଓ ବିଧେୟ । ଯାହା ସମ୍ବନ୍ଧେ କିଛି ବୋଲାଯାଏ ତାହା ଉଦ୍ଦେଶ୍ୟ ଓ ଯାହା କିଛି ବୋଲାଯାଏ ତାହା ବିଧେୟ —ହି. ଶ. । ]

**ବିଧେୟ ପଦ**—ସ.ବି—୧ । (ବ୍ୟାକରଣ) କ୍ରିୟାପଦ; କୌଣସି ବାକ୍ୟ-
Bidheya pada ଦ୍ୱାରା ଜଣା ଯାଉଥିବା କାର୍ଯ୍ୟ ଯେଉଁ ପଦ ଦ୍ୱାରା ପ୍ରକାଶିତ ହୁଏ—1. The predicate; the word in a proposition which expresses what is affirmed of a subject. ୨ । ସମ୍ପାଦ୍ୟ ପଦ—2. A word which affirms a thing.

**ବିଧେୟ ବିଶେଷ୍ୟ**—ସ. ବି (ବ୍ୟାକରଣ )—ଯେଉଁ ବିଶେଷ୍ୟବାଚକ ପଦ
Bidheya biseshya ଉଦ୍ଦେଶ୍ୟ ପଦର ଗୁଣ ବା ଅବସ୍ଥା ପ୍ରକାଶ କରେ—( grammar ) Predicative noun. ( ଯଥା—'ରାମ ରାଜା ହେଲେ' ଏ ବାକ୍ୟରେ 'ରାଜା' ପଦଟି ବିଧେୟ ବିଶେଷ୍ୟରୂପେ ବ୍ୟବହୃତ ହୋଇଅଛି । )

**ବିଧେୟ ମାର୍ଗ**—ସ. ବି—୧ । ଉଚିତ ମାର୍ଗ—1. Right path; the
Bidheya mārga path of rectitude. ୨ । କର୍ତ୍ତବ୍ୟପଥ—2. The way of duty. ୩ । ବିଧିସିଦ୍ଧ ପଥ—3. Customary way.

**ବିଧେୟାବିମର୍ଷ**—ସ. ବି—ବାକ୍ୟଦୋଷବିଶେଷ—A rhetorical
Bidheyābimarsha defect. [ ଦ୍ର—ବାକ୍ୟର ବିଧେୟ ଅଂଶ ଯେଉଁଠାରେ ସମାସଦ୍ୱାରା ଗୁଣୀଭୂତ ହୋଇଥାଏ କିମ୍ବା ଅସ୍ଥାନରେ ପ୍ରଯୁକ୍ତ ହୋଇଥାଏ ସେଠାରେ ବିଧେୟ ବିମର୍ଷ ଦୋଷ ହୁଏ, ଯଥା—ବ୍ୟର୍ଥେ ଅନ୍ତରରେ ବ୍ୟଞ୍ଜନ ବାଛିଲେ ସିଝିଲେ ଜଳ । ଏଠାରେ ବ୍ୟର୍ଥେ ଶବ୍ଦର ପ୍ରୟୋଗ ଦୋଷାବହ । ]

**ବିଧ୍ୱଂସ**—ସ. ବି ( ବି+ଧ୍ୱଂନ୍‌ସ ଧାତୁ=ନଷ୍ଟ ହେବା+ଭାବ. ଅ )—
Bidhwamsa ୧ । ବିନାଶ; ବିଲୋପ—1. Utter destruction; extinction. ୨ । କ୍ଷୟ;—2. Ruin; overthrow. ୩ । ଅପକାର—3. Mischief; injury. ୪ । ବୈର(ହି. ଶ)—4. Enmity. ୫ । ଅନାଦର—5. Disregard. ୬ । ବୈମନସ୍ୟ ( ହି. ଶ. )—6. Dejection.

ବିଧ୍ୱଂସକ—ପୁଂ } ବିଧେୟବିଶେଷ୍ୟ
ବିଧ୍ୱଂସିକା—ସ୍ତ୍ରୀ }

**ବିଧ୍ୱଂସନ**—ସ. ବି (ବି+ଧ୍ୱନ୍‌ସ ଧାତୁ+ଭାବ. ଅନ)—ବିନାଶକରଣ—
**Bidhwamsana** **Act of destroyng; ruination.**

**ବିଧ୍ୱଂସିତ**—ସ. ବିଣ (ବି+ଧ୍ୱନ୍‌ସ ଧାତୁ ଣିଚ୍ ଧ୍ୱନ୍‌ସି ଧାତୁ+କର୍ମ. ତ)—
Bidhwamsita ୧ । ବିନାଶିତ—1. Utterly ruined; destroyed. ୨ । ଅପକାରିତ—2. Injured.

**ବିଧ୍ୱଂସିବା**—ଦେ. ( ପଦ୍ୟ ) କ୍ରି ( ସ. ବିଧ୍ୱଂସ )—ବିନାଶ କରିବା—
Bidhwamsibā বিধ্বংসা **विध्वंसना** To destroy. ( ଉ—ବିଧ୍ୱଂସି ଦୈତ୍ୟ ରକ୍ଷିବେ ମୋ ଯାଗ—ଭଞ୍ଜ, ବୈଦେହୀଶବିଳାସ । )

**ବିଧ୍ୱଂସୀ**—ସ. ବିଣ. ପୁଂ (ବି+ଧ୍ୱନ୍‌ସ ଧାତୁ+କର୍ତ୍ତୃ. ଇନ୍; ୧ମା. ୧ବ)—
Bidhwamsi ୧ । ପତନୋନ୍ମୁଖ—1. About to fall. ( ବିଧ୍ୱଂସିନୀ—ସ୍ତ୍ରୀ ) ୨ । ବିନାଶଶୀଳ—2. Subject to decay. ୩ । ବିନାଶକାରକ—3. Destructive. ୪ । ଅତି. ତାସ୍ପୀ; ଶତ୍ରୁଭାବପନ୍ନ—4. Inimical.

**ବିଧ୍ୱସ୍ତ**—ସ. ବିଣ ( ବି+ଧ୍ୱନ୍‌ସ୍ ଧାତୁ+କର୍ମ. ତ )—୧ । ବିନଷ୍ଟ—
Bidhwasta 1. Utterly ruined. ୨ । ବିଲୁପ୍ତ—2. Extinguished. ୩ । ଅପକୃତ—3. Injured.

**ବିଧ୍ୟ**—ସ. ବିଣ ( ବିଧ ଧାତୁ+କର୍ମ. ଯ )—ଯାହାକୁ ଭେଦ କରିବା
Bidhya ଉଚିତ—Fit to be pierced.

**ବିଧ୍ୟମାନ**—ସ. ବି (ବ୍ୟଧ୍ ଧାତୁ=ପୀଡ଼ା ଦେବା; ବିଦ୍ଧ କରିବା+
Bidhyamāna କର୍ମ. ଅନ)—୧ । ପୀଡ଼ ୍ୟମାନ—1. Being oppressed. ୨ । ବିଦ୍ଧ କରାଯାଉଥିବା—2. Being pierced. (ବିଧ୍ୟମାନା—ସ୍ତ୍ରୀ)

**ବିଧ୍ୟାତ୍ମକ**—ସ. ବିଣ ( ବହୁବ୍ରୀହି; ବିଧି+ଆତ୍ମା ) -ବିଧିବଦ୍ଧ; ବିଧି-
Bidhyātmaka ସଙ୍ଗତ—Conforming to rules.

**ବିଧ୍ୟାଭାସ**—ସ. ବି—ଅର୍ଥାଲଙ୍କାରବିଶେଷ—A figure of speech
Bidhyābhāsa in rhetoric. [ ଦ୍ର—ଘୋର ଅନିଷ୍ଟ ବା ଅମଙ୍ଗଳର ସମ୍ଭାବନାସୂଚକ ବାକ୍ୟ କଥକର ଅନିଚ୍ଛା-ସତ୍ତ୍ୱେ ପ୍ରକାଶିତ ହେଲେ ଏ ଅଳଙ୍କାର ହୁଏ—ହି. ଶ । ]

**ବିନ୍**—ପ୍ରାଦେ. (ସମ୍ବଲପୁର) ଅ. (ଭୁଲ. ହି. ବିନ୍, ସ. ବିନା)—ବିନା—
Bin Without.

**ବିନ୍‌ତି**—ବୈଦେ, ବି (ସ୍ପେନ୍‌ଦେଶୀୟ ଭାଷା ବିନ୍ତେ=ବିଂଶ; ଭୁଲ. ସ.
Bin-ti ବିଂଶତି)—୧ । ଏକପ୍ରକାର ତାସ୍ ଖେଳ (ଯହିଁରେ ୨ଜଣ (ବିନତ, ବିନ୍ତି—ଅନ୍ୟରୂପ) ଖେଳାଳି ଖେଳନ୍ତି)—1. Vinte; a
বিন্তী kind of game at cards played by 2 players.
**बिन्ति** ୨ । ତାସ୍ ଖେଳରେ କ୍ରମାନ୍ୱୟ ୩ ଖଣ୍ଡି ତାସ୍ ଜଣେ ଖେଳାଳିର ହାତରେ ପଡ଼ିବା ଅବସ୍ଥା—A state in the game of cards in which one player gets 3 successive cards. [ ଦ୍ର—ଏକ ପକ୍ଷର ହାତରେ ଏକ ରଙ୍ଗର କ୍ରମିକ ୩ଖଣ୍ଡ ତାସ ପଡ଼ିଗଲେ ଉକ୍ତ ପକ୍ଷର ବିନ୍ତି ହୁଏ । ଏକ ପକ୍ଷର ବିନ୍ତି ହେଲେ ଅପର ପକ୍ଷକୁ ୨୦ ପୋଁଠା ଅଧିକ (୨୨ ପୋଁଠା) ଦେଖାଇବାକୁ ହୁଏ । ତାସ୍ ଖେଳ ନୋଟ୍ ଦେଖ । ]

**ବିନ୍‌ପାଣି(ଣି)ଆ**—ପ୍ରାଦେ. (ବାମଣ୍ଡା) ବି—ମିଷ୍ଟାନ୍ନବିଶେଷ—A kind
Bin-pāni(ni)ā of sweetmeat. [ ଦ୍ର—ଏଥିରେ ଅଧୌ ପାଣି ଦିଆ ହୁଏ ନାହିଁ । ]

**ବିନ୍‌ବାପିଆ**—ପ୍ରାଦେ. (ସମ୍ବଲପୁର) ବିଣ—୧ । ଅଜ୍ଞାତପିତୃକ; ଅଣ-
**Bin-bāpiā** ବାପୁଅ—1. One whose father can not be traced; of unknown parentage. ୨ । ମୃତପିତୃକ—2. One who has lost his father.

**ବିନ୍‌ବାପିଆ ଛୁଆ**—ପ୍ରାଦେ· (ସମ୍ବଲପୁର) ବି—ଜାରଜ ପିଲା; ବର୍ଣ୍ଣସଙ୍କର
**Bin-bāpiā chhuā** ଛୁଆ; ଅଜ୍ଞାତପିତୃକ ସନ୍ତାନ—Mongrel; illegitimate child.

**ବିନ୍‌ବଇରି**—ପ୍ରାଦେ. (କଟକ) ବିଣ—ଶତ୍ରୁରହିତ—
**Bin-bairi** Without enemy.

**ବିନ୍‌ମାଗେ(ଙ୍ଗେ)**—ପ୍ରାଦେ. (ସମ୍ବଲପୁର) କ୍ରି· ବିଣ (ଭୁଲ, ହି. ବିନ୍-
**Bin-māge(ṅge)** ମାଁଗେ)—ଅଯାଚିତ ଭାବରେ—Without asking.

**ବିନ୍(ନା,ନି,ନୁ)**—ଦେ. ବି—ବିନୋଦବିହାରୀର ଡାକ ନାମ—
**Bin(nā,ni,nu)** Name for calling Binodabihāri·

**ବିନତ**—ସଂ. ବିଣ, ପୁଂ ( ବି+ନମ୍ ଧାତୁ=ନଇଁବା+କର୍ତ୍ତୃ. ତ )—
**Binata** ୧ । ଅବନତ; ପ୍ରଣତ; ତଳକୁ ନଇଁଥିବା—1· Inclined; bent down; bowed; prostrate.
(ବିନତା—ସ୍ତ୍ରୀ)
୨ । ନମ୍ର; ବିନୟୀ; ବିନୀତ; ଶିଷ୍ଟ—2. Modest; humble. ୩ । ଶିକ୍ଷିତ—3. Educated, ୪ । ନିୟମ ଦ୍ୱାରା ସୁସଜ୍ଜିତ—4. Well disciplined, ୫ । ସଙ୍କୁଚିତ ( ହି. ଶ. )—5. Contracted. ୬ । କୁଜା—6. Humpbacked. ସଂ. ବି—୧ । (ନାମ) ସୁଗ୍ରୀବ ସେନାର ମର୍କଟବିଶେଷ ( ହି. ଶ )—1. Name of a monkey soldier in the army of Sugriba. ୨ । ଶିବ (ହି, ଶ)—2. Siba.

**ବିନତା**—ସଂ. ବି. ସ୍ତ୍ରୀ (ବିନତ+ସ୍ତ୍ରୀ. ଆ)—୧ । କଶ୍ୟପମୁନିଙ୍କ ପତ୍ନୀ;
**Binatā** ଅରୁଣ ଓ ଗରୁଡ଼ଙ୍କର ମାତା—1· The wife of sage Kaśyapa. ୨ । ପ୍ରମେହ ବା ବହୁମୂତ୍ର ରୋଗୀଙ୍କ ଦେହରେ ବାହାରିବା ଉତ୍କଟର ବ୍ରଣ (ହି. ଶ)—1. A kind of boil appearing on the body of diabetic and gonerrhoic patient. [ବ୍ରି—ଯେଉଁ ସ୍ଥାନରେ ଏ ବ୍ରଣ ହୁଏ ସେ ସ୍ଥାନର ମାଂସ ମରଯାଏ ଓ ନେଳ ପଡ଼ିଯାଏ ଓ ଏଥିଯୋଗୁଁ ରୋଗୀର ଶରୀର କ୍ରମଶଃ ସଢ଼େ; ପ୍ରଥମରୁ ସେ ବ୍ରଣ ଓ ତନ୍ନିକଟବର୍ତ୍ତୀ ଦେହାଂଶକୁ କାଟି ଫିଙ୍ଗିଦେଲେ ରୋଗୀ ବଞ୍ଚିପାରେ-ହି· ଶ । ] ୩ । ଅଶୋକ ବନରେ ସୀତାଙ୍କ ନିକଟରେ ରକ୍ଷଣ କର୍ତ୍ତ୍ରିକ ରକ୍ଷିତା ଜଣେ ରାକ୍ଷସୀ ( ହି. ଶ )—3. Name of a demoness kept to guard Sita in her captivity.
ସଂ. ବିଣ. ସ୍ତ୍ରୀ—'ବିନତ'ର ସ୍ତ୍ରୀଲିଙ୍ଗ—Feminine form of 'Binata'.

**ବିନତା ନନ୍ଦନ**—ସଂ. ବି ( ୬ଷ୍ଠୀ ତତ୍; ବିନତା+ନନ୍ଦନ )—ଅରୁଣ ଓ
**Binatā nandana** ଗରୁଡ଼—Aruṇa (Aurora or twilight) and Garurḍa (the King of birds).
ବିନତାସୂନୁ, ବିନତାସୁତ, ବିନତା ତନୟ } ଅନ୍ୟରୂପ

**ବିନତି**—ସଂ. ବି ( ବି+ନମ୍ ଧାତୁ+ଭାବ ତି )—୧ । ନମ୍ରତା—
**Binati** 1. Submission, ୨ । ବିନୟ; ଶିଷ୍ଟତା—2. Politeness; humility; modesty. ୩ । ଅନୁନୟ—3. Entreaty; request. ୪ । ସୁଶୀଳତା—4. Goodness of disposition ୫ । ନିବାରଣ—5. Prevention. ୬ । ଶାସନ; ଦମନ—6. Exercise of restraint, discipline. ୭ । ଦଣ୍ଡ—7. Punishment, ୮ । ଶିକ୍ଷା—8. Instruction, ୯ । ପରିଶୋଧ—9. Repayment; recompense. ୧୦ । ନିୟୋଗ—10. Appointment to offiec. ୧୧ । ନଇଁ ପଡ଼ିବା—11. Bending. ବୈଦେ ବି—ବିନ୍ତି (ଦେଖ)—Bin-ti (See).

**ବିନମନ**—ସଂ. ବି ( ବି+ନମ୍ ଧାତୁ+ଭାବ ଅନ )—୧ । ନମ୍ରତା—
**Binamana** 1. Politeness. ୨ । ନୁଆଇଁବା—2. Bending.

**ବିନମିତ**—ସଂ. ବିଣ.(ବି+ନମ୍ ଧାତୁ ଣିଚ୍+କର୍ମ ତ)—ଅତିଶୟ ନମିତ;
**Binamita** ବହୁତ ତଳକୁ ନଇଁଥିବା—Bent low.

**ବିନମ୍ର**—ସଂ. ବିଣ ପୁଂ(ବି+ନମ୍ ଧାତୁ+କର୍ତ୍ତୃ ର)—୧ । ଅତି ନମ୍ର—
**Binamra** 1. Very humble. ୨ । ବିନୟୀ—2. Modest; polite; affable. ୩ । ପ୍ରଣତ—3. Inclined; bent, ୪ । ମୃଦୁ; କୋମଳ—4. Tender.
(ବିନମ୍ରତା—ବି)
(ବିନମ୍ରା—ସ୍ତ୍ରୀ)
୫ । ଅତ୍ୟନ୍ତ ନଇଁ ପଡ଼ିଥିବା—5. Bent low. ସଂ. ବି—ତଗର ଫୁଲ (ହି. ଶବ୍ଦସାଗର)—Tagara (See)

**ବିନୟ**—ସଂ. ବି ( ବି+ନୀ ଧାତୁ=ନେବା, ନଇଁବା+ଭାବ ଅ )—
**Binaya** ୧ । ବିନତି ( ଦେଖ )—1. Binati (See) ୨ । କୋମଳତା (ଜ୍ଞାନେନ୍ଦ୍ର)—2. Tenderness.

**ବିନୟ କରିବା**—ଦେ· କ୍ରି (ସଂ. ବିନୟ)—୧ । ବିନୟ ପୂର୍ବକ କହିବା-
**Binaya kariba** 1. To speak with modesty.
(ବିନୟ ହେବା—ଅନ୍ୟରୂପ) ୨ । ବିନୀତ ଭାବରେ ପ୍ରାର୍ଥନା
विनय करा বিনয় করনা କରିବା—2. To entreat.

**ବିନୟଗ୍ରାହୀ**—ସଂ. ବିଣ ପୁଂ—୧ । ବଚନରେ ସ୍ଥିତ; କଥାର ବାଧ୍ୟ—
**Binayagrāhi** 1. Submissive; obedient; obliging.
(ବିନୟସ୍ଥ—ଅନ୍ୟରୂପ) ୨ । ବିନୀତ—2. Humble; modest.
(ବିନୟଗ୍ରାହିଣୀ, ବିନୟସ୍ଥା—ସ୍ତ୍ରୀ)

**ବିନୟ ଧର**—ସଂ. ବି—ପୁରୋହିତ (ହି. ଶ)—
**Binaya dhara** Priest.

**ବିନୟନ**—ସଂ. ବି ( ବି=ନୀ ଧାତୁ+ଭାବ. ଅନ )—୧ । ଶିକ୍ଷା—
**Binayana** 1. Instruction. ୨ । ନମ୍ରତା—2. Humility; modesty, ୩ । ଅପନୟନ; ଅପନୋଦନ; ନିରାକରଣ—3. Wiping out; clearing of a thing; refutation.

**ବିନୟ ନମ୍ର**—ସଂ. ବିଣ ପୁଂ ( ୩ୟା ତତ୍; ବିନୟ+ନମ୍ର )—ବିନୟ
**Binaya namra** ଯୋଗୁଁ ନତ—Bowed down through modesty; very submissive
(ବିନୟ ନମ୍ରା—ସ୍ତ୍ରୀ)

**ବିନୟ ପତ୍ର**--ସ. ବି. ( ବିନୟ ପୂର୍ଣ୍ଣ ପତ୍ର; ମ. ପ ଲୋ)—୧ । ପ୍ରାର୍ଥନା-
Binaya patra ପତ୍ର—1. An humble petition. ୨ ।
ବିନୟ ପତ୍ରିକା, ବିନୟ ଲିପି, ବିନୟ ଲେଖ } ଅନ୍ୟରୂପ — ସବିନୟ ଲିପି 2. A modest letter; a letter containing entreaties.

**ବିନୟ ପିଟକ**—ସ. ବି—ଅଦ ବୌଦ୍ଧଧର୍ମଶାସ୍ତ୍ରବିଶେଷ—
Binaya piṭaka Name of a Buddhist scripture.
[ଦ୍ର—ବୌଦ୍ଧ ଧର୍ମଶାସ୍ତ୍ର ବା ତ୍ରିପିଟକ ପାଲୀ ଭାଷାରେ ଲିଖିତ । ଏହା ୩ ଭାଗରେ ବିଭକ୍ତ; ବିନୟ ପିଟକ, ସୂତ୍ର ପିଟକ ଓ ଅଭିଧର୍ମ ପିଟକ । ବିନୟ ପିଟକରେ ବୁଦ୍ଧ ଦେବଙ୍କର ଶିଷ୍ୟ ମଣ୍ଡଳୀଙ୍କୁ ପ୍ରଦତ୍ତ ଭିକ୍ଷୁ ଧର୍ମର ଉପଦେଶମାନ ସଂଗୃହୀତ ହୋଇଅଛି । କଥିତ ଅଛି ଯେ ବୁଦ୍ଧଦେବ ଓ ତାଙ୍କର ପ୍ରଧାନ ଶିଷ୍ୟମାନଙ୍କ ମୃତ୍ୟୁ ପରେ ବୌଦ୍ଧ ଶାସ୍ତ୍ରର ଲୋପ ହେବା ଦେଖି ଅଜାତଶତ୍ରୁଙ୍କ ରାଜତ୍ୱକାଳରେ ମହାକଶ୍ୟପ ରାଜଗୃହ ନିକଟସ୍ଥ ବୈଭାର ପର୍ବତର ସପ୍ତପର୍ଣ୍ଣୀ ଗୁମ୍ଫାରେ ୫୦୦ ସ୍ଥବିରଙ୍କୁ ନିମନ୍ତ୍ରଣ କରି ଗୋଟିଏ ସଭା କଲେ । ସେହି ସଭାରେ ଉପାଲି ବୁଦ୍ଧଙ୍କ ଉପଦିଷ୍ଟ 'ବିନୟ'କୁ ପ୍ରକାଶ କଲେ । ତହିଁରେ କେତେ ଦିନ ଅନ୍ତେ ବୈଶାଳୀରେ ଆଉ ଗୋଟିଏ ସଭା ହୋଇ ବିନୟପିଟକର ପୁନଃ ସଂଗ୍ରହ ହୋଇଥିଲା । ସର୍ବଶେଷରେ ଅଶୋକଙ୍କ ରାଜତ୍ୱକାଳରେ ବିନୟପିଟକ ପୂର୍ଣ୍ଣ ରୂପେ ସଂକଳିତ ହେଲା । ତ୍ରିପିଟକ ତଳେ ଦେଖ । ହି. ଶ ]

**ବିନୟ ପୂର୍ବକ**—ସ. ବିଣ ( ବହୁବ୍ରୀହି )—ସବିନୟ—Humble.
Binaya pūrbaka ଦେ. କ୍ରି ବିଣ—ବିନୀତ ଭାବରେ—
ବିନୟ ପୂର୍ବକ **विनयसे** Humbly; modestly.

**ବିନୟ ବଚନ**—ଦେ. ବି—୧ । କୋମଳ କଥା; ବିନୟ ବାକ୍ୟ—
Binaya bachana 1. Polite or modest words.
ବିନୟ ବାକ୍ୟ, ବିନୟ ଭାଷା } ଅନ୍ୟରୂପ ୨ । ନମ୍ର ବାକ୍ୟ—2. Submissive speech. (ଉ—ବାହୁଡ଼ିବା ଲାଗି ସ୍ୱବାସେ ମାଗିଲି ବିନୟ ଭାଷେ ମେଲାଣି । ରାଧାନାଥ. ଯଯାତି ।)

**ବିନୟାକାଙ୍କ୍ଷୀ**—ସ. ବିଣ. ପୁଂ (ଉପପଦ; ବିନୟ+ଆକାଙ୍କ୍ଷ)—ବିନୀତ
Binayākānkshmī ହେବା ନିମନ୍ତେ ଇଚ୍ଛୁକ—Willing to
ବିନୟାକାଙ୍କ୍ଷିଣୀ, ବିନୟାଭିଳାଷିଣୀ } ସ୍ତ୍ରୀ. submit; submissive.

**ବିନୟାବନତ**—ସ.ବିଣ.ପୁଂ (୩ୟା ବା ୫ମୀ ତତ୍; ବିନୟ+ଅବନତ)—
Binayābanata ବିନୟ ନମ୍ର—Bowed down through
(ବିନୟାବନତା—ସ୍ତ୍ରୀ) modesty.

**ବିନୟୀ**—ସ. ବିଣ. ପୁଂ ( ବିନୟ+ଇନ୍; ୧ମା. ୧ବ )—୧ । ବିନୀତ;
Binayī ନମ୍ର—1. Humble; modest; condescending.
(ବିନୟିନୀ—ସ୍ତ୍ରୀ) ୨ । ଶିଷ୍ଟ—2. Polite. ୩ । ଶାନ୍ତ—
3. Gentle. (ଉ—ଚରଣ ବନ୍ଦନ ଫେଡ଼ାଇ, କହିଲ ବଚନ ବିନୟୀ—ରାଧାନାଥ. ଯଯାତି ।)

**ବିନ(ନି)ର୍ବଇ**—ଦେ. ବିଣ—ଅପବ୍ୟୟୀ—Squandering.
Bina(ni)rba अपव्ययी उजड्ड

**ବିନ(ନି)ର୍ବଏ(ୟ)**—ଦେ. ବି—(ବି+ନି+ବ୍ୟୟ) ଅପବ୍ୟୟ—Waste.
Bina(ni)rbae(ya) अपव्यय उजाड ଦେ. ବିଣ—ଅପ-
[ବିନଇବଏ(ୟ)—ଅନ୍ୟରୂପ] ବ୍ୟୟିତ—Wasted.

**ବିନଶନ**—ସ. ବି ( ବି+ନଶ୍ ଧାତୁ=ନଷ୍ଟ ହେବା+ଭାବ. ଅନ )—
Binaśana ୧ । ବିନାଶ; ଧ୍ୱଂସ; କ୍ଷୟ—1. Destruction; ruin. ୨ । ( +ଅଧି ଅନ; ଏଠାରେ ପାପର ବିନାଶ ହୁଏ ବୋଲି ) କୁରୁକ୍ଷେତ୍ରସ୍ଥ ତୀର୍ଥବିଶେଷ—2. Name of a sacred place in N. W. India. [ଦ୍ର—ଏହା ପ୍ରଭାସତୀର୍ଥ ଓ କାଶ୍ୟପସୂଷ୍ଣ ନିକଟରେ । ] ୩ । ସରସ୍ୱତୀ ନଦୀ ଯେଉଁଠାରେ ଅନ୍ତର୍ହିତ ହୋଇଅଛି—3. The site where the river Saraswatī is said to have disappeared.

**ବିନଶ୍ୱର**—ସ. ବି ( ବି+ନଶ୍ ଧାତୁ+ଶୀଳାର୍ଥରେ ବର )—୧ ।
Binaśwara ଅନିତ୍ୟ; ଅଚିରସ୍ଥାୟୀ—1. Temporary. ୨ ।
[ବିନଶ୍ୱରତା(ତ୍ୱ)—ବି] ଧ୍ୱଂସଶୀଳ—2. Perishable; destruc-
(ଅବିନଶ୍ୱର—ବିପରୀତ) tible; subject to decay.

**ବିନଶ୍ୟ(ଶ୍ୱ)ତି**—ଗ୍ରା. ବି ( ପ୍ରାଚୀନ ପଦ୍ୟ; ସ. କ୍ରିୟା ବିନଶ୍ୟତି=
Binaśya(śwa)ti ତାହା ବିନାଶପ୍ରାପ୍ତ ହେଲା )—ବିନାଶ—
বিনাশ; বিনশ্যতি Ruin; destruction. [ ଉ—ବିକାଦ୍ରରେ
**विनाश** ଉଭୟ ବିନଶ୍ୟତି ଅବଶ୍ୟ କରିବ ବଇର ସାହସେ
বিনষ্ট; বিনশ্যতি ସେ, ବଂଶଧ୍ୱଂସ—ଭଞ୍ଜ. ବୈଦେହୀଶବିଳାସ । ]
**विनष्ट** ବିଣ—ବିନଷ୍ଟ—Ruined. [ ଉ—ବିନଶ୍ୟତି ହେବ ଏବେ କହି, ବିବେକୀରେ କି କହିବି ମୁହିଁ । ଭଞ୍ଜ. ବୈଦେହୀଶବିଳାସ । ]

**ବିନଷ୍ଟ**—ସ. ବିଣ ( ବି+ନଶ୍ ଧାତୁ+କର୍ତ୍ତୃ ତ )—୧ । ସମ୍ପୂର୍ଣ୍ଣରୂପେ
Binashṭa ନଷ୍ଟ ବା ନାଶପ୍ରାପ୍ତ; ଧ୍ୱଂସପ୍ରାପ୍ତ—1. Ruined;
(ବିନଷ୍ଟା—ସ୍ତ୍ରୀ) completely destroyed; perished. ୨ ।
(ବିନଷ୍ଟି—ବି) ପତିତ—2. Fallen; corrupted. ୩ । ମୃତ—3. Dead; deceased. ୪ । ( ସମୟ ) ଅତୀତ—4. Gone; past; elapsed. ୫ । ଅପବ୍ୟୟିତ—5. Squandered; wasted. ୬ । କ୍ଷୟିତ—6. Decayed; spoiled. ୭ । ଯାହାର ଆଚରଣ ମନ୍ଦ ହୋଇଅଛି ( ହି. ଶ )—7. Of spoiled character.

**ବିନସ(ସ)**—ସ. ବିଣ. ପୁଂ ( ବହୁବ୍ରୀହି; ବି=ନାହିଁ+ନାସିକା;
Binas(sa) ନାସିକାସ୍ଥାନରେ 'ନସ୍' )—ବିଗତନାସିକ; ନାସିକା-
[ବିନସା(ସୀ)—ସ୍ତ୍ରୀ] ହୀନ—Bereft of the nose.

**ବିନା**—ସ. ଅ—୧ । ଅଭାବରେ—1. In the absence of;
Binā for want of. ୨ । ବ୍ୟତୀତ; ବ୍ୟତିରେକେ—
2. Without. ୩ । ଭିନ୍ନ; ଛଡ଼ା—3. Except; besides. [ ଦ୍ର—ସ. ରେ ଯେଉଁ ଶବ୍ଦ 'ବିନା' ଶବ୍ଦ ସଙ୍ଗେ ଲାଗେ ତାହାର ଦ୍ୱିତୀୟା ବିଭକ୍ତି ହୁଏ, କିନ୍ତୁ ଓଡ଼ିଆରେ

୬ଷ୍ଠୀ ବଭକ୍ତି ହୁଏ । ଯଥା—ତାଙ୍କ ବନା ମୋର ଅନ୍ୟ ଗଡ଼ ନାହିଁ । ବଶେଷ୍ୟ ସଙ୍ଗେ 'ବନା' ଶବ୍ଦ ଲାଗିଲେ ବଭକ୍ତି ବଧା ନ ଗଲେ ମଧ୍ୟ ଚଳେ; ଯଥା—ପଇସାବନା ମୁଁ ଭାର ବହଗଞ୍ଚ ହେଲଣି । ଅଲ୍ପ ମଧ୍ୟ ଓଡ଼ିଆରେ ବାକ୍ୟ ପୂରଣାର୍ଥ ନଞର୍ଥ କ୍ରିୟା ସଙ୍ଗେ ଏହ 'ବନା' ଶବ୍ଦ ବ୍ୟବହୃତ ହୁଏ; ଯଥା—ସେ ବନା ନ ଖାଇଲେ ଏଠାରୁ ଉଠିବ ନାହିଁ । ଯେଉଁ ଶବ୍ଦ ସଙ୍ଗେ 'ବନା' ବ୍ୟବହୃତ ହୁଏ ତାହା 'ବନା' ଶବ୍ଦର ପରବର୍ତ୍ତୀ ହେଲେ ଉକ୍ତ ଶବ୍ଦର ୭ମୀ ବଭକ୍ତି ହୁଏ; ଯଥା—ମୁଁ ବନାପଇସାରେ ଗ୍ରନ୍ଥ୍ୟାକ ଦୁଇ ଅଇଲ । ] ଦେ. ବ—୧ । ଗଞ୍ଜପାସାବରେ ୧ ଠାରୁ ୧୦ ପର୍ଯ୍ୟନ୍ତ ଫୁପଚକ୍ଷୁଯୁକ୍ତ ଅପ୍ରଧାନ ସାର; ଦସ୍ତଖେଳର ଅପ୍ରଧାନ ସାର—1. The cards containing 1 to 10 points in the Ganjapā game of cards, the inferior cards in a card game. ୨ । ବନୋଦ ବହାରୀର ଅନାଦରାର୍ଥକ ଡାକ ନାମ—2. A name for calling Binod bihāri

ବନାକୃତ—ସ. ବଣ ( ବନା+କୃ ଧାତୁ+କର୍ମ ତ )—୧ । ପରତ୍ୟକ୍ତ—
Binākṛuta 1. Abandoned; deserted. ୨ । ବଯୋଜତ—2. Separated; bereft. ୩ । ବଶ୍ଳିଷ୍ଟ ( କ୍ଷାକେନ୍ଦ୍ର )—3. Analysed.

ବନାଚଳତ—ଦେ. ବଣ—ଅଚଳ—Motionless. [ ଉ—ଖଚ
Binachalita ବାନ୍ଧ, ବନାଚଳତ କୁମୁଦ ହାସ । ଭଞ୍ଜ; ବୈଦେହୀଶବଳାସ । ]

ବନାଡ଼ୀ—ସ. ବ—ଏକ ଘଡ଼ର ୬୦ ଭାଗରୁ ଏକ ଭାଗ; ଏକପଳ ସମୟ
Binārdi ( ହ୍. ଷ )—A small unit of time; about (ବନାଡ଼ିକା—ଅନ୍ୟରୂପ) 24 seconds ( Apte ).

ବନା ପଇସାରେ—ଦେ. କ୍ରି. ବଣ—ମାଗଣାରେ—Gratis.
Binā paisāre ବିନିପଇସାର ବିନାପୈସାସେ

ବନାପୂଜା—ଦେ. ବଣ ( ସ. ବିନା+ପୂଜା )—ଅପୂଜତ; ଯାହାଙ୍କର
Binapūjā ପୂଜା କରାଯାଇ ନାହିଁ—Unworshipped. [ ଉ—ବନାପୂଜା ଦେବତା, କରଥିଲେ ହୋଇବା ପୂଜତା । ଭଞ୍ଜ. ବୈଦେହୀଶବଳାସ । ]

ବନାମ—ସ. ବ ( ବି+ନମ ଧାତୁ+ଭାବ ଅ )—୧ । ନଇଁବା ( ହ୍.
Bināma ଷ )—1. Bending. ୨ । ରୋଗ ଯୋଗୁଁ ଶରୀର ନଇଁ ପଡ଼ିବା, [ ହ୍. ଷ ଭାବପ୍ରକାଶ ]—2. The bending of the body due to disease. ୩ । [ ବ୍ୟାକରଣ ] ଦନ୍ତ୍ୟ ବର୍ଣ୍ଣର ମୂର୍ଦ୍ଧନ୍ୟ ବର୍ଣ୍ଣରୁ ପରବର୍ତ୍ତନ; ଷତ୍ୱବିଧାନ ଓ ଣତ୍ୱବିଧାନ—3. (grammar) Change of a dental letter into a cerebra (Apte); the substitution of sha for sa and ṇa for na.

ବନାମା—ଦେ. ବି [ ବଙ୍ଗଳାରୁ ଅନୁକୃତ ]—୧ । ଚଟିଯୋତା—
Bināmā 1. Slippers. ୨ । ପାଉଁଯୋଛ—2. Door-mattress. ସ. ବିଣ [ ବ+ନାମନ ]—ନାମହୀନ—Nameless.

ବନା ମାଗିବା—ଦେ. କ୍ରି—ତାସ୍ ବା ଗଞ୍ଜପା ଖେଳ ଆରମ୍ଭରେ ସାଙ୍ଗ
Binā māgibā ଖେଳାଳଙ୍କୁ ସାର ବଦଳ ମାଗିବା—To ask for exchange of cards in a game of cards.

ବନା ମାରିବା—ଦେ. କ୍ରି—ତାସ୍ ବା ଗଞ୍ଜପା ଖେଳରେ ହାତମ ସାର ନ
Binā māribā ଥିଲେ ଅନ୍ୟଙ୍କର ତାସ୍ ପକାଇବା—To give a pass card in a game of cards.

ବନାୟକ—ସ. ବ. ପୁଂ [ ବ+ନୀ ଧାତୁ+କର୍ତ୍ତୃ ଅକ ]—୧ । ଗଣନାଥ
Bināyaka ଗଣେଶ—1. Ganesa. ୨ । ଶିକ୍ଷାଗୁରୁ—2. Teacher; tutor. ୩ । ଧର୍ମଗୁରୁ; ମନ୍ତ୍ରଗୁରୁ—3. Spiritual guide. ୪ । ପକ୍ଷିରାଜ ଗରୁଡ଼—4. Garurda, the king of birds. ୫ । ବୁଦ୍ଧଦେବ—5 The Buddha ୬ । ବଘ୍ନ—6. Obstacle ୭ । ବୌଦ୍ଧଃ ମୀବଳମ୍ବୀ ଅମରସିଂହ [ ଦ୍ର—ଏ ଜଣେ ବୌଦ୍ଧଗୁରୁ ଥିଲେ ।]—7. Amarasimha, the Buddhist saint. [ ଉ—ଏଣୁଟ ସୁଧାକର କଳାନଧ, ପର୍ଯ୍ୟାୟେ ବଳେ ବିନାୟକେ ସିଦ୍ଧି । ଭଞ୍ଜ. କୋଟୀବ୍ରହ୍ମାଣ୍ଡସୁନ୍ଦରୀ । ]

ବନାୟକ ପୂଜନ—ଦେ. ବ—(ଗରୁଡ଼ଦ୍ୱାରା ପୂଜତ)—ନାରାୟଣ; ବଷ୍ଣୁ—
Bināyaka pūjana Bishṇu. [ ଉ—ବନାୟକପୂଜନ ହେଲେ ଏ ବେନ ଜନ ମୂର୍ତ୍ତ ଅସିବ ଖରେ ଯେ । ଭଞ୍ଜ. ବୈଦେହୀଶବଳାସ । ]

ବନାୟକ ବ୍ରତ—ସ. ବ—ଗଣେଶ ଚତୁର୍ଥୀ; ଭାଦ୍ର ଶୁକ୍ଳ ଚତୁର୍ଥୀ—
Bināyaka brata The 4th. day of the bright fortnight of Bhādra.

ବନାୟକ (ରାଓ ବାହାଦୁର)—ସ: ବ—(ନାମ)—ଜଣେକ ମହାରାଷ୍ଟ୍ରୀ
Bināyaka (rāo bāhādur) ଜ୍ୟୋତଷୀ—An astronomer belonging to the Marhatta country. [ ଦ୍ର—ଏ ଇଂରାଜୀ ଓ ଫାର୍ସୀ କୋଷର ଗ୍ରନ୍ଥ ଅବଲମ୍ବନରେ ମରହଟ୍ଟୀଭାଷାରେ କୋଷାଷ୍ଟକ ନାମରେ ଏକ ସାରଣୀ ଗ୍ରନ୍ଥ ରଚନା କରଥିଲେ । ଏ ଶକ ୧୭୪୬—୧୮୦୬ ମଧ୍ୟରେ ଜୀବତ ଥିଲେ ।]

ବନାୟିକା—ସ. ବ. ସ୍ତ୍ରୀ—(ବନାୟକ+ସ୍ତ୍ରୀ. ଆ)—ଗରୁଡ଼ ପତ୍ନୀ—
Bināyikā The wife of Garurda.

ବନାଶ(ଷ) କାରଣେ—ଗ୍ରା. କ୍ରି. ବଣ—(ସ. ବନା+କାରଣ)—ବନା
Binās(sa) kārane କାରଣରେ; ବୃଥା; ଅକାରଣ—ବିନା କାରଣେ ବିନା କାରଣ In vain; without any cause. (ଯଥା—ସାଅନ୍ତ ବନାଶ କାରଣେ ମୋ ଉପରେ ରୁଷିଛନ୍ତି ।)

ବନାଶ—ସ. ବ—(ବ+ନଶ୍ ଧାତୁ+ଭାବ. ଅ)—୧ । ଧ୍ୱଂସ; ଉଚ୍ଛେଦ;
Bināsa ସର୍ବନାଶ—1. Ruin ୨ । ଲୋପ; ଅଦର୍ଶନ—2 Extinction; disappearance. ୩ । ମୃତ୍ୟୁ—3. Death. ୪ । କ୍ଷୟ; କ୍ଷତ—4. Decay; loss.

[ଉ—ବିନାଶ ନାସା ଶ୍ରବଣ ସୂର୍ପଣଖା ପ୍ରବେଶ ଲଙ୍କାର । ଭଞ୍ଜ. ବୈଦେହୀଶବିଳାସ । ] ୫ । ଅପଚୟ—5. Waste; depredation. ୬ । ଅଭାବ—6. Want; nonexistence. ୭ । ସଙ୍ଗୀତର ଶେଷ ସ୍ୱରବିଶେଷ—7. The closing note of a strain.

**ବିନାଶକ**—ସଂ. ବିଣ. ପୁଂ—(ବି+ନଶ୍ ଧାତୁ+କର୍ତ୍ତୃ, ଅକ)—୧ । Bināśaka ଧ୍ୱଂସକାରକ—1. Ruinous; destructive. (ବିନାଶିକା—ସ୍ତ୍ରୀ) ୨ । ଘାତକ—2. Killing; destroying. ୩ । ଅପକାରକ—3. Injurious. ସଂ. ବି—୧ । ଘାତକ ବ୍ୟକ୍ତି—1. A murderer. ୨ । ବିନାଶକାରୀ ବସ୍ତୁ—2. A thing that destroys.

**ବିନାଶନ**—ସଂ. ବି—(ବି+ନଶ୍ ଧାତୁ; ଣିଚ+ଭାବ. ଅନ)—ବିନାଶ Bināśana କରଣ—Act of destroying. ସଂ. ବିଣ—(ଅନ୍ୟ ଶବ୍ଦ ସଙ୍ଗେ ଯୁକ୍ତ ହେଲେ; ଯଥା—ପାପ ବିନାଶନ) ବିନାଶକ; ବିଲୋପକାରୀ—Destroying. ଦେ. ବି—(ସଂ. ବିନା+ଅଶନ) ଅନାହାର; ଅନଶନ—Fasting. ବିଶ୍ୱାସ ଅନନ୍ତ ଶରଦିମାନ; ବିନାଶନରେ ଅକୁଳ ସମାନ । ଭଞ୍ଜ. ବୈଦେହୀଶବିଳାସ । ଦେ. ବିଣ.—୧ । ମୃତ—1. Dead (ଉ—ବିନାଶନ ମୋ ବାଛୁର, ଭୁଷେ ଚପଳ । ଭଞ୍ଜ. ବୈଦେହୀଶବିଳାସ ।) ୨ । ନଷ୍ଟ—2 Spoiled. (ଉ—ବଳାହକ ବିନା ବିନାଶନ ପ୍ରାୟ ଭାନୁ ଭାନୁ କାହିଁ ପାଇଁ ସେ । ଭଞ୍ଜ. ବୈଦେହୀଶବିଳାସ ।)

**ବିନାଶନ ବ୍ରତ**—ଦେ. ବି—ପ୍ରାୟୋପବେଶନ; ଅନାହାରରେ ମରିବା ପାଇଁ Bināśana brata ବସିରହିବା—Fasting unto death. (ଉ—ବିନାଶନ ବ୍ରତେ ମରିବା ଇଚ୍ଛନ୍ତି ଖଣ୍ଡିଛି ଅଧରପାନ. ଭଞ୍ଜ. ପ୍ରେମ ସୁଧାନିଧି ।)

**ବିନାଶନୀ**—ଦେ. ବିଣ. ସ୍ତ୍ରୀ—(ସଂ. ବିନାଶିନୀ)—ନାଶକାରିଣୀ—Bināśani Destroying. (ଉ—ସେ କୂପ ପୁଣ୍ୟ ବିନାଶନୀ, ନିର୍ମିତ କଲେ ପଦ୍ମଯୋନି । ଜଗନ୍ନାଥ. ଭାଗବତ ।

**ବିନାଶନୀୟ**—ସଂ. ବିଣ—(ବି+ନଶ ଧାତୁ; ଣିଚ+କର୍ମ. ଅନୀୟ) Binaśaniya ଧ୍ୱଂସନୀୟ; ଧ୍ୱଂସର ଯୋଗ୍ୟ—Perishable; (ବିନାଶୟିତବ୍ୟ—ଅନ୍ୟରୂପ) destructible.

**ବିନାଶପ୍ରାପ୍ତ**—ସଂ. ବିଣ—(୨ୟା ତତ୍; ବିନାଶ+ପ୍ରାପ୍ତ)—ବିନଷ୍ଟ—Binaśa prāpta Ruined; spoiled.

**ବିନାଶ ରହିତ**—ସଂ. ବିଣ—(୩ୟା ତତ୍)—ଅବିନାଶୀ—Binaśa rahita (ବିନାଶଶୂନ୍ୟ—ଅନ୍ୟରୂପ) Indestructible.

**ବିନାଶଶୀଳ**—ସଂ. ବିଣ. (ବହୁବ୍ରୀହି)—ଧ୍ୱଂସଶୀଳ—Binaśaśila Subject to decay.

**ବିନାଶିତ**—ସଂ. ବିଣ—(ବି+ନଶ ଧାତୁ ଣିଚ+କର୍ମ. ତ)—୧ । Binaśita ନିହତ—1. Killed; destroyed. ୨ । ବିନାଶପ୍ରାପ୍ତ—2. Ruined; spoiled.

**ବିନାଶିବା**—ଦେ. (ପଦ୍ୟ) କ୍ରି (ସଂ. ବିନାଶ)—୧ । ବିନାଶ କରିବା—Binaśiba বিনাশা बिनाशना 1. To ruin; to destroy. ୨ । ବିନଷ୍ଟ ହେବା—2. To be destroyed. (ଉ—ଏ ଶ୍ଳୋକେ ଯେବା ଅଧ୍ୟୟନ, ଶୁଣନ୍ତେ ପାପ ବିନାଶନ୍ତି । ଜଗନ୍ନାଥ. ଭାଗବତ ।)

**ବିନାଶୀ**—ସଂ. ବିଣ (ବିନାଶ+ଇନ୍; ୧ମା. ୧ବ)—୧ । ବିନାଶଶୀଳ; Binaśi ନଶ୍ୱର—1. Perishable; liable to decay. (ବିନାଶିନୀ—ସ୍ତ୍ରୀ) ୨ । (ବି+ନଶ ଧାତୁ ଣିଚ୍+କର୍ତ୍ତୃ. ଇନ୍)—2. Destroying. ଦେ. ବିଣ—ବିନା ନିମନ୍ତ୍ରଣରେ ଖାଇବାକୁ ଉପସ୍ଥିତ—Come to a feast without invitation. [ ଦ୍ର—ଏହା ଅନାଶୀ ଶବ୍ଦ ସଙ୍ଗେ (ଅନାଶୀ—ଦ୍ରଷ୍ଟବ୍ୟ) ସହଚରରୂପେ ବ୍ୟବହୃତ ହୁଏ ।]

**ବିନାଶୋନ୍ମୁଖ**—ସଂ. ବିଣ (୭ମୀ ତତ୍ ବା ୪ର୍ଥୀ ତତ୍; ବିନାଶ+Binaśonmukha ଉନ୍ମୁଖ)—୧ । ମରଣୋଦ୍ୟତ—1. About to die. ୨ । ପତନୋନ୍ମୁଖ—2. Going; to fall. ୩ । ପକ୍ୱ—3. Ripe. ୪ । ବିନଷ୍ଟପ୍ରାୟ—4. Almost destroyed. ୫ । ମୃତପ୍ରାୟ—5. Almost dead. ୬ । ମ୍ରିୟମାଣ—6. Dying; moribund.

**ବିନାଶ୍ୟ**—ସଂ. ବିଣ (ବି+ନଶ୍ ଧାତୁ ଣିଚ୍+କର୍ମ. ଯ)—ଧ୍ୱଂସନୀୟ; Binaśya ବିନାଶଯୋଗ୍ୟ—Perishable.

**ବିନାସ(ସି)କ**—ସଂ. ବିଣ. ପୁଂ—ବିଗତନାସିକ; ନାସିକାଶୂନ୍ୟ—Binaśa(si)ka (ବିନାସିକା—ସ୍ତ୍ରୀ) Noseless (Apte).

**ବିନାହ**—ସଂ. ବି (ବି+ନହ୍ ଧାତୁ=ଆଚ୍ଛାଦନ କରିବା+କରଣ. ଅ)—Binaha କୂପର ମୁଖାଚ୍ଛାଦନ—A lid for the mouth of a well.

**ବିନାହକ୍**—ପ୍ରାଦେ (ସମ୍ବଲପୁର) କ୍ରି. ବିଣ (ଭୁଲ. ହି. ନାହକ୍)—Binahak ଅକାରଣରେ; ବୃଥା—In vain; fruitlessly.

**ବିନିଃସରଣ**—ସଂ. ବି (ବି+ନିର୍+ସୃ ଧାତୁ=ବାହାରିବା+ଭାବ. Binihsarana ଅନ)—ବହିର୍ଗମନ—Coming out; emerging; issuing out.

**ବିନିଃସୃତ**—ସଂ. ବିଣ (ବି+ନିର୍+ସୃ ଧାତୁ+କର୍ତ୍ତୃ. ତ)—୧ । ବହି-Binihsruta ର୍ଗତ—1. Issued out. ୨ । ବହିଃପତିତ—2. Come out.

**ବିନିକ୍ଷିପ୍ତ**—ସଂ. ବିଣ (ବି+ନି+କ୍ଷିପ ଧାତୁ+କର୍ମ, ତ)—୧ । ଯାହା Binikshipta ଏଣେ ତେଣେ ଫୋପଡ଼ା ଯାଇଥାଏ—1. Prope- (ବିନିକ୍ଷେପ—ବି) lled; tossed. ୨ । ବହିଷ୍କୃତ—2. Thrown away.

**ବିନିଗଡ଼**—ସଂ. ବିଣ (ବି=ବିଗତ+ନିଗଡ଼)—୧ । ଶୃଙ୍ଖଳଶୂନ୍ୟ—Binigarda 1. Unfettered. ୨ । ଅନିୟନ୍ତ୍ରିତ—2. Unrestrained. ୩ । ସ୍ୱାଧୀନ—3. Free (Apte)

**ବିନିଗମକ**—ସଂ. ବି. ପୁଂ (ବି+ନି+ଗମ୍ ଧାତୁ ଣିଚ୍+କର୍ତ୍ତୃ. ଅକ)—Binigamaka ୧ । ପ୍ରତିପାଦକ—1. Accomplishing; (ବିନିଗମିକା—ସ୍ତ୍ରୀ) demonstrating. ୨ । ନିର୍ଣ୍ଣାୟକ—

2. Ascertaining. ୩ । ସନ୍ଦେହନିବାରଣ—3. Removing doubt. ୪ । ବ୍ୟବଚ୍ଛେଦନ—4. Dissecting. ୫ । ଦୁଇ ପକ୍ଷ ମଧ୍ୟରୁ ଏକ ପକ୍ଷର ସିଦ୍ଧି ଘଟାଇବା ଭାବ ( ବୃ. ଶ )—5. Bringing success to one of the two parties,

ବିନିଗମନ(ନା)—ସଂ. ବି ( ବି+ନି+ଗମ୍ ଧାତୁ ଣିଚ୍+ଭାବ. ଅନ; ସ୍ତ୍ରୀ. Binigamana(nā) ଆ )—୧ । ବ୍ୟବଚ୍ଛେଦନ—1. The cutting of a thing into parts. ୨ । (+ କରଣ ଅନ ) ନିଶ୍ଚିତୋପାୟ—2. Sure way; sure means. ୩ । ମୀମାଂସା—3. Decision. ୪ । କୌଣସି ସିଦ୍ଧାନ୍ତରେ ଉପସ୍ଥିତ ହେବାର କାରଣ—4. Reasons leading to a decision.

ବିନିଗ୍ରହ—ସଂ. ବି ( ବି+ନିଗ୍ରହ )—୧ । ନିୟନ୍ତ୍ରଣ; ଦମନ— Binigraha 1. Restraining; curbing ( Apte ); ୨ । ପରସ୍ପର ବିରୋଧ—2. Antithesis; mutual opposition ( Apte ),

ବିନିଘ୍ନ—ସଂ. ବି ( ବି+ନି+ହନ୍ ଧାତୁ+କର୍ମ. ଅ )—୧ । ନଷ୍ଟ ( ବୃ. Binighna ଶ )—1. Spoilt. ୨ । ଗୁଣିତ ( ବୃ. ଶ )— 2. Multiplied,

ବିନିଦ୍ର—ସଂ. ବିଣ ( ବହୁବ୍ରୀହି; ବି=ବିଗତ+ନିଦ୍ରା )—୧ । ନିଦ୍ରା Binidra ରହିତ—1. Sleepless. ୨ । ଜାଗରିତ— ( ବିନିଦ୍ରା—ସ୍ତ୍ରୀ ) 2. Awake. ୩ । ଉନ୍ମିଳିତ—3. Opened ( not closed ), ୪ । ବିକାଶିତ—4. Expanded; bloomed(as a flower) ୫ । ପ୍ରକାଶିତ—5. Manifested; disclosed; revealed. ୬ । ସାବଧାନ— 6. Cautious. ସଂ. ବି—ଅସ୍ତ୍ର ପ୍ରୟୋଗରେ ନିଦ୍ରିତ ବା ମୂର୍ଚ୍ଛିତ ବ୍ୟକ୍ତିର ନିଦ୍ରାଭଙ୍ଗ ବା ମୂର୍ଚ୍ଛାଭଙ୍ଗ କରାଇବା ଅସ୍ତ୍ର ସଂହାରବିଶେଷ ( ବୃ. ଶ )—A withdrawal of the effect of a weapon which has caused sleep or coma.

ବିନିନ୍ଦିତ—ସଂ. ବିଣ (ବି+ନିନ୍ଦ୍ ଧାତୁ+କର୍ମ. ତ)—ଲାଞ୍ଛିତ— Binindita Censured; much blamed. (ବିନିନ୍ଦିତା—ସ୍ତ୍ରୀ) [ବିନିନ୍ଦା—ବି]

ବିନିନ୍ଦ୍ୟ—ସଂ. ବିଣ (ବି+ନିନ୍ଦ୍ ଧାତୁ+କର୍ମ. ଯ)—ଅନିନ୍ଦ୍ୟ; ପ୍ରଶଂସ- Binindya ନୀୟ—Praiseworthy. [ ଯଥା—ବିନିନ୍ଦ୍ୟ ଦୃଶ୍ୟ ଜୋଗାଇବ, ବିକାଶେ ସୁମନ ପ୍ରମୋଦ । ଉପେ. ବୈଦେହୀଶ- ବିଳାସ ।] ୨ । ନିନ୍ଦନୀୟ—2. Deserving censure.

ବିନିପାତ—ସଂ. ବି (ବି+ନି+ପତ୍ ଧାତୁ+ଭାବ. ଅ)—୧ । ଅଧଃ- Binipāta ପତନ—1. Fall; fall from a high posi- ( ବିନିପାତକ—ବ୍ୟକ୍ତିବାଚକ ବିଶେଷଣ ) tion; fall from virtue; downfall. ୨ । ଅପମାନ; ଅବମାନନା— 2. Dishonour; disrespect. ୩ । ବଂଶକ୍ଷୟ— 3. Extinction of a family. ୪ । କ୍ଳେଶ; ଦୁଃଖ— 4. Misery; distress; pain (Apte). ୫ । ମୃତ୍ୟୁ— 5. Death. ୬ । ଦୈବିକ ଦୁଃଖ—6. Mishap; misfortune; accident. ୭ । ବିନାଶ; ଧ୍ୱଂସ— 7. Ruin; destruction (Apte). ୮ । ଘଟଣା— 8. Occurrence; happening (Apte).

ବିନିପାତିତ—ସଂ. ବିଣ (ବି+ନି+ପତ୍ ଧାତୁ ଣିଚ୍+କର୍ମ. ତ)— Binipātita ୧ । ଅଧଃପାତିତ—1. Overthrown. ୨ । ବିନାଶିତ—2. Destroyed; ruined. ୩ । ଅପମାନିତ—3. Disgraced; dishonoured.

ବିନିବର୍ତ୍ତିତ—ସଂ. ବିଣ (ବି+ନି+ବୃତ୍ ଧାତୁ ଣିଚ୍+କର୍ମ. ତ)— Binibarttita ପ୍ରତ୍ୟାବର୍ତ୍ତିତ—Brought back; returned; (ବିନିବର୍ତ୍ତନ—ବି) caused to return.

ବିନିବୃତ୍ତ—ସଂ. ବିଣ (ବି+ନି+ବୃତ ଧାତୁ+କର୍ତ୍ତୃ. ତ)—ପ୍ରତ୍ୟାବୃତ୍ତ— Binibrutta Returned; come back.

ବିନିବେଶ—ସଂ. ବି (ବି+ନି+ବିଶ୍ ଧାତୁ+ଭାବ. ଅ)—ପ୍ରବେଶ; Binibeśa (ବିନିବିଷ୍ଟ, ବିନିବେଶିତ—ବିଣ) ପଶିବା—Entering. [ବିନିବେଶକ, ବିନିବେଶୀ—ବ୍ୟକ୍ତିବାଚକ ବିଣ]

ବିନିମୟ—ସଂ. ବି (ବି+ନି+ମୀ ଧାତୁ+ଭାବ. ଅ)—୧ । ପରିବର୍ତ୍ତନ; Binimaya ବଦଳ; ଏକ ବସ୍ତୁକୁ ଦେଇ ତତ୍ପରିବର୍ତ୍ତେ ଅନ୍ୟ ବସ୍ତୁର ଗ୍ରହଣ—1. Exchange; barter. ୨ । ପ୍ରତି- ଦାନ—2. Requital; return-gift; a return; retaliation, ୩ । ବନ୍ଧକ-3. Pledge. ୪ । ଗଚ୍ଛିତ ଧନ- 4. Deposit. ୫ । ଅକ୍ଷରମାନଙ୍କର ପରସ୍ପର ପରିବର୍ତ୍ତନ— 5. Transmutation of letters.

ବିନିମିଷ—ଦେ. ବିଣ (ସଂ. ବି+ନିମେଷ)—ନିର୍ନିମେଷ; ପକ୍ଷ୍ମପାତଶୂନ୍ୟ— Binimisha, Winkless. [ ଯଥା—ବିନିମିଷେ ଯେ, ମୀନ ସମାନେ, ଖଞ୍ଜନ ଜିଣେ ଭୟେ । ଉପେ. ବୈଦେହୀଶବିଳାସ ।]

ବିନିମିତ—ସଂ. ବିଣ (ବି+ନି+ମୀ ଧାତୁ+କର୍ମ. ତ)—୧ । କୃତ- Binimita ବିନିମୟ; ବଦଳା ଯାଇଥିବା—2. Exchanged; bartered. ୨ । ବନ୍ଧକ ରଖା ଯାଇଥିବା-2. Pledged. ୩ । ପ୍ରତିଦତ୍ତ—3. Given in return.

ବିନିମେଷ—ସଂ. ବି—ଅକ୍ଷି ପିଛୁଳା— Binimesha Twinkling of the eyes (Apte).

ବିନିୟତ—ସଂ. ବିଣ (ବି+ନି+ଯମ୍ ଧାତୁ+କର୍ମ. ତ)—୧ । ସଂଯତ— Biniyata 1 Restrained; curbed. ୨ । ବନ୍ଦୀକୃତ— 2. Confined. ୩ । ଶାସିତ—3. Ruled; controlled; kept under discipline. ୪ । ନିବାରିତ— 4. Prevented.

ବିନିୟମ—ସଂ ବି (ବି+ନି+ଯମ୍ ଧାତୁ+ଭାବ. ଅ)—୧ । ବିଶିଷ୍ଟ Biniyama ନିୟମ—1. Special rule. ୨ । ନିବାରଣ - 2. Warning; preventing. ୩ । ନିରୋଧ— 3. Stopping. ୪ । ନିଷେଧ—4. Forbidding.

ବିନିଯୁକ୍ତ—ସଂ. ବିଣ (ବି+ନି+ଯୁଜ୍ ଧାତୁ+କର୍ମ. ତ)—୧ । ନିୟୋଜିତ- Binijukta 1. Employed; commissioned; engaged. ୨ । ପ୍ରେରିତ—2. Sent. ୩ । ପ୍ରଦତ୍ତ—3. Given.

**ବିନିଯୋଗ**—ସଂ. ବି· ( ବି+ନି+ଯୁଜ୍ ଧାତୁ+ଭାବ. ଅ )—୧ । **Binijoga** ପ୍ରେରଣ—1. Sending. ୨ । ପ୍ରତିଦାନର ଉଦ୍ଦେଶ୍ୟରେ ଆଶାରେ ପ୍ରଦାନ ବା ଅର୍ପଣ—2. Giving or parting with a thing in expectation of a suitable return; investment. ୩ । ପ୍ରୟୋଗ—3. Employment; engagement. ୪ । ନିଯୋଜନ—4. Appointing. ୫ । ଆଦେଶ; ଅନୁମତି—5. Permission; order. ୬ । ବୈଦିକ ଅନୁଷ୍ଠାନରେ କୌଣସି ମନ୍ତ୍ରର ପ୍ରୟୋଗ (ହି. ଶ)—6. Applying of a vedic formula in connection with a particular ritual.

**ବିନିଯୋଜିତ**—ସଂ ବିଣ—(ବି+ନି+ଯୁଜ୍ ଧାତୁ, ଣିଚ୍+କର୍ମ. ତ)—**Binijojita** ୧ । ଉଦ୍ଦେଶ୍ୟତ ଆଶାରେ ଅର୍ପିତ—1. Given in (ବିନିଯୋଜକ—କର୍ତ୍ତୃବାଚକ) anticipation of suitable return; invested. ୨ । ସ୍ଥାପିତ—2; Established. ୩ । ନିଯୁକ୍ତ—3. Appointed. ୪ । ପ୍ରେରିତ—4. Sent; commissioned. ୫ । ପ୍ରବର୍ତ୍ତିତ—5. Promulgated.

**ବିନିର୍ଗତ**—ସଂ. ବିଣ—(ବି+ନିର୍+ଗମ ଧାତୁ+କର୍ତ୍ତୃ. ତ)—୧ । **Binirgata** ନିଃସୃତ; ବହିର୍ଗତ—1. Gone forth; issued. (ବିନିର୍ଗମ—ବି) ୨ । ନିଷ୍କ୍ରାନ୍ତ—2. Gone out; departed. ୩ । ଅପସୃତ—3. Expelled: displaced. ୪ । ପ୍ରସ୍ଥିତ—4. Started; gone. ୫ । ଅତୀତ—5. Past; elapsed.

**ବିନିର୍ଗମ**—ସଂ. ବି—(ବି+ନିର୍+ଗମ ଧାତୁ+ଭାବ. ଅ)—୧ । ବହିର୍ଗମନ—1. Going forth; issuing out. **Binirgama** (ବିନିର୍ଗମନ—ଅନ୍ୟରୂପ) ୨ । ପ୍ରସ୍ଥାନ—2. Departure.

**ବିନିର୍ଜ୍ଜି(ର୍ଜି)ତ**—ସଂ. ବିଣ—(ବି+ନିର୍+ଜି ଧାତୁ+କର୍ମ. ତ)—ପରାଭୂତ; **Binirjji(rji)ta** ପରାଜିତ—Vanquished; defeated. (ବିନିର୍ଜ୍ଜୟ—ବି)

**ବିନିର୍ଣ୍ଣୀତ**—ସଂ. ବିଣ—(ବି+ନିର୍+ନୀ ଧାତୁ+କର୍ମ. ତ)—ଅବଧାରିତ **Binirnnita** (ବିନିର୍ଣ୍ଣୟ—ବି) Ascertained

[ଦ୍ର—ଏହିପରି 'ବି' ଉପସର୍ଗ ଯୋଗରେ ବହୁ ପଦ ନିଷ୍ପନ୍ନ ହୁଏ; ଯଥା—ବିନିର୍ଧୂତ, ବିନିର୍ବୃତ୍ତ, ବିନିର୍ଭୟ, ବିନିର୍ମୁକ୍ତ, ବିନିଶ୍ଚୟ, ବିନିଶ୍ଚିତ, ବିନିଷ୍ଫଳ, ବିନିଶ୍ଶେଷ, ବିନିହତ ଇତ୍ୟାଦି ।]

**ବିନି(ର୍ଦ୍ଧୁ)ର୍ଧୂତ**—ସଂ. ବିଣ—(ବି+ନିର୍ଧୂତ)—୧ । ବିତାଡ଼ିତ—1. **Binir(ddhu)rdhuta** Expelled. ୨ । ବିକମ୍ପିତ ହୋଇ ପାତିତ; ଝଡ଼ାଯାଇ ଖସିପଡ଼ିଥିବା—2. Shaken off; dispelled. ୩ । ଅବମାନିତ—3. Insulted.

**ବିନିର୍ମୁକ୍ତ**—ସଂ. ବିଣ—(ବି+ନିର୍ମୁକ୍ତ)—୧ । ବହିର୍ଗତ—1 Come out. **Binirmukta** ୨ । ଅନାଚ୍ଛନ୍ନ—2. Open. ୩ । (ବିନିର୍ମୁକ୍ତି—ବି) ବନ୍ଧନ ରହିତ—3. Free from a bond.

**ବିନିର୍ମୋକ**—ସଂ. ବିଣ. ପୁଂ—(ବି+ନିର୍ମୋକ)—୧ । ପରିଧାନ ଶୂନ୍ୟ—**Binirmoka** 1. Devoid of clothing. ୨ । କାତି ଛାଡ଼ି- (ବିନିର୍ମୋକା—ସ୍ତ୍ରୀ) ଥିବା (ସର୍ପ)—2. (a snake) Which has cast off its slough

**ବିନିହତ**—ସଂ. ବିଣ—(ବି+ନିହତ)—୧ । ବିଶେଷରୂପେ ଆହତ—**Binihata** 1. Wounded. ୨ । ମାରିତ; ହତ—2. Killed ୩ । ଧ୍ୱସ୍ତ; ବିନଷ୍ଟ—3. Destroyed. ୪ । ଲୁପ୍ତ; ମୂଳୋତ୍ପାଟିତ—4. Extinct; eradicated.

**ବିନୀତ**—ସଂ· ବିଣ. ପୁଂ—(ବି+ନୀ. ଧାତୁ+କର୍ତ୍ତୃ. ତ)—୧ । ବିନମ୍ର—**Binita** Humble. ୨ । ବିନୟୀ—2. Modest. ୩ । ( ବିନୀତା—ସ୍ତ୍ରୀ ) [ ବିନୀତତା(ତ୍ୱ)—ବି ] ଶିଷ୍ଟ, ଅନୁଦ୍ଧତ—3. Gentle; decent. ୪ । ଶାନ୍ତ—4. Meek. ୫ । ଜିତେନ୍ଦ୍ରିୟ—5. Of subdued passions self-controlled. ୬ । ଧାର୍ମିକ—6. Pious religious; god-fearing. ୭ । ଶିକ୍ଷିତ—7. Educated; trained. ୮ । ଶାସିତ—8. Punished; ruled. ୯ । ସ୍ଥାନାନ୍ତରକୁ ନୀତ—9 Taken out; carried from one place to another. ୧୦ । ନିକ୍ଷିପ୍ତ—10. Dispersed-thrown about. ୧୧ । ନିଭୃତ—11. Concealed; secret. ୧୨ । ଗୃହୀତ—12. Taken. ୧୩ । ଉପଭୁକ୍ତ—13. Enjoyed. ୧୪ । ସୁନ୍ଦର—14. Beautiful. ସଂ. ବି—୧ । ବଣିକ—1. Merchant; trader. ୨ । ଶିକ୍ଷିତ ଅଶ୍ୱ—2. Trained horse. ୩ । ଯୁଦ୍ଧାଶ୍ୱ—3. War-steed. ୪ । ଶିକ୍ଷିତ ଜୀବ—4. Trained animal. ୫ । ଦମନକ ଗୁଳ୍ମ (ହି. ଶ)—5. Damanaka (See) ୬ । (ନାମ) ପୁଲସ୍ତ୍ୟଙ୍କର ଏକ ପୁତ୍ର (ହି.ଶ.)—6, Name of a son of sage Pulastya,

**ବିନୀତକ**—ସଂ. ବି—(ବି+ନୀ ଧାତୁ+କରଣ. ତକ)—୧ । ଯାନ—**Binitaka** 1. Conveyance (Apte). ୨ । (+କର୍ତ୍ତୃ. ଅକ)—ବାହକ—2. A carrier; a bearer (Apte).

**ବିନୀତ ବେଶ**—ସଂ. ବିଣ. ପୁଂ—(ବହୁବ୍ରୀହି; ବିନୀତ+ବେଶ)—ଭଦ୍ର- **Binita besa** ବେଶଧାରୀ—Decently clad. (ବିନୀତବେଶା—ସ୍ତ୍ରୀ)

**ବିନୀତାତ୍ମା**—ସଂ. ବିଣ—(ବହୁବ୍ରୀହି; ବିନୀତ+ଆତ୍ମନ୍; ୧ମା. ୧ବ.)—**Binitatma** ୧ । ନମ୍ର ପ୍ରକୃତିବିଶିଷ୍ଟ—1. Humble-minded. ୨ । ଧର୍ମାତ୍ମା—2. God-fearing. ୩ । ଜିତାତ୍ମା—3. Self-controlled.

**ବିନୀୟ**—ସଂ. ବି—(ବି+ନୀ ଧାତୁ+କର୍ମ. ଯ; ନିପାତନ)—୧ । କାପଟ୍ୟ; **Biniya** ଛଳ—1. Deceit; trick. ୨ । ପାପ—2. Sin. ୩ । କଳ୍କ; ପିଡ଼ିଆ—3, Oil cake. ୪ । କାଣ୍ଡି—4. Sediment; dregs (Apte). ୫ । ଅପରାଧ—5. Crime (Apte).

ବିନୀୟମାନ— ସଂ. ବିଣ. ପୁଂ—( ବି+ନୀ ଧାତୁ+କର୍ମ. ଅନ)—
Biniyamāna ଶିକ୍ଷ୍ୟମାଣ; ଯାହାକୁ ଶିକ୍ଷା ଦିଆଯାଉଅଛି— (ବିନୀୟମାନା — ସ୍ତ୍ରୀ) Being trained or educated; undergoing training.

ବିନୁ(ନେ)—ଦେ. ଅ—ବିନା ( ଦେଖ )
Binu(ne) Binā ( See )
(ବିନୁରୁ—ଅନ୍ୟରୂପ) (ଉ—ତୋ ରୂପ ନ ଦେଖି ନୟନେ, ଇନ୍ଦ୍ରିୟ
ବିନୁ **बिन** ଯେସନେ ଅସ୍ଥା ବନେ । ଜଗନ୍ନାଥ, ଭାଗବତ )

ବିନୁକ୍ତି—ସଂ. ବି ( ବି+ନକ୍ ଧାତୁ+ଭାବ ତି, ନିପାତନ )—ପ୍ରଶଂସା
Binukti ( ହ. ଶ )— Praise.

ବିନେତବ୍ୟ—ସଂ. ବିଣ ( ବି+ନୀ ଧାତୁ+ କର୍ମ ତବ୍ୟ )—ଶାସନୀୟ—
Binetabya Governable.

ବିନେତା—ସଂ ବି ପୁଂ ( ବି+ନୀ ଧାତୁ+କର୍ତ୍ତୃ. ତୃ; ୧ମା ୧ବ )—
Binetā ୧ । ଶିକ୍ଷକ—1, Instructor. ୨ । ଶାସନକର୍ତ୍ତା; (ବିନେତ୍ରୀ—ସ୍ତ୍ରୀ) ନିୟମକର୍ତ୍ତା—2. Ruler. ୩ । ରାଜା—
3. King. ୪ । ଦଳର ନେତା—4. Leader.

ବିନେୟ—ସଂ. ବିଣ ( ବି+ନୀ ଧାତୁ+କର୍ମ ଯ )—୧ । ଶିକ୍ଷଣୀୟ—
Bineya 1, Fit to be traincd. ୨ । ଦଣ୍ଡନୀୟ—2. Punishable. ୩ । ଗ୍ରାହ୍ୟ—3. Acceptable.

ବିନୋଇ(ୟୀ)—ଗ୍ରା. କ୍ରି ବିଣ ( ସ ବିନୟୀ )—ବିନୀତ ହୋଇ; ନମ୍ର
Binoi(yi) ଭାବରେ—Modestly; humbly. (ଉ—କର
**विनय करे** ଦୁଇ ଯୋଡ଼ି ଅନୁମାଣିକ ବିନୋଇ ବୋଲଇ ଶୁଣିମା
**विनती करके** ଶଶିସେଣା ନେମାଦେଇ । ପ୍ରତାପ. ଶଶିସେଣା ।)

ବିନୋଇ(ୟି)ବା—ଦେ. କ୍ରି (ସ ବିନୟ)—୧ । ବିନୀତ ହୋଇ କହିବା-
Binoi(yi) 1. To speak humbly. ୨ । ବିନୀତ ହେବା—
**मिनति करा** 2. To be submissive. ୩ । ନିବେଦନ
**बिनती करना** କରିବା—3. To submit respectfully,
( ଉ—କର ଅଞ୍ଜଳି ଶିରେ ଦେଇ, ମୁନିଙ୍କ ଚରଣେ ବିନୋଇ । ଭୂପତି, ପ୍ରେମପଞ୍ଚାମୃତ । )

ବିନୋକ୍ତି—ସଂ. ବି (ବିନା+ଉକ୍ତି)—ବିନା ଶବ୍ଦ ପ୍ରୟୋଗ କରାଯାଇଥିବା
Binokti ଅର୍ଥାଲଙ୍କାରବିଶେଷ—A figure of speech.
(ଏହାର ଉଦାହରଣ—ସୁତ ବିନା ଶୋଭନ ଶୋଭନ ନୁହେଁ ।)

ବିନୋଦ—ସଂ. ବି ( ବି+ନୁଦ୍ ଧାତୁ+ଭାବ. ଅ )—୧ । ମନସ୍ତୁଷ୍ଟି;
Binoda ଆନନ୍ଦ—1. Gratification of mind; pleas-
(ବିନୋଦିତ—ବିଣ) ure; happines , ୨ । ଔତ୍ସୁକ୍ୟ—
2. Eagerness; vehemence. ୩ । ବିହାର; ଲୀଳା-
3. Pastime. ୪ । ଆମୋଦ ପ୍ରମୋଦ; କ୍ରୀଡ଼ାକୌତୁକ-
4. Pleasures; amusements; merriment; sports; play. ୫ । ଅପନୟନ; ଅପନୋଦନ—
4. Relieving of distress; alleviating; palliating. ୬ । ପ୍ରବୋଧନ; ସାନ୍ତ୍ୱନାଦାନ—6. Consolation. ୭ । (+କରଣ ଅ) ସମୟ ଯାପନୋପାୟ—
7. Diversion; relaxation. ୮ । ରସିକତା
ପ୍ରକାଶ—8. Witticism; humour. ୯ । (+ଅଧିକରଣ ଅ) ରାଜ ଗୃହ ବିଶେଷ; ପ୍ରମୋଦ ଗୃହ (ହ. ଶ)—
8. A King's pleasure house. ୯ । (+କରଣ ଅ ) ଆଲିଙ୍ଗନବିଶେଷ—9. A sort sexual enjoyment (Apte) or of embrance. ସ. ବିଣ—
ମନୋହର; ସୁନ୍ଦର—Beautiful. ଦେ. ବି—ବିନୋଦବିହାରୀର ଡାକ ନାମ—A popular name for Binodabihāri.

ବିନୋଦ ଗୃହ—ସ. ବି (୬ଷ୍ଠୀ ତତ୍; ବିନୋଦ+ଗୃହ)—ବିଳାସଭବନ;
Binoda gruha ବଇଠକଖାନା—Drawing room; par-
(ବିନୋଦ ଭବନ, ବିନୋଦଶାଳା, ବିନୋଦବାସ—ଅନ୍ୟରୂପ) lour.

ବିନୋଦନ—ସ. ବି ( ବି+ନୁଦ୍ ଧାତୁ+ଭାବ ଅନ )—୧ । ବିନୋଦ
Binodana (ଦେଖ)—1. Binoda (See) ୨ । ମନସ୍ତୋଷଣ-
2. Gratifying of the mind. ୩ । କ୍ରୀଡ଼ାକରଣ-
3. Playing.

ବିନୋଦିଆ—ଦେ. ବିଣ ( ସ ବିନୋଦୀ )—୧ । ଆମୋଦ ପ୍ରିୟ—
Binodiā 1, Fond of sports or amusements. ୨ ।
(ଅମୁକରେ) କ୍ରୀଡ଼ା କରିବାକୁ ଯେ ସୁଖପାଏ—2. Fond
**बिनोदिया** of sporting with. ( ଉ—ଫୁଲେ ଫୁଲେ ବୁଲୁ
**विनोदिया** ଥିଲେ ଯେଣୁ ସେ ପ୍ରଭୁ ଫୁଲ ବିନୋଦିଆ । ଗୀତକୃଷ୍ଣ, ଜଗମୋହନ । ) ୩ । କ୍ରୀଡ଼ାପ୍ରିୟ—3. Sportive.
୪ । ସୁନ୍ଦର—4. Charming; graceful. ୫ ।
ଆନନ୍ଦପ୍ରଦ—5. Gratifying. ୬ । ରସିକ—6. Witty; humorous. ଦେ. ବି—An epithet of Śrīkrushna.

ବିନୋଦ ବିହାରୀ—ସ. ବିଣ; ପୁଂ—କ୍ରୀଡ଼ାକାରୀ—Spoxting.
Binoda bihāri ସ, ବି—ଶ୍ରୀକୃଷ୍ଣ—Śrīkrushna. ଦେ. ବି
ପୁଂ—୧ । ଲୋକଙ୍କ ନାମ—1. A name given to males. ୨ । ଦେବ ବିଗ୍ରହଙ୍କ ନାମ—2. A name of an image of Śrīkrushna.

ବିନୋଦୀ—ସ. ବିଣ ପୁଂ ( ବିନୋଦ+ଯୁକ୍ତାର୍ଥେ ଇନ୍; ୧ମା ୧ବ )—
Binodi ୧ । ପ୍ରମୋଦଯୁକ୍ତ; କ୍ରୀଡ଼ାପ୍ରିୟ; କ୍ରୀଡ଼ାଶୀଳ—
(ବିନୋଦିନୀ—ସ୍ତ୍ରୀ) 1. Sportive. ୨ । ଆମୋଦପ୍ରଦ—
2. Gratifying. ୩ । ପରିହାସପ୍ରିୟ—4. Fond of jests; jestive; jocular. ୪ । ରସିକ—4. Witty; humorous.

ବିନ୍ତି—ବୈଦେ. ବି—ବିନ୍ତି ( ଦେଖ )
Binti Bin-ti ( See )

ବିନ୍ଦ୍ (ଧାତୁ)—ସ—ଅବୟବୀଭୂତ ହେବା—
Bind (root) To be embodied in.

ବିନ୍ଦ—ଦେ. (ପ୍ରାଚୀନ ପଦ୍ୟ) ବି. (ସ. ବିନ୍ଦୁ)—ବିନ୍ଦୁ; ଚିହ୍ନ, ଚିହ୍ନ; ଟୋପି-
Binda Small mark; sign; dot. (ଉ—ତାର ଲଲାଟେ ଚନ୍ଦ
**टीप बुँद** ବିନ୍ଦ, ଭୁରୁ ଦେଖି ପାଇବୁ ବିଭେଦ । ପ୍ରାଚୀ. ରସବାରିଧି ।)

ବିନ୍ଦି— ଦେ. ବି (ସଂ. ବିନ୍ଦୁ)—ସ୍ତ୍ରୀ ଲୋକଙ୍କ ମୁଣ୍ଡର ଅଳକା ବା କେତକୀ-
Bindi A crescent-shaped ornament put on
মাথার চাঁদ बिंदी the hair over the brow of a woman.

ବିନ୍ଦିଆ—ଦେ. ବି—ତ୍ରିଶୂଳାକୃତି ମଶାଲରେ ଜଳିବା ପାଇଁ ପ୍ରସ୍ତୁତ
Bindiā ତେଲାକ୍ତ କନାର ବିଣ୍ଡା—Circular rolls of rags
মসালের বিড়ী moistened with oil and fixed to the forks of trident-shaped torches.

ବିନ୍ଦୁ— ସଂ. ବି (ବିନ୍ଦ୍ ଧାତୁ+ସଜ୍ଞାର୍ଥେ କର୍ମ ଉ)—୧ । କଣିକା ମାତ୍ର;
Bindu କଣା—1. A very minute portion. ୨ । ତରଳ ଦ୍ରବ୍ୟର ଟୋପା—2 Drop. ୩ । ବୁନ୍ଦା; କ୍ଷୁଦ୍ର ଚିହ୍ନ—3. A very small mark; spot; a dot ୪ । ଅନୁସ୍ୱାର—4. The nasal alphabet representing 'm' and represented by a dot. ୫ । ବୀର୍ଯ୍ୟ; ଶୁକ୍ର—5. Semen. ୬ । (ଜ୍ୟାମିତି) ଦୈର୍ଘ୍ୟ, ବିସ୍ତାର ଓ ବେଧରହିତ ଅବସ୍ଥିତିଜ୍ଞାପକ ଚିହ୍ନ—(Geometry) A point that has no magnitude but has only position. ୭ । ଭ୍ରୂମଧ୍ୟ—7. The middlemost point of the forehead between the eyebrows. ୮ । ହସ୍ତୀଶୁଣ୍ଡରେ ଚିତ୍ରିତ ରଙ୍ଗର ଟୋପା—8. Spots painted on the trunk of an elephant. ୯ । କପାଳରେ ଦିଆଯିବା ଚନ୍ଦନାଦିର ଟୋପା—9. Small circular mark of sandalpaste, vermillion etc put on the middle of the brow. ୧୦ । ( ନାଟକରେ ) ଗୁଣୀଭୂତ ପରସ୍ପର ଘଟଣା—10. Inter-related incidents in a drama. ୧୧ । ପାଣ୍ଡୁଲିପିଆଦିରେ କଟା ହୋଇଥିବା ଶବ୍ଦମାନଙ୍କ ଉପରେ ଦିଆଯିବା ବିନ୍ଦୁଚିହ୍ନ, (ଯଦ୍ଦ୍ୱାରା ଉକ୍ତ ଶବ୍ଦମାନ କଟା ନ ହେବାର ସୂଚିତ ହୁଏ—11. (In manuscripts) Marks of points put over an erased word indicating that the word should not be erased (Apte.) ସଂ. ବିଣ ( ବିଦ ଧାତୁ+କର୍ତ୍ତୃ ଉ ) — ୧ । ବେତ୍ତା; ଜ୍ଞାତା; ଜ୍ଞାନୀ—1. Knowing; wise (Apte.) ୨ । ଦାତା; ଦାନଶୀଳ—2. Bestowing; munificent; liberal (Apte.)

ବିନ୍ଦୁକ—ସଂ. ବି ( ବିନ୍ଦୁ+କ )—ଛୋଟବିନ୍ଦୁ—A driblet; small
Binduka drop or point.

ବିନ୍ଦୁଚାଲିବା—ଦେ. କ୍ରି—୧ । ସାମାନ୍ୟ ବିନ୍ଦୁପାତପୂର୍ବକ ବୃଷ୍ଟିହେବା—
Binduchāḷibā 1. To rain in small drops,
[ବିନ୍ଦୁପକା(କେ)ଇବା—ଅନ୍ୟରୂପ] to dribble. ୨ । ବିନ୍ଦୁ-
বিন্দু বিন্দু জল ফেলা ଟାଳିବା; ( ପୁରୁଷ ପକ୍ଷରେ ) ରେତଃପାତ
बुंदगीराना କରିବା—2. To discharge one's semen.

ବିନ୍ଦୁ ଚିତ୍ରକ—ସଂ. ବି ( ବିନ୍ଦୁ+ଚିତ୍ରକ )—୧ । ଚିତ୍ରକର—1. A
Bindu chitraka painter. ୨ । ଚିତ୍ର ମୃଗ—2. Spotted deer.

ବିନ୍ଦୁ ଜାଲ—ସଂ. ବି. ( ବିନ୍ଦୁ=କ୍ଷୁଦ୍ର ଚିହ୍ନ+ଜାଲ=ସମୂହ )—୧ ।
Bindu jāḷa ବିନ୍ଦୁ ସମୂହ—1. A number of drops.
( ବିନ୍ଦୁ ଜାଲକ—ଅନ୍ୟରୂପ ) ୨ । ହସ୍ତୀର ଗଣ୍ଡ ସ୍ଥଳରେ ଥିବା କ୍ଷୁଦ୍ର କ୍ଷୁଦ୍ର ଚିହ୍ନ; ପଦ୍ମକ—2. The white or reddish spots on the temples of an elephant. ୩ । ହାତୀର ମୁହଁ ଓ ଶୁଣ୍ଢରେ ଚିତ୍ରିତ ବିନ୍ଦୁସମୂହ—3. Marks of coloured paint on the trunk and face of an elephant (Apte).

ବିନ୍ଦୁ ଟଳିବା—ଦେ. ବି—ରେତଃ ପାତ ହେବା—The discharge
Bindu ṭaḷibā বিন্দু টলা; বিন্দু পাত of one's semen
बिंदु टलना

ବିନ୍ଦୁ ଟାଳିବା—ଦେ. କ୍ରି—ରେତଃପାତ କରିବା—To discharge
Bindu ṭāḷibā বিন্দু ঢালা बिंदुटालना one's semen.

ବିନ୍ଦୁ ଧାରଣ—ସଂ. ବି—(୬ଷ୍ଠୀ ତତ୍, ବିନ୍ଦୁ+ଧାରଣ)—ବ୍ରହ୍ମଚର୍ଯ୍ୟ
Bindu dhāraṇa ବ୍ରତ ଅବଲମ୍ବନପୂର୍ବକ ବୀର୍ଯ୍ୟକୁ ଶରୀରରେ ରକ୍ଷଣ—The act of restraining the discharge of semen by observing continence.

ବିନ୍ଦୁ ପତନ—ସଂ. ବି—(୬ଷ୍ଠୀ ତତ୍; ବିନ୍ଦୁ+ପତନ)—୧ । ଜଳୀୟ
Bindu patana ବସ୍ତୁର ଟୋପାମାନ ପଡ଼ିବା—1. The fall-
(ବିନ୍ଦୁପାତ—ଅନ୍ୟରୂପ) ing of a liquid by drops. ୨ । ଛୋଟ ଛୋଟ ଟୋପାରେ ବର୍ଷା ହେବା—2. Raining in drops; dribble. ୩ । ଶୁକ୍ରକ୍ଷରଣ—3. The discharge of semen.

ବିନ୍ଦୁ ପତ୍ର—ସଂ. ବି—(ବହୁବ୍ରୀହି; ବିନ୍ଦୁ ଅଛି ପତ୍ରରେ ଯାହାର)—
Bindu patra ଭୂର୍ଜ ବୃକ୍ଷ—The birch tree.

ବିନ୍ଦୁ ପାତନ—ସଂ. ବି—(୬ଷ୍ଠୀ ତତ୍; ବିନ୍ଦୁ+ପାତନ)—ବୀର୍ଯ୍ୟପାତନ—
Bindu pātana The letting of one's semen to be discharged; the discharge of one's semen.

ବିନ୍ଦୁ ବିନ୍ଦୁ—ଦେ. କ୍ରି. ବିଣ—୧ । ଟୋପା ଟୋପା ହୋଇ—1. By
Bindu bindu বিন্দু বিন্দু drops.
୨ । ଅଳ୍ପ ଅଳ୍ପ—2. In driblets. ୩ । ଗୋଲ ଟୋପି ମାନଙ୍କରେ—3. In circular spots.

ବିନ୍ଦୁବିସର୍ଗ—ଦେ. ବି—କୌଣସି ଘଟଣାର କିଞ୍ଚିନ୍ମାତ୍ର ସମ୍ବାଦ—
Bindu bisarga Any slightest information about
বিন্দু বিসর্গ any matter. (ଯଥା—ମୁଁ ଏ କଥାର ବିନ୍ଦୁ ବିସର୍ଗ ଜାଣେ ନାହିଁ । ) ସଂ. ବି—୧ । କୌଣସି ଲେଖାରେ ଅକ୍ଷରମାନଙ୍କରେ ଥିବା ବିନ୍ଦୁ (ଅନୁସ୍ୱାର) ଓ ବିସର୍ଗ ଚିହ୍ନମାନ—1. The dots and dashes in a writing. ୨ । ଅନୁସ୍ୱାର ଓ ବିସର୍ଗର ଚିହ୍ନମାନ—2. The signs of Anuswāra and bisarga.

ବିନ୍ଦୁସର(ରଃ)—ସଂ. ବି—(ନାମ)—ତିବ୍ବତ ଦେଶାନ୍ତର୍ଗତ ପ୍ରସିଦ୍ଧ ଜଳାଶୟ—
Bindu sara(raḥ) An inland lake in Tibet,
(ବିନ୍ଦୁ ସରୋବର; ବିନ୍ଦୁ ହ୍ରଦ—ଅନ୍ୟରୂପ) [ଦ୍ର—ଏହା ମୈନାକ ପର୍ବତ ସମୀପରେ ଥିବା ମହାଭାରତରେ ଉଲ୍ଲିଖିତ

ଅଛୁ, ଯଥା—ମଇଳାକୁ ଯବଢେ ହୋଇଲେ ପ୍ରବେଶ । XXX ତାହା ସମୀପେ ଯେଉଁ ବିନ୍ଦୁସର ଅଛୁ । କୃଷ୍ଣସିଂହ. ମହାଭାରତ. ସଭା । ଭଗୀରଥ ଗଙ୍ଗାଙ୍କୁ ପୃଥିବୀରେ ଅବତରଣ କରାଇବା ପାଇଁ ଏହିଠାରେ ତପସ୍ୟା କରିଥିଲେ ।]

ବିନ୍ଦୁ ସରୋବର—ସଂ. ବି. (ନାମ)—ଭୁବନେଶ୍ୱରରେ ଥିବା ସ୍ୱନାମପ୍ରସିଦ୍ଧ Bindu sarobara ଜଳାଶୟ—A tank in Bhubaneswra.
ବିନ୍ଦୁସାଗର } ଅନ୍ୟରୂପ
ବିନ୍ଦୁ ହ୍ରଦ }
[ ଦ୍ର—ଏକାମ୍ର ପୁରାଣ ମତରେ ସବୁ ତୀର୍ଥର ଜଳବିନ୍ଦୁମାନ ସଂଗୃହୀତ ହୋଇ ଏ ଜଳାଶୟରେ ଅଛି । ଫଳତଃ ଏ ଜଳରେ ନେଳ ଉଦ୍ଭିଦ କଣାମାନ ପୂର୍ଣ୍ଣ ହୋଇଅଛି ଏବଂ ଦେଖାଯାଇଅଛି ଯେ ଏ ଜଳକୁ ଦଶ ବାର ପ୍ରସ୍ତ କନାରେ ଛାଣିଲେ ସୁଦ୍ଧା ଏ ନେଳ ବିନ୍ଦୁ ଟେଲିବିନ୍ଦୁରେ ପରିଣତ ହୁଏ, କିନ୍ତୁ ପାଣି ବିନ୍ଦୁମୟ ଦେଖାଯାଉଥାଏ । ଏଠାରେ ଲିଙ୍ଗରାଜ ମହାପ୍ରଭୁଙ୍କ ଚଳନ୍ତି ପ୍ରତିମାଙ୍କ ଦ୍ୱାରା ଚନ୍ଦନଯାତ୍ରା ଉତ୍ସବ କରାଯାଏ । ଏ ହ୍ରଦର ମଝିରେ ଗୋଟିଏ ବଡ଼ବେଦୀ ଓ ଚନ୍ଦନ ମଣ୍ଡପ ଅଛି । ଏ ହ୍ରଦ କ୍ରମଶଃ ପବଢେ ପୋତି ହୋଇ ଯାଉଛି । ]

ବିନ୍ଦୁସାର—ଦେଃ ବି. (ନାମ)—ମଗଧର ନରପତି ଅଶୋକଙ୍କର ପିତା—Bindusāra The father of King Asoka.
বিন্দুসার बिन्दुसार

ବିନ୍ଧନି—ପ୍ରାଦେ. (ସମ୍ବଲପୁର) ବି (ସଂ. ବେଧନୀ)—ଲିହଣ; ବିନ୍ଧାଣ—Bindh-ni Iron chisel.

ବିନ୍ଧ—ଦେ, ବି (ବ୍ୟଧ୍ ଧାତୁ=ବିନ୍ଧ କରିବା)—ଛିଦ୍ର; କଣା; ଫୋଡ଼—Bindha Bore; chink; hole; perforation.
বিঁধ, ছেঁদা छेद

ବିନ୍ଧ କରିବା—ଦେ. କ୍ରି—ଫୋଡ଼ିବା; ଛିଦ୍ର କରିବା—To bore Bindha kariba through a thing.
বিঁধা, ছেঁদা করা छेदना

ବିନ୍ଧଣ—ଦେ. ବି (ସଂ. ବେଧନ)—ରତି ସମୟରେ ସ୍ୱାମୀ ଓ ସ୍ତ୍ରୀ ମଧ୍ୟରେ Bindhaṇa ପରସ୍ପରକୁ ଆକର୍ଷଣ—Mutual drawing or attracting of each other during coition.

ବିନ୍ଧଣା—ଦେ. ବିଣ (ସଂ. ବ୍ୟଧ ଧାତୁ)—୧ । ମାରଣା (ଗାଈ, ବଳଦ Bindhaṇā ଆଦି); ଯେଉଁ ଶୃଙ୍ଗଯୁକ୍ତ ପଶୁ ଶିଙ୍ଗ ଦ୍ୱାରା ঘে শিংগ দিয়ে ফোড়ে ମନୁଷ୍ୟଙ୍କୁ ଭୁସେ—1. Given to gor- मरखन्ना, मरकहा ing people with horns (said of [ବିନ୍ଧ(ନ୍ଧୁ)(ନ୍ଧେ)ଣୀ—ସ୍ତ୍ରୀ) a horned animal). ୨ । (ଲକ୍ଷଣାର୍ଥ) ଯେଉଁ ଲୋକ କଷ୍ଟକର ବାକ୍ୟ କହେ; କଟୁଭାଷୀ—2. Of foul speech ପ୍ରାଦେ. (କଳାହାଣ୍ଡି) ବି (ସଂ. ବେଧକାସ୍ତ୍ର) ବଟାଳି—Chisel.

ବିନ୍ଧ(ନ୍ଧୁ; ନ୍ଧେ)ଣୀ—ଦେ. ବି. (ସଂ. ବେଧନୀ)—ଡାଲିମ୍ବ ଲୁହାରେ ଛିଦ୍ର Bindha(ndhu; ndhe)ṇi କରିବା ପାଇଁ ବ୍ୟବହୃତ ସୂଚୀବିଶେଷ—বিঁধনী बरमा An iron drill. ଦେ. ବିଣ—'ବିନ୍ଧଣା'ର ସ୍ତ୍ରୀ ଲିଙ୍ଗ—Feminine of 'Bindhaṇā'.

ବିନ୍ଧ ବୁଜିବା—ଦେ. କ୍ରି—ଛିଦ୍ର ବନ୍ଦ କରିବା—Bindha bujibā To stop a hole.
ছেঁদা বন্দ করা, ছেঁদা বুজান छेद बन्द करना

(ବିନ୍ଧ ବୁଜି ହେବା, ବିନ୍ଧ ମରିବା—ଭାବେଶ୍ୟ ରୂପ)
(ବିନ୍ଧ ମାରିବା—ଅନ୍ୟରୂପ)

ବିନ୍ଧସ—ସଂ. ବି (ବ୍ୟଧ୍ ଧାତୁ+କର୍ମ ଅସ)—ଚନ୍ଦ୍ର—Bindhasa The moon.

ବିନ୍ଧା—ଦେ. ବି. ( ସଂ. ବ୍ୟଧ୍ ଧାତୁ )—୧ । ବିନ୍ଧିବା; ଶୃଙ୍ଗଦ୍ୱାରା ଭେଦ Bindhā କରଣ—1. Goring with the horns. ୨ । বিন্ধম ବ୍ରଣାଦିର ବ୍ୟଥା—2. Aching pain of boils. ୩ । सींगमारना ଫୋଡ଼ିବା; ଛିଦ୍ରକରଣ—3. Act of drilling or ব্যথা; বিঁধা piercing. ୪ । ଶରନିକ୍ଷେପ କରିବା—4. टीस Throwing of a dart. ଦେ.ବିଣ—ବିନ୍ଧ ହୋଇଥିବା টনটনানী छेदना বিঁধা वेधना Gored.

ବିନ୍ଧା ଛିଟ୍(ଟି)କା—ଦେ. ବି ( ସହଚର ଶବ୍ଦ )—ଦେହ ବଥାଇବା ବା Bindhā chhiṭ-(ṭi)kā ବିନ୍ଧିବା ଓ ଜ୍ୱାଳାମୟ ହେବା—Aching and burning sensation in the body.
ବିନ୍ଧାଜଳା }
ବିନ୍ଧାପୋଡ଼ା } ଅନ୍ୟରୂପ
ବିନ୍ଧାଛିଟା }
বেদনা; টনটনানি टीसदाह

ବିନ୍ଧାଣ—ଦେ. ବି ( ସଂ. ବେଧନ )—ମଲ୍ଲଯୁଦ୍ଧ—Wrestling. [ ଉ—Bindhāṇa ସେ ଦୁଇ ଶିଷ୍ୟଗଣ କରନ୍ତି ବିନ୍ଧାଣ ବଳବାନ ଜଗାଇଣି । कुश्ती कुस्ती ଉଞ୍ଜ. କୋଟୀବ୍ରହ୍ମାଣ୍ଡସୁନ୍ଦରୀ । ]

ବିନ୍ଧାଣି—ଦେ. ବି—୧ । କାରିଗର—1. A mechanic; an Bindhāṇi artist. ୨ । ବିନ୍ଧକାରୀ ବ୍ୟକ୍ତି—2. A borer.
কারিগর विंधीया

ବିନ୍ଧାଣି ରତ୍ନ—ପ୍ରାଦେ. ( ଗଡ଼ଜାତ ) ବି—ଉତ୍କୃଷ୍ଟ କାରିଗରଙ୍କୁ ପ୍ରଦତ୍ତ Bindhāṇi ratna ଉପାଧିବିଶେଷ—A title given to an excellent artist.

ବିନ୍ଧାଣି ରାଇ(ଏ, ୟ)—ପ୍ରାଦେ ( ଗଡ଼ଜାତ ) ବି—ବଢ଼େଇମାନଙ୍କ Bindhāṇi rāi(e, ya) ମୁଖିଆଙ୍କୁ ଦିଆଯାଉଥିବା ଉପାଧିବିଶେଷ—A title of a headman amongst carpenters.

ବିନ୍ଧାବିନ୍ଧି—ଦେ. ବି—୧ । ପରସ୍ପରକୁ ବିନ୍ଧିବା—1. Mutual Bindhābindhi goring. ୨ । ( ସହଚର ) ଶରୀରର বিঁধাবিঁধি ଅନେକ ସ୍ଥାନ ବଥାଇବା—2. Aching sensation टीसदाह in many parts of the body.

ବିନ୍ଧିଣି—ଦେ. ବି ( ଦେଶୀୟ ଶବ୍ଦ )—ଅଳଙ୍କାର ଉପରେ ପଥର Bindhiṇi ବସାଇବା କାମ—Fixing of gems on পাথর বসান ornaments. ପ୍ରାଦେ. ( ସମ୍ବଲପୁର ଓ ଗଡ଼ଜାତ ) ବି—ଲିହଣ—Iron chisel.

ବିନ୍ଧିବା—ଦେ. କ୍ରି (ସଂ.ବ୍ୟଧ ଧାତୁ)—୧ । (ଅକର୍ମକ) (ବ୍ରଣାଦି) ବ୍ୟଥା Bindhibā କରିବା—1. To ache. ୨ । (ସକର୍ମକ) କାଠ-বেদনাকরা ଆଦିରେ ଛିଦ୍ର କରିବା—2. To bore through वेधना wood etc. ୩ । ଫୁଟାଇବା; ଫୋଡ଼ିବା—3. To pierce. বিঁধা ୪ । ଶୃଙ୍ଗଦ୍ୱାରା ଆଘାତ କରିବା—4. To gore. ୫ । শিংগেফোড়া; গুঁতান ଶର ପ୍ରୟୋଗ କରିବା—5. To shoot an বিঁধা arrow; to use the bow. [ ଉ—ଟାଣେ ବକ୍ରେ मारना ଶମ୍ଭୁ, ସଦୃଶ ବଳମ୍ୟ ଭୂମିକୁ ଏକା ଅଙ୍ଗକୁ । ବଳଦସୂର୍ଯ୍ୟ. ଚକ୍ରୋକ୍ତାଗଣ୍ଡ, ୬ ଗୀତ ।]

**ବିନ୍ଧ୍ୟ**—ସ. ବି—୧ । ( ବି=ବିରୁଦ୍ଧ+ଧ୍ୟୈ ଧାତୁ=ଚିନ୍ତା କରିବା+ Bindhya ଅ; କପାତନ । ପୁରାଣମତେ ଯେ ସୂର୍ଯ୍ୟଙ୍କ ଗତିରୋଧ କରି ତାହାଙ୍କଠାରୁ ଉନ୍ନତ ହେବା ପାଇଁ ଚିନ୍ତା କରିଥିଲେ )— ଭାରତବର୍ଷର ମଧ୍ୟଦେଶରେ ଅବସ୍ଥିତ ଗିରିମାଳା—1. The Bindhya range of mountains in the middle of India. [ ଦ୍ର—ଏହା ଦାକ୍ଷିଣାତ୍ୟକୁ ଆର୍ଯ୍ୟାବର୍ତ୍ତରୁ ପୃଥକ୍ କରିଅଛି । ଆର୍ଯ୍ୟମାନେ ବିନ୍ଧ୍ୟାଚଳର ଉତ୍ତରରେ ରହୁଥିଲେ ଏବଂ ଅନାର୍ଯ୍ୟମାନେ ଦକ୍ଷିଣରେ ରହୁଥିଲେ । ଏହା ପୌରାଣିକ ସପ୍ତକୁଳାଚଳ ମଧ୍ୟରୁ ଏକତମ । ପୁରାଣରେ କଥିତ ଅଛି ଯେ, ବିନ୍ଧ୍ୟଗିରି ମେରୁପର୍ବତ ପ୍ରତି ଈର୍ଷାନ୍ୱିତ ହୋଇ, ସୂର୍ଯ୍ୟ ପ୍ରତିଦିନ ମେରୁକୁ ପ୍ରଦକ୍ଷିଣ କରିବା ପରି ଏ ପର୍ବତକୁ ପ୍ରତିଦିନ ପ୍ରଦକ୍ଷିଣ କରିବେ ବୋଲି ସୂର୍ଯ୍ୟଙ୍କୁ ଅନୁରୋଧ କଲେ; କିନ୍ତୁ ସୂର୍ଯ୍ୟ ସେଥିରେ ସ୍ୱୀକୃତ ନ ହେବାରୁ ସୂର୍ଯ୍ୟଙ୍କ ପଥରୋଧ କରିବା ଉଦ୍ଦେଶ୍ୟରେ ବିନ୍ଧ୍ୟଗିରି ଆକାଶକୁ ବଢ଼ିବାକୁ ଲାଗିଲେ । ଏଥିରେ ଦେବତାମାନେ ଭୀତ ହୋଇ ଅଗସ୍ତ୍ୟ ଋଷିଙ୍କ ସାହାଯ୍ୟ ପ୍ରାର୍ଥନା କଲେ । ଅଗସ୍ତ୍ୟ ବିନ୍ଧ୍ୟପର୍ବତଙ୍କ ଗୁରୁ ଥିବାରୁ ସେ ବିନ୍ଧ୍ୟ ନିକଟରେ ଉପସ୍ଥିତ ହେବାରୁ ବିନ୍ଧ୍ୟ ତାଙ୍କୁ ଦେଖି ମସ୍ତକ ନୁଆଁଇଲେ । ଅଗସ୍ତ୍ୟ ବିନ୍ଧ୍ୟଙ୍କୁ କହିଲେ ଆମ୍ଭେ ଦକ୍ଷିଣଦିଗକୁ ତୀର୍ଥଯାତ୍ରା କରୁଅଛୁଁ, ତେଣୁ ଆମ୍ଭେ ଫେରି ଆସିବା ପର୍ଯ୍ୟନ୍ତ ତୁମ୍ଭେ ଏହିପରି ନତମସ୍ତକ ହୋଇ ରହି ଥାଅ । ଗୁରୁଆଦେଶ ପାଳନ କରି ବିନ୍ଧ୍ୟଗିରି ମସ୍ତକ ଅବନତ କଲେ । ଅଗସ୍ତ୍ୟ ଆଉ ଦକ୍ଷିଣରୁ ଫେରି ଆସିଲେ ନାହିଁ ଓ ବିନ୍ଧ୍ୟ ସେହିଦିନରୁ ନତମସ୍ତକ ହୋଇ ରହିଲେ, ଆଉ ବଢ଼ିଲେ ନାହିଁ ( Apte ) ] ୨ । (ବ୍ୟଧ୍ ଧାତୁ+କର୍ତ୍ତୃ ଅ; କପାତନ)—ବ୍ୟାଧ—3, A hunter ( Apte ).

ବିନ୍ଧ୍ୟଗିରି, ବିନ୍ଧ୍ୟଗିରିମାଳା, ବିନ୍ଧ୍ୟପର୍ବତ, ବିନ୍ଧ୍ୟାଚଳ, ବିନ୍ଧ୍ୟାବଳୀ—ଅନ୍ୟରୂପ

**ବିନ୍ଧ୍ୟକୂଟ**—ସ. ବି ( ବିନ୍ଧ୍ୟ+କୁଟ୍ ଧାତୁ=ଅପ୍ରସନ୍ନ ହେବା+କର୍ତ୍ତୃ. Bindhyakūṭa ଅ )—ଅଗସ୍ତ୍ୟ ମୁନି—Sage Agastya who was the spiritual preceptor of the Bindhya hills. ( ବିନ୍ଧ୍ୟକୂଟନ—ଅନ୍ୟରୂପ )

**ବିନ୍ଧ୍ୟବାସିନୀ**—ସ. ବିଣ. ସ୍ତ୍ରୀ—ବିନ୍ଧ୍ୟବାସୀର ସ୍ତ୍ରୀଲିଙ୍ଗ—Feminine Bindhyabāsini form of Bindhyabāsi. ସ. ବି. ସ୍ତ୍ରୀ—୧ । ଦୁର୍ଗା—1. Durgā. ୨ । ବିନ୍ଧ୍ୟାଚଳରେ ପ୍ରତିଷ୍ଠିତା ଦୁର୍ଗାଦେବୀ—2. The name of an idol of Durgā worshipped in the Bindhya hills.

**ବିନ୍ଧ୍ୟବାସୀ**—ସ. ବିଣ. ପୁଂ—ବିନ୍ଧ୍ୟ ପର୍ବତରେ ବାସ କରୁଥିବା— Bindhyabāsī Living in the Bindhya hills. (ବିନ୍ଧ୍ୟବାସିନୀ—ସ୍ତ୍ରୀ) ସ. ବି—ମୁନିବିଶେଷ; ବ୍ୟାଡ଼ିମୁନି—Name of a sage. [ ଦ୍ର—ଏ ପ୍ରସିଦ୍ଧ ସଂସ୍କୃତ ବୈୟାକରଣିକ ଥିଲେ । ]

**ବିନ୍ଧ୍ୟବିରୋଧୀ**—ଦେ. ବି—ଅଗସ୍ତ୍ୟ ମୁନି—Sage Agastya. (ଉ— Bindhyabirodhī ବିଚିତ୍ରେକ ଦୁଃଖରେ ହୋଇଥିଲା, ବିନ୍ଧ୍ୟବିରୋଧୀ ସମୁଦ୍ର ପିଇଲା—ଭଞ୍ଜ. ବୈଦେହୀଶବିଳାସ । ) [ ଦ୍ର—ଅଗସ୍ତି ତଳେ କୋଳ୍ ଦ୍ରଷ୍ଟବ୍ୟ । ]

**ବିନ୍ଧ୍ୟ ଭୂଲୋକ**—ଦେ. ବି—ଅଗସ୍ତ୍ୟ—Sage Agastya. (ଉ— Bindhya bhūloka ବିନ୍ଧ୍ୟଭୂଲୋକ ଗମେ ଉହିଁ, ବ୍ରହ୍ମାସ୍ତ୍ରରୂପ ଭୂଷ ଦେଇ—ଭଞ୍ଜ. ବୈଦେହୀଶବିଳାସ । )

**ବିନ୍ଧ୍ୟା**—ସ. ବି—୧ । ଲବଳୀ; ନଅରକୋଳ ଗଛ ( ହ. ଶ )— Bindhyā 1. The Labalī tree. ୨ । ଶ୍ୱେତ ଅଳାଇଚ—2. Small cardamom ( Apte ).

**ବିନ୍ଧ୍ୟାଟବୀ**—ସ. ବି ( ବିନ୍ଧ୍ୟ+ଅଟବୀ )—ବିନ୍ଧ୍ୟପର୍ବତସ୍ଥ ଅରଣ୍ୟ— Bindhyāṭabī The forest in the Bindhya hills. ( ବିନ୍ଧ୍ୟାରଣ୍ୟ—ଅନ୍ୟରୂପ )

**ବିନ୍ଧ୍ୟାବଳୀ**—ସ. ବି. ସ୍ତ୍ରୀ—୧ । ଅସୁର ବାଣରାଜାଙ୍କ ମାତା—1. The Bindhyābaḷī mother of demon King Bāṇa. ୨ । ବିନ୍ଧ୍ୟଗିରିମାଳା—2. The Bindhya hills.

**ବିନ୍ନ**—ସ. ବିଣ ( ବିଦ୍ ଧାତୁ+କର୍ମ. ତ )—୧ । ପ୍ରାପ୍ତ—1. Got; Binna obtained. ୨ । ବିଚାରିତ—2. Considered; (ବିନ୍ନା—ସ୍ତ୍ରୀ) judged. ୩ । ବିବାହିତ—3. Married. ୪ । ଅବସ୍ଥିତ—4. Situated. ୫ । ଜ୍ଞାତ—5. Known. ୬ । ପରିଚିତ—6. Acquainted with. ୭ । ଅଲୋଚିତ—7. Discussed ( Apte ).

**ବିନ୍ୟସ୍ତ**—ସ. ବିଣ (ବି+ନି+ଅସ୍ ଧାତୁ+କର୍ମ. ତ)—ସଜ୍ଜିତ; ଯଥା— Binyasta କ୍ରମରେ ରଚିତ; ଖଚିତ—1. Arranged in order; methodically arranged; paved; inlaid. ୨ । ସ୍ଥାପିତ—2. Set; placed; put down; fixed. ୩ । ନିକ୍ଷିପ୍ତ—3. Scattered; thrown. ୪ । ଅର୍ପିତ—4. Deposited; presented. ୫ । ହସ୍ତରେ ଦତ୍ତ; ନ୍ୟସ୍ତ—5. Delivered ( Apte ).

**ବିନ୍ୟାସ**—ସ. ବି ( ବି+ନି+ଅସ୍ ଧାତୁ+ଭାବ. ଅ )—୧ । ସଜ୍ଜା; Binyāsa ରଚନା—1. Orderly arrangement. ୨ । ମନ୍ତ୍ରୋଚ୍ଚାରଣପୂର୍ବକ ହୃଦୟାଦିରେ ଅଙ୍ଗୁଳି ଅର୍ପଣ—2 The touching of the heart, head etc while uttering a Mantra. ୩ । ରକ୍ଷଣ; ସ୍ଥାପନ—3. Depositing. ୪ । ଗ୍ରନ୍ଥନ--4. Laying down; masonry. ୫ । ଅର୍ପଣ—5. Entrusting; making over. ୭ । (+କର୍ମ ଅ) ନ୍ୟସ୍ତବସ୍ତୁ—7. A deposit (Apte). ୮ । ସମୂହ—8. Collection; assemblage (Apte). ୯ । (+ଅଧିକରଣ. ଅ) ଯେଉଁ ପାତ୍ରରେ ବା ସ୍ଥାନରେ କୌଣସି ବସ୍ତୁ ବିନ୍ୟସ୍ତ ହୁଏ, ଆଧାର—9, A site; receptacle.

**ବିନ୍ୟାସିବା**—ଦେ. (ପଦ୍ୟ) କି (ସଂ. ବିନ୍ୟାସ)—୧ । ସ୍ଥାପନ କରିବା; ଥୋଇବା—1. To place; to lay.
Binyāsibā
विन्यासा [ ଉ—ଲଳିତ-ପଦେ ଗଣ୍ଡମଣ୍ଡଳ ବିନ୍ୟାସି କରୁଥାଇ
विन्यसना ବାଳା ଧ୍ୟାନ । ରାଧାନାଥ ଯଯାତି ।] ୨ । (ମନ) ବଳାଇବା—2. To hanker after; to be bent upon. [ ଉ—ବିଧି କରଇ ନଗଲା ରାମ ବିନା ବିନ୍ୟାସିବ ନାହିଁ ଚିତ୍ତ ଆନେ ଗୋ ବୈଦେହୀ । ଉପ. ବୈଦେହୀଶବିଳାସ ।]

**ବିପକ୍ତ୍ରିମ**—ସଂ. ବିଣ (ବି+ପଚ୍ ଧାତୁ+ଭାବାର୍ଥେ, ତ୍ରିମ)—୧ । ପାକ ଦ୍ୱାରା ଜାତ; ଯାହା ପାକ କରାଯାଇ ପ୍ରସ୍ତୁତ ହୁଏ—
Bipaktrima
1. Obtained by cooking; cooked. ୨ । ସୁପରିପକ୍ୱ—2. Well ripened. ୩ । ସୁଜୀର୍ଣ୍ଣ—3. Well digested.

**ବିପକ୍ୱ**—ସଂ. ବିଣ (ବି=ବିଶେଷ+ପଚ୍ ଧାତୁ+କର୍ତ୍ତୃ. ତ)—୧ । ସୁପକ୍ୱ; ପରିପକ୍ୱ—1. Well ripened; well matured. ୨ । ବଳାଯାଇଥିବା—2. Twisted. ୩ । ବକ୍ର—3. Oblique. ୪ । ପୂର୍ଣ୍ଣାବସ୍ଥା ପ୍ରାପ୍ତ—4. Well developed. ୫ । ଅପରିପକ୍ୱ; କଞ୍ଚା (ବ୍ୟ. ପ୍ର)—5. Unripe.
Bipakwa
(ବିପକ୍ୱତା—ବି)

**ବିପକ୍ଷ**—ସଂ. ବି (ବି=ବିରୁଦ୍ଧ+ପକ୍ଷ=ପାର୍ଶ୍ୱ, ସହାୟ)—୧ । ଶତ୍ରୁ—1. Enemy. ୨ । ବିରୁଦ୍ଧପକ୍ଷୀୟ ବ୍ୟକ୍ତି—2. Adversary; antagonist. ୩ । ବିବାଦରେ ଅପର ପକ୍ଷ; ପ୍ରତିବାଦୀ-3. The opposite party in a dispute. ୪ । ନ୍ୟାୟ ଅବରେ ଏକ ଯୁକ୍ତିର ବିରୁଦ୍ଧ ଯୁକ୍ତି—4. The opposite side of an argument. ୫ । ଶତ୍ରୁର ଦଳ-5. The party of one's enemy. ୬ । କୌଣସି ଉକ୍ତିର ବା ଅଭିଯୋଗର ଖଣ୍ଡନ (ବ୍ୟ.ପ୍ର)—6. Refutation or reply to a saying or charge. ୭ । (ବ୍ୟାକରଣ) ବାଧକ ନିୟମ; କୌଣସି ନିୟମର ବିରୁଦ୍ଧ ବ୍ୟବସ୍ଥା (ବ୍ୟ. ପ୍ର)—7. Opposition to a grammatical rule. ୮ । (ବହୁବ୍ରୀ ସମ; ବି+ପକ୍ଷ)—ପକ୍ଷୀର ଡେଣା--8. Bird's wing.
Bipaksha

[ବିପକ୍ଷତା(ତ୍ୱ)—ବି] ସଂ. ବିଣ—୧ । ପକ୍ଷରହିତ—1 Wingless. ୨ । ଶତ୍ରୁ ପକ୍ଷୀୟ—2. Adverse; belonging to the enemy's camp. ୩ । ଶତ୍ରୁତାପନ୍ନ—3. Hostile; inimical. ୪ । ଅପର ପକ୍ଷୀୟ—4. Belonging to the opposite party; antagonistic. ୫ । ଯାହାର କେହି ସହାୟକ ନାହିଁ; ଅସହାୟ (ବ୍ୟ. ପ୍ର)—5. Helpless. ୬ । ପ୍ରତିଦ୍ୱନ୍ଦ୍ୱୀ—6. Rival.

**ବିପକ୍ଷତାଚରଣ**—ସଂ. ବି—୧ । ଶତ୍ରୁତା କରିବା—1 Committing acts of hostility; acting in opposition. ୨ । ପ୍ରତିଦ୍ୱନ୍ଦ୍ୱିତା କରିବା—2. Emulating; rivalling.
Bipakshatācharaṇa

**ବିପକ୍ଷତାଚାରୀ**—ସଂ. ବିଣ. ପୁଂ—ଯେ ଶତ୍ରୁତାଚରଣ କରେ—Acting in opposition to; committing hostilities.
Bipakshatāchāri
(ବିପକ୍ଷତାଚାରିଣୀ—ସ୍ତ୍ରୀ)

**ବିପକ୍ଷ ଦଳ**—ଦେ. ବି—ଅପରପକ୍ଷୀୟ ବ୍ୟକ୍ତି ସମୂହ; ବିରୁଦ୍ଧପକ୍ଷ—Opposite party.
Bipaksha daḷa

**ବିପକ୍ଷପାତ**—ସଂ. ବିଣ (ବି+ପକ୍ଷପାତ)—ଅପକ୍ଷପାତ; ଯେ କୌଣସି ପକ୍ଷ ଧରେ ନାହିଁ—Impartial.
Bipakshapāta

**ବିପକ୍ଷୀ**—ସଂ. ବିଣ. ପୁଂ—୧ । ଅପରପକ୍ଷୀୟ—1. Belonging to the adverse party. ୨ । ପ୍ରତିଦ୍ୱନ୍ଦ୍ୱୀ—2. Rival.
Bipakshī
(ବିପକ୍ଷୀୟ—ଅନ୍ୟରୂପ) (ବିପକ୍ଷିଣୀ, ବିପକ୍ଷୀୟା—ସ୍ତ୍ରୀ)

**ବିପଚ୍ଛୂନ୍ୟ**—ସଂ. ବିଣ ( ୬ଷ୍ଠୀ ତତ୍; ବିପଦ୍+ଶୂନ୍ୟ )—ବିପଦହୀନ—Free from danger or disaster.
Bipachchhūnya

**ବିପଜ୍ଜନକ**—ସଂ. ବିଣ ( ଉପପଦ ତତ୍; ବିପଦ୍+ଜନକ)—ଯାହା ବିପଦ ଅଣେ—Dangerous; disastrous; producing calamity.
Bipajjanaka

**ବିପଜ୍ଜନିତ**—ସଂ. ବିଣ (ବିପଦ୍+ଜନିତ)—ଅପଦରୁ ଉତ୍ପନ୍ନ; ବିପଦର ଫଳରୂପେ ଘଟିବା—Arising from misfortune or disaster.
Bipajjanita

ବିପଜ୍ଜନ୍ୟ } ଅନ୍ୟରୂପ
ବିପଜ୍ଜାତ

**ବିପଞ୍ଚୀ**—ସଂ. ବି ( ବି+ପଚଚ୍ ଧାତୁ ଣିଚ୍; ପଞ୍ଚ ଧାତୁ=ଶବ୍ଦ ଉତ୍ପାଦନ କରିବା+କର୍ତ୍ତୃ. ଅ+ସ୍ତ୍ରୀ. ଈ)—୧ । ବୀଣା—1. Harp; lute. ୨ । ବଂଶୀ-2. Flute. ୩ । (+ଭାବ. ଅ) ଆମୋଦ ପ୍ରମୋଦ; କ୍ରୀଡ଼ାକୌତୁକ; କେଳି (ବ୍ୟ. ପ୍ର)—3. Play; sports; pastime.
Bipañchī
(ବିପଞ୍ଚିକା—ଅନ୍ୟରୂପ)

**ବିପଣ**—ସଂ. ବି (ବି+ପଣ୍ ଧାତୁ=କିଣିବା; ବିକିବା+ଭାବ. ଅ)—୧ । ବିକିବା; ବିକ୍ରୟ; ବିକା—1. Sale. ୨ । ବିକ୍ରୟର ଚୁକ୍ତି—2. Contract of sale.
Bipaṇa

**ବିପଣନ**—ସଂ. ବି (ବି+ପଣ୍ ଧାତୁ+ଭାବ. ଅନ)—ବିକ୍ରୟ; ବିକିବା; ବିକା—Selling.
Bipaṇana

**ବିପଣି**—ସଂ. ବି (ବି+ପଣ୍ ଧାତୁ+ଅଧିକରଣ ଇ)—୧ । ଦୋକାନ—1. Shop; a stall. ୨ । ହାଟ; ପଣ୍ୟସ୍ଥାନ—2. Fair. ୩ । ବଜାର—3. Bazar; row of shops.
Bipaṇi

**ବିପଣୀ**—ସଂ. ବି. ପୁଂ ( ବିପଣ+ଇନ୍; ୧ମା. ୧ବ)—୧ । ବଣିକ୍; ବ୍ୟବସାୟୀ—1. Trader. ୨ । ଦୋକାନୀ—2. Shopkeeper. ସଂ. ବି. ସ୍ତ୍ରୀ - 'ବିପଣି' (ଦେଖ)—Bipaṇi (See).
Bipaṇī

**ବିପତ୍କାରକ**—ସଂ. ବିଣ (ବିପଦ୍+କାରକ)—ବିପଜ୍ଜନକ; ଯାହା ବିପଦ ଘଟାଏ—Bringing about calamity.
Bipat-kāraka

**ବିପତ୍କାଳ**—ସଂ. ବି (୬ଷ୍ଠୀ ତତ୍; ବିପଦର କାଳ; ସନ୍ଧିରେ 'ଦ'ଠାରେ 'ତ'—୧ । ଅପତ୍କାଳ; ଅପଦ ଘଟିବା ସମୟ—1. Time of calamity. ୨ । ଦୁର୍ଦ୍ଦଶା ଘଟିବା ଦିନ—2. A day of danger.
Bipat-kāla

**ବିପତ୍ପାତ**—ସଂ. ବି (ବିପଦ୍+ପାତ; ୬ଷ୍ଠୀ ତତ୍, ସନ୍ଧିରେ ଦ=ତ)—
Bipat-pāta ଆପଦ୍ ଘଟିବା—The happening of a calamity or mishap.

**ବିପତ୍ପ୍ରତୀକାର**—ସଂ. ବି (୬ଷ୍ଠୀ ତତ୍; ବିପଦ୍+ପ୍ରତୀକାର)—ବିପଦରୁ
Bipat-pratikāra ଉଦ୍ଧାର ପାଇବାର ଉପାୟ—Remedy against any calamity.

**ବିପତି**—ଗ୍ରା. ବି (ସ. ବିପତ୍ତି)—ବିପତ୍ତି (ଦେଖ)—Bipatti (See).
Bipati [ଉ—ଘୋଡ଼ା ଚଢ଼ା ଠାରୁଁ ସମ୍ପତ୍ତି ନାହିଁ; ଘରପୋଡ଼ା ଠାରୁଁ
বিপতি **विपति** ବିପତ୍ତି ନାହିଁ । ଢଗ । ]

**ବିପତି ଘଟିବା**—ଦେ. କ୍ରି—ବିପତ୍ତି ଉପସ୍ଥିତ ହେବା—The state of
Bipati ghaṭibā being overtaken by calamity.
ବିପତିଗୋଡ଼ିବା, ବିପତି ପଡ଼ିବା, ବିପତି ପଡ଼ୁଥିବା, ବିପତି ମିଳିବା } ଅନ୍ୟରୂପ
বিপত্তিপড়া **विपति पडना**

**ବିପତିତ**—ଦେ. ବିଣ—ହଠାତ୍ ଆସି ଉପସ୍ଥିତ—Befallen; come
Bipatita all on a sudden; fallen from nowhere.
[ଉ—ବିପତିତ ଯେ ପଣ୍ଡିତ ତାହା ଦୃଢ ସୁବେଳେ ସୁବେଳ ଗିର ଯେ । ଭଞ୍ଜ. ବୈଦେହୀଶବିଳାସ । ]

**ବିପତ୍ତରଣ**—ସଂ ବି (୬ଷ୍ଠୀ ତତ୍; ବିପଦ୍+ତରଣ)—ବିପଦକୁ ଅତିକ୍ରମ
Bipattaraṇa କରିବା; ବିପଦରୁ ଉତ୍ତୁରିବା—Surmounting a danger or calamity.

**ବିପତ୍ତାରକ**—ସ. ବିଣ. ପୁଂ (ବିପଦ୍+ତୃ ଧାତୁ+କର୍ତ୍ତୃ. ଅକ)—
Bipattāraka ଯେ ବିପଦରୁ ଉଦ୍ଧାର କରେ—One who
(ବିପତ୍ତାରୀ—ଅନ୍ୟରୂପ) delivers a person from calamity; delivering a person from danger.
ବିପତ୍ତାରିକା, ବିପତ୍ତାରିଣୀ } ସ୍ତ୍ରୀ

**ବିପତ୍ତାରଣ**—ସ. ବି (ବିପଦ୍+ତାରଣ)—୧ । ଅନ୍ୟକୁ ବିପଦରୁ
Bipattāraṇa ଉଦ୍ଧାର କରିବା—1. Delivering a person from danger. ୨ । ଅନ୍ୟଦ୍ୱାରା ବିପଦରୁ ଉତ୍ତୁରିବା—2. Deliverance from danger. ସ. ବିଣ—ବିପତ୍ତାରକ—Delivering a person from danger.

**ବିପତ୍ତି**—ସ. ବି (ବି+ପଦ୍ ଧାତୁ+ଭାବ ତି)—୧ । ମହା ବିପଦ୍—
Bipatti 1. Great danger; calamity. ୨ । ଆପଦ୍;
(ସମ୍ପତ୍ତି—ବିପରୀତ) ବିପଦ—2. Danger. ୩ । ନାଶ; କ୍ଷୟ—3. Ruin; decay. ୪ । ବିନାଶ—4. Destruction. ୫ । ଦୁରବସ୍ଥା; ଦୁର୍ଦ୍ଦଶା; ଦୁର୍ଭାଗ୍ୟ—5. Misfortune. ୬ । ସମ୍ପତ୍ତି ନାଶ—6. Adversity.

**ବିପତ୍ତିକର**—ସ. ବିଣ (ବିପତ୍ତି+କୃ ଧାତୁ+କର୍ତ୍ତୃ ଅ)—ଯାହା ବିପତ୍ତି
Bipattikara ଘଟାଏ—Bringing about calamity
(ବିପତ୍ତିକାରକ, ବିପତ୍ତିଜନକ—ଅନ୍ୟରୂପ) or adversity.

**ବିପତ୍ତିକାଳ**—ସ. ବି (୬ଷ୍ଠୀ ତତ୍; ବିପତ୍ତି+କାଳ)—ଆପଦ୍ ଘଟିବା କାଳ—
Bipattikāḷa Time of adversity.

**ବିପତ୍ତିଖଣ୍ଡନ**—ସ. ବି (୬ଷ୍ଠୀ ତତ୍; ବିପତ୍ତି+ଖଣ୍ଡନ)—ବିପତ୍ତିର
Bipattikhaṇḍana ବିନାଶନ ବା ଦୂରୀକରଣ—The removal of calamity.

**ବିପତ୍ତି ଖଣ୍ଡିବା**—ଦେ. କ୍ରି—ଅନ୍ୟର ବିପତ୍ତି ଦୂର କରିବା—To
Bipatti khaṇḍibā alleviate another's calamity.
বিপত্তিখণ্ডা **विपत्तीका खन्डन करना**

**ବିପତ୍ତି ଗ୍ରାସିବା**—ଦେ. କ୍ରି—ଉପର୍ଯ୍ୟୁପରି ବିପଦ ଉପସ୍ଥିତ ହେବା—
Bipatti grāsibā The happening of great
(ବିପତ୍ତି ଘୋଟିବା—ଅନ୍ୟରୂପ) calamity to a person.
বিপত্তিগ্রাস করা **विपत्ति ढहना**

**ବିପତ୍ତିଗ୍ରସ୍ତ**—ସ. ବିଣ (୩ୟା ତତ୍; ବିପତ୍ତି+ଗ୍ରସ୍ତ)—ବିପତ୍ତି ଦ୍ୱାରା
Bipattigrasta ଜର୍ଜ୍ଜରିତ—Overtaken by or over-
(ବିପତ୍ତି ଜଡ଼ିତ—ଅନ୍ୟରୂପ) whelmed with misfortune, calamity or adversity; beset with danger.

**ବିପତ୍ତି ଧ୍ୱଂସ**—ସ. ବି (୬ଷ୍ଠୀ ତତ୍; ବିପତ୍ତି+ଧ୍ୱଂସ)—ବିପତ୍ତି ଖଣ୍ଡନ,
Bipatti dhwaṁsa ବିପତ୍ତିର ଦୂରୀକରଣ—The dis-
(ବିପତ୍ତି ନାଶ, ବିପତ୍ତିବିଧ୍ୱଂସ—ଅନ୍ୟରୂପ) appearance of calamity.

**ବିପତ୍ତି ଧ୍ୱଂସକ**—ସ. ବିଣ. ପୁଂ—ଯେ ବିପତ୍ତିକୁ ଖଣ୍ଡନ ବା ନାଶ କରେ
Bipatti dhwaṁsaka —One who frees a person from danger;
ବିପତ୍ତିଧ୍ୱଂସୀ, ବିପତ୍ତିନାଶକ, ବିପତ୍ତିନାଶୀ, ବିପତ୍ତିଭଞ୍ଜକ, ବିପତ୍ତିଭଞ୍ଜୀ } ଅନ୍ୟରୂପ alleviating one's misery or misfortune.
(ବିପତ୍ତିଧ୍ୱଂସିକା, ବିପତ୍ତିଧ୍ୱଂସିନୀ, ବିପତ୍ତିନାଶିକା, ବିପତ୍ତିନାଶିନୀ, ବିପତ୍ତିଭଞ୍ଜିକା, ବିପତ୍ତିଭଞ୍ଜିନୀ—ସ୍ତ୍ରୀ)

**ବିପତ୍ତି ନାଶନ**—ସ. ବି (୬ଷ୍ଠୀ ତତ୍; ବିପତ୍ତି+ନାଶନ)—ଅନ୍ୟବ୍ୟକ୍ତିର
Bipatti nāśana ବିପତ୍ତିକୁ ଖଣ୍ଡନ କରିବା—Alleviation of another's misfortune.
ବିପତ୍ତିଧ୍ୱଂସନ, ବିପତ୍ତିଭଞ୍ଜନ, ବିପତ୍ତିସଂହାରଣ, ବିପତ୍ତିଖଣ୍ଡନ } ଅନ୍ୟରୂପ
ସ. ବିଣ. ପୁଂ—ବିପତ୍ତିଧ୍ୱଂସକ—Removing or alleviating another's misery or misfortune.
(ବିପତ୍ତିନାଶିନୀ, ବିପତ୍ତିଧ୍ୱଂସିନୀ, ବିପତ୍ତିଭଞ୍ଜିନୀ, ବିପତ୍ତିସଂହାରିଣୀ—ସ୍ତ୍ରୀ)

**ବିପତ୍ତି ପଡ଼ିବା**—ଦେ. କ୍ରି—ଘୋର ବିପଦ ଉପସ୍ଥିତ ହେବା—
Bipatti paṛibā The happening of a calamity.
(ବିପତ୍ତି ଘଟିବା—ଅନ୍ୟରୂପ) বিপত্তিপড়া **विपत्तिपडना**

**ବିପତ୍ତି ବାରଣ**—ସ. ବିଣ—ଯେ ଅନ୍ୟ ବ୍ୟକ୍ତି ଉପରେ ପଡ଼ିବା ବିପତ୍ତିକୁ
Bipatti bāraṇa ପୂର୍ବରୁ ବନ୍ଦ କରାଏ—Preventing the happening of a calamity. ବି—ବିପତ୍ତି ପଡ଼ିବାକୁ ନ ଦେବା—Prevention of a calamity.
(ବିପଦ୍‌ବାରଣ, ବିପନ୍ନିବାରଣ—ଅନ୍ୟରୂପ)

**ବିପତ୍ତି ବେଳ(ଳା)**—ଦେ. ବି—ବିପତ୍ତିକାଳ; ବିପଦ୍‌ସମୟ—Time of
Bipatti beḷa(ḷā) calamity or misfortune. (ଉ—ସମ୍ପତ୍ତିବେଳେ ଗୃହର ନ କରିବ, ବିପତ୍ତିବେଳେ କାତର ନ ହେବ । ଢଗ ।
বিপত্তির সময় **विपत्तिकावख़त**

**ବିପତ୍ତି ମୋଚନ**—ସଂ. ବି—୧ । ବିପତ୍ତିରୁ ଉଦ୍ଧାର ପାଇବା—Bipatti mochana Deliverance from calamity. ୨ । ବିପଦରୁ ଉଦ୍ଧାର କରିବା—2. Delivering one from danger. ସଂ. ବିଣ—ଯେ ବିପତ୍ତିରୁ ଉଦ୍ଧାର କରନ୍ତି—Delivering from danger or calamity.

**ବିପତ୍ତି ହେତୁକ**—ସଂ. ବିଣ—(ବହୁବ୍ରୀହି; ବିପତ୍ତି+ହେତୁ; କ. ଆଗମ)-Bipatti hetuka ବିପତ୍ତିରୁ ଜାତ—Caused by or arising from calamity. (ବିପତ୍ତିଜନକ, ବିପତ୍ତିଜନ୍ୟ—ଅନ୍ୟରୂପ)

**ବିପତ୍ନୀକ**—ସଂ. ବିଣ. ଓ ବି. ପୁଂ—( ବହୁବ୍ରୀହି; ବି=ବିଗତ+ପତ୍ନୀ; Bipatnika କ. ଆଗମ)—୧ । ବିଗତପତ୍ନୀକ; ଯାହାର ପତ୍ନୀ-ବିୟୋଗ ଘଟି ଅଛି; ମୃତଦାର—1. Widower. ୨ । ଯାହାର ଭାର୍ଯ୍ୟା ନାହିଁ; ପତ୍ନୀ-ବିହୀନ—2. Having no wife; unmarried; single.

**ବିପଥ**—ସଂ. ବି—(ବି=ବିରୁଦ୍ଧ, କୁତ୍ସିତ+ପଥ)—୧ । ଅବାଟ; ଅପଥ, Bipatha ଯାହା ରାସ୍ତା ନୁହେଁ—1. A wrong road ୨ । ବେରାସ୍ତା; ଅସତ୍‌ପଥ; କୁମାର୍ଗ; ମନ୍ଦ ପଥ—2. A bad road. ୩ । ଅମଡ଼ା—3. Unused or unbeaten track. ୪ । (ଲକ୍ଷଣାର୍ଥ) ନିନ୍ଦିତ କର୍ମମାନ 3. (figurative) Blameworthy acts. ୫ । ନିନ୍ଦିତ ଆଚରଣ—5. Evil conduct. ୬ । (୬ଷ୍ଠୀ ତତ୍; ବି+ପନ୍ଥା; ପକ୍ଷୀମାନଙ୍କ ମାର୍ଗ) ଆକାଶ—6. The sky. [ବିପଥ ଦୃଶ୍ୟ ତମ ଜନିତାବଧି । ଉପେ. ବୈଦେହୀଶବିଳାସ ।]

**ବିପଥଗ**—ସଂ. ବିଣ. ପୁଂ—(ବିପଥ+ଗମ୍ ଧାତୁ+କର୍ତ୍ତୃ. ଅ)—୧ । ଯେ Bipathaga ଉଚିତ ରାସ୍ତା ଛାଡ଼ି ଅବାଟରେ ଯାଏ—1. Taking a wrong road. ୨ । କୁମାର୍ଗାବଲମ୍ବୀ—2. Following evil ways. (ବିପଥଗାମୀ—ଅନ୍ୟରୂପ) (ବିପଥଗା, ବିପଥଗାମିନୀ—ଅନ୍ୟରୂପ)

**ବିପଦ୍(ଦା)**—ସଂ. ବି· [ବି=ବିପରୀତରୂପେ+ପଦ୍ ଧାତୁ+ଭାବ. କ୍ୱିପ୍; Bipad (dā) +ଆ]—୧ । ଅପଦ; ସଙ୍କଟ—1. Danger. ୨ । ଦୁର୍ଘଟଣା—2. Mishap. ୩ । ବିନାଶ—3. Destruction. ୪ । ବିପତ୍ତି; ଅମଙ୍ଗଳ—4. Calamity; adversity; disaster. ୫ । ଦୁର୍ଦ୍ଦଶା—Misfortune. ୬ । ମରଣ—6. Death. ୭ । ମହାକ୍ଲେଶ; ଘୋର ଦୁଃଖ—7. Misery; great difficulty.

**ବିପଦ୍ ଗର୍ଭ**—ସଂ. ବିଣ—( ବହୁବ୍ରୀହି; ବିପଦ୍+ଗର୍ଭ )—ବିପଦାତ୍ମକ; Bipad-garbha ବିପତ୍ତିଜନକ—Dangerous; disastrous. (ବିପଦ ଗର୍ଭିକ—ଅନ୍ୟରୂପ)

**ବିପଦ୍‌ଗ୍ରସ୍ତ**—ସଂ. ବିଣ. ପୁଂ—(୩ୟା ତତ୍; ବିପଦ୍+ଗ୍ରସ୍ତ)—ବିପନ୍ନ; ଯେ Bipad-grasta ବିପଦରେ ପଡ଼ି ଥାଏ—Beset with calamities. (ବିପଦ୍‌ଗ୍ରସ୍ତା—ସ୍ତ୍ରୀ) (ବିପଜ୍ଜର୍ଜରିତ—ଅନ୍ୟରୂପ)

**ବିପଦ୍ ବିନାଶକ**—ସଂ. ବିଣ. ପୁଂ—( ଉପପଦ ତତ୍; ବିପଦ୍+ବି+ Bipad bināsaka ନାଶି ଧାତୁ+କର୍ତ୍ତୃ. ଅକ)—ଯେ ବିପଦକୁ ନାଶ କରନ୍ତି ଅର୍ଥାତ୍ ବିପନ୍ନ ବ୍ୟକ୍ତିକୁ ବିପଦରୁ ରକ୍ଷା କରନ୍ତି—Saving a person from calamity. (ବିପଦ୍ ବିନାଶନ, ବିପଦ୍ ବିନାଶୀ, ବିପଦ୍‌ଭଞ୍ଜକ, ବିପଦଭଞ୍ଜନ—ଅନ୍ୟରୂପ) (ବିପଦ୍ ବିନାଶିକା, ବିପଦ୍ ବିନାଶିନୀ, ବିପଦ୍ ଭଞ୍ଜିକା, ବିପଦ୍ ଭଞ୍ଜିନୀ—ସ୍ତ୍ରୀ)

**ବିପଦ୍‌ବିଶିଷ୍ଟ**—ସଂ. ବିଣ (୩ୟା ତତ୍)—ବିପଦ୍ ସଙ୍କୁଳ—Bipad-bisishṭa Dangerous.

**ବିପଦ୍ ବିହୀନ**—ସଂ. ବିଣ (୩ୟା ତତ୍)—ବିପଦ୍‌ଶୂନ୍ୟ—Free from Bipad-bihīna danger; not beset with danger. (ବିପଦ ବିରହିତ; ବିପଦ୍‌ରହିତ, ବିପଚ୍ଛୂନ୍ୟ—ଅନ୍ୟରୂପ)

**ବିପଦ୍ ବେଷ୍ଟିତ**—ସଂ. ବିଣ—(୩ୟା ତତ୍; ବିପଦ୍+ବେଷ୍ଟିତ)—ଯାହାକୁ Bipad beshṭita ଚାରି ଆଡ଼େ ବିପଦ ଘେରି ଅଛି—Beset with or surrounded by difficulties.

**ବିପଦ୍‌ସଙ୍କୁଳ**—ସଂ. ବିଣ—(୩ୟା ତତ୍ )—ଯାହାର ଚତୁର୍ଦ୍ଦିଗରେ ବିପଦ Bipad-sankula ବେଢ଼ି ରହି ଥାଏ—1. Full of danger; beset with danger; surrounded by danger; risky. (ବିପତ୍‌ପୂର୍ଣ୍ଣ—ଅନ୍ୟରୂପ)

**ବିପଦ୍‌ସମୁଦ୍ର**—ସଂ· ବି—(ରୂପକ)—ସମୁଦ୍ର ପରି ମହା ବିପଦ—A sea Bipad-samudra of calamity; a great calamity (compared to the wide ocean. (ବିପଦ୍‌ସାଗର, ବିପଦ୍‌ସାଗର—ଅନ୍ୟରୂପ)

**ବିପଦ୍ ସରିତ୍**—ସଂ. ବି—( ରୂପକ )—ନଦୀ ପରି ମହା ବିପଦ—Bipad-sarit A great danger (compared to a river).

**ବିପଦ**—ଦେ. ବି—(ସଂ. ବିପଦ୍)—ବିପଦ୍ (ଦେଖ)
Bipada विपद्‌ बिपद् Bipad (See)

**ବିପଦ ଆପଦ**—ଦେ. ବି—( ଏକାର୍ଥକ ସହଚର; ବିପଦ+ଆପଦ )—Bipada āpada 1. A great many calamities. ୨ । କୌଣସି ନା କୌଣସି ବିପଦ—2. Any calamity (great or small). (ବିପଦାପଦ—ଅନ୍ୟରୂପ)

**ବିପଦକୁ ଡାକିବା**—ଦେ. କ୍ରି—ଆପଣା ଉପରେ ବିପଦ ପଡ଼ିବାର ଉପାୟ Bipadaku ḍākibā ଆପେ ନିଜେ କରିବା—To bring down disaster upon oneself; to invite danger.
विपदको वरण करना
विपत्ति मोल लेना
(ବିପଦକୁ ଡାକି ଆଣିବା, ବିପଦକୁ ବରଣ କରିବା, ବିପଦକୁ ମୂଲେଇବା—ଅନ୍ୟରୂପ)

**ବିପଦାକୁଳ**—ସଂ. ବିଣ. ପୁଂ ( ୩ୟା ତତ୍; ବିପଦ୍+ଆକୁଳ )—ବିପଦ-Bipadākula ଦ୍ୱାରା ଜର୍ଜରିତ—Overwhelmed with danger or calamity. ( ବିପଦାକୁଳିତ—ଦେ. ରୂପ ) ( ବିପଦାକୁଳା—ସ୍ତ୍ରୀ )

**ବିପଦାକ୍ରାନ୍ତ**—ସଂ. ବିଣ ( ୩ୟା ତତ୍; ବିପଦ୍+ଆକ୍ରାନ୍ତ )—ବିପଦ୍‌ଗ୍ରସ୍ତ—Bipadāgrasta Beset with calamities. ( ବିପଦାପନ୍ନ—ଅନ୍ୟରୂପ )

**ବିପଦାର୍ଣ୍ଣବ**—ସଂ. ବି ( ରୂପକ କର୍ମଧା; ବିପଦ୍+ଅର୍ଣ୍ଣବ )—ସମୁଦ୍ର ପରି ଦୁର୍ଲଙ୍ଘ୍ୟ ବିପଦ—Insurmountable difficulty.
Bipadārnnaba

**ବିପଦାର୍ତ୍ତ**—ସଂ. ବିଣ ପୁଂ ( ୩ୟା ତତ୍; ବିପଦ୍+ଆର୍ତ୍ତ )—ବିପଦଦ୍ୱାରା ବ୍ୟାକୁଳ ବା ଜର୍ଜ୍ଜରିତ—Overwhelmed with calamities.
Bipadārtta
(ବିପଦାର୍ତ୍ତା—ସ୍ତ୍ରୀ; ବିପଦାର୍ତ୍ତି—ବି)

**ବିପଦୁତ୍ତରଣ**—ସଂ. ବି ( ୫ମୀ ତତ୍; ବିପଦ୍+ଉତ୍ତରଣ )—ବିପଦରୁ ନିସ୍ତାର ପାଇବା—Safely getting over or surmounting a calamity.
Bipaduttarana

**ବିପଦୁତ୍ତୀର୍ଣ୍ଣ**—ସଂ. ବିଣ ( ୫ମୀ ତତ୍; ବିପଦ୍+ଉତ୍ତୀର୍ଣ୍ଣ )—ବିପଦରୁ ନିସ୍ତାର ପାଇଥିବା—Having got safely over a calamity.
Bipaduttīrnna

**ବିପଦୁତ୍ପନ୍ନ**—ସଂ. ବିଣ (୫ମୀ ତତ୍; ବିପଦ୍+ଉତ୍ପନ୍ନ)—ବିପଦରୁ ଜାତ—Due to misfortune; arising from calamity.
Bipadutpanna

**ବିପଦୁତ୍ପାଦକ**—ସଂ. ବିଣ. ପୁଂ ( ଉପପଦ ତତ୍; ବିପଦ୍+ଉତ୍ପାଦକ )—ବିପଦ୍ଜନକ—Dangerous; causing calamity.
Bipadutpādaka
(ବିପଦୁତ୍ପାଦିକା—ସ୍ତ୍ରୀ)

**ବିପଦୁଦ୍ଧରଣ**—ସଂ. ବି ( ୫ମୀ ତତ୍; ବିପଦ୍+ଉଦ୍ଧରଣ )—ଆପଦରୁ ଉଦ୍ଧାର କରିବା—Rescuing a person from danger.
Bipaduddharana

**ବିପଦୁଦ୍ଧରଣକ୍ଷମ**—ସଂ. ବିଣ. ପୁଂ ( ୫ମୀ, ୭ମୀ ତତ୍ପୁରୁଷ; ବିପଦ୍+ଉଦ୍ଧରଣ+କ୍ଷମ )—ଯେ ଅନ୍ୟ ଲୋକଙ୍କୁ ବିପଦରୁ ଉଦ୍ଧାର କରିପାରେ—Capable of saving a person from calamity.
Bipaduddharanakshama
(ବିପଦୁଦ୍ଧରଣକ୍ଷମା—ସ୍ତ୍ରୀ)

**ବିପଦୁଦ୍ଧାର**—ସଂ. ବି ( ୫ମୀ ତତ୍; ବିପଦ୍+ଉଦ୍ଧାର )—ବିପଦରୁ ନିଷ୍କୃତି ଲାଭ—Deliverance from a calamity.
Bipaduddhāra

**ବିପଦୁଦ୍ଧାରକ**—ସଂ. ବିଣ. ପୁଂ ( ଉପପଦ ତତ୍; ବିପଦ୍+ଉଦ୍ଧାରକ )—ଯେ ବିପଦରୁ ରକ୍ଷା କରେ—Saving a person from danger.
Bipaduddhāraka
( ବିପଦୁଦ୍ଧାରିକା—ସ୍ତ୍ରୀ )

**ବିପଦ୍ଧୀନ**—ସଂ. ବିଣ ( ୩ୟା ତତ୍; ବିପଦ୍+ହୀନ )—ବିପଦ୍ଶୂନ୍ୟ—Free from calamity or risk.
Bipaddhīna

**ବିପଦ୍ଧେତୁକ**—ସଂ. ବିଣ ( ବହୁବ୍ରୀହି; ବିପଦ୍+ହେତୁକ )—ବିପଦ୍ଜନିତ—Caused by calamity.
Bipaddhetuka

**ବିପଦ୍ରହିତ**—ସଂ. ବିଣ ( ୩ୟା ତତ୍; ବିପଦ୍+ରହିତ )—ବିପଦ୍ହୀନ—Free from calamity.
Bipadrahita

**ବିପନ**—ଗ୍ରା. ବି—୧ । (ସଂ. ବପନ ) କ୍ଷୌରକର୍ମ—1. Shaving. ୨ । ( ସଂ. ବିପିନ ) ବିପିନବିହାରୀର ଡାକ ନାମ—2. Name for calling Bipinabihārī.
Bipana

**ବିପନ୍ଥ(ନ୍ଥା)**—ଗ୍ରା. ବି ( ସଂ. ବିପଥ )—ବିପଥ (ଦେଖ)—Bipatha (See)
Bipantha(nthā) ବିପଥ **विपथ**

**ବିପନ୍ନ**—ସଂ. ବିଣ. ପୁଂ ( ବି+ପଦ୍ ଧାତୁ+କର୍ମ. ତ )—ବିପଦଗ୍ରସ୍ତ—In distress; beset with calamity.
Bipanna
ସଂ. ବି (ବି=ବକ୍ରଭାବରେ+ପଦ୍ଧାତୁ=ଗମନ କରିବା+କର୍ତ୍ତୃ. ତ )—ସର୍ପ—Snake; serpent.

**ବିପନ୍ନତାରକ**—ସଂ. ବିଣ. ପୁଂ (ବିପନ୍ନ+ତୃ ଧାତୁ ଣିଚ୍+କର୍ତ୍ତୃ. ଅକ)—ବିପନ୍ନ ବ୍ୟକ୍ତିର ଉଦ୍ଧାରକର୍ତ୍ତା—Saving a man from distress.
Bipannatāraka
( ବିପନ୍ନରକ୍ଷକ—ଅନ୍ୟରୂପ )

**ବିପନ୍ନତାରଣ**—ସଂ. ବି( ବିପନ୍ନ+ତୃ ଧାତୁ ଣିଚ୍+ଭାବ ଅନ )—ବିପଦ୍ଗ୍ରସ୍ତ ବ୍ୟକ୍ତିକୁ ବିପଦରୁ ରକ୍ଷା କରିବା—Saving a man in distress.
Bipannatārana
( ବିପନ୍ନରକ୍ଷଣ—ଅନ୍ୟରୂପ )
ସଂ. ବିଣ (+କର୍ତ୍ତୃ. ଅନ)—ବିପନ୍ନ ବ୍ୟକ୍ତିର ରକ୍ଷାକାରୀ—Delivering a man from calamities.

**ବିପନ୍ନବତ୍ସଳ**—ସଂ. ବିଣ. ପୁଂ (୬ଷ୍ଠୀ ତତ୍)—ଯେ ବିପନ୍ନ ବ୍ୟକ୍ତିଙ୍କୁ ସ୍ନେହ କରେ ଏବଂ ତାଙ୍କୁ ବିପଦରୁ ରକ୍ଷା କରେ—Having attachment towards persons in distress.
Bipannabatsala
(ବିପନ୍ନବତ୍ସଳା—ସ୍ତ୍ରୀ; ବିପନ୍ନବତ୍ସଳତା—ବି)

**ବିପନ୍ନଶରଣ**—ସଂ. ବି—ବିପଦ୍ଗ୍ରସ୍ତ ବ୍ୟକ୍ତିର ଆଶ୍ରୟସ୍ଥଳ—The final refuge of a person in distress.
Bipannasarana

**ବିପନ୍ନାର୍ତ୍ତିହର**—ସଂ. ବିଣ. ପୁଂ ( ବିପନ୍ନ+ଆର୍ତ୍ତି+ହୃ ଧାତୁ+କର୍ତ୍ତୃ. ଅ )—ଯେ ବିପନ୍ନ ବ୍ୟକ୍ତିର ଦୁଃଖ ଦୂର କରେ—Relieving the misery of a person in distress.
Bipannārttihara
( ବିପନ୍ନାର୍ତ୍ତିହରା—ସ୍ତ୍ରୀ )

**ବିପନ୍ନାଶ୍ରୟ**—ସଂ. ବି ( ୬ଷ୍ଠୀ ତତ୍; ବିପନ୍ନ+ଆଶ୍ରୟ )—ବିପନ୍ନ ବ୍ୟକ୍ତିର ଏକମାତ୍ର ସହାୟ—The refuge or patron of a person in distress.
Bipannāsraya

**ବିପନ୍ନିବର୍ତ୍ତକ**—ସଂ. ବିଣ. ପୁଂ (ବିପଦ୍+ନିବର୍ତ୍ତକ)—୧ । ବିପଦ୍ଭଞ୍ଜନ—1. Saving people from disaster. ୨ । ବିପନ୍ନିବାରକ (ଦେଖ)—2. Bipannibāraka (See).
Bipannibarttaka
( ବିପନ୍ନାଶକ, ବିପନ୍ନାଶୀ—ଅନ୍ୟରୂପ )
( ବିପନ୍ନିବର୍ତ୍ତିକା, ବିପନ୍ନାଶିକା, ବିପନ୍ନାଶିନୀ—ସ୍ତ୍ରୀ )

**ବିପନ୍ନିବାରକ**—ସଂ. ବିଣ. ପୁଂ ( ଉପପଦ ତତ୍; ବିପଦ୍+ନିବାରକ )—ଯେ ବିପଦକୁ ନିବାରଣ କରେ—Warding off other peoples' dissaster; preventing calamities.
Bipannibāraka
( ବିପନ୍ନିବାରିକା—ସ୍ତ୍ରୀ )

**ବିପନ୍ନିବାରଣ**—ସଂ. ବି (ବିପଦ୍+ନିବାରଣ)—ବିପଦ୍ ଘଟିବାକୁ ନ ଦେବା—The warding off of disaster; prevention of calamities.
Bipannibārana
(ବିପନ୍ନାଶନ—ଅନ୍ୟରୂପ)
ସଂ. ବିଣ. ପୁଂ—ବିପନ୍ନିବାରକ (ଦେଖ)—Bipannibāraka (See).

**ବିପନ୍ନିବୃତ୍ତି**—ସଂ. ବି ( ବିପତ୍+ନିବୃତ୍ତି )—ବିପଦର ଶାନ୍ତି—The cessation of calamities.
Bipannibrutti

**ବିପନ୍ନିଷ୍କୃତି**—ସଂ. ବି ( ବିପଦ୍+ନିଷ୍କୃତି )—ବିପଦରୁ ଉଦ୍ଧାର ଲାଭ—Relief from danger; deliverance from disaster.
Bipannishkruti

**ବିପରିଣତ**—ସଂ. ବିଣ. ( ବି+ପରି+ନମ୍ ଧାତୁ+କର୍ତ୍ତୃ. ତ )—୧ । ବିପର୍ଯ୍ୟସ୍ତ; ବ୍ୟତିବ୍ୟସ୍ତ—1. Confused; overwhelmed; upturned ୨ । ପରିବର୍ତ୍ତିତ—2. Changed; transfigured; transformed. ୩ । ବିନଷ୍ଟ—3. Ruined. ୪ । ମୃତ—4. Dead. ୫ । ବିପରୀତ—5. Contrary. ୬ । ବିକୃତ—6. Deteriorated.
Biparinata
ବିପରିଣତି } —ବି
ବିପରିଣାମ }

**ବିପରିଣତି**—ସଂ. ବି—(ବି+ପରି+ନମ୍ ଧାତୁ+ଭାବ. ତି)—୧ । ବିପର୍ଯ୍ୟାସ; ବୈପରୀତ୍ୟ—1 Contrariety; confusion. ୨ । ପରିବର୍ତ୍ତନ—2. change; transformation. ୩ । ମୃତ୍ୟୁ—3 Death. ୪ । ବିନାଶ—4 Ruin; destruction ୫ । ବିକୃତି—5. Deterioration; change for the worse.
Biparinati
( ବିପରିଣାମ—ଅନ୍ୟରୂପ )

**ବିପରିଣାମୀ**—ସ୍ତ. ବିଣ ( ବିପରିଣାମ+ଇନ୍; ୧ମା ୧ବ )—୧ । ପରିବର୍ତ୍ତନଶୀଳ—1. Changeable; liable to change. ୨ । ବୈପରୀତ୍ୟବିଶିଷ୍ଟ—2. Full of contrarieties.
Biparinami
(ବିପରିଣାମିନୀ—ସ୍ତ୍ରୀ)

**ବିପରିବର୍ତ୍ତନ**—ସଂ ବି ( ବି+ପରି+ବୃତ୍ ଧାତୁ+ଭାବ. ଅନ )—୧ । ବିପର୍ଯ୍ୟାସ; ଓଲଟାଇବା—1. Upturning; inverting. ୨ ବଦଳାଇବା—2. Changing. ୩ । ସମ୍ପୂର୍ଣ୍ଣ ପରିବର୍ତ୍ତନ—3. Transformation.
Biparibarttana
(ବିପରିବର୍ତ୍ତିତ—ବିଣ)

**ବିପରୀତ**—ସ୍ତ.ବିଣ(ବି+ପରି=ପ୍ରତିକୂଳ+ଇ ଧାତୁ=ଯିବା+କର୍ତ୍ତୃ. ତ)—୧ । ବିରୁଦ୍ଧ—1. Adverse; contrary. ୨ । ଓଲଟା—2. Reverse; inverted; in reverse order. ୩ । ପ୍ରତିକୂଳ—3, Opposite; untoward. ୪ । ଅସ୍ୱାଭାବିକ—4. Unnatural. ୫ । ଅନିଷ୍ଟାଚରଣରେ ତତ୍ପର (ହି.ଗ)—5.Injurious. ସ୍ତ. ବି—ରତିବନ୍ଧବିଶେଷ; ଓଲଟ ରତି; ପୁରୁଷାୟିତ—An inverted pose in sexual embrace. [ ଦ୍ର—ଏହା ରତିଶାସ୍ତ୍ରୋକ୍ତ ୧୬ ପ୍ରକାର ରତିବନ୍ଧ ମଧ୍ୟରୁ ଗୋଟିଏ । ହି. ଶ] ଦେ. ବି—୧ । ଓଲଟା ପାଖ —1. The reverse. ୨ । ଆଶାତୀତର ଘଟଣା—2. An unexpected thing; the reverse of what was expected. [ଉ—ଏ କଥା ଅତି ବିପରୀତ, ଗର୍ଭେ ତା ବସିଲ୍ଲ ଏମନ୍ତ—ଜଗନ୍ନାଥ ଭାଗବତ]
Biparita
(ବିପରୀତା—ସ୍ତ୍ରୀ)
[ବିପରୀତତା(ତ୍ୱ)—ବି]

**ବିପରୀତ ଗତି**—ସ୍ତ. ବି (କର୍ମଧାରୟ)—ବିରୁଦ୍ଧ ଦିଗରେ ଗମନ—Retrograde motion. ସଂ ବିଣ (ବହୁବ୍ରୀହି)—ଯେ ବିପରୀତ ଦିଗରେ ଗତି କରୁଥାଏ—Retrograde.
Biparita gati

**ବିପରୀତ ବନ୍ଧ**—ସ୍ତ. ବି—ପୁରୁଷାୟିତ ରତିବନ୍ଧ ବିଶେଷ; ଓଲଟ ରତି—A sexual embrace in reverse order.
Biparita bandha
(ବିପରୀତ ରତି—ଅନ୍ୟରୂପ)

**ବିପରୀତା**—ସ୍ତ. ବିଣ. ସ୍ତ୍ରୀ ( ବିପରୀତ+ଆ )—ବିପରୀତର ସ୍ତ୍ରୀଲିଙ୍ଗ—Feminine of Biparita. ସ୍ତ. ବି. ଓ ବିଣ. ସ୍ତ୍ରୀ—ଦୁଶ୍ଚରିତ୍ରା ସ୍ତ୍ରୀ ( ହି. ଶବ୍ଦସାଗର )—A dissolute woman.
Biparitā

**ବିପରୀତାର୍ଥ**—ସ୍ତ. ବି. (କର୍ମଧା)—ଓଲଟା ଅର୍ଥ ବା ମର୍ମ—Opposite meaning; a contrary sense. ସ୍ତ. ବିଣ—ବିପରୀତାର୍ଥକ (ଦେଖ)—Biparitārthaka (See)
Biparitārtha

**ବିପରୀତାର୍ଥକ**—ସ୍ତ. ବିଣ. ( ବିପରୀତାର୍ଥ+କ )—୧ । ଯେ କୌଣସି କଥାର ବିପରୀତ ଅର୍ଥ କରେ—1. Interpreting a thing in an opposite sense. ୨ । ଯହିଁରୁ ବିପରୀତାର୍ଥ ବୁଝାଯାଏ—2. Conveying an opposite meaning.
Biparitārthaka

**ବିପର୍ଣ୍ଣକ**—ସ୍ତ. ବି. (ବି+ପର୍ଣ୍ଣ+କ)—ପଳାଶ ଗଛ—A tree; Butea Frondosa.
Biparnnaka

**ବିପର୍ଯ୍ୟ(ର୍ଯ୍ୟା)ୟ**—ସ୍ତ. ବି. ( ବି+ପରି+ଇ ଧାତୁ+ଭାବ. ଅ )—୧ । ବୈପରୀତ୍ୟ—1 Contrariety. ୨ । ବ୍ୟତିକ୍ରମ; ଓଲଟା; ଓଲଟ ପାଲଟ—2. Inversion; reversion. ୩ । ବିନାଶ—4. Destruction. ୪ । ଦୁଇ ବସ୍ତୁର ଅନ୍ୟୋନ୍ୟରେ ସ୍ଥାନ ପରିବର୍ତ୍ତନ—4. Mutual change of places between two things.
Biparjya(rjyā)ya

**ବିପର୍ଯ୍ୟସ୍ତ**—ସଂ. ବିଣ (ବି+ପରି+ଅସ୍ ଧାତୁ= କ୍ଷେପଣ କରିବା+କର୍ମ. ତ)—୧ । ବ୍ୟତିକ୍ରାନ୍ତ; ବ୍ୟତିକ୍ରମପ୍ରାପ୍ତ—1. Reversed. ୨ । ଲେଉଟା ହୋଇଥିବା; ଓଲଟା—2. Inverted; retrograde; tupsy-turvy; turned upside down. ୩ । ଛିନ୍ନଭିନ୍ନ; ସମ୍ପୂର୍ଣ୍ଣ ରୂପେ ପରାଜିତ ହୋଇ ଏଣେତେଣେ ପଳାଇଥିବା—3. Routed; confused. ୪ । ପରସ୍ପର ଓଲଟପାଲଟ ହୋଇଥିବା—4. Mutually changing places.
Biparjyasta
(ବିପର୍ଯ୍ୟାସ—ବି)

**ବିପର୍ଯ୍ୟାସ**—ସଂ. ବି. ( ବି+ପରି+ଅସ୍ ଧାତୁ+ଭାବ. ଅ )—୧ । ବ୍ୟତିକ୍ରମ—1. Inversion, ୨ । ବୈପରୀତ୍ୟ—2. Contrariety; opposition. ୩ । ଛତ୍ରଭଙ୍ଗ—3. Rout of an army. ୪ । କାଳ୍ପନିକ ବିଷୟର ଅସ୍ତିତ୍ୱ ସ୍ୱୀକାର—4. False assumption; assuming the existence of an unreal substance. ୫ । ପରସ୍ପର ସ୍ଥାନ ପରିବର୍ତ୍ତନ—5. Mutual change of places.
Biparjyāsa

**ବିପଳ**—ସଂ. ବି (ବି+ପଳ)—୧ । ଏକ ପଳ (କାଳ)ର ୬୦ ଭାଗରୁ ୧ ଭାଗ—1. One sixtieth part of a 'Pala' or moment of time; one sixtieth of 12 seconds or ⅕ of a second. [ଦ୍ର—ଦିନ ରାତ୍ର= ୨୪ ଘଣ୍ଟା=୬୦ ଦଣ୍ଡ; ୧ ଦଣ୍ଡ=୧୨ ମିନିଟ, ୧ ପଳ= ୧୨ ସେକେଣ୍ଡ; ୧ ବିପଳ=⅕ ସେକେଣ୍ଡ ।] ୨ । ଅତି ସୂକ୍ଷ୍ମ କାଳ—2. A very minute part of time.
Bipala

**ବିପଶ୍ଚିତ୍**—ସଂ. ବି. (ବି+ପ୍ର+ଚି ଧାତୁ=ସଂଗ୍ରହ କରିବା+କର୍ତ୍ତୃ. କ୍ୱିପ୍; ନିପାତନ; ଯେ ଅତି କଠିନ ବିଦ୍ୟାକୁ ସଂଗ୍ରହ କରେ)—ପଣ୍ଡିତ; ବିଜ୍ଞ; ବିଦ୍ୱାନ୍ ବ୍ୟକ୍ତି—A learned person; philosopher.
Bipaschit

**ବିପାକ**—ସଂ. ବି. ( ବି+ପଚ୍ ଧାତୁ=ପାକ କରିବା+ଭାବ. ଅ )—୧ । ଉତ୍ତମ ରୂପେ ରନ୍ଧନ—1, Good cooking.
Bipāka

୨ । ପରିପକ୍ୱତା; ପୂର୍ଣ୍ଣଦଶାପ୍ରାପ୍ତି—2. Ripeness; maturity. ୩ । ପରିଣାମ; ଫଳ—3. Result; consequence. ୪ । କର୍ମର ବିପରୀତ ଫଳ; ବିପରିଣାମ-4. Contrary or untoward effect of an act ୫ । ପୂର୍ବଜନ୍ମର କର୍ମର ଫଳ; କର୍ମ ଫଳ—5. The result of the actions of one's previous existence. ୬ । ବିଡ଼ମ୍ବନା; ବିପଦ୍; ଦୁର୍ଗତି; ଦୁର୍ଭାଗ୍ୟ—6. Distress; calamity; evil luck; misfortune. ୭ । ସ୍ୱାଦ—7. Taste; flavour. ୮ । ପରିପାକ; ଖାଦ୍ୟ ଦ୍ରବ୍ୟ ଜୀର୍ଣ୍ଣ ହେବା—8. Digestion of food. ୯ । ଭୋଗ—9. Enjoyment. ୧୦ । ଅବସ୍ଥାର ପରିବର୍ତ୍ତନ—10. Change of state (Apte). ୧୧ । ଦୁର୍ଘଟଣା—11. Mishap. ଦେ. ବି—ଅଜୀର୍ଣ୍ଣ; ଖାଦ୍ୟ ଦ୍ରବ୍ୟ ଉତ୍ତମ ରୂପେ ଜୀର୍ଣ୍ଣ ନ ହେବା ଅବସ୍ଥା—Indigestion.

**ବିପାକ କର୍ମ**—ଦେ. ବି—ଦୁର୍ଭାଗ୍ୟ; କର୍ମଦଶା; ମନ୍ଦ ଭାଗ୍ୟ—Evil; misfortune.
Bipāka karma (ଉ—ବିପାକ କର୍ମ ପାକ ହେଲା ମିତ ! ଭଞ୍ଜ. ବୈଦେହୀଶବିଳାସ ।)

**ବିପାକିଆ**—ଦେ. ବି—ଅଜୀର୍ଣ୍ଣ—Indigestion. ଦେ. ବିଣ—୧ । ଅଜୀର୍ଣ୍ଣ ଜନିତ; ଅପାକିଆ (ଝାଡ଼ା)—1. (Motion) Due to indigestion. ୨ । ଅଜୀର୍ଣ୍ଣକର (ଖାଦ୍ୟ); ଗୁରୁପାକ—2. Producing indigestion; indigestible (food).
Bipākiā
অজীর্ণ
अपाक, अपच

**ବିପାକିଆ ଝାଡ଼ା**—ଦେ. ବି—ଅଜୀର୍ଣ୍ଣ ଝାଡ଼ା; ତାଳିରିଆ—Diarrhoea. (ବିପାକିଆ ପୋଖରୀ, ବିପାକିଆ ବାହାରିବା—ଅନ୍ୟରୂପ)
Bipākiā jhaṛā
অজীর্ণ বাহ্যি
अपाक झाडा, अपच दिसा

**ବିପାଟ**—ସଂ. ପୁ (ବି+ପଟ୍ ଧାତୁ=ଚିରିବା, ଭେଦ କରିବା+କର୍ତ୍ତୃ. ଅ)—ବାଣ; ଶର—Arrow; dart.
Bipāṭa

**ବିପାଟନ**—ସଂ. ବି. (ବି+ପଟ୍ ଧାତୁ+ଭାବ. ଅନ)—୧ । ଭେଦନ—1. Piercing. ୨ । ଖୋଳିବା (ହି. ଶ)—2. Digging. ୩ । ଉତ୍ପାଟନ (ହି. ଶବ୍ଦସାଗର)—3. Uprooting.
Bipāṭana

**ବିପାଟିତ**—ସଂ. ବି. (ବି+ପଟ୍ ଧାତୁ ଣିଚ୍+କର୍ମ. ତ)—୧ । ବିଦାରିତ—1. Pierced. ୨ । ଉତ୍ପାଟିତ—2. Uprooted.
Bipāṭita

**ବିପାଠ**—ସଂ. ବି. (ବି+ପଠ୍ ଧାତୁ=ବ୍ୟକ୍ତ କରିବା+କର୍ତ୍ତୃ. ବା କର୍ମ ଅ)—ଶର; ବାଣ—Arrow.
Bipāṭha

**ବିପାଣ୍ଡୁକ(କା)**—ସଂ. ବିଣ—୧ । ଅପାଣ୍ଡୁକା; ବୁଦ୍ଧିହୀନ; ନିର୍ବୋଧ—1. Foolish. ୨ । ଅସଭ୍ୟ—2. Uncivilized. ୩ । ଅଯୋଗ୍ୟ—3. Worthless. ୪ । ମୂର୍ଖ—4. Illiterate.
Bipāṇḍuka(kā)
অসভ্য
अपढ़त

**ବିପାଣ୍ଡୁର**—ସଂ. ବିଣ (ବି+ପାଣ୍ଡୁର)—ଅତ୍ୟନ୍ତ ପାଣ୍ଡୁ ବର୍ଣ୍ଣ; ଅତିଶ୍ୱେତ—Very tawny; very pale-white. (ବିପାଣ୍ଡୁ—ଅନ୍ୟରୂପ) (ବିପାଣ୍ଡୁରତା, ବିପାଣ୍ଡୁତା—ବି)
Bipāṇḍura

**ବିପାଦକ**—ସଂ. ବିଣ. ପୁଂ—(ବି+ପଦ ଧାତୁ ଣିଚ+କର୍ତ୍ତୃ. ଅକ) ଘାତକ—Murderous. ସଂ. ବି. ପୁଂ—ହତ୍ୟାକାରୀ ବ୍ୟକ୍ତି—Murderer. (ବିପାଦୟିତା—ଅନ୍ୟରୂପ) (ବିପାଦକା, ବିପାଦୟିତ୍ରୀ—ସ୍ତ୍ରୀ)
Bipādaka

**ବିପାଦନ**—ସଂ. ବି. (ବି+ପଦ୍ ଧାତୁ ଣିଚ୍+ଭାବ. ଅନ)—ହତ୍ୟା; ବଧ—Murder; slaughter.
Bipādana

**ବିପାଦିକା**—ସଂ. ବି. ସ୍ତ୍ରୀ (ବି+ପଦ୍ ଧାତୁ+କରଣ ଅକ+ସ୍ତ୍ରୀ ଆ)—୧ । ପ୍ରହେଳିକା—1. Riddle; enigma. ୨ । ପାଦସ୍ଫୋଟ; ଗୋଡ଼ଫାଟ ରୋଗ—2. Chilblain; kibes in the feet; chipped soles (a disease). ୩ । କୁଷ୍ଠରୋଗବିଶେଷ (ହି. ଶ)—3. A kind of leprosy.
ସଂ. ଭ. ଓ ବିଣ. ସ୍ତ୍ରୀ—ବିପାଦକର ସ୍ତ୍ରୀଲିଙ୍ଗ—Feminine of Bipādaka.
Bipādikā

**ବିପାଦିତ**—ସଂ. ବିଣ. ପୁଂ (ବି+ପଦ୍ ଧାତୁ ଣିଚ୍=ପାଦି ଧାତୁ+କର୍ମ ତ)—୧ । ବିନାଶିତ—1. Destroyed; ruined. ୨ । ହତ—2. Murdered; killed. (ବିପାଦିତା—ସ୍ତ୍ରୀ)
Bipādita

**ବିପାଳ**—ସଂ. ବିଣ—ଯେଉଁ ପଶୁର କେହି ପାଳକ ବା ମାଲିକ ନ ଥାଏ (ହି. ଶ)—(a beast) Having no owner or keeper.
Bipāḷa

**ବିପାଶ**—ସଂ. ବି—ବିପାଶା (ଦେଖ)—Bipāśā (See). ସଂ. ବିଣ. ପୁଂ (ବହୁବ୍ରୀହି; ବି=ବିଗତ+ପାଶ)—ପାଶବିମୁକ୍ତ—Released from chains; unfettered. (ବିପାଶା—ସ୍ତ୍ରୀ)
Bipāśa

**ବିପାଶା**—ସଂ. ବି (ବି=ବିଗତ+ପାଶ=ରଜ୍ଜୁ+ଆ)—ପଞ୍ଜାବର ପଞ୍ଚନଦ ମଧ୍ୟରୁ ଏକତମ; ବେଉଆ ନଦୀ—The Bipasa or Bewa; one of the 5 tributaries of the Indus [ଦ୍ର—ବଶିଷ୍ଠ ମୁନି ପୁତ୍ରଶୋକରେ ଅଧୀର ହୋଇ ନିଜ ଦେହକୁ ପାଶବଦ୍ଧ କରି ଏ ନଦୀରେ ଝମ୍ପ ଦେଲେ । ଏ ନଦୀ ତାଙ୍କୁ ବିପାଶ କରିଥିବାରୁ ଏହାର ଏପରି ନାମ ହୋଇଅଛି । ଏହାର ଅନ୍ୟ ନାମ ବ୍ୟାସ ବା ସିନ୍ଧୁ ନଦ; ଏହା ପଞ୍ଚନଦ ମଧ୍ୟରୁ ସର୍ବପଶ୍ଚିମରେ ଅବସ୍ଥିତ ।]
ସଂ. ବିଣ. ସ୍ତ୍ରୀ—(ବିପାଶ+ଆ)—ବିପାଶର ସ୍ତ୍ରୀଲିଙ୍ଗ—Feminine of Bipāśa.
Bipāśā

**ବିପିନ**—ସଂ. ବି (ବେପ୍ ଧାତୁ=କମ୍ପିବା+ଅଧିକରଣ ଇନ; ନିପାତନ; ଯହିଁରେ ବୃକ୍ଷ ଲତାର ପତ୍ରାଦି ସର୍ବଦା କମ୍ପିତ ହୁଏ)—ବନ; ଅରଣ୍ୟ; ଅଟବୀ—Forest; the woods.
ଦେ. ବି—ବିପିନବିହାରୀ ନାମକ ବ୍ୟକ୍ତିର ଡାକନାମ—Name for calling Bipinabihārī.
Bipina

**ବିପିନବିହାରୀ**—ସଂ. ବିଣ ପୁଂ (ବିପିନ+ବିହାର+ଇନ୍; ୧ମା. ୧ବ)—କାନନବିହାରୀ; ଯେ ଅରଣ୍ୟରେ ବିହାର କରେ—Sporting in the woods. ସଂ. ବି—ଶ୍ରୀକୃଷ୍ଣଙ୍କ ନାମ—A name of Śrikṛushṇa. ଦେ. ବି. ପୁଂ—
Bipinabihārī

(ବିପିନ ବିହାରଣୀ—ସ୍ତ୍ରୀ) ଲୋକଙ୍କର ନାମ—A name given to males.

ବିପୁଂସକ—ସଂ. ବିଣ. ପୁଂ (ବି+ପୁମସ୍+ଅକ)—ପୁରୁଷତ୍ୱହୀନ (ହି. ଶ); Bipumsaka ଅଣପୁରୁଷା—Impotent.

ବିପୁଂସୀ—ସଂ. ବି—ପୁରୁଷର ସ୍ୱଭାବ, ଆକୃତି ଓ ଚେଷ୍ଟା ବଶିଷ୍ଟା ସ୍ତ୍ରୀ (ହି. Bipumsi ଶ ); ଅଣ୍ଡିରାଚଣ୍ଡୀ—Amazon; a masculine woman.

ବିପୁତ୍ର—ସଂ. ବିଣ. ପୁଂ ( ବି+ପୁତ୍ର )—ପୁତ୍ରହୀନ ( ହି. ଶ )— Biputra (ବିପୁତ୍ରା—ସ୍ତ୍ରୀ) Sonless.

ବିପୁଳ—ସଂ, ବିଣ, ପୁଂ ( ବି+ପୁଲ୍ ଧାତୁ=ବଡ଼ ହେବା+କର୍ତ୍ତୃ ଅ ) Bipula —୧ । ବୃହତ୍; ବଡ଼—1. Great; big; large. (ବିପୁଳା—ସ୍ତ୍ରୀ) ୨ । ମହତ୍—2. Noble. ୩ । ପ୍ରଶସ୍ତ—3, [ବିପୁଳତା(ତ୍ୱ)—ବି] Expansive; extensive; broad. ୪ । ଅଗାଧ ଗମ୍ଭୀର—4 Very deep; unfathomable. ୫ । ବିଶାଳ—5. Vast. ୬ । ବହୁ; ଅନେକ—6. Many; much ୭ । ଶାନ୍ତ; ପ୍ରଶାନ୍ତ—7. Calm. ୮ । ଯାହାର ରୋମାଞ୍ଚ ହୋଇଅଛି—8. With the hairs standing on end ( Apte ) ସଂ. ବି— ୧ । ସୁମେରୁ ପର୍ବତ—1. A fabulous mountain. ୨ । ଉତ୍ତରମେରୁ—2. The north pole. ୩ । ହିମାଳୟ ପର୍ବତ—3. The Himalayan mountain. ୪ । ସମ୍ଭ୍ରାନ୍ତ ବ୍ୟକ୍ତି; ଭଦ୍ରଲୋକ—4. A noble man; gentleman. ୫ । ମହାମାନ୍ୟ ବ୍ୟକ୍ତି—5. A very respectable man; ୬ । ( ନାମ ) ରୋହିଣୀ ଗର୍ଭଜାତ ବସୁଦେବଙ୍କ ଏକ ପୁତ୍ର—6. Name of a son of Basudeba.

ବିପୁଳକାୟ—ସଂ. ବିଣ. ପୁଂ—(ବହୁବ୍ରୀହି; ବିପୁଳ+କାୟ=ଦେହ)— Bipulakāya ବିଶାଳ ଶରୀରବିଶିଷ୍ଟ (ବ୍ୟକ୍ତି)—Big-bodied; (ବିପୁଳକାୟା—ସ୍ତ୍ରୀ) gigantic; giant.

ବିପୁଳଘର ଦାନ—ଦେ. ବି—କୌଣସି ବ୍ରାହ୍ମଣଙ୍କୁ ଜମି, ଘର, ଲୁଗା, Bipulaghara dāna ଅଳଙ୍କାର, ଧନ, ଧାନ୍ୟ, ଭୋଜ୍ୟବସ୍ତୁ, विपुल दान ଶଯ୍ୟାଦି ଓ ତାହାଙ୍କ ପରିବାରର ଯାବତୀୟ ଆବଶ୍ୟକ (ବିପୁଳ ଦାନ—ଅନ୍ୟରୂପ) ଦ୍ରବ୍ୟର ଦାନ—A gift made to a Brāhmaṇa consisting of cash ornaments, land, cloth, victuals and every other thing wanted by a householder. [ ଦ୍ର—ଯେଉଁ ଲୋକ ବିପୁଳଘର ଦାନ ଗ୍ରହଣ କରେ ସେ ଅନ୍ତତଃ ବର୍ଷେ କାଳ ପର୍ଯ୍ୟନ୍ତ କୌଣସି ବସ୍ତୁ ଅନ୍ୟ କାହା ଠାରୁ ସାହାଯ୍ୟ ପାଇବାକୁ ଲୋଡ଼େ ନାହିଁ । ଦାନ ସାମଗ୍ରୀ ମଧ୍ୟରେ ସବୁ ପ୍ରୟୋଜନୀୟ ବସ୍ତୁ ଥାଏ । ]

ବିପୁଳ ଜଘନା—ସଂ. ବିଣ ସ୍ତ୍ରୀ—(ବହୁବ୍ରୀହି; ବିପୁଳ+ଜଘନ+ଆ)— Bipula jaghanā ସ୍ଥୂଳନିତମ୍ବଯୁକ୍ତା ( ସ୍ତ୍ରୀ )—(a woman) (ବିପୁଳ ନିତମ୍ବା—ଅନ୍ୟରୂପ) Having large or stout hips.

ବିପୁଳ ଧନ—ସଂ. ବି—(କର୍ମଧା; ବିପୁଳ+ଧନ)—ବହୁ ଧନ; ବିଭବ— Bipula dhana Much wealth; opulence. ସଂ. ବିଣ. ପୁଂ—ଖୁବ୍ ଧନୀ—Very rich; opulent. (ବିପୁଳଧନା—ସ୍ତ୍ରୀ; ବିପୁଳଧନତା—ବି)

ବିପୁଳ ଭୋଗ—ଦେ. ବି—୧ । ଅଧିକ ଭୋଗ; ମଉଜ—1. Enjoy- Bipula bhoga ment of luxury. ୨ । ଅଧିକରେ ରହିବା विपुलभोग ନିମନ୍ତେ ମନୁଷ୍ୟର ଦରକାରୀ ସମସ୍ତ ବସ୍ତୁ—2, विपुल भोग Everything required for a man's luxurious living.

ବିପୁଳ ଭୋଗ କରିବା—ଦେ. କ୍ରି—ଅଧିକ କରିବା—To lead a life Bipula bhoga karibā of luxury; to live विपुल भोगकरा विपुल भोग करा luxuriously.

ବିପୁଳ ମତି—ସଂ. ବିଣ—(ବହୁବ୍ରୀହି; ବିପୁଳ+ମତି)—ଅତି ବୁଦ୍ଧିମାନ୍ Bipula mati Very intelligent.

ବିପୁଳ ରସ—ସଂ. ବି—(ବହୁବ୍ରୀହି; ବିପୁଳ+ରସ)—ଇକ୍ଷୁ; ଅଖୁ— Bipula rasa Sugarcane.

ବିପୁଳ(ଳା)ସ୍ରବା—ସଂ. ବି—ଘିକୁଆଁରୀ; ଘିଅକୁଆଁରୀ ଗୁଳ୍ମ— Bipula(lā)srabā The Indian Aloe.

ବିପୁଳା—ସଂ. ବି. ସ୍ତ୍ରୀ—(ବିପୁଳ+ସ୍ତ୍ରୀ. ଆ)—୧ । ପୃଥିବୀ—1. The Bipulā earth. ୨ । ଆର୍ଯ୍ୟା-ଛନ୍ଦୋବିଶେଷ—2. Name of a Sanskrit metre. ୩ । ଦେବୀବିଶେଷ— 3. Name of a Goddess. ସଂ. ବିଣ. ସ୍ତ୍ରୀ—ବିପୁଳର ସ୍ତ୍ରୀଲିଙ୍ଗ—Feminine of Bipula.

ବିପୁଳୋରସ୍କ—ସଂ. ବିଣ. ପୁଂ—(ବହୁବ୍ରୀହି; ବିପୁଳ+ଉରସ୍=ବକ୍ଷ Bipuloraska +କ)—ବିଶାଳ ବକ୍ଷୋବିଶିଷ୍ଟ; ଯାହାର ଛାତି (ବିପୁଳୋରସ୍କା—ସ୍ତ୍ରୀ) ବଡ଼ ବା ଚଉଡ଼ା—Having a broad breast; broad-chested.

ବିପୂୟ—ସଂ. ବି—ମୁଞ୍ଜ ତୃଣ (ହି. ଶ)— Bipūya The Muñja grass (Apte),

ବିପ୍ର—ସଂ. ବି.—(ବି+ପ୍ରା. ଧାତୁ=ପୂରଣ କରିବା+କର୍ତ୍ତୃ. ଅ; ଯେ Bipra ଯଜନ-ଯାଜନାଦି ଶାସ୍ତ୍ର କର୍ମ ବିଶେଷରୂପେ ପୂରଣ କରେ )— ୧ । ବ୍ରାହ୍ମଣ; ଦ୍ୱିଜ—1. A Brāhmaṇa. ୨ । ଦ୍ୱିଜୋତ୍ତମ; ବେଦଜ୍ଞ ବ୍ରାହ୍ମଣ—2. A Brāhmaṇa versed in vedic lore; a learned and pious Brāhmaṇa. ୩ । ମୁନି; ଋଷି—3. Sage (Apte). ୪ । ପୁରୋହିତ ( ହି. ଶ )—4. Priest. ୫ । ଜ୍ଞାନୀ ବ୍ୟକ୍ତି—5 A wise man ( Apte ). ୬ । ସ୍ତୁତିଗାୟକ—6. A singer of hymns (Apte); panegyrist. ୭ । ଅଶ୍ୱତ୍ଥଗଛ—7. The Aswattha tree ( Apte ). ୮ । ଶିରୀଷ ବୃକ୍ଷ (ହି. ଶ)—8. The Sirisha tree; ୯ । ରେଣୁକ ବୃକ୍ଷ (ହି. ଶ)—9. Renuka tree. ସଂ. ବିଣ—ମେଧାବୀ; ବୁଦ୍ଧିମାନ୍ ( ହି. ଶ )—Intelligent;

sharp-witted. ଦେ, ବି—ବିପ୍ରଚରଣର ଡାକ ନାମ—Name for calling Bipracharaṇa.

**ବିପ୍ର କଣ୍ଠ ଦାସ**—ଦେ. ବି ( ନାମ )—ଜଣେ ପ୍ରାଚୀନ ଓଡ଼ିଆ କବି
Bipra kaṇṭha dāsa (ଜଗବନ୍ଧୁ ପ୍ରାଚୀନ ଉତ୍କଳ)—An ancient Oria poet. [ ଦ୍ର—କପୋଇ, ଛପୋଇ ଏହାଙ୍କ ରଚିତ ପୁସ୍ତକ । ]

**ବିପ୍ରକର୍ଷ**—ସ. ବି ( ବି+ପ୍ରକର୍ଷ )—୧ । ଦୂରତ୍ୱ—1. Distance;
Biprakarsha remoteness. ୨ । ବନ୍ଧୁତାର ବା ସମ୍ପର୍କର ଦୂରତ୍ୱ—2 Distance of relationship.

**ବିପ୍ରକର୍ଷଣ**—ସ. ବି ( ବି=ବିପରୀତ ଦିଗକୁ+ପ୍ର+କୃଷ୍ ଧାତୁ=ଆକର୍ଷଣ
Biprakarshaṇa କରିବା+ଭାବ· ଅନ)—୧ । ବିକର୍ଷଣ; ଆକର୍ଷଣର
( ବିପ୍ରକୃଷ୍ଟ—ବିଣ ) ବିପରୀତ; ବିପରୀତ ଦିଗକୁ ଆକର୍ଷଣ; ପେଲି କରି ହଟାଇଦେବା—1. Repulsion; pushing away. ୨ । କୌଣସି କର୍ମର ଅନ୍ତ ( ହି. ଶ )—2. The end of a work.

**ବିପ୍ରକର୍ଷଣ ଶକ୍ତି**—ଦେ. ବି ( ଜଡ଼ବିଜ୍ଞାନ )—ଯେଉଁ ଶକ୍ତିଦ୍ୱାରା ପଦାର୍ଥର
Biprakarshaṇa śakti ପରମାଣୁସକଳ ପରସ୍ପରକୁ ପରସ୍ପରଠାରୁ ପୃଥକ୍ କରି ରଖନ୍ତି—The force which repels atoms of a thing from one another

**ବିପ୍ରକାର**—ସଂ. ବି ( ବି+ପ୍ର+କୃ ଧାତୁ+ଭାବ· ଅ )—୧ । ଅନିଷ୍ଟ;
Biprakāra ଅପକାର—1. Injury; harm; mischief.
[ବିପ୍ରକୃତ—ବିଣ] ୨ । ତିରସ୍କାର—2. Censure; rebuke. ୩ । ଉପଦ୍ରବ—3. Tyranny; oppression; ravage. ୪ । ଅନାଦର ( ହି, ଶ )—4. Slight; disregard. ୫ । ଅବମାନନା—5. Insult.

**ବିପ୍ରକୀର୍ଣ୍ଣ**—ସ. ବିଣ (ବି+ପ୍ର+ କୃ ଧାତୁ=ବିକ୍ଷେପ କରିବା+କର୍ମ ତ)-
Biprakirṇṇa ୧ । ଇତସ୍ତତଃ ବିକ୍ଷିପ୍ତ—1. Strewn; scattered about. ୨ । ବିପର୍ଯ୍ୟସ୍ତ—2. Overwhelmed; upturned; overturned. ୩ । ଅଲୁଲାୟିତ; ଅସ୍ତବ୍ୟସ୍ତ—3. Disordered; confused; dishevelled.

**ବିପ୍ରକୃତ**—ସ. ବିଣ (ବି+ ପ୍ର +କୃ ଧାତୁ+କର୍ମ. ତ)-୧ । ତିରସ୍କୃତ—
Biprakṛuta 1. Abused. ୨ । ଅପକୃତ—2. Injured. ୩ । ଅବମାନିତ—3. Disregarded; insulted; slighted. ୪ । ଉପଦ୍ରୁତ; ଯାହା ଉପରେ ଉପଦ୍ରବ କରା ଯାଇଅଛି—6. Oppressed; ravaged.

**ବିପ୍ରକୃତି**—ସ. ବି (ବି+ପ୍ର+କୃ ଧାତୁ+ଭାବ. ତି)—୧ । ଅପମାନ—
Biprakṛuti 1. Insult. ୨ । ଗାଳି; ଭର୍ତ୍ସନା—2. Censure

**ବିପ୍ରକୃଷ୍ଟ**—ସ. ବିଣ (ବି+ପ୍ର+କୃଷ୍ ଧାତୁ+କର୍ମ. ତ)—୧ । ଦୂରବର୍ତ୍ତୀ
Biprakṛushṭa ଦୂରସ୍ଥ—1. Distant; remote. ୨ । ଅନ୍ତରିତ-2. Separated. ୩ । ଠେଲିକରି ଦୂରୀକୃତ—3. Pushed away. ୪ । ବର୍ଦ୍ଧିତ—4. Lengthened; extended; protracted (Apte).

**ବିପ୍ରଚରଣ**—ସ. ବି ( ୬ଷ୍ଠୀ ତତ୍; ବିପ୍ର+ଚରଣ )—୧ । ବ୍ରାହ୍ମଣର
Bipracharaṇa ଗୋଡ଼—1, The leg of a Brāhmaṇa. ୨ । ବିଷ୍ଣୁଙ୍କ ହୃଦୟରେ ଅଙ୍କିତ ଭୃଗୁମୁନିଙ୍କ ଗୋଇଠାର ଚିହ୍ନ (ହି. ଶ)—2. The mark of the kick left on the breast of Bishṇu by Sage Bhṛugu. ଦେ· ବି. ପୁଂ—ଲୋକଙ୍କ ନାମ—A name given to males.

**ବିପ୍ରଚିତ୍ତ(ତ୍ତି, ତ୍ତି)**—ସ. ବି — ଦାନବବିଶେଷ—Name of a
Biprachit(tta, tti) demon. [ ଦ୍ର—ଏହାର ପତ୍ନୀ ସିଂହିକାର ଗର୍ଭରୁ ରାହୁର ଜନ୍ମ ହୋଇଥିଲା—ହି. ଶ । ]

**ବିପ୍ରତା(ତ୍ୱ)**—ସ· ବି(ବିପ୍ର+ଭାବ. ତା, ତ୍ୱ)—ବ୍ରାହ୍ମଣତ୍ୱ—The state
Bipratā(twa) of being a Brāhmaṇa; Brahminism.

**ବିପ୍ରତାରକ**—ସ. ବିଣ. ପୁଂ ( ବି+ପ୍ରତାରକ )—ଅତି ପ୍ରତାରକ—
Bipratāraka (ବିପ୍ରତାରିକା—ସ୍ତ୍ରୀ) Very fraudulent.

**ବିପ୍ରତି(ତୀ)କାର**—ସ. ବି ( ବି+ପ୍ରତିକାର )—୧ । ବିରୋଧ—
Biprati(tī)kāra 1. Opposition; contradiction
(ବିପ୍ରତିକୃତ—ବିଣ) (Apte). ୨ । ପ୍ରତିଶୋଧ—2. Retaliation (Apte).

**ବିପ୍ରତିପତ୍ତି**—ସ· ବି ( ବି+ପ୍ରତିପତ୍ତି )—୧ । ସଂଶୟ; ସନ୍ଦେହ—
Bipratipatti 1. Doubt. ୨ । ବିବାଦ; ବିରୋଧ—2. Opposition; dispute; contest (Apte). ୩ । ବୈସାଦୃଶ୍ୟ—3. Dissimilarity. ୪ । ପାର୍ଥକ୍ୟ; ଭେଦ—4. Difference. ୫ । ଅସ୍ୱୀକାର—5. Refusal; denial. ୬ । (ନ୍ୟାୟ) ପରସ୍ପର ବିରୁଦ୍ଧ ଭାବଦ୍ୟୋତକ ବାକ୍ୟ (ହି. ଶ)—6. A speech conveying two dissimilar meaning. ୭ । ପରସ୍ପର ବିରୋଧ—7. Mutual discrepancy (Apte).

**ବିପ୍ରତିପନ୍ନ**—ସ. ବିଣ (ବି+ପ୍ରତିପନ୍ନ)—୧ । ବିରୁଦ୍ଧ—1. Opposed
Bipratipanna to. ୨ । ବିରୋଧୀ—2. Hostile. ୩ । ଅସ୍ୱୀକୃତ-3. Denied; unacknowledged; refused. ୪ । ସନ୍ଦିଗ୍ଧ—4, Suspecting; doubting. ୫ । ପରସ୍ପର ବିରୁଦ୍ଧ—5. Mutually opposed; dissentient (Apte). ୬ । କିଂକର୍ତ୍ତବ୍ୟବିମୂଢ଼—6. Bewildered (Apte).

**ବିପ୍ରତିଷିଦ୍ଧ**—ସ. ବି ( ବି+ ପ୍ରତିଷିଦ୍ଧ=ନିଷିଦ୍ଧ )—୧ । ନିଷିଦ୍ଧ—
Bipratishiddha 1. Prohibited; forbidden. ୨ । ବିରୁଦ୍ଧ—2. Contrary; hostile.

**ବିପ୍ରତିଷେଧ**—ସ. ବି (ବି+ପ୍ରତିଷେଧ)—୧ । ତୁଲ୍ୟବଳ ବଳିଷ୍ଠ ବ୍ୟକ୍ତି-
Bipratishedha ଦ୍ୱୟ ବା ସ୍ୱାର୍ଥଦ୍ୱୟ ମଧ୍ୟରେ ବିରୋଧ—1. Opposition between 2 equally strong persons; conflict between two even matched interests (Apte). ୨ । ନିଷେଧ—2. Prohibition. ୩ । (ନ୍ୟାୟ) ତୁଲ୍ୟବଳ ବିରୋଧ—3. (Logic)

Conflict between two equally important propositions. ୪ । ନିଗ୍ରହଣ —4. Controlling; keeping under control (Apte). ୫ । (ବ୍ୟାକରଣ) ଦୁଇଟି ପରସ୍ପର ବିରୋଧୀ ନିୟମ ବା ବିଧି ମଧ୍ୟରେ ପରସ୍ପର ବିରୋଧ । 5. (grammar) The conflict of two different grammatical operations, become possible according to 2 different rules (Apte). [ଦ୍ର—ବ୍ୟାକରଣରେ ୨ଟି ପରସ୍ପର ବିରୋଧୀ ସୂତ୍ର ଦେଖାଗଲେ ପରବର୍ତ୍ତୀ ସୂତ୍ର ଅନୁସାରେ କାର୍ଯ୍ୟ କରିବାକୁ ହେବ, ଏହାହିଁ ବ୍ୟାକରଣର ଉପଦେଶ; ବିପ୍ରତିଷେଧେ ପରଂ କାର୍ଯ୍ୟଂ—ପାଣିନି ୧-୪-୨ । ]

ବିପ୍ରତି(ତୀ)ସାର—ସଂ. ବି ( ବି+ପ୍ରତି+ସୃ ଧାତୁ+ଭାବ. ଅ )—Biprati(tī)sāra ୧ । କ୍ରୋଧ; କୋପ—1. Anger; wrath; fury. ୨ । ଅନୁଶୋଚନା; ପଶ୍ଚାତ୍ତାପ—2. Repentance; regret. ୩ । ଖଳତା—3. Wickedness; ୪ । ଅମଙ୍ଗଳ—4. Evil (Apte).

ବିପ୍ରତୀପ—ସଂ. ବିଣ (ବି+ପ୍ରତୀପ)—୧ । ପ୍ରତିକୂଳ—1. Opposed. Bipratīpa ୨ । ବିପରୀତ—2. Contrary.

ବିପ୍ରଦାସ—ସଂ. ବି (୬ଷ୍ଠୀ ତତ୍)—ବ୍ରାହ୍ମଣମାନଙ୍କର ଦାସ ବା ସେବକ—Bipradāsa A servant of Brāhmaṇas.
ଦେ. ବି. ପୁଂ—ଲୋକଙ୍କୁ ଡାକିବା ନାମ—A name given to males.

ବିପ୍ରଦୁଷ୍ଟ—ସଂ. ବିଣ (ବି+ପ୍ରଦୁଷ୍ଟ)—୧ । ପାପିଷ୍ଠ—1. Sinful. Bipradushṭa ୨ । ଅଧାର୍ମିକ—2. Irreligious. ୩ । ବିନଷ୍ଟ—3. Vitiated; spoiled (Apte).

ବିପ୍ରବର—ସଂ. ବି ( ୭ମୀ ତତ୍; ବିପ୍ର+ବର )—ଦ୍ୱିଜୋତ୍ତମ; ବ୍ରାହ୍ମଣଶ୍ରେଷ୍ଠ—Biprabara A very pious Brāhmaṇa

ବିପ୍ରବାସ—ସଂ. ବି (ବି+ପ୍ରବାସ)—୧ । ବିଦେଶବାସ; ଦେଶାନ୍ତର ବାସ—1. Living abroad; exile. Biprabāsa ୨ । ସନ୍ନ୍ୟାସ ଆଶ୍ରମରେ ଥାଇ ଅପଣା ଲୁଗାକୁ ଅନ୍ୟକୁ ପିନ୍ଧିବାକୁ ଦେବାରୂପ ଅପରାଧ (ହ୍ର. ଶ)—2. The guilt due to an anchorite giving his cloth to another to put on.

ବିପ୍ରବାସନ—ସଂ. ବି ( ବି+ପ୍ରବାସନ )—ନିର୍ବାସନ—Sending to Biprabāsana (ବିପ୍ରୋଷିତ—ବିଣ) exile; transportation.

ବିପ୍ରବୁଦ୍ଧ—ସଂ. ବିଣ (ବି+ପ୍ରବୁଦ୍ଧ=ଜାଗରିତ)—୧ । ବିନିଦ୍ର; ନିଦ୍ରାହୀନ—Biprabudhha 1. Sleepless. ୨ । ଜାଗରିତ—2. Awaken.

ବିପ୍ରବ୍ରଜନୀ—ସଂ. ବି. ସ୍ତ୍ରୀ—ଦୁଇ ପୁରୁଷଙ୍କ ସଙ୍ଗେ ସମ୍ବନ୍ଧ ରଖୁଥିବା ସ୍ତ୍ରୀ Biprabrajanī (ହ୍ର. ଶ)—A woman having connection with 2 males.

ବିପ୍ରମୁକ୍ତ—ସଂ. ବିଣ (ବି+ପ୍ରମୁକ୍ତ)—୧ । ବନ୍ଧନମୁକ୍ତ; ଛାଡ଼ି ଦିଆ—Bipramukta 1. Set free; liberated (Apte) ୨ । ବିପ୍ରମୁକ୍ତ } ବିପ୍ରମୋଚନ } ବି (ବାଣ ଆଦି) କ୍ଷିପ୍ତ—2. Shot; discharged (arrow) (Apte).

ବିପ୍ରୟାଣ—ସଂ. ବି (ବି+ପ୍ର+ଯା ଧାତୁ=ଗମନ କରିବା+ଭାବ. ଅନ)—Biprayāṇa ୧ । ପଳାୟନ—1. Flying away; flight. ୨ । ପ୍ରସ୍ଥାନ—2. Going away; starting.

ବିପ୍ରଯୁକ୍ତ—ସଂ. ବିଣ (ବି+ପ୍ର+ଯୁଜ୍ ଧାତୁ+ତ)—୧ । ବିଶ୍ଳିଷ୍ଟ—Biprajukta 1. Separated. ୨ । ବିଯୁକ୍ତ; ପୃଥକ୍‌କୃତ—(ବିପ୍ରଯୁକ୍ତା—ସ୍ତ୍ରୀ) 2. Severed. ୩ । ରହିତ—3. Bereft; destitute. ୪ । ପ୍ରିୟବ୍ୟକ୍ତିଠାରୁ ବିଚ୍ଛେଦପ୍ରାପ୍ତ—4. Separated, absent or away from one's beloved (Apte).

ବିପ୍ରୟୋଗ—ସଂ. ବି (ବି+ପ୍ର+ଯୁଜ୍ ଧାତୁ+ଭାବ. ଅ)—୧ । ପାର୍ଥକ୍ୟ—Biprayoga 1. Separation; difference. ୨ । ବିଚ୍ଛେଦ; ବିରହ—2. Bereavement; dissociation ୩ । ବିବାଦ—3. Dispute. ୪ । ବିରୋଧ—4. Opposition. ୫ । ପୃଥକ୍‌କରଣ; ପୃଥକ୍‌ଭାବ—5. Severance.

ବିପ୍ରରାମ—ସଂ. ବି (ବିପ୍ର+ରାମ; ରାମନାମଧାରୀ ବିପ୍ର)—ପରଶୁରାମ—Biprarāma Paraśurāma.

ବିପ୍ରଲବ୍ଧ—ସଂ. ବିଣ, ପୁଂ (ବି+ପ୍ର+ଲଭ୍ ଧାତୁ=ଲାଭ କରିବା; ବଞ୍ଚନା Bipralabdha କରିବା+କର୍ମ. ତ)—୧ । ପ୍ରତାରିତ—(ବିପ୍ରଲବ୍ଧା—ସ୍ତ୍ରୀ) 1. Deceived. ୨ । ଇଷ୍ଟିତ ବସ୍ତୁରୁ ବଞ୍ଚିତ—2. Disappointed. ୩ । ପ୍ରିୟ ସମାଗମ ରହିତ—3. Deprived of the society of one's beloved.
ସଂ. ବି. ପୁଂ—ନାୟକଭେଦ; ଯେଉଁ ନାୟକ ଗୋପନରେ ଓ ଛଦ୍ମବେଶରେ ନାୟିକା ସହିତ ମିଳିତ ହେବା ଆଶାରେ ସଙ୍କେତ ସ୍ଥାନକୁ ଯାଇ ବ୍ୟର୍ଥମନୋରଥ ହୋଇ ଫେରଆସେ—A disappointed lover who does not meet his sweet heart at the appointed rendezvous, having gone there in secret and wearing a mask.

ବିପ୍ରଲବ୍ଧା—ସଂ. ବି. ସ୍ତ୍ରୀ ( ବିପ୍ରଲବ୍ଧ+ସ୍ତ୍ରୀ. ଆ )—ନାୟିକାଭେଦ; ଯେଉଁ Bipralabdhā ନାୟିକା ସଙ୍କେତ ସ୍ଥାନରେ ନାୟକକୁ ନ ଦେଖି ହତାଶ ହୁଏ—A lady who is disappointed at not finding her paramour in the promised meeting place.

ବିପ୍ରଲ(ଲ)ମ୍ଭ—ସଂ. ବି (ବି+ପ୍ର+ଲଭ୍ ଧାତୁ+ଭାବ. ଅ)—୧ । କଳହ; Bipra la(la)mbha ବିବାଦ—1. Dispute; wrangling. ୨ । ପ୍ରତାରଣା; ଛଳନା—2. Deceit; fraud. ୩ । ବିରହ—3. Separation. ୪ । ବିୟୋଗ—3. Bereavement. ୫ । ଶୃଙ୍ଗାରବିଶେଷ—5. A love-sentiment (out of nine) appearing between

lovers. [ ଦ୍ର— ଆଳଙ୍କାରିକରେ ଦୁଇ ପ୍ରକାର ରସ କଥିତ;— ସମ୍ଭୋଗ ବା ସଂଯୋଗ ଶୃଙ୍ଗାର ଓ ବିପ୍ରଲମ୍ଭ ବା ବିୟୋଗ ଶୃଙ୍ଗାର । ବିପ୍ରଲମ୍ଭ ଶୃଙ୍ଗାରରେ ନାୟକ ନାୟିକାଙ୍କ ବିରହ-ଜନିତ ସନ୍ତାପ ଅଧିକ ବର୍ଣ୍ଣିତ ହୋଇଅଛି—ହ୍ର. ଶ । ] ୬ । ବିରୁଦ୍ଧ କର୍ମ—6. Contrary act.

**ବିପ୍ରଲମ୍ଭକ—ସ. ବିଣ**—ପ୍ରତାରକ—Fraudulent.
Bipralambhaka ( ବିପ୍ରଲମ୍ଭିକା—ସ୍ତ୍ରୀ )

**ବିପ୍ରଲମ୍ଭ ଶୃଙ୍ଗାର—ସ. ବି**—ନାୟକ ନାୟିକାର ପରସ୍ପର ବିଚ୍ଛେଦକାଳୀନ Bipralambha śrungāra ଚତ୍ୱପ୍ରସାଦବିଶେଷ—Loving embrace and other acts of leave-taking done at the time of the parting of the lovers.

**ବିପ୍ରଲାପ—ସ. ବି** ( ବି+ପ୍ର+ଲପ୍ ଧାତୁ=କହିବା=ଭାବ. ଅ )— Bipralāpa ୧ । ନିରର୍ଥକ କଥନ—1. Gibberish talk. ୨ । କଳହ—2. Quarrel; wrangling. ୩ । ବୃଥା କଳହ; ଅନର୍ଥକ ବିବାଦ—3. Unnecessary dispute. ୪ । ବିରୋଧବଚନ; ଉଦ୍ଦେଶ୍ୟୋକ୍ତି; ବିରୋଧ-ଭାଷ--4. Words not expressing the intended meaning.

**ବିପ୍ରଲିପ୍ସା—ସ. ବି** ( ବି+ପ୍ରଲିପ୍ସା )—ବିରୋଧୋକ୍ତି; ଯେଉଁ କଥାରୁ Bipralipsā ଉଦ୍ଦିଷ୍ଟ ଅର୍ଥ ସୂଚିତ ହୁଏ ନାହିଁ—Words not expressing the intended meaning.

**ବିପ୍ରଲୀନ—ସ. ବିଣ** (ବି+ପ୍ର+ଲୀନ)—ଇତସ୍ତତଃ ବିକ୍ଷିପ୍ତ (ହ୍ର. ଶ)— Bipralina Scatterd; strewn.

**ବିପ୍ରଲୁମ୍ପକ—ସ. ବିଣ. ପୁଂ** ( ବି+ପ୍ର+ଲୁମ୍ପ ଧାତୁ+ଅକ )— Bipralumpaka ୧ । ଅତି ଲୋଭୀ ( ହ୍ର. ଶ )—1. Very ( ବିପ୍ରଲୁମ୍ପିକା—ସ୍ତ୍ରୀ ) avaricious. ୨ । ଆପଣାର ଲାଭ ପାଇଁ ପରର ଉତ୍ପୀଡ଼କ ( ହ୍ର. ଶ )—2. Oppressing others for one's own gain ୩ । ଅଧିକ ନେବା ବାଲା ( ହ୍ର. ଶ )—3. Taking too much.

**ବିପ୍ରଲୋକ—ସ. ତ**—ବ୍ୟାଧ; ଚଢ଼େଇ ଧରିବା ବାଲା ( ହ୍ର. ଶ )— Bipraloka Bird-catcher.

**ବିପ୍ରଶ୍ନ—ସ. ବି**—ଫଳିତ ଜ୍ୟୋତିଷ ସାହାଯ୍ୟରେ ସମାହିତ ପ୍ରଶ୍ନ Biprasna ( ହ୍ର. ଶ )—A question which is solved with the help of astrology.

**ବିପ୍ରଶ୍ନିକ—ସ. ବି. ପୁଂ** ( ବିପ୍ରଶ୍ନ+କ )—ଦୈବଜ୍ଞ; ଜ୍ୟୋତିଷୀ— Biprasnaka Astrologer; fortune-teller.

**ବିପ୍ରଶ୍ନିକା—ସ. ବି. ସ୍ତ୍ରୀ** ( ବି+ପ୍ରଶ୍ନ+କ+ଆ )—୧ । ଗଣକପତ୍ନୀ; Biprasnikā ଦୈବଜ୍ଞୀ—1. A female astrologer. ୨ । ଜିଜ୍ଞାସା—2. Query; interrogatory.

**ବିପ୍ରସାତ୍—ସ. ବିଣ** (ବିପ୍ର+ଦେୟ ଅର୍ଥରେ ସାତ୍)—୧ । ବ୍ରାହ୍ମଣକୁ Biprasāt ଦେୟ—1. Fit to be given away to a Brāhmana. ୨ । ବ୍ରାହ୍ମଣକୁ ପ୍ରଦତ୍ତ—2. Given to a Brāhmana. ୩ । ବ୍ରାହ୍ମଣାଧୀନ—3. Under the control of a Brāhmana.

**ବିପ୍ରସାରଣ—ସ. ବି** ( ବି+ପ୍ରସାରଣ )—ବିସ୍ତାର କରିବା— Biprasārana ( ବିପ୍ରସାରିତ—ବିଣ ) Spreading.

**ବିପ୍ରସିଂହ(ହା)—ଦେ. ବି**—୧ । ଏକ ପ୍ରଚୀନ ଓଡ଼ିଆ ଚଉତିଶାର ବାଣୀ Biprasimha(hā) ବା ରାଗ—1. The metre of an Oria Chautisā. ୨ । ଗୋଟିଏ ପ୍ରାଚୀନ ଓଡ଼ିଆ ଚଉତିଶାର କବିଙ୍କ ନାମ—2. The name of the author of an Oriyā Chautisā.

**ବିପ୍ରହରଣ—ସ. ବି** ( ବି+ପ୍ରହରଣ )—୧ । ତ୍ୟାଗ ( ହ୍ର. ଶ — Bipraharana 1. Abandonment. ୨ । ମୁକ୍ତି (ହ୍ର. ଶ)— 2. Deliverance.

**ବିପ୍ରିୟ—ସ. ବିଣ** ( ବି=ଜୁଗୁପ୍ସାର୍ଥେ+ପ୍ରିୟ )—୧ । ଅପ୍ରିୟ; ବିରକ୍ତିକର— Bipriya 1. Unpleasant; disgusting. ୨ । ଘୃଣିତ— 2. Hated. ୩ । ବିରକ୍ତିପାତ୍ର—3. Fit to be disliked. ୪ । ଅବହେଳିତ; ଅବଜ୍ଞାତ—4. Insulted; disregarded. ୫ । ଅପକାରକ—5. Injurious. ୬ । ଅତ୍ୟନ୍ତ ପ୍ରିୟ ( ହ୍ର. ଶ )—6. Very dear; fondly cherished. ୭ । କଡ଼ା ସ୍ୱାଦବିଶିଷ୍ଟ; ରାଗ । 7. Pungent. (ହ୍ର. ଶ)—ସ. ବି—୧ । ଅନିଷ୍ଟ; ଅପକାର—1. Injury. ୨ । ବିୟୋଗ ( ହ୍ର. ଶ )— 2. Separation; disappearanuce.

**ବିପ୍ରୁ(ପ୍ଲୁ)ଟ୍—ସ. ବି** ( ବି+ପ୍ରୁ [ପ୍ଲୁ ]ଷ୍ ଧାତୁ=ଦଗ୍ଧ କରିବା+ Bipru(plu)t କର୍ତ୍ତୃ. କ୍ୱିପ୍; ୧ମା. ୧ବ )—୧ । ଦ୍ରବ ବସ୍ତୁର ( ବିପ୍ରୁ[ପ୍ଲୁ]ଷ୍[ଷ] - ଅନ୍ୟରୂପ ) ବିନ୍ଦୁ ବା ଟୋପା—1. Drop of a liquid. ୨ । ଜଳକଣା—2. Minute particle of water. ୩ । ବେଦପାଠକାଳୀନ ମୁଖନିଃସୃତ ଲାଳ-କଣା ( ଯାହା ପୁସ୍ତକ ଗାତ୍ରରେ ପଡ଼େ )—3. Particles of saliva coming out of the mouth while reading the Bedas aloud. [ ଦ୍ର—ମନୁସ୍ମୃତି ଅନୁସାରେ ଏହା ଅପବିତ୍ର ନୁହେଁ—ହ୍ର. ଶ । ]

**ବିପ୍ରୋଷିତ—ସ. ବିଣ. ପୁଂ** ( ବି+ପ୍ର+ବସ୍ ଧାତୁ=ବାସ କରିବା Biproshita +କର୍ତ୍ତୃ. ତ; ବସ୍ ସ୍ଥାନରେ ଉଷ୍)—୧ । ବିଦେଶସ୍ଥ; ପ୍ରବାସବାସୀ—1. Sojourning; living abroad. ୨ । ଅନୁପସ୍ଥିତ ( ହ୍ର. ଶ )—2. Absent.

**ବିପ୍ଳବ—ସଂ. ବି** ( ବି+ପ୍ଳୁ ଧାତୁ=ଗମନ କରିବା+ଭାବ. ଅ )— Biplaba ୧ । ବିବାଦ; ଝଗଡ଼ା—1. Dispnte. ୨ । ବିନାଶ—2. Ruin; destruction. ୩ । ଭୟ ପ୍ରଦର୍ଶନ—3. Terrifying; frightening. ୪ । ଲୁଟପାଟ; ଲୁଣ୍ଠନ—4. Looting. ୫ । ବିଦ୍ରୋହ— 5, Mutiny. ୬ । ଅରାଜକତା—6. Anarchy. ୭ । ଉପଦ୍ରବ—7. Tyranny; oppression. ୮ । ଦେଶ ଲୁଣ୍ଠନ—8. Plundering a country;

depredation; devastation; predatory; incursion. ୯ । ଭୟପ୍ରାପ୍ତି—9. Affright. ୧୦ । ଗୋଳମାଳ—10. Confusion; tumult; disorder. ୧୧ । ପ୍ରଜାମେଳ; ରାଜ୍ୟ ମଧ୍ୟରେ ପ୍ରଜାଙ୍କ ଜନିତ ଅଶାନ୍ତି—11. Rebellion; a rising; general breach of peace in the kingdom; revolution. ୧୨ । କଷ୍ଟ; କ୍ଳେଶ—12. Trouble; distress. ୧୩ । ବିପଦ; ଆପଦ—13. Adversity; calamity; misfortune. ୧୪ । ପାପ—14. Sin. ୧୫ । ଅପରାଧ—15. Crime. ୧୬ । ଦୁଷ୍ଟତା—16. Wickedness. ୧୭ । କପଟ-ଯୁଦ୍ଧ—17 Mock fight; contest. ୧୮ । ଭଙ୍ଗୀ ବା ଶବ୍ଦଦ୍ୱାରା ଶତ୍ରୁର ଭୟ ପ୍ରଦର୍ଶନ—18. Act of terrifying an enemy by show or sound. ୧୯ । ପରଚକ୍ରଭୟ; ପରରାଷ୍ଟ୍ରଦ୍ୱାରା ଷଡ଼ଯନ୍ତ୍ରରେ ଘଟିବା ଅଶାନ୍ତି—19. Rebellion brought about by the machination of another country. ୨୦ । ନୌକା ବୁଡ଼ିବା (ହ୍ରି. ଶ)—20. The sinking of a ship or boat; shipwreck. ୨୧ । ବଢ଼ି; ବନ୍ୟା (ହ୍ରି. ଶ)—21. Flood; inundation; deluge. ୨୨ । ଘୋଡ଼ାର ଖୁବ୍ ବେଗରେ ଦଉଡ଼ (ହ୍ରି. ଶ)—22. Swift gallop of a horse. ୨୩ । ଶାନ୍ତିଭଙ୍ଗ; ଫଉଜଦାରୀ; ଦଙ୍ଗା ହେଙ୍ଗାମା—23. Affray; breach of the peace.

**ବିପ୍ଳବବାଦ**—ସଂ. ବି—(ଅଧୁନିକ ବ୍ୟବହାରରେ)—ସମାଜ ବା ଶାସନତନ୍ତ୍ରର Biplababāda ସଂସ୍କାର ପାଇଁ ବିପ୍ଳବର ପ୍ରୟୋଜନ, ଏରୂପ ମତ-(ବିପ୍ଳବବାଦୀ— ବିଣ ପୁଂ. ବିପ୍ଳବବାଦିନୀ—ସ୍ତ୍ରୀ) Revolutionism.

**ବିପ୍ଳାବ**—ସଂ. ବି—(ବି+ପ୍ଳୁ ଧାତୁ+ଭାବ.ଅ)—୧ । ଜଳପ୍ଳାବନ; ବନ୍ୟା; Biplāba ବଢ଼ି—1. Deluge; flood; inundation. ୨ । ଉଚ୍ଛେଦ—2. Destruction; overthrow. ୩ । ଶାନ୍ତିଭଙ୍ଗ—3. Breach of peace; disturbance of the peace of a country. ୪ । ଦେଶ-ଧ୍ୱଂସ—4. Laying waste or devastation of a country. ୫ । ଅଶ୍ୱର ଗତିବିଶେଷ; ଖଡ଼ଗତ୍—5. Gallop of a horse.

**ବିପ୍ଳାବକ**—ସଂ. ବିଣ. ପୁଂ (ବି+ପ୍ଳୁ+କର୍ତ୍ତୃ ଅକ)—୧ । ବିପ୍ଳବକାରୀ-Biplābaka 1. Rebellious; revolutionary. ୩ । (ବିପ୍ଳାବୀ— ଅନ୍ୟରୂପ) ମେଳିଆ—3. Combining. ୪ । ବନ୍ୟା [ବିପ୍ଳାବିକା, ବିପ୍ଳାବିକୀ—ସ୍ତ୍ରୀ) ଉତ୍ପାଦକ; ପ୍ରଳୟଙ୍କର—3. Producing or bringing about flood or deluge

**ବିପ୍ଳାବନ**—ସଂ. ବି [ବି+ପ୍ଳୁ (ପ୍ଳବ୍) ଧାତୁ ଣିଚ୍ ପ୍ଳାବ ଧାତୁ+ଭାବ. Biplābana ଅନ)—୧ । ବିଘ୍ନ; ବ୍ୟାଘାତ—1. Obstacle; hinderance. ୨ । ଧ୍ୱଂସ—2. Ruin; destruction. ୩ । ହାନି; କ୍ଷତି—3. Detriment; injury; mischief. ୪ । ଜଳ ପ୍ଳାବନ—4. Flood; deluge. ୫ । ବିପର୍ଯ୍ୟାସ; ଓଲଟ ପାଲଟ—5. Upturning; utter confusion.

**ବିପ୍ଳାବିତ**—ସଂ. ବିଣ (ବି+ପ୍ଳୁ ଧାତୁ ଣିଚ୍ ପ୍ଳାବ ଧାତୁ+କର୍ମ. ତ)—Biplābita ୧ । ବିପର୍ଯ୍ୟସ୍ତ—1. Utterly confused; upturned. ୨ । ପ୍ଳାବିତ,ବନ୍ୟାକ୍ରାନ୍ତ—2. Overflooded. ୩ । ବିପନ୍ନ—3. Beset with calamity. ୪ । ବିନଷ୍ଟ—4. Devastated; ruined. ୫ । ଉପଦ୍ରୁତ—5. Overrun; oppressed. ୬ । ବ୍ୟାହତ—6. Defeated; baffled.

**ବିପ୍ଳୁତ**—ସଂ. ବିଣ. ପୁଂ ( ବି+ପ୍ଳୁ ଧାତୁ+କର୍ତ୍ତୃ. ତ )—୧ । Bipluta ବ୍ୟଭିଚାରୀ—1. Lascivious. ୨ । ବିଗତ—(ବିପ୍ଳୁତା—ସ୍ତ୍ରୀ) 2. Gone; departed. ୩ । (+କର୍ମ. ତ) ଦୂଷିତ—3. Contaminated. ୪ । ଉପଦ୍ରୁତ—4. Oppressed; overrun. ୫ । (+କର୍ତ୍ତୃ. ତ) ଭ୍ରାନ୍ତ—5. Mistaken. ୬ । ଅପରାଧୀ—6. Guilty. ୭ । ବିପର୍ଯ୍ୟସ୍ତ—7. Confused; upturned; inverted. ୮ । ପ୍ରତିକୂଳ—8. Adverse. ୯ । ବିପରୀତ—9. Contrary. ୧୦ । (+କର୍ମ. ତ) ଇତସ୍ତତଃ ବିକ୍ଷିପ୍ତ (ହ୍ରି. ଶ)—10. Scattered. ୧୧ । କ୍ଷୁବ୍ଧ (ହ୍ରି. ଶ)—11. Agitated; perturbed. ୧୨ । ନଷ୍ଟ (ହ୍ରି. ଶ)—12. Spoilt. ସଂ. ବି (+ଭାବ ତ)—୧ । ବ୍ୟାଘାତ—1. Impediment. ୨ । ଜଳ ପ୍ଳାବନ—2. Deluge; flood. ୩ । ଧ୍ୱଂସ—3. Destruction; overthrow. ୪ । ହାନି—4. Detriment; injury. (ବିପ୍ଳୁତା—ସ୍ତ୍ରୀ)

**ବିପ୍ଳୁତା**—ସଂ. ବି—ଯୋନିରେ ସର୍ବଦା ପୀଡ଼ା ଅନୁଭୂତ ହେବା ଯୋନି-Bipluta ରୋଗବିଶେଷ ( ହ୍ରି. ଶବ୍ଦସାଗର )—A disease of the female organ causing extreme local pain.

ସଂ. ବିଣ ସ୍ତ୍ରୀ—ବିପ୍ଳୁତର ସ୍ତ୍ରୀ ଲିଙ୍ଗ—Feminine of Bipluta.

**ବିଫଳ**—ସଂ. ବିଣ ( ବି+ଫଳ )—୧ । ନିଷ୍ଫଳ—1. Fruitless; Biphala abortive. ୨ । ବୃଥା; ବ୍ୟର୍ଥ—2. Vain; use-(ବିଫଳା—ସ୍ତ୍ରୀ) less. ୩ । ନିରର୍ଥକ—3. Meaningless; (ବିପରୀତ—ସଫଳ) futile. ୪ । ଫଳହୀନ (ବୃକ୍ଷ) (ହ୍ରି. ଶ)—[ବିଫଳତା(ତ୍ୱ)—ବି] 4. (tree) Bearing no fruit. ୫ । ଅକୃତକାର୍ଯ୍ୟ - 5. Unsuccessful.

**ବିଫଳ ମନୋରଥ**—ସଂ. ବିଣ ପୁଂ (ବହୁବ୍ରୀହି; ବିଫଳ+ମନୋରଥ)—Biphala manoratha ଯାହାର ମନୋରଥ ସିଦ୍ଧ ହୋଇ (ବିଫଳ ମନୋରଥା—ସ୍ତ୍ରୀ) ନାହିଁ—Unsuccessful.

[ ଦ୍ର—ଏହିପରି ବିଫଳ ପ୍ରଯତ୍ନ, ବିଫଳ ପ୍ରୟାସ, ବିଫଳ ଯତ୍ନ, ବିଫଳ ପରିଶ୍ରମ, ବିଫଳ ଶ୍ରମ ଆଦି ପଦ ବ୍ୟବହୃତ ହୁଏ । ]

**ବିଫଳା**—ସ. ବି. ସ୍ତ୍ରୀ ( ବିଫଳ+ସ୍ତ୍ରୀ ଆ )—କେତକୀ ଗଛ—The Biphaḷā screwpine; Pandanus Odorotissimus. ସ. ବିଣ ସ୍ତ୍ରୀ—ବିଫଳର ସ୍ତ୍ରୀଲିଙ୍ଗ—Feminine of Biphaḷa.

**ବିଫଳିବା**—ଦେ. (ପଦ୍ୟ) କ୍ରି (ପଦ୍ୟ) (ସ. ବିଫଳ)—ବିଫଳ ହେବା; Biphaḷibā ବୃଥା ହେବା—To be futile. (ଭୂ—ଭବାଣ (ବିଫଳାଇବା—ଣିଜନ୍ତ ରୂପ) ଅଶେ ଭ୍ରମରଙ୍କ ବିଫଳେ । ରାଧାନାଥ. विफला विफल होना ମେଘଦୂତ ।)

**ବିଫଳୀକୃତ**—ସ. ବିଣ ( ବିଫଳ+ଅଭୂତ ତଦ୍ଭାବେ ଚ୍ୱି+କୃତ )—Biphaḷīkṛuta ବିଫଳ କରି ଯାଇଥିବା—Nullified. (ବିଫଳୀକରଣ—ବି)

**ବିଫଳୀଭୂତ**—ସ. ବିଣ. ( ବିଫଳ+ଅଭୂତ ତଦ୍ଭାବେ ଚ୍ୱି+ଭୂତ)—Biphaḷībhūta ବୃଥା ହୋଇଥିବା—Become unsuccessful; ending in failure. (ବିଫଳୀ ଭାବ—ବି)

**ବିବକ୍ଷା**—ସ. ବି (ବଚ୍ ଧାତୁ=କହିବା+ଇଚ୍ଛାର୍ଥରେ ସନ୍+ଭାବ ଅ+ Bibakshā ଆ)—୧ । କହିବାର ଇଚ୍ଛା—1. Desire to speak. ୨ । ଅଭିଳାଷ; ବାସନା—2. Desire; intention. ୩ । ଅର୍ଥ; ମାନେ—3. Meaning; sense (Apte). ୪ । ଉଦ୍ଦେଶ୍ୟ—4. Intention; purpose (Apte).

**ବିବକ୍ଷିତ**—ସ. ବିଣ ( ବଚ୍ ଧାତୁ+ଇଚ୍ଛାର୍ଥରେ ସନ୍+କର୍ମ. ତ )—Bibakshita ୧ । କହିବାକୁ ଇଚ୍ଛା କରି ଯାଇଥିବା—2. Intended to be spoken. ୨ । ଇପ୍ସିତ—2. Desired; wished for. ୩ । ପ୍ରିୟ—3. Favorite (Apte) ସ. ବି (+ଭାବ. ତ)—୧ । ଉଦ୍ଦେଶ୍ୟ—1. Purpose; intention (Apte). ୨ । ଅର୍ଥ—2. Meaning; sense (Apte).

**ବିବକ୍ଷୁ**—ସ. ବିଣ. ପୁଂ (ବଚ୍ ଧାତୁ+ଇଚ୍ଛାର୍ଥରେ ସନ୍+କର୍ତ୍ତୃ. ଉ)—Bibakshu କହିବାକୁ ଇଚ୍ଛୁକ—Desiring to speak.

**ବିବଞ୍ଚିଷା**—ସ. ବି. ( ବଂଚ୍ ଧାତୁ+ଇଚ୍ଛାର୍ଥରେ ସନ୍+ଅ+ଆ )—Bibañchishā ଠକିବାର ଇଚ୍ଛା—Desire to defraud. (ବିବଞ୍ଚିଷୁ—ବିଣ)

**ବିବତ୍ସା**—ସଂ. ବି. (ବସ୍ ଧାତୁ+ଇଚ୍ଛାର୍ଥରେ ସନ୍+ଭାବ. ଅ+ଆ)—Bibat-sā ବାସ କରିବାର ଇଚ୍ଛା—Intention to reside. ସଂ. ବି. ସ୍ତ୍ରୀ (ବି—ନଷ୍ଟ ହୋଇଅଛି+ବତ୍ସ=ବାଛୁରି ଯାହାର; ବହୁବ୍ରୀହି)—ଯେଉଁ ଗାଈର ବାଛୁରି ମରିଅଛି—A cow which has lost her calf.

**ବିବତ୍ସୁ**—ସଂ. ବି. ( ବସ୍ ଧାତୁ+ଇଚ୍ଛାର୍ଥରେ ସନ୍+କର୍ତ୍ତୃ. ଉ )—Bibat-su ବାସ କରିବାକୁ ଇଚ୍ଛୁକ—Desirous of residing.

**ବିବଦମାନ**—ସଂ. ବି. ପୁଂ ( ବି+ବଦ୍ ଧାତୁ+କର୍ତ୍ତୃ. ଅନ୍ )—Bibadamāna ୧ । ବିବାଦକାରୀ; କଳହକାରୀ—1, Quarrelling; wrangling. ୨ । ମକଦ୍ଦମାରେ ଲଢ଼ୁଥିବା—2, Contending or contesting in a court of law (ବିବଦମାନା—ସ୍ତ୍ରୀ )

**ବିବଦ୍ଧ**—ସ. ବିଣ ( ବି+ବଧ ଧାତୁ+କର୍ମ ତ )—୧ । ଆବଦ୍ଧ—Bibaddha 1. Fastened; tied. ୨ । ବ୍ୟାହତ—Obstructed; stopped ( Apte ).

**ବିବଧ**—ସ. ବି ( ବି+ବଧ୍ ଧାତୁ=ବନ୍ଧନ କରିବା+ଭାବ. ଅ )—Bibadha ୧ । ଧାନ୍ୟାଦି ପ୍ରାପ୍ତି—1. Acquisition of grains. ୨ । ( +କରଣ ଅ ) କ୍ଷୀର ବା ଦୁଗ୍ଧର ଭାର; ଦୁଧଭାର—2. A yoke for carrying milk pails suspended at both ends. ୩ । ( +ଅଧିକରଣ ଅ; କମ୍ମ କର୍ମ ଅ ) ପଥ—3. Road. ୪ । ବାର୍ତ୍ତା—4. News; tidings. ୫ । ( +କର୍ମ ଅ ) ବୋଝ—5. Load; burden ( Apte ). ୬ । ( +ଭାବ ଅ ) ଶସ୍ୟାଦିର ସଞ୍ଚୟ—6. Storage of grains ( Apte ). ୭ । ( +କର୍ମ ଅ ) କୁମ୍ଭ—7. Pitcher ( Apte ).

**ବିବଧିକ**—ସ. ବି ( ବିବଧ+ଇକ )—୧ । ଭାରିଆ; ଭାରୁଆ—1. Bibadhika A person carrying loads suspended at both the ends of a yoke. ୨ । ବୋଝିଆ—2. Porter ( Apte ). ୩ । ଫେରିବାଲା—3. Pedlar; hawker ( Apte ).

**ବିବନ୍ଦିଷୁ**—ସ. ବିଣ ( ବନ୍ଦ୍ ଧାତୁ+ଇଚ୍ଛାର୍ଥରେ ସନ୍+କର୍ତ୍ତୃ ଉ )—Bibandishu ଅଭିବାଦନେଚ୍ଛୁ—Wishing to make obeisance. (ବିବନ୍ଦିଷା—ବି)

**ବିବନ୍ଧ**—ସ. ବି ( ବି+ବନ୍ଧ୍ ଧାତୁ+କରଣ ଅ )—୧ । ବ୍ୟାଧି; ରୋଗ Bibandha —1. Disease; illness. ୨ । କୋଷ୍ଠବଦ୍ଧ ରୋଗ—2. Constipation; costiveness. ୩ । ମଳମୂତ୍ରରୋଧ ରୋଗ—3. Stoppage of urine and stools. ୪ । ବାଧା—4. Obstruction ( Apte ). ଦେ. ତ—ବନ୍ଧନ—Tying. ( ଉ—ବୋଲୁ ଏମନ୍ତ ଶୁଭଲ୍ଲ, ବିବନ୍ଧ କୁଚେ ଲେଭଲ୍ଲ । ଉପେ. ବୈଦେହୀଶବିଳାସ । ) ଦେ. ବିଣ—ମୁକୁଳା (କେଶ)—Untied; let loose. ( ଉ—ବର୍ଣ୍ଣିବୁ ଥାଇଟି ଗୁରୁ-ଚିକୁର, ବିବନ୍ଧ ଯା ସମ ଶ୍ୟାମଶ୍ରମର । ଉପେ. କୋଟିବ୍ରହ୍ମାଣ୍ଡସୁନ୍ଦରୀ । )

**ବିବନ୍ଧୁ**—ସ. ବିଣ ( ବି+ବନ୍ଧୁ )—ବନ୍ଧୁହୀନ—Bibandhu Friendless.

**ବିବମିଷା**—ସ. ବି ( ବମ୍ ଧାତୁ+ଇଚ୍ଛାର୍ଥରେ ସନ୍+ଭାବ ଅ+ଆ )—Bibamishā ବମନ କରିବାର ଇଚ୍ଛା; ଅଇ ଦେଖେଇବା; ବାନ୍ତି ମାଡ଼ିବା—Tendency to vomit.

**ବିବମିଷୁ**—ସ. ବ ( ବମ୍ ଧାତୁ+ଇଚ୍ଛାର୍ଥରେ ସନ୍+କର୍ତ୍ତୃ ଉ )—Bibamishu ଯାହାକୁ ବାନ୍ତି ମାଡ଼ୁଥାଏ—Feeling a tendency to vomit.

ବିବର—ସଂ. ବି ( ବି+ବୃ ଧାତୁ=ଆବରଣ କରିବା+କର୍ତ୍ତୃ ଅ )—
Bibara ୧ । ରନ୍ଧ୍ର; କଣା; ଗର୍ତ୍ତ; ଛିଦ୍ର—1. Hole; fissure ୨ । ଗହ୍ୱର; ପର୍ବତଗୁହା—2. Mountain-cave. ୩ । ବିଲ—3. Den. ୪ । ବିଚ୍ଛେଦ—4. Separation. ୫ । ବ୍ୟବଧାନ—5. Interval; intervening space (Apte). ୬ । ନିର୍ଜନ ସ୍ଥାନ—6. Solitary place (Apte). ୭ । ଦୋଷ—7. Fault; flaw. (Apte) ୮ । ନଅ ( ସଂଖ୍ୟା )—8. The number nine (Apte). ୯ । ବିସ୍ତାର—9. Expansion (Apte). ୧୦ । ପକ୍ଷିରାଜ ଗରୁଡ଼—10. Garurda, the king of birds. [ ଉ—ବିବର ଗତ ସୁଗ୍ରୀବ ଦେଖି ସେ ଭୟ, ବିବର ଲୋକକେ ଯଥା ପନ୍ନଗ ସଭୟ । ଉଞ୍ଜ. ବୈଦେହୀଶବିଳାସ । ] ଦେ. ବି
विवर —୧ । ମାଛମାନଙ୍କର ବସା କରିବା ପାଇଁ ପାଣିତଳେ ମାଟିରେ ଖୋଳିବା ଗାତ; ବିମ୍ବର — 1. Holes made by big fishes in tanks in breeding season. ବୈଦେ. ବି ( ଇଂ. ବୀଭର୍ )—ଏକପ୍ରକାର
बीवर ଉଭୟଚର ପଶୁ—The beaver. [ ଦ୍ର—ବିବର—
बीबर ମୂଷା ଜାତୀୟ କିନ୍ତୁ ମୂଷାଠାରୁ ବଡ଼ ଉଭୟଚର ଜୀବ; ଏହା ଦେହର ଲୋମ ଖୁବ୍ କୋମଳ ଓ ପାଶ୍ଚାତ୍ୟ ପୋଷାକ-ସଉକୀମାନେ ଏ ଲୋମ ପୋଷାକ ଉପରେ ମଡ଼ାନ୍ତି । ଏହାର ପଛଗୋଡ଼ ଲିପ୍ତ । ବିବରମାନେ ଦଳ ବାନ୍ଧି ନଈ ବା ଜଳାଶୟ କୂଳରେ ବସା କରି ରହନ୍ତି । ଏମାନେ ବଡ଼ ବଡ଼ ଗଛମାନ ଦାନ୍ତରେ କାଟି ନଈସୁଅରେ ଭସାଇ ଆଣି ନିର୍ଦ୍ଦିଷ୍ଟ ସ୍ଥାନରେ ସେମାନ ଅଟକାଇ ପାଣିର ଅତଡ଼ରେ ଉକ୍ତ ଗଛର ଗଣ୍ଡିମାନଙ୍କରେ କାଦୁଅ ଲଗାଇ ନିଜର ବସା ବାନ୍ଧନ୍ତି ଓ ପାଣିକୁ ଅଟକାଇ ରଖିବା ପାଇଁ ଦୃଢ଼ ବନ୍ଧ ପକାନ୍ତି । ଏମାନଙ୍କ କୋଡ଼ଗାତରୁ କସ୍ତୁରୀ ପରି ଏକପ୍ରକାର ବହୁ-ମୂଲ୍ୟ ସୁଗନ୍ଧଦ୍ରବ୍ୟ ( castor ) ମିଳେ, ଏହା ସୁବାସିତ ଏସେନ୍ସଆଦି ପାଇଁ ପାଶ୍ଚାତ୍ୟଦେଶରେ ବ୍ୟବହୃତ ହୁଏ । ]

ବିବରଣ—ସଂ. ବି ( ବି+ବୃ ଧାତୁ+ଭାବ ଅନ )—୧ । ବିସ୍ତାର—
Bibarana 1. Expansion. ୨ । ବର୍ଣ୍ଣନ—2. Description; statement. ୩ । ପୁଙ୍ଖାନୁପୁଙ୍ଖ ବା ବିସ୍ତାରିତ ବର୍ଣ୍ଣନା—3. Detailed description; specification. ୪ । କୌଣସି ଘଟଣାର ସମସ୍ତ ଅବସ୍ଥା—4. Circumstances regarding a particular event. ୫ । ବ୍ୟାଖ୍ୟା; ଟୀକା; ଭାଷାର୍ଥ ପ୍ରକାଶ — 5. Annotation; gloss. ୬ । ପ୍ରକାଶ—6. Unfolding; manifestation, ୭ । ଖୋଲି କରି ଦେଖାଇବା—7. Displaying; laying bare or open (Apte). ୮ । ବାକ୍ୟ—1, Sentence (Apte),

ବିବରଣୀ—ସଂ. ବି ( ଅଧୁନିକ ପ୍ରୟୋଗ; ବିବରଣ+ଈ )—ବିବରଣ
Bibarani ( ଦେଖ )—Bibarana ( See )

ବିବରଣୀୟ—ସଂ. ବିଣ ( ବି+ବୃ ଧାତୁ+କର୍ମ ଅନୀୟ )—୧ ।
Bibaraniya ବର୍ଣ୍ଣନୀୟ—1, Describeable, ୨ । ପ୍ରକଟନୀୟ —2, Expressible,

ବିବର ନାଳିକା—ସଂ. ବି [ ବିବର=ଛିଦ୍ର+ନାଳ+କ+ଆ ]—
Bibara nalika ବଂଶୀ—A flute;

ବିବରା—ସଂ. ବି ଓ ବିଣ [ ଅଧୁନିକ ପ୍ରୟୋଗ; ବହୁବ୍ରୀହି; ବି=ବିଗତ
Bibara ବର=ସ୍ୱାମୀ ]—ଅକ୍ଷତଯୋନି ବିଧବା; ସ୍ୱାମି ସହବାସ ପୂର୍ବରୁ ଯେଉଁ କନ୍ୟା ବିଧବା ହୋଇ ଥାଏ—A virgin widow who has lost her husband before consummation of marriage. [ ଦ୍ର—ପ୍ରାଚୀନ ଶାସ୍ତ୍ରମାନଙ୍କରେ 'ବିଧବା' ଶବ୍ଦ ମୃତଭର୍ତ୍ତୃକା ଅର୍ଥରେ ପ୍ରଯୁକ୍ତ; ମାତ୍ର ବର୍ତ୍ତମାନ ଯୁଗର ଓଡ଼ିଶାର ସମାଜ ସଂସ୍କାରକାମିଗଣ ମୃତଭର୍ତ୍ତୃକାମାନଙ୍କୁ ଦୁଇ ଶ୍ରେଣୀରେ ବିଭକ୍ତ କରିଅଛନ୍ତି, ସ୍ୱାମିସହବାସ ପୂର୍ବରୁ ଯେଉଁମାନେ ଧବହୀନା ସେମାନେ 'ବିବରା' ଓ ତତ୍ପରେ ଧବହୀନା ହେଲେ 'ବିଧବା' । ]

ବିବରା ବିବାହ—ସଂ. ବି [ ଆଧୁନିକ ବ୍ୟବହାର ]—ଅକ୍ଷତଯୋନି ବିଧବାର
Bibara bibaha ଦ୍ୱିତୀୟବାର ସ୍ୱାମିପରିଗ୍ରହ—The second marriage of a virgin widow.

ବିବରିବା—ଦେ. କ୍ରି [ ପଦ୍ୟ, ସଂ. ବିବରଣ ]—ବର୍ଣ୍ଣନା କରିବା—
Bibariba To describe. [ ଉ—ଜୟନ୍ତଙ୍କୁ ଦେଖି
विवरना ନୃପଙ୍କର ହେଲା ହର୍ଷେ ବିଷାଦ, ବିବରି କହିଲେ ପରୀକ୍ଷାର
विवरना ଯେତେ ପୂର୍ବ ସମ୍ବାଦ । ରାଧାନାଥ. ଉଷା । ]

ବିବର୍ଜନ—ସଂ. ବି—(ବି+ବୃଜ୍ ଧାତୁ=ତ୍ୟାଗ କରିବା+ଭାବ. ଅନ)
Bibarjana ପରିତ୍ୟାଗକରଣ; ବିସର୍ଜନ— Abandonment; (ବିବର୍ଜକ—ବ୍ୟକ୍ତିବାଚକ ବିଶେଷ୍ୟ, ପୁଂ) relinquishment.

ବିବର୍ଜନୀୟ—ସଂ. ବିଣ—(ବି+ବୃଜ୍ ଧାତୁ+କର୍ମ. ଅନୀୟ)—ପରିତ୍ୟାଜ୍ୟ-
Bibarjaniya Relinquishable; fit to be shunned. (ବିବର୍ଜନୀୟା—ସ୍ତ୍ରୀ)

ବିବର୍ଜିତ—ସଂ. ବିଣ—(ବି+ବୃଜ୍ ଧାତୁ+କର୍ମ. ତ)—୧ । ପରିତ୍ୟକ୍ତ—
Bibarjita 1. Abandoned; relinquished. ୨ । (ସମାସରେ) ଶୂନ୍ୟ; ରହିତ—2. Debarred from; deprived of. ୩ । ପ୍ରଦତ୍ତ—3. Given; distributed. ୪ । (ସମାସରେ) ହୀନ—4. Devoid of; destitute of.

ବିବର୍ଣ୍ଣ—ସଂ. ବିଣ—(ବହୁବ୍ରୀହି; ବି=ବିଗତ+ବର୍ଣ୍ଣ)—୧ । ବର୍ଣ୍ଣହୀନ-
Bibarnna 1. Colourless. ୨ । ମଳିନ—2. Pale; (ବିବର୍ଣ୍ଣା—ସ୍ତ୍ରୀ) wan. ୩ । ବିକୃତବର୍ଣ୍ଣ—3, Discoloured. ୪ । ଫିକା ପଡ଼ି ଯାଇଥିବା—4. Turned pale. ସଂ. ବି—ନୀଚ ଜାତି—Low caste.

ବିବର୍ତ୍ତ—ସଂ. ବି—(ବି+ବୃତ ଧାତୁ+ଭାବ. ଅ)—୧ । ପରିବର୍ତ୍ତନ—
Bibartta 1. Evolution; change; alteration. ୨ ।

ପରିଣାମ—2. Result. ୩ । ବିଶେଷରୂପେ ସ୍ଥିତି—3. Peculiar position. ୪ । ନୃତ୍ୟ—4. Dancing. ୫ । ସମୂହ; ରାଶି—5. Multitude; heap; collection. ୬ । ଘୂର୍ଣ୍ଣନ—6. Revolving; turning round; whirling round. ୭ । ଭ୍ରମଣ—7. Roaming; wandering. ୮ । ଭ୍ରମ—8. Mistake. (ଯଥା—ରଜ୍ଜୁରେ ସର୍ପ ଭ୍ରମ)—୯ । (ବେଦାନ୍ତ) ଅବିଦ୍ୟା ବା ମାୟା ଜନିତ ଭ୍ରାନ୍ତିରୂପ ବା ଦୃଶ୍ୟ 9. (Bedanta philosophy) An illusory form or an unreal appearance caused by human error.

**ବିବର୍ତ୍ତନ**—ସଂ. ବି(ବି+ବୃତ୍ ଧାତୁ+ଭାବ. ଅନ)—୧। କ୍ରମିକ ପରିବର୍ତ୍ତନ **Bibarttana** 1, Change; evolution. ୨ । ଘୂର୍ଣ୍ଣନ—2, Whirling; revolving. ୩ । ପ୍ରତ୍ୟାବର୍ତ୍ତନ—3. Returning, coming back. ୪ । ଭ୍ରମଣ—2, Travelling. ୫ । କଡ଼ ଲେଉଟାଇବା—5. Rolling about;turning on one's sides. ୬ । ନୃତ୍ୟ—6. Dancing, ୭ । ପ୍ରଦକ୍ଷିଣୀକରଣ—7. Going round; walking round an image or revered person or thing with one's right hand towards the latter; circumambulation. ୮ । ନାନା ଅବସ୍ଥାର ମଧ୍ୟ ଦେଇ ଗମନ—8. Passing through various states or existence. ୯ । ନମସ୍କାର 9. Reverential salutation (Apte). ୧୦ । ପରିବର୍ତ୍ତିତ ଅବସ୍ଥା—10. An altered condition (Apte). ୧୧ । ଅପନୟନ—11. Obliteration. ୧୨ । ଅପସାରଣ—12. Displacement.

**ବିବର୍ତ୍ତବାଦ**—ସଂ. ବି—(ଅଧୁନିକ ପ୍ରୟୋଗ)—୧ । ଜୀବ ଜଗତର କ୍ରମ-**Bibarttabāda** ବିକାଶ ବା ଅଭିବ୍ୟକ୍ତିରୂପକ ମତବାଦ—(ବିବର୍ତ୍ତନବାଦ—ଅନ୍ୟରୂପ) 1. The theory of evolution [ଦ୍ର—ଡାରୱିନ୍ ନାମକ ଜଣେ ଇଂରେଜ ପଣ୍ଡିତ ଏହି ମତ ପ୍ରତିଷ୍ଠା କରିଥିଲେ । ଏହି ମତ ଅନୁସାରେ ସୃଷ୍ଟିର ଆଦ୍ୟରେ ନିକୃଷ୍ଟ ଜୀବ ସୃଷ୍ଟ ହୋଇଥିଲେ ଏବଂ ସେମାନେ କ୍ରମଶଃ ଉନ୍ନତି ଲାଭ କରି ଓ ବିକାଶପ୍ରାପ୍ତ ହୋଇ ଶେଷରୁ ମନୁଷ୍ୟରୂପ ଧାରଣ କରି ଅଛନ୍ତି । ସର୍ପଠାରୁ ପକ୍ଷୀ, ପକ୍ଷୀରୁ ପଶୁ, ପଶୁରୁ ବାନର ଓ ବାନରରୁ ମନୁଷ୍ୟ ଏହିପରି କ୍ରମବିକାଶ ଘଟିବା ଏହି ମତରେ ପ୍ରକାଶିତ ।] ୨ । (ବେଦାନ୍ତ ଦର୍ଶନ) ମାୟାବାଦ—2. The theory of illusion or illusory appearance in Bedānta. [ଦ୍ର—ଏକ ମାତ୍ର ବ୍ରହ୍ମରୁ ପ୍ରକୃତି, ପ୍ରକୃତିରୁ ସତ୍ତ୍ୱାଦି ଗୁଣତ୍ରୟ ଓ ଗୁଣତ୍ରୟରୁ ଅର୍ଣ୍ଣବ କରି ପ୍ରକୃତ ମାୟା ଓ ଅବିଦ୍ୟାରୂପରେ ଦ୍ୱିଧା ବିଭକ୍ତ ହେବାରୁ ମାୟାଶ୍ରିତ ଚୈତନ୍ୟ ଈଶ୍ୱରରୂପରେ ଓ ଅବିଦ୍ୟାଶ୍ରିତ ଚୈତନ୍ୟ ଜୀବ ରୂପରେ ପ୍ରକାଶିତ ହେଲେ । ଏହି ମତ ଅନୁସାରେ ବ୍ରହ୍ମ ସତ୍ୟ ଏବଂ ଏ ଦୃଶ୍ୟମାନ ଜଗତ୍ ମିଥ୍ୟା ବୋଲି କଥିତ ।]

**ବିବର୍ତ୍ତିତ**—ସଂ ବିଣ—(ବି+ବୃତ୍ ଧାତୁ+କର୍ମ. ତ)—୧ । ଘୂର୍ଣ୍ଣିତ—**Bibarttita** 1. Revolved; whirled round. ୨ । ଅପସାରିତ—2. Displaced; dislocated; removed. ୩ । ପ୍ରତ୍ୟାବର୍ତ୍ତିତ—3. Returned. ୪ । ଅପନୀତ—4. Obliterated. ୫ । ଭ୍ରାନ୍ତ—5. Mistaken. ୬ । ଖଣ୍ଡ ଖଣ୍ଡ ହୋଇ କଟା ହୋଇଥିବା—6, Mangled; hacked; cut into pieces (Apte). ୭ । ନମିତ—7. Bent down (Apte). ୮ । ବିକୃତ—8. Distorted (Apte); detririorated.

**ବିବର୍ତ୍ତିତ ସନ୍ଧିଭଗ୍ନ(ଙ୍ଗ)**—ସଂ. ବି ( ଆୟୁର୍ବେଦ ପରିଭାଷା )—ଶଲ୍ୟଶାସ୍ତ୍ରୋକ୍ତ **Bibarttita sandhibhagna(ṅga)** ସନ୍ଧ୍ୟୁତ୍ତ୍ରି ସ୍ଥାନଚ୍ୟୁତି; ଅସ୍ଥିସନ୍ଧିଚ୍ୟୁତି; ଜଙ୍ଗାରୁ ହାଡ଼ ଖସିଯିବା—Complete dislocation of bone from the joint.

**ବିବର୍ଦ୍ଧକ**—ସଂ. ବିଣ. ପୁଂ ( ବି+ବୃଧ୍ ଧାତୁ+କର୍ତ୍ତୃ ଅକ )—ଯେ **Bibarddhaka** ବଢ଼ାଏ—Lengthening; increasing; (ବିବର୍ଦ୍ଧୀ—ଅନ୍ୟରୂପ) (ବିବର୍ଦ୍ଧିକା, ବିବର୍ଦ୍ଧିନୀ—ସ୍ତ୍ରୀ) enhancing.

**ବିବର୍ଦ୍ଧନ**—ସଂ. ବି ( ବି+ବୃଧ୍ ଧାତୁ+ଭାବ ଅନ )—୧ । ସମ୍ୟକ୍ **Bibarddhana** ବୃଦ୍ଧିକରଣ—1. Lengthening, elonga-(ବିବର୍ଦ୍ଧିତ—ବିଣ) ting. ୨ । ଛେଦନ—2. Cutting. ୩ । ସମ୍ୟକ୍ ବୃଦ୍ଧି—2. Increase; enlargement (Apte).

**ବିବଶ**—ସଂ. ବିଣ. ପୁଂ ( ବି+ବଶ୍ ଧାତୁ=ଇଚ୍ଛା କରିବା+ଭାବ ଅ, **Bibaśa** ଅଥବା ବି=ବିଗତ+ବଶ=ଅଧୀନତା; ବହୁବ୍ରୀହି)—(ବିବଶା—ସ୍ତ୍ରୀ) ୧ । ଅବଶ—1. Out of control. ୨ । [ବିବଶତା(ତ୍ୱ)—ବି] ଅବାଧ୍ୟ—2.Disobedient; insubordinate. ୩ । ନିଶ୍ଚେଷ୍ଟ—3. Stupefied; disabled. ୪ । ଗ୍ଳାନ ଶକ୍ତିରହିତ—4. Paralysed. ୫ । ବିହ୍ୱଳ, ଅଥୟ; ବ୍ୟାକୁଳ—5 Overwhelmed. ୬ । ଅସହାୟ—6. Helpless. ୭ । ସ୍ୱାଧୀନ—7. Independent. ୮ । ମୃତ୍ୟୁପ୍ରାର୍ଥୀ—8. Wishing death. ୯ । ମୃତ୍ୟୁକାଳରେ ନିର୍ଭୀକ—9. Not afraid of death. ୧୦ । ପ୍ରଶାନ୍ତ ଚେତାଃ—10, Tranquil in mind; calm in disposition.

**ବିବସନ**—ସଂ. ବିଣ. ପୁଂ ( ବହୁବ୍ରୀହି; ବି=ନାହିଁ+ବସନ ]—୧ । **Bibasana** ନଗ୍ନ; ଲଙ୍ଗଳା—1 Naked. ୨ । ବସ୍ତ୍ରହୀନ—[ବିବସ୍ତ୍ର—ଅନ୍ୟରୂପ] 2. Clothless; undressed. (ବିବସନା, ବିବସ୍ତ୍ରା—ସ୍ତ୍ରୀ)

**ବିବସନ କରିବା**—ଦେ. କ୍ରି—ଲଙ୍ଗଳା କରିବା; କୌଣସି ବ୍ୟକ୍ତିର **Bibasana karibā** ଦେହରୁ ପରିହିତ ବସ୍ତ୍ର କାଢ଼ି ନେବା—To make a person naked.

ବିବସ୍ୱତୀ—ସ. ବି. ସ୍ତ୍ରୀ (ବିବସ୍ୱତ୍+ସ୍ତ୍ରୀ. ଈ)—ସୂର୍ଯ୍ୟନଗରୀ— Bibaswati The imaginary city of the Sun-god.

ବିବସ୍ୱାନ୍—ସ. ବି. ପୁଂ [ବିବସ୍ (ବି=ବିବିଧ ପ୍ରକାର+ ବସ୍ ଧାତୁ= Bibaswān ବାସ କରିବା+କର୍ତ୍ତୃ. କ୍ୱିପ୍=ବିବସ୍=ତେଜୋମୟ ଆବରଣ)+ଅସ୍ତ୍ୟର୍ଥରେ ବତ୍; ବିବସ୍ୱତ୍; ପ୍ରା. ୧ବ]— ୧ । ଦେବତା-1. Deity. ୨ । ସୂର୍ଯ୍ୟ—2, The sun. ୩ । ବୈବସ୍ୱତ ମନୁ ରାଜା—3. A king, the son of the Sun-god. ୪ । ଅରୁଣ—4. Twilight personified. ୫ । ଅରଖ ଗଛ; ଅର୍କବୃକ୍ଷ— 5, Calotropis Gigantea; swallowwort.

ବିବାକ୍—ବୈଦେ. ଅ (ଫା. ବେବାକ୍)—୧ । ତମାମ୍; ସମ୍ପୂର୍ଣ୍ଣ- Bibāk ରୂପେ—1. Totally; wholly; completely. ୨ । বেবাক্; বিবাক্ ବାକି ନ ରଖି—2. Without leaving बेबाक any remainder. ୩ । ସମସ୍ତେ—3, One and all. ୪ । ସମସ୍ତ—4. All; entire; whole.

ବିବାକ—ସ. ବଣ ( ବି+ବଚ୍ ଧାତୁ+କର୍ତ୍ତୃ. ଅ )—ବିବେଚକ— Bibāka Considerate. ବୈଦେ. ଅ (ଫା)-ବିବାକ୍ (ଦେଖ)- Bibāk (See).

ବିବାଦ—ସ. ବ (ବି+ବଦ୍ ଧାତୁ+ଭାବ. ଅ)—୧ । କଳି; କଳହ; Bibāda ଝଗଡ଼ା—1. Quarrel; wrangling. ୨ । ବିସମ୍ବାଦ; ବିରୋଧ—2. Dispute; opposition; controversy. ୩ । ମତଭେଦ—3. Difference of opinion. ୪ । ମକଦ୍ଦମା; ମାମଲା—4. Litigation.

ବିବାଦକ—ସ. ବଣ (ବିବାଦ+କୃ ଧାତୁ+କର୍ତ୍ତୃ. ଅକ)— ଯେ ବିବାଦ Bibādaka କରେ—Disputing; wrangling. (ବିବାଦକା—ସ୍ତ୍ରୀ)

ବିବାଦ କରିବା—ଦେ. କ୍ରି—୧ । କଳି କରିବା—1. To quarrel. Bibāda kariba ୨ । ମକଦ୍ଦମା କରିବା—2, To sue; to বিবাদ করা विवाद करना file case against a person; to litigate.

ବିବାଦ ପଦ—ସ. ବ (୬ଷ୍ଠୀ ତତ୍) (ହିନ୍ଦୁ ସ୍ମୃତି)—୧ । ମକଦ୍ଦମାର Bibāda pada ବିଷୟ—1. (Hindu Law) Subject (ବିବାଦ ସ୍ଥଳ—ଅନ୍ୟରୂପ) matter of a suit. ୨ । ମକଦ୍ଦମା ଦାଏର କରିବାର ମୁଖ୍ୟ କାରଣ—2. Cause of action.

ବିବାଦ ପ୍ରିୟ—ସ. ବଣ. ପୁଂ (ବହୁବ୍ରୀହି; ବିବାଦ ପ୍ରିୟ ଅଟେ ଯାହାର)— Bibāda priya ୧ । କଳହପ୍ରିୟ—1. Quarrelsome. ୨ । (ବିବାଦ ପ୍ରିୟା—ସ୍ତ୍ରୀ) ମକଦ୍ଦମାବାଜ୍—2. Given to or fond (ବିବାଦ ପ୍ରିୟତା—ବ) of litigation; litigous.

ବିବାଦ ବଢ଼ିବା—ଦେ. କ—ଦିନକୁ ଦିନ ବିବାଦ ଗୁରୁତର ହେବା— Bibāda bardhiba A dispute taking a graver বিবাদ বাড়া turn from day to day; the aggravation विवादबढना of a dispute. [ବିବାଦ ବଢ଼ା(ଢ଼େ)ଇବା—କ୍ରିୟା ରୂପ]

ବିବାଦ ବିଷୟ—ସ. ବ ( ୬ଷ୍ଠୀ ତତ୍; ବିବାଦ+ବିଷୟ; କତରଥ )— Bibāda bishaya ଯେଉଁ ବିଷୟ ପାଇଁ ଦୁଇ ଜଣଙ୍କର କଳି ଲାଗିଥାଏ; କଳହର ବସ୍ତୁ—Bone of contention; subject matter of dispute; matter in dispute.

ବିବାଦ ବିସମ୍ବାଦ—ସ, ବ (ସହଚର) ( ବହୁବଚନାର୍ଥ ସୂଚକ )— Bibāda bisambāda ୧ । କଳିକଜିଆ—1. Quarrel. ୨ । ମାମଲା; ମକଦ୍ଦମା—2. Litigation. ୩ । ବିରୋଧ- 3. Dispute.

ବିବାଦ ବିହୀନ—ସ. ବଣ ( ୩ୟା ତତ୍; ବିବାଦ+ବିହୀନ )—କଳହ Bibāda bihina ଶୂନ୍ୟ—Free from dispute. (ବିବାଦ ଶୂନ୍ୟ, ବିବାଦହୀନ—ଅନ୍ୟରୂପ)

ବିବାଦ ବୃଦ୍ଧି—ସ. ବ (୬ଷ୍ଠୀ ତତ୍, ବିବାଦ+ବୃଦ୍ଧି)—କଳି ବଢ଼ିବା— Bibāda bṛuddhi The aggravation of a dispute,

ବିବାଦ ଭଞ୍ଜକ—ସ. ବଣ ପୁଂ—ଯେ ବିବାଦ ମୀମାଂସା କରେ— Bibāda banjaka Settling a dispute. (ବିବାଦଭଞ୍ଜୀ—ଅନ୍ୟରୂପ) (ବିବାଦଭଞ୍ଜିକା, ବିବାଦଭଞ୍ଜିନୀ—ସ୍ତ୍ରୀ)

ବିବାଦ ଭଞ୍ଜନ—ସ. ବ (୬ଷ୍ଠୀ ତତ୍; ବିବାଦ+ଭଞ୍ଜନ)—ଦୁଇ ଜଣଙ୍କ Bibāda bhañjana ମଧ୍ୟରେ ଜାତ ବିବାଦର ମୀମାଂସା— Settlement of a dispute.

ବିବାଦ ଭାଙ୍ଗିବା—ଦେ. କ୍ରି—ଦୁଇ ଜଣଙ୍କ ମଧ୍ୟରେ ହୋଇଥିବା Bibāda bhāngiba ବିବାଦକୁ ଆପୋଷରେ ରଫା କରିବା— বিবাদ মেটান To settle a dispute amicably. विवाद तोडना (ବିବାଦ ତୁଟାଇବା, ବିବାଦ ମିଟାଇବା, ବିବାଦ ମେଣ୍ଟାଇବା—ଅନ୍ୟରୂପ)

ବିବାଦ ମତା(ତେ)ଇବା—ଦେ. କ୍ରି—ଦୁଇ ଜଣଙ୍କ ମଧ୍ୟରେ କଳହର Bibāda matā(te)iba ସୂତ୍ରପାତ ଘଟାଇବା—To bring বিবাদ মাতান about dispute between 2 persons; विवाद लगाना to fan up a quarrel between two persons.

ବିବାଦ ମୀମାଂସା—ସ. ବ ( ୬ଷ୍ଠୀ ତତ୍; ବିବାଦ+ମୀମାଂସା )— Bibāda mimāṁsā ବିବାଦର ନିଷ୍ପତ୍ତି—Settlement of a dispute.

ବିବାଦ ମେଣ୍ଟିବା—ଦେ. କ—ଆପୋଷରେ ବିବାଦର ମୀମାଂସା— Bibāda mentiba Amicable settlement of a বিবাদ মেটা, বিবাদ মিটা विवाद मिटजाना dispute. (ବିବାଦ ତୁଟିବା, ବିବାଦ ମେଣ୍ଟିଗଲା, ବିବାଦ ମିଟିବା—ଅନ୍ୟରୂପ) [ବିବାଦ ମେଣ୍ଟା(ଣ୍ଟେ)ଇବା, ବିବାଦ ତୁଟା(ଟେ)ଇବା—କ୍ରିୟା]

ବିବାଦ ଲଗା(ଗେ)ଇବା—ଦେ. କ୍ରି—୧ । ଅନ୍ୟ ବ୍ୟକ୍ତି ସଙ୍ଗେ Bibāda lagā(ge)iba ବିବାଦ କରିବା—1. To pick up বিবাদ লাগান a quarrel with another. ୨ । ଦୁଇ विवाद लगाना ଜଣଙ୍କ ମଧ୍ୟରେ କଳହର ସୂତ୍ରପାତ କରିବା— 2. To bring about a quarrel between 2 persons; to set two persons to quarrel.

**ବିବାଦ ଲାଗିବା**—ଦେ. କ୍ରି—ଦୁଇ ଜଣଙ୍କର କଳି ଲାଗିବା—
Bibāda lāgibā Happening of a dispute
বিবাদ লাগা विवाद लगना between 2 persons.
(ବିବାଦ ଚାଲିବା; ବିବାଦ ଉପୁଜିବା—ଅନ୍ୟରୂପ)

**ବିବାଦାର୍ଥୀ**—ସଂ. ବିଣ. ପୁଂ (ଉପପଦ ତତ୍; ବିବାଦ+ଅର୍ଥ୍+ଇନ୍)—
Bibādārthi ୧ । କଳିହୁଡ଼ା—1. Quarrelsome.
(ବିବାଦାର୍ଥିନୀ—ସ୍ତ୍ରୀ) ୨ । କଳି କରିବାକୁ ପ୍ରସ୍ତୁତ—
2. Ready to quarrel.

**ବିବାଦୀ**—ସଂ. ବିଣ ପୁଂ ( ବି+ବଦ୍ ଧାତୁ+ଇନ୍; ୧ମା. ୧ବ )—
Bibādi କଳହକାରୀ—Quarrelling; contesting.
(ବିବାଦିନୀ—ସ୍ତ୍ରୀ) ଦେ, ବି—ମକଦ୍ଦମାରେ ପ୍ରତିବାଦୀ—The defendant in a suit.

**ବିବାଦୀୟ**—ସଂ. ବିଣ ( ବିବାଦ+ଈୟ )—୧ । ବିବାଦ ସମ୍ବନ୍ଧୀୟ—
Bibādiya 1. Pertaining to a dispute. ୨ । ମକଦ୍ଦମା ସମ୍ପର୍କୀୟ—2. Relating to a auit. ୩ । ବିବାଦର ବିଷୟୀଭୂତ (ବିଷୟ)—2. Being the subject matter of a dispute or bone of contention.

**ବିବାଦୀୟ ସମ୍ପତ୍ତି**—ସଂ. ବି (କର୍ମଧା)—ଯେଉଁ ସମ୍ପତ୍ତି ପାଇଁ ମକଦ୍ଦମା
Bibādiya sampatti ଲାଗିଥାଏ—Disputed property;
(ବିବାଦୀୟ ବସ୍ତୁ—ଅନ୍ୟରୂପ) the property in suit.

**ବିବାନ(ଇତ୍ୟାଦି)**—ଗ୍ରା. ବି (ସଂ. ବିମାନ)—ବିମାନ ଇତ୍ୟାଦି ( ଦେଖ )
Bibāna(etc) Bimāna etc. ( See )

**ବିବାନ ପିଠିଆ**—ଗ୍ରା. ବିଣ—ଯେଉଁ ଘୋଡ଼ାର ପିଠି ବିମାନର ବସିବା
Bibāna pithiā ସ୍ଥାନ ବା ପୀଠ ପରି ଚଉଡ଼ା ବା ପରିସରବିଶିଷ୍ଟ;
ପଲଙ୍କ ପିଠିଆ—(a horse) Having a broad back.

**ବିବାସ**—ସଂ. ବି (ବି+ବସ୍ ଧାତୁ ଣିଜନ୍ତ ବାସି ଧାତୁ+ଭାବ. ଅ);
Bibāsa ନ )—ନିର୍ବାସନ—Transportation; sending
(ବିବାସନ—ଅନ୍ୟରୂପ) into exile; banishment.

**ବିବାସିତ**—ସଂ. ବିଣ. ପୁଂ (ବି+ବସ୍ ଧାତୁ ଣିଜନ୍ତ ବାସି ଧାତୁ+କର୍ମ.
Bibāsita ତ)—ନିର୍ବାସିତ—Exiled; banished; transported.
(ବିବାସିତା—ସ୍ତ୍ରୀ)

**ବିବାହ**—ସଂ. ବି. ( ବି+ବହ୍ ଧାତୁ=ପ୍ରାପ୍ତ ହେବା+ଭାବ. ଅ )—
Bibāha ବଂଶ ରକ୍ଷା ଓ ସମାଜ ରକ୍ଷା ସକାଶେ ପୁରୁଷ ଓ ସ୍ତ୍ରୀର ମିଳନ; ପରିଣୟ—Marriage; wedding. [ଦ୍ର—ବିବାହ ହିନ୍ଦୁମାନଙ୍କର ଦଶବିଧ ସଂସ୍କାର ମଧ୍ୟରୁ ଗୋଟିଏ । ପ୍ରାଚୀନ ହିନ୍ଦୁମାନଙ୍କ ମଧ୍ୟରେ ଅଷ୍ଟବିଧ ବିବାହ ପ୍ରଚଳିତ ଥିଲା—୧. ବ୍ରାହ୍ମ—କନ୍ୟାପିତା କନ୍ୟାକୁ ବସ୍ତ୍ରାଲଙ୍କାର ଦ୍ୱାରା ଭୂଷିତ କରି ବିଦ୍ୱାନ୍ ଓ ସଦାଚାରସମ୍ପନ୍ନ ବରକୁ ସ୍ୱୟଂ ଆମନ୍ତ୍ରଣ ପୂର୍ବକ ବେଦୋକ୍ତ ବିଧିରେ କନ୍ୟାଦାନ କରିବା; ୨. ଦୈବ—ଜ୍ୟୋତିଷ୍ଟୋମାଦି ଯଜ୍ଞରେ ଯଜ୍ଞକର୍ତ୍ତା ପୁରୋହିତଙ୍କୁ ଦୈବ କାର୍ଯ୍ୟ ସିଦ୍ଧି କାମନାରେ ଅଲଙ୍କୃତ କନ୍ୟାକୁ ସମ୍ପ୍ରଦାନ କରିବା । ୩. ଆର୍ଷ—ଯାଗାଦି ଅବଶ୍ୟକର୍ତ୍ତବ୍ୟ କର୍ମର ସାହାଯ୍ୟାର୍ଥେ ବରଠାରୁ ଗୋଟିଏ ବା ହଳେ ବଳୀବର୍ଦ୍ଦ ନେଇ ତାହାଙ୍କ ହସ୍ତରେ ବିଧି ଅନୁରୂପ କନ୍ୟା ଦାନ କରିବା । ୪. ପ୍ରାଜାପତ୍ୟ—'ତୁମ୍ଭେମାନେ ଉଭୟେ ଗାର୍ହସ୍ଥ୍ୟ ଧର୍ମ ଆଚରଣ କର' କନ୍ୟାପିତା ଏହା କହି ଯଥାବିଧି ବରକୁ କନ୍ୟା ଦାନ କରିବା । ୫. ଆସୁର ବିବାହ—କନ୍ୟାକୁ କିଣି କରି ଗ୍ରହଣ ପୂର୍ବକ ବିବାହ କରିବା । ୬. ଗାନ୍ଧର୍ବ ବିବାହ—କନ୍ୟାର ଓ ବରର ପରସ୍ପର ଅନୁରାଗ ବଶତଃ ମିଳନ । (ଏ ମିଳନ ପରେ ହୋମାଦି ବିଧି ସମ୍ପାଦନ ପୂର୍ବକ ବିବାହ ସିଦ୍ଧ ହୁଏ) । ୭. ରାକ୍ଷସ ବିବାହ—କନ୍ୟାପକ୍ଷୀୟ ଲୋକମାନ ହାଣି ମାରି ରୋରୁଦ୍ୟମାନା କନ୍ୟାକୁ ବଳପୂର୍ବକ ହରଣ କରି ବିବାହ କରିବା । ୮. ପୈଶାଚ—ନିର୍ଜନରେ ନିଦ୍ରା ବା ମଦ୍ୟପାନ ଦ୍ୱାରା ଅଚେତନା ବା ଉନ୍ମତ୍ତା କନ୍ୟାର ସହବାସ ପୂର୍ବକ ତାହାକୁ ପତ୍ନୀ ରୂପେ ଗ୍ରହଣ । ଆଧୁନିକ ହିନ୍ଦୁ ସମାଜରେ କେବଳ ୪ର୍ଥ ଓ ୫ମ ପ୍ରକାରର ବିବାହ ଚଳୁଅଛି । ଇଉରୋପୀୟ ସମାଜରେ ଗାନ୍ଧର୍ବ ବିବାହ ପ୍ରଚଳିତ । ହିନ୍ଦୁମାନଙ୍କର ବିବାହବନ୍ଧନ ଅଚ୍ଛେଦ୍ୟ ଏବଂ ସ୍ତ୍ରୀ ସ୍ୱାମୀର ଧର୍ମପତ୍ନୀ ବା ସହଧର୍ମିଣୀ । ମୁସଲମାନ୍‌ମାନଙ୍କ ମଧ୍ୟରେ ବିବାହ ଗୋଟିଏ ସାମାଜିକ ଚୁକ୍ତି ମାତ୍ର ଏବଂ ଏହି ଚୁକ୍ତି ଆଇନ ଅନୁସାରେ (ଅର୍ଥାତ୍ ତେରି ମେରି ରାଜି ଜଣାଯିବାରେ) ସମ୍ପାଦିତ ଓ ଭଗ୍ନ କରାଯାଏ । ଖ୍ରୀଷ୍ଟିଆନ୍‌ମାନଙ୍କ ମଧ୍ୟରେ ବିବାହ ନାମତଃ ଧର୍ମବନ୍ଧନ ରୂପେ ପାଦ୍ରୀମାନଙ୍କ ସାହାଯ୍ୟରେ ସମ୍ପାଦିତ ହେଉଥିଲେ ମଧ୍ୟ ତାହା ଅଚ୍ଛେଦ୍ୟ ନୁହେଁ । ଅନାର୍ଯ୍ୟମାନଙ୍କ ମଧ୍ୟରେ ଆସୁର, ପୈଶାଚ ଓ ରାକ୍ଷସ ବିବାହ ପ୍ରଥା ଦୃଷ୍ଟ ହୁଏ । ]

**ବିବାହ କରିବା**—ଦେ. କ୍ରି—ପତି ବା ପତ୍ନୀ ଗ୍ରହଣ କରିବା—To
Bibāha karibā বিবাহ করা विवाह करना marry.
(ବିବାହ ହେବା—ଗ୍ରାମ୍ୟରୂପ)

**ବିବାହ ଯୋଗ୍ୟ**—ସଂ. ବିଣ. ପୁଂ—ବିବାହ କରିବା ନିମନ୍ତେ ଉପଯୁକ୍ତ
Bibāha jogya ବୟସ୍କ—Marriageable; of marriageable age.
(ବିବାହ ଯୋଗ୍ୟା—ସ୍ତ୍ରୀ)

**ବିବାହ ଯୋଗ୍ୟ ବୟସ**—ସଂ. ବି—ବାଳକର ବା ବାଳିକାର ବିବାହ
Bibāha jogya bayasa କରିବା ନିମନ୍ତେ ଉପଯୁକ୍ତ ବୟସ—Marriageable age.

**ବିବାହାଙ୍ଗ**—ସଂ.ବି (୬ଷ୍ଠୀ ତତ୍; ବିବାହ+ଅଙ୍ଗ)—ବିବାହ କର୍ମରେ ବର-
Bibāhānga କନ୍ୟାଙ୍କର କର୍ତ୍ତବ୍ୟ ଉଭୟଙ୍କ ଅନୁଷ୍ଠାନ Ceremonies and functions in which the husband and the wife together have to take part in connection with the sacrament of marriage according to the Hindu scriptures. [ ଦ୍ର—ଗୃହ୍ୟସୂତ୍ରମାନଙ୍କରେ ବିବାହର ୧୩ ଗୋଟି ଅଙ୍ଗ ଉଲ୍ଲିଖିତ ଅଛି; ଯଥା—ପାଣିଗ୍ରହଣ, ବିବାହ ହୋମ, ଲାଜା ହୋମ, ଅଶ୍ମାରୋହଣ, ସପ୍ତପଦୀ, ଧ୍ରୁବଦର୍ଶନ, ଯାନାରୋହଣ, ବିବାହାଗ୍ନିକୁ ସଙ୍ଗରେ ନେଇ ଗମନ, ଗୃହପ୍ରବେଶ, ଚତୁର୍ଥୀ କର୍ମ, ଗୃହାଗ୍ନି ପରିଚରଣ, ପକ୍ଷାନ୍ତରେ ସ୍ଥାଲୀପାକ ଓ ଗର୍ଭାଧାନ । ]

**ବିବାହାର୍ଥୀ**—ସ. ବଣ. ପୁଂ ( ଉପପଦ ତତ୍; ବିବାହ+ଅର୍ଥ୍ ଧାତୁ+କର୍ତ୍ତୃ· ଣିନ୍ )—ବିବାହିତ ହେବା ନିମନ୍ତେ ଇଚ୍ଛୁକ Desirous of marrying.
Bibāhārthī
( ବିବାହାର୍ଥିନୀ—ସ୍ତ୍ରୀ )

**ବିବାହିତ**—ସଂ. ବଣ. ପୁଂ ( ବି+ବହ୍ ଧାତୁ ଣିଚ୍ ବାହି ଧାତୁ+କର୍ମ· ତ )—୧ । ପରିଣୀତ; କୃତବିବାହ; ଯେ ବିବାହ କରିଅଛି—Married; wedded.
Bibāhita
( ଅବିବାହିତ—ବିପରୀତ )
(ବିବାହିତା—ସ୍ତ୍ରୀ)

**ବିବାହ୍ୟ**—ସ. ବଣ. ପୁଂ ( ବି+ବହ୍ ଧାତୁ+କର୍ମ. ଯ )—୧ । ବିବାହ ଯୋଗ୍ୟ—1. Marriageable; fit to be married or to be given in marriage. ୨ । ବହନୀୟ—2. Portable. ୩ । ପ୍ରବାହିତ—3. Flowing. ସ. ବି—୧ । ଜାମାତା—1. Son-in law. ୨ । ବର—2. Bridegroom.
Bibāhya
(ବିବାହ୍ୟା—ସ୍ତ୍ରୀ)

**ବିବି(ବୁ)**—ବୈଦେ. ବି. ସ୍ତ୍ରୀ ( ଫା. ବିବୀ; ଫା. 'ବାବା'ର ସ୍ତ୍ରୀଲିଙ୍ଗ )—୧ । ମୁସଲମାନ୍ ଭଦ୍ରନାରୀ—1. Mahomedan lady. ୨ । ମହିଳା; ସ୍ତ୍ରୀ—2. Woman. ୩ । ପତ୍ନୀ—3. Wife. ୪ । ଇଉରୋପୀୟ ରମଣୀ; ସାହାବାଣୀ; ମେମ୍—4. An European lady. ୫ । (ଲକ୍ଷଣାର୍ଥ) ସାଜସଜ୍ଜାପ୍ରିୟା ବିଳାସିନୀ ନାରୀ—5 ( figurative ) A belle. ୬ । ତାସ୍ ଖେଳରେ ରାଣୀଚିହ୍ନ ଚିହ୍ନିତ ତାସ—6. The card representing the queen in a pack of cards.
Bibi(bu)
বিবী विबी

**ବିବିଆନା(ନି)**—ବୈଦେ. ବି—ବିବି ବା ମେମ୍‌ମାନଙ୍କ ଚାଲିଚଳନ ବା ସାଜସଜ୍ଜା ପଦ୍ଧତି—The conduct or mode of dress of an European lady. ବୈଦେ. ବଣ—ମେମ୍‌ମାନଙ୍କ ଯୋଗ୍ୟ—Befitting an European lady.
Bibiānā(ni)
বিবিয়ানা
बिबियाना

**ବିବିଆନା ଚାଲ୍(ଲି)**—ଦେ. ବି—ମେମ୍‌ମାନଙ୍କ ଚାଲିଚଳନ—The style or fashion of European ladies.
Bibiānā chāl(li)
( ବିବିଆନା ଢଙ୍ଗ—ଅନ୍ୟରୂପ ) বিবিয়ানা চাল बिबियाना चाल

**ବିବିଆନା ପହରଣ**—ଦେ. ବି—ମେମ୍‌ଯୋଗ୍ୟ ପରିଚ୍ଛଦ—Dress befitting an European lady.
Bibiānā paharaṇa
বিবিয়ানা পোষাক बिबियाना पहनावा
( ବିବିଆନା ପୋଷାକ—ଅନ୍ୟରୂପ )

**ବିବିକ୍ତ**—ସ. ବଣ ( ବି+ବିଚ୍ ଧାତୁ=ପୃଥକ୍ ହେବା+କର୍ତ୍ତୃ. ତ )—୧ । ବିଜନ; ନିର୍ଜନ—1. Lonely. ୨ । ପବିତ୍ର—2. Pure; holy; sacred. ୩ । ଶୁଭ—3. Auspicious; favourable. ୪ । ପୃଥକ୍ ଭୂତ—5. Separated. ୫ । ଏକାଗ୍ର—5. Devoted to one pursuit. ୬ । ବିବେଚକ—6. Considerate. ୭ । ବିବେକୀ—7. Discriminating; conscientious.
Bibikta

**ବିବିକ୍ତା**—ସ. ବଣ. ସ୍ତ୍ରୀ ( ବିବିକ୍ତ+ସ୍ତ୍ରୀ. ଆ )—ଭାଗ୍ୟହୀନା; ଦୁର୍ଭାଗା; ସ୍ୱାମୀସୁଖବଞ୍ଚିତା ( ଜାରତପରିତା ସ୍ତ୍ରୀ )—Unfortunate; (a woman) deprived of the affection of her husband.
Bibiktā

**ବିବିକ୍ଷା**—ସ. ବି (ବିଶ୍ ଧାତୁ ଇଚ୍ଛାର୍ଥେ ସନ୍ ବିବିକ୍ଷ ଧାତୁ+ଭାବ. ଅ+ଆ)—ପ୍ରବେଶ କରିବା ଇଚ୍ଛା—Desire to enter.
Bibikshā

**ବିବିକ୍ଷୁ**—ସ. ବଣ ( ବିଶ୍ ଧାତୁ+ଇଚ୍ଛାର୍ଥରେ ସନ୍, ଦ୍ୱିତ୍ୱ+କର୍ତ୍ତୃ. ଉ )—ପ୍ରବେଶ କରିବାକୁ ଇଚ୍ଛୁକ—Intending or wishing to enter.
Bibikshu

**ବିବିଗ୍ନ**—ସ. ବଣ ( ବି+ବିଜ୍ ଧାତୁ=ଭୀତ ହେବା+କର୍ତ୍ତୃ. ତ )—୧ । ଶଙ୍କିତ; ଭୀତ—1. Alarmed; afraid. ୨ । ଉଦ୍‌ବିଗ୍ନ—2. Anxious; perplexed; agitated.
Bibigna

**ବିବିଜାନ**—ବୈଦେ. ଅ ( ଫା. ବିବିଜାନ୍=ଜୀବନ ପରି ପ୍ରିୟତମା ବିବି )—ମୁସଲମାନଙ୍କର ସ୍ତ୍ରୀ ପ୍ରତି ସ୍ନେହସମ୍ଭାଷଣ—A term of endearment addressed by a Mahomedan to his beloved lady.
Bibijān
বিবিজান
बिबीजान

**ବିବିଜୀ**—ବୈଦେ. ବି ( ଫା. ବିବି+ସମ୍ମାନସୂଚକ ଜୀ)—ମୁସଲମାନ ଭଦ୍ରମହିଳାଙ୍କ ପ୍ରତି ସମ୍ମାନାର୍ଥ ପ୍ରୟୋଗ—A term used in respect to Mahomedan ladies.
Bibijī

**ବିବିଧ**—ସ. ବଣ ( ବହୁବ୍ରୀହି; ବି=ବହୁତ+ବିଧା=ପ୍ରକାର )—୧ । ନାନାବିଧ; ବହୁବିଧ; ନାନାପ୍ରକାରର—2. Various; diverse; of different kinds or sorts. ୨ । ଅନେକ—2. Many; sundry; miscellaneous. ଦେ. ବି ( ନାମ )—ରାମାୟଣୋକ୍ତ କପିବିଶେଷ—Name of a monkey described in the Rāmāyaṇa (ଉ—ବିବଧ ବିବିଧ ମାଡ଼ ମାରି ମାରି ପକାଇ ସ୍ୱର୍ଗିକ ଘନ— ଉଦ୍ଧ. ବୈଦେହୀଶବିଳାସ ।)
Bibidha

**ବିବି ଧରା**—ପ୍ରାଦେ. ( ବାଲେଶ୍ୱର ) ବି—ଏକପ୍ରକାର ତାସ୍ ଖେଳ—A kind of play in cards. [ଦ୍ର—ଏଥିରେ କଳାପାନ ରଙ୍ଗର ବିବି ତାସ୍ ଯାହା ହାତରେ ପଡ଼େ ତା ଉପରେ ବୋଝ ହୁଏ । ]
Bibi dharā

**ବିବି ସାଜିବା**—ଦେ· କ୍ରି—ମେମ୍‌ମାନଙ୍କ ଅନୁକରଣରେ· ପୋଷାକ ପିନ୍ଧିବା—To imitate the dress of an European lady.
Bibi sājibā
বিবি সাজা बिबी सजना

**ବିବି ସାହେ(ହା)ବ**—ବୈଦେ. ବି ( ଫା. ବିବି+ସାହେବ )—ମେମ୍ ଓ ସାହେବ—An European lady and gentleman. ଦେ. ଅ—ମେମ୍‌ମାନଙ୍କ ପ୍ରତି ସମ୍ମାନସୂଚକ ପ୍ରୟୋଗ—1. An expression used in addressing European ladies. ୨ । ବିବିସାହେବା ( ଦେଖ ) 2. Bibisāhebā ( See )
Bibi sāhe(hā)ba
বিবি সাহেব
बिबी साहिब

**ବିବି ସାହେ(ହି)ବା**—ବୈଦେ. ବି. ସ୍ତ୍ରୀ (ଫା)—ମୁସଲମାନ୍ ସ୍ତ୍ରୀମାନଙ୍କ ପ୍ରତି ମାନ୍ୟାର୍ଥ ପ୍ରୟୋଗ—A respectable Mahomedan lady
Bibisāhe(hi)bā
বিবিসাহেব বিবিसाहिबा

**ବିବୀତ**—ସ. ବି (ବି=ଜୁର୍ହେ+ବୀତ=ଗତ)—୧ । ପ୍ରଚୁର ତୃଣାଦିବିଶିଷ୍ଟ ପରିରକ୍ଷିତ ଗୋଚରଭୂମି—1. A grazing
Bibīta

land abounding in grass and reserved exclusively for cattle grazing. ୨ । ଗୋଚାରଣ ଭୂମି—2. Pasture. ସଂ. ବିଣ—୧ । ସଂରକ୍ଷିତ—2. Reserved. ୨ । ବାଡ଼ ଦିଆ ହୋଇଥିବା—2. Fenced; enclosed.

ବିବୁଧ—ସଂ. ବି (ବି=ବିଶେଷରୂପେ+ବୁଧ୍ ଧାତୁ=ଜାଣିବା+କର୍ତ୍ତୃ. ଅ)—୧ । ଦେବତା—1. Deity. ୨ । ପଣ୍ଡିତ—
Bibudha 2. Learned man; philosopher. ୩ । ଚନ୍ଦ୍ର—3. The moon.

ବିବୁଧ ବନିତା—ସଂ. ବି. ସ୍ତ୍ରୀ ( ୬ଷ୍ଠୀ ତତ୍; ବିବୁଧ+ବନିତା )—ଦେବ ରମଣୀ; ଅପ୍ସରା—The heavenly virgins or nymphs (of Hindu mythology).
Bibudha banitā

ବିବୁଧାଦ୍ରି—ସଂ. ବି (୬ଷ୍ଠୀ ତତ୍; ବିବୁଧ+ଅଦ୍ରି)—ସୁମେରୁ ପର୍ବତ—The mythological mountain to the north of India. [ଉ-ବିବୁଧାଦ୍ରିରେ ଯେସନେକ ହୋଇ, ବାରଣେନ୍ଦ୍ର ଦଶନ ଭେଦ ରହି । ଭଞ୍ଜ. ବୈଦେହୀଶବିଳାସ]
Bibudhādri

ବିବୁଧାନ—ସଂ. ବି (ବି+ବୁଧ୍ ଧାତୁ+କର୍ତ୍ତୃ. ଅନ)—୧ । ପଣ୍ଡିତ—1. Learned man. ୨ । ଆଚାର୍ଯ୍ୟ—2. Teacher; preceptor. ୩ । ଦେବ—3. A Deity; a god. ସଂ. ବିଣ. ପୁଂ—ପଣ୍ଡିତ—Learned.
Bibudhāna
(ବିବୁଧାନା—ସ୍ତ୍ରୀ)

ବିବୃତ—ସଂ. ବିଣ (ବି+ବୃ ଧାତୁ+କର୍ମ. ତ)—୧ । ବିସ୍ତୃତ; ପ୍ରସାରିତ—1. Extended; expanded. ୨ । ବର୍ଣ୍ଣିତ—2. Described; narrated. ୩ । ସ୍ପଷ୍ଟ—3 Clear. ୪ । ପ୍ରକଟିତ—4. Expressed; published. ୫ । ବ୍ୟାଖ୍ୟାତ—5. Explained; amplified. ୬ । ପ୍ରକାଶିତ—6. Manifested; disclosed; displayed ୭ । ମହତ୍—7. Great. ୮ । ଉନ୍ମୁକ୍ତ; ଅନାବୃତ—8. Open; uncovered; opened. ସଂ. ବି—୧ । ବାତରୋଗବିଶେଷ—1. A sort of gout ୨ । ବିବରଣ—2. Description. ୩ । ବ୍ୟାଖ୍ୟା; ଟୀକା—3. Explanation; a key. ୪ । ପ୍ରକଟନ—4 Publication; manifestation; specification. ୫ । ବିସ୍ତାର—5. Expansion. ୬ । ବିଜୃମ୍ଭଣ; ହାଇ ମାରିବା—6 Yawning. ଦେ. ବିଣ—୧ । ବେଷ୍ଟିତ—1. Surrounded. ୨ । ବ୍ୟାପ୍ତ—2. Diffused. [ଉ—ବିବୃତ ଚନ୍ଦନଗନ୍ଧ ଗନ୍ଧବହ ବହି ଭଞ୍ଜ. ବୈଦେହୀଶବିଳାସ । ]
Bibṛuta
(ବିବୃତା—ବି)

ବିବୃତ କରିବା—ଦେ. କ୍ରି—ଦେ. କ୍ରି—ବିସ୍ତାରିତରୂପେ ବର୍ଣ୍ଣନା କରିବା—To describe in detail; to explain.
Bibṛuta karibā
বিবৃতকরা **বিবৃতকরলো**

ବିବୃତ ଦ୍ୱାର—ସ ବିଣ (ବହୁବ୍ରୀହି; ବିବୃତ+ଦ୍ୱାର)—ଯେଉଁ ଗୃହର ଦ୍ୱାର ଖୋଲା ଯାଇଥାଏ—With the doors opened wide.
Bibṛuta dwāra

ବିବୃତାକ୍ଷ—ସଂ. ବିଣ. ପୁଂ ( ବହୁବ୍ରୀହି; ବିବୃତ=ବିସ୍ତାରିତ+ଅକ୍ଷି )—ବିସ୍ତାରିତ ଲୋଚନବିଶିଷ୍ଟ—Having eyes wide open. ସଂ. ବି—କୁକ୍କୁଟ—Cock.
Bibṛutāksha
(ବିବୃତାକ୍ଷୀ—ସ୍ତ୍ରୀ)

ବିବୃତାସ୍ୟ—ସ ବିଣ ପୁଂ(ବହୁବ୍ରୀହି, ବିବୃତ=ବିସ୍ତାରିତ+ଆସ୍ୟ=ମୁଖ)—ଯେ ମୁଖବ୍ୟାଦାନ କରିଥାଏ—Having the mouth agape; with a gaping mouth
Bibṛutāsya
(ବିବୃତ ମୁଖ, ବିବୃତ ବଦନ—ଅନ୍ୟରୂପ)
(ବିବୃତାସ୍ୟା, ବିବୃତ ମୁଖା, ବିବୃତ ବଦନା—ସ୍ତ୍ରୀ)

ବିବୃତି—ସଂ. ବି (ବି+ବୃ ଧାତୁ+ଭାବ. ତି)—୧ । ପୁନରାବୃତ୍ତି—1. Revision. ୨ । ବର୍ଣ୍ଣନା—2. Description. ୩ । ବ୍ୟାଖ୍ୟା—3. Explanation; exposition; interpretation. ୪ । ଟୀକା—4. Annotation, gloss.
Bibṛuti

ବିବୃତ୍ତ—ସଂ. ବିଣ (ବି+ବୃତ୍ ଧାତୁ+କର୍ତ୍ତୃ. ତ)—୧ । ଘୂରୁଥିବା, ଘୂର୍ଣ୍ଣିତ—1. Revolving; whirling. ୨ । ଲୁଣ୍ଠିତ—2. Rolling on the ground; grovelling. ୩ । ତିର୍ଯ୍ୟକ୍ ଚଳିତ—3. Moving in a distorted manner.
Bibṛutta

ବିବୃତ୍ତି—ସଂ. ବି (ବି+ବୃତ୍ ଧାତୁ+ଭାବ. ତି)-ଚକ୍ରବତ୍ ଭ୍ରମଣ; ଘୂର୍ଣ୍ଣନ—Whirling round; turning round.
Bibṛutti

ବିବୃଦ୍ଧ—ସଂ. ବିଣ (ବି+ବୃଧ୍ ଧାତୁ=ବଢ଼ିବା+କର୍ତ୍ତୃ, ତ)—୧ । ବୃଦ୍ଧିପ୍ରାପ୍ତ—1. Increased; augmented. ୨ । ଅତି ବୃଦ୍ଧ—2. Very old.
Bibṛuddha

ବିବୃଦ୍ଧି—ସଂ. ବି (ବି+ବୃଧ୍ ଧାତୁ+ଭାବ. ତି)—ସମ୍ୟକ୍ ବୃଦ୍ଧି—Increase; augmentation.
Bibṛuddhi

ବିବେକ—ସଂ.ବି (ବି+ବିଚ୍ ଧାତୁ=ବିଚାର କରିବା,ପୃଥକ୍ କରିବା+ଭାବ. ଅ)—୧ । ଭଲମନ୍ଦ ବିଚାର—1. Discrimination. ୨ । ବିବେଚନା—2. Consideration ୩ । ତତ୍ତ୍ୱଜ୍ଞାନ—3. Knowledge of fundamental truths. ୪ । ଧର୍ମାଧର୍ମର ବୋଧ—4. Knowledge of what is right and what is wrong. ୫ । ହିତାହିତ ବିବେଚନା—5. Conscience. ୬ । ଔଦାସ୍ୟ—6. Indifference to worldly affairs ୭ । ବୈରାଗ୍ୟ—7. Freedom from passions. ୮ । ସ୍ନାନାଗାର—8. Bath room, ୯ । ଚୌବାଚ୍ଚା—9. A cistern. ୧୦ । କର୍ତ୍ତବ୍ୟାକର୍ତ୍ତବ୍ୟ ବିଚାର; ଭବିଷ୍ୟତ୍ ସମ୍ବନ୍ଧରେ ବିବେଚନା—10, Considerstion about one's future actions. ୧୧ । ଦେହରୁ ବ୍ରହ୍ମକୁ ପୃଥକ୍ ଜ୍ଞାନ କରିବାର କ୍ଷମତା; ପ୍ରକୃତି ଓ ପୁରୁଷର ଭେଦଜ୍ଞାନ—11 The discrimination between the Creator and the created ସଂ. ବିଣ—ବିବେକୀ; ହିତାହିତ ଜ୍ଞାନଯୁକ୍ତ—Conscientious. [ଉ—ଲେଖିବା ପଢ଼ିବାର ଲୋକ, ସେ ଯେବେ ହୋଇବ ବିବେକ । ପାନକୃଷ୍ଣ. ରସବିନୋଦ ]
Bibeka

ବିବେକ ଖ୍ୟାତି—ସଂ. ବି—ଯେଉଁ ବିଚାରଶକ୍ତିଦ୍ୱାରା ମନୁଷ୍ୟ ଆତ୍ମା ଓ
Bibeka khyāti ପ୍ରକୃତିର ସ୍ୱାତନ୍ତ୍ର୍ୟ ବୁଝିବାକୁ ସମର୍ଥ ହୁଏ—Discriminative knowledge; the perfet cognizance of the distinction between the Supreme Soul and the qualities of the universe.

ବିବେକ ବିରୁଦ୍ଧ—ସଂ. ବିଣ—ଯାହା ଆପଣାର ବିବେକ ଶକ୍ତିଦ୍ୱାରା
Bibeka biruddha ଅନୁମୋଦିତ ନୁହେଁ—Against one's conscience; unconscientious.

ବିବେକ ବିହୀନ—ସଂ. ବିଣ. ପୁଂ—(ଷଷ୍ଠୀ ତତ୍)—ହିତାହିତ ବିବେଚନା
Bibeka bihīna ଶୂନ୍ୟ—Unconscientious; destitute of the power of discriminatian.
(ବିବେକବିହୀନା—ସ୍ତ୍ରୀ)
ବିବେକ ରହିତ, ବିବେକଶୂନ୍ୟ, ବିବେକହୀନ — ଅନ୍ୟରୂପ

ବିବେକ ବୁଦ୍ଧି—ସଂ. ବି—ହିତାହିତ ଜ୍ଞାନ ଶକ୍ତି—The faculty of
Bibeka buddhi conscience; discriminating faculty.
(ବିବେକ ଶକ୍ତି—ଅନ୍ୟରୂପ)

ବିବେକ ଶାସ୍ତ୍ର—ସଂ. ବି—ବିଚାରଶାସ୍ତ୍ର; ନ୍ୟାୟଶାସ୍ତ୍ର—
Bibeka śāstra The science of Logic.

ବିବେକ ସମ୍ମତ—ସଂ. ବି—(ଷଷ୍ଠୀ ତତ୍; ବିବେକ+ସମ୍ମତ)—ଯେଉଁ
Bibeka sammata କାର୍ଯ୍ୟକୁ ଆପଣାର ବିବେକ ବୁଦ୍ଧି ସମର୍ଥନ କରୁଅଛି—Approved by one's conscience; conscientious.
ବିବେକାନୁମତ, ବିବେକାନୁକୂଳ, ବିବେକାନୁମୋଦିତ —ଅନ୍ୟରୂପ

ବିବେକାନନ୍ଦ—ଦେ. ବି. ପୁଂ—(ନାମ)—୧ । ଲୋକଙ୍କୁ ଦିଆଯିବା ନାମ
Bibekānanda 1. A name given to males. ୨ । ରାମକୃଷ୍ଣ ପରମହଂସଙ୍କର ଭୁବନପ୍ରସିଦ୍ଧ ଶିଷ୍ୟ—2. The world-celebrated disciple of Śrī Ramakrushna Paramahamsa.

ବିବେକିବା—ଦେ. କ୍ରି (ପ୍ରଦ୍ୟ) (ସଂ. ବିବେକ)—ବିଚାର କରିବା—
Bibekibā বিচার করা **बिचारना** To consider.
(ଉ—ଉପାୟ ଅଛଇ ଯେ ଏକ । ଶ୍ରୀ ନୃପ ମନେ ଭୁ ବିବେକ । ଜଗନ୍ନାଥ. ଭାଗବତ ।)

ବିବେକୀ—ସଂ. ବିଣ. ପୁଂ—(ବିବେକ+ଇନ୍; ୧ମା. ୧ବ.)—୧ ।
Bibekī ବିବେକଯୁକ୍ତ—1. Discriminating. ୨ । ହିତାହିତ ଜ୍ଞାନଯୁକ୍ତ—2. Conscientious. ୩ । ବୈରାଗ୍ୟବିଶିଷ୍ଟ—3. Indifferent to worldly concerns. ସଂ. ବି. ପୁଂ—ଦେବସେନ ରାଜାଙ୍କ ପୁତ୍ର—Name of the son of king Debasena.
(ବିବେକିନୀ—ସ୍ତ୍ରୀ) (ବିବେକିତା—ବି)

ବିବେଚକ—ସଂ. ବିଣ—(ବି+ବିଚ୍ ଧାତୁ+କର୍ତ୍ତୃ. ଅକ)—୧ । ଯେ
Bibechaka ଭଲ ମନ୍ଦ ବିବେଚନା କରେ—1. Distinguishing between good and bad. ୨ । ବିଚାରକ—2. Reasoning; thoughtful; considerate. ୩ । ଜ୍ଞାନୀ—3. Wise. ୪ । ଭଲ ମନ୍ଦର ପରୀକ୍ଷାକାରକ—4. Able to test good and bad.
(ଅବିବେଚକ—ବିପରୀତ)
(ବିବେଚକା—ସ୍ତ୍ରୀ)

ବିବେଚନ(ନା)—ସଂ. ବି (ବି+ବିଚ୍ ଧାତୁ+ଭାବ. ଅନ;+ଆ)—
Bibechana(nā) ୧ । ସଦସଦ୍‌ବିଚାରକରଣ—1. Discriminating between good and bad. ୨ । ବିଚାର—2. Consideration. judgment. ୩ । ଅନୁସନ୍ଧାନକରଣ—3. Investigation. ୪ । ବିଶେଷରୂପେ ଆଲୋଚନା ବା ବିଚାର ପୂର୍ବକ ନିର୍ଣ୍ଣୟ—4. Ascertainment after consideration; considered judgment.
(ଅବିବେଚନା—ବିପରୀତ)

ବିବେଚନା ରହିତ—ସଂ. ବିଣ—ବିଚାରଶୂନ୍ୟ—Destitute of dis-
Bibechanā rahita crimination or consideration
(ବିବେଚନା ଶୂନ୍ୟ, ବିବେଚନା ହୀନ; ବିବେଚନା ବିହୀନ—ଅନ୍ୟରୂପ)

ବିବେଚନୀୟ—ସଂ. ବିଣ—(ବି+ବିଚ୍ ଧାତୁ+କର୍ମ. ଅନୀୟ)—ବିବେଚିତ
Bibechanīya ହେବାର ଯୋଗ୍ୟ; ବିଚାର୍ଯ୍ୟ—Deserving consideration; to be considered.
(ବିବକ୍ତବ୍ୟ, ବିବେଚ୍ୟ—ଅନ୍ୟରୂପ)

ବିବେଚୟିତା—ସଂ. ବିଣ. ପୁଂ—(ବି+ବିଚ୍ ଧାତୁ ଣିଚ୍+କର୍ତ୍ତୃ. ତୃ;
Bibechayitā ୧ମା. ୧ବ.) ବିବେଚନକାରୀ; ବିବେଚକ—Considerate; thoughtful.
(ବିବେଚୟିତ୍ରୀ—ସ୍ତ୍ରୀ)

ବିବେଚିତ—ସଂ. ବିଣ—(ବି+ବିଚ୍ ଧାତୁ ଣିଚ୍=ବେଚି ଧାତୁ+ତ)—
Bibechita ୧ । ବିଚାରିତ—Considered; judged; discriminated. ୨ । ନିରୂପିତ—2 Ascertained. ୩ । ତର୍କିତ—3. Reasoned. ୪ । ସିଦ୍ଧ—4. Finally settled.

ବିବୋଢ଼ା—ସଂ. ବିଣ. ପୁଂ—(ବି+ବହ୍ ଧାତୁ+କର୍ତ୍ତୃ. ତୃ; ୧ମା. ୧ବ)—
Bibordhā ୧ । ବର—1. Bridegroom. ୨ । ପତି; ସ୍ୱାମୀ—2. Husband.

ବିବୋଧ—ସଂ. ବି—(ବି+ବୁଧ୍ ଧାତୁ+ଭାବ. ଅ)—୧ । ଜାଗରଣ—
Bibodha 1. Waking up. ୨ । ସମ୍ୟକ୍ ବୋଧ—2. Understanding. ୩ । ବିକାଶ—3. Expansion. ୪ । ଜ୍ଞାନ—4. Knowledge. ଦେ. ବିଣ—ଅଧୀର; ଧୈର୍ଯ୍ୟହୀନ—Impatient. [ଉ—ବିବୋଧ ନୁହ ହେ ଜନକ । ଭଞ୍ଜ. ବୈଦେହୀଶବିଳାସ ।]

ବିବୋଧନ—ସଂ. ବି—(ବି+ବୁଧ୍ ଧାତୁ ଣିଚ=ବୋଧି ଧାତୁ ଭାବ. ଅନ)—
Bibodhana ୧ । ଜାଗରଣ—1. Awaking. ୨ । ଉଦ୍‌ବୋଧନ; ନିଦରୁ ଉଠାଇବା—2. Awakening; rousing up. ୩ । ବୁଝାଇବା—3. Demonstrating; explaining; dilating upon a matter. ୪ । ଜ୍ଞାପନ—4. Informing; intimating; communicating. ୫ । ବିକାଶକରଣ—5. Act of causing to expand; showing; exhibiting. ୬ । ଦେଖାଇବା; ସ୍ମରଣ କରାଇବା—6. Reminding.

**ବିବୋଧିତ**—ସଂ. ବିଣ ( ବି+ବୋଧ ଧାତୁ+କର୍ମ. ତ)—୧ । ଜାଗରିତ
Bibodhita —1. Awakened; wakeful. ୨ । ଜ୍ଞାପିତ—2. Informed. ୩ । ଯାହାକୁ ଚେତାଇ ଦିଅଯାଇ ଥାଏ—3. Reminded. ୪ । ବିକଶିତ—4. Expanded; dilated; exhibited.

**ବିବ୍ବୋକ**—ସଂ. ବି—୧ । ସ୍ତ୍ରୀମାନଙ୍କର ଅଭିମତବସ୍ତୁପ୍ରାପ୍ତିରେ ଗର୍ବ
Bibboka ହେତୁକ ଅନାଦର; ( ଏହାପର କରିବାଦ୍ୱାରା ନାୟକର ପ୍ରଣୟ ବୃଦ୍ଧି ହୁଏ )—1. Affectation of indifference towards a beloved object (Apte). ୨ । ଗର୍ବଯୁକ୍ତ ଅନାଦର—2. Haughty indifference ( Apte ). ୩ । ସ୍ତ୍ରୀମାନଙ୍କ ଶୃଙ୍ଗାର ଭାବଜ ଚେଷ୍ଟା—3. Amorous gestures (Apte).

**ବିବ୍ରତ**—ସଂ. ବିଣ. ପୁଂ ( ବି+ବ୍ରତ )—୧ । (ବୈଦିକ) ଅନିଚ୍ଛୁକ—
Bibrata 1. Reluctant ( M. W. ). ୨ । (ବୈଦିକ)
(ବିବ୍ରତା—ସ୍ତ୍ରୀ) ମଗସ୍; ଉଦ୍ଧତବାସ୍ପକ; ଅବେଶ ଲଙ୍ଘନକାରୀ—2. Refractory ( M. W. ). ୩ । ବହୁ କର୍ମ ବା ବ୍ରତ ଅନୁଷ୍ଠାନକାରୀ—3. Performing various actions or ceremonies ( M. W. ). ଦେ. ବିଣ—୧ । ଉଦ୍ଦେଶ୍ୟରୁ ବା ଶୃଙ୍ଖଳାରୁ ବିଚ୍ୟୁତ—1. Disorganised. ୨ । ବ୍ୟତିବ୍ୟସ୍ତ—2. Perplexed; overwhelmed; confounded; troubled. ୩ । ବିପନ୍ନ—3. Beset with danger or difficulties. ୪ । କିଂକର୍ତ୍ତବ୍ୟବିମୂଢ଼—4. Dumbfounded; confounded. [ ଦ୍ର—ବିବ୍ରତ ଶବ୍ଦର ଉକ୍ତ ଦେଶଜ ଅର୍ଥମାନ ସଂସ୍କୃତ କୋଷ ଗ୍ରନ୍ଥମାନଙ୍କରେ ମିଳେ ନାହିଁ । ]

**ବିଭକ୍ତ**—ସଂ. ବିଣ ( ବି+ଭଜ୍ ଧାତୁ+କର୍ମ ତ )—୧ । ପୃଥକ୍କୃତ;
Bibhakta ବିଭିନ୍ନ—1. Divided; separated ୨ । ଭିନ୍ନ ଭିନ୍ନ ଅଂଶରେ ପୃଥକ୍ କୃତ—2. Partitioned; shared out. ୩ । ସଂକ୍ରମିତ—3. Conveyed by contagion. ଦେ. ବିଣ (ଗଣିତ)—ପରବର୍ତ୍ତୀ ସଂଖ୍ୟା ଦ୍ୱାରା ହରଣ କରି ଯାଇଥିବା ( ପୂର୍ବବର୍ତ୍ତୀ ସଂଖ୍ୟା )—( mathematics; a number ) Divided by another. [ ଦ୍ର—ଗଣିତରେ ଗୋଟିଏ ରାଶିକୁ ଅନ୍ୟ ରାଶି ଦ୍ୱାରା ବିଭକ୍ତ କରି ଗଲେ 'ପ୍ରଥମ ରାଶି ବିଭକ୍ତ ଦ୍ୱିତୀୟ ରାଶି' ବୋଲି ମୂର୍ଦ୍ଧରେ ବୋଲିବାକୁ ହୁଏ; ଯଥା—୫ କୁ ୩ ବିଭକ୍ତ ୫ ବୋଲାଯାଏ । ଏହାର ଅର୍ଥ ୩ ସଂଖ୍ୟାକୁ ୫ ଦ୍ୱାରା ବିଭକ୍ତ କରାଗଲା । ]

**ବିଭକ୍ତି**—ସଂ. ବି ( ବି+ଭଜ୍ ଧାତୁ+ଭାବ ତି )—୧ । ଭାଗକରଣ;
Bibhakti ବର୍ଣ୍ଣନ—1. Partitioning; division. ୨ । ରଚନା—2. Orderly arrangement; composition. ୩ । ( ବ୍ୟାକରଣ ) ଶବ୍ଦରେ ଓ ଧାତୁରେ କାରକ, ବଚନ ଓ ପୁରୁଷ ବିଜ୍ଞାପକ ପ୍ରତ୍ୟୟ—3. ( grammar ) An affix or termination denoting the case, person and number of a verb or word.

**ବିଭକ୍ଷଣ**—ଦେ. ବି ( ସଂ. ବୁଭୁକ୍ଷା )—ଖାଇବା ଇଚ୍ଛା—Desire to
Bibhakshana eat. ( ଦ୍ର—ଖାଦ୍ୟ ଏ ସମ୍ବନ୍ଧରେ ବଲେ, ବିଭକ୍ଷଣେ ମନ ବଳାଇଲେ । ଉପେ. ବୈଦେହୀଶବିଳାସ । )

**ବିଭଙ୍ଗ**—ସଂ. ବି ( ବି+ଭନ୍ଜ ଧାତୁ=ଭାଙ୍ଗିଯିବା+ଭାବ ଅ )—୧ ।
Bibhanga ଭାଙ୍ଗିଯିବା—1. Fracture. ୨ । ବିନ୍ୟାସ; ରଚନା—2. Arrangement; setting in order; composition. ୩ । ସଙ୍କୋଚ—3. Contraction. ୪ । ( +କର୍ମ ଅ ) ଖଣ୍ଡ; ଛେଦ—4. A piece; section; part. ୫ । ବଳିପଳିତ ଚର୍ମ—5. 5, Wrinkle. ଦେ. ବି ( ସଂ. ବିଭଙ୍ଗ )—୧ । ରୋଗାଦି ହେତୁ ମୁଖର ମଳିନତା ବା ବର୍ଣ୍ଣହୀନତା—1. Paleness brought about by disease. ୨ । ମନୁଷ୍ୟର ସ୍ୱାଭାବିକ ରଙ୍ଗର ବୈଲକ୍ଷଣ୍ୟ—2. Change of one's countenance. ୩ । ଚେହେରାର ବିରୂପତା 3. Change of appearance for the worse. ଦେ. ବିଣ—୧ । ରୋଗାଦି ହେତୁ ବର୍ଣ୍ଣହୀନ ବା ବିବର୍ଣ୍ଣ—1. Pale or discoloured owing to disease. ୨ । ଆପଣାର ସ୍ୱାଭାବିକ ରଙ୍ଗହୀନ—2. Crestfallen. ୩ । ବିରୂପ; ବେଢଙ୍ଗ—3. Of changed appearance (for the worse). ୪ । 'ଭଙ୍ଗ' ରୋଗଗ୍ରସ୍ତ ବ୍ୟକ୍ତିର ମୁଖ ପରି ବିବର୍ଣ୍ଣ—4. Having one's face discoloured. ୫ । ଅସ୍ତବ୍ୟସ୍ତ; ଅସ୍ତବ୍ୟସ୍ତ—5. Confused; disordered. (ଦ୍ର—ଗର୍ଭ ଖୋସିବା ବସନ, ବିଭଙ୍ଗ କେଶ ବସନ, ଚେତେ ପ୍ରସନ୍ନ । ଉପେ. ପ୍ରେମସୁଧାନିଧି ।) ୬ । ନିରୁତ୍ସାହ; ଉତ୍ସାହ ଶୂନ୍ୟ—6. Devoid of zeal. ୭ । ମଳିନ ମୁଖ; ବିରସ—7. Pale in countenance. ( ଦ୍ର—ଏତେ ବୋଲି ଶର ବୃଷ୍ଟି କଲେ ତାର ଅଙ୍ଗ. ବସିଲ ଅସୁରବୀର ହୃଦୟ ବିଭଙ୍ଗ—ବିଶ୍ୱନାଥ.ବିଚିତ୍ର ରାମାୟଣ ।)

**ବିଭଙ୍ଗ ରସ**—ଦେ. ବି ( ସଂ. ବିଭଙ୍ଗ ଓ ରସ )—୧ । ରସଭଙ୍ଗ—
Bibhanga rasa 1. Break of a sentiment. ୨ । ( କାବ୍ୟରେ ) କରୁଣ ରସ—2. Tragical sentiment ( in fiction ). ( ଦ୍ର—ବିଭଙ୍ଗ ରସ ବୋଲଣ ନ ବର୍ଣ୍ଣିଲି ଏଥେ, ବୁଧେ ବୋଲନ୍ତି ଏହା ଦୋଷ ଗୁଣ ଗୀତେ । ଉପେ. ବୈଦେହୀଶବିଳାସ । )

**ବିଭଙ୍ଗି**—ସଂ. ବି ( ବି+ଭନ୍ଜ ଧାତୁ+ଇ )—ଭଙ୍ଗି; ହାବଭାବ—
Bibhangi Countenance.

**ବିଭଜନ**—ସଂ. ବି ( ବି+ଭଜ୍ ଧାତୁ+ଭାବ ଅନ )—ବିଭାଗକରଣ;
Bibhajana ଖଣ୍ଡ ଖଣ୍ଡ କରିବା—Dividing a thing into parts.

**ବିଭଜନୀୟ**—ସଂ. ବି ( ବି+ଭଜ୍ ଧାତୁ+କର୍ମ ଅନୀୟ )—ବିଭାଜ୍ୟ;
Bibhajaniya ବିଭକ୍ତ ହେବାର ଯୋଗ୍ୟ—Divisible into parts.

**ବିଭଜ୍ୟମାନ**—ସଂ. ବିଣ ( ବି+ଭଜ୍ ଧାତୁ+କର୍ମ ଅନ )—ଯାହା
Bibhajyamāna ବିଭକ୍ତ ହେଉଅଛି—Being divided into parts.

**ବିଭଞ୍ଜନ**—ଦେ. ବିଣ—ଭଗ୍ନ—Broken. ( ଉ—ବିଭଞ୍ଜନ ରଥକୁ
Bibhañjana ଦେଖିଲେ ଶୁଭ ପାଣି । ଉଞ୍ଜ. ବୈଦେହୀଶବିଳାସ ।)

**ବିଭଞ୍ଜିବା**—ଦେ. କ୍ରି.—(ପଦ୍ୟ) (ସଂ. ବିଭଙ୍ଗ)—୧ । ଭାଙ୍ଗିବା—
Bibhañjibā 1. To break. (ଉ—ବିଭଞ୍ଜେ ଇକ୍ଷୁ ଦଣ୍ଡ ପରି ପ୍ରଚଣ୍ଡ ଭୁଜକୁ ଗନ୍ଧମାଦନ । ଉଞ୍ଜ. ବୈଦେହୀଶବିଳାସ ।) ୨ । ଜୋରରେ ବା ବଳପୂର୍ବକ ଅଣିବା—
2. To bring forcibly. (ଉ—ମଧ୍ଯ ପ୍ରଳୟ ଜଳରେ ଥିଲ ବଟ, ବଳୁ ଅଗ୍ରେ ଭୋଳ ଧଇଲ ବିଭଞ୍ଜି । ପ୍ରାଚୀ. ରସବାରିଧି ।) ୩ । ଗୋଟି ଗୋଟି କରିବା—
3. To separate; to deal separately one by one. (ଉ—ଶୁଣ ବିଭଞ୍ଜି କହିବା ବିବେକ । ପ୍ରାଚୀ. ରସବାରିଧି ।)

**ବିଭବ**—ସଂ. ବି (ବି=ପ୍ରଧାନ; ଉତ୍କୃଷ୍ଟ+ଭୂ ଧାତୁ=ହେବା+ଭାବ.
Bibhaba ଅ)—୧ । ବିଭୁତ୍ୱ; ପ୍ରଭୁତ୍ୱ—1. Mastery; supreme power. ୨ । (+କରଣ ଅ) ଧନ; ସମ୍ପତ୍ତି—
2. Property; wealth. ୩ । ଐଶ୍ୱର୍ଯ୍ୟ; ଅର୍ଥ; ସମ୍ପଦ୍—
3. Prosperity; riches. ୪ । ମୋକ୍ଷ; ମୁକ୍ତି—
4. Emancipation; beatitude. ୫ । ଔଦାର୍ଯ୍ୟ—
5. Liberality of mind; magnanimity. ୬ । ମହତ୍ତ୍ୱ—6. Greatness; grandeur. ୭ । ପଦମର୍ଯ୍ୟାଦା; ଗୌରବ—7. Rank; dignity; glory. ୮ । (ଅଧିକରଣ,ଅ) ବର୍ଷର ବିଶେଷ—8. Name of a certain year. ୯ । ଶକ୍ତି; ସମର୍ଥ—9. Power; potency
ପ୍ରାଦେ. (କଟକ) ବି—୧ । ଅପମାନ—1. Indignity. ୨ । ଦୁଃଖ; କଷ୍ଟ—2. Misery. ୩ । ଗାଳିମନ୍ଦ—3. Abuse.

**ବିଭବ ବୃଦ୍ଧି**—ସଂ. ବି (୬ଷ୍ଠୀ ତତ୍; ବିଭବ+ବୃଦ୍ଧି)—ଐଶ୍ୱର୍ଯ୍ୟ ବୃଦ୍ଧି—
Bibhaba bruddhi Increase of wealth or prosperity.

**ବିଭବ ରହିତ**—ସଂ. ବିଣ. ପୁଂ (୩ୟା ତତ୍)—ଧନହୀନ; ନିର୍ଧନ—
Bibhaba rahita Poor; destitute.
(ବିଭବ ଶୂନ୍ୟ; ବିଭବ ହୀନ—ଅନ୍ୟରୂପ; ବିଭବରହିତା—ସ୍ତ୍ରୀ)

**ବିଭବଶାଳୀ**—ସଂ. ବିଣ. ପୁଂ ( ବିଭବ+ଶାଳିନ୍; ୧ମା. ୧ବ )—
Bibhabasāli ଐଶ୍ୱର୍ଯ୍ୟବାନ୍; ଧନୀ—Wealthy; very
(ବିଭବଶାଳିନୀ—ସ୍ତ୍ରୀ) rich; prosperous.

**ବିଭବ ହାନି**—ସଂ. ବି (୬ଷ୍ଠୀ ତତ୍; ବିଭବ+ହାନି)-ଐଶ୍ୱର୍ଯ୍ୟର ବିନାଶ—
Bibhaba hāni Loss of wealth, adversity.
(ବିଭବନାଶ—ଅନ୍ୟରୂପ)

**ବିଭରଣ**—ଦେ. ବିଣ—ପରିହିତ; ପିନ୍ଧା ହୋଇଥିବା—Worn; clothed; clad.
Bibharana ଦେ. ବି—ପରିଧାନ—Wearing; dress. [ଉ—ବିଭରଣ ଭୂଷଣ ହସ୍ତୀରମାନ ଯହିଁ । ଉଞ୍ଜ. ବୈଦେହୀଶବିଳାସ । ]

**ବିଭର୍ତ୍ତି**—ସଂ. କ୍ରି (ଭୃ ଧାତୁ ବର୍ତ୍ତମାନକାଳ ୩ୟ ପୁରୁଷ; ସଂସ୍କୃତ ପ୍ରଥମ
Bibhartti ପୁରୁଷ; ଏକବଚନର ଅବାଚ )—୧ । ଧାରଣ କରୁଅଛି; ପୋଷଣ କରୁଅଛି—1. Is holding; is bearing. ୨ । ଚକଚକ କରୁଅଛି; ଶୋଭା ପାଉଅଛି—
2. Is glittering; is shining; is looking nice. { ଉ—ବିଭର୍ତ୍ତି ମୋଦିପନ୍ତି ବଳୁ ଓଷ୍ଠ ମାଣିକ୍ୟ ପାନ୍ତେ । ଉଞ୍ଜ. ବୈଦେହୀଶବିଳାସ । ]

**ବିଭ(ହ୍ୱୋ)ଳିତ**—ଗ୍ରା. ବିଣ (ସଂ. ବିହ୍ୱଳ; ପ୍ରା· ବିବ୍ଭଳ )—୧ । ବିହ୍ୱଳ—
Bibha(bho)lita 1. Perplexed; confounded. ୨ । ଯେ ସବୁ କଥା ଭୁଲିଯାଏ—2. Forgetful.
ବିଭଳ
ବିଭୋର(ଳ) } ଅନ୍ୟରୂପ ୩ । ଉନ୍ମତ୍ତ—3. Intoxicated. ୪ । କିଂକର୍ତ୍ତବ୍ୟବିମୂଢ଼—4. Bewildered.
বিভল, বিভোল, বিভোর ঘবড়াযা হুআ

**ବିଭ(ହ୍ୱୋ)ଳିବା**—ଦେ. କ୍ରି (ସଂ. ବିହ୍ୱଳ)—ବିହ୍ୱଳ ହେବା; ଶୋକାଦି
Bibha(bho)libā ଦ୍ୱାରା ଅସ୍ଥିର ହେବା—To be perplexed; to be bewildered. [ଉ—ବୋଲୁ ବାଛି
घबडाना ସନ୍ଧିଲେ, ଶ୍ରମଶର, ବିନ୍ଧିଲେ, ଯେବେ ତା ଶିର ନ ଛେଦିଲେ ସେ; ବିଭଳିଲେ । ଉଞ୍ଜ. ବୈଦେହୀଶବିଳାସ । ]

**ବିଭା**—ସଂ, ବି. ସ୍ତ୍ରୀ (ବି=ବିଶେଷ ଭାବରେ+ଭା ଧାତୁ=ଦୀପ୍ତି ପାଇବା+
Bibhā ଭାବ. ଅ+ଆ)—୧ । ପ୍ରଭା; ଦୀପ୍ତି—1 Splendour; brilliancy. ୨ । କିରଣ—2. Ray; beam of light. ୩ । ପ୍ରକାଶ—3. Exhibition; manifestation. ୪ । ଆଲୋକ—4. Light; illumination. ୫ । ଶୋଭା; ସୌନ୍ଦର୍ଯ୍ୟ—5. grace; beauty. ଦେ.ବି-
বিবাহ; বিভা ब्याह (ସଂ· ବିବାହ) ବିବାହ—Marriage.

**ବିଭାଇ**—ଦେ. ବିଣ. ସ୍ତ୍ରୀ—ବିବାହିତା; ଯାହାକୁ ବିବାହ କରାଯାଇଥାଏ;
Bibhāi ବେଦ୍ୟା—Married (wife). ଦେ. ବି. ସ୍ତ୍ରୀ—ନିଜର
বিবাহিতা ବିବାହିତା ସ୍ତ୍ରୀ—One's married wife. [ ଉ—
ब्याही ସ୍ତ୍ରୀଙ୍କ ମଧ୍ୟରେ ବଡ଼ ପାଟ ମୁହିଁ, ମୋହର ପରେ ଅଛି ଯେ
বিবাহিতা স্ত্রী ବିଭାଇ । ପ୍ରାଚୀ. ରହସ୍ୟମଞ୍ଜରୀ । ]

**ବିଭାକର**—ସଂ. ବିଣ (ବିଭା+କୃ ଧାତୁ+କର୍ତ୍ତୃ. ଅ)—ଦୀପ୍ତିଜନକ—
Bibhākara Illuminating. ସଂ. ବି—୧ । ସୂର୍ଯ୍ୟ—1. The sun. ୨ । ଅଗ୍ନି—2. Fire. ୩ । ଅର୍କ ବୃକ୍ଷ—
3. Calotropis Gigantea ( plant ).

**ବିଭା କରା(ରେ)ଇବା**—ଦେ. କ୍ରି—୧ । କୌଣସି ବରକୁ ବା କନ୍ୟାକୁ
Bibhā karā(re)ibā କନ୍ୟା ବା ବର ସଙ୍ଗେ ବିବାହିତ କରାଇବା—
বিবাহ(বিয়ে) দেওয়া 1. To bring about a marriage; to give a girl or a boy in marriage.
ब्याह करना
( ବିଭା ଦେବା—ଅନ୍ୟରୂପ )

**ବିଭା କରିବା**—ଦେ. କ୍ରି—୧ । (ବରକୁ ବା କନ୍ୟାକୁ ନେଲେ) ବିବାହିତ
Bibhā kariba ହେବା—1. To marry. ୨ । ବିଭା
বিয়ে করা बयाह करना କରାଇବା—2. To give a boy or a girl in marriage.

**ବିଭାଗ**—ସଂ. ବି (ବି+ଭଜ୍ ଧାତୁ+ଭାବ. ଅ)—୧ । ଭାଗ; ଅଂଶ—
Bibhāga 1. A share. ୨ । ବଣ୍ଟନ—2. Division. ୩ । ବିଭଜନ—3. Partition. ୪ । (+କର୍ମ. ଅ) ଦାୟ ବା ପୈତୃକ ସମ୍ପତ୍ତିର ଦାୟାଦମାନଙ୍କ ମଧ୍ୟରେ ବଣ୍ଟନ—4. Partition of paternal estate. ୫ । ଖଣ୍ଡ—5. Piece; lot. ୬ । (ଗଣିତ) ଭଗ୍ନାଂଶର ଉର୍ଦ୍ଧ୍ୱ ସଂଖ୍ୟା—6. (mathematics) The numerator of a fraction. ୭ । (ଗଣିତ) ଭଗ୍ନାଂଶ—7. (mathematics) Fraction. ଦେ. ବି—୧ । ସରକାରୀ ବା ସାଧାରଣ
বিভাগ କର୍ମର ଓ କର୍ମଚାରୀଙ୍କର ବିଭାଗ; ଡିପାର୍ଟମେଣ୍ଟ; ଇଲାକା—
इलाका 1. A department of Government; public department; an establishment. ୨ । ରାଜ୍ୟ ଶାସନାର୍ଥ କୃତ ପ୍ରଦେଶର ସ୍ୱତନ୍ତ୍ର ଅଂଶ—2. A division of a province. (ଯଥା—ଓଡ଼ିଶା ବିଭାଗ) [ ଦ୍ର— ଇଂରାଜ ଶାସିତ ଭାରତବର୍ଷ କେତେଗୁଡ଼ିଏ ପ୍ରଦେଶରେ, ପ୍ରତ୍ୟେକ ପ୍ରଦେଶ କେତେକ ବିଭାଗରେ, ପ୍ରତ୍ୟେକ ବିଭାଗ ଗୁଡ଼ିଏ ଜିଲ୍ଲାରେ, ପ୍ରତ୍ୟେକ ଜିଲ୍ଲା କେତେକ ସବଡିଭିଜନ୍ ବା ମହକୁମାରେ ପ୍ରତି ସବଡିଭିଜନ୍ କେତେକ ଥାନାରେ ଓ ପ୍ରତ୍ୟେକ ଥାନା କେତେଗୁଡ଼ିଏ ଗ୍ରାମପୁଞ୍ଜ ବା ପ୍ରଗନାରେ ବିଭକ୍ତ ହୋଇଅଛି । ]

**ବିଭାଗ କରିବା**—ଦେ. କ୍ରି—ସମ୍ପତ୍ତି ଅଂଶକୁ ବାଣ୍ଟିବା—To partition a joint property.
Bibhāga kariba
বিভাগ করা विभाग करना

**ବିଭାଗ ପତ୍ର**—ସଂ. ବି ( କଚେରୀ )—୧ । ବଣ୍ଟନ ପତ୍ର—1. Deed of
Bibhāga patra partition. ୨ । ଗୋସ୍ୱାରା—2. Do-
(ବିଭାଗ ପତ୍ରିକା—ଅନ୍ୟରୂପ) cument of allotment different shares.

**ବିଭାଗ ଯୋଗ୍ୟ**—ସଂ. ବି—ବଣ୍ଟନ କରାଯିବାର ଉପଯୁକ୍ତ—Divisible;
Bibhāga jogya capable of being partitioned into
(ବିଭାଗାର୍ହ—ଅନ୍ୟରୂପ) shares.

**ବିଭାଗୀ**—ସଂ. ବିଣ ପୁଂ ( ବିଭାଗ+ଇନ୍; ୧ମା. ୧ବ )—ବଣ୍ଟନ-
Bibhāgi କାରୀ—Partitioning. ଦେ. ବି ଅଂଶୀଦାର—
(ବିଭାଗିନୀ—ସ୍ତ୍ରୀ) 2. Cosharer; partner.

**ବିଭାଗୀୟ**—ଦେ. ବି—୧ । କୌଣସି ସାଧାରଣ ବା ସରକାରୀ କର୍ମବିଭାଗ
Bibhāgiya ସମ୍ପର୍କୀୟ—1. Departmental. ୨ । (ସଂ.
বিভাগীয় ବିଭାଜ୍ୟ) (କଚେରୀ) ଯେଉଁ ସମ୍ପତ୍ତି ବଣ୍ଟନ କରାଯିବ—
2. (property) To be partitioned.

**ବିଭା ଘର**—ଦେ. ବି—ବିବାହ ଉତ୍ସବ—Marriage festival.
Bibhā ghara বিএবাড়ী विवाह

**ବିଭା ଘରି(ରୁ)ଆ**—ଦେ. ବି—ଯେଉଁମାନେ ବିବାହ ଉତ୍ସବରେ ଯୋଗ
Bibhā ghari(ru)ā ଦେବାକୁ ଯାଇ ଥାଆନ୍ତି—Persons
বিয়ে বাড়ির লোক joining a marriage festival.
बरात् सरात् ଦେ. ବିଣ—ବିବାହ ଉତ୍ସବ ସମ୍ବନ୍ଧୀୟ—Relating to a marriage festival.

**ବିଭା ଚୁଡ଼ା**—ଗ୍ରା. ବି (ନିରର୍ଥକ ସହଚର)—୧ । ବିବାହ—1. Mar-
Bibhā churdā riage. ୨ । ବିବାହ ଓ ତତ୍ ସମ୍ପର୍କୀୟ ସମସ୍ତ
বিএ টিএ କର୍ମମାନ—2. Marriage and its concurrent
बयाह सादी acts and rites.

**ବିଭାଜକ**—ସଂ. ବିଣ. ପୁଂ (ବି+ଭଜ୍ ଧାତୁ+କର୍ତ୍ତୃ. ଅକ)—ବଣ୍ଟନକାରୀ—
Bibhājaka Dividing; distributing. ସଂ. ବି—୧ । ଯେଉଁ ବ୍ୟକ୍ତି ବଣ୍ଟନ କରେ—1. A person who divides a thing into different shares. ୨ । (ଗଣିତ) ଭଗ୍ନାଂଶର ନିମ୍ନ ସଂଖ୍ୟା—2. (mathematics) The denominator of a fraction. ୩ । ଯେଉଁ ସଂଖ୍ୟା ଦ୍ୱାରା ଅନ୍ୟ କୌଣସି ସଂଖ୍ୟା ହରଣ କରାଯାଏ—A number by which another is divided.

**ବିଭାଜ୍ୟ**—ସଂ. ବିଣ ( ବି+ଭଜ୍ ଧାତୁ+କର୍ମ. ଯ )—୧ । ବିଭାଗ
Bibhājya ଯୋଗ୍ୟ—1. Divisible. ୨ । ଯାହା ଭିନ୍ନ ଭିନ୍ନ
[ବିଭାଜ୍ୟତା(ତ୍ୱ)—ବି] ଅଂଶରେ ପୃଥକ୍ କରାଯିବା ଉପଯୁକ୍ତ—
2. Fit to be partitioned into different shares ୩ । ଖଣ୍ଡନୀୟ—3. Partible. ସଂ. ବି (ଗଣିତ) ଭଗ୍ନାଂଶର ଲବ—(mathematics) The numerator of a fraction.

**ବିଭାଜ୍ୟତା(ତ୍ୱ)**—ସଂ. ବି (ବିଭାଜ୍ୟ+ଭାବ. ତା, ତ୍ୱ)—୧ ବିଭକ୍ତ କରା-
Bibhājyatā(twa) ଯିବାର ଯୋଗ୍ୟତା—1. Divisibility. ୨ । ( ଜଡ଼ ବିଜ୍ଞାନ ) ଜଡ଼ ପଦାର୍ଥ ପ୍ରତି କୌଣସି ବଳ ପ୍ରୟୋଗ କଲେ ଯେଉଁ ଗୁଣ ଦ୍ୱାରା ଉକ୍ତ ପଦାର୍ଥ ନାନା ଖଣ୍ଡରେ ବିଭକ୍ତ ହୁଏ—Divisibility of a thing; the quality of a thing owing to which it is split up into parts when force is applied to it.

**ବିଭାଣ୍ଡ**—ଦେ. ବି (ନାମ) (ସଂ. ବିଭାଣ୍ଡକ)—ଋଷିବିଶେଷ—Name
Bibhānda of a sage. (ଉ—ଛଳେ ମିତ୍ର ସ୍ୱରେ ବିଭାଣ୍ଡ ବ ହେଲେ ବାଉନାରୀ ବଶ ହୋଇ । ଅଭିମନ୍ୟୁ. ବିଦଗ୍ଧଚିନ୍ତାମଣି ।)

**ବିଭାଣ୍ଡକ**—ସଂ. ବି—ଋଷ୍ୟଶୃଙ୍ଗ ମୁନିଙ୍କର ପିତା—Name of the
Bibhāndaka father of Rushyasrunga.

**ବିଭାତ**—ସଂ. ବି (ବି+ଭା ଧାତୁ=ପ୍ରାପ୍ତ ହେବା+ଅଧିକରଣ ତ)—
Bibhāta ପ୍ରଭାତ; ସକାଳ—Morning; early morning.

**ବିଭାତି**—ସଂ. ବି—୧ । ସୌନ୍ଦର୍ଯ୍ୟ—1. Beauty. (ଉ—କାମଦେବ
Bibhāti ବାମା କେତେ, ବିଭାତି ସମାଜରେ । ଉପ. ବୈଦେହୀଶ ବିଳାସ ।) ୨ । କିରଣ; ତେଜ—2. Rays (of the sun). (ଉ—ବିଭା ବସ୍ତ୍ର ବିଭାତି, ଶୋଭିତ ଚାପର ଜଗତି,

ସେ ସେମନ୍ତେ ସ୍ୱର୍ଗକୁ ଅଦାର ଯେ । ଉଞ୍ଜ. ବୈଦେହୀଶ ବିଳାସ ।)

**ବିଭା ତିଥି**—ଦେ· ବି ( ସଂ. ବିବାହ+ତିଥି )—୧ । ବିବାହ ପାଇଁ Bibhā tithi ନିର୍ଦ୍ଧାରିତ ଦିବସ—1. The day fixed for a marriage. ୨ । ଜ୍ୟୋତିଷ ମତରେ ବିବାହ ପାଇଁ ପ୍ରଶସ୍ତ ଦିବସମାନ—2. Days which are considered auspicious according to astrology for the celebration of marriage ceremony.
বিবাহের তিথি
**बयाह तिथि**

**ବିଭାତିବା**—ଦେ.(ପଦ୍ୟ)କ୍ରି.(ସଂ.ବିଭାତ)—୧ । ଶୋଭା ପାଇବା—1. To Bibhātibā look beautiful. ୨ । ଉଜ୍ଜ୍ୱଳତା ସହ ପ୍ରକାଶିତ ହେବା—2. To shine. (ଉ—ବିଧୁବଦ୍ଧ ଗରୁଣ୍ଡ, ବିଭାତିବ ସମ ସୀତା ଧର । ଉଞ୍ଜ. ବୈଦେହୀଶବିଳାସ ।)
বিভাতা **बिभाना**

**ବିଭା ତୋଏ(ଇ)ନା**—ବୈଦେ. ବି (ଅ)—ବିବାହ କର—Marriage Bibhā toe(i)nā tax; cess or customary present payable to the Raja by the marriage party.
বিবাহের বাব
**बयाह सलामी**
(ବିଭା ତଇନା, ବାହାତଇନା—ଅନ୍ୟରୂପ)

**ବିଭାନ**—ଗ୍ରା. ପ୍ରାଦେ (ଯାଜପୁର) ବି (ସଂ. ବିମାନ)—ଖଟୁଲି (ଦେଖ) Bibhāna Khaṭuḷi (See).

**ବିଭାପାଞ୍ଚି**—ଦେ. ବି—ବର ଓ କନ୍ୟା ବିବାହ ବେଦିରେ ଯେଉଁ ଲୁଗା, Bibhā pāñchi ପିନ୍ଧନ୍ତି—Pieces of cloth worn by the bride and the bridegroom at the marriage altar. [ଦ୍ର—କନ୍ୟାର ବିବାହ କାଳୀନ ପରିଧେୟ ବସ୍ତ୍ରକୁ ବଉଳ ବା(ପା)ଟ ବୋଲାଯାଏ ଓ ବରର ବସ୍ତ୍ରକୁ ପାଞ୍ଚି ବୋଲାଯାଏ ।]
বিবাহের কাপড়
**केहबर पट, सोहाग कपडा, बिहौति कपडा**

**ବିଭାବ**—ସଂ. ବି. (ବି=ବିଶେଷ+ଭୂ ଧାତୁ+ଣିଚ୍· ଅ )—୧ । ଅପର Bibhāba ପରିଚୟ ଦାନ—1. Introducing one's self to another's acquaintance or notice. ୨ । (+କରଣ ଅ) କାବ୍ୟ ନାଟକାଦିରେ ବର୍ଣ୍ଣିତ ରସ (ଯଥା—ଶୋକ, କ୍ରୋଧ, ପ୍ରେମ, ଉତ୍ସାହ ଇତ୍ୟାଦି) ଅବ ସ୍ଥାୟୀ ଭାବର କାରଣ—2. The mental condition which gives rise to or develops an emotion or sentiment (in works of fiction). [ ଦ୍ର—ବିଭାବ ୨ ପ୍ରକାର, ଯଥା—ଉଦ୍ଦୀପନ ଓ ଆଲମ୍ବନ] ଦେ. ବି—ବିଶେଷ ଭାବନା; ଚିନ୍ତା—Anxiety. (ଉ—ବିଭାବ ସ୍ୱଭାବୁ ନିଦ୍ରା ନ ଅଏସେ । ଉଞ୍ଜ· ବୈଦେହୀଶ ବିଳାସ ।)

**ବିଭାବନ(ନା)**—ସଂ. ବି ( ବି+ଭୂ ଧାତୁ ଣିଚ୍=ଭାବ ଧାତୁ+ଭାବ ଅନ; Bibhābana(nā) +ଆ )—୧ । ବିବେଚନା—1. Discrimination; consideration. ୨ । ଅନୁଭବ କରଣ—2. Perception. ୩ । ଚିନ୍ତନ—3. Reflection; thought; act of pondering over a thing. ୪ । ଅବଧାରଣ—4. Determination, settling of a thing in one's mind. ୫ । ପ୍ରକାଶନ; ଆବିଷ୍କରଣ—5. Discovering. ୬ । ଭୂୟୋ ଦର୍ଶନ—6. Observation. ୭ । ମିଳନ; ଭେଟ—7. Interview. ୮ । କାବ୍ୟାଲଙ୍କାରବିଶେଷ —8. A figure of speech depicting an effect or event without any apparent or approximate cause. [ ଦ୍ର—କାରଣ ବ୍ୟତିରେକେ କାର୍ଯ୍ୟର ଉତ୍ପତ୍ତି ହେଲେ ବିଭାବନା ଅଲଙ୍କାର ହୁଏ;ଯଥା—"ନୁହେ ଚନ୍ଦ୍ର କିର କରେ ଆହ୍ଲାଦ, ଅମୃତ ନୁହେ ସେ ଚକ୍ଷୁ ସୁଆଦ, ଚନ୍ଦ୍ରା ନୁହେ ଜାତ କରେ ବିଷାଦ, ବଢ଼ାଏ ଗରବ ନୁହେ ସମ୍ପଦ ।" ଉପେନ୍ଦ୍ରଭଞ୍ଜ. କବିତା । ]

**ବିଭାବନୀୟ**—ସଂ ବିଣ ( ବି+ଭୂ ଧାତୁ ଣିଚ୍+କର୍ମ ଅନୀୟ )—୧ । Bibhābaniya ୧ । ବିବେଚନୀୟ; ଚିନ୍ତନୀୟ—1. Fit to be considered; deserving consideration or reflection. ୨ । ଦର୍ଶନୀୟ—3. Visible. ୪ । ସୁନ୍ଦର—4. Beautiful; charming to the eye, graceful,
ବିଭାବୟିତବ୍ୟ } ଅନ୍ୟରୂପ
ବିଭାବ୍ୟ

**ବିଭାବରୀ**—ସଂ ବି. ସ୍ତ୍ରୀ ( ବିଭା=ଦୀପ୍ତି+ଆ+ବୃ ଧାତୁ+କର୍ତ୍ତୃ. ଅ+ସ୍ତ୍ରୀ Bibhābari ଈ; ଯେ ସୂର୍ଯ୍ୟଙ୍କ ଦୀପ୍ତିକୁ ଘୋଡ଼ାଇ ପକାଏ )—୧ । ରଜନୀ; ରାତ୍ରି—1. Night. ୨ । କୁଟ୍ଟିନୀ; କୁଟୁଣୀ; ଦୂତୀ—2. A procuress. ୩ । ଦୁଇଜଣଙ୍କ ବିବାଦ ବା ଧସ୍ତାଧସ୍ତି ସମୟରେ ଚିରିଯାଇଥିବା ବସ୍ତ୍ରର ଖଣ୍ଡ ବା ଟୁକୁରା; ବିବାଦବସ୍ତ୍ରମୁଣ୍ଡୀ—3. Shreds of a garment or cloth torn during a scuffle. ୪ । ହଳଦୀ—4. Turmeric. ୫ । ମୌଖର୍ଯ୍ୟ; ମୁଖରତା—5. Scurrility; abusiveness. ୬ । ମେଦା ଲତା—6. Name of a creeper ୭ । ବକ୍ରଯୋଷିତ୍; କଳହପ୍ରିୟା ସ୍ତ୍ରୀ—7. A churlish woman; a shrew. ୮ । ବେଶ୍ୟା—8. Harlot.

**ବିଭାବରୀ ନାହା**—ଦେ. ବି ( ସଂ. ବିଭାବରୀ+ନାଥ ବା ନାୟକ )—Bibhābari nāhā ରଜନୀପତି; ଚନ୍ଦ୍ର—The moon. ( ଉ—ଜ୍ୱଳନକୁ ଦିଲ ସେହିଦନ୍ତୁ ଦେଳ, କରେ ବିଭାବରୀ-ନାହାକର । ଉପେନ୍ଦ୍ରଭଞ୍ଜ. ଲୋଭାବତୀ. ୪ ଗୀତ । )

**ବିଭାବସୁ**—ସଂ. ବି ( ବହୁବ୍ରୀହି; ବିଭା=ପ୍ରଭା+ବସୁ=ଧନ )—୧ । Bibhābasu ସୂର୍ଯ୍ୟ—1. The sun. ୨ । ଚନ୍ଦ୍ର—2. The moon. ୩ । ଅଗ୍ନି—3. Fire. ୪ । ଚିତ୍ରକ ଗୁଳ୍ମ—4. A plant; Plumbago Zeylanica. ୫ । ହାରବିଶେଷ—5. A sort of necklace.

**ବିଭାବସୁଜା**—ସଂ. ବି—ସୂର୍ଯ୍ୟକନ୍ୟା; ଯମୁନାନଦୀ—The river Bibhābasujā Jamuna. ( ଉ—ବିଭାବସୁଜା କଲ୍ଲୋଳରେ ଶୁଭେ । ଉଞ୍ଜ. ବୈଦେହୀଶବିଳାସ ।)

**ବିଭା ବାସି**—ଦେ. ବି—ବିବାହଦିବସର ପରଦିନ—The morrow
Bibhā bāsi of a marriage. ( ଉ—ବିଭାବାସି
বাসীবিয়ে ବେଶାମୁହଁ ଘୋଡ଼ା । ଇର୍ଗ । )
ব্যাহকা দুসরা দিন; मरवादी

**ବିଭାବି(ବୁ)କ**—ବେ. ବି (ବି+ଭାବୁକ)—ଅତ୍ୟନ୍ତ ଚିନ୍ତାଶୀଳ ବ୍ୟକ୍ତି—
Bibhābi(bu)ka A great thinker. ( ଉ— ବିଭାବିକରେ
ଭେଦ ଭେଦ ପଦ । ଭଞ୍ଜ. ବୈଦେହୀଶବିଳାସ । )

**ବିଭାବିତ**—ସଂ. ବିଣ ( ବି+ଭୂ ଧାତୁ ଣିଚ୍+କର୍ମ ତ )—୧ । ଅନୁଭୂତ
Bibhābita —1. Experienced. ୨ । ବିବେଚିତ—
2. Considered; judged. ୩ । ଚିନ୍ତିତ—
3. Pondered over; thought over. ୪ ।
ଦୃଷ୍ଟ—4. Seen. ୫ । ଅବଧାରିତ—5. Ascertained; observed. ୬ । ପ୍ରସିଦ୍ଧ—6. Famous;
celebrated. ୭ । ପ୍ରତିଷ୍ଠିତ—7. Established.

**ବିଭାବିବା**—ଦେ. କ୍ରି ( ପଦ୍ୟ; ସଂ. ବିଭାବନା )—ଭାବିବା; ଚିନ୍ତା
Bibhābibā କରିବା—To think; to ponder over.
বিভাবা ( ଉ—ଶାଶ ପ୍ରଭୁ ସବିଶେଷ ବିଭାବ । ଭଞ୍ଜ.
विभावना ବୈଦେହୀଶବିଳାସ । )

**ବିଭା ବେଦୀ**—ଦେ. ବି ( ସଂ. ବିବାହବେଦୀ )—ଯେଉଁ ବେଦିକା ବା
Bibhā bedī ମୃତ୍ତିକାସ୍ତୂପ ଉପରେ ବିବାହକର୍ମ ସମ୍ପାଦିତ ହୁଏ—
বিয়েরবেদী ब्याहवेदी The marriage altar.

**ବିଭାବ୍ୟ**—ସଂ. ବିଣ ( ବି+ଭୂ ଧାତୁ ଣିଚ୍=ଭାବି ଧାତୁ+କର୍ମ ଯ )—
Bibhābya ୧ । ବିବେଚ୍ୟ; ଚିନ୍ତନୀୟ—1. Fit to be
considered. ୨ । ଦର୍ଶନୀୟ—2. Observable.
୩ । କଳ୍ପନୀୟ—3. Conceivable.

**ବିଭା ବ୍ରତ**—ଦେ. ବି (ସହଚର)—ବିବାହ ଓ ଉପନୟନ—The ceremonies of marriage and upanayana.
Bibhā brata
উপনয়ন বিবাহ ब्याहआउरजनेउ (ତାହାବିରତ—ଗ୍ରାମ୍ୟରୂପ)

**ବିଭାର୍ଯ୍ୟ**—ସଂ. ବିଣ. ପୁଂ ( ବହୁବ୍ରୀହି; ବି+ଭାର୍ଯ୍ୟା )—ଯାହାର ଭାର୍ଯ୍ୟା
Bibhārjya ମରି ଯାଇଅଛି; ବିପତ୍ନୀକ—Widower.

**ବିଭାଷା**—ସଂ. ବି ( ବି+ଭାଷା )—୧ । ଏକପ୍ରକାର ପ୍ରାକୃତ ଭାଷା—
Bibhāshā 1. A class of prākṛuta or vernacular
language. ୨ । ବିକଳ୍ପ; ଦ୍ୱୈଧଭାବ; ଇଚ୍ଛାନୁରୂପ
କଳ୍ପନା—2. Optional form; an alternative.
୩ । ସଙ୍ଗୀତର ରାଗିଣୀବିଶେଷ—3. A musical note.
୪ । ପ୍ରାଦେଶିକ ଭାଷା; ଦେଶାଂଶ ପ୍ରଚଳିତ ଭାଷା—
4. Dialect. ୫ । ଅପଭ୍ରଷ୍ଟ ଭାଷା, ଯାହା କୌଣସି
ବ୍ୟାକରଣଗତ ନିୟମାନୁବର୍ତ୍ତୀ ନୁହେଁ; ଇତର ବ୍ୟବହୃତ
ଭାଷା—5. Colloqual language that defies
the rules of grammar. ଦେ. ବି—୧ । ଗାଳି-
ମନ୍ଦ—1. Abuse. ୨ । ଅଶ୍ଳୀଳବାକ୍ୟ—2. Indecent
language.

**ବିଭାସ**—ସଂ. ବି.ସ୍ତ୍ରୀ (ବି=ପକ୍ଷୀ+ଭାସ୍ ଧାତୁ=କହିବା+କର୍ମ, ଅ )—
Bibhāsa ( ପକ୍ଷୀ ତାହାର ସ୍ୱରକୁ ବାରମ୍ବାର ବୋଲିବା ପ୍ରକାରେ
(ବିଭାଷା—ଅନ୍ୟରୂପ) ବୋଲାଯିବା )-ସଙ୍ଗୀତର ରାଗିଣୀବିଶେଷ—
A tune in Hindu music ( in which the
note is repeated like that of a bird
repeating its note ). [ ଦ୍ର—ଏହା ପ୍ରଭାତରେ
ଗାଇବାର ଉପଯୁକ୍ତ ଓ ଷାଡ଼ବଜାତିର । ]

**ବିଭାସ କେଦାର**—ଦେ. ବି—ରାଗବିଶେଷ ( ରାଗ ତଳେ କୋଷ୍ଟ
Bibhāsa kedāra ଦେଖ )—A note of music ( See
notes under Rāga ).

**ବିଭାସ ଗୁଜ୍ଜ(ର୍ଜ)ରୀ**—ସଂ. ବି—ବିଭାସ ଓ ଗୁର୍ଜ୍ଜରୀ ନାମକ ରାଗଦ୍ୱୟର
Bibhāsa gujja(rja)rī ମିଶ୍ରଣରେ ଗୀତ ହେବା ରାଗିଣୀ-
ବିଶେଷ—Name of a tune in Hindu music.

**ବିଭାସା**—ସଂ. ବି (ବି+ଭାସ୍ ଧାତୁ+ଭାବ. ଅ+ଆ)—୧ । ପ୍ରକାଶ—
Bibhāsā 1. Manifestation exhibition. ୨ । ଦୀପ୍ତି—
2. Lustre.

**ବିଭାସିତ**—ସଂ ବିଣ (ବି+ଭାସ୍ ଧାତୁ ଣିଚ୍=ଭାସି ଧାତୁ+କର୍ତ୍ତୃ. ତ)—
Bibhāsita ୧ । ପ୍ରକାଶିତ—1. Revealed; manifested;
disclosed. ୨ । ଆଲୋକିତ—2. Lighted;
illuminated. ୩ । ସୁଶୋଭିତ—3. Adorned;
beautified. ୪ । ଫୁଟିଥିବା; ପ୍ରସ୍ଫୁଟିତ—4. Blown;
blooming ( said of a flower ).

**ବିଭାସିବା**—ଦେ. କ୍ରି ( ପଦ୍ୟ ) ( ସଂ. ବିଭାସିତ )-ପ୍ରକାଶିତ ହେବା—
Bibhāsibā To be manifested. [ ଉ—ଦରହାସ-ଛଟା
ବିଭାସିଲା ଶ୍ରୀମୁଖ-ଅସ୍ୟ-କମ୍ରେ, କମଳାର—ରାଧାନାଥ.
বিভাসা विभासना ଯଯାତି । ]

**ବିଭିନ୍ନ**—ସଂ. ବିଣ ( ବି+ଭିଦ୍ ଧାତୁ=ଭେଦ କରିବା+କର୍ମ. ତ )—
Bibhinna ୧ । ଅଲଗା ଅଲଗା; ପୃଥକ୍‌ଭୂତ—1. Separated
distinct; separate. ୨ । ଖଣ୍ଡିତ; ବିଭକ୍ତ—
2. Divided; partitioned. ୩ । ବିପର୍ଯ୍ୟସ୍ତ; ଘଷା
ହୋଇଥିବା —3. Agitated. ୪ । ବିଦୀର୍ଣ୍ଣ;
ବିଦାରିତ—4. Lacerated; torn. ୫ । ବିଦଳିତ—
5. Bruised. ୬ । ମିଶ୍ରିତ—6. Mixed. ୭ ।
(+କର୍ତ୍ତୃ.ତ)ପୃଥକ୍‌ବିଧ-7. Of distinct or separate
kinds. ୮ । ନାନାବିଧ—8. Of various kinds
୯ । ବିକଶିତ—9. Expanded; opened. ୧୦ ।
ନିଃଶେଷିତ—10. Exhausted; emptied. ୧୧ ।
କିଂକର୍ତ୍ତବ୍ୟବିମୂଢ଼—11. Confounded. ୧୨ । ହତାଶ—
12. Hopeless; desperate; bereft of hope.
ଦେ. ବି—ପ୍ରଭେଦ—Distinction; difference.
ଦେ. ବିଣ—ପୃଥକ୍ ଅନ୍ନ ଓ ପୃଥକ୍ ବାସ ହୋଇଥିବା,
ଭିନ୍ନହୋଇଥିବା (ବ୍ୟକ୍ତି)—Separated in mess
and property.

**ବିଭିନ୍ନତା(ତ୍ୱ)**—ସଂ. ବି ( ବିଭିନ୍ନ+ଭାବ. ତା; ତ୍ୱ)—୧ । ପୃଥକ୍‌ଭାବ—
Bibhinnatā(twa) 1. Separtion; distinctness. ୨ । ପ୍ରଭେଦ—2. Difference.

**ବିଭିନ୍ନ ଦେଶୀୟ**—ସଂ. ବିଣ—୧ । ବିଦେଶୀୟ—1. Belonging to
Bibhinna deśīya a foreign country. ୨ । ଭିନ୍ନ ଭିନ୍ନ ଦେଶୀୟ—2. Belonging to different countries. ୩ । ଅନ୍ୟ ଦେଶୀୟ—3. Of another country.

**ବିଭିନ୍ନ ଧର୍ମାବଲମ୍ବୀ**—ସଂ. ବିଣ. ପୁଂ—୧ । ଅନ୍ୟ ଧର୍ମାବଲମ୍ବୀ—1.
Bibhinna dharmābalambī Professing a different religion. ୨ । ନାନା ଧର୍ମାବଲମ୍ବୀ—2. Professing
(ବିଭିନ୍ନଧର୍ମୀ—ଅନ୍ୟରୂପ) various or different religions.

**ବିଭୀତ**—ସଂ. ବିଣ (ବି=ବିଗତ+ଭୀ ଧାତୁ+କର୍ତ୍ତୃ. ତ)—ନିଃଶଙ୍କ—
Bibhīta Fearless; undaunted. ଦେ. ବି—ବିଶେଷ ଭୟ—Great fear; terror. [ଉ—ବିଭୀତରେ ଦୈତ୍ୟମାନେ ବିଲୁଉଲେ—ଉଞ୍ଜ. ବୈଦେହୀଶବିଳାସ । ]

**ବିଭୀତକ**—ସଂ. ବି (ବି+ଭୀତ=ଭୟ+କ; ଯାହା ସେବନ କଲେ
Bibhītaka ରୋଗଭୟ ରହେ ନାହିଁ, ଅଥବା ଯେଉଁ ଗଛରେ
(ବିଭୀତକୀ-ସ୍ତ୍ରୀ) ଭୂତମାନେ ଆଶ୍ରୟ ନେଉଥିବାରୁ ଲୋକେ ବିଶେଷ ଭୟ କରନ୍ତି )—ବାହାଡ଼ା ( ଗଛ ଓ ଫଳ )—
Terminalia Bellerica, the Belleric myrobalan. ଦେ. ବିଣ—ନିର୍ଭୀକ; ନିଃଶଙ୍କ—Fearless. [ ଉ—ବିଭୀତକ କେହି କରି ଭୂମି ମଧ୍ୟେ ଓକ—ଉଞ୍ଜ. ବୈଦେହୀଶବିଳାସ । ]

**ବିଭୀଷଣ**—ସଂ. ବିଣ ( ବି+ଭୀ ଧାତୁ ଣିଚ୍+କର୍ତ୍ତୃ. ଅନ )—୧ । ଅତି
Bibhīshaṇa ଭୟଙ୍କର—1. Terrible; alarming; frightful. ୨ । ଦୃଢ଼—2. Firm; strong. ୩ । ଘନ—3. Thick; hard. ସଂ. ବି—ରାବଣର ସାନ ଭାଇ—1. The younger brother of Rābaṇa. ୨ । ନଳତୃଣ; କାଣ୍ଡଶର ଗଛ—2. The reed grass; Arundo Tibialis. ୩ । ଭୃତ୍ୟ—3. Servant. ୪ । ଆତ୍ମା—4. Soul; spirit. ୫ । କାଳ—5. Time. ୬ । ମୃତ୍ୟୁ; କାଳ—6. Death ( personified ).

**ବିଭୀଷଣ ପୁଷ୍ପ**—ଦେ. ବି—(ସଂ. ବିଭୀଷଣ)—୧ । କାଣ୍ଡଶର ଗଛର
Bibhīshaṇa pushpa ଫୁଲ—1. The flower of Kāṇḍa
( ବିଭୂଷଣ ପୁଷ୍ପ, ବିଭୁଷଣ ପୁଷ୍ପ—ଅନ୍ୟରୂପ ) śara grass. ୨ । (ସଂ. ଶଣ) ଛଣପଟ ଫୁଲ—2. The flower of the wild flax plant; Crotalaria. [ ଦ୍ର—ଏହାର ବର୍ଣ୍ଣ ଗୋଟା ହଳଦିଆ ଥିବାରୁ କବି ବୈଦେହୀଶବିଳାସରେ ସୀତାଙ୍କ କାନ୍ତିକୁ ଏହି ପୁଷ୍ପ ସଙ୍ଗେ ତୁଳନା କରିଅଛନ୍ତି ।—( ଯଥା—"ବିଭୀଷଣ ପୁଷ୍ପେ ଯା କାନ୍ତି ଜାଣ, ବିଭୁଷଣ କରି କନ୍ୟାକୁ ଆଣ" । ବୈଦେହୀଶବିଳାସରେ ଏହି ପଦର ପ୍ରୟୋଗ ସମ୍ବନ୍ଧେ ନାନା ପ୍ରକାର ପାଠ ଓ ଅର୍ଥ ଦେଖାଯାଏ ।—(ଯଥା—୧ । ବିଭୀଷଣ ପୁଷ୍ପ—କାଣ୍ଡଶର ଗଛର ଫୁଲ ପରି ଗୌରବର୍ଣ୍ଣ । ୨ । ବିଭୁଷଣ ପୁଷ୍ପ—ହେ ବିଭୁ ! ଅର୍ଥାତ୍ ହେ ସ୍ୱାମୀନ୍ ! ଶଣପୁଷ୍ପ ବା ଛଣପଟ ଫୁଲ ପରି ଯାହା ଦେହ ହଳଦିଆ, ୩ । ବିଭୂଷଣ ପୁଷ୍ପ—ସ୍ତ୍ରୀର ସ୍ୱାମୀ ଯେପରି ଭୂଷଣ ଫୁଲର ଭ୍ରମର ସେହିପରି ଭୂଷଣ । ତେଣୁ ଯେଉଁ ଫୁଲ ନିକଟକୁ ଭ୍ରମର ନ ଯାଏ ତାହା ବିଭୂଷଣ ପୁଷ୍ପ, ( ଯଥା—କେତକୀ, ଚମ୍ପା ଆଦି ) ସେହି ଫୁଲ ପରି ଯାହାର ବର୍ଣ୍ଣ ହଳଦିଆ । ୪ । କେହି କେହି କହନ୍ତି,—ଯାହାର (ସୀତାଙ୍କର) କାନ୍ତି ଶଣପୁଷ୍ପର ବିଭୁ ବା ଶ୍ରେଷ୍ଠ ଅର୍ଥାତ୍ ଶଣପୁଷ୍ପ ଅପେକ୍ଷା ଅଧିକ ମନୋହର । ଏହା ଛଡ଼ା ଅନ୍ୟ ଅର୍ଥ ମଧ୍ୟ ହୋଇପାରେ । ]

**ବିଭୀଷିକା**—ସଂ.ବି. ସ୍ତ୍ରୀ—(ବି+ଭୀ ଧାତୁ ଣିଚ୍=ଭୀଷି ଧାତୁ+ଭାବ.ଅକ+
Bibhīshikā ସ୍ତ୍ରୀ. ଆ)—୧ । ଭୟ ପ୍ରଦର୍ଶନ; ଭୟ ଦେଖାଇବା—1. Frightening; terrifying. ୨ । ଅତ୍ୟନ୍ତ ଭୟ—2. Terror. ୩ । ଭୟ ଦେଖାଇବାର ଉପାୟ—3. Means used to terrify or scare away others.

**ବିଭୁ**—ସଂ. ବି. ପୁଂ—(ବି+ଭୂ ଧାତୁ+କର୍ତ୍ତୃ. ଉ)—୧ । ପ୍ରଭୁ—
Bibhu 1. Master; lord. ୨ । ଦେବତା—2. Deity. ୩ । ପରମେଶ୍ୱର—3. The Supreme God; God. ୪ । ବ୍ରହ୍ମା—4. The Creator of the universe. ୬ । ଭୃତ୍ୟ—6. Servant. ସଂ. ବିଣ—୧ । ସର୍ବବ୍ୟାପୀ—1. All pervading. ୨ । ସବୁଠାରେ ବିଦ୍ୟମାନ—2. Omnipresent. ୩ । ନିତ୍ୟ; ଶାଶ୍ୱତ—3. Constant; eternal.

**ବିଭୁକ୍ତ**—ଦେ. ବିଣ—ସନ୍ତୋଷରେ ଭୋଜନ କରିଥିବା (ବ୍ୟକ୍ତି)—
Bibhukta Having had a satisfying meal. ଦେ. ବି—ପୂର୍ଣ୍ଣ ବା ସସନ୍ତୋଷ ଭୋଜନ—Full meal. [ଉ—ତନୟ ରାମ କରିବେ, ବିଭୁକ୍ତେ ମୋତେ ତାରିବେ । ଉଞ୍ଜ. ବୈଦେହୀଶବିଳାସ । ]

**ବିଭୂତି**—ସଂ. ବି—(ବି+ଭୂ ଧାତୁ+କରଣ. ତି)—୧ । ଐଶ୍ୱର୍ଯ୍ୟ;
Bibhūti ଈଶ୍ୱରଙ୍କର ଅମାନୁଷିକ ଗୁଣମାନ—1. Divinity; superhuman qualities of the Godhead. ୨ । ଐଶ୍ୱର୍ଯ୍ୟ; ଅତୁଳନୀୟ ସମ୍ପତ୍ତି—2. Affluence; riches; wealth. ୩ । ଋଦ୍ଧି; ସମୃଦ୍ଧି—3 Glory; prosperity. ୪ । ମହତ୍ତ୍ୱ—Greatness. ୫ । ଭସ୍ମ; ପାଉଁଶ—5. Ashes. ୬ । ମହାଦେବଙ୍କର ଅଷ୍ଟବିଧ ଐଶ୍ୱର୍ଯ୍ୟ—6. The eight special divine qualities of Śiba. [ଦ୍ର—ଅଷ୍ଟବିଧ ଐଶ୍ୱର୍ଯ୍ୟ; ଯଥା—ଅଣିମା, ଲଘିମା, ବ୍ୟାପ୍ତି, ପ୍ରାକାମ୍ୟ, ମହିମା, ଈଶିତ୍ୱ, ବଶିତ୍ୱ ଓ କାମବଶାୟିତ୍ୱ । ] ୭ । (ବୈଦିକ ସାହିତ୍ୟ) ପ୍ରାଚୁର୍ଯ୍ୟ; ପ୍ରଚୁରତା—7. Plenty (in vedic use). ଦେ. ବି—ଶ୍ରୀମଦ୍‌ଭଗବଦ୍‌ଗୀତାର ଏକାଦଶ ଅଧ୍ୟାୟ, ଯହିଁରେ

ଭଗବାନଙ୍କର ବିଭୂତି ବର୍ଣ୍ଣିତ ହୋଇଅଛି—The 11th chapter of Bhagabadgitā. [ଉ—ବିଜସୂତ୍ରେ ବିଭୂତିରେ କହିବେ କଥନ ସେ। ଉ୍ଞ. ବୈଦେହୀଶବିଳାସ।]

**ବିଭୂତି ବୋଳିବା**—ଦେ. କ୍ରି—ଶରୀର ଦେହରେ ଭସ୍ମ ବୋଳିବା—To Bibhūti bolibā besmear the body with ashes. বিভূতি মাখা **बिभूति लगाना**

[ବିଭୂତି ଲଗା(ଗେ)ଇବା, ବିଭୂତି ମାଖିବା (ମାଖିହେବା)—ଅନ୍ୟରୂପ]

**ବିଭୂତିଭୂଷଣ**—ସ. ବଣ—) ବହୁବ୍ରୀହି; ବିଭୂତି+ଭୂଷଣ )—ଯାହା Bibhūtibhūshaṇa ଦେହରେ ପାଉଁଶ ବୋଳା ହୋଇଥାଏ—Besmeared with ashes all over the body. ସ. ବି—ମହାଦେବ; ଶିବ—Siba.

**ବିଭୂତି ଲେପନ**—ସ. ବି—(ଷଷ୍ଠୀ ତତ୍, ବିଭୂତି+ଲେପନ)—ପାଉଁଶ Bibhūti lepana ବୋଳିବା—The besmearing of the (ବିଭୂତି ବିଲେପନ—ଅନ୍ୟରୂପ)—body with a coating of ( ବିଭୂତିଲିପ୍ତ, ବିଭୂତି ବିଲେପିତ, ବିଭୂତି ଲେପିତ—ବଣ ) ashes.

**ବିଭୂଷଣ**—ସ. ବି—( ବି+ଭୂଷ୍ ଧାତୁ+ଭାବ. ଅନ )—୧ । ଅଳ-Bibhūshaṇa ଙ୍କରଣ—1. Decorating. ୨ । (+କରଣ (ବିଭୂଷା—ଅନ୍ୟରୂପ) ଅନ)—ଆଭରଣ; ଅଳଙ୍କାର—2. Ornament; jewellery; decorations. ୩ । ଶୋଭା-Beauty; splendour. ଦେ. ବଣ—ମନୋହର; ସୁନ୍ଦର—Beautiful. [ ଉ—ବିଭୂଷା ଗନ୍ଧ କବି-ଉ୍ଞ. ବୈଦେହୀଶବିଳାସ । ] ( ଦ୍ର—ବିଭୂଷଣ ପୁଷ୍ପ ତଳେ ଟୀକା ଦେଖ । )

**ବିଭୂଷଣ କରିବା**—ଦେ. କ୍ରି—ଅଳଙ୍କାରାଦିଦ୍ୱାରା ଭୂଷିତ ବା ସଜ୍ଜିତ କରିବା-Bibhūshaṇa karibā To adorn a person with বিভূষণ করা ornaments; to decorate. [ଉ—ବିଭୂଷଣ **विभूषणा** ପୁଟେ ଯା କାନ୍ତି ଜାଣ, ବିଭୂଷଣ କରି କନ୍ୟାକୁ ଆଣ। ଉ୍ଞ. ବୈଦେହୀଶ ବିଳାସ । ]

(ଦ୍ର—ବିଭୂଷଣ ପୁଷ୍ପ ତଳେ ଟୀକା ଦେଖ । )

**ବିଭୂଷିତ**—ସ. ବଣ. ପୁଂ (ବି+ଭୂଷ୍ ଧାତୁ+ କର୍ମ. ତ)—୧ । ବିଶିଷ୍ଟ-Bibhūshita ରୂପେ ସଜ୍ଜିତ ବା ଅଳଙ୍କୃତ—1. Well adorned; (ବିଭୂଷିତା—ସ୍ତ୍ରୀ) decorated. ୨ । (ସମାସରେ) ଶୋଭିତ—2. Refulgent with; shining with.

**ବିଭୂଷିବା**—ଦେ. (ପଦ୍ୟ) କ୍ରି ( ସ. ବିଭୂଷଣ )—୧ । ବିଶିଷ୍ଟରୂପେ Bibhūshibā ମଣ୍ଡନ କରିବା—1. To well adorn. [ଉ—বিভূষা ବିଭୂଷି କଅପକ୍ଷୀ ମୋହିଜାଲି । ଉ୍ଞ. ବୈଦେହୀଶ **विभूषना** ବିଳାସ ।] ୨ । ବଳପୂର୍ବକ ପ୍ରବିଷ୍ଟ କରାଇବା—2. To thrust; to ram; to push in.

**ବିଭୃତ**—ସ. ବି (ବି+ଭୃ ଧାତୁ=ଧାରଣ କରିବା; ପାଳନ କରିବା+ Bibhruta କର୍ମ. ତ )—୧ । ଧୃତ—1. Held; upheld; sustained. ୨ । ପ୍ରତିପାଳିତ; ପୁଷ୍ଟ—2. Maintained; cherished; supported.

**ବିଭେଦ**—ସ. ବି (ବି+ଭିଦ୍ ଧାତୁ+ଭାବ. ଅ)—୧ । ପ୍ରଭେଦ; Bibheda ପାର୍ଥକ୍ୟ—1. Difference; distinction. ୨ । ବିଭିନ୍ନତା—2. Dissimilarity. ୩ । ବିଦାରଣ—3. Piercing; splitting up. ୪ । ଦ୍ୱିଧାକରଣ—4 Dividing. ୫ । ମିଶ୍ରଣ—5. Mixing up. ଦେ. ବଣ—ମିଶ୍ରିତ—Mixed up with. [ଉ—ଭକ୍ତି ଶ୍ରୀ ପ୍ରେମପଞ୍ଚାମୃତ, ଭକ୍ତିବିଭେଦ ଭାଗବତ । ଭୂପତି. ପ୍ରେମ ପଞ୍ଚାମୃତ । ]

**ବିଭେଦକ**—ସ. ବଣ ପୁଂ ( ବି+ଭିଦ୍ ଧାତୁ+କର୍ତ୍ତୃ. ଅକ )—Bibhedaka ୧ । ପୃଥକ୍‌କାରୀ—1. Dividing; separating. ୨ । ବିଦାରକ—2. Piercing; rending. ( ବିଭେଦୀ—ଅନ୍ୟରୂପ ) ( ବିଭେଦିକା, ବିଭେଦକୀ—ସ୍ତ୍ରୀ )

**ବିଭେଦନ**—ସ. ବି (ବି+ଭିଦ୍ ଧାତୁ+ଭାବ. ଅନ)-୧ । ବିଦାରଣ—Bibhedana 1. Piercing. ୨ । ପୃଥକ୍‌କରଣ—2. Dividing; separating.

**ବିଭୋ**—ସ. (ସମ୍ବୋଧନ)—( ବିଭୁ ଶବ୍ଦର ସମ୍ବୋଧନ )—ହେ ପ୍ରଭୁ ! Bibhho ପ୍ରଭୋ !—Oh Lord ! Oh master !

**ବିଭୋଗ**—ଦେ. ବି—୧ । ସମ୍ଭୋଗ—1. Sexual enjoyment. Bibhoga [ଉ—ବିଭୋଗକାଳ ବିଗ୍ରହ, ବନ୍ଧୁ କଲି ବିଳମ୍ବିଶ୍ରୀ—বিভোগ ଉ୍ଞ. ବୈଦେହୀଶବିଳାସ ।] ୨ । ସୁଖ ଭୋଗ—2. Enjoyment. [ଉ—ବିଭୋଗରେ ରତି ସାର, ବିଦ୍ୟ ସଂସାର ଏ । ଉ୍ଞ. ବୈଦେହୀଶବିଳାସ । ] ୩ । ବିଷୟଭୋଗ—3. Worldly enjoyment. [ଉ—ବିତ୍ତଇ ଫଳ ପୁଷ୍ପ ଯେବେ, ବିଭୋଗ ଅପବର୍ଗ ଦେବ । ଜଗନ୍ନାଥ. ଭାଗବତ । ]

**ବିଭୋଗୀ**—ଦେ. ବଣ—ଉପଭୋଗୀ—Enjoying. [ ଉ—ବିଭୋଗୀ Bibhogi ଏହାର ଯେଉଁ ଦିବ୍ୟପୁରୁଷ, ବିହ୍ୱଳବ ନାହିଁ ପର ମୋହେ ମାନସ । ଉ୍ଞ. ବୈଦେହୀଶବିଳାସ ।]

**ବିଭୋଜନ**—ଦେ. ବି—ଅନାହାର; ଉପବାସ—Fasting. [ ଉ—Bibhojana ବୋଲି ଏତେ ମଜନ; ବିଭୋଜନେ ହୃଦଲେ ସେ ଜନ । ଉ୍ଞ. ବୈଦେହୀଶବିଳାସ ।]

**ବିଭୋର**—ଦେ. ବିଣ(ସ.ବିହ୍ୱଳ)—୧ । ଅତି ଉଜ୍ଜ୍ୱଳ—1. Dazzling; Bibhor brilliant. ୨ । ଆନନ୍ଦରେ ଉନ୍ମତ୍ତ—2. Maddened বিভোর **विभोर** with joy. ୩ । ବିଭୋଳ ( ଦେଖ )—3. Bibhoḻa (See).

**ବିଭୋଳ(ଳା)**—ଦେ. ବଣ ( ସ ବିହ୍ୱଳ )—୧ । ବିହ୍ୱଳ; ବ୍ୟାକୁଳ—Bibhoḻa(ḻā) 1. Perplexed; bewildered. ୨ । ବାଉଳ; বিভোর; বিভোল ଉନ୍ମତ୍ତ—2. Intoxicated; maddened. **घबरायाहुआ** ୩ । ଯେ ଗତକଥା ପାସୋରି ହୁଏ—3. Forgetful. (ଉ—ଏଢେ ସେ ବିଭୋଳ ବାଳକେ, ଦୁଜେ ସେ ମରୁଥିଲେ ଶୋକେ । ପ୍ରାଚୀ. ନର୍ମ୍ମଦାମାହାତ୍ମ୍ୟ । )

**ବିଭୋଳିବା**-ଦେ. କ୍ରି (ସ. ବିହ୍ୱଳ)-୧ । ବିହ୍ୱଳ ହେବା; ବ୍ୟାକୁଳ ହେବା-Bibhoḻibā 1.To be bewildered. ୨ । ଉନ୍ମତ୍ତ ହେବା—বিভোল হওয়া 2. To be maddened. (ଉ—ଶୁଣି ଏହା **घबराना** ଭୂମିଜାଙ୍କ ଆନନ୍ଦେ ବିଭୋଳ ଭାଳନ୍ତି । ଚନ୍ଦ୍ରାମଣି. ବିକ୍ରମାଦିତ୍ୟ ।)

ବିଭୃକ୍ଷା—ସଂ. ବି ( ଭ୍ରସ୍ଜ୍ ଧାତୁ=ପୋଡ଼ିବା+ଇଚ୍ଛାର୍ଥରେ ସନ୍+ଭାବ ଅ; ଆ )—ପୋଡ଼ିଦେବାର ଇଚ୍ଛା—A desire to set fire to or burn.
Bibhraksha

ବିଭୃକ୍ଷୁ—ସଂ. ବିଣ (ବି+ଭ୍ରସ୍ଜ୍ ଧାତୁ+ଇଚ୍ଛାର୍ଥରେ ସନ୍+କର୍ତ୍ତୃ. ଉ)—
Bibhrakshu ୧ । ପୋଡ଼ିଦେବା ପାଇଁ ଇଚ୍ଛୁକ; ଦଗ୍ଧକେଚ୍ଛୁ—1. Wishing to set fire to; wishing to scorch. ୨ । ନଷ୍ଟ କରିବାକୁ ଇଚ୍ଛୁକ—2. Desiring to destroy ସଂ. ବି—ଅଗ୍ନି—Fire.

ବିଭ୍ରକ୍ଷି—ସଂ. ବିଣ ( ଭ୍ରସ୍ଜ୍ ଧାତୁ+ଇଚ୍ଛାର୍ଥରେ ସନ୍+ଇ )—ପୋଡ଼ିଦେବାପାଇଁ ଇଚ୍ଛୁକ—Wishing to burn or scorch.
Bibhrajji

ବିଭ୍ରକ୍ଷିଷ୍ଣୁ—ସଂ. ବି. ପୁଂ ( ବି+ଭ୍ରସ୍ଜ ଧାତୁ=ପୋଡ଼ି ଦେବା+କର୍ତ୍ତୃ ଇଷ୍ଣୁ )—ଅଗ୍ନି; ନିଆଁ—Fire.
Bibhrajjishu

ବିଭ୍ରତ୍—ସଂ. ବିଣ, ପୁଂ ( ବି+ଭୃ ଧାତୁ+କର୍ତ୍ତୃ ଅତ୍ [ଶତୃ] )—୧ । ଧାରଣକାରୀ—1. Holding. ୨ । ପୋଷଣକାରୀ—2. Supporting; maintaining. ୩ । ଯେ ପିନ୍ଧି ଥାଏ; ପରିଧାନକାରୀ—3. Wearing.
Bibhrat
( ବିଭ୍ରାଣ—ଅନ୍ୟରୂପ )
(ବିଭ୍ରତୀ, ବିଭ୍ରାଣା—ସ୍ତ୍ରୀ)

ବିଭ୍ରମ—ସଂ. ବି ( ବି+ଭ୍ରମ୍ ଧାତୁ+ଭାବ ଅ )—୧ । ସ୍ତ୍ରୀମାନଙ୍କର ଶୃଙ୍ଗାରଭାବଜାତ କ୍ରିୟାବିଶେଷ ( ଯଥା—ବିନା-କାରଣରେ ବସିବା ଥାନରୁ ଉଠି ଅନ୍ୟତ୍ର ଚାଲିଯିବା, ନାୟକ ବିଷୟକ କଥାସକ୍ତ ସଖୀମାନଙ୍କ ସହିତ ଆଳାପ, ଉଚ୍ଚ-ହାସ୍ୟ, କୃତ୍ରିମ କ୍ରୋଧପ୍ରକାଶ,ପୁଷ୍ପାଦି ପ୍ରାର୍ଥନା, ସହସା ବସ୍ତ୍ରାଦି ଫିଙ୍ଗିଦେବା )—1. Covert acts of coquetry displayed by an amorous lady, connoting attachment, though not openly indicating it; indirect amorous displays by a lady in love. ୨ । ଲୀଳା—2. Sport; play; lasciviousness. ୩ । ପ୍ରମାଦ; ଭ୍ରମ—3. Blunder; error. ୪ । ବିଳାସ—4. Pastime; enjoyment. ୫ । ଖିଆଲ—5. Whim; caprice. ୬ । ସଂଶୟ—6. Doubt. ୭ । ଘୂର୍ଣ୍ଣନ—7. Whirling about; rotation. ୮ । ପରିଭ୍ରମଣ—8. Wandering about; roving. ୯ । ବିଶୃଙ୍ଖଳତା; ଗୋଳମାଳ—9. Derangement; confusion. ୧୦ । ଜୃମ୍ଭଣ; ହାଇମାରିବା—10. Yawning. ୧୧ । ସାଦୃଶ୍ୟ—11. Likeness; similitude. ୧୨ । ଶୋଭା—12. Beauty; grace. ୧୩ । ସ୍ମୃତି ଶକ୍ତିର ହ୍ରାସ—13. Loss of memory; forgetfulness. ୧୪ । ପ୍ରେମତନ୍ମୟତାଜନିତ ଅନ୍ୟମନସ୍କତା ବା ତ୍ୱରା-ପ୍ରଯୁକ୍ତ ଭୂଷଣାଦିର ଅସ୍ଥାନ ବିନ୍ୟାସ ( ଯଥା—ଅଙ୍ଗରେ ହାର ପିନ୍ଧି ପକାଇବା, ଗୋଡ଼ରେ ବାହୁବନ୍ଧ ପିନ୍ଧିବା, କାନରେ କଙ୍କଣ ଖୋସିବା ଇତ୍ୟାଦି )—14. Hasty misplacement of ornaments or putting on ornaments in wrong places on account of absent-mindedness due to the thoughts about one's sweet-heart, or being in haste to see him or her. ୧୫ । ମାୟାଜନିତ ଚିତ୍ତର ଭ୍ରାନ୍ତ ଅବସ୍ଥା—15. Illusion; delusion. ୧୬ । ବିଷୟାନ୍ତରରେ ମନ ଥିବା ଅବସ୍ଥା—16. Absent-mindedness. ୧୭ । ବୁଦ୍ଧି ଭ୍ରମ; ମସ୍ତିଷ୍କ ବିକୃତି—17. Derangement of the brain. ୧୮ । ମୁଣ୍ଡ ଘୂରିବା—18 Dizziness. ୧୯ । ବିପଦ—19. Danger; calamity.
Bibhrama

ବିଭ୍ରମା—ସଂ. ବି, ସ୍ତ୍ରୀ—( ବିଭ୍ରମ+ଆ )—ବାର୍ଦ୍ଧକ୍ୟ—Old age. ଦେ. ବିଣ—ଉନ୍ମାଦିନୀ—Maddened (woman) (ଉ—ହେଲା ଗଦ୍‌ଗଦ ବାଣୀ ଜନମା, ପୁଣି ହୋଇଲା ଚିତ୍ତବିଭ୍ରମା । ଉଞ୍ଜ. କୋଟିବ୍ରହ୍ମାଣ୍ଡସୁନ୍ଦରୀ ।)
Bibhrama

ବିଭ୍ରମିବା—ଦେ.କ୍ରି (ପଦ୍ୟ) (ସଂ. ବିଭ୍ରମ)—୧ । ଭ୍ରମଯୁକ୍ତ ହେବା—1. To be bewildered. [ଉ—ବିଭ୍ରମିଲା ଚିତ୍ତ ଛାୟା ମଣ୍ଡପକୁ ଗ୍ରହି । ଉଞ୍ଜ. **विभ्रमना** ବୈଦେହୀଶବିଳାସ ।] ୨ । ଇତସ୍ତତଃ ଭ୍ରମଣ କରିବା—2. To wander about. [ ଉ—ବିଭ୍ରମେ ଶବ୍ଦ ଶବ୍ଦ ଅବ୍ଦ ବହିର ଗବ୍ଦ ଶବ୍ଦରେ ଘରକଟ । ଉଞ୍ଜ. ବୈଦେହୀଶବିଳାସ ।]
Bibhramiba

ବିଭ୍ରମୀ—ସଂ. ବିଣ. ପୁଂ ( ବିଭ୍ରମ+ଇନ୍ )—ବିଳାସୀ—Sportive.
Bibhrami (ବିଭ୍ରମିଣୀ—ସ୍ତ୍ରୀ)
[ଉ—ବନେ ଭ୍ରମେ ବିଭ୍ରମୀ ଭ୍ରମର—ମଧୁସୂଦନ, କବିତାବଳୀ ।]

ବିଭ୍ରଷ୍ଟ—ସଂ. ବିଣ. ପୁଂ—( ବି+ଭ୍ରଂଶ ଧାତୁ+କର୍ମ. ତ )—୧ । ଇତସ୍ତତଃ କ୍ଷିପ୍ତ 1. Scattered. ୨ । ସ୍ଥାନ-ପରିଭ୍ରଷ୍ଟ—2. Displaced. ୩ । ବିନଷ୍ଟ—3. Spoiled.
Bibhrashta
(ବିଭ୍ରଷ୍ଟା—ସ୍ତ୍ରୀ)

ବିଭ୍ରାଜ—ସଂ. ବିଣ—(ବି+ଭ୍ରାଜ୍ ଧାତୁ=ଦୀପ୍ତି ପାଇବା+କର୍ତ୍ତୃ. ଅ)—
Bibhraja ୧ । ଉଜ୍ଜ୍ୱଳ; ଦୀପ୍ତିମାନ୍—1. Dazzling; lustrous; brilliant. ୨ । ଶୋଭାଯୁକ୍ତ—2. Beautiful. ସଂ. ବି ଆପଦ୍; ବିପଦ; ସଙ୍କଟ—Danger; calamity.
(ବିଭ୍ରାଜା—ସ୍ତ୍ରୀ) (ବିଭ୍ରାଜିଷ୍ଣୁ—ଅନ୍ୟରୂପ)

ବିଭ୍ରାଜମାନ—ସଂ. ବିଣ. ପୁଂ—(ବି+ଭ୍ରାଜ୍ ଧାତୁ=ଦୀପ୍ତ ପାଇବା+କର୍ତ୍ତୃ. ଅନ)—ଶୋଭମାନ—Shining.
Bibhrajamana
[ଉ—ବିଭ୍ରାଜମାନ ସାଗରରେ ଅଛି । ଉଞ୍ଜ. ବୈଦେହୀଶବିଳାସ ।]
(ବିଭ୍ରାଜମାନା—ସ୍ତ୍ରୀ)

ବିଭ୍ରାଜିତ—ସଂ. ବିଣ-(ବି+ଭ୍ରାଜ୍ ଧାତୁ ଣିଚ୍=ଭ୍ରାଜି ଧାତୁ+କର୍ମ. ତ)-
Bibhrajita ୧ । ଉଜ୍ଜ୍ୱଳୀକୃତ—1. Made splendid or bright; brightened.
[ଉ—ବିଭ୍ରାଜିତ ହୋଇ ଭୁଜ ଦଣ୍ଡରେ । ଉଞ୍ଜ. ବୈଦେହୀଶବିଳାସ ।]
୨ । ଶୋଭିତ—2. Shining; beautiful.
୩ । ଦୀପ୍ତ; ଆଲୋକିତ—3. Illuminated.

**ବିଭ୍ରାଜିବା**—ଦେ. କ୍ରି (ପଦ୍ୟ) (ସ. ବିଭ୍ରାଜ)—ଶୋଭା ପାଇବା—
**Bibhrājibā** বিভাজা **विभ्राजना** To look grand; to shine forth. [ଉ—ବିଭ୍ରାଜନ୍ତି ଉଡ଼ବର୍ତ୍ତୀ ପରି ସୁପଥାଶ୍ରୀ । ଉପେନ୍ଦ୍ର. ବୈଦେହୀଶବିଳାସ ।]

**ବିଭ୍ରାଟ୍**—ସ. ବି—(ବି+ଭ୍ରାଜ୍ ଧାତୁ=ଦୀପ୍ତି ପାଇବା+କର୍ତ୍ତୃ. କ୍ୱିପ୍;
**Bibhrāṭ** ବିଭ୍ରାଜ୍; ୧ମା. ୧ବ.)—ସଙ୍କଟ; ଆପଦ; ବିପଦ—Calamity; danger; adversity. ସ. ବିଣ.—୧ । ଦୀପ୍ତିଶୀଳ—1. Dazzling. ୨ । ସୁନ୍ଦର—2. Elegant. ଦେ. ବି—୧ । ବିପ୍ଳବ; ଗୋଳମାଳ 1. Confusion; muddle; perplexity. ୨ । ଅପବାଦ—2. Scandal. ୩ । ଶତ୍ରୁ ମର୍ଦ୍ଦନ—3. The act of crushing one's foes. [ଉ—ଦୁର୍ବାର ବେଗବେ ହେଲେ ବଳଭ-ବିଭ୍ରାଟେ । ରାଧାନାଥ. ମହାଯାତ୍ରା ।) ଦେ. ବିଣ—(ସ. ଭ୍ରଷ୍ଟ)—୧ । ବିନଷ୍ଟ—1. Spoiled. ୨ । ପ୍ରକ୍ଷିପ୍ତ—2. Scattered about. ୩ । ଗୋଳମାଳିଆ—3. Confused; muddled. ୪ । ଦୁର୍ନୀତିକ—4. Immoral. ୫ । ସାଧାରଣରେ ପ୍ରକଟିତ; ପ୍ରଘଟ—5. Published; made public. ୬ । କୁମାର୍ଗଗତ; କୁକ୍ରିୟାରତ—6. Gone astray; taking to evil ways. ୭ । ଅବ୍ୟବସ୍ଥିତ—7. Mismanaged.

**ବିଭ୍ରାଟ**—ଦେ. ବି—(ସ, ବିଭ୍ରାଟ୍=ଆପଦ) ୧ । ଗୋଳମାଳ—1.
**Bibhrāṭa** Ado; confusion. ୨ । ଅବ୍ୟବସ୍ଥା; ବେବନ୍ଦୋବସ୍ତ
বিভ্রাট 2. Mismanagement; ୩ । କୌଣସି ଗୁପ୍ତ ବିଷୟର
**विभ्राट** ସର୍ବତ୍ର ପ୍ରଚାର—3. Wide publication of a secret. ୪ । ଦୁର୍ନୀତି—4. Immorality.

**ବିଭ୍ରାଟ କରିବା**—ଦେ. କ୍ରି—୧ । ନଷ୍ଟ କରିବା; କୌଣସି ଗୁପ୍ତ ବିଷୟକୁ
**Bibhrāṭa karibā** ସାଧାରଣରେ ପ୍ରଘଟ ବା ପ୍ରଚାର କରିବା—
বিভ্রাট বাধান 1. To make a secret thing public; to
**विभ्राट करना** broadcast a matter. ୨ । ବିଭ୍ରାଟ ଘଟାଇବା (ଦେଖ)—2. Bibhrāṭa ghaṭāibā (See)

**ବିଭ୍ରାଟ ଘଟା(ଟେ)ଇବା**—ଦେ. କ୍ରି—୧ । ଗୋଳମାଳ ଘଟାଇବା—
**Bibhrāṭa ghaṭā(ṭe)ibā** 1. To cause confusion; to
বিভ্রাট বাধান **बखेडा मचाना** muddle up. ୨ । ବିନଷ୍ଟ କରିବା—2. To spoil.

**ବିଭ୍ରାଟିଆ**—ଦେ. ବିଣ (ସ. ବିଭ୍ରାଟ)—୧ । ଗୋଳମାଳିଆ—
**Bibhrāṭiā** 1. Confused; muddled. ୨ । କଳଙ୍କଯୁକ୍ତ—
গোলগালে **बखेडिया** 2. Scandalous. ୩ । ଦୁର୍ନୀତିକ—3. Immoral.

**ବିଭ୍ରାଡ଼ିବା**—ଦେ. (ପଦ୍ୟ) କ୍ରି (ସ. ବିଭ୍ରାଜ୍ ଶବ୍ଦର ୧ମା. ୧ବ.
**Bibhrārḍibā** ବିଭ୍ରାଟ୍)—ବିନାଶ କରିବା—To kill.
বিনাশা **विनाशना** ବାହୁଲେୟ ପ୍ରାୟେ ହେଲ ପ୍ରୀତ ଉପୁରି, ବିଭ୍ରାଡ଼ି ତାରକାସୁର ପ୍ରମୋଦ ଅତି । ଉପେ. ବୈଦେହୀଶବିଳାସ ।)

**ବିଭ୍ରାନ୍ତ**—ସ. ବିଣ—(ବି+ଭ୍ରମ ଧାତୁ+କର୍ତ୍ତୃ. କ୍ତ)—୧ । ବିଶେଷ-
**Bibhrānta** ରୂପେ ଭ୍ରମଯୁକ୍ତ—1. Greatly mistaken.
(ବିଭ୍ରାନ୍ତା—ବି) ୨ । ତ୍ୱରାନ୍ୱିତ—2. Hurried. ୩ । ଚଞ୍ଚଳ-ନ୍ତ; ଚଞ୍ଚଳ—3. Agitated. ୪ । ଭୀତ; ତ୍ରସ୍ତ—4. Alarmed. ୫ । ବିହ୍ୱଳ—5. Bewilderesd.

**ବିଭ୍ରାନ୍ତି**—ସ. ବି—(ବି+ଭ୍ରମ ଧାତୁ+ଭାବ. କ୍ତି)—୧ । ଅତ୍ୟନ୍ତ ଭ୍ରମ
**Bibhrānti** 1. Grave error; mistake. ୨ । ତ୍ୱରାନ୍ୱିତ ଅବସ୍ଥା—2. Precipitation; hurry; flurry.

**ବିମ୍**—ବୈଦେ, ବି (ଇଂ. ବୀମ୍)—୧ । କୋଠାର ବା ଜାହାଜର କଡ଼ି—
**Bim** Beam of a building or ship. ୨ । ଗାଡ଼ିର ବିମ୍—
বিম **बिम** 2. The pole of a carriage.

**ବିମତ୍ସର**—ସ. ବିଣ (ବହୁବ୍ରୀହି; ବି+ମତ୍ସର)—୧ । ମାତ୍ସର୍ଯ୍ୟରହିତ;
**Bimatsara** ଈର୍ଷାଶୂନ୍ୟ—1 Free from jealousy or envy. ୨ । ପ୍ରତିହିଂସାଭାବ ରହିତ-2, Unrevengeful.
(ବିମତ୍ସରୀ—ସ୍ତ୍ରୀ, ବିମତ୍ସରତା—ବି)

**ବିମତ**—ସ. ବିଣ (ବି=ବିରୁଦ୍ଧ, ବିପରୀତ+ମନ୍ ଧାତୁ=ବୋଧ
**Bimata** କରିବା+କର୍ମ, କ୍ତ)—୧ । ଅସମ୍ମତ; ଅମତ—1. Averse; reluctant; disagreeing; disinclined. ୨ ।(+କର୍ମ. କ୍ତ) ଅନନୁମତ—2. Unapproved. ୩ । ବିରୁଦ୍ଧମତ ଯୁକ୍ତ—3. Opposed to. ୪ । ଅଗ୍ରାହ୍ୟ—4 Unacceptable. ୫ । ଅପ୍ରିୟ-5. Disagreeable.
(ବିମତା—ସ୍ତ୍ରୀ) ୬ । ଅଶୁଭସୂଚକ—6. Ominous.

**ବିମତି**—ସ. ବି (ବି+ମନ୍ ଧାତୁ+ଭାବ. କ୍ତି)—୧ । ଅନିଚ୍ଛା—
**Bimati** 1. Reluctance; disinclination. ୨ । ଅସମ୍ମତି—2. Refusal. ସ. ବିଣ—ପାଗଳ—Mad.

**ବିମଥିତ**—ସ. ବି (ବି+ମଥ୍ ଧାତୁ=ମନ୍ଥନ କରିବା+କର୍ମ. କ୍ତ)—
**Bimathita** ୧ । ବିନାଶିତ—1. Destroyed. ୨ । ବିଧ୍ୱସ୍ତ; ଧ୍ୱଂସପ୍ରାପ୍ତ—2. Ruined. ୩ । ବିଦଳିତ—3. Downtrodden; ଉତ୍ତମରୂପେ ମନ୍ଥାଯାଇଥିବା—Thoroughly churned.

**ବିମନ**—ଦେ. ବିଣ (ସ. ବିମନାଃ)—୧ । ବିମନସ୍କ (ଦେଖ)—
**Bimana** 1. Bimanaska (See) ୨ । କ୍ରୁଦ୍ଧ; ବିରକ୍ତ—2. Angry; displeased. ୩ । ଅପ୍ରସନ୍ନ—3. Unfavoarable. ୪ । ଦୁଃଖିତ—4. Sad. ଦେ. ବି—୧ । କ୍ରୋଧ; ବିରକ୍ତି—1. Anger; displeasare. ୨ । ମନୋଦୁଃଖ—2. Sorrow; sadness. ୩ । ବେସୁରା—3. Disasrement.

**ବିମନସ୍କ**—ସ. ବିଣ (ବହୁବ୍ରୀହି; ବି=ବିଚଳିତ+ମନଃ; ଯାହାର+କ)-
**Bimanaska** ବି+ମନସ୍+କ)—୧ । ବିହ୍ୱଳ—1. Per-
(ବିମନାଃ—ଅନ୍ୟରୂପ) plexed; bewildered. ୨ । ଅପ୍ରସନ୍ନ; ବିଶେଷ ଚିନ୍ତାନ୍ୱିତ—2. Very anxious. ୩ । ବିଷଣ୍ଣ; ଦୁଃଖିତ—3. Sad; distressed. ୪ । ବ୍ୟାକୁଳ—4. Mentally agitated. ୫ । ଅନ୍ୟମନସ୍କ—
(ବିମନସ୍କା-ସ୍ତ୍ରୀ; ବିମନସ୍କତା—ବି)5. Inattentive; absent-mineed.

ବିମନାୟମାନ--ସ. ବଣ, ପୁଂ (ବି+ମନଃ+ଆୟ ଧାତୁ ଅର୍ଥରେ ଯ୍ +ଶାନ୍. କର୍ତ୍ତୃ. ଅନ )—୧ । ଦୁର୍ମନାୟମାନ;
Bimanāyamāna
(ବିମନାୟମାନା—ସ୍ତ୍ରୀ) ଉଦ୍ବିଗ୍ନମନାଃ—1. Bewildered. ୨ । ବିଶେଷ ଚିନ୍ତିତ; ଚିନ୍ତାଗ୍ରସ୍ତ—2. Perplexed; distressed. ୩ । ଅନ୍ତମନସ୍କ—3. Having drooping spirits.

ବିମନୀକୃତ—ସ. ବଣ. ପୁଂ (ବିମନସ୍+ଅଭୂତ ତଦ୍ଭାବେ ଚ୍ୱି+କୃତ)—
Bimanikṛuta ଯାହାର ମନ ବର୍ତ୍ତମାନ ଉଦ୍ବିଗ୍ନ ହୋଇଅଛି—
(ବିମନୀକୃତା—ସ୍ତ୍ରୀ) Bewildered by recent events.

ବିମୟ—ସ. ବି (ବି+ମି ଧାତୁ=କ୍ଷେପଣ କରିବା+ଭାବ. ଅ)—୧ ।
Bimaya ବିନିମୟ—1. Exchange. ୨ । ପ୍ରତିଶୋଧ—2. Requital.

ବିମର୍ଦ୍ଦ—ସ. ବି ( ବି+ମୃଦ୍ ଧାତୁ=ଚୂର୍ଣ୍ଣ କରିବା+ଭାବ. ଅ )—
Bimardda ୧ । ପେଷଣ; ଚୂରିବା—1. Crushing or pounding into dust. ୨ । ମନ୍ଥନ—2. Churning. ୩ । ପରିମଳ—3. Sweet smell. ୪ । ସୁଗନ୍ଧ ମଲମ—4. Scented unguent. ୫ । ସମ୍ପର୍କ—5. Relationship; connection. ୬ । ବିନାଶ—6. Destruction; ruin. ୭ । ପ୍ରମାଦ; ସଙ୍କଟ—7. Danger. ୮ । ଘାତନ—8. Murder. ୯ । କାସମର୍ଦ୍ଦ; କାଶୁଣ୍ଡି ଗୁଳ୍ମ-9. A small plant; Cassia Sop hora. ୧୦ । ବାଟିବା—10. Bruising.

ବିମର୍ଦ୍ଦକ—ସ. ବଣ. ପୁଂ (ବି+ମୃଦ୍ ଧାତୁ+କର୍ତ୍ତୃ. ଅକ)--୧ । ଯେ ପେଷଣ
Bimarddaka କରେ—1, Grinding. ୨ । ବିନାଶକ—2. Destroying. ସ. ବି—ଚକମର୍ଦ୍ଦ ବା ଚକୁଣ୍ଡାଗଛ—
(ବିମର୍ଦ୍ଦିକା—ସ୍ତ୍ରୀ) Cassia Tora ( plant ).

ବିମର୍ଦ୍ଦନ—ସ. ବଣ (ବି+ମୃଦ୍ ଧାତୁ+କର୍ତ୍ତୃ. ଅନ )—ବିନାଶକ—
Bimarddana Destroying; crushing. ସ. ବି—ବିମର୍ଦ୍ଦ (ଦେଖ)— imardda (See).

ବିମର୍ଦ୍ଦିତ—ସଂ. ବଣ (ବି+ମୃଦ୍ ଧାତୁ+କର୍ମ. ତ)—୧ । ପିଷ୍ଟ; ପିଷ୍ଟ;
Bimarddita ଦଳିତ—1. Pressed; crushed; trodden; ground. ୨ । ବିଲୋଡ଼ିତ; ମନ୍ଥିତ—2. Churned. ୩ । ଚୂର୍ଣ୍ଣିତ—3. Pounded; pulverised.

ବିମର୍ଦ୍ଦିବା—ଦେ. କ୍ରି (ପଦ୍ୟ) (ସଂ. ବିମର୍ଦ୍ଦନ)—ଦଳନ କରିବା;
Bimarddibā ଦଳିବା—To crush. [ ହି—ବୃଷ ଚଢ଼ି ବିମର୍ଦ୍ଦା **विमरदना** ଚମର୍ଦ୍ଦ ଚୋଳ ଚଢ଼ିର ପଡ଼ୁ । ଉଦ୍ଧ. ବୈଦେହୀଶବିଳାସ ।]

ବିମର୍ଦ୍ଦୋତ୍ଥ—ସ. ବି. ( ବିମର୍ଦ୍ଦ+ଉତ୍+ସ୍ଥା ଧାତୁ+କର୍ତ୍ତୃ. ଅ )—
Bimarddottha ବିମର୍ଦ୍ଦ ବା ଘର୍ଷଣ ଦ୍ୱାରା ଉତ୍ପନ୍ନ ମନୋହର ଗନ୍ଧ—A sweet scent produced by crushing a thing. ସ. ବଣ—ବିମର୍ଦ୍ଦନ ବା ଘର୍ଷଣରୁ ଉତ୍ପନ୍ନ—Produced by crushing.

ବିମର୍ଶ—ସ. ବି ( ବି+ମୃଶ୍ ଧାତୁ=ବିବେଚନା କରିବା+ଭାବ. ଅ )—
Bimarśa ୧ । ବିଶେଷ ବିବେଚନା—1. Careful consideration. ୨ । ବିତର୍କ—2. Reasoning; discussion. ୩ । ତଥ୍ୟାନୁସନ୍ଧାନ—3. Investigation. ୪ । ବିଚାର—4. Judgment. ୫ । ଯୁକ୍ତି ଦ୍ୱାରା ପରୀକ୍ଷାକରଣ—5. Examinatin by discussion. ୬ । ଅସନ୍ତୋଷ—6. Displeasure; dissatisfaction. ୭ । ଅଧୈର୍ଯ୍ୟ—7. Impatience. ୮ । ମନୋଦୁଃଖ—8. Mental misery; sadness; mental agony. ଦେ. ବଣ (ସ. ବିମର୍ଶୀ)—ଦୁଃଖିତ; ବିଷଣ୍ଣ—Sorry; drooped down in spirits; agonised; sad.

ବିମର୍ଶନ—ସ. ବି (ବି+ମୃଶ୍ ଧାତୁ+ଭାବ. ଅନ)—୧ । ବିମର୍ଶ (ଦେଖ)
Bimarśana 1. Bimarśa (See) ୨ । ଅସନ୍ତୋଷ ବା ମନୋଦୁଃଖର ଉତ୍ପାଦନ—2. Causing or creating of grief or discontent

ବିମର୍ଶୀ—ସ. ବଣ. ପୁଂ ( ବିମର୍ଶ+ଇନ୍; ୧ମା. ୧ବ )—
Bimarśi ବିଷଣ୍ଣ; ଅତି ଦୁଃଖିତ—Dejected; sad.
(ବିମର୍ଶିନୀ—ସ୍ତ୍ରୀ)

ବିମର୍ଷ—ସ. ବି (ବି+ମୃଷ୍ ଧାତୁ=ସହିବା+ଭାବ. ଅ)—୧ । ଅସହନ;
Bimarsha ଅକ୍ଷମା—1. Want of forgiveness or forbearance. ୨ । ଅସନ୍ତୋଷ—2. Dissatisfaction. ୩ । ଅଧୈର୍ଯ୍ୟ—3. Impatience. ୪ । ନାଟ୍ୟାଙ୍ଗ—4. A part of a drama. ଦେ. ବଣ (ସ. ବିମର୍ଷୀ)—ଦୁଃଖିତ; ବିଷଣ୍ଣ Sorry; sad; dejected.

ବିମର୍ଷଣ—ସ. ବି. (ବି+ମୃଷ୍ ଧାତୁ+ଭାବ. ଅନ)—୧ । ବିମର୍ଷ (ଦେଖ)
Bimarshaṇa 1. Bimarsha (See) ୨ । ଅସନ୍ତୋଷର ଉତ୍ପାଦନ—2 Causing of discontent.

ବିମର୍ଷକର—ସ. ବଣ. ( ବିମର୍ଷ+କୃ ଧାତୁ+କର୍ତ୍ତୃ. ଅ )—ଅସନ୍ତୋଷ-
Bimashakara ଜନକ—Causing dissatisfaction.
(ବିମର୍ଷକାରକ, ବିମର୍ଷଜନକ—ଅନ୍ୟରୂପ)

ବିମର୍ଷୀ—ସ. ବଣ. ପୁଂ ( ବିମର୍ଷ+ଇନ୍; ୧ମା. ୧ବ )—
Bimarshi ଅତି ଦୁଃଖିତ—Dejected; very sad.
(ବିମର୍ଷିଣୀ—ସ୍ତ୍ରୀ)

ବିମଳ—ସ. ବଣ. (ବହୁବ୍ରୀହି; ବି+ମଳ)—୧ । ନିର୍ମଳ—1. Clean;
Bimaḷa clear. ୨ । ସ୍ୱଚ୍ଛ—2. Transparent. ୩ । ପବିତ୍ର-
(ବିମଳା—ସ୍ତ୍ରୀ) 3. Pure. ୪ । ମନୋହର; ସୁନ୍ଦର—4. Beautiful; graceful; pleasant. ୫ । ଶୁଭ୍ର—5. Bright; white. ୬ । ନିଷ୍କଳଙ୍କ—6. Uncontaminated; stainless; immaculate; spotless. ୭ । ନିଷ୍ପାପ—7. Sinless. ସ. ବି—୧ । ପର୍ବତ ବିଶେଷ—1. Name of a mountain. ୨ । ଜୈନ ମୁନି—2. Jaina sage or anchorite. ୩ । ରୂପା (ହି. ଶ)—3. Silver. ୪ । ସୈନ୍ଧବ ଲବଣ (ହି. ଶ)—4. Rock salt. ୫ । ସଚଳକାଷ୍ଠ (ହି. ଶ)

(ଦେଖ)—5. Padmakāshtha (See) ୬ । ଜୈନ ତୀର୍ଥଙ୍କର ବିଶେଷ (ହି. ଶ)—6. Name of a Jaina saint. [ଦ୍ର—ଏ ଗତ ଉତ୍ସର୍ପିଣୀର ୫ମ ଓ ବର୍ତ୍ତମାନ ଉତ୍ସର୍ପିଣୀର ୧୩ଶ ଅର୍ହତ୍ ବା ତୀର୍ଥଙ୍କର । ହି. ଶ. ] ୭ । ଉପେନ୍ଦ୍ର ସାରସ୍ୱତ ଉପଧାତୁ ବିଶେଷ (ହି. ଶବ୍ଦସାଗର)— 7. Name of a mixed or composite metal.

ବିମଳ ଚନ୍ଦ୍ର—ସ. ବି. ( କର୍ମଧା; ବିମଳ+ଚନ୍ଦ୍ର )—ନିର୍ମଳ ଚନ୍ଦ୍ର—
Bimala chandra Bright moon; clear moon.
(ବିମଳ ଚନ୍ଦ୍ରମା; ବିମଳଚନ୍ଦ୍ର—ଅନ୍ୟରୂପ)

ବିମଳ ଚିତ୍ତ—ସ. ବି. ( କର୍ମଧା; ବିମଳ+ଚିତ୍ତ )—ପବିତ୍ର ମନ—
Bimala chitta Pure mind. ସଂ. ବିଣ. ପୁଂ (ବହୁବ୍ରୀହି)—
(ବିମଳଚିତ୍ତା—ସ୍ତ୍ରୀ) ପବିତ୍ର ହୃଦୟ ବିଶିଷ୍ଟ—Of pure mind.

ବିମଳ ଚେତାଃ—ସଂ. ବିଣ(ବିମଳ+ଚେତସ୍ )—ପବିତ୍ର ହୃଦୟ ଯୁକ୍ତ—
Bimala chetāh Of pure mind.

ବିମଳତା(ତ୍ୱ)—ସ. ବି. [ବିମଳ+ଭାବ. ତା(ତ୍ୱ)]—୧ । ବିମଳ ଭାବ;
Bimalatā(twa) ପବିତ୍ରତା—1. Purity. ୨ । ସ୍ୱଚ୍ଛତା— 2. Clearness; transparency.

ବିମଳ ତୀର୍ଥ—ସ. ବି—ହିନ୍ଦୁମାନଙ୍କର ତୀର୍ଥ ବିଶେଷ—A sacred
Bimala tirtha tank of the Hindus. ( ଉ—ବିମଳ ତୀର୍ଥେ ରୂପା ସୁନା ବର୍ଣ୍ଣ ମାଛ, ଅଛି ଦେଖିଲେ ତାହା ଦୁଃଖ ହୁଏ ପଛ । କୃଷ୍ଣସିଂହ ମହାଭାରତ ବନ ।)

ବିମଳ ଦାନ—ସ. ବି—ନିତ୍ୟ, ନୈମିତ୍ତିକ ଓ କାମ୍ୟ ଦାନର ଅତିରିକ୍ତ
Bimala dāna ଯେଉଁ ଦାନ କେବଳ ଭଗବତ୍ପ୍ରୀତ୍ୟର୍ଥ ଦିଆଯାଏ (ଗରୁଡ଼ ପୁରାଣ; ହି. ଶ)—A gift bestowed solely for pleasing God.

ବିମଳ ମଣି—ସଂ. ବି—ସ୍ଫଟିକ ମଣି—
Bimala mani Crystal gem.

ବିମଳା—ସଂ. ବି. ସ୍ତ୍ରୀ—୧ । ପୁରୀରେ ଜଗନ୍ନାଥଙ୍କ ମନ୍ଦିରର ବେଢ଼ା
Bimalā ମଧ୍ୟରେ ପ୍ରତିଷ୍ଠିତା ଦୁର୍ଗା ଦେବୀ—1. The image of Durgā inside the compound of the Jagannath temple at Puri. [ଦ୍ର—ଏ ବିଷ୍ଣୁମନ୍ଦିରର ବେଢ଼ା ମଧ୍ୟରେ ଥିଲେ ମଧ୍ୟ ଶାରଦୀୟ ଦୁର୍ଗାପୂଜା ସମୟରେ ଏହାଙ୍କ ନିକଟରେ ମତ୍ସ୍ୟ ବଳି ଦିଆଯାଏ । ମାଛ ନରେନ୍ଦ୍ର ପୁଷ୍କରଣୀରୁ ଧରି ହୋଇ ଜଗନ୍ନାଥଙ୍କ ଦେଉଳର ସିଂହଦ୍ୱାର ବାଟେ ବେଢ଼ା ମଧ୍ୟକୁ ଅଣା ନ ଯାଇ ପାଚିରିର ଉପର ବାଟେ ଡିଆଁଇ କରି ଅଣାଯାଏ । ] ୨ । ଚାମରବିଷା; ଚମରୀ ଗାଈର ଲାଙ୍ଗୁଡ଼—2. The tail of the Yak. ୩ । ରୂପାର ଗିଲ୍ଟି—3. Guilding with silver. ୪ । ସପ୍ତଲା; ନିଅଳି (ହି. ଶ)—4. A sort of Jasmine. ୫ । କାଳିକା ପୁରାଣୋକ୍ତ ବାସୁଦେବ-ନାୟିକା ଦେବୀ ବିଶେଷ (ହି. ଶ)—4. Name of a mythological Goddess. ୬ । ସରସ୍ୱତୀ (ହି. ଶ)— 6. The Goddess of learning. ସ. ବିଣ. ସ୍ତ୍ରୀ—ବିମଳର ସ୍ତ୍ରୀଲିଙ୍ଗ—Feminine of Bimala. ଦେ. ବି ସ୍ତ୍ରୀ—ସ୍ତ୍ରୀ ଲୋକଙ୍କୁ ଦିଆଯିବା ନାମ—A name given to females.

ବିମଳା(ଳେ)ଇ—ଗ୍ରା. ବି. ସ୍ତ୍ରୀ—ବିମଳାଠାକୁରାଣୀ ଓ ବିମଳା ନାମ୍ନୀ ସ୍ତ୍ରୀଙ୍କୁ
Bimalā(le)i ଡାକିବା ନାମ—Name by which the
বিমলা Deity Bimalā and females named Bimalā
विमला are called.

ବିମଳାତ୍ମକ—ସ.ବିଣ.ପୁଂ—(ବିମଳ+ଆତ୍ମନ୍+କ, ବହୁବ୍ରୀହି)--ନିର୍ମଳ--
Bimalātmaka Transparent; pure; clean.
(ବିମଳାତ୍ମିକା—ସ୍ତ୍ରୀ)

ବିମଳାତ୍ମା—ସ. ବିଣ—(ବହୁବ୍ରୀହି; ବିମଳ+ଆତ୍ମନ୍; ୧ମା. ୧ବ.)—
Bimalātmā ଶୁଦ୍ଧ ହୃଦୟ—(a man) Of pure heart.
ସ. ବି—ଚନ୍ଦ୍ରମା (ହି.ଶ.)—The moon.

ବିମଳାନନ୍ଦ—ସ. ବି—(କର୍ମଧା; ବିମଳ+ଆନନ୍ଦ)—ପବିତ୍ର ଆନନ୍ଦ;
Bimalānanda ଯେଉଁ ଆନନ୍ଦରେ ଲେଶ ମାତ୍ର ଦୁଃଖ ମିଶି ନ ଥାଏ—Pure joy; unalloyed happiness; unmixed pleasure.

ବିମଳିନ—ଦେ. ( ପ୍ରାଚୀନ ପଦ୍ୟ ) ବିଣ—ଶ୍ୱେତ; ଧଳା—White.
Bimalina [ଉ—ବିମଳିନ ଛତ୍ର ଚାମର ପୁଞ୍ଜ, ବିରାଜିତ ଭ୍ରମଣରେ ସହିତ । ଉପେ. ବୈଦେହୀଶବିଳାସ ।]

ବିମା—ବୈଦେ. ବି—(ଫା. ବିମାହ୍; ଫା. ବିମ୍=ଭୟ)—୧ । ଭବି-
Bimā ଷ୍ୟତରେ କୌଣସି ବିଷୟରେ ଘଟିବା କ୍ଷତି ବା ଆପଦପାଇଁ
বিমা बीमा କ୍ଷତିପୂରଣ ପାଇବା ଲାଗି ଭାବୀ ସହାୟକ ବ୍ୟକ୍ତିଙ୍କ ସଙ୍ଗେ ଆଗରୁ କରାଯିବା ବନ୍ଦୋବସ୍ତ—1. Insurance. [ ଦ୍ର—ମନୁଷ୍ୟର ଜୀବନକୁ ବିମା କରିବା ପାଇଁ ଆଜିକାଲି ବହୁତ କମ୍ପାନୀ ଦେଶବିଦେଶରେ ପ୍ରତିଷ୍ଠିତ ହୋଇ ଅଛି । ଯେଉଁ ବ୍ୟକ୍ତି ନିଜର ଜୀବନକୁ ବିମା କରନ୍ତି ସେ ଉକ୍ତ କମ୍ପାନୀକୁ ବାନ୍ଧିଥିବା ଯାକେ ବାର୍ଷିକ ନିର୍ଦ୍ଧାରିତ ଧନ (ପ୍ରିମିୟମ୍) ଦେଉଥାନ୍ତି; ଓ ସେ ମରିଗଲେ ତାହାଙ୍କ ଉତ୍ତରାଧିକାରୀମାନଙ୍କୁ ଉକ୍ତ କମ୍ପାନୀ ନିର୍ଦ୍ଧାରିତ କ୍ଷତିପୂରଣ ଦିଅନ୍ତି; ଏହିପରି ସ୍ଥଳରେ ଜାହାଜ ବୁଡ଼ି ଯିବା ବିଷୟରେ, ଘର ପୋଡ଼ିଯିବା ବିଷୟରେ, ରେଲରେ ବା ଜାହାଜରେ ଅବୋଝା ପ୍ରଭୃତି ଦୁର୍ଘଟନା ଘଟିବା ବିଷୟରେ ମଧ୍ୟ ବିମା କରି ଯାଉଅଛି ।]
୨ । ଡାକରେ ପଠା ଯିବା ଚିଠି ଆଦି ହଜିଲେ ଡାକଘରୁ ପ୍ରେରକଙ୍କୁ କ୍ଷତିପୂରଣ ମିଳିବା ଚୁକ୍ତିରେ ଚିଠି ଆଦି ଉପରେ ଅଧିକା ମାସୁଲ ଦିଆ ଯିବାରୀତି—2. Postal insurance.

ବିମାଂସ—ସଂ. ବି—ଅପବିତ୍ର ବା ଅଖାଦ୍ୟ ବା ନିଷିଦ୍ଧ ମାଂସ (ହି. ଶ)—
Bimamsa Impure or prohibited or uneatable meat.

ବିମା କ(କୁ, କୋ)ମ୍ପାନୀ—ବୈଦେ. ବି (ଫା. ବିମାହ୍+ଇଂ. କମ୍ପାନୀ)—
Bimā ka(ku, ko)mpani ଯେଉଁ କମ୍ପାନୀ ବା ସଙ୍ଘ ଲୋକଙ୍କର
বিমা কুম্পনী ଜୀବନ ଆଦିର ନାଶ ନିମନ୍ତେ କ୍ଷତି ପୂରଣ କରିବାକୁ
बीमा कुंपनी ଦାୟିତ୍ୱ ଗ୍ରହଣ କରନ୍ତି—Insurance Company.

ବିମା କରିବା—ଦେ. କ୍ରି—୧ । ଜୀବନ ଆଦିକୁ 'ବିମା' ଶବ୍ଦ ଦ୍ୱାରା ଚୁକ୍ତି-
Bimā kariba ବଦ୍ଧ କରିବା—1. To effect an insu-
बिमा करना बीमा करना rance on one's life etc.
(ବିମା ଦେବା—ଅନ୍ୟରୂପ) ୨ । 'ବିମା' ପ୍ରଥା ଅନୁସାରେ ଅଧିକା
ମାସୁଲ ଦେଇ ଚିଠି ପତ୍ର ଆଦି ଡାକରେ ପଠାଇବା—
2 To have any postal article insured.

ବିମା ଚିଠି—ବୈଦେ. ବି—(ଫା. ବୀମାହ୍+ଚିଠି)—ଯେଉଁ ଚିଠି ପାଇଁ
Bimā chithi ଅଧିକା ଡାକମାସୁଲ ଦିଆଯାଇ ତାହାକୁ ନିରାପଦ
बिमा चिठि विमाचिट्ठी କରାଯାଇ ଥାଏ—An insured letter.

ବିମା ଡାକ—ଦେ. ବି—'ବିମା' ପ୍ରଥାଦ୍ୱାରା ଚିଠି ଆଦି ଡାକରେ ପଠା-
Bimā ḍāka ଯିବା—Insured post; post office
बीमा डाक विमाडाँक insurance.

ବିମାତା—ସ. ବି. ସ୍ତ୍ରୀ—(ବିମାତୃ ୧ମା. ୧ବ; ବି=ଭିନ୍ନ+ମାତୃ=ମାତା)
Bimātā ଆପଣାର ମାତାଙ୍କ ସପତ୍ନୀ; ଜନନୀ ଭିନ୍ନ ମା; ସାବତ ମା—
Step-mother.

ବିମାତୃକ—ଦେ. ବିଣ—( ସ. ବିମାତୃକ )—ବୈମାତ୍ରେୟ; ବିମାତାଙ୍କ
Bimātṛuka ଗର୍ଭଜାତ—Born of one's stepmother.

ବିମାତୃଜ—ସ. ବି. ପୁଂ—( ବିମାତୃ+ଜନ୍ ଧାତୁ+କର୍ତ୍ତୃ. ଅ )—
Bimātṛuja ବୈମାତ୍ରେୟ ଭାଇ; ସାବତ ଭାଇ—Step-
(ବିମାତୃଜା—ସ୍ତ୍ରୀ) brother. ବିଣ, ପୁଂ—ବିମାତାଙ୍କଠାରୁ ଜାତ
—Born of one's stepmother.

ବିମାଦାର—ବୈଦେ. ବି—(ଫା. ବିମାହ୍+ଫା. ପ୍ରତ୍ୟୟ ଦାର୍)—୧ ।
Bamādār ଯେଉଁ ବ୍ୟକ୍ତି ଆପଣା ଜୀବନକୁ ବିମା କରିଥାଏ—
बिमादार बीमादार 1. A person who has insured
(ବିମାକାରୀ—ଦେ. ରୂପ) his or her life.

ବିମାନ—ସ. ବି—(ବି+ମନ୍ ଧାତୁ=ବୋଧ କରିବା+କରଣ. ଅ; ବିମା
Bimāna ବି+ମା ଧାତୁ=ପରିମାଣ କରିବା+କରଣ. ଅନ,
ଯହିଁରେ ବସିଲେ ଆକାଶକୁ ଉତ୍ତମରୂପେ ବୋଧ କରି
ଯାଇ ପାରେ ବା ଆକାଶର ପରିମାଣ ସମ୍ବନ୍ଧେ ଜ୍ଞାନ
ଜନ୍ମେ)—୧ । ଦେବ ରଥ; ଦେବତାମାନଙ୍କର ପୁଷ୍ପଶୋଭୁ
ଆକାଶଗାମୀ ରଥ—1. A celestial car, a
chariot of the gods, said to move in the
sky. ୨ । ବ୍ୟୋମଯାନ; ବେଲୁନ୍—2. Balloon;
aeroplane. ୩ । ଯାନ; ରଥ—3. Car;
carriage, ୪ । ସିଂହାସନ—4. Throne ୫ ।
ମଣ୍ଡପ—5. A roofed temple open on all sides;
a canopied shade; pavilion. ୬ । ସାତମହଲା
କୋଠା—6. Seven-storied building. ୭ ।
ଅଶ୍ୱ; ଘୋଡ଼ା—7. Horse. ୮ । ରାଜପ୍ରାସାଦ—
8. Royal palace. ୯ । (ବି+ମାନ) ଅସମ୍ମାନ—
9. Disrespect. ୧୦ । ପରିମାଣ—10. Measure.
୧୧ । ଦେଉଳର ଜାନ୍ଥ ଉପରେ ଥିବା କୋଣ ବା ଉଚ୍ଚ
ସୂକ୍ଷ୍ମ ଛାତ—11. The tapering upper part or
the roof of a temple. ୧୨ । ଶବବାହୀ-
ଯାନ—13. Coffin; a conveyance for con-
veying the dead body to the cremation
or burial ground.
ଦେ. ବି—ଯେଉଁ ମଣ୍ଡପାକୃତି କାଷ୍ଠଯାନରେ ଦେବମୂର୍ତ୍ତି-
ମାନଙ୍କୁ ବସାଇ ସ୍ଥାନାନ୍ତରକୁ ନିଆଯାଏ ବା ଯାଏ—
A canopied sedan in which idols are
placed and carried from place to place.
ଦେ. ବିଣ—ଅତୁଳନୀୟ—Incomparable. ( ଉ—
ବେଶକୁ ଶିଖଣ୍ଡ ବିମାନ, ଚନ୍ଦନ କୁସୁମ ବସନ । ପ୍ରାଚୀ.
ପୂର୍ଣ୍ଣଚନ୍ଦ୍ରୋଦୟ । )

ବିମାନ କାନ୍ଧି(ନ୍ଧୁ)ଆ—ଦେ. ବି ଓ ବିଣ—ଯେଉଁମାନେ କାନ୍ଧରେ ବିମାନକୁ
Bimāna kāndhi(ndhu)ā ବହନ କରି ଦେବପ୍ରତିମାଙ୍କୁ ନେବା
ବିମାନବହୁ } ଅନ୍ୟରୂପ ଆଣିବା କରନ୍ତି—Carriers of
ବିମାନବୁହାଳି sedans containing images
ବିମାନଅପଟ of Deities.
বিমান বাহক विमानबाही

ବିମାନଚାରୀ—ସ. ବିଣ. ପୁଂ ( ବିମାନ+ଚର୍ ଧାତୁ+କର୍ତ୍ତୃ. ଇନ୍; ୧ମା.
Bimānachāri ୧ବ )—ଯେ ବିମାନଦ୍ୱାରା ଆକାଶମାର୍ଗରେ
(ବିମାନଚାରିଣୀ—ସ୍ତ୍ରୀ) ଯିବା ଆସିବା କରେ—Flying in the
sky in balloons or aeroplanes.

ବିମାନନ(ନା)—ସ. ବି ( ବି+ମାନ ଧାତୁ=ପୂଜା କରିବା+ଭାବ ଅନ;
Bimānana(nā) ସ୍ତ୍ରୀ ଅ )—୧ । ଅପମାନ—1. Insult;
disrespect. ୨ । ଭର୍ତ୍ସନା—2. Abuse.

ବିମାନ ବାହକ—ସ. ବି. ପୁଂ—ବିମାନକୁ ଯେ କାନ୍ଧରେ ବା ମସ୍ତକରେ
Bimāna bāhaka ବହନ କରି ନିଅନ୍ତି—Carriers of
(ବିମାନବାହୀ—ଅନ୍ୟରୂପ) sedans.
(ବିମାନବାହିକା, ବିମାନବାହିନୀ—ସ୍ତ୍ରୀ)

ବିମାନାମା—ବୈଦେ. ବି. ( ଫା. ବିମାହ୍+ଫା. ପ୍ରତ୍ୟୟ ନାମେହ୍ )—
Bimānāmā ଯେଉଁ ଦଲିଲରେ ବିମାସମ୍ବନ୍ଧୀୟ ଚୁକ୍ତି ଲେଖାଯାଇ
ବିମାପତ୍ର } ଅନ୍ୟରୂପ ହୋଇଥାଏ—A policy or agree-
ବିମାରସିଦ୍ ment of insurance; a receipt
বিমানামা acknowledging the contract of
बीमानामा insurance.

ବିମାନିତ—ସ. ବିଣ. ପୁଂ ( ବି+ମାନ ଧାତୁ+କର୍ମ ତ )—ଅବମାନିତ
Bimānita (ବିମାନିତା—ସ୍ତ୍ରୀ) Insulted.

ବିମା ନେବା—ଦେ. କ୍ରି—ଅବଶ୍ୟକ ସ୍ଥଳେ ଭରଣାପାଇଁ କୌଣସି ବ୍ୟକ୍ତିକୁ
Bimānebā ଅର୍ଥପୂରଣ ଦେବାର ଚୁକ୍ତି କରି ଅର୍ଥାତ୍ ପ୍ରବନ୍ଧ କରିବା
বিমা লওয়া —To accept a contract of insurance
बिमालेना from an insured person

ବିମା ମାସୁଲ-ବୈଦେ. ବି (ଫା. ଵୀମାହ୍+ମହସୁଲ୍)—୧ । ବିମା କରିବା-
Bima māsul ପାଇଁ ବିମାକାରୀ ବ୍ୟକ୍ତିଙ୍କର ବିମା ନେବା ବ୍ୟକ୍ତିକୁ
বিমামাসুল ଯେଉଁ ଧନ ଦେବାକୁ ପଡ଼େ—1. Life
बीमा मासुल, बीमा कराई insurance premium. ୨ ।
(ବିମା ମାହାସୁଲ୍—ଅନ୍ୟରୂପ) ଚିଠିଆଦି ବିମା କରିବାପାଇଁ ଡାକ-
ମାସୁଲ—2. Fees for postal insurance

ବିମାର୍ଗ—ସଂ. ବି ( ବି=ଅସତ୍+ମାର୍ଗ=ପଥ )—୧ । ଅସଦା-
Bimārga ଚରଣ; ଅସତ୍‌ପଥ—1. Bad conduct; evil ways. ୨ । ଦୁରାଚାର—2. Wickedness. ୩ । କୁପଥ—3. Bad road. ୪ । ନିଷିଦ୍ଧ କର୍ମ—4. Forbidden acts. ୫ । ଅବାଟ—5. A path not used as a road; a wrong way. ୬ । ( ବି+ମୃଜ୍ ଧାତୁ+କରଣ ଅ )—ସମ୍ମାର୍ଜନୀ—6. A broom; a sweeping brush.

ବିମାର୍ଗଗାମୀ—ସଂ. ବିଣ. ପୁଂ ( ବିମାର୍ଗଗାମିନ୍ ୧ମା. ୧ବ )—କୁପଥଗାମୀ
Bimārgagāmi —Treading on evil ways.
(ବିମାର୍ଗଗାମିନୀ—ସ୍ତ୍ରୀ)

ବିମିତ—ସଂ. ବି ( ବି+ମା ଧାତୁ+କର୍ମ ତ )—୧ । ସ୍ତମ୍ଭ ଉପରେ
Bimita ନିର୍ମିତ ଗୃହ—1. A house supported by 4 pillars. ୨ । ବଡ଼ କୋଠରୀ—Big room; hall.
ସଂ. ବିଣ—ପରିମିତ—Measured.

ବିମିଶ୍ର—ସଂ. ବିଣ ( ବି+ମିଶ୍ର ଧାତୁ=ମିଶ୍ରିତ କରିବା+କର୍ମ ଅ )—
Bimiśra ୧ । ମିଶ୍ରିତ—1 Mixed. ୨ । ଗୋଳା
(ବିମିଶ୍ରିତ—ଅନ୍ୟରୂପ) ହୋଇଥିବା—2. Adulterated.

ବିମୁକ୍ତ—ସଂ. ବିଣ ( ବି+ମୁଚ୍ ଧାତୁ+କର୍ମ ତ )—୧ । ପରିତ୍ରାଣ ପ୍ରାପ୍ତ
Bimukta 1. Redeemed; delivered. ୨ । ପୁନର୍ଜନ୍ମ
(ବିମୁକ୍ତି—ବି) ରହିତ—2. Freed from future birth.
(ବିମୁକ୍ତା—ସ୍ତ୍ରୀ) ୩ । କାରାମୁକ୍ତ; ବନ୍ଧନରୁ ମୁକ୍ତ—3. Released from confinement, liberated. ୪ । ପରିତ୍ୟକ୍ତ—4. Abandoned. ୫ । ମୁକୁଳା କରାଯାଇଥିବା—5. Untied; dishevelled; loosened. ୬ । ଫିଙ୍ଗା ଯାଇଥିବା—6. Discharged; ejected.

ବିମୁକ୍ତ ସଙ୍ଗ—ସଂ. ବିଣ. ପୁଂ ( ବହୁବ୍ରୀହି; ବିମୁକ୍ତ+ସଙ୍ଗ )—ସାଂସାରିକ
Bimukta saṅga ବିଷୟ ବାସନାରୁ ମୁକ୍ତିପ୍ରାପ୍ତ; ନିଃସଙ୍ଗ; ନିର୍ଲିପ୍ତ
(ବିମୁକ୍ତସଙ୍ଗା—ସ୍ତ୍ରୀ) —Free from worldly ties.

ବିମୁକ୍ତି—ସଂ. ବି ( ବି+ମୁଚ୍ ଧାତୁ+ଭାବ ତି )—୧ । କାରାମୋଚନ;
Bimukti ବନ୍ଧନମୋଚନ—1. Release from confinement. ୨ । ମୋକ୍ଷ—2. Salvation; beatitude; redemption. ୩ । ଦୁଃଖ ନିବୃତ୍ତି—3. Release from misery; deliverance from misery.

ବିମୁଖ—ସଂ. ବିଣ. ପୁଂ ( ବହୁବ୍ରୀହି; ବି=ବିପରୀତ ଦିଗକୁ+ମୁଖ )—
Bimukha ୧ । ପରାଙ୍ମୁଖ—1. Disinclined; with
(ବିମୁଖୀ—ସ୍ତ୍ରୀ) the face averted or turned back.
[ବିମୁଖତା(ତ୍ୱ)—ବି] ୨ । ନିବୃତ୍ତ; ନିରସ୍ତ—2. Prevented; obstructed. ୩ । ବିରକ୍ତ—3. Averse. ୪ । ଅପ୍ରସନ୍ନ—4. Unpropitious; untoward. ୫ । ମୁଖ ହୀନ—5. Faceless. ୬ । ଉଦାସୀନ—6. Indifferent. ୭ । ବିରୁଦ୍ଧ; ପ୍ରତିକୂଳ—7. Unfavourable; opposed. ୮ । ଅପ୍ରାପ୍ତମନୋରଥ—8. One whose wish has not been fulfilled. ଦେ.ବି—ଅପ୍ରସନ୍ନତା—Unfavourableness. ( ଉ—କାଳ ସହାୟରୁ ହେଉଛୁ ଦୁଃଖ ସୁଖ,କାଳ ଯୋଗ ହେଉଛୁ ସମୁଖ ବିମୁଖ । କୃଷ୍ଣସିଂହ. ମହାଭାରତ ଶାନ୍ତି । ) ଦେ. ବିଣ—୧ ।ଦୁଃଖିତ—1. Sorry sad dejected; desponding. ( ଉ—ଅନେକ ଦିନ ଜଳେ ଯାଇ, ବିମୁଖ ହୋଇ ଲେଉଟିଲ । ଭୂପତି. ପ୍ରେମପଞ୍ଚାମୃତ ।) ୨ । ନିରାଶାଜର୍ଜରିତ—2. Desperate.

ବିମୁଖ କରିବା—ଦେ. କ୍ରି—କୌଣସି ବ୍ୟକ୍ତିକୁ ନିରାଶ କରିବା—
Bimukha karibā To turn out a person without
विमुख करा **विमुख करना** fulfilling his hopes.

ବିମୁଖାଇ—ଦେ. ( ପ୍ରାଚୀନ ପଦ୍ୟ ) ବିଣ. ( ସଂ. ବିମୁଖ )—ବିମୁଖ;
Bimukhāi ଦୁଃଖିତ—Sad; dejected. [ ଉ—ବ୍ରଜପତି
**विमुखाइ** ରାଜା ତା ଶୁଣି ବିମୁଖାଇ, ଦେଖ ପର ବୋଇଲେ ଗଣ ଏବେ ଯାଇ—କୃଷ୍ଣସିଂହ. ମହାଭାରତ ବନ । ]

ବିମୁଗ୍ଧ—ସଂ. ବିଣ. ପୁଂ ( ବି+ମୁହ୍ ଧାତୁ+କର୍ତ୍ତୃ. ତ )—୧ । ମୋହ-
Bimugdha ପ୍ରାପ୍ତ—1. Stupefied. ୨ । ସାଧାରଣ ଜ୍ଞାନ-
( ବିମୁଗ୍ଧା—ସ୍ତ୍ରୀ ) ଶୂନ୍ୟ—2. Confused; bereft of one's natural senses. ୩ । ସମ୍ପୂର୍ଣ୍ଣରୂପେ ମୁଗ୍ଧ; ଅତ୍ୟନ୍ତ ମୋହିତ—3. Fascinated; enamoured. ୪ । ଭ୍ରାନ୍ତ—4. Mistaken; erring.

ବିମୁଗ୍ଧଚେତାଃ—ସଂ. ବିଣ (ବହୁବ୍ରୀହି, ବିମୁଗ୍ଧ+ଚେତସ୍; ୧ମା. ୧ବ)—
Bimugdhachetāḥ ଯାହାର ହୃଦୟ ମୋହଗ୍ରସ୍ତ ହୋଇଯାଇଥାଏ—Enamoured; fascinated.
(ବିମୁଗ୍ଧଚିତ୍ତ, ବିମୁଗ୍ଧହୃଦୟ, ବିମୁଗ୍ଧାନ୍ତଃକରଣ—ଅନ୍ୟରୂପ )

ବିମୁଚ୍ୟମାନ—ସଂ. ବିଣ. ପୁଂ ( ବି+ମୁଚ୍ ଧାତୁ+କର୍ମ. ଅନ )—
Bimuchyamāna ଯାହାକୁ ମୁକ୍ତ କରାଯାଉଅଛି—Being
( ବିମୁଚ୍ୟମାନା—ସ୍ତ୍ରୀ ) released.

ବିମୁଦ୍ର—ସଂ. ବିଣ ( ବହୁବ୍ରୀହି; ବି=ନାହିଁ+ମୁଦ୍ରା=ମୋହର )—
Bimudra ୧ । ବିକଶିତ—1. Expanded; opened. ୨ । ପ୍ରଫୁଲ୍ଲ—2. Smiling. ୩ । ଯହିଁରେ ମୁଦ୍ରା ବା ମୋହର ବା ଚିହ୍ନ ନ ଥାଏ—3. Not sealed; unmarked.

ବିମୂଢ଼—ସଂ. ବିଣ. ପୁଂ ( ବି+ମୁହ୍ ଧାତୁ+କର୍ତ୍ତୃ. ତ )—୧ । ଇତି-
Bimūṛha କର୍ତ୍ତବ୍ୟଜ୍ଞାନଶୂନ୍ୟ—1. Insensible; bewil-
( ବିମୂଢ଼ା—ସ୍ତ୍ରୀ ) dered. ୨ । ହିତାହିତବୋଧରହିତ—
( ବିମୂଢ଼ତା[ତ୍ୱ]—ବି ) 2. Incapable of knowing the good from the bad; stupid. ୩ । ମୂର୍ଖ—3. Illiterate; ignorant. ୪ । ଅଚେତ; ମୋହ-ପ୍ରାପ୍ତ—4. Fainted; senseless.

ବିମୂଢ଼ଗର୍ଭ—ସଂ. ବି—ଯେଉଁ ଗର୍ଭରେ ଶିଶୁ ମୃତ ବା ସଂଜ୍ଞାଶୂନ୍ୟ ହୋଇଥାଏ
Bimūṛhagarbha ଓ ଯହିଁର ପ୍ରସବରେ ବହୁତ କଷ୍ଟ ହୁଏ
( ବୈ. ଶ )—Pregnancy in which there is a dead or senseless child in the womb.

ବିମୂର୍ଦ୍ଧମତି—ସଂ. ବିଣ ( ବହୁବ୍ରୀହି; ବିମୂର୍ଦ୍ଧ+ମତି )—୧ । ଜଡ଼ବୁଦ୍ଧି—
Bimūrdhamati 1. Dunce. ୨ । ଅଜ୍ଞ—2. Ignorant.

ବିମୂର୍ଦ୍ଧସଂଜ୍ଞ—ସଂ. ବିଣ. ପୁଂ ( ବହୁବ୍ରୀହି; ବିମୂର୍ଦ୍ଧ+ସଂଜ୍ଞା )—୧ । Bimūrdhasamjña ଅଜ୍ଞ—1. Ignorant. ୨ । ମୋହଗ୍ରସ୍ତ—2. Confused; infatuated. ୩ । ଅଚେତ—(ବିମୂର୍ଦ୍ଧସଂଜ୍ଞା—ସ୍ତ୍ରୀ) 3. Senseless.

ବିମୂଳ—ସଂ. ବିଣ ( ବି+ମୂଳ )—୧ । ମୂଳରହିତ—1. Rootless.
Bimūla ୨ । ନିର୍ମୂଳ; ଉନ୍ମୂଳିତ—3. Uprooted; eradicated. ୩ । ବିନଷ୍ଟ—3. Destroyed,

ବିମୂଳନ—ସଂ. ବି—୧ । ଉନ୍ମୂଳନ—1. Uprooting. ୨ । ବିନାଶ—
Bimūlana 2. Destruction.

ବିମୃଷ୍ଟ—ସଂ. ବିଣ ( ବି+ମୃଶ୍ ଧାତୁ=ଶୋଧନ କରିବା+କର୍ମ. ତ )—
Bimrushṭa ୧ । ବିବେଚିତ—1. Considered. ୨ । ବିଚାରିତ—2. Judged; discriminated; examined. ୩ । ଆଲୋଚିତ—3. Discussed.

ବିମୃଷ୍ୟ(ଶ୍ୟ)କାରୀ—ସଂ. ବିଣ. ପୁଂ ( ବିମୃଷ୍ୟ=ବିବେଚନା+କୃ
Bimrushya(śya)kāri ଧାତୁ+ଇନ୍; ୧ମା. ୧ବ )—
(ବିମୃଷ୍ୟକାରିଣୀ—ସ୍ତ୍ରୀ) ବିବେଚନାପୂର୍ବକ କାର୍ଯ୍ୟକାରୀ—Acting
(ବିମୃଷ୍ୟକାରିତା—ବି) after due deliberation; discriminating; considerate.

ବିମୃଷ୍ୟ(ଶ୍ୟ)ବାଦୀ—ସଂ. ବିଣ. ପୁଂ ( ବିମୃଷ୍ୟ+ବଦ୍ ଧାତୁ+ଇନ୍;
Bimrushya(śya)bādi ୧ମା. ୧ବ )—ଯେ ସୁବିବେଚନା କରି
( ବିମୃଷ୍ୟବାଦିନୀ—ସ୍ତ୍ରୀ ) କଥା କହେ—Speaking after
(ବିମୃଷ୍ୟବାଦିତା—ବି) mature consideration.

ବିମୋକ୍ଷ—ସଂ. ବି ( ବି+ମୋକ୍ଷ୍ ଧାତୁ=ମୁକ୍ତ ହେବା+ଭାବ. ଅ )—
Bimoksha ୧ । ପରିତ୍ରାଣ; ମୁକ୍ତି—1. Redemption; deliverance; salvation. ୨ । ବନ୍ଧନମୋଚନ—2. Release from confinement. ୩ । ସୂର୍ଯ୍ୟର ବା ଚନ୍ଦ୍ରର ଗ୍ରହଣରୁ ମୋକ୍ଷ—3. The sun's or moon's release from eclipse. ୪ । ବାହାରୁ ଫିଙ୍ଗିବା—4. Throwing.
ବିମୋକ୍ଷଣ, ବିମୋଚନ } ଅନ୍ୟରୂପ

ବିମୋଚନ—ସଂ. ବି ( ବି+ମୋଚନ )—୧ । ବନ୍ଧନରୁ ମୁକ୍ତ କରଣ—
Bimocana 1. Releasing from confinement. ୨ । ଗ୍ରନ୍ଥିମୋଚନ; ଗଣ୍ଠି ଫିଟାଇବା—2. Untying. ୩ । [ ଅଶ୍ରୁ ] ତ୍ୟାଗ କରିବା—3. Shedding ( of tears ). ୪ । (ବାଣ) ଫିଙ୍ଗିବା—4. Discharging (of an arrow ).
ବିମଳ୍ତ, ବିମୋଚିତ, ବିମୋଚନୀୟ, ବିମୋଚ୍ୟ } ବିଣ

ବିମୋଦିତ—ଦେ. ବିଣ—୧ । ସୁବାସିତ—1. Sweet-scented.
Bimodita ୨ । ଅତ୍ୟନ୍ତ ଆନନ୍ଦିତ—2. Very glad. [ଉ—[ ୧-୨ ] ବିମୋଦିତ ଏକାନ୍ତ ବାସ ସୁମନରେ—ଉଞ୍ଜ. ବୈଦେହୀଶବିଳାସ । ]

ବିମୋହ—ସଂ. ବି [ ବି+ମୁହ୍ ଧାତୁ+ଭାବ. ଅ ]—୧ । ଜଡ଼ତା—
Bimoha 1. Idiocy. ୨ । ମୋହ—2. Stupefaction; fascination; infatuation. ୩ । ଭ୍ରମ; ଭ୍ରାନ୍ତି—3. Mistake; error. ୪ । ଅଚେତ ହେବା; ମୂର୍ଚ୍ଛା—4. Swoon; fainting.

ବିମୋହନ—ସଂ. ବି.—(ବି+ମୁହ ଧାତୁ ଣିଚ୍+ଭାବ. ଅନ)—୧ ।
Bimohana ମୁଗ୍ଧ କରିବା; ମୋହ ଜନ୍ମାଇବା; ଭୁଲାଇବା—
(ବିମୋହକ—ବ୍ୟକ୍ତିବାଚକ ବିଶେଷଣ. ପୁଂ) 1. Fascinating; infatuating. ୨ । ଜଡ଼ତା ଉତ୍ପାଦନ—2. Stupefying. ସଂ. ବିଣ. ପୁଂ—(+କର୍ତ୍ତୃ. ଅନ) ୧ । ମୋହଜନକ—Fascinating. [ଉ—ବିମୋହନ କାମିନୀ ବିଳାସ, ଝାଉଁଶ ମନ ମାସ୍ପୃ ଯତ୍ନେ, ଭୁଲାଏ କପଟ ମନ୍ତ୍ରେ । ମଧୁସୂଦନ. ଜୀବନଚିନ୍ତା । ] ୨ । ଜଡ଼ତା ଉତ୍ପାଦକ—2, Stupefying.
( ବିମୋହନା—ସ୍ତ୍ରୀ )

ବିମୋହିତ—ସଂ. ବିଣ. ପୁଂ—( ବି+ମୁହ୍ ଧାତୁ ଣିଚ୍ ମୋହି ଧାତୁ
Bimohita +କର୍ମ. ତ)—୧ । ମୋହପ୍ରାପିତ; ମୁଗ୍ଧ—
(ବିମୋହିତା—ସ୍ତ୍ରୀ) 1. Fascinated; charmed; stupefied. ୨ । ମୂର୍ଚ୍ଛିତ—2. Swooned; fainted. ୩ । ହିତାହିତ ଜ୍ଞାନ ରହିତ—3. Bereft of discrimination. ୪ । ଅଚେତ—4. Senseless.

ବିମୋହିବା—ଦେ. (ପଦ୍ୟ) କ୍ରି—(ସଂ. ବିମୋହନ)—୧ । ବିମୋହିତ
Bimohiba ହେବା—1. To be fascinated. ୨ । বিমোহা विमोहना ବିମୋହିତ କରିବା—2. To fascinate.

ବିମୋହୀ—ସଂ. ବିଣ. ପୁଂ—( ବିମୋହ+ଇନ୍; ୧ମା. ୧ବ )—୧ ।
Bimohi ବିମୁଗ୍ଧକାରୀ—1. Charming; enchanting.
(ବିମୋହିନୀ, ବିମୋହକାରୀ, ବିମୋହକ—ଅନ୍ୟରୂପ) ୨ । ଭ୍ରମରେ ପକାଇବା (ବ୍ୟକ୍ତି)—2. Causing a person to commit errors. ୩ । ଯେ ମୂର୍ଚ୍ଛିତ କରାଏ—3. Causing senselessness. ୪ । କଠୋରହୃଦୟ; ନିଷ୍ଠୁର (ହି. ଶ)—4. Cruel.

ବିମ୍ବ—ସଂ. ବି—(ବୀ ଧାତୁ=ଗମନ କରିବା, ପ୍ରାପ୍ତି ପାଇବା+ବ; ନିପାତନ)
Bimba ୧ । ବୁଦ୍‌ବୁଦ—1. Bubble. ୨ । ଚନ୍ଦ୍ର ବା ସୂର୍ଯ୍ୟର ମଣ୍ଡଳ—2. The disc of the sun or the moon. ୩ । ପ୍ରତିବିମ୍ବ; କୌଣସି ପଦାର୍ଥର ଛାଇଆରେ ପ୍ରତିଫଳିତ ଛାୟା—3. Reflected image. ୪ । ମଣ୍ଡଳାକାର; ଗୋଲାକୃତି (ଯଥା—ନିତମ୍ବ ବିମ୍ବ)—4. Roundness; rotundity. ୫ । ମୂର୍ତ୍ତି—ପ୍ରତିମୂର୍ତ୍ତି—5. Image; likeness. ୬ । କୃକଳାସ; ଏଣ୍ଡୁଅ—6. Chameleon. ୭ । କଇଁଚ କାକୁଡ଼ି ଫଳ—7. The fruit of Memordica Menodelpha creeper. ୮ । ସୂର୍ଯ୍ୟ (ହି. ଶ)—8. The sun. ୯ । ଉଜ୍ଜ୍ୱଳତା; ଦୀପ୍ତି (ହି. ଶ)—9. Lustre. ୧୦ । କମଣ୍ଡଳୁ (ହି. ଶ)—10. A wooden water-pot carried by anchorites.
ଦେ. ବି—୧ । ଦର୍ପଣ—1. Looking glass.

[ ଉ—ବାଳାର, ବିମ୍ବଗଣ୍ଡଚରୁ ଅନାଇ । ଉଞ୍ଜ. ବୈଦେହୀଶବିଳାସ ।] ୨ । ବୃତ୍ତ—2, A circle. [ଉ—ବିମ୍ବ ବେଷ୍ଟନ କୋହଳ ବର୍ଣ୍ଣ ଭାବେ ଚିତ୍ର କାଟଦେଇ। ଉଞ୍ଜ• ବୈଦେହୀଶବିଳାସ ।]

ବିମ୍ବକ—ସ. ବି—(ବିମ୍ବ+ସ୍ୱାର୍ଥେ. କ)—୧ । ଚନ୍ଦ୍ର ବା ସୂର୍ଯ୍ୟର ମଣ୍ଡଳ—
Bimbaka 1. The disc of the sun or of the moon. ୨ । କଇଁଚକାକୁଡ଼ି—2. The memordica fruit. ୩ । ତମ୍ବୀନଦ୍ଧ ପ୍ରାଚୀନ ବାଦ୍ୟ ବିଶେଷ (ହି. ଶ)—3. A kind of ancient drum. ୪ । ଛାଞ୍ଚ ( ହି. ଶ )—4. A mould.

ବିମ୍ବଜା—ସଂ. ବି—(ବିମ୍ବ+ଜନ ଧାତୁ+ଅ+ଆ)—କଇଁଚକାକୁଡ଼ି—
Bimbjā The memordica fruit.

ବିମ୍ବଟ—ସ. ବି—(ବିମ୍ବ+ଅଟ୍ ଧାତୁ=ଚାଲିବା+କର୍ତ୍ତୃ. ଅ)—ସର୍ଷପ;
Bimbaṭa ସୋରିଷ—Mustard seed and plant.

ବିମ୍ବ ଫଳ—ସ. ବି—କଇଁଚ କାକୁଡ଼ି—
Bimba phaḻa The memordica fruit.

ବିମ୍ବ(ମ୍ଭ)ର—ଗ୍ରା. ବି—(ସ. ବିବର)—୧ । ଗହ୍ୱର; ବିବର—1. Hole.
Bimba (mbha)ra [ ଉ—ସୂଚିରକାଳ ଥାଇ ଜଳେ, ନାସାବିମ୍ବର ବାୟୁ ବଳେ । ଜଗନ୍ନାଥ. ଭାଗବତ ।] ୨ । ବଡ଼ ବଡ଼ ମାଛ ଡିମ୍ବ ପାରିବା ପାଇଁ ଜଳାଶୟ ଗର୍ଭରେ କରିଥିବା ଗାତ—2. Holes made by big fishes in the bottom of tanks for laying eggs or roe. ୩ । କୁଅର ତଳରେ ଫୁଟିଥିବା ଜଳୋଦ୍ଗାରକ ଗର୍ତ୍ତ—3. A hole in the bottom of a well through which the subterranean water rushes up.

ବିମ୍ବଳା(ଳୀ)—ଗ୍ରା. ବି• ସ୍ତ୍ରୀ—୧ । ବିମଳାର ଡାକନାମ—1, A name
Bimbaḻā(ḻi) for calling Bimaḻā. ୨ । ପୁରୀର ବିମଳା
( ବିମ୍ବଳେଇ—ଅନ୍ୟରୂପ ) ଠାକୁରାଣୀ—The Goddess
विमला **विमला** Bimaḻā of Puri,

ବିମ୍ବା—ସ. ବି ( ବିମ୍ବ+ଆ )—୧ । କଇଁଚକାକୁଡି ଲତା ଓ ଫଳ—
Bimbā 1. A creeper and its fruit; Memordica
ବିମ୍ବିକା } ଅନ୍ୟରୂପ Menodelpha. ୨ । ଜଳବୁଦ୍ବୁଦ—2.
ବିମ୍ବୀ } Water bubble. ୪ । ଚନ୍ଦ୍ର ବା ସୂର୍ଯ୍ୟର ମଣ୍ଡଳ—3. The disc of the sun or of the. moon. ଦେ. ବି ( ଅନାଦରାର୍ଥକ ) ବିମ୍ବାଧରର ଡାକ ନାମ—A name for calling Bimbādhara.

ବିମ୍ବାକାର—ସ. ବିଣ ( ବହୁବ୍ରୀହି; ବିମ୍ବ+ଆକାର )—ଗୋଲାକାର;
Bimbākāra ବର୍ତ୍ତୁଳ—Circular.

ବିମ୍ବାଗତ—ସ. ବିଣ ( ବିମ୍ବ+ଆଗତ )—ପ୍ରତିବିମ୍ବିତ; ପ୍ରତିଫଳିତ—
Bimbāgata Reflected.

ବିମ୍ବାଧର—ସ. ବିଣ. ପୁଂ ( ବହୁବ୍ରୀହି; ବିମ୍ବ=ପାଚିଲା କଇଁଚକାକୁଡ଼ି
Bimbādhara +ଅଧର )—ପକ୍ୱବିମ୍ବ ପରି ରକ୍ତବର୍ଣ୍ଣ ଓଷ୍ଠବିଶିଷ୍ଟ
(ବିମ୍ବାଧରା—ସ୍ତ୍ରୀ) —Having bright red lips. ଦେ. ବି.
(ବିମ୍ବାଧରୀ—ଦେ. ସ୍ତ୍ରୀ) ପୁଂ—ଲୋକଙ୍କ ନାମ—A name
बिम्बाधर given to males.
[ ଉ—ରଖିଲା ମନ ବିମ୍ବାଧରୀ ଧର ରେ—ସଙ୍ଗୀତ । ]

ବିମ୍ବାଫଳ—ସ. ବି—ବିମ୍ବ; କଇଁଚକାକୁଡ଼ି ଫଳ—
Bimbāphaḻa The fruit of memordica.

ବିମ୍ବିତ—ସ. ବିଣ ( ବିମ୍ବ+ଇତ )—ପ୍ରତିଫଳିତ—
Bimbita Reflected.

ବିମ୍ବି(ମ୍ବ)ସାର—ଦେ. ବି (ନାମ)—ବୌଦ୍ଧନରପତି ବିଶେଷ—Name
Bimbi(mba)sāra of a Buddhist king. [ଦ୍ର—ଏ
बिम्बिसार ଅଜାତଶତ୍ରୁଙ୍କ ପିତା ଓ ଗୌତମ ବୁଦ୍ଧଙ୍କ ସମକାଳୀନ ମଗଧରାଜା ଥିଲେ । ଏ ପ୍ରଥମେ ଶାକ୍ତ ଥିଲେ, ପରେ ବୌଦ୍ଧଧର୍ମରେ
**बिम्बिसार** ଦୀକ୍ଷିତ ହେଲେ—ହି. ଶ । ]

ବିମ୍ବୁ—ସ. ବି ( ବୀ ଧାତୁ=ଗମନ କରିବା; ଦୀପ୍ତି ପାଇବା+କର୍ତ୍ତୃ ରୁ )
Bimbu —ଗୁବାକ; ଗୁଆ; ସୁପାରି—Betelnut.

ବିମ୍ବୋ(ମ୍ବୌ)ଷ୍ଠ—ସ. ବିଣ. ପୁଂ ( ବହୁବ୍ରୀହି; ବିମ୍ବ+ଓଷ୍ଠ )—
Bimbo(mbau)shṭha ବିମ୍ବାଧର (ଦେଖ)—Bimbādhara
[ବିମ୍ବୋ(ମ୍ବୌ)ଷ୍ଠା(ଷ୍ଠୀ)—ସ୍ତ୍ରୀ] ( See )

ବିମ୍ଳାନ—ସ. ବିଣ ( ବି+ମ୍ଳୈ ଧାତୁ+କର୍ତ୍ତୃ. ତ )—୧ । ନିର୍ମଳ—
Bimḻāna 1. Bright. ୨ । ଅମଳିନ—2. Unsoiled;
(ବିମ୍ଳାନା—ସ୍ତ୍ରୀ) unfaded. ୩ । ତାଜା—3. Fresh.

ବିମ୍ସ—ବୈଦେ. ବି (ନାମ)—ସର ଜନ୍ ବିମ୍ସ; ପ୍ରସିଦ୍ଧ ପ୍ରାଚ୍ୟ ଭାଷା ତତ୍ତ୍ୱ-
Bim-s ବିତ୍ ସ୍ୱର୍ଗୀୟ ଇଂରାଜ ପଣ୍ଡିତ—Sir John Beams, the
बिम्स great philologist of Indian languatges.
**बिमस** [ ଦ୍ର—ଏ ଭାରତରେ ସିଭିଲ୍ ସର୍ଭିସ୍‌ରେ ଉଚ୍ଚ ଚାକିରି
(ବିମ୍ସ୍—ଅନ୍ୟରୂପ) କରିଥିଲେ । ଏ କଟକର ଓ ବାଲେଶ୍ୱରର କଲେକ୍ଟର ଓ ପରେ ଓଡ଼ିଶାର କମିଶନର୍ ହୋଇଥିଲେ । ଏହାଙ୍କ ସଙ୍କଳିତ ହିନ୍ଦୀ, ଓଡ଼ିଆ, ବଙ୍ଗଳା ଓ ଗୁଜରାଟୀ ଭାଷାର ତୁଳନାମୂଳକ ବ୍ୟାକରଣ ପ୍ରସିଦ୍ଧ ପ୍ରାମାଣିକ ଗ୍ରନ୍ଥ ଅଟେ । ]

ବିୟଚ୍ଚାରୀ—ସ. ବିଣ. ପୁଂ ( ବିୟଚ୍ଚାରିନ୍ ୧ମା. ୧ବ; ବିୟତ୍+ଚାରିନ୍ )
Biyachchārī —୧ । ଆକାଶଚର—1. Roaming in
(ବିୟଚ୍ଚାରିଣୀ—ସ୍ତ୍ରୀ) the sky. ୨ । ଉଡ଼ୁଥିବା—2. Flying.
ସ• ବି—ଚିଲପକ୍ଷୀ—The kite; Falco Ater.

ବିୟତ୍—ସ. ବି ( ବି=ନୂତନ+ଯମ୍ ଧାତୁ=ବିରତ କରିବା+କର୍ତ୍ତୃ
Biyat କ୍ୱିପ୍ )—ଆକାଶ—The sky.

ବିୟତ୍ପତାକା—ସଂ. ବି ( ୬ଷ୍ଠୀ ତତ୍ )—ବିଦ୍ୟୁତ୍ ( ହି. ଶ )—
Biyat-patākā Lightuing.

ବିୟତ—ଦେ• ବି (ସ• ବିୟତ୍ )—ଆକାଶ—The sky. ( ଉ—
Biyata ବିୟତୁଁ ଖସାଇ ରଥପୁରେ ଯାଇ ଅଶୋକ ବସିଲେ । ଉଞ୍ଜ. ବୈଦେହୀଶବିଳାସ । )

ବିୟତି—ଦେ• ବି ( ସଂ. ବିୟତ୍ ଶବ୍ଦର ୭ମୀ ବିଭକ୍ତି ଏକବଚନରେ
Biyati ଆକାର )—ଆକାଶ—The sky. ( ଉ—ବିୟତିରେ ଜଳଧାର ପ୍ରାୟେ ବସିଲେ । ଉଞ୍ଜ: ବୈଦେହୀଶବିଳାସ ।)

ବିୟଦ୍‌ଗଙ୍ଗା — ସଂ. ବି. ସ୍ତ୍ରୀ (ବିୟତ୍+ଗଙ୍ଗା; ୬ଷ୍ଠୀ ତତ୍) — ସ୍ୱର୍ଗଗଙ୍ଗା; Biyadgañā ମନ୍ଦାକିନୀ — The celestial Ganges (a mythological river).

ବିୟନ୍ମଣି — ସଂ. ବି (ବିୟତ୍ — ଆକାଶ+ମଣି; ୬ଷ୍ଠୀ ତତ୍) — ସୂର୍ଯ୍ୟ — Biyanmaṇi The sun.

ବିଯମ — ସଂ. ବି (ବି+ଯମ୍ ଧାତୁ = ନିବୃତ୍ତି କରିବା+ଭାବ. ଅ) — ୧ । Bijama ସଂଯମ; ଇନ୍ଦ୍ରିୟଦମନ — 1. Self restraint; self-control; controlling one's passions. ୨ । ନିବୃତ୍ତି-2. Cessation; stoppage. ୩ । (+କର୍ମ.ଅ) ଯାତନା — 3. Pain; agony.

ବିଯାତ — ସଂ. ବିଣ, ପୁଂ(ବି = ବିଶେଷ+ଯାତ = ଉତ୍ପନ୍ନ; ଯେ ନିଷିଦ୍ଧ ବିଷୟ ପ୍ରତି ଇଚ୍ଛା କରେ) — ୧ । ଧୃଷ୍ଟ; ପ୍ରଗଳ୍ଭ — 1. Bijāta Audacious; impudent. ୨ । ନିର୍ଲଜ୍ଜ — 2. Shameless. (ବିଯାତା — ସ୍ତ୍ରୀ) ୩ । ଅଶିଷ୍ଟ; ଅଭଦ୍ର — 3. Impolite; rude.

ବିଯୁକ୍ତ(ତ) — ସଂ. ବିଣ (ବି+ଯୁଜ୍ ଧାତୁ+କର୍ମ. ତ) — ୧ । Bijukta(ta) ବିରହିତ — 1. Bereft of; destitute of. ୨ । ବିଚ୍ଛିନ୍ନ — 2. Separated. ୩ । ତ୍ୟକ୍ତ — 3. Left; abandoned. ୪ । ବ୍ୟବକଳିତ; ବିଶ୍ଳିଷ୍ଟ — 4. Subtracted; minus

ବିଯୁକ୍ତ ଚିହ୍ନ — ଦେ. ବି (ଗଣିତ) — '—' ଏହି ଚିହ୍ନ; ଗୋଟିଏ ରାଶିରୁ Bijukta chihna ଅନ୍ୟ ରାଶିକୁ ବିଯୋଗ କରିବାକୁ ହେଲେ विय़ोग चिन्ह ବଡ଼ ରାଶି ପରେ ବସାଯିବା ଚିହ୍ନ — The **वियोग चिन्ह** (ବିଯୋଗ ଚିହ୍ନ — ଅନ୍ୟରୂପ) minus sign.

ବିଯୁକ୍ତ ତଡ଼ିତ୍(ବିଦ୍ୟୁତ୍) — ସଂ. ବି (ଆଧୁନିକ ପ୍ରୟୋଗ) — ବିଦ୍ୟୁତ୍ Bijukta tarḍit (bidyut) ଶକ୍ତିର ଯେଉଁ ଅଂଶରେ ବିପରୀତ [ଯୁକ୍ତ ତଡ଼ିତ୍(ବିଦ୍ୟୁତ୍) — ବିପରୀତ] 'ଯୁକ୍ତ' ଅଂଶ ଅସି ଯୁକ୍ତ ହୁଏ — Negative electricity

ବିଯୋ(ୟୋ)ଗ — ସଂ. ବି (ବି+ଯୁଜ୍ ଧାତୁ+ଭାବ. ଅ) — ୧ । ବିଚ୍ଛେଦ; Bijo(yo)ga ବିରହ — 1. Bereavement; separation; (ବିପରୀତ — ସଂଯୋଗ) disunion. ୨ । ଅଭାବ — 2. Want. ୩ । (ଗଣିତ) ଏକ ରାଶିରୁ ଅନ୍ୟ ରାଶିକୁ ବାଦ୍ ଦେବା; ଫେଡ଼ାଣ — 3. (mathematics) Subtraction. ଦେ. ବି — ୧ । ମୃତ୍ୟୁ — 1. Death. ୨ । ବିନାଶ — 2. बियोग Destruction. [ଉ — ରମଣୀମଣିଙ୍କ ଯୋଗେ ଗୃହୀଁଲେ; **वियोग** ଯୋଗ ବିଯୋଗ ହୋଇବ ଥାଇଲେ । ଉଦ୍ଧ. କୋଟିବ୍ରହ୍ମାଣ୍ଡସୁନ୍ଦରୀ] ଦେ. ବିଣ — ବିରହିତ-Destitute of. [ଉ — ତେଜିଲୁ ଧର୍ମ କାମ ଭୋଗ, ସକଳ ସୁଖେ ମୁଁ ବିଯୋଗ । ଜଗନ୍ନାଥ. ଭାଗବତ ।]

ବିଯୋ(ୟୋ)ଗ କରିବା — ଦେ. କ୍ରି — ୧ । (ଗଣିତ) ଏକ ରାଶିରୁ ଅନ୍ୟ Bijo(yo)ga karibā ରାଶିରୁ ଫେଡ଼ିବା — 1. (math) To बियोग करना subtract. ୨ । (ପ୍ରାଚୀନ ପଦ୍ୟ) ଫୋପାଡ଼ି **बियोग करना** ଦେବା — 2. To throw away; to fling away.

[ଉ — ବଦନମୁଦ୍ରା ରସାଳ, ବିଯୋଗ କଲେ ବିଷଫଳ — ଉଦ୍ଧ. ବୈଦେହୀଶବିଳାସ ।]

ବିଯୋ(ୟୋ)ଗ ଫଳ — ସଂ. ବି — (ଗଣିତ) ଗୋଟିଏ ରାଶିରୁ ଅନ୍ୟରାଶିକୁ Bijo(yo)ga phaḷa ଫେଡ଼ିଲେ ଯାହା ବାକି ରହେ — (math) Remainder of a subtraction.

ବିୟୋଗ ବିଧୁର — ସଂ. ବିଣ. ପୁଂ (୭ମୀ ତତ୍; ବିୟୋଗ+ବିଧୁର) — Biyoga bidhura ପ୍ରିୟଜନଙ୍କ ବିଚ୍ଛେଦ ଯୋଗୁଁ କାତର — [ବିୟୋଗ ବିଧୁରତା — ବି] Much troubled on account of (ବିୟୋଗବିଧୁରା — ସ୍ତ୍ରୀ) bereavement or separation.

ବିୟୋଗ ଶୃଙ୍ଗାର — ସଂ. ବି (ମ. ପ. ଲୋ; ବିୟୋଗାତ୍ମକ ଶୃଙ୍ଗାର) — Biyoga śruṅgāra ଯେଉଁ ଶୃଙ୍ଗାରରସ ନାୟକ ନାୟିକାଙ୍କର (ବିପ୍ରଲମ୍ଭ ଶୃଙ୍ଗାର — ଅନ୍ୟନାମ) ବିଚ୍ଛେଦକୁ ଅବଲମ୍ବନ କରେ — ସଂଯୋଗ ଶୃଙ୍ଗାର } ସଂଭୋଗ ଶୃଙ୍ଗାର } ବିପରୀତ A sentiment in romance depicting the separation between 2 lovers. [ଦ୍ର — ସାହିତ୍ୟରେ ଶୃଙ୍ଗାର ବା ଆଦିରସକୁ ୨ ପ୍ରକାରରେ ବିଭକ୍ତ କରାଯାଇଅଛି । ସଂଯୋଗ ବା ସଂଭୋଗ ଶୃଙ୍ଗାର; ବିଯୋଗ ବା ବିପ୍ରଲମ୍ଭ ଶୃଙ୍ଗାର; ବିପ୍ରଲମ୍ଭ ଶୃଙ୍ଗାରର ୩ଟି ଦଶା; ଯଥା — ପୂର୍ବରାଗ, ମାନ ଓ ପ୍ରବାସ — ଦ୍ର. ଶ । ]

ବିୟୋଗାତ୍ମକ — ସଂ. ବିଣ (ବିୟୋଗ+ଆତ୍ମନ୍+କ) — ଯାହାର ଆତ୍ମା ବା (B)iyogātmaka ପ୍ରକୃତି ବିୟୋଗ ଅଟେ — Negative. (ବିୟୋଗାତ୍ମିକା — ସ୍ତ୍ରୀ) (ବିୟୋଗ ପ୍ରକୃତିକ — ଅନ୍ୟରୂପ)

ବିୟୋଗାନ୍ତ — ସଂ. ବିଣ (ବହୁବ୍ରୀହି) — ଯାହାର ଶେଷରେ ମୃତ୍ୟୁ ବା ବିଚ୍ଛେଦ Biyogānta ଘଟେ ବା ବର୍ଣ୍ଣିତ ହୁଏ — Terminating in (ବିୟୋଗାନ୍ତକ — ଅନ୍ୟରୂପ) death or by the description (ବିପରୀତ — ମିଳନାନ୍ତକ) of death or separation.

ବିୟୋଗାନ୍ତ ନାଟକ — ସଂ. ବି (ଆଧୁନିକ) — ଯେଉଁ ନାଟକର ଶେଷରେ Biyogāntaka nāṭaka ମୃତ୍ୟୁ ବିଷୟ ବର୍ଣ୍ଣିତ ହୋଇଥାଏ — Tragedy.

ବିଯୋ(ୟୋ)ଗିନୀ — ସଂ. ବି. ସ୍ତ୍ରୀ [ବିଯୋ(ୟୋ)ଗିନ୍+ସ୍ତ୍ରୀ. ଈ] — ୧ । Bijo(yo)gini ବିରହିଣୀ ସ୍ତ୍ରୀ — 1. A woman separated from her lover; a forsaken woman. ୨ । ଛନ୍ଦୋବିଶେଷ — 2. Name of a Sanscrit metre. ସଂ. ବିଣ, ସ୍ତ୍ରୀ — ବିୟୋଗୀର ସ୍ତ୍ରୀଲିଙ୍ଗ — Feminine of Biyogi.

ବିଯୋ(ୟୋ)ଗିବା — ଦେ. କ୍ରି — ୧ । ନିଯୁକ୍ତ କରିବା-1. To engage. Bijo(yo)gibā [ଉ — ବିଯୋଗିଲେ ଚନ୍ଦ୍ର ସାମ୍ପମାନ କୁମୁଦିନୀ । ଉଦ୍ଧ. ବୈଦେହୀଶବିଳାସ ।] ୨ । ବିଯୁକ୍ତ କରିବା — 2. To subtract; to separate.

**ବିଯୋ(ୟୋ)ଗୀ**—ସଂ. ବିଣ. ପୁଂ [ବିଯୋଗିନ୍; ୧ମା. ୧ବ; ବିଯୋ- Bijo(yo)gi (ୟୋ)ଗ+ଇନ୍]—୧ । ପୃଥକ୍‌ଭୂତ—1. Destitute; bereft. ୨ । ବିରହୀ; ବିଚ୍ଛେଦ [ବିଯୋ(ୟୋ)ଗିନୀ—ସ୍ତ୍ରୀ] ଯୁକ୍ତ-2. Separated from one's beloved. ୩ । ଯାହାର ସ୍ତ୍ରୀ ମରିଯାଇଅଛି-3. Surviving one's wife. ସଂ. ବି-ଚକ୍ରବାକ ପକ୍ଷୀ—The ruddy drake; Anas Casarca.

**ବିଯୋ(ୟୋ)ଜିତ**—ସଂ. ବିଣ (ବି+ଯୁଜ୍ ଧାତୁ ଣିଚ+କର୍ମ. ତ)—୧ । Bijo(yo)jita ବିଚ୍ଛେଦ ପ୍ରାପିତ—1. Caused to be sepated. ୨ । ବିଶ୍ଳିଷ୍ଟ—2. Disunited. ୩ । ଶୂନ୍ୟୀକୃତ—3. Deserted; vacated. ୪ । ବିରହିତ—4. Destitute;

**ବିର୍**—ବୈଦେ. ବି (ଇଂ. ବିଅର୍)—ସବଧାନରୁ ପ୍ରସ୍ତୁତ ଏକପ୍ରକାର Bir ବିয়র बियर, बीर ବିଲାତି ଅନୁଗ୍ର ସଫେନ୍ ବା ମଦ—Beer.

**ବିର୍ଜା**—ପ୍ରାଦେ. (ସମ୍ବଲପୁର) ବିଣ—ଚିଡ଼ିଲ; ଯେ ସାମାନ୍ୟ କଥାରେ Bir-jā ଚିଡ଼େ—Irascible; irritable.

**ବିର୍ଜି(ଝି)ବା**—ପ୍ରାଦେ. (ସମ୍ବଲପୁର) କ୍ରି. (ସ. ବିରକ୍ତ)—୧ । ବିରକ୍ତ Bir-ji(jhi)ba ହେବା—1. To be displeased. ୨ । বিরক্ত হওয়া रूठना ଚିଡ଼ିବା--2. To fret; to be irritated.

**ବିର୍ଝାଇବା**—ପ୍ରାଦେ. (ସମ୍ବଲପୁର) କ୍ରି—୧ । ଖଟେଇହେବା—Bir-jhāiba 1. To make faces. ୨ । ଖେଙ୍କିବା—To বিরক্ত করা रूठाना snarl. ୩ । ଚିଡ଼ାଇବା—3. To irritate a person.

**ବିର୍ନି**—ପ୍ରାଦେ (ସମ୍ବଲପୁର) ବି—୧ । ଅକ୍ଷିର ଉପର ପତାର ବାଳ—Bir-ni 1. The hair of the upper eyelid. ୨ । (ସ ବୀରଣ) ବେଣା—2. Benā grass.

**ବିର୍ରୁ କୋଲି**—ପ୍ରାଦେ (ବସ୍ତର) ବି (ସ. ବଦ୍ରୀ; ଭୁଲ, ହି. ବୈର୍)—Bir-ru koli ବରକୋଳି—Jujube; Zezyphus Jujuba.

**ବିର(ରି)କତ**—ଗ୍ରା. ବିଣ (ସ. ବିରକ୍ତ)—୧ । ବିରକ୍ତ—1. vexed, Bira(ri)kata bothered. (ଯଥା—ଅଛଇ ତୋର ମାୟା [ବିର(ରି)କତଅ—ଅନ୍ୟରୂପ] ମୋତେ, କେବେହେଁ ବିରକତ বিরক্ত ନୋହେଁ—ଜଗନ୍ନାଥ. ଭାଗବତ ।) ୨ । ବିରକ୍ତିକର—2. Troublesome.

**ବିର(ରି)କତି**—ଗ୍ରା. ବି (ସ. ବିରକ୍ତି)—ବିରକ୍ତି—Bira(ri)kati বিরক্তি Vexation; botheration.

**ବିରକ୍ତ**—ସ. ବିଣ. ପୁଂ (ବି+ରଞ୍ଜ ଧାତୁ+କର୍ତ୍ତୃ. ତ)—୧ । ଅନନୁ-Birakta ରକ୍ତ—1. Unattached. ୨ । ଅସନ୍ତୁଷ୍ଟ—(ଅନୁରକ୍ତ—ବିପରୀତ) 2. Dissatisfied; vexed. ୩ । କ୍ଲିଷ୍ଟ—3. Troubled. ୪ । ବୈରାଗ୍ୟଯୁକ୍ତ; ଉଦାସୀନ—4. Averse to worldly ties; having renounced worldly connections ୫ । ବିରତ 5. Desisted. ୬ । (+କର୍ମ ତ) ପରିତ୍ୟକ୍ତ—6. Forsaken. ୭ । ପ୍ରସକ୍ତ—7. Experienced. [ବିରକ୍ତା—ସ୍ତ୍ରୀ] ଦେ. ବିଣ—୧ । ଚିଡ଼ିଲ, ଚିଡ଼ିଚିଡ଼ା—1. [ବିରକ୍ତତା—ବି] Irritable; surly. ୨ । ବିବ୍ରତ—2. Bothered; annoyed; teased.

**ବିରକ୍ତ କରିବା**—ଦେ. କ୍ରି—୧ । ଚିଡ଼ାଇବା—1. To tease. ୨ । Birakta kariba ମନରେ କଷ୍ଟ ଦେବା—2. To trouble; বিরক্ত করা विरक्त करना to annoy.

**ବିରକ୍ତ(କ୍ତି)ଭାବ**—ସ. ବି—୧ । ସଂସାରଜନଙ୍କ ପ୍ରତି ମନରେ ଦ୍ରୋହଭାବ Birakta(kti)bhāba 1. Misanthropy. ୨ । ସଂସାର ବିରାଗ; ବୈରାଗ୍ୟ—2. Freedom from worldly attachment. ୩ । ଅନନୁରାଗ—3. Want of attachment. ୪ । ଔଦାସ୍ୟ—4. Indifference. ୫ । ଅରୁଚି; ଅନିଚ୍ଛା—5. Disrelish; distaste. ୬ । ପ୍ରତିକୂଳତା—6. Opposition; untowardness. ୭ । ବୈମୁଖ୍ୟ; ବିମୁଖତା—7. Dislike; aversion; disinclination. ୮ । ଅସନ୍ତୋଷ—8. Disgust; annoyance; discontent. ୯ । ଚିଡ଼ିଲ ଅବସ୍ଥା—9. Surliness; irritation.

**ବିରକ୍ତ(କ୍ତି) ଲାଗିବା**—ଦେ. କ୍ରି—ବିରକ୍ତି ବୋଧ ହେବା—Feeling Birakta(kti) lāgiba of annoyance or disgust; বিরক্ত লাগা विरक्त मालुमहोना ennui. [ଯଥା—ଖାଲି ବସିରହିବାଯୋଗୁଁ ମୋତେ ଭାରି ବିରକ୍ତ ଲାଗିଲାଣି ।] ଦେ. କ୍ରି—ବିରକ୍ତି ଜାତକରିବା—To cause annoyance or tedium. (ଯଥା—ଖାଲି ବସିରହିବା ମୋତେ ଭାରି ବିରକ୍ତ ଲାଗେ ।)

**ବିରକ୍ତା**—ସ. ବିଣ. ସ୍ତ୍ରୀ (ବିରକ୍ତ+ସ୍ତ୍ରୀ. ଆ)—୧ । ଦୁର୍ଭଗା (ସ୍ତ୍ରୀ)—Biraktā 1. Unfortunate or forsaken (wife). ୨ । (ଜୀବତ୍‌ସ୍ୱାମିକା ସ୍ତ୍ରୀ ପ୍ରତି ପ୍ରଯୋଜ୍ୟ) ସ୍ୱାମୀପ୍ରତି ଅନନୁକୂଳ (ସ୍ତ୍ରୀ)—2. Displeased with the husband; disgusted (wife).

**ବିରକ୍ତି**—ସଂ. ବି (ବି+ରଞ୍ଜ ଧାତୁ+ଭାବ. ତି)—୧ । ବୈରାଗ୍ୟ—Birakti 1. Aversion to worldly affairs. ୨ । ଉଦାସୀନତା—2. Indifference. ୩ । ଅସନ୍ତୋଷ—3. Dissatisfaction; discontent. ୪ । ମନୋବେଦନା—4. Mental anguish. ୫ । ବିରତି—5. Cessation. ଦେ. ବି—ଘୃଣା—Disgust; hatred.

**ବିରକ୍ତିଆ**—ଦେ. ବିଣ—୧ । ବିରକ୍ତିଜନକ—1. Producing Biraktiā annoyance or disgust; disgusting. বিরক্তিকর ୨ । ଯେ ବିରକ୍ତ କରେ—2. Annoying; teasing. विरक्ति करनेवाला ୩ । ମନର କଷ୍ଟଦାୟକ—3. Troublesome. ୪ । ଚିଡ଼ିଚିଡ଼ିଆ; ଚିଡ଼ିଲ—4. Surly; chafing. ୫ । ମନୋବେଦନା ଯୁକ୍ତ—5. Anguished; troubled.

**ବିରକ୍ତିକର**—ସ. ବିଣ (ବିରକ୍ତି+କୃ ଧାତୁ+କର୍ତ୍ତୃ. ଅ)—ବୈରାଗ୍ୟ Biraktikara ଜନକ—Producing aversion or indif- (ବିରକ୍ତିଜନକ, ବିରକ୍ତିପ୍ରଦ—ଅନ୍ୟରୂପ) ference to the বিরক্তিকর world. ଦେ. ବିଣ—ଯାହା ମାନସିକ କଷ୍ଟ ଦିଏ; [ବିରକ୍ତିକରୀ—ସ୍ତ୍ରୀ] ମନୋବେଦନା ଦାୟକ—Annoying; troublesome; grievous.

ବିରଙ୍ଗ—ସ. ବଣ. [ ବି+ରଙ୍ଗ ]—୧ । ବିବର୍ଣ୍ଣ—1. Pale.
Biranga ୨ । ବହୁବର୍ଣ୍ଣବିଶିଷ୍ଟ; ଚିତ୍ରିତ—2. Multicoloured. ୩ । ମନ୍ଦବର୍ଣ୍ଣବିଶିଷ୍ଟ—3. Bad-coloured.
ବେରଂଗ
बिरंग ସଂ. ବି—କୁକ୍କୁଟ; କୁକୁଡ଼ା—A cock.

ବିରଙ୍ଗା—ପ୍ରାଦେ. (ବାମଣ୍ଡା) ବି—କନ୍ଧମାନେ ଜଙ୍ଗଲ ପୋଡ଼ି ସେଉଁ
Birangā ଜମିରେ ମକା ଆଦି ଫସଲ କରନ୍ତି; ଡଙ୍ଗର ଜମି—Land reclaimed by the Khonds for growing maize etc.

ବିରଚକ—ସ. ବି ଓ ବଣ. ପୁଂ ( ବି+ରଚ୍ ଧାତୁ+କର୍ତ୍ତୃ ଅକ )—
Birachaka ବିରଚୟିତା (ଦେଖ)—Birachayitā (See) (ବିରଚିକା—ସ୍ତ୍ରୀ)

ବିରଚନ(ନା)—ସ.ବି (ବି+ରଚ୍ ଧାତୁ+ଭାବ ଅନ;+ଆ)—୧ । ଗଢ଼ା;
Birachana(nā) ନିର୍ମାଣ—1. Building; construction. ୨ । (ପ୍ରବନ୍ଧ, କବିତା ଆଦିର) ରଚନ; ପ୍ରଣୟନ—2. Composing (of books, poems etc.) ୩ । ଗ୍ରଥନ; ସୁସଂସ୍ଥାପନ—3. Composition; orderly arrangement. ୪ । ଚିତ୍ରଣ—4. Delineation.

ବିରଚନୀୟ—ସ. ବଣ (ବି+ରଚ୍ ଧାତୁ+କର୍ମ. ଅନୀୟ)—୧ । ବିରଚିତ
Birachaniya ହେବା ଯୋଗ୍ୟ—Fit to be composed or constructed. ୨ । ଯାହା ରଚିତ ହେବ—2. About to be composed.

ବିରଚୟିତା—ସ. ବି ଓ ବଣ ପୁଂ (ବି+ରଚ୍ ଧାତୁ+କର୍ତ୍ତୃ, ତୃ; ୧ମା.
Birachayitā ୧ବ)—୧ । ନିର୍ମାତା—1. Builder. ୨ । (ବିରଚୟିତ୍ରୀ—ସ୍ତ୍ରୀ) ପ୍ରଣେତା—2. Composer; author. ୩ । ଚିତ୍ରକର—3. Painter. ୪ । ବର୍ଣ୍ଣନାକାରୀ—4. Describer.

ବିରଚିତ—ସ. ବଣ ( ବି+ରଚ୍ ଧାତୁ+କର୍ମ, ତ )—୧ ।
Birachita ନିର୍ମିତ—1. Built; constructed. ୨ । ରଚିତ; ପ୍ରଣୀତ—2. Composed. ୩ । ଚିତ୍ରିତ—3. Delineated; pictured. ୪ । ଗ୍ରଥିତ—4. Arranged or laid in order. ୫ । ବର୍ଣ୍ଣିତ—5. Described.
ସ. ବି ( +ଭାବ. ତ )—ରଚନା—Composition. (ଉ—ଦିବ୍ୟ ଏ ଜଣ୍ଠ, ଯାକ ହେବ ଅସ୍ତ୍ର, ଦୁର୍ଗ ନାଥର ଏ ବିରଚିତ । କବିସୂର୍ଯ୍ୟ. କଳୋଲଲକ୍ଷ୍ମୀ ଦ. ଗୀତ । )

ବିରଚିବା—ଦେ. (ପଦ୍ୟ) କ୍ରି (ସ. ବିରଚନ)—୧ । ନିର୍ମାଣ କରିବା—
Birachibā 1. To build; to construct. ୨ । କହିବା—
ବିରଚା
विरचना
2. To speak; to utter. (ଉ—ଏପରି ନବଘନ ଶ୍ୟାମ ଶ୍ରୁତି ବିରଚି ଲଭିଁ ବିରାମ । କବିସୂର୍ଯ୍ୟ. ସଙ୍ଗୀତ ।) ୩ । (ପ୍ରବନ୍ଧାଦି) ରଚନା କରିବା—3. To compose. (ଉ—ବାଜ ପଦେ ଏ ଛନ୍ଦ ମନୋହର, ବିରଚେ ଉପେନ୍ଦ୍ର ସାରବର । ଉଞ୍ଜ. ବୈଦେହୀଶବିଳାସ ।) ୪ । ଗ୍ରଥନ କରିବା—4. To arrange in order. ୫ । ବର୍ଣ୍ଣନ କରିବା—5. To describe. ୬ । ଚିତ୍ରଣ କରିବା—6. To draw up; to delineate. ୭ । ସମ୍ପାଦନ କରିବା—7. To do. ( ଉ—ବନ୍ଧନ ବନ୍ଧକ ବିରଚିବାର ମୁଖ୍ୟ ଧନ ! ମୁଁ ପଚାରୁଁର । କବିସୂର୍ଯ୍ୟ. ସଙ୍ଗୀତ । )

ବିରଜ—ସ. ବଣ ( ବି+ରଜସ୍ )—୧ । ନିର୍ମଳ; ସଫା—
Biraja 1. Neat and clean. (ଉ—ବିରଜ ବସ୍ତ୍ର ପରିଧାନ, ସ୍ନିଗ୍ଧ ମୁଖ ଶୋଭିବନ । ଜଗନ୍ନାଥ. ଭାଗବତ ।) ୨ । ଧୂଳି ଶୂନ୍ୟ—2. Free from dust (Apte). ୩ । କ୍ରୋଧାଦି ରିପୁର ଅବଶୀଭୂତ—3. Not swayed by passions (Apte). ୪ । ନିର୍ଦ୍ଦୋଷ—4. Faultless. ୫ । ରଜୋଗୁଣରହିତ—5. Free from Rajoguna.
ସଂ. ବି—୧ । ବିଷ୍ଣୁ—1. Bishnu. ୨ । ଶିବ—2. Śiba.
(ବିରଜା—ସ୍ତ୍ରୀ)

ବିରଜମଣ୍ଡଳ—ସଂ. ବି—ଓଡ଼ିଶାର ଯାଜପୁର ଅଞ୍ଚଳ—A name of
Birajamaṇḍaḷa Jājapura in Orissa. [ଦ୍ର—ଏଠାରେ ଦୁର୍ଗାଙ୍କର ମହାଜୟା ନାମକ ମୂର୍ତ୍ତି ଅଛନ୍ତି—ପ୍ରଭାସଖଣ୍ଡ; ଛ, ଶବ୍ଦସାଗର । ]

ବିରଜସ୍କ—ସ. ବଣ ପୁଂ ( ବି+ରଜସ୍+ଅକ )—୧ । ଧୂଳି ଶୂନ୍ୟ—
Birajaska 1. Free from dust. ୨ । କାମ କ୍ରୋଧାଦିହୀନ—(ବିରଜଃ—ଅନ୍ୟରୂପ) 2. Free from passions.
(ବିରଜସ୍କା—ସ୍ତ୍ରୀ)

ବିରଜସ୍କା—ସ. ବଣ. ସ୍ତ୍ରୀ (ବିରଜସ୍କ+ଆ)—୧ । ବିରଜସ୍କର ସ୍ତ୍ରୀ ଲିଙ୍ଗ—
Birajaskā 1. Feminine of Birajaska. ୨ । ଯେଉଁ ସ୍ତ୍ରୀର ଋତୁସ୍ରାବ ବନ୍ଦ ହୋଇଅଛି—2. (a woman) Whose menstrual discharge has ceased.
ସ. ବି. ସ୍ତ୍ରୀ—ଯେଉଁ ବର୍ଷିୟସୀ ସ୍ତ୍ରୀର ଋତୁସ୍ରାବ ବାହୁଡ଼ ହୋଇଅଛି—A woman of advanced age in whom the menstrual secretion has ceased.

ବିରଜା—ସ. ବି. ସ୍ତ୍ରୀ (ବି+ରଜ୍ ଧାତୁ=ରଞ୍ଜିତ କରିବା+ଅ+ସ୍ତ୍ରୀ.
Birajā ଆ)—୧ । ଦୂବ—1. A species of creeping grass useful as fodder. ୨ । ଯଯାତି ରାଜାଙ୍କ ମାତା ଓ ନହୁଷଙ୍କ ସ୍ତ୍ରୀ—2. The mother of King Jajāti. ୩ । ରାଧାଙ୍କ ସଖୀବିଶେଷ—3. One of the companions of Rādhikā. ୪ । ପୁରୁଷୋତ୍ତମ କ୍ଷେତ୍ରରେ ବିରାଜିତା ବିମଳାଠାକୁରାଣୀ—4. Name of the Goddess Bimaḷā at Puri. ୫ । ଶ୍ରୀକ୍ଷେତ୍ର; ଜଗନ୍ନାଥ କ୍ଷେତ୍ର; ପୁରୁଷୋତ୍ତମ; ପୁରୀ (ମତାନ୍ତରରେ ଯାଜପୁର )—5. The holy place of Puri (in Orissa) or Jajpur. ୬ । ଯାଜପୁରରେ ପୂଜିତ ଦୁର୍ଗାଦେବୀ—6. Name of the image of Durga worshipped at Jajpur. ୭ । ନଦୀବିଶେଷ—7. Name of a river. ୮ । କପିତ୍ଥ ବୃକ୍ଷ—8. The wood apple tree.

**ବିରଜାଃ**—ସଂ. ବି. ସ୍ତ୍ରୀ ( ବହୁବ୍ରୀହି; ବି=ବିଗତ+ରଜସ୍ )—ନିବୃତ୍ତ-
**Birajāḥ** ରଜସ୍କା ସ୍ତ୍ରୀ—A woman who has passed her age of menstruation; a woman of advanced age ( above 50 ). ସଂ. ବିଣ ( ବି =ବିଗତ+ରଜଃ=ରଜୋଗୁଣ; ଧୂଳି )—୧ । ରଜୋ-ଗୁଣ ରହିତ—1. Free from carnal desires or worldly passions. ୨ । ଧୂଳିଶୂନ୍ୟ—2. Free from dust.

**ବିରଜା କ୍ଷେତ୍ର**—ସଂ. ବି—୧ । ଶ୍ରୀ ଜଗନ୍ନାଥ କ୍ଷେତ୍ର—1. The sacred
**Birajā kshetra** town of Puri and its precincts. (ବିରଜାପୀଠ—ଅନ୍ୟରୂପ) ୨ । ( ମତାନ୍ତରରେ ) ଯାଜପୁର ( ଏଠାରେ ବିରଜାନାମ୍ନୀ ଠାକୁରାଣୀ ଥିବାରୁ )—2. Jajpur ( in Orissa ).

**ବିରଜା ଦେଶ**—ଦେ. ବି—ବିରଜାପୀଠ; ଯାଜପୁର—Jajpur ( in
**Birajā deśa** Orissa ). ( ଉ—କେଶବ ନାମ ବହିବ ବିରଜା ଦେଶେତ । ପ୍ରାଚୀ. ଶ୍ରୀ ଗୁରୁଭକ୍ତିଗୀତା । )

**ବିରଜା ମଣ୍ଡଳ**—ସଂ. ବି—୧ । ପୁରାଣମତେ ପୁରୁଷୋତ୍ତମଠାରୁ ଯାଜପୁର
**Birajā maṇḍala** ପର୍ଯ୍ୟନ୍ତ ଅଞ୍ଚଳ—1. (according to the Purāṇas) The tract of country extending from Puri to Jajpur in Orissa. ୨ । ଯାଜପୁର ଅଞ୍ଚଳ—2. The country round Jajpur. ( ଉ—ବିରଜାମଣ୍ଡଳେ ଯେତେ ଶାଉପକ୍ଷୀ । ରାଧାନାଥ. ନନ୍ଦିକେଶ୍ୱରୀ । ) [ଦ୍ର—ପୁରାଣମତେ ଦକ୍ଷଙ୍କର ଯଜ୍ଞ ଭଙ୍ଗ ପରେ ସତୀଙ୍କର ମୃତଦେହର ଅଂଶ ଭାରତର ଭିନ୍ନ ଭିନ୍ନ ସ୍ଥାନରେ ପଡ଼ିବାରୁ ୫୧ ପୀଠ ଓ ୨୬ ଉପପୀଠର ସୃଷ୍ଟି ହୋଇଥିଲା । ସତୀଙ୍କର ନାଭି ଉତ୍କଳରେ ( ପୁରୀ ବା ଯାଜପୁରରେ ) ପଡ଼ିଥିଲା । ପୀଠଗୁଡ଼ିକ ନୋଟ୍ ଦେଖ ]

**ବିରଜୀକୃତ**—ସଂ. ବିଣ ( ବିରଜ+ଅଭୂତ ତଦ୍ଭାବେ ଚ୍ୱି+କୃତ )—
**Birajīkṛuta** ୧ । ରଜୋଗୁଣ ରହିତ—1. Freed from (ବିରଜୀକରଣ—ବି) worldly passions and hankerings ୨ । ନିର୍ଧୂଳିକୃତ—2. Freed from dust; cleansed of dust.

**ବିରଞ୍ଚ**—ସଂ. ବି ( ବି=ବିଧ+ରେଚ୍ ଧାତୁ+କର୍ତ୍ତୃ ଅ; ମ ଆଗମ )—
**Birañcha** ବ୍ରହ୍ମା—Brahmā; the Creator.

**ବିରଞ୍ଚନ(ନା)**—ଗ୍ରା. ବି ( ସଂ. ବିରଚନ )—ବିରଚନ ( ଦେଖ )
**Birañchana(nā)** Birachana ( See )

**ବିରଞ୍ଚି**—ସଂ. ବି ( ବି=ବିବିଧ ଅର୍ଥାତ୍ ବିବିଧ ପ୍ରାଣୀ+ରଚ୍ ଧାତୁ ସୃଷ୍ଟି
**Birañchi** କରିବା+କର୍ତ୍ତୃ. ଇ; ଯେ ପୃଥିବୀର ପ୍ରାଣୀଙ୍କୁ ସୃଷ୍ଟି କରିଅଛନ୍ତି )—ବ୍ରହ୍ମା—Brahmā. ଦେ. ବି—ସୂର୍ଯ୍ୟ —The sun. ( ଉ—ପ୍ରାଚୀଦିଗରେ ବିରଞ୍ଚି ଉଦୟେ, ଛନ୍ଦିବି କାମୀ ସୁଖେ ନିଦ୍ରାଯାଏ । ପ୍ରତାପ. ଶଶିସେଣା । )

**ବିରଞ୍ଚି ନାରାୟଣ**—ସଂ. ବି ( ଦ୍ୱନ୍ଦ୍ୱ )—୧ । ବ୍ରହ୍ମା ଓ ବିଷ୍ଣୁ—
**Birañchi nārāpaṇa** 1. Brahmā and Bishṇu. ବାଲେଶ୍ୱର ଜିଲ୍ଲା ପାଳଅ ଗ୍ରାମରେ ପ୍ରତିଷ୍ଠିତ ଦେବତା—
( ଉ—ମାଗଧ ଅନୁପେ ସୀମାସ୍ତମ୍ଭରୂପେ ଟେକିଛନ୍ତି ଶିର, ଯେ ଦେଶେ ବିରଞ୍ଚିନାରାୟଣଙ୍କର ତୁଙ୍ଗ ମନ୍ଦିର । ରାଧାନାଥ. ଉଷା । ) ଦେ. ବି—ସୂର୍ଯ୍ୟଦେବ—The Sun-god. ପ୍ରାଦେ ( ଗଞ୍ଜାମ ) ବି—କାଷ୍ଠରୂପୀ ସୂର୍ଯ୍ୟ-ମୂର୍ତ୍ତି—Name of an idol reprsenting the Sun-god. [ ଦ୍ର—ଗଞ୍ଜାମର ବୁଗୁଡ଼ା ଗ୍ରାମର ଗୋଟିଏ ମଠରେ ଏ ଦେବତାଙ୍କର ମୂର୍ତ୍ତି ପୂଜିତ ହେଉଅଛନ୍ତି । ଲୋକଙ୍କର ଚକ୍ଷୁ ରୋଗ ହେଲେ ଲୋକେ ଏହାଙ୍କଠାରେ ଭୋଗ ମନାସି କରନ୍ତି । ଶୁକ୍ଳ ଦଶମୀଦିନ ଏହାଙ୍କର ପ୍ରଧାନ ପର୍ବ ଓ ମେଳା ହୁଏ । ]

**ବିରଞ୍ଚିବା**—ଗ୍ରା ( ପଦ୍ୟ ) କ୍ରି ( ସଂ. ବିରଚନ )—ବିରଚିବା; ରଚିବା;
**Birañchiba** ରଚନା କରିବା—To compose; to
ବିରଚା **বরচনা** construct; to compile.

**ବିରତ**—ସଂ. ବିଣ ( ବି+ରମ୍ ଧାତୁ+କର୍ତ୍ତୃ ତ )—୧ । ଶାନ୍ତ; ନିବୃତ୍ତ
**Birata** 1. Stopped; ceased from; desisted. ୨ । ପରାଙ୍ମୁଖ; ବିମୁଖ—2. Averse. ୩ । ଭ୍ରାନ୍ତ—3. Erring; mistaken.

**ବିରତି**—ସଂ. ବି ( ବି+ରମ୍ ଧାତୁ+ଭାବ ତି )—୧ । ନିବୃତ୍ତି; ବିରାମ
**Birati** —1. Cessation; stoppage. ୨ । ଶାନ୍ତି—2. Peace; satiety. ୩ । ବିଶ୍ରାମ—3. Rest; relaxation. ୪ । ଅଭାବ—4. Want. ( ଉ—ସଂବେଶ ଅଶନ ବିରତିରେ । କବିସୂର୍ଯ୍ୟ. କଳୋଶ୍ୱରଶ୍ମ ବ, ଗୀତ । ) ୫ । ବୈରାଗ୍ୟ—5, Aversion; dislike; disgust,

**ବିରତି ବ୍ୟଞ୍ଜକ ପ୍ରତିକ୍ରିୟା**—ସଂ. ବି ( ବିଜ୍ଞାନ ପରିଭାଷା )—ଯେଉଁ
**Birati byañjaka pratikriyā** ପ୍ରତିକ୍ରିୟା ନିବୃତ୍ତିମୂଳକ ଅଟେ—Negative response or reaction.

**ବିରଥ**—ସଂ. ବିଣ. ପୁଂ(ବହୁବ୍ରୀହି; ବି=ବିଗତ+ରଥ)—ରଥଚ୍ୟୁତ—
**Biratha** Deprived of a war-chariot; unseated. (ଉ—ବିରଥ ହୋଇ ସେ ପଡ଼ିଛନ୍ତି ରଣାଙ୍ଗନେ । ମଧୁସୂଦନ. (ବିରଥା—ସ୍ତ୍ରୀ) କର୍ଣ୍ଣବଧ । )

**ବିରଥୀ**—ଦେ. ବିଣ(ସଂ, ବିରଥ)—୧ । ରଥଚ୍ୟୁତ—1. Deprived
**Birathī** of a war-chariot; unseated. [ ଉ—ପାଣ୍ଡବ ସୁତମାନେ ସମସ୍ତେ ମହାରଥୀ, ତେ ତାହାଙ୍କୁ କରିବ ମୋହର ବିରଥୀ । କୃଷ୍ଣସିଂହ ମହାଭାରତ ବନ ।] ୨ । ସାରଥି ହୀନ—2. Deprived of a charioteer. [ ଉ—ମୋହ ଯାଇଣ ସ୍ୱବଶ ହୋଇଲେ ବିରଥୀ, ଦେଖି ମନେ ମନେ ବର୍ଣ୍ଣନ୍ତି ଦାଶରଥୀ । ବିଶ୍ୱନାଥ. ବିଚିତ୍ରରାମାୟଣ । ]

**ବିରବ**—ଦେ (ପ୍ରାଚୀନ ପଦ୍ୟ) ବି—ଗର୍ଜନ—Roaring sound.
**Biraba** [ଉ—ବେତାଳ ରଇରବ ସମସ୍ତେ ରଇରବ ବିରବ ଖଡ୍ଗଫଣୀ ବହୁ । ଉଞ୍ଜ. ବୈଦେହୀଶବିଳାସ ।]

**ବିରମିବା**—ଦେ (ପଦ୍ୟ)କ୍ରି(ସଂ.ବି+ରମ ଧାତୁ )—୧ । ବିରତ ହେବା—
**Birmibā** 1. To stop; to cease; to desist. ୨ । ବିଶ୍ରାମ
ବିରମା **विरमना** କରିବା—2. To rest.

ବିରଳ—ସ. ବିଣ (ବି=ପୃଥକ୍+ର ଧାତୁ=ଦେବା+କର୍ତ୍ତୃ. ଅଲ)—
Birala ୧ । ଅନିବିଡ଼; ଛଡ଼ାଛଡ଼ା; ଫାଙ୍କଫାଙ୍କିଆ—1. Thin; loose; sparse. ୨ । ଶିଥିଳ; ଢିଲା—2. Slack; relaxed. ୩ । ବ୍ୟବହିତ—3. Interposed. ୪ । ଅଳ୍ପ—4. Few; small; little. ୫ । ନିର୍ଜନ—5. Lonely; secluded. ସ. ବି—୧ । ନିର୍ଜନ ସ୍ଥାନ—1. A secluded place. ୨ । ଦଧି—2. Curd. ଦେ. ବିଣ—୧ । ସୁନ୍ଦର—1. Beautiful. [ ଉ—ବିରଳ ଅଙ୍ଗୁଳ ନଷ୍ଟେ ଚମ୍ପାକଳୀ ଶିରୀଷ କୋମଳ ଦେହ । ଉପେ. ବୈଦେହୀଶବିଳାସ । ] ୨ । ସ୍ପଷ୍ଟ—2. Distinct. [ ଉ—ବିରଳ ଗନ୍ଧର୍ବଗଣେ ଗାଆନ୍ତି ସାର ସ୍ୱର । ଉପେ. ବୈଦେହୀଶ ବିଳାସ । ]

ବିରଳଜାନୁକ—ସ. ବିଣ (ବହୁବ୍ରୀହି; ବିରଳ+ଜାନୁ, କ ଆଗମ)—
Biralajānuka ୧ । ଲମ୍ବାଜାନୁବିଶିଷ୍ଟ-1. Having long knees. ୨ । ବକ୍ରଜାନୁବିଶିଷ୍ଟ (ପ୍ରକୃତି ବାଦ)—2. Having crooked knees.
(ବିରଳଜାନୁକା—ସ୍ତ୍ରୀ)

ବିରସ—ସ. ବିଣ (ବହୁବ୍ରୀହି; ବି=ନାହିଁ+ରସ)—୧ । ରସବର୍ଜିତ; ନୀରସ—1. Sapless; juiceless. ୨ । ଶୁଷ୍କ—2. Dry. ୩ । ରସିକତାଶୂନ୍ୟ; ଅରସିକ—3. Devoid of wit or humour. ୪ । ବିରକ୍ତିଜନକ—4 Disgusting. ୫ । ଅପ୍ରୀତିକର—5. Unplaasant. ୬ । ବିସ୍ୱାଦୁ—6. Tasteless; vapid; insipid; ill-flavoured. ୭ । ବିଷଣ୍ଣ—7. Dejected. ସ. ବି—୧ । ଅଶ୍ରଦ୍ଧା—1. Distrust; disregard; dislike. ୨ । ଅଭକ୍ତି—2. Disaffection. ୩ । ବିଷାଦ—3. Dejection; sadness. ଦେ. ବିଣ—୧ । ହର୍ଷଶୂନ୍ୟ—1. Devoid of joy. ୨ । ହାସ୍ୟଶୂନ୍ୟ—2. Devoid of laugh or smile.
Birasa
(ବିପରୀତ—ସରସ)
(ବିରସତା—ବି)
বিরস
**उदास, विरस**

ବିରସ କଥା—ଦେ. ବି—୧ । ବିଷାଦସୂଚକ ବାକ୍ୟ—1. Sad words. ୨ । ହର୍ଷ ବା ପ୍ରଫୁଲ୍ଲତାଶୂନ୍ୟ ବଚନ—2. Words uttered without gladness.
Birasa kathā
(ବିରସ ବଚନ—ଅନ୍ୟରୂପ)
বিরস কথা **विरस बात**

ବିରସ କରିବା—ଦେ. କ୍ରି—(ମୁହଁକୁ) ଶୁଖାଇବା ବା ହର୍ଷଶୂନ୍ୟ କରିବା—To have a sad face.
Birasa karibā বিরসকরা **विरस करना**

ବିରସ ମୁଖ—ସ. ବିଣ, ପୁଂ ( ବହୁବ୍ରୀହି; ବିରସ+ମୁଖ )—ଯାହାର ମୁହଁ ବିଷଣ୍ଣ ବା ଶୁଖିଲା ଦେଖାଯାଏ—Having a dejected countenance. ସ. ବି (କର୍ମଧା)—ବିଷଣ୍ଣ ବଦନ; ଶୁଖିଲା ମୁହଁ—Sad face; dejected countenance
Birasa mukha
(ବିରସବଦନ—ଅନ୍ୟରୂପ)
ବିରସମୁଖୀ } ସ୍ତ୍ରୀ
ବିରସବଦନା }
(ବିରସବଦନୀ—ଦେ. ସ୍ତ୍ରୀ)

ବିରସ ମୁହାଁ(ହାଁ)—ଦେ. ବିଣ—ବିରସ ମୁଖ—(ଦେଖ)
Birasa mukhā(hān̐) Birasa mukha (See)
( ବିରସମୁହାଁ—ଅନ୍ୟରୂପ ) [ ବିରସମୁହାଁ—ସ୍ତ୍ରୀ ]
বিরস মুখো **विरसमुहाँ; कननमुहाँ;**

ବିରସିତ(ତା)—ଦେ. ବିଣ. ପୁଂ (ସ. ବିରସ)—ବିଷାଦିତ; ଦୁଃଖିତ—
Birasita(tā) Sad (ଉ—ଘାଟରେ ଅନୁଜ ଭେଟ, ମତି ବିରସ ବିରସିତା—ଉପେ. ବୈଦେହୀଶବିଳାସ । )

ବିରହ—ସ. ବି ( ବି+ରହ୍ ଧାତୁ=ତ୍ୟାଗ କରିବା+ଭାବ. ଅ)—
Biraha ୧ । ବିଚ୍ଛେଦ—1. Separation. ୨ । ବିୟୋଗ—2. Bereavement. ୩ । ପ୍ରେମିକ ପ୍ରେମିକାଙ୍କ ପରସ୍ପରଠାରୁ ଅନ୍ତରରେ ରହିବା ବା ଅନୁପସ୍ଥିତି—3. Separation between lovers. ୪ । ତ୍ୟାଗ—4. Relinquishment; abandonment. ୫ । ଅଭାବ—5. Want. ୬ । ଶୃଙ୍ଗାର ରସରେ ବିରହୀ ବ୍ୟକ୍ତିର ଅବସ୍ଥା ବିଶେଷ—6. The state of mind and body of a separated lover during the progress of love. ୭ । ନ ଘଟିବା ଅବସ୍ଥା—7. Case of a thing not happening or coming to pass. [ଉ—ଘଟନା ବିରହରେ, ଅବଶ୍ୟ ତ ଜନ୍ମରେ, ତୋ ପେଲ ଆତ୍ମସାକ୍ଷୀ ହୋଇଲୁରେ । କବିସୂର୍ଯ୍ୟ. କଳୋପୋଳଣ୍ଡ ଗୀତ । ]

ବିରହ କାତର—ସ.ବିଣ.ପୁଂ—(୭ମୀ, ୫ମୀ ବା ୩ୟା ତତ୍)—ପ୍ରିୟଜନ ବିଚ୍ଛେଦରେ ଅତି ଦୁଃଖିତ—Grieved on account of living saparated from one's sweet heart.
Biraha kātara
(ବିରହବିଧୁର—ଅନ୍ୟରୂପ)
(ବିରହ କାତରା,ବିରହବିଧୁରା—ସ୍ତ୍ରୀ)

ବିରହ ଜ୍ୱାଳା—ସ. ବି—ପ୍ରିୟଜନ ବିଚ୍ଛେଦ ଜନିତ କଷ୍ଟ—Pangs or torment due to separation from a lover; pangs of separation.
Biraha jwālā
ବିରହଦୁଃଖ, ବିରହବେଦନା, ବିରହବ୍ୟଥା, ବିରହ ଯନ୍ତ୍ରଣା, ବିରହ ଯାତନା } (ବିରହଜାଳା—ଦେ. ରୂପ) —ଅନ୍ୟରୂପ

ବିରହ ଦଶା—ସ. ବି—ବିଚ୍ଛେଦ ଘଟିବା ଯୋଗୁଁ ପ୍ରେମିକ ପ୍ରେମିକାଙ୍କଠାରେ ଲକ୍ଷିତ କ୍ରମିକ ବିଭିନ୍ନ ଅବସ୍ଥା—The different stages which separated lovers pass successively through. [ଦ୍ର—ଏହା ଦଶବିଧ—ଅଭିଲାଷ, ଚିନ୍ତା; ସ୍ମୃତି, ଗୁଣ କଥନ, ଉଦ୍ବେଗ, ସମ୍ପ୍ରଲାପ, ଉନ୍ମାଦ, ବ୍ୟାଧି, ଜଡ଼ତା ଓ ଶେଷକୁ ମୃତ୍ୟୁ । ]
Biraha daśā

ବିରହାଗ୍ନି—ସ. ବି—(ରୂପକ କର୍ମଧା, ବିରହ+ଅଗ୍ନି)—ବିଚ୍ଛେଦରୂପ ଅଗ୍ନି; ଅଗ୍ନିବତ୍ ଶରୀରକୁ ପୀଡ଼ା ଦେଉଥିବା ବିରହଦୁଃଖ—Torment due to separation from one's beloved (compared to the pangs of burning).
Birahāgni
(ବିରହାନଳ—ଅନ୍ୟରୂପ)

ବିରହିତ—ସ. ବିଣ—(ବିରହ୍+ଇତ)—୧ । ବର୍ଜିତ; ରହିତ—1. Bereft. ୨ । ବିଚ୍ଛେଦପ୍ରାପ୍ତ—2. Separated; left alone. ୩ । ପରିତ୍ୟକ୍ତ—3. Forsaken; deserted; relinquished.
Birahita

**ବିରହୀ**—ସ. ବିଣ. ପୁଂ—(ବିରହ+ଇନ୍; ୧ମା. ୧ବ)—ପ୍ରିୟଜନଠାରୁ
Birahī ବିଚ୍ଛେଦଯୁକ୍ତ—Separated from one's beloved.
(ବିରହିଣୀ—ସ୍ତ୍ରୀ)

**ବିରହୋତ୍କଣ୍ଠା**—ସ. ବି—(୬ମୀ ତତ୍; ବିରହ+ଉତ୍କଣ୍ଠା)—ପ୍ରିୟଜନ
Birahotkaṇṭhā ବିରହଜନିତ ବ୍ୟାକୁଳତା—Anxiety or
(ବିରହୋତ୍କଣ୍ଠିତ—ବିଣ. ପୁଂ) agony of a separated lover.

**ବିରହୋତ୍କଣ୍ଠିତା**—ସ. ବି. ସ୍ତ୍ରୀ—କାବ୍ୟାଦିରେ ବର୍ଣ୍ଣିତ ନାୟିକାବିଶେଷ;
Birahotkuanṭhitā ସ୍ୱାମି ବିରହଦ୍ୱାରା କାତର ସ୍ତ୍ରୀ—A lady suffering from agony due to separation from her lover.
ସ. ବିଣ. ସ୍ତ୍ରୀ—ପ୍ରିୟବିରହ ଯୋଗୁଁ ଉତ୍କଣ୍ଠା ଜର୍ଜରିତା—(a woman) Suffering agony on account of teparation from her lover or husband.

**ବିରା**—ପ୍ରାଦେ.—(ଗଡଜାତ) ବି.—ବ୍ରଣ—A boil.
Birā ଦେ. ବି—(ରାଜପୁତାନା) (ସଂ. ବୀଟିକା)—ରାଜପୁତାନାରେ ଦୁଇଜଣ ବନ୍ଧୁ ବା ପ୍ରେମିକ ପ୍ରେମିକା ପରସ୍ପରଠାରୁ ବିଦାୟ ନେଲା ବେଳେ ଯେଉଁ ତାମ୍ବୁଳ ବା ପାନଖିଲ ଖିଅଖୋଇ ଦିଅନ୍ତି—Betel packets exchanged between two parting friends or lovers in Rajputana. ବୈଦେ. ବି—
বিয়ার बीरसराप (ଇଂ ବିଅର୍) ଯବ ଧାନରୁ ପ୍ରସ୍ତୁତ ଏକପ୍ରକାର
(ବିରସରାପ—ଅନ୍ୟରୂପ) ଅନୁଗ୍ର ମଦ—Beer.

**ବିରାଗ**—ସ. ବି (ବି+ରନ୍ଜ ଧାତୁ+ଭାବ. ଅ)—୧ । ଔଦାସ୍ୟ;
Birāga ନିସ୍ପୃହତା—1. Apathy; indifference. ୨ । ଅସନ୍ତୋଷ;ବିରକ୍ତି—2. Dissatisfaction; displeasure; annoynce. ୩ । ଅନନୁରାଗ—3. Dislike. ୪ । ବୈରାଗ୍ୟ—3. Indifference to worldly concerns; relinquishment of worldly cares. ୫ । ବର୍ଣ୍ଣର ପରିବର୍ତ୍ତନ—5. Change of colour. ଦେ. ବି—କ୍ରୋଧ—Rage; anger.
ସ. ବିଣ—ରାଗଶୂନ୍ୟ—Free from anger or passions. ଗ୍ରା. ବିଣ କ୍ରୁଦ୍ଧ—Angry.

**ବିରାଗ ଭାଜନ**—ସ.ବିଣ. ପୁଂ ଓ ସ୍ତ୍ରୀ—ଅସନ୍ତୋଷର ପାତ୍ର—Subject of
Birāga bhājana dislike; having incurred the displeasure of.

**ବିରାଗୀ**—ସ. ବିଣ.ପୁଂ (ବିରାଗ+ଇନ୍; ୧ମା. ୧ବ)—୧ । ଉଦାସୀନ—
Birāgī 1. Indifferent. ୨ । ବିରାଗଯୁକ୍ତ—2. Enter-
(ବିରାଗିଣୀ—ସ୍ତ୍ରୀ) taining an aversion or dislike.

**ବିରାଜ୍(ଜ)**—ସ. ବି (ବି+ରାଜ୍ ଧାତୁ+ଭାବ. କ୍ୱିପ୍;ଅ)—୧ । ପ୍ରକାଶ—
Birāj(ja) 1. Manifestation. ୨ । ଶୋଭା; ସୌନ୍ଦର୍ଯ୍ୟ—2. Beauty (Apte). ୩ । ଦୀପ୍ତି—3. Lustre. ୪ । ଦର୍ଶନ ଯୋଗ୍ୟ ବସ୍ତୁ—4. An object worth seeing ୪ । (+କର୍ତ୍ତୃ. କ୍ୱିପ୍; ଅ) କ୍ଷତ୍ରିୟ—5. A member of the Kshatriya caste (Apte). ୬ । ବ୍ରହ୍ମାଙ୍କ ପ୍ରଥମ ପୁତ୍ର—6. The first progeny of Brahmā (Apte). ୭ । ଶରୀର; ଦେହ—7. The body (Apte). ୮ । (ନ୍ୟାୟ ଦର୍ଶନ) ଦେହ ଉପରେ ଅଧିକାରୀ ବୁଦ୍ଧି—8. (Nyāya philosophy) Intellect which rules over the aggregate of bodies (Apte). ସ. ବିଣ—ଉଜ୍ଜ୍ୱଳ—1. Shining; brilliant. ଦେ. ବିଣ—୧ । ପ୍ରକାଣ୍ଡ; ବିରାଟ—1. Gigantic; huge. (ଉ—ବିରାଜ ରୂପ ଯାହାର ପୁଣି, ଦ୍ୱିଜ ଚକ୍ଷୁ ଯା ଦର୍ଶନ ଗୁଣି, ଅସ୍ତ୍ର ଭୂପର ହସାରେ ଭଣି, ବି ଶୁଭ୍ର କାନ୍ତି ଯେ । ଉଞ୍ଜ. ବୈଦେହୀଶବିଳାସ ।) ୨ । ବିରାଜିତ; ଶୋଭିତ—2 Shining. ୩ । ବିରାଜମାନ (ଦେଖ)—3. Birajamāna (See) (ଉ—ଫଣାର ଉପରେ ମଣି ହୋଇଛି ବିରାଜ । ପ୍ରାଚୀ ବ୍ରହ୍ମନିରୂପଣ ଗୀତା ।)

**ବିରାଜ କରିବା**—ଦେ. କ୍ରି—୧ । ବିରାଜିତ ହେବା; ବିଜେ କରିବା—
Birāja karibā 1. To be present; to appear.
বিরাজ করা ୨ । (କୌଣସି ସ୍ଥାନରେ) ଶୋଭା ପାଇବା—2 To
विराजना shine or look grand.

**ବିରାଜମାନ**—ସ. ବିଣ. ପୁଂ (ବି+ରାଜ୍ ଧାତୁ+କର୍ତ୍ତୃ. ଆନ)—
Birājamāna ୧ । ଶୋଭମାନ; ଦୀପ୍ତି ବିଶିଷ୍ଟ—1. Shining;
(ବିରାଜମାନା—ସ୍ତ୍ରୀ) splendid. ୨ । ବିରାଜିତ; ଉପସ୍ଥିତ; ବିଦ୍ୟମାନ—2. Present.

**ବିରାଜମାନ ହେବା**—ଦେ. କ୍ରି (ଦେବତା, ରାଜା ଓ ମାନ୍ୟ ବ୍ୟକ୍ତିଙ୍କ ପ୍ରତି
Birājamāna hebā ପ୍ରଯୋଜ୍ୟ)—୧ । ବିଜେ କରିବା;
বিরাজমান হওয়া ଉପସ୍ଥିତ ହେବା—1. To be present. ୨ ।
विराजमान होना ଉପବେଶନ କରିବା—2. To sit. ୩ । ଯିବା-
(ବିରାଜମାନ କରିବା—ଗ୍ରାମ୍ୟରୂପ) 3. To go. ୪ । ଆସିବା—4. To come. [ଦ୍ର—ବିରାଜମାନ ଧସ୍ତୁତ ବିଶେଷଣ ପଦ ଅଟେ ଓ 'ବିରାଜମାନ ହେବା' ଶୁଦ୍ଧ ପ୍ରୟୋଗ ଅଟେ; କିନ୍ତୁ ଲୋକେ ବିରାଜମାନ କରିବା ଭୁଲରେ ବ୍ୟବହାର କରନ୍ତି ।)

**ବିରାଜି**—ସ. ବି (ବି=ପକ୍ଷୀ+ରାଜି=ସମୂହ)—ପକ୍ଷୀମାନେ; ପକ୍ଷୀ ସମୂହ—
Birāji Birds; a flock or brood of birds. (ଉ—ବିରାଜି ବିରାଜି ଅଛନ୍ତି ମୀନ ଭକ୍ଷଣ ପାଇଁ, ରାଜୀବ ରାଜୀବନୟନା ତହିଁ ଖେଳା କରଇ । ଉଞ୍ଜ. ଲାବଣ୍ୟବତୀ ।) ଦେ.ବି—୧ । ବିରାଦର (ଦେଖ)—1. Birādara (See). ୨ । ସମୂହ—2. Multitude.
(ଉ—ବଟ ବିରାଜିକୁ ଶିଖାଏ ସରଳ, ଧୂର୍ତ୍ତତାରୁ ବର୍ଜୀ-ସମାଧି-ସଙ୍ଗୀତ । ଅଜୟଚନ୍ଦ୍ର ଶେଷ ବନ୍ଦୀ ଭାରତୀ ।)

**ବିରାଜିତ**—ସ. ବିଣ. ପୁଂ (ବି=ରାଜ୍ ଧାତୁ+କର୍ମ. ତ)—୧ । ପ୍ରକାଶିତ—
Birājita 1. Manifested; displayed. ୨ । (+କର୍ତ୍ତୃ. ତ) ଉପସ୍ଥିତ—2. Present; attending. ୩ । ଶୋଭମାନ; ଶୋଭିତ—3. Splendid; shining; beautiful. ୪ । ଯାହାର ଶୋଭମାନ ମୂର୍ତ୍ତି ଦୃଷ୍ଟିଗୋଚର ହୁଏ—4. Exhibited to view view.

ବିରାଜିବା—ଦେ. କ୍ରି ( ସଂ. ବି+ରାଜ୍ ଧାତୁ )—୧ । ଆସିବା; ବିଜେ
Birājibā କରିବା—1. To come. (ଉ—ବିଜନ ସ୍ଥଳେ ସେ
ବିରାଜା ବଳେ ବିରାଜିବ କ୍ଷଣରୁତ ରୂତର ରେ । ଉପେନ୍ଦ୍ର
**विराजना** ଭଞ୍ଜ, ଲାବଣ୍ୟବତୀ ।) ୨ । ବିରାଜିତ ହେବା;
ଶୋଭିତ ହେବା; ଶୋଭା ପାଇବା—2. To shine; to look
grand. ୩ । ଉପସ୍ଥିତ ହେବା—3. To appear;
to be present. (ଉ—ବିରାଜ ବିରାଜ ଅଛନ୍ତି ମୀନ
ଲକ୍ଷଣ ପାଇ । ଭଞ୍ଜ. ଲାବଣ୍ୟବତୀ । )—୪ । ବିଜେ
କରିବା; ବସିବା—4. To be seated.
[ଉ—ମୋ ଅଙ୍କେ ବିରାଜ ଖେଳିବାକୁ—କବିସୂର୍ଯ୍ୟ. ସଙ୍ଗୀତ ।]
୫ । ବିଦ୍ୟମାନ ବା ଅବସ୍ଥିତ ହେବା—5. To exist.
[ଉ—ସୁର୍ପାରିରେ ଜମଦଗ୍ନିଙ୍କ ଦେଶ ଅଛି, ଅଶୋକତୀର୍ଥ
ମଧ୍ୟ ତହିଁ ବିରାଜନ୍ତି—କୃଷ୍ଣସିଂହ. ମହାଭାରତ. ବନ । ]

ବିରାଟ୍—ସଂ. ବି ( ବି+ରାଜ୍ ଧାତୁ+କର୍ତ୍ତୃ. କ୍ୱିପ୍; ୧ମା. ୧ବ )—
Birāṭ ୧ । କ୍ଷତ୍ରିୟ—1. A person of the warrior
caste. ୨ । (+ଭାବ କ୍ୱିପ୍) କାନ୍ତି—2. Splendour;
lustre. ୩ । ସର୍ବବ୍ୟାପୀ ପୁରୁଷ; ପରମେଶ୍ୱର—3. The
all-pervading God.

ବିରାଟ—ଦେ. ବିଣ ( ବି+ରାଜ୍ ଧାତୁ )—୧ । ସୁବୃହତ୍; ବିଶାଳ—
Birāṭa विराट **विराट** 1. Gigantic; enormous; huge.
୨ । ମହତ୍—2. Splendid; great; grand.
ସଂ. ବି (ବି+ରଟ ଧାତୁ+କର୍ମ. ଅ )—୧ । ବଙ୍ଗଦେଶର
ଉତ୍ତରାଂଶରେ ଅବସ୍ଥିତ ଅଧୁନାତନ ବଗୁଡ଼ାଜିଲ୍ଲାର ସନ୍ନିହିତ
ପ୍ରାଚୀନ ରାଜ୍ୟ ଓ ନଗର ( ମତାନ୍ତରେ ଆର୍ଯ୍ୟାବର୍ତ୍ତର
ଜୟପୁର ରାଜ୍ୟ )—1. An ancient country in
the north of Bengal, adjoining the district
of Bogra. [ ଦ୍ର—ଏହି ଦେଶର ରାଜାଙ୍କ ନିକଟରେ
ପାଣ୍ଡବମାନେ ଅଜ୍ଞାତ ବନବାସର ତ୍ରୟୋଦଶ ବର୍ଷରେ
ପ୍ରଚ୍ଛନ୍ନଭାବରେ ଛଦ୍ମବେଶରେ ଅବସ୍ଥାନ କରିଥିଲେ । ଏହି
ରାଜାଙ୍କର ଶ୍ୟାଳକ ଓ ସେନାପତି କୀଚକଦ୍ୱାରା ଦ୍ରୌପଦୀ
ଅପମାନିତା ହୋଇଥିବାରୁ କୀଚକ ଭୀମଙ୍କଦ୍ୱାରା ହତ ହୋଇ
ଥିଲା । ଏ ରାଜାଙ୍କ କନ୍ୟା ଉତ୍ତରାଙ୍କ ସଙ୍ଗେ ଅର୍ଜୁନପୁତ୍ର
ଅଭିମନ୍ୟୁଙ୍କର ବିବାହ ହୋଇଥିଲା । ] ୨ । ବିରାଟଦେଶର
ରାଜା—2. The king of Birāṭa country.
୩ । ମହାଭାରତୋକ୍ତ ପଞ୍ଚପାଣ୍ଡବଙ୍କର ଆଶ୍ରୟଦାତା ବିରାଟର
ବା ମତ୍ସ୍ୟଦେଶର ରାଜା—3. (specially applied to)
The king of Birāṭa country in whose court
the exiled Pāṇḍaba brothers had taken
shelter. ୪ । ( ଦର୍ଶନଶାସ୍ତ୍ର ) ସମସ୍ତ ବ୍ରହ୍ମାଣ୍ଡରେ
ସମଷ୍ଟିଭାବରେ ବିରାଜିତ ଚୈତନ୍ୟ ବା ସର୍ବବ୍ୟାପୀ ଭଗବାନଙ୍କ
ସତ୍ତା—4. (Hindu philosophy) The Supreme
consciousness or Soul pervading
the universe. ୫ । ପରମେଶ୍ୱର—5. The
omnipresent God. ୬ । କ୍ଷତ୍ରିୟ—6. A
Kshatriya; a man of the military caste
amongst the Hindus. ୭ । ସ୍ୱାୟମ୍ଭୁବ ମନୁ—
7. The 1st progeny of Brāhmā; the
first ancestor of mankind. ୮ । କାନ୍ତି;
ଦୀପ୍ତି—8. Lustre; splendour; beauty. ୯ ।
ଛନ୍ଦୋବିଶେଷ—9. Name of a Sanskrit metre.
୧୦ । ଏକପ୍ରକାର ନାଗସାପ—10. A species of
cobra. ଦେ. ବି(ସଂ. ବିରାଜ)—ଗରୁଡ଼—Garurda,
the king of birds. [ ଉ—ବିରାଟ ମୁକୁଟ ଯେହି,
ବିରାଟ ଧ୍ୱଜରେ ରହି, ବିରାଟମୂର୍ତ୍ତିରେ ନେତ୍ର, ହୋଇଲେ ତହିଁ
ଯେ ଭଞ୍ଜ. ବୈଦେହୀଶବିଳାସ । ]

ବିରାଟକାୟ—ଦେ. ବିଣ. ପୁଂ ଓ ସ୍ତ୍ରୀ—ବିଶାଳକାୟ; ଯାହାର ଶରୀର
Birāṭakāya ଅତି ବୃହତ୍—Gigantic.
ଦେ. ବି—ବିଶାଳ ଦେହ—Big body.

ବିରାଟଜ(କ)—ସଂ. ବି ( ବିରାଟ+ଜନ୍ ଧାତୁ+କର୍ତ୍ତୃ. ଅ )—ବିରାଟ
Birāṭaja(ka) ଦେଶଜାତ ଏକପ୍ରକାର ନିକୃଷ୍ଟ ହୀରକ—A kind
of inferior diamond got in the Birāṭa
country.

ବିରାଟ ତନୟ—ସ ବି. ପୁଂ ( ୬ଷ୍ଠୀ ତତ୍ )—ମହାଭାରତୋକ୍ତ ବିରାଟ
Birāṭa tanaya ରାଜାଙ୍କର ପୁତ୍ର, ଉତ୍ତର—The son of
the king of Birāṭa.

ବିରାଟ ତନୟା—ସଂ. ବି. ସ୍ତ୍ରୀ (୬ଷ୍ଠୀ ତତ୍)—ମହାଭାରତୋକ୍ତ ବିରାଟରାଜାଙ୍କ
Birāṭa tanayā କନ୍ୟା, ଉତ୍ତରା—The daughter of the
king of Birāṭa. [ଦ୍ର—ବୃହନ୍ନଳା ନାମ ଗ୍ରହଣ କରି-
ଥିବା ନପୁଂସକ ବେଶଧାରୀ ଅର୍ଜୁନ ଏହାଙ୍କୁ ସଙ୍ଗୀତ ଓ
ନୃତ୍ୟବିଦ୍ୟା ଶିକ୍ଷା ଦେଉଥିଲେ ଏବଂ ଶେଷରେ ଏ ଅର୍ଜୁନଙ୍କ
ପୁତ୍ର ଅଭିମନ୍ୟୁଙ୍କ ବିବାହ କରିଥିଲେ । ଏହାଙ୍କଠାରୁ
ଯୁଧିଷ୍ଠିରଙ୍କ ଉତ୍ତରାଧିକାରୀ ପରୀକ୍ଷିତ ଜନ୍ମଗ୍ରହଣ କରିଥିଲେ ।]

ବିରାଟ ଦେଶ—ସଂ. ବି—ମହାଭାରତୋକ୍ତ ମତ୍ସ୍ୟଦେଶ ( ଯେଉଁଠାରେ
Birāṭadeśa ପାଣ୍ଡବମାନେ ପ୍ରଚ୍ଛନ୍ନଭାବରେ ଆଶ୍ରୟ ନେଇଥିଲେ);
( ବିରାଟରାଜ୍ୟ—ଅନ୍ୟରୂପ ) ଅଧୁନାତନ ଉତ୍ତରବଙ୍ଗର ବଗୁଡ଼ା
ସନ୍ନିହିତ ପ୍ରାଚୀନ ଦେଶବିଶେଷ—Name of an ancient
kingdom in the north of Bengal.

ବିରାଟନଗର—ସଂ. ବି—ପ୍ରାଚୀନ ବିରାଟଦେଶର ରାଜଧାନୀ—The
Birāṭanagara capital of the ancient kingdom of
Birāṭa.
ବିରାଟପୁର(ରୀ)
ବିରାଟନଗରୀ } ଅନ୍ୟରୂପ [ ଦ୍ର—ନେପାଳ ରାଜ୍ୟର ଦକ୍ଷିଣ
ବିରାଟ ରାଜଧାନୀ } ସୀମା ଓ ପୂର୍ଣ୍ଣିଆଜିଲ୍ଲାର ସୀମାନ୍ତ
ପ୍ରଦେଶରେ ନେପାଳର ଯୋଗବାଣୀ ସହର ନିକଟରେ
ବିରାଟନଗର ବୋଲି ଗୋଟିଏ ସହର ଅଛି । ଏହା ଗୋଟିଏ
ବାଣିଜ୍ୟସ୍ଥଳୀ । ସ୍ଥାନୀୟ ଜନଶ୍ରୁତି ଓ କେତେକ ଭଗ୍ନାବ-
ଶେଷରୁ ଲୋକେ ଏହାକୁ ପ୍ରାଚୀନ ବିରାଟ ରାଜଧାନୀ
ବୋଲି କହନ୍ତି । ]

**ବିରାଟ ପର୍ବ**—ସଂ. ବି—ମହାଭାରତର ୧୮ ପର୍ବ ମଧ୍ୟରୁ ଏକତମ—One of the 18 books of the Mahābhārata.
Birāṭaparba [ଦ୍ର—ଏଥିରେ ପାଣ୍ଡବମାନେ ବିରାଟ ରାଜାଙ୍କ ଗୃହରେ ଅଜ୍ଞାତବାସ କରିବା ବିଷୟ ବର୍ଣ୍ଣିତ ହୋଇଅଛି।] ଦେ. ବି—୧। ଭୟାନକ କାଣ୍ଡ—1. A hubbub; a serious state of affairs ୨। ମହା ଆଡ଼ମ୍ବରପୂର୍ଣ୍ଣ ବିଷୟ—2. A grand display.

**ବିରାଟ ମୂର୍ତ୍ତି**—ଦେ. ବି—ଭୟଙ୍କର ରୂପ—1. Dreadful appearance. ୨। ବିଶାଳ ଶରୀର—2. Gigantic body. [ଦ୍ର—(୧+୨) ବାର୍ଦ୍ଧିଗର୍ଭସ୍ଥିତ ଏବେ କମଳାଅବସ୍ଥ, ବିରାଟ ମୂର୍ତ୍ତିମାନେ ଭୂମିର ବଡ଼ ସିନ୍ଧି—ଭକ୍ତ. ବୈଦେହୀଶବିଳାସ।]
Birāṭa mūrtti

**ବିରାଟ ରାଜା**—ଦେ. ବି (ସଂ ବିରାଟରାଜ)—ବିରାଟ ଦେଶର ନୃପତି—The king of Birāṭa country.
Birāṭa rājā
(ବିରାଟ ରାଜ—ସଂ. ରୂପ) (ବିରାଟ ରାଜନ—ଅନ୍ୟରୂପ)

**ବିରାଟ ରୂପ**—ଦେ. ବି—ବିଶାଳ ଶରୀର—Gigantic body ଦେ. ବି—ବିରାଟକାୟ; ବିଶାଳମୂର୍ତ୍ତି—Gigantic.
Birāṭarūpa
বিরাটরূপ; বিশ্বরূপ [ଦ୍ର—ମହାଭାରତ ଯୁଦ୍ଧକ୍ଷେତ୍ରରେ ଅର୍ଜୁନଙ୍କ ରଥ ଚାଳକ ସାରଥି ଶ୍ରୀକୃଷ୍ଣ ଅର୍ଜୁନଙ୍କୁ ଭଗବଦ୍‌ଗୀତା ଉପଦେଶ ଦେଉଥିବା ସମୟରେ ଆପଣାର ଯେଉଁ ସର୍ବବ୍ରହ୍ମାଣ୍ଡବ୍ୟାପୀ ବିଶାଳରୂପ ବା ବିଶ୍ୱରୂପ ଦେଖାଇଥିଲେ, ଗୀତାର ୧୧ଶ ଅଧ୍ୟାୟରେ ତାହା ବିସ୍ତାରିତରୂପେ ବର୍ଣ୍ଣିତ ହୋଇଅଛି।]
(ବିରାଟକାୟା, ବିରାଟମୂର୍ତ୍ତି—ଅନ୍ୟରୂପ)

**ବିରାଟି**—ଦେ. ବି (ସଂ. ବୈରାଟି=ବିରାଟତନୟ)—ବିରାଟରାଜପୁତ୍ର ଉତ୍ତର—The son of the king of Birāṭa.
Birāṭi

**ବିରାଡ଼ି**—ଦେ. ବି (ସଂ. ବିରାଳ)—ଗୃହପାଳିତ ଚତୁଷ୍ପଦ ଜନ୍ତୁବିଶେଷ; ମାର୍ଜାର; ବିଡ଼ାଳ—The domestic cat; Felis Catus.
Birārdi
ସଂ. ପର୍ଯ୍ୟାୟ. ବିରାଳ, ବିଡ଼ାଳ, ବିଲାଲ, ମାର୍ଜାର, ଆଖୁଭୁକ୍
বিড়াল, বিরাল, বেরাল
बिल्ली, बिलार
ମ. ମାଞ୍ଜର
[ଦ୍ର—ନାନାବର୍ଣ୍ଣର ବିରାଡ଼ି ଦେଖାଯାଆନ୍ତି। ଏମାନେ ମତ୍ସ୍ୟ, ମାଂସ, ଦୁଗ୍ଧ, ଅନ୍ନ ଆଦି ଖାଆନ୍ତି। ଏମାନେ ଖୁବ୍ ପୋଷ ମାନନ୍ତି। ପୋଷା ବିରାଡ଼ିକୁ ସ୍ନେହରେ ପୁଷି ସମ୍ବୋଧନ କରାଯାଏ। ଏମାନଙ୍କ ପାଦର ପଞ୍ଝାରେ ନଖ ଥାଏ। ସାଧାରଣତଃ ଏ ନଖମାନ ପାଦ ତଳର ମାଂସଳ ଅଂଶ ମଧ୍ୟରେ ଲୁଚି ରହିଥାଏ। ବିରାଡ଼ି ରାଗିଗଲେ ସେ ନଖମାନ ଖୋଳ ମଧ୍ୟରୁ ବାହାରି ପଡ଼େ। ଏମାନେ ନଖକୁ ଶସ୍ତ୍ରରୂପେ ବ୍ୟବହାର କରନ୍ତି ଓ ଘରର ଚାଳ, କାନ୍ଥ ଓ ଗଛ ଉପରେ ଚଢ଼ି ମୂଷା ଓ କ୍ଷୁଦ୍ର ପକ୍ଷୀ ଆଦିଙ୍କୁ ଧରି ଖାଆନ୍ତି। ଏମାନଙ୍କ ଅନ୍ଧାର ରାତିରେ ଭଲ ଦେଖାଯାଏ। ଏମାନଙ୍କ ଋତୁକାଳ ଆଶ୍ୱିନ ଓ କାର୍ତ୍ତିକ, ଏବଂ ପୁଷ ମାସରେ ଏମାନଙ୍କର ପିଲା ଜନ୍ମ ହୁଅନ୍ତି। ଜନ୍ମ ବେଳେ ଶିଶୁମାନଙ୍କର ଆଖି ଫିଟି ନ ଥାଏ। ଏକଜାତୀୟ ବିରାଡ଼ି ବଣରେ ଥାଆନ୍ତି। ଏମାନଙ୍କୁ ବଣଭୁଆ ବା କଟାଶ ବୋଲାଯାଏ। ଅଣ୍ଡିରା ବିରାଡ଼ିକୁ 'ଭୁଆ' ବୋଲାଯାଏ। ଭୁଆମାନେ ବିରାଡ଼ିଛୁଆଙ୍କୁ ଖାଇଯାଆନ୍ତି ବୋଲି ମାଈ ବିରାଡ଼ି ଆପଣାର ଛୁଆଙ୍କୁ ଲୁଚାଇ ରଖିଥାଏ ଏବଂ ଛୁଆଙ୍କୁ ବେକଚମଡ଼ାରୁ କାମୁଡ଼ି ଧରି ବହୁବାର ସ୍ଥାନାନ୍ତରିତ କରିବାରେ ଲାଗିଥାଏ। ଏଥିପାଇଁ କୌଣସି ବ୍ୟକ୍ତି କୌଣସି ପଦାର୍ଥକୁ ବାରମ୍ବାର ସ୍ଥାନାନ୍ତରିତ କଲେ 'ସେ ଅମୁକ ଜିନିଷକୁ ବିରାଡ଼ିଛୁଆ ଭଳି କରୁଛି' ବୋଲି କୁହାଯାଏ। ବିରାଡ଼ିମାନେ କୋମଳଶଯ୍ୟା ଓ ନରମ ଚୂଲିମୁଣ୍ଡ ଆଦି ଉଷୁମ ସ୍ଥାନରେ ଶୋଇବାକୁ ସୁଖ ପାଆନ୍ତି। ପୋଷା ବିରାଡ଼ିକୁ ଅନୁଲୋମ କରି ଆଉଁସିଲେ ସେ ଆନନ୍ଦରେ ଘୁରୁଘୁରୁ ଶବ୍ଦ କରେ। ଏମାନେ ମନୁଷ୍ୟଙ୍କ ଦେହରେ ଘଷି ହେବାକୁ ସୁଖ ପାଆନ୍ତି। କୁକୁରମାନେ ପ୍ରଭୁଙ୍କ ଏବଂ ପ୍ରଭୁ ସାଥିରେ ରହିବାକୁ ସୁଖ ପାଆନ୍ତି, ମାତ୍ର ବିରାଡ଼ିମାନଙ୍କର ପ୍ରଭୁ ଅପେକ୍ଷା ପ୍ରଭୁର ଗୃହ, ଅର୍ଥାତ୍ ଆପଣାର ରହିବା ସ୍ଥାନ ପ୍ରତି ବେଶୀ ମାୟାବନ୍ଧନ ଥିବାର ଦେଖାଯାଏ। ଏମାନେ ଜିଭଦ୍ୱାରା ଦୁଧ, ଜଳ ଆଦି ପିଇବା ବେଳେ ଚୁକୁ ଚୁକୁ ଶବ୍ଦ କରନ୍ତି। ବିରାଡ଼ି ବାଘଠାରୁ ଅତି ଛୋଟ, ମାତ୍ର ତାର ସବୁଅଙ୍ଗର ଗଢ଼ଣ ବାଘ ପରି।]

**ବିରାଡ଼ି ଅଇଁଠା**—ଦେ. ବି—ଯେଉଁ ଖାଦ୍ୟଦ୍ରବ୍ୟରେ ବିରାଡ଼ି ମୁହଁ ଲଗାଇ ଥାଏ—Food already touched by the mouth of a cat.
Birārdi aiṅṭhā
বেরালের এঠোঁ बिलिकाजुठा

**ବିରାଡ଼ି ଅନ୍ତଖାଇ ନାତି**—ପ୍ରାଦେ. (ଯାଜପୁର) ବି.ସଂ—ଏକପ୍ରକାର ଗାଳି—A term of abuse. to males
Birārdi antakhāi nāti

**ବିରାଡ଼ିଆ**—ଦେ. ବିଣ—ବିରାଡ଼ିସମ୍ବନ୍ଧୀୟ—Relating to the cat; feline. ଦେ. ବି—୧। ବିରାଡ଼ି ପରି ମାଟିଆ ରଙ୍ଗର ଏକପ୍ରକାର ଛୋଟ ନିର୍ବିଷ ସାପ; ମାଟିବିରାଡ଼ିଆ ସାପ—1. A species of earth-coloured small snake having no poison. [ଦ୍ର—ଏମାନେ ନିର୍ବିଷ ଓ ଫଣାହୀନ; ଲମ୍ବରେ ହାତେ ପର୍ଯ୍ୟନ୍ତ ବଢ଼ନ୍ତି।] ୨। ଗୋରୁମାନଙ୍କୁ ଧରିବା ଏକପ୍ରକାର ଶରଦି ରୋଗ—2. A cattle disease; catarrh. [ଦ୍ର—ଏଥିରେ ଗୋରୁଙ୍କ ଗଳାରୁ ଘୁଡ଼ୁ ଘୁଡ଼ୁ ଶବ୍ଦ ବାହାରେ।] ୩। ବାଛୁରୀମାନଙ୍କୁ ଧରିବା ଏକପ୍ରକାର କଣ୍ଡୁ ରୋଗ—3. A wasting disease attacking calves; eczema on the tail of calves.
Birārdia

**ବିରାଡ଼ି ଆଖି**—ଦେ. ବି—ବିରାଡ଼ିର ଦୃଷ୍ଟିପରି ତୀକ୍ଷ୍ଣ ଦୃଷ୍ଟି—Sharpness of eyesight (like that of the cat which can see in the dark). ଦେ. ବିଣ—ବିରାଡ଼ି ଆଖିଆ (ଦେଖ)—Birārdi ākhiā (See).
Birārdi ākhi
বেরালচোখ

**ବିରାଡ଼ିଆଖିଆ**—ଦେ. ବିଣ. ପୁଂ—୧। ବିରାଡ଼ିର ଚକ୍ଷୁପରି ଚକ୍ଷୁବିଶିଷ୍ଟ; ଢଳଆଖିଆ—1. Cat-eyed; grey-eyed. ୨। ବିରାଡ଼ିର ଦୃଷ୍ଟିପରି ତୀକ୍ଷ୍ଣ ଦୃଷ୍ଟିସମ୍ପନ୍ନବିଶିଷ୍ଟ—2. Sharp-eyed like the cat.
Birārdi ākhiā
ବିରାଡ଼ିଆଖୀ, ବିରାଡ଼ିଆଖିଇ } ସ୍ତ୍ରୀ
বিড়ালচোখো कुइया

ବିରାଡ଼ି ଅଞ୍ଚ(ମ୍ପ)ଡ଼ା—ଦେ. ବି— ବିରାଡ଼ିର ନଖଦ୍ୱାରା ଖଯିବା ବା କାନ୍ଥ
Birārdi ānchu(mpu)rdā ଆଦି ରାମ୍ପୁଡ଼ିବା—Scratching
ବିରାଡ଼ି ଅଞ୍ଚୁଡ଼ା } ଅନ୍ୟରୂପ of a cat with the nails of
ବିରାଡ଼ି ରାମ୍ପୁଡ଼ା } ବিরালেরআঁচোড় its paw.
विल्लीका नोचाड

ବିରାଡ଼ି ଖୁଆ ଖୋଇ—ଦେ. ବି—ମାର୍ଜାରଯୁଦ୍ଧ; ବିରାଡ଼ିମାନଙ୍କ ମଧ୍ୟରେ
Birrdi khuā khoi ନଖ ଓ ଦନ୍ତଦ୍ୱାରା ହେବା ଯୁଦ୍ଧ—
বিরালের ঝগড়া बिल्लीकी लड़ाइ A fight between cats.

ବିରାଡ଼ିଖୋଜିଆ—ଦେ. ବି—ଭୂତଅଇରି ( ଦେଖ )—Bhuta airi
Birārdikhojiā (See); Premmā Integrifolia.
(ବିରାଡ଼ିଖୋଜା—ଅନ୍ୟରୂପ)

ବିରାଡ଼ି ଛୁଆ—ଦେ. ବି—ମାର୍ଜାରଶାବକ; ବିରାଡ଼ିର ପିଲା—Kitten.
Birārdi chhuā বিড়ালছানা बिलौटा

ବିରାଡ଼ି ଝାମ୍ପ—ଦେ. ବି—ବିରାଡ଼ିର କୌଣସି ଖାଦ୍ୟ ଦ୍ରବ୍ୟ ବା ଶିକାରକୁ
Birārdi jhāmpa ଅଗ ଗୋଡ଼ର ପଞ୍ଝାଦ୍ୱାରା ଟାଣି ନେବା—
বিরালেরঠো(থা)নামারা The swoop of a cat with its
बिल्लीकी झपट paw.

ବିରାଡ଼ିପରି ଗାଉଁ ଗାଉଁ ହେବା—ଦେ. କ୍ରି—(ବିରାଡ଼ି କୌଣସି ଖାଦ୍ୟ
Birārdipari gāun̐ gāun̐ hebā ଦ୍ରବ୍ୟ ଖାଇବାବେଳେ,
বিরালের মতন গোঁ গোঁ করা କାଳେ ଅନ୍ୟ ବିରାଡ଼ି ତାହା ନେଇ
बिल्लीसागुँगुँ करना ଯିବ, ଏଥିପାଇଁ ଗାଉଁ ଗାଉଁ ଶବ୍ଦ କରେ)
ବିରାଡ଼ି ପରି ଅବ୍ୟକ୍ତ ଅସନ୍ତୋଷସୂଚକ ଧ୍ୱନି ପ୍ରକାଶ
କରିବା—To grumble (like the cat while
eating).

ବିରାଣୀ—ସଂ. ବି. ପୁଂ (ବି+ରଣ=ଯୁଦ୍ଧ+ଇନ୍, ୧ମା. ୧ବ)—
Birāni (ବିରାଣିନୀ—ସ୍ତ୍ରୀ) ୧ । ହସ୍ତୀ—Elephant.

ବିରାଦର—ବୈଦେ. ବି (ଫା. ବିରାଦର,ତୁଲ. ଇଂ. ବ୍ରଦର; ଲାଟିନ୍. ଫ୍ରାଟର
Birādara ଗ୍ରୀକ୍. ଫ୍ରାଟର )—୧ । ଭାଇଅ; କୁଟୁମ୍ବୀ ବ୍ୟକ୍ତି—
বেরাদর 1. An agnatic relation. ୨ । ଦୂର ସମ୍ପର୍କୀୟ
बिरादर କୁଟୁମ୍ବୀ—2. Distant agnate. ୩ । କୌଣସି ଅଫିସ୍
ବା କାରଖାନାରେ ସର୍ଦ୍ଦାରଙ୍କ ଅଧୀନରେ କାର୍ଯ୍ୟ କରୁଥିବା
ବ୍ୟକ୍ତିଗଣ—3. Subordinates working under
the headman in an office or workshop.
୪ । ରାଜବଂଶୀୟ ଓ ରାଜାଙ୍କର କୁଟୁମ୍ବୀ ବ୍ୟକ୍ତି—4. An
agnate of a Raja's family. ୫ । ଏକଜାତି ବା
ଏକ ସମାଜର ଅନ୍ତର୍ଭୁକ୍ତ ବ୍ୟକ୍ତିମାନେ—5. Members
of the same caste or social group.

ବିରାଦରାନ୍—ବୈଦେ. ବି (ଫା. ବିରାଦରାନ୍; ବହୁବଚନ)—ବିରାଦର-
Birādarān ମାନେ—(plural); Kinsmen; brethren.
বেরাদরান बिरादरान्

ବିରାଦରି—ବୈଦେ. ବି (ଫା)—କୁଟୁମ୍ବିତା—Kinship.
Birādari বেরাদরী बिरादरी

ବିରାଦରିଆ—ବୈଦେ. ବି—କୁଟୁମ୍ବୀ—Kinsman. ବୈଦେ. ବିଣ—
Birādariā ୧ । ବିରାଦର ସମ୍ବନ୍ଧୀୟ-1. Relating to kinsmen.
বেরাদরী बिरादरी ୨ । କୁଟୁମ୍ବୀ—2. Kindred.

ବିରାଦ୍ଧ—ସଂ. ବିଣ. ପୁଂ (ବି+ରାଧ୍ ଧାତୁ=ଅପକାର କରିବା; ପୀଡ଼ା-
Birāddha ଦେବା+କର୍ମ. କ୍ତ)—୧ । ଅପକୃତ—1. Injured.
(ବିରାଦ୍ଧା—ସ୍ତ୍ରୀ) ୨ । ଉତ୍ପୀଡ଼ିତ; ଅତ୍ୟାଚାରିତ—2. Oppressed.
୩ । ଅବମାନିତ—3. Insulted. ୪ । କୋପାନ୍ୱିତ;
କ୍ରୁଦ୍ଧ—4. Enraged.

ବିରାଦ୍ଧା—ସଂ. ବିଣ. ପୁଂ ( ବି+ରାଧ୍ ଧାତୁ=ଅପକାର କରିବା ଇତ୍ୟାଦି
Birāddhā +କର୍ତ୍ତୃ ତୃ; ବିରାଦ୍ଧୃ ଶବ୍ଦର ୧ମା. ୧ବ )—୧ ।
(ବିରାଦ୍ଧ୍ରୀ—ସ୍ତ୍ରୀ) ଅପମାନ କାରକ—1. Insulting. ୨ ।
ଉତ୍ପୀଡ଼କ—2. Oppressive. ୩ । ଅପକାରକ—
3. Injurious.
ସଂ. ବିଣ. ସ୍ତ୍ରୀ—ବିରାଦ୍ଧର ସ୍ତ୍ରୀଲିଙ୍ଗ—Feminine of.
Birāddha.

ବିରାଧ—ସଂ. ବି (ବି+ରାଧ୍ ଧାତୁ=ଅପକାର କରିବା+କର୍ତ୍ତୃ. ଅ )—
Birādha ୧ । ଦଣ୍ଡକାରଣ୍ୟବାସୀ ରାକ୍ଷସବିଶେଷ—1. Name
of a demon met and slain by Rāmachandra
in the forest of Dandakā. ( ଯଥା—ବିରାଧ
ବଧ-ପଣ୍ଡିତ ଯୁବକକୁ ଗତ । ଉପେ. ବୈଦେହୀଶ ବିଳାସ । )
[ ଦ୍ର—ଏ ପୂର୍ବଜନ୍ମରେ ତୁମ୍ବୁରୁ ଗନ୍ଧର୍ବ ଥିଲା ଓ ବୈଶ୍ରବଣ
ବା କୁବେରଙ୍କ ଶାପରେ ଅସୁର ଯୋନିରେ ପିତା ସୁପର୍ଯ୍ୟନୀ
ଓ ମାତା ଶତଦ୍ରୁଙ୍କଠାରୁ ଜନ୍ମ ହେଲା । ଦଣ୍ଡକାରଣ୍ୟରେ
ସୀତାଙ୍କୁ ହରଣ କରି ପଳାଉଥିବା ସମୟରେ ରାମ ଲକ୍ଷ୍ମଣ
ତା ସଙ୍ଗେ ଯୁଦ୍ଧ କଲେ ଓ ଯୁଦ୍ଧ ବେଳେ ସେ ରାମ
ଲକ୍ଷ୍ମଣଙ୍କୁ କାନ୍ଧରେ ବସାଇ ନେଇ ଯାଉଥିଲା । ରାମ ଲକ୍ଷ୍ମଣ
ଶେଷରେ ତାର ଦୁଇ ବାହୁକୁ କାଟି ଗୋଟିଏ ଗାତ ଖୋଳି
ସେ ଗାତରେ ବିରାଧକୁ ପୋତିବାରୁ ସେ ଶାପମୁକ୍ତ ହୋଇ
ପୂର୍ବଜନ୍ମର ରୂପ ଧାରଣ କରି ଅସୁର ଦେହ ତ୍ୟାଗ କଲା ।]
୨ । ( ବି+ରାଧ୍ ଧାତୁ+ଭାବ ଅ )—ଅତ୍ୟାଚାର—2.
Oppression. ୩ । ଅପକାର—3. Injury. ୪ ।
ପୀଡ଼ା; ବ୍ୟଥା—4. Pain. ୫ । ଅପରାଧ—5.
Guilt. ୬ । ଦୋଷ—6. Fault. ୭ । ବିରକ୍ତି—
7. Displeasure; disgust. ୮ । ବୋଧ—
8. Perception.

ବିରାଧନ—ସଂ. ବି ( ବି+ରାଧ୍ ଧାତୁ=ଅପକାର କରିବା ଇତ୍ୟାଦି+
Birādhana ଭାବ ଅନ )—୧ । ଅପକାର କରଣ—1.
Injuring. ୨ । ଅତ୍ୟାଚାର କରଣ—2. Oppressing.
୩ । ପୀଡ଼ନ; ପୀଡ଼ା ଦେବା—3. Giving
pain.

ବିରାବ—ସଂ. ବି ( ବି+ରୁ ଧାତୁ=ଶବ୍ଦ କରିବା+ଭାବ ଅ )—
Birāba କୋଳାହଳ—Noise. ସଂ. ବିଣ ( ବି+ରାବ )
—ରବଶୂନ୍ୟ— Noiseless.

ବିରାବୀ—ସଂ. ବିଣ. ପୁଂ ( ବିରାବ+ଅସ୍ତ୍ୟର୍ଥେ ଇନ୍; ବିରାବିନ୍; ୧ମା.
Birābi ୧ବ )—୧ । କୋଳାହଳକାରୀ—1. Noisy; bois-
(ବିରାବିଣୀ—ସ୍ତ୍ରୀ) terous; ୨ । ବଡ଼ ପାଟିଆ—2. Loud-
voiced. ୩ । କୋଳାହଳ ମୟ—3. Full of noise.

ବିରାମ—ସଂ. ବି ( ବି+ରମ୍ ଧାତୁ=ଅନୁରକ୍ତ ହେବା+ଭାବ ଅ )—
Birāma ୧ । ବନ୍ଦ; ନିବୃତ୍ତି; ବିରତି—1. Cessation; stoppage; desisting. ୨ । ବିଶ୍ରାମ—2. Rest; remission. ୩ । ଶେଷ; ଅବସାନ—3. End; finish. ୪ । ବିନାଶ—4. Destruction; ruin. ୫ । ପତନ; ଅବନତି—5. Decline. ୬ । ବୈରାଗ୍ୟ 6. Aversion to worldly concerns. ୭ । ( ବ୍ୟାକରଣ ) ପରବର୍ତ୍ତୀର ଅଭାବ—7. (grammar) The want of the next letter.

ବିରାମ କାଳ—ସଂ. ବି ( ୬ଷ୍ଠୀ ତତ୍; ବିରାମ+କାଳ )—୧ । ବିଶ୍ରାମକାଳ
Birāma kāla —1. Time of rest. ୨ । ଅବସର-କାଳ—2. Leisure. ୩ । ଛୁଟି—3. Vacation; a recess.

ବିରାଳ—ସଂ. ବି. ପୁଂ ( ବିଡ଼୍ ଧାତୁ+କର୍ତ୍ତୃ ଅଳ )—ବିଡ଼ାଳ; ମାର୍ଜ୍ଜାର;
Birāla (ବିରାଳୀ—ସ୍ତ୍ରୀ) ବିରାଡ଼—Cat.

ବିରା(ଡ଼ା)ଳାକ୍ଷ—ସଂ. ବିଣ. ପୁଂ ( ବହୁବ୍ରୀହି; ବିରାଳ+ଅକ୍ଷି )—ବିରାଡ଼
Birā(rdā)lāksha ପରି ପିଙ୍ଗଳ ଚକ୍ଷୁବିଶିଷ୍ଟ; ଚଇଁ ଆଖିଆ—
(ବିରାଳାକ୍ଷୀ—ସ୍ତ୍ରୀ) Cat-eyed. ସଂ. ବି. ପୁଂ—ଭଣ୍ଡୀପୁରାଣୋକ୍ତ ରାକ୍ଷସ ବିଶେଷ—Name of a demon.

ବିରାସୀ—ପ୍ରାଦେ ( ବାଲେଶ୍ୱର ) ବି ( ବି. ବିରାଶି=୮୨=ଅର୍ଥାତ୍
Birāsi ବିରାଅଶି ସେର )—ଭୂଇଁମହଣିଆ ଧାନ ବସ୍ତା ( ୮୦ ସେର )ରେ ଖରଦଦାର୍ ମହାଜନ ଓ ଦଣ୍ଡିଦାରମାନେ ଗାଡ଼ିବାଲା ଓ ବଳଦିଆ ବିକ୍ରେତାଙ୍କଠାରୁ ଶୁକତି, ଭୁଟିଅତ ପାଇଁ ଅଧିକା ଯେଉଁ ଦୁଇ ସେର ନିଅନ୍ତି; ଅର୍ଥାତ୍ ପ୍ରତି ମହଣରେ ଯେଉଁ ଅଧିକା ଏକ ସେର ନିଆଯାଏ ( ଦୈନିକ ଆଶା ୧୦।୩।୩୪ )—An extra one seer in a maund of paddy sold to a trader or commission agent by cartmen and pack-bullock owners who come to sell paddy.

ବିରି—ଦେ. ବି—(ସଂ. ବ୍ରୀହି)—ମାଷ; ମୁଗ ଜାତୀୟ ଶସ୍ୟ ବିଶେଷ—
Biri Phaseolus Mungo,

ସଂ. ନାମ—ମାଷ, ପିତୃଭୋଜନ, ବଳାଢ୍ୟ, ମାଂସଳ
କଳାଇ, ମାଷକଳାଇ, ବିରି
ଉଡଦ, ଉରିଦ୍
ତେ. ମିନୁ ମୁଲୁ
ମ. ଉଡ଼ିଦ
ଗୁ. ଅଡ଼ଦ
ଫା. ମାଷ
ଅ. ମାସା

[ ଦ୍ର—ଏହା ଗ୍ରୀଷ୍ମାନ୍ତ ବର୍ଷାରେ ଲତା ଓ ଗଛିର ଭୁଇଁ ଉପରେ ଥିବା ଗାନା; ଲତା ଛାଅମୁଡ଼ା,ଦୁଇ ଫିଅଙ୍ଗୁଳ ଲମ୍ବ, ଭୁଇଁ ପାଚିଲେ କଳା ହୁଏ । ବିରି ଦୁଇ ପ୍ରକାର—ଲଡ ବିରି, ଏହାର ବର୍ଣ୍ଣ ଫିକ୍କା; ଆଉ ଏକ ପ୍ରକାର ଖୁବ୍ କଳା । ବିରିରୁ ଉତ୍ତମ ଡାଲି ହୁଏ । ଏହାରୁ ବାଟି ବଡ଼ା, ପୋଡ଼ ପିଠା ଓ ଏଣ୍ଡୁରି ଆଦି ପିଠା କରି ଯାଏ । ବାଟି ବିରିକୁ ଶୁଖାଇ ବଡ଼ି କରନ୍ତି । ବିରିଚୁନାରେ ପାମ୍ପଡ଼ ପ୍ରସ୍ତୁତ ହୁଏ । ବିରି ଉଗଡ଼ କରି ଗୋରୁଙ୍କୁ ଖୁଆନ୍ତି ଓ ସିଝାଇ ବିରି ଘୋଡ଼ାଙ୍କୁ ଖୁଆନ୍ତି । ଏହା ସଙ୍ଗେ ତେଲ ମିଶାଇ ଆୟୁର୍ବେଦ ମତେ ମାଷ ତୈଳ ଓ ମହାମାଷ ତୈଳ ଆମବାତ ପାଇଁ ତିଆରି କରାଯାଏ । ବିରିବଟାରେ ପିଆଜ, ବାଇଗଣ ଓ ଲଙ୍କାମରିଚ ଗୁଡ଼ାଇ ଘିଅରେ ବା ତେଲରେ ଛାଣିଲେ ବରା, ବାଇଗଣି, ପିଆଜ ଗୁଲୁଗୁଲା ଆଦି ଉପ୍ତାଦ ହୁଏ ।] ଦେ.ଅ—(ହାତୀକୁ ମାହୁନ୍ତର ନିଷେଧାତ୍ମକ ଡାକ)—( A call of the elephant-driver to an elephant directing him to desist) Desist ! Do not do so ! [ ଦ୍ର—ହାତୀ ଯାଉ ଯାଉ ବାଟରେ କୌଣସି ଡାଳ ବା ଲୋଭନୀୟ ବସ୍ତୁ ପ୍ରତି ଶୁଣ୍ଢ ବଢ଼ାଇବାର ଦେଖିଲେ ମାହୁନ୍ତ ଏ ଡାକ ଡାକେ, ଓ ହାତୀ ଉକ୍ତ ନଶିଦ୍ଧ କର୍ମରୁ ବିରତ ହୁଏ ।]

ବିରି ଉ(ଓ)ପଡ଼ା—ଦେ. ବି—(ସଂ. ବ୍ରୀହି+ଉତ୍ପାଟନ)—ବିରି ଗୁଛିମାନ
Biri u(o)pardā ଗଛରେ ସୁପକ୍ୱ ହୋଇ ଶୁଖି ଗଲେ ବିରି ଅମଳାନ କରିବା ପାଇଁ ସେହି ଗଛମାନଙ୍କୁ ଉପାଡ଼ିବା—The uprooting of the Biri plants for harvesting. [ ଦ୍ର—ବିରିଗୁଛକୁ ଉପାଡ଼ି ଆଣି ଖରାରେ ଶୁଖାଇ ତାକୁ ବେଙ୍ଗଳା ପକାନ୍ତି, କମ୍ୱା ବିରି ଛୁଇଁମାନଙ୍କୁ ବାଉଁଶ ଠେଙ୍ଗାରେ ବାଡ଼ଉଅନ୍ତି; ତାହା ହେଲେ ବିରି ଶସ୍ୟ-ମାନ ଛୁଇଁରୁ ବାହାରି ପୃଥକ୍ ହୋଇ ଯାଏ; ବିରି ଛୁଇଁର ଶସ୍ୟ ବହିଳ ଖୋସାମାନଙ୍କୁ ବିରି ବୋଳି ବୋଲି ଯାଏ ।]

ବିରି ଓଳିଆ—ଦେ. ବି—ବିରିକୁ ବାନ୍ଧି କରି ରଖିବା ପାଇଁ ପ୍ରସ୍ତୁତ
Biri oliā କୁଟାର ପୁଡ଼ା—Packet made of straw for storing Biri grain. [ ଉ—ଏତେ ଖାଇ ନ ପୂରିଲା ପେଟ, ବିରି ଓଳିଆରେ ମାରୁଛୁ ହାତ । ଢଗ ।]

ବିରିକ—ବୈଦେ.—( ଇଂ=ବ୍ରେକ୍; ବ୍ରେକ୍‌ଭାନ୍ ) ବି. (ଗ୍ରାମ୍ୟ)—
Birik बिरिक बिरिक ବ୍ରେକ୍, ବ୍ରେକ୍‌ଭାନ୍ (ଦେଖ)—
[ବିରିକ୍‌ଭା(ଭେ)ନ୍—ଅନ୍ୟରୂପ] Brake; brakevan.

ବିରିକ୍ ମା(ମେ, ମ୍ୟା) ନ୍—ବୈଦେ.—( ଇଂ—ବ୍ରେକ୍‌ମାନ୍ )—ବି—
Birik-mā(me,myā)n (ଗ୍ରାମ୍ୟ)—ବ୍ରେକ୍‌ମାନ୍ (ଦେଖ)
बिरिकमेन बिरिकमेन Brakesman.

ବିରିକତ—ଗ୍ରା. ବିଣ—(ସଂ. ବିରକ୍ତ)—ବିରକ୍ତ—
Birikata दिक, विरक्त Vexed; displeased.
(ବିରିକତି—ବି) ବି—୧ । ବିରକ୍ତି—1. Vexation; displeasure. ୨ । କୌଣସି କାର୍ଯ୍ୟ ନ କରିବା ଜନିତ ଅବସାଦ—2. Ennui; tedium.

ବିରିକତିଆ—ଗ୍ରା. ବିଣ—( ସଂ. ବିରକ୍ତି, କର )—୧ । ବିରକ୍ତିପୂର୍ଣ୍ଣ—
Birikatiā 1. Full of displeasure. ୨ । ବିରକ୍ତିଜନକ—
मूसकील, दुखदाई 2. Causing displeasure; vexatious. (ଯଥା, ଏ କାମ ଭାରି ବିରିକତିଆ ଲାଗୁଛି । ) ୩ । ଲୁଚ୍ଚା ବସି ରହିବା ଯୋଗୁଁ ଅବସାଦଜନକ—3. Tedious.

ବିରିକା(କି)ଟିଆ—ଗ୍ରା. ବିଣ—୧ । ( ସଂ. ବିରକ୍ତ ); ବିରକ୍ତିକର—
Birikā(ki)tiā 1.Vexatious. ୨ । (ସଂ. ବିକଟ)—ବିକଟା-କାର; ବିକଟ—2. Fierce; ugly.

ବିରି କୋଳଥ—ଦେ. ବି—(ସମାହାର ଦ୍ୱନ୍ଦ୍ୱ)—(ସଂ. ବ୍ରୀହି+କୁଳତ୍ଥ)—
Biri kolatha ବିରି ଆଦି ଶସ୍ୟ—Biri and other
(ବିରି ମୁଗ—ଅନ୍ୟରୂପ) cereals.

ବିରିକ୍ତ—ସ. ବିଣ. (ବି+ରିଚ୍ ଧାତୁ=ମଳ ତ୍ୟାଗ କରିବା+କର୍ତ୍ତୃ.
Birikta କ୍ତ)—ବିରେଚନ ବିଶିଷ୍ଟ; ଯାହାର ଅନେକ ଝାଡ଼ା
ହୋଇଅଛି—One who has passed copious
stools; with the bowels completely
evacuated.

ବିରିଙ୍ଗା—ପ୍ରାଦେ—(ଗଡ଼ଜାତ) —ବି—୧ । କୃଷି ପାଇଁ ବଣ ପୋଡ଼ିବା
Biringā 1 Reclamation of a forest for raising
crops. ୨ । କ୍ଷୁଦ୍ର ବଣ ବୁଦା—2. Small bushes.

ବିରିଙ୍ଗା ମାରିବା—ପ୍ରାଦେ. (ଗଡ଼ଜାତ, ସମ୍ବଲପୁର) କ୍ରି—(କୋଲ୍ହ ଆଦି
Biringā māribā ଜାତି) ବଣ କାଟିବା ପରେ ଫସଲ କରିବା
ପାଇଁ ଜମିକୁ ପୋଡ଼ିବା—To burn a newly reclaimed land after the trees thereon are
cut, for the purpose of cultivation.

ବିରିଙ୍ଗି କୁ(କୋ)ତରା—ପ୍ରାଦେ. (ଗଡ଼ଜାତ) ବି—ଅତି ସାନ ମୃଗ—
Biringi ku(ko)tarā A very tiny species of deer.

ବିରି ଚାଉଳ ଚୋବା(ବେ)ଇବା—ଦେ. କ୍ରି (ଲକ୍ଷଣାର୍ଥ)—କ୍ରୋଧରେ
Biri chāula chobā(be)ibā ଦାନ୍ତ ରଗଡ଼ିବା—
दाँत पीसना (figurative) To grind one's teeth
दाँत कड़मड़ करा in rage.

ବିରିଜ—ଗ୍ରା. ବି (ସ. ବୀର୍ଯ୍ୟ)—ଶୁକ୍ର—
Birija बीर्ज बीज Semen.

ବିରିଜା—ଗ୍ରା. ବିଣ. ପୁଂ—ଚଡ଼ିଲ—Surly; peevish, ଗ୍ରା. ବି. ସ୍ତ୍ରୀ-
Birijā (ନାମ) (ସ. ବିରଜା)—ଯାଜପୁରରେ ପ୍ରତିଷ୍ଠିତା ବିରଜା
[ ବିରିଜା(ଜେ)ଈ—ଅନ୍ୟରୂପ ] ଠାକୁରାଣୀ—Name of the
Goddess Birajā at Jajpur (in Orissa).

ବିରିଜାଇ—ଦେ. ବି—ବ୍ରୀହି ରଗଡ଼ା ହୋଇ ଚୋପା ଛଡ଼ା ଯାଇଥିବା
Birijāi ଡାଲମାନ—Biri pulse ground and freed
from chaff.
ଦେ, ବି. ସ୍ତ୍ରୀ—ବିରଜା (ଦେଖ)—Birijā (See)

ବିରିଜା(ଜେ)ଇବା—ଦେ. କ୍ରି. (ସ. ବି+ରଞ୍ଜ୍ ଧାତୁ)—୧ । ଚଡ଼ିବା;
Birijā(je)ibā ଚଡ଼ଚଡ଼ି ହେବା—1. To warm up. ୨ ।
(ବିରଜିବା—ଅନ୍ୟରୂପ) (ଅଶ୍ୱର ଘୋଡ଼ା) ନିଜର ଉତ୍ତେଜନାକୁ ଲଗାମକୁ
बिरमना, बिगड़ना ନାଶ୍ଚି ପାଶେ ବାଡ଼େଇ ବୀର୍ଯ୍ୟ କ୍ଷରଣ
गरमहओया କରିବା—2. (said of a horse) To be in heat.
୩ । ଉନ୍ମତ୍ତତା ପ୍ରକାଶ କରିବା—3. To show signs
of madness. ୪ । ରାଗରେ ଅସ୍ଥିର ହେବା—4. To
fly into a rage. ୫ । କାମାତୁର ହେବାର ଚିହ୍ନ
ପ୍ରକାଶ କରିବା—5. To show signs of amorousness. ପ୍ରାଦେ. (ଗଡ଼ଜାତ) କ୍ରି—(ବାଘ ଆଦି ହିଂସ୍ର
ଜାବକୁ ଦେଖି ଗାଈ, ମଇଁଷି ଆଦି) ଚୁରୁଚୁରିବା ଓ ରବ
କରିବା—To be startled and to low (said
मुकरना of cows and buffaloes when they see a
भयेहामलान tiger or smell its presence in the
vicinity). ପ୍ରାଦେ. (ସମ୍ବଲପୁର) ବି—ବିରକ୍ତ ହେବା—
To be vexed.

ବିରିଜା(ଜେ)ଈ—ଗ୍ରା. ବି (ନାମ)—୧ । ବାଣପୁରର ପ୍ରାଚୀନ ଗ୍ରାମଦେବୀ
Birijā(je)ī ବାଙ୍କାଡ଼ରେ ଥିବା ଦେବୀ ମୂର୍ତ୍ତି—1. Name of
an image of Goddess in Bāṇapur in Puri
District, [ ଦ୍ର—ଏହାଙ୍କର ବାହନ—ବାଘ, ଏ
ସ୍ଥାନରେ ମଧ୍ୟ ବହୁତ ବାଘ ଦେଖାଯାଆନ୍ତି । ] ୨ । ବିରଜା
(ଦେଖ)—2. Birajā (See)

ବିରିଝିବା—ପ୍ରାଦେ. (ସମ୍ବଲପୁର) କ୍ରି—ବିରିଜାଇବା (ଦେଖ)
Birijhibā Birijāibā (See)

ବିରି ଡାଲି—ଦେ. ବି—୧ । ବିରିକୁ ରଗଡ଼ି ଚୋପା ଛଡ଼ାଇ ରନ୍ଧାଯାଇଥିବା ଡାଲି
Biri ḍāli ରନ୍ଧାଯିବା ଡାଲି—1. Dal or curry made of
बिरि डाल split Biri after it is freed from chaff.
उडदकी दाल ୨ । ରଗଡ଼ା ହୋଇ ଚୋପା ଛଡ଼ା ଯାଇଥିବା ବିରି—
2. Split Biri pulse.

ବିରିଞ୍ଚ(ଞ୍ଚି)—ସ.ବି [ବି=ବିବିଧ (ପ୍ରାଣୀ)+ରଚ୍ ଧାତୁ=ସୃଷ୍ଟି କରିବା+
Birincha(ñchi) କର୍ତ୍ତୃ. ଅ; ନିପାତନ ]—୧ । ବ୍ରହ୍ମା—
1. Brahmā. ୨ । ବିଷ୍ଣୁ—2. Bishṇu, ୩ । ଶିବ—
3. Siba.

ବିରିଡ଼ି—ପ୍ରାଦେ, (ଗଡ଼ଜାତ) ବି—ବିରୁଡ଼ି (ଦେଖ)
Birirḍi Birurḍi (See)

ବିରିଣା—ଦେ. ବିଣ.—[ଫା. ବେରୁନ=ବାହାରର; ଫା. ବେଗାନା]—
Biriṇā ୧ । ପର; ଅନାତ୍ମୀୟ [ବ୍ୟକ୍ତି]—1. Not related to
बिराना बिराना, बिरान one's self. ୨ । ନିଃସମ୍ପର୍କୀୟ
[ଲୋକ]—2. Having no connection;
unconnected. ୩ । ଅନ୍ୟ ବ୍ୟକ୍ତିର—3. Belonging to another person. ଦେ. ବି—୧ ।
ଅନ୍ୟ ବ୍ୟକ୍ତି—1. Another person. ୨ । ନିଃସମ୍ପର୍କୀୟ ବ୍ୟକ୍ତି—2. An outsider; stranger.

ବିରି ପିଠା—ଦେ. ବି. (ସ. ବ୍ରୀହି ପିଷ୍ଟକ)—ବିରିକୁ ରଗଡ଼ି ପାଣିରେ
Biri piṭhā ବତୁରାଇ ଚୋପା ଛଡ଼ାଇ ବାଟି ତହିଁରେ କରାଯିବା
मासकालाईर पीठे ପିଷ୍ଟକ—Cake made Biri-paste.
उडदका पिठा [ଦ୍ର—ବିରି ବଟାରେ ନାନାପ୍ରକାର ପିଠା ତିଆର
ହୁଏ । ଯଥା—ବିରି ଲଡୁ, ବିରିବଡ଼ା ବା ବିରି ବରା, ଝିଲି,
ଛକୁଳି, ଇଣ୍ଡୁରି ବା ଏଣ୍ଡୁରି । ବିରି ବଟାରେ ଚାଉଳ ବଟା
ମିଶାଇ କିମ୍ବା କେବଳ ବିରି ବଟାରେ ମଧ୍ୟ ପିଠା ତିଆର
ହୁଏ । ବିରି ବଟାକୁ କିଛି ସମୟ ରଖି ଦେଲେ ତାହା ଫୁଲିଯାଏ
ଓ ତାହାକୁ ବହୁବାର ହାତରେ ଗାଣ୍ଡିଲେ (ଫେଣାଇଲେ)
ତାହା ଫେନିଲ ଓ ହାଲୁକା ହୁଏ; ଫେଣିଆ ହୋଇଥିବା
ବିରି ବଟାର ପିଠା ଛିଦ୍ରମୟ ହୁଏ ।]

**ବିରି ଫୁଲା**—ଦେ. ବି—ଗୋଟା ବିରିକୁ ପାଣିରେ ସିଝାଇ, ରନ୍ଧିରେ ପ୍ରସ୍ତୁତ
Biri phulā କରାଯିବା ତରକାରି—Curry made of whole
সিদ্ধমাষকালাই Biris moistened with water and
**उड़दका उसना** (ବିରି ସିଝା—ଅନ୍ୟରୂପ) boiled.

**ବିରି ଫେଣା(ଣେ)ଇବା**—ଦେ· କ୍ରି ( ସ. ବ୍ରୀହି+ଫେନାୟ ଧାତୁ )—
Biri pheṇā(ṇe)ibā ବଟା ବିରିକୁ ହାତ ଦ୍ୱାରା ବିଶେଷ
বাটা মাসকলাই ফেনান ପରିମାଣରେ ଉପର୍ଯ୍ୟୁପରି ଘାଣ୍ଟି ତାକୁ
**उड़द फेनना** ଫେନଯୁକ୍ତ ଓ ଫୁଲୁକା କରିବା—To agitate
(ବିରି ଫେଣିଥିଇବା—ଅନ୍ୟରୂପ) pasted Biri for a long
ବିରି ଫେଣା } time and make it bloated.
ବିରି ଫେଣିଆ(ଆଁ) } ବିଶେଷ୍ୟ

**ବିରି ବଟା**—ଦେ. ବି—୧ । ଭିଗଡ଼ା ବିରିକୁ ବଳୁଆଇ ପିଠା ବା ବଡ଼ି
Biri baṭā କରିବା ପାଇଁ ବାଟିବା—1. Pestling of Biri.
মাষকালাই বাটা ୨ । ବଟା ହୋଇଥିବା ବିରି—
**उड़द पीसना** 2. Paste made of Biri.

**ବିରି ବଡ଼ା(ରା)**—ଦେ. ବି. (ସ. ବ୍ରୀହି+ବଟକ)—ବିରି ବଟାରୁ ପ୍ରସ୍ତୁତ
Biri barḍā(rā) ଘିଅ ବା ତେଲପକ୍ୱ ବର୍ତ୍ତୁଳ ମୋଟ ପିଠା—
মাষকলাইয়ের বড়া Thick flat cakes of Biri-paste
**उड़दका बड़ा** fried in ghee or oil.
বাটা মাষকলাই **पीसाहुआ उड़द**

**ବିରି ବଡ଼ି**—ଦେ. ବି—ଖରାରେ ଅଳ୍ପ ଶୁଖି ଶୁଷ୍କ ବଟା ବିରିର ଅତପଶୁଷ୍କ
Biri barḍi ବର୍ତ୍ତୁଳ ପିଣ୍ଡ (ଏହା ବ୍ୟଞ୍ଜନ ରୂପେ ବ୍ୟବହୃତ ହୁଏ)
মাষকলাইর বড়ী Sun-dried balls of Biri paste used
**उड़दकी बड़ी** for curry. [ଦ୍ର—ବିରି ବଟା ସଙ୍ଗେ ପାଣିକଖାରୁ
ବାଟି ବଡ଼ି ପ୍ରସ୍ତୁତ କଲେ ତାକୁ କଖାରୁ ବଡ଼ି, ବୋଇତ
କଖାରୁ ଆଦିର ମଞ୍ଜି ଦେଲେ ତାକୁ ମଞ୍ଜି ବଡ଼ି; ସୁଗି ଦେଲେ
ସୁଗି ବଡ଼ି, ମୂଳା ଦେଲେ ମୂଳା ବଡ଼ି ବୋଲାଯାଏ ।]

**ବିରି ବାଡ଼ିଆ**—ଦେ. ବି—୧ । ବିରି ଗୁଣ୍ଡିରୁ ବିରିକୁ ପୃଥକ୍ କରିବା
Biri bārḍiā ନିମନ୍ତେ ବଡ଼ ଠେଙ୍ଗାରେ ଗୁଣ୍ଡିଲାଗିଥିବା ଗଛମାନଙ୍କୁ
**उड़देँ गाना** ଏକତ୍ର ବାଡ଼େଇବା—1. To strike the
(ବିରି ମାଡ଼—ଅନ୍ୟରୂପ) harvested Biri plants to make
the grains separated from the pods.
୨ । (ଲକ୍ଷଣାର୍ଥ) (ବିରିକୁ ଠେଙ୍ଗାରେ ନିର୍ମମ ପ୍ରହାର
କରିବା ପରି ). ନିର୍ମମ ମାଡ଼; ଗୋଟିଏ ବାଡ଼ିଆ—
2. Copious beating; sound thrashing.

**ବିରି ବାଡ଼ିଆ ଦେଖି କୋଳଥ ଚମକିବା ନ୍ୟାୟ**—(ଢଗ)—
Biri bārḍiā dekhi koḷatha chamakibā nyāya
**बेटीको मार पुतोहुको त्रास** (କୋଳଥ ଗୁଣ୍ଡିକୁ ଖରାରେ ଶୁଖାଇଲେ
ତାହା ବିରି ଗୁଣ୍ଡି ଅପେକ୍ଷା ଶୀଘ୍ର ଫାଟି ଯାଇ ଚନ୍ଦିରୁ
କୋଳଥ ଶସ୍ୟଯାକ ବାହାରି ପଡ଼େ । ବିରି ଆଗେ ବଳରୁ
ଅମଳାମ ହୁଏ, ପରେ କୋଳଥ ଅମଳାମ ହୁଏ । କୋଳଥ
ଗୁଣ୍ଡି ବିରିଗୁଣ୍ଡି ଅପେକ୍ଷା ସହଜରେ ଫାଟି ଯିବାରୁ ଲୋକେ
ମନେ କରନ୍ତି ଯେ ବିରି ବାଡ଼ିଆ ଦେଖି କୋଳଥ ଶସ୍ୟଯାକ
ବିରି ଗୁଣ୍ଡି ପରି ପ୍ରହାର ଖାଇବା ଭୟରେ ଆଗରୁ ମନକୁ
ଫାଟି ଯାଏ ।)
ଜଣେ ଅପରାଧୀ ବ୍ୟକ୍ତିକୁ ମାଡ଼ ଦେଲେ ତାହାର ସଙ୍ଗୀ-
ମାନଙ୍କ ମନରେ ଅଗ୍ରୁ ପ୍ରହାରର ଆଶଙ୍କା ଉପସ୍ଥିତ ହେବା
ସ୍ଥଳରେ ଏ ଢଗ ବୋଲାଯାଏ ।
(ଅର୍ଥାତ୍ ଜଣକ ଉପରେ ମାଡ଼ ହେବାର ଦେଖି ତାହାର
ସଙ୍ଗୀମାନେ ମାଡ଼ ନ ଖାଉଣୁ ଦୋଷ ସ୍ୱୀକାର କରି ପ୍ରହାର
ଜର୍ଜରିତ ସଙ୍ଗୀର ଦଶାରୁ ରକ୍ଷା ପାଆନ୍ତି)—An analogy
applied to cases where birds of the same
feather (e.g. co-accused) become enervated and do confess their guilt on seeing
their companions being beaten.

**ବିରି ବିରି**—ଦେ. ଅ—ଛୋଟ ଛୋଟ ବିରି ଦାନା ପରି ଦେହରେ
Biri biri ବାହାରିବା ଘିମିରି ଆଦି ବ୍ରଣ—The copious
**उड़द केतरह** coming out of pimples or eruptions
on the body.

**ବିରି ବିରି କାଣ୍ଡେ(ଣ୍ଡୋ)ଇ**—ଗ୍ରା. ବିଣ. ଓ ବି. ସ୍ତ୍ରୀ—ଅତି କଳହପ୍ରିୟା;
Biri biri kāṇde(ṇḍo)i ଯେଉଁ ସ୍ତ୍ରୀ ଅନ୍ୟର ଉପରେ ପଡ଼ି
କଳି କରେ—Shrewish (woman); vixen.

**ବିରିବିରି ଫଳି ଯିବା**—ଦେ. ବି—ଦେହରେ ଘିମିରି ପରି ଛୋଟ ଛୋଟ
Biri biri phaḷi jibā ବ୍ରଣ ବାହାରି ଯିବା; ରିବି ରିବି ଫଳି-
**सघनपुसी बरवराकर निकलना** ଯିବା—The copious
(ବିରି ବିରି ହୋଇ ଫଳି ଯିବା—ଅନ୍ୟରୂପ) appearance of
pimples or eruptions on the body.

**ବିରି ବୋଡି**—ଦେ. ବି—ଖାଇ ଶୂନ୍ୟ ଶୁଷ୍କ ବିରି ଗୁଣ୍ଡିର ଛୋପା—
Biri boti The chaffs of Biri-pods after the
**उड़दकि भूसी** grains are separated there-
কালায়ের ভুষী form.

**(ମୁହଁ) ବିରିଭାଡ଼ି ପରି (କରିବା)**—ଦେ. ବିଣ—(ଲକ୍ଷଣାର୍ଥ) ବିରସ—
(muhañ) Biri bhārḍi pari (karibā) (to have a
dejected face.

**ବିରି ମୁଠିଆ ଘୋଷା**—ଦେ. ବି.—ପାଠ ମନେ ରହିବା ପାଇଁ ପାଠକୁ
Biri muthiā ghoshā ବାରମ୍ବାର ଘୋଷିବାର ପ୍ରଣାଳୀବିଶେଷ-
A mode of persistent and repeated
learning a thing by heart for as many
times as there are grains in the hand.
[ଦ୍ର—ହାତରେ ମୁଠାଏ ବିରି ଧରି ଥରେ ଘୋଷିବା ପରେ
ମୁଠାରୁ ଗୋଟିଏ ବିରି କଢ଼ା ଯାଏ; ଏହିପରି ଗୋଟି
ଗୋଟି ହୋଇ ମୁଠାକ ଯାକ ବିରି ହାତରୁ ନିଃଶେଷ ହେବା
ଯାଏ ପାଠ ଘୋଷିବାକୁ ବିରିମୁଠିଆ ଘୋଷା ବୋଲାଯାଏ।]

**ବିରିଲଡୁ**—ଦେ. ବି—( ସ· ବ୍ରୀହି+ଲଡ୍ଡୁକ )—ବଟା ବିରିକୁ ଲଡୁ
Birilarḍu ଆକାରରେ ଘିଅ ବା ତେଲରେ ଭାଜି ପ୍ରସ୍ତୁତ
মাসকলাই লাড়ু କରାଯିବା ପିଠା—Ball-cakes of Biri
**उड़दकालड्डु** paste fried in oil or ghee.

ବିରସ—ଦେ. ବି—ରାଜସ୍ଥାନର ନଦୀ ବିଶେଷ—Name of a river Birisa in Rajputana. ( ଉ—ଯହିଁ ନିକାଞ୍ଚନେ ବିରସ ପୁଳିନେ, ବସି କିଂପୁରୁଷ କାମିନୀଗଣ । ନନ୍ଦକିଶୋର· କୃଷ୍ଣକୁମାରୀ । )

ବିରସା(ସେ)ଇବା—ଗ୍ରା· କ୍ରି (ସଂ. ବିରସ)—୧ । ବିରକ୍ତ ହେବା; ଅନୁରାଗ-Birisā(se)ibā ରହିତ ହେବା—1. To be displeased or vexed with a person. ( ଉ—ତା ମନ ସ୍ତ୍ରୀ ଠେଇଁ ବିରସେଇଗଲା । ଲୁଲୁଲାଲୁମାଣ୍ଡ· ନଅଭୁଣ୍ଡୀ । ) ୨ । ଏକ ବ୍ୟକ୍ତିର ମନକୁ ଅନ୍ୟ ବ୍ୟକ୍ତି ପ୍ରତି ଅପ୍ରସନ୍ନ କରାଇବା—2. To cause a person to be estranged from another.

ବିରୁଆ(ଆଁ)—ପ୍ରାଦେ (ଗଞ୍ଜାମ) ବୈଦେ. ବି (ଇଂ. ଫରାସୀ; ବ୍ୟୁରୋ)—Biruā(ān) ଆଲମାରୀ—Almirah; bureau.

ବିରୁଚି—ଦେ. ବିଣ (ସଂ. ବି=ଅତ୍ୟନ୍ତ+ରୁଚି)—ଅତି ମନୋହର—Biruchi Very beautiful. ଦେ. ବି—ଅରୁଚି—অরুচি अरुचि Aversion.

ବିରୁଡ଼ି(ଲି)—ଦେ. ବି (ସଂ. ଭୃଙ୍ଗରୋଳ; ବରଟ; ବରଲା )—ଭିରୁଡ଼ି; Birurdi(li) ଭଅଁର; ହଳଦିଆ ଓ ନାଲିରଙ୍ଗ ବିଶିଷ୍ଟ ଭୃଙ୍ଗ; ପୀତ ଭ୍ରମର—The yellow wasp; Vespa; hornet. ভীমরুল बरैया, बिढनी [ଦ୍ର—ଏମାନଙ୍କ ଦେହରେ ହଳଦିଆ ଓ ନାଲି ଡୋରା ଥାଏ । ଏମାନେ ମହୁମାଛିମାନଙ୍କପରି ଫେଣା ବାନ୍ଧନ୍ତି; କିନ୍ତୁ ଏମାନଙ୍କୁ ମଧୁସଞ୍ଚୟ କରିବାର ଦେଖାଯାଏ ନାହିଁ । ଏମାନଙ୍କର ନାହୁଡ଼ ଅଛି ଓ ଏମାନଙ୍କ ଦଂଶନ ବିଶେଷ ଯନ୍ତ୍ରଣାପ୍ରଦ । ଏମାନେ ମହୁମାଛିମାନଙ୍କଠାରୁ ଲମ୍ବ ଓ ଏମାନଙ୍କ କଟି ଅତି କ୍ଷୀଣ । ଏମାନଙ୍କର ଦୁଇଟି ଲେଞ୍ଜାଏଁ ନଥ ଅଛି । ନଥଦ୍ୱୟ ଦୁଇଟି ରେଫ୍ ( ˊ ) ପରି ଦେଖାଯାଏ; ଏଥିପାଇଁ ଏମାନଙ୍କୁ ଦ୍ୱିରେଫ ବୋଲାଯାଏ । ଏମାନେ ଦଳବଦ୍ଧ ହୋଇ ବାସକରନ୍ତି; ଭୋଟା ହଳଦିଆ, ଭୋଟା-କଳା, ନେଳ, ନାଲି ଓ ହଳଦିଆ ଡୋରାଯୁକ୍ତ ନାନା ଜାତିର ବିରୁଡି ଦେଖାଯାଆନ୍ତି । ]

ବିରୁଡ଼ି ବସା-ଦେ. ବି (ସଂ. ବରଲା + ବାସ)—ଭିରୁଡ଼ିମାନେ କରିଥିବା ମହୁ Birurdi basā ଫେଣାପରି ବସା—Hive made by yellow wasps. ভীমরুলের চাক बिढनीका छत्ता ( ବିରୁଡି ଘର—ଅନ୍ୟରୂପ )

ବିରୁଡ଼ି ମାଇଲା ଭଳି ହେବା—ଦେ. କ୍ରି—୧ । ବିରୁଡ଼ି ମନୁଷ୍ୟକୁ ନାହୁଡ଼ ଦ୍ୱାରା ଆଘାତ କଲେ ମନୁଷ୍ୟ Birurdi māilā bhali hebā (ବିରୁଡ଼ି ମାରିବା[ଲା]ଭଳି ହେବା—ଅନ୍ୟରୂପ) ଯେଉଁ ପରି ଅସ୍ଥିର ହୁଏ ସେହିପରି ଅସ୍ଥିରତା ପ୍ରକାଶ କରିବା— ভীমরুলমারা মতন হওয়া बिढनी काटनेके ऐसा होना 1. To be restless like a person stung by wasps. ୨ । ଚିଡ଼ଚିଡ଼ ହେବା—2. To be peevish; to be in sulks; o be irritated; to warm up.

ବିରୁଡ଼ି ମାରିବା—ଦେ. ବି—ବିରୁଡ଼ିର ନାହୁଡ଼ ଦ୍ୱାରା ଆଘାତ—Birurdi māribā The stinging of a wasp. ভীমরুল কাটা बिढनीकाटना -

ବିରୁଡ଼ି(ଲି)ମୁହାଁ—ଦେ· ବିଣ. ପୁଂ—ଯାହାର ମୁହଁରେ ସବୁବେଳେ Birurdi(li)muhān କ୍ରୋଧର ଲକ୍ଷଣ ପ୍ରକାଶିତ ହେଉଥାଏ- विढ़नीमुहाँ କ୍ରୁଦ୍ଧମୁଖ—Having a wrathful countenance. [ବିରୁଡି(ଲି)ମୁହୀଁ—ସ୍ତ୍ରୀ]

ବିରୁତ—ସଂ· ବି—(ବି+ରୁ ଧାତୁ=ଶବ୍ଦ କରିବା+ଭାବ. ତ)—Biruta ୧ । ସ୍ୱର; ରବ—1. Sound; voice. ୨ । ପକ୍ଷୀର କୂଜନ—2 The note or cooing of a bird. ୩ । ଅବ୍ୟକ୍ତ ଧ୍ୱନି—3. Inaudible or muffled sound; whisperings. ୪ । କଳରବ—4. Murmuring sound. ସଂ. ବିଣ—କୂଜିତ—Uttered. (said of a tone).

ବିରୁଦ—ସଂ. ବି—(ବି+ରୁଦ୍ ଧାତୁ=ରୋଦନ କରିବା+ ଭାବ, ଅ)—Biruda ଗଦ୍ୟପଦ୍ୟମୟୀ ରାଜସ୍ତୁତି ବା ଦେବସ୍ତୁତି—A panegyric in prose and poetry.

ବିରୁଦ୍ଧ—ସଂ. ବିଣ—(ବି+ରୁଧ୍ ଧାତୁ=ରୋଧ କରିବା +କର୍ମ. ତ)—Biruddha ୧ । ପ୍ରତିକୂଳ; ବିପରୀତ—1. Opposite; opposed to; hostile to. [ ବିରୋଧ, ବିରୁଦ୍ଧତା, ବିରୁଦ୍ଧତା—ବି] ୨ । ପ୍ରତିବଦ୍ଧ—2. Confined; shut up. ୩ । ବିଦ୍ୱେଷ୍ଟା; ବିରୋଧୀ—3. Antagonistic.

ବିରୁଦ୍ଧ ମତିକାରିତା—ସଂ. ବି—ଶବ୍ଦ ଦୋଷବିଶେଷ—A defect in Birnddha matikāritā in literary compositlon. [ଉ—"ଏଣେ କରେ ବୋଲ ଅମର ସରଣୀ, ବିରାଜନ୍ତି ଚନ୍ଦ୍ରଚୂଡ଼ ଚୂଡ଼ାମଣି" । ଋଂସିତ ପଦ୍ୟାଂଶରେ ଚନ୍ଦ୍ରଚୂଡ଼ଙ୍କର ଚୂଡ଼ାମଣି କହିବାଦ୍ୱାରା ବୋଧ ହେଉଅଛି ଯେତେ ସେପରି ଚନ୍ଦ୍ର ଛଡ଼ା ଅନ୍ୟ କିଛି ମହାଦେବଙ୍କର ଶିରୋଭୂଷଣ । କିନ୍ତୁ ଚନ୍ଦ୍ର ଏଠାରେ ବର୍ଣ୍ଣନୀୟ ବୋଲି ବିରୁଦ୍ଧ ମତିକାରିତା ଦୋଷ ହୋଇଅଛି ।]

ବିରୁଦ୍ଧ ରସାଙ୍ଗ ବର୍ଣ୍ଣନା—ସଂ. ବି—ରସଦୋଷ ବିଶେଷ—A defect Biruddha rasānga barnnanā in literary sentiment. [ ଦ୍ର—କୌଣସି ରସରେ ଯେବେ ତଦ୍‌ବିରୋଧୀ ରସର ବିଭାବାଦି ପରିଗୃହୀତ ହୁଏ, ତାହାହେଲେ ବିରୁଦ୍ଧ ରସାଙ୍ଗ ବର୍ଣ୍ଣନା ନାମକ ଦୋଷ ହୁଏ । ]

ବିରୁଦ୍ଧରେ—ସଂ· କ୍ରି. ବିଣ—ବିପକ୍ଷରେ—Againist; in opposition to. Biruddhare (ଯଥା--ତାଙ୍କ ବିରୁଦ୍ଧରେ ମୋର ଗୋଟିଏ ବିରୁଦ୍ଧେ विरोधमें ଗୁହାରି ଅଛି ।) [ଦ୍ର—ବିରୁଦ୍ଧ ଶବ୍ଦ ସାଧାରଣତଃ (ବିରୁଦ୍ଧେ—ଅନ୍ୟରୂପ) ବିଶେଷଣ ପଦ ଥିବାରୁ 'ତାଙ୍କ ବିରୁଦ୍ଧରେ' ବ୍ୟବହାର ଦୋଷଯୁକ୍ତ ଅଟେ; କିନ୍ତୁ ବିରୁଦ୍ଧ ଶବ୍ଦର 'ବିରୋଧ' ଅର୍ଥ କେତେକ ସଂସ୍କୃତ କୋଷ (ଯଥା—ଆପ୍ଟେ)ରେ ଦେଖାଯିବାରୁ ଏ ବ୍ୟବହାର ଦୋଷାବହ ନୁହେ । ]

ବିରୁଦ୍ଧାଚରଣ—ସଂ. ବି ( କର୍ମଧା; ବିରୁଦ୍ଧ+ଆଚରଣ )—୧ । ବିପରୀତ
Biruddhācharaṇa ବ୍ୟବହାର; ପ୍ରତିକୂଳାଚରଣ—1. Acting
(ବିରୁଦ୍ଧାଚାର—ଅନ୍ୟରୂପ) in opposition. ୨ । ଶତ୍ରୁତା-
ଚରଣ—2. Acting inimically; inimical or hostile conduct.

ବିରୁଦ୍ଧାଚାରୀ—ସଂ. ବିଣ. ପୁଂ ( ବିରୁଦ୍ଧାଚାରିନ୍; ବିରୁଦ୍ଧାଚାର+ଇନ୍ )—
Biruddhāchāri ୧ । ଶତ୍ରୁତା ଆଚରଣକାରୀ—1. Acting
(ବିରୁଦ୍ଧାଚାରିଣୀ—ସ୍ତ୍ରୀ) inimically or in a hostile manner.
୨ । ବିପରୀତାଚରଣକାରୀ—
2. Acting in opposition.

ବିରୁଲ—ଦେ. ବି—ବନ୍ୟ ବୃକ୍ଷବିଶେଷ—
Biurla Name of a wild tree.

ବିରୂଢ଼—ସଂ. ବିଣ ( ବି+ରୁହ୍ ଧାତୁ=ଉଦ୍ଭବ ହେବା+କର୍ତ୍ତୃ. ତ )—
Birūrdha ୧ । ଅଙ୍କୁରିତ—1. Sprouted. ୨ । ଉଦ୍ଭବ;
ଜାତ 2. Born; produced. ୩ । ବଦ୍ଧମୂଳ—
3. Fixed at the root; rooted. ୪ । ଆରୋହଣ
କରୁଥିବା—4. Ascending; riding. ୫ । ଗଭୀରରୂପେ
ନିମଗ୍ନ—5. Sunk deep.

ବିରୂପ—ସଂ. ବିଣ ( ବି=ବିକୃତ+ରୂପ=ଆକୃତି)—କୁରୂପ; କୁତ୍ସିତ—
Birūpa 1. Ugly-looking. ( ଉ —ବୃଷାଳ ବିଶ୍ୱକ,
( ବିରୂପକ—ଅନ୍ୟରୂପ ) ବିରୂପ , ବ ଠିକ, ବଡ଼ାଇ ସମ୍ବାଦ—
( ବିରୂପା—ସ୍ତ୍ରୀ ) ଭଞ୍ଜ. ବୈଦେହୀଶବିଳାସ । ) ୨ । ପ୍ରତିକୂଳ—
2. Adverse; opposite. ସଂ. ବି—ପିପ୍ପଳୀମୂଳ—
1. The root of long pepper. ୨ । ସୁଗନ୍ଧ-
ଯୁକ୍ତ ଗୁଳ୍ମ—2. Name of a flower plant.

ବିରୂପା—ଦେ. ବି—ମହାନଦୀର ଶାଖା ନଦୀବିଶେଷ—A branch of
Birūpā the river Mahanadi in Orissa. (ଉ—ଚନ୍ଦନ
କାଉଞ୍ଜ-ମଞ୍ଜୁଳ ଅଳତା, ସୁରୂପା ବିରୂପା ଯହିଁ କରେ ଗନ୍ଧ—
ରାଧାନାଥ• ନନ୍ଦିକେଶ୍ୱରୀ । ) [ ଦ୍ର—ମହାନଦୀର ଏ
ଶାଖା କଟକର ୩।୪ ମାଇଲ ପଶ୍ଚିମରେ ନରାଜଠାରେ
ମହାନଦୀରୁ ବାହାରିଅଛି । ଏହି ନଦୀରେ ଅନନ୍ତଙ୍କ ଉଅର
ହୋଇ ଉକ୍ତ ଜଳରାଶିରୁ ହାଇଲେଭଲ କେନାଲ
ବାହାରି ଅଛି । ] ସଂ. ବିଣ. ସ୍ତ୍ରୀ—ବିରୂପର ସ୍ତ୍ରୀଲିଙ୍ଗ—
Feminine of Birūpā.
ସଂ. ବି—୧ । ଦୁରାଳଭା ( ଦେଖ )—1. Durālabhā
( See ) ୨ । ଅତିବିଷା ( ଦେଖ )—2. Atibishā
विरूप(पा) (See ). ଦେ. ବିଣ (ପୁଂ. ଓ ସ୍ତ୍ରୀ) ( ସଂ. ବିରୂପ )—
କୁତ୍ସିତରୂପବିଶିଷ୍ଟ—Of ugly appearance. [ଉ—
ବିରୂପା ବିରୂପାକ୍ଷରୁ କନ୍ଯା ମାଳ ପ୍ରକଟ କଟକ ଭାଗେ—ଭଞ୍ଜ.
ବୈଦେହୀଶବିଳାସ ।

ବିରୂପାକ୍ଷ—ସଂ. ବି ( ବହୁବ୍ରୀହି; ବିରୂପ=କୁତ୍ସିତ+ଅକ୍ଷି; ଯାହାଙ୍କର
Birūpāksha ତିନିଗୋଟି ଅକ୍ଷି ଥିବାରୁ ଯେ କୁତ୍ସିତ ଦେଖା-
ଯାଆନ୍ତି)—୧ । ମହାଦେବ; ତ୍ରିଲୋଚନ—1. Śiba.
୨ । ବ୍ରହ୍ମାଙ୍କ ମସ୍ତକରୁ ଜାତ ରୁଦ୍ରବିଶେଷ—2. Name
of a class of Rudra Deities. ୩ । ରାକ୍ଷସବିଶେଷ-
3. Name of a demon. ( ଉ—ବିରୂପାକ୍ଷ ସ୍ଥାନେ
ଦରସବଦ ଯେ ଦ୍ୱିବିଧ ଅର୍ଥରେ ଯୋଗ—ଭଞ୍ଜ. ବୈଦେହୀଶ-
ବିଳାସ ।) ସଂ• ବିଣ—କୁତ୍ସିତ ବା ବିକୃତ ଚକ୍ଷୁର୍ବିଶିଷ୍ଟ—
Having an ugly eye or eyes. ଦେ• ବି. ପୁଂ—
ଲୋକଙ୍କୁ ଦିଆଯିବା'ନାମ—A name given to males.

ବିରୂପିକା—ସଂ. ବିଣ. ସ୍ତ୍ରୀ ( ବିରୂପ+କ+ସ୍ତ୍ରୀ. ଅ )—୧ । କୁରୂପା—
Birūpikā 1. Ill-shaped: deformed ( woman ).
( ବିରୂପକ—ପୁଂ ) ୨ । କୁତ୍ସିତା—2. Ugly ( woman ).

ବିରେକ—ସଂ. ବି ( ବି+ରିଚ୍ ଧାତୁ=ପୁନଃ ପୁନଃ ମଳ କ୍ଷରଣ ହେବା
Bireka +ଭାବ. ଅ )—ପୁନଃ ପୁନଃ ମଳ ନିଃସରଣ; ଅନେକ
ଥର ଝାଡ଼ା ହେବା—Repeated evacuations; dirrohea; purging. ସଂ. ବିଣ ( +କର୍ତ୍ତୃ. ଅ )—
ଯାହା ଖୁବ୍ ଝାଡ଼ା କରାଏ; ବିରେଚକ—Cathartic; purgative.

ବିରେଚକ—ସଂ. ବିଣ ( ବି+ରିଚ୍ ଧାତୁ ଣିଜନ୍ତ, ରେଚି ଧାତୁ=
Birechaka ନିଃସାରଣ କରିବା+କର୍ତ୍ତୃ. ଅକ )—ଭେଦକାରକ;
ଯାହା ସେବନ କଲେ ଝାଡ଼ା ହୁଏ; ଜୁଲାପ—Purgative.

ବିରେଚନ—ସଂ. ବି ( ବି+ରିଚ୍ ଧାତୁ+ଭାବ. ଅନ )—ମଳ ନିଃସରଣ;
Birechana ଝାଡ଼ା ହେବା—Purging; passing of
stools. ସଂ. ବିଣ (ବି+ରିଚ୍ ଧାତୁ+କର୍ତ୍ତୃ. ଅନ )—
ବିରେଚକ—Purgative.

ବିରେନ୍—ପ୍ରାଦେ. ( ସମ୍ବଲପୁର ) ବି ( ସଂ. ବୀରଣ )—ବେଣା—
Biren The Benā grass.

ବିରୋକ୍—ଦେ. ବିଣ—ଅବାଧ—Unobstructed. ବି—ବାଧାର
Birok ଅଭାବ—Absence of any restraint or
अबाध बेरोक hindrance.

ବିରୋକ—ସଂ. ବି ( ବି+ରୁଚ୍ ଧାତୁ=ଦୀପ୍ତି ପାଇବା+କର୍ତ୍ତୃ. ଅ )—
Biroka ୧ । ଛିଦ୍ର; ଗର୍ତ୍ତ; ବିବର—1. Hole. ୨ । ସୂର୍ଯ୍ୟ-
କିରଣ—2. The rays of the sun.

ବିରୋଚନ—ସଂ. ବି ( ବି+ରୁଚ୍ ଧାତୁ=ଦୀପ୍ତି ପାଇବା+କର୍ତ୍ତୃ. ଅନ )
Birochana —୧ । ସୂର୍ଯ୍ୟ—1. The sun. ୨ । ଚନ୍ଦ୍ର—
2 The moon. ୩ । ଅଗ୍ନି—3. Fire. ୪ ।
ପ୍ରହ୍ଲାଦଙ୍କ ପୁତ୍ର ଓ ବଳି ରାଜାଙ୍କ ପିତା—4. Father
of king Bali. ୫ । ଅର୍କ ଗଛ—5. Calotropis
Gigantea ( plant ). ୬ । ଫଣଫଣା; ଶ୍ୟୋନାକ
ବୃକ୍ଷ—6. Bignonia Indica ( tree ). ୭ ।
ଘୃତ କରଞ୍ଜ—7. A plant. ୮ । ରୋହିତକ ବୃକ୍ଷ—
8. A tree; Andersonia Rohitaka. ୯ ।
ବଡ଼ବାଗ୍ନି—9. Submarine fire. ଦେ. ବିଣ—
अरुचक ଅରୁଚିକର—Disgusting to the taste;
distasteful. ( ଉ—ବିରୋଚନ ଏ.ବଶିଷ୍ଠ ମନକୁ ।

ଭଞ୍ଜ. ବୈଦେହୀଶବିଳାସ । ) ଦେ. ବି—ହସନ୍ତିକାଗ୍ନି; ଅଙ୍ଗେଠିର ନିଆଁ—The fire of a brazier. (ଉ—ବାଉନାସାକଳୀ ଯୋଗେ ତହିଁ, ବିରୋଚନ ଅଭି ଜ୍ୱୋଲିତ ଏଣୁ ବହି । ଭଞ୍ଜ. ବୈଦେହୀଶବିଳାସ । )

ବିରୋଚନ ନାରୀ—ସଂ. ବି (୬ଷ୍ଠୀ ତତ୍; ବିରୋଚନ+ନାରୀ)—Birochana nārī ବିରୋଚନର ସ୍ତ୍ରୀ; ମାଲତୀ କନ୍ୟା—The wife of Birochana. [ ଉ—ବିରୋଚନନାରୀ ଛଦ୍ମେ ହୋଇ ହର ତା ଜୀବ ଯେମନ୍ତ ହରି । ଭଞ୍ଜ. ବୈଦେହୀଶବିଳାସ । ] [ ଦ୍ର—ପୁରାଣରେ ବର୍ଣ୍ଣିତ ଅଛି ବିରୋଚନ ଶ୍ୱଷସଙ୍କୁ ବଧ କରିବାପାଇଁ ଭଗବାନ୍ ମାୟାରେ ମାଲତୀ କନ୍ୟାରୂପ ଧାରଣ କରି ତାହାର ସ୍ତ୍ରୀ ହୋଇଥିଲେ । ]

ବିରୋଧ—ସଂ. ବି ( ବି+ରୁଧ୍ ଧାତୁ=ରୁଦ୍ଧ କରିବା+ଭାବ ଅ )—Birodha ୧ । ଶତ୍ରୁତା—1. Enmity; hostility ୨ । ବୈପରୀତ୍ୟ; ପ୍ରତିକୂଳତା—2. Opposition; contradiction. ୩ । ଅବରୋଧ—3. Obstruction. ୪ । ଅମେଳ; ଅନୈକ୍ୟ—4. Disagreement. ୫ । ( +କର୍ତ୍ତୃ ଅ ବା ଅଧିକରଣ ଅ ) ଯୁଦ୍ଧ—5. Battle. ( ଉ—ବଯ୍ସ ଗଲାକ ସର, ଯୁଝି ଯୁଝିଲାର ପର, ଏ ସଙ୍ଗେ ବିରୋଧ କରିବାର ଉତ୍ସବ । ଭଞ୍ଜ. ବୈଦେହୀଶବିଳାସ । ) ୬ । ବିପଦ୍—6, Calamity. ୭ । ଅଟକ; ବାଧା—7. Obstruction; obstacle. ୮ । ଅର୍ଥାଲଙ୍କାର ବିଶେଷ; ବିରୋଧାଭାସ ( ଦେଖ )—8. A figure of speech in which there is apparent contradiction. ୯ । କଳି—9. Quarrel. ୧୦ । ବିବାଦ—10. Dispute; dessension. ଦେ. ବି—ନିଷେଧ—Prohibition. [ଯଥା—ପିକା ଖାଇବାକୁ ଓଡ଼ିଆ ବ୍ରାହ୍ମଣ ସମାଜରେ ବିରୋଧ ଅଛି ।] ଦେ. ବିଣ—ନିଷିଦ୍ଧ—Forbidden; prohibited. ( ଉ—ବିରୋଧ ବିଷୟମାନ ଖାଆନ୍ତି ଯେ ଲୋକେ । ପ୍ରାଚୀ. ଶ୍ରୀ ଗୁରୁଭକ୍ତି ଗୀତା । )

ବିରୋଧକ—ସଂ.ବିଣ.ପୁଂ (ବି+ରୁଧ୍ ଧାତୁ+କର୍ତ୍ତୃ ଅକ)—୧ । ବିବାଦକାରୀ—1. Disputing. ୨ । କଳହୀ—2. Quarrelsome. ୩ । ମାମଲାବାଜ—3. Litigious.
Birodhaka
(ବିରୋଧିକା—ସ୍ତ୍ରୀ)

ବିରୋଧ କରିବା—ଦେ. କ୍ରି—୧ । ବିବାଦ କରିବା—1. To dispute. ୨ । ନିଷେଧ କରିବା—2. To forbid; to prohibit. ୩ । ଅଟକ କରିବା; ବାଧା ଦେବା—3 To obstruct; to hinder. ୪ । କଳି ଲଗାଇବା—4. To quarrel.
Birodha kariba
विरोध करना

ବିରୋଧନ—ସଂ. ବି (ବି+ ରୁଧ୍ ଧାତୁ= ରୁଦ୍ଧ କରିବା+ଭାବ. ଅନ)—Birodhana ବିରୋଧ (ଦେଖ)—Birodha (See). ସଂ. ବିଣ—( ବି+ରୁଧ୍+କର୍ତ୍ତୃ ଅନ )—୧ । ବିରୋଧକାରକ—1. Obstructing. ୨ । ବିବାଦକାରୀ—2. Disputing. ୩ । କଳହକାରୀ—3· Quarrelling.

ବିରୋଧ ପରିହାର—ସଂ. ବି—(୬ଷ୍ଠୀ ତତ୍; ବିରୋଧ+ପରିହାର )—Birodha parihāra ୧ । ବିବାଦ ତ୍ୟାଗକରଣ—1. Giving up a dispute or quarrel. ୨ । ବୈପରୀତ୍ୟର ପରିତ୍ୟାଗ—2. Removal of a contradiction or opposition.

ବିରୋଧ ଭଙ୍ଗ—ସଂ. ବି ( ୬ଷ୍ଠୀ ତତ୍; ବିରୋଧ+ଭଙ୍ଗ )—ବିବାଦ ମେଣ୍ଟିଯିବା—The settlement of a dispute.
Birodha bhaṅga

ବିରୋଧ ଭଞ୍ଜନ—ସଂ. ବି (୬ଷ୍ଠୀ ତତ୍; ବିରୋଧ+ଭଞ୍ଜନ)—୧ । ବିବାଦ ମେଣ୍ଟିଯିବା—1. The settlement of a dispute. ୨ । ଅନ୍ୟମାନଙ୍କ ମଧ୍ୟରେ ଥିବା ବିରୋଧକୁ ମେଣ୍ଟାଇ ଦେବା—2. Settling a dispute between others.
Birodha bhañjana

ବିରୋଧାଗ୍ନି—ସଂ. ବି ( ରୂପକ କର୍ମଧା; ବିରୋଧ+ଅଗ୍ନି )—ଅଗ୍ନିପରି ଭୟାନକ ବିରୋଧ ବା ବିବାଦ—A hot or fiery dissension.
Birodhāgni
( ବିରୋଧାନଳ—ଅନ୍ୟରୂପ )

ବିରୋଧାଭାସ—ସଂ. ବି (୬ଷ୍ଠୀ ତତ୍; ବିରୋଧ+ଅଭାସ)—A figure of speech in which there is apparent contradiction. [ ଦ୍ର—ଯେଉଁଠାରେ ବର୍ଣ୍ଣନା ପ୍ରକୃତରେ ପରସ୍ପର ବିରୋଧୀ ନଥାଇ ଆପାତତଃ ବିରୋଧୀ ବୋଲି ଜଣାଯାଏ ସେଠାରେ ଏହି ଅଳଙ୍କାର ହୁଏ; ଯଥା—ଭାରୁଛି ହେବାକୁ ଯେତେ ଏ ରୂପ ବଧୂର, ନ ଭାରୁଛି ସେ ହେବାକୁ ଏ ରୂପ ବଧୂର; ଭାବ ନ ଭାବ ସେ ଧୀର; ଶୋକ ପାଶୋରି ହେଲାଣି ଅଶୋକ ପାଶୋରି—ଗୋଲକ—ଉପେନ୍ଦ୍ରଭଞ୍ଜ । ]
Birodhābhāsa

ବିରୋଧି—ଦେ. ବିଣ (କଚରଥା) (ସଂ. ବିରୋଧୀଯ୍ୟ)—୧ । ବିରୋଧୀଯ୍ୟ; ବିବାଦାସ୍ପଦ; ବିବାଦର ବିଷୟୀଭୂତ—1. Disputed; subject of controversy; controversial. ୨ । ମକଦ୍ଦମାରେ ପକ୍ଷମାନଙ୍କ ମଧ୍ୟରେ ଯେଉଁ ବିଷୟ ଲାଗି ବିବାଦ ହୋଇଥାଏ—2. (a matter) In dispute in a case.
Birodhi
(ବିରୋଧିଅ[ଯ୍ୟ]—ଅନ୍ୟରୂପ)

ବିରୋଧିବା—ଦେ. କ୍ରି (ପଦ୍ୟ) (ସଂ. ବି+ରୁଧ୍ ଧାତୁ)—୧ । ବିରୋଧ କରିବା—1. To obstruct. ୨ । ନିଷେଧ କରିବା; ମନା କରିବା—2. To forbid. [ ଉ—ବିରୋଧିଲେ ଶୁଣି ସେ ବାଣୀ ଲକ୍ଷ୍ମଣ, ତ ବିଭ୍ରା ନ ଲାଗି ଜନକ । ଭଞ୍ଜ. ବୈଦେହୀଶବିଳାସ ।]
Birodhibā
विरोधना

ବିରୋଧୀ—ସଂ. ବିଣ. ପୁଂ (ବିରୋଧିନ୍; ବିରୋଧ+ଅସ୍ତ୍ୟର୍ଥେ. ଇନ୍, ୧ମା. ୧ବ )—୧ । ବିରୋଧକାରୀ—1. Disputing; opposing. ୨ । ପ୍ରତିକୂଳ; ବିରୁଦ୍ଧ—1. Opposed to. ୩ । ବିପକ୍ଷ; ଶତ୍ରୁତାପନ୍ନ—3. Inimical. ୪ । ବିନାଶକ—4. Destroying; destructive. [ ଉ—ବନରୁହରୁ ଜନମ ହୋଇ ଭୁଷାର, ବିରୋଧୀ ନାହିଁ ଅଧିକେ ଦର୍ଶି ରୁଚିର । ଭଞ୍ଜ. ବୈଦେହୀଶବିଳାସ । ] ସଂ. ବି—ବତ୍ସର ବିଶେଷ—
Birodhī
(ବିରୋଧିନୀ—ସ୍ତ୍ରୀ)

Name of a particular year. ଦେ.ବି—୧ । ଅପର ପକ୍ଷୀୟ ବ୍ୟକ୍ତି—1. A person belonging to the other party. ୨ । ଶତ୍ରୁ—2. Enemy ଦେ. ବିଣ—( ବିରୋଧ )—ବିରୋଧୀ ( ଦେଖ )—Birodhi ( See ).

ବିରୋଧୀୟ—ସ. ବିଣ ( ବିରୋଧ+ଈୟ )—ବିବାଦୀୟ; ବିବାଦସମ୍ବନ୍ଧୀୟ
Birodhiya — Relating to the disdute; controversial.

ବିରୋଧୋକ୍ତି—ସ. ବି—(ମ. ପ. ଲୋ; ବିରୋଧଜନକ ଉକ୍ତି; ବିରୋଧ+
Birodhokti ଉକ୍ତି—୧ । ବିରୋଧାଭାସ (ଦେଖ)—1. Birodhābhāsa (See) ୨ । କଟୁ କଥା—2. Harsh speech. [ଉ-ବିରୋଧୋକ୍ତି ନ ଭଣିବେ ଅନୁରୋଧରୁ—ଭକ୍ତ. ବୈଦେହୀଶବିଳାସ ।] ୩ । ବିପ୍ରଲାପ (ଦେଖ)—3, Bipralāpa (See). ୪ । ଅନର୍ଥକ ବିବାଦ ( ଶବ୍ଦ କଳ୍ପଦ୍ରୁମ )—4. Vain dispute.

ବିରୋବାଏ—ପ୍ରାଦେ· (ସମ୍ବଲପୁର) ବି—(ଭୁଲ· ହୁ. ବିରୋବାନ୍)—
Birobāe ଭୂତ; ତାନ୍ତ୍ରିକ ପ୍ରୟୋଗଦ୍ୱାରା କୌଣସି ବ୍ୟକ୍ତିର ଗୃହକୁ ପ୍ରେରିତ ଅତ୍ୟାଚାରକ ଭୂତ—An evil spirit sent to a person's house by means of magical charms.

ବିରୋଳ—ଦେ· ବି—(ସ. ବିରଳ)—୧ । ସୁବ୍ୟକ୍ତ; ସୁସ୍ପଷ୍ଟ—
Biroḷa 1. Clear. ୨ । ପରସ୍ପରଠାରୁ ପୃଥକ୍—2. Separate from each other.

ବିର୍ଜ—ଗ୍ରା. ବି—(ସ. ବୀର୍ଯ୍ୟ)—ଶୁକ୍ର; ବୀର୍ଯ୍ୟ—
Birja वीज **विर्ज** Semen virile.

ବିର୍ଜା(ର୍ଜେ)ଇବା—ଦେ. କ୍ରି—ବିରିଜାଇବା (ଦେଖ)
Birja(rje)ibā (ବିର୍ଜିବା—ଅନ୍ୟରୂପ) Birijāibā (See)

ବିର୍ଝିବା—ପ୍ରାଦେ. (ସମ୍ବଲପୁର) କ୍ରି. (ଭୁଲ. ହୁ. ବିରଝନା)—
Birjhibā ବିରଝିବା (ଦେଖ)—Birijhibā (See)

ବିର୍ଣ୍ଣି(ର୍ନି)—ପ୍ରାଦେ. (ସମ୍ବଲପୁର) ବି—(ସ. ବର୍ଦ୍ଧନୀ; ଭୁଲ. ହୁ. ବିର୍ନୀ);
Birṇṇi(rni) ବିର୍ନି (ଦେଖ)—Bir-ni (See)

ବିର୍ହୁତ—ଦେ. ବି—୧ । ଓଡ଼ିଶା ଗଡ଼ଜାତମାନଙ୍କରେ ବାସ କରୁଥିବା
Birhut ଅନାର୍ଯ୍ୟ ଜାତି ବିଶେଷ—1. A non-aryan caste
बिरहूत **बीरहूत** residing in the Oriya states. ୨ । ବିର୍ହୁତ ଜାତିର କଥିତ ଭାଷା—2. The language spoken by the Birhuts.

ବିର୍ହି—ଦେ. ବି—(ସ. ବ୍ରୀହି)—ବିରି (ଦେଖ)—Biri (See)
Birhi [ଉ—ଏ ଅନ୍ତରେ ଘୋଡ଼ାଙ୍କୁ ସ୍ନାନ କରାଇଲେ । ବିର୍ହି (ବିର୍ହ—ଅନ୍ୟରୂପ) ଘାସ ଦେଇ ମଦ ପିଆଇଲେ । କୃଷ୍ଣସିଂହ, ମହାଭାରତ ଦ୍ରୋଣ ।]

ବିଲ୍(ଧାତୁ)—ସ.—ଭେଦ କରିବା—
Bil (root) To pierce.

ବିଲ୍—ବୈଦେ. ବି ( ଇଂ. ବିଲ୍ )—୧ । ପ୍ରାପ୍ୟ ଟଙ୍କାର ଦାବୀ-ତାଲିକା;
Bil ପ୍ରାପ୍ୟ ଟଙ୍କା ପାଇବା ନିମନ୍ତେ ଯେଉଁ ପତ୍ର ଦାବୀଦାର ଦାଖଲ
बील **बील** କରେ—1. A bill drawn up for payment of one's dues. ୨ । ବ୍ୟବସ୍ଥାପକ ସଭାରେ ପ୍ରସ୍ତାବ କରାଯିବା ଆଇନର ପାଣ୍ଡୁଲିପି—2. A bill put up before a legislative council for being passed into law.

ବିଲ୍ କିରାନି—ବୈଦେ· ବି—(ଇଂ ବିଲ୍+ଫା. କିରାନି )—ଯେଉଁ
Bil kirani କ୍ଲର୍କ୍ କୌଣସି ଅଫିସର ବିଲ୍‌ମାନ ତିଆରି କରେ-
बीलक्लार्क **बील किरानी** Bill clerk.
(ବିଲ୍ କ୍ଲର୍କ; ବିଲ୍ କ୍ଲାର୍କ—ଅନ୍ୟରୂପ)

ବିଲ୍‌କୁଲ୍—ବୈଦେ. କ୍ରି. ବିଣଓ ବିଣର ବିଣ—( ଫା. ବିଲ୍=ଏମନ୍ତକି;
Bil-kul କୁଲ୍=ସମୁଦାୟ )—ସମ୍ପୂର୍ଣ୍ଣରୂପେ; ଏକାବେଳକେ; ସମସ୍ତ—
बिलकुल **बिलकुल** Wholly; all; entirely. [ଉ—ଶ୍ଳେଷ। [ବିଲ(ଲ୍)କୁଲ(ଲ୍)—ଅନ୍ୟରୂପ] ମିଶ୍ରି ପଦର ବର୍ଣ୍ଣ ମଧ୍ୟରେ ପାରସ୍ୟ ଭାଷାର ବିଲ୍‌କୁଲ ବର୍ଣ୍ଣମାଳା ଓ ବିନାନ ଶିଖି ପକାଇଥିଲେ । ଫକୀରମୋହନ. ଛମାଣ ଆଠଗୁଣ ।] ବୈଦେ. ବିଣ—ସମୁଦାୟ—Whole; all of. [ଯଥା—ତା ବିଲ୍‌କୁଲ୍ ଦେହ ଘାଆ ହୋଇଛି । ] ପ୍ରାଦେ.—( ସମ୍ବଲପୁର ) ଅ. ନିଶ୍ଚୟ—Certainly; surely. [ଯଥା—ଆଜି ବିଲ୍‌କୁଲ ମେଘ ବର୍ଷିବ ।]

ବିଲ୍‌ଟି—ବୈଦେ. ବି· ( ଇଂ·. ବିଲେଟ୍; ବିଲ୍ ଅଫ୍ ଲେଡିଙ୍ଗ୍ )—
Bil-ṭi ଜାହାଜରେ ଓ ରେଲଗାଡ଼ିରେ ମାଲ ଲଦାଇ ପଠାଇବା
(ବିଲ୍ଟି—ଅନ୍ୟରୂପ) ବ୍ୟକ୍ତିଙ୍କୁ ମିଳିବା ନିଦର୍ଶନ ପତ୍ର; ମାଲ ଚଲାଣି
बिल्टी ପର୍ଚ୍ଚି—A bill of lading; a ralway-receipt.
**बिल्टी** [ ଦ୍ର—ଏହି ବିଲ୍‌ଟିକୁ ପ୍ରେରକ ଗ୍ରାହକଙ୍କ ନିକଟକୁ ପଠାନ୍ତି । ଗ୍ରାହକ ଠିକଣାମୁଣ୍ଡରେ କମ୍ପାନିକୁ ଏହି ବିଲ୍‌ଟି ଦେଖାଇ ପ୍ରେରିତ ମାଲ ଗ୍ରହଣ କରନ୍ତି । ]

ବିଲ୍‌ଟି କରିବା—ଦେ. କ୍ରି—୧ । (ଜାହାଜର ବା ରେଲର ଭାରପ୍ରାପ୍ତ
Bil-ṭi karibā କର୍ମଚାରୀ) ପ୍ରେରକଠାରୁ ପ୍ରେରିତ ଦ୍ରବ୍ୟ ଗ୍ରହଣ
बिल्टी काटना କରି ତାଙ୍କୁ ପ୍ରାପ୍ତିସ୍ୱୀକାର ପତ୍ର ଦେବା—1.To grant
**बिल्टी काटना** a bill of lading or railway reciept for goods entrusted to a steamer or railway for carriage. ୨ । (ପ୍ରେରିତ ଦ୍ରବ୍ୟର
ବିଲ୍‌ଟି କାଟିବା / ବିଲ୍ଟି କରିବା / ବିଲ୍ଟି କାଟିବା } ଅନ୍ୟରୂପ
ପ୍ରେରକ) ପ୍ରେରିତ ଦ୍ରବ୍ୟକୁ ଜାହାଜରେ ବା ରେଲରେ ବୋଝାଇ କରାଇବା ପରେ ଅଧ୍ୟକ୍ଷଙ୍କଠାରୁ ରସିଦ ନେବା—2 To get a bill of lading or rceipt for goods consigned to a carrier of goods.

ବିଲ୍ ନାମଞ୍ଜୁର(ରି)—ବୈଦେ. ବି—୧ । ବିଲ୍‌ରେ ଦାବୀ କରାଯାଇଥିବା
Bil nāmañjur(ri) ଟଙ୍କାକୁ ଅଗ୍ରାହ୍ୟ କରିବା—1. Rejec-
बिल नामञ्जुर(रि) tion of a bill for payment.
**बील नामंजुर(रि)** ୨ । ବ୍ୟବସ୍ଥାପକ ସଭାରେ ଉପସ୍ଥାପିତ ଆଇନର ପାଣ୍ଡୁଲିପି ଆଇନରୂପେ ଗୃହୀତ ନ ହେବା—2. Rejection of a legislative bill by the Council.

**ବିଲ୍ ପାସ୍**—ବୈଦେ. ବି ( ଇଂ. ବିଲ୍+ପାସ୍ )—୧ । ବିଲ୍‌ରେ ଯେଉଁ ଟଙ୍କା ଦାବୀ କରାଯାଇଥାଏ, ତାହା ଦାବୀଦାରଙ୍କୁ ଦିଆଯିବା ନିମନ୍ତେ ମଞ୍ଜୁର—1. Passing or sanctioning of a bill for payment. ୨ । ବ୍ୟବସ୍ଥାପକ ସଭାରେ ପ୍ରସ୍ତାବିତ ଆଇନ୍‌ର ପାଣ୍ଡୁଲିପି ଆଇନ୍‌ରୂପେ ଗୃହୀତ ହେବା—2. The passage of a legislative bill into law.
Bil pās
বিলপাশ
**बीलपाश**
[ବିଲ୍ ମଞ୍ଜୁର(ରି)—ଅନ୍ୟରୂପ]

**ବିଲ୍‌ଫଇ(ଏ)ଲ୍**—ବୈଦେ. କ୍ରି. ବିଣ ( ଫା )—୧ । ବର୍ତ୍ତମାନ—1. Now. ୨ । କ୍ଷଣକାଳ ବିଳମ୍ବ ନ କରି; ସାଙ୍ଗେସାଙ୍ଗେ—2. Immediately; at once.
Bil-phai(e)l
বীলফেল
**बिलफेल**
(ବିଲ୍‌ଫେଲ୍—ଅନ୍ୟରୂପ)

**ବିଲ୍‌ଫ(ଫା)ର୍ମ**—ବୈଦେ. ବି ( ଇଂ. ବିଲ୍+ଫର୍ମ )—ବିଲ୍ ଲେଖାଯିବା ପାଇଁ ଛପା ହୋଇଥିବା ପତ୍ର—Bill-form. [ଦ୍ର—ଏ ଫର୍ମରେ ବିଲ୍‌ରେ ଲେଖା ହେବା ପାଇଁ ଭିନ୍ନ ଭିନ୍ନ ହେଡିଙ୍ଗ୍ ବା ଶିରୋନାମା ମୁଦ୍ରିତ ହୋଇଥାଏ । ବିଲ୍ ପୂରଣକାରୀ ଉକ୍ତ ହେଡିଙ୍ଗ୍‌ମାନଙ୍କ ତଳେ ଜ୍ଞାତବ୍ୟ ବିଷୟ ବା ସଂଖ୍ୟାମାନ ପୂରଣ କରନ୍ତି ।]
Bil-pha(phā)rm
বীলফর্ম
**बीलफारम**
[ବିଲ୍‌ଫ(ଫା)ରମ୍—ଅନ୍ୟରୂପ]

**ବିଲ୍ ଭଙ୍ଗା(ଙ୍ଗେ)ଇ**—ଦେ. ବି (ଇଂ. ବିଲ୍+ସଂ. ଭଞ୍ଜ୍ ଧାତୁ )—୧ । ପାଶ୍ ହୋଇଥିବା ବିଲ୍ ଦାଖଲ ପୂର୍ବକ ଟଙ୍କା ଦେବାବାଲାଙ୍କଠାରୁ ଉକ୍ତ ବିଲ୍‌ବାବଦ୍ ଟଙ୍କା ଆଣିବା—1. Encashment of a bill passed for payment. ୨ । ବିଲ୍ ବାବଦ୍ ଟଙ୍କା ପାଇବା-ପାଇଁ ଗ୍ରାହକଙ୍କୁ ଯେଉଁ କମିସନ୍ ଦେବାକୁ ପଡ଼େ—2. Commission charged by the payer of a bill for cashing a bill.
Bil-bhaṅgā(ṅge)i
বিলভাঙ্গান
**बीलभजाई**

**ବିଲ୍ ଭଙ୍ଗା(ଙ୍ଗେ)ଇବା**—ଦେ. କ୍ରି—ମଞ୍ଜୁର ହୋଇଥିବା ବିଲ୍ ଅର୍ଥ-ଦାତାଙ୍କଠାରେ ଦାଖଲ କରି ତାଙ୍କଠାରୁ ଟଙ୍କା ଆଣିବା—To get payment for a passed bill.
Bil bhaṅgā(ṅge)ibā
বিলভাংগান
**बीलभजाना**

**ବିଲ୍ ସରକାର**—ବୈଦେ. ବି ( ଇଂ. ବିଲ୍+ଫା. ସର୍କାର୍ )—ଯେଉଁ ଲୋକ ଦାବୀଦାରଙ୍କଠାରୁ ପାଉଣାଦାର-ମାନଙ୍କ ନିକଟକୁ ବିଲ୍‌ମାନ ନେଇ ଟଙ୍କା ଆଦାୟ କରନ୍ତି—Bill agent; a bill sarkar.
Bil-sar-kār
বিল সর্কার
**बील सरकार**
( ବିଲ୍‌ସର୍କାର୍—ଅନ୍ୟରୂପ )

**ବିଲ**—ସଂ. ବି ( ବିଲ୍ ଧାତୁ=ଭେଦ କରିବା+କର୍ମ. ଅ )—୧ । ଗର୍ତ୍ତ; ଗାତ; ବିବର—1. A hole. (ଉ—ଧରଣୀରେ ବିଲ ହୋଇଣ ଥିଲା ତଳେ, ତହିଁ ମଧ୍ୟେ ତସ୍କର ଯାଇଣ ପଶିଲେ । କୃଷ୍ଣସିଂହ. ମହାଭାରତ ଆଦି ।) ୨ । ଗୁହା; ଗହ୍ୱର—2. Cave; cavern. ୩ । ଉଚ୍ଚୈଃ-ଶ୍ରବା ଅଶ୍ୱ—3. The horse of Indra. ୪ । ବେତ ଲତା—4. The ratan creeper. ୫ । ନଦୀର ଗତି ପରିବର୍ତ୍ତନ ଯୋଗୁଁ ଉତ୍ପନ୍ନ ଜଳାଶୟ—5. A deep pool formed as a result of change in the course of a river.
Bila

**ବିଲ**—ଦେ. ବି. (ସଂ. ବିଲ୍ଲ; ତା. ବଲେଁ )—ଶସ୍ୟ କ୍ଷେତ୍ର—A field for raising any crop. ( ଉ—ଦକ୍ଷିଣାସୂକ ହୋଇ ମହୀକି ଆସିଲେ, ବିଲ ବଣଅରଙ୍କ ସଙ୍ଗତରେ ମିଶିଲେ । କୃଷ୍ଣସିଂହ. ମହାଭାରତ. ବନ ।) [ ଦ୍ର—ବଙ୍ଗଳା ଭାଷାରେ ବିସ୍ତୃତ ଜଳାଭୂମିକୁ ମଧ୍ୟ ବିଲ ବୋଲା-ଯାଏ; ହିନ୍ଦୀରେ ନିମ୍ନ ଓ ଜଳମୟ ଭୂମିକୁ ବିଲ ବୋଲା ଯାଏ ।] ପ୍ରାଦେ. (ଗଞ୍ଜାମ) ବି—ଶସ୍ୟାଦିର ମାପ ବିଶେଷ—A particular measure of corn. [ ଦ୍ର—ଏକ ବିଲ=୪ ଭରଣ ୧୬ ନଉତି ।]
Bila
বিল
**खेत, बीज**

**ବିଲଇ**—ପ୍ରାଦେ. (ଭଞ୍ଜଭୂମି) ବି—ବିଲେଇ; ବିରାଡ଼ି—Cat.
Bilai

**ବିଲ(ଲା)କ୍**—ଗ୍ରା. ବୈଦେ. ବି. (ଇଂ. ବ୍ଲକ୍)—୧ । କାର୍ଯ୍ୟର ଭିନ୍ନ ଭିନ୍ନ ଅଂଶ—1. A block of work. ୨ । ଗୃହ ଶ୍ରେଣୀର ଭିନ୍ନ ଭିନ୍ନ ଅଂଶ—2 A particular block of a row of houses.
Bila(lā)k

**ବିଲ କଙ୍କଡ଼ା**—ଦେ. ବି—ବିଲୁଆ କଙ୍କଡ଼ା; ବର୍ଷା ଋତୁରେ ଧାନ ବିଲରେ ଯେଉଁ ସରୁ କ୍ଷୁଦ୍ର କ୍ଷୁଦ୍ର କଙ୍କଡ଼ା ଦେଖା ଯାଆନ୍ତି—Crabs found in paddy and other fields during the rains.
Bila kaṅkaṛā
বিল কাঁকড়া
**केँकडा**

**ବିଲ କ(କେ)ରଣ୍ଡି**—ଦେ. ବି—ବିଲରେ ମିଳୁଥିବା ଏକ ପ୍ରକାର ଛୋଟ କେରଣ୍ଡି ମାଛ—A kind of very small Kerāṇḍi fish found in water-logged corn-fields during the rains. [ଦ୍ର—ଏହା ଖାଇବାକୁ ଖୁବ ପିତା ଲାଗେ ।]
Bila ka(ke)rāṇḍi
পুটী

**ବିଲ କାମ**—ଦେ. ବି. (ସଂ. ବିଲ୍ଲ+କର୍ମ)—ବିଲ ଧନ୍ଦା (ଦେଖ) Bila dhandā (See) (ଉ—ବିଲ କାମ ସାରି କୃଷକ ଫେରି ଯାଉଛନ୍ତି ଘରେ । ନନ୍ଦକିଶୋର ନିର୍ଝରିଣୀ ।)
Bila kāma
খেতের(মাঠের)কাজ
**खेती, खेतका काम**

**ବିଲକ୍ଷ**—ସଂ. ବିଣ. ( ବି+ଲକ୍ଷ ଧାତୁ=ଦେଖିବା+କର୍ତ୍ତୃ. ଅ )—୧ । ବିସ୍ମୟାପନ୍ନ; ଚମତ୍କୃତ—1. Astonished. ୨ । ଅଚିହ୍ନିତ—2. Not marked. ୩ । ଅନୁଦ୍ଦିଷ୍ଟ—3. Untraced. ୪ । ଅନିଶ୍ଚିତ—4. Uncertain. ୫ । ନିର୍ଗୁଣ—5. Worthless; devoid of any quality. ୬ । ଲଜ୍ଜିତ—6. Ashamed. ୭ । ପ୍ରକୃତି-ବିରୁଦ୍ଧ—7. Opposed to one's nature. ଦେ. ବିଣ (ସଂ. ବିଲକ୍ଷଣ)—୧ । ଅନୁପମ—1. Incomparable. (ଉ—ବିଲକ୍ଷ ଏତେ ହରି ବଦନେ ଯାଦେ. । ଭଞ୍ଜ. ବୈଦେହୀଶବିଳାସ ।) ୨ । ଅସାଧାରଣ—2. Uncommon; extraordinary. ୩ । ଅସଂଖ୍ୟ—3. Innumerable. (ଉ—ବିଲକ୍ଷ ଲକ୍ଷ ବୃକ୍ଷ କେଦାର ପ୍ରସ୍ତର, ନିଶାଚର ଖଗକୁଳ । ଭଞ୍ଜ. ବୈଦେହୀଶବିଳାସ ।)
Bilaksha
বিলক্ষণ

**ବିଲକ୍ଷଣ**—ସଂ. ବିଣ. (ବହୁବ୍ରୀହି; ବି—ନାହିଁ+ଲକ୍ଷଣ—ଚିହ୍ନ; ସ୍ୱରୂପ)—Bilakshaṇa ୧ । ଅସାଧାରଣ; ଅସାମାନ୍ୟ—1. Uncommon; extraordinary. ୨ । ବିଶିଷ୍ଟ—2. Particular. (ଉ—ବିଲକ୍ଷଣ ବନ ବିହାର ଉତ୍ସବ ବେଳେ, ଯା ଦେଲୁ ଯାଶୋଧରେ । କବିସୂର୍ଯ୍ୟ. ଯଶୋଧରାଭର୍ତ୍ତୃ ବ ଗୀତ ।) ୩ । ସ୍ୱତନ୍ତ୍ର; ଭିନ୍ନ; ପୃଥକ୍—3. Separate. ୪ । ପରୀକ୍ଷକ; ଦର୍ଶକ— 4. Examining; visiting ୫ । ସ୍ପଷ୍ଟ—5. Clear. ୬ । ଅତି ସୁନ୍ଦର—6. Very fine. ୭ । ଉତ୍କୃଷ୍ଟ—7. Excellent. ୮ । ବିପରୀତ—8 Opposite.

विलक्षण ଦେ. କ୍ରି. ବିଣ—୧ । ଉତ୍ତମରୂପେ—1. Very well. **अच्छा** [ ଯଥା—ମୁଁ ତାଙ୍କୁ ବିଲକ୍ଷଣ ଜାଣେ । ] ୨ । ସୁନ୍ଦରରୂପେ—2. Nicely. ୩ । ସ୍ପଷ୍ଟଭାବରେ—3. Clearly.

**ବିଲକ୍ଷବତୀ**—ଦେ. ବିଣ—ଅନୁପମା ସୁନ୍ଦରୀ (ସ୍ତ୍ରୀ)—Incomparably Bilakshabatī fine ( woman ). [ ଉ—ବିଲକ୍ଷ ଲକ୍ଷ ଯେତେକ ବିଲକ୍ଷବତୀକ—ଉଞ୍ଜ. ବୈଦେହୀଶବିଳାସ । ]

**ବିଲକ୍ଷିତ**—ଦେ. ବିଣ—୧ । ଉପମାର ଅଯୋଗ୍ୟ—1. Not deserBilakshita ving to be compared. [ ଉ—ବିମାନେ ଯେ, ବିଲକ୍ଷିତ ହୋଇବେ ତାଙ୍କୁ—ଉଞ୍ଜ. ବୈଦେହୀଶବିଳାସ] ୨ । ସମାନ; ଯୋଗ୍ୟ—2. Equal; befitting. ୩ । ତୁଳନୀୟ—3. Comparable. [ ଉ—ବିଲକ୍ଷିତ କେଉଁ ରମ୍ଭା ଏହାରେ—ଉଞ୍ଜ. ବୈଦେହୀଶବିଳାସ । ]

**ବିଲକ୍ଷିବା**—ଦେ. କ୍ରି ( ପଦ୍ୟ ) ( ସଂ. ବି+ଲକ୍ଷ ଧାତୁ )—୧ । ତୁଳନାରେ ହେୟ ଜ୍ଞାନ କରିବା—1. To judge a Bilakshibā thing as undeserving of compariविलक्षा विलखना sion. ୨ । ଦେଖିବା—2. To see. [ ଉ—ବିଲକ୍ଷିଲେ ଲଙ୍କାଗଡ଼ ପାତାଳର ପରି—ଉଞ୍ଜ. ବୈଦେହୀଶବିଳାସ । ] ୩ । ପରୀକ୍ଷା କରିବା—3. To examine. ୪ । ନିରେଖି ଦେଖିବା—4. To observe, to mark.

**ବିଲଗ**—ଦେ. ବିଣ ( ସଂ. ବିଲଗ୍ନ )—୧ । ବିଲଗ୍ନ; ଅଲଗା—Bilaga 1. Separate. [ ଉ—ବିଯୋଗ ଯେ ନନ୍ଦୁ, ବିବି আলগা ଅଲଗନେ ବିଲଗ ହୁଦୁ—ଉଞ୍ଜ. ବୈଦେହୀଶବିଳାସ । ] **विलग** ୨ । ଅସଲଗ୍ନ—2. Unconnected. ୩ । ବିତାଡ଼ିତ—3. Driven away; expelled. [ ଉ—ବିଲଗ କର, ରଖି ନ ଦେଲ୍ଲ କଠିକରେ—ଉଞ୍ଜ. ବୈଦେହୀଶବିଳାସ । ] ଦେ. ବି—ଅସଂଯୋଗର ଅଭାବ—Want of connection.

**ବିଲଗନ**—ଗ୍ରା. (ପଦ୍ୟ) ବିଣ (ସଂ. ବିଲଗ୍ନ)—୧ । ବିଶେଷରୂପେ ସଂଯୁକ୍ତ; Bilagana ଦୃଢ଼ଲଗ୍ନ—1. Well-connected; intimately विलगन attached. [ ଉ—ବିଲଗନ ତଳରେ ଉପରେ **विलगन** ରମ୍ଭା ସ୍ଥିତ—ଉଞ୍ଜ. ବୈଦେହୀଶବିଳାସ । ] ୨ । ଅସଂଯୁକ୍ତ—2. Unconnected.

**ବିଲଗା(ଗେ)ଇବା**—ଦେ· ( ପଦ୍ୟ ) କ୍ରି ( ସଂ. ବିଲଗ୍ନ )—୧ । ପୃଥକ୍ Bilagā(ge)ibā କରିବା; ଅଲଗା କରିବା—1. To separate. আলগাকরা **विलगाना** ୨ । ଢିଲା କରିବା—2. To slaken; to loosen.

**ବିଲଗିବା**—ଦେ. କ୍ରି—୧ । ପୃଥକ ହେବା; ଅଲଗା ହେବା—1. To Bilagibā be separated. ୨ । ଢିଲା ହେବା—2. To অলগা হওয়া **विलगा होना** become loose.

**ବିଲଗ୍ନ**—ସଂ. ବିଣ ( ବି+ଲଗ୍ ଧାତୁ—ଲାଗିଯିବା+କର୍ମ. ତ )—Bilagna ୧ । ସଂଯୁକ୍ତ—1. Connected. ୨ । ବୃଦ୍ଧ—2. Old. ୩ । କୃଶ—3. Emaciated; thin. ୪ । ବିଯୁକ୍ତ—4. Subtracted; separated. ୫ । ଢିଲା; ଶ୍ଳଥ—5. Slack; loosened. ସଂ. ବି—୧ । କଟିଦେଶ—1. Waist; loins. ୨ । ଜନ୍ମଲଗ୍ନ—2. The natal astrological mark or sign of a person. ୩ । ମେଷାଦି ଦ୍ୱାଦଶ ରାଶି—3. The 12 signs of the zodiac.

**ବିଲ ଘଷି**—ଦେ. ବି—୧ । ପଡ଼ିଆରେ ବା ବିଲରେ ଚରୁଥିବା ଗୋରୁ Bila ghashi ଗାଈଙ୍କ କର୍ତ୍ତୃକ ତ୍ୟକ୍ତ ଶୁଷ୍କ ଗୋମୟ—1. The বিলঘুঁটে **बनगोंठ** dried cowdung left in the pastur( ବିଲଘଷି—ଗ୍ରାମ୍ୟରୂପ ) age or fields by the grazing. বিল বাতাসা cattle. ୨ । ( ବ୍ୟଙ୍ଗ ପ୍ରୟୋଗ ) ଗୁହପଡ଼ିଆରେ ପଡ଼ିଥିବା ଶୁଖିଲା ଗୁହ—2. ( ironical ) Dry flakes of excrements left in the village common easing ground.

**ବିଲଙ୍କା**—ଦେ. ବି—ଉତ୍କଳୀୟ କବି ସାରଳା ଦାସଙ୍କର କଳ୍ପନାସମ୍ଭୂତ Bilaṅkā ଓ ପୌରାଣିକ 'ସହସ୍ର ରାବଣ'ର ଆଶ୍ରୟସ୍ଥିତା ଅବ· ବିଲଙ୍କାନଗର(ସ୍ତ୍ରୀ) ବିଲଙ୍କାପୁର(ସ୍ତ୍ରୀ) } ଅନ୍ୟରୂପ ଲମ୍ବନରେ କଳ୍ପିତ ବିଲଙ୍କା ରାବଣର ରାଜଧାନୀ—The capital of a demon with 1000 heads described in an Oriya Purāṇa by poet Sāraḷā Dāsa.

**ବିଲଙ୍କା ରାବଣ**—ଦେ. ବି—ସହସ୍ର ରାବଣ; ଉତ୍କଳୀୟ କବିଙ୍କ କଳ୍ପିତ Bilaṅkā rābaṇa ସହସ୍ର ଶିରସ୍କ ଅସୁରବିଶେଷ—A demon with 1000 heads described in the Bilaṅkā Rāmāyaṇa of the Oriya poet Sāraḷā Dāsa.

**ବିଲଙ୍କା ରାମାୟଣ**—ଦେ. ବି—ସାରଳା ଦାସ କବିଙ୍କ ରଚିତ 'ବିଲଙ୍କା Bilaṅkā rāmāyaṇa ରାବଣ'ର ବଧ ବର୍ଣ୍ଣନାତ୍ମକ ପଦ୍ୟ ଗ୍ରନ୍ଥ ( ବିଲଙ୍କା ରାମାୟଣ—ଗ୍ରାମ୍ୟରୂପ ) ବିଶେଷ—Name of an Oriya mythological work describing the slaying of a thousand-headed demon by Rāma.

[ ଦ୍ର—ଏଥିର ବର୍ଣ୍ଣିତ ବିଷୟ—ରାମାୟଣରେ ରାମଚନ୍ଦ୍ର ରାବଣଙ୍କୁ ମାରି ସୀତାଙ୍କୁ ଉଦ୍ଧାର କରିବା ପରେ ଧୁନବାର ସୀତା ଓ ରାମଚନ୍ଦ୍ରଙ୍କ ମଧ୍ୟରେ ରାମଚନ୍ଦ୍ରଙ୍କ

ସାମର୍ଥ୍ୟ ସମ୍ବନ୍ଧେ ତର୍କବିତର୍କ ହେବାରୁ ସୀତା ତର୍କଛଳରେ ରାବଣବଧରେ ରାମଚନ୍ଦ୍ରଙ୍କ କୃତିତ୍ୱ ଥିବା ବିଷୟରେ ସନ୍ଦେହ ପ୍ରକାଶ କରିବାରୁ ସୀତାଙ୍କ ମନରୁ ସନ୍ଦେହ ଦୂର କରିବା ଲାଗି ରାମଚନ୍ଦ୍ର ପାତାଳକୁ ଆକ୍ରମଣ କରି ସେଠାରେ ଥିବା ବିଲଙ୍କା ରାବଣର ରାଜଧାନୀ ବିଲଙ୍କାପୁରୀକୁ 'ବିଲଙ୍କି' ଅର୍ଥାତ୍ ଧ୍ୱଂସ କରି ଉକ୍ତ ରାବଣକୁ ବଧ କରିଥିଲେ । ଏହା ଓଡ଼ିଆ କବି ସାରଳା ଦାସଙ୍କ ରଚିତ । ଏଥିର ମୂଳ ବିଷୟ କୌଣସି ସଂସ୍କୃତ ପୁରାଣରେ ମିଳୁ ନାହିଁ । }

ବିଲଙ୍ଘକ—ସଂ. ବିଣ. ପୁଂ (ବି+ଲଙ୍ଘ୍ ଧାତୁ=ଲଙ୍ଘିଯିବା+କର୍ତ୍ତୃ. ଅକ)—
Bilaṅghaka ୧ । ଆଜ୍ଞା ଆଦିର ଲଙ୍ଘନକାରୀ—1. Disobeying (ବିଲଙ୍ଘିକା—ସ୍ତ୍ରୀ) the orders of one's superior. ୨ । ଅବାଧ୍ୟ—2. Insubordinate.

ବିଲଙ୍ଘନ—ସଂ. ବି ( ବି+ଲଙ୍ଘ୍ ଧାତୁ=ଲଙ୍ଘିଯିବା+ଭାବ. ଅନ )—
Bilaṅghana ୧ । ଉଲ୍ଲଙ୍ଘନ; ଅତିକ୍ରମଣ—1. Overtopping; passing over. ୨ । ଆଜ୍ଞା ଆଦିକୁ ଅବଜ୍ଞା କରିବା—2. Disobeying an order.

ବିଲଙ୍ଘନୀୟ—ସଂ. ବିଣ (ବି+ଲଙ୍ଘ୍ ଧାତୁ=ଲଙ୍ଘିଯିବା+କର୍ମ. ଅନୀୟ)—
Bilaṅganiya ଉଲ୍ଲଙ୍ଘନୀୟ; ଅତିକ୍ରମଣୀୟ—To be disobeyed.

ବିଲଙ୍ଘିତ—ସଂ. ବିଣ ( ବି+ଲଙ୍ଘ୍ ଧାତୁ=ଲଙ୍ଘିଯିବା+କର୍ମ. ତ )—
Bilaṅghita ୧ । ଅତିକ୍ରାନ୍ତ; ଉଲ୍ଲଙ୍ଘିତ—1. Overtopped; passed over. ୨ । ଅବଜ୍ଞାତ—2. Disobeyed; disregarded.

ବିଲଙ୍ଘିବା—ଦେ. କ୍ରି ( ପଦ୍ୟ ) ( ସଂ. ବିଲଙ୍ଘନ )—ଉଲ୍ଲଙ୍ଘନ କରିବା;
Bilaṅghibā ଉପରେ ଡେଇଁବା—To jump over.
বিলঙ্ঘনা [ ଉ—ବେଗରେ ବିଲଙ୍ଘନ କରି ସିନ୍ଧୁ ଯେ—
**विलंघना** ଉପେ. ବୈଦେହୀଶବିଳାସ ]

ବିଲଜ୍ଜ—ସଂ. ବିଣ. ପୁଂ ( ବହୁବ୍ରୀହି; ବି+ଲଜ୍ଜା )—ନିର୍ଲଜ୍ଜ; ଲଜ୍ଜାହୀନ—
Bilajja Shameless. [ବିହଗରଥ ବିଶୋକ; ବିଲଜ୍ଜ ଶୋକ ଭୂ (ବିଲଜ୍ଜା—ସ୍ତ୍ରୀ) ଉପେ. ବୈଦେହୀଶବିଳାସ ]

ବିଲ ଡାକିବା—ଦେ. ବି—ଖରା ଯୋଗୁଁ କ୍ଷେତରୁ ଜଳ ଶୁଖିଯାଇ ଫାଟି
Bila ḍākibā ଯିବା—Dryness of a corn field
**खेत फटाना** due to sun's rays.
( ବିଲ ଡାକଯିବା, ବିଲଫାଟିବା—ଅନ୍ୟରୂପ )

ବିଲ(ଲି)ଣା—ବୈଦେ. ବିଣ—ବିରଣା ( ଦେଖ )
Bila(li)ṇā Biriṇā ( See )

ବିଲ ଧନ୍ଦା—ଦେ. ବି—କ୍ଷେତକର୍ମ; କୃଷିକର୍ମ; କୃଷିସମ୍ପର୍କୀୟ କାର୍ଯ୍ୟ-
Bila dhandā ক্ষেতের কাজ **खेती** ବାଡ଼ି—Agriculture.

ବିଲ ନାଶ(ଛ)—ଦେ. ବି ( ସଂ. ଛିକ୍କଣୀ )—ସୋମରାଜ୍ୟାଦି ବର୍ଗର
Bila nāśa(chha) ବର୍ଷାୟୁ ଶ୍ଳେଷଣ କ୍ଷୁଦ୍ର ଶାକବିଶେଷ—
( ବିଲନାଶ—ଗ୍ରାମ୍ୟରୂପ ) Centipeda Orbicularis.
নাকছিকনী, মেচেতা, হেঁচৈতা **नक छिकनी** [ ଦ୍ର—ଏହା ଶୀତକାଳରେ ଧାନବିଲରେ ଉଠେ । ଶାଖା ବହୁଳ । ଫୁଲ ହଳଦିଆ ରେଣୁବିଶିଷ୍ଟ ଓ ଗୋଲାକ । ଏହାର ଫୁଲକୁ ମର୍ଦ୍ଦନ କରି ଶୁଙ୍ଘିଲେ ଖୁବ୍ ଛିଙ୍କ ହୁଏ । ]

ବିଲପ—ଦେ. ବି ( ସଂ. ବିଳାପ )—ବିଳାପ—Wail. [ ଉ—
Bilapa ବିଲପ ଯଣେ ରୋଦଇ ବାସକସଜ୍ଜା ଯେ—
বিলাপ **विलाप** ପ୍ରାଚୀ. ଉଷାବାଉଦ୍ଧ ]

ବିଲପନ—ସଂ. ବି ( ବି+ଲପ୍ ଧାତୁ=କହିବା; 'ଶୋକ କରିବା+ଭାବ
Bilapana ଅନ )—୧ । ବିଳାପ; ପରିତାପ; ଶୋକବାକ୍ୟ—1. Lamentation; wail, ୨ । ମଇଳା; ମଳ—2. Filth.

ବିଲପାଇବା—ଦେ. କ୍ରି—ବିଲପିବାର ଣିଜନ୍ତରୂପ—Causative of
Bilapāibā বিলাপান **विलपाना** Bilapibā.

ବିଲପମାନ—ସଂ. ବିଣ. ପୁଂ ( ବି+ଲପ୍ ଧାତୁ=ଶୋକ କରିବା+
Bilapamāna କର୍ତ୍ତୃ. ଆନ )—ବିଳାପକାରୀ; ଯେ ବିଳାପ କରୁ
(ବିଲପମାନା—ସ୍ତ୍ରୀ) ଅଛି—Lamenting; bewailing.

ବିଲପିତ—ସଂ. ବିଣ ( ବି+ଲପ୍ ଧାତୁ=ଶୋକ କରିବା+କର୍ତ୍ତୃ. ତ)—
Bilapita ୧ । କାନ୍ଦୁଥିବା—1. Lamenting. ୨ । (+କର୍ମ. ତ) ଯାହା ନିମନ୍ତେ ବିଳାପ କରାଯାଉଥାଏ—2. Lamented. ସଂ. ବି ( ବି+ଲପ୍ ଧାତୁ+ଭାବ. ତ )—ବିଲପନ; ବିଳାପକରଣ—Lamentation.

ବିଲପିବା—ଦେ. କ୍ରି (ପଦ୍ୟ) ( ସଂ. ବି+ଲପ୍ ଧାତୁ )—ବିଳାପ କରିବା;
Bilapibā କାନ୍ଦୁନିବା; ଉଚ୍ଚୈଃସ୍ୱରରେ ଶୋକ କରିବା—To
বিলাপা; বিলপা bewail; to lament. [ ଉ—ଜଳପୁଞ୍ଜ
**विलपना; विलपाना** ବିଲପୁଛୁ ଏବେ ଉରେ କର ତାଡ଼ ରେ—
କବିସୂର୍ଯ୍ୟ. ସଙ୍ଗୀତ ]

ବିଲ ପୋକଶୁଂଘା—ଦେ. ବି—ପୋକଶୁଂଘା ( ଦେଖ )
Bila pokaśuṁghā Pokaśuṁghā ( See )

ବିଲ ବଛା—ଦେ. ବି—ଧାନବିଲରୁ ଘାସ ଓ ବାଲୁଙ୍ଗା ଆଦି ବାଛିବା
Bila bachhā କ୍ରିୟା—Weeding out the tares from
বিলবাছা **निकौनी** cornfields.

ବିଲ ବାଛିବା—ଦେ. କ୍ରି—ଧାନ ବିଲରୁ ଘାସ ଆଦି ଓପାଡ଼ିବା—
Bila bāchhibā To uproot weeds from cornfields.
বিলবাছা **निकौनी करना**

ବିଲବାଡ଼ି(ରି)—ଦେ. ବି ( ସମାହାର )—୧ । ଭୂସମ୍ପତ୍ତି—1. Immo-
Bilabāṛdi(ri) veable property. ୨ । ଚାଷ ଜମି—
জমিবাড়ী **खेतीबाडी[री]** 2. Agricultural land.
( ଉ—କେହି ବିଲବାଡ଼ିକୁ ଯିବାକୁ ନାହିଁ—ଫକୀର. ଛମାଣ ଆଠଗୁଣ୍ଠ; ଉ—ବିଲବାଡ଼ିର କାମ ନ ଥିବାରୁ × × × ସ୍ନାନଯାତ୍ରା ଦେଖିବାକୁ ଯାଉଛନ୍ତି—ଫକୀର. ଛମାଣ ଆଠଗୁଣ୍ଠ । ) ୩ । ଚାଷଜମି ଓ ଘରବାଡ଼ି ଜମି—3. Agricultural and homestead lands.

ବିଲ ବାଲୁଙ୍ଗା—ଦେ. ବି—ବାଲୁଙ୍ଗା; ଧାନବିଲରେ ଧାନ ଗଛରୁ ଝଡ଼ି
Bilabāluṅgā ପଡ଼ିଥିବା ଧାନରୁ ପର ବର୍ଷ ଯେଉଁ ଗଛ ହୁଏ
উড়ী ধান, **झड** ତହିଁରୁ ଉତ୍ପନ୍ନ ଧାନ; ଗୁହାଳ—Paddy growing in fields without regular sowing.

ବିଲମ୍—ପ୍ରାଦେ. ( ସମ୍ବଲପୁର ) ବି—ବିଳମ୍ବ—
Bilam Delay.

ବିଲମ—ଗ୍ରା. ବଣ ଓ ବି—ବିଲୋମ ( ଦେଖ )
Bilama Biloma ( See )

ବିଲମାଛ—ଦେ. ବି ( ସ. ବିଲ+ମତ୍ସ୍ୟ )—ବର୍ଷାଦିନେ ଧାନ୍ୟକ୍ଷେତ୍ର ଓ
Bilamāchha ପୁଷ୍କରିଣୀ ଆଦି ଜଳପୂର୍ଣ୍ଣ ହେବା ସମୟରେ ଯେଉଁ
বিলের মাছ କ୍ଷୁଦ୍ର ମାଛମାନେ ପୋଖରୀରୁ ଉଠିଆସି ଧାନବିଲ ଆଦିରେ
खेतकी मछली ବିଚରଣ କରନ୍ତି ଓ ବିଲରୁ ପାଣି ଶୁଖିଗଲେ ଲୋକେ
ଯେଉଁସବୁକୁ ଧରନ୍ତି—Small fishes caught from paddy fields when the rain water is dried up. ( ଉ—ଜନା ବାପ୍ପା ହୋ ! ମୋର ବୋଲ ଶୁଣ, ବିଲ ମାଛ ଚଲ ଖାଇଗଲେ ଧରିବ ଖଣ୍ଡିଏ ଭୂଣ—ଶିଶୁଗୀତ । ) [ ଦ୍ର—ପାଣି ଶୁଖିଗଲେ ଯେଉଁ ମାଛଗୁଡ଼ିକ ବିଲର ଏକ ଅଂଶରେ ରହିଯାଆନ୍ତି, ସେସବୁଡ଼ିକୁ 'କଣ ମାଛ' ବା 'କଣ ମଚ୍ଛ' ବୋଲାଯାଏ । ]

ବିଲମୁଗ—ଦେ. ବି ( ସ. ବନମୁଦ୍ଗ; ଭୂଲୀନକ; ମୁଦ୍ଗପର୍ଣ୍ଣୀ )—ଭୂଲୀନକ;
Bilamuga ଏକପ୍ରକାର ବନ୍ୟମୁଦ୍ଗ—A kind of wild
মুগানী, খেঁড়ী কলাই pulse; Phaseolus Aconitifolius.
मुँगानी

ବିଲମ୍ବ—ସ. ବି ( ବି+ଲମ୍ବ୍ ଧାତୁ=ଲମ୍ବିବା+ଭାବ. ଅ )—
Bilamba ୧ । ଡେରି—1. Delay. ୨ । ଅଶୀଘ୍ରତା—2. Slowness. ୩ । ମଧ୍ୟମ ନୃତ୍ୟ—3. A kind of slow dance.

ବିଲମ୍ବ—ସ. ବି ( ବି+ଲମ୍ବ୍ ଧାତୁ=ଲମ୍ବିବା+ଭାବ. ଅ )—
Bilamba ୧ । ତଳକୁ ଲମ୍ବିବା; ଝୁଲିବା; ଓହଳିବା—1. Hanging down. ୨ । (---+କର୍ତ୍ତୃ. ଅ) ନୁଖୁରା; ଝୁଲ—2. Pendant, ଦେ. ବିଣ—ବିଲମ୍ବିତ—Hanging down.

ବିଲମ୍ବ କରିବା—ଦେ. କ୍ରି—ଡେରି କରିବା—To delay.
Bilamba karibā বিলম্ব করা विलम्ब करना

ବିଲମ୍ବ ଘଟିବା—ଦେ. ବି—ଡେରି ହେବା—Delay.
বিলম্ব হওয়া विलम्ब होना ( ବିଲମ୍ବ ହେବା—ଅନ୍ୟରୂପ )

ବିଲମ୍ବନ—ସ. ବି ( ବି+ଲମ୍ବ୍ ଧାତୁ=ଲମ୍ବିବା+ଭାବ. ଅନ )—
Bilambana ବିଲମ୍ବକରଣ—Delaying.

ବିଲମ୍ବନ—ସ. ବି ( ବି+ଲମ୍ବ୍ ଧାତୁ=ଲମ୍ବିବା+ଭାବ. ଅନ )—
Bilambana ବିଲମ୍ବ ( ଦେଖ )—Bilamba ( See )

ବିଲମ୍ବା(ମ୍ବେ)ଇବା—ଦେ. କ୍ରି—(ବିଲମ୍ବରୁ ଗଠିତ ଓଡ଼ିଆ ଧାତୁ)—
Bilambā(mbe)ibā ବିଲମ୍ବ କରିବା; ଡେରି କରିବା—
বিলম্বান विलमाना To delay.

ବିଲମ୍ବା(ମ୍ବେ)ଇବା—ଦେ. କ୍ରି—(ବିଲମ୍ବିବାର ଣିଜନ୍ତ)—୧ । ବିଶେଷ
Bilambā(mbe)ibā ରୂପେ ଲମ୍ବାଇବା—1. To suspend.
বিলম্বান ୨ । ଧାରଣ କରିବା—2. To hold. [ ଉ—ବାଳି
विलमाना ଯେ ! ବିଲମ୍ବାଇ ବେନ ପ୍ରପାପ । ଉଞ୍ଜ. ବୈଦେହୀଶ ବିଳାସ ] ୩ । ମାଳାଦ୍ୱାରା ଭୂଷିତ କରିଦେବା—3. To bedeck with a garland; to put on a garland. [ ଉ—ବିକମଣ୍ଣିମାଳା କର ରଚନ, ବିଲମ୍ବାଇ କଣ୍ଠରେ କଲେ ଚଢ଼ । ଉଞ୍ଜ. ବୈଦେହୀଶବିଳାସ ]

ବିଲ(ଲି)ମ୍ବି—ବୈଦେ. ବି—(ମାଲଦ୍ୱୀପର ଭାଷା-ବିଲମ୍ବା; ଭୂଲନାକର
Bila(li)mbi ସ. ବିଲମ୍ବିତ; ଏଥିର ଫଳମାନ ଡେଙ୍ଗରୁ
বিলম্বি ଲମ୍ବିଥାଏ)—କରମଙ୍ଗାଜାତୀୟ ଶ୍ରେଷ୍ଠ ତରୁ—Averrhoa
बिलिंबि Bilimbi(tree). [ଦ୍ର—ଏଥିର ଫଳ କରମଙ୍ଗା ଆକାରର; କିନ୍ତୁ ଫଳର କୋଣମାନ କରମଙ୍ଗା ପରି ଦାଢ଼ୁଆ ବା ଉଚ୍ଚ ନୁହେଁ । ଫଳ କରମଙ୍ଗା ପରି ସ୍ୱାଦୁ । ଗଛର ଗଣ୍ଡିରୁ ସରୁ ଡେଙ୍ଗମାନ ବାହାରେ ଓ ପ୍ରତି ଡେଙ୍ଗରେ ୮ । ୧୦ଟି ଫଳ ଲମ୍ବିଥାଏ । ଏ ଗଛର ଆଦିବାସ ମାଲଦ୍ୱୀପରେ । ଏହାକୁ ଭାରତର ଗଛସଉକମାନେ ଅଣି ବଗିଚାରେ ଲଗାଇଅଛନ୍ତି—ଯୋଗେଶ୍ବନ୍ ]

ବିଲମ୍ବିତ—ସ. ବଣ—(ବିଲମ୍ବ+ଯୁକ୍ତ ଅର୍ଥରେ. ଇତ)—ବିଲମ୍ବଯୁକ୍ତ—
Bilambita Delayed. ୧ । ମଧ୍ୟମ ନୃତ୍ୟ—1. A slow dance. ୨ । ବିଲମ୍ବ; ଡେରି—2. Delay. [ଉ—ଅଳ୍ପ ପ୍ରସ୍ଥାନଷଡ଼ ତଜ୍ଜନ୍ମ ମୁହୂର୍ତ୍ତ, ହୋଇଛି ଜାଣ ହେ ନ କର ବିଲମ୍ବିତ—କୃଷ୍ଣସିଂହ. ମହାଭାରତ. ଉଦ୍ଯୋଗ ]

ବିଲମ୍ବିତ—ସ. ବଣ—( ବି+ଲମ୍ବ ଧାତୁ+କର୍ତ୍ତୃ. ଇତ )—୧ । ଲମ୍ବିତ;
Bilambita ଲମ୍ବମାନ—1. Hanging. ୨ । ଝୁଲୁଥିବା—2. Dangling.

ବିଲମ୍ବିବା—ଦେ. କ୍ରି (ପଦ୍ୟ) (ସ· ବିଲମ୍ବ)—ବିଲମ୍ବ କରିବା; ଡେରି
Bilambibā କରିବା—To delay. [ ଉ—ବିଲମ୍ବଇ କେବେ
বিলম্বা ନ ସେ ଅଳ, ଶଯ୍ୟାରେ ମଉଳ ପୁଷ୍ପ ବାସି ହେବାଯାଏ ।
बिलमना ରାଧାନାଥ. ମହାଯାତ୍ରା ]

ବିଲମ୍ବିବା—ଦେ. କ୍ରି—( ସ. ବି+ଲମ୍ବ ) ତଳକୁ ଲମ୍ବିବା—
Bilambibā To hang down.
[ ବିଲମ୍ବା ( ମ୍ବେ ) ଇବା—ଣିଜନ୍ତ ]

ବିଲମ୍ବୀ—ସ. ବଣ. ପୁଂ—( ବିଲମ୍ବିନ୍; ବିଲମ୍ବ+ଅସ୍ତ୍ୟର୍ଥେ. ଇନ୍ )—
Bilambi ୧ । ବିଲମ୍ବକାରୀ—1. Delaying; dilatory.
(ବିଲମ୍ବିନୀ—ସ୍ତ୍ରୀ) ୨ । ଅଶୀଘ୍ର; ଅଳସୁଆ—2. Idle; slow.

ବିଲମ୍ବୀ—ସ. ବଣ. ପୁଂ—(ବି+ଲମ୍ବ୍ ଧାତୁ=ଲମ୍ବିବା+କର୍ତ୍ତୃ. ଇନ୍)—
Bilāmbi ଝୁଲୁଥିବା; ଲମ୍ବମାନ—Pendant; hanging
(ବିଲମ୍ବିନୀ—ସ୍ତ୍ରୀ) down.

ବିଲମ୍ଭ—ସ· ବି—(ବି+ଲଭ୍ ଧାତୁ=ଲାଭ କରିବା+ଭାବ. ଅ)—
Bilambha ୧ । ଅତି ଦାନ— . Excessive gift. ୨ । ଦାନ—2. Donation; gift. ୩ । ଅତିସର୍ଜନ—3. Giving away. ୪ । ବିତରଣ—4. Distribution.

ବିଳ(ଲ)ୟ—ସ. ବି—(ବି+ଲୀ ଧାତୁ=ଲୀନ ହେବା+ଭାବ. ଅ)—
Bila(la)ya ୧ । ପ୍ରଳୟ—1. Dissolution. ୨ । ଧ୍ୱଂସ; ବିନାଶ—2 Ruin. ୩ । ବିଲୋପ; ଅନ୍ତର୍ଦ୍ଧାନ—3. Disappearance; extinction· ସ. ବଣ—

( ବି+ଲୟ )—ଲୟବର୍ଜ୍ଜିତ; ଲୟ ବା ତାଲଶୂନ୍ୟ—Devoid of cadence. ଦେ.' ବି—ବିସ୍ମୃତ—Forgetfulness.

**ବିଲୟନ**—ସଂ. ବି—( ବି+ଲୀ ଧାତୁ=ଲୋପ ପାଇବା+ଭାବ· ଅନ )—୧ । ବିନାଶନ—1. Destroying. ୨ । ବିଲୟକରଣ—2· Causing disappearance or extinction.
Bilayana

**ବିଲଶୟ**—ସଂ. ବି—( ବିଲ=ଗର୍ତ୍ତ+ଶୀ ଧାତୁ=ଶୋଇବା+କର୍ତ୍ତୃ. ଅ; ବିଲ ବା ଗର୍ତ୍ତରେ ଯେ ଶୟନ କରେ)—୧ । ସର୍ପ; ଭୁଜଙ୍ଗ—1. Serpent; snake. ୨ । ଗାତ କରି ରହୁବା ଜନ୍ତୁ—2. Reptile; an animal which lives in dens or holes.
Bilaśaya

**ବିଲଶଯ୍ୟା**—ଦେ· ବି. ( ସଂ. ବିଲ+ଶଯ୍ୟା )—ସର୍ପ; ବିଲଶୟ—Snake. (ଉ—ବିଲଶଯ୍ୟା ଶବଦାର ଗନ୍ଧରେ ବାଦତ । ଉପେ. ବୈଦେହୀଶବିଳାସ )
Bila śajyā

**ବିଲସନ**—ସଂ. ବି. (ବି+ଲସ୍ ଧାତୁ=କ୍ରୀଡ଼ା କରିବା; ବିଳାସ କରିବା +ଭାବ. ଅନ)—୧ । ବିଳାସ—1. Enjoyment; pleasure; felicity. ୨ । କ୍ରୀଡ଼ା; ଲୀଳା—1. Play; sport; diversion. ୩ । ଦୀପ୍ତି; ଆଭା—3. Lustre; splendour. ୪ । ଶୋଭା—4. Beauty. ୫ । ପ୍ରକାଶ—5. Manifestation; appearance; exhibition. ୬ । ସ୍ଫୁରଣ—6. Flashing. ୭ । ବାକ୍ୟସ୍ଫୂର୍ତ୍ତି—7. Utterance; verbal expression.
Bilasana

**ବିଲସା(ସେ)ଇବା**—ଦେ. (ପଦ୍ୟ) କ୍ରି. (ବିଲସିବାର ଣିଜନ୍ତ ରୂପ; ବି+ଲସ୍ ଧାତୁ)—୧ । କ୍ରୀଡ଼ା କରାଇବା—1. To cause to play. (ଉ—ବିଲସାଇଲେ ବୃଷ୍ଟି ନରେ ଚଞ୍ଚଳ । ଉପେ. ବୈଦେହୀଶବିଳାସ ) ୨ । ନଚାଇବା—2. To cause to dance; to dangle. ୩ । ବିହାର କରାଇବା—3. To cause to frequent. (ଉ—ବିଲସାଇ ଯଥା ଅଳକା ଚେତାଇ ଭ୍ରମରଙ୍କୁ ଶମଶାନେ । ଉପେ. ବୈଦେହୀଶବିଳାସ )
Bilasā(se)ibā
बिलसान
**बिलसाना**

**ବିଲସିତ**—ସଂ. ବି. (ବି+ଲସ୍ ଧାତୁ=କ୍ରୀଡ଼ା କରିବା+ଭାବ. ତ)—ବିଲସନ (ଦେଖ)—Bilasana (See) ସଂ. ବିଣ. (ବି+ଲସ୍ ଧାତୁ=କ୍ରୀଡ଼ା କରିବା+କର୍ତ୍ତୃ. ତ)—୧ । କ୍ରୀଡ଼ିତ—1. Playing; sporting ୨ । ଶୋଭିତ—2. Glittering; splendid.
Bilasita

**ବିଲସିବା**—ଦେ. କ୍ରି. (ପଦ୍ୟ) (ବି+ଲସ୍ ଧାତୁ)-୧ । କ୍ରୀଡ଼ା କରିବା—1. To play; to sport. (ଉ—ବାର ପାର ନାହିଁ ରେ ସୁକେଶୀ, ବାର ମଧ୍ୟେ ତୁ ଥିଲୁ ବିଲସି । କବିସୂର୍ଯ୍ୟ. ସଙ୍ଗୀତ ) ୨ । ବିରାଜିବା; ଦୀପ୍ତି ପାଇବା—2. To shine forth. (ଉ—ଭୂମିକୁ କି ଉପକାର କରି ରୂପବତୀ ହୋଇ ବିଲସିଲୁ ହେ, ମହାପ୍ରଭୁ ! କବିସୂର୍ଯ୍ୟ. ସଙ୍ଗୀତ ) ୩ । ପ୍ରକାଶିତ ହେବା—3. To appear. (ଉ—ଉଲ ସିନା ବୋଲି ଭବେ ଯେ ବିଲସେ, ହେଲ ସିନା ଚନ୍ଦ୍ରଗୁପ୍ତର କଳସେ । ରାଧାନାଥ. ଦରବାର ) ୪ । ସ୍ଫୁର୍ତ୍ତି ହେବା—4. To flash. ୫ । ବ୍ୟାପ୍ତ ହେବା; ଘୋଟିଯିବା—5. To spread; to be diffused. (ଉ—ତେ ହିଜ ଚୂମ୍ବିଲୁ ତୃଷା ଛମିର ବିଲସିଲୁ ରେ । କବିସୂର୍ଯ୍ୟ. କଶୋରଚନ୍ଦ୍ର. ଚ. ଗୀତ ) ୬ । ବିହାର କରିବା; ନିଜ ଇଚ୍ଛାରେ ଚଳିବା—6. To roam at ease. (ଉ—ଶାରଙ୍ଗିତ ଅରଣ୍ୟେ ବିଲସ । ଉପେ. ବୈଦେହୀଶବିଳାସ ) ୭ । ବିଚରଣ କରିବା; ବୁଲିବା; ବୁଲିବା—7. To walk; to move about. (ଉ—ଅନ୍ଧାର ଘରେ କଣା ବିଲସେ, ଯାହା ପାଉଥାଏ ଅଣ୍ଟାରେ ଖୋସେ । —ଢଗ )
Bilasibā
बिलसा
**बिलसना**

**ବିଲହିବା**—ଦେ. କ୍ରି—ବିଲୋହିବା ( ଦେଖ )—Bilohibā (See) (ଉ—ନଟନାଗରଙ୍କର ପ୍ରାୟେ ମୋତେ ତୁ ବିଲହୁ । ବିଲଗ୍ରାମ. ସ୍ୱମାୟଣ )
Bilahibā

**ବିଲା**—ପ୍ରାଦେ. (ବାଲେଶ୍ୱର) ବି. (ସଂ. ବିଲ)—୧ । ବିଲ; କଣା—1. Hole. ୨ । ବୁଦ୍ବା—2. Ant-hill. (ଉ—ଭାଙ୍ଗର ଦେହସାର ଉଇବିଲା ହେଲା । କୃଷ୍ଣସିଂହ. ମହାଭାରତ. ବନ ) ପ୍ରାଦେ· (ଗଞ୍ଜାମ) ବି—ବାଡ଼ି—Bubo.
Bilā

**ବିଲା(ଲେ)ଇ**—ଗ୍ରା. ( ଇତର ବ୍ୟବହୃତ) ବି. (ସଂ. ବିଡ଼ାଲ, ବଡ଼ାଲ; ତୁଲ. ତା. ପିଲ୍ଲୀ)—ବିରାଡ଼ି—Cat (ଉ—ମେଷ ମୃଗ ବିଲଇ ପ୍ରେମେ ବାଛୁ ବାଛୁ, ଶୁକର ଆଣିଥିଲେ ତା କୋଦେ ମୂରୁଛୁ । କୃଷ୍ଣସିଂହ. ମହାଭାରତ. ସଭା )
Bilā(le)i
बिलाई, बिड़ाल
**बिलाव, बिलार**
(बिल—अन्यरूप)

**ବିଲା(ଲେ)ଇବା**—ଦେ. କ୍ରି. ( ସଂ. ବିଲୟ )—୧ । ବହୁଲୋକଙ୍କ ମଧ୍ୟରେ ବାଣ୍ଟି ଦେବା—1. To distribute amongst many. ୨ । ଦାନ କରିବା; ବିତରଣ କରିବା—2. To give away. ୩ । ଅପବ୍ୟୟିତ କରିବା—3. To spend lavishly; to waste.
Bilā(le)ibā
बिलान
**बाँटना**

**ବିଲାଙ୍କି(ଙ୍ଖି)**—ଦେ. ବିଣ—ଯେ ସୁସଜ୍ଜିତ ପଦାର୍ଥକୁ ଅଲଗା କରି ପକାଏ—Disorganising a well-arranged thing; causing disorder
Bilāṅki(ṅkhi)

**ବିଲାଙ୍କି(ଙ୍ଖି)ବା**—ଦେ.କ୍ରି (ସଂ. ବିଲଙ୍କା; ରାମଚନ୍ଦ୍ର ଯେପରି ବିଲଙ୍କାନଗରକୁ ଧ୍ୱଂସ କରିଥିଲେ, ସେହିପରି କରିବା )—୧ । ସୁସଜ୍ଜିତ ପଦାର୍ଥକୁ ଘାଣ୍ଟିବା; ଅଲଗା ବା ଅନର୍ଥ କରିବା; ଲେଣ୍ଡେଗ୍ରମେଣ୍ଡେଗ କରିବା—1. To disorganise or spoil a good arrangement. ୨ । ନଷ୍ଟ କରିବା; ଛାରଖାର କରିବା—2. To depradate; to lay waste.
Bilāṅki(ṅkhi)bā
**उधेड़बुन करना; बिलोरना**

**ବିଲାତ**—ବୈଦେ. ବି ( ଅ. ଵିଲାୟତ୍, ବିଲାୟତ୍=ସହର )—୧ । ଇଂଲଣ୍ଡ ଦେଶ—1. England. ୨ । ଲଣ୍ଡନ ସହର—
Bilāt

विलात 2. London. ୩। ଇଉରୋପ—3. Europe. ୪।
**विलायत** ଭାରତବହିର୍ଭୂତ ଦେଶ—4. A country outside India. ୫। ମୁସଲମାନ ରାଜ୍ୟର ଭିନ୍ନ ଭିନ୍ନ ପ୍ରଦେଶ—5. Different provinces of a Muslim kingdom. [ଦ୍ର—ମୁସଲମାନମାନେ ଆପଣା ଦେଶ ଛଡ଼ା, ଅନ୍ୟ-ଦେଶକୁ ବିଲାତ୍ କହନ୍ତି, କିନ୍ତୁ ପାରସ୍ୟରେ ବିଲାତ୍‌ର ଅର୍ଥ ସ୍ୱଦେଶ ।]

ବିଲାଇତ୍
ବିଲାଏତ୍
ବିଲାୟତ୍
ବିଲାୟେତ୍ } ଅନ୍ୟରୂପ

**ବିଲାତ୍ ପାର୍ଲି(ର୍ଲେ)ମେଣ୍ଟ୍**—ବୈଦେ. ବି ( ଅ. ବିଲାତ+ଇଂ. ପାର୍ଲିଆ-ମେଣ୍ଟ୍ )—୧। ଇଂଲଣ୍ଡରେ ପ୍ରତିଷ୍ଠିତ ସାମ୍ରାଜ୍ୟପରିଚାଳକ ସଭା—1. British Parliament. ୨। ଇଂଲଣ୍ଡରେ ପ୍ରତିଷ୍ଠିତ ବ୍ରିଟିଶ୍ ସାମ୍ରାଜ୍ୟର ସର୍ବୋଚ୍ଚ ବିଚାରାଳୟ; ପ୍ରିଭିକାଉନ୍‌ସିଲ୍—2. The Privy Council of England.
Bilāt pārli(rle)ment
( ବିଲାତ ପାର୍ଲିଆମେଣ୍ଟ୍—ଅନ୍ୟରୂପ )
बिलात पार्लिआमेंट
**विलायत पार्लियामेन्ट**

**ବିଲାତ୍ ପ୍ରତ୍ୟାଗତ**—ଦେ. ବିଣ—ବିଲାତ୍ ଫେରନ୍ତ; ବିଲାତକୁ ଯାଇ କିଛି ଦିନ ପରେ ସେଠାରୁ ଫେରି ଆସିଥିବା ( ଭାରତୀୟ ବ୍ୟକ୍ତି )—Returned from England ( applied to an Indian ).
Bilāt pratyāgata
बिलात फेरत
**विलयत फिरता**

**ବିଲାତ୍ ଫି(ଫେ)ରନ୍ତ(ତା)**—ବୈଦେ. ବି—ଯେଉଁ ଭାରତୀୟ ବ୍ୟକ୍ତି ବିଲାତ୍ ବା ଇଂଲଣ୍ଡରେ କିଛି କାଳ ରହିବା ପରେ ଦେଶକୁ ଫେରି ଆସିଛି—England-returned Indian. ବୈଦେ. ବିଣ—ବିଲାତକୁ ଯାଇ ସେ ଦେଶରୁ ଫେରି ଆସିଥିବା—Returned from England.
Bilāt phi(phe)rat(tā)
बिलात फेरत(ता)
**विलायत फीरता**
[ବିଲାଇ(ଏ)ତ୍ ଫି(ଫେ)ରନ୍ତ୍(ତା, ନ୍ତା)—ଅନ୍ୟରୂପ]

**ବିଲାତ୍ ମଡ଼ା**—ଦେ. ବିଣ ( ବ୍ୟଙ୍ଗୋକ୍ତି )—ଯେ ଥରେ ବିଲାତ ଯାଇ-ଥିଲା; ବିଲାତ୍ ଫେରନ୍ତା—One who has once set foot in or touched the shores of England; England-returned.
Bilāt mar̲d̲ā
बिलात् छूआँ
**विलायतको लातमारके आनेवाला; विलायत छूआ**
(ବିଲାତଛୁଆଁ—ଅନ୍ୟରୂପ)

**ବିଲାତି**—ବୈଦେ. ବିଣ ( ଅ )—୧। ବିଲାତବାସୀ; ଇଂଲଣ୍ଡୀୟ; ଇଂଲଣ୍ଡବାସୀ—1. English. ୨। ଇଉରୋପୀୟ; ସାହେବାଣୀ—2. European. ୩। ଇଂଲଣ୍ଡରେ ଉତ୍ପନ୍ନ—3. Produced in England. ୪। ଇଂଲଣ୍ଡରେ ପ୍ରସ୍ତୁତ—4. Of English make. ୫। ପ୍ରଥମେ ବିଲାତରୁ ଅର୍ଥାତ୍ ବିଦେଶରୁ ଏ ଦେଶକୁ ଆଣୀତ—5. Originally brought from a foreign country. [ଦ୍ର—ଯେଉଁ ଫଳ, ଫୁଲ ଓ ଗଛ ଆଦି ପୂର୍ବେ ଏ ଦେଶରେ ଉତ୍ପନ୍ନ ହେଉ ନ ଥିଲା ଓ ଯାହା ବିଦେଶରୁ ଆସି ଏ ଦେଶରେ ଚଳିଅଛି, ତାହାକୁ ସାଧାରଣ ଲୋକେ ବିଲାତି ବୋଲି କହନ୍ତି ଯଥା—ବିଲାତି ଆଳୁ, ବିଲାତି ବାଇଗଣ, ବିଲାତି ବାଇଗବା, ବିଲାତି ଦଳ ଇତ୍ୟାଦି ।]
Bilāti
बिलाति
**विलायति**
[ବିଲାଇ(ଏ)ତି—ଅନ୍ୟରୂପ]

**ବିଲାତି ଆମ(ମ୍ବ)ଡ଼ା**—ଦେ. ବି—ବୃକ୍ଷ ବିଶେଷ—Hog-plum; Otaheite apple. [ଦ୍ର—ଦେଶୀ ଆମ୍ବଡ଼ା ଫଳ ଅପେକ୍ଷା ବିଲାତି ଆମ୍ବଡ଼ା ଫଳ ମାଂସଳ ଓ ସୁମିଷ୍ଟ ।]
Bilāti āma(mba)r̲d̲ā
बिलाति आमड़ा
**बीलायति अमरा**

**ବିଲାତି ଆଳୁ**—ଦେ. ବି—ବିଙ୍ଗନାଦି ବର୍ଗର ଗୁଳ୍ମ ଓ ତାହାର ଚେରରେ ଜାତ ଫଳ; ଗୋଲ ଆଳୁ—Potato. [ଦ୍ର—ଏହା ପ୍ରଥମେ ଆମେରିକାରୁ ଇଂଲଣ୍ଡକୁ ଆସିଥିଲା ଓ ପରେ ଇଂଲଣ୍ଡରୁ ଏ ଦେଶକୁ ଆସିଥିଲା । ଏହା ଦୁଇ ପ୍ରକାର—(୧) ବିଲାତି ଆଳୁ । (୨) ବମ୍ବେ ବା ନାଇନିତାଲ ଆଳୁ ।]
Bilāti āḷu
ବିଲାଇତି ଆଳୁ
ବିଲାଏତି ଆଳୁ
ବିଲେଇତି ଆଳୁ } —ଅନ୍ୟରୂପ
बिलाति आलू; गोल आलू
**विलायति आलू, आलु**

**ବିଲାତି କପଡ଼ା**—ଦେ. ବି—ବିଲାତରେ ବୁଣା ହୋଇ ଏ ଦେଶକୁ ବିକ୍ରି ହେବା ସକାଶେ ଆସୁଥିବା ଲୁଗା—English mill-made cloth.
Bilāti kapar̲d̲ā
बिला(लि)ति कापड़
**विलायति कपडा**
ବିଲାଇ(ଏ)ତି କପଡ଼ା, ବିଲାଇ(ଏ)ତି ଧୋତି
ବିଲାଇ(ଏ)ତି ଲୁଗା, ବିଲାତି ଧୋତି
ବିଲାତି ଲୁଗା, ବିଲେଇତି କପଡ଼ା
ବିଲେଇତି ଧୋତି, ବିଲେଇତି ଲୁଗା } —ଅନ୍ୟରୂପ

**ବିଲାତି କୟାଁ**—ଦେ. ବି—ବିଦେଶାଗତ କଣ୍ଟକ ବୃକ୍ଷ ବିଶେଷ—Inga Dulcis; A kind of thorny tree. [ଦ୍ର—ଏ ଗଛ ଉଚ୍ଚରେ ୧୫ ଫୁଟ ପର୍ଯ୍ୟନ୍ତ ବଢ଼େ; ଦୁର୍ଭେଦ୍ୟ କଣ୍ଟକମୟ ବାଡ଼ ପାଇଁ ଏ ଗଛ ଲଗାଯାଏ । ଏଥିର ଫଳ ତିନ୍ତୁଳି ପରି, କିନ୍ତୁ କୁଣ୍ଡଳାକାର । ଫଳର ଚୋପା ତଳେ ଈଷତ୍ ମିଷ୍ଟ ଧଳା ଶସ ଥାଏ । ଏଥିର ମଞ୍ଜି ଚେପଟା ଓ କଳା ।]
Bilati kayān
जिलेबि गाछ
**जिलेबी पेड**

**ବିଲାତି କସ**—ପ୍ରାଦେ. (ସମ୍ବଲପୁର)—ବି—ବୃକ୍ଷବିଶେଷ—A kind of tree. [ଦ୍ର—ଏହା ଉଚ୍ଚରେ ୧୦ ଫୁଟ ହୁଏ; ଫଳ କଣ୍ଟାଳିଆ; ମଞ୍ଜି ଖୁବ୍ ନାଲି; ଏହାକୁ ପାଣିରେ ଗୋଳି ଲୁଗା ରଙ୍ଗାନ୍ତି ।]
Bilati kasa

**ବିଲାତି କାମ**—ଦେ. ବି—ବିଲାତରେ ତିଆରି ବା ସାହେବ ବା ଗୋରା ମିସ୍ତ୍ରୀମାନଙ୍କର ହାତର ତିଆରି ଉତ୍କୃଷ୍ଟ କାର୍ଯ୍ୟ—Excellent work which is the workmanship of English artisans.
Bilāti kāma
बिलाति काय
**विलायति काम**
(ବିଲାତି କାରିଗରି—ଅନ୍ୟରୂପ)

**ବିଲାତି କୁକୁର**—ଦେ ବି—୧। ବହୁ ପ୍ରକାରର ବିଦେଶୀୟ କୁକୁର—1. British or European dogs. [ଦ୍ର—ଏମାନଙ୍କୁ ସଉକରେ ବା ଶିକାର କରିବାକୁ ବଡ଼ଲୋକେ ପାଳନ୍ତି । ଏମାନେ ନାନା ଶ୍ରେଣୀର, ନାନା ଆକାରର ଓ ନାନା ରଙ୍ଗର ଅଛନ୍ତି । ଯଥା—ଡାହାଲ, ଟେରିଅର୍, ସ୍ପାନିଏଲ୍, ମୁଷୀ—ଇତ୍ୟାଦି ।] ୨। ବିଦେଶୀ କୁକୁରଙ୍କ ଠାରୁ ଏ ଦେଶରେ ଜାତ କୁକୁର—2. Dog of foreign or English breed.
Bilāti kukura
बिला(लि)ति कुकुर **विलायति कुत्ता**

**ବିଲାତି ଖାଅଣା(ନା)**—ଦେ. ବି—୧ । ସାହାବାନ ଢଙ୍ଗରେ ଭୋଜନ—
Bilāti khā-āṇā(nā) 1. European dinner.
[ବିଲାତି ଖାଅଣ ପିଅ(ଅ)ଣ—ଅନ୍ୟରୂପ] ୨ । ବିଦେଶରୁ ପ୍ରସ୍ତୁତ
বিলাতি খানা ହୋଇ ଆସିଥିବା ଖାନା—2. Dinner or pre-
विलायति खाना pared food imported from foreign countries.

**ବିଲାତି ଚକୁଣ୍ଡା**—ଦେ. ବି—ଚକୁଣ୍ଡା ଗଛର ପତ୍ର ପରି ପତ୍ରବିଶିଷ୍ଟ
Bilāti chākuṇḍā ବୃହତ୍ ବୃକ୍ଷବିଶେଷ —Dalbergia Lanceolaria. [ଦ୍ର—ଏହା ବିଦେଶରୁ ଅଣା ଯାଇ ଏ ଦେଶରେ ସଡ଼କ କନାଗ୍ରାରେ ଲଗା ହୋଇ ଅଛି । ଏଥିର କାଠ ଧଳା ଓ ମଞ୍ଜ କଳା, ଡାଲ ମସକା, ଏ କାଠ ଭଲ ଜଳେ ।]

**ବିଲାତି ଝାପରା**—ପ୍ରାଦେ. ( ସମ୍ବଲପୁର ) ବି—କୁଙ୍କୁମ ଗଛ ଓ ତାହାର
Bilāti jhāparā ଫଳ ( ଦେଖ )—A Kuṅkuma (See).

**ବିଲାତି ଦଳ**—ଦେ. ବି—ବିଦେଶରୁ ଆଗତ ଦଳବିଶେଷ—Water
Bilāti daḷa Hyacinth; Eichhornia; Pickerel
কচুরী কুম্ভী weed; Pontederia Cordata. [ ଦ୍ର—ଏହା
कचुरी पाना ଅଜକାଲି ଆମ ଦେଶର ନଈ, ପୋଖରୀରେ ଏପରି ମାଡ଼ି ଯାଉଅଛି ଯେ ତଦ୍ୱାରା ସମଗ୍ର ଦେଶର ସ୍ୱାସ୍ଥ୍ୟ ନଷ୍ଟ ହେଉଅଛି । ତେଣୁ ତାହାର ଲୋପ ସାଧନ କରିବା ପାଇଁ ଗଭର୍ଣ୍ଣମେଣ୍ଟ ଓ ସର୍ବସାଧାରଣ ବିଶେଷ ଚିନ୍ତିତ । ଏହାର ଫୁଲ ପେନ୍ଥା ପେନ୍ଥା ଓ ବିଗାଳି । ବିଦେଶରୁ ଏ ଦେଶକୁ ଏହା ଆସିଥିବାରୁ ଏହାକୁ ଲୋକେ ବିଲାତି ଦଳ କହନ୍ତି । କିନ୍ତୁ ଏହା ବିଲାତି ନୁହେଁ । ଏହା ଦକ୍ଷିଣ ଅମେରିକାର ବ୍ରାଜିଲରେ ଦେଖାଯାଏ । ଏହି ଦଳ ଉକ୍ତ ଦେଶଠାରୁ ବ୍ରହ୍ମପୁତ୍ର ନଦୀରେ ଭାସି ଆସି ବଙ୍ଗଦେଶର ନଦୀ ଓ ପୋଖରୀରେ ପୂର୍ଣ୍ଣ ହୋଇ ନଦୀପଥମାନ ବନ୍ଦ କରିଅଛି । ଏହାକୁ ବଙ୍ଗଦେଶରୁ ପ୍ରବାସୀ ଓଡ଼ିଆମାନେ ସଉକରେ ଏ ଦେଶକୁ ଆଣିଥିଲେ । ୧୯୨୮ ସାଲଠାରୁ ଡିଷ୍ଟ୍ରିକ୍ଟ ବୋର୍ଡ଼ମାନଙ୍କ ଓ ବିଶେଷତଃ ଓଡ଼ିଶାର ପୂର୍ବତନ କମିଶନର ଓ ମାଜିଷ୍ଟ୍ରେଟ ଶ୍ରୀଯୁକ୍ତ ଏନ୍.ଏଫ୍.ପେକ୍ ସାହେବଙ୍କ ଅମଳରେ ଓଡ଼ିଶାରୁ ଓ ବିଶେଷତଃ କଟକରୁ ଏହା ନିର୍ମୂଳ କରିବାକୁ ବହୁ ଚେଷ୍ଟା କରାଯାଇଥିଲା ଓ ଗଭର୍ଣ୍ଣମେଣ୍ଟ ଏହାକୁ ଲୋପ କରିବା ପାଇଁ ଆଇନ ଜାରି କରିଅଛନ୍ତି । ]

**ବିଲାତି ପାଣି**—ଦେ. ବି (ବ୍ୟଙ୍ଗ)—ନାଲି ପାଣି; ବିଲାତି ମଦ; ବ୍ରାଣ୍ଡୀ—
Bilāti pāṇi Foreign wine or spirit. (ଯଥା—ବ୍ରାଣ୍ଡୀ,
(ବିଲାତିସୁଧା—ଅନ୍ୟରୂପ) ହୁଇସ୍କି, ପୋର୍ଟ, ସେରି, ବିଅର, ଏଲ୍ । )
বিলাতী পানী विलाती पानी

**ବିଲାତି ଫୁଲଗଛ**—ଦେ. ବି—ପେଣ୍ଡି କନିଅର—Tecoma.
Bilāti phulagachha (ବିଲାତି କନିଅ[ଅ]ର—ଅନ୍ୟରୂପ)

**ବିଲାତି ବବୁର**—ଦେ. ବି ( ଫ. ବବୂଲ; ବବ୍ବର )—ବବୁରଜାତୀୟ
Bilāti babura ବୃକ୍ଷବିଶେଷ—Farnesiana; Acacia
গুয়া বাবলা गुकिकार; विलयति किकार ( Kirtikar )

**ବିଲାତି ବାଇଗଣ**—ଦେ. ବି—ଏକପ୍ରକାର ବିଦେଶାଗତ ବୃକ୍ଷ ଓ ତହିଁର
Bilāti bāigaṇa ଫଳ; ଟମାଟୋ—Tomato; Lycoper-
চাটনী বেগুন; বিলিতী বেগুন sicum Esculentum ( ଦ୍ର—
बिलायती बैंगन ଏହାର ଫଳ ପାଚିଲେ ଲାଲବର୍ଣ୍ଣ ଦେଖାଯାଏ ଓ
ବିଲାଇ(ଏ)ତି ବାଇଗଣ } ଅନ୍ୟରୂପ ଅଳ୍ପ ଖଟା ହୁଏ । ଏହାକୁ
ବିଲେଇତି ବାଇଗଣ ତରକାରୀ କରାଯାଏ । ଫଳ-
ଗୁଡ଼ାକ ଦହଖୁଆ ପରି ଚକୁଡ଼ାଯୁକ୍ତ । ଏହା ଶୀତଦିନରେ ଫଳେ । ଏହି ଗଛ ଉଚ୍ଚରେ ୨ ହାତ ପର୍ଯ୍ୟନ୍ତ ବଢ଼େ । ଏହି ଗଛର କାଣ୍ଡ କୋମଳ । ଏଥିରେ କଣ୍ଟା ନାହିଁ । ଏହା ଦକ୍ଷିଣ ଆମେରିକାର ଗଛ । )

**ବିଲାତି ବାଇଗ(ଗେ)ବା**—ଦେ. ବି—ଗୋଟି ଓ ନାଲି ବାଇଗବା ଗୁଳ୍ମ—
Bilāti bāiga(ge)bā Jatropha Gossifolia; Jatropha
লাল্ ভেরেণ্ডা लाल भेरण्डा Multifia (Kirtikar).
( ଦ୍ର—ଏହା ଦକ୍ଷିଣଆମେରିକାସ୍ଥ ବ୍ରାଜିଲ ଦେଶର ଗଛ । ଏ ଦେଶରେ ଏହା ବନ୍ୟ ହୋଇଯାଇଅଛି । ଏହା ପଡ଼ିଆରେ ମନକୁ ଉଠେ । ଏହା ଉଚ୍ଚରେ ଦୁଇ ହାତ ପର୍ଯ୍ୟନ୍ତ ବଢ଼େ । ଦାନ୍ତକାଠିରୂପେ ବ୍ୟବହୃତ ହୁଏ । ଏହାର ଫୁଲ ଲାଲବର୍ଣ୍ଣ । ଫଳ ବାଇଗବା ଫଳ ପରି । ଯାଜପୁର ଅଞ୍ଚଳରେ ଏହାକୁ ଲଙ୍କା ଆମ୍ବ କହନ୍ତି । )

**ବିଲାତି ବାଦାମ**—ଦେ. ବି—ବାଦାମ ୨. ( ଦେଖ )—Bādāma
Bilāti bādāma বিলাতী বাদাম बिलाती बादाम 2. (See)

**ବିଲାତି ମଦ**—ଦେ. ବି—ବ୍ରାଣ୍ଡି; ବିଲାତି ବା ବିଦେଶରୁ ଆମ ଦେଶକୁ
Bilāti mada ଆମଦାନି କରାଯାଉଥିବା ମଦ—Brandy;
বিলাতী মদ विलाती सराब foreign liquors. ( ଦ୍ର—ଏ
( ବିଲାତି ସରାପ—ଅନ୍ୟରୂପ ) ଦେଶରେ ଚାଉଳ ସିଝା ଆଦିରୁ ବୈଜ୍ଞାନିକ ପ୍ରକ୍ରିୟାରେ ବାହାର କରାଯାଉଥିବା ମଦକୁ ଅରଖି ବୋଲାଯାଏ । )

**ବିଲାତି ମଦରଙ୍ଗା**—ଦେ. ବି—ବିଦେଶାଗତ ଶାକବିଶେଷ—A kind
Bilāti madaraṅgā of potherb planted in gardens
লাল শাগ for ornamental borders. ( ଦ୍ର—ବଗିଚାର ହିଡ଼ମାନଙ୍କ ପାଖରେ ସୌନ୍ଦର୍ଯ୍ୟ ବୃଦ୍ଧି ନିମନ୍ତେ ଏ ଶାକ ଲଗାଯାଏ । ଏଥିର ପତ୍ରମାନ ନାଲି ଓ ସବୁଜବର୍ଣ୍ଣ ଓ ଚିକି ଚା )

**ବିଲାତି ମାଟି**—ଦେ. ବି—୧ । ଚିନା ମାଟି; ଚିନ ମାଟି—1. Kiolin;
Bilāti māṭi বলাতী মাটী बिलायती मिट्टी China clay.
[ଦ୍ର—ଏକପ୍ରକାର ଧଳା ମାଟି; ଏଥିରୁ କାଚ ପରି ବାସନ ତିଆରି ହୁଏ ।] ୨ । ବିଲାତିରୁ ଆମଦାନି ପଥର ଚୂନ ବିଶେଷ—2. Cement. [ଦ୍ର—ଏଥିରେ ପାଣି ମିଶାଇ କୌଣସି ସ୍ଥାନରେ ବୋଳି ଦେଲେ ୨ ଘଣ୍ଟା ମଧ୍ୟରେ ଏହା ପଥର ପରି ଟାଣ ହୋଇଯାଏ ।] ୩ । ସଜାମାଟି, ଖାରି ମାଟି-
Alkaline earth; fuller's earth

**ବିଲାତି ମେହେନ୍ଦି**—ଦେ. ବି—ମେହେନ୍ଦି ପତ୍ର ପରି ପତ୍ରବିଶିଷ୍ଟ ଓ
Bilāti mehendi କଣ୍ଟକଯୁକ୍ତ ଏକପ୍ରକାର ଗୁଳ୍ମ; ଲଙ୍କି କଣ୍ଟା
বিলাতী মেঁদী ଗଛ—A kind of thorny Lawsonia.
बिलायती मेहुदि; मसुराद् [ଦ୍ର—ଏହା ବାଡ଼ରେ ଲଗାଯାଏ ।]

ବିଲାତି ଶାକସବଜି—ଦେ. ବି—ଯେଉଁ ଶାକଜାତୀୟ ଫସଲମାନ
Bilāti śākasabaji ବିଦେଶରୁ ପ୍ରଥମେ ଏ ଦେଶକୁ ଆମଦାନି
বিলাতী শাকসবজী ହୋଇ ଅଳ୍ପ କାଳରୁ କୃଷି କରାଯାଉଅଛି—
**विलायती तरकारी**
ବିଲାତି ଫସଲ } —ଅନ୍ୟରୂପ Vegetables and
ବିଲାଇ(ଏ)ତି ଶାକସବଜି } kitchen herbs
introduced into India from foreign countries. [ଦ୍ର—ଯଥା—କୋବି, ସାଲଗମ, ସାଟ, ଅଟିଚୋକ ।]

ବିଲାତି ଶିଶୁ—ଦେ. ବି—ଶିଶୁ ଜାତୀୟ ବନ୍ୟ ବୃକ୍ଷବିଶେଷ—A kind
Bilāti śiśu of timber tree; Sapium Sebiferum; the Chinese Tallow tree [ଦ୍ର—ଏହା ଶିଶୁ ଗଛ ପରି । Hainesଙ୍କ ମତରେ ଏହା ଆମେରିକାର ବୃକ୍ଷ ।]

ବିଲାତି ସନ—ଦେ. ବି—ଫସଲି ସନ; ବର୍ଷାଗମାବ୍ଦ—The agri-
Bilāti sana বিলায়তী সন; ফসলী সন cultural year
**विलायती सन; फसली सन** of Orissa.
ବିଲାଇ(ଏ)ତି ସନ } —ଅନ୍ୟରୂପ [ ଦ୍ର—ଓଡ଼ିଶାରେ ଏହା
ବିଲାୟତି ସନ } ସୁନିଆଁ ଠାରୁ ଆରମ୍ଭ ହୁଏ ।
ଅର୍ଥାତ୍ ଭାଦ୍ର ଶୁକ୍ଳ (ସୁନିଆ ଦ୍ୱାଦଶୀ) ଦିନ ନୂଆ ସନ ଆରମ୍ଭ ହୁଏ । ଏଥିରେ ବିଚିତ୍ରତା ଏହି ଯେ—ଏହା ଚାନ୍ଦ୍ରମାନ ଭାଦ୍ର ମାସର ଦ୍ୱାଦଶୀ ଦିନ ଆରମ୍ଭ ହେଲେ ମଧ୍ୟ ସୌରମାନ ହିଁ ଦିନ ମାସ ଓ ଦିନ ଅନୁସାରେ ଏହାର ଗଣନା କରାଯାଏ । ଭାଦ୍ର ମାସ ଦ୍ୱାଦଶୀ ଯେବେ ୧୩୩୧ ସାଲ ହିଁ ବି ୨୬ ନ ପଡ଼େ, ତେବେ ୧୩୩୦ ହିଁ ୨୫ ଦିନର ପରବର୍ତ୍ତୀ ଦିବସ ୧୩୩୧ ହିଁ ୨୬ ଅଟେ । ଏହି ଗଣନା ଅନୁସାରେ ମଧ୍ୟ ଚଳିତ ପ୍ରଚଳିତ ପୁରୀ ରାଜାଙ୍କ ଅଙ୍କ (ବର୍ଷ) ଚଳେ ।
ଆକବର ବାଦ୍‌ସାହ ୧୪୭୮ ଶକରେ ଏ ସନ ପ୍ରବର୍ତ୍ତିତ କରିଥିଲେ । ବଙ୍ଗ ଦେଶରେ ସୌରମାନ ବୈଶାଖ ଦି ୧ ନ (ପଣା ସଂକ୍ରାନ୍ତି) ଠାରୁ ଓ ଉତ୍ତର ଭାରତରେ ଚାନ୍ଦ୍ରମାନ ଆଶ୍ୱିନ ୧ ଦିନ ଠାରୁ ଫସଲୀ ସନ ଗଣାଯାଏ ।
ଶାଲିବାହାନାବ୍ଦ ସୌରମାନ ବୈଶାଖ ୧ ଦିନ ଠାରୁ ଆରମ୍ଭ ହୁଏ ଓ ଏ ଦେଶର ନୂତନ ପଞ୍ଜିକାମାନ ବୈଶାଖ ୧ ଦିନ ଠାରୁ ଆରମ୍ଭ ହୁଏ । ଏଥିପାଇଁ ସାଧାରଣ ଲୋକଙ୍କ ମଧ୍ୟରେ ବର୍ଷ, ମାସ ଓ ଦିନର ଗଣନାରେ ନାନା ପ୍ରକାର ଗୋଲମାଲ ଅଟେ । ଉଦାହରଣ ସ୍ୱରୂପ ଦେଖା ଯାଉ—ଶାଲିବାହାନାବ୍ଦ ୧୮୪୭ (ସୌରମାନ ବୈଶାଖ ୧ ଦିନ ଆରମ୍ଭ ।)=ବର୍ଷାଗମାବ୍ଦ—୧୩୩୨—୩୩ ( ଚାନ୍ଦ୍ରମାନ ଭାଦ୍ରବର ଆରମ୍ଭ ।)=ଇଂରେଜ୍ୟାବ୍ଦ—୧୯୨୫—୨୬ (ଇଂରାଜ ଗଣନାରେ ଜାନୁଆର ପହିଲାରୁ) =ମୁକୁନ୍ଦଦେବ ଅଙ୍କ—୫୪—୫୫ (ସୁନିଆଁ ଭାଦ୍ରବ ଶୁକ୍ଳ ଦ୍ୱାଦଶୀ ଠାରୁ, =ସାର ବିକ୍ରମାବ୍ଦ—୧୯୮୨ ( ଚାନ୍ଦ୍ରମାନ ଚୈତ୍ର ୧ ଦିନ ଠାରୁ ।)

ବିଲାତି ସାହା(ହି,ହେ)ବ—ଦେ. ବି—ଅସଲ ଗୋରା ଲୋକ—A
Bilāti sahā(hi;he)ba true Englishman or
বিলাতী সাহেব **विलायती साहेब** European; a white
(ଦେଶୀ ସାହେବ; ମାଟିଆପୁରୁଷ; ଫିରଙ୍ଗୀ—ଅନ୍ୟରୂପ) man.
[ଦ୍ର—ଯେଉଁ ସାହେବଙ୍କର ଜନ୍ମ ବିଲାତରେ ଓ ଯାହାଙ୍କର ପିତାମାତା ମଧ୍ୟ ସାହେବ ସେମାନଙ୍କୁ ବିଲାତି ସାହେବ ବୋଲାଯାଏ ।]

ବିଲାତି ହଳଦୀ—ଦେ. ବି—ଗୁଲୁବାସ (ଦେଖ)
Bilāti haḷadi Gulubāsa (See)

ବିଲାତୀ—ପ୍ରାଦେ (ବୌଦ୍ଧ) ବି—ବନ୍ୟ ବୃକ୍ଷବିଶେଷ—A kind of
Bilāti wild tree. [ ଦ୍ର—ଏହାର ମଞ୍ଜିକୁ ଛେଚି ସିଝାଇଲେ ସୁନ୍ଦର ରଙ୍ଗ ବାହାରେ । ଏହା ଲୁଗା ଗାମୁଛ ପାରୁଇବାରେ ବ୍ୟବହୃତ ହୁଏ । ]

ବିଲାପ—ସଂ. ବି— (ବି+ଲପ୍ ଧାତୁ=ଖେଦ କରିବା+ଭାବ. ଅ)—
Bilāpa ୧ । ଖେଦୋକ୍ତିପୂର୍ବକ କ୍ରନ୍ଦନ; କାନ୍ଦୁଣା କାନ—
1. Bewailing. ୨ । ପରିବେଦନ; ଖେଦୋକ୍ତି—
2. Lamentation.

ବିଲାପକ—ସଂ. ବିଣ. ପୁଂ—( ବି+ଲପ୍ ଧାତୁ+କର୍ତ୍ତୃ. ଅକ )—
Bilāpaka ୧ । ଯେ ବିଲାପ କରେ—1. Lamenting;
(ବିଲାପିକା—ସ୍ତ୍ରୀ) sorrowing. ୨ । ଖେଦଜନକ; ବିଲାପ-
ଜନକ—5. Plaintive; doleful.

ବିଲାପ କରିବା—ଦେ. କ୍ରି—ଖେଦୋକ୍ତିପୂର୍ବକ କାନ୍ଦିବା; କାନ୍ଦୁଣିବା—
Bilāpa kariba To lament; to bewail.
বিলাপকরা **विलाप करना; विलक(ख)ना**

ବିଲାପିବା—ଦେ. କ୍ରି—( ପଦ୍ୟ )—କାନ୍ଦୁଣିବା; କ୍ରନ୍ଦନ କରିବା—
Bilāpiba To bewail. (ଉ—ଏସନ ଆକ୍ଷେପି ସୀତା ବିଲାପି
বিলাপা **विलखना** ଢିକଲେ । ନନ୍ଦକିଶୋର. ସୀତାବନବାସ ।)

ବିଲାପୀ—ସଂ. ବିଣ. ପୁଂ—(ବି+ଲପ୍ ଧାତୁ+କର୍ତ୍ତୃ. ଇନ୍; ବିଲାପିନ୍;
Bilāpi ୧ମା. ୧ବ)—ଖେଦକାରୀ—Sorrowing.
(ବିଲାପିନୀ—ସ୍ତ୍ରୀ)

ବିଲାବଳି—ଦେ. ବି ( ସଂ. ବେଲାବଳୀ )—ରାଗିଣୀବିଶେଷ—Name
Bilābaḷi of a musical air. [ ଦ୍ର—ଏହା ମଲ୍ଲାର ରାଗର
বিলাঅল, বেলাওল ରାଗିଣୀବିଶେଷ । ଏହା କେଦାର ଓ କଲ୍ୟାଣ
**बिलावल** ରାଗର ମିଶ୍ରଣ ଅଟେ; ଏହା ଦୀପକ ରାଗର ପୁତ୍ର ଓ ଏହା ଗାଇବା ସମୟ ବିଢ଼ିଭୋର; ହି. ଶ—ସୋ.ଗଷ୍ଟକ୍ ।]

ବିଲାୟତି କାନୁନଗୋ—ବୈଦେ. ବି-ଭାରତରେ ମୁସଲମାନ ରାଜାମାନଙ୍କ
Bilāyati kānungo ଅମଳରେ ସବଡିଭିଜନର ରାଜସ୍ୱ ହିସାବ
বিলায়তী কানুনগো ରଖୁଥିବା କର୍ମଚାରୀ—Subdivisional
**विलायती कानुनगो** accountant during the Mahomedan reign.

ବିଲାଲ—ସଂ. ବି—( ବି+ଲଲ୍ ଧାତୁ=ପାଇବାକୁ ଇଚ୍ଛା କରିବା+
Bilāḷa କର୍ତ୍ତୃ. ଅ )—୧ । ଯନ୍ତ୍ର; କଳ—1. Machine.
୨ । ବିରାଡ଼ି; ମାର୍ଜାର—2. Cat.

ବିଲଶ୍—ପ୍ରାଦେ (ସମ୍ବଲପୁର)—ବଣ ଓ ଅ—୧ । ଆଦୌ; ବିଲକୁଲ୍;
Bilās
ମୋଟେ—1. At all; completely. ୨ । ଅଲବତ; ନିଶ୍ଚୟ—2. Certainly; perforce.

ବିଲାଶ—ଦେ. ବି—(ସ. ବିଳାସ=ଶୋଭା)—୧ । କାନ୍ଥ ଦେହରୁ
Bilāsa
କାର୍ଣିସ
ताक; कर्नानी
ମାତ୍ର ବା ଚୂନଦ୍ୱାରା ବାହାରକୁ ବାହାରି କରି ନ ଯାଇ ଉଚ୍ଚ ହୋଇଥିବା ଠଣା ବା କାନ୍ଥକୁଣ୍ଡ—1. A projecting wall niche; a protruding wall-shelf or cornice. ୨ । କାନ୍ଥରୁ ବାହାରକୁ ବାହାରିଥିବା ଲମ୍ବ କାଠ—2. Cornice; wallplate; corbel. ୩ । ବଟାଲୀର ଗଡ଼ାଣିଆ ଧାର—3. The sloping side of the edge of a chisel.

ବିଳାସ—ସ. ବି—(ବି+ଲସ୍ ଧାତୁ=କ୍ରୀଡ଼ା କରିବା+ଭାବ. ଅ)—
Bilāsa
বিলাস
୧ । ଲୀଳା—1. Sport. ୨ । କ୍ରୀଡ଼ା—2. Play. ୩ । ଆମୋଦ ଉପଭୋଗ—3. Enjoyment of pleasure. ( ଉ—କେତେବେଳେ ଜଗତ ବିଳାସ; କେତେବେଳେ ତରୁତଳେ ବାସ—ଜଗ । ) ୪ । କୌତୁକ—4. Amusements. ୫ । ଆମୋଦ—5. Pleasure. ୬ । ଆନନ୍ଦ—6. Playfulness; joy; merriment. ୭ । ମଉଜ—7. Sport. ୮ । ଥଟ୍ଟା—8. Jest; joking. ୯ । ନାୟକ ନାୟିକାଙ୍କର ଶୃଙ୍ଗାର-ଚେଷ୍ଟାବିଶେଷ—9 Dalliance; amorous exhibitions exchanged between lovers. ୧୦ । ସ୍ତ୍ରୀଲୋକଙ୍କର ଶୃଙ୍ଗାରରସ ଉଦ୍ଦୀପକ ଅଙ୍ଗଭଙ୍ଗୀ ବା ହାବଭାବ; ମୁଖ ନେତ୍ରାଦି ଓ ଅଙ୍ଗାଦିର କାମୋଦ୍ଦୀପକ ଭାବ-ଭଙ୍ଗୀ; ଛଳ—10. Coquetry. ୧୧ । ପୁରୁଷର ରସିକତା—11. Gallantry. ୧୨ । ସୁଖ ବା ଆରାମ ଭୋଗ—12. Diversion; enjoyment of ease. ୧୩ । ସଉକିନ—13. Foppishness. ୧୪ । ଛବି—14. Picture. ( ଉ—ବିଜୟୀ କନ୍ଦର୍ପଘୋଷରେ ବିଜୟି ଧନୁଘୋଷରେ କଇଲାସ ବିଳାସ ଛଡ଼ାଇ ଅଣାଇ । ବଞ୍ଜ. ବୈଦେହୀଶବିଳାସ । ) ୧୫ । ଶୋଭା—15. Beauty; splendour. ୧୬ । ବ୍ୟସନ, ଇନ୍ଦ୍ରିୟବୃତ୍ତି ଚରିତାର୍ଥ କରଣ—16. Sensual enjoyment. ୧୭ । ବିକାଶ; ପ୍ରକାଶ; ସ୍ଫୁରଣ—17. Manifestation; flash. ୧୮ । ପ୍ରାଦୁର୍ଭାବ—18. Appearance.

ବିଳାସକ—ସ. ବଣ. ପୁଂ—(ବି+ଲସ୍ ଧାତୁ=କ୍ରୀଡ଼ା କରିବା+କର୍ତ୍ତୃ. ଅକ )—ଆମୋଦପରାୟଣ—Sport-ful.
Bilāsaka
(ବିଳାସିକା—ସ୍ତ୍ରୀ)

ବିଳାସ କରିବା—ଦେ. କ୍ରି—୧ । କ୍ରୀଡ଼ା କରିବା—1. To amuse
Bilāsa kariba
বিলাস করা
विलास करना
one's self. ୨ । ସୁଖ ଉପଭୋଗ କରିବା—2. To enjoy. ୩ । ଆମୋଦ ପ୍ରମୋଦ କରିବା; ମଉଜ କରିବା—3. To make merry. ୪ । ଛଳ ଦେଖାଇବା—4. To show off.

ବିଳାସ କାନନ—ସ. ବି—( ବିଳାସ+କାନନ )—ପ୍ରମୋଦ ବନ;
Bilāsa kānana
ପ୍ରମୋଦ ଉଦ୍ୟାନ—A pleasure garden.

ବିଳାସ ତୃଷ୍ଣା—ସ. ବି—(ବିଳାସ+ତୃଷ୍ଣା)—ମଉଜ କରିବାର ଇଚ୍ଛା—
Bilāsa trushnā Desire of enjoyment or sport.
(ବିଳାସ ବାସନା—ଅନ୍ୟରୂପ)

ବିଳାସ ପରାୟଣ—ସ. ବଣ ପୁଂ—(୭ମୀ ତତ୍; ବିଳାସ+ପରାୟଣ=
Bilāsa parāyana
ବିଳାସଶୀଳ } ଅନ୍ୟରୂପ
ବିଳାସରତ }
(ବିଳାସପରାୟଣା—ସ୍ତ୍ରୀ)
ଆସକ୍ତ)—୧ । କ୍ରୀଡ଼ାରତ—1. Sportive. ୨ । ସଉକୀ; ମଉଜୀ—2. Given to luxury, amusements or dalliance.

ବିଳାସପୁର—ଦେ. ବି—ମଧ୍ୟପ୍ରଦେଶାନ୍ତର୍ଗତ ଗୋଟିଏ ଜିଲ୍ଲା ଓ ନଗର—
Bilāsapura
বিলাসপুর
विलासपुर
Bilaspura in Central Provinces. [ ଦ—ଏହା ବେଙ୍ଗଲ ନାଗପୁର ରେଲବାଇର ଗୋଟିଏ ବଡ଼ ସଂଯୋଜକ ଷ୍ଟେଶନ ବା ଜଙ୍କ୍‌ସନ । ଏଠାରେ ଭଲ ପଥରଚୂନ ଆମଦାନୀ ହୁଏ ।]

ବିଳାସପ୍ରିୟ—ସ. ବଣ. ପୁଂ (ବହୁବ୍ରୀହି; ବିଳାସ+ପ୍ରିୟ)—ଯେ ବିଳାସ
Bilāsapriya
(ବିଳାସପ୍ରିୟା—ସ୍ତ୍ରୀ)
କରିବାକୁ ସୁଖ ପାଏ; ମଉଜିଆ—Fond of pleasure, luxury or sport

ବିଳାସ ଭବନ—ସ. ବି ( ୬ଷ୍ଠୀ ତତ୍; ବିଳାସ+ଭବନ)—୧ । କ୍ରୀଡ଼ା-
Bilāsa bhabana
( ବିଳାସ ମନ୍ଦିର—ଅନ୍ୟରୂପ )
ଗୃହ—1. Play house; pleasure house. ୨ । କେଳିଗୃହ—2. The house of amorous enjoyments. ୩ । ବୈଠକଖାନା—3. Drawing room; parlour. ୪ । ନୃତ୍ୟଶାଳା; ନାଚଶାଳା—4. Dancing hall; ball room.

ବିଳାସିଆ—ଦେ. ବଣ. ପୁଂ ( ସ. ବିଳାସୀ )—୧ । ବିଳାସପରାୟଣ;
Bilāsiā
ବାବୁଲୋକ
विलासिया
ରସିକ—1. Sportful; gallant. ୨ । ସୁଖୀ—2. Ease-loving.

ବିଳାସିନୀ—ସ. ବି. ସ୍ତ୍ରୀ ( ବି+ଲସ୍ ଧାତୁ+କର୍ତ୍ତୃ. ଇନ୍+ସ୍ତ୍ରୀ. ଈ )—
Bilāsini
ଚଟକଦାର
पताका
୧ । ସ୍ତ୍ରୀ; ନାରୀ—1. Woman. ୨ । ବେଶ୍ୟା—2. Prostitute. ୩ । ଛଇଳୀ; ରସିକା; ସଉକିନୀ ସ୍ତ୍ରୀ; 3. Coquette. ୪ । ମନୋହର ଅଙ୍ଗଭଙ୍ଗୀ ଓ ହାବଭାବରେ ପ୍ରବୀଣା ସ୍ତ୍ରୀ; ଛଇଳୀ—4. A woman who is expert in amorous expressions. ୫ । ଉତ୍କୃଷ୍ଟା ସ୍ତ୍ରୀ—5. An excellent lady.

ବିଳାସୀ—ସ. ବଣ. ପୁଂ ( ବିଳାସିନ୍; ବି+ଲସ୍ ଧାତୁ=କ୍ରୀଡ଼ା କରିବା
Bilāsi
(ବିଳାସିନୀ—ସ୍ତ୍ରୀ)
+କର୍ତ୍ତୃ. ଇନ୍ )—୧ । ବିଳାସପରାୟଣ; ବ୍ୟସନ ଓ ବିଳାସରତ—1, Addicted to pleasures. ୨ । ଇନ୍ଦ୍ରିୟବୃତ୍ତି ଚରିତାର୍ଥ କରିବାରେ ରତ—2. Sensuous. ୩ । ଥଟ୍ଟାଳିଆ—3. Jestful; jocular. ୪ । ରସିକ; ମଉଜ—4. Gallant. ୫ । ଭୋଗବାନ୍—5. Enjoying. ୬ । ଛଇଳ—

6. Coquettish; foppish. ସଂ. ବି ( ବିଲ+ଅସ୍ ଧାତୁ+କର୍ତ୍ତୃ. ଇନ୍ )—୧ । ସର୍ପ—1. Snake. ୨ । ବୃକ୍ଷବିଶେଷ—2. Name of a tree. ୩ । ଅଗ୍ନି—3. Fire. ୪ । ଚନ୍ଦ୍ର—4. Moon. ୫ । ଶିବ—5. Siba. ୬ । କନ୍ଦର୍ପ—6. Cupid. ୭ । କୃଷ୍ଣ—7. Krushna. ଦେ. ବିଣ—ଅଗ୍ରହ୍ମ—Eager. [ ଉ—ବଡ଼ବେଉଲ ଅଗ୍ରତରେ ଗୁଣ୍ଡିଗୁରଥ ଯେ ଦେଖିଛୁ ତରକ, ବିଲୋକନେ ବିଳାସୀ ସବଂଲୋକ—ଭଞ୍ଜ. ବୈଦେହୀଶବିଳାସ । ]

**ବିଳାସୁଣୀ**—ଦେ. ବି. ସ୍ତ୍ରୀ ( ସଂ. ବିଳାସିନୀ )—୧ । ଛିଇଳୀ—Bilasuni 1. Coquette. ୨ । ବେଶ୍ୟା—2. Whore. **पताका** ୩ । ଶ୍ରେଷ୍ଠା ସ୍ତ୍ରୀ; ରସିକା—3. An excellent lady. ୫ । କେଳିକଳାରେ ପଟୁ ସ୍ତ୍ରୀ—5. A woman well versed in dalliance. ୪ । ଗ୍ରାମଦେବୀବିଶେଷ—4. Name of a popular village goddess.

**ବିଲି**—ଦେ. ବି—୧ । ବଣ୍ଟନ—1. Distribution. ୨ । ବନ୍ଦୋ-Bili ବିଲୀ **बन्दोबस्त** ବସ୍ତ—2. Settlement. ୩ । ବ୍ୟବ-ବେରାল ସ୍ଥାପନ—3. Arrangement. ୪ । ( ସଂ. ବିଡ଼ାଳ ) **बिल्ली** ବିରାଡ଼ି—2. Cat. ବୈଦେ. ବି ( ଇଂ. ବିଲ୍ )—ବିଲ୍ ( ଦେଖ )—Bil ( See )

**ବିଲିଅର୍ଡ୍(ର୍ଡ)**—ବୈଦେ. ବି—ଛୋଟ ବଲ ଓ ଲମ୍ବ ସରୁ ବାଡ଼ିଦ୍ୱାରା Biliard(rd) ଟେବଲ ଉପରେ ଖେଳାଯିବା ଏକପ୍ରକାର ଖେଳ ( ବିଲିଅଡ଼୍[ର୍ଡ] ଗେମ୍[ସ୍]—ଅନ୍ୟରୂପ ) ଖେଳ—The game ବିଲିয়ାৰ্ড **बिलियर्ड** of billards. [ ଉ—ସ୍ଲେଟ ବା ଶ୍ୱେତ-ମର୍ମର ପଥରର ଟେବଲ ଉପରେ ବନାତ କନା ମଡ଼ା ଯାଇଥାଏ; ଟେବଲର ଚାରିପାଖେ ରବର କୁଆଁଣି ବାଡ଼ ଥାଏ । ଟେବଲର କୋଣରେ ଓ ଲମ୍ବ ପାଖର ମଝିରେ ଗୋଟିଏ ଲେଖାଏଁ କଣା ଥାଏ ଓ ସେ କଣାରେ ଜାଲି ମୁଣି ଥାଏ । କେନ୍ଦୁ ଫଳ ପରି ୨ ଇଞ୍ଚ ବ୍ୟାସବିଶିଷ୍ଟ ପେଣ୍ଡୁ ( ବଲ୍ )କୁ ନିର୍ଦ୍ଦିଷ୍ଟ ସ୍ଥାନରେ ଟେବଲ ଉପରେ ରଖି ଖେଳାଳି ଧରିଥିବା ସରୁ ଲମ୍ବ ଡାଙ୍ଗ ( ଷ୍ଟିକ୍ )ର ଅଗରେ ବଲକୁ ଠେଲି ଗଡ଼ାଇବାକୁ ହୁଏ; ଯେପରି କି ଏକ ଖେଳାଳୀର ବଲ୍ ବିପକ୍ଷର ବଲକୁ ଆଘାତ କରି ଗୋଟିଏ ଜାଲର ମୁଣିରେ ପଡ଼ିବ । ଏହି ରୀତିରେ ଏ ଖେଳ ହୁଏ ।

ଏହି ଶବ୍ଦ ସଙ୍ଗେ ଇଂରାଜି ଭାଷାରେ ବ୍ୟବହୃତ ଅନ୍ୟ ଇଂରାଜି ଶବ୍ଦସମନ୍ୱିତ ବାକ୍ୟମାନ ମଧ୍ୟ ଓଡ଼ିଆରେ ଚଳନ୍ତିଣି, ଯଥା—ବିଲିଅଡ଼୍ ଟେବଲ—ବିଲିଅଡ଼ ଖେଳ ଯେଉଁ ଟେବଲ ଉପରେ ଖେଳାଯାଏ—Billiard table. ବିଲିଅଡ଼୍ ବଲ—ବିଲିଅଡ଼୍ ଖେଳବା ପେଣ୍ଡୁ—Billiard ball. ବିଲିଅଡ଼ ରୁମ—ବିଲିଅଡ଼ ଖେଳ ଯେଉଁ କୋଠରିରେ ହୁଏ—Billiard room. ବିଲିଅଡ଼ ଷ୍ଟିକ—ଯେଉଁ ସରୁ ଲମ୍ବ ବାଡ଼ିର ଅଗଦ୍ୱାରା ବିଲିଅଡ଼ ବଲକୁ ଠେଲାଯାଏ—Billiard stick. ]

**ବିଲି କରିବା**—ଦେ. କ୍ରି ( ସଂ. ବିଲସ୍ )—୧ । ବାଣ୍ଟିବା; ବଣ୍ଟନ Bili kariba କରିବା—1. To distribute. ୨ । ( ଜମିକୁ ) ବିলীকরা, বিলান **बाँटना** ପ୍ରଜାକୁ ପଟା ଦେବା—2. To lease **बन्दोबस्त करना** out land to a raiyat. ୩ । କାର୍ଯ୍ୟଚାଳନାର ଉପଯୁକ୍ତ ବ୍ୟବସ୍ଥା କରିବା—3. To make suitable arrangements for the conduct of a work.

**ବିଲିଖନ**—ସଂ. ବି ( ବି+ଲିଖ୍ ଧାତୁ=ଲେଖିବା+ଭାବ. ଅନ )—Bilikhana ୧ । ଲେଖିବା; ଲେଖା—1. Writing. ୨ । ଚିରିବା; ବିଦାରଣ—2. Tearing; splitting. ୩ । ନଖ ଆଦି ଦ୍ୱାରା ଆଞ୍ଚୁଡ଼ା—3. Scratching. ୪ । ଖନନ—4. Digging; delving. ୫ । ବିଭାଗ-କରଣ—5. Dividing. ୬ । କର୍ଷଣ—6. Ploughing. ୭ । ମୂଳୋତ୍ପାଟନ—7. Uprooting.

**ବିଲିତା**—ଦେ. ବି ( ସଂ. ବିଲିପ୍ତା )—ଏକ ଲିତାର ୬୦ ଭାଗରୁ ଏକ Bilita বিলিতা **बिलिता** ଭାଗ—$\frac{1}{60}$ of a lita of time. ( ବିଲିତୀ—ଗ୍ରାମ୍ୟରୂପ )

**ବିଲିପ୍ତ**—ସଂ. ବିଣ ( ବି+ଲିପ୍ ଧାତୁ=ଲେପିବା+କର୍ମ. ତ )—Bilipta ୧ । ଲିପା ହୋଇଥିବା—1. Besmeared. ୨ । ବୋଳା ହୋଇଥିବା—2. Anointed.

**ବିଲିପ୍ତା**—ଦେ. ବି—୧ ଲିପ୍ତାର ଷଷ୍ଟ୍ୟଂଶ—One sixtieth of one Bilipta lita of time. [ ଉ—ବସୁମଙ୍ଗଳା-ମୂର୍ତ୍ତି ବହିଲ ଯନ୍ତ୍ରୀ ୫୫ଟି ୫୫ଟି ବିଦ୍ୟୁତପ୍ରାୟ ଦେହି;—ବିଲିପ୍ତା କେ—ଭଞ୍ଜ. ବୈଦେହୀଶବିଳାସ । ]

**ବିଲିବିଲା**—ଦେ. ବି—୧ । ଅନର୍ଥକ ବାକ୍ୟ ଗପିବା—1. Incoherent talk. ୨ । ବାତୁଳ ପ୍ରଳାପ—Bilibila বিড়বিড় 2. Ravings of a mad man. ୩ । ନିଦ୍ରିତ ବ୍ୟକ୍ତିର **बिलिबिलि** ନିଦ୍ରାବସ୍ଥାରେ ଗପିବା—3. Talking during sleep. ୪ । ଏକପ୍ରକାର ମସ୍ତିଷ୍କବିକୃତି—4. Raving madness.

**ବିଲିବିଲି**—ଦେ. ବିଣ ( ସଂ. ବି+ଲାବଣ୍ୟ )—୧ । କୁତ୍ସିତ; ଅସୁନ୍ଦର—Bilibili 1. Nasty; disfigured; slovenly. ୨ । বিচ্ছিরী ଅସୁନ୍ଦରରୂପେ ଚିତ୍ରିତ ବା ଲିଖିତ—2. Painted or **बिलोन** written in a clumsy or slovenly fashion.

**ବିଳିବିଳା(ଲେ)ଇବା**—ଦେ. କ୍ରି—୧ । ବାତୁଳ ପରି ପ୍ରଳାପ କରିବା—Bilibila(le)iba 1. To rave like a mad man. বিড়বিড় করা ୨ । ଶୋଇବା ଅବସ୍ଥାରେ ଗପିବା, ନିଦ ବାଉଳାରେ **बिलबिलाना** ବକିବା—2. To rave while asleep. ( ଉ—ଚେତ୍ କରନ୍ତି ଶୋକ ଉଚ୍ଚବାଣୀ, ବିଳବିଳାଇ ସକଳ ତରୁଣୀ । ପ୍ରତାପ—ଶଶିସେଣା— ) ୩ । ଅନର୍ଥକ ବାକ୍ୟ କହିବା—3. To speak incoherently. ( ଉ—ବୃଦ୍ଧା ବିଳବିଳେଇଲେ ବେଦ—ଭଗ । )

**ବିଲିବିଲା(ଲି) କରିବା**—ଦେ. କ୍ରି—୧ । ଟିକଟିକ କରି ଚିରିଦେବା—
Bilibilā(li) karibā 1. To tear into splinters or
चिथरा चिथरा करना rags. ୨ । ବିଗିଡ଼ିତୁଅଙ୍କୁ ମାଖ
(ବିଲି ବିଲି କରିବା—ଅନ୍ୟରୂପ) ଉପର୍ଯ୍ୟୁପରି ସ୍ଥାନାନ୍ତର କରିବା
ପରି କୌଣସି ବସ୍ତୁକୁ ଉପର୍ଯ୍ୟୁପରି ସ୍ଥାନାନ୍ତର କରିବା—
2. To remove a thing repeatedly from one place to another.

**ବିଲିଯିବା**—ପ୍ରାଦେ. (କଳାହାଣ୍ଡି) କ୍ରି ( ସ. ବିଲୟ; ତୁଳ. ହି. ବିଲୟନା )
Bilijibā ମିଳେଇଯିବା—To be dissolved.

**ବିଲି(ଲ୍ଲୀ)**—ଦେ. ବି—ବିରାଡ଼ି—Cat.
Bili(llī)

**ବିଲୀନ**—ସଂ. ବିଣ (ବି + ଲୀ ଧାତୁ=ଲୟ ପ୍ରାପ୍ତ ହେବା + କର୍ତ୍ତୃ. ତ )—
Bilīna ୧ । ଲୟପ୍ରାପ୍ତ—1. Absorbed; dissolved. ୨ ।
(ବିଲୀନା—ସ୍ତ୍ରୀ) ବିନଷ୍ଟ—2. Destroyed; perished. ୩ ।
ଅନ୍ତର୍ହିତ; ଲୁଚିଯାଇଥିବା, ଅଦୃଶ୍ୟ ହୋଇଯିବା—
3. Vanished; disappeared. ୪ । ନିବିଷ୍ଟ—
4. Engaged in; devoted to. ୫ । ଦ୍ରବୀଭୂତ;
ଗଳିତ; ତରଳ ଯାଇଥିବା—5. Melted; molten.
୬ । ( କୌଣସି ପଦାର୍ଥ ) ରାସାୟନିକ ପ୍ରକ୍ରିୟାଦ୍ୱାରା ଅନ୍ୟ
ବସ୍ତୁ ମଧ୍ୟରେ ସମ୍ପୂର୍ଣ୍ଣରୂପେ ମିଶିଯିବା—6. To be
dissolved or absorbed by chemical
process. ୭ । କ୍ଷରିତ—7. Oozed out. ୮ ।
ମଗ୍ନ, ନିମଗ୍ନ—8. Immersed. ୯ । ମିଶ୍ରିତ—9.
Mixed with; blended with. ଦେ. ବି—
ବିନାଶ—Destruction. ( ଉ—ବିଲୀନ କୁତେ
କ୍ଷମ ଗ୍ରାମ ଅନୁଜ ଭୀମ ଅସିଣ ଅଗେ ତା ବିଶ୍ରାମ । ଉଞ୍ଜ.
ବୈଦେହୀଶବିଳାସ )

**ବିଲୁଅାଁ**—ପ୍ରାଦେ ( ସମ୍ବଲପୁର ) ବି ( ସଂ. ବିଲ )—ଉଇହୁଙ୍କା—
Biluān̐ Ant-hill.

**ବିଲୁଅ**—ଦେ. ବି ( ସଂ. ବିଲ=ଗର୍ତ୍ତ; ଏମାନେ ଭୂମିରେ ଗାତ କରି
Biluā ରହିବାରୁ; ତୁଳ. ସଂ. ବିଲଶୟ; ବିଲେଶୟ )—କୁକୁର
ସ. ଜାତି—ଶୃଗାଳ, ବର୍ଗର ଗ୍ରାମ ନିକଟସ୍ଥ ବନବାସୀ କ୍ଷୁଦ୍ର ଜନ୍ତୁ
ଗୋମାୟୁ, ଫେରୁ ବିଶେଷ; ଶୃଗାଳ—Jackal; Canis
शियाल Aureus. [ ଦ୍ର—ଏମାନେ ପ୍ରାୟ ୧½ ହାତ
गिदड़; शियार ପର୍ଯ୍ୟନ୍ତ ଉଚ୍ଚରେ ବଢ଼ନ୍ତି । 'ହୁକେ ହୁକେ' ଡାକ
ଛାଡ଼ନ୍ତି । ରାତ୍ରିର ପ୍ରତ୍ୟେକ ପ୍ରହର ଆରମ୍ଭରେ ଓ ଶେଷରେ
ଅର୍ଥାତ୍ ସନ୍ଧ୍ୟା ଓ ସକାଳକୁ ମିଶାଇ ୫ ଥର ବୋବାନ୍ତି;
ଦେହ ପାଉଁଶିଆ ବର୍ଣ୍ଣ, ଥରକେ ଏକାଧିକ ଛୁଆ ଜନ୍ମ
କରନ୍ତି । ଗୋଟିଏ ବିଲୁଅ ଡାକ ଛାଡ଼ିଲେ ନିକଟବର୍ତ୍ତୀ
ଅନ୍ୟ ସ୍ଥାନର ବିଲୁଅମାନେ ଡାକ ଛାଡ଼ନ୍ତି । ଅନେକ
ବିଲୁଅମାନେ ଏକୁଟିଆ ହୋଇ ସମୟେ ସମୟେ ବୋବାନ୍ତି ।
ଏମାନଙ୍କ ବୋବାଳି ଭୟଙ୍କର । ଏମାନଙ୍କ ବୋବାଳି
ଶୁଣିଲେ ଗ୍ରାମରେ କୌଣସି ଲୋକର ଅଶୁ ମୃତ୍ୟୁ ଘଟିବ
ବୋଲି ଲୋକେ ଆଶଙ୍କା କରନ୍ତି । ଗ୍ରାମ ନିକଟକୁ ବାଘ
ବା ହେନ୍ତା ଆସିଲେ ଅନେକ ବିଲୁଅ ବୋବାଳି ଛାଡ଼ି ତାହାର
ଅନୁସରଣ କରେ । ବିଲୁଅ ବାଇଆ ହୋଇ ମନୁଷ୍ୟ, ପଶୁଙ୍କୁ
କାମୁଡ଼ିଲେ ଦଷ୍ଟଜୀବ ଜଳାତଙ୍କ ରୋଗଗ୍ରସ୍ତ ହୋଇ ମରିଯାଏ ।
ବିଲୁଅ ଭାରି ଧୂର୍ତ୍ତ ଓ ଅହଙ୍କାରୀ ରଖି ଅନିଷ୍ଟକାରୀଙ୍କୁ ଦଣ୍ଡ
ଦିଏ । ସମୟେ ସମୟେ ଦେଖାଯାଏ ଯେ, ବିଲୁଅମାନେ
ଘରେ ପଶି ଶିଶୁମାନଙ୍କୁ ନେଇ ଯାଆନ୍ତି । ବିଲୁଅମାନେ
ପକ୍ଷୀ, ମେଣ୍ଢା ଓ ଛେଳି ଆଦି ଶିକାର କରନ୍ତି, ପାଚିଲା
ଜାମୁକୋଳି, ଖଜୁରିକୋଳି ଓ ବରଫଳ ଖାଆନ୍ତି; ବିଲରେ
କଙ୍କଡ଼ାଗାତରେ ଲାଙ୍ଗୁଡ଼ ପୂରାଇ ସେ ଲାଙ୍ଗୁଡ଼କୁ ଧରିଥିବା
କଙ୍କଡ଼ାକୁ ଓଟାରିଆଣି ଖାଆନ୍ତି; ଏମାନେ କଙ୍କଡ଼ା, ଗେଣ୍ଡା,
ମାଛ ଓ ଶ୍ମଶାନର ପଚା ଶବମାଂସ ମଧ୍ୟ ଖାଆନ୍ତି ।
ଏମାନଙ୍କର ଅଧୋବାୟୁ ବିଶେଷ ଦୁର୍ଗନ୍ଧମୟ । କୁକୁରମାନେ
ଏହାଙ୍କୁ ଶିକାର କରିବାକୁ ଗୋଡ଼ାଇଲେ ଓ କୁକୁର
ଏମାନଙ୍କର ଅତି ନିକଟବର୍ତ୍ତୀ ହେଲେ ଏମାନେ ଅଧୋବାୟୁ
ତ୍ୟାଗ କରନ୍ତି ( ଭୁରୁଚୁକା ଦିଅନ୍ତି ) । ସେହି ଦୁର୍ଗନ୍ଧରେ
ଅଗ୍ରସର ହେଉଥିବା କୁକୁର ପଶ୍ଚାତ୍‌ପଦ ହୋଇ ଶିକାରରୁ
ବିରତ ହୁଏ । ଲୋକେ ଶିକାରୀ କୁକୁରଙ୍କ ସାହାଯ୍ୟରେ
ବିଲୁଅ ଶିକାର କରନ୍ତି । ଗ୍ରାମ ପ୍ରାନ୍ତ ଶ୍ମଶାନ ଓ ବଣ-
ବୁଦାରେ ଏମାନେ ରହନ୍ତି । ଶିଶୁଗୀତରେ ଏମାନଙ୍କୁ
ଶିଶୁମାନେ 'ବିଲୁଅ ନନା' ବୋଲି ସମ୍ବୋଧନ କରନ୍ତି ।
ଲୋକ ପ୍ରବାଦ ଅଛି ଯେ—ଦିନ ବେଳେ ସୂର୍ଯ୍ୟଙ୍କ ଖରାଥିବା
ଅବସ୍ଥାରେ ଅର୍ଥାତ୍ ସୂର୍ଯ୍ୟଙ୍କୁ ମେଘ ନ ଘୋଡ଼ାଇ ବର୍ଷା
ହେଲେ—ସେହି ସମୟରେ ବିଲୁଅଙ୍କ ବାହାଘର ଉତ୍ସବ
ସମାହିତ ହେଉଥାଏ । ବିଲୁଅଙ୍କ ମାଂସକୁ ଦହିରେ ସଢ଼ାଇ
ଉକ୍ତ ଦହିକୁ ଆମବାତ ରୋଗର ଔଷଧରୂପେ ସେବନ
କରାଯାଏ । ଏହାକୁ ବିଲୁଅ ଦହି ବୋଲାଯାଏ । ଏହା ଛଡ଼ା
କବିରାଜ ପ୍ରକ୍ରିୟାରେ ପ୍ରସ୍ତୁତ 'ଶିବାଘୃତ' କଠିଣ ବାତାଦି
ରୋଗର ଗୋଟିଏ ଉତ୍କୃଷ୍ଟ ଔଷଧ ।

କୌଣସି ଶୁଭକାମନା କରି ଅନୁକୂଳ କରିବା ସମୟରେ
ଆପଣାର ବାମପାର୍ଶ୍ୱରେ ବିଲୁଅଟିଏ ଦେଖିଲେ ଉକ୍ତ କାର୍ଯ୍ୟ
ସିଦ୍ଧ ହେବ ବୋଲି ଲୋକଙ୍କର ବିଶ୍ୱାସ । ବାମପାଖରେ
ଦେଖାଯିବା ବିଲୁଅକୁ ବାଆଁ ବିଲୁଅ ବା ବାଆଁ ଶିଆଳ(ଳ)
ବୋଲାଯାଏ । ବିଲୁଅ ବୁଦ୍ଧିମାନ୍ ଓ ଧୂର୍ତ୍ତ ବୋଲି ଧୂର୍ତ୍ତବ୍ୟକ୍ତି
ପ୍ରତି "ବୁଦ୍ଧିକି ବିଲୁଅ, ଗାତକୁ କୋଢ଼" ଉଗ ବୋଲା-
ଯାଏ ।

ଲୋକବିଶ୍ୱାସ ଯେ—ଶୃଗାଳାଦିରେ ରାତିରେ ଦେଖାଯିବା
"ଚରଗୁଣି ଅଲୁଅ" ଏକ ଜାତୀୟ ବିଲୁଅ (ଉଲ୍କାମୁଖୀ)ର
ମୁଖଗହ୍ୱରରୁ ବାହାରିବା ଆଲୋକ । ସେ ପାଟି ବନ୍ଦ
କରି ଦେଲେ ନିଆଁ ଲିଭିଯାଏ । ଲୋକବିଶ୍ୱାସ ଯେ, ବିଲୁଅ
ବାଘର ଭଣଜା; ଏଥିପାଇଁ ବିଲୁଅ ବାଘକୁ ଦେଖିଲେ
ତା ପଛରେ ଗୋଡ଼ାଇ ମାମୁକୁ ଖାଦ୍ୟ ପ୍ରାର୍ଥନା କରି ବୋବାଳି
ଛାଡ଼େ । ବିଲୁଅମାନେ ଝାଡ଼ା ଫେରି ସାରି ବିଲର ହୁଡ଼ା ଆଦି
ଉଚ୍ଚ ଜାଗାରେ ଗୁହ୍ୟଦ୍ୱାରକୁ ଘୋଷାରି ଦେଇ ନିର୍ମଳ
କରନ୍ତି । ଏହାକୁ 'ଗାଣ୍ଡିଘଷରା ପାଞ୍ଚିବା' ବୋଲାଯାଏ । ]

**खेतका** ଦେ. ବିଣ—ବିଲ ବା ଶସ୍ୟ କ୍ଷେତ୍ର ସମ୍ବନ୍ଧୀୟ—Relating to an agricultural field. (ଯଥା—ବିଲୁଆ ମୂଷା, ক্ষেতের মালিক ବିଲୁଆ କଙ୍କଡ଼ା । ) ଦେ. ବି—କୌଣସି ବିଲର **जमिनवाला** ମାଲିକ; କ୍ଷେତ୍ରସ୍ୱାମୀ—The owner of an agricultural field.

**ବିଲୁଆ କଙ୍କଡ଼ା**—ଦେ. ବି—ବର୍ଷାକାଳରେ ଯେଉଁ କଙ୍କଡ଼ାମାନେ ଧାନ Biluā kankardā ବିଲରେ ଗାତ କରି ରହନ୍ତି—Crabs ক্ষেতের কাংকড়া frequenting paddy fields during **केँकड़ा** the rains. [ଦ୍ର—ଏମାନେ ସାଧାରଣତଃ ପୋଖରୀରେ ଥିବା ମାଣ୍ଡିଆ କଙ୍କଡ଼ାଙ୍କଠାରୁ ଛୋଟ ଓ ଫିକା ଧଳା । ଧାନ କଟା ହେବା ପରେ ମଧ୍ୟ ଶୁଖିଲା ବିଲରେ ଗାତ ଖୋଳିଲେ ଏ କଙ୍କଡ଼ାମାନେ ମୃତ୍ତିକା ନିମ୍ନଦେଶରେ ଥିବାର ଦେଖାଯାନ୍ତି ।]

**ବିଲୁଆ କାମୁଡ଼ା**—ଦେ. ବି—କ୍ଷିପ୍ତ ଶୃଗାଳର ଦଂଶନ—Biluā kāmurdā A bite by a rabid jackal. শিয়াল কামড়ান ଦେ. ବିଣ—କ୍ଷିପ୍ତ ଶୃଗାଳ ଦ୍ୱାରା ଦଷ୍ଟ—**शियारका काटना** Bitten by rabid jackal.

**ବିଲୁଆ ଗାଡ଼(ତ)**—ଦେ ବି—ବିଲୁଆମାନେ ବସା କରି ରହୁଥିବା ଗର୍ତ୍ତ—Biluā gārda(ta) The den of a jackal. শিয়ালের গাত **शियारका माँद** (ବିଲୁଆ ବିଲ - ଅନ୍ୟରୂପ)

**ବିଲୁଆ ଡକା**—ଦେ. ବି—ବିଲୁଆମାନଙ୍କର 'ହୁଆହୁଆ, ହୁକେହୁକେ' Biluā dakā ରବ—The braying of jackal. শেয়ালের ডাক **शिआरका भूँकना** (ବିଲୁଆ ଡାକ, ବିଲୁଆ ରଡ଼ି, ବିଲୁଆ ବୋବାଳି, ବିଲୁଆ ବୋବି, ବିଲୁଆ ଭୁକା—ଅନ୍ୟ ରୂପ)

**ବିଲୁଆଣୀ**—ଗ୍ରାମ୍ୟ. ବି· ସ୍ତ୍ରୀ—ମାଈ ବିଲୁଆ—A she-jackal. Biluāni (ଉ—ବିଲୁଆ ବିଲୁଆଣୀ ତାଙ୍କୁ ଖାଇ ସାରି, ବରଷା শেয়ালনী ଶେଷ ଦେଖି ଦରରୁ ବାହାରି । କୃଷ୍ଣସିଂହ. ମହାଭାରତ **शिआरिन** ଶାନ୍ତି )

**ବିଲୁଆ ଦହି**—ଦେ. ବି—ଦହିରେ ପକାଇ ସଢ଼ା ଯାଇଥିବା ବିଲୁଆର Biluā dahi ମାଂସ; ଏହା ଏକ ପ୍ରକାର ବାତ ରୋଗର ଔଷଧ ରୂପେ ବ୍ୟବହୃତ ହୁଏ—Curd seasoned with the flesh of jackal and used as an antidote against acute rheumatism.

**ବିଲୁଆ ନନା**—ଦେ. ବି. ପୁଂ—(ଶିଶୁ ଗୀତ) ବିଲୁଆ ପ୍ରତି ଶିଶୁମାନଙ୍କର Biluā nanā ଆଦର ସମ୍ବୋଧନ—(Nursery rhyme) A শিয়াল ভাই term of endearment addressed to the (ବିଲୁଆ ନାନୀ—ସ୍ତ୍ରୀ) jackal by children. (ଉ—ବିଲୁଆ ନନା ! ଘର ପୋଡ଼ି ଗଲା ପଳିଲୁ ଅନା—ଶିଶୁଗୀତ )

**ବିଲୁଆ ବାହା**—ଦେ. ବି. (ଶିଶୁ ଭାଷା)—ବିଲୁଆ ନନା ଓ ବିଲୁଆ Biluā bāhā ନାନୀଙ୍କର କାଳ୍ପନିକ ବିବାହ ଉତ୍ସବ—The imশিয়ালের বিয়ে aginary marriage festival of jackals **गिदड़का ब्याह** which is assumed to be performed

ବିଲୁଆ ବିଭା
ବିଲୁଆ ବିହା
ବିଲୁଆ ବେହା
ବିଲୁଆ ଉଆ
} ଅନ୍ୟରୂପ

when there is a shower of rain while the sun is shining. [ଦ୍ର—ଖରା ପଡ଼ୁଥିବା ସମୟରେ ବୃଷ୍ଟି ହେଲେ ବିଲୁଆ ନନା ବିଭା ହେଉଅଛି ବୋଲି ଶିଶୁମାନଙ୍କର ବିଶ୍ୱାସ । ଏହା ସୂର୍ଯ୍ୟ ଯେଉଁଆଡ଼େ ବିରାଜିତ ଥାଆନ୍ତି, ତାହାର ବିପରୀତ ଦିଗରୁ ମେଘ ଘୋଟି ବର୍ଷା ହେବା ଅବସ୍ଥା ।]

**ବିଲୁଆ ବିଚାର**—ଦେ. ବି—ବହୁ ଲୋକ ଏକତ୍ର ହୋଇ ପରାମର୍ଶ କରି Biluā bichāra ଶେଷରେ କାର୍ଯ୍ୟରେ କିଛି ନ କରିବା; ନିଷ୍ଫଳ শিয়ালের বিচার ବିଚାର—Fruitless consultation. **बुढिआ पूंसी**

**ବିଲୁଆ ବୁଦ୍ଧି**—ଦେ. ବି—୧ । ତୀକ୍ଷ୍ଣ ବୁଦ୍ଧି—1. Sharp intellect. Biluā buddhi শিয়াল বুদ্ধি ୨ । ଧୂର୍ତ୍ତତା—2. Slyness.

**ବିଲୁଆ ମୂଷା**—ଦେ. ବି—ମୂଷାବିଶେଷ—Mouse frequenting Biluā mūshā paddy fields. [ଦ୍ର—ଏମାନେ ବିଲରେ খেতের ইঁদুর ପାଚିଥିବା ଧାନ ଗଛରୁ ଧାନ ଅପହରଣ କରି ବିଲ **खेतका चूहा** ନିକଟରେ ଗାତ କରି ସେଠାରେ ରଖନ୍ତି । ଗୋଟିଏ ଗୋଟିଏ ବିଲୁଆ ମୂଷାଙ୍କ ଗାତ ଖୋଳିଲେ ଗାତ ମଧ୍ୟରୁ ୫ ଗୌଣୀ ପର୍ଯ୍ୟନ୍ତ ଅପହୃତ ଧାନ ବାହାରିବାର ଦେଖା ଯାଇଅଛି ।]

**ବିଲୁଗା**—ଦେ. ବି—ଭେରୁ ( ଦେଖ )
Bilugā Bheru ( See )

**ବିଲୁଣ୍ଠନ**—ସଂ. ବି· (ବି+ଲୁଠ୍ ଧାତୁ+ଭାବ.ଅନ)—ଭୂମିରେ ଗଡ଼ିବା—Biluṇṭhana Wallowing; rolling on the ground. (ବିଲୁଣ୍ଠିତ—ବିଣ)

**ବିଲୁପ୍ତ**—ସଂ. ବିଣ (ବି+ଲୁପ୍ ଧାତୁ=ଲୋପ କରିବା+କର୍ମ. ତ)—Bilupta ୧ । ଲୋପ ପ୍ରାପ୍ତ—1. Annihilated. ୨ । ବିନଷ୍ଟ—2. Spoilt; destroyed. ୩ । ଅନ୍ତର୍ହିତ; ତିରୋଭୂତ; ତିରୋହିତ—3. Vanished; disappeared. ୪ । ଲୁଣ୍ଠିତ—4. Plundered; sacked. ୫ । ଛିନ୍ନ—5. Cut off. ୬ । ଆକ୍ରାନ୍ତ—6. Invaded. ୭ । ଗୃହୀତ—7. Seized; taken away.

**ବିଲୁଭିତ**—ସଂ. ବିଣ—ଚଞ୍ଚଳ; ଅସ୍ଥିର; ଅବ୍ୟବସ୍ଥିତ—Bilubhita Fickle; restless; unsettled.

**ବିଲୁରି**—ଦେ. ବି—ବିଲୋରି ( ଦେଖ )
Biluri Bilori ( See )

**ବିଲୁଳିତ**—ସଂ. ବିଣ. (ବି+ଲୁଲ୍ ଧାତୁ=ଚଞ୍ଚଳ ହେବା+କର୍ତ୍ତୃ. ତ)—Bilulita ୧ । କମ୍ପିତ—1. Quivering; trembling. ୨ । ଦୋଦୁଲ୍ୟମାନ; ଝୁଲୁଥିବା—2. Swinging; oscillating. ୩ । ଚଞ୍ଚଳ; ଚାଳିତ—3. Caused to move; moving. ୪ । ବିଦୂରିତ—4. Removed; driven away.

**ବିଲେଖନ**—ସଂ. ବି. (ବି+ଲିଖ୍ ଧାତୁ=ବିଦାରଣ କରିବା+ଭାବ. ଅନ)—Bilekhana ବିଲିଖନ (ଦେଖ)—Bilikhana (See)

ବିଲେଇ ଖୋଜା—ପ୍ରାଦେ. (ଗଡ଼ଜାତ) ବି—ବସନ୍ତ ଖୋଜଆ; ଭୁଁଇଁବିର-
Bilei khojā A kind of flowering shrub.
(ବିଲେଇ ଖୋଜଆ—ଅନ୍ୟରୂପ)

ବିଲେପ—ସଂ. ବି—(ବି+ଲିପ୍ ଧାତୁ=ଲେପନ କରିବା+କରଣ. ଅ)—
Bilepa १। ଲେପିବା ଦ୍ରବ୍ୟ; ପ୍ରଲେପ ଦ୍ରବ୍ୟ—1. A plaster. २। ମଲମ—2. Ointment. ३। (···+ଭାବ. ଅ) ବୋଳିବା—2. Besmearing; anointing. ४। ଘୃଷ୍ଟ ଚନ୍ଦନ—4. Sandal paste. ५। (···+କର୍ମ. ଅ) ଭାତର ପେଜ—5. The skimmings of boiled rice.

ବିଲେପନ—ସଂ. ବି—(ବି+ଲିପ୍ ଧାତୁ=ଲେପିବା+ଭାବ. ଅନ)—१। Bilepana ଲେପିବା—1. Plastering. २। (···+କରଣ. ଅନ) ଲେପନ ଦ୍ରବ୍ୟ—2. A plaster; ointment paste. ३। ଲେପନଯୋଗ୍ୟ ସୁଗନ୍ଧ ଦ୍ରବ୍ୟ—3. Perfumery used for rubbing on the body. ४। (ବି+ଲିପ୍ ଧାତୁ+ଭାବ. ଅନ) ଦେହରେ ଚନ୍ଦନ କୁଙ୍କୁମାଦି ଲେପନ—4. The act of besmearing the body with perfumes.

ବିଲେପନୀ—ସଂ. ବି. ସ୍ତ୍ରୀ (ବିଲେପନ+ସ୍ତ୍ରୀ. ଈ)—१। ସୁବେଶା ସ୍ତ୍ରୀ—
Bilepanī 1. A nicely dressed lady. २। ଭାତର ପେଜ—2. The skimmings of boiled rice.

ବିଲେପୀ—ସଂ. ବି. (ବୈଦ୍ୟକ)—१। ତଣ୍ଡୁଲର ଚାରି ଗୁଣ ଜଳରେ
Bilepī ତଣ୍ଡୁଳ ସିଦ୍ଧ କରି ଯେଉଁ ଯବାଗୁ ପ୍ରସ୍ତୁତ କରାଯାଏ (ଦ୍ରବ୍ୟ—ଗୁଣ. କଳ୍ପଦ୍ରୁମ)—1. A gruel prepared by boiling rice with 4 times its quantity of water. २। ଜ୍ୱରବିଶେଷ—2. Hectic fever. ३। ଭାତର ପେଜ—3. The skimmings of boiled rice.

ବିଲେବାସୀ—ସଂ. ବି—(ବିଲେବାସିନ୍; १ମା. १ବ. ସଂ. ବିଲେ=
Bilebāsī ଗର୍ତ୍ତରେ+ବାସୀ=ଯେ ଗାତରେ ରହେ ବା ଯେ ବାସ କରେ) ସରୀସୃପ—Reptile. (ଯଥା—ସାପ, ମୂଷା, ଗୋଧି ଆଦି)

ବିଲେଶୟ—ସଂ. ବି—(ବିଲେ=ଗର୍ତ୍ତରେ+ଶୀ ଧାତୁ+କର୍ତ୍ତୃ. ଅ; ଯେ
Bilesaya ଗାତରେ ବାସ କରେ); ବିଲେବାସୀ (ଦେଖ) Bilebāsī (See)

ବିଲୋଇବା—ଦେ. କ୍ରି—(ସଂ. ବିନୟ)—१। ସମ୍ମାନ କରିବା; ସ୍ୱାଗତ
Biloibā କରିବା—1. To show respect. [ଉ- ବର- ଅରିଯାତନା ଦେଖାଙ୍କି ମନୋଦଶା ଚହିଁ; ବିଲୋଇ ରହିଲେ ଶ୍ରୀରାମ ସବଳେ ବସନ୍ତେ ଗମନେ ଯାଇ ସେ। ଉପେ. ବୈଦେହୀଶ ବିଳାସ] २। ସମ୍ମାନନୀୟ ପ୍ରସ୍ଥାନକାରୀ ବ୍ୟକ୍ତିଙ୍କ ସଙ୍ଗେ କିଛି ଦୂର ଯିବା, ବାଟ ବିଲେଇବା—7. To accompany a respectable person to a distance and take leave of him.

ବିଲୋକ—ସଂ. ବିଣ—(ବି+ଲୋକ)—१। ବାସ କରିବାର ଅଯୋଗ୍ୟ—
Biloka 1. Uninhabitable. २। ନିର୍ଜନ—2. Lonely. ३। (ବି+ଲୋକ ଧାତୁ+କର୍ମ. ଅ) ଗୁପ୍ତ—3. Private. ସଂ. ବି—ବିଲୋକନ; ଦର୍ଶନ—Seeing. (ଉ—ବିଲୋକ କରି ଅଳକ ଫେରି ଏଥିକି ସମ ନୋହି। ଉପେ. ବୈଦେହୀଶବିଳାସ) ଦେ. ବିଣ—ପ୍ରକାଶିତ; ଦୃଷ୍ଟ—Seen; manifested. (ଉ—ବିଲୋକ ହେଲା ହେଲା ବାସ ତାର। ଉପେ. ବୈଦେହୀଶବିଳାସ)

ବିଲୋକନ—ସଂ. ବି—१। (ବି+ଲୋକ୍ ଧାତୁ=ଦେଖିବା+ଭାବ.
Bilokana ଅନ)—ଅବଲୋକନ; ଦର୍ଶନ—1. Seeing; viewing. २। (ବି+ଲୋକ୍ ଧାତୁ+କରଣ. ଅନ)—ନେତ୍ର; ନୟନ; ଚକ୍ଷୁ—2. Eye.

ବିଲୋକନ କରିବା—ଦେ. (ପଦ୍ୟ) କ୍ରି.—ଦେଖିବା—To see; to
Bilokana karibā বিলোকন করা **बिलोकन करना** perceive

ବିଲୋକନୀୟ—ସଂ. ବିଣ—(ବି+ଲୋକ୍+ଦେଖିବା+କର୍ମ. ଅନୀୟ)—
Bilokanīya १। ଦର୍ଶନୀୟ—1. Visible; perceptible. (ବିଲୋକ୍ୟ—ଅନ୍ୟରୂପ) २। ସୁଦୃଶ୍ୟ—2. Graceful; beautiful.

ବିଲୋକିତ—ସଂ. ବିଣ—(ବି+ଲୋକ୍ ଧାତୁ=ଦେଖିବା+କର୍ମ. ତ)—
Bilokita ଅବଲୋକିତ; ଦୃଷ୍ଟ—Seen. ସଂ. ବି—(ବି+ଲୋକ୍ ଧାତୁ+ଭାବ. ତ)—ଦୃଷ୍ଟି; ଦର୍ଶନ—Seeing; viewing.

ବିଲୋକିତା—ଦେ. (ପଦ୍ୟ) ବିଣ (ସଂ. ବିଲୋକିତ)—ଅବଲୋକିତ—
Bilokitā Viewed; seen. (ଉ—ବିଧ ବଧ ପରଶୁରାମ ଗର୍ବ ଖର୍ବ ତବ ବିଲୋକିତା। ଉପେ. ବୈଦେହୀଶବିଳାସ)

ବିଲୋକିବା—ଦେ (ପଦ୍ୟ) କ୍ରି (ସଂ. ବି+ଲୋକ୍ ଧାତୁ)—ଦେଖିବା
Bilokibā —To see. (ଉ—ବିଲୋକ ଯା ମନେ ବିଲোকা **बिलोकना** ରୂଠି ଲାଜନ୍ତି କେ। କବିସୂର୍ଯ୍ୟ. ସଙ୍ଗୀତ।)

ବିଲୋଚନ—ସଂ. ବି—१। (ବି+ଲୋଚ୍ ଧାତୁ=ଦେଖିବା+କରଣ.
Bilochana ଅନ)—ଚକ୍ଷୁ; ନେତ୍ର—1. The eye. २। (ବି+ଲୋଚ୍ ଧାତୁ+ଭାବ. ଅନ)—ଦର୍ଶନ—Seeing. ସଂ. ବିଣ. ପୁଂ (ବି+ଲୋଚନ; ବହୁବ୍ରୀହି) (ବିଲୋଚନା—ସ୍ତ୍ରୀ) —१। କୁତ୍ସିତ ଚକ୍ଷୁବିଶିଷ୍ଟ—1. Having ugly eyes. २। ଚକ୍ଷୁବିରହିତ—2. Deprived of the eyes.

ବିଲୋଟ(ଠ)କ—ସଂ. ବି [ବି+ଲୁଟ୍(ଠ୍) ଧାତୁ+କର୍ତ୍ତୃ. ଅକ]—
Biloṭa(ṭha)ka ଜଳମୀନ; ବାଲିଗରଡ଼ା ମାଛ—A kind of fresh water fish.

ବିଲୋଠନ—ସଂ. ବି (ବି+ଲୁଠ୍ ଧାତୁ=ଲୋଟିବା+ଭାବ. ଅନ)—
Bilothana ଭୂମିରେ ଲୁଣ୍ଠିତ ହେବା; ଲୋଟିବା—Rolling on the ground.

ବିଲୋଡ଼କ—ସଂ. ବିଣ. ପୁଂ (ବି+ଲୁଡ୍ ଧାତୁ=ମନ୍ଥିବା+କର୍ତ୍ତୃ. ଅକ)
Bilordaka —१। ମନ୍ଥନକାରୀ, ଯେ ଘାଣ୍ଟେ—1. (ବିଲୋଡ଼କା—ସ୍ତ୍ରୀ) Churning. २। ଯେ ବାଣ୍ଟେ—2.

Bruising; pounding. ୩ । ଆନ୍ଦୋଳନକାରୀ—3. Agitating.

**ବିଲୋଡ଼ନ**—ସଂ. ବି ( ବି+ଲୁଡ଼୍ ଧାତୁ=ମନ୍ଥିବା+ଭାବ. ଅନ )—
Bilordana ୧ । ମନ୍ଥନ, ଆଲୋଡ଼ନ, ଘୋଟିବା, ଗୋଳାଇବା, ମୋହିଁବା; ଦଳିବା—1. Bruising; thoroughly agitating; pounding; churning; crushing.

**ବିଲୋଡ଼ିତ**—ସଂ. ବିଣ [ ବି+ଲୁଡ଼୍ ଧାତୁ (ଣିଚ)+କର୍ମ. ତ ]—୧ ।
Bilordita ମଥିତ, ଆଲୋଡ଼ିତ, ଘୋଟା ଯାଇଥିବା—1 Churned; agitated; pounded. ୨ । ତକ୍ର, ଘୋଳଦହି—2. Churned milk; buttermilk.

**ବିଲୋଡ଼ିବା**—ଦେ (ପଦ୍ୟ) କ୍ରି ( ସଂ. ବିଲୋଡ଼ନ )—୧ । ମନ୍ଥିବା—
Bilordibā 1. To churn. ୨ । ଦଳିବା—2. To crush.
বিলোড়া **विलोडना**

**ବିଲୋପ**—ସଂ. ବି (ବି+ଲୋପି ଧାତୁ=ଲୋପ କରିବା+ଭାବ. ଅ)—
Bilopa ୧ । ଲୋପ—1. Obliteration. ୨ । ଧ୍ୱଂସ; ବିନାଶ; ଉଚ୍ଛେଦ—2. Ruin; destruction; overthrow. ୩ । ତିରୋଭାବ—3. Disappearance. ୪ । ମୃତ୍ୟୁ—4. Death. ଦେ. ବିଣ—ଲୁକାୟିତ—Concealed; hidden. (ଉ—ବିଲୋପ ନୋହିବୁ ରସବନ୍ତ ସୁବନ୍ତମେ— ଉପେ. ବୈଦେହୀଶବିଳାସ )

**ବିଲୋପକ**—ସଂ. ବିଣ. ପୁଂ (ବି+ଲୁପ୍ ଧାତୁ ଣିଚ୍, ଲୋପି ଧାତୁ+କର୍ତ୍ତୃ.
Bilopaka ଅକ)—୧ । ବିନାଶକ—1. Destructive;
(ବିଲୋପିକା—ସ୍ତ୍ରୀ) ruinous. ୨ । ନେଇକରି ଯେ ପଳାଏ—2. Fleeing away after taking a thing.

**ବିଲୋପନ**—ସଂ. ବି (ବି+ଲୋପି ଧାତୁ+ଭାବ. ଅନ)—ବିନାଶକରଣ;
Bilopana ଉଚ୍ଛେଦସାଧନ=Destroying; ruining; obliterating; expunging.

**ବିଲୋପ ସାଧନ**—ସଂ. ବି (୬ଷ୍ଠୀ ତତ୍; ବିଲୋପ+ସାଧନ)—ବିନାଶ-
Bilopa sādhana ସାଧନ; ଉଚ୍ଛେଦ ସାଧନ—Bringing about of ruin or overthrow.

**ବିଲୋପିବା**—ଦେ. (ପଦ୍ୟ) କ୍ରି—ବିଲୋପ ସାଧନ କରିବା—
Bilopibā বিলোপা **विलोपना** To destroy.

**ବିଲୋଭନ**—ସଂ. ବି (ବି+ଲୁଭ୍ ଧାତୁ (ଣିଚ), ଲୋଭ ଧାତୁ=ଲୋଭ-
Bilobhana କାଙ୍କ୍ଷୀ ହେବା+ଭାବ. ଅନ)—୧ । ଲୋଭ ଦେଖାଇବା—1. Tempting. ୨ । ପ୍ରଲୋଭନ ଦେଖାଇବା—2. Alluring. ୩ । ମନ ଭୁଲାଇବା—3. Charming; fascinating; enchanting. ୪ । ( ବି+ଲୋଭ ଧାତୁ+କରଣ. ଅନ )—ଲୋଭନୀୟ ବସ୍ତୁ—4. A tempting thing.

**ବିଲୋମ**—ସଂ. ବିଣ (ବହୁବ୍ରୀହି; ବି=ଭିନ୍ନ, ଓଲଟା, ବିପରୀତ+ଲୋମନ୍=
Biloma ଶରୀର ଲୋମ)—୧ । ପ୍ରତିକୂଳ; ବିପରୀତ—1. Adverse; contrary. ୨ । ଓଲଟା; ବ୍ୟତିକ୍ରାନ୍ତ—2. Inverted; reversed; reverse. ( ଉ—କପଟରେ ଶକୁନି ଯେ କଥା ବିଲୋମ, କରଣ ପୂରାଇଲା ସୁଯୋଧନ କାମ । କୃଷ୍ଣସିଂହ. ମହାଭାରତ. ବନ ) ୩ । ଲୋମଶୂନ୍ୟ—3. Furless; hairless. ୪ । ଲୋମର ସ୍ରୋତବିରୁଦ୍ଧ—4. Against the grain. ୫ । ଭିନ୍ନ—5. Different.

ସଂ. ବି—୧ । ବ୍ୟତିକ୍ରମ; ବ୍ୟୁତ୍କ୍ରମ; ସ୍ୱାଭାବିକ ଧାରାର ବ୍ୟତିକ୍ରମ—1. Inversion of natural order. ୨ । ସର୍ପ—2. Snake. ୩ । ବରୁଣ ଦେବତା—3. The Hindu God of ocean. ୪ । ବରୁଣ ଗଛ—4. Capparia Trifolia; Cratæva Religiosa (tree) ୫ । କୁକ୍କୁର—5 Dog. ୬ । (ଗଣିତ) ତ୍ରୈରାଶିକ ଫଳ ଜ୍ଞାପକ କ୍ରିୟାବିଶେଷ—6. (mathematics) The process of the simple rule of three. ୭ । ପାଣି କାଢ଼ିବାର ଯନ୍ତ୍ରବିଶେଷ—7. A kind of wheel for lifting water. ୮ । ସଙ୍ଗୀତରେ ୭ ଗୋଟି ସ୍ୱରର କ୍ରମାନୁସାରେ ନିମ୍ନ ଗତି—8. The gradually diminishing course of the tunes in music. ୯ । ସ୍ୱାଭାବିକ ଧାରାର ବିପରୀତ କ୍ରମ—9. Reverse of the natural order. ଦେ. ବି—୧ । କଥାର ବେଠିକଣା—1. Want of consistency in one's words or promise. ୨ । କଥା କହିବାର ଅସମ୍ବଦ୍ଧ ଅବସ୍ଥା—2. Want of sequence in one's expressions or speech. (ଯଥା—ବୃଦ୍ଧ ବୟସରେ ତାଙ୍କ କଥାର ବିଲୋମ ଘଟୁଅଛି ।) ୩ । ମାତୃକୁଳଠାରୁ ପିତୃକୁଳ ନୀଚ ହେବା ଅବସ୍ଥା—3. The state of the caste of one's father being lower than that of one's mother. (ଉ—ବିଲୋମେ ଜନ୍ମ ମୋର ଦେହ, ଏଣୁ ଦୂଷିତ କୁଳ ପାଇ । ଜଗନ୍ନାଥ. ଭାଗବତ ) ଦେ. ବିଣ—ଅସମ୍ବଦ୍ଧ—Disjointed; incoherent.

**ବିଲୋମ କରିବା**—ଦେ. କ୍ରି—କୌଣସି କଥା କହିବା ସମୟରେ
Biloma karibā ବକ୍ତବ୍ୟ ବିଷୟ ଛାଡ଼ିଯିବା—To leave
কথা রাখা out parts of a narration unsaid.

**ବିଲୋମକ୍ରିୟା**—ସଂ. ବି ( ବିଲୋମ+କ୍ରିୟା )—ବୈପରୀତ୍ୟ; ପ୍ରପଞ୍ଚ—
Bilomakriyā Inversion; inverse operation.

**ବିଲୋମଜ**—ସଂ. ବିଣ. ପୁଂ ( ବିଲୋମ=ବ୍ୟୁତ୍କ୍ରମ+ଜନ୍ ଧାତୁ=ଜାତ
Bilomaja ହେବା+କର୍ତ୍ତୃ. ଅ )—ଜାତୀୟ ନିୟମର ବ୍ୟତିକ୍ରମରେ ଜନ୍ମ ହୋଇଥିବା ( ସନ୍ତାନ ), ଉଚ୍ଚଜାତୀୟ ମାତା ଓ ନୀଚଜାତୀୟ ପିତାଙ୍କଠାରୁ ଉତ୍ପନ୍ନ (ସନ୍ତାନ)—Born of a mother of superior caste by a father of inferior caste. [ ଦ୍ର—ବ୍ରାହ୍ମଣୀ ଗର୍ଭରେ କ୍ଷତ୍ରିୟ ଔରସରୁ, କ୍ଷତ୍ରିୟା ଗର୍ଭରେ ବୈଶ୍ୟ ଔରସରୁ ଓ ବୈଶ୍ୟା ଗର୍ଭରେ ଶୂଦ୍ର ଔରସରୁ ଜାତ ସନ୍ତାନକୁ ବିଲୋମଜ ବୋଲାଯାଏ । ]

ବିଲୋମଜାତ } ଅନ୍ୟରୂପ
ବିଲୋମପ୍ରସୂତ }

ବିଲୋମଜା, ବିଲୋମ- } ସ୍ତ୍ରୀ
ଜାତା, ବିଲୋମପ୍ରସୂତା }

ବିଲୋମଜିହ୍ୱ—ସଂ. ବି ( ବହୁବ୍ରୀହି; ବିଲୋମ+ଜିହ୍ୱା )—ହସ୍ତୀ—
Biloma ihwa Elephant.

ବିଲୋମବର୍ଣ୍ଣ—ସଂ. ବି ( ବିଲୋମ= ବିବାହର କ୍ରମବିପର୍ଯ୍ୟୟ+ବର୍ଣ୍ଣ
Bilomabarnna =ଜାତି )—ବର୍ଣ୍ଣସଙ୍କର—A mixed caste consisting of persons born of lower caste father and higher caste mother.

ବିଲୋମ ବିଧି—ସଂ. ବି ( କର୍ମଧା; ବିଲୋମ+ବିଧି )—ବିପରୀତ ନିୟମ;
Biloma bidhi ଓଲଟା ନିୟମ—Inverse rule.

ବିଲୋମ ବିବାହ—ସଂ. ବି ( ବିଲୋମ+ବିବାହ )—ଉଚ୍ଚବର୍ଣ୍ଣା ସ୍ତ୍ରୀ ସଙ୍ଗେ
Biloma bibāha ନୀଚବର୍ଣ୍ଣ ପୁରୁଷର ବିବାହ—Marriage between a woman of a higher caste and a man of lower caste.

ବିଲୋମଲୋମ—ଦେ. ବି—୧ । ଓଲଟପାଲଟା—1. Topsy-turvy.
Bilomaloma ( ଉ—ବିଲୋମ ଲୋମ ବର୍ଣ୍ଣସ୍ତୋମ ଏ କାମବିରଙ୍କୁ ଓଲଟାପାଲଟା କରନ୍ତା ତାରକ—ଭଞ୍ଜ. ବୈଦେହୀଶବିଳାସ ।) ୨ । ଛନ୍ଦୋବିଶେଷ; ଲୋମବିଲୋମ ( ଦେଖ )—2. Lomabiloma (See) ୩ । ଘୋଷଡ଼ାଘୋଷଡ଼ି—3. Mutual dragging. ( ଉ—ବିଲୋମଲୋମ ଗତାଗତ ବଶେ, ବିସ୍ୱଧ ବଧ ଶ୍ୟାତ ଶାତ କୋଶେ—ଭଞ୍ଜ. ବୈଦେହୀଶବିଳାସ । )

ବିଲୋମୀ—ସଂ. ବି. ସ୍ତ୍ରୀ—ଆମଳକୀ; ଅଁଳା—
Bilomi Embelic Myrobalan.

ବିଲୋରି—ବୈଦେ. ବି. (ଫା. ବିଲ୍ଲୁର; ବିଲ୍ଲୌର=ସ୍ଫଟିକ; ଭୁଲ. ସଂ.
Bilori ବୈଦୂର୍ଯ୍ୟ)—୧ । କାଚ—1. Glass. ୨ । ସ୍ୱଚ୍ଛ ଧଳା
ବେଲୋୟାରି ପଥର; ସ୍ଫଟିକ—2. Quartz ୩ । ବହୁ କୋଣ-
বিলুর; बिल्लौर ବିଶିଷ୍ଟ କାଚ—3. Prism glass; cut glass. ବୈଦେ. ବିଣ—୧ । କାଚରେ ନିର୍ମିତ—1. Made of glass. ୨ । ସ୍ଫଟିକମୟ—2. Made of quartz.

ବିଲୋରି ଚୁଡ଼ି—ଦେ. ବି—କାଚର ବଳୟ—Glass bangles.
Bilori churdi বেলোয়ারি চুড়ী बिल्लौरी चूड़िया
( ବିଲୋରି କାଚ—ଅନ୍ୟରୂପ )

ବିଲୋରି ଝାଡ଼—ବୈଦେ. ବି (ଫା)—କାଚର ବହୁଶାଖାବିଶିଷ୍ଟ ପ୍ରଦୀପ—
Bilori jhārda Glass lamp; glass chandellier.
বেলোয়ারী ঝাড় बिल्लौरी झाड

ବିଲୋରି ବର୍ତ୍ତନ—ବୈଦେ. ବି—କାଚ ବାସନ—Glassware;
Bilori barttan বোলোয়ারী বাসন glass utensil.
बिलौरी बरतन (ବିଲୋରି ବରତନ, ବିଲୋରି ବାସନ—ଅନ୍ୟରୂପ)

ବିଲୋଳ—ସଂ. ବିଣ. ପୁଂ ( ବି+ଲୁଲ୍ ଧାତୁ=ଚଞ୍ଚଳ ହେବା+କର୍ତ୍ତୃ.
Bilola ଅ )—୧ । ଚଞ୍ଚଳ; ଚପଳ—1. Quick; fickle;
(ବିଲୋଳା—ସ୍ତ୍ରୀ) rest-less. ୨ । କମ୍ପମାନ—2. Quivering; shivering.

ବିଲୋଳନ—ସଂ. ବି ( ବି+ଲୁଲ୍ ଧାତୁ+ଣିଚ୍+ଭାବ. ଅନ )—
Bilolana ହଲାଇବା—Shaking.

ବିଲୋଳିତ—ସଂ. ବିଣ ( ବି+ଲୁଲ୍ ଧାତୁ+କର୍ମ୍ମ. ତ )—୧ । ଲମ୍ବିତ—
Bilolita 1. Hanging. ୨ । ଆଲୁଳାୟିତ—2. Waving; dishevelled.

ବିଲୋ(ଲୋ)ହିବା—ଦେ. (ପଦ୍ୟ) କ୍ରି ( ସଂ. ବିଲୋଭନ )—୧ । ମନକୁ
Bilo(lo)hibā ମୁଗ୍ଧ କରାଇବା; ମନ ଭୁଲାଇବା—1. To charm;
বিলোভন করা to enchant. ୨ । ଲୋଭ ଦେଖାଇବା—2. To allure; to tempt. ୩ । ପୁରସ୍କାର ବା ଉପଢୌକନ ଦେବା—3. To make a present. ( ଉ—ବଧୂ ଭବନ୍ତି ସ୍ତ୍ରୀରତନ ଘେନ; ବିଲୋହିଲେ ଅମୂଲ୍ୟ ରତନ ଭୂଷଣ—ଭଞ୍ଜ. ବୈଦେହୀଶବିଳାସ । ) ୪ । (ବନ୍ଧୁ ଅତିଥିଙ୍କୁ) ସମ୍ମାନ କରିବା; ସତ୍କାର କରିବା; ଚର୍ଚ୍ଚା କରିବା—4. To entertain or welcome friends and guests. ୫ । ଅନ୍ନ ଆଦି ପରଶିବା; ଦ୍ରବ୍ୟାଦି ବ୍ୟକ୍ତିମାନଙ୍କୁ ବାଣ୍ଟିବା—5. To distribute; to serve food. (ଉ—ବିଲୋହିବା ପାଇଁ ଅଷ୍ଟାନ ଭବନେ, ଅସିଥିଲେ ଜେମା ମହିଷୀଗଣଙ୍କେ । ଅଜସୂତକନ୍ୟ ଶେଷବନ୍ଦୀ ଭଗତ ।) ୬ । ଆଦର କରିବା—6. To show respect. ୭ । ଆଦରିବା; ଗ୍ରହଣ କରିବା—7. To admit or accept a person or thing as one's own. ୮ । ବରଣ କରିବା—8. To choose. ୯ । ଦେବା; ବିତରଣ କରିବା—9. To give; to distribute. (ଉ—ବିଲୋହିଲେ ନାହିଁ ଅନେ, ଭିବେକ ପ୍ରଭୁ ସମାନେ, ନାହିଁ ବସ୍ତ୍ର ହିଂସାସନେ ଅଭିଷେକରେ । ଭଞ୍ଜ. ବୈଦେହୀଶବିଳାସ ।) ୧୦ । (ସଂ. ବିଲୋଡ଼ନ)
গোলান মন্থিবা; ଗୋଳାଇବା—10. To agigate; to mix
बलोना, विलोडना up; to churn ୧୧ । (ସଂ. ବିଲୋଳନ
গুলিয়ে দেওয়া ଛନ୍ନଛତ୍ର ବା ଅସ୍ତବ୍ୟସ୍ତ କରିବା—11. To ruin
विलोरना to depredate.

ବିଲ୍ୱ—ସଂ. ବି. ( ବିଲ୍ ଧାତୁ=ଭେଦ କରିବା+ସଜ୍ଞାର୍ଥେ. ବ )—
Bilwa ୧ । ଶ୍ରୀଫଳ; ବେଲ (ଗଛ ଓ ଫଳ)—1. The Bael fruit; Aegle Marmelos (tree and fruit ୨ । ଏକ ପଳ ପରିମାଣ—2. The measure of one pala; $\frac{1}{40}$ of a seer.

ବିଲ୍ୱ ପେଶିକା—ସଂ. ବି—ଯେଉଁ କଞ୍ଚା ବେଲ ଖଣ୍ଡମାନ ଖରାରେ
Bilwa pesikā ଶୁଖାଇ ହୋଇଥାଏ; ବେଲ ଶୁଣ୍ଠା—
(ବିଲ୍ୱ ପେଶୀ—ଅନ୍ୟରୂପ) Raw Bael fruit cut into slices and dried.

ବିଲ୍ୱାନ୍ତର—ସଂ. ବି—ନର୍ମଦା ନଦୀ ତୀରବର୍ତ୍ତୀ ବନ୍ୟ ଉଦ୍ଭିଦ ବୃକ୍ଷ-
Bilwāntara ବିଶେଷ—A tree growing wild on the
ବୈ. ବେଣୁଭୁରୁକେନ୍ଦୁ banks of the Nerbudda river.
[ଦ୍ର—ଏହାର ପତ୍ର ଶମୀ ବୃକ୍ଷର ପତ୍ର ପରି ଏବଂ ଫୁଲ ଜାଗା ଫୁଲ ପରି, ବୃକ୍ଷର ଗାତ୍ର କଣ୍ଟକଯୁକ୍ତ ।]

ବିଲ୍ଲ—ସଂ. ବି. ( ବିଲ+ଲ )—୧ । ଜଳମୟ ଭୂମି—1. Marshy
Billa place. ୨ । ଜଳାଶୟ—2. Tank. ୩ । ଆଳବାଳ; ଗଛ ମୂଳେ ପାଣି ରହିବା ନିମନ୍ତେ କରାଯାଇଥିବା ମଣ୍ଡା—3. A basin raised round the root of a

tree for watering it. ୪ । ହେଙ୍ଗୁ—4. Assafœtida. ୫ । ଭେରୁ ଗଛ ( ଦେଖ ) 5. Bheru tree ( See )

ବିଲ୍ଲସୂ—ସଂ. ବି. ସ୍ତ୍ରୀ—ଯେଉଁ ସ୍ତ୍ରୀ ଦଶ ଗୋଟି ସନ୍ତାନ ଜନ୍ମ କରି ସାରି
Billasū ଅଛି—A mother of ten children.

ବିଶ୍ (ଧାତୁ)—ସଂ—ପ୍ରବେଶ କରିବା—
Biś (root) To enter.

ବିଶ୍—ସଂ. ବି. ( ବିଶ୍ ଧାତୁ=ପ୍ରବେଶ କରିବା+କର୍ତ୍ତୃ. କ୍ୱିପ୍ )—
Biś ପୁଂ—୧ । ବୈଶ୍ୟ; ବଣିକ୍ ଜାତି—1. The trading caste amongst the Hindus. ୨ । ମନୁଷ୍ୟ—2. Man. ସ୍ତ୍ରୀ—୩ । କନ୍ୟା—3. Daughter. ୪ । କୁମାରୀ—4. A virgin; a maid. ଣ. ବିଣ—ବ୍ୟାପକ—Pervading; spreading. ଗ୍ରା. ବି. (ସଂ. ବିଷୟ)—୧ । ସମ୍ପର୍କ; ସମ୍ବନ୍ଧ—1. Connection. ୨ । ବିଷୟ—2. Matter. (ଯଥା—ମୋ ଭଳିଆ ଅବା ବେପାରୀର ତାହାଙ୍କ ଖବରରେ କି ବିଶ୍ ଅଛି ?) ଦେ. ବି ଓ ବିଣ. (ସଂ. ବିଂଶତି; ପ୍ରା· ବୀସଇ, ବୀସା)—କୋଡ଼ିଏ—
(ବିଶି—ଅନ୍ୟରୂପ) Twenty. (ହି—ଠାରୁ ଠୂରୁ ଉଣେଶ୍ ବିଶ୍—
ବିଶ ଛଗ ।) [ଦ୍ର—ଓଡ଼ିଆ ଭାଷାରେ କୋଡ଼ିଏ ସ୍ଥାନରେ ବିଶ୍
ବୀସ କ୍ୱଚିତ୍ ବ୍ୟବହୃତ ହୁଏ । ପୂର୍ବେ ଓଡ଼ିଆରେ କୋଡ଼ିଏ ଅର୍ଥରେ ବିଶ୍ ବ୍ୟବହାର ହେଉଥିବାର ପ୍ରମାଣ ମିଳେ,ଯଥା—ବିଶି ହସ୍ତି ପହଡ଼ା=ଯେଉଁ ପହଡ଼ାର ଲମ୍ବ ୨୦ ହସ୍ତ; ବିଶା ଷହେ=୧୨୦; ବିଶା ଦୁଇଶ=୨୨୦]

ବିଶ୍‌କୁଟ୍—ବୈଦେ. ବି. (ଇଂ. ବିସ୍‌କୁଟ୍)—ଦୁଇଥର ଭଜା ହୋଇଥିବା
Biś-kuṭ ଓ ବହୁଦିନସ୍ଥାୟୀ ମଇଦାର ବା ଯବ ଅଟାର ପିଷ୍ଟକ-
ବିସ୍କୁଟ୍ बिस कूट ବିଶେଷ—Biscuit.
(ବିଶ୍‌କୁଟ୍, ବିଶିକୁଟ୍, ବିଶିକୁଟୁ, ବିଶୁକୁଟ୍, ବିସ୍‌କୁଟୁ, ବିସ୍କୁଟ—ଅନ୍ୟରୂପ)

ବିଶ୍ରାମ୍—ଦେ. ବି—( ଯୁବକ ସୁଧାଶ୍ୟାମଙ୍କ ପ୍ରବର୍ତ୍ତିତ ସ୍ୱଚ୍ଛନ୍ଦଭାବରେ
Biś-rām ଠିଆ ହେବା ବିଷୟକ ଡ୍ରିଲ୍ ସମ୍ବନ୍ଧୀୟ ଆଦେଶ ବଚନ-ବିଶେଷ )—ଦୁଇ ହାତ ଲମ୍ବାଇ ସ୍ଥିର ଭାବରେ ଠିଆ ହୁଅ—(a term of drill) Stand-easy.

ବିଶ—ସଂ. ବି ( ବିଶ୍ ଧାତୁ=ପ୍ରବେଶ କର+କର୍ତ୍ତୃ. ଅ )—୧ । (କ୍ଳୀ)
Biśa ମୃଣାଳ; ପଦ୍ମନାଡ଼—1, The stalk or stem of lotus. ୨ । (ପୁଂ) ବୈଶ୍ୟ ଜାତି—2. The Baiśya caste. ୩ । ମନୁଷ୍ୟ—3. Man. (ଉ-ବିଶ ପ୍ରଭୁ ପ୍ରେମ ବାଣିଜ୍ୟେ ବିଶ । ଭଞ୍ଜ. ବୈଦେହୀଶବିଳାସ ।) ୪ । (ସ୍ତ୍ରୀ) କନ୍ୟା—4. Daughter; girl. ୫ । କୁମାରୀ—5. Virgin; maid. ସଂ· ବିଣ—ବ୍ୟାପକ—Pervading. ପ୍ରାଦେ (ଗଡ଼ଜାତ) ବି (ବୋଧ ହୁଏ ବିଂଶ ଗ୍ରାମ ସମଷ୍ଟିରୁ) ପ୍ରଗନ୍ନା; ରାଜ୍ୟର ବିଭାଗ; ଗ୍ରାମପୁଞ୍ଜ—Pergannah; a group of villages.

ବିଶ ଅଙ୍ଗୁଳି—ପ୍ରାଦେ (ସିଂହଭୂମି) ବି—ତର୍ଜନୀ; ବିଶିଅଙ୍ଗୁଠି—
Biśa aṅguḷi The index finger.

ବିଶଙ୍କ—ସଂ. ବିଣ. ପୁଂ ( ବହୁବ୍ରୀହି; ବି=ନାହିଁ+ଶଙ୍କା=ଭୟ )—
Biśaṅka ୧ । ନିର୍ଭୟ; ଶଙ୍କାରହିତ—1. Fearless; free
(ବିଶଙ୍କା—ସ୍ତ୍ରୀ) from apprehension or misgivings. ୨ । ନିରାପଦ—2· Safe; secure.

ବିଶ(ସ)ଙ୍କଟ—ସଂ· ବିଣ (ବି+ସମ୍+କଟ୍ ଧାତୁ=ଗମନ କରିବା+
Biśa(sa)ṅkaṭa କର୍ତ୍ତୃ· ଅ)—ବିଶାଳ; ଅତି ବୃହତ—Huge; gigantic.

ବିଶଙ୍କମାନ—ସଂ. ବିଣ. ପୁଂ (ବି+ଶଙ୍କ୍ ଧାତୁ=ଆଶଙ୍କା କରିବା+
Biśaṅkamāna କର୍ତ୍ତୃ. ଆନ)—ଆଶଙ୍କା କରୁଥିବା; ଅନିଷ୍ଟ
(ବିଶଙ୍କମାନା—ସ୍ତ୍ରୀ) ଅଦର ଆଶଙ୍କାକାରୀ—Fearing; apprehensive.

ବିଶଙ୍କିତ—ସଂ. ବିଣ. ପୁଂ (ବି+ଶଙ୍କ୍ ଧାତୁ+କର୍ତ୍ତୃ. ତ)—୧ । ବିଶେଷ
Biśaṅkita ଶଙ୍କାପ୍ରାପ୍ତ; ଭୟ—1. Apprehensive; fright-
(ବିଶଙ୍କିତା—ସ୍ତ୍ରୀ) ened. ୨ । ଶଙ୍କାମୁକ୍ତ—2. Free from misgivings or apprehension.

ବିଶଦ—ସଂ. ବିଣ (ବି+ଶଦ୍ ଧାତୁ=ଗମନ କରିବା; ନିର୍ମଳ ହେବା+
Biśada କର୍ତ୍ତୃ. ଅ )—୧ । ଶୁଭ୍ର; ଧଳା—1. White. ୨ । ନିର୍ମଳ; ପରିଷ୍କୃତ—2. Clean; purified. ୩ । ସ୍ୱଚ୍ଛ—3. Transparent; pellucid. ୪ । ସ୍ପଷ୍ଟ—4. Clear. ୫ । ସୁସ୍ପଷ୍ଟ; ସ୍ଫୁଟ—5. Manifest· apparent. ୬ । ପ୍ରସନ୍ନ; ଅନୁକୂଳ—6. Favourable; gracious. ୭ । ସୁନ୍ଦର; ମନୋହର—7. Graceful; beautiful. ୮ । ବିଶୁଦ୍ଧାବୟବ; ଶୁଦ୍ଧଶରୀର-ଯୁକ୍ତ—8. Pure-bodied. ସଂ. ବି—ଶୁଭ୍ର ବର୍ଣ୍ଣ—White colour.

ବିଶଦକର—ସଂ. ବି ( ବହୁବ୍ରୀହି, ବିଶଦ+କର=କିରଣ )—ଚନ୍ଦ୍ର—
Biśadakara The moon. [ ଉ—ବିଶଦକର ଗୋଟିଏ ଅନୁହର, ବିଶଦ ମାର୍ଗରେ ଗମନ କରି । ଭଞ୍ଜ. ବୈଦେହୀଶ-ବିଳାସ । ]

ବିଶଦଭାନୁ—ସଂ· ବି—ଚନ୍ଦ୍ର—The moon. [ ଉ—ବିଶଦଭାନୁ
Biśada bhānu ଭାନୁ ଏ କଳିବଶ । ଭଞ୍ଜ. ବୈଦେହୀଶବିଳାସ ]

ବିଶପ୍—ବୈଦେ· ବି(ଇଂ. ବିଶପ୍)—ଖ୍ରୀଷ୍ଟିଆନ୍‌ମାନଙ୍କର ପ୍ରଧାନ ଧର୍ମଯାଜକ—
Biśap ବିଶପ बिसप Bishop.

ବିଶପ୍ରିକ୍—ବୈଦେ. ବି (ଇଂ. ବିଶପ୍ରିକ୍)—ବିଶପ୍‌ଙ୍କ ଇଲାକାଭୁକ୍ତ
Biśaprik ଦେଶାଂଶ—Bishopric.

ବିଶୟ—ସଂ. ବି (ବି+ଶୀ ଧାତୁ=ସନ୍ଦେହ କରିବା+ଭାବ. ଅ)—
Biśaya ସଂଶୟ; ସନ୍ଦେହ—Doubt.

ବିଶର—ସଂ. ବି (ବି+ଶୃ ଧାତୁ=ବଧ କରିବା+ଭାବ. ଅ) —
Biśara ହତ୍ୟା; ବଧ—Murder; slaughter.

ବିଶର୍ବ(ର୍ବା)—ଗ୍ରା. ବି (ସଂ· ବିଶ୍ରବସ୍; ବିଶ୍ରବାଃ )—ବିଶ୍ରବାଃ; ରାବଣର
Biśarba(rbā) ପିତା; ଋଷିବିଶେଷ—Name of a sage; the father of Rābaṇa.

ବିଶର୍ମା(ର୍ମୀ)—ବୈଦେ. ବିଣ. ପୁଂ ଓ ସ୍ତ୍ରୀ ( ଫା. ବେଶରମ୍ )—
Bisarmā(rmī) ବେଶରମା; ନିର୍ଲଜ୍ଜ—Shameless.
[ବିଶରମା(ମୀ)—ଅନ୍ୟରୂପ] बेशरम **बेसरमा**

ବିଶ(ଶା)ଳ ପାତି—ଦେ. ବିଣ. (ମନ୍ଦାର୍ଥ) (ସଂ ବିସର୍ପୀ=ଇତସ୍ତତଃ
Bisa(sā)ḷa pāti ଗମନଶୀଳ; ଓମ୍ୱା ବିଷଲ=କ୍ଷୁଦ୍ର ଡାଳ;
**विषाह** ପଲ୍ଲବ ଓ ପତ୍ର)—୧ । ଅତି ଦୁଷ୍ଟ—1. Very
[ବିଷ(ଶା)ଳ ପାତିଆ—ଅନ୍ୟରୂପ] wicked. ୨ । ଶୀର୍ଣ୍ଣ ଦେହ—
2. Very thin-bodied;emaciated. ୩ । ଅସ୍ଥିର;
ଅଶାନ୍ତ; ଚଞ୍ଚଳ—3. Restless. ଦେ. ବି—ଶୀର୍ଣ୍ଣ ଦେହ-
ବିଶିଷ୍ଟ ଦୁଷ୍ଟ ବ୍ୟକ୍ତି—A thin-bodied wicked person.

ବିଶଲ୍ୟ—ସଂ. ବିଣ. ପୁଂ ( ବହୁବ୍ରୀହି; ବି=ନାହିଁ+ଶଲ୍ୟ=ଶେଳ )—
Bisalya ୧ । ଶଲ୍ୟରହିତ; ଶଙ୍କୁରହିତ; ଯାହା ଦେହରୁ ବିଦ୍ଧ
(ବିଶଲ୍ୟା—ସ୍ତ୍ରୀ) ଶର କଢ଼ା ଯାଇଅଛି—1. Having an arrow extracted from the body. ୨ । ଯାତନା ଶୂନ୍ୟ—2. Free from agony or pain. ୩ । ଚିନ୍ତାମୁକ୍ତ—3. Relieved from anxiety. ଦେ. ବି—ବିଷହର ଔଷଧ—An antidote against poison. (ଉ—ବିଶଲ୍ୟକୁ କରିବା ସ୍ୱାମ ଭକ୍ତି, ବଇକୁଣ୍ଠକୁ ମୋତେ ବାଟ ଦର୍ଶି । ଉଞ୍ଜ. ବୈଦେହୀଶବିଳାସ ।) ଦେ. ବିଣ—ବିଷହାରୀ—Freeing from the effects of poisoning; preventive of poisoning. (ଉ—ବିଶଲ୍ୟ ସ୍ୱମା ପ୍ରାପତେ ହରିଷ । ଉଞ୍ଜ. ବୈଦେହୀଶ-ବିଳାସ ।)

ବିଶଲ୍ୟ କରଣ—ସଂ. ବି—ଦେହରେ ବିଦ୍ଧ ହୋଇଥିବା ବାଣ ଆଦିକୁ
Bisalya karaṇa କାଢ଼ି ଦେବା ପ୍ରକ୍ରିୟା—Extraction of an arrow which has entered the body.

ବିଶଲ୍ୟ କରଣୀ—ସଂ. ବି. ସ୍ତ୍ରୀ. (ବିଶଲ୍ୟ+କୃ ଧାତୁ+କରଣ. ଅନ+ସ୍ତ୍ରୀ.
Bisalya karaṇī ଈ)—ବିଦ୍ଧ ବାଣର ବହିଷ୍କାରକ ଓ ମୃତସଞ୍ଜୀବନୀ ଲତାବିଶେଷ; ଅମର ମହୌଷଧ ଲତା—A plant said to possess the property of restoring a dead man to life and extracting a dart. [ଦ୍ର—ଲକ୍ଷ୍ମଣଙ୍କଠାରେ ଇନ୍ଦ୍ରଜିତ୍ ଶକ୍ତିଭେଦ କରିବାରୁ ଲକ୍ଷ୍ମଣ ମୂର୍ଚ୍ଛିତ ହେଲେ ଓ ହନୁମାନ୍ ଗନ୍ଧମାଦନ ପର୍ବତକୁ ଲଙ୍କାକୁ ଉଠାଇ ଆଣିବାରୁ ସେହି ପର୍ବତରେ ଥିବା ଏହି ଲତାକୁ ପ୍ରୟୋଗ କରିବା ଦ୍ୱାରା ଲକ୍ଷ୍ମଣ 'ବିଶଲ୍ୟ' ହୋଇ ଉଠି ବସିଲେ ।] ୨ । ଏକ ପ୍ରକାର ଔଷଧ-ଗୁଳ୍ମ—2. A kind of herbarious plant. [ବୈଦ୍ୟକ ମତରେ ଏହା ବଳକାରକ, ବ୍ରଣସନ୍ଧାୟକ, ରକ୍ତସ୍ରାବ ନିବାରକ ଓ ରକ୍ତାତିସାରନାଶକ । ଦ୍ରବ୍ୟଗୁଣ ।) ଦେ.ବି—
**संजीवनी बुटी,** ୧ । ଅବ୍ୟର୍ଥ ମହୌଷଧ—1. A never-failing
**लक्ष्मन जडी** medicine. ୨ । ମୃତସଞ୍ଜୀବନୀ ଔଷଧ—2. A life-restoring medicine. (ଉ—ଏବେ ଔଷଧ ମୃତ୍ୟୁ ସଞ୍ଜୀବନୀ, ବିଶଲ୍ୟ କରଣୀକି ସେନ ବେନି, ସନ୍ଧାନ କରଣୀ ଔଷଧ ଭିନ, ଚତୁର୍ଥେ ସବର୍ଣ୍ଣ କରଣୀ ସେନ । ବିଶ୍ୱନାଥ. ବିଚିତ୍ର ରାମାୟଣ ।) ୬ । ସୋମସଳକାଦ ବର୍ଗର
ଆୟାପାନା ବିଦେଶୀ ଶାକଜାତୀୟ ଗୁଳ୍ମବିଶେଷ; ବଣ ସେବତୀ—
2. A herbarious plant; Eupatorium Ayapana. [ଦ୍ର—ଏହାର ପତ୍ର ଅଗ୍ରମୁଖୀ ଓ ମାଛ ପରି ଲମ୍ବା ଓ କ୍ରମଶଃ ସରୁ ହୋଇ ଡେଙ୍ଗରେ ମିଶିଥାଏ । କୌଣସି ଅଙ୍ଗ ଛେଚ ବା କାଟ ହୋଇଗଲେ ଏ ଗଛର ପତ୍ର ଛେଚ କରି ସେହି ସ୍ଥାନରେ ବାନ୍ଧି ଦେଲେ ବ୍ୟଥା କମିଯାଏ ଓ ଘାଉ ମଧ୍ୟ ଭଲ ହୋଇଯାଏ । ଏଥିର ଫଳ ପଞ୍ଚଶିରାଳ ଓ ବହୁଲୋମଯୁକ୍ତ । ] ୩ । ଉଗରୁଦ ବର୍ଗର ଲତାଳଅ
हापरमाली କ୍ଷୁପ—Vallaris Heyani. [ଦ୍ର—ଏଥିର ପତ୍ର ଅଗ୍ର-
**रामसर** ମୁଖୀ ଓ ସୂକ୍ଷ୍ମ ଚକ୍ଷୁବିଶିଷ୍ଟ, ଫୁଲ ଧଳା ଓ ସୁଗନ୍ଧ ଏବଂ ଥୋପା ଥୋପା ଫୁଟେ । ଫଳ ଲମ୍ବା; ଶୀତ ଓ ଗ୍ରୀଷ୍ମରେ ଫଳ ଧରେ । ଯୋଗେଶ୍ଚନ୍ଦ୍ର । ଏଥିର ସଂ. ନାମ ଭଦ୍ରବଲ୍ଲୀ, ଶୀତଲୀରୁ, ଭୂମିମଣ୍ଡ, ଅସ୍ଥିପାଦିକା, ଭଦ୍ରମଲ୍ଲୀ, ଭଦ୍ରମୁଞ୍ଜ; ଏହା ବ୍ରଣ, ଭଗ୍ନ କ୍ଷତ ଓ ନାଡ଼ୀବ୍ରଣବିନାଶକ । ଦ୍ରବ୍ୟଗୁଣ]

ବିଶଲ୍ୟ କରଣୀ କାଠି—ପ୍ରାଦେ. (ଗଡ଼ଜାତ) ବି—କାଠି ବିଶେଷ—
Bisalya karaṇī kāṭhi A twig selected from the twigs of the nest of a Kumbhaṭuā bird; said to possess the miraculous property of opening a locked door. [ଦ୍ର—କୁମ୍ଭାଟୁଆ ଯେଉଁ ବସାରେ ପିଲା କରି, ପିଲା ବଢ଼ିଲା ପରେ ବସା ଛାଡ଼ି ଚାଲି ଯାଇଥାଏ, ସେହି ବସା ଯେଉଁ କାଠିମାନଙ୍କରେ ନିର୍ମିତ ହୋଇଥାଏ, ସେହି କାଠିମାନଙ୍କୁ ନେଇ ସ୍ରୋତ ଥିବା ନଈରେ ପକାଇ ଦେଲେ କାଠିମାନ ଭାସିଯାଏ; ମାତ୍ର ଯେଉଁ ଖଣ୍ଡିକ ଉଜାଣି ଉଠେ, ସେହି କାଠିକୁ ବିଶଲ୍ୟ-କରଣୀ କାଠି ବୋଲାଯାଏ । ପ୍ରବାଦ ଅଛି ଯେ, ଏ କାଠିକୁ ଯେ କୌଣସି କବାଟର ତାଲାପରେ ଲଗାଇ ଦେଲେ ତାଲାପ ମନକୁ ଫିଟିଯାଏ । ଚୋରମାନେ ଏହାକୁ ବ୍ୟବହାର କରନ୍ତି । ]

ବିଶଲ୍ୟକୃତ୍—ସଂ. ବିଣ.—(ବିଶଲ୍ୟ+କୃ ଧାତୁ+କର୍ତ୍ତୃ. କ୍ୱିପ୍)—୧ ।
Bisalya kṛut ଯାତନା ମୁକ୍ତ—1. Freed from pain. ୨ । ଯାତନାନାଶକ—2. Alleviating pain. ୩ । ଯାହା ଦେହରେ ପ୍ରବିଷ୍ଟ ଶରକୁ କାଢ଼ି ପାରେ—3. Having the powers of extracting an arrow which has penetrated into the body. ସଂ. ବି—ବିଶଲ୍ୟକରଣୀ (୩) (ଦେଖ) କ୍ଷତ ଓ ବେଦନା-ନାଶକ ଲତାବିଶେଷ—Echites Dichotoma;
हापरमालि; रामसर Vallarius Heynei (Kirtikar); a
**रामसर; चमरिका वेल** kind of herbarious creeper.

ବିଶଲ୍ୟା—ସଂ. ବିଣ. ସ୍ତ୍ରୀ—( ବିଶଲ୍ୟ+ସ୍ତ୍ରୀ. ଆ )—ଗର୍ଭବେଦନାରୁ ମୁକ୍ତା
Bisalyā (ସ୍ତ୍ରୀ)—( a woman ) Delivered from travail. ସଂ. ବି—୧ । ଗୁଳଞ୍ଚ ଲତା (ଦେଖ)—

1. Gulancha creeper (See) ୨ । ଅଗ୍ନିଶିଖା ବୃକ୍ଷ—2. Gloriosa Superba (tree). ୩ । ଦନ୍ତୀ (ବୃକ୍ଷ) (ଦେଶଜ)—3. Danti (tree) (See). ୪ । ଅଜ-ମୋଦା—4. Carum Roxburghillm.

**ବିଶସ**—ସଂ. ବି.—(ବି+ଶସ୍ ଧାତୁ=ବଧ କରିବା+ଭାବ. ଅ)—୧ । Bisasa ବଧ; ହତ୍ୟା—1. Slaughter. ୨ । (...+କରଣ. ଅ)—ଖଡ୍ଗ—2. Sword.

**ବିଶସ୍ତ**—ସଂ. ବିଣ.—(ବି+ଶସ୍ ଧାତୁ=ବଧ କରିବା+କର୍ମ. ତ)— Bisasta ୧ । ହତ—1. Killed. ୨ । ଛିନ୍ନ—2. Cut off. ୩ । ସୁସଭ୍ୟ—3. Civilized. ୪ । ଅଗତ— 4. Past.

**ବିଶା**—ଦେ. ବି—(ସଂ. ବିଷ୍ଟା=ପରିମାଣ ବିଶେଷ=୨୦ ପଲ; ପ୍ରା. ବିଶା; Bisa କିମ୍ବା ସଂ. ବିଂଶ=କୋଡ଼ିଏ; ସାଧାରଣତଃ ବିଶାକୁ ୨୦ ପଲ ବିশা ଥିବାରୁ; କିମ୍ବା ସଂ. ବିଶିଖ )—୧ । ଅଠର, କୋଡ଼ିଏ, बीसि ବାଇଶି ବା ପଚିଶି ପଲ ଓଜନ କରିବାର ଯନ୍ତ୍ର; ତୁଳା ଯନ୍ତ୍ର— 1. A weighing instrument having one pan suspended from one end of a rod, the other end acting as a fulcrum; the Roman balance; steel yard. [ଦ୍ର—ଏଥିରେ ଗୋଟିଏ କାଠିର ଗୋଟିଏ ପାଖରେ ଖଣ୍ଡେ ପରୁଡ଼ି ଝୁଲୁ-ଥାଏ ଓ ସେ କାଠିର ଅନ୍ୟ ଅର୍ଦ୍ଧାଂଶରେ ଖଣ୍ଡିଏ ସୂତା ଲାଗିଥାଏ; ସେହି ସୂତାକୁ କାଠିର ଚିହ୍ନିତ ସ୍ଥାନମାନଙ୍କ ମଧ୍ୟରେ ଘୁଞ୍ଚାଇବା ଦ୍ୱାରା ପରୁଡ଼ିରେ ରଖାଯିବା ଜିନିଷର ଓଜନ ଜଣା ପଡ଼େ ।] ୨ । ଏକ ବିଶା ଓଜନ ପଦାର୍ଥ— 2. An article weighing a Bisa. ଦେ. ବିଣ—ଏକ ବିଶା ପରିମିତ—Weighing one Bisa. [ଦ୍ର—ଏକ ବିଶା=ପ୍ରାୟ ଅଢ଼େଇ ୧ ସେର; ସାଧାରଣ ବିଶା=୨୦ ପଲ; ବିଶା ଯନ୍ତ୍ରର ଏକ ପାଖରେ ଯେଉଁ ପାତ୍ରଖଣ୍ଡି ଝୁଲୁଥାଏ ଓ ଯହିଁରେ ଓଜନ କରାଯିବା ଦ୍ରବ୍ୟ ରଖାଯାଇ ଓଜନ କରାଯାଏ, ତାକୁ ପରୁଡ଼ି କହନ୍ତି; ଯେଉଁ ଦଣ୍ଡର ଏକ ମୁଣ୍ଡରେ ପରୁଡ଼ି ଝୁଲୁଥାଏ ତାକୁ ବିଶାକାଠି ବୋଲାଯାଏ । ତିନ ପ୍ରକାର ବିଶା ଚଳିବାର ଦେଖାଯାଏ । ଯଥା— ନବରଙ୍ଗୀ ବିଶା=୧୮ ପଲ (ଏଥିରେ ବାସନକୁସନ ଓଜନ ହୁଏ ।) କାଟୁଆ ବିଶା=୨୫ପଲ (ଏଥିରେ କେବଳ ଅଦ ଓଜନ ହୁଏ । ଏହା ଗଡ଼ଜାତରେ ଚଳେ ।) ଦେଶୀ ବିଶା=୨୦ ପଲ (ଏଥିରେ ମାଛ ଅଦ ଓଜନ ହୁଏ ।)]

**ବିଶାଂପତି**—ସଂ. ବି. ( ସଂ. ବିଶାଂ=ମନୁଷ୍ୟମାନଙ୍କର+ପତି ) Bisampati ରାଜା—A king.

**ବିଶାକାଠି**—ଦେ. ବି—ବିଶାଯନ୍ତ୍ରର ଦଣ୍ଡ ( ଯହିଁର ଏକ ମୁଣ୍ଡରେ ପରୁଡ଼ି Bisakathi ଝୁଲୁଥାଏ )—The yard or beam of a বিশার দাঁড তরাজুকা ডংডা Bisa contrivance.

**ବିଶାଖ**—ସଂ. ବି ( ବିଶାଖା=ନକ୍ଷତ୍ର ବିଶେଷ+ଅପତ୍ୟାର୍ଥେ ଅ; ଏହାଙ୍କୁ Bisakha ବିଶାଖା ନକ୍ଷତ୍ର ଶିଶୁକାଳରେ ପାଳିଥିଲେ )—୧ । କାର୍ତ୍ତିକେୟ—1. Karttikeya. ୨ । ଯାଚକ; ଭିକ୍ଷୁ-ଭିକାରୁ—2. A beggar. ୩ । ପୁନର୍ନବା; ପୁରୁଣିଶାଗ —3. Hogweed. ସଂ. ବିଣ ( ବି+ଶାଖା )— (ବିଶାଖା—ସ୍ତ୍ରୀ) Branchless.

**ବିଶାଖ ଯୂପ**—ଦେ. ବି—ପୌରାଣିକ ବନବିଶେଷ—Name of a Bisakha jupa mythological forest. [ ଉ—ବିଶାଖ ଯୂପ ବନ ସେ ପବିତ୍ର ସ୍ଥାନେ, ଅଳ୍ପ ଦିନହିଁ ରହିଲେ ପାଣ୍ଡୁଙ୍କ ନନ୍ଦନେ । କୃଷ୍ଣସିଂହ. ମହାଭାରତ. ବନ । ]

**ବିଶାଖା**—ସଂ. ବି. ସ୍ତ୍ରୀ ( ବି+ଶାଖ୍ ଧାତୁ=ବ୍ୟାପ୍ତ ହେବା+କର୍ତ୍ତୃ. ଅ+ Bisakha ସ୍ତ୍ରୀ. ଆ )—୧ । ଷୋଡ଼ଶ ନକ୍ଷତ୍ର—1. The 16th asterism. [ଦ୍ର—ଏହାର ରୂପ ତୋରଣାକାର ଓ ଏହା ଉଜ୍ଜ୍ୱଳ ଦ୍ୱିତାରକାଯୁକ୍ତ ।] ୨ । ରାଧିକାଙ୍କର ଅଷ୍ଟସଖୀ ମଧ୍ୟରୁ ଜଣେ ସଖୀ—2. Name of one of the eight female companions of Radha. ଦେ. ବିଣ—୧ । ଶାଖାବର୍ଜିତ—1. Branchless. [ ଉ—ବିଶାଖା ସ୍ୱଭାବେ-ବିଶାଖାପତି ମୁଖ ଛବି ଲଭି । ଉପେ. ବୈଦେହୀଶବିଳାସ । ] ୨ । ( ଲକ୍ଷଣାର୍ଥେ ) ପ୍ରିୟା-ବର୍ଜିତ—2. ( figurative ) Bereft of or separated from one's beloved one. ଦେ. ବି— ଉଚ୍ଚ ଡାଳ—A high branch. [ ଉ—ବିଶାଖା ଅଶିଲ, ବରସ୍ୱମନା କରଗତ କଲ । ଅଭିମନ୍ୟୁ. ବିଦଗ୍ଧ-ଚିନ୍ତାମଣି । ]

**ବିଶାଖାପତି**—ସଂ. ବି (୬ଷ୍ଠୀତତ୍; ବିଶାଖା+ପତି)—ଚନ୍ଦ୍ର—The moon. Bisakhapati [ ଉ—ବିଶାଖାପତି ମୁଖଛବି ଲଭେ । ଉପେ. ବୈଦେହୀଶବିଳାସ । ]

**ବିଶାଖା ପ(ପା)ଟଣ(ନ,ଣା,ନା)**——ଦେ. ବି (ସଂ. ବିଶାଖ+ପତ୍ତନ)— Bisakha pa(pa)tana(na,na,na) ମାନ୍ଦ୍ରାଜ ପ୍ରଦେଶସ୍ଥ ଗଞ୍ଜାମ ବିଶାଖାପତ୍ତନ } ଅନ୍ୟରୂପ ଜିଲ୍ଲାର ଦକ୍ଷିଣରେ ଥିବା ଗୋଟିଏ ଜିଲ୍ଲା ବିଶାଖପତ୍ତନ } ଓ ନଗର—Name of a district বিশাখা পাটনা and town of the Madras Presidency बिशाखा पटना to the south of the Ganjam district. [ ଦ୍ର—ଏହାକୁ ଇଂରେଜମାନେ ସଂକ୍ଷେପ କରି 'ଭାଇ ଜାଗ୍' ନାମ ଦେଇଅଛନ୍ତି । ଏହା ଗୋଟିଏ ସ୍ୱାସ୍ଥ୍ୟକର ସମୁଦ୍ରୋପକୂଳସ୍ଥ ସ୍ଥାନ ବୋଲି ପ୍ରସିଦ୍ଧ । ]

**ବିଶା ଦୁଇଶ**—ଦେ. ବି ଓ ବିଣ ( ସଂଖ୍ୟାବାଚକ ) ( ସଂ. ବିଂଶ ଅଧିକ Bisa duisa ଦ୍ୱିଶତ )—ଦୁଇଶତ ବିଂଶ; ୨୨୦—220; two দুশবিশ [ବିଶା ଦୁଇଶଅ(ହ)—ଅନ୍ୟରୂପ] hundred and दोसौबीश twenty.

**ବିଶା ଧରିବା**—ଦେ. କ୍ରି—ବିଶାଦ୍ୱାରା କୌଣସି ବସ୍ତୁ ଓଜନ କରିବା— Bisa dhariba To weigh a thing by the Bisa. ওজনদণ্ড ধরা

**ବିଶାବଳି**—ଦେ. ବି ( ସଂ. ବିଷ+ବଳି )—୧ । ଦେବୀଙ୍କ ନିକଟରେ ବଧଦିଆଯିବା ବଳି ବା ଛେଳି—1. A victim slaughtered in front of a Goddess. ୨ । ବହୁତ ପ୍ରହାର—2. Excessive beating. ୩ । ହତ୍ୟା; ମାରଣ; ବଧ—3. Slaughter.
**Bisābaḷi**
**बली बली**

**ବିଶାବଳି ଦେବା**—ଦେ. କ୍ରି—୧ । ବଳିଦେବା—1. To slaughter an animal as a victim to a Goddess. ୨ । ହତ୍ୟା କରିବା—2. To kill. ୩ । ଖୁବ୍ ପ୍ରହାର କରିବା—2. To beat soundly.
Bisābaḷi debā
(ବିଶାବଳି କରିବା—ଅନ୍ୟରୂପ)
बली देओया
**बली देना, बलीदान करना**

**ବିଶାବଳି ପାଇବା**—ଦେ. କ୍ରି—୧ । ଦେବୀଙ୍କ ନିକଟରେ ବଳିରୂପେ ହତ ହେବା—1. To be slaughtered as a victim to a Goddess. ୨ । ହତ ହେବା—2. To be killed. ୩ । ଖୁବ୍ ମାଡ଼ ଖାଇବା—3. To be beaten excessively.
Bisābaḷi pāibā
(ବିଶାବଳି ହେବା—ଅନ୍ୟରୂପ)
बली पाओया
**बलीदन होना**

**ବିଶାର**—ସଂ. ବି—୧ । ମତ୍ସ୍ୟ; ମାଛ—1. Fish. (ଉ—ବକପାଖରେ ଜଳ ପାଟେ, ବିଶାର ଭୁଲନ୍ତି ତହଟେ । ଉପେ. ବୈଦେହୀଶ ବିଳାସ ।) ୨ । ମତ୍ସ୍ୟ ବିଶେଷ; ( ଶେଉଳ ମାଛ ? )—2. A kind of fish. ( ଉ—ବିଶାରଃ ଖଲ୍ଲୀ ଗୃଥ ଗଡ଼କଃ ଶକୁଳାର୍ଭକଃ । ଅମରକୋଷ । )
Bisāra

**ବିଶାରଣ**—ସଂ. ବି ( ବି+ଶୃ ଧାତୁ ଣିଜନ୍ତ, ଶାର ଧାତୁ=ବଧ କରିବା +ଭାବ ଅନ )—ମାରଣ; ବଧ; ହତ୍ୟା—Slaughter; murder.
Bisāraṇa

**ବିଶାରଦ**—ସଂ. ବିଣ. ପୁଂ ( ବିଶାଳ=ବୃହତ୍+ଦା ଧାତୁ=ଦାନ କରିବା +କର୍ତ୍ତୃ ଅ; ଳ ସ୍ଥାନରେ ର )—୧ । ଦକ୍ଷ; ନିପୁଣ; ଚତୁର—1. Clever; expert; skilful; capable. ୨ । ପାରଙ୍ଗମ; କୌଣସି ବିଦ୍ୟାରେ ପ୍ରବୀଣ ବା ପଣ୍ଡିତ—2. Versed in any branch of learning ୩ । ପଣ୍ଡିତ; ବିଦ୍ୱାନ୍—3. Learned; wise. ୪ । ପ୍ରସିଦ୍ଧ; ବିଖ୍ୟାତ—4. Famous; celebrated. ୫ । ଶ୍ରେଷ୍ଠ—5. Chief; superior. ୬ । ବିସ୍ତୃତ—6. Extended. ୭ । ଗର୍ବିତ—7. Proud; vainglorious. ୮ । ନିଜର କ୍ଷମତା ବା ବଳ ଉପରେ ଆସ୍ଥାବାନ୍—8. Confident of one's power or strength. ସଂ. ବି—ବଉଳ ବୃକ୍ଷ—Mimusops Elengi ( tree ). ଦେ. ବିଣ—ବିଶାଳକାୟ, ପ୍ରକାଣ୍ଡ—Gigantic. ( ଉ—ବିଶାରଦ ମହାଦ୍ରୁମ, ଅଗ୍ରତେ ଯେମନ୍ତ ଦ୍ରୁମ, ତଥା ଅପୂର୍ବ ସଂଗ୍ରାମ, ଶାଗ୍ରାମ ରଚେ । ଉପେ. ବୈଦେହୀଶବିଳାସ । )
Bisārada
(ବିଶାରଦା—ସ୍ତ୍ରୀ)

**ବିଶାରଦା**—ସଂ. ବି. ସ୍ତ୍ରୀ—କ୍ଷୁଦ୍ର ଦୁରାଳଭା ( ଜବାସା ଗୁଳ୍ମ )—Alhagi Mourorum ( thorny plant ). ସଂ. ବିଣ. ସ୍ତ୍ରୀ ( ବିଶାରଦ+ଆ )—ବିଶାରଦର ସ୍ତ୍ରୀଲିଙ୍ଗ—Feminine of Bisārada.
Bisāradā

**ବିଶାଳ**—ସଂ. ବିଣ ( ବି+ଶାଳଚ୍, କମ୍ୱା ବିଶ୍ ଧାତୁ=ପ୍ରବେଶ କରିବା +କର୍ତ୍ତୃ ଅଳ )—୧ । ଅତି ବୃହତ୍; ଖୁବ୍ ବଡ଼—1. Gigantic; huge; vast. ୨ । ବିସ୍ତୃତ; ଓସାରିଆ; ବିସ୍ତୀର୍ଣ୍ଣ—2. Wide; broad; extensive. ୩ । ସୁବିଖ୍ୟାତ—3. Renowned; celebrated. ୪ । ଅତି ଉଦାର—4. Very liberal-minded. ସଂ. ବି—୧ । ମୃଗ ବିଶେଷ—1. A kind of deer. ୨ । ପକ୍ଷିବିଶେଷ—2. A kind of bird. ୩ । ବୃକ୍ଷ ବିଶେଷ—3. A kind of tree. ୪ । ନୃପବିଶେଷ—4. Name of a king. ଦେ. ବି—୧ । ( ସଂ. ବିଶାଳତା ) ବିସ୍ତାର—1. Extent. ( ଉ—ବିଭୂଷଣ ଭଳିପୁର ଶ୍ରୀନଗର, ବିଶାଳରେ ବରିଅଛି ସେ ଆଦର । ଉପେ. ବୈଦେହୀଶବିଳାସ । ) ୨ । ବିଶାଳ ( ଦେଖ ) 2. Biśwāḷa ( See )
Bisāḷa

**ବିଶାଳକାୟ**—ସଂ. ବିଣ (ବହୁବ୍ରୀହି; ବିଶାଳ+କାୟ)—ବୃହତ୍ ଶରୀର-ବିଶିଷ୍ଟ—Huge-bodied; gigantic in stature.
Bisāḷa kāya
(ବିଶାଳଶରୀର, ବିଶାଳଦେହ—ଅନ୍ୟରୂପ)
(ବିଶାଳକାୟା—ସ୍ତ୍ରୀ)

**ବିଶାଳତା(ତ୍ୱ)**—ସଂ. ବି [ବିଶାଳ+ଭାବାର୍ଥେ ତା(ତ୍ୱ)]—୧ । ପ୍ରକାଣ୍ଡତା; ବୃହତ୍ତ୍ୱ—1. Vastness; greatness. ୨ । ଓସାର—2. Width. ୩ । ବିସ୍ତାର—3. Extent.
Bisāḷatā(twa)

**ବିଶାଳ ହୃଦୟ**—ସଂ. ବିଣ. ପୁଂ ( ବହୁବ୍ରୀହି; ବିଶାଳ+ହୃଦୟ )—ଉଚ୍ଚମନାଃ; ଉଦାରହୃଦୟ—Magnanimous; liberal-minded.
Bisāḷa hṛudaya
(ବିଶାଳହୃଦୟା—ସ୍ତ୍ରୀ)

**ବିଶାଳା**—ସଂ. ବି. ସ୍ତ୍ରୀ ( ବିଶାଳ+ସ୍ତ୍ରୀ ଆ )—୧ । ଗଙ୍ଗା ଓ ଗଣ୍ଡକୀ ନଦୀର ସଙ୍ଗମ ସ୍ଥାନରେ ଅବସ୍ଥିତ ନଗରବିଶେଷ—1. Name of a town at the junction of the Ganges and the Gaṇḍakī. ୨ । ଉଜ୍ଜୟିନୀ ନଗରୀ—2. The ancient city of Ujjain. ୩ । ମହେନ୍ଦ୍ର-ବାରୁଣୀ (ଦେଖ)—3. Mahendra bāruṇī (See) ୪ । ତୀର୍ଥବିଶେଷ—4. Name of a sacred place of Hindu pilgrimage. ୫ । ଦକ୍ଷକନ୍ୟା ସତୀ—5. A name of Sati, the daughter of Daksha. ୬ । ନଦୀବିଶେଷ; ସରସ୍ୱତୀ ନଦୀ—6. Name of a river; the Saraswatī. ସଂ. ବିଣ. ସ୍ତ୍ରୀ—ବିଶାଳର ସ୍ତ୍ରୀଲିଙ୍ଗ—Feminine of Bisāḷa.
Bisāḷā

**ବିଶାଳାକ୍ଷ**—ସଂ. ବିଣ. ପୁଂ—(ବହୁବ୍ରୀହି; ବିଶାଳ=ବଡ଼+ଅକ୍ଷି=ଚକ୍ଷୁ)—୧ । ବିଶାଳ ଚକ୍ଷୁର୍ବିଶିଷ୍ଟ; ଆକର୍ଣ୍ଣବିସ୍ତୃତଲୋଚନ—1. Having large eyes. ୨ । ସୁଲୋଚନ—2. Having graceful eyes. ସଂ. ବି—୧ । ଶିବ—1. Siba. ୨ । ଗରୁଡ଼—2. Garuṛa. ୩ । ବିଷ୍ଣୁ—3. Bishṇu.
Bisāḷāksha
( ବିଶାଳାକ୍ଷୀ—ସ୍ତ୍ରୀ )

ବିଶାଳାକ୍ଷୀ—ସ. ବି. ସ୍ତ୍ରୀ—୧ । ଦୁର୍ଗା—1. Durgā. ୨ । ସୁନ୍ଦରୀ-
Bisālakshi 2. A graceful or excellent woman.
୩ । ଯୋଗିନୀବିଶେଷ—3. Name of a female companion of Durgā. ୪ । ନାଗଦନ୍ତୀ—4. A medicinal plant. ସ. ବିଣ. ସ୍ତ୍ରୀ—ବିଶାଳାକ୍ଷର ସ୍ତ୍ରୀଲିଙ୍ଗ—Feminine of Bisālaksha.

ବିଶାଳ—ଦେ. ବି—(ସ. ବହୁଃଶଲାକା)—ବ୍ରତ ଓ ବିବାହ ବେଦୀ
Bisālā ନିକଟରେ ଯେଉଁ ବଂଶ ଯଷ୍ଟି ପୋତା ଯାଏ—A bamboo stake or stick driven into the ground near the alter erected for marriage or Upanayana.

ବିଶାଳି—ସ. ବି. ସ୍ତ୍ରୀ—(ବିଶାଳ+ଈ)—ସୁଗନ୍ଧି ଲତାବିଶେଷ—The
Bisāli caraway creeper.

ବିଶାଶଏ(ହେ)—ଦେ. ବି. ଓ ବିଣ (ସଂଖ୍ୟାବାଚକ) (ସ. ବିଂଶ ଅଧିକଶତ)—
Bisāsae(he) ଏକ ଶହ କୋଡ଼ିଏ—120. (ଦ୍ର—ବିଶାଶହେ
विशाशत(ते) बिशाहे ପାଖୁଡ଼ା ହୋଇଲା ଯେଣୁ ପୁର । ପ୍ରାଚୀ.
[ବିଶାଶତ(ତେ), ବିଶାଶେ—ଅନ୍ୟରୂପ] ବ୍ରହ୍ମନିରୂପଣ ଗୀତା ।]

ବିଶାସର—ଗ୍ରା. ପ୍ରାଦେ. (ଗଡ଼ଜାତ)—ବି—ବିଶ୍ୱାସର (ଦେଖ)—
Bisāsara Biswāsarā (See)
[ବିଶାସରା ଏ(ୟ)—ଅନ୍ୟରୂପ]

ବିଶି—ଦେ. ବି—୧ । (ଆଦରାର୍ଥକ) ବିଶ୍ୱନାଥ ବା ବିଶ୍ୱମ୍ଭର ନାମକ
Bisi विशु ବ୍ୟକ୍ତିଙ୍କୁ ଡାକିବା ନାମ—1. Name for calling Biswanātha or Biswambhara
ବିଶିନ, ବିଶିକ, ବିଶେଇ, ବିଶିନାଥ, ବିଶୁ, ବିଶୋଇ }—ଅନ୍ୟରୂପ
(ବିଶିଆ, ବିଶୁଆ—ଅନାଦରାର୍ଥକ ରୂପ) ୨ । ଜନୈକ ଉତ୍କଳୀୟ କବି; ବିଶ୍ୱନାଥ ଖୁଣ୍ଟିଆ—2. Name of an Oriya poet, the author of Bichitra Rāmāyana. [ଦ୍ର—ଏ ବିଚିତ୍ର ରାମାୟଣ ରଚନା କରିଥିଲେ ।]
୩ । ବିଶ; ପ୍ରାଚୀନ ଉତ୍କଳର ଅଧୁନିକ ପ୍ରଗନା ବା ଡିଭିଜନ—3. A name by which a fiscal division of ancient Orissa was called. [ଦ୍ର—ମୁସଲମାନ୍‌ମାନଙ୍କ ଅମଳରେ 'ବିଶି'ର ନାମ 'ପ୍ରଗନା' ହେଲା । ଜଗବନ୍ଧୁ—ପ୍ରାଚୀନ ଉତ୍କଳ । ଏହା କେତେ ଗୁଡ଼ିଏ ତାଲୁକାର ସମଷ୍ଟି । ଏଥିରୁ 'ବିଷୟୀ' ଶବ୍ଦର ଉତ୍ପତ୍ତି ହୋଇଅଛି ।] ୪ । ଗ୍ରାମପୁଞ୍ଜ, କେତେଗୁଡ଼ିଏ ମଉଜାର ସମଷ୍ଟି—4. A unit of many villages.

ବିଶିକେଶନ—ଦେ. ବି—(ସଂ. ବୃଷକେତନ)—ଦାତାକର୍ଣ୍ଣଙ୍କର ଏକ-
Bisikesana ମାତ୍ର ପୁତ୍ର—Name of the son of king
विशिकेशन बिशिकेशन Karnna. ( ଏକୋଇର ବଲା ବିଶି-କେଶନ—ଭଗ ।) [ଦ୍ର—ଦାତାକର୍ଣ୍ଣଙ୍କର ସତ୍ୟ ପାଳନ ପରୀକ୍ଷା କରିବା ନିମନ୍ତେ ଭଗବାନ୍ ମାୟାରେ କ୍ଷୁଧାର୍ତ୍ତ ବ୍ରାହ୍ମଣ ବେଶ ଧରି ଏହାଙ୍କୁ ସତ୍ୟ କରାଇ ରାଜା ଆପଣା ହାତରେ ପୁତ୍ର 'ବିଶିକେଶନ'ର ଗଳାକୁ କାଟି ଉକ୍ତ ମାଂସ ଖାଇବାକୁ ଦେବାପାଇଁ ପ୍ରାର୍ଥନା କଲେ । ରାଜା କର୍ଣ୍ଣ ସତ୍ୟ ପାଳନ କରି ସ୍ୱହସ୍ତରେ ପୁତ୍ରର ଶିରଚ୍ଛେଦନ କଲେ । ତାହାଙ୍କ ସ୍ତ୍ରୀ ପଦ୍ମାବତୀ ପୁତ୍ରର ମାଂସକୁ ରନ୍ଧନ କରି କ୍ଷୁଧାର୍ତ୍ତ ବ୍ରାହ୍ମଣଙ୍କ ପାଇଁ ପତ୍ରରେ ବାଢ଼ି ସତ୍ୟ ରକ୍ଷା କରିଥିଲେ । ପରେ ବିଶି-କେଶନ ବଞ୍ଚି ଉଠିଲା । ପିତା ମାତାଙ୍କର ଏକମାତ୍ର ସ୍ନେହର ପାତ୍ର ପୁତ୍ରକୁ 'ବିଶିକେଶନ' ବୋଲାଯାଏ ।]

ବିଶିଖ—ସ· ବି—(ବି=ବିଶିଷ୍ଟ+ଶିଖା=ଅଗ୍ର; ବହୁବ୍ରୀହି)—୧ । ବାଣ;
Bisikha ଶର; ଇଷୁ—1. Arrow. ୨ । ଶରନାମକ ତୃଣ; କାଣ୍ଡସର ଗୁଳ୍ମ—2. A reed; Saccharum Sara. ୩ । ତୋମରାସ୍ତ୍ର; (ପ୍ରାଚୀନ ଯୁଦ୍ଧାସ୍ତ୍ର ବିଶେଷ)—3. Name of an ancient weapon of offence. ୪ । ଚରଖାର ବା ଅରଟର ତାକୁଡ଼ି—4. The spindle of a spinning wheel ସ. ବିଣ. ପୁଂ—ଶିଖାରହିତ—Having no tuft.

ବିଶିଖା—ସ. ବି. ସ୍ତ୍ରୀ (ବିଶିଖ+ସ୍ତ୍ରୀ. ଆ)—୧ । ରଥ—1. Car. ୨ ।
Bisikhā ଖନତ୍ରି; ଖଣତି—2. A spud; a kind of digging instrument. ୩ । ଚରଖାର ତାକୁଡ଼ି—3. The spindle of a spinning wheel. ୪ । ନାପିତର ସ୍ତ୍ରୀ; ଭଣ୍ଡାରୁଣୀ-4. A barber woman. ୫ । ଅତୁରଶାଳ; ଯେଉଁ ଘରେ ରୋଗୀଙ୍କୁ ଶୁଶ୍ରୂଷାର୍ଥ ରଖାଯାଏ; ହାସପାତାଳ—5. A sick room; hospital. ସଂ. ବିଣ. ସ୍ତ୍ରୀ—ବିଶିଖର ସ୍ତ୍ରୀଲିଙ୍ଗ—Feminine of Bisikha.

ବିଶିଦସ୍ତି ପଦିକା—ଦେ. ବି—ଭୂମି ମାପିବାର ଦଣ୍ଡବିଶେଷ—A rod
Bisidasti padikā for measuring land and $4\frac{1}{3}$
विशदस्ति लगी cubits long. [ଦ୍ର—ଏହାର ପରିମାଣ ୨୦ଦସ୍ତି
सवाचार हातकी लग्गी; बोला नालियाँ =୧୦୫ ଅଙ୍ଗୁଳ= ୪$\frac{1}{3}$ ହାତ ]

ବିଶିଦସ୍ତି ମାଣ—ଦେ. ବି—ବିଶିଦସ୍ତି ପଦିକାରେ ଏକ ମାଣ—A
Bisidasti māna māna of land measured with
बोसी the bisidasti rod. ( ଯଥା—ଏହା ଚବିଶି ଦସ୍ତି ମାଣ ବା ଏକ ଏକରରୁ କମ୍ ।)

ବିଶିରାମ—ଗ୍ରା· ବି (ସ. ବିଶ୍ରାମ)—ବିଶ୍ରାମ (ଦେଖ)—
Bisirāma Bisrāma (See).

ବିଶି ରାମାୟଣ—ଦେ. ବି—କବି ବିଶ୍ୱନାଥ ଖୁଣ୍ଟିଆଙ୍କ ରଚିତ ଓଡ଼ିଆ
Bisi rāmāyana ବିଚିତ୍ର ରାମାୟଣ—The popular name of the Bichitra Rāmāyana by Biswanātha Khuntiā.

ବିଶିରି—ଗ୍ରା. ବିଣ (ସ. ବିଶ୍ରୀ)—ବିଭତ୍ସ; ଅସୁନ୍ଦର—Ugly.
Bisiri विछिरि

ବିଶିରି କାଣ୍ଡ—ପ୍ରାଦେ (ବାଲେଶ୍ୱର) ବି—ଜୟକାଣ୍ଡ; ତର୍ଜନୀଅଗ୍ରଠିରେ
Bisiri kānda ଉଠିଥିବା ଯନ୍ତ୍ରଣାଦାୟକ ବ୍ରଣ ବିଶେଷ—A painful boil on the index finger.

ବିଶିଷ୍ଟ—ସ. ବିଣ (ବି+ଶିଷ୍ ଧାତୁ=ବିଶେଷ କରିବା+କର୍ତ୍ତୃ. ତ)—
Bisishta ୧ । ଯୁକ୍ତ; ମିଳିତ—1. Connected; joined.

**ବିଶିଷ୍ଟତା, ବିଶିଷ୍ଟତ୍ୱ, ବୈଶିଷ୍ଟ୍ୟ** } ବିଶେଷ୍ୟ ୨ । ବିଚକ୍ଷଣ; ବିଲକ୍ଷଣ; ଉତ୍କୃଷ୍ଟ 2. Excellent. ୩ । ଅସାଧାରଣ; ଅନନ୍ୟସାଧାରଣ--3. Extraordinary; uncommon. ୪ । ଭିନ୍ନ—4. Separate; distinct. ୫ । ପ୍ରସିଦ୍ଧ; ଖ୍ୟାତ—5. Celebrated; renowned. ୬ । ଉଲ୍ଲେଖଯୋଗ୍ୟ—6. Worth mention. ୭ । ସିଦ୍ଧ--7. Effected; accomplished. ୮ । ଶ୍ରେଷ୍ଠ—8. Eminent. ୯ । ଅସାଧାରଣ ଗୁଣଯୁକ୍ତ—9. Special; peculiar. ୧୦ । ଯଥେଷ୍ଟ—10. Sufficient. ୧୧ । ଅତ୍ୟନ୍ତ ଶିଷ୍ଟ—11. Very gentle. ୧୨ । ସ୍ମରଣୀୟ—12. Memorable. ୧୩ । ଜ୍ଞାନୀ; ପଣ୍ଡିତ—13. Wise; learned. ସ. ବି—ବିଷ୍ଣୁ—A name of Bishṇu.

**ବିଶିଷ୍ଟଜ୍ଞ**—ସ. ବିଣ. ପୁଂ—୧ । କୌଣସି ବିଷୟରେ ବିଶେଷରୂପେ Bisishṭajña ପାରଦର୍ଶୀ—1. Skilled in a particular (ବିଶିଷ୍ଟଜ୍ଞା—ସ୍ତ୍ରୀ) branch of knowledge; expert. [ବିଶିଷ୍ଟଜ୍ଞାନୀ—ଅନ୍ୟରୂପ] ୨ । ବିଜ୍ଞ—2. Wise.

**ବିଶିଷ୍ଟ ପ୍ରମାଣ**—ସ. ବି (କର୍ମଧା; ବିଶିଷ୍ଟ+ପ୍ରମାଣ)—ସିଦ୍ଧ ପ୍ରମାଣ—Bisishṭa pramāṇa Sufficient or particular proof.

**ବିଶିଷ୍ଟ ବନ୍ଧୁ**—ସ. ବି ( କର୍ମଧା. ବିଶିଷ୍ଟ+ବନ୍ଧୁ )—ଅତି ଘନିଷ୍ଠ ବା Bisishṭa bandhu ଅନ୍ତରଙ୍ଗ ବନ୍ଧୁ—One's particular or very intimate friend

**ବିଶିଷ୍ଟ ବ୍ୟକ୍ତି**—ସ. ବି. (ବିଶିଷ୍ଟ+ବ୍ୟକ୍ତି)—ଅତ୍ୟନ୍ତ ସମ୍ଭ୍ରାନ୍ତ ବା ପ୍ରସିଦ୍ଧ Bisishṭa byakti ବ୍ୟକ୍ତି--A distinguished personage.

**ବିଶିଷ୍ଟାଦ୍ୱୈତବାଦ**—ସ. ବି (କର୍ମଧା; ବିଶିଷ୍ଟ+ଅଦ୍ୱୈତବାଦ)-ବେଦାନ୍ତ Bisishṭādwaitabāda ଦର୍ଶନର ମତବିଶେଷ; ଯେଉଁ ଶାସ୍ତ୍ରମତ ଅନୁସାରେ ଏକମାତ୍ର ବ୍ରହ୍ମ-ପ୍ରକୃତି ଓ ପୁରୁଷ ଏହି ଦ୍ୱୈତଗୁଣ-ବିଶିଷ୍ଟ ବୋଲି ସ୍ୱୀକୃତ ହୁଅନ୍ତି—The theory of theology of the Rāmānuja sect to the effect that God consists of the spirit and matter in one ( like the monism propounded in Europe by Dr Bain). [ ଦ୍ର—ଦ୍ୱୈତ, ଅଦ୍ୱୈତ ଓ ବିଶିଷ୍ଟାଦ୍ୱୈତ ଭେଦରେ ବେଦାନ୍ତ ଦର୍ଶନରେ ସାଧାରଣତଃ ତିନିଗୋଟି ପ୍ରସିଦ୍ଧ ମତ ଅଛି । ରାମାନୁଜ ସମ୍ପ୍ରଦାୟର ବୈଷ୍ଣବମାନେ ବିଶିଷ୍ଟାଦ୍ୱୈତ ମତବାଦୀ ।]

**ବିଶିଷ୍ଟାଦ୍ୱୈତବାଦୀ**—ସ. ବିଣ. ପୁଂ (ବିଶିଷ୍ଟ+ଅଦ୍ୱୈତବାଦୀ)—ବିଶିଷ୍ଟା-Bisishṭādwaitabādi ଦ୍ୱୈତ ମତର ଗ୍ରହଣକାରୀ---Holding the theory of Indian monism.

**ବିଶିଷ୍ଟାଦ୍ୱୈତ ସମ୍ପ୍ରଦାୟ**—ସ. ବି ( କର୍ମଧା. ବିଶିଷ୍ଟ+ଅଦ୍ୱୈତ+ସମ୍ପ୍ର-Bisishṭādwaita sampradāya ଦାୟ )—ରାମାନୁଜ ବୈଷ୍ଣବ ସମ୍ପ୍ରଦାୟ—The sect of Baishṇabas following Rāmānuja.

**ବିଶିଷ୍ଟାର୍ଥ**—ସ. ବି ( କର୍ମଧା; ବିଶିଷ୍ଟ+ଅର୍ଥ )—ବାକ୍ୟର ବା ଶବ୍ଦପୁଞ୍ଜର Bisishṭārtha ଅକ୍ଷରିକ ସାଧାରଣ ଅର୍ଥ ଛଡ଼ା ବାହାରୁ ପ୍ରକାଶିତ ହେବା ଶବ୍ଦଗତ ବା ଶବ୍ଦଯୋଜନାଗତ ଅସାଧାରଣ ଅର୍ଥ—Special meaning of a word or expression, as distinct from its literal or ordinary sense.

**ବିଶିଷ୍ଟାର୍ଥକ**—ସ. ବିଣ (ବିଶିଷ୍ଟାର୍ଥ+ଅସ୍ତି ଅର୍ଥରେ କ)—ଯେଉଁ ବାକ୍ୟର Bisishṭārthaka ବା ଶବ୍ଦପୁଞ୍ଜର ବିଶିଷ୍ଟାର୍ଥ ଥାଏ ବା ଅଛି—Idiomatic ( word or sentence ).

**ବିଶିଷ୍ଟାର୍ଥକ ବାକ୍ୟ**—ସ. ବି ( କର୍ମଧା. ବିଶିଷ୍ଟାର୍ଥକ+ବାକ୍ୟ )—Bisishṭārthaka bākya ବିଶିଷ୍ଟାର୍ଥବୋଧକ ବାକ୍ୟ—Idiomatic sentence; Idiom.

ବିଶିଷ୍ଟାର୍ଥବୋଧକ ବାକ୍ୟ, ବିଶିଷ୍ଟାର୍ଥଦ୍ୟୋତକ ବାକ୍ୟ, ବିଶିଷ୍ଟାର୍ଥସୂଚକ ବାକ୍ୟ } ଅନ୍ୟରୂପ

[ ଦ୍ର—ବିଶିଷ୍ଟାର୍ଥକ ବାକ୍ୟ ଓ ଶବ୍ଦପୁଞ୍ଜ ( phrase ) ପ୍ରତ୍ୟେକ ଭାଷାର ବିଶେଷତ୍ୱ । ବାକ୍ୟମାନ ବିଶିଷ୍ଟାର୍ଥକରୂପେ ବ୍ୟବହୃତ ନ ହେଲେ ଭାଷାର ମାଧୁର୍ଯ୍ୟ ରହେ ନାହିଁ ଓ ତାହା ଶ୍ରୁତିକଟୁ ହୁଏ । ସାଧାରଣତଃ ବିଶିଷ୍ଟାର୍ଥକ ବାକ୍ୟକୁ ଅନ୍ୟ ଭାଷାରେ ଅକ୍ଷରିକ ବା ଶାବ୍ଦିକ ଅନୁବାଦ କଲେ ଓ ଉକ୍ତ ବାକ୍ୟ ଅନୁବାଦିତ ଭାଷାରେ ମଧ୍ୟ ତଦ୍ରୂପ ବିଶିଷ୍ଟାର୍ଥକ ( idiomatic ) ହୋଇ ନ ଥିଲେ ଅନୁବାଦିତ ଭାଷାରେ ତାହାର ମୌଳିକ ବିଶିଷ୍ଟାର୍ଥ ପ୍ରତିଫଳିତ ହୁଏ ନାହିଁ । ଉଦାହରଣସ୍ୱରୂପ—"ଅମୁକ ଅମୁକକୁ ସୁଖ ପାଏ ବା ଦେଖି ପାରେ" ଏହି ବାକ୍ୟ ଓଡ଼ିଆ ଭାଷାର ଗୋଟିଏ ବିଶିଷ୍ଟାର୍ଥକ ବାକ୍ୟ । ଏହାକୁ ଇଂରାଜୀରେ ଶବ୍ଦମୂଳକ ଅନୁବାଦ କଲେ ବାକ୍ୟ ହେବ 'So and so gets happiness to so and so କିମ୍ବା Can see him' ଅନୁବାଦିତ ଇଂରାଜୀ ବାକ୍ୟରେ ଓଡ଼ିଆର ବିଶିଷ୍ଟାର୍ଥ ପ୍ରକାଶ ପାଇଲା ନାହିଁ । ବଙ୍ଗଳାରେ ଅନୂଦିତ ହେଲେ—'ସୁଖ ପାୟ ଓ ଦେଖ୍‌ତେ ପାରେ' ହେବ ଏବଂ ଏତଦ୍ୱାରା ମଧ୍ୟ ଓଡ଼ିଆର ବିଶିଷ୍ଟାର୍ଥ ଫୁଟିଲା ନାହିଁ । କିନ୍ତୁ ବଙ୍ଗଳାରେ ଅମୁକ ଅମୁକକେ 'ଭାଲ ପାୟ ବା ଭାଲ ବାସେ' କହିଲେ ଏହା ଓଡ଼ିଆର 'ସୁଖ ପାଇବା ଓ ଦେଖି ପାରିବା'ର ବିଶିଷ୍ଟାର୍ଥ ପ୍ରକାଶ କରେ । ଅଧୁନିକ କେତେକ ଓଡ଼ିଆ ଲେଖକ ବଙ୍ଗଳାର ଏହି ବିଶିଷ୍ଟାର୍ଥକ ବାକ୍ୟକୁ ଓଡ଼ିଆରେ 'ଭଲ ପାଇବା ଓ ଭଲ ବାସିବା'ରୂପେ ବ୍ୟବହାର କରୁଥିବାର ଦେଖାଯାଏ । ]

**ବିଶୀର୍ଣ୍ଣ**—ସ. ବିଣ ( ବି+ଶୃ ଧାତୁ=ହିଂସା କରିବା+କର୍ମ. ତ )—Bisirṇṇa ୧ । ଶୁଷ୍କ—1. Dry; sapless. ୨ । ଅତି କୃଶ—( ବିଶୀର୍ଣ୍ଣା—ସ୍ତ୍ରୀ ) 2. Emaciated. ୩ । ଜୀର୍ଣ୍ଣ—3. Worn out. ୪ । ବିଶ୍ଳିଷ୍ଟ—4. Disjoined. ୫ । ପତିତ—5. Fallen. ୬ । ମଉଳି ଯାଇଥିବା—6. Withered.

**ବିଶୀର୍ଯ୍ୟମାଣ**—ସ. ବିଣ ( ବି+ଶୃ ଧାତୁ=ହିଂସା କରିବା+କର୍ତ୍ତୃ. Bisirjyamāṇa ଅନ )—ଯାହା ବିଶୀର୍ଣ୍ଣ ହେଉଅଛି; ମଉଳି ଯାଉଥିବା—Drying up; withering.

ବିଶୁଆ—ଗ୍ରା. ବି—୧ । ( ସଂ. ବିଶ୍ୱା )—ବିଶ୍ୱା (ଦେଖ)—1. Biśwā
Biśuā ( See ) ୨ । ବିଶ୍ୱନାଥର ଅନାଦରାର୍ଥକ ଡାକ ନାମ—
2. A name for calling Biśwanātha.

ବିଶୁଆଳ(ଳି)—ଗ୍ରା. ବି—ବିଶ୍ୱାଳ(ଳି) ( ଦେଖ )
Biśuāla(li) Biśwāla(li) ( See )

ବିଶୁଆସ(ସି) ( ଇତ୍ୟାଦି )—ଗ୍ରା. ବି ଓ ବିଣ—ବିଶ୍ୱାସ(ସୀ) ଇତ୍ୟାଦି
Biśuāsa(sī) (etc) ( ଦେଖ )—Biśwāsa(sī) etc (See).
বিশ্বাস विसुआस, विसवास

ବିଶୁଦ୍ଧ—ସଂ. ବିଣ ( ବି+ଶୁଦ୍ଧ )—୧ । ପବିତ୍ର—1. Holy; sacred.
Biśuddha ୨ । ନିର୍ମଳ—2. Pure; clean. ୩ । ଅମିଶ୍ରିତ—
ବିଶୁଦ୍ଧତା } ବିଶେଷ୍ୟ 3. Unmixed; unadulterated.
ବିଶୁଦ୍ଧି } ୪ । ପାପରହିତ—4. Sinless.
୫ । ଅସଲ; ଖାଣ୍ଟି—5. Genuine. ୬ । ଭ୍ରମପ୍ରମାଦହୀନ—
6. Correct; free from error.

ବିଶୁଦ୍ଧ କବି—ଦେ. ବି ( ସଂ. ବିଶୁଦ୍ଧ+କବି )—ଶୁଦ୍ଧାଶୁଦ୍ଧଜ୍ଞ କବି—
Biśuddha kabi A poet who knows what is correct and what is incorrect. [ ଉ—ବିଶୁଦ୍ଧ କବି ହୋଇ ସେ କବି କାବ୍ୟରୁ, ଚିହ୍ନୋଥିଲେ ଦୂଷଣକୁ ଗୁଣ ପ୍ରକୃତୁ—ଉପେ. ବୈଦେହୀଶବିଳାସ ]

ବିଶୁଦ୍ଧ ଗଣିତ—ସଂ. ବି ( ବିଶୁଦ୍ଧ+ଗଣିତ ) ( ଅଧୁନିକ ପ୍ରୟୋଗ )—
Biśuddha ganita ଅମିଶ୍ର ଗଣିତ; ଗଣନାମାତ୍ରରେ ଅବସ୍ଥିତ ଗଣିତ ଶାସ୍ତ୍ର—Pure or higher mathematics. [ଦ୍ର—ବିଶୁଦ୍ଧ ଗଣିତରେ ପଦାର୍ଥ ସଙ୍ଗେ କୌଣସି ସମ୍ବନ୍ଧ ନ ରଖି କେବଳ ରାଶି ମାତ୍ର ନିରୂପଣ କରାଯାଏ । ]

ବିଶୁଦ୍ଧ ସୁବର୍ଣ୍ଣ—ସଂ. ବି ( ବିଶୁଦ୍ଧ+ସୁବର୍ଣ୍ଣ )—ଖାଣ୍ଟି ସୁନା—
Biśuddha subarnna Pure gold.

ବିଶୁଦ୍ଧ ପ୍ରେମ—ସଂ. ବି ( କର୍ମଧା; ବିଶୁଦ୍ଧ+ପ୍ରେମ )—୧ । ଯେଉଁ
Biśuddha prema ପ୍ରେମରେ ପାଶବିକତାର ସତ୍ତା ନାହିଁ—
(ବିଶୁଦ୍ଧ ପ୍ରଣୟ—ଅନ୍ୟରୂପ) 1. Pure love; love which has no carnality in it ୨ । ନିଷ୍କାମ ବା ନିଃସ୍ୱାର୍ଥ ପ୍ରେମ—2. Unselfish love. ଦେ. ବି ( ବ୍ୟଙ୍ଗ )—ଯେଉଁ ପ୍ରେମ ସମାଜବନ୍ଧନ ବା ସାମାଜିକ ନିୟମକୁ ମାନେ ନାହିଁ—( ironical ) Love untramelled by the rules and restraints of society.

ବିଶୁଦ୍ଧି—ସଂ. ବି ( ବି+ଶୁଦ୍ଧି )—୧ । ନିର୍ମଳତା—1. Cleanliness.
Biśuddhi ୨ । ପବିତ୍ରତା—2. Purity; holiness. ୩ । ପବିତ୍ରୀକରଣ—3. Purification. ୪ । ଶୋଧନ; ସଂଶୋଧନ—4. Correction. ୫ । ପ୍ରାୟଶ୍ଚିତ୍ତଦ୍ୱାରା ଶୁଦ୍ଧି—5. Expiation. ୬ । କୌଣସି ବସ୍ତୁ ସଙ୍ଗେ ଅନ୍ୟ ବସ୍ତୁ ମିଳି ନ ଥିବା ଅବସ୍ଥା—6. The state of a thing being unadulterated or unmixed.-

ବିଶୁଳ(ଳି)ପାତି—ଦେ. ବିଣ—୧ । ବିଶଳପାତି (ଦେଖ)—1. Biśala
Biśula(li)pāti pāti (See) ୨ । ଆଦେଶ ଲଙ୍ଘନକାରୀ—
2. Disregarding or disobeying orders.

୩ । ବିଶ୍ୱାସଘାତକ—3. Perfidious ୪ । ବିଷପ୍ରୟୋଗ ଦ୍ୱାରା ହତ୍ୟାକାରୀ—4. Killing people by poisoning. ଦେ. ବି—୧ । ବିଷ ଆଦି ପ୍ରୟୋଗଦ୍ୱାରା ହତ୍ୟାକାରୀ ବ୍ୟକ୍ତି—1. A poisoner. ୨ । ବିଷ ପ୍ରୟୋଗଦ୍ୱାରା ହତ୍ୟା—2. Killing people or animals by administering poison. ( ଉ—ଗୋହତ୍ୟା, ବ୍ରହ୍ମହତ୍ୟାମାନ, ବିଶୁଳପାତି ସୁରାପାନ—ପ୍ରାଚୀ. ଯଶୋବନ୍ତ. ପ୍ରେମଭକ୍ତି ବ୍ରହ୍ମଗୀତା )

ବିଶୁଷ୍କ—ସଂ. ବିଣ ( ବି+ଶୁଷ୍ ଧାତୁ=ଶୁଷ୍କ ହେବା+କର୍ତ୍ତୃ. ତ )—
Biśushka ୧ । ନୀରସ—1. Sapless. ୨ । ଶୁଷ୍କ—2. Dry.
( ବିଶୁଷ୍କତା—ବିଶେଷ୍ୟ ) ୩ । ମ୍ଳାନ—3. Faded; pale.
୪ । ମଉଳି ଯାଇଥିବା—4. Withered.

ବିଶୃଙ୍ଖଳ—ସଂ. ବିଣ. ( ବହୁବ୍ରୀହି; ବି= ନାହିଁ+ଶୃଙ୍ଖଳା=ଶିକୁଳି )—
Biśrunkhala ୧ । ଦୁର୍ଦ୍ଦାନ୍ତ—1. Indomitable. ୨ ।
(ବିଶୃଙ୍ଖଳା—ସ୍ତ୍ରୀ) ଯାହାର ଶୃଙ୍ଖଳ ବା ବନ୍ଧନ ଛିଣ୍ଡି ଯାଇଅଛି—
(ବିଶୃଙ୍ଖଳତା—ବି) 2. Unfettered. ୩ । ଅବାଧ୍ୟ—3. Insubordinate; recalcitrant. ୪ । ଉଚ୍ଛୃଙ୍ଖଳ—4. Disorderly. ୫ । ଅନିୟମିତ—5. Irregular. ୬ । ଗୋଳମାଳିଆ; ଅବ୍ୟବସ୍ଥିତ—6. Confused; disorganised.

ବିଶୃଙ୍ଖଳା—ସଂ.ବି.(ବି+ଶୃଙ୍ଖଳା)—୧ । ଅନିୟମ—1. Irregular-
Biśrunkhalā ity. ୨ । ନିୟମାଭାବ—2. Want of discipline; anomaly. ୩ । ଗଣ୍ଡଗୋଳ—2. Confusion. ସଂ. ବିଣ. ସ୍ତ୍ରୀ—ବିଶୃଙ୍ଖଳର ସ୍ତ୍ରୀଲିଙ୍ଗ—Feminine of Biśrunkhala.

ବିଶେଇ—ଦେ. ବି—ବିଶୋଇ ( ଦେଖ )
Biśei Biśoi ( See )

ବିଶେଇ ଟେଣ୍ଡ୍କି—ପ୍ରାଦେ. (ବସ୍ତର) ବି—ଝିଟିପିଟି—
Biśei tend-ki House lizard.

ବିଶେଷ—ସଂ. ବି. (ବି+ଶିଷ୍ ଧାତୁ=ବିଶେଷ କରିବା+ଭାବ. ଅ)—
Biśesha ୧ । ପ୍ରଭେଦ—1. Difference; distinction. (ଉ—ତାଙ୍କ ଆମ୍ଭ ମଧ୍ୟେ ବିଶେଷ କି ରହିଲା । କୃଷ୍ଣସିଂହ. ମହାଭାରତ. ଆଦି ) ୨ । ପ୍ରକାର; ରକମ—2. Kind; sort; species. ୩ । ନିୟମ—3. Rule; regulation. ୪ । ପ୍ରାକୃତିକ ନିୟମ—4. Law of nature. ୫ । ବୈଚିତ୍ର୍ୟ—5. Variety. ୬ । ବ୍ୟକ୍ତି—6. Person. ୭ । ସାର—7. Essence; pith; substance. ୮ । ତାରତମ୍ୟ; ବୈଲକ୍ଷଣ୍ୟ—8. The state of being more or less; dissimilarity. ୯ । ଆଧିକ୍ୟ—9. Abundance; excess. ୧୦ । ଅବୟବ—10. Limb. ୧୧ । ଦ୍ରଷ୍ଟବ୍ୟ ବସ୍ତୁ—11. A thing worth seeing. ୧୨ । କପାଳର ତିଳକ—12. Marks painted on the forehead indicating a

person's sect. ୧୩ । ଉଲ୍ଲେଖଯୋଗ୍ୟ ବସ୍ତୁ ବା ବିଷୟ—13. A thing or matter worth mentioning. ୧୪ । ସ୍ମରଣୀୟ ବିଷୟ—14. Memorable matter. ୧୫ । ବିଶିଷ୍ଟତା;ଅସାଧାରଣତା—15. Peculiarity. ୧୬ । ବ୍ୟକ୍ତିଗତ ବିଶିଷ୍ଟତା—16. Individuality. ୧୭ । କୌଣସି ଶ୍ରେଣୀର ବା ଜାତିର ଏକତମ ବ୍ୟକ୍ତି ବା ବସ୍ତୁ—17. One of a class or species. ( ଯଥା; ବ୍ୟାଘ୍ର—ହିଂସ୍ର ଜନ୍ତୁବିଶେଷ; ଇଂଲଣ୍ଡ—ଦେଶବିଶେଷ; ଆମ୍ର—ବୃକ୍ଷବିଶେଷ; କେତକୀ—ପୁଷ୍ପବିଶେଷ ) ୧୮ । କାବ୍ୟର ଅଳଙ୍କାର ବିଶେଷ—18. A figure of speech. [ଦ୍ର—ଯଦି ଅଧେୟ ବସ୍ତୁ ଆଧାରଶୂନ୍ୟ ହୁଏ, କିମ୍ବା ଏକ ବସ୍ତୁ ଅନେକଙ୍କର ଗୋଚର ହୁଏ ଓ ଯଦି କୌଣସି କାର୍ଯ୍ୟ କରିବାରୁ କରାଯାଏ, ତେବେ ଏହି ଅଳଙ୍କାର ହୁଏ ।] ୧୯ । କଣାଦଙ୍କର ବୈଶେଷିକ ଦର୍ଶନରେ ସ୍ୱୀକୃତ ପଦାର୍ଥ—19. Name of a form of matter according to the Baiseshika philosophy. ୨୦ । ଜ୍ଞାତବ୍ୟ ବିଷୟ—20. A matter worth knowing. ( ଉ—କାହିଁ ଅଇଲ କେଉଁ ଦେଶ, ନ ଜାଣି ଅଛୁଁ ବିଶେଷ । ଜଗନ୍ନାଥ. ଭାଗବତ) ବି. ବିଣ—୧ । ବିଶିଷ୍ଟ—1. Peculiar. ୨ । ଉତ୍କୃଷ୍ଟ—2. Excellent. ୩ । ଭିନ୍ନ—3. Separate. ୪ । ଅତ୍ୟନ୍ତ; ଅଧିକ; ବହୁତ—4. Excessive; too much. (ଉ—ତେବେହି ଗ୍ରାମ ଧନ ଦେବି ମୁଁ ବିଶେଷ । କୃଷ୍ଣସିଂହ. ମହାଭାରତ. ବନ ] ୫ । ବିଶେଷଜ୍ଞ; ପାରଙ୍ଗମ—5. Expert or versed in a particular branch of learning. (ଉ—ଅଷ୍ଟାବକ୍ର ବୋଇଲେ ବେଦେ ମୁଁ ବିଶେଷ । କୃଷ୍ଣସିଂହ. ମହାଭାରତ. ବନ )

ବିଶେଷକ—ସଂ. ବିଣ. [ ବି+ଶିଷ୍ ଧାତୁ, ଣିଜନ୍ତ ଶେଷି ଧାତୁ+ Biseshaka କର୍ତ୍ତୃ. ଅକ)—୧ । ପ୍ରଭେଦକାରକ—1. Differentiating; distinctive. ୨ । ବିଶେଷକାରକ—2. Particularising; characteristic. ସଂ. ବି—୧ । ତିଳକ ବୃକ୍ଷ ବା ତମାଲ ବୃକ୍ଷ; ଏକପ୍ରକାର କେନ୍ଦୁଗଛ—1. A kind of Diospyrus Tomentosa (tree). ୨ । କପାଳର ତିଳକ—2. Sectarian marks painted on the forehead. ୩ । ଏକକ୍ରିୟାଯୁକ୍ତ ଶ୍ଳୋକତ୍ରୟ—3. Three stanzas or slokas governed by a single verb.

ବିଶେଷକଚ୍ଛେଦ୍ୟ—ସଂ. ବି—ଚତୁଃଷଷ୍ଟି କଳାନ୍ତର୍ଗତ ଷଷ୍ଠ କଳା— Biseshaka chchhedya One of 64 fine arts specified in the Hindu works on art.

ବିଶେଷ କାମ—ଦେ. ବି—୧ । ବିଶିଷ୍ଟ କାର୍ଯ୍ୟ—1. A particular Bisesha kāma work. ୨ । ଜରୁରି କାମ—2. Urgent (ବିଶେଷ କାର୍ଯ୍ୟ—ଅନ୍ୟରୂପ) work. ୩ । ଯେଉଁ କାର୍ଯ୍ୟରେ ଫୁରୁସତ୍ ମିଳେ ନାହିଁ—2. A work admitting of no leisure. ୪ । ବହୁତ ବା ଅଧିକ କାର୍ଯ୍ୟ— বিশেষ কাজ विशेष काम Extra or excessive work.

ବିଶେଷ ଗୁଣ—ଦେ. ବି—ଅନନ୍ୟସାଧାରଣ ଗୁଣ—Peculiar or Bisesha guṇa বিশেষ গুণ special quality.

ବିଶେଷଜ୍ଞ—ସଂ. ବିଣ (ବିଶେଷ+ଜ୍ଞା ଧାତୁ=ଜାଣିବା+କର୍ତ୍ତୃ. ଅ)— Biseshajña ୧ । ଅଭିଜ୍ଞ—1. Experienced. ୨ । ସୁପଣ୍ଡିତ—(ବିଶେଷଜ୍ଞା—ସ୍ତ୍ରୀ) 2. Very learned. ୩ । କୌଣସି ବିଷୟରେ [ବିଶେଷଜ୍ଞତା—ବି] ବିଶିଷ୍ଟ ଜ୍ଞାନ ଥିବା (ବ୍ୟକ୍ତି)—3. (a person) Having expert knowledge. ଦେ. ବି—କୌଣସି ବିଦ୍ୟାରେ ବା କଳାରେ ବିଶିଷ୍ଟ ଜ୍ଞାନବାନ୍ ବ୍ୟକ୍ତି An expert.

ବିଶେଷ ଜ୍ଞାନ—ଦେ. ବି—କୌଣସି ବିଦ୍ୟା ବା କଳା ସମ୍ବନ୍ଧେ ବିଶିଷ୍ଟ Bisesha jñāna ବା ଗଭୀର ଜ୍ଞାନ—Expert knowledge.

ବିଶେଷଣ—ସଂ. ବି—(ବି=ସମ୍ୟକ୍+ଶିଷ୍ ଧାତୁ=ବୋଧ କରିବା+ Biseshaṇa କରଣ. ଅନ)—୧ । ପ୍ରଭେଦକାରକ ଗୁଣ ବା କ୍ରିୟା—1. A distinguishing quality or act; attribute; predicate. ୨ । ବିଶିଷ୍ଟ ଚିହ୍ନ—2. A characteristic sign or mark. [ଉ—ସେ ହରି ଅସ୍ମଜ୍ଞାନ ଯେନ, ତହିଁଟ ନାହିଁ ବିଶେଷଣ । ଜଗନ୍ନାଥ ଭାଗବତ ।] ୩ । ଉପାଧି—3. Title. ୪ । (ବ୍ୟାକରଣ) ବିଶେଷ୍ୟର ଗୁଣ ବା ଅବସ୍ଥା ପ୍ରକାଶକ ପଦ—4. (grammar) An adjective. [ଦ୍ର-ବିଶେଷଣ ୩ପ୍ରକାର ଯଥା- (୧) ବିଶେଷ୍ୟର ବିଶେଷଣ ଯଥା—ମିଷ୍ଟ ଫଳ, (୨) ବିଶେଷଣର ବିଶେଷଣ ଯଥା—ପରମ ଧାର୍ମିକ, (୩) କ୍ରିୟାର ବିଶେଷଣ ଯଥା—ଶୀଘ୍ର ଯାଉଅଛି ।]

ବିଶେଷତଃ—ସଂ. ଅ (ବିଶେଷ+ତସ୍)—ବିଶିଷ୍ଟ ରୂପେ—Specially. Biseshatah [ଉ—ବିଶେଷତ ସୁଭଦ୍ର ଶ୍ରୀଗ୍ରାମ କଣ୍ଠାଗ୍ରପାଟେ ଦେ (ବିଶେଷତ—ଦେଶଜରୂପ) ଉଞ୍ଜ. ବୈଦେହୀଶବିଳାସ ।]

ବିଶେଷତା(ତ୍ୱ)—ସଂ. ବି [ବିଶେଷ+ଭାବାର୍ଥେ. ତା (ତ୍ୱ)]—୧ । Biseshatā (twa) ବିଶିଷ୍ଟତା—1. Peculiarity. ୨ । ବ୍ୟକ୍ତିତ୍ୱ—2. Individuality.

ବିଶେଷ ବିଧି—ସଂ. ବି ( ବିଶେଷ+ବିଧି )—ସାଧାରଣ ବିଧାନର Bisesha bidhi ଅପବାଦକ ବିଧାନ; କୌଣସି ନିର୍ଦ୍ଦିଷ୍ଟ ବିଷୟ (ବିପରୀତ—ସାମାନ୍ୟ ବିଧି) ନିମନ୍ତେ ରଚିତ ସ୍ୱତନ୍ତ୍ର ବିଧି—Special rule; a rule which qualifies or does not follow a general rule.

ବିଶେଷ ବୁଦ୍ଧି—ଦେ. ବି (ବିଶେଷ+ବୁଦ୍ଧି)—ପ୍ରଭେଦ ବୁଦ୍ଧି; ଏକାଧିକଙ୍କ Bisesha buddhi ମଧ୍ୟରେ ଜଣକୁ ଅନ୍ୟଠାରୁ ଉତ୍ତମରୂପେ ଦୃଷ୍ଟି କରିବାର ବିଚାର—Discrimination; differentiation. [ଉ—ମୋର ପୁତ୍ର ପାଣ୍ଡୁ ପୁତ୍ରଙ୍କର ଠାରେ, ବିଶେଷ ବୁଦ୍ଧି ମୋର ନ ଥିଲା କଦାଚରେ । କୃଷ୍ଣସିଂହ. ମହାଭାରତ ଆଦି ।]

**ବଶେଷ ଭାବରେ**—ଦେ. କ୍ରି. ବଣ—୧ । ସୂକ୍ଷ୍ମ ଭାବରେ; ତନ୍ନ ତନ୍ନ କର—
Biśesha bhābare 1. Minutely. ୨ । ବଶିଷ୍ଟ ରୂପରେ—
বিশেষ ভাবে 2. Particularly. ୩ । ବେଶି ପରମାଣରେ—
**विशेषतया** 3. Greatly; largely. ୪ । ଅତିରକ୍ତ ପରମାଣରେ—4. Excessively.
ବଶେଷରୂପେ, ବଶେଷ ପ୍ରକାରେ, ବଶେଷ ଭାବେ } ଅନ୍ୟରୂପ

**ବଶେଷା ବଶେଷି**—ଦେ. କ୍ରି. ବଣ—ବସ୍ତୃତ ଭାବରେ-Extensively.
Biśeshā biśeshi [ ଉ—ଲୋମଶ ବୋଇଲେ ତା ବଶେଷା ବଶେଷି, ଶୁଣିଲେ ସିନା ନୃପ ହେବ ତୁମ୍ଭେ ତୋଷୀ—କୃଷ୍ଣସିଂହ. ମହାଭାରତ ବନ ।]

**ବଶେଷି**—ଦେ. କ୍ରି. ବଣ (ପଦ୍ୟ) (ବଶେଷିବା କ୍ରିୟାର ଅସମାପିକାରୂପ;
Biśeshi କ୍ରି. ବଣ ରୂପେ ବ୍ୟବହୃତ )—ବଶିଷ୍ଟ ଭାବରେ;
বিশেষ ভাবে ବଶଦ ଭାବରେ—In detail; clearly. [ଉ—ଯାହା ଦେଖି ତୁମ୍ଭେ ଯାଉଛ ମହରଷି, କହବ ନଶ୍ଚେ ଏହା ତାହାଙ୍କୁ ବଶେଷି । କୃଷ୍ଣସିଂହ. ମହାଭାରତ ଆଦ ।]

**ବଶେଷିତ**—ସ. ବଣ (ବଶେଷ=ପ୍ରଭେଦ+ଜାତାର୍ଥେ. ଇତ, ବା ବ+
Biśeshita ଶିଷ୍ ଧାତୁ, ଣିଜନ୍ତ, ଶେଷି ଧାତୁ+କର୍ମ. ତ)—୧ । ଭେଦ କୃତ-1. Distinguished. ୨ । ଚହ୍ନିତ—2. Marked. ଦେ. ବଣ—ବଶେଷ; ଅତଶୟ—Very much. [ଉ—ବଲ୍କଲ ଭଲର ଯଥା ଉଷାସେ ରହଲା, ବଶେଷିତ ଅଭୁତ ଏ ସେ ସମାନେ ହେଲା—ଭଞ୍ଜ. ବୈଦେହୀଶବଲାସ ।]

**ବଶେଷିବା**—ଦେ. କ୍ରି (ପଦ୍ୟ) (ସ. ବଶେଷ)—୧ । ବଶଦ ଭାବରେ
Biśeshibā ବର୍ଣ୍ଣନା କରବା—1. To describe clearly
বিশেষা or in detail. [ଉ—ମହାଭାରତ ପୁରାଣେ ବ୍ୟାସରଷି,
**विशेषना** କରଛନ୍ତ ଜାଣ ବର୍ଣ୍ଣନା ବଶେଷି । କୃଷ୍ଣସିଂହ. ମହାଭାରତ ଆଦ ।] ୨ । (ସ. ବଶିଷ୍ୟତେ) ବଳବା; ଅନ୍ୟଠାରୁ ଅଧିକତର ହେବା—2 To exceed. [ ଉ—କୃଷ୍ଣ ମହମା ପରଶଂସି, ଏକଙ୍କୁ ଆରେକ ବଶେଷି । ଭୂପତ—ପ୍ରେମପଞ୍ଚାମୃତ ।] ୩ । ପ୍ରଭେଦ କରବା; ପୃଥକ୍ କରବା—3. To separate; to discriminate.

**ବଶେଷେ**—ଦେ. ଅ—ବଶେଷତଃ—Specially. [ ଉ—ବଶେଷେ
Biśeshe ବାଟ ଅତ ବାଳ, ଉକାଳ କଲ ଏ ସୁଅଳୀ । ଭୂପତ—
বিশেষতঃ ପ୍ରେମପଞ୍ଚାମୃତ ।]

**ବଶେଷୋକ୍ତି**—ସ. ବ (କର୍ମଧା; ବଶେଷ+ଉକ୍ତି)—କାବ୍ୟର ଅଳଙ୍କାର
Biśeshokti ବଶେଷ; (କାରଣ ଉପସ୍ଥିତ ଥିଲେ ମଧ୍ୟ ଯେଉଁଠାରେ ଉପଯୁକ୍ତ କାର୍ଯ୍ୟ ବା ଫଳ ଦେଖାଯାଏ ନାହିଁ ସେଠରେ ବଶେଷୋକ୍ତି ଅଳଙ୍କାର ହୁଏ)—A figure of speech where the effect is absent though the cause is present. [ଦ୍ର—ଉଦାହରଣ ଯଥା—ଶାସ୍ତ୍ରଜ୍ଞାନ ସତ୍ତ୍ୱେ ଜଡ଼, ଅନ୍ଧ ଚକ୍ଷୁ ଥାଇ, ହେଲେହେଁ ଜାଗ୍ରତ ଗାଢ଼ନଦ୍ରାଅଭଭୂତ, ଦରଣ୍ଡି ହୁଅନ୍ତି ଅହା ! ମହାଘୋର ତମେ, ପାପ ସତ୍ତ୍ୱେ, ମମତାର ଦୁଶ୍ଛେଦ୍ୟ ବନ୍ଧନେ । ରାଧାନାଥ (ମହାଯାତ୍ରା) ଭୁଲମଣି—ଅଳଙ୍କାର ତରଙ୍ଗିଣୀ ।]

**ବଶେଷ୍ୟ**—ସ. ବ (ବ+ଶିଷ୍ ଧାତୁ=ସମ୍ୟକ୍‌ରୂପେ ବୋଧ କରବା+
Biśeshya କର୍ମ. ଯ)—୧ । (ବ୍ୟାକରଣ) ଧର୍ମୀ; ଯେଉଁ ପଦଦ୍ୱାରା କୌଣସି ବ୍ୟକ୍ତିର ବା ବସ୍ତୁର-ବା ସ୍ଥାନର ବୋଧ ହୁଏ—1. (Grammar) Noun; a substantive; name of any person, place or thing. [ ଦ୍ର—ବସ୍ତୁ, ବ୍ୟକ୍ତି, ଜାତ, ଗୁଣ ଓ କ୍ରିୟାଭେଦରେ ବଶେଷ୍ୟ ପାଞ୍ଚ ପ୍ରକାର ।] ୨ । ଆଦ କାରଣ—2. The primary cause. ସ. ବଣ--୧ । ବଶିଷ୍ଟ ଗୁଣାଦଦ୍ୱାରା ପ୍ରଭେଦନୀୟ—1. Distinguishable by particular qualities. ୨ । ଅବଚ୍ଛେଦ୍ୟ—2. Limited. ୩ । ପ୍ରଧାନ—3. Chief; principal. ୪ । ଆଦମ; ଆଦ—4. Prior; primary. ୫ । ଶ୍ରେଷ୍ଠ; ଉତ୍କୃଷ୍ଟ—5. Excellent; superior.

**ବଶେହରୀ**—ଦେ. ସ୍ତ୍ରୀ (ସ. ବଷେଶ୍ୱରୀ)—୧ । ଦୁର୍ଗା ଠାକୁରାଣୀ—
Beśehari 1. A name of Durgā. ୨ । (ସ. ବଷହାରଣୀ)
বিশহরী ମନସା ଦେବୀ—2. Goddess Manasā (ଉ—ଅହ
**विखहरी** ମାଣିକ୍ୟ ବଶେହରୀ ସୁତ, ମାତା ଅଙ୍କାରୁ ଯେ; ମତ୍ତେ ମଞ୍ଚରେ ହୋଇଲେ ଜାତ ଯେ । ପ୍ରାଚୀ. ପ୍ରତାପ ଶଶିସେଣା)

**ବଶୋଇ**—ଦେ. ବ ୧ । (ପ୍ରାଚୀନ ଓଡ଼ିଆ) (ସ. ବଷୟୀ; ବଷୟପତ)—
Biśoi ମୁସଲମାନଙ୍କ ଅମଳରେ ବଣିକୁ ବା ବଶେରୁ ଖଜଣା ଆଦାୟକାରୀ ଓ ଶାସନକାର୍ଯ୍ୟରେ ଶାନ୍ତିରକ୍ଷକ କର୍ମଚାରୀ; ତାଲୁକା-ଚଉଧୁରୀ—1. Title of a collector of revenue of a Pergunna during the Mahomedan rule. [ ଦ୍ର—ମୁସଲମାନଙ୍କ ଅମଳରେ ବଶୋଇ ଓ ଖଣ୍ଡାଧିପତମାନଙ୍କୁ ତାଲୁକା-ଚଉଧୁରୀ ବୋଲାଯାଉଥିଲା ଓ ପାଇକ ସର୍ଦ୍ଦାରଙ୍କୁ ଫଉଜଦାର କୁହାଯାଉଥିଲା ।] ୨ । ଦଳର ପ୍ରଧାନ ବ୍ୟକ୍ତି—2. The headman of a class. ( ଯଥା—ଗୁଡ଼ଅବଶୋଇ; କୁମ୍ଭାରବଶୋଇ ।) ୩ । ଖଣ୍ଡାଏତମାନଙ୍କ ଉପାଧି—3. A family-title of the Khaṇḍāetas.

**ବଶୋଇବା**—ଦେ. କ୍ରି—୧ । (ସ. ବଶ୍ରାମ)—ବଶ୍ରାମ କରବା—1. To
Biśoibā take rest. ୨ । (ବ+ସ୍ପୃଶ୍ ଧାତୁ)—ସ୍ପର୍ଶ କରବା—
জিরান **सुस्ताना** ছোঁআ **छूना** 2. To touch. [ଉ—ବାଟେ ସେ ବନରେ ପଡ଼ିଥିଲା ଦବ୍ୟ ଶିଳା, ବଶୋଇଁ ରାମ ଚରଣ ଲାଗି ସେ ଅବଳା । ଭଞ୍ଜ. ବୈଦେହୀଶବଲାସ)
মারা **लगना** ୩ । (ବଶ୍ ଧାତୁ=ପ୍ରବେଶ କରବା)—ଆଘାତ କରବା—3. To strike. [ଉ—ବଶୋଇଲା ସେ ଲକ୍ଷଣ ଅଙ୍ଗେ; ବଜ୍ରାନ ସେ ଯଥା ଛୁଇଁ ନାଗେ । ଭଞ୍ଜ. ବୈଦେହୀଶ ବଳାସ] । ୪ । ପ୍ରବେଶ କରବା—4. To enter. ୫ । ପହଞ୍ଚବା—5. To reach; to arriveat. ୬ । (ବ+ସମ୍+ଚ ଧାତୁ)—ସଞ୍ଚିତ କର ରଖିବା—6. To keep; to store up. ୭ । ପାଦତଳେ ପଡ଼ିବା; ଗୋଡ଼ ତଳେ ପଡ଼ିବା—7. To fall at another's feet in supplication.

[ଉ—ବିଶୋରି ଅନୁସରୁ, ଯନ୍ତ୍ରି ହୋଦଣ୍ଡଧାରୀ ପ୍ରଣଂସି କୋଲନ୍ତୁ ଆଦର । ଭଞ୍ଜ. ବୈଦେହୀଶବିଳାସ । ୭ । (ସ. ବିସ୍ମୃ **बिसारना** ବି+ସ୍ମୃ ଣ) ପାଶୋରିବା—7. To forget.

**ବିଶୋକ**—ସ. ବିଣ. ପୁ—(ବହୁବ୍ରୀହି; ବି=ନାହିଁ+ଶୋକ)—ଶୋକ-
Biśoka ରହିତ—Free from sorrow or grief.
(ବିଶୋକା—ସ୍ତ୍ରୀ) ସ. ବି—୨ । ଅଶୋକ ଗଛ—1. The Asoka tree.

**ବିଶୋକା**—ସ. ବି—(ବିଶୋକ+ଅ)—( ଯୋଗ ଶାସ୍ତ୍ର ) ଚିତ୍ତବୃତ୍ତି
Biśokā ବିଶେଷ—A state of mind in which one becomes free from grief.
[ଦ୍ର—ଏଥିରେ ମନୁଷ୍ୟ ଶୋକ ଯୋଗୁଁ ଉଦ୍‌ବିଗ୍ନ ହୁଏ ନାହିଁ ।]

**ବିଶୋଧକ**—ସ. ବିଣ. ପୁଂ [ବି+ଶୁଧ୍ ଧାତୁ (ଣିଚ)+କର୍ତ୍ତୃ. ଅକ]—
Biśodhaka (ବିଶୋଧିକା-ସ୍ତ୍ରୀ) ବିଶୁଦ୍ଧିକାରୀ—Puriffying.

**ବିଶୋଧ କରିବା**—ଦେ. କ୍ରି—(ସ. ବିଶୋଧନ)—ଋଣ ବିବାକ ଶୁଝି
Biśodha kariba ଦେବା; ପରିଶୋଧ କରିବା—To liquidate a debt.
শোধকরা **बिशोधकरना**

**ବିଶୋଧନ**—ସ. ବି—(ବି+ଶୋଧନ)—୧ । ବିଶୁଦ୍ଧୀକରଣ; ପବିତ୍ରୀ-
Biśodhana କରଣ—1. Purification; sanctification.
୨ । ସଂଶୋଧନ—2. Correction; rectification.
রোকসোদ ଦେ. ବି.—୧ । କୌଣସି ହିସାବର ଅନ୍ତିମ ନିଷ୍ପତ୍ତି—
**फारकती** 1. Final settlement of accounts. ୨ ।
রোকসোদ পাঁউতী ଋଣର ପୂର୍ଣ୍ଣ ପରିଶୋଧ—2. Liquidation
**फारकती रसिद्** of a debt. ୩ । ଋଣ ପରିଶୋଧ ହେବାର

ବିଶୋଧନ ପତ୍ର / ବିଶୋଧନ ପାଉତି / ବିଶୋଧନ —ଅନ୍ୟରୂପ

ପତ୍ରାବଳି ବା ସମାପ୍ତି ରସିଦ—3. A receipt of full satisfaction granted by a creditor to a debtor. ୪ । ଜମିଦାର ପ୍ରଜାଠାରୁ ନେଇଥିବା ବର୍ଷକ ଖଜଣାର ବର୍ଷର ହିସାବନିକାଶି ରସିଦ—4. A final rent-receipt granted by a landlord to a royat when the balance of a year's rent is paid in full.

**ବିଶୋଧନୀୟ**—ସ. ବିଣ—(ବି+ଶୁଧ୍ ଧାତୁ=ଶୋଧନ କରିବା+କର୍ମ.
Biśodhaniya ଅନୀୟ)—୧ । ପବିତ୍ରୀକରଣୀୟ – 1. Sanc-
( ବିଶୋଧ୍ୟ—ଅନ୍ୟରୂପ ) tifiable. ୨ । ସଂଶୋଧନୀୟ—
2. Corrigible.

**ବିଶୋଧିତ**—ସ. ବିଣ—( ବି+ଶୋଧିତ )—୧ । ପବିତ୍ରୀକୃତ—
Biśodhita 1. Sanctified. ୨ । ସଂଶୋଧିତ—
(ବିଶୋଧିତା—ସ୍ତ୍ରୀ) 2. Corrected, rectified.

**ବିଶୋଧିବା**—ଦେ. (ପଦ୍ୟ) କ୍ରି. (ସଂ. ବିଶୋଧନ)—୧ । ବିନାଶ କରିବା
Biśodhiba বিশোধা **विशोधना** 1. To destroy,
୨ । ବିଶୁଦ୍ଧ କରିବା—2. To purify. [ଉ—ବିଶୁଦ୍ଧ କବି ହୋଇ ସେ ବନ କାବ୍ୟରୁ ବିଶୋଧିଲେ ଦୂଷଣକୁ ଗ୍ରନ୍ଥରୁ । ଭଞ୍ଜ. ବୈଦେହୀଶବିଳାସ ।]

**ବିଶୋଧୀ**—ସଂ. ବିଣ. ପୁଂ - [ବି+ଶୁଧ୍ ଧାତୁ (ଣିଚ)=ଶୋଧି ଧାତୁ—
Biśodhī ନିର୍ମଳ ହେବା ବା କରିବା—କର୍ତ୍ତୃ. ଇନ୍; ବିଶୋଧିନ୍;
(ବିଶୋଧିନୀ—ସ୍ତ୍ରୀ) ୧ମା. ୧ବ]—ଶୋଧନକାରକ—
Purifying.

**ବିଶୋଭିବା**—ଦେ. କ୍ରି ( ପଦ୍ୟ ) ( ସ. ବି+ଶୋଭା )—ବିଶିଷ୍ଟ
Biśobhiba ରୂପେ ଶୋଭା ପାଇବା—To shine; to be
বিশোভা brilliant; to appear in glory. ( ଉ—
**शोभापाना** ବିଶୋଭଇ ଉତ୍କଣ୍ଠିକା ରମଣୀୟ ବେଶେ । ଚନ୍ଦ୍ରାମଣୀ—
ବିକ୍ରମାଦିତ୍ୟ । )

**ବିଶୋଷଣ**—ସ. ବି (ବି+ଶୁଷ୍ ଧାତୁ=ଶୁଷ୍କ ହେବା +ଭାବ ଅନ )—
Biśoshana ସମ୍ପୂର୍ଣ୍ଣରୂପେ ଶୋଷିନେବା; ଶୋଷଣ; ଶୁଷ୍କକରଣ
—Sucking up
(ବିଶୋଷଣୀୟ, ବିଶୋଷ୍ୟ. ବିଶୋଷିତ, ବିଶୋଷକ—ବିଣ)

**ବିଶ୍ୱେଦେବ**—ସ. ବି—ବିଶ୍ୱଦେବ ( ଦେଖ )
Biśwedeba Biśwadeba ( See )

**ବିଶ୍ୱେଶ**—ସ. ବି ( ୬ଷ୍ଠୀ ତତ୍; ବିଶ୍ୱ+ଈଶ )—୧ । ଶିବ—
Biśweśa 1. Śiba. ୨ । କାଶୀସ୍ଥ ବିଶ୍ୱନାଥ ନାମକ ଶିବ -
(ବିଶ୍ୱେଶ୍ୱର—ଅନ୍ୟରୂପ) 2. The name of the image of Śiba at Benares.

**ବିଶ୍ୱୌଷଧ**—ସ. ବି—ଶୁଣ୍ଠି—Dry ginger.
Biśwaushadha (ବିଶ୍ୱାହ୍ୱା—ଅନ୍ୟରୂପ)

**ବିଶ୍ରଣନ**—ସ. ବି ( ବି+ଶ୍ରଣ୍ ଧାତୁ=ଦାନ କରିବା+ଭାବ. ଅନ )—
Biśraṇana ୧ । ବିତରଣ; ଦାନ—1. Donation; bestowal. ୨ । ଭିକ୍ଷାଦାନ—2. Almsgiving.
୩ । ଦତ୍ତଭିକ୍ଷା—3. Alms. ୪ । ପାତ୍ରସାତ୍ କରଣ—
4. Consignment of a thing to the hands of a proper person.

**ବିଶ୍ରବଣ**—ଦେ. ବି ( ସ. ବୈଶ୍ରବଣ )—ବୈଶ୍ରବଣ; ଋଷି ବିଶେଷ—
Biśrabaṇa Name of a sage.

**ବିଶ୍ରବା**—ଦେ. ବି ( ସ. ବିଶ୍ରବସ୍ ଶବ୍ଦର ୧ମା. ୧ବ=ବିଶ୍ରବାଃ )—
Biśrabā ରାବଣର ପିତା—Name of the father of Rābaṇa. ( ଉ—ବିଶ୍ରବାଋଷିରୁ ବୈଶ୍ରବଣ ହେଲେ ଜାତ, ସୁଲକ୍ଷଣ ବୋଲି କୋଳେ ସେନ ଜଗନ୍ନାଥ । ବିଶ୍ୱନାଥ. ବିଚିତ୍ରରାମାୟଣ । )

**ବିଶ୍ରବାଃ**—ସ. ବି ( ବିଶ୍ରବସ୍ ; ବି=ନାହିଁ+ଶ୍ରବସ୍=କାନ ଯାହାର )—
Biśrabāḥ ଋଷିବିଶେଷ; ରାବଣର ପିତା—Name of a sage; father of Rābaṇa.

**ବିଶ୍ରବ୍ଧ**—ସ. ବିଣ. ପୁଂ ( ବି+ଶ୍ରମ୍ଭ୍ ଧାତୁ=ବିଶ୍ୱାସ କରିବା+କର୍ତ୍ତୃ.
Biśrabdha ତ )—୧ । ସାଧାରଣରେ ଅପ୍ରକାଶିତ—1.
(ବିଶ୍ରବ୍ଧା—ସ୍ତ୍ରୀ) 1. Confidential; private. ୨ ।
ବିଶ୍ୱସ୍ତ—2. Trusted. ୩ । ନିଃଶଙ୍କ—3. Fearless; free from dread or suspicion.
୪ । ବିଶ୍ରାନ୍ତ; ବିଗତଶ୍ରମ—4. Refreshed; rested.
୫ । ପ୍ରଶାନ୍ତ—5. Calm, tranquil. ୬ । ଦୃଢ଼—

6. Firm; strong. ୭ । ଗାଢ଼—7 Tight; ୮ । ଧୀର—8. Patient. ୯ । ନୀଚମନାଃ—9. Mean-minded. ୧୦ । ଅଧିକ; ଅତିରିକ୍ତ—10. Excessive.

**ବିଶ୍ରବ୍ଧ ବନ୍ଧୁ**—ସଂ. ବି ( କର୍ମଧା; ବିଶ୍ରବ୍ଧ+ବନ୍ଧୁ )—ବିଶ୍ୱସ୍ତ ମିତ୍ର—
Bisrabdha bandhu A trusted friend.

**ବିଶ୍ରବ୍ଧାଳାପ**—ସଂ. ବି ( କର୍ମଧା; ବିଶ୍ରବ୍ଧ+ଆଳାପ )—ବିଶ୍ୱାସପୂର୍ଣ୍ଣ କଥା; ବନ୍ଧୁଜନଙ୍କ ମଧ୍ୟରେ ଗୋପନୀୟ କଥାବାର୍ତ୍ତା
Bisrabdhālāpa —Confidential talk.

**ବିଶ୍ରମ**—ସଂ. ବି ( ବି+ଶ୍ରମ୍ ଧାତୁ=କ୍ଳାନ୍ତ ହେବା+ଭାବ. ଅ )—୧ । ବିରାମ—1. Stoppage; discontinuance. ୨ । ବିଶ୍ରାମ—2. Rest. ଦେ. ବିଣ—ବେଶରମ୍; ଲଜ୍ଜାହୀନ—Shame-less. ( ଉ—କଷ୍ଟଚଶମ ପାଇ ବିଶ୍ରମ ହେବାରୁ କେଉଁ କାର୍ଯ୍ୟ । ଗୀତକୃଷ୍ଣ. ରସକଲ୍ଲୋଳ । )
Bisrama

**ବିଶ୍ରମିବା**—ଦେ. କ୍ରି. ( ସଂ. ବିଶ୍ରାମ )—ବିଶ୍ରାମିବା; ବିଶ୍ରାମ ନେବା—
Bisramibā विश्रामा **विश्रमना** To take rest.

**ବିଶ୍ର(ସ୍ର)ମ୍ଭ**—ସଂ. ବି ( ବି+ଶ୍ରମ୍ଭ୍ ଧାତୁ=ବିଶ୍ୱାସ କରିବା+ଭାବ. ଅ )—୧ । ବିଶ୍ୱାସ; ପ୍ରତ୍ୟୟ—1. Confidence; trust. ୨ । ପ୍ରଣୟ—2. Love; attachment. ୩ । ସ୍ୱଚ୍ଛନ୍ଦ ବିହାର—3. Hilarity. ( ଉ—ମଧ୍ୟାହ୍ନେ ଅନ୍ଧାର ଜଣାଇ ଅଳକୁ, ଜନସୀମନ୍ତିନୀ ବିଶ୍ରମ୍ଭର ବନ୍ଧୁ । ରାଧାନାଥ ଚଇକା । ) ୪ । କେଳି କଳହ—4. Amatory quarrel. ( ଉ—ବିଶ୍ରମ୍ଭ ପଦର ଅଦର କର ହେ ସୁମନେ ଭାଳର । ଉଞ୍ଜ. ବୈଦେହୀଶବିଳାସ । )
Bisra(sra)mbha

**ବିଶ୍ର(ସ୍ର)ମ୍ଭାଳାପ**—ସଂ. ବି ( ବିଶ୍ରମ୍ଭ+ଆଳାପ )—୧ । ଦୁଇ ବନ୍ଧୁଙ୍କ ମଧ୍ୟରେ ଗୁପ୍ତ ବା ଏକାନ୍ତରେ କଥାଭାଷା—1. Confidential talk between 2 friends; a tete-a-tete. ୨ । ପ୍ରଣୟାଳାପ—2. Love-talk; a talk between lovers.
Bisra(sra)mbhālāpa

**ବିଶ୍ର(ସ୍ର)ମ୍ଭୀ**—ସଂ. ବିଣ. ପୁଂ ( ବିଶ୍ରମ୍ଭ+ଇନ୍ ଅସ୍ତ୍ୟର୍ଥେ; ବିଶ୍ରମ୍ଭିନ୍; ୧ମା. ୧ବ )—୧ । ଯାହାଠାରେ ବିଶ୍ୱାସ ବା ପ୍ରତ୍ୟୟ କରାଯାଇ ପାରେ; ବିଶ୍ୱସ୍ତ—1. Trustworthy; trusted. ୨ । ପ୍ରଣୟୀ—2. Loving; affectionate. ୩ । ପ୍ରିୟ—3. Dear; beloved. ୪ । ସୁପରିଚିତ—4. Familiar.
Bisra(sra)mbhi (ବିଶ୍ରମ୍ଭିଣୀ—ସ୍ତ୍ରୀ)

**ବିଶ୍ରାଣନ**—ସଂ. ବି ( ବି+ଶ୍ରଣ୍ ଧାତୁ ଣିଚ୍, ଶ୍ରାଣି ଧାତୁ=ଦାନ କରିବା +ଭାବ. ଅନ )—୧ । ବିଶ୍ରଣନ ( ଦେଖ )—1. Bisranana ( See ) ୨ । ଅନ୍ୟଦ୍ୱାରା ଦିଆଇବା 2. Causing another to give.
Bisrāṇana

**ବିଶ୍ରାଣିତ**—ସଂ. ବିଣ ( ବି+ଶ୍ରଣ୍ ଧାତୁ (ଣିଚ)+କର୍ମ ତ )—୧ । ପ୍ରଦତ୍ତ—1. Given away. ୨ । ବିତରିତ—2. Distributed.
Bisrāṇita

**ବିଶ୍ରାନ୍ତ**—ସଂ. ବିଣ—(ବି+ଶ୍ରମ୍ ଧାତୁ=କ୍ଳାନ୍ତ ହେବା+କର୍ତ୍ତୃ. ତ)—୧ । ବିଶ୍ରାମଯୁକ୍ତ—1. Rested. ୨ । ନିବୃତ୍ତ; ଶାନ୍ତ (ବିପରୀତ—ଅବିଶ୍ରାନ୍ତ) ବିରତ—2. Stopped; ceased.
Bisrānta

**ବିଶ୍ରାନ୍ତି**—ସଂ. ବି—( ବି+ଶ୍ରମ୍ ଧାତୁ=କ୍ଳାନ୍ତ ହେବା+ଭାବ. ତି )—୧ । ବିରାମ; ନିବୃତ୍ତି; ଶାନ୍ତି—1. Cessation; stoppage. ୨ । ଖେଦାପନୟନ; ଶ୍ରମାପନୟନ; ବିଶ୍ରାମ; ଆଳସ୍ୟ ମେଣ୍ଟାଇବା—2. Refreshment; recreation. ୩ । ପରିଶ୍ରମରୁ ଆରାମ ନେବା—3. Cessation from toil. ୪ । (+ଅଧି. ତି) ବିଶ୍ରାମ ଘାଟ; ତୀର୍ଥ ବିଶେଷ—4. Name of a sacred place of Hindu pilgrimage.
Bisrānti

**ବିଶ୍ରାବ**—ସଂ. ବି—(ବି+ଶ୍ରୁ ଧାତୁ=ଶୁଣିବା+କର୍ମ. ଅ)—୧ । ଖ୍ୟାତି; ପ୍ରସିଦ୍ଧି—1. Fame; renown; notoriety. ୨ । ଧ୍ୱନି—2. Sound; noise. ୩ । ଦ୍ରବବସ୍ତୁର କ୍ଷରଣ—3. Oozing; leaking of a liquid.
Bisrāb

**ବିଶ୍ରାମ**—ସଂ. ବି—( ବି+ଶ୍ରମ୍ ଧାତୁ=କ୍ଳାନ୍ତ ହେବା+ଭାବ. ଅ )—୧ । ବିରାମ; ନିବୃତ୍ତି—1. Cessation. ୨ । ଆରାମ; ଶ୍ରମାପନୋଦନ-2. Rest; recreation. ୩ । କାର୍ଯ୍ୟରୁ ଛୁଟି—3. Leave; vacation; recess. ୪ । ପରିଶ୍ରମ ପରେ କାର୍ଯ୍ୟରୁ ନିବୃତ୍ତି; ଶ୍ରମରୁ ବିରତି—4. Retiring from work; respite from toil. ୫ । ଫୁରସତ୍—5. Leisure. ୬ । କ୍ଷଣକାଳ ପାଇଁ ଶ୍ରମାପନୋଦନ 6. Taking temporary or brief rest. ୭ । ଶାରଦୀୟ ଦୁର୍ଗାପୂଜା ସମୟରେ ଆଶ୍ୱିନ ଶୁକ୍ଳ ସପ୍ତମୀଠାରୁ ନବମୀ ପର୍ଯ୍ୟନ୍ତ କୌଣସି ତିଥି ଯେବେ ଦୁଇ ଦିନରେ ପଡ଼େ, ତେବେ ତହିଁ ମଧ୍ୟରୁ ନବମୀର ପରବର୍ତ୍ତୀ ସେହି ଦିନରେ ଦୁର୍ଗାଙ୍କର ପୂଜାଦି ସ୍ଥଗିତ ରଖାଯାଏ—7 A day of rest or cessation of worship of Goddess Durga in the course of the 7th, 8th and 9th days of the bright lunar fortnight of the month of Āswina, if these 3 tithis cover a period of 2 days. ଦେ. ବି—ଭୂତ ପ୍ରେତ-ଆଦିଙ୍କର ଓ ଦେବଦେବୀଙ୍କର ମନୁଷ୍ୟ ଦେହରେ ବା ଗୃହାଦିରେ ଆବେଶ—Possession of a house or person by an evil spirit Deity.
Bisrāma

**ବିଶ୍ରାମ କରିବା**—ଦେ. କ୍ରି ( ସଂ. ବିଶ୍ରାମ )—୧ । ପରିଶ୍ରମ ପରେ ଆରାମ କରିବା—1. To take rest or rereation to take repose. ୨ । ଶ୍ରମାପନୋଦନ କରିବା—2. To refresh one's self. ୩ । ( ଭୂତପ୍ରେତାଦି ) ମନୁଷ୍ୟ ଶରୀରରେ ପ୍ରବେଶ କରିବା—3. To possess the body of a person. ( said of ghosts and evil spirits. ୪ । ( ଭୂତପ୍ରେତାଦି ) କୌଣସି ବୃକ୍ଷ ବା ସ୍ଥାନରେ ଅବସ୍ଥ-
Bisrāma karibā

ଛେଡ଼ିବା—4. To possess a tree, place or house (said of ghosts and evil spirits). ୫ । ଶୋଇବା—5. To sleep. ୬ । କୌଣସି ସ୍ଥାନରେ ଆଶ୍ରୟ ନେବା—6. To take shelter at a place.

**ବିଶ୍ରାମ କାରକ**—ସଂ. ବିଣ. (ବିଶ୍ରାମ+କାରକ)—ଯେ ବିଶ୍ରାମ କରୁଥାଏ ।
Bisrāma kāraka Taking rest; taking repose.
(ବିଶ୍ରାମକାରୀ—ଅନ୍ୟରୂପ)

**ବିଶ୍ରାମ କାଳ**—ସଂ. ବି. (୬ଷ୍ଠୀ ତତ୍; ବିଶ୍ରାମ+କାଳ)—୧ । ବିଶ୍ରାମ
Bisrāma kāḷa କରିବାର ସମୟ—1. The time of rest or recreation. ୨ । ଛୁଟି ସମୟ—2. Time of leave; vacation.

**ବିଶ୍ରାମ କୁଟୀର**—ସଂ. ବି. (ବିଶ୍ରାମ+କୁଟୀର)—ଯେଉଁ ଗୃହରେ ଶ୍ରାନ୍ତ
Bisrāma kuṭira ବ୍ୟକ୍ତିମାନେ ଆରାମ ପାଆନ୍ତି—Refreshment room; rest house; rest shed.
(ବିଶ୍ରାମଗୃହ, ବିଶ୍ରାମଭବନ, ବିଶ୍ରାମାଗାର, ବିଶ୍ରାମାଳୟ)—ଅନ୍ୟରୂପ ।

**ବିଶ୍ରାମ ଗ୍ରହଣ**—ସଂ. ବି—୧ । କାର୍ଯ୍ୟରୁ ସାମୟିକ ଛୁଟି ନେବା—
Bisrāma grahaṇa 1. Taking of leave from work. ୨ । ଚିରକାଳ ପାଇଁ କାର୍ଯ୍ୟରୁ ଅବସର ନେବା—2. Retirement from service.

**ବିଶ୍ରାମ ଘାଟ**—ସଂ. ବି. ( ବିଶ୍ରାମ+ଘାଟ )—କାଶୀ ନିକଟସ୍ଥ ଗଙ୍ଗା
Bisrāma ghāṭa କୂଳରେ ଥିବା ତୀର୍ଥବିଶେଷ—Name of a bathing place on the bank of the Ganges in Benares.

**ବିଶ୍ରାମ ଢାଳିବା**—ପ୍ରାଦେ. (ବାଲେଶ୍ୱର) କ୍ରି—(ଠାକୁର ଠାକୁରାଣୀଙ୍କର)
Bisrāma ḍhāḷibā କୌଣସି ମନୁଷ୍ୟ ଉପରେ ସାମୟିକ ଭାବରେ ଆବିର୍ଭୂତ ହେବା—To possess the soul of a person (said of a Deity).

**ବିଶ୍ରାମ ଦିନ**—ସଂ. ବି. ( ବିଶ୍ରାମ+ଦିନ )—୧ । ଯେଉଁ ଦିନ କାର୍ଯ୍ୟରୁ
Bisrāma dina ବିଶ୍ରାମ ନେବାକୁ ହୁଏ—1. Day of rest. ୨ । ଛୁଟି ଦିନ—2. Holiday. ୩ । (ଆଧୁନିକ ପ୍ରୟୋଗ) ଖ୍ରୀଷ୍ଟିଆନ୍-ମାନଙ୍କର ରବିବାର—3. Sabbath or Sunday of the Christians. [ ଦ୍ର—ଖ୍ରୀଷ୍ଟଧର୍ମଶାସ୍ତ୍ର ମତରେ ଭଗବାନ୍ ୬ ଦିନ କାଳ ପୃଥିବୀକୁ ସୃଷ୍ଟି କରିବାରେ ପରିଶ୍ରମ କରି ରବିବାର ଦିନ ବିଶ୍ରାମ ଗ୍ରହଣ କରିଥିଲେ । ]
(ବିଶ୍ରାମ ଦିବସ, ବିଶ୍ରାମ ବାର, ବିଶ୍ରାମ ବାସର—ଅନ୍ୟରୂପ)

**ବିଶ୍ରାମ ଦେବା**—ଦେ. କ୍ରି—୧ । କାର୍ଯ୍ୟରୁ ଛୁଟି ଦେବା—1. To
Bisrāma debā grant leave; to give rest. ୨ । ଆଶ୍ରୟ ଦେବା—2. To give shelter. ପ୍ରାଦେ. (ବାଲେଶ୍ୱର) କ୍ରି—ବିଶ୍ରାମ ଢାଳିବା ( ଦେଖ ) Bisrāma ḍhāḷibā (See)
বিশ্রাম দেওয়া **विश्राम देना**

**ବିଶ୍ରାମ ନେବା**—ଦେ. କ୍ରି—୧ । ଅଳସ ମେଣ୍ଟାଣ କରିବା; ଅଳସ
Bisrāma nebā ମେଣ୍ଟାଇବା—1. To take rest. ୨ । ଛୁଟି ଗ୍ରହଣ କରିବା—2. To rest. ୩ । ଛୁଟି ଗ୍ରହଣ କରିବା—3. To take leave. ୪ । ଆଶ୍ରୟ ନେବା—4. To take shelter.
বিশ্রাম লওয়া **विश्राम लेना**

**ବିଶ୍ରାମ ପାଇବା**—ଦେ. କ୍ରି—୧ । କାର୍ଯ୍ୟରୁ ଫୁରସତ୍ ପାଇବା—
Bisrāma pāibā 1. To have leisure from work. ୨ । ଛୁଟି ପାଇବା—2. To get leave; to be relieved from work. ୩ । ବିଶ୍ରାମ କରିବା—3. To take rest. ୪ । ଆଶ୍ରୟ ପାଇବା—2. To get shelter.
(ବିଶ୍ରାମ ପ୍ରାପ୍ତ ହେବା, ବିଶ୍ରାମ ଲଭିବା, ବିଶ୍ରାମ ଲାଭ କରିବା—ଅନ୍ୟରୂପ)
বিশ্রাম পাওয়া, বিশ্রাম লাভ করা **विश्राम पाना**

**ବିଶ୍ରାମ ମିଳିବା**—ଦେ. ବି—କାର୍ଯ୍ୟରୁ ବା ପରିଶ୍ରମରୁ ଅବସର ପ୍ରାପ୍ତି;
Bisrāma miḷibā ଅବସରଲାଭ—Getting rest; having rest after work.
বিশ্রাম মিলা **विश्राम मिलना**

**ବିଶ୍ରାମ ପ୍ରାପ୍ତି**—ସଂ.ବି. (୬ଷ୍ଠୀ ତତ୍; ବିଶ୍ରାମ+ପ୍ରାପ୍ତି)—୧ । ବିଶ୍ରାମ ନେବା-
Bisrāma prāpti 1. Taking rest. ୨ । ବିଶ୍ରାମ ଭୋଗ କରିବା—2. Enjoyment of rest. ୩ । ଆଶ୍ରୟପ୍ରାପ୍ତି—3. Getting of shelter. ୪ । ଛୁଟି ମିଳିବା—4. Getting of leave. ୫ । କାର୍ଯ୍ୟରୁ ବିଦାୟ ମିଳିବା—5. Retirement from service.
(ବିଶ୍ରାମ ଲାଭ—ଅନ୍ୟରୂପ)

**ବିଶ୍ରାମ ପ୍ରାର୍ଥନା(ନା)**—ସଂ. ବି—(ମ. ପ. ଲୋ, ବିଶ୍ରାମ+ପ୍ରାର୍ଥନା)—
Bisrāma prārthana(nā) ୧ । କାର୍ଯ୍ୟରୁ ଛୁଟି ପାଇବା ପାଇଁ ଅନୁନୟ—1. Application for getting leave; leave-application. ୨ । ପରିଶ୍ରମରୁ ବିଶ୍ରାମ ପ୍ରାପ୍ତି ନିମନ୍ତେ ଅନୁନୟ—2. Prayer for being allowed rest. ୩ । ଆଶ୍ରୟ ପ୍ରାର୍ଥନା—3. Prayer for being granted shelter.

**ବିଶ୍ରାମ ପ୍ରାର୍ଥୀ**—ସଂ. ବିଣ. ପୁଂ—(ବିଶ୍ରାମ+ପ୍ରାର୍ଥିନ୍; ୧ମା, ୧ବ)—
Bisrāma prārthi ଯେ ବିଶ୍ରାମ ପ୍ରାର୍ଥନା କରେ—Praying for leave or rest.
(ସ୍ତ୍ରୀ—ବିଶ୍ରାମ ପ୍ରାର୍ଥିନୀ)

**ବିଶ୍ରାମାର୍ଥୀ**—ସଂ. ବିଣ. ପୁଂ—(ବିଶ୍ରାମ+ଅର୍ଥ ଧାତୁ+କର୍ତ୍ତୃ. ଅନ୍)—
Bisrāmārthi ୧ । ବିଶ୍ରାମ ଲାଭ କରିବା ନିମନ୍ତେ ଇଚ୍ଛୁକ—1. Wishing to take rest. ୨ । ବିଶ୍ରାମପ୍ରାର୍ଥୀ—2. Praying for shelter or leave.
(ସ୍ତ୍ରୀ—ବିଶ୍ରାମପ୍ରାର୍ଥିନୀ)

**ବିଶ୍ରାମିବା**—ଦେ. କ୍ରି (ପଦ୍ୟ) (ସଂ. ବିଶ୍ରାମ)—୧ । ବିଶ୍ରାମ କରିବା;
Bisrāmibā ଅଳସ ମେଣ୍ଟାଇବା—1. To take rest. [ଦ୍ର—ବିଶ୍ରାମନ୍ତେ ବଳିଭୁରେ ବଢେ ନରେ ବନରେ ଉଠିବା ପୁର । ଉପ. ବୈଦେହୀଶବିଳାସ ] ୨ । (ଭୂତ ପ୍ରେତ ଓ ଦେବତା ଆଦି) ମନୁଷ୍ୟ
বিশ্রামা **विश्रामना**

ଅଙ୍ଗକୁ ଆଶ୍ରୟ କରିବା—2. To possess (said of ghosts and evil spirits and Deities). [ ଉ—ବୋଲନ୍ତି ଭୂତ ଭ୍ରମାଇଲା; କେହି ଦେବତା ବିଶ୍ରାମିଲା । ରୂପଭି—ପ୍ରେମପଞ୍ଚାମୃତ ] । ୩ । କିଛିକାଳ ପାଇଁ ଆଶ୍ରୟ ନେବା—3. To take shelter for a time.

ବିଶ୍ରି—ସଂ. ବି.—ମୃତ୍ୟୁ (ହ୍ର. ଶ)—
Bisri Death.

ବିଶ୍ରିଗନ୍ଧ—ଦେ. ବିଣ—(ସଂ. ବିସ୍ର=ଚିତାଧୂମରୁ ଉଠିବା ଗନ୍ଧ)—ଅତି
Bisri gandha ଦୁର୍ଗନ୍ଧ—very offensive smell.
বিশ্রী গন্ধ বিশ্রী গন্ধ

ବିଶ୍ରୀ—ସଂ. ବିଣ (ବହୁବ୍ରୀହି; ବି=ନାହିଁ+ଶ୍ରୀ=ଶୋଭା)—୧ । ଶ୍ରୀହୀନ,
Bisri ଶ୍ରୀଭ୍ରଷ୍ଟ; ହତଶ୍ରୀ—1. Shorn of beauty. ୨ । କୁତ୍ସିତ—2. Depraved; ugly. ୩ । ବିଦାକାର; ଅସୁନ୍ଦର; ପରପଞ୍ଚ; କୁରୂପ—3. Deformed. ୪ । ଅତି-ନୀଚ—4. Very low; mean. ୫ । ହତଭାଗ୍ୟ—5. Unfortunate; ill fated; luckless.

ବିଶ୍ରୁତ—ସଂ. ବିଣ—(ବି+ଶ୍ରୁ ଧାତୁ=ଶୁଣିବା+କର୍ମ. ତ)—୧ ।
Bisruta ୧ । ବିଖ୍ୟାତ; ପ୍ରସିଦ୍ଧ—1. Famous; famed; celebrated. ୨ । ଧ୍ୱନିତ—2. Sounded; resounded. ୩ । ଜ୍ଞାତ—3. Known. ୪ । ହୃଷ୍ଟ—4. Gladdened; merry.

ବିଶ୍ରୁତ କୀର୍ତ୍ତି—ସ. ବିଣ. ( ବହୁବ୍ରୀହି; ବିଶ୍ରୁତ+କୀର୍ତ୍ତି)—ଯାହାର କୀର୍ତ୍ତି
Bisruta kirtti (ସର୍ବତ୍ର) ଶୁଣାଯାଏ—Well known or
(ବିଶ୍ରୁତଯଶାଃ—ଅନ୍ୟରୂପ)— celebrated for his actions.

ବିଶ୍ରୁତି—ସ. ବି—(ବି+ଶ୍ରୁ ଧାତୁ=ଶୁଣିବା+ଭାବ. ତି)—୧ । ଖ୍ୟାତି,
Bisruti ପ୍ରସିଦ୍ଧି—1. Fame; renown; celebrity. ୨ । ଦ୍ରବ ପଦାର୍ଥର କ୍ଷରଣ—2. Oozing of any liquid. ୩ । ସ୍ରୋତଃ—3. Current.

ବିଶ୍ଳଥ—ସ. ବି—(ବି+ଶ୍ଳଥ୍ ଧାତୁ=ଶିଥିଳ ହେବା+କର୍ତ୍ତୃ. ଅ)—
Bislatha ୧ । ଢିଲା; ଢିଲ—1. Loose; slack. ୨ । ଶିଥିଳୀକୃତ—2. Slackened [ଉ—ବିଶ୍ଳଥ ହୋଇଛିରେ, ବାସ ପିନ୍ଧି ଥାଉ ପଚ୍ଚ କାଛ—ବିବସ୍ୱତ୍—ବିଶୋଭା ଚମ୍ପୂ ବ ଗୀତ ] ୩ । କୁଞ୍ଚିତ (ଚର୍ମ)—3. Wrinkled (skin).

ବିଶ୍ଳିଷ୍ଟ—ସଂ. ବିଣ—(ବି+ଶ୍ଳିଷ୍ ଧାତୁ=ସଂଯୁକ୍ତ ହେବା+କର୍ତ୍ତୃ. ତ)—
Bislishta ୧ । ବିଯୁକ୍ତ; ବିଚ୍ଛିନ୍ନ—1. Separated. ୨ । ବିଭିନ୍ନ—2. Distinct; disconnected; separate. ୩ । ବିମୁକ୍ତ—3. Released; liberated. ୪ । ଅସଂଯୁକ୍ତ—4. Unconnected. ୫ । ୫ । ବିକଶିତ; ପ୍ରକାଶିତ; ପ୍ରସ୍ଫୁଟିତ—5. Expanded; blown; revealed; manifested. ୬ । ଯହିଁରୁ ବିଭିନ୍ନ ଉପାଦାନମାନ ପୃଥକ୍ କରାଯାଇ ଥାଏ—6. Analysed. ୭ । ଶିଥିଳୀକୃତ—7. Slackened; loosened; relaxed.

ବିଶ୍ଳେଷ—ସ. ବି.—(ବି+ଶ୍ଳିଷ୍ ଧାତୁ=ସଂଯୁକ୍ତ ହେବା+ଭାବ. ଅ)—
Bislesha ୧ । ବିଚ୍ଛେଦ; ବିଯୋଗ—1. Separation; disjunction. ୨ । ପ୍ରକାଶ; ବିକାଶ—2. Expansion; manifestation ୩ । ଶୈଥିଲ୍ୟ—3. Slackness; relaxation; dilatoriness. ୪ । ବିଭାଗ; ବସ୍ତୁର ବିଭିନ୍ନ ଉପାଦାନମାନଙ୍କର ପୃଥଗ୍ଭାବ—4. Analysis. ୫ । ବିରାଗ—5. Disgust; disrelish; apathy; unconcern.

ବିଶ୍ଳେଷଣ—ସ. ବି—(ବି+ଶ୍ଳିଷ୍ ଧାତୁ=ସଂଯୁକ୍ତ ହେବା+ଭାବ. ଅନ)
Bisleshana କୌଣସି ଯୌଗିକ ପଦାର୍ଥର ଭିନ୍ନ ଭିନ୍ନ ଉପାଦାନର ପୃଥକ୍‌କରଣ—Analysis of the different components of a compound.

ବିଶ୍ଳେଷଣ କରିବା—ଦେ. କ୍ରି—ପଦାର୍ଥର ଭିନ୍ନ ଭିନ୍ନ ଉପାଦାନକୁ ପୃଥକ୍
Bisleshana kariba କରିବା—To analyse.
বিশ্লেষণ করা বিশ্লেষণ করনা

ବିଶ୍ଳେଷଣ କ୍ରିୟା—ସ. ବି—(ବିଶ୍ଳେଷଣ+କ୍ରିୟା )—ଯୌଗିକ ପଦାର୍ଥର
Bisleshana kriya ବିଭିନ୍ନ ଉପାଦାନମାନଙ୍କର ପୃଥକ୍‌କରଣ
(ବିଶ୍ଳେଷଣ ପ୍ରକ୍ରିୟା—ଅନ୍ୟରୂପ) ପ୍ରଣାଳୀ—The operation of chemical analysis

ବିଶ୍ୱ—ସ. ବି.—(ବିଶ୍ ଧାତୁ=ପ୍ରବେଶ କରିବା+ଅଶ୍ୱ (ସଂଜ୍ଞାର୍ଥେ) ବି—
Biswa ୧ । ସୃଷ୍ଟି; ବ୍ରହ୍ମାଣ୍ଡ; ଜଗତ୍—1. The creation; the universe. ୨ । ଗଣଦେବତାବିଶେଷ—2. Ten groups of Deities. [ଦ୍ର—ଏମାନେ ସଂଖ୍ୟାରେ ୧୦; ବସୁ, ସତ୍ୟ, କ୍ରତୁ, ଦକ୍ଷ, କାଳ, କାମ ଧୃତି, କୁରୁ, ପୁରୁରବାଃ ଓ ମାଦ୍ରବ ।] ୩ । (ବେଦାନ୍ତ) ବ୍ରହ୍ମାଣ୍ଡର ସମସ୍ତ ଜଡ଼ ଶରୀରରେ ବିଦ୍ୟମାନ ଚୈତନ୍ୟ—3. The consciousness pervading all the material beings of the universe ୪ । ବିଶ୍ୱକର୍ମା—4. The Divine architect of the creation. ୫ । ପରିମାଣବିଶେଷ; ଏକ ଛଟାଙ୍କି; ଏକ ବିଶ୍ୱା—5. A unit of measure or weight ୬ । ଆତ୍ମା—6. The soul (Apte). ୭ । ନାଗର-7. A citizen (Apte). ସ. ବିଣ—୧ । ସମୁଦାୟ; ସମସ୍ତ—1. All; whole. ୨ । ସମଗ୍ର ବ୍ରହ୍ମାଣ୍ଡ-ସମ୍ବନ୍ଧୀୟ—2. Univeasal.

ବିଶ୍ୱକ୍-ସେନ—ସ. ବି—(ବହୁବ୍ରୀହି; ବିଶ୍ୱକ୍=ସର୍ବବ୍ୟାପୀ+ସେନା)—
Biswak-sena ୧ । ବିଷ୍ଣୁ—1. Bishnu. ୨ । (ନାମ)
(ବିଷ୍ୱକ୍‌ସେନ—ଅନ୍ୟରୂପ) ତ୍ରୟୋଦଶ ମନୁ; ମନୁଙ୍କର ତ୍ରୟୋଦଶ ପୁରୁଷର ଜନ୍ମ ବଂଶଧର—2. The name of the descendant of Manu in the 13th generation. ୩ । ବିଷ୍ଣୁଙ୍କର ନିର୍ମାଲ୍ୟବଳିଗ୍ରାହୀ ଦେବ—3. A Deity who gets a portion of the food after it is offered to Bishnu.

ବିଶ୍ୱକ୍‌ସେନା—ସଂ. ବି. ସ୍ତ୍ରୀ—( ବିଶ୍ୱକ୍‌ସେନ+ସ୍ତ୍ରୀ. ଆ )—ପ୍ରିୟଙ୍ଗୁ ଲତା, Biśwak-senā Aglaia Roxburghiana (creeper).

ବିଶ୍ୱକଦ୍ରୁ—ସଂ. ବିଣ—( ବିଶ୍ୱ+କ+ଦ୍ରୁ ଧାତୁ=ପଛରେ ଦଉଡ଼ିବା+କର୍ତ୍ତୃ. କ୍ୱିପ୍)—କ୍ରୂର; ଖଳ; ଦୁଷ୍ଟ— Biśwakadru Wicked; vile. (Apte). ସଂ. ବି.—୧ । ଶିକାରୀ କୁକୁର—1. A dog trained for the chase. (Apte) ୨ । ଶବ୍ଦ; ଧ୍ୱନି—2. Sound. (Apte.)

ବିଶ୍ୱକର୍ମଜା—ସଂ. ବି. ସ୍ତ୍ରୀ ( ବିଶ୍ୱକର୍ମନ୍=ଦେବଶିଳ୍ପୀ+ଜନ୍ ଧାତୁ=ଜାତ ହେବା+କର୍ତ୍ତୃ. ଅ+ସ୍ତ୍ରୀ. ଆ )— Biśwakarmajā (ବିଶ୍ୱକର୍ମସୁତା—ଅନ୍ୟରୂପ) ବିଶ୍ୱକର୍ମାଙ୍କର କନ୍ୟା ସୂର୍ଯ୍ୟପତ୍ନୀ ଛାୟା ଓ ସଞ୍ଜ୍ଞା ଦେବୀ—The two daughters of Biśwakarmā and wives of the Sun-god.

ବିଶ୍ୱକର୍ମା—ସଂ. ବି ( ବିଶ୍ୱକର୍ମନ୍; ବହୁବ୍ରୀହି; ବିଶ୍ୱ=ସର୍ବବ୍ୟାପୀ+କର୍ମନ୍=କାର୍ଯ୍ୟ )—୧ । ବ୍ରହ୍ମାଙ୍କର Biśwakarmā ପୁତ୍ର; ଦେବଶିଳ୍ପୀ—1. Name of the Divine architect in Hindu mythology. ୨ । ସୂର୍ଯ୍ୟଦେବ—2. The Sun-god. ୩ । ମୁନିବିଶେଷ—3. Name of a sage. ୪ । ସର୍ବସ୍ରଷ୍ଟା ପରମେଶ୍ୱର—4. God, the Creator of the universe. [ ଦ୍ର—ପୁରାଣମତରେ ଅଷ୍ଟମ ବସୁଦେବତା ପ୍ରଭାସଙ୍କ ଔରସରେ ଯୋଗସିଦ୍ଧାଙ୍କ ଗର୍ଭରେ ବିଶ୍ୱକର୍ମା ଜନ୍ମଗ୍ରହଣ କରିଥିଲେ । ବେଦରେ ବିଶ୍ୱକର୍ମା 'ତ୍ୱଷ୍ଟା' (ତ୍ୱଷ୍ଟୃ) ନାମରେ ପ୍ରସିଦ୍ଧ । ବିଶ୍ୱକର୍ମା ସ୍ଥାପତ୍ୟ ବିଜ୍ଞାନର ପ୍ରଥମ ପ୍ରକାଶୟିତା । ] ଦେ. ବି—ବଢ଼େଇ—A carpenter.

ବିଶ୍ୱକର୍ମାସୁତ—ଦେ. ବି ( ୬ଷ୍ଠୀ ତତ୍; ସଂ. ବିଶ୍ୱକର୍ମସୁତ )—ନଳ ନାମକ ବାନର—A name of the monkey Biśwakarmā suta Naḷa. [ ଉ—ବାନ୍ଧ ସେତୁ ହେତୁ ଅଛୁ ବିଶ୍ୱକର୍ମା ସୁତ । ଉପେ. ବୈଦେହୀଶବିଳାସ । ]

ବିଶ୍ୱକା—ସଂ. ବି. ସ୍ତ୍ରୀ (ବିଶ୍ୱ+କ+ସ୍ତ୍ରୀ. ଆ)—ଗଙ୍ଗାଚିଲି; ଚିଲ ପକ୍ଷୀବିଶେଷ Biśwakā —A kind of kite. [ ଦ୍ର—ଏମାନେ ନଦୀକୂଳରେ ବସା କରି ରହନ୍ତି । ]

ବିଶ୍ୱକୃତ୍—ସଂ. ବି· ପୁଂ (ବିଶ୍ୱ+କୃ ଧାତୁ=କରିବା+କର୍ତ୍ତୃ. କ୍ୱିପ୍)— Biśwakṛut ୧ । ବିଶ୍ୱକର୍ମା—1. The Divine architect. ୨ । ପରମେଶ୍ୱର—2. God. ୩ । ବିଷ୍ଣୁ—3. Bishṇu. ୪ । ଜଗତ୍‌ସ୍ରଷ୍ଟା—4. The Creator of the universe.

ବିଶ୍ୱକେତୁ—ସଂ. ବି ( ବହୁବ୍ରୀହି; ବିଶ୍ୱ=ଜଗଦ୍‌ବ୍ୟାପୀ+କେତୁ=ଧ୍ୱଜ)—ଶ୍ରୀକୃଷ୍ଣଙ୍କ ନାତି; ଅନିରୁଦ୍ଧ; ଉଷାପତି— Biśwaketu The name of Aniruddha; the grand son of Kṛushṇa.

ବିଶ୍ୱକୋଷ—ସଂ. ବି ( ଆଧୁନିକ ପ୍ରୟୋଗ )—୧ । ବଙ୍ଗୀୟ ପଣ୍ଡିତ ନଗେନ୍ଦ୍ରନାଥ ବସୁ ପ୍ରାଚ୍ୟବିଦ୍ୟାମହାର୍ଣ୍ଣବଙ୍କ Biśwakosha ସଙ୍କଳିତ ବଙ୍ଗ ଭାଷାର ଜ୍ଞାନଗବେଷଣାପୂର୍ଣ୍ଣ କୋଷଗ୍ରନ୍ଥ—1. Title of an encyclopedia in Benglee compiled by Babu Nagendranath Basu. ୨ । ଭାଷା ପ୍ରଚଳିତ ଶବ୍ଦମାନଙ୍କ ବିଷୟରେ ଯାବତୀୟ ଜ୍ଞାତବ୍ୟ ବିଷୟ ଲେଖାଥିବା ଜ୍ଞାନଗବେଷଣାପୂର୍ଣ୍ଣ ଅଭିଧାନ ଗ୍ରନ୍ଥ—2. Encyclopedia.

ବିଶ୍ୱଖଣ୍ଡକ—ସଂ. ବିଣ. ପୁଂ ( ବିଶ୍ୱ+ଖଣ୍ଡ୍ ଧାତୁ+କର୍ତ୍ତୃ. ଅକ )— Biśwakhaṇḍaka ୧ । ଯେ ସକଳ ବିଷୟରେ ଅସନ୍ତୁଷ୍ଟ— (ବିଶ୍ୱଖଣ୍ଡିକା—ସ୍ତ୍ରୀ) 1. Discontented in every matter. ୨ । ଯାହାକୁ ସନ୍ତୁଷ୍ଟ କରାଯାଇ ନ ପାରେ— 2. Hard to please.

ବିଶ୍ୱଗ୍‌ବାୟୁ—ସଂ. ବି—ଚତୁରଅଡ଼ୁ ଏକ ସମୟରେ ପ୍ରବାହିତ ହେଉଥିବା ବାୟୁ—Wind simultaneously Biśwag-bāyu blowing from all sides.

ବିଶ୍ୱଗନ୍ଧ—ସଂ. ବି ( ବହୁବ୍ରୀହି; ବିଶ୍ୱ=ସମନ୍ତାତ୍+ଗନ୍ଧ )—ପଳାଣ୍ଡୁ, Biśwagandha ପିଆଜ—Onion.

ବିଶ୍ୱଗନ୍ଧା—ସଂ· ବି. ସ୍ତ୍ରୀ (ବିଶ୍ୱଗନ୍ଧ+ସ୍ତ୍ରୀ. ଆ)—ପୃଥିବୀ— Biśwagandhā The earth.

ବିଶ୍ୱଚରାଚର—ସଂ. ବି (ବିଶ୍ୱ+ଚରାଚର)—ଜଗତର ସ୍ଥାବର ଓ ଜଙ୍ଗମ Biśwa charāchara ସମୁଦାୟ; ଜଡ଼ ଓ ଜୀବଜଗତ୍—The whole creation; the universe.

ବିଶ୍ୱ ଜଗତ୍
ବିଶ୍ୱ ବ୍ରହ୍ମାଣ୍ଡ } ଅନ୍ୟରୂପ
ବିଶ୍ୱ ସୃଷ୍ଟି

ବିଶ୍ୱଜନ—ସଂ. ବି (ବିଶ୍ୱ+ଜନ)—ପୃଥିବୀର ସମସ୍ତ ଲୋକ; ସର୍ବଜନ— Biśwajana The people of the whole world; the mankind.

ବିଶ୍ୱଜନୀନ—ସଂ. ବିଣ (ବିଶ୍ୱଜନ+ହିତାର୍ଥେ. ଈନ)—ପୃଥିବୀର ସର୍ବ Biśwajanīna ଲୋକଙ୍କର ହିତଜନକ; ସର୍ବଜନହିତକର— (ବିଶ୍ୱଜନୀନତା—ବି) Universal; beneficial to the [ବିଶ୍ୱଜନୀନା—ସ୍ତ୍ରୀ] universe.

ବିଶ୍ୱଜନୀନ ଭ୍ରାତୃଭାବ—ସଂ. ବି ( ବିଶ୍ୱଜନୀନ+ଭ୍ରାତୃଭାବ )—ଜାତି ଧର୍ମ Biśwajanīna bhrātṛubhāba ନିର୍ବିଶେଷରେ ପୃଥିବୀର (ବିଶ୍ୱଜନୀନ ଭ୍ରାତୃତା—ଅନ୍ୟରୂପ) ସମସ୍ତ ବ୍ୟକ୍ତିଙ୍କ ସଙ୍ଗେ ଆତ୍ମୀୟତା—Universal brotherhood.

ବିଶ୍ୱଜନୀନ ମୈତ୍ରୀବ୍ରତ—ସଂ. ବି ( ବିଶ୍ୱଜନୀନ+ମୈତ୍ରୀବ୍ରତ )—ସର୍ବ Biśwajanīna maitribrata ଲୋକର ମଙ୍ଗଳସାଧନରୂପବ୍ରତ—The feeling of friendship for the whole universe

ବିଶ୍ୱଜନୀୟ—ସଂ. ବିଣ ( ବିଶ୍ୱଜନ+ସମ୍ବନ୍ଧାର୍ଥେ. ଈୟ )—ବିଶ୍ୱଜନ Biśwajanīya ସମ୍ବନ୍ଧୀୟ; ସାର୍ବଜନୀନ—Universal. (ବିଶ୍ୱଜନ୍ୟ—ଅନ୍ୟରୂପ)

ବିଶ୍ୱଜୟ—ସଂ. ବି (୬ଷ୍ଠୀ ତତ୍; ବିଶ୍ୱ+ଜୟ)—୧ । ତ୍ରିଲୋକ ଜୟ— Biśwajaya 1. Winning the universe. (ବିଶ୍ୱବିଜୟ—ଅନ୍ୟରୂପ) ୨ । ସମଗ୍ର ପୃଥିବୀକୁ ପରାଭୂତ କରିବା— 2. Defeating the whole world.

**ବିଶ୍ୱଜୟୀ**—ସଂ. ବଣ. ପୁଂ (ବିଶ୍ୱ+ଜି ଧାତୁ=ଜୟ କରିବା+କର୍ତ୍ତୃ. ଇନ୍;
**Biśwajayī** ୧ମା.୧ବ)—୧ । ଯେ ସମସ୍ତ ପୃଥିବୀକୁ ଜୟକରିଅଛି—
(ବିଶ୍ୱଜୟିନୀ—ସ୍ତ୍ରୀ) 1. Conquering the whole world.
ବିଶ୍ୱବିଜୟୀ, ବିଶ୍ୱଜେତା, ବିଶ୍ୱବିଜେତା } ଅନ୍ୟରୂପ ୨ । ତ୍ରୈଲୋକ୍ୟବିଜୟୀ; ଯେ ସ୍ୱର୍ଗ, ମର୍ତ୍ତ୍ୟ ଓ ପାତାଳକୁ ଜୟ କରି ଅଛନ୍ତି—2. Victorious over the three worlds.

**ବିଶ୍ୱଜିତ୍**—ସଂ. ବଣ. ପୁଂ (ବିଶ୍ୱ+ଜି ଧାତୁ=ଜୟ କରିବା+କର୍ତ୍ତୃ.
**Biśwajit** କ୍ୱିପ୍ )—ବିଶ୍ୱଜୟୀ ( ଦେଖ )—Biśwajayī ( See ). ସଂ. ବି—୧ । ସର୍ବସ୍ୱଦକ୍ଷିଣ ଯଜ୍ଞବିଶେଷ; ଯେଉଁ ଯଜ୍ଞରେ ସର୍ବସ୍ୱ ଦକ୍ଷିଣା ଦିଆଯାଏ—1. Name of a vedic sacrifice in which the performer's all worldly belongings are given as present to the priests. ୨ । ବରୁଣ ଦେବତାଙ୍କର ପାଶ ନାମକ ଅସ୍ତ୍ର—2. Name of the noose of the Baruṇa God. ୩ । ନ୍ୟାୟବିଶେଷ—3. Name of a system of logie.

**ବିଶ୍ୱତଃ**—ସଂ. ଅ (ବିଶ୍ୱ=ସମସ୍ତ+ସପ୍ତମୀରେ. ତସ୍)—୧ । ସର୍ବତ୍ର—
**Biśwataḥ** 1. Everywhere. ୨ । ସବୁ ଦିଗରେ—2. On all sides. ୩ । ସବୁ ପ୍ରକାରେ—3. In every way. ୪ । ସମ୍ପୂର୍ଣ୍ଣରୂପେ—4. Entirely; wholly.

**ବିଶ୍ୱତୁଳସୀ**—ସଂ. ବି—ବନ୍ୟ ତୁଳସୀ ବିଶେଷ; ଲଣ୍ଡାବଗୁଲି—
**Biśwa tuḷasī** The common sweet Basil; Ocymum Basilicum.
ଅନ୍ୟ ସଂ. ନାମ—
ବର୍ବରୀ, ତୁବରୀ, ତୁଙ୍ଗୀ, ଖରପୁଷ୍ପା, ଅଜଗନ୍ଧିକା,
ଓ ପର୍ଣ୍ଣାସ
ତେ. ରୁଦ୍ର ଜେଡ଼ ତୁଳସୀ
ତା. ତିରୁନେଡ୍ ତୁଳସୀ
ମ. ବାବୁଇ ତୁଳସୀ
ବାରুইতুলসী; তোকমারি **সবজাতুলসী**
[ଦ୍ର—ଏହାର କ୍ୱାଥ ମେହ, ଉଦରାମୟ ଓ ଅତିସାର ରୋଗରେ ଉପକାରୀ । ଏହାର ପତ୍ରର ରସ କୃମି ଓ ସର୍ପବିଷନାଶକ । ଏଥିର ବୀଜ ଗରମ ପାଣିରେ ପଡ଼ିଲେ ଫୁଲି ଉଠେ । କୃଷ୍ଣ ଓ ଶ୍ୱେତପତ୍ର ଭେଦରେ ଏହା ଦୁଇ ପ୍ରକାର ।]

**ବିଶ୍ୱତ୍ରାସୀ**—ସଂ. ବଣ—(ବିଶ୍ୱ+ତ୍ରସ୍ ଧାତୁ+କର୍ତ୍ତୃ. ଇନ; ୧ମା. ୧ବ.)
**Biśwatrāsī** ଯାହା ସମସ୍ତ ବିଶ୍ୱବାସୀଙ୍କ ହୃଦୟରେ ଆତଙ୍କ
( ବିଶ୍ୱତ୍ରାସିନୀ—ସ୍ତ୍ରୀ ) ଉପସ୍ଥିତ କରାଏ—Creating terror throughout the universe.

**ବିଶ୍ୱଦକ୍ଷିଣ**—ସଂ. ବି ( ବହୁବ୍ରୀହି; ବିଶ୍ୱ=ସମଗ୍ର+ଦକ୍ଷିଣା; ଯହିଁରେ
**Biśwadakshiṇa** ଯଜ୍ଞକାରୀଙ୍କର ସମସ୍ତ ସମ୍ପତ୍ତି ଦକ୍ଷିଣା ଦିଆଯାଏ)—ବିଶ୍ୱଜିତ୍ ନାମକ ଯଜ୍ଞବିଶେଷ—Name of a vedic sacrifice in which the performer's all worldly belongings are given as present to the priests.

**ବିଶ୍ୱଦୂତ**—ସଂ, ବି, ପୁଂ ( ବିଶ୍ୱ+ଦୂତ )—ଯେ ସମସ୍ତ ବିଶ୍ୱର ଦୂତ ବା
**Biśwadūta** ବାର୍ତ୍ତାବହରୂପେ କାର୍ଯ୍ୟ କରେ—The
(ବିଶ୍ୱଦୂତୀ—ସ୍ତ୍ରୀ) messenger of the universe.

**ବିଶ୍ୱଦେବ**—ସଂ. ବି ( ବିଶ୍ୱ=ସକଳ+ଦିବ୍ ଧାତୁ=କ୍ରୀଡ଼ା କରିବା+
**Biśwadeba** କର୍ତ୍ତୃ. ଅ )—୧ । ଅଗ୍ନି ଦେବତା—1. The Fire god. ୨ । ଗଣଦେବତା ବିଶେଷ—2. Name of ten groups of Deities. [ ଦ୍ର—ଏମାନଙ୍କର ସଂଖ୍ୟା ୧୦; ଯଥା—ବସୁ, ସତ୍ୟ, କ୍ରତୁ, ଦକ୍ଷ, କାମ, କାଳ, ଧୃତି, କୁରୁ, ପୁରୁରବାଃ, ମାଦ୍ରବ । ]

**ବିଶ୍ୱଦେବା**—ସଂ. ବି—ହ୍ରସ୍ୱ ଗବେଧୁକା; ଗୋରକ୍ଷ ତଣ୍ଡୁଳ, ନାଗବଳା,
**Biśwadebā** ଗରଗଡ଼; ବଳା ( ଦେଖ )—Name of a medicinal plant.

**ବିଶ୍ୱଧାତା**—ସଂ. ବି. ପୁଂ ( ବିଶ୍ୱ+ଧାତୃ; ୧ମା. ୧ବ )—୧ ।
**Biśwadhātā** ପରମେଶ୍ୱର—1. God. ୨ । ବ୍ରହ୍ମା—2, Brahmā.

**ବିଶ୍ୱଧାତ୍ରୀ**—ସଂ. ବି. ସ୍ତ୍ରୀ ( ୬ଷ୍ଠୀତତ୍; ବିଶ୍ୱ+ଧାତ୍ରୀ )—୧ । ଧରିତ୍ରୀ;
**Biśwadhātrī** ପୃଥିବୀ—1. The earth. ୧ । ଜଗନ୍ମାତା
(ବିଶ୍ୱବିଧାତ୍ରୀ—ଅନ୍ୟରୂପ) —2. The mother of the universe. ୩ । ଜଗଦ୍ଧାତ୍ରୀ—3. A name of Durgā

**ବିଶ୍ୱଧାରିଣୀ**—ସଂ. ବି. ସ୍ତ୍ରୀ ( ବିଶ୍ୱ+ଧୃ ଧାତୁ=ଧରିବା+କର୍ତ୍ତୃ. ଇନ୍
**Biśwadhāriṇī** +ସ୍ତ୍ରୀ. ଈ )—ଧରିତ୍ରୀ—The earth.

**ବିଶ୍ୱନାଥ**—ସଂ. ବି ( ୬ଷ୍ଠୀତତ୍; ବିଶ୍ୱ+ନାଥ )—୧ । ମହାଦେବ,
**Biśwanātha** ଶିବ—1, Śiba. ୨ । କାଶୀସ୍ଥିତ ଶିବମୂର୍ତ୍ତି; ବିଶ୍ୱେଶ୍ୱର—2. Name of the image of Śiba worshipped at Benares. ଦେ. ବି. ପୁଂ. ( ନାମ )—୧ । ମନୁଷ୍ୟଙ୍କୁ ଦିଆଯିବା ନାମ—1. A name given to males. ୨ । ପୁରୀ ଜିଲ୍ଲା ଅନ୍ତର୍ବର୍ତ୍ତୀ ଗୋଟିଏ କ୍ଷୁଦ୍ର ପର୍ବତର ନାମ—2. Name of a hill in the district of Puri near Delang station. B. N. Ry. [ଦ୍ର—ଅବି ଅଛି ରଶ୍ମି ଗୁଳ୍ମ ଜଟାଧର ବିଶ୍ୱନାଥ ପରବତେ । ସୁଧାକାର. ପାର୍ବତୀ ।] ୩ । ବିଶ୍ୱନାଥ ଖୁଣ୍ଟିଆ (ଦେଖ)—3. Biśwanatha khuṇṭiā (See)

**ବିଶ୍ୱନାଥ କର**—ଦେ. ବି. (ନାମ)—ଉତ୍କଳର ପ୍ରସିଦ୍ଧ ସାହିତ୍ୟିକ ଓ
**Biśwanātha kara** ଉତ୍କଳ ସାହିତ୍ୟ ପତ୍ରିକାର ସମ୍ପାଦକ—The late Viswanatha Kar; one of the distinguished men of letters and the editor of the Utkal Sahitya.
[ଦ୍ର—ନବଯୁଗରେ ଯେଉଁ କେତେ ଜଣ ଉତ୍କଳୀୟ ମନୀଷୀ ଓଡ଼ିଶାର ଅଜ୍ଞାନ ଅନ୍ଧକାର ଦୂର କରିବା ପାଇଁ ହସ୍ତରେ ଜ୍ଞାନବର୍ତ୍ତୀ ଧରି ମହାପ୍ରେମରେ କର୍ମକ୍ଷେତ୍ରରେ ଅବତୀର୍ଣ୍ଣ ହୋଇଥିଲେ, ସେମାନଙ୍କ ମଧ୍ୟରେ ବିଶ୍ୱନାଥ ଅନ୍ୟତମ । ୧୮୬୪ ମସିହା ଡିସେମ୍ବର ମାସରେ କଟକ ଜିଲ୍ଲା ଟୁଲବସନ୍ତ ଗ୍ରାମରେ ପ୍ରସିଦ୍ଧ କରବଂଶରେ ତାଙ୍କର ଜନ୍ମ । ତାଙ୍କ ପିତାଙ୍କ ନାମ ନାରାୟଣ କର । ଗ୍ରାମ୍ୟ ପାଠଶାଳାରେ ଶିକ୍ଷା ସମାପ୍ତ କରି ସେ ଚତୁଷ୍ପାଠୀରେ ସଂସ୍କୃତ କାବ୍ୟ

ନାଟ୍ୟରୂପ ପାଠ କରି ଇଂରେଜୀ ଶିକ୍ଷା ଉଦ୍ଦେଶ୍ୟରେ କଟକ ଆସିଥିଲେ । ପ୍ୟାରୀମୋହନ ଏକାଡେମି ଓ ମିସନ୍ ସ୍କୁଲରେ ଅଧ୍ୟୟନ କରି ପ୍ରଥମେ ସେ ଶିକ୍ଷକତା ବ୍ୟବସାୟ ଆରମ୍ଭ କରିଥିଲେ । ଏହି ସମୟରେ ପ୍ରଚଳିତ ହିନ୍ଦୁ ଧର୍ମର କୁସଂସ୍କାରବିଦ୍ଧ ଆଲୋଚନା କରି ପୌତ୍ତଳିକତାପ୍ରଧାନ ହିନ୍ଦୁ ଧର୍ମରେ ତାଙ୍କର ଆଉ ବିଶ୍ୱାସ ରହିଲା ନାହିଁ । ତାଙ୍କର ଅନୁଜ ଭୋଳାନାଥ ଓ ଲୋକନାଥଙ୍କ ସଙ୍ଗେ ସେ ହିନ୍ଦୁଧର୍ମ ତ୍ୟାଗ କରି ଏକେଶ୍ୱରବାଦମୂଳକ ବ୍ରାହ୍ମଧର୍ମରେ ଦୀକ୍ଷିତ ହେଲେ । ଉତ୍କଳର ବରେଣ୍ୟ କବି ମଧୁସୂଦନ ଓ ରାଧାନାଥ ବିଶ୍ୱନାଥଙ୍କ ଠାରେ ସାହିତ୍ୟିକ ପ୍ରତିଭାର ପରିଚୟ ପାଇ ତାଙ୍କୁ 'ଉତ୍କଳ ସାହିତ୍ୟ' ନାମକ ମାସିକ ପତ୍ରିକା ପ୍ରକାଶ କରିବାକୁ ଉତ୍ସାହିତ କଲେ । ବହୁ ବାଧା-ବିଘ୍ନ ଅତିକ୍ରମ କରି ବିଶ୍ୱନାଥ ତାଙ୍କ ଜୀବଦ୍ଦଶାରେ ପ୍ରାୟ ୩୮ ବର୍ଷ ସେହି ପତ୍ରିକାକୁ ପରିଚାଳନ କରିଥିଲେ । ବିଶ୍ୱନାଥହିଁ ନବଯୁଗରେ ଓଡ଼ିଆ ସାହିତ୍ୟରେ ମାର୍ଜିତ ଭାଷା ଓ ଭାବର ପ୍ରବର୍ତ୍ତକ । ଏହି ଉତ୍କଳସାହିତ୍ୟ ପତ୍ରିକା ସାହାଯ୍ୟରେ ବିଶ୍ୱନାଥ ଓଡ଼ିଶାରେ ବହୁ ଲେଖକ ଓ ସାହିତ୍ୟିକ ସୃଷ୍ଟି କରି ଜାତିର ପ୍ରଭୂତ କଲ୍ୟାଣ ସାଧନ କରି ଯାଇଅଛନ୍ତି । ତାଙ୍କ ରଚିତ 'ବିବିଧ ପ୍ରବନ୍ଧ' ଗ୍ରନ୍ଥ ଓଡ଼ିଆ ସାହିତ୍ୟର ଖଣ୍ଡିଏ ଆଦର୍ଶ ଗଦ୍ୟ ଗ୍ରନ୍ଥ ଅଟେ । ସମାଲୋଚକରୂପେ ବିଶ୍ୱନାଥଙ୍କ ସ୍ଥାନ ଉତ୍କଳ ସାହିତ୍ୟ-କ୍ଷେତ୍ରରେ ଅଦ୍ୱିତୀୟ ଥିଲା । କଟକର ଉତ୍କଳ ସାହିତ୍ୟ-ସମାଜ ର ପ୍ରତିଷ୍ଠାକାଳରୁ ସେ ତହିଁର ଜଣେ ବିଶିଷ୍ଟ କର୍ମୀ ଥିଲେ । ତାଙ୍କ ପ୍ରତିଷ୍ଠିତ ଉତ୍କଳସାହିତ୍ୟ ପ୍ରେସ୍ ଉତ୍କଳରେ ଗୋଟିଏ ବିଶିଷ୍ଟ ମୁଦ୍ରଣଶାଳାରୂପେ ପରିଗଣିତ ହେଉଅଛି । ଅସହଯୋଗ ଆନ୍ଦୋଳନର ଅପକାରିତା ପ୍ରଚାରାର୍ଥ ପ୍ରତିଷ୍ଠିତ ହୋଇଥିବା 'ସତ୍ୟସମାଚାର' ସମ୍ବାଦପତ୍ରର ସେ ଓ ଏ ଭାଷାକୋଷର ସଙ୍କଳକ ଯୁଗ୍ମ ସମ୍ପାଦକ ଥିଲେ ।

ବିଶ୍ୱନାଥ ନବଯୁଗରେ ଓଡ଼ିଶାର ଜଣେ ପ୍ରଧାନ ବକ୍ତା ଥିଲେ । ବକ୍ତୃତା ମଣ୍ଡପରେ ତାଙ୍କର ଭାବମୟୀ ଅନର୍ଗଳ ବକ୍ତୃତା ଯେ ଶୁଣିଅଛନ୍ତି, ସେ ମୁଗ୍ଧ ନ ହୋଇ ରହି ପାରି ନାହାନ୍ତି । ଏକାନ୍ତ ଈଶ୍ୱରନିଷ୍ଠା, ସାହିତ୍ୟସାଧନା, ସ୍ୱାଧୀନ ମତବାଦ ପାଇଁ ବିଶ୍ୱନାଥ ସମସାମୟିକ ଭଦ୍ରମଣ୍ଡଳୀରେ ନାନା ଭାବରେ ସମ୍ମାନିତ ହେଉଥିଲେ । ବ୍ରିଟିଶ୍ ଗଭର୍ଣ୍ଣମେଣ୍ଟ ମଧ୍ୟ ବିହାର ଓଡ଼ିଶା କାଉନ୍‌ସିଲରେ ତାଙ୍କୁ ସଦସ୍ୟରୂପେ ମନୋନୀତ କରିଥିଲେ । ସାଧାରଣ କର୍ମକ୍ଷେତ୍ରରେ ବିଶ୍ୱନାଥଙ୍କ ଉତ୍ସାହ ଓ ସାହାଯ୍ୟ ଅନନ୍ୟସାଧାରଣ ଥିଲା । ସେ ମୃତ୍ୟୁ ପର୍ଯ୍ୟନ୍ତ ଉତ୍କଳ ବ୍ରାହ୍ମ ସମାଜର ଆଚାର୍ଯ୍ୟ ଥିଲେ । ଏହି ଭାଷାକୋଷର ପ୍ରକାଶରେ ବିଶ୍ୱନାଥହିଁ ଜଣେ ବିଶିଷ୍ଟ ଉତ୍ସାହଦାତା ଓ ପୃଷ୍ଠପୋଷକ ଥିଲେ । ତାଙ୍କ ଠାରୁ ଆନ୍ତରିକ ସହାନୁଭୂତି ପାଇ ନ ଥିଲେ ଭାଷାକୋଷର ମୁଦ୍ରଣ ଏପରି ଦ୍ରୁତଗତିରେ ଅଗ୍ରସର ହୋଇ ପାରି ନ ଥାନ୍ତା । ଏହାର ସଙ୍କଳକ ନାନାଭାବରେ ତାଙ୍କ ନିକଟରେ ଋଣୀ । ଗତ ୧୯୩୪ ମସିହା ଅକ୍ଟୋବର ମାସ ୧୯ ତାରିଖ ଦିନ ସେ ପ୍ରାୟ ୭୦ ବର୍ଷ ବୟସରେ ଇହଧାମ ତ୍ୟାଗ କରି ଗଲେ ।]

**ବିଶ୍ୱନାଥ ଖୁଣ୍ଟିଆ**—ଦେ. ବି—ଓଡ଼ିଆ ବିଚିତ୍ରରାମାୟଣ ପଦ୍ୟ ଗ୍ରନ୍ଥର ରଚୟିତା କବି—Name of an Oriya poet.
Biśwanātha khuṇṭiā
[ଦ୍ର—ଏହାଙ୍କର ବାସସ୍ଥାନ ପୁରୀ ସହର; ଏ ରାଜା ଦିବ୍ୟସିଂହ ଦେବ (ଖ୍ରୀ.୧୬୯୨—୧୭୨୦)ଙ୍କ ସମକାଳୀନ ଥିଲେ । ଏହାଙ୍କ ରଚିତ ଓଡ଼ିଆ ବିଚିତ୍ର ରାମାୟଣର ଭାଷା ସରଳ ଓ ମଧୁର; ଛନ୍ଦମାନ ସୁଲଳିତ । ଏ ଭଞ୍ଜୀୟ ଯୁଗର କବି ଥାଇ ମଧ୍ୟ ଏହାଙ୍କ ଗ୍ରନ୍ଥରେ ଆଦିରସକୁ ପ୍ରଶ୍ରୟ ଦେଇ ନାହାନ୍ତି । ଉତ୍କଳରେ ସ୍ଥାନେ ସ୍ଥାନେ ଯେଉଁ "ରାମନବମୀ" ଯାତ୍ରା ଅଭିନୀତ ହୁଏ, ସେଥିରେ ଏହି ବିଚିତ୍ର ରାମାୟଣର ଛାନ୍ଦଗୁଡ଼ିକ ରାଗରାଗିଣୀ ସହିତ ବୋଲାଯାଏ ।]

**ବିଶ୍ୱନାଥ ପାଟଯୋଷୀ**—ଦେ. ବି.—(ନାମ)—ଉଷା ପରିଣୟ ନାଟକର ରଚୟିତା ଓଡ଼ିଆ କବି (ଜଗବନ୍ଧୁ. ପ୍ରାଚୀନ ଉତ୍କଳ)—Name of the author of the Oria drama Ushā Pariṇaya.
Biśwanātha pāṭajoshi

**ବିଶ୍ୱନାଥ ମହାପାତ୍ର**—ଦେ. ବି.—( ନାମ )—ଓଡ଼ିଶାର ରାଜା ପୁରୁଷୋତ୍ତମ ଦେବ ( ଖ୍ରୀ—୧୪୭୦—୧୪୯୭ ) ଙ୍କ ରାଜସଭାର ପଣ୍ଡିତ—Name of the Oriya author of Sāhitya Darpaṇa, an authoritative Sanscrit work on Rhetoric.
Biśwanātha mahāpātra
( ବିଶ୍ୱନାଥ କବିରାଜ—ଅନ୍ୟରୂପ )
[ଦ୍ର—ଏ ଭାରତ-ବର୍ଷରେ ପ୍ରାମାଣ୍ୟ ସଂସ୍କୃତ ଅଳଙ୍କାର ସମ୍ବନ୍ଧୀୟ ଗ୍ରନ୍ଥରୂପେ ଆଦୃତ ସାହିତ୍ୟଦର୍ପଣର ରଚୟିତା ।]

**ବିଶ୍ୱନିନ୍ଦକ**—ସଂ. ବିଣ. ପୁଂ—(ଆଧୁନିକ ପ୍ରୟୋଗ)—(ବିଶ୍ୱ+ନିନ୍ଦ୍ ଧାତୁ. =ନିନ୍ଦା କରିବା+କର୍ତ୍ତୃ. ଅକ )—ଯେ ପୃଥିବୀର ସମସ୍ତ ବିଷୟକୁ ନିନ୍ଦା କରେ—Finding fault with everything; misanthropic. ସଂ. ବି.—ବିଶ୍ୱଜନନିନ୍ଦାକାରୀ ବ୍ୟକ୍ତି—A misanthrope.
Biśwanindaka
(ବିଶ୍ୱନିନ୍ଦକା—ସ୍ତ୍ରୀ)
(ବିଶ୍ୱନିନ୍ଦୁକ—ଅଶୁଦ୍ଧ ଦେଶଜ ରୂପ)

**ବିଶ୍ୱନିନ୍ଦକତା**—ସଂ. ବି.—(ଆଧୁନିକ ପ୍ରୟୋଗ)—(ବିଶ୍ୱନିନ୍ଦକ+ଭାବାର୍ଥ. ତା)—ସମଗ୍ର ଜଗତକୁ ନିନ୍ଦା କରିବା ସ୍ୱଭାବ—Misanthropy.
Biśwanindakatā
(ବିଶ୍ୱନିନ୍ଦା, ବିଶ୍ୱନିନ୍ଦା ବ୍ରତ—ଅନ୍ୟରୂପ)

**ବିଶ୍ୱନିୟନ୍ତା**—ସଂ. ବିଣ. ଓ ବି. ପୁଂ—(ବିଶ୍ୱ+ନିୟନ୍ତୃ; ୧ମା. ୧ବ)—ବ୍ରହ୍ମାଣ୍ଡର ନିୟାମକ—Regulator of the universe.
Biśwaniyantā
(ବିଶ୍ୱନିୟନ୍ତ୍ରୀ—ସ୍ତ୍ରୀ)

**ବିଶ୍ୱପର୍ଣ୍ଣୀ**—ସଂ. ବି. ସ୍ତ୍ରୀ—ଭୂମ୍ୟାମଲକୀ; ଭୁଇଁଅଁଳା—A kind of herbarious plant.
Biśwaparṇṇī

**ବିଶ୍ୱପା**—ସଂ.ବି. ପୁଂ (ବିଶ୍ୱ+ପା ଧାତୁ=ପାଳନ କରିବା+କର୍ତ୍ତୃ.ଅ+ଆ) ୧। ବିଶ୍ୱର ପାଳନକର୍ତ୍ତା; ପରମେଶ୍ୱର—1. The sustainer or nourisher of the
Biśwapā

universe; God. ୨ । ସୂର୍ଯ୍ୟ—2. The sun. ୩ । ଚନ୍ଦ୍ର—3. The moon. ୪ । ଅଗ୍ନି—4. Fire.

**ବିଶ୍ୱପାତା**—ସଂ. ବି.ପୁଂ (୬ଷ୍ଠୀ ତତ୍; ବିଶ୍ୱ+ପା+ତୃ; ୧ମା. ୧ବ)—
Biśwapātā ସୃଷ୍ଟିପାଳନକର୍ତ୍ତା; ଈଶ୍ୱର—God, the sustainer of the universe.
(ବିଶ୍ୱପାଳକ, ବିଶ୍ୱପିତା—ଅନ୍ୟରୂପ)

**ବିଶ୍ୱପୂଜ୍ୟ**—ସଂ. ବିଣ. ପୁଂ (୭ମୀ ତତ୍; ବିଶ୍ୱ+ପୂଜ୍ୟ)—ଜଗତରେ ସର୍ବତ୍ର ପୂଜ୍ୟ—Adored throughout the world.
Biśwapūjya
(ବିଶ୍ୱବନ୍ଦ୍ୟ—ଅନ୍ୟରୂପ)
(ବିଶ୍ୱପୂଜ୍ୟା, ବିଶ୍ୱବନ୍ଦ୍ୟା—ସ୍ତ୍ରୀ)

**ବିଶ୍ୱପ୍ରପଞ୍ଚ**—ସଂ. ବି (୬ଷ୍ଠୀ ତତ୍; ବିଶ୍ୱ+ପ୍ରପଞ୍ଚ=ପରିସର)—
Biśwaprapañcha ସମଗ୍ର ସଂସାର—The whole universe or creation. (ଯଥା—ବିଶ୍ୱପ୍ରପଞ୍ଚରେ ଏଡ଼େ ସୁସ୍ପଷ୍ଟରେ ସୌନ୍ଦର୍ଯ୍ୟ ଅନ ବି । ଉପେ. ବୈଦେହୀଶବିଳାସ ।)

**ବିଶ୍ୱ ପ୍ରଯତ୍ନ**—ସଂ.ବି (ଆଧୁନିକ ପ୍ରୟୋଗ)—ମହତ୍ତ ଚେଷ୍ଟା; ଅତ୍ୟନ୍ତ ଯତ୍ନ—
Biśwa prajatna Great attempt.

**ବିଶ୍ୱପ୍ରୀତି**—ସଂ. ବି (ବିଶ୍ୱ+ପ୍ରୀତି)—୧ । ପୃଥିବୀର ସମସ୍ତ ଜୀବ ଓ
Biśwapriti ବସ୍ତୁ ପ୍ରତି ସ୍ନେହ—1. Love of the whole creation. ୨ । ବିଶ୍ୱଜନୀନ ମୈତ୍ରୀ—2. Universal friendship.
(ବିଶ୍ୱପ୍ରେମ—ଅନ୍ୟରୂପ)

**ବିଶ୍ୱପ୍ରେମିକ**—ସଂ. ବିଣ. ପୁଂ (ବିଶ୍ୱ+ପ୍ରେମିକ)—ଯେ ସମଗ୍ର ବିଶ୍ୱକୁ
Biśwapremika ସ୍ନେହ କରେ—Loving the whole universe.
(ବିଶ୍ୱପ୍ରେମୀ—ଅନ୍ୟରୂପ) (ବିଶ୍ୱପ୍ରେମିକା—ସ୍ତ୍ରୀ)

**ବିଶ୍ୱପ୍ସା**—ସଂ. ବି (ବିଶ୍ୱ+ପ୍ସା ଧାତୁ=ଖାଇବା+ଅନ୍; ୧ମା. ୧ବ)—
Biśwapsā ୧ । (ସର୍ବଭକ୍ଷକ) ଅଗ୍ନି—1. Fire (personified). ୨ । ସୂର୍ଯ୍ୟ—2. The sun ୩ । ଚନ୍ଦ୍ର—3. The moon. ୪ । ଦେବ—4. A deity; a god. ୫ । ବିଶ୍ୱକର୍ମା—5. The divine architect.

**ବିଶ୍ୱବଞ୍ଚକ**—ସଂ. ବିଣ ଓ ବି (ବିଶ୍ୱ+ବଞ୍ଚକ)—ଯେ ସମସ୍ତଙ୍କୁ ପ୍ରତାରଣା
Biśwabañchaka କରେ; ଭଣ୍ଡଶିରୋମଣି—One who cheats the whole world.
(ବିଶ୍ୱଭଣ୍ଡ—ଅନ୍ୟରୂପ)

**ବିଶ୍ୱବାସୀ**—ସଂ. ବିଣ. ପୁଂ (ବିଶ୍ୱ+ବସ୍ ଧାତୁ=ବାସ କରିବା+କର୍ତ୍ତୃ. ଇନ୍)—ଜଗଦ୍‌ବାସୀ—Living in the world. ସଂ. ବି. ପୁଂ—ଜଗତର ସମସ୍ତ ଜୀବ; ଜୀବଜଗତ୍—The animal world.
Biśwabāsi
(ବିଶ୍ୱବାସିନୀ—ସ୍ତ୍ରୀ)

**ବିଶ୍ୱବିଦ୍ୟାଳୟ**—ସଂ. ବି (ଆଧୁନିକ ପ୍ରୟୋଗ)—ଉଚ୍ଚଶିକ୍ଷାର କେନ୍ଦ୍ରସ୍ଥଳ; ଜଗତର ସମସ୍ତ ବିଦ୍ୟା ଶିଖିବାର ସ୍ଥାନ—University.
Biśwabidyālaya

[ ଦ୍ର—ଏଣ୍ଟ୍ରାନ୍‌ସ୍ ବା ମାଟ୍ରିକୁଲେସନ୍ ବା ପ୍ରବେଶିକା ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇ ଶିକ୍ଷାର୍ଥୀ ବିଶ୍ୱବିଦ୍ୟାଳୟରେ ପ୍ରବେଶ ଲାଭ କରେ; କ୍ରମଶଃ ଏଫ୍. ଏ. ବା ଆଇ. ଏ., ବି. ଏ., ଏମ୍. ଏ. ଓ ତାପର ଅନ୍ୟ ଉପାଧି ଲାଭ କରେ ଏବଂ ଜ୍ଞାନର ଯେଉଁ ଶାଖା ଆଲୋଚନା କରିବାକୁ ଛାତ୍ର ଇଚ୍ଛା କରେ, ବିଶ୍ୱବିଦ୍ୟାଳୟର ସେହି ଶାଖାରେ ସେ ଅଧ୍ୟୟନ କରିପାରେ । ଭାରତର ବିଭିନ୍ନ ବିଶ୍ୱବିଦ୍ୟାଳୟ ଓ ସେମାନଙ୍କ ଇଲାକା—

୧ । କଲିକତା ବିଶ୍ୱବିଦ୍ୟାଳୟ—ବଙ୍ଗ ପ୍ରଦେଶ, ଆସାମ ଓ ନିକଟବର୍ତ୍ତୀ ଦେଶୀୟ ରାଜ୍ୟସମୂହ । ୨ । ବମ୍ବେ ବିଶ୍ୱବିଦ୍ୟାଳୟ—ବମ୍ବେ ପ୍ରଦେଶ ଓ ନିକଟବର୍ତ୍ତୀ ଦେଶୀୟ ରାଜ୍ୟମାନ । ୩ । ମାନ୍ଦ୍ରାଜ ବିଶ୍ୱବିଦ୍ୟାଳୟ—ମାନ୍ଦ୍ରାଜ ପ୍ରଦେଶ, ଆନ୍ଧ୍ରଦେଶ ଓ କୁର୍ଗ ବ୍ୟତୀତ ଅନ୍ୟ ରାଜ୍ୟମାନ । ୪ । ପଞ୍ଜାବ ବିଶ୍ୱବିଦ୍ୟାଳୟ—(ରାଜଧାନୀ ଲାହୋର) ପଞ୍ଜାବ, ଉତ୍ତର-ପଶ୍ଚିମ ସୀମାନ୍ତ ପ୍ରଦେଶ ଓ ବେଲୁଚସ୍ଥାନ । ୫ । ଆଲ୍ଲାହାବାଦ ବିଶ୍ୱବିଦ୍ୟାଳୟ—ଯୁକ୍ତ ପ୍ରଦେଶ, ଆଜମୀର, ମେରୱାଡ଼ । ୬ । ବନାରସ ହିନ୍ଦୁ ବିଶ୍ୱବିଦ୍ୟାଳୟ—ବନାରସ ଜିଲ୍ଲା ଓ ସମଗ୍ର ଭାରତ । ୭ । ମହୀଶୂର ବିଶ୍ୱବିଦ୍ୟାଳୟ—ମହୀଶୂର ରାଜ୍ୟ । ୮ । ପାଟନା ବିଶ୍ୱବିଦ୍ୟାଳୟ—ବିହାର ଓଡ଼ିଶା ଓ ନିକଟବର୍ତ୍ତୀ ରାଜ୍ୟ । ୯ । ଓସ୍‌ମାନିଆ ବିଶ୍ୱବିଦ୍ୟାଳୟ—(ସିକନ୍ଦରାବାଦ) ହାଇଦ୍ରାବାଦ ନିଜାମ ରାଜ୍ୟ । ୧୦ । ଢାକା ବିଶ୍ୱବିଦ୍ୟାଳୟ—ଢାକାଠାରୁ ୫ ମାଇଲ ବ୍ୟାସାର୍ଦ୍ଧରେ ଘେରଥିବା ଅଞ୍ଚଳ । ୧୧ । ଆଲିଗଡ଼ ବିଶ୍ୱବିଦ୍ୟାଳୟ—ଆଲିଗଡ଼ଠାରୁ ୧୦ ମାଇଲ ବ୍ୟାସାର୍ଦ୍ଧରେ ଘେରଥିବା । ୧୨ । ରେଙ୍ଗୁନ ବିଶ୍ୱବିଦ୍ୟାଳୟ—ବ୍ରହ୍ମଦେଶ । ୧୩ । ଲକ୍ଷ୍ନୌ ବିଶ୍ୱବିଦ୍ୟାଳୟ—ଲକ୍ଷ୍ନୌ । ୧୪ । ଦିଲ୍ଲୀ ବିଶ୍ୱବିଦ୍ୟାଳୟ—ଦିଲ୍ଲୀ । ୧୫ । ନାଗପୁର ବିଶ୍ୱବିଦ୍ୟାଳୟ—ମଧ୍ୟପ୍ରଦେଶ, ବେରାର । ୧୬ । ଆନ୍ଧ୍ର ବିଶ୍ୱବିଦ୍ୟାଳୟ—ମାନ୍ଦ୍ରାଜ ପ୍ରଦେଶର ଆନ୍ଧ୍ର ବା ତେଲୁଗୁଭାଷୀ ଅଞ୍ଚଳ । ]

**ବିଶ୍ୱବିଦ୍ୟାଳୟ ଉପାଧି**—ଦେ. ବି—ପରୀକ୍ଷାରେ ଉତ୍ତୀର୍ଣ୍ଣ ଛାତ୍ରମାନଙ୍କୁ
Biśwabidyālaya upādhi ବିଶ୍ୱବିଦ୍ୟାଳୟରୁ ମିଳିବା ଉପାଧି—
বিশ্ববিদ্যালয়ের উপাধি (ଯଥା—ବି. ଏ., ଏମ୍. ଏ., ବି. ଏଲ୍)
**विश्वविद्यालयका उपाधि** University titles or degrees.

[ ଦ୍ର—ଆଧୁନିକ ବିଶ୍ୱବିଦ୍ୟାଳୟର ପ୍ରତିଷ୍ଠା ସଙ୍ଗେ ଆମ ଦେଶରେ ଓ ଭାଷାରେ ଅନେକ ଗୁଡ଼ିଏ ଇଂରାଜୀ ଶବ୍ଦ ପ୍ରବେଶ କରିଅଛି । ଯଥା—ପ୍ରଫେସର୍, ଲେକଚରର୍, ଚାନ୍‌ସେଲର୍, ଭାଇସ୍ ଚାନ୍‌ସେଲର୍, ରେଜିଷ୍ଟ୍ରାର୍, କନଭୋକେସନ୍, ସିଣ୍ଡିକେଟ୍, ସିନେଟ୍, କଲେଜ୍, ସାଏନ୍‌ସ୍, ବୋଟାନି, ବି. ଏ.; ଏମ୍. ଏ.; ବି. ଏଲ୍.; ବି. ଏସ୍‌ସି.; ପ୍ରିନ୍‌ସିପାଲ, ଆର୍ଟ୍‌ସ୍ ଇତ୍ୟାଦି । ]

**ବିଶ୍ୱବିଧାତା**—ସଂ. ବି (୬ଷ୍ଠୀତତ୍; ବିଶ୍ୱ+ବିଧାତୃ; ୧ମା. ୧ବ)—
Biśwabidhātā ୧ । ବ୍ରହ୍ମା—1. Brahmā ୨ । ବିଭୁ; ପରମେଶ୍ୱର—2. God.
(ବିଶ୍ୱବିଧି, ବିଶ୍ୱବିଧାୟୀ—ଅନ୍ୟରୂପ)

**ବିଶ୍ୱବିମୋହନ**—ସଂ. ବିଣ. ପୁଂ (ବିଶ୍ୱ+ବିମୋହନ)—ଭୁବନମୋହନକାରୀ—Charming the universe.
Biśwabimohana
(ବିଶ୍ୱବିମୋହୀ—ଅନ୍ୟରୂପ) (ବିଶ୍ୱବିମୋହିନୀ—ସ୍ତ୍ରୀ)

ବିଶ୍ୱବିଶ୍ରୁତ—ସଂ. ବିଣ ( ୭ମୀ ତତ୍; ବିଶ୍ୱ+ବିଶ୍ରୁତ )—ଭୁବନବିଖ୍ୟାତ
Biśwabiśruta Celebrated throughout the world.
(ବିଶ୍ୱବିଖ୍ୟାତ, ବିଶ୍ୱପ୍ରସିଦ୍ଧ—ଅନ୍ୟରୂପ)

ବିଶ୍ୱବିଶ୍ରୁତ କୀର୍ତ୍ତି—ସଂ. ବିଣ ( ବହୁବ୍ରୀହି; ବିଶ୍ୱବିଶ୍ରୁତ+କୀର୍ତ୍ତି )—
Biśwabiśruta kīrtti ଯାହାର କୀର୍ତ୍ତି ଜଗତ ବିସ୍ତୃତ—
(ବିଶ୍ୱବିଶ୍ରୁତଯଶାଃ—ଅନ୍ୟରୂପ) Of world-wide celebrity.

ବିଶ୍ୱବେଦାଃ—ସଂ. ବିଣ ( ବିଶ୍ୱ+ବିଦ୍ ଧାତୁ=ଜାଣିବା+କର୍ତ୍ତୃ. ଅସ୍.
Biśwabedāḥ ୧ମା. ୧ବ )—ସର୍ବଜ୍ଞ—Omniscient.
ସଂ. ବି—୧ । ଋଷି—1. Sage. ୨ । ଦେବତା—
2. Deity.

ବିଶ୍ୱବୋଧ—ସଂ. ବି—ବୁଦ୍ଧଦେବ—The Buddha.
Biśwabodha

ବିଶ୍ୱବ୍ୟାପକ—ସଂ. ବିଣ. ପୁଂ (ବିଶ୍ୱ+ବ୍ୟାପକ)—ସର୍ବବ୍ୟାପୀ; ସମସ୍ତ
Biśwabyāpaka ପୃଥିବୀକୁ ଘୋଟିଥିବା; ସର୍ବତ୍ର ବ୍ୟାପିଥିବା—
(ବିଶ୍ୱବ୍ୟାପୀ—ଅନ୍ୟରୂପ) All-pervading.
(ବିଶ୍ୱବ୍ୟାପିକା, ବିଶ୍ୱବ୍ୟାପିନୀ—ସ୍ତ୍ରୀ)

ବିଶ୍ୱଭାବନ—ସଂ. ବିଣ—ସଂସାର ବିଷୟ ଯେ ଭାବେ—
Biśwabhābana Thoughtful about the world.
(ଉ—ତୁ ଯେ ଅନନ୍ତ ବପୁଧାରୀ, ହେ ବିଶ୍ୱଭାବନ ମୁରାରି ।
ଜଗନ୍ନାଥ. ଭାଗବତ ।)

ବିଶ୍ୱମ୍ଭର—ସଂ. ବିଣ. ପୁଂ (ବିଶ୍ୱମ୍=ବିଶ୍ୱକୁ+ଭୃ ଧାତୁ=ଭରଣ ଓ
Biśwambhara ପାଳନ କରିବା+କର୍ତ୍ତୃ. ଅ)—୧ । ବିଶ୍ୱ-
(ବିଶ୍ୱମ୍ଭରା—ସ୍ତ୍ରୀ) ପାଳକ—1. Sustaining the universe.
୨ । ବିଶ୍ୱର ଧାରଣକର୍ତ୍ତା—2. Holding the universe. ସଂ. ବିଣ. ପୁଂ—୧ । ନାରାୟଣ; ବିଷ୍ଣୁ—
1. Bishṇu. ୨ । ଇନ୍ଦ୍ର—2. Indra. ଦେ. ବି. ପୁଂ—
ପୁରୁଷ ଲୋକଙ୍କୁ ଦିଆଯିବା ନାମ—A name given to males.

ବିଶ୍ୱମ୍ଭର ଦାସ—ଦେ. ବି. ( ନାମ )—ଜଣେ ଉତ୍କଳୀୟ କବି—
Biśwambhara dāsa Name of an Oriya poet.
[ଦ୍ର—'ବିଚିତ୍ର ମହାଭାରତ' ଏହାଙ୍କ ଦ୍ୱାରା ରଚିତ । ଚାରଣୀ.
ଉତ୍କଳ ସାହିତ୍ୟର ଇତିହାସ ।]

ବିଶ୍ୱମ୍ଭର ମିଶ୍ର—ଦେ. ବି. (ନାମ)—ଜଣେ ଉତ୍କଳୀୟ କବି—
Biśwambhara miśra Name of an Oriya poet.
[ଦ୍ର—'ବିଚିତ୍ର ଭାରତ' ଏହାଙ୍କ ଦ୍ୱାରା ରଚିତ । ଚାରଣୀ.
ଉତ୍କଳ ସାହିତ୍ୟର ଇତିହାସ ।]

ବିଶ୍ୱମ୍ଭରା—ସଂ. ବି. ସ୍ତ୍ରୀ (ବିଶ୍ୱମ୍ଭର+ସ୍ତ୍ରୀ. ଆ)—ପୃଥିବୀ—
Biśwambharā The earth.

ବିଶ୍ୱାଯୁ(ୟୁ)—ସଂ. ବି—ବାୟୁ—
Biśwaju(yu) The wind (Apte).

ବିଶ୍ୱରୂପ—ସଂ. ବି—୧ । ମହାଭାରତୋକ୍ତ ଭଗବଦ୍‌ଗୀତାରୁ ଶ୍ରୀକୃଷ୍ଣ ଅର୍ଜୁନଙ୍କୁ
Biśwarūpa ବୁଝାଇ ଉପଦେଶ ଦେଉଥିବା ସମୟରେ ଅର୍ଜୁନଙ୍କୁ
(ବିଶ୍ୱମୂର୍ତ୍ତି—ଅନ୍ୟରୂପ) କୁରୁକ୍ଷେତ୍ରରେ ବିଶ୍ୱବ୍ରହ୍ମାଣ୍ଡବ୍ୟାପୀ ଯେଉଁ
ବିରାଟ ରୂପ ଦେଖାଇଥିଲେ—1. The all-pervading form which Srikṛushṇa showed to Arjuna in the Kurukshetra war-field.
୨ । ବିଷ୍ଣୁ—2. Bishṇu. ୩ । ଅନନ୍ତ; ବାସୁକି;
ସର୍ପରାଜ—3. A name of Bāsuki. ସଂ. ବିଣ.
( ବହୁବ୍ରୀହି )—ସର୍ବତ୍ର ବିଦ୍ୟମାନ—Omnipresent;
existing everywhere. ଦେ. ବି—ଶ୍ରୀ ଚୈତନ୍ୟ
বিশ্বরূপ ଦେବଙ୍କ ଜ୍ୟେଷ୍ଠ ଭ୍ରାତା—Name of the elder
विश्वरूप brother of Sri Chaitanya.

ବିଶ୍ୱରେତାଃ—ସଂ. ବି. (ବିଶ୍ୱ=ସମସ୍ତ+ରେତସ୍=ବୀଜ; ୧ମା.୧ବ)—
Biśwaretāḥ ୧ । ବ୍ରହ୍ମା—1. Brahmā. ୨ । ବିଷ୍ଣୁ—
2. Bishṇu.

ବିଶ୍ୱଶ୍ରବାଃ—ସଂ. ବି. (ବିଶ୍ୱ+ଶ୍ରବସ୍=କର୍ଣ୍ଣ; ୧ମା. ୧ବ)—ମୁନିବିଶେଷ—
Biśwaśrabāḥ Name of a sage.

ବିଶ୍ୱସନ—ସଂ. ବି. ( ବି+ଶ୍ୱସ୍ ଧାତୁ=ବିଶ୍ୱାସ କରିବା+ଭାବ.
Biśwasana ଅନ )—ବିଶ୍ୱାସ; ପ୍ରତ୍ୟୟ—
Confidence; trust.

ବିଶ୍ୱସନୀୟ—ସଂ. ବିଣ. ( ବି+ଶ୍ୱସ୍ ଧାତୁ=ବିଶ୍ୱାସ କରିବା+କର୍ମ.
Biśwasanīya ଅନୀୟ )—୧ । ବିଶ୍ୱାସଯୋଗ୍ୟ; ଯେଉଁ ବ୍ୟକ୍ତି-
(ବିଶ୍ୱସନୀୟା—ସ୍ତ୍ରୀ) ଠାରେ ବିଶ୍ୱାସ ସ୍ଥାପନ କରାଯାଇ ପାରେ—
1. Reliable. ୨ । ଯେ ବା ଯାହା ଅନ୍ୟର ମନରେ
ବିଶ୍ୱାସ ଜନ୍ମାଇ ପାରେ—2. Capable of inspiring confidence (Apte).

ବିଶ୍ୱସହା—ସଂ. ବି. (ବିଶ୍ୱ+ସହ୍ ଧାତୁ+କର୍ତ୍ତୃ. ଅ+ଆ)—୧ । ପୃଥିବୀ-
Biśwasahā 1. The earth. ୨ । ଅଗ୍ନିର ଏକ ଜିହ୍ୱା—
2. One of the tongues of fire (Apte).

ବିଶ୍ୱସାର—ସଂ. ବି. ( ୬ଷ୍ଠୀ ତତ୍; ବିଶ୍ୱ+ସାର=ସାରାଂଶ)—୧ । ସଂସାରର
Biśwasāra ସାର ବସ୍ତୁ—1. The essential thing in
the world. ୨ । ତନ୍ତ୍ର ଗ୍ରନ୍ଥବିଶେଷ—2. The title of a Tantric treatise.

ବିଶ୍ୱସିତ—ସଂ. ବିଣ. ପୁଂ ( ବି+ଶ୍ୱସ୍ ଧାତୁ=ବିଶ୍ୱାସ କରିବା+କର୍ମ.
Biśwasita ତ )—୧ । ବିଶ୍ୱାସପାତ୍ର; ବିଶ୍ୱାସଯୋଗ୍ୟ—
(ବିଶ୍ୱସିତା—ସ୍ତ୍ରୀ) 1. Trustworthy; reliable. ୨ । ଯାହା-
ଠାରେ ବିଶ୍ୱାସ ସ୍ଥାପନ କରାଯାଇ ଥାଏ—
2. Trusted.

ବିଶ୍ୱସୃକ୍—ସଂ. ବି. (ବିଶ୍ୱ+ସୃଜ୍ ଧାତୁ=ସୃଷ୍ଟି କରିବା+କର୍ତ୍ତୃ. କ୍ୱିପ୍;
Biśwasṛuk ୧ମା. ୧ବ)—୧ । ବିଧି; ବିଧାତା; ପରମେଶ୍ୱର—
(ବିଶ୍ୱସୃଜ—ଦେଶଜରୂପ) 1. The Creator; God. ୨ । ବ୍ରହ୍ମା—
2. Brahmā. (ଉ—ବିଶ୍ୱସୃଜ ବିଶ୍ୱଯାକ ଏ କପଟ କରି
କି କଲ୍ପ ଚରିତ । ଉପ. ବୈଦେହୀଶବିଳାସ ।)

ବିଶ୍ୱସ୍ତ—ସଂ. ବି. ପୁଂ. (ବି+ଶ୍ୱସ୍ ଧାତୁ=ବିଶ୍ୱାସ କରିବା+କର୍ମ. ତ)—
Biśwasta ୧ । ବିଶ୍ୱାସପାତ୍ର; ଯାହା ଉପରେ ବିଶ୍ୱାସ ସ୍ଥାପନ କରାଯାଇ
(ବିଶ୍ୱସ୍ତା—ସ୍ତ୍ରୀ) ପାରେ—1. Reliable; trustworthy (Apte)
୨ । ଯାହାଠାରେ ବିଶ୍ୱାସ କରାଯାଇ ଥାଏ—2. Trusted
(Apte). ୩ । (ବି+ଶ୍ୱସ୍ ଧାତୁ+କର୍ତ୍ତୃ. ତ) ଯେ ଅନ୍ୟ
ଉପରେ ବିଶ୍ୱାସ କରେ) ବିଶ୍ୱାସୀ—3. Confiding; re-

lying (Apte). ୪ । ନିର୍ଭୟ; ନିଶ୍ଚିନ୍ତ—4. Fearless; confident (Apte).

**ବିଶ୍ୱସ୍ତ ସୂତ୍ରରେ**—ଦେ. କ୍ରି. ବିଣ—୧ । ବିଶ୍ୱାସଯୋଗ୍ୟ ଭାବରେ—
Biswasta sūtrare 1. Confidentially. ( ଯଥା—ମୁଁ ବିଶ୍ୱସ୍ତ ସୂତ୍ରେ ଏ ବିଷୟ ବିଶ୍ୱସ୍ତ ସୂତ୍ରରେ ଅବଗତ ହେଲି ) । ୨ । ଗୁପ୍ତ
**विश्वस्त सूत्रसे** ଭାବରେ—2. Secretly.
(ବିଶ୍ୱସ୍ତ ସୂତ୍ରେ—ଅନ୍ୟରୂପ)

**ବିଶ୍ୱସ୍ତା**—ସଂ. ବି. ସ୍ତ୍ରୀ. (ବି=ବିଫଳରେ+ଶ୍ୱସ୍ ଧାତୁ=ନିଶ୍ୱାସ ପକାଇବା
Biswastā +ଭାବ. ତ+ସ୍ତ୍ରୀ.ଆ; ଯେ ବିଫଳରେ ନିଶ୍ୱାସ ପକାଉଥାଏ)—ବିଧବା—A widow (Apte).

**ବିଶ୍ୱସ୍ରଷ୍ଟା**—ସଂ.ବି.-(୬ଷ୍ଠୀତତ୍; ବିଶ୍ୱ+ସ୍ରଷ୍ଟା)--ସୃଷ୍ଟିକର୍ତ୍ତା; ପରମେଶ୍ୱର—
Biswasrashtā God; the Creator.

**ବିଶ୍ୱା**—ଦେ. ବି—(ସଂ. ବିଶ୍ୱ=ପରମାଣବିଶେଷ)—୧ । (ଭୂମି ପରିମାଣ)
Biswā ଗୁଣ୍ଠର ୧୬ ଭାଗରୁ ଏକ ଭାଗ; ମାଣକର ୪୦୦ ଭାଗରୁ ଏକଭାଗ—1. $\frac{1}{16}$ of a guṇṭha; $\frac{1}{400}$ of an
ବିଶ୍ୱା **बिस्वह; बिस्वा** acre. ୨ । (ଦ୍ରବ୍ୟର ଓଜନ) ସେରର ୧୬ ଭାଗରୁ ଏକଭାଗ ବା ମହଣର ୬୪୦ ଭାଗରୁ ଏକ ଭାଗ; ଛଟାଙ୍କି—2. $\frac{1}{16}$ of a seer. ୩ । (ଶସ୍ୟ-ପରିମାଣ) ଗଉଣୀର ୧୬ ଭାଗରୁ ଏକ ଭାଗ ବା ଭରଣର ୧୨୮୦ ଭାଗରୁ ଏକ ଭାଗ—3. $\frac{1}{16}$ of a gauṇi. ୪ । (ମୁଦ୍ରା ପରିମାଣ) ପାହୁଲାର ୧୬ ଭାଗରୁ ଏକଭାଗ—4. $\frac{1}{16}$ of a pie. ୫ । (କଉଡ଼ି ପରିମାଣ) ଏକ କଡ଼ା କଉଡ଼ିର ଚତୁର୍ଥାଂଶ—5. $\frac{1}{4}$ of a courie. ୬ । (ସମଷ୍ଟି ପରିମାଣ) କୌଣସି ପୂର୍ଣ୍ଣ ପଦାର୍ଥକୁ ଏକ କାହାଣ କଳ୍ପନା କରାଯାଇ ତହିଁର ୧୬ ଭାଗରୁ ୧ ଭାଗ—6. $\frac{1}{16}$ of any whole thing. ୭ । (ଜହ୍ନରମାନଙ୍କର ସୁନା ରୂପା ଆଦିର ଓଜନ) ୧ ରତିର ୨୦ ଭାଗରୁ ୧ ଭାଗ—7. $\frac{1}{20}$ of a Rati ( goldsmith's standard of weight)

**ବିଶାଏ**—ଦେ. କ୍ରି. ବିଣ—୧ । ଏକ ବିଶ୍ୱା ମାତ୍ର ପରିମାଣରେ—1. In
Biswāe the quantity of a Biswā. ୨ । ଟିକିଏ ମାତ୍ର--
একআনা **एकबिस्वा** 2. A little. [ ଉ—ବୋଲେ ଖଡ଼ଗ ପ୍ରହାରୁ ଖଡ଼ଗ ପରାସ୍ତେ; ବିଶାଏ ନ ଭେଦ ଦେହେ ଚକିଖି ତ ହୋଏ । ଉଞ୍ଜ—ବୈଦେହୀଶବିଳାସ ।]

**ବିଶ୍ୱାଚୀ**—ସଂ. ବି. ସ୍ତ୍ରୀ—( ବିଶ୍ୱ+ଅଞ୍ଚ୍ ଧାତୁ=ଗମନ କରିବା+
Biswāchī କ୍ୱିପ୍+ସ୍ତ୍ରୀ. ଈ)—୧ । ଜଣେ ଅପ୍ସରା—1. Name of a heavenly nymph. ୨ । ବାହୁରୋଗ-ବିଶେଷ—2. A kind of disease affecting the arm.

**ବିଶ୍ୱାତ୍ମା**—ସଂ ବି—(୬ଷ୍ଠୀ ତତ୍; ବିଶ୍ୱ+ଆତ୍ମନ୍; ୧ମା. ୧ବ)—୧ ।
Biswātmā ବ୍ରହ୍ମା—1. Brahmā. ୨ । ବିଷ୍ଣୁ—2. Bishṇu. ୩ । ମହେଶ୍ୱର—3. Siba. ୪ । ପରମେଶ୍ୱର—4. God.

**ବିଶ୍ୱାବସୁ**—ସଂ. ବି. ପୁଂ—(ବହୁବ୍ରୀହି; ବିଶ୍ୱ=ବହୁତ+ବସୁ=ଧନ)—
Biswābasu ୧ । ଗନ୍ଧର୍ବବିଶେଷ—1. Name of a gandharba. ସଂ. ବି. ସ୍ତ୍ରୀ—୨ । ରାତ୍ରି—2. The night. ଦେ.ବି—ଦୋକାନରେ ପଣ୍ୟଦ୍ରବ୍ୟ ଓଜନ କରିବାପାଇଁ ବ୍ୟବହୃତ (ସେର, ଅଧସେର, ପାଅ, ଛଟାଙ୍କି, ରତି ଓ କାଣି ଆଦି ଓଜନର) ବଟକରା—The standard weight used in weighing merchandise. [ଉ—ବଣିକାର ବସ୍ତୁ ସ୍ୱର୍ଗ ପ୍ରତୀତ; ବିଶ୍ୱାବସୁ ଜାନ୍ତି ସବୁ ଜାଣନ୍ତି । ଉଞ୍ଜ—ବୈଦେହୀଶ ବିଳାସ ।]

**ବିଶ୍ୱାମିତ୍ର**—ସଂ. ବି (ବହୁବ୍ରୀହି; ବିଶ୍ୱ=ସମସ୍ତ ସଂସାର+ମିତ୍ର=ବନ୍ଧୁ; ଅ
Biswāmitra ସ୍ଥାନରେ ଆ; କିମ୍ବା ବିଶ୍ୱ+ଅମିତ୍ର)—ଗାଧିରାଜାଙ୍କ ପୁତ୍ର; ମୁନିବିଶେଷ—Name of a sage.

[ ଉ—ବିଶ୍ୱାମିତ୍ର ବୋଇଲେ ଅମିତ୍ର ମୋ ଦେବେ, ହେବାରୁ ବିଶ୍ୱାମିତ୍ର ବୋଲନ୍ତିଟି ସର୍ବେ । କୃଷ୍ଣସିଂହ—ମହାଭାରତ. ଅନୁଶାସନ । ] [ ବୃ—ଏ କାନ୍ୟକୁବ୍ଜର ଗାଧିରାଜାଙ୍କ ପୁତ୍ର ଥିଲେ । ଥରେ ଏ ମୃଗୟାର୍ଥ ଯାଇ ବଶିଷ୍ଠଙ୍କ ଆଶ୍ରମରେ ପହଞ୍ଚିଲେ । ସେଠାରେ ବଶିଷ୍ଠଙ୍କ କାମଧେନୁକୁ ଦେଖି ଲୋଭାକୃଷ୍ଟ ହୋଇ ତାହାକୁ କଣିବ ପାଇଁ ବଶିଷ୍ଠଙ୍କ ପ୍ରଚୁର ଅର୍ଥ ଯାଚିଲେ । ବଶିଷ୍ଠ ସେଥିରେ ଅସ୍ୱୀକୃତ ହେବାରୁ ବିଶ୍ୱାମିତ୍ର ଉକ୍ତ ଗାଭୀକୁ ବଳପୂର୍ବକ ନେବାକୁ ବସିଲେ; କିନ୍ତୁ ବଶିଷ୍ଠଙ୍କ ତପଃପ୍ରଭାବରୁ ପରାଜିତ ହେଲେ । ଏଥିରୁ ସେ ବ୍ରହ୍ମତେଜର ମହିମା ଅବଗତ ହୋଇ କଠୋର ତପସ୍ୟାରେ ରତ ହେଲେ ଓ ତପସ୍ୟାର ଫଳରେ କ୍ରମଶଃ ରାଜର୍ଷି, ଋଷି, ମହର୍ଷି ଓ ବ୍ରହ୍ମର୍ଷି ଆଖ୍ୟା ପ୍ରାପ୍ତ ହେଲେ ଏବଂ ଶେଷରେ ବଶିଷ୍ଠ ତାଙ୍କୁ ବ୍ରହ୍ମର୍ଷି ନାମରେ ଡାକିଲେ । ଏ ବଶିଷ୍ଠଙ୍କ ଶତ ପୁତ୍ରଙ୍କୁ ହତ୍ୟା କରିଥିଲେ; ତଥାପି ବଶିଷ୍ଠ ତହିଁରେ କ୍ରୁଦ୍ଧ ହୋଇ ନ ଥିଲେ । ତ୍ରିଶଙ୍କୁ ନାମକ ଜଣେ ରାଜାଙ୍କୁ ଦେବତାମାନେ ପାତାଳକୁ ଖସାଇ ପକାଇଥିଲେ; ବିଶ୍ୱାମିତ୍ର ନିଜର ତପଃପ୍ରଭାବରେ ତାଙ୍କୁ ପତନରୁ ରକ୍ଷା କରି ଆକାଶର ଏକ ନିର୍ଦ୍ଦିଷ୍ଟ ସ୍ଥାନରେ ରଖାଇଲେ । ବିଶ୍ୱାମିତ୍ର କିଛି କାଳ ଯୁବକ ରାମଚନ୍ଦ୍ରଙ୍କ ପରାମର୍ଶଦାତା ଓ ସଙ୍ଗୀ ଥିଲେ ଏବଂ ତାଙ୍କୁ କେତେଗୁଡ଼ିଏ ମନ୍ତ୍ର ଓ ମନ୍ତ୍ରପୂତ ଅସ୍ତ୍ର ପ୍ରଦାନ କରିଥିଲେ । (Apte). ବିଶ୍ୱାମିତ୍ରଙ୍କ ବ୍ରହ୍ମା ସଦୃଶ ରୂପରେ ସୃଷ୍ଟି କରିଥିଲେହେଁ ସେ ତପସ୍ୟା ବଳରେ ବ୍ରହ୍ମାଙ୍କ ନିୟମକୁ ବଦଳାଇ ପାରି ବ୍ରାହ୍ମଣ ହୋଇଥିଲେ । ସମ୍ଭବତଃ ଏହି କାରଣରୁ ଲୋକଙ୍କ ମଧ୍ୟରେ କଥିତ ଅଛି ଯେ—ବ୍ରହ୍ମା ଯାହା ସର୍ଜନା କରିଥିଲେ, ବିଶ୍ୱାମିତ୍ର ତହିଁର ଓଲଟା କଥାମାନ ସୃଷ୍ଟି କଲେ । ଏଥିପାଇଁ ବିଧାତାଙ୍କ ନିୟମର ବହିର୍ଭୂତ ବିଷୟକୁ ବିଶ୍ୱାମିତ୍ରୀ ସର୍ଜନା ବୋଲି ଲୋକେ କହୁଥାଆନ୍ତି । ଯଥା—ସ୍ତ୍ରୀ ସଙ୍ଗେ ପୁରୁଷ ସହବାସ କରିବା ବିଷୟ ବ୍ରହ୍ମା ସୃଷ୍ଟି କଲେ । ଅପ୍ରାକୃତ କାମବୃତ୍ତି ଚରିତାର୍ଥ କରିବା ( ପୁଂମୈଥୁନ, ପଶୁମୈଥୁନାଦି ) ବିଶ୍ୱାମିତ୍ର ସୃଷ୍ଟି

ବୋଲେ ବୋଲି ଲୋକେ କହୁଥାଆନ୍ତି । ] ଦେ. ବିଣ. ( ବିଶ୍ୱ+ଅମିତ୍ର )—ଜଗଦ୍‌ବୈରୀ—An enemy of the universe. [ ଉ—ବିଶ୍ୱାମିତ୍ର ସୁବାହୁର ବିନାଶ ବିଗ୍ରହ—ଭଞ୍ଜ. ବୈଦେହୀଶବିଳାସ । ]

**ବିଶ୍ୱାମିତ୍ର ଜୀମୂତ**—ଦେ. ବି—କୁହୁଡ଼ି—Mist; fog. [ ଉ—
Biśwāmitra jimūta ତଳେ ମୁଁ ଦେଖି ବିଶ୍ୱାମିତ୍ର ଜୀମୂତ—ଭଞ୍ଜ. ପ୍ରେମସୁଧାନିଧି । ] [ ଦ୍ର—ପୁରାଣ ମତରେ ପରଶୁରାମ ବନବାସକାଳରେ ଦାଶରଥି ରାମ ମହର୍ଷିଙ୍କ ସଙ୍ଗେ ଭ୍ରମଣ କରିବାବେଳେ ଲୋକଚକ୍ଷୁର ଅଦୃଶ୍ୟ ହେବା ପାଇଁ କୁହୁଡ଼ି ସୃଷ୍ଟି କରିଥିଲେ ।]

**ବିଶ୍ୱାମିତ୍ର ବ୍ରାହ୍ମଣ**—ପ୍ରାଦେ. ( ଗଞ୍ଜାମ ) ବି—ମାସ୍ତାନ ବ୍ରାହ୍ମଣଜାତୀୟ
Biśwāmitra brāhmaṇa ନୀଚ ବ୍ରାହ୍ମଣବିଶେଷ—A class of low caste Brāhmaṇas. [ ଦ୍ର—ଏମାନଙ୍କର ପଇତା ଥାଏ । ମାତ୍ର ଏମାନେ ଶୂଦ୍ରବତ୍ ଆଚରଣ କରନ୍ତି ।]

**ବିଶ୍ୱାମିତ୍ର(ତ୍ରି) ସର୍ଜନ(ନା)**—ଦେ. ବି—ବିଧାତାଙ୍କ ସୃଷ୍ଟିର ନିୟମବହିର୍ଭୂତ
Biśwāmitra(tri) sarjana(nā) କାର୍ଯ୍ୟ—Any extra-
( ବିଶ୍ୱାମିତ୍ର ସୃଷ୍ଟି—ଅନ୍ୟରୂପ ) ordinary doing.
বিশ্বামিত্রী সর্জনা; বিশ্বামিত্রের সৃজন **विश्वामित्री सृष्टि**

**ବିଶ୍ୱାମିତ୍ରି**—ଦେ. ବିଣ ( ସଂ. ବିଶ୍ୱାମିତ୍ରୀୟ )—ବିଶ୍ୱାମିତ୍ରଙ୍କ ପରି ପ୍ରାକୃତିକ
Biśwāmitri ନିୟମ ବହିର୍ଭୂତ ( କାର୍ଯ୍ୟ )—( any act ) Done or performed in an unnatural manner. ଦେ. ବି—ଅପ୍ରାକୃତିକ ବା ପୈଶାଚିକ ପ୍ରଣାଳୀରେ ଇନ୍ଦ୍ରିୟବୃତ୍ତି ଚରିତାର୍ଥ କରିବା ପ୍ରକ୍ରିୟା ( ଯଥା—ପଶୁମୈଥୁନ, ପୁଂମୈଥୁନ )—Unnatural modes of satisfying one's lust.

**ବିଶ୍ୱାଳ**—ଦେ. ବି.—(ସଂ. ବିଷୟପାଳ)—୧ । ମରହଟ୍ଟା ଓ ମୁସଲମାନଙ୍କ
Biśwāḷa ଅମଳର ଗ୍ରାମରକ୍ଷକ କର୍ମଚାରୀବିଶେଷ—1. Title
(ବିଶୁଆଳ—ଅନ୍ୟରୂପ) of a village official during the Mahomedan and Marhatta rules. [ଦ୍ର—ଏମାନେ ଦରମା ବଦଳରେ ଜାଗିର ଜମି ଭୋଗ କରୁଥିଲେ ।] ୨ । କ୍ଷତ୍ରିୟ ଓ ଖଣ୍ଡାୟତମାନଙ୍କର ଉପାଧି—ବିଶେଷ—2. Family title of some Kshatriyas and Khaṇḍāyats.

**ବିଶ୍ୱାଳସିଂହ**—ପ୍ରାଦେ.—( ଗଞ୍ଜାମ ) - ରାଜଦତ୍ତ ଉପାଧିବିଶେଷ—
Biśwāḷa sinha A title given by Rajas.
(ବିଶୁଆଳ ସିଂହ—ଅନ୍ୟରୂପ)

**ବିଶ୍ୱାଳି**—ଦେ. ବିଣ.—ବିଶ୍ୱାଳକର୍ମସମ୍ବନ୍ଧୀୟ—Relating to the
Biśwāḷi service of Biśwaḷa, ଦେ. ବି.—'ବିଶ୍ୱାଳ'
(ବିଶୁଆଳି—ଅନ୍ୟରୂପ) ପଦର ବା କାର୍ଯ୍ୟ—The post or duties of a Biśwāḷa.

**ବିଶ୍ୱାଳି ଜାଗିରି**—ଦେ. ବି.—'ବିଶ୍ୱାଳ' କାର୍ଯ୍ୟର ପାରିଶ୍ରମିକ ସ୍ୱରୂପ
Biśwāḷi Jāgiri ରାଜଦତ୍ତ ନିଷ୍କର ବୃତ୍ତି—Service land
(ବିଶ୍ୱାଳ ହେତା—ଅନ୍ୟରୂପ) held by a Biśwāḷa.

[ଦ୍ର—ବର୍ତ୍ତମାନ ଇଂରେଜ ରାଜତ୍ୱରେ ଓଡ଼ିଶାରୁ ଏହି ବିଶ୍ୱାଳପ୍ରଥା କ୍ରମଶଃ ଉଠି ଯାଉଅଛି; କିନ୍ତୁ ବିଶ୍ୱାଳି ଜାଗିରମାନ ବିଶ୍ୱାଳର ବଂଶଧରମାନେ ଭୋଗ କରୁଥିବା ପର୍ଯ୍ୟନ୍ତ ସେଥିରେ ସାଧାରଣ ରଇତି ଜମାର ଅର୍ଦ୍ଧେ କର ଧାର୍ଯ୍ୟ ହୋଇଅଛି ଓ ସେ ଜମି ଯଦି ବିଶ୍ୱାଳର ବଂଶଧରମାନଙ୍କଠାରୁ ଅନ୍ୟ ବଂଶୀୟ ବ୍ୟକ୍ତିଙ୍କ ହସ୍ତକୁ ଯାଏ, ତେବେ କ୍ରେତାମାନେ ପୂର୍ଣ୍ଣ ଜମା ରାଜସ୍ୱ ଦେବେ ଏହିପରି ଆଦେଶ ହୋଇଅଛି ।]

**ବିଶ୍ୱାସ**—ସଂ. ବି—(ବି+ଶ୍ୱସ୍ ଧାତୁ=ବିଶ୍ୱାସ କରିବା+ଭାବ. ଅ)—
Biśwāsa ୧ । ପ୍ରତ୍ୟୟ; ଆସ୍ଥା; ନିର୍ଭର—1. Trust; confidence; reliance. ୨ । ଶ୍ରଦ୍ଧା—2. Respect. ୩ । ଧର୍ମସମ୍ବନ୍ଧୀୟ ବିଶ୍ୱାସ—3. Religious faith. ୪ । ଧାରଣା—4. Conception; conviction. ୫ । ଆଶା—5. Hope. ଦେ. ବି—୧ । ଗୁପ୍ତକଥା—1. Secret matter. [ଉ—ଅସ ମହତ୍ତ୍ୱ ମୋର ପାଶ କହିବ ଏକାନ୍ତ ବିଶ୍ୱାସ । ଗଙ୍ଗାଧରଦାସ । ଦେ. ବିଣ- (ସଂ. ବିଶ୍ୱାସୀ)—ବିଶ୍ୱସ୍ତ; ବିଶ୍ୱାସର ପାତ୍ର, ବିଶ୍ୱାସର ସ୍ଥଳ—Trusted. [ଉ—ମୋର ବିଶ୍ୱାସ ତୁ, ଏଣୁ କହୁଛି, ଆଣି ଦେବୁ ନନ୍ଦର ବେନି ବତ୍ସ । ଭକ୍ତଚରଣ. ମଥୁରାମଙ୍ଗଳ ।]

**ବିଶ୍ୱାସ ଉଠିବା**—ଦେ. ବି.—କୌଣସି ବ୍ୟକ୍ତିଠାରେ ଥିବା ପର୍ଯ୍ୟନ୍ତ
Biśwāsa uṭhibā ରଖା ଯାଇଥିବା ଆସ୍ଥାର ଲୋପ ବା ବିନାଶ-
বিশ্বাস তুটে যাওয়া The loss of confidence or trust in
**विश्वास टूट जाना** a person.

ବିଶ୍ୱାସ ତୁଟିଯିବା, ବିଶ୍ୱାସ ତୁଟିବ
ବିଶ୍ୱାସ ଉଠିଯିବା, ବିଶ୍ୱାସ ତୁଟିବା } —ଅନ୍ୟରୂପ

**ବିଶ୍ୱାସ କଥା**—ଦେ. ବି—୧ । ଗୋପନୀୟ କଥା—1. Confiden-
Biśwāsa Kathā tial talk. ୨ । ଗୋପନୀୟ ବିଷୟ—
বিশ্বাসী কথা **गुप्त बात** 2. Confidential matter

**ବିଶ୍ୱାସ କରିବା**—ଦେ. କ୍ରି—(ସଂ. ବିଶ୍ୱାସ)—୧ । କୌଣସି ବିଷୟକୁ
Biśwāsa karibā ମନ ମଧ୍ୟରେ ସତ୍ୟ ବୋଲି ଜାଣିବା—
বিশ্বাস করা **विश्वास करना** 1. To believe a thing.
(ବିଶ୍ୱାସ ରଖିବା—ଅନ୍ୟରୂପ) ୨ । କୌଣସି ବ୍ୟକ୍ତିର ସାଧୁତା ଆଦି ସମ୍ବନ୍ଧରେ ନିର୍ଭର କରିବା—2. To believe in the honesty of a person. ୩ । କୌଣସି ବ୍ୟକ୍ତିକୁ ଆପଣାର ଗୁପ୍ତ କଥା କହିବା—3. To entrust a person with one's secrets. ୪ । କୌଣସି ଧର୍ମ-ମତରେ ଆସ୍ଥା ସ୍ଥାପନ କରିବା—4. To put faith on a religious tenet.

**ବିଶ୍ୱାସ କହିବା**—ଦେ. କ୍ରି.—କୌଣସି ବ୍ୟକ୍ତି ନିକଟରେ ଗୁପ୍ତ କଥା
Biśwāsa kahibā ପ୍ରକାଶ କରିବା—To speak one's
বিশ্বাসীকথা বলা **गुप्तबात कहना** secrets.

ବିଶ୍ୱାସ ଖୋଲିବା, ବିଶ୍ୱାସ ଫେଇବା
ବିଶ୍ୱାସ ଫେଡ଼ିବା, ବିଶ୍ୱାସ ଫିଟା(ଟେ)ଇବା } —ଅନ୍ୟରୂପ

**ବିଶ୍ୱାସଘର(ରା)**—ଦେ· ବି—୧ । ଅଣ୍ଡକୋଷ—1. Testicles.
**Biswāsaghara(rā)** ୨ । ଲିଙ୍ଗ—2. Penis. ୩ । ବିଶ୍ୱାସପାତ୍ର—3 A trusted person.

**ବିଶ୍ୱାସଘାତ**—ସ· ବି (ବିଶ୍ୱାସ + ଘାତ)—ବିଶ୍ୱାସ କରୁଥିବା ବ୍ୟକ୍ତିପ୍ରତି
**Biswāsaghāta** ପ୍ରତାରଣା କାର୍ଯ୍ୟ—Treachery to a
বিশ্বাসঘাতক person who trusts on you; perfidy.
**बिसवासघात** (ଉ—ବୃକ୍ଷ ବିଶ୍ୱାସେ କଲେ ନାଶ, ନାହିଁ ବିଶ୍ୱାସଘାତ ଦୋଷ—ପ୍ରାଚୀ. ପୂର୍ଣ୍ଣତମ ଚନ୍ଦ୍ରୋଦୟ । ) ଦେ· ବିଣ (ସ. ବିଶ୍ୱାସଘାତକ )—ବିଶ୍ୱାସଘାତକ—Perfidious; treacherous.

**ବିଶ୍ୱାସଘାତକ**—ସ. ବିଣ. ପୁଂ ( ବିଶ୍ୱାସ+ଘାତକ )—ଅବିଶ୍ୱାସୀ;
**Biswāsaghātaka** ଯେଉଁ ଲୋକ ତାହା ଉପରେ ବିଶ୍ୱାସ କରିଥିବା ବ୍ୟକ୍ତିର ଅନିଷ୍ଟ କରେ; ଯେ ବିଶ୍ୱାସରେ ବିଷ ଦିଏ—Perfidious. ସ. ବି—ପ୍ରତାରକ; ବଞ୍ଚକ—
( ବିଶ୍ୱାସଘାତୀ—ଅନ୍ୟରୂପ ) A cheat.
( ବିଶ୍ୱାସଘାତିକା, ବିଶ୍ୱାସଘାତିନୀ—ସ୍ତ୍ରୀ )
( ବିଶ୍ୱାସଘାତକତା[ତ୍ୱ], ବିଶ୍ୱାସଘାତିତା[ତ୍ୱ]—ବିଶେଷ୍ୟ )

**ବିଶ୍ୱାସଘାତ(ତି, ତେ)କା**—ଗ୍ରା. ବିଣ. ପୁଂ. ( ସ. ବିଶ୍ୱାସଘାତକ )—
**Biswāsaghāta(ti, te)kā** ଅବିଶ୍ୱାସୀ; ବିଶ୍ୱାସଘାତକ—
বিশ্বাসঘাতক Perfidious. ଦେ. ବି—ବିଶ୍ୱାସଘାତକତା—
( ବିଶ୍ୱାସଘାତ[ତି, ତେ]କୀ—ସ୍ତ୍ରୀ ) Perfidy.

**ବିଶ୍ୱାସଜନକ**—ସ· ବିଣ ( ବିଶ୍ୱାସ+ଜନକ )—ଯାହା ମନରେ ବିଶ୍ୱାସ
**Biswāsajanaka** ଜନ୍ମାଏ—Producing belief.

**ବିଶ୍ୱାସନ**—ସ. ବି ( ବି+ଶ୍ୱସ୍ ଧାତୁ+ଭାବ. ଅନ )—ବିଶ୍ୱାସ ( ଦ୍ର.
**Biswāsana** ଶ. ) ( ଦେଖ )—Biswāsa ( See )

**ବିଶ୍ୱାସ ନାଶ**—ସ. ବି ( ୬ଷ୍ଠୀ ତତ୍; ବିଶ୍ୱାସ+ନାଶ )—୧ । କୌଣସି
**Biswāsa nāsa** ବ୍ୟକ୍ତିଠାରେ ପୂର୍ବରୁ କରାଯାଇଥିବା ପ୍ରତ୍ୟୟର
ବିଶ୍ୱାସଭଙ୍ଗ, ବିଶ୍ୱାସଲୋପ } ଅନ୍ୟରୂପ ବିନାଶ ଘଟିବା—1. Loss of confidence in a person.
୨ । ଆଶାଭଙ୍ଗ—2. Disappointment.

**ବିଶ୍ୱାସ ପାତ୍ର**—ସ. ବିଣ ( ପୁଂ ଓ ସ୍ତ୍ରୀ. ପ୍ରତି ବ୍ୟବହୃତ ) ( ୬ଷ୍ଠୀ ତତ୍;
**Biswāsa pātra** ବିଶ୍ୱାସ+ପାତ୍ର )—୧ । ବିଶ୍ୱାସଯୋଗ୍ୟ—
ବିଶ୍ୱାସଭାଜନ, ବିଶ୍ୱାସଭୂମି, ବିଶ୍ୱାସସ୍ଥାନ } ଅନ୍ୟରୂପ 1. Trustworthy; reliable.
୨ । ଯାହାକୁ ବିଶ୍ୱାସ କରାଯାଇଥାଏ—2. Trusted.

**ବିଶ୍ୱାସପ୍ରଦ**—ସ. ବିଣ—ଯାହା ବିଶ୍ୱାସ ଜନ୍ମାଏ—
**Biswāsaprada** Producing belief.

**ବିଶ୍ୱାସଯୋଗ୍ୟ**—ସ. ବିଣ ( ବିଶ୍ୱାସ+ଯୋଗ୍ୟ )—୧ । ଯେଉଁ ବ୍ୟକ୍ତିକୁ
**Biswāsajogya** ବିଶ୍ୱାସ କରାଯାଇ ପାରେ—1. Fit to be
( ବିଶ୍ୱାସାର୍ହ—ଅନ୍ୟରୂପ ) trusted; reliable; trustworthy ( person ). ୨ । ଯେଉଁ କଥାକୁ ବିଶ୍ୱାସ କରାଯାଇ ପାରେ—2. Reliable ( matter ).

**ବିଶ୍ୱାସରା**—ପ୍ରାଦେ. (ଗଡ଼ଜାତ) ବି —ରାଜାଙ୍କ ଖାଦ୍ୟପାନ ଅବ ତତ୍ତ୍ୱା-
**Biswāsarā** ବଧାରଣ କରିବା କର୍ମଚାରୀ—Title of a ser-
ବିଶ୍ୱାସ ରାଏ, ବିଶ୍ୱାସରାୟ, ବିଶାସରା } ଅନ୍ୟରୂପ vant who supervises and tests Raja's food and drink.

**ବିଶ୍ୱାସରେ ବିଷ ଦେବା**—ଦେ. କ୍ରି—୧ । ବିଶ୍ୱାସଘାତକତା କରିବା—
**Biswāsare bisha debā** 1. To act perfidiously.
বিশ্বাসে বিষ দেওয়া ୨ । ଯେଉଁ ଲୋକ ତାହାର ଉପରେ ବିଶ୍ୱାସ ସ୍ଥାପନ
**बिसवासमे बीस् देना** କରିଥାଏ ସେ ତାକୁ ବିଷ ପ୍ରୟୋଗ କରିବା—
2. To administer poison to a person who has implicit faith on you.

**ବିଶ୍ୱାସହନ୍ତା**—ସ. ବିଣ. ପୁଂ—ବିଶ୍ୱାସଘାତକ—Perfidious.
**Biswāsahantā** ( ବିଶ୍ୱାସହନ୍ତ୍ରୀ—ସ୍ତ୍ରୀ )

**ବିଶ୍ୱାସିବା**—ଦେ. କ୍ରି ( ପଦ୍ୟ )—ବିଶ୍ୱାସ କରିବା—
**Biswāsibā** [ ଉ—ମୁଁ ମୂଢ଼ ନ ଜାଣି ଅଜ୍ଞାନେ, ବିଶ୍ୱାସି ବୃନ୍ଦାର
বিশ্বাসা **बिस्वसना** ବଚନେ—ଜଗନ୍ନାଥ. ଭାଗବତ । ]

**ବିଶ୍ୱାସୀ**—ସ. ବିଣ (ବିଶ୍ୱାସିନ୍; ବିଶ୍ୱାସ+ଅସ୍ତ୍ୟର୍ଥେ. ଇନ; ୧ମା. ୧ବ)—
**Biswāsi** ୧ । ଯାହାର ଅନ୍ୟଠାରେ ବିଶ୍ୱାସ ଅଛି, ବିଶ୍ୱାସକାରୀ—
(ବି. ଅବିଶ୍ୱାସୀ) 1. Believing; confident. ୨ । ଯାହାଠାରେ ଅନ୍ୟର ବିଶ୍ୱାସ ଅଛି—2. Trusted. ୩ । ଯାହାକୁ ବିଶ୍ୱାସ କରାଯାଇ ପାରେ; ବିଶ୍ୱାସଯୋଗ୍ୟ—3. Trustworthy; reliable. ୪ । ପ୍ରଭୁଭକ୍ତ—4. Faithful ୫ । କୌଣସି ଧର୍ମମତରେ ବା ଈଶ୍ୱରଙ୍କଠାରେ ଆସ୍ଥାବାନ୍—5. Having firm faith in a religious tenet or in God.

**ବିଶ୍ୱାସୀ ନେବା**—ଦେ. କ୍ରି. (ମାଦଳାପାଞ୍ଜି)—ବିଶ୍ୱାସ ବା ପ୍ରତ୍ୟୟ ଜନ୍ମାଇ
**Biswāsi nebā** ଆୟତ୍ତ କରିବା—To bring a person under one's control by producing confidence in his mind.

**ବିଶ୍ୱାସେ**—ଦେ. କ୍ରି. ବିଣ—୧ । ନିଶ୍ଚୟ—1. Certainly. ୨ । ମୁଁ
**Biswāse** ବିଶ୍ୱାସ କରୁଛି—2. I trust. (ଉ—ଅଗାଧ ଦ୍ୱାଦଶ
নিশ্চয় ବରଷେ, ଜାତ ମୁଁ ହୋଇବି ବିଶ୍ୱାସେ । ଜଗନ୍ନାଥ. ଭାଗବତ ।)

**ବିଶ୍ୱାସ୍ୟ**—ସ. ବିଣ. (ବି+ଶ୍ୱସ୍ ଧାତୁ=ବିଶ୍ୱାସ କରିବା+କର୍ମ. ଯ)—
**Biswāsya** ବିଶ୍ୱସନୀୟ; ବିଶ୍ୱାସଯୋଗ୍ୟ—Reliable; trustworthy.

**ବିଷ୍ (ଧାତୁ)**—ସ—୧ । ବ୍ୟାପିବା—1. To spread. ୨ । ବିଶ୍ଳେଷଣ
**Bish (root)** କରିବା—2. To analyse. ୩ । ସେଚନ କରିବା—3. To sprinkle ୪ । ବିପ୍ରୟୋଗ କରିବା—4. To separate; to bring about dissolution. ୫ । ସେବନ କରିବା—5. To drink; to enjoy. ୬ । ଭେଦ କରିବା; ବିଦ୍ଧ କରିବା—6. To pierce.

**ବିଷ୍**—ସଂ. ବି. ସ୍ତ୍ରୀ. (ବିଷ୍ ଧାତୁ=ବ୍ୟାପିବା+କର୍ତ୍ତୃ. କ୍ୱିପ୍; ଯେଉଁ ମଳ
Bish ନାଡ଼ିରେ ବ୍ୟାପେ)—ବିଷ୍ଠା; ମଳ—Ordure; dung.

**ବିଷ**—ସଂ. ବି. (ବିଷ୍ ଧାତୁ=ବ୍ୟାପିବା+କର୍ତ୍ତୃ. ଅ; ଯାହା ଦେହ
Bisha ତମାମ୍ ବ୍ୟାପିଯାଏ)—୧ । ଗରଳ; କାଳକୂଟ; ହଳାହଳ; ପ୍ରାଣନାଶକ ଦ୍ରବ୍ୟ—1. Poison; virus; venom. [ଦ୍ର—ଯେଉଁ ବସ୍ତୁଦ୍ୱାରା ପ୍ରାଣୀର ପ୍ରାଣନାଶ ଘଟେ, ତାହାର ନାମ ବିଷ । ସ୍ଥାବର ଓ ଜଙ୍ଗମ ଭେଦରେ ବିଷ ଦୁଇ ପ୍ରକାର । ସର୍ପାଦି ପ୍ରାଣୀଙ୍କର ବିଷକୁ ଜଙ୍ଗମ ଓ ବୃକ୍ଷ, ପ୍ରସ୍ତରାଦି ଓ ଖଣିରୁ ଜାତ ବିଷକୁ ସ୍ଥାବର ବିଷ ବୋଲାଯାଏ । ବିଷ ଶରୀରରେ ପ୍ରବେଶ କରି ପ୍ରଥମେ ରକ୍ତରେ ମିଶି ହଠାତ୍ ଦେହ ତମାମ ବ୍ୟାପିଯାଏ ଓ ଶେଷକୁ ପ୍ରାଣନାଶ କରେ । ବିଷ ପ୍ରାଣନାଶକ ହେଲେ ମଧ୍ୟ ଯଥାର୍ଥରୂପେ ଶୋଧିତ ହୋଇ ରୋଗର ଅବସ୍ଥାନୁସାରେ ପ୍ରୟୋଗ କରାଗଲେ ଜରା ବ୍ୟାଧି ନିବାରଣ କରେ । ଅଧିକାଂଶ ସ୍ଥାବର ବିଷକୁ ତିନି ଦିନ ଗୋ ମୂତ୍ରରେ ବତୁରାଇ ତା ପରେ ନାନା ଉପାୟଦ୍ୱାରା ଶୋଧନ କରି ଔଷଧରେ ପ୍ରୟୋଗ କରାଯାଏ । ଶାସ୍ତ୍ର ଅନୁସାରେ ପ୍ରଥମେ ବିଷ କ୍ଷୀର-ସମୁଦ୍ର ମନ୍ଥନରୁ ଗରଳରୂପେ ବାହାରିଥିଲା ।] ୨ । ଜଳ; ବାରି—2. Water. ୩ । ପଦ୍ମାଦିଙ୍କର ମୃଣାଳ—3. Stalk of lotus. ୪ । ବିଷନାଭି; ମେଣ୍ଢାସିଂଘା—4. Aconite. [ଦ୍ର—ଏହା ଏକ ପ୍ରକାର ପାର୍ବତୀୟ ବୃକ୍ଷ । ଏହାର ଫୁଲରୁ ନାଳି ରଙ୍ଗ ହୁଏ । ଏହାର ମୂଳ ଅତି ବିଷାକ୍ତ ।] ୫ । ସ୍ୱାସ୍ଥ୍ୟର ଅନିଷ୍ଟକର ଯେ କୌଣସି ବିଷୟ—5. Any thing injurious to health. (ଯଥା—"ଅଜୀର୍ଣ୍ଣେ ଭୋଜନଂ ବିଷଂ;—ବୃଦ୍ଧସ୍ୟ ତରୁଣୀ ବିଷଂ" ଚାଣକ୍ୟ ଶ୍ଳୋକ) [ଦ୍ର—ବୈଦ୍ୟଙ୍କ ମତରେ ବିଷ, ଗରଳ ଓ କ୍ଷେଡ଼ ବିଷର ପର୍ଯ୍ୟାୟ । ବିଷ ୯ ପ୍ରକାର—୧ । ବତ୍ସନାଭ, (ଏ ଗଛର ପତ୍ର ବେଗୁନିଆ ପତ୍ର ପରି ଓ ଏ ଗଛ ପାଖରେ ଥିବା ଅନ୍ୟ ଗଛ ବଢ଼େ ନାହିଁ । ଏ ବିଷର ଅକୃତି ବାଛୁରିର ନାଭି ପରି) ୨ । ହାରିଦ୍ର (ଏ ଗଛର ମୂଳ ହଳଦି ପରି) । ୩ । ସକ୍ତୁକ (ଏ ଗଛର ଗ୍ରନ୍ଥିସମୂହ ଛତୁଆ ପରି ଚୂର୍ଣ୍ଣରେ ପୂର୍ଣ୍ଣ ଥାଏ) । ୪ । ପ୍ରଦୀପନ (ଏ ବିଷ ରକ୍ତବର୍ଣ୍ଣ, ଦୀପ୍ତିଶୀଳ ଓ ଅଗ୍ନି ପରି ପ୍ରଭାଯୁକ୍ତ; ଏହା ସେବନ କଲେ ଅତ୍ୟନ୍ତ ଦାହ ଉପସ୍ଥିତ ହୁଏ) । ୫ । ସୌରାଷ୍ଟ୍ରିକ (ସୁରାଷ୍ଟ୍ର ବା ଗୁଜରାଟରେ ଉତ୍ପନ୍ନ) । ୬ । ଶୃଙ୍ଗିକ (ଏ ବିଷକୁ ଗାଈ ଶିଂଘରେ ବାନ୍ଧି ଦେଲେ ସେ ଗାଈର ଦୁଧ ରକ୍ତବର୍ଣ୍ଣ ହୁଏ), ୭ । କାଳକୂଟ (କଥିତ ଅଛି, ଦେବାସୁର ଯୁଦ୍ଧରେ ଦେବ-ନିହତ ପୃଥୁମାଳି ଦୈତ୍ୟର ରକ୍ତରୁ ଅଶ୍ୱତ୍ଥବୃକ୍ଷ ପରି ଗୋଟିଏ ଗଛ ଜନ୍ମିଥିଲା, ସେହି ଗଛର ନିର୍ଯ୍ୟାସ କାଳକୂଟ, ଏହା ଅହିକ୍ଷେତ୍ର, ଶୃଙ୍ଗବେର, କୋଙ୍କଣ ଓ ମଳୟ ଦେଶରେ ଜନ୍ମେ) । ୮ । ହଳାହଳ (ଏ ଗଛର ଫଳ ଦ୍ରାକ୍ଷା ସଦୃଶ ଓ ସ୍ତବକାକାର, ଏଥିର ପତ୍ର ତାଳପତ୍ର ପରି, ଏ ଗଛର ତେଜରେ ନିକଟସ୍ଥ ବୃକ୍ଷମାନ ପୋଡ଼ି ଯାଆନ୍ତି, ଏହା କିଷ୍କିନ୍ଧ୍ୟା, ହିମାଳୟ, ଦକ୍ଷିଣ ସମୁଦ୍ରର ତୀରଭୂମିରେ ଓ କୋଙ୍କଣ ପ୍ରଦେଶରେ ଜନ୍ମେ ଓ ୯ । ବ୍ରହ୍ମପୁତ୍ର (ଏ ବୃକ୍ଷର ବର୍ଣ୍ଣ ଓ ସାରଭାଗ କପିଳବର୍ଣ୍ଣ; ଏହା ମଳୟ ପର୍ବତରେ ଉତ୍ପନ୍ନ ହୁଏ) । ବିଷମାନଙ୍କୁ ୪ ଜାତିରେ ବିଭକ୍ତ କରାଯାଇଅଛି । ୧ । ପାଣ୍ଡୁବର୍ଣ୍ଣ—ବ୍ରାହ୍ମଣ—ଏହା ରସାୟନ କାର୍ଯ୍ୟରେ ବ୍ୟବହୃତ ହୁଏ । ୨ । ରକ୍ତବର୍ଣ୍ଣ, କ୍ଷତ୍ରିୟ, ଏହା ଶରୀରପୋଷଣ କାର୍ଯ୍ୟରେ ଲାଗେ; ୩ । ପୀତବର୍ଣ୍ଣ, ବୈଶ୍ୟ, ଏହା କୁଷ୍ଠବିନାଶନରେ ବ୍ୟବହୃତ ହୁଏ, ଓ ୪ । କୃଷ୍ଣବର୍ଣ୍ଣ, ଶୂଦ୍ର, ଏହା ପ୍ରାଣନାଶକ । ବିଷମାନ ସାଧାରଣତଃ ପ୍ରାଣନାଶକ, ବାତଘ୍ନ, କଫନାଶକ, ଯୋଗବାହୀ, ମତ୍ତତାଜନକ, ସମସ୍ତଶରୀରବ୍ୟାପକ, ଦେହ—ସନ୍ଧିବନ୍ଧନର ଶିଥିଳକାରକ । ଶୋଧିତ ହୋଇ ଉପଯୁକ୍ତ ମାତ୍ରାରେ ପ୍ରୟୋଗ କରାଗଲେ ବିଷ ପ୍ରାଣପ୍ରଦ, ରସାୟନ, ତ୍ରିଦୋଷଘ୍ନ, ପୁଷ୍ଟିକାରକ ଓ ବୀର୍ଯ୍ୟବର୍ଦ୍ଧକ ହୁଏ । ମହୁରା ନାମକ ବିଷକୁ ଅମୃତ ବୋଲାଯାଏ, ଏହା ଉପଯୁକ୍ତ ମାତ୍ରାରେ ପ୍ରୟୋଗ କରାଗଲେ କଫଜ, ବାତଜ ରୋଗମାନ, ସନ୍ନିପାତ ଜ୍ୱର, ଉତ୍କଟ ଆମବାତ ଓ ଦାରୁଣ ହୃଦ୍ରୋଗ ନିବାରିତ ହୁଏ । ଅର୍କକ୍ଷୀର, ମନସା ସିହୁଁର ଅଠା, ବିଷ-ଲାଙ୍ଗଳିଆ, କରବୀର, କାଇଁଚ, ଅଫିମ ଓ ଧସ୍ତୁରା ଏ ସାତଟି ଉପବିଷ—ଦ୍ରବ୍ୟଗୁଣ ।] ଦେ. ବି.—୧ । ବିଷୟା (ଦେଖ)—1. Bishayā (See) ୨ । ବିଷୟ—2. Matter. [ଉ—ପ୍ରକାଶିବି ମୁଖଚନ୍ଦ୍ର, ପଳାଇ ଯାଉଛି ତ ଅନ୍ଧକାର ସେ, ସଖୀଏ ଜାଣନ୍ତି ବିଷ ଯେ । ଭଞ୍ଜ. ଲାବଣ୍ୟବତୀ ।] ୩ । ହେତୁ—3. Cause. [ଉ—କ୍ଷଣକୁ ତହିଁ କ୍ଷଣ କୁଟର ପ୍ରାୟେ ଲୀନ କି ବିଷେ । ଭଞ୍ଜ. କୋଟିବ୍ରହ୍ମାଣ୍ଡସୁନ୍ଦରୀ ।] ୪ । ବିଷଦୃଷ୍ଟି ଭୟ—4. Apprehension of an unfavourable look. [ଦ୍ର—ଅଠମଙ୍ଗଳାଠାରୁ ତିନି ଦିନ ପର୍ଯ୍ୟନ୍ତ ନୂଆ ବୋହୂ କାହା ମୁହଁକୁ ଚାହେଁ ନାହିଁ । କାରଣ ଲୋକ ବିଶ୍ୱାସ ଯେ—ଏହି ତିନି ଦିନ ଯେ ନୂଆବୋହୂର ମୁହଁକୁ ଚାହିଁବ, ସେ ବୋହୂକୁ ବିଷଦୃଷ୍ଟିରେ ଦେଖିବ । ତହୁଁରେ ବୋହୂ ବାପଘରୁ ଗୁଡ଼ ନେଇ ଆସେ । ଦଶମଙ୍ଗଳା ଦିନ ସେହି ନୂଆବୋହୂ ଗୁଡ଼ ଟିକା ଧରି ବାହାରିଲା ପରେ, ଯାହାକୁ ଦେଖିବ, ସେ ନୂଆବୋହୂକୁ ଅମୃତ ଦୃଷ୍ଟିରେ ଚାହିଁବ ।] ୫ । ଗରଜ—5. Urgency. ଉ—ମୋର କି ବିଷ ପଡ଼ିଛି । ପ୍ରାଦେ.—(ଗଡ଼ଜାତ) ବି—(ସଂ. ବିଷୟ)—ଗ୍ରାମପୁଞ୍ଜ;
(ବିଷେ—ଅନ୍ୟରୂପ) ପ୍ରଗନ୍ନା—Pergunna; a group of villages.

**ବିଷଇ**—ଦେ. ବି.—(ସଂ. ବିଷୟୀ)—୧ । ବିଶୋଇ—(ଦେଖ)—
Bishai Bisoi (See) ୨ । ହିସାବ ପତ୍ର ଲେଖିବା ରାଜ-
(ବିଷେଇ, ବିଷୋଇ—ଅନ୍ୟରୂପ) କର୍ମଚାରୀ—2. An accountant; a clerk. ୩ । ଶୂଦ୍ରଙ୍କ ଉପାଧିବିଶେଷ—3. Family title of Sudras. ଦେ. ବିଣ.—

ବିଷାଦିବିଷୟାସକ୍ତ — Addicted to worldly concerns.

**ବିଷ ଉତାରିବା**—ଦେ. କ୍ରି. ( ସଂ. ବିଷ+ଉତ୍ତରଣ )—୧ । ସାପ
Bisha utāribā ଇତ୍ୟାଦିର ବିଷକୁ ଔଷଧ ଦ୍ୱାରା କିମ୍ବା ମନ୍ତ୍ର
বিষ নাবা(মা)ন ସାହାଯ୍ୟରେ ଦୂରୀଭୂତ କରିବା—1. To coun-
**বিষ উতারনা** teract the effect of serpent or other
(ବିଷ ଉତୁରିବା—ଦେଶଜ ରୂପ) poison from a person.
୨ । (ଲକ୍ଷଣାର୍ଥ) ଅନ୍ୟ ଲୋକର ମନରୁ କ୍ରୋଧ, ଗର୍ବ ପ୍ରଭୃତିକୁ ଦୂର କରି ତାକୁ ପ୍ରକୃତିସ୍ଥ କରିବା—2. To remove anger, pride etc from the mind of a person.

**ବିଷ କଣ୍ଟକିନୀ**—ସଂ. ବି—ବନ୍ଧ୍ୟା କର୍କ୍କୋଟକୀ ( ଦେଖ )—
Bisha kaṇṭakinī Bandhyā karkkoṭaki ( See )
(ବିଷ କଣ୍ଟକୀ—ଅନ୍ୟରୂପ) [ଦ୍ର—ଏ ଗଛ ଯେଉଁ ସ୍ଥାନରେ ଥାଏ, ସେ ସ୍ଥାନକୁ ସାପ ଆସେ ନାହିଁ ।]

**ବିଷ କଣ୍ଠ**—ସଂ. ବି. (ବହୁବ୍ରୀହି; ବିଷ+କଣ୍ଠ)—୧ । ଶିବ; ମହାଦେବ—
Bisha kontha 1. Śiba. ୨ । ସର୍ପ—2. Snake. (ଉ—ବିଷକଣ୍ଠେ ଶୀତେଶ ବୋଲୁଥିଲେ କେହି । ଭକ୍ତ ବୈଦେହୀଶବିଳାସ ।) ୩ । (ବିଷ ପଦ୍ମନାଡ଼ ଗଳି ବଣ ଯାଏ) ବଗ—3. The paddy bird; Ardea Nivea (bird). ୪ । ମୟୂର—4. Peacock.

**ବିଷ କୁମ୍ଭ**—ସଂ. ବି. (ମ. ପ. ଲୋ; ବିଷ+କୁମ୍ଭ)—୧ । ଗରଳ ଥିବା
Bisha kumbha ମାଠିଆ—1. A jar full of poison.
**विष खपरा, विषकी खान्** ୨ । (ଲକ୍ଷଣାର୍ଥ) ହିଂସାପୂର୍ଣ୍ଣ ହୃଦୟ—
2. (figurative) Malicious heart.

**ବିଷକୁମ୍ଭ ପୟୋମୁଖ**—ସଂ. ବି—୧ । ଯେଉଁ ପାତ୍ରର ଭିତରେ ବିଷ ଓ
Bishakumbha payomukha ମୁହଁ ପାଖେ ଦୁଗ୍ଧ ଥାଏ—
1. A pot which contains poison in the inside and milk at the mouth. ୨ । (ଲକ୍ଷଣାର୍ଥ) ଯେଉଁ ଲୋକ ମୁହଁରେ ମିଠା ଦେଖାଇ ଅନ୍ତରରେ ଶତ୍ରୁତା ରଖିଥାଏ—2. (figurative) A person who entertains inimical feelings in the heart and exhibits friendly feelings outside.
[ଦ୍ର—ପ୍ରତ୍ୟକ୍ଷରେ ପ୍ରିୟବାଦୀ ଓ ପରୋକ୍ଷରେ କାର୍ଯ୍ୟହନ୍ତା ବନ୍ଧୁ ମାନଙ୍କ ସମ୍ବନ୍ଧେ ଚାଣକ୍ୟ ଶ୍ଳୋକର ଶେଷ ଚରଣ ।]

**ବିଷ କୃମି**—ସଂ. ବି. (ମ. ପ. ଲୋ; ବିଷ+କୃମି)—ବିଷରୁ ଜାତ ହେବା
Bisha krumi ବା ବର୍ଦ୍ଧିତ ପୋକ—A worm born in or bred by poison.

**ବିଷ କୋଷ**—ସଂ. ବି. (ମ. ପ. ଲୋ; ବିଷ+କୋଷ)—ବିଷପୂର୍ଣ୍ଣ ମୁଣି—
Bisha kosha A bag full of poison.

**ବିଷକ୍ତ**—ସଂ. ବିଣ. (ବି+ସନ୍ଜ ଧାତୁ=ଆଲିଙ୍ଗନ କରିବା; ଲାଗିବା+
Bishakta କ୍ତ. ଡ; ସକୁ ବଧାନ)—୧ । ଆସକ୍ତ—1. Addicted to. ୨ । ସଲଗ୍ନ—2. Attached.

**ବିଷକ୍ରିୟା**—ସଂ. ବି ( ୬ଷ୍ଠୀ ତତ୍; ବିଷ+କ୍ରିୟା )—ଜୀବ ବା ବୃକ୍ଷାଦିର
Bishakriyā ଦେହରେ ବିଷର କାର୍ଯ୍ୟ—The action of poison on the body of an animal or vegetable.

**ବିଷ ଖାଇବା**—ଦେ. କ୍ରି—ଆତ୍ମଘାତ ପ୍ରାଣନାଶ ପାଇଁ ବିଷସେବନ
Bisha khāibā କରିବା—To take poison to
বিষ খাওয়া **विष खाना** commit suicide.

**ବିଷ ଖିଆ**— ବି—ବିଷ ଖାଇ ଛଟପଟ ହେବା ଅବସ୍ଥା—The state
Bisha khiā of restlessness due to one's having
বিষ খাওয়া imbibed poison. ଦେ. ବି—ବିଷ ଖାଇଥିବା
**विष खाना** ( ବ୍ୟକ୍ତି ) – ( a person ) Who has taken
বিষ খাওয়া **विषखायाहुआ** poison.

**ବିଷ ଖୋଇବା**—ଦେ. କ୍ରି—ଅନ୍ୟ ବ୍ୟକ୍ତିକୁ ହତ୍ୟା କରିବାପାଇଁ ତାକୁ
Bisha khoibā ଖାଦ୍ୟଦ୍ରବ୍ୟ ସଙ୍ଗେ ବିଷ ସେବନ କରାଇବା—
( ବିଷ ଦେବା, ବିଷ ଖୁଆଇବା—ଅନ୍ୟରୂପ ) To poison a
বিষ খাওয়ান; বিষ দেওয়া person to kill him; to
**विष खिलाना** administer poison to a person.

**ବିଷ ଗୋଡ଼ ଧୂଆ**—ଗ୍ରାଦେ ( ଯାଜପୁର ) ବି—ବିବାହ ପରେ ବଧୂ
Bisha gorda dhuā ସ୍ୱାମିଗୃହରୁ ବାପଘରକୁ ଫେରିଯିବା ପୂର୍ବରୁ ନିମନ୍ତ୍ରିତ ହୋଇ ଶ୍ୱଶୁରଘରକୁ ଯିବା – The going of the bridegroom to his father-in-law's house on invitation before the bride comes back to it after marriage.

**ବିଷ ଗୋଳିବା**—ଦେ. କ୍ରି—ଜହର ଗୋଳିବା; ଖାଦ୍ୟଦ୍ରବ୍ୟରେ ବିଷ-
Bishagolibā ମିଶାଇବା—To mix poison with one's
[ ବିଷଗୋଳା(ଳେ)ଇବା—ଅନ୍ୟରୂପ ] food.
বিষ গোলা **विष घोलदेना**

**ବିଷଘଟିତ**—ସଂ. ବିଣ ( ୩ୟା ତତ୍; ବିଷ+ଘଟିତ )—ବିଷମିଶ୍ରିତ;
Bishaghatita ଯହିଁରେ ବିଷ ମିଶିଥାଏ ( ଔଷଧ )—
( a medicine ) Mixed with poison.

**ବିଷଘା**—ସଂ. ବି· ସ୍ତ୍ରୀ—ଗୁଳୁଚି ( ଦେଖ )—
Bishaghā Guḷuchī ( See )

**ବିଷଘାତୀ**—ସଂ. ବିଣ ( ବିଷ+ହନ୍ ଧାତୁ+ଣିନ୍. ଇନ୍=ବିଷଘାତିନ୍
Bishaghāti ୧ମା. ୧ବ )—ବିଷନାଶକ; ଯାହା ବିଷର କ୍ରିୟାକୁ
(ବିଷଘାତିନୀ—ସ୍ତ୍ରୀ) ନାଶକରେ—Antidotal; serving as
(ବିଷନାଶକ—ଅନ୍ୟରୂପ) an antidote. ସଂ. ବି—୧ ।
ଚମ୍ପକ ଗଛ—1. The Champka tree ୨ ।
ଶିରୀଷ ଗଛ—2. The Śirisha tree. ୩ । ଭଲ୍ଲିଆ ( ବୃ. ଘ. )—3. Marking nut. ୪ । ଭୂକଦମ୍ବ ବୃ. ଘ. ( ଦେଖ )—4. Bhukadamba ( See ).
୫ । ଗନ୍ଧତୁଳସୀ ବୃ. ଘ. ( ଦେଖ )—5. Gandha-tuḷasi ( See )

**ବିଷଘ୍ନ**—ସଂ. ବି ଓ ବିଣ—(ବିଷ+ହନ୍ ଧାତୁ+ଟକ୍. ଅ)—ବିଷଘାତୀ
Bishaghna (ଦେଖ)—Bishaghāti (See).
(ବିଷଘ୍ନୀ, ବିଷଘ୍ନା—ସ୍ତ୍ରୀ)

**ବିଷଘ୍ନୀ**—ସଂ. ବିଣ. ସ୍ତ୍ରୀ—( ବିଷ+ହନ୍ ଧାତୁ=ବଧ କରିବା+ କର୍ତ୍ତୃ. ଅ +ସ୍ତ୍ରୀ. ଈ)—( ବିଷଘ୍ନ+ଈ ) ବିଷଘ୍ନର
Bishaghni
ସ୍ତ୍ରୀ. ଲିଙ୍ଗ—Feminine of bishaghna. ସଂ. ବି—
୧ । ହୁଲମୋଚିକା; ହୁଡ଼ମିଚ ଶାଗ—1. A kind of aquatic potherb. ୨ । ହଳଦୀ; ହଳଦ—2. Turmeric. ୩ । ରକ୍ତ ପୁନର୍ନବା; ନାଲପୁରୁଣୀ—3. The red variety of hogweed. ୪ । ବୃଶ୍ଚିକାଳୀ; ବିଛୁଆତି ଗୁଳ୍ମ—4. The stinging nettle ୫ । ମହାକାଳ; ଇନ୍ଦ୍ରବାରୁଣୀ; ଘାଷକୋଡ଼ମେଇଲିତା—5. Colocynth. ୬ । ମହାକରଞ୍ଜ ଗଛ—6. A large species of Karañja tree. ୭ । ଭୂଇଁ ଅଁଳା ( ହ୍ର. ଶ ) ( ଦେଖ )—7. Bhuiñ a-añlā (See). ୮ । ବନ ତୁଳସୀ ( ହ୍ର. ଶ )—8. The wild basil plant. ୯ । ଦେବଦାଲୀ ( ହ୍ର. ଶ ) ( ଦେଖ )—9 Debadāli (See). ୧୦ । କାଠିଆ କଦଳୀ (ହ୍ର. ଶ)—10. A varity of plantain used in curry. ୧୧ । ଧଳା ଅପାମାର୍ଗ (ହ୍ର. ଶ)—11. The white variety of Apāmārga. ୧୨ । ରାସ୍ନା (ହ୍ର. ଶ)—12. Rāsnā (See).

**ବିଷଚକ୍ର**—ସଂ. ବି—ଚକୋର ପକ୍ଷୀ (ହ୍ର. ଶ) (ଦେଖ)—
Bishachakra — Chakora bird (See).

**ବିଷ ଚହଟିବା**—ଦେ. ବି—ଦେହସାରା ବିଷ ବ୍ୟାପିବା—The
Bisha chahaṭibā — diffusion or taking effect of poison in the system.
বিষউঠা বিষচড়না
(ବିଷ ଘାରିବା, ବିଷ ଚଢ଼ିବା, ବିଷ ଚହଟିଯିବା—ଅନ୍ୟରୂପ)

**ବିଷ ଚିକିତ୍ସା**—ସଂ. ବି—( ବିଷ+ଚିକିତ୍ସା )—ବିଷର ମନ୍ଦ ଫଳର ପ୍ରତିକାର—Treatment for poisoning.
Bisha chikitsā

**ବିଷ ଜୁଷ୍ଟ**—ସଂ. ବିଣ—(ଷଷ୍ଠୀ ତତ୍; ବିଷ+ଜୁଷ୍ଟ)—୧ । ବିଷମୟ—
Bisha jushṭa — 1. Poisonous. ୨ । ବିଷଜର୍ଜ୍ଜରିତ—2. Poisoned; affected by poison.

**ବିଷ ଜ୍ୱର**—ସଂ. ବି—(ବହୁବ୍ରୀହି; ମହିଷ ପକ୍ଷରେ ଜ୍ୱରବେଗ ମାରାତ୍ମକ ଥିବାରୁ)—ମହିଷ—Buffalo (Apte).
Bisha jwara

**ବିଷଜ୍ୱାଳା**—ସଂ. ବି—ଶରୀରରେ ବିଷଜନିତ ଦାହ—The burning sensation or smartings or bad effect caused by poison.
Bishajwālā
বিষের জ্বালা
(ବିଷଜାଳା—ଗ୍ରାମ୍ୟରୂପ) [ବିଷଦାହ—ଅନ୍ୟ ଦେଶଜ ରୂପ]

**ବିଷ ଜର୍ଜରିତ**—ସଂ. ବିଣ. ପୁଂ ( ଷଷ୍ଠୀ ତତ୍; ବିଷ+ଜର୍ଜରିତ )—ବିଷଜ୍ୱାଳାରେ ଅସ୍ଥିର—Restless on account of poisoning.
Bisha jarjarita
( ବିଷଜର୍ଜରିତା—ସ୍ତ୍ରୀ )

**ବିଷ ଝଡ଼ା(ଡ଼େ)ଇବା**—ଦେ. କ୍ରି—ମନ୍ତ୍ର ଓ ଔଷଧାଦିଦ୍ୱାରା ଶରୀରରୁ ବିଷକୁ କାଢ଼ିଦେବା—To extract poison from the body of a poisoned person.
Bisha jhaṛḍā(ṛḍe)ibā
বিষ ঝাড়ান; বিষ তোলান
विष झड़ाना
(ବିଷ ଝାଡ଼ିବା—ଅନ୍ୟରୂପ ) ( ବିଷ ଝଡ଼ିବା—ବିଶେଷ୍ୟରୂପ )

**ବିଷଣି**—ସଂ. ବି—ହଳାହଳ; ଗରଳ—
Bishaṇi — Violent or fatal poison.

**ବିଷଣ୍ଣ**—ସଂ. ବିଣ. ପୁଂ ( ବି+ସଦ୍ ଧାତୁ=ଅବସନ୍ନ ହେବା+କର୍ତ୍ତୃ. ତ )—୧ । ବିଷାଦଯୁକ୍ତ; ଦୁଃଖିତ—1. Dejected; cast down; sorrowful.
Bishaṇṇa
( ବିଷଣ୍ଣତା—ବିଶେଷ୍ୟ )
( ବିଷଣ୍ଣା—ସ୍ତ୍ରୀ ) ୨ । ମଳିନ—2. Pale.

**ବିଷଣ୍ଣ ଚିତ୍ତ**—ସଂ. ବିଣ. ପୁଂ ( ବହୁବ୍ରୀହି; ବିଷଣ୍ଣ+ଚିତ୍ତ )—ଯାହାର ମନ ଦୁଃଖପୂର୍ଣ୍ଣ—Sorrowful. ସଂ. ବି. (କର୍ମଧା, ବିଷଣ୍ଣ+ଚିତ୍ତ)—ଦୁଃଖପୂର୍ଣ୍ଣ ମନ—Sorrowful mind.
Bishaṇṇa chita
ବିଷଣ୍ଣଚେତାଃ, ବିଷଣ୍ଣମନାଃ, ବିଷଣ୍ଣହୃଦୟ } ଅନ୍ୟରୂପ

**ବିଷଣ୍ଣ ବଦନ**—ସଂ. ବିଣ. ପୁଂ. (ବହୁବ୍ରୀହି; ବିଷଣ୍ଣ+ବଦନ )—ଯାହାର ମନ ଦୁଃଖରେ ପୂର୍ଣ୍ଣ ହୋଇଥାଏ—With a dejected face.
Bishaṇṇa badana
( ବିଷଣ୍ଣ ମୁଖ—ଅନ୍ୟରୂପ )
( ବିଷଣ୍ଣବଦନା, ବିଷଣ୍ଣମୁଖୀ[ଖା]—ସ୍ତ୍ରୀ ) ସଂ. ବି ( କର୍ମଧା; ବିଷଣ୍ଣ +ବଦନ )—ମଳିନମୁଖ—Dejected face.

**ବିଷତନ୍ତ୍ର**—ସଂ. ବି.—ସର୍ପ ଆଦିଙ୍କ ବିଷ ଦୂର କରିବା ପ୍ରକ୍ରିୟା (ହ୍ର. ଶ )—
Bishatantra — The mode of extracting serpent poison from the body.

**ବିଷତରୁ**—ସଂ. ବି—କୋଚିଲା ଗଛ ( ହ୍ର. ଶ. )—Nux Vomica tree.
Bishataru (ବିଷଦ୍ରୁମ—ଅନ୍ୟରୂପ)

**ବିଷତିନ୍ଦୁ**—ସଂ. ବି—କୋଚିଲା ( ଦ୍ରବ୍ୟଗୁଣ )—
Bishatindu — Nux Vomica.

**ବିଷଦ**—ସଂ. ବିଣ. ପୁଂ ( ବିଷ+ଦା ଧାତୁ=ଦାନ କରିବା+କର୍ତ୍ତୃ. ଅ )—୧ । ଯେ ଜୀବକୁ ମାରି ପକାଇବା ପାଇଁ ବିଷ ପ୍ରୟୋଗ କରେ; ଆତତାୟୀ—1. Poisoning; administering poison for killing. ୨ । ବିଶଦ ( ଦେଖ )—2. Bisada ( See ). ୧ । ସଂ. ବି—ମେଘ—1. Cloud. ୨ । ବିଶଦ ( ଦେଖ ) —2. Bisada ( See ) ୩ । ଗରଳ ବା ବିଷ ଦେଇ ଯେ ଲୋକଙ୍କୁ ମାରି ପକାଏ—3. Poisoner.
Bishada
( ବିଷଦାତା—ଅନ୍ୟରୂପ )
ବିଷଦା, ବିଷଦାୟୀ } ସ୍ତ୍ରୀ

**ବିଷଦଂଷ୍ଟ୍ରା**—ସଂ. ବି—୧ । ( ମ. ପ. ଶ୍ଳୋ )—ସାପର ବିଷମୟ ଦାନ୍ତ—
Bishadaṁshṭrā — 1. Fangs of a poisonous snake. ୨ । ( ବହୁବ୍ରୀହି ) ସର୍ପକଙ୍କାଳିକା ଲତା ( ହ୍ର. ଶ. )—2. A kind of herbal creeper. ୩ । (ବହୁବ୍ରୀହି) ନାଗଦମନୀ (ହ୍ର. ଶ.)—3. Indian wormwood.

**ବିଷଦଂଶ**—ସଂ. ବି. ( ବହୁବ୍ରୀହି )—ବିରାଡ଼ି—
Bishadaṁśa — Cat.

**ବିଷଦନ୍ତ**—ସଂ. ବି. ( ମ. ପ. ଶ୍ଳୋ; ବିଷ+ଦନ୍ତ )—୧ । ସର୍ପର ଯେଉଁ ଦନ୍ତରେ ବିଷ ଥାଏ—1. Poisonous fangs of serpents. ୨ । ଜୀବମାନଙ୍କର ଯେଉଁ ଦନ୍ତରେ ବିଷ ଥାଏ—2 Poisonous teeth of certain animals. ୩ । ( ବହୁବ୍ରୀହି; ବିଷ+ଦନ୍ତ )—
Bishadanta

ଅଶୀବିଷ; ସର୍ପ—3. Serpent. ୪ । ବିଷଭ୍ର (ହୃ. ଷ.)—4. Cat.

**ବିଷଦମାର୍ଗ**—ଦେ. ବି—ଅକାଶମାର୍ଗ; ଅକାଶପଥ—The sky; Bishadamārga aerial route. (ଦ୍ର—ବିଷଦଙ୍କର ଗୋଷ୍ଠୀଏ ଅଦ୍ଭୁତ, ବିଷଦମାର୍ଗରେ ଗମନ କରୁ—ଭଞ୍ଜ. ବୈଦେହୀଶବିଳାସ ।]

**ବିଷଦାନ**—ସଂ. ବି. (୬ଷ୍ଠୀ ତତ୍; ବିଷ+ଦାନ)—ପ୍ରାଣନାଶକ ଦ୍ରବ୍ୟ Bishadāna ଖାଇବାକୁ ଦେବା—Administration of (ବିଷ ପ୍ରଦାନ—ଅନ୍ୟରୂପ) fatal poison.

**ବିଷ ଦାନ୍ତ**—ଦେ. ବି. (ସଂ. ବିଷ ଦନ୍ତ)—ସର୍ପର ଯେଉଁ ଦାନ୍ତରେ ବିଷ Bisha dānta ଥାଏ—The poisonous fangs of a (ବିଷି ଦାନ୍ତ—ଗ୍ରାମ୍ୟ ରୂପ) serpent. [ଦ୍ର—ନାଗ ଅହି ବିଷଧର ସର୍ପର ପାଟିର ଦୁଇ ପାଖରେ ଯେଉଁ ଦୁଇଟି ଦାନ୍ତ ଥାଏ, ତାହାକୁ 'କାଳ' ଓ 'ବିକାଳ' ବୋଲିଯାଏ ଏହି ଦାନ୍ତର ମୂଳରେ ବିଷକୋଷ ଥାଏ । ସର୍ପ ଦନ୍ତାଘାତ କରିବା ମାତ୍ରେ ସେହି ଥଳୀରୁ ଗରଳ ବହି ସେହି କ୍ଷତ ସ୍ଥାନରେ ପଶେ ଓ ସେଠାରୁ ଦେହସାରା ବିଷ ଚହଟି ଯାଏ । ବିଷ ଦାନ୍ତ ଛଡ଼ା ସାପର ଅନ୍ୟ ଦାନ୍ତକୁ ଅହାର ଦାନ୍ତ ବୋଲିଯାଏ ।]

विष दाँत
**बिसाही, बिषैला दाँत**

**ବିଷ ଦାନ୍ତ ଓ(ଉ)ପାଡ଼ିବା**—ଦେ. କ୍ରି. (ସଂ. ବିଷଦନ୍ତ+ଉତ୍ପାଟନ)— Bisha dānta o(u)pārdibā ୧ । ସାପର ବିଷ ଦାନ୍ତକୁ ଭାଙ୍ଗି ସାପକୁ ବିଷହୀନ କରିବା—1. Extracting the fangs of a serpent. [ଦ୍ର—ସାପର ବିଷ ଦାନ୍ତ ଭାଙ୍ଗି ଦେବା ପରେ ଯେବେ ସେ ଦଂଶନ କରେ ସେ ଅଘାତରେ ଆପଦ ଘଟିବାର ସମ୍ଭାବନା ନ ଥାଏ ।]

ବିଷ ଦାନ୍ତ ଭାଙ୍ଗିବା, ବିଷ ଦାନ୍ତ ଭାଙ୍ଗିଦେବା, ବିଷ ଦାନ୍ତ ଝଡ଼ା(ଡ଼େ)ଇ ଦେବା } ଅନ୍ୟରୂପ

विष दाँत भाङ्गा(तोला)
**विषैला दाँत उखाड़ना**

୨ । (ଲକ୍ଷଣାର୍ଥ) କୌଣସି ବ୍ୟକ୍ତି ହାତରୁ ଅନ୍ୟର ଅନିଷ୍ଟ କରିବାର କ୍ଷମତା ଛଡ଼ାଇ ନେବା—2. (figurative) To deprive a person of the power of injuring others.

ବିଷ ଦାନ୍ତ ଉପୁଡ଼ିବା, ବିଷ ଦାନ୍ତ ଭାଙ୍ଗିଯିବା, ବିଷ ଦାନ୍ତ ଝଡ଼ିବା } ବିଶେଷ୍ୟ ରୂପ

**ବିଷଦିଆ**—ଦେ. ବିଣ.—(ସଂ. ବିଷଦଗ୍ଧ, ବିଷଦାତ୍ତ)—୧ । ବିଷଲିପ୍ତ—Bishadia 1. Smeared with poison. ୨ । ବିଷଦାନ-ବିଷ ଦେଓ୍ୱା କାର୍ଯ୍ୟ—2. Administering poison for killing animals or men. [ଦ୍ର—ଦୁର୍ଯ୍ୟୋଧନ ଭୀମଙ୍କୁ ବିଷଦିଆ ଖାଇକାଇବାରେ, ସୋମବଂଶୀ ମିତ୍ର—ଦ୍ରୋହ ତ ଶତୁଅ । କୃଷ୍ଣସିଂହ. ମହାଭାରତ. ଉଦ୍ଯୋଗ ।]

विष देओया
**विषैला**
**विष देनेवाला**

**ବିଷଦିଗ୍ଧ**—ସଂ. ବିଣ. ପୁଂ—(୬ଷ୍ଠୀ ତତ୍; ବିଷ+ଦିଗ୍ଧ)—୧ । ବିଷ-Bishadigdha ଜର୍ଜରିତ—1. Overpowered with (ବିଷଦିଗ୍ଧା—ସ୍ତ୍ରୀ) poison. ୨ । ବିଷଲିପ୍ତ—2. Besmeared with poison. ବିଷଦିଗ୍ଧ ବସ୍ତ୍ର ପ୍ରାୟେ ବହୁମୁଖ, ଶକା ଉପୁଜାଏ ଚିତ୍ତେ ଖାଲୁଚ । ରାଧାନାଥ. ଚିଲିକା ।]

**ବିଷଦୁଷ୍ଟ**—ସଂ. ବିଣ.—(୬ଷ୍ଠୀ ତତ୍; ବିଷ+ଦୁଷ୍ଟ)—ବିଷାକ୍ତ—Bishadushta Poisoned.

**ବିଷଦୂଷଣ**—ସଂ. ବିଣ.—ବିଷଦୂରକାରୀ (ହୃ. ଷ.) Bishadūshana Removing the effects of poison.

**ବିଷଦୃଷ୍ଟି**—ସଂ. ବି.—(ମ. ପ. ଲୋ; କର୍ମଧା, ବିଷ+ଦୃଷ୍ଟି)—ବିଷନୟନ Bisha drushti (ଦେଖ) Bishanayana (See)

**ବିଷଦୋଷ**—ସଂ. ବି.—(ବିଷ+ଦୋଷ)—ଶରୀରରେ ବିଷ ପ୍ରବେଶ-Bishadosha ଜନିତ ଉପଦ୍ରବ—The bad results due to the entry of poison into the system.

**ବିଷଧର**—ସଂ. ବି. ପୁଂ ( ବିଷ+ଧୃ ଧାତୁ=ଧାରଣ କରିବା+କର୍ତ୍ତୃ. ଅ; Bishadhara —ଯେ ବିଷଧାରଣ କରିଅଛି)—ଭୁଜଙ୍ଗ; ସର୍ପ; (ବିଷଧରୀ—ସ୍ତ୍ରୀ) ଯେଉଁ ସର୍ପର ବିଷଦନ୍ତ ଅଛି; ( ଯଥା—ନାଗ, ଗୋଖର, ଚନ୍ଦ୍ର, ବୋଡ଼ା)—Poisonous snake. ସଂ. ବିଣ. ପୁଂ—ଯାହାର ବିଷଥାଏ—Poisonous.

**ବିଷଧାତ୍ରୀ**—ସଂ. ବି. ସ୍ତ୍ରୀ ( ବିଷ+ଧାତ୍ରୀ=ଧାଈ )—ମନସା ଦେବୀ—Bishadhātrī The Goddess Manasā.

**ବିଷଧାରଣ**—ସଂ. ବି ( ବିଷ+ଧୃ ଧାତୁ+କର୍ତ୍ତୃ. ଅନ )—ସର୍ପ—Bishadhārana Snake. ( ଦ୍ର—ବିଦର ବରଣ ବ ବିଷଧାରଣ ବେନି ସଂଶୟ ଉପୁଜଲା । ଭଞ୍ଜ. ବୈଦେହୀଶ-ବିଳାସ । )

**ବିଷନୟନ**—ସଂ. ବି ( ମ. ପ. ଲୋ; କର୍ମଧାରୟ ବିଷ+ନୟନ )—Bishanayana ୧ । ବିଷଦୃଷ୍ଟି; ହିଂସାପୂର୍ଣ୍ଣ ଦୃଷ୍ଟି—1. Malignant glance. ୨ । ପ୍ରତିକୂଳ ଦୃଷ୍ଟି—2. Unfavourable look. ୩ । ବୈଅନୁଗ୍ରହ—3. Disfavour. ସଂ. ବିଣ. ପୁଂ ( ବହୁବ୍ରୀହି )—ଯାହାର ଦୃଷ୍ଟି ବିଷମୟ ଅଟେ; ଯାହାର ଦୃଷ୍ଟି ପଡ଼ିବା ମାତ୍ରେ ବ୍ୟକ୍ତି ବା ଜୀବ ବିଷଜର୍ଜରିତ ହୁଏ—(one) Having an eye which poisons the object.

ବିଷନୟନା, ବିଷନେତ୍ରା } ସ୍ତ୍ରୀ

**ବିଷନାଶ**—ସଂ. ବି ( ୬ଷ୍ଠୀ ତତ୍; ବିଷ+ନାଶ )—ବିଷକ୍ରିୟାର ଲୋପ Bishanāsa ବା ନଷ୍ଟୀକରଣ—The nullification or (ବିଷଧ୍ୱଂସ—ଅନ୍ୟରୂପ) counteracting of the effect of poison.

**ବିଷନାଶନ**—ସଂ. ବିଣ ( ବିଷ+ନାଶନ )—ବିଷଦୋଷନାଶକ, Bishanāsana ବିଷଘ୍ନ—Antidotal; counteracting the effects of poison. ସଂ. ବି—୧ । ଶିରୀଷଗଛ ( ହୃ. ଷ )—1. The Sirisha tree. ୨ । ମାଣସାରୁ ( ହୃ. ଷ. )—2. A kind of big arum.

ବିଷଧ୍ୱଂସୀ, ବିଷନାଶକ, ବିଷନାଶୀ, ବିଷହରଣ, ବିଷହାରକ } ଅନ୍ୟରୂପ

ବିଷଧ୍ୱଂସିନୀ, ବିଷନାଶିନୀ, ବିଷହାରିକା, ବିଷହାରିଣୀ } ସ୍ତ୍ରୀ

**ବିଷନାଶିନୀ**—ସଂ. ବିଣ. ସ୍ତ୍ରୀ ( ବିଷନାଶିନ୍+ସ୍ତ୍ରୀ. ଈ )—ବିଷନାଶୀର Bishanāsinī ସ୍ତ୍ରୀଲିଙ୍ଗ—Feminine of Bishanāsi. ସଂ. ବି. ସ୍ତ୍ରୀ—୧ । ସର୍ପକଙ୍କାଳୀ ଲତା ( ହୃ. ଷ. )—1. A kind of creeper. ୨ । ବନ୍ଧ୍ୟା କର୍କୋଟକୀ ହୃ. ଷ. ( ଦେଖ )—2. Bandhyā karkotakī

( See ) ୩ । ଗନ୍ଧନାକୁଳୀ ବୃ. ଶ. ( ଦେଖ )—
3. Gandhanākuḷī ( See )

**ବିଷପନ୍ନଗ**—ସ. ବି ( ମ. ପ. ଲୋ )—ବିଷଧର ସର୍ପ—
Bishapannaga Poisonous snake.

**ବିଷପାନ**—ସ. ବି ( ୬ଷ୍ଠୀ ତତ୍; ବିଷ+ପାନ )—ନିଜର ମୃତ୍ୟୁ ଘଟାଇବା
Bishapāna ପାଇଁ ବିଷ ବା ଗରଳ ପିଇବା—Drinking of poison for bringing about one's death.

**ବିଷପାୟୀ**—ସ. ବିଣ. ପୁଂ ( ବିଷ+ପା ଧାତୁ=ପାନ କରିବା+ଣିନ୍.
Bishapāyī ଇନ୍; ୧ମା. ୧ବ )—ଯେ ବିଷ ପିଏ; ବିଷପାନକାରୀ
(ବିଷପାୟିନୀ—ସ୍ତ୍ରୀ) —Drinking poison.

**ବିଷ ପିଆଇବା**—ଦେ. କ୍ରି—ଅନ୍ୟର ପ୍ରାଣନାଶାର୍ଥ ତାକୁ ବାଧ୍ୟ କରି ବିଷ-
Bisha piāibā ପାନ କରାଇବା—To cause a person to
বিষ পিয়ান **बिष पिलाना** drink poison to kill himself.
[ବିଷ ପିଏଇବା, ବିଷ ପେଇବା, ବିଷପିଆ(ପେ)ଇବା—ଅନ୍ୟରୂପ]

**ବିଷ ପିଇବା**—ଦେ. କ୍ରି (ବିଷ+ପା ଧାତୁ )—୧ । ଗରଳ ପାନ କରିବା
Bisha pi-ibā —1. To drink poison. ୨ । ପ୍ରାଣ-
বিষ পিয়া **विष पीना** ସଂହାରକ ବା ବିଷାକ୍ତ ଦ୍ରବ୍ୟ ପିଇବା=(ଯଥା—ମଦ୍ୟପାନ ।) 2. To drink any thing (e. g. wine ) which is poisonous.

**ବିଷ(ଷି)ପିତା**—ଦେ· ବିଣ ( ସ. ବିଷତିକ୍ତ )—୧ । ବିଷପରି କଟୁ—
Bisha(shi)pitā 1. Bitter like poison. ୨ ।
বিষতীত ଅତ୍ୟନ୍ତ ପିତା—2. Very bitter. ୩ ।
**बहुत कड़ुआ; विषतीता** ( ଲକ୍ଷଣାର୍ଥ ) ଅତି ଅପ୍ରିୟ—3. ( figurative ) Very unpleasant. [ ଦ୍ର— କୌଣସି ବ୍ୟକ୍ତି ଅନ୍ୟ କୌଣସି ବ୍ୟକ୍ତି ପ୍ରତି କୁପିତ ହୋଇ ତାକୁ ଗାଳିଦେବା ଦ୍ୱାରା ବିରକ୍ତ ହେଲେ ଲୋକେ କହନ୍ତି— ଦ୍ୱିତୀୟ ବ୍ୟକ୍ତି ପ୍ରଥମ ବ୍ୟକ୍ତିଙ୍କୁ ବିଷପିତା ଲାଗୁଛି । ]

**ବିଷପୁଚ୍ଛ**—ସ. ବିଣ· ପୁଂ ( ବହୁବ୍ରୀହି )—ଯାହା ଲାଙ୍ଗୁଡ଼ରେ ବିଷଥାଏ
Bishapuchchha —Having poison in the tail.
ସ. ବି. ପୁଂ—୧ । କଙ୍କଡ଼ାବିଛା—1. Scorpion.
୨ । ତେନ୍ତୁଳିଆ ବିଛା—2. Centiped.

**ବିଷପୁଷ୍ପ**—ସ. ବି ( ବହୁବ୍ରୀହି; ବିଷ+ପୁଷ୍ପ )—୧ । ନୀଳପଦ୍ମ—1.
Bishapushpa The blue waterlily. ୨ । ଅତସୀଗୁଳ୍ମ ( ବୃ. ଶ. )—2. Linseed ( plant ) ୩ । ମଦନ ଫଳ ଗଛ ( ବୃ· ଶ. )—3. The Madana tree. ୪ । ( ମ. ପ. ଲୋ ) ବିଷାକ୍ତ ପୁଷ୍ପ—4. A poisonous flower.

**ବିଷପୋକ ବିଷରେ ବଞ୍ଚିବା(ନ୍ୟାୟ)**—ବିଷାକ୍ତ ବସ୍ତୁରେ ଯେଉଁ କୃମି ଜାତ
Bishapoka bishare bañchibā ହୁଅନ୍ତି, ସେମାନେ ସେହି
বিষের পোকা বিষে বাঁচা ବିଷ ପଦାର୍ଥ ମଧ୍ୟରେ ବଞ୍ଚି ରହନ୍ତି ଓ
**विषका कीड़ा विषमें ही जीना** ତାକୁ ବିଷ ସେମାନଙ୍କର ଅନିଷ୍ଟ କରେ ନାହିଁ; ସେହିପରି ଯେଉଁ ବ୍ୟକ୍ତି ଦୁଷ୍ଟ ଲୋକଙ୍କ ସହବାସ କରେ, ଦୁଷ୍ଟ ଲୋକମାନେ ତାହାର କିଛି ଅନିଷ୍ଟ କରି-ପାରନ୍ତି ନାହିଁ—An analogy from worms produced from poisonons matter subsisting in the poison; a person brought up in unhealthy or immoral sorroundings can withstand the same in after life.

**ବିଷ ପ୍ରୟୋଗ**—ସ. ବି. ( ୬ଷ୍ଠୀ ତତ୍; ବିଷ+ପ୍ରୟୋଗ )—ହତ୍ୟା ଅବା
Bisha prayoga ଔଷଧାର୍ଥ ବିଷଦାନ—Administration of poison for medicinal or murderous purpose.

**ବିଷ ପ୍ରସୂନ**—ସ. ବି. ( ମ. ପ. ଲୋ; ବିଷ+ପ୍ରସୂନ )—ପଦ୍ମ—
Bisha prasūna Lotus. ( ଦ୍ର—ବିଷପ୍ରସୂନ ଇନ୍ଦୁ ନିଭ ଦେଖେ । ଉଞ୍ଜ. ବୈଦେହୀଶବିଳାସ ।)

**ବିଷ ବଞ୍ଚିକା**—ସ. ବି—ବିଛୁଆତି—
Bisha bañchikā The stinging nettle.

**ବିଷବତ୍**—ସ. ଅବ୍ୟୟ—(ବିଷ+ତୁଲ୍ୟାର୍ଥେ. ବତ୍)—୧ । ବିଷ ତୁଲ୍ୟ—
Bishabat 1. Similar to or like poison. ୨ । ମାର୍ଗ-ସ୍ଥକ—2. Fatal; deadly.

**ବିଷ ବଦ୍ୟ**—ଗ୍ରା. ବି· (ସ. ବିଷବୈଦ୍ୟ)—ବିଷ ବୈଦ୍ୟ (ଦେଖ)
Bisha badya Bisha baidya (See)
(ବିଷ ବଇଦ—ଅନ୍ୟରୂପ) বিষবদ্যি **विषबैद**

**ବିଷବଲ୍ଲୀ**—ସ. ବି—ଇନ୍ଦ୍ରବାରୁଣୀ ଲତା (ବୃ. ଶ)—
Bishaballī Colocynth creeper.

**ବିଷ ବିଦ୍ୟା**—ସ. ବି. ସ୍ତ୍ରୀ. ( ବିଷ+ବିଦ୍ୟା )—୧ । ବିଷଘ୍ନ ମନ୍ତ୍ରାଦି—
Bisha bidyā 1. The art of counteracting the effects of poison by means of incantation.
୨ । ବିଷଘ୍ନ ଔଷଧ ପ୍ରୟୋଗ ଓ ବିଷନିବାରଣ ବିଷୟ ଥିବା ବୈଦ୍ୟ ଶାସ୍ତ୍ର—2. The art dealing with antidotes and rectification of poisons.

**ବିଷ ବୃକ୍ଷ**—ସ. ବି. (ମ. ପ. ଲୋ; ବିଷ+ବୃକ୍ଷ)—୧ । ଯେଉଁ ବୃକ୍ଷର
Bisha bruksha ପତ୍ର ବା ଫଳାଦି ବିଷାକ୍ତ—1. Poisonous tree. ୨ । ଡିମିରି ଗଛ (ବୃ. ଶ)—2. The fig tree.
୩ । (ଲକ୍ଷଣାର୍ଥ) ମନ୍ଦ ବା ଦୁଷ୍ଟ ବ୍ୟକ୍ତି—2. (figurative) A wicked or depraved person. ଦେ. ବି—ବଙ୍ଗୀୟ ଲେଖକ ବଙ୍କିମଚନ୍ଦ୍ରଙ୍କ କୃତ ପ୍ରସିଦ୍ଧ ଉପନ୍ୟାସ—The title of a Bengalee novel by Bankima chandra.

**ବିଷ ବୈଦ୍ୟ**—ସ. ବି. (୬ଷ୍ଠୀ ତତ୍; ବିଷ+ବୈଦ୍ୟ; କର୍ମ୍ମ ବିଷ ବିଦ୍ୟା
Bisha baidya +ଜ୍ଞାନାର୍ଥେ. ଅ)—ମନ୍ତ୍ରୌଷଧ ଦ୍ୱାରା ବିଷକ୍ରିୟା
(ବିଷ ଉଷଦ—ଅନ୍ୟରୂପ) ନଷ୍ଟ କରିବାକୁ ସମ ଚିକିତ୍ସକ—
A physician who cures snake-bites and counteracts the effects of various poisons by means of charms or medicines.

**ବିଷ ଭକ୍ଷଣ**—ସ. ବି. (୬ଷ୍ଠୀ ତତ୍; ବିଷ+ଭକ୍ଷଣ)—ବିଷ ଖାଇବା—
Bisha bhakshaṇa Taking of poison.

**ବିଷ ଭକ୍ଷିବା**—ଦେ. (ପଦ୍ୟ) କ୍ରି. (ସଂ. ବିଷ+ଭକ୍ଷ ଧାତୁ)—
Bisha bhakshibā ବିଷ ଖାଇବା—To take poison.
ବିଷ୍ ଭକ୍ଷା **ବିଷ ଭକ୍ଷଣା** :

**ବିଷ ଭଦ୍ରା**—ସଂ ବି—ବଡ଼ ଦନ୍ତୀ ବୃକ୍ଷ ( ଦ୍ର. ଶବ୍ଦସାଗର )—
Bisha bhadrā The big species of Dantī tree.
(ବିଷ ଭଦ୍ରିକା—ଅନ୍ୟରୂପ)

**ବିଷଭୃତ୍**—ସଂ. ବି. ( ବିଷ+ଭୃ ଧାତୁ=ପୋଷଣ କରିବା+କର୍ତ୍ତୃ.
Bishabhṛut କ୍ୱିପ୍)—ସର୍ପ; ସାପ; ବିଷଧର ସର୍ପ—Poisonous snake; serpent.

**ବିଷମ**—ସଂ. ବିଣ. ( ବି=ଦୁର୍ବେ+ସମ=ସମାନ )—୧ । ଅସମାନ;
Bishama ବିସଦୃଶ—1. Unlike; dissimilar; unequal.
( ବିଷମା—ସ୍ତ୍ରୀ ) ୨ । ଅଯୁଗ୍ମ (ସଂଖ୍ୟା); ଯେଉଁ
(ବିଷମତା—ବି) ସଂଖ୍ୟାକୁ ୨ ରେ ହରଣେ ଅଂଶ ରହେ—
(ବିଷମତ୍ୱ—ସମ) 2. Odd number; uneven number.
୩ । ବିଯୋଡ଼—3. Not in pairs; unmatched.
୪ । ଅସାଧାରଣ; ଅସାମାନ୍ୟ—4. Extraordinary; uncommon. ୫ । କଷ୍ଟଦାୟକ; କ୍ଳେଶକର—5. Painful. ୬ । ଦୁର୍ଗମ—6. Difficult to pass. ୭ । ଦୁଃସହ—7. Difficult to bear. ୮ । ମାରାତ୍ମକ-8. Fatal; deadly. ୯ । ଅଗ୍ରାହ୍ୟ—9. Unacceptable. ୧୦ । ଦୁର୍ବୋଧ—10. Unintellegible. ୧୧ । ଜଟିଳ—11. Knotty. ୧୨ । ସଙ୍କଟମୟ; ସଙ୍କୀର୍ଣ୍ଣ-12. Narrow. ୧୩ । ଦାରୁଣ; ଉତ୍କଟ—13. Hard; horrible; terrific. [ଉ—ବିଷରୁ ବିଷମ ସୁଲକ୍ଷଂଘଷର ସାରବେ ହର ହୋଇଲେ । ଉପେ. ବୈଦେହୀଶବିଳାସ । ] ୧୪ । ଯାହାର ବାହୁମାନ ସମାନ ନୁହେଁ ( କ୍ଷେତ୍ର )—14, (a geometrical figure) Having its sides unequal. (ଯଥା—ବିଷମ ତ୍ରିଭୁଜ; ବିଷମ ଚତୁର୍ଭୁଜ) ୧୫ । ବନ୍ଧୁର; ଉଚ୍ଚାବଚ—15. Uneven; rough; undulating. ୧୬ । ଦୁଃସାଧ୍ୟ; କଷ୍ଟସାଧ୍ୟ—16. Hard of solution; difficult to solve unmanageable. ୧୭ । ଅସରଳ; ଯାହା ସିଧା ନୁହେଁ 17. Not straight; tortuous. ( ଯଥା—ବିଷମ ରେଖା) ୧୮ । ବିପଦସଙ୍କୁଳ—18. Dangerous; beset with danger. ସଂ ବି—୧ । ଉଚ୍ଚାବଚ ଭୂମି—1. Uneven ground. ୨ । ଖାଇବା ସମୟରେ ତଣ୍ଟିରେ ବଳ ଖାଦ୍ୟଦ୍ରବ୍ୟ ଅଟକ ଯାଇ ସାମୟିକ ଶ୍ୱାସ-ପ୍ରଶ୍ୱାସ ବନ୍ଦ ହେବା—2. Temporary suffocation or obstruction of the air passage due to food sticking in the throat (Ganguly). ୩ । ନଦୀ ଗର୍ଭରୁ ଉପରକୁ ଉଠିଥିବା ଉଚ୍ଚାବଚ ବଡ଼ ବଡ଼ ପଥର ଖଣ୍ଡ ବା ଚଟ୍ଟାନ—3. Projecting boulders in the bed of flowing rivers. [ଉ—ଅବଗାହନ୍ତ କଶ ଦଲେ ଦଲେ, ବିଷମ ପର୍ଯ୍ୟନ୍ତେ ଦର୍ଶି ଯୋଡକରେ । ରାଧାନାଥ. ଚନ୍ଦ୍ରଭାଗା । ] ୪ । ନଦୀଗର୍ଭରେ ଦୁଇ ପାଶରେ ବଡ଼ ବଡ଼ ପଥର ଥାଇ ମଝିରେ ଜଳପାଣି ଖର୍ ସ୍ରୋତରେ ବୋହିଯିବା ସଙ୍କୀର୍ଣ୍ଣ ଜଳପଥ—4. Stony rapids in the beds of flowing rivers. [ ଦ୍ର—ସମ୍ବଲପୁରଠାରୁ ଅଠମଲ୍ଲିକ ପର୍ଯ୍ୟନ୍ତ ମହାନଦୀର ଗର୍ଭ ସହସ୍ର ସହସ୍ର ବିଷମରେ ପୂର୍ଣ୍ଣ; ଏ ସ୍ଥାନରେ ନୌକାକୁ ନିରାପଦରେ ନେବାପାଇଁ ଅଭିଜ୍ଞ ବହୁ ଅଲଙ୍କୁ ନିଯୁକ୍ତ କରାଯାଏ । ସେମାନେ ନିରାପଦ ବାଟ ଠଉରାଇ ଉଙ୍ଗାକୁ ଏ ବାଟେ ନିଅନ୍ତି । ଟିକିଏ ଅସାବଧାନ ହେଲେ ଡଙ୍ଗା ଉକ୍ତ ବିଷମମାନଙ୍କରେ ମାଡ଼ ଖାଇ ଚୂର୍ଣ୍ଣ ହୋଇଯାଏ । ] ୫ । ଗିରିସଙ୍କଟ—5. Mountain pass. ୬ । ଅର୍ଥାଲଙ୍କାର ବିଶେଷ 6. A figure of speech. [ ଦ୍ର—ଏଥିରେ ଦୁଇ ବିରୋଧୀ ବସ୍ତୁର ବର୍ଣ୍ଣନା କରାଯାଏ ବା ଯଥାଯୋଗ୍ୟ ବସ୍ତୁର ଅଭାବ ବର୍ଣ୍ଣିତ ହୋଇ ଥାଏ—ଦ୍ର. ଶ । ] ୭ । ପଦ୍ୟବିଶେଷ—7. A kind of verse; irregular verse. [ ଦ୍ର—ଏଥିରେ ଚରଣମାନଙ୍କର ଅକ୍ଷରସଂଖ୍ୟା ସମାନ ନ ଥାଏ ।] ୮ । ତାଳ-ବିଶେଷ—8. Name of a musical measure. ୯ । (ଗଣିତ) ଅଯୁଗ୍ମ ରାଶି—9. (Mathematics). Odd number. ୧୦ । (ଜ୍ୟୋତିଷ) ଅଯୁଗ୍ମ ରାଶି—10. (astrology) The signs of the zodiac which occupy odd places ( e. g. the 1st, 3rd, 5th, 7th, 9th and 11th signs). [ଯଥା—୧. ମେଷ, ୩. ମିଥୁନ, ୫. ସିଂହ, ୭. ତୁଳା, ୯. ଧନୁ ଓ ୧୧. କୁମ୍ଭ] ୧୧ । (ବୈଦ୍ୟକ) ବାୟୁର ପ୍ରକୋପରୁ ଉତ୍ପନ୍ନ ଜଠରାଗ୍ନି ( ଦ୍ର. ଶ )—11. The state of the digestive function due to the morbidity of wind or rheum in the system. ଦେ. ବିଣ. ୧ । (ମନ୍ଦ ଅର୍ଥ) ଅଘଟଣ; ବିଡ଼ମ୍ବଣା ( କଥା ); ଅଶ୍ରୁତପୂର୍ବ ବା ଅଦୃଷ୍ଟପୂର୍ବ; ଯାହା କେବେ ଘଟି ନାହିଁ—1. Unheard of or unthought of (matter) ( ଉ—ଏ ବିଷମ କଥା ଏ ସଂସାରେ କେହି ଶୁଣି ନାହିଁ କେଉଁ କାଳେ । ରାଧାନାଥ. ପାର୍ବତୀ ।) ୨ । ମନ୍ଦ—2. Bad. (ଉ—ବିଷମ ବୁଦ୍ଧି ପ୍ରକାଶ, କେବେ ନୋହିବ ନିହୁଷ-ପ୍ରାୟ ନାଶ ଯିବାକୁ ମୋ ଚିତ୍ତ । ଉପେ. ବୈଦେହୀଶ-ବିଳାସ । ] ଦେ· ବି—୧ । ଜଟିଳ ଘଟଣା—1. A confused state of things. ୨ । ଜଟିଳ ସମସ୍ୟା—
ବିଷମ 2. Dilemma; riddle. ୩ । ଭୟାନକ ଘଟଣା—
3. Terrible event.

**ବିଷମ କର୍ଣ୍ଣ**—ସଂ. ବି. ( କର୍ମଧାରୟ )—(ଜ୍ୟାମିତି) ବିଷମ ଚତୁର୍ଭୁଜର
Bishama karnna କର୍ଣ୍ଣ ରେଖା—( geometry ) The diagonal of a trapezoid.

**ବିଷମ କୋଣ**—ସଂ. ବିଂ (କର୍ମଧା)—(ଜ୍ୟାମିତି) ଯେଉଁ କୋଣ ସମ-
Bishama kona କୋଣରୁ ଊଣା ବା ବେଶି—(geometry) An acute or obtuse angle.

**ବିଷମ କୋଣୀ**—ସଂ. ବିଣ. (ବିଷମ କୋଣ+ଇନ୍) —(ଜ୍ୟାମିତି) ଯେଉଁ
Bishama koni କ୍ଷେତ୍ରର କୌଣସି କୋଣ ସମକୋଣ ନୁହେଁ—(geometry) (a figure) Which has got no right angle in it.

**ବିଷମ ଖାତ**—ସଂ. ବି. (କର୍ମଧା; ବିଷମ+ଖାତ)—ଅସମାନ ବାହୁବିଶିଷ୍ଟ
Bishama khata ଗର୍ତ୍ତ—A hole or pit of unequal sides.

**ବିଷମ ଚତୁରସ୍ର**—ସଂ. ବି. (ବିଷମ+ଚତୁରସ୍ର)—ଯେଉଁ କ୍ଷେତ୍ରର ଚାରି
Bishama chaturasra ବାହୁ ଓ ଚାରି କୋଣ ପରସ୍ପର
ବିଷମ ଚତୁର୍ଭୁଜ
ବିଷମ ଚତୁଷ୍କୋଣ } —ଅନ୍ୟରୂପ ଅସମାନ—Trapezoid.

**ବିଷମଚ୍ଛଦ**—ସଂ. ବି. (ବହୁବ୍ରୀହି; ବିଷମ+ଛଦ; ସାତ ଯୋଗୁ ଛ ସ୍ଥାନରେ
Bishamachchhada ଛ)—ସପ୍ତବର୍ଣ୍ଣୀ ବା ଛତିଆନା ଗଛ—(ବିଷମ ପଲାଶ—ଅନ୍ୟରୂପ) Alstonia Scholaris (tree).

**ବିଷମ ଜ୍ୱର**—ସଂ. ବି. (କର୍ମଧା; ବିଷମ+ଜ୍ୱର) —୧ । କଠିନ ସବିରାମ
Bishama jwara ବା ଅବିରାମ ଜ୍ୱରବିଶେଷ; ମଜ୍ଜାଗତ ଜ୍ୱର; ଜୀର୍ଣ୍ଣ ଜ୍ୱର—1. A chronic intermittent fever of an obstinate type. [ଦ୍ର—ଏ ଜ୍ୱର ପ୍ରତିଦିନ ରୋଗୀକୁ ଆକ୍ରମଣ କରେ, କିନ୍ତୁ ଏଥିରେ ଶରୀରର ତାପ ବା ନାଡ଼ୀର ଗତି ସବୁବେଳେ ସମାନ ନ ଥାଏ, କମ୍ପ ଜର ଆସିବା ସମୟ ଠିକ୍ ନ ଥାଏ । ସାଧାରଣ ଜ୍ୱରର ଚିକିତ୍ସା ନ ହେଲେ ବା ଜ୍ୱର ସମ୍ପୂର୍ଣ୍ଣ ରୂପେ ଭଲ ନ ହେଉଣୁ ରୋଗୀ ଅପଥ୍ୟ କଲେ ତାହା ବିଷମ ଜ୍ୱରରେ ପରିଣତ ହୁଏ । ଏହାର ଅନେକ ଭେଦ ଅଛି, ଯଥା—ସନ୍ତତ ଜ୍ୱର, ସତତ ଜ୍ୱର, ତୃତୀୟକ, ଚତୁର୍ଥକ । ] ୨ । ଖୁବ ଶୀତବୋଧ ସହ ଆସିବା ଜ୍ୱର (ହି. ଶ)—2. Fever attacking a person with a feeling of cold. ୩ । କ୍ଷୟ ବା ରାଜଯକ୍ଷ୍ମା ରୋଗରେ ହେବା ଜ୍ୱର (ହି. ଶ)—3 Fever due to consumption.

**ବିଷମ ତ୍ରିଭୁଜ**—ସଂ. ବି. (କର୍ମଧା; ବିଷମ+ତ୍ରିଭୁଜ) – ଯେଉଁ ତ୍ରିଭୁଜର
Bishama tribhuja ତିନି ବାହୁ ସମାନ ନୁହେଁ—A scalene triangle.
(ବିଷମବାହୁ ତ୍ରିଭୁଜ—ଅନ୍ୟରୂପ)

**ବିଷମ ନୟନ**—ସଂ ବି. ( ବହୁବ୍ରୀହି; ବିଷମ=ଅଯୁଗ୍ମ+ନୟନ;
Bishama nayana ଏହାଙ୍କର ୩ ନେତ୍ର ଥିବାରୁ)—ମହାଦେବ—Siba.
(ବିଷମ ଲୋଚନ, ବିଷମନେତ୍ର—ଅନ୍ୟରୂପ)

**ବିଷମ ବିଶିଖ**—ସଂ. ବି. ( ବିଷମ+ବିଶିଖ )—୧ । (ବହୁବ୍ରୀହି; ଏହାଙ୍କ
Bishama bisikha ଧନୁର ଶର ସଂଖ୍ୟା ୫) କନ୍ଦର୍ପ—1. Cupid.
(ବିଷମ ବାଣ—ଅନ୍ୟରୂପ) ୨ । (କର୍ମଧା) ସୁତୀକ୍ଷ୍ଣ ବା ଦାରୁଣ ଶର—2. Terrible or very sharp arrow. (ଉ—ବିଷମ ବିଶିଖେ ତାକୁ କର ବଧ ବଶ । ଉଞ୍ଜ. ବୈଦେହୀଶବିଳାସ)

**ବିଷମ ରାଶି**—ସଂ. ବି. ( କର୍ମଧା; ବିଷମ+ରାଶି )—ଅସମ ବା ଅଯୁଗ୍ମ
Bishama rasi ରାଶି – An odd number. [ଯଥା—୧, ୩, ୫, ୭, ୯, ୧୧, ୧୩ । ] ଯେଉଁ ରାଶି ଦୁଇ ସମାନ ପୂର୍ଣ୍ଣସଂଖ୍ୟାରେ ବିଭକ୍ତ ହୋଇ ନ ପାରେ ।

**ବିଷମ ଲାଗିବା**—ଦେ. ବ—ଖାଦ୍ୟଦ୍ରବ୍ୟାଂଶ ହଠାତ୍ ଗଣ୍ଡିରେ ଲାଗି-
Bishama lagiba ଯିବା; ତୋଣ୍ଟିରେ ଲାଗିବା—The
ବିଷମ ଲାଗା (ଖାଓୟା) sticking of a particle of food in the wind pipe. [ଦ୍ର—ବଙ୍ଗଦେଶରେ ଓ ଓଡ଼ିଶାରେ ଲୋକବିଶ୍ୱାସ ଏହି କି, ତୁମେ ଖାଇଲା ବେଳେ ବିଷମ ଲାଗିଲେ କେହି ବନ୍ଧୁ ସେହି ସମୟରେ ତୁମକୁ ସ୍ମରଣ କରୁଅଛି ।]

**ବିଷମ ଶର**—ସଂ. ବି. (ବହୁବ୍ରୀହି; ବିଷମ+ଶର )—୧ । କନ୍ଦର୍ପ—
Bishama sara 1. Cupid. (ଉ—ବିଷମ ଶର ବ୍ୟାଧ ହରଣୀ କର, ବିଚ୍ଛେଦ ସାଟ ଲଗି ବାଣ ପ୍ରହାର ଯେ । ଉଞ୍ଜ. ବୈଦେହୀଶବିଳାସ ।) ୨ । (କର୍ମଧା) ଦାରୁଣ ବାଣ—2. Terrible arrow

**ବିଷମ ସଙ୍କଟ**—ସଂ. ବି. (କର୍ମଧା; ବିଷମ+ସଙ୍କଟ)—ମହାବିପଦ୍—
Bishama sankata A great danger.

**ବିଷମ ସପ୍ତମ**—ସଂ. ବି ( ବିଷମ+ସପ୍ତମ )—(ଫଳିତ ଜ୍ୟୋତିଷ)
Bishama saptama ବିବାହରେ ନିଷିଦ୍ଧ ଯୋଗ ବିଶେଷ—(astrology) An astrological conjunction of signs of the bride and bridegroom which is considered inauspicious for marriage [ଦ୍ର—ବର କନ୍ୟାଙ୍କର ଯଥାକ୍ରମେ ମେଷ ଓ ତୁଳା, ମିଥୁନ ଓ ଧନୁ, ସିଂହ ଓ କୁମ୍ଭ ଏପରି ରାଶି ହେଲେ ଏହାକୁ ବିଷମ ସପ୍ତମ କହନ୍ତି । ଏପରି ଅବସ୍ଥାରେ ବିବାହ ହେଲେ ବରର ଓ କନ୍ୟାର ମୃତ୍ୟୁ ଘଟେ ।]

**ବିଷମ ସମୟ**—ସଂ. ବି ( ବିଷମ+ସମୟ )—ବିପତ୍କାଳ; ଦୁଃସମୟ—
Bishama samaya Time of danger; evil days.

**ବିଷମ ସମସ୍ୟା**—ସଂ. ବି ( କର୍ମଧା; ବିଷମ+ସମସ୍ୟା )—୧ । ଉତ୍କଟ
Bishama samasya ବା ଅସାଧ୍ୟ ପ୍ରଶ୍ନ ବା ବିଷୟ—1. Dilemma; a riddle which is very hard to solve. ୨ । ଅର୍ଥାଲଙ୍କାର ବିଶେଷ—2. A figure of speech. [ ଦ୍ର—ଏଥିରେ ଅଯଥାର୍ଥ ବିଷୟ ଲକ୍ଷଣାର୍ଥରେ ବ୍ୟବହୃତ ହୋଇଥାଏ । ଯଥା—ଜଳ ବିସ୍ତରିଲା ବିଚିତ୍ର ହେଲା ଭୂମି ବୁଡ଼ିଲା, ନ ବୁଡ଼ି ଶଇଳ ସଲିଳ ଉପରେ ଯା ରହିଲା । ଉଞ୍ଜ. ଲାବଣ୍ୟବତୀ । ]

**ବିଷମ ସାହସ**—ସଂ. ବି ( କର୍ମଧା; ବିଷମ+ସାହସ )—ଅସମ ସାହସ;
Bishama sahasa ଅନୁଚିତ ସାହସ—Foolhardiness; rashness. [ ଉ—ମନସ୍ୱିନୀ ବାଳାର ଏ ବିଷମ ସାହସ, ଦେଖି ହେବେ ସମବେତ ରାଜନ୍ୟ ଚକିତ—ରାଧାନାଥ. ମହାଯାତ୍ରା । ]

**ବିଷମ ସାହସିକ**—ସଂ. ବିଣ. ପୁଂ ( ବିଷମ+ସାହସିକ )—ଅସମ-
Bishama sahasika ସାହସିକ; ହାରିସାହସିଆ—Fool-
(ବିଷମ ସାହସିକା—ସ୍ତ୍ରୀ) (ବିଷମ ସାହସୀ—ଅନ୍ୟରୂପ) hardy; rash.

**ବିଷମସ୍ଥ**—ସଂ. ବିଣ. ପୁଂ ( ବିଷମ+ସ୍ଥା ଧାତୁ=ରହିବା+କର୍ତ୍ତୃ. ଅ) Bishamastha —୧ । ବିପଦଗ୍ରସ୍ତ—1. Involved or (ବିଷମସ୍ଥା—ସ୍ତ୍ରୀ) fallen in danger. ୨ । ଉଚ୍ଚନୀଚ ପ୍ରଦେଶସ୍ଥ—2. Situate in an uneven country.

**ବିଷମା**—ସଂ. ବିଣ. ସ୍ତ୍ରୀ ( ବିଷମ+ଆ )—ବିଷମର ସ୍ତ୍ରୀଲିଙ୍ଗ— Bishama Feminine of Bishama. ସଂ. ବି—୧ । ମହୁରା ( ହି. ଶ. )—1. Aconite. ୨ । ବଣ ବରକୋଳି ( ହି. ଶ. )—2. The wild jujube berry and tree.

**ବିଷମାକ୍ଷ**—ସଂ. ବି ( ବହୁବ୍ରୀହି; ବିଷମ+ଅକ୍ଷି )—ବିଷମଲୋଚନ; Bishamākoha ମହାଦେବ—siba.

**ବିଷମାୟୁଧ**—ସଂ. ବି ( ବହୁବ୍ରୀହି; ବିଷମ=ଅଯୁଗ୍ମ+ଆୟୁଧ=ଶର )— Bishamāyudha ପଞ୍ଚଶର; କନ୍ଦର୍ପ—Cupid.

**ବିଷମାରଣ**—ସଂ. ବି ( ୬ଷ୍ଠୀ ତତ୍; ବିଷ+ମାରଣ )—ବିଷଶୋଧନ Bishamārana ( ଦେଖ )—Bisha śodhana ( See )

**ବିଷମାଳଙ୍କାର**—ସଂ. ବି ( ବିଷମ+ଅଳଙ୍କାର )—ଅର୍ଥାଳଙ୍କାରବିଶେଷ Bishamālankāra A figure of speech. [ ଦ୍ର—କାର୍ଯ୍ୟ ଓ କାରଣର ଗୁଣ ଓ କ୍ରିୟା ବିରୁଦ୍ଧରୂପେ ବର୍ଣ୍ଣିତ ହେଲେ ଅଥବା ଆରବ୍ଧ କ୍ରିୟାର ବିଫଳତା, ବିଶେଷତଃ ଅନିଷ୍ଟଜନକତା ବର୍ଣ୍ଣିତ ହେଲେ ବିଷମାଳଙ୍କାର ହୁଏ । ଯଥା—ତବ ଖଡ୍ଗ ଅସିଲତା ତମାଳ ବରଣ, କର ସ୍ପର୍ଶେ ଶୁକ୍ଳଛବି କରଣ ଧାରଣ, ଶାରଦ ସୁଧାଂଶୁ ସମ ଜଗତର ସାର, ତବ ଯଶ ହେ ସୁଜନ ! କରୁଛି ବିସ୍ତାର । ଲୁଳମଣି. ଅଳଙ୍କାରତରଙ୍ଗିଣୀ । ]

**ବିଷମାଶନ**—ସଂ. ବି—ଅନିୟମିତ ସମୟରେ ଭୋଜନ—Irregularity Bishamāśana in the time of taking meal. [ ଦ୍ର—ଏଥିର ଫଳରେ ମନୁଷ୍ୟର ଆଳସ୍ୟ ଓ ଦୁର୍ବଳତା ଜନ୍ମେ—ହି. ଶ. ]

**ବିଷମିବା**—ଦେ. କ୍ରି ( ପଦ୍ୟ ) ( ସଂ. ବିଷମ )—ବିଷମରୂପେ ପରିଣତ Bishamibā ହେବା—To turn into rapids or boulders in the bed of a river. [ ଉ—ଛାଡ଼ିଗଲା ପୁଞ୍ଜ ଯାଇ ବିଷମି କୋଳେ, ନଦୀଶଯ୍ୟା, ଉପୁଡ଼ାନ୍ତ ଅସଂଖ୍ୟ ପ୍ରପାତ ଠାବେ ଠାବେ । ରାଧାନାଥ. ମହାଯାତ୍ରା]

**ବିଷମିଶ୍ରିତ**—ସଂ. ବିଣ ( ୩ୟାତତ୍; ବିଷ+ମିଶ୍ରିତ )—ବିଷ ମିଶାଯାଇ Bishamiśrita ଥିବା- Mixed with poison.

**ବିଷମୁଖ**—ସଂ. ବି ( ବହୁବ୍ରୀହି; ବିଷ+ମୁଖ )—ବିଷଧର ସର୍ପ— Bishamukha Poisonous snake. ସଂ. ବିଣ—ଯେଉଁ ଅସ୍ତ୍ରଶସ୍ତ୍ରର ଧାରରେ ବିଷ ଦିଆଯାଇ ଥାଏ—Any weapon whose edge has been poisoned.

**ବିଷମୁଷ୍ଟି**—ସଂ. ବି—୧ । କୋଚିଲା ଗଛ ଓ ତାହାର ଫଳ—1. Nux Bishamushti Vomica. ୨ । ଖାବଲ୍ଲୀ ( ହି. ଶ. )—2. A rare herb. ୩ । ଅଗସ୍ତି ଗଛ ( ହି. ଶ. )—3. Sesbania Grandiflora ( tree ) ୪ । ମହାଲ ଗଛ ( ହି. ଶ. )—4. Persian Lilac ( tree ) ୫ । ଏକପ୍ରକାର କ୍ଷୁଦ୍ର ଗୁଳ୍ମ—5. A kind of medicinal plant. [ ଦ୍ର—ହିନ୍ଦୀରେ ଏହାକୁ ବିଷଡୋଡ଼ୀ, ବଙ୍ଗଳାରେ ବନ୍ଧନ; ଏହାର ଅନ୍ୟ ସଂ. ନାମ—କେଶମୁଷ୍ଟି, ସୁମୁଷ୍ଟି, ରଣମୁଷ୍ଟିକ, କ୍ଷୁପାଡ଼ୋଡ଼ମୁଷ୍ଟି । ଏହା କଟୁତିକ୍ତରସ, ରୁଚିକର, ଅଗ୍ନିବର୍ଦ୍ଧକ, କଫବାତନାଶକ ଏବଂ ରକ୍ତପିତ୍ତ, ଦାହ ଓ କଣ୍ଠରୋଗରେ ଉପକାରକ— ବଙ୍ଗଳା. ଦ୍ରବ୍ୟଗୁଣଶିକ୍ଷା । ]

**ବିଷ ମୃତ୍ୟୁ**—ସଂ. ବି—ଚକୋର ପକ୍ଷୀ—The Chakora bird. Bisha mrutyu [ଉ—ବିଷମୃତ୍ୟୁ ବିଷ ସଙ୍ଗ ଥିବା ପ୍ରାଯେ ଭୁଲ । ଉପେ. ବୈଦେହୀଶବିଳାସ । ]

**ବିଷମେକ୍ଷଣ**—ସଂ. ବି—(ବହୁବ୍ରୀହି; ବିଷମ+ଈକ୍ଷଣ)—ଶିବ— Bishameksh na Siba.

**ବିଷମେଷୁ**—ସଂ. ବି— ( ବହୁବ୍ରୀହି; ବିଷମ= ଅଯୁଗ୍ମ+ଇଷୁ=ବାଣ )— Bishameshu ପଞ୍ଚବାଣ; କନ୍ଦର୍ପ—Cupid. [ ଉ—ବିଷମେଷୁ ସୁର୍ପଯୁକ୍ତ ନାସା କେଳିତରେ । ଉପେ· ବୈଦେହୀଶବିଳାସ । ]

**ବିଷମୋଭୟ କଣ୍ଟକା**—ସଂ. ବି—କ୍ଷୁଦ୍ର ବରକୋଳି ( ଦ୍ରବ୍ୟଗୁଣ )— Bishamobhaya kantakā The small variety of ujube.

**ବିଷୟ** - ସଂ. ବି—(ବି=ବିଶିଷ୍ଟରୂପେ+ସି ଧାତୁ=ବନ୍ଧନ କରିବା+ Bishaya କର୍ତ୍ତୃ ଅ; ଯାହା ଇନ୍ଦ୍ରିୟଗଣଙ୍କୁ ବନ୍ଧନ କରେ ବା ଆକର୍ଷଣ କରେ)—୧ । ଇନ୍ଦ୍ରିୟଗ୍ରାହ୍ୟ ପଦାର୍ଥ—1. A matter perceptible to the senses; any object of sense. ୨ । ଧନ; ସମ୍ପତ୍ତି; ବିଭବ—2. Wealth; riches; property. ୩ । ସଂସାରରେ କରାଯିବା ଭୋଗ—3. Worldly enjoyment. ୪ । ଭୋଗ୍ୟ ବସ୍ତୁ—4. Object of enjoyment. ୫ । ପଦାର୍ଥ— 5. Thing; object. ୬ । ଦେଶ—6. Country; region. ୭ । ସ୍ଥାନ—7. Place; locality, ୮ । ପାତ୍ର—8. Receptacle. ୯ । ବର୍ଣ୍ଣନୀୟ ପଦାର୍ଥ— 9. Anything to be described. ୧୦ । ଭୂତ— 10. Ghost. ୧୧ । ଗୃହ—11. House. ୧୨ । ସ୍ୱାମୀ—12. Husband. ୧୩ । ପ୍ରେମିକ ବ୍ୟକ୍ତି; ପ୍ରିୟ ଜନ—13. Lover. ୧୪ । ନେତା; ନିୟାମକ— 14. Regulator; leader; guide. ୧୫ । ଶୁକ୍ର; ବୀର୍ଯ୍ୟ—15. Semen virile. ୧୬ । ରାଜ୍ୟର ଅଂଶ ବିଶେଷ; ଗ୍ରାମପୁଞ୍ଜ; ପ୍ରଗଣା—16. A group of villages; perganna. ୧୭ । ବର୍ଣ୍ଣିତ, ଆଲୋଚିତ ବା କଥିତ ବସ୍ତୁ—17. Subject matter of a description or speech; topic. ୧୮ । ବିଷୟୀଭୂତ ବସ୍ତୁ— 18. Subject matter; subject of discussion ୧୯ । ଘଟଣା; କର୍ମ—18. Affair. ୨୦ । ସମ୍ବନ୍ଧ; ସମ୍ପର୍କ—20. Relation; connection. (ଯଥା— ତାଙ୍କ ବିଷୟରେ ମୋର କେତେ କଥା କହିବାର ଅଛି)

**ବିଷୟ ଆଶୟ**—ଦେ. ବି—( ଲିବର୍ଥକ ଧ୍ୱନ୍ୟନୁରୂପ ଦ୍ୱିଗୀସ୍ତ ସହିତର ଶବ୍ଦ )—ଧନସମ୍ପତ୍ତି—Riches; property.
Bishaya āsaya
বিষয়আশয়

**ବିଷୟକ**—ସଂ. ବିଣ—(ବିଷୟ+କ)—ସମ୍ବନ୍ଧୀୟ—Related to; concering.
Bishayako
(ଯଥା—ଧର୍ମବିଷୟକ ପ୍ରବନ୍ଧ)

**ବିଷୟ କର୍ମ**—ଦେ. ବି—(ସହିତର ଶବ୍ଦ; ସଂ. ବିଷୟ+କର୍ମନ୍ )—୧ । ସାଂସାରିକ କାର୍ଯ୍ୟ—1. Worldly affair; worldly concern. ୨ । ସଂସାରିକ ଅବଲମ୍ବନ – 2. Worldly pursuit or business. ୩ । ଜୀବିକା; ବୃତ୍ତି; ପେଶା—3. Livelihood; profession. ୪ । ଚାକିରି—4. Service.
Bishaya karma
বিষয়কর্ম
विषयकर्म
(ବିଷୟ କାର୍ଯ୍ୟ; ବିଷୟଧନ୍ଦା—ଅନ୍ୟରୂପ)

**ବିଷୟ ଗର୍ବ**—ସଂ. ବି—(ମ. ପ. ଲୋ. ବିଷୟ+ଗର୍ବ)—ଧନଜନିତ ଗର୍ବ—Pride of being rich.
Bishya garba
(ବିଷୟ ଗର୍ବିତ—ବିଣ)

**ବିଷୟ ଚିନ୍ତା**—ସଂ. ବି—( ୭ମୀ ତତ୍, ବିଷୟ+ଚିନ୍ତା )—ସାଂସାରିକ ବିଷୟରେ ଭାବନା—The thought about worldly matters; mundane thoughts.
Bishay chintā

**ବିଷୟ ତୃଷ୍ଣା**—ସଂ. ବି—(୬ଷ୍ଠୀ ତତ୍; ବିଷୟ+ତୃଷ୍ଣା)—୧ । ସାଂସାରିକ ସୁଖଭୋଗର ଅଭିଳାଷ —1. Hankering after worldly happiness or material prosperity. ୨ । ଧନଲୋଭ—2. Avarice; greed of money.
Bishaya trushnā
ବିଷୟ ପିପାସା, ବିଷୟ ବାସନା, ବିଷୟ ଲୋଭ, ବିଷୟ ବାଞ୍ଛା, ବିଷୟ ସ୍ପୃହା } ଅନ୍ୟରୂପ
(ବିଷୟ ବିତୃଷ୍ଣା—ବିପରୀତ)

**ବିଷୟ ତ୍ୟାଗ**—ସଂ. ବି ( ବିଷୟ+ତ୍ୟାଗ )—ସାଂସାରିକ ଭୋଗ୍ୟ ବସ୍ତୁକୁ ଛାଡ଼ିଦେବା—Renunciation of worldly enjoyment.
Bishaya tyāga
ବିଷୟତ୍ୟାଗୀ—ପୁଂ, ବିଷୟତ୍ୟାଗିନୀ—ସ୍ତ୍ରୀ } ବିଣ

**ବିଷୟ ନିରୂପଣ** – ସଂ. ବି ( ୬ଷ୍ଠୀ ତତ୍; ବିଷୟ+ନିରୂପଣ )—କୌଣସି ଜ୍ଞାତବ୍ୟ ବା ବକ୍ତବ୍ୟ ବିଷୟର ସ୍ଥିରୀକରଣ—Ascertainment of any subject.
Bishaya nirūpana

**ବିଷୟପତି**—ସଂ. ବି ( ୬ଷ୍ଠୀ ତତ୍; ବିଷୟ+ପତି )—୧ । ଗ୍ରାମସମୂହର ବା ପ୍ରଗଣାର ବା କ୍ଷୁଦ୍ର ଦେଶର ଶାସକ ବା ଅଧିପତି ( ହୁ. ଶ )—1. Zamindar or ruler of a group of villages, or pergunna or small province. ୨ । ବିଷୟୀ (ଦେଖ)—2. Bishayi ( See ) [ ଦ୍ର—ଏହି ଶବ୍ଦରୁ ଓଡ଼ିଆ ବିଷୋଇ ଶବ୍ଦର ଉଦ୍ଭବ ହୋଇଥିବାର ଅନୁମିତ ହୁଏ । ]
Bishayapati
ବିଷୟାଧିପ, ବିଷୟାଧିପତି } ଅନ୍ୟରୂପ

**ବିଷୟ ପରାୟଣ**—ସଂ. ବିଣ. ପୁଂ ( ବହୁବ୍ରୀହି; ବିଷୟ+ପରାୟଣ )—ସାଂସାରିକ ବିଷୟ ପ୍ରତି ଆସକ୍ତ—Addicted to worldly affairs.
Bishaya parāyana
( ବିଷୟପରାୟଣା—ସ୍ତ୍ରୀ )
( ବିଷୟପରାୟଣତା—ବି )

**ବିଷୟ ପ୍ରସଙ୍ଗ**—ସଂ. ବି ( ୬ଷ୍ଠୀ ତତ୍; ବିଷୟ+ପ୍ରସଙ୍ଗ )—୧ । ସାଂସାରିକ ବିଷୟ ସମ୍ବନ୍ଧେ ଗଳ୍ପ ବା କଥାବାର୍ତ୍ତା; ଭାଷାଭାଷି ହେବା—1. Talk about each other's worldly affairs. ୨ । ନିର୍ଦ୍ଦିଷ୍ଟ ବିଷୟ ସଙ୍ଗେ ଥିବା ସମ୍ପର୍କ—2. Relation to the subject matter.
Bishaya prasanga

**ବିଷୟବାଡ଼ି**—ଦେ. ବି ( ସହିତର )—ସ୍ଥାବର ଓ ଅସ୍ଥାବର ସମ୍ପତ୍ତି—Property, both moveable and immoveable.
Bishayabārdi
বিষয়বাড়ী
( ବିଷୟ ସମ୍ପତ୍ତି, ବିଷୟ ସଂସାର, ବିଷୟ ବୃତ୍ତି—ଅନ୍ୟରୂପ )

**ବିଷୟ ବିରକ୍ତି**—ସଂ. ବି ( ୭ମୀ ତତ୍; ବିଷୟ+ବିରକ୍ତି )—ସଂସାର ପ୍ରତି ଅନାସକ୍ତି—Indifference to worldly concerns.
Bishaya birakti
(ବିଷୟବିରାଗ, ବିଷୟବୈରାଗ୍ୟ, ବିଷୟବିତୃଷ୍ଣା—ଅନ୍ୟରୂପ)
( ବିଷୟବିରକ୍ତ, ବିଷୟବିରାଗୀ, ବିଷୟବିତୃଷ୍ଣ—ପୁଂ. ବିଣ )

**ବିଷୟ ବୁଦ୍ଧି** – ସଂ. ବି ( ୭ମୀ ତତ୍; ବିଷୟ+ବୁଦ୍ଧି )—୧ । ବୈଷୟିକ ଜ୍ଞାନ—1. Worldly knowledge; Commonsense. ୨ । ସାଂସାରିକ ଅଭିଜ୍ଞତା—2. Worldly experience.
Bishaya buddhi
(ବିଷୟବୋଧ—ଅନ୍ୟରୂପ)

**ବିଷୟଭେଦ ଉଲ୍ଲେଖାଳଙ୍କାର**—ସଂ. ବି—ଅର୍ଥାଳଙ୍କାର ବିଶେଷ; ଉଲ୍ଲେଖାଳଙ୍କାର ( ଦେଖ )
Bishayabheda ullekhālankāra
A figure of speech; Ullekhālankāra (see).

**ବିଷୟଭୋଗ**—ସଂ. ବି ( ୬ଷ୍ଠୀ ତତ୍; ବିଷୟ+ଭୋଗ )—ଧନ ସମ୍ପତ୍ତିର ଉପଭୋଗ—Enjoyment of riches or worldly prosperity.
Bishayabhoga
( ବିଷୟଭୋଗୀ – ପୁଂ. ବିଣ )

**ବିଷୟମଗ୍ନ**—ସଂ ବିଣ. ପୁଂ ( ୭ମୀ ତତ୍; ବିଷୟ+ମଗ୍ନ )—ସାଂସାରିକ ବିଷୟରେ ଆସକ୍ତ—Addicted to worldly concerns.
Bishayamagna
( ବିଷୟମଗ୍ନା—ସ୍ତ୍ରୀ )

**ବିଷୟମତ୍ତ**—ସଂ. ବିଣ. ପୁଂ ( ୭ମୀ ତତ୍; ବିଷୟ+ମତ୍ତ )—ସଂସାର-ସୁଖରେ ମାତିଥିବା ଯୋଗୁଁ ଗର୍ବୀ; ଧନଗର୍ବୀ—Mad after the enjoyment of worldly pleasures.
Bishayamatta
(ବିଷୟମତ୍ତତା—ବିଶେଷ୍ୟ )
( ବିଷୟମତ୍ତା—ସ୍ତ୍ରୀ )

**ବିଷୟମଦ**—ସଂ. ବି ( ବିଷୟ+ମଦ )—୧ । ( ମ. ପ. ଲୋ ) ସଂସାର ସୁଖଭୋଗଜାତ ମତ୍ତତା—1. Madness resulting from worldly enjoyment ୨ । ( ରୂପକ ) ବିଷୟଭୋଗରୂପ ଗର୍ବ—2. Pride of worldly enjoyment.
Bishayamada

**ବିଷୟଲାଭ**—ସଂ. ବି ( ୬ଷ୍ଠୀ ତତ୍; ବିଷୟ+ଲାଭ )—ସମ୍ପତ୍ତିଲାଭ—Acquisition of property.
Bishayalābha

**ବିଷୟଲୁବ୍ଧ**—ସଂ. ବିଣ. ପୁଂ ( ୭ମୀ ଓ ୬ଷ୍ଠୀ ତତ୍; ବିଷୟ+ଲୁବ୍ଧ )—ବିଷୟ ପ୍ରତି ଲୋଭଗ୍ରସ୍ତ—Coveting after worldly prosperity.
Bishayalubdha
( ବିଷୟଲୁବ୍ଧା —ସ୍ତ୍ରୀ )

**ବିଷୟସୁଖ**—ସଂ. ବି (୬ଷ୍ଠୀ ତତ୍; ବିଷୟ+ସୁଖ)—ସାଂସାରିକ ବସ୍ତୁ ଆଦିର
Bishaysukha ଭୋଗଜନିତ ସୁଖ—Happiness due to worldly enjoyment.

**ବିଷୟହୀନ**—ସଂ. ବିଣ (୬ଷ୍ଠୀ ତତ୍; ବିଷୟ+ହୀନ)—ଦୁଃଖୀ; ଗରିବ—
Bishayahida Poor.

**ବିଷୟା**—ଦେ. ବି (ସଂ. ବିଷୟ)—ସାଂସାରିକ ଭୋଗ ଓ ସୁଖ—
Bishayā
ବିଷୟ Worldly enjoyment and happiness. (ଉ—ସ୍ୱଭାବେ ସେହୁ ଦେହେ ଥାଇ, ବିଷୟାଭୋଗଇ କରଇ—ଜଗନ୍ନାଥ. ଭାଗବତ ।]

**ବିଷୟାକାଙ୍କ୍ଷା**—ସଂ. ବି (୬ଷ୍ଠୀ ତତ୍; ବିଷୟ+ଆକାଙ୍କ୍ଷା)—୧ । ସାଂସାରିକ
Bishayākānkshā ବିଷୟ ଭୋଗ କରିବାର ଇଚ୍ଛା—1. Hankering after worldly matters or enjoyment. ୨ । ସମ୍ପତ୍ତି ବା ଧନାକାଙ୍କ୍ଷା—Hankering after riches or property.
(ବିଷୟାଭିଳାଷ—ଅନ୍ୟରୂପ)
ବିଷୟାକାଙ୍କ୍ଷୀ, ବିଷୟାଭିଳାଷୀ } ପୁଂ; ବିଷୟାକାଙ୍କ୍ଷିଣୀ, ବିଷୟାଭିଳାଷିଣୀ } ସ୍ତ୍ରୀ — ବିଣ

**ବିଷୟାନୁରକ୍ତ**—ସଂ. ବିଣ. ପୁଂ (୭ମୀ ତତ୍; ବିଷୟ+ଅନୁରକ୍ତ)—
Bishayānurakta ସାଂସାରିକ ବିଷୟରେ ମଗ୍ନ—Addicted to worldly affairs.
(ବିଷୟାସକ୍ତ—ଅନ୍ୟରୂପ)
(ବିଷୟାନୁରାଗ, ବିଷୟାନୁରକ୍ତି, ବିଷୟାସକ୍ତି—ବିଶେଷ୍ୟ)

**ବିଷୟାନ୍ତର**—ସଂ. ବି (କର୍ମଧା ବା ନତ୍ୟସମାସ; ଅନ୍ୟ+ବିଷୟ, 'ଅନ୍ୟ'
Bishayāntara ସ୍ଥାନରେ 'ଅନ୍ତର'ର ନିପାତ)—ଅନ୍ୟ ବିଷୟ—Another matter

**ବିଷୟାବିଷ**—ଦେ. ବି (ରୂପକ କର୍ମଧା; ବିଷୟ+ବିଷ)—ସାଂସାରିକ
Bishayābisha ବିଷୟରୂପ ବିଷ—Worldly affairs compared to poison.

**ବିଷୟାର୍ଥୀ**—ସଂ. ବିଣ. ପୁଂ (ବିଷୟ+ଅର୍ଥ୍ ଧାତୁ+କର୍ତ୍ତୃ. ଇନ୍)—
Bishayārthi ବିଷୟାଭିଳାଷୀ; ଧନାଭିଳାଷୀ—Bent on worldly affairs or riches. (ଉ—
(ବିଷୟାର୍ଥିନୀ—ସ୍ତ୍ରୀ)
ଦ୍ୱିତୀୟ ପ୍ରହର ସ୍ୱନ ବିଷୟାର୍ଥୀ ଜାଣ । ତୃତୀୟ ପ୍ରହର ସ୍ୱନ କାହିଁରେ ନ ଗଣ—ପ୍ରାଚୀ. ଶ୍ରୀଗୁରୁଭକ୍ତିଗୀତା । )

**ବିଷୟୀ**—ସଂ. ବିଣ. ପୁଂ, (ବିଷୟିନ୍; ବିଷୟ+ଅସ୍ତ୍ୟର୍ଥେ. ଇନ୍)—
Bishayi ୧ । ଧନୀ; ସମ୍ପତ୍ତିବାନ୍; ବିଭବଶାଳୀ—1. Rich; prosperous. ୨ । ବିଷୟାସକ୍ତ; ଭୋଗ ବିଳାସରତ—2. Addicted towardly concerns or enjoyment. ସଂ. ବି—୧ । ନୃପତି; ରାଜା—1. King. ୨ । କନ୍ଦର୍ପ—2. Cupid. ୩ । ଧନୀ ବ୍ୟକ୍ତି—3. Rich man. ୪ । ଇନ୍ଦ୍ରିୟ—4. Organ of sense. ୫ । ଗ୍ରାମପୁଞ୍ଜର ବା ପ୍ରଗଣାର ଶାସକ—5. Ruler of a group of villages or pergunna. ଦେ. ବ—ଶୋଇ (ଦେଖ)—Bisoi (See)
(ବିଷୟିଣୀ—ସ୍ତ୍ରୀ)

**ବିଷୟୀଭୂତ**—ସଂ. ବିଣ. (ବିଷୟ+ଅଭୂତ ତଦ୍ଭାବେ ଚ୍ୱି+ଭୂତ)—
Bishayibhūta ୧ । ପ୍ରତ୍ୟକ୍ଷୀଭୂତ—1. Perceived by the senses. ୨ । କୌଣସି ବିଷୟର ଅନ୍ତର୍ଭୁକ୍ତ—2. Included in any subject.

**ବିଷୟେଚ୍ଛା**—ସଂ. ବି. (୬ଷ୍ଠୀ ତତ୍; ବିଷୟ+ଇଚ୍ଛା)—ବିଷୟ ତୃଷ୍ଣା (ଦେଖ)
Bishayechchhā Bishaya trushnā (See)
(ବିଷୟେଚ୍ଛୁ—ଅନ୍ୟରୂପ)

**ବିଷ ଯୋଗ**—ସଂ. ବି. (ଜ୍ୟୋତିଷ)—ନକ୍ଷତ୍ରାମୃତ ଯୋଗ ଓ ସିଦ୍ଧି ଯୋଗର
Bisha joga ଏକତ୍ର ମିଳନରେ ଘଟିବା ଅଶୁଭକର ଯୋଗବିଶେଷ—An inauspicious astrological conjunction. [ଦ୍ର—ଘୃତ ଓ ମଧୁ ଯେପରି ଅଲଗା ପୃଥକ୍ ଅବସ୍ଥାରେ ଶରୀରର ପୁଷ୍ଟି ସାଧକ, କିନ୍ତୁ ଏକତ୍ର ମିଶ୍ରିତ ହେଲେ ବିଷ ହୁଏ, ସେହିପରି ଉକ୍ତ ଯୋଗଦ୍ୱୟ ପୃଥକ୍ ଅବସ୍ଥାରେ ଯାତ୍ରାଦି ଶୁଭ କାର୍ଯ୍ୟରେ ଶୁଭ ସୂଚକ, କିନ୍ତୁ ଏକତ୍ର ଘଟିଲେ ଅଶୁଭକର ।]

**ବିଷ ରୂପା**—ସଂ. ବି—୧ । ଅତି ବିଷା; ମହାନିମ୍ବ—1. Aconite.
Bisha rūpā ୨ । ମାହାଲ (ଦୃ. ଶ)—2. Persian Lilac.

**ବିଷଲ**—ସଂ. ବି (ବିଷ+ସ୍ୱାର୍ଥେ. ଲ)—ବିଷ—Poison (Apte).
Bishala

**ବିଷ ଲଡ୍ଡୁ**—ଦେ. ବି—ବିଷମିଶ୍ରିତ ଲଡ୍ଡୁ—Sweetmeat ball
Bisha lardu mixed with poison. [ଦ୍ର—ଯାହା
ବିଷଲାଡୁ **विषकालड्डु** ଖାଇଲେ ମୃତ୍ୟୁ ଘଟେ । ]

**ବିଷଲାଙ୍ଗଳ**—ସଂ. ବି—ବିଷଲାଙ୍ଗୁଳିଆ; ଲଙ୍ଗଳଙ୍ଗୁଳିଆ; ଅଗ୍ନିଶିଖା;
Bishalāngala ପାଞ୍ଚଅଙ୍ଗୁଳିଆ—Gloriosa Superba
ସଂ. ନାମ—ବିଷଲାଙ୍ଗଳ, ଲାଙ୍ଗଲୀ, ହଳନୀ, ଶୁକ୍ରପୁଷ୍ପୀ, ଲାଙ୍ଗଲକୀ, ଅଗ୍ନିଶିଖା, ବିଶଲ୍ୟା, ଅନନ୍ତା, ଗର୍ଭଘାତିନୀ, କଳହାରୀ, ବହ୍ନିବକ୍ତ୍ରା
ହି. **ईषलांगला** **कलिहारी**
ବିଷଲଙ୍ଗଳ, ବିଷଲଙ୍ଗ(ଙ୍ଗୁ)ଳିଆ, ବିଷଲଙ୍ଗୁଲ(ଡ଼), ବିଷଲାଙ୍ଗଳିଆ, ବିଷଲାଙ୍ଗୁଳିଆ, ବିଷଲଙ୍ଗଳ(ଲା), ବିଷଲାଙ୍ଗଳିଆ, ବିଷଲଙ୍ଗୁଡ଼ା(ଲା) — ଅନ୍ୟରୂପ
ମ. ଖଡ୍ୟାନାଗ, ଚଗବୋଡ୍ୟା
ଗୁ. ଦୁଧିଓ
[ଦ୍ର—ଏହା ବନ୍ୟଲତା ବିଶେଷ ; ରକ୍ତାମିଗନ୍ଧାଦି ବର୍ଗର ରୋହଣୀ; (?) ବର୍ଷାକାଳରେ ଏହା ଚେରମୂଳରୁ ଜନ୍ମେ । କିନ୍ତୁ ଶରତ୍‌କାଳରେ ଫଳ ପାଚିଲେ ଏ ଗଛ ଶୁଖି ମରିଯାଏ ଓ ଗଛର ଚିହ୍ନମାତ୍ର ରହେ ନାହିଁ । ପତ୍ର ଏକୋତ୍ତର ଓ ମଞ୍ଜୁଆକାର; ପତ୍ରର ଅଗ୍ରଭାଗ ଅଙ୍କୁଶିଆ । ଫୁଲ ବଡ଼ ବଡ଼ ଓ ଅଗ୍ନିବର୍ଣ୍ଣ । ଏହାର ଦଳ ୬ଟି ଓ ଲୁଞ୍ଚୁଲୁଞ୍ଚିଆ; ଗର୍ଭକେଶର ୬ଟି । ଗର୍ଭକେଶର ବଙ୍କା ହୋଇ ପୁଂକେଶର ଉପରେ ପଡ଼େ । ଏହା ଦେଖିବାକୁ ଲଙ୍ଗଳ ବା ଲଙ୍ଗଳର ଈଷ ପରି । ଫୁଲର ଡେମ୍ଫ ଅଧୋମୁଖ ଓ ଫୁଲ ଅଧୋମୁଖ ହୋଇ ଫୁଟେ । ଫଳ ପାଚିଲେ ଫାଟିଯାଏ । ପ୍ରାଚୀନକାଳରୁ ଏହାର ମୂଳ ଗର୍ଭପାତନ ପାଇଁ ବ୍ୟବହୃତ । ଏହା ବିଷାକ୍ତ । ଏଥିରୁ ଏକପ୍ରକାର ତୈଳ ପ୍ରସ୍ତୁତ ହୋଇ ବିଭିନ୍ନ ଚିତ୍ୟାଦିରେ ଦିଆଯାଏ । ଏହା ଏକପ୍ରକାର ମହୁରା; ଆମଦେଶର ବୈଦ୍ୟମାନେ ମହୁରା ଅଭାବରେ ଏହାର ମୂଳକୁ ଔଷଧରେ ବ୍ୟବହାର କରନ୍ତି । ବଚ୍ଛନାଗଠାରୁ ଏହା ପୃଥକ୍ । ଏହା କୁଷ୍ଠ, ଶୋଥ, ଅର୍ଶ,

ବ୍ରଣ, ଶୂଳ, କଫ ଓ କ୍ରିମିନାଶକ; ଏହା ପିତ୍ତବର୍ଦ୍ଧକ ଓ ଗର୍ଭ ନାଶକ । ]

**ବିଷ ଶୋଧନ—ସଂ.** ବି—( ୬ଷ୍ଠୀ ତତ୍; ବିଷ+ଶୋଧନ )—Bisha śodhana ଆୟୁର୍ବେଦୋକ୍ତ ବିଧିରେ ବିଷଘଟିତ ବସ୍ତୁକୁ କୌଣସି ଔଷଧ ସଙ୍ଗେ ମିଶାଇବା ପୂର୍ବରୁ ତାକୁ ଗୋମୂତ୍ର ଆଦିରେ ସିଝାଇ ଉକ୍ତ ବିଷର ଉଗ୍ରତା ନିବାରଣ ପ୍ରକ୍ରିୟା—The rectification or purification of poison by processes enjoined in the Āyurbeda.

**ବିଷହର—ସଂ. ବିଣ. ପୁଂ**—(ବିଷ+ହୃ ଧାତୁ=ହରଣ କରିବା+କର୍ତ୍ତୃ. Bishahara ଅ )—ବିଷଘାତୀ ( ଦେଖ )—Bishaghāti (ବିଷହନ୍ତା, ବିଷହର୍ତ୍ତା, ବିଷହାରିଣୀ—ସ୍ତ୍ରୀ) (See).
[ବିଷହା, ବିଷହାରକ, ବିଷହାରୀ—ଅନ୍ୟରୂପ]

**ବିଷହରା(ରୀ)—ସଂ. ବି. ସ୍ତ୍ରୀ**—(ବିଷହର+ସ୍ତ୍ରୀ. ଆ; ଈ)- ମନସାଦେବୀ—Bishaharā(ri) Goddess Manasā. ସଂ. ବିଣ. ସ୍ତ୍ରୀ—ବିଷହରର ସ୍ତ୍ରୀଲିଙ୍ଗ—Feminine of Bishahara.

**ବିଷହ୍ୟ—ସଂ. ବିଣ**—( ବି+ସହ ଧାତୁ+କର୍ମ. ଯ; ଷତ୍ୱବିଧାନ)—Bishahyā ୧ । ସହନୀୟ—1. Endurable (Apte). ୨ । (ବିଷହ୍ୟତା—ବି) ନିଷ୍ପେନ୍ନ; ନିର୍ଣ୍ଣେୟ—2. Possible to be settled or determined (Apte). ୩ । ସମ୍ଭବପର—3. Possible (Apte).

**ବିଷା—ସଂ. ବି**—(ବିଷ+ଆ)—୧ । ଅତିବିଷା; ଅତୁଷି—1. Aconitum Heterophyllum. ୨ । ପିତା ତରଡ଼ା (ହି ଶ) (ଦେଖ)—2. Bitter Luffa (creeper and fruit). ୩ । କୁଷ୍ମାଣ୍ଡଇତା ( ହି ଶ ) ( ଦେଖ )—3. Kuśmaitā (See). ୪ । ବିଷଲାଙ୍ଗଳ (ହି. ଶ) (ଦେଖ)—4. Wolfsbane. ୫ । କାକୋଲୀ (ହି. ଶ) (ଦେଖ)—5. Kākoḷi (See). ୬ । ବୁଦ୍ଧି (ହି. ଶ)—6. Intelligence.

**ବିଷାଇ—ପ୍ରାଦେ (ସିଂହଭୂମ) ବି**—ଗଡ଼ବିଷାଇ (ଦେଖ)—Bishāi Gardabishāi (See).

**ବିଷା(ଷେ)ଇବା—ଦେ. କ୍ରି**—(ସଂ. ବିଷଶବ୍ଦରୁ ଓଡ଼ିଆ ନାମଧାତୁ)—Bishā(ehe)ibā ୧ । ବିଷଯୁକ୍ତ କରିବା; ବିଷମୟ କରିବା—ବିଷାନ 1. To poison; to make poisonous. ( ଉ—**विसैला करना** ବିଷାଇ ମଧୁପତନ୍ତ୍ର, ବନେ ଚମକିତ ତନ୍ତୁ । ଭଞ୍ଜ. ବୈଦେହୀଶବିଳାସ । ୨ । ବିଷ ବୋଳିବା—2. To besmear with poison. ( ଉ—ଶ୍ଳେଷକ ଅମୋଦ ଶର କନ୍ଦଳ ବିଷାଇ । ଶିଶୁଶଙ୍କର. ଉଷା ଅଭିଳାଷ ।) ୩ । ବିଷମୟ ହେବା—3. To become poisonous.

**ବିଷାକ୍ତ—ସଂ. ବିଣ**—(ବିଷ+ଅକ୍ତ=ଲେପିତ; ୭ମୀ ତତ୍ )—୧ । Bishākta ବିଷମିଶ୍ରିତ—1. Mixed with poisons; **विसैला** poisoned. ୨ । ଗରଳପୂର୍ଣ୍ଣ—2. Full of poison. ୩ । ଯହିଁରେ ବିଷ ବୋଳାଯାଇଥାଏ; ବିଷଦିଗ୍ଧ—3. Smeared with poison.

**ବିଷାଣ(ଣୀ)—ସଂ. ବି**—(ବିଷ୍ ଧାତୁ=ବିଶ୍ଳିଷ୍ଟ କରିବା+କର୍ତ୍ତୃ. ଅନ;+Bishāṇa(ṇi) ଈ)—୧ । ପଶୁର ଶୃଙ୍ଗ—1. The horn of a beast. ୨ । ହସ୍ତୀ, ଶୂକର ଆଦିଙ୍କ ମୁନିଆ ଦାନ୍ତ—2. The pointed tusk of an elephant or boar. ୩ । ମେଷଶୃଙ୍ଗ ପରି ଫଳଯୁକ୍ତ ମେଷଶୃଙ୍ଗୀ ନାମକ ବୃକ୍ଷ; ମେଣ୍ଢାଶିଂଘା ଗୁଳ୍ମ—3. Screw tree. (ଅନ୍ୟ ସଂ ନାମ—ମେଷଶୃଙ୍ଗୀ, ବିଷାଣୀ, ମେଷବଲ୍ଲୀ, ଅଜଶୃଙ୍ଗିକା; ହି. ମେଢାଶୀଂଗୀ; ବ. ଛାଗଲବେଁଟେ, ମେଡ଼ାଶିଙ୍ଗୀ; ମ- ମେଣ୍ଢଫଲୀ, ଗୁ ମଢ଼ାଶିଙ୍ଗୀ, ଫା. କସ୍ତ୍., ଅ. ଵାର୍କିସ୍ତ ।) ୪ । ଶିଂଘା ବାଦ୍ୟ—4. A sounding horn. [ଉ—ବେଣୁ ବଂଶୀ ଯେ କାହାଳ, ବିଷାଣ ବେତ ଧର କର । ପ୍ରାଚୀ. ପୁର୍ଣ୍ଣଚନ୍ଦ୍ର ଚନ୍ଦ୍ରୋଦୟ ।] ୫ । କୁଡ଼ି; କୁଡ଼ ନାମକ ଔଷଧ (ହି. ଶ)—5. Kurdha (See). ୬ । ବାଲୁଆ କନ (ହି. ଶ)—6. A kind of yam. ୭ । ଋଷଭକ (ହି. ଶ)—7. A rare medicinal herb. ୮ । ତେନ୍ତୁଳ (ହି. ଶ(–8. Tamarind. ଦେ. ବି—୧ ।
विषान (ସଂ. ବିଷାଯୁକ୍ତ) ବିଷଘଟିତ ଔଷଧ—1. Any medicine **बिषौलि दवा, विष(ख) वटी** of which poison is an ingredient. ୨ । (ସଂ. ବିଷ) ବିଷ—2. Poison. ୩ । ବିଷାକ୍ତ ଦ୍ରବ୍ୟ—3. Any poisonous thing. ଦେ. ବିଣ—୧ । ବିଷଘଟିତ—1. Composed of poison. ୨ । ବିଷାକ୍ତ—2. Poisonous.

**ବିଷାଣ ପ୍ରୟୋଗ—ଦେ. ବି**—ରୋଗୀପ୍ରତି ବିଷଘଟିତ ଔଷଧର ପ୍ରୟୋଗ Bishāṇa prayoga —Administration of poisonous medicine to a patient.

**ବିଷାଣ ଧରିବା—ଦେ. ବି**—ରୋଗୀଠାରେ ବିଷର ଗୁଣ ପ୍ରକାଶ ପାଇବା—Bishāṇa dharibā The taking effect of a विषान धरा **विषवटी लगना** poisonous medicine on a patient.

**ବିଷାଣିକା—ସଂ. ବି** ( ବିଷାଣ+କ+ଆ )—୧ । ମେଣ୍ଢାଶିଂଘା ( ହି. Bishāṇikā ଶ. )—1. The screw tree. ୨ । ସପ୍ତଲା; ସପ୍ତଫେଣିଆ ( ହି. ଶ. )—2. Enphorbia ( tree ). ୩ । କକଡ଼ା ଶୃଙ୍ଗୀ ( ହି. ଶ )—3. Kakardā śrungi ( See ). ୪ । ଶିଂଘଡ଼ା ( ହି. ଶ. )—4. Water chestnut. ୫ । ଋଷଭକ ( ହି. ଶ. )—5. A rare herb. ୬ । କାକୋଲୀ ( ହି. ଶ. )—6. Kākoḷi ( See ). ୭ । ଉତୁରୁଡ଼ି ( ହି. ଶ. )—7. Uturuṛdi ( See ).

**ବିଷାଣୀ—ସଂ. ବିଣ. ପୁଂ** ( ବିଷାଣିନ୍; ବିଷାଣ+ଅସ୍ତ୍ୟର୍ଥେ ଇନ୍; ୧ମା. Bishāṇi ୧ବ. )—ଶୃଙ୍ଗବିଶିଷ୍ଟ—Horned. ସଂ. ବି. ପୁଂ—୧ । ହସ୍ତୀ—1. Elephant. ୨ । ବାରହା; ଶୂକର—2. Boar. ୩ । ଷଣ୍ଢ ( ହି. ଶ. )—3. Bull. ୪ । ଶିଂଘଡ଼ା ( ହି. ଶ. )—4. Water chestnut. ୫ । ଋଷଭକ—5. A rare herb.

୬ । ( ବିଷାଣ+ଈ ) ସ୍ତ୍ରୀ—କ୍ଷୀରକାକୋଲୀ ( ହି· ଶ । —6. Kshirakākoli ( See ), ୭ । ମେଣ୍ଢାଶିଂଘା ( ହି. ଶ. )—7. The screw tree, ୮ । ବିଛୁଆତି ( ହି. ଶ. )—8. The stinging nettle. ୯ । ତେନ୍ତୁଳି ( ହି. ଶ. )—9. Tamarind ୧୦ । ଶିଂଘଡ଼ା ( ହି. ଶ. )—10. Water chestnut. ୧୧ । ବିଷ; ଗରଳ ( ହି. ଶ. )—11. Poison. ୧୨ । ଉତୁରୁଡ଼ି ( ହି. ଶ. )—12. Uturu̱rdi ( See )

ବିଷାଦ୍—ସ. ବି ( ବିଷ+ଅଦ ଧାତୁ+କର୍ତ୍ତୃ· କ୍ୱିପ୍; ଯେ ହଳାହଳ Bishād ବିଷପାନ କରିଥିଲେ )—ଶିବ ( ହି. ଶ. )—Siba.

ବିଷାଦ—ସ. ବି ( ବି+ସଦ୍ ଧାତୁ=ଅବସନ୍ନ ହେବା+ଭାବ. ଅ )—Bishāda ୧ । ସ୍ଫୂର୍ତ୍ତିହୀନତା—1. Want of high spirits; (ହର୍ଷ—ବିପରୀତ) low spiretedness. ୨ । ଇଷ୍ଟନାଶ ଜନିତ ମନୋବେଦନା—2. Sadness due to the loss of one's wished for object. ୩ । ଖେଦ; ମନୋଭଙ୍ଗ; ମନୋଦୁଃଖ—3. Dejection; grief; dismay; mental distress. ୪ । ନିଶ୍ଚେଷ୍ଟତା; ଜଡ଼ତା—4. Want of exertion. ଦେ. ବିଣ—ବିଷଣ୍ଣ; ଦୁଃଖପୂର୍ଣ୍ଣ—Sorrowful; sad; dejected. [ ଭ—ବିଷାଦ ବଦନ ତୋହର, ଯେ ମୁଖ ସ୍ୱଭାବେ ସୁନ୍ଦର । ଜଗନ୍ନାଥ· ଭାଗବତ । ]

ବିଷାଦ କରିବା—ଦେ. କ୍ରି—ଖେଦ କରିବା; ବିଷଣ୍ଣ ହେବା—Bishāda kariba To grieve; to be sorrowful. ৰিষাদকরা **विषादकरना**

ବିଷାଦଗ୍ରସ୍ତ—ସ· ବିଣ. ପୁଂ ( ତତ୍ପୁରୁଷ; ବିଷାଦ+ଗ୍ରସ୍ତ )—ବିଷଣ୍ଣ—Bishādagrasta (ବିଷାଦଗ୍ରସ୍ତା—ସ୍ତ୍ରୀ) Sad; dejected. (ବିଷାଦପ୍ରାପ୍ତ, ବିଷାଦ ନିମଗ୍ନ, ବିଷାଦଯୁକ୍ତ, ବିଷାଦମଗ୍ନ—ଅନ୍ୟରୂପ)

ବିଷାଦ ଜନକ—ସ. ବିଣ ( ବିଷାଦ+ଜନକ )—ଯାହା ବିଷାଦ ଜନ୍ମାଏ Bishād janaka —Causing sadness; saddening.

ବିଷାଦମୂଳକ—ସ. ବିଣ ( ବହୁବ୍ରୀହି; ବିଷାଦ+ମୂଳ )—ଯେଉଁ Bishādmūḻaka ଘଟଣାର ମୂଳରେ ବିଷାଦ ଥାଏ—Resulting from grief.

ବିଷାଦ ରହିତ—ସ. ବିଣ ( ତତ୍ପୁରୁଷ; ବିଷାଦ+ରହିତ )—ଖେଦ Bishāda rahita ବିହୀନ—Free from grief. (ବିଷାଦଶୂନ୍ୟ—ଅନ୍ୟରୂପ)

ବିଷାଦାନ୍ତକ—ସ· ବିଣ (ବିଷାଦ+ଅନ୍ତ+କ)—ଯାହା ବିଷାଦରେ ସମାପ୍ତ Bishādāntaka ହୁଏ—Ending in grief; tragic.

ବିଷାଦିତ—ସ. ବିଣ. ପୁଂ ( ବିଷାଦ+ଜାତାର୍ଥେ ଇତ )—ଦୁଃଖିତ; Bishādita ଖେଦିତ—Grieved; saddened. ( ବିଷାଦିତା—ସ୍ତ୍ରୀ )

ବିଷାଦୀ—ସଂ. ବିଣ. ପୁଂ ( ବିଷାଦ+ଇନ୍ )—ଯେ ବିଷାଦ କରୁଥାଏ—Bishādi (ବିଷାଦିନୀ—ସ୍ତ୍ରୀ) Sorrowing.

ବିଷାନ୍ତକ—ସଂ. ବିଣ ( ବିଷ+ଅନ୍ତକ=ନାଶକ )—ଗରଳ ନାଶକ; Bishantaka ବିଷ ନାଶକ—Counteracting the effect of poison. ସଂ. ବି—ଶିବ; ମହାଦେବ—Siba. [ ଦ୍ର—ଏ ସମୁଦ୍ର ମନ୍ଥନରୁ ଉତ୍ଥିତ ଗରଳ ପାନ କରିଥିଲେ । ]

ବିଷାନନ—ସ. ବି· ( ବହୁବ୍ରୀହି; ବିଷ+ଆନନ )—Bishānana ସର୍ପ—Snake. (ବିଷାସ୍ୟ—ଅନ୍ୟରୂପ)

ବିଷାପହ—ସ. ବିଣ. ପୁଂ (ବିଷ+ଅପ+ହନ ଧାତୁ+କର୍ତ୍ତୃ. ଅ)—ଯାହା Bishāpaba ବିଷକୁ ନାଶ କରେ—Counteracting or (ବିଷାପହା—ସ୍ତ୍ରୀ) destroying the effect of poison.

ବିଷାପହା—ସ. ବିଣ. ସ୍ତ୍ରୀ. (ବିଷାପହ+ଆ)—ବିଷାପହର ସ୍ତ୍ରୀ ଲିଙ୍ଗ—Bishāpahā Feminine of Bishāpaha. ସ. ବି—୧ । ନାଗଦମନୀ ଗୁଳ୍ମ ( ଦ୍ରବ୍ୟଗୁଣ )—1. Indian wormwood. ୨ । ଇନ୍ଦ୍ର ବାରୁଣୀ; ମହାକାଳ ଲତା (ହି. ଶ)—2. Colocynth. ୩ । ନିର୍ବିଷା ନାମକ ତୃଣ (ହି. ଶ)—2. A kind of grass. ୪ । ସର୍ପଦଂଷ୍ଟ୍ରୀ (ହି. ଶ); ବିଛୁଆତି—4. The stinging nettle; Fragia Involucrata. ୫ । ଶାଳପର୍ଣ୍ଣୀ (ହି. ଶ) ଶାଳପର୍ଣ୍ଣୀ—5. Desmodium Gangeticum (plant).

ବିଷାୟନ—ସଂ· ବି. ( ଆୟୁର୍ବେଦ )—ବିଷ ଘଟିତ ଔଷଧ ଦ୍ରବ୍ୟ—Bishāyana Medicine of which the ingredient (ବିପରୀତ—ରସାୟନ) is poison. [ଦ୍ର—ଧାତୁ ଘଟିତ ଔଷଧକୁ ରସାୟନ ବୋଲାଯାଏ । ବିଷକୁ ଶୋଧନ କରି ଔଷଧରେ ପକାଇବାକୁ ହୁଏ ।]

ବିଷାୟୁଧ—ସ. ବି. ( ବହୁବ୍ରୀହି; ବିଷ+ଆୟୁଧ=ଅସ୍ତ୍ର )—୧ । ବିଷଧର Bishāyudha ସର୍ପ—1. Poisonous snake. ୨ । (ମ. ପ. (ବିଷାସ୍ତ୍ର—ଅନ୍ୟରୂପ) ଲୋ; ବିଷ+ଆୟୁଧ) ବିଷଦିଗ୍ଧ ଶସ୍ତ୍ରାସ୍ତ୍ର—2. Poisoned weapon. ୩ । (ରୂପକ) ବିଷରୂପ ଆୟୁଧ—3. Poison used as a weapon for injuring others.

ବିଷାର—ସ. ବି. (ବିଷ+ଅର ଧାତୁ=ଗମନ କରିବା+ଅ)—ସର୍ପ—Bishāra Snake.

ବିଷାଳୁ—ସ. ବିଣ· (ବିଷ+ଆଳୁ)—ବିଷାକ୍ତ—Bishāḻu Poisonous.

ବିଷି ଆଙ୍ଗୁଠି(ଳି)—ଦେ. ବି. ( ସ. ବିଷ+ଅଙ୍ଗୁଷ୍ଠ )—ତର୍ଜ୍ଜନୀ—The Bisha ānguṭhi(ḻi) index finger. [ଦ୍ର—ଏହି ଅଙ୍ଗୁଠିରେ ଔଷଧ ଇତ୍ୟାଦି ଗୋଳାଇଲେ ତାହା ବିଷାକ୍ତ ହୁଏ ବୋଲି ଲୋକ ବିଶ୍ୱାସ ।] বিষ আঙ্গুল **तर्जनी**

ବିଷିକପୁରୀ—ସ. ବି· (ବୈଦ୍ୟକ)—ବୃକ୍ଷ ବିଶେଷ—A herbarious Bishikapuri tree. ଦ୍ର—ଏହାର ପତ୍ର ଦହି ସହିତ ବାଟି **विष खपरा** ପାନ କଲେ ଉଚ୍ଚାଟସାର ନିବୃତ୍ତ ହୁଏ । ଏହି ପତ୍ରର

ପ୍ରଲେପ ସଦ୍ୟୋବ୍ରଣ, ବ୍ରଣ ଶୋଥ ଓ ଅଗାଢ ଜନିତ ବ୍ୟଥା ଦୂର କରେ । ଦ୍ରବ୍ୟଗୁଣ କଳ୍ପଦ୍ରୁମ ]

**ବିଷି ଫୋଟକା**—ଦେ. ବି. (ସଂ. ବିସ୍ଫୋଟକ)—ବିସ୍ଫୋଟକ (ଦେଖ)
Bishi photakā — Bisphotaka (See)
বিষ ফোড়া ফোড়া, ফোঁকা

**ବିଷୀ**—ସଂ. ବି. ପୁଂ, ( ବିଷ+ଇନ୍; ୧ମା. ୧ବ )—ବିଷମୟ; ବିଷଧର
Bishī (ବି. ଣ)—Poisonous. ସଂ. ବି—୧ । ବିଷଧର ସର୍ପ (ବିଷିଣୀ—ସ୍ତ୍ରୀ) (ବି. ଣ)—1. Poisonous snake. ୨ । ବିଷମୟ ପଦାର୍ଥ—2. Any poisonous article.

**ବିଷୁ**—ସଂ. ବି. ( ବିଷ ଧାତୁ+କର୍ତ୍ତୃ. ଉ )—୧ । ସାମ୍ୟ; ସମାନତା—
Bishu 1. Equality. ୨ । ନାନାରୂପତା—2. The state of having many forms. ଗ୍ରା. ବି. (ସଂ. ବିଷୟରୁ ଗ୍ରାମ୍ୟ ରୂପ 'ବିଷ'ର ରୂପ ୫ମୀ ବିଭକ୍ତିରେ)—୧ । ବିଷୟରୁ—1. From the matter. ୨ । (ଅନାଦରାର୍ଥକ) ବିଷ୍ଣୁର ଡାକ ନାମ—2. A name for calling Bishnu.

**ବିଷୁନ(ନି, ନୁ)**—ଗ୍ରା. ବି. (ଅନାଦରାର୍ଥକ) ବିଷ୍ଣୁ ନାମ ବ୍ୟକ୍ତିଙ୍କୁ ଡାକିବା
Bishuna(ni, nu) ନାମ—A name for calling Bishnu.
বিষ্টু বিষ্টুন
[ବିଷୁନଆ(ଆଁ)—ଅନାଦରାର୍ଥକ ରୂପ]

**ବିଷୁନ(ନୁ)ପୁର**—ଦେ. ବି—କଟକ ଜିଲ୍ଲାର ଗୋଟିଏ ଚିରସ୍ଥାୟୀ
Bishuna(nu)pura ଜମିଦାରୀ—Name of a permanently settled estate in the district of Cuttack.

**ବିଷୁପ(ବ)**—ସଂ. ବି. (ବିଷୁ=ଦିବା ରାତ୍ରିର ସମତା+ପା ଧାତୁ=ପାଳନ,
Bishupa(ba) ବା ଧାତୁ=ଗମନ କରିବା+କର୍ତ୍ତୃ. ଅ; ଯେଉଁ ସମୟରେ ଦିନ ରାତ୍ରି ଠିକ୍ ସମାନ ହୁଏ)—୧ । ସମରାତ୍ରିଦିବ କାଳ—1. The time when the night and day are equal; equinox. ୨ । ଖଗୋଳର ମେଷ ଓ ତୁଳ ରାଶିରେ ଯେଉଁ କଳ୍ପିତ ବିନ୍ଦୁଦ୍ୱୟରେ ସୂର୍ଯ୍ୟ ସମରାତ୍ରିଦିବକାଳ ପରେ ପ୍ରବେଶନ୍ତି—2. The equinoxial points; the first points of Aries and Libra into which the sun enters at the vernal and autumnal eqinox (Apte). [ଦ୍ର—ସୂର୍ଯ୍ୟ ବିଷୁବରେଖାର ଠିକ୍ ଉପରକୁ ବର୍ଷକେ ଦୁଇ ଥର ଆସନ୍ତି । ଥରେ ବସନ୍ତ କାଳରେ ଓ ଥରେ ଶରତ୍ କାଳରେ । ବସନ୍ତ କାଳରେ ସୌର ଚୈତ୍ର ବା ମୀନ ମାସର ନବମ ବା ଦଶମ ଦିନ, ଇଂରାଜୀ ମାର୍ଚ୍ଚ ମାସର ୨୧ ବା ୨୨ ତାରିଖରେ ଓ ଶରତ କାଳରେ ସୌର ଆଶ୍ୱିନ ବା କନ୍ୟା ମାସର ନବମ ବା ଦଶମ ଦିନ, ଇଂରାଜୀ ସେପ୍‌ଟେମ୍ବର ମାସର ୨୨ ବା ୨୩ ତାରିଖରେ । ଏହି ଦୁଇ ଦିନ ଦିନ ଓ ରାତ୍ରି ସମାନ ଅର୍ଥାତ୍ ଠିକ୍ ୧୨ ଘଣ୍ଟା ଲେଖାଏଁ ହୁଏ । ଏହି ଦୁଇ ଦିନର ପରବର୍ତ୍ତୀ ସଂକ୍ରାନ୍ତିମାନ (କାର୍ତ୍ତିକ ସଂକ୍ରାନ୍ତି ଓ ବୈଶାଖ ସଂକ୍ରାନ୍ତି)ଙ୍କୁ ବିଷୁବ ସଂକ୍ରାନ୍ତି ବୋଲାଯାଏ । କାର୍ତ୍ତିକ ସଂକ୍ରାନ୍ତିର ନାମ ଜଳ ବିଷୁବ ଓ ବୈଶାଖ ସଂକ୍ରାନ୍ତିର ନାମ ମହା ବିଷୁବ ସଂକ୍ରାନ୍ତି ଅଟେ ।] ୩ । ମେଷ ବା ବୈଶାଖ ସଂକ୍ରାନ୍ତି; ପଣା ସଂକ୍ରାନ୍ତି; ମହାବିଷୁବ ସଂକ୍ରାନ୍ତି—3. The Saṁkrānti or the 1st day of the month of solar Baisākha; the first point of Aries which the sun enters after the vernal equinox (Apte). ୪ । ତୁଳ ବା କାର୍ତ୍ତିକ ସଂକ୍ରାନ୍ତି; ଗର୍ଭଣା ସଂକ୍ରାନ୍ତି; ଜଳ ବିଷୁବ ସଂକ୍ରାନ୍ତି—4. The Saṁkrānti or the 1st day of the month of solar Kārttika; the first point of Libra which the sun enters after the autumnal equinox.

**ବିଷୁବଚ୍ଛାୟା**—ସଂ. ବି (ଗଣିତ ଜ୍ୟୋତିଷ)—ଠିକ୍ ଦ୍ୱିପ୍ରହରବେଳେ ସୂର୍ଯ୍ୟ-
Bishubachchayā ଘଡ଼ିର ଦଣ୍ଡର ଯେଉଁ ଛାୟା ତଳେ ପଡ଼େ—The shadow of the gnomon at noon (Apte).

**ବିଷୁବତ୍**—ସଂ. ବି—(ଜ୍ୟୋତିଷ ପରିଭାଷା; ବିଷୁ=ଦ୍ୱି ସ୍=ଦୁଇ
Bishubat ଭାଗରେ+ଅଛି ଅର୍ଥରେ ବତ୍; ଯାହା ମଧ୍ୟସ୍ଥଳରେ ଅବସ୍ଥିତ ଥାଇ ବର୍ଷକୁ ଦୁଇଭାଗରେ ଅର୍ଥାତ୍ ଦକ୍ଷିଣାୟନ ଓ ଉତ୍ତରାୟଣରେ ବିଭକ୍ତ କରେ ।)—୧ । କ୍ରାନ୍ତିପାତ—(ଦେଖ)—1. Krantipāta (See); the equinox (Apte) [ଦ୍ର—ଏପରି ବିଷୁବତ୍ ବା କ୍ରାନ୍ତିପାତ ଦୁଇଗୋଟି ଅଛି । ଯଥା—(୧) ମହାବିଷୁବ ସଂକ୍ରାନ୍ତି । (୨) ଜଳ ବିଷୁବ ସଂକ୍ରାନ୍ତି ।] ୨ । ବିଷୁବ (ଦେଖ) 2, Bishuba (See)

**ବିଷୁବତ୍ ରେଖା**—ସଂ. ବି—(ଜ୍ୟୋତିଷ)—ଆକାଶ ମଣ୍ଡଳରେ ଯେଉଁ
Bishubat-rekhā କଳ୍ପିତ ରେଖା ଦୁଇ ବିଷୁବତ୍ ବାଟେ ବୃତ୍ତ ଆକାଶକୁ ଉତ୍ତର ଭୂଗୋଳାର୍ଦ୍ଧ ଓ ଦକ୍ଷିଣ ଭୂଗୋଳାର୍ଦ୍ଧରେ ବିଭକ୍ତ କରିଅଛି—The ecliptic.
ବିଷୁବତୀ ରେଖା, ବିଷୁବରେଖା } ଅନ୍ୟରୂପ
[ଦ୍ର—ପୃଥିବୀର ବିଷୁବ ରେଖାର ପ୍ରତ୍ୟେକ ବିନ୍ଦୁ ଆକାଶର ବିଷୁବତ୍ ରେଖାର ପ୍ରତ୍ୟେକ ବିନ୍ଦୁର ତଳେ ରବିମାର୍ଗ ବିଷୁବତ୍‌ରେଖା ସଙ୍ଗେ ୨୩ ଡିଗ୍ରୀ ୨୭ ମିନିଟ୍ କୋଣରେ ଅବସ୍ଥିତ ବୋଲି କଳ୍ପିତ ।]

**ବିଷୁବନ୍ତୀ**—ଦେ. ବି.—(ଦେ. ବି—( ସଂ. ବିଷୁବତ୍ )—ସୁଷୁମ୍ଣା—
Bishubanti (ନାଡ଼ି ବିଶେଷ)—Name of one of the principal long veins in the body [ଦ୍ର—ଏ ନାଡ଼ିରେ ଅବସ୍ଥିତ କାଳରୂପୀ ସେତୁ; ସର୍ବ କାର୍ଯ୍ୟ ବିନାଶକୁ ବିଷୁବନ୍ତୀ କହି । ପ୍ରାଚୀ. ଶିବସ୍ୱରୋଦୟ ।] [ଦ୍ର—ଏହି ନାଡ଼ିରେ ବାୟୁ ପ୍ରବାହିତ ହେଉଥିବା ସମୟରେ କୌଣସି କାର୍ଯ୍ୟ କଲେ ତାହା ବିନଷ୍ଟ ହୁଏ ।]

**ବିଷୁବ ରେଖା**—ସଂ. ବି—୧ । ନିରକ୍ଷରେଖା; ପୃଥିବୀର ଉତ୍ତର ମେରୁ
Bishuba rekhā ଓ ଦକ୍ଷିଣ ମେରୁଠାରୁ ଉଭୟ ଦିଗରେ ସମ-

ବୃତ୍ତବର୍ତ୍ତୀ ପୃଥିବୀ ଗୋଲକର ଚତୁର୍ଦ୍ଦିଗରେ ଘେରିଥିବା ମଣ୍ଡଳାକାର କଳ୍ପିତ ରେଖା—1. The equator. [ ଦ୍ର—ଏହି ରେଖା ଉପରେ ସୂର୍ଯ୍ୟ ଥିବା ସମୟରେ ଦିନରାତ୍ର ସମାନ ହୁଏ ।]
୨ । ଖଗୋଳରେ ପୃଥିବୀର ବିଷୁବ ରେଖାର ଠିକ୍ ଊର୍ଦ୍ଧ୍ୱରେ କଳ୍ପିତ ରେଖା; ବିଷୁବତ୍ ରେଖା—2. The celestial ecliptic; the equinoxial line (Apte).

**ବିଷୁବ ସଂକ୍ରାନ୍ତି**—ସଂ. ବି—ସୂର୍ଯ୍ୟ ବର୍ଷକରେ ଯେଉଁ ଦିନଦ୍ୱୟ ବିଷୁବ
Bishuba Samkrānti ରେଖା ଉପରେ ଗମନ କରନ୍ତି, ତହିଁର ପରବର୍ତ୍ତୀ ସଂକ୍ରାନ୍ତି ଦ୍ୱୟ; ଜଳବିଷୁବ ସଂକ୍ରାନ୍ତି ଓ ମହାବିଷୁବ ସଂକ୍ରାନ୍ତି; ବର୍ଷକରେ ଯେଉଁ ଦିନଦ୍ୱୟ ସୂର୍ଯ୍ୟ ପ୍ରଥମେ ଯଥାକ୍ରମେ ମେଷ ରାଶିକୁ ଓ ତୁଳ ରାଶିକୁ ସଂକ୍ରମଣ (ଗମନ) କରନ୍ତି—The two Saṁkrānti days in the year falling after the equinozes; the passage of the sun to the next sign at the vernal and autumnal equinoxes; the passage of the sun to the first points of Aries and Libra after the vernal and autumnal equinoxes; the equinoxial passage (Apte) (ବିଷୁବ ତଳେ ନୋଟ୍ ଦେଖ) (See notes under Bishuba).

**ବିଷୁଚିକା**—ସଂ. ବି—ବିସୂଚିକା; ହଇଜା—
Bishuchika Cholera (Apte).

**ବିଷେ**—ଗ୍ରା. ବି—(ସଂ. ବିଷୟ)—ବିଷୟ—Matter. ( ଉ—
Bishe ଅବଧାନ ବିଷେ କହିଲେ କହିଲେ ସେ ଯେତେ ବଚନ । ଭଞ୍ଜ—କୋଟିବ୍ରହ୍ମାଣ୍ଡ ସୁନ୍ଦରୀ ।)

**ବିଷେ(ଷୋ)ଇ**—ଦେ. ବି—(ସଂ. ବିଷୟୀ)—୧ । ବିଶୋଇ—(ଦେଖ)—
Bishe(sho)i 1. Bisoi (See) ୨ । ହିସାବପତ୍ର ଲେଖିବା ରାଜ କର୍ମଚାରୀ—2. An accountant. ୩ । ଖଣ୍ଡାଏତ ଓ ଶୂଦ୍ରଙ୍କର ବଂଶ ଉପାଧି ବିଶେଷ—3. Name of a family-title of Khandaets and Sudras. ଗ୍ରା, ବିଣ—ସଂସାର ବିଷୟାସକ୍ତ—Addicted to worldly concerns.

**ବିଷୋଇବା**—ଦେ. କ୍ରି—ଆଲିଙ୍ଗନ କରିବା—To embrace. [ଉ—
Bishoibā ବିଷୋଇଁ ପଥେ କୋଳ ରଚନେ ବନ୍ଧୁ ସଖୀ ନାମ ସ୍ନେହ ରମ୍ଭନେ—ଭଞ୍ଜ. ବୈଦେହୀଶ ବିଳାସ

**ବିଷ୍କନ୍ଦ**—ସଂ. ବି ( ବି+ସ୍କନ୍ଦ ଧାତୁ=ଖେଳେଇ ହେବା; ଲମ୍ଫିବା+
Bishkanda ଭାବ. ଅ )—୧ । ଇତସ୍ତତଃ ଖେଳେଇ ହେବା—1 Dispersing (Apte). ୨ । ପ୍ରସ୍ଥାନ—2. Going away (Apte).

**ବିଷ୍କମ୍ଭ**—ସଂ. ବି ( ବି+ସ୍କନ୍ଭ ଧାତୁ=ସ୍ତବ୍ଧ କରିବା+କରଣ. ଅ )—
Bishkambha ୧ । ( ଜ୍ୟୋତିଷ ) ଜ୍ୟୋତିଃଶାସ୍ତ୍ରୋକ୍ତ ୨୭ ଯୋଗ ମଧ୍ୟରୁ ଏକତମ ବା ପ୍ରଥମ ଯୋଗ—1. One of the 27 astrological periods. [ ଦ୍ର—ଯେଉଁ ଦିନ ବିଷ୍କମ୍ଭ ଯୋଗ ପଡ଼େ ସେ ଦିନ ଦିବାରମ୍ଭରୁ ୫ ଦଣ୍ଡ ବର୍ଜନ କରି ଶୁଭକାର୍ଯ୍ୟ କରିବ । ] ୨ । ବ୍ୟାଘାତ; ବାଧା—2. Obstruction; hindrance. ୩ । ନାଟକର ଅଙ୍ଗବିଶେଷ; ବିଷ୍କମ୍ଭକ ( ଦେଖ )—3. Bishkambhaka (See) ୪ । ଗୋଲକର ମଧ୍ୟରେଖା; ବୃତ୍ତର ବ୍ୟାସ—4. The diameter of a circle. ୫ । ଅର୍ଗଳ; କିଳଣୀ; ଖିଲ; ହୁଡ଼ୁକା—5. Bolt; bar of a door. ୬ । ବୃକ୍ଷ—6. Tree. ୭ । ସ୍ତମ୍ଭ; ଖୁଣ୍ଟ—7. Pillar; post. ୮ । ମନକୁ ସ୍ଥିର କରିବା ପାଇଁ ଯୋଗୀମାନଙ୍କର ଆସନବନ୍ଧବିଶେଷ—8. A posture during Joga exercise. ୯ । ବିସ୍ତାର—9. Extension (Apte) ୧୦ । ଦୈର୍ଘ୍ୟ—10. Length (Apte).

**ବିଷ୍କମ୍ଭକ**—ସଂ. ବି. ପୁଂ ( ବିଷ୍କମ୍ଭ+କ )—ନାଟକର ଅଙ୍ଗବିଶେଷ;
Bishkambhaka ନାଟକର ନୀରସ ଅଂଶମାନ ଯଥାବତ୍ ବର୍ଣ୍ଣିତ ହେଲେ ଶ୍ରୋତାଙ୍କର ବିରକ୍ତି ଜାତ ହେବ, ଏହି ଆଶଙ୍କାରେ ଉକ୍ତ ନୀରସ ଅଂଶମାନ କୌଣସି ଅପ୍ରଧାନ ନାୟକର ମୁଖରେ ସଂକ୍ଷେପରେ କୀର୍ତ୍ତନ କରିବା ନାଟକାଂଶ—Interlude. [ ଦ୍ର—ନାଟକ ଅଭିନୟରେ ଦୁଇଟି ଅଙ୍କର ମଧ୍ୟରେ ଜଣେ ବା ଏକାଧିକ ଅପ୍ରଧାନ ନାୟକ ଅଙ୍କ ଦ୍ୱୟର ମଧ୍ୟିରେ ଘଟିବା ବିଷୟକୁ ସଂକ୍ଷିପ୍ତରୂପେ ବର୍ଣ୍ଣନା କରନ୍ତି ଏବଂ ପରବର୍ତ୍ତୀ ଅଙ୍କମାନଙ୍କରେ କଅଣ ବର୍ଣ୍ଣିତ ହେବ ତହିଁର ସୂଚନା କରନ୍ତି । ସାହିତ୍ୟଦର୍ପଣକାର ବିଷ୍କମ୍ଭକୁ ଏହିରୂପେ ବର୍ଣ୍ଣନା କରିଅଛନ୍ତି—ବୃତ୍ତବର୍ତ୍ତିଷ୍ୟମାଣାନାଂ କଥାଂଶାନାଂ ନିଦର୍ଶକଃ । ସଂକ୍ଷିପ୍ତାର୍ଥସ୍ତୁ ବିଷ୍କମ୍ଭ ଆଦାବଙ୍କସ୍ୟ ଦର୍ଶିତଃ । ମଧ୍ୟେନ ମଧ୍ୟମାଭ୍ୟାଂବା ପାତ୍ରାଭ୍ୟାଂ ସମ୍ପ୍ରଯୋଜିତଃ । ଶୁଦ୍ଧଃ ସ୍ୟାତ୍ ସା ତୁ ସଂକୀର୍ଣ୍ଣୋ ନୀଚମଧ୍ୟମକଳ୍ପିତଃ । ]

**ବିଷ୍କଲ**—ସଂ. ବି ( ବି+କ୍ଳ ଧାତୁ=ବିକ୍ଷେପ କରିବା; ଖେଳାଇବା+
Bishkala କର୍ତ୍ତୃ. ଅ )—ଗ୍ରାମ୍ୟଶୂକର—A village hog.

**ବିଷ୍କିବା**—ଦେ. କ୍ରି ( ସଂ. ବିଶୁଷ୍କ; ତୁଳ ସଂ. ବିଷ୍କୟିଣୀ=ଚିରପ୍ରସୂତା
Bishkibā ଗୌ )—( ବାଛୁରି ବଡ଼ ହୋଇଯାଇଥିବା ଗାଈ ) ଦୁଧବନ୍ଦ କରା ଦୁଗ୍ଧହୀନ ହେବା—To run dry (said of
बिसुखना a cow with a grown up calf).
( ବିଷ୍କେଇବା, ବିଷ୍କିଯିବା, ବିଷ୍କେଇଯିବା—ଅନ୍ୟରୂପ )

**ବିଷ୍କିର**—ସଂ. ବି ( ବି+କୃ ଧାତୁ=ବିକ୍ଷେପ କରିବା; ଖେଳାଇବା+
Bishkira କର୍ତ୍ତୃ. ଅ )—୧ । ପକ୍ଷୀ—1. A bird. [ ଉ—ବିଷ୍କିର କହି ମଧୁର, କାନ୍ତି ବଧୂର ମୋ—ଭଞ୍ଜ. ବୈଦେହୀଶବିଳାସ । ] ୨ । ( ଯେ ନଖରେ ଭୂମି ଆଦି ଖେଳାଏ ) କୁକୁଡ଼ା—2. Cock (Apte) ୩ । କୁକୁଡ଼ାଜାତୀୟ ପକ୍ଷୀ—3. Gallinaceous bird (Apte) ୪ । (+ଭାବ. ଅ ) ଖେଳାଇବା—4. Scattering about.

( Apte ). ୫ । ଚିର ପକାଇବା—Tearing up ( Apte ) [ ଦ୍ର—ଯେଉଁ ସବୁ ପକ୍ଷୀ ନଖଦ୍ୱାରା ଭୋଜ୍ୟ ବସ୍ତୁକୁ ଖେଳାଇ ଖେଳାଇ ବା ଛଡ଼ାଇ ଛଡ଼ାଇ ଖାଆନ୍ତି ତାଙ୍କୁ ବିଷ୍କିର ବୋଲାଯାଏ; ଯଥା—କୁକୁଡ଼ା, ପାରା । ବୈଦ୍ୟକ ମତରେ ଏମାନଙ୍କର ମାଂସ କଷାୟ ମଧୁର ରସ, ଶୀତଳ, କଟୁବିପାକ, ଲଘୁ, ଶୁକ୍ରବର୍ଦ୍ଧକ, ରୁଚିକର ଓ ତ୍ରିଦୋଷ ନାଶକ—ଦ୍ରବ୍ୟଗୁଣ ଶିକ୍ଷା । ]

ବିଷ୍କୁମ୍ଭ—ସଂ. ବି. ( ବି+ସ୍କୁନ୍ଭ୍ ଧାତୁ=ପ୍ରତିବନ୍ଧ କରିବା+କରଣ. Bishkumbha ଅ )—ବିଷ୍କମ୍ଭ ( ଦେଖ )—Bishkambha ( ବିଷ୍କମ୍ଭ—ଅନ୍ୟରୂପ ) See )

ବିଷ୍କୁମ୍ଭୀ—ସଂ. ବି ( ବିଷ୍କୁମ୍ଭିନ୍; ବିଷ୍କୁମ୍ଭ+ଇନ୍; ୧ମା. ୧ବ. )—କବାଟର Bishkumbhī ଅର୍ଗଳ ବା କିଳଣି; ଖିଡ଼ୁକି—Bolt of a door.

ବିଷ୍ଟ—ସଂ. ବିଣ ( ବିଶ୍ ଧାତୁ=ପ୍ରବେଶ କରିବା+କର୍ତ୍ତୃ. ତ )— Bishṭa ୧ । ପ୍ରବିଷ୍ଟ—1. Entered. ୨ । ଆବିଷ୍ଟ—2. Engrossed; possessed ( as by a ghost ). ୩ । ଆଶ୍ରିତ—3. Sheltered; protected. ଗ୍ରା. ବି—ବିଷ୍ଠା—Dung; oydure.

ବିଷ୍ଟପ—ସଂ. ବି. (ବିଶ୍ ଧାତୁ=ପ୍ରବେଶ କରିବା+ଅଧିକରଣ ଟପ)— Bishṭapa ୧ । ଭୁବନ; ଜଗତ୍—1. The world; creation. ୨ । ଲୋକ; ଜୀବଜଗତ୍—2. The animal kingdom. ୩ । ପାତ୍ର—3. Cup; vessel ( Apte ).

ବିଷ୍ଟବଦ୍ଧ—ଦେ. ବି (ସଂ. ବିଷ୍ଟବ୍ଧ)—କୋଷ୍ଠବଦ୍ଧତା; ମଳ କଠିନତା— Bishṭabaddha Constipation.

ବିଷ୍ଟବ୍ଧ—ସଂ. ବିଣ ( ବି+ସ୍ତନ୍ଭ୍ ଧାତୁ=ପ୍ରତିବନ୍ଧ କରିବା+କର୍ମ. ତ )— Bishṭabdha ୧ । ପ୍ରତିବଦ୍ଧ; ବାଧା ଦିଆଯାଇଥିବା— 1. Obstructed; hindered. ୨ । ଅବରୁଦ୍ଧ— 2. Restrained. ୩ । ରୁଦ୍ଧ—3. Confined. ୪ । ( ମଳ ଆଦି ) ପେଟ ମଧ୍ୟରେ ରୁଦ୍ଧ—4. Constipated. ୫ । ଦୃଢ଼ରୂପେ ବସା ଯାଇଥିବା—5. Fixed firmly (Apte). ୬ । ଜଡ଼ୀଭୂତ—6. Paralysed ( Apte ); made motionless. ୭ । ଉତ୍ତୋଳିତ; ଧୃତ—7. Propped; supported ( Apte ).

ବିଷ୍ଟମ୍ଭ—ସଂ. ବି. ( ବି+ସ୍ତନ୍ଭ ଧାତୁ=ପ୍ରତିବନ୍ଧ କରିବା+ଭାବ. ଅ)— Bishṭambha ୧ । ବାଧା; ପ୍ରତିବନ୍ଧକ—Obstacle. ୨ । ଅଟକ; ରୋଧ—2. Restraint. ୩ । ଅନାହ ରୋଗ; ମୂତ୍ରକୃଚ୍ଛ୍ର—3. Obstruction of urine; strangury. ୪ । ଦୃଢ଼ତା—4. Firmness. ୫ । ସ୍ଥିରଭାବ— 5. Fixedness. ୬ । ମଳରୋଧ—6. Constipation. ୭ । ପରର ସମ୍ପତ୍ତିକୁ ଆକ୍ରମଣ ବା ଅଟକ କରିବା—7. Attacking or occupying another's property. ୮ । ସମ୍ପତ୍ତି କ୍ରୋକ— 8. Attachment of property. ୯ । ବନ୍ଦ କରିବା—9. Stopping ( Apte ). ୧୦ । ପଦକ୍ଷେପ ପକାଇବା—10. Stepping; placing the feet ( Apte ).

ବିଷ୍ଟମ୍ଭୀ—ସଂ. ବିଣ. ପୁଂ ( ବିଷ୍ଟମ୍ଭିନ୍; ବିଷ୍ଟମ୍ଭ+ଅସ୍ତ୍ୟର୍ଥେ. ଇନ୍ )— Bishṭambhī ୧ । ଅବରୋଧକାରୀ—1. Obstructing. ( ବିଷ୍ଟମ୍ଭିନୀ—ସ୍ତ୍ରୀ ) ୨ । ମଳରୋଧଜନକ—2. Causing or inducing constipation. ୩ । ଗତିରୋଧକାରୀ—3. Making motionless; benumbing ( Apte ).

ବିଷ୍ଟର—ସଂ. ବି ( ବି+ସ୍ତୃ ଧାତୁ=ବିସ୍ତାର କରିବା+କର୍ମ. ଅ )— Bishṭara ୧ । ବୃକ୍ଷ—1. Tree. ୨ । ଉପବେଶନ କରିବା ପାଇଁ ଆସନ—2. A seat. ୩ । କୁଶାସନ—3. A seat or mat made of kuśa grass. [ ଉ— ବିଷ୍ଟର କରକପାତ୍ରୀ ବହିବାକୁ ଦେବା—ଉପେ. ବୈଦେହୀଶବିଳାସ । ] ୪ । ଦର୍ଭମୁଷ୍ଟି—4. A handful of kuśa grass. ୫ । ଦୈବପୈତ୍ର କର୍ମରେ ବ୍ରାହ୍ମଣ ସ୍ଥାନରେ କଳ୍ପିତ କୁଶର ମୋଡ଼ା—5. A ring of kuśa grass placed to represent a Brāhmaṇa in vedic rituals. ୬ । ଦୈବପୈତ୍ର କର୍ମରେ କର୍ମସ୍ଥଳକୁ ନିମନ୍ତ୍ରିତ ବ୍ରାହ୍ମଣଙ୍କୁ ଦିଆଯିବା କୁଶାସନ—6. A seat of kuśa grass given to a Brāhmaṇa to sit upon during vedic rites. ଦେ. ବି ( ସଂ. ବିଷ୍ଟର )—୧ । ( ଲକ୍ଷଣାର୍ଥ ) ଛୋଟ ମନୁଷ୍ୟ—1. A small man; mannikin ୨ । ଗେଡ଼ା ଲୋକ—2. A dwarfish person. ୩ । ଗେଡ଼ା ବାଳକ—3. A dwarfish bay [ ଦ୍ର— ବ୍ରାହ୍ମଣ ସ୍ଥାନରେ କଳ୍ପିତ କ୍ଷୁଦ୍ରାବୟବ କୁଶ ମୋଡ଼ା ( ବିଷ୍ଟର ) ପରି ହ୍ରସ୍ୱାବୟବ ବ୍ୟକ୍ତିକୁ ବିଷ୍ଟର ବୋଲାଯାଏ]

ବିଷ୍ଟର ଶ୍ରବାଃ—ସଂ. ବି ( ବିଷ୍ଟର ଶ୍ରବସ୍; ବିଷ୍ଟର=ବୃକ୍ଷ+ଶ୍ରୁ ଧାତୁ= Bishṭara śrabāḥ ଶ୍ରବଣ କରିବା+ଅସ୍)—ବିଷ୍ଣୁ; ନାରାୟଣ— Bishṇu.

ବିଷ୍ଟରୁହା—ସଂ. ବି—ସ୍ୱର୍ଣ୍ଣକେତକୀ; କେତକୀ ଗଛ— Bishṭaruhā Pandanus Odoratissimus.

ବିଷ୍ଟା—ସଂ. ବି—ବିଷ୍ଠା ( ଦେଖ ) Bisṭā Excrement; ordure; dung ( Apte ).

ବିଷ୍ଟାର—ସଂ. ବି ( ବି+ସ୍ତୃ ଧାତୁ ଣିଚ+ଅ )—ଧାଡ଼ି; ପଂକ୍ତି— Bishṭāra Line; row.

ବିଷ୍ଟି—ସଂ. ବି ( ବିଶ ଧାତୁ=ପ୍ରବେଶକରିବା + ଅଧିକରଣ ତିଃ Bishṭi ଅର୍ଥାତ୍ କ୍ଲେଶ ବା ଦୁଃଖ ମଧ୍ୟରେ ପ୍ରବେଶ କରିବା)— ୧ । ବିନା ବେତନରେ ପରିଶ୍ରମ; ବେଠି; ବେଗାରି— 1. Gratuitous or unpaid labour. ୨ । ବେତନ; ମୂଲ; ମଜୁରି—2. Wages; salary. ୩ । ନିକ୍ଷେପକରଣ—3. Throwing. ୪ । ବିଛାଇ ଦେବା—4. Strewing. ୫ । ଯନ୍ତ୍ରଣାଦେବା— 5. Giving pain. ୬ । ପାପର ଫଳସ୍ୱରୂପ ନରକରେ

ବାସ—6. Residence in hell to which one is condemned ( Apte ). ୭ । (ଲକ୍ଷଣାର୍ଥ) ଅଶୁଭ ଘଟଣା—7. (figurative) The happening of evil. (ଉ—ବିଷ୍ଟି ହେଲା ଅତି ମୋ ପୁତ୍ରଙ୍କ ଅନୁକୂଳ—ଉଦ୍ଧ. ବୈଦେହୀଶବିଳାସ । ) ୮ । ବିଘ୍ନ; ବାଧା—8. Obstruction; hindrance.

ବିଷ୍ଟିକରଣ } —ଅନ୍ୟରୂପ ୯ । ( ଫଳିତ ଜ୍ୟୋତିଷ ) କରଣ-
ବିଷ୍ଟିଯୋଗ } ବିଶେଷ; ୧୧ ଗୋଟି କରଣ ମଧ୍ୟରୁ ସପ୍ତମ ଓ ଅଶୁଭଫଳକ ଯୋଗ—8. (astrology) One of the 11 Karaṇas or astrological conjunctions. (ଉ-ବିଧ୍ୱଂସିଲା,ବାଳର ଯୋଦ୍ଧାକୁଳକୃତ— ବିଷ୍ଟି ହୋଇଣ ଅପଣ ହିଗନ୍ତଳ ଶୂଳଗଣ ଲକ୍ଷଣାରେ ଜମଗୁଣଗ୍ରସ୍ତ—ଉଦ୍ଧ. ବୈଦେହୀଶବିଳାସ । ) [ ଦ୍ର— ଏ କରଣରେ ଯାତ୍ରାଦି ଶୁଭକର୍ମ ନିଷିଦ୍ଧ; ଉକ୍ତ ଉକ୍ତ ତିଥିରେ ଉକ୍ତ ଉକ୍ତ କାଳ 'ବିଷ୍ଟି' ବୋଲି ଜ୍ୟୋତିଷରେ ଉଲ୍ଲେଖ କରି ଯାଇଅଛି । ] ୧୦ । ( +ଗ୍ରିବ. ତି ) ବ୍ୟାପିବା—10. Pervading ( Apte ). ୧୧ । ପ୍ରେରଣ—11. Sending (Apte).

ବିଷ୍ଟି ପଡ଼ିବା—ଦେ. କ୍ରି—ଅଶୁଭ ଘଟିବା—1. The happening
Bishṭi paṛdbā of evil. ୨ । କୌଣସି କାର୍ଯ୍ୟରେ
भद्रा लगना ବିଘ୍ନ ଜାତ ହେବା—2. The appearance of a hindrance in any work.

ବିଷ୍ଟିଭଦ୍ରା—ସଂ. ବି (ବିଷ୍ଟି+ଭଦ୍ରା; ବିଷ୍ଟିଯୋଗ ବିଶିଷ୍ଟ ଭଦ୍ରା ତିଥି)—
Bishṭibhadrā (ଜ୍ୟୋତିଷ ) ଅଶୁଭ ଯୋଗଯୁକ୍ତ ତିଥିବିଶେଷ— Name of an astrological evil day. [ ଦ୍ର—କୃଷ୍ଣପକ୍ଷର ତୃତୀୟାର ଓ ଦଶମୀର ଶେଷାର୍ଦ୍ଧ; ଓ ସପ୍ତମୀର ଓ ଚତୁର୍ଦ୍ଦଶୀର ପୂର୍ବାର୍ଦ୍ଧ; ଶୁକ୍ଳପକ୍ଷର ଚତୁର୍ଥୀର ଓ ଏକାଦଶୀର ଶେଷାର୍ଦ୍ଧ; ଅଷ୍ଟମୀର ଓ ପୂର୍ଣ୍ଣିମାର ପୂର୍ବାର୍ଦ୍ଧ ବିଷ୍ଟିଭଦ୍ରା ଅଟେ । ଏଥିରେ ବିବାହ ଓ ଯାତ୍ରାଦି ଶୁଭକର୍ମ ନିଷିଦ୍ଧ । ]

ବିଷ୍ଟୁଁ—ଗ୍ରା. ବି ( ସଂ. ବିଷ୍ଣୁର ଅଶୁଦ୍ଧ ଉଚ୍ଚାରଣ )—୧ । ବିଷ୍ଣୁ—
Bishṭuṅ ( ଦେଖ )—1. Bishṇu ( See ).
বিষ্টুঁ विष्णु [ ଦ୍ର—'ଷ+ଣ'ର ଉଚ୍ଚାରଣକୁ ଆମ ଦେଶରେ 'ଷ୍ଟ' ଉଚ୍ଚାରଣ କରନ୍ତି; କିନ୍ତୁ ଏହା ଭୁଲ ଉଚ୍ଚାରଣ । ] ଦେ. ଅ—୨ । ମାନ୍ୟ ବ୍ୟକ୍ତି, ଗୁରୁଜନ ବା ପୂଜ୍ୟ ବସ୍ତୁ ( ଯଥା—ପୁସ୍ତକାଦି ) ରେ ଗୋଡ଼ ଲାଗିଗଲେ, ସେଠାରେ ହାତ ଲଗାଇ 'ବିଷ୍ଟୁ' ଶବ୍ଦ ଉଚ୍ଚାରଣ କରି ମୁଣ୍ଡରେ ହାତ ଲଗାଇବାକୁ ହୁଏ, ଅର୍ଥାତ୍ ବିଷ୍ଣୁଙ୍କ ନାମ ଉଚ୍ଚାରଣ କଲେ 'ପୂଜ୍ୟ ପୂଜା ବ୍ୟତିକ୍ରମ' ଜନିତ ଅପରାଧ ଦୂର ହୁଏ— 2. An exclamation uttered while touching the body of one's elder when one's leg accidentally comes in contact with the elder's body.

ବିଷ୍ଠ—ଗ୍ରା. ବି (ସଂ. ବିଷ୍ଠା)—ବିଷ୍ଠା (ଦେଖ)'.
Bisṭha Excrement.

ବିଷ୍ଠବଦ୍ଧ—ଗ୍ରା. ବି (ସଂ. ବିଷ୍ଟମ୍ଭ )—ମଳରୋଧ—
Bisṭhabaddha Constipation.

ବିଷ୍ଠଳ—ସଂ. କ୍ଲୀ (ବି+ସ୍ଥଳ)—ଦୂର ସ୍ଥାନ—
Bishṭhala A remote place.

ବିଷ୍ଠା—ସଂ. ବି (ବି=ବିବିଧପ୍ରକାରେ+ସ୍ଥା ଧାତୁ=ରହିବା+କର୍ତ୍ତୃ.।ଅ+ଆ;
Bishṭhā ଯାହା ଉଦର ମଧ୍ୟରେ ଥାଏ)—୧ । ପୁରୀଷ; ମଳ; ଗୁହ- 1. Dung; excrement; ordure. [ ଦ୍ର—ଗୋବିଷ୍ଠାକୁ ଗୋମୟ କହନ୍ତି । କୌଣସି ଜୀବର ବିଷ୍ଠା ସେହି ଜୀବବାଚକ ଶବ୍ଦ ସଙ୍ଗେ ବ୍ୟବହୃତ ହୁଏ । ଯଥା—ଶୂକର ବିଷ୍ଠା, ନର ବିଷ୍ଠା ଇତ୍ୟାଦି । ଲୋକେ ବିଷ୍ଠାକୁ ନରକ ବୋଲି କହିଥାନ୍ତି । କାରଣ, ନରକରେ ମହାପାପୀମାନଙ୍କୁ ବିଷ୍ଠାକୁଣ୍ଡରେ ବୁଡ଼ାଇ ଯମ- ଦୂତମାନେ ଦଣ୍ଡ ଦିଅନ୍ତି ବୋଲି ପୁରାଣାଦିରେ ଲେଖାଅଛି । ଶୂକର ଓ କୁକୁରମାନେ ନରବିଷ୍ଠା ଭକ୍ଷଣ କରନ୍ତି । ସାମୁଦ୍ରିକ ପକ୍ଷୀମାନେ ପ୍ରଶାନ୍ତ ମହାସାଗରସ୍ଥ ଦ୍ୱୀପମାନଙ୍କରେ ତ୍ୟାଗ କରିଥିବା ବିଷ୍ଠା ସହସ୍ର ସହସ୍ର ମହଣ ଲୋକେ ଆଣି ସାର ରୂପେ ବ୍ୟବହାର କରନ୍ତି । ପଶୁ ପକ୍ଷୀ ଓ ମନୁଷ୍ୟାଦିଙ୍କ ବିଷ୍ଠା କ୍ଷେତରେ ସାରରୂପେ ବ୍ୟବହୃତ ହୁଏ । ଗୋବିଷ୍ଠା ବା ଗୋମୟ ହିନ୍ଦୁମାନଙ୍କର ପରମ ପବିତ୍ର ବସ୍ତୁ । ପ୍ରାୟଶ୍ଚିତ୍ତ ଦିନରେ ଗୋମୂତ୍ରାଦିସହିତ ଗୋମୟ ମିଶ୍ରିତ ପଞ୍ଚଗବ୍ୟ ପ୍ରାୟଶ୍ଚିତ୍ତକାରୀ ସେବନ କରେ । ଗୋମୟ ମିଶ୍ରିତ ଜଳରେ ହିନ୍ଦୁମାନେ ଘରଦ୍ୱାର ଲିପନ୍ତି । ପାରାର ବିଷ୍ଠା ପାଚି ନ ଥିବା ବଥ ଉପରେ ଲଗାଇ ଦେଲେ ବଥରେ କଣା ହୋଇ ପୂଜ ବାହାରେ । ମହମ୍ମଦୀୟମାନେ ମଧ୍ୟ ଗୋମୟକୁ ପବିତ୍ର ଜ୍ଞାନ କରନ୍ତି । ] ୨ । ପେଟ—2. Belly (Apte).

ବିଷ୍ଠା ଉଖୁରି(ରେ)ଇଲେ ଗନ୍ଧାଏ—ଦେ. ପ୍ରବଚନ—ଗୁପ୍ତ କଥାମାନ
Bshtha ukhura(re)ile gandhae ଆଲୋଚନା କଲେ
বিষ্ঠায় কাঠি দিলে গন্ধ বেরোয় ଆଲୋଚକର କଳଙ୍କ ମାତ୍ର ପ୍ରକଟିତ
विष्ठा गीजनेसे बू आती है ହୁଏ । ଗୃହଚ୍ଛିଦ୍ରମାନଙ୍କର ଅଧିକ ଆଲୋଚନା ଫଳରେ ଏହା ହୁଏ ଯେ—ଅନ୍ତର ଗୁପ୍ତ କଳଙ୍କ କଥା ପ୍ରକାଶ ପାଏ । (a proverb) Washing dirty linen in public ends in scandal.

ବିଷ୍ଠାକୀଟ—ସଂ. ବି—(ବିଷ୍ଠା+କୀଟ)—୧ । ବିଷ୍ଠାରେ ଜନ୍ମିବା କ୍ଷୁଦ୍ର
Bishṭha kīta କୃମି—1. Maggots or worms found in ordure. ୨ । ବିଷ୍ଠାଖାଦକ ଏକ ପ୍ରକାର ଦୃଢ଼ପକ୍ଷୀ ଷଟ୍ପଦୀ କୀଟ—2. A kind of beetle living on excrement; the tumbledung insect. [ ଦ—ଏମାନେ ବିଷ୍ଠା ମଧ୍ୟରେ ଡିମ୍ବ ପାଡ଼ି, ଡିମ୍ବର ଚାରି- ପାଖରେ ବିଷ୍ଠାକୁ ଗୁଳା କରି ତାକୁ ଅଗ ଗୋଡ଼ରେ ଗଡ଼ାଇ ଗଡ଼ାଇ ନେଇ ଆପଣାର ବସାରେ ସଞ୍ଚିତ କରି ରଖନ୍ତି ।] ୩ । ଗୋବର ପୋକ—3. A kind of large

black beetle. [ ଦ୍ର—ଏମାନେ ଶୁଖିଲା ଗୋବରରେ ବାସ କରନ୍ତି । ଏମାନେ ମଧ୍ୟ ଦୁର୍ଗନ୍ଧଯୁକ୍ତ ପତଙ୍ଗ ଜାତି । ]

**ବିଷ୍ଠା କୁଣ୍ଡ**—ସଂ. ବି—(ମ. ପ. ଲୋ; ବିଷ୍ଠା+କୁଣ୍ଡ)—୧ । ବିଷ୍ଠାପୂର୍ଣ୍ଣ Bishṭhā kunḍa ପାତ୍ର—1. A pot full of ordure. ୨ । ନରକରେ ମହାପାପୀଙ୍କୁ ଦଣ୍ଡ ପ୍ରଦାନ ପୂର୍ବକ ବୁଡ଼ାଇବା ନିମନ୍ତେ ଧୂର୍ଗନ୍ଧଯୁକ୍ତ ବିଷ୍ଠାପୂର୍ଣ୍ଣ କୁଣ୍ଡ । ନରକର ଅଂଶ ବିଶେଷ—2. A part of the hell where condemned sinners are put in ordure pits. ୩ । ( ଲକ୍ଷଣାର୍ଥ ) ଅତି ଘୃଣ୍ୟ ସ୍ଥାନ—3 ( figurative ) A very hated place. ( ଯଥା—ବେଶ୍ୟାର ଗୃହ ବିଷ୍ଠାକୁଣ୍ଡ ଅଟେ । ୪ । ପାଇଖାନାରେ ରଖାଯିବା ପାତ୍ର; ଯେଉଁ ପାତ୍ର ମଧ୍ୟରେ ଉତ୍ସୃଷ୍ଟ ମଳ ପତିତ ହୁଏ—4. The pot put at the bottom of a privy as receptable for the ordure.

**ବିଷ୍ଠାକୁ ମାଇଲେ ମୁହଁକୁ ପଡ଼େ ( ଛିଟିକେ )**—ଦେ. ପ୍ରବଚନ—Bishṭhāku māile muhaṅku parḍe (chhirḍike) বিষ্ঠায় ঢিল মারলে গায়ে পড়ে (ଯେପରି ବିଷ୍ଠା ଜମା ହୋଇଥିବା **बिष्ठापर ढेला मारनेसे देहपर पडता है** ସ୍ଥାନରେ ବିଷ୍ଠାକୁ ଯଷ୍ଟ୍ୟାଦି ଦ୍ୱାରା ପ୍ରହାର କଲେ, ତାହାର ଅଂଶ ଛିଟିକି କରି ପ୍ରହାରକାରୀ ବ୍ୟକ୍ତିର ମୁହଁରେ ପଡ଼େ ଓ ତଜ୍ଜନିତ ଦୁର୍ଗନ୍ଧ ଓ ମଇଳା ଦ୍ୱାରା ପ୍ରହାରକ ଜର୍ଜରିତ ହୁଏ ସେହିପରି) ଖଟ୍ଟଲୋକଙ୍କ ସଙ୍ଗେ ରୁକ୍ଷ ବ୍ୟବହାର କଲେ, ଆକ୍ରମଣକାରୀ ସେଥିର ଫଳରେ ଅପମାନିତ ହୁଏ । ଜମା ଗୃହଛିଦ୍ରମାନ ଘାଣ୍ଟିଲେ ବା ଅନ୍ୟରକୁ ଭାବରେ ଆଲୋଚନା କଲେ ଆଲୋଚକ ବ୍ୟକ୍ତି କଳଙ୍କିତ ହୁଏ—An analogical saying applied to cases of dealing rudely with mean people or publicy discussing one's family secrets, which rebound unfavourably on the dealer.

**ବିଷ୍ଠାକୃ(କ୍ରି)ମି**—ସ. ବି. ( ମ. ପ. ଲୋ; ବିଷ୍ଠା+କୃମି)—୧ । ବିଷ୍ଠାରେ Bishṭhākru(kri)mi ଜନ୍ମିବା କୃମି—1.Maggots appearing in ordure. ୨ । ପେଟ ଭିତରୁ ବାହାରିବା ବିଷ୍ଠା ସଙ୍ଗେ ମିଶିତ କୃମି ପୋକ—2. Worms in the intestines. [ଦ୍ର—କ୍ଷୁଦ୍ର କୃମିଙ୍କୁ କୁରୁମି ଓ ବଡ଼ କୃମିଙ୍କୁ କେଞ୍ଚୁଆ ବା ଜାଉଁଚ ବୋଲାଯାଏ ।] ୩ । (ଲକ୍ଷଣାର୍ଥ) ଅତି ଦ୍ୱେଷ୍ୟ ଜୀବ—3. (figurative) A detestable being. [ଦ୍ର—ଲୋକେ ଅନ୍ୟ ବ୍ୟକ୍ତିଙ୍କୁ ଗାଳି ଦେଲାବେଳେ କହି ଥାଆନ୍ତି;—ଆର ଜନ୍ମରେ ତୁ ବିଷ୍ଠାରେ କୃମି ହେବୁ ।]

**ବିଷ୍ଠା ଖାଇବା**—ଦେ. କ୍ରି—୧ । (ଗାଳି) ଗୁହ ଖାଇବା; ଅଖାଦ୍ୟ ଭୋଜନ Bishṭhā khāibā କରିବା—1. (a term of abuse) To গুহ খাওয়া eat ordure. ୨ । କୌଣସି ଘୃଣିତ କାର୍ଯ୍ୟ କରିବା—**मल खाना** 2. To do any nasty thing. [ଦ୍ର—ଘୃଣାର୍ଥ ସୂଚନାରେ ଓ ଗାଳିରେ 'ବିଷ୍ଠା ଖାଇବା' ପଦ ବ୍ୟବହୃତ ହୁଏ । ଯଥା—୧ । ମୁଁ ଯେବେ ପୁଣି ଏପରି ହୁଏ ତେବେ ମୁଁ ବିଷ୍ଠା ଖାଏ । ୨ । ଯେ ଟଙ୍କା ମହାଜନ ଠାରୁ ଖାଇ ବହୁତ ସୁଖ ନିଏ, ସେ ବିଷ୍ଠା ଖାଏ । ୩ । ତୋ ସାତ ପୁରୁଷ ବିଷ୍ଠା ଖାଆନ୍ତୁ ।]

**ବିଷ୍ଠା ଖାଦକ**—ସଂ. ବି. (ବିଷ୍ଠା+ଖାଦକ)—ବିଷ୍ଠା ଭୋଜନକାରୀ—Bishṭhā khādaka Partaker of ordure.

**ବିଷ୍ଠାଖିଆ**—ଦେ. ବି. (ଲକ୍ଷଣାର୍ଥ)—୧ । ବିଷ୍ଠା ଭୋଜନ ପରି ଘୃଣ୍ୟ କାର୍ଯ୍ୟ Bishṭhākhiā କରଣ—1. (figurative) The doing of গুহ খাওয়া any nasty work. ୨ । (ଗାଳି) ଯେ ଘୃଣ୍ୟ କାର୍ଯ୍ୟ କରେ—2. Doer of nasty acts. **बिष्ठाखाना** [ ଦ୍ର—ଚୋରି କରିବା, ଘୁଷ ନେବା, ବହୁତ ସୁଧ ନେବା, ପରସ୍ତ୍ରୀ ହରଣ କରିବା, ମାଦକ ସେବନ କରିବା, ବ୍ୟକ୍ତିଙ୍କୁ (ବିଷ୍ଠାଖାଈ—ସ୍ତ୍ରୀ) 'ବିଷ୍ଠାଖିଆ' ବୋଲି କହନ୍ତି । ପୂର୍ବ କାଳରେ

ବିଷ୍ଠା ଖୋର } ଅନ୍ୟରୂପ
ବିଷ୍ଠା ଖୋରଆ }

গু খোর, বিষ্ঠা খেগো—পুং ଲୋକଙ୍କୁ ଦଣ୍ଡ ଦେବା ପାଇଁ ତାକୁ বিষ্ঠা খাগী—স্ত্রী ବିଷ୍ଠା ଜମା ବିଷ୍ଠାଗୋଳିଆ ଜଳ ପିଆଉ **बिष्ठाखोर** ଥିଲେ । ଅତି କାଳ ମଧ୍ୟ କେତେକ ଅଞ୍ଚଳରେ ଏପରି ଜଘନ୍ୟ ଦଣ୍ଡ ଦିଆ ଯାଉଥିବାର ଉଦାହରଣ ଆମ୍ଭମାନଙ୍କ ଜାଣିବାକୁ ଆସେ । ]

**ବିଷ୍ଠା ଖୁଆଇବା**—ଦେ. କ୍ରି—ଦଣ୍ଡ ବା ଅପମାନ ଦେବାପାଇଁ କୌଣସି Bishṭhā khuāibā ବ୍ୟକ୍ତିର ପାଟିରେ ବିଷ୍ଠା ପୂରାଇବା—To (ବିଷ୍ଠା ଖୋଇବା—ଅନ୍ୟରୂପ) put ordure in the mouth বিষ্ঠা খাওয়ান of a person to punish or insult him. **विष्ठाखिलाना** [ଦ୍ର—ବିଷ ଖାଇଥିବା ବ୍ୟକ୍ତିଙ୍କୁ ବମନ କରାଇ ତା ପେଟରୁ ବିଷ ବାହାର କରିବା ପାଇଁ ତାକୁ ମାର୍କାରିଷ୍ଟା ଗୋଳାହୋଇଥିବା ପାଣି ପିଆଇ ଦିଅନ୍ତି ଓ ସେହି ଦୁର୍ଗନ୍ଧର ପ୍ରତିକ୍ରିୟା ସ୍ୱରୂପ ତା ପେଟ ମଧ୍ୟରେ ଥିବା ଖାଦ୍ୟାଦି ଓ ତହିଁ ସଙ୍ଗେ ସଙ୍ଗେ ଉଦରସ୍ଥ ବିଷମଧ୍ୟ ବାହାରିପଡ଼େ । ]

**ବିଷ୍ଠା ଗଦା**—ଦେ. ବି—୧ । ସ୍ତୂପୀକୃତ ବିଷ୍ଠା—1. A heap of Bishṭhā gadā ordure. ୨ । (ଲକ୍ଷଣାର୍ଥ) ଘୃଣ୍ୟ ସ୍ଥାନ—গুয়ের গাদা 2. (figurative) A hated place **विष्ठाढेर**

**ବିଷ୍ଠା ଢାଳିବା**—ଦେ. କ୍ରି—( ଲକ୍ଷଣାର୍ଥ ) କଳଙ୍କକଥାରେ 'କୌଣସି Bishṭhā dhālibā ବ୍ୟକ୍ତି ମୁହଁରେ ଜମା ତାହାର ପୂର୍ବପୁରୁଷଙ୍କ ମୁହଁରେ ବିଷ୍ଠା ପଡ଼ୁ' ଅର୍ଥାତ୍ ସେ ଜମା ତାହାର ପୂର୍ବପୁରୁଷମାନେ

ବିଷ୍ଠା ଅଜାଡ଼ିବା } ଅନ୍ୟରୂପ
ବିଷ୍ଠା ଦେବା }

বিষ্ঠা ঢালা ବିଷ୍ଠା ଖାଆନ୍ତୁ ବୋଲି ଗାଳି ଦେବା—(figurative) **बिष्ठा डालना** To call evil names to a person by saying that ordure be poured on him

or on his ancestors. (ଯଥା—ଅମୁକ ଅମୁକର ବାପ ଅଜାଙ୍କ ମୁହଁରେ ବିଷ୍ଠା ଗାଳୁଛି ।)

**ବିଷ୍ଠା ତ୍ୟାଗ**—ସଂ. ବି—(୬ଷ୍ଠୀ ତତ୍; ବିଷ୍ଠା+ତ୍ୟାଗ)—ମଳତ୍ୟାଗ; ମଳୋତ୍ସର୍ଗ—Passing of stools.
Bishṭhā tyāga

**ବିଷ୍ଠାତ୍ୟାଗ କରିବା**—ଦେ. କ୍ରି—ଝାଡ଼ା ଫେରିବା; ହଗିବା—To pass stool.
Bishṭhātyāga karibā বিষ্ঠাত্যাগ করা **विष्ठात्याग करना**

**ବିଷ୍ଠା ପୋକ**—ଦେ. ବି—(ବିଷ୍ଠା+ପୋକ)—ବିଷ୍ଠାକୀଟ (ଦେଖ)—Bishṭhā kīṭa (See).
Bishṭhā poka গুয়েরপোকা **विष्ठाकाकीडा; गुहकीडी**

**ବିଷ୍ଠା ବଣ**—ଦେ. ବି—(ବିଷ୍ଠା+ବଣ)—୧ । ବିଷ୍ଠାପୂର୍ଣ୍ଣ ସ୍ଥାନ; ଗୁହବଣ—1. A place full of excrements. ୨ । ଗୁହପଡ଼ିଆ; ଯେଉଁଠାରେ ଗ୍ରାମବାସୀମାନେ ଝାଡ଼ା ଫେରନ୍ତି—2. The village easing ground.
Bishṭhā baṇa বিষ্ঠা বন **विष्ठामयस्थान, खत्ता; गुहपडती**

**ବିଷ୍ଠାବଦ୍ଧ**—ଦେ. ବି. (ସଂ. ବିଷ୍ଟମ୍ଭ)—କୋଷ୍ଠବଦ୍ଧତା—Constipation.
Bishṭhābaddha

**ବିଷ୍ଠା ବନ୍ଧନ**—ସଂ. ବି—(୬ଷ୍ଠୀ ତତ୍; ବିଷ୍ଠା+ବନ୍ଧନ)—କୋଷ୍ଠବଦ୍ଧତା—Constipation.
Bishṭhā bandhana
(ବିଷ୍ଠାରୋଧ—ଅନ୍ୟରୂପ)

**ବିଷ୍ଠାଭକ୍ଷକ**—ସଂ. ବିଣ—(ଉପପଦ ତତ୍ପୁରୁଷ; ବିଷ୍ଠା+ଭକ୍ଷକ)—୧ । ବିଷ୍ଠାଖାଦକ; ଯେ ବିଷ୍ଠା ଖାଏ—1. Eating ordure. ଦେ. ବି—୧ । (ଗାଳି ବିଶେଷ) ଗୁହଖୋର—2. (a term of abuse) Eater of ordure. ୨ । (ଲକ୍ଷଣାର୍ଥ) ଘୁଷଖୋର—2. (figurative) A person who takes bribe. ୩ । ସୁଧଖୋର—3 Userer.
Bishṭhā bhakshaka
(ବିଷ୍ଠାଭୋଜୀ—ଅନ୍ୟରୂପ)

**ବିଷ୍ଠାମୟ**—ସଂ. ବିଣ—(ବିଷ୍ଠା+ମୟ)—୧ । ବିଷ୍ଠାରେ ପୂର୍ଣ୍ଣ—1. Full of odure. ୨ । ବିଷ୍ଠାପରି ଦୁର୍ଗନ୍ଧ ଯୁକ୍ତ—2. Evil smelling; having very obnoxious smell.
Bishṭhāmaya
(ବିଷ୍ଠାପୂର୍ଣ୍ଣ—ଅନ୍ୟରୂପ)

**ବିଷ୍ଠା ମୂତ୍ର**—ସଂ. ବି (ସହତର)—(ବିଷ୍ଠା+ମୂତ୍ର)—ଗୁହ ଓ ମୂତ—Ordure and urine.
Bishṭhā mūtra

**ବିଷ୍ଣୁ**—ସଂ. ବି. (ବିଷ୍ ଧାତୁ=ବ୍ୟାପିବା+କର୍ତ୍ତୃ. ନୁକ୍ (ଣୁ); ଯେ ବିଶ୍ୱକୁ ବ୍ୟାପି ଅଛନ୍ତି; ବା, ବିଶ୍ ଧାତୁ=ପ୍ରବେଶ କରିବା+ନୁକ୍ (ଣୁ); ଯେ ଚରାଚର ଜଗତର ସମସ୍ତ ପଦାର୍ଥ ମଧ୍ୟରେ ପ୍ରବେଶ କରି ଅଛନ୍ତି; ଅଥବା ଯାହାଙ୍କଠାରେ ଭୂତ ସକଳ ପ୍ରବେଶ କରନ୍ତି । ବା, ବିଷ୍ ଧାତୁ=ସେଚନ କରିବା+ନୁକ (ଣ); ଯେ ଚରାଚର ବିଶ୍ୱରେ ଚୈତନ୍ୟ ସେଚନ କରି ଅଛନ୍ତି ବା ଚରାଚର ବିଶ୍ୱକୁ ଅଧ୍ୟାସିତ କରନ୍ତି ।]
Bishṇu

୧ । ନାରାୟଣ; ହରି; ଭଗବାନ୍—1. Nārāyaṇa, Bhagabān. [ଦ୍ର—ହିନ୍ଦୁମାନଙ୍କ ତ୍ରିମୂର୍ତ୍ତି ମଧ୍ୟରୁ ଏ ଏକ ଅଟନ୍ତି । ଜଗତ୍ ସ୍ରଷ୍ଟା—ବ୍ରହ୍ମା, ଜଗତ୍ପାଳକ—ବିଷ୍ଣୁ ଓ ଜଗତ୍ ସଂହାରକ—ଶିବ । ହିନ୍ଦୁ ପୁରାଣ ମତରେ ଏ ତ୍ରିଦେବ ଯୁଗେ ଯୁଗେ ଦୁଷ୍ଟ ଦଳନାର୍ଥ ଓ ଶିଷ୍ଟପାଳନାର୍ଥ ଓ ଧର୍ମରକ୍ଷାର୍ଥ ଜଗତରେ ଅବତୀର୍ଣ୍ଣ ହୁଅନ୍ତି ।] ୨ । ପରମେଶ୍ୱର—2. God. ୩ । ବସୁଦେବତା ବିଶେଷ—3. One of the Basu Deities. ୪ । ଧର୍ମଶାସ୍ତ୍ରକର୍ତ୍ତା ମୁନିବିଶେଷ—4. Name of a sage, the compiler of a code of Hindu law. [ଦ୍ର—ଏହାଙ୍କ ସଙ୍କଳିତ ସ୍ମୃତିର ନାମ ବିଷ୍ଣୁସ୍ମୃତି ।] ୫ । ଶୁଦ୍ଧତା; ଶୁଦ୍ଧି—5. Purity. ୬ । ଅଗ୍ନି ଦେବତା, ଦ୍ୱାଦଶର ଅଧିପତି—6. The fire God. ୭ । ଧାର୍ମିକ ବ୍ୟକ୍ତି—7. A pious man (Apte). ୮ । ଶ୍ରବଣା ନକ୍ଷତ୍ର (ଏଥିର ଅଧିପତି ବିଷ୍ଣୁ)—8. The 22nd lunar mansion (Apte). [ଦ୍ର—ପୁରାଣରେ ଲେଖା ଅଛି, ପୃଥିବୀର ସୃଷ୍ଟି ପୂର୍ବରୁ ବ୍ରହ୍ମାଣ୍ଡ ଜଳରେ ବୁଡ଼ି ମହାପ୍ରଳୟ ହୋଇ ଥିଲା । ସେ ସମୟରେ କଳ୍ପବଟ ନାମକ ଗୋଟିଏ ବିଶାଳ ବୃକ୍ଷର ଅଗରେ ଥିବା ଗୋଟିଏ ପତ୍ରରେ ଏକମାତ୍ର ବିଷ୍ଣୁ ଶୋଇଥିଲେ । ତାହାଙ୍କ ନାଭିରୁ ଗୋଟିଏ ପଦ୍ମ ବାହାରିଲା ଓ ସେହି ପଦ୍ମରେ 'ବ୍ରହ୍ମା' ଜାତ ହୋଇ ବିଷ୍ଣୁଙ୍କ ଆଜ୍ଞାନୁସାରେ ଆପଣା ଦେହରୁ ଏ ଜଗତକୁ ସୃଷ୍ଟି କଲେ । ବ୍ରହ୍ମାଙ୍କର ସୃଷ୍ଟ ଜଗତକୁ ବିଷ୍ଣୁ ପାଳନ କଲେ ଓ ଶେଷରେ ମହାଦେବ ସଂହାର କରିବେ । ଏହିପରି ବ୍ରହ୍ମାଙ୍କ ଦ୍ୱାରା ସୃଷ୍ଟି, ବିଷ୍ଣୁଙ୍କ ଦ୍ୱାରା ସ୍ଥିତି ଓ ମହାଦେବଙ୍କ ଦ୍ୱାରା ପ୍ରଳୟ କ୍ରିୟା ନିରନ୍ତର ଚାଲିଅଛି । ଶିବ ଏ ସୃଷ୍ଟିକୁ ବିନାଶ କଲେ ପୁଣି ପ୍ରଳୟ ହୁଏ; ପୁଣି ବିଷ୍ଣୁ କଳ୍ପବଟର ପତ୍ରରେ ଭାସି ବ୍ରହ୍ମାଙ୍କ ଜାତ କରନ୍ତି ଓ ପୁଣି ଶିବ ସୃଷ୍ଟିକୁ ସଂହାର କରନ୍ତି । ଫଳରେ—ଜଗତର ସୃଷ୍ଟି ସ୍ଥିତି ପ୍ରଳୟ କର୍ତ୍ତା ଏହି ୩ ଜଣ ଦେବତା ଏକମାତ୍ର ପରମ ପୁରୁଷଙ୍କଠାରୁ ସମ୍ଭୂତ । ପୁରାଣରେ ଅଛି ଯେ—କଳ୍ପାଦ୍ୟରେ ବିଷ୍ଣୁଙ୍କଠାରୁ ସୃଷ୍ଟି ଜାତ ହେଲା ଓ କଳ୍ପାନ୍ତ ପ୍ରଳୟରେ ପୁଣି ସେହି ବିଷ୍ଣୁଙ୍କଠାରେ ବିଲୀନ ହେବ, ହୋଇଅଛି ଓ ହେଉଅଛି । ବିଷ୍ଣୁହିଁ ଏ ବ୍ରହ୍ମାଣ୍ଡର ଆଦି ପୁରୁଷ ଓ ସନାତନ । ଏହାଙ୍କର ଆଦି କେଉଁଠାରେ ତାହା କାହାରିକୁ ଜଣା ନାହିଁ । ପୃଥିବୀର ସମସ୍ତ ଧର୍ମର (କେବଳ ନାସ୍ତିକତା ମତ ବ୍ୟତୀତ) ମତ ଅନୁସାରେ ଏହି ବିଷ୍ଣୁ ନାନା ନାମରେ ଜଗତର ସ୍ରଷ୍ଟା ଓ ଆଦିପୁରୁଷ ବୋଲି ସ୍ୱୀକୃତ ହୋଇଅଛନ୍ତି । ସୃଷ୍ଟି କରିବା, ପାଳନ କରିବା ଓ ସଂହାର କରିବା ଏହି ତିନୋଟି ଏକ ବିଷ୍ଣୁଙ୍କର ଅଂଶ ପ୍ରକୃତି ବା କର୍ମ ମାତ୍ର ।

ହିନ୍ଦୁମାନେ ଏହାଙ୍କୁ ବିଷ୍ଣୁ, ମୁସଲମାନମାନେ ଅଲ୍ଲା, ଇହୁଦୀମାନେ Jehova (ଯିହୋଭା), ଖ୍ରୀଷ୍ଟାନମାନେ God (ଗଡ୍) କହନ୍ତି । ବିଷ୍ଣୁ ରଜୋଗୁଣ ଅବଲମ୍ବନ କରି ସୃଷ୍ଟି କରନ୍ତି, ସତ୍ତ୍ୱଗୁଣ ଅବଲମ୍ବନ କରି ପାଳନ କରନ୍ତି ଓ ତମୋଗୁଣ ଅବଲମ୍ବନ କରି ବିନାଶ ବା ପ୍ରଳୟ କରନ୍ତି । ହିନ୍ଦୁଙ୍କମତରେ ବିଷ୍ଣୁଙ୍କର ନିବାସ କ୍ଷୀରସମୁଦ୍ର ମଧ୍ୟସ୍ଥ

ବୈକୁଣ୍ଠ । ଏହାଙ୍କର ଦୁଇଟି ସ୍ତ୍ରୀ—ଲକ୍ଷ୍ମୀ ଓ ସରସ୍ୱତୀ । ଲକ୍ଷ୍ମୀ ଚଞ୍ଚଳା, ତଥାପି ବିଷ୍ଣୁ ତାଙ୍କୁ ହିଁ ବେଶୀ ଦେଖି ପାରନ୍ତି । ବିଷ୍ଣୁଙ୍କ ବାହନ ଗରୁଡ଼ । ବିଷ୍ଣୁଙ୍କ ରଥରେ ଚାରିଗୋଟି ଅଶ୍ୱ ଲାଗନ୍ତି । ସେମାନଙ୍କର ନାମ, ( ୧ ) ଶୈବ୍ୟ, ( ୨ ) ସୁଗ୍ରୀବ, ( ୩ ) ମେଘ ପୁଷ୍ପ, ( ୪ ) ବଳାହକ । "ଶୈବ୍ୟ ସୁଗ୍ରୀବ ମେଘପୁଷ୍ପ, ଯୋଚିଲା ବଳାହକ ଅଶ୍ୱ ।" ଜଗନ୍ନାଥ—ଭାଗବତ ।

ଏହି ପୃଥିବୀରେ କ୍ରମଶଃ ପୁଣ୍ୟ କମିଯାଇ ପାପଭାର ବୃଦ୍ଧି ହେଲେ ବିଷ୍ଣୁ ପୃଥିବୀରେ ରୂପଧାରଣ କରି ଅବତୀର୍ଣ୍ଣ ହୋଇ ଭିନ୍ନ ଭିନ୍ନ ଅବତାରରେ ଦୁଷ୍ଟ ସଂହାର କରି ଧର୍ମ ସଂସ୍ଥାପନ ପୂର୍ବକ ପୃଥିବୀର ପାପଭାର କମାନ୍ତି । ଏହି ଅବତାରମାନଙ୍କ ମଧ୍ୟରେ ୧୦ ଗୋଟି ପ୍ରଧାନ । ଯଥା—ମତ୍ସ୍ୟ, କଚ୍ଛପ, ବରାହ, ବାମନ, ନୃସିଂହ, ରାମ, ପରଶୁରାମ, କୃଷ୍ଣ, ବୁଦ୍ଧ ଓ କଳ୍କୀ । ଏହି କଳିଯୁଗରେ ବିଷ୍ଣୁ କଳ୍କୀ ଅବତାରରେ ଅବତୀର୍ଣ୍ଣ ହେବେ । ବିଷ୍ଣୁ ବର୍ତ୍ତମାନ ବୌଦ୍ଧାବତାର ଧରି ଜଗନ୍ନାଥରୂପେ ପୁରୀରେ ବିରାଜମାନ । ବିଷ୍ଣୁଙ୍କର ବାର ୧୨ ମାସରେ ପୂଜନୀୟ ରୂପ ଓ ନାମ—ମାର୍ଗଶିର—କେଶବ, ପୌଷ—ନାରାୟଣ, ମାଘ—ମାଧବ, ଫାଲ୍‌ଗୁନ—ଗୋବିନ୍ଦ, ଚୈତ୍ର—ବିଷ୍ଣୁ, ବୈଶାଖ—ମଧୁସୂଦନ, ଜ୍ୟେଷ୍ଠ—ତ୍ରିବିକ୍ରମ, ଆଷାଢ଼—ବାମନ, ଶ୍ରାବଣ—ଶ୍ରୀଧର, ଭାଦ୍ର—ହୃଷୀକେଶ, ଆଶ୍ୱିନ—ପଦ୍ମନାଭ, କାର୍ତ୍ତିକ—ଦାମୋଦର । ବିଷ୍ଣୁଭକ୍ତମାନଙ୍କୁ ବୈଷ୍ଣବ ବୋଲାଯାଏ । ]

ଦେ. ଅ—୧ । ଶ୍ରୀବିଷ୍ଣୁ; କୌଣସି କାର୍ଯ୍ୟ ଆରମ୍ଭ କରିବା

ହିଁଶ୍ରୀ ପୂର୍ବରୁ ମଙ୍ଗଳାଚରଣରୂପରେ ଉଚ୍ଚାରିତ ହେବା 'ବିଷ୍ଣୁ' ଶବ୍ଦ—1. Interjection used at the beginning of any act as an invocation to God. ୨ । ପୂଜ୍ୟ ବ୍ୟକ୍ତିଙ୍କ ଦେହରେ କିମ୍ବା ପୂଜ୍ୟ ପଦାର୍ଥରେ ଅଜ୍ଞାତରେ ଆପଣାର ଗୋଡ଼ ବାଜିଗଲେ ଉକ୍ତ ଅଙ୍ଗକୁ ବା ବସ୍ତୁକୁ ହାତରେ ସ୍ପର୍ଶ କରି, ହାତକୁ ଆଣି ଆପଣା ମୁଣ୍ଡରେ ଲଗାଇବାବେଳେ ଅପରାଧ ଖଣ୍ଡନାର୍ଥ ଉଚ୍ଚାରିତ ଶବ୍ଦ—2. An exclamation uttered by a person while touching the limb or body of an elderly person which the former has strkuc inadvertently. [ ଦ୍ର—ମୁସଲମାନ୍‌ମାନେ 'ତୋବା' ବା 'ବିସ୍‌ମିଲ୍ଲା' ଶବ୍ଦ ଏହି ସ୍ଥଳରେ ଉଚ୍ଚାରଣ କରନ୍ତି । ] ଦେ. ବି. ପୁଂ—ପୁରୁଷଙ୍କୁ ଦିଆଯିବା ନାମ—A name given to males. [ ଦ୍ର—ବିଷ୍ଣୁ ଶବ୍ଦସଙ୍ଗେ ଅନ୍ୟ ଶବ୍ଦ ଯୁକ୍ତ ହୋଇ ଉଚିତ ନାମ ପୁରୁଷଙ୍କୁ ଓ ସ୍ତ୍ରୀଙ୍କୁ ଦିଆଯାଏ,ଯଥା—ପୁରୁଷଙ୍କ ନାମ—ବିଷ୍ଣୁଗୁପ୍ତ, ବିଷ୍ଣୁଚରଣ, ବିଷ୍ଣୁପ୍ରସାଦ, ବିଷ୍ଣୁଦାସ, ବିଷ୍ଣୁପଦ । ସ୍ତ୍ରୀଙ୍କ ନାମ—ବିଷ୍ଣୁପ୍ରିୟା, ବିଷ୍ଣୁଦାସୀ, ବିଷ୍ଣୁପଦା ।]

**ବିଷ୍ଣୁ ଅରି**—ଦେ. ବି. ( ସଂ. ବିଷ୍ଣୁର; ବିଷ୍ଣୁ+ଅରି=ଚକ୍ର )—ବିଷ୍ଣୁଙ୍କର
**Bishṇuari** ଚକ୍ର; ସୁଦର୍ଶନ ଚକ୍ର—The discus; the weapon of Bishṇu. [ ଭି—ବିଷ୍ଣୁ ଅରି ପ୍ରଭୃତିଲେ, ଅର୍ଦ୍ଧଚନ୍ଦ୍ରର ଛଳେ, ଗୁପ୍ତ ହେଉ ପ୍ରୟୋଗ କଲେ ସେ । ଉଞ୍ଜ. ବୈଦେହୀଶବିଳାସ । ]

**ବିଷ୍ଣୁ ଋକ୍ଷ**—ସଂ. ବି (ମ. ପ. ଲୋ; ବିଷ୍ଣୁଦୈବତ ଋକ୍ଷ ବା ନକ୍ଷତ୍ର)—ଶ୍ରବଣା
**Bishṇuṛuksha** ନକ୍ଷତ୍ର—The 22nd lunar mansion.

**ବିଷ୍ଣୁ କନ୍ଦ**—ସଂ. ବି—କୋଙ୍କଣ ପ୍ରଦେଶ ଜାତ ଔଷଧ ମୂଳବିଶେଷ—
**Bishṇukanda** Name of a medicinal bulbous root. [ ଦ୍ର—ଏହାର ଅନ୍ୟ ସଂ. ନାମ ବିଷ୍ଣୁଗୁପ୍ତ, ସୁପୁଷ୍ପ, ବହୁସମ୍ପୁଟ ଦୀର୍ଘପତ୍ର, ହରପ୍ରିୟ, ଜଳବାସା, ବୃତ୍ତକନ୍ଦ । ଏହା ମଧୁର, ଶୀତଳ, ରୁଚିକର, ତୃପ୍ତିକର ଏବଂ ଦାହ, ପିତ୍ତ ଓ ଶୋଥ ଦୂର କରେ—ହି. ଶ. ]

**ବିଷ୍ଣୁ କରିବା**—ଦେ. କ୍ରି—୧ । ପୂଜ୍ୟ ବ୍ୟକ୍ତିଙ୍କ ଦେହରେ ବା ପୂଜ୍ୟ
**Bishṇu karibā** ବସ୍ତୁରେ ( ଗୁରୁଜନଙ୍କ ଅଙ୍ଗ, ପୁସ୍ତକ, ଦେବ-
ଶ୍ରୀବିଷ୍ଣୁକରা ପ୍ରତିମାରେ) ଅକସ୍ମାତ୍ ମନୁଷ୍ୟର ପାଦଆଦି ବାଜି ଗଲେ ଉକ୍ତ ଅଜ୍ଞାନକୃତ ଅପରାଧ ଖଣ୍ଡନାର୍ଥ 'ବିଷ୍ଣୁ' ବା 'ଶ୍ରୀବିଷ୍ଣୁ' ନାମ ଉଚ୍ଚାରଣ କରି ସ୍ପୃଷ୍ଟ ବସ୍ତୁରେ ବା ଅଙ୍ଗରେ ହାତ ଲଗାଇ ହାତକୁ ଆଣି ମୁଣ୍ଡରେ ଲଗାଇବା—1. To expiate for striking inadvertently the body of one's elder, by touching the struck limb with one's fingers and touching the brow with the fingers. ( ଭି—ଗୋଇଠାମାରି ବିଷ୍ଣୁ କରିବା ନ୍ୟାୟ—ଢଗ । ) [ ଦ୍ର—ଜାଣି ଶୁଣି ଗୋଇଠା ମାରି "ବିଷ୍ଣୁ" କଲେ ସେ ପାପ ଖଣ୍ଡନ ହୁଏ ନାହିଁ । ] ୨ । ଭୋଜନ କରି ବସିବା ବେଳେ ପ୍ରଥମ ଗୁଣ୍ଡା ଭାତ ପାଟିକୁ ନେବା ପୂର୍ବରୁ 'ବିଷ୍ଣୁ' ଶବ୍ଦ ଉଚ୍ଚାରଣ
**बिष्णुग्रास करना** କରିବା—2. To utter the word Bishṇu while putting the 1st morsel of food in the mouth. ୩ । ହଠାତ୍ ଅକଥ୍ୟ ବା ମିଛକଥା ମୁହଁରୁ ବାହାରି ଗଲେ ପାପ ଖଣ୍ଡନାର୍ଥ 'ବିଷ୍ଣୁ'
**विष्णुकरना** ନାମ ଉଚ୍ଚାରଣ କରିବା—3. To pronounce the word Bisnṇu in expiation for the sin of inadvertently speaking a falsehood or saying any improper thing. ୪ । ଅନ୍ୟର ମୁଖରୁ ମିଥ୍ୟା ବା ଅଶ୍ଳୀଳ ବା ଅକଥ୍ୟ ଭାଷା ଶୁଣିଲେ, ସେହି ପାପ ଖଣ୍ଡନାର୍ଥ ବିଷ୍ଣୁ ନାମ ଧରିବା—4. To pronounce the word Bishṇu on hearing another person speak a lie or an improper thing. ୫ । ଦେବପୂଜା ଆଦି ଅନୁଷ୍ଠାନରେ ସଂକଳ୍ପର ଆଦ୍ୟରେ 'ଓଁ ବିଷ୍ଣୁ, ଓଁ ବିଷ୍ଣୁ, ଓଁ ବିଷ୍ଣୁ' ଉଚ୍ଚାରଣ କରିବା—5. To prononce the word Bishṇu thrice at the beginning of any ritual or worship. ୬ । ( ଲକ୍ଷଣାର୍ଥ ) କୌଣସି କାର୍ଯ୍ୟ ଆରମ୍ଭ କରିବା—6. To begin any work. [ ଦ୍ର—ମୁସଲମାନ୍‌ମାନେ ଏପରି ସ୍ଥଳରେ 'ତୋବା' 'ବିସ୍‌ମିଲ୍ଲା' କହିଥାଆନ୍ତି । ]

**ବିଷ୍ଣୁ କାଞ୍ଚୀ**—ସ. ବି—ଦାକ୍ଷିଣାତ୍ୟର ତୀର୍ଥ ବିଶେଷ—Name of a
**Bishṇu kānchi** place of pilgrimage in the Deccan. [ଦ୍ର—ଏହା କାଞ୍ଚୀ ନଗରର ଗୋଟିଏ ଅଂଶ। ଏଠାରେ ବରଦା ସ୍ୱାମୀ ନାମକ ବିଷ୍ଣୁପ୍ରତିମା ଓ ମନ୍ଦିର ପ୍ରତିଷ୍ଠିତ। ନଗରର ଅପର ଅଂଶରେ ପ୍ରତିଷ୍ଠିତ ଶିବ-କାଞ୍ଚୀଠାରୁ ଏହା ପ୍ରାୟ ୩ ମାଇଲ୍ ଦୂରରେ ଅବସ୍ଥିତ। ମନ୍ଦିରବେଢ଼ାର ୭ଟି ଗୋପୁରମ୍ (ଦ୍ୱାର) ମଧ୍ୟରୁ ପୂର୍ବଦିଗର ଗୋପୁରମ୍ ୧୩୩ ଫୁଟ୍ ଉଚ୍ଚ। ପ୍ରଥମ ଅଗଣା ମଧ୍ୟରେ ଶତସ୍ତମ୍ଭ ବିଶିଷ୍ଟ ମଣ୍ଡପ ମଧ୍ୟରେ ଅଶ୍ୱାରୋହୀମାନଙ୍କର କାରୁକାର୍ଯ୍ୟ ମଣ୍ଡିତ ଚିତ୍ର ଅଛି। ମଣ୍ଡପ ନିକଟରେ କୋଟି-ତୀର୍ଥ ନାମକ ଗୋଟିଏ ପୁଷ୍କରିଣୀ ଅଛି। ଦ୍ୱିତୀୟ ଅଗଣାରେ ଥିବା ମନ୍ଦିରରେ ବିଷ୍ଣୁଙ୍କର ପ୍ରସ୍ତରଖୋଦିତ ଦଶାବତାର ମୂର୍ତ୍ତି, ବରଦା ସ୍ୱାମୀଙ୍କ ବିଗ୍ରହ, କୃଷ୍ଣପ୍ରସ୍ତର ନିର୍ମିତ ଚତୁର୍ଭୁଜ ବିଷ୍ଣୁ ମୂର୍ତ୍ତି ଅବସ୍ଥିତ। କାଞ୍ଚୀର ପୂର୍ବତନ ଶାସନକର୍ତ୍ତା ଗଙ୍ଗାଗୋପାଳ ରାୟ ଏ ମନ୍ଦିର ନିର୍ମାଣ କରାଇଥିଲେ। ମହାତ୍ମା ରାମାନୁଜ ଏହିଠାରେ ବିଦ୍ୟା ଶିକ୍ଷା କରିଥିଲେ ଓ ସ୍ୱମତ ପ୍ରଚାର ଆରମ୍ଭ କରିଥିଲେ। ବୈଶାଖ କୃଷ୍ଣ ଚତୁର୍ଦ୍ଦଶୀ ଦିନ ଦେବଙ୍କ ବିଜେ ପ୍ରତିମା ରଥ ଚଢ଼ି ନଗର ବୁଲନ୍ତି। ଏଠାରେ ଲକ୍ଷ୍ମୀ ନୃସିଂହଙ୍କ ମୂର୍ତ୍ତି ମଧ୍ୟ ଅଛନ୍ତି। ଗଭର୍ଣ୍ଣମେଣ୍ଟ ଏହି ଦେବସ୍ଥାନର ବାର୍ଷିକ ଖରଚ ସକାଶେ ୮୦୦ ଟଙ୍କା ଦିଅନ୍ତି। ଏହା ଛଡ଼ା ଏ ଦେବଙ୍କ ସେବାପୂଜା ପାଇଁ ୩୦୦ ଟଙ୍କା ବାର୍ଷିକ ଆୟୁତ୍ପାଦକ ସମ୍ପତ୍ତି ଖଞ୍ଜା ଅଛି। ଏହାଙ୍କର ଅଳଙ୍କାର ଓ ଯାନବାହନାଦିର ମୂଲ୍ୟ ପ୍ରାୟ ୨ ଲକ୍ଷ ଟଙ୍କା ହେବ। ମଦନମୋହନ, ତୀର୍ଥ ଦର୍ଶନ।]

**ବିଷ୍ଣୁ କାନ୍ତା**—ସ. ବି—ନୀଳ ଅପରାଜିତା (ଲୁ. ଶ)—The blue
**Bishṇu kāntā** variety of clitoris flower and
(ବିଷ୍ଣୁକାନ୍ତ—ଅନ୍ୟରୂପ) creeper.

**ବିଷ୍ଣୁକ୍ରାନ୍ତା**—ସ. ବି. ( ବିଷ୍ଣୁ + କ୍ରାନ୍ତ = ଅତିକ୍ରାନ୍ତ + ସ୍ତ୍ରୀ· ଆ )—
**Bishṇukrāntā** ୧। ଅପରାଜିତା ଫୁଲ ( ଧଳା ଓ ନେଳି ଦୁଇ ପ୍ରକାର)--1. The clitoris flower and creeper (of blue and white varieties); Clitoria Ternatia. ୨। ନେଳି ଫୁଲ ଯୁକ୍ତ ବନବନା ଗୁଳ୍ମ—2. The blue-flowered variety of Banabanā. ୩। ବାରାହୀ କନ୍ଦ (ଲୁ. ଶ) ଭୂଇଁକଖାରୁ—3. A kind of yam. ୪। ନେଳି ଅପରାଜିତା—4. The blue variety of clitoris flower. [ଦ୍ର—ଏହା କଟୁତିକ୍ତ ରସ, ମେଧ ବର୍ଦ୍ଧକ, କଫବାତନାଶକ, ମଙ୍ଗଳ ପ୍ରଦ, ଏବଂ କୃମି, ବ୍ରଣ ଓ ବିଷ ଦୋଷ ନାଶକ—ଦ୍ରବ୍ୟଗୁଣ ଶିକ୍ଷା।] ୫। (ତନ୍ତ୍ରୋକ୍ତ) ପୃଥିବୀର ଦେଶ ବିଶେଷ—5. Name of a part of the earth described in the Tantras [ଦ୍ର—ତନ୍ତ୍ର ମତରେ ପୃଥିବୀ ୩ ଭାଗରେ ବିଭକ୍ତ। ଅଶ୍ୱକ୍ରାନ୍ତା, ରଥକ୍ରାନ୍ତା ଓ ବିଷ୍ଣୁକ୍ରାନ୍ତା।]

ଅନ୍ୟ ସ. ନାମ— ନୀଳପୁଷ୍ପା, ନୀଳକ୍ରାନ୍ତା, ସୁନୀଳା, ବିକ୍ରାନ୍ତା, ଓ ଗିର୍କର୍ଣ୍ଣୀ
ନୀଲ অপরাজিতা
ମ· ବିଷ୍ଣୁକ୍ରାନ୍ତା

**ବିଷ୍ଣୁ କ୍ଷେତ୍ର**—ସ. ବି. (୬ଷ୍ଠୀ ତତ୍)—ଯେଉଁ କ୍ଷେତ୍ରର ବା ତୀର୍ଥ ସ୍ଥାନର
**Bishṇu kshetra** ବିଷ୍ଣୁ ରକ୍ଷକ ଅଟନ୍ତି—A sacred place of which the tutelary Deity is Bishṇu. [ଦ୍ର—ଭୁବନେଶ୍ୱରର ପ୍ରସିଦ୍ଧ ଦେବତା ଶିବ ଅଟନ୍ତି; ତଥାପି ଏହା ବିଷ୍ଣୁ କ୍ଷେତ୍ର ଅଟେ ଓ ବାସୁଦେବ ଏ କ୍ଷେତ୍ରର ରକ୍ଷକ। ସେହିପରି ପୁରୁଷୋତ୍ତମରେ ବିଷ୍ଣୁ ପ୍ରସିଦ୍ଧ ଦେବତା ଥିଲେହେଁ ଏହା ଶିବକ୍ଷେତ୍ର ଅଟେ ଓ ଏଥିର ରକ୍ଷକ ଲୋକନାଥ।]

**ବିଷ୍ଣୁ ଗୁପ୍ତ**—ସ. ବି. ପୁଂ (ନାମ) (୩ୟା ତତ୍; ବିଷ୍ଣୁ + ଗୁପ୍ତ; ବିଷ୍ଣୁଙ୍କ
**Bishṇu gupta** ଦ୍ୱାରା ଗୁପ୍ତ = ରକ୍ଷିତ; ବିଷ୍ଣୁଭକ୍ତ)—୧। ନନ୍ଦ ବଂଶୀୟ ରାଜା ଚନ୍ଦ୍ରଗୁପ୍ତଙ୍କର ସଭାପଣ୍ଡିତ ଚାଣକ୍ୟ—1. A name of Chāṇakya. [ଦ—ଏ ନୀତିଶାସ୍ତ୍ର, ନୀତିକଥା, ହିତୋପଦେଶ ଓ ନୀତିଶ୍ଳୋକ ଆଦିର ରଚୟିତା। ଏହାଙ୍କର ଆଉ ଗୋଟିଏ ନାମ କୌଟିଲ୍ୟ।] ୨। କୌଣ୍ଡିଲ୍ୟ ମୁନି—2. Sage Kauṇḍilya. ୩। ବିଷ୍ଣୁକନ୍ଦ (ଦେଖ)—2. Bishṇukanda (See) ୪। ବଡ଼ ମୂଳା (ଲୁ. ଶ)—4. A big variety of radish. ଦେ. ବି—ପୁରୁଷଙ୍କୁ ଦିଆଯିବା ନାମ—A name given to males.

**ବିଷ୍ଣୁ ଚକ୍ର**—ସ. ବି. ( ୬ଷ୍ଠୀ ତତ୍; ବିଷ୍ଣୁ + ଚକ୍ର )—ବିଷ୍ଣୁଙ୍କ ଅସ୍ତ୍ର,
**Bishṇu chakra** ସୁଦର୍ଶନ ଚକ୍ର—The discus, weapon of Bishṇu.

**ବିଷ୍ଣୁ ତିଥି**—ସ. ବି—ଏକାଦଶୀ ଓ ଦ୍ୱାଦଶୀ ତିଥି—The 11th and
**Bishṇu tithi** 12th days of the lunar fortnight.

**ବିଷ୍ଣୁତୈଳ**—ସ. ବି—ବାତ ରୋଗରେ ଉପକାରୀ ଆୟୁର୍ବେଦୋକ୍ତ
**Bishṇu taila** ପ୍ରକ୍ରିୟାରେ ପ୍ରସ୍ତୁତ ତୈଳ ବିଶେଷ—A medicinal oil used for curing rheumatism

**ବିଷ୍ଣୁଦୂତ**—ସ. ବି—( ୬ଷ୍ଠୀ ତତ୍; ବିଷ୍ଣୁ + ଦୂତ )—ମୃତ୍ୟୁ ସମୟରେ
**Bishu dūta** ବିଷ୍ଣୁଭକ୍ତ ବ୍ୟକ୍ତିଙ୍କୁ ବୈକୁଣ୍ଠକୁ ଆଦରପୂର୍ବକ ନେଇ ଯିବାପାଇଁ ବିଷ୍ଣୁଙ୍କ ପ୍ରେରିତ ଦୂତ—The angels or messengers sent by Bishṇu to a pious devotee on his deathbed, to lead his soul to the abode of Bishṇu. [ ଦ୍ର—ସାଧାରଣଙ୍କର ବିଶ୍ୱାସ ଯେ ବିଷ୍ଣୁଦୂତମାନେ ପୁଣ୍ୟାତ୍ମା ବୈଷ୍ଣବଙ୍କ ଆତ୍ମାକୁ ବୈକୁଣ୍ଠକୁ ନେଇଯାଆନ୍ତି ଓ ଯମଦୂତମାନେ ପାପୀଙ୍କ ଆତ୍ମାକୁ ଦଣ୍ଡ ଦେବାପାଇଁ ନରକକୁ ନେଇଯାଆନ୍ତି। କୌଣସି ମୃତବ୍ୟକ୍ତିର ଆତ୍ମାକୁ ନେବାପାଇଁ ଯମଦୂତମାନେ ଆସି ତା ମୃତ୍ୟୁଶଯ୍ୟା ପାଖେ ପହଞ୍ଚିବା ଅବସ୍ଥାରେ ବିଷ୍ଣୁଦୂତ ଆସି ପହଞ୍ଚିଲେ ଯମଦୂତମାନେ ନିରସ୍ତ ହୋଇ ଫେରିଯାଆନ୍ତି ଓ ମୃତବ୍ୟକ୍ତିର ଆତ୍ମାକୁ ବିଷ୍ଣୁଦୂତମାନେ ସମାଦରପୂର୍ବକ ବୈକୁଣ୍ଠକୁ ନେଇ ଯାଆନ୍ତି। ]

**ବିଷ୍ଣୁଦୈବତ**—ସ. ବଣ—(ବହୁବ୍ରୀହି; ବିଷ୍ଣୁ+ଦୈବତ=ଅଧିଷ୍ଠାତୃ—Bishṇu daibata ଦେବତା )—୧ । ବିଷ୍ଣୁଦେବତାଙ୍କଦ୍ୱାରା (ବିଷ୍ଣୁଦୈବତା—ସ୍ତ୍ରୀ) ଅଧିଷ୍ଠିତ—1. Presided over by Bishṇu. ୨ । ବିଷ୍ଣୁ ଯାହାର ଇଷ୍ଟଦେବ; ବୈଷ୍ଣବ—2. (a person) Whose tutelary Deity is Bishṇu; devoted to Bishṇu. ସ. ବ—୧ । ଶ୍ରବଣା ନକ୍ଷତ୍ର—1. The 22nd lunar mansion. ୨ । ବୈଷ୍ଣବ; ବିଷ୍ଣୁଉପାସକ—2. A devotee or worshipper of Bishṇu.

**ବିଷ୍ଣୁପଞ୍ଜର**—ସ.ବ---(୬ଷ୍ଠୀ ତତ୍; ବିଷ୍ଣୁ+ପଞ୍ଜର=ଅସ୍ଥିମାତ୍ରାବୃତ ଶରୀର)—Bishṇu pañjara ୧ । ପୁରୀରେ ବିରାଜିତ ଦାରୁମୟ ବିଷ୍ଣୁ-ବିଗ୍ରହଙ୍କର କଳେବର—1. The wooden image of Bishṇu worshipped as Jagannātha at Puri. [ ଦ୍ର—ଏହି ବିଗ୍ରହ ୧୨ ବର୍ଷରେ ଥରେ ବଦଳାଯାଇ କୋଇଲି ବୈକୁଣ୍ଠରେ ଥିବା କୂଅରେ ନିକ୍ଷିପ୍ତ ହୁଅନ୍ତି । ] ୨ । ମନୁଷ୍ୟର କଙ୍କାଳ—2. Human skeleton.

**ବିଷ୍ଣୁପଦ**—ସ. ବ—( ବହୁବ୍ରୀହି, ବିଷ୍ଣୁ=ବ୍ୟାପକ+ପଦ=ସ୍ଥାନ; ଯେ Bishṇupada ସର୍ବସ୍ଥାନକୁ ବ୍ୟାପିଛନ୍ତି; କିମ୍ବା ବିଷ୍ଣୁ ତାଙ୍କ ତୃତୀୟ ପାଦ ରଖିଥିଲେ ଯେଉଁଠାରେ)—୧ । ବ୍ୟୋମ; ଆକାଶ—1. The sky. [ ଦ୍ର—ବିଷ୍ଣୁ ବାମନ ଅବତାରରେ ଗୋଟିଏ ପଦ ଆକାଶରେ ସ୍ଥାପନ କରିଥିବାରୁ ଆକାଶକୁ ବିଷ୍ଣୁପଦ ବୋଲାଯାଏ । ] ( ଉ—ବିଷ୍ଣୁପଦୀ ବିଷ୍ଣୁପଦ, ଏକାର ଭେଦ ଶବଦ, ତରଣୀର ଗତାଗତ, ତହିଁ ହୁଏତ । ଉପେ. ବୈଦେହୀଶବିଳାସ । ) ୨ । ଶୂନ୍ୟ—2. The void. ୩ । (୬ଷ୍ଠୀ ତତ୍) କ୍ଷୀରୋଦ ସମୁଦ୍ର (ଏଥିମଧ୍ୟରେ ବୈକୁଣ୍ଠ ଅବସ୍ଥିତ)—3. The mythological Sea of Milk ( in which Bishṇu's abode is situate. ୪ । ପଦ୍ମ—4. Lotus. ୫ । ଗୟାରେ ଥିବା ପ୍ରସ୍ତରରେ ଅଙ୍କିତ ବିଷ୍ଣୁଙ୍କର ପାଦଚିହ୍ନ ଓ ପାଦଚିହ୍ନ ଥିବା ମନ୍ଦିର—4. The soles of Bishṇu engraved on stone and worshipped at Gayā in a temple of that name. [ଦ୍ର--ଏହିଠାରେ ହିନ୍ଦୁ ଯାତ୍ରୀମାନେ ପିତୃଲୋକଙ୍କ ଉଦ୍ଦେଶ୍ୟରେ ପିଣ୍ଡ ଅର୍ପଣ କରନ୍ତି । ] ଦେ. ବି. ପୁଂ—ଲୋକଙ୍କୁ ଦିଆଯିବା ନାମ—A name given to males.

**ବିଷ୍ଣୁପଦୀ**—ସ. ବ. ସ୍ତ୍ରୀ—( ବିଷ୍ଣୁପଦ+ସ୍ତ୍ରୀ· ଈ; ବିଷ୍ଣୁଙ୍କ ପଦରୁ ନିର୍ଗତ Bishṇupadā ହୋଇଥିବାରୁ, ଏପରି ନାମ ହୋଇଅଛି)—୧ । ଗଙ୍ଗା ନଦୀ—1.The Ganges. ୨। ବିଷ୍ଣୁପଦୀ ସଂକ୍ରାନ୍ତି—2. Name of 4 particular Saṁkrāntis of the solar year. [ଦ୍ର— ସୌର ଭାଦ୍ର (ସିଂହ) ସଂକ୍ରାନ୍ତି; ସୌର ଜ୍ୟୈଷ୍ଠ (ବୃଷ) ସଂକ୍ରାନ୍ତି; ସୌର ମାର୍ଗଶିର (ବୃଶ୍ଚିକ) ସଂକ୍ରାନ୍ତି ଓ ସୌର ଫାଲ୍ଗୁନ (କୁମ୍ଭ) ସଂକ୍ରାନ୍ତିକୁ ବିଷ୍ଣୁପଦୀ ସଂକ୍ରାନ୍ତି ବୋଲାଯାଏ । ] ୩ । ବିଷୁବରେଖା ସହିତ ସୂର୍ଯ୍ୟମଣ୍ଡଳର ସଂଯୋଗ ସ୍ଥଳ—3. The vernal point. ଦେ. ବି. ସ୍ତ୍ରୀ—ସ୍ତ୍ରୀଲୋକଙ୍କୁ ଦିଆଯିବା ନାମ—A name given to females.

**ବିଷ୍ଣୁପଦୀ**—ସ. ବ. ସ୍ତ୍ରୀ—(ବିଷ୍ଣୁପଦ+ସ୍ତ୍ରୀ. ଈ)—୧ । ଜ୍ୟୈଷ୍ଠ (ବୃଷ), Bishṇupadī ଭାଦ୍ର (ସିଂହ), ମାର୍ଗଶିର (ବୃଶ୍ଚିକ) ଓ ଫାଲ୍ଗୁନ (କୁମ୍ଭ) ମାସର ରବି ସଂକ୍ରମଣ ଦିବସ—1. Name of 4 particulr Saṁkrānti days of the solar year. [ ଦ୍ର—ଜ୍ୟୈଷ୍ଠମାସରେ ରବି ମେଷ ରାଶିରୁ ବୃଷ ରାଶିକୁ; ଭାଦ୍ରରେ କର୍କଟରୁ ସିଂହକୁ, ମାର୍ଗଶିରରେ ତୁଳରୁ ବିଛାକୁ ଓ ଫାଲ୍ଗୁନରେ ମକରରୁ କୁମ୍ଭକୁ ସଂକ୍ରମଣ କରନ୍ତି । ଏହି ୪ଟି ସଂକ୍ରାନ୍ତିକୁ ବିଷ୍ଣୁପଦୀ ସଂକ୍ରାନ୍ତି ବୋଲାଯାଏ । ] ୨ । ଗଙ୍ଗାନଦୀ—2. The Ganges. [ ଉ—ତବେ ଏହାଙ୍କର ନାମ ମହାନଦୀ । ଉତ୍କଳଭୁବନେ ଏହି ବିଷ୍ଣୁପଦୀ—ରାଧାନାଥ. ଚନ୍ଦ୍ରଭାଗା । ] ୩ । ବିଷୁବରେଖା ସଙ୍ଗେ ଅୟନମଣ୍ଡଳର ସଂଯୋଗସ୍ଥଳ—3. The vernal point.

**ବିଷ୍ଣୁପରାୟଣ**—ସ. ବଣ. ପୁଂ ( ବହୁବ୍ରୀହି; ବିଷ୍ଣୁ+ପର+ଅୟନ )—Bishṇu parāyaṇa ହରିଭକ୍ତିପରାୟଣ; ବିଷ୍ଣୁଙ୍କ ପ୍ରତି ଭକ୍ତି-(ବିଷ୍ଣୁପରାୟଣତା—ବ) ଯୁକ୍ତ—Devoted to Lord Bishṇu. ( ବିଷ୍ଣୁପରାୟଣା—ସ୍ତ୍ରୀ )

**ବିଷ୍ଣୁପୁର**—ଦେ. ବ—ଉତ୍ତର ବଙ୍ଗର ନଗରବିଶେଷ—Name of a Bishṇupura town of north Bengal. [ଦ୍ର—ଉତ୍କୃଷ୍ଟ ପାଟ ବିଷ୍ଣୁପୁର **বিষ্ণুপুর** ଖଦ ଓ ଗୁଡ଼ାଖୁ ଏଠାରେ ପ୍ରସ୍ତୁତ ହୁଏ । ]

**ବିଷ୍ଣୁପୁରାଣ**—ସ. ବ. ( ମ. ପ. ଲୋ; ବିଷ୍ଣୁ+ପୁରାଣ )—ଅଷ୍ଟାଦଶ Bishṇu purāṇa ପୁରାଣମଧ୍ୟରୁ ଏକତମ; ବିଷ୍ଣୁଙ୍କ ମାହାତ୍ମ୍ୟ ବର୍ଣ୍ଣନାତ୍ମକ ପୁରାଣବିଶେଷ ( ପୁରାଣ ତଳେ ନୋଟ୍ ଦେଖ (—Name of one of the 18 chief mythological treatises of the Hindus ( see notes under Purāṇa).

**ବିଷ୍ଣୁପୁରୀ**—ଦେ· ବଣ—ବିଷ୍ଣୁପୁରରେ ଉତ୍ପାଦିତ—Belonging to Bishṇupuri or manufactured in Bishṇupura. ( ଯଥା—ବିଷ୍ଣୁପୁରୀ ପାଟ, ଗୁଡ଼ାଖୁ ଓ ଧୁଆଁପତ୍ର ପ୍ରଭୃତି । ସ. ବ ( ୬ଷ୍ଠୀ ତତ୍; ବିଷ୍ଣୁ+ପୁରୀ)—ବୈକୁଣ୍ଠ ଭୁବନ—The mythological abode of Bishṇu.

**ବିଷ୍ଣୁପ୍ରୟାଗ**—ସ. ବ—ତୀର୍ଥବିଶେଷ—Name of a place of Bishṇu prayāga Hindu pilgrimage. [ ଦ୍ର—ହିମାଳୟର ବଦରିକାନାଥଙ୍କ ନିକଟରେ ଥିବା ଯୋଶି ମଠଠାରୁ ଏହା ତିନି ମାଇଲ ଦୂରବର୍ତ୍ତୀ; ଏହା ମାନସରୋବର ନିକଟରୁ ପ୍ରବାହିତା ବିଷ୍ଣୁଗଙ୍ଗା ବା ଧବଳୀ ଗଙ୍ଗା ସହିତ ଅଲକାନନ୍ଦାର ସଙ୍ଗମ ସ୍ଥଳ । ଏହା ଗୋଟିଏ ହିନ୍ଦୁ

ତୀର୍ଥସ୍ଥାନ । ଏଠାରେ ସ୍ନାନ ତର୍ପଣ କରି ଯାତ୍ରୀମାନେ କୃତାର୍ଥ ହୁଅନ୍ତି—ମଦନମୋହନ, ତୀର୍ଥଦର୍ଶନ । ]

**ବିଷ୍ଣୁପ୍ରିୟା**—ସଂ. ବି. ସ୍ତ୍ରୀ ( ୬ଷ୍ଠୀ ତତ୍; ବିଷ୍ଣୁ+ପ୍ରିୟା=ଭାର୍ଯ୍ୟା )—Bishnupriyā ୧ । ଲକ୍ଷ୍ମୀ—1. Lakshmi ୨ । ତୁଳସୀ ଗଛ ( ହି. ଶ. )—2. The holy Basil plant. ବେ. ବି—୧ । ସ୍ତ୍ରୀମାନଙ୍କୁ ଦିଆଯିବା ନାମ—1. A name given to females. ୨ । ଶ୍ରୀ ଚୈତନ୍ୟଦେବଙ୍କର ଦ୍ୱିତୀୟା ସ୍ତ୍ରୀଙ୍କ ନାମ—2. Name of the second wife of Chaitanya Deba. [ ଦ୍ର—ଚୈତନ୍ୟଙ୍କ ପ୍ରଥମା ସ୍ତ୍ରୀଙ୍କ ନାମ ଲକ୍ଷ୍ମୀପ୍ରିୟା; ସେ ମୃତା ହେବାରୁ ଚୈତନ୍ୟ ବିଷ୍ଣୁପ୍ରିୟାଙ୍କୁ ବିବାହ କରିଥିଲେ । ଏ ପଣ୍ଡିତ ସନାତନ ମିଶ୍ରଙ୍କ କନ୍ୟା ଥିଲେ । ]

**ବିଷ୍ଣୁବଲ୍ଲଭା**—ସଂ. ବି. ସ୍ତ୍ରୀ (୬ଷ୍ଠୀ ତତ୍; ବିଷ୍ଣୁ+ବଲ୍ଲଭା)—୧ । ଲକ୍ଷ୍ମୀ—Bishnu ballabhā 1. Lakshmi. ୨ । ତୁଳସୀ ଗଛ—2. The holy Basil plant. ୩ । ଅଗ୍ନିଶିଖା ବୃକ୍ଷ; ବିଷଲାଙ୍ଗୁଳିଆ ଗଛ—3. Wolfsbane (plant).

**ବିଷ୍ଣୁବାହନ**—ସଂ. ବି ( ୬ଷ୍ଠୀ ତତ୍; ବିଷ୍ଣୁ+ବାହନ )—ଗରୁଡ଼—Bishnu bāhana The great bird Garurda, the ( ବିଷ୍ଣୁବାହ୍ୟ, ବିଷ୍ଣୁରଥ—ଅନ୍ୟରୂପ ) carrier of Bishnu.

**ବିଷ୍ଣୁଭକ୍ତ**—ସଂ. ବିଣ. ପୁଂ ( ୭ମୀ ତତ୍; ବିଷ୍ଣୁ+ଭକ୍ତ )—ବିଷ୍ଣୁପରାୟଣ—Bishnu bhakta Devoted to Bishnu. ସଂ. ବି. ପୁଂ—ବିଷ୍ଣୁପୂଜକ ବ୍ୟକ୍ତି; ବୈଷ୍ଣବ—A devotee or worshipper of Bishnu.

**ବିଷ୍ଣୁଭକ୍ତି**—ସଂ. ବି ( ୭ମୀ ତତ୍; ବିଷ୍ଣୁ+ଭକ୍ତି )—ବିଷ୍ଣୁଙ୍କ ପ୍ରତି ଭକ୍ତି—Bishnu bhakti Devotion to Bishnu.

**ବିଷ୍ଣୁମାୟା**—ସଂ. ବି. (ବିଷ୍ଣୁ+ମାୟା )—୧ । ବିଷ୍ଣୁଙ୍କ ରଚିତ ମାୟା ବା Bishnu māyā କୁହୁକ—1. The illusion created by Bishnu. [ ଦ୍ର—ଏହି ମାୟାବଳରେ ବିଷ୍ଣୁ ଜଗତ୍ ପାଳନ କରନ୍ତି ଓ ଦୁଷ୍ଟମାନଙ୍କୁ ସଂହାର କରନ୍ତି । ] ୨ । ଦୁର୍ଗା; ଭଗବତୀ—2. Durgā.

**ବିଷ୍ଣୁଯଶା(ଶାଃ)**—ସଂ. ବି ( ବିଷ୍ଣୁ+ଯଶସ୍; ୧ମା. ୧ବ )—ବ୍ରହ୍ମଯଶାଙ୍କ Bishnujaśā(śāḥ) ପୁତ୍ର ଓ କଲ୍କୀ ଅବତାରଧାରୀ ବିଷ୍ଣୁଙ୍କ ପିତା ( ହି. ଶ )—Name of the father of Bishnu in his last or Kalki incarnation.

**ବିଷ୍ଣୁଯାମଳ**—ସଂ. ବି—ତାନ୍ତ୍ରିକ ଧର୍ମଗ୍ରନ୍ଥବିଶେଷ—Name of a Bishnu jāmala Tantric treatise. ( ଦ୍ର—ବିଷ୍ଣୁଯାମଳେ ଉକ୍ତି ଅଛି । ଅଷ୍ଟାଦଶ ଦୋଷଟି ନୋହି—ପ୍ରାଚୀ. ପୁରୁଷୋତ୍ତମ ଚନ୍ଦ୍ରୋଦୟ । )

**ବିଷ୍ଣୁରାତ**—ସଂ.ବି(୬ଷ୍ଠୀତତ୍; ବିଷ୍ଣୁ+ରା ଧାତୁ=ଦାନ କରିବା+କର୍ମ. ତ) Bishnu rāta —ଚନ୍ଦ୍ରବଂଶୀୟ ରାଜା ଅଭିମନ୍ୟୁଙ୍କ ପୁତ୍ର ପରୀକ୍ଷିତ; ଜନମେଜୟଙ୍କ ପିତା—Rājā Parikshita. ( ଦ୍ର—କଥିତ ଅଛି ଯେ ଏ ମାତୃଗର୍ଭରେ ଥିବା ଅବସ୍ଥାରେ ଅଶ୍ୱତ୍ଥାମା ବାଣ ପ୍ରୟୋଗ କରି ଏହାଙ୍କୁ ମାରି ପକାଇଥିଲେ, ବିନ୍ତୁ ବିଷ୍ଣୁ ଏହାଙ୍କୁ ବଞ୍ଚାଇ ଦେଲେ । ଏଥିପାଇ ତାଙ୍କର ଏହି ନାମ । ) ସଂ. ବିଣ. ପୁଂ—ବିଷ୍ଣୁଙ୍କ ଅନୁଗ୍ରହ ପ୍ରଦତ୍ତ—Given as a favour by Bishnu. ( ଉ—ସେ ବିଷ୍ଣୁରାତ ପରୀକ୍ଷିତ । ତାଙ୍କୁ ସଂହାରୁ କଲ ମୁକ୍ତ—ଜଗନ୍ନାଥ. ଭାଗବତ । )

**ବିଷ୍ଣୁଲିଙ୍ଗୀ**—ସଂ. ବି—ବାର୍ତ୍ତିକ ପକ୍ଷୀ; ବଟର ଚଢ଼େଇ—Bishnulingi The gray quail ( bird ).

**ବିଷ୍ଣୁଲୋକ**—ସଂ. ବି ( ୬ଷ୍ଠୀ ତତ୍; ବିଷ୍ଣୁ+ଲୋକ )—ଗୋଲୋକ; Bishnu loka ବୈକୁଣ୍ଠ—The abode of Bishnu. [ ଦ୍ର—ବୈଷ୍ଣବ ଓ ପୁଣ୍ୟକର୍ମୀ ଭକ୍ତମାନେ ଦେହାନ୍ତେ ଏହି ଲୋକରେ ଚିରକାଳ ପାଇଁ ସ୍ଥାନ ପାଆନ୍ତି । ]

**ବିଷ୍ଣୁଶର୍ମା**—ସଂ. ବି ( ନାମ )—ସଂସ୍କୃତ ପଞ୍ଚତନ୍ତ୍ର ଓ ହିତୋପଦେଶ ନାମକ Bishnu śasmā ନୀତି-ଉପଦେଶପୂର୍ଣ୍ଣ ଗ୍ରନ୍ଥଦ୍ୱୟର ରଚୟିତା ପଣ୍ଡିତ-Name of the author of the Sanscrit moral tales, Panchatantra and Hitopadeśa. ବେ. ବି —ଉତ୍କଳସାହିତ୍ୟ ପତ୍ରିକାରେ ସମ୍ମାର୍ଜନୀ ଶୀର୍ଷକ ଧାରାବାହିକ ପ୍ରବନ୍ଧମାନଙ୍କର ଲେଖକ ପଣ୍ଡିତ ଶ୍ରୀ କୁଳମଣି ଦାଶଙ୍କ ଗୃହୀତ ଛଦ୍ମନାମ—The pseudonym assumed by Pandit Kulamani Dāsa in a series of articles named Sammārjani in the oriya Utkal Sahitya magazine.

**ବିଷ୍ଣୁଶିଳା**—ସଂ. ବି-ଶାଳଗ୍ରାମ ଶିଳା; ଗଣ୍ଡକୀ ନଦୀର ଗର୍ଭରୁ ପ୍ରାପ୍ତ ବିଷ୍ଣୁରୂପେ Bishnu śilā ପୂଜିତ ଶାଳଗ୍ରାମ—The round and naturally polished balls of pebbles found in the bed of the Gandaki river and worshipped by the Hindus as Bishnu.

**ବିଷ୍ଣୁଶୃଙ୍ଖଳ**—ସଂ. ବି—ଶ୍ରବଣାନକ୍ଷତ୍ରଯୁକ୍ତା ଦ୍ୱାଦଶୀ ତିଥି ( ହି. ଶ )—Bishnu śrunkhala The 12th day of a lunar fortnight falling on the 22nd lunar mansion.

**ବିଷ୍ଣୁସଂହିତା**—ସଂ. ବି—ବିଷ୍ଣୁଋଷିଙ୍କ ସଙ୍କଳିତ ସ୍ମୃତିଶାସ୍ତ୍ର—Name of Bishnu samhitā a treatise on Hiudu Law and ( ବିଷ୍ଣୁସ୍ମୃତି—ଅନ୍ୟନାମ ) usage compiled by sage Bishnu.

**ବିଷ୍ଣୁସହସ୍ରନାମ**—ସଂ. ବି—ମହାଭାରତର ଅନୁଶାସନିକ ପର୍ବରେ ଥିବା Bishnu sahasranāma ଭୀଷ୍ମ ଯୁଧିଷ୍ଠିର ସମ୍ବାଦରେ ବିଷ୍ଣୁଙ୍କର ଏକସହସ୍ରନାମ ଉଲ୍ଲେଖ ହୋଇଥିବା ସ୍ତୋତ୍ର—A hymn ( found in the Mahābhārata ) containing one thousand names of Bishnu. [ ଦ—ଏହି ସ୍ତୋତ୍ର ପାଠକଲେ ସର୍ବପ୍ରକାର ଅମଙ୍ଗଳ ଦୂରହୁଏ । ଏହା ୧୪୬ ଶ୍ଲୋକରେ ପୂର୍ଣ୍ଣ । ଉକ୍ତ ସହସ୍ରନାମରେ ଲେଖାଅଛି ଯେ—ଯେଉଁ ଭକ୍ତ ସମୁଦାୟ ସ୍ତୋତ୍ରଟି ପଠ କରିବାକୁ ଅକ୍ଷମ ହେବେ, ସେ କୋଟିଏ ମାତ୍ର ଶ୍ଲୋକ ବୋଲି ଦେଲେ ସହସ୍ରନାମ ସ୍ତୋତ୍ର ପାଠର ଫଳ ପାଇବେ । ସେ ଶ୍ଲୋକଟି ଏହି—

"ନମୋ ବ୍ରହ୍ମଣ୍ୟଦେବାୟ ଗୋବ୍ରାହ୍ମଣହିତାୟ ଚ,
ଜଗଦ୍ଧିତାୟ କୃଷ୍ଣାୟ ଗୋବିନ୍ଦାୟ ନମୋନମଃ । ]

**ବିଷ୍ଣୁହିତା**—ସଂ. ବି. ସ୍ତ୍ରୀ—୧ । ତୁଳସୀଗୁଳ୍ମ ( ହି. ଶ )—1 The
Bishnuhita holly Basil plant. ୨ । ମରୁବକ;
ମରୁଆ ଗୁଳ୍ମ (ହି. ଶ)—The sweet marjoram (plant).

**ବିଷ୍ପତ୍ରୀ**—ସଂ. ବି—ପକ୍ଷୀ (ହି. ଶ)—
Bishpatri Bird.

**ବିଷ୍ପନ୍ଦ**—ସଂ. ବି (ବି+ସ୍ପନ୍ଦ୍ ଧାତୁ+ଭାବ ଅ)—କ୍ଷରଣ; ଝରିବା—
Bishpanda (ବିସ୍ୟନ୍ଦ—ଅନ୍ୟରୂପ) Trickling (Apte).

**ବିଷ୍ପର୍ଦ୍ଧା**—ସଂ. ବିଣ. (ବି+ସ୍ପର୍ଦ୍ଧା; ୧ମା. ୧ବ)—ସ୍ପର୍ଦ୍ଧା ବା ମତ୍ସର ବିରହିତ
Bishpardhā (ବ୍ୟକ୍ତି) (ହି. ଶ)—(a person) Free
from envy or haughtiness. ସଂ. ଚ—ସ୍ୱର୍ଗ
(ହି. ଶ)—Heaven.

**ବିଷ୍ଫାର**—ସଂ. ବି—(ବି+ସ୍ଫାର ଧାତୁ+ଭାବ ଅ)—୧ । ଧନୁର ଟଙ୍କାର
Bisphāra (ହି. ଶ)—1. The twanging of a bow.
୨ । କମ୍ପନ—2. Vibration (Apte).

**ବିଷ୍ୱ**—ସଂ. ବିଣ. (ବିସ+ବ)—ଅନିଷ୍ଟକର—
Bishwa Injurious (Apte).

**ବିଷ୍ୱକ୍ (ଙ୍)**—ସଂ. ବିଣ. ପୁଂ (ବିଷ୍ୱ ର୍ ଶବ୍ଦ ୧ମା ୧ବ)—୧ । ସର୍ବତ୍ର
Bishwak(n) ପରିଭ୍ରମଣଶୀଳ (ହି, ଶ)—1. Going every
(ବିଷ୍ୱଚୀ—ସ୍ତ୍ରୀ) where (Apte). ୨ । ସର୍ବବ୍ୟାପକ—
All pervading. ଅ-ସର୍ବତ୍ର—Everywhere.

**ବିଷ୍ୱକ୍ସେନ**—ସଂ. ବି—୧ । ବିଷ୍ଣୁ—1. Bishnu. ୨ । ତ୍ରୟୋଦଶ
Bishwak-sena ବା ଚତୁର୍ଦ୍ଦଶ ମନୁଙ୍କ ନାମ (ହି. ଶ)—2.
The descendant of Manu in the 13th or
14th generation. ୩ । ଶିବ ( ହି. ଶ )—
3. Śiba. ୪ । ଏକ ପ୍ରାଚୀନ ଋଷି ( ହି. ଶ )—
4. Name of an ancient sage.

**ବିଷ୍ୱ(ଷ୍ୱା)ଣ**—ସଂ. ବି—(ବି+ସ୍ୱନ୍ ଧାତୁ=ଶବ୍ଦ କରିବା+ଭାବ ଅ)—
Bishwa(shwā)ṇa ୧ । ଭୋଜନ—1. Eating (Apte).
(ବିସଣନ—ଅନ୍ୟରୂପ) ୨ । ଶୋଡ଼ିକାଇ ଖାଇବା; ହାପୁରି;
ଚୋପୁଡ଼ା; ସଶବ୍ଦ ଭୋଜନ—2. The act of
eating by making a sound. ୩ । (+କର୍ତ୍ତୃ.
ଅ) ଦାକ୍ଷିଣାତ୍ୟର ଧର୍ମ ସମ୍ପ୍ରଦାୟ ବିଶେଷ (ପ୍ରକୃତିବାଦ)—
3. Name of a religious sect of southern
India.

**ବିଷ୍ୟ**—ସଂ. ବିଣ—(ବିଷ+ଯ)—୧ । ବିଷ ଦ୍ୱାରା ବଧ୍ୟ—1. Deserv-
Bishya ing to be killed by the administration of
poison. ୨ । ବିଷ ପ୍ରୟୋଗାର୍ହ—2. (a case) Fit
for the application of poison. ୩ । ବିଷମୟ;
ବିଷାକ୍ତ—3. Poisonous.

**ବିସ(ଧାତୁ)**—ସଂ.—୧ । କ୍ଷେପଣ କରିବା—1. To cast; to
Bis (root) throw (Apte). ୨ । ପ୍ରେରଣ କରିବା—2.
To send (Apte) ୩ । ପ୍ରବେଶ କରିବା—3. To
enter. ୪ । ଗତି କରିବା—4. To go; to move
(Apte). ୫ । ମତାଇବା; ଉତ୍ତେଜିତ କରିବା—
5. To incite; to urge (Apte). ୬ । ଚିରିବା—
6. To split (Apte).

**ବିସ୍**—ଦେ. ବି ଓ ବିଣ. (ସଂ. ବିଂଶ)—କୋଡ଼ିଏ—
Bis विश बीस Twenty.

**ବିସଖପରା**—ଦେ. ବିଣ—(ସଂ. ବିଷ+ଖର୍ପର)—୧ । ଅତି କ୍ରୁଦ୍ଧ; ଅଗ୍ନି
Bis-khaparā ଶର୍ମୀ—1. Enraged. ୨ । ଅତି ବିରକ୍ତ—
ଗୋସାପ बिसखपरा 2. Much annoyed. ଦେ. ବି-
ଶୋରିଷିଆ ଗୋଧି—A poisonous variety of
iguana. [ ଦ୍ର—ଏହାର ବର୍ଣ୍ଣ ଜମ୍ପେଇନେଇଳ
ପିଠ ଓ ଦେହସାକ ଅଗଲୁ ବନ୍ଧୁମୟ । ଏହାର ଲଞ୍ଜ ଲମ୍ବ
ଓ ନାଲି ଓ ଏ ବାରଂବାର ଲମ୍ବ ଜିଭକୁ ପଦାକୁ ବାହାର
କରୁଥାଏ । ଏହାଦ୍ୱାରା ଦଷ୍ଟ ଜୀବ ତତ୍କ୍ଷଣାତ୍
ମରିଯାଏ । ]

**ବିସ୍-ଟାର୍**—ଦେ. ବି—(ଯୁବକ ସାଧାରଣମାନଙ୍କ ପ୍ରବର୍ତ୍ତିତ ଡ୍ରିଲ୍ ସମ୍ବନ୍ଧୀୟ
Bis-tār ଆଦେଶ ବଚନବିଶେଷ)—ତୁମ୍ଭେମାନେ ଛଡ଼ା ଛଡ଼ା
ହୋଇଯାଅ—( a term of school drill)
Extend !

**ବିସ୍-ପଥର**—ଦେ. ବି (ସଂ. ବିଷ+ପ୍ରସ୍ତର)—ଜାର ମହୁରୀ—Bezoar
Bis-pathara stone. [ ଦ୍ର—ଏହା କୋଚଲା ମଞ୍ଜି ଅନୁରୂପ
विषपाथर ଓ ଖୁବ ଚକଚକ ଦେଖାଯାଏ; ବର୍ଣ୍ଣ ଅନୁଜ୍ଜ୍ୱଳ ଅରଲୁ
बाजहर ପାଣ୍ଡୁର । ସାପ କାମୁଡ଼ିଥିବା ଅଙ୍ଗରେ ଏହାକୁ
ଅ. ବେଜହର ଲଗାଇଲେ ଏହା ସେ ସ୍ଥଳରେ ଲାଗି ରହେ ଓ ବିଷ
ଫା. ପଦଜହର ଶୁଷିଗଲେ ସେ ସ୍ଥାନରୁ ଖସି ପଡ଼େ । ଏହାକୁ
ଲୋକେ ପଥର ବୋଲି ଭ୍ରମ କରନ୍ତି; କିନ୍ତୁ ଏହା ଗଣିକ
ପଥର ନୁହେ । ଏହା ଗୋରୁ, ଚଗଡ଼ ପକ୍ଷୀ, ଛେଳ ଆଦିଙ୍କ
ପେଟରୁ ଭୁକ୍ତ ଖାଦ୍ୟ ବସ୍ତୁମଧ୍ୟରୁ ମିଳେ; ବେଲାମାନେ
ଏହା ସଂଗ୍ରହ କରି ରଖିଥାଆନ୍ତି । ]

**ବିସନି**—ଦେ. ବିଣ ଓ ବି—ବିସିନି (ଦେଖ)—
Bis-ni Bisini (See).

**ବିସ୍ମିଲ୍(ଲ୍ଲା)**—ବୈଦେ. ବି—(ଅ; ବିସ୍ମିଲ୍ଲାହ୍=ପରମେଶ୍ୱରଙ୍କ ନାମରେ
Bis-milā(llā) ସ୍ତୋତ୍ର ପାଠ କରିବା)—୧ । ଅଲ୍ଲା ବା ଈଶ୍ୱରଙ୍କ
ବିସ୍ମଲ୍ଲା(ଲ୍ଲା) ନାମ ସ୍ମରଣ—1. Taking
ବିସିମିଲ୍(ଲ୍ଲା) } ଅନ୍ୟ ଅଶୁଦ୍ଧ ରୂପ the name of God.
ବିସିମୋଲ୍ଲା(ଲ୍ଲା) ( ଦ୍ର—ଅଶ୍ରୁନଜୀ ସାହେବ
ବିସ୍ମିଲ୍ଲ (ଲ୍ଲା) ଏହି ଜାତିଶାସ୍ତ୍ର ଅନୁସାରେ
विसमिल्ला, विसमोल्ला ଅଧାଅଧି ଦାଢ଼ି ଅସ୍ତ୍ର ପୂର୍ବକ ବିସ୍ମିଲ୍ଲା,
बिस्मिल्ला ବିସମିଲ୍ଲ କହି ସେବନ ସ୍ଥଳରେ କବାଟ ବନ୍ଦ
ରହିଲେ । ଫକୀରମୋହନ—ଛମାଣ ଆଠଗୁଣ୍ଠ)
୨ । କୌଣସି କର୍ମର ଆରମ୍ଭ—2. The beginning or
commencing of any work. ବୈଦେ; ଅ—
ହେ ଈଶ୍ୱର !—O God ! [ ଦ୍ର—ଧାର୍ମିକ ମୁସଲମାନ

ବ୍ୟକ୍ତି ଅଜ୍ଞାନତରେ ମନ୍ଦ କାର୍ଯ୍ୟ କଲେ ବା ଅକଥା ଭାଷା କହିଲେ କିମ୍ବା ଅଶ୍ରାବ୍ୟ କଥା ଶୁଣିଲେ ତତ୍କ୍ଷଣାତ ପାପକ୍ଷାଳନ ପାଇଁ 'ବସ୍ମିଲ୍ଲା' ଶବ୍ଦ ଉଚ୍ଚାରଣ କରନ୍ତି ଓ କୌଣସି କର୍ମ ଆରମ୍ଭ କରିବା ପୂର୍ବରୁ ମଙ୍ଗଳାଚରଣରୂପେ 'ବସ୍ମିଲ୍ଲା' ଉଚ୍ଚାରଣ କରନ୍ତି ।]

**ବସ୍ମିଲ୍ଲାରେ ଗଲତ୍(ତି)**—ବୈଦେ. ବି (ଅ. ବିସ୍ମିଲ୍ଲାହ୍+ଗଲ୍ତ; Bis-millāre galat(ti) ଭୁଲ. ପ୍ରଣବରୁ ଅଶୁଦ୍ଧ)—ଗୋଡ଼ାରେ ବିସ୍‌ମୋଲ୍ଲାୟଗଲଦ୍ ଗଲତ୍ (ଦେଖ); କୌଣସି କାର୍ଯ୍ୟରେ **बिसमिलाही गलत्** ପ୍ରଥମରୁ ବା ଆରମ୍ଭରୁ ଭୁଲ;-Commission of mistake at the outset.

**ବିସ(ଶ,ଷ)**—ସଂ. ବି—(ବିଶ୍ ଧାତୁ=ପ୍ରବେଶ କରିବା+କର୍ତ୍ତୃ. ଅ; ଯେ Bisa(śa, sha) ଜଳରେ ଅନବରତ ପ୍ରବେଶ କରି ରହିଛି)—୧ । ପଦ୍ମ ପ୍ରଭୃତିର ମୃଣାଳ—1. The stalk of lotus. ୨ । ପଦ୍ମର ସୂକ୍ଷ୍ମ ତନ୍ତୁ—2. The fibre of a lotus (Apte).

**ବିସଂଜ୍ଞ**—ସଂ. ବିଣ. ପୁଂ (ବି+ସଂଜ୍ଞା)—ସଂଜ୍ଞାହୀନ; ଚେତନାରହିତ—Bisamjnā Unconscious; insensible. (ବିସଂଜ୍ଞା—ସ୍ତ୍ରୀ) (ବିସଂଜ୍ଞତା—ବି)

**ବିସଂବାଦ**—ସଂ. ବି—(ବି+ସମ୍+ବଦ୍ ଧାତୁ=କହିବା+ଭାବ ଅ)—Bisambāda ୧ । ପ୍ରତାରଣା—1. Deception ୨ । ଅମେଳ—(ବିସମ୍ବାଦ—ଅନ୍ୟରୂପ) 2. Incongruity; disagreement. ୩ । କଳି; ଝଗଡ଼ା—3. Quarrel. ୪ । ବିରୋଧ—4. Opposition; contradiction. [ଦ୍ର—ଭାଷାରେ ଏହା ବିବାଦ ଶବ୍ଦ ପରେ ସହଚରରୂପେ ବ୍ୟବହୃତ ହୁଏ ।) ୫ । ପ୍ରତିଜ୍ଞାଭଙ୍ଗ—5. Breach of one's promise (Apte). ୬ । ଆଶାକରିଥିବା ଅବସ୍ଥାରେ ନିରାଶହେବା—6. Disappointment (Apte). ୭ । ବିବାଦ—7. Dispute.

**ବିସଂବାଦୀ**—ସଂ. ବିଣ. ପୁଂ (ବି+ସମ୍+ବଦଧାତୁ+କର୍ତ୍ତୃ ଇନ୍; ୧ମା. Bisambādi ୧ବ)—୧ । ଯେ ଆଶା ଦେଇ ନିରାଶକରେ—(ବିସଂବାଦିନୀ—ସ୍ତ୍ରୀ) 2. Disappointing. ୨ । ଧୂର୍ତ୍ତବାଜ—(ବିସମ୍ବାଦୀ—ଅନ୍ୟରୂପ) 2. Deceiving; fraudulent. ୩ । ପରସ୍ପର ବିରୋଧୀ—3. Contradictory; inconsistent. ୪ । ଯେ ଅନ୍ୟର ସହିତ ଏକମତ ନ ହୁଏ—4. Differing; disagreeing. ୫ । ବିବାଦକାରୀ—5. Disputing; contesting. ୬ । ମିଥ୍ୟା—7. False; untrue (Apte).

**ବିସଂଯୋଗ**—ସଂ. ବିଣ—(ବି+ସଂଯୋଗ)—ଅସଂଲଗ୍ନ—Unconnected, ସଂ ବି—୧ । ଅସୁବିଧା—Bisamjoga (ବିସଂଯୁକ୍ତ—ବିଣ) 1. Inconvenience. ୨ । ମିଳନର ଅଭାବ—2. Want of contact or union. ୩ । ବିଚ୍ଛେଦ—3. Separation; disjunction.

**ବିସଂସ୍ଥୁଳ**—ସଂ. ବିଣ—(ବି+ସମ୍+ସ୍ଥା ଧାତୁ=ରହିବା+କର୍ତ୍ତୃ ଉଲ)—Bisamshthula ୧ । ବିଶୃଙ୍ଖଳ—1. Unmethodical dis-organised. ୨ । ଅବ୍ୟବସ୍ଥିତ—2. Unsteady. ୩ । ଅସମତଳ—3. Uneven (Apte). ୪ । ଆନ୍ଦୋଳିତ; ଅସ୍ଥିର—4. Agitated (Apte).

**ବିସକଣ୍ଠିକା**—ସଂ. ବି (ବହୁବ୍ରୀହି, ବିସ+କଣ୍ଠ+କ+ଆ; ବିସ=ମୃଣାଳ Bisakanthikā ପରି ଧଳା କଣ୍ଠ ଯାହାର ।)—ବଳାକା; (ବିସକଣ୍ଠୀ-ଅନ୍ୟରୂପ) ଶ୍ରେଷ୍ଠ ଧଳା ବଗ—A small variety of paddy bird.

**ବିସ କୁସୁମ**—ସଂ. ବି—(ମ. ପ. ଲୋ ବିସ=ମୃଣାଳ+କୁସୁମ)—୧ । Bisha kusuma ପଦ୍ମଫୁଲ—1. The lotus. (ବିସପୁଷ୍ପ; ବିସପ୍ରସୂନ; ବିସସୂନ—ଅନ୍ୟରୂପ)

**ବିସ ଗ୍ରନ୍ଥି**—ସଂ.ବି. (୬ଷ୍ଠୀ ତତ୍)—୧ । ପଦ୍ମର ମଳ (ହି.ଶ)—1. The Bisa granthi bulb root of lotus. ୨ । ପଦ୍ମନାଡ଼ରେ ଥିବା ଗଣ୍ଠି—2. A knot on the stalk of a lotus (Apte)

**ବିସଙ୍କଟ**—ସଂ. ବି—(ବି+ସମ୍+କଟ୍ଧାତୁ=ଭ୍ରମଣ କରିବା+କର୍ତ୍ତୃ. Bisankata ଅ)—୧ । ସିଂହ—Lion. ୨ । ଇଙ୍ଗୁଦୀବୃକ୍ଷ—2. Ingudī (tree). ସଂ. ବିଣ (ବି+ସଙ୍କଟ)—୧ । ବିଶାଳ; ବୃହତ୍—1. Vast; gigantic. ୨ । ଭୟଙ୍କର—2. Frightful; dreadful (Apte).

**ବିସଙ୍କୁଳ**—ସଂ. ବିଣ—(ବି+ସଙ୍କୁଳ)—ଜଟିଳ; ଗୋଳମାଳିଆ—Bisamkula Knotty; confused.

**ବିସଙ୍ଗତ**—ସଂ. ବିଣ (ବି+ସଙ୍ଗତ)—ପରସ୍ପର ସଙ୍ଗେ ଅମେଳ—Bisangata Incongruous; ill-fitted; unharmonious.

**ବିସଜ**—ସଂ. ବି—(ବିସ=ମୃଣାଳ+ଜନ୍ ଧାତୁ=ଜନ୍ମିବା+କର୍ତ୍ତୃ. ଅ)—Bisaja ପଦ୍ମ (ହି. ଶ)—Lotus.

**ବିସଦୃଶ**—ସଂ. ବିଣ—(ବି+ସଦୃଶ)—୧ । ବିପରୀତ—1. Opposite. Bisadrusa ୨ । ବିରୁଦ୍ଧ—2. Opposed. ୩ । ଅସମଞ୍ଜସ—3. Unequal. ୪ । ଅଦ୍ଭୁତ—4. Wonderful.

**ବିସନାଭି**—ସଂ. ବି—(ବିସ=ମୃଣାଳ+ନାଭି)—୧ । ପଦ୍ମିନୀ; ପଦ୍ମ Bisanābhi ସମୂହ—1. A collection of lotus. ୨ । ପଦ୍ମ ଗୁଳ୍ମ—2. The lotus plant (Apte).

**ବିସ ନାଳ**—ସଂ.ବି-(ବିସ+ନାଳ)—ମୃଣାଳ—The stalk of lotus. Bisa nāla [ଦ୍ର—ବିଶେଷେ ବିସନାଳ, ବନ୍ଦିଲାଣି ପୃଥୁଳ, ଆଉ କାହିଁଛି ସେହି ବାହାକୁ ଗୋ—କବିସୂର୍ଯ୍ୟ. ସଙ୍ଗୀତ ]

**ବିସନି**—ଦେ. ବିଣ (ସଂ,ବ୍ୟସନୀ)—୧ । ବ୍ୟସନାସକ୍ତ—1. Addicted Bisani to evil acts; dissolute ୨ । ବେଶଭୂଷା ପ୍ରିୟ—ହିନ୍ଦୀ; **बिसनी** 2. Foppish; fond of gorgeous dress. **आशना** ଦେ. ବି—୧ । ଜାର; ଉପପତି; ଇୟାର—1. Paramour. ୨ । ବେଶ୍ୟାର ରକ୍ଷିତ ପୁରୁଷ—2. Paramour or retained lover of a prostitute. ୩ । ବ୍ୟସନାସକ୍ତ ବ୍ୟକ୍ତି—A dissolute person; ୪ । ସଉକ ଲୋକ—4. Beau; a fop.

ବିସନିପଣ—ଦେ. ବି—୧ । ବ୍ୟସନାସକ୍ତି—1. Dissoluteness.
Bisanipaṇa ୨ । ସଉକ ପଣିଆ—2. Foppery.
আসনাই [ବିସନି ପଣିଆ(ଅଁ)—ଅନ୍ୟରୂପ]

ବିସନି ପୂର(ରେ)ଇବା—ଗ୍ରା. କ୍ରି.—ଗୃହକୁ ଉପପତିଙ୍କୁ ଅଣିବା—
Bisani pūrā(re)ibā To entertain a paramour or
বাড়ীতে ইয়ার ভরতি করা lover in one's house (said
यार बुलाना of a woman of loose character).

ବିସନ୍ଧି—ସ. ବି—ରଚନା ଦୋଷ ବିଶେଷ; ଯେଉଁ ରଚନାରେ ମନ୍ଦ ବା
Bisandhi ଶ୍ରୁତିକଟୁ ସନ୍ଧି ଥାଏ, କିମ୍ବା ପଦମାନଙ୍କରେ ସନ୍ଧି ନଥାଏ-
Bad or disagreeable euphony or absence of Sandhi, regarded as a fault in composition. ଦେ. ବି—ବିକନ୍ଦି (ଦେଖ)—Bikandi (See)

ବିସନ୍ଧିକ—ସ. ବି—ଯେଉଁ ପଦର ସନ୍ଧି ସାଧିତ ହୋଇ ନ ପାରେ (ବ୍ୟା.
Bisandhika ଶ)—Word which is incapable of undergoing Sandhi.

ବିସବତୀ—ସ. ତ. ( ବିସ+ବତ୍+ଈ )—ପଦ୍ମନାଳବହୁଳ ସ୍ଥାନ—
Bisaatbī A place abounding in lotus fibres (Apte).

ବିସମ କଟକ—ଦେ. ବି—ବିଶାଖାପଟ୍ଟଣା ମାଲ ଅଞ୍ଚଳରେ ଥିବା ଜୟପୁର
Bisama kaṭaka ରାଜ୍ୟର ଗୋଟିଏ ଜମିଦାରୀ—Name of an estate in the Jeypore agency of Vizag.

ବିସମ୍ମତି—ଦେ. ବି—ଅସମ୍ମତି—Want of consent; disagree-
Bisammati ment. (ଉ—ବିସମ୍ମତି ସମ୍ମତି କି କିଛି ନ ଜାଣିଲେ —ଉପେ. ବୈଦେହୀଶବିଳାସ ।]

ବିସର୍—ପ୍ରାଦେ. (ସମ୍ବଲପୁର) ବି—ଅଇଁଷ—
Bisar Fish or meat.

ବିସର—ସ. ବି. (ବି+ସୃ ଧାତୁ=ଯିବା+କର୍ମ. ଅ)—୧ । ସମୂହ; ଦଳ-
Bisara 1. Collection; crowd; multitude. ୨ । (ବି+ସୃ ଧାତୁ=ଯିବା+ଭାବ. ଅ) ବିସ୍ତାର—2. Expansion;
বিসরন spreading; extending. (ଉ—ମୟୂଖ ଶିଖାମୟୂ
बसरना ମଣ୍ଡଳୀ ବିସର ସୁଷମାରେ । କବିସୂର୍ଯ୍ୟ. ବିଶୋଷୀରଞ୍ଜନ ମ ଗୀତ ।) ୩ । ସଞ୍ଚାର—3. Movement. ୪ । ଗଦା;ରାଶି 4. Heap(Apte). ଦେ. ବି. (ସ. ବିସ୍ମରଣ)—ବିସ୍ମରଣ; ପାସୋରା; ପାସୋରିବା—Forgetting.
ବିସୋରି
ବିସୋରଣ } —ଅନ୍ୟରୂପ

ବିସରଣ—ସ. ବି. (ବି+ସୃ ଧାତୁ=ଯିବା+ଭାବ. ଅନ)--୧ । ବିସ୍ତାର—
Bisaraṇa 1. Extension. ୨ । ପ୍ରବାହ—2. Flow. ୩ । ଘଟନାର ସ୍ରୋତ—3. The trend of events.
বিসরন ୪ । ଉତ୍ପତ୍ତି—4. Production. ଦେ. ବି. (ସ. ବିସ୍ମରଣ
बिसरन ପ୍ରା. ବିସ୍ସରଣ) ବିସ୍ମରଣ—Forgetting.

ବିସରିବା—ଦେ. କ୍ରି. (ସ. ବିସ୍ମରଣ)—୧ । ପାସୋରି ପକାଇବା; ବିସ୍ମୃତ
Bisaribā ହେବା—1. To forget. ( ଉ—ବିହାୟସେ
বিসরা ଗ୍ରସ୍ୟଗିଚ୍ଛାସଙ୍କୁ ନ ବିସରେ । ଉପେ. ବୈଦେହୀଶବିଳାସ ।)
बसरना ୨ । ବିନଷ୍ଟ ହେବା—2. To be lost or spoiled.
ବିସରି ପଡ଼ା(ହୋ)ଇବା
ବିସରି ହେବା } —ଅନ୍ୟରୂପ ୨ । ନିଃଶେଷ ହେବା—2. To be emptied.
[ବିସରି(ରେ)ଇବା—ଣିଜନ୍ତ ରୂପ]

ବିସର୍ଗ—ସ. ବି. ( ବି+ସୃଜ୍ ଧାତୁ=ତ୍ୟାଗ କରିବା+ଭାବ. ଅ )—
Bisarga ୧ । ବିସର୍ଜନ; ତ୍ୟାଗ—1. Abandonment. ୨ । ମଳୋତ୍ସର୍ଗ; ମଳ ତ୍ୟାଗ—2. Discharge or evacuation of the bowels. ୩ । ବିୟୋଗ—3. Separation. ୪ । ମୋକ୍ଷ—4. Emancipation. ୫ । ଦାନ—5. Giving away; donation. ୬ । ଦୀପ୍ତି—6. Splendour; light. ୭ । ପ୍ରେରଣ—7. Sending forth. ୮ । ଦେହରୁ ଛାଡ଼ିବା; ଜଳ ଦେହରୁ ଖସାଇବା—8. Shedding; dropping; emitting (Apte). ୯ । ଅଜାଡ଼ିବା—9. Pouring down (Apte) ୧୦ । ପ୍ରସ୍ଥାନ—10. Departure. ୧୧ । (ବି+ସୃଜ ଧାତୁ+କର୍ମ. ଅ )—ଦକ୍ଷିଣାୟନ—11. The sun's course towards the south of the equator. ୧୨ । (+କର୍ମ. ଅ)ତ୍ୟକ୍ତ ବସ୍ତୁ—12. Abandoned thing. ୧୩ । ଦତ୍ତ ବସ୍ତୁ—13. A gift. ୧୪ । ଦ୍ୱିବିନ୍ଦୁ ବର୍ଣ୍ଣ-ବିଶେଷ; ଏହାର ଆକୃତି '8'—14. A letter indicated by two points, one over the other, indicating the hard aspirate 'h'. ୧୫ । (+କରଣ. ଅ ) ଲିଙ୍ଗ; ମେଢ୍ର—15. The penis (Apte). ୧୬ । ( +ଭାବ. ଅ) ସୃଷ୍ଟି; ସର୍ଜନ—16. Creation. ୧୭ । (+କର୍ମ. ଅ) ସୃଷ୍ଟ ବସ୍ତୁରାଶି—17. Created things. (ଉ—ଏହାଙ୍କ ସଙ୍ଗତିରେ ପ୍ରଣ, ପୁରୁଷ ସଂଯୋଗ ଭାଗେଣ । ଏହାଙ୍କ ବାସନାର ଅଙ୍ଗ, ସ୍ଥାବର ଜଙ୍ଗମ ପତଙ୍ଗ । କୀଟ ଆଦି ଯେତେ ଉତ୍ପତ୍ତି, ଏମାନେ ବିସର୍ଗ ବୋଲାନ୍ତି । ଜଗନ୍ନାଥ. ଭାଗବତ । )

ବିସର୍ଜକ—ସ. ବିଣ. ପୁଂ—( ବି+ସୃଜ୍ ଧାତୁ=ତ୍ୟାଗ କରିବା+
Bisarjaka କର୍ତ୍ତୃ. ଅକ)—୧ । ତ୍ୟାଗକାରୀ—1. Abandon-
(ବିସର୍ଜିକା—ସ୍ତ୍ରୀ) ing. ୨ । ସୃଷ୍ଟିକାରୀ—2. Creating ୩ । ଦାନକାରୀ—3. Giving away. ୪ । ଉତ୍ସର୍ଗକାରୀ—4. Discharging; shedding; emitting. ୫ । ପ୍ରେରକ—5. Sending.

ବିସର୍ଜନ—ସ. ବି--(ବି+ସୃଜ୍ ଧାତୁ=ତ୍ୟାଗ କରିବା+ଭାବ. ଅନ)—
Bisarjana ୧ । ପରିତ୍ୟାଗ-1. Abandoning. ୨ । ଦାନ—2. Giving; donation. ୩ । ନିକ୍ଷେପଣ—3. Throwing. ୪ । ପ୍ରେରଣ—4. Sending. ୫ । ପୂଜା ଶେଷରେ ପ୍ରତିମାଦିକୁ ଜଳସାତ୍ କରିବା—5. Consignment of an image to water after its worship is

over. ୬ । ପୂଜାଶେଷରେ ପୂଜାସ୍ଥାନକୁ ଅହୂତ ଦେବତାଙ୍କୁ ସ୍ୱସ୍ଥାନକୁ ବାହୁଡିଯିବାପାଇଁ ପ୍ରାର୍ଥନା (ବିପରୀତ-ଆବାହନ)—6. The ritual of asking a Deity (invited to attend a particular function or worship) to go back after accepting the homage rendered. ୭ । ପ୍ରାଣତ୍ୟାଗାର୍ଥ ଜଳରେ ବା ଅଗ୍ନିରେ ଅପଣାର ଶରୀରକୁ ଅର୍ପଣ; ଝାସ—7. Consigning one' body into water or fire; self-immolation: ୮ । ପ୍ରସ୍ଥାନ—8. Departure. ୯ । ସମାପ୍ତି; ଅନ୍ତ (ହ୍ର. ଶ)—9. Completion; finis. ୧୦ । ବହିଷ୍କାର; କାର୍ଯ୍ୟଚ୍ୟୁତି—10. Dismissal.

**ବିସର୍ଜନ କରିବା**—ଦେ. କ୍ରି ୧ । ତ୍ୟାଗ କରିବା; ପରିତ୍ୟାଗ କରିବା—Bisarjana kariba 1. To abandon; to relinquish. ( ବିସର୍ଜନ ଦେବା—ଅନ୍ୟରୂପ ) ୨ । ଫୋପାଡ଼ି ଦେବା—विसर्जन करना 2. To throw away. ୩ । ଦାନ ଦେବା—3. **विसर्जन करना** To give away. ୪ । ପୂଜାନ୍ତେ ପ୍ରତିମାକୁ ଜଳରେ ନିକ୍ଷେପ କରିବା—4. To consign an image to water after its worship is over. ୫ । ପ୍ରାଣକୁ ଝାସ ଦେବା—5. To consign onee's body unto fire or water.

**ବିସର୍ଜନ ଶ୍ରାଦ୍ଧ**—ସ. ବି— ( ବିସର୍ଜନ+ଶ୍ରାଦ୍ଧ )—ମୃତାହର ଏକାଦଶ Bisarjana śrāddha ଦିନ ପ୍ରେତ ଉଦ୍ଦେଶ୍ୟରେ କରଣୀୟ ଶେଷ ଶ୍ରାଦ୍ଧ—The final obsequal Śrāddha performed on the 11th day of a person's death.

**ବିସର୍ଜନୀୟ**—ସ. ବିଣ—(ବି+ସୃଜ୍ ଧାତୁ=ତ୍ୟାଗ କରିବା+କର୍ମ. Bisarjaniya ଅନୀୟ)—ତ୍ୟାଜ୍ୟ—To be abandoned. ସ. ବି—ବିସର୍ଗ ବର୍ଣ୍ଣ; 'ଃ'—The letter Bisarga.

**ବିସର୍ଜିତ**—ସ. ବିଣ (ବି+ସୃଜଧାତୁ ଣିଚ+ତ) ୧ । ତ୍ୟକ୍ତ—1. Ab- Bisarjita andoned. ୨ । ମୁକ୍ତ—2. Liberated. [ଉ—ବଇଶମ୍ପାୟନ ବୋଇଲେ ଧୃତରାଷ୍ଟ୍ର, ସୁତ ବନ୍ଧନରୁ ହୋଇଣ ବିସର୍ଜିତ । କୃଷ୍ଣସିଂ. ମହାଭାରତ ବନ ।] ୩ । ପ୍ରଦତ୍ତ—2. Given away. ୪ । ପ୍ରେରିତ—4. Sent; despatched.

**ବିସର୍ଜିବା**—ଦେ (ପଦ୍ୟ) କ୍ରି (ବି+ସୃଜ୍ ଧାତୁ )—୧ । ବିସର୍ଜନ କରିବା; Bisarjiba ଅଜାଡ଼ିବା—1. To send forth; to rain; to विसर्जा pour out. [ଉ-କଲ୍ପିଭୁ ଦାବାନଳ ବିସର୍ଜିବାର । ସୁଧାନାଥ. **बिसरजना** ମେଘଦୂତ । ] ୨ । ତ୍ୟାଗ କରିବା—2. To abandon; to leave. [ଉ—ବିସର୍ଜି ଆସିଲେ ଦୁଃଖେ ଗହନ କାନ୍ତାରେ । ନନ୍ଦକିଶୋର. ସୀତାବନବାସ ।]

**ବିସର୍ପ**—ସ. ବି ( ବି+ସୃପ୍ ଧାତୁ=ଗମନ କରିବା+ଭାବ. ଅ )—Bisarpa ୧ । ଗମନ—1. Going; moving to and fro. ୨ । ବିସ୍ତୃତ ହେବା; ପ୍ରସରଣ; ବ୍ୟାପ୍ତି—2. Spreading; circulation; diffusion. ୩ । ( +କର୍ତ୍ତୃ. ଅ ) ଏକପ୍ରକାର ଜ୍ୱର ସହିତ ଦେହସାର ଫଳଯିବା ରୋଗ—3. Simultaneous eruption of boils on the body accompanied with fever. ୪ । ସ୍ଫୋଟକ ଓ ବ୍ରଣାଦିର ଉଦ୍ରେକ; ଘାଆ ଓ ବ୍ରଣଆଦି ବିସ୍ତୃତ ହୋଇ ପାଚିବା ଓ ଫୁଲିବା—4. The swelling and ripening of sores and boils. ୫ । ଶୁଖିଲା ଲୁଣ୍ଡିଆ—5. Dry spreading itch ( Apte ) ୬ । କୌଣସି କାର୍ଯ୍ୟର ଅପ୍ରତ୍ୟାଶିତ ଫଳ An unexpected or unwished for consequence of an act ( Apte ). ୭ । ସାପକଙ୍କାଳି ( ଦେଖ )—7. Sāpakankāli ( See )

**ବିସର୍ପଣ**—ସ. ବି ( ବି+ସୃପ୍ ଧାତୁ=ଗମନ କରିବା+ଭାବ. ଅନ )—Bisarpaṇa ବିସର୍ପ ୧, ୨, ୪, ( ଦେଖ )—Bisarpa. 1, 2 and 4 ( See )

**ବିସର୍ପି**—ସ. ବି ( ବି+ସୃପ ଧାତୁ+କର୍ତ୍ତୃ. ଇ )—ବିସର୍ପ ୩, ୪, ୫, ୬ Bisarpi ( ଦେଖ )—Bisarpa 3, 4, 5, 6 ( See ) (ବିସର୍ପିକା—ଅନ୍ୟରୂପ)

**ବିସର୍ପିତ**—ସ. ବିଣ ( ବି+ସୃପ୍ ଧାତୁ ଣିଚନ୍ତ=ସର୍ପି ଧାତୁ+କର୍ମ ତ ) Bisarpita —ଚତୁର୍ଦ୍ଦିଗରେ ବିସ୍ତାରିତ—Spread or duffused on all sides.

**ବିସର୍ପିବା**—ଦେ. କ୍ରି ( ସ· ବିସର୍ପ )—( ବଥ, ଘାଆଆଦି ) ଦେହରେ Bisarpibā ବିସ୍ତୃତ ହୋଇ ପାଚ ଫୁଲିବା—To spread and বিষান্ supporate and swell ( said of sores and boils ) **बिसाना; ग्लानिहोना** (ବିସରପିବା, ବିସିରପିବା, ବିସିରପିଯିବା, ବିସିର୍ପିବା—ଅନ୍ୟରୂପ)

**ବିସର୍ପୀ**—ସ. ବିଣ ( ବିସର୍ପିନ୍; ବି+ସୃପ୍ ଧାତୁ=ଗମନ କରିବା+ Bisarpī କର୍ତ୍ତୃ. ଇନ୍; ୧ମା. ୧ବ )—୧ । ବିସର୍ପଣଶୀଳ—(ବିସର୍ପିଣୀ—ସ୍ତ୍ରୀ) —1. Having a tendency to spread. ୨ । ଇତସ୍ତତଃ ଗମନ ଶୀଳ—2. Moving about.

**ବିସଳ**—ସ. ବି ( ବି=ବିବିଧ ପ୍ରକାରେ+ସଲ୍ ଧାତୁ=ଯିବା+ଅ )—Bisaḷa ୧ । ନବ ପଲ୍ଲବ; କଅଁଳ ଲୁଅଁ—1. A young shoot; sprout. ୨ । କଢ଼—2. Bud ( Apte ).

**ବିସାର**—ସ. ବି ( ବି+ସୃ ଧାତୁ=ଗମନ କରିବା; ବିସ୍ତୃତ ହେବା+ Bisāra ଭାବ. ଅ )— ୧ । ବିସ୍ତାର—1. Diffusion; spreading out; expansion. ୨ । ପ୍ରବାହ—2. Current; flow. ୩ । ଉତ୍ପତ୍ତି—3. Production. ୪ । ( ବି+ସୃ ଧାତୁ+କର୍ତ୍ତୃ· ଅ )—ମତ୍ସ୍ୟ—4. Fish. ୫ । କାଠ—5. Wood; timber.

**ବିସାର ମହାନ୍ତି**—ଦେ. ବି (ନାମ) କଳାପାହାଡ଼ ଜଗନ୍ନାଥଙ୍କ ବିଗ୍ରହକୁ Bisāra mahānti ଗଙ୍ଗାକୂଳରେ ଅଗ୍ନିସାତ୍ କରିବା ସମୟରେ ତାଙ୍କର ବ୍ରହ୍ମାଂଶ (ନାଭି)କୁ ଅଗ୍ନିରୁ ଉଦ୍ଧାର କରି ସେନ ଆସି କୁଜଙ୍ଗ ରାଜାଙ୍କୁ ଅର୍ପଣ କରିଥିବା ଜଣେ ଓଡ଼ିଆ

ଭକ୍ତ । (ସେହି ନାଭି ଜଗନ୍ନାଥଙ୍କ ଦାରୁମୂର୍ତ୍ତି ମଧ୍ୟରେ ଅବସ୍ଥିତ ଅଛି )—Name of an Oriya who saved the essental portion (navel) of the image of Lord Jagannātha of Puri when Kaḷāpāhārḍa consigned it to the flames on the bank of the Ganges.

ବିସାରିତ—ସଂ. ବିଣ.—(ବି+ସୃ ଧାତୁ ଣିଚ+କର୍ମ. ତ)—ବିସ୍ତାରିତ—Bisārita Spread; diffused.

ବିସାରୀ—ସଂ. ବିଣ.—(ବିସାରିନ୍; ବି+ସୃ ଧାତୁ=କର୍ତ୍ତୃ. ଇନ)—Bisāri ୧ । ବିସ୍ତୃତଶୀଳ—1. Spreading. ୨ । ଗମନଶୀଳ—2. Roving; moving. (ବିସାରିଣୀ—ସ୍ତ୍ରୀ) ସଂ. ବି. ମତ୍ସ୍ୟ—Fish.

ବିସିଦ୍ଧ—ଦେ. ବିଣ.—(ସଂ. ବି+ସିଦ୍ଧ)—ବ୍ୟାଘାତଯୁକ୍ତ; ବ୍ୟାହତ; Bisiddha ବାଧାପ୍ରାପ୍ତ—Obstructed; hindered. [ଉ—ବିଶୁଦ୍ଧ ସିଦ୍ଧ ବିନେ ମୁକ୍ତ ଯାଗ, ବିସିଦ୍ଧ କରଣେ ଗ୍ରାସବର୍ଗ । ଉଞ୍ଜ. ବୈଦେହୀଶବିଳାସ ।]

ବିସିନୀ—ସଂ. ବି. ସ୍ତ୍ରୀ—(ବିସ=ମୃଣାଳ+ଅସ୍ତ୍ୟର୍ଥେ ଇନ୍+ସ୍ତ୍ରୀ. ଈ)—Bisini ୧ । ପଦ୍ମିନୀ; ମୃଣାଳିନୀ—1. A lotus with the stalk. ୨ । ସୁନ୍ଦରୀ କ୍ଷୀଣଦେହା ସ୍ତ୍ରୀ—A beautiful and slender-bodied lad y. ଦେ. ବି. ଓ ବିଣ. ପୁଂ—ବିସନି (ଦେଖ)—Bisani (See) [ଉ—ପ୍ରିସ ଘସି ଥିବା ବିସିଣୀ ଯେସନ, କରୁଥାଏ ଦନ୍ତ୍ୟବର୍ଣ୍ଣ ଉଚ୍ଚାରଣ । ରାଧାନାଥ. ଦରବାର । ]

ବିସି ଫୋ(ଫୁ)ଟ(ଟୁ)କା—ଦେ. ବି.—(ସଂ. ବିସ୍ଫୋଟକ)—ବିସ୍ଫୋଟକ Bisi pho(phu)ṭa(ṭu) kā (ଦେଖ)—Bisphoṭaka (ବିସିଫୋଡ଼ା—ଅନ୍ୟରୂପ) (See).

ବିସୁଖ(କ)—ଦେ. ବି.—( ସଂ. ବି=ବିଗତ+ସୁଖ )—୧ । ଦୁଃଖ; Bisukha(ka) ସୁଖର ଅଭାବ—1. Want of happiness; विस्रुख **बिसुख** misery. [ଉ—ଯେଉଁ ଦିନ ମୋର ବିସସୁଖରେ ପଡ଼ି ବିସୁଖ ହୁଅଇ ଯେତେ, କାନ୍ତା କୋପଭର ତାପ କରିଲେହେଁ ଶରଧା ଲାଗଇ ମୋତେ । ଯାଦବକୃଷ୍ଣ. ସୁଖସାଗର । ] ୨ । ଅସୁସ୍ଥତା; ରୋଗ—2. Illness. ଦେ. ବିଣ.—ରୁଗ୍ଣ, ଅସୁସ୍ଥ (ଶରୀର)—Sick; ill.

ବିସୁଳି ପାତକ—ଦେ. ବି.—(ସଂ. ବିଷଦାନ+ପାତକ)—ପାପବିଶେଷ; Bisuḷi pātaka ବିଷଦାନଦ୍ୱାରା ହତ୍ୟା ଜନିତ ପାପ—Sin due to killing by poisoning. [ଉ—ମାତୃ ଯେ ହରଣ ଦୋଷ ଭୁଦ ଲାଗେ କାଶେ, କରମାଳେ ବିସୁଳିପାତକ ଯେ ବିନାଶେ । ପ୍ରାଚୀ. ଶ୍ରୀ ଗୁରୁଭକ୍ତି ଗୀତା ।]

ବିସୁଳିପାତ—ଦେ. ବି ଓ ବିଣ—ବିଷଳପାତ (ଦେଖ)—Bisuḷipāti Bishauḷapāti (See). ( ବିସୁଳିପାତିଆ—ଅନ୍ୟରୂପ )

ବିସୂଚିକା—ସଂ. ବି.—(ବି+ସୂଚ ଧାତୁ=ଶଳତା କରିବା+କର୍ତ୍ତୃ. ଣ+ସ୍ତ୍ରୀ. ଆ)—୧ । ଓଲାଉଠା ରୋଗ; ଝାଡ଼ା ବାନ୍ତି Bisūchikā ରୋଗ; ହଇଜା— (ବିସୂଚି[ଚୀ]—ଅନ୍ୟରୂପ) 1. Cholera. [ ଉ—ଆୟୁର୍ବେଦାନୁସାରେ ଏହା ଅଧିକାଂଶ କଲେରା ରୋଗ ନୁହେଁ; ଅଜୀର୍ଣ୍ଣ ରୋଗୀର ବାୟୁ ପ୍ରକୁପିତ ହେଲେ ସୂଚିକା ବେଦନାବତ୍ ସର୍ବାଙ୍ଗରେ ବେଦନା ଅନୁଭୂତ ହୁଏ, ପେଟ ଦରଜ ହୁଏ, ଶୁଷ୍କ ଝାଡ଼ା ହୁଏ, ଶୋଷ ଓ ଜଳା ପୋଡ଼ା, ଭ୍ରମ, ମୂର୍ଚ୍ଛା ଓ କମ୍ପ, ହାଇ, ଦୁର୍ବଳତା, ମୂତ୍ରରୋଧ, ନାଡ଼ୀକ୍ଷୀଣତା ହୁଏ; ଅକ୍ଷି ପଶିଯାଏ, ଦେହର ବର୍ଣ୍ଣ ପାଣ୍ଡୁର ହୁଏ, ସ୍ୱର କ୍ଷୀଣ ହୁଏ । ଏହାହିଁ ବିସୂଚିକା ରୋଗ । ଏକ ପ୍ରକାର ବିଷାକ୍ତ କୃମି ଦେହରେ ପ୍ରବେଶ କରିବାରୁ କଲେରା ରୋଗ ଜନ୍ମେ । ]

ବିସୂରିତ—ସଂ. ବି.—(ବି+ସୂର ଧାତୁ=ବଧ କରିବା+କର୍ତ୍ତୃ. ତ)—Bisūrita ୧ । ଅନୁତାପ; ପଶ୍ଚାତ୍ତାପ—1. Repentance (ବିସୂରଣ—ଅନ୍ୟରୂପ) ୨ । ଦୁଃଖ—2. Sorrow; grief.

ବିସୂରିତା—ସଂ. ବି. ସ୍ତ୍ରୀ—(ବିସୂରିତ+ସ୍ତ୍ରୀ. ଆ—ଜ୍ୱର—Bisuritā Fiver.

ବିସୃତ—ସଂ. ବିଣ—(ବି+ସୃ ଧାତୁ=ଯିବା+କର୍ତ୍ତୃ. ଓ କର୍ମ. ତ)—୧ । Bisṛuta ସ୍ଥାନାନ୍ତରିତ—1. Transferred. ୨ । ବିସ୍ତୃତ; ପ୍ରସାରିତ; ବ୍ୟାପ୍ତ—2. Spread; diffused. ୩ । କଥିତ—3. Spoken; uttered.

ବିସୃତ୍ୱର—ସଂ. ବିଣ.—(ବି+ସୃ ଧାତୁ=ଯିବା, ବ୍ୟାପିବା+କର୍ତ୍ତୃ. ବର) Bisṛutwara ବ୍ୟାପନଶୀଳ; ବିସ୍ତାରୀ—Spreading; havng (ବିସୃବର, ବିସୃମର—ଅନ୍ୟରୂପ) a tendency to expand.

ବିସୃଷ୍ଟ—ସଂ. ବିଣ.—(ବି+ସୃଜ ଧାତୁ+କର୍ମ. ତ)—୧ । ତ୍ୟକ୍ତ—Bisrushṭa 1. Abandoned; quitted. ୨ । କ୍ଷିପ୍ତ—2. Thrown; emitted; hurled; sent forth; ejected. ୩ । ପ୍ରେରିତ—3. Sent; despatched. ୪ । ଦତ୍ତ—4. Given away; granted (Apte). ୫ । ପାତିତ—5; Shed; cast. ୬ । ଛଡ଼ା ଯିବା—6. Let go; discharged (Apte). ୭ । ଅପସାରିତ—7. Expelled; removed (Apte).

ବିସୃଷ୍ଟି—ସଂ. ବିଣ—( ବି+ସୃଜ୍ ଧାତୁ+ଭାବ. ତି )—୧ । ବିସର୍ଜନ; Bisṛushṭi ତ୍ୟାଗ—1. Abandonmet. ୨ । ଦାନ—2. Gift. ୩ । କ୍ଷେପ—3. Emitting; hurling. ୪ । ପ୍ରେରଣ—4. Sending forth.

ବିସୋର—ଦେ. ବି—(ସଂ. ବିସ୍ମରଣ)—ବିସ୍ମରଣ—Forgetting. Bisora ବିଣ—ବିସ୍ମୃତ—Forgotten. (ଉ—ବାଲ୍ୟେ ଜଗତ ବିସ୍ମରନ ଇତନା କୋହେ ବିସୋର । ଉଞ୍ଜ. ବୈଦେହୀଶବିଳାସ । ) **विसरना; विसारना** (ବିସୋରଣ—ଅନ୍ୟରୂପ)

ବିସୋରିବା—ଦେ. କ୍ରି—( ସଂ. ବି+ସ୍ମୃ ଧାତୁ )—ପାସୋରିବା—Bisoribā To forget. (ଉ—ଏହା ନ ବିସୋର, ଇଶିକ ବିସରା ଶିଶୁକୁ ଛଳ ଦେହ ଅବଭଣେ । ରାଧାନାଥ. ମହାଯାତ୍ରା । ) **बिसरना** (ବିସୋର ଯିବା [ପକାଇବା, ଦେବା]—ଅନ୍ୟରୂପ)

**ବିସ୍କା**—ଦେ. ବି—(ସଂ ବଷ୍କୟଣୀ—ଚିରପ୍ରସୂତା ଗୌ; ବିଶୁଷ୍କତା)—ଦୁଧ
Biskā ଦେଉଥିବା ଗାଈଠାରୁ କାଳକ୍ରମେ ଦୁଧର ପରିମାଣ କମି ଯିବା ବା ଶୁଖିଯିବା—The drying up of milk in a milch cow, when her calf grows up.

**ବିସ୍କା(ସ୍କେ)ଇବା**—ଦେ. କ୍ରି—୧ । ( ବିସ୍କିବା କ୍ରିୟାର ଣିଜନ୍ତରୂପ )—
Biskā(ske)ibā ମନ୍ତ୍ର ଔଷଧ ଆଦି ପ୍ରୟୋଗ ଦ୍ୱାରା ଦୁଗ୍ଧବତୀ
दूधसुखिये देओयाँ ଗାଈର ଦୁଗ୍ଧ ଭଣା କରାଇବା—To cause
विसुखाना a cow to run dry by appliance of charms. ୨ । ବିସ୍କିବା ( ଦେଖ )—2. Biskibā (See)

**ବିସ୍କିବା**—ଦେ. କ୍ରି—(ସ. ବିକ୍ଷୀର; ବିଶୁଷ୍କ)—(ଦୁଧ ଦେଉଥିବା ଗାଈ )
Biskibā ଭଣା କରି ଦୁଧ ଦେବା—To run dry (said of
दूध बन्दकरा विसुखना a cow).

**ବିସ୍କିର**—ସ. ବି—(ବି+କୃ ଧାତୁ=ବିକ୍ଷେପ କରିବା+କର୍ତ୍ତୃ. ଅ; ସୁ
Biskira ଆଗମ )—ପକ୍ଷୀ—Bird ( ଉ—ବାଜ ଜାମୁଁ; ବିସ୍କିରେ ଜାଣି ମିତ୍ରତା କରି । ଭଞ୍ଜ. ବୈଦେହୀଶ-ବିଳାସ । )

**ବିସ୍ତ**—ସ. ବି—( ବିସ୍ ଧାତୁ=କ୍ଷେପଣ କରିବା+କର୍ମ. ତ )—୧ ।
Bista ମୋହର; ସ୍ୱର୍ଣ୍ଣମୁଦ୍ରା—1. A gold mohar or coin. ୨ । ଏକ ଭରି ସୁନା—2. One tola of gold. ୩ । ଏକତୋଳା ଓଜନ—3. The weight of one Tolā.

**ବିସ୍ତର**—ସ. ବି—( ବି+ସ୍ତୃ ଧାତୁ=ବିସ୍ତାର କରିବା; ଆଚ୍ଛାଦନ
Bistara କରିବା+କର୍ମ. ଅ)—୧ । ପ୍ରାଚୁର୍ଯ୍ୟ; ପ୍ରଚୁରତା—1. Abundance. ୨ । ସମୂହ—2. Collection; multitude. ୩ । ଅନୁରାଗ; ପ୍ରଣୟ—3. Attachment; love ୪ । ଆସନ—4. A seat. ୫ । ବାକ୍-ପ୍ରପଞ୍ଚ—5. Verbosity. ୬ । ବିଶେଷ ବର୍ଣ୍ଣନ—6. Profuse description. ୭ । ସଂଖ୍ୟା—7. Number. ୮ । ଶଯ୍ୟା—8. Bed. ୯ । (ବି+ସ୍ତୃ ଧାତୁ+ଭାବ. ଅ)—ବିସ୍ତାର—9. Expansion.
विस्तर ଦେ. କ୍ରି. ବିଣ—୧ । ବହୁତ; ଅନେକ—1. Much;
विस्तार greatly. (ଉ—ପ୍ରାତେ ପାଦପ ପର୍ଣ୍ଣ ହୁଁରେ ବିସ୍ତର—ରଘୁନାଥ. ମେଘଦୂତ । ) ଦେ. ବିଣ—ବେଶି—
विस्तर Great. ୩ । ଅତ୍ୟଧିକ; ବେକାୟ—3. Excessive.
विस्तार ବି—ଆଧିକ୍ୟ—Excess. ( ଉ—ଉତ୍ତମ ଦ୍ରବ୍ୟ ଭୁଞ୍ଜାଇବ, ଶ ବେ ବିସ୍ତର ନ କରିବ । ଜଗନ୍ନାଥ.)

**ବିସ୍ତରଣ**—ସ. ବି—(ବି+ସ୍ତୃ ଧାତୁ+ଭାବ. ଅନ)—ବିସ୍ତାରକରଣ—
Bistaraṇa Spreading.

**ବିସ୍ତରଶଃ**—ସ. କ୍ରି ବିଣ—( ବିସ୍ତର+ଶସ୍ )—ବିସ୍ତାରିତରୂପେ; ବିସ୍ତୃତ
Bistaraśaḥ ରୂପେ—In detail.

**ବିସ୍ତରା**—ଦେ. ବି—( ସ. ବିସ୍ତର; ଫା. ବିସ୍ତର୍ )—ବିଛଣା; ଶଯ୍ୟା—
Bistarā Bed; bedding.
बिछाना बिस्तरा

**ବିସ୍ତାର**—ସ. ବି. ( ବି+ସ୍ତୃ ଧାତୁ=ବିସ୍ତାର କରିବା+ଭାବ. ଅ )—
Bistāra ୧ । ବ୍ୟାପ୍ତି; ବିସ୍ତୃତି—1. Expanse. ୨ । ବିଶାଳତା-
(ବିଣ—ବିସ୍ତୃତ) 2. Greatness; extent. ୩ । ବିସ୍ତୃତ ବିବରଣ—3. Detailed description. ୪ । ବୃତ୍ତର ବ୍ୟାସ-4. Diameter. ୫ । ଓସାର; ଚଉଡ଼ା—5. Width; breadth. ୬ । (ବି+ସ୍ତୃ ଧାତୁ+କର୍ମ. ଅ) ସମାସ ବାକ୍ୟ—6. A compound word. ୭ । (ବି+ସ୍ତୃ ଧାତୁ+କର୍ତ୍ତୃ. ଅ ) ବିଟପ; ଶାଖା—7. Branch. ୮ । ଗୁଚ୍ଛ; ଗୋଛା—8. Bunch; bundle. ୯ । ଶିବ (ହି. ଶା)—9. Śiba. ୧୦ । ବିଷ୍ଣୁ (ହି. ଶା)—10. Bishṇu. ଦେ. ବିଣ—୧ । ବିସ୍ତୃତ; ବିଶାଳ; ବଡ଼—1. Extensive; great. (ଉ—ଏ ମହାଭାରତକୁ କେତେଁ ଦ୍ୱିଜମାନେ, ବିସ୍ତାର କରି ଧରି ଅଛନ୍ତି ଯେ ମନେ । କୃଷ୍ଣସିଂହ. ମହାଭାରତ. ଆଦି ।) ୨ । ଖ୍ୟାତ; ପ୍ରକାଶିତ—2. Published. (ଉ—ବିଧୁର ବିଧୁର ଲୀଳା ହୋଇବ ବିସ୍ତାର । ଭଞ୍ଜ. ବୈଦେହୀଶବିଳାସ ।)

**ବିସ୍ତାରକ**—ସ. ବିଣ.ପୁଂ (ବି+ସ୍ତୃ ଧାତୁ=ବିସ୍ତାର କରିବା+କର୍ତ୍ତୃ.ଅକ)—
Bistāraka ୧ । ଯେ ବିସ୍ତାର କରେ—1. Spreading. ୨ ।
(ବିସ୍ତାରିକା—ସ୍ତ୍ରୀ) ବିଶେଷ ରୂପେ ପ୍ରକାଶକ—2. Publishing widely. ଦେ. ବି. (ସ. ବୃଦ୍ଧଦାରକ )—ବୃଦ୍ଧଦାରକ (ଦେଖ)—Bṛuddhadāraka (See) ଦେ. ବିଣ—ବିସ୍ତୃତ—Spread. (ଉ—ବିସ୍ତାରକ ସୁମନସ-ପଦ୍ଧତି ଅଙ୍କୁର । ଭଞ୍ଜ. ବୈଦେହୀଶବିଳାସ)

**ବିସ୍ତାର କରିବା**—ଦେ. କ୍ରି. ( ସ. ବିସ୍ତାର )—୧ । ମେଲି ଦେବା;
Bistāra karibā ମେଲାଇବା—2. To spread ୨ ।
बिस्तार करा ବିଞ୍ଚି ଦେବା—2. To scatter; to strew. ୩ ।
बिस्तार करना ଖୋଲି ଦେବା—3. To open up. ୪ । ଚଉଡ଼ା କରିବା—4. To widen. ୫ । ଚାରିଆଡ଼େ ବିସ୍ତୃତ ହେବା—5. To spread on all sides. ୬ । ବଢ଼ାଇବା—6. To enlarge. ୭ । ବୃଦ୍ଧି ପାଇବା—7. To increase. ୮ । ଅଗ୍ରସର ହେବା—8. To advance. ୯ । ଖେଳି ଯିବା; ବ୍ୟାପ୍ତ ହେବା—9. To be diffused or seattered.

**ବିସ୍ତାରିତ**—ସ. ବିଣ. (ବିସ୍ତାର+ସଞ୍ଜାତ ଅର୍ଥେ ଇତ; ବି+ସ୍ତୃ ଧାତୁ
Bistārita ଣିଚ+କର୍ମ. ତ)—୧ । ପ୍ରସାରିତ—1. Expanded; spread. ୨ । ବୃଦ୍ଧିକୃତ; ବର୍ଦ୍ଧିତ—2. Increased. ୩ । ବିସ୍ତୃତ ବିବରଣ ଯୁକ୍ତ—3. Detailed. ୪ । ବିଞ୍ଚି ହୋଇ ଯାଇଥିବା—4. Scattered; ୫ । ବ୍ୟାପ୍ତ—5. Diffused.

**ବିସ୍ତାରିବା**—ସ. କ୍ରି. (ପଦ୍ୟ) ( ସ. ବିସ୍ତାର )—୧ । ବିସ୍ତୃତ କରିବା;
Bistāribā ପ୍ରସାରିବା—1. To spread out. ୨ । ମେଲାଇବା-
बिस्तारा 2. To open. (ଉ—ବିସ୍ତାରଣ ବାଡାଯୂକ, ଦନ୍ତ
बिस्तारना ଜଯୂକ ଘର୍ଦ୍ଦନ, ଭେକଣ ଅଯୂକ ପୂର୍ଣ୍ଣ ସେହୁ ସେ । ଭଞ୍ଜ. ବୈଦେହୀଶବିଳାସ) ୩ । ବଢ଼ାଇବା—3. To extend.

(ଉ—ତୁର୍ଦ୍ଦମ ଖଳ ଜାତିର ଲଉ ସହାୟତା, ବସ୍ତାରଇ ସ୍ୱଭାବ, ଛଣିଲା ସେ ବନ୍ଧୁ ଶତ୍ରୁଙ୍କୁ ନାସ୍ତୁବଳେ । ଚନ୍ଦ୍ରମଣି. ବକ୍ରମାବତୀ ।) ୪ । ବଖାଣିବା—4. To spread out. ୫ । ବଶଦ ବବରଣ ଦେବା—5. To describe in detail. (ଉ—ବସ୍ତାର କର ମୋତେ ଗୃଷି ଭୁଲବର । କୃଷ୍ଣସିଂହ ମହାଭାରତ ସଭା)

ବସ୍ତାର୍ଯ୍ୟ—ସ. ବଣ. (ବ+ସ୍ତୃ ଧାତୁ ଣିଚ+କର୍ମ. ଯ)—୧ । ବସ୍ତୃତ ଯୋଗ୍ୟ—Bistārjya 1. Fit to be spread. ୨ । ବସ୍ତାରତ ଭାବରେ ପ୍ରକାଶ ଯୋଗ୍ୟ-2 Deserving to be described in detail.

ବସ୍ତାର୍ଯ୍ୟତା—ସ. ବ. ( ବଜ୍ଞାନ ପରଭାଷା )—ଜଡ଼ ପଦାର୍ଥର ଗୁଣ ବଶେଷ; ଯେଉଁ ଗୁଣ ଦ୍ୱାରା ଜଡ଼ ପଦାର୍ଥ ପୂର୍ବାପେକ୍ଷା ଅଧିକ ସ୍ଥାନରେ ବସ୍ତୃତ ହୁଏ—(science) Elasticity or expansion of matter. Bistārjyatā

ବସ୍ତାରୀ—ସ. ବଣ. ପୁଂ. (ବ+ସ୍ତୃ ଧାତୁ=ବସ୍ତୃତ ହେବା+କର୍ତ୍ତୃ. ଇନ୍; ୧ମା. ୧ବ)—୧ । ସୁବସ୍ତୃତ; ବଡ଼; ପ୍ରକାଣ୍ଡ—Bistāri (ବସ୍ତାରଣୀ—ସ୍ତ୍ରୀ) 1. Extensive; large; great; mighty. ୨ । ଯେ ବସ୍ତାର କରେ—2 Spreading.

ବସ୍ତୀର୍ଣ୍ଣ—ସ. ବଣ. (ବ+ସ୍ତୃ ଧାତୁ=ଆଚ୍ଛାଦନ କରବା+କର୍ତ୍ତୃ. ତ)—Bistīrnna ୧ । ବସ୍ତୃତ—1. Spread out. ୨ । ପ୍ରଶସ୍ତ—(ବସ୍ତୀର୍ଣ୍ଣା—ସ୍ତ୍ରୀ) 2. Wide. ୩ । ବହୁଦୂର ବସ୍ତୃତ—3. Exten-(ବସ୍ତୀର୍ଣ୍ଣତା—ବ) sive. ୪ । ବଶାଳ—4. Huge; vast. ୫ । ବ୍ୟାପ୍ତ—5. Diffused. ୬ । ଗୁରଆଡ଼େ ଖେଳଅ ହୋଇଥିବା—6. Strewn; scattered

ବସ୍ତୀର୍ଣ୍ଣ ପର୍ଣ୍ଣ—ସ. ବ. ( ବହୁବ୍ରୀହି; ବସ୍ତୀର୍ଣ୍ଣ+ପର୍ଣ୍ଣ )—୧ । ମାନକ; Bistīrnna parnna ମାଣ ସାରୁ ଗଛ—1. Arum Indica. ୨ । କଦଳୀ (ଗଛ)—2. Plantain (tree).

ବସ୍ତୃତ—ସ. ବଣ. ( ବ+ସ୍ତୃ ଧାତୁ=ବସ୍ତାର କରବା+କର୍ମ. ତ )—Bistṛuta ୧ । ପ୍ରସାରତ—1. Extended; spread. ୨ । ବଶାଳ; ବସ୍ତୀର୍ଣ୍ଣ—2. Vast. ୩ । ବ୍ୟାପ୍ତ—3. Diffused. ୪ । ଲମ୍ବା ଚଉଡ଼ା—4. Long and broad.

ବସ୍ତୃତ ମୁଖ—ସ. ବ. ପୁଂ (ବହୁବ୍ରୀହି; ବସ୍ତୃତ+ମୁଖ )—୧ । ଚଉଡ଼ା-Bistṛuta mukha ମୁହାଁ—1. Wide-mouthed. ୨ । ଗଣ୍ଡ (ବସ୍ତୃତ ମୁଖା, ବସ୍ତୃତାନନା—ସ୍ତ୍ରୀ) ଆଁ କରଥିବା—2. With the (ବସ୍ତୃତାନନ—ଅନ୍ୟରୂପ) mouth wide agape.

ବସ୍ତୃତି—ସ. ବ. ( ବ+ସ୍ତୃ ଧାତୁ=ବସ୍ତାର କରବା+ଭାବ. ତି )—Bistṛuti ୧ । ବ୍ୟାପ୍ତି—1. Spreading; diffusion. ୨ । ବସ୍ତାର କରଣ—2. Expansion; amplification. ୩ । ବସ୍ତୃତ ବର୍ଣ୍ଣନା—3 Ditailed description. ୪ । ବୃତ୍ତର ବ୍ୟାସ—4, Diameter. ୫ । ଦୈର୍ଘ୍ୟ, ପ୍ରସ୍ଥ ଓ ବେଧର ପରମାଣ—5, The length, breadth and thickness of a thing.

ବସ୍ପଷ୍ଟ—ସ. ବଣ. ( ବ+ସ୍ପଷ୍ଟ )—୧ । ବ୍ୟକ୍ତ—1. Manifest. Bispashta ୨ । ସ୍ଫୁଟ; ସୁସ୍ପଷ୍ଟ—2. Clear; apparent. ୩ । ପ୍ରକାଶିତ—3. Expressed.

ବସ୍ଫା(ଷ୍ଫା)ର—ସ. ବ. (ବ+ସ୍ଫୁର୍ ଧାତୁ=ପ୍ରକାଶିତ ହେବା; ଚଞ୍ଚଳ Bisphā(shphā)ra ହେବା+ଭାବ. ଅ, ବା ବ+ସ୍ଫାୟ ଧାତୁ=ବୃଦ୍ଧି ପାଇବା+ଭାବ. ର; ନପାତନ)—୧ । କମ୍ପ; ସ୍ପନ୍ଦନ—1. Quivering; oscillation. ୨ । ଧନୁର ଟଙ୍କାର ଧ୍ୱନ—2, The twanging sound of a bow. ୩ । ବସ୍ତାର—3. Extension. ୪ । ସ୍ଫୂର୍ତ୍ତି—4. Stimulation; shining. ୫ । (+କର୍ତ୍ତୃ. ଅ) ଧନୁର୍ଗୁଣ—5. Bowstring. ୬ । ବୃତ୍ତଖଣ୍ଡର ଜ୍ୟା—6. The chord of an arc.

ବସ୍ଫା(ଷ୍ଫା)ରିତ—ସ. ବଣ ( ବ+ସ୍ଫାର ଧାତୁ=ଚଞ୍ଚଳ ହେବା ଇତ୍ୟାଦ Bisphā(shphā)rita +କର୍ମ. ତ )—୧ । କମ୍ପିତ—1. Trembling. ୨ । ସ୍ଫୂର୍ତ୍ତିଯୁକ୍ତ—2. Stimulated. ୩ । ବସ୍ତାରତ—3. Spread; expanded. ୪ । ପ୍ରକାଶିତ—4. Revealed; manifested. ୫ । ଟଙ୍କାରତ—5. Twanged. ୬ । ଧ୍ୱନିତ—6. Sounded; resounding.

ବସ୍ଫୁ(ଷ୍ଫୁ)ରିତ—ସ. ବଣ ( ବ+ସ୍ଫୁର୍ ଧାତୁ=ଚଞ୍ଚଳ ହେବା ଇତ୍ୟାଦ+ Bisphu(shphu)rita କର୍ତ୍ତୃ. ତ )—୧ । କମ୍ପିତ—1. Trembling. ୨ । ସ୍ଫୂର୍ତ୍ତିଯୁକ୍ତ—2. Stimulated. ୩ । ଧ୍ୱନିତ—3. Resounding. ୪ । ସ୍ଫୀତ—Swollen; elated. ୫ । ବସ୍ତାରତ—5. Spread; widened. ସ. ବ ( ବ+ସ୍ଫୁର୍ ଧାତୁ+ଭାବ. ତ )—୧ । ସ୍ଫୁରଣ—1. Titilation; stimulation. ୨ । (+କରଣ ତ) ଧ୍ୱନ—2, Sound.

ବସ୍ଫୂର୍ଜିତ—ସ. ବ ( ବ+ସ୍ଫୂର୍ଜ୍ ଧାତୁ=ଶବ୍ଦ କରବା, କମ୍ପିବା, ସାପ୍ତି Bisphurjita ହେବା+ଭାବ. ତ )—୧ । ଗର୍ଜନ—1. Roar; shout ( Apte ). ୨ । ( +କର୍ତ୍ତୃ. ତ ) ଫଳ; ପରଣାମ—2. Fruit; result (Apte).

ବସ୍ଫୁଲିଙ୍ଗ—ସ. ବ ( ବ+ସ୍ଫୁ=ଅନୁକରଣ ଶବ୍ଦ+ଲିଙ୍ଗ୍ ଧାତୁ=Bisphulinga ଗମନ କରବା+କର୍ତ୍ତୃ. ଅ )—୧ । ଅଗ୍ନିକଣା—1. Spark of fire. ୨ । ବଷବଶେଷ—2. A kind of poison.

ବସ୍ଫୋଟ(ଟା)—ସ.ବ (ବ+ସ୍ଫୁଟ୍ ଧାତୁ=ଭେଦ କରବା+ଭାବ. ଅ;+ଆ) Bisphota(tā) —୧ । ଦେହରେ ବାହାରବା କ୍ଷୁଦ୍ର ବ୍ରଣ—1. Boil; pimple. ୨ । ଦେହରେ ବାହାରବା ଫୋଟକା—2. Pistules or blisters coming out on the body. ୩ । ବସନ୍ତ ରୋଗ—3. Smallpox ( Apte ).

ବସ୍ଫୋଟକ—ସ. ବ ( ବସ୍ଫୋଟ+ସ୍ୱାର୍ଥେ କ)—ବସ୍ଫୋଟ ( ଦେଖ ) Bisphoṭaka Bisphoṭa ( Sea )

**ବିସ୍ଫୋଟକା**—ଦେ. ବି. ( ସଂ. ବିସ୍ଫୋଟକ )—୧ । ବିଷଯୋଟକା; Bisphoṭaka ବିସ୍ଫୋଟକ (ଦେଖ)—1. Bisphoṭaka (See). ବିষফোড়া ୨ । ବିଷଦୋଷରେ ବାହାରିବା ଫୋଟକା—
**बिषफोड़ा** 2. Blister caused by poison; poisonous eruption.
(ବିଷୁଟକା, ବିଷୁଟୁକା, ବିଷୋଟୋକା—ଗ୍ରାମ୍ୟରୂପ)

**ବିସ୍ଫୋରକ**—ସଂ. ବିଣ ( ବିଜ୍ଞାନ ପରିଭାଷା )—ଯେଉଁ ଦ୍ରବ୍ୟ ହଠାତ Bisphoraka ଜଳି ଉଠେ—Explosive; inflammable
ବି—ହଠାତ୍ ଜଳି ଉଠିବା ଦ୍ରବ୍ୟ—Inflammable article; an explosive.

**ବିସ୍ଫୋରଣ**—ଦେ. ବି ( ବିଜ୍ଞାନ ପରିଭାଷା ) ( ସଂ. ବିସ୍ଫୁରଣ )—Bisphoraṇa ବାରୁଦଆଦିରେ ନିଆଁ ଲାଗି ହଠାତ୍ ଜଳି ଉଠିବା বিস্ফোরণ **विस्फोरण** —Explosion ( of explosives ).

**ବିସ୍ଫୋରିତ ହେବା**—ଦେ. କ୍ରି ( ବିଜ୍ଞାନ ପରିଭାଷା )—ହଠାତ୍ ଜଳି Bisphorita hebā ଉଠିବା—To explode.
বিস্ফোরিত হওয়া **विष्फोरित होना**

**ବିସ୍ୱ(ସ୍ୱା)ନ**—ସଂ. ବି ( ବି+ସ୍ୱନ୍ ଧାତୁ=ଶବ୍ଦ କରିବା+ଭାବ. ଅ )—Biswa(swā)na ୧ । ଧ୍ୱନି—1. Voice. ୨ । ଶବ୍ଦ—2. Sound; noise.

**ବିସ୍ୱଁୟ(ୟେ)**—ଗ୍ରା. ବି ( ସଂ. ବିସ୍ମୟ )—ବିସ୍ମୟ—Wonder.
Biswañya(ye) ବିଣ—୧ । ବିସ୍ମିତ —1. Astonished. ୨ । ଦୁଃଖିତ—2. Dejected.

**ବିସ୍ୱର**—ଦେ. ବିଣ—ନୀରବ; ନିଃଶବ୍ଦ—Silent. [ ଉ—ବିସ୍ୱର Biswara କଲା ଅଗ, ବେଗେ ପ୍ଲବଗ ବର୍ଗ, ଘରଦ ଛବ ଝଳ । ଉପେ. ବୈଦେହୀଶବିଳାସ । ]

**ବିସ୍ୱରଣ**—ଗ୍ରା. ବି ( ସଂ. ବିସ୍ମରଣ )—ବିସ୍ମରଣ—Oblivion
Biswaraṇa ବିଣ. ବିସ୍ମୃତ—Forgotten.

**ବିସ୍ୱରେ**—ଦେ. କ୍ରି. ବିଣ—ନିଃଶବ୍ଦରେ—Silently. [ ଉ—Bisware ବିସ୍ୱରେ କୀଡ଼େ ହଂସ ଶ୍ରେଣୀ । ଉପେ. ବୈଦେହୀଶ ବିଳାସ । ]

**ବିସ୍ୱର୍ଗ**—ଦେ. ବି—ଯାହା ସ୍ୱର୍ଗ ନୁହେଁ; ଅସ୍ୱର୍ଗ—The worlds other Biswarga than heaven. [ ଉ—ମୋର ମନ ବୈକୁଣ୍ଠ ନ ରହଇ, ସ୍ୱର୍ଗ ବିସ୍ୱର୍ଗ ଯେତେ ସୁଖ ଭୁଇଁ । ପ୍ରାଚୀ. ରହସ୍ୟମଞ୍ଜରୀ । ]

**ବିସ୍ୱାଦ**—ସଂ. ବି ( ବି+ସ୍ୱାଦ )—ମନ୍ଦ ସ୍ୱାଦ—Bad taste.
Biswada

**ବିସ୍ୱାଦୁ**—ସଂ. ବି ( ବି+ସ୍ୱାଦୁ )—୧ । ଅସ୍ୱାଦଯୁକ୍ତ—1. Tasteless.
Biswādu ୨ । ବିକୃତ ସ୍ୱାଦ ବିଶିଷ୍ଟ—2. Having a bad taste.

**ବିସ୍ମୟ**—ସଂ. ବି ( ବି+ସ୍ମି ଧାତୁ=ଈଷତ୍ ହାସ୍ୟ କରିବା; ଅଶ୍ଚର୍ଯ୍ୟାନ୍ୱିତ Bismaya ହେବା+ଭାବ. ଅ )—୧ । ସଂଶୟ—1. Doubt; uncertainty. ୨ । ପ୍ରଶଂସା ମିଶ୍ରିତ ଆଶ୍ଚର୍ଯ୍ୟ—2. Awe. ୩ । ଈଷତ୍ ହାସ୍ୟ—Smile. ୪ । ଆଶ୍ଚର୍ଯ୍ୟ—4. Wonder; astonishment. ୫ । ଗର୍ବ; ଅହଙ୍କାର ( ଭୂ. ଣ )—5. Pride. ୬ । ଅଦ୍ଭୁତ ନାମକ ସ୍ଥାୟୀ ଭାବ ବା ରସବିଶେଷ—6. The sentiment of wonder in rhetoric. ୭ । ଲୋକାତୀତ ପଦାର୍ଥମାନଙ୍କ ଦର୍ଶନରେ ଚିତ୍ତରେ ଯେଉଁ ବିସ୍ତାର ଜାତ ହୁଏ ( ସାହିତ୍ୟ ଦର୍ପଣ )—7. Feeling which is excited on seeing an extraordinany thing
ଦେ. ବିଣ—୧ । ବିସ୍ମିତ, ଆଶ୍ଚର୍ଯ୍ୟାନ୍ୱିତ—1. Astonished. [ ଉ—ଅସମ୍ଭ ତାହାର ଶବ୍ଦ । ଦେଖି ବିସ୍ମୟ ଶୂଳଧର—ଜଗନ୍ନାଥ. ଭାଗବତ । ] ୨ । କ୍ଷଣକାଳ ସ୍ତବ୍ଧ—2. Awe-struck; struck dumb for a moment. [ ଉ—ବିସ୍ମୟ ହୋଇ ଅନାଇ ଭାବ ରଘୁପତି—ଉପେ. ବୈଦେହୀଶବିଳାସ । ] ୩ । ଦୁଃଖିତ—3. Sorry; dejected.

**ବିସ୍ମୟକର**—ସଂ. ବିଣ ( ବିସ୍ମୟ+କୃ ଧାତୁ+କର୍ତ୍ତୃ. ଅ )—ଯାହା ବିସ୍ମୟ Bismayakara ଜନ୍ମାଏ—Wonderful.
( ବିସ୍ମୟଜନକ, ବିସ୍ମୟୋତ୍ପାଦକ—ଅନ୍ୟରୂପ )

**ବିସ୍ମୟଚିହ୍ନ**—ସଂ. ବି (ଆଧୁନିକ ପ୍ରୟୋଗ; ଏହି ଚିହ୍ନର ବ୍ୟବହାର ଇଂରାଜୀ Bismayachihna ଭାଷାରୁ ଗୃହୀତ )—୧ । ଯେଉଁ ଚିହ୍ନଦ୍ୱାରା ( ବିସ୍ମୟସୂଚକ ଚିହ୍ନ—ଅନ୍ୟରୂପ ) ଲେଖାରେ ବିସ୍ମୟ ସୂଚିତ ହୁଏ; ଯଥା—'!'—1. Note of admiration ! ୨ । କୌଣସି ବ୍ୟକ୍ତିର ହୃଦୟରେ ବିସ୍ମୟ ଜାତ ହୋଇଥିବା ସ୍ଥଳରେ ମୁଖାଦିରେ ପ୍ରକାଶିତ ଲକ୍ଷଣ—2. The external signs on the face of a wondering person.

**ବିସ୍ମୟ ବିସ୍ଫା(ଷ୍ଫା)ରିତ**—ସଂ. ବିଣ ( ୭ମୀ ତତ୍—ବିସ୍ମୟଦ୍ୱାରା ବିସ୍ଫାରିତ Bismaya bisphā (shphā)rita ହୋଇଥିବା ( ନେତ୍ର )—( eyes ) Wide agape with wonder.

**ବିସ୍ମୟବିହ୍ୱଳ**—ସଂ. ବିଣ. ପୁଂ ( ୩ୟା ତତ୍; ବିସ୍ମୟ+ବିହ୍ୱଳ )—Bismaya bihwaḷa ଆଶ୍ଚର୍ଯ୍ୟାନ୍ୱିତ—Astonished; awe-struck.
( ବିସ୍ମୟବିହ୍ୱଳା—ସ୍ତ୍ରୀ )
(ବିସ୍ମୟାନ୍ୱିତ, ବିସ୍ମୟାପନ୍ନ, ବିସ୍ମୟାବିଷ୍ଟ, ବିସ୍ମୟାଭିଭୂତ—ଅନ୍ୟରୂପ)

**ବିସ୍ମୟ ଲାଗିବା**—ଦେ. ବି—ବିସ୍ମୟର ଅନୁଭୂତି—
Bismay lāgibā Feeling of wonder.
বিস্ময় লাগা **विस्मय लगना**

**ବିସ୍ମୟ ହେବା**—ଦେ. କ୍ରି—୧ । ବିସ୍ମିତ ହେବା; ଆଶ୍ଚର୍ଯ୍ୟାନ୍ୱିତ ହେବା—Bismaya hebā 1. To wonder; to be astonished. বিস্মিত হওয়া ୨ । କ୍ଷଣକାଳ ସ୍ତବ୍ଧ ହେବା—2. To be struck **विस्मित होना** with wonder ୩ । ଦୁଃଖିତ ହେବା—3. To be sorry.

**ବିସ୍ମୟାବହ**—ସଂ. ବିଣ ( ବିସ୍ମୟ+ଅବହ )—ଆଶ୍ଚର୍ଯ୍ୟଜନକ—
Bismayābaha Wonderful

**ବିସ୍ମୟୋତ୍ପାଦନ**—ସଂ. ବି ( ୬ଷ୍ଠୀ ତତ୍; ବିସ୍ମୟ+ଉତ୍ପାଦନ )—ମନରେ Bismayotpādana ବିସ୍ମୟର ଉଦ୍ରେକ କରିବା—Causing of wonder.

ବିସ୍ମର—ଦେ. ବିଣ ( ସଂ. ବିସ୍ମୃତ )—ବିସ୍ମୃତ—Forgotton. (ଉ—
Bismara विस्मरित विस्मरन ଯମ ବିସ୍ମୟ ଶବ୍ଦା ଯେତେ ।
ବିସ୍ମର ହେଲ ନୃପ ଚନ୍ଦ୍ରେ—ଜଗନ୍ନାଥ. ଭଗବତ ।)

ବିସ୍ମରଣ—ସଂ. ବି ( ବି+ସ୍ମୃ ଧାତୁ=ସ୍ମରଣ କରିବା+ଭାବ. ଅନ )—
Bismarana ବିସ୍ମୃତି—Forgetting; oblivion

ବିସ୍ମରଣଶୀଳ—ସଂ. ବିଣ. ପୁଂ ( ବହୁବ୍ରୀହି; ବିସ୍ମରଣ+ଶୀଳ )—ଯେ
Bismaranasila ଚଞ୍ଚଳ ପାସୋରି ପକାଏ; ଭୋଳା—Forgetful,
( ବିସ୍ମରଣଶୀଳା—ସ୍ତ୍ରୀ ) ( ବିସ୍ମରଣଶୀଳତା—ବି )

ବିସ୍ମରଣ ହେବା—ଦେ. କ୍ରି—୧ । ପାସୋରି ପକାଇବା—1. To
Bismarana heba विस्मरण हओया विसरना forget.
(ବିସ୍ମରଣ କରିବା—ଅନ୍ୟରୂପ) विसर जाना ୨ । ପାସୋରି ଯିବା—
2. To be forgetten.

ବିସ୍ମରଣୀୟ—ସଂ. ବିଣ (ବି+ସ୍ମୃ ଧାତୁ+କର୍ମ. ଅନୀୟ)—ପାସୋରିବାର
Bismaraniya ଯୋଗ୍ୟ—Forgettable.

ବିସ୍ମରିବା—ଦେ. କ୍ରି (ପଦ୍ୟ) ( ସଂ. ବି+ସ୍ମୃ ଧାତୁ )—ପାସୋରିବା—
Bismariba विस्मरा विसरना To forget. ( ଉ—
ଏମନ୍ତ ମନେ ପ୍ରମଦ, ନାଶିବ ସେ ନାଶ ସର, ଧଇର୍ଯ୍ୟ
ଭରି ଦେଖଣ, କୋହେ ବିସ୍ମରି—ଭଞ୍ଜ. ପ୍ରେମସୁଧାନିଧି । )

ବିସ୍ମାପ(ୟ)ନ—ସଂ. ବି ( ବି+ସ୍ମି ଧାତୁ ଣିଚ୍; ସ୍ମାପି, ସ୍ମାୟି ଧାତୁ=
Bismāpa(ya)na ଭାବ, ଅନ )—୧ । ବିସ୍ମୟଉତ୍ପାଦନ—
1. Producing wonder. ୨ । ବି+ସ୍ମି ଧାତୁ
ଣିଚ୍+କରଣ. ଅନ )—କୁହୁକ; ମାୟା—2. Magic.
illusion. ୩ । (+କର୍ତ୍ତୃ. ଅନ) ଗନ୍ଧର୍ବପୁର—3 The
town or abode of the Gandharbas ୪ ।
( ବି+ସ୍ମି ଧାତୁ ଣିଚ୍+କର୍ତ୍ତୃ. ଅନ )—କାମଦେବ—
4. Cupid. ସଂ. ବିଣ—ବିସ୍ମୟଜନକ—Wonderful.

ବିସ୍ମାରକ—ସଂ. ବିଣ. ପୁଂ ( ବି+ସ୍ମୃ ଧାତୁ ଣିଚ୍+କର୍ତ୍ତୃ. ଅକ )—
Bismāraka ଯେ ଭୁଲାଇ ଦିଏ—Causing oblivion.
( ବିସ୍ମାରିକା—ସ୍ତ୍ରୀ )

ବିସ୍ମାରଣ—ସଂ. ବି. ( ବି+ସ୍ମୃ ଧାତୁ ଣିଚ୍+ଭାବ. ଅନ )—୧ । ଲୀନ
Bismārana ହେବା ( ହି. ଶ )—1. Merging. ୨ । ନଷ୍ଟ
ହେବା ( ହି. ଶ )—2. Destruction.

ବିସ୍ମିତ—ସଂ. ବିଣ ( ବି+ସ୍ମି ଧାତୁ=ଆଶ୍ଚର୍ଯ୍ୟାନ୍ୱିତ ହେବା+କର୍ତ୍ତୃ.
Bismita ତ )—ଆଶ୍ଚର୍ଯ୍ୟାନ୍ୱିତ; ବିସ୍ମୟାପନ୍ନ; ଚକିତ—Astonished. ଦେ. ବି—ଅଦ୍ଭୁତ ମନୋଦୁଃଖ—Grief
mixed with wonder. (ଉ—ହେବ ତୋ ଏକାନ୍ତ
କାନ୍ତ, ଛଡ଼ିରେ ବିସ୍ମିତ ସ୍ମିତ,-ହାସି ସେ ତୋରେ କରିବେ
ରତେ ହେ—ଭଞ୍ଜ. ପ୍ରେମସୁଧାନିଧି । )

ବିସ୍ମୃତ—ସଂ. ବିଣ (ବି+ସ୍ମୃ ଧାତୁ=ସ୍ମରଣ କରିବା+କର୍ମ ତ)—
Bismruta ୧ । ଯାହା ମନରୁ ପାସୋରିଯାଏ; ଯାହାକୁ ଭୁଲି
( ବିସ୍ମୃତା—ସ୍ତ୍ରୀ ) ଯାଆନ୍ତି; ସ୍ମରଣାତୀତ—1. Forgotten.
୨ । ( +କର୍ତ୍ତୃ. ତ ) ଯେ ପାସୋରିପକାଏ—
2. Forgetful; oblivious.

ବିସ୍ମୃତ ହେବା—ଦେ. କ୍ରି ( ସଂ. ବିସ୍ମୃତ )—୧ । ପାସୋରି ଯିବା—
Bismruta heba 1. To be forgotten.
विस्मृत हओया विस्मृतहोना -୨ । ପାସୋରିବା—2 To
forget.

ବିସ୍ମୃତି—ସଂ. ବି ( ବି+ସ୍ମୃ ଧାତୁ=ସ୍ମରଣ କରିବା+ଭାବ. ତି)—
Bismruti ୧ । ବିସ୍ମରଣ; ପାସୋରି ଯିବା—1. Forgetting;
oblivion. ୨ । ଶୀଘ୍ର ମନରୁ ପାସୋରିଦେବାର
ମାନସିକ ଅବସ୍ଥା—2. Forgetfulness.

ବିସ୍ମୃତିଶୀଳ—ସଂ. ବିଣ. ପୁଂ (ବିସ୍ମୃତି+ଶୀଳ)—ଯେ ଚଞ୍ଚଳ ଭୁଲିଯାଏ;
Bismrutisila ଭୋଳା—Forgetful; prone to forget.
(ବିସ୍ମୃତିଶୀଳା—ସ୍ତ୍ରୀ; (ବିସ୍ମୃତିଶୀଳତା—ବି)

ବିସ୍ର—ସଂ. ବି ( ବିସ୍ ଧାତୁ=କ୍ଷେପଣ କରିବା+କର୍ମ ର )—୧ । କଞ୍ଚା
Bisra ମାଂସର ଗନ୍ଧ—1. Smell of raw meat. ୨ । ଚିତା
ଧୂମର ଗନ୍ଧ; ପୋଡ଼ା ମାଂସର ଗନ୍ଧ —The smell arising out of a funeral pyre. ୩ । ବଡ଼ ମୂଳା
(ହି. ଶ.)—3. Large variety of radish.
ସଂ. ବିଣ—କଞ୍ଚା ମାଂସର ଗନ୍ଧବିଶିଷ୍ଟ—Having the
smell of raw meat.

ବିସ୍ରଂସ—ସଂ. ବି (ବି+ସ୍ରନ୍ସ୍ ଧାତୁ=ପତିତ ହେବା+ଭାବ ଅ,—
Bisramsa ୧ । ପତନ—1. Falling. ୨ । ଖସିପଡ଼ିବା—
( ବିସ୍ରଂସନ—ଅନ୍ୟରୂପ ) 2. Dropping down. ୩ ।
୩ । ଢ଼ିଲା ହୋଇ ଖସିଯିବା—3 Slipping off.
୪ । ତରଳପଦାର୍ଥର କ୍ଷରଣ—4. Oozing; falling
by drops. ୫ । ମେଘ ବରଷିବା—5. Showering;
raining.

ବିସ୍ରଂସା—ସଂ. ବି ସ୍ତ୍ରୀ (ବି+ସ୍ରନ୍ସ୍ ଧାତୁ+ଅଧିକରଣ. ଅ+ସ୍ତ୍ରୀ. ଆ)—
Bisramsā ଜରା; ବାର୍ଦ୍ଧକ୍ୟ—Old age.
(ବିସ୍ରସା—ଅନ୍ୟରୂପ)

ବିସ୍ରଂସିନୀ—ସଂ.ବି-(ବି+ସ୍ରନ୍ସ୍ ଧାତୁ+ଇନ୍+ଈ)ଯୋନିରୋଗବିଶେଷ—
Bisramsini A vaginal disease.
ସଂ. ବିଣ. ସ୍ତ୍ରୀ—ବିସ୍ରଂସୀର ସ୍ତ୍ରୀଲିଙ୍ଗ—Feminine of Bisramsi.

ବିସ୍ରଂସୀ—ସଂ. ବିଣ (ବିସ୍ରଂସିନ୍, ବି+ସ୍ରନ୍ସ୍ ଧାତୁ=ପତିତ ହେବା+
Bisramsi କର୍ତ୍ତୃ. ଇନ୍; ୧ମା. ୧ବ )—୧ । ପତନଶୀଳ—
1. Falling. ୨ । କ୍ଷରଣଶୀଳ—2. Oozing,
Having the smell of raw flesh.

ବିସ୍ର ଗନ୍ଧ—ସଂ. ବିଣ ( ବହୁବ୍ରୀହି ) - କଞ୍ଚା ମାଂସର ଗନ୍ଧଯୁକ୍ତ—
Bisra gandha Having the smell of raw flesh.
(ବିସ୍ରଗନ୍ଧା—ସ୍ତ୍ରୀ) ସଂ. ବି—୧ । ପିଆଜ (ହି. ଶ.)—1. Onion.
୨ । ଗୋଦନ୍ତୀ ହରିତାଳ—2. Yellow orpiment.

ବିସ୍ରଗନ୍ଧା—ସଂ. ବି ( ବହୁବ୍ରୀହି; ବିସ୍ର+ଗନ୍ଧ+ଆ )—୧ । ପିଆଜ
Bisragandhā ( ହି. ଶ. )—1. Onion. ୨ ।
ଗୋଦନ୍ତୀ ହରିତାଳ ( ହି. ଶ. )—2. Yellow
orpiment.

ବିସ୍ରଗନ୍ଧି—ସଂ. ବି (ବହୁବ୍ରୀହି, ବିସ୍ର=କଞ୍ଚା ମାଂସର ଗନ୍ଧ+ଗନ୍ଧ=ଅଘ୍ରାଣ Bisragandhi +ଇ)—ଗୋଦନ୍ତୀ ହରିତାଳ—Yellow orpiment.

ବିସ୍ରବଣ—ସଂ. ବି ( ବି+ସ୍ରୁ ଧାତୁ+ଭାବ. ଅନ )—୧ । କ୍ଷରଣ; Bisrabaṇa ଝରିବା (ହି. ଷ.)—1. Oozing. ୨ । ବହିବା (ବିସ୍ରବତ—ବିଣ) (ହି. ଷ.) 2. Flowing

ବିସ୍ରବାଇବା—ଦେ (ପଦ୍ୟ) କ୍ରି—୧ । ଦ୍ରବ କରିବା; ତରଳାଇବା ।—Bisrabāibā 1. To melt. ୨ । ଝରାଇବା—2. To cause বিস্রবান বহাবানা to ooze or flow. (ଯଥା—ବିସ୍ରବାଇ ଓଷ୍ଠୁ ପିଅ ମଧୁର ମଧୁ—ଉଞ୍ଜ. ବୈଦେହୀଶବିଳାସ ।)

ବିସ୍ରବିବା—ଦେ, କ୍ରି (ସଂ. ବି+ସ୍ରୁ ଧାତୁ; ବିସ୍ରବ)—୧ । ସ୍ରବିବା; Bisrabibā ଝରିବା—1. To ooze. ୨ । ଦ୍ରବିବା—বিস্রবা বহাবনা 2. To melt.

ବିସ୍ରମ୍ଭ—ସଂ. ବି (ବି+ସ୍ରମ୍ଭ ଧାତୁ=ବିଶ୍ୱାସ କରିବା+ଭାବ. ଅ)—Bisrambha ୧ । ବିଶ୍ରମ୍ଭ (ଦେଖ)—1. Bisrambha (See) (ବିଶ୍ରମ୍ଭ—ଅନ୍ୟରୂପ) ୨ । ବଧ; ହତ୍ୟା (ହି. ଷ.)—2. Slaughter; murder.

ବିସ୍ରସ୍ତ—ସଂ. ବିଣ ( ବି+ସ୍ରଂସ୍ ଧାତୁ=ପଡ଼ିଯିବା+କର୍ତ୍ତୃ. ତ )—Bisrasta ୧ । ପତିତ—1. Fallen; dropped. ୨ । ସ୍ୱସ୍ଥାନଚ୍ୟୁତ; ସ୍ଥାନଭ୍ରଷ୍ଟ—2 Dislocated; displaced. ୩ । କ୍ଷରିତ—3 Oozed. ୪ । ସ୍ଖଳିତ—4 Slipped. ୫ । ପୁଣ୍ୟରୁ ବା ଧର୍ମମାର୍ଗରୁ ଚ୍ୟୁତ—5. Fallen from virtue. ୬ । କାର୍ଯ୍ୟରୁ ଅପସାରିତ—6. Dismissed from office.

ବିସ୍ରୁତ—ସଂ. ବି ( ବି+ସ୍ରୁ ଧାତୁ=ବହିଯିବା+କର୍ତ୍ତୃ. ତ )—Bisruta ୧ । ବିସ୍ତୃତ—1. Extended; spread. ୨ । ପ୍ରବାହିତ—2. Flowing. ୩ । କ୍ଷରିତ—3. Oozing. ୪ । ସ୍ଥାନଚ୍ୟୁତ; ଭ୍ରଷ୍ଟ—4. Dislocated.

ବିସ୍ରା—ସଂ. ବି ( ବିସ୍ର+ଆ)—ଚର୍ବି (ହି. ଷ.)—Fat. ଦେ. ବି. Bisrā ମଧ୍ୟଭାରତରେ ବିସ୍ରା ନାମକ ସ୍ଥାନର ପାହାଡ଼ରୁ ମିଳୁଥିବା ପଥର ଚୂନ ଓ ଚୂନ ସ୍ଥାନ—Bisra lime found in Bisra in C. P.

ବିସ୍ରାବ—ସଂ. ବି (ବି+ସ୍ରୁ ଧାତୁ ଓ ସ୍ରାବ ଧାତୁ=ଗାଳିବା+କର୍ମ. Bisrāba ଅ)—ପେଜ ( ହି. ଷ. )—Watery scum extracted from boiled rice.

ବିହକ୍-ବୈଦେ. ବିଣ—( ଫା. ବେହକ୍ )—ବେହକ; ଅନ୍ୟାଯ୍ୟ—Bihak অন্যায় বেহক Wrong.

ବିହକ—ଦେ. ବିଣ ( ସଂ. ବିଧାୟକ ); ବିଧାନକର୍ତ୍ତା—Directing; Bihaka prescribing. (ଯଥା—ବିହଙ୍ଗ ଯୋଡ଼ାଏ, ବିହକ ପୁଣି ଏକାକୀ ପୀଡ଼ାଏ—ଉଞ୍ଜ. ବୈଦେହୀଶବିଳାସ ।)

ବିହଗ(ଙ୍ଗ)—ସଂ. ବି (ବିହାୟସ୍=ଆକାଶ+ଗମ୍ ଧାତୁ=ଗମନକରିବା Bihaga(nga) +କର୍ତ୍ତୃ. ଅ, ନିପାତନରେ ସିଦ୍ଧ)—୧ । ପକ୍ଷୀ—(ବିହଙ୍ଗକ—ଅନ୍ୟରୂପ) Bird ୨ । ମେଘ—2 Cloud. [ବିହଗୀ(ଙ୍ଗୀ)—ସ୍ତ୍ରୀ] ୩ । ବାଣ—3. Arrow. ୪ । ସୂର୍ଯ୍ୟ—4. The sun. ୫ । ଚନ୍ଦ୍ର—5. The moon. ୬ । ମହାଭାରତୋକ୍ତ ନାଗବିଶେଷ—6. Name of a mythological serpent.

ବିହଗ(ଙ୍ଗ)ବର—ସଂ. ବି ( ୭ମୀ ତତ୍; ବିହଗ+ବର )—ପକ୍ଷିରାଜ; Bihaga(nga)bara ଗରୁଡ଼—Garurda, the king of [ବିହଗ(ଙ୍ଗ)ରାଜ—ଅନ୍ୟରୂପ] birds.

ବିହଙ୍କୁଡ଼ୀ—ପ୍ରାଦେ. (ଗଞ୍ଜାମ) ବି° (ସ.ବୃହତୀ; କୁଳୀ)—ଲଥ ବେଙ୍କୁଡ଼ୀ; Bihankurdi ଲତା ବେଙ୍ଗକୋଳ ( ଦେଖ )—Solanum Indicum (a creeper).

ବିହଙ୍ଗମ—ସ. ବି. ( ବିହାୟସ+ଗମ ଧାତୁ+କର୍ତ୍ତୃ. ଅ; ନିପାତନ)—Bihangama ବିହଗ (ଦେଖ)—Bihaga (See) (ବିହଙ୍ଗମା—ସ୍ତ୍ରୀ)

ବିହଙ୍ଗମା—ସ. ବି. ସ୍ତ୍ରୀ. ( ବିହଙ୍ଗମ+ଆ )—୧ । ମାଈ ଚଢ଼େଇ—Bihangamā 1. A female bird. ୨ । ସୂର୍ଯ୍ୟଙ୍କର ଏକ ପ୍ରକାର କିରଣ (ହି. ଷ)—2. A kind of sun's rays. ୩ । ବାହୁଙ୍ଗୀ; ଯେଉଁ ଦଣ୍ଡର ଦୁଇ ମୁଣ୍ଡରେ ଭାର ଲଟକା ଯାଇ ତାହା କାନ୍ଧରେ ବାହିତ ହୁଏ—3. A pole with slings hung at each end for carrying loads by the shoulder.

ବିହଙ୍ଗିକା—ସଂ. ବି. (ବିହଙ୍ଗ+କ+ସ୍ତ୍ରୀ. ଆ)—୧ । ବାହୁଙ୍ଗୀ; ଭାର-Bihangikā ଦଣ୍ଡ—1. A pole with slings attached to both ends for carrying loads by the shoulder. ୨ । ପକ୍ଷିଣୀ—2. A female bird.

ବିହଡ଼—ଦେ. ବିଣ. (ସଂ° ବିକଟ)—ବିକଟ—Biharda बीहड Frightful.

ବିହଡ଼ ନୃସିଂହ—ଦେ° ବି. (ନାମ) ( ସଂ. ବିକଟ+ନୃସିଂହ )—Biharda nrusimha ଗୀତାମୃତ ଦାସଙ୍କ କୃତ ଓଡ଼ିଆ ନୃସିଂହ ପୁରାଣୋକ୍ତ ନୃସିଂହ (ବିଷ୍ଣୁଙ୍କ ଅବତାର)ଙ୍କର ମୂର୍ତ୍ତି ବିଶେଷର ନାମ—Name of one of the forms assumed by Bishṇu during his Nrusimha incarnation.

ବିହ(ହୁ)ଡ଼ା—ଦେ. ବି—ବେଉଡ଼ା; ବେଉଷଣ—Puddling oper-Biha(hu)rdā ation in paddy fields. মাঠে কাদাকরা, কাড়ান বিরাহনা, বিহিয়ানা

ବିହ(ହୁ)ଡ଼ିବା—ଦେ· କ୍ରି—୧ । ବେଉଡ଼ିବା (ଦେଖ)—1. Beurdibā Biha(hu)rdibā (See) ୨ । ବୁଡ଼ୁଡ଼ିବା—2. To shy. কাড়ান করা (ଯଥା—ଘୋର ରୂପ ଦେଖି ବିହଡ଼ିଲେ ସର୍ବ ଗାଈ । विराहना, बिहियाना ସାରଳା. ମହାଭାରତ. ଅଦ୍ୟ ।) ୩ । କ୍ରୋଧାବିଷ୍ଟ ହେବା—3. To be enraged. (ଯଥା—ବିହଡ଼ିଲୁ ଦ୍ୱିଜବରେ ମାରନ୍ତେ ଗରସ୍ତି । ସାରଳା. ମହାଭାରତ. ଅଦ୍ୟ)

ବିହତ—ସ. ବିଣ—(ବି+ହନ୍ ଧାତୁ=ବଧ କରିବା ଇତ୍ୟାଦି+କର୍ମ. ତ) Bihata ୧ । ବ୍ୟାହତ—1. Restrained; obstructed; repelled. ୨ । ବିଫଳ—2. Frutile; fustrated; baffled. ୩ । ଭଗ୍ନ—3 Broken.

M. ... Pleader. Sutahat, Cuttack-1.

ବିହତି—ସଂ. ବି—(ବି+ହନ୍ ଧାତୁ+ଭାବ.ତି)—୧ । ଭଙ୍ଗ—Being
Bihati split up. ୨ । ବିଘ୍ନ; ବ୍ୟାଘାତ—2. Obstruction. ୩ । ହତ୍ୟା—3. Murder. ୪ । ହିଂସା—4. Injuring. ୫ । (+କରଣ. ତି)—ତୁଳା ଧୁଣିବା ଧନୁ—5. Bow for carding cotton. ୬ । ବ୍ୟାହତି—6. Repulsion.

ବିହଦ୍(ଦ୍)—ବୈଦେ. ବିଣ—ବେହଦ୍ (ଦେଖ)
Bihad(dd) Behad (See)

ବିହ(ହା)ନ—ଦେ. ବି—(ସଂ. ବୀଜ ଧାନ୍ୟ; ସଂ. ବୀଜମ୍=ପ୍ରା. ବିଅନ)
Biha(hā)na ୧ । ଆଗାମୀ ବର୍ଷ ନିମନ୍ତେ ଓଳିଆରେ ବନ୍ଧା ହୋଇ
বীচ ধান; বিহন ସଞ୍ଚିତହେବା ଶସ୍ୟ ବୀଜ—1. Corn-seeds
बीया, बिहन kept for the next year's sowing; seed grain; seed corn. [ଉ—ବିହନ ଭୋଜ୍ୟ ଘରେ ରଖି କ ଅଛନ୍ତି । କୃଷ୍ଣସିଂହ· ମହାଭାରତ ସଭା ।] [ଦ୍ର—ଅମଳ ହେବା ଧାନରୁ ଯେଉଁ ଧାନ ମଞ୍ଜି ପାଇଁ ରଖା ଯାଏ, ତାକୁ ବିହନ ଓ ଯାହା ଖାଇବା ପାଇଁ ରଖା ଯାଏ ତାକୁ ଭୁଜ (ଭୋଜ୍ୟ) ଧାନ ବୋଲି ଯାଏ । ଧାନଗୁଡ଼ିକ ଉତ୍ତମରୂପେ ବାଛି ସେଥିରୁ ଅନ୍ୟ ଜାତି ଶସ୍ୟ ଓ କଳକୃଷ୍ଣ ଓ ଅଗାଡ଼ି ଧାନ ବାଛି ବିହନ ଧାନ କାଢ଼ିବାକୁ ହୁଏ । ଭୁଜ ଧାନ ପ୍ରତି ତେତେ ଯତ୍ନ ଅବଶ୍ୟକ ହୁଏ ନାହିଁ ।]
ডিম ୨ । ମାଛ ପେଟରେ ଥିବା ମଞ୍ଜି; ମାଛ ମଞ୍ଜି—2. Roe of
अंडा fish, spawn of fishes; seed fish. ୩ । (ସଂ.
বীজ ବୀଜ) ବୀର୍ଯ୍ୟ—3. Semen virile. ୪ । ବଂଶର ଆଦି
बीज ପୁରୁଷ—4. The progenitor of a family or race. [ଉ—ଗୋପାଳ କୁଳରେ ତୁମ୍ଭେ ବିହନ ହୋଇଲ । ପ୍ରାଚୀ. ଗୁରୁଭକ୍ତି ଗୀତା ] ୫ । (ସଂ. ବୀଜାଙ୍କୁର) ଧାନ ଗଛର ତଳ—5. Paddy seedling. ୬ । (ଲକ୍ଷଣାର୍ଥ) ମୂଳ; ଉତ୍ପତ୍ତି—6. Origin. ୭ । (ଲକ୍ଷଣାର୍ଥ) ମୂଳ କାରଣ—7. Root cause.

ବିହନ ଓଳିଆ—ଦେ. ବି—ଯେଉଁ ଓଳିଆରେ ବା କୁଟା ପୁଡ଼ାରେ ବୀଜ
Behana olia ଧାନ ସଞ୍ଚିତ ହୋଇ ରହେ ।
বীজ ধানের পুঁটলী Straw packets for storing
बिआकामोडीआ seed-grain.

ବିହନ ଛାଟିବା—ଦେ. କ୍ରି—କାଦୁଅ ଜମିରେ ବିହନ ବୁଣିବା—
Behana chhātibā To sow or throw seeds in a
বীচ ছড়ান बिहन छाटना clayey field.

ବିହନ ଛାଡ଼ିବା—ଦେ. କ୍ରି—୧ । (ମାଛମାନେ) ଡିମ୍ବ ପ୍ରସବ କରିବା—
Bihana chhārdibā 1 (the fish) To bring forth
ডিমছড়া roe; to spawn. ୨ । କ୍ଷେତ୍ରରେ ମଞ୍ଜି ବୁଣିବା—
अंडा छोड़ना 2. To sow seeds in a field.
বীজ ছাড়ান ୩ । (ପୁରୁଷ ପକ୍ଷରେ) ସ୍ତ୍ରୀ ସହବାସ କରିବା; ସ୍ତ୍ରୀ
बिहन बोना ଗର୍ଭରେ ସହବାସଦ୍ୱାରା ରେତଃପାତ କରିବା—
ବିହନ ବୁଣିବା, ବିହନ ପକା(କେ)ଇବା } ଅନ୍ୟରୂପ 3 (said of a male) To have sexual intercourse with a woman; to impart semen into the womb. ୪ । ସ୍ତ୍ରୀକୁ ଗର୍ଭବତୀ କରିବା—4 To impregnate a woman.

ବିହନ ବାନ୍ଧିବା—ଦେ. କ୍ରି.—ଆଗାମୀ ବର୍ଷ ପାଇଁ ଶସ୍ୟବୀଜ ସଞ୍ଚୟ
Bihana bāndhiba କରିବା—To store seed-grains
বীচিরাখা बिहन रखना for next year's sowing.
(ବିହନ ରଖିବା, ବିହନ ସାଇତିବା, ବିହନ ସମ୍ଭାଳିବା—ଅନ୍ୟରୂପ)

ବିହନ ଭୁଜ—ଦେ. ବି (ସମାହାର)—(ସଂ· ବୀଜଧାନ୍ୟ ଓ ଭୋଜ୍ୟ)—
Bihana bhuja ମଞ୍ଜିପାଇଁ ରଖାଯାଇଥିବା ଓ ଖାଇବାପାଇଁ
বীজধান ও খাবার ধান ସ୍ୱତନ୍ତ୍ର ରଖାଯାଇଥିବା ଧାନ—Paddy
बिहन और भोजनी kept separate for sowing and for domestic consumption. (ଉ—ଘରେ ବିହନ ଭୁଜ ରଖି ଧାନ ସବୁ ବିକିଦେଲି । ଫକୀରମୋହନ—ଗଳ୍ପସ୍ୱଳ୍ପ ।)

ବିହନଲଗା—ଦେ. ବିଣ (ସଂ. ବୀଜ+ଲଗ୍ନ)—ଯେଉଁ ମାଛଠାରେ ମଞ୍ଜି
Bihanalagā ଲାଗିଥାଏ; ଗର୍ଭବତୀ (ମାଛ)—Spawn (fish)
ডিমাওয়ালা ডিম ভরা अंडादार spawner.

ବିହନ ଲାଗିବା—ଦେ. ବି—ମାଛଙ୍କଠାରେ ମଞ୍ଜି ସଞ୍ଚିତ ହେବା; ମାଛ
Bihana lāgibā ଗର୍ଭବତୀ ହେବା—1. The state of a
ডিমথাকা fish having roes in the belly. ୨ ।
अन्डाहोना (ସ୍ତ୍ରୀ) ଗର୍ଭବତୀ ହେବା—2. Becoming pregnant; pregnancy; conceiving.

ବିହନ୍ତା—ଦେ. ବି (ସଂ. ବିଧାତା; ବିଧାନ କର୍ତ୍ତା)—ବିଧାତା—The
Bihantā Creator. ଦେ. ବିଣ—କାର୍ଯ୍ୟ ବିଧାନକାରୀ—
বিধাতা Creating; providing; provident.
विधाई [ଉ—ତୁ ସବୁ ବିହନ୍ତା ଈଶ୍ୱର, ଏ ତୋର ମାୟା ଖେଳ ଘର । ଜଗନ୍ନାଥ. ଭାଗବତ ।]

ବିହବ—ସଂ. ବି (ବି+ହୁ ଧାତୁ+ଅଧିକରଣ ଅ)—୧ । ଯୁଦ୍ଧ (ହୁ· ଶ)—
Bihaba 1. War; fight. ୨ । ଯଜ୍ଞ (ହୁ. ଶ)—2. Offering of ghee unto fire.

ବିହର—ସଂ· ବି (ବି+ହୃ ଧାତୁ=ହରଣ କରିବା; କ୍ରୀଡ଼ା କରିବା+
Bihara ଭାବ. ଅ)—୧ । ବିହାର—1. Walking for sport. ୨ । କ୍ରୀଡ଼ା—2. Sport; play. ୩ । ବିୟୋଗ; ବିଚ୍ଛେଦ—3 Separation.

ବିହରଣ—ସଂ. ବି (ବି+ହୃ ଧାତୁ=ହରଣ କରିବା ଇତ୍ୟାଦ+ଭାବ. ଅନ)—୧ । ବିହାର; କ୍ରୀଡ଼ା—1. Sport; play.
Biharana ୨ । ଭ୍ରମଣ—2. Walking. ୩ । ବିୟୋଗ; ବିଚ୍ଛେଦ—3. Separation.

ବିହରା(ରେ)ଇବା—ଦେ. କ୍ରି (ବିହରିବାର ଣିଜନ୍ତରୂପ)—ବିହାର
Biharā(re)ibā କରାଇବା—To cause to sport or
বিহরান walk. [ଉ—ବନେ ଯେତେ ମୋତେ ବିହରାଇ
विहराना ଇଙ୍ଗେ । ଉଞ୍ଜ. ବୈଦେହୀଶବିଳାସ ।]

**ବିହରିତ**—ଦେ. ବିଣ—୧ । ଇତସ୍ତତଃ ଚାଳିତ—1. Moved to
Biharita and fro; waved. ୨ । ବିହାର କରୁଥିବା
—2. Sporting. ୩ । ତ୍ୟକ୍ତ—3. Given up.
[ ଉ—ବିହରିତ(୨) ବିଶେଷ ହୋଇ ହୋଇଛନ୍ତି, ବିହରିତ
(୩) ବିବାହେ ପ୍ରାଣ ସେ କରନ୍ତି । ଭଞ୍ଜ. ବୈଦେହୀଶ-
ବିଳାସ । ] ୪ । ଚତୁର୍ଦ୍ଦିଗରେ ଭ୍ରମଣ କରୁଥିବା—4.
4. Roaming; walking about. ଦେ. ବି॰
( ସଂ. ବି+ହରିତ=ଦିଗ )—୧ । ଚତୁର୍ଦ୍ଦିଗ—1.
All sides. [ ଉ—ବିହରିତ ପୁନଃ ପୁନଃ କି ସୁଧା
ପିଇ ଚକୋର, ବିହରିତ ରେ ସେ ବହୁତ କଷ୍ଟେ
ମନୋହର । ଭଞ୍ଜ. ବୈଦେହୀଶବିଳାସ । ] ୨ । ବିନାଶ
—2 Destruction; ruin.

**ବିହରିବା**—ଦେ (ପଦ୍ୟ) କ୍ରି ( ସଂ. ବିହାର )—୧ । ବିହାର କରିବା;
Biharibā କ୍ରୀଡ଼ା କରିବା; ବିଚରଣ କରିବା—1. To sport;
বিহরা to walk about; to roam. [ ଉ—କ ବିହର
विहरना ଗୋପ, ସଙ୍ଖାଳ ଏ ପାତ, ଗହନରେ କଣ୍ଟ ବନ । ବିଶ୍ୱନାଥ.
ବିଶୋଗ୍ରଚନ୍ଦ୍ର ଟୀକା । ] ୨ । ( ସଂ. ବି+ହୃ ଧାତୁ )
ଛେଦନ କରିବା; ହରଣ କରିବା—2. To cut; to
take away. [ ଉ—ବାହୁ ନାକ ଶିରି ଦାନ ଯୋଗ୍ୟ
ଯୋଷାକୁ, ବିହର କାନ ନ କର ଅଳଙ୍କାରକୁ । ଭଞ୍ଜ.
ବୈଦେହୀଶବିଳାସ । ] ୩ । କାଳ ହରଣ କରିବା—
3. To while away time; to pass time.
[ ଉ—ବନମାଳୀ କୃଷ୍ଣ ହରି, ବୋଲି ବିହର ଯେ ।
ଭଞ୍ଜ. ବୈଦେହୀଶବିଳାସ । ] ୪ । ଶେଷ କରିବା—
4. To end. [ ଉ—ବୃକ୍ଷାୟୁଷ; ବିହରନ୍ତି ନର
ନିଃଶ୍ୱାସକେ । ଭଞ୍ଜ. ବୈଦେହୀଶବିଳାସ । ]

**ବିହସନ**—ସଂ. ବି ( ବି+ହସ୍ ଧାତୁ=ହାସ୍ୟ କରିବା+ଭାବ ଅନ )—
Bihasana ମନ୍ଦହାସ୍ୟ କରିବା—Smiling.

**ବିହସନୀୟ**—ସଂ. ବିଣ ( ବି+ହସ୍ ଧାତୁ=ହାସ୍ୟ କରିବା+କର୍ମ
Bihasaniya ଅନୀୟ )—ହାସ୍ୟୋଦ୍ଦୀପକ—Ludicrous.

**ବିହସିତ**—ସଂ. ବି ( ବି+ହସ୍ ଧାତୁ=ହାସ୍ୟ କରିବା+ଭାବ ତ )—
Bihasita ମଧୁର ହାସ୍ୟ; ସ୍ମିତ—Sweet-smile; gentle
smile.

**ବିହ(ହି)ସ୍ତ**—ବୈଦେ. ବି (ଫା. ବିହିସ୍ତ)—ସ୍ୱର୍ଗ—Heaven.
Biha(hi)st বেহস্ত विहिश्त

**ବିହସ୍ତ**—ସଂ. ବିଣ—(ବି=ବିନା+ହସ୍ତ=ହାତ)—୧ । ହସ୍ତହୀନ—
Bihasta 1. Armless. ୨ । ବ୍ୟାକୁଳ; ବ୍ୟସ୍ତ—2. Agita-
(ବିହସ୍ତା—ସ୍ତ୍ରୀ) ted. ୩ । ଉଦ୍‌ଭ୍ରାନ୍ତମନ—3. With the
mind confused. ୪ । କିଂକର୍ତ୍ତବ୍ୟବିମୂଢ଼—
4 Bewildered; perplexed. ସଂ. ବି—ବିଦ୍ୱାନ୍
ବ୍ୟକ୍ତି; ପଣ୍ଡିତ—Learned man.

**ବିହସ୍ତିତ**—ସଂ. ବିଣ—(ବିହସ୍ତ+ଇତ; ଭୁଲ. ଦେଖନ୍ତୁ—ବ୍ୟସ୍ତ, ବ୍ୟସ୍ତିତ)
Bihastita ବ୍ୟାକୁଳ—Agitated.

**ବିହା**—ଗ୍ରା. ବି—(ସଂ. ବିବାହ)—ବିବାହ—
Bihā বিএ ब्याह Marriage.

**ବିହାଇବା**—ଦେ କ୍ରି—(ବିହୁବାର ଣିଜନ୍ତରୂପ)-୧ । କରାଇବା; ବିଧାନ
Bihāibā କରାଇବା—1. To cause to be prescribed.
(ଉ—ବିହାଇ ସେତ, ପରେ ଦଳତ, ଗୁପତ ସମ୍ପୁଟିତ—
ଭଞ୍ଜ. ବୈଦେହୀଶବିଳାସ । )
୨ । ଅନ୍ୟଦ୍ୱାରା ରଚିତ କରାଇବା—2. To cause to
make.

**ବିହାକୁର୍ଡ଼ି(ଳି)**—ଦେ. ବି—(ସଂ. ନାମ; ବୃହତୀ ଓ କୁଲୀ)—ବୃହତୀ;
Bihānkurḍi(li) ଲତା ବେଙ୍ଗକୋଳି (ଦେଶୀ)—Solanum
ব্যাকুড় बरहण्टा Indicum (creeper).

**ବିହାନ**—ପ୍ରାଦେ (ଉତ୍ତର ବାଲେଶ୍ୱର) ବି ( ଭୁଲ; ସଂ. ବୀଜଧାନ୍ୟ )—
Bihāna ଧାନଗଛର ତଳି—Paddy seedlings.

**ବିହାୟସ୍(ସ)**—ସଂ. ବି—(ବି+ହା ଧାତୁ=ତ୍ୟାଗ କରିବା+ସଞ୍ଜ୍ଞାର୍ଥେ.
Bihāyas(sa) ଅସ୍; ଅଥବା ବି+ହାୟି ଧାତୁ+ସଞ୍ଜ୍ଞାର୍ଥେ. ଅସ୍; ଅ)
୧ । ଆକାଶ—1. The sky. ୨ । ପକ୍ଷୀ—2. Bird.
(ଉ—ଶାର ଉଦ୍ ଭଣି ଚରଣାୟୁଧ, ବିହାୟସେ ଭୁ ଖଚ୍ଚିରୁ
ପ୍ରସିଦ୍ଧ । ଭଞ୍ଜ. ବୈଦେହୀଶବିଳାସ । ) ୩ । ଦାନ (ହୁ. ଶ)-
3. Bestowal; gift.

**ବିହାର**—ସଂ. ବି—(ବି+ହୃ ଧାତୁ=ହରଣ କରିବା; କ୍ରୀଡ଼ା କରିବା+
Bihāra ଭାବ. ଅ)—୧ । ମନକୁ ଖୁସି କରିବାପାଇଁ ଭ୍ରମଣ;
(ବିହାର—ଅନ୍ୟରୂପ) ହାଉଆ ଖାଇବା—1. Taking a
walk for pleasure; airing; stroll (Apte).
୨ । କ୍ରୀଡ଼ା—2. Recreation; sport; play. ୩ ।
ଉପଭୋଗ—3. Enjoyment. ୪ । କୌତୁକ; କେଳି—
4. Amusements; diversion. ୫ । ରତିକ୍ରୀଡ଼ା
(ହୁ. ଶ)—5. Copulation. ୬ । (ବି+ହୃ ଧାତୁ=
ହରଣ କରିବା+ଅଧି. ଅ)—କ୍ରୀଡ଼ା ସ୍ଥାନ—6. Place
of recreation; play ground. ୭ । ସଂଘାରାମ;
ବୌଦ୍ଧ ମଠ—7. A Buddistic monastery. ୮ ।
କ୍ରୀଡ଼ୋଦ୍ୟାନ—8. A pleasure garden; park
(Apte). ୯ । ପଦ କ୍ଷେପଣ—9. Tread; stepping
(Apte). ୧୦ । ହସ୍ତପଦାଦିର ଚାଳନ—10. Move-
ment of hands, feet etc (Apte). ୧୧ ।
ଦେବ ମନ୍ଦିର—11. A temple in general
(Apte). ୧୨ । ଇନ୍ଦ୍ର ଭବନ—12. The palace
of Indra (Apte). ୧୩ । (+କର୍ତ୍ତୃ. ଅ) ବିନ୍ଦୁରେଖକ
ପକ୍ଷୀ; ପକ୍ଷିବିଶେଷ—13. A kind of bird. ୧୪ ।
(+ଭାବ. ଅ) ପ୍ରସ୍ଫୁଟନ; ବିକଶନ; ବିସ୍ତାର—14. Open-
ing; expansion (Apte). ୧୫ । (ବି+ହୃ ଧାତୁ+
କରଣ. ଅ) ସ୍କନ୍ଧ—15. Shoulder. ୧୬ । (+
କର୍ମ ଅ) ଗଛର ଗଣ୍ଡି—16. The trunk of a
tree. ୧୭ । ଇନ୍ଦ୍ରଙ୍କ ପତାକା—17. The banner

of Indra (Apte). ଦେ. ବି—୧ । ମିଥିଳା ପ୍ରଦେଶ; ଅଧୁନିକ ଓଡ଼ିଶା ପ୍ରଦେଶର ଉତ୍ତରରେ ଥିବା ସ୍ୱତନ୍ତ୍ର ଶାସନ ବିଭାଗ—1. Bihar (Province); modern name of ancient Mithilā. [ଦ୍ର—ବୌଦ୍ଧଯୁଗରେ ଏ ଅଞ୍ଚଳରେ ଅନେକ 'ବିହାର' ବା ବୌଦ୍ଧମଠ ଥିବାରୁ ଏ ଅଞ୍ଚଳର ନାମ 'ବିହାର' ହୋଇଅଛି । ଅଧୁନିକ ବିହାର ବା ପାଟନା ନଗରୀର ପ୍ରାଚୀନ ନାମ ପାଟଳିପୁତ୍ର ବା ପୁଷ୍ପପୁର । ଏ ବିଭାଗ ପୂର୍ବେ ବଙ୍ଗପ୍ରଦେଶର ଅଧୀନ ଥିଲା । ବଙ୍ଗ ଦେଶରୁ ସ୍ୱତନ୍ତ୍ର ହୋଇ ଓଡ଼ିଶା ସଙ୍ଗେ ଏହା 'ବିହାର ଓଡ଼ିଶା' ପ୍ରଦେଶ ହୋଇଅଛି । ବର୍ତ୍ତମାନ ଅଳ୍ପଦିନେ ଓଡ଼ିଶା ସ୍ୱତନ୍ତ୍ରପ୍ରଦେଶ ହେବ ଏବଂ ବିହାର ଗୋଟିଏ ସ୍ୱତନ୍ତ୍ର ପ୍ରଦେଶର ନାମ ହେବ । ] ୨ । ବିହାର ପ୍ରଦେଶର ଏକ ଜିଲ୍ଲା ଓ ନଗର (ଏହା ପାଟଣା ଡିଭିଜନର ଅନ୍ତର୍ଗତ)—2. Name of a district and town in the Province of Bihar.

ବିହାର ଓଡ଼ିଶା—ଦେ. ବି—ବିହାର, ଛୋଟ ନାଗପୁର ଓ ଓଡ଼ିଶା ଏହି Bihāra ordisā ତିନି ବିଭାଗ ଦ୍ୱାରା ଗଠିତ ଏକ ଗଭର୍ଣ୍ଣରଙ୍କ ବିହାର ଉଡ଼ীশা ଅଧୀନ ପ୍ରଦେଶ—The Province of Bihar **बिहार उडीशा** and Orissa. [ଦ୍ର—୧୯୩୬ ସାଲରେ ପାର୍ଲିଅମେଣ୍ଟଙ୍କ ନିର୍ଦ୍ଧାରଣ ମତେ ଏ ପ୍ରଦେଶରୁ ଓଡ଼ିଶା ବାହାର ଯାଇ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଢ଼ା ହେବାରୁ ଏ ପ୍ରଦେଶର ବାକି ଅଂଶ ବିହାର ପ୍ରଦେଶ ହୋଇଅଛି । ]

ବିହାର କରିବା—ଦେ. କ୍ରି—କ୍ରୀଡ଼ା କରିବା; କେଳି କରିବା—Bihāra karibā To disport. [ ଉ—ସେ ନଦୀତଟେ ବିହାରକରা ରହି ସୁଖରେ କରନ୍ତି, କାନ୍ତା ସଙ୍ଗତରେ କରନ୍ତି **बिहार करना** ବିହାର । କୃଷ୍ଣସିଂହ. ମହାଭାରତ ଅଦି । ]

ବିହାରସ୍ଥଳ—ସଂ. ବି (୬ଷ୍ଠୀ ତତ୍; ବିହାର+ସ୍ଥଳ)—କ୍ରୀଡ଼ାସ୍ଥଳ—Bihārasthala Play ground.

ବିହାରିଆ—ଦେ, ବିଣ—ବିହାର ଦେଶୀୟ—Biharee. Bihāria বিহারী **विहारी**

ବିହାରିକା—ସଂ. ବି ( ବିହାର+କ+ଆ )—ମଠ—Bihārikā Convent ( Apte )

ବିହାରି କାୟ(ଏ)ସ୍ଥ(ଥ)—ଦେ. ବି—ବିହାର ପ୍ରଦେଶରୁ ଓଡ଼ିଶାକୁ ଆସି Bihāri kāya(e)stha(tha) ବହୁପୁରୁଷାବଧି ଉପନିବେଶ ସ୍ଥାପନ লালাকাএথ କରିଥିବା 'ଲାଲ' ଉପାଧିଧାରୀ କାୟସ୍ଥ ଜାତି—**लालाकायेथ** The Kāyasthas of Bihar who have been long domiciled in Orissa.

ବିହାରୀ—ସଂ. ବିଣ. ପୁଂ ( ବିହାରିନ୍; ବିହାର+ଅସ୍ତ୍ୟର୍ଥେ ଇନ୍ ୧ମା. Bihāri ୧ବ )—୧ । କ୍ରୀଡ଼ାକାରୀ—1. Sporting; (ବିହାରିଣୀ—ସ୍ତ୍ରୀ) amusing one's self. ୨ । ବିଳାସାର୍ଥ ଭ୍ରମଣକାରୀ—2. Walking for pleasure. [ ଉ—ଜୟ ଶ୍ରୀ ରାଧା ଚନ୍ଦ୍ରମୁଖୀଙ୍କ ବିହାରୀ, ଜୟ କଂସ କେଶୀ ମଲ୍ଲ ପ୍ରାଣହାରୀ । କୃଷ୍ଣସିଂହ. ମହାଭାରତ ବିରାଟ । ] ୩ । ବିହାର ପ୍ରଦେଶୀୟ—3. Pertaining to Bihar. ୪ । ମେଲ୍ଲ ହେଉଥିବା—5 Expanding (Apte) ୫ । ସୁନ୍ଦର—5. Lovely (Apte). ଦେ. ବି—୧ । ବିହାର ପ୍ରଦେଶବାସୀ ବ୍ୟକ୍ତି—1. A Biharee; a resident of Bihar. ୨ । ବିହାର ଅଞ୍ଚଳରେ ବ୍ୟବହୃତ ଭାଷା—2. The Biharee language. ୩ । ବ୍ୟକ୍ତି ବିଶେଷର ନାମ—3. Name given to males. ୪ । ବନବିହାରୀ, କୁଞ୍ଜବିହାରୀ ଇତ୍ୟାଦିଙ୍କ ଡାକ ନାମ—4. A name for calling Banabihāri etc.

ବିହାରୀଲାଲ ପଣ୍ଡିତ—ଦେ. ବି (ନାମ)—ଉତ୍କଳବାସୀ କାଶ୍ମୀରୀ ବ୍ରାହ୍ମଣ Bihārilal pandita ସ୍ୱର୍ଗୀୟ ଜମିଦାର—The late Bihrilal Pandit. [ ଦ୍ର—ଏ କଟକର ଜଣେ ବଡ଼ ଜମିଦାର ଥିଲେ; ଏ ବହୁବ୍ୟୟରେ ଓଡ଼ିଆରେ ବିଷଦ ଓ ବୃହତ୍‌ଟୀକା ସମ୍ବଳିତ ଭଗବଦ୍‌ଗୀତା, ନିତ୍ୟକର୍ମ ପଦ୍ଧତି, ଆୟୁର୍ବେଦ ସଂଗ୍ରହ ନାମକ ଗ୍ରନ୍ଥମାନ ପଣ୍ଡିତମାନଙ୍କ ଦ୍ୱାରା ସଙ୍କଳିତ ଓ ମୁଦ୍ରିତ କରାଇ ବିତରଣ କରିଥିଲେ । ]

ବିହାଲ—ବୈଦେ. ବିଣ—୧ । ବେହାଲ (ଦେଖ)—1, Behāl Bihāl (See) ୨ । ବିହ୍ୱଳ—2, Overwhelmed. **बेहाल बिहाल**

ବିହାୱା—ପ୍ରାଦେ (ଉତ୍ତରଭାଷା) ବି—ବିବାହ—Bihawā Marriage.

ବିହାସ—ସଂ. ବି ( ବି+ହାସ )—ଈଷତ୍ ହାସ୍ୟ—Bihāsa Smile.

ବିହାସ୍ୟ—ସଂ. ବିଣ ( ବି+ହାସ୍ୟ )—ହସମୀୟ; ହାସ୍ୟାସ୍ପଦ—Bihāsa Laughable; rediculous.

ବିହି—ଦେ. ବି ( ସଂ. ବିଧି )—ବିଧାତା—Bihi বিধি **विधि** The Creator.

ବିହିତ—ସଂ. ବିଣ ( ବି+ଧା ଧାତୁ=ଧାରଣ କରିବା+କର୍ମ ତ; ଭୂଳ Bihita ଫା. ବିହତର=ଅତି ଉତ୍ତମ )—୧ । ଅନୁଷ୍ଠିତ—1, Started; founded, ୨ । କୃତ; ସମ୍ପାଦିତ—2, Done; performed; accomplished. ୩ । ଦତ୍ତ—3, Given, ୪ । ଉଚିତ; ବିଧେୟ; କର୍ତ୍ତବ୍ୟ; ଯୋଗ୍ୟ—4, Proper. ୫ । ଅବଶ୍ୟକ—5. Necessary. ୬ । କଥିତ—6. Spoken. ୭ । ବିଧିସଙ୍ଗତ—7. Conformable to rules; regular. ସଂ. ବି ( ବି+ଧା ଧାତୁ+ଭାବ ତ )—ବିଧାନ—Dispensation; rule; law, ଦେ. ବି ( ବି+ହିତ; ଯାହା ହିତ ନୁହେ ) ଅମଙ୍ଗଳ କର; ଅନିଷ୍ଟକାରକ—Injurious, [ ଉ—ବିହିତ ମଣି ଅମରହିତ ସେ ବୁଝିଲେ । ଉପେ. ବୈଦେହୀଶବିଳାସ । ]

ବିହିତ ସମ୍ମାନ—ସଂ. ବି ( କର୍ମଧା; ବିହିତ+ସମ୍ମାନ )—ଯଥାଯୋଗ୍ୟ Bihita sammāna ମର୍ଯ୍ୟାଦା—Due respect.

ବିହିତ ସମ୍ମାନ ପୁରଃସର ନିବେଦନମିଦଂ—(ସଂ ବାକ୍ୟାଂଶ )—ଉଚିତ ଓ Bihita sammāna purahsara nibedanamidam ମାନ୍ୟ

(ବିହିତ ସମ୍ମାନପୂର୍ବକ ନିବେଦନମିଦଂ—ଅନ୍ୟରୂପ) ବ୍ୟକ୍ତିଙ୍କ ନିକଟକୁ ଲେଖିବା ପତ୍ରର ଆରମ୍ଭରେ ଏହି ପଦ ଲେଖାଯାଏ; ଏହାର ଅର୍ଥ—ପତ୍ର ଯାହାଙ୍କ ନିକଟକୁ ଲେଖାଯାଉ ଅଛି, ତାଙ୍କ ପ୍ରତି ଲେଖକଙ୍କର ଯେଉଁ ସମ୍ମାନ ଦେଖାଇବା ଉଚିତ, ସେହି ସମ୍ମାନ ସହକାରେ ଏହି ନିବେଦନ (କରାଯାଉଅଛି)— A sentence written at the beginning of a letter to a respectable person; meaning,-I make this submission with due respect,

**ବିହିଦାନା**—ଦେ. ବି (ଫା ବିହିଦାନା)—ପଶ୍ଚିମ ହିମାଳୟରେ ଓ ପଞ୍ଜାବରେ Bihidānā ଜନ୍ମିବା ବୃକ୍ଷବିଶେଷର ବୀଜ—Quince seed. বিহিদানা **বিহীদানা** [ ଦ୍ର—ଏଥିର ଫଳ ଗ୍ରୀଷ୍ମକାଳରେ ପାଚେ; ସ୍ଥାନୀୟ ଲୋକେ ରାନ୍ଧି କରି ଖାଆନ୍ତି । ଏହା ଆମ ଦେଶକୁ ଔଷଧ ପାଇଁ ଆସେ । ଏ ଗଛ ( Cydonia Vulgaris) କାବୁଲ ଓ ପେଶାବର ଅଞ୍ଚଳରେ ହୁଏ; ଏଥିର ଫଳ ପିଚୁଡ଼ି ପରି ଓ ସୁଖାଦ୍ୟ । ଏ ମଞ୍ଜିକୁ ପାଣିରେ ବତୁରାଇଲେ ତହିଁରୁ ନାଳୁଆ ରସ ବାହାରେ ଓ ଲୋକେ ତାକୁ ସରବତ୍ କରି ପିଅନ୍ତି । ]

**ବିହିନେ**—ଦେ. (ପଦ୍ୟ) ଅ—(ସଂ. ବିନା; ଭୁଲ ସଂ. ବିହୀନ—ପରିତ୍ୟକ୍ତ) Bihine বিহনে **बीन** ବିନା—Without.

**ବିହିବା**—ଦେ. (ପଦ୍ୟ) କ୍ରି—(ସଂ, ବି + ଧା—ଧାତୁ)—୧ । ବିଧାନ Bihibā କରିବା—To arrange. [ ଉ—ଦୋଷୀ ଦେଖି বিহা **विहना** ପୁଣି, ନ ସହାର ବିହିଥିଲ ଶାସ୍ତି ରାମାରେ. ରାଧାନାଥ—ମହାଯାତ୍ରା ।] ୨ । ସମ୍ପାଦନ କରିବା—2, To do; to accomplish. [ ଉ—କଷ୍ଟେ ଦିନକୃତ୍ୟ ବିହି ମହାଦେବୀ, ଦୁଃଖ ଭାର ବହି ବସେ, ରାଧାନାଥ ପାର୍ବତୀ ।] ୩ । ସୃଷ୍ଟି କରିବା—3. To create. ୪ । ନିୟମ ବାନ୍ଧିବା—4. To frame rule. ୫ । ନିର୍ମାଣ କରିବା—5. To build. [ଉ—ମାଧବେଶ୍ୱର ବିହିଲେ ମଣ୍ଡପ ବଡ଼— ଉପେ. କୋଟିବ୍ରହ୍ମାଣ୍ଡ ସୁନ୍ଦରୀ । ୬ । ଘଟାଇବା—6. To bring about; to cause. [ଉ—ଭୀମ ଯେଉଁରୂପେ କୀଚକର ପ୍ରାଣ ନାଶ, ବିହିଲେ ତା ମୋ ଆଗେ କର ତା ପ୍ରକାଶ । କୃଷ୍ଣସିଂହ, ମହାଭାରତ ବନ ।] ୭ । ଭାର ଦେବା; ନ୍ୟସ୍ତ କରିବା—7. To entrust. (ଉ—ଦ୍ୱାର ନିରୂପଣ ତାହାରେ ବିହିଲେ, ଜଗିଲା ସେହୁ ପାହାସ୍ତ । ଶିଶୁଶଙ୍କର—ଉଷାଅଭିଳାଷ ।) ୮ । ଆଚରଣ କରିବା—8. To practise. (ଉ—କଠୋର ତପସ୍ୟା ବିହି ରଥୀ ଭଗୀରଥ । ମଧୁସୂଦନ—ଋଷିପ୍ରେମଭକ୍ତି । ୯ । କହିବା—9. To speak. (ଉ—ବିହି ବହିଲେ ଶୁଣି ତାଙ୍କ ଉକ୍ତି ବଚନ । ଉପେ. ବୈଦେହୀଶ ବିଳାସ) । ୧୦ । ପଡ଼ିବା; ଘଟିବା—10. To befall. (ଉ—ଜରାସନ୍ଧ ପୂର୍ବରେ ସେବି ଉମାପତି, ତାଙ୍କ ବରେ ସୁତାଙ୍କ ବିହିଲା ବିପତ୍ତି । କୃଷ୍ଣସିଂହ—ମହାଭାରତ. ସଭା ।)

**ବିହି ବିଧାତା**—ଦେ. ବି (ଏକାର୍ଥ ଶବ୍ଦତର)—ବିଧାତା; ସୃଷ୍ଟିକର୍ତ୍ତା Bihi bidhata বিধিবিধাতা **विधिविधाता** The Creator.

**ବିହିସ୍ତ**—ବୈଦେ. ବି (ଫା) (ମୁସଲମାନଙ୍କ କଳ୍ପିତ) ସ୍ୱର୍ଗ—Heaven Bihist বিহিস্ত **विहश्त** (of the Mahomedans).

**ବିହୀନ**—ସଂ. ବିଣ—(ବି+ହା ଧାତୁ=ତ୍ୟାଗ କରିବା + କର୍ମ. ତ)—୧ । Bihīna ରହିତ—1. Bereft; destitute of. ୨ । ଅଭାବ- (ବିହୀନା—ସ୍ତ୍ରୀ) ଗ୍ରସ୍ତ—2. Wanting in; devoid of ୩ । ବର୍ଜିତ; ତ୍ୟକ୍ତ—3. Abandoned; deserted. [ ଦ୍ର—ହୀନ ଶବ୍ଦ ପରି ଏ ଶବ୍ଦ ମଧ୍ୟ ଅନ୍ୟ ଶବ୍ଦ ମାନଙ୍କ ସଙ୍ଗେ ଯୁକ୍ତହୋଇ ବ୍ୟବହୃତ ହୁଏ । ଯଥା—ଧନବିହୀନ] বিহনে **बिहीन** ଦେ. କ୍ରି. ବିଣ—(ସଂ. ବିନା ) ବ୍ୟତୀତ; ବ୍ୟତିରେକେ; ଅଭାବରେ; ବିନା— Without. (ଉ—ବିସ୍ତାର କରି କହି, ତାହାର ଅନ୍ତ ନାହିଁ, ତାର ଯଶ ବିହୀନ । ଉପେ. ବୈଦେହୀଶ ବିଳାସ ।)

**ବିହୀ(ହୁ)ନେ**—ଦେ. (ପଦ୍ୟ) ଅ (ସଂ. ବିନା)—୧ । ବିନା; ବ୍ୟତୀତ— Bihi(hu)ne Without. (ଉ—ଅନ୍ନ ବିହିନେ ହଂସ ହାନି, ଯୋଗ ସାଧିବ କାହା ଯେନ । ଜଗନ୍ନାଥ ଭାଗବତ) । ୨ । ୨ । ଛଡ଼ା—2. Except.

**ବିହୁଡ଼ା**—(ଇତ୍ୟାଦି)—ଦେ. ବି.—ବେହୁଡ଼ା ଇତ୍ୟାଦି (ଦେଖ)— Bihurdā (etc) কাড়ান **विहियाना** Beurdā etc (See)

**ବିହୁଡ଼ିବା**—ଦେ. କ୍ରି—ବେହୁଡ଼ିବା (ଦେଖ)— Blhurdibā কাড়ানকরা **विहियाना** Beurdibā (See).

**ବିହୁନ**—ଗ୍ରା. ବିଣ—(ପ୍ରାଚୀନ ପଦ୍ୟ)—ବିହୀନ—Destitute of. Bihuna (ଉ—ଗୁଣ ବିହୁନ ସେହୁ ଯେବେ, ତଥାପି ନାନା ରୂପ ଲଭେ । ଜଗନ୍ନାଥ ଭାଗବତ ।

**ବିହୁନେ**—ଦେ. ଅ. (ସଂ. ବିନା)—ବିନା—Without. (ଉ— Bihune ଅନ୍ନ ବିହୁନେ ହଂସ ହାନି । ଯୋଗ ସାଧିବୁ କାହା ଯେନ ଜଗନ୍ନାଥ ଭାଗବତ ।)

**ବିହୁଳିବା**—ପ୍ରାଦେ. (ଗଡ଼ଜାତ), କ୍ରି—(ସଂ. ବ୍ୟୂହ)—(ବହୁ ସଂଖ୍ୟକ Bihuliba ଗାଈ) ଚରିବାବେଳେ ଏଣେ ତେଣେ ଖେଳେଇ ହୋଇ ବୁଲିବା—To be scattered. (said of a herd of cows while grazing). ଦେ. କ୍ରି— (ସଂ. ବିହୁଲ) ୧ । ପ୍ରକାଶ କରିବା; ପ୍ରଚାର କରିବା— 1. To publish. ୨ । ବାଣ୍ଟିବା—2. To distribute,

**ବିହୃତ**—ସଂ. ବି ( ବି+ହୃ ଧାତୁ=ହରଣ କରିବା+ଭାବ. ତ )— Bihṛuta ସ୍ତ୍ରୀମାନଙ୍କର ବିହାର ବା କ୍ରୀଡ଼ା ବିଶେଷ—A kind of female sport or game.

**ବିହୃତି**—ସଂ. ବି ( ବି+ହୃ ଧାତୁ=ହରଣ କରିବା+ଭାବ. ତି )— Bihṛuti ୧ । ବିହାର; କ୍ରୀଡ଼ା—1. Sport. ୨ । ଚୋରି; ହରଣ. 2. Stealing; robbing ୩ । ଉଦ୍ଘାଟନ—3. Opening. ୪ । ବିସ୍ମୃତି—4. Oblivion.

**ବିହୃଦ**—ଦେ. ବି (ସଂ. ଦୁର୍ହୃଦ)—ଶତ୍ରୁ—Enemy. Bihṛuda (ଉ—ଚନ୍ଦ୍ର ବିହୃଦ ପଣ ପୁଣ ବହିଛି । ଉପେ. କୋଟିବ୍ରହ୍ମାଣ୍ଡ ସୁନ୍ଦରୀ ।)

**ବିହେଠନ**—ସଂ. ବି. (ବି+ହେଠ୍ ଧାତୁ=ପୀଡ଼ନ କରିବା + ଭାବ. ଅନ)- Bihethana ୧ । ଆଘାତ କରଣ—1. Act of striking

୨ । ବଧ କରଣ—2. Killing. ୩ । ମର୍ଦ୍ଦନ—3. 3. Rubbing; bruising. ୪ । ପ୍ରତାରଣା—4. Fraud; deception. ୫ । ଦୁଃଖ; ଯାତନା; କଷ୍ଟ—5. Trouble; pain; misery. ବେ. ବିଣ—ଆନତ—Drooped; bent low. (ଉ—ବିବେଚନ ମୁଖ ପୟୋଧର ଶିଶ, ଦେଖି କେତେ ଯୋଗି ଉପମା । ଉଞ୍ଜ. ବୈଦେହୀଶ ବିଳାସ ।)

**ବିହ୍ନ**—ପ୍ରାଦେ. ( ସମ୍ବଲପୁର)ବି (ସଂ. ବରଣ ) ବି—ବଢ଼ିଣା ମୁଠା ତିଆର Bihna କରିବାରେ ବ୍ୟବହୃତ ତୃଣ ବିଶେଷ—A kind of reed used in making broomsticks. [ଦ୍ର—ଏହାର ଫୁଲ ଗୋଛ ହୋଇ କାଣ୍ଡର ଅଗରେ ଲାଗିଥାଏ । ସେହି କାଣ୍ଡରୁ ଗୋଛାଏ କାଟି ବଢ଼ିଣାମୁଠା କରାଯାଏ । ଏହାର କାଣ୍ଡ ଏ ଅଞ୍ଚଳ କାଇଁଶ ବା କାଶ ତୃଣର କାଣ୍ଡ ପରି ।]

**ବିହ୍ୱ**—ଗ୍ରା.ବି. (ସଂ. ବ୍ୟୂହ)--ବ୍ୟୂହ; ସୈନ୍ୟ ରଚନା—Battle-array; Bihwa disposition of the troops for fight. (ଉ—ଆପଣା ବିହ୍ୱଦ୍ୱାରେ ଲାଗିଣ ଏକ ଥିବ । ପୀତାମ୍ବର-ନୃସିଂହପୁରାଣ ।)

**ବିହ୍ୱଳ**—ସଂ. ବିଣ. ପୁଂ ( ବି+ହ୍ୱଲ୍ ଧାତୁ=କମ୍ପିବା+କର୍ତ୍ତୃ. ଅ )—Bihwala ୧ । ଶୋକାଦି ଦ୍ୱାରା ଅଭିଭୂତ—1. Overcome (ବିହ୍ୱଳତା—ବି) with grief. ୨ । ଅଭିଭୂତ—2. Over-(ବିହ୍ୱଳା—ସ୍ତ୍ରୀ whelmed. ୩ । ଅଚେତନ; ବିଭୋଳ; ବିବଶ—3. Benumbed; turned senseless. ୪ । ଦ୍ରବୀଭୂତ-4. Melted; liquefied. [ଦ୍ର—ଏହା ଅନ୍ୟ ଶବ୍ଦ ପରେ ସମାସରେ ଯୁକ୍ତ ହୋଇ ମଧ୍ୟ ବ୍ୟବହୃତ ହୁଏ, ଯଥା-- ଶୋକ ବିହ୍ୱଳ, କ୍ରୋଧ ବିହ୍ୱଳ, ଭୟ ବିହ୍ୱଳ ।)

**ବିହ୍ୱଳା(ଳେ)ଇବା**—ଦେ. (ପଦ୍ୟ) କ୍ରି. (ବିହ୍ୱଳବାର ଣିଜନ୍ତ ରୂପ)—Bihwalā(le)ibā ୧ । ବିଚଳିତ କରାଇବା —1. To over-बिह्वलाना whelm; to over power. ୨ । ବିମୋହିତ विह्वलान କରିବା—2. To enchant. (ଉ—କିଏଜୟ କେତେ ମାତ୍ର, ବିହ୍ୱଳାଇ ମୋର ଚିତ୍ତ । ଉଞ୍ଜ. ବୈଦେହୀଶବିଳାସ ।)

**ବିହ୍ୱଳିତ**—ଗ୍ରା. ବିଣ (ସଂ. ବିହ୍ୱଳ)—ବିହ୍ୱଳ (ଦେଖ) Bihwalita Bihwala (See)

**ବିହ୍ୱଳିବା**—ଦେ. (ପଦ୍ୟ) କ୍ରି (ସଂ. ବିହ୍ୱଳ)—୧ । ବିଚଳିତ ହେବା—Bihwalibā 1. To be overwhelmed. ୨ । ବିମୋହିତ विह्वल होना ହେବା—2. To be enchanted. (ଉ—बिह्वलना ବିହ୍ୱଳିବ ନାହିଁ ପରି ମୋରେ ମାଳଦ । ଉଞ୍ଜ. ବୈଦେହୀଶ ବିଳାସ)

**ବୀ (ଧାତୁ)**—ସ - କ୍ଷେପଣ କରିବା—Bī (root) To throw.

**ବୀ**—ସଂ. ବି. ସ୍ତ୍ରୀ - (ବି+ସ୍ତ୍ରୀ. ଈ)—ମାଈ ଚଢ଼େଇ; ପକ୍ଷିଣୀ—Bi A female bird.

**ବୀଅର୍**—ବୈଦେ. ବି (ଇଂ. ବୀଅର୍)—ବିଲାତି ଅନୁଗ୍ର ମଦ୍ୟ ବିଶେଷ—Biar बियार बीर शराब Beer. (ବୀଅର୍ ସର୍ପ୍—ଅନ୍ୟରୂପ)

**ବୀକ**—ସଂ. ବି (ଅଜ୍ ଧାତୁ=ଗମନ କରିବା+ସଂଜ୍ଞାର୍ଥେ କ; ଜଗାଡ଼ନ--Bika ସିଦ୍ଧ)—୧ । ବାୟୁ; ପବନ—1. Wind; air. ୨ । ପକ୍ଷୀ—2. Bird.

**ବୀକାଶ**—ସଂ. ବି ( ବି+କାଶ୍ ଧାତୁ=ଦୀପ୍ତି ପାଇବା+ଭାବ. ଅ )—Bikāsa ୧ । ବିକାଶ; ପ୍ରକାଶ—1. Manifestation; exhibition. ୨ । ଗୋପନ—2. Concealment; privacy. ୩ । ନିଭୃତ; ଏକାନ୍ତ ସ୍ଥାନ—3. Lonely place; loneliness

**ବୀକ୍ଷକ**—ସଂ. ବିଣ ପୁଂ(ବି+ଈକ୍ଷ୍ ଧାତୁ=ଦେଖିବା+କର୍ତ୍ତୃ. ଅକ )—Bikshaka ୧ । ନିରୀକ୍ଷଣକାରୀ—1. Observing; preceiv-(ବୀକ୍ଷିକା—ସ୍ତ୍ରୀ) ing; seeing. ୨ । ପରିଦର୍ଶନକାରୀ—2. Inspecting. ସଂ. ବି—ପରିଦର୍ଶକ ବ୍ୟକ୍ତି—Observer; visitor; inspectar.

**ବୀକ୍ଷଣ**—ସଂ. ବି ( ବି+ଈକ୍ଷ୍ ଧାତୁ= ଦେଖିବା+ଭାବ. ଅନ )—Bikshana ୧ । ମନୋଯୋଗ ପୂର୍ବକ ଦେଖିବା ଓ ପରୀକ୍ଷା କରିବା—1. Examining very carefully; observation. ୨ । ନିରୀକ୍ଷଣ—2. Perceiving; beholding; seeing; viewing. ୩ । ପରିଦର୍ଶନ—3. Inspection. ୪ । ଭୋଗ ଦେବା ପୂର୍ବରୁ ଦେବତାଙ୍କୁ ଭୋଗ ଦିଆଯିବା ବସ୍ତୁକୁ ମନୋଯୋଗ ସହିତ ଦେଖି ପରୀକ୍ଷା କରିବା—4. Carefully examining and observing a thing before it is offered to a Deity.

**ବୀକ୍ଷଣ ପ୍ରୋକ୍ଷଣ**—ସଂ. ବି (ସହଚର)-ଭୋଗ ଦେବାପୂର୍ବରୁ ଭୋଗ ଦିଆଯିବା Bhoga prokshana ବସ୍ତୁକୁ ମନୋଯୋଗ ପୂର୍ବକ ଦେଖି ପରୀ କରି ବା ଓ ତତ୍ପରେ ତହିଁ ଉପରେ ପାଣି ଛିଞ୍ଚିବା—Inspection of an offering and then sprinkling water on it before it is offered to a Deity.

**ବୀକ୍ଷଣୀୟ**—ସଂ. ବିଣ (ବି+ଈକ୍ଷ୍ ଧାତୁ+କର୍ମ. ଅନୀୟ)—୧ । ଦର୍ଶନୀୟ—Bikshaniya 1. Visible. ୨ । ମନୋଯୋଗ ସହକାରେ ଦେଖିବାର ଯୋଗ୍ୟ—2. Observable. ୩ ।ସୁନ୍ଦର—3. Beautiful.

**ବୀକ୍ଷିତ**—ସଂ. ବି ( ବି+ଈକ୍ଷ୍ ଧାତୁ=ଦେଖିବା+କର୍ମ. ତ )—Bikshita ନିରୀକ୍ଷିତ—1 Viewed; inspected; examined. ସଂ. ବି. (+ଭାବ. ତ)—ଦର୍ଶନ—Viewing; observing.

**ବୀକ୍ଷ୍ୟ**—ସଂ. ବିଣ ( ବି+ଈକ୍ଷ୍ ଧାତୁ=ଦେଖିବା+କର୍ମ. ଯ )—୧ । Bikshya ଦର୍ଶନୀୟ—1. Visible; perceptible. ୨ । ସୁନ୍ଦର—2. Beautiful. ସଂ. ବି—୧ । ବିସ୍ମୟ—1. Wonder. ୨ । ନୃତ୍ୟ --2. Dancing. ୩ । ୫ । ଘୋଟକ—5 Horse, ୪ । ନର୍ତ୍ତକ—4. Dancer.

**ବୀଚ୍ଛଲ(ଳୀ)**—ସଂ. ବି (ବୀଚ+ଅଳୀ=ଶ୍ରେଣୀ )—ଶୁଖିଲା କୁଟା, ନଡ଼ା, ଘାସ ପ୍ରଭୃତି—Dry straw; hay.
Bīchāli(ḷi)

**ବୀଚ( ଚୀ )**—ସଂ. ବି—( ବେ ଧାତୁ=ବୁଣିବା+କର୍ମ. ଚିତ )—
Bīchi(chī) ୧ । ତରଙ୍ଗ; ଢେଉ—1. Wave. ୨ । କିରଣ; ଆଲୋକତରଙ୍ଗ—2. Ray; a wave of light. ୩ । ଦୀପ୍ତି-3. Lustre; radiance. ୪ । ଅବକାଶ—4. Leisure. ୫ । ଆନନ୍ଦ; ସୁଖ—5. Joy; pleasure; delight.

**ବୀଚି ତରଙ୍ଗ ନ୍ୟାୟ**—ସଂ—ଯେଉଁପରି ଗୋଟିଏ ତରଙ୍ଗ ଅନ୍ୟତରଙ୍ଗ
Bīchi taraṅga nyāya ଉତ୍ପାଦନ କରେ ଓ ତହିଁରୁ ପୁଣି ଅନ୍ୟ ତରଙ୍ଗ ଉତ୍ପନ୍ନ ହୁଏ, ସେହିପରି କୌଣସି ଗୋଟିଏ କଥାରୁ ଅନେକ କଥା ବାହାରିଲେ, ସେହି ସ୍ଥଳରେ ଏହି ନ୍ୟାୟ ପ୍ରଯୁକ୍ତ ହୁଏ—An analogy from one wave producing a succesion of waves.

**ବୀଚିତରଙ୍ଗବାଦ**—ସଂ. ବି—(ଆଧୁନିକ ବିଜ୍ଞାନ )—'ଆଲୋକ ଓ ଧ୍ୱନି
Bīchitaraṅgabāda ଆଦି ତରଙ୍ଗରୂପେ ସୃଜିତ ହୋଇ ଦୂରକୁ ଗମନ କରେ' ଏହି ବୈଜ୍ଞାନିକ ମତ—The scientific theory of propagation in waves (e. g. of ether, of light, of sound).

**ବୀଚିବିକ୍ଷୁବ୍ଧ**—ସଂ. ବଣ—(ସପ୍ତମୀ ତତ୍; ବୀଚି+ବିକ୍ଷୁବ୍ଧ)-ତରଙ୍ଗାକୁଳିତ—
Bīchibikshubdha Billowy; agitated by waves; lashed by waves.
(ବୀଚିବିକ୍ଷୋଭିତ—ଅନ୍ୟରୂପ; ବିଚିବିକ୍ଷୋଭ—ବିଶେଷ୍ୟ )

**ବୀଚିମାଳା**—ସଂ. ବି—(୬ଷ୍ଠୀ ତତ୍; ବୀଚି+ମାଳା)—ତରଙ୍ଗମାଳା; ତରଙ୍ଗ
Bīchimāḷā ଉପରେ ବା ପରେ ଉଠିବା ତରଙ୍ଗମାନ—
(ବୀଚିଶ୍ରେଣୀ—ଅନ୍ୟରୂପ) 1. A succession of waves.

**ବୀଚିମାଳୀ**—ସଂ. ବି—( ବୀଚିମାଳା+ଅସ୍ତ୍ୟର୍ଥେ. ଇନ୍=ବୀଚିମାଳିନ୍;
Bīchimāḷi ୧ମା. ୧ବ)—୧ । ସୂର୍ଯ୍ୟ—1. The sun. ୨ । ସମୁଦ୍ର—2. The sea.

**ବୀଚୁ**—ଦେ. ବି (ନାମ)—(ଆଦରାର୍ଥକ) ବିଚିତ୍ରାନନ୍ଦଙ୍କୁ ଡାକିବା ନାମ—
Bīchu A name for calling Bichitrānanda.

**विचित्रिमा** (ବିଚିଅ, ବିଚିଭିସ, ବିଚୁଅ—ଅନାଦରାର୍ଥକ ରୂପ)

**ବୀଜ୍** (ଧାତୁ)—ସଂ—ବ୍ୟଜନ କରିବା; ବିଞ୍ଚିବା—
Bij (root) To fan.

**ବୀଜ**—ସଂ. ବି-(ବି=ବିବିଧରୂପେ+ଜନ୍ ଧାତୁ=ଜନ୍ମିବା+ଅ; ଇ=
Bīja ଈ; ଅଥବା ବେଞ୍ ଧାତୁ=ଅଚ୍ଛାଦନ କରିବା+ଭାବେ. କ୍ୱିପ୍; ବୀ=ଅଚ୍ଛାଦନ+ଜନ୍ ଧାତୁ=ଜନ୍ମିବା+କର୍ତ୍ତୃ. ଅ—ଯାହା ମୃତ୍ତିକାଗର୍ଭରେ ଏକରୂପ ଓ ମୃତ୍ତିକା ଭେଦ କଲେ ଅନ୍ୟରୂପ, ଏହିପରି ବିବିଧରୂପ ଧାରଣ କରେ; ଅଥବା ଯାହା ମୃତ୍ତିକାଦ୍ୱାରା ଅଚ୍ଛାଦିତ ହେଲେ, ଅଙ୍କୁର ଉତ୍ପାଦନ କରେ)—୧ । ମଞ୍ଜି—1. Seed; germ. ୨ । ଆମ୍ବଆଦି ଫଳର ଟାକୁଆ—2. The stone inside some fruits (e. g. mango). ୩ । କୌଣସି ବସ୍ତୁର ମୂଳ କାରଣ; ମୂଳ; ହେତୁ—3. Origin; source; primary cause. ୪ । ତତ୍ତ୍ୱ—4. The first or underlying principle. ୫ । ବୀର୍ଯ୍ୟ; ଶୁକ୍ର—5. Semen virile. ୬ । ତେଜଃ—6. Vigour; spirit. ୭ । (ଗଣିତ) ଅବ୍ୟକ୍ତ ରାଶି—7, (mathematics) An unknown number or quantity; an algebraic quantity. ୮ । ମୂଳମନ୍ତ୍ର; ଦେବତାମାନଙ୍କର ମନ୍ତ୍ରର ଉଚ୍ଚାରିତ ମୌଳିକ ଅକ୍ଷର ବା ଅକ୍ଷରମାନ—8, A mystic syllable or letter which is considered as the essential element of the incantation of a particular Diety (Apte).
[ଦ୍ର-ଯଥା,ଶ୍ରୀକୃଷ୍ଣଙ୍କର ବୀଜମନ୍ତ୍ର 'କ୍ଲୀଂ',ଦୁର୍ଗାଙ୍କର ଐଂ, ହ୍ରୀଂ, ଶ୍ରୀଂ ।]
୯ । ଚାଳ; ଅଙ୍କୁର; ଗଜା—9. Sprout; seedling. ୧୦ । ଆଧାର—10. Receptacle. ୧୧ । ରତ୍ନ—11. Gem. ୧୨ । ବିହନ—12. Seed kept for sowing in the next season. ୧୩ । କୌଣସି ବିଷୟର ମୂଳ; ଜଡ଼—13. The primary root or root cause or a thing. ୧୪ । ସେହି; ଭେଦ; କୌଣସି ବିଷୟ ବା ସମସ୍ୟାର ଗୁପ୍ତତତ୍ତ୍ୱ; ସୂତ୍ର—14. The clue or key to the solution of any problem. ୧୫ । କୌଣସି ଗଣିତ ପ୍ରଶ୍ନ ସମାଧାନ କରିବା ନିମନ୍ତେ ଧାର୍ଯ୍ୟ ମୂଳ ସଂଖ୍ୟା ବା ପିଣ୍ଡ—15. A token number for the solution of a mathematical problem. ୧୬ । ମଜ୍ଜା—16. Marrow (Apte). ୧୭ । ନାଟକର, ଉପନ୍ୟାସର ବା ଗଳ୍ପର ଉପାଖ୍ୟାନର ଉତ୍ପାଦକ ଘଟଣା—17. The germ or seed of the plot of a play or story (Apte) ୧୮ । ବୀଜଗଣିତ—18. Algebra (Apte). ୧୯ । ଟଭାଗଛ—19. The citron tree (Apte). ୨୦ । ସାଧାରଣଙ୍କ ଅବୋଧ୍ୟ ଭାବପୂର୍ଣ୍ଣ ସାଙ୍କେତିକ ଶବ୍ଦ ବା ଅକ୍ଷର (ହୁ. ଶ)—20. An abbreviated letter or word to indicate certain matters.

**ବୀଜକ**—ସଂ. ବି ( ବୀଜ+ପୂର୍ଣ୍ଣାର୍ଥେ. କ )—୧ । ବୀଜପୂର; ଟଭା—
Bījaka 1. Citron (tree and fruit). ୨ । ସନ୍ତାନ ଜନନ ସମୟରେ ଶିଶୁର ଦୁଇ ହାତ ମଧ୍ୟରେ ମୁଣ୍ଡ ରହିଯାଇ ପ୍ରସବ ଦ୍ୱାରରେ ବାରିହେବା ଅବସ୍ଥା (ହୁ. ଶ)—2 The position of the head between the arms of a child, coming aganist the vaginal door at its birth. ୩ । ( +ସ୍ୱାର୍ଥେ. କ ) ମଞ୍ଜି—3. Seed. ୪ । ସୂଚୀ; ତାଲିକା (ହୁ. ଶ)—4. Index; list. ୫ । ପୋତା ଧନ ସଙ୍ଗେ ରଖାଯିବା ତାଲିକା ( ହୁ. ଶ )—5. A list of the hoarded wealth kept along with the buried treasure. ୬ । ପଣ୍ୟଦ୍ରବ୍ୟକୁ କେଉଁଠାକୁ ପଠାଇବା ବେଳେ ବିକେତା କେତାକଠାକୁ ମାଲମାନଙ୍କର ବିବରଣ ଓ ମୂଲ୍ୟ

ଅଦ ଲେଖି ଯେଉଁ ଚାଲାଣ ପଠାନ୍ତି ( ହୃ. ଷ )—6. Invoice accompanying the articles sent to a purchaser by the vendor. ୭ । ଅସନ ଗଛ ( ହୃ. ଷ )—7. Buchanania Latifolia (tree).

**ବୀଜକୃତ**—ସ. ବ (ବୀଜ+କୃତ)—ବାଜୀକରଣ (ହୃ. ଷ) (ଦେଖ) **Bījakṛuta** Bājikaraṇa ( See )

**ବୀଜ କୋଶ(ଷ)**—ସଂ. ବ ( ୬ଷ୍ଠୀ ତତ୍; ବୀଜ+କୋଶ=ଅଧାର )—**Bija kosa(sha)** ୧ । ଯେଉଁ ପାତ୍ରରେ ମଞ୍ଜି ଅଦ ରଖାଯାଏ—(ବୀଜାଧାର—ଅନ୍ୟରୂପ) 1. A receptacle for storing seeds. ୨ । ପୁଷ୍ପାଦିର ଯେଉଁ ଅଂଶରେ ବୀଜ ଥାଏ—2. The seed-vessel of a flower. ୩ । ଲେମ୍ବୁ, ପଣସ ଅଦ ଫଳର ଖୋସା—3. The seed-vessels or pods of orange and some other fruit; pericarp. ୪ । ଜୀବର ଅଣ୍ଡକୋଷ—4. Testicle. ୫ । କଇଁଫୁଲର ବା ପଦ୍ମଫୁଲର ଯେଉଁ ପାଖାବୃତ ଅଂଶ ମଧ୍ୟରେ ମଞ୍ଜି ଥାଏ—5. The seed-vessel of lotus, water-lily etc.

**ବୀଜ ଖଇଚ୍ଛ**—ଦେ. ବଣ—ଋଣା ହେବା ସମୟରେ ଯେଉଁ ଫସଲର ବା **Bīja kaichā** ଗଛର ମଞ୍ଜି କଚ୍ଛୃଷ୍ଟ ଥାଏ—(trees or plants) Germinating from inferior seeds.

**ବୀଜ ଖ(ଖେ)ଚ(ଚ୍ଛ)ଡ଼(ଡ଼ା)**—ଦେ. ବଣ, ପୁଂ—(ଗାଳ)—(ସ. ବୀଜ+ **Bīja kha(khe)cha(chcha)rda(rdā)** ଚକ୍ଷୁ ଭ=ପୁଂଷଲ, ଖଚର, ତିବଖଚର ବା ଖେସର=ଘୋଡ଼ା ଓ ଗଧ ମିଶ୍ର ଜୀବ)—୧ । खचरा; बीजखचर ଅଦ ଦୁଷ୍ଟ; ଖଚଡ଼; ନଷ୍ଟ ଚରିତ୍ର—1. Very wicked; wanton; dissolute; depraved. ୨ । ଜାରଜ—2. Bastard. ୩ । ଦୁଷ୍ଟ ପିତାମାତାଙ୍କଠାରୁ ଉତ୍ପନ୍ନ ହେବା (ବୀଜ[ଜ] ଖ[ଖେ]ଚ[ଚ୍ଛ]ଡ଼ାଙ୍ଗି[ମି]—ବଶେଷ୍ୟ) ଯୋଗୁଁ ଦୁଷ୍ଟ; ପୁରୁଷାନୁକ୍ରମେ ଦୁଷ୍ଟ ବା ଖଳ—3. One who has inherited wickedness from his parents. ୪ । ବେଶ୍ୟାପୁତ୍ର—4 Whoreson. ୫ । ଯେଉଁ ଫସଲ ନାନାମିଶ୍ରିତ ବା ଖାରସ ମଞ୍ଜିରୁ ଉତ୍ପନ୍ନ ହୋଇଥାଏ—5. (plant or tree) Raised from mixed or inferior seeds. [ ଦ୍ର—କୌଣସି ଗଛର ମଞ୍ଜି ଖରାପ ବା ମିଶା ଥିଲେ ସେ ଗଛ ଯେପରି ଭଲ ହୁଏ ନାହିଁ, ସେହିପରି ଜାରଜ ସନ୍ତାନ ଜନ୍ମରୁ ଦୁଷ୍ଟ ହୁଏ ।]

ବୀଜ ଖ(ଖେ)ଚ(ଚ୍ଛ)ଡ଼(ଡ଼ା)
ବୀଜ(ଜ) ଖେ(ଖ)ଚ(ଡ଼)ଡ଼ିଆ } ଅନ୍ୟରୂପ
ବୀଜ(ଜ)ଖେଚେଡ଼ା

ବୀଜ(ଜ) ଖଚ(ଚ୍ଛ)ଡ଼ୀ
ବୀଜ(ଜ) ଖେଚ(ଚ୍ଛ)ଡ଼ୀ } ସ୍ତ୍ରୀ

**ବୀଜ ଖଲାସ(ସି)କରିବା**—ଦେ. କ୍ରି ( ସଂ. ବୀଜ+ଅ. ଖଲାସ୍ )—ସ୍ତ୍ରୀ **Bīja khalāsa(si)kariba** ସଙ୍ଗମାଦଦ୍ୱାରା ଅପଣାର ରେତଃପାତ କରିବା—To dicharge one's semen after coition.
बीज खालास करा
बीज खालास करना

**ବୀଜଗଣିତ**—ସଂ. ବ ( ମ. ପ. ଲୋ; ବୀଜ[=ଅବ୍ୟକ୍ତ ରାଶି] ବଷୟକ **Bījagaṇita** ଗଣିତ )—ଅବ୍ୟକ୍ତ ରାଶି ସମ୍ବନ୍ଧୀୟ ସମସ୍ୟା ସାଧକରୂପ ଗଣିତଶାସ୍ତ୍ର; ଅଙ୍କଶାସ୍ତ୍ରର ଅନ୍ତର୍ଗତ ଶାସ୍ତ୍ରବଶେଷ—Algebra. [ ଦ୍ର—ଏଥିରେ ଅବ୍ୟକ୍ତ ସଂଖ୍ୟା ବା ରାଶିମାନଙ୍କୁ ବର୍ଣ୍ଣମାଳାର ଅକ୍ଷରରୂପେ ଲେଖି ବେତେଗୁଡ଼ିଏ ସାଙ୍କେତିକ ଚିହ୍ନ ବ୍ୟବହାରପୂର୍ବକ ଗାଣିତିକ ସିଦ୍ଧାନ୍ତରେ ଉପନୀତ ହେବାକୁ ହୁଏ ।

ଯଥା—$\frac{କ}{ଖ}+\frac{ଗ}{ଖ}+\frac{ଘ}{ଖ}=\frac{କ+ଗ+ଘ}{ଖ}$, ଏହିପରି ଅକ୍ଷରମାନଙ୍କଦ୍ୱାରା କାଳ୍ପନିକ ଗଣନା ଓ ସମସ୍ୟାମାନ ସାଧିତ ହୁଏ । ]

**ବୀଜ ଗର୍ଭ**—ସଂ. ବ ( ବହୁବ୍ରୀହି )—ପଟୋଳ ( ହୃ. ଷ ) ( ଦେଖ ) **Bija garbha** Patola ( See )

**ବୀଜଗୁପ୍ତି**—ସଂ. ବ(ବହୁବ୍ରୀହି)—୧ । ଶିମ୍ବ—1. Kidney bean. **Bījagupti** ୨ । ଛୁଇଁ—2. Pod; legume. ୩ । ଭୁଷି—3. Chaff.

**ବୀଜ ଛାଡ଼ିବା**—ଦେ. କ୍ରି—ଯୋନି ମଧ୍ୟରେ ବୀର୍ଯ୍ୟ ପାତନ କରିବା—**Bīja chārdibā** To discharge one's semen into the female organ after-coition.
বীজ ছাড়া बीजा गिराना
(ବୀଜ ଢାଳିବା, ବୀଜ ଝାଳିବା, ବୀଜ ପକେଇବା—ଅନ୍ୟରୂପ)

**ବୀଜତାଡ଼(ର)କ**—ଦେ. ବ ( ସଂ. ବୃଦ୍ଧଦାରକ )—ବୃଦ୍ଧଦାରକ (ଦେଖ) **Bījatārda(ra)ka** Bruddhadāraka ( See )
বীজতাড়ক विधारा

**ବୀଜଦାତା**—ସଂ. ବ ପୁଂ (ବୀଜ+ଦାତୃ)—ସନ୍ତାନର ପ୍ରକୃତ ଜନକକାରକ **Bijadātā** ପିତା; ଯେଉଁ ବ୍ୟକ୍ତି ସ୍ତ୍ରୀ ଗର୍ଭରେ ସନ୍ତାନଜନନାର୍ଥ ବୀର୍ଯ୍ୟ ସ୍ଥାପନ କରିଥାଏ; ପିତା; ଜନକ—The begetter or progenitor of a child. [ ଦ୍ର—କୌଣସି ପୁରୁଷ ମୃତ, ବନ୍ଧ୍ୟ ବା କ୍ଳୀବ ହେଲେ ତାଙ୍କ ପତ୍ନୀଙ୍କଠାରେ ଅନ୍ୟ ପୁରୁଷ ବୀଜଦାତା ରୂପରେ ସନ୍ତାନ ଉତ୍ପାଦନ କରି ତାଙ୍କ କୁଳ ରକ୍ଷା କରିବାର ବଧାନ ହିନ୍ଦୁଶାସ୍ତ୍ରରେ ଅଛି ଏହିପରି ସନ୍ତାନକୁ କ୍ଷେତ୍ରଜ ସନ୍ତାନ ବୋଲାଯାଏ । ]

**ବୀଜଧାନ୍ୟ**—ସ. ବ ( ମ. ପ. ଲୋ, ବୀଜରୂପେ ବ୍ୟବହୃତ ବା ଅଭିପ୍ରେତ **Bijadhānya** ଧାନ୍ୟ )—୧ । ଧାନର ବଢ଼ନ—1. Seed-grains of paddy. ୨ । ଧାନଗଛର ତଳ—2. Seedlings of paddy.

**ବୀଜନ**—ସ. ବ ( ବ+ଅଜ୍ ଧାତୁ=କ୍ଷେପଣ କରିବା ବା ବ୍ୟଜ୍ ଧାତୁ **Bījana** +ଭାବ. ଅନ )—୧ । ବ୍ୟଜନ; ବିଞ୍ଚିବା—1. Fanning. ୨ । ( +କରଣ. ଅନ ) ପଙ୍ଖା; ବିଞ୍ଚଣା—2. A fan. ୩ । ଚାମର—3. A chowrie fan. ୪ । (କର୍ତ୍ତୃ.ଅନ) ଚକ୍ରବାକ; ଚକୁଆ ଚଢ଼େଇ—4. The ruddy goose; Anas Casarca.

**ବୀଜ ପୁରୁଷ**—ସ. ବ—୧ । ବଂଶର ପ୍ରଥମ ପୁରୁଷ; ଆଦିପୁରୁଷ; ଗୋତ୍ର-**Bīja purusha** ପ୍ରବର୍ତ୍ତକ ବ୍ୟକ୍ତି—1. The progenitor

or source of a family. ୨ । ବଂଶର ପ୍ରଧାନ ବ୍ୟକ୍ତି; ପରିବାରର କର୍ତ୍ତା—2. The headman of a family.

ବୀଜପୁଷ୍ପ—ସଂ. ବି ( ବହୁବ୍ରୀହି )—୧ । ମରୁବକ; ମରୁଆ ଗୁଳ୍ମ— **Bija** pushpa 1. Sweet Marjoram ( plant ). ୨ । ମଦନ ବୃକ୍ଷ; ମଦଣ ଗଛ—2. The Bushy Gardenia (tree).

ବୀଜପୂର—ସଂ. ବି (ବୀଜ+ପୂର=ଯାହା ପରିପୂର୍ଣ୍ଣ କରେ)—ଟାଭା ଲେମ୍ବୁ— **Bijapūra** Citron; Citrus Medica. (ବୀଜଫଳକ, ବୀଜପୂର୍ଣ୍ଣ—ଅନ୍ୟରୂପ)

ବୀଜପେଶିକା—ସଂ. ବି—ଅଣ୍ଡକୋଷ (ହ୍ରି. ଷ.)— Bijapesikā Testicle.

ବୀଜ ବପନ—ସଂ. ବି (୬ଷ୍ଠୀ ତତ୍; ବୀଜ+ବପନ=ବୁଣିବା)—ମଞ୍ଜି ବୁଣା— Bija bapana The sowing of seeds.

ବୀଜବାପୀ—ସଂ.ବିଣ ଓ ବି. ପୁଂ(ବୀଜ+ବପ୍ ଧାତୁ=ବୁଣିବା+କର୍ତ୍ତୃ.ଇନ୍) Bijabāpi ବୀଜବାପିନ୍, ୧ମା. ୧ବ )—ଯେ ମଞ୍ଜି ବୁଣେ— The sower of seeds; sowing seeds.

ବୀଜ ମନ୍ତ୍ର—ସଂ. ବି (ବୀଜ+ମନ୍ତ୍ର)—କୌଣସି ଦେବତାଙ୍କର ମନ୍ତ୍ର ପୂର୍ବେ Bija mantra ଉଚ୍ଚାରିତ ହେବା ଜନ୍ୟ ଅକ୍ଷରବିଶିଷ୍ଟ ସାଙ୍କେତିକ ମନ୍ତ୍ର—Mystic letter or letters or syllable or syllables pronounced before uttering a mantra of a particular Deity. ଦେ.ବି—୧ । ଗୁରୁ ଶିଷ୍ୟର କାନରେ ଯେଉଁ ମନ୍ତ୍ର ଫୁଙ୍କନ୍ତି; ଇଷ୍ଟ ମନ୍ତ୍ର—1. The mystic formula which the spiritual preceptor whispers into the ear of the disciple at the initiation. ୨ । (ଲକ୍ଷଣାର୍ଥ) ଗୋପ୍ୟ; ଭେଦ; କୌଣସି ବିଷୟର ରହସ୍ୟ—2. The clue to a matter.

ବୀଜ ମାତୃକା—ସଂ, ବି. ସ୍ତ୍ରୀ ( ବୀଜ+ମାତୃକା=ଜନନୀ )—ପଦ୍ମବୀଜ— Bija mātrukā The seed of lotus.

ବୀଜ ରକ୍ଷଣ—ସଂ. ବି (୬ଷ୍ଠୀ ତତ୍ ବୀଜ+ରକ୍ଷଣ)—ବିହନ ସାଇତିବା— Bija rakshaṇa Storing of seeds for next sowing. (ବୀଜସ୍ଥାପନ, ବୀଜସଞ୍ଚୟ, ବୀଜସଂରକ୍ଷଣ—ଅନ୍ୟରୂପ)

ବୀଜରୁହ—ସଂ. ବି ( ବୀଜ+ରୁହ=ଯେ ଜନ୍ମେ )—ଧାନ ଆଦି ଶସ୍ୟ— Bijaruha Corn.

ବୀଜରେଚକ(ନ)—ସଂ. ବି ( ବହୁବ୍ରୀହି )—ଜୟପାଳ ( ହ୍ରି. ଷ. )— Bijarechaka(na) Croton. ( ବୀଜାଖ୍ୟ—ଅନ୍ୟରୂପ )

ବୀଜ ରୋପଣ—ସଂ. ବି (୬ଷ୍ଠୀ ତତ୍;ବୀଜ+ରୋପଣ)—ଗଛ ରୋଇବା— Bija ropaṇa The planting of seedlings.

ବୀଜଲ—ସଂ. ବିଣ (ବୀଜ+ବାହୁଲ୍ୟାର୍ଥେ ଲ)—ବୀଜବହୁଳ; ମଞ୍ଜିଆ— Bijala Full of seeds; seedy.

ବୀଜସାର—ସଂ. ବି—ବାଇ ବିଡ଼ଙ୍ଗ (ହ୍ରି. ଷ.) (ଦେଖ) Bijasāra Baibirdanga (See)

ବୀଜସାଲ—ସଂ. ବି—ପିଆସାଲ (ଦେଖ) Bijasāla Piyāsāla (See).

ବୀଜସୂ—ସଂ. ବି (ବୀଜ+ସୂ ଧାତୁ=ପ୍ରସବକରିବା+କର୍ତ୍ତୃ. କ୍ୱିପ୍)— Bijasū ପୃଥିବୀ—The earth.

ବୀଜା—ପ୍ରାଦେ (ସାମନ୍ତୀ) ବି (ସଂ. ବୀଜସାଲ)—ପିଆସାଲ (ଦେଖ) Bija Piyāsāla (See).

ବୀଜାଙ୍କୁର—ସଂ. ବି ( ବୀଜ+ଅଙ୍କୁର )—ମଞ୍ଜିରୁ ବାହାରିବା ଗଜା— Bijāṅkura Seedling; sprout coming out of a seed.

ବୀଜାଙ୍କୁର ନ୍ୟାୟ—ସଂ—ସୃଷ୍ଟିରେ ଆଗ ବୀଜ ଜାତ ହେଲା କି ଆଗ Bijāṅkura nyāya ଅଙ୍କୁର ଜାତ ହେଲା, ଏହା ନିରୂପଣ ( ବୀଜାଙ୍କୁର ପ୍ରବାହ ନ୍ୟାୟ—ଅନ୍ୟରୂପ ) କରିବା ଅସମ୍ଭବ; ସୁତରାଂ ବୀଜାଙ୍କୁରପ୍ରବାହ ଅନାଦି; ଏହିପରି ନ୍ୟାୟ— The theory of corelation of the seed and the sprout in the creation (whether in the beginning the seed came from the tree or the tree from the seed).

ବୀଜାଙ୍କୁର ପ୍ରବାହ—ସଂ. ବି—ବୀଜରୁ ଅଙ୍କୁର ଜାତ ହେବା, ପୁଣି ସେ **Bijāṅkura prabāha** ଅଙ୍କୁର ବଢ଼ି କରି ଗଛ ହୋଇ ଫୁଲ ଫଳ ଧର ତହିଁରୁ ବୀଜ ଜାତ ହେବା, ପୁଣି ତହିଁ ବୀଜରୁ ଅଙ୍କୁର ହେବା, ଏହିପରି ଧାରାବାହିକ ସୃଷ୍ଟିସ୍ରୋତ—The corelation of the seed and the sprout in the creation in succession.

ବୀଜାଧାର—ସଂ. ବି (୬ଷ୍ଠୀ ତତ୍; ବୀଜ+ଆଧାର)—ବୀଜକୋଷ— **Bijādhāra** Seed vessel

ବୀଜିତ—ସଂ. ବିଣ ( ବି+ଅଜ୍ ଧାତୁ = ବ୍ୟଜନ କରିବା + କର୍ମ Bijita ତ )—ଯାହାକୁ ବିଞ୍ଚା ଯାଇଥାଏ; କୃତବ୍ୟଜନ— Fanned.

ବୀଜକା(କ)ଟି(ଟି)ଆ—ଦେ. ବିଣ—(ସଂ. ବିରକ୍ତି କର, ବିକଟ, ବିକୃତ Bijjka(ki)ṭi(ti)ā ୧ । ବିରକ୍ତି କର—1. Annoying. বিতিকিছি ঘিচিত ୨ । ବିକଟ—2. Fierce. ୩ । କୁତ୍ସିତ— 3. Ugly. ୪ । ବିକୃତ—4. Deformed. [ ବୀଜକଟା(ଟା), ବୀରକା(କ)ଟ(ଟି)ଆ—ଅନ୍ୟରୂପ ] [ବୀଜକଟୀ(ଟୀ), ବୀଜକଟେ(ଟେ)ଇ, ବିରକଟେ(ଟେ)ଇ—ସ୍ତ୍ରୀ]

ବୀଜି(ରି)କା(କି)ଟା(ଟା,ଟେ,ଟେ)ଇବା—ଦେ. କ୍ରି—(ସଂ. ବିକଟୀକରଣ) Biji(ri)kā(ki)ṭā(tā,te,te)iba ବିଚ୍‌କିଟାଇବା (ଦେଖ)— সিটকান বিচিত্রকরনো Bich-kiṭaibā (See)

ବିଜି(ରି)କା(କି)ଟି(ଟି)ବା—ଦେ, କ୍ରି—୧ । (ସଂ. ବିକଟ) ବିକଟ ହେବା— Biji(ri)kā(ki)ti(ti)ba 1. To become hideous. ୨ । (ସଂ. ବିକୃତ) ବିକୃତ ହେବା—2. To deteriorate. ୩ । ବିରକ୍ତ ହେବା—3. To show signs of displeasure; to be sullen.

ବୀଜୀ—ସଂ. ବି. ପୁଂ—(ବୀଜ=ଶୁକ୍ର, ବୀର୍ଯ୍ୟ+ଅସ୍ତ୍ୟର୍ଥେ ଇନ୍)—୧ । ପିତା Biji ଜନକ—1. Father; begettor. ୨ । ବୀଜ ପୁରୁଷ (ଦେଖ)—2. Bijā purusha (See). ୩ ।

ଲେଉଟିଆ ଶାଗ (ହୁ.ଶ)—3. A kind of pot-herb. ବି. ବିଣ—୧ । ଔରସ ଜାତ—1. Begotten of one's loins. ୨ । ବୀଜମୟ—2. Full of seeds.

ବୀଜୋଦକ—ସଂ. ବି—(ବହୁବ୍ରୀହି; ବୀଜ=କାରଣ+ଉଦକ=ଜଳ)—
Bījodaka ଚଡ଼କା; ଲୁଅପଥର—Hailstone.

ବୀଜ୍ୟ—ସଂ. ବିଣ—(ବୀଜ+ଜାତାର୍ଥେ ଯ)—୧ । ବଂଶ ସମ୍ଭୂତ—1.
Bījya Born of a family. ୨ । ବୀଜ ସମ୍ଭୂତ—2. Grown from a seed. ୩ । (ବୀଜ୍ ଧାତୁ+କର୍ମ ଯ) ବ୍ୟଜନ ଯୋଗ୍ୟ; ଯାହାକୁ ବିଞ୍ଚାଯିବା ଉଚିତ—3. Requiring or deserving to be fanned. ୪ । ବୁଣିବା ଯୋଗ୍ୟ (ହୁ; ଶ)—4. Fit to be sown.

ବୀଜ୍ୟମାନ—ସଂ. ବିଣ ପୁଂ-(ବୀଜ୍ ଧାତୁ+କର୍ମ ଅନ)—ଯାହାକୁ ଅନ୍ୟଲୋକ
Bījyamāna ପଙ୍ଖା ଆଦି ଦ୍ୱାରା ବିଞ୍ଚୁଥାଏ—Being fanned by another.
(ବୀଜ୍ୟମାନା—ସ୍ତ୍ରୀ)

ବୀଟ—ସଂ. ବି—(ବୈଦ୍ୟକ)—ବିଛୁଆତି (ବିରେଚକ ଦ୍ରବ୍ୟଗୁଣ)—
Bīṭa The stinging nettle.

ବୀଟା—ଦେ. ବି—ପେଣ୍ଡୁ—Ball. (ଉ—ସେ ବୀଟା ଅଣିବାକୁ ସମସ୍ତ
Bīṭā କୂପରେ, ଯତ୍ନ କଲେ ଛୁଡ଼ା ହୋଇଣ କୂପ ଠାରେ । କୃଷ୍ଣ-
गेन्द सିଂହ ମହାଭାରତ ଆଦି) । ସଂ. ବି. ପ୍ରାଚୀନକାଳର ଏକ ପ୍ରକାର ଖେଳ, ଯହିଁରେ ପିଲାମାନେ କାଠର ଦଣ୍ଡ (ବାଟ) ଓ ଧାତୁର ଗୋଲକ (ବଲ୍) ବ୍ୟବହାର କରୁଥିଲେ (ହୁ. ଶ)—A kind of game practised in ancient India in which a wooden bat and a metal ball was used.

ବୀଟିକା—ସଂ. ବି. ସ୍ତ୍ରୀ—(ବି+ଇଟ୍ ଧାତୁ=ଯିବା+କର୍ତ୍ତୃ ଅକ+ସ୍ତ୍ରୀ ଆ)—
Bīṭikā ୧ । ଖିଲିଅ; ପାନଖିଲ; ଗୁଆ ମସଲା ଆଦି ଦ୍ୱାରା ସଜ୍ଜିତ ପାନ—1. A roll of betel leaf enclosing sliced betel-nut, spices etc.
(ବୀଟ, ବୀଟୀ—ଅନ୍ୟରୂପ)
(ଉ—ବୀଟିକା ନାଗବଲ୍ଲୀର ଭୁଞ୍ଜଇ—ଭଞ୍ଜ ବୈଦେହୀଶ ବିଳାସ) । ୨ । ଗୁଡ଼ାଏ ପାନ ପତ୍ରର ବିଡ଼ା—2. A bundle of betel leaves. ୩ । (+ଣିଚ ଅକ+ଆ)—ବନ୍ଧନ—3. Binding.

ବୀଡ଼—ସଂ. ବି—(ବୈଦ୍ୟକ)—ବିଛୁଆତି (ବିରେଚକ ଦ୍ରବ୍ୟଗୁଣ)—
Bīṛda The stinging nettle.

ବୀଣା—ସଂ. ବି. ସ୍ତ୍ରୀ—(ବୀ ଧାତୁ=କ୍ଷେପଣ କରିବା+କର୍ତ୍ତୃ ନ+ସ୍ତ୍ରୀ ଆ)—
Bīṇā ୧ । ସପ୍ତ ତନ୍ତ୍ରି-ବିଶିଷ୍ଟ ବାଦ୍ୟଯନ୍ତ୍ରବିଶେଷ—1. Harp; lyre; a seven-stringed musical instrument [ଦ୍ର—ଏହା ଅତି ପ୍ରାଚୀନ କାଳରେ ହିନ୍ଦୁମାନଙ୍କର ଯନ୍ତ୍ର ରୂପେ ବ୍ୟବହୃତ ହେଉଥିଲା । ସରସ୍ୱତୀଙ୍କର ଏହା ଅତି ପ୍ରିୟ । ନାରଦ ମଧ୍ୟ ଏହା ବ୍ୟବହାର କରୁଥିଲେ । ଏଥିରେ ୩ ଠାରୁ ୭ ପର୍ଯ୍ୟନ୍ତ ତାର ଥିଲା । ଏହା ନାନାପ୍ରକାର, ଯଥା— କିଚକୀ, କଚ୍ଛପୀ, ବିପଞ୍ଚୀ, ରଞ୍ଜନୀ, ରୁଦ୍ର, ନାଦେଶ୍ୱର, ସାରଙ୍ଗୀ ଓ କଶ୍ୟପ(ଶ୍ରୀ)ଳ । ବାଉଁଶ ବା କାଠ ଦଣ୍ଡର ଉଭୟ ପାର୍ଶ୍ୱରେ ଦୁଇଟି ଲାଉ ସଂଯୋଜିତ ହୋଇଥାଏ ଓ ଏଥିରେ ଖୁଣ୍ଟିମାନଙ୍କ ଦ୍ୱାରା ସଂଯତ ଲୁହାର ଓ ପିତଳର ତାରମାନ ଲାଗିଥାଏ । ସୀତାର, ସୁରବାହାର, ବେହେଲା, ଏସରାଜ ଆଦି ଏହି ବୀଣାର ବଂଶଧର ।
(ଅନ୍ୟ ସଂ. ନାମ ବଲ୍ଲକୀ, ପରିବାଦିନୀ, ଧ୍ୱନିମାଳା, ବଂଶମଞ୍ଜୀ, ଘୋଷବତୀ, କଣ୍ଠକୂଣିକା)

ପୁରାଣ ମାନଙ୍କରେ ଭିନ୍ନ ଭିନ୍ନ ବୀଣାଧାରୀମାନଙ୍କର ବୀଣାର ଭିନ୍ନ ଭିନ୍ନ ନାମ ଅଛି, ଯଥା ମହାଦେବଙ୍କ ବୀଣାର ନାମ ଲମ୍ବୀ, ସରସ୍ୱତୀଙ୍କ ବୀଣାର ନାମ କଚ୍ଛପୀ, ନାରଦଙ୍କ ବୀଣା ମହତୀ, ଓ ତୁମ୍ବୁରଙ୍କ ବୀଣାର ନାମ କଳାବତୀ ।] ୨ । ବିଦ୍ୟୁତ୍—2. Lightning. (ଉ—ବୀଣା ପ୍ରଭାରେ । ଅନା ତୋଳାକୁ ଖେଳାଇ । ଉଞ୍ଜ. ବୈଦେହୀଶ-ବିଳାସ ।)

ବୀଣାକ—ସଂ. ବି—(ବୀଣା+ସ୍ୱାର୍ଥେ କ)—ବୀଣା—
Bīṇāka Harp; lyre.

ବୀଣାକର—ସଂ. ବିଣ ପୁଂ—(ବୀଣା+କର)-ବୀଣା ଧରିଥିବା (ବ୍ୟକ୍ତି)—
Bīṇākara (a person) Holding a harp. ସଂ. ବି—
(ବୀଣାକରୀ—ସ୍ତ୍ରୀ) (ଉପପଦ ତତ୍; ବୀଣା+କୃ ଧାତୁ+କର୍ତ୍ତୃ. ଅ)— ଯେଉଁ ବ୍ୟକ୍ତି ବୀଣା ତିଆରି କରେ—The manufacturer or maker of harps. ଦେ. ବି-ବୀଣାବାଦକ-
बीनकार वीणाकार A player on the harp.

ବୀଣାକାର—ସଂ. ବିଣ—(ବହୁବ୍ରୀହି; ବୀଣା+ଆକାର)—ବୀଣାପରି
Bīṇākāra ଆକାର ବିଶିଷ୍ଟ—Lyre-shaped.
(ବୀଣାକୃତ—ଅନ୍ୟରୂପ) ଦେ. ବି—(ସଂ. ବୀଣାକର)—ଯେ
बीनकार ବୀଣା ବଜାଏ—A musician playing on the harp.
वीणाकार

ବୀଣାଦଣ୍ଡ—ସଂ. ବି—(୬ଷ୍ଠୀ ତତ୍; ବୀଣା+ଦଣ୍ଡ)—ବୀଣାର ଦୁଇ ମୁଣ୍ଡରେ
Bīṇādaṇḍa ଥିବା ଦୁଇ ତୁମ୍ବୀକୁ ସଂଯୁକ୍ତ କରିଥିବା ଦଣ୍ଡ—
(ବୀଣାପ୍ରବାଳ—ଅନ୍ୟ ରୂପ) The bar of a lyre.

ବୀଣା ଧ୍ୱନି—ସଂ. ବି—(୬ଷ୍ଠୀ ତତ୍; ବୀଣା+ଧ୍ୱନି)—୧ । ବୀଣାବାଦନର
Bīṇā dhwani ଶବ୍ଦ—1. The twang or tune or
(ବୀଣାସ୍ୱର—ଅନ୍ୟରୂପ) melody of a harp. (ଉ—ପଞ୍ଚସ୍ୱରିସରେ ଭ୍ରମରମଣୀ, ବୀଣାଧ୍ୱନି ଶୁଣି ଏଣୀନୟନା । ମଧୁସୂଦନ ଛବିଚାବଳି ।) ୨ । ବୀଣାଧ୍ୱନିପରି ମଧୁର ଶବ୍ଦ-2. Melodious tune; a tune as sweet as that of the harp. ସଂ. ବିଣ—(ବହୁବ୍ରୀହି) ଯାହାର କଣ୍ଠସ୍ୱର ବୀଣାର ଧ୍ୱନିପରି ମଧୁର—Having a very sweet or melodious tone; sweet-toned.

ବୀଣାନିନ୍ଦିତ—ସଂ. ବିଣ—(ବହୁବ୍ରୀହି; ବୀଣା+ନିନ୍ଦିତ)—ବୀଣାଧ୍ୱନିଠାରୁ
Bīṇānindita ଉତ୍କୃଷ୍ଟତର ବା ମଧୁରତର (ସ୍ୱର)—
Sweeter or more melodious than the melody of a lute.
(ବୀଣାବିନିନ୍ଦିତ, ବୀଣାଲଜ୍ଜିତ, ବୀଣାନିନ୍ଦୀ—ଅନ୍ୟରୂପ)

**ବୀଣା ପରି ହେବା**—ଦେ. କ୍ରି—୧ । (କୌଣସି ବ୍ୟକ୍ତିର ସ୍ୱର) ବୀଣାର
Biṇā pari hebā ସ୍ୱରପରି ମଧୁର ହେବା—1. (a person's
বীণার মতন হওয়া tone) To be melodious like the
वीनकासा होना tune of a harp. ୨ । ଶର୍ଦ୍ଦି ହେତୁରୁ
(ଗଳାର ସ୍ୱର) ଅନୁନାସିକ ଝଙ୍କାରଯୁକ୍ତ ହେବା—
2. To have a nasal or twanging sound due to catarrh.

**ବୀଣାପାଣି**—ସ. ବଣ—(ବହୁବ୍ରୀହି, ବୀଣା+ପାଣି)—ଯେ ହାତରେ
Biṇāpāṇi ବୀଣା ଧରିଥାଏ—Holding a lute. ସ. ବି. ପୁଂ
ନାରଦ ମୁନି—Sage Nārada. ସ. ବି. ସ୍ତ୍ରୀ-ସରସ୍ୱତୀ—
The Goddess of learning. [ ଦ୍ର—ହେଉ
ବୀଣାପାଣି ! କେଉଁ ତପଫଳେ, ତୋ କରୁଣା ଲଭି ଏ ଘାନ
ଛୁଇଁଲେ । ରାଧାନାଥ ଚଲିକା । ]

**ବୀଣା ପୁସ୍ତକ**—ସ. ବି—(ଦ୍ୱନ୍ଦ୍ୱ; ବୀଣା+ପୁସ୍ତକ)—ସରସ୍ୱତୀଙ୍କର ଏକ
Biṇā pustaka ହାତରେ ଥିବା ବୀଣା ଓ ଅନ୍ୟ ହାତରେ
ଥିବା ବେଦପୁସ୍ତକ—The lyre, held in one
hand, and the book, the Beda, held in
the other, by Goddess Saraswatī.

**ବୀଣା ବଜା(ଜେ)ଇବା**—ଦେ. କ୍ରି—(ସ. ବୀଣା ବାଦନ)—ବୀଣାଯନ୍ତ୍ର
Biṇā bajā(je)ibā ବାଦନ କରିବା—To play on the
বীণাবাজান वीनबजाना (ବୀଣା ବାଇବା—ଅନ୍ୟରୂପ) harp.

**ବୀଣା ବାଦକ**—ସଂ. ବଣ ଓ ବି. ପୁଂ—(ବୀଣା+ବାଦକ)—ଯେ ବୀଣା
Biṇā bādaka ବଜାଏ—A player on the harp; play-
(ବୀଣାବାଦ—ଅନ୍ୟରୂପ) ing on the harp.
[ବୀଣାବାଦକା—ସ୍ତ୍ରୀ]

**ବୀଣା ବାଦନ**—ସଂ. ବି—(୬ଷ୍ଠୀ ତତ୍, ବୀଣା+ବାଦନ)-ବୀଣା ବଜାଇବା-
Biṇā bādana Playing on the harp.

**ବୀଣାସ୍ୟ**—ସଂ. ବି—[ବୀଣା+ଅସ୍ୟ=ମୁଖ (ମୂର୍ତ୍ତି)]—ନାରଦ ମୁନି—
Biṇāsya Sage Nārada. [ ଦ୍ର—କଥିତ ଅଛି ଯେ ନାରଦ
ଏ ଯନ୍ତ୍ରକୁ ପୃଥିବୀରେ ଚଳାଇଥିଲେ । ]

**ବୀଣା ହସ୍ତ**—ସ. ବି. ପୁଂ (ବହୁବ୍ରୀହି)—ବୀଣାଧାରୀ—
Biṇā hasta Holding a lute.
(ବୀଣାହସ୍ତା—ସ୍ତ୍ରୀ) ସ. ବି—ଶିବ; ମହାଦେବ—Siba.

**ବୀତ**—ସ. ବଣ (ବି+ଇ ଧାତୁ=ଗମନ କରିବା; ତ୍ୟାଗ କରିବା
Bita ଇତ୍ୟାଦି+କର୍ତ୍ତୃ. ତ)—୧ । ବିଗତ; ଅପଗତ—
1. Gone; departed. ୨ । ଅତୀତ—2 Past.
୩ । ପରିତ୍ୟକ୍ତ—3. Abandoned. ୪ । ମୁକ୍ତ—
4. Freed. ୫ । ବନ୍ଧନ ମୁକ୍ତ—5. Delivered. ୬ ।
ଶାନ୍ତ—6. Satiated; alleviated. ୭ । ନିବୃତ୍ତ—
7. Ceased. ୮ । ସମାପ୍ତ—8. Finished. ୯ । ସୁନ୍ଦର
(ହି. ଶ)—9. Graceful. [ଦ୍ର—ସାଧାରଣତଃ ଏହା ଅନ୍ୟ
ବିଶେଷ୍ୟ ଶବ୍ଦ ସଙ୍ଗେ ଯୁକ୍ତ ହୁଏ । ଯଥା—ବୀତଶୋକ
ବୀତଭୟ, ବୀତରାଗ । ] ସଂ. ବି. (+କର୍ମ. ତ)—୧ ।
ଯୁଦ୍ଧ କାର୍ଯ୍ୟ ପାଇଁ ଅକର୍ମଣ୍ୟ ଗଜ, ଅଶ୍ୱ ଓ ସୈନ୍ୟ—
1. Elephant, horse or soldier which has
become unfit for active service in war.
୨ । (ବି ଧାତୁ+ଭାବ. ତ) (ହସ୍ତୀକୁ) ପଦ ଓ ଅଙ୍କୁଶ
ଦ୍ୱାରା ଆଘାତ କରିବା—2. Striking an elephant
with the feet and the goad. ୩ । (+କର୍ମ. ତ)
ଗୋଚରଣ ସ୍ଥାନ; ଗୋଚର—3. Pasturage; grazing ground.

**ବୀତଂସ**—ସଂ. ବ (ବି+ତନ୍ସ ଧାତୁ=ଭୂଷିତ କରିବା+କରଣ. ଅ)—
Bitaṁsa ୧ । ବନ୍ୟ ମୃଗାଦି ଜୀବଙ୍କୁ ଓ ପକ୍ଷୀଙ୍କୁ ଧରିବାର ଫାଶ—
1. Snare to catch wild birds and animals.
୨ । ମୃଗ ଓ ପକ୍ଷୀମାନଙ୍କର ବିଶ୍ୱାସ ଜନ୍ମାଇବା ପାଇଁ
ଆବରଣ—2. A cover or ambush laid for
catching wild animals. ୩ । ପଶୁ ପକ୍ଷୀଙ୍କୁ ଆବଦ୍ଧ
କରି ରଖିବାର ପଞ୍ଜୁରୀ—3. A cage for keeping
birds and beasts. ୪ । ଅଳଙ୍କାର ବିଶେଷ—4. A
kind of ornament.

**ବୀତନ**—ସଂ. ବି. (ବି+ଇ ଧାତୁ=ଗମନ କରିବା ଇତ୍ୟାଦି+ତନ)—
Bitana ଗଳଦେଶର ପାର୍ଶ୍ୱଦ୍ୱୟ; ବେକର ବଗଲ—The sides
of the neck.

**ବୀତ ଭୟ**—ସ. ବଣ. ପୁଂ (ବହୁବ୍ରୀହି; ବୀତ=ବିଗତ+ଭୟ)—
Bita bhaya ଭୟରହିତ; ନିର୍ଭୟ—Fearless. ସ. ବି
(ବୀତଭୟା—ସ୍ତ୍ରୀ) —ବିଷ୍ଣୁ—Bishṇu.

**ବୀତ ମଳ**—ସ. ବଣ. ପୁଂ (ବହୁବ୍ରୀହି, ବୀତ=ବିଗତ+ମଳ=ପାପଆଦି,
Bita mala ଯାହାଠାରୁ)—୧ । ନିର୍ମଳ; ବିମଳ—1. Clear;
(ବୀତମଳା—ସ୍ତ୍ରୀ) pure. ୨ । ନିଷ୍ପାପ—2. Sinless. ୩ ।
ଅକଳଙ୍କ—3. Spotless. ୪ । ଝାଡ଼ାଦ୍ୱାରା ଯାହା
ଦେହରୁ ମଳସବୁ ବାହାରି ଯାଇଅଛି—4. One whose
intestines have been cleared by evacuation; purged of stools.

**ବୀତ ରାଗ**—ସ. ବଣ. ପୁଂ (ବହୁବ୍ରୀହି; ବୀତ=ବିଗତ+ରାଗ=ଅନୁରାଗ
Bita rāga ସ୍ପୃହା)—୧ । ବିରାଗୀ—1. One who has
(ବୀତରାଗା—ସ୍ତ୍ରୀ) renounced worldly aspirations.
୨ । ବୀତସ୍ପୃହ; ନିସ୍ପୃହ—2. Free from passion
or eagerness. ସ. ବି—ବୁଦ୍ଧଦେବ—The
Buddha.

**ବୀତଶୋକ**—ସ. ବଣ. ପୁଂ (ବହୁବ୍ରୀହି, ବୀତ=ବିଗତ+ଶୋକ)—
Bitaśoka ୧ । ଶୋକଶୂନ୍ୟ—1. Griefless. ୨ । ଶୋକ-
(ବୀତଶୋକା—ସ୍ତ୍ରୀ) ନିବୃତ୍ତ—2. Freed from grief.
ସଂ. ବି—ଅଶୋକ ବୃକ୍ଷ—The Janesia
Asoka tree.

**ବୀତଶ୍ରଦ୍ଧ**—ସଂ. ବଣ. ପୁଂ (ବହୁବ୍ରୀହି; ବୀତ+ଶ୍ରଦ୍ଧା)—ଶ୍ରଦ୍ଧାହୀନ—
Bitasraddha One who has lost his affection
(ବୀତଶ୍ରଦ୍ଧା—ସ୍ତ୍ରୀ) or regard.

**ବୀତସୂତ୍ର**—ସ. ବି—ଯଜ୍ଞୋପବୀତ—The sacred thread worn
Bitasūtra by the twice-born amongst the
Hindus.

ବୀତ ସ୍ନେହ—ସଂ. ବିଣ. ପୁଂ—( ବହୁବ୍ରୀହି; ବୀତ+ସ୍ନେହ )—
Bīta sneha ଯାହା ହୃଦୟରୁ ସ୍ନେହ ଦୂର ହୋଇଅଛି—
(ବୀତସ୍ନେହା—ସ୍ତ୍ରୀ) One who has shaken himself free from love or attachment.

ବୀତସ୍ପୃହ—ସଂ. ବିଣ. ପୁଂ—(ବହୁବ୍ରୀହି; ବୀତ+ସ୍ପୃହା)—୧ । ନିସ୍ପୃହ;
Bītaspruha ସ୍ପୃହାଶୂନ୍ୟ—1. Free from eagerness.
(ବୀତସ୍ପୃହା—ସ୍ତ୍ରୀ) ୨ । ବୈରାଗ୍ୟଯୁକ୍ତ—2. Indifferent.
୩ । ନିରସ୍ତ—3. Discouraged; desisted.

ବୀତି—ସଂ. ବି. ସ୍ତ୍ରୀ—(ବି+ଇ ଧାତୁ=ଗମନ କରିବା+ଭାବ. ତି; ବା
Bīti ବି+ଇତି)—୧ । ନିବୃତ୍ତି—1. Cessation. ୨ । ମୁକ୍ତି—
2. Deliverance; liberation. ୩ । ଗତି—
3. Motion; progress. ୪ । ଘଟଣାଚକ୍ର; କାଳର
ଗତି—4. Course of time; course of events.
୫ । ଧାରଣ—5. Holding. ୬ । ଭୋଜନ—
6. Eating. ୭ । ଦୀପ୍ତି-7. Lustre. ୮ । ଆଲୋକ—
8. Light. ୯ । ଉତ୍ପାଦନ—9. Production. ୧୦ ।
(ଯଜ୍ଞସ୍ଥାନକୁ) ପଶୁ ପ୍ରେରଣ—10. The sending of
a victim to the sacrificial altar. ୧୧ । ପରି
ଷ୍କରଣ-11. Cleansing. ୧୨ । ଗର୍ଭଧାରଣ (ହ୍ର.ଶ)—
12. Conception. ୧୩ । ପୁଂ (+କର୍ତ୍ତୃ. ତି)
ଘୋଟକ—13. Horse. ୧୪ । (+କର୍ମ. ତି) ଯଜ୍ଞ
(ହ୍ର. ଶ)—14. Vedic sacrifice.

ବୀତି ହୋତ୍ର—ସଂ. ବି—( ବୀତି=ଭୋଜନ+ହୁ ଧାତୁ=ହୋମ
Bīti hotra କରିବା+ଅଧିକରଣ. ତ୍ର; ବା ହ୍ୱେ ଧାତୁ=
ଆହ୍ୱାନ କରିବା+କର୍ମ. ତ୍ର; ଅଗ୍ନିର ଓ ଯଜ୍ଞଦ୍ୱାରା
ଯେଉଁଠାରୁ ଦେବତାମାନେ ହବ୍ୟ ଆଦି ଭୋଜନ କରିବା
ପାଇଁ ଆହୂତ ହୁଅନ୍ତି)—୧ । ଅଗ୍ନି-1. Fire. ୨ । ସୂର୍ଯ୍ୟ—
2. The sun. ୩ । (+କର୍ତ୍ତୃ. ତ୍ର) ଯଜ୍ଞକାରୀ ବ୍ୟକ୍ତି
(ହ୍ର. ଶ)—3. The perfomer of a vedic
sacrifice. ୪ । ରାଜା ପ୍ରିୟବ୍ରତଙ୍କ ପୁତ୍ର—4. Name
of the son of Raja Priyabrata. ୫ । ହୈହୟ
ବଂଶୀୟ ଏକ ରାଜା—5. Name of a king of
the Haihaya dynasty.

ବୀଥି(ଥୀ)—ସଂ. ବି—( ବିଥ୍ ଧାତୁ=ଯାଚଞା କରିବା+ କର୍ମ. ଇ, ଈ )
Bīthi(thī) ୧ । ଧାଡ଼ି; ପଂକ୍ତି—1. A row; line.
(ବୀଥିକା—ଅନ୍ୟରୂପ) (ଉ—ଚଳବାନ ଶ୍ୱେତ ଅର୍ଥୀ, ବିବେକ
ସଯାତ ତଥି,ବୀଥି ବୀଥି ବିଭ୍ରାଜିତ ଶିଳସେ । ଭଞ୍ଜ. ବୈଦେହୀଶ
ବିଳାସ ।) ୨ । ଉଭୟ ପାର୍ଶ୍ୱରେ ବୃକ୍ଷଥିବା ପଥ—2. A
road on both sides of which trees are
planted;avenue. (ଉ—ବନ୍ଧୁର ବନ୍ଧୁର,ଅନ୍ଧାରଗହ୍ୱର,
ଶୁଭେ ମଣିମା ମଣିମା ସ୍ୱନ ସେ ବୀଥିରେ । ଭଞ୍ଜ. ବୈଦେହୀଶ
ବିଳାସ ।) ୩ । ଶ୍ରେଣୀବଦ୍ଧ ଦୋକାନ—2. Shops
arranged in rows. ୪ । ଦୃଶ୍ୟକାବ୍ୟ ବିଶେଷ—
4. A kind of drama [ଦ୍ର—ବୀଥୀ ଦୃଶ୍ୟକାବ୍ୟର ବା
ରୂପକର ୧୨ ଭେଦରୁ ଏକତମ । ଏଥିରେ ଗୋଟିଏ ମାତ୍ର
ଅଙ୍କ ଓ ଏକମାତ୍ର ନାୟକ ଥାଏ । ଏଥିରେ ଆକାଶଭାଷିତର
ଓ ଶୃଙ୍ଗାର ରସର ଆଧିକ୍ୟ ଥାଏ । ପ୍ରାଚୀନକାଳରେ ଏହା
ସ୍ୱତନ୍ତ୍ର ଭାବେ ଅନ୍ୟ ନାଟକ ସଙ୍ଗେ ଅଭିନୀତ ହେଉଥିଲା ।
ସାହିତ୍ୟଦର୍ପଣ ମତରେ ବୀଥିର ଅଙ୍ଗ ପ୍ରହସନର ଅଙ୍ଗ ମଧ୍ୟ
ହୋଇପାରେ—(ହ୍ର. ଶ) । ] ୫ । ଆକାଶରେ ରବିମାର୍ଗ
(ହ୍ର. ଶ)—5. The sun's orbit. ୬ । ଆକାଶରେ
ନକ୍ଷତ୍ରମାନଙ୍କ ଅବସ୍ଥିତିର ବିଶିଷ୍ଟ ଅଂଶମାନ, ଯାହା ସଡ଼କ-
ପଥ କଳ୍ପିତ ହୋଇଅଛି – 6 Particular portions
of the sky which have been compared to
roads. [ଦ୍ର—ଯଥା ନାଗବୀଥୀ, ଗଜବୀଥୀ, ଐରାବତବୀଥୀ,
ଗୋବୀଥୀ, ମୃଗବୀଥୀ; ଆକାଶରେ ଉତ୍ତର, ମଧ୍ୟ ଓ ଦକ୍ଷିଣରେ
କ୍ରମଶଃ ଐରାବତ, ଜରଦ୍ଗବ ଓ ବୈଶ୍ୱାନର, ୩ଟି ସ୍ଥାନରେ
ପ୍ରତ୍ୟେକରେ ୩ଟି ଲେଖାଏଁ ବୀଥୀ କଳ୍ପିତ ହୋଇଅଛି ।
ଅତଏବ ମୋଟ ୯ଟି ବୀଥୀରେ ୨୭ଟି ନକ୍ଷତ୍ର କଳ୍ପିତ ହୋଇ
ଅଛି । ଅତଏବ ପ୍ରତ୍ୟେକ ବୀଥୀରେ ୩ଟି ଲେଖାଏଁ ନକ୍ଷତ୍ର
ଅବସ୍ଥିତ—ହ୍ର.ଶ. । ] ଦେ. ବି—ଯୂଥ; ଦଳ—Flock.
(ଉ—ବୀଥିର ଚକ୍ରବର୍ତ୍ତୀ ଯେତେ ସାରଙ୍ଗ, ବୀଥୀ ବୀଥୀ
ହୋଇ ଚଳେ ଛକଟେ ରଙ୍ଗ । ଭଞ୍ଜ ବୈଦେହୀଶବିଳାସ ।)

ବୀଥିରେ—ଦେ· କ୍ରି. ବିଣ—ଅଧୀରେ; ଅସ୍ଥିର ହୋଇ—Restlessly.
Bīthire [ କଥିରେ ଶ୍ୟାମଳ କମଳବାସୀ, ବୀଥିରେ ଦେଖିବା
ଅଯୋଧ୍ୟାବାସୀ । ଭଞ୍ଜ. ବୈଦେହୀଶବିଳାସ । ]

ବୀଧ୍ର—ସଂ. ବିଣ ( ବି+ଇନ୍ଧ୍ ଧାତୁ=ଦୀପ୍ତି ପାଇବା+କର୍ମ ର )—
Bīdhra ୧ । ନିର୍ମଳ—1. Pure; clear. ୨ । ପରିଷ୍କୃତ—
2. Clean. ସ. ବି ( +କର୍ତ୍ତୃ· ର )—୧ । ବାୟୁ—
1. Air. ୨ । ଅଗ୍ନି—2. Fire. ୩ । ଆକାଶ –
3. The sky.

ବୀନ୍—ବୈଦେ. ବି ( ଇଂ. ବୀନ୍ )—ଶିମ୍ବପରି ବିଦେଶୀ ଲତା ଓ ତାହାର
Bīn ଛୁଇଁ—Bean. [ ଦ୍ର—ପ୍ରଥମେ ଏ ଦେଶକୁ ଫ୍ରାନ୍ସରୁ
बीन आସି ଏଠାରେ ଉତ୍ପାଦିତ ହେଉଥିବା ଏକପ୍ରକାର ଶିମ୍ବକୁ ଫରାସି
बिलाती शीम ବୀନ୍ (French been) କହନ୍ତି । ]

ବୀନାହ—ସଂ, ବି ( ବି+ନହ୍ ଧାତୁ=ବନ୍ଧନ କରିବା+କରଣ ଅ)
Bīnāha ବିକଳ୍ପେ ବିନାହ ? )—୧ । କୂପର ମୁଖବନ୍ଧନ—
1. A frame put on the mouth of a well.
୨ । କୂଅର ଯୋଡ଼ାଣନ—2. The broad mouth-piece ring of a well.

ବୀପା—ସଂ. ବି ( ବି+ଅପ୍ ଧାତୁ=ବ୍ୟାପିବା+କର୍ତ୍ତୃ. ଅ+ସ୍ତ୍ରୀ ଆ )—
Bīpā ବିଦ୍ୟୁତ—Lightning.

ବୀପ୍ସା—ସଂ. ବି· ସ୍ତ୍ରୀ ( ବି+ଆପ୍ ଧାତୁ=ପାଇବା; ବ୍ୟାପିବା+ଇଚ୍ଛାର୍ଥେ
Bīpsā ସନ୍+ଭାବ. ଅ+ଆ )—୧ । ଯୁଗପତ୍ ବ୍ୟାପିବାର
ଇଚ୍ଛା—1. A desire to occupy a place
simultaneously. ୨ । ( ବ୍ୟାକରଣ ) ବାକ୍ୟର ବା

ଶବ୍ଦର ପୁନଃ ପୁନଃ କଥନ—2. Repetition of a word or sentence (e. g. for emphasis ). ( ଯଥା—ବନେ ବନେ, ଘରେ ଘରେ, ଆସା, ଖାଆ, ପଟ୍ଟପଟ୍ଟ, ବଳୁବଳୁ, ବରବର, ଛୁଟୁଛୁଟୁ, ଧଡ଼ଫଡ଼, ଭୁକଭୁକ ଇତ୍ୟାଦି । ) [ ଦ୍ର—ବୀପ୍ସା ଅନେକ ଅର୍ଥରେ ଓ ଉଦ୍ଦେଶ୍ୟରେ ପ୍ରୟୋଗ କରାଯାଏ । ( ୧ ) ଶବ୍ଦାନୁକରଣାର୍ଥେ, ଯଥା—ତୃଷା କଟର କଟର କାଟୁଛି । ( ୨ ) ବାକ୍ୟ ଅଳଙ୍କାରଣାର୍ଥେ, ଯଥା—ମୋ ହାତ ଫିଅ ଭଲ ଅଛି । ମୁଁ କଟକ ଫଟକ ଯିବ ନାହିଁ । ( ୩ ) ଶ୍ରୋତାର ମନୋଯୋଗ ଆକର୍ଷଣାର୍ଥ, ଯଥା—ଯା ଯା ଏଠାରୁ ବାହାର ଯା । ନେ ନେ ଠଙ୍କାଟା ନେ । ( ୪ ) ବହୁବଚନ ବୋଧନାର୍ଥ, ଯଥା—ଶହ ଶହ ଲୋକ ଜମା ହେଉଛନ୍ତି । ( ୫ ) ବ୍ୟାପକାର୍ଥେ, ଯଥା—ଘର ଭିତର ଅନ୍ଧାର କଟ କଟ ଦିଶୁଛି । ( ୬ ) ଇତ୍ୟାଦି ଅର୍ଥରେ, ଯଥା—ମୁଁ ଭାତ ଫାତ ଖାଇବ ନାହିଁ । ( ୭ ) ଏକମାତ୍ର କ୍ରିୟା ବୋଧକ, ଯଥା—ଖବରକାଗଜରେ ମୁଁ ଆଉ ଲେଖା ଲେଖି କରିବ ନାହିଁ । ( ୮ ) ଅନ୍ୟ ବ୍ୟକ୍ତିର ବିଷୟ ବା କାର୍ଯ୍ୟ ବର୍ଣ୍ଣନାର୍ଥ, ଯଥା—ସେ ମତେ ଦୂର ଦୂର, ମାରୁ ମାରୁ, ଭୁ ଭା ରେ ସ କଲା । ]

**ବୀପ୍ସା ପ୍ରୟୋଗ**—ସଂ. ବି—ବାକ୍ୟର ବା ଶବ୍ଦର ବୀପ୍ସା ବା ଯୁଗପତ୍ Bipsā prayoga ବ୍ୟବହାର କରିବାର ସ୍ଥଳ—Instances (ବୀପ୍ସାର୍ଥ ପ୍ରୟୋଗ—ଅନ୍ୟରୂପ) where words or sentences or sounds are used repeatedly. [ ଦ୍ର—ଭାଷାରେ ଏହି 'ବୀପ୍ସା ପ୍ରୟୋଗ' ନାନାରୂପ ଧାରଣ କରେ, ଯଥା—(୧) କେତେକ ସ୍ଥଳରେ ଦ୍ୱିତୀୟ ଶବ୍ଦର କିଛି ଅର୍ଥ ନ ଥାଏ । ଯଥା—ମୁଁ ନାଟ ଫାଟ ଦେଖିବ ନାହିଁ । (୨) ପ୍ରଥମ ଓ ଦ୍ୱିତୀୟ ଶବ୍ଦର ସମାନ ଉଚ୍ଚାରଣ କେତେକ ସ୍ଥଳରେ ଦେଖାଯାଏ । ଯଥା—ସେ ଗଡ଼ ଗଡ଼ ହୋଇ କହି ଚାଲି ଯାଉଛି । (୩) ବେଳେ ବେଳେ ଅକ୍ଷରମାନ ଭିନ୍ନ ହୁଏ । ଯଥା—ତୁମେ ସେଠାରୁ ଝଟ ପଟ ଚାଲି ଆସିବ । (୪) କେତେକ ସ୍ଥଳରେ ଶବ୍ଦ ମଧ୍ୟ ଭିନ୍ନ ହୁଏ । ଯଥା—ମୁଁ ବାବୁଙ୍କୁ ଠଙ୍କା ଠୋକର କିଛି ମାଗୁ ନାହିଁ । (୫) ଅର୍ଥ ମଧ୍ୟ ଭିନ୍ନ ହୁଏ । ଯଥା—ସକାଳୁ ଉଠି ମାଇପେ ହାଣ୍ଡି ଭୁଣ୍ଡେଇ ଧୋଉଛନ୍ତି ଓ ଘରଦ୍ୱାର ଲିପାପୋଛା କରୁଛନ୍ତି । (୬) କେତେକ ସ୍ଥଳରେ ସହଚର ଶବ୍ଦମାନ ଏକାର୍ଥବୋଧକ ହୁଏ । ଯଥା—ମୋ ପାଖେ ବହୁତ ଜନ୍ତୁଜାନ୍ତବ ଯାକ ରଖାଯାଇ ଅଛି । ]

**ବୀବଧ**—ସଂ. ବି ( ବି+ବନ୍ଧ୍ ଧାତୁ=ବନ୍ଧନ କରିବା+ଭାବ. ଅ )—Bibadha ବିବଧ ( ଦେଖ )—Bibadha ( See )

**ବୀଭତ୍ସ**—ସଂ. ବି. ( ବଧ୍ ଧାତୁ=ନିନ୍ଦା କରିବା+ସ୍ୱାର୍ଥେ ସନ୍+ଅ )—Bibhatsa ସାହିତ୍ୟରେ ରସ ବିଶେଷ; ଯେଉଁ ରସରେ ଘୃଣା ବା ଜୁଗୁପ୍ସା ସ୍ଥାୟୀ ଭାବ ଅଟେ—( in literature ) The sentiment of disgust. ସଂ.ବିଣ—୧। ଅତିଶୟ ଘୃଣ୍ୟ; ଘୃଣାକର; ମନରେ ଯାହା ଘୃଣା ଭାବର ଉଦ୍ରେକ କରେ—1. Detestible; loathsome ୨ । କ୍ରୂର—2. Cruel ୩। ବିରକ୍ତିଜନକ—3. Disgusting; unpleasant. ୪। ଘୃଣିତାତ୍ମା—4. Of detestable nature

**ବୀଭତ୍ସ ଭାବ**—ସଂ. ବି—ମନରେ ଘୃଣାର ଉଦ୍ରେକ—A feeling Bibhatsa bhāba or sense of disgust.

**ବୀଭତ୍ସ ରସ**—ସଂ. ବି. ( ବୀଭତ୍ସ+ରସ )—ସାହିତ୍ୟର ନବ ରସ ମଧ୍ୟରୁ Bibhatsa rasa ଗୋଟିଏ ରସ; ଘୃଣାବ୍ୟଞ୍ଜକ ରସ—(in literature) The sentiment of disgust.

**ବୀଭତ୍ସୁ**—ସଂ. ବି—(ବୀଭତ୍ସ+ଉ)—ଅର୍ଜୁନ—Arjuna. [ଦ୍ର—Bibhatsu ମହାଭାରତ ବିରାଟ ପର୍ବରେ ଅର୍ଜୁନ କହି ଅଛନ୍ତି 'ଯୁଦ୍ଧ କରୁ କରୁ ମୁଁ କଦାପି ବୀଭତ୍ସ ବା ଘୃଣିତ କାର୍ଯ୍ୟ କରେ ନାହିଁ ବୋଲି ନର ଓ ଦେବତାମାନେ ମୋତେ 'ବୀଭତ୍ସୁ' ବୋଲି କହନ୍ତି' ।]

**ବୀର୍ (ଧାତୁ)**—ସଂ—ଶୌର୍ଯ୍ୟ ପ୍ରକାଶ କରିବା—To exhibit bravery or heroism. Bir (root)

**ବୀର**—ସଂ. ବିଣ (ବୀର୍ ଧାତୁ=ଶୌର୍ଯ୍ୟ ପ୍ରକାଶ କରିବା+କର୍ତ୍ତୃ. ଅ)—Bira ୧ । ଶ୍ରେଷ୍ଠ—1. Eminent; prime. ୨ । ପ୍ରଧାନ—(ବୀରା—ସ୍ତ୍ରୀ) 2. Chief; principal. ୩ । ବୀର୍ଯ୍ୟବାନ୍—4. Mighty. ୪ । ଶୂର; ବିକ୍ରମଶାଳୀ; ସାହସୀ—4. Courageous; valiant. ୫ । ଯୁଦ୍ଧକାରୀ—5. Fighting. ସଂ. ବି. ପୁଂ—୧ । ସାହସୀ ବ୍ୟକ୍ତି—1. A valiant person. ୨ । ଯୋଦ୍ଧା—2. Warrior. ୩ । ମାଙ୍କଡ଼ ଦଳର ନେତା ଅଣ୍ଡିରା ମାଙ୍କଡ଼; ଗୋଧ—3. The male leader of a herd of monkeys. ୪ । ସାହିତ୍ୟର ରସ ବିଶେଷ; ଯେଉଁ ରସ ବିଷୟ ପାଠ କଲେ ମନରେ ସାହସ ଉଦ୍ରେକ ହୁଏ—(in literature) The heroic sentiment. ୫ । ବିଷ୍ଣୁ—5. Bishnu. ୬ । ମହାବୀର; ହନୁମାନ୍—6. The great monkey-hero, the devoted servant of Rāma. ୭ । ନଟ—7. An actor. ୮ । କାବ୍ୟନାଟକାଦିରେ ବର୍ଣ୍ଣିତ ବିକ୍ରମୀ ନାୟକ—8. A valiant hero of a drama or epic. ୯ । ଅନ୍ନର ମଣ୍ଡ ବା ପେଜ—9. The scum extracted from boiled rice. ୧୦ । ତାନ୍ତ୍ରିକ ଆଚାର ବିଶେଷ; ବୀରାଚାର (ଦେଖ)—13. Birāchāra (See) ୧୧ । ମରିଚ—11. Black pepper. ୧୨ । ପୁଷ୍କର ମୂଳ—12. The root of lotus. ୧୩ । (ଅଜ୍ ଧାତୁ=ଗମନ କରିବା+କର୍ତ୍ତୃ. ର) ଉଶୀର; ବେଣା—13. Bena grass. ୧୪ । ବ୍ରାହ୍ମଣ ଗୃହର ପବିତ୍ର ଯଜ୍ଞାଗ୍ନି—14. The sacrificial fire maintained in a Brāhmaṇa's house. ୧୫ । ଦାନ,

ଧର୍ମ, ଦୟା ବା ଯୁଦ୍ଧରେ କୁଶଳ ବ୍ୟକ୍ତି—15. A person who is habitually liberal, religious, kind or heroic. [ଦ୍ର—ବୀର ଚାରି ପ୍ରକାର, ଯଥା—ଦାନ ବୀର, ଧର୍ମବୀର, ଦୟାବୀର, ଯୁଦ୍ଧବୀର ।] ଦେ. ବି—୧। ତନ୍ତ୍ର ମତରେ କୌଣସି ବ୍ୟକ୍ତି ବା ସ୍ଥାନ ପ୍ରତି ପ୍ରେରିତ ହେବା ଉପଯୁକ୍ତ ଭୂତ—1. An evil spirit employed against a person or place by black magic ୨। ଲୋକଙ୍କ ନାମ ବିଶେଷ—2. A name given to males. ୩। ବୀର କିଶୋର, ବୀରେନ୍ଦ୍ର, ବୀରଭଦ୍ର ଆଦିଙ୍କ ଡାକ ନାମ—3. A name for calling people whose names begin with Bira.
ଭୂତ
बीर

**ବୀରକ**—ସଂ. ବି—କରବୀ ଫୁଲ, କରବୀର—
Biraka Karabi flower; oleander

**ବୀର କଡ଼ାଏ**—ଦେ. ବି—୧। (ବାହାଦୁରୀ ଦେବା ଅର୍ଥରେ) ଜଣେ ବୀର ପଦବାଚ୍ୟ ବ୍ୟକ୍ତି—1. A person deserving the appellation of a hero. ୨। ପ୍ରଧାନ ବୀର—2. A pre-eminent hero. ୩। ବାହାଦୂର ବ୍ୟକ୍ତି—3. An admirable person. ୪। ପ୍ରଶଂସାଯୋଗ୍ୟ ବ୍ୟକ୍ତି—4. A praiseworthy person. (ଯଥା—ଏତେ ଲୋକଙ୍କ ଭିତରେ ଦେଖିଲି ତୁ ଏକା ବୀର କଡ଼ାଏ ।)
Bira kardāe
বীর একজনা
बीर आदमी
ବୀର ଜଣେ, ବୀର ମୂର୍ତ୍ତିଏ, ବୀର ପଣେ } ଅନ୍ୟରୂପ

**ବୀର କର୍ମା**—ସଂ. ବିଣ. ପୁଂ (ବହୁବ୍ରୀହି; ବୀର+କର୍ମନ୍; ୧ମା. ୧ବ)—
Bira karmā ଯେ ବୀରୋଚିତ କର୍ମ କରେ—Acting heroically.

**ବୀର କାମ**—ସଂ.ବିଣ. ପୁଂ (ବହୁବ୍ରୀହି; ବୀର+କାମ)—ଯେ ପୁତ୍ର କାମନା କରୁଅଛି; ପୁତ୍ରକାମୀ—Wishing for a son.
Bira kāma
(ବୀରକାମା—ସ୍ତ୍ରୀ) (ବୀରକାମୀ—ଅନ୍ୟରୂପ)

**ବୀର କାଳୀ**—ପ୍ରାଦେ· (ଜୟପୁର, ଗଡ଼ଜାତ) ବି. (ସଂ. ବୀର କାହଳା)—
Bira kāḷi ବୀର କାହାଳୀ (ଦେଖ)—Bira kāhāḷi (See)
(ବୀରକାଳୀ, ବୀରକାହାଳୀ—ଅନ୍ୟରୂପ)

**ବୀର କାହାଳୀ**—ଦେ. ବି. (ସଂ. ବୀର+କାହଳା)—୧। ଯୁଦ୍ଧତୂରୀ ବିଶେଷ—1. A kind of war trumpet. ୨। ରାଜାମାନଙ୍କ ଦେବାର୍ଚ୍ଚନ ଓ ଅନ୍ୟାନ୍ୟ ନିତ୍ୟ ବଢ଼ିବା ସମୟରେ ବାଜିବା ତୂରୀ—1. A trumpet blown in a Raja's palace to indicate the Raja's performance of daily rites.
Bira kāhāḷi
बीर काली
बीर तुरही

**ବୀର କିଶୋର**—ଦେ. ବି. ପୁଂ—୧। ଲୋକଙ୍କୁ ଦିଆଯିବା ନାମ—
Bira kisora 1. A name given to males.
বীরকিশোর बीरकिसोर ୨। ବୀର ଯୁବକ—2. Brave young man.

**ବୀରକୁକ୍ଷି**—ସଂ. ବିଣ (ବହୁବ୍ରୀହି)—ବୀରପ୍ରସବିନୀ—
Birakukshi (a woman) Who gives birth to heroes.

**ବୀର କୁଞ୍ଜର**—ସଂ. ବି—(୭ମୀ ତତ୍ ବା ଉପମିତ)—ବୀରମାନଙ୍କ ମଧ୍ୟରେ ପ୍ରଧାନ ବା ଅଗ୍ରଣୀ; ପ୍ରଧାନ ବୀର; ମହା ବୀର—The chief amongst heroes.
Bira kuñjara
[ଦ୍ର—ବୀରକୁଳ ଶବ୍ଦ, ବୀରକୁଳ ଶ୍ରେଷ୍ଠ, ବୀରକୁଳର୍ଷଭ, ବୀରକେଶରୀ, ବୀରଚୂଡ଼ାମଣି, ବୀରବର, ବୀରସିଂହ, ବୀରଶିରୋମଣି, ବୀରଶ୍ରେଷ୍ଠ—ଅନ୍ୟରୂପ ]

**ବୀରକୁଳ**—ଦେ. ବି—ବାଲେଶ୍ୱରର ଉତ୍ତର ପୂର୍ବ କୋଣରେ ଥିବା ସମୁଦ୍ର ସନ୍ନିହିତ ସ୍ଥାନ ବିଶେଷ। (ଏ ଅଞ୍ଚଳର ପାନ ବାଲେଶ୍ୱର ଜିଲ୍ଲାରେ ପ୍ରସିଦ୍ଧ)—Name of a sea-side village of the Balasore district (famous for its betel leaves). [ଦ୍ର—ବୀରକୁଳ ନାମରେ ବୀର ପରପୂର୍ଣ୍ଣ ସ୍ଥଳୀ କଥିତ। ରାଧାନାଥ. ଉଷା ।] ସଂ. ବି—୧। (ବୀରଗଣ—ଅନ୍ୟରୂପ) ବୀରସମୂହ—1. A number of warriors or heroes.
Bira kuḷa

**ବୀରକେଶ**—ଦେ.ବି·—(ବୀର+କେଶ; ବୀରମାନେ ମୁଛ ରଖୁଥିବାରୁ)—୧। ମୁଛ—1. Mustaches. ୨। ଗାଲମୁଛ—2. Whiskers. [ଦ୍ର—ବୀର କେଶ ଧର ଅଣ୍ଠିସି ବୋଲେ ଲଙ୍କା ନାୟକ। ଭଞ୍ଜ. ବୈଦେହୀଶବିଳାସ ।]
Bira kesa
बीर केश

**ବୀର କେଶରୀ**—ସଂ. ବି.—(୭ମୀ ତତ୍) ବୀରମାନଙ୍କ ମଧ୍ୟରେ ଶ୍ରେଷ୍ଠ—The chief amongst heroes. ଦେ. ବି. ପୁଂ (ନାମ)—୧। ଲୋକଙ୍କୁ ଦିଆଯିବା ନାମ—1. A name given to males. ୨। ଓଡ଼ିଶାର ପ୍ରାଚୀନ ନରପତି ବିଶେଷ—2. Name of a king of ancient Orissa. [ଦ୍ର—ପୁରୀଜିଲ୍ଲାର ବୀରକେଶରୀପୁର ଶାସନ ଏହାଙ୍କ ପ୍ରତିଷ୍ଠିତ। ଏ ଜଗନ୍ନାଥଙ୍କ ଠାରେ ବୀରକେଶରୀ ବଲ୍ଲଭ ନାମକ ବାଲଭୋଗ ଲାଗି କରଥିଲେ ।]
Bira kesari

**ବୀର ଖଣ୍ଡୀ**—ପ୍ରାଦେ. (ମେଦିନୀପୁର, ଉତ୍ତର ବାଲେଶ୍ୱର) ବି.—(ତୁଳନା କର ବ. ଏହି ଅର୍ଥରେ ଏହି ଶବ୍ଦ; ସଂ. ଖଣ୍ଡ) ତିଳଥିବା ଖଜା—A cake or ball of bloated sugar sprinkled over with sesamum seeds.
Bira khaṇḍi

**ବୀର ଗତି**—ସଂ. ବି—(୬ଷ୍ଠୀ ତତ୍)—୧। ରଣକ୍ଷେତ୍ରରେ ମରିବା ଯୋଗୁଁ ବୀରର ସ୍ୱର୍ଗଲାଭ—1. The attainment of heaven by a hero killed in the battlefield. ୨। (ବହୁବ୍ରୀହି) ସ୍ୱର୍ଗ—2. Heaven.
Bira gati

**ବୀର ଜନନୀ**—ସଂ. ବି—(ବୀର+ଜନନୀ=ମାତା)—ଯେଉଁ ସ୍ତ୍ରୀ ବୀର ସନ୍ତାନ ଜନ୍ମ କରନ୍ତି—The mother of heroes.
Bira janani
(ବୀର ମାତା—ଅନ୍ୟରୂପ)

**ବୀର ଜୟନ୍ତିକା**—ସଂ. ବି. ସ୍ତ୍ରୀ (ବୀର+ଜୟନ୍ତିକା)—୧। ଯୁଦ୍ଧ କ୍ଷେତ୍ରରେ ବିଜୟୀ ଯୋଦ୍ଧାମାନଙ୍କର ନୃତ୍ୟ—1. The dance of the victors in the battlefield. ୨। ବୀରଙ୍କ ପୂଜାର୍ଥ ଅନୁଷ୍ଠିତ ଉତ୍ସବ—2. Festival performed in honour of heroes.
Bira jayantikā
(ବୀର ଜୟନ୍ତୀ—ଅନ୍ୟରୂପ)

**ବୀର ଜାୟା**—ସଂ. ବି. ସ୍ତ୍ରୀ—(୬ଷ୍ଠୀ ତତ୍; ବୀର+ଜାୟା)—୧ । ବୀରର
Bira jāyā ଭାର୍ଯ୍ୟା—1. The wife of a hero ୨ ।
ବୀରବଧୂ, ବୀର ପତ୍ନୀ, ବୀର ବନିତା; ବୀର ଭାର୍ଯ୍ୟା }—ଅନ୍ୟରୂପ ବୀରର ଉପଯୁକ୍ତା ଭାର୍ଯ୍ୟା—2. A wife befitting for a hero. ୩ । (କର୍ମଧା; ବୀର+ଜାୟା)—ବୀରାଙ୍ଗନା, ବୀର୍ଯ୍ୟବତୀ ରମଣୀ—3. A valiant woman.

**ବୀର ଡାକ**—ଦେ. ବି.—(ସଂ. ବୀର+ଓଡ଼ିଆ ଡାକ)—ଯୁଦ୍ଧ କରିବା
Bira dāka ପୂର୍ବରୁ ବିପକ୍ଷକୁ ଯୁଦ୍ଧ କରିବା ପାଇଁ ବୀରର
ବୀର ରଡ଼ି, ବୀର ହୁଙ୍କାର }—ଅନ୍ୟରୂପ ଅଷ୍ଫାଳନମୟ ଆହ୍ୱାନ—A challenge to the adver-
বীরের ডাক ललकारा sary for fight. [ଉ—ବଳ ସାଜିଣ ଦୂଷଣ ତ୍ରିଶିର ଖର, ତାହାର ବୀରଡାକରେ ଥରହର ସୁର । ଉଞ୍ଜ. ବୈଦେହୀଶ ବିଳାସ ।]

**ବୀରଣ**—ସଂ. ବି.—(ବି=ପକ୍ଷୀ; ଈର୍ ଧାତୁ=ଗମନ କରିବା+କର୍ତ୍ତୃ.
Birana ଅନ)—୧ । ଉଶୀର ତୃଣ; ବେଣା—1. Andro-
(ବୀରନାସିକ—ଅନ୍ୟରୂପ) pogen Muricata. ୨ । ଘାସ; ତୃଣ (ହି. ଶ.)—2. Grass.

**ବୀରଣ ମୂଳ**—ସଂ. ବି—( ବୀରଣ+ମୂଳ )—ବେଣା ଚେର—The
Birana mūla fragrant root of the Benā grass.

**ବୀରଣା**—ସଂ. ବି. ସ୍ତ୍ରୀ—( ବୀରଣ+ସ୍ତ୍ରୀ. ଆ )—୧ । ବକ୍ରଦୃଷ୍ଟି—
Biranā 1. Squint look. ୨ । ଗଭୀର ସ୍ଥାନ—2. A deep place. ବୈଦେ. ବି. ଓ ବଣ—ବିରଣା (ଦେଖ)—Birinā (See)

**ବୀରତର**—ସଂ. ବି.—୧ । ଉଶୀର, ବେଣା—1. The Benā
Biratara grass. ୨ । ବୀର ଶ୍ରେଷ୍ଠ; ବୀରବର—2. A warrior. ୩ । ବାଣ; ଶର (ହି. ଶ.)—Arrow.

**ବୀରତରୁ**—ସଂ. ବି—(ବୀର+ତରୁ=ବୃକ୍ଷ)—୧ । ଅର୍ଜୁନ ଗଛ—
Bira taru 1. The Arjuna tree. ୨ । ବନ୍ୟାନ୍ତର ବୃକ୍ଷ—2. A kind of wild tree. [ଦ୍ର—ଏହା ନର୍ମଦା ନଦୀ ତୀରସ୍ଥ ବନ୍ୟ ବୃକ୍ଷବିଶେଷ । ଏହାର ପତ୍ର ଶମୀ ବୃକ୍ଷର ପତ୍ର ପରି; ଫୁଲ ଜାମ୍ବିରୀ ଫୁଲ ପରି; ଡାଳରେ କଣ୍ଟା ଥାଏ ।] ୩ । ଭଲ୍ଲାତକ ବୃକ୍ଷ—3. The marking nut plant. ୪ । ପିୟାଶାଳ (ହି. ଶ) (ଦେଖ)—4. Piyāsāla (See). ୫ । ଶର ତୃଣ (ହି. ଶ)—5. A kind of reed grass.

**ବୀରତା(ତ୍ୱ)**—ସଂ. ବି.—(ବୀର+ଭାବାର୍ଥେ. ତା)—୧ । ବୀରର ଭାବ;
Biratā (twa) ଶୌର୍ଯ୍ୟ—1. Heroism ୨ । ସାହସ—2. Courage; valour.

**ବୀରତୂର(ରୀ)**—ସଂ. ବି—(ବୀର+ତୂର)—ରଣତୂରୀ—
Biratūra(ri) A war trumpet.
[ଉ—ବୀରତୋଷ ସମୟେ ସ୍ୱର୍ଗେ ଦେବୋତ୍ସବନ୍ତ, ବୀର-ତୂର ସ୍ୱାଦୁତ ଲାଗି ପ୍ରଜ୍ୱଳତ । ଉଞ୍ଜ. ବୈଦେହୀଶବିଳାସ]

**ବୀର ଦର୍ପ**—ସଂ. ବି (ବୀର+ଦର୍ପ)—ବୀରର ଅହଙ୍କାର—The pride
Bira darpa of a hero; pride of a warrior.
( ବୀରଗର୍ବ, ବୀରଦମ୍ଭ—ଅନ୍ୟରୂପ )

**ବୀର ଦ୍ରୁମ**—ସଂ. ବି ( ବୀର+ଦ୍ରୁମ )—ବୀରତରୁ; ଅର୍ଜୁନଗଛ—The
Bira druma Arjuna tree. [ ଉ—କୁମାରବୀ ଅବ ସ୍ତଳୀ ବୀରଦ୍ରୁମ କାଲୁଞ୍ଜମାଳ—ରାଧାନାଥ. ଭ୍ରମ । ]

**ବୀର ଧଟୀ**—ସଂ. ବି—୧ । ଯୁଦ୍ଧ ସମୟରେ ଯୋଦ୍ଧାର ପରିଧେୟ ପୋଷାକ—
Bira dhati 1. War-dress. ୨ । ମାଲକଚ୍ଛ—2. A mode
বীরধড়া of wearing of the loin cloth by tugging
ବୀରପରିଚ୍ଛଦ, ବୀରପଟ୍ଟ, ବୀରବେଶ, ବୀରସଜ୍ଜା }--ଅନ୍ୟରୂପ up all its hanging parts and turning the cloth into a sort of drawyers.

**ବୀରଧୂ**—ଦେ. ବି—ବୀରତ୍ୱ—Heroism. [ ଉ—ବୀରଧୂ ପ୍ରକାଶ
Biradhū ତବ ଦେଉ ଅବଶେଷେ—ଉଞ୍ଜ. ବୈଦେହୀଶବିଳାସ । ]

**ବୀରନାରୀ**—ସଂ. ବି ( କର୍ମଧା. ବୀର+ନାରୀ )—୧ । ବୀରାଙ୍ଗନା—
Biranāri 1. A heroine. ୨ । ବୀରପତ୍ନୀ—2. The
( ବୀରବନିତା—ଅନ୍ୟରୂପ ) wife of a hero

**ବୀରପଞ୍ଚମୀ ବ୍ରତ**—ସଂ. ବି ( ବୀରପଞ୍ଚମୀ+ବ୍ରତ )—ବୀରପୁତ୍ରଲାଭ
Birapanchami brata କାମନାରେ ସ୍ତ୍ରୀମାନଙ୍କର ଅନୁଷ୍ଠିତ ବ୍ରତବିଶେଷ—A religious vow undertaken by women with a view to give brith to heroes.

**ବୀରପଣ**—ଦେ. ବି ( ବୀର+ପଣ )—୧ । ବୀରତ୍ୱ—1. Heroism.
Birapana ୨ । ବୀରୋଚିତ ଆଚରଣ—2. The conduct
বীরপণা वीरपना(न) befitting a hero.
( ବୀରପଣିଆ[ଆଁ]—ଅନ୍ୟରୂପ )

**ବୀରପତ୍ନୀ**—ସଂ. ବି. ସ୍ତ୍ରୀ ( ୬ଷ୍ଠୀ ତତ୍ )—ବୀରର ଭାର୍ଯ୍ୟା—
Birapatni The wife of a hero.

**ବୀରପତ୍ରା**—ସଂ. ବି—ଭଙ୍ଗ୍ୟା; ଗଞ୍ଜେଇ—
Birapatrā Indian hemp

**ବୀରପଥ**—ସଂ. ବି ( ବୀର+ପଥିନ୍=ମାର୍ଗ )—ଯୁଦ୍ଧରେ ପ୍ରାଣତ୍ୟାଗ
Birapatha (ଯେଉଁ ପଥରେ ବୀରମାନେ ସ୍ୱର୍ଗକୁ ଯାଆନ୍ତି)—(the way of the warrior), Death while fighting. [ ଉ—କୁରୁ ପାଣ୍ଡବ ଯୁଦ୍ଧ ଅନ୍ତେ । ବୀରେ ଗମିଲେ ବୀରପଥେ—ଜଗନ୍ନାଥ. ଭାଗବତ । ]

**ବୀରପାନ**—ସଂ. ବି ( ୬ଷ୍ଠୀ ତତ୍ )—ଯୁଦ୍ଧଶ୍ରମ ମେଣ୍ଟାଇବା ପାଇଁ ବୀର-
Birapāna ମାନଙ୍କ ପୀତ ପାନୀୟ ( ହି. ଶ )—A drink imbibed by warriors to mitigate the fatigues of fighting.

**ବୀର ପୁତ୍ର**—ସଂ. ବି ( ବୀର+ପୁତ୍ର )—୧ । ( କର୍ମଧା ) ବୀର୍ଯ୍ୟବାନ୍
Bira putra କୁମାର—1. A heroic son. ୨ । ( ୬ଷ୍ଠୀ
(ବୀରସନ୍ତାନ, ବୀରସୂନୁ—ଅନ୍ୟରୂପ) ତତ୍ ) ବୀରର ପୁତ୍ର—2. The son of a hero.

ବୀର ପେଷିବା—ଦେ. କ୍ରି—ମନ୍ତ୍ରତନ୍ତ୍ର ପ୍ରୟୋଗଦ୍ୱାରା କୌଣସି ବ୍ୟକ୍ତି Bira peshibā ବା ସ୍ଥାନ ପ୍ରତି ଉପଦ୍ରବକାରୀ ଭୂତକୁ ପ୍ରେରଣ
बीर पाठाना; भूत लागाना करवा—To cause a malignant spirit to possess a
बीर भेजना
( ବୀର ଲଗା[ଗେ]ଇବା—ଅନ୍ୟରୂପ ) place or person, by the employment of black magic. [ ଦ୍ର—ଯେଉଁ ବ୍ୟକ୍ତି ପ୍ରତି ବା ସ୍ଥାନପ୍ରତି ବୀର ପେଷା ଯାଇଥାଏ, ସେଠାରେ ଶୂନ୍ୟରୁ ଢେଳା ପଡ଼େ, ହଠାତ୍ ଅଗ୍ନି ଲାଗିଯାଏ, ବସ୍ତ୍ର ପଡ଼େ, ଘରର ଛାଳସବୁ ବାହାରେ ଫୋପଡ଼ା ହେବାର ଦେଖାଯାଏ, ଲୁଗାପଟାରେ, ପାତ୍ରପାତ୍ର ଅନ୍ଦରେ ବସ୍ତ୍ର ଜମା ହୁଏ; ଅଥଚ ଅତି ସତର୍କ ହୋଇ ଜଗିଲେ ମଧ୍ୟ ଏ ସବୁ କାର୍ଯ୍ୟ କିଏ କରୁଛି ବୋଲି ଦୃଷ୍ଟ ମାତ୍ର ଧରା ପଡ଼େ ନାହିଁ । ଏହା ଏକପ୍ରକାର ଭୌତିକ କାଣ୍ଡ । ଗୁଣିଆ ଅଣି ଏଥିର ଲେଉଟ ଉପାୟ କଲେ ଏହା ବନ୍ଦ ହୋଇଯିବାର ଦେଖା ଯାଇଅଛି । ]

ବୀରପ୍ରସୂ—ସଂ. ବିଣ ଓ ବି. ସ୍ତ୍ରୀ ( ବୀର+ପ୍ର+ସୂ ଧାତୁ+କ୍ୱିପ୍ )—Biraprasū ବୀର ସନ୍ତାନବତୀ ସ୍ତ୍ରୀ—A mother of heroes.

ବୀରବ(ବା)ଉଳି(ଳୀ)—ଦେ. ବି ( ସଂ. ବୀରବଲୟ )—କର୍ଣ୍ଣାଳଙ୍କାର ବି
Biraba(bā)uḷi(li) କର୍ଣ୍ଣବଳୟବିଶେଷ; ମକରକୁଣ୍ଡଳ—A kind
बीरबौली, बीरबउली of earring. ( ଉ—କେତେ ଶୋଭୁଥିଲେ
बीरछुमक ଗୃନ୍ଥ କର୍ଣ୍ଣଯୁଗେ ବୀରବଉଳି—ରାଧାନାଥ. ଉଷା । )

ବୀରବଳ
ବୀରବଳି } ଅନ୍ୟରୂପ
ବୀରବୋଲି

[ ଦ୍ର—ପୂର୍ବେ ବୀରମାନେ ଏହି ଅଳଙ୍କାର ପିନ୍ଧୁଥିଲେ । ଏହାର ଆକୃତି ମକର ପରି । ମକରର ପେଟ ଅଂଶ ଗୋଲ ଚୂଲ ମୁହଁ ଓ ଲାଞ୍ଜ ଉପରକୁ ଉଠିଥାଏ । ମୁହଁ ଓ ଲାଞ୍ଜ ମଧ୍ୟସ୍ଥ ଫାଙ୍କରେ ଖଣ୍ଡିଏ କାଠି ଲାଗିଥାଏ, ସେହି କାଠି କାନର ଛିଦ୍ରରେ ପଶେ । ଏହି ମକରର ପାଟରେ ଓ ମୁହଁରେ ମଣି ଖଚିତ ହୋଇଥାଏ । ଉତ୍କଳର ଗଡ଼ଜାତର ରଜାମାନେ ପଣ୍ଡିତମାନଙ୍କୁ 'ବୀରବଳି' ବା କୁଣ୍ଡଳ ଉପହାର ଦେଇଥାଆନ୍ତି । ପଣ୍ଡିତମାନେ ବୃଦ୍ଧାବସ୍ଥାରେ ସୁଦ୍ଧା ତାହା ପିନ୍ଧି ରାଜସଭା ଓ ରାଜଦରବାର ମାନଙ୍କରେ ଉପସ୍ଥିତ ହୁଅନ୍ତି । ]

ବୀରବର—ସଂ. ବି ( ୭ମୀ ତତ୍; ବୀର+ବର=ଶ୍ରେଷ୍ଠ )—ବୀରଶ୍ରେଷ୍ଠ; Birabara ମହାବୀର—The chief amongst heroes; a prominent hero. ଦେ. ବି—କ୍ଷତ୍ରିୟମାନଙ୍କ ଉପାଧିବିଶେଷ—A title of Kshatriyas. [ ଦ୍ର—ଏହା ଉପେନ୍ଦ୍ରଭଞ୍ଜଙ୍କର ଉପାଧି ଥିଲା । କେତେକ ସ୍ଥାନରେ ଭଣିତାରେ ସେ ଆପଣାର ନାମ 'ବୀରବର' ଲେଖିଅଛନ୍ତି । ଯଥା—ବୀରବର ରଚନା ଏପଦ ଚୋଡ଼—ସୁବର୍ଣ୍ଣରେଖା । ]

ବୀରବଲ୍(ଳ)—ଦେ. ବି ( ନାମ )—ମୋଗଲ ସମ୍ରାଟ ଅକବରଙ୍କ
Birabal(la) ସଭାର ଜଣେକ ବିଦ୍ୱାନ୍ ପଣ୍ଡିତ ଓ ସେନାପତି—
बीरबल Name of a court poet and commander of
बीरबल the Moghul Emperor Ākbar.
[ଦ୍ର—ଏହାଙ୍କ ପୂର୍ବ ନାମ ମହେଶ ଦାସ, ଜନ୍ମ ସ୍ଥାନ ବୁନ୍ଦେଲ ଖଣ୍ଡ । ଏହାଙ୍କ କବିତ୍ୱ ଶକ୍ତିରେ ଓ ସଙ୍ଗୀତ ନୈପୁଣ୍ୟରେ ମୁଗ୍ଧ ହୋଇ ସମ୍ରାଟ ଅକବର ଏହାଙ୍କୁ କବିରାୟ ଉପାଧି ଦେଇଥିଲେ ଓ ନିଜର ସଭା ପଣ୍ଡିତ କରିଥିଲେ, ପରେ ଏହାଙ୍କୁ ରାଜା ଉପାଧି ଓ ଜାଗିର ଦେଇ ସହସ୍ର ସୈନ୍ୟଙ୍କ ଅଧିନାୟକ କରିଥିଲେ । ଏହି ସମୟରେ ଏ ବୀରବଲ ନାମରେ ଅଭିହିତ ହେଲେ । ବୀରବଲ ସେନାପତି ରୂପେ ଦକ୍ଷତା ସହକାରେ ରାଜକାର୍ଯ୍ୟ ନିର୍ବାହ କରୁଥିଲେ । କୌଣସି ଗୁରୁତର ରାଜକାର୍ଯ୍ୟ ପଡ଼ିଲେ ଅକବର ବୀରବଲଙ୍କ ପରାମର୍ଶ ନେଉଥିଲେ । ୧୫୮୫ ଖ୍ରୀଷ୍ଟାବ୍ଦରେ ବିଦ୍ରୋହୀ ଆଫଗାନଙ୍କ ବିରୁଦ୍ଧରେ କାବୁଲର ସେନାପତି ଜୈନଖାଁଙ୍କ ସାହାଯ୍ୟ କରିବା ପାଇଁ ଯେଉଁ ସୈନ୍ୟଗଣ ପ୍ରେରିତ ହୋଇଥିଲେ ବୀରବଲ ତହିଁର ଅଧିନାୟକରୂପେ ପ୍ରେରିତ ହୋଇଥିଲେ ଓ ସେହି ଅଭିଯାନରେ ସେ ଆଫଗାନ୍‌ମାନଙ୍କଦ୍ୱାରା ୧୫୮୬ ଖ୍ରୀଷ୍ଟାବ୍ଦରେ ନିହତ ହେଲେ—ସୁବଲଚନ୍ଦ୍ର । ]

ବୀରବଳ—ସଂ. ବି—୧ । ବୀରୋଚିତ ବଳ—1. The might of Birabala a hero. ୨ । ବାହୁବଳ—2. The might of one's arms; physical strength; prowess.

ବୀରବହ—ସଂ. ବିଣ (ବୀର+ବହ ଧାତୁ+କର୍ମ. ଅ)—ଯାହା ଘୋଡ଼ା Birabaha ଦ୍ୱାରା ଟଣାଯାଏ(ହ୍ରି. ଶ.)—Driven by the horse. ସଂ. ବି. ରଥ ( ହ୍ରି ଶ. )ଘୋଡ଼ା ଗାଡ଼ି—Car; carriage drawn by horses.

ବୀର ବାଉ(ହୁ)ଟୀ(ଟା)—ଦେ. ବି (ସହଚର)—(ସଂ. ବୀର+ବଧୂଟୀ)—Bira bāu(hu)ṭi(tā) ତାନ୍ତ୍ରିକ ପ୍ରୟୋଗଦ୍ୱାରା କୌଣସି ବ୍ୟକ୍ତି [ବୀରବାଉ(ହୁ)ଟିଆ—ଅନ୍ୟରୂପ] ଉପରେ ବା ସ୍ଥାନରେ ଉପଦ୍ରବ
भूतप्रेत देवादेवी କରିବା ଭୂତ ଓ ଯୋଗିନୀ—Evil spirits and Deities which are made to possess persons or places by the employment of charms.

ବୀରବାଜା—ଦେ. ବି ( ସଂ. ବୀରବାଦ୍ୟ )—ବୀରବାଦ୍ୟ; ରଣବାଦ୍ୟ—Birabājā War drum; war-music. (ଉ—ବାଜେ (ବୀରବାଦ୍ୟ—ସଂ. ରୂପ) ବୀରବାଜା, ଉଡ଼େ ରଣଧ୍ୱଜା, କର୍ମେ ଅରଭେଦୀ ଗିର କାନନ—ନନ୍ଦକିଶୋର. କୃଷ୍ଣକୁମାରୀ । )
बीरबाद्य, बीरबाजना बीरबाजा

ବୀରବାହୁ—ସଂ. ବି (ବୀର+ବାହୁ)—୧ । ଶୂରଶ୍ରେଷ୍ଠ; ବୀରଶ୍ରେଷ୍ଠ—Birabāhu 1. A prominent warrior ୨ । ରାବଣର ପୁତ୍ର—2. Son of Rābaṇa. ୩ । ବିଷ୍ଣୁ—3. Bishṇu.

ବୀରବିକ୍ରମ ଦେବ—ଦେ. ବି (ନାମ)—ଖଡ଼ିଆଳର ସ୍ୱର୍ଗୀୟ ରାଜା—Birabikrama deba Name of a late Raja of Kharial who was an Oriya author. [ଦ୍ର—'ପ୍ରେମଲତା' ନାଟକ ଏହାଙ୍କଦ୍ୱାରା ରଚିତ—ତାରିଣୀ ଉତ୍କଳ ସାହିତ୍ୟର ଇତିହାସ । ଏ ମଧ୍ୟ ଅନ୍ୟ କେତେ-

ସ୍ତବ ଓ ଭୂଗୋଳ ନାଟକ, ଚରିତ୍ରଭାଷା ଓ ସଙ୍ଗୀତ ରଚନା କରିଥିଲେ ।]

ବୀର ବିପ୍ଳାବକ—ସଂ. ବି—ଯେଉଁ ବ୍ରାହ୍ମଣ ଶୂଦ୍ରଠାରୁ ଧନ ଗ୍ରହଣ କରି
Bira biplābaka ହୋମ କରେ (ହି. ଶ.)—A Brāhmaṇa who performs homa by accepting money from a Sūdra.

ବୀରବୋହୂ—ଦେ ବି (ସଂ. ବୀର+ବଧୂ)—ସାଧବସର ବୋହୂ ପୋକ
Birabohū The velvet insect.
वीरबउटी वीरबहुटी ( ବୀରବୋହୁଟୀ—ଅନ୍ୟରୂପ )

ବୀରବ୍ରତ—ସଂ. ବି. ପୁଂ ( ବହୁବ୍ରୀହି; ବୀର+ବ୍ରତ )—୧ । ଯେ ବୀରତା
Birabrata ସହକାରେ ଆପଣା ସଙ୍କଳ୍ପ ପାଳନ କରେ (ହି.ଶ) I. A person who carries out his resolve heroically. ୨ । ବ୍ରହ୍ମଚାରୀ ଓ ଅଗ୍ନିହୋତ୍ରୀ ବ୍ରହ୍ମଚର୍ଯ୍ୟ (ହି. ଶ.)—2. A sturdy and orthodox Brahmachāri.

ବୀରଭଦ୍ର—ସଂ. ବି (୭ମୀ ତତ୍; ବୀର+ଭଦ୍ର=ଶ୍ରେଷ୍ଠ)—୧ । ବୀରଶ୍ରେଷ୍ଠ;
Birabhadra ମହାବୀର—1. A preeminent hero. ୨ । ରୁଦ୍ରବିଶେଷ—2. Name of a Rudra Deity. ୩ । ଶିବାନୁଚରବିଶେଷ–3. Name of an attendant of Siba. ( ଯଥା—ରୁଦ୍ରର ସେ ଜଟାର ମଧ୍ୟ, ପୁରୁଷେ ଜାତ ବୀରଭଦ୍ର—ଜଗନ୍ନାଥ ଭାଗବତ ) । [ ଦ୍ର—ଦକ୍ଷଯଜ୍ଞ ବିନାଶ କରିବା ସମୟରେ ମହାଦେବ ଏହି ବୀରଙ୍କୁ ନିଜ ଜଟାରୁ ସୃଷ୍ଟି କରିଥିଲେ ।] ୪ । ଅଶ୍ୱମେଧ ଯଜ୍ଞର ଅଶ୍ୱ—4. A horse dedicated as a victim for a horse-sacrifice.
वीरभद्र वीरभद्र ଦେ. ବି. ପୁଂ—୧ । ଲୋକଙ୍କୁ ଦିଆଯିବା ନାମ—1. A name given to males. ୨ । ଶ୍ରୀଚୈତନ୍ୟ ଦେବଙ୍କ ସହଚର ନିତ୍ୟାନନ୍ଦ ଦେବଙ୍କ ପୁତ୍ର—2. Name of the son of Nityānanda, the companion of Sri Chaitanya Deba.

ବୀରଭା—ଦେ. ବି. ( ସଂ. ବୀର+ଭାବ )—ବୀରତ୍ୱ—
Birabhā ( ଯଥା—ବୀରଭା ନୂତ କରୁ ଭୁ ପ୍ରସଙ୍ଗ—ଉପେ. ବୈଦେହୀଶବିଳାସ । )

ବୀରଭୁକ୍ତି—ସଂ. ବି—ଅଧୁନାତନ ବୀରଭୂମର ପ୍ରାଚୀନ ନାମ ( ହି. ଶ )—
Bira bhukti The ancient name of Birbhum.

ବୀରଭୂମ(ମି)—ଦେ. ବି (ନାମ) ( ସଂ. ବୀରଭୁକ୍ତି )—ବଙ୍ଗ ଦେଶର
Birabhūma(mi) ପଶ୍ଚିମ ସୀମାରେ ଥିବା ଗୋଟିଏ ଜିଲ୍ଲାର
वीरभूम ନାମ—Birbhum; name of a western
वीरभूम (ବୀରଭୂଇଁ—ଅନ୍ୟରୂପ) district of Bengal.

ବୀରମଣି—ସଂ. ବି. ( ୬ଷ୍ଠୀ ବା ୭ମୀ ତତ୍ )—୧ । ବୀର ଶ୍ରେଷ୍ଠ—
Bira maṇi 1. A prominent hero. ୨ । (ନାମ) ଦେବପୁରର ଏକ ରାଜା, ଯାହାଙ୍କ ପୁତ୍ର ରୁକ୍ମାଙ୍ଗଦ ରାମଚନ୍ଦ୍ରଙ୍କ ଯଜ୍ଞ ଘୋଡ଼ାକୁ ବାନ୍ଧି ଥିଲେ ଓ ମହାଦେବଙ୍କ ସହାୟତାରେ ଶତ୍ରୁଘ୍ନଙ୍କୁ ପରାସ୍ତ କରିଥିଲେ ଓ ଯାହାଙ୍କଠାରୁ ରାମଚନ୍ଦ୍ର ଶେଷରେ ଯଜ୍ଞଘୋଡ଼ାକୁ ଛଡ଼ାଇ ଆଣିଥିଲେ—1. Name of a king of Debapura; a cotemporary of Rāmachandra.

ବୀରମର୍ଦ୍ଦଳ—ସଂ. ବି. (୬ଷ୍ଠୀ ତତ୍)—ଯୁଦ୍ଧ ମର୍ଦ୍ଦଳ; ଯୁଦ୍ଧ ଢକ୍କା (ହି.ଶ)-
Bira marddala War drum.
(ବୀର ମାଦଳ—ଦେଶଜରୂପ)

ବୀର ମାଟି—ଦେ. ବି· ( ସଂ· ବୀର+ମୃତ୍ତିକା )—୧ । ବୀରମାନେ ଯୁଦ୍ଧ
Bira māṭi ପୂର୍ବରୁ ବା ମଲ୍ଲ କ୍ରୀଡ଼ା ପୂର୍ବରୁ ଦେହରେ ଯେଉଁ
वीरमाटि ରଙ୍ଗିଆ ମାଟି ବୋଳ ହେଉଥିଲେ—1. A kind of
वीरमिट्टी coloured earth with which warriors and athletes used to besmear their bodies before fighting or wrestling. ୨ । (ବ୍ୟଙ୍ଗ) ଯେଉଁ ସ୍ଥାନର ମୃତ୍ତିକାର ଏପରି ମାହାତ୍ମ୍ୟ ଅଛି ଯେ ସେ ସ୍ଥାନରେ ପାଦ ଦେବା ମାତ୍ରେ ଲୋକର ପ୍ରଚ୍ଛନ୍ନ ବୀରତ୍ୱ ପ୍ରକାଶିତ ହୁଏ ( ଯଥା—କଟକ ସତ୍ୟ ବୀରମାଟି )—2. A place said to possess the potency of infusing hero.sm in a person who sets foot on it (ironical).

ବୀର ମାତା—ସଂ. ବି ଓ ବିଣ. ସ୍ତ୍ରୀ. (ବୀର+ମାତୃ)—ବୀର ପୁତ୍ରର ମାତା
Bira mātā ବା ମାଆ; ବୀର ପୁତ୍ର ପ୍ରସବିନୀ ସ୍ତ୍ରୀ— A mother of heroes.
(ବୀରପୁତ୍ର ଧାତ୍ରୀ, ବୀର ପ୍ରସବିନୀ, ବୀର ପ୍ରସୂ, ବୀରବସା, ବୀରସୂ—ଅନ୍ୟରୂପ)

ବୀର ମାର୍ଗ—ସଂ. ବି· (୬ଷ୍ଠୀ ତତ୍; ବୀର+ମାର୍ଗ)—
Bira mārga ସ୍ୱର୍ଗ (ହି. ଶବ୍ଦସାଗର)—Heaven.
(ବୀରଗତି, ବୀର ଲୋକ—ଅନ୍ୟରୂପ)

ବୀର ରଜଃ—ସଂ. ବି—ସିନ୍ଦୂର (ହି. ଶ)—
Bira rajaḥ Vermilion.

ବୀର ରସ—ସଂ. ବି.—(ବୀର+ରସ)—କାବ୍ୟ ଶାସ୍ତ୍ରର ୯ ଗୋଟି ରସ
Bira rasa ମଧ୍ୟରୁ ଗୋଟିଏ ପ୍ରଧାନ ରସ—The heroic sentiment in literature. [ ଦ୍ର—ଯେଉଁ ବିଷୟର ଶ୍ରବଣ, ପାଠ ବା ଦର୍ଶନଦ୍ୱାରା ହୃଦୟରେ ବୀରୋଚିତ ଉତ୍ସାହ ଜାତ ହୁଏ, ତାହାର ରସ ବୀର ରସ ।]

ବୀର ରାମଚନ୍ଦ୍ରପୁର—ଦେ. ବି.—(ବୀର+ରାମଚନ୍ଦ୍ର+ପୁର)—ପୁରୀ ଜିଲ୍ଲା
Bira rāmachandra pura ସତ୍ୟବାଦୀ ଅଞ୍ଚଳର ଗୋଟିଏ ବଡ଼
(ବୀର ରାମଚନ୍ଦ୍ରପୁର—ଗ୍ରାମ୍ୟରୂପ ) ବ୍ରାହ୍ମଣ ଶାସନ—Name of a big Brāhmaṇa village near Sakhigopal in the Puri district. [ଦ୍ର—ଉତ୍କଳର ଜଣେକ ସ୍ୱାଧୀନ ନରପତି ରାମଚନ୍ଦ୍ର ବା ବୀର ରାମଚନ୍ଦ୍ର ଦେବଙ୍କ ଦ୍ୱାରା ଏ ଶାସନ ପ୍ରତିଷ୍ଠିତ ହୋଇଥିବାରୁ ତାଙ୍କ ନାମ ଅନୁସାରେ ଏ ଶାସନର ନାମକରଣ ହୋଇଅଛି ।]

ବୀର ବାହୁ—ସଂ. ବି—(ବୀର+ବାହୁ; ୬ଷ୍ଠୀ ତତ୍; ଏ ପୃଥିବୀକୁ ୨ ଥର
Bira bāhu କ୍ଷତ୍ରିୟ ବା ନିର୍ବୀର କରି ଥିବାରୁ)—୧ । କ୍ଷତ୍ରିୟ

ବୀରମାନଙ୍କର ବିନାଶକ—The destroyer of the Kshatriya heroes. [ଉ—ବୀର ରକ୍ତ ଭୃଗୁସୁତ ତ୍ରାସ ଦେବା ପାଇଁ, ବାସ କଲା ଗିରି ଭୃଗୁ ଉମ୍ବକଣ୍ଟେ ତହିଁ । ଉପେ. ବୈଦେହୀଶବିଳାସ ।] ୨ । ପରଶୁରାମ—2. An epithet of Parasurāma.

ବୀର ଲାଗିବା—ଦେ. କ—ଅନ୍ୟ ବ୍ୟକ୍ତିଙ୍କ ମନ୍ତ୍ର ସମ୍ବନ୍ଧ ପ୍ରୟୋଗ ବଳରେ Bīra lāgibā କୌଣସି ମନୁଷ୍ୟ ଠାରେ ବା ଗୃହରେ ଦୁଷ୍ଟ ଭୂତ ଭୂତ ଲାଗୀ ଆବିଷ୍ଟ ହେବା—The possession of a house or person by a malignant spirit by the employment of charms.

ବୀରଶୟ୍ୟ—ସଂ ବି.—( ବୀର+ଶୀ ଧାତୁ+ଅଧି. ଅ; ବୀରର ଶଯ୍ୟା) Birasaya ଯୁଦ୍ଧରେ ମୃତ୍ୟୁ—Death while fighting.

ବୀର ଶୟନ—ସଂ. ବି.—୧ । (୭ମୀ ତତ୍ ବୀର+ଶୟନ)—ଯୁଦ୍ଧରେ Bīra sayana ମୃତ୍ୟୁ—Death while fighting. [ଉ—(ବୀରଶଯ୍ୟା—ଅନ୍ୟରୂପ) ବୀର ଶୟନେ ତୁ ଆନନ୍ଦେ, ଶୋଇରୁ କୁରୁବରଙ୍କ ମଧ୍ୟେ । ଜଗନ୍ନାଥ. ଭାଗବତ ।] ୨ । (ବହୁବ୍ରୀହି)—ରଣଭୂମି—Battlefield.

ବୀର ଶାକ—ସଂ. ବି.—ଧଳା ବଥୁଆ ଶାଗ (ହ୍ର. ଷ.)— Bīra sāka Chenopodum Album.

ବୀର ଶାର୍ଦ୍ଦୂଳ—ସଂ. ବି ( ଉପମିତ କର୍ମଧାରୟ ବା ୭ମୀ ତତ୍; ବୀର+ Bīra sārddula ଶାର୍ଦ୍ଦୂଳ )—୧ । ବୀରଶ୍ରେଷ୍ଠ—1. A pre-eminent hero. [ ଉ—ବୀରଶାର୍ଦ୍ଦୂଳ ଲୋକଙ୍କେ ଭଜେ ସୈନ୍ୟ ମୃଗ । ଉପେ. ବୈଦେହୀଶବିଳାସ । ] ୨ । ପରାକ୍ରମୀ ବ୍ୟାଘ୍ର—2. A naughty tiger.

ବୀରଶିଖ—ଦେ. ବି. ( ସ. ବୀର+ଶିଖର )—ବୀରମାନଙ୍କ ମଧ୍ୟରେ Birasikha ଶ୍ରେଷ୍ଠ; ଶ୍ରେଷ୍ଠବୀର—A pre-eminent hero. [ ଉ—ବରୁଣଙ୍କ ସମ୍ପର୍କୀ ଦେବଦତ୍ତ ଶଙ୍ଖ, ସେ ସର୍ବେବରେ ମଧ୍ୟ ଅଛ ବୀରଶିଖ । କୃଷ୍ଣସିଂହ. ମହାଭାରତ ବନ । ]

ବୀରଶୂନ୍ୟ—ସ. ବିଣ ( ୬ଷ୍ଠୀ ତତ୍; ବୀର+ଶୂନ୍ୟ )—ଯେଉଁ ସ୍ଥାନରୁ Bīrasūnya ବୀରମାନଙ୍କ ଲୋପ ହୋଇ ଅଛି—( a place ) Shorn of all its heroes.

ବୀର ସର୍ବସ୍ୱ—ସ. ବି ( ବୀର+ସର୍ବସ୍ୱ )—ସଂସ୍କୃତ ସ୍ମୃତିଗ୍ରନ୍ଥ ବିଶେଷ— Bīra sarbaswa Tetle of a Sanscrit code of Law [ ଦ୍ର—ଗୋବିନ୍ଦ ସାମନ୍ତରାୟ ନାମକ ଜନୈକ ଉତ୍କଳୀୟ ୩୦୦ ବର୍ଷ ତଳେ ଉକ୍ତ ପୁସ୍ତକ ରଚନା କରିଥିଲେ । ଏଥିରେ ବୃହତ୍ ରଚନା ଓ ଅଷ୍ଟ ଶାସ୍ତ୍ର ବ୍ୟବହାରର ବଧିବିଧାନ ବିଶଦଭାବରେ ବର୍ଣ୍ଣିତ ହୋଇଅଛି । ଏ ଗ୍ରନ୍ଥକୁ ନାଗରାକ୍ଷରରେ ସୋନପୁର ମହାରାଜ ସର୍ ବୀରମିତ୍ରୋଦୟ ସିଂହଦେବ ମୁଦ୍ରିତ କରାଇ ଅଛନ୍ତି । ]

ବୀର ସାଧନ(ନା)—ସଂ ବି [ ବୀର+ସାଧନ(ନା) ]—'ବୀର' ନାମକ Bīra sādhana(nā) ଉପ୍ରାଡକାରୀ ଭୂତକୁ ବଶୀଭୂତ କରିବା ଓ ପ୍ରେରଣ ବଳରେ ତାକୁ ଅନ୍ୟବ୍ୟକ୍ତିଠାରେ ପ୍ରବେଶ କରାଇ, ଅନ୍ୟର ଅନିଷ୍ଟ ଘଟାଇବା ନିମନ୍ତେ କରାଯିବା ତାନ୍ତ୍ରିକ ସାଧନ ବିଶେଷ—A tantric ritual for keeping a maligrant spirit under one's control and making it possess people and places.

ବୀର ସିଂହ—ସ. ବି. ( ୭ମୀ ତତ୍; ବୀର+ସିଂହ )—ବୀରଶ୍ରେଷ୍ଠ— Bīrā simha A pre-eminent hero. [ ଉ—ବୀରସିଂହ ଅରଣ୍ୟେ ବିଳସ । ଉପେ. ବୈଦେହୀଶବିଳାସ । ]

ବୀରସୂ—ସ. ବି ( ବୀର+ସୂ ଧାତୁ=ପ୍ରସବ କରିବା+କର୍ତ୍ତୃ. କ୍ୱିପ୍ )— Bīrasū ବୀରମାତା—The mother of heroes. [ ଉ—ବୀରସୂ ସନ୍ନିଧେ ହେଉ ବଧୂ ଅଲୋକରେ । ଉପେ. ବୈଦେହୀଶବିଳାସ । ]

ବୀର ସେନ—ସଂ. ବି ( ବୀର+ସେନ )—୧ । ନଳରାଜାଙ୍କ ପିତା— Bīra sena 1. Name of the father of king Nala. ୨ । ଆରୁକ; ଆଲୁବୋଖାରା ନାମକ କାବୁଲୀ ଫଳ ଓ ବୃକ୍ଷ —2. Prunus Communis (tree and plum); prune ( fruit ).

ବୀରସ୍ଥ—ସଂ. ବି—ଯଜ୍ଞରେ ବଳି ଦିଆଯିବା ପଶୁ ( ହ୍ର. ଶ )— Bīrastha An animal sacrificed at an animal sacrifice.

ବୀର ସ୍ଥାନ—ସଂ, ବି ( ୬ଷ୍ଠୀ ତତ୍; ବୀର=ସ୍ଥାନ )—୧ । ବୀରାସନ Bīra sthāna ହ୍ର. ଶ ( ଦେଖ )—1. Birāsana (See) ୨ । ସ୍ୱର୍ଗ ( ହ୍ର. ଶ. )—2. Heaven.

ବୀରହା—ସଂ. ବି. ପୁଂ (ବୀର=ଯଜ୍ଞାଗ୍ନି+ହନ୍ ଧାତୁ=ନାଶକରିବା+ Bīrahā କର୍ତ୍ତୃ. କ୍ୱିପ୍; ବୀରହନ୍ ଶବ୍ଦ )—୧ । ନଷ୍ଟାଗ୍ନି ବ୍ରାହ୍ମଣ; ପ୍ରମାଦ ବା କାରଣାନ୍ତର ବଶତଃ ଯେଉଁ ସାଗ୍ନିକ ବ୍ରାହ୍ମଣଙ୍କ ଗୃହରୁ ଯଜ୍ଞାଗ୍ନି ଲୀନ ଯାଇଅଛି—1. A Brāhmana in whose house the sacrificial fire has been extinguished through negligence. ୨ । ବିଷ୍ଣୁଙ୍କର ନାମ—2. A name of Bishnu ସଂ. ବିଣ—୧ । ବୀରନାଶକ—1. Destructive of heroes. ୨ । ମହାବୀର—2 Valiant.

ବୀରା—ସ. ବି. ସ୍ତ୍ରୀ ( ବୀର ଧାତୁ=ଶୌର୍ଯ୍ୟ ପ୍ରକାଶ କରିବା+କର୍ତ୍ତୃ. Bīrā ଅ+ସ୍ତ୍ରୀ. ଆ)—୧ । ପତିପୁତ୍ରବତୀ ନାରୀ—1. A woman ( ଅବୀରା—ବିପରୀତ ) having her husband living & blessed with a son or sons. ୨ । (ଭୂଲ. ଇଂ. ବୀରପୁର ) ମଦିରା—2. Wine. ୩ । ମୁରା ନାମକ ଗନ୍ଧଦ୍ରବ୍ୟ; ମୁରାମାଂସୀ—3. A medicinal scent. ୪ । କ୍ଷୀରକାକୋଳୀ ( ଦେଖ )—4. Kshirakānkolā ( See ) ୫ । ଆମଳକୀ—5. Embelic myrobalan. ୬ । ରମ୍ଭା; କଦଳୀ—6. Plantain. ୭ । ବିଦାରୀ; ଭୂଇଁକଖାରୁ—7. A kind of yam. ୮ । ମଧୁରା; ଅତିବିଷା—8. Aconite. ୯ । ଶିଂଶପା; ଶିଶୁଗଛ— 9. Dalbergia Sissu. ୧୦ । ଏଲବାଲୁକ ( ହ୍ର. ଶ ) ( ଦେଖ )—10. Elabāluka ( See ) ୧୧ ।

ଶତାବରୀ ( ଦ୍ର. ଶ )—11. Asparagus Racemosa. ୧୨ । ବ୍ରାହ୍ମୀ ଶାକ (ଦ୍ର. ଶ )—12. Brāhmi ( See ) ୧୩ । ଗମ୍ଭାରୀ ଗଛ ( ଦ୍ର. ଶ ) ( ଦେଖ ) 13. Gambhāri ( See ) ୧୪ । ପୃଶ୍ନିପର୍ଣ୍ଣୀ ( ଦ୍ର. ଶ )—14. Pruśniparnni ( See ) ୧୫ । କଟୁରୋହିଣୀ; କଟୁକା (ଦ୍ର. ଶ)—15. Black hellebore. ୧୬ । ଜଟାମାଂସୀ ( ଦ୍ର. ଶ )—16. Indian spikenard. ୧୭ । ଭୂଇଁ ଅଁଳା ( ଦ୍ର. ଶ )—17. Phyllanthus Niruro ( plant ). ୧୮ । ଘିକୁଆଁରୀ ( ଦ୍ର. ଶ )—18. Indian Aloes. ଦେ. ବି—୧ । ବୀରା ( ଦେଖ )—1. Birā ( See ) [ ଉ—ଅନ୍ତିମ କାଳରେ ମାଳାମ୍ବର ଫିଙ୍ଗି ଏକତ୍ର କରଣ 'ବୀରା' ଗ୍ରହଣ—ନନ୍ଦକିଶୋର. କୃଷ୍ଣକୁମାରୀ । ] ୨ । ବୀର; ବଳିଷ୍ଠ ବ୍ୟକ୍ତି; ବଳବାନ୍ ବ୍ୟକ୍ତି—2. Hero; a mighty person. [ ଉ—ମାର ମଣିମାନଙ୍କୁ ଭୁଲଣବା ବୀରା । ନିଜ ରଥେ ବସିଲେ ପୁଷ୍ପେ ମାର ତରି—କୃଷ୍ଣସିଂହ. ମହାଭାରତ. ଦ୍ରୋଣ । ] ଗ୍ରାଦେ. ( ଗଡ଼ଜାତ ) ବି ( ସଂ. ବ୍ରଣ )—ବ୍ରଣ; ବଥ—Boil.

**ବୀରଙ୍ଗନା**—ସଂ. ବି—(କର୍ମଧା; ବୀର+ଅଙ୍ଗନା)—୧ । ବୀରନାରୀ; Birānganā ଶୌର୍ଯ୍ୟବତୀ ସ୍ତ୍ରୀ—1. A heroic woman; amazon. ୨ । ( ୬ଷ୍ଠୀ ତତ୍ ) ବୀରର ସ୍ତ୍ରୀ—2. The wife of a hero. ଦେ. ବି—ବଙ୍ଗୀୟ କବି ମାଇକେଲ୍ ମଧୁସୂଦନ ଦତ୍ତଙ୍କ ବଙ୍ଗଳା କାବ୍ୟର ଉପାଧି—Title of a poem by the late Michael Madhusūdana Dutta of Bengal.

**ବୀରାଚାର**—ସଂ. ବି—( ବୀର+ଆଚାର )—୧ । ବୀର ଜନୋଚିତ Birāchāra ଆଚରଣ—1. Conduct befitting a hero. (ବୀରାଚାରୀ—ବିଣ. ପୁଂ) ୨ । ତାନ୍ତ୍ରିକ କ୍ରିୟାବିଶେଷ—2. A class of Tantric rites. [ ଦ୍ର—ଏହା ଏକପ୍ରକାର ତାନ୍ତ୍ରିକ ବାମମାର୍ଗ ବା ଶକ୍ତି ଉପାସନା । ଏଥିରେ ସାଧକମାନେ ଦେବତାଙ୍କୁ ବୀର ଭାବରେ ଉପାସନା କରନ୍ତି; ଏମାନେ ମଦ୍ୟକୁ ଶକ୍ତି ଓ ମାଂସକୁ ଶିବରୂପେ ଓ ଏ ଦୁଇ ବସ୍ତୁର ଭକ୍ତକୁ ଭୈରବରୂପେ ମାନନ୍ତି । ଏ ସାଧକମାନେ 'ଚକ୍ର' (ତନ୍ତ୍ରପୂଜାପୀଠ) ରେ ବସି ପୂଜା କରନ୍ତି ଓ କୌଣସି ସ୍ତ୍ରୀଙ୍କୁ କାଳୀରୂପେ ବରଣ କରି ତାଙ୍କୁ ମଦ୍ୟ ଓ ମାଂସ ଅର୍ପଣ କରନ୍ତି । ଏମାନେ ଶବ ଉପରେ ବସି ତାନ୍ତ୍ରିକ ସାଧନ କରନ୍ତି—ବି. ଶ. । ]

**ବୀରାଧିବୀର**—ଦେ. ବି—( ସଂ. ବୀର+ଅଧିବୀର=ଶ୍ରେଷ୍ଠବୀର )—Birādhibira ବୀରଶ୍ରେଷ୍ଠ—A great hero. ( ଉ—ବୀରାଧିବୀର କେତେଦୂର ଭଲେ । ଭଞ୍ଜ. ବୈଦେହୀଶବିଳାସ )
ବୀରବର ବୀରାହୀ

**ବୀରାଧିବୀରବର**—ଦେ. ବି—(ବୀର+ଅଧିବୀର+ବର)—ମହାବୀର—Birādhibirabara 1. A great hero. ୨ । ପ୍ରାଚୀନ ଓଡ଼ିଶା ରାଜାଙ୍କ ଉପାଧି ବିଶେଷ—2. One of the titles of the ancient kings of Orissa.
ବୀରବର
ବୀରାହୀ

**ବୀରାମ୍ଳ**—ସଂ. ବି—ଅମ୍ଳବେତସ (ଦେଖ)—Amlabetasa (See). Birāmla ( ବୀର ବେତସ—ଅନ୍ୟରୂପ )

**ବୀରାସନ**—ସଂ. ବି—(ବୀର+ଆସନ)—୧ । ଉପବେଶନ ବିଶେଷ; ଏକ Birāsana ଜାନୁ ଭୂମିରେ ପକାଇ ଆଉ ଏକ ଜାନୁକୁ ତେରକରି ବସିବା—1. A posture in sitting by laying one thigh and the sole of the other leg on the ground. ୨ । ଯୋଗ ସାଧନର ଆସନବିଶେଷ; ଦକ୍ଷିଣପାଦକୁ ବାମ ଜଙ୍ଘ ଉପରେ ଓ ବାମ ପାଦକୁ ଦକ୍ଷିଣ ଜଙ୍ଘ ଉପରେ ପକାଇ ଠେକାମାଡ଼ିଲ ପକାଇ ବସିବା; ପଦ୍ମାସନ—2. A posture in joga exercise which consists of sitting cross-legged.

**ବୀରୀନ୍ଦ୍ର**—ଦେ. ବି—(ସଂ. ବୀରେଶ୍ୱର)—୧ । ମହାବୀର ବ୍ୟକ୍ତି—1. A Birābi preeminent hero. (ଉ—ତେଣେ ନାଶ ହୋଇବ ସେ ଦଇତ ବୀରାନ୍ଦ୍ର । ସାରଳା . ମହାଭାରତ. ଆଦ୍ୟ ।) ୨ । ବୀରର ଉପାଧି—2. The title of a hero.
ବୀରବର
ବୀରାହୀ

**ବୀରିଜ**—ଗ୍ରା. ବି—(ସଂ. ବୀର୍ଯ୍ୟ; ବୀଜ)—ଶୁକ୍ର—Semen. Birija ବীজ बीज

**ବୀରୁ**—ଦେ. ବି—(ସଂ. ବିରୁଧ୍)—ଲତା—Creeper. (ଉ—ବାଣଧନୁ Biru ଦୃଢ଼େ ଧର ଶ୍ରୀରାମ ଲକ୍ଷ୍ମଣ, ବୀରୁ ଅନ୍ତରୁ ବାହାର ଏ ରବ ଶ୍ରବଣ । ଭଞ୍ଜ, ବୈଦେହୀଶବିଳାସ ।)

**ବୀରୁଧ୍(ଧ, ଧା)**—ସଂ. ବି—( ବି+ରୁଧ୍ ଧାତୁ=ଆବରଣ କରିବା+ Birudh(dha,dhā) କର୍ତ୍ତୃ. କ୍ୱିପ୍;+ଅ; + ସ୍ତ୍ରୀ. ଆ )—୧ । ବିସ୍ତୃତବଲ୍ଲୀ—1. A spreading creeper. ୨ । ଲତା; ଲତା-2. A creeper. ୩ । ଔଷଧ (ଦ୍ର.ଶ.)—3. An annual plant. ୪ । ବୃକ୍ଷ ଓ ଲତା ଆଦି (ଦ୍ର.ଶ)—4. Plants, creepers and trees.

**ବୀରେଶ**—ସଂ. ବି—(୭ମୀ ତତ୍; ବୀର+ଈଶ)—୧ । ବୀରଶ୍ରେଷ୍ଠ; Biresa ମହାବୀର—1. A great hero. ୨ । ବୀରଭଦ୍ର; (ବୀରେଶ୍ୱର—ଅନ୍ୟରୂପ) ମହାଦେବଙ୍କ ଅନୁଚର—2. Birabhadra; an attendant of Sibā. ୩ । ଶିବ (ଦ୍ର. ଶ)—3. Siba. ଦେ. ବି. ପୁଂ--ଲୋକଙ୍କ ନାମ—A name givin to males.

**ବୀର୍ଡାଲି**—ଗ୍ରା. ବି ( ସଂ. ବ୍ରୀହି+ଡାଲି )—ବିରି ରଗଡ଼ା ହୋଇ Birdāli ଖୋସା ଛଡ଼ାଯାଇ ରନ୍ଧା ଯାଇଥିବା ଡାଲି—Curry consisting of boiled split pulse of Brihi.
କড়ায়ের ডাল
उरदकी दाल

**ବୀର୍ଯ୍ୟ**—ସଂ. ବି ( ବୀର+ଭାବାର୍ଥେ ଯ )—୧ । ବୀରତ୍ୱ; ଶୌର୍ଯ୍ୟ—Birjya 1. Heroism; valour. ୨ । ତେଜ; ପ୍ରତାପ—2. Glory; vigour. ୩ । ଶୁକ୍ର; ରେତଃ—3. Semen virile. [ ଦ୍ର—ଏହା ଶରୀରସ୍ଥ ସପ୍ତଧାତୁର ଏକତମ । ଅନ୍ୟ ସବୁ ଧାତୁର ଶେଷରେ ଏହା

ଶରୀରରେ ରକ୍ଷିତ ହୁଏ । ଏଥିପାଇଁ ଏହାର ନାମ ଉର୍ଦ୍ଧ୍ୱଧାତୁ; ଏହଦ୍ୱାରା ଶରୀରରେ ବଳ ଓ କାନ୍ତି ଜନ୍ମେ । ଏହା ସ୍ତ୍ରୀସଙ୍ଗମ ସମୟରେ ବା ରୋଗଯୋଗୁଁ ମୂତ୍ରେନ୍ଦ୍ରିୟ ବାଟେ ନିର୍ଗତ ହୁଏ । ଏହା ଧାରଣ କଲେ, ଅର୍ଥାତ୍ ଏହା ପାତନ ନ କଲେ ବ୍ରହ୍ମଚର୍ଯ୍ୟ ରକ୍ଷା ହୁଏ ଓ ମନୁଷ୍ୟ ଚିରାୟୁ ହୁଏ; ଏଥିର ଅନ୍ୟ ସ. ନାମ—ଶୁକ୍ର, ରେତଃ, ତେଜଃ, ବୀଜ, ଇନ୍ଦ୍ରିୟ—ହି. ଶ. ] ୪ । କ୍ଷମତା—4. Power; might. ୫ । ଶକ୍ତି; ସାମର୍ଥ୍ୟ—5. Ability; strength. ୬ । ସାର—6. Essence. ୭ । ବୀଜ; ମଞ୍ଜି—7. Seed. ୮ । ମୂଳକାରଣ—8. Origin; prime cause.

**ବୀର୍ଯ୍ୟକର**—ସ. ବି (ଉପପଦ ତତ୍; ବୀର୍ଯ୍ୟ+କର)—୧ । ବଳକାରକ
Birjyakara —1. Producing or giving strength.
(ବୀର୍ଯ୍ୟଜନକ, ବୀର୍ଯ୍ୟକୃତ; ବୀର୍ଯ୍ୟପ୍ରଦ, ବୀର୍ଯ୍ୟପ୍ରସୂ—ଅନ୍ୟରୂପ)

**ବୀର୍ଯ୍ୟକୃତ**—ସ. ବଣ—ବଳବାନ୍ ( ହି. ଶ )—
Birjyakruta Strong.

**ବୀର୍ଯ୍ୟ କ୍ଷୟ**—ସ. ବି ( ୬ଷ୍ଠୀ ତତ୍; ବୀର୍ଯ୍ୟ+କ୍ଷୟ )—୧ । ବଳକ୍ଷୟ—
Birjya kshaya 1. Loss of strength. ୨ । ଶୁକ୍ରକ୍ଷୟ
(ବୀର୍ଯ୍ୟନାଶ, ବୀର୍ଯ୍ୟହାନି—ଅନ୍ୟରୂପ) —2. Loss of semen.

**ବୀର୍ଯ୍ୟଜ**—ସ. ବି· ପୁଂ—(ବୀର୍ଯ୍ୟ+ଜନଧାତୁ+କର୍ତ୍ତୃ ଅ) ପୁତ୍ର(ହି.ଶ)—
Birjyaja (ବୀର୍ଯ୍ୟଜା—ସ୍ତ୍ରୀ) Son.

**ବୀର୍ଯ୍ୟ ପାତ**—ସ. ବି ( ୬ଷ୍ଠୀ ତତ୍; ବୀର୍ଯ୍ୟ+ପାତ )—ଶୁକ୍ରପାତ—
Birjya pāta The discharge or loss of semen.

**ବୀର୍ଯ୍ୟବତ୍ତ୍ୱ(ତ୍ତ୍ୱ)**—ସ. ବି (ବୀର୍ଯ୍ୟବତ୍+ଭାବାର୍ଥେ ତା)—୧ । ବୀରତ୍ୱ—
Birjyabattā(ttwa) 1. Heroism. ୨ । ବଳବତ୍ତ୍ୱ—2. Mightiness; potency.

**ବୀର୍ଯ୍ୟ ବର୍ଦ୍ଧକ**—ସ. ବଣ ( ଉପପଦ ତତ୍; ବୀର୍ଯ୍ୟ+ବର୍ଦ୍ଧକ )—୧ ।
Birja barddhaka ସାମର୍ଥ୍ୟର ବୃଦ୍ଧିକାରକ—1. Increasing one's strength. ୨ । ରତିଶକ୍ତିର ବୃଦ୍ଧିକାରକ ରସାୟନ; ବାଜୀକରଣ—2. Increasing potency.

**ବୀର୍ଯ୍ୟ ବର୍ଦ୍ଧନ**—ସ. ବି ( ୬ଷ୍ଠୀ ତତ୍ )—ତେଜୋବୃଦ୍ଧି; ବଳବୃଦ୍ଧି—
Birjya barddhana Increase of strength.
ସ. ବଣ—ବୀର୍ଯ୍ୟବର୍ଦ୍ଧକ ( ଦେଖ )—Birjya-barddhaka ( See ).

**ବୀର୍ଯ୍ୟବାନ୍**—ସ. ବଣ. ପୁଂ (ବୀର୍ଯ୍ୟ+ଅସ୍ତ୍ୟର୍ଥେ ବତ୍; ୧ମା, ୧ବ)—
Birjyabān ୧ । ବଳବାନ୍—1. Strong; mighty. ୨ ।
(ବୀର୍ଯ୍ୟବତୀ—ସ୍ତ୍ରୀ) ମାଂସଳ; ହୃଷ୍ଟପୁଷ୍ଟ ( ହି. ଶ )—2. Stout.

**ବୀର୍ଯ୍ୟ ବିହୀନ**—ସ. ବଣ ( ୩ୟା ତତ୍; ବୀର୍ଯ୍ୟ+ବିହୀନ )—୧ ।
Birjya bihina ବଳହୀନ; ନିର୍ବୀର୍ଯ୍ୟ—1. Powerless.
ବୀର୍ଯ୍ୟହୀନ } ଅନ୍ୟରୂପ devoid of strength. ୨ । ପୁରୁଷତ୍ୱ
ବୀର୍ଯ୍ୟଶୂନ୍ୟ } ବିହୀନ—2. Impotent. ୩ । ଶୌର୍ଯ୍ୟ-ହୀନ—3. Devoid of courage or valour.

**ବୀର୍ଯ୍ୟ ଯୁକ୍ତ**—ସ. ବଣ. ପୁଂ (୩ୟା ତତ୍; ବୀର୍ଯ୍ୟ+ଯୁକ୍ତ)—ବଳବାନ୍—
Birjya jukta 1. Strong; mighty.
(ବୀର୍ଯ୍ୟଶାଳୀ—ଅନ୍ୟରୂପ; ବୀର୍ଯ୍ୟଯୁକ୍ତା, ବୀର୍ଯ୍ୟଶାଳିନୀ—ସ୍ତ୍ରୀ)

**ବୀର୍ଯ୍ୟ ଶୁଳ୍କ**—ସ. ବି (ବହୁବ୍ରୀହି)—କୌଣସି ସ୍ତ୍ରୀ ବା କୌଣସି ପୁରୁଷ
Birjya sulka ଅମୁକ ବଳସାଧ୍ୟ କର୍ମ ସମ୍ପାଦନ କଲେ ତାଙ୍କ ସହିତ ଅମୁକ ପୁରୁଷର ବା ସ୍ତ୍ରୀର ବିବାହ ହେବ ଏବମ୍ଭୂତ ପଣ ବା ପ୍ରତିଜ୍ଞା ( ହି. ଶ )—A vow of marrying a person if he or she is able to achieve such or such an act of valour.

**ବୀଶ**—ସ. ବି ( ବି—ପକ୍ଷୀ+ଈଶ )—ଗରୁଡ଼—
Bisa The mythological king of birds; Garurda.

**ବୀଶ ପ୍ରଭୁ**—ସ. ବି ( ୬ଷ୍ଠୀ ତତ୍; ବୀଶ+ପ୍ରଭୁ )—ବିଷ୍ଣୁ; କୃଷ୍ଣ; ବିଷ୍ଣୁ—
Bisa prabhu Bishnu. [ ଦ୍ର—ବୀଶ ପ୍ରଭୁ ପ୍ରେମବାର୍ଣ୍ଣିକେ୍ୟ ବଶ । ଉଷ. ବୈଦେହୀଶବିଳାସ । ]

**ବୀହାର**—ସ. ବି ( ବି+ହୃ ଧାତୁ=କ୍ରୀଡ଼ା କରିବା ଇତ୍ୟାଦି+ଅ )
Bihāra —ବିହାର (ଦେଖ)—Bihāra ( See )

**ବୁ**—ପ୍ରାଦେ ( ସମ୍ବଲପୁର ) ବି ( ଭୁଲ. ଏହି ଅର୍ଥରେ ହିନ୍ଦୀ ବୂ )—
Bu ମାତୃସ୍ତନ—Mother's breast. [ ଦ୍ର—ସୁବର୍ଣ୍ଣ ସ୍ତନକୁ
ବୋ 'ଦୁଦ୍' କହନ୍ତି । ] ବୈଦେ. ବି ( ଫା. ବୂ ) ଗନ୍ଧ—
ବୂ Smell.

**ବୁଅ(ଆ)ର**—ବୈଦେ ( ଇ. ବୋଅର ) ବି—ବୁର; ଦକ୍ଷିଣ ଅଫ୍ରିକାରେ
Bua(ā)r ଉପନିବେଶ ସ୍ଥାପନ କରିଥିବା ଡେନ୍ମାର୍କର ଅଗତ କ୍ରୀଷ୍ଟାନ୍
ବୁୟାର ଜାତିବିଶେଷ—The Boers. [ ଦ୍ର—ଏମାନେ
ବୁଅର ଇଂରେଜଙ୍କ ସଙ୍ଗେ ଯୁଦ୍ଧରେ ସ୍ୱାଧୀନତା ଲାଭ କରି, ବର୍ତ୍ତମାନ ଇଂରେଜ ସାମ୍ରାଜ୍ୟଭୁକ୍ତ ହୋଇ ସ୍ୱରାଜ୍ୟଶାସନ କ୍ଷମତା ପାଇ ଅଛନ୍ତି । ]

**ବୁଆ**—ଦେ. ବି—(ସ. ବପ୍ ଧାତୁ)—୧ । ବେଉଷଣ—1. The
Bua କାଡ଼ାନ puddling of paddy plants. ୨ ।
विहियाना; चरायान, विया ବୁଣା ଧାନର ଗଛ ୪ ଅଙ୍ଗୁଳଠାରୁ
ବୋନା ଧାନ बुआ ୧୨ ଅଙ୍ଗୁଳ ପର୍ଯ୍ୟନ୍ତ ଉଚ୍ଚ ହେବାର ଅବସ୍ଥା—
(ବୁଅ—ଚଳିତ) 2. The state of sown paddy plants when they are between 2 inches and 10 inches. ୩ । ବୁଣା ଯାଇ ଉଠିଥିବା ଧାନ ଫସଲ—3. Plants of sown (not transplanted) paddy. [ଦ୍ର—ଯେଉଁ ଧାନଗଛ ରୋପିତ ହୋଇ ଥାଏ, ତାକୁ ବୁଆ କହନ୍ତି । ଏ ବିଷୟରେ ଗୋଟିଏ କୃଷି ବଚନ ଅଛି । ଯଥା—ବୁଆ ଶୁଖିଲେ ଥୋଇବୁ କାହିଁ ? ବୁଆ ଶୁଖିଲେ ପାଇବୁ ନାହିଁ । ଅର୍ଥାତ୍ ବୁଆ ଧାନ ବହୁତ ପାଣି ଲୋଡ଼େ; ବୁଆ ଧାନ ବେଳେ ପାଣି ଲୋଡ଼େ ନାହିଁ ।] ୪ । (ଲକ୍ଷଣାର୍ଥ) ଅନ୍ୟ ବ୍ୟକ୍ତିଙ୍କ ଘରେ ମିଳିବା ପର୍ଯ୍ୟାପ୍ତ ଭୋଜନ—4. (figurative) Sumptuous meal got at another person's house. ପ୍ରାଦେ. (ଗଡ଼ଜାତ) ଅ. (ପୁଂ)—୧ । ନିଜର ପିତାଙ୍କୁ ସମ୍ବୋଧନ A term of endearment to call one's father. ୨ । ସାନ ପିଲାଙ୍କୁ ସମ୍ବୋଧନ (ଭୁଲ. ହି. ଏହି ଶବ୍ଦର ଏହି ପ୍ରୟୋଗ)—2. A term of endearing address to infants. ପ୍ରାଦେ. (ସମ୍ବଲପୁର) ବି.—୧ । ବାପ;

ପିତା—1. Father. (ଯଥା—ବାବୁଙ୍କ ବୁଆ ।)— ୨ । ଟୋକା; ବାଳକ—2. Boy. ୩ । ପୁଅ; ସନ୍ତାନ—3. Son. [ ଦ୍ର—ସମ୍ବଲପୁର ଖୁଲଡା ଜାତିର ଲୋକେ ଶିଶୁଙ୍କୁ ସ୍ନେହରେ 'ବୁଆ' ସମ୍ବୋଧନ କରନ୍ତି ଓ କେତେକ କୁମ୍ଭାର ଜାତିର ଲୋକେ ବାପକୁ ବୁଆ ଡାକନ୍ତି ।] ପ୍ରାଦେ. (ବୌଦ) ବ—( ତୁଲ. ହି. ଏହି ଶବ୍ଦର ଏହି ପ୍ରୟୋଗ)—ପୁତ୍ର ପ୍ରତି ସ୍ନେହ ସମ୍ବୋଧନ—A term of endearment addressed to one's son. ପ୍ରାଦେ. (କଟକ ଓ ଖଣ୍ଡଅଞ୍ଚଳ) ବ.—ପିତା; ବାପ—Father.

**ବୁଆ ଖାଇବା**— ଦେ. କ୍ରି—୧ । (ଗୋରୁମାନେ) ବୁଆ ଧାନ ଚରି ଯିବା—
Buā khāibā 1 (cattle) To graze on sown paddy plants when they are 2 to 10 inches high. ୨ । (ଲକ୍ଷଣାର୍ଥ) ଅନ୍ୟ ବ୍ୟକ୍ତିଙ୍କ ଘରେ ପର୍ଯ୍ୟାପ୍ତ ଭୋଜନ କରିବା—2. To eat one's fill at another's table.
ତୃରିଭୋଜନ କরা ବିୟା ଖାନା
(ବୁଆ ଚରିବା—ଅନ୍ୟରୂପ)

**ବୁଆ ଖିଆ**— ଦେ. ବ—୧ । ଗୋରୁ ଗାଈମାନଙ୍କର ବୁଆଧାନ ଗଛକୁ ଚରିବା—1. The grazing of cattle on sown paddy plants when they are 2 to 10 inches high. [ଦ୍ର—ଗାଡ଼ିଦ ଧାନ ଗଛକୁ 'ବୁଆ' ହୋଇଥିବା ଅବସ୍ଥାରେ ବେଉଷିବା ପୂର୍ବରୁ ଗୋରୁଗାଈ ଖାଇଲେ ସେହି ଗଛ ହୃଷ୍ଟପୁଷ୍ଟ ହୋଇ ବଢ଼େ ।] ୨ । (ଲକ୍ଷଣାର୍ଥ) ଅନ୍ୟ ବ୍ୟକ୍ତି ଘରେ ପର୍ଯ୍ୟାପ୍ତ ଭୋଜନ ପ୍ରାପ୍ତ—2. (figurative) Sumptuous meal at another's house. ୩ । ଓପର ଭୋଜନ; ଅନ୍ୟର ଘରେ ଭୋଜି—3. Feast held at another person's house.
Buā khiā ବିୟା ଖানা
[ ଦ୍ର—ଧାନଗଛ ବୁଆ ହୋଇଥିବା ଅବସ୍ଥାରେ ଗୋରୁଗାଈମାନଙ୍କୁ ଧାନ ଖଅର ଅଟକ କରାଯାଏ ନାହିଁ । ଏଥି ପାଇଁ ଗୋରୁମାନେ କଅଁଳ ଧାନଗଛ ଖାଇ ମହା ଆନନ୍ଦରେ ଥାଆନ୍ତି । ଏଥି ସକାଶେ ଓପର ଭୋଜନ ଓ ଭୂରିଭୋଜନ ମିଳିଲେ ଲୋକେ କହନ୍ତି ତାକୁ "ବୁଆଖିଆ" ପଡ଼ୁଛି ।]

**ବୁଆ ତଳି**—ପ୍ରାଦେ. (ଗଡ଼ଜାତ) ବ—ବୁଆଯିବା ଧାନ ଗଛର ତଳି—
Buā tali Seedlings of paddy for transplantation.

**ବୁଆ ଧାନ**—ଦେ. ବ—ଧାନଗଛର 'ବୁଆ' ଅବସ୍ଥା—The sown paddy plants when they are 2 to 10 inches high.
Buā dhāna বোনা ধান বিয়া ধান
(ବୁଆ ଧାନ—ବପଖାଗ)

**ବୁଆଲି**—ଦେ. ବ—୧ । ଧାନ କଟାଳ—1. Reaper of paddy. ୨ । ଶସ୍ୟାଦିର ଗଞ୍ଜ—2. A place or warehouse where grains are stored up. ପ୍ରାଦେ. (ବାଲେଶ୍ୱର) ବ—ବଢ଼ିଥିବା ଧାନ ଗଛ—Grown up paddy plant.
Buāli ধনিহারা

**ବୁଆ ବି(ବେ)ଉ(ହୁ)ଡ଼ା**—ଦେ.ବ—ଧାନଗଛ ଗୁଣ୍ଡଏ ପର୍ଯ୍ୟନ୍ତ ବଢ଼ିଲେ, କଅଁରରେ ପାଣି ବନ୍ଧି କରି ହଳ ବୁଲାଇ ତା ଉପରେ ମଇ ଦେବା ପ୍ରକ୍ରିୟା—The process of puddling the paddy field when the plants are to 2 to 10 inches high.
Buā bi(be)u(hu)ṛdā କାଡ଼ାନ ବିହିୟାନା
[ବୁଆ ବେଉଷଣ, ବେଉ(ହୁ)ଡ଼ା, ବେଉଷଣ—ଅନ୍ୟରୂପ]

**ବୁଇ**—ପ୍ରାଦେ. (ସମ୍ବଲପୁର) ବ. ସ୍ତ୍ରୀ—(ତୁଲ. ହି. ଏହି ଅର୍ଥରେ ଏହି ପ୍ରୟୋଗ; ତୁଲ. ଇଂ. ବଏ=ପୁଂ. ବାଳକ)—୧ । ବାଳିକା; ଝୋଟା—1. Girl; lass. [ ଦ୍ର—ସମ୍ବଲପୁରରେ ଟୋକାମାନଙ୍କୁ 'ବାବୁ' ଓ ଝୋଟାମାନଙ୍କୁ 'ବୁଇ' କହନ୍ତି । କେତେକ ଅଞ୍ଚଳରେ ଶୂଦ୍ର ଝୋଟାମାନଙ୍କୁ 'ବୁଇ' ଓ ବ୍ରାହ୍ମଣ ଝୋଟାମାନଙ୍କୁ 'ନୁନୀ' ବୋଲାଯାଏ । ସମ୍ବଲପୁରର ଜଣେ ଭୂତପୂର୍ବ ଇଂରାଜୀ କର୍ମଚାରୀ—'Colonel Bui'ଙ୍କ ନାମ ଅନୁସାରେ ବାଳିକାମାନଙ୍କର 'ବୁଇ' ନାମକରଣ ହୋଇ ଥିବାର ଜନ ପ୍ରବାଦ ଅଛି । ] ୨ । ଯୁବତୀ—2. A young woman; a youthful girl.
Bui (ବୁଅ—ପୁଂ)

**ବୁଇତ**—ପ୍ରାଦେ. (ବାଲେଶ୍ୱର, ମେଦନୀପୁର) (ସ. ବହିତ୍ର; ବୋଇତ ସ୍ଥାନରେ ବୁଇତ ଉଚ୍ଚାରଣ; ତୁଲ. ବ. ବୁହିତ)—ଜାହାଜ—A ship.
Buita

**ବୁଇତାଳି**—ପ୍ରାଦେ. (ମେଦନୀପୁର, ବାଲେଶ୍ୱର) ବ—(ତୁଲ. ବ. ବୁହିତାଲି)—୧ । ବୋଇତଆଳ; ଜାହାଜଦ୍ୱାରା ବାଣିଜ୍ୟକାରୀ—1. A merchant carrying on trade by ship. ୨ । ବୋଇତକଖାରୁ—2. Red gourd. ୩ । ଜାହାଜର ମାଲିକ ବା ଅଧ୍ୟକ୍ଷ—3. The owner or the captain of a ship.
Buitāla (ବୁଇତଅଳ—ଅନ୍ୟରୂପ)

**ବୁଇତାଳୁ**—ପ୍ରାଦେ. (ବାଲେଶ୍ୱର) ବ—ବୋଇତକଖାରୁ—Red gourd.
Buitalu
(ବୁଇତଅଳୁ; ବୁଇତକଖାରୁ—ଅନ୍ୟରୂପ)

**ବୁଇଲ**—ପ୍ରାଦେ. (ବୌଦ.) ବ (ସ ବଲୀବର୍ଦ୍ଦ)—ବଳଦ—Bullock.
Buila

**ବୁଁଅଳ**—ପ୍ରାଦେ. ( ବାଲେଶ୍ୱର ) ବ—ନାତିବୃହତ୍ ଅରଣ୍ୟ ବୃକ୍ଷବିଶେଷ—A kind of wild tree. [ ଦ୍ର—ଏହାର ପତ୍ର ଛୋଟ ଛୋଟ ଓ ପଳାଶ ପତ୍ରପରି; ଫଳ କମଳକୋଳି ପରି ପେନ୍ଥା ପେନ୍ଥା; ଫଳ ଗୋଲ ଗୋଲ ଅଙ୍ଗୁର ଭଳି; ଫଳ ପାଚିଲେ ହଳଦିଆ ବା ମାଟିଆ ରଙ୍ଗ ହୋଇଯାଏ ଓ ତହିଁ ଭିତରେ ଗୁନ୍ଦ ଅଠାଳିଆ ଅଠାଳିଆ ରସ ଓ ମଞ୍ଜି ଥାଏ । ପିଲାମାନେ ଏ ଫଳକୁ ଖାଆନ୍ତି । ଆଉର ମଧ୍ୟ ବୁଁଅଳ କାଠକୁ ଲୋକେ ବ୍ୟବହାର କରନ୍ତି ।] ପ୍ରାଦେ.—(ଚିଲିକା ଅଞ୍ଚଳ) ବ—ଲୁଣର ଗୋଲା—A warehouse for storing salt.
Buāilu (ବୁଁଅଳ—ଅନ୍ୟରୂପ)

**ବୁଁଖିଆ**—ପ୍ରାଦେ (ବାଲେଶ୍ୱର ଓ ଗଡ଼ଜାତ) ବ. ( ଫା. ବଖିୟା=ଏକ ପ୍ରକାର ଦୃଢ଼ ଓ ଦୋହରା ସିଲାଇ )—ମୋଟା କପାସୂତାରେ ହେଞ୍ଜି ର ଭଳିଆ ବୁଣାଯାଇ ଥିବା ହାର—A necklace of braided cotton thread.
Buākhiā
[ଦ୍ର—ଅନାର୍ଯ୍ୟଲୋକେ ଏହା ବେକରେ ପିନ୍ଧନ୍ତି ।]

ବୁକ୍ (ଧାତୁ)—ସ—୧ । ଶବ୍ଦ କରିବା—1. To sound; to make
Buk (root) a sound. ୬ । ଭୁକିବା—2. To bark. ବୈଦେ·
ବୁক ଚ—୧ । (ଇଂ ବୁକ୍) ବହି; ପୁସ୍ତକ-Book. ୨ । ପୁସ୍ତକର
बुक एक ଖଣ୍ଡ—2. One volume of a work. ■ । (ଇଂ.
ବକ୍‌ରାମ୍) ଏକପ୍ରକାର ଖୁବ୍ ପତଳା ଓ ଟାଅଁସା ସୂତାଲୁଗା—
Buckram.

ବୁକନି—ଦେ. ବ—ବୁକୁନି (ଦେଖ)—
Buk-ni Bukuni (See).

ବୁକ୍‌ପୋଷ୍ଟ—ବୈଦେ. ବ ( ଇଂ )—ଦୁଇପାଖ ଖୋଲା ଥିବାରେ ବା
Buk-posht ପାର୍ସେଲରେ ସ୍ଥାନାନ୍ତରକୁ ପୁସ୍ତକାଦି ଡାକରେ
বুকপোষ্ট बुकपोष्ट ପଠାଯିବା ରୀତି—Bookpost.

ବୁକ୍‌ଷ୍ଟଲ୍—ବୈଦେ (ଇଂ. ବୁକ୍‌ଷ୍ଟଲ୍ ) ବ—ବହି ବା ପୁସ୍ତକର ଛୋଟ ବା
Buk-shtal ଅସ୍ଥାୟୀ ଦୋକାନ—Book stall.
বুকষ্টাল बुक स्टल

ବୁକ୍‌ସପ—ବୈଦେ. (ଇଂ. ବୁକ୍ ସପ୍) ବ—ବହିର ସ୍ଥାୟୀ ଦୋକାନ—
Buk-sap বুক্‌সপ बुकसप Book shop.

ବୁକ୍‌ସେଲ୍ଫ—ବୈଦେ. (ଇଂ, ବୁକ୍‌ସେଲ୍ଫ ) ବ—ବହି ରଖିବାର ଥାକ–
Buk-selph ଯୁକ୍ତ ଖୋଲା ଆଲମାରୀ—Book shelf.
বুক্‌সেলফ बुकसेलफ

ବୁକ୍‌ସେଲ(ଲା)ର୍—ବୈଦେ. (ଇଂ. ବୁକ୍ ସେଲର) ବ—ପୁସ୍ତକବିକ୍ରେତା;
Buk sela(lā)r ବହି ଦୋକାନ—Book seller; the
বুকসেলার बुकसेलर keeper of a book-shop.

ବୁକ(କ୍କ)—ଦେ. ବ—( ଚୁମ୍ବନବେଳେ ଓଷ୍ଠର ଧ୍ୱନିର ଅନୁକରଣ
Buka(kka) ଅନୁକରଣ ଜନିତ ଶବ୍ଦ; ଧ୍ୱନ୍ୟନୁକରଣ—୧ ।
চুম चूमा ଚୋକ; ଚୁମ୍ବନ—Kissing; kiss. (ଉ—ଅଢ଼ୁଁଦିଆ
ଲୁଲୁର ମୁର୍ଦ୍ଧରେ ବୁକ । ଉଗ । ) ୨ । (ସ. ବକ୍ଷଃ; ବୁକ୍କମ୍)
বুক ଛାତି; ହୃଦୟ; ବକ୍ଷସ୍ଥଳ—Breast. ■ । ସାହସ—
छाती 3. Courage. ୪ । ସ୍ତ୍ରୀ ସ୍ତନ—4. Female breast.

ବୁକ(କ୍କ) ଦେ(ନେ)ବା—ଦେ. କ୍ରି—ଚୁମ୍ବନ ଦେବା—To kiss.
Buka(kka) de(ne)bā চুম খাওয়া चूमदेना

ବୁକ(କୁ) ପଟ(ଟା)-ଦେ· ବ (ସ. ବୁକ୍କ+ପଟ)—ଛାତି; ବକ୍ଷସ୍ଥଳ—
Buka(ku) pata(tā) বুকের পাটা The breast.

ବୁକା(କ୍କା)—ପ୍ରାଦେ (ସମ୍ବଲପୁର) ବ—( ସ. ବୁକ୍କ=ଛେଳ; ଭୁଲ୍,
Bukā(kkā) ବ. ବୋକା ପାଁଠା )—ବୋଦା; ବଳି ଦିଆଯିବା
ମେଣ୍ଢା ବା ଛେଳି—A goat or sheep sacrificed
to a Goddess.

ବୁକା(କ୍କା,କେ,କ୍କେ)ଇବା—ଦେ. କ୍ରି—୧ । ଛାତିଦ୍ୱାରା ଠେଲିବା—
Bukā(kkā,ke,kke)iba 1. To push with one's
छातीसे धक्कादेना breast. ୨ । କୌଣସି ମନୁଷ୍ୟକୁ ବେଦମ
বুক পাতা କରିବା—2. To cause one to be tired.
छातीतक आना (ଯଥା—ଏ ବୋହ ମତେ ବୁକେଇଲଣି)
■ । (ଜଳ) ମନୁଷ୍ୟର ଛାତି ପର୍ଯ୍ୟନ୍ତ ହେବା—
3. (water) To reach one's breast.
୪ । ଅଧିକ ଭୋଜନ କରିବା ପରେ (ଖାଦ୍ୟ) ଛାତି ପର୍ଯ୍ୟନ୍ତ
ଉଠିଲା ଭଳି ବୋଧହେବା—4. (food) To seem
to rise to one's breast (after an overfull
meal). ■ । କୌଣସି ଆଘାତକୁ ବା ଧକ୍କାକୁ ବା ଲହରୀକୁ
ଛାତିଦ୍ୱାରା ସମ୍ଭାଳିବା—5 To breast a rushing
wave or push. ୬ । ଆଘାତ ଆଦିକୁ ସହିବାପାଇଁ
ଛାତିକୁ ପତାଇବା—6. To keep oneself prepared
by protruding one's breast for any coming
বুকভাঙা blow. ୭ । (ଲକ୍ଷଣାର୍ଥ) ବଳାଇବା; ନିଜର ଶକ୍ତିର ବା
ସହନଶୀଳତାର ଅତିରିକ୍ତ ହେବା—7. (figurative)
To exceed the limit of one's power or
endurance.

ବୁକିଙ୍ଗ୍—ବୈଦେ. (ଇଂ. ବୁକିଙ୍ଗ୍) ବ—ରେଳଗାଡ଼ିରେ ବା ଜାହାଜରେ
Buking ମନୁଷ୍ୟ ବା ଜିନିଷ ଯିବା ପାଇଁ ଟିକଟ ଦିଆଯିବା—
বুকিঙ্ Booking of tickets for a railway or
बुकिङ्ग् steamer journey.
[ବୁକନ(ନା)—ଗ୍ରାମ୍ୟ ରୂପ]

ବୁକିଙ୍ଗ୍ ଅ(ଆ)ପି(ଫି)ସ୍—ବୈଦେ. ବ ( ଇଂ. ବୁକିଙ୍ଗ୍ ଅଫିସ୍ )—ଟିକଟ
Buking a(ā)pi(phi)s ଘର; ଯେଉଁଠାରେ ରେଳ ବା
বুকিঙ্ অফিস ଜାହାଜ ପାଇଁ ଟିକଟ ଦିଆଯାଏ—Booking
बुकिङ्ग् अफिस office of a railway or steamer.
[ବୁକନ(ନା)ଅପୁସି—ଗ୍ରାମ୍ୟ ରୂପ]

ବୁକିଙ୍ଗ୍ କ୍ଲ(କ୍ଲା)ର୍କ—ବୈଦେ. ବ (ଇଂ. ବୁକିଙ୍ଗ୍ କ୍ଲର୍କ) —ରେଳଗାଡ଼ିରେ
Buking kla(klā)rk ବା ଜାହାଜରେ ବସିବା ଲୋକ ବା
বুকিঙ্ ক্লার্ক ବୋଝାଇ ମାଲ ପାଇଁ ମାସୁଲ ନେଇ ଟିକଟ ଦେବା
बुकिङ्ग क्लर्क କର୍ମଚାରୀ—Booking clerk.
(ବୁକିଙ୍ଗ୍ କିରାଣୀ—ଗ୍ରାମ୍ୟରୂପ; ବୁକିଙ୍ଗ କରାଣୀ—ଅନ୍ୟରୂପ)

ବୁକୁ(କ, କ୍କ, କ୍କୁ)—ଦେ. ବ. ( ସ. ବକ୍ଷ, ବୁକ୍କ )—୧ । ହୃଦୟର
Buku(ka, kka, kku) ବହିର୍ଭାଗ; ଛାତି ବକ୍ଷସ୍ଥଳ—1.
বুক, বুকু Breast. ( ଉ—ବୁକୁର ଶାଢ଼ୀର ଉଣି ଦେଉନାହିଁ,
छाती ମୁଁ କରଜରେ ଅଚ୍ଛାଦନ କେଲେ । ଲବଣ୍ୟବତୀ ) ୬ ।
ହୃଦୟ; ହୃଦୟାଭ୍ୟନ୍ତର; ଅନ୍ତଃକରଣ—3. Heart;
chest. (ଉ—ତୋର ଏ କଥାକୁ ବୁକୁ ବ ଗଲ୍ଲ ପୋଡ଼ି ।
କୃଷ୍ଣଦ୍ୱ. ମହାଭାରତ. ସଭା ।) ■ । ଦମ୍ଭ; ଧୈର୍ଯ୍ୟ—
3. Patience. ୪ । ସାହସ—4. Courage; pluck.

ବୁକୁ କୁଣ୍ଢେ ମୋଟ ହେବା—ଦେ. ବ—ଆନନ୍ଦରେ ହୃଦୟ ସ୍ଫୀତ
Buku kundhe motā hebā ହେବା—A feeling of
বুক ফোলে উঠা छाति फुलजाना great delight.

ବୁକୁକୁ ମାରିବା—ଦେ. ବ—ବୁକୁରେ ବା ଛାତିରେ ଶୂଳ ବେଦନା
Bukuku māribā ଅନୁଭୂତ ହେବା—Pain in the chest.
বুক চাপড়ান ଦେ. କ୍ରି—ଶୋକରେ ଅଧୀର ହୋଇ ବକ୍ଷରେ
छातीको मारना କର ବାଡ଼େଇବା—To strike one's hands
on the breast in a paroxysm of grief.

ବୁକୁ(କ,କି)ଚ୍ଛା (ଇତ୍ୟାଦି)—ଦେ. ବି—ବୋକଚ୍ଛା ଇତ୍ୟାଦି (ଦେଖ)
Buku(ka,ki)chā (etc) Bokachā etc. (See)
বুচকা **बुकचा**

ବୁକୁଚ୍ଛା ବୁକୁଚି—ଦେ. ବି. (ସହଚର) (ବହୁବଚନ)—ବୋଚକାମାନ—
Bukuchā bukuchi Bag and baggage; luggage.
বুচকা বুচকী **बुकचा बुकची**

ବୁକୁ ଜ(ଜା)ଳା—ଦେ. ବି. ( ସଂ ବୁକ୍କ+ଜ୍ୱାଳା )—ଅଜୀର୍ଣ୍ଣ ଦୋଷରୁ
Buku ja(jā)lā ବକ୍ଷସ୍ଥଳ ମଧ୍ୟରେ ବେଦନା; ଛାତି ପୋଡ଼ିବା—
বুক জ্বালা Burning sensation inside the breast
**छाती जलना** due to indigestion.
[ବୁକ(କୁ) ଜଳିବା, ବୁକ(କୁ) ପୋଡ଼ିବା—ଅନ୍ୟରୂପ]

ବୁକୁ ଥରିବା—ଦେ. ବି—୧ । ଭୟରୁ ବା ରୋଗରୁ ଛାତିଥରିବା-
Buku tharibā 1. Palpitation of the heart due to
বুক ধড়পড় করা, বুক ধড়ফড়ানি, বুক কাঁপা fear or disease.
**छाती धड़कना** ୨ । ହୃଦୟର ସ୍ପନ୍ଦନ—2. Throbbing of the heart.
[ବୁକୁ ଥରା, ବୁକୁ ଥରଥର, ବୁକୁ ଧଡ଼ଧଡ଼, ବୁକୁ ଧଡ଼ପ(ଫ)ଡ଼, ବୁକୁ ଦୁର (ଦୁ)ଦୁର(ରୁ)—ଅନ୍ୟରୂପ]

ବୁକୁ ଧରିବା—ଦେ. କ୍ରି—୧ । ଛାତି ଧରିବା; ଜୀବନ ଧାରଣ କରିବା;
Buku dharibā ବଞ୍ଚିବା—1. To live. ୨ । ସହିବା; ଧୈର୍ଯ୍ୟ
বুক ধরা ଧରିବା—2. To bear with patience. (ଯଥା—
**छाति धरना** ଏଡ଼େ ବଡ଼ ଦୁଃଖରେ ତୁ କିପରି ବୁକୁ ଧରି ରହିଲୁ ।?
(ବୁକୁ ସହିବା—ବିଶେଷ୍ୟରୂପ)

ବୁକୁନି—ଦେ. ବି. ( ସ. ବୁକ୍କ=ଭଗ୍ନ )—
Bukuni ଚୂର୍ଣ୍ଣ; ଗୁଣ୍ଡା—Powder.
বুকুনি **बुकनी**

ବୁକୁ ପଟ(ଟା)—ଦେ. ବି. (ସ. ବକ୍ଷଃ ପଟ)—୧ । ହୃଦୟର ବହିର୍ଭାଗ,
Buku paṭa(ṭā) ବକ୍ଷଃ ପଟ୍ଟ—1. The breast; the ex-
বুকের পাটা, panse of the breast or chest.
বুকপাট, বুকপাটা ୨ । ଦମ୍ଭ; ଧୈର୍ଯ୍ୟ—2. Patience. ୩ ।
**छाती** ସାହସ—3. Courage.

ବୁକୁ ପଥର କରିବା—ଦେ. କ୍ରି—କୌଣସି ଅତ୍ୟନ୍ତ ଦୁଃଖ ସହିବା;
Buku pathara karibā ଦେଖିବାକୁ ହୃଦୟକୁ କଠୋର ବା
বুক পাথর করা ସହନଶୀଳ କରିବା—To harden one's
**छाती पत्थरकी करना** heart against a provocation
(ବୁକୁଲୁହା କରିବା—ଅନ୍ୟରୂପ) or hard matter.

ବୁକୁ ପତା(ତେ)ଇବା—ଦେ. କ୍ରି—୧ । ଆଘାତ ଅବା ସମ୍ମୁଖିବା ପାଇଁ
Buku patā(te)ibā ଛାତିକୁ ଦେଖାଇବା—1. To show
বুক পাতান one's breast to take a blow. ୨ । କୌଣସି
**सीना तान देना** ବିପଦକୁ ସହିବା ପାଇଁ ଧୈର୍ଯ୍ୟ ସହକାରେ ଅପେକ୍ଷା
କରିବା—2. To wait with patience for a coming danger. ୩ । କୌଣସି ଦୁଷ୍କର କାର୍ଯ୍ୟ କରିବା ପାଇଁ ମନରେ ସାହସ ବାନ୍ଧିବା—3. To muster courage to do a hard work. ଦେ.ବି—କୌଣସି ଦୁଃସାଧ୍ୟ କାର୍ଯ୍ୟ ପାଇଁ ମନରେ ସାହସର ଉଦ୍ରେକ—The mustering of courage for doing a difficult piece of work. (ଯଥା—ବୁଢ଼ା ବନେ ଦୂର ବିଦେଶକୁ ଏକାକୀ ଯିବାକୁ ମୋର ବୁକୁ ପତାଏ ନାହିଁ ।)

ବୁକୁ ଫଟା—ଦେ. ବିଣ—୧ । ହୃଦୟ ବିଦାରକ—1. Heart-ren-
Buku phaṭā ding. ୨ । ଅସହ୍ୟ—2. Unbearable.
বুক ফাটা **छाती फटा**

ବୁକୁ ଫଟା ବୋଝ—ଦେ. ବି—ଯେଉଁ ଅତି ଗୁରୁ ବୋଝ ମୁଣ୍ଡାଇଲେ
Buku phaṭa bojha ଛାତି ଫାଟିଗଲା ପରି ବୋଧ ହୁଏ—
বুক ফাটা বোঝা A very heavy load.
**करेज तोडा बोझ**

ବୁକୁ ଫାଟିବା—ଦେ. କ୍ରି—୧ । ଦୁଃଖରେ ବା କଷ୍ଟରେ ହୃଦୟ ବିଦୀର୍ଣ୍ଣ
Buku phāṭibā ହେବା—1. The heart being rent
বুক ফাটা owing to misery or grief. ୨ । ପ୍ରାଣରେ
**छाती फटना** ଅସହ୍ୟ ବେଦନା ଅନୁଭୂତ—2. Great mental suffering. ୩ । ହୃଦୟର ଆକୁଳତା ବୃଦ୍ଧି—3. Increase of one's mental agony.

ବୁକୁ ଫୁଲା—ଦେ. ବି ( ସଂ. ବୁକ୍କ+ସ୍ଫୀତ )—୧ । ଗର୍ବାଧିକ୍ୟ—
Buku phulā 1. Excess of pride. ୨ । ଆନନ୍ଦା-
বুক ফোলা **छाति फुलना** ଧିକ୍ୟ; ହର୍ଷାଧିକ୍ୟ—2. Excess of
(ବୁକୁଫୁଲିବା, ବୁକୁ ଫୁଲିଉଠିବା—ଅନ୍ୟରୂପ) joy. ଦେ. ବିଣ.
( ବୁକୁଫୁଲି, ବୁକୁଫୁଲେଇ—ସ୍ତ୍ରୀ ) ପୁଂ—୧ । ଗର୍ବସ୍ଫୀତ—
**छाति फुला** 1. Puffed up with pride. ୨ । ଆନନ୍ଦସ୍ଫୀତ—2. Puffed up with joy.

ବୁକୁ ଫୁଲା(ଲେ)ଇ ଚାଲିବା—ଦେ. କ୍ରି—ଗର୍ବସ୍ଫୀତଭାବ ଦେଖାଇ
Buku phulā(le)i chāliba ଚାଲିବା—To strut or
বুক ফুলিয়ে চলা walk with a proud gait.
**सीना तानकर चलना; छाती फुलाकर चलना**

ବୁକୁ ଫୁଲା(ଲେ)ଇବା—ଦେ. କ୍ରି—୧ । ଗର୍ବସ୍ଫୀତ ହେବା—1. To
Buku phulā(le)ibā be puffed up with pride.
বুক ফোলান ୨ । ଆନନ୍ଦୋତ୍ଫୁଲ୍ଲ ହେବା—2. To be overjoyed.
**छाति फुलाना**

ବୁକୁ ବଢ଼ିବା—ଦେ. ବି ( ସଂ ବୁକ୍କ+ବୃଦ୍ଧି )—୧ । ସାହସ ବଢ଼ିବା—
Buku bardhibā 1. Increase of one's courage.
বুকবাড়া ୨ । ନିର୍ଭୟ ହେବା—2. Becoming fearless.
**छाति बढ़ना** ୩ । ମୁହଁ ବଢ଼ିଯିବା—3. Becoming cheeky.

ବୁକୁ ବାନ୍ଧିବା—ଦେ. କ୍ରି—୧ । ବୁକୁ ଧରିବା (ଦେଖ)—1.
Buku bāndhibā Buku dharibā (See) ୨ । କୌଣସି
বুক বাঁধা ଦୁଷ୍କର କାର୍ଯ୍ୟ କରିବାକୁ ମନରେ ସାହସ ବା
**हम्मत करना** ଦମ୍ଭ ବାନ୍ଧିବା—2. To gird up one's loins to do a difficult work. ୩ । ଧୈର୍ଯ୍ୟ ସହକାରେ କୌଣସି ମନ୍ଦ ଘଟଣା ଦେଖିବାକୁ ବା ଶୁଣିବାକୁ ବା କଷ୍ଟ ସହିବାକୁ ଅପେକ୍ଷା କରିବା—3. To wait with patience for some evil sight or news or misery.

ବୁକୁ ରଗଡ଼ି—ପ୍ରାଦେ, (ବାଲେଶ୍ୱର) ବି—ସାମୁଦ୍ରିକ କ୍ଷୁଦ୍ର ମତ୍ସ୍ୟବିଶେଷ—
Buku ragardi A kind of small sea fish. [ ଦ୍ର—
ଏହି ମାଛ ପ୍ରାୟ ୩ ଇଞ୍ଚ ଲମ୍ବ, ଏହାର ଛାତିପାଖ ଉଚ୍ଚା ଓ ଗୁଡ଼ାକ ମୃଦୁ ବଳ ପକ୍ଷ୍ମ ହୋଇ କ୍ରମେ କ୍ରମେ ବଢ଼ି ଉଠିଥିବାରୁ ଏହାର ଏପରି ନାମ ହୋଇଅଛି । ]

ବୁକୁରୁ ଲୁଗା କାଢ଼ିବା—ଦେ. କ୍ରି—ଗୋପନୀୟ ଅଙ୍ଗ ଅବ ନ ଘୋଡ଼ାଇ
Bikuru lugā kārdhibā ( ସ୍ତ୍ରୀ ଲୋକ ) ନିର୍ଲଜ୍ଜତାର ପ୍ରକାଶ
বুকের কাপড় খোলা କରିବା—( said of a woman )
**छातिसे कपडा निकालना** To exhitit indecency in
( ବୁକୁରୁ ଲୁଗା ଖସା[ସେ]ଇବା—ଅନ୍ୟରୂପ ) dress. [ ଦ୍ର—
ଭାରତୀୟ ହିନ୍ଦୁ ଓ ମୁସଲମାନ୍ ସ୍ତ୍ରୀମାନେ ମୁଖ, ସ୍ତନ ଓ ଜଘନାଦିରେ ଲୁଗା ଘୋଡ଼ାଇ ଚଳପ୍ରଚଳ କରୁଥିବା ଓ ଏହି ଅଙ୍ଗମାନ ଲୁଗାଦ୍ୱାରା ଆବୃତ ନ ହେଲେ ଏହା ନିର୍ଲଜ୍ଜତାର ପରିଚାୟକ । ]

ବୁକୁରେ ଧରିବା—ଦେ. କ୍ରି—୧ । କୌଣସି ବ୍ୟକ୍ତିକୁ ସ୍ନେହସହକାରେ
Bukure dharibā ଆଲିଙ୍ଗନ କରିବା ବା କୋଡ଼ରେ ଧାରଣ
বুকে করা କରିବା—1. To have a great fondness or
**छातितले रखना** attachment for a person; to hold a person in one's lap. ୨ । କୌଣସି ପ୍ରିୟ ବ୍ୟକ୍ତିକୁ ନିଜ ପାଖରୁ ଦଣ୍ଡେ ମାତ୍ର ଅନ୍ତର ନ କରିବା—2. Not to let a dear person leave one's side for even a few minutes. ୩ । ଖୁବ୍ ଆଦର କରିବା—3. To fondle a person. ୪ । କୌଣସି ବିଷୟକୁ ସର୍ବଦା ସ୍ମରଣ କରିବା—4. To remember or cherish a matter with fondness.

ବୁକୁରେ ପଥର ଲଦା ହେବା—ଦେ. ବି—ବିଶେଷ ଚିନ୍ତାକୁଳ ଅବସ୍ଥା
Bukure pathara ladā hebā ସଙ୍କଟ—A state of
বুকে পাথর চাপান হওয়া great risk or anixiety.
**छातिपर पथर चापा होना** (ବୁକୁରେ ପଥର ଲଦିବା—କ୍ରିୟାରୂପ)
( ବୁକୁରେ ପାଣିଦାଣ୍ଡି ବସିବା—ଅନ୍ୟରୂପ )

ବୁକୁରେ ବାଉଁଶ ପକା(କେ)ଇବା—ଦେ· କ୍ରି—କୌଣସି ବ୍ୟକ୍ତିକୁ ମାର
Bukure bāuñsa pakā(ke)ibā ପକାଇବା ପାଇଁ ତାକୁ
বুকে বাঁশ দেওয়া ଚିତ କରି ଶୁଆଇ ତା ବକ୍ଷଃସ୍ଥଳରେ ବାଉଁଶ
**छातिपर दबसा देना** ପକାଇ ବାଉଁଶର ଦୁଇ ମୁଣ୍ଡକୁ ମାଡ଼ିବସିବା—
(ବୁକୁରେ ବାଉଁଶ ପକାଇ ମାଡ଼ିବସିବା—ଅନ୍ୟରୂପ) To press a bamboo over the breast of a person to punish or kill him. [ଦ୍ର—ପୂର୍ବକାଳରେ ଏହିପରି ବହୁ ଲୋକଙ୍କ ଉପରେ ଅତ୍ୟାଚାର କରାଯାଉଥିଲା । ]

ବୁକୁରେ ହାତ ଦେବା [ଛୁ(ଛୋ)ଇଁବା] —ଦେ. କ୍ରି—୧ । ସ୍ତ୍ରୀଲୋକର
Bukure hāta debā [chu(cho)iñbā]ବକ୍ଷଃସ୍ଥଳରେ ହସ୍ତାର୍ପଣ
বুকে হাত দেওয়া କରିବା—1. To touch or press the
**छातिपर हात लगाना** breast of a woman. ୨। (ଲକ୍ଷଣାର୍ଥ)
(ବୁକୁରେ ହାତ ଲଗା[ଗେ]ଇବା—ଅନ୍ୟରୂପ ) ସ୍ତ୍ରୀଲୋକକୁ ଅବମାନିତ କରିବା—2. ( figurative ) To insult a woman; to outrage the modesty of a woman.

ବୁକୁ(କ) ଶୂଳ—ଦେ. ବି—ବକ୍ଷଃସ୍ଥଳର ଶୂଳ ବେଦନା—Colic;
Buku(ka) śūla sharp pain inside the breast.
বুকশূল **छातिका दर्द**

ବୁକେ( କ୍କେ ) ପାଣି—ଦେ. ବି—ଛାତି ପର୍ଯ୍ୟନ୍ତ ଗଭୀର ଜଳ—
Buke( kke ) pāṇi Breast-deep water.
একবুক জল **मरछाति पानी**

ବୁକ୍କ୍ ( ଧାତୁ )—ସ—୧ । ଶବ୍ଦ କରିବା—1. To make a
Bukk ( root ) sound. ୨ । ଭୁକିବା—2. To bark.
୩ । କହିବା; କହିବା—
3. To speak; to talk (Apte).

ବୁକ୍କ—ସଂ. ବି ( ବୁକ୍କ୍ ଧାତୁ=ଶବ୍ଦ କରିବା+କର୍ତ୍ତୃ. ଅ )—୧ । ଛାତି;
Bukka ବକ୍ଷଃସ୍ଥଳ—1. Breast; chest; bosom. ୨ । ଅନୁଃ·
( ବୁକ୍କନ୍, ବୁକ୍କା, ବୁକ୍କୀ—ଅନ୍ୟରୂପ ) ହୃଦୟ; ହୃତ୍ପିଣ୍ଡ—2. The heart; the cardiac region. ୩ । ଛାଗ—3. Goat. ୪ । ରକ୍ତ; ଲହୁ ( ହୃ. ଶ )—1. Blood. ୫ । କଲିଜା; ଅଗ୍ରମାଂସ ( ହୃ. ଶ )—5. Liver. ୬ । ସମୟ—6. Time ( Apte ). ୭ । ମୁହଁରେ ଫୁଙ୍କାଯାଇ ବଜା ଯାଉଥିବା ପ୍ରାଚୀନକାଳର ବାଦ୍ୟବିଶେଷ (ହୃ. ଶ)—7. A kind of flute or pipe used in ancient times.

ବୁକ୍କନ—ସଂ. ବି ( ବକ୍କ୍ ଧାତୁ+ଭାବ. ଅନ )—କୁକୁରର ଭୁକା;
Bukkana କୁକୁରର ଭେ ଭେ ରଡ଼ି—1. Barking of a dog; bow-wow. ୨ । ସିଂହର ଗର୍ଜନ—2. The roar of a lion. ୩ । ବିଲୁଅ ଆଦିଙ୍କର ଭୁକିବା—3. The yelping or barking of jackals. ୪ । ପଶୁମାନଙ୍କର ରଡ଼ି—4. The noise or braying of beasts ( Apte ).

ବୁକ୍କ ଫଳକ—ସଂ. ବି ( ବକ୍ଷୀଳ ସଭୃଭଷା )—ବକ୍ଷୋମଧ୍ୟସ୍ଥ ଅସ୍ଥି—
Bukka phalaka Breast-bone.

ବୁକ୍କସ—ସଂ. ବି (ବୁକ୍କ ଧାତୁ+କର୍ତ୍ତୃ. ଅସ )—ଚଣ୍ଡାଳ—
Bukkasa A Chāndāla (Apte).

ବୁକ୍କାଗ୍ରମାଂସ—ସଂ. ବି ( ବୁକ୍କ=ଛାତି+ଅଗ୍ର=ପ୍ରଧାନ+ମାଂସ )—
Bukkāgramāmsa ୧ । ହୃତ୍ପିଣ୍ଡ—1. The heart.
୨ । କଲିଜା; ଫୁଲଫୁଲ—2 Liver.

ବୁକ୍କାର—ସଂ. ବି ( ବୁକ୍କ୍ ଧାତୁ=ଶବ୍ଦ କରିବା+ଭାବ. ଅର )—
Bukkāra ବୁକ୍କନ (ଦେଖ)—Bukkana (See).

ବୁଗ୍‌ଦା—ବୈଦେ, ବି ( ଫା )—କଂସେଇର ଛୁରି—
Bug-dā বুগ্‌দা **बुगदा** Butcher's knife.

ବୁଗୁଡ଼ା—ପ୍ରାଦେ (ବାଲେଶ୍ୱର) ବି—ସବଇଘାସରେ ପକ୍ଵ ରୂପେ ବ୍ୟବହୃତ
Bugurdā ଚୋଚେର ଘାସରେ ବଳା ଦଉଡ଼ି (ଏହାର ବର୍ଣ୍ଣ ଲାଲ)
A rope or string of a kind of grass used in thatching.

ବୁଙ୍ଖୀ—ପ୍ରାଦେ (ବାଲେଶ୍ୱର) ବ—(ସଂ. ବୃନ୍ତ)—ଭେଣ୍ଟ; ବୃନ୍ତ—
Bunkhi Stalk of a flower or fruit.

ବୁଙ୍ଗରା—ପ୍ରାଦେ ( ସମ୍ବଲପୁର ) ବ—ବଡ଼ ଗଛର ଗଣ୍ଡିର ଖଣ୍ଡ—
Bung-rā A piece of the trunk of a big tree.

ବୁଙ୍ଗା—ଗ୍ରା. ବ—ଢୋକଲ; ଥରକେ ପାଟି ଭର୍ତ୍ତିହେବା ପରିମିତ ଖାଦ୍ୟ
Bungā ଦ୍ରବ୍ୟ; ବଡ଼ ଗୁଣ୍ଡା—A big mouthful.
ଗାଲ ( ଯଥା—ବୁଙ୍ଗାଏ ମୁଢ଼ି ପାଟିରେ ପୂରେଇ ସେ
କୌର ଚଉଁଛଲା । )

ବୁଚକା—ପ୍ରାଦେ ( ସମ୍ବଲପୁର ) ବ—୧ । ବୁଚ୍‌କା; ବୋକଚ୍ଛ—
Buch-kā 1. A bundle; package. ୨ । ଗଣ୍ଠିରି—
2. Bale.

ବୁଚ୍‌କି—ପ୍ରାଦେ (ସମ୍ବଲପୁର) ବ—ଛୋଟ ବୋକଚ୍ଛ—
Buch-ki A small bundle.

ବୁଚ୍‌କିବା—ପ୍ରାଦେ (ସମ୍ବଲପୁର) କ୍ରି—(ଟେକା ଆଦ) ଲକ୍ଷ୍ୟଭ୍ରଷ୍ଟ ହେବା;
Buch-kibā ଲକ୍ଷ୍ୟ ସ୍ଥାନରୁ ଖସିଯିବା—(a missile) To miss the aim.
ବୁଚୁକିବା, ବୁଚୁକିଯିବା }
ବୁଚୁଣ୍ଡିବା, ବୁଚୁଣ୍ଡିଯିବା } —ଅନ୍ୟରୂପ
ବୁଚୁକ୍‌ଯିବା; ବୁଚୁକ୍‌କିବା }

ବୁଚଡ଼୍(ର୍)—ବୈଦେ. ବ (ଇଂ. ବୁଚର୍)—କଂସେଇ—
Buchard(r) बुचर बुचड़ Butcher.

ବୁଚର୍‌ଖାନା—ବୈଦେ ( ଇଂ. ବୁଚର+ଫା. ଖାନାହ୍=ଗୃହ) ବ—
Buchar-khānā ୧ । କଂସେଇଖାନା—1. Butcher
बुचरखाना बुचड़खाना house. ୨ । କଂସେଇ ଦୋକାନ—
2. Butchers stall.

ବୁଚି—ପ୍ରାଦେ (ବସ୍ତର) ବ—ମାଟିରେ ତିଆରି ସାନ; କ୍ଷୁଦ୍ର ମୃତ୍‌ପାତ୍ର—
Buchi A small pot made of earth.

ବୁଜ୍(ଜୁ)କାଣି—ପ୍ରାଦେ (ବାଲେଶ୍ୱର) ବ—(ଭୁଲ. ବ. ଏହି ଅର୍ଥରେ
Buj-(ju)kāṇi ବୁଜ୍‌ବୁଡ଼ି)—ପାଣିଭୁଡ଼ୁକା; ଜଳ ବୁଦ୍‌ବୁଦ—
Water bubble.

ବୁଜ୍(ଜୁ)ରୁକ୍(ଗ୍)—ବୈଦେ ( ଫା. ବୁଜୁର୍ଗ୍=ମହତ୍ ବ୍ୟକ୍ତି)—ବ—
Buj-(ju)ruk(g) ୧ । ମହତ୍ (ବ୍ୟକ୍ତି)—1. Great.
बुजरुक बुजुर्ग ୨ । ଚତୁର; ଖଳଖଳ; ଧୂର୍ତ୍ତ—2. Sly; cunning.
୩ । ପାଜି; ଦୁଷ୍ଟ—3. Wicked. ୪ । ଫାଜିଲ୍—
4. Forward; officious; pert; presumptious.
୫ । ଯୋଗ୍ୟ; ଉତ୍କୃଷ୍ଟ—5. Excellent. ବୈଦେ. ବ.
(ଫା) ୬ । ବାଜୀଗର—6. Magician.

ବୁଜ୍(ଜୁ)ରୁକି(ଗି)—ବୈଦେ (ଫା. ବୁଜୁର୍ଗୀ) ବ—୧ । ଅଦ୍ଭୁତ କାର୍ଯ୍ୟ
Buj-(ju)ruki(gi) ଦେଖାଇବା; ଭେଳକିବାଜି; କୁହୁକ—
1. Magic; legerdemain.
(ବୁଜ୍‌କୀ(ର୍ଗୀ)} ଅନ୍ୟରୂପ—୩ । ଫାଜିଲାମି—3. Forwardness;
pertness. ୪ । ଧୂର୍ତ୍ତତା-4. Slyness.
बुजरुकी बुजुर्गी ୫ । ବାହାଦୁର; ଆତ୍ମପ୍ରଶଂସା—
5. Bragging; self-praise. ୬ । ଚତୁରତା—
6. Cleverness. ୭ । ଉତ୍କର୍ଷ—7 Excellence.

ବୁଜ୍(ଜୁ)ରୁକି(ଗି) କରିବା—ଦେ. କ୍ରି—୧ । ଦୁଷ୍ଟାମି ଦେଖାଇବା—
Buj-(ju)ruki(gi) karibā 1. To show signs of wickedness.
ବୁଜ୍(ଜୁ)ରୁକ(ଗି) ଛାଡ଼ିବା }
ବୁଜ୍(ଜୁ)ରୁକ(ଗି) ଦେଖା(ଖେ)ଇବା } ଅନ୍ୟରୂପ } ୨ । କୁହୁକ ଦେଖାଇବା—
ବୁଜ୍(ଜୁ)ରୁକ(ଗି) ବତା(ତେ)ଇବା } 2. To show magic.
ବୁଜ୍(ଜୁ)ରୁକ(ଗି) ବାହାର କରିବା }
बुजरुकी करना (दिखाना) ୩ । ଧୂର୍ତ୍ତତା ଦେଖାଇବା—3. To
बुजुर्गी दिखलाना exhibit slyness. ୪ । ଅପଣାର
ବାହାଦୁର ବଖାଣିବା—4. To brag.

ବୁଜା—ଦେ. ବ ( ସଂ. ମୁଦ୍ ଧାତୁ )—ବନ୍ଦ କରିବା ବା ବୁଜିବା କ୍ରିୟା
Bujā —Shutting; closing. (ଯଥା—ବାଡ଼ବୁଜା)—
बुजा मुँदना ଦେ. ବଣ—ମୁଦ୍ରିତ—Shut up; closed.
बुजा बन्द

ବୁଜା(ଜେ)ଇବା—ଦେ. କ୍ରି ( ବୁଜିବା କ୍ରିୟାର ଣିଜନ୍ତରୂପ, Causa-
Bujā(je)ibā tive of Bujibā )—୧ । ଅନ୍ୟଦ୍ୱାରା
बुजान ବୁଜିବା କ୍ରିୟା କରାଇବା—1. To cause to be shut.
बुझाना [ ଉ—ସେକାଳେ ସ୍ୱାମୀ ସେନ ତେଜ ଅଗ୍ନିବୃଷ୍ଟି, କର
ଦେଲେ ସବୁର ବୁଜାଇ ସେ ଦୃଷ୍ଟି । କୃଷ୍ଣସିଂ. ମହାଭାରତ
ସଭା । ] ୨ । (ଘାପ ) ଲିଭାଇବା—2. To extinguish ( a lamp ).

ବୁଜାବୁଜି—ଦେ. ବ ( ସହଚର )—ବୁଜିବା କ୍ରିୟା—
Bujābuji बुजिबुजि Act of closing.

ବୁଜିବା—ଦେ. କ୍ରି ( ସଂ. ମୁଦ ଧାତୁ )—୧ । ମୁଦିବା; ମୁଦ୍ରିତ କରିବା—
Bujibā 1. To close; to shut up. [ ଉ—ବୋଲେ
बुजा ଶ୍ରୀ ମୁକୁନ୍ଦ ଦେବ ଅଛ ଯହେଁ ବୁଜିଲ ନୟନ ପୁଣି ।
बन्द करना; मुँदना କବିସୂର୍ଯ୍ୟ. ସଙ୍ଗୀତ । ] ୨ । ବାଡ଼ ପ୍ରଭୃତି-
बुजा ଦ୍ୱାରା କୌଣସି ସ୍ଥାନକୁ ବେଷ୍ଟିତ କରିବା—
2. To enclose a place with a
घेराना fence. ୩ । ବାଡ଼ ବସାଇବା—3. To set up a fence.

ବୁଜି ଯି(ହେ)ବା—ଦେ. କ୍ରି—୧ । (ଘାପ) ଲିଭିଯିବା—1. To be
Buji ji(hi)bā extinguished. ୨ । (ଗର୍ତ୍ତ ବା ଛିଦ୍ର) କ୍ରମଶଃ
बुजेयाओया बुझना ମୁଦ ହୋଇଯିବା—2. ( a hole ) To
be closed or filled up gradually.

ବୁଜୁ(ଜ, ଜି)ଲା—ଦେ. ବ ( ସଂ. ବନ୍ଧ; ଏକତ୍ର ବନ୍ଧା ହୋଇଥିବା
Buju(ja, ji)lā ପଦାର୍ଥ )—ବଡ଼ପୋଟଳା; ପୁଡ଼ା; ଗଣ୍ଠିରି—
बु(बो)चका; बुजला A big packet; bundle. [ ଉ—ଟଙ୍କା,
गठरी; पोटली ସୁନା ରତନ ବୁଜୁଲା ବାନ୍ଧିଲେ । କୃଷ୍ଣସିଂ.
ମହାଭାରତ ବନ । ]

ବୁଜୁଲା ବାନ୍ଧିବା—ଦେ. କ୍ରି—ଲୁଗାପଟାକୁ ବା କୌଣସି ବସ୍ତୁକୁ ଗୋଟିଏ
Bujula bāndhibā ପୋଟଳା କରି ବାନ୍ଧିବା—To make
बुजला(बुचका)बाँधा up a bundle; to tie up things
गठली बाँधना (ବୁଜୁଲା ବନ୍ଧା—ବ) into a bundle.

ବୁଜୁଲା ବୁଜୁଲି—ଦେ. ବି ( ସହଚର )—ବଡ଼ ଓ ସାନ ପୁଡ଼ା ମାନ—
Bujula bujuli Large small packets;
ବୁ(ବୋ)ଚକାବୁ(ବୋ)ଚକୀ **गठ्ठागठ्ठी** luggage.

ବୁଜୁ(ଜ, ଜି)ଲି—ଦେ. ବି—ଛୋଟ ବୁଜୁଲା; ଛୋଟ ପୁଡ଼ା—
Buju(ja, ji)li A small packet or bundle,
ବୁଚକୀ **गठरी; बुकची**

ବୁଝ(ଝୁ)ବୁଝ(ଝୁ)—ଦେ. କ୍ରି. ବିଣ—ସମସ୍ତ ବିଷୟ ଉତ୍ତମରୂପେ
Bujh-(jhu) bujh(jhu) ବୁଝିବାରେ; ସମସ୍ତ ବିଷୟ ଅନୁସନ୍ଧାନ
ବୁଝତେ ବୁଝତେ କରିବାରେ ଜଣାଗଲା ଯେ—It appears as
**बुझते बुझते** a result of enquiry. ( ଯଥା—ମୁଁ ସେଠାରେ ହୋଇଥିବା କଥା ଶୁଣି ଗ୍ରାମରେ ଯାଇ ପହଞ୍ଚିଲି, ବୁଝି ବୁଝି ସେଠାର ଅଛି କେହି ନୁହେଁ, ଆମର ଘରର ଲୋକମାନେ । )

ବୁଝ—ଦେ. ବି—(ସ. ବୁଧ ଧାତୁ; ପ୍ରା. ବୁଝ ଧାତୁ)—୧ । ବୋଧଶକ୍ତି;
Bujha ସମଝ—1. Understanding. ୨ । ତଦନ୍ତ—
ବୋଝ **बूझ** 2. Enquiry.

ବୁଝକ—ଦେ. ବିଣ—୧ । ବୋଧଶକ୍ତି ସମ୍ପନ୍ନ; ବୁଝି ପାରୁଥିବା—
Bujhaka ସମଝଦାର 1. Capable of understanding.
**बूझनेवाला: बुझक्कड** ୨ । ଯୁକ୍ତି ସମ୍ପନ୍ନ—2. Reasonable.

ବୁଝକ ପଣ—ଦେ. ବି—ବୋଧଶକ୍ତି; ବୁଝିବାର ସାମର୍ଥ୍ୟ—Capacity
Bujhaka pana ବୋଝ to understand.
**बुझक्कडपना** [ବୁଝକପଣିଆ(ଅଁ)—ଅନ୍ୟରୂପ]

ବୁଝ(ଝୋ)ଟ—ବୈଦେ. ବି—୧ । ଉତ୍ତମରୂପେ ବୋଧଗମ୍ୟ କରିବା—
Bujha(jho)t 1. Understanding a thing well;
ବୋଝା **बुझावट** comprehension. ୨ । ଉତ୍ତମରୂପେ ବିବେଚନା—2. Thorough consideration. ୩ । କୌଣସି ହିସାବ ସହଜରେ ବୁଝାଯିବା ନିମନ୍ତେ ପ୍ରସ୍ତୁତ କରାଯିବା ସଂକ୍ଷିପ୍ତ ଟିପ୍ପଣୀ—3. A memorandum for the easy understanding of a complicated account.
ବୋଝ ବୈଦେ. ବିଣ—୧ । ବୋଧଗମ୍ୟ—1. Comprehensible. ୨ । ଯାହା ସମସ୍ତେ ବୁଝି ପାରିବେ—2 Which can be understood by all.

ବୁଝଟ କରିବା—ଦେ· ବି—କୌଣସି ଜଟିଳ ବିଷୟକୁ ବୁଝିବା—
Bujhata kariba To enquire into or understand
ବୋଝା, ବୋଝାପଡ଼ାକରା a complex matter.
**बुझावट करना**

ବୁଝଟ କାଗଜ—ବି,—ଜଟିଳ ଓ ଲମ୍ବା ହିସାବର ସଂକ୍ଷିପ୍ତ ଟୀକା (ଯାହା
Bujhata kagaja ସାହାଯ୍ୟରେ ବଡ଼ ହିସାବ ସହଜରେ ବୁଝା
ବୋଝାପଡ଼ା କାଗଜ ଯାଇ ପାରେ)—A memo or concise
**बुझावट कागज** statement or note with the help of
ବୁଝଟ ପତ୍ର } — ଅନ୍ୟରୂପ which a long and
ବୁଝଟ ଫର୍ଦ୍ଦ, complicated account can be easily understood.

ବୁଝ ସମଜ—ଦେ. ବି—(ଏକାର୍ଥକ ସହଚର)—୧ । ବୋଧସୋଧ; ଉତ୍ତମ
Bujha samaja ରୂପେ ଅନୁସନ୍ଧାନ—Thorough enquiry.
ବୁଝା(ଝା)ସୁଝା, ବୁଝାସମଝା(ଝା), ବୁଝାସମୁଝା(ଝା), ବୁଝ ସଝର, ବୁଝା ସୁଝା(ଝା) — ଅନ୍ୟରୂପ ୨ । କୌଣସି ବିଷୟର ଭଲ ଭଲ ବିବେଚନା—2. Thorough consideration. ୩ । କୌଣସି ବ୍ୟକ୍ତିକୁ ଉତ୍ତମ ରୂପେ ବୁଝାଇ କରି କହିବା—3. Explaining a matter fully to a person. ୪ । ପ୍ରବୋଧ ଦାନ—4. Consoling.
ବୁଝ୍ ସମଜ୍
**बूझ समझ**

ବୁଝା—ଦେ. ବି. ( ସ. ବୁଧ ଧାତୁ; ପ୍ରା. ବୁଝ ଧାତୁ )—୧ । ବୁଝିବା—
Bujha 1. Understanding, ୨ । ବିବେଚନା—
ବୁଝା 2. Consideration. ୩ । ବୁଝାଇବା—3. Explaining. ୪ । ସାନ୍ତ୍ୱନା; ପ୍ରବୋଧ—4. Consoling.
**बुझना** ୫ । ତତ୍ତ୍ୱାବଧାନ; ତଦାରଖ—5. Supervision.
ପ୍ରାଦେ· (ବସ୍ତୁର) ବି—ବୋଝ—Load. ଦେ, ବିଣ—
(ବିପରୀତ—ଅବୁଝା) ଯେ ସହଜରେ ବୁଝିଯାଏ—Amenable to reason.

ବୁଝା(ଝେ)ଇବା—ଦେ. କ୍ରି. (ସ. ବୁଧ ଧାତୁ; ପ୍ରା. ବୁଝ ଧାତୁ ଣିଚ୍)—
Bujha(jhe)iba ୧ । ବୁଝିବା କ୍ରିୟାର ଣିଜନ୍ତ ରୂପ; ସମୁଝାଇବା;
[ବୁଝା(ଝେ)ଇ ଦେବା—ଅନ୍ୟରୂପ] ବୋଧ ଗମ୍ୟ କରାଇବା; ଅନ୍ୟ
ବୁଝାନ, ବୋଝାନ ବ୍ୟକ୍ତି ଯେପରି କୌଣସି ବିଷୟ ବୁଝି ପାରିବ, ସେହି
**बूझाना** ପରି କରିବା—1. To make a thing plain to a person. (ଯ୍ରୁ—ସୁଦେବ ବ୍ରାହ୍ମଣଙ୍କୁ ପଠିଅଛି ମୁହିଁ, ବୁଝାଇଛି ଜଳ ସେ ହୋଇବେ ନ ନାହିଁ । କୃଷ୍ଣସିଂ ଦ. ମହାଭାରତ ବନ ।) ୨ । ଭଲ ଭଲ ଭାବରେ ବା ପରିଷ୍କାର କରି କୌଣସି ବିଷୟ ପ୍ରକାଶ କରିବା—1, To explain a matter. (ଉ—ଯଶୋଦା କୋଳେ କୃଷ୍ଣ ଦେଇ, ପଛେ ଗୋ କହିବା ବୁଝାଇ । ଭୂପତି. ପ୍ରେମପଞ୍ଚାମୃତ ।) ୩ । ପରାମର୍ଶ ଦେବା; ଉପଦେଶ ଦେବା—3. To advise. ୪ । କୌଣସି ବ୍ୟକ୍ତିକୁ ଝୋପଡ଼ିର ହିସାବ ସମଜାଇ ମୁଝିଲା କରାଇ ଦେବା—4. To explain or render an account to a person. ୫ । ପ୍ରବୋଧ ଦେବା; ବୋଧ ସୋଧ କରି କହିବା; ସାନ୍ତ୍ୱନା ଦେବା—5. To console. ୬ । କହିବା ଦ୍ୱାରା କୌଣସି ବ୍ୟକ୍ତିକୁ ଶାନ୍ତ କରାଇବା—6. To assuage a person's feelings. ୭ । କହିବା ଦ୍ୱାରା ସନ୍ତୁଷ୍ଟ କରାଇବା—7. To satisfy a person by speaking to him. ୮ । ମନ ମନାଇବା; ପ୍ରବର୍ତ୍ତାଇବା—8. To persuade.

ବୁଝା(ଝେ)ଇବା ସମ(ମୁ)ଜା(ଝା, ଜେ, ଝେ)ଇବା—ଦେ. କ୍ରି—୧ ।
Bujha(jhe)iba sama(mu)ja(jha, je, jhe)iba ଉତ୍ତମ-
[ବୁଝାଇବା ସୁଝା(ଜା)ଇବା—ଅନ୍ୟରୂପ] ରୂପେ ବୁଝାଇବା —1. To
ବୋଝାନ ସୋଝାନ explain clearly. ୨ । ଉତ୍ତମରୂପେ
**बूझा समझाना** ସାନ୍ତ୍ୱନା ଦେବା—2. To console. [ଉ—

× ତାଙ୍କୁ ଅନେକ ପ୍ରକାରେ ବୁଝାଇ ସୁଝାଇ ଭୁକ କରାଇଲେ—ଫକୀରମୋହନ. ପ୍ରମାଣ ଅଠସୁଖ । ]

ବୁଝା କରିବା—ଦେ. କ୍ରି—ବୁଝିବା—To understand. (ଉ—
Bujhā kariba ବେଦ ଶାସ୍ତ୍ର କରି ବୁଝା, ସେ ମୋତେ କରୁଥାନ୍ତି
ବুঝা बूझना ଗୋଳା—ପ୍ରାଚୀ. ଜଗନ୍ନାଥ ମାହାତ୍ମ୍ୟ ।)

ବୁଝା ପଡ଼ିବା—ଦେ. କ୍ରି (ବୁଝିବା କ୍ରିୟାର କର୍ମବାଚ୍ୟରୂପ)—୧।
Bujhā pardiba ଅନୁମିତ ହେବା—1. To be inferred.
বুঝা যাওয়া ୨। ସ୍ଥିରରୂପେ ଜଣା ହେବା—2. To be known
बूझा जाना for certain. ୩। ସ୍ଥିରୀକୃତ ହେବା—3. To
(ବୁଝାଯିବା—ଅନ୍ୟରୂପ) be ascertained. ୪। ଅବସ୍ଥା
ଅନୁସାରେ କର୍ମ କରାଯିବା—4. To be acted upon
according to the circumstances. (ଉ—
ସଖୀ ପରିହାସ ଶୁଣି, ଲାଜେ ବସି ଠାକୁରାଣୀ, ମନେ କଲେ
ପୁଣି ବୁଝାଯିବ—ଭକ୍ତସୂର୍ଯ୍ୟ. ସଙ୍ଗୀତ ।)

ବୁଝାବୁଝି କରିବା—ଦେ. କ୍ରି—୧। ଉତ୍ତମରୂପେ ବୁଝିବା—1. To
Bujhābujhi kariba understand well. ୨। ତୌଜିଷି
বুঝাসুঝা করা; বোঝসোঝ করা ବିଷୟର ତତ୍ତ୍ୱ ନେବା; ତଦନ୍ତ
(ବୁଝସୁଝା କରିବା—ଅନ୍ୟରୂପ) କରିବା—2. To super-
বোঝান बूझाबुझा करना vise; to make enquiries.
(ଉ—ଏହାଙ୍କୁ ଧରି ସାନ୍ତାଣୀ ସବୁ ମାମଲତ ବୁଝାସୁଝା
କରୁଥିଲେ—ଫକୀରମୋହନ. ଗଳ୍ପସ୍ୱଳ୍ପ ।)

ବୁଝାବୁଝି ହେବା—ଦେ. କ୍ରି—କାର୍ଯ୍ୟ କ୍ଷେତ୍ରରେ ବା ଭବିଷ୍ୟତ୍‌ରେ ବଳ
Bujhābujhi heba ପରୀକ୍ଷା ପରସ୍ପରି ହେବା ବା; ଦାଉ ସାଧିବା—
বোঝাবুঝি হওয়া To measure each other's strength
बूझाबूझी होना when opportunity arises; to be
avenged. (ଉ—ସ୍ଥାନମାନ ଧରି ଯେ ଯାହାର
ରହିଲେ । ବୁଝାବୁଝି ହୋଇବା ବୋଲି ଗରଜିଲେ—
କୃଷ୍ଣସିଂହ. ମହାଭାରତ. ସୌପ୍ତ ।)

ବୁଝାମ(ପ,ବ)ଣା—ଦେ. ବି—୧। ବିଚାରଣା; ତଦନ୍ତ—1. Consi-
Bujhāma(pa,ba)ṇā deration; enquiry. (ଉ—ତତ୍‌କ୍ଷଣେ
বিচার ବୁଝାମଣା କରି, ଶତ୍ରୁ ମଉଡ଼ ସମ ସରି । ଉପେନ୍ଦ୍ର. ପ୍ରେମ
बूझविचार ପଞ୍ଚାମୃତ) । ୨। ସୁବିଚାର; ନ୍ୟାୟ ବିଚାର—2. Just
(ବିପରୀତ—ଅବୁଝାମଣା) consideration; justice. (ଉ—
ବନ୍ଧୁ ବୁଝାମଣା ଥିବ ସବୁବେଳେ ହୃଦରେ । ପ୍ରାଚୀ ଶ୍ରୀଗୁରୁଭକ୍ତି
ଗୀତ ।) ୩। ତଗାଦ; ବିଚାର—3. Trial. (ଉ—
ଏକା ଅଣିଅ କଣା, ତାର ନାହିଁ ବୁଝାମଣା ।) ଦେ. ବିଣ-
୧। ନ୍ୟାୟ ବିଚାରକ—1. Just; righteous.
୨। ସୁବିବେଚକ—2. Considerate.

ବୁଝାରତ(ତି)—ଦେ. ବି—(ହି. ବୁଝାରତ୍; ସେଟଲ୍‌ମେଣ୍ଟ ବିଭାଗର
Bujhārat(ti) ଉଚ୍ଚୀକର୍ମଚାରୀଙ୍କଦ୍ୱାରା ପ୍ରଚଳିତ ଶବ୍ଦ)—୧। ହିସାବ
বুঝারত ବୁଝିବା କ୍ରିୟା—1. The act of examination of
बुझारत an account. ୨। ସେଟଲମେଣ୍ଟର ଅମିନଙ୍କ କାର୍ଯ୍ୟ
ଉପରସ୍ଥ କର୍ମଚାରୀଙ୍କଦ୍ୱାରା ଚେକ୍ ହେବା—2. The
checking of the entries made by the
amins by superior officers during
settlement operations.

ବୁଝାରତ(ତି) ଅମିନ—ଦେ ବି (ସେଟଲ୍‌ମେଣ୍ଟ ଶବ୍ଦ)—(ହି. ବୁଝା-
Bujhārat(ti) amina ରତ୍+ଆ. ଅମିନ୍)—ଯେଉଁ ଅମିନ
বুঝারত অমিন ପୂର୍ବବର୍ତ୍ତୀ ଅମିନର ମାପକୁ ଚେକ୍ କରନ୍ତି—An
बुझारत अमीन amin deputed to check the mesure-
ments done by a former amin.

ବୁଝାରତ୍ କରିବା—ଦେ. କ୍ରି (ସେଟଲମେଣ୍ଟ ଶବ୍ଦ)—(ହି. ବୁଝାରତ୍+ଓ
Bujhārat kariba କରିବା)—ପ୍ରତାଳ ବା ଚେକ୍ କରିବା—
বুঝারত করা बुझारत करना To check and verify.

ବୁଝାରତ(ତି) ଫରଦ(ଫର୍ଦ୍ଦ)—ବୈଦେ. ବି—(ହି. ବୁଝାରତ+ଫା.
Bujhārat(ti) pharada(phardd) ଫର୍ଦ୍) ବୁଝିତ କାଗଜ
বুঝারতফর্দ बुझारतफरद (ଦେଖ)—Bujhata kāgaja
(See).

ବୁଝି—ଦେ. ଅ—ସାବଧାନ୍ । ବୁଝିଥାଅ ।—(interjection) Take
Bujhi বুঝে देखो care ! Beware !

ବୁଝିବା—ଦେ. କ୍ରି.—(ସ. ବୁଧ୍ ଧାତୁ=ଜ୍ଞାନ କରିବା; ଅବଗମନ
Bujhiba କରିବା; ପ୍ରା. ବୁଜ୍ଝ ଧାତୁ)—୧। ଅର୍ଥବୋଧ କରିବା;
বুঝা बूझना ଅର୍ଥ ହୃଦୟଙ୍ଗମ କରିବା—1. To understand-
the meaning of. (ଯଥା—ସେ ହିନ୍ଦୀକଥା
ବୁଝି ପାରୁ ନାହିଁ ।) ୨। ଅନୁଭବ କରିବା; ବୋଧ
କରିବା—2. To experience; to feel (ଯଥା—
ମୁଁ ପାପ କରୁଛି ବୋଲି ପାପର ଭୁବନ୍ତୁ ଛାଡ଼ନ୍ତ ବୁଝିଛି ।)
୩। ଜ୍ଞାତ ହେବା; ଜାଣିବା—3. To know. (ଯଥା—
ମନୁଷ୍ୟ କାହିଁ ନିଜର ଭବିଷ୍ୟତ କଥା ବୁଝିବ?) ୪। ପରୀକ୍ଷା
କରିବା—4. To examine; to test. (ଉ—
ଶିବଙ୍କ ବୁଝିବାକୁ ଇନ୍ଦ୍ର ଅଗ୍ନି ଭଲେ, ସଞ୍ଚାଣ କପୋତର
ସ୍ୱରୂପ ଘେନିଲେ । କୃଷ୍ଣସିଂହ. ମହାଭାରତ ବନ ।) ୫।
ବୁଦ୍ଧି ପ୍ରୟୋଗ କରିବା; ମନୋଯୋଗ ଦେବା—5. To
apply one's mind to; to attend to. (ଯଥା—
ସେ ଅଫିସ୍‌ରବନ୍ଧୁ ପିଲାପିଲାଙ୍କ ଖବର ବୁଝନ୍ତି ନାହିଁ ।) ୬।
ବିଚାର କରିବା—6. To judge. (ଯଥା—କଥାଟା
ଶୁଣିଲା ବେଳକୁ ଏଡ଼େ ବଡ଼, ବୁଝିଲା ବେଳକୁ କିଛି ନୁହେଁ)
୭। ବିବେଚନା କରିବା—7. To consider.
(ଉ—ବନାନ୍ତରେ ପୂର୍ବ ପୁରୁଷ ଜାତି, ବୁଝିବା ବୋଲି ଗ୍ରାମ
ବୋଲନ୍ତି । ଉପେ. ବୈଦେହୀଶବିଳାସ ।) ୮। ଅଲୋଚନା
କରିବା; ତର୍କାଦିଦ୍ୱାରା ସ୍ଥିର କରିବା—8. To discuss.
(ଯଥା—ପଣ୍ଡିତମାନେ ସଭାରେ ଶାସ୍ତ୍ର ବୁଝୁଛନ୍ତି) ୯। ସିଦ୍ଧା-
ନ୍ତରେ ଉପନୀତ ହେବା; ସ୍ଥିର କରିବା—9. To settle;
to ascertain. (ଯଥା—ବୈଜ୍ଞାନିକମାନେ ବୁଝିଅଛନ୍ତି
ଯେ ଉଲ୍‌କାପିଣ୍ଡରେ ଧାତବ ପଦାର୍ଥ ଅଛି) ୧୦। ତୁଳନା
କରିବା—10. To compare. (ଯଥା—ଭଲ ମନ୍ଦ ନ
ବୁଝିଲେ ସବୁକୁ ହଟହଟାରେ ପଡ଼ିବ) ୧୧। ଭଲ ମନ୍ଦ

ବାଛିବା—11. To discriminate. (ଯଥା—ଦୋଷ ବା ଗୁଣ ବୁଝି ଦଣ୍ଡ ବା ପୁରସ୍କାର ଦେବା ଉଚିତ). ୧୨। ଜ୍ୟୋତିଷ ମତରେ ପାଞ୍ଜିରୁ ଓ ଜାତକ ଆଦିରୁ ଗ୍ରହନକ୍ଷତ୍ରାଦିଙ୍କ ଅବସ୍ଥିତି ଗଣନାକରି ଦଶା ଓ ଭବିଷ୍ୟତ ଆଦି ସ୍ଥିର କରିବା—12. To ascertain the future by astrological calculations. (ଯଥା—ନାହାକ ଡକାଇ ବାହାଘର ପାଇଁ ଗୋଟିଏ ଦିନ ବୁଝିବାକୁ ଦେବ) ୧୩। ମୁକାବିଲା କରିବା; ତୁଳନା କରିବା—13. To compaire, ୧୪। କର୍ମର ତତ୍ତ୍ୱ ନେବା—14. To supervisle. ୧୫। ଜମିଦାରୀ ଆଦି ଚଳାଇବା—15. To manage. ୧୬। କୌଣସି ବିଷୟ ଠିକ୍ ଅଛି କି ନାହିଁ, ଏହା ଦେଖିବା—16. To check. ୧୭। ଠଉରାଇବା—17. To realise. ୧୮। ମାପିବା—18. To fathon; to mesure. ୧୯। ଶାନ୍ତ ହେବା; (ମନ) ମାନି ଯିବା—19. (the mind) To be pursuaded to accept; to be pacified. (ଯଥା—ଅବୁଝା ମନ ମୋର ଜମାରୁ ବୁଝୁ ନାହିଁ) ୨୦। ଅନୁମାନ କରିବା; ଅନୁମାନଦ୍ୱାରା ସ୍ଥିର କରିବା—20. To suppose; to infer; to conclude. (ଉ—ସେ ବୁଝିଲେ ରାମଙ୍କୁ ବଣ ଭିତରେ ବିପତ୍ତି ପଡ଼ିଲା। ନୀଳକଣ୍ଠ. ପିଲାଙ୍କ ରାମାୟଣ।) ୨୧। ଠିକଣା କରିବା; ପତା ଲଗାଇବା—21. To ascertain the whereabouts of. (ଉ—ଏହା କହିଣ ଦ୍ୱିଜମାନଙ୍କୁ ଡକାଇ, ବୋଇଲେ ବୁଝି ଆସ ନଳଙ୍କୁ ଏବେ ଯାଇ। କୃଷ୍ଣସିଂହ. ମହାଭାରତ ବନ।) ୨୨। ତନଖିବା; ତତ୍ତ୍ୱ ନେବା—22. To enquire after. (ଉ—ଏ କାହାରେ ଲଣ୍ଡାକୁ ବ୍ରହ୍ମଯାଏ ମୁହିଁ, ଇନ୍ଦ୍ରପ୍ରସ୍ଥବାସିଙ୍କ ସମସ୍ତ ବୁଝଇ। କୃଷ୍ଣସିଂହ. ମହାଭାରତ ବନ।) ୨୩। ହିସାବ ଆଦି ଠିକ୍ଅଛି କି ନାହିଁ ଏହା ପରୀକ୍ଷା କରିବା; ଚେକ୍ କରିବା—23. To examine or check accounts. ୨୪। ପଣ୍ୟଦ୍ରବ୍ୟର ଭାଉ ସମ୍ବନ୍ଧେ ଏକାଧିକ ସ୍ଥାନରୁ ତତ୍ତ୍ୱ ନେବା—24. To a certain the market price from several places. ୨୫। ଫଳରେ ଦେଖିବା—25. To see or find out by the result. (ଉ—ମୁହିଁ ଜାଇଁଥିଲେ କିରୂପେ ରାମ ଭାର୍ଯ୍ୟା, ନେଉ ଅଜ ବୁଝିବା ତୋର ବଳମନ୍ତା। କୃଷ୍ଣସିଂହ. ମହାଭାରତ ବନ।) ୨୬। ଉପଲବ୍ଧି କରିବା—26. To realise. (ଯଥା—ବର୍ତ୍ତମାନ ମୋ କଥା ଶୁଣୁ ନାହୁଁ, ପରେ ମୋ କଥାର ମୂଲ୍ୟ ବୁଝିବୁ ଯେ) ୨୭। ଅନ୍ୟର ମନୋଗତ ଭାବକୁ ହୃଦୟଙ୍ଗମ କରିବା—27. To read another's mind. (ଉ—କହିଲ ସଜନ ମୋ ମନ ବୁଝିଲୁ ନାହିଁ ରେ। କାମପାଲ. ଗୀତାବିବାଦ।) ଦେ. ବିଣ—

(ବୁଝିଲା—ଅନ୍ୟରୂପ) ବୋଧଶକ୍ତିମାନ୍—Considerate; reasonable. ଦେ. ବି—ବୋଧଶକ୍ତି—Understanding; intellegence.
সমজদার
समझदार

ବୁଝିବା ବିଚାରିବା—ଦେ. କ୍ରି—(ସ. ବୋଧ; ବିଚାର)—ଉତ୍ତମରୂପେ
Bujhibā bichāribā ବିଚାର କରିବା; ଅଗ୍ର ପଶ୍ଚାତ୍ ଚିନ୍ତା
বুঝা সুঝা बूझना सूझना କରିବା—To consider well.
[ବୁଝିବା ସମ(ମୁ)ଝିବା, ବୁଝିବା ସୁଝିବା—ଅନ୍ୟରୂପ]

ବୁଝିବା(ଲା) ସୁଝିବା[ଲା]—ଦେ. ବିଣ—ବୋଧଶକ୍ତିବାନ୍ [ବ୍ୟକ୍ତି]—
Bujhibā(lā) sujhibā(lā) Considerate; reasonable
সমজদার बूझनेसमझनेवाला; समझदार (person).

ବୁଝେଇ ବାଝେଇ—ଦେ. କ୍ରି. ବିଣ—(ବୁଝେଇବା କ୍ରିୟା ଓ ଧ୍ୱନ୍ୟାତ୍ମକ
Bujhei bājhei ବାଝେଇବା କ୍ରିୟାର ଅସମାପିକାରୂପ)—ବୋଧ
বুঝিয়েসুঝিয়ে ଶୋଧ କରାଇ; ଉତ୍ତମରୂପେ ବୋଧଗମ୍ୟ କରାଇ—
बुझासुझाकर, बुझासमझाकर By explaining a thing
[ବୁଝେଇ ସୁଝେଇ, ବୁଝେଇ ସମଝେଇ—ଅନ୍ୟରୂପ] clearly.

ବୁଟ୍—ବୈଦେ. ବି—(ଇଂ ବୁଟ୍)—ଗୋଡ଼ ଗଣ୍ଠି ପର୍ଯ୍ୟନ୍ତ ଉଚ୍ଚ ଜୋତା—
But বুট बूट Boots.

ବୁଟ୍ ପାଲି(ଲି)ସ—ବୈଦେ. ବି—(ଇ. ବୁଟ୍ ପଲିଶ୍)—ବୁଟ୍‌କୁ ଚାକୁ
Buṭ-pāl(li)s ଚକ୍‌ଚକିଆ କରିବା ପାଇଁ ବ୍ୟବହୃତ ଲେପ—
বুটপালিস बूटपालिस Boot-palish.

ବୁଟ୍ ଫିତା—ବୈଦେ. ବି—(ଇଂ. ବୁଟ୍+ପର୍ତ୍ତୁଗୀଜ୍. ଫୀତା)—
But-phitā ବୁଟ୍‌ଜୋତାର ଛିଦ୍ରରେ ଗଳାଯାଇ ଉଡ଼ାଯିବା ଫିତା—
বুটফিতা बूट फिता [ବୁଟ୍‌ଲେସ୍—ଅନ୍ୟରୂପ] Boot-lace.

ବୁଟ[ଣ୍ଟ]—ଦେ. ବି—(ସ ବୃନ୍ତ, ପ୍ରା. ବୋଣ୍ଟ)—ଚଣା; ଚଣା ଜାତୀୟ
Buṭa(nṭa) ଗୋଲାକାର ଶସ୍ୟ—Chickpea; Benga
ସ. ନାମ—ଚଣକ, ହରିମନ୍ଥ, gram; Cicer Arietinum.
ସକଳପ୍ରିୟା [ଦ୍ର—ଏ ଶିମ୍ବାଦି ବର୍ଗର କୃଷିଜାତ
ବୁଁଟ ଶାକର ଛୁଇଁ ଭିତରୁ ବାହାରିବା ଶସ୍ୟ,
ବୋଣ୍ଟ } ଅନ୍ୟରୂପ ଏହା ରଗଡ଼ା ହେଲେ ଦୁଇଫାଳ ହୁଏ,
ବୋଂଟ ଏହା ଡାଲି ହୁଏ। ଘୋଡ଼ାମାନଙ୍କୁ
বুট, ছোলা, বুঁটকলাই ଏହା ପାଣିରେ ବତୁରେଇ କରି ଦିଆ-
चना, बुँ(बू)ट् ଯାଏ। ଏହାକୁ ଘିଅରେ ବା ତେଲରେ
ମ. ହରଭରେ ଭାଜି 'ବୁଟଭଜା' କରି ଖାଆନ୍ତି। ବୁଟର
ଗୁ. ଚଣ୍ୟା ଶାଗ ମଧ୍ୟ ଖିଆଯାଏ। କଞ୍ଚାବୁଟର
ତେ. ଶଲଂଗାଲୁ ଚୂନାକୁ ବେସନ ଓ ଭଜାବୁଟର ଚୂନାକୁ
ଫା. ନଖୁଦ୍ ବୁଟଛତୁ ବୋଲାଯାଏ। ବେସନ
ଆ. ହୁମସ୍ ସାହାଯ୍ୟରେ ନାନାବିଧ ମିଷ୍ଟାନ୍ନ ପ୍ରସ୍ତୁତ
ହୁଏ। ବୈଦ୍ୟଶାସ୍ତ୍ରମତରେ ଏହା ଶୀତବୀର୍ଯ୍ୟ, ରୁକ୍ଷ, ଲଘୁ କଷାୟରସ, ରକ୍ତସ୍ରାମୀ ଓ ଜ୍ୱରନାଶକ।]

ବୁଟ ଛତୁ—ଦେ. ବି.—(ଓ. ବୁଟ+ସ. ସକ୍ତୁ)—ଭଜା ବୁଟ ଚୂରିଯାଇ
Buṭa chhatu ପ୍ରସ୍ତୁତ ହୋଇଥିବା ଚୂନା—Flour made
বুটের ছাতু बूटकी सत्तु from fried gram.
(ବୁଟ ଛତୁଆ—ଅନ୍ୟରୂପ) ପ୍ରାଦେ. (ଗଡ଼ଜାତ) ବି—ଛତାକ ବିଶେଷ; ଗୃଣ୍ଡେ ନାଡ଼ ଓ ବାର୍ତ୍ତୁଳ ପରି ମୁଣ୍ଡି ଥାଇ ଭୂମି ଭିତରୁ ଉଠିଥିବା ଛତୁ—A kind of mushroom.

ବୁଟ ଭଜା—ଦେ. ବି—(ଓ.ବୁଟ+ସ, ଭର୍ଜନ)—ତେଲରେ ବା ଘିଅରେ
Buṭa talā ଭଜା ହୋଇ ଥିବା ଲବଣାଦି ମିଶ୍ରିତ ବୁଟ; ତେଲ

ছোলাভাজা ଭୃଷ୍ଟ ଚଣକ—Gram fried in oil or
**बूट भूजा** ghee.

ବୁଟ ବେସନ—ଦେ. ବି—ଚଣା ବୁଟର ଚୂନା—Flour made of
Buta besana বুট বেসন **बूट बेसन** unfried gram.

ବୁଟା(ଣ୍ଟା)—ବୈଦେ. ବି—(ଫ. ବୁନ୍ତ; ହି. ବୁଟା, ବୁଣ୍ଟା) —ଲୁଗାରେ
Buta(nta) ଛୁଞ୍ଚ ଫୋଡ଼ି ସୂତାରେ ବା ଜରିରେ ତିଆରି ହୋଇ
বুটা, বুটি ଥିବା ଛୋଟ ଫୁଲ ବା ଗୋଲ ଗୋଲ ଝଟଝଟ ଚିହ୍ନ—
**बू(बुं)टा** Small circular marks or spangles wrought on cloth with the needle. [ଦ୍ର—ଆକାଶ ବାସେ ରୂପ ସନ୍ତ ବୁଟା ପ୍ରାୟେ, କେତକୁ ବର୍ଣ୍ଣିଲେ ସରୁର କର ଛାୟେ । କୃଷ୍ଣସିଂହ. ମହାଭାରତ ଶଲ୍ୟ ।]

ବୁଟା ଛିନ୍ଦ—ପ୍ରାଦେ. (ବସ୍ତର) ବି.—ଭୂଇଁଖଜୁରି
Buta chhind A species of stunted date palm.

ବୁଟା(ଣ୍ଟା)ଦାର—ଦେ. ବିଣ—ଯେଉଁ ଲୁଗାରେ ବୁଟା ପଡ଼ି ଥାଏ—
Buta(nta)dar (cloth) Having circular marks
বুটীদার or spangles wrought on it with the
**बुटादार** needle.

ବୁଟି(ଣ୍ଟି)—ଦେ. ବି—(ଫ. ବଟୀ, ବଟିକା)—୧ । ଔଷଧ ବଟିକା—
Buti(nti) বুটী **बुटी** 1. Medicinal pill. [ଦ୍ର—ହୋଇଛୁ ଜୀବନ ମରଣର ବୁଟୀ । ସୁଧାନାଥ. ଦରବାର ।]
୨ । ଭୁଟୁକା ଔଷଧ—2. Simple herb. ୩ । ଔଷଧ—3. Medicine; drug. ( ଦ୍ର—ଏ ଶବ୍ଦ ଜଡ଼ି ପରେ ମଧ୍ୟ ସହଚରରୂପେ ବ୍ୟବହୃତ ହୁଏ; ଜଡ଼ି ବୁଟି ।)
ପ୍ରାଦେ. (ଗଡ଼ଜାତ) ବି—ବଉଁଶ କାମ୍ଫ ପାତ୍ର—
A pot made of bamboo.

ବୁଟିଆ—ପ୍ରାଦେ. (ସମ୍ବଲପୁର) ବିଣ.—(ଭୁଲ. ହି. ବୁଟା; ବ. ବେଁଟେ)—
Butia ଖର୍ବକାୟ; ବାମନ—Dwarfish.

ବୁଠୀ—ପ୍ରାଦେ. (ସମ୍ବଲପୁର, ଗଡ଼ଜାତ) ବି—ବୁଠି (ଦେଖ)
Buti Buthi (See)

ବୁଠି—ପ୍ରାଦେ. (ସମ୍ବଲପୁର, ଗଡ଼ଜାତ) ବି—(ଭୁଲ. ହି. ବୁଟା)—
Buthi କ୍ଷୁଦ୍ରକାୟ ଲୋକ—A dwarf.

ବୁଡ଼୍ (ଧାତୁ)—ସ.—୧ । ତ୍ୟାଗ କରିବା—1. To abandon. ୨ ।
Burd(root) ସ୍ନାନ କରିବା—2. To bathe; to take a bath by immersion ୩ । ଆଚ୍ଛାଦନ କରିବା—3. To cover; to envelop.

ବୁଡ଼(ଡୁ) ଗଳା—ପ୍ରାଦେ. (ଗଡ଼ଜାତ) ବି—ମୁଣ୍ଡ ବୁଡ଼େଇ ଗାଧୋଇବା
Burd-(rdu) gala A bath by immersion.

ବୁଡ଼ ଗାଳିବା—ପ୍ରାଦେ. (ଗଡ଼ଜାତ) କ୍ରି—ମୁଣ୍ଡ ବୁଡ଼େଇ ଗାଧୋଇବା—
Burd-galiba To bathe by immersion.

ବୁଡ଼(ଡୁ)ବକ୍—ଦେ. ବି ଓ ବିଣ.—(ହି. ବୁଡ୍=ବୁଢ଼ା+ବୋକା)—
Burd-(rdu)bak ୧ । ଓଲୁ; ଜବୋଧ—1. A fool;
বুড়বাক **बुड्बक** foolish person. ୨ । ବୃଦ୍ଧ ଓଲୁ—2. An old fool. ୩ । ଗଜ ମୂର୍ଖ—3. A blockhead; an ignoramus.

ବୁଡ଼(ଡୁ) ବୁଡ଼(ଡୁ)—ଦେ.ଅ—୧ । ପାଣିରେ ବୁଡ଼ି ଯିବାର ଅବ୍ୟବହିତ
Burd-(rdu) burd-(rdu) ପୂର୍ବ ଅବସ୍ଥା; ଭୁଡ଼ି ଯିବାର ଆସନ୍ନ ଅବସ୍ଥା; ମଗ୍ନପ୍ରାୟ—1. About to be drowned; about to sink in water.

ବୁଡ଼(ଡୁ) ବୁଡ଼(ଡ଼ା,ଡ଼ି,ଡୁ)—ଦେ. ବି—୧ । (ଧ୍ୱନ୍ୟର୍ଥକ) ଭୁଡ଼ୁ ଭୁଡ଼ୁ
Burd-(rdu) burd-(rda,rdi,rdu) ଶବ୍ଦ; ବୋତଲକୁ [ବୁଡ଼ (ଡୁ) ବୁଡ଼ (ଡୁ)କା (ର)—ଅନ୍ୟରୂପ] ପାଣିରେ ବୁଡ଼ାଇଲେ
বুড় বুড় ବୋତଲରେ ପାଣି ପଶିବାବେଳେ ଯେଉଁ ଶବ୍ଦ ହୁଏ—
**बुडबुड** 1. Bubbling sound produced when a bottle is dipped in water for filling it up.
୨ । (ସ. ବୁଦ୍ ବୁଦ୍) —Bubble.

ବୁଡ଼ବା—ପ୍ରାଦେ. (ସମ୍ବଲପୁର) କ୍ରି.—(ସ. ବୁଡ଼୍ ଧାତୁ)—ବୁଡ଼ିବା—
Burd-ba Burdiba (See)

ବୁଡ଼—ଦେ. ବି—(ସ. ବୁଡ୍ ଧାତୁ ବା ବ୍ରୁଡ଼ ଧାତୁ=ନିମଜ୍ଜନ)—୧ ।
Burda ପାଣିରେ ନିମଜ୍ଜନ ପୂର୍ବକ ସ୍ନାନ—1. A bath by immersion; bath by plunging into water. a plunge. [ଦ୍ର—ବୁଡ଼ ଦେଇ ପରଭୃତ ପତ୍ରକୃତ କାମେ । ଉଞ୍ଜ. ବୈଦେହୀଶବିଳାସ ।] ୨ । ନିର୍ଦ୍ଦିଷ୍ଟ ତିଥି ଅବସରେ ଘଟିବା ସ୍ନାନଯୋଗ; ବାରୁଣୀ ଯୋଗ—2. An
ডুব, ডুবন auspicious time for taking a bath in
**बुड; बुड़** sacred water. ୩ । ଡୁବା; ନିମଜ୍ଜନ; ଜଳରେ ଡୁବିବା—3. Dipping; immersion; diving. ୪ । ଜଳରେ ଡୁବାଇ ଦେବା—4. Drowning. ୫ । ଖ୍ରୀଷ୍ଟିୟାନଙ୍କର ଦୀକ୍ଷାଗ୍ରହଣାର୍ଥ ଡୁବନ—5. Baptism.

ବୁଡ଼ଇବା—ପ୍ରାଦେ. (କୋରାପୁଟ) କ୍ରି—ବୁଡ଼ାଇବ.—To drown; to
Burdaiba dip a thing in a liquid.

ବୁଡ଼ କରିବା—ଦେ. କ୍ରି—କାର୍ତ୍ତିକାଦି ପୁଣ୍ୟ ମାସରେ ସୂର୍ଯ୍ୟୋଦୟ
Burda kariba ପୂର୍ବରୁ ନଦୀରେ ବା ବାରୁଣୀ ଯୋଗରେ
ডুব দেওয়া ତୀର୍ଥରେ ସ୍ନାନ କରିବା—To take an early
**डुब देना** morning bath in a river or sacred water in the month of Karttika or other sacerd time. [ଦ୍ର—ବିଗତ ଶର୍ବରୀ ପ୍ରାତରେ; ବୁଡ଼ କରେ ସାଧୁ ନାରେ । ଉଞ୍ଜ. ବୈଦେହୀଶବିଳାସ । ]

ବୁଡ଼ଣା—ଦେ. ବି —(ସ. ବୁଡ୍ ଧାତୁ)—୧ । ବୁଡ଼ିବା; ଜଳରେ ଭୁଡ଼
Burdana ଯିବା ଅବସ୍ଥା—1. Immersion. [ ଦ୍ର—
ডুবন **डूबना** ବୁଡ଼ଣା ହୋଇଲା ସ୍ଥଳେ; ଅନଳ ଲାଗିଲା ଜଳେ, ଅନଳ ପାଶେ ବନ୍ଧନ ହୋଇ ଯେ । ଉଞ୍ଜ. ବୈଦେହୀଶ ବିଳାସ । ]
বান ୨ । ବଢ଼ି; ବନ୍ୟା—2. Flood; inundation. ଦେ.
**बाढ** ବିଣ—ବୁଡ଼ିଯିବା ଭଳି ଗଭୀରତା ଯୁକ୍ତ (ଜଳ)—(water)
ড়ুবন, ডুবন Having the depth of more than a
**अथाह** man's height. (ଦ୍ର—ବୁଡ଼ଣାଗାରେ, ପଡ଼ି ଲାଜରେ ଦୃଢ଼ ଅସୁପ୍ତ କାହିଁ । ଉଞ୍ଜ. ବୈଦେହୀଶବିଳାସ ।)

ବୁଡ଼ ଦେବା—ଦେ॰ କ୍ରି—ମୁଣ୍ଡ ବୁଡ଼ାଇ ସ୍ନାନ କରିବା; ପାଣିରେ ନିମଜ୍ଜିତ Burda debā ହୋଇ ସ୍ନାନ କରିବା—1. To take a bath by immersion; to take a plunge. ୨ । ବାରୁଣୀ ଯୋଗ ସମୟରେ ତୀର୍ଥରେ ସ୍ନାନ କରିବା—2. To take a bath in some sacred water on some auspicious occasion.

ଡୁବମାରା, ଡুব দেয়া

ডুবকী লগানা

ବୁଡ଼ ପକା(କେ)ଇବା, ବୁଡ଼ ମାରିବା, ବୁଡ଼ ଗାଳିବା, ବୁଡ଼ୁ ଗାଳିବା } ଅନ୍ୟରୂପ

୩ । ଜ୍ଞାତିମାନଙ୍କର ବା ନିକଟ ସମ୍ପର୍କୀୟ ବନ୍ଧୁଙ୍କ ମୃତ୍ୟୁର ଦଶାହ ଉପଲକ୍ଷରେ ଶୁଦ୍ଧିସ୍ନାନ କରିବା—3. To take a purificatory bath on the 10th day of a relative's or kinsman's death. ୪ । କାର୍ତ୍ତିକ, ମାଘ, ବୈଶାଖ ଓ ଅଶାଢ଼ ମାସରେ ବ୍ରତ ପାଳନର ଅଙ୍ଗ ରୂପେ ପ୍ରାତଃସ୍ନାନ କରିବା—4. To take a bath early in the morning before sunrise as a part of the religious vow during the months of Kārttika, Māgha, Baisākha and Āshārdha. ଦେ. କ୍ରି—କୌଣସି ବ୍ୟକ୍ତିକୁ ପାଣିରେ ବୁଡ଼ାଇବା—1. To drown a person. ୨ । ଢୁବନ କରିବା; ଖ୍ରୀଷ୍ଟ ଧର୍ମରେ ଦୀକ୍ଷିତ କରିବା ପାଇଁ (ପାଦ୍ରୀ) ଭକ୍ତକୁ ପାଣିରେ ବୁଡ଼ାଇବା—3. To baptise.

ডুব দেওয়া

ডুবকী দেনা

ବୁଡ଼ନ୍ତର—ଦେ॰ ବି—ଗ୍ରାମ୍ୟ ବୈଦ୍ୟଙ୍କ ପ୍ରସ୍ତୁତ ଜ୍ୱରନାଶକ ବଟିକା-Burdantarā ବିଶେଷ—A pill prepared by village (ବୁଡ଼ନ୍ତର ରସ—ଅନ୍ୟରୂପ) physicians as a febrifuge.

ବୁଡ଼ନ୍ତା(ନ୍ତି)—ଦେ. ବିଣ—୧ । ବୁଡ଼ି ଯାଇଥିବା—1. Drowned. Burdantā(nti) ୨ । ବୁଡ଼ୁଥିବା—2. Diving.

ডুবন্ত জলডুবী

ବୁଡ଼ ପଡ଼ିବା—ଦେ. ବି—ଗଙ୍ଗା ଆଦି ନଦୀରେ ବା ସମୁଦ୍ରରେ ବାରୁଣୀ Burda pardibā ସ୍ନାନ ଯୋଗ ଘଟିବା—The auspicious occasion for taking a bath in the Ganges or in the sea.

যোগ পড়া

ডুব পড়না

ବୁଡ଼ ପାଳି(ଡ଼ି,ଳି)ବା—ଦେ. କ୍ରି. ( ସ୍ୱ. ବୁଡ଼ ଧାତୁ+ପାଳନ )—Burda pāli(rdi,li)bā ୧ । କାର୍ତ୍ତିକ, ମାଘ ଆଦି ଧର୍ମ ମାସରେ ସଂକଳ୍ପ ପୂର୍ବକ ନିୟମିତ ରୂପେ ପ୍ରତିଦିନ ପ୍ରାତଃସ୍ନାନ କରିବା—1. To regularly take early morning bath in observance of the religious vow during Kārttika and other months. ୨ । ଗାଧୋଇବା; ସ୍ନାନ କରିବା—2. To bathe. (ଉ—ବୁଡ଼ ପାଳିଲ କଥା ମୁଣ୍ଡ ଶୁଖିଲେ ବେଳକୁ ନ ଥାଏ—ଉକ ।)

স্নান করা

ডুবকী লগানা

ବୁଡ଼(ଡ଼ୁ)ବୁଡ଼(ଡ଼ୁ)କା—ଦେ. ବି—୧ । ରସୁଆଳ ଲତା ବିଶେଷ—Burda(rdu)burda(rdu)kā 1. A kind of juicy creeper ୨ । ବୁଡ଼ବୁଡ଼ୁ (ଦେଖ)—2. Burd-burd (See).

ବୁଡ଼(ଡ଼ୁ)ବୁ(ଡ଼ି)ଆଣୀ—ଦେ. ବି—ବୁଡ଼ିଆଣୀ; ଊର୍ଣ୍ଣନାଭ; ମାକଡ଼ସା—Burda(rdu)burdiāni Spider.
[ବୁଡ଼(ଡ଼ୁ)ବୁଡ଼ାଣୀ—ଅନ୍ୟରୂପ] মাকড়সা মকড়ী

ବୁଡ଼ା—ଦେ. ବି. (ସ୍ୱ. ବୁଡ଼୍ ଧାତୁ)—୧ । ଡୁବା; ବୁଡ଼; ଜଳରେ ବୁଡ଼ିବା Burdā କ୍ରିୟା; ନିମଜ୍ଜନ—1. Immersion. ୨ । ଡୁବୁରି; ଡୁବା ডুব ଯେ ପାଣିରେ ବୁଡ଼େ—2. A diver. ୩ । ମନୁଷ୍ୟର ଡুবরী ବା ଅନ୍ୟ ଜୀବର ବୁଡ଼ିଯିବା ପରିମିତ ଗଭୀରତା; ଏକ ତାଳ ডুবক্কড় ଗଭୀରତା—3. The depth of a man's height; ডুবন জল enough depth to drown a person or animal. अथापानी (ଯଥା—ଏ ନଈରେ ହାତୀକୁ ପାଣି ବୁଡ଼ାଏ ହେଲାଣି ।)

ବିଣ—ଏକତାଳ ଗଭୀର (ଜଳ)—Enough to drown a man.

ପ୍ରାଦେ. (ଗଞ୍ଜାମ)ବି—ପରିମାଣ ପାତ୍ର—A measuring pot. ପ୍ରାଦେ.(ମେଦିନୀପୁର,ବାଲେଶ୍ୱର)ବି. (ସ୍ୱ.ବୋଡ଼ା)—ବୋଡ଼ା ସାପ—Viper. ଦେ. ବିଣ—୧ । ନିମଜ୍ଜିତ—1. Immersed. (ଯଥା—ଘିଅବୁଡ଼ା ବଳଗା ।)

ଡୁବା

୨ । (ପଦାର୍ଥ) ଯାହା ସମୁଦ୍ରର ବା ନଦୀର ଜଳ ତଳେ ডুবা ডুবা ଡୁବି ଥାଏ—2. Immersed below the surface; hidden below the surface; sub-surface. (ଯଥା—ବୁଡ଼ା ପାହାଡ଼ ।) ୩ । (ଜାହାଜ) ଯାହା ପାଣି ତଳେ ବୁଡ଼ି ବୁଡ଼ି ଗତି କରେ—3. Submarine ডুবা জাহাজ (boat); moving below the surface of water. (ଯଥା—ବୁଡ଼ା ଜାହାଜ ।) ୪ । ଯାହା (ଯେଉଁ ଜଳ) ଫସଲ ଆଦିର ଗଛକୁ ବନ୍ୟାଜଳଦ୍ୱାରା ବୁଡ଼ାଇ ଦିଏ—ডুবা (জল) 4. (water) Which drowns plants and crops by overflowing. (ଯଥା—ବୁଡ଼ା ପାଣି, (ବୁଡ଼େଇ—ସ୍ତ୍ରୀ) ବୁଡ଼ା ବରଷା ।) ୫ । (ପୁଂ) ଯେଉଁ ବ୍ୟକ୍ତି ଅନ୍ୟର ବା ପରିବାରର ମହତ୍ତ୍ୱ ବା ଇଜ୍ଜତ ନାଶ କରେ—যে ডুবিয়েছে 5. Lowering or spoiling the prestige or honour of a person or family. (ଯଥା—କୁଳବୁଡ଼ା, ଘରବୁଡ଼ା) ୬ । ଯେ ପରର କଳଙ୍କ ରଟନା ଯେ অন্যাকে ডুবায় କରେ—6. Publishing the scandals डुबाने वाला of others; slandering; blasphemous. [ଦ୍ର—ଏହି 'ବୁଡ଼ା' ଶବ୍ଦ ଅନ୍ୟ ଶବ୍ଦ ସଙ୍ଗେ ଯୁକ୍ତ ହୋଇ ମନୁଷ୍ୟର ବିଶେଷଣରେ ବ୍ୟବହୃତ ହୁଏ । ଯଥା—କୁଳବୁଡ଼ା, ଘରବୁଡ଼ା ଇତ୍ୟାଦି । ଏହାର ସ୍ତ୍ରୀଲିଙ୍ଗରେ 'ବୁଡ଼ୀ, ବୁଡ଼ାଣୀ, ବୁଡ଼େଇ' ହୁଏ । ଯଥା—ଘର ବୁଡ଼େଇ ।] ୭ । ଯେ ପରର ଧନକୁ ବା ପ୍ରାପ୍ୟକୁ ନ ଦେଇ ମାଡ଼ି ବସେ—যে লোক ডুবায় 7. (a person) Who does not डुबाने वाला pay up the due of other people; usurping the due of another; withholding payment of another's due. ୮ । ଲୁକ୍କାୟିତ—8. Hidden. ୯ । ଗୁପ୍ତ ଅପ୍ରକାଶିତ—9. Secret. (ଯଥା—ବୁଡ଼ା ପ୍ରେମ ।)

୧୦ । ସେ ନାଶ ଘଟାଏ; ବିନାଶକାରୀ—10. Destroying; ruining; causing ruin. ୧୧ । ( ଅନ୍ୟ ଶବ୍ଦ ସଙ୍ଗେ ବ୍ୟବହୃତ ) ସର୍ବାଙ୍ଗ ( ଧୂଳିଆଦିରେ ) ଆଚ୍ଛାଦିତ ହୋଇଥିବା—11. With the whole body thickly bedaubed with (something e. g. sweat, dust). ( ଯଥା—ଦମ୍ୟ ଖୁଣ୍ଟବୁଡ଼ା ଭୁଷଷୁଣ ବୁଡ଼ା ଖାଅଙ୍ଗୁ ଟି ନ ସୁନ୍ଦର । ଉବଗୁର୍ଯ୍ୟ. ସଙ୍ଗୀତ) ୧୨ । ( ଅନ୍ୟ ଶବ୍ଦ ସଙ୍ଗେ ବ୍ୟବହୃତ, ଯଥା କୁଅବୁଡ଼ା, ସମୁଦ୍ରବୁଡ଼ା ଲୋକ )—12. Diving ( e. g. in wells, in the sea ). ୧୩ । ଯାହା ଦେହର ଚର୍ମରେ କିଛି ଦୂର ଗଭୀରତା ପର୍ଯ୍ୟନ୍ତ ଭେଦ ଥାଏ; (ଗଭୀର—13. More than skin-deep. ( ଯଥା—ବୁଡ଼ା ଘୋକ । )

**ବୁଡ଼ା(ଡ଼େ)ଇ ପକା(କେ)ଇବା**—ଦେ. କ୍ରି ( କଥାରେ ଜୋର୍ ଦେବା-
Burdā(rde)i pakā(ke)ibā
ডবিএ দেওয়া
**डाक देना**
[ବୁଡ଼ା(ଡ଼େ)ଇ ଦେବା—ଅନ୍ୟରୂପ]

ପାଇଁ ଓ ବୁଡ଼ାଇବା କ୍ରିୟାର ବଶିଷ୍ଟତା ସୂଚିତ କରିବାପାଇଁ ବ୍ୟବହୃତ )—୧ । ଉପରେ ଆଚ୍ଛାଦନ କରିବା; ଘୋଡ଼ାଇ ପକାଇବା—1. To cover the surface of; to overcloud; to overspread. ୨ । (ଉଚ୍ଚତର ବା କଠୋରତର ବସ୍ତୁ) ନୀଚତର ବା କୋମଳତର ବସ୍ତୁର ସ୍ୱାତନ୍ତ୍ର୍ୟକୁ ଲୁପ୍ତ କରି ଦେବା—2. To destroy the prominence or individullity of a lower or softer thing. ( ଯଥା, ମେଘଗର୍ଜନ ସଙ୍ଗୀତର ସ୍ୱରକୁ ବୁଡ଼ାଇ ପକାଇଲା ) ୩ । ଜଳପ୍ଲାବିତ କରିବା—3. To inundate; to flood.

**ବୁଡ଼ା(ଡ଼େ)ଇବା**—ଦେ· କ୍ରି ( ସଂ ବ୍ରୁଡ଼୍, ବୁଡ଼ ଧାତୁ ବୁଡ଼ିବା କ୍ରିୟାର
Burdā(rde)iba
বুড়ান; ডুবান
**बुड़ाना; डुबाना**

ଣିଜନ୍ତରୂପ )—୧ । ଡୁବାଇବା; ଅନ୍ୟ ବ୍ୟକ୍ତିର ବା ବସ୍ତୁର ବୁଡ଼ିବାର ଉପାୟ କରିବା—1. To cause to sink or dive. ୨ । କୌଣସି ବ୍ୟକ୍ତିକୁ ବା ପଦାର୍ଥକୁ ଜଳମଗ୍ନ କରିବା; ଜଳରେ ନିମଜ୍ଜିତ କରିବା—2. To immerse or plunge a person or thing in water. ( ଯଥା—ଶାଳଗ୍ରାମକୁ ପ୍ରତିଦିନ ମୁଁ ଜଳରେ ବୁଡ଼ାଏଁ । ) ୩ । ( ଲକ୍ଷଣାର୍ଥ ) ଅନ୍ୟବ୍ୟକ୍ତିକୁ ଦେୟ ଅର୍ଥ ବା ଅନ୍ୟ ବ୍ୟକ୍ତିର ପ୍ରାପ୍ୟ ଧନକୁ ବା ପଦାର୍ଥକୁ ବହୁକାଳ ପର୍ଯ୍ୟନ୍ତ ନ ଦେବା; ମାଡ଼ି ବସିବା—3. (figurative) To withhold payment or delivery; to deprive a person of the receipt of his due by nonpayment. ( ଯଥା—ମୋ ସ୍ୱର୍ଗୀୟ ପିତାଙ୍କ ଗୃହର ବାବଦ୍ ବାକି ଦରମାତକ ତାଙ୍କ ଅନ୍ତେ ମୁଁ ସାଆନ୍ତଙ୍କ ମାଗି ମାଗି ଥକିଲି, ତାକୁ ସାଆନ୍ତ ବୁଡ଼ାଇ ଦେଲେ । ) ୪ । ( ଲକ୍ଷଣାର୍ଥ ) ବହୁକାଳ ପର୍ଯ୍ୟନ୍ତ, ଅର୍ଥାତ୍ ନିର୍ଦ୍ଦିଷ୍ଟ କାଳ ଅତୀତ ହେବାର ପରବର୍ତ୍ତୀକାଳ ପର୍ଯ୍ୟନ୍ତ ଅନ୍ୟ ବ୍ୟକ୍ତି ଦେୟକୁ ନ ଦେଇ ତାହାକୁ ଆଇନ୍ ଅନୁସାରେ ଆଦାୟର ଅଯୋଗ୍ୟ କରାଇବା; ପରର ପ୍ରାପ୍ୟ ତମାଦି କରାଇବା—4. ( figurative ) To cause a person's due to be barred by lapse of time ( ଯଥା—ତମସୁକ ବାବଦ୍ ଟଙ୍କାତକ ମୁଁ ଖାତକକୁ ମାଗି ମାଗି ଥକିଲି । ସେ ୩ ବର୍ଷ କାଳ ଟାଳଟାଳ କରି ଶେଷକୁ ମୋ ଟଙ୍କାତକ ବୁଡ଼ାଇ ଦେଲା । ) ୫ । ( ଲକ୍ଷଣାର୍ଥ ) ବ୍ୟବସାୟରେ ଖଟା ଯାଇଥିବା ମୂଳଧନର ବିନାଶ ଘଟାଇବା; ଧନ ନଷ୍ଟ କରାଇବା—5. ( figurative ) To cause the extinction or loss of capital invested in a business. ୬ ( ଲକ୍ଷଣାର୍ଥ ) ବିନାଶ କରିବା—6. ( figurative ) To destroy; to ruin. [ ଉ—ବୁଡ଼ାଇବା ତା ସମ୍ପଦ କିଛି ସ୍ୱଦବଙ୍କୁ । ଉପେ. ବୈଦେହୀଶବିଳାସ । ] ୭ । ( ଲକ୍ଷଣାର୍ଥ ) କୌଣସି ବଂଶଗତ ବା ଦେଶ ପ୍ରଚଳିତ ପ୍ରଥାକୁ ପାଳନ ନ କରି ଲୁପ୍ତ କରାଇବା—7. ( figurative ) To make a custom or practice obsolete by not observing it; to discontinue a custom or long-standing practice. (ଯଥା—ଆଜିକାଲିର ଇଂରେଜୀ ପାଠୁଆ ପାଠୋଈମାନେ ପୁରୁଣାକାଳିଆ ଖିଆଯାକ ବୁଡ଼ାଇଲେଣି । )
୮ । (ଲକ୍ଷଣାର୍ଥ) କୁକ୍ରିୟାଦ୍ୱାରା ଆପଣାର କୁଳକୁ କଳଙ୍କିତ କରିବା; ବଂଶର ମର୍ଯ୍ୟାଦାକୁ ବା ସୁନାମକୁ ଲୁପ୍ତ କରାଇବା—8. (figurative) To cause the loss of the prestige of one's family by doing evil acts ( ଯଥା—ସେ ବାପଅଜାଙ୍କ ନାଆଁ ବୁଡ଼େଇଲା । ) ୯ । (ଲକ୍ଷଣାର୍ଥ) ପରର ନାମରେ କଳଙ୍କ ବା ମିଥ୍ୟା ଅପବାଦ ରଟନା କରିବା; ଅନ୍ୟକୁ କଳଙ୍କମଗ୍ନ କରାଇବା—9. (figurative) To scandalise a person; to slander. ୧୦ । (ଲକ୍ଷଣାର୍ଥ) ଅବିବାହିତ ରହି କିମ୍ବା ବନ୍ଧ୍ୟତ୍ୱ ଦୋଷରୁ ସନ୍ତାନାଦି ପ୍ରଜନନ ନ କରିବାଦ୍ୱାରା, କିମ୍ବା ବଂଶର ସନ୍ତାନମାନଙ୍କ ମୃତ୍ୟୁର କାରଣ ହେବା ଦ୍ୱାରା ଆପଣାର ବଂଶର ଲୋପ ଘଟାଇବା—10. (figurative) To be the cause of the extinction of a family by remaining unmarried or on account of barrenness or sterelity or by causing the members to be killed. ( ଉ—ସେନିଗଲା କେଉଁଅଡ଼େ ସେ ବୁଡ଼ାଇ, ତ କରିବ ଘର ମୁଁ ବସିଛି ବୁଡ଼ାଇ—କୃଷ୍ଣସିଂହ ମହାଭାରତ ବନ । ) ୧୧ । (ଲକ୍ଷଣାର୍ଥ) ପରର ପରିବାର ମଧ୍ୟରେ ଅନ୍ତର୍ବିବାଦ ଉପସ୍ଥିତ କରାଇ ତଦ୍ଦ୍ୱାରା ପରିବାରର ଧ୍ୱଂସ ଘଟାଇବା—11. (figurative) To bring about the ruin of a family by fomenting internal dissensions in it.

୧୨ । ଜଳ ପ୍ଳାବିତ କରିବା—12. To overflow; to inundate. ( ଉ—ବେଙ୍ଗୁଲି ବେଙ୍ଗୁଲି ! ପାଣି ଦେ, ନଈ ବଢ଼ି କରି ବୁଡ଼େଇ ଦେ—ଶିଶୁଗୀତ ।) ୧୩ । (ଲକ୍ଷଣାର୍ଥ) ନିର୍ଦ୍ଦିଷ୍ଟକାଳ ମଧ୍ୟରେ ଋଣ ପରିଶୋଧ ନ କରିବା ଦ୍ୱାରା ଋଣପାଇଁ ଆବଦ୍ଧ ବା ବନ୍ଧା ଦିଆ ଯାଇଥିବା ସମ୍ପତ୍ତିକୁ ମୁକୁଳାଇ ନ ପାରିବା—13. (figurative) To cause a mortgaged or pledged property to become forfeited or unredeemable by nonpayment of the loan during the specified time-limit; to cause the foreclosure of a mortgaged property. ୧୪ । (ଲକ୍ଷଣାର୍ଥ) (ଉଚ୍ଚତର ସ୍ୱର) ନିମ୍ନତର ସ୍ୱରକୁ ଅନୁଭୂତ କରାଇ ନ ଦେବା—14. ( figurative) (said of louder sound) To cause a feebler sound not to be distinguished; to drown a feebler sound by its loudness. ( ଯଥା—ସମୁଦ୍ର ଗର୍ଜ୍ଜନ ମୋ କାନ୍ଦଣା ସ୍ୱରକୁ ବୁଡ଼ାଇ ଦେଲା । ) ୧୫ । (ଲକ୍ଷଣାର୍ଥ) (ଅଧିକତର କଡ଼ା ସ୍ୱାଦ ବା ଗନ୍ଧବିଶିଷ୍ଟ ବସ୍ତୁ ) କୋମଳତର ସ୍ୱାଦ ବା ଗନ୍ଧବିଶିଷ୍ଟ ବସ୍ତୁର ସ୍ୱାଦକୁ ବା ଗନ୍ଧକୁ ଅନୁଭୂତ କରାଇ ନ ଦେବା—15. ( figurative ) ( said of a thing with a stronger scent or stronger smell ) To drown the taste or smell of a lesser thing by its stronger taste or smell, (ଯଥା—ଏ ତିଅଣରେ ବହୁତ ଲୁଣ ପଡ଼ିବାରୁ ଲୁଣ ଏଥିର ମିଠାପଣକୁ ବୁଡ଼ାଇଦେଲା; ଫିନାଇଲ୍ ଗନ୍ଧ ଅତର ଗନ୍ଧକୁ ବୁଡ଼ାଇଦିଏ ।) ୧୬ । (ଲକ୍ଷଣାର୍ଥ) (ଗୁରୁତର ଘଟଣା) ଲଘୁତର ଘଟଣାର ଗୁରୁତ୍ୱର ଉପଲବ୍ଧି କରାଇ ନ ଦେବା-16. (figurative)(said of a more serious matter or event) To drown the seriousness or importance of a less serious matter (ଯଥା—ତାଙ୍କର ପୁତ୍ରଶୋକ ଧନନାଶ ଦୁଃଖକୁ ବୁଡ଼ାଇ ଦେଲା ।) ୧୭ । (ଲକ୍ଷଣାର୍ଥ) ( ଉଜ୍ଜ୍ୱଳତର ବସ୍ତୁ ) ଔଜ୍ଜ୍ୱଲ୍ୟଦ୍ୱାରା କମ୍ ଉଜ୍ଜ୍ୱଳ ବସ୍ତୁର ଔଜ୍ଜ୍ୱଲ୍ୟକୁ ଉପଲବ୍ଧି କରାଇ ନ ଦେବା—17. (figurative) (said of a brighter thing) Not to cause the colour of a less bright thing to be noticed by its brighter effulgence. (ଯଥା—ଅଳଙ୍କାରର ଚନ୍ଦନକୁ ବୁଡ଼ାଇଦେଲା ।) [ ଦ୍ର—କୌଣସି ଉଚ୍ଚତର ବସ୍ତୁ ବା ଘଟଣା ବା ଚିନ୍ତା ନିମ୍ନତର ବସ୍ତୁର, ଘଟଣାର ବା ଚିନ୍ତାର ବିଶିଷ୍ଟତାକୁ ଅନୁଭୂତ କରାଇ ନ ଦେଲେ ଉଚ୍ଚତର ବସ୍ତୁ ନୀଚତର ବସ୍ତୁକୁ 'ବୁଡ଼ାଇଦେଲା' ବୋଲି କୁହାଯାଏ । ] ୧୮ । ( ଲକ୍ଷଣାର୍ଥ ) ବହୁପରିମାଣରେ ଜଳୀୟ ବସ୍ତୁ ବା ଧୂଳି ବା ମଇଳା ଢାଳିବା ବା ଦେହ ତମାମ ଅଜାଡ଼ି ଦେବା—18. ( figurative ) To pour any liquid or dust or filth all over one's body in a large quantity. ( ଯଥା—ହୋଲି ସମୟରେ ଅବିରରେ ଓ ପିଚକାରିରେ ଗାଁ'ର ପିଲାମାନେ ମତେ ବୁଡ଼ାଇଦେଲେ ।) ୧୯ । (ଲକ୍ଷଣାର୍ଥ) ବହୁପରିମାଣରେ ବା ପ୍ରଚୁରଭାବରେ ଖାଦ୍ୟାଦି ବିତରଣ କରିବା ।) 19. (figurative) To distribute or serve up any food in profusion. (ଯଥା—ବାବୁ ଆମକୁ ତାଙ୍କ ପୁଅ ବିଭାଘର ସମୟରେ କ୍ଷୀର ପିଠାରେ ବୁଡ଼ାଇ ଦେଲେ ।) ୨୦ । ( ଲକ୍ଷଣାର୍ଥ ) କୌଣସି ବିଷୟକୁ ଗୋପନ କରିବା; ଘୋଡ଼ାଇବା—20. (figurative) To conceal; to hide; to hush up. (ଯଥା—ନରହତ୍ୟା ଅପରାଧକୁ କେବେ ହେଲେ ସରକାରଙ୍କଠାରୁ ବୁଡ଼ାଇକରି ରଖିବ ? ) ୨୧ । (ଲକ୍ଷଣାର୍ଥ) ମନୁଷ୍ୟକୁ ପ୍ରେମାଦିଦ୍ୱାରା ବାନ୍ଧିପକାଇବା; ପ୍ଳାବିତ କରିବା ପରି ବିଶେଷ ପ୍ରେମ ଆଦି ଦେଖାଇ ମନୁଷ୍ୟକୁ ଅପ୍ୟାୟିତ କରିବା—21. (figurative) To overpower or greatly oblige a person with excessive love or fondness. ୨୨ । ( ଲକ୍ଷଣାର୍ଥ ) ନିଜର ହୃଦୟକୁ ଅନ୍ୟ ବ୍ୟକ୍ତିଙ୍କୁ ପୂର୍ଣ୍ଣରୂପେ ସମର୍ପଣ କରିବା—22. ( figurative ) To devote or surrender one's heart complefely to another person. [ ଉ—ଚିତ୍ତକୁ ତୁମ୍ଭଠାରେ ଦେଇଣ ବୁଡ଼ାଇ, ଦିଏଟିକ ତୁମ୍ଭର ଶତ୍ରୁକୁ ଉଡ଼ାଇ—କୃଷ୍ଣସିଂହ. ମହାଭାରତ. ସଭା । ] ୨୩ । ( ଲକ୍ଷଣାର୍ଥ ) କୌଣସି ବସ୍ତୁର ବା ବ୍ୟକ୍ତିର ଉତ୍ସନ୍ନଦଶା ଘଟାଇବା; ବିନାଶ ସାଧନ କରିବା—23. (figurative) To cause ruin. ( ଯଥା—୨।୪ ଜଣ ମାମଲତକାର ପଶି ଏ ଗାଆଁଟାକୁ ମାମଲା ମକଦ୍ଦମାରେ ବୁଡ଼ାଇ ଦେଲେ । ) ୨୪ । ବିଗାଡ଼ିଦେବା; ନଷ୍ଟ କରିଦେବା—24. To spoil. ( ଯଥା—ମୋର କେଡ଼େ ବଡ଼ ସୁଖ ତୁ ପଦେ କଥାରେ ବୁଡ଼ାଇଦେଲୁ । ) ୨୫ । ଆଚ୍ଛାଦିତ କରିବା; ଘୋଡ଼ାଇ ପକାଇବା—25. To overshadow; to cover up (ଯଥା—ମେଘ ଚନ୍ଦ୍ରଙ୍କୁ ବୁଡ଼ାଇଛି ।) ୨୬ । ଖ୍ରୀଷ୍ଟଧର୍ମରେ ଦୀକ୍ଷିତହେବା ବ୍ୟକ୍ତିକୁ ବା ଶିଶୁକୁ ଜୀବନ କୁଣ୍ଡରେ (ପାଣି) ବୁଡ଼ାଇବା—26. To baptise. ୨୭ । ( ଲକ୍ଷଣାର୍ଥ ) ଲୋପ କରିବା—27. (figurative) To cause to disappear. [ ଉ—ତାହା ଦେଖି ସେହିକ୍ଷଣେ ମୋର ବ୍ୟଥା ଜାତ, ହୋଇ ବୁଡ଼ାଇଣ ଦେଲା ମୋର ଧୈର୍ଯ୍ୟ ଚିତ୍ତ—କୃଷ୍ଣସିଂହ. ମହାଭାରତ. ବନ । ] ୨୮ । ( ଲକ୍ଷଣାର୍ଥ ) କୌଣସି କାର୍ଯ୍ୟରେ ଏକାନ୍ତ ଅଭିନିବେଶ କରିବା ବା ମନୋଯୋଗୀ ହେବା—28. (figurative) To devote or concentrate one's attention to a particular matter. [ ଉ—ମନ ବୁଡ଼ାଇଥିଲୁ ଯଜ୍ଞେ, ବ୍ରାହ୍ମଣଜନର ସ୍ୱଭାବେ—ଜଗନ୍ନାଥ. ଭାଗବତ । ]

୨୯ । ( ଜଳ ଅର୍ଥ ) ଉଛୁଳି ପଡ଼ିବା— 29. To overflow. [ ଦ୍ର— ବର୍ଷ ସମୟରେ ଅଙ୍ଗ, ବୁଡ଼ାଇ କୂଳ ସଦା ଗଙ୍ଗ—ଲକ୍ଷ. ବୈଦେହୀଶବିଳାସ । ]
୩୦ । (ଲକ୍ଷଣାର୍ଥ) ( ସନ୍ଧ୍ୟାକାଳ ବା ବେଳକୁ ) ଅତୀତ କରିବା; ବିତାଇବା; ଅତିବାହିତ କରିବା— 30. (figurative) To cause (the evening time) to pass. (ଯଥା—ସେ ବେଳ ବୁଡ଼ାଇ ଘରେ ଆସି ପହଞ୍ଚିଲା) । ୩୧ । ( ଲକ୍ଷଣାର୍ଥ ) ଆପଣା ହାତରେ ଅନ୍ୟ ଦ୍ୱାରା ପ୍ରେରିତ ସମ୍ବାଦକୁ ଉଦ୍ଦିଷ୍ଟ ସ୍ଥାନରେ ବା ବ୍ୟକ୍ତିଙ୍କଠାରେ ନ ପହଞ୍ଚାଇବା— 31. To withhold the delivery of a message sent through one's self. [ ଦ୍ର— ଇଂରେଜୀରେ To drown କ୍ରିୟା ଓଡ଼ିଆ ବୁଡ଼ାଇବା କ୍ରିୟା ପରି ମୌଳିକାର୍ଥରେ ଓ ଲକ୍ଷଣାର୍ଥରେ ନାନା ସ୍ଥଳରେ ବ୍ୟବହୃତ ହୁଏ । ବୁଡ଼ାଇବା କ୍ରିୟାର ଅସମାପିକାରୂପ ସଙ୍ଗେ ଦେବା, ପକାଇବା ଆଦି କ୍ରିୟାର ସମାପିକାରୂପ ସହକାରୀରୂପେ ଯୁକ୍ତ ହୋଇ 'ବୁଡ଼ାଇବା' କ୍ରିୟାର୍ଥ ଉପରେ ଜୋର (emphasis) ଦିଏ । ଯଥା — ବୁଡ଼ାଇ ଦେବା; ବୁଡ଼ାଇ ପକାଇବା ।]

ବୁଡ଼ା(ଡ଼େ)ଇ ମାରିବା—ଦେ. କ୍ରି —୧ । ଜଳରେ ନିମଜ୍ଜିତ କରି ପ୍ରାଣ Burdā(rde)i māribā ନାଶ କରିବା—1. To kill a ଡ଼ୁବିয়ে মারা person by drowning. ୨ । (ଲକ୍ଷଣାର୍ଥ) डुबा मारना କୌଣସି ବ୍ୟକ୍ତିର ବିନାଶ ସାଧନ କରିବା— 2. (figurative) To cause the ruin of a person.

ବୁଡ଼ା(ଡ଼େ)ଇ ରଖିବା—ଦେ. କ୍ରି —୧ । କିଛିକାଳ ପର୍ଯ୍ୟନ୍ତ ଜଳରେ Burdā(rde)i rakhibā ନିମଜ୍ଜିତ କରିବା; ବୁଡ଼ୁଥିବା— ଡ଼ୁବিয়ে রাখা 1. To cause a thing to be under water डुबा रखना for some time; to keep a thing immersed in water. ୨ । (ଲକ୍ଷଣାର୍ଥ) ଗୋପନ ରଖିବା; ଲୁଚାଇବା—2. (figurative) To conceal; to keep a matter secret.

ବୁଡ଼ାଏ ପାଣି—ଦେ ବି — ୧ । ମନୁଷ୍ୟର ବା ଅନ୍ୟ ଜୀବର ବୁଡ଼ିଯିବା ପରିମିତ Burdāe pāni ଗଭୀର ଜଳ—1. Water which is be- ଡ଼ୁবন জল yond the depth of a man or other अथाह पानी animal; water sufficient to drown a person or animal. [ ଦ୍ର—ଏହିପରି ବଳାଗଣ୍ଡି ଏ, ଅଣ୍ଟୁଏ, ଅଣ୍ଠାଏ, ପେଟେ, ଛାତିଏ, ବେକେ, ଭୁରୁଲାଏ, ନାକେ ଓ ତାଳେ ପାଣି ବୋଲି କୁହାଯାଏ । ମନୁଷ୍ୟ ବୁଡ଼ିଯିବାର ଗଭୀର ଜଳକୁ 'ମନୁଷ୍ୟଙ୍କୁ ବୁଡ଼ାଏ ପାଣି' ବୋଲାଯାଏ । ଏହିପରି ହାତୀ ସମ୍ବନ୍ଧେ ମଧ୍ୟ 'ହାତୀକୁ ବୁଡ଼ାଏ ପାଣି' ବୋଲାଯାଏ । ] ୨ । କୌଣସି ଫସଲକୁ ପ୍ଲାବିତ କରିବା ନିମନ୍ତେ କିଆରିରେ ଥରେ ମଡ଼ାଯିବା ଭଳି ଜଳ—2. Irrigation of a field with copious water for the standing crop. ୩ । ଏକ ଅସରା ଦମ୍ଦମା ବର୍ଷା, ଯେଉଁ ବର୍ଷା ଦ୍ୱାରା ବିଲ ଘୋଳିଆ ବୁଡ଼ିଯାଏ—3. A deluge of rain; a very heavy shower of rain.

ବୁଡ଼ା ଖବର—ଦେ· ବି—ଗୁପ୍ତ ସମ୍ବାଦ; ସାଧାରଣରେ ଅପ୍ରକାଶିତ Burdā khabara ସମ୍ବାଦ—Secret news; inform- গুপ্ত খবর ation which has not yet been made गुप्त खबर public.

ବୁଡ଼ା ଗାଧୁଆ—ଦେ. ବି. ( ସଂ. ବୁଡ଼ ଧାତୁ + ଗାଧ + ଧାବନ )— Burdā gādhuā ପାଣିରେ ବୁଡ଼ କରି ସ୍ନାନ କରିବା—Bath ডুব স্নান डुब स्नान by taking a plunge.
[ବୁଡ଼ା ଗା(ଗ୍ରା)ଧୁଆ—ଗ୍ରାମ୍ୟରୂପ]

ବୁଡ଼ା ଜାହାଜ—ଦେ. ବି—( ସଂ. ବୁଡ଼ ଧାତୁ+ଫା. ଜାହାଜ୍ )— Burdā jāhāja ୧ । ଯେଉଁ ଜାହାଜ ପାଣି ଭିତରେ ବୁଡ଼ିକରି ଡ଼ুবরি জাহাজ, ডুবা জাহাজ ଗତି କରେ ଓ ଶତ୍ରୁକୁ ଆକ୍ରମଣ डुबकर चलनेवाला जाहाज କରେ—1. A submarine; a বুডা জাহাজ torrpedo boat. ୨ । ଯେଉଁ ଜାହାଜ ଜଳରେ बुडा जाहाज ବୁଡ଼ି ଯାଇଛି; ଜଳମଗ୍ନ ଅର୍ଣ୍ଣବ ପୋତ—2. A wrecked ship which has gone down under water.

ବୁଡ଼ାଣିଆ କଥା—ଦେ. ବି —୧ । ପରର ଅନିଷ୍ଟ ସାଧକ ବା କଳଙ୍କ Burdānia kathā ରଟନା—1. Scandal; defama- ঘরডুবানকথা डुबानेवालीबात tory words. ୨ । ଗୁପ୍ତ ବିଷୟ—2. A secret matter.

ବୁଡ଼ ଦେବା—ଦେ. ବି —୧ । କୌଣସି ବ୍ୟକ୍ତିକୁ ଜଳରେ ବୁଡ଼ାଇ Burda debā ଦେବା—1. To dip another person ডুবিয়ে দেওয়া डुबादेना in water. ୨ । ନିଜେ ପାଣିରେ ডুবদেওয়া डुबदेना ବୁଡ଼ିବା—1. To dip oneself under water; to take a plunge.

ବୁଡ଼ା ପଡ଼ିବା—ଦେ. କ୍ରି—୧ । ଲୁଚି କରି ରହିବା;ଲୁକ୍କାୟିତ ରହିବା— Burdā pardibā 1. To keep oneself concealed. ডুব দিয়ে থাকা छीप रहना ୨ । ନିଜେ କୃତ କୌଣସି କାର୍ଯ୍ୟରେ
ବୁଡ଼ା ମାରିବା, ବୁଡ଼ା ରହିବା }—ଅନ୍ୟରୂପ
ନିଜର କର୍ତ୍ତୃତ୍ୱକୁ ପ୍ରକାଶ ନ କରିବା 2. To pull the wire from behind.

ବୁଡ଼ା ପଥର—ଦେ. ବି—(ସଂ ବୁଡ଼ ଧାତୁ + ପ୍ରସ୍ତର; ପ୍ରା. ପତ୍ଥର)-ନଦୀ Burdā pathara ବା ସମୁଦ୍ର ଗର୍ଭସ୍ଥ ଯେଉଁ ପଥର ବା ପର୍ବତ ଜଳର
ବୁଡ଼ା ପାହାଡ଼, ବୁଡ଼ା ପର୍ବତ }—ଅନ୍ୟରୂପ
ନିମ୍ନରେ ଥାଇ ବାହାରକୁ ଦେଖା ପଡ଼େ ନ ଥାଏ—Sunken ডুবাপাথর डुबापत्थर rock; submarine rock.

ବୁଡ଼ା ପାଣି—ଦେ. ବି—ଦେ ବି—(ସଂ ବୁଡ଼ ଧାତୁ + ପାନୀୟ) ୧ । Burdā pāni ଯେଉଁ ବର୍ଷା ବା ବନ୍ୟାଜଳ ଫସଲ ଆଦିକୁ ବୁଡ଼ାଇ ବୁଡ଼ା ଦିଏ; ବଢ଼ି—1. A deluge of rain. ୨ । ଦେଶ ডুবনজল अथाहपानी ପ୍ଲାବନକାରୀ ପ୍ରବଳ ବନ୍ୟା—2.

Deluge; a devastating flood ୩ । ମନୁଷ୍ୟର ବୁଡ଼ିଯିବା ପରିମିତ ଗଭୀରତାଯୁକ୍ତ ଜଳ—3. Water beyond the depth of a man.
ଯଥା—ଏ ପୋଖରୀରେ ବୁଡ଼ା ପାଣି ଅଛି ।

ବୁଡ଼ା ପ୍ରକୃତି—ଦେ. ବି—(ସଂ ବୁଡ଼ ଧାତୁ+ପ୍ରକୃତି)—୧ । କଥା
Burdā prakṛuti ଗୋପନ କରିବାର ବ୍ୟକ୍ତିଗତ ପ୍ରକୃତି;
মন্দপ্রকৃতি 1. The nature of a person who con-
बुरामकृति ceals matters or keeps matters
(ବୁଡ଼ା ପକୃତି—ଗ୍ରାମ୍ୟରୂପ) secret ୨ । ଗୋପନରେ ପରର ଅନିଷ୍ଟ କରିବା ପ୍ରକୃତି—2. The nature of a person who injures others secretly. ୩ । ଅସରଳ ପ୍ରକୃତି—3. Crooked nature; insincerity. ଦେ. ବିଣ—୧ । ଅସରଳ ପ୍ରକୃତି ବଶିଷ୍ଟ (ବ୍ୟକ୍ତି)—1. (a person) Of crooked nature; insincere ୨ । ଗୋପନରେ ପରର ଅନିଷ୍ଟକାରୀ—2 Injuring other people behind their back.

ବୁଡ଼ା ବୁ(ବୋ)କ - ଦେ. ବି—(ସଂ ବୁଡ଼ ଧାତୁ+ଧନ୍ୟର୍ଥକ ବୁକ)—
Burdā bu(bo)ka ୧ । ଅତି ପ୍ରେମ ସହିତ ଦିଆଯିବା
গভীরচুম্বন गाढ़चुम्बन ଚୁମ୍ବନ, ଯାହାକି ଚୁମ୍ବିତ ବ୍ୟକ୍ତିକୁ ଆହ୍ଲାଦରେ ବୁଡ଼ାଇଦିଏ—1. A hearty or exhiliarating kiss. ୨ । ଯେଉଁ ଚୁମ୍ବନ ଚୁମ୍ବିତ ଅଙ୍ଗରେ ଗଭୀରରୂପେ ମୁଦ୍ରିତ ହୁଏ; ଗାଢ଼ ଚୁମ୍ବନ—2. A pressing kiss; a kiss which makes a a deep impression on the limb kissed.

ବୁଡ଼ା ବୁଡ଼ି—ଦେ. ବି—ଅତ୍ୟନ୍ତ ବା ବାରଂବାର ବୁଡ଼ିବା କ୍ରିୟା—Act
Burdā burdi of taking several diving plunges
ডুবাডুবী डुबीडुबी for a long time

ବୁଡ଼ା ବ୍ୟାଧି—ଦେ. ବି—(ସଂ. ବୁଡ଼ଧାତୁ+ସଂ ବ୍ୟାଧି)—୧ । ଯେଉଁ
Burdā byādhi ରୋଗର ଲକ୍ଷଣ ବାହାରେ ପ୍ରକାଶ ପଡ଼େ ନାହିଁ,
(ବୁଡ଼ାରୋଗ—ଅନ୍ୟରୂପ) ଅଥଚ ଶରୀର ମଧ୍ୟରେ ରହିଁର କାଳ ରହି
গুপ্তরোগ भितरिया रोग ଅନିଷ୍ଟ କରେ; ଗୁପ୍ତ ରୋଗ—1. A hidden disease; a disease of which the symptoms are not manifest on the body. ୨ । ଯେଉଁ ରୋଗର ଲକ୍ଷଣ ଚିହ୍ନା ପଡ଼େ ନାହିଁ; ଅଚିହ୍ନା ବ୍ୟାଧି—2. A disease which cannot be diagnosed.

ବୁଡ଼ା ମାଛ—ଦେ. ବି—୧ । ଯେଉଁ ମାଛମାନେ ଗଭୀର ଜଳ ମଧ୍ୟରେ
Burdā māchha ଅଧିକାଂଶ ସମୟ ବୁଡ଼ି ରହନ୍ତି ଓ ପାଣି
ডুবনজলের মাছ; গভীরজলের মাছ ଉପରକୁ ଉଠନ୍ତି ନାହିଁ ।
अथाह पानिका माछ (ଯଥା—ରୋହି, ଭାକୁଡ଼, ଚିତଳ ଇତ୍ୟାଦି ବଡ଼ ମାଛ)—Fish which remain long below the surface of water; deep-water-fish. ୨ । ପଙ୍କୁଆ ମାଛ; ଯେଉଁ ମାଛମାନେ ଜଳାଶୟ ତଳର ପଙ୍କରେ ବୁଡ଼ି କରି ରହନ୍ତି—2. Fish which live in the mire at the botton of water.

ବୁଡ଼ା ମାରିବା—ଦେ. କ୍ରି—୧ । ପାଣିରେ ସନ୍ତରଣ କରିବାବେଳେ ବୁଡ଼
Burdā māribā ମାରିବା ବା ବୁଡ଼ିବା—1. To plunge while
ডুবা খাওয়া swimming; to move below the sur-
डुबकि मारना face of water while swimming. ୨ । ଜଳରେ ବୁଡ଼ କରି କିଛିକ୍ଷଣ ରହିବା—2. To dive into water; to remain plunged for some time. [ଯଥା— ମୁଁ ଏଠେଇଁ ବୁଡ଼ା ମାରି ୧୦୦ ଫୁଟ ଛଡ଼ାରେ ଉଠିବି ।] ୩ । ବୁଡ଼ା ପଡ଼ିବା (ଦେଖ)—3. Burdā pardibā (See) ୪ । ଏକଥର ପାଣିରେ ବୁଡ଼ିବା—4. To plunge or dip into water; to take a plunge.

ବୁଡ଼ାଳି—ଦେ. ବି—ବୁଡ଼ିବାବାଲା—Diver. [ଯଥା—ବୁଅ ବୁଡ଼ାଳି;
Burdāḷi ডুবারী, ডুবরী पनडुब्बा ସମୁଦ୍ର ବୁଡ଼ାଳି ।]

ବୁଡ଼ା ଲିଙ୍ଗ—ଦେ. —ଯେଉଁ ମହାଦେବଙ୍କ ଲିଙ୍ଗବିଗ୍ରହ ଶକ୍ତିର ମଧ୍ୟରେ
Burdā linga ବୁଡ଼ି କରି ଥାଏ, ଅର୍ଥାତ୍ ଶକ୍ତିର ବାହାରକୁ
গুপ্তলিঙ্গ ଦେଖା ପଡ଼େ ନାହିଁ; ଅଦୃଶ୍ୟ ଲିଙ୍ଗ—A phallic-
गुप्तलिङ्ग image of Śiba which does not rise above the level of the sorrounding Śakti.
[ଦ୍ର—ଏ ଅର୍ଥରେ ପ୍ରୟୋଗର ପ୍ରହେଳିକା—'ଶିକଡ ଅଛି, ଲିଙ୍ଗ ବୁଡ଼ିଛି, ଚମ୍ପା ଫୁଲଟିଏ ନାଗ ଧରିଛି—ନାଥ କହ; ଉତ୍ତର ଏ ପ୍ରହେଳିକାର; ପ୍ରଦୀପ । ]

ବୁଡ଼ି—ପ୍ରାଦେ. (ବାଲେଶ୍ୱର) ବି—(ଭୁଲ.ବି. ବୁଡ଼ୀ)—ବୋଡ଼ି (୧)—
Burdi (ଦେଖ) Bordi (See)

ବୁଡ଼ିଆ—ପ୍ରାଦେ.(ସମ୍ବଲପୁର,ଗଡ଼ଜାତ)ବି—୧ । ଛୋଟ କୁରାଢ଼ି;ଟାଙ୍ଗିଆ—
Burdiā 2. Small axe; hatchet.
୨ । ନିଆଁ ବଳିଆ; ଅଟା—2. A braid of crushed straw to preserve fire. ପ୍ରାଦେ (ବାଲେଶ୍ୱର) ବି—କୁରାଢ଼ି—Axe. ପ୍ରାଦେ (କେନ୍ଦ୍ରାପଡ଼ା) ବି (ସଂ. ପରଶୁ)—ଫାର୍ଶା—Poleaxe; battle-axe. ପ୍ରାଦେ (ସିଂହଭୂମ) ବି—ଛୋଟ କୁରାଢ଼ି; ଟାଙ୍ଗିଆ—Hatchet.

ବୁଡ଼ିଆଣୀ—ଦେ. ବି. ସ୍ତ୍ରୀ—ବୁଢ଼ିଆଣୀ ( ଦେଖ )
Burdiāṇi Burḍhiāṇi ( See )

ବୁଡ଼ି ଆସିବା—ଦେ.କ୍ରି—୧ । ନଦୀଆଦିରେ ସ୍ନାନ କରି ସେଠାରୁ ଆସିବା—
Burdi āsibā 1. To come back after taking a
ডুবদিয়ে আসা डुबदेकर आना hasty plunge.
୨ । (ସୂର୍ଯ୍ୟ, ଚନ୍ଦ୍ର) ଅସ୍ତୋନ୍ମୁଖ ହେବ—
2. (the sun, the moon) To be about te set.

ବୁଡ଼ି କପା—ଦେ. ବି (ସଂ. ବଦର+କାର୍ପାସ; ଏହାର ବକଡ଼ା ବର
Burdi kapā କୋଳି ପରି ସାନ ଥିବାରୁ; ସଂ. ବଳକାର୍ପାସିକା)—
বুড়ীকাপাস ଏକପ୍ରକାର କପା—A species of cotton;
बूरीकपास Gossypum Arboreum. [ ଦ୍ର—ଏହା ଏକ ଜାତୀୟ ନିକୃଷ୍ଟ କପା, କିନ୍ତୁ ଏହାକୁ ଏ ଦେଶରେ ସାଧାରଣ କୃଷକ ଅବାଦ କରେ ।]

**ବୁଡ଼ି କରି ପାଣି ପିଇବା**—ଦେ. କ୍ରି—୧ । ଜଳରେ ନିମଜ୍ଜିତ ହୋଇଥିବା
Burdi kari pāṇi pi-ibā  ଅବସ୍ଥାରେ ଜଳ ପିଇବା—
(ବୁଡ଼ି ପାଣି ପିଇବା—ଅନ୍ୟରୂପ) 1. To drink water while
ডুবে ডুবে জল খাওয়া under water. ୨ । (ଲକ୍ଷଣାର୍ଥ)
**डुबकर पानी पीना** ଲୋକଚକ୍ଷୁର ଅଗୋଚରରେ କୌଣସି କାର୍ଯ୍ୟ କରିବା—2. (figurative) To do a thing secretly. [ ଉ—ବୁଡ଼ି କରି ପାଣି ପିଇଲେ ମହାଦେବ (ଏକାଦଶୀ)ଙ୍କ ବାପା ମଧ୍ୟ ଜାଣିପାରିବେ ନାହିଁ । ଲଗ । ]

**ବୁଡ଼ି ପଡ଼ିବା**—ଦେ. କ୍ରି—ବୁଡ଼ି କରି ଶୀଘ୍ର ସ୍ନାନ କ୍ରିୟା ସମାପନ କରିବା
Burdi pardibā  To have a bath by taking a hasty plunge.
ডুবেপড়া **डुबपड़ना**

**ବୁଡ଼ିବା**—ଦେ. କ୍ରି ( ସଂ ବୁଡ଼, ବ୍ରୁଡ଼ ଧାତୁ=ନିମଜ୍ଜନ; ବୁଲ୍ ଧାତୁ=
Burdibā  Beams )—୧ । ଜଳରେ ଡୁବିବା; ନିମଜ୍ଜିତ
(ବୁଡ଼ିଯିବା—ଅନ୍ୟରୂପ) ହେବା—1. To dive in water;
বুড়া, ডুবা; ডুবেযাওয়া to plunge into water. [ ଉ—
**डुबना; बुड़ना** ଗଙ୍ଗେଇ ଚଢ଼େଇରେ ! ଗଙ୍ଗେଇ ଚଢ଼େଇ ! ମୋ ପାଇଁ ଥରେ ବୁଡ଼ୁ । ଶିଶୁଗୀତ । ] ୨ । ଜଳରେ ମୁଣ୍ଡ ବୁଡ଼ାଇ ସ୍ନାନ କରିବା; ଗାଧୋଇବା; ବୁଡ଼ ପକାଇବା—2. To have a bath by immersion ( ଯଥା—ମୁଁ ଗାଆଁ ପୋଖରୀରେ ତିନି ଥର ବୁଡ଼େଁ ) —୩ । ଜଳମଗ୍ନ ହେବା—3. To sink under water. [ ଉ—ହରିବୋଲ ଭାଇ । ଗୋବିନ୍ଦ ବୋଲ ! ଭାସିଲା ପଥର ବୁଡ଼ିଲା ସୋଲ । ଲଗ । ] ୪ । ( ଲକ୍ଷଣାର୍ଥ ) ଲୋପ ପାଇବା; ଲୁପ୍ତ ହେବା—4. (figurative) To be extinct; to disappear. ୫ । ଅନ୍ୟ ବସ୍ତୁ ମଧ୍ୟରେ ଅନ୍ତର୍ହିତ ହେବା—5 To merge in another thing. [ ଉ—ଅହମିକା ଗଲା ବଣ ପ୍ରେମେ ବୁଡ଼ି । ମଧୁସୂଦନ. ଭଜନ । ] ୬ । ( ଲକ୍ଷଣାର୍ଥ ) ବିନଷ୍ଟ ହେବା; ଧ୍ୱଂସ ପ୍ରାପ୍ତ ହେବା; ଉତ୍ସନ୍ନ ହେବା—6. ( figurative ) To be ruined. [ ଉ—ଏ ଯେ ଅମୃତ କଣ୍ଠି ବେଜ, ଅମ୍ଭେ ବୁଡ଼ିଲୁ ଏହା ଯେନ । ଭୂପତି. ପ୍ରେମପଞ୍ଚାମୃତ । ] ୭ । ( ସୂର୍ଯ୍ୟ ଚନ୍ଦ୍ରଆଦି ) ଅସ୍ତ ହେବା—7 (the sun, the moon etc) To sink; to set. [ ଉ—ବୁଡ଼ି ଗଲେ ଅଛନ୍ତି, ବାହୁଡ଼ିବେ କାଲିକି ଗରୁଡ଼ର ତପନ । ଉପାସୀ. ଗୀତଲହରୀ । ] ୮ । ନିଷ୍ଫଳ ହେବା—7. To be fruitless. [ ଉ—ସେ ଧର୍ମଯାକ ମୋର ସବୁ ତ ବୁଡ଼ିଛି । କୃଷ୍ଣସିଂହ. ମହାଭାରତ ବନ । ] ୯ । ନଷ୍ଟ ହେବା; ଅପଚିତ ହେବା—9. To be spoiled. ୧୦ । ( ଲକ୍ଷଣାର୍ଥ ) ମଜ୍ଜିବା; ଏକାନ୍ତ ଅନୁରକ୍ତ ହେବା—10. (figurative) To be devoted exclusively to; to be bent on. [ ଉ—ହରିଭେ ଶୁଣି ପଦେ ପଦେ, ମନ ବୁଡ଼ିଲା କୃଷ୍ଣପାଦେ । ଜଗନ୍ନାଥ. ଭାଗବତ । ]

୧୧ । କୌଣସି ବୃହତ୍ତର ପଦାର୍ଥଦ୍ୱାରା ଆବୃତ ହୋଇ ଅଦୃଶ୍ୟ ହେବା—11. To be overclouded or overspread; to disappear under a bigger thing. ( ଯଥା—ଦ୍ୱିପହର ବେଳେ ସୂର୍ଯ୍ୟ ମେଘଘଟରେ ବୁଡ଼ିଛନ୍ତି । ]
୧୨ । ଅଚ୍ଛନ୍ନ ହେବା—12 To be covered by; to be overcast or enveloped. ( ଉ—ଅନ୍ଧକାରେ ବୁଡ଼ିଗଲା ଧରଣୀ । ମଧୁସୂଦନ. ସନ୍ଧ୍ୟା ।) ୧୩ । ( କୁଳ, ବଂଶ, ଏକଜାତୀୟଜୀବ)—ଲୁପ୍ତ ହେବା—13. To become extinct (said of a family or species). (ଉ—କୁଳ ବୁଡ଼ିବାର ଏମନ୍ତ ଚିହ୍ନ, ଅଜା ଥାଉଁ ଥାଉଁ ମରଇ ନାତି । ଲଗ ।) ୧୪ । ଧନ ବା ପ୍ରାପ୍ୟ ପଦାର୍ଥ ଅନ୍ୟ ବ୍ୟକ୍ତିଠାରୁ ଆଦାୟ କରି ନ ଯାଇ ତମାଦି ବା ଆଦାୟର ଅଯୋଗ୍ୟ ହେବା—14. To become unrealiseable or barred by limitation. (ଯଥା—ମିଆଦି ମଧ୍ୟରେ ନାଲିସ୍ କରି ନ ପାରିବାରୁ ମୋର ଅନେକଗୁଡ଼ିଏ ଧନ ବୁଡ଼ିଗଲା ) ୧୫ । ବଂଶଧରମାନଙ୍କ କୁକ୍ରିୟାଦ୍ୱାରା କୁଳର ମର୍ଯ୍ୟାଦା ବା ଗୌରବ ନଷ୍ଟ ହେବା—15. To lose its prestige or glory on account of the evil acts of its members (said of a family). (ଉ—କୁଳ ବୁଡ଼ିଲା ବେଳକୁ ଘୋଡ଼ାମୁହାଁ ପୁଅ ଜାତ । ଲଗ ।) ୧୬ । ବଦନାମ ହେବା—16. To become notorious; to lose the good name (said of a family). ( ଉ—ବାହୁଡ଼ାଇଲେ ରାଘବ ସୂର୍ଯ୍ୟବଂଶ ବୁଡ଼ିଯିବ, ଶୁଣି ଉଠ ଯଦୁବେଶ ବହୁ ଯେ । ଉପେ. ବୈଦେହୀଶବିଳାସ ।) ୧୭ । ପୂର୍ବରୁ ଚଳି ଆସୁଥିବା ପ୍ରଥା ବା ରୀତି ସ୍ଥଗିତ ହେବା—17. To be discontinued (said of any old or prevaling custom or practice. (ଯଥା—ଆମର ଦୋଳ ଦଶହରା ବଡ଼ାଙ୍କ ସେ ସବୁ ଏଣିକି ବୁଡ଼ିଲାଣି ) ୧୮ । ( ଆଶା, ବିଶ୍ୱାସ ) ନିରସ୍ତ ହେବା; ଲୁପ୍ତ ହେବା—18. To be blasted ( said of one's hope). (ଯଥା—ସେ ମରିଯିବା ଦିନଠାରୁ ସେ ବୁଆକୁ ଯୋଗୀ ଉପାସୀଙ୍କ ଆଶା(ବା ବିଶ୍ୱାସ) ବୁଡ଼ିଲାଣି) ୧୯ । କୌଣସି କାର୍ଯ୍ୟକୁ ଗୋପନ ପୂର୍ବକ କରିବା—19. To do a thing secretly. ( ଉ—ବୁଡ଼ି କରି ପାଣି ପିଇଲେ ମହାଦେବଙ୍କ ବାପା ମଧ୍ୟ ଜାଣି ପାରିବେ ନାହିଁ । ଲଗ ।) ୨୦ । ବାହାରେ ଜଣା ନ ପଡ଼ିବା; ଗୁପ୍ତ ଭାବରେ ରହିବା—10. To remain concealed; not to be apparent or patent. ( ଯଥା—ତା ଦେହରେ ଜର ବର୍ତ୍ତମାନ ବୁଡ଼ି କରି ଅଛି ) ୨୧ । (ମନ୍ଦ ଅର୍ଥ) (ଋଣ, ନିଶା, ଦୁଃଖ, ବିପଦ, ଚିନ୍ତା, ନର୍କ ଆଦି ଦ୍ୱାରା) ବିପନ୍ନ ହେବା; ଜଡ଼ିତ ବା ଗ୍ରସ୍ତ ହେବା; ଅଭିଭୂତ ହେବା—12. To be involved or over-

whelmed ( with debt, intoxication, sorrow, danger, anxiety, despair). (ଉ—ତାହା ଜାଣି ବୁଡ଼ିଗଲ ମ ଭୟ ଶୋକେ । କୃଷ୍ଣସିଂହ. ମହାଭାରତ ବନ । ) ୨୨ । ବିପଦ୍‌ଗ୍ରସ୍ତ ହେବା; ବିପନ୍ନ ହେବା—22. To be afflicted with calamity; to be beset with danger. ( ଉ—ଅପେ ବୁଡ଼ିଲେ ଯୁଗବୁଡ଼ । ଢଗ । ) ୨୩ । ଜାତିଚ୍ୟୁତ ବା ସମାଜଚ୍ୟୁତ ହେବା—23. To be outcasted or excommunicated. ୨୪ । ଜଳାଦିଦ୍ୱାରା ପ୍ଳାବିତ ହେବା—24. To be flooded or inundated. [ଉ—ଘର ବୁଡ଼ି ପାଣି ଅଣ୍ଟୁଏ ହେଲାଣି; କଣା ବୋଲେ ମେଘ ହୁଲୁକୁଛି । ଢଗ । ] ୨୫ । ଅତ୍ୟନ୍ତ ଆର୍ଦ୍ର ହେବା; ତିନ୍ତି ଯିବା; ଜୁଡ଼ୁବୁଡ଼ୁ ହେବା—25, To be besmeared; to be bedaubed; to be soaked. (ଉ—ଦୁଇ ସେନା ଯୋଦ୍ଧାର ବସନ ରକତେ, ବୁଡ଼ିଲେ ପାଟପର ଦିଶିଲେ ସେ ବେଳେ । କୃଷ୍ଣସିଂହ. ମହାଭାରତ ଦ୍ରୋଣ । ) ୨୬ । କୌଣସି ବସ୍ତୁକୁ ବିଶେଷ ପରିମାଣରେ ପାଇବା ବା ଭୋଗ କରିବା—26 To get or enjoy in profusion. ( ଯଥା—ମୋ ସାଆନ୍ତଙ୍କ ପାଖରେ ମୁଁ ଅଯୂସରେ ଓ ଆଦରରେ ବୁଡ଼ିଛି) ୨୭ । ବହୁ କାଳ ଜଳରେ ନିମଜ୍ଜିତ ହୋଇ ସ୍ନାନ କରିବା—27. To bathe in water for a long time. ( ଯଥା—ଦୁଷ୍ଟ ପିଲାଗୁଡ଼ାକ ପୋଖରୀ ପାଣିରେ ବୁଡ଼ି ବୁଡ଼ି ପାଣିଚ ସାତ ପରସ୍ତ ଗୋଳେଇ ସାରିଲେଣି ) ୨୮ । ମଜ୍ଜିବା; ମାତିଯିବା; ବ୍ୟସନାସକ୍ତ ହେବା—29. To be addicted to. (ଉ—ଭୂମୂରତ ଅଧର୍ମେ ବୁଡ଼ିଲାଣି ବୁଦ୍ଧି । କୃଷ୍ଣସିଂହ. ମହାଭାରତ ଉଦ୍ଯୋଗ ।) ୨୯ । ( ବେଳ ) ସୂର୍ଯ୍ୟାସ୍ତର ସୀମାକୁ ଟପିବା; ଶେଷ ହେବା; ଅନ୍ତ ହେବା—29. To pass the time of sunset. [ଉ-ବୁଡ଼ି ନାହିଁ ବେଳ ଗୋଟିକ ଅକାଶେ । ଉପେନ୍ଦ୍ର. ଗୀତଲହରୀ ] [ ଦ୍ର—ଏହି ଅର୍ଥରେ ଏହା ସନ୍ଧ୍ୟା ବୁଡ଼ିବା, ବେଳବୁଡ଼ିବା ଏହି ଦୁଇ ଶବ୍ଦରେ ବ୍ୟବହୃତ ହୁଏ ।] ୩୦ । (ଯଥାକାଳରେ ଋଣର ପରିଶୋଧ ନ ହେବାରୁ ବନ୍ଧକ ଥିବା ବସ୍ତୁ ବା ସମ୍ପତ୍ତି) ମୁକୁଳାଇ ନ ହେବା—30. To be foreclosed; to become unredeemable (said of a pledged article or mortgaged property, when the loan is not repaid in time). (ଯଥା—ଟଙ୍କା ସଜିଲ୍ ନ ହେବାରୁ ମୋ ବନ୍ଧକ ଅଳଙ୍କାରଯାକ ମହାଜନ ଘରେ ବୁଡ଼ିଲା ) ୩୧ । ତୀର୍ଥରେ ସ୍ନାନ କରିବା—31. To take a bath in any sacred water. ୩୨ । ଜଳର ଗଭୀରତା ମଧ୍ୟରେ ( ମନୁଷ୍ୟର, ଯଷ୍ଟିର ବା ଅନ୍ୟଜୀବର ) ସମୁଦାୟ ଉଚ୍ଚତା ନିମଜ୍ଜିତ ହେବା; କୌଣସି ସ୍ଥାନର ଜଳର ଗଭୀରତା ଅପେକ୍ଷା ଉଚ୍ଚତାରେ କମ୍ ହେବା—32. To sink.

(ଯଥା—ଏ କୂଅରେ ୧୦ ହାତର ଲଗି ବୁଡ଼ିଗଲା । ମହାନଦୀର ପାଣିରେ ହାତୀ ବୁଡ଼ିଯିବ । ) [ ଦ୍ର—ଏହି କ୍ରିୟାର ଅସମାପିକାରୂପ ସଙ୍ଗେ ଯିବା କ୍ରିୟାର ସମାପିକାରୂପ ଯୁକ୍ତ ହୁଏ; ବୁଡ଼ିଯିବ । ]

ବୁଡ଼ି ମରିବା—ଦେ. କ୍ରି—୧ । ଜଳକୁ ଡେଇଁପଡ଼ି ପ୍ରାଣ ହରାଇବା; ଜଳରେ ପ୍ରାଣ ତ୍ୟାଗିବା—1. To commit suicide by drowning. ୨ । ଜଳମଗ୍ନ ହେବା ଅବସ୍ଥାରେ ମୃତ ହେବା—2. To die by drowning; to be drowned to death. ( ଉ—ପଞ୍ଚାଏ ଡେଲି ଗୋଟଏ ଶବ ପାଇଁ ଧସ୍ତାଧସ୍ତି ହୋଇ ପାଣିରେ ବୁଡ଼ି ମରିବା ନ୍ୟାୟ । ଢଗ । ) ୩ । (ମନୁଷ୍ୟ) ଧ୍ୱଂସପ୍ରାପ୍ତ; ଉଚ୍ଛନ୍ନ ହେବା—3. ( a person ) To be ruined. (ଯଥା—ସେ ଋଣରେ ବୁଡ଼ି ମଲେଣି )

Burdi maribā
ডুবে মরা
डूबमरना

•

ବୁଡ଼ିଯିବା—ପ୍ରାଦେ (ବାଲେଶ୍ୱର) କ୍ରି—ଗୁଡ଼ି ବା ପାରା ଆକାଶରେ ଖୁବ୍ ଉଚ୍ଚକୁ ଉଠି ଶେଷରେ ଅଦୃଶ୍ୟ ହୋଇଯିବା—To disappear in the sky (said of a soaring pigeon or paper-kite). ଦେ. କ୍ରି—ବୁଡ଼ିବା (ଦେଖ)—Burdibā (See).

Burdijibā
ডুবেযাওয়া
डूबजाना

ବୁଡ଼ି ରହିବା—ଦେ. କ୍ରି—୧ । (ଦାଗ ବା ଚିହ୍ନ) ଦେହରେ ବସିଯିବା—1. (a mark) To be left on the body. (ଉ—ଅଙ୍ଗଦ ମଣି ଚୂଡ଼ାଚିହ୍ନ ବୁଡ଼ି ରହେ ଦେହେ । କବିସୂର୍ଯ୍ୟ. ସଙ୍ଗୀତ ।) ୨ । ଜଳ ମଧ୍ୟରେ କିଛି ସମୟ ବୁଡ଼ିକରି ଅବସ୍ଥାନ କରିବା—2. To stay for some time under water. ୩ । ଅନୁରାଗରେ ବା ପ୍ରୀତିରେ ନିମଜ୍ଜିତ ହେବା—3. To remain greatly attached to a person. ୪ । କୌଣସି କାର୍ଯ୍ୟରେ ବା ଚିନ୍ତାରେ ସର୍ବଦା ମଗ୍ନ ରହିବା—4. To be always busy or engrossed in any work or thought.

Burdi rahibā
ডুবেথাকা
डूबरहना

ବୁଡ଼ୁଙ୍ଗା—ପ୍ରାଦେ (ଗଞ୍ଜାମ) ବି—ମାଛର ବା ଶୁଖୁଆର ପୁଡ଼ା—A packet of fish or dried fish.

Burdungā

ବୁଡ଼େଇ—ଦେ. ବିଣ. ସ୍ତ୍ରୀ—୧ । ଯେଉଁ ସ୍ତ୍ରୀ ପରକୁ କଳଙ୍କରେ ବୁଡ଼ାଇ ଦିଏ; ଅପବାଦ ରଟନା କରିବା ଦ୍ୱାରା ଯେଉଁ ସ୍ତ୍ରୀ ଅନ୍ୟ ବ୍ୟକ୍ତିର ଅନିଷ୍ଟ ଘଟାଏ—1. (a woman) who defames another; scandal-bearing (woman) ୨ । ଯେ ଭୁବାଏ ବା ନଷ୍ଟ କରେ—2, Spoiling. [ ଦ୍ର—ଏହି ଶବ୍ଦ ଅନ୍ୟ ଶବ୍ଦ ପରେ ଲାଗେ । ଯଥା—କୂଳ ବୁଡ଼େଇ, ଘର ବୁଡ଼େଇ; ବଂଶ ବୁଡ଼େଇ । ]

Burdei
ডুবিয়েদেবার লোক
बुरी; डुबानेवाली
(ବୁଡ଼ା—ପୁଂଲିଙ୍ଗ ଆକାର)

ବୁଢ଼ା କାଙ୍କ—ପ୍ରାଦେ (ବାଲେଶ୍ୱର) ବି—ବଢ଼ିଆ କାଙ୍କ—Bardhiā kānka (See).

Burdhākānka

ବୁଢ଼ୀ—ଦେ. ବି. ସ୍ତ୍ରୀ (ସଂ. ବୃଦ୍ଧା)—ବୁଢ଼ୀ ଗାଈ—An old cow.

Burdha বুড়ীগাঈ बुढीगाय

ବୃଦ୍ଧାନ୍ତର ରସ—ଦେ. ବ (ସ ବୃଦ୍ଧାନ୍ତର ରସ)—ମହୁରା, ହିଙ୍ଗୁଳ, ମନଃଶିଳା ଓ ଟାଙ୍କଣା ସମଭାଗରେ ଅଦା-ରସରେ ମର୍ଦ୍ଦନ କରାଯାଇ ପ୍ରସ୍ତୁତ ହେବା ରସ ବା ବଟିକା—A pill or compound made of aconite, sulphate of mercury, red arsenic, borax in equal proportions rubbed in ginger-juice. [ ଦ୍ର—ଏହାକୁ ପିପ୍ପଳି ଚୂର୍ଣ୍ଣ ସହିତ ଖାଇଲେ ଅମଜ୍ୱର ଭଲ ହୁଏ ।]
Burdhantara rasa
(ବୃଦ୍ଧାନ୍ତର ବଟିକା—ଅନ୍ୟରୂପ)

ବୁଢ଼ା—ଦେ. ବି. ପୁଂ—(ସ ବୃଦ୍ଧ; ପ୍ରା. ବୁଡ୍ଢ, ବୁଡ୍ଢ)—୧ । ବୃଦ୍ଧ ବ୍ୟକ୍ତି—1. Old man; a person of advanced age. ୨ । ପ୍ରବୀଣ ବ୍ୟକ୍ତି—2. A person of large experience. ୩ । (ବାତ୍ସଲ୍ୟାର୍ଥ) ଶିଶୁ—3. Child (a term of endearment). ୪ । ଗୃହର ବା ପରିବାରର ବା ଦଳର ସମସ୍ତଙ୍କ ଠାରୁ ବୃଦ୍ଧତମ ବ୍ୟକ୍ତି—4. The oldest person in the family or in a company. (ଢ଼—ଅଧଡ଼ ଧଡ଼ି । ଘରେ ଖାଉ ନାହିଁ ବୁଢ଼ାକୁ ଡଡ଼ି । ଢଗ) । ୫ । ଗୃହର ବୟୋବୃଦ୍ଧ କର୍ତ୍ତା—5. The master of a family who has become old. ବିଣ.(ପୁଂ) ୧ । ବୃଦ୍ଧ; ଜରାଗ୍ରସ୍ତ—1. Old. ୨ । ବୟୋବୃଦ୍ଧ; ପ୍ରବୀଣବୟସ୍କ—2. Advanced in age. ୩ । ପ୍ରାଚୀନ; ପୁରାତନ—3. Old; ancient. ୪ । ଅଧିକତରବୟସ୍କ—4. Older; senior in age. (ଯଥା-ବୁଢ଼ା ବାପା) ୫ । ବୃହତ୍; ବଡ଼—5. Large; big. (ଯଥା—ବୁଢ଼ା ଚୁଙ୍ଗୁଡ଼ି; ବୁଢ଼ା କଙ୍କଡ଼ା ।) ୬ । ପୋଖତ; ସୁପକ୍ୱ; ଅତି ପକ୍ୱ (ଫଳ)—6. Very ripe; over-ripe (fruit) (ଯଥା—ବୁଢ଼ା କାକୁଡ଼ି; ବୁଢ଼ା ଲାଉ) । [ ଦ୍ର—ଯେଉଁ ଫଳ ଅତି ପାଚିଗଲେ ସଢ଼ିଯାଏ ( ଯଥା, ଅମ୍ବ, ପଣସ, ସପୁରି) ତାକୁ ବୁଢ଼ା ବୋଲାଯାଏ ନାହିଁ; ଯେଉଁ ଫଳ ଅତି ପକ୍ୱ ହେଲେ ବେଶି ଟାଣୁଆ ହୁଏ (ଯଥା—ଲାଉ, କଖାରୁ, କାକୁଡ଼ି, ମୂଳା, ସଜନା ଛୁଇଁ, ବରଗୁଡ଼ା ଛୁଇଁ) ତାକୁ ବୁଢ଼ା ବୋଲାଯାଏ । ୭ । ଦଳ ବା ବସ୍ତୁ ମଧ୍ୟରେ ବୃହତ୍ତମ—7. Biggest. (ଯଥା ବୁଢ଼ା ଅଙ୍ଗୁଠି)—୮ । ଖୁବ୍ ମୋଟା—8. Very thick or coarse. (ଯଥା—ବୁଢ଼ା ଲୁଗା ।) ପ୍ରାଦେ. (ସମ୍ବଲପୁର) ବି.—୧ । କାର୍ଯ୍ୟ—1. Work. (ଯଥା—ସେ ବୁଢ଼ା କରିବାକୁ ବଡ଼ ଚେମଡ଼) । ୨ । କୋକମିନା (ଦେଖ—2. Kokaminā (See)
Burdha
ବୁଢ଼ା
बूढ़ा, बुड्ढा
(ବୁଢ଼ୀ—ସ୍ତ୍ରୀ)
(ବୁଢ଼ୀ—ସ୍ତ୍ରୀ)

ବୁଢ଼ା ଅସୁର—ଦେ. ବି (ସ ବୃଦ୍ଧ ଓ ଅସୁର)—୧ । କାହାଣୀରେ ବର୍ଣ୍ଣିତ ବୃଦ୍ଧ ରାକ୍ଷସ—1. Old demon of folk-tales. ୨ । (ଦୃଣାର୍ଥକ) ଉଦରମ୍ଭରି ବୃଦ୍ଧଲୋକ; ପେଟୁ ବୁଢ଼ା—2. A greedy old man.
Burdhā asura
বুড়োরাক্ষস
बूढ़ा असुर

ବୁଢ଼ା ଅଙ୍ଗୁଠି—ଦେ. ବି (ସ. ବୃଦ୍ଧାଙ୍ଗୁଷ୍ଠ)—ବୃଦ୍ଧାଙ୍ଗୁଳ; ହାତର ଓ ଗୋଡ଼ର ସବାପେକ୍ଷା ସ୍ଥୂଳ ଅଙ୍ଗୁଷ୍ଠ—The thumb (of the hand); the great toe (of the foot).
Burdhā ānguthi
বুড়োআঙ্গুল
अङ्गूठा, बूढ़ीअङ्गुली

ବୁଢ଼ା କଉଡ଼ି—ଦେ. ବି. ( ସ. ବୃଦ୍ଧ+କପର୍ଦ୍ଦକ )—ବେଙ୍ଗୀ କଉଡ଼ି; ବଡ଼ ଆକୃତି ବିଶିଷ୍ଟ କଉଡ଼ି—A big cowree (sea-shell).
Burdhā kaurdi
बूढ़ा कौड़ी

ବୁଢ଼ା କଙ୍କଡ଼ା—ଦେ. ବି. ( ସ. ବୃଦ୍ଧ+କର୍କଟ )—ମାଣ୍ଡିଆ କଙ୍କଡ଼ା—A big crab.
Burdhā kankardā
बूढ़ा केँकड़ा বড় কেঁকড়া

ବୁଢ଼ା କାକୁଡ଼ି—ଦେ. ବି. (ସ. ବୃଦ୍ଧ+କର୍କଟୀ)—ଅତି ପକ୍ୱ କାକୁଡ଼ି—A very ripe cucumber.
Burdhā kākurdi
बूढ़ा खीरा [ଦ୍ର—ଏହି ଶବ୍ଦ କଖାରୁ, ଲାଉ, ବାଇଗଣ, ଜହ୍ନି ଓ ଭେଣ୍ଡି ଆଦି ଫଳ ପ୍ରତି ଓ ଛୁଇଁ ପ୍ରତି ମଧ୍ୟ ପ୍ରଯୋଜ୍ୟ ।]

ବୁଢ଼ା କାଙ୍କ—ଦେ. ବି. (ସ. ବୃଦ୍ଧ+କଙ୍କ)—ଚିଲିକାରେ ଦେଖାଯିବା ଏକ ପ୍ରକାର ଜଳପାଦ ପକ୍ଷୀ—A species of birds found in the Chilkā. Area Manillensis.
Burdhā kānka
लाल काँक
बूढ़ा कंक

ବୁଢ଼ା କାଳ—ଦେ. ବି. ( ପୁରୁଷଙ୍କ ପ୍ରତି ) ( ସ. ବୃଦ୍ଧକାଳ )—ବୃଦ୍ଧକାଳ; ବୃଦ୍ଧାବସ୍ଥା—Old age. (ଢ଼—ଗାଁଅଁ ମୁଣ୍ଡ ଘର ଚୋରକୁ, ବୁଢ଼ା କାଳ ବାହା ପରକୁ—ଢଗ) (ବୁଢ଼ା ଦିନ, ବୁଢ଼ା ବୟସ, ବୁଢ଼ାପଣ—ଅନ୍ୟରୂପ; ପୁରୁଷଙ୍କ ପ୍ରତି) (ବୁଢ଼ୀକାଳ, ବୁଢ଼ୀ ଦିନ, ବୁଢ଼ୀ ବୟସ, ବୁଢ଼ୀପଣ—ଅନ୍ୟରୂପ; ସ୍ତ୍ରୀଙ୍କ ପ୍ରତି)
Burdhā kāla
বুড়ামী बुढ़ापा

ବୁଢ଼ା ଗଛ—ଦେ. ବି—ବହୁକାଳର ବୃକ୍ଷ—An old tree.
Burdhā gachha

ବୁଢ଼ା ଗୋସା(ସେ)ଇଁ—ଦେ. ବି—ବୃଦ୍ଧ ବ୍ରାହ୍ମଣମାନଙ୍କ ପ୍ରତି ସସମ୍ମାନ ଉକ୍ତି—A respectful term of address to old Brāhmaṇas.
Burdhā gosā(se)iñ

ବୁଢ଼ା ଚି(ଚୁ)ଙ୍ଗୁଡ଼ି—ଦେ. ବି. ( ସ. ବୃଦ୍ଧ+ଚିଙ୍ଗଟ )—ବଡ଼ ଚୁଙ୍ଗୁଡ଼ି—A big shrimp.
Burdhā chi(chu)ṅgurdi
बूढ़ा झींगा বড় চিঙ্গড়ী

ବୁଢ଼ା ଚାନ୍ଦ—ଦେ. ବି. (ବୃଦ୍ଧ+ଚନ୍ଦ୍ର)—୧ । (ଶିଶୁ ବଚନ) କୁମାର-ପୂର୍ଣ୍ଣିମା ସନ୍ଧ୍ୟାବେଳେ ନବୋଦିତ ଚନ୍ଦ୍ରଙ୍କୁ ନୈବେଦ୍ୟ କରି ଯାଇଥିବା ଛେନାଗୁଡ଼ ଚକଟା ( ଯାହାକୁ ଶିଶୁମାନେ ପରସ୍ପର ଲୁଆଲୋଇ ହୋଇ ପରସ୍ପର ସଙ୍ଗେ 'ଚାନ୍ଦ' ବସନ୍ତି), ଯାହାକୁ ନୈବେଦ୍ୟ ହେବା ସଙ୍ଗେ ସଙ୍ଗେ ବ୍ୟବହାର କରି ନ ଯାଇଥାଏ—1. An offering of sweets made to the moon in the evening of the Kumāra Purṇṇimā, if kept unused for some time. ୨ । ବହୁକାଳ ହେଲା ଉଦିତ ପୂର୍ଣ୍ଣଚନ୍ଦ୍ର—2. A long-risen full moon. [ଦ୍ର—ଚାନ୍ଦ ବୁଢ଼ା ହେବା ପୂର୍ବରୁ ଶିଶୁମାନଙ୍କ ମଧ୍ୟରେ ତାହା ବ୍ୟବହୃତ ହେବା ପାଇଁ ବର୍ଷୀୟସୀମାନେ କହନ୍ତି ।]
Burdhā chānda

ବୁଢ଼ା ଚୋର—ଦେ. ବି. (ସ. ବୃଦ୍ଧ+ଚୌର)—୧ । ଚୋର ହବ୍ୟାରେ ଅଭ୍ୟସ୍ତ ବା ପାରଙ୍ଗମ ବ୍ୟକ୍ତି; ପୁରୁଣା ଚୋର—1. An old thief. (ଢ଼—ବୁଢ଼ା ଚୋରକୁ ଚୋର ଶିଖଉଛି !—ଢଗ ।) ୨ । ଚୋରି କରୁଥିବା ବୃଦ୍ଧ ବ୍ୟକ୍ତି—2. An old man who is a thief.
Burdhā chora
बूढ़ा चोर
বৃদ্ধচোর

ବୁଢ଼ା ଛୁ(ଛୋ)ଇଁ—ଦେ. ସ. ( ସ. ବୃଦ୍ଧ+ଶିମ୍ବୀ )—ଯେଉଁ ଛୁଇଁର Burdha chhu(chho)in (ଯଥା-ସଜନା, କରଡ଼ା) ଶୁଖିଲାଭ ବୁଡ୍ଢା छीमी ଓ ସୁଖାଦ୍ୟ ବା ସୁପାଚ୍ୟ ବା କୋମଳ ହେବା ଅବସ୍ଥା ଛାଡ଼ି ଯାଇଅଛି—Pod which passed the state of tendrness. [ ଦ୍ର—ଛୁଇଁ ବୁଢ଼ା ହୋଇଗଲେ ତାହାର ଖୋସା ଓ ମଞ୍ଜି ଟାଣୁଆ ଓ ଅଖାଦ୍ୟ ହୋଇଯାଏ । ]

ବୁଢ଼ା ଟମ୍ପ—ପ୍ରାଦେ. ( ଯାଜପୁର ) ବ—ଘରଭେଦୀ ବଦମାସ୍; ଭଣ୍ଡ Burdha tampa ସଇତାନ୍ ଲୋକ—A person who is very wicked but assumes an innocent-looking exterior.

ବୁଢ଼ା ତା(ଦା)ରକ—ଦେ. ବ. (ସ.ବୃଦ୍ଧଦାରକ)—ବୃଦ୍ଧଦାରକ (ଦେଖ) Burdha tā(dā)raka Elephat creeper; Gmelini বীজ তাড়ক बिधारा Asiatica.

ବୁଢ଼ା ତାଲସଜ—ଦେ. ବ—ଯେଉଁ ତାଲସଜ କଞ୍ଚା ଫଳ ମଧ୍ୟରୁ କଣା Burdha tālasaja ହୋଇ ବେଶି ସମୟ ପବନରେ ରହିଯାଏ ଓ বুড়ো তাল শাঁস ସେଥିଲାଗି ଯାହାର କୋମଳାଂଶ ଟାଣ ହୋଇ- कड़ा ताडफूल ଯାଇଥାଏ—The pith or kernel inside a raw palm fruit which has become hardened by being exposed to the air for a long time.

ବୁଢ଼ା ଥୋବଡ଼ା—ଦେ. ବ. ପୁଂ. (ସ. ବୃଦ୍ଧ ବ୍ୟକ୍ତି ପ୍ରତି ଅନାଦରାର୍ଥକ Burdha thobardā ପ୍ରୟୋଗ) ( ସ. ବୃଦ୍ଧ+ସ୍ଥବିର )— বুড়া হাবড়া ଅପ୍ରୀତିକର ବୃଦ୍ଧ—An unpleasant old man.

ବୁଢ଼ା ଦାସ—ଦେ. ବ—(ସ୍ନେହରେ) ଶିଶୁ ବାଳକଙ୍କୁ ଡାକିବା ନାମ— Burdha dās Name for calling a male child in बुढा राम (ବୁଢ଼ା ରାମ—ଅନ୍ୟରୂପ) affection.

ବୁଢ଼ା ପଣ—ଦେ. ବ. ( ପୁରୁଷଙ୍କ ପ୍ରତି ପ୍ରଯୋଜ୍ୟ )—୧ । ବାର୍ଦ୍ଧକ୍ୟ; Burdhā pana ବୃଦ୍ଧାବସ୍ଥା—1. Old age. ୨ । ଅକାଳ- [ବୁଢ଼ା ପଣିଆ(ଆଁ)—ଅନ୍ୟରୂପ] ବୃଦ୍ଧତା—2. Untimely old [ବୁଢ଼ୀପଣ—(ସ୍ତ୍ରୀଙ୍କ ପ୍ରତି)] বুড়াপনা बुढ़ापा age.

ବୁଢ଼ା'ପା—ଗ୍ରା. ବ—୧ । ବଡ଼ା'ପା; ଜ୍ୟେଷ୍ଠ ପିତୃବ୍ୟ—1. Father's Burdhā'pā elder brother. ୨ । ପିତାମହ—3. Paternal बुढा बाबा, बुढा दादा grandfather. ୩ । ପ୍ରପିତାମହ— (ବୁଢ଼ା ବାପା—ଅନ୍ୟରୂପ) 3. Paternal great grand-father.

ବୁଢ଼ା ପାପୀ—ଦେ. ବ. ପୁଂ.(ସ. ବୃଦ୍ଧ ପାପୀ)—୧ । ମହାପାପୀ ବ୍ୟକ୍ତି— Burdha pāpi 1. A great sinner; an unrepentant बूढा पापी sinner. ୨ । ପାପୀ ଓ ବୃଦ୍ଧ ବ୍ୟକ୍ତି—1. A sin- বৃদ্ধপাপী ful old man.

ବୁଢ଼ା ବର—ଦେ. ବ. (ସ. ବୃଦ୍ଧ+ବର —ତରୁଣୀକୁ ବା ବାଳିକାକୁ Burdhā bara ବିବାହ କରିଥିବା ବୃଦ୍ଧ ବର; ଯେଉଁ ବରର বুড়া বর ବୟସ କନ୍ୟାର ବୟସଠାରୁ ଅତ୍ୟନ୍ତ ଅଧିକ—An old बुढा बर man bridegroom (for a girl wife). (ଦ୍ର—ଉଚ୍ଚ ଗଲେ ଗେଣ୍ଡାଳିଆ ଛାଡ଼ି ଦେଲେ ଘର, ଟୋକାବେଳ ଚାକ୍ ଛନ୍ତି ଦେଖି ବୁଢ଼ା ବର । ଶିଶୁ ଗୀତ ।)

ବୁଢ଼ା ବଲଙ୍ଗ—ଦେ. ବ. (ନାମ)—ମୟୂରଭଞ୍ଜର ଶିମିଳୀପାଳ ପାହାଡ଼ରୁ Burdhā balanga ବାହାରି ବାଲେଶ୍ୱର ନଗର ବାଟେ ବଙ୍ଗୋପସାଗରରେ ପଡ଼ିଥିବା ନଦୀ—Name of a river rising from Mayurbhanj and falling in the sea of Bengal via Balasore.

ବୁଢ଼ା ବଲଦ—ଦେ. ବ ( ନାମ )—୧ । ( ମୟୂରଭଞ୍ଜ ) ବୁଢ଼ାବଲଙ୍ଗ Burdhā balada ନଦୀର ଯେଉଁ ଅଂଶ ମୟୂରଭଞ୍ଜରେ ପ୍ରବାହିତ বুড়োবলদ —1. That part of the river Burdhā-बुढाबयल balanga which flows through the state of Mayurbhanj. ୨ । ବୃଦ୍ଧ—2. An old ox.

ବୁଢ଼ା ବିଭା—ଦେ. ବ ( ସ. ବୃଦ୍ଧବିବାହ )—ବୃଦ୍ଧ ବ୍ୟକ୍ତିର ବାଳିକା Burdhā bibhā ସହିତ ବିବାହ—Marriage of an old বৃদ্ধবিবাহ. बुढाकाबयाह man with a girl. [ବୁଢ଼ାକାଳ ବିଭା (ବାହା, ଘର), ବୁଢ଼ାବାହା—ଅନ୍ୟରୂପ]

ବୁଢ଼ାବୁଢ଼ୀ ଘାଟି—ଦେ. ବ ( ନାମ )—ନରସିଂହପୁର ରାଜ୍ୟର ପ୍ରଧାନ Burdhāburdhi ghāti ଗିରି ସଙ୍କଟ ବା ଘାଟ—A famous mountain pass in the state of Narsnig-pur.

ବୁଢ଼ା ବେଉଷା—ଦେ. ବ—୧ । ଧାନଗଛ ଅତି ବଡ଼ ହୋଇଗଲା Burdhā beushā ଅବସ୍ଥାରେ କରାଯିବା ବେଉଷଣ—1. Puddling of paddy plants which have grown too big. ୨ । ହୋଓଡ଼ ବେଉଷା (ଦେଖ)— 2. Do-orda beushā ( See )

ବୁଢ଼ା ମଉସା—ଦେ. ବ. ପୁଂ—ସାଧାରଣ ବୃଦ୍ଧ ବ୍ୟକ୍ତିମାନଙ୍କ ପ୍ରତି Burdhā mausā ଯୁବକ ଯୁବତୀଙ୍କର ସମ୍ମାନସୂଚକ ଡାକ— बुढाबाबा A respectful term used by youngsters (ବୁଢ଼ୀମାଉସୀ—ସ୍ତ୍ରୀ) in respect of old people.

ବୁଢ଼ା ମଣ୍ଡା—ଦେ. ବ—୧ । ଗଜମଣ୍ଡା—1. Big Mandā cake. Burdhā mandā ୨ । ଏକପ୍ରକାର ମୋଟା ବା ବଡ଼ ଧାନ— 2. A species of coarse paddy.

ବୁଢ଼ା ମାକ(ଙ୍କ)ଡ଼—ଦେ. ବ—ମେଷ; ବାନରଯୂଥର ଦଳପତି— Burdhā māka(nka)rda The male leader of a बुढाबन्दर flock of female monkeys. [ ଦ୍ର—ସବୁ ସୁନ୍ଦର ! ବୁଢ଼ାମାଙ୍କଡ଼ କହୁଥାଇଛି ମୁହଁଟା ବାନ୍ଦର ! ଶିଶୁ ଗୀତ । ]

ବୁଢ଼ା ମାଣ୍ଡିଆ—ଦେ. ବ—ଏକପ୍ରକାର ମାଣ୍ଡିଆ—A kind of food Burdhā mandiā grain; Eleusine Coracana. [ ଦ୍ର—ମାଣ୍ଡିଆ ଦଲେ କୋଦ୍ ଦେଖ । ]

ବୁଢ଼ାମି—ଦେ. ବ ( ବଙ୍ଗଳାରୁ ଅନୁକୃତ )—( ବ୍ୟଙ୍ଗ ) କୌଣସି Burdhāmi ଯୁବକଠାରେ ଦେଖାଯିବା ବୃଦ୍ଧଭାବ; ଅକାଳ ପକ୍ୱତା বুড়োমী; বুড়ামী बुढ़ापा Precocity in a young man.

**ବୁଢ଼ା ମିଅଁ**—ଦେ. ବି—୧ । ବୃଦ୍ଧ ମୁସଲମାନ୍—1. An old
Burḍhāmiāñ Mahomedan. ୨ । ଦଳ ମଧ୍ୟରେ ବୃଦ୍ଧ
**बुढामिअँ** ଲୋକ—2. The eldest person in a group. ୩ । ଦଳର ନେତା—3. The leader of a group. ୪ । (ଶିଶୁବଚନ) ବୁଢ଼ା ଅଙ୍ଗୁଠି—4. The thumb. [ ଦ୍ର—ଏଇଟି କହିଲା, କଣ କରିବା ? ଏଇଟି କହିଲା, କଣ ଖାଇବା ? ଏଇଟି କହିଲା, କାହୁଁ ଆଣିବା ? ଏଇଟି କହିଲା, ଋଣ କରିବା । ବୁଢ଼ାମିଅଁ ଥାଇ କହିଲା, ଖାଇବା ପିଇବା ପଳେଇବା । ପାଞ୍ଚଅଙ୍ଗୁଠି ସମ୍ବନ୍ଧେ ଶିଶୁବାକ୍ୟ । ]

**ବୁଢ଼ା ମିଛୁଆ**—ଦେ. ବି ଓ ବିଣ—ଘୋର ମିଥ୍ୟାବାଦୀ—A black
Burḍhā michhuā liar; an inveterate liar.
**पुरानामूठा** घोर मिथ्यावादी

**ବୁଢ଼ାଳ(ଳି)ଆ**—ଦେ. ବିଣ—୧ । ବୃଦ୍ଧ ବ୍ୟକ୍ତିର ଉପଯୋଗୀ—
Burḍhāḷi(ḷi)ā 1. Befitting an old man. ( ଯଥା
ବୁଢ଼ାଳେ —ବୁଢ଼ାଳିଆ ଢଙ୍ଗ । ) ୨ । ପ୍ରାୟ ସୁପରିପକ୍ୱ
**बुड्ढेकेपेसामो** (ଫଳ)—2. Almost ripe. ( ଯଥା—ବୁଢ଼ାଳିଆ କାଇଁଚ । ) ୩ । ଅକାଳ ପକ୍ୱ—3. Untimely ripe.

**ବୁଢ଼ା ଲୁଗା**—ଦେ. ବି—ବଗଡ଼ା ଲୁଗା; ମୋଟା ଲୁଗା—A very
Burḍhā lugā coarse cloth. [ ଦ୍ର—ଏଠାରେ ବୁଢ଼ା ଶବ୍ଦ, ବୁଢ଼ା ଗାମୁଛା, ବୁଢ଼ା ପଶାଲିକରି ହୁଏ । ]

**ବୁଢ଼ା ଲେଙ୍କା**—ଦେ. ବି—ରାଜଦତ୍ତ ଉପାଧି ବିଶେଷ—
Burḍhā leṅkā A title given by kings.

**ବୁଢ଼ା ଶୁଆ**—ଦେ.ବି (ସଂ. ବୃଦ୍ଧ ଶୁକ)—୧ । ଅଧିକ ବୟସ୍କ ଶୁକପକ୍ଷୀ—
Burḍhā suā 1. A parrot grown old. ୨ ।
**बुढासुगा** ( ଲକ୍ଷଣାର୍ଥ )—ବାଲ୍ୟାବସ୍ଥା ଗତ ହେବା ପରେ ଯେ ବିଦ୍ୟାଶିକ୍ଷା କରେ—2. ( figurative ) A student past his boyhood. [ ଦ୍ର—ଶୁଆଙ୍କୁ ପିଲାଦିନରୁ ଧରଅଣି ପଦ ପଢ଼ାଇଲେ ସେମାନେ ପଦ ଧରନ୍ତି, କିନ୍ତୁ ବୁଢ଼ା ଶୁଆଙ୍କୁ ଧରଅଣି ପଢ଼ାଇଲେ ସେ ପଦ ଧରେ ନାହିଁ, କେବଳ 'କଟର କଟର' ହେଉଥାଏ; ସେହିପରି ବାଲ୍ୟକାଳରେ ବିଦ୍ୟାରମ୍ଭ ନ କରି ଯେ ବଡ଼ ହୋଇଗଲେ ପାଠ ପଢ଼େ ତାକୁ ପାଠ ପରଟେ ନାହିଁ; ଏଥିପାଇଁ ସେପରି ବିଦ୍ୟାର୍ଥୀଙ୍କୁ ଲକ୍ଷ୍ୟ କରି ଲୋକେ କହି ଥାଆନ୍ତି 'ବୁଢ଼ାଶୁଆ କଟର କଟର' । ]

**ବୁଢ଼ା ଶେ(ଶ)ଉଳ**—ଦେ. ବି (ସଂ ବୃଦ୍ଧ ଶକୁଲ)—ବଡ଼ ଶେଉଳ ମାଛ
Burḍhā se(sa)uḷa A big fish. [ଦ୍ର—ବୁଢ଼ା ଶେଉଳକୁ
**बूढासौरा** ଡେଙ୍ଗ ଭୁଲିବ । ଢଗ । ]

**ବୁଢ଼ା ସିଂଘାଣି**—ଦେ. ବି—ନାକରୁ ବାହାରିବା ଖଣ୍ଡ ଘନ ସିଂଘାଣି—
Burḍhā simghāṇi Thick flake of mucus coming out of the nostril.

**ବୁଢ଼ା ହଡ଼ା**—ଦେ. ବି. ପୁଂ (ସହଚର ଶବ୍ଦ)—୧ । ବୃଦ୍ଧବ୍ୟକ୍ତିଗଣ—
Burḍhā haḍā 1. Old people. ୨ । ବୃଦ୍ଧ ଓ ଦୁର୍ବଳ
**बूढ़ोखाड़ो** ବ୍ୟକ୍ତିଗଣ—2. Old and weak persons. ୩ ।
**पकाआम** ବୃଦ୍ଧ ଓ ଶୀର୍ଣ୍ଣ ବଳଦ—3. Old and incapable
**बुढावएल** bullock. ୪ । ବୃଦ୍ଧ ଓ ଅକ୍ଷମ ବ୍ୟକ୍ତି—4. An
(ବୁଢ଼ାହଡ଼ୀ, ବୁଢ଼ୀହଡ଼ୀ—ସ୍ତ୍ରୀ) old and weak person.
ଦେ. ବିଣ. ପୁଂ—ଅତିଶୟ ବୁଢ଼ା ଓ ଅସମର୍ଥ—Old and incapable; decrepit.

**ବୁଢ଼ା ହେବା**—ଦେ. କ୍ରି—୧ । ବାର୍ଦ୍ଧକ୍ୟ ପ୍ରାପ୍ତ ହେବା—1. To be-
Burḍhā hebā come old; to attain a good old
**बुढाहोना** age. [ ଦ୍ର—ବୁଢ଼ା ହେବା ପଢ଼ିବ ନଗାନା ଚଉଣୀ । ବୃନ୍ଦାବିହାରୀ. ମହାସ୍ୱପ୍ନ ବନ । ] ୨ । ( କାଇଁଚ କାକୁଡ଼ି ଆଦି ଫଳ ) ବେଶି ପକ୍ୱ ହେବା—2. To become over-matured (said of fruits). [ ଦ୍ର—ଯେଉଁ ଫଳ ପାଚିଲେ ସଢ଼ିଯାଏ ( ଯଥା—ଆମ୍ବ, ପଣସ ), ତା ପ୍ରତି ବୁଢ଼ା ଶବ୍ଦ ପ୍ରୟୋଗ କରାଯାଏ ନାହିଁ, କିନ୍ତୁ ଯେଉଁ ଫଳ ପାଚିଲେ ବେଶି ଟାଣୁଆ ହୁଏ ( ଯଥା—କଖାରୁ, କାକୁଡ଼ି, ଲାଉ, କାଇଁଚ) ତା ପ୍ରତି ଏ ଶବ୍ଦ ପ୍ରୟୋଗ କରାଯାଏ । ଭୁଇଁପ୍ରତି ମଧ୍ୟ ବୁଢ଼ାଶବ୍ଦ ପ୍ରଯୁକ୍ତ ହୁଏ । ]

**ବୁଢ଼ା ହୋ**—ଦେ. ଅ. (ବୃଦ୍ଧଙ୍କର ବାଳକ ପ୍ରତି ଆଶିର୍ବଚନ)—ଭୁ ଦୀର୍ଘ-
Burḍhā ho ଜୀବ ହୋ (ଅର୍ଥାତ୍ ଭୁ ବୃଦ୍ଧ ହେବାଯାଏ ବଞ୍ଚିରହ,
ବେଳେଥାକ ଅଳ୍ପବୟସରେ ମର୍ ନାଁ)—(A sentence of bles-
**बुढाहोओ** sing uttered by an old man to a boy)
(ବୁଢ଼ା ହୋଇଥା—ଅନ୍ୟରୂପ) Live to a good old age ! Live long !

**ବୁଢ଼ିଆଣୀ**—ଦେ. ବି—୧ । ମାକଡ଼ସା; ଅଷ୍ଟପଦୀ ପତଙ୍ଗ କୀଟ
Burḍhiāṇi ବିଶେଷ—1. A spider; Aranæ. [ଦ୍ର—
ସଂ.—ଊର୍ଣ୍ଣନାଭ, ବୁଢ଼ିଆଣୀର ଉଦରରେ ସୁତା ତାଟିବାର
ମର୍କଟକ, ଲୁତା ଯନ୍ତ୍ର ଅଛି ସେଥିରୁ ନାଲ ବହି ସୁତା
ମ. କୋଳୀ ଆକାରରେ ପରିଣତ ହୁଏ, ସେହି ସୁତାରେ
माकड़सा ବୁଢ଼ିଆଣୀ ଶୂନ୍ୟ ମାର୍ଗରେ ଜାଲ ବୁଣେ ଓ
**मकडा** ସେ ଜାଲରେ କୀଟ ପତଙ୍ଗ ଆଦି ପଡ଼ିଲେ
**अरसपरस खेल** ସେମାନଙ୍କୁ ଧରି ଆହାର କରେ । ]
୨ । ଶିଶୁମାନଙ୍କର ଏକ ପ୍ରକାର ଲୁଚକାଳି ଖେଳ—
2. A kind of indoor game of hide and seek amongst children. [ ଦ୍ର—ଏଥିରେ ଜଣେ ପିଲା ବୁଢ଼ୀ ବା ବୁଢ଼ିଆଣୀ ହୋଇ ମଝିରେ ବସେ; ଜଣେ ପିଲା ଚୋର ହୁଏ; ତା ଆଖି ବୁଜା ହେବା ବେଳେ ଅନ୍ୟ ପିଲାମାନେ ଲୁଚନ୍ତି; ତା ପରେ ଚୋରର ଆଖି ଫିଟାଇ ଦିଆଯାଏ ଓ ସେ ବୁଢ଼ିଆଣୀର ଘର ପାଖରେ ଜଗି ଥାଏ ଓ ବୁଲି ଥାଏ । କିଛିକ୍ଷଣ ପରେ ଲୁଚିଥିବା ପିଲାମାନେ ଆସି ବୁଢ଼ିଆଣୀକୁ ଛୁଇଁବାକୁ ଚେଷ୍ଟା କରନ୍ତି । ସେମାନଙ୍କ ମଧ୍ୟରୁ ଯେଉଁ ପିଲା ବୁଢ଼ିଆଣୀକୁ ଛୁଇଁ ପକାଇବା ପୂର୍ବରୁ ଚୋର ତାକୁ ଛୁଇଁ ଦିଏ ସେ ପୁଣି ଚୋର ହୁଏ । ]

**ବୁଢ଼ିଅଣୀ ଜାଲ**—ଦେ. ବି—ମାକଡ଼ସା ଶୂନ୍ୟମାର୍ଗରେ ବୁଣିଥିବା ସୂତାର
Burdhiani jala ଜାଲ—Spider's web.
**মকড়াকা জাল** মাকড়সার জাল

**ବୁଢ଼ିଅଣୀ ସୂତା**—ଦେ. ବି—ମାକଡ଼ସା କାଟିଥିବା ସୂକ୍ଷ୍ମ ସୂତ—
Burdhiani suta **মকড়াকা সুত** Spider's thread.

ବୁଢ଼ି ଖୋଲ—ଦେ. ବି—( ନାମ )—ଗଞ୍ଜାମଜିଲ୍ଲାର ବୁଗୁଡ଼ାରୁ ଦୁଇ
Burdhi khola ମାଇଲ୍ ଦୂରରେ ଅବସ୍ଥିତ ଘୁମୁସରର ପର୍ବତ—
A mountain of Ghumsar in Ganjam
[ ଦ୍ର—ଏଠାରେ ବାଣାସୁର ପ୍ରତିଷ୍ଠିତ ବନ୍ଦୁତ ଶିବଲିଙ୍ଗ ଅଛନ୍ତି । ]

ବୁଢ଼ି ଚଉଁରି—ପ୍ରାଦେ. (ଗଡ଼ଜାତ) ବି.—ଲହଣିଆ ମସୁ ( ଦେଖ )—
Burdhi chaunri Lahania masu (See)

ବୁଢ଼ୀ—ଦେ. ବି—( ସ. ବୃଦ୍ଧା )—୧ । ବୁଢ଼ାର ସ୍ତ୍ରୀଲିଙ୍ଗ—
Burdhi বুঢ়ী **बुढ़ी** 1. Old woman.
୨ । ପିଲାଙ୍କ ବୁଢ଼ିଅଣୀ ଖେଳରେ ଯେଉଁ ପିଲା ବୁଢ଼ୀ ବା ବୁଢ଼ିଅଣୀ ସାଜି ବସେ ଓ ଯାହାକୁ ଅନ୍ୟ ପିଲାମାନେ ଛୁଇଁବାରେ ପ୍ରତିଯୋଗିତା କରନ୍ତି—2. The boy or girl in the Burdhiani game who acts the part of a Burdhi or Burdhiani and to touch whom other players compete. [ଦ୍ର—ବୁଢ଼ିଅଣୀ ଖେଳ ନୋଟ୍ ଦେଖ ।] ୩ । ଶିଶୁ ବାଳିକାଙ୍କ ପ୍ରତି ସ୍ନେହସୂଚକ ଡାକ—3 A term of endearment addressed to infant girls. ୫ । ପରିବାରର ବୃଦ୍ଧତମା ସ୍ତ୍ରୀ—5. The oldest or seniormost lady in the family.
ବିଣ. ସ୍ତ୍ରୀ.—ବୃଦ୍ଧା (ସ୍ତ୍ରୀ)—Old (woman).

ବୁଢ଼ୀ ଅସୁରୁଣୀ—ଦେ. ବି. ସ୍ତ୍ରୀ—( ସ. ବୃଦ୍ଧା ଓ ଅସୁରୀ )—୧ ।
Burdhi asuruni କାହାଣୀରେ କଥିତା ବୃଦ୍ଧା ରାକ୍ଷସୀ—
**बुढ़ी असुरनी** 1. The old hag ( demoness ) of the
বুড়ী ডাইন(নী) **बुढ़ी डाइन** folk tales. ୨ । ( ଗାଳି )
(ବୁଢ଼ୀଡାହାଣୀ—ଅନ୍ୟରୂପ) ଯେଉଁ ବୁଢ଼ୀ ସୁକୁମାର ଶିଶୁମାନଙ୍କ ଉପରେ କୁ ଦୃଷ୍ଟି ପକାଇ ତାଙ୍କର ରକ୍ତ ଶୋଷି ନିଏ—
3. An old blood-sucking witch.

ବୁଢ଼ୀ(ଢ଼ୀ)କପା—ଦେ. ବି—(ସ. ବଦସ୍ୱ; କାର୍ପାସୀ)—ଏକ ପ୍ରକାର
Burdhi (rdi)kapa ବନ୍ୟ କପା—A kind of wild
বুড়ী কাপাস cotton; The Bori cotton; Gossypium
**बोंडी कपास** (ବୁଢ଼ି କପା—ଅନ୍ୟରୂପ) Arboreum.

ବୁଢ଼ୀ ଗାଈ—ଦେ. ବି. ସ୍ତ୍ରୀ—(ସ. ବୃଦ୍ଧା + ଗୌ)—ବୃଦ୍ଧା ଗାଭୀ; ବୁଢ଼—
Burdhi gai বুড়ীগাই An old cow.
**बुढ़ीगाय**

ବୁଢ଼ୀଗାଈ ଦାନ—ଦେ. ବି—(ଲକ୍ଷଣାର୍ଥ)—ଅକର୍ମଣ୍ୟ ପଦାର୍ଥର ଦାନ
Burdhi gai dana Gift of a worthless or useless
বুড়ীগাই দান **बुढ़ीगाय दान** thing. (e.g. an old cow).
[ଦ୍ର—ଅଧା ଭୋଜନ, ବୁଢ଼ୀଗାଈ ଦାନ, କଣ୍ଠ ଗୁଆକୁ ସଢ଼ା ପାନ । ଭଗ ।]

ବୁଢ଼ୀ ଦାଣ୍ଡି—ଦେ. ବି—୧ । ପାପିନୀ ବୃଦ୍ଧା—1. An old sinner
Burdhi dari ( woman ). ୨ । ବୃଦ୍ଧା ବେଶ୍ୟା—2.
**बुढ़ी कसबी** (ବୁଢ଼ୀ କସବୀ—ଅନ୍ୟରୂପ) A harlot grown
বৃদ্ধাবেশ্যা old.

ବୁଢ଼ୀ ଦିନ—ଦେ. ବି—ସ୍ତ୍ରୀର ବାର୍ଦ୍ଧକ୍ୟ—A woman's old age.
Burdhi dina বুড়ো বয়স **बुढ़ापा** [ଦ୍ର—ବୁଢ଼ୀଦିନେ ହରମଦିର (ବୁଢ଼ୀକାଳ, ବୁଢ଼ୀ ବଅ(ୟ)ସ,ବୁଢ଼ୀବେଳ—ଅନ୍ୟରୂପ) ଚଗ—ଭଗ]

ବୁଢ଼ୀ ଧଡ଼ୀ—ଦେ. ବି—(ସହଚର ଶବ୍ଦ)—୧ । ବୃଦ୍ଧା ଓ ଜୀର୍ଣ୍ଣକାୟା
Burdhi dhardi ସ୍ତ୍ରୀ—1. Old and worn out woman.
বুড়ী সুড়ী **पका आम** ୨ । ଗତଯୌବନା ଓ ଗତସୌନ୍ଦର୍ଯ୍ୟା ସ୍ତ୍ରୀ—2. A woman past her youth and who has lost her plumpness and beauty.

ବୁଢ଼ୀ ବାହ୍ମୁଣୀ-ଦେ. ବି. ସ୍ତ୍ରୀ—ବୃଦ୍ଧା ବ୍ରାହ୍ମଣୀ—An old Brahmna
Burdhi bahmuni woman.

ବୁଢ଼ୀ ରାଣ୍ଡୀ—ଦେ. ବି. ସ୍ତ୍ରୀ—ବୃଦ୍ଧ। ବିଧବା—
Burdhi randi **बुढ़ी विधवा** An old widow.

ବୁଢ଼ୀମା - ଦେ. ବି—(ସ. ବୃଦ୍ଧା ମାତା)—୧ । ବୃଦ୍ଧା ମାତା—2 Old
Burdhi ma mother. ୨ । ପିତାମହୀ—2 Grand-
(ବୁଢ଼ୀ ମାଆ—ଅନ୍ୟରୂପ) mother. ୩ । ପ୍ରପିତାମହୀ—3. great grandmother. ୪ । ବୁଢ଼ୀ ଠାକୁରାଣୀ; ବିସୂଚିକା ଦେବୀ—4. Cholera personified as a Goddess.

ବୁଢ଼ୀ ମାଉସୀ—ଦେ. ବି—ବୃଦ୍ଧା ସ୍ତ୍ରୀଲୋକଙ୍କ ପ୍ରତି ସାଧାରଣ ଯୁବକ
Burdhi mausi ଯୁବକଙ୍କର ସମ୍ବୋଧନ—A term of adress
**बुढ़ीदादी** to old women by youngsters.

ବୁଢ଼ୀମାଉସୀ ଖେଳ—ଦେ. ବି—ପିଲାମାନଙ୍କର ଏକପ୍ରକାର ଖେଳ—
Burdhimausi khela A play amongst children.
বুঢ়ীখেলা; বডাইবুড়ী [ ଦ୍ର—ଏଥିରେ ଜଣେ ବାଳକ ବୁଢ଼ୀ-
**बुढ़िया** ମାଉସୀ ସାଜି ହାତରେ ଖଣ୍ଡିଏ ବାଡ଼ି ଧରି ଅଣ୍ଟା ନଇଁ ନଇଁ ବୁଢ଼ୀ ପରି ଧୀରେ ଧୀରେ ବୁଲୁଥାଏ, ଅନ୍ୟ ପିଲାମାନେ ତା ଚାରି ପାଖରେ ବିଚରଣ କରୁଥାଅନ୍ତି ଓ ତାକୁ କହୁ ଥାଅନ୍ତି 'ବୁଢ଼ୀ ମାଉସୀ ! କୁଆଡ଼େ ବାଟ ?' । ବୁଢ଼ୀ ସେମାନଙ୍କୁ 'କୁଆଡ଼େ ବାଟ ?' ପ୍ରଶ୍ନ ପଚାରୁ ଥାଏ ଓ ସେମାନେ ମଧ୍ୟ ବରାବର ପ୍ରଶ୍ନ ପଚାରୁ ଥାଅନ୍ତି ଏବଂ ପରସ୍ପର ମଧ୍ୟରେ ଉତ୍ତର ଦେଇ ଦେଇ ଥାଅନ୍ତି ଓ ବୁଲୁଥାଅନ୍ତି ।)

ବୁଢ଼ୀ ମା ଖିଆ—ଦେ. ବିଣ. ପୁଂ—ପୁରୁଷମାନଙ୍କୁ ଦିଆଯିବା ଅଭିଶାପ
Burdhi ma khia ବ୍ୟଞ୍ଜକ ଗାଳି—A term of abuse addressed to males implying a curse that the man will succomb to cholera.
[ ଦ୍ର—ଏଥିର ସୂଚତାର୍ଥ, ତୋତେ ବୁଢ଼ୀ ମା ଖାଉ, ଅର୍ଥାତ୍ ତୁ ହଇଜାରେ ମର । ]

ବୁଢ଼ୀ ହେବା—ଦେ. କ୍ରି—( ସ୍ତ୍ରୀ ) ବୃଦ୍ଧା ହେବା; ବୃଦ୍ଧାବସ୍ଥା ପ୍ରାପ୍ତ
Burdhi heba ହେବା—To grow old ( said of a
বুড়ী হওয়া **बुढ़ी होना** woman ).

ବୁଢେଲ୍—ପ୍ରାଦେ. ( ସମ୍ବଲପୁର ) ବି—ପାଣ୍ଡୁ ପରି ବଡ଼ କପୋତ—
Burdhel A kind of dove as big as a pigeon.

ବୁଣ(ଣା, ଣୋ)ଟ—ଦେ. ବି ( ସଂ. ବେ. ଧାତୁ=ବୟନ )—୧ । Buna(nā, no)ta ଲୁଗା ବୁଣିବା ବା ଚଉକିରେ ବେତ ବୁଣିବା ବୁନଟ बुनावट; ଅର୍ଥ କର୍ମ—1. Act of weaving cloth or विनावट; विनाइ cane. ୨ । ବସ୍ତ୍ରର ସୂତା ବୁଣା କିମ୍ବା ଚଉକିର ବେତ ବୁଣାର ନିବିଡ଼ତା—2. The density of the texture of a cloth or chair or other woven work. ୩ । ଘର ଚାଳର ବୁଅରେ ବତା ପକାଇ ବତାକୁ ବେତ ଲଇରେ ବା ବତାରେ ବୁଣିବା କର୍ମ-3. The act of tying split bamboos to the rafters of a thatched frame with strings or strips of cane.

ବୁଣା—ଦେ. ବି ( ସଂ. ବପନ, ବୟନ )—୧ । କ୍ଷେତ୍ରରେ ଧାନ Bunā ଆଦିର ମଞ୍ଜି ବୁଣିବା କ୍ରିୟା—1. The act of sowing ବୁନା, ବୋନା, ବୁନନ बोन seeds in a field. ୨ । ଲୁଗା ବୁନା बुनना; बुनाइ ଆଦି ବୁଣିବା କ୍ରିୟା—2. The act ବେତୀବାଁଧା बाँधना of weaving cloth. ୩ । ଘର ଚାଳର ବୁଅ ଉପରେ ବତା ପକାଇ ଉକ୍ତ ବତାକୁ ବୁଅ ସଙ୍ଗେ ବେତ ବା ସୂତୁଲି ଦଉଡ଼ିଦ୍ୱାରା ବାନ୍ଧିବା କର୍ମ—3. The act of tying by means of fibrous strips of cane the layer of split bamboos to the rafters of a thatched house ୪। ଚଉକି ବୁନା ଆଦିରେ ବେତ ବୁଣିବା କର୍ମ—4. The act of in-बुनाना terlacing a chair with strips of cane. ବୁନା, छींटना ୫ । ବିକ୍ଷେପଣ; ବିଞ୍ଚି ଦେବା—5. The act of ବୋନା, बुनना scattering. ୬ । ଉଲ୍ ବୁଣିବା; କଣ୍ଟାରେ ବା ମୋଟା ଆଦିକୁ ଛୁଞ୍ଚି ଓ ଉଲ୍ ସାହାଯ୍ୟରେ ବୁଣିବା—6. Knitting. [ ଦ୍ର—ଯେଉଁ ଉପାଦାନଦ୍ୱାରା ବୁଣିବା କ୍ରିୟା କରାଯାଏ ତା ପ୍ରତି 'ବୁଣିବା' ଏବଂ ଭୃତ୍ୟରୂପ 'ବୁଣିବା' କ୍ରିୟାଦ୍ୱାରା ଯେଉଁ ବସ୍ତୁ ଉତ୍ପନ୍ନ ହୁଏ ତା ଓ ମଧ୍ୟ 'ବୁଣିବା' କ୍ରିୟା ପ୍ରୟୋଗ କରାଯାଏ ।

ଯଥା—ଉଲ୍ ବୁଣିବା ଓ ଉଲ୍‌ରେ କଣ୍ଟାଟ ବୁଣିବା, ଧାନ ବୁଣିବା ଓ ବିଲରେ ଧାନ ବୁଣିବା, ବେତ ବୁଣିବା ଓ ବେତରେ ଚଉକି ବୁଣିବା, ବାଉଁଶ ବୁଣିବା ଓ ବାଉଁଶରେ ଟୋକେଇ ବୁଣିବା ଆଦି ପ୍ରୟୋଗ ହୁଏ । ] ୭ । ଜାତି ଜାଗାସ୍ଥ ତନ୍ତୀବିଶେଷ—7. A class of low caste ବୋନା weavers. ଦେ. ବିଣ—୧ । ( ଅନ୍ୟ ଶବ୍ଦ ସଙ୍ଗେ चोयाहुआ ଲଗେ; ଯଥା—ବେତବୁଣା ଖଟ, ଦଉଡ଼ିବୁଣା ଖଟିଆ ) କୌଣସି ସୂତ୍ର ବା ତନ୍ତୁଦ୍ୱାରା ବୟନ କରାଯାଇଥିବା—1. Woven with certain fibrous materials. ୨ । ( ବୀଜ ) ବପନ କରାଯାଇଥିବା—2. Sown. बु(बि)नाहुआ ୩ । ( ବସ୍ତ୍ର ) ବୟନ କରାଯାଇଥିବା—3. Woven. ୪ । (ଘରର ଚାଳରେ ବତା) ବୁଅ ସଙ୍ଗେ ବେତ ଗଣ୍ଠିଦ୍ୱାରା ବନ୍ଧା ହୋଇଥିବା—4. Interlaced into wicker छींटाहुआ work. ୫ । ଚଲେ ବିଞ୍ଚା ହୋଇଥିବା—5. Strewn; scattered. ୬ । ( ମୋଜା, କଣ୍ଟାଟର ) ଉଲ୍‌ରେ ଛୁଞ୍ଚି ସାହାଯ୍ୟରେ ବୁଣା ଯାଇଥିବା—6. Knitted.

ବୁଣାଇ—ଦେ. ବି—ବୁଣା ସଦାଶେ ଯେ ମଜୁରି ଦିଆଯାଏ— Bunāi बुनवाइ; बुनाइ Wages paid for weaving.

ବୁଣା(ଣେ)ଇବା—ଦେ. କ୍ରି—ବୁଣିବା କ୍ରିୟାର ଣିଜନ୍ତରୂପ— Bunā(ne)ibā ବୋନାନ Causative form of Bunibā विनवाना; बुनाना; बुआना ଯେ ବୋନେ

ବୁଣା କାମ—ଦେ. ବି—ବେତ ଆଦି ବୁଣିବା କାର୍ଯ୍ୟ—Canework; Bunā kāma बुननेका काम wicker work.

ବୁଣାବୁଣି—ଦେ. ବି ( ସବତର )—ବିଶେଷ ପରିମାଣରେ ବୁଣିବା କ୍ରିୟା Bunā buni —Brisk weaving operation. बुनाबुनीः वोनावोनी

ବୁଣାଳି—ଦେ. ବି ଓ ବିଣ—ଯେ ବୁଣିବା କ୍ରିୟା କରେ— Bunāli Weaver; sower, interlacer. वोनेवाला; बुननेवाला ଯେ ବୋନେ

ବୁଣିବା—ଦେ. କ୍ରି. (ସଂ. ବେ, ବପ ଧାତୁ ବୟନ; ବପନ)—୧ । ଲୁଗା Bunibā ଆଦି ବୟନ କରିବା; ବସ୍ତ୍ର ନିର୍ମାଣ କରିବା—1. To ବୁନା; ବୋନା weave cloth. (ଯଥା—ଲୁଗା, ସତରଞ୍ଜି, ଗାଲିଚା) । बुनाना ୨ । (ସଂ. ବପନ) କ୍ଷେତ୍ରରେ ମଞ୍ଜି ବୁଣିବା—2. To sow बोना seeds broadcast. (ଯଥା—ଧାନ ବୁଣିବା; ବୀଜ छींटना ବୁଣିବା) । ୩ । ଇତସ୍ତତଃ ବିକ୍ଷିପ୍ତ କରିବା; ଭୂମିରେ ବିଞ୍ଚିବା-3. To strew or scatter on the ground. (ଉ—ଲକ୍ଷ୍ମ ନଗର ମଣି-ମୟୂ ମଣ୍ଡନ ଶ୍ରେଣୀ ବୁଣିଦେଲୁ ପୁଣି ମୁଗଦଳାରେ । କବିସୂର୍ଯ୍ୟ. ସଙ୍ଗୀତ) । ୪ । (ବେ ଧାତୁ) ସୂତା, ବେତଲଇ କିମ୍ବା ଅନ୍ୟ କୌଣସି ପତଳା ସରୁ ଜିନିଷକୁ बुनना ପରସ୍ପର ଛନ୍ଦିବା—4. To interlace; to darn; to knit. (ଉ—ମାଙ୍କ ତାଙ୍କ ଦେଦେ, ଉର୍ଣ୍ଣନାଭ ଠାବେ, ଠାବେ ବୁଣିଥିଲ ଜାଲ । ରାଧାନାଥ ଯଯାତି କେଶରୀ) । ୫ । ( ଲକ୍ଷଣାର୍ଥ ) ଦେଶର ସବୁ ଅଞ୍ଚଳେ ପ୍ରଚାର କରିବା—5. ( figurative ) To publish any बोना thing broadcast. (ଯଥା— (ସରକାର) ଦେଶ ସାର ଜ୍ଞାନ ବୁଣୁଛନ୍ତି) । ୬ । (ଟଙ୍କା) ବହୁତ ବ୍ୟୟ କରିବା ବା छींटना ଲଗାଣ କରିବା—6. To invest or spend a large amount of money. ( ଉ—ବଣ୍ଡ ରଅ ବହୁତ ଟଙ୍କା ବୁଣିଦେଲ । ଲୁଲୁଲା ଲୁମାସ ନଥଲୁଣ୍ଣୀ ।

ବୁଣ୍ଡକି—ପ୍ରାଦେ. (ସମ୍ବଲପୁର) ( ତୁଳ. ହି. ଢୋଁଢ଼ୀ )—ନାଭିଗର୍ତ୍ତ— Bund-ki The hole of the navel.

ବୁତଲ୍—ପ୍ରାଦେ (ସମ୍ବଲପୁର) ବୈଦେ. ବି—(ଇଂ. ବଟ୍ଲ୍)-ବୋତଲ— Butal A bottle.

ବୁଟା—ପ୍ରାଦେ (ସମ୍ବଲପୁର) ବି—କାର୍ଯ୍ୟ; କର୍ମ; ଅବଶ୍ୟକ କାର୍ଯ୍ୟ— Butā Business; work in hand. (ଯଥା—ମୁଁ ଅଛ

ସେଠାକୁ ଯାଇ ପାରବ ନାହିଁ ମୋର ଏଠାରେ ବୁଟା ଅଛୁ । )

ବୁଟା ବର୍‌ଗାଇବା—ପ୍ରାଦେ (ସମ୍ବଲ ପୁର) କ୍ରି.—କୌଣସି ବ୍ୟକ୍ତିକୁ Butā bargāibā କୌଣସି କାର୍ଯ୍ୟ କରିବା ପାଇଁ ବଜ୍ଜ୍ଦ କର ପଠାଇ ଦେବା—To order or depute a person (ବୁଟା ବରଗିବା—ଅନ୍ୟରୂପ) to do a particular work.

ବୁତି—ପ୍ରାଦେ. (ସମ୍ବଲପୁର) ବି—ଭୃତ୍ୟ; ଚାକର—
Buti Servant.

ବୁଥିବା—ପ୍ରାଦେ (ସମ୍ବଲପୁର) କ୍ରି—ପାଣିରେ ବୁଡ଼ିବା—
Buthibā To plunge in water.

ବୁଦ୍(ଧାତୁ)—ସଂ. ୧ । ଆଲୋଚନା କରିବା—1. To discuss. ୨ । Bud (root) ବିବେଚନା କରିବା—2. To consider. ୩ । ଅବଲୋକନ କରିବା—3. To see; to discern; to to perceive.

ବୁଦ୍(ଧ୍) ତାର(ଡ଼)କ—ଦେ. ବି—ବୁଦ୍ଧ ଦାରକ (ଦେଖ)—
Bud(dh)-tāra(rda)ka Bruddhadāraka (See).
[ବୁଦ୍ଧାର(ଡ଼)କ—ଅନ୍ୟରୂପ]

ବୁଦ୍‌ବୁଦ—ସଂ. ବି (ବୁଦ୍=ଅନୁକରଣ ଶବ୍ଦ+ବୁଦ୍ ଧାତୁ=ଆଲୋଚନା Bud-buda କରିବା+କର୍ମ ଅ)—୧ । ଜଳବିମ୍ବ; ଭୁଡ଼ୁଭୁଡ଼ା; ଭୁଡ଼ୁ (ବୁଦ୍‌ବୁଦ—ଅନ୍ୟରୂପ) ବୁଡ଼ୁ—1. Bubbles. (ଉ—ବୁଦ୍‌ବୁଦ କ ଦଶେ ଜଳ ଫିଫି କୃତ କର । ଭଞ୍ଜ ବୈଦେହୀଶ ବିଳାସ) । ୨ । ଗର୍ଭସ୍ଥ ଭ୍ରୁଣ—2. The embryo; foetus. ୩ । ବୁଦ୍‌ବୁଦ ପରି କ୍ଷଣସ୍ଥାୟୀ ପଦାର୍ଥ—3. Any short-lived thing (like a bubble).

ବୁଦ୍‌ବୁଦା ଜଳ—ଦେ. ବି—(ସଂ ବୁଦ୍‌ବୁଦ+ଜଳ)—ଜଳ ବୁଦ୍ ବୁଦ୍—
Budbudā-jala Water bubbles, (ଉ—ବୁଦ୍ ବୁଦା ଜଳ ଭୁଡ଼ଭୁଡ଼ୀ बुलबुला, बुद्बुदा ଅଣ୍ଡଧର, ଉହ୍ଲଣ ଥିଲେ ଶୂନ୍ୟ ଦିଶ । ଯଶୋବନ୍ତ—ପ୍ରେମଭକ୍ତି ବ୍ରହ୍ମଗୀତା । )

ବୁଦା—ଦେ. ବି—(ସଂ. ମୁଦ୍ ଧାତୁ; ଯହିଁରୁ ବୁଢ଼ିବା ହୋଇଅଛି)—୧ । Budā ଗୁଳ୍ମମାନଙ୍କର ସମଷ୍ଟି; କ୍ଷୁପ—1. Bush. [ଉ—ଲୁଚନ୍ତି ଝୋପ ବୁଦାମାନ ପଛେ, ନାରଦ ଦେଖନ୍ତି ପ୍ରତ୍ୟକ୍ଷେ । ଜଗନ୍ନାଥ. ଭାଗବତ ।) ୨ । ଏକ ସ୍ଥାନରେ ଉଠିଥିବା ବାଉଁଶ ଗଛର ସମଷ୍ଟି—2. A grove of bamboos. ୩ । ଛୋଟ ଜଙ୍ଗଲ—3. Small jungle. [ ଉ—କେତେକ ଲୋକ ବୁଦା ଭିତରେ ଲୁଚିଲେ । କୃଷ୍ଣସିଂହ. ମହାଭାରତ. ବନ) । ୪ । ଘେରଅଡ଼େ ବାଡ଼ ବନ୍ଧା ଯାଇ ଲଗା ଯାଇ-ଥିବା ନୂତନ ଗଛ—4 young tree newly planted and sorrounded by fencing to protect them from the ravages of cattle). (ଯଥା—ଏ ବର୍ଷ ମୁଁ ମୋ ବାଡ଼ରେ ୩ ବୁଦା ନଡ଼ିଆ ଓ ୨ ବୁଦା ପଣସ ଲଗାଇ ଅଛୁ । ]

ବୁଦାବୁଦି—ଦେ. ବି—(ସହଚର)—ଛୋଟ ଓ ବଡ଼ ବୁଦାମାନ—
Budā budi Large and small bushes.
ଝୋପଝାଡ଼ି, छोटी और बड़ी झाड़ी, झुरमुट

ବୁଦି—ଦେ. ବି—ଛୋଟ ବୁଦା—Small bush. (ଯଥା—ମୋର Budi ଜମା ବୁଦିଏ ଦିଲ୍ଲୀ ବାଉଁଶ ଅଛି, ସେଥିରୁ କାଟି ଦେଲେ ଟୁପି झाड़ी ଏବା ବର୍ଷକେ ମୋ ପାଣି ଶେଷ ।)

ବୁଦି ବୁଦିକା—ଦେ. ବିଶେ.—ବୁଦି ବୁଦିକିଆ (ଦେଖ)—
Budibudika ଝୁମ୍ପଡ଼ୀ Budibudikiā (See)
ପ୍ରାଦେ. (ଗଞ୍ଜାମ) ବି—ଗୋରୁଖିଆ (ଦେଖ)
Gorukhiā (See).

ବୁଦି(ଦ୍,ଦୁ)ବୁଦିକିଆ—ଦେ. ବିଣ—ଏଠାରେ ସେଠାରେ ଗୋଟିଏ Budi(d;du)budikiā ବୁଦା ହୋଇ ଉଠିଥିବା—In separate and thinly scattered bushes.
ଝୁମ୍ପଡ଼ୀ झाड़ी वाला

ବୁଦୁକା—ଦେ, ବିଣ—୧ । ବୋଦକା; ଭାରି—1. Heavy. ୨ । Budukā ସ୍ଥୂଳକାୟ—1. Stout; corpulent. ଦେ. ବି—ଲତା ଓ ଫଳବିଶେଷ—A cucurbitatious fruit and its creeper.

ବୁଦୁ ବୁଦୁ—ଦେ. ବି—(ସଂ. ବୁଦ୍‌ବୁଦ)—ବୁଦ୍‌ବୁଦ; ପାଣିଫୋଟକା—
Budu budu ଭୁଡ଼ଭୁଡ଼ି बुदबुदा Water bubble.

ବୁଦ୍ଧ—ସଂ. ବି. ପୁଂ—(ବୁଧ ଧାତୁ=ଜାଣିବା+କର୍ତ୍ତୃ. ତ)—୧ । ଜ୍ଞାନୀ—
Buddha 1. A wise man; a sage ୨ । ବୌଦ୍ଧମତ ପ୍ରବର୍ତ୍ତକ ମୁନି; ଶାକ୍ୟସିଂହ; ଗୌତମ ବୁଦ୍ଧ—2 The founder of Buddhism; name of a sage. [ଦ୍ର—ଏ ହିମାଳୟର ସମୀପବର୍ତ୍ତୀ କପିଳବାସ୍ତୁର ରାଜା ଶୁଦ୍ଧୋଦନଙ୍କ ଔରସ ମହାମାୟା ବା ମାୟା ଦେବୀଙ୍କ ଗର୍ଭରୁ ଖ୍ରୀ. ପୂର୍ବ ୫୫୦ ଅବ୍ଦରେ ଜନ୍ମ ଗ୍ରହଣ କରି ଗୋପା ନାମ୍ନୀ ରାଜକନ୍ୟାଙ୍କୁ ବିବାହ କରିବା ପରେ ଗୃହ ତ୍ୟାଗ କରି ତପସ୍ୟାଚରଣ ପୂର୍ବକ ସତ୍ୟ ଧର୍ମର ଜ୍ଞୋନ୍ନତି ଲାଭ କରି ପ୍ରଚାର କରଥିଲେ । ଏହାଙ୍କର ଅନ୍ୟ ନାମ ଗୌତମ, ସିଦ୍ଧାର୍ଥ, ଶାକ୍ୟସିଂହ । ତପଃସାଧନ କରି ସିଦ୍ଧି ଲାଭ କରିବା ପରେ ସେ ସଂସାରରେ ବୁଦ୍ଧ ନାମରେ ଖ୍ୟାତ ହେଲେ ଓ ବୌଦ୍ଧ ଧର୍ମ ପ୍ରଚାର କଲେ । ମାଘ ପୂର୍ଣ୍ଣିମା ଦିନ ଏ ଜନ୍ମ ଗ୍ରହଣ କରଥିଲେ । ଶିଶୁ ଅବସ୍ଥାରେ ଏ ମାତାଙ୍କୁ ହରାଇ ଥିଲେହେଁ ଏହାଙ୍କ ବିମାତା ମହାପ୍ରଜାବତୀ ଏହାଙ୍କୁ ବହୁ ସ୍ନେହରେ ପାଳଥିଲେ । ବାଲ୍ୟକାଳରେ କୌଶିକ ବିଶ୍ୱାମିତ୍ର ଏହାଙ୍କୁ ଅନେକ ଶାସ୍ତ୍ର ଓ କଳା ବିଦ୍ୟା ଶିକ୍ଷା ଦେଇଥିଲେ । ବାଲ୍ୟକାଳରେ ରାଜପ୍ରାସାଦରେ ଥାଇ ମଧ୍ୟ ଏ ଏକାକୀ ବସି ସଂସାରର ତ୍ରିବିଧ ଦୁଃଖର ନିବୃତ୍ତିର ଉପାୟ ଚିନ୍ତା କରୁ ଥିଲେ । ରାଜା ଶୁଦ୍ଧୋଦନ ପୁତ୍ରଙ୍କର ଏ ବିରାଗଯୁକ୍ତ ଅବସ୍ଥା ଦେଖି ତାଙ୍କୁ ଭୋଗ ବିଳାସ ମଧ୍ୟରେ ରଖିଲେ ଓ ତାଙ୍କୁ ଜଣେ ରାଜକୁମାରୀଙ୍କ ସଙ୍ଗେ ବିବାହ କରାଇଲେ । ଥରେ ରାଜକୁମାର ନଗର ଭ୍ରମଣ କରିବା ସମୟରେ ଜଣେ ଦୁର୍ବଳ ବୃଦ୍ଧକୁ, ଥରେ ଜଣେ ରୋଗୀକୁ, ଥରେ ଗୋଟିଏ ଶବକୁ ଦେଖି ସଂସାର ପ୍ରତି ପୂର୍ବାପେକ୍ଷା ବେଶି ବିରକ୍ତ ଓ ଉଦାସୀନ ହେଲେ ଓ ଶେଷରେ ଜଣେ ସନ୍ନ୍ୟାସୀଙ୍କୁ ଦେଖି ସ୍ଥିର କଲେ ଯେ ସଂସାରର ଦୁଃଖରୁ ମୁକ୍ତି ପାଇବାର ଏକମାତ୍ର

ଉପାୟ ବୈରାଗ୍ୟ ଅଟେ । କାଳକ୍ରମେ ଗୋପାଙ୍କ ଗର୍ଭରୁ ଗୋଟିଏ ପୁତ୍ର ସନ୍ତାନ ଜାତହେବାରୁ ସେ ସଂସାର ତ୍ୟାଗ କରିବାର ସ୍ଥିର ସଂକଳ୍ପ କଲେ । ଦିନେ ରାତ୍ରରେ ସ୍ତ୍ରୀ ନିଦ୍ରିତା ଥିବା ବେଳେ ଅନ୍ତଃପୁରରୁ ବାହାରି ଗଲେ । ସେତେବେଳେ ତାଙ୍କୁ ୨୯ ବର୍ଷ ବୟସ ହୋଇଥିଲା । ସେ ଜଙ୍ଗଲକୁ ଯାଇ ତପସ୍ୟା କଲେ ଓ ପରେ ଗୟା ନିକଟସ୍ଥ ନିରଞ୍ଜନା ନଦୀର କୂଳସ୍ଥ ଉରୁବ ଗ୍ରାମରେ ରହି ଯୋଗସାଧନ ଓ ତପଶ୍ଚରଣ କଲେ ଓ ଏହି ସାଧନାର ଫଳରେ ସେ କାମକ୍ରୋଧାଦି ରିପୁଙ୍କୁ ଦମନ କରିବାକୁ ସମର୍ଥ ହେଲେ । ଗୃହରୁ ବାହାରି ଆସିବାର ୭ ବର୍ଷ ପରେ ଆଷାଢ଼ ପୂର୍ଣ୍ଣିମା ରାତ୍ରରେ ମହାବୋଧି ବୃକ୍ଷ ମୂଳରେ ତାଙ୍କର ଉଦ୍‌ବୋଧନ ହେଲା ଓ ସେ ବୁଦ୍ଧତ୍ୱ ଲାଭ କଲେ । ସେହି ଦିନଠାରୁ ସେ ବୁଦ୍ଧ ବା ଗୌତମ ବୁଦ୍ଧ ନାମରେ ଖ୍ୟାତ ହେଲେ । ଧର୍ମ ପ୍ରଚାରାର୍ଥ ସେ କାଶୀ ଆସିଲେ ଓ ତାଙ୍କ ପ୍ରଚାର ଫଳରେ ଅନେକ ରାଜା ରାଜକୁମାର, ପ୍ରତିଷ୍ଠିତ ବ୍ୟକ୍ତି ଓ ସାଧାରଣ ବ୍ୟକ୍ତି ତାଙ୍କ ଶିଷ୍ୟତ୍ୱ ଗ୍ରହଣ କଲେ । ମଗଧର ରାଜା ବିମ୍ବିସାର ତାଙ୍କର ଶିଷ୍ୟ ହେଲେ ଓ ସମଗ୍ର ଉତ୍ତର ଭାରତରେ ତାଙ୍କ ପ୍ରଚାରିତ ବୌଦ୍ଧଧର୍ମ ବ୍ୟାପିଲା । ତାଙ୍କୁ ଘରକୁ ବାହୁଡ଼ାଇ ଆଣିବାକୁ ରାଜା ଶୁଦ୍ଧୋଦନ ଯେତେ ଲୋକଙ୍କୁ ପଠାଇଲେ ସେମାନେ ବୁଦ୍ଧଦେବଙ୍କ ଶିଷ୍ୟ ହୋଇ ତେଣେ ପଛକୁ ରହିଲେ । ପିତାଙ୍କ ଅନୁରୋଧ ରକ୍ଷା କରି ବୁଦ୍ଧଦେବ ରାଜଧାନୀକୁ ଆସିଲେ ଓ ତାଙ୍କ ପୁତ୍ର ରାହୁଲ ବୁଦ୍ଧଦେବଙ୍କର ପ୍ରଧାନ ଶିଷ୍ୟ ହେଲେ । ତତ୍‌ପରେ ବୁଦ୍ଧଦେବ ଲିଚ୍ଛବୀର ମହାରାଜାଙ୍କ ନିମନ୍ତ୍ରଣରେ ବୈଶାଳୀ ଗଲେ; ସେଠାରୁ ସଙ୍କାଶ୍ୟ, ଶ୍ରାବସ୍ତୀ, କୌଶାମ୍ବୀ, ରାଜଗୃହ, ପାଟଳୀପୁତ୍ର, କୁଶୀନଗର ଆଦି ଭ୍ରମଣ କରି ଧର୍ମ ପ୍ରଚାର କଲେ ଓ ସହସ୍ର ସହସ୍ର ଲୋକ ତାଙ୍କର ଶିଷ୍ୟ ହେଲେ । ତାଙ୍କ ଶିଷ୍ୟମାନେ ମଧ୍ୟ ନାନାସ୍ଥାନ ଭ୍ରମଣ କରି ଧର୍ମ ପ୍ରଚାର କଲେ । ସେ ସମୟକୁ ହିନ୍ଦୁ ଧର୍ମ ଓ କର୍ମକାଣ୍ଡର ଯଜ୍ଞାର୍ଥେ ପଶୁବଧର ବହୁଳତା ହୋଇଥିଲା । ସେ ଜୀବମାତ୍ରରେ ଦୟା ଓ ଅହିଂସା ଧର୍ମ ପ୍ରଚାର କଲେ । ବୁଦ୍ଧଦେବ ୪୪ ବର୍ଷକାଳ ଧର୍ମ ପ୍ରଚାର କଲେ; ଶେଷରେ କୁଶୀନଗରର ନିକଟବର୍ତ୍ତୀ ବନରେ ଥିବା ଗୋଟିଏ ଶାଳବୃକ୍ଷମୂଳରେ ପ୍ରାୟ ୮୦ ବର୍ଷ ବୟସରେ ତାଙ୍କର ଦେହାନ୍ତ ବା 'ପରିନିର୍ବାଣ' ହେଲା । ତାଙ୍କ ମୃତ୍ୟୁ ପରେ ତାଙ୍କର ଉପଦେଶମାନ ସଂଗୃହୀତ ହୋଇ ସଂଗ୍ରହରେ ତ୍ରିପିଟକ ଗ୍ରନ୍ଥ ସଙ୍କଳିତ ହେଲା । ଏହାଙ୍କ ଦାର୍ଶନିକ ସିଦ୍ଧାନ୍ତ ବ୍ରାହ୍ମବାଦ ବା ସର୍ବାତ୍ମବାଦ ଥିଲା । ଅନଳ୍ପ ୫୦ ବର୍ଷ ତଳେ ହିମାଳୟର ପାଦଦେଶ ନେପାଳର ତରାଇ (Terai) ଅଞ୍ଚଳରୁ ଜଣେ ପ୍ରତ୍ନତତ୍ତ୍ୱବିଦ୍ ସାହେବ (ଫୁରର) ଖଣ୍ଡିଏ ଶିଳାଲିପି ପାଇଥିଲେ ଓ ସେଥିରେ ଲେଖାଥିବା ୬ଧାଡ଼ି ବ୍ରାହ୍ମୀ ଅକ୍ଷର ଲିପିରୁ ସେ ସ୍ଥିର କରିଥିଲେ ଯେ ଶିଳାଲିପି ଲିଖିତ 'ଲମ୍ବିନୀ' (ଅଧୁନାତନ ନେପାଳର 'ଲୁମ୍ବିନୀ' ବା ପ୍ରଚଳିତ ଭାଷାରେ 'ରୁମିଣ୍ଡେଇ') ଗ୍ରାମରେ ବୁଦ୍ଧ ବା ଶାକ୍ୟମୁନି ଜନ୍ମଗ୍ରହଣ କରିଥିଲେ । ସେ ଶିଳାଲିପିର ଅନୁବାଦ ଯଥା—ଦେବାନାଂ ପ୍ରିୟ ପ୍ରିୟଦର୍ଶୀ ଅଶୋକ ଈଶ୍ୱରଙ୍କର ଅତିପ୍ରିୟ ଥିଲେ; ସେ ତାଙ୍କ ରାଜତ୍ୱର ଆରମ୍ଭରୁ ୨୦ ବର୍ଷ ପର୍ଯ୍ୟନ୍ତ ଦେଶ ବିଜୟରେ ବ୍ୟାପୃତ ଥାଇ ବହୁ ରକ୍ତପାତ ଓ ନାନା ଅନ୍ୟାୟ ଅତ୍ୟାଚାର କରିଥିଲେହେଁ, ଶେଷରେ ଏହି ସ୍ଥାନକୁ ଆସିଥିଲେ ଏବଂ ଈଶ୍ୱରଙ୍କ ଉପାସନା ମନ୍ତ୍ର ଉଚ୍ଚାରଣ କରି କହିଥିଲେ:—"ଏହି ସ୍ଥାନରେ ବୁଦ୍ଧ ଶାକ୍ୟମୁନି ଜାତ ହୋଇଥିଲେ, ତେଣୁ ଏ ସ୍ଥାନ ଅତି ପବିତ୍ର ଅଟେ । ବୁଦ୍ଧ ଏଠାରେ ଜାତ ହୋଇଥିବାରୁ ତାଙ୍କପାଇଁ ଗୋଟିଏ ବୃହତ୍ ପୂର୍ଣ୍ଣ ମୂର୍ତ୍ତି ସମନ୍ୱିତ ଶିଳାଫଳକ ଏବଂ ଏକ ପ୍ରସ୍ତର ସ୍ତମ୍ଭ ଏଠାରେ ନିର୍ମିତ ହେଉଅଛି । ଏହି ଲ(ଲୌ)ମ୍ବିନୀ ଗ୍ରାମରେ ସେ ଜାତ ହୋଇଥିଲେ ତେଣୁ ଆଜଠାରୁ ଏହି ଗ୍ରାମରୁ କୌଣସି ରାଜସ୍ୱ କର ଗ୍ରହଣ କରାଯିବ ନାହିଁ । ପରନ୍ତୁ ଗ୍ରାମଟିର ସୌଷ୍ଠବ ସମ୍ପାଦନ ପାଇଁ ରାଜକୋଷରୁ ପ୍ରଚୁର ଅର୍ଥ ବ୍ୟୟ କରାଯିବ ।" ଅଳ୍ପଦିନ ତଳେ ଭୁବନେଶ୍ୱର ଲିଙ୍ଗରାଜ ମନ୍ଦିରର ଦକ୍ଷିଣ ଦିଗରେ ପ୍ରାୟ ୧ମାଇଲ୍ ଦୂରରେ କପିଳେଶ୍ୱର ନାମକ ଗ୍ରାମରୁ ଗୋଟିଏ ଶିଳାଲିପି ମିଳିଅଛି । ତାହା ବ୍ରାହ୍ମୀ ଅକ୍ଷରରେ ୬ ଧାଡ଼ିରେ ଲେଖା । ନେପାଳ ଶିଳାଲିପିରେ ଯାହା ଲେଖା, ଏଥିରେ ମଧ୍ୟ ତାହା ଲେଖା । ତେବେ ୭ଟି ସ୍ଥାନରେ ସାମାନ୍ୟ ପାର୍ଥକ୍ୟ ଦେଖାଯାଏ । ନେପାଳ ଶିଳାଲିପିର ୪ଟି ଶବ୍ଦ ଭୁବନେଶ୍ୱର ଶିଳାଲିପିରେ ନାହିଁ ଏବଂ ଭୁବନେଶ୍ୱର ଶିଳାଲିପିର ୩ଟି ଶବ୍ଦ ନେପାଳ ଶିଳାଲିପିରେ ନାହିଁ; କିନ୍ତୁ ଦୁହେଁ ଏକାର୍ଥବୋଧକ । ଭୁବନେଶ୍ୱର ଶିଳାଲିପିର ୧ମ ଓ ୨ୟ ଧାଡ଼ିରେ ଥିବା ପ, କ, ଯ ଅକ୍ଷରମାନଙ୍କ ଗଢ଼ଣ ଶେଷ ଚାରିଧାଡ଼ିରେ ଥିବା ଉକ୍ତ ଅକ୍ଷରମାନଙ୍କ ଗଢ଼ଣରୁ ଟିକିଏ ପୃଥକ୍ । ଅନୁମାନ କରାଯାଇ ପାରେ ଯେ ଏହା ୨ ଜଣ କାରିଗରଙ୍କ ଦ୍ୱାରା ଖୋଦିତ । ଭୁବନେଶ୍ୱର ନିକଟରେ ଅଦ୍ୟାପି 'ଲେମ୍ବାନୀ' ବୋଲି ଏକ ଗ୍ରାମ ଅଛି । ଭୁବନେଶ୍ୱର ମନ୍ଦିର ମଧ୍ୟରୁ ମଧ୍ୟ ସମ୍ପ୍ରତି ଗୋଟିଏ ଶିଳାଲିପି ବାହାରି ଅଛି, କିନ୍ତୁ ତାହାର ପାଠୋଦ୍ଧାର ଏ ପର୍ଯ୍ୟନ୍ତ ହୋଇ ନାହିଁ—ଦୈନିକ ଆଶା ୨୪।୮।୨୮ ଶ୍ରୀ ଭଗବାନ ପତିଙ୍କ ପ୍ରେରିତ ପତ୍ର । ବସ୍ତୁତଃ ଜଣାପଡ଼େ ଯେ ନେପାଳରେ ପ୍ରାପ୍ତ ଶିଳାଲିପିର ଭୁବନେଶ୍ୱରର ଶିଳାଲିପି ଗୋଟିଏ ପ୍ରତିଲିପି ମାତ୍ର । ଭୁବନେଶ୍ୱର ଗୋଟିଏ ପ୍ରସିଦ୍ଧ ପ୍ରାଚୀନ ବୌଦ୍ଧକ୍ଷେତ୍ର ଥିଲା, କିନ୍ତୁ ଏ ଅଞ୍ଚଳରେ ଶାକ୍ୟମୁନି ଜନ୍ମଗ୍ରହଣ କରିଥିବା କଳ୍ପନା କଳ୍ପିତ ବୋଲି ଅନୁମିତ ହୁଏ । ]

୩ । ବିଷ୍ଣୁଙ୍କର ୧୦ ଅବତାର ମଧ୍ୟରୁ କଳିଯୁଗରେ ଅବତୀର୍ଣ୍ଣ ହେବା ଦାରୁରୂପୀ ବୌଦ୍ଧାବତାର ( ଏ ଦାରୁମୂର୍ତ୍ତି ଉତ୍କଳର ନୀଳାଚଳ କ୍ଷେତ୍ରରେ ବା ପୁରୀରେ ଜଗନ୍ନାଥରୂପେ ବିରାଜିତ )—3. The ninth iucarnation of Bishnu in the form of an wooden

image in the temple of Puri in Orissa. [ଦ୍ର—ବୁଦ୍ଧଦେବଙ୍କୁ କେହି କେହି ବିଷ୍ଣୁଙ୍କର ନବମ ବା ବୌଦ୍ଧାବତାର ଓ ଜଗନ୍ନାଥଦେବଙ୍କୁ ସେହି ବୁଦ୍ଧଙ୍କର ଦେହର ଅଂଶବିଶେଷ ବୋଲି କହନ୍ତି । ଜଗନ୍ନାଥଦେବଙ୍କର ରଥଯାତ୍ରା ବୌଦ୍ଧ ଉତ୍ସବର ଗୋଟିଏ ନିଦର୍ଶନ ବୋଲି କେହି କେହି କହନ୍ତି; କିନ୍ତୁ ପୁରୀରେ ହିନ୍ଦୁମାନଙ୍କର 'ଜଗନ୍ନାଥ ପୂଜା' ସଙ୍ଗେ ଓ ଆଧୁନିକ ହିନ୍ଦୁଧର୍ମର ଅଗ୍ରସର ସଙ୍ଗେ ବୌଦ୍ଧଧର୍ମର କୌଣସି ସମତା ଲକ୍ଷିତ ହେଉ ନାହିଁ । ଐତିହାସିକମାନେ ସ୍ଥିର କରିଅଛନ୍ତି ଯେ, ଚୋଡ଼ଗଙ୍ଗ-ଦେବଙ୍କ ସନ୍ତାନହୀନା ପାଟରାଣୀ ଗୁଣ୍ଡିଚ୍ଚ ବା ଗୁଣ୍ଡେଶ୍ୱରୀ ଦେବୀ ବା ଗୁଣ୍ଡିଚେଶ୍ୱ ଦେବୀ ଜଗନ୍ନାଥଙ୍କ ରଥଯାତ୍ରାକୁ ଆରମ୍ଭ କରିଥିଲେ ଓ ତାଙ୍କ ନାମ ଅନୁସାରେ ରଥଯାତ୍ରାକୁ ଗୁଣ୍ଡିଚ୍ଚ ବୋଲାଯାଏ । ବର୍ତ୍ତମାନ ଅତଏବ ବୌଦ୍ଧଧର୍ମ ଓ ହିନ୍ଦୁଧର୍ମ ସ୍ୱତନ୍ତ୍ର ଧର୍ମ ଅଟେ । ହିନ୍ଦୁଧର୍ମ ଭାରତର ବାହାରକୁ ଅଗ୍ରସର ହୋଇ ନାହିଁ, କିନ୍ତୁ ବୌଦ୍ଧଧର୍ମ ପ୍ରଚାର-ମାହାତ୍ମ୍ୟରେ ସିଂହଳ, ବ୍ରହ୍ମଦେଶ, ଚୀନ୍, ତିବ୍ବତ୍ ଓ ଜାପାନ ଆଦି ଦେଶରେ ବିସ୍ତୃତି ଲାଭ କରିଅଛି । ବର୍ତ୍ତମାନ ବୌଦ୍ଧଧର୍ମ ଭାରତରେ ବେଶି ବ୍ୟାପ୍ତ ନୁହେଁ ।]

୪. ବିଣ—( +କର୍ମ. ତ )—୧ । ଜ୍ଞାତ; ବିଦିତ—1 Known. ୨ । ଅନୁଭୂତ—2. Perceived; experienced ୩ । ଜାଗରିତ—3. Awaken. ୪ । ବୋଧଗମ୍ୟ ହୋଇଥିବା--4. Understood; comprehended.

**ବୁଦ୍ଧ ଗୟା**—ବି. ବ—ଗୟାର ୮ମାଇଲ ଦୂରବର୍ତ୍ତୀ ବୌଦ୍ଧମାନଙ୍କର
Buddha gayā ତୀର୍ଥବିଶେଷ—A place near Gaya, sacred to the Buddihsts. [ ଦ୍ର—ଏଠାରେ ବୁଦ୍ଧଦେବ ତପସ୍ୟା କରିଥିଲେ; ଏହା ଜଣେ ହିନ୍ଦୁ ମହନ୍ତଙ୍କ ମାଲିକତାଧୀନରେ ଅଛି ।]

**ବୁଦ୍ଧ ଗୁରୁ (ସ୍ୱାମୀ)**--ମହିମାଧର୍ମ ସମ୍ପ୍ରଦାୟର ପ୍ରତିଷ୍ଠାତା ମହିମାଗୋସାଇଁଙ୍କର
Buddha guru (swāmi) ନାମାନ୍ତର—A name of Mahimā Gosāiñ, the founder of the Mahimā Dharma.

ମହିମା ସ୍ୱାମୀ, ଅଲେଖସ୍ୱାମୀ, ଅଲେଖ, ବ୍ରହ୍ମାବଧୂତ, ଧୂଳିଆଗୋସାଇଁ, ଶୀରିହାସୀ, ନି(ନା)ହାରୀ, ଫଳାହାରୀଗୋସାଇଁ, ପ୍ରବୃଦ୍ଧଗୁରୁ } ଅନ୍ୟରୂପ

**ବୁଦ୍ଧ ଦେବ**—ଦେ. ବ—ବୁଦ୍ଧ (୧) (ଦେଖ)
Buddha deba Buddha (1) ( See ).

**ବୁଦ୍ଧି**—ସଂ ବ (ବୁଧ୍ ଧାତୁ+ଭାବ. ତି) —୧ । ଜ୍ଞାନ—1. Know-
Buddhi ledge. ୨ । ବୋଧ ଶକ୍ତି—2. Intelligence; understanding; perception. ୩ । ମତ; ମନର ନିଷ୍ପତ୍ତିକା ବୁଦ୍ଧି; ମନୋବୃତ୍ତିବିଶେଷ—3. Conviction. ୪ । ( +କରଣ. ତି) ଚିତ୍ତବୃତ୍ତି; ଅନ୍ତଃକରଣ—4. Mind; the heart. ୫ । (+କର୍ମ. ତି) ମହତ୍ତତ୍ତ୍ୱ-5. The primary faculty or intellect. [ଦ୍ର—ବେଦାନ୍ତ ଦର୍ଶନ ମତରେ ବୁଦ୍ଧି ଅନ୍ତଃକରଣର ଚତୁଃ ବୃତ୍ତି (ମିତଃ, ବୁଦ୍ଧି, ଚିତ୍ତ, ଅହଙ୍କାର) ମଧ୍ୟରୁ ୨ୟ ବୃତ୍ତି ଅଟେ । ଏହା ନିତ୍ୟ ଓ ଅନିତ୍ୟ ଭେଦରେ ୨ ପ୍ରକାର । ନିତ୍ୟବୁଦ୍ଧି ପରମାତ୍ମାଙ୍କର ଓ ଅନିତ୍ୟବୁଦ୍ଧି ଜୀବର । ସାଂଖ୍ୟ ମତରେ ତ୍ରିଗୁଣାତ୍ମିକା ପ୍ରକୃତିର ପ୍ରଥମ ବିକାର ବୁଦ୍ଧିତତ୍ତ୍ୱ ଅଟେ ଓ ଏହାକୁ ମହତ୍ତତ୍ତ୍ୱ ବୋଲାଯାଏ । ସାଂଖ୍ୟମତରେ ଜଗତ୍ ଯେତେବେଳେ ସୁଷୁପ୍ତାବସ୍ଥାରୁ ଜାଗ୍ରତ ହେଲା, ସେତେବେଳେ ପ୍ରଥମେ ଏହି ମହତ୍ତତ୍ତ୍ୱର ବା ବୁଦ୍ଧିତତ୍ତ୍ୱର ବିକାଶ ହେଲା । ନୈୟାୟିକମାନେ ବୁଦ୍ଧିର ଅନୁଭୂତି ଓ ସ୍ମୃତି ଏହି ଦୁଇ ଭେଦକୁ ସ୍ୱୀକାର କରନ୍ତି । କେତେକଙ୍କ ମତରେ ବୁଦ୍ଧିର ଇଷ୍ଟାନିଷ୍ଟ, ବିପତ୍ତି, ବ୍ୟବସାୟ, ସମାଧିତା, ସଂଶୟ ଓ ପ୍ରତିପତ୍ତି, ଏହି ପାଞ୍ଚଗୁଣ ଓ ଅନ୍ୟ କେତେକଙ୍କ ମତରେ ବୁଦ୍ଧିର ଶୁଶ୍ରୂଷା, ଗ୍ରହଣ, ଶ୍ରବଣ, ଧାରଣ, ଊହ, ଅପୋହ ଓ ଅର୍ଥବିଜ୍ଞାନ ଏହି ସାତଗୁଣ ଅଛି । ପାଶ୍ଚାତ୍ୟ ପଣ୍ଡିତମାନେ ଅନ୍ତଃକରଣର ସବୁ ବ୍ୟାପାରର ସ୍ଥାନ ମସ୍ତିଷ୍କ ଥିବାର ସ୍ଥିର କରନ୍ତି; ବୁଦ୍ଧି ଏକ ପ୍ରାକୃତିକ ଶକ୍ତି ଅଟେ, ତଥାପି ଜ୍ଞାନ ଓ ଅନୁଭବର ସହାୟତାରେ ଏଥିର ବିକାଶ ହୁଏ । ବୁଦ୍ଧିର ଅନ୍ୟ ସଂସ୍କୃତ ପ୍ରତିଶବ୍ଦ ମନୀଷା, ଧୀଷଣା, ଧୀ, ପ୍ରଜ୍ଞା, ମତି, ପ୍ରେକ୍ଷା, ଚିତ୍, ଚେତନା, ଧାରଣା, ପ୍ରତିପତ୍ତି, ମେଧା, ମନ, ମନସ୍, ଜ୍ଞାନ, ବୋଧ, ପ୍ରତିଭା, ବିଜ୍ଞାନ ଓ ଶେମୁଷୀ—ହି. ଗ. ] ଦେ. ବି—୧ । ମନର ତୀକ୍ଷ୍ଣତା—1. Sharpness of intellect. ୨ । ମନର ଗତି—2. Tendency of mind; the bent of mind. ୩ । ପରାମର୍ଶ; ଉପଦେଶ—3. Advice. ( ଉ—ବୁଦ୍ଧି ଦେଇ କରିବ ବିପଯାକ ଲୋପ । କୃଷ୍ଣସିଂହ. ମହାଭାରତ ବନ ।) ୪ । ବିବେଚନା ଶକ୍ତି—4. Reasoning faculty. ୫ । ଉପସ୍ଥିତ ବୁଦ୍ଧି—5. Presence of mind. [ ଦ୍ର—ବୁଦ୍ଧି କହିଲେ ଆମ୍ଭେମାନେ ସାଧାରଣତଃ ୪ଟି ଅର୍ଥ ବୁଝିଥାଉଁ—ଯଥା—କ । କୌଣସି ବିଷୟରେ ହଠାତ୍ ପ୍ରବେଶ କରି ତାହା ବୁଝିବାର ଶକ୍ତି—a. Intelligence; sense of understanding (ଯଥା—ସେ ପିଲାଟିର ବୁଦ୍ଧି ସରସ ନୁହେଁ ) ଖ । ହିତାହିତ ବିବେଚନା ଶକ୍ତି—b. The power of distinguishing good from bad; power of discrimination; discretion. ଗ । ଉପାୟ—c. Means Expedient. ( ଉ—ବଡେଇ ହିଏ ପରକୁ, ବୁଦ୍ଧି ନ ଆସେ ଘରକୁ । ଢଗ । ଘ । ସାଂସାରିକ ଜ୍ଞାନ; ବିଷୟବୁଦ୍ଧି—d. Worldly wisdom; common sense. କୌଣସି ବିଷୟକୁ ଜାଣିବାର ବା ବୁଝି ପାରିବାର ନାମ ଜ୍ଞାନ; ଅନେକ ବିଷୟରେ ଜ୍ଞାନ ଦୃଢ଼ ହେଲେ ତାହା ଅଭିଜ୍ଞତା; ଧ୍ୟାନଦ୍ୱାରା ସତ୍ୟକୁ ହୃଦୟଙ୍ଗମ କରିବା ପ୍ରଜ୍ଞା; ଧ୍ୟାନ ଓ ଧାରଣା ଶକ୍ତିର ନାମ ଧୀ; ପ୍ରତିଭାମୂଳକ ଜ୍ଞାନ–

ଶକ୍ତିକୁ ମନ; ଇଚ୍ଛାସ୍ୱିକା ମନୋବୃତ୍ତିକୁ ବୁଦ୍ଧି ବୋଲି-
ଯାଏ । କିନ୍ତୁ ସାଧାରଣତଃ ଏହି ସମସ୍ତ ବୃତ୍ତିକୁ ଆମ୍ଭେମାନେ
'ବୁଦ୍ଧି' ବୋଲି କହୁଥାଉଁ । ]

ବୁଦ୍ଧିଆ—ଦେ. ଣ—ବୁଦ୍ଧିମାନ୍—
Buddhiā बुधियार बुद्धिमान Intelligent

ବୁଦ୍ଧି ଆସିବା—ଦେ. ବ—ଉପଯୁକ୍ତ ଉପାୟ ସ୍ଥିରହେବା; ବୁଦ୍ଧିର ଉଦୟ
Buddhi āsibā ହେବା—The dawning of any expedient in the mind [ଉ—
ବୁଦ୍ଧି ପଶିବା, ବୁଦ୍ଧି ସ୍ଫୁରିବା }—ଅନ୍ୟରୂପ ବଢେଇ ଦିଏ ପରକୁ, ବୁଦ୍ଧି ନ ଆସେ ଘରକୁ । ଉଗ ।

ବୁଦ୍ଧି ଖଟା(ଟେ)ଇବା—ଦେ. କ୍ରି—କୌଣସି କାର୍ଯ୍ୟରେ ନିଜର ବୁଦ୍ଧିକୁ
Buddhi khaṭā(ṭe)ibā ପ୍ରବେଶ କରାଇବା—To apply one's
बुधिखरचकरना brain (to somematter).
बुद्धिखरचकरना (ବୁଦ୍ଧି ଖରଚ କରିବା—ଅନ୍ୟରୂପ)

ବୁଦ୍ଧିଗମ୍ୟ—ସ. ଣ—(ସ୍ତ୍ରୀ ତତ୍)—ବୋଧଗମ୍ୟ; ବୋଧଶକ୍ତିର
Buddhigamya ଗୋଚର—Within the compass of
(ବୁଦ୍ଧିଗୋଚର—ଅନ୍ୟରୂପ) one's comprehension capable of being understood by.

ବୁଦ୍ଧିଚକ୍ଷୁଃ—ସ. ବ—(ବହୁବ୍ରୀହି)—ପ୍ରଜ୍ଞା ଚକ୍ଷୁଃ; (ଲକ୍ଷଣା) ଧୃତରାଷ୍ଟ୍ର—
Buddhichakshuh An epithet of Dhrutarāshṭra.

ବୁଦ୍ଧିଜୀବୀ—ସଂ ଣ. ପୁଂ—(ବୁଦ୍ଧି+ଜୀବ୍ ଧାତୁ+କର୍ତ୍ତୃ ଇନ୍)—୧ ।
Buddhijībi ଯେ ନିଜର ବୁଦ୍ଧିବଳରେ ଜୀବିକା ନିର୍ବାହ କରେ—1.
(ବୁଦ୍ଧିଜୀବିନୀ—ସ୍ତ୍ରୀ) Earning livelihood by intellect;
living on one's wits ୨ । ଅତ୍ୟନ୍ତ ବୁଦ୍ଧିମାନ୍—
Very intelligent.

ବୁଦ୍ଧି ଦି(ଦୁ)ଶିବା—ଦେ. ବ—ବୁଦ୍ଧିର ଉଦୟ ହେବା; ଉପାୟ ମନରେ
Buddhi di(du)sibā ପଡ଼ିବା—Finding out a way
बुद्धिउपजना out of a difficulty. (ଉ—ଏ କରିବେ କିଛୁ
बुद्धि देखा जाओया ବୁଦ୍ଧି ନ ଦିଶିଲା, ନ ପାଇଲେ ସ୍ଥଳକୂଳ ।
ଦିନକଶୋର ପଣ୍ଡିତ ।

ବୁଦ୍ଧି ଦେବା—ଦେ. କ୍ରି—ପରାମର୍ଶ ଦେବା; ଉପାୟ ବତାଇଦେବା—
Buddhi debā बुद्धि देओया बुद्धिदेना To advise.

ବୁଦ୍ଧି ନ ଆସିବା—ଦେ. ବ— କୌଣସି ଘଟଣାର ପ୍ରତିକାର ପାଇଁ ଉପାୟ
Buddhi na āsibā ମନରେ ନ ପଡ଼ିବା—Not being able
बुद्धिनहीआना to find out a means; being at a loss.
ବୁଦ୍ଧି ନ ଦିଶିବା, ବୁଦ୍ଧି ନ ଦଶିବା }—ଅନ୍ୟରୂପ (ଉ—ବୁଦ୍ଧି ନ ଆସେ ଘରକୁ, ବଢେଇଦିଏ ପରକୁ । ଉଗ ।)

ବୁଦ୍ଧିନାଶ—ସ. ବ—(ଷଷ୍ଠୀ ତତ୍; ବୁଦ୍ଧି+ନାଶ)—ବୋଧ ଶକ୍ତିର
Buddhi nāśa ଲୋପ—Destruction or disappearance
(ବୁଦ୍ଧିଲୋପ—ଅନ୍ୟରୂପ) of one's reasoning faculty.

ବୁଦ୍ଧିପର—ସ. ବ—(ଷଷ୍ଠୀ ତତ୍)—ବୁଦ୍ଧିର ଅଗମ୍ୟ (ବ୍ର. ଣ)—
Buddhipara Beyond comprehension.

ବୁଦ୍ଧି ବତା(ତେ)ଇବା—ଦେ. କ୍ରି—ଅନ୍ୟ ବ୍ୟକ୍ତିକୁ ଉପସ୍ଥିତ ବିପଦର
Buddhi batā(te)ibā ବା ଘଟଣାର ପ୍ରତିକାର ବତାଇବା—To
बुद्धिबतलाना suggest to a person a means to achieve or evade some thing.
बुद्धिबातलान

ବୁଦ୍ଧିବନ୍ତ—ଗ୍ରା. ଣ. ପୁଂ (ସ. ବୁଦ୍ଧିମନ୍ତ)—ବୁଦ୍ଧିମାନ୍ (ଦେଖ)—
Buddhibantā बुद्धिवन्त Budhimān (See). (ଉ—
(ବୁଦ୍ଧିବାନ୍—ଅନ୍ୟରୂପ) ଦ୍ୱାଦଶେ ବୁଦ୍ଧିବନ୍ତ ଜ୍ଞାନ, ମେଧାବୀ ସୁବୁଦ୍ଧି;
ବୁଦ୍ଧିବନ୍ତା, ବୁଦ୍ଧିବନ୍ତୀ }—ସ୍ତ୍ରୀ बुद्धिमान ଗ୍ରାହେଣ ।
ପ୍ରାଚୀ—ପୂର୍ଣ୍ଣଚନ୍ଦ୍ର ଚନ୍ଦ୍ରୋଦୟ ।)

ବୁଦ୍ଧିବାଟ—ଉପାୟ—Means; expedient.
Buddhibāṭa

ବୁଦ୍ଧି ବିକାଶ—ସ. ବ—(ଷଷ୍ଠୀ ତତ୍; ବୁଦ୍ଧି+ବିକାଶ)—ବୋଧଶକ୍ତିର
Buddhi bikāśa ପ୍ରକାଶ—The dawning of understanding or intelligence.

ବୁଦ୍ଧି ବିବେକ—ଦେ. ବ, (ସହଚର)—ବୁଦ୍ଧି—
Buddhi bibeka सुधबुध Intelligence; discernment.
(ବୁଦ୍ଧି ସୁଦ୍ଧି—ଅନ୍ୟରୂପ) बुद्धिशुद्धि

ବୁଦ୍ଧି ବିହୀନ—ସ. ଣ. ପୁଂ. ( ସ୍ତ୍ରୀ ତତ୍ )—ନିର୍ବୁଦ୍ଧିଆ; ନିର୍ବୋଧୀ
Buddhi bihīna ଯାହାର ବୁଦ୍ଧି ନାହିଁ—Stupid; ignorant; foolish; silly.
ବୁଦ୍ଧିହୀନ, ବୁଦ୍ଧିଶୂନ୍ୟ }—ଅନ୍ୟରୂପ
(ବୁଦ୍ଧି ବିହୀନା, ବୁଦ୍ଧିହୀନା, ବୁଦ୍ଧିଶୂନ୍ୟା—ସ୍ତ୍ରୀ)
(ବୁଦ୍ଧି ବିହୀନତା, ବୁଦ୍ଧି ହୀନତା, ବୁଦ୍ଧି ଶୂନ୍ୟତା—ବିଶେଷ୍ୟ ରୂପ)

ବୁଦ୍ଧି ବୃତ୍ତି—ସ. ବ. (ବୁଦ୍ଧି+ବୃତ୍ତି; ଷଷ୍ଠୀ ତତ୍)—ବୋଧ କରିବାର
Buddhi brutti ଶକ୍ତି; ବୁଝିବାର ଶକ୍ତି; ଇଚ୍ଛାସ୍ୱିକା ମନୋବୃତ୍ତି-
Faculty of understanding; intellect-intelligence; intellectual faculty.

ବୁଦ୍ଧିମତ୍ତା—ସ. ବ. ( ବୁଦ୍ଧିମତ୍+ଭାବାର୍ଥେ. ତା )—ବୁଦ୍ଧିମାନ୍ ହେବା
Buddhimattā ଅବସ୍ଥା—Intelligence

ବୁଦ୍ଧିମନ୍ତ—ଦେ. ଣ. ପୁଂ (ସ. ବୁଦ୍ଧିମତ)—ବୁଦ୍ଧିମାନ୍ (ଦେଖ)
Buddhi manta Buddhimān (See)
बुद्धिवन्त (ଉ—ହନୁମାନ ଅଟନ୍ତି ଯେ ଅତି ବୁଦ୍ଧିମନ୍ତ । କୃଷ୍ଣସିଂହ.
[ବୁଦ୍ଧିମନ୍ତୀ(ନ୍ତ୍ରୀ)—ସ୍ତ୍ରୀ] बुद्धिमान् ମହାଭାରତ, ବନ ।)

ବୁଦ୍ଧିମାନ୍—ସ. ଣ. ପୁଂ (ବୁଦ୍ଧି+ଅସ୍ତି ଅର୍ଥରେ, ମତ୍; ବୁଦ୍ଧିମତ୍ ୧ମା.
Buddhimān ୧ବ)—ବୁଦ୍ଧି ବିଶିଷ୍ଟ—Intelligent.
(ବୁଦ୍ଧିମତୀ—ସ୍ତ୍ରୀ)

ବୁଦ୍ଧିରେ ପଡ଼ିବା—ଦେ. କ୍ରି—(ଅନ୍ୟର) ଉପଦେଶ ବା ଅନୁରୋଧ
Buddhire paṛdibā ଅନୁସାରେ କାର୍ଯ୍ୟ କରିବା ବା ଚାଳିତ
बुद्धिमे पडना ହେବା—To act or be guided according to the advice or request of another.
(ଉ—ପୁତ୍ର ସ୍ନେହରେ ପୁତ୍ର ବୁଦ୍ଧିରେ ପଡ଼ିଲେ । କୃଷ୍ଣସିଂହ.
ମହାଭାରତ. ବନ ।)

ବୁଦ୍ଧିଶାଳୀ—ସଂ ଣ. ପୁଂ. (ବୁଦ୍ଧି+ଶାଳିନ୍; ୧ମା. ୧ବ)—
Buddhiśāli ବୁଦ୍ଧିମାନ୍—Intelligent.
(ବୁଦ୍ଧିଶାଳିନୀ, ବୁଦ୍ଧିଶୀଳା—ସ୍ତ୍ରୀ) ( ବୁଦ୍ଧିଶୀଳ—ଅନ୍ୟରୂପ

**ବୁଦ୍ଧି ସଦ୍ମ**—ସ. ବି. (୬ଷ୍ଠୀ ତତ୍)—ଚିତ୍ତ; ହୃଦୟ—
Buddhi sadma — The heart.
[ଦ୍ର—ଅଧୁନାତନ ବିଜ୍ଞାନ ଅନୁସାରେ ମସ୍ତିଷ୍କହିଁ ବୁଦ୍ଧିସଦ୍ମ ଅଟେ ।]

**ବୁଦ୍ଧି ସହାୟ**—ସ. ବି. (୬ଷ୍ଠୀ ତତ୍; ବୁଦ୍ଧି=ଜ୍ଞାନ+ସହାୟ=ସହଚର)-
Buddhi sahāya ୧ । ମନ୍ତ୍ରୀ—1. Minister.
୨ । ପରାମର୍ଶଦାତା—2. Adviser.

**ବୁଦ୍ଧିହତ**—ସ. ବିଣ. ପୁଂ. (ବହୁବ୍ରୀହି)—୧ । ବୁଦ୍ଧିହୀନ; ନିର୍ବୁଦ୍ଧିଆ—
Buddhi hata 1. Foolish. ୨ । କିଂକର୍ତ୍ତବ୍ୟବିମୂଢ଼—
(ବୁଦ୍ଧିହତା—ସ୍ତ୍ରୀ) 2. Bewildered.

**ବୁଦ୍ଧିହା**—ସ. ବିଣ. (ବୁଦ୍ଧି + ହନ ଧାତୁ+କର୍ତ୍ତୃ. କ୍ୱିପ୍) ଯାହା ମନୁଷ୍ୟର
Buddhihā ବୁଦ୍ଧିକୁ ନଷ୍ଟ କରେ — Blunting the intellect.

**ବୁଦ୍ଧି ହେବା**—ଦେ· କ୍ରି—୧ । ଶିଶୁର ମାନସିକ ଶକ୍ତିର ବିକାଶ ହେବା-
Buddhi hebā 1. The dawning of intellect in a
ବୁଦ୍ଧିଶୁଦ୍ଧି ହଓଆ child. ୨ । ଶିଶୁଠାରେ ଭଲ ମନ୍ଦ ବୁଝିବାର
ଶକ୍ତିର ବିକାଶ ହେବା—2. The dawning
of discretion in a child. (ଯଥା—ପିଲାର ବୁଦ୍ଧି
**ସୁଧବୁଧହୋନା** ହୋଇ ନାହିଁ, ସେ ବଡ଼ ହୋଇଗଲେ ସବୁ ବୁଝି ପାରିବ
ଯେ ।)

**ବୁଦ୍ଧୀନ୍ଦ୍ରିୟ**—ସ. ବି. ( ହିନ୍ଦୁ ଦର୍ଶନ; ୬ଷ୍ଠୀ ତତ; ବୁଦ୍ଧି + ଇନ୍ଦ୍ରିୟ )—
Buddhīndriya ଜ୍ଞାନେନ୍ଦ୍ରିୟ; ଯେଉଁ ଇନ୍ଦ୍ରିୟମାନଙ୍କ ସାହାଯ୍ୟରେ
ମନୁଷ୍ୟର ବାହ୍ୟ ବସ୍ତୁ ସମ୍ବନ୍ଧେ ଜ୍ଞାନ ଜନ୍ମେ; ଚକ୍ଷୁ, କର୍ଣ୍ଣ
ନାସିକା, ଜିହ୍ୱା, ତ୍ୱକ୍ ଓ ମନ—(Hindu Philosophy)
The organs of perception, viz. eyes, ears,
nose, tongue, skin and the mind.

**ବୁଦ୍‌ବୁଦା**—ଦେ. ବି—ବୁଦ୍ ବୁଦ୍ (ଦେଖ)—Budbud (See)
Budbudā (ଉ—ଅଣ ଅସର ଜଗିକାରେ, ବୁଦ୍‌ବୁଦା ପ୍ରାୟେ ମୁଁ
ଶୂନ୍ୟରେ । ପ୍ରାଚୀ. ଯଶୋବନ୍ତ. ପ୍ରେମଭକ୍ତି ବ୍ରହ୍ମଗୀତା ।)

**ବୁଧ୍ (ଧାତୁ)**—ସ—ଜାଣିବା—
Budh (root) To know.

**ବୁଧ**—ସ. ବି. ( ବୁଧ୍ ଧାତୁ+କର୍ତ୍ତୃ. ଅ )—୧ । ଜ୍ୟୋତିଷୋକ୍ତ
Budha ନବ ଗ୍ରହ ମଧ୍ୟରୁ ୪ର୍ଥ ଗ୍ରହ—1. The peanet
Mercury. [ ଦ୍ର—ଆଧୁନିକ ଜ୍ୟୋତିଷ ଗଣନା-
ନୁସାରେ ସୌର ଜଗତର ସମସ୍ତ ଗ୍ରହଙ୍କଠାରୁ ବୁଧ
ଗ୍ରହ ସୂର୍ଯ୍ୟଙ୍କର ବେଶି ନିକଟବର୍ତ୍ତୀ । ଏ ସୂର୍ଯ୍ୟଙ୍କଠାରୁ ୩
କୋଟି ୬୦ ଲକ୍ଷ ମାଇଲ ଦୂରରେ ରହି ୮୮ ଦିନରେ
ସୂର୍ଯ୍ୟଙ୍କୁ ଥରେ ପରିକ୍ରମଣ କରେ । ଏ ଗ୍ରହର ବ୍ୟାସ
୩୧୦୦ ମାଇଲ ଓ ଏ ୨୪ ଘଣ୍ଟା ୫୧ ମିନିଟ୍‌ରେ ନିଜର
ଅକ୍ଷରେ ଥରେ ଘୁରେ । ବୁଧର କକ୍ଷର ବ୍ୟାସ ୭ କୋଟି
୨୦ ଲକ୍ଷ ମାଇଲ ଏବଂ ବୁଧ ପ୍ରତି ଘଣ୍ଟାରେ ପ୍ରାୟ ୧ ଲକ୍ଷ
ମାଇଲ ଗତି କରେ । ଏହା ସୂର୍ଯ୍ୟଙ୍କର ବହୁତ ସମୀପରେ
ଥିବାରୁ ଓ ସୂର୍ଯ୍ୟ ଯେଉଁ ରାଶିରେ ଥାଆନ୍ତି ଏ ପ୍ରାୟ ସେହି
ରାଶିରେ ଥିବାରୁ ଖାଲି ଆଖିକୁ ଦେଖା ପଡ଼େ ନାହିଁ ।
ଏହାର ନିଜର ଆଲୋକ ନାହିଁ, ଏ ସୂର୍ଯ୍ୟଙ୍କ ଆଲୋକରେ
ଉଜ୍ଜ୍ୱଳ ଦେଖାଯାଏ । ଆକାରରେ ଏହା ପୃଥିବୀର ୧୮
ଭାଗର ଏକ ଭାଗ । ହିନ୍ଦୁ ଜ୍ୟୋତିଷଶାସ୍ତ୍ର ମତରେ
ନବଗ୍ରହ ମଧ୍ୟରୁ ବୁଧ ୪ର୍ଥ ଗ୍ରହ ଓ ଦେବଗୁରୁ ବୃହସ୍ପତିଙ୍କ
ଧର୍ମ ପତ୍ନୀ ତାରାଙ୍କଠାରୁ ଚନ୍ଦ୍ରଙ୍କ ଔରସରେ ଉତ୍ପନ୍ନ । ଏ
ନପୁଂସକ, ଶୂଦ୍ର, ଅଥର୍ବବେଦଜ୍ଞ, ରଜୋଗୁଣୀ, ମଗଧ
ଦେଶର ଅଧିପତି, ବାଲସ୍ୱଭାବ, ଦୂର୍ବାଶ୍ୟାମ ଓ ଧନୁର
ଆକାରବିଶିଷ୍ଟ ଗ୍ରହ । ରବି ଓ ଶୁକ୍ର ଏହାଙ୍କ ମିତ୍ର ଓ ଚନ୍ଦ୍ର
ଏହାଙ୍କ ଶତ୍ରୁ ଗ୍ରହ; କୌଣସି ପୁରାଣ ମତରେ ବୁଧ ବୈବସ୍ୱତ
ମନୁଙ୍କ କନ୍ୟା ଇଲାଙ୍କୁ ବିବାହ କରିଥିଲେ ଓ ତାଙ୍କଠାରୁ
ଚନ୍ଦ୍ରବଂଶର ଆଦିପୁରୁଷ ପୁରୁରବା ରାଜା ଜନ୍ମିଥିଲେ । ହି. ଶ]
୨ । ଜ୍ଞାନୀ ବ୍ୟକ୍ତି; ପଣ୍ଡିତ—2 Learned man; wise
man. ୩ । ସୂର୍ଯ୍ୟ ବଂଶୀୟ ଜଣେ ରାଜା (ଅଗ୍ନିପୁରାଣ)—
3. Name of a king of the Solar dynasty.
୪ । ମଙ୍ଗଳବାରର ପରବର୍ତ୍ତୀ ଓ ଗୁରୁବାରର ପୂର୍ବବର୍ତ୍ତୀ
ବାର—4. Wednesday. ୫ । ବେଗବାନ୍ ରାଜାଙ୍କ ପୁତ୍ର
ଓ ତୃଣବିନ୍ଦୁ ରାଜାଙ୍କ ପିତା ( ଭାଗବତ ) ( ହି. ଶ )—
5. Name of a king of ancient India. ୬ ।
କୁକ୍କୁର (ହି. ଶ)—6. Dog.

**ବୁଧ ଚକ୍ର**—ସ. ବି—(ଜ୍ୟୋତିଷ) ବୁଧଗ୍ରହ ଭିନ୍ନ ଭିନ୍ନ ରାଶିରୁ ସଞ୍ଚାର
Budha chakra କରିବା ସମୟରେ ଶୁଭାଶୁଭ ଜ୍ଞାପକ ଜ୍ୟୋତିଷ-
ଚକ୍ର—(Astrology) An astrological drawing or circle showing the passing of the
planet Mercury through the different
houses of the zodiac, with good or evil
results to men.

**ବୁଧ ଚଳନ**—ସ. ବି—(୬ଷ୍ଠୀ ତତ୍)—ବୁଧ ଗ୍ରହର ଏକ ରାଶିରୁ ଅନ୍ୟ
Budha chalana ରାଶିକୁ ଗମନ—The course of the
(ବୁଧଗ୍ରହର—ଅନ୍ୟରୂପ) planet Mercury in the different houses of the zodiac.

**ବୁଧ ଜନ**—ସ.ବି—ପଣ୍ଡିତ ବ୍ୟକ୍ତି; ଜ୍ଞାନୀ ବ୍ୟକ୍ତି—A learned man,
Budha jana a wise man.

**ବୁଧ ବାର**—ସ. ବି—ମଙ୍ଗଳବାରର ପରବର୍ତ୍ତୀ ବାର—
Budha bāra ( ବୁଧବାସର—ଅନ୍ୟରୂପ ) Wednesday.

**ବୁଧ ରତ୍ନ**—ସ. ବି—ବୁଧ ଗ୍ରହଙ୍କର ପ୍ରୀତିଜନକ ମଣି; ମରକତ ମଣି—
Budhā ratna (ବୁଧମଣି—ଅନ୍ୟରୂପ) Emerald.

**ବୁଧାନ**—ସ. ବି—(ବୁଧ୍ ଧାତୁ+କର୍ତ୍ତୃ. ଆନ)—୧ । ଜ୍ଞାନୀ ବ୍ୟକ୍ତି—
Budhāna 1. A wise man. ୨ । ଗୁରୁ—2. Preceptor. ୩ । କବି—3. A poet. ୪ । ବ୍ରହ୍ମ-
ବାଦୀ; ବ୍ରହ୍ମ ଉପାସକ—4. A worshipper of the
Brahma. ୫ । ପ୍ରିୟବାଦୀ ବ୍ୟକ୍ତି—5. A person
who speaks kindly or sweetly.

**ବୁଧାଷ୍ଟମୀ**—ସ. ବି—ମାର୍ଗଶିର, ମାଘ, ଫାଲ୍ଗୁନ, ବୈଶାଖ ଓ ଜ୍ୟେଷ୍ଠ ଏହି
Budhāshṭamī ୫ ମାସରେ ଶୁକ୍ଳ ଅଷ୍ଟମୀ ତିଥିରେ ପଡ଼ିବା
ବୁଧବାର—Wednesday falling on the 8th.

day of the bright fortnight of the months Mārgasira, Māgha, Fālguna, Baisākha and Jyaisṭha of the year.
[ ଦୃ—ଏ ଦିନ ସ୍ତ୍ରୀଲୋକମାନଙ୍କର ବ୍ରତ କରିବାର ବିଧି ଅଛି । ]

**ବୁଧି**—ଗ୍ରା. ବି—(ସଂ. ବୁଦ୍ଧି)—୧ । ବୁଦ୍ଧି (ଦେଖ)—1. Buddhi
Budhi **बुधि** (See) [ଦୃ—ବୁଧି ନ ଥିଲେ ଗୁଣ କିସ ଦେବ ଅନୁପାମ । ପ୍ରାଚୀ. ବ୍ରହ୍ମାଣ୍ଡଭୂଗୋଳ ଗୀତା ।] ୨ । ପୁରୁଷଙ୍କୁ ଓ ସ୍ତ୍ରୀଲୋକଙ୍କୁ ଡାକିବା ନାମ—2. A name given to males and females.

**ବୁଧିଆ**—ଗ୍ରା. ବିଣ—ବୁଦ୍ଧିଆ; ବୁଦ୍ଧିମାନ୍—Intelligent. ଦେ. ବି.
Budhiā ପୁଂ— (ଅନାଦରାର୍ଥକ)—ବୁଧି ନାମକ ବ୍ୟକ୍ତିକୁ ଡାକିବା
**बुधमान** बुद्धिमान नाम—Name for calling a person
(ବୁଧେଇ—ସ୍ତ୍ରୀ) Budhi.

**ବୁଧିତ**—ସଂ. ବିଣ—(ବୁଧ୍ ଧାତୁ+କର୍ମ କ୍ତ)—ଜ୍ଞାତ—
Budhita Known.

**ବୁଧିଲ**—ସଂ.ବିଣ.ପୁଂ—(ବୁଧ୍ ଧାତୁ+ଶୀଳ ଅର୍ଥେ. ଇଲ)—ଜ୍ଞାନୀ; ବିଦ୍ୱାନ୍—
Budhila (ବୁଧିଲା—ସ୍ତ୍ରୀ) Wise; learned.

**ବୁଧେଇ ଓଷା**—ଦେ. ବି—ଭାଦ୍ର ମାସ ବୁଧବାରରେ ସ୍ତ୍ରୀଲୋକମାନେ
Budhei oshā ଯେଉଁ ଉପବାସ କରନ୍ତି—Name of a religious fast observed by females on wednesdays in the month of Bhādra.

**ବୁଧ୍ନ**—ସଂ. ବି—(ବୁଧ୍ ଧାତୁ+କର୍ତ୍ତୃ. ନ)—୧ । ବୃକ୍ଷ ମୂଳ—1 The
Budhna root of a tree. ୨ । ଶିବ—2. Siba.

**ବୁନିଆଦ(ତ, ଦ୍, ଦି)**—ବୈଦେ. ବି—(ପା. ବୁନିୟାଦ୍)—୧ । ଗୃହର
Buniāt(ti, d, di) ମୂଳଦୁଆ; ମୂଳ ଭିତ୍ତି; ନିଅଁ—1. Foundation of a house. ୨ । କାନ୍ଥର ମୂଳଦୁଆ—2.
बनियाद Foundation of a wall; the part of a wall
**बुनियाद, निव** below the ground level. ୩ । କୌଣସି ବିଷୟର ଗୋଡ଼ା; ମୂଳ; ଆରମ୍ଭ—3. Origin or beginning of a thing. ୪ । ବଂଶର ପୂର୍ବ ଅବସ୍ଥା—4. The previous state or condition of a family. ୫ । ବଂଶର ଇତିହାସ—5. The past history of a family. ୬ । ମହତ୍ତ୍ୱ—6. Greatness. [ ଦୃ—ମେଲା ମେଲା ଗୃହରତ ଗୁହ୍ଠି, ବାପ ଅଜାଙ୍କର ବୁନିଆଦ ଗାଇ । ରଚାଗ୍ର. ଗୀତଲହରୀ ।]

**ବୁନିଆଦ ଖୋଳିବା**—ଦେ. କ୍ରି—୧ । ଘରର ବା କାନ୍ଥର ମୂଳ ଭିତ୍ତିକୁ
Buniāt kholibā ଖୋଳିବା—1. To dig the founda-
बनियाद खोड़ॅा **निव खोदना, निव लेना** tion.
୨ । (ଲକ୍ଷଣାର୍ଥ; ମନ୍ଦାର୍ଥ) କୌଣସି ବଂଶର ପୂର୍ବ ଇତିହାସ ପ୍ରକାଶ କରିବା—2. (figurative) To divulge the origin or past history of a family (ordinarily in a bad sense.)

**ବୁନିଆଦି**—ବୈଦେ. ବିଣ—(ପା. ବୁନିୟାଦୀ)—୧ । ଉତ୍ତମ ଓ ସୁଦୃଢ଼
Buniādi ମୂଳଦୁଆ ଥିବା (କୋଠା)—1. (a building) Hav-
**बनियादी** ing a strong foundation. ୨ । ଖାନ୍ଦାନ; ଧନୀ ଓ
**बुनियादी** ପୁରାତନ ଉଚ୍ଚ ବଂଶୋଦ୍ଭବ (ବ୍ୟକ୍ତି)—2. (a person) Descended from a high and respectable family. ୩ । ଧନୀ; ଅବସ୍ଥାପନ୍ନ—3. Substantial (person). ୪ । ପ୍ରାଚୀନ ଓ ସମ୍ମାନିତ (ପରିବାର) 4. Ancient and respectable (family). ବୈ. ବି.—ବୁନିଆଦ୍ (ଦେଖ)—Buniāt (See)

**ବୁନିଆଦ ବତା(ତେ)ଇବା**—ଦେ. କ୍ରି—କୌଣସି ବଂଶର ପୂର୍ବ ଇତିହାସ
Buniādi batā(te)ibā କହିବା—To describe the past
**बुनियाद बताना** history or origin of a family.

**ବୁନୋସ୍**—ଦେ. ବି—(ନାମ)—ରାଜସ୍ଥାନସ୍ଥ ନଦୀ ବିଶେଷ—
Bunos A river in Rajasthan. [ଦୃ—ଯେ ଦେଖେ ବୁନୋସ ତଟେ ସୁକ୍ଷ୍ମବନେ ଗଜବଂ ଲଇକା କରି ଗାଧୁନ । ନନ୍ଦକିଶୋର କୃଷ୍ଣକୁମାରୀ ।]

**ବୁନ୍ଦ୍**—ପ୍ରାଦେ· (ସମ୍ବଲପୁର) ବି—ବୃକ୍ଷାଦିର ମୂଳ—
Bund Root of a tree.

**ବୁନ୍ଦ**—ଦେ. ବି—(ସଂ. ବିନ୍ଦୁ)—ବିନ୍ଦୁ; ଟୋପା—
Bunda बुंद **बुँद** Drop.

**ବୁନ୍ଦା**—ଦେ. ବି—(ସଂ. ବିନ୍ଦୁ; ହି. ବୁନ୍ଦା)—୧ । ବିନ୍ଦୁ ଟୋପା—
Bundā **बुँद** 1. Drop. ୨ । କଲମ ମୁନରେ କାଗଜ ଉପର
बुंद ମାରିବା ବିନ୍ଦୁ—2. A dot with the tip of the pen.

**ବୁନ୍ଦା ଦେବା**—ଦେ. କ୍ରି—୧ । କଲମଦ୍ୱାରା କାଗଜ ଆଦି ଉପରେ ଗୋଟିଏ
Bundā debā ବିନ୍ଦୁ ଲେଖିବା—1. To put a dot with
(ବୁନ୍ଦାମାରିବା ଅନ୍ୟରୂପ) the pen on a paper; to write.
**बुँदा मारना** ୨ । (ଲକ୍ଷଣାର୍ଥ) କୌଣସି କାର୍ଯ୍ୟର ପ୍ରଥମ ଆରମ୍ଭ
बुंदमारा କରିବା—2. (Figurative). To begin a work.

**ବୁନ୍ଦିଆ**—ଦେ· ବି (ସଂ. ବିନ୍ଦୁ)—ଗୁଡ଼ଲର ବା ବୁଟ ବେସନର ପିଠଉକୁ
Bundiā ଛାଲଚଟୁର ଛିଦ୍ରଦ୍ୱାରା ଫୁଟୁଥିବା ଘିଅ ବା ତେଲ ଉପରେ
**बुँदिया** ପକାଇ କରାଯିବା ଏକପ୍ରକାର ଗୋଲଗୋଲ ବା ଲମ୍ବା ଛୋଟ ଅବୃତ୍ତ ବର୍ଷିଷ୍ଟ ମିଠାଇ—A kind of sweetmeat.

**ବୁନ୍ଦିଆ ଚଟୁ**—ଦେ· ବି—ବୁନ୍ଦିଆ ଛାଣିବା ପାଇଁ ବଡ଼ ବଡ଼ ଛିଦ୍ର ଥିବା
Bundiā chaṭu ଏକପ୍ରକାର ଛାଲ ଚଟୁ—A perforated
**झाम; झाँझर** ladle used in frying Bundia sweet
झाँजराहाता meat.

**ବୁନ୍ଦେଲ୍ ଖଣ୍ଡ**—ଦେ. ବି ( ନାମ )—ସଂଯୁକ୍ତ ପ୍ରଦେଶର ଗୋଟିଏ ଅଂଶ
Bundel khanda —Bundelkhand; name of a
**बुन्देल खंड** tract of the United Provinces. [ ଦୃ
**बुंदेल खण्ड** —ଖ୍ରୀ: ୧୪ଶ ଶତାବ୍ଦୀରେ ଏଠାରେ ରାଜତ୍ୱ କରୁଥିବା ବୁନ୍ଦେଲା ନାମକ କ୍ଷତ୍ରିୟ ବଂଶର ନାମରୁ ଏ ଅଞ୍ଚଳର ନାମ ହୋଇଅଛି । ବର୍ତ୍ତମାନ ଏହା ଦୁଇ ଭାଗରେ ବିଭକ୍ତ । ଯଥା—

ନ ୧୭ ଇଂରେଜ ଶାସିତ ଝାନ୍ସି, ଜାଲୌନ, ହମିରପୁର, ବାନ୍ଦା ଜିଲା ଓ ୨ । ଦେଶୀୟ ରାଜଶାସିତ ଓର୍ଛା, ଦତିଆ, ପନ୍ନା, ଚରଖାରି, ଅଜୟଗଡ ଓ ଛତ୍ରପୁରଆଦି ରାଜ୍ୟ । ଏ ଅଞ୍ଚଳ ବିନ୍ଧ୍ୟପର୍ବତର ଉତ୍ତରରେ ଅବସ୍ଥିତ । ]

ବୁନ୍ଦେଲ୍ ଡୁଲି—ପ୍ରାଦେ ( ସମ୍ବଲପୁର ) ବି—ଯେଉଁ ଖାଲୁଆ ଜମିରେ Bundel ḍuli ଚତୁଃପାର୍ଶ୍ୱ ଉଚ୍ଚ ଜମିମାନଙ୍କରୁ ପାଣି ଗଡ଼ି ଆସି ଜମା ହୁଏ—Low land into which water from the sorrounding higher lands flow and accumulate.

ବୁନ୍ଦେଲା—ଦେ. ବି ( ନାମ )—ଉତ୍ତର ଓ ମଧ୍ୟ ଭାରତବାସୀ କ୍ଷତ୍ରିୟ Bundelā ରାଜବଂଶବିଶେଷ—A dynasty of Kshatriya kings residing in the northern and central India. [ ଦ୍ର—ଏମାନେ ଗହରବାର ବଂଶର ଏକ ଶାଖା ଥିବାର କଥିତ । ଏହି ବଂଶର ଆଦିପୁରୁଷ ଆପଣା ଦେହ ଚିରି ରକ୍ତରୁ ବିନ୍ଧ୍ୟବାସିନୀ ଦେବୀଙ୍କୁ ବଳି ଦେଇଥିଲେ । ଖ୍ରୀ. ୧୪ଶ ଶତାବ୍ଦୀରେ ଏମାନେ ବୁନ୍ଦେଲ୍ ଖଣ୍ଡ ଅଞ୍ଚଳରେ ପ୍ରତାପଶାଳୀ ହୋଇଥିଲେ ଓ ଏହାଙ୍କ ନାମ ଅନୁସାରେ ଏ ଅଞ୍ଚଳର ବୁନ୍ଦେଲଖଣ୍ଡ ନାମ ହେଲା । ] ପ୍ରାଦେ ( ଧୁମ୍ବା ପଣ୍ଡାଙ୍କ ବ୍ୟବହୃତ ) ବି ଓ ବୁँदेला ବିଣ—ବୁନ୍ଦେଲ ଖଣ୍ଡ ଅଞ୍ଚଳବାସୀ ଯାତ୍ରୀ—Pilgrims hailing from Bundelkhand.
ବୁନ୍ଦୁ(ନ)ଲା
ବନ୍ଦ(ନ୍ଦ, ନ୍ଦେ)ଲ } ଅନ୍ୟରୂପ
ବୁନ୍ଦେଲି ଖଣ୍ଡୀ

ବୁପରା—ପ୍ରାଦେ ( ସମ୍ବଲପୁର ) ବି. ପୁଂ ( ଭୁଲ. ହି. ବପୁରା )— Bup-rā ବାପୁଡ଼ା; ବିଚରା—Poor fellow; poor man. (ବୁପ୍ରୀ—ସ୍ତ୍ରୀ)

ବୁବା—ପ୍ରାଦେ ( ଉତ୍ତରଖଣ୍ଡ ) ବି—ବାପ—Father. Bubā

ବୁବୁଧାନ—ସଂ. ବି. ପୁଂ ( ବୁଧ୍ ଧାତୁ+କର୍ତ୍ତୃ. ଆନ )—୧ । ପଣ୍ଡିତ Bubudhāna —1. A learned man. ୨ । ଆଚାର୍ଯ୍ୟ (ବୁବୁଧାନା—ସ୍ତ୍ରୀ) —2. Preceptor. ୩ । ଦେବତା— 3. Deity. ସଂ. ବିଣ. ପୁଂ—ବିଦ୍ୱାନ୍—Learned.

ବୁବେ(ବୋ)ଇ—ପ୍ରାଦେ ( ବାଲେଶ୍ୱର ) ବି—୧ । ସରୁ, ଲମ୍ବା Bube(bo)i ଏବଂ ଧାରୁଆ ପତ୍ରଯୁକ୍ତ ଏକ ଜାତୀୟ ଘାସ ଗଛ— 1. A kind of grass, with thin long and sharp-edged leaves. ୨ । ବୁବେଇ ଘାସରୁ ତିଆରି ହୋଇଥିବା ଦଉଡ଼ି—3. Rope made of that grass.

ବୁଭୁକ୍ଷା—ସଂ. ବି ( ଭୁଜ୍ ଧାତୁ+ଇଚ୍ଛାର୍ଥେ ସନ୍+ଭାବ. ଅ+ଆ ) Bubhukshā —ଭୋଜନ କରିବା ଇଚ୍ଛା; କ୍ଷୁଧା; ଭୋକ— Hunger; desire to eat.

ବୁଭୁକ୍ଷିତ—ସଂ. ବିଣ. ପୁଂ ( ବୁଭୁକ୍ଷା+ଜାତାର୍ଥେ ଇତ )—କ୍ଷୁଧାର୍ତ୍ତ; Bubhukshita କ୍ଷୁଧିତ; ଭୋକିଲା—Hungry. ( ବୁଭୁକ୍ଷିତା—ସ୍ତ୍ରୀ )

ବୁଭୁକ୍ଷୁ—ସଂ. ବିଣ ( ଭୁଜ୍ ଧାତୁ+ଇଚ୍ଛାର୍ଥେ ସନ୍+କର୍ତ୍ତୃ. ଉ )— Bubhukshu ୧ । ଭୋଜନେଚ୍ଛୁ—1. Wishing to eat. ୨ । କ୍ଷୁଧିତ—2. Hungry.

ବୁଭୁତ୍ସା—ସଂ. ବି ( ବୁଧ୍ ଧାତୁ+ଇଚ୍ଛାର୍ଥେ. ସନ୍+ଅ+ଆ )— Bubhutsā ୧ । ଜାଣିବାକୁ ଇଚ୍ଛା—1. A wish to know. ୨ । ବୁଝିବାର ଇଚ୍ଛା—2. Wish to understand.

ବୁଭୁତ୍ସୁ—ସଂ ବିଣ ( ବୁଧ୍ ଧାତୁ+ସନ୍+କର୍ତ୍ତୃ. ଉ )—ଜାଣିବାକୁ Bubhutsu ଇଚ୍ଛୁକ—Desirous of knowing.

ବୁଭୂଷା—ସଂ. ବି ( ଭୂ ଧାତୁ ହେବା+ଇଚ୍ଛାର୍ଥେ ସନ୍+ଭାବ. ଅ+ Bubhūshā ଆ )—୧ । ସମ୍ଭବେଚ୍ଛା—1. A desire to (ବୁଭୂଷୁ—ବିଣ) be born. ୨ । ହେବାର ଇଚ୍ଛା—2. A desire to be or to exist. ୩ । ଯଶୋଲାଭ ପାଇଁ ଇଚ୍ଛା —3. Desire for fame.

ବୁଭୂଷୁ—ସଂ. ବିଣ ( ଭୂ ଧାତୁ+ସନ୍+କର୍ତ୍ତୃ. ଉ )—୧ । ହେବା- Bubhūshu ପାଇଁ ଇଚ୍ଛୁକ—1. Desiring to exist. ୨ । ଜନ୍ମଲାଭ କରିବାକୁ ଇଚ୍ଛୁକ—2. Wishing to be born. ୩ । ଯଶୋଲାଭ ପାଇଁ ଇଚ୍ଛୁକ—3. Desirous of attaining fame.

ବୁୟଲ୍—ପ୍ରାଦେ ( ଉତ୍ତରଖଣ୍ଡ )—ବଳଦ—Ox. Buyal

ବୁର—ବୈଦେ. ବି ( ଇଂ. ବୁଅର୍ )—ବୁଅର୍ ( ଦେଖ ) Bur Buar ( See )

ବୁର-(ରୁ)କା—ବୈଦେ. ବି ( ଅ )—ମୁସଲମାନ୍ ସ୍ତ୍ରୀମାନେ ବାହାରେ Bur-(ru)ka ଗମନ କରିବା ସମୟରେ ସମସ୍ତ ଶରୀରକୁ ବୁର୍କା ଘୋଡ଼ାଇବା ପାଇଁ ବ୍ୟବହାର କରିବା ମସ୍ତକରୁ ପାଦ- बुरक़ा ପର୍ଯ୍ୟନ୍ତ ଲମ୍ବିଥିବା ଏକ ଖୋଳ ( ଏଥିରେ ମୁହଁରେ ଆଖି ସ୍ଥାନରେ ଛିଦ୍ର ଦୁଇଟି ଥାଏ )—A cloak or veil covering the whole body of Mahomedan women when they go out.

ବୁର—ଦେ. ବି—୧ । ଶିମିଳି ଗଛ—1. The silk cotton tree. Bura ୨ । ମାଛକୁ ଖାଇବା ପାଇଁ ବନ୍ସିରେ ଯାହା ଅନ୍ନ ଯାହା ଦିଆଯାଏ; ଚୋପ—2. ait for fish, fixed to the angling hook. ପ୍ରାଦେ (ବୌଦ୍ଧ) ବି—ବରକୋଳି —Jujube.

ବୁରଝାଞ୍ଜି—ଦେ. ବି—ବୋରଝାଞ୍ଜି ( ଦେଖ ) Burajhānji Borajhānji ( See )

ବୁର(ର)ବୁଡ଼ାଇବା—ପ୍ରାଦେ ( ସମ୍ବଲପୁର ) କ୍ରି—୧ । ଲୁଚାଇବା; Bura(r-)burḍāibā କୌଣସି ପଦାର୍ଥକୁ ଗୁପ୍ତସ୍ଥାନରେ ରଖିଦେବା —1. To stow; to conceal. ୨ । ପୂର୍ଣ୍ଣଥିବା ଜଳପାତ୍ରରେ ହାତ ବୁଡ଼ାଇ ଦେବା—2. To dip one's hand in a jug full of water.

ବୁର(ର)ବୁଡ଼ିବା—ପ୍ରାଦେ ( ଗଡ଼ଜାତ ) କ୍ରି—ବାଡ଼ ଭାଙ୍ଗି ପଶିବା— Bura(r-)burḍibā To enter into an enclosure by breaking a fence.

ବୁରା—ବିଶେ. ଭଣ ( ଫା. ବୁରା )—୧ । ମନ୍ଦ—1. Bad; evil
Burā ୨ । ଜଘନ୍ୟ—2. Inferior. ୩ । ଅନୁଚିତ—3.
मन्द; খারাপ Improer ବିଶେ. ବି [ ଫା. ବୋରା;
बुरा ତୁଳ ସଂ ବସ୍ତ୍ର=ବସ୍ତ୍ର(ଯୋଗେଶଚନ୍ଦ୍ର); ସଂ ପୁର—ପତର-
बोरा ଦନା; ତତ୍ତ୍ୱ ଦ୍ର. ଘ ]—ବୋରା; ବସ୍ତା—Gunny
बोरा bag.

ବୁରାଇ—ପ୍ରାଦେ ( ସମ୍ବଲପୁର ) ବି—ତୋଟା—A plantation or
Burāi grove of trees. ବିଶେ. ବି ( ଫା )—୧ ।
बुराइ ମନ୍ଦତା—1. Badness. ୨ । ପ୍ରାଦେ (ବାଲେଶ୍ୱର)
ଅନୌଚିତ୍ୟ—2. Impropriety.

ବୁରାଦା—ବିଦେ. ବି ( ଫା )—କରତ ଗୁଣ୍ଡ—
Burāda बुरादा Sawdust.

ବୁରି—ପ୍ରାଦେ ( ବାଲେଶ୍ୱର ) ବି—ତୋଟା—
Buri A tope of fruit trees.

ବୁରି ଦେବା—ପ୍ରାଦେ ( ବାଲେଶ୍ୱର ) କ୍ରି—ଲିପିବା—
Buri debā To annoint; to besmear.

ବୁରୁଗି—ପ୍ରାଦେ ( ଗଡ଼ଜାତ ) ବି—ଯେଉଁ କର୍ମଚାରୀମାନେ ରାଜଗୃହକୁ
Burugi ସମାଗତ ବ୍ୟକ୍ତିଙ୍କ ତତ୍ତ୍ୱନେବାକୁ ନିଯୁକ୍ତ ହୋଇଥାଅନ୍ତି
Persons who take care of guests of a palace.

ବୁରୁଚ୍—ବିଦେ.ବି (ଇଂ. ବ୍ରୁଚ୍)—ବ୍ରୁଚ୍; ଡାକ ଅଦରୁ ଲୁଗା ଯେପରି
Buruch ଖସି ନ ଯାଏ, ସେଥିପାଇଁ ବ୍ୟବହୃତ ଏକପ୍ରକାର
ब्रुच; बुरुच ব্রুচ, ব্রুচ ଅଳଙ୍କାରଲଗା ପିନ୍ଧା—A brooch.

ବୁରୁଛ - ଗ୍ରା. ବି—(ସଂ. ବୃକ୍ଷ)—ବୃକ୍ଷ—
Buruchha Tree.

ବୁରୁଜ—ବିଦେ. ବି. (ଅ. ବୁର୍ଜ୍=ଏକ ବଡ଼ନ; ବୁରୁଜ୍=ବନ୍ଧୁ-
Buruja ବଡ଼ନ)—୧ । ଦୁର୍ଗର ପ୍ରାଚୀର ଦେହକୁ ଲାଗି ମଧ୍ୟେ
बुरुज ମଧ୍ୟେ ଉଠାର କରାଯାଇଥିବା ବୃତ୍ତାକାର ମାଟିର ବା ପଥରର ସ୍ତୂପ
बुर्ज ବା ଗୃହ—1. A bastion. ୨ । କଟକର ଦୁଇ ଅଡ଼େ
ପ୍ରବାହିତ ମହାନଦୀର ଓ କାଠଯୋଡ଼ିର ବନ୍ୟାରୁ କଟକ
ସହରକୁ ରକ୍ଷା କରିବାପାଇଁ ଓଡ଼ିଆ ରାଜା ନିର୍ମିତ ଦେଉଳାଙ୍କ
ଦ୍ୱାରା ନିର୍ମିତ ପଥରବନ୍ଧର ଯେଉଁ ଅଂଶ ନଦୀ ଭିତରକୁ
ପଶିଗଲା ଭଳି ଉଠାର ହୋଇଅଛି । (ଏଥିରେ ଧକ୍କା ଲାଗି
ସ୍ରୋତର ବେଗ ପ୍ରତିହତ ହୁଏ ଓ ନଦୀସ୍ରୋତ କୂଳରେ
ବେଶି ଚୋଟ୍ଲଗେ ଅଘାତ କରେ ନାହିଁ) ।
2. Bastion-like projections along the stone embankments of the Kathjori and the Mahanadi rivers on both sides of the town of Cuttack. ୩ । ଏକପ୍ରକାର ତାସ୍‌ଖେଳ
3. A kind of game with cards.

ବୁରୁଝାଞ୍ଜି—ପ୍ରାଦେ (ଗଞ୍ଜାମ) ବି—ବୋରଝାଞ୍ଜି (ଦେଖ)
Burujhāñji Borajhāñji (See).

ବୁରୁତ—ଗ୍ରା. ବି. ୧ । ( ସଂ. ବୃତ୍ତି )—ବୃତ୍ତି ( ଦେଖ )
Buruta 1. Brutti (See).
୨ । ( ସଂ. ବୃତ୍ତ ). ବୃତ୍ତ ( ଦେଖ )
2. Brutta ( See ).

ବୁରୁତାନ୍ତ—ଗ୍ରା. ବି—ବୃତାନ୍ତ (ଦେଖ)
Burutānta Brutānta (See).

ବୁରୁତି—ଗ୍ରା. ବି—ବୃତ୍ତି (ଦେଖ)
Buruti Brutti (See).

ବୁରୁଧ—ଗ୍ରା. ବି. ଓ ଭଣ (ସଂ. ବୃଦ୍ଧ)—ବୃଦ୍ଧ (ଦେଖ)
Burudha Brudha (See).

ବୁରୁଧ ଗାଲୁ—ଗ୍ରା. ବି—ବୃଦ୍ଧ ଗାଲୁ (ଦେଖ)
Burudha gālu Brudha gālu (See).
ବୁରୁଧଗାଲୁଅ } —ଅନ୍ୟରୂପ
ବୁରୁଧଗିଲୁଅ }

ବୁରୁଧି—ଗ୍ରା. ବି (ସଂ. ବୃଦ୍ଧି)—ବୃଦ୍ଧି (ଦେଖ)
Burudhi Bruddhi (See).

ବୁରୁଧୁ—ବିଦେ. ବି (ଇଂ. Board, ବୋର୍ଡ୍)—ପାନେଲ୍ କବାଟର
Burudhu ଚାରିପାଖରେ ଲାଗିବା ଫଟା—The frame
कोर, बुरुध् পানেলের ঠাট of a panelled door.

ବୁରୁନ୍ଦା—ଗ୍ରା. ବି. ପୁଂ (ଅନାଦରାର୍ଥକ)—ବୃନ୍ଦାବନର ଡାକନାମ—
बुंदा বেন্দা A name for calling Brundābana.
[ବୁରୁନ(ନ, ନ୍)—ଅନାଦରାର୍ଥକ ରୂପ]

ବୁରୁନ୍ଦାବନ—ଗ୍ରା. ବି—ବୃନ୍ଦାବନ (ଦେଖ)
Burundābana বিন্দাবন Brundābana (See).

ବୁରୁନ୍ଦାବତୀ—ଗ୍ରା. ବି (ସଂ. ବୃନ୍ଦାବତୀ)—ବୃନ୍ଦାବତୀ (ଦେଖ)
Burundābatī Brundābatī (See).

ବୁରୁବୁରା—ଦେ. ବି (ସଂ. ବୁଦ୍‌ବୁଦ)—ବୁଦ୍‌ବୁଦ; ପାଣିଫୋଟକା—
Buruburā बुलबुला বুদবুদ Water bubble.

ବୁରୁଲ(ଲି, ଲା)—ଦେ. ବି ( ବଙ୍ଗଳା ଭାଷାର ଆଙ୍ଗୁଲ ପାଠ୍ୟ ପୁସ୍ତକରୁ
Burul(l, lā) ଗୃହୀତ; ସଂ. ବୃଦ୍ଧାଙ୍ଗୁଳ )—୧ ଯବ ବା ବୁଢ଼ା
बुरुल अंगुठा ଅଙ୍ଗୁଠିର ପରିମାଣ; ପ୍ରାୟ ଏକ ଇଞ୍ଚ—
One inch; the breadth of the thumb.

ବୁରୁଷ୍—ବିଦେ. ବି (ଇଂ. ବ୍ରଷ୍)—୧ । ପଶୁମାନଙ୍କର ଲୋମକୁ ସାଫ୍‌କରିବା
Burus ଉଦ୍ଦେଶ୍ୟରେ ତିଆରି ଟାଆଁସା ଲୋମନିର୍ମିତ ପାଉଁଶ
ବୃରୁଷ }
ବ୍ରୁଶ୍ } —ଅନ୍ୟରୂପ ବା ମାର୍ଜନୀ—A brush for combing the body of animals.
ବ୍ରୁଶ୍ } ( e. g. horse ).
ব্রাশ ब्रुश ୨ । ମନୁଷ୍ୟଙ୍କ ମୁଣ୍ଡର ବାଳକୁ ସାଫ୍‌କରିବାରେ
ବ୍ୟବହୃତ ଲୋମନିର୍ମିତ ପାଉଁଶ; କେଶ ମାର୍ଜନୀ—
2 Hair brush. ୩ । ଦାନ୍ତ ମାଜିବାର ମୁଠା ବା
ମଞ୍ଜାମୁଠା—3. A tooth brush. ୪ । ଚିତ୍ର
କରିବାରେ ବ୍ୟବହୃତ ତୁଳିକା—4. A painting
brush. ୫ । ଯୋତା ସଫାକରିବାର ତୁଳିକା—
5. Shoe-brush. ୬ । ଲୁଗାରୁ ଧୂଳି ଝାଡ଼ିବାପାଇଁ
ବ୍ୟବହୃତ ଲୋମନିର୍ମିତ ମାର୍ଜନୀ—6. Cloth brush.

[ ଦ୍ର—ଅଳଙ୍କାର, ବସ୍ତ୍ର, ଘୋଡ଼ା ଓ ଶରୀର ପ୍ରଭୃତି ସଫା କରିବା ପାଇଁ ଉକ୍ତ ଉପକରଣରେ ନାନାବିଧ ବୃରୁଶ୍ ଉଆର ହୁଏ, ଯେ ସୁଦ୍ଧାକର ନାମ ମଧ୍ୟ ବ୍ୟବହାର ଅନୁସାରେ ଭିନ୍ନ ଭିନ୍ନ । ]

ବୁରୁଶ କରିବା—ଦେ. କ୍ରି—ଘୋଡ଼ା ଆଦିକୁ ବୃରୁଶଦ୍ୱାରା ସଫା କରିବା ବା ସାଉଁଳିବା—To brush (the hair, the shoes, the teeth and the body of the horse).
Burus karibā
ब्रुश करा
ब्रुश देना (ବୃରୁଶ ମାରିବା—ଅନ୍ୟରୂପ)

ବୁରେଇ—ପ୍ରାଦେ. (ସମ୍ବଲପୁର; ବାଲେଶ୍ୱର) ବି.—ତୋଟା—
Burei A plantation or grove of trees. [ ଦ୍ର—ଶାସନ ପିଲ୍ଲାଗୁଡ଼ାକ ସଖାଲୁ ସଞ୍ଜ ଯାଏ ନଡ଼ିଆ ବୁରେଇ ତଳେ ଧାଁ ଦଉଡ଼ ହୋ ହୋ ପାଞ୍ଚ କରି ଖେଳୁ ଥାନ୍ତି । ଫକୀରମୋହନ. ଗଳ୍ପ ସ୍ୱଳ୍ପ ।]

ବୁରେଶ୍ୱ—ଦେ. ବି. ସ୍ତ୍ରୀ—ଦେବୀ ବିଶେଷ—
Burebi Name of a popular Goddess.

ବୁରୋ—ପ୍ରାଦେ. (ସମ୍ବଲପୁର) ବି.—(ଭୂଲ. ବ୍ର, ବେର୍)—୧ । ବର-
Buro କୋଳି—1. The jujube plum. ୨ । କୋଳି—2. Plum. ୩ । (ବୈଦେ.) ବି.—(ଇଂ. ଓ ଫ୍ରେଞ୍ଚ ବ୍ୟୁରୋ=ଦରାଜ ଥିବା ଅଲମାରି ବା ଟେବୁଲ ) ଦରାଜ ଲଗା ଅଲମାରି—Bureau; a chest of drawyers.

ବୁଲ୍ (ଧାତୁ)—କ୍ରି.—୧ । ମଗ୍ନ ହେବା—1. To sink. ୨ । ଭ୍ରମଣ
Bul (root) କରିବା—2. To walk. ୩ । ଭାସି ଉଠିବା—3. To float up.

ବୁଲ୍‌ଚ(ଚା)ଲ—ଦେ· ବି—(ସହଚର)—ବୁଲା ଚଲା; ଭ୍ରମଣ କରିବା—
Bul cha(chā)l चला फेरा चलना बुलना Walking.

ବୁଲ୍ ଟେରିଅ(ଆ)ର୍—ବୈଦେ. ବି—(ଇଂ. ବୁଲ୍ ଟେରିଅର୍)—ବୁଲ୍-
Bul·teria(ā)r ଡଗ୍ ଓ ଟେରିଅର୍ ନାମକ ଶ୍ୱେତ ଆକାରର ବୁଲ टेरियार କୁକୁରର ଦୋଜୋଖଲା ଏକପ୍ରକାର ବଳିଷ୍ଠ କୁକୁର—
बुल टेरियार Bull-terrier.

ବୁଲ୍ ଡଗ୍—ବୈଦେ. ବି. (ଇଂ)—ଏକ ପ୍ରକାର ବଡ଼ଟମୁହାଁ ବଳିଷ୍ଠ
Bul-dag बुलडग बुलडग Bulldog.
[ ଦ୍ର—ଏହି ଇଂରାଜି ଶବ୍ଦର ଅର୍ଥ ଷଣ୍ଢ କୁକୁର । ଏ କୁକୁରକୁ ପୂର୍ବେ ଷଣ୍ଢ ଲଢ଼େଇରେ ଷଣ୍ଢକୁ ଖୁମ୍ପେଇବା କର୍ମରେ ଲଗାଯାଉ ଥିବାରୁ ଏହି ନାମ ହୋଇଅଛି । ଏ ୬ଫୁଟ ପର୍ଯ୍ୟନ୍ତ ଉଚ୍ଚ; ଦେହର ଲୋମ ଛୋଟ ଓ ଦେହ ଚିକଣିଆ; ଏ ଦୃଢ଼କାୟ ଓ ହୃଷ୍ଟପୁଷ୍ଟ । ଦେହ ଅନୁପାତରେ ଏହା ମୁଣ୍ଡ ବଡ଼ ଓ ମୁହଁ ଚକଟ । ଏ ଭାରି ଶିକାରୀ ଓ ସାହସୀ ।]

ବୁଁଲ୍(ଲୁ)ବୁଲ୍(ଲୁ)—ବୈଦେ. ବି. (ଅ. ବୁଲ୍ ବୁଲ୍)—ଗୋବର ଚଢ଼େଇ;
Bul(lu)bul(lu) ଭୃଙ୍ଗଶ ଚଢ଼େଇ; ଶାଖାଶ୍ରୟୀ ବର୍ଗରେ ଗୋବର
बुलबुल बुलबुल ବର୍ଗର ଛୋଟ ପକ୍ଷୀ—The fly catcher.
[ ଦ୍ର—ଏମାନେ ବଗିଚାରେ ଯୋଡ଼ା ଯୋଡ଼ା ହୋଇ ବୁଲନ୍ତି ଓ ବୁଦାଡାଠିରେ ବସା ବାନ୍ଧି ଅଣ୍ଡାଦିଏ ବୁଧ କରନ୍ତି । ଏମାନେ ଅନେକ ଜାତୀୟ—ଯଥା—୧ । ନାଲି ବୁଲ୍ ବୁଲ୍—ଏମାନଙ୍କର ମୁଣ୍ଡ, ଗଳା ଓ ଛାତିର ସାମନାରେ ଉଚା ଉଚା କଳାଦାଗ ଥାଏ; ପେଟ ଓ ଲାଞ୍ଜ ତଳ ଟୋପା ନାଲି; ମୁଣ୍ଡରେ ଚୂଳ ନାହିଁ । ଏମାନଙ୍କୁ ବଙ୍ଗଳାରେ ଲାଲ ବୁଲ୍‌ବୁଲ ଓ ଇଂରାଜିରେ Molapastes Bengalenes କହନ୍ତି । ୨ । ଏ ପ୍ରକାର ବୁଲ୍‌ବୁଲ୍ ନାଲି ଓ ଏହାର ଲମ୍ବ ଚୂଳ ଥାଏ; ପଶ ପ୍ରାନ୍ତ ଗୋଲାପୀ । ଏମାନଙ୍କୁ ବଙ୍ଗଳାରେ ସିପାଇ ବୁଲ୍‌ବୁଲ ଓ ଇଂରାଜିରେ Buculus Melanobucus କହନ୍ତି ।

୩ । ଏ ପ୍ରକାର ବୁଲ୍‌ବୁଲର ମୁଣ୍ଡରେ ଚୂଳ ଅଛି; ଗୋବର ରଙ୍ଗ; ନାହି ତଳେ ଫୁଲାଏ ନାଲି ଭୁମ; ଏମାନେ ମଧୁର ଶବ୍ଦ କରନ୍ତି ଓ ଲଢ଼ନ୍ତି । ଏମାନଙ୍କର ପୁରୁଷ ଜାତୀୟ ପକ୍ଷୀମାନେ ଗୋଟିଏ ସ୍ତ୍ରୀ-ପକ୍ଷୀ ପାଇଁ ଅପଣା ଭିତରେ ଯୁଦ୍ଧ କରନ୍ତି । ଏମାନେ ପାଚିଲା କଦଳୀର ଭାରି ପ୍ରିୟ । ଏମାନଙ୍କୁ ବଙ୍ଗଳାରେ ଶା ବୁଲ୍‌ବୁଲ୍ ଓ ଇଂରାଜିରେ Paradise fly catcher or Terpisphone Paradisi କହନ୍ତି ।

୪ । ଆଉ ଏକପ୍ରକାର ବଡ଼ ଓ ଗାୟକ ପକ୍ଷୀ ଅଛନ୍ତି, ଏମାନଙ୍କୁ ମଧ୍ୟ ବୁଲ୍‌ବୁଲ୍ ବୋଲାଯାଏ—Persian Nightingale; Pyconontus Jocosus; Maras; Bulbul Pyononotus Halmorrhosu. (ଯୋଗେଶ୍ୱର) । ଲୋକେ ଚଢ଼େଇ ବା ଗୋବର ଚଢ଼େଇଙ୍କ ଯୁଦ୍ଧ ଦେଖିବାପାଇଁ ସଉକରେ ସେମାନଙ୍କୁ ପୋଷି ଲଢ଼ାଇବାରେ ସହସ୍ର ସହସ୍ର ଟଙ୍କା ଅପବ୍ୟୟ କରନ୍ତି ।]
ଦେ. ଅ.—ଶିଶୁମାନଙ୍କ କୋମଳତା ଓ କରୁଣତା ବ୍ୟଞ୍ଜକ ଦୃଷ୍ଟି—Tender and pitiful look of infants and children. [ ଦ୍ର—ଏହା ଜୁଳୁଜୁଳୁ ଠାରୁ ଅଧିକତର କୋମଳତାବ୍ୟଞ୍ଜକ । ଏହା ଅପେକ୍ଷା 'ଗୁଲୁ ଗୁଲୁ' ଶବ୍ଦଟି ଅଧିକତର କୋମଳତା ସୂଚନା କରେ ।]

ବୁଲ୍‌ବୁଲ୍ ବାଜ୍—ବୈଦେ. ବିଣ. (ଫା) ଯାହାର ବୁଲ୍‌ବୁଲ୍ ଚଢ଼େଇ
Bul-bul-bāj ପାଳିବା ଅଭ୍ୟାସ ବ୍ୟସନରେ ପରିଣତ ହୋଇଅଛି-
बुलबुलबाज बुलबुलबाज Addicted to domesticating
(ବୁଲବୁଲବାଜୀ—ବି) Bulbul birds for sport.

ବୁଲଣା—ଦେ. ବି—(ସଂ. ବୁଲ ଧାତୁ=ଭ୍ରମଣ କରିବା)—୧ । ଭ୍ରମ—
Bulanā 1. Mistake; error. ୨ । ଭ୍ରାନ୍ତ ମତ—2. Erroneous theory. ( ଦ୍ର—ଆଉ କଥା ଯାଉ ଭୁଲ ସବୁ ବେଦର ବୁଲଣା । ପ୍ରାଚୀ—ବ୍ରହ୍ମବରୁପଣ ଗୀତା । )
ପ୍ରାଦେ (ମେଦିନୀପୁର, ବାଲେଶ୍ୱର) ବି—ବୋଲଣା (ଦେଖ)-
Bolanā (See)

ବୁଲା—ଦେ. ବି. ( ସଂ. ବୁଲ୍ ଧାତୁ=ସଞ୍ଚରଣ )—୧ । ବୁଲିବା କ୍ରିୟା;
Bulā ଭ୍ରମଣ—1. Walking; roving. (ଦ୍ର—ଶବ୍ଦ
घुमा, घोमा, बुला ପ୍ରଭୃ ଏବେ ତଳେ ବ ହେଲା, ଶମନସ୍ୱସା ତଟ

ଭୁଜନା, ଘୂମନା ଅଟଣ ବୁଲ । ଜଗମୋହନ ) ୨ । ଘୂରିବା କ୍ରିୟା-2. Act of turning or whirling. ୩ । (ପୁଂ)
ବୂଲା ମନୁଷ୍ୟଙ୍କୁ ଡାକିବା ନାମ—3. Name given to males.
ଘୁମକ୍କଡ ବେ. ବଣ. ପୁଂ—ଯେ ବୁଲେ; ଭ୍ରମଣକାରୀ—Roving; wandering.
(ବୁଲୀ—ସ୍ତ୍ରୀ)

ବୁଲା(ଲେ)ଇବା—ଦେ. କ୍ରି. ( ବୁଲିବା କ୍ରିୟାର ଣିଜନ୍ତ ରୂପ )—
Bulā(le)ibā ୧ । (ସକର୍ମକ) ଗତ କରାଇବା; ଚାଳିତ କରିବା;
ଘୁ(ଘୋ)ରାନ ଘୂର୍ଣ୍ଣିତ କରାଇବା; ଘୂରାଇବା—1. To cause
ଘୁମାନା a thing to turn round or whirl or revolve. (ଉ—ଛଅଟ ଭୂମାର ସେ ଚକକୁ ବେଢ଼ିଛନ୍ତି, ଧରି କରି ତାହାକୁ ବୁଲାଉ ଅଛନ୍ତି । କୃଷ୍ଣସିଂହ. ମହାଭାରତ. ଆଦି ।) ୨ । (ସକର୍ମକ) କୌଣସି ବ୍ୟକ୍ତିକୁ ବହୁ ପଥ ଅକାରଣେ ଭ୍ରମଣ କରାଇବା; ଚଲାଇବା—2. To cause a person to walk a long way fruitlessly. (ଉ—ବାଇଅଣି ! ବୁଲେଇ ବୁଲେଇ ମାରିଲଣି—ଚଳ ।) ୩ । ( ସକର୍ମକ ) ଭ୍ରମଣ କରାଇବା; ଟହଲାଇବା—3. To cause to move or walk; to take out for an airing. (ଯଥା—ଘୋଡ଼ାକୁ ନେଇ ପଡ଼ିଆରେ ବୁଲାଇ ଆଣ । ) ୪ । (ସକର୍ମକ) କୌଣସି ବ୍ୟକ୍ତିକ ସଙ୍ଗରେ ନେଇ ବୁଲିବା—4. To take with you a person for a walk. ( ଯଥା—ପଣ୍ଡା ଯାତ୍ରୀଙ୍କୁ ନେଇ ଦେଉଳ ବେଢ଼ା ଭିତରେ ବୁଲାଉଛନ୍ତି ।)
ବୁଲାନ ୫ । (ସକର୍ମକ) କୌଣସି ପଦାର୍ଥକୁ ବା ବସ୍ତୁ ଆଦିକୁ ଇତସ୍ତତଃ ଘୂରିବା; ଚାଳିତ କରିବା—5. To move to & fro. (ଉ—ଜିହ୍ୱା ବୁଲାଇ ବେଦ କଲେ, ଯେସନେ ବଳୁଳ ଗଣିଲେ । ଜଗନ୍ନାଥ. ଭାଗବତ) ୬ । (ସକର୍ମକ) ବ୍ୟାୟାମ ବା ଆତ୍ମରକ୍ଷା ନିମନ୍ତେ ଖଡ୍ଗ, ଯଷ୍ଟି ବା ବନୋଟ ଆଦି ଚାଳିତ କରିବା—6. To wave a stick, sword etc; to brandish; to flourish.
୭ । (ଅକର୍ମକ) ମୁଣ୍ଡ ଶବ୍ଦ ସଙ୍ଗେ ଲାଗେ) ଘୂର୍ଣ୍ଣିତହେବାପରି
ଘୂରା ଅନୁଭୂତ ହେବା—7. To feel dizzy; to have a
ଘୂମନା whirling sensation. (ଯଥା—୨୦୦ ହାତ ଉଚ୍ଚ ପୋଲ ଉପରେ ଠିଆ ହୋଇ ତଳକୁ ଚାହିଁଲାରୁ ମୋ ମୁଣ୍ଡ ବୁଲାଇଲା ) ୮ । (ଅକର୍ମକ) (ଦେହ ଶବ୍ଦ ସଙ୍ଗେ ଲାଗେ) ବମନୋଦ୍ବେଗ ହେବା—8. To have a tendency to vomit. ୯ । (ସକର୍ମକ) ଅନ୍ୟ ଦିଗକୁ ଫେରାଇବା-
ଘୂରାନ 9. To turn to the opposite direction or
ଘୂମାନା to another direction. ( ଯଥା—ମଟରଗାଡ଼ିକୁ ପୂର୍ବଆଡ଼କୁ ବୁଲାଇ ଦିଅ ) ୧୦ । (ସକର୍ମକ) ଚତୁର୍ଦ୍ଦିଗରେ
ଚାଉରକରା ପ୍ରଚାରିତ କରିବା—10. To publish broad-
ଫେଲାନା, ଫେରାନା cast. ( ଯଥା—ଏ ଅଶ୍ଳୀଳପଢ଼ି କାହିଁ ପାଷଣ୍ଡ ଗାଁ ରେ ବୁଲାଅ ) ୧୧ । (ଥାଳ, ଘଷାପାଢ଼ ଶବ୍ଦ ପରେ ଲାଗେ) ଉପସ୍ଥିତ ବ୍ୟକ୍ତିମାନଙ୍କ ଠାରୁ ଚନ୍ଦା ବା ଭିକ୍ଷା ସଂଗ୍ରହ କରିବା ଉଦ୍ଦେଶ୍ୟରେ ଗୋଟିଏ ଥାଳକୁ ବା ପାତ୍ରକୁ ସମସ୍ତଙ୍କ ପାଖରେ ଦେଖାଇ ଆଣିବା—11. To take a tray round amongst assembled persons for begging subscription or alms.
୧୨ । (ସକର୍ମକ) (ଦୃଷ୍ଟିକୁ ବା ଆଖିକୁ) ଏଣେ ତେଣେ ସଞ୍ଚାଳିତ କରିବା—12. To turn one's eyes to defferent directions; to roll one's eyes.
[ ଦ୍ର—ବୁଲାଇବା କ୍ରିୟାର ଅସମାପିକାରୂପ ପରେ ଦେବା କ୍ରିୟାର ସମାପିକାରୂପ ଯୁକ୍ତ ହୁଏ ଓ ଭିନ୍ନ ଭିନ୍ନ ଅର୍ଥରେ ଆଣିବା, ନେବା, ପକାଇବା ଆଦି କ୍ରିୟା ଯୁକ୍ତ ହୁଏ, ଯଥା- ଘୋଡ଼ାକୁ ବୁଲାଇ ଆଣ, ପିଲାକୁ ବଜାର ବୁଲାଇ ନିଅ, ଗୋଡ଼କୁ ଗାଲକୁ ବନ୍ଧାଇ କରି ବୁଲାଇ ପକାଅ । ]

ବୁଲା(ଲେ)ଇ ହେ(ଦେ)ବା—ଦେ. କ୍ରି—୧ । (ମୁଣ୍ଡ) ଘୂର୍ଣ୍ଣିତ ହେବାର
Bulā(le)i he(de)bā ଅନୁଭୂତ ହେବା—1. To reel; to have
ଘୂରୋଆଓୟା a sensation of reeling. ( ଯଥା—ମୋ
ଘୁମାଦେନା ମୁଣ୍ଡ ବୁଲାଇ ହେଉଛି ) ୨ । (ଦେହ) ବମନୋଦ୍ବେଗ ଅନୁଭବ କରିବା—2. To have a tendency to vomit. [ ଦ୍ର—ବୁଲାଇହେବା କ୍ରିୟା ଭିନ୍ନ ଅର୍ଥରେ ମୁଣ୍ଡ ଶବ୍ଦପରେ ଓ ଦେହ ଶବ୍ଦ ପରେ ଲାଗେ—ମୁଣ୍ଡ ବୁଲାଇ ହେବା=ମୁଣ୍ଡ ଘୂରିଲାପରି ଅନୁଭୂତ ହେବା; ଦେ(ଦେ)ହ ବୁଲାଇ ହେବା=ବାନ୍ତି ଦେଖାଇବା ।]

ବୁଲା(ଲ)ଣି—ଦେ, ବି—୧ । ବୁଲେଇବା କ୍ରିୟା—1. Act of
Bulā(la)nni rolling. ୨ । ଘୂର୍ଣ୍ଣିତ—2. Whirling;
ଘୂରାନୀ ଘୁମାନା rotation.

ବୁଲାକି—ଦେ. ବି—ବୁଲିବା—Walking. ବୈଦେ. ବି. ( ଭୁର୍କୀ—
Bulāki ବୁଲାକ୍ ନାସାର ଦଣ୍ଡ; ଝୁଲିଲା—A nosering
ଘୂରା with pendant. (ଉ—ନାସା ଦଳପୁଲେ ତଳେ ଝଲମଲ
ଘୁମନା ବୁଲାକ ଝୁଲାକ ମାନୁଥିଲା । କବିସୂର୍ଯ୍ୟ. ସଙ୍ଗୀତ ।) ଦେ. ଵଣ-
ନୋଲକ ୧ । ଭ୍ରମଣଶୀଳ—1. Wandering. ୨ । ଯେ ପଛ
ଭୁଲାକ ଆଡ଼କୁ ମୁହଁ ବୁଲାଏ—2. Turning round. ୩ । ବୁଲାଣି (ଦେଖ)—3. Bulāni (See).

ବୁଲା କୁକୁର—ଦେ. ବି—୧ । ଯେଉଁ କୁକୁରକୁ କୌଣସି ବ୍ୟକ୍ତି
Bulā kukura ପୋଷି ନ ଥାଏ; ଯେଉଁ କୁକୁର ନାନା
ବୁଲାକୁକୁର } ଅନ୍ୟରୂପ— ସ୍ଥାନରେ ବୁଲୁଥାଏ—1. A dog
ବୁଲାକୁତା } not owned by any
( ବୁଲା କୁତି—ସ୍ତ୍ରୀ ) person; a roving dog.
[ ଦ୍ର—ଏହିପରି ବୁଲା ଫକୀର, ବୁଲାଷଣ୍ଢ, ବୁଲୀ ଗାଈ । ]
ବୁଲାକୁକୁର ୨ । ( ଲକ୍ଷଣାର୍ଥ—ଗାଳି ) ଯେଉଁ ବ୍ୟକ୍ତି ବୁଲାକୁକୁର
ବିନାପୋଷା କୁଆ କୁତା ଭଳି ଏଣେ ତେଣେ ବୁଲି ପରର ଅଇଁଠା
(ପୋଷାକୁକୁର—ବିପରୀତ) ଖାଏ; ପରାନ୍ନଭୋଜୀ ବ୍ୟକ୍ତି—2. ( figurative ) A person who roves from door to door to eat the leavings of other people's tables; a toady; a hanger on.
୩ । ଗୃହହୀନ ବ୍ୟକ୍ତି—3. A homeless wanderer.

ବୁଲ(ଲ୍ଲା)ଖ(ଖି)—ଦେ. ବ (ଦେଶିଅ ଶବ୍ଦ)—ବୁଲାକ ୨ (ଦେଖ)—
Bulā(llā)kh(khi) Bulāki 2 ( See )

ବୁଲାଚଲା—ଦେ. ବ ( ସହଚର; ସ. ବୁଲ୍ ଧାତୁ ଓ ଚଲ୍ ଧାତୁ )—
Bulā chalā ଭ୍ରମଣ କରିବା—Walking.
চলা ফিরা चलना फीरना

ବୁଲାଟି ବାଡ଼ି—ଦେ. ବ—ଯେଉଁ ଯଷ୍ଟିକୁ ମଲ୍ଲମାନେ ହାତଦ୍ୱାରା ବୁଲାଇ
Bulāṭi bāṛi କୃତକୁ ଦେଖାନ୍ତି; ବନୋଟ—A stick used
বনেটী by athletes in swinging it round and
बनोटी round.

ବୁଲାଣି—ଦେ. ବଣ—ଯେଉଁ ବାଟ ଦେଇ କୌଣସି ସ୍ଥାନକୁ ଗଲେ
Bulāṇi ବହୁଦୂର ପଥ ଭ୍ରମିବାକୁ ହୁଏ—Circuitous
ঘুরা घुमान ( route ); round about ( road ).
[ବୁଲାଣିଅ(ଅଁ)—ଅନ୍ୟରୂପ]

ବୁଲାନ୍ତି—ପ୍ରାଦେ. ( ଗଞ୍ଜାମ ) ବଣ—ଡାହାଣ ( ବଳଦ )—
Bulānti The right hand side (bullock).

ବୁଲା ବାହୁଟିଆ—ଦେ. ବଣ. ପୁଂ—ଯେଉଁ ବ୍ୟକ୍ତି ଏଣେ ତେଣେ
Bulā bāhuṭiā ଅକାରଣ ବୁଲିବାରେ ଅଭ୍ୟସ୍ତ; ଯାଯାବର—
পাড়া বেড়ানিয়া Roaming; wandering; loafing.
डोलने वाला ଦେ. ବ—ଅକାରଣ ବୁଲିବା ବ୍ୟକ୍ତି—
Wanderer; loafer.

ବୁଲାବିକା—ଦେ. ବ ( ପୁଂ ଓ ସ୍ତ୍ରୀ )—ଯେଉଁ ବ୍ୟକ୍ତି ଘରଘର ବୁଲି
Bulābikā फेरीवाला ପଣ୍ୟ ଦ୍ରବ୍ୟ ବିକେ—A hawker.
(ବୁଲାବିକାଳି—ଅନ୍ୟରୂପ

ବୁଲାବୁଲି—ଦେ. ବ ( ସହଚର )—୧ । ଇତସ୍ତତଃ ବୁଲିବା କ୍ରିୟା—
Bulābuli 1. Wandering hither and thither
ঘুরাঘুরি in search of something. ୨ । ଇତସ୍ତତଃ
घुमना फीरना ବୁଲାଇବା କ୍ରିୟା—2. To make one walk
or wander hither and thither. ୩ । ଭ୍ରମଣ;
ପରିଭ୍ରମଣ—3. Walking.

ବୁଲାରୋଗ—ଦେ. ବ ( ବ୍ୟଙ୍ଗ )—ଏଣେ ତେଣେ ବୃଥା ଭ୍ରମଣ କରିବା
Bulāroga ରୂପ ମନ୍ଦ ଅଭ୍ୟାସ—A bad habit of roving;
বুলারোগ घुमनी रोग a roving habit.

ବୁଲା ସିଜୁ—ପ୍ରାଦେ. (ଗଞ୍ଜାମ) ବ—ଏକପ୍ରକାର ସିଜୁ—A kind of
Bulā sijhu Euphorbia Niruria or Euphorbia
Hirta. [ ଦ୍ର—ଏହା ଅକାରରେ ଲଙ୍କାସିଜୁ ପରି,
ଅଧିକନ୍ତୁ ଏହାର ଶାଖା ମୋଡ଼ ମୋଡ଼ ହୋଇଥାଏ । ଏହାର
କ୍ଷୀର ଗାତ୍ର ବରେଚକ; ଜଡ଼ା ସହିତ ଏହି କ୍ଷୀର ମିଶାଇ ମର୍ଦ୍ଦନ
କଲେ ପକ୍ଷାଘାତ ପ୍ରଶମିତ ହୁଏ । ଏହି କ୍ଷୀର ଲଗାଇଲେ
କୁଷ୍ଠ ଓ ଦାଦୁ ଭଲ ହୁଏ । ଏହାର ମୂଳର କ୍ୱାଥ ଶୂଳ ହରଣ
କରେ; ଏହି ମୂଳର ପ୍ରଲେପ ଶୋଥନାଶକ । ଦ୍ରବ୍ୟଗୁଣ.
କଳ୍ପଦ୍ରୁମ । ]

ବୁଲି—ସ. ବ ( ବୁଲ୍ ଧାତୁ=ମଗ୍ନ ହେବା+ଅଧିକରଣ. ଇ )—ଭଗ;
Buli ଯୋନି—Vagina; female organ. ଦେ. ବ—
বুলি ୧ । ବୋଲ; ପଦ; ଉକ୍ତି; ଭାଷା—1. Language;
बोली speech. ୨ । ଭାଷାର ଶବ୍ଦ—2. Word of a
language. ୩ । ବାକ୍ୟ—3. Sentence. ୪ । ଶିକ୍ଷିତ
ପକ୍ଷୀର ଉଚ୍ଚାରିତ କଥା ବା ପଦ—4. The call or
utterance of words by a trained bird.
୫ । ଚଢ଼େଇର ସ୍ୱର—5. The tune of a bird.
୬ । ନିର୍ଦ୍ଦିଷ୍ଟ ଭାଷା; ବନ୍ଧା ଭାଷା—6. A formula; a
set speech. ୭ । ( ଦେଶିଅ ଶବ୍ଦ ) ଧାତୁର ପାତ୍ର
ଉପରେ ବା ମେଡାଲ୍ (ପଦକ) ଉପରେ ଅକ୍ଷର ଲେଖିବାରେ
ବ୍ୟବହୃତ ବେଧ ଥିବା ମୁହଁଅ କଲମର ବିଶେଷ—7. A
pointed instrument for engraving letters
on a metal plate or medal. ୮ । ସ୍ତ୍ରୀମାନଙ୍କୁ
ଦିଆଯିବା ନାମ—8. A name given to females.
ଦେ. ବଣ. ସ୍ତ୍ରୀ—(ଗାଳି) ଯେଉଁ ସ୍ତ୍ରୀ ବାହାଅଡ଼େ ବୁଲେ—
(a term of abuse to women ) Wandering
( woman ).

ବୁଲିଅନ—ଦେଶଜ. ବ ( ଇଂ. ବୁଲିୟନ୍ ( ଟାଙ୍କଶାଳାର ପାରିଭାଷିକ
Bulian ଶବ୍ଦ )—ମୁଦ୍ରାରେ ପରିବର୍ତ୍ତିତ ହେବା ପୂର୍ବରୁ ସୁନାର
বুলিঅন বା ରୂପାର ପିଣ୍ଡ; ଇଟାସୁନା ବା ରୂପା—Bullion.
बूलियन

ବୁଲି ଧରିବା—ଦେ. କ୍ରି—(ଶୁଆ ଆଦି ପକ୍ଷୀ) ଶିଖାଯିବା ପଦକୁ ବୋଲିବା
Buli dharibā —To learn the sound or speech
বুলি ধরা बोली पकडना taught (said of a parrot).

ବୁଲି ପଡ଼ିବା—ଦେ. କ୍ରି—୧ । ଶୀଘ୍ର ପ୍ରତ୍ୟାବୃତ୍ତ ହେବା—1. To
Buli paṛibā return soon. ୨ । ପଛକୁ ବା କଡ଼କୁ
ফিরে আসা ମୁହଁ ବୁଲାଇବା—2. To turn one's face
মুখ ফিরান sidewards or backwards. ୩ । ଅଳ୍ପ
বেড়িয়ে আসা ସମୟ ପାଇଁ ଭ୍ରମଣ କରିବା—3. To take a
ধস খাওয়া short walk. ୪ । ( କୂଅ ) ଭୁଶୁଡ଼ିବା—
4. (a well) To collapse. ( ଯଥା—ଅଗବର୍ଷ ନୂଆ
କୂଅ ଖୋଳା ହୋଇଥିଲା, ଏହି ଥର ବଡ଼ ବର୍ଷାରେ
କୂଅଟା ବୁଲି ପଡ଼ିଲା । )

ବୁଲିବା—ଦେ. କ୍ରି—(ସ. ବଲ୍; ବୁଲ୍ ଧାତୁ ସଞ୍ଚରଣ)—୧ । ଭ୍ରମଣ
Bulibā କରିବା; ଚାଲିବା—1. To walk. ୨ । ଗତି କରିବା
বুলা घुमना 2. To move. ୩ । ଇତସ୍ତତଃ ଗତି କରିବା;
ଟହଲିବା—3. To move to and fro; to take
a walk. [ଦ୍ର—ସଙ୍ଗରେ ମୃଗୀଏ ବହିରୁଣ ଥାନ୍ତି;
ଗଲେ ଯାଇ ତତ ବୁଲି । ସ୍ୱଧାକାଥ. ଯଯାତି ।]
୪ । ବୃଥା ଭ୍ରମଣ କରିବା—4. To rove or wander
aimlessly. ୫ । ବେଢ଼ିବା—5. To surround.
୬ । ଘୂର୍ଣ୍ଣାୟମାନ ହେବା; ଘୂର୍ଣ୍ଣିତ ହେବା—6. To
turn round; to whirl round. ୭ । ବିପରୀତ
ଦିଗକୁ ଯିବା—7. To turn or be turned to the
opposite direction or to another direc-

tion. [ଛି—ବସିଲ ଗଲେ ଶୁଣ୍ଡ, ଚଳଗଲ ପ୍ରଚଣ୍ଡ, ତବେ ବୁଲିଲ ଚାଣି ମୁଣ୍ଡ । ଭଞ୍ଜ. ବୈଦେହୀଶବିଳାସ ।] ୮ । ପ୍ରତ୍ୟାବର୍ତ୍ତନ କରିବା—8. To return; to turn back. ୯ । ହାଉଆ ଖାଇବା; ବାୟୁ ସେବନାର୍ଥ ପାଦଚାରଣ କରିବା—9. To take an airing; to take a constitutional walk. ୧୦ । ଦେଶ ଭ୍ରମଣ କରିବା—10. To travel. ୧୧ । ବୃତ୍ତାକାରରେ ଗତି କରିବା—11. To move in a circle. ୧୨ । ଗୋଟିଏ ରେଖା ଦ୍ୱାରା ବେଷ୍ଟିତ ହେବା—12. To be encircled by a line. (ଯଥା—ଗୁଆର କଣ୍ଠ ବୁଲିଲଣି ।)

ବୁଲି ଯିବା—ଦେ. କ୍ରି—୧ । ଭ୍ରମଣ କରିବାକୁ ବାହାରିବା—1. To go awalking; to go out for a walk.
Buli jibā
୨ । ଅତି ଅସୁସ୍ଥ ଓ ରୁଗ୍ଣ ଅବସ୍ଥାରୁ ମୁକ୍ତ ହୋଇ ସୁସ୍ଥ, ସବଳ ଓ ମୋଟାମୋଟ. ହୋଇଯିବା—2. To be stouter and stronger. ୩ । ଅନ୍ୟ ଅଡ଼କୁ ବା ବିପରୀତ ଦିଗକୁ ଯିବା—3. To turn to an opposite direction or to another direction. ୪ । (ଘନ ବସ୍ତୁ) ତରଳାବସ୍ଥା ପ୍ରାପ୍ତ ହେବା; ଗଳିତ ହେବା—4. To melt. (ଯଥା—ବସିଲ ଘିଅ ଖରାରେ ବୁଲି ଗଲଣି ।) ୫ । ବିକୃତ ହେବା—5. To deteriorate. (ଯଥା—ବରଷେ କାଳ ମାଠିଆରେ ରହିବାରୁ ଗୁଡ଼ତକ ବୁଲି ଗଲା ।)
मोटा होना
घुरे याओया
फुले याओया
गले याओया
घुलिये याओया

ବୁଲି ଶୋଇବା—ଦେ. କ୍ରି—କୌଣସି ବ୍ୟକ୍ତି ଅଡ଼କୁ ମୁହଁ ନ କରି ଶୋଇବା—To turn the face away from a person and sleep.
Buli soibā
পাশ ফিরিয়ে শোয়া
मुख फेराकर सोना

ବୁଲୁ—ବୈଦେ ବି. (ଇଂ)—ନୀଳ ରଙ୍ଗ; ନେଳଅ ରଙ—Blue colour; blue paint.
Bulu
লু
नीला

ବୁଲେଇ ବୁଲେଇ କହିବା—ଦେ. କ୍ରି—କୌଣସି କଥାକୁ ସ୍ପଷ୍ଟ ବା ସିଧା ରୂପେ ନ କହି ଏଣୁ ତେଣୁ ବୁଲାଇ ବୁଲାଇ କେବଳ ଇସାରା ଦେବା—To speak (something) indirectly and in a round about manner.
Bulei bulei kahibā
ঘুরিয়ে ফিরিয়ে কথা বলা
घुमा घुमाकर कहना

ବୁଲେଟ(ଡ୍)—ବୈଦେ. ବି. (ଇଂ—ବୁଲେଟ୍)—ଅଫିମରୁ ପିତୁଳ ସଙ୍ଗେ ଗୁଳି ଧୂମ ରୂପେ ପାନ କରିବାକୁ ପ୍ରସ୍ତୁତ କରି ଯାଉଥିବା ଗୋଲା; ଗୁଳି; ମଦକ ଗୋଳା—Bullet prepared from opium for the purpose of smoking.
Bulet(d)
বুলেট
बुलेट

ବୁଲେଟିନ୍—ବୈଦେ. ବି. (ଇଂ)—ସର୍ବସାଧାରଣରେ ପ୍ରକାଶିତ ହେବା ସରକାରର ଅଷ୍ଟପତ୍ରିକା—Bulletin.
Buletin
বুলেটীন বুলেটীন

ବୁଷ(ସ)—ସଂ. ବି. (ବୁଷ୍ ଧାତୁ=ତ୍ୟାଗ କରିବା+କର୍ମ. ଅ)—୧ । ତୁଷ; ଭୁଷି; ଶସ୍ୟର ଖୋପା—1. Husks.
Busha(sa)
୨ । ଅଗାଡ଼ି; ଭୁଚ୍ଛ ଧାନ୍ୟ—2. Chaff.

ବୁଷ (ଧାତୁ)—ସ.—୧ । ତ୍ୟାଗ କରିବା—1. To shun; to give up.
Bus(root)
୨ । ଅନାଦର କରିବା—2. To slight; to disregard.

ବୁସା—ସ. ବି. ସ୍ତ୍ରୀ—(ବୁସ୍ ଧାତୁ+ଅ+ସ୍ତ୍ରୀ. ଆ)—ନାଟ୍ୟୋକ୍ତିରେ କନିଷ୍ଠା ଭଗିନୀ—A dramatic term meaning a younger sister.
Busā

ବୁସେଲ୍—ବୈଦେ. ବି. (ଇଂ—ବୁସେଲ୍)—ଶସ୍ୟର ଏକପ୍ରକାର ମାପ ବା ପରିମାଣ—A standard of measure of corn.
Busel
[ ଦ୍ର—୧ ବୁସେଲ୍=୮ ଗାଲନ୍=୩୨ କ୍ୱାର୍ଟ୍=୬୬ ପାଇଣ୍ଟ=୩୨ ସେର ]—
বুসেল
बुशल

ବୁସ୍ତ(ସ୍ତ)—ସ. ବି. (ବୁସ୍ ଧାତୁ=ତ୍ୟାଗ କରିବା,ଅନାଦର କରିବା+କର୍ମ. ତ, କ୍ତ)—୧ । ପଣସ ଆଦି ଫଳର ଅସାର ଭାଗ; ପଣସ ବୋଡ଼ା—1. The unuseable portion of a jack fruit. ୨ । ହାଣ୍ଡିରେ ଭଜା ହୋଇ ଥିବା ମାଂସ—2. Meat fried in a pot.
Busta(stra)

ବୁହ—ଗ୍ରା. ବି. (ସ. ବ୍ୟୂହ)—ବ୍ୟୂହ (ଦେଖ)
Buha	Byūha (See)

ବୁହନ୍ତା(ନ୍ତି)—ଦେ. ବିଣ. (ସ. ବହ୍ ଧାତୁ; ବହନ୍ତ; ସ. ବହନ୍ତୀ)—ପ୍ରବାହିତ—1. Flowing; having a current. (ଯଥା—ବୁହନ୍ତା ନଈରେ ଗାଧୋଇବା ସ୍ୱାସ୍ଥ୍ୟ ପକ୍ଷରେ ହିତକର ।) ୨ । ବହନକାରୀ—2. Carrying.
Buhantā(nti)
বহতী
बहताहुआ

ବୁହା—ଦେ. ବି. (ସ. ବହ୍ ଧାତୁ; ବହନ)—୧ । ବୁହାଇବା କ୍ରିୟା; ବହନ (ଯଥା—ବୋଝ ବୁହା)—1. Act of carrying. ୨ । ପାଣି ଆଦିକୁ ଜଳାଶୟରୁ ଉପରକୁ ଉଠାଇବା—2. Act of lifting or baling out (water) (ଯଥା—ମରୁଡ଼ି ବେଳେ କବ ଗୁଡ଼ ଧାନ କିଆରୀକୁ ପାଣି ବୁହା ଯାଏ ।) ୩ । ବାହକ ବ୍ୟକ୍ତି—3. Carrier. (ଯଥା—ସବାରି ବୁହା ।) ୪ । ବହି ନେବା; କୌଣସି ବ୍ୟକ୍ତିଠାରୁ ବହୁ ପରିମାଣରେ ନେଇଯିବା—4. The act of taking away; carrying away in a great quantity. (ଛ—ରାଜଧର୍ମ ହେଲା ପ୍ରଜାଧନ ବୁହା । ରାଧାନାଥ. ଦରବାର) ଦେ. ବିଣ. (ଅନ୍ୟ ଶବ୍ଦ ସଙ୍ଗେ ଲାଗେ)—୧ । ବହନକାରୀ—1. Carrying. (ଯଥା—ପାଣି ବୁହା ଗାଡ଼ି ।) ୨ । ଯାହା ପ୍ରବାହିତ କରେ; ପ୍ରବାହ ଉତ୍ପନ୍ନକାରୀ—2. Causing a flow or current. (ଯଥା—ରକତ ବୁହା ମାଡ଼ ।) ୩ । ପ୍ରବାହ ଉତ୍ପାଦିତ ହେବାର ଫଳ ରୂପେ ପ୍ରାପ୍ତ ବା ଉତ୍ପନ୍ନ—3. Resulting from a flow or current. (ଯଥା—ଝାଳ ବୁହା ଧନ ।) ୪ । ପ୍ରବାହିତ; ଯାହା ବହି ଯାଉଛି;
Buhā
বহা
ढोना

ସ୍ରୋତସ୍ୱାନ୍—4. Flowing; having a current. (ଯଥା— ବୁହା ନଦୀ ।) ୫ । ବାହୁତ; ଉତ୍ତୋଳିତ (ଜଳ)—5. Lifted up (water). (ଯଥା—ବୁହା ପାଣିରେ କେତ ବାଣ୍ଟୁ ।) ପ୍ରାଦେ. (ଗଡ଼ଜାତ, ସମ୍ବ, କଟକ) ବି. (ସଂ. ବହୁ) —୧ । କାମର ଏକ ବ୍ୟୁହା—1. A single course in a work; heat. (ଯଥା—ସବୁ ଲୋକ ମିଳି ଗୋଟିଏ ବୁହା ମାର ଦେଲେ ଏ କାମ ସରିଯିବ ।) ୨ । ରାଗ ଅବର ଏକ ପ୍ରଚଣ୍ଡ ବେଗ—2. Paroxysm; vehemence; fit of passion.

**ବୁହା(ହେ)ଇବା**—ଦେ.କ୍ରି—(ବହିବା କ୍ରିୟାର ଣିଜନ୍ତ ରୂପ—Causative of bahibā). ୧ । ବହାଇବା; ବହନ କରାଇବା—1. To cause to carry; to cause to be carried. (ଉ—ଇନ୍ଦ୍ର ହୋଇଲ ନୃପବର, ବୃଷିକି ବୁହାଇଲ୍ଲ ଭାର । ଜଗନ୍ନାଥ. ଭାଗବତ ।) ୨ । (ରଥ, ଡଙ୍ଗା) ବାହିବା; ଚାଳିତ କରାଇବା—2. To drive; to cause to move (a cart, a boat). (ଉ—ଲେଉଟାଇ ପୁରକୁ ବୁହାଇଲେ ରଥ । କୃଷ୍ଣସିଂହ. ମହାଭାରତ. ଉଦ୍ଯୋଗ ।) ୩ । ପ୍ରବାହିତ କରାଇବା—3. To cause to flow ୪ । କ୍ଷେତ୍ରାଦିରେ ମଡ଼ାଇବା ପାଇଁ ବା ଜଳଶୂନ୍ୟ କରିବା ପାଇଁ ପୁଷ୍କରଣୀ ଆଦିରୁ ଜଳ ଉଠାଇବା—4. To lift water for the purpose of irrigating fields or emptying a tank; to bale out water. [ଦ୍ର—ସଂ. ବହ୍ ଧାତୁରୁ ଓଡ଼ିଆରେ 'ବହିବା' କ୍ରିୟାକୁ ସାଧାରଣତଃ 'ବୋହିବା' ଓ ଣିଜନ୍ତ 'ବହାଇବା' କ୍ରିୟାକୁ ସାଧାରଣତଃ 'ବୁହାଇବା' ରୂପେ ବ୍ୟବହାର କରାଯାଏ ଓ 'ବହନ' ଶବ୍ଦର ଓଡ଼ିଆ ବଶେଷ୍ୟ ରୂପ 'ବହା'କୁ 'ବୁହା' ରୂପେ ଓ ବଶେଷଣ 'ବାହକ' ଓ 'ବାହିତ'କୁ 'ବୁହା' ରୂପେ ବ୍ୟବହାର କରାଯାଏ ।]
Buhā(he)ibā
বহান
**बहाना, ढोना**

**ବୁହାଏ(କ)**—ଗ୍ରା. ଅ. (ସଂ. ବହୁ)—୧ । ବହେ; ଅନେକ; ବହୁତ; ବହୁ—1. Much; great; many. (ଯଥା—ମୁଁ ବୁହାଏ ବାଟ ଗଲିଲି; ମୁଁ ତାଙ୍କୁ ବୁହାଏ ଖୋଜିଲି) ୨ । ଥରେ—2. Once. ୩ । ପର୍ଯ୍ୟାପ୍ତରୂପେ—3. Abundantly; copiously. ୪ । ପ୍ରଚଣ୍ଡତା ସହକାରେ—4. Vehemently.
Buhāe(ka)
এক চোট
**अधिक, ज़ियादे**

**ବୁହାଏ(କ) ବାଟ**—ଦେ. ବି—ବହୁ ଦୂର ରାସ୍ତା—A great distance; a great way; a long distance.
Buhāe(ka) bāta
**ज़ियादा रास्ता**

**ବୁହାଣ**—ଦେ. ବି. (ସଂ. ବହନ)—ବୁହାଇବା କ୍ରିୟା—The act of carrying.
Buhāṇa
বহা **बहाव**

**ବୁହାଣିଆ(ଆଁ)**—ଦେ. ବି—ମଳଙ୍ଗ ( ଦେଖ )
Buhāṇiā(ā̃)
Maliṅga ( See )

**ବୁହିବା**—ପ୍ରାଦେ. (ସମ୍ବଲପୁର) କ୍ରି. ( ସଂ. ବହ୍ ଧାତୁ )—୧ । ବହିବା; ବହନ କରିବା—1. To bear. ୨ । ସ୍ରୋତରୂପେ ବହିଯିବା—2. To flow; to move like a current. (ଉ—ଚନ୍ଦ୍ରିକ ମାତ୍ରର ହୋଇ, ତାର ସଙ୍ଗେ ମିଶିଲେ ଗୋଲ, ବୁହି ପଡ଼ୁଥାଏ ସି—ତଗ ।)
Buhibā

**ବୃ (ଧାତୁ)**—ସଂ—୧ । ଆବରଣ କରିବା—1. To cover. ୨ । ବାଛିବା; ପସନ୍ଦ କରିବା; ବରଣ କରିବା—2. To select; to choose. ୩ । ପ୍ରାର୍ଥନା କରିବା—3. To pray. ୪ । ପୋଷଣ କରିବା—4. To support.
Bṛu (root)

**ବୃଂହ୍ (ଧାତୁ)**—ସଂ—୧ । ଶବ୍ଦ କରିବା—1. To make a sound. ୨ । ଗର୍ଜନ କରିବା—2. To make a roar. ୩ । ସମୃଦ୍ଧ ହେବା; ପୁଷ୍ଟ ହେବା—3. To prosper; to flourish. ୪ । ପୁଷ୍ଟି କରିବା—4. To nourish.
Bṛumh (root)
(ବୃହ୍—ଅନ୍ୟରୂପ)

**ବୃଂହଣ**—ସଂ. ବି. (ବୃଂହ୍ ଧାତୁ=ଶବ୍ଦ କରିବା; ସମୃଦ୍ଧ ହେବା+ଭାବ. ଅନ)—୧ । ହାତୀର ଗର୍ଜନ ବା ରବ—1. The braying of an elephant. [ଦ୍ର—ହାତୀ ଗରଜିବା, ଓଡ଼ିଆରେ 'ସେବକାଳିବା' କହନ୍ତି ।] ୨ । (+କର୍ତ୍ତୃ. ଅନ) ବଳବର୍ଦ୍ଧକ ବା ପୁଷ୍ଟିକାରକ ଦ୍ରବ୍ୟ (ହି. ଶ)—2. Any nourishing thing. ୩ । ଭାବପ୍ରକାଶ ମତରେ ଏକ ପ୍ରକାର ଧୂମ ପାନ (ହି. ଶବ୍ଦସାଗର)—3. A kind of smoking for medicinal purposes. ୪ । ଅଶ୍ୱଗନ୍ଧା (ହି. ଶ)—4. Withania Somnifera (tree). ୫ । ମନକ୍କା (ହି. ଶବ୍ଦସାଗର)—5. Raisin. ୬ । ଶୂକର ମାଂସରେ ପକ୍ୱ ଯବର ଛତୁଅ (ହି. ଶବ୍ଦସାଗର)—6. Barley-flour cooked with pork. ସଂ. ବିଣ. (+କର୍ତ୍ତୃ. ଅନ)—୧ । ପୁଷ୍ଟିଜନକ—1. Invigorating; nourishing. ୨ । ବଳକର—2. Strengthening; strength-giving.
Bṛumhaṇa

**ବୃଂହିତ**—ସଂ. ବିଣ—(ବୃଂହ୍ ଧାତୁ=ସମୃଦ୍ଧ ହେବା; ଶବ୍ଦ କରିବା+କର୍ତ୍ତୃ. ତ)—୧ । ବୃଦ୍ଧିପ୍ରାପ୍ତ—1. Augmented; increased. ୨ । ପୁଷ୍ଟ—2. Developed; nourished. ସଂ. ବି—( +ଭାବ. ତ )—ହାତୀର ଗର୍ଜନ—The braying of an elephant.
Bṛumhita

**ବୃକ୍ (ଧାତୁ)**—ସଂ.—ଗ୍ରହଣ କରିବା—To take hold of; to accept.
Bṛuk (root)

**ବୃକ**—ସଂ. ବି. ପୁଂ (ବୃକ୍ ଧାତୁ=ଗ୍ରହଣ କରିବା+କର୍ତ୍ତୃ. ଅ; ଅଥବା ବୃ ଧାତୁ=ଆବରଣ କରିବା+କର୍ତ୍ତୃ. କ)—୧ । ହେଟା; ଲେଟ୍‌ଡ଼ା ବାଘ; ଗଧିଆ—1. Wolf; hyena. ୨ । ବକ ବୃକ୍ଷ; ଅଗସ୍ତିଗଛ—2. Name of a tree; Sesbania Grandiflora. ୩ । ଶୃଗାଳ—3. Jackal. ୪ । କ୍ଷତ୍ରିୟ—4. A Kshatriya. ୫ । ବାୟସ; କୁଆ—5. Crow. ୬ । ଅଶ୍ୱର୍ଯ୍ୟଜନକ ଗାର୍ହସ୍ଥ୍ୟଶକ୍ତିବିଶିଷ୍ଟ ଜଠରାନଳ—6. A very
Bṛuka
(ବୃକୀ—ସ୍ତ୍ରୀ)

digestive fire or energy inside the belly. ୭ । ସରଳ ବୃକ୍ଷକ୍ଷୀର; ଗନ୍ଧବିରଜା (ହ୍ରୁ. ଶ)—7. The aromatic juice from the Himalayan pine tree. ୮ । ବଣଆ କୁକୁର-8. A wild dog. (ଉ— ବୃକପରି ବେଢ଼ି ସେନାପତିମାନେ ବୃକୋଦର ଘୂରେ ପେଷି ସେ । ଉପେ. ବୈଦେହୀଶବିଳାସ ।] ୯ । ବଜ୍ର (ହ୍ରୁ. ଶ)— 9. Thunder. ୧୦ । ଚୋର (ହ୍ରୁ. ଶ)—10. Thief. ୧୧ । ବୃକାସୁର (ଦେଖ)—11. Bṛukāsura (See). ( ଉ—ବୃକ ବଶାରେ କଲେ ନାଶ, ତାହିଁ ନିଶ୍ୱାସପାତ ଦୋଷ । ପ୍ରାଚୀ. ପୂର୍ଣ୍ଣିତମ ଚନ୍ଦ୍ରୋଦୟ ।)

**ବୃକଦଂଶ(ସ)**—ସ. ବି (ବୃକ—ଶୃଗାଳ+ଦଂଶ ଧାତୁ=କାମୁଡ଼ିବା+ Bṛukadaṁśa(sa) କର୍ତ୍ତୃ. ଅ; ଯେ ଶୃଗାଳକୁ ଦଂଶନ କରେ)-
ବୃକାରିକ, ବୃକାରି } ଅନ୍ୟରୂପ
୧ । କୁକ୍କୁର—1. Dog. ୨ । ହେଟା-ବାଘ--2. Hyena. ୩ । ବଣଅକୁକୁର- 3. A species of ferocious wild dog.

**ବୃକ ଧୂପ**—ସ. ବି—୧ । ଝୁଣା—1. Resin. ୨ । ନାନା ସୁଗନ୍ଧ Bṛuka dhūpa ଦ୍ରବ୍ୟରେ ପ୍ରସ୍ତୁତ ଧୂପ—2. An incense made up of many fragrant articles. (ଉ- ବୃକ ଧୂପରେ ଧୂପିତ, ସେ ଓକ କଲେ ଜରତ, ଦ୍ରାକ୍ଷା ଅଶନରେ ହୋଇ ତୋଷ । ଉପେ. ବୈଦେହୀଶବିଳାସ )

**ବୃକା**—ସ. ବି—(ବୃକ+ସ୍ତ୍ରୀ. ଆ)—ଅମ୍ବଷ୍ଠା; ଅକାଳବନ୍ଧ ଲତା; ପାଠା Bṛukā ( ହ୍ରୁ. ଶ )—Stephania Hernandifolia (creeper).

**ବୃକାୟୁ**—ସ. ବି—୧ । ବଣଅକୁକୁର (ହ୍ରୁ. ଶ)—1. A species of Bṛukāyu ferocious wild dog. ୨ । ଚୋର (ହ୍ରୁ. ଶ)— 2. Thief.

**ବୃକାସୁର**—ବି—ବୃକ ନାମକ ଦୈତ୍ୟ; ଭସ୍ମାସୁର—A demon Bṛukāsura named Bṛuka. (ଉ—ବୃକାସୁର ତାହା କରି
ବୃକକର୍ମୀ, ବୃକଦନ୍ତ } ଅନ୍ୟରୂପ
ନିଜ ଶିରେ ଯଥା ହେଲା ହର ବୋଲେ— ଉପେ. ବୈଦେହୀଶବିଳାସ ।)
[ ଦ୍ର—ଏ ଅସୁର କଠୋର ତପସ୍ୟା କରି ମହାଦେବଙ୍କ ଠାରୁ ବର ପାଇଥିଲା ଯେ, ଏ ଯାହା ମୁଣ୍ଡରେ ହାତ ଦେବ ସେ ତତ୍କ୍ଷଣାତ୍ ଭସ୍ମ ହୋଇଯିବ । ବର ପାଇସାରିଣି ବୃକାସୁର ଉକ୍ତ ବରକୁ ମହାଦେବଙ୍କଠାରେ ପରୀକ୍ଷା କରିବା ପାଇଁ ମହାଦେବଙ୍କୁ ଗୋଡ଼ାଇଲା । ମହାଦେବ ଭୟରେ ପଳାଇଲେ । ଶେଷରେ ବିଷ୍ଣୁ ନିକଟରେ ପହଞ୍ଚିଲାରୁ ବିଷ୍ଣୁ ଛଳନା କରି ଉକ୍ତ ରାକ୍ଷସକୁ କହିଲେ ସେ ବରର କୌଣସି ଫଳ ହେବ ନାହିଁ, ବର ଠିକ୍ କି ଅଠିକ୍, ତାହା ତୁ ନିଜ ମୁଣ୍ଡରେ ହାତକୁ ବୁଲାଇ ଦେଖ୍ । ତାହା ଶୁଣି ଉକ୍ତ ରାକ୍ଷସ ନିଜ ମୁଣ୍ଡରେ ହାତ ବୁଲାଇ ଦେବାରୁ ହଠାତ୍ ମରି ଭସ୍ମରେ ପରିଣତ ହେଲା ।]

**ବୃକୋଦର**—ସ. ବି—(ବହୁବ୍ରୀହି; ବୃକ ନାମକ ଅଗ୍ନି ଉଦରରେ Bṛukodara ଯାହାର )—୧ । ଭୀମ; ମଧ୍ୟମ ପାଣ୍ଡବ— 1. Bhima; the second Pāṇḍaba brother. ୨ । ବରୁଣ—2. God Baruṇa. ୩ । ଯମ— 3. Jama; the king of death. ( ଉ—ବୃକପରି ବେଢ଼ି ସେନାପତିମାନେ ବୃକୋଦର ଘୂରେ ପେଷି । ଉପେ. ବୈଦେହୀଶବିଳାସ ।) ସ. ବି. ପୁଂ —ପେଟୁ— (ବୃକୋଦରୀ —ସ୍ତ୍ରୀ) Voracious; gluttonous.

**ବୃକ୍କ**—ସ. ବ.—(ବୃକ୍ ଧାତୁ+କର୍ତ୍ତୃ. କ)—ମୂତ୍ରାଶୟ (ହ୍ରୁ. ଶ)— Bṛukka (ବୃକ୍କକ—ଅନ୍ୟରୂପ) Kidney; bladder

**ବୃକ୍କା**—ସ. ବ, ( ବୃକ୍ ଧାତୁ+କର୍ତ୍ତୃ. କ+ଆ )—ହୃଦୟ (ହ୍ରୁ. ଶ.)— Bṛukkā Heart.

**ବୃକ୍ଷ୍ ଧାତୁ)**—ସ.—ବେଷ୍ଟନ କରିବା— Bṛuksh (root) To surround.

**ବୃକ୍ଷ**—ସ. ବି. ( ବୃକ୍ଷ୍ ଧାତୁ+କର୍ତ୍ତୃ. ଅ; କିମ୍ବା ବ୍ରଶ୍ଚ୍ ଧାତୁ=ଛେଦନ Bṛuksha କରିବା+କର୍ମ. ଅକ—୧ । ଗଛ; ପାଦପ— 1. A tree.
[ଅନ୍ୟ ସ. ନାମ—ମହୀରୁହ, ଶାଖୀ, ବିଟପୀ, ପାଦପ, ତରୁ, ପଳାଶୀ, ଦ୍ରୁମ, ଅଗମ, ନଗ, ଅଗ, କୁଜ, ଉତଠେ ଓ ଭୂମିରୁ କିଛି ଦୂର ଉଠିଲା ପରେ ଷିତିରୁହ, ମହୀଜ, ଶାଲ) [ଦ୍ର—ଯେଉଁ ଉଦ୍ଭିଦର ମୂଳରୁ ଗୋଟିଏ ଟାଣୁଆ ଓ ସିଧା ଗଣ୍ଡି ସିଧାହୋଇ ଉପରକୁ ଯହିଁରୁ ଶାଖା ବାହାରେ ଓ ଯହିଁରେ ପତ୍ର ଥାଏ ତାକୁ ବୃକ୍ଷ ବୋଲଯାଏ ।]
୨ । ବୃକ୍ଷପରି ମୂଳ ଓ ଶାଖା ପ୍ରଶାଖାଯୁକ୍ତ କଳ୍ପିତ ଚିତ୍ର (ଯଥା-ବଂଶବୃକ୍ଷ)—2. Any picture or drawing in the shape of a tree (having a root and branches ) ( e. g. genealogical tree ). ଦେ. ବି—ଯେ କୌଣସି ପ୍ରକାର ବଡ଼ ଉଦ୍ଭିଦ— Any big or tall vegetable growth growing out of a root.

**ବୃକ୍ଷକ**—ସ. ବି—(ବୃକ୍ଷ+କ୍ଷୁଦ୍ରାର୍ଥେ. କ)—୧ । ଗୁଳ୍ମ; ଛୋଟ ଗଛ— Bṛukshaka 1. Small tree; plant. ୨ । କ୍ଷୁପ; ବୁଦା— 2. Shrub. ୩ । କୁଟଜ ଗୁଳ୍ମ (ହ୍ରୁ. ଶ) (ଦେଖ)— 3. Kuṭaja (See).

**ବୃକ୍ଷଚର**—ସ. ବି. ପୁଂ (ବୃକ୍ଷ+ଚର ଧାତୁ+ଅ; ଯେ ଗଛରେ ବିଚରଣ Bṛukshachara କରେ)—କପି; ବାନର—Monkey. ( ବୃକ୍ଷଚରୀ—ସ୍ତ୍ରୀ )

**ବୃକ୍ଷଚ୍ଛାୟା**—ସ. ବି—(ବୃକ୍ଷ+ଛାୟା; ସମ୍ବନ୍ଧାର୍ଥ ଚ୍ଛ)--୧ । ଗଛର ଛାଇ— Bṛukshachchhāyā 1. The shade of a tree. ୨ । ବହୁବିସ୍ତୃତ ବୃକ୍ଷର ତଳ ଦେଶରେ ବିସ୍ତୃତ ଛାୟା— 2. The shadow below a spreading tree.

**ବୃକ୍ଷତକ୍ଷକ**—ସ. ବି—ଏଣ୍ଡୁଅ (ହ୍ରୁ. ଶ)— Bṛukshatakshaka Chameleons.

**ବୃକ୍ଷତଳ**—ସ. ବି—( ୬ଷ୍ଠୀ ତତ୍ )—ଗଛର ନିମ୍ନଦେଶସ୍ଥ ଜମି— Bṛukshataḷa The ground below a tree; the foot of a tree.

**ବୃକ୍ଷନାଥ**—ସ. ବି—(୬ଷ୍ଠୀ ତତ୍) - ବଟଗଛ—The banyan tree. Bṛukshanātha (ବୃକ୍ଷପାଳ—ଅନ୍ୟରୂପ)

ବୃକ୍ଷ ପ୍ରତିଷ୍ଠା—ସ. ବ (୬ଷ୍ଠୀ ତତ୍)—ଶାସ୍ତ୍ରୋକ୍ତ ପୁଣ୍ୟଫଳ ପ୍ରାପ୍ତ୍ୟାଶାରେ Bṛuksha pratishṭhā ଅଶ୍ୱତ୍ଥ ଆଦି ବୃକ୍ଷର ରୋପଣ—The planting of trees as a pious act.

ବୃକ୍ଷବାଟିକା—ସ. ବ—୧ । ଉପବନ; କୃଷ୍ଣବନ; କାନନ; ଘରଆଡ଼େ Bṛukshabāṭikā ଗଛ ଦେଇଥିବା ସ୍ଥାନ—1 A grove; grotto. ୨ । ବିହାରୋଦ୍ୟାନ—2. Park; pleasure garden. ୩ । ବଗିଚା ଘର—3. A garden house. ୪ । ବଗିଚା—4. A garden.

ବୃକ୍ଷ ଭକ୍ଷା—ସ. ବ. (ବୃକ୍ଷ+ଭକ୍ଷ୍ ଧାତୁ+କର୍ତ୍ତୃ. ଅ+ଆ)—୧ । ନର୍ମଦା Bruksha bhakshā ଲତା—1. A parasitic creeper. (ବୃକ୍ଷାଗାଦ; ବୃକ୍ଷରୁହା—ଅନ୍ୟରୂପ) ୨ । ମଲ୍ଲଙ୍ଗ—2. Orchid.

ବୃକ୍ଷ ଭିଦ୍—ସ. ବ—(ବୃକ୍ଷ+ଭିଦ୍ ଧାତୁ+କର୍ତ୍ତୃ. କ୍ୱିପ)—୧ । କୁଠାର; Bṛukshabhid କୁରାଢ଼ି—1. An axe. ୨ । ବାଇସୀ—(ବୃକ୍ଷଭେଦୀ—ଅନ୍ୟରୂପ) 2. Adze. ୩ । ଟାଙ୍ଗିଆ—3. A small axe; a hatchet. ୪ । ବାଟାଳି—4. Chisel.

ବୃକ୍ଷ ମର୍କଟିକା—ସ. ବ—( ବୃକ୍ଷ+ମର୍କଟ+କ+ସ୍ତ୍ରୀ. ଆ )—ଗୁଣ୍ଡୁଚି Bṛuksha markaṭikā ମୂଷା—A squirrel; Sciurus Palmarum.

ବୃକ୍ଷମୂଳ—ସ. ବ—(୬ଷ୍ଠୀ ତତ୍; ବୃକ୍ଷ+ମୂଳ)—୧ । ଗଛର ଚେର—Bṛuksha mūḷa 1. Root of a tree. ୨ । ଗଛର ନିମ୍ନ ଦେଶସ୍ଥ ଭୂମି—2. The foot of a tree.

ବୃକ୍ଷ ରାଜ—ସ. ବ—୧ । ଅଶ୍ୱତ୍ଥ ବୃକ୍ଷ; ବୋଧି ଦ୍ରୁମ—1. The reli- Bṛuksha rāja gious fig. (ଉ—ବୃକ୍ଷରାଜ ପର ସାକେତ (ବୃକ୍ଷରାଟ୍—ଅନ୍ୟରୂପ) ନଗରୀ କର ଅଲଙ୍କ୍ରୀ ଅଛି । ଉ. ବୈଦେହୀଶବିଳାସ । ) ୨ । ପାରିଜାତ ବୃକ୍ଷ—2. The mythological Pāri- jāta tree of heaven.

ବୃକ୍ଷ ସଙ୍କଟ—ସ. ବ—ଦୁଇ ପାଖରେ ଗଛ ଥିବା ରାସ୍ତା; ଗୋହିର ରାସ୍ତା Bṛuksha saṁkaṭa (ହି. ଶ)—A narrow path with trees planted on both sides; avenue.

ବୃକ୍ଷ ସାର—ଦେ. ବ. (୭ମୀ ତତ୍)—ବଡ଼ ଗଛ—A big tree. Bṛuksha sāra (ଉ—ବୃକ୍ଷ ସାର ଅଚଳ ଲୃଷର ମହାବାଳ ଯେଣ ଦେଲ୍ଲି ସମର ଶୀଳ ସେ । ଉ. ବୈଦେହୀଶବିଳାସ ।)

ବୃକ୍ଷାଦନ—ସ. ବ. (ବୃକ୍ଷ+ଅଦ୍ ଧାତୁ=ଭକ୍ଷଣ କରିବା+କର୍ତ୍ତୃ.ଅନ)—Bṛukshādana ୧ । କୁଠାର—1. Axe; hatchet, ୨ । ବାଇସୀ—2. Adze. ୩ । ଅଶ୍ୱତ୍ଥ ଗଛ—3. The religious fig; Ficus Religiosa. ୪ । ପିଆଳ (ହି. ଶ) (ଦେଖ)—4. Piāla (Sec). ୫ । ମହୁ ଫେଣା (ହି ଶ)—5. Bee hive.

ବୃକ୍ଷାମୟ—ସ. ବ. (୬ଷ୍ଠୀ ତତ୍; ବୃକ୍ଷ+ଆମୟ)—Bṛukshāmaya ଲାକ୍ଷା; ଲାଖ—Shell lac.

ବୃକ୍ଷାମ୍ଳ—ସ. ବ—୧ । ତେନ୍ତୁଳି—1. Tamarind. ୨ । ଓରୁଅ Bṛukshāmḷa (ଦେଖ)—2. Orua (See) ୩ । ଅମଡ଼ା—3. Hog plum; Spondias Mangifera. ୪ । ଖଟା ପାଳଙ୍ଗ (ହି. ଶ)—4. Bladder dock (pot herb). ୫ । ଅମ୍ଳ ବେତସ—5. A kind of creeper with acid leaves and slimy stem ୬ । ଅମ୍ଳିଚ ଶାଗ—6. Indian sorrel; Oralis Cerniculata.

ବୃକ୍ଷାଳୟ—ସ. ବ. (ବହୁବ୍ରୀହି; ବୃକ୍ଷ+ଆଳୟ=ବାସ ସ୍ଥାନ)—Bṛukshālaya ପକ୍ଷୀ—Bird.

ବୃଜ୍ (ଧାତୁ)—ସ—ତ୍ୟାଗ କରିବା—Bṛuj (root) To shun.

ବୃଜନ—ସ. ବ. ( ବୃଜ୍ ଧାତୁ=ତ୍ୟାଗ କରିବା+କର୍ମ. ଅନ )—Bṛujana ୧ । ପାପ—1. Sin. ୨ । ଅପରାଧ—2. Crime. ୩ । ଦୋଷ—3. Fault. ୪ । କ୍ଲେଶ; ଦୁଃଖ—4. Distress; sufferings. ୫ । ରଙ୍ଗ ଚମଡ଼ା—5. Red skin. ୬ । ଆକାଶ—6. The sky ୭ । ମୁଣ୍ଡର କେଶ—7. The hair of the head. ୮ । (+ଭାବ. ଅନ) ବହିଷ୍କରଣ—8. Driving away; expelling. ୯ । (+ଅଧିକରଣ. ଅନ) ଯୁଦ୍ଧ (ହି. ଶ)—9. Battle. ୧୦ । ନିରାକରଣ (ହି. ଶ)—10. Refutation; rejection. ୧୧ । ତାକତ୍; ଶକ୍ତି; ବଳ (ହି. ଶ)—11. Strength; power. ୧୨ । ଶତ୍ରୁ (ହି. ଶ)—12, Enemy. ସ. ବଣ—୧ । କୁଟିଳ; ବଙ୍କ—1. Crooked. ୨ । ଅସରଳ—3. Insincere.

ବୃଜନ୍ୟ—ସ. ବ. ପୁଂ ( ବୃଜ୍ ଧାତୁ+କର୍ତ୍ତୃ. ଅନ୍ୟ)—ଅତି ସରଳ ବ୍ୟକ୍ତି Bṛujanya (ହି. ଶ )—A very sincere and simple person.

ବୃଜି—ସ. ବ—୧ । ବ୍ରଜଭୂମି ( ହି, ଶ )—1. The country Bṛuji round Bṛundābana ୨ । ମିଥିଳା ପ୍ରଦେଶ; ତ୍ରିହୁତ ( ହି. ଶ )—2. The ancient name of the Tirhut Division

ବୃଜିନ—ସ. ବ ( ବୃଜ୍ ଧାତୁ+କର୍ମ. ଇନ )—୧ । ପାପ—1. Sin. Bṛujina ୨ । ଦୁଃଖ; କଷ୍ଟ—2. Trouble; ୩ । ଚମଡ଼ା ହି. ଶ )—3 Skin. ୪ । ରକ୍ତ ( ହି. ଶ )—4. Blood ୫ । କେଶ ( ହି. ଶ )—5. Hair.

ବୃଣ୍ (ଧାତୁ)—ସ—ପ୍ରୀତ କରିବା—To please. Bṛuṇ (root)

ବୃତ୍ (ଧାତୁ)—ସ—୧ । ବର୍ତ୍ତମାନ ରହିବା—1, To be present. Bṛut (root) ୨ । ବଞ୍ଚି ରହିବା—2. To live; to subsist.

ବୃତ—ସ. ବଣ ( ବୃ ଧାତୁ=ବରଣ କରିବା; ଆଚ୍ଛାଦନ କରିବା; ପ୍ରାର୍ଥନା Bṛuta କରିବା+କର୍ମ ତ )—୧ । କର୍ମସାଧନାର୍ଥ ନିଯୁକ୍ତ; କୌଣସି ଧର୍ମକର୍ମ ସାଧନ କରିବା ପାଇଁ ବରଣ କରାଯାଇ ଥିବା ( ବ୍ରାହ୍ମଣ )—1. Chosen or selected to perform a ceremony; formally engaged to perform a rite. ୨ । ଆବୃତ; ଆଚ୍ଛାଦିତ—2. Covered; enclosed, ୩ । ପ୍ରାର୍ଥିତ (ବସ୍ତୁ)—3. Asked for; requested. ୪ । ସ୍ୱୀକୃତ—4.

Agreed upon. ୫ । ଗୋଲ ( ହୃ. ଶ )—5. Circular. ୬ । ପରିବେଷ୍ଟିତ—6. Surrounded; enveloped ( ଉ—ବୃତସ୍ୱଗରେ ହୋଇ କରୁ କୃତେ, ଉଦ୍ଧ୍ୱଂସି ସ୍ୱନ ଉପସ୍ଥନ ସ୍ୱତେ । ଭଞ୍ଜ. ବୈଦେହୀବିଳାସ ।) ବେ. ବ ( ସ ବୃତ୍ତ )—୧ । ପେଶା; ଜୀବିକା—1. Livelihood; profession. ୨ । ଅଭ୍ୟାସ—2. Habit. ୩ । ( ସ. ବୃତ୍ତ ) ଗୀତ ବୋଲିବାର ରୀତି; ଧଣ—3. The tune of a song or poem.

ବୃତପତ୍ରା—ସ. ବ ( ବୃତ+ପତ୍ର+ଅ )—୧ । ସୁଚୁ ବାଡ଼ି; ମାଳବ
Brutapatrā ପ୍ରଦେଶର ଗୁଳ୍ମ ବିଶେଷ ( ହୃ. ଶ )—A
(ବୃତ୍ତପତ୍ର—ଅନ୍ୟରୂପ) creeper or plant of Mālaba. ୨ । ଶ୍ୱେତ କଣ୍ଟକାରୀ; ଧଳା ଭେଙ୍କରାଇଗଛ—2. Solanum Indicum ( plant ).

ବୃତାନ୍ତ—ସ୍ତ୍ରୀ. ବ ( ସ. ବୃତ୍ତାନ୍ତ )—୧ । ବୃତ୍ତାନ୍ତ; ବିବରଣ; ଧାରାବାହିକ
Brutānta ବିବରଣ—1. Detailed description. ୨ ।
-ବୃତାନ୍ତ ସମ୍ବାଦ—2. News; intelligence.

ବୃତି—ସ. ବ ( ବୃ ଧାତୁ+ଭାବ. ତି )—୧ । ଆବରଣ—1.
Bruti Covering. ୨ । ଗୋପନ—2. Concealment ୩ । ବେଷ୍ଟନ—3. Surrounding. ୪ । (+କରଣ. ତି) ଘେର—4. Wall. ୫ । ବାଡ଼—5. Fencing. [ ଉ—ବୃତିରେ ସୁଶିତ କେତକୀ ଜ ଯହିଁ, ସମୀରଣ ଭୋଗ ଲଭନ୍ତେ ସେବକ । ରାଧାନାଥ. ଚିଲିକା । ] ୬ । ବରଣ; ନିୟୋଗ—6. Engagement. ୭ । ପ୍ରାର୍ଥନା—7. Entreaty. ସ୍ତ୍ରୀ. ( ସ. ବୃତ୍ତି )— ପରୀକ୍ଷାରେ ସର୍ବୋଚ୍ଚ ସ୍ଥାନ ଅଧିକାର କରିବା ଛାତ୍ରକୁ ଦିଆଯିବା ମାସିକ ବେତନ—Stipend or scholarship given to a studnet who has creditably passed an examination.

ବୃତ୍ତ—ସ. ବଣ ( ବୃତ୍ ଧାତୁ+କର୍ତ୍ତୃ. ତ )—୧ । ବର୍ତ୍ତୁଳ; ଗୋଲାକାର
Brutta —1. Round; circular; spherical. ୨ । ଜାତ—2. Born; produced. ୩ । ଗତ—3. Gone. ୪ । ଅତୀତ—4. Past; elapsed. ୫ । ଦୃଢ଼—5. Firm; hard; strong. ୬ । ମୃତ—6. Dead; deceased. ୭ । ( +କର୍ମ. ତ ) ନିଯୁକ୍ତ—7. Appointed; engaged; employed. ୮ । ଆଚ୍ଛାଦିତ—8. Covered. ୯ । ଅଧୀତ—9. Read; studied. ୧୦ । ଅପ୍ରତିହତ—11. Unopposed. ୧୨ । ନିଷ୍ପନ୍ନ; ସିଦ୍ଧ ( ହୃ. ଶ )—12. Accomplished. ସ. ବ—୧ । କଚ୍ଛପ; କମଠ—1. Tortoise; turtle. ୨ । ଆଚରଣ; ଚରିତ—2. Conduct; character. ୩ । ଛନ୍ଦ; ଗୀତ—3. The tune of a poem. [ ଦ୍ର—ଯେଉଁ ଛନ୍ଦରେ ପ୍ରତ୍ୟେକ ପଦର ଅକ୍ଷର ସଂଖ୍ୟା ଓ ଲଘୁ ଗୁରୁବର୍ଣ୍ଣର କ୍ରମ ସମାନ ଥାଏ, ତାକୁ ବୃତ୍ତ ବୋଲାଯାଏ । ପଣ୍ଡିତମାନଙ୍କ ମତରେ ବୃତ୍ତ ୩ ପ୍ରକାର—୧ । ଯେଉଁ ବୃତ୍ତରେ ୪ ପଦଯାକ ସମାନ, ତାହାର ନାମ ସମବୃତ୍ତ—୨ । ଯହିଁରେ ୪ ପଦଯାକ ଅସମାନ, ତାହା ବିଷମ ବୃତ୍ତ—୩ । ଯହିଁରେ ୧ମ ଓ ୩ୟ ପଦ ଏବଂ ୨ୟ ଓ ୪ର୍ଥ ପଦ ସମାନ ତାହା ଅର୍ଦ୍ଧସମବୃତ୍ତ । ] ୪ । ( +ଭାବ. ତ ) ବର୍ତ୍ତନ 4. Existence. ୫ । ଅନୁଷ୍ଠାନ—5. Institution. ୬ ବୃତ୍ତାନ୍ତ—7. Description. ୮ । ( ଜ୍ୟାମିତି ) ଗୋଲାକାର କ୍ଷେତ୍ର; ମଣ୍ଡଳ—8. ( geometry ) A circle. [ ଦ୍ର—ଗୋଟିଏ ବିନ୍ଦୁକୁ ମଧ୍ୟ ଧରି ସମଦୂରବର୍ତ୍ତୀ ରେଖାଦ୍ୱାରା ସୀମାବଦ୍ଧ କ୍ଷେତ୍ରକୁ ବୃତ୍ତ କହନ୍ତି । ] ୯ । ଧନ ସମ୍ବନ୍ଧେ ଚତୁର୍ବିଧ କର୍ମ; ଯଥା— ନ୍ୟାୟପୂର୍ବକ ଅର୍ଥୋପାର୍ଜ୍ଜନ, ଅର୍ଥପାଳନ, ଅର୍ଥବର୍ଦ୍ଧନ ଓ ସତ୍ ପାତ୍ରରେ ଦାନ—9. Fourfold acts regarding wealth, viz. earning by righteous means, its custody, increasing it and bestowing it on proper hands. ୧୦ । ଅଭ୍ୟାସ ( ହୃ. ଶ )—10. Usage; custom. ୧୧ । ଜୀବିକା ( ହୃ. ଶ )—11. Livelihood. ୧୨ । ବେଦ ଓ ଶାସ୍ତ୍ର ବିହିତ ଆଚାର ପାଳନ (ହୃ. ଶ.)—12. Confirmity with the conduct laid down in the scriptures. ୧୩ । କୁଟଜ ( ହୃ. ଶ.)—13. Echites Scholaris (tree). ୧୪ । ସ୍ତନର ଅଗ ବା ସମ୍ମୁଖ ଭାଗ ( ହୃ. ଶ. )—14. The front portion of the female breast. ୧୫ । ଧଳା ଗୁଣ୍ଡିଆ ( ହୃ. ଶ. )—15. White millet. ୧୬ । ଡିମ୍ବିରି (ହୃ. ଶ.)—16. Ficus Carica (fruit). ୧୭ । କଚ୍ଛପ ( ହୃ. ଶ. )— 17. Tortoise. ୧୮ । ଗୁରୁଜନଙ୍କ ପ୍ରତି ସମ୍ମାନ, ଇନ୍ଦ୍ରିୟନିଗ୍ରହ ଓ ସତ୍ୟ କଥନାଦି କରିବା ପ୍ରବୃତ୍ତି (ହୃ.ଶ.) 18. Proclivity for showing respect to one's elders, self control an truthfulness.

ବୃତ୍ତକ—ସ. ବ—(ବୃତ୍ତ+କ)—୧ । କୋମଳ ଓ ମଧୁର ଅକ୍ଷର ଓ
Bruttaka ଛୋଟ ଛୋଟ ସମାସ ବ୍ୟବହାର କରାଯାଇଥିବା ଗଦ୍ୟ ରଚନା (ହୃ. ଶ)—1. Prose containing soft and sweet letters and small compound words. ୨ । ଛନ୍ଦ (ହୃ. ଶ)—2. Metre; tune of poetry.

ବୃତ୍ତ କର୍କଟୀ—ସ. ବି. ସ୍ତ୍ରୀ—୧ । ଷଡ଼ଭୁଜା ଦେବୀ ବିଶେଷ—
Brutta karkaṭi 1. Name of a Goddess. ୨ । ଷଡ଼ଭୁଜ କ୍ଷେତ୍ର—2. Hexagon. ୩ । ତରଭୁଜ ଫଳ (ହୃ.ଶ)— 3. Water melon.

**ବୃତ୍ତ ଖଣ୍ଡ**—ସଂ. ବି (ଷଷ୍ଠୀ ତତ୍)—୧ । (ଜ୍ୟାମିତି) ବୃତ୍ତର କୌଣସି
Brutta khanda ଖଣ୍ଡିତ ଅଂଶ—1. (geometry) Segment of circle. ୨ । (ଶିଳ୍ପ ଶାସ୍ତ୍ର) ମେହେରାପ୍; ଖିଲାଣ—2. (architecture) An arch.

**ବୃତ୍ତଗନ୍ଧି**—ସଂ. ବି (ବୃତ୍ତ+ଗନ୍ଧ+ଇ)—୧ । ଯେଉଁ ଗଦ୍ୟ ରଚନାର
Bruttagandhi ସ୍ଥଳ ବିଶେଷରେ ପଦ୍ୟମିଶ୍ରିତ ଅକ୍ଷରବନ୍ଧ ପଦ୍ୟାଂଶ ପରି ଶୁଣାଯାଏ—1. A form of prose containing poetical composition at places. ୨ । ଅନୁପ୍ରାସ ଓ ସମାସ ବହୁଳତା ଯୋଗୁଁ ଯେଉଁ ଗଦ୍ୟ ପଦ୍ୟ ପରି ଅନନ୍ଦପ୍ରଦ ହୁଏ—2. Prose composition which is full of alliterations and compound words and sounds like poetry.

**ବୃତ୍ତଚଣ୍ଡ**—ସଂ. ବି—ଏଗୋଟିଏ ବୃତ୍ତର ଯେଉଁ ଅଂଶ ଏକ ସରଳରେଖା-
Brutta chanda ଦ୍ୱାରା କର୍ତ୍ତିତ ହୋଇଥାଏ—Segment of a circle.

**ବୃତ୍ତତଣ୍ଡୁଳ**—ସଂ. ବି—ଯବନାଳ; ବାଜରା (ହି. ଶ)
Brutta tandula Millet.

**ବୃତ୍ତପର୍ଣ୍ଣୀ**—ସଂ. ବି—(ବହୁବ୍ରୀହି) ଅକାନବିନ୍ଧୀ ଲତା (ହି. ଶ)
Bruttaparnni Stephania Hernandifolia (creeper).

**ବୃତ୍ତପୁଷ୍ପ**—ସଂ. ବି—୧ । କଦମ୍ବ ଫୁଲ ଓ ଗଛ—1. The Nauclea
Bruttapushpa Cadamba (tree and flower). ୨ । ଶିରୀଷ ଫୁଲ—2. Name of a flower. ୩ । ବାନୀର; ଜଳବେତସ—3. A kind of cane; water ratan. ୪ । କୁବ୍ଜକ ଗୁଳ୍ମ—4. A kind of plant. ୫ । ଭୂକଦମ୍ବ—5. A small species of Kadamba tree. ୬ । ସେବତୀ (ହି. ଶ)—6. Musk rose. ୭ । କନ୍ଦ ଫୁଲ (ହି. ଶ)—7. Jasmine. ୮ । ମୁଗ୍‌ଦ୍ର ମଲ୍ଲୀ (ହି. ଶ)—8. The double-petalled variety of Jasmine.

**ବୃତ୍ତଫଳ**—ସଂ. ବି—(କର୍ମଧା)—କୌଣସି ଗୋଲାକାର ଫଳ (ହି. ଶ)—
Bruttaphala 1. Any round fruit. ୨ । ଗୋଲମରିଚ (ହି. ଶ)—2. Black pepper. ୩ । ଡାଳିମ୍ବ (ହି. ଶ)—3. Pomegranate. ୪ । କଇଥ (ହି. ଶ)—4. Wood apple. ୫ । ତରଭୁଜ (ହି. ଶ)—5. Water melon. ୬ । (ବହୁବ୍ରୀହି) କରଞ୍ଜ ଗଛ (ହି. ଶ)—6. Pongamia Glabra (tree). ୭ । ନାଲି ଅପାମାର୍ଗ (ହି. ଶ)—7. The redvariety of Apāmārga plant.

**ବୃତ୍ତଫଳା**—ସଂ. ବି (ବହୁବ୍ରୀହି; ବୃତ୍ତ+ଫଳ+ଆ)—୧ । ବାଇଗଣ
Bruttaphalā (ହି. ଶ)—1. Brinjal. ୨ । ଅଁଳା (ହି. ଶ)—2. Embelic Myrobalan. ୩ । ଏକ ପ୍ରକାର ପିତା କାକୁଡ଼ (ହି. ଶ)—3. A kind of bitter cucumber.

**ବୃତ୍ତବୀଜ(ଜା)**—ସଂ. ବି (ବହୁବ୍ରୀହି)—ବରଗୁଡ଼ (ହି. ଶ)—
Bruttabija(jā) A kind of pulse.
( ବୃତ୍ତବୀଜକ[କା]—ଅନ୍ୟରୂପ )

**ବୃତ୍ତଶାଳୀ**—ସଂ. ବିଣ. ପୁଂ—( ବୃତ୍ତ+ଶାଳିନ୍; ୧ମା. ୧ବ )—
Bruttasāli ୧ । ସଦାଚାର (ହି. ଶ)—1. Following (ବୃତ୍ତାନୁବର୍ତ୍ତୀ; ବୃତ୍ତସ୍ଥ, ବୃତ୍ତବାନ୍—ଅନ୍ୟରୂପ) the approved [ବୃତ୍ତାନୁବର୍ତ୍ତିନୀ, ବୃତ୍ତସ୍ଥା, ବୃତ୍ତବତୀ, ବୃତ୍ତଶାଳିନୀ—ସ୍ତ୍ରୀ] usages. ୨ । ଶ୍ରେୟସ୍କାମୀ—2. Benevolent.

**ବୃତ୍ତସୂଚୀ**—ସଂ. ବି—୧ । ଉପର୍ଯ୍ୟୁପରି ସ୍ଥାପିତ ବୃତ୍ତ ସମୂହ—1. Con-
Bruttasūchi centric circles. ୨ । ଉପର୍ଯ୍ୟୁପରି ସ୍ଥାପିତ କ୍ରମଶଃ ସରୁ ହୋଇ ମୁନିଆ ହୋଇ ଥିବା ବର୍ତ୍ତୁଳବିଶେଷ-2. A cone.

**ବୃତ୍ତସ୍ଥ**—ସଂ. ବିଣ.—(ବୃତ୍ତ+ସ୍ଥା ଧାତୁ+କର୍ତ୍ତୃ. ଅ)—୧ । ବୃତ୍ତ ଭିତର
Bruttastha ମଧ୍ୟରେ ଅବସ୍ଥିତ—1. Situated inside a circle. ୨ । ସଚ୍ଚରିତ୍ର—2. Honest. ୩ । ସୁଶୀଳ 3. Of good conduct.

**ବୃତ୍ତାନ୍ତ**—ସଂ. ବି—(ବୃତ୍ତ=ଜାତ+ଅନ୍ତ=କର୍ତ୍ତିସ୍ୱ ଯହିଁରୁ; ବହୁବ୍ରୀହି)-
Bruttānta ୧ । ବାର୍ତ୍ତା; ଖବର; ସମାଚାର—1. News; report; tidings; information. ୨ । ଘଟିଥିବା ଘଟଣାର ଧାରାବାହିକ ବର୍ଣ୍ଣନା; ବିବରଣ—2. Discription; details of an event ୩ । ପ୍ରକାର—3. Sort; kind; nature. ୪ । ପ୍ରସ୍ତାବ—4. Proposal; mention of a matter. ୫ । ବ୍ୟାପାର; ବିଷୟ—5. Any matter; any subject. ୬ । ଭାବ—6. Meaning; disposition. ୭ । ଅବସର—7. Leisure. ୮ । ସମ୍ପୂର୍ଣ୍ଣତା—8. Perfection. ୯ । ଆଖ୍ୟାନ—(ହି. ଶ.)—9. Narration; narrative.

**ବୃତ୍ତାଭାସ**—ସଂ. ବି—(ବୃତ୍ତ ପରି ଆଭାସ ଯାହାର)—୧ । ପଦ୍ୟର ଆଭାସ
Bruttābhāsa ଯୁକ୍ତ ଗଦ୍ୟ ରଚନା; ବୃତ୍ତଗନ୍ଧି—1. A metrical or musical prose. ୨ । ଅଣ୍ଡାକୃତି କ୍ଷେତ୍ର—2. Ellipse; an oval figure. ସଂ. ବିଣ—ସମ୍ପୂର୍ଣ୍ଣ ବୃତ୍ତ ନୁହେଁ କିନ୍ତୁ ବୃତ୍ତ ପରି ଗୋଲ; ଅଣ୍ଡାକୃତି—Oval; circular; elliptical.

**ବୃତ୍ତି**—ସଂ. ବି—(ବୃତ୍ ଧାତୁ+କରଣ. ତି)—୧ । ଜୀବିକା; ଦାନା ପାଣି;
Brutti ପେଶା—1. Livelihood; employment; profession; means of living. ( ଉ—ବୃତ୍ତି ଏ ମୋ ଯୋଷେ ଭୂତ୍ୟ—ଉଷ. ବୈଦେହୀଶବିଳାସ । ଉ—ଉତ୍ତଲେ ଶ୍ୟାଳ ହୋଇଛୁ ତୁମ୍ଭ ଜାତି, ଅତଏବ କରୁଥିବ ଦେବ ଉପାସନା ବୃତ୍ତି—କୃଷ୍ଣସିଂହ. ମହାଭାରତ. ଶାନ୍ତି) । ୨ । ଖାଦ୍ୟ; ଅଦ୍ୟାଦ୍ୟ ବସ୍ତୁ—2. Food ୩ । (+ଭାବ. ତି) ଖାଇବା; ଭୋଜନ—3. Eating; meal. ୪ । ଭୋଜନପୋଷାକ; ଜୀବନଧାରଣ—4. Living; maintenance. ୫ ।

ବ୍ୟବସାୟ—5. Trade; commerce. ୬ । ବ୍ୟାପାର; କାର୍ଯ୍ୟ—6. An act; an event. ୭ । ମନୋବୃତ୍ତି; ମାନସିକ ଧର୍ମ—7. Mental habit or quality; mental faculty ୮ । ପ୍ରବୃତ୍ତି; ଚିତ୍ତର ଗତି—8. Tendency; inclination. [ ଦ୍ର—ଯୋଗଶାସ୍ତ୍ର ଅନୁସାରେ ଚିତ୍ତବୃତ୍ତି ୫ ପ୍ରକାରର ବୋଲି କଳ୍ପିତ, ଯଥା—କ୍ଷିପ୍ତ, ମୂଢ଼, ବିକ୍ଷିପ୍ତ, ଏକାଗ୍ର ଓ ନିରୁଦ୍ଧ—ହି. ଶ. ] ୯ । ଇଚ୍ଛା—9 Volition; wish. ୧୦ । ସ୍ଥିତି—10. Situation; existence. ୧୧ । ପ୍ରକୃତି; ସ୍ୱଭାବ—11. Nature; disposition; temper ୧୨ । ଆଚରଣ—12. Conduct. ( ଉ—ଯୁଦ୍ଧେ ଯେ ପରସ୍ପରେ ବିସାଦସି ହେଲେ, ବାଲ୍ୟକାଳ ବୃତ୍ତିକି କଥାବାର୍ତ୍ତା ହେଲେ—କୃଷ୍ଣସିଂହ. ମହାଭାରତ. ଦ୍ରୋଣ । ] ୧୩ । ବ୍ୟବହାର—13. Behaviour; treatment. ୧୪ । ସୂତ୍ରର ବ୍ୟାଖ୍ୟା—14. Gloss or comment on aphorisms. [ ଦ୍ର—ବ୍ୟାକରଣର ସୂତ୍ର ଆଦିର ବ୍ୟାଖ୍ୟାକୁ ୫ ଶ୍ରେଣୀରେ ବିଭକ୍ତ କରାଯାଇଅଛି—ବୃତ୍ତି, ଭାଷ୍ୟ, ବାର୍ତ୍ତିକ, ଟୀକା, ଟିପ୍ପଣୀ । ଯେଉଁ ବ୍ୟାଖ୍ୟା ସଂକ୍ଷିପ୍ତ ଓ ସନ୍ଦର୍ଭିତ ରଚନା ଗମ୍ଭୀର ତାକୁ ବୃତ୍ତି ବୋଲାଯାଏ—ହି. ଶ.] ୧୫ । ନାଟକର ରଚନା ପ୍ରଣାଳୀ; ନାଟକୀୟ ବିଷୟ ବର୍ଣ୍ଣନ କରିବାର ଢଙ୍ଗ; ଶୈଳୀ—15. Style of a drama. [ ଦ୍ର—ନାଟକର ବୃତ୍ତିକୁ ୪ ଶ୍ରେଣୀରେ ବିଭକ୍ତ କରାଯାଇ ଅଛି । ଭିନ୍ନ ଭିନ୍ନ ରସର ପ୍ରକାଶ ପାଇଁ ଭିନ୍ନ ଭିନ୍ନ ବୃତ୍ତି ନିର୍ଦ୍ଦିଷ୍ଟ ହୋଇଅଛି । ୧ । କୈଶିକୀ (ଶୃଙ୍ଗାର ରସର ଉପଯୋଗୀ) ୨ । ସାତ୍ତ୍ୱତୀ (ବୀର ରସର ଉପଯୋଗୀ), ୩ । ଆରଭଟୀ (ରୌଦ୍ର ଓ ବୀଭତ୍ସ ରସ) ଓ ୪ । ଭାରତୀ (ଅନ୍ୟ ସମସ୍ତ ରସମାନଙ୍କ ଉପଯୋଗୀ) । କୈଶିକୀବୃତ୍ତିରେ ସୁବେଶ-ଭୂଷିତା ବହୁ ନାୟିକା, ନୃତ୍ୟଗୀତ, ଭୋଗବିଳାସାଦିର ବର୍ଣ୍ଣନା; ସାତ୍ତ୍ୱତୀରେ ବୀରତା, ଗାନସଙ୍ଗୀତ, ଦୟା, ସରଳତା ଆଦିର ବର୍ଣ୍ଣନା; ଆରଭଟୀରେ ମାୟା, ଇନ୍ଦ୍ରଜାଲ, ସଂଗ୍ରାମ, କ୍ରୋଧ ଆଦିର ବର୍ଣ୍ଣନା, ଭାରତୀ ବୃତ୍ତିରେ ସଂସ୍କୃତବହୁଳ କଥୋପକଥନ ଥାଏ (ହି. ଶ) । ଏହି ବୃତ୍ତିପର ନାଟକର ମଧ୍ୟ ୪ଟି ପ୍ରବୃତ୍ତି ଅଛି; ୧ । ଅବନ୍ତୀ, ୨ । ଦାକ୍ଷିଣାତ୍ୟ, ୩ । ପାଞ୍ଚାଳୀ ଓ ୪ । ଓଡ୍ରମାଗଧୀ । ] ୧୬ । ବ୍ୟାପ୍ତି—16. Over-spreading; pervading; diffusion. ୧୭ । ବର୍ଣ୍ଣରଚନା—17. Composition. ୧୮ । (କାବ୍ୟାଳଙ୍କାର) 'କୌଣସି ଶବ୍ଦ କୌଣସି ଭାବ ବା ଅର୍ଥ ପ୍ରକାଶ କରୁ', ବକ୍ତାର ଏକବୁଦ୍ଧ ଇଚ୍ଛାମୟ ବ୍ୟାପାର—18. The intention of an author as to the expression of a particular thought by a particular sentence. ୧୯ । (କାବ୍ୟାଳଙ୍କାର) ଶବ୍ଦର ଅର୍ଥପ୍ରକାଶିକା ଶକ୍ତି—19. The potency of a word to convey a meanning. [ ଦ୍ର—ଅଭିଧା, ଲକ୍ଷଣା ଓ ବ୍ୟଞ୍ଜନା, ଶବ୍ଦର ଏହି ତ୍ରିବିଧ ଶକ୍ତିକି ତ୍ରିବିଧ ବୃତ୍ତି ବୋଲାଯାଏ । ] ୨୦ । ଅବସ୍ଥାନ୍ତର ପ୍ରାପ୍ତି—2. Transformation; assumption of a different shape. ୨୧ । ଅକ୍ଷର ସଂଖ୍ୟାତ ଛନ୍ଦ—21. A poetical metre.

୨୨ । ପୁରାଣର ଦଶଲକ୍ଷଣ ମଧ୍ୟରୁ ଏକତମ—22. One of the 10 peculiarities of a mythology. (ଉ—ପ୍ରାଣିମାନଙ୍କ ଯେ ପ୍ରବୃତ୍ତି, ଜୀବିକା ଅର୍ଥେ ଯେ ଗତି । ଏସନ ବୃତ୍ତି ଯେ ବୋଲାଇ, ପୁରାଣ ଲକ୍ଷଣଟି ଏହି । ଜଗନ୍ନାଥ—ଭାଗବତ) । ୨୩ । ବୃତ୍ତାନ୍ତ; ବିବରଣ--(ହି. ଶ) —23. Description. ୨୪ । କର୍ତ୍ତବ୍ୟକର୍ମ (ହି. ଶ) —24. Duty.—ଦେ. ବି—୧ । ଜୀବିକା-ନିର୍ବାହାର୍ଥ ଦତ୍ତ ହୋଇଥିବା ଭୂମି; ଜାଗିର; ଖଞ୍ଜା—1. A jagir; land assigned for the maintenance of a person; maintenance-grant. ୨ । ପରୀକ୍ଷୋତ୍ତୀର୍ଣ୍ଣ ଛାତ୍ରଙ୍କୁ ନିର୍ଦ୍ଦିଷ୍ଟ ସମୟ ପାଇଁ ଦିଆଯିବା ମାସିକ ବୃତ୍ତିର ଧନ—2. Stipend or scholarship awarded to an efficient student. ୩ । ଜମି-ବାଡ଼ି—3. Landed property. ୪ । ଚାଷ ଜମି—4. Cultivated land. ୫ । ପେନ୍‌ସନ୍—5. Pension; maintenance allowance.

ବୃତ୍ତି; ବୃତ୍ତି

ବୃତ୍ତିକର—ସ. ବିଣ. ପୁଂ—( ବୃତ୍ତି+କୃ ଧାତୁ+କର୍ତ୍ତୃ. ଅ )— Bruttikara ଯାହା ଜୀବିକା ପ୍ରଦାନକରେ; ପରିପୋଷଣକାରୀ— (ବୃତ୍ତିକରୀ—ସ୍ତ୍ରୀ) Supplying livelihood; maintaining. (ଉ—ଏଣୁ ବହୁତ ବୃତ୍ତିକରୀ, ଭୋ ବିପ୍ର ମାଗ ବହୁଧନ । ଜଗନ୍ନାଥ—ଭାଗବତ) ।

ବୃତ୍ତିଚ୍ଛେଦ—ସ. ବି. ( ୬ଷ୍ଠୀ ତତ୍; ବୃତ୍ତି+ଛେଦ; ସନ୍ଧିଯୋଗ ଛ Bruttichchheda ସ୍ଥାନରେ ଚ୍ଛ )—୧ । ଜୀବିକା ନିର୍ବାହର (ବୃତ୍ତିଚ୍ଛେଦନ—ଅନ୍ୟରୂପ) ଉପାୟ ବନ୍ଦ କରିବା;—1. Cutting (ବୃତ୍ତିଛେଦ—ଦେଶଜରୂପ) off of the means of one's maintenance. ୨ । ଜୀବିକା ନିର୍ବାହାର୍ଥ ଖଞ୍ଜାଥିବା ଜାଗିର ଜମିକୁ ବାଜ୍ୟାପ୍ତି କରିବା—2. Confiscation or resumption of a maintenance grant. (ଉ—ଚନ୍ଦ୍ରସିଂହ ହିଂସା ମିଥ୍ୟାବାଦ, କଷ୍ଟାହସାଠ ବୃତ୍ତିଚ୍ଛେଦ । ଜଗନ୍ନାଥ—ଭାଗବତ) ।

ବୃତ୍ତି ଧ୍ୱଂସ—ସ. ବି. (୬ଷ୍ଠୀ ତତ୍)—ସମ୍ପତ୍ତିର ବା ଜୀବିକା ନିର୍ବାହୋ-Brutti dhwamsa ପାୟର ବିନାଶ—Destruction or (ବୃତ୍ତି ନାଶ—ଅନ୍ୟରୂପ) loss of one's property or means of livelihood.

ବୃତ୍ତି ବାଡ଼—ଦେ. ବି—( ସଦୃଶ )—୧ । ଜମିବାଡ଼ି; ଭୂସମ୍ପତ୍ତି— Brutti bardi 1. Landed property. ୨ । ଚାଷ ବାଡ଼— ବୀଜ ବାଡ଼ୀ, ଜମିବାଡ଼ୀ ଜମୀନବାଡ଼ୀ ଚାଷ ଜମି—2. Cultivated land.

**ବୃତ୍ତିଭୋଗୀ**—ସଂ. ବଣ. ପୁଂ—(ବୃତ୍ତି+ଭୋଗ+ଇନ୍)—ଯେ ବୃତ୍ତି ଭୋଗ କରୁଥାଏ—Enjoying a stipend or maintenance grant; getting a maintenance grant.
Bṛuttibhogi
( ବୃତ୍ତିଧାରୀ—ଅନ୍ୟରୂପ )
ବୃତ୍ତିଭୋଗିନୀ } ସ୍ତ୍ରୀ
ବୃତ୍ତିଧାରିଣୀ }

**ବୃତ୍ତି ଶୂନ୍ୟ**—ସଂ. ବଣ. ପୁଂ. (ଷଷ୍ଠୀ ତତ୍)—ଜୀବିକାବିହୀନ; ବେକାର—Destitute of the means of living; unemployed.
Bṛutti śūnya
(ବୃତ୍ତିହୀନ—ଅନ୍ୟରୂପ)
(ବୃତ୍ତିଶୂନ୍ୟା, ବୃତ୍ତିହୀନା—ସ୍ତ୍ରୀ)

**ବୃତ୍ତ୍ୟନୁପ୍ରାସ**—ସଂ. ବି—ଅନୁପ୍ରାସ ବା ଶବ୍ଦାଳଙ୍କାର ବିଶେଷ—
Bṛuttyanuprāsa A kind of alliteration.
[ଦ୍ର—ପର୍ଯ୍ୟାୟ କ୍ରମେ ହେଉ ବା ନ ହେଉ, ଯେବେ ଗୋଟିଏ ବ୍ୟଞ୍ଜନ ବର୍ଣ୍ଣ ବାକ୍ୟ ମଧ୍ୟରେ ବାରମ୍ବାର ଉଚ୍ଚାରିତ ହୁଏ, ତେବେ ତାକୁ ବୃତ୍ତ୍ୟନୁପ୍ରାସ କହନ୍ତି । ଯଥା— ଲଣି ମଣିଲଣି ମଧୁ ଝରକୁ, ଶୁଣି ତା ବିଷମ ବଂଶୀ ସ୍ୱରକୁ, ଜ ବ ଇ ହୋଇଲି ଲଭିଲି ବୋଲି ଝୁରି ଧନଞ୍ଜୟ ହେତୁ ନ ଗୋ । କବିସୂର୍ଯ୍ୟ. ସଙ୍ଗୀତ, କୁଳମଣି. ଅଳଙ୍କାର ତରଙ୍ଗିଣୀ ।]

**ବୃତ୍ୟ**—ସଂ· ବଣ. ( ବୃ ଧାତୁ+କର୍ମ. ଯ; ତ ଆଗମ )—୧ । ବରଣୀୟ; ବରଣଯୋଗ୍ୟ—1. Fit to be selected or chosen. ୨ । ନିଯୋଜନୀୟ—2. Fit to be engaged or employed.
Bṛutya

**ବୃତ୍ର**—ସଂ, ବି. (ବୃତ୍ ଧାତୁ+କର୍ତ୍ତୃ. ର)—୧ । କଶ୍ୟପ ପୁତ୍ର ଧର୍ମଶୀଳ ଦାନବ ବିଶେଷ—1. Name of a demon.
Bṛutra
[ଦ୍ର—ଏ ତ୍ୱଷ୍ଟାଙ୍କ ପୁତ୍ର ଏକ ଦାନବ । କଥିତ ଅଛି ଯେ ଇନ୍ଦ୍ର ତ୍ୱଷ୍ଟାଙ୍କ ପୁତ୍ର ବିଶ୍ୱରୂପ ପୁରୋହିତଙ୍କୁ ମାରି ପକାଇଲେ; ଏଥିର ପ୍ରତିଶୋଧ ନେବା ପାଇଁ ତ୍ୱଷ୍ଟା ବୃତ୍ରଙ୍କୁ ଜନ୍ମ କଲେ । ବୃତ୍ର ଇନ୍ଦ୍ରଙ୍କୁ ଆକ୍ରମଣ କରିବାରୁ ଇନ୍ଦ୍ର ଦେବତାମାନଙ୍କ ସହ ଇନ୍ଦ୍ରପୁରୀରେ ଲୁଚିଲେ ଓ ବିଷ୍ଣୁଙ୍କ ପରାମର୍ଶରେ ଦଧୀଚି ଋଷିଙ୍କ ହାଡ଼ରେ ବଜ୍ର ତିଆରି କରି ବୃତ୍ର ସଙ୍ଗେ ଯୁଦ୍ଧ କଲେ । ଇନ୍ଦ୍ର ବୃତ୍ରର ୨ ହାତକୁ କାଟି ଦେଲେ ଓ ବୃତ୍ର ଐରାବତ ସହିତ ଇନ୍ଦ୍ରଙ୍କୁ ଗିଳି ଦେଲା । ଇନ୍ଦ୍ର ତା ପେଟକୁ ଫାଡ଼ି କରି ବାହାରିଲେ ଓ ତା ମସ୍ତକ ଛେଦନ କଲେ । ଦେବୀ ଭାଗବତରେ ବୃତ୍ରାସୁରର ବିସ୍ତାରିତ ବିବରଣ ଲେଖା-ଅଛି । ବେଦରେ ମଧ୍ୟ ବୃତ୍ରାସୁରର ଉଲ୍ଲେଖ ଅଛି, କିନ୍ତୁ ତହିଁରୁ ସୂଚିତ ହୁଏ ଯେ 'ମେଘ' ଓ 'ଅନ୍ଧକାର' ସମ୍ବନ୍ଧରେ 'ବୃତ୍ର' ଶବ୍ଦର ବ୍ୟବହାର ହୋଇଅଛି—ହି. ଶ ।
ପାର୍ସୀମାନଙ୍କ ଧର୍ମଗ୍ରନ୍ଥ ଜେନ୍ଦାବେସ୍ତାରେ ଅସୁରୀୟ (Assyrian) ଜାତିର ଦଳପତି ବେରେଥ୍ର ଆର୍ଯ୍ୟଭୂମି (Ariana) ଭୂ·ଜନଶୂନ୍ୟ କରିବାଲାଗି ବବ୍ରୁ (Babylon) ନଗରରେ ଯାଗ କରି ଅଦ୍ୱିଶ୍ୱରକାମ୍ନି ଦେବୀଙ୍କୁ ଆରାଧନା କରୁଥିଲା । କିନ୍ତୁ ତାହାର ଚେଷ୍ଟା ବିଫଳ ହେଲା ଓ ସେ ସବଂଶ ଇନ୍ଦ୍ରଙ୍କଦ୍ୱାରା ନିହତ ହେଲା ବୋଲି ବର୍ଣ୍ଣିତ ହୋଇଅଛି । ] ୨ । ଶତ୍ରୁ—2. Foe; enemy. ୩ । ଅନ୍ଧକାର—3. Darkness. ୪ । ପର୍ବତ ବିଶେଷ—4. Name of a mountain. ୫ । ମେଘ—5. Cloud. ୬ । ମନ୍ତ୍ର—6. Vedic incantation or formula. ୭ । ଶବ୍ଦ—7. Sound; voice.

**ବୃତ୍ରତା(ତ୍ୱ)**—ସଂ. ବି ( ବୃତ୍ର+ତା, ତ୍ୱ )—ଶତ୍ରୁତା ( ହି· ଶ )—
Bṛutratā(twa) Enmity.

**ବୃତ୍ରହା**—ସଂ. ବି ( ବୃତ୍ର+ହନ୍ ଧାତୁ+କର୍ତ୍ତୃ. କ୍ୱିପ୍ )—ବୃତ୍ର ନିଧନକାରୀ ଇନ୍ଦ୍ର—Indra, the killer of the demon Bṛutra.
Bṛutrahā
[ବୃତ୍ରଖାଦ୍; ବୃତ୍ରଘ୍ନ; ବୃତ୍ରଦ୍ୱିଟ୍; ବୃତ୍ରନାଶନ; ବୃତ୍ରବୈରି; ବୃତ୍ରାରି; ବୃତ୍ରଶତ୍ରୁ—ଅନ୍ୟରୂପ]

**ବୃଥା**—ସଂ. ଅବ୍ୟୟ ( ବୃ ଧାତୁ+କର୍ମ ଥା )—୧ । ନିଷ୍ଫଳ; ପଣ୍ଡ—1. Fruitless; vain; abortive; ineffectual. ୨ । ନିଷ୍ପ୍ରୟୋଜନ; ଅକାରଣ—2. Useless. ୩ । ଅନର୍ଥକ; ନିରର୍ଥକ—3. Meaningless. ୪ । ଉଦ୍ଦେଶ୍ୟ ବିହୀନ—4. Aimless କ୍ରି. ବଣ—ଅକାରଣ—In vain.
Bṛuthā

**ବୃଥା କରିବା**—ଦେ. କ୍ରି—ବ୍ୟର୍ଥ କରିବା; ପଣ୍ଡ କରିବା—To make abortive; to nullify. [ ଉ— ବୃଥା କଲୁ ଦଶମଥା ତାଙ୍କ କଥା, ଭଲ ସେହିଁ ଭଲ ହେଲା । ଉପେ. ବୈଦେହୀଶବିଳାସ । ]
Bṛuthā karibā
ବୃଥାକରା
বৃথা করনা

**ବୃଥାଟାରେ**—ଦେ. କ୍ରି. ବଣ ( ସଂ. ବୃଥା )—ଅକାରଣରେ—
Bṛuthāṭāre In vain; for nothing.
ବୃଥା, ବୃଥାୟ বৃথা; বৃথা (ବୃଥାରେ—ଅନ୍ୟରୂପ)

**ବୃଥା ପରିଶ୍ରମ**—ସଂ. ବି ( କର୍ମଧା )—ନିଷ୍ଫଳ ପରିଶ୍ରମ—
Bṛuthā pariśrama Fruitless labour.
(ବୃଥାଶ୍ରମ—ଅନ୍ୟରୂପ)

**ବୃଥା ପର୍ଯ୍ୟଟନ**—ସଂ. ବି ( କର୍ମଧା )—ନିଷ୍ଫଳ ଭ୍ରମଣ; ଉଦ୍ଦେଶ୍ୟବିହୀନ ଭ୍ରମଣ—Gadding about.
Bṛuthā parjyaṭana
(ବୃଥାଭ୍ରମଣ—ଅନ୍ୟରୂପ)

**ବୃଥା ବାସନା**—ସଂ. ବି ( କର୍ମଧା )—ନିଷ୍ଫଳ ଇଚ୍ଛା—
Bṛuthā bāsanā Vain wish.

**ବୃଥା ବ୍ୟୟ**—ସଂ· ବି ( କର୍ମଧା )—ଅପବ୍ୟୟ—
Bṛuthā byaya Waste.

**ବୃଥା ଭାବନା**—ସଂ. ବି ( କର୍ମଧା )—ନିଷ୍ଫଳ ଚିନ୍ତା—Vain thoughts. [ ଉ—ବୃଥା ଭାବନା ଆଉ କରିବି ନାହିଁ, ଭାବନାରେ ଆନନ୍ଦ ମିଳଇ ନାହିଁ । ମଧୁସୂଦନ. ଛନ୍ଦମାଳିକାର ବିଳାପ । ]
Bṛuthā bhābanā
(ବୃଥାଚିନ୍ତା—ଅନ୍ୟରୂପ)
(ବୃଥା ଭାଲେଣି—ଦେଶଜରୂପ)
ବୃଥାଚିନ୍ତା व्यर्थ फिक्र

**ବୃଥା ମାଂସ**—ସଂ. ବି—କୌଣସି ଦେବଦେବୀଙ୍କ ଉଦ୍ଦେଶ୍ୟରେ ବଳି ଦିଆଯାଇ ନ ଥିବା ଜୀବର ମାଂସ (ହି.ଶ)—Meat of an animal which has not been sacrificed to a Deity. [ଦ୍ର—ଏପରି ମାଂସ ଭୋଜନ ନିଷିଦ୍ଧ । ]
Bṛuthā māṁsa

ବୃଥା ଯିବା—ଦେ· କ୍ରି—ବ୍ୟର୍ଥ ହେବା—To be abortive.
Brutha jiba ବୃଥା ଯାଓଯା; ବୃଥାଯ ଯାଓଯା; ବୃଥା ହওଯା
**व्यर्थ होना** [ବୃଥାରେ ଯିବା; ବୃଥା ହେବା—ଅନ୍ୟରୂପ]

ବୃଥାଳାପ—ଦେ. ବି ( କର୍ମଧା )—୧ । ନିଷ୍ଫଳ ବାକ୍ୟ—1. Useless
Bruthalapa talk. ୨ । ବାଜେ ବା ବ୍ୟର୍ଥ କଥା—
(ବୃଥାକଥା—ଅନ୍ୟରୂପ) 2. Nonsense.

ବୃଥାଳାପୀ—ସଂ. ବିଣ. ପୁଂ—ଯେ ବୃଥା କଥା କହେ—
Bruthalapi One who talks nonsense.
(ବୃଥାଳାପିନୀ—ସ୍ତ୍ରୀ)

ବୃଦ୍ଧ—ସଂ. ବିଣ. ପୁଂ ( ବୃଧ୍ ଧାତୁ=ବୃଦ୍ଧି ପାଇବା; ବଢ଼ିବା+କର୍ତ୍ତୃ.
Bruddha କ )—୧ । ବୁଢ଼ା; ପ୍ରାଚୀନ—1. Old; aged;
(ବୃଦ୍ଧା—ସ୍ତ୍ରୀ) ancient. ୨ । ବୟୋଜ୍ୟେଷ୍ଠ—2. Older; eldest. ୩ । ବୃହତ୍; ବଡ଼—3. Large; big; huge. ୪ । ବୃଦ୍ଧିଯୁକ୍ତ—4. Increasing. ୫ । ବିଗତଯୌବନ—5. Past youth. [ ଦ୍ର—୭୦ ବର୍ଷ ବୟସ ଟପିବା ବ୍ୟକ୍ତିକୁ ବୃଦ୍ଧ ବୋଲାଯାଏ । ] ସଂ· ବି—୧ । ବୁଢ଼ା ଲୋକ—1. An old man. ୨ । ଗୋତ୍ର—2. Lineage. ୩ । ପର୍ବତ—3. Mountain. ୪ । ପଣ୍ଡିତ—4. Learned man. ୫ । ବୃଦ୍ଧଦାରକ ( ଦେଖ )—5. Bruddhadaraka ( See ) ୬ । ଅଙ୍ଗୁଷ୍ଠ; ବୁଢ଼ାଅଙ୍ଗୁଠି—6. Thumb. ୭ । ଡାମରା କୁଆ—7. A rook; raven. ୮ । ବୃଦ୍ଧାବସ୍ଥା ( ହ୍ର. ଶ )—8. Old age. ୯ । ଶୈଳଜ; ନାମକ ଗନ୍ଧଦ୍ରବ୍ୟ ( ହ୍ର. ଶ )—9. Permalia Perlata. ଦେ. ବିଣର ବିଣ—ଅତ୍ୟନ୍ତ—Very. ( ଯଥା—ବୃଦ୍ଧ ଗାଲୁଆ=ଭାରି ମିଛୁଆ—Inveterate liar. ବୃଦ୍ଧ ବଗୁଲିଆ=ଭାରି ବଗୁଲିଆ—Very wicked. ବୃଦ୍ଧ କାଙ୍ଗାଳି=ଅତ୍ୟନ୍ତ କୃପଣ—Very miserly. ବୃଦ୍ଧ ବାଯା, ବୃଦ୍ଧ ପାଗଳ=ଭାରି ବାଯା—Stark mad. ବୃଦ୍ଧ ମାଡ଼ୁଆ=ଅତି ମାଡ଼ୁଆ—Eminently deserving of a good deal of beating. ବୃଦ୍ଧ ପାପୀ=ମହାପାପୀ—Very sinful ( person ), a great sinner. ବୃଦ୍ଧ ଭଣ୍ଡ=ଅତ୍ୟନ୍ତ ଭଣ୍ଡ; ନିର୍ଲଜ୍ଜ—Very shameless (person).

ବୃଦ୍ଧ କାକ—ସ. ବି—ଡାମରା କୁଆ—Raven; a crow; a
Bruddha kaka carrion crow.

ବୃଦ୍ଧ କାଣ୍ଡ—ପ୍ରାଦେ ( ବାଲେଶ୍ୱର ) ବି—ବୁଢ଼ା ଅଙ୍ଗୁଳିରେ ହେବା
Bruddha kanda ଏକପ୍ରକାର ଯନ୍ତ୍ରଣାଦାୟକ ବ୍ରଣ; ଇନ୍ଦ୍ରକାଣ୍ଡ—Whitlow.

ବୃଦ୍ଧ କାଳ—ସଂ. ବି—ବୁଢ଼ା ହେବାର ସମୟ; ବାର୍ଦ୍ଧକ୍ୟ—
Bruddha kala Old age.
(ବୃଦ୍ଧ ସମୟ, ବୃଦ୍ଧ ବୟସ—ଅନ୍ୟରୂପ)

ବୃଦ୍ଧ ଗଙ୍ଗା—ସଂ. ବି—୧ । ( କଲିକତା ନିକଟରେ ) ବୁଢ଼ୀଗଙ୍ଗା;
Bruddha ganga ଗଙ୍ଗାର ଶାଖା ବିଶେଷ—1. Name of a small branch of the Ganges. ( ଦ୍ର—ଏହା ତଟରେ କାଳୀଠାକୁରାଣୀଙ୍କ ମନ୍ଦିର ଅବସ୍ଥିତ । ) ୨ । ହିମାଳୟରୁ ବହିର୍ଗତ କ୍ଷୁଦ୍ର ନଦୀ (ହ୍ର. ଶ) 2. Name a rivulet rising from the Himalayas.

ବୃଦ୍ଧ ଗଣ୍ଡକୀ—ଦେ. ବି—୧ । ଲଙ୍କାରେ ପ୍ରବାହିତ ନଦୀ ବିଶେଷ—
Bruddha ganduki 1. Name of a river flowing in Ceylon. [ ଉ—ବୃଦ୍ଧ ଗଣ୍ଡୁକୀ ନଦୀ ସ୍ଥାନରେ, ବଳାଇଲେ ତରୁ ତଟପରେ । ଭକ୍ତ. ବୈଦେହୀଶବିଳାସ ।]
**बुढ़गन्डकी** ୨ । ମୁଜଫରପୁରରେ ପ୍ରବାହିତ ଗଣ୍ଡକ ନଦୀର ନାମ—2. Name of the river Gandaki while passing by Muzafferpur.

ବୃଦ୍ଧ ଗାଲୁ—ଦେ. ବି ଓ ବିଣ—ଅତି ମିଥ୍ୟାବାଦୀ; ଭାରି ମିଛୁଆ—
Bruddha galu Inveterate liar.
( ବୃଦ୍ଧ ଗାଲୁଆ; ବୃଦ୍ଧ ମିଛୁଆ—ଅନ୍ୟରୂପ )
পাকা মিথ্যাবাদী **पुरानझुठा**

ବୃଦ୍ଧତା(ତ୍ୱ)—ସ· ବି—(ବୃଦ୍ଧ+ଭାବ ତା; ତ୍ୱ)—୧ । ବାର୍ଦ୍ଧକ୍ୟ;
Bruddhata(twa) ବୃଦ୍ଧାବସ୍ଥା—1. Old age. ୨ ।
(ବୃଦ୍ଧଦଶା, ବୃଦ୍ଧଭାବ—ଅନ୍ୟରୂପ) ପାଣ୍ଡିତ୍ୟ—2. Learning.

ବୃଦ୍ଧତାରକ—ଦେ. ବି—ବୃଦ୍ଧଦାରକ (ଦେଖ)
Bruddhataraka Bruddhadaraka (See).

ବୃଦ୍ଧଦାରକ—ସ. ବି—ମଖମଲ ଗଛ; କଳମ୍ବୀ ଅଡ ବର୍ଗର ଔଷଧିଲତା-
Bruddhadaraka ବିଶେଷ; ଗଜଭାଣ୍ଡ—The elephant creeper; name of a medicinal creeper; Argyreia Speciosa; Gmelina Asiatica. [ ଦ୍ର—ଏହା ଶ୍ୱେତ ଓ ରକ୍ତ ଭେଦରେ ଦୁଇ ପ୍ରକାର । ଏହାର ମଞ୍ଜି ଔଷଧରେ ଲାଗେ; ପତ୍ର ବଡ଼ ବଡ଼ ଓ ପାନ ପତ୍ରପରି; ଫୁଲ ବଡ଼ ବଡ଼ ନାଲିଆ ଓ ବାଇଗଣୀ; ବର୍ଷା ଓ ଶୀତଦିନେ ଫୁଟେ । ଏହା ମଧ୍ୟ ସାନ ବଡ଼ ଭେଦରେ ଦୁଇ ପ୍ରକାର । ସାନ ବୃଦ୍ଧଦାରକର ସ.ନାମ—ଜୀର୍ଣ୍ଣଦାରୁ, ସୁପୁଷ୍ପିକା, ସୂକ୍ଷ୍ମପତ୍ର । ବଡ଼ବୃଦ୍ଧଦାରକର ସଂ ନାମ—ବୃଦ୍ଧଦାରକ ଓ ଛଗଳାନ୍ତ୍ରୀ । ଦ୍ରବ୍ୟଗୁଣ କଳ୍ପଦ୍ରୁମ । ବୈଦ୍ୟକ ମତରେ ଏହା ରସାୟନ, ବଳକର, ପିଚ୍ଛିଳ । ଏହା ଶୋଥ, ବାତ-ଦୁଷ୍ଟି, ଆମବାତ, କାଶ, ଶ୍ୱାସ ଓ ଜ୍ୱରନାଶକ । ]
ଅନ୍ୟ ସ.—ବୃଦ୍ଧଦାର(ରୁ), ଅବେଗୀ, ଛାଗଲୀ, ଛଗଲାନ୍ତ୍ରିକ;
বীজতারক, বিদ্ধাড়ক; বীজতাড়ক; বিদ্ধাঢক
**विधार, विधारा, बीजताडक, मखमलपौधा, कालाविधारा,**
ମ. ବରଧାରା
ଗୁ. ବରଧାରୋ
ତେ. ବୃଦ୍ଧଦାରୁ
[ବୃଦ୍ଧଦାର, ବୃଦ୍ଧଦାରୁ—ଅନ୍ୟରୂପ]

ବୃଦ୍ଧନାଭି—ସ. ବିଣ (ବହୁବ୍ରୀହି)—୧ । ଉନ୍ନତନାଭିଯୁକ୍ତ—
Bruddhanabhi 1. Having a prominent navel
୨ । ପେଟୁଆ—2. Pot-bellied.

ବୃଦ୍ଧ ପରାଶର—ସଂ. ବି (ନାମ)—ହିନ୍ଦୁ ସ୍ମୃତିକାର ବିଶେଷ—Name of Bruddha parāsara an ancient Hindu law-giver. [ ଦ୍ର—ଏହିପରି ବୃଦ୍ଧ ବୃହସ୍ପତି, ବୃଦ୍ଧବୌଧାୟନ, ବୃଦ୍ଧମନୁ, ବୃଦ୍ଧ ଯାଜ୍ଞବଲ୍କ୍ୟ, ବୃଦ୍ଧ ବଶିଷ୍ଠ, ବୃଦ୍ଧ ବିଷ୍ଣୁ, ବୃଦ୍ଧହାରୀତ ନାମକ ବହୁତ ସ୍ମୃତିକାରମାନଙ୍କ ନାମୋଲ୍ଲେଖ ସ୍ମୃତିଶାସ୍ତ୍ରମାନଙ୍କରେ ଦେଖାଯାଏ । ]

ବୃଦ୍ଧ ପ୍ରପିତାମହ—ସଂ. ବି. ପୁଂ—ପିତାଙ୍କ ପ୍ରପିତାମହ; ପିତାମହଙ୍କ ପିତାମହ—One's father's great grandfather; great great grandfather.
Bruddha prapitāmaha
(ବୃଦ୍ଧପ୍ରପିତାମହୀ—ସ୍ତ୍ରୀ)

ବୃଦ୍ଧ ପ୍ରମାତାମହ—ସଂ. ବି. ପୁଂ—ମାତାମହଙ୍କ ପିତାମହ; ପ୍ରମାତାମହଙ୍କ ପିତା—Maternal grandfather's grandfather; maternal great grand father's father.
Bruddha pitāmaha
(ବୃଦ୍ଧପ୍ରମାତାମହୀ—ସ୍ତ୍ରୀ)

ବୃଦ୍ଧବାସିନୀ—ସଂ. ବି—କୋକଶିଆଳ (ହି. ଶ)—Fox.
Bruddhabāsini

ବୃଦ୍ଧ ବାହନ—ସଂ. ବି—ଆମ୍ବ ଗଛ (ହି. ଶ)—Mango tree.
Bruddha bāhana

ବୃଦ୍ଧ ବିଭୀତକ—ସଂ. ବି—ଅମ୍ବଡ଼ା (ହି. ଶ)—Hog plum.
Bruddha bibbitaka

ବୃଦ୍ଧଯୁବତୀ—ସଂ. ବି. ସ୍ତ୍ରୀ—୧ । କୁଟ୍ଟିନୀ; ଦୂତୀ (ହି. ଶ)—1. A procuress. ୨ । ଧାଈ; ଧାଇ (ହି. ଶ)—2. A nurse.
Bruddha jubati

ବୃଦ୍ଧଶ୍ରବାଃ—ସଂ. ବି (ବୃଦ୍ଧ=ବୃହତ୍+ଶ୍ରବସ୍=କର୍ଣ୍ଣ ଯାହାର; ବୃଦ୍ଧ-ଶ୍ରବସ୍ ଶବ୍ଦ ୧ମା. ୧ବ)—ଇନ୍ଦ୍ର—Indra.
Bruddha śrabāḥ
(ବୃଦ୍ଧଶ୍ରବା—ଦେଶଜରୂପ)

ବୃଦ୍ଧଶ୍ରବା ଦିଗ—ଦେ. ବି—ପୂର୍ବଦିଗ—The east. (ଉ—ବୃଦ୍ଧଶ୍ରବା ଦିଗୁଁ ସନ୍ଧ୍ୟାତମ ଯଥା ଘୋଟି । ଉଞ୍ଜ. ବୈଦେହୀଶବିଳାସ । )
Bruddhaśrabā diga

ବୃଦ୍ଧସୂତ୍ରକ—ସଂ. ବି (ବୃଦ୍ଧ+ସୂତ୍ର+କ)—୧ । ଉଡ଼ୁଳ; ଆକାଶରେ ଉଡ଼ୁଥିବା ଏକପ୍ରକାର ତୂଳା ଲାଗିଥିବା ମଞ୍ଜି—1. The down of seeds floating in the air. ୨ । ଆକାଶରେ ଉଡ଼ୁଥିବା ବୁଢ଼ିଆଣୀ ସୂତା—2. Spider's thread floating in the air.
Bruddhasūtraka
ଆକାଶବୁଡ଼ିର ସୂତା
ଆକାଶସୂତ

ବୃଦ୍ଧା—ସଂ. ବଣ. ସ୍ତ୍ରୀ—( ବୃଦ୍ଧ+ସ୍ତ୍ରୀ. ଆ )—ଗତଯୌବନା—Old (woman) ସଂ. ବି. ସ୍ତ୍ରୀ—୧ । ବୁଢ଼ୀ—1. An old woman. । ୨ । ବୃଦ୍ଧାଙ୍ଗୁଳି; ବୁଢ଼ାଅଙ୍ଗୁଠି—2. The thumb; the great toe.
Bruddhā

ବୃଦ୍ଧାଙ୍ଗୁଳି(ଷ୍ଠ)—ସଂ. ବି—୧ । ହାତର ବୁଢ଼ା ଅଙ୍ଗୁଠି—1. The thumb. ୨ । ଗୋଡ଼ର ବୁଢ଼ା ଅଙ୍ଗୁଠି—2. The great toe.
Bruddhānguli(shtha)

ବୃଦ୍ଧାବସ୍ଥା—ସଂ. ବି—(ବୃଦ୍ଧ+ଅବସ୍ଥା)—ବାର୍ଦ୍ଧକ୍ୟ—Old age.
Bruddhābasthā

ବୃଦ୍ଧି—ସଂ. ବି (ବୃଧ୍ ଧାତୁ+ଭାବ. ତି)—୧ । ବ୍ୟାପ୍ତି; ବିସ୍ତାର; ପ୍ରସାର—1. Extension. ୨ । ଆଧିକ୍ୟ—2. Abundance. ୩ । ଅତିରେକ—3. Excess. ୪ । ସମୃଦ୍ଧି; ଉନ୍ନତି; ଅଭ୍ୟୁଦୟ; ବର୍ଦ୍ଧନ—4. Rise; prosperity; promotion. ୫ । ବଢ଼ିବା; ବଢ଼ନ୍ତି—5. Growth; increment; increase; enhancement. ୬ । ସମ୍ପତ୍ତି—6. Wealth. ୭ । ସୁଧ; କୁସୀଦ; ବିଯାଜ—7. Interest. (ଉ—ପ୍ରତି ଶତରେ ଚତୁର୍ଥାଂଶ ବୃଦ୍ଧି ନେକ । କୃଷ୍ଣସିଂହ. ମହାଭାରତ ଶାନ୍ତି । ) ୮ । (ଫଳିତ ଜ୍ୟୋତିଷ) ଯୋଗ ବିଶେଷ; ବିଷ୍କୁମ୍ଭାଦି ୨୭ ଯୋଗ ମଧ୍ୟରେ ଏକାଦଶ ଯୋଗ—8. One of the planetary conjuctions (astrology). [ ଦ୍ର—ଏ ଯୋଗ ଶୁଭକର ଅଟେ; ଏ ଯୋଗରେ ଜନ୍ମିବା ବ୍ୟକ୍ତି ବଳଯୁକ୍ତ, ଧନାର୍ଜକ ଓ ବ୍ୟବସାୟୀ ହୁଏ । ] ୯ । (ଆୟୁର୍ବେଦ) କନ୍ଦଜାତୀୟ ଲତା ଚେର—9. (Āyurbeda) A kind of succulent root. [ ଦ୍ର—ବୃଦ୍ଧି ଆୟୁର୍ବେଦୋକ୍ତ ଏକ ପ୍ରସିଦ୍ଧ ଲତା; ଏହା ଆଜିକାଲି ମିଳେ ନାହିଁ । ଏଥିର ମୂଳ ଧଳା ଓ ଲୋମଶ । ଏଥିର ଫଳ କପାକଢ଼ା ପରି । ଏହା ଅଷ୍ଟବର୍ଗର ଅନ୍ତର୍ଗତ । ବୈଦ୍ୟକମତରେ ଏହା ମଧୁର, ଶୀତଳ, ବୀର୍ଯ୍ୟବର୍ଦ୍ଧକ, ଗର୍ଭଧାରକ ଓ ରକ୍ତ, ପିତ୍ତ, କାଶ ଓ କ୍ଷୟରୋଗର ନାଶକ । ଏଥିର ପରିବର୍ତ୍ତରେ ବୈଦ୍ୟମାନେ ଶତମୂଳୀ ବ୍ୟବହାର କରନ୍ତି । ଏଥିର ଅନ୍ୟ ସଂସ୍କୃତନାମ ଯୋଗ୍ୟା, ସିଦ୍ଧି, ଲକ୍ଷ୍ମୀ, ପୁଷ୍ଟିଦା, ବୃଦ୍ଧିଦାତ୍ରୀ, ମଂଗଳ୍ୟା, ଶ୍ରୀ, ସମ୍ପଦ୍, ଜନେଷ୍ଟା, ଭୂତି, ସୁଖ, ଜୀବଭଦ୍ରା—ହି. ଶ; ଏହାର ଦେହରେ ରୁମ ଥାଏ । ଏହା ବର୍ତ୍ତମାନ ଦୁଷ୍ପ୍ରାପ୍ୟ । ଏହା ଋଦ୍ଧି ଜାତୀୟ ] । ୧୦ । କୋଷବୃଦ୍ଧିନାମକ ରୋଗ—10. Scrotal tumour. [ଦ୍ର—ଏହା ୨ପ୍ରକାର ଯଥା—୧ । ଜଳବୃଦ୍ଧି—1. Hydrocele. ୨ । ମାଂସ ବୃଦ୍ଧି 2. Scrotal tumour.] ୧୧ । (ବ୍ୟାକରଣ) ସ୍ୱରବର୍ଣ୍ଣର ପ୍ରସାରିତ ଅବସ୍ଥା ବିଶେଷ—11. ( grammar) The state of a vowel becoming long in sound according to grammatical rules while forming words. [ଦ୍ର—ବ୍ୟାକରଣ ନିୟମ ଅନୁସାରେ ଅ ସ୍ଥାନରେ ଆ, ଇ ଓ ଏ ସ୍ଥାନରେ ଐ, ଉ ଓ ଊ ସ୍ଥାନରେ ଔ, ଋ ସ୍ଥାନରେ ଆର୍, ଌ ସ୍ଥାନରେ ଆଲ୍ ଆଦେଶକୁ ବୃଦ୍ଧି ବୋଲାଯାଏ, ଯଥା ଦ୍ୱିବର୍ଷ+ଇକ=ଦ୍ୱୈବାର୍ଷିକ; ଏଠାରେ ଦ୍ୱିରେ ଥିବା ଇ ଓ ବ ରେ ଥିବା ଅ ର ବୃଦ୍ଧି ହେଲା । ] ୧୨ । (ଆଇନ)—ଅର୍ଥଦଣ୍ଡ; ଜୋରିମାନା—12. (law) Fine. ୧୩ । (ରାଜନୀତି ଶାସ୍ତ୍ର) ରାଜ୍ୟରେ କୃଷି, ବାଣିଜ୍ୟ, ଦୁର୍ଗ, ସେତୁ, କୁଞ୍ଜର ବନ୍ଧନ, ଖନ୍ୟା କର, ବଳାଦାନ ଓ ସୈନ୍ୟ ସନ୍ନିବେଶ, ଏହି ଅଷ୍ଟବର୍ଗର ଉପଚୟ (ହି. ଶ.)—13. (polity) The improvement of a kingdom in respect of its agriculture, trade, forts, bridges and
Bruddhi

dams, army etc. ୧୪ । ସ୍ଫୀତି—14. Swelling. (ଯଥା—ନଦୀ ବୃଦ୍ଧି; କୋଷ ବୃଦ୍ଧି)—୧୫ । ସୂତକାଶୌଚ (ସ୍ମୃ. ଶା)—15. Formal pollution due to birth in a family or amongst one's kinsmen. ଦେ. ବିଣ.—(ସଂ. ବୃଦ୍ଧିପ୍ରାପ୍ତ)—ବର୍ଦ୍ଧିତଜଳପୂର୍ଣ୍ଣା (ନଦୀ)—Flooded (river). [ ଦୃ—ବୃଦ୍ଧି ନଦୀ କଟପର୍ଯ୍ୟନ୍ତେ ଗାଧକ, ଉକ୍ତ. ପ୍ରେମ ସୁଧାନିଧି ।]

ବୃଦ୍ଧିକର—ସଂ. ବିଣ ( ବୃଦ୍ଧି + କୃ ଧାତୁ + କର୍ତ୍ତୃ, ଅ )—ଉନ୍ନତି କାରକ
Bruddhikara —Promoting growth or increase; (ବୃଦ୍ଧିକାରକ, ବୃଦ୍ଧିକାରୀ, ବୃଦ୍ଧିଜନକ—ଅନ୍ୟରୂପ) increasing.

ବୃଦ୍ଧି କରିବା—ଦେ. କ୍ରି—ବଢ଼ାଇବା—To increase.
Bruddhikaribā বৃদ্ধিকরা वृद्धिकरना

ବୃଦ୍ଧି ଜୀବିକା—ସଂ. ବି—ସୁଧ ବ୍ୟବସାୟ—Usury.
Bruddhi jibikā

ବୃଦ୍ଧିଜୀବୀ—ସଂ. ବି. ପୁଂ—ଯେ ଟଙ୍କାର ସୁଧ ନେଇ ଜୀବିକା ନିର୍ବାହ କରେ;
Bruddhijibi ମହାଜନ—An usurer; money lender.
(ବୃଦ୍ଧ୍ୟାଜୀବ, ବୃଦ୍ଧ୍ୟୁପଜୀବୀ—ଅନ୍ୟରୂପ)
(ବୃଦ୍ଧିଜୀବିନୀ, ବୃଦ୍ଧ୍ୟାଜୀବା, ବୃଦ୍ଧ୍ୟୁପଜୀବିନୀ—ସ୍ତ୍ରୀ)

ବୃଦ୍ଧିଦ—ସଂ. ବିଣ ( ବୃଦ୍ଧି + ଦା ଧାତୁ + କର୍ତ୍ତୃ ଅ )—୧ । ଯାହା ବର୍ଦ୍ଧିତ
Bruddhida କରେ ବା ବଢ଼ାଏ—1. Causing growth. (ବୃଦ୍ଧିଦା—ସ୍ତ୍ରୀ) ୨ । ଉନ୍ନତି ବିଧାୟକ—2. Causing improvement. ସଂ. ବି—୧ । ଜୀବକ ବୃକ୍ଷ—1. A rare medicinal plant. ୨ । ବାରାହୀକନ୍ଦ; ପିଣ୍ଡାଳୁ—2. Round bulbular-rooted yam.

ବୃଦ୍ଧିପତ୍ର—ସଂ. ବି—ସୁଶ୍ରୁତୋକ୍ତ ଶାସ୍ତ୍ରୀ ଅସ୍ତ୍ର ବିଶେଷ—A kind of
Bruddhipatra surgical knife used in ancient India. [ ଦ୍ର—ଏହାର ଦୈର୍ଘ୍ୟ ୭ ଅଙ୍ଗୁଳ ଓ ଏହାର ଆକାର କ୍ଷୁର ପତ୍ର—ସୁ. ଶ. ]

ବୃଦ୍ଧି ପାଇବା—ଦେ. କ୍ରି—ବଢ଼ିବା—To grow.
Bruddhi pāibā বৃদ্ধিপাওয়া वृद्धिपाना
(ବୃଦ୍ଧି ଲଭିବା—ଅନ୍ୟରୂପ)

ବୃଦ୍ଧିପ୍ରାପ୍ତ—ସଂ. ବିଣ—ବର୍ଦ୍ଧିତ—Increased; enhanced.
Bruddhiprāpta

ବୃଦ୍ଧିଶ୍ରାଦ୍ଧ—ସଂ. ବି—ଆଭ୍ୟୁଦୟିକ ଶ୍ରାଦ୍ଧ; ପୁତ୍ରବିବାହାଦି ମାଙ୍ଗଳିକ
Bruddhiśrāddha ଅନୁଷ୍ଠାନ ଉପଲକ୍ଷରେ ପିତୃପୁରୁଷଙ୍କ ଉଦ୍ଦେଶ୍ୟରେ କରାଯିବା ଶ୍ରାଦ୍ଧ; ନାନ୍ଦୀମୁଖ ଶ୍ରାଦ୍ଧ—An offering made to one's departed ancestors on the occasions of social ceremonies.

ବୃଦ୍ଧୋକ୍ଷ—ସଂ. ବି ( ବୃଦ୍ଧ + ଉକ୍ଷ—ଷଣ୍ଢ )—୧ । ବୁଢ଼ା ଷଣ୍ଢ—
Bruddhoksha 1. An old bull. ୨ । ବୁଢ଼ା ବଳଦ—2. An old ox.

ବୃଧ୍ (ଧାତୁ)—ସ—ବୃଦ୍ଧି ପାଇବା—To increase.
Brudh (root)

ବୃଧ—ଗ୍ରା. ବିଣ ( ସଂ. ବୃଦ୍ଧ )—ବୃଦ୍ଧ; ବୁଢ଼ା—Old. ବିଣର ବିଣ
Brudha ଅତି—Very. ( ଯଥା—ବୃଧ ଗାଳୁଆ । )

ବୃଂହ (ଧାତୁ)—ସ—ବୃଦ୍ଧି ପାଇବା—To increase.
Brunha (root)

ବୃନ୍ତ—ସଂ. ବି ( ବୃ ଧାତୁ = ଆବରଣ କରିବା + କର୍ମ ତ; ନ ଆଗମ )—
Brunta ୧ । ଫଳର, ଫୁଲର ଓ ପତ୍ରର ଡେମ୍ଫ—1. The stalk of a fruit, flower or leaf. ୨ । ଚୂଚୁକ; କୁଚାଗ୍ର; ସ୍ତନର ଭୁଣ୍ଡି—2. Nipple. ୩ । ମାଠିଆଆଦି ରଖିବାର ଘଇଁ—3. A circular cushion of straw or rags used as a pedestal for pitchers and other round-bottomed pots.

ବୃନ୍ତଚ୍ୟୁତ—ସଂ. ବିଣ ( ୫ମୀ ତତ୍ )—ଯାହା ଡେମ୍ଫରୁ ଖସି ପଡ଼ିଯାଏ—
Bruntachyuta Separated from the stalk. (ବୃନ୍ତଭ୍ରଷ୍ଟ—ଅନ୍ୟରୂପ)

ବୃନ୍ତାକ(କୀ)—ସଂ. ବି ( ବୃନ୍ତ + ଅକ ଧାତୁ = ଗମନ କରିବା + ଅ + ଈ )—୧ । ବାର୍ତ୍ତାକୁ; ବାଇଗଣ—
Bruntāka(kī) 1. Brinjal; egg plant; Solanum Melongena. ୨ । ପୋଇ ଶାଗ ( ସ୍ଥା. ଶ )—2. Malabar nightshade ( potherb ).

ବୃନ୍ଦ—ସଂ. ବି ( ବୃଣ ଧାତୁ = ପ୍ରୀତ କରିବା + କର୍ତ୍ତୃ ଦ )—୧ ।
Brunda ସମୂହ—1. Multitude; assemblage; congregation. ୨ । ସଂଖ୍ୟା ବିଶେଷ; ୧୦ ଅର୍ବୁଦ; ୧୦୦ କୋଟି—2. One thousand million; one billion.

ବୃନ୍ଦ ବୃନ୍ଦ—ଦେ. ବିଣ ଓ ବିଣ ( ତୁଳ. ଏହି ଅର୍ଥରେ ସହସ୍ର ସହସ୍ର, ଲକ୍ଷ
Brunda brunda ଲକ୍ଷ, କୋଟି କୋଟି, ଖର୍ବ ଖର୍ବ )—୧ ।
বৃন্দ বৃন্দ ଅସଂଖ୍ୟ—1. Innumerable; countless. ୨ । ବହୁ ବୃନ୍ଦ ସଂଖ୍ୟା—2. Many billions.

ବୃନ୍ଦା—ସଂ. ବି. ସ୍ତ୍ରୀ—୧ । ତୁଳସୀ ଗଛ—1. The holy basil
Brundā plant. ୨ । ପୁରାଣ ପ୍ରସିଦ୍ଧ ଜଳନ୍ଧର ଅସୁରର ପତ୍ନୀ—2. Wife of demon Jalandhara. [ ଦ୍ର—ଭଗବାନ୍ ମାୟା ବିସ୍ତାର ପୂର୍ବକ ଏହାଙ୍କର ସତୀତ୍ୱ ନାଶ କରି ଜଳନ୍ଧର ଅସୁରକୁ ବଧ କରିଥିଲେ ଓ ଏ ଭଗବାନଙ୍କଠାରୁ ବର ପାଇ ପର ଜନ୍ମରେ ତୁଳସୀଗଛର ରୂପଧାରଣ କରିଅଛନ୍ତି; ( ଜଳନ୍ଧର ଓ ତୁଳସୀ ତଳେ ଟୀକା ଦେଖ । ) ୩ । ରାଧିକାଙ୍କ ସଖୀ ବିଶେଷ—3. One of the female companions of Rādhā. ୪ । ରାଧିକାଙ୍କର ୧୬ ନାମ ମଧ୍ୟରୁ ଏକ—4. A name of Rādhikā. ଦେ. ବି. ପୁଂ—ବୃନ୍ଦାବନର ଡାକନାମ—
বৃন্দা; বিন্দা A name for calling Brundābana.
बिन्द्रावन ସ୍ତ୍ରୀ—ସ୍ତ୍ରୀଲୋକଙ୍କ ନାମ—A name given to females.

ବୃନ୍ଦାଅର୍କ—ଗ୍ରା. ବି ( ସଂ. ବୃନ୍ଦାରକ )—ଦେବତା—Deity.
Brundāarka

**ବୃନ୍ଦାକ**—ସ. ବି ( ବୃଣ ଧାତୁ=ପ୍ରଭୁତ୍ୱ କରିବା+ଦ+ଅକ )—ମଲ୍ଲଙ୍ଗ
Bṛundāka ( ବୃ. ଷ )—Parasitic plant; orchid.

**ବୃନ୍ଦାବତୀ**—ଦେ. ବି.—ପ୍ରତ୍ୟେକ ହିନ୍ଦୁ ଗୃହର ପ୍ରାଙ୍ଗଣରେ ତୁଳସୀ ଚଉରାରେ
Bṛundābatī ପ୍ରତିଷ୍ଠିତ ହୋଇ ପୂଜା ପାଉଥିବା ତୁଳସୀ ଗଛ—
ବୃନ୍ଦାବତୀ A holy basil plant planted and wor-
**वृन्दावती** shipped by very Hindu householder.
୨ । ବୃନ୍ଦା (ଦେଖ)—2. Bṛundā (See) [ଦ୍ରି—
ଗୋପିକା ବୃନ୍ଦାବତୀ ନାମେ, ଥିଲା ସେ କୃଷ୍ଣ ସନ୍ନିଧାନେ ।
ଜଗନ୍ନାଥ. ଭାଗବତ । ] ଦେ° ବ ସ୍ତ୍ରୀ—ସ୍ତ୍ରୀଲୋକଙ୍କୁ
ଦିଆ ଯିବା ନାମ—A name given to females.

**ବୃନ୍ଦାବତୀ ଦାସୀ**—ଦେ. ବ. (ନାମ)—ସପ୍ତଦଶ ଶତାବ୍ଦୀର ଜଣେ
Bṛundābatī dāsī ଓଡ଼ିଆ ନାରୀ କବି—An Oriya
poetess of the 17th century. [ଦ୍ରି—ପୁରୀ
ଜିଲ୍ଲାରେ କରଣ କୁଳରେ ଏହାଙ୍କର ଜନ୍ମ, ଏ ପୂର୍ଣ୍ଣତମ
ଚନ୍ଦ୍ରୋଦୟ ନାମକ ଗ୍ରନ୍ଥ ପ୍ରଣୟନ କରିଥିଲେ । ବିନାୟକ
ଉତ୍କଳସାହିତ୍ୟର ଇତିହାସ ।]

**ବୃନ୍ଦାବନ**—ସ. ବ. [୬ଷ୍ଠୀ ତତ୍; ବୃନ୍ଦା+ବନ; ରାଧିକାଙ୍କର କ୍ରୀଡ଼ା-
Bṛundābana ବନ]—ଯମୁନା ନଦୀ କୂଳରେ ଓ ମଥୁରା ଠାରୁ
ଅଳ୍ପ ଦୂରବର୍ତ୍ତୀ କ୍ଷୁଦ୍ର ନଗର—The small city of
Brindaban in the district; of Muttra in
united Provinces. [ଦ୍ରି—ବୃନ୍ଦା ଦେବୀ ଏଠାରେ
ଶ୍ରୀକୃଷ୍ଣଙ୍କୁ ପାଇବା ଆଶାରେ ତପସ୍ୟା କରିଥିଲେ ବୋଲି
ଏହାର ନାମ ବୃନ୍ଦାବନ ହୋଇ ଅଛି, ଅଥବା ବୃନ୍ଦା (ରାଧା)
ଏଠାରେ ଶ୍ରୀକୃଷ୍ଣଙ୍କ ସଙ୍ଗେ କ୍ରୀଡ଼ା କରୁଥିଲେ । ବର୍ତ୍ତମାନ
ଯୁକ୍ତପ୍ରଦେଶର ମଥୁରା ଜିଲ୍ଲାର ଏହା ଗୋଟିଏ ନଗର ଅଟେ ।
ଏହି ସ୍ଥାନର କୁଞ୍ଜବନମାନଙ୍କରେ ଓ ଯମୁନା କୂଳରେ
ଶ୍ରୀକୃଷ୍ଣ ଗୋପୀମାନଙ୍କ ସହିତ ନାନା କ୍ରୀଡ଼ା କରୁଥିଲେ ।
ବର୍ତ୍ତମାନ ଏଠାରେ ଅନେକ ବୈଷ୍ଣବ ଓ ବୈଷ୍ଣବୀ
ତୀର୍ଥବାସ କରନ୍ତି । ଏଠାରେ ଅନେକ ବହୁମନ୍ଦିର ଅଛି ।
ପୁରାଣମାନଙ୍କରେ ବୃନ୍ଦାବନ ନାମର ଉଲ୍ଲେଖ ଅଛି । ମହମ୍ମଦ
ଗଜନୀ ଏ ସ୍ଥାନକୁ ଆକ୍ରମଣ କରି ଏ ସ୍ଥାନକୁ ନଷ୍ଟଭ୍ରଷ୍ଟ
କରିଥିଲେ ଓ ଏଥିର ପ୍ରାଚୀନକୀର୍ତ୍ତିଚୟର ଓ ଶ୍ରୀକୃଷ୍ଣଙ୍କ ବିହାର
ସ୍ଥଳମାନଙ୍କର ଚିହ୍ନ ମଧ୍ୟ ଲୁପ୍ତ ହୋଇଥିଲା । ଏ ସ୍ଥାନର
ମାହାତ୍ମ୍ୟ କ୍ରମଶଃ ଲୁପ୍ତ ହୋଇଥିଲା । ଶ୍ରୀ ଚୈତନ୍ୟଦେବ
ଏ ଅଞ୍ଚଳକୁ ଆସି ପ୍ରାଚୀନ ବୃନ୍ଦାବନର ସ୍ଥାନ ନିରୂପଣ କରି
ଏ ତୀର୍ଥର ମାହାତ୍ମ୍ୟକୁ ପୁନଃ ପ୍ରତିଷ୍ଠିତ କରି ଏହାର
ପୂର୍ବଗୌରବକୁ ଉଦ୍ଧାର କରିଥିଲେ । ଏଠାର ପ୍ରଧାନ
ଦେବବିଗ୍ରହ ଗୋବିନ୍ଦଜୀଙ୍କ ମନ୍ଦିର ପୂର୍ବେ କେତେ ବିଶିଷ୍ଟ
ଥିଲା କିନ୍ତୁ ମୋଗଲ ବାଦସାହାମାନଙ୍କ ଅମଳରେ ଏହାର
ଉପରମହଲା ଭଙ୍ଗା ହୋଇ ବର୍ତ୍ତମାନ ନ୍ୟୂନ ମନ୍ଦିର
ରହିଅଛି । ଗୋବିନ୍ଦଜୀ ଏଠାର ଜମିଦାର । ଏଠାରେ
ଶ୍ରୀରଙ୍ଗମନ୍ଦିର ଓ ସାହାଜୀମନ୍ଦିର, ଶ୍ରୀରଙ୍ଗମନ୍ଦିରର ଉଦ୍ୟାନ
ଓ ଅନେକ କୁଞ୍ଜ ଦର୍ଶନୀୟ । ବୃନ୍ଦାବନରେ ଗୋପୀମାନଙ୍କ
ପୂଜିତ ଗୋପେଶ୍ୱର ଓ କାତ୍ୟାୟନୀଙ୍କ ମନ୍ଦିର ଅଛି ।
ଭାରତର ଅନେକ ଧନୀ ଏଠାରେ ମନ୍ଦିର, ଧର୍ମଶାଳା ଓ
ସଦାବ୍ରତମାନ ସ୍ଥାପନ କରି ଅଛନ୍ତି । ଯମୁନା ନଦୀ ବୃନ୍ଦାବନ
ନଗରରୁ କ୍ରମଶଃ ଦୂରକୁ ଘୁଞ୍ଚି ଯାଉଅଛି । କେଶୀ ଘାଟ-
ଠାରେ ପ୍ରତିଦିନ ଯମୁନା ନଦୀକୁ ଆରତି କରାଯାଏ ।
ଶ୍ରୀକୃଷ୍ଣଙ୍କ କ୍ରୀଡ଼ୋଦ୍ୟାନମାନଙ୍କ ସ୍ଥାନ ଯାତ୍ରୀମାନଙ୍କୁ ପଣ୍ଡାମାନେ
ଦେଖାନ୍ତି । ଦୋଳ ଓ ଝୁଲଣ ଯାତ୍ରା ଏଠାରେ ମହା-
ସମାରୋହରେ ସମ୍ପାଦିତ ହୁଏ । ଏଠାରେ ଅନେକ ମୟୂର
ଦେଖାଯାଆନ୍ତି । ] ଦେ. ବ. ପୁଂ—୧ । ଲୋକଙ୍କ ନାମ
—1, A name given to males. ୨ । ଦ୍ୱାଦଶ
ଗୋପାଳ ମଧ୍ୟରୁ ଜଣେ—2, One of the twelve
Gopālas. [ ଦ୍ରି—ବାରପୁର ଦେଖ । ]

**ବୃନ୍ଦାବନ ଚନ୍ଦ୍ର**—ସ. ବ (ରୂପକ)—ଶ୍ରୀକୃଷ୍ଣଙ୍କ ନାମ—A name of
Bṛundābana chandra Srikṛushṇa. ଦେ. ଚ. ପୁଂ—

ବୃନ୍ଦାବନ ବିହାରୀ } ଅନ୍ୟରୂପ } ପୁରୁଷଙ୍କୁ ଦିଆଯିବା ନାମ—
ବୃନ୍ଦାବନେଶ୍ୱର } A name given to males.

**ବୃନ୍ଦାବନ ନାୟକ**—ଦେ. ବ—ଶ୍ରୀ ଜଗନ୍ନାଥ ମହାପ୍ରଭୁଙ୍କ ସେବକବିଶେଷ-
Bṛundābana nāyaka ଙ୍କର ଉପାଧି—A title of a
certain class of sebakas in the Puri
temple. [ ଦ୍ରି—ଜଗନ୍ନାଥଙ୍କର ମଣ୍ଡଣିବେଳକୁ ଜଳସ
ଯୋଗାଇ ଦେବା ଏହାଙ୍କ କାର୍ଯ୍ୟ—ଜଗବନ୍ଧୁ. ପ୍ରାଚୀନ
ଉତ୍କଳ । ]

**ବୃନ୍ଦାବନେଶ୍ୱରୀ**—ସ. ବ. ସ୍ତ୍ରୀ ( ୬ଷ୍ଠୀ ତତ୍ )—ରାଧିକା—
Bṛundābaneśwarī Rādhikā

**ବୃନ୍ଦାର**—ସ. ବିଣ ( ବୃଣ ଧାତୁ=ପ୍ରୀତ କରିବା+କର୍ତ୍ତୃ. ଦାର )—
Bṛundāra ୧ । ମନୋଜ୍ଞ; ସୁନ୍ଦର—1. Beautiful. ୨ ।
ପ୍ରୀତିକର—2. Pleasing. ୩ । ଯଶସ୍ୱୀ; ବିଖ୍ୟାତ—
3. Celebrated.

**ବୃନ୍ଦାରକ**—ସ. ବ (ବୃଣ ଧାତୁ+କର୍ତ୍ତୃ. ଦାର+କ)—୧ । ଦେବତା—
Bṛundāraka 1. A Deity. ୨ । ଦଳପତି—2. A leader.
( ବୃନ୍ଦାରକା—ସ୍ତ୍ରୀ ) ସ° ବିଣ—୧ । ପ୍ରଧାନ—1. Chief.
୨ । ଶ୍ରେଷ୍ଠ—2. Eminent. ୩ । ସୁନ୍ଦର—3. Beauti-
ful. ୪ । ତୃପ୍ତିକର; ମନୋଜ୍ଞ—4. Pleasing.
୫ । ଉତ୍କୃଷ୍ଟ—5. Excellent. ୬ । ସର୍ବୋତ୍ତମ—
6. Best. ୭ । ବୃହତ୍—7. Big; large. ୮ ।
ବିଖ୍ୟାତ—8. Renowned; celebrated.

**ବୃନ୍ଦାରଣ୍ୟ**—ସ. ବ—ବୃନ୍ଦାବନ ( ଦେଖ )—Bṛundābana (See)
Bṛundāraṇya ( ବୃନ୍ଦାବିପିନ—ଅନ୍ୟରୂପ )

**ବୃନ୍ଦାହୁଳ**—ଦେ. ବ (ସ. ବୃନ୍ତୋଲ୍କା )—ଏକପ୍ରକାର ବହୁଶାଖାଯୁକ୍ତ
Bṛundāhula ମଶାଲ—A kind of forked torch.

**ବୃନ୍ଦାହୋଳ**—ଦେ. ବ—ଏକପ୍ରକାର ଖାଦ୍ୟଫଳ—A kind of
Bṛundāhoḷa edible fruit.

ବୃନ୍ଦିଷ୍ଠ—ସଂ. ଣ ( ବୃନ୍ଦାରକ=ଶ୍ରେଷ୍ଠ, ମନୋଜ୍ଞ+ଅତିଶୟାର୍ଥେ Brundishtha ଇଷ୍ଠ, ବୃନ୍ଦାରକ ସ୍ଥାନରେ ବୃନ୍ଦ)—୧ । ଅତିଶୟ ( ବୃନ୍ଦୀୟାନ୍—ଅନ୍ୟରୂପ ) ସୁନ୍ଦର—1. Very beautiful. ୨ । ସର୍ବପ୍ରଧାନ—2. Chief; principal.
ବୃନ୍ଦିଷ୍ଠା, ବୃନ୍ଦୀୟସୀ } ସ୍ତ୍ରୀ ୩ । ଅତି ଯଶସ୍ୱୀ—3. Very renowned.

ବୃଶ୍ ( ଧାତୁ )—ସ—ମନୋନୀତ କରିବା; ବାଛିବା—Bruś ( root ) To choose; to select ( Apte ).

ବୃଶ—ସଂ. ପ—୧ । ବାସଙ୍ଗ ( ଗଛ ) ( ଶ୍ରୁ. ଶ )—1. Adhatoda Bruśa Vasaca ( tree ). ୨ । ମୂଷା ( ଶ୍ରୁ. ଶ )—2. Mouse. ୩ । ଅଦା—3. Ginger ( Apte ).

ବୃଶା(ଷ)ଳ—ବି. ଣ ( ସ. ବିଶାଳ )—ବିଶାଳ—Huge; gigantic. Bruśā(ṣa)la ( ଦ୍ର—କାଶ୍ମ ଗସ୍ତର ମହା ଗୀଶ । ବୃଷଳଥ, ବୃଷାଣ, ବୃଷାଣିଥ, ବୃଷାଳଥ } ଅନ୍ୟରୂପ ବୃଷାଳ ବଟୀ ରବୁଦାମ—ଜଗନ୍ନାଥ. ସ୍ୱସବତ । )
विशाल बिशाल

ବୃଶ୍ଚିକ—ସଂ. ପ ( ବ୍ରଶ୍ଚ ଧାତୁ=ଛେଦନ କରିବା+କର୍ତ୍ତୃ. ଇକ; ବ୍ର=Bruśchika ବୃ )—୧ । ବିଛା—1. Centipede; scor- ( ବୃଶ୍ଚନ—ଅନ୍ୟରୂପ ) pion. [ ଦ୍ର—ବିଛା ଦଂଶିଲେ କୋଣ୍ଠ ଦେଶ ।] ୨ । (ଜ୍ୟୋତିଷ) ବିଛା ରାଶି—2. ( astronomy ) The 8th sign of the zodiac; the Scorpio. ୩ । ବିଛା ବା ସୌର ମାର୍ଗଶୀର ମାସ—3. The solar month of Mārgaśira. ୪ । ଲୋମଯୁକ୍ତ ପୋକ—4. The wooly bear; caterpillar. ୫ । କଙ୍କଡ଼ା—5. Crab ( Apte ). ୬ । ଗୋବର ପୋକ ( ଶ୍ରୁ. ଶ )—5. A kind of beetle (Apte).

ବୃଶ୍ଚିକ ଦଂଶନ—ସ. ପ ( ୬ଷ୍ଠୀ ତତ୍ )—ବିଛା କାମୁଡ଼ା—Scorpion Bruśchika damśana bite; scorpion sting.

ବୃଶ୍ଚିକାଳୀ—ସ. ସ୍ତ୍ରୀ—( ବୃଶ୍ଚିକ+ଅଳ=ସମୂହ )—୧ । ବୃଶ୍ଚିକସମୂହ—Bruśchikāli 1. A swarm of scorpions or centipeds. ୨ । ବିଛୁଆତି—2. The stinging nettle

ବୃଷ ( ଧାତୁ )—ସ—୧ । ବର୍ଷଣ କରିବା—1. To rain down; Brush ( root ) to pour down; to shower. ୨ । ପ୍ରଭୁ ହେବା—2. To be master or lord; to be powerful. ୩ । ଝରାଇବା; ବୁହାଇବା—3. To shed; to pour forth ( Apte ). ୪ । ଓଦା କରିବା; ବତୁରାଇବା—4. To moisten ( Apte ) ୫ । ଉତ୍ପନ୍ନ କରିବା; ଜନ୍ମ କରିବା—5. To produce; te engender ( Apte ). ୬ । ଅଘାତ କରିବା—6. To strike; to hurt (Apte).

ବୃଷ—ସ. ପ (ବୃଷ ଧାତୁ=ପ୍ରଭୁ ହେବା, ବର୍ଷଣ କରିବା+କର୍ତ୍ତୃ. ଅ)—Brusha ୧ । ଷଣ୍ଢ—1. Bull. ୨ । ( ଜ୍ୟୋତିଷ ) ରାଶିଚକ୍ରର ଦ୍ୱିତୀୟ ରାଶି—2. (astronomy) The 2nd sign of the zodiac; the Taurus. ୩ । ରତିଶାସ୍ତ୍ର ବର୍ଣ୍ଣିତ ୪ ଜାତି ପୁରୁଷ ମଧ୍ୟରୁ ଏକଜାତୀୟ ପୁରୁଷ; ଶୁକ୍ରଳ ଓ କାମୁକ ବ୍ୟକ୍ତି—3. A lustful and strong man; one of the 4 classes of males described in the erotic works. ( ଦ୍ର—ଏମାନେ ଶଙ୍ଖିନୀ ଜାତୀୟା ସ୍ତ୍ରୀର ଉପଯୁକ୍ତ ପତି ଅଟନ୍ତି । ) ୪ । ବଳବାନ୍ ବ୍ୟକ୍ତି—4. A strong man. ୫ । ଇନ୍ଦ୍ର—5. Indra. ୬ । ମୂଷିକ—6. Mouse. ୭ । ବିଷ୍ଣୁ—7. Bishnu. ୮ । ସୂର୍ଯ୍ୟଙ୍କ ତନୟ; ରାଜା କର୍ଣ୍ଣ—8. A name of king Karnna. ୯ । ମଲ୍ଲ—9. An athlet. ୧୦ । ବାସଙ୍ଗ ଗଛ—10. Vasak tree. ୧୧ । ଶ୍ରୀକୃଷ୍ଣ—11. Srikrushna. ୧୨ । ମୟୂରପୁଚ୍ଛ—12. Peacock's tail or plumage (Apte). ୧୩ । ଗୃହ ନିର୍ମାଣୋପଯୁକ୍ତ ନିର୍ଦ୍ଦିଷ୍ଟ ଭୂମିଖଣ୍ଡ—13. A plot of land selected as the site for building a house on. ୧୪ । ଜଳ—14. Water. ୧୫ । ଋଷଭ ନାମକ ଔଷଧ—15. Name of a rare herb. ୧୬ । କନ୍ଦର୍ପ; କାମଦେବ—16. Cupid. ୧୭ । ( +କରଣ. ଅ ) ଶୁକ୍ର—17. Semen virile. ୧୮ । ଶୁକ୍ର ଗ୍ରହ—The planet Venus. ୧୯ । ( ଏହା ମନୁଷ୍ୟବାଚକ ଶବ୍ଦ ସଙ୍ଗେ ପ୍ରଯୁକ୍ତ ହେଲେ 'ଶ୍ରେଷ୍ଠ' ଅର୍ଥ ବୋଧକ ହୁଏ; ଯଥା ନର ବୃଷ; କୁଳନର ପୁଙ୍ଗବ ) ଶ୍ରେଣୀର ବା ଦଳର ଶ୍ରେଷ୍ଠ ବ୍ୟକ୍ତି; ସର୍ବୋତ୍ତମ ବ୍ୟକ୍ତି—The chief person of a class; the best of a class. ୨୦ । ପ୍ରତିପକ୍ଷ; ଶତ୍ରୁ—20 Eenmy; adversary (Apte). ୨୧ । (+ଭାବ ଅ)—ନ୍ୟାୟ ବିଚାର—21. Justice (Apte). ୨୨ । ନୈତିକତା; ସଦାଚାର—23 Morality (Apte). ୨୩ । ପୁଣ୍ୟ କର୍ମ—23 A pious or meritorious act. ବି. ପ—ଷଣ୍ଢାସୁର—The demon Shandha. (ଦ୍ର—ବୃଷ ବୃଷଶ୍ରେଷ୍ଠ ବର ବସ୍ତ୍ରରେ ମଲ୍ଲ । ଅଭିମନ୍ୟୁବଧ ଗୁଚ୍ଛକାନ୍ତମଣି

ବୃଷକର୍ଣ୍ଣୀ—ସ. ସ୍ତ୍ରୀ—ସୁଦର୍ଶନା ନାମକ ଲତା; ଗୁଳ୍ମ ବିଶେଷ—Brushakarnni Name of a medicinal creeper.

ବୃଷକେତୁ—ସ. ପ—ଅଙ୍ଗରାଜ ଦାତା କର୍ଣ୍ଣଙ୍କ ପୁତ୍ର—The son of Brushaketu Karnna, the munificent king. [ ଦ୍ର—ଓଡ଼ିଆରେ ଏହାଙ୍କୁ 'ବଣିକେଶର' ବୋଲିଯାଏ; କୁରୁକ୍ଷେତ୍ର ଯୁଦ୍ଧରେ କର୍ଣ୍ଣ ନିହତ ହେବାରୁ ଏ ପାଣ୍ଡବମାନଙ୍କର ଆଶ୍ରୟାର୍ଥୀ ହେଲେ ଓ ପାଣ୍ଡବମାନେ ଏହାଙ୍କ ଭ୍ରାତୃଷ୍ପୁତ୍ରଭାବରେ ଗ୍ରହଣ କଲେ—ମହାଭାରତ । ]

ବୃଷଗନ୍ଧା—ସ. ବି—ଉଭୁରୁଦ୍ରୀ ଲତା—
Brushagandhā Dalmia Extensa (creeper).

ବୃଷଣ—ସ. ବି—[ବୃଷ ଧାତୁ=( ସ୍ପର୍ଶ ) ବର୍ଷଣ କରିବା+କର୍ତ୍ତୃ. Brushana ଅନ]—୧ । ଅଣ୍ଡକୋଷ—1. Testicle. ୨ । ଅଣ୍ଡକୋଷର ଆବରକ ଥଳି; ମୁଷ୍କ—2. Scrotum; the bag contaning the testicles. ୩ । (+ଭାବ ଅନ) ଗର୍ଭାଧାନଦ୍ୱାରା ଗର୍ଭ ଉତ୍ପାଦନ-3. Fertilization (Apte). ୪ । ଛିଞ୍ଚିବା—4. Sprinkling (Apte). ସ. ବିଣ—୧ । ସବଳ—1. Strong (Apte). ୨ । ପୁଷ୍ଟ—2. Stout (Apte).

ବୃଷଣକଚ୍ଛୁ—ସ. ବି—ଅଣ୍ଡକୋଷ ଉପରେ ହେବା ଘାଅରୋଗ—
Brushana kachchhū Ulceraten of the scrotum.

ବୃଷଦଂଶ—ସ. ବି—( ବୃଷ=ମୂଷା+ଦଂଶ୍ ଧାତୁ+କର୍ତ୍ତୃ. ଅ )—
Brusha damsa ବିଲୁଆ—Cat. ( ଦ୍ର—ବୃଷଦଂଶରୂପେ (ବୃଷଦଂଶକ—ଅନ୍ୟରୂପ) ଗଳାସ୍ଥିତ ବୃଷି ଅଛି । ଉଞ୍ଚ. ବୈଦେହୀଗ୍ରାମ ବିଲାସ । )

ବୃଷ ଧ୍ୱଜ—ସ. ବି—( ବହୁବ୍ରୀହି; ବୃଷ=ଷଣ୍ଢ+ଧ୍ୱଜ=ଚିହ୍ନ )—
Brusha dhwaja ୧ । ମହାଦେବ—1. Siba. ୨ । (ବୃଷ=ମୂଷା+ଧ୍ୱଜ=ଚିହ୍ନ ) ଗଣେଶ—2. Ganesa. ୩ । (ବୃଷ=ଧର୍ମ+ଧ୍ୱଜ=ଚିହ୍ନ) ପୁଣ୍ୟବାନ୍ ବ୍ୟକ୍ତି—3. A pious and virtuous man.

ବୃଷ ପତି—ସଂ. ବି—୧ । ମହାଦେବ—1. Siba. ୨ । ମହାଦେବଙ୍କୁ
Brusha pati ଉତ୍ସୃଷ୍ଟ ବୃଷ—2. A bull dedicated to Siba and set at large. ୩ । ନପୁଂସକ (ହି. ଶ)—3. A ennoch..

ବୃଷପର୍ବା—ସ୍ତ୍ରୀ. ବି—ବୃଷ ପର୍ବା ( ଦେଖ )—Brusha parbā
Brushaparbā (See). ( ଦ୍ର—ବୃଷ ପର୍ବାଙ୍କର ନଗରଭୂମି । କୃଷ୍ଣସିଂହ ମହାଭାରତ ଆଦି ।)

ବୃଷପର୍ଣ୍ଣୀ—ସ. ବି—୧ । ଅଶ୍ୱ ପର୍ଣ୍ଣୀ; ମୂଷାକାନି ଦଳ—A water-
Brushaparnni weed; Ipomoea Renniformis; Salvina Cuculata. [ଦ୍ର—ଏହା ବର୍ଷାସ୍ଥ ଉଦଜ ଶାକବିଶେଷ; ଏହାର ପତ୍ରମାନ ମୂଷାର କାନ ଭଳି ଛୋଟ ଓ ଗୋଲାକୃତି । ବୈଦ୍ୟଶାସ୍ତ୍ର ମତରେ ଏହା କଟୁ-ତିକ୍ତରସାତ୍ମକ, ଶୀତବୀର୍ଯ୍ୟ, ଲଘୁ ଓ କଟୁବିପାକ । ଏହା ମୂତ୍ର, କଫ ଓ କୃମିରୋଗନାଶକ—ଦ୍ରବ୍ୟଗୁଣ । ] ୨ । ଦନ୍ତୀ (ହି ଶ) (ଦେଖ)—2. Danti (See). ୩ । ସୁଦର୍ଶନା ଲତା (ହି. ଶ)—3. A creeper.

ଅନ୍ୟ ସ. ନାମ—ଅଶ୍ୱପର୍ଣ୍ଣୀ, ଆଖୁକର୍ଣ୍ଣୀ; ପର୍ଣ୍ଣିକା, ଭୂଦରୀଭବା, ଉନ୍ଦୁରକର୍ଣ୍ଣୀ ।
ଇନ୍ଦୁରକାନୀ পানা
मूषाकानी, उन्दुरकन्नी
ସ୍ତ. ଉନ୍ଦୁର କନୀ
ତେ. ଏଲୁକଚେଭି
ଫା. ଗୋଶେମୂଷ୍, ସବରୁ
ଆ. ଅଜନ୍ନୁଲଫାର୍, ଶରଜମ୍

ବୃଷପର୍ବା—ସ. ବି—୧ । ଶିବ—1. Siba. ୨ । ଦୈତ୍ୟ ବିଶେଷ;
Brushaparbā ଶର୍ମିଷ୍ଠାଙ୍କ ପିତା—2. Name of a demon king, father of Sarmishthā. [ ଦ୍ର—ଶୁକ୍ର ଏହାଙ୍କ ଗୁରୁଥିଲେ । ଗୁରୁଙ୍କ ପରାମର୍ଶ କ୍ରମେ ଏ ବହୁକାଳ ଦେବତାମାନଙ୍କ ସଙ୍ଗେ ପ୍ରତିଦ୍ୱନ୍ଦିତା କରିଥିଲେ । ଏହାଙ୍କ କନ୍ୟା ଶର୍ମିଷ୍ଠାଙ୍କୁ ଯଯାତି ବିବାହ କରିଥିଲେ । ] ୩ । ଭଟୁଡ଼ି—3. Wasp. ୪ । କଶେରୁ; କେଶୁର ତୃଣ—4. A kind of grass. ୫ । ବିଷ୍ଣୁ (ହି. ଶ)—5. Bishnu.

ବୃଷପ୍ରିୟ—ସ. ବି—ବିଷ୍ଣୁ—Bishnu. (ବୃଷଘ୍ନ, ବୃଷଭେକ୍ଷଣ, ବୃଷ-
Brusha priya ଶଙ୍କୁ, ବୃଷାକୃତି, ବୃଷାକୃତି, ବୃଷାଙ୍କ, ବୃଷାଗ୍ନ, ବୃଷୋତ୍ସାହ, ବୃଷୋଦର—ଅନ୍ୟରୂପ)

ବୃଷ ବାହନ—ସଂ. ବି—(ବହୁବ୍ରୀହି)—ଶିବ; ମହାଦେବ—
Brusha bāhana Siba.

ବୃଷ ବିବାହ—ସଂ. ବି—ବୃଷୋତ୍ସର୍ଗ (ଦେଖ)
Brusha bibāha Brushotsarga (See).

ବୃଷଭ—ସଂ. ବି—(ବୃଷ୍ ଧାତୁ+କର୍ତ୍ତୃ. ଅଭ)—୧ । ବୃଷ; ଷଣ୍ଢ—
Brushabha 1. Bull. ୨ । ଋଷଭକ ନାମକ ଔଷଧି—2. A rare herb. ୪ । ବଳଦର୍ଦ୍ଦ; ବଳଦ—3. Bullock. ୪ । ବୈଦର୍ଭୀ ନାମକ ରଚନାରୀତି ବିଶେଷ—4. A class of literary composition. ୫ । କର୍ଣ୍ଣଛିଦ୍ର—5. The hole of the ear. ୬ । ଜିନ ବିଶେଷ—6. Name of Jaina saint. ୭ । ରତିଶାସ୍ତ୍ର ମତେ ଚାରିଜାତୀୟ ମଧ୍ୟରୁ ଏକଜାତୀୟ ପୁରୁଷ—7. Name of a class of males according to the erotic books. ୮ । ଶ୍ରୀକୃଷ୍ଣଙ୍କର ଏକ ସଖା—8. Name of a companion of Srikrushna. ୯ । ରାମରାବଣ ଯୁଦ୍ଧରେ ଜଣେ ବାନର ସେନାପତିର ନାମ (ହି. ଶ)—9. Name of a commander of monkeys in the war of the Rāmāyana. ୧୦ । (ଅନ୍ୟ ଶବ୍ଦ ପରେ ଯୁକ୍ତ ହେଲେ 'ଉତ୍କୃଷ୍ଟ' ବା 'ଶ୍ରେଷ୍ଠ' ଅର୍ଥ ବୁଝାଏ)-ଉତ୍କୃଷ୍ଟ ବା ଶ୍ରେଷ୍ଠ ବ୍ୟକ୍ତି; ଏକ ଶ୍ରେଣୀର ବା ଜାତିର ବହୁ ମଧ୍ୟରେ ଉତ୍କୃଷ୍ଟ ବା ବଳବାନ୍ ବ୍ୟକ୍ତି—7. An excellent or strong person; preemenent amongst many of a class. (ଯଥା-ନରବୃଷଭ=ନରଶ୍ରେଷ୍ଠ । ) [ ଦ୍ର—ଏହିପରି ଅର୍ଥରେ ନରଷଭ ପରେ ସିଂହ, କେଶରୀ, ଶାର୍ଦ୍ଦୂଳ, ବ୍ୟାଘ୍ର, ପୁଙ୍ଗବ ଆଦି ଶବ୍ଦ ବ୍ୟବହୃତ ହୁଏ । ]

ବୃଷଭ ଗତି—ସଂ. ବି—( ବହୁବ୍ରୀହି; ବୃଷଭ+ଗତି=ଗମନ )—
Brushabha gati ୧ । ଶିବ—Siba. ୨ । ବୃଷବାହ୍ୟ ଯାନ (ହି. ଶ)—2. A conveyance drawn by bullocks.

ବୃଷଭ ଧ୍ୱଜ—ସଂ. ବି—(ବହୁବ୍ରୀହି)—ଶିବ—
Brushabha dhwaja Siba,
ବୃଷଭକେତୁ, ବୃଷଭାଙ୍କ, ବୃଷଭାସନ } ଅନ୍ୟରୂପ
ବୃଷଲାଞ୍ଛନ, ବୃଷାଙ୍କନ

ବୃଷଭ ପଚ୍ଛଅଡ଼(ଡ଼ୁ) ପାଇବା—ଦେ. କ୍ରି—(ମୂଳ. ବକାଣ୍ଡ ପ୍ରତ୍ୟାଶା
Bṛushabha pachha ārḍa pāibā ନ୍ୟାୟ )—କୌଣସି
ବକାଣ୍ଡ ପ୍ରତ୍ୟାଶା କାର୍ଯ୍ୟରେ କରିଥିବା ଆଶା ପୂରଣ ନ ହେବା;
ବକାଣ୍ଡ ପ୍ରତ୍ୟାଶା କୌଣସି କାର୍ଯ୍ୟରେ ବିଫଳମନୋରଥ ହେବା-
An analogy purporting 'To be baffled in the fulfilment of one's hopes and wishes; to be tantalised.

ବୃଷଭାନୁ—ସଂ. ବି.—ରାଧିକାଙ୍କ ପିତା—
Bṛusha bhānu Father of Rādhā.
[ଦ୍ର—ଏ ପୁରାଣାନୁସାରେ ନାରଦଙ୍କ ଅଂଶରେ ଜନ୍ମ ହୋଇଥିଲେ । ଏହାଙ୍କ ପିତାଙ୍କ ନାମ ସୁରଭାନୁ ଓ ମାତାଙ୍କ ନାମ ପଦ୍ମାବତୀ । ଏ ଗୋକୁଳର ଜଣେ ବଡ଼ ସରଦାର ଥିଲେ ଓ ପ୍ରଥମେ ରାବଲ ଗ୍ରାମରେ ରହୁଥିବା ଅବସ୍ଥାରେ ସେଠାରେ ରାଧିକାଙ୍କର ଜନ୍ମ ହୋଇଥିଲା । ଏ କଂସର ଉପଦ୍ରବରୁ ସେଠାରୁ ଆସି ଗୋକୁଳରେ ବାସ କଲେ ।]

ବୃଷଭାନୁ ଜେମା—ଦେ, ବି—ରାଧିକା—Rādhā, [ ଉ—କାଳନ୍ଦୀ-
Bṛushabhānu jemā ପୁଳିନେ ଶ୍ୟାମ-ବିରହିଣୀ, ଅବା
ବୃଷଭାନୁ ନନ୍ଦନୀ(ସୁତା) } ସଂସ୍କୃତ ରୂପ
ବୃଷଭାନୁ କନ୍ୟା(କନ୍ୟକା) }
ବୃଷଭାନୁ ସୁତା । ରାଧାନାଥ ପାଟ୍ଟଶୀ ।

ବୃଷଭାଷା—ଦେ, ବି—ମନୋହର ଉକ୍ତି—A nice expression,
Bṛushabhāshā [ ଉ—ବୃଷଭାଷା ଏହି ଭରଙ୍ଗେ ଚାଳିବାରେ ଅପାଙ୍ଗ । ଉପେ, ବୈଦେହୀଶବିଳାସ । ]

ବୃଷଭାସା—ସଂ. ବି—(ବୃଷ=ଇନ୍ଦ୍ର+ଭାସ୍ ଧାତୁ ଦୀପ୍ତି ପାଇବା+ଅଣ୍,
Bṛushabhāsā ଅ+ଆ; ଯେଉଁଠାରେ ଇନ୍ଦ୍ର ଶୋଭା ପାଆନ୍ତି)—
ଇନ୍ଦ୍ରପୁର; ସୁରପୁର; ଅମରାବତୀ—The capital or court of Indra (ଉ—ବୃଷଭାସାରେ ମଣ୍ଡିବାରେ ଚିତ୍ତ ଅଛି ଉଦ୍ବେଗ । ଉପେ—ବୈଦେହୀଶ ବିଳାସ ।)

ବୃଷଭୀ—ସଂ. ବି—(ବୃଷଭ+ସ୍ତ୍ରୀ ଈ)—୧ । ବାଇଡଙ୍କ ( ହରେକୃଷ୍ଣ,
Bṛushabhī ଦ୍ରବ୍ୟଗୁଣ)—1. Cowhage. ୨ । ବିଧବା ସ୍ତ୍ରୀ-
2. A widow. ୩ । ହାତୀର କାନ (ପ୍ରକୃତିବାଦ)—
3. Elephant's ear. ୪ । କର୍ଣ୍ଣମଳ; କାନ ଖୁଦ (ପ୍ରକୃତିବାଦ)—4. Ear-wax.

ବୃଷୟ—ସଂ. ବି—୧ । ଆଶ୍ରୟ—1. Refuge; shelter (Apte)
Bṛushaya ୨ । ଆଶ୍ରୟ ସ୍ଥାନ; ଆଶ୍ରମ—2. Asylum (Apte)

ବୃଷଳ—ସଂ. ବି. ପୁଂ (ବୃଷଧାତୁ+କର୍ତ୍ତୃ ଅଲ)—୧ । ଅଶ୍ୱ; ଘୋଡ଼ା—
Bṛushaḷa 1. Horse. ୨ । ଶୂଦ୍ର—2. Sudra. ୩ ।
(ବୃଷଳୀ—ସ୍ତ୍ରୀ) ଚନ୍ଦ୍ରଗୁପ୍ତ ରାଜା—3 King Chandragupta.
୪ । ରସୁଣ—4. Garlic. ୫ । (ବୃଷ—ଧର୍ମ+ଲା ଧାତୁ=ଗ୍ରହଣ କରିବା+କର୍ତ୍ତୃ. ଅ) ପାପୀ—5 A sinner. ୬ । ଦୁଶ୍ଚରିତ୍ର ବ୍ୟକ୍ତି—6 A wicked person; a profligate. ୭ । ଅଗ୍ନି କାର୍ଯ୍ୟାଦିରୁ ପରିଭ୍ରଷ୍ଟ, ସନ୍ଧ୍ୟୋପାସନାବର୍ଜିତ, ବେଦପାଠପରିତ୍ୟକ୍ତ ବ୍ରାହ୍ମଣ ( ପତିତର )—7. A Brāhamaṇa who does not obeserve his prescribed duties.
୮ । ଶାଲଗମ୍ (ହି. ଶ)—8. Turnip. ୯ । ଗାଜର (ହି. ଶ.)—9. Carrot. ୧୦ । ଜାତିଚ୍ୟୁତ ବ୍ୟକ୍ତି—10. An outcaste (Apte). ୧୧ । ଅଧାର୍ମିକ ବ୍ୟକ୍ତି—11. An irreligions man. ସଂ. ଵିଣ—
୧ । ପାପିଷ୍ଠ—1. Sinful. ୨ । ଅଧାର୍ମିକ—
2. Irreligions; impious. ୩ । ଦୁଷ୍ଟାତ୍ମା—
3. Wicked

ବୃଷଳୀ—ସଂ. ବି. ସ୍ତ୍ରୀ (ବୃଷଳ+ଈ)—୧ । ଦ୍ୱାଦଶବର୍ଷବୟସ୍କା ଋତୁମତୀ
Brushaḷi ଅବିବାହିତା କନ୍ୟା—1. An unmarried girl, 12 years of age, who has had her menses and is still unmaried. ( ଉ—ଅଷ୍ଟବର୍ଷା ଭବେଦ୍ଗୌରୀ, ନବମେ ନଗ୍ନିକା ଭବେତ୍; ଦଶମେ କନ୍ୟକା ପ୍ରୋକ୍ତା, ଦ୍ୱାଦଶେ ବୃଷଳୀ ସ୍ମୃତା—ସଦନସଂହିତା )।
୨ । ପିତୃ ଗୃହରେ ଋତୁମତୀ ହେବା ଅବିବାହିତା କନ୍ୟା—
2 An unmarried girl who has attained puberty while at her parents' house.
( ଉ—ପିତୁର୍ଗେହେ ତୁ ଯା କନ୍ୟା ରଜଃପଶ୍ୟତ୍ୟସଂସ୍କୃତା, ଭ୍ରୂଣହତ୍ୟା ପିତୁସ୍ତସ୍ୟାଃ ସା କନ୍ୟା ବୃଷଳୀ ସ୍ମୃତା—ଉଦ୍ୱାହତତ୍ତ୍ୱରେ ରଘୁନନ୍ଦନ ଉଦ୍ଧୃତ ଅତ୍ରି ଓ କାଶ୍ୟପ ସ୍ମୃତି)। ୩ । ବନ୍ଧ୍ୟା ସ୍ତ୍ରୀ—3. A barren womane ( ଉ—ବନ୍ଧ୍ୟା ତୁ ବୃଷଳୀ ଜ୍ଞେୟା ବୃଷଳୀ ତୁ ମୃତପ୍ରଜା, ଶୂଦ୍ରା ତୁ ବୃଷଳୀ ଜ୍ଞେୟା କୁମାରୀ ତୁ ରଜସ୍ୱଳା—ଯମସ୍ମୃତି)।
୪ । ଶୂଦ୍ରା ସ୍ତ୍ରୀ—4. A Sūdra woman. ୫ । ଋତୁମତୀ ସ୍ତ୍ରୀ—5. A woman in her menses.
୬ । ଦ୍ୟୂତକ୍ରୀଡ଼ାହନନନ୍ତ କର୍ମରତା ସ୍ତ୍ରୀ—6. A woman addicted to gambling. ୭ । ମୃତ ସନ୍ତାନ ପ୍ରସବକାରିଣୀ ସ୍ତ୍ରୀ—7. Mother of still-born children
୮ । ସ୍ୱପତିକୁ ଅବଜ୍ଞା କରି ପର ପୁରୁଷଠାରେ ଯେଉଁ ସ୍ତ୍ରୀ ଆସକ୍ତା ଥାଏ—8. An adulteress.

ବୃଷଳୀ ପତି—ସଂ. ବି. ପୁ—୧ । ଶୂଦ୍ରା ବିବାହକାରୀ ବ୍ରାହ୍ମଣ—1. A
Bṛushaḷi pati Brāhmaṇa who has married a śūdra woman. ୨ । ଶୂଦ୍ରା ସ୍ତ୍ରୀ ସମ୍ଭୋଗକାରୀ ଦ୍ୱିଜାତି—2. A twice born male cohabiting a śūdra woman. ୩ । ଯେଉଁ ପୁରୁଷ ଦ୍ୱାଦଶ ବା ତତୁର୍ଦ୍ଧ ବର୍ଷୀୟା ରଜସ୍ୱଳା କନ୍ୟାକୁ ବିବାହ କରେ—
3. A person who marries a girl of twelve or above twelve years of age who has already attained puberty.

ବୃଷଳୀ ସେବନ—ସଂ. ବି—୧ । ବ୍ରାହ୍ମଣ ପକ୍ଷରେ ଶୂଦ୍ରା ସ୍ତ୍ରୀ ସଙ୍ଗମ—
Bṛushaḷi sebana 1. Cohabitation with a śūdra woman by a Brāhmaṇa.
ବୃଷଳୀ ଗମନ } —ଅନ୍ୟରୂପ
ବୃଷଳୀ ସଙ୍ଗମ }

୨ । ରଜସ୍ୱଳା ସ୍ତ୍ରୀ ସଙ୍ଗମ—2. Cohabitation with a woman during her menses.

ବୃଷଲୋଚନ – ସ. ବି — ୧ । ମୂଷିକ ( ହି. ଶ )—1. A mouse; Brusha lochana rat. ୨ । ବିଗ୍ରାଡ଼—2. A cat (Apte).

ବୃଷଶ୍ରେୟ —ଦେ. ବିଣ—ମଙ୍ଗଳପ୍ରଦ—Auspicious. [ ଉ— Brushaśreya ବୃଷ ବୃଷଶ୍ରେୟ ହର ହସ୍ତରେ ମଲ୍ଲ । ଅଭିମନ୍ୟୁ. ବିଦଗ୍ଧ ଚିନ୍ତାମଣି ।]

ବୃଷ ସ୍କନ୍ଧ — ସ. ବି — ୧ । (୬ଷ୍ଠୀ ତତ୍) ଷଣ୍ଢର ଚୂଳ—1. The hump Brusha skandha of flesh on the shoulder of a bull. ୨ । (ବହୁବ୍ରୀହି) ସ୍ଥୂଳକନ୍ଧର—2. Having the shoulder stout or lusty as that of a bnll. ୩ । ମହାଦେବ; ଶିବ (ହି. ଶ.)—3. Śiba,

ବୃଷସ୍ୟନ୍ତୀ—ସ. ବିଣ. ସ୍ତ୍ରୀ—(ବୃଷ = ଷଣ୍ଢ, ବୃଷ ଜାତୀୟ ପୁରୁଷ + ଯ Brushasyantī + ଇଚ୍ଛାର୍ଥେ ସ ଅଗମ + ଅତ୍ + ସ୍ତ୍ରୀ. ଈ)— ୧ । ଅତି କାମୁକୀ (ସ୍ତ୍ରୀ)—1. Lascivious(woman). ୨ । ଭ୍ରଷ୍ଟାଚାରିଣୀ (ସ୍ତ୍ରୀ)—2. Unchaste (woman). [ଉ—ବଡ଼ କୁଳେ ଜାତ ରୂପ ଭଗିନୀ ତୁହି, ବୃଷସ୍ୟନ୍ତୀ ଆଚରଣ ଭଲ ତ ନୋହି । ଭଞ୍ଜ. ବୈଦେହୀଶବିଳାସ ।] ୩ । ପୁରୁଷ ସଙ୍ଗମାର୍ଥିନୀ (ସ୍ତ୍ରୀ); ଯେଉଁ ସ୍ତ୍ରୀ ହମହମ ହେଉ ଥାଏ—3. (a woman) Longing for sexual intercourse.

ସ.ବି.ସ୍ତ୍ରୀ୧।(ଅମୁକ ପୁରୁଷର)ସଙ୍ଗମାର୍ଥିନୀ.ସ୍ତ୍ରୀ-1.A woman longing for sexual intercourse with a particular male (Apte). ୨ । ବୃଷାର୍ଥିନୀ ଗାଭୀ; ବଳଦ ପଡ଼ିବା ଗାଈ—2. A cow in her menses (wishing for a bull); a cow in heat.

ବୃଷା—ସ. ବି. (ବୃଷ୍ ଧାତୁ=ବର୍ଷଣ କରିବା+କର୍ତ୍ତ୍ରି. ଅନ୍, ବୃଷନ୍ ଶବ୍ଦ Brushā ୧ମା, ୧ବ)—୧ । ଇନ୍ଦ୍ର—1. Indra. ୨ । ରାଜା କର୍ଣ୍ଣ—2. A name of king Karṇṇa. ୩ । ଡଙ୍ଗାର ମଙ୍ଗଧରା; କେରୁଆଳ—3. The rudder of a boat. ୪ । ଦୁଃଖ—4. Distress; pain ୫ । ବୃଷ; ଷଣ୍ଢ—5. Bull. ୬ । ଘୋଡ଼ା—6. Horse. ୭ । ମହାଜ୍ୟୋତିଷ୍ମତୀଲତା—7. A phosphorescent creeper—୮ । ଯାତନାଜନ୍ୟ ଅଚୈତନ୍ୟ—8. Unconsciousness produced by anguish. ୮ । ଜ୍ୟୋତିଷୋକ୍ତ ବୃଷରାଶି 8. The sign of Taurus of the zodiac (Apte). ୯ । ଦଳର ସର୍ବଶ୍ରେଷ୍ଠ ବ୍ୟକ୍ତି—9. The chief of a class (Apte). ୧୦ । ଦୁଃଖ ଅନୁଭବ ରହିତ୍ୟ 10. Insensibility to pain (Apte). ୧୧ । ଅଗ୍ନିଙ୍କ ନାମ—11. A name of Agni, the fire-god. ୧୨ । ମୂଷାକାନୀ ଦଳ (ହି ଶ)—12. A kind of aquatic weed. ୧୩ । ବୃହତ୍ ଦନ୍ତୀ ବୃକ୍ଷ (ହି ଶ)—13 Croton Polyandrum (tree). ୧୪ । ଲଘୁଦନ୍ତୀ ବୃକ୍ଷ (ହି ଶ)—14. Curcas Multifidus (tree). ୧୫ । ବାଇଡଙ୍କ (ହି ଶ)—14. Cowhage. ୧୫ । ଅଶ୍ୱଗନ୍ଧା (ବୃକ୍ଷ) (ହି ଶ)— 15. Withania Somnifera ( tree ). ୧୬ । ସ. ବିଣ.—(ବୃଷ+ସ୍ତ୍ରୀ. ଆ) ୧ । ବୃହତ୍—1. Huge; gigantic. ୨ । ଉଚ୍ଚୈଃସ୍ୱରଯୁକ୍ତ—2. Loud.

ବୃଷାକପାୟୀ—ସ. ବି. ସ୍ତ୍ରୀ ( ବୃଷାକପି+ଈ )—୧ । ଲକ୍ଷ୍ମୀ— Brushākapāyī 1. Lakshmī. ୨ । ଗୌରୀ—2. Pārbatī. ୩ । କୁମାରୀ—3, A virgin. ୪ । ଅଗ୍ନି-ପତ୍ନୀ ସ୍ୱାହା—4. The wife of the God of fire. ୫ । ଶଚୀ—5. Wife of Indra. ୬ । ଜୀବନ୍ତୀ— 6. A medicinal plant. ୭ । ଶତାବରୀ— 7. Asparagus Racemosus.

ବୃଷାକପି—ସ. ବି ( ବୃଷ=ଧର୍ମରୂପ ବୃଷ+ଅ+କମ୍ପ ଧାତୁ. କମ୍ପିବା Brushākapi +କର୍ତ୍ତ୍ରି. ଇ )—୧ । ବିଷ୍ଣୁ—1. Bishṇu. ୨ । ଶିବ—2. Śiba. ୩ । ଅଗ୍ନି—3. Fire. ୪ । ଇନ୍ଦ୍ର—4. Indra. ୫ । ସୂର୍ଯ୍ୟ ( ହି. ଶବ୍ଦସାଗର )— 5. The sun.

ବୃଷାଙ୍କ—ସ. ବି ( ବୃଷ ଅଟେ ଅଙ୍କ=ଚିହ୍ନ ଯାହାର; ବହୁବ୍ରୀହି )— Brushāṅka ୧ । ବୃଷଧ୍ୱଜ; ଶିବ—1. Śiba. ( ଉ—ହଜିବା ଶିପୁରେ କମ୍ପିଲା, ବୃଷାଙ୍କ ଧନୁ ଭଙ୍ଗିଲା—ଭଞ୍ଜ. ବୈଦେହୀଶବିଳାସ ।) ୨ । ଧାର୍ମିକ ବ୍ୟକ୍ତି—2. A pious man. ୩ । ଅନ୍ତଃପୁରରକ୍ଷକ ନପୁଂସକ—3. An eunoch entrusted with the guarding of a harem. ୪ । ମୟୂର—4 Peacock. ୫ । ବନ୍ୟବୃକ୍ଷବିଶେଷ— 5. Name of a wild tree.

ବୃଷାଞ୍ଚନ — ସ. ବି ( ବୃଷ=ଷଣ୍ଢ+ଅଞ୍ଚନ=ଗତି )—ଶିବ—Śiba. Brushāñchana ( ଉ—ମଦନଞ୍ଜନ ମୃଡ ଜନରଞ୍ଜନ ବୃଷାଞ୍ଚନ ( ବୃଷାଣକ—ଅନ୍ୟରୂପ ) ରୂପ ବହିଲା—ଭଞ୍ଜ. କୋଟିବ୍ରହ୍ମାଣ୍ଡସୁନ୍ଦରୀ । )

ବୃଷାଣ—ଦେ. ବିଣ ( ସ. ବିଶାଳ )—ବିଶାଳ; ପ୍ରକାଣ୍ଡ—Gigantic Brushāṇa [ ବୃଷାଣିଆ(ଆଁ )—ଅନ୍ୟରୂପ ]

ବୃଷାଦ୍ୱେଷୀ—ଦେ. ବି—ଇନ୍ଦ୍ରଜିତ୍—Indrajit. ( ଉ—ବୃଷା-Brushādweshī ଦ୍ୱେଷୀ ପ୍ରବେଶ, ସଙ୍ଗେ ଭ୍ରାତୃଶେଷ, ବୋଲେ ତାଙ୍କୁ ଏ କ୍ଲେଶ ସେ—ଭଞ୍ଜ. ବୈଦେହୀଶବିଳାସ । )

ବୃଷାୟଣ—ସ. ବି—୧ । ଚଟକ; ଘରଚଟିଆ ଚଢ଼େଇ—1. Sparrow. Brushāyaṇa ୨ । ଶିବ ( ହି. ଶ )—2. Śiba.

ବୃଷାରବ—ସ. ବି—(ବହୁବ୍ରୀହି) କର୍କଶ ସ୍ୱରବିଶିଷ୍ଟ ଜନ୍ତୁ (ହି. ଶ)— Brushāraba Animals with harsh or shrill sound (ଯଥା—ହିଙ୍କାର, ବେଙ୍ଗ, ଗଧ । )

ବୃଷାରି—ସ. ବି—ଇନ୍ଦ୍ରଜିତ୍—Indrjit, the eldest son of. Brushāri Rābaṇa. ( ଉ—ବୃଷାରି ଭ୍ରାତ ମେଳ ଯେ— ( ବୃଷାସ୍ରିତ—ଅନ୍ୟରୂପ ) ଭଞ୍ଜ, ବୈଦେହୀଶବିଳାସ । )

ବୃଷାଲ—ଦେ. ବଣ ( ସଂ. ବଶାଲ )—ବଶାଲ; ପ୍ରକାଣ୍ଡ—Gigantic.
Brushāla ( ଉ—ବୃଷାଲ ଶାଲ ସର ଅଟନ୍ତି ଯେ ବେଣ୍ଡା। ବିଶାଳ ବିଶାଲ ଖ୍ରମଣ୍ଟ ଯେ ଡୋବେ ବାଣିମେ ଧର ଷଣ୍ଡା— (ବୃଷାଳଖ—ଅନ୍ୟରୂପ) କୃଷ୍ଣସିଂହ. ମହାଭାରତ. ବନ । )

ବୃଷାଶନ—ସଂ. ବ ( ବହୁବ୍ରୀହି; ବୃଷ+ଅଶନ )—ବିଲ୍ଲ—Cat.
Brushāśana ( ବୃଷାହାର—ଅନ୍ୟରୂପ )

ବୃଷାସନ—ସଂ. ବ ( ବହୁବ୍ରୀହି )—ଶିବ—Siba. ( ଉ—ବୃଷାସନ
Brushāsana ସମ୍ଭୁ ହରଲେ ବଲେ—ଉକ୍ତ. ବୈଦେହୀଶବିଳାସ)।

ବୃଷାସୁତ—ସଂ. ବ—କାକ—Crow; rook. ( ଉ—ବୃଷାସୁତ
Brushāsuta ଖଗ ବର୍ଣ୍ଣ ବଲେ ସଂଙ୍ଗରେ ଗଣ୍ଡି—ଉକ୍ତ. ବୈଦେହୀଶବିଳାସ । )

ବୃଷାସୁର—ସଂ. ବ—୧ । ଉପ୍ସୁରବ ଦୈତ୍ୟ; ବୃକାସୁର ( ଦେଖ )—
Brushāsura 1. Name of a demon. ୨ । ଶ୍ରୀକୃଷ୍ଣଙ୍କଦ୍ୱାରା ନିହତ ଷଣ୍ଢରୂପ ରାକ୍ଷସ—2. Name of a demon who assumed the form of a bull and was killed by Srikrushna.

ବୃଷି—ସଂ. ବ ( ବୃଷ+ଇ )—ବ୍ରତଧାରୀ ବ୍ୟକ୍ତିମାନଙ୍କ ଉପବେଶନାର୍ଥ
Brushi କୁଶାସନ—A mat made of kusa grass for persons observing religious vows or ascetics.

ବୃଷୀ—ସଂ. ବ ( ବୃଷ+ଈ )—୧ । ବୃଷି ( ଦେଖ )—Brushi
Brushī ( See ) ୨ । (ବୃଷ+ଇନ୍; ୧ମା. ୧ବ) ମୟୂର—2. Peacock.

ବୃଷୋତ୍ସର୍ଗ—ସଂ. ବ—ମୃତ ବ୍ୟକ୍ତିର ଅଶୌଚ ଗତ ହେବାର ଦ୍ୱିତୀୟ
Brushotsarga ଦିବସରେ ( ଅନ୍ୟଦେଶରେ ମୃତାହାର ଦ୍ୱାଦଶ ଦିନ) ଶ୍ୱେତଗୋଷ୍ଠ ଅଣ୍ଡିରା ଅଧସ୍ଥ ବାଛୁରୀଙ୍କ ପିଣ୍ଡରେ ତାତଲା ଲୁହାଦ୍ୱାରା ତ୍ରିଶୂଳ ଚହ୍ନିତ କରି ସେମାନଙ୍କୁ ଛାଡ଼ିଦେବାରୂପ ଶ୍ରାଦ୍ଧ ଓ ସଜ୍ଜକ୍ରିୟା—A vedic rite performed on the 12th day of a person's death, consisting of letting loose 4 male calves after branding them with the sign of trident.

ବୃଷ୍ଟ—ସଂ. ବଣ (ବୃଷ ଧାତୁ+କର୍ତ୍ତୃ. ତ)—୧ । କୃତବର୍ଷଣ; ବର୍ଷୁଥିବା—
Brushta 1. Raining; pouring; showering. ୨ । ( +କର୍ମ. ତ ) ସିକ୍ତ—2. Moistened.

ବୃଷ୍ଟି—ସଂ. ବ ( ବୃଷ ଧାତୁ+ଭାବ. ତି )—୧ । ବର୍ଷଣ; ମେଘରୁ ଜଳ
Brushti ପତନ; ବରଷା—1. Raining; a shower of rain. ୨ । ବର୍ଷାଜଳ—2. Rain water ୩ । ଅଧାରରୁ ଧାରାକାରରେ ପଡ଼ିବା କୌଣସି ବସ୍ତୁ—3. A shower or downpour of any thing like rain. ୪ । ବୃଷ୍ଟିଧାରା ପରି ଅବିରତ ପଡ଼ିବା ବର୍ଷ—4. A volley or copious shower of some thing (ଯଥା—ଶର ବୃଷ୍ଟି, ଅସ୍ତ୍ର ବୃଷ୍ଟି, ଗାଳି ବୃଷ୍ଟି, ମାଡ଼ ବୃଷ୍ଟି, କଥା ବୃଷ୍ଟି । )

ବୃଷ୍ଟି କରିବା—ଦେ. କ୍ରି—୧ । ଜଳ ବରଷାଇବା—1. To rain.
Brushti kariba ୨ । ବୃଷ୍ଟି ଜଳ ପରି ଢାଳିବା—2. To pour in showers. ( ଉ—ଅଛ ଯେ
বিষ্টিকরা, বর্ষান
वृष्टि करना, बरषाना ସଙ୍କଟ ଯହିଁ ସ୍ନେହ ଥାଏଁ କରଲେ ପ୍ରତାପ ମରଣ ବୃଷ୍ଟି—ନନ୍ଦଘୋଷ. କୃଷ୍ଣଭୂମାସୀ ।) ୩ । ଅବିରତ ଭାବରେ କୌଣସି କାର୍ଯ୍ୟ କରିବା—3. To deal a thing (e. g. blow) copiously. ( ଯଥା—ମାଡ଼ ବୃଷ୍ଟି କରିବା, ଗାଳି ବୃଷ୍ଟି କରିବା । )

ବୃଷ୍ଟି କାଳ—ସଂ. ବ(୬ଷ୍ଠୀ ତତ୍)—ବର୍ଷାଋତୁ—
Brushti kāla Rainy season.

ବୃଷ୍ଟି ଜୀବନ—ସଂ. ବଣ ( ବହୁବ୍ରୀହି )—ବୃଷ୍ଟିପାତଦ୍ୱାରା ଶସ୍ୟ ଉତ୍ପନ୍ନ
Brushti jībana ହେଉଥିବା (ଦେଶ)—(a country) Nourished or watered by rain. ସଂ. ବଣ— ୧ । ବୃଷ୍ଟିପାତଦ୍ୱାରା ଜାତ ଶସ୍ୟରେ ପାଳିତ ଦେଶ— 1. A country depending upon crops raised with the help of rain-water. ୨ । ଚାତକପକ୍ଷୀ—2. The Indian swift.

ବୃଷ୍ଟି ପତନ—ସଂ. ବ (୬ଷ୍ଠୀତତ୍)—ମେଘରୁ ଜଳ ବର୍ଷଣ—
Brushti patana (ବୃଷ୍ଟି ପାତ—ଅନ୍ୟରୂପ) Raining.

ବୃଷ୍ଟି ବିନ୍ଦୁ—ସଂ. ବ (୬ଷ୍ଠୀତତ୍)—ବର୍ଷାପାଣିର ଟୋପା—
Brushti bindu Drops of rain.

ବୃଷ୍ଟିଭବ—ସଂ. ବଣ (ବୃଷ୍ଟି+ଭୂ ଧାତୁ+କର୍ତ୍ତୃ. ଅ)--ବୃଷ୍ଟିପାତ ଯୋଗୁଁ
Brushtibhaba ଉତ୍ପନ୍ନ—Produced by rain.

ବୃଷ୍ଟିଭୂ—ସଂ. ବ (ବୃଷ୍ଟି+ଭୂ ଧାତୁ+କର୍ତ୍ତୃ. କ୍ୱିପ୍)—ଭେକ; ବେଙ୍ଗ—
Brushtibhū Frog. ସଂ. ବଣ—ବୃଷ୍ଟିଭବ ( ଦେଖ )— Brushtibhaba (See).

ବୃଷ୍ଟିମାନ୍—ସଂ. ବଣ (ବୃଷ୍ଟି+ମତୁ; ୧ମା. ୧ବ)—୧ । ବର୍ଷାମୟ—
Brushtimān 1. Raining (Apte). ୨ । ଅଜାଡ଼ୁଥିବା— 2. Showering (Apte); pouring. ୩ ସଂ. ବ - ମେଘ—Cloud.

ବୃଷ୍ଟିମାନ ଯନ୍ତ୍ର—ସଂ. ବ ( ବଜ୍ଞାନପରିଭାଷା; ଅଧୁନାତନ ବ୍ୟବହାର )—
Brushtimāna jantra ବୃଷ୍ଟି ପତନର ପରିମାଣ ନିର୍ଣ୍ଣୟ
বৃষ্টিমান যন্ত্র
वृष्टिमान यंत्र କରିବାର ଯନ୍ତ୍ର—Pluviometer; a rain-gauge.

ବୃଷ୍ଣି—ସଂ. ବ (ବୃଷ୍ ଧାତୁ+କର୍ତ୍ତୃ. ନି)—୧ । ଯଦୁବଂଶ; ଚନ୍ଦ୍ରବଂଶର
Brushni ଶାଖାବଶେଷ—1. A branch of the Lunar dynasty of India. ୨ । ଶ୍ରୀକୃଷ୍ଣଙ୍କ ଜନୈକ ପୂର୍ବପୁରୁଷ—2. Name of an ancestor of Śrikrushna. ୩ । ଶ୍ରୀକୃଷ୍ଣ—3. Śrikrushna. ୪ । ଜ୍ୟୋତିଃ—4. Light; lustre. ୫ । ଇନ୍ଦ୍ର— 5. Indra. ୬। ଅଗ୍ନି—6. Fire. ୭ । ବାୟୁ— 7. The wind. ୮ । ମେଘ—8. Cloud. ୯ । ଗୌ— 9. Cattle. ୧୦ । ମେଣ୍ଢା (ବୃ, ଷ )—10. A ram (Apte). ୧୧ । ଅଲୋକ ରଶ୍ମି—11. A ray of

light (Apte). ୧୨ । ଧର୍ମବିରୋଧୀ ବ୍ୟକ୍ତି; ପାଷଣ୍ଡ—12. A heretic (Apte). ସଂ. ବିଣ—୧ । ପାମର—1. Despicable; vile. ୨ । ପ୍ରଚଣ୍ଡ; ଉଗ୍ର—2. Violent; furious. ୩ । ଦୁରାଚାର—3. Wicked. ୪ । ସ୍ୱଧର୍ମତ୍ୟାଗୀ; ବିଧର୍ମାବଲମ୍ବୀ 4. Renegade. ୫ । ଧର୍ମବିରୁଦ୍ଧ ମତାବଲମ୍ବୀ; ପାଷଣ୍ଡ—5. Heretical; heterodox (Apte). ୬ । କ୍ରୋଧନ ସ୍ୱଭାବ—6. Angry (Apte); of fiery temper.

ବୃଷ୍ୟ—ସଂ. ବିଣ (ବୃଷ୍ ଧାତୁ+କର୍ମ. ଯ)-୧ । ବୀର୍ଯ୍ୟକର; ବଳକର—
Bṛushya 1. Producing vigour; stimulating;
( ବୃଷ୍ୟା—ସ୍ତ୍ରୀ ) strengthening; invigorating. ୨ । ବୀର୍ଯ୍ୟ ସ୍ତମ୍ଭନକାରକ—2. Restraining the free flow of semen. ୩ । ବୀର୍ଯ୍ୟବର୍ଦ୍ଧକ—3. Increasing the semen in the body. ୪ । କାମ ସନ୍ଦୀପକ (ବସ୍ତୁ)—4. Stumulating amorous desire; aphrodisiac (article). ୫ । ଯାହା ବର୍ଷାପରି ଧାରାରେ ପଡିବ ହେବ—5. To be rained or showered down (Apte). ସଂ. ବି—୧ । ମାଷ; ବ୍ରୀହି—1. A species of pulse. ୨ । ବାଜୀକରଣ; ବୀର୍ଯ୍ୟବର୍ଦ୍ଧକ ଓ କାମସନ୍ଦୀପକ ଔଷଧ ବା ପ୍ରକ୍ରିୟା—2. Medicine or treatment which Stimulates amorous desires ( Apte ). ୪ । ଅଖୁ (ହି. ଷ)—4. Sugarcane. ୫ । ହରଡର ଡାଲି (ହି. ଷ)—5. Split Hararḍa pulse. ୬ । ଋଷଭ ନାମକ ଔଷଧ (ହି. ଷ)—6. A rare herb ୭ । ଅଁଳା (ହି. ଷ)—7. Emblic myrobalan. ୮ । ମୃଣାଳ; ପଦ୍ମନାଡ଼ (ହି. ଷ)—8. Stalk of lotus.

ବୃଷ୍ୟକନ୍ଦା—ସଂ. ବି (ବହୁବ୍ରୀହି; ବୃଷ୍ୟ+କନ୍ଦ+ଆ)—୧ । ବଦାରୀ
Bṛushyakandā କନ୍ଦ; ଭୂଇଁକଖାରୁ (ହି. ଷ)—1. Disocorea; yam; Ipomoea Digitata. ୨ । ମୂଳା (ହି. ଷ)—Radish.

ବୃଷ୍ୟଗନ୍ଧା—ସଂ. ବି (ବହୁବ୍ରୀହି; ବୃଷ୍ୟଗନ୍ଧ+ଆ)—୧ । ବୃଦ୍ଧଦାରକ
Bṛushyagandhā (ହି. ଷ) (ଦେଶ)—1. Gmelina Asiatica. ୨ । ଅତିବଳା (ହି. ଷ) ବଜ୍ରମୂଳୀ (ଦେଶ)-2. Indian Mallow.

ବୃଷ୍ୟଗନ୍ଧିକା—ସଂ. ବି—( ବୃଷ୍ୟ+ଗନ୍ଧ+ଇକ+ଆ )—ଅତିବଳା;
Bṛushyagandhikā ବଜ୍ରମୂଳୀ (ହି. ଷ)—Indian Mallow.

ବୃଷ୍ୟଚଣ୍ଡୀ—ସଂ. ବି—ମୂଷାକାନୀ (ହି. ଷ)—
Bṛushyachandi A species of water-weed.

ବୃଷ୍ୟପର୍ଣ୍ଣୀ—ସଂ. ବି—ଭୂଇଁକଖାରୁ; ଦାଢ଼ିଶୋଷିଆ ଅଳୁ (ହି. ଷ)—
Bṛushyaparṇni Yam; Ipomoea Digitata;
(ବୃଷ୍ୟବଲ୍ଲିକା, ବୃଷ୍ୟବଲ୍ଲୀ—ଅନ୍ୟରୂପ) Disocorea.

ବୃଷ୍ୟଫଳା—ସଂ. ବି—ଅଁଳା (ହି. ଷ)—
Bṛushyaphalā Emblic myrobalan.

ବୃଷ୍ୟା—ସଂ. ବିଣ. ସ୍ତ୍ରୀ—( ବୃଷ୍ୟ+ଆ )—ବୃଷ୍ୟର ସ୍ତ୍ରୀଲିଙ୍ଗ—
Bṛushyā Feminine of Bṛushya. ସଂ. ବି—୧ । ଋଦ୍ଧି ନାମକ ମହୌଷଧ—1. Name of a rare drug. ୨ । ଶତାବରୀ—2. The climbing asparagus. ୩ । ଆମଳକୀ—3. Emblic myrobalan. ୪ । ବାଇଡଙ୍କ (ହି. ଷ)—4. Cowhage. ୫ । ଭୂଇଁ ଅଁଳା (ହି. ଷ)—5. Phyllanthus Niruri. ୬ । ଭୂଇଁକଖାରୁ (ହି. ଷ)—6. Ipomoea Digitata. ୭ । ଅତିବଳା; ବଜ୍ରମୂଳୀ (ହି. ଷ)—7. Indian Mallow. ୮ । ବୃଦ୍ଧଦନ୍ତୀ (ହି. ଷ)—8. Croton Polyandrum.

ବୃହ୍ (ଧାତୁ)—ସଂ.—ବୃଦ୍ଧି ପାଇବା—
Bṛuh (root) To increase; to grow.

ବୃହଚ୍ଚକ୍ରମେଦ—ସଂ, ବି—(ବୃହତ୍+ଚକ୍ରମେଦ; ସନ୍ଧିଦ୍ୱାରା ତ୍+ଚ=
Bṛuhachchakrameda ଚ)—ଜୟନ୍ତୀ (ହି. ଷ) ଅଗବଥୁ—Premna Serratifolia.

ବୃହଚ୍ଚିତ୍ତ—ସଂ. ବି. (ବୃହତ୍+ଚିତ୍ତ; ସନ୍ଧିଦ୍ୱାରା ତ୍+ଚ=ଚ)—
Bruhachchitta ଟେଙ୍ଗାଲେମ୍ବୁ (ହି. ଷ)—A kind of lemon.

ବୃହଚ୍ଛଦ—ସଂ. ବି. (ବୃହତ୍+ଛଦ; ସନ୍ଧିଦ୍ୱାରା ତ୍+ଛ=ଚ୍ଛ)—
Bruhatchchhada ଆଖରୋଟ (ହି. ଷ)—Walnut.

ବୃହଚ୍ଛଫରୀ(ର)—ସଂ. ବି. (ବୃହତ୍+ଶଫରୀ; ସନ୍ଧି ଦ୍ୱାରା ତ+ଶ=ଚ୍ଛ)—
Bṛuhachchhaphari(ra) ମହାଶଫର; ଶରଣା ମାଛ; ଶେରଣା—Barbus Sarana (fish).
সরণাপুঁঠি সৌরী

ବୃହଚ୍ଛରୀର—ସଂ. ବିଣ ପୁଂ (ବୃହତ୍ ଅଛି ଶରୀର ଯାହାର; ବହୁବ୍ରୀହି;
Bṛuhachchharira ବୃହତ୍+ଶରୀର; ସନ୍ଧିଦ୍ୱାରା ତ୍+ଶ=ଚ୍ଛ)-
(ବୃହଚ୍ଛରୀରା—ସ୍ତ୍ରୀ) ବୃହତ୍‌କାୟ; ସ୍ଥୂଳକାୟ—Gigantic; corpulent.

ବୃହଚ୍ଛଲ୍କ—ସଂ.ବିଣ (ବୃହତ୍ ଶଲ୍କ+ବହୁବ୍ରୀହି; ସନ୍ଧିରେ ତ+ଶ=ଚ୍ଛ)—
Bruhachchhalka ବଡ଼କାତି ଯୁକ୍ତ—Having big scales. ସଂ. ବି—୧ । ଚିଙ୍ଗୁଡ଼ି ମାଛ—1. Shrimp. ୨ । ବଡ଼କାତିଆ ମାଛ—2. Fish with large scales.

ବୃହଜ୍ଜୀରକ—ସଂ. ବି (ବୃହତ୍+ଜୀରକ; ସନ୍ଧିଦ୍ୱାରା ତ୍+ଜ=ଜ୍ଜ)—ବଡ଼
Bṛuhajjiraka କଳାଜୀରା । କଳାଜୀରା ୨ (ଦେଶ)—
বড় কালজীরে মঙ্গরৈলা Black caraway.

ବୃହତ୍—ସଂ. ବିଣ. (ବୃହ ଧାତୁ=ବଡ଼ହେବା+କର୍ତ୍ତୃ ଅତ୍)—୧ । ପ୍ରକାଣ୍ଡ,
Bruhat ବଡ଼; ବିରାଟ୍—1. Great; large; huge; big. ବୃହତୀ—ସ୍ତ୍ରୀ ୨ । ବିସ୍ତୃତ—2. Extensive.

ବୃହତ୍‌କାୟ—ସଂ. ବିଣ. ପୁଂ (ବହୁବ୍ରୀହି)—ପ୍ରକାଣ୍ଡ ଶରୀରବିଶିଷ୍ଟ—
Burhat-kāya Gigantic; huge-bodied.
(ବୃହତ୍‌କାୟା—ସ୍ତ୍ରୀ)

**ବୃହତ୍କୁକ୍ଷି**—ସଂ. ବଣ (ବହୁବ୍ରୀହି)—ବଡ଼ ପେଟୁଅ—
Bṛuhat-kukshi Pot-bellied.

**ବୃହତ୍ତୃଣ**—ସଂ. ବ—ବାଉଁଶ (ହ. ଶ)—
Bṛuhat-truṇa (ବୃହତ୍ତୃଣ—ଅନ୍ୟରୂପ) Bamboo.

**ବୃହତ୍ତ୍ୱକ୍**—ସଂ. ବଣ. (ବହୁବ୍ରୀହି; ବୃହତ୍+ତ୍ୱଚ୍; ୧ମା ୧ବ)—
Bṛuhat-twak ଯାହାର ଚମଡ଼ା ବା ଛାଲ ମୋଟା—Thick-
(ବୃହତ୍ତ୍ୱକ୍—ଅନ୍ୟରୂପ) skinned; thick-rinded; thick-barked. ସ. ବ ସପ୍ତପର୍ଣ୍ଣୀ (ବୃକ୍ଷ) (ହ. ଶ)—
Echites Scholaris (tree).

**ବୃହତ୍ ପଞ୍ଚମୂଳ**—ସ. ବ—( ଆୟୁର୍ବେଦ ) ବେଲ, ଫଣଫଣା, ପାଟଲୀ,
Bṛuhat-pañchamūla ଗମ୍ଭାରୀ ଓ ଅଗବଥୁ, ଏହି ପାଞ୍ଚଟି ଗଛର ମୂଳ ଓ ଛାଲିର ପାଚନ—A decoction made from the roots of 5 trees ( viz; Marmalos, Bignonia Indica, Bignonia Suavuolens, Gmelina Arborea and Premna Serratifolia ). [ ଦ୍ର—ଏହାର ପାଚନ ଔଷଧରୂପେ ବ୍ୟବହୃତ ହୁଏ । ଏହା ଜ୍ୱରଜ୍ୱର, ଶ୍ୱାସ କାଶାଦି ରୋଗରେ ଉପକାରକ । ]

**ବୃହତିକା**—ସ. ବ. (ବୃହତୀ+କ+ଆ) – ୧ । ଉତ୍ତରୀୟ; ଦୋପଟ୍ଟା –
Bṛuhatika 1. The upper sheet.

**ବୃହତୀ**—ସଂ. ବ (ବୃହତ୍+ଈ)—୧ । ବହ୍ୟାକୁଡ଼; ଭେଜ ବାଇଗଣ—
Bruhati Solanum Indicum. [ଦ୍ର—

ସ. ନାମ—ବାର୍ତ୍ତାକୀ, କ୍ଷୁଦ୍ରଭଣ୍ଟାକୀ, ମହତୀ, ବୃହତୀ, କୁଲୀ, ହିଙ୍ଗୁଲୀ, ରାଷ୍ଟ୍ରିକା, ସିଂହୀ, ମହୋଟୀ, ଦୁଷ୍ପ୍ରଧର୍ଷିଣୀ,
ବ୍ୟାକୁଡ଼ ବରହଯ୍ୟ, କଟାଇ
ମ. ଥୋର ଡୋରଲୀ;
ତେ. ଲୁକମାଟ
ଗୁ. ଉଭିଭୋରଙ୍ଗଣୀ
କା. ହେରୁଗୁଣ୍ଡା
ଫା. ଉସ୍ତରଗାର, ବାଦଞ୍ଜାନ୍ ଜଙ୍ଗଲୀ
ଅ. ବାଲୁଞ୍ଜାନ୍ ଜଙ୍ଗଲୀ ।

ଏହା ବନଜାଦିବର୍ଗର ବହୁଶାଖ କଣ୍ଟକାଯୁକ୍ତ; ପତ୍ରଅରେ ମନଲୁ ଉଠେ; ଏହା ଭୂମିରେ ଡକଡ଼ା ହୋଇ ମାଡ଼େ; ଏଥିର ଫୁଲ ବାଇଗଣୀ, ଫଳ ଗୋଲ, ଅଧଇଞ୍ଚ ବ୍ୟାସବିଶିଷ୍ଟ । ଏ ଗଛ ଓ ଫଳ ଦଶମୂଳ ପାଚନରେ ଲାଗେ । ବୈଦ୍ୟ ଶାସ୍ତ୍ର ମତରେ ଏହା ଧାରକ, ହୃଦୟଗ୍ରାହୀ, କଟୁ-ତିକ୍ତ ଓ ଉଷ୍ଣ ବୀର୍ଯ୍ୟ । ଏହା କଫ, ବାୟୁ, ମୁଖର ବିରସତା, ଅରୁଚି, କୁଷ୍ଠ, ଜ୍ୱର, ଶ୍ୱାସ, ଶୂଳ, କାଶ ଓ ଅଗ୍ନିମାନ୍ଦ୍ୟ ନାଶକ । ୨ । ଅଙ୍କସ୍ୱଳ୍ପ କଣ୍ଟକାରୀ; କଣ୍ଟକାରିକା (ଦେଶ)—2. Solanum Xanthocarpum. ୩ । ଡେଙ୍ଗା ଭେଜ; ଶ୍ୱେତ କଣ୍ଟକାରୀ—

ସ. ନାମ—ଶ୍ୱେତା, କ୍ଷୁଦ୍ରା, ଚନ୍ଦ୍ରହାସା, ଲକ୍ଷ୍ମଣା, କ୍ଷେତ୍ରଦୂତିକା, ଗର୍ଦ୍ଦଭା, ଚନ୍ଦ୍ରମା, ଚନ୍ଦ୍ରୀ, ଚନ୍ଦ୍ରପୁଷ୍ପା, ପ୍ରିୟଙ୍କରୀ ।

3. A tall variety of Solanum Indicum. [ ଦ୍ର—ଏହା କଣ୍ଟକୀ ସ୍ୱଳ୍ପ; ଏହା କଣ୍ଟକାରୀର ଗୁଣଯୁକ୍ତ, ଅଧିକନ୍ତୁ ଗର୍ଭପ୍ରଦ; ଏଥିର ଫୁଲ ଧଳା]—୪ । ଲଟା ବେଙ୍ଗକୋଳ—4. A variety of Solanum which is a creeper. [ ଦ୍ର—ଏ ଲତାର ଫଳ ଭେଜ ବାଇଗଣ ପରି, କିନ୍ତୁ ଭେଜ ଅପେକ୍ଷା କଣ୍ଟା କମ୍)—

[ ଦ୍ର—ସାଧାରଣ ବୈଦ୍ୟଶାସ୍ତ୍ରରେ ବୃହତୀ ଦୁଇ ପ୍ରକାର; କିନ୍ତୁ ରାଜନିର୍ଘଣ୍ଟକାରଙ୍କ ମତରେ ବୃହତୀ ୩ ପ୍ରକାର । ୧ । ବୃହତୀ ବା ଭେଜ ବାଇଗଣ—1. Solanium Indicum. ୨ । କଣ୍ଟକାରୀ; ଅଙ୍କସ୍ୱଳ୍ପ—2. Solanium Xanthocarpum. ୩ । ଶ୍ୱେତ ବୃହତୀ ବା ଡେଙ୍ଗା ଭେଜ । ଶ୍ୱେତ ବୃହତୀଗଛ ବଡ଼; ଫୁଲ ବାଇଗଣ ଫୁଲ ପରି, କିନ୍ତୁ ଧଳା; ଫଳ ଭେଜ ଅପେକ୍ଷା ବଡ଼ । ସମସ୍ତ ପ୍ରକାର ବୃହତୀ ସ୍ୱଳ୍ପଫଳା । ଆଉ ଏକପ୍ରକାର କ୍ଷେତ ବାଇଗଣ ପରି ଫଳ ଧରିବା କଣ୍ଟକମୀ ଲତାକୁ ଲଟା-ବେଙ୍ଗକୋଳ ବା ଲଟ ବେଙ୍ଗକୋଳ ବୋଲାଯାଏ ।] ୨ । ବିଶ୍ୱାବସୁଙ୍କ ବୀଣା—2. The lute of a Deity. ୩ । ଉତ୍ତରୀୟ ବସ୍ତ୍ର—3. The upper sheet. ୪ । ଛନ୍ଦୋବିଶେଷ—4. Name of a metre. (ଉ—ବୃହତୀ ଛନ୍ଦେ ଅଛି ନଅଟି ଅକ୍ଷର, ଚ ଅଙ୍କେତ ଜାଣୁଛ ହେଉଛି ବେଗର । କୃଷ୍ଣସିଂହ, ମହାଭାରତ ବନ) । ୫ । ବାକ୍ୟ—5. Word; expression. ଦେ. ବ—ବୋଇତ କଖାରୁ—The sweet gourd.

**ବୃହତୀ ପତି**—ସ. ବ (ବୃହତୀ=ବାକ୍ୟ(+ପତି)—ଦେବଗୁରୁ ବୃହସ୍ପତି;
Bṛuhatipati ସୁରଗୁରୁ–Bruhaspati, the preceptor of the gods.

**ବୃହଦଶ୍ୱ**—ସ. ବ.—( ନାମ ) ଋଷିବିଶେଷ–A sage. (ଉ—
Bṛuhadaśwa କହନ୍ତି ଶୌନକ କାଶ୍ୟପ ବୃହଦଶ୍ୱ । କୃଷ୍ଣସିଂହ. ମହାଭାରତ ବନ ।)

**ବୃହଦାରଣ୍ୟକ**—ସ. ବ—ଉପନିଷଦ୍ ବିଶେଷ–Name of an
Bṛuhadāraṇyaka Upanishad.

**ବୃହଦ୍ଦନ୍ତୀ**—ସ. ବ ଏକପ୍ରକାର ଦନ୍ତୀ ବା ବୃକ୍ଷବିଶେଷ–Croton
Bṛuhaddanti polyandrum plant. [ଦ୍ର—ଏହାର ପତ୍ର ଏରଣ୍ଡପତ୍ର ପରି ବଡ଼ । ଏହା ଔଷଧରେ ବ୍ୟବହୃତ ହୁଏ । ]

**ବୃହଦ୍‌ବାମନ**—ସ. ବ—ପୁରାଣ ବିଶେଷ—A Purāṇa. (ଉ—
Bṛuhad-bāmana ବୃହଦ୍‌ବାମନେ ଛନ୍ତି କହି, ପ୍ରଭୁ ଶ୍ରୀମୁଖେ ଅଜ୍ଞା ଦେଇ । ପ୍ରାଚୀ. ପୁରୁଷୋତ୍ତମ ଚନ୍ଦ୍ରୋଦୟ ।

**ବୃହଦ୍‌ବ୍ରତ**—ଦେ. ବ ବଡ଼ ଓଷା—[ ଦ୍ର—ଏହା ଅଠଗଡ଼ର ସ୍ୱର୍ଗୀୟ
Bruhad-brata ରାଜା ବାହାଦୁର ବିଶ୍ୱନାଥ ବର୍ମାଙ୍କ ରଚିତ ।]

**ବୃହଦ୍ଭାନୁ**—ସ. ବ (ବୃହତ୍+ଭାନୁ=କିରଣ ଯାହାର)–୧ । ଅଗ୍ନି—
Bruhadbhānu 1. Fire. ୨ । ସୂର୍ଯ୍ୟ—2. The sun.

**ବୃହଦ୍ରଥ**—ସ. ବ. (ବୃହତ୍+ରଥ)—୧ । ଇନ୍ଦ୍ର—1. Indra.
Bruhadratha ୨ । ଜରାସନ୍ଧର ପିତା—2. Father of Jarāsandha. ୩ । ଯଜ୍ଞପାତ୍ର—3. Sacrificial pot. ୪ । ବୈଦିକ ମନ୍ତ୍ର ବିଶେଷ—4. Name of a vedic formula. ୫ । ସାମବେଦର ଅଂଶ—5. Part of the Sāma beda.

**ବୃହନ୍ତ**—ସ. ବ—୧ । ବହିର୍ଦ୍ୱାର—1. The outer gate.
Bruhanda ୨ । ଅଗଣା—2. Courtyard.

**ବୃହନ୍ନଳ**—ସଂ. ବି. (ବୃହତ୍+ନଳ)—୧ । ଦୀର୍ଘ ନଳ ବୃକ୍ଷ—1. A Bruhannala species of long reed; Arunda Tibialis. ୨ । ବାହୁ—2. The arm. ୩ । ପରିମାପକ ଦଣ୍ଡ; ପହଳା—3. A measuring rod.

**ବୃହନ୍ନଳା**—ସଂ. ବି. ପୁଂ—ପାଣ୍ଡବମାନେ ବିରାଟ ରାଜାଙ୍କ ଗୃହରେ Bruhannalā ପ୍ରଚ୍ଛନ୍ନ ଭାବରେ ବାସ କରୁଥିବା ସମୟରେ ବିରାଟକନ୍ୟା ଉତ୍ତରାଙ୍କୁ ନୃତ୍ୟଗୀତାଦି ଶିକ୍ଷାଦେବା ନିମନ୍ତେ କଳ୍ପିତ କ୍ଲୀବରୂପଧାରୀ ଅର୍ଜୁନଙ୍କ ନାମ—The name assumed by Arjuna when he lived incognito in the house of the king of Birāṭa, as an eunuch and engaged as music master to the daughter of the king. (ଉ—ଏ ବାହାରେ ମୋହର ନାମ ବୃହନ୍ନଳା, ମୋ ପରି କାହିଁ ଜାଣିବାକୁ ନୃତ୍ୟକଳା । କୃଷ୍ଣସିଂହ. ମହାଭାରତ-ବିରାଟ ।)

**ବୃହସ୍ପତି**—ସଂ. ବି. (ବୃହତ୍+ପତି; ନିପାତନସିଦ୍ଧ)—୧ । ଦେବଗୁରୁ; Bruhaspati ସୁରଗୁରୁ—1. The spiritual preceptor of the gods. ୨ । ନବଗ୍ରହ ମଧ୍ୟରୁ ପଞ୍ଚମଗ୍ରହ—2. The planet Jupiter. ୩ । ଧର୍ମଶାସ୍ତ୍ର ପ୍ରଣେତା ଋଷି-ବିଶେଷ—3. Name of a sage, the author of a code of Hindu law. ୪ । ଧର୍ମଶାସ୍ତ୍ର ପ୍ରଣେତା ଚାର୍ବାକ ମୁନି—4. Sage Chārbāka. ୫ । ବୃହସ୍ପତିଙ୍କ ପରି ମହାପଣ୍ଡିତ ବ୍ୟକ୍ତି—5. A very learned man (compared with Bruhaspati).

**ବୃହସ୍ପତି ଏକାଦଶ**—ଦେ. ବି.—ବିଶେଷ ସୌଭାଗ୍ୟୋଦୟ—Bruhaspati ekādaśa The dawning of good fortune or prosperity
ଏକାଦଶ ବୃହସ୍ପତି
एकादश बृहस्पति

**ବୃହସ୍ପତି ଗୋଚର ଫଳ**—ସଂ. ବି.—( ଜ୍ୟୋତିଷ ) ଜ୍ୟୋତିଷ ଗଣନା Bruhaspati gochara phala ଅନୁସାରେ ବୃହସ୍ପତି ଗ୍ରହଙ୍କର (ବୃହସ୍ପତି ଦଶା—ଅନ୍ୟରୂପ) ଭିନ୍ନ ଭିନ୍ନ ଅବସ୍ଥିତିଜନିତ ମନୁଷ୍ୟ ଜୀବନରେ ଭିନ୍ନ ଭିନ୍ନ ଫଳ ଘଟିବା ଅବସ୍ଥା—The fortunes of a person according to the position of the planet Jupiter calculated by astrology. [ ଦ୍ର—ବୃହସ୍ପତି ଜନ୍ମ ବା ପ୍ରଥମ ରାଶିରେ ଥିଲେ ଭୟ, ଦ୍ୱିତୀୟରେ ଅର୍ଥଲାଭ, ତୃତୀୟରେ ଶରୀରପୀଡ଼ା, ଚତୁର୍ଥରେ ଅର୍ଥନାଶ, ପଞ୍ଚମରେ ଶୁଭ, ଷଷ୍ଠରେ ଶତ୍ରୁବୃଦ୍ଧି, ସପ୍ତମରେ ସୁଖ, ଅଷ୍ଟମରେ ଅର୍ଥନାଶ, ନବମରେ ସ୍ୱାର୍ଥ ଲାଭ, ଦଶମରେ ଅଶୁଭ, ଏକାଦଶରେ ଧନଲାଭ ଓ ଦ୍ୱାଦଶରେ ଧନାଗମ ହୁଏ ।]

**ବୃହସ୍ପତି ଚକ୍ର**—ସଂ. ବି.—(ଫଳିତ ଜ୍ୟୋତିଷ)—୧ । ଫଳିତ ଜ୍ୟୋତିଷାନୁ-Bruhaspati chakra ସାରେ ଅଙ୍କିତ ନରଦେହ—1. Figure of the human body drawn according to astrological directions. ୨ । ୬୦ ବର୍ଷ ବ୍ୟାପୀ କାଳଚକ୍ର—2. An astrological cycle of 60 years.

**ବୃହସ୍ପତି ପଞ୍ଚମ**—ଦେ. ବି.—ମନୁଷ୍ୟର ସୌଭାଗ୍ୟଯୁକ୍ତ ଅବସ୍ଥା ଘଟିବା—Bruhaspati panchama The dawning of good fortune. [ଦ୍ର—ଜ୍ୟୋତିଷ ମତରେ ମନୁଷ୍ୟର ଜୀବନରେ ୫ମ ବା ୯ମ ବୃହସ୍ପତି ପଡ଼ିଲେ ସ୍ୱାର୍ଥ ଲାଭ ହୁଏ । କୌଣସି ବ୍ୟକ୍ତିର ସୌଭାଗ୍ୟଯୁକ୍ତ ଅବସ୍ଥା ଦେଖିଲେ ଲୋକେ କହୁଥାଆନ୍ତି 'ତାକୁ ବୃହସ୍ପତି ପଞ୍ଚମ ବା ନବମ ପଡ଼ିଅଛି' । ସେହିପରି କୌଣସି ବ୍ୟକ୍ତିର ସୌଭାଗ୍ୟୋଦୟକୁ ଲକ୍ଷ୍ୟ କରି 'ବୃହସ୍ପତି ଏକାଦଶ ପଡ଼ିଛି' ବୋଲି ମଧ୍ୟ କହନ୍ତି ।]
ବୃହସ୍ପତି ନବମ } —ଅନ୍ୟରୂପ
ବୃହସ୍ପତି ଏକାଦଶ

**ବୃହସ୍ପତି ବାର**—ସଂ. ବି.—ଗୁରୁବାର; ବୁଧବାରର ପରଦିନ—Thursday. Bruhaspati bāra (ବୃହସ୍ପତି ବାସର—ଅନ୍ୟରୂପ)

**ବୃହସ୍ପତି ସୂତ୍ର**—ସଂ. ବି.—ବୌଦ୍ଧମାନଙ୍କର ଧର୍ମଶାସ୍ତ୍ରବିଶେଷ—Bruhaspati sūtra Name of a Buddhist scripture. [ଦ୍ର—କାହାରି କାହାରି ମତରେ ଚାର୍ବାକ ମୁନି ଓ ବୃହସ୍ପତି ଏକ ବ୍ୟକ୍ତି ଥିଲେ ]

**ବୃହସ୍ୱତୀ**—ଗ୍ରା. ବି. (ସଂ.ବୃହସ୍ପତି)—ବୃହସ୍ପତି (ଦେଖ)—Bruhaspati Bruhaswati ବିସ୍ପତି; ବେସ୍ପତି; बिरस्पती (See).

**ବ୍ରୁହାମ୍**—ବୈଦେ. ବି. (ଇଂ)—ଏକପ୍ରକାର ଘୋଡ଼ାଗାଡ଼ି—Bruhām Brougham. [ ଦ୍ର—ଏଥିର ଅବରଣକୁ ବନ୍ଦ ब्रुहाम्; ब्रहाम् କରାଯାଇ ପାରେ ଓ ଖୋଲାଯାଇ ପାରେ ।]

**ବେ**—ବୈଦେ. ଅ ( ଫା )—ଅବଜ୍ଞା ବା ତୁଚ୍ଛାର୍ଥକ ସମ୍ବୋଧନ—Be (Interjection) A word used in addressing a person in contempt while calling him. [ଦ୍ର-–ମାନ୍ୟାର୍ଥକ—ହେ, ହୋ,ଅହେ,ଅହୋ । ତୁଚ୍ଛାର୍ଥକ—(ପୁଂ) ରେ, ଅରେ, ଇରେ, (ସ୍ତ୍ରୀ) ଲୋ, ଅଲୋ, ଇଲୋ । ଅବଜ୍ଞା ବା ଅପମାନନାର୍ଥକ—ବେ, ଅବେ, ଇବେ, ହାଁବେ । ଓଡ଼ିଆରେ ଅତି ଘୃଣା ବା ତାଚ୍ଛଲ୍ୟ ସହିତ ନୀଚ ବ୍ୟକ୍ତିକୁ ସମ୍ବୋଧନ କରିବାରେ 'ବେ' ବ୍ୟବହୃତ ହୁଏ ଓ ସାଧାରଣତଃ ଅପଶଠାରୁ କନିଷ୍ଠ ବ୍ୟକ୍ତିପ୍ରତି 'ରେ' ବ୍ୟବହୃତ ହୁଏ । ସମ୍ବଲପୁର ଅଞ୍ଚଳରେ 'ରେ' ସ୍ଥାନରେ 'ବେ' ବ୍ୟବହୃତ ହୁଏ ।]
बे; बे

ବୈଦେ. (ଫା) ଉପସର୍ଗ—ଅନ୍ୟ ଶବ୍ଦ ପୂର୍ବରେ ଯୁକ୍ତ ହୋଇ ନିଷେଧ, ବୈପରୀତ୍ୟ ଓ ଅଭାବ ଅର୍ଥ ବୁଝାଏ (ଏହା ସଂ. ବି ଉପସର୍ଗ ଓ ଇଂ 'Un' 'Il' 'In' 'Ir' ଆଦି ଉପସର୍ଗ ସଙ୍ଗେ ସମାନ)—A Persian prefix added to words to denote absence, want, opposition or prevention. [ଦ୍ର—ଏହି ଫାରସୀ ଉପସର୍ଗଯୁକ୍ତ ଅନେକ ଶବ୍ଦ ଓଡ଼ିଆ ଭାଷାରେ ବ୍ୟବହୃତ ହୁଏ । ତାହା ସମସ୍ତ ସଂଗ୍ରହ କରିବା କଠିନ; ଗ୍ରନ୍ଥରେ କେତେଗୁଡ଼ିଏ ବେଶୀ ବ୍ୟବହୃତ ଶବ୍ଦ ଦିଆଗଲା । 'ବେ' ଉପସର୍ଗ ଯୁକ୍ତ କେତେଗୁଡ଼ିଏ ଫାରସୀ ଶବ୍ଦ ଅବିକୃତ ହୋଇ ଭାଷାରେ ଚଳୁଅଛି ଯଥା—ବେମଞ୍ଜୁର; ବେମାଲୁମ୍;
बे. बे

ବେଦମ୍ । କେତେଗୁଡ଼ିଏ ବହୁତ ହୋଇ ଚଳୁଅଛି । ଯଥା :—ବେଇଜ୍ଜତ୍ (ପ୍ରକୃତ ବେଇଜ୍ଜତ୍) ବେକୁବ୍ (ପ୍ରକୃତ (ବେ କବୁଫ୍) । କେତେଗୁଡ଼ିଏ ଶବ୍ଦରେ ପାରସୀ 'ବେ' ଉପସର୍ଗ ସଙ୍ଗେ ଅନ୍ୟ ସଂସ୍କୃତ ଶବ୍ଦ ଯୁକ୍ତ ହୋଇ ଚଳୁଅଛି, ଯଥା —ବେଦମ୍, ବେଧାଡ଼ି, ବେମର୍ଯ୍ୟାଦା । କେତେକ ସ୍ଥଳରେ ଏହି ଉପସର୍ଗ ସଙ୍ଗେ ଅନ୍ୟ ଦେଶୀୟ ଶବ୍ଦ ଯୋଗ ହୋଇଅଛି । ଯଥା —ବେମଣିଷ, ବେପନ୍ଥ, ବେଟୁମ୍ ।]

বেন ঘ'গে ଦେ. (ବ୍ୟାକରଣ)—ଭବିଷ୍ୟତକାଳରେ ଧାତୁ ସଙ୍ଗେ ବ୍ୟବହୃତ ପ୍ରତ୍ୟୟବିଶେଷ—An inflection added to verbs to denote the future tense. ( 2nd person and 3rd person ) [ ଦ୍ର—ଆପଣ, ଆପଣମାନେ, ମାନ୍ୟାର୍ଥକ ସେ, ବହୁବଚନାର୍ଥକ ସେମାନେ, ଏଗୁଡ଼ିକ କର୍ତ୍ତା ହେଲେ ଭବିଷ୍ୟତ୍ କାଳରେ କ୍ରିୟାର ରୂପରେ 'ବେ' ଯୁକ୍ତ ହୁଏ । ଯଥା— ଆପଣମାନେ ଯିବେ, ଆପଣମାନେ ଆସିବେ, ସେ ଖାଇବେ, ସେମାନେ ଶୋଇବେ । ]

**ବେ ଅକ(କ୍କ)ଲ**—ବୈଦେ. ବଣ. ( ପା. ବେ+ଅକ୍କଲ୍=ବୁଦ୍ଧି )—Be-aka(kka)la ନିର୍ବୁଦ୍ଧି; ବୁଦ୍ଧିହୀନ—Stupid; lacking in understanding, silly. বেঅকল, বেআক্কেল, বেআক্কিল ବେଅକ(କ୍କ)ଲ ବେଅକ(କ୍କ)ଲିଆ }—ଅନ୍ୟରୂପ

**ବେ ଅକତିଆର(ରି)**—ବୈଦେ. ବ ( ପା. ବେ+ଇଖ୍‌ତିୟାର୍= ଅଧିକାର)—୧ । ଅନାୟତ୍ତ; ଅଧିକାର ବହିର୍ଭୂତ— Be-akatiāra(ri) বেএক্তার, বেএক্তার बे इख़्तियार ( ବେଅକ୍ତିଆର(ରି) — ଅନ୍ୟରୂପ ) 1. Beyond control. ୨ । ଅବଶ; ଅକ୍ଷମ—2. Powerless.

**ବେ ଅକୁଫ୍(ବ୍)**—ବୈଦେ. ବ (ପା· ବେକୁଫ୍)—ବେକୁଫ୍ (ଦେଖ) Be-akuph(b) Bekuph (See)

**ବେ ଅଟକ୍**—ବୈଦେ. ବଣ ( ପା )—ବାଧାରହିତ—Be-aṭak Unobstructed. বেআটক बेअटक

**ବେ ଅଟକଳ**—ଦେ. ବ ( ପା. ବେ+ଓଡ଼ି. ଅଟକଳ )—ଅଗରୁ ଅନୁମାନଦ୍ୱାରା ସ୍ଥିର କରିବାର ଅଭାବ— Be-aṭakaḷa Want of estimate. ଦେ. ବଣ—ବେ ଅନ୍ଦାଜ ( ଦେଖ )—Be-andāja ( See )

**ବେ ଅନ୍ଦାଜ(ଜି)**—ବୈଦେ. ବଣ ( ପା )—୧ । ଅସଂଖ୍ୟ; ଅପରିମିତ— Be-andāja(ji) বেআন্দাজ(জী) बेअंदाज़ 1. Innumerable; countless. ୨ । ଅନୁମାନଶକ୍ତିହୀନ—2. Having ( ବେଅନାଜିଆ —ଅନ୍ୟରୂପ ) no capacity for inference. ୩ । ଅଜ୍ଞାତ—3. Unknown. ୪ । ଯାହାର ଅନ୍ଦାଜ ବା ଅନୁମାନ ଠିକ୍ ନୁହେ—4. Having no capacity for making an estimate. ୫। ପରସ୍ପର ସଙ୍ଗେ ସଙ୍ଗତ ବା ସାମଞ୍ଜସ୍ୟହୀନ—5. Disproportionate. ୬ । ଦରକାରଠାରୁ ଅତ୍ୟଧିକ—6. Immoderate.

**ବେ ଅଇନ୍(ନି)**—ବୈଦେ. ବଣ ( ପା. ବେ+ଅଇନ୍=ନିୟମ )— Be-āin(ni) বেআইন बेआइन ୧ । ଅବୈଧ; ଅଇନ୍‌ବିରୁଦ୍ଧ—1. Illegal; unlawful. ୨ । ଅନ୍ୟାୟ—2. Unjust. ବୈଦେ. ବି—୧ । ଅବିଚାର—1 Injustice. ୨ । ଅଇନର ଲଙ୍ଘନ—2. Infringement or breach of law.

**ବେ ଅଇନ୍(ନି) ଜନତା**—ଦେ. ବି (କଚେରି)—ଅବୈଧ ଜନସଂଘ; ଅସାଧୁ ଉଦ୍ଦେଶ୍ୟରେ ପାଞ୍ଚ ଜଣରୁ ଅଧିକ ଲୋକଙ୍କ ଏକତ୍ର ହେବା— Be-āin(ni) janatā বেআইন জনতা बेआइन जनता [ ବେଅଇନ୍(ନି) ମେଳି(ଳ)—ଅନ୍ୟରୂପ ] Unlawful assembly; an assembly of five or more persons formed with some unlawful object. [ ଦ୍ର—ମନ୍ଦ ବା ବେଅଇନ୍ ଉଦ୍ଦେଶ୍ୟରେ ବା ଶାନ୍ତିଭଙ୍ଗ କରିବା ବା ମାରପିଟ ବା ଅପରାଧ କରିବା କାରଣ ୫ ବା ୫ରୁ ଅଧିକ ବ୍ୟକ୍ତି ଏକତ୍ର ହେଲେ ତାହା ବେଅଇନ୍ ଜନତା ହୁଏ । ଉଦ୍ଦେଶ୍ୟର ଓ ଅପରାଧର ପରିମାଣ ଓ ପ୍ରକୃତି ଅନୁସାରେ ଏଥିପାଇଁ ଭାରତୀୟ ଦଣ୍ଡବିଧି ଅଇନରେ ଭିନ୍ନ ଭିନ୍ନ ଦଣ୍ଡର ବ୍ୟବସ୍ଥା ଅଛି । ବେଅଇନ୍ ଜନତାକୁ ଭାଙ୍ଗିଦେଇ ଘଉଡ଼ାଇବାପାଇଁ ମାଜିଷ୍ଟ୍ରେଟଙ୍କର ଓ ପୁଲିସର କ୍ଷମତା ଅଛି । ଜନତାକାରୀମାନେ ମାଜିଷ୍ଟ୍ରେଟଙ୍କ ଆଦେଶ ନ ମାନିଲେ ମାଜିଷ୍ଟ୍ରେଟ୍ ବା ପୁଲିସ୍ ବଳପ୍ରୟୋଗପୂର୍ବକ ଏମାନଙ୍କୁ ଘଉଡ଼ାଇବା ବିଧି ମଧ୍ୟ ଅଛି ।]

**ବେଅଇନ୍(ନି) ତୋଶରଫ**—ବୈଦେ. (ପା)ବି (କଚେରି)—ଯେଉଁ ଧନାପହରଣ ସରକାର ଦ୍ୱାରା ବିଧିଦ୍ୱାରା ଅନନୁମୋଦିତ ବା ଦଣ୍ଡିତ ଓ ଦୋଷାବହ—Mis- Be-āin(ni) tosharaph বেআইন্ তোছরফ बेआइन तोसरफ appropriation of property.

**ବେ ଅଏ (ୟ)ତ(ତ୍ତ)**—ଦେ. ବଣ (ପା. ବେ+ସଂ. ଆୟତ୍ତ)—୧ । ଅନାୟତ୍ତ; ଶକ୍ତିବହିର୍ଭୂତ— Be-āe(ya)ta (tta) বেআয়ত बेआयत 1. Beyond one's control. ୨ । ଅବଶ— 2. Powerless. ୩ । ନିଃସହାୟ—3. Helpless.

**ବେଅ (ଏ,ହା,ହେ)ଡ଼ା**—ବୈଦେ. ବଣ—(ପା. ବେ+ଅଡ଼ା= Bea(e, hā, he) ṛdā ଅଭ୍ୟସ୍ତ—ଗଠନ, ଭୁଲ, ସ. ଢଙ୍ଗ; ବିକୃତ বেআড়া ପ୍ରା-ବିଅଡ଼)—୧ । କୁତ୍ସିତ; ବିକୃତ; ବେଢପ— बेहुदा 1. Ugly; disordered. ୨ । ବେ-ନିୟମ—2. (ବିଅଡ଼ା—ଅନ୍ୟରୂପ) Against rules. ୩ । ବେଅଇନ୍— 3. Illegal. ୪ । ଅବାଧ୍ୟ—4. Insubordinate. ୫ । ମନ୍ଦ; ଦୁଷ୍ଟ—5. Wicked; wanton. ୬ । ଅସୁନ୍ଦର—6. Ungraceful. ୭ । ସୌଷ୍ଠବରହିତ—7. Unsymmetrical.

**ବେଅ(ଏ)ଣ୍ଟା**—ଦେ. ବି—ଏକ ପ୍ରକାର ବନ୍ୟ ଗଛ—A kind of Beā(e) ṇṭā wild tree. [ ଦ୍ର—ଗମ୍ଭାରି ବେଲ ଜାମୁ ବେଅଣ୍ଟା ଶବର । କୃଷ୍ଣସିଂ. ମହାଭାରତ-ବନ ।]

ବେ-ଆଦବ୍—ବୈଦେ. ବଣ—(ଫା. ବେ+ଅଦବ୍=ଶିଷ୍ଟାଚାର)—୧। Be-ādab ଅଶିଷ୍ଟ; ଶିଷ୍ଟାଚାରର ବହିର୍ଭୂତ; ଅଭଦ୍ର—1. Uncivil; impolite. ୨। ଧୃଷ୍ଟ—2. Insolent. ୩। ଦୁରନ୍ତ; ଦୁଷ୍ଟ—3. Wicked; wanton. ୪। ଅବାଧ୍ୟ—4. Uncontrollable; insubordinate.
বেআদব বেআদব

ବେ ଆଦବି—ବୈଦେ. ବ—(ଫା)—୧। ଅଶିଷ୍ଟତା; ଅଭଦ୍ରତା—Be-ādabi 1. Rudeness; incivility. ୨। ଧୃଷ୍ଟତା—2. Importunity; insolence. ୩। ଦୁର୍ବୃତ୍ତପଣ—3. Wickedness. ଦେ. ବଣ—ବେ-ଅଦବ୍ (ଦେଖ) Beādab (See)
বেআদবী बेआदवी

ବେ ଆଦବି ମାଫ୍(ଫି) କରିବା—ଦେ କ୍ରି. (ଫା ବେଅଦବୀ+ମୁଆଫ୍) Be-ādabi māph(phi) kariba କୌଣସି ବ୍ୟକ୍ତିର ଅଶିଷ୍ଟତା ବା ଧୃଷ୍ଟତାକୁ ମାର୍ଜନା କରିବା—To excuse one's rudeness or plain-speaking.
বেআদবি মাফ করা बेआदबि मुआफ करना

ବେ-ଆଦର—ଦେ. ବ—(ଫା. ବେ+ସଂ ଆଦର)—ଉପେକ୍ଷା; Be-ādara ଅନାଦର—Slight; disrespect.
বেআদর,অনাদর बेआदर

ବେ ଆବ୍‌ରୁ, ବୋ)ର(ରୁ)—ବୈଦେ. ବଣ—(ଫା. ବେ+ଅବରୁ Be-āba (bu, bo)ra (ru) =ମହତ୍ତ୍ୱ)—୧। ମର୍ଯ୍ୟାଦାହୀନ; ବେଇଜ୍ଜତ—1. Devoid of honour or respect. ୨। ନିର୍ଲଜ୍ଜ—2. Shameless; indecent; immodest. ୩। ଯେ (ଯେଉଁ ସ୍ତ୍ରୀଲୋକ) ପରଦା ବା ଅବରୋଧ ପ୍ରଥା ପାଳନ କରୁ ନାହିଁ—3. (a woman) Not observing the rules of seclusion ୪। ଖୋଲା; ମେଲା—4. Exposed to the public gaze; open. ଦେ. ବ—(ଫା.-ବେ+ସଂ ଆବରଣ) ୫। ଅନାଚ୍ଛାଦିତ—5. Uncovered. ୬। ଅନ୍ତରାଳହୀନ; ବେପରଦା—6. Having no screen; unconcealed. ବୈଦେ. ବ. (ଫା.)—୧। ମର୍ଯ୍ୟାଦାହୀନତା; ଇଜ୍ଜତର ଅଭାବ—1. Want or absence of honour or decency. ୨। ନିର୍ଲଜ୍ଜତା - 2. Shamelessness. ୩। ସ୍ତ୍ରୀମାନଙ୍କ ପରଦା ପ୍ରଥାର ଅଭାବ; ସ୍ତ୍ରୀମାନଙ୍କର ସର୍ବସାଧାରଣଙ୍କ ସମ୍ମୁଖରେ ଅନାବୃତ ମୁଖ ହୋଇ ବାହାରିବା ଅବସ୍ଥା—3. Non observance of the Purdah system by women. ୪। ଅନାବୃତ ଅବସ୍ଥା—4 The state of being uncovered. ୫। ଗୁପ୍ତ ନ ରହିବାର ଅବସ୍ଥା—5. Absence of privacy.
বেআবরু बेआबरु

ବେ ଆରାମ୍—ବୈଦେ. ବ—(ଫା ବେ+ଆରାମ୍=ସ୍ୱାସ୍ଥ୍ୟ; ସୁଖ)—Be-ārām ୧। ବେମାରି; ରୋଗ—1. Illness. ୨। ଦୁଃଖ—2. Misery. ୩। ଅଶାନ୍ତି; ଅସ୍ୱାଚ୍ଛନ୍ଦ୍ୟ—3. Discomfort. ବୈଦେ. ବଣ.—(ଫା)—ରୁଗ୍ଣ; ଅସୁସ୍ଥ—Ill; sick.
বেআরাম, ব্যারাম बेराम, बिमार

ବେ ଆରିଙ୍ଗ—ବୈଦେ. ଅ. (ଇଂ. )—୧। ମାଗଣା—Be-āring 1. Gratis. ୨। ପର ବ୍ୟୟରେ କରାହୁତ (କାର୍ଯ୍ୟ)—2. (work) Done at another's expense.
বেয়ারিঙ্গ बेरंग

ବେଅରିଂ
ବେରଙ୍ଗ(ଗି) —ଅନ୍ୟରୂପ
ବେରିଂ

ବେଆରିଙ୍ଗ୍ ପୋଷ୍ଟ—ବୈଦେ. ବ (ଇଂ)—୧। ପତ୍ରପ୍ରେରକ ଚିଠି Be-āring posht ଉପରେ ଡାକ ଷ୍ଟାମ୍ପ ନ ମାରି ଯେଉଁ ଚିଠି ଡାକରେ ପଠାନ୍ତି ଓ ଯେଉଁ ଚିଠିର ଡାକମାସୁଲ ପତ୍ରଗ୍ରାହକଠାରୁ ଡାକବାଲା ଆଦାୟ କରେ—1. Bearing post; unpaid post. ୨। (ଲକ୍ଷଣାର୍ଥ) ପରର ଖର୍ଚ୍ଚରେ ଯେଉଁ କାର୍ଯ୍ୟ କରାହୁଏ ହୋଇଯାଏ—2. Any work done at the cost of another person.

ବେରଂପୋଷ୍ଟ
ବେରଙ୍ଗପୋଷ୍ଟ } —ଅନ୍ୟରୂପ

বেআরিঙ্গপোষ্ট बेरंपोष्ट

ବେଆରିଙ୍ଗ ମାରିବା—ଦେ. କ୍ରି—କୌଣସି କାର୍ଯ୍ୟ ପରର ବ୍ୟୟରେ ବା Be-āring māribā ମାଗଣାରେ ସମ୍ପନ୍ନ କରାଇ ନେବା—To have a thing accomplished gratis or at another's expense.
বেয়ারিংমারা बेआरिं मारना, बेरङ्गमारना

ବେଆଲି—ଦେ. ବ—ବିଆଲି (ଦେଖ)—Be-āli Biāli (See).

ବେ ଇଆଦ୍(ଦି)—ବୈଦେ. ବ (ଚଳିତ)(ଫା. ବେୟାଦ୍)—ବିସ୍ମରଣ—Be-iād(di) Forgetting. ବୈଦେ. ବଣ.—ବିସ୍ମୃତ—Forgotten.
বিস্মরণ, बेयाद [ବେୟାଦ୍ (ଦ)—ଅନ୍ୟରୂପ]

ବେଇଗି—ଦେ. କ୍ରି. ବଣ. (ସଂ ବେଗ; ବେଗିତ)—ଶୀଘ୍ର; ଶୀଘ୍ର—Beigi Soon; sharp; swiftly; quickly.
जलदी, शिगगीर, बेगी, जल्दी

ବେ ଇଜ(ଜ୍ଜ, ଜି, ଜ୍ଜି)ତ (ତି)—ବୈଦେ. ବଣ. (ଫା. ବେ+ଇଜ୍ଜତ୍=ସମ୍ମାନ)—୧। ସମ୍ମାନଶୂନ୍ୟ—Be-ija(jja, ji, jji) t (ti) [ବେଜ(ଜ୍ଜ)ତ(ତ)—ଅନ୍ୟରୂପ] 1. Immodest. ୨। ଅଶ୍ଳୀଳ—2. Indecent. ୩। ଅପମାନିତ; ଅପଦସ୍ଥ; ଅସମ୍ମାନିତ; ଲାଞ୍ଛିତ; ମହତହରା—3. Dishonoured; insulted; disgraced; shorn of respectability. ୪। ଅସମ୍ମାନଜନକ—4. Disrespectful; dishonourable; scandalous; ବୈଦେ. ବ—୧। ଲାଞ୍ଛନା; ଅପମାନ—1. Insult; disgrace; ୨। ସ୍ତ୍ରୀଲୋକର ସମ୍ଭ୍ରମ ନାଶ; ସ୍ତ୍ରୀଲୋକଙ୍କ ମହତ ମାରିବା—2. Violation of the modesty of females; outrage of female modesty.
বেইজ্জিৎ बेइज्जत्
বেইজ্জতী; बेइज्जती

ବେଇଜ(ଜି)ତ(ତି) କରିବା—ଦେ. କ୍ରି—୧। ଅପମାନିତ କରିବା—Be ija(ji)t(ti) kariba 1. To insult; to disgrace. ୨। ସ୍ତ୍ରୀଲୋକର ଇଜ୍ଜତ୍ ନାଶ କରିବା—2. To violate or outrage the modesty of a female. ୩। ଅଶ୍ଳୀଳ ଭାଷାରେ ଗାଳିଦେବା—3. To abuse in filthy language.
বেইজতকরা बेइजतकरना

ବେ ଇଜ(ଜି, ଜ୍ଜ, ଜ୍ଜି)ତିଅ—ବୈଦେ. ବଣ ( ଫା. ବେଇଜ୍ଜତ୍ )—
Be ija(ji, jja, jji)tiā ୧ । ଅସମ୍ମାନିତ; ଅପମାନିତ; ଅପଦସ୍ତ;
বেইজ্জত ଲାଞ୍ଛିତ—1. Dishonoured; disgraced;
बेइज्जत insulted. ୨ । ଯେ ଅନ୍ୟକୁ ଅପମାନିତ ବା ଲାଞ୍ଛିତ କରେ—2. Insulting or disgracing others. ୩ । ସ୍ତ୍ରୀର ସତୀତ୍ୱନାଶକାରୀ—3. Outraging female modesty. ୪ । ଅସମ୍ମାନଜନକ—4. Disrespectful; dishonourable.

ବେ ଇନ୍(ନି)ଶାପ୍(ଫ୍)—ବୈଦେ. ବି. (ଫା. ବେ+ ଇନ୍ସାଫ୍=ନ୍ୟାୟ-
Be in(ni)śāp(ph) ବିଚାର )—ଅନ୍ୟାୟ; ଅବିଚାର—
বেনিসাপ Injustice; inequity. ବୈଦେ. ବଣ—ଅନ୍ୟାୟ;
बेइनसाफ न्यାୟ ବହିର୍ଭୂତ—Unrighteous; inequitable.
(ବେନସାପ—ଅନ୍ୟରୂପ)

ବେଇ(ଇଁ)ବା—ଦେ. କ୍ରି—( ସଂ. ବୀ ଧାତୁ=ଗର୍ଭମୋଚନ )—ଜନ୍ମ
Bei(iñ)bā କରିବା; ସନ୍ତାନ ପ୍ରସବ କରିବା—To bring
বিআন forth offspring; to be delivered of a
बियाना, बयाना child.
ବିଅଇବା, ବିଏଇବା
ବେଇ ପକା(କେ)ଇବା, } —ଅନ୍ୟରୂପ
ବ୍ୟା(ବେ୍ୟ)ଇବା

ବେ ଇମାନ୍—ବୈଦେ. ବଣ (ଫା. ବେ+ ଇମାନ୍=ଧର୍ମାଧର୍ମ ବିଶ୍ୱାସ)—
Be imān ୧ । ଅଧାର୍ମିକ—1. Irreligious; impious.
বেইমান্ ୨ । ଅବିବେକ—2. Unconscientious. ୩ ।
बेइमान ଅକୃତଜ୍ଞ; କୃତଘ୍ନ—3. Ungrateful. ୪ । ବିଶ୍ୱାସ-
(ବେମାନ୍—ଅନ୍ୟରୂପ) ଘାତକ—4. Perfidious; faithless.

ବେ ଇମାନି—ବୈଦେ. ବି. ( ଫା )—୧ । ବିଶ୍ୱାସଘାତକତା—
Be imāni 1. Perfidy. ୨ । କୃତଘ୍ନତା—2. Ingratitude.
বেইমানী ବୈଦେ. ବଣ. ( ଫା )—ବେଇମାନ୍ ( ଦେଖ )—
बेइमानि Beimān (See).
( ବେମାନି—ଅନ୍ୟରୂପ )

ବେ ଇଲାକା—ବୈଦେ.ବି (ଫା)—୧ । ଯାହା ନିଜର ଇଲାକା ନୁହେଁ—
Be ilākā 1. That which is not one's jurisdiction.
বেইলাকা ୨ । ନିଜର ସମ୍ପର୍କ ବହିର୍ଭୂତ ସ୍ଥାନ ବା ବିଷୟ—
बेइलाका 2. A place or matter which is beyond one's juirsdiction. ୩ । ଯାହା ନିଜର ଭୂସମ୍ପତ୍ତି ନୁହେଁ—3 That which is not one's landed property. ୪ । ନିଜର ସମ୍ପର୍କର ଅଭାବ—4. Want of one's connection.

ବେ ଇଲାକାଦାର—ବୈଦେ. ବଣ. ( ଫା. ବେ+ ଇଲାକା=ସମ୍ପର୍କ+
Be ilākādār ଦାର୍; କଚିତ୍ ଅର୍ଥ ଭାଷା )—ସମ୍ପର୍କରହିତ;
বেইলাকাদার ନିଃସ୍ୱତ୍ୱବାନ୍—Divested of all connec-
बेइलाकादार tions; divested of all property-right.
(ଯଥା—ଅଦ୍ୟଠାରୁ ଅମ୍ଭେ ବାପ୍ପା ଏ ବିଷୟ ସମ୍ପତ୍ତିରେ ନିସ୍ୱତ୍ୱବାନ୍ ଓ ବେଇଲାକାଦାର୍ ହେଲୁ । କବାଲାପତ୍ରି) ।

ବେଈ(ହ୍ମୀ)—ଦେ. ବଣ. ସ୍ତ୍ରୀ ( ସଂ. ବିବାହିତା )—ବିବାହିତା (ସ୍ତ୍ରୀ)—
Beī(hī) Married (wife).
বিবাহিতা ब्याही (ଉଦ୍ଦେଶ—ଉପସ୍ଥିତ)

ବେଈ(ହ୍ମୀ) ମାଇପ—ଦେ. ବି. ସ୍ତ୍ରୀ—୧ । ଆପଣାର ବିବାହିତା ପତ୍ନୀ
Beī(hī) māipa (ରକ୍ଷିତା ସ୍ତ୍ରୀ ନୁହେଁ)—1. One's married
বিবাহিতা স্ত্রী wife (not a concubine). ୨ । ଏକାଧିକ
ब्याही स्त्री ଭାର୍ଯ୍ୟା ମଧ୍ୟରୁ ସନ୍ତାନପ୍ରସବକାରିଣୀ ଭାର୍ଯ୍ୟା—
[ବେଈ(ହ୍ମୀ)ଭାରିଯା—ଅନ୍ୟରୂପ] 2. The wife who is the mother of children ( as distinguished from one's barren wife or wives).

ବେଉ(ଓ)ଆ—ବୈଦେ. ବି (ସ୍ତ୍ରୀ)—(କଚିତ୍) (ଫା. ବେୱା; ତୁଳ.
Beu(o)ā ସଂ. ବିଧବା)—୧ । ବିଧବା—1. Widow. ୨ ।
বেওয়া ଅପୁତ୍ର ସ୍ତ୍ରୀ—2. A childless widow. ୩ । ବିଧବା
बेवा ଶୂଦ୍ରାମାନଙ୍କର ଉପାଧି—3. Title added to the
(ବେୱା—ଅନ୍ୟରୂପ) names of Śūdra widows. [ ଦ୍ର—
ଅଳ୍ପକାଳ କାଳର ଲେଖକରେ ବ୍ରାହ୍ମଣ ଓ ଶୂଦ୍ରାଙ୍କ ସ୍ତ୍ରୀମାନଙ୍କ ଉପାଧିରେ ନାନା ପରିବର୍ତ୍ତନ ଘଟିଅଛି ଓ ଶୂଦ୍ରାମାନେ ବ୍ରାହ୍ମଣୀଙ୍କ ଉପାଧି ଆପଣା ନାମରେ ଯୋଗ କରୁଥିବାର ଦେଖାଯାଏ; ଯଥା ଏଥିପୂର୍ବରୁ ସଧବା ବ୍ରାହ୍ମଣୀମାନଙ୍କୁ ଶ୍ରୀମତୀ ବା ଶ୍ରୀମତ୍ୟା ଅମୁକ ଦେବୀ, ବିଧବା ବ୍ରାହ୍ମଣୀମାନଙ୍କୁ ଶ୍ରୀମତ୍ୟା ଅମୁକ ଦେବ୍ୟା ବା ଦେବ୍ୟା; ରାଣୀମାନଙ୍କୁ ଶ୍ରୀମତୀ ଅମୁକ ମହାଦେଈ ବା ଦେଈ, ସଧବା ଓ ବିଧବା କରଣ ସ୍ତ୍ରୀମାନଙ୍କୁ ଶ୍ରୀମତୀ ବା ଶ୍ରୀମତ୍ୟା ଅମୁକ ଦେଈ; ସଧବା ଶୂଦ୍ରସ୍ତ୍ରୀମାନଙ୍କୁ ଶ୍ରୀମତୀ ଅମୁକ ଦାସୀ ଓ ବିଧବାଶୂଦ୍ରାଣୀମାନଙ୍କୁ ଅମୁକ ବେୱା ବୋଲି ଦଲିଲ ଆଦିରେ ଲେଖାଯାଉଥିଲା; ଏବେ ବ୍ରାହ୍ମଣେତର ଜାତୀୟ ସ୍ତ୍ରୀମାନଙ୍କଠାରୁ ଦେଈ, ଦାସୀ, ବେୱା ଆଦି ଉଠିଯାଇ କି ବିଧବା, କି ସଧବା, କି କୁମାରୀ, କି ସଧବା, କି ଅବସ୍ଥା ସମସ୍ତେ ହେଲେଣି ଶ୍ରୀମତୀ ଅମୁକ ଦେବୀ ।]

ବେ ଉ(ଓ)ଆକଫ୍(ବ୍)—ବୈଦେ. ବଣ. ( କଚିତ୍ ) (ଫା. ବେ+
Be u(o)ākaph(b) ୱାକଫ୍=ଅବଗତ)—ଅଜ୍ଞ; ଯେ କୌଣସି
বেওয়াকফ ବିଷୟ ଅବଗତ ହୋଇ ନ ଥାଏ—Unacquainted;
बेवाकिफ not knowing; uninformed.
ବେୱାକ(କ)ଫ(ବ୍)
ବେଓୱାକ(କ)ଫଦାର } —ଅନ୍ୟରୂପ
ବେୱାକଫ୍(ବ ଦା(କା)ର

ବେ ଉଆର(ରି)ସ୍(ସି)—ବୈଦେ. ବଣ. ( କଚିତ୍ )—( ଫା.
Be uāra(ri)s(si) ବେୱାରିସ୍ )—୧ । ଯାହାର କେହି
বেওয়ারিস ଉତ୍ତରାଧିକାରୀ ନ ଥାଏ; ଲାଉଆରିସ୍ ( ବ୍ୟକ୍ତି )—
बेवारिस; लावारिस 1. Heirless (person). ୨ । ନିର୍ବଂଶ-
[ବେୱାର(ରି)ସ୍(ସି)—ଅନ୍ୟରୂପ] 2. Issueless. ୩ । ଯେଉଁ ସମ୍ପତ୍ତିରେ କେହି ଦାବିଦାର ନ ଥାଏ—3. (property) Having no claimant; unclaimed. ୪ । ଅସ୍ୱାମିକ (ସମ୍ପତ୍ତି); ଅଧିକାରୀ ବିହୀନ—4. Ownerless.

ବେଉଚି—ଗ୍ରାଦେ·(କଟୁକ). ବି.—(ସଂ· ବିଚଞ୍ଚିକା)—ବିଇଞ୍ଚି (ଦେଖ)-
Be-uchi Bi-inchi (see).

ବେଉ(ହୁ)ଡ଼ା—ଦେ. ବି—ଶାରଦ ଗୁଆଧାନ ଗଛକୁ ହଳ ବୁଲାଇ
Be-u(hu)rdā କାଦୁଅ କରିବା ପ୍ରକ୍ରିୟା; ବେଉଷଣ—The act
କାଡ଼ାନ **बिहियाना** of puddling Śārada or autumnal paddy.
[ବିଉ(ହୁ)ଡ଼ା—ଅନ୍ୟରୂପ]

ବେଉଡ଼ା ବେଉଷଣ—ଦେ. ବି (ଏକାର୍ଥକ ସମ୍ଭବତଃ)—ବେଉଡ଼ା
Beurdā beushana (ଦେଖ)—Beurdā (see).
(ବେଉଡ଼ା ବେଉଡ଼ୁ—ଅନ୍ୟରୂପ)

ବେଉଡ଼ି—ଦେ. ବି (ଧ୍ୱନ୍ୟନୁକାରୀ ଶବ୍ଦ; ତୁଳନା କର ଏଉଡ଼ି)—ତୃପ୍ତି
Beurdi ଭୋଜନ ପରେ ଉଦ୍ଗାରିତ ବାୟୁ—Belching
ঢেকুর **डकार** after a full meal.

ବେଉ(ହୁ)ଡ଼ି(ଷି)ବା—ଦେ. କ୍ରି—ବେଉଷଣ କରିବା; ବୁଣାଯାଇଥିବା
Beu(hu)rdi(shi)ba ଶାରଦ ଧାନଗଛ (ଗୁଆ ଧାନଗଛ)
(ବିହୁଡ଼ିବା—ଅନ୍ୟରୂପ) ଗୃଷଣ୍ଡେ ଲେଖାଏଁ ବଢ଼ିଗଲେ କିଆରିରେ
କାଡ଼ାନକରা ପାଣି ପୂରାଇ ସେହି କିଆରିକୁ ଭଲଭାବରେ ହଳରେ
**बिहियाना** ଚଷି ଧାନଗଛମାନଙ୍କୁ କିଆରି ତମାମ୍ ସମାନ ଭାବରେ ଖେଳାଇ
ତହିଁ ଉପରେ ମଇ ଦେବା ପ୍ରକ୍ରିୟା—The agricultural operation of puddling and equally distributing the paddy plants when they are about 10 inches high. [ ଦ୍ର—ଶାରଦ ଗୁଆ ଧାନଗଛମାନ ପ୍ରାୟ ଏକ ଫୁଟ ପର୍ଯ୍ୟନ୍ତ ଉଚ୍ଚ ହେଲେ କିଆରିରେ ପାଣି ପୂରାଇ ଖୁବ କାଦୁଅ କରି ହଳ ବୁଲାଇବାକୁ ହୁଏ । ଏପରି ହେଲେ ଧାନଗଛମାନ ଓଲଟ ପାଲଟ ହୋଇଯାଏ ଓ ତା ଉପରେ ମଇ ଚଲାଇବାକୁ ହୁଏ । ଏହାକୁ ବେଉଡ଼ା ବା ବେଉଷଣ ବୋଲାଯାଏ । ମଇ ଚଲାଇବା ପରେ ଯେବେ ଦେଖାଯାଏ ଯେ କିଆରିରେ କେଉଁ କେଉଁ ସ୍ଥାନରେ ଧାନଗଛ ଖୁବ ଘନ ସନ୍ନିବିଷ୍ଟ ହୋଇଅଛି, ଓ କେଉଁ କେଉଁଠାରେ ଧାନଗଛ ଆଦୌ ନାହିଁ, ତେବେ ହାତଦ୍ୱାରା ଘନ ସନ୍ନିବିଷ୍ଟ ଧାନଗଛ ମଧ୍ୟରୁ ଗୋଟିକେତେ ଗଛ ଉଠାଇ ନେଇ ଧାନଗଛ ନ ଥିବା ଯାଗାରେ ଯୋଡି ଦେବାକୁ ହୁଏ । ଏପରି ହେଲେ କିଆରିର ସବୁ ଅଂଶରେ ଧାନଗଛମାନ ସମାନରୂପେ ଖେଳାଇ ହୋଇ ରହେ; ଏହାକୁ ଖେଳୁଆ ବୋଲାଯାଏ । ବେଉଡ଼ା ବେଉଷଣ ହେବାର କେତେଦିନ ପରେ ଦେଖାଯାଏ ଯେ ଧାନଗଛମାନ ଖୁବ୍ ତାଜା ହୁଏ ଓ ମୂଳମାନଙ୍କରୁ ଗୁଣ୍ଡିଆମାନ ବାହାରେ ।]

ବେଉଡ଼ୁଣୀ ଛତୁ—ଦେ. ବି—ନାଡ଼ଛତୁ (ଦେଖ)—
Beurduni chhatu Nārda Chhatu (See)·
বড়ডাঁটা ছাতু **गोबरछत्ता**

ବେଉଣ୍ଟ(ତ)—ଦେ. ବି. (ସଂ ବଣ୍ଟନ; ସଂ ବିଭକ୍ତ)—୧ । ବଣ୍ଟନ—
Beunta(ta) 1. Distribution. ୨ । ବନ୍ଦୋବସ୍ତ; କାର୍ଯ୍ୟର
বাঁট **ब्योंत, बांट** ବ୍ୟବସ୍ଥା—2. Arrangement. ୩ ।
ବିଭାଗ କରଣ—3. Division. ୪ । ବହୁଲୋକ
ମଧ୍ୟରେ କାର୍ଯ୍ୟକ୍ରମର ବିଭାଗ ବା ବଣ୍ଟନ—4. Division of labour; distribution of work or labour amongst many workers.

ବେଉଣ୍ଟି(ତି)ବା—ଦେ. କ୍ରି. (ସ ବଣ୍ଟଧାତୁ)—୧ । ବଣ୍ଟନ କରିବା—
Beunti(ti)bā 1. To distribute. ୨ । ବନ୍ଦୋବସ୍ତ କରିବା
বাঁটনা **ब्योंतना** —2. To arrange. ୩ । ବହୁଲୋକଙ୍କୁ
କାର୍ଯ୍ୟ ବାଣ୍ଟିବା—3. To distribute work to
many people. ୪ । କାର୍ଯ୍ୟକ୍ରମ ବହୁଲୋକଙ୍କ
ମଧ୍ୟରେ ବାଣ୍ଟିଦେବା—4. To make a division
of labour amongst many workers.

ବେଉ(ଓ)ପ୍ରୋଧ—ଗ୍ରା· ବି—(ଫା. ବେ+ସ. ଅନୁରୋଧ)—
Be-u(o)prodha ବେମୋହବତ (ଦେଖ)—Bemohabata
[ବେଉ(ଓ)ପ୍ରୋଧିଆ, ବେଉ(ଓ)ପ୍ରୋଧୀ—ବିଣ.] (See).

ବେଉର—ଦେ. ବି.—ନିମନ୍ତ୍ରଣ—
Beura Invitation.

ବେଉରା—ଦେ. ବି.—(ସ ବିବରଣ)—୧ । ବାର୍ତ୍ତା; ସମ୍ବାଦ—
Beurā 1· News; report. ୨ । ବିବରଣ—2 Des-
বেওরা, খবর cription; narration. ୩ । ପତ୍ରର
**ब्योरा** ଉତ୍ତର—3. Reply to a letter. ୪ । (ସ.
ବ୍ୟବହାରୀ) ଶୂଦ୍ରମାନଙ୍କର ବଂଶୋପାଧି ବିଶେଷ—4. A
family-title amongst the Śūdras. ୫ । ଦୁଧ
ମାଠିଆ—5. A pail or pitcher for milk.
ଦେ. ବିଣ—୧ । ଫେରନ୍ତି; ଲେଉଟ (ସମ୍ବାଦ)—
1. In return; by return (news).

ବେଉରା ଦେବା—ଦେ. କ୍ରି—୧ । ସମ୍ବାଦ ପଠାଇବା—1. To send
Beurā debā news; to report. ୨ । ପତ୍ରର ଉତ୍ତର
খবর দেওয়া ପଠାଇବା—2. To send a reply to a
**बेवरा भेजना** [ବେଉରା ପଠା(ଠୋ)ଇବା—ଅନ୍ୟରୂପ] letter.

ବେଉ(ହୁ)ରି—ଦେ. ବି—ଦୁଧର ଛୋଟ ମାଠିଆ—A small pitcher
Beu(hu)ri ছোট ভাঁড় **बेउरी** for milk.

ବେଉଷଣ—ଦେ. ବି ( ସ. ବିକର୍ଷଣ )—ବେଉଡ଼ା ( ଦେଖ )
Beushana Beurdā ( See )

ବେଉଷିବା—ଦେ. କ୍ରି ( ସ. ବିକର୍ଷଣ )—୧ । ବେଉଷଣ କରିବା—
Beushibā 1. To puddle a paddy field. ୨ । ବ୍ୟବ-
কাড়ান করা ସାୟରେ ନିଯୁକ୍ତ ହେବା—2. To be engaged
**बिहियाना** in a trade or business. ଗ୍ରାଦେ.(ବାଲେଶ୍ୱର)
କ୍ରି—ବୁଝାସୁଝି କରିଦେବା; ଆଶ୍ୱାସନା କରିବା—To
comfort; to soothe. (ଯଥା—ପିଲା କାନ୍ଦୁଛି, ତାକୁ
ଟିକିଏ ବେଉଷି ଦେ । )

ବେଉସା—ଦେ. ବି ( ସ. ବ୍ୟବସାୟ )—୧ । ବ୍ୟବସାୟ; ବେପାର—
Beusā 1. Trade. ୨ । ଜୀବିକା—2. Occupation;
বেবসা calling; business. ୩ । ତେଲିମାନେ ତେଲ
**बेउसा** ପେଡ଼ିବା ପାଇଁ ଯେଉଁ ତୈଳବୀଜ ଆଣନ୍ତି—3. Oil seeds
brought by oilmen for manufacturing
oil. ୪ । ଫସଲ; ଫସଲ; ଶସ୍ୟ—4. Crop. (ଉ—
ଦ୍ରୋଣ ବାଡ଼ି ଲାଗିଗଲେ ତ ସାତଂବ, ମୋର ସବୁ

ବେଉଡ଼ସା ରହି ପାରବ ନ—କୃଷ୍ଣସିଂହ, ମହାଭାରତ, ଦ୍ରୋଣ ।) ୫ । ବେଉଡ଼ା ( ଦେଖ )—5. Beurda ( See )

ବେ ଏକରାର(ଲ୍)—ବୈଦେ. ବି ( କଚରଥ ) ( ଫା. ବେ+ଇକ୍‌ରାର Be-ekarār(l) =ସ୍ୱୀକାର; ସର୍ତ୍ତ )—୧ । ଅସ୍ୱୀକାର— ବেএকরার 1. Refusal; denial. ୨ । ସର୍ତ୍ତହୀନତା— बेइकरार 2. Want of conditions. ୩ । ଅଭିଯୁକ୍ତ ବ୍ୟକ୍ତିର ଅପରାଧର ଅସ୍ୱୀକାର—3. Denial of guilt by the accused.

ବେ-ଏକରାରି—ବୈଦେ. ବଣ (କଚରଥ) (ଫା)—ଅସ୍ୱୀକାର କରୁଥିବା— Be-ekarāri বেএকরারি बेइकरारी Denying.

ବେଏକୁ(ଖୁ)—ବୈଦେ. ବଣ ( ଫା. ବେଓକୁଫ୍ )—ବେକୁପ୍ (ଦେଖ) Be-eku(khu) বেকুব बेवकूफ Bekup ( See ) ( ବେଏକୁବ୍—ଅନ୍ୟରୂପ ) ( ବେଏକୁବ—ଦ )

ବେ ଓ(ବ, ୱ)କ(ଖ)ତ୍—ବୈଦେ. ବି (ଫା. ବେ+ୱକ୍ତ୍=ସମୟ)— Be-o(ba, wa)ka(kha)t ୧ । ଅସମୟ; ମନ୍ଦ ସମୟ—1. Bad অসময় बेवक्त times. ୨ । ଅନୁପଯୁକ୍ତ ସମୟ—2. Impro- ( ବେଓ[ବ, ୱ]କ୍ତ—ଅନ୍ୟରୂପ ) per time; unsuitable time. ୩ । ନିର୍ଦ୍ଧାରିତ ସୀମା ଗଡ଼ୁଥିବା ସମୟ— 3. Time beyond the fixed time-limit. ୪ । ଅଶୁଭ ସମୟ—4. Unpropitious time.

ବେ ଓଜନ—ବୈଦେ. ବଣ (ଫା. ବେ+ୱଜନ୍=ପରିମାଣ; ତଉଲ)— Be-ojana ୧ । ବେ ହିସାବ; ବେଅନ୍ଦାଜ—1. Immoderate. বেওজন बेवजन ୨ । ଯାହା ଓଜନ କରାଯାଇ ନ ଥାଏ— ବେଓଜନ } ଅନ୍ୟରୂପ 2. Not weighed; unbalan- ବେଓଜନିଆ ced. ୩ । କ୍ଷମତା ବହିର୍ଭୂତ— 3. Exceeding one's power. ୪ । ସୀମା ବହିର୍ଭୂତ—4. Exceeding the proper limit. ୫ । ବିଶେଷ ଭାରି—5. Vsry heavy. ୬ । ଅତ୍ୟଧିକ—6. Excessive. ୭ । ଯାହାର ଅପେକ୍ଷିକ ପରିମାଣର ଜ୍ଞାନ ନାହିଁ— 7. Having no sense of proportion.

ବେ ଓଜର(ରି)—ବୈଦେ. (କଚରଥ) (ଫା. ବେ+ଉଜ୍‌ର୍=ଆପତ୍ତି)— Be-ojara(ri) ୧ । ଅପତ୍ତିବର୍ଜ୍ଜିତ—1. Inexcusable; বেওজর without objection or excuse. ୨ । ଯାହା बेउज्र ସମ୍ବନ୍ଧେ ଆପତ୍ତି କରି ନ ଯାଏ—2. Not objected to, ବୈଦେ. କ୍ରି. ବଣ—ବିନା ଆପତ୍ତିରେ— Without objection.

ବେଓର—ଦେ. ବି—ବେଉର ୧, ୨, ୩, ( ଦେଖ )—Beurā 1, 2 Beorā 3, ( See ). ଦେ. ବଣ—ବେଉର ( ଦେଖ )— Beurā ( See )

ବେଁ—ଦେ. ବି (ସଂ. ବ୍ୟାମ;ବ୍ୟାମନ)—୧ । ଦୁଇ ବାହୁକୁ ଦୁଇ ଦିଗରେ Beñ ଦାଗରେ ଛାତି ସଙ୍ଗେ ଏକ ରେଖାରେ ଦୁଇ ପାର୍ଶ୍ୱକୁ বেঁঅ, বেঁ; বাঁও ବିସ୍ତୃତ କଲେ ବିସ୍ତାରିତ ଡାହାଣ ହାତର ମଝି बयाम, बाँउ ଅଙ୍ଗୁଠିର ଅଗ୍ରଭାଗରୁ ବାମ ହାତର ମଝି ଅଙ୍ଗୁଠିର

ବେଁଅଁ } ଅନ୍ୟରୂପ ଅଗ୍ରଭାଗ ପର୍ଯ୍ୟନ୍ତ ଦୂରତ୍ୱ ( ପ୍ରାୟ ୪ ହାତ= ବେଁବଁ ୬ ଫୁଟ ); ଏକ ଫାଦମ୍—1. Fathom. [ ଦ୍ର—ଇଂରାଜୀ ଭାଷାରେ 'Fathom' ଶବ୍ଦର ଠିକ୍ ଏହି ଅର୍ଥ । ] ୨ । ଦେଶି ବୁଣିବାରେ ବ୍ୟବହୃତ କାଠର ବା ବାଉଁଶର ଦଣ୍ଡ—2. A wooden rod or bar used as the support in weaving reed-mats. [ ଦ୍ର—ଏହା ଲମ୍ବରେ ଏକ ବେଁ ଥିବାରୁ ଏହି ନାମ । ]

ବେଁ(ବ୍ୟାଁ)କ୍—ଶବିଦେ, ବି ( ଇଂ. ବାଙ୍କ୍ )—ଖଜଣାଖାନା; ଅନ୍ୟ Beñ(byāñ)k ଲୋକଙ୍କର ବା ଉପାର୍ଜ୍ଜନକାରୀମାନଙ୍କର ଟଙ୍କା বেঙ্ক बैंक ଯେଉଁଠାରେ ଗଚ୍ଛିତ ରଖାଯାଏ—A money bank. ( ବେଙ୍କ୍—ଅନ୍ୟରୂପ ) [ଦ୍ର—ଏ ଦେଶରେ ପାଶ୍ଚାତ୍ୟଶାସନ ଅନୁକରଣରେ ବେଙ୍କ୍ ( Bank ) ମାନ ପ୍ରତିଷ୍ଠିତ ହେବାରୁ ଏହି ସମ୍ପର୍କରେ ଅନେକଗୁଡ଼ିଏ ବୈଦେଶିକ ଓ ଇଂରାଜୀ ଶବ୍ଦ ଓଡ଼ିଆରେ ପଶିଲାଣି । ଯଥା—କୋ-ଅପେରେଟିଭ୍ ବେଙ୍କ୍, ବେଙ୍କ୍ ବାବୁ, ବେଙ୍କ୍ ସାହେବ, ବେଙ୍କ୍ କମ୍ପାନୀ, କରେଣ୍ଟ୍ ଆକାଉଣ୍ଟ୍, ଫିକ୍ସ୍‌ଡ୍ ଡିପୋଜିଟ୍, ମନେ ଷ୍ଟୋରଅସ୍ । ] ପ୍ରାଦେ. ( ସମ୍ବଲପୁର ) ବି—ବେକ—Neck.

ବେଁ(ବ୍ୟାଁ)କ୍ ଛୁଟି—ବୈଦେ. ବି ( ଇଂ. ବାଙ୍କ୍+ଫା. ଛୁଟ୍ଟୀ )— Beñ(byāñ)k chhuti ଯେଉଁ ଦିନମାନଙ୍କରେ ସରକାରଙ୍କ বেঙ্কছুটি ପ୍ରସ୍ତୁତ ବିଜ୍ଞାପନ ଅନୁସାରେ ବେଙ୍କମାନଙ୍କରେ କାଆରାଆ बैंकछुट्टी କାରବାର ବନ୍ଦ ରହେ—Bank holiday.

ବେଁକୁ(କୋ)ଳି—ଦେ. ବି ( ସଂ. ବୃହତୀ; ବୃହତୀ; କୁଳୀ )—୧ । ଲଟା Beñku(ko)ḷi ବେଁକୋଳି—1. A thorny creeper; ব্যাকুড়; বাইকুর Solanium Indicum; Solanium Tovi- बरहंटा rum ( Haines ). [ ଦ୍ର—ଏହା ଏକ (ବେଁକୁ[କୋ]ଳି—ଅନ୍ୟରୂପ) ପ୍ରକାର କଣ୍ଟକୀ ଲତା । ଏହାର ସଂ. ବଙ୍ଗନ, ବାଇଗଣ, ଫଳ ଛୋଟ ବାଇଗଣ ପରି; ପତ୍ର ବାଇଗମ, ବୃହତୀ, ବୃହତୀ ପିଠିଚିରରେ କଣ୍ଟା ଥାଏ; ଫୁଲ ବାଇଗଣ ଫୁଲ ପରି, କିନ୍ତୁ ମଟିଆ ଓ ପତଳା । ଏହାର ଚେର, ପତ୍ର ଓ ଫଳ କାଶରୋଗର ଔଷଧରେ ବ୍ୟବହୃତ ହୁଏ । ଏହା ଦଶମୂଳର ଗୋଟିଏ ଉପାଦାନ । ବୃହତୀକଳେ ନୋ୍ ଦେଖ] ୨ । ପୁରୁଷ ଲୋକଙ୍କୁ ଦିଆଯିବା ନାମ—2. A name given to males. [ ଦ୍ର—କଟକ ଜିଲ୍ଲାର କୋଦଣ୍ଡା ପ୍ରଗଣାରେ ଅରଳେ ଗ୍ରାମ ନିକଟରେ ଗୋଟିଏ ଦଣ୍ଡା ଅଛି । ସେ ଦଣ୍ଡାର ନାମ ବେଁକୋଳ ସାନ୍ଧୁ ଦଣ୍ଡା । ସ୍ଥାନୀୟ ଲୋକେ ବିଶ୍ୱାସ କରନ୍ତି ଯେ ବେଁକୋଳ ସାନ୍ଧୁ ଦଣ୍ଡାରୁ ମୁଠାଏ ମାଟି ଆଣି ତାକୁ ହାତରେ ଧରି ଶପଥ କରି ଯେ ମିଛ କହିବ ତାର ବଂଶଲୋପ ହୋଇଯିବ । କଥିତ ଅଛି ସେ ବେଁକୋଳ ସାନ୍ଧୁ ନାମକ ଜଣେ ବ୍ୟକ୍ତି ଏ ଦଣ୍ଡା ଥିଲା । ସେ ନିଃସନ୍ତାନ ହୋଇ ମଲା ବେଳେ କହି ଯାଇଥିଲା ଯେ, ମୁଁ ପ୍ରଭୁଙ୍କୁ ଡାକୁଛି ମୋ ବଂଶରେ କେହି ନ ରହୁ ଓ ମୋ ଦଣ୍ଡାରୁ ମାଟି ମୁଠାଏ ଧରି ଯେ ମିଛ କହିବ ତା ବଂଶରେ କେହି ରହିବ ନାହିଁ । ]

**ବେଁଣ୍ଠା**—ପ୍ରାଦେ. ( ଗଞ୍ଜାମ ) ବି—ଏକପ୍ରକାର ଔଷଧ ଗଛ—
**Beṅṭā** A medicinal plant. [ ଦ୍ର—ଏହି ଗଛର ପତ୍ରର
( ବେଏଁ[ଢେଁ]ଣ୍ଠା—ଅନ୍ୟରୂପ ) ରସ ଓ ମୂଳର କ୍ୱାଥ ବାତବେଗ
ପ୍ରଶମନାର୍ଥ ବ୍ୟବହୃତ ହୁଏ—ଦ୍ରବ୍ୟଗୁଣ. କଳ୍ପଦ୍ରୁମ ।

**ବେଣିର(ଗ୍ର)**—ଦେ. ବି – ୧ । ମନୁଷ୍ୟର ମେରୁଦଣ୍ଡ ତଳେ ଯାଇଥିବା
**Beṅsira(rā)** ଶିରା—1. Spinal chord. ୨ । ବେକ-
[ବେଏଁଶିର(ଗ୍ର)—ଅନ୍ୟରୂପ] ମୁଣ୍ଡାରେ ଶରୀରର ସମସ୍ତ ଶିରା
ବোমশিরা ଏକତ୍ର ହୋଇଥିବା ସ୍ଥାନ—2. The nape of the
**ବାଢ଼ି** neck where the veins of the body meet.
[ଦ୍ର—କଥାରେ କହନ୍ତି ସବୁ ଶିରଯାକ ବେକରେ
ଲେଖା ।]

**ବେଁଶିର(ଗ୍ର) ହାଡ଼**—ଦେ. ବି—ମେରୁଦଣ୍ଡ—Backbone.
**Beṅsira(rā) hāṛḍa** বোমশিরার হাড় **रीढ़**
[ବେଏଁଶିର(ଗ୍ର) ହାଡ଼—ଅନ୍ୟରୂପ]

**ବେକ**—ଦେ. ବି—(ସଂ ବକ; ଏହାଦ୍ୱାରା ମସ୍ତକକୁ ବଙ୍କ କରି ଯାଇପାରେ
**Beka** ବୋଲି)—୧ । ମସ୍ତକ ଓ କାନ୍ଧ ମଧ୍ୟସ୍ଥ ଶରୀରାଂଶ; ଗ୍ରୀବା;
ঘাড় କଣ୍ଠଦେଶ—1. Neck. [ଦ୍ର—ବହିବା ଓଢ଼ଣିର ସ୍ତନ-
**कण्ठ गर्दन** ଗଳ ବେକ । କୃଷ୍ଣସିଂହ. ମହାଭାରତ. ସଭା ।]
୨ । ବେକର ପଛ ଭାଗ—2. The back part of
the neck. [ଦ୍ର—ବେକର ଅଗ ପାଖକୁ ତଣ୍ଟି ବା
ଚୋଟି ଓ ପଛ ଭାଗକୁ ବେକ ବୋଲାଯାଏ । ଅଗ ପଛ
ସମୁଦାୟ ଅଂଶକୁ ମଧ୍ୟ କେହି କେହି ବେକ କହନ୍ତି ଓ
କଣ୍ଠନାଳୀକୁ ଗଳା ବୋଲି ଯାଏ । ବେକର ସାମନା ପାଖ
ଅଂଶକୁ ମଧ୍ୟ ଗଳା ଓ କଣ୍ଠ ବୋଲାଯାଏ ।]

**ବେକ ଖାଇବା**—ଦେ. କ୍ରି—ବେକ ପର୍ଯ୍ୟନ୍ତ ଉଚ୍ଚ ହେବା—
**Beka khāibā** To approach one's neck in tallness.
ঘাড়পর্যন্ত উঁচু হওয়া **गरदन तक होना**

**ବେକଟ**—ସଂ ବି—୧ । ଭେକଟା ମାଛ—1. Coius Vacti (fish).
**Bekaṭa** ୨ । ବିଦୂଷକ—2. Jester; a fool. ୩ । ତରୁଣ;
ଯୁବା—3. A youthful person. ୪ । ମଣି-
ବିକ୍ରେତା—4. A dealer in gems. ୫ । ନିନ୍ଦକ—5.
A censorious person; slanderer; scand-
al-monger.

**ବେକ(କେ)ଟା**—ଦେ. ବି—(ସଂ ବେକଟ)—ଭେକଟା ମାଛ—
**Beka(ke)ṭā** ভেটকী Coius Vacti (fish).

**ବେକଟା(ରା)ଳ**—ଦେ. ବଣ—(ସଂ ବିକରାଳ)—ବିକରାଳ (ଦେଖ)
**Bekaṭā(rā)ḷa** (ବେକଟାଳିଆ—ଅନ୍ୟରୂପ) Bikarāḷa
(See)

**ବେକଡ଼ା**—ପ୍ରାଦେ. (ମେଦନୀପୁର) ବି—ଚଡ଼କ ପୂଜା ଦିନ ସକାଣ୍ଡ ଦନ
**Bekarḍā** ସେହି ଉପଲକ୍ଷରେ ଦେବତା ଯାହା ଠାରେ
ଅବତର ଥାନ୍ତି; ଢାଳଣୀ—A person who is
possessed with Sprit of the Deity on the
Chardaka Pūjā day.

**ବେକଣ୍ଟ**—ଦେ. ବଣ—(ଫା. ବେ+ଓଡ଼ିଆ. କଣ୍ଟ)—୧ । ଅମାପ—
**Bekanṭa** 1. Unmeasured. ୨ । ଅମେଳ—2. Not
বেমাপ tallying. ୩ । ଅସଦୃଶ—3. Dissmilar. ୪ ।
ଯାହା ନିର୍ଦ୍ଦିଷ୍ଟ ବା ଅଭିପ୍ରେତ ବସ୍ତୁ ସଙ୍ଗେ ଖାପ ଖାଏ
ନାହିଁ—4. Not fitting.

**ବେକଟ**—ଗ୍ରା. ବଣ—(ସଂ ପ୍ରାଚୀନ ପଦ୍ୟ) (ସଂ ବ୍ୟକ୍ତ)—ବ୍ୟକ୍ତ(ଦେଖ)
**Bekata** Byakta (See) [ଦ୍ର—ବେକଟ ମୁଖବରନେକି ।
ତୋଠାରେ ହୋଇଲା ପ୍ରୀତି ମୋହର । ଭଞ୍ଜ. ପ୍ରେମ
ସୁଧାନିଧି ।]

**ବେକ ତଳିଆ**—ଦେ. ବଣ—ବେକ ତଳକୁ ଯାହା ଥାଏ—Occu-
**Beka-taḷiā** pying a position below one's neck.
[ଦ୍ର—ଅନାଇଲା ବେଳେ ହବେକ ଦଳକୁ କ ବେକତଳିଆ
ଲଡ଼ସା ଖୋସା । କବିସୂର୍ଯ୍ୟ ସଙ୍ଗୀତ ।]

**ବେକ(କେ)ତି**—ଗ୍ରା.ବି—(ସଂ ବ୍ୟକ୍ତି)—ବ୍ୟକ୍ତି; ଲୋକ—
**Beka(ke)ti** Person.

**ବେ-କବୁଲ୍‌**—ବୈଦେ. ବଣ (କଚରଥ) (ଫା. ବେ+କବୂଲ୍‌=ସ୍ୱୀକାର)
**Be kabul** ୧ । ଅସ୍ୱୀକୃତ—1. Denied. ୨ । ଅସ୍ୱୀକାରକାରୀ
বেকবুল 2 Denying. ୨ଦେ. ବି—ଅସ୍ୱୀକାର—Denal;
**बेकबूल** disagreement.

**ବେକ ମୁଣ୍ଡା**—ଦେ. ବି—ବେକର ପୃଷ୍ଠଭାଗ—
**Beka muṇḍā** The nape of the neck.
গর্দন **गर्दन** [ବେକସଣ୍ଡା(ଣ୍ଡୀ)—ଅନ୍ୟରୂପ]

**ବେ-କରାମତ (ତି)**—ବୈଦେ. ବଣ—(ଫା. ବେ+କରାମତ୍‌=କ୍ଷମତା)—
**Be-karāmat(ti)** ଅକ୍ଷମ; କ୍ଷମତାହୀନ—Powerless;
অক্ষম **बेकरामत** impotent. ବି—ଅକ୍ଷମତା—Power-
lessness; impotence.

**ବେ-କରାର(ରି)**—ବୈଦେ.ବଣ—(କଚରଥ)(ଫା.ବେ+କରାର=ଚୁକ୍ତି)
**Bekarār(ri** ୧ । ଚୁକ୍ତିହୀନ—1. Without agreement.
বেকরার **बेकरार** ୨ । ଚୁକ୍ତିଦ୍ୱାରା ସ୍ଥିରୀକୃତ ହୋଇ ନ ଥିବା—
2. Not settled by means of mutual agreement.

**ବେକରେ କଠା ପକା (କେ) ଇବା**—ଦେ. କ୍ରି—୧ । ବେକ ଚିପି ମାରି
**Bekare kathā pakā(ke)ibā** ଦେବା—1. To kill a
গলা টিপা person by pressing his neck with the
(ବେକରେ କାଠ ପକାଇବା—ବିଶେଷ୍ୟରୂପ) two hands as with
a vice. ୨ । (ଲକ୍ଷଣାର୍ଥ କୌଣସି ବ୍ୟକ୍ତିକୁ ଖୁବ୍ ବାଧ୍ୟ
ବା ଜବରଦସ୍ତି କରି ତାହାଦ୍ୱାରା କୌଣସି କାର୍ଯ୍ୟ କରାଇ
[ବେକରେ କଠା ବସା(ସେ)ଇବା—ଅନ୍ୟରୂପ] ନେବା—
2. To force or coerce a person to do a work.

**ବେକରେ ବନ୍ଧା**—ଦେ.ବଣ—ଅନ୍ୟକ ଉପରେ ନିର୍ଭର କରୁଥିବା (ବ୍ୟକ୍ତି);
**Bekare bandhā** ଅଶ୍ରିତ—Depending upon another
গলায় বাঁধা **गर्दनके नीचे बंधा हुआ** for one's main-
tenance.

**ବେକଲ୍‌ନ**—ପ୍ରାଦେ.—(କଟକ) ବଣ—( ଫା. ବେ+ସଂ କଳନ)—
**Be-kalni** ଅକଳନ୍ତି; ଅଗଣ୍ୟ—Innumerable.

ବେ-କଳନ (ନା, ନି, ନ୍ତା)—ବେ. ବଣ—(ଫା. ବେ+ସଂ କଳନ)
Be-kalana (nā, ni, ntā) ଅକଳନ; ଅଗଣ୍ୟ—
অকলন बेकलन Innumerable.

ବେକସ—ବେ. ବଣ—(ଫା. ବେ+ଫା.କସ୍)—ଢିଲା; ଢୁକୁଳା; ଢିଥ—
Bekas ঢিলা बेकस Loose, slack; not closely fitting.

ବେକସୁ(ସୋ)ର—ବୈବେ. ବଣ—(କଚରଥ)—(ଫା. ବେ+କସୂର= ଦୋଷ,ଅପରାଧ)—୧ । ନିର୍ଦ୍ଦୋଷ—1. Fault-
Bekasu(so)r
বেকসুর बेकसुर less ୨ । ନିରପରାଧ—2. Guiltless; not guilty.

ବେ-କସୁ(ସୋ)ର ଖଲାସ୍ ଦେବା—ବେ. କ୍ରି—(କଚରଥ)—ଅସାମୀକୁ
Be-kasu(so)r-khalās debā ସମ୍ପୂର୍ଣ୍ଣ ନିରପରାଧ ବୋଲି ସ୍ଥିର
বেকসুর খালাস দেওয়া କରି ତାକୁ ଅବ୍ୟାହତି ଦେବା—To
बेकसुर खलास होना acquit an accused by pronouncing him innocent,

ବେ-କସୁ(ସୋ)ର୍ ଖଲାସ୍ ପାଇବା (ହେବା)—ବେ.କ୍ରି.—(କଚରଥ)-
Be-kasu(so)r khalās pāibā(hebā) ବିଚାର ଅଦାଲତରେ
বেকসুর খালাস হওয়া ଅଭିଯୁକ୍ତ ବ୍ୟକ୍ତି ନିର୍ଦ୍ଦୋଷ ବୋଲି ପ୍ରମାଣିତ
बेकसुर खलास होना ହୋଇ ଅବ୍ୟାହତି ପାଇବା—To be honourably acquitted of a charge.

ବେକା(ଙ୍କା)—ବେ. ବ—ଏକ ହାତର ମୁଠାମଧ୍ୟରେ ଧରାଯିବା ଘାସର
Bekā(ṅkā) ବା ନଡ଼ାର ପରିମାଣ—Handful (of straw
আঁটি or grass); as much as can be held tightly
गफी by one hand. ଗ୍ରାବେ (ବାଲେଶ୍ୱର) ବ—ଘିଅ
ରଖାଯିବା ଉପଯୋଗୀ ଏକପ୍ରକାର ପାତ୍ର (ହାଣ୍ଡି ଓ ଘଡ଼)
—Pot in which ghee is kept [ଯ—ଠେକା
କହେ ବେକାରେ । ତୁ କୋଉଁ ମଣଷରେ ଲେଖାରେ ? ଉଗ । ]

ବେ କାଇ(ଏ, ୟ)ଦା—ବୈବେ. ବଣ (ଫା. ବେ+କାୟଦା=ନିୟମ)
Be-kāi(de, ya)dā —୧ । ବିଶୃଙ୍ଖଳ; ଅନିୟମିତ—1.
বেকাএদা Irregular. ୨ । ଅନାୟତ୍ତ; ଅଶାସିତ—
बेकायदा 2. Uncontrolled; unruly; undisciplined.
୩ । ବେଇଜତ (ଦେଖ)—3. Beijata (See).
୪ । ବେଆଇନ୍—4. Illegal. ବୈବେ. ବ (ଫା)—
୧ । ଶାସନର ଅଭାବ—1. Want of discipline.
୨ । ବିଶୃଙ୍ଖଳା—2. Irregularity.

ବେ କାଇଲ୍(ଲି, ଲା)—ବୈବେ. ବଣ ( ଫା )—ଯେଉଁ ବ୍ୟକ୍ତି ଆପଣାର
Be-kāil(li, lā) ଦୋଷ ସ୍ୱୀକାର କରେ ନାହିଁ—Not
बेकाइल admitting one's faults.

ବେ କାଏ ୟ)ମ୍—ବୈବେ. ବଣ (କଚରଥ) (ଫା ବେ+କାୟମ୍)—
Be kāe(ya)m ୧ । ନିଷ୍ଫଳ—1. Fruitless; null and
বেকাএম void. ୨ । ଯାହା କାର୍ଯ୍ୟରେ ପରିଣତ ହୋଇ ନ
बेकायम ଥାଏ—2. Not crrried out.

ବେ କାନୁନ୍(ନି)—ବୈବେ. ବଣ (କଚରଥ) (ଫା. ବେକାନୁନ୍)—
Be kānun(ni) ବେଆଇନ୍ (ଦେଖ)—Beāin (See).
বেকানুন बेकानुन

ବେ କାବୁ—ବୈବେ. ବଣ ( ଫା. ବେ+କାବୁ=ଅଧିକାର, କ୍ଷମତା)—
Be kābu ୧ । ଅବଶ; ଅନାୟତ୍ତ—1. Beyond control;
বেকাবু not under one's control ୨ । ଅକ୍ଷମ—
बेकाबू 2. Powerless; impotent. ୩ । ଉପାୟାନ୍ତର-
ବିହୀନ—3. Having no alternative; resourceless

ବେ କାମିକା—ବୈବେ. ବଣ ( ଫା. ବେକାମକ୍ )—୧ । କର୍ମର
Be kāmikā ଅଯୋଗ୍ୟ; ଅକାମିକା—1. Unfit for work;
অকেজো worthless. ୨ । ନିଷ୍କର୍ମା—2. Unemployed.
बेकाम (ବେକାମୀ—ଅନ୍ୟରୂପ) ୩ । ଅଳସୁଆ—3. Idle.

ବେ କାର—ବୈବେ. ବଣ (ଫା. ବେ+କାର=କର୍ମ )—୧ । ନିଷ୍କର୍ମା;
Be kār କର୍ମରହିତ; ନିଷ୍କର୍ମା—1. Unemployed; without
বেকার work. ୨ । ଅକର୍ମଣ୍ୟ; ଅଳସୁଆ—2 Idle. ୩ ।
बेकार ଜୀବିକା ବିହୀନ—3. Having no means of livelihood

ବେକାରବାର(ରି)—ବୈବେ. ବଣ ( ଫା. ବେକାରବାର୍ )—୧ । ଯେଉଁ
Bekārabāra(ri) ସମୟରେ ବ୍ୟବସାୟ ଚଳୁ ନ ଥାଏ—1.
বেকারবার Dull (time); when there is no business.
बेकारबार ୨ । ବ୍ୟବସାୟ ରହିତ ବ୍ୟକ୍ତି—2- Destitute of
any employment or business. ବ—
ବ୍ୟବସାୟ ରହିତ ଅବସ୍ଥା—Want of employment or business.

ବେକି—ବେ. ବ—୧ । ଛୋଟ ମାଟି ଘଡ଼—1. A small earthen
Beki pitcher. [ଯ—ଠେକ ସଙ୍ଗରେ ବେକି ଲେ । ତବେ
ছোটভাংড় କୋଉ ମଣିଷରେ ଲେଖି ଲେ ? ଉଗ । ] ୨ ।
सुराही ଦେବାଳୟର ଅଂଶ ବିଶେଷ—2. A part (neck) of
ঘাড় the temple. [ ଦୃ—ଏହା ଅର୍ଦ୍ଧଭାଗ ଉଲ ସବୁ ଅଂଶ
गर्दन ଅଛି; ଏହା ଦେଉଳର ବେକପର । ଦେଉଳ ତଳରେ
ବଥପାଇଥିବା ତଳ ଦେଖ । ]

ବେ କୁ(ଖୁ)ପ(ଫ, ବ)—ବୈବେ. ବଣ (ଫା. ବେ+ଵୁକୁଫ୍=ବୋଧ )
Be ku(khu)p(ph, b) —ନିର୍ବୋଧ—Foolish; stupid;
বেকুব silly. [ ଭ—ସିଂଥ କହିଲେ—ବେକୁବ୍ ! କମ୍ବକ୍ତ !
बेवकूफ ନାଲାଏକ୍ । × × × ଫକୀରମୋହନ. ଛଅମାଣ ଆଠଗୁଣ । ]
[ବେଏକୁ(ଖୁ)ବ, ବେଏକୁ(ଖୁ)ଫ(ବ), ବେକୁକୁଫ୍(ଫ୍, ବ୍)—ଅନ୍ୟରୂପ]

ବେକୁପି(ଫି, ବି)—ବୈବେ. ବ ( ଫା. ବେକୁଫୀ )—ନିର୍ବୋଧତା—
Bekupi(phi, bi) Foolishness; stupidity.
বেকুবী ବୈବେ. ବଣ ( ଫା )—ନିର୍ବୋଧର ଉପଯୁକ୍ତ—
बेवकूफी Befitting a fool.
[ବେଏ(ଉ)କୁପି(ଫି, ବି)—ଅନ୍ୟରୂପ]

ବେକୁଳ—ବେ. ବ ( ସଂ. ବି+କୁଳ )—୧ । ନୀଚକୁଳ—1. Low
Bekula family. ୨ । ଅନ୍ୟଜାତି—2. Another
कुलनष्ट बेकुल caste.

ବେକୁଳା—ଦେ· ବଣ. ପୁଂ ( ସ. କୁଳ )—୧ । ନୀଚକୁଳୋଦ୍ଭବ,
Bekulā ଅକୁଳୀ—1. Born of a low family.
(ବେକୁଳୀ—ସ୍ତ୍ରୀ) ୨ । ଜାତିଭ୍ରଷ୍ଟ—2. Outcasted. ୩ ।
କୁଲହୀନ ଯାହାର କୁଳର ବା ବଂଶର ବିଷୟ କାହାକୁ ଜଣା ନାହିଁ—
बेकुला 3. Of unknown origin.

ବେକେ ପାଣି—ଦେ. ବଣ—ମନୁଷ୍ୟ ବେକ ପର୍ଯ୍ୟନ୍ତ ବୁଡ଼ିବା ଗଭୀରତା-
Beke pāni ଯୁକ୍ତ ଜଳ—Neck-deep (water).
একগলা জল गर्दनभर पानी

ବେ ଖଞ୍ଜ—ବୈଦେ. ବ (ଫା)—ଅସୁବିଧା; ଅଶଙ୍କ—Inconvenience.
Be khañja ବଣ—ଅସୁବିଧାଜନକ—Inconvenient
অসুবিধা, বেখড় असुविधा

ବେ ଖଟୁ(ଟ୍ଟୁ)—ଦେ. ବ—୧ । ପରିଶ୍ରମକାତର; ଶ୍ରମବିମୁଖ—
Be khaṭu(ṭṭu) 1. Loathing work. ୨ । ଜଡ଼ୁ;
অকেজো बेखट्टू ଅଳସୁଆ—2. Idle; lazy. ୩ ।
ଅକର୍ମଣ୍ୟ—3. Worthless.

ବେଖର୍ଡ଼—ଦେ. ବ—ବିଖର୍ଡ଼ (ଦେଖ)—
Bekharda বেখড় Bikharda (see)

ବେଖର୍ଡ଼ିଆ—ଦେ. ବଣ—ବିଖର୍ଡ଼ିଆ (ଦେଖ)—
Bekhardiā Bikhardiā (see).

ବେ ଖବର୍‌ଦାର୍—ବୈଦେ. ବଣ. (ଫା)—ଅସାବଧାନ; ଗରଜ୍ଜୁସିଅରୁ-
Be khabar-dār Careless; incautious.
অসাবধান बेखबरदार (ବେଖବରଦାରୀ—ବ)

ବେ ଖରଚ(ଚା)—ବୈଦେ. ବଣ—(ଫା. ବେ.ଖର୍ଚ୍ଚ)—୧ । ଯାହାପାଇ
Be-kharacha(chā) ମୂଲ୍ୟ ଦେବାକୁ ପଡ଼େ ନାହିଁ ବା ଖରଚ
বেখরচা କରିବାକୁ ପଡ଼େ ନାହିଁ—1. Procured without
बेखरच any cost or expense; got gratis. ୨ । ବ୍ୟୟ-
[ବେଖର୍ଚ୍ଚ(ର୍ଚ୍ଚା)—ଅନ୍ୟରୂପ] ରହିତ—2. Inexpensive.

ବେ ଖରଚି—ଦେ. ବ—ଯେ ବହୁତ ବଦଖର୍ଚ୍ଚ କରେ; ସାହା ଖରଚ—
Be kharachi Extravagant.
ବେଖର୍ଚ୍ଚି, ବେଖର୍ଚ୍ଚିଆ } ଅନ୍ୟରୂପ বদখরচী
ବେଖରଚିଆ } बदखर्ची

ବେ ଖରଚ(ଚା)ରେ କାମ ଉଠା(ଠେ)ଇବା—ଦେ. କି. ବନା ବ୍ୟୟରେ
Be-kharachāre kāma uthā(the)ibā କୌଣସି କାର୍ଯ୍ୟ
বেখরচায় কাজ তোলা କରାଇ ନେବା—To have a thing
बेखरच काम उठाना done gratis.

ବେ ଖାଉ(ମି)ନ୍ଦ—ବୈଦେ. ବଣ (ଫା. ବେଖାମିନ୍ଦ)—୧ । ପ୍ରଭୁଶୂନ୍ୟ—
Be khāu(mi)nda 1. Lordless; masterless; owner-
বেমালিক less. ୨ । ରକ୍ଷକହୀନ—2. Having no protec-
बेखामिन्द, बेमालिक ( ବେଖାମିନ୍ଦ—ଅନ୍ୟରୂପ ) tor.

ବେ ଖାତ(ତି)ର—ବୈଦେ. ବ ( ଫା. ବେଖାତିର )—୧ ।
Be khāta(ti)r ଅସମ୍ମାନ—1. Disrespect. ୨ । ଦେ-
বেখাতীর(রী) ଖାତିର—2. Disregard. ୩ । ବେପରୁଆ
बेखातीर ଅବସ୍ଥା—3. Carelessness.

ବେ ଖାତ ତି ରି—ବୈଦେ· ବଣ (ଫା)—୧ । ବେପରୁଆ—1. Care-
Be khāta(ti)ri less. ୨ । ଅପମାନକାରକ—2. Insul-
বেখাতীর ting; disrespectful. ୨ । ଅପମାନସୂଚକ
बेखातीरी ( ବାକ୍ୟ ବା କାର୍ଯ୍ୟ )—3. [ speech or act ]
[ ବେ ଖାତ(ତି)ରିଆ—ଅନ୍ୟରୂପ ] Indicating insult or disregard; disgraceful.

ବେ ଖାନ୍ଦାନ(ନି)—ବୈଦେ. ବଣ (ଫା)—ଅସମ୍ଭ୍ରାନ୍ତ; ଯେ ସମ୍ଭ୍ରାନ୍ତବଂଶୀୟ
Be khandān(ni) ନୁହେ—Not belonging to a
বেখান্দান बेखान्दान respectable family.

ବେ ଖାପ୍—ବୈଦେ. ବଣ (ଫା)—୧ । ଯାହା ଅନ୍ୟ ବସ୍ତୁ ସଙ୍ଗେ
Be khāp ଠିକ୍‌ଭାବେ ଖାପ ଖାଏ ନାହିଁ—1. Unfitting; not
বেখাপ बेखाप tallying with another thing;
incongruous. ୨ । ଅସମାନ—2. Unequal.

ବେ ଖୁସ(ସି)—ବୈଦେ. ବଣ ( ଫା. ବେଖୁସ୍ )—ଦୁଃଖିତ; ବିରକ୍ତ—
Be khus(si) Displeased. ବୈଦେ. ବ (ଫା)—ବିରକ୍ତି—
বেখুস बेखुश Displeasure.

ବେ ଖୋରାକ—ବୈଦେ. ବଣ ( ଫା. ବେଖୁରାକ୍ )—ଖାଦ୍ୟହୀନ—
Bekhorāka Destitute of food.
বেখোরাক बेखुराक

ବେ(ବ୍ୟା)ଗ୍—ବୈଦେ. ବ (ଇଂ.ବାଗ୍)-ଜନାର ଥଳି—Bag. ବୈଦେ.
Be(byā)g ବ. ( ଫା. ବେଗ୍)—ପ୍ରଥମେ ମୁସଲମାନ ଶାସକମାନଙ୍କୁ
বেগ্ ପ୍ରଦତ୍ତ ଓ ପରେ ବଂଶଗତ ଉପାଧିବିଶେଷରୂପେ ପ୍ରବର୍ତ୍ତିତ
बेग; थली ଉପାଧି—A title originally given to
বেগ बेग Mahomedan governors and now turned into a family title.

ବେଗ—ସ. ବ (ବିଜ ଧାତୁ—ଗମନ କରିବା+ଭାବ. ଅ)—୧ । ଗତି—
Bega 1. Motion; movement. ୨ । ଶୀଘ୍ରତା—
2. Swiftness; haste. ୩ । ଗତିର ପରିମାଣ—
3. Velocity; speed. ୪ । ମୂତ୍ର ବିଷ୍ଠାଦିର ନିର୍ଗମ
ପ୍ରବୃତ୍ତି—4. Tendency to pass urine or
faeces. ୫ । ପ୍ରବାହ—5. Stream; current.
୬ । ଆନନ୍ଦ; ଆହ୍ଲାଦ—6. Joy; pleasure. ୭ ।
ଦୃଢ଼ ପ୍ରତିଜ୍ଞା—7. Resolve. ୮ । ଦକ୍ଷୀ; ବ୍ୟଗ୍ର
ଉଦ୍ୟମ—8. Eagerness; energy. ୯ । ପ୍ରଣୟ-
9. Intimacy; love. ୧୦ । ରେତଃ; ଶୁକ୍ର—
10. Semen virile. ୧୧ । ଆମ୍ରବିଶେଷ—11.
A kind of mango. ୧୨ । ଭାରତର ପ୍ରାଚୀନ ରାଜା—
12. Name of an ancient king of India.
୧୩ । ମନର ଗତି—13. Impulse; tendency.
তেজী ଦେ· ବଣ.—ଦ୍ରୁତଗାମୀ; ବେଗବାନ୍—Swift. [ଉ—
वेगवाला, वेगी ମନକୁ ବେଗ ବଳବନ୍ତ, ଅଶ୍ୱ ଅପେକ୍ଷା ଜଗନ୍ନାଥ ।
শিগ্‌গীর ଜଗନ୍ନାଥ. ଭାଗବତ ।] ଦେ. କି. ବଣ—ବେଗେ;
बेग ଶୀଘ୍ର—Swiftly. [ଉ—ମୁଖେନ୍ଦୁ ନେଇ ଭୁଜଙ୍ଗ ରଙ୍ଗ,
ଜଳ ରଞ୍ଜନକୁ ପ୍ରକାଶେ ବେଗ ।
ଭକ୍ତ. କୋଟୀବ୍ରହ୍ମାଣ୍ଡ ସୁନ୍ଦରୀ ।]

ବେଗ କରି—ଦେ. କ୍ରି. ବଣ—ଶୀଘ୍ର—Swiftly. (ଉ—ତୋ
Bega kari ବାଧକଲାଗୀ ମୁହିଁ ସିନା, ଯେଣୁ ନ ଅଇଲ
शिग्गीर वेगसे ବେଗ କରି । ରାଧାନାଥ ଚନ୍ଦ୍ରାବତୀଗୀତି ।)
[ବେଗ କରା(ରି), ବେଗ ଦ(ଧ)ରି—ଅନ୍ୟରୂପ]

ବେଗଗାମୀ—ସ. ବଣ ପୁଂ (ବେଗ+ଗମ୍ ଧାତୁ+କର୍ତ୍ତୃ ଇନ୍)—
Begagāmi ଦ୍ରୁତଗାମୀ; ଦ୍ରୁତଗତିବିଶିଷ୍ଟ—Swift.
(ବେଗଗାମିନୀ—ସ୍ତ୍ରୀ)

ବେଗ ଚିର(ରା)—ଦେ. ବଣ ପୁଂ—ଯେଉଁ ଛାତ୍ର କୌଣସି ଅଧୀତ ବିଷୟ
Beg chira(rā) ଶୀଘ୍ର ମନେ ରଖେ ଓ ବିଳମ୍ବରେ ପାସୋରେ—
वेगचिर, तेजुमल (a student) Who remembers or gets by heart a thing quickly and forgets it slowly. [ ଦ୍ର—ଅଧ୍ୟାୟୀମାନଙ୍କୁ ଏହି ଦୃଷ୍ଟିରେ ଚାରିଭାଗରେ ବିଭକ୍ତ କରଯାଏ—ବେଗଚିର, ଚିରଚିର, ବେଗବେଗ ଓ ଚିରବେଗ ।]

ବେଗଡ଼(ଡ଼ା)—ଦେ. ବଣ. (ଫା ବଗଡ଼, ସ. ବିକୃତ)—୧ । ବିକୃତ;
Begarda(rdā) ବିଗିଡ଼ା—1. Deranged. ୨ । ନଷ୍ଟ—
बिगड़ा वेगड 2. Spoiled. ୩ । ଦୁଷ୍ଟ—3. Wicked.
(ବେଗଡ଼ିଆ—ଅନ୍ୟରୂପ)

ବେଗଣିଆ ପିଚ୍ଛାର୍ଡି—ଦେ. ବ (ଜାହାଜିଆ ଶବ୍ଦ)—ଉତ୍ତର ପଶ୍ଚିମ
Beganiā pichhārdi ଦିଗ୍ କୋଣ—The north-wes. point of the mariner's compass.

ବେଗତିକ—ଦେ. ବଣ. (ଫା ବେ+ସ. ଗତିକ=ଅବସ୍ଥା)—୧ ।
Begatika ନିରୁପାୟ; ବେସୁର—1. Resourceless. ୨ ।
বেগতিক बेचारा ସଙ୍କଟାପନ୍ନ; ଦୁରବସ୍ଥ—2. Beset with danger. ୩ । ନିରାଶ୍ରୟ—3. Helpless ଦେ. ବ—୧ । ଅସମୟ—1. Bad time. ୨ । ସଙ୍କଟ—2. Critical condition; danger; difficulty. ୩ । ନିରାଶ୍ରୟ ଅବସ୍ଥା—3. Helpless condition.

ବେଗ ଧାରଣ—ସ. ବ—(୬ଷ୍ଠୀ ତତ୍; ବେଗ+ଧାରଣ)—(ମଳ, ମୂତ୍ର
Bega dhārana ଓ କାମ କ୍ରୋଧାଦିର) ବେଗକୁ ଅପ୍ରବୃତ୍ତ କରିବା
ବେଗରୋଧ—ଅନ୍ୟରୂପ ବା ସମ୍ଭାଳିବା—Restraining the impulse (of passing urine etc).

ବେଗ ପା(ପେ)ସେଞ୍ଜର୍—ଦେ. ବ. (ଅଧୁନିକ ପ୍ରୟୋଗ)—(ସ. ବେଗ
Bega pā(pe)senjar +ଇଂ. ପାସେଞ୍ଜର) ସାଧାରଣଠାରୁ ବେଶି
फाष्टपासेञ्जर वेगपैसेञ्जर ବେଗଶାଳୀ ପାସେଞ୍ଜର (ଯାତ୍ରୀବାହୀ) ରେଲଗାଡ଼ି—Fast passenger (train).

ବେ ଗଫଲତି—ବୈଦେ. ବ. (ଫା)—ହେଲାଶୂନ୍ୟତା—Want of
Be gaph-lati বেগাফলতী वेगफलती negligence.

ବେ ଗ(ଗା)ଫୁ(ଫି)ଲ୍(ଲି)—ବୈଦେ. ବ. (ଫା. ବେଗାଫିଲ୍)=୧ ।
Be ga(ga)phu(phi)l(li) ଅନ୍ୟାୟ କାର୍ଯ୍ୟ—1. Wrong.
বেগাফিল ୨ । ଦୋଷ—2 Fault. ୩ । ଅସାବଧାନତା—
वेगाफिल 3 Carelessness. ୪ । ହେଳା—4 Negligence. ୫ । ବେବୁଝା—5 Silliness; folly.

ବୈଦେ. ବଣ (ଫା) — ୧ । ଅସାବଧାନ—1. Careless. ୨ । ନିର୍ବୋଧ—2. Foolish. ୩ । ଯେ କାର୍ଯ୍ୟରେ ହେଳା କରେ—3. Negligent.

ବେଗବନ୍ତ—ଦେ. ବଣ- (ସ. ବେଗବତ୍)—ବେଗବାନ୍—
Begabanta বেগবান্ तेजी Swift

ବେଗବାନ୍—ସ. ବଣ. ପୁଂ—(ବେଗ+ଅସ୍ତ୍ୟର୍ଥରେ ବତ୍; ୧ମା. ୧ବ)
Begabān ଭୃଷଯୁକ୍ତ; ଦ୍ରୁତଗତିବିଶିଷ୍ଟ—
(ବେଗଶାଳୀ—ଅନ୍ୟରୂପ) Swift.
(ବେଗବତୀ, ବେଗଶାଳିନୀ—ସ୍ତ୍ରୀ)

ବେଗ ବେଗ—ଦେ. ବଣ, ପୁଂ.—ଯେଉଁ ଛାତ୍ର କୌଣସି ବିଷୟକୁ
Bega bega ଶୀଘ୍ର ପଢ଼ିପାରେ ଓ ଶୀଘ୍ର ପାସୋରି ପକାଏ—
(a student ) Who remembers or gets by heart a matter soon and frogets it soon.
शिगीर शिगीर ଦେ. କ୍ରି ବଣ—୧ । ମୁହୁର୍ମୁହୁଃ; ପୁନଃପୁନଃ—
जल्दी जल्दी 1. Repeatedly; every moment
[ଉ—ନାସାଗାଳଗଳିତପୁଷ୍ପରୁ ଅଶ୍ରୁଜଳ ପ୍ରସରୁଛି ବେଗ ବେଗ । କବିସୂର୍ଯ୍ୟ—କଶୋରଚନ୍ଦ୍ର ଗୀତ । ] ୨ । ଚଞ୍ଚଳ—2. Quickly. [ଉ-ବଇଦେହୀ ରାମ ରାମା ବନ୍ଧୁ ଗଡ଼ରେ, ବେଗ ବେଗ ଯାଇଁ ଯୋଡ଼ାଇ ସଙ୍ଗେ । ଉପେନ୍ଦ୍ର ବୈଦେହୀଶ ବିଳାସ ।]

ବେ ଗଭା(ଭେ)ଇ—ବୈଦେ. ବଣ ( ଫା.ବେ+ଗବାହ୍=ସାକ୍ଷୀ )—
Be gabhā(bhe)i ୧ । ସାକ୍ଷିଶୂନ୍ୟ (ବ୍ୟକ୍ତି)—1. (a person)
বেগাভাই Having no witness to depose on his behalf. ୨ । ଯେଉଁ ଘଟଣାର କେହି ସାକ୍ଷୀ ନ ଥାଏ—2. (an occurence Not witnessed by any one.

ବେଗମ୍—ବୈଦେ. ବ. (ତୁର୍କି; ଏହାର ପୁଂଲିଙ୍ଗ ବେଗ୍=ମାନ୍ୟବ୍ୟକ୍ତି,
Begam ରାଜା)—୧ । ଧନବାନ୍ ମୋଗଲଙ୍କ ପତ୍ନୀ—1. The
বেগম wife of a rich Moghul. ୨ । ମୁସଲମାନ ସମ୍ଭ୍ରାନ୍ତ ମହିଳା—2. A Mahomedan lady. ୩ । ରାଣୀ—3. Queen. ୪ । ରାଜମହିଷୀ; ସମ୍ରାଜ୍ଞୀ—4 Empress.

ବେ ଗମାର୍—ଦେ. ବଣ—ଅଗମ୍ଭୀର—
Be gamār ছাবলা Light-hearted.

ବେଗର୍—ବୈଦେ. ଅ ( ଫା ବଗର୍, ବଗୈର୍ )—ଭିନ୍ନ; ବିନା;
Begar ବ୍ୟତିରେକେ—Without; besides; except.
বেগর वेगर ବୈଦେ. ବଣ ଫା—ବାଜେ—Miscellaneous.

ବେଗର୍ ଆସାମି—ବୈଦେ. ବ(ଫା)୧ । ବାଜେ ଲୋକ; ଇତର ଲୋକ—
Begar āsāmi 1. Common people; the mass.
বাজেলোক गोरआसामी ୨ । ବାହାରର ଲୋକ—2. An outsider.

ବେଗର୍ ଭାଡିଆ—ଗ୍ରା (ହିନ୍ଦୁସ୍ଥାନୀ) ବଣ—ଜାତ-ଅଜାତ; ରାଜାଙ୍କ ଅନ୍ତର
Begar bhātiā ଅର୍ଥାତ୍ ରକ୍ଷିତା ସ୍ତ୍ରୀ ଗର୍ଭୋତ୍ପନ୍ନ—Born of a 'Raja's concubine

ବେଗଲ୍—ପ୍ରାଦେ. (ସମ୍ବଲପୁର) ବଣ (ଅ. ବଗର୍)—ଅନ୍ୟ; ଦୋସର୍—
Begal Another; any other.

ବେଗଲ—ବୈଦେ. ବଣ ( ଫା. ବଗର )—ଭିନ୍ନ; ପୃଥକ—
Begala ପୃথক বিগর Separate.

ବେଗସର—ସ. ବ ( ବେଗ+ସୃ ଧାତୁ+କର୍ତ୍ତୃ. ଅ )—୧ । ବେଗଗାମୀ
Begasara ଅଶ୍ୱ—1. A swift steed. ୨ । ଅଶ୍ୱତର; ଖଚର—2. Mule.

ବେଗାଡ଼ି—ପ୍ରାଦେ. ବ ( ସମ୍ବଲପୁର; ଭୁଲ ହି. ବେଗାରୀ )—ବେଗାରି
Begārdi ( ଦେଖ )—Begāri ( See )

ବେଗାଡ଼ୁ—ଦେ. ବଣ—ବଗାଡ଼ୁ ( ଦେଖ )
Begārdu Bigārdu ( See )

ବେଗା(ଗି) ବେଗି—ଦେ କ୍ରି. ବଣ—ବେଗି (ଦେଖ)—Begi (See)
Begā(gi) begi [ ଉ—ଶ୍ୟାମ ଆସିଛନ୍ତି ବୋଲି ଶୁଣି ସେ, (ବେଗିଅ ବେଗି—ଅନ୍ୟରୂପ) ବେଗାବେଗି ଅନେକ ଲୋକବାକ,
শিগীর ସୁନ୍ଦର ଖାଇବା ଛନ୍ଦସ ଧରି ଅସି ପହଁଚ ଗଲେ ।
वेगसे ମାଳକଣ୍ଠ ଦାସ. ପିଣ୍ଡବ୍ରହ୍ମାଣ୍ଡ । ]

ବେଗାର୍(ରି)—ବୈଦେ. ବ ( ଫା. ବେଗାର୍ )—୧ । ବେଠି; ବଳ-
Begār(ri) ପ୍ରୟୋଗରେ ବାଧ୍ୟତାମୂଳକ ପରିଶ୍ରମ—
বেগার(রী) 1. Impressment of persons into com-
वेगार(रि) pulsory service without remuneration; forced labour. ୨ । ବେଠିଆ—2. Persons impressed into service without pay. ୩ । ରାଜାଙ୍କ ଗହଣରେ ବା ବରଯାତ୍ରୀଙ୍କ ସଙ୍ଗେ ଆସିଥିବା ଅନୁଚରଦଳ (ଯଥା—ବେହେରା, ଖୁରୁଆ, ବାଜାଦାର)—3. Menials accompanying a royal or marriage prrcession.

ବେଗାର(ରି) ଖ(ଖା)ଟିବା—ଦେ. କ୍ରି—ବେଠି ଖଟିବା; ବେଠିରେ କାମ
Begār(ri) kha(khā)ṭibā କରିବା—To work on
বেগার খাটা (ঠেলা) बेगारी खटना impressed service.
[ବେଗାର(ରି) ଭୁଲ(ଲେ)ଇବା—ଅନ୍ୟରୂପ]

ବେଗାର୍ ଦଣ୍ଡ—ଦେ. ବ ( କଟକଅ; ଅଧୁନିକ )—ଇଉରୋପୀୟ
Begār daṇḍa ଅପରାଧୀଙ୍କ ପ୍ରତି ବହିତ ସଶ୍ରମ କାରାଦଣ୍ଡ—
Penal servitude (for European convicts).

ବେଗାର୍(ରି) ଧରିବା—ଦେ. କ୍ରି-ଲୋକଙ୍କୁ ଜବରଦସ୍ତି ବେଠି କରିବାକୁ
Begār(ri) dharibā ଧରିବା—To impress persons
বেগার ধরা into service i.e. to work gratis.
वेगार धरना

ବେଗି—ଦେ. କ୍ରି. ବଣ ( ସ. ବେଗ )—ଚଞ୍ଚଳ; ଶୀଘ୍ର; ସତ୍ୱର;
Begi ଜଲ୍‌ଦି; ବେଗଟି—Soon; quickly; swiftly.
শিগীর [ ଉ—ମାଗିବ ଯାହା ତାହା ଦେବ ମୁହିଁ ବେଗି ।
वेग କୃଷ୍ଣସିଂହ. ମହାଭାରତ ବନ । ]

ବେଗିତ—ସ. ବଣ. (ବେଗ+ଇତ)—୧ । ବେଗବାନ୍—1. Swift.
Begita ୨ । ଗୁଳିତ—2. Moved. ୩ । ତ୍ୱରାନ୍ୱିତ—
(ବେଗୀ—ଅନ୍ୟରୂପ) 3. In haste; hasty. ସ. ବ—ଶ୍ୟେନପକ୍ଷୀ—Falcon; hawk.

ବେଗିଣୀ—ଦେ ବ.—ପ୍ରାଚୀନ ଅର୍ଣ୍ଣବପୋତବିଶେଷ—A kind of
Begiṇi ancient ship. (ଜଗବନ୍ଧୁ ପ୍ରାଚୀନ ଉତ୍କଳ) ।

ବେ ଗୁଆଁରି—ବୈଦେ. ବଣ. (ଫା. ବେଗଓଁାର୍)—୧ । ବୁଦ୍ଧିମାନ୍—
Be guāṅr 1. Intelligent. ୨ । ଚତୁର—2 Clever.
বুদ্ধিমান बेगँवार

ବେଗୁଆର—ଦେ. ବଣ—ବେଗବାନ୍—Swift. [ ଉ—ବେଗୁଆର
Beguāra ଘୋଡ଼ା ଯୋଗ୍ୟ ରଥରେ ବସି, ଯୁଧିଷ୍ଠିର ନୃପତି
বেগবান; वेगवन्त ପଳାଇଲେ ଖସି । କୃଷ୍ଣସିଂହ—ମହାଭାରତ-ଦ୍ରୋଣ ।]

ବେଗୁଣିଆ—ଦେ. ବଣ—ବଇଗୁଣିଆ ( ଦେଖ )—Biguniā (See).
Beguniā

ବେଗୁନିଆ—ଦେ. ବ.—ନିର୍ଗୁଣ୍ଡୀ; ବନ୍ୟ ଗୁଳ୍ମବିଶେଷ—A wild
Beguniā plant; Vitex Negundo (Haines);
নিসিন্দা; सिवारि;सम्मालु, Vitex Trifolia; five-leaved
पानिकिसम्मालु, chaste tree.
ତେ. ବାବଲି, ନଲ୍ଲ ବାବଲି [ଦ୍ର—ଏ ଗୁଳ୍ମ ଉଚ୍ଚରେ ୭।୮ ହାତ ବଢ଼େ; ପତ୍ର ୫।୬ ଅଙ୍ଗୁଳ ଲମ୍ୱ । ଶୁଖିଲା ପତ୍ର ମୁଗ ଇତ୍ୟାଦିରେ ମିଶାଇ ଓଳିଆ ବାନ୍ଧିଲେ ମୁଗରେ ପୋକ ଧରନ୍ତି ନାହିଁ । ଏହା ପୁଷ୍ପବର୍ଣ୍ଣ ଭେଦରେ ଦୁଇ ପ୍ରକାର, ଶୁକ୍ଳ ବେଗୁନିଆକୁ ସିନ୍ଧୁବାର; କଳା ବେଗୁନିଆକୁ ନିର୍ଗୁଣ୍ଡୀ ଓ ନୀଳପୁଷ୍ପ କହନ୍ତି । ଦ୍ରବ୍ୟଗୁଣ—କଳ୍ପଦ୍ରୁମ ।]

ବେଗୁଲ୍ (ଲି)—ବୈଦେ. ବ. (ଇଂ. ବ୍ୟୁଗ୍‌ଲ୍)—ବିଗୁଲ୍; ତୁରୀ; ରଣତୁରୀ—
Begul(li) বিগুল; बिगुल War bugle.

ବେଗେ—ଦେ କ୍ରି. ବଣ—( ସ. ବେଗତଃ )—ବେଗି (ଦେଖ)—
Bege जल्दी; वेग से Begi ( See). [ଉ—ଯୁବକ ମନ ଅଙ୍କ (ବେଗେଣ—ଅନ୍ୟରୂପ) ଅତନୁମ ସୁଖୀ ଘଜଘନ ଭୁଜ ଦାମ୍ଭି ବେଗେ ସାଜ ସାଜ ହେ । ଭଞ୍ଜ—ପ୍ରେମ ସୁଧାନିଧି; ଜଳ ବେଗେଣ ବଳେ କରନ୍ତୁ ଅସି । ପ୍ରାଚୀ—ନଳଚରିତ ।]

ବେ ଘରୁଆ—ଦେ. ବଣ .(ଫା ବେ+ଓ. ଘରୁଆ)—ବେ ଖାନ୍ଦାନ୍ (ଦେଖ)
Be gharuā বেখান্দান; बेखानदानी Bekhāndān (See).

ବେଙ୍କ—ବୈଦେ. ବ ( ଇଂ. ବାଙ୍କ୍ )—ବୈଙ୍କ୍ ( ଦେଖ )—Bāṅk
Beṅk ব্যাঙ্ক; बैंक (See).

ବେଙ୍କର—ବୈଦେ. ବ. ( ଇଂ. ବାଙ୍କର୍ )—ବାଙ୍କର୍ ( ଦେଖ )—
Beṅkar (Bāṅkar (See)

ବେଙ୍ଗ—ଦେ. ବ (ସ. ବ୍ୟଙ୍ଗ)—୧ । ଉଭୟଚର ପ୍ରାଣିବିଶେଷ; ଭେକ;
Beṅga ব্যাঙ,বেঙ্; बेंग,मेढक ମଣ୍ଡୂକ—1. Frog; Ranidae;
ମ—ବେଡୁକ [ଉ-ସାପ ନେ ! ବେଙ୍ଗ ନେ ! ମୋ ସେବଁକାଳ ବଢେଇ (ବେଙ୍ଗଲ; ବେଙ୍ଗେ, ବେଙ୍ଗେଇ—ଅନ୍ୟରୂପ) ଦେ । ଶିଶୁଗୀତ ।]
(ବେଙ୍ଗୁଲୀ—ସ୍ତ୍ରୀ) [ଦ୍ର-ନାନା ଜାତିର ଓ ଆକାରର ବେଙ୍ଗ ଦେଖାଯାଆନ୍ତି; ଯଥା—ବାଣ୍ଡୁଣୀ ବେଙ୍ଗ, କଣ୍ଟକସ୍ତୂପା ବେଙ୍ଗ, କୁଲ ବେଙ୍ଗ ଉଆଁ ବେଙ୍ଗ, କାଠ ବେଙ୍ଗ ଓ ସୁନା ବେଙ୍ଗ ।] ୨ । ପୁରୁଷ ଓ ସ୍ତ୍ରୀମାନଙ୍କୁ ଦିଆଯିବା ନାମ—2. A name given to males and females. ୩ । (ସ. ବ୍ୟଙ୍ଗ) ବ୍ୟଙ୍ଗୋକ୍ତି—2. Irony; satire.

**ବେଙ୍ଗ ଚମ**—ଦେ. ବ (ସଂ. ବ୍ୟଙ୍ଗ ଚର୍ମ)—୧ । ବେଙ୍ଗ ଦେହର Benga chama ଚମଡ଼ା—1. Skin of a frog. ୨ । ବେଙ୍ଗ ବেঙের চামড়া ଚମ ଭଳି ଖାଉରିଆ ଦେହର ଚମଡ଼ା—2. Rough बेंगका चमडा skin on the body of a person (ବେଙ୍ଗଚମଡ଼ା—ଅନ୍ୟରୂପ) [compared to that of a frog].

**ବେଙ୍ଗ ଚ୍ଙ୍ଗ(ଙ୍ଗୁ)ଡ଼ିଆ**—ଦେ. ବଣ—୧ । ଇତସ୍ତତଃ ବିକ୍ଷିପ୍ତ— Benga changa(ngu)rdia 1. Scattered about. ছড়াছাড়ি (ଯଥା—ଏ ଘରେ ପଦାର୍ଥଗୁଡ଼ାକ ବେଙ୍ଗଚ୍ଙ୍ଗୁଡ଼ିଆ পায়রাখুপীর মতন ହୋଇ ପଡ଼ିଛି । ) ୨ । ଅତି ଛୋଟ— রোগাপটকা 2. Very small. (ଯଥା—ତାଙ୍କ ଘରର ଚୋଠରି ଯାକ ସବୁ ବେଙ୍ଗଚ୍ଙ୍ଗୁଡ଼ିଆ ହୋଇଛି । ) ୩ । ରୁଗ୍ଣ ଓ କ୍ଷୀଣ (ଶିଶୁ)—3. Sickly and thin (child).

**ବେଙ୍ଗ ପହଣା**—ପ୍ରାଦେ (ସାଙ୍କେତିକ)—ବେଙ୍ଗଫୁଲ; ଲଙ୍ଗୁଡ଼ଲଗା— Benga pahana ଛୁଆ ବେଙ୍ଗ—Tadpole.

**ବେଙ୍ଗ ପାଟିଆ**—ଦେ. ବଣ. ପୁଂ—ବେଙ୍ଗପରି କର୍କଶସ୍ୱରବିଶିଷ୍ଟ— Benga patia Having a croaking or hoarse voice ভাঙ্গাগলা like that of a frog. *ଦେ. ବ–(ବଣିଆ ପଦ)— [ବେଙ୍ଗ ପାଟେ(ଟୋ)ଇ—ସ୍ତ୍ରୀ] ୧ । ବେଙ୍ଗର ପାଟିପରି ଆକାର ବିଶିଷ୍ଟ ମୁହଁକାଟିରେ, ଘାଗୁଡ଼ିରେ ଓ ଅଣ୍ଟାସୂତାରେ ଲାଗିଥିବା ଝୁଣ୍ଟିଲଗା ଘୁଙ୍ଗୁର—1. Tinkling ball shaped like a frog's mouth attached to ornaments. ୨ । ବେଙ୍ଗର ପାଟିପରି ଆକୃତିବିଶିଷ୍ଟ ରୁପାପଟି ଓ ତାରରେ ନିର୍ମିତ ଗୋଲବସ୍ତୁ ବିଶିଷ୍ଟ ଅଣ୍ଟାରେ ପିନ୍ଧିବା ଅଳଙ୍କାର—2. A kind of waist-chain having balls shaped like the heads of frogs.

**ବେଙ୍ଗ ଫୁଲ**—ଦେ. ବ—୧ । ଯେଉଁ ଫେଣରୁ ବେଙ୍ଗଛୁଆ ଜାତ ହୁଅନ୍ତି— Benga phula 1. Frothlike substance from which frogs are hatched. ୨ । ଫେଣରୁ ବାହାରି ପାଣିରେ ଖେଳୁଥିବା କେବଳ ମୁଣ୍ଡ ଓ ଲାଙ୍ଗୁଡ଼ଯୁକ୍ତ ବେଙ୍ଗ ଛୁଆ—2. Tadpole.

**ବେଙ୍ଗ ବଥ**—ପ୍ରାଦେ, (ବସ୍ତର) ବ—ବେଙ୍ଗି ବଥ (ଦେଖ) Benga bath Bengi batha (See).

**ବେଙ୍ଗ ବାଇଦ**—ଦେ. ବ—(ସଂ. ବ୍ୟଙ୍ଗ+ବାଦ୍ୟ)—ପିଲାମାନଙ୍କର ଏକ Benga baida ପ୍ରକାର ଖେଳନା ବା ଅନାବ ବାଦ୍ୟ—A kind বেঙ্গ बेङ्गबाजा of small drum for children.

**ବେଙ୍ଗଲ**—ବୈଦେ. ବ—(ଇଂ. ବେଙ୍ଗଲ)—ବଙ୍ଗଦେଶ— Bengal বাঙ্গলা बेङ्गाल The country of Bengal

**ବେଙ୍ଗଲ୍ ନାଗପୁର ରେଲ୍ଓଏ**—ବୈଦେ. ବ (ଇଂ)—କଲିକତାଠାରୁ Bengal-nagapura relaoye ବଙ୍ଗୋପସାଗର କୂଳକୂଳରେ বেঙ্গলনাগপুর রেলওয়ে ଓଡ଼ିଶା, ଗଞ୍ଜାମ, ମାନ୍ଦ୍ରାଜ ପ୍ରଦେଶର बङ्गालनागपुर रेलवे କୃଷ୍ଣଦୀପ ଦେଇ ୱାଲ୍‌ଟେୟାର ପର୍ଯ୍ୟନ୍ତ ଓ ଛୋଟନାଗପୁର ଉପରଦେଇ ମଧ୍ୟପ୍ରଦେଶ ନାଗପୁର ପର୍ଯ୍ୟନ୍ତ ବିସ୍ତୃତ ରେଲପଥ—Bengal Nagpur Railway.

**ବେଙ୍ଗଲା**—ଦେ. ବ (ସଂ. ଦମନ)—୧ । ଗୋରୁଙ୍କ ଖୁରରେ ଧାନ Bengala ବିଡ଼ାମାନ ମକଚିଇ କୁଟାରୁ ଧାନକୁ ପୃଥକ୍ କରିବା ধানমাড়ী କ୍ରମରେ ମଝିରେ ଗୋଟିଏ ଖୁଣ୍ଟ ପୋତି ତାହାର दौनी, दाँय, दवाँरी ଚାରିଆଡ଼େ ବୃତ୍ତାକାରରେ ଧାନବିଡ଼ାମାନ ବିଛାଇ ( ବେଙ୍ଗେଲା—ଅନ୍ୟରୂପ ) ସେ ମେଇରେ ଦାଉଣୀ ବା ପଘା ବାନ୍ଧି ସେଥିରେ ଏକାଧିକ ବଳଦ ଯୋଚି ବଳଦମାନଙ୍କୁ ବୁଲାଇବା ପ୍ରକ୍ରିୟା—1. The process of having paddy sheaves trodden by bullocks tethered to a central post to thresh out paddy from straw. (ଉ—ନାମ ମାତ୍ର ପାହୁବାକୁ ଅଛି ଭଗବଶ, ଦେଖ ଅସିଲଣି ଏ ଧ୍ରୁବ ମେରୁ ବୁଲି, ମେରୁ ନବେ ସପ୍ତର୍ଷିର ସୁବର୍ଣ୍ଣ ବେଙ୍ଗଲା—ରାଧାନାଥ. ମହାଯାତ୍ରା ।) ୨ । ବେଙ୍ଗୁଲା (ଦେଖ)—2. Bengula (See).

**ବେଙ୍ଗ(ଙ୍ଗୁ)ଲା(ଲେ)ଇବା**—ଦେ କ୍ରି—ବେଙ୍ଗଲା ପକାଇବା କ୍ରମରେ Benga(ngu)la(le)iba ମେଇର ଚାରିପାଖେ ଧାନ ବିଡ଼ାମାନ আঁটি বিছান ବିଛାଇବା—To strew corn sheaves round दाँह छींटना the central post to have them trodden (ବେଙ୍ଗୁଲିବା—ଅନ୍ୟରୂପ) by oxen.

**ବେଙ୍ଗ ଲଙ୍ଗୁଡ଼**—ପ୍ରାଦେ (ବାଲେଶ୍ୱର) ବ—କୌଣସି ବ୍ୟକ୍ତିର ଏକମାତ୍ର Benga langurda ପୁତ୍ର ସନ୍ତାନ—The only son of a person. (ଯଥା—ଭଗବାନ୍ ଏଇ ବେଙ୍ଗଲଙ୍ଗୁଡ଼ ଖଣ୍ଡିକୁ ବଞ୍ଚାଇ ରଖନ୍ତୁ ।)

**ବେଙ୍ଗଲା ପକା(କେ)ଇବା**—ଦେ. କ୍ରି—ମେଇ ଖୁଣ୍ଟରେ ବଳଦ ଯୋଚି Bengala paka(ke)iba ଧାନବିଡ଼ାମାନ ବଳଦଙ୍କଦ୍ୱାରା ধানমাড়া ମଡ଼ାଇବା ପାଇଁ ବଳଦଙ୍କୁ ବୁଲାଇ କରିବା—To drive दौनी करना bullocks tethered together round the

ବେଙ୍ଗଲା ବୁଲ(ଲେ)ଇବା } ଅନ୍ୟରୂପ central post to
ବେଙ୍ଗଲା ଅଡ଼ା(ଡ଼େ)ଇବା } thresh paddy.

(ଉ—ତାହିଁ ଧାନ, ଅମଳ କରଇ କୃଷୀବଳ, ଖଳାରେ ବେଙ୍ଗଲା ପକାଇ । ମଧୁସୂଦନ. ଛନ୍ଦମାଳା ।)

**ବେଙ୍ଗଲି**—ବୈଦେ. ବ (ଇଂ)—ବଙ୍ଗୀୟ ବ୍ୟକ୍ତି, ବଙ୍ଗାଳୀ—A Bengali Bengalee. Pertaining to Bengal. বাঙ্গালী बङ्गाली ବଣ—ବଙ୍ଗୀୟ—

**ବେଙ୍ଗା**—ଦେ. ବ—୧ । ଶରଦ ଯୋଗୁଁ ଗୋରୁମାନଙ୍କ ଗଳା ଫୁଲିଯିବା Benga ରୋଗ—1. A sickness attacking cattle; গোরুর গলাফোলা রোগ Actinomycosis. ୨ । ଆଶଙ୍କା; बेङ्गा ଭୟ—2. Fear; apprehension. ଦେ. ବଣ—୧ । আধাসিদ্ধ; দরকাঁচা; দরকাচা ପାଣିରେ ସୁସିଦ୍ଧ ନ ହୋଇ କଇଥା असिद्ध ହୋଇଯିବା ( ବାଇଗଣ )—1. Half-boiled বাসীগন্ধ (brinjal). ୨ । ବାସି ହେବାରୁ ଦୁର୍ଗନ୍ଧଯୁକ୍ତ (ଦୁଧ, बेंगा ଦହି, କାଞ୍ଜି)—2 Stale and putrid (milk, curd). ପ୍ରାଦେ. (ଗଞ୍ଜାମ) ବ—ବଇଜା ରୋଗୀର ଦେହରୁ

ଉଠିବା ଗିଣ୍ଠିମାନଙ୍କରେ ବଥା—Spasmodic achings or cramps of the limbs of a cholera patient. ପ୍ରାଦେ (ଗଡ଼ଜାତ) ବି—ଗୋରୁଙ୍କୁ ଧରୁଥିବା ବାତ ରୋଗ—A kind of cattle rheumatism. [ଦ୍ର—ଏଥିରେ ଭଲ୍ଲ ନ ଖାଇ ଗୋରୁ ଶୀର୍ଣ୍ଣ ହୋଇଯାଏ ।]

ବେଙ୍ଗା ପିତଳ—ଦେ. ବି—( ସ. ପିଙ୍ଗଳ + ପିତ୍ତଳ )—ଏକପ୍ରକାର Beṅgā pitaḷa ହଳଦିଆ ପିତ୍ତଳ ବା କଂସା—A kind of বেঁগা পিত্তল **नेपाली पीतल** yellow brass.

ବେଙ୍ଗା ଫେରେଇ ଦେବା—ପ୍ରାଦେ (ବେଲ୍ଲାପଡ଼ା) କ୍ରି—ତ୍ରୋଧ ଅବସ୍ଥାର Beṅgā pherei debā ହୋବସ୍ତ କରଦେବା—To teach a person a lesson by beating.

ବେଙ୍ଗି କଉଡ଼ି—ଦେ. ବି—ବଡ଼ କଉଡ଼ି—A big cowrie or sea-Beṅgi kauṛdi **ढों(फीं)गी कौडि** shell.

ବେଙ୍ଗି ବଥ—ଦେ. ବି—ପିଲ୍ଲମାନଙ୍କ ମୁଣ୍ଡରେ ଓ ବେକରେ ଉଠିବା Beṅgi batha ବଥ—Boils coming out on the সুনর, বড়া head and neck of children [ଦ୍ର—ଯେଉଁ **बेङ्गीघाव** ପିଲ୍ଲମାନଙ୍କ ବେକରେ ଓ ମୁଣ୍ଡରେ ବେଙ୍ଗି ବଥ ହୋଇଥାଏ ସେମାନଙ୍କ ବେକରେ ବେଙ୍ଗି କଉଡ଼ି ବାନ୍ଧିଦେଲେ ବେଙ୍ଗି ବଥ ଭଲ ହୋଇଯିବାର ଦେଖାଯାଏ ।]

ବେଙ୍ଗୁଲା—ଦେ. ବି—୧ । ଫଡ଼ା, କୌଣସି ପଦାର୍ଥ ଫାଟିଯାଇ ତହିଁରୁ Beṅgulā ଚିରିଯିବା ଖଣ୍ଡମାନ—1 Strips into which a thing bursts. (ଯଥା,ଏ ପୁରୁଣା ଲୁଗା ବେଙ୍ଗୁଲା ବେଙ୍ଗୁଲା ହୋଇ ଚିରିଗଲାଣି । ୨ । କୋଲା; ବେତମାଡ଼ର ଲମ୍ବା ଦାଗ—2. Marks left after cane-beating; stripes. (ଯଥା—ବେତମାଡ଼ରେ ତା ପିଠି ବେଙ୍ଗୁଲା ଫାଟି ଯାଇଛି; ତା ପିଠିରେ ବେଙ୍ଗୁଲା ବସିଛି ।)

ବେଙ୍ଗୁଲି—ଦେ. ବି ୧ । (ଶିଶୁ ଭାଷା)—ଶିଶୁମାନଙ୍କର ବେଙ୍ଗଙ୍କୁ Beṅguli ଆଦର ସମ୍ବୋଧନ—The name of frog used বেঙ্গী by children [ଦ୍ର—ବେଙ୍ଗୁଲି ବେଙ୍ଗୁଲି ! ପାଣିଦିଅ, ବେଙ୍ଗ ଲି ନାନୀ } —ଅନ୍ୟରୂପ କଣ୍ଢ ସମୁଦର ଭସେଇ ଦିଅ— ବେଙ୍ଗେଇ ନାନୀ ଶିଶୁଗୀତ] । ୨ । ମାଈ ବେଙ୍ଗ—2. A female frog. ପ୍ରାଦେ. (ବାମଣ୍ଡା) ବି—ଶିଶୁମାନଙ୍କର ଖେଳବିଶେଷ—A kind of out door game of children; frog-trot.

ବେଚ୍‌ବା—ପ୍ରାଦେ (ସମ୍ବଲପୁର) କ୍ରି—(ତୁଳ ହି· ବେଚ୍‌ନା)-ବିକିବା—Be ch-bā To sell.

ବେ ଚଇ(ଏ ୟ)ନ୍(ନି)—ବୈଦେ.ବିଣ-(ଫା ବେ + ଚୈନ୍ = ସ୍ଥିରତା) - Bechai(e,ya)n(ni) ୧ । ଅସ୍ଥିର—1. Restless. ୨ । বেচইন্, বেচাএন্ ଚଳିତ; ଉଦ୍‌ବିଗ୍ନ—2. Uneasy; anxious. **बेचैन(नि)** ବୈଦେ. ବି. (ଫା)—ଅସ୍ଥିରତା—Restlessness.

ବେଚ୍—ପ୍ରାଦେ (ସମ୍ବଲପୁର) ବି—ବିକ୍ରୟ— Bechā Sale.

ବେଚାର(ରି)—ବୈଦେ. ବିଣ. ପୁଂ (ଫା. ବେ + ଚାର୍ = ଉପାୟ)—Bechāra(ri) ୧ । ଅଶକ୍ତ; ଅକ୍ଷମ (ତୁଳନାକର--ସ. ବରାକ) বেচারা **बेचारा** 1. Powerless; impotent ୨ । ନାଗର; (ବେଚାରୀ—ସ୍ତ୍ରୀ) ନିରୁପାୟ—Resourceless; remediless. ୩ । ନିରୀହ-3. Innocent, ୪ । ନିରାଶ୍ରୟ—4. Helpless. ଦେ, ବି (ଅନୁକମ୍ପାର୍ଥକ ପ୍ରୟୋଗ)--ସ. ବରାକ)—ଗରିବ; ନିରୀହ ବ୍ୟକ୍ତି—Poor man.

ବେ ଚାଲ(ଲ୍,ଲି)—ବୈଦେ. ବିଣ. (ଫା ବେ + ଚାଲ୍ = ଚରିତ୍ର)—୧ । Be chāla(lā,li) ଅସଚ୍ଚରିତ୍ର—1. Immoral. ୨ । ମନ୍ଦ বেচাল **बदचाली** ଆଚରଣବିଶିଷ୍ଟ—2. Of bad conduct. ୩ । ମନ୍ଦ ଅଭ୍ୟାସଯୁକ୍ତ—3. Of bad habits. ବୈଦେ ବି (ଫା)—୧ । ଅସଦାଚରଣ—1. Bad **बदचाल** conduct. ୨ । ମନ୍ଦ ରୀତି—2- Bad practice or custom. ୩ । ଦୁର୍ନୀତି; ଅସତ୍ ଚରିତ୍ର—3. Immorality; vile character. ୪ । ମନ୍ଦ ଅଭ୍ୟାସ—4. Bad habit.

ବେଚିବା—ପ୍ରାଦେ (ସମ୍ବଲପୁର) କ୍ରି. (ସ.ବିକ୍ରୟ; ହି. ବେଚ୍‌ନା)--ବିକ୍ରୟ—Bechibā Sale

ବେ ଚେଷ୍ଟ(ଷ୍ଟା,ଷ୍ଠା)—ଦେ. ବିଣ (ସ. ବିଚେଷ୍ଟ)—୧ । ରୋଗ ବା କ୍ଲାନ୍ତି Be cheshṭa(shṭā,shthā) ଯୋଗୁଁ ଅଜ୍ଞାନ; ଅଚେତା; ବେହୋସ୍—1. Unconcious (owing to ବେଚେଷ୍ଟେଷ୍ଟା (ଷ୍ଟା) ବେଚେଷ୍ଟେଷ୍ଟ (ଷ୍ଟ) } —ଅନ୍ୟରୂପ illness or labour). ୨ । ନିଷ୍ପନ୍ଦ—2. অচেত **बेचेत** Motionless. ୩ । ଅଙ୍ଗାଦି ଚଳାଇବାରେ ଅକ୍ଷମ—3. Incapable of moving one's limbs

ବେ ଛପର(ରି)—ବୈଦେ. ବିଣ—(ଫା. ବେଛପ୍ପର)—ଗୃହଶୂନ୍ୟ—Be chhapara(ri) বেছপ্পর **बेछपरी** Homeless.

ବେଛପରି ମଉଜା—ବୈଦେ. ବି—ଯେଉଁ ମଉଜାରେ କୌଣସି ପ୍ରଜାର Bechhapari maujā ଘର ନାହିଁ; ଯେଉଁ ମଉଜାରେ ଅନ୍ୟ বেছপ্পরী মৌজা ଗ୍ରାମବାସୀ ବ୍ୟକ୍ତିମାନେ ଆସି କେବଳ ଚାଷ **बेछपरी मौजा** କରନ୍ତି—A village which has not got any resident cultivator, a village of which the lands are cultivated by residents of other villages.

ବେ ଛାଡ଼—ଦେ. ବିଣ—ଅବିରାମ; ଅବିଶ୍ରାନ୍ତ—Unremitting. Be chhārḍa একজরী (ଯଥା—ବେଛାଡ଼ ଜର ।) **लगातार**

ବେଜ୍(ଜୁ)—ଦେ. ବି ( ସ. ବୈଦ୍ୟ; ଭଣ୍ଡାରିମାନେ ପୂର୍ବେ ବୈଦ୍ୟବୃତ୍ତି Bej(ju) କରୁ ଥିବାରୁ )—ଭଣ୍ଡାରିମାନଙ୍କର ବଂଶୋପାଧିବିଶେଷ—A family title of barbers. ପ୍ରାଦେ ( ଗଞ୍ଜାମ ) ବି ଓ ବିଣ—ବେଜୁଡ଼ ( ଦେଖ )—Bejurd ( See )

ବେଜ୍‌ୱା(ବା)ଡ଼ା—ଦେ.ବି (ସ.ବିଜୟ + ତେ. ବାଡ଼ା)—ମାନ୍ଦ୍ରାଜ ପ୍ରଦେଶ Bej-wā(bā)rdā ଅନ୍ତର୍ଗତ ଗୋଟିଏ ସହର ଓ ଇଷ୍ଟ କୋଷ୍ଟ ରେଲର ଗୋଟିଏ ବଡ଼ ଜଂକ୍‌ସନ୍ ଷ୍ଟେସନ୍—Bezwada, name of a town of Madras presidency and an important junction of the East (ବେଜୁଆଡ଼ା—ଅନ୍ୟରୂପ) Coast Railway

ବେଜ଼ଡ଼ା—ପ୍ରାଦେ ( ବାଲେଶ୍ୱର ) ବଣ—୧ । ଅବାଧ୍ୟ—1. Disobedient. ୨ । ଚରିତ୍ରହୀନ—2. Of bad character. ୩ । ବଜୋଡ଼; ବିଷମ ( ସଙ୍ଖ୍ୟା )—3. Odd ( number ). ୪ । ନିର୍ଲଜ୍ଜ—4. Shameless; immodest.
Bej-rdā

ବେଜଡ଼(ଡ଼)—ପ୍ରାଦେ ( ଖୋର୍ଦ୍ଧା ) ବଣ—୧ । ବେଇଜ୍ଜତ୍—1. Shorn of honour. ୨ । ବେଢ଼ାପ୍—2 Very improper. ୩ । ଅଶ୍ଳୀଳ—3. Indecent. ( ଯଥା—ସେ ମୋତେ ବେଜଡ଼୍ ଗାଳି ଦେଲା ।) ୪ । ଅତ୍ୟଧିକ—4. Excessive.
Bejard(t)

ବେ ଜନମା—ଦେ. ବଣ—୧ । ଜାରଜ—1. Bastard ୨ । ନୀଚ କୁଳଜାତ—2. Low-born.
Be janamā
বেজাত बेजन्मा (ବେଜନ୍ମା—ଅନ୍ୟରୂପ)

ବେ ଜବ(ବ୍)ତ(ତି)—ବୈଦେ ବଣ ( ଫା. ବେଜବ୍ତ୍ )—୧ । ଯାହା ଅଧିକୃତ ବା କୋରକ ଜପ୍ତଶାର ନାହିଁ—1. Unattached (property). ୨ । ଅଶାସିତ—2. Unrestrained; unruly.
Be jaba(bba)t(ti)
বেজবতী
बेजपती

ବେ ଜବା(ମା)ନ(ନି)— ବୈଦେ. ବ (ଫା. ବେ+ଜବାନ୍=ବାକ୍ୟ—୧ । ବଦ୍‌ଜବାନ୍; ଅଶ୍ଳୀଳ ଭାଷାରେ ଗାଳି—1. Filthy abuse. ୨ । ଅଶ୍ଳୀଳ ଭାଷା—2. Obscene language. ବୈଦେ. ବଣ—୧ । ଅଶ୍ଳୀଳଭାଷୀ—1. Obscene; using filthy language. ୨ । ଯେ ଅଙ୍ଗୀକାର ପ୍ରତିଜ୍ଞା ରକ୍ଷା ନ କରେ—2. False to one's promise.
Be jabā(mā)n(ni)
বেজবানী
बेजबानी
বেজবান
बेजबान

ବେ ଜବାବ୍(ବି)—ବୈଦେ. ବଣ ( ଫା. ବେ+ଜବାବ୍=ଉତ୍ତର )—୧ । ନିରୁତ୍ତର; ଅବାକ୍—1. Having no reply to make; nonplussed. ୨ । ଯେ ନିଜର ସତ୍ୟ ପାଳନ ନ କରେ—2. Not true to one's word or promise.
Be jabāb(bi)
বেজবাব
बेजबाब
(ବେଜବାବ୍ଦା—ଦେଶଜ ରୂପ)

ବେ ଜାଏ(ୟ)—ବେଦେ. ବ ( ଫା. ବେ+ଜା=ସ୍ଥାନ )—୧ । ଅସଙ୍ଗତ; ଅନ୍ୟାୟ; ଅନୁଚିତ—1. Unjust; wrongful; improper. ୨ । ମନ୍ଦ—2. Bad.
Be jāe(y)
বেজায়
बेजाय; बेजा

ବେଜାଏ ଆଚରଣ—ଦେ. ବ—ମନ୍ଦ ଆଚରଣ; ଖରାପ ବ୍ୟବହାର—Misconduct.
Bejāe ācharaṇa অন্যায় অচরণ
बेजा आचरण

ବେଜାଏ(ୟ) ଖର୍ଚ୍ଚ—ବୈଦେ.ବ (ଫା. ବେଜା+ଖର୍ଚ୍ଚ)—ଅଯଥା ଖର୍ଚ୍ଚ; ଦରକାରଠାରୁ ଅଧିକ ପରିମାଣରେ ବ୍ୟୟ—Needless expenses.
Pejāe(y)kharchcha
বেজায় খরচ बेजाखर्च
[ବେଜାଏ ଯ୍(ୟ) ଖରଚ—ଅନ୍ୟରୂପ]

ବେଜାଏ ଜବରଦସ୍ତି—ବୈଦେ. ବ ( ଫା. ବେଜା+ଜବରଦସ୍ତୀ )—୧ । ଅନ୍ୟାୟ ବଳପ୍ରୟୋଗ—1. Use of criminal force. ୨ । ବଳପୂର୍ବକ ଅଧିକାର୍—2. Forcible possession.
Bejāe jabaradasti
বেজায় জবরদস্তি
बेजा जबरदस्ती

ବେ ଜାତି—ଦେ. ବଣ ( ସ. ବିଜାତୀୟ )—୧ । ବିଜାତୀୟ—1. Of different caste or nationality. ୨ । ଅଜାତିଆ; ଜାତିଚ୍ୟୁତ—2. Outcasted. ୩ । ନୀଚ ଜାତୀୟ—3. Of low caste.
Be jāti
বেজাত
बेजात

ବେ ଜାବତା—ବୈଦେ. ବଣ ( ଫା )—୧ । ଅଶାସିତ—1. Undisciplined; unruly. ୨ । ବେଇଜ୍ଜତ୍; ସମ୍ଭ୍ରମ ହୀନ—2. Devoid of prestige. ୩ । ଅନିୟମିତ—3. Iregular. ୪ । ବେଆଇନୀ—5. Illegal.
Be jābatā
বেজাবতা
बेजाब्ता

ବେଜାର—ବୈଦେ. ବଣ ( ଫା )—୧ । ବିରକ୍ତ ହୋଇ ଗାଳି ଦେଉଥିବା; ଭର୍ତ୍ସନାକାରୀ—1. Abusing; rebuking. ୨ । କ୍ରୁଦ୍ଧ; ରାଗାନ୍ୱିତ—2. Angry. ୩ । ବିରକ୍ତ—3. Displeased. ବୈଦେ. ବ ( ଫା )—ବିରକ୍ତି—Displeasure.
Bejār
বেজার
बेजार

ବେଜାର୍ ଲାଗିବା—ଦେ. ବ—ବିରକ୍ତି ଲାଗିବା—Being displeased.
Bejār lagibā বেজার লাগা बेजार लगना

ବେଜାର୍ ହେବା—ଦେ. କ୍ରି—୧ । ବିରକ୍ତ ହୋଇ ଗାଳି ଦେବା—1. To abuse; to censure. ୨ । କ୍ରୁଦ୍ଧିତ ହେବା—2. To be angry.
Bejār heba
বিরক্ত হওয়া बेजार होना

ବେଜାରି—ଦେ. ବ—କଣ୍ଟକାରିକା ( ଦେଖ )
Bejāri Kaṇṭakārikā ( See )

ବେଜି—ପ୍ରାଦେ ( ସମ୍ବଲପୁର ) ବ (ଭୁଲ. ଏହି ଅର୍ଥରେ ହି. ବେଜା)—ପ୍ରବୀଣ ଗୁଣିଆ—An expert magician. ପ୍ରାଦେ ( ଗଞ୍ଜାମ ) ବ—ବେଜିଡ଼ି ( ଦେଖ )—Bejirdi (See)
Beji

ବେଜିଡ଼ି—ପ୍ରାଦେ ( ଗଞ୍ଜାମ ) ବ—ହେଣ୍ଡେଡ଼ୀ ସ୍ତ୍ରୀ; ଅରଜସ୍କା ନାରୀ—A woman who exhibits no signs of femininity (e. g. breast; mense).
Bejirdi

ବେଜିତ(ତି)—ବୈଦେ. ବଣ ଫା.·ବେଇଜ୍ଜତ୍ ଦେଖ—Beijjat (See). ବ—ବେଇଜତି (ଦେଖ)—Beijati (See).
Bejit (ti)

ବେଜିତ—ସ. ବଣ. (ସଂ ବଜ୍ ଧାତୁ ଣିଚ୍=ବେଜ ଧାତୁ=ଭୀତ ହେବା +କର୍ତ୍ତୃ. କ୍ତ) —୧ । ଭୀତ—1, Frightened. ୨ । ଭୟକମ୍ପିତ—2, Terrified. ୩ । ପ୍ରପୀଡ଼ିତ; କ୍ଲେଶିତ—3, Oppressed.
Bejita
ବେଜିତା—ସ୍ତ୍ରୀ

ବେଜୁଡ଼(ଡ଼ୁ)—ପ୍ରାଦେ ଗଞ୍ଜାମ ବ—ଭଣ୍ଡାରି ଜାତିର ଗୋଟିଏ ଶାଖା—A sect of barbers. [ ଦ୍ର—ଭଣ୍ଡାରି ୪ ଶ୍ରେଣୀର ଅଛନ୍ତି । ଯଥା—୧ । ଗଡ଼ମାଳ; ୨ । ବେଜୁଡ଼; ୩ । ଓଢ଼ଗି ଓ ୪ । କାଙ୍ଗୁ । ] ପ୍ରାଦେ. (ଗଞ୍ଜାମ) ବଣ—ନପୁଂସକ—Eunuch; impotent.
Bejurd (rdu)

ବେ ଜୋଡ଼—ଦେ. ବଣ—ବଜୋଡ଼ (ଦେଖ) Bijorda (See)
Be jorda

ବେ ଜୋର୍—ବୈଦେ. ବଣ—(ଫା. ବେ+ଫା. ଜୋର୍)—ଦୁର୍ବଳ—Weak; enervated.
Be jor কম জোর कमजोर
(ବେଜୋରିଆ—ଅନ୍ୟରୂପ) (ବୋଜୋଇଆ—ବ)

ବେଞ୍ଚ (ଞ୍ଚ)—ବୈଦେ. ବ. (ଇଂ)—୧ । ବହୁ ଲୋକଙ୍କର, ବିଶେଷତଃ Bench(nchi) ବିଦ୍ୟାଳୟରେ ଛାତ୍ରମାନଙ୍କର ବସିବା ଉପଯୋଗୀ বেঞ্চ बेञ्च ଗୋଡ଼ଲଗା ଲମ୍ୱା କାଷ୍ଠାସନ—1. A bench. ୨ । ବିଚାରକଙ୍କ ଆସନ—2. Court of justice; bench. ୩ । ଏକାଧିକ ଅବୈତନିକ ମାଜିଷ୍ଟ୍ରେଟ୍ ଏକତ୍ର ବସି ମକଦ୍ଦମା ବିଚାର କରିବା ଅଦାଲତ—3. Bench of honorary magistrates.

ବେଞ୍ଚ୍ କୋର୍ଟ (ର୍ଟ)—ବୈଦେ. ବ— ବେଞ୍ଚ ମାଜିଷ୍ଟ୍ରେଟଙ୍କ ଅଦାଲତ— Bench-kot(rt) The court of Bench magistrates. বেঞ্চকোর্ট बेञ्चकोर्ट

ବେଞ୍ଚ୍ ମେଜେଷ୍ଟର—ବୈଦେ. ବ—(ଇଂ. ବେଞ୍ଚ ମାଜିଷ୍ଟ୍ରେଟ୍) Bench mejeshtara ଅବୈତନିକ ମାଜିଷ୍ଟ୍ରେଟ୍—Honormary agistrate. বেঞ্চ মাজিষ্টেট बेञ्च मजिष्ट्रेट (ବେଞ୍ଚ୍ ମାଜିଷ୍ଟ୍ରେଟ୍ —ଶୁଦ୍ଧରୂପ)

ବେଞ୍ଜ(ନ୍ନ)ନ—ଗ୍ରା. ବ—(ସ. ବ୍ୟଞ୍ଜନ)—୧ । ବ୍ୟଞ୍ଜନ; ତିଅଣ;ତରକାରୀ Penja(nna) na —1. Curry. ୨ । ବ୍ୟଞ୍ଜନ- বেনন शाग, तरकारी, भाजी ବର୍ଣ୍ଣ— 2. Consonant.

ବେଞ୍ଜାତି—ପ୍ରାଦେ· (ସମ୍ବଲପୁର) ବ.—ମେହେନ୍ଦି (ଗୁଳ୍ମ)— Benjati Henna (plant.)

ବେଟ୍—ବୈଦେ. ବ—(ଇଂ, ବାଟ୍)—ବ୍ୟାଟ୍;ପେଣ୍ଡୁ ବାଡ଼େଇବା ପଟା- Bet ব্যাট बैट बल्ला, बल्ला ओरगेद् Bat.

ବେଟ୍ ବଲ୍—ବୈଦେ. ବ (ସହଚର) (ଇଂ). ବାଟ୍+ବଲ୍)—କ୍ରିକେଟ୍ Bet bal ଖେଳିବା ପଟା ଓ ପେଣ୍ଡୁ—Bat and ball. ব্যাটবল্ बैटबल

ବେଟ ଚନ୍ଦନ—ଦେ. ବ—(ସ. ବେଟ୍ଟ ଚନ୍ଦନ)—ବେଟ୍ଟଚନ୍ଦନ Beta chandana (ଦେଖ)—Betta chandana (See).

ବେଟନ୍—ବୈଦେ. ବ—(ଇଂ)—ପୁଲିସ୍ କନଷ୍ଟବଲ ଯେଉଁ ଠେଙ୍ଗାଣି Betan ବା ରୁଲ୍ ବାଡ଼ି ବ୍ୟବହାର କରନ୍ତି— Baton of a বেটন बैटन police constable.

ବେ ଟଳ—ଦେ. ବଣ (ପା.ବେ+ସ,ଟଳ)—ଅଟଳ; ସୁସ୍ଥିର—Fixed; Be tala অটল अटल steady; firm.

ବେଟା(ଟ୍ଟା)—ଦେ. ବ. ପୁଂ—(ସ. ବଟୁ=ବାଳକ)—୧ । ପୁତ୍ର— Beta tta) 1. Son. ୨ । ବାଳକ—2. Boy. [ଭି— [ବେଟୀ (ଟ୍ଟୀ)—ସ୍ତ୍ରୀ] ଏ ଟୋକାଟା କାହାର ବେଟା; ଏ ଟୋକଟୀ বেটা बेटा କ.ଦ.ର ବେଟୀ । ଭଗ ।] [ଦ୍ର—ଏ ଶବ୍ଦ ବଙ୍ଗଳା ଓ ହିନ୍ଦି ଭାଷାରେ ବ୍ୟବହୃତ ହୁଏ; ଓଡ଼ିଆ ଭାଷାରେ ସାଧାରଣ ଭଗ ଅର୍ଥରେ ମଧ୍ୟ ବ୍ୟବହୃତ ହେବାର ଦେଖାଯାଏ ଓ ଗାଳିରେ ମଧ୍ୟ 'ବେଟୀ' ଶବ୍ଦ ବ୍ୟବହୃତ ହୁଏ ।]

ବେ ଟାଇନ (ନି, ମ, ମି)—ବୈଦେ. ବଣ—(ପା.ବେ+ଇଂ· ଟାଇମ୍)— Be tain (ni, m, mi) ୧ । ଅସମୟରେ ଘଟିବା—1. Untimely. বেটাইম ୨ । ଅନିୟମିତ—2. Irregular. बेटाइम ବୈଦେ. ବି. (ପା. ଓ ଇଂ)—ନିର୍ଦ୍ଦିଷ୍ଟ ସମୟରେ ନ ଘଟିବା ଅବସ୍ଥା; ଅନିୟମ—Irregularity.

ବେ ଟାଇନ (ମ) ଗାଡ଼ି—ଦେ. ବ—ଯାତ୍ରା ଆଦି ଉପଲକ୍ଷରେ ଅତିରିକ୍ତ Be tain(m) gardi ଯାତ୍ରୀମାନଙ୍କୁ ନେବା ଆଣିବା ପାଇଁ বেটাইম গাড়ি ସାଧାରଣ ଦିନରେ ନିର୍ଦ୍ଦିଷ୍ଟ ରେଳଗାଡ଼ି ମାନଙ୍କ बेटाइम गाडी ଛଡ଼ା ଅନ୍ୟ ସମୟରେ ଯେଉଁ ଅଧିକା ରେଳଗାଡ଼ିମାନ ଚଳେ —Extra or special trains running on occassions of uncommon rush of passengers.

ବେ ଟାଣ—ଦେ. ବଣ—୧ । ଅଶକ୍ତ; ଅଦୃଢ଼—1. Not firm. Be tana ୨ । କୋମଳ—2. Soft. ୩ । ଦୁର୍ବଳ—3. (ବେଟାଣୁଆ—ଅନ୍ୟରୂପ) गर मजबुत बेमजबुत Weak.

ବେଟା ବେଟୀ—ଦେ· ବ. (ସହଚର)—ପୁତ୍ର କନ୍ୟା; ସନ୍ତାନ ସନ୍ତତି— Beta beti বেটা বেটি Male and female children. बेटाबेटी

ବେଟା(ଟେ)ରି—ବୈଦେ. ବ· (ଇଂ ବାଟେରୀ)—୧ । ରାସାୟନିକ ପ୍ରକ୍ରିୟା Beta te)ri ଦ୍ୱାରା ବିଦ୍ୟୁତ୍ ଶକ୍ତି ଉତ୍ପାଦକ ଯନ୍ତ୍ର—1. Electric· ব্যাটারী बैटरी battery. ୨ । ତୋପଶାଳା—2. Battery; a place in which cannon are mounted. ୩ । ଏକତ୍ର ସଜ୍ଜିତ ଗୁଡ଼ିଏ ତୋପ ଓ ତହିଁର ଉପକରଣ ଓ ବ୍ୟବହାରକାରୀ ଯୋଦ୍ଧୃଦଳ—3. A number of cannon with their equipments.

ବେଟିବା—ପ୍ରାଦେ. (କଳାହାଣ୍ଡି)—କ୍ରି.—ଗୋଟେଇବା— Betiba To pick up.

ବେଟୀ ଚୋଟ୍—ଦେ ବ. ପୁ—ନୀଚ ବ୍ୟକ୍ତି – A vile person. Beti chet ଦେ· ବଣ— ବେଟୀ ଚୋଦ୍ (ଦେଖ)— Beti chot (See).

ବେଟୀ ଚେଟୀ—ଦେ. ବ. ସ୍ତ୍ରୀ—ନୀଚସ୍ୱଭାବା ସ୍ତ୍ରୀ— Beti cheti A vile woman.

ବେଟୀ ଚୋଟ(ଦ୍)—ଦେ· ବଣ—ଅଶ୍ଳୀଳ ଗାଳିବିଶେଷ— Beti chot(d) A term of indecent abuse. বেটীচোৎ बेटीचोद (ବେଟୀ ଚୋ—ଅନ୍ୟରୂପ)

ବେଟ୍ଟ ଚନ୍ଦନ—ସ. ବ.—ମଳୟଗିରି ନିକଟସ୍ଥ ବେଟ୍ଟ ନାମକ ପର୍ବତରେ Betta chandana ଉତ୍ପନ୍ନ ଶ୍ୱେତ ଚନ୍ଦନ—A white kind sandal wood

ବେ ଠଉର—ଦେ. ବଣ.—(ପା. ବେ+ସ. ସ୍ଥିର)—୧ । ଅନିଶ୍ଚିତ— Be thaura 1. Unsure; uncertain. ୨ । ଅସ୍ଥିର— বেঠৌর बेठौर 2. Fickle; wavering. ୩ । ଅଦୃଢ଼— (ବେଠୌର—ଅନ୍ୟରୂପ) 3. Unstable; unfirm. ୪ । ଯାହା ଠିକ୍ ହୋଇ ବସି ନ ଥାଏ —4. Unsteady.

ବେ ଠାଣି—ଦେ. ବଣ—୧ । ଅସୁନ୍ଦର—1. Ungraceful. ୨ । Be thani ଗଠନ ସୌଷ୍ଠବହୀନ—2. Unsymmetrical. ୩ । অসুন্দর बदसुरत କୁଶ୍ରୀ—3. Ugly; uncouth ( ବେଠାଣିଆ—ଅନ୍ୟରୂପ )

ବେଠି—ଦେ. ବ (ସ· ବିଷ୍ଟି=ବିନା ବେତନରେ କର୍ମ –ଯୋଗେଶଚନ୍ଦ୍ର).. Bethi ବିନା ବେତନରେ ବାଧ୍ୟତାମୂଳକ କାର୍ଯ୍ୟ—Forced বেঠি बेठी, बेगारी labonr.

**ବେଠିଆ**—ଦେ. ଭ. ପୁଂ ( ସଂ. ବୈଷ୍ଟିକ )—୧ । ଯେ ବେଠି କରେ; ବେଗାରୀ—1. A person pressed into service.
Bethiā
বেঠী press-gang. ( ଉ—ଘୋଡ଼ା ମୁରୁଷ ଦେବା
**वेठ, वेगार** ପାଇଁ ବେଠିଆ ଅସିଥିଲେ୍ଳ ବନ୍ଧୁଭ-ବ୍ରଜନାଥ.ସମରତରଙ୍ଗ ।)
(ବେଠିଆଣୀ—ସ୍ତ୍ରୀ) ୨ । ଖମ୍ବ ବା ସ୍ତମ୍ଭ ଉପରେ ଦୁଇ ଶେଣୀର ଯୋଡ଼ ହୋଇଥିବା ଜାଗାକୁ ଦୃଢ଼ ରଖିବା ନିମନ୍ତେ ଯୋଡ଼ ମୁହଁ ତଳେ ଦିଅଯିବା କାଷ୍ଠଖଣ୍ଡ—2. A plate of wood put on the top of a pillar to hold the ends of two beams.

**ବେଠିଆ ବେଗାଡ଼(ର)**—ଦେ. ବି ( ସହଚର )—ବେଠିଆ—Men pressed into service.
Bethiā begārdi(ri)
বেঠীআ বেগারী **वेठ वेगार** [ବେଠିଆ ବଗାଡ଼(ର)—ଅନ୍ୟରୂପ]

**ବେ ଠିକ୍(କି)**—ବୈଦେ· ବିଣ (ପା)—୧ । ଅନିଶ୍ଚିତ; ସ୍ଥିରତାରହିତ—1. Uncertain. ୨ । ଅପ୍ରକୃତ; ଅସତ୍ୟ—2. Inaccurate; untrue. ୩ । ଭ୍ରମଯୁକ୍ତ—3. Mistaken; erroneous.
Be thik(ki)
বেঠীক **वेठीक**

**ବେ ଠିକଣା**—ବୈଦେ. ବିଣ ( ପା. ବେ+ସ. ସ୍ଥିରତା )—୧ । ଆଶାରହିତ—1. Hopeless. ୨ । ଅସ୍ଥିର; ସ୍ଥିରତାରହିତ—2. Uncertain. ୩ । ଚଞ୍ଚଳ—3. Fickle; unsteady. ୪ । ମୁମୂର୍ଷୁ—4. Moribund. ୫ । ଅସ୍ଥାୟୀ—5. Temporary. ୬ । ଧାରାବର୍ଜିତ—6. Unmethodical. ବୈଦେ. ବି ( ପା )—୧ । ଅସ୍ଥିରତା—1. Uncertainty. ୨ । ଆଶାରହିତ ଅବସ୍ଥା—2. Hopeless condition. ୩ । ମୁମୂର୍ଷୁ ଅବସ୍ଥା—3. Mortal condition. ୪ । ଅସ୍ଥାୟିତ୍ୱ—4. The state of being temporary. ୫ । ଚଞ୍ଚଳତା—5. Fickleness; unsteadiness.
Be thikanā
বেঠীকানা **वेठिकाने**
**वेठिकाना**

**ବେଠି କରିବା**—ଦେ. କ୍ରି—ବେଠିରେ ଧରା ହୋଇ ଯାଇ ବିନା ବେତନରେ କାର୍ଯ୍ୟ କରିବା—To work as a forced labourer.
Bethi kariba
বেঠী দেওয়া **वेगारी करना**
( ବେଠି ଖ[ଖା]ଟିବା, ବେଠି ବାଡ଼େଇବା—ଅନ୍ୟରୂପ )

**ବେଠି କରି ବୋଲଣା (ନ୍ୟାୟ)**—ଦେ. ବି—ବେଠି ଧରା ହୋଇ ଅସି କାମ କରିବା ବ୍ୟକ୍ତି ଠକି ରୂପେ କାମ ନ କଲେ ପ୍ରଭୁଠାରୁ ଗାଳି ଖାଇବା ନ୍ୟାୟ—An analogy from the experience of forced labourers being rebuked when found to be negligent.
Bethi kari bolanā (nyāya)
**वेगारी करके गाली सुनना**

**ବେଠି କା(ଖା)ଟ(ଠ)**—ଗ୍ରା. ବି (ନିରର୍ଥକ ଦ୍ୱିରୁକ୍ତ ସହଚର)—ବେଠି—Impressment into service.
Bethi kā(khā)ta(tha)
বেঠী বেগারী **वेठी वेगारी**

**ବେ ଠିକାନ୍**—ପ୍ରାଦେ· (ବସ୍ତର) ବି ଓ ବିଣ (ଭୁଲ. ହି. ବେଠିକାନା)—ବେଠିକଣା ( ଦେଖ )—Bethikanā (See)
Be thikān

**ବେଠି ଗାଡ଼ି**—ଦେ. ବି—ସ୍ତଜକାର୍ଯ୍ୟ ଉପଲକ୍ଷେ ବେଠି କରିବା ନିମନ୍ତେ ଯେଉଁ ଗାଡ଼ିମାନ ସ୍ୱଜକର୍ମଚାରୀମାନଙ୍କଦ୍ୱାରା ଧରା ହୋଇଥାଏ—Carts commandeered or impressed for public service.
Bethi gārdi
বেঠী গাড়ী **वेगारी गाडी**
( ବେଠି ଶଗଡ଼—ଅନ୍ୟରୂପ )

**ବେଠି ତୁଲ(ଲେ)ଇବା**—ଦେ. କ୍ରି—(ବେଠି କରିବା ପାଇଁ ବେଠିଆ) ନିଜ ଉପରେ ନ୍ୟସ୍ତ କର୍ମକୁ ଯେକୌଣସି ପ୍ରକାରେ ସମାଧା କରି ନିଜ ମୁଣ୍ଡରୁ ଦାୟିତ୍ୱ ଖସାଇବା—To anyhow complete the work alloted to a person under the system of forced labour.
Bethi tulā(le)ibā
বেঠী দেওয়া **वेगारी चूकाना**

**ବେଠି ଧରା**—ଦେ. ବି—ବେଠି କରିବା ନିମନ୍ତେ ବେଠିଆମାନଙ୍କୁ ଜବରଦସ୍ତି ସଂଗ୍ରହ କରିବା—Impressing persons for forced labour.
Bethi dharā
বেঠীধরা **वेगारी पकडना**

**ବେଠି ଧରିବା**—ଦେ. କ୍ରି—ଲୋକଙ୍କୁ ବେଠି କରିବା ପାଇଁ ଜବରଦସ୍ତି ସଂଗ୍ରହ କରିବା—To impress people into forced service.
Bethi dharibā
বেঠীধরা **वेगारी पकडना**
( ବେଠିରେ ଧରିବା—ଅନ୍ୟରୂପ )

**ବେଠି ବେ(ବି)ଗାଡ଼(ର)**—ଦେ ( ସହଚର )—୧ । ବେଠି—1. Impressed service. ୨ । ବେଠିଆ—2. Persons doing forced labour; press-gang.
Bethi be(bi)gārdi(ri)
বেঠী বেগারী **वेठी वेगाडी, वैठ वेगार**

**ବେଠିଆ ବେ(ବି)ଗାଡ଼(ର)**—ଦେ. ବି (ସହଚର)—ବେଠିଆ—Men impressed into service.
Bethiā be(bi)gārdi(ri)

**ବେଡ୍**—ବୈଦେ. ତ ( ଇଂ ବେଡ )—ବିଛଣା; ଶଯ୍ୟା—1. Bed. ୨ । ଛପାଖାନାରେ ଯେଉଁ ଲୁହା ତକ୍ତା ଉପରେ କମ୍ପୋଜ ହୋଇଥିବା ଟାଇପ୍‌ମାନ ଛପା ପୂର୍ବରୁ ରଖାଯାଇ କସାଯାଏ—2. Bed; iron frame on which the types are fixed before printing.
Bed
বেড **वेड**

**ବେଡ୍ ପାନ୍**—ବୈଦେ. ବି (ଇଂ)—ଶଯ୍ୟାଗତ ରୋଗୀ ବିଛଣାରେ ଶୋଇ ଥିବା ଅବସ୍ଥାରେ ଝାଡ଼ା ଫେରିବା ନିମନ୍ତେ ବ୍ୟବହୃତ ଚୀନ୍‌ମାଟିର ବା କଲେଇ କରାଯାଇଥିବା ଟିଣର ଏକପ୍ରକାର ପାତ୍ର ଯନ୍ତ୍ର—Bed pan.
Bed-pān
বেডপ্যান
**वेडपैन**

**ବେଡ଼**—ପ୍ରାଦେ. ( କୋରାପୁଟ ) ବି—ବେଳ—Time.
Berda

**ବେ ଡଉଲ୍**—ବୈଦେ ବିଣ ( ପା )—ବେଠାଣି ( ଦେଖ )—Bethāni ( See )
Be daul বেডৌল **बदसूरत**
( ବେଡୌଲ, ବେଡଉଲିଆ, ବେଡୌଲିଆ—ଅନ୍ୟରୂପ )

**ବେଡ଼ା**—ଦେ. ବି—ଗଛର ଶୁଖିଲା ଡାଳଅ—1. Dried small branches of a tree. ୨ । ବେଢ଼ା ( ଦେଖ )—2 Berdhā ( See ) [ଉ—ମହାକାବ୍ୟ ମଣ୍ଡଳେ ପଢ଼ୁଛି କେତେ ବେଡ଼ା—ପ୍ରାଚୀ. ବ୍ରହ୍ମ-ନିରୂପଣଗୀତା । ] ୩ । ବାଡ଼ ବୁଜାଯିବା ପାଇଁ ଛୋଟ ଗଛ ବା ଡାଳ—3. Twigs used in fencing. ପ୍ରାଦେ. ( କୋରାପୁଟ ) ବି—ଝାଟି ମାଟି ବାଡ଼—Mud-and-wattle wall or fencing. ପ୍ରାଦେ· ( ସିଂହଭୂମି ).
Berdā শুকনো ডাল **सुक्खा लकडी**
বেড়া
বেড়ারডাল

Pandit Pleasure...

ବ—୧ । ଖାଲୁଅ ବା ଗର୍ତ୍ତର ଜମି; ଖୋଲଅ ଜମି—1. Low land. ୨ । ନଦୀବନ୍ୟା ଘୁଞ୍ଚିଗଲେ ପାଣି ଜମି ରହିଥିବା ବନ୍ଧୁର ଓ ଗର୍ତ୍ତର ସ୍ଥଳ; ଖାଲ—2. Pools left after the subsidence of flood. ପ୍ରାଦେ. ( ଗଡ଼ଜାତ ) ବି—ପାହାଡ଼ରୁ ବା ଉଚ୍ଚ ଜାଗାରୁ ଗଡ଼ିବା ପାଣିକୁ ବନ୍ଧ ପକାଇ ଅଟକାଇ ରଖାଯିବା ଗୋଟିଏ ପୁଷ୍କରିଣୀ—Tank or reservoir of water consisting of rain-water flowing down a slope being restrained by a dam. ପ୍ରାଦେ. ( ଉତ୍ତରଭୁଖା ) ବି—ପଡ଼ିଆ—Field; waste land. ପ୍ରାଦେ. ( ବୌଦ ) ବିଣ. ପୁଂ—ଅବିବେକୀ; ଯେ କୌଣସି ଯୁକ୍ତି ତର୍କ ବୁଝେ ନାହିଁ—Idiotic; unreasonable. ପ୍ରାଦେ. ( ସମ୍ବଲପୁର ) ବିଣ. ପୁଂ—ମୂକ; ବାଉଡ଼ା—Dumb.

ବେଡ଼ି—ଦେ. ବି ( ସଂ. ବେଷ୍ଟନୀ, ବଳୟ )—୧ । ଚୋରଙ୍କ ଗୋଡ଼ ହାତରେ ବନ୍ଧାଯିବା ଲୌହ ବଳୟ; ହାତକଡ଼ି; ଗୋଡ଼କଡ଼ି—1. Fetters; shackles. [ ଉ—ଅଟକଉ ପଦ, ଜୁଡ଼ଉ ବେଡ଼ି—କବିସୂର୍ଯ୍ୟ. ସଙ୍ଗୀତ ।] ୨ । ଚୁଲି ଉପରୁ ଗରମ ହାଣ୍ଡିକୁ ଉଟାଇ ଆଣିବା ପାଇଁ ବ୍ୟବହୃତ ବେଷ୍ଟଯୁକ୍ତ ଏକପ୍ରକାର ଲୌହ ବଳୟ ବା ସଣ୍ଡାଶୀ—2. Tongs for holding up hot cooking pots. ୩ । ଶିକୁଳି; ଶାଙ୍କୁଳା—3. Chain. ୪ । ଦାନ୍ତ ବା ହାତର ମୁଠା ଦୃଢ଼ଭାବରେ ପଡ଼ଯିବା ଅବସ୍ଥା; ଶାଙ୍କୁଳୀ—4. The locked up condition of the jaws or fist. ପ୍ରାଦେ. ( ବସ୍ତର ) ବି—କବାଟର ଖିଳଣୀ—The bolt or bar of a door.

Berḍi
বেড়ী
बेडी
বেড়ী
सडांस
কপাট
दाँती, मुरमुठ

ବେଡ଼ି ଉ(ଓ)ପରେ କୋରଡ଼ା (ନ୍ୟାୟ)—ଦେ. ପ୍ରବଚନ—ଯାହାକୁ ଶୃଙ୍ଖଳା ଦ୍ୱାରା ଆବଦ୍ଧ କରାଯାଇଥାଏ ତାକୁ ପୁଣି କୋରଡ଼ା ପ୍ରହାର କରିବା ନ୍ୟାୟ; ଦଣ୍ଡିତ ବ୍ୟକ୍ତିକୁ ପୁଣି ଦଣ୍ଡ ଦେବା ନ୍ୟାୟ—Administering further punishment to a person already undergoing one sort of punishment.

Berḍi u(o)pare koraṛḍā (nyāya)
গোদের উপর বিষফোড়া
बेडीके उपर कोडा

ବେଡ଼ି ଦେବା—ଦେ. କ୍ରି—ଚୋର ଇତ୍ୟାଦିଙ୍କ ହାତକୁ ବା ଗୋଡ଼କୁ ଶିକୁଳିଦ୍ୱାରା ବାନ୍ଧିବା—To put in fetters; to fetter.
[ ବେଡ଼ି ପକା(କେ)ଇବା—ଅନ୍ୟରୂପ ]

Berḍi debā
বেড়ী দেওয়া
बेडीदेना

ବେଡ଼ି ପଡ଼ିଯିବା—ଦେ. ବି—ଶାଙ୍କୁଳ ପଡ଼ିଯିବା; ଦାନ୍ତପାଟି ବା ହାତର ମୁଠା ଦୃଢ଼ଭାବରେ ପଡ଼ଯାଇ ନ ଫିଟିବା ଅବସ୍ଥା—The locking up of one's jaws or fists.

Berḍi parḍijibā
কপাটী লাগা
दाँती लगाना, मुरमुठ लगाना

ବେଡ଼ୁ(ଢ଼ୁ)ଆଁ(ହାଁ)—ଦେ. ବି—ବେରୁଆଁ (ଦେଖ)
Berḍu(rḍhu)āṅ(hāṅ) Beruāṅ (See).

ବେଢ଼—ଦେ. ବି ( ସଂ. ବେଷ୍ଟନ)—୧ । ପରିଧି; ଘେର—1 Girth; circumference. [ଉ—ପାଦତଳ ବେଢ଼ରେ ଅଳତା ଚିହ୍ନ ଦିଅ—ବ୍ରଜନାଥ. ମଥୁରାମଙ୍ଗଳ. ଅଠ । ] ୨ । କୌଣସି ବସ୍ତୁର ବାହାରର ଚାରିପାଖର ମାପ—2. The measure of the exterior sides of a thing. ୩ । ବେଷ୍ଟନ—3. Enveloping; surrounding. ୪ । ବେଢ଼ିବା କର୍ମ—4. The act of surrounding. ୫ । ହାତିଖେଦା—5. The process of catching elephants by stockade; kheddā. ୬ । ନଗରାଦିର ଅବରୋଧ—6. Blockade; siege. ୭ । ଗୋରୁ ଅଦଙ୍କଠାରୁ ରକ୍ଷା କରିବାପାଇଁ ଛୋଟ ଗଛର ଚାରିପାଖେ ଘେରାଯିବା ବାଡ଼—7. A fencing put round young trees. ଦେ. ବିଣ—ବେଷ୍ଟିତ ହୋଇଥିବା—Besieged; surrounded. [ ଉ—ଖରମାନେ ଶୁଣି ନାଶ କଲେ, ବେଢ଼ ଗଡ଼େନ୍ଦ୍ର ଯାହା ରଖିଲେ—ଉପେନ୍ଦ୍ର. ବୈଦେହୀଶବିଳାସ । ]

Berḍha
বেড়
बेड, घेरा

ବେଢ଼ଙ୍ଗ(ଙ୍ଗା)—ବୈଦେ. ବିଣ (ଫା. ବେ+ହି. ଢଙ୍ଗ)—ବେଠାଣି (ଦେଖ)—Beṭhāṇi (See)
( ବେଢ଼ଙ୍ଗିଆ, ବେଢଙ୍ଗ, ବେଢାଙ୍ଗା, ବେଢ଼ାଙ୍ଗା, ବେଢଙ୍ଗା, ବେଢଙ୍ଗିଆ, ବେଢାଙ୍ଗିଆ, ବେଢ଼ାଙ୍ଗିଆ )—ଅନ୍ୟରୂପ

Beḍhaṅga(ṅgā)
বেঢঙ্গ
बेढङ्ग(ङ्गा, ङ्गी)

ବେଢ଼ଣ(ଣି)—ଦେ. ବି ( ସଂ. ବେଷ୍ଟନ )—୧ । ପରିଧି—1. Girth; circumference. ୨ । ସ୍ତ୍ରୀଲୋକମାନଙ୍କର ପିନ୍ଧିବା ଗୋଟିଏ ଲୁଗା—2. A small cloth worn by women. ୩ । ବେଷ୍ଟନୀ—3. Surrounding; fencing. ୪ । ଲୁଙ୍ଗି ( ଦେଖ )—4. Lungi ( See ). ୫ । ସ୍ଥାନ ଚାରିପାଖେ ବାଡ଼ ଦେବା—5. Fencing in; enclosing a place.

Berḍhaṇa(ṇi)
বেড়নী
बेढन

ବେଢ଼ ଦେବା—ଦେ. କ୍ରି ( ସଂ. ବେଷ୍ଟନ )—ବେଢ଼ିବା; ଚାରିଆଡ଼େ ଘେରିବା—To surround; to blockade.
[ ବେଢ଼ ପକା(କେ)ଇବା—ଅନ୍ୟରୂପ ] ଅନଳଗିରିରେ ମାଳ ଦଶା ବେଢ଼ ଦେଲେ—ଉପେନ୍ଦ୍ର. ବୈଦେହୀଶବିଳାସ । ]

Berḍha debā
বেড়া দেওয়া
बेढना, घेरना

ବେଢ଼ନିକା—ଦେ. ବି (ସଂ. ବେଷ୍ଟନିକା)—ଡାଲିପୁରୀ; ମଇଦା ମଧ୍ୟରେ ବଟା ଡାଲି ପୂର ଦେଇ ତିଆରି କରାଯିବା ଏକପ୍ରକାର ରୁଟି; ବେଷ୍ଟନିକା—A bread in which pasted pulse is sandwiched.

Berḍhanikā
দালপুরী, কচুরী
बेढई

ବେଢ଼ା—ଦେ. ବି ( ସଂ. ବେଷ୍ଟ, ବେଷ୍ଟନ )—୧ । ଦେଉଳର ଚାରିପାଖେ ଦେଇ ହୋଇଥିବା ପାଚେରୀ—1. Enclosure or compound wall round a temple.
[ ଉ—ସେ ମନ୍ଦିର ବେଢ଼ା ହୋଇଛନ୍ତି ଯେତିମାନେ—ପ୍ରାଚୀ. ବୃନ୍ଦାବନରୂପଗୀତା । ] ୨ । ଦେଉଳର ଚାରିପାଖରେ ପାଚେରୀଦ୍ୱାରା ଘେରା ଯାଇଥିବା ସ୍ଥାନ—2. The place round the temple enclosed

Berḍhā
বেড়
हाता

ବେଢ଼ା ବେଠନ by a compound wall. ୩ । ବେଷ୍ଟନ—
ବାର ଦଫା 3. Encompassing; surrounding.
୪ । ଘେରୁ; ବେଢ଼ୁ; କୌଣସି ବସ୍ତୁର ଚାରିପାଖରେ ଥରେ ବୁଲିଆସିବା—4 Going round a thing once; circumambulation. [ ଉ—ବୁଲଇ ଝଳ ବେଢ଼ା ବାଉଁବଂଶ ମୁଣ୍ଡେ, ପିଟନ୍ତେ ପଡ଼ିଲେ ସେ ଡାଣ ଭଣଦାଣ୍ଡେ—କୃଷ୍ଣସିଂହ. ମହାଭାରତ. ଦ୍ରୋଣ । ]

ବେଢ଼ା ବୋରାହୁଆ ଦେ. ବିଣ—୧ । ବେଷ୍ଟିତ—
1. Surrounded; enveloped; encompassed. ( ଉ—ଶୁକ୍ଳପକ୍ଷେ ଯଥା ବହୁଳ ଶଶାଙ୍କ ତାରା ବେଢ଼ା ଥାଆନ୍ତିଲେ—ରାଧାନାଥ. ଯାଜନୀତକଥ । )
୨ । ଚାରିଆଡ଼େ ଘେରୁଥିବା; ବେଷ୍ଟନ କରୁଥିବା—
2 Encompassing. ଗ୍ରାଦେ (ଉତ୍ତର ବାଲେଶ୍ୱର) ବି ( ଭୁଲ ବ. ବେଢ଼ା ) ବାଡ଼—Fencing. ଗ୍ରାଦେ (ଗଞ୍ଜାମ) ବି—ଦୁଇ ଅଣା—$\frac{1}{8}$th of a rupee; two annas.

ବେଢ଼ା ଆଙ୍ଗୁଳ—ଦେ. ବି—ଜୟକାଣ୍ଡ (ଦେଖ)
Berdhā ānguli Jayakānda (See).

ବେଢ଼ା(ଢ଼େ)ଇବା—ଦେ. କ୍ରି ( ସ. ବେଷ୍ଟ ଧାତୁ )—ବେଢ଼ିବା କ୍ରିୟାର
Berdhā(rdhe)ibā ଣିଜନ୍ତରୂପ—Causative of
( ବେଢ଼ାଇବା—ଅନ୍ୟରୂପ ) Berdhibā. [ ଉ—ବେଢ଼ାଇ
ଘୀରାନ ବେଢାନା ସହସ୍ର ଅସୁରୀ ଜଗାଇ ରଖିଛିଲେ ପ୍ରଧାନେ । ଭଞ୍ଜ. ବୈଦେହୀଶବିଳାସ । ସେ ପାଞ୍ଚ ଭାଇ ସୌମଦତ୍ତ କାଣ୍ଡ ବହି, ଯୁଝିଲେ ପାଞ୍ଚ ରଥେ ବେଢ଼ିଅଇ ରହି—କୃଷ୍ଣସିଂହ. ମହାଭାରତ. ଦ୍ରୋଣ । ]

ବେଢ଼(ଢ଼େ)ଇ ହେବା—ଦେ. କ୍ରି—ଖଣ୍ଡେ ଛୋଟ ଲୁଗା ଦେହର
Berdha(rdhe)i hebā ଚାରିପାଖରେ କେବଳ ଲଜ୍ଜା ନିବାରଣ
କୋମରେ କାପଡ଼ ଘେରା ପାଇଁ ଘେରାଇ ହୋଇ ପିନ୍ଧିବା (ସ୍ତ୍ରୀମାନଙ୍କ ସମ୍ବନ୍ଧରେ)—To wrap a small cloth round the body (said of females) merely to conceal nudity.

ବେଢ଼ାଏ— ଦେ. କ୍ରି. ବିଣ—ବେଢ଼ାଏ (ଦେଖ)—Bherdae(See)
Berdhāe ( ଉ—ରଥ ଚଳେ ପଡ଼ୁ ବେଢ଼ାଏ ଗଲେ ଗଡ଼—
ଏକବାର କୃଷ୍ଣସିଂହ. ମହାଭାରତ. କର୍ଣ୍ଣ ।)

ବେଢ଼ାଣ—ଦେ. ବି—( ସ. ବେଷ୍ଟନ )—ପିନ୍ଧିବା ଲୁଗା—Cloth
Berdhāna wrapped round the body ଗ୍ରାଦେ (ସିଂହଭୂମି)
ବେଢ଼ନ ବେଠନ ବି—ଚାଦର—Sheet; scarf.

ବେଢ଼ାଣ ବାସ—ଦେ. ବି—( ସ. ବେଷ୍ଟନ+ବାସଃ)—ଲୁଙ୍ଗି; ପିନ୍ଧା
Berdhāna bāsa ଲୁଗା—A cloth for wearing or
ଲୁଙ୍ଗୀ wrapping round the body. (ଉ—କଳାହକ ଗ୍ରାସ୍ତେ
ଲୁଙ୍ଗୀ; ବେଠନ ଦଧେ ବଶନ୍ତ୍ର, ବେଢ଼ାଣବାସ ସେବକପନ୍ତ୍ର ।
(ବେଢ଼ାଣ ଲୁଗା—ଅନ୍ୟରୂପ ) ଭଞ୍ଜ. ବୈଦେହୀଶବିଳାସ ।)

ବେଢ଼ା ପରିକ୍ରମା—ଦେ. ବି—( ସ. ବେଷ୍ଟନୀ+ପରିକ୍ରମା )—
Berdhā parikramā ଦେବତାଙ୍କୁ ଦର୍ଶନ କରି ସାର ଦେଉଳର
ପ୍ରଦକ୍ଷିଣ ଚାରିପାଖରେ ବେଢ଼ା ମଧ୍ୟରେ ବୁଲିବା— Act of going
ପରିକ୍ରମା round the temple inside the temple
ବେଢ଼ା ପରକମୀ—ଗ୍ରାମ୍ୟରୂପ } enclosure after paying
ବେଢ଼ାବୁଲା—ଅନ୍ୟରୂପ } respects to the deity.

ବେଢ଼ି—ଦେ. ବି—ବେଢ଼ (ଦେଖ)—Berdi (See). ଗ୍ରାଦେ.
Berdhi (ବାଣପୁର) ବି—୧ । ଶଗଡ଼ଦଉଡ଼ା; ଶଗଡ଼ ଯୋଡ—
A cart rope. ୨ । ଲମ୍ବ ଓ ମୋଟ ଦଉଡ଼ା—2. A long stout rope.

ବେଢ଼ିବା—ଦେ. କ୍ରି—(ସ. ବେଷ୍ଟ ଧାତୁ)—୧ । ଚାରିଆଡ଼ ବେଷ୍ଟନ
Berdhibā କରିବା—1. To surround. ୨ । ଘେରିବା—
ବେଡ଼ା; ଘିରା 2. To encompass. [ ଉ—ରହିଲେ ଋଷିମାନେ
ବେଢନା ବେଢ଼ି ତାଙ୍କୁ ଯାଇ । କୃଷ୍ଣସିଂହ. ମହାଭାରତ. ଆଦ । ] ୩ । ମାଛି ଆଦ) ବହୁ ପରିମାଣରେ କୌଣସି ପଦାର୍ଥର ଚାରିପାଖରେ ଘେରିବା—3. (said of flies) To infest a thing.

ବେଣ୍ (ଧାତୁ)—ସ.—୧ । ଗମନ କରିବା —
Ben (root) 1. To go. ୨ । ଗତି କରିବା—2. To move.

ବେଣ—ସ. ବି (ନାମ)—୧ । ରାଜା ପୃଥୁଙ୍କ ପିତା—1. Name of
Bena the father of king Pruthu. [ ଦ୍ର—ଏ ବ୍ରାହ୍ମଣ୍ୟ ଧର୍ମ ବିରୁଦ୍ଧରେ ଅତ୍ୟାଚାର କରିବାରୁ ଋଷିମାନଙ୍କ ଦ୍ୱାରା ଶାପଗ୍ରସ୍ତ ହୋଇଥିଲେ; ପରେ ବିଷ୍ଣୁଙ୍କ ଅର୍ଚ୍ଚନା କରିବାରୁ ଓ ଅଶ୍ୱମେଧ ଯଜ୍ଞ କରିବାରୁ ଶାପରୁ ମୁକ୍ତ ହେଲେ । ] ୨ । ସଙ୍କର ଜାତି ବିଶେଷ—2. A mixed caste.

ବେଣା—ଦେ. ବି (ସ. ବୀରଣ; ଚେରର ସ. ନାମ ଉଶୀର)—ସୁଗନ୍ଧ-
Benā ଯୁକ୍ତ ତୃଣବିଶେଷ; ଉଶୀର—A kind of grass;
ସ—ବୀରଣ, ବୀରତର, ବହୁମୂଳକ khuskhus, Andro-
ବେଣା pogen Squarrosus;
ନା, ବୀରଣ, ଖସ, ଗାଡର Andropogen Murica-
ମ. କାଲାବାର୍ଲା tus. [ ଦ୍ର—ଏଥିରେ ଘର
ଖ୍ରି. କାଲୋବାଲୋ ଛପର ହୁଏ । ଏହାର ମୂଳଦ୍ୱାରା
ତେ. ଅଲକୁପଲ୍ଲି ସୁଗନ୍ଧଦ୍ରବ୍ୟମାନ ପ୍ରସ୍ତୁତ ହୁଏ ଓ
ତା. ବେଟ୍ଟିବେର ଚେରରେ ତାଟି ହୁଏ । ଏହାର ମୂଳ ଔଷଧରେ ମଧ୍ୟ ବ୍ୟବହୃତ ହୁଏ । ଏହା ପଡ଼ିଆ, ନଳ ଓ ନଈ ବାଲି ଆଦ ସ୍ଥାନରେ ଜନ୍ମେ । ଏ ବୁଦା ଏପରି ଚେମଡ଼ା ଯେ ଏହାକୁ ନିର୍ମୂଳ କରିବା କଠିନ । ଏ ବୁଦା ଘନ ହୋଇ ମୂଳରୁ ଅନେକ ଗୁଚ୍ଛ ମାରି ବଢ଼େ । ବୈଦ୍ୟଶାସ୍ତ୍ରମତରେ ଏହା ପାଚକ, ଶୀତସ୍ପର୍ଶ୍ୟ, ସ୍ତମ୍ଭନକାରକ, ଲଘୁ ଓ ମଧୁର ତିକ୍ତ ରସ; ଏହା ଜ୍ୱର, ବମନ, ମତ୍ତତା, କଫ, ପିତ୍ତ, ତୃଷ୍ଣା, ରକ୍ତଦୋଷ, ବିଷ, ବିସର୍ପ, ମୂତ୍ରକୃଚ୍ଛ୍ର, ଦାହ ଓ ବ୍ରଣନାଶକ ]

ବେଣା ଚେର—ଦେ. ବି—୧ । ବେଣାଘାସର ତନ୍ତୁମୟ ସୂକ୍ଷ୍ମ ଚେର—
Benā chera 1. The fibrous root of benā grass.
ସ—ବୀରଣମୂଳ, ଉଶୀର, ନଳଦ, [ ଦ୍ର—ଏଥିରେ ତାଟି ତିଆର
ଅମୃଣାଳ, ସେବ୍ୟ, ସମଗନ୍ଧକ କରି ସେ ତାଟିରେ ପାଣି ଛିଞ୍ଚିଲେ
ବେଣାରମୂଳ ସେଥିରୁ ଗୋଟିଏ ମନୋମୋହକର
ଖସଖସ ଗନ୍ଧ ବାୟୁକୁ ସୁବାସିତ କରେ ;

ଏଥିପାଇଁ ଲୋକେ ଏଥିରେ ମଧ୍ୟ ବେଣା ବୁଣି ସେଥିରେ ପାଣି ଛୁଞ୍ଚ ବାନ୍ଧ କୁଅନ୍ତି । ବେଣାଚେରକୁ ବାଟି ଦେହରେ ବୋଳ ଦେଲେ ଦେହ ଥଣ୍ଡା ଲାଗେ ଓ ତାପ ନାଶ ହୁଏ ବୋଲି ସଉକା, ବରଗ୍ଣା, ବଡ଼ହୁଣୀ ଓ ବଡ଼ମାନେ କହନ୍ତି । ବେଣାଚେରକୁ ଛୋଟଛୋଟ ବଡ଼ା ବାନ୍ଧି ସ୍ତ୍ରୀଲୋକମାନେ ଅଳଙ୍କାର ମାଜିବା ପାଇଁ 'ମଳାମୁଠା' କରନ୍ତି । ବେଣାଚେରକୁ ନାନା ସୁଗନ୍ଧ ଓ ଅତର ତିଆର ହୁଏ । ବୈଦ୍ୟଶାସ୍ତ୍ର ମତରେ ଏହା ପାଚକ, ଶୀତବୀର୍ଯ୍ୟ, ସ୍ତମ୍ଭନକାରକ, ଲଘୁ ଓ ତିକ୍ତ-ମଧୁର । ଏହା ଜ୍ୱର, ବମି, କଫ, ପିତ୍ତ, ତୃଷ୍ଣା, ରକ୍ତଦୋଷ, ବିଷଦୋଷ, ବିସର୍ପ, ଦାହ, ମୂତ୍ରକୃଚ୍ଛ୍ର ଓ ବ୍ରଣନାଶକ—ଦ୍ରବ୍ୟଗୁଣ । ]

୨ । ବଣିଆମାନେ ଓ ସ୍ତ୍ରୀଲୋକମାନେ ଅଳଙ୍କାର ସଫା କରିବା ଲାଗି ବେଣାଚେରର କ୍ଷୁଦ୍ର ଗୁଚ୍ଛରେ ଯେଉଁ ମୁଠା ପ୍ରସ୍ତୁତ କରନ୍ତି—2. A brush made of the fibrous roots of Beṇā grass, for cleansing ornaments.

ବେଣାଟିଆ ତଷା—ପ୍ରାଦେ. (ଗଡ଼ଜାତ) ବି—ତଷାଙ୍କର ଶାଖାବିଶେଷ—Beṇāṭiā chasha A sect of Chashās. [ବେଣା(ଣେ)ଇତ ଓଡ଼—ଅନ୍ୟରୂପ] [ ଦ୍ର—ପୂର୍ବେ କଳଙ୍ଗ (ପ୍ରାଚୀନ ଉତ୍କଳ)ରେ ଅନାର୍ଯ୍ୟମାନେ ବାସ କରୁଥିଲେ; କଳଙ୍ଗରାଜ୍ୟ ଗୋଦାବରୀଠାରୁ ଗଙ୍ଗା ପର୍ଯ୍ୟନ୍ତ ବିସ୍ତୃତ ଥିଲା । ପ୍ରଥମେ ଦଳେ ଆର୍ଯ୍ୟ ଆସି ଅନାର୍ଯ୍ୟମାନଙ୍କ ସହିତ ବାସ କଲେ । ଏମାନେ ବାସ୍ତବିକ କ୍ଷତ୍ରିୟ ଥିଲେହେଁ ଅନାର୍ଯ୍ୟଙ୍କ ସଂସ୍ରବରେ ଆସି ପତିତ କ୍ଷତ୍ରିୟରୂପେ ପରିଚିତ ହେଲେ । ମନୁ ସଂହିତାରେ ଏହି ପତିତ କ୍ଷତ୍ରିୟଙ୍କ ନାମର ଉଲ୍ଲେଖ ଅଛି । ଏମାନେହିଁ ଓଡ୍ର । ଏମାନେ ଖୁବ୍ ବଳିଷ୍ଠ ଓ ଯୁଦ୍ଧପ୍ରିୟ ଥିଲେ । ଏମାନଙ୍କ ଆକ୍ରମଣରେ ଅନାର୍ଯ୍ୟମାନେ ବନପର୍ବତରେ ଆଶ୍ରୟ ନେଲେ ଏବଂ ଓଡ୍ରମାନେ କଳଙ୍ଗର ସର୍ବାଞ୍ଚଳରେ ସୁଖବାସ କରି ରହିଲେ । କାଳକ୍ରମେ ଆଉ ଦଳେ ଆର୍ଯ୍ୟ ଆସି ଏହି ଓଡ୍ରମାନଙ୍କୁ କଳଙ୍ଗର ପଶ୍ଚିମାଞ୍ଚଳ (ଗଞ୍ଜାମ, ଜୟପୁର ମାଳ)କୁ ତଡ଼ି ଦେଲେ ଓ ନିଜେ ମଧ୍ୟ କଳଙ୍ଗରେ ବାସ କଲେ । ସମ୍ଭବ ସେହି କାଳରେ ପଶ୍ଚିମ କଳଙ୍ଗ ଉଡ୍ର ନାମରେ ପରିଚିତ ହେଲା । କଳଙ୍ଗର ରାଜାମାନେ ପ୍ରୟୋଜନ ହେଲେ ଏହି ଓଡ୍ରମାନଙ୍କୁ ଅଣାଇ ଆପଣାର ସୈନ୍ୟ (ପାଇକ) ଶ୍ରେଣୀଭୁକ୍ତ କରୁଥିଲେ ଓ ଏମାନଙ୍କୁ ଜାଗିର ଜମି ଦେଇ ବସାଉଥିଲେ । ଚୈଦି ବଂଶର ଅବସାନ ସମୟକୁ (ଖ୍ରୀଷ୍ଟଜନ୍ମର କିଛି କାଳ ପୂର୍ବେ) ଯେତେବେଳେ ଦକ୍ଷିଣରୁ ଅନ୍ଧ୍ରମାନେ କଳଙ୍ଗ ଆକ୍ରମଣ କଲେ, ବୋଧ ହୁଏ, ତାତ୍କାଳିକ ଚୈଦିବଂଶୀୟ ରାଜା ଏହି ଅନ୍ଧ୍ର ସେନାଙ୍କ ଗତି ରୋଧ କରିବା ପାଇଁ ଦଳେ ଓଡ୍ରସେନା ବନ୍ୟ ପ୍ରଦେଶରୁ ଅଣାଇ କଳଙ୍ଗର ଦକ୍ଷିଣ ଭାଗରେ ବସାଇଲେ ଏବଂ ସେମାନଙ୍କୁ ଜାଗିର ଦେଲେ । ଶେଷକୁ ଚୈଦି ବଂଶ ଲୋପ ପାଇଲା । କଳଙ୍ଗ କେତେକାଳ ଯାଏ ଅନ୍ଧ୍ରମାନଙ୍କର କରଗତ ହେଲା । ବନାଶ୍ରିତ (ବନବାସୀ) ଓଡ୍ରମାନେ କୃଷିକୁ ଜୀବିକା କରି ଗଞ୍ଜାମରେ ରହିଲେ । ଏମାନଙ୍କ ବଂଶଧରମାନେ ଗଞ୍ଜାମ, ଖୋର୍ଦ୍ଧା ଆଦି ଅଞ୍ଚଳରେ ଓଡ଼ ନାମରେ ପରିଚିତ । ଏମାନଙ୍କ ଉପାଧି—ପଧାନ, ବେହେରା,ନାୟକ ଆଦି । (ଦୈନିକ ଆଶା ୨୫।୮।୨୯) ।]

ବେଣା ଡାଟି—ଦେ. ବି.—ବେଣା ଚେରରେ ବୁଣା ଯାଇଥିବା ତାଟି—Beṇā ṭāṭi A frame or mat made of Beṇā roots. বেণার তাটী [ଦ୍ର—ଏହାକୁ ଖରାଦିନେ ଘରର ଦୁଆରରେ ଟାଙ୍ଗି ଖସଖସକୀ ଟଟ୍ଟୀ ଏହା ଉପରେ ପାଣି ଛିଞ୍ଚିଲେ ଏହାର ସୁଗନ୍ଧ (ବେଣା ଚେର ତାଟି—ଅନ୍ୟରୂପ) ଘର ଯାକ ଆମୋଦିତ କରେ ।]

ବେଣାପଞ୍ଜର—ଦେ. ବି—ଏକପ୍ରକାର ସରୁ ଧଳା ଧାନ—A kind of Beṇāpañjara (ବେଣାପଞ୍ଜୁରି—ଅନ୍ୟରୂପ) fine paddy.

ବେଣା ପଡ଼ିଆ—ଦେ. ବି ( ସଂ. ବୀରଣ+ପତିତ )—ଯେଉଁ ପଡ଼ିଆରେ Beṇā pardiā କୃଷି ଅଭାବରୁ ବେଣା ଗଛ ଘନଭାବରେ বেণাবন ଉଠିଥାଏ—A place overgrown with वीरणका मैदान Beṇā grass. (ବେଣାବଣ, ବେଣାବାଡ଼ି, ବେଣାବିଲ—ଅନ୍ୟରୂପ)

ବେଣା ପାଟ—ଦେ. ବି—୧ । ବେଣାପଡ଼ିଆ ( ଦେଖ )—Beṇā pāṭa 1. Beṇāpardiā ( See ) [ ଉ—ଗୋରୁଗାଈ ଛାଡ଼ ତାର ବେଣାପାଟେ, ତା ଛାଇରେ ବସି କେହି ବନ କାଟେ । କେଶବ. ବୈଦେହୀ] ୨ । ବେଣାପାଟରେ ଗୋରୁ ଚରାଇବା ବ୍ୟକ୍ତିମାନଙ୍କ ଉପରେ ବସିବା କର—2. Cess realised from owners of cattle grazing in the high grass-prairies.

ବେଣା ବୁଦା—ଦେ. ବି—ମୂଳରୁ ଅନେକ ଗୁଞ୍ଜ ମାରିଥିବା ବେଣା ଗୁଳ୍ମ Beṇā budā —A thick bush of Beṇā grass. বেণার ঝোঁপ

ବେଣି(ଣୀ)—ସଂ. ବି ( ବେଣ ଧାତୁ+ଇ; ଈ; ଅଥବା ବୀ ଧାତୁ=ଗମନ Beṇi(ṇi) କରିବା+ନି, ଙୀ )—୧ । ବିନ୍ୟସ୍ତ କେଶପାଶ; (ବେଣିକା—ଅନ୍ୟରୂପ) ଦଉଡ଼ି ପରି ବଳା ହୋଇଥିବା କେଶପାଶ—1. Braided hair; a braid or plait; a pigtail. [ ଦ୍ର—ନାନା ଦେଶର ସ୍ତ୍ରୀମାନଙ୍କ ମଧ୍ୟରେ କେଶରଚନାରେ ନାନାପ୍ରକାର 'ବେଣୀ' ବିନ୍ୟାସ ଅଛି; ଯଥା—ବଙ୍ଗାଳୀ ବେଣୀ, ଦକ୍ଷିଣୀ ବେଣୀ, ଫିରଙ୍ଗୀ ବେଣୀ, ଜାଳିକ ବା ଦୋହୋଗ୍ର ବେଣୀ, ଘୋଟଣୀ ବେଣୀ, କମା ବେଣୀ, ସ୍ୱନ୍ଧା ବେଣୀ ବା ସ୍କନ୍ଧାଣ ବେଣୀ ଇତ୍ୟାଦି । ] ୨ । ଜଳପ୍ରବାହ—2. A current or stream of water. ୩ । ବୟନ; ବୁଣିବା—3. Weaving. ୪ । ଦେବଦାଳି ଗୁଳ୍ମ; ଏକପ୍ରକାର ଘାସ—4. Andropogen Caricosus ( a grass ). ୫ । ନଦୀବିଶେଷ—5. Name of a river. ୬ । ମେଣ୍ଢୀ—6. An ewe. ଦେ. ବି (ସଂ ବେଣୀ )—୧ । ଲୁଗାରେ বেণী; বেণা ବା ନଡ଼ାରେ ବୁଣାଯାଇ ଥିବା ଯୋଡ଼ା; ଉଚ୍ଚ ବନ୍ଧୁଆ ଡକ —1. A plait or braid of straw to

preserve fire. ୨ । କହୁଣିଆ ୨ ( ଦେଖ )—2. Kahunia 2 ( See ) ପ୍ରାଦେ. (ବାଲେଶ୍ୱର) ବ— ବେଣିଆ ( ଦେଖ )—Benia ( See )

ବେଣିଆ—ଦେ. ବ—କହୁଣିଆ ୨ (ଦେଖ)—Kahunia 2 (See).
Benia ପ୍ରାଦେ. (ବାଲେଶ୍ୱର) ବ—ମହୁତୁମସ୍ତ ଘରର ଛାଇ ତଳେ ଥିବା କଣବାଣ୍ଡ—Plate laid at the corners below the thatch of a block-house. ଦେ. ବଣ—ବେଣିପର ମୋଡ଼ାମୋଡ଼ା—Braided. ପ୍ରାଦେ (ଉତ୍ତର ବାଲେଶ୍ୱର) ବ—ନିଆଁ ରଖିବା ଅଣ୍ଟା—Braided straw for preserving fire.

ବେଣି(ଣିଁ)ଆ(ଆଁ)—ପ୍ରାଦେ (ମେଦିନୀପୁର) ବ.—ନିଆଁ ବତୁଆ—
Beni(niñ)a(añ) Braided straw for preserving fire.

ବେଣି(ଣିଁ)ଆ(ଆଁ) ନେପୁର—ଦେ. ବ. (ବେଣିଆ ଶବ୍ଦ)—ଦୁଇଟ ରୂପା
Beni(niñ)a(añ) nepura ତାରକୁ ପାଳବତୁଆ ପରି ମୋଡ଼ ଏହି ମୋଡ଼ା ତାରକୁ ଦ୍ୱିଗୁଣ କରି ପୁନର୍ବାର ମୋଡ଼ ବଳୟାକାରରେ ତିଆରି କରାଯିବା ଗୋଡ଼ର ଅଳଙ୍କାର—A kind of anklet consisting of braided silver wires.

ବେଣିଆଁ ଶିଂଘା—ଦେ. ବଣ. (ସ. ବେଣୀ ଓ ଶୃଙ୍ଗ)—ଯେଉଁ ବଳଦର,
Beniañ simgha ମେଣ୍ଢାର ବା ଛେଳିର ଶିଂଘ ବେଣିପରି ମୋଡ଼
मेँढ़ाशीङ्गा ମୋଡ଼ିକା ହୋଇଥାଏ—(a bullock or sheep
मेनमा (बलद्) or goat) Having sprial horns.

ବେଣି ଗୁରିଆ—ପ୍ରାଦେ. ( ସମ୍ବଲପୁର ଓ ଗଡ଼ଜାତ ) ବ—ପାଳବିଣିକି
Beni guria ବଟୁଳିରେ ହାଣ୍ଡି ରଖିବାପାଇଁ ତିଆରି ହୋଇଥିବା ମୁଚୁଳା; ପାଳମଣା—A circular hollow cushion for putting circular—bottomed pots on it.

ବେଣି ତାଡ଼—ଦେ. ବ (ବେଣିଅଶବ୍ଦ)—କର୍ପୂର ମାଳିଆ (ଦେଖ)
Beni tarda Kapura malia (See)

ବେଣି ପକା(କେ)ଇବା—ଦେ. କ୍ରି.—କେଶକୁ ବେଣୀ ପରି ବନ୍ଧ
Beni paka(ke)iba ସଜାଇବା—To make up the hair
चोटी बाँधा, बिनान बेणी बाँधना into a braid or pig-
ବେଣି ପାଡ଼(ର)ବା,ବେଣି ବଳିବା,ବେଣି ବାନ୍ଧିବା—ଅନ୍ୟରୂପ] tail

ବେଣି ଫିଟା(ଟେ)ଇବା—ଦେ କ୍ରି—କେଶ ବନ୍ଧା ହୋଇଥିବା ବେଣୀକୁ
Beni phita(te)iba ମୁକୁଳାଇବା—To undo a braid
चोटी खोला बेणीखोलना of hair.

ବେଣି ବତା—ଦେ.ବ—(ସ. ବେଣି)—ଦୁଇପାଳିଆ ଜାଙ୍କଲକବାଟର
Beni bata ଗୋଟିଏ ପାଳର ଧାରରେ ବାହାରକୁ ବାହାରି ମଝି-
वेणी बाता ସାଇଥିବା କାଠର ଲମ୍ବ ପଟି—A long strip of
कोर, बेणीवत्ती wood put on the edge of one of a pair of folding doors.
[ଦ୍ର—ଜାଙ୍କିଲ କବାଟ ବନ୍ଦ ହେଲାବେଳେ ଏ ଦୁଇ ପାଳର ଧାରକୁ ଅଚ୍ଛାଦନ କରି ରଖେ ।]

ବେଣି(ଣୀ)ବନ୍ଧନ—ସ. ବ—(୬ଷ୍ଠୀ ତତ୍) ବେଣୀ+ବନ୍ଧନ)—ମୁକୁଳା
Beni(ni)bandhana ବାଳକୁ ବେଣି ବନ୍ଧିବା—The tying
ବେଣିବନ୍ଧନ(ନା)—ଅନ୍ୟରୂପ of the hair into a plait or braid.

ବେଣି(ଣୀ)ବେଧିନୀ—ସ. ବ—ଜଳୌକା; ଜୋକ—
Beni (ni)bedhini Leech.

ବେଣିମଞ୍ଚ—ଦେ. ବ—କ୍ଷୁଦ୍ର ତରୁ ବିଶେଷ—
Benimanch मानु चुरचु Casearia Tomantosa.

ବେଣି(ଣୀ)ମାଧବ—ସ. ବ [ବେଣୀ=ତ୍ରିବେଣୀ ବା ପ୍ରୟାଗସ୍ଥ ଯମୁନା,
Beni(ni)madhaba ଗଙ୍ଗା ଓ ସରସ୍ୱତୀ+ମାଧବ=ବିଷ୍ଣୁ)—
(ବେଣମାଧବ—ଅନ୍ୟରୂପ) ପ୍ରୟାଗ ପୀଠ ବା ଏଲାହାବାଦରେ ପ୍ରତିଷ୍ଠିତ ପାଷାଣମୟ ଚତୁର୍ଭୁଜ ବିଷ୍ଣୁ ମୂର୍ତ୍ତି ବା ଭୈରବ ମୂର୍ତ୍ତି—An image of Bishnu at Allahabad. [ଦ୍ର—ଏ ଦେବତା ପ୍ରୟାଗତୀର୍ଥର ପ୍ରତିଷ୍ଠାତା ଦେବ ଅଟନ୍ତି ।

ବେଣୀର—ସ: ବ—ରିଠା ଫଳ ଓ ଗଛ; ଅରିଷ୍ଟ ବୃକ୍ଷ ଓ ଫଳ—
Benira The soap berry (tree and berry.)

ବେଣୀ(ଣି) ସଂହାର—ସ. ବ (ବେଣୀ+ସଂହାର=ସଙ୍ଗ୍ରହ)—୧ । ବେଣୀ
Beni (ni) samhara ବନ୍ଧନ—1. Tying the hair into a braid. ୨ । ଭଟ୍ଟ ନାରାୟଣ କବିଙ୍କ ରଚିତ ନାଟକ ବିଶେଷ—2. A sanskrit drama.
[ଦ୍ର—କୁରୁ ସଭାରେ ଦ୍ରୌପଦୀଙ୍କ କେଶାକର୍ଷଣପୂର୍ବକ ଦୁଃଶାସନ ଅପମାନପୂର୍ବକ ଟାଣି ଆଣି ଥିବାରୁ ଭୀମ କର୍ଣ୍ଣାହତା ଦ୍ରୌପଦୀଙ୍କୁ ଦେଖି ସଙ୍କଳ୍ପ କରିଥିଲେ ଯେ ଦୁଃଶାସନର ରକ୍ତଲିପ୍ତ ହସ୍ତରେ ଦ୍ରୌପଦୀଙ୍କର ମୁକ୍ତ କେଶରେ ବେଣୀ ବାନ୍ଧିବେ ନଚେତ୍ ତାହା ମୁକ୍ତ ରହିବ । ଭୀମ ଏହି ପ୍ରତିଜ୍ଞା ପାଳନପୂର୍ବକ କୁରୁକ୍ଷେତ୍ର ଯୁଦ୍ଧରେ ଦୁଃଶାସନକୁ ମାରି ତାହାର ରକ୍ତଲିପ୍ତ ହସ୍ତରେ ଦ୍ରୌପଦୀଙ୍କ କେଶରେ ବେଣୀ ବାନ୍ଧିଥିଲେ । ଏ ବିଷୟକୁ ଅବଲମ୍ବନ କରି ବେଣୀସଂହାର ନାଟକ ଲେଖା ହୋଇଅଛି ।] ଦେ. ବ.—କବିତା-ବଳରେ ଓଡ଼ିଆ କବି ରାଧାନାଥଙ୍କ ରଚିତ କବିତାବିଶେଷ—A poem composed by Radhanath, an Oria poet.

ବେଣୁ—ସ. ବ—(ଅଜ୍ ଧାତୁ=ଗମନ କରିବା+କର୍ତ୍ତୃ. ଣୁ; କପାଳନ
Benu ବମ୍ଭ୍ ବନ୍ ଧାତୁ=ଶବ୍ଦ କରିବା+କର୍ତ୍ତୃ. ଉ; କପାଳନ)—
୧ । ବାଉଁଶ—1. Bamboo, ୨ । ସରୁ ବାଉଁଶ; ବେଲ୍ଲଙ୍ଗି ବାଉଁଶ—2. A slender species of bamboo. ୩ । ବଂଶୀ—3. Flute; pipe; fife. ୪ । ନୃପବିଶେଷ—4. Name of a king. ଦେ. ବ; ୧ । ବେରୁଆଁ (ଦେଖ)—1. Beruañ (See) ୨ । ବେଣୁଧର ନାମକ ବ୍ୟକ୍ତିକୁ ଡାକିବା ନାମ—2. Name for calling Benudhara.

ବେଣୁଆ—ଦେ. ବ—(ସ. ବଲ୍ମୀକ)—୧ । ହୁଙ୍କା—1. Anthill.
Benua ୨ । ବେଣୁ (ଦେଖ)—2. Benu (See)
ऊँइटिपी बाँबी

ବେଣୁକ—ସ. ବି (ବେଣୁ+କ)—ଗବାଦି ତାଡ଼ନାର୍ଥ ବ୍ୟବହୃତ ବଂଶ-
Beṇuka ଦଣ୍ଡ; ପାଞ୍ଚଣ; ବାଡ଼ି—A stick or staff for driving cattle.

ବେଣୁଧର—ସ. ବିଣ—(ଉପପଦ ତତ୍ପୁରୁଷ)—ଯେ ବେଣୁ ବା ବଂଶୀ
Beṇudhara ଧରି ଥାଏ—Holding a flute. ସ. ବି—
বেণুধর ଶ୍ରୀକୃଷ୍ଣଙ୍କ ନାମାନ୍ତର—Name of Srikrushna.
वंशधर ଦେ. ବି.;ପୁଂ—ପୁରୁଷଙ୍କୁ ଦିଆଯିବା ନାମ—Name given to persons.
(ବେଣୁପାଣି—ଅନ୍ୟରୂପ)

ବେଣୁ ଧ୍ୱନି—ସ. ବି—(୬ଷ୍ଠୀ ତତ୍)—ବଂଶୀ ବାଜିବାର ଶବ୍ଦ—The
Beṇu dhwani sound of flute.
(ବେଣୁନାଦ, ବେଣୁରବ, ବେଣୁସ୍ୱନ—ଅନ୍ୟରୂପ)

ବେଣୁ ବାଦକ—ସ. ବିଣ. ପୁଂ—(ବେଣୁ+ବାଦ+କର୍ତ୍ତୃ. ଅକ)—ଯେ
Beṇu bādaka ବେଣୁ ବଜାଏ—One who blows a flute.
(ବେଣୁବାଦକୀ—ସ୍ତ୍ରୀ)

ବେଣୁ ବାଦନ—ସ. ବି—(୬ଷ୍ଠୀ ତତ୍)—ବେଣୁ ବଜାଇବା—
Beṇu bādana The blowing of a flute.

ବେଣୁ ବୀଜ—ସ. ବି—(୬ଷ୍ଠୀ ତତ୍)—ବାଉଁଶ ଧାନ; ବାଉଁଶ ଫୁଲରୁ—
Beṇu bija Paddy-like grains produced from flowering bamboo.
(ବେଣୁ ଯବ—ଅନ୍ୟରୂପ)

ବେଣ୍ଟ(ଣ୍ଟୁ)ଲା—ଗ୍ରାଦେ. (ସମ୍ବଲପୁର) ବି.—ସ୍ତ୍ରୀଲୋକମାନଙ୍କର କର୍ଣ୍ଣ-
Beṇṭa(ṇṭu)lā ଭୂଷଣବିଶେଷ—A kind of ear ring.
ଗ୍ରାଦେ. (ବାଲେଶ୍ୱର)—ବି.—ବେଣ୍ଟ (୮) ଦେଖ—
Beṇṭa (8) See.

ବେଣ୍ଟ ହେବା—ଗ୍ରାଦେ. (ଗଡ଼ଜାତ) କ୍ରି—ମଲା ବାଛୁରୀ କମ୍ବା ମଇଁଷି
Beṇṭ hebā ଛୁଆ ମାଈ ଗର୍ଭ ଘରରେ ରହି ଯିବା—The state of a dead calf remaining inside the womb of a cow or buffalo.

ବେଣ୍ଟ—ଦେ. ବି (ସ. ବୃନ୍ତ; ତୁଳ. ପ୍ରା. ବଣ୍ଟ)—୧ । କଇଁ ବା ପଦ୍ମ
Beṇṭa ଫୁଲର ନାଡ଼—1. The stalk of lotus or lily.
ডাঁটি नाल ୨ । ଅସ୍ତ୍ରାଦିର ମୂଠ—2. Handle of instru-
বাঁট बेंट ments. [ଉ—କୁଠାରେ ଲଗାଇ ହୋଇ ବେଣ୍ଟରୂପେ
বঁট ଯଥା; ନାଶେ ତରୁ ବନ ଦେଶେ ଅତୀ ତରୁ ବଳେ । ସ୍ୱଧାନାଥ. ମହାଯାତ୍ରା ।] ୩ । ଅଗଣରେ ବା ଡଙ୍କୁରେ ବାଉଁଶ ବା
শিকার କାଠର ଯେଉଁ ଦଣ୍ଡ ଲାଗି ଥାଏ—3. Handle of a
शिकार ladle. ୪ । ଛତାରେ ଲାଗିଥିବା ଦଣ୍ଡ—4. The handle of an umbrella. ୫ । ଶିକାର; ପାରଧି; ମୃଗୟା; ଅହେ—5. Hunting. [ଉ—ଶୂର ଘଇ ଶୂର ବଳରେ ବେଣ୍ଟ ପର, ଖାଆନ୍ତି ମାଂସ ନିତ୍ୟ ନିତ୍ୟ ମୃଗ ମାରି । କୃଷ୍ଣସିଂ. ମହାଭାରତ. ବନପର୍ବ । ]
বোঁটা ୬ । ସ୍ତନାଗ୍ର; ଚୁଚୁକ—6. The nipple of
भुटका woman's breast. ୭ । ଗବାଦି ପଶୁଙ୍କର ଲମ୍ବିତ ସ୍ତନ
বাঁট বা ଚୁଚୁକ—7. The finger-like udder of
चुची beasts. ୮ । ପରିପକ୍ୱ କଇଁ ଫୁଲର ପରିଣତ ଗୋଲାକୃତ
শালুকের বীজকোষ ବୀଜକୋଷ—8. The seed capsule of
भेंट the water lily. ଗ୍ରାଦେ (ସମ୍ବଲପୁର ବି—ଲଥ ରଖିବା ପାଇଁ ଗାଈଙ୍କ ଅଁଇଆଳସ୍ଥିତା ଦଉଡ଼ି—Braided straw for preserving fire. ଗ୍ରାଦେ (କଳାହାଣ୍ଡି) ବି—ବଡ଼ ଦଉଡ଼ି—A big stout rope.

ବେଣ୍ଟକର—ଗ୍ରାଦେ (ଗୌଡ) ବି—ପିଦ୍ମ ଫୁଲର ବୀଜକୋଷ—The
Beṇṭakara seed capsule of water lily. [ଦ୍ର—ଏହି ବୀଜକୋଷ ମଧ୍ୟରେ ଥିବା ଗୋଲାଶ ପର ଶସ୍ୟକୁ ଭାଜିଲେ ସୁସ୍ୱାଦ୍ୟ ଲିଆ ବା ଖଇ ହୁଏ । ଏହାକୁ 'ବେଣ୍ଟକର ଲିଆ' କୁହାଯାଏ । ]

ବେଣ୍ଟ କରିବା—ଦେ. କ୍ରି—ମୃଗୟା କରିବା; ପାରଧି କରିବା, ଶିକାର
Beṇṭa karibā କରିବା—To hunt.
শিকার করা शिकार खेलना

ବେଣ୍ଟକାର—ଦେ. ବି—୧ । ବ୍ୟାଧ—1. A hunter. ୨ । କଟକ
Beṇṭakāra ଜିଲ୍ଲାର ହୋବଳ୍ଯା ପ୍ରଗଣାର ଗୋଟିଏ ଗ୍ରାମ—
শিকারী 2. A village in the district of Cuttack.
शिकारी [ଦ୍ର—ଏଠାରେ ଉତ୍କୃଷ୍ଟ ଆମ୍ବ ମିଳେ ।]

ବେଣ୍ଟ ଧରିବା—ଦେ. କ୍ରି—(ପୀଡ଼ାଦାୟକ ଶିଶୁ) ସ୍ତନ୍ୟ ପାନ କରିବା
Beṇṭa dharibā ପାଇଁ ମାଆସ୍ତନର ଚୂଚୁକକୁ କାମୁଡ଼ିବା—
মায়ের দুধ খাওয়া To suck the nipple of the mother's
माकी चूँची मुहँमे लगाना breast (said of sucking by infants while ailing).

ବେଣ୍ଟ ପୋଖରୀ—ଦେ. ବି—ଯେଉଁ ପୋଖରୀକୁ ବନ୍ୟଜନ୍ତୁମାନେ ପାଣି
Beṇṭa pokhari ଖାଇବାକୁ ଆସିବା ସମୟରେ ରାଜା ସେମାନଙ୍କୁ
শিকারের পুকুর ଶିକାର କରନ୍ତି—A tank near which
शिकारका पोखर the king hunts animals coming to drink water therin. [ଉ—ଅରେ ଅରେ ପାପ୍ପ କର୍ତ୍ତା ମୋ ପୀଡ଼ାରେ ବସ, ଖାଇବାକୁ ଦେବ ତୁମକୁ ନଡ଼ଆର ରସ, ପିଇବାକୁ ଦେବ ତୁମକୁ ବେଣ୍ଟ ପୋଖରୀ ପାଣି, ଶୋଇବାକୁ ଦେବ ତୁମକୁ ପଲୁଡ଼ି ମସୁଣୀ— ଶିଶୁଗୀତ ।]

ବେଣ୍ଟଲା(ଲ୍ଲ)—ଦେ. ବି—ବେଣ୍ଟୁଲ (ଦେଖ)
Beṇṭalā(lā) Beṇṭulā (See).

ବେଣ୍ଟି—ଦେ. ବି (ସ. ବେଷ୍ଟନୀ)—ପ୍ରାଚୀନ ହିନ୍ଦୁମାନଙ୍କ ମୁଣ୍ଡ ମଝିରେ
Beṇṭi ଥିବା ପାର୍ଶ୍ୱ କେଶଗୁଚ୍ଛର ଚାରି ପାଖରେ ରଖାଯାଇଥିବା ଛୋଟ
কোঠা কামান କେଶମାନଙ୍କ ବେଷ୍ଟନୀ—A fringe of short
शिरका बाल hair left round the top-knot of Hindus. ଗ୍ରାଦେ (କଟକ) ବି—ମେଣ୍ଟା (ଦେଖ)—Meṇṭā (See). ଗ୍ରାଦେ (ସମ୍ବଲପୁର) ବି—ଭୁଷୁଡ଼ି ବା ଘାସର ଦଉଡ଼ି—Rope made of hay or straw. ଗ୍ରାଦେ (ସମ୍ବଲପୁର ଓ ଗଡ଼ଜାତ) ବି—୧ । ଧାନ କଳା ବାନ୍ଧ ଖଳାକୁ ଆଣିବା ଦଉଡ଼ି—1. Rope for tying sheaves of paddy to be brought to the threshing floor from the field. ୨ । ଭୁଷୁଡ଼ି ବା ଓଳିଅ ବାନ୍ଧିବା ପାଇଁ ପାଗଳାଏଁ ବନ୍ଧନ (ଯେଉଁ ଦଉଡ଼ି କୁଣ୍ଡଳାକାରରେ ଓଳିଅର ଚାରି ଆଡ଼ରେ ଥାଏ)—2. The

rope of straw wound round the straw packets in which paddy and other grains are stored.

**ବେଣ୍ଟିଅା**—ଦେ. ବଣ—ଯାହାର ମୁଣ୍ଡ ଚୂଉପାଖରେ ବେଣ୍ଟି ଭୁଲଥାଏ—
**Bentiā** Having a fringe of short hair round the top knot. ପ୍ରାଦେ. (ସମ୍ବଲପୁର) ବ—ନଅଁ ବଡ଼ୁଅ—A plaited straw used for preserving fire.

**ବେଣ୍ଟି ଛାଡ଼ିବା**—ଦେ. କ୍ରି—କ୍ଷୌର କଲାବେଳେ ଚୂଡ଼ାର ଚୂଉପାଖରେ
**Benti chhārdibā** ଗୋଟିଏ ବଉଣ୍ଡା ପରି ବେଣ୍ଟି ବା ବେଷ୍ଟନୀ
କୋଁଠା କାମାନ ରଖିବା—To leave a fringe of short
(ବେଣ୍ଟି ରଖିବା—ଅନ୍ୟରୂପ) hair round the top knot while shaving a person.

**ବେଣ୍ଟୁଅା(ଲା)**—ଦେ. ବ—ଛୋଟ ବେଣ୍ଟଯୁକ୍ତ କାଠର ବା ମାଟିର ଏକ
**Bentuā(lā)** ପ୍ରକାର ପାତ୍ର; ଧାନକଡ଼ା କାଠୁଅ—A wooden
সেঁউতী; কেঠো ladle with a small handle. [ଦ୍ର—ଏହା ଦ୍ୱାରା ଧାନସିଝିଅଁ ହାଣ୍ଡିରୁ ସିଝା ଧାନ କାଢ଼ନ୍ତି ଓ ନାହାରୁ ପାଣି କାଢ଼ନ୍ତି ।]

**ବେଣ୍ଟୁ(ଣ୍ଟୋ)ଲା(ଲା)**—ଦେ ବ—୧ । ମଣ୍ଡଳୀ ନାମକ ସ୍ତ୍ରୀମାନଙ୍କର
**Bentu(nto)lā(lā)** ଉପର କାନରେ ପିନ୍ଧିବା ଅଳଙ୍କାର—1. A kind of dumb-bell shaped ornament for the upper part of the ear. (ଉ—ବେଣ୍ଟୁଲା ଫୁଲ ଝୁଲକା ତାଟଙ୍କ । କବିସୂର୍ଯ୍ୟ. ଚନ୍ଦ୍ରକଳା ।) ୨ । ବେଣ୍ଟୁଅ (ଦେଖ)—2. Bentuā (See)

**ବେଣ୍ଟୁଲି**—ଦେ. ବ—୧ । ଛୋଟ ବେଣ୍ଟଯୁକ୍ତ ମାଟିର ତିଆରି ବେଣ୍ଟୁଅ—
**Bentuli** 1. An earthen ladle with a small handle (used to handle boiling paddy and water inside a boat. ୨ । ଛୋଟ ବେଣ୍ଟଯୁକ୍ତ ଦାଅ—2. A scythe with a small handle. ୩ । ରଜା ବଳେ ହେବା ସମୟରେ ତାଙ୍କୁ ଯେଉଁ ସୁନା-ରୂପାର ବନ୍ଧା ବେଣ୍ଟ ଲଗା ପଙ୍ଖାରେ ହଙ୍କାଯାଏ—3. A fan with silver or gold handle with which Rajas are fanned in a procession.

**ବେଣ୍ଡ**—ବୈଦେ. ବ. ( ଇଂ. ବାଣ୍ଡ )—ଜମ୍ପୁରୁ ବାଜା; ଐକତାନର
**Bend** ବାଦ୍ୟସମଷ୍ଟି; ପାଶ୍ଚାତ୍ୟ ବାଜାମାନଙ୍କର ସମାହାର (ଏଥିରେ
ব্যাণ্ড ଢୋଲ; ମହୁରୀ, ବଂଶୀ, ଝାଞ୍ଜ ଅବ ଏକତ୍ର ବାଜେ) ଭ୍ରମ
बैण्ड ବାଜା—A band (of European music).
(ବେଣ୍ଡ ବାଜା—ଅନ୍ୟରୂପ)

**ବେଣ୍ଡ ମାଷ୍ଟର**—ବୈଦେ. ବ. (ଇଂ. ବାଣ୍ଡ ମାଷ୍ଟର)—ବେଣ୍ଡ ବାଜା
**Bend māshtar** ବଜାଇବା ଦଳର ନେତା ବା ଗୁରୁ—
ব্যাণ্ড মাষ্টর बैण्ड मास्टर Band master.

**ବେଣ୍ଡା**—ଦେ. ବ—(ଘର ଅଦରେ) ଦୁଆର ମୁହଁରେ ଲଗିଥିବା ତାଟିକୁ
**Bendā** ଘରର ଅଡ଼ୁ ଟାଣି ଅଟକାଇବା ପାଇଁ ବ୍ୟବହୃତ
আগল(ড়) ବାଉଁଶ ବା କାଠର ଧଡ଼ା; ଭାଟ ଧଡ଼ା; ଭାଟ ଡକା—
बेंगाठी A bar of wood or bamboo used to keep the Tāti of a house-door tight by means of a rope attached to both.
[ଦ୍ର—ଏହି ଧଡ଼ାର ମଝି ଓ ତାଟିର ମଝିକୁ ସଣ୍ଡିଏ ଦଉଡ଼ା ଯାଗି ଧରି ରଖିଥାଏ ।]

**ବେତ**—ଦେ. ବ. (ସ. ବେତ୍ର)—ବେତ ଲତା—Calamis; Cane;
**Beta** Rotang; Rott an Cane; Calamus Rolang.

ସ. ବେତସ, ବାନୀର, ବଞ୍ଜୁଳ, ନୀରପ୍ରିୟ, ତୋୟକାମ, ଅଭ୍ରପୁଷ୍ପକ, ବଞ୍ଜୁଲ, ଯୋଗିଦଣ୍ଡ, ଦୀର୍ଘପତ୍ରକ, କଲନ, ସୁଷେଣ, ମଂଜୁଗ୍ରନ୍ଥ, ଦ୍ରୁଫଳ, ରଥ, ଶୀତ, ଗଂଧପୁଷ୍ପକ
বেত, বৈঁত
बेंत, बेत
ମ. ବେତ
ଫା. ବେଦ୍
ବେଁତ } ଅନ୍ୟରୂପ
ବେନ୍ତ }

[ଦ୍ର—ଏହି ଗଛ ଓ ଏହାର ଫଳ କଣ୍ଟକମୟ । ଗଛରୁ ଗୋଟିଏ ଗୋଟିଏ ଲମ୍ବ ନାଳୀ ବାହାରେ ତାହା ମଧ୍ୟ ବଙ୍କା କଣ୍ଟାଯୁକ୍ତ । ଏହାର ଚୋପା ଛଡ଼ାଇ ଦେଲେ ଏହା ମଧ୍ୟରୁ ସରୁ ଲମ୍ବା ଜେମତ୍ତ ଯଷ୍ଟି ବାହାରେ । ବେତ ନାନା କାର୍ଯ୍ୟରେ ଲାଗେ । ଏହାକୁ ଚିରି ମଉଅ କରି ମୋଟ ଦଉଡ଼ି ବଳନ୍ତି, ଚଉକୀ ଓ ଖଟ ବୁଣନ୍ତି, ବେତା ଟୋକେଇ ଅବ ବୁଣନ୍ତି । ବେତ ଲତା ଲମ୍ବରେ ୫୦ ହାତ ପର୍ଯ୍ୟନ୍ତ ବଢିବାର ଦେଖାଯାଏ । ଏହାକୁ ଯଷ୍ଟିରୂପେ ବ୍ୟବହାର କରନ୍ତି, ଏଥିରେ ଅପରାଧୀ ଓ ଛାତ୍ରମାନଙ୍କୁ ମାଡ଼ ଦିଆଯାଏ ।

ଚିରା ବେତ ଦ୍ୱାରା ଘରଚାଳର ଭୁଅ ସଙ୍ଗେ ବତାକୁ ଗଣ୍ଠି ପକାଇ ରଖନ୍ତି ଓ ବାଉଁଶ ଯୋଡ଼ ବତାରେ କାମୁଡ଼ା ଦେଇ ବେତ ଦ୍ୱାରା ଗଣ୍ଠି ପକାଇ କାତଡ଼ିଅଡ଼ି ବାନ୍ଧି କରନ୍ତି ।

ବେତ କଣ୍ଟା ଖୁବ ସରୁଅ ଥିବାରୁ ଦେହରେ ବେତ କଣ୍ଟା ଫୋଡ଼ି ସ୍ତ୍ରୀ ଲୋକମାନେ ଦେହରେ ଚିତା କୁଟାନ୍ତି । ବେତ ଫୋଳ ପାଚଲେ ମିଠା ଓ କଷା ଲାଗେ । ତାହା ପିଲା ଓ ଗରିବ ଲୋକମାନେ ଖାଆନ୍ତି । ବେତ ମଞ୍ଜିରେ ମାଳା କରି ଗରିବ ଲୋକମାନେ ପିନ୍ଧନ୍ତି । ବେତର ଅଗ୍ର-ଭାଗସ୍ଥ କୋମଳ ଅଂଶର ଚୋପା ଛଡ଼ାଇ ତା ମଧ୍ୟରେ ଥିବା ବଜାକୁ କାର୍ତ୍ତିକ ମାସରେ ହବିଷ୍ୟାଳୀମାନେ ରାନ୍ଧି ଖାଆନ୍ତି, ଏହା ଟିକିଏ ପିତା ଲାଗେ । ବେତ ବଜାକୁ ଚୂନ ଚୂନ କରି କାଷ୍ଟ ଶାକ ପର୍ବରେ ବଢ଼ାଯାଏ ।

ଆମ ଦେଶରେ ମୋଟ, ସରୁ, ଡେଙ୍ଗା ଓ ବାମ୍ଫୁରୁ—ଜାନା ପ୍ରକାରର ବେତ ଅଛି । ଏକ ପ୍ରକାର ବେତ ପାଣି-କୂଳରେ ହୁଏ, ଏହି ବେତକୁ ସଂସ୍କୃତରେ 'ବାନୀର' କହନ୍ତି ।

ବ୍ରହ୍ମଦେଶ ଓ ଯାଭା ଅବ ଦ୍ୱୀପର ବେତ ଖୁବ ମୋଟ ହୁଏ, ଏପରି କି ସେ ବେତରେ ଚଉକି, ଟେବଲ ଅବ ତିଆରି କରାଯାଏ ।

ବେତର ପ୍ରକାର

୧ । ଗଛର ବେତ ବା ଗଛର ବେତ—ମୋଟ ବେତ; ଏହାର କଣ୍ଟା ସରୁ ଓ ପତ୍ର ବଡ଼ ।

୨ । ଜାଲ ବେତ—ସରୁ ବେତ, ଏଥିରେ କଣ୍ଟା ନାହିଁ; ଏହାର ପତ୍ର ପାନପତ୍ର ପରି ।
୩ । ପାଣି ବେତ—ସଂ. ଜଳବେତସ; ବାଗାର ।
୪ । କାଠ ବେତ—ବୁଢ଼ ମୋଟା ବେତ, ବାଉଁଶ ପରି; ଏହାର ପବସ୍ତରକ ଅପେକ୍ଷାକୃତ ଲମ୍ବ ।] ୨ । ବେତର ଯଷ୍ଟି—2. A stick of cane. ୩ । ଅପରାଧୀ ବ୍ୟକ୍ତିକୁ ଦିଆଯିବା ବେତ ମାଡ଼; ବେତ୍ରାଘାତ ଦଣ୍ଡ—3. Strips with cane given to offenders. ୪ । ବେତ୍ରାଘାତର ଚିହ୍ନ—4. Marks of cane strips left on the body.

ବେ ତଇ(ଏ, ୟ)ନ୍(ନି)—ଦେ. ବଣ. (ଫା.ବେ+ତୟନ=ନିଶ୍ଚିତ)—Be tai(e, ya) n (ni) ୧ । ଅନିଶ୍ଚିତ; ବେଠିକ—1. Uncertain. ୨ । ଅନିର୍ଦ୍ଦିଷ୍ଟ—2. Unascertained
বেঠিকানা बे ठिकाना [ବେତୈନ(ନ)—ଅନ୍ୟରୂପ]

ବେ ତଇ (ଏ, ୟ)ନାତ୍(ତି)—ବୈଦେ. ବଣ. (ଫା.ବେ+ତଅୟୁନ୍)-Be tai(e, ya) nat(ti) ଅନିଯୁକ୍ତ—Unengaged; not appointed. ବୈଦେ. ବି. (ଫା)—ନିଯୁକ୍ତିହୀନତା, ଚାକିରି ଅଭାବ—Unemployment
बेतैनात बेतैनाती [ବେତୈନାତ୍(ତି)—ଅନ୍ୟରୂପ]

ବେ ତକ୍‌ସିର୍—ବୈଦେ. ବଣ. (ଫା)—୧ । ନିରପରାଧ—1. Innocent. ୨ । ନିର୍ଦ୍ଦୋଷ—2. Guiltless.
Be taksir নির্দোষ बेतकसीर

ବେତକଣ୍ଟା—ଦେ. ବି (ବେତ ଓ କଣ୍ଟକ)—ବେତଗଛର ପାଖୁଡ଼ାରେ ଓ ନାସିରେ ଥିବା କଣ୍ଟା—Thorns growing on cane trees. [ ଦ୍ର—ଏହା ଦୁଇ ପ୍ରକାର; ବେତଗଛର ପାଖୁଡ଼ାରେ ଯେଉଁ କଣ୍ଟା ଥାଏ ତାହା ଛୁଆ ପରି ସରୁ ଓ ସିଧା । ଏହା ପ୍ରାୟ ୧½ ଇଞ୍ଚ ପର୍ଯ୍ୟନ୍ତ ଲମ୍ବ ହୁଏ । ବେତନାସିରେ ଯେଉଁ କଣ୍ଟା ଥାଏ ତାହା ଛୋଟ ଅଙ୍କୁଶଯୁକ୍ତ । ]
Betakanta বেতকাঁটা बेतका काँटा

ବେତକନ୍ଦା—ଦେ. ବି ( ସଂ. ବେତ+ସ୍କନ୍ଧ )—ବେତ ଲତାର ଅଗ୍ର ଭାଗର ଚୋପା ଛଡ଼ାଇଲେ ତା ମଧ୍ୟରୁ ବାହାରିବା ବେତର କୋମଳ ଅଂଶ—Tender parts inside the tender shoots or top portions of cane plants. [ ଦ୍ର—ଏହା ରନ୍ଧା ହୋଇ ଖିଆଯାଏ, ଟିକିଏ ପିତା ଲାଗେ । ବଙ୍ଗଦେଶରେ ଏହାକୁ ଉଅଣ ମଧ୍ୟ କହନ୍ତି । ]
Betakanda

ବେତକୋଳି—ଦେ. ବି—ବେତଫଳ—The berry of cane plant. ( ଲୁ—ହାଡ଼ ଗଜଗଜ ବେତକୋଳି, ତା ଖାଇଲେ ବ ପେଟ ପୂରେ—ଢଗ । ) [ ଦ୍ର—ଏହାର ଉପରେ ଚୋପା ଥାଏ ଓ ଏଗୁଡ଼ିକ ପେନ୍ଥା ପେନ୍ଥା ହୋଇ ଫଳେ । ପାଚିଲା ଫଳର ଚୋପା ଛଡ଼ାଇଲେ ଭିତରେ ଝଡ଼ଡ଼ ଓ ମିଠା କଷା କୋମଳ ପଦାର୍ଥର ସ୍ତର ମଞ୍ଜି ଉପରେ ବେଢ଼ିଥାଏ । ]
Betakoli বেত ফুল बेँत फल

ବେତଖଟ—ଦେ. ବି—ବେତ ବୁଣା ଖଟ—A bedstead woven with strips of cane.
Betakhata বেতের খাট बेतकी खटिया

ବେତ ଖାଇବା—ଦେ. କ୍ରି—ବେତଦ୍ୱାରା ପ୍ରହୃତ ହେବା—To be caned; to be struck with cane.
Beta khaiba বেত খাওয়া बेत खाना (ଲୁ—ନ ଠେଲିଲ ଖାଇ ବପଦର ବେତ—ସୁଧାକାର ଦରବାର ।)

ବେତଗଣ୍ଠି—ଦେ. ବି ( ସଂ. ବେତ୍ର, ବେତସ+ଗ୍ରନ୍ଥି )—୧ । ଘରର ବାଡ଼ତାଟିରେ ଓ ଛାଟମାଟ ଜାନ୍ତିର ଓ ବାଡର ଦୁଇପାଖେ ଚାମୁଡ଼ା ଗଢ଼ା ହୋଇଥିବା ପରସ୍ପର ସଲଗ୍ନ ବତାମାନଙ୍କୁ ବେତର ଯେଉଁ ସରୁ ସରୁ ଚିରା ସୂତୁଲି ବାନ୍ଧ ଦଏ—1. Thin strips of split cane used in tying together the split bamboos attached to the both sides of a thatch frame, bamboo wall or fence. ( ବେତମୁଠିଆ—ଅନ୍ୟରୂପ ) ୨ । ଦୁଇଟି ବତାକୁ ଦୃଢ଼ରୂପେ ବାନ୍ଧିବା ପାଇଁ ଚିରା ବେତରେ ଯେଉଁ ଗଣ୍ଠି ପକାଯାଏ—2. Knots made with narrow strips of split cane to bind the two split bamboos on both sides of a thatch-frame or fence.
Betaganthi বেতের গাঁইঠ बेतका बंधन

ବେତ ଚଉକି—ଦେ. ବି—୧ । ବେତବୁଣା ଚଉକି—1. Chairs woven with split canes. ୨ । ବଦେଶୀ ଗୋଟା ବେତରେ ତିଆରି ଚଉକି—2. Cane chairs.
Beta chauki বেতের চেআর बेतकी चौकी

ବେତ ଚିରା—ଦେ. ବି—ବୁଣିବା ପାଇଁ ବେତକୁ ଚିରୁଡ଼ା ଚିରୁଡ଼ା ଓ ପତଳା କରି ଚିରିବା—Splitting canes into thin strips.
Beta chira বেত চেরা बेतकु चीरना

ବେ ତଜବିଜ୍—ବୈଦେ. କ୍ରି. ବଣ (ଫା)—୧ । ବିବେଚନା ନ କରି—1. Without consideration. ୨ । ପରୀକ୍ଷା ବ୍ୟତୀତ; ପରୀକ୍ଷା ନ କରି—1. Without examination.
Be tajabij बे तजवीज

ବେତଣ୍ଡ—ସଂ. ବି ( ବେ=ଯେ ଗମନ କରେ+ତଣ୍ଡ୍ ଧାତୁ=ତାଡ଼ନା କରିବା+କର୍ମ. ଅ )—୧ । ହସ୍ତୀ; ଗଜ—1. Elephant. ୨ । ଉଚ୍ଛୃଙ୍ଖଳ ବ୍ୟକ୍ତି—2. A self-willed person.
Betanda

ବେତଣ୍ଡା—ଦେ. ବଣ ( ସଂ. ବିତଣ୍ଡା ବା ବେତଣ୍ଡ )—୧ । ବେଅଡ଼ା; ଉଚ୍ଛୃଙ୍ଖଳ ବ୍ୟକ୍ତି—1. Wicked; recalcitrant ୨ । ଅମାନିଆ; ଅଶାସିତ; ଦୁର୍ଦ୍ଦାନ୍ତ—2. Unruly. ୩ । ଅଶାଳୁଆ—3. Irregular. ୪ । ବାଗ୍‌ବିତଣ୍ଡାକାରୀ—4. Quarrelsome; fond of hair splitting argument. ଦେ. ବି—ବାଗ୍‌ବିତଣ୍ଡା—Wordy fight.
Betanda वितयडी
ବେତଣ୍ଡିଆ, ବେତେଣ୍ଡା, ବେତେଣ୍ଡିଆ } ଅନ୍ୟରୂପ
वितयडा

ବେତତ୍(ଦ୍)ପି(ବି)ର—ବୈଦେ. ବି. ( ଫା. ବେ+ତଦ୍‌ବୀର )—୧ । Betat(d)pi(bi)ra ଅପ୍ରୋଚନବନ୍ଧନ—1. Having no बेतद्बीर previous arrangements. ୨ । ସେ ବିଷୟରେ ଯୋଗାଡ଼ କରେ ନାହିଁ—2. Making no efforts or endeavours towards the fulfilment of any act.

ବେତଥ୍ୟ—ଦେ. ଣ ( ଫା. ବେ+ସ. ତଥ୍ୟ )—୧ । ଅନିଶ୍ଚିତ—Betathya 1. Uncertain. ୨ । ଅସତ୍ୟ—2. Untrue; बेतथ्य incorrect.

ବେତ ଦଉଡ଼ା(ଡ଼ି)—ଦେ. ବି—ଚିରା ବେତରେ ବଳା ଯାଇଥିବା ରଜ୍ଜୁ—Beta daurdā(rdi) Ropes made of twisted split ବেতের দড়ি बेतकी रस्सी canes. [ ଦ୍ର—ଏହା ତନ୍ତୀ ରଜ୍ଜୁ ଅପେକ୍ଷା ଦୃଢ଼ । ଏହା ଡାଳିବାରେ ବ୍ୟବହୃତ ହୁଏ । ]

ବେତ ଦେବା—ଦେ. କ୍ରି—ବେତ୍ରାଘାତ କରିବା—To strike Beta debā बेत लगाना with cane, বেত মারা, বেত দেওয়া, বেত লাগান, বেত বসান
ବେତ ବଜା(ଜେ)ଇବା, ବେତ ମାରିବା, ବେତ ବସା(ସେ)ଇବା, ବେତ ଲଗା(ଗେ)ଇବା } ଅନ୍ୟରୂପ

ବେତନ—ସ. ବି ( ଅଜ୍ ଧାତୁ ବା ବୀ ଧାତୁ=ଗମନ କରିବା+ତନ. Betana ଭାବେ; ଉପାଦାନ )—୧ କର୍ମର ଦକ୍ଷିଣା; କର୍ମର ମୂଲ୍ୟ; মাইনা ଦରମା; ପାରିଶ୍ରମିକ—1. Salary; pay; remu- तनखा; तलब neration for work. ୨ । ମୂଲ; ମଜୁରି—2. Wages. ୩ । ଜୀବିକା—3. Livelihood. ୪ । ରୌପ୍ୟ—4. Silver. ୫ । ଭଡ଼ା—5. Hire.

ବେତନ ଗ୍ରହଣ—ସ. ବି—କୌଣସି କାର୍ଯ୍ୟର ପାରିଶ୍ରମିକ ଅର୍ଥ ନେବା—Betana grahana Receipt of salary or pay

ବେତନ ଗ୍ରାହୀ—ସ. ଣ ( ବେତନ+ଗ୍ରହ୍+କର୍ତ୍ତୃ. ଇନ୍ )—ଯେ Betana grāhi ଦରମା ନେଇ କାମ କରେ; ଦରମାଖିଆ; (ବେତନଭୋଗୀ—ଅନ୍ୟରୂପ) ଦରମାରେ ରହିଥିବା ( ଚାକର )—Getting pay; salaried ( servant ).

ବେତନ(ଲ)ତା(ତି)—ଦେ ବି—ଗୋଲ ହୋଇ ବେଢ଼ି ରହିଥିବା ବେତର ଲତା—A bush or Betana(la)tā(ti) বেতের লতা बेतकी लता grove of cane plant ( ବେତନ[ଲ]ଟେଇ, ବେତଗୁଦା—ଅନ୍ୟରୂପ )

ବେତନ ଦାତା—ସ. ଣ ( ବେତ+ଦା ଧାତୁ+କର୍ତ୍ତୃ. ତୃ )—ଯେ Betana dātā ଚାକରଙ୍କୁ ଦରମା ଦିଏ—Paying salary to servants.

ବେତନ ଦାନ—ସ. ବି ( ୬ଷ୍ଠୀ ତତ୍ )—ଚାକରଙ୍କୁ ଦରମା ଦେବା—Betana dāna Payment of wages or salary.

ବେତନ ପାଣି—ଦେ. ବି—ବର୍ତ୍ତନ ପାଉଥିବା ସେବକ—A servant Betana pāni who draws salary or wages ( ଦ୍ର—ବୈତନ ପାଣି ଦେଖେ ଯଥା ତାହ—ରସ. ବୈଦେହୀଶବିଳାସ । )

ବେତନ ବୃଦ୍ଧି—ସ. ବି—ଦରମା ବଢ଼ିବା—Increase of salary; Betana bruddhi increment of pay.

ବେତନ(ନା, ଲ, ଲା)ସି—ଦେ. ବି ( ସ. ବେତ୍ର+ନାସା )—ବେତ Betana(nā, la, lā)si ଡାଳରୁ ବାହାରିଥିବା ଅଙ୍କୁଶା କଣ୍ଟା बेतकी नसकी ଯୁକ୍ତ ତନ୍ତୁ—Fibres or feelers coming out of the body of the cane plant full of hooked thorns.) [ ଦ୍ର—ବେତନାସି ଗୋଷ୍ଠରେ କାଢ଼େଇଲ ପର ଜାତୁଣୀମାନଙ୍କ ଦେହକୁ ପାଶିଛନ୍ତା ମାଗୁଛ—ଫକୀରମୋହନ. ଗଳ୍ପସ୍ୱଳ୍ପ ।) [ ଦ୍ର—ଏହି ନାସିରେ ଏକ ନ ଥାଏ ଓ ଏ ଅନ୍ୟ ଗଛରେ ଗୁଡ଼ାଇ ହୋଇ ବେତଲତାକୁ ଉତ୍ତୋଳନ କରି ଧରେ । ]

ବେତନାଧ୍ୟକ୍ଷ—ସ. ବି ( ବେତନ+ଅଧ୍ୟକ୍ଷ; ୬ଷ୍ଠୀ ତତ୍ )—Betanādhyaksha ଚାକରଙ୍କୁ ଦରମା ଦେବାର ମାଲିକ—Pay master.

ବେତନୋ(ନ, ନୁ)ଲା—ଦେ. ବି—ଦେହରେ ବେତ୍ରାଘାତର ଚିହ୍ନ—Betano(na, nu)lā Marks of cane stripes left on বেতের দাগ बेतकी दाग the body. (ବେତଦାଗ—ଅନ୍ୟରୂପ)

ବେତବାଡ଼ି—ଦେ. ବି—୧ । ବେତ୍ର ଯଷ୍ଟି—1. Cane stick. Betabārdi ୨ । ବେତ୍ରାଘାତ—2. Striking with বেতের ছড়ী बेतकी छड़ी cane.

ବେତବାଡ଼ି ଗରଜିବା—ଦେ. ବି—ଲୋକଙ୍କ ଉପରେ ଖୁବ୍ ବେତ ମାଡ଼ Betabārdi garajibā ହେବା—Copious striking ( ବେତବାଡ଼ି ବରଷିବା—ଅନ୍ୟରୂପ ) with cane. बेतकीछड़ी बरसना ( ଦ୍ର—ସିଦ୍ଧାନ୍ତେ ଅନ୍ଧାରଣ୍ଡି, ଗରଜୁଛ ବେତବାଡ଼ି—ଉଜ୍ଜଳ । )

ବେତ ମୋଡ଼ା—ଦେ. ବି—ବେତନିର୍ମିତ ଆସନ—A stool made Beta mordā of cane बेतका मोढा (ବେତମୋଡ଼ିଆ—ଅନ୍ୟରୂପ)

ବେତର—ଦେ. ବି ( ଫା. ବେ+ତର=ଅବସର )—ଅବସରର Betara ଅଭାବ—Want of leisure. बमौका

ବେତରଫ୍—ବୈଦେ. ଣ (ଫା. ବରତରଫ୍)—ସ୍ଥଗିତ; କାର୍ଯ୍ୟରୁ କିଛି Betaraph କାଳ ପାଇଁ (ଦୋଷବଶତଃ) ରହିତ କରାଯିବା—বরতরফ बरतरफ Suspended. (ବେତରଫି—ବି)

ବେତ(ତୁ, ତେ)ରା—ଦେ. ବି (ସ. ବେତ୍ର)—୧ । ଘରର ଛାଲର ରୁଅ Beta(tu, te)rā ଉପରେ ବତା ପକାଇ ତାକୁ ବେତଦ୍ୱାରା বেতের বোনা बेतकी बुनाई ବୁଣିବା—1. Act of weaving canes on the rafters of a thatch. ୨ । ବେତଦ୍ୱାରା ବୁଣିବା—2. Weaving with cane strips.

ବେତ(ତୁ,ତେ)ରା(ରେ)ଇବା—ଦେ. କ୍ରି (ସ. ବେତର ନାମ ଧାତୁ)—Betā(tu,te)rā(re)ibā ୧ । ଘରର ରୁଅ ଉପରେ ବତାକୁ বেতান बेतसे बुनना ବେତଦ୍ୱାରା ବାନ୍ଧିବା—1. To tie split bamboos with the rafers of a thatch with cane.

୬ । ଉଳ୍ପତ, ଶଃଅବକୁ ବେତରେ ବୁଣିବା—2. To weave with cane strips. ୩ । ବେତାଘାତ କରିବା; ବେତେଇବା—3. To strike with canes.

ବେତର୍କ(ର୍କା,ର୍କି)—ଦେ. ବଣ—୧ । ଅସାବଧାନ; ବେଚୁସିଅର—
Betarka(rkā,rki) 1. Not cautious; not careful.
बतरकी ୨ । ସରଳ; ଅକପଟ—2, Frank; not crooked.
ବେତରକ୍(କା) } ଅନ୍ୟରୂପ—
ବେତରକ

ବେତସ—ସ. ବ (ବେ ଧାତୁ=ବୁଣିବା+ଅସ କ୍ଷପାଟକ ବା ଗ ଧାତୁ=
Betasa ଗମନ କରିବା+ତସ କ୍ଷପାଟକ )—ବେତ ଗଛ; ବାଗାର—Rotan (plant); cane; Calamus Rotang.

ବେତସକୁଞ୍ଜ—ସ. ବ—ବେତଲତାବେଷ୍ଟିତ ଉପବନ—A grove
Betasa kunja or grotto surrounded
( ବେତସନିକୁଞ୍ଜ—ଅନ୍ୟରୂପ ) with cane bushes.

ବେତସ୍ୱାନ୍—ସ. ବଣ ( ବେତସ+ବତ୍; ୧ମା, ୧ବ )—ବେତସବୃକ୍ଷ-
Betaswān ବହୁଳ (ପ୍ରଦେଶ)—(place) Abounding in
(ବେତସ୍ୱତୀ—ସ୍ତ୍ରୀ) rotan plants.

ବେତହୁକୁମ—ଦେ. ବ. ( ସ. ବେତ୍ର+ଫା. ହୁକ୍ମ )—
Betahukuma ଅପରାଧୀକୁ ବେତାଘାତ ଦଣ୍ଡର ଆଦେଶ—
बेतका हुक्म A sentence of whipping passed on an offender.

ବେତା—ଦେ. ବ ( ସ. ବେତ୍ରାଧାର )—ବେତରେ ବୁଣା ଯାଇଥିବା
Betā ବଡ଼ ଟୋକେଇ—Big baskets made of split
बेतकी बड टाकडी canes. [ ଦ୍ର—ବଡ଼ ଟୋକେଇ =ବେତା, ସାଧାରଣ ଟୋକେଇ=ବେତ ଟୋକେଇ; ଶ୍ରେଷ୍ଠ ଟୋକେଇ=ବେତୁଲି । ]

ବେତାଇନ୍—ବୈଦେ. ବଣ ( ଫା. ବେ+ଇଂ. ଟାଇମ୍ )—
Betāin ବେଟାଇନ୍ ( ଦେଖ )—Betāin (See).
बेटाईम

ବେତାଏ—ଦେ. ବଣ—୧ । ଏକ ବେତାପରିମିତ—1. One big
Betāe basketful of. ୨ । ବହୁ ପରିମିତ—2. Of a big quantity.

ବେ ତା(ଥା)କ୍—ବୈଦେ. ବଣ ( ଫା. ବେ+ତାକ୍=ଲକ୍ଷ୍ୟ )—
Be tā(thā)k ୧ । ଲକ୍ଷ୍ୟଭ୍ରଷ୍ଟ; ଅପ୍ରାସଙ୍ଗିକ—1. Irrelevānt
বেতাগ not conforming to the present subject
बेताक matter. ୨ । ଅସମ୍ବନ୍ଧ; ଗୋଳମାଳିଆ—2. Confused. ୩ । ଅସୁସଜ୍ଜିତ—3. Not well arranged. ୪ । ଶ୍ରେଣୀବଦ୍ଧ ହୋଇ ନ ଥିବା—4. Not arrayed.

ବେ ତାକତ(ତି)—ବୈଦେ. ବଣ ( ଫା. ବେ+ତାକତ୍=ବଳ )—
Be-tākat(ti) ଦୁର୍ବଳ; ଅକ୍ଷମ; ବଳହୀନ—Powerless;
বেতাকত weak; impotent; shorn of strength.
बेताकत ବୈଦେ. ବ—ଦୁର୍ବଳତା—Weakness; impotence.

ବେ ତାଟକା(ଙ୍କା)—ଦେ. ବଣ—ନିର୍ଭୟ—
Be tātakā(ṅkā) Fearless; undaunted.

ବେ ତାର(ରି)—ବୈଦେ. ବଣ (ଫା)—୧ । ଖଣା ଅଦ ଯନ୍ତ୍ରର ତାର
Be tār(ri) ବିଗିଡ଼ି ଯାଇଥିବା—1. Deranged; out of
বেতার tune (said of stringed instruments). ୨ ।
बेतार ସ୍ୱାଦହୀନ; ବିସ୍ୱାଦ—2. Insipid; vapid; tasteless. ୩ । ତାରର ବିନା ସାହାଯ୍ୟରେ ପ୍ରେରିତ ବା ଗୃହୀତ ( ସମ୍ବାଦବାହକ ଯନ୍ତ୍ର )—3. Wireless (message or instrument). ଦେ. ବ—ତାରର ସାହାଯ୍ୟ ବିନା ତଡ଼ିତ୍‌ଶକ୍ତି ବଳରେ ଦୂର ଦେଶକୁ ସମ୍ବାଦ ପ୍ରେରଣ—Wireless telegraph.

ବେତାର ଖବର—ବୈଦେ. ବ (ଫା. ବେତାର ଖବର)—ବିନା ତାରରେ
Betāra khabara ପ୍ରେରିତ ସମ୍ବାଦ—Wireless message.
ବେତାର ବାର୍ତ୍ତା } ଅନ୍ୟରୂପ বেতার খবর
ବେତାରସମ୍ବାଦ बेतार खबर;बेतारका तार

ବେତାର ଯନ୍ତ୍ର—ବୈଦେ. ବ (ଫା. ବେତାର+ଯନ୍ତ୍ର)—ତାରର ବିନା
Betāra jantra ସାହାଯ୍ୟରେ ତଡ଼ିତ୍ ଶକ୍ତି ବଳରେ ଦୂରଦେଶକୁ
বেতার যন্ত্র ସମ୍ବାଦ ପ୍ରେରଣ କରାଯିବା ଯନ୍ତ୍ର—Wireless tele-
बेतार यन्त्र graphic instrument.

ବେ ତାରିଫ(ଫି)—ବୈଦେ. ବଣ—ନିକୃଷ୍ଟ—Inferior.
Be tāriph(phi) बेतारीफ [ବେତାରିଫ୍(ଫି)—ଅନ୍ୟରୂପ]

ବେତା(ତୁ,ତେ)ରିବା—ଦେ. କ୍ରି—ଘରର ରୁଅ ଉପରେ ବାମଡ଼ା ଦେଇ
Betā(tu,te)ribā ପରକିବା—To bind with knots of cane strips the bāmboos strips to the rafters of a thatch.

ବେତାଳ—ସ. ବ (ବ=ବାୟୁ; ୭ମୀ ୧ବ. ବେ=ବାୟୁରେ+ତଲ୍
Betāla ଧାତୁ=ଗମନ କରିବା+କର୍ତ୍ତୃ· ଅ ଯେ ଶୂନ୍ୟମାର୍ଗରେ ଗତାୟାତ କରେ)—୧ । ଶିବଙ୍କ ଅନୁଚର ଦେବଯୋନି ବିଶେଷ—1. A class of aerial beings, attendants of Siba. ୨ । ପିଶାଚ; ଶବରେ ଅବସ୍ଥିତ ହେବା ଭୂତ—2. Evil spirits which take possession of corpse. [ ଦ୍ର—ବେତାଳମାନଙ୍କର ଅସାଧାରଣ ଶକ୍ତି ଅଛି । ଯେଉଁମାନେ ତାନ୍ତ୍ରିକ ମତରେ ବେତାଳ ସାଧନା କରନ୍ତି ବେତାଳମାନେ ସେମାନଙ୍କର ଆଜ୍ଞାବହ ଭୃତ୍ୟ ହୋଇ ରହନ୍ତି, ସାଧକମାନେ ସେମାନଙ୍କ ଦ୍ୱାରା ଅସାଧ୍ୟ ସାଧନ କରାଇ ନଥାନ୍ତି ।] ୩ । ମହାଦେବଙ୍କ ଦ୍ୱାରରକ୍ଷକ ଦୁଇ ଜଣଙ୍କ ମଧ୍ୟରୁ ଜଣେ—3. One of the two door-keepers of God Siba. [ଦ୍ର—ଅନ୍ୟ ଜଣକର ନାମ ତାଳ । ] ୪ । ମଲ୍ଲବିଶେଷ—4. Name of an athlete. ୫ । ଦ୍ୱାରପାଳ (ହ୍ର. ଶ)—5. Porter; door-keeper. ୬ । ପ୍ରହରୀ (ହ୍ର. ଶ)—6. Guard; watchman. ଦେ. ବ. (ଫା)—୧ ।
বেতাল ଗୀତର ଅନୁପଯୋଗୀ ତାଳ—1. A measure not
बेताल fitting to the tune of a song or music.

୨ । ଯୁଦ୍ଧାସ୍ତ୍ରବିଶେଷ—2. A war-weapon. ୩ । ସଙ୍ଗୀତରେ ତାଳଗ୍ରାନତା—3. Want of tune in music. ଦେ. ବିଣ—ବେତାଳିଆ (ଦେଖ)— Betalia (See).

ବେତାଳ ପଞ୍ଚବିଂଶତି—ସ. ବି (ନାମ)—ବିଖ୍ୟାତ ସଂସ୍କୃତ ଉପନ୍ୟାସ— Betāla panchabimsati A famous novel in (ବେତାଳପଚିଶ[ସି]—ଦେ. ରୂପ) Sanskrit.

ବେତାଳଭଟ୍ଟ—ସ. ବି ( ନାମ )—ରାଜା ବିକ୍ରମାଦିତ୍ୟଙ୍କ ସଭାସଦ୍‌ର Betālabhatta ନବରତ୍ନଙ୍କ ମଧ୍ୟରୁ ଜଣେ ପଣ୍ଡିତ—Name of a court poet of king Bikramāditya.

ବେତାଳ ସାଧନ[ନା]—ସ. ବି—ତାନ୍ତ୍ରିକ ପ୍ରୟୋଗ ଓ ଅନୁଷ୍ଠାନଦ୍ୱାରା Betāla sādhana(nā) 'ବେତାଳ'ଙ୍କୁ ଅଧୀନ କରିବାରୂପ ପ୍ରକ୍ରିୟା—The act of performing rites to bring demons under one's control.

ବେତାଳ ସାଧିବା—ଦେ. କ୍ରି—ବେତାଳସାଧନାପୂର୍ବକ ବେତାଳଙ୍କୁ Betāla sādhibā ଅଧୀନ କରିବା—To bring demons under one's sway by performing Tantric rites.

ବେତାଳ ସିଦ୍ଧ—ସ. ବିଣ (ବହୁବ୍ରୀହି; ବେତାଳ+ସିଦ୍ଧ)—ଯେଉଁ ବ୍ୟକ୍ତି Betāla siddha ତାନ୍ତ୍ରିକ ଉପାୟରେ ବେତାଳଙ୍କୁ ଅଧୀନ ( ବେତାଳସାଧକ—ଅନ୍ୟରୂପ ) କରିଥାଏ—One who has succeeded in mastering the demons to obey his orders.

ବେତାଳ ସିଦ୍ଧି—ସ. ବି—ତାନ୍ତ୍ରିକ ପ୍ରୟୋଗ ବା ସାଧନାଦ୍ୱାରା ବେତାଳଙ୍କ Betāla siddhi ଉପରେ ପ୍ରଭୁତ୍ୱ ସ୍ଥାପନରେ ସମର୍ଥ ହେବା— Mastery over evil spirits brought about by performance of Tantric rites.

ବେତାଲି—ପ୍ରାଦେ. (ଗଡ଼ଜାତ)—ବେତ ଟୋକେଇ—A basket Betāli made of split canes.

ବେତାଳିଆ—ଦେ· ବିଣ (ଫା. ବେ+ସ ତାଳରୁ)—୧ । କର୍ଣ୍ଣକଟୁ— Betālia 1. Jarring to the ear. ୨ । ନୃତ୍ୟ ଗୀତାଦିର বেতাল, বেতালা ଲୟହୀନ, ତାଳଗ୍ରାନ—2. Disordered; बेताल ill timed; not conforming to tunes; not (ବେତାଳ—ଅନ୍ୟରୂପ) keeping tune. ୩ । ତାଳବିରୁଦ୍ଧ— 3. Against proper tune. ୪ । ଅପ୍ରାସଙ୍ଗିକ— 4. Irrelevant. ୫ । ବେଠିକ—5. Inaccurate. ୬ । ଅସମ୍ବଦ୍ଧ—6. Confused. ୭ । ଅବ୍ୟବସ୍ଥିତ— 7. Irregular. ୮ । ଯେଉଁ ବ୍ୟକ୍ତିର ତାଳମାନର ଜ୍ଞାନ ନ ଥାଏ—8. Not versed in the science of knowledge of tunes. ୯ । ଯେଉଁ ବ୍ୟକ୍ତିର ଦେଶକାଳ ପାତ୍ରର ଜ୍ଞାନ ନ ଥାଏ—9. Devoid of any sense of proportion.

ବେତିକ୍ରମ—ଗ୍ରା. ବି—ବ୍ୟତିକ୍ରମ (ଦେଖ) Betikrama Byatikrama (See)

ବେତିକ୍ରାନ୍ତ—ଗ୍ରା. ବିଣ—(ସ· ବ୍ୟତିକ୍ରାନ୍ତ)—ବ୍ୟତିକ୍ରାନ୍ତ (ଦେଖ) Betikrānta Byatikrānta (See)

ବେତି ବେସ୍ତ—ଗ୍ରା. ବି—ବ୍ୟତିବ୍ୟସ୍ତ (ଦେଖ) Beti besta (ବେତିବ୍ୟସ୍ତ—ଅନ୍ୟରୂପ) Byatibyasta(See).

ବେତିରେକେ—ଗ୍ରା. କ୍ରି· ବିଣ—(ସ. ବ୍ୟତିରେକ)—ବ୍ୟତିରେକେ Betireke (ଦେଖ)—Byatireke (See)

ବେତୀତ—ଗ୍ରା. କ୍ରି. ବିଣ—(ସ. ବ୍ୟତୀତ)—ବ୍ୟତୀତ (ଦେଖ) Betita Byatita (See)

ବେତୀପାତ—ଗ୍ରା. ବି—(ସ· ବ୍ୟତୀପାତ)—ବ୍ୟତୀପାତ (ଦେଖ)— Betipāta Byatipāta (See)

ବେତୁଆ—ଦେ. ବିଣ (ସ. ବେତ୍ରଧାରୀ)—ବେତଧାରୀ (ପାଇକ)— Betuā বেঁতধরা बेतुआ Holding a cane. ଦେ. ବି. ବେତ୍ରଧାରୀ ପାଇକ—A peon holding a cane. ପ୍ରାଦେ. (ଗଡ଼ଜାତ) ବିଣ—ଖାଇବା ପାଇଁ ଥାଳ ଆଦିରେ ସଜା ହେବା (ଅନ୍ନ ବ୍ୟଞ୍ଜନାଦି)—(Curry and rice) Arranged in plates for being served. ପ୍ରାଦେ. (ଗଡ଼ଜାତ) ବି—ଭାତ ତିଅଣ ଆଦିକୁ ଥାଳରେ ସଜାଇବା—Arranging rice, curry, etc in plates before serving food.

ବେତୁଆ କରିବା—ପ୍ରାଦେ. ( ଗଡ଼ଜାତ ) କ୍ରି—ଅନ୍ନାଦି ଖାଦ୍ୟକୁ Betuā karibā ଥାଳରେ ସଜାଇବା—To arrange or set down food on plates for serving.

ବେତୁଆ ହେବା—ପ୍ରାଦେ· (ଗଡ଼ଜାତ) କ୍ରି.—(ଅନ୍ନ ବ୍ୟଞ୍ଜନାଦି) Betuā hebā ଥାଳରେ ସଜ୍ଜିତ ହେବା—(food) To be arranged in plates.

ବେତୁଲି—ଦେ. ବି—(ବେତାର କ୍ଷୁଦ୍ରାର୍ଥକ, ତୁଳନା କର—ଖଟ-ଖଟୁଲି) Betuli ବେତ ବା ବାଉଁଶ ଖଡ଼କାରେ ତିଆରି ଛୋଟ ଟୋକେଇ-- दौरी; छोटी टोकरी Small basket of cane work.

ବେତେଇବା—ଦେ. କ୍ରି—୧ । ବେତ୍ରାଘାତ କରିବା—1. To strike Beteibā with cane. ୨ । ବେତ ପରି ନଇଁଯିବା— বেতান বেঁত মারনা बेंत मारना बेतके येसेज बजाना 2. To bend; to shrink. [ ଯଥା—ଏ ଦୋଠାର କଲମଗୁଡ଼ିକ ବେତେଇ ଗଲାଣି ।]

ବେତେଇ ଯିବା—ଦେ. କ୍ରି.—ବେତେଇବା ୨ (ଦେଖ) Betei jibā Beteibā 2 (See)

ବେତ୍ତା—ସ. ବିଣ. ପୁଂ—(ବିଦ୍ ଧାତୁ=ଜାଣିବା+କର୍ତ୍ତୃ. ୧ମା. ୧ବ; Bettā ଅନ୍ୟ ପଦ ସଙ୍ଗେ ଯୁକ୍ତ ହୁଏ ଯଥା—ବେଦବେତ୍ତା, (ବେତ୍ତ୍ରୀ—ସ୍ତ୍ରୀ) ତତ୍ତ୍ୱବେତ୍ତା, ଇତିହାସବେତ୍ତା)—୧ । ଯେ ଜାଣେ—1. Knowing. ୨ । ଅଭିଜ୍ଞ—2. Versed in; conversant with. ୩ । ପରିଣୀତା 3. Married to; marrying. ୪ । ଲାଭକର୍ତ୍ତା— 4. Possessed of; gaining.

ବେତ୍ର—ସ. ବି (ଅଜ୍ ଧାତୁ ତମ୍ଭା ଓ ଧାତୁ=ଗମନ କରିବା+କରଣ. Betra ତ୍ର; ଇପାତନ)—୧ । ବେତ—1. Cane; rotan.

୨ । ବେତ ବାଡ଼ି—2. A stick of cane. ୩ । ଅସୁର ବିଶେଷ—3. Name of a demon.

ବେତ୍ରକ—ଦେ. ବି—(ସ. ବେତ୍ରଧର)—ଦ୍ୱାରପାଳ; ବେତ୍ରହସ୍ତ ପାଇକ—
Betraka Door-keeper. [ଉ—ବାରତା କହି ସାମନ୍ତ ପାଶେ ଭୂଷିତ, ବେତ୍ରକେ କଟକ ଭୂଷଣରେ ମଣ୍ଡିତ । ଉପେ. ବୈଦେହୀଶବିଳାସ ।]

ବେତ୍ର କର—ସ. ବି—(ବହୁବ୍ରୀହି; ବେତ୍ର+କର)—ପଡ଼ିହାରୀ (ଦେଖ)
Betra kara Pardhiari (See) [ଉ—ବହୁଶେ । ବେତ୍ର କରଗଣ ମସ୍ତ ଚହଟ । ଉପେ. ବୈଦେହୀଶବିଳାସ ।]

ବେତ୍ରକୀୟ—ସ. ବି—ବେତ୍ରସମୂହଯୁକ୍ତ ଦେଶ—
Betrakiya Country abounding in canes.

ବେତ୍ର(ତ୍ରେ,ତ୍ରି)କେ—ଗ୍ରା. କି. ବଣ—(ସ. ବ୍ୟତିରେକ)—୧ । ବ୍ୟତୀତ; ବିନା—1. Beside; without.
Betra(tre,tri)ke
व्यतिरेक ୨ । ଛଡ଼ା—2. Except. [ଉ—ନାଗ ବେତ୍ରକେ କେ ଅନ ଧରଣୀଧର । ଉପେ. ବୈଦେହୀଶବିଳାସ ।] [ଉ—ଏ ଜନ ବେତ୍ରିକେ ସୁଖ ଜାଣିମାଛୁ ନାହିଁ । ପ୍ରାଚୀ. ରହସ୍ୟମଞ୍ଜରୀ ।]

ବେତ୍ରଦଣ୍ଡ—ସ. ବି—୧ । ବେତ ବାଡ଼ି—1. A cane stick.
Betra danda [ଦ୍ର—ଦ୍ୱାରପାଳ; ରାଜା ଓ ଦେବମନ୍ଦିରାଧ୍ୟକ୍ଷଙ୍କ ଅଧିକାରସୂଚକ ଚିହ୍ନ—Used as an insignia of royalty etc.] ୨ । ଅପରାଧୀକୁ ବେତ୍ରପ୍ରହାରରୂପ ଦଣ୍ଡ—2. Punishment by strips of cane.

ବେତ୍ରଧର—ସ. ବଣ (ଉପପଦ ତତ୍ ପୁରୁଷ; ବେତ୍ର+ଧୃ+କର୍ତ୍ତୃ. ଅ)—
Betradhara ଯେ ବେତ ବାଡ଼ି ଧରିଥାଏ—Carrying or holding a cane. ସ. ବି—ଦ୍ୱାରପାଳ—A door-keeper.
ବେତ୍ରଧାରକ } ଅନ୍ୟରୂପ
ବେତ୍ରଧାରୀ }

ବେତ୍ର(ତ୍ରା)ବତୀ—ସ. ବି—୧ । ମାଳବଦେଶୀୟ ନଦୀବିଶେଷ; ଅଧୁନାର
Betra(trā)bati ବେତୁଆ ନଦୀ—1. Name of a river in Malabar. [ଉ—ବେତ୍ରବତୀଧୌତ ପୁରୀ ବିଦିଶା ଲକ୍ଷଣା—ରାଧାନାଥ. ମହାଯାତ୍ରା ।] ୨ । ବେତ୍ରାସୁରର ମାତା—2. Name of the mother of demon Betra.

ବେତ୍ରାଘାତ—ସ. ବି. (୩ୟା ବା ୭ମୀ ତତ୍ ପୁରୁଷ; ବେତ୍ର+ଆଘାତ)—
Betrāghāta ବେତଦ୍ୱାରା ପ୍ରହାର—A blow with a cane.

ବେତ୍ରାସନ—ସ. ବି (ମ. ପ. ଲୋ. କର୍ମଧାରୟ; ବେତ୍ରନିର୍ମିତ ଆସନ)—
Betrāsana ବେତର ମୋଢ଼ା ବା ଚଉକି—A seat or chair made of cane.

ବେତ୍ରାସୁର—ସ. ବି—ଅସୁରବିଶେଷ; ଏ ଇନ୍ଦ୍ରଙ୍କଦ୍ୱାରା ନିହତ ହୋଇ
Betrāsura ଥିଲା—Name of a demon killed by Indra.

ବେତ୍ରୀ—ସ. ବଣ ( ବେତ୍ର+ଇନ୍ )—ବେତ୍ରଧାରୀ—Holding a
Betri cane. ସ. ବି—ଦ୍ୱାରପାଳ—A door-keeper.

ବେତେଇବା—ଦେ. କି—ବେତେରାଇବା ( ଦେଖ )
Betreiba Beterāibā ( See )

ବେଥଏ(ୟ)—ଦେ. ବଣ ( ଭୁଲକାରକ—ସ. ବ୍ୟଥ୍ୟସ୍ତ; ଫା. ବେ+
Bethae(ya) ଥୟ )—ଅଥୟ; ଅସ୍ଥିର—Restless.
अथय बेचैन

ବେଥଳ—ଦେ. ବଣ ( ଫା. ବେ ଓ ସ. ସ୍ଥଳ )—୧ । ସୁଗଭୀର—
Bethala 1. Very deep. ୨ । ଯାହାର ଗଭୀରତା ମାପ
गभीर କରିହୋଇ ନ ପାରେ—2. Unfathomable. ୩ ।
अथाह ଯେଉଁ ନଦୀ ବା ଜଳରେ ମନୁଷ୍ୟ ପଶି ପାର ହୋଇ ନ ପାରେ—3. Unfordable.

ବେଥା—ଗ୍ରା. ବି ( ସ. ବ୍ୟଥା )—ବ୍ୟଥା ( ଦେଖ )—
Bethā व्याथा दुःख Byathā ( See )

ବେଥାଇ—ଦେ. ବଣ ( ସ. ଅସ୍ଥାୟୀ )—୧ । ଅସ୍ଥାୟୀ—1. Tran-
Bethāi अस्थायी sient. ୨ । ଅସ୍ଥିର—2. Fickle;
अस्थाइ unstable.

ବେଥାନ—ଗ୍ରା. ବି—୧ । ଅଥାନ; ଅସ୍ଥାନ—1. Bad place. ୨ । ଅନୁପ-
Bethāna ଯୁକ୍ତ ସ୍ଥାନ—2. Unfit or unsuitable place.
अस्थान ୩ । ମର୍ମସ୍ଥାନ ବା ଅଙ୍ଗ—3. A vital part of
कुठाम the body.

ବେଦ—ସ. ବି (ବିଦ୍ ଧାତୁ=ଜାଣିବା+କର୍ମ. ଅ; ଯାହାର ଅଲୋଚନା
Beda ଦ୍ୱାରା ବିଶେଷ ଜ୍ଞାନ ବା ଧର୍ମାଧର୍ମ ଜ୍ଞାନ ଜନ୍ମେ )—୧ । ବ୍ରହ୍ମାଙ୍କ ମୁଖନିଃସୃତ ହିନ୍ଦୁମାନଙ୍କ ଧର୍ମଶାସ୍ତ୍ର; ଶ୍ରୁତି—1. The Vedas; the scriptures of the Hindus. [ ଦ୍ର—ଏହା ସଂଖ୍ୟାରେ ୪; ଯଥା—ଋକ୍, ଯଜୁଃ, ସାମ ଓ ଅଥର୍ବ । ଏମାନଙ୍କ ମଧ୍ୟରୁ ପ୍ରଥମ ୩ ଗୋଟି ପ୍ରାଚୀନ ଓ ଅଥର୍ବ ପରବର୍ତ୍ତୀ ସମୟର ବୋଲି ଅନୁମାନ କରାଯାଏ । ବ୍ରହ୍ମାଙ୍କ ମୁଖରୁ ଉଚ୍ଚାରିତ ହୋଇ ଋଷି ପରମ୍ପରା-କ୍ରମେ ସୃଷ୍ଟି ଆଦ୍ୟରୁ ଚଳି ଆସୁଅଛି ବୋଲି ହିନ୍ଦୁମାନଙ୍କର ବିଶ୍ୱାସ ।

ହିନ୍ଦୁମାନଙ୍କର ବେଦ ପରି ଅନ୍ୟ ଅନ୍ୟ ଧର୍ମାବଲମ୍ବୀମାନଙ୍କର ଧର୍ମଶାସ୍ତ୍ର ଅଛି—ମୁସଲମାନ=କୋରାଣ, ଖ୍ରୀଷ୍ଟାନ =ବାଇବଲ, ବୌଦ୍ଧ=ତ୍ରିପିଟକ, ପାରସୀ=ଜେନ୍ଦା-ଭେସ୍ତା ।]

୨ । ଲୌକିକ ଓ ପାରମାର୍ଥିକ କର୍ତ୍ତବ୍ୟାକର୍ତ୍ତବ୍ୟ କର୍ମର ଶାସନରୂପ ଶାସ୍ତ୍ର, ହିନ୍ଦୁର ଅଭିଜ୍ଞମୂଳକ ସର୍ବପ୍ରଧାନ ପ୍ରାମାଣିକ ଧର୍ମଶାସ୍ତ୍ର—2. The primary code of Hindu Law. ୩ । ଶାସ୍ତ୍ରଜ୍ଞାନ—3. Knowledge of the sacred books. ୪ । ଜ୍ଞାନ—4. Knowledge. ୫ । ୪ ସଂଖ୍ୟା—5. The number 4. ୬ । ଛନ୍ଦ—6. Poetical metre. ୭ । ଟୀପ୍ପଣୀ—7. Commentary. ୮ । ଅଖ୍ୟା—8. Title; term. ୯ । ଯଜ୍ଞାଙ୍ଗ—9. A part of Vedic offering. ୧୦ । ବିଷ୍ଣୁ—10. Bishnu. ୧୧ । ଶାସ୍ତ୍ରୋକ୍ତ ଉକ୍ତି—

11. History narrated in the scriptures.
ଦେ. ବି—ଏକ କଉଡ଼ି କଉଡ଼ିର ୪ ଭାଗରୁ ଏକଭାଗ—
One-fourth of one cowrie money.

ବେଦଃ—ସଂ. ବି ( ବିଦ୍ ଧାତୁ+କର୍ତ୍ତୃ. ଅସ୍ )—୧ । ବେଦସମୂହ—
Bedaḥ 1. The collection of the Vedas. ୨ । ସୁନା—
2. Gold. ସଂ. ବିଣ—ବେତ୍ତା—Knowing.

ବେ-ଡର(ରା)—ଦେ. ବି—୧ । ନିର୍ଭୟ—1. Fearless. ୨ । ନିଶ୍ଚିନ୍ତ—
Be-ḍar(rā) निर्भय बेदर 2. Free from anxiety.

ବେଦ କୁଶଳ—ସଂ. ବିଣ. ପୁଂ ( ୭ମୀ ତତ୍ )—ବେଦରେ ପାରଦର୍ଶୀ;
Beda kuśala ଯେ ବେଦଶାସ୍ତ୍ରକୁ ଉତ୍ତମରୂପେ ଜାଣେ—
ବେଦଜ୍ଞ, ବେଦଜ୍ଞାତା, ବେଦପାରଗ, ବେଦନିପୁଣ } ଅନ୍ୟରୂପ Well versed in the Vedas.
ବେଦକୁଶଳା, ବେଦଜ୍ଞା, ବେଦଜ୍ଞାତ୍ରୀ, ବେଦପାରଗା, ବେଦନିପୁଣା } ସ୍ତ୍ରୀ

ବେ-ଦଖଲ୍(ଲି)—ବୈଦେ. ବିଣ ( ପା. ବେଦଖଲ୍ ) ( ଜଡ଼ଖସ )—
Be-dakhal(li) ୧ । ଅଧିକାରଚ୍ୟୁତ; କୌଣସି ବସ୍ତୁ ବା
বেদখল बेदखली ସମ୍ପତ୍ତିର ଅଧିକାରରୁ ବଞ୍ଚିତ ( ବ୍ୟକ୍ତି )—
1. Dispossessed of a property. ୨ । ଅନଧି-
କୃତ—2. Not taken possession of ( said
of a property ). ବୈଦେ. ବି (ପା) (ଜଡ଼ଖସ)—
बेदखल କୌଣସି ସମ୍ପତ୍ତିର ଅଧିକାରରୁ ଚ୍ୟୁତ ହେବା—Dispos-
session; discontinuance of possession.

ବେଦଖଲ କରିବା—ଦେ. କ୍ରି ( ଜଡ଼ଖସ )—କୌଣସି ବ୍ୟକ୍ତିକୁ
Bedakhala karibā କୌଣସି ସମ୍ପତ୍ତିର ଭୋଗାଧିକାରରୁ ଚ୍ୟୁତ
বেদখল করা କରିବା—To dispossess a person of
बेदखल करना a property.

ବେଦଖଲ ହେବା—ଦେ. କ୍ରି (ଜଡ଼ଖସ)—୧ । ସମ୍ପତ୍ତିରୁ ଭୋଗାଧିକାର-
Bedakhala hebā ଚ୍ୟୁତ ହେବା—1. To be dispossessed
বেদখল হওয়া of a property. ୨ । ଦଖଲ
बेदखल होना ଛାଡ଼ିଯିବା—2. To discontinue posses-
sion.

ବେଦ ଗର୍ଭ—ସଂ. ବି. ( ବହୁବ୍ରୀହି )—୧ । ବ୍ରହ୍ମା—1. Brahmā.
Beda garbha ୨ । ବ୍ରାହ୍ମଣ—2 Brāhmaṇa.

ବେଦ ଗାର—ଦେ. ବି—୧ । ବେଦ ବଚନ ପରି ଅଲଙ୍ଘନୀୟ କଥା;
Beda gāra ବେଦ ବାକ୍ୟ—1. A matter as immut-
বেদের গার able as a vedic precept. ୨ । ଅଟଳ
वेद वाक्य ବାକ୍ୟ—2. A promise which will never
be violated. ୩ । ବେଦବାକ୍ୟ ପରି ଯେଉଁ ବିଷୟକୁ
ସର୍ବଦା ମନେ ରଖିବା ଉଚିତ—3. A thing which
should always be borne in mind. ୪ । ସତ୍ୟ—
4. Truth.

ବେଦ ଗୁପ୍ତି—ସଂ. ବି. ( ୬ଷ୍ଠୀ ତତ୍; ବେଦ+ଗୁପ୍ତି=ରକ୍ଷା )—ବ୍ରାହ୍ମଣ
Beda gupti କର୍ତ୍ତୃକ ବେଦସଂରକ୍ଷଣ—The preservation
of the Vedas by a Brāhmaṇa.

ବେ ଦଣ୍ଡା—ଦେ. ବିଣ. (ଜଡ଼ଖସ ଭାଷା)—୧ । ଅନ୍ୟାଯ୍ୟ—1. Un-
Be daṇḍā just; wrong. ୨ । ବେଆଇନ୍—2. Unlaw-
ful; illegal ୩ । ପ୍ରଥାବିରୁଦ୍ଧ—3. Against
custom or practice. ( ଯଥା—ବେଦଣ୍ଡା
କୋବାଲା । )

ବେଦ ଧ୍ୱନି—ସଂ. ବି. (୬ଷ୍ଠୀ ତତ୍)—ବେଦପାଠର ଶବ୍ଦ—
Beda dhwani The sound of recital of the Veda.

ବେଦନ—ସଂ. ବି. (ବିଦ୍ ଧାତୁ=ଜାଣିବା+ଭାବ. ଅନ)—୧ । ବୋଧ;
Bedana ଅନୁଭବ—1. Sensation; conception. ୨ ।
ଜ୍ଞାନ—2. Knowledge. ୩ । ଯାତନା; ବ୍ୟଥା;
କ୍ଳେଶାନୁଭବ ( ଶାରୀରିକ ଓ ମାନସିକ )—3. Agony;
anguish; throes; pain (bodily and mental)
୪ । କଷ୍ଟ; ଦୁଃଖ—4. Distress; trouble; suffer-
ings. ୫ । ବିବାହ; ପରିଣୟ—5. Marriage;
wedding. ୬ । ଦାନ; ଉପଢୌକନ—6. Gift;
present; donation. ୭ । ଶୂଦ୍ରକାମିନୀ ଉଚ୍ଚଶ୍ରେଣୀ
ବର୍ଣ୍ଣର ବରକୁ ବିବାହ କଲେ ସ୍ୱୀୟ ସ୍ୱାମୀଙ୍କର ଉତ୍ତରୀୟ
ବସ୍ତ୍ରର ପ୍ରାନ୍ତ ଧାରଣ ରୂପ ଅନୁଷ୍ଠାନ—7. The ceremony
of a Śūdra bride holding the end of
the outer sheet of a bridegroom of a
higher caste while marrying him.

ବେଦନା—ସଂ. ବି. (ବିଦ୍ ଧାତୁ+ ଭାବ. ଅନ)—ବେଦନ (ଦେଖ)
Bedanā বেদনা दर्द Bedana (See)
ଦେ. ବି—୧ । ଦରଜ—1. Feeling of tender-
ness. ୨ । ଟଣା—2. Aching.

ବେଦନା ପାଇବା—ଦେ. କ୍ରି—ବ୍ୟଥା ଅନୁଭବ କରିବା—
Bedanā pāibā To feel agony.
বেদনা পাওয়া वेदना पाना

ବେଦ ନିନ୍ଦକ—ସଂ. ବି—୧ । ନାସ୍ତିକ—1. Atheist.
Beda nindaka ୨ । ବୃଦ୍ଧ—2. Old.

ବେଦ ନିନ୍ଦା—ସଂ. ବି. ( ୬ଷ୍ଠୀ ତତ୍ )—୧ । ବେଦ ପ୍ରତି ଘୃଣାର୍ଥକ
Beda nindā ବାକ୍ୟପ୍ରୟୋଗ—1. Blaspheming the
Vedas. ୨ । ନାସ୍ତିକତା—2. Atheism.

ବେଦ ନିରତ—ସଂ. ବିଣ. ପୁଂ ( ୭ମୀ ତତ୍ )—ବେଦାନୁରକ୍ତ; ବେଦ-
Beda nirata ବିହିତ ଅନୁଷ୍ଠାନକାରୀ—Devoted to the
ବେଦନିଷ୍ଠ, ବେଦପରାୟଣ } ଅନ୍ୟରୂପ teachings and precepts of the Vedas.
(ବେଦନିରତା, ବେଦନିଷ୍ଠା, ବେଦପରାୟଣା—ସ୍ତ୍ରୀ)

ବେଦନୀୟ—ସଂ. ବିଣ. ( ବିଦ୍ ଧାତୁ=ଜାଣିବା+କର୍ମ. ଅନୀୟ )—
Bedanīya ୧ । ଅନୁଭବନୀୟ—1. Perceptible; perceiv-
eable. ୨ । ଜ୍ଞେୟ—2. Knowable.

ବେଦ ପାଠ—ସଂ. ବି. (୬ଷ୍ଠୀ ତତ୍)—ବେଦକୁ ପଢ଼ିବା—Reading
Beda pāṭha or reciting the Vedas.
(ବେଦପାରାୟଣ, ବେଦାଧ୍ୟୟନ—ଅନ୍ୟରୂପ)

ବେଦ ବଂଶ—ବେ. ବି—ବିଶ୍ୱାମିତ୍ର—The sage Biswāmitra.
Beda bamśa (ଉ—ବେଦବଂଶର ବିନାଶ ଉଦ୍ଦେଶ । ଭକ୍ତ. (ବେଦ-ବଂଶୀ—ଅନ୍ୟରୂପ) ବୈଦେହୀଶବିଳାସ ।)

ବେଦ ବଚନ—ସଂ. ବି—୧ । ବେଦଲିଖିତ ଉପଦେଶ—1. The
Beda bachana sayings of the Vedas. ୨ । ବୈଦିକ (ବେଦ ବାକ୍ୟ—ଅନ୍ୟରୂପ) ମନ୍ତ୍ର—2. Vedic texts. ୩ । ସତ୍ୟ—3. Truth. ୪ । ସନାତନ ସତ୍ୟ; ଅଭ୍ରାନ୍ତ ସତ୍ୟ—4. The eternal truth.

ବେଦବତୀ—ସଂ. ବି. ସ୍ତ୍ରୀ—କୁଶଧ୍ୱଜ ରାଜାଙ୍କର ଲକ୍ଷ୍ମୀଅଂଶଜାତା
Bedabatī କନ୍ୟା—Daughter of King Kuśadhwaja. [ଦ୍ର—ଏ ବିଷ୍ଣୁଙ୍କୁ ପତିରୂପେ ବରଣ କରିଥିଲେ; କିନ୍ତୁ ରାବଣ ବନରେ ଏହାଙ୍କ ରୂପରେ ମୁଗ୍ଧ ହୋଇ ବଳପୂର୍ବକ ଧର୍ଷଣ କରିବାରୁ ଏ ଅଗ୍ନିରେ ଝାସ ଦେଇ ଆତ୍ମହତ୍ୟା କଲେ ଓ ରାବଣଙ୍କୁ ଅଭିଶାପ ଦେଲେ ଯେ ସେ ପରବର୍ତ୍ତୀ ଜନ୍ମରେ ସୀତାରୂପେ ଅବତୀର୍ଣ୍ଣ ହୋଇ ତାହାର ମୃତ୍ୟୁର କାରଣ ହେବେ । ଏ ପରବର୍ତ୍ତୀ ଜନ୍ମରେ ସୀତାରୂପେ ଜନ୍ମ ହୋଇ ରାବଣବଧର କାରଣ ହୋଇଥିବା କଥା ପୁରାଣରେ ବର୍ଣ୍ଣିତ ଅଛି ।] ସଂ. ବିଣ—ବେଦଜ୍ଞା—(woman) Versed in the Vedas. ଦେ. ବି—ମହୀଶୂରର ଗୋଟିଏ ନଦୀ—A river in Mysore. [ଦ୍ର—ଏହା ଗୋଟିଏ ବନ୍ଧ ବା ଆନିକଟ (Anicut) ଦ୍ୱାରା ବନ୍ଧା ହୋଇଅଛି । ବନ୍ଧା ହେବା ସ୍ଥାନରେ ଏ ନଦୀର ଓସାର ୧୨୦୦ ଫୁଟ । ୧୩୭ ଫୁଟ ଉଚ୍ଚର ପଥର ବନ୍ଧ ପଛ ୩୨୩୫ କୋଟି ଘନ-ଫୁଟ ଜଳ ଅଟକାଇ ରଖିଅଛି । କେନାଲ ଦ୍ୱାରା କ୍ଷେତ-ମାନଙ୍କରେ ଜଳସେଚନର ସୁବିଧା କରି ଯାଇଅଛି ।]

ବେଦ ବିତ୍(ଦ୍)—ସଂ. ବି. (ବେଦ+ବିଦ୍ ଧାତୁ+କର୍ତ୍ତୃ. କ୍ୱିପ୍)—ବିଷ୍ଣୁ—
Beda bit(d) Bishṇu. ସଂ. ବିଣ—ବେଦବିଦ୍ୟ (ଦେଖ)—Bedabidya (See)

ବେଦବିଦ—ଦେ. ବିଣ. ( ସଂ. ବେଦବିଦ୍ )—ବେଦବିତ୍ (ଦେଖ)—
Bedabida Bedabit (See) (ଉ—ସକଳ ଲୋକେ ଅଧିକାର, ଏ ସବୁ ବେଦବିଦଙ୍କର । ଜଗନ୍ନାଥ. ଭାଗବତ ।)

ବେଦ ବିଦ୍ୟ—ସଂ. ବିଣ· ( ବହୁବ୍ରୀହି; ବେଦ+ବିଦ୍ୟ )—ବେଦଜ୍ଞ;
Beda bidya ବେଦପାରଗ—Versed in the Vedas. (ବେଦବିଶାରଦ, ବେଦବେତ୍ତା, ବେଦବୋଦ୍ଧା—ଅନ୍ୟରୂପ)

ବେଦ ବିଧି—ସଂ. ବି. (୬ଷ୍ଠୀ ତତ୍)—ବେଦୋକ୍ତ ବିଧି—
Beda bidhi Vedic rules.

ବେଦ ବିପରୀତ—ସଂ. ବିଣ—ବେଦରେ ନିର୍ଦ୍ଦିଷ୍ଟ ଥିବା ଉପଦେଶର
Beda biparita ବହିର୍ଭୂତ—Opposed to the Vedas. (ବେଦବିରୁଦ୍ଧ—ଅନ୍ୟରୂପ)

ବେଦ ବିହିତ—ସଂ. ବିଣ—ବେଦରେ ନିର୍ଦ୍ଦିଷ୍ଟ; ବେଦୋକ୍ତ—
Beda bihita In conformity with the governing
ବେଦସମ୍ମତ } ଅନ୍ୟରୂପ precepts laid down in the
ବେଦସିଦ୍ଧ } Vedas.

ବେଦ ବୃତ୍ତ—ସଂ. ବି—ବେଦୋକ୍ତ ଆଚରଣ—Conduct confor-
Bedabṛutta ming to the Vedic precepts.

ବେଦବ୍ୟାସ—ସଂ. ବି ( ବେଦ+ବି+ଅ+ଅସ୍ ଧାତୁ=କ୍ଷେପଣ କରିବା+କର୍ତ୍ତୃ. ଅ; ଯେ ବେଦଶାସ୍ତ୍ରକୁ ବିସ୍ତାର-
Bedabyāsa ପୂର୍ବକ ୪ ଖଣ୍ଡରେ ବିଭକ୍ତ କରିଥିଲେ )—ପରାଶର ଓ ସତ୍ୟବତୀଙ୍କ ପୁତ୍ର ମହର୍ଷି ଦ୍ୱୈପାୟନ—Name of a sage, son of Parāśara. [ ଦ୍ର—କେତେକ ପଣ୍ଡିତଙ୍କ ମତରେ 'ବେଦବ୍ୟାସ' ବୋଲି କୌଣସି ଋଷିସ୍ୱ ଋଷି ନ ଥିଲେ । ପ୍ରତ୍ୟେକ ଯୁଗରେ ଯେଉଁ ପଣ୍ଡିତମାନେ ବେଦବିଷୟ ଲୋକରେ ପ୍ରଚାର କରି ସେ ବିଷୟରେ ଗ୍ରନ୍ଥ ପ୍ରଭୃତି ରଚନା କରୁଥିଲେ ସେହି ପଣ୍ଡିତମାନଙ୍କୁ ବେଦବ୍ୟାସ ବୋଲି ଯାଉଥିଲା । ସେ ଯୁଗେ ଯେଉଁ ଋଷିଗଣ, ବେଦ ବିସ୍ତାର କଲେ ପୁଣ, ସେହି ବେଦବ୍ୟାସ ବୋଲାନ୍ତି, ତା ଦେହେ ବିଷ୍ଣୁ ପ୍ରବେଶନ୍ତି । ଜଗନ୍ନାଥ. ଭାଗବତ । ]

ବେଦମ୍—ବୈଦେ. ବିଣ ( ଫା. ବେ+ଦମ୍=ଶ୍ୱାସ )—୧ । ପ୍ରାଣାନ୍ତକ
Bedam —1. Fatal. ୨ । ଅଣନିଶ୍ୱାସି—2. Breath-
বেদম less; out of breath. ୩ । ଅବିଶ୍ରାନ୍ତ—3.
बेदम Continuous; unbated; without stopping. ବୈଦେ. କ୍ରି· ବିଣ—୧ । ପ୍ରାଣାନ୍ତକରୂପେ—1. 1. Fatally; mortally. ୨ । ଶ୍ୱାସରୁଦ୍ଧ ହେବା ପ୍ରକାରେ—2. In a way which takes away breath out of a person. ୩ । ଅବିଶ୍ରାନ୍ତରୂପେ—3. Continually; uninterruptedly.

ବେଦମ୍ ଦଉଡ଼—ଦେ ବି—ଅଣନିଶ୍ୱାସୀ ହେବା ଯାଏ ଦଉଡ଼—
Bedam daurḍa Running till one is out of breath.
বেদম দৌড় बेदम दौड

ବେଦମ୍ ପା(ପ୍ର)ହାର—ଦେ. ବି—ନିଷ୍ଠୁର ମାଡ଼; ନିର୍ମମ ମାଡ଼;
Bedam pā(pra)hāra ଅବିଶ୍ରାନ୍ତ ମାଡ଼; ମାଡ଼ବୃଷ୍ଟି—(ବେଦମ୍ ମାଡ଼—ଅନ୍ୟରୂପ) Beating a person hollow.

ବେଦମତ—ସଂ. ବିଣ—ବେଦସମ୍ମତ—Approved by the Vedas.
Bedamata ସଂ. ବି—ବେଦର ନିୟମ—Doctrines laid down in the Vedas.

ବେଦମତୀ—ଦେ. ବି. ସ୍ତ୍ରୀ ( ସଂ. ବେଦବତୀ )—ବେଦବତୀ ( ଦେଖ )
Bedamatī Bedabatī ( See ) [ଉ—ବେଦମତୀରେ ମନ କଲାଇ, ଦେଖି ସେ କନ୍ୟା ତନୁ ଜଳାଇ, ମୋ ହେତୁ ମୃତ୍ୟୁ ଏ ଶାପ ପାଇ ତନୁ ଛାଡ଼ିଲେ । ଭକ୍ତ. ବୈଦେହୀଶବିଳାସ ।]

ବେଦମୟ—ବେ. ବିଣ—ଜ୍ଞାନମୟ—Full of knowledge.
Bedamaya [ ଉ—ଏରୂପେ ବେଦମୟ ବ୍ରହ୍ମ, ବେଦ ନ ଜାଣେ ତାର ମର୍ମ । ଭୂପତି. ପ୍ରେମପଞ୍ଚାମୃତ । ]

ବେଦମାତା—ସଂ ବି. ସ୍ତ୍ରୀ—୧ । ଗାୟତ୍ରୀ—1. A mantra in the
Bedamātā Vedas. ୨ । ଦୁର୍ଗା—2. Durgā. ଦେ. ବି—୧ । ସରସ୍ୱତୀ ନଦୀ—The river Saraswati. [ ଉ—ନାହିଁରେ ସ୍ୱରୂପ କହେ ଅଜ ସେ ସରବ ବେଦ-ମାତା । ମଧୁସୂଦନ· ସ୍ୱରକଳ୍ପନା । ] ୨ । ବରଜା-

2. Goddess Birajā. [ ଉ—ବେଣୁଟ ବେଦ-ମାତାଙ୍କୁ ବିରଜା କହି । ପ୍ରାଚୀ. ରହସ୍ୟମଞ୍ଜରୀ । ]

**ବେଦ ମାର୍ଗ**—ସଂ. ବି—ବେଦବିହିତ ଆଚରଣ—
Beda mārga Conduct enjoined in the Vedas.

**ବେ ଦମ୍ଭ**—ଦେ. ବି ( ଫା. ବେ+ସ. ଦମ୍ଭ )—୧ । ଅଦମ୍ଭ; ଅଧୀର—
Be dambha 1. Impatient. ୨ । ଦୁର୍ବଳ—2. Weak.
अधीर बेदम (ବେଦମ୍ ଭ—ଅନ୍ୟରୂପ)

**ବେ ଦରକାର(ରି)**—ବୈଦେ. ବିଣ ( ଫା. ବେଦରକାର )—
Be darakāra(ri) ଅନାବଶ୍ୟକ—Unnecessary; useless.
বেদরকারী ( ଉ—* * ଦରକାର ବେଦରକାର କଥାମାନ
बेदरकार(री) ଅବଶ୍ୟ ଚଳୁଅଛି । ଫଗାଉମୋହନ. ଛଅମାଣ ଆଠଗୁଣ । )

**ବେଦ ରଙ୍କା**—ଦେ. ବିଣ—ବେଦ ପଢ଼ିବା ପାଇଁ ଉତ୍ସୁକ—Anxious
Beda rankā to study the Vedas. [ ଉ—ତାହା ଶୁଣି ସେ ଅଷ୍ଟବକ୍ର ବେଦରଙ୍କା, ନଗରେ ଗାଧୋଇ ଶକ୍ତରେ ଆଠବଙ୍କା । କୃଷ୍ଣସିଂ. ମହାଭାରତ. ବନ । ]

**ବେ ଦରଜ(ଜି)**—ବୈଦେ. ବିଣ ( ଫା. ବେ+ଦର୍ଦ=ଦୟା )—
Be daraja(ji) ୧ । ନିର୍ଦ୍ଦୟ—1. Cruel; unfeeling. ୨ ।
बेदर्दी ବିବେଚନାଶୂନ୍ୟ—2. Inconsiderate. ୩ ।
ବେଦେରକିଆ, ବେଦର୍ଜ(ର୍ଜି), ବେଦର୍ଜିଆ, ବେଦରଦ(ଦି), ବେଦର୍ଦ୍ଦ(ର୍ଦ୍ଦି) } ଅନ୍ୟରୂପ — ଦାୟିତ୍ୱଜ୍ଞାନଶୂନ୍ୟ—3. Irresponsible. ୪ । ଯନ୍ତ୍ରଣାମୁକ୍ତ—4. Free from pain.

**ବେ ଦସ୍ତୁର(ରି)**—ବୈଦେ. ବିଣ ( ଫା. ବେ+ଦସ୍ତୁର=ନିୟମ )—
Be dastur(ri) ୧ । ରୀତିବହିର୍ଭୂତ—1. Not customary;
বেদস্তুর against custom or practice. ୨ ।
बेदस्तूर ଅନିୟମିତ—2. Irregular. ୩ । ଅବୈଧ; ଷଷ୍ଠ-ବିରୁଦ୍ଧ; ବେଆଇନ—3. Illegal. ବୈଦେ. ବି— ୧ । ବେଆଇନ କାର୍ଯ୍ୟ—1. Illegality. ୨ । ଅନିୟମ—2. Irregularity.

**ବେ ଦାଉ**—ଦେ. ବି—୧ । ଅଘାଟ; ବେଘଣ୍ଟ; ଅବଳଖ ଅବସ୍ଥା—
Be dāu 1 Inconvenient position. ୨ । ଅସୁବିଧା
বেদাওঁ —2. Inconvenience. ଦେ. ବିଣ—ଅସୁବିଧା-
बेदाव ଜନକ—Inconvenient.

**ବେ ଦାଗ**—ବୈଦେ. ବିଣ ( ଫା )—୧ । ଯହିଁରେ ଦାଗ ବା କଳଙ୍କ ନ
Be dāg ଥାଏ; ନିଷ୍କଳଙ୍କ—1. Spotless; stampless.
বেদাগ ୨ । ଅଚିହ୍ନିତ—2. Unmarked.
बेदाग

**ବେ ଦାଗି**—ପ୍ରାଦେ ( ବସ୍ତ୍ର ) ବିଣ—ଅକଳଙ୍କ—
Be dāgi Spotless.

**ବେଦାଙ୍ଗ**—ସ. ବି ( ୬ଷ୍ଠୀ ତତ୍; ବେଦର ଅଙ୍ଗ=ଅବୟବ )—
Bedānga 'ଶିକ୍ଷା, କଳ୍ପ, ବ୍ୟାକରଣ, ନିରୁକ୍ତ, ଛନ୍ଦ ଓ ଜ୍ୟୋତିଷ' ଏହି ଛଅଗୋଟି ବେଦର ଅଂଶ—The 6 parts or sciences comprised in the Vedas.
[ ଦ୍ର—୧ । ସ୍ୱର ଉଚ୍ଚାରଣ—ସାତାଇସ ବୈଦିକ ସୂକ୍ତମାନ ଉଚ୍ଚାରଣ କରି ସ୍ୱରସଂଯୋଗପୂର୍ବକ ଗାନ କରିବାର ଶିକ୍ଷାଦାୟି ହୁଏ—୨ । କଳ୍ପ—ସୂତ୍ରଗ୍ରନ୍ଥ; ବେଦର ବ୍ରାହ୍ମଣ ଭାଗର ସାର ତତ୍ତ୍ୱମାନ ଏଥିରେ ସୂତ୍ରାକାରରେ ଗ୍ରଥିତ ହୋଇଅଛି—୩ । ବ୍ୟାକରଣ—ଶବ୍ଦ ଓ ବାକ୍ୟାଦିର ଅବାର ପ୍ରକାର ଓ ପ୍ରକୃତି ପ୍ରତ୍ୟୟାଦିର ଜ୍ଞାନ ଯହିଁରୁ ହୁଏ—୪ । ନିରୁକ୍ତ—ବୈଦିକ ଶବ୍ଦ ଓ ବାକ୍ୟର ଅର୍ଥ ପ୍ରତିପାଦକ ଗ୍ରନ୍ଥ—୫ । ଛନ୍ଦ —'ଗାୟତ୍ରୀ, ଉଷ୍ଣିକ୍, ଅନୁଷ୍ଟୁଭ୍, ବୃହତୀ, , ତ୍ରିଷ୍ଟୁଭ୍, ଜଗତୀ' ଏହି ୭ଟି ବୈଦିକ ଛନ୍ଦ ସମ୍ବନ୍ଧେ ଜ୍ଞାନ—୬ । ଜ୍ୟୋତିଷ—ଯଦ୍ଦ୍ୱାରା ସୂର୍ଯ୍ୟାଦି ଗ୍ରହଙ୍କର ଗତି, ସ୍ଥିତି, ଫଳ ଆଦିର ଜ୍ଞାନ ଲାଭ ହୁଏ । ]

**ବେ ଦାଢ଼**—ଦେ. ବିଣ—ଧାରହୀନ; ଅଘାସ୍ତ—
Be dārdha ভোঁতা बेधार Blunt; not sharp.
[ବେଦାଢ଼ୁ(ଢ଼ି)ଆ—ଅନ୍ୟରୂପ]

**ବେଦାଣ୍ଡ(ଣ୍ଡି)**—ଦେ. ବିଣ—୧ । ଲୋକାଚାରବିରୁଦ୍ଧ—1. Against
Be dānda(ndi) the custom of the country.
বেরাস্তা ୨ । ଅନ୍ୟାୟ; ବେନିୟମ—2. Illegal; irregular.
बेरास्ता ୩ । ଅନୁପଯୁକ୍ତ—3. Improper.

**ବେଦାଦି**—ସ. ବି ( ୬ଷ୍ଠୀ ତତ୍; ବେଦ+ଆଦି )—ବେଦର ପ୍ରଥମ
Bedādi ଉଚ୍ଚାରଣ; ପ୍ରଣବ; ଓଁକାର—The mystic syllable om.

**ବେଦାଧିପ**—ସ. ବି (୬ଷ୍ଠୀ ତତ୍; ବେଦ+ଅଧିପ)—ପ୍ରତ୍ୟେକ ବେଦର
Bedādhipa ଅଧିପତି ଗ୍ରହ—The respective planets presiding over each Veda. [ ଦ୍ର—ଋକ୍-ବେଦର—ବୃହସ୍ପତି, ଯଜୁର୍ବେଦର—ଶୁକ୍ର, ସାମବେଦର—ମଙ୍ଗଳ, ଅଥର୍ବ ବେଦର—ବୁଧ । ]

**ବେଦାଧ୍ୟୟନ**—ସ. ବି (୬ଷ୍ଠୀ ତତ୍; ବେଦ+ଅଧ୍ୟୟନ)—ବେଦ ପଢ଼ିବା
Bedādhyayana The studying of the Vedas.

**ବେଦାଧ୍ୟାପକ**—ସ. ବିଣ. ପୁଂ ( ୬ଷ୍ଠୀ ତତ୍; ବେଦ+ଅଧ୍ୟାପକ )—
Bedādhyāpaka ଯେ ବେଦ ପଢ଼ାନ୍ତି—A person who teaches the Vedas.

**ବେଦାଧ୍ୟାପନ(ନା)**—ସ. ବି ( ୬ଷ୍ଠୀ ତତ୍ )—ବେଦ ପଢ଼ାଇବା—
Bedādhyāpana(nā) Teaching of the Vedas.

**ବେଦାଧ୍ୟାୟୀ**—ସ. ବିଣ—ବେଦ ପାଠ କରୁଥିବା ( ଛାତ୍ର )—
Bedādhyāyī Studying the Vedas.

**ବେଦାନା**—ସ. ବିଣ ( ଫା. ବେ+ଦାନା=ମଞ୍ଜି )—ମଞ୍ଜିହୀନ—
Bedānā Seedless. ସ. ବି—କାବୁଲୀ ଡାଳିମ୍ବ—
বেদানা बेदाना Kabuly pomegranette.

**ବେଦାନ୍ତ**—ସ. ବି ( ୬ଷ୍ଠୀ ତତ୍ )—ବ୍ୟାସଦେବ ପ୍ରଣୀତ ଦର୍ଶନଶାସ୍ତ୍ର;
Bedānta ବ୍ରହ୍ମର ସ୍ୱରୂପ ବି ନିରୂପକ ଶାସ୍ତ୍ର—The Vedānta;
(ବେଦାନ୍ତ ଦର୍ଶନ—ଅନ୍ୟରୂପ) the system of philosophy propounded by sage Byāsa.

**ବେଦାନ୍ତ ବାଦ**—ସ. ବି—ବେଦାନ୍ତ ଦର୍ଶନର ମତ; ବ୍ରହ୍ମବାଦ—The
Bedānta bāda doctrines of the Vedānta philosophy.
( ବେଦାନ୍ତମତ—ଅନ୍ୟରୂପ )

ବେଦାନ୍ତ ବାଦୀ—ସଂ. ବଣ. ପୁଂ—ବେଦାନ୍ତମତାବଲମ୍ବୀ; ବ୍ରହ୍ମବାଦୀ—
Bedānta bādi Following the Vedanta doctrines.
( ବେଦାନ୍ତବାଦିନୀ—ସ୍ତ୍ରୀ )

ବେ ଦାନ୍ତି—ଦେ. ବଣ. ପୁଂ (ବ୍ୟଙ୍ଗ)—ଦନ୍ତହୀନ—Toothless.
Be dānti বেদাঁত बेदाँती ( ବେଦାନ୍ତଥ—ଅନ୍ୟରୂପ )
( ବେଦାନ୍ତୀ; ବେଦାନ୍ତେଇ—ସ୍ତ୍ରୀ )

ବେଦାନ୍ତୀ—ସଂ. ବଣ. ପୁଂ—ବେଦାନ୍ତମତାବଲମ୍ବୀ; ବ୍ରହ୍ମବାଦୀ—
Bedānti Following the doctrines propounded in the Vedānta philosophy. ଦେ. ବଣ. ସ୍ତ୍ରୀ—ବେଦାନ୍ତର ସ୍ତ୍ରୀଲିଙ୍ଗ—Feminine of Bedānti.

ବେ ଦାବି—ବୈଦେ.ବ (ଫା)—ଦାବିର ଅଭାବ—Want of claim.
Be dābi ଦେ. ବଣ—ଯାହାକୁ କେହି ଦାବି କରୁନାହିଁ—
বেদাবী बेदावी Unclaimed.

ବେଦାଭ୍ୟାସ—ସଂ. ବ (୬ଷ୍ଠୀ ତତ୍)—୧ । ବେଦପାଠପୂର୍ବକ ଘୋଷିବା—
Bedābhyāsa 1. The committing of the Vedas to memory. ୨ । ବେଦଚର୍ଚ୍ଚା; ବେଦପାଠ—
2. Studying of the Vedas. ୩ । (ବିଶେଷାର୍ଥ) ବେଦର ବିଚାର; ଅନୁଶୀଳନ; ଜପ; ଅଧ୍ୟୟନ ଓ ଅଧ୍ୟାପନା—
3. Discussion; exercise; contemplation; study and teaching of the Vedas.

ବେଦାମି—ଦେ. ବଣ—୧ । ମୂଲ୍ୟହୀନ—1. Valueless.
Be dāmi বেদামী बेदा ୨ । ଅମୂଲ୍ୟ—2. Invaluable.

ବେଦି(ଦୀ)—ସଂ. ବ (ବିଦ୍ ଧାତୁ=ବିଦ୍ୟମାନ ଥିବା+ଅଧିକରଣ. ଇ)
Bedi(dī) ୧ । ଯଜ୍ଞାଦି କ୍ରିୟାର୍ଥ ସଂସ୍କୃତ ପରିଷ୍କୃତ ଭୂମି—
(ବେଦିକା—ଅନ୍ୟରୂପ) 1. Altar prepared for Vedic sacrifice. [ଦ୍ର—ବେଦୀର ଆକୃତି ସାଧାରଣତଃ ଚତୁରସ୍ର ଓ ଡମ୍ବରୁ ସଦୃଶ; ବିଭିନ୍ନ କ୍ରିୟାରେ ବେଦିର ଭିନ୍ନ ଭିନ୍ନ ନାମ ଯଥା—ସ୍ନାନ ବେଦି, ଗଙ୍ଗା ବେଦି, ଦୋଳ ବେଦି ବା ଝୁଲଣ ବେଦି, ଯଜ୍ଞ ବେଦି, ହୋମ ବେଦି, ବ୍ରତ ବେଦି, ବିବାହ ବେଦି, ଭୂକର୍ମ ବା ଭୂଭୁର ବେଦି ।]
୨ । ମଞ୍ଚ—2. Platform. ୩ । ମାଟି ପକା ଉଚ୍ଚ ହୋଇଥିବା ସ୍ଥାନ—3. A raised mound of earth
୪ । ମତ୍ସ୍ୟବିଶେଷ—4. A kind of fish. ୫ । (ବିଦ୍+କର୍ତ୍ତୃ. ଇ) ପଣ୍ଡିତ—5. Learned man; Philosopher.) ୬ । ନାମାଙ୍କିତ ମୁଦ୍ର—6 Signet ring. ୭ । ବିରୁଡ଼ି—7. Wasp.

ବେଦିଜା—ସଂ. ବ. ସ୍ତ୍ରୀ—(ବେଦି+ଜନ୍+କର୍ତ୍ତୃ. ଅ+ସ୍ତ୍ରୀ. ଆ)—ଯଜ୍ଞ
Bedijā ବେଦୀରୁ ଜନ୍ମ ହୋଇ ଥିବାରୁ)—ଦ୍ରୌପଦୀ—
Draupadī.

ବେଦିତ—ସଂ. ବଣ (ବିଦ୍ ଧାତୁ ଣିଚ୍=ବେଦି ଧାତୁ=ଜଣାଇବା+
Bedita କର୍ମ. ତ)—୧ । ଜ୍ଞାପିତ—1. Reported. ୨ । ନିବେଦିତ—2. Made known. ୩ । ଦର୍ଶିତ—
3. Shown; exhibited. ୪ । ସାକ୍ଷାତକୃତ—
4. Visited; interviewed.

ବେଦିତବ୍ୟ—ସଂ. ବଣ—(ବିଦ୍ ଧାତୁ+କର୍ମ. ତବ୍ୟ)—ଜ୍ଞାତବ୍ୟ; ଜ୍ଞେୟ—
Beditabya Knowable.

ବେଦିତା—ସଂ. ବଣ. ପୁଂ (ବିଦ୍ ଧାତୁ+କର୍ତ୍ତୃ. ତୃ; ୧ମା. ୧ବ)—
Beditā ୧ । ଯେ ଜାଣେ, ଜ୍ଞାତା—1. Knowing. ୨ । ସାକ୍ଷାତ୍କର୍ତ୍ତା—2. Having seen.

ବେଦିନ—ଦେ. ବ—୧ । ଅଦିନ—1. Bad day. ୨ । ଦୁର୍ଦ୍ଦିନ—2. Bedina Bad weather. ୩ । ଅସମୟ—3. Improper time. ବୈ. ବଣ—( ପାରସୀ• ବେ=ବିହୀନ+ଅରବୀ ଦୀନ=ଧର୍ମ)—୧ । ଧର୍ମହୀନ; ଅଧର୍ମୀ—1. Irreligious. ୨ । ପାପୀ—2. Sinful.

ବେଦି ନଗୁତି—ପ୍ରାଦେ. ବ. (ପୁରୀ)—ବର କନ୍ୟା ବିବାହ ବେଦୀରେ
Bedi naguti ଅସି ପହଞ୍ଚିବା (ହାତ ଗଣ୍ଠି ପଡ଼ିବା) ପର୍ଯ୍ୟନ୍ତ ଖର୍ଚ୍ଚ ହେବା ଟଙ୍କା ପାଇଁ ବରବାଲା କନ୍ୟାବାଲାଙ୍କୁ ଯାହା ଧନ ଦିଅନ୍ତି—The money paid by the bridegroom's party to the bride's party for expenses incurred by the latter till the moment of the marriage ceremony. ଦ୍ର—ଏହା ଏକପ୍ରକାର କନ୍ୟା ଶୁଳ୍କ । ]

ବେଦି ମୁହଁ—ଦେ. ବ. (ସଂ ବେଦୀ+ମୁଖ)—ଯେଉଁ ପାଖରେ ପାହାଚ
Bedi muhan ଦ୍ୱାରା ବେଦୀ ଉପରକୁ ଆସିବାକୁ ହୁଏ—The
বেদীর মুখ mouth of an altar; the place where
वेदीका मुहँ people step to an altar by means of a flight of steps (ଦ୍ର—ବିଲ୍ଲ ବାସି ବନ ବେଦି ମୁହଁ ଘୋଡ଼ା । ପ୍ରବଚନ ।)

ବେଦୀ—ସଂ. ବଣ. (ବିଦ୍ ଧାତୁ+କର୍ତ୍ତୃ. ଇନ୍; ଅନ୍ୟ ଶବ୍ଦ ସଙ୍ଗେ ଯୁକ୍ତ
Bedī ହୁଏ ଯଥା—ତ୍ରିବେଦୀ, ଦ୍ୱିବେଦୀ, ଚତୁର୍ବେଦୀ )—
ବେଦାଧ୍ୟାୟୀ—Versed in the Vedas. ସଂ. ବ—
୧ । ବେଦି (ଦେଖ)—1 Bedi (See) ୨ । ବ୍ରହ୍ମା—
2. Brahmā. ୩ । ବିବାହକାରୀ ସ୍ୱାମୀ; ବରଣେତା—
3. Husband; bridegroom. ୪ । ପଣ୍ଡିତ—
4. Learned person. ଦେ. ବଣ. (ସଂ. ବେଦୀୟ)—ନିର୍ଦ୍ଦିଷ୍ଟ ବେଦର ଅନ୍ତର୍ଗତ ବ୍ରାହ୍ମଣ—A Brahmana following the doctrines of a particular Veda. (ଯଥା—ଯଜୁର୍ବେଦୀ ବ୍ରାହ୍ମଣ )

ବେଦୀଶ—ସଂ. ବ. ( ବେଦୀ=ସରସ୍ୱତୀ+ଈଶ=ପ୍ରଭୁ )—ବ୍ରହ୍ମା—
Bedīsa Brahmā. (ଦ୍ର—ବେଦୀଶ ବିରଞ୍ଚି କର୍ମ ଅରମ୍ଭଣେ । ଭଞ୍ଜ. ବୈଦେହୀଶବିଳାସ ।)

ବେଦୁଇନ୍—ବୈଦେ. ବ. (ଇଂ. ବେଦୁଇନ୍)—ଆରବ ଦେଶୀୟ ଦସ୍ୟୁ
Beduin ଜାତି ବିଶେଷ—A caste of robbers in
বেদুইন্ Arabia; the Beduins
वेदुइन्

ବେ ଦୁଲ୍—ପ୍ରାଦେ. (ଯାଜପୁର) ବଣ—ନିର୍ଭୟ; ନିଶ୍ଚିନ୍ତ—
Be dul Fearless; free from anxiety.

ବେଦୋକ୍ତ—ସଂ. ବିଣ. (୭ମୀ ତତ୍) ବେଦରେ ଲେଖା ଯାଇଥିବା—
Bedokta Prescribed in the Vedas.
(ବେଦୋଦିତ—ଅନ୍ୟରୂପ)

ବେଦ୍ୟ—ସଂ. ବିଣ (ବିଦ୍ ଧାତୁ + କର୍ମ. ଯ)—୧ । ଯାହା ଜାଣିବା ଉଚିତ;
Bedya ଜ୍ଞେୟ; ବୋଧ୍ୟ—1. Fit or proper to be known. ୨ । ସାକ୍ଷାତ୍କାର୍ଯ୍ୟ—2. Fit to be seen. ଦେ. ବି—ପରଂବ୍ରହ୍ମ—God. ( ଯଥା—ବେଦ୍ୟ ବୋଲି ପରମ ବ୍ରହ୍ମ ଲକ୍ଷ୍ମୀସାଇଁ, ଯେଣୁଟି ସୁଖଦୁଃଖ ତାହାଙ୍କର ନାହିଁ । କୃଷ୍ଣସିଂହ. ମହାଭାରତ. ବନ । )

ବେଧ—ସଂ. ବି (ବିଧ୍ ଧାତୁ=ବିଦ୍ଧ କରିବା+ଅ)—୧ । ବସ୍ତୁର
Bedha ସ୍ଥୂଳତାର ପରିମାଣ—1. Thickness of a thing.
(ବେଧନ—ଅନ୍ୟରୂପ) ୨ । ଗଭୀରତା—2. Depth. ୩ । ଛିଦ୍ର; ଛିଦ୍ର—3. Perforation; hole. ୪ । ବିନ୍ଧିବା; ଛିଦ୍ର କରିବା; ଫୋଡ଼ିବା—4. Perforating; piercing through. ୫ । ବିବାହାଦି ଶୁଭକାର୍ଯ୍ୟନିଷେଧକ ଗ୍ରହ ସଂସ୍ଥାନ—5. The position or conjunction of planets unpropitious for the performance of marriage and other ceremonies. ଦେ. ବି (ସଂ. ବିଧବା; ବିଧବାର ଅବୈଧ ଉପପୁରୁଷସେବା)
छिनाली व्यभिचार ୧ । ସ୍ତ୍ରୀର ପରପୁରୁଷସଙ୍ଗମ—1. Adultery of a woman. ୨ । ବେଧୋଈ—
छिनाल व्यभिचारिनी
बेधुया जारज 2. Adulteress. ୩ । ଜାରଜ ସନ୍ତାନ—3. A child born of adultery. ଦେ. ବିଣ—ଜାରଜ—Bastard.

ବେଧକ—ସଂ ବିଣ. ପୁଂ (ବିଧ୍ ଧାତୁ + କର୍ତ୍ତୃ. ଅକ)— ବିନ୍ଧାରକ;
Bedhaka ଯେ ଫୋଡ଼େ; ଯେ ଛିଦ୍ରକରେ—Perforating;
(ବେଧିକା – ସ୍ତ୍ରୀ) piercing; penetrating. ସଂ. ବି—୧ । କର୍ପୂର—1. Camphor. ୨ । ଧନିଆ—2. Coriander. ୩ । ଗର୍ଭିଣ ଧାନ୍ୟ—3. Paddy blade pregnant with grains.

ବେଧ କରିବା—ଦେ.କ୍ରି—୧ । (ଅଶ୍ଳୀଳ) ଅବୈଧଭାବରେ କୌଣସି ସ୍ତ୍ରୀକୁ
Bedha karibā ଗର୍ଭବତୀ କରିବା—1. To make pregnat
व्यभिचार करना by illicit intercourse with a lady.
बेधकरना ୨ । ଛିଦ୍ର କରିବା—2 To perforate

ବେଧ ଛୁଆ—ଦେ. ବି ( ମୂଳ. ସଂ. ଅବୈଧସନ୍ତାନ)—ଜାରଜ ସନ୍ତାନ—
Bedha chhuā A bastard.
ବେଧ ପିଲା } ଅନ୍ୟରୂପ बेधुया, बेहुया, बेदो
ବେଧ ଫଳ } अकुला, जारज सन्तान

ବେ ଧଡ଼କ—ଦେ. ବିଣ—୧ । ନିର୍ଭୟ 1. Fearless. ୨ । ନିଶ୍ଚିନ୍ତ—
Be-dhardaka 2. Free from anxiety. ୩ । ଅପରିମିତ;
बेधड़क ଅତ୍ୟନ୍ତ—3. Excessive. ଦେ. କ୍ରି. ବିଣ—ଭୟ ନ
बेधड़क କରି—Fearlessly. (ଯଥା—କିଛି ପରବାଏ କରିବେ ନାହିଁ, ବେଧଡ଼କ ଲୋକଙ୍କୁ ଧରିଯାଉଛି । ଫକୀରମୋହନ. ଛମାଣଆଠଗୁଣ । )

ବେଧ ଧରିବା—ଦେ. କ୍ରି—ସ୍ତ୍ରୀ ଯାପଗ୍ରଣପୁରେ ଅସତ୍ତୀ ଥିବା ସମୟରେ
Bedha dharibā ତାକୁ ଗିରଫ କରିବା—To detect a woman committing adultery. ( ଯଥା—ବେଧରେ ଧରିବ କହରେ ! [illegible] )

ବେଧନ—ପ୍ରାଦେ (ବାମଣ୍ଡା) – ଛେଣି—Chisel.
Bedhan ( ବେଧୁଣ—ଅନ୍ୟରୂପ )

ବେଧନ—ସଂ. ବି (ବିଧ୍ ଧାତୁ + ଅନ)—ଭେଦନ; ବିଦ୍ଧକରଣ—
Bedhana Piercing; perforating. ଦେ. ବି. ସ୍ତ୍ରୀ—(ସ୍ତ୍ରୀମାନଙ୍କ ମଧ୍ୟରେ ଥଟ୍ଟା ଓ ଗାଳିରେ (ବ୍ୟବହୃତ)—ବେଧୋଈ—An adulteress.

ବେଧନୀ—ସଂ. ବି (ବିଧ୍ ଧାତୁ+ କରଣ. ଅନ+ସ୍ତ୍ରୀ. ଈ)—୧ । ମଣିଆଦି
Bedhanī ଭେଦ କରିବାର ଛୁଞ୍ଚ—1. A needle to bore into gems. ୨ । ଫୋଡ଼ଣୀ—2. Gimlet. ୩ । ବର୍ମ୍ମ—3. A drill; a boring needle.
ବେଧନାସ୍ତ୍ର } ଅନ୍ୟରୂପ
ବେଧନିକା }

ବେଧନୀୟ—ସଂ. ବିଣ (ବିଧ୍. ଧାତୁ + କର୍ମ. ଅନୀୟ)—ଭେଦ୍ୟ—
Bedhaniya Penetrable.

ବେଧ ପକା(କୋ)ଇବା—ଦେ. କ୍ରି—(ସ୍ତ୍ରୀ ପକ୍ଷରେ) ପରପୁରୁଷ ସଙ୍ଗମ
Bedha pakā(ke)ibā କରିବା—To commit adultery
व्यभिचार करना with a paramour.

ବେଧ ବୁଜୁଳା(ଳି)—ଦେ. ବି—୧ । ପ୍ରସବାନ୍ତେ ଅବୈଧ ପ୍ରଣୟୋଦ୍ଭବ
Bedha bujulā(li) ଭୃଣ ବା ସନ୍ତାନାଦିକୁ ଗୋପନ କରି ଫୋପାଡ଼ି ଦେବା ନିମନ୍ତେ ବେଧୋଈ ସ୍ତ୍ରୀ ବାନ୍ଧିଥିବା ପୁଡ଼ା—1. A package containing the offspring of adultery which an adulteress wants to dispose of secretly. ୨ । (ଲକ୍ଷଣାର୍ଥ) କୌଣସି ଗୋପନୀୟ ବସ୍ତୁ—2. ( figurative ) A secret thing or a thing which a person wants to conceal.

ବେ ଧରମୀ—ଗ୍ରା. ବିଣ (ସଂ. ବିଧର୍ମୀ)—୧ । ଅନ୍ୟ ଧର୍ମାବଲମ୍ବୀ—
Bedharami 1. Professing a different religion.
विधर्मि ୨ । ଧର୍ମତ୍ୟାଗୀ—2. Renegade; converted to
बेधरमी another religion. ୩ । ପାପୀ—3. Sinning;
(ବେଧର୍ମୀ—ଅନ୍ୟରୂପ) sinful.

ବେଧସ—ସଂ. ବି (ବେଧସ୍ + ଅ)—ଅଙ୍ଗୁଷ୍ଠମୂଳ; ବୁଢ଼ା ଅଙ୍ଗୁଠିର ମୂଳ-
Bedhasa The base of the thumb.

ବେଧା—ପ୍ରାଦେ. ବିଣ. ପୁଂ (ପୁରୁଷ; ବାଳେଶ୍ୱର ଗାଳିରେ ବ୍ୟବହୃତ)—
Bedhā ବେଧୁଆ (ଦେଖ(—Bedhuā (See). ଦେ. ବି—(ସଂ. ବେଧା)—ବ୍ରହ୍ମା—Brahmā.

ବେଧାଈ—ପ୍ରାଦେ (ସମ୍ବଲପୁର) ବିଣ. ସ୍ତ୍ରୀ—ବେଧୋଈ;କଷ୍ଟଚରିତ୍ରା (ସ୍ତ୍ରୀ);
Bedhāi ଦୁଶ୍ଚରିତ୍ରଣୀ—Unchaste (woman).
छिनाल व्यभिचारिणी

**ବେଧାଇ ଛୁଆ**—ପ୍ରାଦେ. ( ସମ୍ବଲପୁର ) ବି—୧ । ବେଧ ଛୁଆ; ଜାରଜ ସନ୍ତାନ—1. Illegitimate son. ୨ । ବେଧୁଆ ( ଦେଖ )—2. Bedhuā ( See )
Bedhāi chhuā

**ବେଧାଃ**—ସଂ. ବି ( ବିଧ୍ ଧାତୁ=ବିଧାନ କରିବା+କର୍ତ୍ତୃ. ଅସ୍ କମ୍ବା ବି ଉପସର୍ଗ+ଧା ଧାତୁ=ଧାରଣ କରିବା+କର୍ତ୍ତୃ. ଅସ୍ )—୧ । ବ୍ରହ୍ମା—1. Brahmā. ୨ । ବିଷ୍ଣୁ—2. Bishṇu. ୩ । ସୂର୍ଯ୍ୟ—3. The sun. ୪ । ପଣ୍ଡିତ—4. Philosopher. ୫ । ଶ୍ୱେତାର୍କ ବୃକ୍ଷ—5. Name of a plant ( Calotropis Gigantica ). ୬ । ଅନନ୍ତଙ୍କ ପୁତ୍ର—6. The son of Ananta.
Bedhāḥ

**ବେଧାଡ଼ି**—ଦେ. ବିଣ—୧ । ଏକ ସରଳରେଖାରେ ନ ଥିବା—1. Not arranged in a line. ୨ । ବେଧାରା; ଅନିୟମିତ—2. Irregular.
Bedhāṛi
বেধারা बेधाडी बेधारा

**ବେଧାରା**—ଦେ. ବି ( ଫା. ବେ+ସଂ. ଧାରା )—୧ । ବେନିୟମ; ଅନିୟମ—1. Irregularity. ୨ । ଗୋଲମାଲ—2. Confusion.
Bedhārā
বেধারা बेधारा
ଦେ. ବିଣ—୧ । ଅନିୟମିତ—1. Irregular. ୨ । ଗୋଲମାଲିଆ; ବିଗିଡ଼ା—2. Confused. ୩ । ଶାସ୍ତ୍ରବିରୁଦ୍ଧ—3. Against custom or practice.

**ବେଧିତ**—ସଂ. ବିଣ ( ବିଧ୍ ଧାତୁ+କର୍ମ. ତ )—ବିଦ୍ଧ କରାଯାଇ ଥିବା—Perforated.
Bedhita

**ବେଧିନୀ**—ସଂ. ବି. ସ୍ତ୍ରୀ ( ବିଧ୍ ଧାତୁ+କର୍ତ୍ତୃ. ଇନ୍+ସ୍ତ୍ରୀ. ଈ )—୧ । ଜୋକ—1. Leech. ୨ । ମେଥି—2. Fenugreek.
Bedhinī

**ବେଧୀ**—ସଂ. ବିଣ. ପୁଂ ( ବିଧ୍ ଧାତୁ+ଇନ୍; ୧ମା. ୧ବ )—ବେଧକ ( ଦେଖ )—Bedhaka ( See ) ଦେ. ବିଣ—ବେଧୋଇ; ପରପୁରୁଷରତା ସ୍ତ୍ରୀ—An adulteress.
Bedhī
( ବେଧିନୀ—ସ୍ତ୍ରୀ )

**ବେଧୁଆ**—ଦେ. ବିଣ. ପୁଂ ( ଭୁଲ. ସଂ. ଅବୈଧ )—୧ । ଜାରଜ—1. Bastard. ୨ । ପରସ୍ତ୍ରୀରତ—2. Adulterer. ୩ । ( ବ୍ୟଙ୍ଗ ) ଅଧୁଆ; ଅସ୍ନାତ—3. ( ironical ) Unwashed.
Bedhuā
বেহু(খু)য়া; বেদো जारज
[ବେଧେ(ଧୋ)ଇ—ସ୍ତ୍ରୀ] ব্যভিচারী बेधुआ

**ବେଧୁଣି**—ପ୍ରାଦେ ( ବିହଭୂମି; ସଂ. ବେଧନୀ ) ବି—ଲିହଣ—Chisel.
Bedhuṇi

**ବେଧୁମ୍**—ବୈଦେ. ବିଣ ( ଫା. ବେଦମ୍ )—୧ । ବେଜାୟ; ଅତିରିକ୍ତ—1. Excessive. ୨ । ଅତ୍ୟନ୍ତ—2. Very much.
Bedhum
বেদম वेदम

**ବେଧେ(ଧୋ, ଧୁ)ଇ**—ଦେ· ବିଣ. ସ୍ତ୍ରୀ—ପରପୁରୁଷରତା ସ୍ତ୍ରୀ—Adulteress.
Bedhe(dho, dhu)i
ছিনাল ব্যভিচারিণী, बेचाली

**ବେଧେ(ଧୋ)ଇ ପୁଅ**—ପ୍ରାଦେ. ବି (ଧୂଷ ଗାଳି) (ଭୁଲ.ସଂ. ଅବଧବାପୁତ୍ର) ଜାରଜ—A bastard.
Bedhe(dho)i pua
ବେଧେ(ଧୋ)ଇ ପ(ପୋ), ବେଧୋଇ ପୁଅ, ବେଧୋଇ ପୋ, ବେହ୍ନି ପୋ } —ଅନ୍ୟରୂପ

**ବେଧ୍ୟ**—ସଂ. ବିଣ ( ବିଧ୍ ଧାତୁ+କର୍ମ. ଯ )—ବେଧନୀୟ—Penetrable. ସଂ. ବି—ଶରବ୍ୟ; ଲକ୍ଷ୍ୟ—Target; a mark to shoot at a butt.
Bedhya

**ବେ ନଜର**—ବୈଦେ. ବି ( ଫା )—୧ । ତତ୍ତ୍ୱାବଧାରଣର ଅଭାବ—1. Want of supervision. ୨ । ବେଦୃଷ୍ଟି; ଅନୁଗ୍ରହ ଦୃଷ୍ଟି—2. Unfavourable look. ୩ । ଦୂରଦୃଷ୍ଟିର ଅଭାବ—3. Want of foresight ୪ । ଦୃଷ୍ଟିର ଅଭାବ—4. Negligence. ବୈଦେ. ବିଣ—ବେନଜରି ( ଦେଖ )—Benajari ( See )
Be najara
বেনজর बेनजर
( ଘୁନଜର—ବିପରୀତ )

**ବେ ନଜରି**—ବୈଦେ. ବିଣ ( ଫା. ବେ ନଜର+ଇ )—୧ । ବେ ଅନ୍ଦାଜ—1. One who has no sense of proportion ୨ । ଅନ୍ୟମନସ୍କ—2. Careless; negligent.
Be najari
বেনজর बेनजरी (ବେନଜରିଆ—ଅନ୍ୟରୂପ)

**ବେ ନ(ଲ)ବଜ୍**—ବୈଦେ. ବି ( ଫା. ବେଲବ୍ଜ୍ )—ଅଶୁଦ୍ଧ—Incorrect.
Be na(la)baj बेलबज

**ବେନସିବ(ବା)**—ବୈଦେ. ବିଣ ( ଫା. ବେନସୀବ୍ )—ହତଭାଗ୍ୟ—Unfortunate. ବୈଦେ. ବି (ଫା)—ମନ୍ଦଭାଗ୍ୟ—Misfortune; ill-luck.
Be nasib(bā)
বদনসীব बेनसीब

**ବେନା**—ପ୍ରାଦେ. (ସମ୍ବଲପୁର) ବି—ବେଣା (ଦେଖ)—Beṇā (See)
Benā

**ବେ ନାଏ(ୟ)କ୍**—ଦେ. ବି. ( ଫା. ବେଲାୟାକତ୍ )—୧ । ନାଲାୟକ; ନିକୃଷ୍ଟ—1. Inferior. ୨ । ଅନୁପଯୁକ୍ତ—2. Unworthy. ୩ । ଅଯୋଗ୍ୟ—3. Unfit.
Be nāe(ya)k
নালায়েক बेलायक
[ବେଲାଏ(ୟ)କ୍—ଅନ୍ୟରୂପ]

**ବେନାତି**—ପ୍ରାଦେ. (ସମ୍ବଲପୁର) ବି—ବେଞ୍ଜାତି (ଦେଖ)—Beñjāti (See)
Benāti

**ବେନାମ(ମି)ଦାର**—ବୈଦେ. ବି. (ଉଭୟାର୍ଥ) (ଫା)—ଯାହା ନାମରେ ଅନ୍ୟ ବ୍ୟକ୍ତିର ସମ୍ପତ୍ତି ବେନାମି କରାଯାଏ—An ostensible holder of a property; a nominal owner.
Benāma(mi)dār
বেনামীদার बेनामदार

**ବେନାମି**—ବୈଦେ. ବି. (ଉଭୟାର୍ଥ) (ଫା.ବେ+ନାମ=ନାମ, ଯଶ)—ଅନ୍ୟ ନାମରେ ପ୍ରକାଶିତ ହୋଇଥିବା ବା କ୍ରୀତ ହୋଇଥିବା—1. (property) Benami; purchased in the name of a person other than the real owner; held in another person's name. ୨ । ନାମ ଦିଆ ନ ଯାଇ ପ୍ରକାଶିତ ହୋଇଥିବା—2. Anonymous. ୩ । ନାମ ମାତ୍ର—3. Nominal; fictitious. ଦେ. ବି—୧ । ବେନାମି ଚିଠି (ଦେଖ)
Benāmi
বেনামী बेनामी
(ସ୍ୱନାମି—ବିପରୀତ)
ବେନାମ, ବେନାମା } ଅନ୍ୟରୂପ

1. Benāmi chiṭhi (See) ୨ । ବେନାମି କାରବାର (ଦେଖ)—2. Benāmi kārabāra (See)

ବେନାମି କରିବା—ଦେ. କ୍ରି. (ଉତରଅ)—ମହାଜନ ଅବଙ୍କ ହାତରୁ Benāmi kariba ରକ୍ଷା ପାଇବା ପାଇଁ ଅପଣାର କୌଣସି বেনামী করা ସମ୍ପତ୍ତିକୁ ବିଶ୍ୱାସରେ ଅନ୍ୟ ନାମରେ କାଗଜ बेनामी करना ପତ୍ରରେ ଦରଜ୍ କରିଦେବା—To have one's property transferred nominally to another person.

ବେନାମି କବ(ବା)ଲା—ବୈଦେ. ବି. (ଉତରଅ; ଫା)—ଯେଉଁ Benāmi kaba(bā)lā କବାଲାରେ ଖରିଦଦାର ବୋଲି ଯାହାର বেনামী কবালা ନାମ ଉଲ୍ଲେଖ ଥାଏ ସେ ପ୍ରକୃତ ଖରିଦଦାର ନ बेनामी कबला ଥାଇ ଅନ୍ୟ ବ୍ୟକ୍ତି ବା ବିକ୍ରେତା ସେ ସମ୍ପତ୍ତିର ପ୍ରକୃତ ପକ୍ଷରେ ମାଲିକ ଥାଏ—A Benami kabālā or deed of sale in the name of an ostensible purchaser.

ବେନାମି କାରବାର—ବୈଦେ. ବି. (ଉତରଅ) (ଫା)—ଅସଲ Benāmi kārabāra ମାଲିକର ନାମ ଗୋପନ ରଖାଯାଇ বেনামী কারবার କରାଯିବା କାରବାର—Benami trans- बेनामी कारबार action; a paper transaction.

ବେନାମି ଚିଠି—ବୈଦେ. ବି. (ଫା)—ଯେଉଁ ଚିଠିରେ ପ୍ରେରକ Benāmi chiṭhi ଅପଣାର ନାମ ଗୋପନ କରିଥାଏ— বেনামী চিঠি Anonymous letter. बेनामी चिट्ठी

ବେନାମି ତମସୁକ—ବୈଦେ. ବି. (ଉତରଅ) (ଫା)—୧ । ଯେଉଁ Benāmi tamasuka ତମସୁକରେ ଲେଖାଥିବା ମହାଜନ বেনামী তমসুক ପ୍ରକୃତ ମହାଜନ ନ ଥାଇ ଅନ୍ୟ ବ୍ୟକ୍ତି बेनामी तमसुक ମହାଜନ ହୋଇଥାଏ—1. A bond executed in favour of an ostensible creditor. ୨ । ମହାଜନଙ୍କ ହାତରୁ ଅପଣା ସମ୍ପତ୍ତି ରକ୍ଷା କରିବା ଉଦ୍ଦେଶ୍ୟରେ ବିନା ଟଙ୍କାନେଣଦେଣରେ ଅନ୍ୟ ବ୍ୟକ୍ତିକୁ ମହାଜନରୂପେ ଠିଆ କରାଇ କରାଯିବା ତମସୁକ—2. A fictitious bond executed without passing of consideration.

ବେନାରସ—ଦେ. ବି. (ନାମ) (ସଂ. ବାରାଣସୀ; ହିଂ. ବେନାରସ)— Benārasa ବନାରସ; କାଶୀ—Benares. বেনারস बनारस

ବେନାହ(ହା)କ—ଦେ. କ୍ରି. ବିଣ. (ଫା. ନାହକ୍)— Benāha(hā)ke ବୃଥା; ଅକାରଣେ—In vain. নাহক नाहक

ବେନି—ଦେ. ବିଣ. (କେବଳ ପଦ୍ୟରେ ବ୍ୟବହୃତ) (ପ୍ରା. ବଣ୍ଣି)— Beni ୧ । ଦୁଇ ସଂଖ୍ୟକ—1. Two. ୨ । ଉଭୟ— দু 2. Both. (ଉ—ଶୁଣୁଥିବ ଏହା ତେଜ ବେନି ଶ୍ରୀ ତ । दो କୃଷ୍ଣସିଂହ. ମହାଭାରତ. ବନ ।)

ବେ ନଅ(ହା)ଜ—ଦେ. ବି—ବିସ୍ମରଣ—Forgetting. Be niā(hā)ja বিস্মরণ बिसरन

ବେନିଏ(ଏଁ)—ଦେ. ସର୍ବନାମ (ପଦ୍ୟ)—ଦୁହେଁ; ଦୁଇଜଣଯାକ;ଉଭୟେ- Benie(eñ) Both. (ଉ—ବେନି ପରେ ପଡନ୍ତି ବେନିଏ । দু জনা दोनो ସ୍ୱାଧୀନାଥ. ମହାଯାତ୍ରା ।)

ବେନିକୁଳ—ଦେ. ବି—(ସ୍ତ୍ରୀ ମାନଙ୍କର) ବାପ ଘର ଓ ଶାଶୁ ଘର— Benikuḷa দু কুল (ଉ—ସବୁ ସମ୍ପଦ ବେନିକୁଳ, ଛାଡିଲୁ ଯେଉଁ ଛଡ଼ା ଫୁଲ । दोनो कुल କୁନ୍ତଳ. ପ୍ରେମପଞ୍ଚାମୃତ )

ବେନିମାନ—ପ୍ରାଦେ॰ (ସମ୍ବଲପୁର) ବି—୧ । ଜାମୁର୍ଦ୍ଧି (ଦେଖ) Benimāna 1. Jāmurdhi (See) ୨ । ଚିକ୍କଣୀ (ଦେଖ)—2. Chikkaṇi (See)

ବେନିୟ(ହ)ତ(ତି)—ଦେ. ବିଣ. (ଫା. ବେ+ଅ. ନିୟତରୁ)— Beniya(ha)ta(ti) ୧ । କୃତଘ୍ନ—1. Ungrateful. বেনিয়ত ୨ । ବିଶ୍ୱାସଘାତକ; ଅବିଶ୍ୱାସୀ—2. Unfaithful; बेनियत perfidious. ୩ । ଯେ କୌଣସି ବିଷୟ ପ୍ରତି ବହୁ- କାଳ ଅସ୍ଥା ବା ଭକ୍ତି ରଖି ନ ପାରେ—3. Inconstant; fickle. ଦେ. ବି—୧ । ଉପକୃତି; କୃତଘ୍ନତା- बेनियती 1. Ingratitude. ୨ । ବିଶ୍ୱାସ ଘାତକତା—2. Perfidy. ୩ । ମାନସିକ ଦୃଢ଼ତାର ଅଭାବ—3. Inconstancy. ୪ । ଦୁରଦୃଷ୍ଟ; ମନ୍ଦଭାଗ୍ୟ; ଦୁର୍ଭାଗ୍ୟ—4. Misfortune.

ବେନିୟ(ୟା)ନ୍—ଦେ. ବି. (ଅ. ବଣିକ)—ଅଣ୍ଟା ପର୍ଯ୍ୟନ୍ତ ଲମ୍ବ ଜାଲି Beniya(yā)n କୁଣା କୁର୍ତ୍ତା; ଗେଞ୍ଜି—A gauze under- বেনিয়ান wear; banian. [ଦ୍ର—ପୂର୍ବେ କଲିକତାର बनियाइन ବଣିଆମାନେ ଏହିପରି ଅଧା କୁରୁତା ପିନ୍ଧୁଥିବାରୁ ସାହେବମାନେ ଏହି କୁର୍ତ୍ତାକୁ ଏହି ନାମ ଦେଇ ଅଛନ୍ତି ।]

ବେନିୟମ—ଦେ. ବି—୧ । ଅନିୟମ—1. Irregularity. Beniyama ୨ । ନିୟମର ଅଭାବ—2. Want of rules. বেনিয়ম ୩ । ଅଶୃଙ୍ଖଳା—3. Want of discipline बेनियम or system. (ବେନିଅମି—ଅନ୍ୟରୂପ)

ବେନିଶାଣ(ଣି)—ବୈଦେ. ବିଣ (ଫା. ବେ ନିଶାନ୍)—ଅଚିହ୍ନିତ; ଚିହ୍ନ- Benisāṇa(ṇi) ଶୂନ୍ୟ—Having no distinctive बेनिशान mark; unidentifiable.

ବେନିଶାପ—ବୈଦେ. ବି ଓ ବିଣ (ଫା. ବେଇନ୍‌ସାଫ)—ବେଇନ୍‌ସାପ୍ Benisāp (ଦେଖ)—Beinsāp (See).

ବେନୁ—ଦେ. ବି (ସ. ବେଣୁ)—୧ । ବେଣୁ; ବଂଶୀ—1. Flute. Benu ୨ । ବେଣୁଧର ନାମକ ବ୍ୟକ୍ତିଙ୍କୁ ଡାକିବା ନାମ— বেণু 2. Name for calling persons named Benudhara, वेनु

ବେନ୍ଦରା—ପ୍ରାଦେ (କଟକ) ବି—ଯାଜ ମାଙ୍କଡ଼— Bendarā Ape.

ବେଣ୍ଡା—ପ୍ରାଦେ (ଗଡ଼ଜାତ)—ଲମ୍ବା ଗୁଇଁଚ—A long trap Bendā for catching fish. [ଦ୍ର—ଏହା ମାଛ ଧରିବାରେ ବ୍ୟବହୃତ ହୁଏ, ଏ ମୁଣ୍ଡସୁଖର ।]

ବେଣ୍ଡାଳି—ପ୍ରାଦେ (ଗଡ଼ଜାତ) ବି—ଜିଗର; ଏକଜିଦ୍—
Bendāli Obstinacy.

ବେଣ୍ଡ୍ରୀ—ପ୍ରାଦେ ( ସମ୍ବଲପୁର ) ବି—( ସ. ବାନରୀ; ହି. ବନ୍ଦରୀ=ମାଈ ମାଙ୍କଡ଼) — ଦୁଶ୍ଚରିତ୍ରା ସ୍ତ୍ରୀ—A bad woman. [ ଉ—ଘରେ ନାହିଁ ଚେନ୍ଦ୍ର (ଚିତ୍ରକଳା), ବାଲ ଲୁରୁଚେ (ମୁଣ୍ଡ ଲୁଣ୍ଡାଉଛି) ବେଣ୍ଡ୍ରୀ । ଛଗ ।]
Bendrī

ବେପ୍ (ଧାତୁ)—ସ—କମ୍ପିତ ହେବା—
Bep (root) To tremble.

ବେ ପଥ(ନ୍ଥ)—ଦେ. ବି—ବିପଥ (ଦେଖ)—Bipatha (See).
Be patha(ntha) বিপথ बेरास्ता

ବେପଥୁ—ସ· ବି (ବେପ୍ ଧାତୁ+ଭାବ. ଅଥୁ)—୧ । କମ୍ପ; କମ୍ପନ—
Bepathu 1. Shaking; trembling; quaking; shiver; tremor. [ ବ୍—ଏହା ଅଷ୍ଟ ସାତ୍ତ୍ୱିକାନୁଭାବ ମଧ୍ୟରୁ ଏକତମ—ଭୟ, ଦ୍ୱେଷ ବା ସ୍ନେହାଦି ହେତୁରୁ ଯେଉଁ ଗାତ୍ରକମ୍ପ ହୁଏ ତାହାର ନାମ ବେପଥୁ । ଏହାର ଉଦାହରଣ—ଲେଖୁ ଲେଖୁ ଚନ୍ଦ୍ରଲକ୍ଷାକମ, ଲେଖିଲେ ତହିଁରେ ନିଜ ନାମ, ଥରକୁଥର ଥରଇ ତାଙ୍କ କର, ଦେଖି ସଖି ମୁହିଁ କଲ ଭମ, ଗୋ ବେଲି କହ, ନବ ଗବ ଚୋର ଖଣ୍ଡ ନାହିଁ—ଅଭିମନ୍ୟୁ. ବିଦଗ୍ଧଚିନ୍ତାମଣି । ]

ବେପନ—ସ· ବି (ବେପ୍ ଧାତୁ+ଭାବ. ଅନ)—କମ୍ପ; କମ୍ପନ—
Bepana Shaking; quaking.

ବେପମାନ—ସ. ବଣ. ପୁଂ (ବେପ୍ ଧାତୁ+କର୍ତ୍ତୃ. ଆନ)—କମ୍ପମାନ; ଯେ କମ୍ପୁଅଛି—Shaking; quaking; quivering; trembling; shivering.
Bepamāna
(ବେପମାନା—ସ୍ତ୍ରୀ)

ବେ ପରଦା—ବୈଦେ.ବି (ଫା ବେ+ପରଦା=ଆବରଣ)—୧ । ଉନ୍ମୁକ୍ତ; ଆବରଣଶୂନ୍ୟ; ଖୋଲା; ବେଆବୁର—1. Unscreened; uncovered; open; exposed. ୨ । ବେହୟା; ନିର୍ଲଜ୍ଜ—2 Shameless. ୩ । ବେଇଜ୍ଜତ; ସମ୍ଭ୍ରମଶୂନ୍ୟ—3. Shorn of prestige; immodest.
Be paradā
( ବେପର୍ଦ୍ଦା—ଅନ୍ୟରୂପ
বেপরদা
बेपरदा

ବେ ପରବା—ବୈଦେ. ବଣ (ଫା. ବେପର୍‌ବା) —୧ । ନିର୍ଭୟ—
Be parabā 1. Fearless. ୨ । ନିଶ୍ଚିନ୍ତ—2. Free from anxiety.
বেপরবা, বেপরোয়া बेपरवाह; बेपरवा
(ବେପର୍‌ବାଏ(ୟ), ବେପରୁଆ, ବେପରୱେଇ, ବେପରୱେଆ } ଅନ୍ୟରୂପ

ବେପ(ଫ)ସନ୍ଦ—ବୈଦେ. ବଣ (ଫା. ବେପସନ୍ଦ୍)—୧ । ଅମନୋମତ;
Bepa(pha)sanda ଗରପସନ୍ଦ—1. Unapproved. ୨ । ବିଶ୍ୱାସର ଅଯୋଗ୍ୟ—2. Unbelievable.
বেপসন্দ
गरपसन्द्

ବେ ପାଞ୍ଚ—ଦେ. ବି—ଗଣନାରେ ଭୁଲ—Miscalculation; wrong estimate. ଦେ. ବଣ—୧ । ଅସୁବିଧାଜନକ—1. Inconvenient. ୨ । ପୂର୍ବରୁ ବ୍ୟବସ୍ଥା କରିଯାଇ ପାରି ନ ଥିବା—2. Unprovided for.
Be pāñcha
बेपाँच

ବେପାର—ଦେ. ବଣ—ଅକୂଳ (ସମୁଦ୍ର)—
Bepār Endless (See).

ବେପାର—ଦେ. ବି (ସ. ବ୍ୟବହାର; ବ୍ୟାପାର)—୧ । ବ୍ୟବସାୟ; ବାଣିଜ୍ୟ—1. Trade; business. (ଉ—ତାହାଙ୍କ ମଧ୍ୟେ ଯେ ପୁରୁଷି, ଜାଣେ ବେପାର ସବୁରିକି ।' ଜଗନ୍ନାଥ. ଭାଗବତ ।) ୨ । ପେଷା; ଜୀବିକା—2. Profession. ୩ । ଘଟଣା; ବ୍ୟାପାର; କାର୍ଯ୍ୟ—3. Event; work; action. ୪ । ଅଳ୍ପ ମୂଳଧନରେ ବ୍ୟବସାୟ—4. Petty trade. ୫ । ଅଡ଼ୁଆ; ପାଇଟି; କାମ—5. The works of a household. (ଉ—ଯଶୋଦା ବୋଲନ୍ତି ଉତ୍ତର, ଘର ବେପାର ତୁମ୍ଭେ କର । ଜଗନ୍ନାଥ. ଭାଗବତ ।)
Bepāra
বেপার
व्यापार, बेपार

ବେପାର ବଣିଜ—ଦେ ବି ( ସହଚର; ସ. ବ୍ୟାପାର+ବାଣିଜ୍ୟ )—
Bepāra banija ବ୍ୟବସାୟ—Trade; business. (ଉ—ଏ କଥା, ସେ କଥା, ବେପାର ବଣିଜ କଥା ହେଉଁ ହେଉଁ କଥାପ୍ରସଙ୍ଗ ପଡ଼ିଲା । ଫକୀରମୋହନ. ଗଳ୍ପସ୍ୱଳ୍ପ ।)
বেপার বাণিজ্য
व्यापार वनिज

ବେପାରୀ—ଦେ. ବି (ସ· ବ୍ୟାପାରୀ)—୧ । ବ୍ୟବସାୟୀ; ବଣିକ୍—
Bepārī 1. Trader; trademan. ୨ । କ୍ଷୁଦ୍ର ବଣିକ୍—2. A petty trader. ( ଉ—ବେପାରୀ ବଣିଜାର ପ୍ରାୟେ, ହଟାର ମାର୍ଗେ ଭ୍ରମୁଥାଏ—ଜଗନ୍ନାଥ. ଭାଗବତ ।) ପ୍ରାଦେ (ଗଞ୍ଜାମ) ବି—ଗଞ୍ଜାମର ଯାତିବିଶେଷ—A caste in Ganjam.
( ବେପାରଆ—ଅନ୍ୟରୂପ )
বেপারী
व्या(बे)पारी

ବେ ପିର୍—ବୈଦେ. ବଣ (ଫା)—୧ । ଅଗୁରୁଆ; ଗୁରୁହୀନ—
Be pir 1. Having no teacher. ୨ । ପ୍ରଭୁହୀନ—2. Masterless. ୩ । ଅକୃତଜ୍ଞ; କୃତଘ୍ନ—3. Ungrateful. ୪ । ନିର୍ଲଜ୍ଜ—4. Shameless. ୫ । ନାସ୍ତିକ—5. Atheist.
বেপীর
बेपीर

ବେ ଫରାକତ(ତି)—ବୈଦେ. ବଣ (ଫା)—ଅପ୍ରଶସ୍ତ; ସଙ୍କୀର୍ଣ୍ଣ—
Be pharākata(ti) বেফরাকত बेफराकत Narrow.
(ବେଫରକତିଆ—ଅନ୍ୟରୂପ)

ବେଫଳ—ଦେ. ବଣ—ବିଫଳ (ଦେଖ)
Bephaḷa Biphaḷa (See).

ବେ ଫାଇ(ଏ,ୟ)ଦା—ବୈଦେ. ବଣ· (ଫା· ବେ ଫ. (ଫା)ଏଦା)—
Be phāi(e, ya)dā ୧ । ଲାଭହୀନ—1. Profitless. ୨ । ବୃଥା—2. Vain. ୩ । ଅନର୍ଥକ; ନିଷ୍ଫଳ—3. Useless; fruitless. ୪ । ଅକାମିକା—4. Worthless. ବୈଦେ. କ୍ରି. ବଣ—ବୃଥା—In vain

ବେ ଫାଁସ—ବୈଦେ. ବଣ ଫା)—୧ । ଅକଥ୍ୟ; ଅପ୍ରକାଶ୍ୟ—
Be phāṅsa 1. Unfit to be spoken out; unspeakable. ୨ । ଅସମ୍ବଦ୍ଧ; ଧାରାବାହିକତାରହିତ—2. Unconnected; incoherent. ୩ । ବନ୍ଧନହୀନ—3. Free from bond. ବୈଦେ. ବି—( ଫା )—
বেফাস
बेफास

୧ । ବିପଦ—1. Danger; difficulty. ୨ । ଅଶଙ୍କିଆ ଅବସ୍ଥା—2. Critical position. ୩ । ଉଭୟ ସଙ୍କଟ—3. Dialema. ୪ । ଅସମ୍ବଦ୍ଧ ଅବସ୍ଥା—4. Incoherence.

ବେ ଫାଙ୍କ—ବୈଦେ. ବଣ—ଫା.—ବ୍ୟବଧାନରହିତ—Without
Be phāṇka বেফাঙ্ক बेफाङ्क any opening.

ବେ ଫିକର(ରି)—ବୈଦେ. ବଣ—(ଫା. ବେଫିକ୍ରୀ)=୧ । ଆଶ୍ରୟହୀନ—
Be phikara(ri) বেফিকর बेफिकर 1. Shelterless. (ବେଫିକରସ୍ତା—ଅନ୍ୟରୂପ) ୨ । ଉପାୟଶୂନ୍ୟ—2. Resourceless. ୩ । କାର୍ଯ୍ୟକର୍ମରହିତ—3. Unemployed. ୪ । ନିଶ୍ଚିନ୍ତ; ଭବିଷ୍ୟତ୍ ସମ୍ବନ୍ଧେ ଉଦାସୀନ—4. Unconcerned; careless; thoughtless; indifferent.

ବେବକ(ଖ)ତ—ବେଦେ. ବ ଫା. ବେ+ବଖ୍ତ)—୧ । ଅସମୟ—
Bebaka(kha)t 1. Bad time; improper time. অসময় ୨ । ଦୁଃସମୟ—2. Bad times. ବୈଦେ. ବଣ. बेवखत (ଫା.)—୧ । ଅସାମୟିକ—1. Untimely. ୨ । (ବେବକ୍ତ(ଖ୍ତ)—ଅନ୍ୟରୂପ) ଅକାଳଜ—2. Premature.

ବେ-ବନ୍ଦୋବସ୍ତ—ବୈଦେ. ବ (ଫା. ବେ-ବନ୍ଦବସ୍ତ)—୧ । ଅନିୟମ—
বে বন্দোবস্ত बे बन्दोवस्त 1. Irregularity. ୨ । ସୁଶୃଙ୍ଖଳାର ଅଭାବ; ଅବ୍ୟବସ୍ଥା—2. Want of proper arrangement. ୩ । ଗୋଳମାଳ—3. Confusion; chaos. ବୈଦେ. ବଣ (ଫା)—୧ । ବିଶୃଙ୍ଖଳ—1. Chaotic. ୨ । ଅବ୍ୟବସ୍ଥିତ—2. Unsettled. ୩ । ଯେଉଁ ମାଲରେ ସରକାରୀ ରାଜସ୍ୱ ବନ୍ଦୋବସ୍ତ ହୋଇ ନାହିଁ—3. Unsettled; having undergone no settlement operation. ୪ । ଅନିୟମିତ—4. Irregular.

ବେ ବନ୍ଦୋବସ୍ତ(ସ୍ତି) ମାହାଲ—ଦେ. ବ—ଯେଉଁ ସ୍ଥାନରେ ସରକାରଙ୍କ
Be bandobasta (sti) māhāla ରାଜସ୍ୱ ଅବ ବନ୍ଦୋବସ୍ତ
বে বন্দোবস্তী মহল ହୋଇ ନାହିଁ—Non-regulated dis-
बे वन्दोबस्ती महल tricts; estates in which revenue
(ବେ ବନ୍ଦୋବସ୍ତ ମହଲ—ଅନ୍ୟରୂପ) settlement operations have not yet taken place.

ବେ ବନ୍ଦୋବସ୍ତି—ବୈଦେ. ବଣ—(ଫା.)—ବେ ବନ୍ଦୋବସ୍ତ (ଦେଖ)
Be bandobasti Be bandobasta (See)

ବେ ବରଗ(ଗା)—ଦେ. ବଣ—୧ । ବ୍ୟବସ୍ଥାରହିତ; ଶୃଙ୍ଖଳାହୀନ—
Be baraga(gā) 1. Without any method or arrangement. ୨ । ସୌଷ୍ଠବହୀନ—2. Unsymmetrical.
ବେ ବରଗିଆ; ବେ ବର୍ଗ
ବେ ବର୍ଗିଆ, ବେ ବର୍ଗା } —ଅନ୍ୟରୂପ ୩ । ଅଭଦ୍ର—3. Uncivil. ୪ । ଭଦ୍ର-
ବେ ବାଗ, ବେ ବାଗିଆ
ସମାଜର ରୀତି ଜାଣି ନ ଥିବା—4. Uncouth; boorish.

ବେବରଦାସ୍ତ(ସ୍ତି)—ବୈଦେ. ବଣ—(ଫା. ବେ ବରଦାସ୍ତ)—୧ । ଅସହିଷ୍ଣୁ
Bebaradāst (sti) বে বরদাস্ত 1. Impatient.
बेवरदास्त ୨ । ଅସହ୍ୟ—2. Intolerable; unbearable. [ଉ—ଏ କଥାଟା ନିହାତ ବେବରଦାସ୍ତ । ଫଗୀର ମୋହନ. ଛମାଣ ଆଠଗୁଣ୍ଠ ।] ଦେ. ବ—ଅସହିଷ୍ଣୁତା—Impatience.

ବେ ବରାଦ(ଦି)ତ—ବୈଦେ. ବଣ—(ଫା. ବେ-ବରାଅର୍ଦ)—୧ ।
Bebarād(di)t ବ୍ୟବସ୍ଥାହୀନ—1. Unmethodical; with-
বে বরাত out proper arrangement. ୨ । ଯାହା କର୍ମ
बेबराद ବା ଭାଗ୍ୟରେ ନାହିଁ—2. Not pre-ordained. ୩ । ପୂର୍ବରୁ ବ୍ୟବସ୍ଥା କରି ଯାଇ ନ ଥିବା—3. Without pre-arrangement. ୪ । ଯାହା ପୂର୍ବରୁ ଆଦେଶ ଦିଆ ଯାଇ ନାହିଁ—4. Not previously ordered for.

ବେବର୍ତ୍ତା—ଦେ. ବ—(ସଂ. ବ୍ୟବହର୍ତ୍ତା)—୧ । ବେଉସ୍ତ; ମ୍ୟାନେଜର—
Bebarttā 1. Manager. ୨ । ତତ୍ତ୍ୱାବଧାରକ—2.
ব্যবহর্ত্তা ब्यवहारी Superintendent; supervisor. ୩ । କାର୍ଯ୍ୟାଧ୍ୟକ୍ଷ—3. Head of an establishment. ୪ । ରାଜଦତ୍ତ ଉପାଧିବିଶେଷ—4. A title given by Rajas.

ବେବର୍ତ୍ତା ପଟ୍ଟନାଏ(ୟ)କ—ଦେ. ବ—୧ । କରଣଙ୍କ ରାଜଦତ୍ତ ଉପାଧି-
Bebarttā paṭanāe(ya)ka ବିଶେଷ—1. Title given to karanas. ୨ । ଆଠଗଡ଼ର ରାଜବଂଶର ଉପାଧି—2. A family title of the Chiefs of Athgarh [ଦ୍ର—ଏହାଙ୍କ ପୂର୍ବପୁରୁଷ ଓଡ଼ିଶା ରାଜାଙ୍କ ଅମଳରେ ଜଗନ୍ନାଥ ମନ୍ଦିରର ବେବର୍ତ୍ତା ବା କାର୍ଯ୍ୟାଧ୍ୟକ୍ଷ ଥିଲେ ।]

ବେ ବଶ—ଦେ. ବଣ—ଅବଶ; ଅଧୀନତାରୁ ବହିର୍ଭୂତ—Beyond
Be baśa বেবশ बेवश control; uncontrollable.

ବେବସା—ଦେ. ବ—(ସଂ. ବ୍ୟବସାୟ)—ବ୍ୟବସାୟ; ପେଶା—
Bebasā বেবসা बेवसा Profession. (ବେବସାୟ—ଅନ୍ୟରୂପ)

ବେବସାଦାର—ଦେ. ବଣ—ବ୍ୟବସାୟୀ; ବ୍ୟବସାୟବୃତ୍ତିଯୁକ୍ତ—
Bebasādār বেবসাদার Of business; professional; practical.

ବେବସାଦାର ଲୋକ—ଦେ. ବ—୧ । ବ୍ୟବସାୟୀ ବ୍ୟକ୍ତି—1. Man
Bebasādār loka of business. ୨ । ବ୍ୟବସାୟବୃତ୍ତି ଥିବା
বেবসাদার লোক ଲୋକ—2. Business man; practical man

ବେବସାଦାରୀ—ଦେ. ବ—୧ । ବ୍ୟବସାୟରେ ନିଯୁକ୍ତ ହେବା ଅବସ୍ଥା—
Bebasādāri 1. The state of being a man of
বেবসাদারী business. ୨ । ଦୋକାନଦାରୀ—2. The state
पेसादारी of being a shop-keeper. ଦେ. ବଣ—୧ । ବ୍ୟବସାୟୀର ଉପଯୁକ୍ତ—1. Befitting a man of business. ୨ । ବ୍ୟବସାୟବୃତ୍ତିଯୁକ୍ତ—2. Practical.

ବେବସାୟ—ଗ୍ରା. ବ (ହି. ବ୍ୟବସାୟ)—୧ । ଜୀବିକା—1. Livelihood. ୨ । ପେଶା—2. Profession; Bebasāya বেবসা व्यवसाय business. ୩ । କାରବାର—3. Trade.

ବେବସାୟୀ—ଗ୍ରା. ବଣ ( ସ. ବ୍ୟବସାୟୀ )—ବ୍ୟବସାୟୀ ( ଦେଖ ) Bebasāyi বেবসাদার व्यवसायी Byabasāya ( See )

ବେବସ୍ଥା(ସ୍ତା)—ଗ୍ରା. ବ ( ସ. ବ୍ୟବସ୍ଥା )—ବ୍ୟବସ୍ଥା ( ଦେଖ ) Bebasthā(stā) व्यवस्था Byabasthā ( See ) [ ଉ—ତୋହର ପ୍ରଶଳ ବେବସ୍ଥା—ଯଶୋବନ୍ତ, ପ୍ରେମଭକ୍ତି ବ୍ରହ୍ମଗୀତା । ] [ ଉ—ତିନିଭୁବନର ବେବସ୍ତା, ଶୁଣ କହିବା ଚହିଁ କଥା—ପ୍ରାଚୀ. ଲଗୁଣମାହାତ୍ମ୍ୟ । ]

ବେବହାର—ଗ୍ରା. ବ ( ସ. ବ୍ୟବହାର )—ବ୍ୟବହାର; ଆଚରଣ—Conduct; treatment. Bebahāra বেভার बेवहार

ବେ ବା—ଦେ. ଅ ( ସହଚର )—ଅବଜ୍ଞାସୂଚକ ଅବ୍ୟୟ—Disdainful address. Be bā बेवा

ବେବାକ୍—ବୈଦେ. କ୍ରି. ବଣ ( ଫା )—୧ । ବିବାକ୍; ସମ୍ପୂର୍ଣ୍ଣରୂପେ—1. Wholly; fully; completely. ୨ । ବାକି ନ ରହି—2. Without having any remainder. ବଣ—ସମସ୍ତ—Whole; entire. Bebāk বেবাক बेवाक, चूक्ता

ବେ ବା କରିବା—ଦେ. କ୍ରି—ଅବଜ୍ଞାସୂଚକ ଭାଷା ପ୍ରୟୋଗ କରିବା; ଗାଳି ଦେବା; ଭୁକାର କରିବା—To address a person with disdain. Be bā karibā अबे अबे करना, बे वा करना, कच्चीपक्की बोलना

ବେ ବାଟ—ଦେ. ବ—ବିପଥ ( ଦେଖ ) Be bāṭa বেরাস্তা बेरास्ता Bipatha ( See )

ବେ ବୁଦ୍ଧି(ଦ୍ଧି)ଆ—ଦେ. ବଣ—ନିର୍ବୁଦ୍ଧିଆ—Foolish; stupid. Be buddhi(dhi)ā निर्बुद्धि बेवुधिया

ବେଭଳ—ଗ୍ରା. ବ—ବିହ୍ୱଳଚାଜନିତ ବାକ୍ୟ—Words uttered by a bewildered person. [ ଉ—ମୋତେ ଛଳ ଭଳ ବେଭଳ କହି—ପ୍ରାଚୀ. ରହସ୍ୟମଞ୍ଜରୀ । ] Bebhaḷa

ବେଭଳି—ଗ୍ରା. ବଣ—ବିହ୍ୱଳ—Bewildered. [ ଉ—ବେଭଳି ମତି ଆବରି ହଟକ୍କାରେ ଚକଲେ ସ୍ନେହ ସାହିଁଚଲେ—ପ୍ରାଚୀ. ରହସ୍ୟମଞ୍ଜରୀ । ] Bebhaḷi

ବେଭାର—ଦେ. ବ ( ସ. ବ୍ୟବହାର )—୧ । ବ୍ୟବହାର; ଆଚରଣ—1. Treatment; conduct. [ ଉ—ସାକ୍ଷାତେ ଧର୍ମ ପରି ବେଭାର ସେ କଲେ—କୃଷ୍ଣସିଂହ. ମହାଭାରତ. ବନ ।] ୨ । ପ୍ରଥା; ଆଚାର; ରୀତି—2. Custom; practice. [ ଉ—ଲୋକମାନଙ୍କର ବେଭାର ବିଧାନ—କୃଷ୍ଣସିଂହ. ମହାଭାରତ. ଆଦି । ] ୩ । ସାମାଜିକ ପ୍ରଥା ଅନୁସାରେ ବନ୍ଧୁଘରକୁ ପଠାଯିବା ଉପଢୌକନ—3. Social presents and gifts. ୪ । ଉପଭୋଗ—4. Enjoyment; use. ୫ । ବାଣିଜ୍ୟ; ବ୍ୟବସାୟ; ବେପାର—5. Trade; business. ୬ । ଘରର ମାମଲତ; ସାଂସାରିକ ବିଷୟ କର୍ମ—6. Wordly affairs. Bebhāra বেভার व्यवहार, बेमार तत्व बेमार বেপার व्यापार ୭ । କୁଳମର୍ଯ୍ୟାଦା—7. Prestige. [ ଉ—ବେଭାର ବୁଡ଼ା ଅନଙ୍ଗ ମୋ ମନଙ୍ଗ ଶରଣ ମାରବ ଅଗ—ଭଞ୍ଜ. ବୈଦେହୀଶବିଳାସ । ] ୮ । କାରଣ—8. Cause. [ ଉ—ଏ ଆଦ ଦେଖେ ଚନ୍ଦ୍ରାଭାର, କହ ତୋ ବିମଳ ବେଭାର—ଜଗନ୍ନାଥ. ଭାଗବତ । ] ୯ । କ୍ଷମତା—9. Power. [ ଗାଇ ଗୋପୀଙ୍କ ଭାବରେ ଲେ, ବ୍ରହ୍ମାଙ୍କ ବେଭାର ସାରଲେ—ଭୂପତି. ପ୍ରେମପଞ୍ଚାମୃତ ।] ଦେ.ବଣ—ଉଚିତ—Proper; fit. [ ଉ—ଏ କଥା ନୋହଇ ବେଭାର, ଏମନ୍ତ କଲୁ ତୁ ବିଗ୍ଭର—ପ୍ରାଚୀ. ଲଗୁଣମାହାତ୍ମ୍ୟ । ]

ବେଭାର ବଣିଜ—ଦେ. ବ ( ସହଚର )—ବାଣିଜ୍ୟ—Trade; business. Bebhāra baṇija বেপার বাণিজ্য व्यापार वनिज

ବେଭାରିଆ—ଦେ. ବଣ—୧ । ବେଭାରୀ ( ଦେଖ )—1. Bebhāri ( See ) ୨ । ସାଧାରଣ; ବିଶେଷତ୍ୱଶୂନ୍ୟ—2. Ordinary. Bebhāriā

ବେଭାରୀ—ଦେ. ବଣ—୧ । ବ୍ୟବସାୟୀ—1. Trading. ୨ । ବିଷୟବୁଦ୍ଧିସମ୍ପନ୍ନ—2. Practical. ଦେ. ବ—୧ । ବେପାରୀ—1. Tradesman. ୨ । ଘରର ମାମଲତକାରୀ ବା କର୍ତ୍ତା—2. The manager of a family. ୩ । ଯେ ଅନ୍ୟ ବ୍ୟକ୍ତିର ସାଂସାରିକ ବିଷୟ ଦେଖାଶୁଣା କରେ—3. Manager. Bebhāri बेवहारी

ବେଭାରେ—ଦେ. କ୍ରି. ବଣ—୧ । ପ୍ରକୃତପକ୍ଷେ—1. Really; in reality. [ ଉ—ବେଭାରେ ସେ ରାଜତ ରାଷସ କାଜେଇ ଶରଣରେ—ଭଞ୍ଜ. ବୈଦେହୀଶବିଳାସ । ] ୨ । ପରି—2. Like [ ଉ—ହସ୍ତିନାପୁରେ ଭାଇଙ୍କ ଘରେ, ବଞ୍ଚନ୍ତି ଅଛନ୍ତି ବେଭାରେ—ଜଗନ୍ନାଥ. ଭାଗବତ । ] Bebhāre व्यवहारसे

ବେ ଭୋଳ—ଗ୍ରା. ବଣ. ପୁଂ—ବିହ୍ୱଳ—Bewildered. [ ଉ—ଗାବନ୍ତି ବାବନ୍ତି ନାଚନ୍ତି ବାଳା, ହୃଦୟ ମଦନଶରେ ବେଭୋଳା—ପ୍ରାଚୀ. ରହସ୍ୟମଞ୍ଜରୀ । ] Be bhoḷa (ବେଭୋଳା—ସ୍ତ୍ରୀ)

ବେମ—ସ. ବ ( ବେ ଧାତୁ=ଲୁଗା ବୁଣିବା+କରଣ. ମନ୍; ୧ମା, ୧ବ )—୧ । ମାକୁ—1. Spindle. ୨ । ତନ୍ତ—2. Loom. Bema

ବେ ମଉକା—ବୈଦେ. ବ ( ଫା. ବେ+ମୌକା=ସ୍ଥାନ; ସୁବିଧା )—୧ । ଅଙ୍କେ; ଅସୁବିଧା—1. Inconvenience; want of opportunity. ୨ । ଅସଙ୍ଗତି—2. Impropriety. ୩ । ଅଯୋଗ୍ୟତା—3. Unfitness. ବୈଦେ. ବଣ (ଫା)—୧ । ଅଙ୍କିଆ; ଅସୁବିଧାଜନକ—1. Inconvenient ୨ । ଅସାମୟିକ—2. Unseasonable. ୩ । ଗାଇବରୁଦ୍ଧ; ଅସଙ୍ଗତ—3. Improper; irregular. ୪ । ଦେଶକାଳକୁ ଅନୁପଯୁକ୍ତ—4 Inopportune. ୫ । ସ୍ଥାନଭ୍ରଷ୍ଟ—5. Displaced from the proper place. ୬ । ଅଯୋଗ୍ୟ—6. Unfit. Be maukā বেমকা बेमौका ( ବେମ୍[ମୋ]କା, ବେମୌକା—ଅନ୍ୟରୂପ )

ବେ ମଉ(ହ)ଜୁ(ଦ୍)—ବୈଦେ. ଵଣ ( ଫା. ବେମୌଯୁଦ୍ )—୧ । Be mau(ha)jut(d) ଅନୁପସ୍ଥିତ—1. Absent; not বেমজুদ্ present. ୨ । ଅପ୍ରସ୍ତୁତ—2. Not ready. बेमौजुद ୩ । ଅବର୍ତ୍ତମାନ; ଅବର୍ତ୍ତମାନ—3. Non existent. ୪ । ଅସ୍ଥାୟୀ—4. Transient; not permanent.

ବେମଗଦୁର—ବୈଦେ. ଵଣ ( ଫା. ବେ+ମକ୍‌ଦୁର ) ( କଚରୀ )— Bemagdura ୧ । ଅକ୍ଷମ; ଅପାରଗ—1. Unable. ୨ । বেমগ ক)দুর ସମର୍ଥହୀନ—2. Powerless. ୩ । ଋଣ ପରିଶୋଧ କରିବାକୁ ଅକ୍ଷମ; ଦେବାଳିଆ—3. Insolvent.

ବେମଗଦୁର(ରୀ) ଦରଖାସ୍ତ—ଦେ ବି ( କଚରୀ )—ଯେଉଁ ଦରଖାସ୍ତ Bemagdura(ri) darakhāsta ଦ୍ୱାରା ଋଣଗ୍ରସ୍ତ ବ୍ୟକ୍ତି বেমগ(ক)দুর দরখাস্ত ଅପଣାର ଅତ୍ୟଧିକ ଋଣକୁ ପରିଶୋଧ बेमगदुर दरखास्त କରି ପାରିବାକୁ ଅକ୍ଷମ ଜାଣି ଅପଣାର ସମ୍ପତ୍ତିକୁ ଅଦାଲତର ହାତରେ ସମର୍ପଣ କରେ ଓ ଅଦାଲତ ଉକ୍ତ ବ୍ୟକ୍ତିର ସମ୍ପତ୍ତିକୁ ବିକ୍ରୟ କରିଲ ମହାଜନମାନଙ୍କୁ ତାହାର ସମ୍ପତ୍ତିର ପରିମାଣ ଅନୁସାରେ ମହାଜନମାନଙ୍କ ଦେଣାକୁ ତାହାର ଭାଗରେ ପରିଶୋଧ କରନ୍ତି ଓ ଉକ୍ତ ବ୍ୟକ୍ତିକୁ 'ବେମଗଦୁର' ବା ଋଣ ପରିଶୋଧ କରିବାକୁ ଅକ୍ଷମ ବୋଲି ଘୋଷଣା କରି ତାକୁ ଋଣ ଦାୟିତ୍ୱରୁ ମୁକ୍ତ କରନ୍ତି—A petition to the Judge to be declared 'Insolvent'.

ବେମଗଦୁରୀ—ବୈଦେ. ବି (ଫା)—୧ । ଅକ୍ଷମତା—1 Inability; Bemagduri powerlessness. ୨ । ଋଣ ପରିଶୋଧ বেমগদুরী बेमगदुरी କରିବାର ଅକ୍ଷମତା—2. Insolvency.

ବେମଜବୁ(ଭୁ)ତ—ବୈଦେ. ଵଣ ( ଫା )—ଗରମଜବୁତ—Not Bemajabu(bhu)t গরমজভুত बेमजमूत strong.
[ ବେମଜବୁ(ଭୁ)ତିଆ, ବେମଜବୁ(ଭୁ)ତ—ଅନ୍ୟରୂପ ]

ବେମଜା(ଜ୍ଜା)—ବୈଦେ. ଵଣ ( ଫା )—୧ । ବିସ୍ୱାଦ; ପାଣିଚିଆ— Bemajā(jjā) 1. Having a bad taste. ୨ । ଅମାର୍ଜିତ बेमजा ( ବାସନ ଅାଦ )—2. Unpolished; unwashed; বেমজা (utensils etc). ଦେ. ଵଣ (ସ. ଅମାର୍ଜିତ) ଅମଜା— Unscoured; unpolished.

ବେମଞ୍ଜୁର(ରୀ)—ବୈଦେ. ବି ( ଫା. ) ନାମଞ୍ଜୁର; ଅସମ୍ମତ; ଅସ୍ୱୀକାର— Bemañjura(ri) Refusal; disagreement. ଦେ. ଵଣ— নামঞ্জুর बेमंजुर ଅସ୍ୱୀକୃତ—Disapproved.

ବେମଣ(ଣି, ଣ)ଷ—ଦେ. ଚ—୧ । ଅମନୁଷ୍ୟ—1. A bad person. Bemaṇa(ṇi, ṇi)sha ୨ । ଅଯୋଗ୍ୟ ଲୋକ—2. An unfit বেমানুষ बेमानुस person.

ବେମତଲପ(ବ)—ବୈଦେ. ଵଣ. (ଫା. ବେମତଲବ୍)—୧ । ଉଦ୍ଦେଶ୍ୟ- Bematalap(b) ହୀନ—1. Aimless. ୨ । ନିଃସ୍ୱାର୍ଥ— बेमतलव 2. Disinterested. ୩ । ଅର୍ଥହୀନ—3. Meaningless.
[ବେମତଲପି (ବି), ବେମତାଲପ୍ (ବ୍), ବେମତାଲପି (ବି)—ଅନ୍ୟରୂପ]

ବେମନ—ଦେ ବି—(ସ. ବିମନସ୍)—୧ । ମନର ଅମେଳ;ମନୋମାଳିନ୍ୟ; Bemana ମତଭେଦ—1. Difference of opinion; dis- বিমনা विमन agreement. ୨ । ବିବାଦ—2. Dispute. ଦେ. ବି—ବିମନାଃ

ବେମ(ମୁ)ନାସ(ସି)ପ(ବ)—ବୈଦେ. ଵଣ—(ଫା. ବେମୁନାସିବ୍)—୧ । Bema(mu)nāsa(si)ph(b) ଅପସନ୍ଦ; ବେପସନ୍ଦ; ଅମନୋନୀତ— বেমনাসীব 1. Unapproved. ୨ । ଅଯଥା; ଅନୁପଯୁକ୍ତ— बेमुनासीब 2. Improper. ୩ । ଅଯୋଗ୍ୟ—3. Unfit.

ବେମରଜି—ବୈଦେ. ଵଣ (ଫା)—୧ । ଅସନ୍ତୁଷ୍ଟ—1. Dissatisfied. Bemaraji ୨ । ଯାହାର ମନୋଗତ ଭାବ ବୁଝାଯାଏ ନାହିଁ— बेमरजी 2. One whose intention cannot be ascertained or probed.

ବେ ମରାମତ(ତି)—ବୈଦେ. ଵଣ (ଫା. ବେ+ମରମ୍ମତ=ଜୀର୍ଣ୍ଣସଂସ୍କାର) Be marāmata(ti) ଯାହା ମରାମତ ହୋଇନାହିଁ; ଅସଂସ୍କୃତ; ଜୀର୍ଣ୍ଣ; বেমরামত ସଂସ୍କାରହୀନ—Unrepaired; out of repair. बेमरम्मति ବୈଦେ. ବି—ଜୀର୍ଣ୍ଣ ଓ ଅସଂସ୍କୃତ ଅବସ୍ଥା—Want of ବେମରାମତ(ତି)—ଅନ୍ୟରୂପ repair; the state of being बेमरम्मति unrepaired.

ବେ ମର୍ଦ୍ଦା—ବୈଦେ. ଵଣ (ଫା)—୧ । ଅମନୁଷ୍ୟ—1. Unmanly. Be marddā ୨ । କାପୁରୁଷ; ଭୀରୁ—2. Coward; timid. নামর্দ্দা बेमर्दा

ବେ ମର୍ଦ୍ଦାନା(ନି)—ବୈଦେ. ବି—(ଫା. ବେମର୍ଦ୍ଦାନା)—କାପୁରୁଷତା— Be marddānā(ni) Cowardice; unmanliness. নামর্দ্দানা बेमर्दाना

ବେ ମର୍ଯ୍ୟାଦା—ଦେ. ବି—ଅମର୍ଯ୍ୟାଦା—ଦେ. ବି—ଅମର୍ଯ୍ୟାଦା; ଅପ- Be marjyādā ମାନ; ଅସମ୍ମାନ—Disrespect; insult. অমর্য্যাদা बेमर्य्यादा ଦେ. ଵଣ—୧ । ଅସମ୍ମାନିତ—1. Disrespected ୨ । ଅପମାନିତ—2. Insulted.

ବେ ମହତ(ତ୍ୱ)—ଦେ. ବି— (ଫା. ବେ+ସ. ମହତ୍ତ୍ୱ)—୧ । ଅସମ୍ମାନ; Bemahata(twa) ଅସମ୍ଭ୍ରମ—1. Loss of respect or अमहत्व prestige. ୨ । ଅଭଦ୍ରତା—2. Rudeness; uncivility. ଦେ. ଵଣ—ବେମହତି (ଦେଖ)— Bemahati (See)

ବେ ମହତି—ଦେ. ଵଣ—୧ । ବେଇଜ୍ଜତ; ଅସମ୍ମାନିତ—1. Disrespected. ୨ । ଅଭଦ୍ର—2. Ungentle- বেইজ্জত बेइज्जती manly; rude. ୩ । ସମ୍ଭ୍ରମଶୂନ୍ୟ— (ବେମହତିଆ—ଅନ୍ୟରୂପ) 3. Destitute of prestige.

ବେମାର(ରି)—ବୈଦେ. ବି (ଫା. ବିମାର) ରୋଗ—Illness. Bemāra(ri) disease. ବୈଦେ. ଵଣ—ବେମାରିଆ (ଦେଖ) বেমার, ব্যারাম बी(बे)मारी Bemariā (See) ব্যারাম,বেমার बी(बे)मार

ବେମାର(ରି)ଧରିବା—ଦେ. କ୍ରି—ରୋଗ ଧରିବା—To be attacked Bemāra(ri)dharibā बिमारी पकडना with disease.
(ବେମାର(ରି) ଘୋଟିବା—ଅନ୍ୟରୂପ)

ବେମାର(ରି) ପଡ଼ିବା—ଦେ. କ୍ରି—ରୋଗାକ୍ରାନ୍ତ ହେବା—
Bemāra(ri) pardiba **बिमारीमे पडना** To fall sick.
[ବେମାର(ରି)ହେବା—ଅନ୍ୟରୂପ]

ବେମାରିଆ—ଦେ. ବିଣ (ଫା. ବିମାର୍)—୧। ରୁଗ୍ଣ—1 Sick.
Bemāria ୨। ରୋଗଗ୍ରସ୍ତ—2. Ill; invalid.
বেমার(রী) **बीमार**

ବେ ମାଲୁମ୍—ବୈଦେ. ବି (ଫା. ବେ+ମାଅଲୁମ=ବୋଧ)—୧। Be mālum ଅଗୋଚର; ଅବୋଧ; ଅଜଣା; ଅଜ୍ଞାତ—1. Unknown; unperceived. ୨। ଅବୋଧ୍ୟ—2. Incomprehensible. ବୈଦେ. କ୍ରି. ବିଣ—୧। ଅଜ୍ଞାତଭାବରେ—1. Unawares. ୨। ଅଜଣାରେ—2. Without any previous intimation.
বেমালুম **बेमालुम**

ବେ ମିଆଦ(ଦି)—ବୈଦେ. ବିଣ—(ଫା)—୧। ଅସୀମ; ଯେଉଁ ବିଷୟରେ Be miāda(di) ମିଆଦ୍ ବା ସମୟର ସୀମା ନିର୍ଦ୍ଧାରିତ ନ ଥାଏ—1. Unlimited; indefinite; having no time fixed for performance beforehand; without any stipulated time. ୨। ମୁକରର; ସ୍ଥାୟୀ—2. Permanent. ୩। ଚିରକାଳ ପାଇଁ ନିର୍ଦ୍ଦିଷ୍ଟ—3. Settled for ever. ୪। ଯେଉଁ ବିଷୟ ବା ଦାବୀ ପ୍ରତି ତମାଦି ଆଇନ ଖଟେ ନାହିଁ—4. Unaffected with the law of limitation.
বেমেয়াদ, বেমেয়াদি **बेमियाद**

ବେ ମିଆଦ(ଦି)ପଟ୍ଟା(ଟ୍ଟା)—ଦେ. ବି—ଯେଉଁ ପଟ୍ଟାରେ ପଟ୍ଟାଲିଖିତ ବୃତ୍ତିର Be miāda(di)paṭa(ṭṭa) ଭୋଗ କେତେକାଳ ସକାଶେ ବହାଲ ରହିବ ଏହା ଲେଖା ହୋଇ ନ ଥାଏ; ମୁକରରୀ ପଟ୍ଟା; ଚିରସ୍ଥାୟୀ ପଟ୍ଟା—A permanent lease; a lease granted for an indefinite term.
বেমেয়াদীপাট্টা **बेमियादीपट्टा**

ବେ ମିଆଦି କାମ(ର୍ଯ୍ୟ)—ଦେ. ବି—ଯେଉଁ କାର୍ଯ୍ୟ ସମ୍ପନ୍ନ କରିବାପାଇଁ Be miādi kāma(rjya) କାଳର କୌଣସି ନିର୍ଦ୍ଦିଷ୍ଟ ସୀମା ନ ଥାଏ—A work for the completion of which no time is fixed.
বেমেয়াদী কাম **बेमियादी काम**

ବେ ମିଆଦି ତମସୁକ—ବୈଦେ. ବି (ଫା.)—ଯେଉଁ ତମସୁକରେ Be miādi tamasuka ଋଣ ପରିଶୋଧ ପାଇଁ ମିଆଦ ବା କାଳ ନିର୍ଦ୍ଧାରିତ ହୋଇ ନ ଥାଏ—A bond in which no time is fixed beforehand and mentioned for liquidation of the debt.
বেমেয়াদী তমস্থক **बेमियादीतमस्सुक**

ବେ ମି(ମେ)ଳ—ଦେ. ବିଣ—ଅମେଳ; ମିଳନର ଅଭାବ—Disunion;
Be mi(me)la বেমেল **बेमेल** disagreement

ବେ ମି(ମେ)ହନତ(ତି)—ବୈଦେ. ବିଣ (ଫା. ବେମେହନତ)—୧। Be mi(me)hanat(ti) ସୁସ୍ତି; ଯେ ପରିଶ୍ରମ କରେ ନାହିଁ, କୋଢ଼ିଆ; ଅଳସୁଆ—1. Idle. ୨। ଶ୍ରମବିମୁଖ; ପରିଶ୍ରମକାତର—2. Not laborious.
সুস্তী **बेमिहनती**
ବେମି(ମେ)ହନ୍ତ(ନ୍ତି) / ବେମେହେନ୍ତ (ନ୍ତି) } —ଅନ୍ୟରୂପ
**बेमिहनत** ବୈଦେ. ବି. ପରିଶ୍ରମର ଅଭାବ—Want of labour.

ବେ ମୁ(ମୋ)କାବିଲା—ବୈଦେ. ବିଣ (ଫା. ବେ ମୋକାବିଲା)—Be mu(mo)kābilā ଯାହା ମୁକାବିଲା ବା ପରୀକ୍ଷା କରାଯାଇ ନ ଥାଏ—Unchecked; not compared; not confronted.
বেমুকাবিলা **बेमोकाबिला**

ବେ ମୁ(ମୋ)କାମ(ମି)—ବୈଦେ. ବିଣ (ଫା)—ଗୃହଶୂନ୍ୟ—
Be mu(mo)kām(mi) Houseless; shelterless
**बेमुकाम**

ବେ ମୁର(ରୁ)ବି—ବୈଦେ. ବିଣ (ଫା. ବେ+ମୁରୁବୀ=ରକ୍ଷକ)—
Be mura(ru)bi ୧। ରକ୍ଷକ ବା ଅଭିଭାବକହୀନ—1. Guardianless. ୨। ଅସ୍ୱାମିକ—2. Masterless. ୩। (ଲକ୍ଷଣାର୍ଥ) ଉଚ୍ଛୃଙ୍ଖଳ—3 Unrestrained. ୪। ଯାହାର କେହି ମୁରବୀ ବା ସହାୟକ ନ ଥାଏ—4. Without a protector or patron.
[ବେମୁର(ରୁ)ବିଆ—ଅନ୍ୟରୂପ]
বেমুরুব্বী **बेमुरुव्वी**

ବେ ମୁରାତପ(ଫ, ବ)—ବୈଦେ. ବିଣ (ଫା. ବେ+ମୁରାତବ୍=ସମ୍ମାନ)
Be murātap(ph, b) —୧। ନିର୍ଲ୍ଲଜ୍ଜ—1. Shameless. ୨। ମର୍ଯ୍ୟାଦାହୀନ; ସମ୍ମାନହୀନ—2. Undignified; destitute of honour or dignity. ୩। ଅସମ୍ମାନକାରକ—3. Disrespectful. ୪। ଅସମ୍ମାନିତ—4. Dishonoured.
বেমুরাতিব **बेमुरातीब**

ବେ ମୁଲାକାତ(ତି)—ବୈଦେ. କ୍ରି. ବିଣ (ଫା. ବେମୁଲାକାତ୍)—
Be mulākāt(ti) ଦେଖା ବା ସାକ୍ଷାତ ନ ହୋଇ—Without interview or meeting. ବୈଦେ. ବି—ସାକ୍ଷାତର ଅଭାବ—Failure to meet; want of interview.
**बेमुलाकात**

ବେ ମୁଲାଜ୍ଜ୍ୟା—ବୈଦେ. ବି ଓ ବିଣ (ଫା. ବେ+ମୁଲାହିଜା)—
Be mulājjyā ବେ ମୋହବତ୍ (ଦେଖ)—Be mohabat (See)
**बेमुलाहिजा** (ବେମୁଲାହିଜା—ଅନ୍ୟରୂପ)

ବେ ମୂଲ—ଦେ. ବି—ଅତି ବେଶୀ ଦାମ; ଚଢ଼ାଦାମ—High price;
Be mūla dear price; excessive price; ଦେ. ବିଣ. —ମହାର୍ଘ—Dear in price; high-priced.
চড়াদাম
**बेमूल** ଅଜାରା **बेमूल; बेजर**

ବେ ମୋହ(ହୋ)ବତ—ବୈଦେ. ବି (ଫା. ବେମୁହବ୍ବତ୍)—୧। Be moha(ho)bat ଚକ୍ଷୁଲଜ୍ଜାର ଅଭାବ—1. Disregard and want of consideration for the feelings of others. ୨। ଅନୁରୋଧ, ଉପରୋଧର ରକ୍ଷା ନ କରିବା—2. Want of acting to please another. ୩। ନିର୍ମମତା—3. Want of sympathy. ବୈଦେ. ବିଣ—୧। ଯାହାର ଚକ୍ଷୁଲଜ୍ଜା ନାହିଁ—1. Disregardful or insensitive to the feelings of others. ୨। ଯେ ପରର ଉପରୋଧ ଅନୁରୋଧ ରକ୍ଷା ନ କରେ—2. Having no fear for another person's favour or dis-
**बेमुहब्बत**
[ବେମୋହ(ହୋ)ବତ—ଅନ୍ୟରୂପ]
**बेमुहबती**

pleasure. ୩ । ଯେ ପରର ମନ ରଖି କାମ କରିବାକୁ ଚେଷ୍ଟା ନ କରେ—3. Not acting to please another. ୪ । ନିର୍ଦ୍ଦୟ—4. Unkind. ୫ । ନିର୍ମମ—5. Unsympathetic.

ବେ ମୋହ(ହୋ)ବତିଆ—ଦେ. ବିଣ—ବେମୋହବତ ( ଦେଖ )
Be moha(ho)batiā Bemohabata ( See )

ବେର୍—ପ୍ରାଦେ ( ବସ୍ତର ) ବି ( ସଂ. ବେଲା )—ସୂର୍ଯ୍ୟ—
Ber The sun.

ବେର୍(ରି, ରେ)ଜ୍(ଜି, ଜୀ)—ବୈଦେ. ବି ( ଫରାସୀ ) ( ଅ. ବେରଜ୍
Ber(ri, re)j(ji, jī) =ଉପରୁ ତଳକୁ ସ୍ତମ୍ଭାକାରରେ
(ତେରଜ—ବିପରୀତ) ଲେଖାଥିବା ସଂଖ୍ୟାମାନଙ୍କର ମିଶାଣ )—
বেরিজ ଯେଉଁ ହିସାବର ନିର୍ଦ୍ଦିଷ୍ଟ ସଂଖ୍ୟା ସବୁ କେବଳ ଗୋଟିଏ
बेरिज ବାଗରେ ମିଶାଣ କରାଯାଏ—The mode of totalling up the figures of an account in one direction.

ବେର୍ଜ—ଗ୍ରା. ( ସଂ. ବ୍ରଜ ) ବି—ବ୍ରଜ ନାମଯୁକ୍ତ ବ୍ୟକ୍ତିଙ୍କୁ ଡାକିବା
Berja बिरजु ନାମ—A name for calling Braja.
[ବେର୍ଜା, ବେରେଜ, ବେରେଜା—ଅନ୍ୟରୂପ]

ବେର(ରି,ରେ)ଜ୍(ଜି) ମିଳା(ଲେ)ଇବା—ଦେ. କ୍ରି—ହିସାବରେ
Ber(ri,re)j(ji) milā(le)ibā ସ୍ତମ୍ଭାକାରରେ ଲେଖା ଥିବା
বেরিজ মেলান ଅଙ୍କମାନଙ୍କର ମିଶାଣ କରି ହିସାବ କରିବା—
बेरिज मिलाना To check an account by totalling up the figures written in columns.

ବେର୍(ରି,ରେ) ଜ(ଜି) ହିସାବ—ବୈଦେ. ବି—ବେରିଜ ପ୍ରଣାଳୀରେ
Ber(ri,re) ja (ji) hisāba ଅର୍ଥାତ୍ ସ୍ତମ୍ଭାକାରରେ ସଂଖ୍ୟା-
বেরিজ হিসাব ମାନଙ୍କର ଉପର୍ଯ୍ୟୁପରି ଲେଖା ହୋଇଥିବା ହିସାବ—
बेरिज hisāb Accounts consisting of figures written in vertical columns.

ବେର୍ନା—ପ୍ରାଦେ. (ସମ୍ବଲପୁର) ବି—ଅଳ୍ପ ଗଭୀର ଜମି—Law field.

ବେର୍ ପେଲା—ଦେ. ବିଣ. ଓ କ୍ରି. ବିଣ—ବଳପଣ ବା ଜବରଦସ୍ତି;
Ber pelā ଅନାହୂତରୂପେ—Doing a work gratuitously or without being asked.

ବେର—ସଂ. ବି—(ବୀ ବା ଅଜ୍ ଧାତୁ=ଗମନ କରିବା+କର୍ତ୍ତୃ. ର)—
Bera ୧ । ଶରୀର; ଦେହ—1. Body. ୨ । କୁଙ୍କୁମ—2. Saffron. ୩ । ବାଇଗଣ—3. Brinjal. ଗ୍ରା. ବି (ଇତର ଲୋକଙ୍କ ଉଚ୍ଚାରଣ ଦୋଷରୁ 'ଳ' ସ୍ଥାନରେ ର)—ବେଳ—Time.

ବେରକ—ସଂ. ବି.—(ବେର+କ)—କର୍ପୂର—
Beraka Camphor.

ବେରଙ୍ଗ—ବୈଦେ. ବି—(ଫା. ବେରଙ୍ଗ୍)—୧ । ଅନ୍ୟରଙ୍ଗ; ବର୍ଣ୍ଣା-
Beranga ନ୍ତର—1. Another colour.
୨ । ବଦରଙ୍ଗ; ତାସ ଖେଳରେ କଟା ହୋଇଥିବା ରଙ୍ଗ ବ୍ୟତୀତ ଅନ୍ୟ ରଙ୍ଗର ତାସ—2. Cards of a class different from the one which has turned out at the cutting. ୩ । ଯେଉଁ ଡାକ ଚିଠିରେ ପ୍ରେରକ ଟିକଟ ମାରି ନ ଥାଏ; ବେଅରଙ୍ଗ—3. Unpaid letter. ବୈଦେ. ବିଣ—୧ । ଅନ୍ୟ ବର୍ଣ୍ଣଯୁକ୍ତ—1. Of another colour. ୨ । ବିବର୍ଣ୍ଣ; ଯାହାର ରଙ୍ଗ ବା ବର୍ଣ୍ଣ ବିକୃତ ହୋଇଥାଏ—2. Pale; discoloured. ୩ । ବର୍ଣ୍ଣହୀନ—3, Colourless. ୪ । ପ୍ରଭାହୀନ—4. Shorn of lustre.

ବେରଣା—ଦେ. ବି—୧ । ଘାସ ଜମି—1. Marshy land.
Beranā ୨ । ବେଣା ଘାସ—2. A field overgrown with Benā grass.

ବେରଣ୍ଡ—ଗ୍ରା. ବି. (ସଂ. ବ୍ରଣ; ବରଣ୍ଡ)—ମୁହଁରେ ବାହାରିବା ବରୁଣ;
Beranda ମୁଖବ୍ରଣ—Pimple; boil on the face
बर्रे

ବେର୍ଲିନ୍—ବୈଦେ. (ଇଂ) ବି—ଜର୍ମାନୀର ରାଜଧାନୀ—Berlin, the
Berlin capital of Germany.

ବେରସିକ—ଦେ. ବିଣ. (ଫା. ବେ+ସଂ. ରସିକ)—୧ । ଅରସିକ;
Berasika ରସଜ୍ଞାନହୀନ—1. One who has no sense
বেরসিক of humour or wit. ୨ । ବଦ୍ ରସିକ; ରସ-
बेरसिक ଭଙ୍ଗକାରୀ—2. One who is of a bad taste. ୩ । କବିତ୍ୱହୀନ—3. Devoid of poetry.

ବେରସିଦ୍—ଦେ. ବିଣ. ( ବେ+ରସିଦ )—ରସିଦ୍ ବା ପ୍ରାପ୍ତିସ୍ୱୀକାର
Berasid ପତ୍ର ଦିଆ ନ ଯାଇ ଦିଆ ଯାଇଥିବା (ଧନ ବା ବସ୍ତୁ
বেরসীদ্ ଆଦି)—(articles) Given or paid without a receipt being granted.

ବେରା—ପ୍ରାଦେ. (ମେଦିନୀପୁର) ବି. (ମୂଳ ଓଡ଼ିଆ ବେଉଟଙ୍କ ଉପାଧି
Berā ବେହେରା)—ମାହିଷ୍ୟ କୈବର୍ତ୍ତମାନଙ୍କର ବଂଶୋପାଧି-ବିଶେଷ; ବେହେରା—A family title of fishermen and Māhishyas. ପ୍ରାଦେ (ଉତ୍ତରୀ ଭାଷା) ବି—ବେଳ—Time.

ବେରାଜ୍(ଜି)—ଦେ. ବି—୧ । ଅସନ୍ତୋଷ—1. Discontent;
Berāj(ji) Dis-satisfaction; Dis-affection. ୨ ।
गरराजी ଅସମ୍ମତି; ଗରରାଜି—2. Dis-agreement.
୩ । ସ୍ୱୀକାର—3. Denial; refusal. ଦେ. ବିଣ—୧ । ଅସମ୍ମତ—1. Not consenting; disagreeing. ୨ । ଅସନ୍ତୁଷ୍ଟ—2. Dis-satisfied; discontented; disaffected.

ବେରାଦର—ଦେ. ବି—ବିରାଦର ( ଦେଖ )
Berādara Birādara (See)

ବେରାମ(ମି)—ବୈଦେ. ବି (ଫା. ବେ+ଆରାମ)—ବେମାର; ରୋଗ—
Berām(mi) Disease; illness; sickness. ଦେ. ବିଣ—
ব্যারাম ୧ । ବେମାର; ରୁଗ୍ଣ—1. Diseased; laid with
बीमार illness. ୨ । ରୋଗାକ୍ରାନ୍ତ—2. Attacked with
[ ବେରାମିଆ—ଅନ୍ୟରୂପ ] disease; sick; ailing and delicate in health.

ବେରାମ ଆରାମ—ଦେ. ବ (ସବ୍ଦଚଳ)—ପୀଡ଼ା; ରୋଗ—Disease.
Berāma ārāma [ ଦ୍ର—× × ×ତାହାର ପୁଅ ଈଶ୍ୱର
ব্যারাম স্যারাম ବେରାମ ଆରାମ ହେଲେ କମ୍ପା ତାହାର ମାନସିକ ଥିଲେ ପୂଜା ହୁଏ । ଫକୀରମୋହନ. ଛମାଣଆଠଗୁଣ ।]

ବେରାମ(ମି) ପଡ଼ିବା—ଦେ. କ୍ରି—୧ । ରୋଗାକ୍ରାନ୍ତ ହେବା—1. To
Berāma(mi)pardibā be attacked with sickness.
ব্যারামে পড়া ୨ । ରୋଗାକ୍ରାନ୍ତ ହୋଇ ଶଯ୍ୟାଗତ ହେବା—2. To
[ବେରାମ(ମି) ଧରିବା—ବିଶେଷ୍ୟ ରୂପ] be laid up with a sickness.

ବେଢ଼ା—ପ୍ରାଦେ (ସମ୍ବଲପୁର) ବ. (ସ. ବେଷ୍ଟନ )—୧ । ସ୍ତ୍ରୀମାନଙ୍କ
Berhā ପିନ୍ଧାଲୁଗା ତଳେ ପିନ୍ଧାଯିବା ଛୋଟ କନା—1. A small bit of rag used by females as underwear below her loin cloth. ୨ । ଝିଅମାନଙ୍କ ବ୍ୟବହାର୍ଯ୍ୟ ବଡ଼ କଉପୁନୀ—2. A long strip of cloth tugged along the privities by girls. [ଦ୍ର—ଏହାର ବିପରୀତ ସାନ କଉପୁନୀ=ଢେବା ।]

ବେ ରାହା—ବୈଦେ. ବ (ଫା. ବେ+ରାହା)—୧ । ଭୁଆଁ; ବିପଥ—
Be rāhā 1. Wrong road. ୨ । ଅପଥ; କୁପଥ; କୁମାର୍ଗ—
বেরাস্তা 2. Evil ways. ୩ । ଅନିୟମ—3. Irregularity;
बेराहा want of method. ୪ । ଭ୍ରାନ୍ତ—4. Erring. ଦେ. ବିଣ—୧ । ଶୃଙ୍ଖଳା ବା ନିୟମରହିତ—1. Irregular; unmethodical. ୨ । କୁପଥଗାମୀ—2. Taking to wrong or evil ways. ୩ । ଭ୍ରାନ୍ତ—3. Erring.

ବେରିଙ୍ଗ(ଙ୍ଗି) (ଇତ୍ୟାଦି)—ବୈଦେ (ଇଂ). ବିଣ—ବେଅରିଙ୍ଗ ଇତ୍ୟାଦି
Bering(ngi)(etc) (ଦେଖ)—Bearing etc (See).
(ବେରିଂ—ଅନ୍ୟରୂପ)

ବେରିଜ(ଜି)—ବୈଦେ. ବ ( କଡ଼ରୁଆ ) ( ଫା. ବେରିଜ୍ )—ହିସାବ
Berij(ji) କାଗଜରେ ସ୍ତମ୍ଭାକାରରେ ଲେଖାଥିବା ବହୁ ସଂଖ୍ୟା ଧାଡ଼ି-
বেরিজ ମଲଥା ହୋଇ ଲେଖା ହୋଇଥିଲେ ଧାଡ଼ିମୂଳଆ ସଂଖ୍ୟା-
बेरिज मानଙ୍କୁ ମିଶାଇ ତାହାଣ ପାଖରେ ପ୍ରତ୍ୟେକ ଧାଡ଼ିର ଯୋଗଫଳକୁ ଲେଖି ସେହି ଯୋଗଫଳମାନଙ୍କୁ ଯୋଗ କଲେ ବହିର ଯୋଗଫଳ [ବେରିଜ] ଠିକ୍ ହେଲା କି ନାହିଁ ଏହା ଜାଣିବା ପାଇଁ ପ୍ରତ୍ୟେକ ସ୍ତମ୍ଭର ଯୋଗଫଳକୁ ମିଶାଇବା—The adding up of the totals of every column in account.

ବେରିଜ ତେରିଜ—ବୈଦେ. ବ ( ଫା. ବେରିଜ୍+ତେରିଜ୍ )—
Beriji teriji କାଗଜରେ ଉପର୍ଯ୍ୟୁପରି ଲେଖାଥିବା ହିସାବମାନ
বেরিজতেরিজ ଠିକ୍ ଅଛି କି ନାହିଁ ଜାଣିବାପାଇଁ ଶେଷ ବା ତାହାଣ
बेरिजतेरिज ପାଖର ସଂଖ୍ୟାମାନଙ୍କୁ ଯୋଗ କରିବା (ବେରିଜ) ଓ ତଳର ମିଶା ହୋଇଥିବା (ତୋଟାଲ) ସଂଖ୍ୟାମାନଙ୍କୁ ସବୁ ମୋଟ ସଂଖ୍ୟାରୁ (ମୋଟ ତୋଟାଲରୁ) ଫେଡ଼ି ହିସାବ ଠିକ ଥିବାର ଚେକ୍ କରିବାର ନାମ ବେରିଜ—Adding up the figures in an account longitudinally and horizontally and checking the correctness thereof.

ବେରିବେରି—ବୈଦେ. ବ (ସିଂହଳଭାଷା ବେରୀ=ଦୁର୍ବଳତା; ବେରି
Beriberi ବେରି=ବିଶେଷ ଦୁର୍ବଳତା ) ବ—ଭୟଙ୍କର ପ୍ରକ୍ଷ
বেরীবেরী ରୋଗବିଶେଷ—Beriberi; a kind of fatal
बेरीबेरी disease. [ଦ୍ର—ଅତି ସଫା କଳଛଣା ଚାଉଳ ଖାଇଲେ ଏ ରୋଗ ଜନ୍ମେ । ଅନ୍ତ ମଧ୍ୟ ସାଇଷ୍ଟାନ ଖାଦ୍ୟ ଏ ରୋଗର ପୋଷକତା କରେ । ଏ ରୋଗ ମାରାତ୍ମକ; ଏଥିରେ ଶୋଥ ଜନ୍ମେ । ଏ ରୋଗ ଆଗେ ଚୀନଦେଶରେ, ତା ପରେ ଜାପାନରେ ବ୍ୟାପିଥିଲା । ରୁଷ ଜାପାନ ଯୁଦ୍ଧ ସମୟରେ ୫୦ ହଜାର ଜାପାନୀ ଲୋକଙ୍କୁ ଏ ରୋଗ ଧରିଥିଲା । ଜର୍ମାନ ଯୁଦ୍ଧରେ ମେସୋପୋଟାମିଆରେ ଅନେକ ଇଂରେଜ ସୈନ୍ୟଙ୍କୁ ଏ ରୋଗ ଆକ୍ରମଣ କରିଥିଲା । ସ୍ତ୍ରୀଲୋକଙ୍କ ଅପେକ୍ଷା ପୁରୁଷଲୋକଙ୍କୁ ଏ ରୋଗ ବେଶି ଧରେ । ରୋଗର ଲକ୍ଷଣ ଏହି ଯେ—ଗୋଡ଼ ଅବଶ ହୋଇଯାଏ; କ୍ରମେ ଗୋଡ଼ ଓ ଜଙ୍ଘ ଦରଜ ହୁଏ ଓ ଦେହ ଫୁଲିଯାଏ; ମୁହଁ ମଧ୍ୟ ଫୁଲେ; ଦେହର କୌଣସି ସ୍ଥାନ ଚିପିଲେ ଖାଲ ହୋଇଯାଏ ମାତ୍ର ସେ ଖାଲ ସ୍ଥାନ ଶୀଘ୍ର ପୂରିଯାଏ ନାହିଁ; ହାତ ଗୋଡ଼ କ୍ରମଶଃ ଅଚଳ ହୁଏ; ହୃତ୍ପିଣ୍ଡ ଦୁର୍ବଳ ହୁଏ; ରୋଗୀ ପୂର୍ଣ୍ଣ ବିଶ୍ରାମ ନ କରି ଚଲାବୁଲା କଲେ ବା ପରିଶ୍ରମ କଲେ ହଠାତ୍ ହୃତ୍ପିଣ୍ଡର କାର୍ଯ୍ୟ ବନ୍ଦ ହୋଇ ମୃତ୍ୟୁ ଘଟେ; ଏ ରୋଗୀର ଶବ ନିଶ୍ୱାସ ବହେ; ନାଡ଼ି ଦୁର୍ବଳ ହୁଏ; ବେଶୀ ପ୍ରସ୍ରାବ ହୁଏ ନାହିଁ—ସତ୍ୟସମାଚାର—୧ । ୨ । ୩୧ । ]

ବେରୁଆଁ (ହାଁ)—ଦେ. ବ (ସ. ବାରଣ ବା ବରକ)—ଜଳଜ ପାର୍ବତ୍ୟ
beruañ(hāñ) ବା ଘାସ ବିଶେଷ—A kind of aquatic
বোর, মাঁছুরকাটি reed or grass with which mats are woven (Cyperus Tegetum). [ଦ୍ର—ଏ ଗଛ ଦୁଇ ହାତ ଉଚ୍ଚ ହୁଏ । ଏହାର ଡାଙ୍ଗକୁ ଚିର ଶୁଖାଇ ମେଞ୍ଚ ବୁଣନ୍ତି । ]

ବେରୁଆଁ (ହାଁ)ମସିଣା(ଚଟେଇ, ମସିଣା ଦେଖ)—ଦେ. ବ—ବେରୁଆଁରେ
beruañ(hāñ) masinā ବୁଣା ହୋଇଥିବା ମୁନ୍ଦରୀ—Mat
বোরপাটি, বোটপাট্টি woven with a kind of aquatic reed or grass.

ବେ ରୂପ—ଦେ. ବ (ସ. ବିରୂପ) ୧ । ବିଶ୍ରୀ ରୂପ; କୁତ୍ସିତ ରୂପ—Ugly
Be rūpa form; deformity. ଦେ. ବିଣ—ବେରୂପା (ଦେଖ)-
বেরূপ . बदसुरती Berūpā (See).

ବେରୂପା—ଦେ. ବିଣ (ସ. ବିରୂପ)—୧ । ବିଶ୍ରୀ; ଶ୍ରୀହୀନ; କୁତ୍ସିତରୂପ-
Berūpā ବିଶିଷ୍ଟ—1. Ugly; deformed. ୨ । ଅସୁନ୍ଦର—
বেরূপ 2. Not beautiful. ୩ । ବିବର୍ଣ୍ଣ—3. Pale; dis-
बदसुरत coloured. ୪ । ଯାହାର ସୁନ୍ଦର ରୂପ ପରେ ନାନା କାରଣରୁ ମ୍ଳାନ ହୋଇଥାଏ—4. Having one's countenance become pale

ବେ ରୁଲ୍(ଲୁ)—ବୈଦେ (ଫା. ବେ+ଇଂ. ରୂଲ=rule)—ବଣ—
Be rūl(lu) ନିୟମ ବା ବ୍ୟବହାର୍ ବିରୁଦ୍ଧ – Contrary to rules; বেরূল irregular.

ବେ ରୋଜଗାର—ବୈଦେ (ଫା· ବେ +ରୋଜଗାର) ବି—୧ । ଅସୁ-
Be rojagāra ବିଧାନ ଅବସ୍ଥା; ଅର୍ଜନରହିତ ଅବସ୍ଥା—1. A বেরোজগার state of being without any income. बेरोजगारी ୨ । ଉପାର୍ଜନ ନ ଥିବା ଅବସ୍ଥା—2 Unemployment. ବଣ—ବେରୋଜଗାର ( ଦେଖ )— Berojagāri (See).

ବେ ରୋଜଗାରୀ—ବୈଦେ. ବି. (ଅ) ବଣ—୧ । ଅର୍ଜନରହିତ—
Be rojagāri 1. Having no earning. ୨ । ଅସୁବିଧାନ—
বেরোজগারী 2. Incomeless. ୩ । ଉପାର୍ଜନଶୂନ୍ୟ;
बेरोजगार ବେକାର—3. Unemployed. ୪ । ଜୀବିକା- (ବେରୋଜଗାରଅ—ଅନ୍ୟରୂପ) ବିହୀନ—4. Having no means of support.

ବେର୍ଥ—ଗ୍ରା. ବି. (ସଂ. ବ୍ୟର୍ଥ)—ବ୍ୟର୍ଥ—Fruitless.
Bertha ব্যর্থ

ବେର୍ଥା—ଗ୍ରା. ବି. ( ସଂ. ବୃଥା )—ବୃଥା—
Berthā Ineffectual.
(ବୃଥା—ଅନ୍ୟରୂପ)

ବେଲ୍ (ଧାତୁ)—ସ- ୧ । ଚଞ୍ଚଳ ହେବା—1. To be restless.
Bel (root) ୨ । ଗତି କରିବା—2. To move.

ବେଲ୍—ପ୍ରାଦେ. (ସମ୍ବଲପୁର) ବି. (ସଂ. ବେଳା)—୧ । ବେଳ; କାଳ;
Bel ସମୟ—1. Time ୨ । ଦିବସର ଅଂଶ—2. Time or half part of day (ଯଥା—ସକାଳ୍ ବେଲ୍, ଦୁପର ବେଲ୍ ।) ୩ । ସୂର୍ଯ୍ୟ—3. The sun. ବୈଦେ. ବି. (ଇଂ. ବେଲ୍) ବି—୧ । ପିତଳ ଘଣ୍ଟା—1. Bell; gong. ୨ । ମନୁଷ୍ୟର ମନକୁ କୌଣସି ବିଷୟ ପ୍ରତି ଆକର୍ଷଣ କରିବା ନିମନ୍ତେ ବଜା ଯିବା ଘଣ୍ଟା—2. Alarm bell. ୩ । ଲୁଗାର ଗଣ୍ଠି—3. Bale of cloth. ୪ । ଯାମିନ୍—4. Bail. ବୈଦେ. (ଫା) ବି—୧ । ମଲ୍ଲୀ ଫୁଲ—1. Jasmine. ୨ । ( ଦେ. ସଂ. ବଲ୍ଲୀ ) ଲତା—2 Creeper. ୩ । ସୂତା ଦ୍ୱାରା ଲତା ଆକାରରେ ବୁଣା ହୋଇଥିବା ଲୁଗାର ଧଡ଼ି; ଲହଡ଼ି—3. Lace; frill worked on a cloth in the shape of a running creeper. ୪ । (ଏହି କଣ୍ଟାର ମୁଣ୍ଡ ପାଖ ମଲ୍ଲୀକଢ଼ି ପରି ଗୋଲ ଥିବାରୁ ) ସ୍ତ୍ରୀ ଲୋକମାନେ ବଢ଼ାଇଥ ବେଣୀକୁ ମୁଣ୍ଡରେ ଅଟକାଇ ରଖିବା ନିମନ୍ତେ ଯେଉଁ ଲୁହାର କଣ୍ଟା ବ୍ୟବହାର କରନ୍ତି—4. Small hair pins fixed to the coiled braid of hair to make it stay firmly in a position.

ବେଲ୍ ଉଦିବା—ପ୍ରାଦେ. (ସମ୍ବଲପୁର) ବି. (ସଂ. ବେଳା+ଉଦ୍ଗତ)—
Bel udibā ସୂର୍ଯ୍ୟୋଦୟ; ସୂର୍ଯ୍ୟ ଉଦିତ ହେବା—The rising of the sun.

ବେଲ୍ କଣ୍ଟା—ଦେ. ବି—ସ୍ତ୍ରୀଲୋକମାନେ ବଢ଼ାଇଥ ବେଣୀ ବାନ୍ଧି
Bel kantā ତାକୁ ଗୋଟିଏ ଗୋଲ କରି ଗୁଡ଼ାଇ ଦିଅନ୍ତି ବେଣୀକୁ
বেল কাঁটা ଦୃଢ଼ ଭାବରେ ରଖାଇବା ପାଇଁ ସେହି ଗୋଲାରେ
बाँलका काँटा ଯେଉଁ କଣ୍ଟା ଖୋଷନ୍ତି—Small hair pins fixed to the coiled braid of hair to make it remain firm in its position.

ବେଲ୍ ଚକି(କ୍କି)—ଦେ. ବି (ଫା. ବେଲଚକ୍=ଫାଉଡ଼ା+ସ. ଚକ୍ର)—
Bel chaki(kki) କୋଠା କାମ ପାଇଁ ଚୂନକୁ ଘଣା ବୁଲାଇବା
বেল চাকি ପ୍ରକ୍ରିୟାରେ ପେଷିବାର ପଥର ଚକ—
बेल चक्की A stone mill for grinding lime.
[ବି—ଯେଉଁଠାରେ ବହୁତ ପେଷା ଚୂନ ଲୋଡ଼ା ହୁଏ ସେଠାରେ ଚୂନ ସଙ୍ଗେ ବାଲି ବା ସୁରକୀକୁ ଛିଞ୍ଚି ଦ୍ୱାର ନ ମିଶାଇ ଗୋଟିଏ ପରିଧିବିଶିଷ୍ଟ ଗର୍ତ୍ତ କରି ସେ ଗର୍ତ୍ତରେ ଚୂନ ଓ ବାଲି ଆଦି ପକାଇ ଘଣା ବୁଲାଇବା ପରି ବଳଦଙ୍କ ଦ୍ୱାରା ପଥର ଚକକୁ ବୁଲାଇ ପେଷାଯାଏ ।]

ବେଲ୍ଟିନ୍(ଙ୍ଗ୍, ନି, ଙ୍ଗି, ଣ୍, ଣି)—ବୈଦେ. (ଇଂ) ବି. (ଇଂ. ବ୍ଲଟିଙ୍ଗ୍)—
Beltin(ng, ni, ngi, n, ni) କାଗଜରୁ କାଳି ଶୋଷିବାର
ব্লাটিঙ্ কাଗଜ—Blotting paper.
[ବ୍ଲଟିଙ୍ଗ୍(ଙ୍ଗ୍, ନ୍, ଣି, ଙି, ଣ)—ଅନ୍ୟରୂପ]

ବେଲ୍ଦାର—ବୈଦେ. (ଫା) ବଣ—କାରୁକାର୍ଯ୍ୟଯୁକ୍ତ ଧଡ଼ି ବା ଫିତା
Beldār ବସା ଯାଇଥିବା (ଲୁଗା ବା ଶାଢ଼ୀ)—
বেলদার बेलदार Embroidered cloth.

ବେଲ୍ ପହରି—ପ୍ରାଦେ. (ମେଦିନୀପୁର) ବି. ( ସ. ବେଳା+ପ୍ରହର )—
Bel pahari ଦିନର ଶେଷ—Afternoon.

ବେଲ୍ ଫୁଲ—ଦେ. ବି. (ଫା. ବେଲ; ବ. ବେଲ୍ ଫୁଲ୍ ବଙ୍ଗଳାରୁ
Bel phula ଅନୁକୃତ)—୧ । ମଲ୍ଲୀ ଫୁଲ—1. Jasmine.
বেল ফুল ୨ । ମଲ୍ଲୀ କଢ଼ି ଆକୃତିର ମୁଣ୍ଡ ଥିବା ଗୋଲକ-
बेला ଯୁକ୍ତ ସ୍ତ୍ରୀ ଲୋକଙ୍କ କେଶର କଣ୍ଟା—2. Hair pin of the shape of jasmine buds.

ବେଲ୍ ବଜା(ଜେ)ଇବା—ଦେ. କ୍ରି (ଇଂ. ବେଲ୍+ସ. ବାଦନ)—
Bel bajā(je)ibā ଘଣ୍ଟା ବଜାଇବା—To ring a bell.
বেল দেওয়া बेल बजाना

ବେଲ୍ ବୁଟା(ଟ୍ଟା)—ବୈଦେ. ବି. (ଫା)—ଲୁଗାରେ ଓ ଲୁଗା ଧଡ଼ିରେ
Bel butā(ttā) ସୂତା ଦ୍ୱାରା ବସା ଯାଇଥିବା ଫୁଲ, ଲତା ଓ
বেল বুটা ତାରକାଦି—Embroidery work wrought
बेल बूटा on cloth in the shape of flowers, creepers and stars.

ବେଲ୍ ବୁଟା(ଟ୍ଟା)ଦାର—ବୈଦେ. ବଣ. (ଫା)—ଯେଉଁ ଲୁଗାରେ ବେଲ
Bel butā(ttā)dār ବୁଟା ବସା ଯାଇଥାଏ—
Embroidered.

ବେଲ୍ବୁଡ଼ା—ପ୍ରାଦେ ( ସମ୍ବଲପୁର ) ବି—ସନ୍ଧ୍ୟା; ସୂର୍ଯ୍ୟାସ୍ତ—
Belburdā Sunset; night-fall.

ବେଲ୍ଲ୍ (ଧାତୁ)—ସ—୧ । ଚଞ୍ଚଳ ହେବା—1. To be restless.
Bell (root) ୨ । ଗତି କରିବା—2. To move.

ବେଳ—ସ. ବ ( ବେଲ୍ ଧାତୁ—ଚଞ୍ଚଳ ହେବା + ଅ )—ଉଦ୍ୟାନ— Garden. ଦେ. ବ ( ଗ୍ରା· ବେଲ, ସ. ବେଲା; ହା· ବେଲେ )—୧ । ବେଳା; ସମୟ—1. Time.
Bela
বেলা
वेला
୨ । ଫୁରସତ୍; ଅବସର—2. Leisure. ୩ । ରାତ୍ରିର ବା ଦିବସର ସମୟ—3. Time of day or night. ୪ । ସୁଯୋଗ—4 Opportunity. ୫ । ସୁବିଧାଜନକ ସମୟ; ଉପଯୁକ୍ତ ସମୟ—5. Opportune time; proper time. ୬ । ଥର; ବାର—6. Time. [ ଉ—ଶ୍ରୀ ଜଗଦେବ ବୋଲେ, ହେବେ କଲୁ ବ ହେଲେ ବେଳେ, ଧର ବୋଲେ ତାକୁ ସୁସାରେ । କବିସୂର୍ଯ୍ୟ. ସଙ୍ଗୀତ ।] ୭ । ଜୀବନର ସମୟ—7. Time of one's life. ୮ । ଦିବାକାଳ; ଦିବାଭାଗ—8. Day-time. ୯ । ଦିବସର ପୂର୍ବାହ୍ଣକାଳ; ପୂର୍ବାହ୍ଣ ବା ଅପରାହ୍ଣ କାଳ; ଓଳ—9. Half of the day time; forenoon or afternoon. ୧୦ । ଘଟଣା ଘଟିବାର ସମୟ—10. The time of an occurrence. ୧୧ । ବିଷୟ—11. Concern; matter; case. ( ଯଥା—ତୁମ ବେଳକୁ ଭଲ ଜଣାଯାଏ, ମୋ ବେଳକୁ ଭଲ ଜଣାଯାଏ । ) ୧୨ । ପାଳି—12. Turn.

ବେଲ—ଦେ. ବ ( ସ. ବିଲ୍ୱ; ପ୍ରା· ବେଲ୍ଲୋ )—୧ । ଶ୍ରୀଫଳ; ବିଲ୍ୱଫଳ ଓ ବୃକ୍ଷ—1. Bael; Aegle Marmelos.
Bela
ଅନ୍ୟ ସଂସ୍କୃତ ନାମ—ଶ୍ରୀଫଳ, ମାଲୂର, ମଙ୍ଗଲ୍ୟ, ଶିଖିଶ, ଶଲ୍ୟ, ଶୈଲପତ୍ର, ମହାଫଳ, ସଦାଫଳ, ତ୍ରିପତ୍ର, ଗନ୍ଧଗାତ୍ର, ଶିବଦ୍ରୁମ, ମହାକପିତ୍ଥ, ଗୋହରୀତକୀ, ହୃଦ୍ୟଗନ୍ଧ, ସତ୍ୟଫଳ, ପତ୍ରଶ୍ରେଷ୍ଠ, ଲକ୍ଷ୍ମୀଫଳ, ଗନ୍ଧଫଳ
বেল
बेल; श्रीफल
ମ. ବେଲ
ଗୁ. ବେଲ
ତା. ବିଲ୍ୱମ୍, ବିଲ୍ୱପତ୍ରମ୍; ବେଲ
ତେ. ମାରେଡ଼, ପତ୍ରିର, ବିଲ୍ୱପାଣ୍ଡୁ, ମାରେଡ୍ଡୁ, ମାଲୂରମୁ (Kirtikar)
କ. ବଲ, ବଟେଠାର
[ ଉ—ଏହା ଜାଙ୍ଗଲ ବର୍ଗର ବୃହତ୍ କଣ୍ଟକବୃକ୍ଷ ଓ ଏହାର ଫଳ ବର୍ତ୍ତୁଳ, ପତ୍ର ତ୍ରିପର୍ଣ୍ଣ; ଫଳ ଗଛରେ ୮।୧୦ ମାସ ରହି ଖରାଦିନେ ପାଚେ । ଏହାର କଞ୍ଚା ଓ ପାଚିଲା ଫଳ, ପତ୍ର ଓ ଅଠା ନାନା କାର୍ଯ୍ୟ ଓ ଔଷଧରେ ଲାଗେ । ଏହାର ପତ୍ର ମହାଦେବଙ୍କ ମସ୍ତକରେ ଚଢ଼ା ହୁଏ । ପାଚିଲା ବେଲକୁ ପଣା କରି ଖାଆନ୍ତି ଓ ମୁରବ୍ବା କରନ୍ତି । ଏହି ଗଛର ତେଲ ମାଟିଘରରେ ମାରୁଯାଏ ଓ ଏହାର ଗଛମୂଳରୁ ଛାଡ ଖଣ୍ଡ-ଦିରରେ ଲୁଅ କାହାର ନୂଆ ଗନ୍ଧ ବାହାରେ । ଖରାଦିନେ ପତ୍ରଯାକ ଝଡ଼ିପଡ଼େ । ବୈଦ୍ୟକ ମତରେ ଏହା ମଧୁର, କଷାୟ, ଗରମ, ହୃଦ୍ୟ, ରୁଚକର, ପକ, ଗ୍ରାହୀ, ପିତ୍ତକର, ପାଚକ, ବାତାତିସାର ଓ ଜ୍ୱରନାଶକ । ଏଥିର ଫଳ ପାଚିଲେ ଫଳ ମଧ୍ୟର ମିଠା ଶସକୁ ପଣା କରି ଓ ମୁରବ୍ବା କରି ଖିଆଯାଏ । ଫଳ ଉପରେ ଗୋଟିଏ କଠିନ ଆବରଣ ଥାଏ । କଞ୍ଚା ବେଲକୁ ଶୁଖାଇ ଔଷଧାର୍ଥ ରଖାଯାଏ, ପାଚିଲା ବେଲ କୋଷ୍ଠକାଠିନ୍ୟ ଦୂର କରେ ଓ ପଚଲା ଝାଡ଼ାକୁ ମଧ୍ୟ ବାନ୍ଧେ । ] ୨ । ସ୍ତ୍ରୀଙ୍କୁ ଦିଆଯିବା ନାମ—2. Name given to females.

ବେଲଅଠା—ଦେ. ବ—ବେଲ ଫଳ ମଧ୍ୟରେ ଥିବା ଅଠା—The gum found inside the Bael fruit.
Bela athā
বেলের আঠা

ବେଳ ଉଇଁ(ଦି)ବା—ପ୍ରାଦେ ( ସମ୍ବଲପୁର ) କ୍ରି—ସୂର୍ଯ୍ୟୋଦୟ ହେବା—Sunrise.
Bela uiñ(di)bā

ବେଳ ଉଣ୍ଡିବା—ଦେ କ୍ରି—ସୁବିଧାଜନକ ସମୟ ବା ସୁଯୋଗ ଅନ୍ୱେଷଣ କରିବା—To be on the look out for a suitable opportunity.
Bela undibā
সময় খোঁজা
(ବେଳ ଖୋଜିବା—ଅନ୍ୟରୂପ)

ବେଳ ଓ(ଉ)ତା—ପ୍ରାଦେ ( ବାଲେଶ୍ୱର ) ବ—ଓପରଓଳ, ଅପରାହ୍ଣ—Afternoon.
Bela o(u)tā

ବେଲ କରଡ଼ି—ଦେ. ବ—ବେଲ ଗଛର ଡାଳରୁ ବାହାରିଥିବା କୋମଳ ଗଣ୍ଡା—Tender shoots of a Bael-branch. [ ଉ—ବଗଡ଼ା ଅବା କେ ଅଣିଲ୍ଲ, ବେଲ କରଡ଼ି ଲୁଣ ଅଁଳା । ଜଗନ୍ନାଥ. ଗୁଣ୍ଡିଚ । ]
Bela karardi
বেলের কুঁড়ি

ବେଳ କାଳ——ଦେ. ବ—(ଯୁକ୍ତପଦ)—(ସ. ବେଳା + କାଳ)—
Bela kāla
୧ । ସମୟ—1. Time. [ ଉ—ଯ୍ରେମ ସୁଯୋଗ ସମୟ ବେଳକାଳ । କହୁଲେ ସବୁ ଏ ଯୁଗଳ । ଭୂପତି. ପ୍ରେମ-ପଞ୍ଚାମୃତ ।] ୨ । ଉପଯୁକ୍ତ ସମୟ—2. Proper time or moment. [ ଉ—ଏତ ବେଳ କାଳ ହୋଇ ଅଛି ତୋହର, ଏଥିରେ ବଳ ବନ୍ଧା ନ କରୁ ତୁମର । କୃଷ୍ଣସିଂହ. ମହାଭାରତ. ଉଦ୍ୟୋଗ ।]

ବେଳକୁ—ଦେ. ଅ—୧ । ଏକ ନିର୍ଦ୍ଦିଷ୍ଟ ସମୟରେ—1. At a fixed time. [ ଉ—ବର୍ଦ୍ଧିତ ବେଣୁ ନଳ, କଦଳୀ ଅବ ଫଳ, ବେଳକୁ ନାଶକୁ ଲଭନ୍ତି । ସାରକୃଷ୍ଣ. ରସକଲ୍ଲୋଳ । ] ୨ । ଭବିଷ୍ୟତରେ—2. In future.
Belaku
শেষে
अवसरमें

ବେଳକୁ ବେଳ—ଦେ. କ୍ରି. ବଣ—୧ । ସମୟାନୁକ୍ରମେ—1. As time passes by. ୨ । କ୍ରମେ କ୍ରମେ; କ୍ରମଶଃ—2. Gradually; from time to time.
Belaku bela
ক্রমে ক্রমে
(ବେଳ ବେଳକୁ; ବେଳୁଁ ବେଳ, ବେଳୁ ବେଳୁ—ଅନ୍ୟରୂପ)

ବେ ଲକ୍ଷ—ଦେ. ବଣ—(ଫା. ବେ + ସ. ଲକ୍ଷ)—ଯାହାର କୌଣସି ଲକ୍ଷ ବା ଉଦ୍ଦେଶ୍ୟ ନ ଥାଏ—Aimless; having no aim. ପ୍ରାଦେ. (ଗଞ୍ଜାମ) ବଣ—ମୂଲ୍ୟହୀନ—Valueless [ଯଥା—ତୋ ଆଖିରେ ମୁଁ ବେଲକ୍ଷ ଦିଶୁଛି କି ? ]
Be laksha
লক্ষহীন

ବେ ଲଗ୍—ଦେ. ବଣ—(ଫ. ବଲଗ୍ନ)—୧ । ଅସଲଗ୍ନ—1. Unattached; unconnected. ୨ । ପୃଥକ୍କୃତ—2 Separated.
Be lag
আলগা

ବେଲ ଗଡ଼ା(ଡ଼େ)ଇବା—ଦେ. କ୍ରି—୧ । ନିର୍ଦ୍ଧାରିତ ସମୟ ଅତିବାହିତ Bela gar̤dā(r̤de)ibā କରାଇବା—1. To let the সময় গড়ান fixed time pass. ୨ । ସମୟ ବୃଥା ବ୍ୟୟ କରିବା—2. To while away time.

ବେଲ ଗଡ଼ିବା—ଦେ. କ୍ରି—୧ । ନିର୍ଦ୍ଧାରିତ ସମୟ ଅତିକ୍ରାନ୍ତ ହେବା—Bela gar̤ḍibā 1. The passing of the fixed time. বেলা যাওয়া ୨ । ଛାଇ ଲେଉଟିବା; ଦ୍ୱିପ୍ରହର ବେଳ ଟପି ଯିବା—
ବେଲ ଯିବା / ବେଲ ଗୁଳିଯିବା } —ଅନ୍ୟରୂପ 2. The passing of noon; the sun's passing the meridian.

ବେଲ ଘଟିବା—ଦେ. କ୍ରି—୧ । କୌଣସି କାର୍ଯ୍ୟ ପାଇଁ ଯଥେଷ୍ଟ ସମୟ Bela ghaṭibā ଓ ଅବସର ମିଳିବା—1. To find time সময় আসা for doing a thing. ୨ । ପାଳି ପଡ଼ିବା—2. The arrival of one's turn.
ବେଲ ମିଳିବା, ବେଲ ହେବା, / ବେଲ ପଡ଼ିବା, ବେଲ ପାଇବା / ବେଲ ଅସିବା, ବେଲ ପଡ଼ିବା } —ଅନ୍ୟରୂପ

ବେଲଙ୍କ(ଙ୍ଗ)—ଦେ. ବି—ଯୁଦ୍ଧାସ୍ତ୍ରବିଶେଷ—Belaṅka(ṅga) A kind of war weapon.

ବେଲଜ(ଜ୍ଜ)ତ୍—ବିଦେ. ବଣ—(ଫା)—ସ୍ୱାଦହୀନ—Belaja(jja)t বেলজত बेलज्जत Tasteless; insipid.

ବେଲ(ଲା)ଜ୍ୟା—ଗ୍ରା. ବଣ—(ଫା. ବେ+ସ. ଲଜ୍ଜା)—୧ । ନିର୍ଲଜ୍ଜ; Bela(lā)jyā निर्लज्ज ଅଲଜୁକ—1. Shameless. [ବେଲଜୁକ (ପୁଂ—ଅନ୍ୟରୂପ] ୨ । ଲଜ୍ଜାଜନକ (କାର୍ଯ୍ୟ)—(ବେଲଜୁକୀ—ସ୍ତ୍ରୀ) 2. Shameful (etc).

ବେଲଣ—ଦେ. ବି—( ସ. ବେଷ୍ଟନ, ବେଲନ )—ରୁଟିକୁ ବେଲିବା Belaṇa বেলন କ୍ରିୟା—Act of rolling bread.

ବେଲଣା—ଦେ. ବି—(ସ. ବେଷ୍ଟନ, ବେଲନ)—୧ । ରୁଟି ବେଲିବା Belaṇā ନିମନ୍ତେ ପିଲୁଆ ଗୋଲ କାଠଖଣ୍ଡ—1. A paste-pin; বেলনা; বেলন্ बेलन a rolling pin. ୨ । ବେଲଣା ପେଡ଼ି (ଦେଖ)—2 Belaṇā per̤ḍi (See)

ବେଲଣା କାଠି—ଦେ. ବି—ଯେଉଁ କାଠର ଗୋଲିଆ ଦଣ୍ଡଦ୍ୱାରା ରୁଟି ବେଲା Belaṇā kāṭhi ଯାଏ—Rolling pin used in rolling বেলনা, বেলন बेलनी balls of kneaded bread.

ବେଲଣା ପେ(ପି)ଡ଼(ଢ଼ି)—ଦେ. ବି ( ସ. ବେଷ୍ଟନପୀଠ )—ଯେଉଁ କାଷ୍ଠ Belaṇā pe(pi)r̤ḍi r̤ḍhi) ଫଳକ ବା ପୀଠ ଉପରେ ମଇଦାର বেলনপীড়ি, বেলন চাকি ଗୁଳା ରଖି ବେଲଣା କାଠିଦ୍ୱାରା ରୁଟି बेलन पीढ़ी ବେଲାଯାଏ—A slab of plane wood (ବେଲଣା ଚକି—ଅନ୍ୟରୂପ) on which balls of kneaded bread are rolled into shape.

ବେଲ ଧରିବା—ଦେ. କ୍ରି ( ସ ବେଲ+ଧୃ ଧାତୁ )—ବିବାହାଦିର Bela dharibā ଉପଯୁକ୍ତ ମୁହୂର୍ତ୍ତ ବା ଲଗ୍ନ ଗଣନାଦ୍ୱାରା ସ୍ଥିର বেলা ধরা କରିବା—To ascertain the astrologically auspicious proper moment for marriage etc.

ବେଲନ(ଣ)—ସ. ବି ( ସ. ବେଲ୍ ବା ବେଲ୍ ଧାତୁ=ଚଞ୍ଚଳ ହେବା+Belana(ṇa) ଭାବ. ଅନ )—ରୁଟି ବେଲିବା—Rolling of cakes.

ବେଲ ପଣା—ଦେ. ବି ( ସ. ବେଲ୍ୱ+ପାନକ )—ପାଚିଲା ବେଲର Bela paṇā ଶସକୁ ପାଣିରେ ଗୋଳ ଛାଣିବାକୁ ହୁଏ; କନ ବା বেলের পানা ଚିନି ମିଶାଇ ଯେଉଁ ପ୍ରପାନକ ପ୍ରସ୍ତୁତ ହୁଏ ତାକୁ ବେଲପଣା କହନ୍ତି—Sweet drink made by mixing the kernel of ripe bael fruit in water and sweetening it.

ବେଲପତୁରି—ଦେ. ବଣ (ସ. ବିଲ୍ୱ+ପତ୍ର)—ବେଲପତ୍ରର ଗନ୍ଧବିଶିଷ୍ଟ—Belapaturi Smelling like Bael leaves ଦେ. ବି—বেলপাতার মতন ୧ । ବେଲ ପତ୍ର ( ଦେଖ )—Bela patra ( See ) ୨ । ଯେଉଁ ଆମ୍ବର ଗନ୍ଧ ବେଲପତ୍ରର ଗନ୍ଧ ପରି ଜଣାଯାଏ—2. Mango having the smell of bael leaves.

ବେଲ ପତ୍ର(ତ୍ରୀ)—ଦେ. ବି ( ସ. ବିଲ୍ୱ+ପତ୍ର )—୧ । ବେଲ ଗଛର Bela patra(trī) ପତ୍ର—1. Bael leaves. [ବୃ—ଏହାର বেলপাতা ଗନ୍ଧ ବଡ଼ ସୁନ୍ଦର, ଏହା ଔଷଧ ଓ ମହାଦେବଙ୍କ बेलपत्ता ଉପରେ ଦିଆଯାଏ । ] ୨ । ( ଲକ୍ଷଣାର୍ଥ ) ପ୍ରାର୍ଥୀ ବର ଲାଭ କରିବା ପାଇଁ ମହାଦେବଙ୍କ ମୁଣ୍ଡରେ ଅର୍ପଣ କରିବା ବେଲପତ୍ରି ପରି କାର୍ଯ୍ୟପ୍ରାର୍ଥୀ କାର୍ଯ୍ୟାଧ୍ୟକ୍ଷ ବ୍ୟକ୍ତିକୁ ଦେବା ବା ଭେଟିବା ଉତ୍କୋଚ ଅର୍ଥ—2. (Figurative) Bribe or presents given to one in authority for confering a post or doing some favour just as bael leaves are offered by votaries of Siba for obtaining some boon.

ବେଲପତ୍ରି ଚଢ଼ା(ଢ଼େ)ଇବା—ଦେ. କ୍ରି—୧ । ଶିବମୂର୍ତ୍ତି ଉପରେ ବେଲ Belapatri char̤ḍhā(r̤ḍhe)ibā ପତ୍ର ଅର୍ପଣ କରିବା—1. To বেলপাতা চড়ান put bael leaves on the image of Siba.
ବେଲପତ୍ରି ଦେବା / ବେଲପତ୍ରି ଲଗି କରିବା } ଅନ୍ୟରୂପ ୨ । (ଲକ୍ଷଣାର୍ଥ) କୌଣସି ବ୍ୟକ୍ତିଙ୍କୁ ଧନ ବା ଉପଢୌକନଦ୍ୱାରା ସନ୍ତୁଷ୍ଟ କରିବା—2. ( figurative; ironical ) To satisfy a person by money or other presents.

ବେଲ ପାଚିଲା, କୁଆର କି ଗଲା—( ରଗ; ନ୍ୟାୟ )—ବେଲ ଫଳ Bela pāchilā kuāra ki galā କଠିଣ ଆବରଣଦ୍ୱାରା ଆବୃତ বেল পাকলে কাকের কি ଥିବାରୁ ପାଚିଲା ବେଲ ଉପରର ସୁସ୍ୱାଦୁ ଶସ ଖାଇବାରେ କୁଆ ନିରାଶ ହୁଏ; ଏଥିରୁ ସ୍ଥଳରେ କୌଣସି ଅପ୍ରାପ୍ୟ ବସ୍ତୁ ସମ୍ବନ୍ଧେ ଲୋଭ ଆଶା ନ କରିବା ପାଇଁ ଏ ଉକ୍ତ ବୋଲାଯାଏ—An analogy from the fact that the crow does not rejoice when the bael fruits become ripe (as the crow cannot eat it on account of its hard rind).

ବେଲ ପାଣୁ—ଦେ. ବ—ପାଚିଲା ବେଲକୁ ପାଣିରେ ଚକଟି ଛାଣିଲେ Belapāṇu ସେଥିରୁ ବାହାରୁଥିବା ତନ୍ତୁମୟ ପଦାର୍ଥମାନ—The ବେলের ছিবড়ে fibrous substance got after mixing the kernel of ripe Baels with water.

ବେଲବତୀ କନ୍ୟା—ଦେ. ବ—କାହାଣୀରେ ବର୍ଣ୍ଣିତ ଶାପଗ୍ରସ୍ତା ସୁନ୍ଦରୀ Belabatī kanyā କନ୍ୟା—Name of a beautiful girl described in the folk-tales as having assumed the shape of a bael fruit on account of a curse. [ ଦ୍ର—ଶାପଗ୍ରସ୍ତା ହୋଇ ଏ କନ୍ୟା ବନସାକ ବେଲ ମଧ୍ୟରେ ଥାଏ; ଗ୍ରଜକୁ ବେଲ ମଧ୍ୟରୁ ବାହାରେ । ରାଜପୁତ୍ର ତାର ସୌନ୍ଦର୍ଯ୍ୟରେ ମୁଗ୍ଧ ହୋଇ ତାକୁ ବିବାହ କରି ଶାପମୁକ୍ତ କରିଥିଲେ । ]

ବେଲ ବୁଡ଼—ଦେ.ବ -ସୂର୍ଯ୍ୟାସ୍ତ; ସନ୍ଧ୍ୟା —Evening; sunset. Bela burḍa ସନ্ধ্যাবেলা

ବେଲ ବୁଡ଼ା(ଡ଼େ)ଇବା—ଦେ. କ୍ରି—କୌଣସି କାର୍ଯ୍ୟ କରବା ପୂର୍ବରୁ Bela burḍā(ṛde)ibā ସନ୍ଧ୍ୟା ହେବାର ଅବସ୍ଥା ଘଟାଇବା— সন্ধ্যা করা To prolong a work till evening.

ବେଲ ବୁଡ଼ିବା—ଦେ. ବ ସୂର୍ଯ୍ୟାସ୍ତ ହେବା; ସନ୍ଧ୍ୟା ହେବା—The Bela burḍiba setting of the sun. [ଉ—ଯହିଁ বেলা রতরত হওয়া ବେଲ ବୁଡ଼ଇ ତହିଁ ରହିଯାଏ । କୃଷ୍ଣଦାସ. ମହାଭାରତ, ବନ ।

ବେଲ ବୁଝା—ଦେ. ବଣ—ସମୟଜ୍ଞ; କାଳଜ୍ଞ—Knowing the Bela bujhā time. [ଉ—ବେଲବୁଝା ପାରିବତ ଜ୍ୟୋତିର୍ବିଦ যে সময় জানে ପ୍ରାୟେ । ଉଫ୍ଫ୍. ବୈଦେହୀଶବିଳାସ ।

ବେଲମା—ଗ୍ରାଦେ (ଗଞ୍ଜାମ) ବ—୧ । ନୀଚ ଜାତି ତାନ୍ତବିଶେଷ— Belamā 1. A class of low caste weavers. ୨ । (ବେଲମୀ—ସ୍ତ୍ରୀ) ବେଲମା (ଜାତି) ଙ୍କ ଦ୍ୱାରା ବୁଣା ଯାଇଥିବା ଲୁଗା— 2. Cloth woven by Belamā weavers.

ବେଲ ମୁ(ମୋ)ର(ରୁ)ବା(ବ୍ବା)—ଦେ. ବ—(ସ. ବିଲ୍ୱ+ଫା. ମୁରବ୍ବା)— Bela mu(mo)ra(ru)bā(bbā) ପାଚିଲା ବେଲର ଖୋଲ ଛଡ଼ାଇ ତା ଭିତର ଶସକୁ ଚେକା ଚେକା କରି କାଟି ଚିନି ପାଗରେ ସିଝି କରି ଭଣ୍ଡାର କରି ଯାଇଥିବା ରୁଚିକର ଓ ସ୍ୱାସ୍ଥ୍ୟପ୍ରଦ ମିଷ୍ଟାନ୍ନବିଶେଷ—Slices of the বেলের মোরবা बेलमुरब्बा kernel of ripe bael fruit preserved in sugar.

ବେ ଲମ୍ବରୀ—ବୈଦେ. ବଣ, (ଫା. ବେ+ଇଂ. ନମ୍ବର) ଯେଉଁ ଜିନିଷର Be lambarī ବା ବସ୍ତୁର ନମ୍ବର ନ ଥାଏ—Having no বেনম্বরী बेलम्बरी number or mark attached to it. (ବେଲମ୍ବରୀ ଅ—ଅନ୍ୟରୂପ)

ବେଲ(ଲି)ମ୍ବି—ଦେ. ବ—ଅବର୍ଣ୍ୟ ଫଳବିଶେଷ— Bela(li)mbi Averrhoa Bilimbar.

ବେଲ ଯିବା—ଦେ. ବ—୧ । ଦିବସର ଅବସାନ—1. The end of Bela jibā the day. ୨ । ନିରୂପିତ ସମୟ ଗଡ଼ିଯିବା— বেলা যাওয়া 2. The passing away of the fixed time.

ବେଲ ରତରତ—ଦେ. ବ—୧ । ସୂର୍ଯ୍ୟାସ୍ତ—1. Sunset. ୨ । Bela rata rata বেলা রতরত ମୁହଁ ସନ୍ଧ୍ୟା—2. Dark. (ବେଲ ରତା ମାଇବା—ଅନ୍ୟରୂପ)

ବେଲ ଶୁଣ୍ଠା—ଦେ. ବ—(ସ. ବିଲ୍ୱଶଲାଟୁ; ବିଲ୍ୱପେଶିକା)— Bela sunṭhā କଞ୍ଚା ବେଲକୁ କାଟି ତାହାକୁ ଔଷଧାର୍ଥ ବ୍ୟବହାର (ବେଲ ଶୁଣ୍ଠି—ଅନ୍ୟରୂପ) କରିବା ପାଇଁ ଶୁଖାଇ ରଖିଥିବା বেলশুঁঠ খণ্ডমান—Slices of raw bael fruit kept बेलगिरि dried up for medicinal purposes.

ବେଲସୁଁ(ହୁଁ)—ଦେ. ଅ—୧ । ଆଗରୁ; ପୂର୍ବରୁ—1. Beforehand. Belasuñ(huñ) ୨ । ସମୟ ଥାଉଁ ଥାଉଁ—2. When there আগে থেকে, বেলা বেলী is still time enough. आगाडी (ଉ—କାଳକେ ମୋର ବୋଲ କର, ବେଲହୁଁ ଗୋବିନ୍ଦ ସ୍ମର—ଜଗନ୍ନାଥ, ଭାଗବତ ।)

ବେଲ ହେବା—ଦେ ବ—୧ । କୌଣସି କାର୍ଯ୍ୟ ପାଇଁ ନିର୍ଦ୍ଧାରିତ ସମୟ Bela hebā ବା ମୁହୂର୍ତ୍ତ ଉପସ୍ଥିତ ହେବା—1. The arrival সময়[বেলা]হওয়া of the fixed or proper moment वख्त होना for the doing of an act. ୨ । କୌଣସି କାର୍ଯ୍ୟ ପାଇଁ ଅବସର ମିଳିବା—2. Getting of leisure for doing a work. ୩ । ସକାଳଠାରୁ କ୍ରମଶଃ ଦିବସର କାଳ ଅଗ୍ରସର ହେବା—3. Advance of the day from morning.

ବେଲା—ସ. ବ (ବେଲ ଧାତୁ—ଚଞ୍ଚଳ ହେବା+କର୍ତ୍ତୃ. ଅ+ସ୍ତ୍ରୀ. ଆ)— Belā ୧ । ବେଲ; ସମୟ; କାଳ—1. Time. ୨ । ଋତୁ—2. Season. ୩ । ଦିବସ; ଦିବାଭାଗ—3. Day. time. ୪ । କାଳବିଭାଗ—4. Division of time. ୫ । ଇଂରେଜୀ ଏକ ଘଣ୍ଟା ପରିମିତ କାଳ; ହୋରା; (ଚବିଶ ବେଲାର ଅହୋରାତ୍ର ପ୍ରଭୃତିରେ )—5. A period of one hour. ୬ । ଅବସର—6. Leisure. ୭ । ସୁବିଧା; ସୁଯୋଗ—7. Opportunity; opportune moment. ୮ । ସୀମା—8. Limit. ୯ । ସମୁଦ୍ର—9. The sea. ୧୦ । ରାଗ; ରସ—10. Juice; humour; passion. ୧୧ । କୂଳ ବା ସମୁଦ୍ରର ତୀର—11. Shore. ୧୨ । ଜଳ—12. Water. ୧୩ । ଜୁଆର ଭଟ୍ଟା—13. Tide; ebb and flow tide. ୧୪ । ମର୍ଯ୍ୟାଦା—14. Respect; honour. ୧୫ । ବାକ୍—15. Word. ୧୬ । ପୀଡ଼ା—16. Illness. ୧୭ । ହଠାତ୍ ମୃତ୍ୟୁ—17. Sudden death. ୧୮ । ବୁଦ୍‌ବୁଦ—18. Bubble. ୧୯ । ରକ୍ତଫଳବିଶେଷ—19. A kind of red fruit. ୨୦ । ବୁଧଗ୍ରହଙ୍କ ଭାର୍ଯ୍ୟା—20. Name of the wife of planet Mercury. ୨୧ । ଦିନମାନର ଅଠଭାଗରୁ ଏକଭାଗ; ପ୍ରାୟ ୩ ଘଣ୍ଟା ( ହ୍ର. ଶ )—21. A period of about 3 hours. ୨୨ । ରୋଗ; ବେମାର ( ହ୍ର. ଶ )—22. Illness;

disease. ଦେ. ବି—୧ । ଦିବସର ପୂର୍ବାର୍ଦ୍ଧ ବା
বেলা ପରାର୍ଦ୍ଧ; ପୂର୍ବାହ୍ଣ ବା ପରାହ୍ଣ; ଓଳି—1. Half of the day-time; forenoon or afternoon. (ଯଥା—ସକାଳ ବେଳା, ଉପର ବେଳା)—୨ । କୌଣସି କାର୍ଯ୍ୟ କରିବାର ଉପଯୁକ୍ତ ସମୟ—2. Fit or proper time for the doing of a particular act.

ବେଲ୍ଲା—ଦେ. ବି—୧ । କଂସା—1. Bowl. [ ଉ—ପଖାଳ
Belā କଁସା ବେଲ୍ଲାରେ ନେଇ ମୁହଁ ଭୁବାଇ ଦେଲେ × ×
বেলা बेलना ଗାଳି ଦିଏ । ଫକୀରମୋହନ. ଛମାଣ ଆଠଗୁଣ୍ଠ ।]
୨ । ବଡ଼ କାଂସ୍ୟ ପାତ୍ର—2. A big bell metal dish. ୩ । ରୁଟି ବେଲିବା କର୍ମ—3. The act of rolling flour paste into rolls. ବୈଦେ.
বেল बेला ବି. (ଫା)—ମଲ୍ଲୀ ଫୁଲ—Jasmine. ପ୍ରାଦେ. (ସମ୍ବଲପୁର) ବି—ବେଳା; ସମୟ—Time.

ବେଲ୍ଲାଏ(ୟ)କ୍—ବୈଦେ. ବିଣ—ଫା.—ବେନାଏକ୍ (ଦେଖ)—
Belāe(ya)k Benāek (See)

ବେଳା ଓଟା—ପ୍ରାଦେ. (କଟକ) ବି—ଉପର ବେଳା; ଉପର ଓଳି—
Beḻā otā Afternoon.

ବେଳା କୂଳ—ସଂ. ବି—(ବେଳା=ଜୁଆର+କୂଳ=ତୀର)—ତାମ୍ରଲିପ୍ତ
Beḻā kūḻa ବା ତମଲୁକ ଦେଶ—Tamluk in Midnapur.

ବେଳା ଜ୍ୱର—ସଂ. ବି—(ମ. ପ. ଲୋ)—ମରିବା ବେଳେ ମୁମୂର୍ଷୁକୁ
Beḻā jwara ଆକ୍ରମଣ କରିବା ଜ୍ୱର (ହ. ଷ)—Fever which attacks a person just before his death.

ବେଲାତି—ପ୍ରାଦେ. (ବସ୍ତର) ବି—ପିଜୁଳି; ଘୃହୁଳଅ—
Belāti Guava.

ବେଲାଦାନି—ପ୍ରାଦେ. (ଗଡ଼ଜାତ) —ଯୁଦ୍ଧୋପକରଣ ବିଶେଷ—
Belādāni A kind of material required for fighting. [ଉ—ବେଲା ଦାନି ନାନା ସଜ, ସବୁ ଜାଣି ଭୂଲ୍ ବନାଇ ବାହାର ହୋଇଲେ ବଳବନ୍ତ । ବ୍ରଜନାଥ. ସମରତରଙ୍ଗ । ]

ବେଳାଧିପ—ସଂ. ବି. (୬ଷ୍ଠୀ ତତ୍) (ଫଳିତ ଜ୍ୟୋତିଷ)—ଦିନମାନର
Beḻādhipa ଏକାଦିକ୍ରମେ ଆଠ ଭାଗକୁ ପ୍ରତ୍ୟେକ ଭାଗର ଅଧିପତି
ବେଳାଧିପତି / ବେଳାଧୀଶ / ବେଳାଧୀଶ୍ୱର } ଅନ୍ୟରୂପ ଗ୍ରହ—(astrology) The planet said to preside over every succeeding 3 hours of each week day. [ଦ୍ର—ରବି, ଶୁକ୍ର, ବୁଧ, ଚନ୍ଦ୍ର, ଶନି, ବୃହସ୍ପତି ଓ ମଙ୍ଗଳ, ଏହି କ୍ରମରେ ଗ୍ରହମାନେ ବେଳାଧିପ ହୁଅନ୍ତି; ଯେଉଁ ଦିନ ଯେଉଁ ବାର ହୁଏ ସେହି ଦିନ ପ୍ରଥମ ୩ ଘଣ୍ଟା ସେହି ନାମଧାରୀ ଗ୍ରହ ବେଳାଧିପ ହୁଅନ୍ତି, ତତ୍ପରେ ଉପରୋକ୍ତ କ୍ରମ ଅନୁସାରେ କ୍ରମଶଃ ପରବର୍ତ୍ତୀ ଗ୍ରହମାନେ ବେଳାଧିପ ହୁଅନ୍ତି । ହ. ଷ]

ବେଲାବ(ବା)ଳି—ଦେ. ବି. ୧ । ( ସଂ. ବେଲାଳ+ବଳି )—
Belāba(bā)ḻi ମହାଭାରତୋକ୍ତ ଅସୁରବିଶେଷ—1. Name
बेलाबलि of a demon mentioned in the Mahābhārata. ୨ । (ସଂ. ବେଲାବଳ) ସଙ୍ଗୀତର ରାଗବିଶେଷ; ହିନ୍ଦୋଳ ରାଗର ସ୍ତ୍ରୀ (ହ. ଷ)—2. Name of a secondary musical tune.

ବେଳା ବେଳି—ଦେ. କ୍ରି. ବିଣ—୧ । ଶୀଘ୍ର—1. Soon.
Beḻā beḻi ୨ । ଆଗରୁ—2. Earlier.
বেলাবেলী (ଉ—କହୁଛି ଏବେହେଁ ବେଳାବେଳି ଲେଉଟ ।
जल्दी ପାଳକୃଷ୍ଣ ରସକଲ୍ଲୋଳ ।)

ବେଲା ବେଲି—ଦେ. ବି. (ସହଚର)—ରୁଟି ବା ପିଠା ବେଲିବା କାର୍ଯ୍ୟ—
Belā beli The act of rolling flour-paste into
বেলাবেলী cakes and bread.

ବେଳା ଭୂମି—ସଂ. ବି—ସମୁଦ୍ର କୂଳ—
Beḻā bhūmi Sea-shore.

ବେଲାର—ପ୍ରାଦେ. (ଭୁଜଙ୍ଗ ଅବ ତଳମାଳ) ବି—ଗୃହଅଟେଡ଼ ଏସ୍ତ ବା
Belāra ବାଲୁକୂଦବେଷ୍ଟିତ ସମୁଦ୍ର ଉପକୂଳବର୍ତ୍ତୀ ଚାଷ ଜମି—Arable land in the sea coast surrounded by sand-dunes.

ବେଲାଳ—ସଂ. ବି—ମହାଭାରତୋକ୍ତ ଅସୁରବିଶେଷ—
Belāḻa Name of a demon mentioned in the Mahābhārata.

ବେଳାସ୍ତ—ଦେ. ବି. ( ସଂ ବେଳ+ଅସ୍ତ)—ସୂର୍ଯ୍ୟାସ୍ତ; ସନ୍ଧ୍ୟା—
Beḻāsta Evening; sunset.
(ଉ—ବେଳାସ୍ତ ହେବାର ଜାଣି ମେଲାଣି ହେଲୁଁ । ଉପ. ବୈଦେହୀଶବିଳାସ ।)

ବେଲି—ଦେ. ବି. (ବେଲ୍ ଧାତୁ—ଚଞ୍ଚଳ ହେବା; ସଂ. ବେଲ ହଳ—
Beli ହେଳନାପସ୍ତ; ତମ୍ପା ସଂ. ବାଲୀକ)—୧ । ପରିହାସ;
বেলেল্লাগিরি, বেলী ଥଟ୍ଟା—1. Jesting. ୨ । ରଙ୍ଗ; ଛଳ;
বেলকাম କୌତୁକ—2 Trick; sport; amusement. ୩ । ଢଙ୍ଗ—3. Mode; manner. (ଉ—ଯେଉଁ କାଳେ ଯେଉଁ ଯୋଗ ମୁଁ ଆଶା କରେଁ, ସେ କାଳରେ ଘୃଳଇ ସେ ସୁଖ ବେଲିରେ । କୃଷ୍ଣସିଂହ. ମହାଭାରତ ଅଶ୍ୱମେଧ ।) ୪ । ଛଟା ପାରିବା—4. Feigning. ୫ । ରସିକତା—5. Gallantry. ୬ । ମିଥ୍ୟାକଥା—6. False words. ୭ । ଛୋଟ ବେଲା ବା କଂସା—7. Small metal bowl. [ଦ୍ର—ବଙ୍ଗଳା 'ବେଲ୍ଲା'ର ଅର୍ଥ ସକହୁଡ଼ା ଥାଳୀ ।]

ବେଲିଆ(ହା)—ଦେ. ବିଣ. ପୁଂ—୧ । ବେହେଲ; ଥଟ୍ଟାଳିଆ—1.
Beliā(hā) Jestive; sportive. ୨ । ଯେ ଛଟା ପାଲେ
[ବେଲେଇ(ଣୀ)—ସ୍ତ୍ରୀ] —2. Feigning. ୩ । ରସିକ—
বেলেল্লা; বেল্লিক; রসিক 3. Gallant.

ବେଲି କରିବା—ଦେ. କ୍ରି—୧ । ଛଟା ପାରିବା—1. To feign.
Beli karibā [ ଉ— × × × ଅସୁର ବେଲି କରୁଚୁ,

ଭାନ କରା ଲୋକର ଗାଲରେ ପଶିବୁ ? ଋଦାର. ଋତୁମାଳୀ । ]
ବେଲ ଗାଡ଼ିବା, ବେଲ ଖେଳବା, ବେଲ ଦେଖା(ଖୋ)ଇବା, ବେଲ
ହେବା, ବେଲ ବାହାର କରିବା—ଅନ୍ୟରୂପ

ବେଲିକା—ସ. ବି—ନଦୀ ତଟର ନିକଟବର୍ତ୍ତୀ ପ୍ରଦେଶ ( ହି. ଶ )—
Belikā Land adjoining the bank of a river.

ବେଲିଙ୍ଗ (ଙ୍ଗି) ବାଉଁଶ—ଦେ. ବି—ଭେଲିଙ୍ଗ ବାଉଁଶ ସରୁ ଜାତୀୟ
Beliṅg(ṅgi) bāuṅsa ବାଉଁଶ (ବାଉଁଶ ତଳେ ଦେଖ)—
বেলড় বাঁশ A slender species of Bamboo.

ବେଲିବା—ଦେ. କ୍ରି ( ସ. ବେଲ୍ ଧାତୁ )—ମଇଦାର ଗୋଲକୁ ବେଲଣା-
Belibā ଦ୍ୱାରା ବଳିବା—To roll dough into bread.
বেলা बेलना

ବେଲିହା—ପ୍ରାଦେ ( ସମ୍ବଲପୁର ) ବି - ବେଲି ( ଦେଖ )—Beli
Belihā ( See ) ଦେ. ବିଣ—ବେଲିଆ ( ଦେଖ )—
Beliā ( See )

ବେ ଲିହା(ଆ)ଜ୍(ଜି)—ଦେ. ବି ( ଫା. ବେ+ଲିହାଜ୍=ସ୍ମରଣ )—
Be lihā(ā)j(ji) ୧ । ବିସ୍ମରଣ—1. Forgetting. ୨ ।
বেআন্দাজ ଅଟକଳର ଅଭାବ; ବେଅନ୍ଦାଜ—2. Want of
बेंअंदाज idea of proportion. ଦେ. ବିଣ—୧ ।
(ବେଲିହାଜିଆ—ଅନ୍ୟରୂପ) ଯେ ପାଶୋରି ପକାଏ—1.Forgetful. ୨ । ଯାହାର ଅଟକଳର ଜ୍ଞାନ ନାହିଁ—2.
Having no sense of proportion.

ବେଲୁ(ଲୁଁ)—ଦେ. କ୍ରି. ବିଣ—୧ । ଆଦ୍ୟରୁ; ପ୍ରଥମରୁ—1. From
Belu(luṅ) the beginning. [ ଉ—ବ ହୁଗାବ ଦେବା
আগেথেকে ବେଲୁ ଜାହା ଭାବ । ରାଧାନାଥ. ଦରବାର । ]
पहलेसे ୨ । ପୂର୍ବରୁ—2. From before.
ବେଲୁପୁ(ପୁଁ), ବେଲୁନୁ—ଅନ୍ୟରୂପ

ବେଲୁନ୍—ବୈଦେ. ବି ( ଇଂ. ବେଲୁନ୍ )—ବ୍ୟୋମଯାନ—
Belun Balloon.

ବେଲୁଚି—ବୈଦେ. ବିଣ ( ଫା )—ବେଲୁଚିସ୍ତାନ ସମ୍ବନ୍ଧୀୟ—
Beluchi Beluchi; relating to Beluchistan.
বেলুচী ବି—ବେଲୁଚିସ୍ତାନବାସୀ—A Beluchi; a person
बेलुची of Beluchistan.

ବେଲୁଚିସ୍ତା(ସ୍ଥା)ନ୍—ବୈଦେ. ବି ( ଫା )—ଅଫଗାନିସ୍ତାନର ଦକ୍ଷିଣରେ
Beluchistā(sthā)n ଥିବା ଇଂରାଜାଧିକୃତ ଦେଶ—
বেলুচিস্তান बेलुचिस्तान Beluchistan.

ବେଲୁ(ଲୋ)ରି—ଦେ. ବି—୧ । ବିଲୋର (ଦେଖ)—Bilori (See)
Belu(lo)ri ୨ । ଖଟରେ ବୁଣାଯିବା ଫିତା; ଲେବାରୁ—
(ବେ. ଲରି—ଅନ୍ୟରୂପ) 2. Tape woven on a bedstead.
লেবার ପ୍ରାଦେ ( ଭଦ୍ରକ ) ବି—ଲଣ୍ଠନ୍—Lantern.
लेबार

ବେଲୁ(ଲେ)ରି ଖଟ—ଦେ. ବି—ଲେବାରବୁଣା ଖଟ—
Belu(le)ri khata A bedstead woven with tapes.
লেবারবোনা খাট लेबारका खटिया

ବେଲେ—ଦେ. ଅ—୧ । ଦିନରେ ଥରେ;ଓଳେ—1. Once during
Bele the day. [ ଉ—ବ୍ରହ୍ମଚର୍ଯ୍ୟ କରଣ ବେଲେ ଭାତ
একবেলা ଖାଇ । କୃଷ୍ଣସିଂହ. ମହାଭାରତ. ବନ । ] ୨ ।
बार ଥର—2. Time. [ ଉ—କେତେ ଥର ବେଲେ ତାଙ୍କୁ
ଦର୍ଶନ କରିବା । ଗୁରୁଭକ୍ତ ଗୀତା । ] ଦେ. କ୍ରି.
ବିଣ—ଥରେ—Once. [ ଉ—ବୋଲ—ବାକ୍ୟ ଭୁ
ଲିଙ୍ଗ ଅଛୁ ବେଲେ । ଉପେ. ବୈଦେହୀଶବିଳାସ । ]

ବେଲେକ—ଦେ. କ୍ରି ବିଣ—ଥରେ ମାତ୍ର—Once only.
Beleka একবার पेकदफा

ବେଲେକେ—ଦେ. କ୍ରି. ବିଣ—ଥରକେ—At a time.
Beleke একবারে

ବେଲେ ବେଲେ—ଦେ. ଅ—ସମୟ ସମୟରେ—At times; occasionally.
Bele bela বারেবারে एकएक दफा

ବେଲେଶ୍ୱର—ଦେ. ବି—ପୁରୀଠାରୁ ଆଠ ଦଶ କୋଶ ଦୂରବର୍ତ୍ତୀ ସମୁଦ୍ର
Beleśwara କୂଳରେ ଥିବା ବେଲେଶ୍ୱର ନାମକ ଗ୍ରାମ ଓ ତହିଁରେ
ପ୍ରତିଷ୍ଠିତ ଶିବଲିଙ୍ଗ—Name of village and the
image of Śiba on the sea-shore 8 or 10
miles from the town of Puri. ବେଲେଶ୍ୱରେ ଦବ୍ୟ
(ଉ—ସୁଯୋଗ ଜାଣି ଯାଇଲେ ବାଣ । ରାଧାନାଥ. ଚନ୍ଦ୍ରଭାଗା ।)

ବେଲ୍ଲ (ଧାତୁ)—ସ.—୧ । ଚଞ୍ଚଳ ହେବା—1. To be restless. ୨ ।
Bell(root) ଗତି କରିବା—2. To move.

ବେଲ୍ଲ—ସ. ବି—(ବେଲ୍ଲ ଧାତୁ=ଚଞ୍ଚଳହେବା+ଭାବ. ଅ)—୧ ।
Bella ଗମନ; ଗତି—1. Going; motion. ୨ । ସଞ୍ଚାଳନ;
କମ୍ପନ—2. Shaking. ୩ । ବିଡ଼ଙ୍ଗ (ଦେଖ)—
3. Birdanga (see)

ବେଲ୍ଲଜ—ସ. ବି (ବେଲ୍ଲ+ଜନ୍ ଧାତୁ=ଜନ୍ମିବା+କର୍ତ୍ତୃ. ଅ)—
Bellaja ଗୋଲମରିଚ—Black pepper.

ବେଲ୍ଲନ(ଣ)—ସ. ବି—(ବେଲ୍ଲ ଧାତୁ=ଚଞ୍ଚଳ ହେବା+ଭାବ. ଅନ)—
Bellana(ṇa) ୧ । ଲୁଣ୍ଠନ; ଭୂଇଁରେ ଗଡ଼ିବା—1. Wallowing. ୨ । ଚଳନ — 2. Moving. ୩ ।
ସଞ୍ଚାଳନ; ଦୋଦୋଳିବା—3. Rocking. ୪ । କମ୍ପନ
4. Shaking; vibration ୫ । ବେଲଣା—
5. Roller used in making pastry cakes.

ବେଲ୍ଲହଳ—ସ. ବି—(ବେଲ୍ଲ ଧାତୁ=ଚଞ୍ଚଳ ହେବା+ଅହଳ)—୧ ।
Bellahala ଲମ୍ପଟ; କାମୁକ—1. A lecher. ୨ । ନାଗର—
2. Gallant.

ବେଲ୍ଲି—ସ. ବି—(ବେଲ୍ଲ ଧାତୁ=ଚଞ୍ଚଳ ହେବା+ଇ)—୧ । ବଲ୍ଲୀ;
Belli ଲତା—1. Creeper. ୨ । ମଲ୍ଲୀଫୁଲ—2. Jasmine;
Arabian jasmine.

ବେଲ୍ଲିକା—ସ. ବି ପୋଇ ଶାଗ; ଉପୋଦକା—
Bellikā A kind of creeper used as pot-herb.

ବେଲ୍ଲିତ—ସ. ବିଣ—(ବେଲ୍ଲଧାତୁ=ଚଞ୍ଚଳ ହେବା+କର୍ମ. ତ)—୧ ।
Bellita ବକ୍ର; କୁଟିଳ—1. Curved; bent. ୨ । କମ୍ପିତ—
2. Shaken; vibrating. ୩ । କମ୍ପିତ—

3. Attached; surrounded. [ଉ—ଚୋଳଗୁଣ୍ଡ ଜିବ ଚାହିଁ ଅପଣିଣ, ଖିଜାସୁନ୍ଧ ଘନ ଚହଁଟେ ବେଷ୍ଟିତ । ସ୍ୱଧାନାଥ, ମହେନ୍ଦ୍ରଗିରି ।] ୪ । ଦୋଳିତ—4. Waved. ୫ । ଲୁଣ୍ଠିତ—5. Wallowing. ସ. ଡ—(ବେଲ୍ଲ ଧାତୁ+ଭାବ.ତ)—୧ । ଚଳନ—1. Moving. ୨ । ଦୋଳନ—2. Waving. ୩ । ଲୁଣ୍ଠନ—3. Wallowing.

ବେଶ୍—ବୈଦେ. ଵଣ—(ଫା. ବେଶ୍)—୧ । ଅଚ୍ଛା; ଭଲ; ଉତ୍ତମ—
Beś 1. Good. ୨ । ଶ୍ରେଷ୍ଠ; ଉତ୍କୃଷ୍ଟ—2. Excellent.
বেশ ৰেশ ୩ । ପ୍ରଶଂସନୀୟ—3. Praiseworthy. ୪ । ପ୍ରଚୁର; ବହୁତ—4. Much; great. ୫ । ସୁନ୍ଦର—5. Beautiful; charming. କ୍ରି. ଵଣ—୧ । ଅଚ୍ଛା—1. Well. ୨—ଉତ୍ତମରୂପେ—2. Goodly. ୩ । ପ୍ରଚୁର; ଅତ୍ୟନ୍ତ—3. Greatly; much. ଅ—(ଅନୁମୋଦନାର୍ଥକ) ଭଲ ହେଲା—Well done !

ବେଶ୍ କଥା—ଦେ. ବ—(ଫା. ବେଶ୍+ସ. କଥା)—ଭଲ କଥା;
Beś kathā ଅଚ୍ଛା କଥା—Good matter.
বেশকথা अच्छा बात

ବେଶ୍ କରିବା—ଦେ. କ୍ରି—୧ । ଆପଣା ମନ ମୁତାବକ କାମ କରିବା—
Beś karibā 1. To act according to one's free
বেশ করা अच्छा करना will. ୨ । ଭଲକାର୍ଯ୍ୟ କରିବା—2. To do well. ୩ । ଉତ୍ତମରୂପେ ଆପଣା ଉପରେ ନ୍ୟସ୍ତ କାର୍ଯ୍ୟ ନିର୍ବାହ କରିବା—3. To conduct one self creditably.

ବେଶ୍ ଚାରିପଇସା—ଦେ. ବ—(ଫା. ବେଶ୍+ସ୍ୱର ପଇସା)—ଉତ୍ତମ
Beś chāripaisa ଅର୍ଥ ଲାଭ—Good cash gain or
বেশ চারপয়সা अच्छा दोपैसा profit.

ବେଶ୍ ଚେହେରା—ବୈଦେ. ବ.—(ଫା. ବେଶ୍+ଚେହେରା)—
Beś cheherā ସୁନ୍ଦର ବା ମନମୋହକର ରୂପ—
বেশ চেহারা बेश चेहेरा A charming appearance.

ବେଶ(ଷ)—ସ. ବ—(ବିଶ୍ ଧାତୁ=ପ୍ରବେଶ କରିବା+ଅଧି. ଅ; ବିଷ୍
Beśa (sha) ଧାତୁ=ବ୍ୟାପିବା+କର୍ତ୍ତୃ. ଅ)—୧ । ସଜା; ପୋଷାକ—1. Dress; guise; garb; toilette. ୨ । ବସ୍ତ୍ରାଲଙ୍କାରାଦିଦ୍ୱାରା ସଜ୍ଜୀକରଣ ହେବା—2. Act of dressing; decoration. ୩ । ବେଶ୍ୟାପଲ୍ଲୀ; ବାରସାହି—3. Prostitute's quarter. ୪ । ବେଶ୍ୟାଳୟ—4. Whore house; a house of ill fame. ୫ । ଗୃହ—5. House. ୬ । ବସ୍ତ୍ରଗୃହ; ତମ୍ବୁ (ହି.ଶ)—6. Tent. ୭ । (+ଭାବ.ଅ) ପ୍ରବେଶ—7. Entrance. ଦେ. ବ (ସ. ବେଷ, ବେଶ)—୧ । ଯାତ୍ରାରେ
বেশ ବା ଅଭିନୟରେ ନାଟ୍ୟକାରମାନେ ପିନ୍ଧିବା ପୋଷାକ—
भेष 1. Garb worn by actors and dancers. ୨ । ଚିତ୍ର—2. Painting. [ଉ—ରଚ ବଚନ ବେଶରେ ଲୁଚ ଦେଇରେ । ଭକ୍ତ. ପ୍ରେମସୁଧାନିଧି ।] ୩ । ଚେହେରା—3. Appearance. [ଉ—ଏ ବଡ଼ଳ ବେଶେ କେହିଁ ରୂପେ ପୁଣି ଜୁଲୁକୁ ଏଡ଼େ ଅଭୁରେ । ସ୍ୱଧାନାଥ ପାର୍ବତୀ] ୪ । ଯାହା ଉପଲକ୍ଷରେ ଉତ୍ସବ ଅବସର ଭଳ ଭଳ ସମୟରେ ଦେବବିଗ୍ରହଙ୍କର ଭଳ ଭଳ ସଜା—4. Different garbs or dresses put on deities on different festive occasions or during different periods of the day and night. [ଉ—ଯେଉଁ ସଜା ବା ବେଶକୁ ସାଧାରଣ ଯାତ୍ରୀମାନେ ଦର୍ଶନ କରିପାରନ୍ତି । ଯଥା—ଜଗନ୍ନାଥ ମହାପ୍ରଭୁଙ୍କର ମଦନମୋହନ ବେଶ, ଗିରଧାରୀବେଶ, ନଟବରବେଶ, ବଡ଼ସିଂହାର ବେଶ, ନବଯୌବନବେଶ, ସାକ୍ଷୀଗୋପାଳଙ୍କର ଚନ୍ଦନବେଶ ।] ଦେ. ଵଣ—ସୁବେଶରେ ସଜ୍ଜିତ—Fitted up with dainty dress and ornaments. (ଉ—ବେଶ ନୋହୁ ବେଳେ ଏ ବେଶେ ଭୂମି ପାଶେ, ନ ଯିବ ତାହାଙ୍କର ମନକୁ ଯେ ଅଶେ । କୃଷ୍ଣସିଂହ, ମହାଭାରତ. ବନ ।]

ବେଶକ୍—ବୈଦେ. ଵଣ (ଫା)—୧ । ନିର୍ଭୀକ—1. Fearless. ୨ ।
Be śak ନିଃସନ୍ଦେହ—2. Doubtless; free from doubt.
বেশক କ୍ରି. ଵଣ—୧ । ନିସ୍ସଂଶୟଭାବରେ—1. Fearlessly.
बेशक ୨ । ନିଶ୍ଚିତଭାବରେ—2. Doubtlessly. ୩ । ଅବଶ୍ୟ; ଅଲବତ୍—3. Certainly.

ବେଶକ—ସ. ଵଣ. ପୁଂ (ବିଶ୍ ଧାତୁ=ପ୍ରବେଶ କରିବା+କର୍ତ୍ତୃ. ଅକ)—
Beśaka ପ୍ରବେଶକାରକ; ପ୍ରବେଶକାରୀ—Entering. ସ. ବ—(ବେଶିକା—ସ୍ତ୍ରୀ) (ବିଶ୍ ଧାତୁ+କର୍ମ ବା ଅଧିକରଣ. ଅକ) ଗୃହ—House.

ବେଶ କରିବା—ଦେ. କ୍ରି—ଅନ୍ୟ ବ୍ୟକ୍ତିକୁ ସଜ୍ଜିତ କରିବା—To
Beśa karibā dress up a person; to decorate; to
বেশ করা भेश करना fit up with dress.

ବେଶ କାରକ—ସ. ଵଣ ଓ ବି. ପୁଂ (ବେଶ+କାରକ)—ଯେ କୌଣସି
Beśa kāraka ବ୍ୟକ୍ତିର ବେଶବିନ୍ୟାସ କରେ—Decorator;
[ବେଶକାରୀ—ଅନ୍ୟରୂପ] a person who dresses up other people.
ବେଶ କାରିକା } —ସ୍ତ୍ରୀ
ବେଶକାରିଣୀ }

ବେଶ ଧରିବା—ଦେ. କ୍ରି—ବେଶ ପରିଧାନ କରିବା; କୌଣସି ବେଶରେ
Beśa dharibā ସଜ୍ଜିତ ହେବା—To put on a garb
বেশ ধ(প)রা भेश पहरना or dress; to a sume a garb.
(ବେଶ ପକାଇବା—ଅନ୍ୟରୂପ)

ବେଶ ଧାରକ—ସ. ଵଣ. ପୁଂ (ବେଶ+ଧାରକ)—୧ । ଯେ ବେଶରେ
Beśa dhāraka ସଜ୍ଜିତ ହୋଇଥାଏ—1. Dressed up. ୨ । (ବେଶଧାରୀ—ଅନ୍ୟରୂପ) କୌଣସି ବେଶରେ ସଜ୍ଜିତ—2. Assuming the garb of. ୩ । କପଟବେଶଧାରୀ—3. Wearing a mask or disguise.
ବେଶଧାରିକା } —ସ୍ତ୍ରୀ
ବେଶଧାରିଣୀ }
ସ. ବ—ଇନ୍ଦ୍ରଜାଲୀ—1. An

imposter. ୨ । ବହୁରୂପୀ—2. The wearer of a mask or disguise.

ବେ ଶଙ୍ଖୁଡ଼ି—ଦେ. ବିଣ—ଜଳଶଙ୍ଖୁଡ଼ି; ଯେଉଁ ଖାଦ୍ୟପଦାର୍ଥ ଜଳଦ୍ୱାରା ସିଦ୍ଧ
Be sankhurdi ନହୋଇ ନ ଥାଏ—( food ) Not boiled in water.
যে শংকড়ীময়

ବେଶଙ୍ଖୁ(ଙ୍ଖୋ)ଲା—ଦେ. ବିଣ—ଅନିମନ୍ତ୍ରିତ—
Be sankhu(nkho)lā অনিমন্ত্রিত Uninvited.

ବେଶଧର—ସଂ. ବିଣ. ପୁଂ (ବେଶ+ଧୃ ଧାତୁ+କର୍ତ୍ତୃ. ଅ)—୧ । ଅମୁକର
Besadhara ବେଶ ଧାରଣକାରୀ—1. Assuming the garb of. ୨ । ଛଦ୍ମବେଶୀ—2. Wearing a mask. ବି—୧ । ଛଦ୍ମବେଶଧାରୀ—1. The wearer of a mask. ୨ । ଭଣ୍ଡ ତପସ୍ୱୀ—2. An imposter; a wicked person assuming the garb of a recluse. ୩ । ଜୈନ ସମ୍ପ୍ରଦାୟବିଶେଷ (ହି. ଶ)—3. A sect of Jainas. ୪ । ଧର୍ମଶାସ୍ତ୍ରରେ ବର୍ଣ୍ଣିତ ସଙ୍କର ଜାତିବିଶେଷ (ହି.ଶ)—4. A hybrid caste mentioned in the Hindu mythologies.

ବେଶଧାରକ, ବେଶଧାରୀ } ଅନ୍ୟରୂପ
ବେଶଧରୀ, ବେଶଧାରିକା, ବେଶଧାରିଣୀ } —ସ୍ତ୍ରୀ

ବେଶନ—ଦେ. ବି (ସଂ. ବେଶ)—ବେଶ (ଦେଖ)—Besa (See)
Besana (ଉ—ମାଣ୍ଡୁଆବସ୍ତ୍ର ଅଲଙ୍କାର ନାନାବିଧ ଅଣି କରନ୍ତି ବେଶନ । ପ୍ରତାପ. ଶଶିସେଣା । )

ବେଶନ୍ତ—ସଂ. ବି-(ବିଶ୍ ଧାତୁ=ପ୍ରବେଶ କରିବା+ଅଧିକରଣ. ଅନ୍ତ)—
Besanta ୧ । ପଲ୍ୱଲ; କ୍ଷୁଦ୍ର ଜଳାଶୟ—1. A small tank or pool. ୨ । ଅଗ୍ନି—2. Fire. ଦେ. ବିଣ—ବେଶଶୂନ୍ୟ—Devoid of garb or ornament. (ଉ—କାନ୍ତରହିତ କାନ୍ତା ପ୍ରାୟେ ହୋଇଲେ ସଉରୀମାନେ ବେଶଅନ୍ତ । ସାନକୃଷ୍ଣ. ରସକଲ୍ଲୋଳ । )

ବେଶ ପକା(କେ)ଇବା—ଦେ. କ୍ରି—୧ । ନଟ ବା ନର୍ତ୍ତକମାନଙ୍କର
Besa pakā(ke)ibā ବେଶ ବାନ୍ଧିବା—1. (said of actors) To assume the garb of. ୨ । ବେଶ
বেশধরা
ଅବଦ୍ୱାରା ଭଲେ ସଜ୍ଜିତ ହେବା—2. To be decorated with proper dress.

ବେଶ ବାନ୍ଧିବା, ବେଶଲଗା(ଗେ)ଇବା, ବେଶହେବା } ଅନ୍ୟରୂପ

ବେଶ ପୋଷାକ—ଦେ. ବି (ସହଚର) (ସଂ. ବେଶ+ଫା. ପୋଷାକ୍)—
Besa poshāka ସାଜସଜ୍ଜା—Dress; habiliments.
বেশপোষাক

ବେଶବଧୂ—ସଂ. ବି. ସ୍ତ୍ରୀ—ବେଶ୍ୟା (ହି. ଶ)—Prostitute; harlot.
Besabadhū (ବେଶଯୁବତୀ; ବେଶବନିତା; ବେଶ ସ୍ତ୍ରୀ—ଅନ୍ୟରୂପ)

ବେଶବବ୍—ବୈଦେ. ବିଣ (ଫା)—୧ । ଅକାରଣ—1. Causeless.
Besabab ୨ । ବୃଥା; ନିଷ୍ଫଳ—2. Fruitless. କ୍ରି. ବିଣ—
অকারণ ୧ । ଅକାରଣରେ—1. Without any cause. ୨ । ବୃଥାରେ—2. In vain.
बेसबब

ବେଶବାସ—ସଂ. ବି (୬ଷ୍ଠୀ ତତ୍; ବା ବହୁବ୍ରୀହି)-ବେଶ୍ୟାଗୃହ (ହି.ଶ)—
Besabāsa Prostitute's house; a house of ill fame.
ଦେ. ବି (ସଂ. ବେଶ ସଙ୍ଗେ ଧ୍ୱନ୍ୟର୍ଥକ ବାସ ଶବ୍ଦର ଯୋଜନ । )—୧ । ବେଶ—1. Dress; garb. ୨ । ବେଶରଚନ—2. Toilette.

ବେଶବ(ବ୍ରୁ)ର—ବୈଦେ. ବିଣ ( ଫା. ବେସବ୍ର )—୧ । ଅଧୀର—
Besab(bu)r 1. Impatient. ୨ । ଅସ୍ଥିର—2. Restless.
বেশবুর बेसबरा
ବେଶବୁରତ(ଢ଼ି), ବେଶବ୍ରୁତ(ଢ଼ି) } ଅନ୍ୟରୂପ
ବୈଦେ. ବି—(ଫା. ବେସବରୀ)—
বেশবুরী
बेसबर

ବେଶବାର—ସଂ. ବି—(ବିଶ ଧାତୁ=ପ୍ରବେଶ କରିବା+ଣିଚ. ଅ=
Besabāra ବେଶ; ବୃ ଧାତୁ=ପ୍ରାର୍ଥନା କରିବା+ଣିଚ. ଅ)—୧ । ଭଅଁରେ ଦିଆ ଯିବାପାଇଁ ଧନିଆ ସୋରିଷ ଆଦିର ବଟା; ବାଟଣା—1. A paste of spices for flavouring curry; sauce. ୨ । ଏକପ୍ରକାର ତିଅଣ-2. A kind of curry.

ବେଶ ବା(ୱା)ଲ୍—ବୈଦେ. ବିଣ ( ଫା. ବେ+ସୱାଲ୍ )—୧ ।
Besabā(wā)l ଅଜିଜ୍ଞାସିତ—1. Unasked; unquestioned. ୨ । ନିରୁତ୍ତର—2. Non-plussed.
বে সবাল
बेसवाल (ବେଶୁଅଲ୍—ଅନ୍ୟରୂପ)

ବେଶ ଭାଙ୍ଗିବା—ପ୍ରାଦେ ( ପୁରୀ ) କ୍ରି—ବେଶ ରଚନା କରିବା; ବେଶ
Besa bhāngibā ହେବା—To fit up oneself with dress. ( ଉ—ବେଶ ଭାଙ୍ଗୁଛନ୍ତି ପୁଏ ମଣ୍ଡପଠାରେ । ପୀତାମ୍ବର. ଗ୍ରନ କାଞ୍ଚନବତୀ । )

ବେଶଭୂଷା—ସଂ. ବି ( ସହଚର ) ( ବେଶ+ଭୂଷା=ଅଳଙ୍କାର )—
Besabhūshā ସାଜସଜ୍ଜା; ପୋଷାକ ଓ ଅଳଙ୍କାର—Dress and ornaments. ( ଉ—ନାଗରୀଙ୍କ ବେଶଭୂଷାରେ ନୟନ ମନ୍ତ୍ର ଅଛି ଭୁଲିହୁଏ । ରାଧାନାଥ. ପାର୍ବତୀ । )

ବେ ଶମା(ମ୍ଭା)ଲ୍—ଦେ. ବିଣ ( ଫା. ବେଶାମାଲ୍)—ଅସମ୍ଭାଳ; ଅଧୀର—
Be samā(mbhā)l Impatient.
বে শামাল बेशामाल

ବେଶ(ସ)ର—ସଂ. ବି ( ବେଶ+ସୃ ଧାତୁ=ଦାନ କରିବା+କର୍ତ୍ତୃ. ଅ;
Besa(sa)ra ବା ବେଶ୍ ଧାତୁ+କର୍ତ୍ତୃ. ଅର )—୧ । ଅଶ୍ୱତର; ଗଧ ଔରସରେ ଘୋଡ଼ୀ ପେଟରୁ ଓ ଘୋଡ଼ା ଔରସରେ ମାଈଗଧ ପେଟରୁ ଜାତ ଅଶ୍ୱ, ଖଚର—Mule. ଦେ. ବି ( ସଂ. ବେଶବାର )—୧ ।
বেসবার, বেসর ତରକାରୀରେ ଦିଆଯିବା ସୋରିଷବଟା—1. Rye paste for curry. ୨ । ସୋରିଷ ବଟା ଦିଆଯାଇ
बेसर
ତିଆରି କରାଯାଇ ଥିବା ମାଛ ତିଅଣ—2. Fish curry prepared with rye paste. ୩ । ବାମନାସାରେ ପିନ୍ଧାଯିବା ଏକପ୍ରକାର ଗୁଣା—3. A tip or ornament worn on the left nose. ( ଉ—ନାସାମଣି ବେଶରେ ପ୍ରବର୍ତ୍ତି ଥିବ ହାସରେ । ଉପେ. ପ୍ରେମସୁଧାନିଧି । ) ୪ । ସୋରିଷ—4. Rye.

ଶରକା—ବୈଦେ. ବଣ ( ଫା. ବେ ସରୋକା )—ସମ୍ପର୍କଶୂନ୍ୟ—
Be śarakā বেসরোকা Unconnected; unrelated.
बेसरोका [ବେଶରୋକ(କା), ବେଶଃ ରୋକା—ଅନ୍ୟରୂପ]

ବେଶ ରଚନ(ନା)—ସ. ବି ( ୬ଷ୍ଠୀ ତତ୍; ବେଶ + ରଚନ )—
Beśa rachana(nā) ପୋଷାକ; ଅଳଙ୍କାର; ଚନ୍ଦନ; ପୁଷ୍ପମାଲ୍ୟ—ଦ୍ୱାରା ସଜ୍ଜା— Toilette; the act of fitting up with dress.

ବେଶର ପାଣି—ଦେ. ବି ( ବେଶର + ପାଣୀୟ )—୧ । ବେଶର ବଟା
Beśara pāṇi ମିଶିଥିବା ଜଳ—1. Water mixed in
সোরষে বাটার জল the rye-paste. ୨ । ବେଶର-
সোরষে বাটার ঝোল ପ୍ରସ୍ତୁତ ତରକାରୀ—2. A curry made with water-mixed rye paste.

ବେଶର ବଟା—ଦେ. ବି—ସୋରିଷକୁ ବାଟିବା—
Beśara baṭā সোরষে বাটা The act of pasting rye.

ବେଶର ବାଟିବା—ଦେ. କ୍ରି—୧ । ସୋରିଷ ବାଟିବା—1. To
Beśara bāṭibā bruise rye for preparing paste.
সোরষে বাটা ୨ । ( ଲକ୍ଷଣାର୍ଥ ) ପରିଶ୍ରମଜନକ କାର୍ଯ୍ୟ କରିବା—2. ( figurative ) To perform a laborious task. ( ଉ—ବଡ଼ ବଡ଼ ଘରେ ପସର ପାଟ, ଯାକ ଯାକ ଅସିଲେ ବେଶର ବାଟ । ଢଗ । )

ବେ ଶରମ(ମା)—ବୈଦେ. ବଣ. ପୁଂ ( ଫା. ବେଶରମ୍ )—ନିର୍ଲଜ୍ଜ—
Be śarama(mā) বেশরম बेशरमो Shame-less.
(ବେଶରମୀ—ସ୍ତ୍ରୀ)

ବେଶାଦ(ଦି)—ଦେ. ବି ( ଫା. ଇଶାଦ୍=ବ୍ୟବସାୟର ପାଣ୍ଠି )—୧ ।
Beśād(di) ଶକ୍ତି; ସମର୍ଥ—1. Power. ୨ । ବଳ—
বেসাদ 2. Strength. ୩ । ବ୍ୟବସାୟର ମୂଳପାଣ୍ଠି; ମୂଳଧନ;
ताकत; बेशात ପୁଞ୍ଜି—3. Capital of a business. ୪ ।
ଦୋକାନର ଜିନସପତ୍ର—4. Stock in trade. ୫ ।
ସମ୍ପତ୍ତି; ଧନ—5. Riches.

ବେଶାବୁତ୍(ତୁ, ତି)—ବୈଦେ. ବଣ ( ଫା. ବେସାବତ୍ )—ଅପ୍ରମାଣିତ
Beśābut(tu, ti) বেসাবিত बेसाबीत —Unproved.

ବେଶାର୍—ପ୍ରାଦେ ( ସମ୍ବଲପୁର ) ବି—ବେସର; ତରକାରୀରେ ଦିଆଯିବା
Beśār ପାଇଁ ବଟା ହୋଇଥିବା ସୋରିଷ—Rye-paste added to curry.

ବେଶି—ଦେ. ବି ( ଫା.ବେଶ୍=ବେଶୀ; ଅଧିକ୍ୟ; ଅତିରେକ Excess;
Beśi surplus; ମୂଳ ସ. ବିଶେଷ )—୧ । ବହୁତ; ଅଧିକ—
বেশী 1. Great; large. ୨ । ବିଶେଷ; ଅତ୍ୟନ୍ତ—2.
बेशी Much. ୩ । ଅତ୍ୟଧିକ—3. Too much. କ୍ରି. ବଣ—ଅତ୍ୟଧିକ ପରିମାଣରେ; ବିଶେଷ ପରିମାଣରେ—Too much. ବଣର ଭଣ—ଅଧିକତର—More than. ( ଯଥା—ସେ ମୋଠାରୁ ବେଶି ଧନୀ=ଅଧିକତର ଧନୀ । )

ବେଶି କମ୍—ବୈଦେ.ବି—(ଫା. ବେଶୀ+କମତ୍ତି)—ଅଳ୍ପାଧିକ୍ୟ; କମି-
Beśi kam কম বেশী ବେଶି—Less or more.
ବେଶି କମତି } —ଅନ୍ୟରୂପ ବୈ. ବଣ—ଅଳ୍ପ ବା ଅଧିକ—
ବେଶି କମ } More or less.

ବେଶି ଭାଗ—ଦେ. ବି—(ଫା. ବେଶୀ+ସ. ଭାଗ) ଅଧିକାଂଶ—
Beśi bhāga বেশীর ভাগ Large portion; major portion.

ବେଶୀ—ସ. ବଣ. ପୁଂ (ବେଶ=ସଜ୍ଜା+ଅସ୍ତି ଅର୍ଥରେ ଇନ୍; ୧ମା.
Beśī ୧ବ. )—୧ । ବେଶଧାରକ—1. Dressing up. ୨ ।
(ବେଶିନୀ—ସ୍ତ୍ରୀ) ପରିଚ୍ଛଦଯୁକ୍ତ—2. Dressed. ବୈଦେ. ବଣ (ଫା.)—ବେଶି (ଦେଖ)—Beśi (See)

ବେ ଶୁମାର୍(ରି)—ବୈଦେ. ବଣ—( ଫା. ବେଶୁମାର୍ )—ଅସୁମାର;
Be śumār(ri) ଅଗଣ୍ୟ; ଅସଂଖ୍ୟ—Countless.
বেশুমার बेसुमार

ବେ ଶୁର୍—ବୈଦେ. ବଣ—(ଫା.)—୧ । ବେହୋସ; ଚୈତନ୍ୟହୀନ—
Be śur 1. Unconscious. ଦେ. ବଣ (ଫା. ବେ+ସ.
বেশুর ସ୍ୱର)—ସ୍ୱରର ଅମେଳ ହେତୁ ଶ୍ରୁତିକଟୁ—2. Un-
बेसुर melodius; of unharmonious tune. ୩ । ପରସ୍ପର ସଙ୍ଗେ ଅମେଳ—3. Discordant.

ବେଶୁର୍—ପ୍ରାଦେ. (ଯାଜପୁର) ବି—ବେସର (ଦେଖ)
Beśura Beśara (See)

ବେଶୁରା—ଦେ. ବଣ—(ଫା. ବେ+ସ. ସ୍ୱର)—ବେଶୁର୍ ୨।୩
Beśurā বেশুর(রা) (ଦେଖ)—Beśur 2, 3 (See)
सुर(रा)

ବେଶ୍ୱର—ସ. ବି—ଅଶ୍ୱତର—Mule. ଦେ. ବି—(ଧ. ବେଶ-
Beśwara ବାର) ବେଶର (ଦେଖ)—Beśara (See)

ବେଶ୍ମ—ସ. ବି—(ବେଶ୍ମନ୍; ଷଦ ୧ମା. ୧ବ. ବିଶ୍ ଧାତୁ=ପ୍ରବେଶ
Beśma କରିବା+ଅଧିକରଣ. ମନ୍)—ଭବନ; ଗୃହ; ସଦ୍ମ—House.

ବେଶ୍ମ କଳିଙ୍ଗ—ସ. ବି—ଚଟକ ; ଘୀ (କ୍ଷୁ. ଶ)—
Beśma kaḻiṅga The sparrow.

ବେଶ୍ମ ନକୁଳ—ସ. ବି— ବେଶ୍ମନ୍=ଗୃହ+ନକୁଳ )—ଗନ୍ଧମୂଷିକ;
Beśma nakūḻa ଛୁଚୁନ୍ଦ୍ରୀ—Musk rat; mole; shrew.

ବେଶ୍ମଭୂ—ସ. ବି—(ବେଶ୍ମନ୍=ଗୃହ+ଭୂ=ଭୂମି)—୧ । ବାସୋପଯୁକ୍ତ
Beśmabhū ସ୍ଥାନ—1. A habitable place. ୨ । ଘର-
ବାଡ଼ି—2. Homestead.

ବେଶ୍ୟ—ସ. ବି—( ବିଶ୍ ଧାତୁ=ପ୍ରବେଶ କରିବା+କର୍ମ. ଯ)—
Beśya ବେଶ୍ୟାଳୟ—The house of a prostitute; brothel.

ବେଶ୍ୟା—ସ. ବି—(ବେଶ=ସଜ୍ଜା+ଯୁକ୍ତାର୍ଥେ ଯ+ସ୍ତ୍ରୀ. ଆ)—୧ ।
Beśyā ବାରଙ୍ଗନା; ଦାସୀ; ଗଣିକା; କସବୀ—1. Prostitute; public woman. ୨ । ବନ୍ଦକର୍ଣ୍ଣୀ; ଅଜାନବଲ୍ଲୀ ଲତା—2. A kind of creeper.

ବେଶ୍ୟାଚାର୍ଯ୍ୟ—ସ. ବି—(ବେଶ୍ୟା=ଗଣିକା+ଆଚାର୍ଯ୍ୟ=ଶିକ୍ଷାଗୁରୁ)—
Besyāchārjya ୧। ପୀଠମର୍ଦ୍ଦ; ଭଡ଼୍‌ଡ଼ୁଆ—1. A procurer. ୨। ବେଶ୍ୟାଙ୍କର ନୃତ୍ୟଗୁରୁ—2. A dancing master to a dancing girl.

ବେଶ୍ୟା ପଣ—ଦେ. ବି—ବେଶ୍ୟାବୃତ୍ତି (ଦେଖ)
Besyā paṇa বেশ্যাবৃত্তি Besyābrutti (See)

ବେଶ୍ୟାବାର—ସ. ବି—(ବେଶ୍ୟା+ବାର=ସମୂହ)—ବେଶ୍ୟାସମୂହ—
Besyābāra A company of prostitutes.

ବେଶ୍ୟାବୃତ୍ତି—ସ. ବି— ( ବେଶ୍ୟା+ବୃତ୍ତି ) —ବାରବନିତାରୂପେ
Besyābrutti ସ୍ୱେଚ୍ଛାଗାର କରି ଜୀବିକାନିର୍ବାହ; ଖାନକୀ-ପଣିଆ—The profession of a prostitute; prostitution.

ବେଶ୍ୟାଳୟ—ସ. ବି—(ବେଶ୍ୟା+ଆଳୟ)—ବେଶ୍ୟାର ଘର—
Besyālaya Brothel; the house of a prostitute.

ବେଷାଦ୍—ବୈଦେ. ବଣ—(ଫା. ବଶାଦ)—ଶକ୍ତିଶାଳୀ—
Beshād Strong; powerful. [ଉ—ପସୁଃ ପରଶତ ମଧୁର ସାସିତ ଶର୍କରା କେବେ ବେଷାଦ୍ ଗୋ। ଜଗନ୍ନାଥ ସଙ୍ଗୀତ।] ବୈଦେ. ବି—ଶକ୍ତି; ବଳ; ସାମର୍ଥ୍ୟ—Strength; power. (ଯଥା—ତାର ବେଷାଦ କେତେ ?)

ବେଷ୍ଟ୍ (ଧାତୁ)—ସ —ବେଢ଼ିବା—
Beshṭa (root) To surround.

ବେଷ୍ଟ—ସ. ବି—(ବେଷ୍ଟ୍ ଧାତୁ=ବେଢ଼ିବା+ଭାବ.ଅ)—୧। ପରିଧି—
Beshṭ 1. Circumference. ୨। ବାଡ଼—2. Enclosure; fencing. ୩। ପ୍ରାଚୀର; ବେଢ଼ା—3. Compound wall. ୪। ଅଠା—4. Gum ୫। ତାର୍ପିନ୍—5. Turpentine.

ବେଷ୍ଟକ—ସ. ବଣ—(ବେଷ୍ଟ୍ ଧାତୁ=ବେଢ଼ିବା+କର୍ତ୍ତୃ. ଅକ)—
Beshṭaka ଘେରିଥିବା ବେଢ଼ିଥିବା; ଯେ ବେଷ୍ଟନ କରେ—Surrounding. ସ. ବି—୧। ଉଷ୍ଣୀଷ; ପଗଡ଼ି—1. Turban. ୨। ନିର୍ଯ୍ୟାସ; ଅଠା—2 Gum. ୩। ତାର୍ପିନ୍—3. Turpentine ୪। କୁଷ୍ମାଣ୍ଡ—4. Gourd. ୫। ପ୍ରାଚୀର—5. Compound wall.

ବେଷ୍ଟିତ—ସ. ବଣ (ବେଷ୍ଟ୍ ଧାତୁ=ବେଷ୍ଟନ କରିବା+କର୍ମ. ତ )—
Beshṭita ଘେରିଅଛି ଆବୃତ—Surrounded. ସ. ବି. (ବେଷ୍ଟ୍ ଧାତୁ+ଭାବ. ତ) ବେଷ୍ଟନ; ଘେରିଅଛି ସେପରି ହେବା—Surrounding.

ବେଷ୍ଟନ—ସ. ବି. (ବେଷ୍ଟ୍ ଧାତୁ=ବେଷ୍ଟନ କରିବା+ଭାବ. ଅନ)—
Beshṭana ୧। ବାଡ଼—1. Fencing. ୨। ବେଢ଼ିବା—2. Surrounding. ୩। ପ୍ରଦକ୍ଷିଣ—3. Circumambulation. ୪। କର୍ଣ୍ଣକୁହର—4. The hole of the ear. ୫। ବର୍ଣ୍ଣ; ରଙ୍ଗ—5. Colour. ୬। ଅକ୍ଷର—6. Letter. ୭। ନୃତ୍ୟକାଳୀନ ହସ୍ତଭଙ୍ଗୀ—7. The poses of the hand while dancing. ୮। (ବେଷ୍ଟ୍ ଧାତୁ+କରଣ. ଅନ) ପରିଧି; ବେଢ଼—8. Circumference; girth. ୯। ପଗଡ଼ି—9. Turban. ୧୦। କମରବନ୍ଧ—10. Belt.

ବେଷ୍ଟନକ—ସ. ବି—ରତିବନ୍ଧବିଶେଷ—A kind of pose during copulation.
Beshṭanaka

ବେଷ୍ଟନିକା—ସ. ବି. ( ବେଷ୍ଟନ+ଇକ+ଆ )—
Beshṭanikā ଡାଲପୁରୀ; ବେଢ଼ମିକା ( ଦେଖ )
A kind of sandwich.

ବେଷ୍ଟ ବଂଶ—ସ. ବି ( ବେଷ୍ଟ=ବେଷ୍ଟନ+ବଂଶ=ବାଉଁଶ )—
Beshṭa bamsa କଣ୍ଟା ବାଉଁଶ; ମୂଲୀ ବାଉଁଶ—A kind of বেউড় বাংশ thorny bamboo.

ବେଷ୍ଟିବା—ଦେ. କ୍ରି—ବେଢ଼ାଇ ହେବା—To be surrounded.
Beshṭibā (ଉ—ଦେହରେ ବେଷ୍ଟି ମହାଗିରି, ରହିଲା ବକ୍ରରୂପ ଧରି। ଜଗନ୍ନାଥ. ଭାଗବତ)

ବେଷ୍ୟ—ସ. ବି. (ବିଷ୍ ଧାତୁ=ବ୍ୟାପିବା+ଯ)—ପାନୀୟ ଜଳ—
Beshya Drinking water.

ବେସନ—ସ. ବି. ( ବେସ୍ ଧାତୁ=ଗମନ କରିବା +କର୍ମ. ଅନ )—
Besana କଞ୍ଚା ବୁଟ ଆଦିର ଚୂନା—Flour of unfried বেসন(ম) बेसन gram etc.

ବେସନ୍ଦ—ଦେ. ବି—ଜଇସନ୍ଦା ( ଦେଖ )
Besanda Jaisandā ( See )

ବେ ସମୟ—ଦେ. ବି. (ଫା. ବେ+ସମୟ)—୧। ଅସମୟ—1. Bad
Be samaya times. ୨। ଅନୁପଯୁକ୍ତ କାଳ—2. Unsuitable time.
असमय बे वक्त

ବେ ସମାନ—ଦେ.ବଣ. (ଫା. ବେ+ସ. ସମାନ)—ଅସମାନ—
Be samāna অসমান Unequal.

ବେ ସରକାରୀ—ବୈଦେ.ବଣ (ଫା)—ଯାହା ଗଭର୍ଣ୍ଣମେଣ୍ଟଙ୍କର ନୁହେଁ—
Be sarakārī Unofficial.
বেসরকারী बेसरकारी

ବେସର ପୁରିଆ ବସୁ—ପ୍ରାଦେ. (ପୁରୀ) ବି—ପୁରୀ ସ୍ଥାନୀୟ ଶାସନର
Besarapuriā basu ବୈଦିକ ବ୍ରାହ୍ମଣଙ୍କ ଗୋଷ୍ଠୀବିଶେଷ—A clan of Brāhmaṇas in the Puri district.

ବେସାର ବଟା—ପ୍ରାଦେ. (ସମ୍ବଲପୁର) ବି—ସୋରିଷ ବଟା—
Besāra baṭā Mustard paste; rye-paste.

ବେ ସୁଖ—ଦେ.ବି. (ଫା. ବେ+ସ. ସୁଖ)—୧। ବେମାର—1.Dis-
Be sukha ease. ୨। ଅସୁଖ; ଘୃଣା—2. Disgust; अस्वस्थ विमुख hatred.

ବେସେବେସ୍—ପ୍ରାଦେ. (ସମ୍ବଲପୁର) ବଣ—ନିରାପଦ ଓ ସୁସ୍ଥ—
Besebes Safe and sound.

ବେସ୍ତ—ଗ୍ରା.ବି. (ସ. ବ୍ୟସ୍ତତା)—ବ୍ୟସ୍ତତା (ଦେଖ)
Besta Byastatā (See) (ଉ—ଧ୍ୱଜ ଯଷ୍ଟି ଧରି ରହିଲେ (ବେଷ୍ଟିତ—ଅନ୍ୟରୂପ) ମୁଣ୍ଡ ଯୋଡ଼, ତା ଦେଖି ଭୂମ ସେନା ବେସ୍ତ କଲେ ମନ। କୃଷ୍ଣସିଂହ.ମହାଭାରତ. ଦ୍ରୋଣ) ଗ୍ରା. ବଣ (ସ.

ବ୍ୟସ୍ତ)—୧ । ବ୍ୟସ୍ତ (ଦେଖ)—1. Byasta (See) ୨ । ରୁଗ୍ଣ—2. Sick; ailing; ill. (ଉ—ମୁଁ ବେସ୍ତ ହେଉଁ ହେଉଁ ମଲଣି । ଘଡାଘ. ଗୌରୁଡ)। ୩ । ଦୁଃଖିତ—3. Sorry; worried.

ବେଷ୍ଟିଆ—ଗ୍ରା. ବଣ—ଯାହା ମନୁଷ୍ୟଙ୍କୁ ବ୍ୟସ୍ତ କରେ; ବ୍ୟସ୍ତକାରକ; Bestiā ବ୍ୟସ୍ତକାରୀ—Worrying.

ବେହକ୍—ବୈଦେ. ବ. ( ଫା )—୧ । ଅନ୍ୟାୟ—1. Injustice; Be hak wrong. ୨ । ସ୍ୱତ୍ୱର ଅଭାବ—2. Want of ବେହକ title, ବୈଦେ. ବଣ—୧ । ଅନ୍ୟାୟ—1. Unjust; बेहक wrong. ୨ । ବେଠିକ୍; ଅସତ୍ୟ—2. Untrue; not right. କ୍ରି. ବଣ—୧ । ଅନ୍ୟାୟରୂପେ—1. Wrongly. ୨ । ବୃଥା—2. For nothing; in vain. ୩ । ବିନା ଦୋଷରେ—3. Without any fault.

ବେ ହକ୍‌ଦାର୍—ବୈଦେ.ବଣ (ଉଚ୍ଚାରଣ)—Having no title or Be hakdār interest.

ବେ ହଜମ(ମି)—ବୈଦେ.ବ. (ଫା)—ବଦହଜମ୍; ଅଜୀର୍ଣ୍ଣ— Behajam(mi) Indigestion. ବେହଜम(मी) ବୈଦେ. ବଣ—ଜୀର୍ଣ୍ଣ ହୋଇ ନ ଥିବା— Undigested.

ବେହଡ଼ା—ଦେ. ବଣ—ବାହାଡ଼ା ( ଦେଖ ) Beharḍā Bāhārḍā ( See )

ବେହତ୍—ସ. ବ. ସ୍ତ୍ରୀ. (ବି—ହନ୍ ଧାତୁ=ବଧ କରିବା+କର୍ତ୍ତୃ. ଅତ୍)— Behat ଗର୍ଭୋପଘାତିନୀ ଗାଈ; ଯେଉଁ ଗାଈ ଗର୍ଭର ପତନ— A cow which miscarries.

ବେହଦ୍(ଦ୍ଦ)—ବୈଦେ. ବଣ. ( ଫା. ବେହଦ୍ )—୧ । ଅସୀମ— Behad(dda) 1. Limitless. ୨ । ଅଶେଷ—2. Endless. ବେହଦ ୩ । ଚକିତ; ଆଶ୍ଚର୍ଯ୍ୟାନ୍ୱିତ—3. Astonished. ୪ । बेहद् ନିର୍ବୋଧ; କିଂ କର୍ତ୍ତବ୍ୟବିମୂଢ଼—4. Bewildered.

ବେହ(ହା)ୟା—ଦେ. ବଣ—ବେହୁଆ ( ଦେଖ ) Beha(hā)yā Behiā ( See )

ବେହ(ହେ)ରଣ—ଦେ. ବ. ( ସ. ବିହାର )—୧ । ସଭାମଣ୍ଡପ— Beha(he)raṇa 1. A roofed pandal. (ଉ—ସ୍ୱର୍ଣ୍ଣମୟ ଦିବ୍ୟ ବେହରଣରେ । ମଧୁସୂଦନ. ଛନ୍ଦମାଳା) ୨ । ବଇଠକ ସଭା—2. Meeting; assembly. ୩ । ବିହାର ସ୍ଥାନ; ବିହାର ମଣ୍ଡପ—3. A portico where people sit for recreation. ୪ । ବିହାର—4. Recreation. ୫ । ଉପବେଶନ ବା ଶୟନ—5. Sitting or sleeping. (ଉ—ଶଟାଥ ମୋତେ ତା ବେହରଣ ଫୁଲ ଖଟ ତଳେ ହବା ନଶା । କବିସୂର୍ଯ୍ୟ. ସଙ୍ଗୀତ) ୬ । (ରାଜାଙ୍କ ପ୍ରତି ବ୍ୟବହୃତ) ଉପବେଶନ; ବସିବା; ବଜେ କରିବା— 6. Sitting (used in respect of Rājās).

ବେହରଣ କରିବା—ଦେ. କ୍ରି—ବସିବା— Beharaṇa kariba To sit.

ବେହରଣ ମଣ୍ଡପ—ଦେ. ବ (ସ. ବିହାର+ମଣ୍ଡପ)—ଯେଉଁ ମଣ୍ଡପରେ Beharaṇa maṇḍapa ରାଜା ବସନ୍ତି— An pandal where a Rājā sits.

ବେ ହଲକ୍—ବୈଦେ. ବଣ ( ଅ )—ଦମ୍ଭହୀନ; ଧୈର୍ଯ୍ୟହୀନ— Be halak ବେହलक बेहलक Impatient.

ବେହା—ଗ୍ରା. ବ ( ସ. ବିବାହ )—ବିବାହ— Behā ब्याह बेहा Marriage.

ବେହାଇ—ଗ୍ରା. ବଣ ( ସ. ବିବାହିତ )—ବାହା ହୋଇଥିବା— Behāi Wedded. [ ଉ—ସ୍ନେହା କରିବାକୁ ନ ପାଅ ଲଜ୍ଜା, ସେମାନେ ତାଙ୍କ ବେହାଇ ଭାରିଯା—ପ୍ରତାପ. ଗଞ୍ଜେଶା । ]

ବେ ହାକିମ(ମି)—ବୈଦେ. ବଣ ( ଅ. ବେ+ହାକିମ୍ )—ଯହିଁରେ Be hākim(mi) କେହି କର୍ତ୍ତା ବା ସ୍ୱାମୀ ନାହାନ୍ତି—Lordless; masterless.

ବେହାଗ—ଦେ. ବ—ମିଶ୍ରରାଗବିଶେଷ—Name of a mixed Behāga बेहाग बेहाग musical tune. ( ବେହାଗଡ଼ା—ଅନ୍ୟରୂପ )

ବେହା ଘର—ଗ୍ରା. ବ ( ବିବାହ+ଘର )—ବିବାହ ଉତ୍ସବ— Behā ghara Marriage ceremony.

ବେହାତ—ଦେ. ବଣ ( ଅ. ବେ+ସ. ହସ୍ତ )—ହସ୍ତାନ୍ତରିତ; ଅନ୍ୟ Behāta ବ୍ୟକ୍ତିର ହସ୍ତଗତ—Gone to another's hand ବେହাত or control.

ବେହାୟା—ବୈଦେ. ବଣ—ବେହୁଆ ( ଦେଖ )—Behiā ( See ) Behāyā [ ଉ—ଓହୋ କାଳ ଥିଲ ଦେଖିବା ପାଇଁ କ ପସ୍, ( ବେୟା, ବେହ୍ୟା—ଅନ୍ୟରୂପ ) ନିର୍ଲଜ୍ଜ ବେହାୟା ଲୁଚ୍ଚ—ଉଦ୍ଧାର ରତ୍ନମାଳୀ । ]

ବେହାର—ଗ୍ରା. ବଣ ( ସ. ବିହାର )—ବିହାର—Sport. [ଉ— Behāra ଶ୍ରୀରାମ ସଙ୍ଗେ ବେହାର କରନ୍ତି—ବିଶ୍ୱନାଥ. ବିଚିତ୍ର ରାମାୟଣ । ]

ବେହାରି—ଗ୍ରା ବ ଓ ବଣ—ବିହାରି ( ଦେଖ ) Behāri Bihāri ( See )

ବେହାଲ୍—ବୈଦେ. ବ ( ଅ. ବେ+ହାଲ୍ )—୧ । ଦୁର୍ଦ୍ଦଶା— Behāl 1. Bad condition. ୨ । ଦୁର୍ବଳ ଅବସ୍ଥା— ବେହাল 2. Weak state. [ଉ—ଖାଉଛ ବାହାର ଅସିବା, बेहाल ଦିନଠାରୁ ମାମୁଁ ମାଇଁ ବଡ଼ ବେହାଲରେ ପଡ଼ିଲେଣି— (ବେହାଲିଆ—ଅନ୍ୟରୂପ) ଫକୀରମୋହନ. ଗଳ୍ପସ୍ୱଳ୍ପ । ] ବୈଦେ. ବେହাল্ बेहाल ବଣ—୧ । ଦୁର୍ବଳ—1. Weak. ୨ । କ୍ଷୀଣ— 2. Feeble. ୩ । ବିପନ୍ନ—3. Beset with danger. ୪ । ଘାଳଦଶାଗ୍ରସ୍ତ—4. Beset with misery. ୫ । କାତର; କାବର; ନିରାଶ୍ରୟ— 5. Helpless.

ବେହୁଆ—ଦେ. ବଣ ( ଫା. ବେହାୟା )—ନିର୍ଲଜ୍ଜ; ଅଲଜ୍ଜକ— Behiā বেহায়া बेहाया Shameless.

ବେହିଆଗିରି—ଦେ. ବି—୧ । ନିର୍ଲଜ୍ଜତା—1. Shameless
Behiāgiri conduct. ୨ । ନିର୍ଲଜ୍ଜ ଲୋକର ଆଚରଣ—
ବେହିଆପଣ ( ପଣିଆ ) } ଅନ୍ୟରୂପ 2. The conduct of a
ବେହିଆମି shameless person.
বেহায়াগিরি, বেহায়াপনা, বেহায়ামি बेहायागिरी

ବେହିପ(ପୋ)—ଗ୍ରା. ବି (ଅଶ୍ଳୀଳ ଗାଳି)—ଜାରଜ—Bastard son
Behipa(po) (ବେହିପୁଅ—ଅନ୍ୟରୂପ) of an adulteress.

ବେହିଲି—ଦେ. ବିଣ. ସ୍ତ୍ରୀ ( ସଂ. ବିବାହିତା )—୧ । ବିବାହବିଧିରେ
Behili ପତ୍ନୀକୃତା; ବିବାହିତା ( ସ୍ତ୍ରୀ )—1. (one's) Married
বিবাহিত (wife); taken as one's wife by marriage.
विवाहिती ( ଯଥା—ବେହିଲି ମାଇପ, ବେହିଲି ଭାରିଯା । )
୨ । ବିବାହିତା ( ବାଳିକା ); ଘରଅଡ଼ୀ—2. Married
( girl ).

ବେହିସାବ(ବି)—ବୈଦେ. ବି (ଫା.ବେହିସାବ୍)—୧ । ଶୃଙ୍ଖଳାହୀନତା—
Behisāb(bi) 1. Want of order or method ୨ ।
বেহিসাব[বি] ବଦ୍ ଖରଚ; ଅପବ୍ୟୟିତା—2. Squandering
बेहिसाब[बि] money. ବୈଦେ. ବିଣ—୧ । ଯେ ଗଣନା-
ପୂର୍ବକ କାର୍ଯ୍ୟ ନ କରେ—1. Wanting in foresight. ୨ । ଅବିବେଚକ—2. Inconsiderate. ୩ । ଜ୍ଞାନଶୂନ୍ୟ—3. Reckless; rash. ୪ । ଆୟ ବ୍ୟୟ ପ୍ରତି ଯେ ଦୃଷ୍ଟି ନ ରଖେ—4. Reckless in expenditure. ୫ । ଶୃଙ୍ଖଳାରହିତ—5. Methodless.

ବେହୀ—ଦେ. ବିଣ. ସ୍ତ୍ରୀ ( ସଂ. ବିବାହିତା )—ବିବାହିତା; ବିବାହ ସଂସ୍କାର
Behī ଦ୍ୱାରା ପତ୍ନୀକୃତା ( ସ୍ତ୍ରୀ )—( one's ) Married
বিবাহিত ( wife ). ( ଯଥା—ବେହୀ ମାଇପ, ବେହୀ ଭାରିଯା ।)
विवाहिती ( ଉଲଟ—ଉପସ୍ତ୍ରୀ )

ବେ ହୁକୁମ୍—ବୈଦେ. ବିଣ ( ଫା. ବେହୁକ୍ମ୍ )—୧ । ଆଦେଶ ବ୍ୟତି-
Be hukum ରିକ୍ତ—1. Unauthorised; not covered
বেহুকুম by any order. ୨ । ଆଦେଶବିରୁଦ୍ଧ—2. Contrary
बेहुक्म [ବେହୁକୁମତି(ତ) ଅନ୍ୟରୂପ] to orders.

ବେହୁଡ଼ା—ଦେ. ବି—ବେଉଡ଼ା ( ଦେଖ )
Behurḍā Beurḍā ( See )

ବେହୁଡ଼ିବା—ଦେ. କ୍ରି—ବେଉଡ଼ିବା ( ଦେଖ )
Behurḍibā Beurḍibā ( See )

ବେହୁ(ହୋ)ଦା(ଦା)—ବୈଦେ. ବିଣ (ଫା. ବେହୁଦା)—୧ । ଅନ୍ୟାୟ—
Behu(ho)ddā(dā) 1. Wrong. ୨ । ଅନୁଚିତ—2. Im-
বেআড়া बेहूदा proper. [ ଉ—ତୁମ୍ ଏସା ବେହୁଦା ସବାଲ କରୋଗେ ତ, ତୁମାକୁ ଓକାଲତି କେନ୍‌ସିଲ୍ କରଦେଗା—ଫକୀରମୋହନ. ଛମାଣ ଆଠଗୁଣ । ] ୩ । ଅନିୟମିତ—3. Irregular. ୪ । ନିୟମ ଲଙ୍ଘନକାରୀ—4. Transgressing or infringing a rule.

ବେହୁର(ରୁ)ମତ୍(ତି)—ବୈଦେ. ବିଣ ( ଫା. ବେ+ହୁରମତ୍ )—
Behur(ru)mat(ti) বেইজ্জৎ ୧ । ସମ୍ଭ୍ରମହୀନ; ଅସମ୍ମାନିତ—
1. Dishonourable; disrespectful. ୨ । ନିର୍ଲଜ୍ଜ—2. Shameless. ଦେ. ବି—୧ । ସମ୍ଭ୍ରମ—
1. Want of dignity. ୨ । ଅମର୍ଯ୍ୟାଦା—
बेहुरमत(ती) 2. Disrespect.

ବେହୁରା—ଦେ. ବି—ବେଉରା ( ଦେଖ )
Behurā Beurā ( See )

ବେହୁ(ହୋ)ସ୍—ବୈଦେ. ବିଣ ( ଫା. ବେହୋଶ୍ )—୧ । ଚୈତନ୍ୟ-
Behu(ho)s ହୀନ; ଅଚେତନ—1. Unconscious; sense-
বেহুস, বেহোস less. ୨ । ନିର୍ବୋଧ—2. Foolish. ୩ ।
बेहोश (ବେହୋସ୍—ଅନ୍ୟରୂପ) ପାଗଳ; ଉନ୍ମତ୍ତ—3. Mad.

ବେହୁସିଆର(ରି)—ବୈଦେ. ବିଣ (ଫା.ବେହୋସିଆର)—୧ । ଅସାବଧାନ;
Behusiār(ri) ଗରହୁସିଆର—1. Incautious. ୨ । ଯତ୍ନହୀନ-
বেহুসিআর 2. Careless. ବୈଦେ. ବି—ଅସାବଧାନତା—
बेहोशियार(री) Carelessness.

ବେହେଡ଼ା—ପ୍ରାଦେ. ( ଯାଜପୁର ) ବିଣ—ବାହାଡ଼ା ( ଦେଖ )—
Beherḍā Bāhārḍā ( See ) ଦେ. ବିଣ—ବେଅଡ଼ା;
ଅନୁଚିତ—Beārḍā ( See )

ବେହେଡ଼ି—ପ୍ରାଦେ. (ଯାଜପୁର) ବି—ଚଉଡ଼ାମୁହଁ ମୋଟା ଛୋଟ ହାଣ୍ଡି—
Beherḍi A thick earthen pot with a wide mouth.

ବେହେଣ୍ଟା—ଦେ. ବି—୧ । ଛୋଟ ଓ ସଳଖ ବନ୍ୟ ବୃକ୍ଷ ବିଶେଷ—
Beheṇṭā 1. L. Lemonia. [ ଦ୍ର—ଏହାର କାଠ ଶକ୍ତ ଓ ଏ ଗଛର କାଠରେ ଖଗଡ଼ର ଅଣ୍ଟ ତିଆରି ହୁଏ । ] ୨ । ବେଣ୍ଟା (ଦେଖ)—2. Beṇṭā (See).

ବେହେରା—ଦେ. ବି. ପୁଂ ( ସଂ. ବାହକ; ଭୁଲ ବିହାର=ଲୀଳା, ଭ୍ରମଣ,
Beherā ଭୁଲ. ଇଂ. ବେଅରର୍)—୧ । ଯାନ ବାହକ;
ପାଲିଙ୍କିବାହକ—1. Palki bearer. ୨ ।
(ବେହେରାଣୀ—ସ୍ତ୍ରୀ) କେତେକ ଉତ୍କଳୀୟ ଶୂଦ୍ର ଓ ବୈଶ୍ୟଙ୍କ
বেহারা ବଂଶୋପାଧି—2. Family title of certain
बैरा Śūdras and Baiśyas of Orissa. [ଦ୍ର—ଗଉଡ଼, ପାଇକ, କେଉଟ, ଚମାର, ତିଅର ଓ ଅନ୍ୟ କେତେକ ଜାତିଙ୍କ ବଂଶୋପାଧି ବେହେରା ଅଟେ । ] ୩ । ସ୍ୱାତନ୍ତ୍ର୍ୟ ଜାତିର ନେତା ବା ଦଳପତି; ଜାତିବେହେରା—3. The headman of a caste guild. ୪ । ଭୃତ୍ୟ—4. Servant. ( ଉ—ବାବୁ ପରେ ହିଏ ବସାଇ ବେହେରା—ରାଧାନାଥ. ଦରବାର । ୫ । ମାଲିକ—5. Owner; master. (ଉ—ବେଶ କରି ସାଉଥିଲେ ଆଗୁଆଣି—ବେହେରାଏ ସବୁ ଯୋଗ୍ୟ ପୁଣି । ଉଜ୍ଜ୍ୱଳ. ବୈଦେହୀଶବିଳାସ) । [ ଦ୍ର—ଉତ୍କଳର ଭିନ୍ନ ଭିନ୍ନ ଅଞ୍ଚଳରେ ଗଉଡ଼, ବାଉରି, ପାଣ, ହାଡ଼ି, କନ୍ଧ ଓ ସାନ୍ତାଳମାନେ ପାଲିଙ୍କି ବେହେରା କାର୍ଯ୍ୟ କରନ୍ତି । ] ପ୍ରାଦେ. (ଜୟପୁର) ବି—ମୁଖ-ମୂଲିଆଙ୍କ ସର୍ଦ୍ଦାର୍; ଜମାଦାର—

The head amongst the servants engaged for agriculture

**ବେହେରାଣିଅ(ଅଁ) ପୁଅ**—ଦେ. ବ—ଅନ୍ତଃପୁରସ୍ଥ ରଜାଙ୍କର ରକ୍ଷିତା
Beherānia(ān) pua ସ୍ତ୍ରୀଗର୍ଭଜାତ ସନ୍ତାନ—The illegitimate son of a Raja

**ବେହେରାଣୀ**—ଦେ. ବ. ସ୍ତ୍ରୀ—୧ । ବେହେରା ଜାତିର ସ୍ତ୍ରୀ—1.
Beherāni A woman of the Beherā caste. ୨ । (ସ. ବହାର ଶବ୍ଦରୁ ବହାରଣୀ; ରଜା ଯାହା ସଙ୍ଗେ ବିହାର କରନ୍ତି)—ରଜାଙ୍କ ରକ୍ଷିତା ସ୍ତ୍ରୀ 2. The concubine of a Raja.

**ବେହେରା ପଧାନ**—ଦେ. ବ—୧ । ( ପ୍ରାଚୀନ ଓଡ଼ିଶାର ) କୃଷକ
Beherā padhāna ସୈନ୍ୟଦଳର ନେତା—1. The captain or leader of the militia of ancient Orissa. ୨ । କେତେକ ବୃତ୍ତିଧାରୀ ଜାତିର ନେତା—2. The headman of some caste-guilds.

**ବେହେରା ପୁଅ**—ଦେ. ବ ( ବେହେରାଜାତୀୟ ବ୍ୟକ୍ତି ପ୍ରତି ସମ୍ବୋଧନରେ
Beherā pua ବ୍ୟବହୃତ )—ବେହେରା ଜାତିର ସନ୍ତାନ—( ବେହେରା ପିଲା—ଅନ୍ୟରୂପ ) A member of the Beherā caste.

**ବେହେରୀ**—ଦେ. ବ—ଦୁଧ ଅଉଟିବା ଓ ଦହି ମୋହିଁବାରେ
Beheri ବ୍ୟବହୃତ ଏକପ୍ରକାର ହାଣ୍ଡି—A kind of earthen pot used for boiling milk and churning curd. [ ଦୃ—ପ୍ରତେ ଦୁଧ ତଦ୍ରୁ ଯେସନେ ଖଣ୍ଡିକ ବେହେରୀ—ଚନ୍ଦ୍ରାମଣି. ଗୁରୁଚଉଳକା । ]

**ବେହେ(ହ)ଲ**—ଦେ. ବଣ ( ସ. ବେହଳ )—ବେଲିଅ ( ଦେଖ )
Behe(ha)la Beliā ( See )

**ବେହେ(ହ)ଲପଣ**—ଦେ. ବ—ବେଲି ( ଦେଖ )—Beli ( See )
Behe(ha)lapana [ ବେହେଲପଣିଅ(ଅଁ)—ଅନ୍ୟରୂପ ]

**ବେହେଲା**—ବୈଦେ. ବ ( ସ. ବହ୍ଳକୀ, ଇଂ ଭାୟୋଲିନ୍, ପର୍ତ୍ତୁ; Behelā ଭାୟୋଲା)—ଗୁରଗୋଟି ତନ୍ତ୍ରବିଶିଷ୍ଟ ଯନ୍ତ୍ର—Violin
ବେহেলা **চিকারা, বেলা** [ ଦୃ—ଏହି ତାରମାନ ଘୋଡ଼ାର ଲାଞ୍ଜ ବାଳରେ ନିର୍ମିତ ଧନୁର୍ଗୁଣ (କମାଣି) ଦ୍ୱାରା ଘର୍ଷିତ ହୋଇ ମଧୁର ଶବ୍ଦ ଉତ୍ପାଦନ କରେ । ଏହି ଗୁର ଗୋଟି ତାରରୁ ପ୍ରତ୍ୟେକ ସ୍ୱର ବାହାରେ । ଯଥା—୧. ପଞ୍ଚମ, ୨. ସୁର, ୩. ମଧ୍ୟମ, ୪. ଖାଦ । ]

**ବେହେଲା କମାଣି**—ଦେ. ବ (ସ. ବହ୍ଳକୀ+କମାଣ)—୧ । ବେହେଲା
Behelā kamāni ତାରକୁ ଟେକ ଧରିଥିବା ପାନିଆ ଆକାରର ଖଣ୍ଡିଏ ପତଳା କାଠ—1 A comb-shaped bit of thin wood supporting the strings of the violin. ୨ । ବେହେଲା ଛଡ଼ ( ଦେଖ )—2. Behelā chharda (See)

**ବେହେଲା ଛଡ଼(ଡ଼ି)**—ଦେ. ବ—ବେହେଲା ତାରକୁ ଘଷିବା ପାଇଁ
Behelā chharda((rdi) ବ୍ୟବହୃତ ଘୋଡ଼ାର ଲାଞ୍ଜ-ବାଳରେ ନିର୍ମିତ ଧନୁ ଆକାରର କାଷ୍ଠ ଦଣ୍ଡବିଶେଷ—
বেহেলার ছড়ী The bow of a violin.
**बेलाका गज**

**ବେହେଲା ତାର**—ଦେ. ବ—ବେହେଲାରେ ଲଗାଯିବା ଜୀବମାନଙ୍କ
Behelā tāra ଅନ୍ତ୍ର ଦ୍ୱାରା ନିର୍ମିତ ତନ୍ତ୍ରବିଶେଷ—
বেহেলার তার **बेलाका तार** Violin string.

**ବେହୋସ୍**—ବୈଦେ. ବ ଓ ବଣ—ବେହୁସ୍ (ଦେଖ)
Behos Behus (See)

**ବୈ**—ସ. ଅ ( ବା ଧାତୁ=ଗମନ କରିବା+କର୍ତ୍ତି. ଐ )—ପାଦ-
Bai ପୂରଣାର୍ଥ, ସମ୍ବୋଧନ ଓ ଅନୁନୟରେ ବ୍ୟବହୃତ ଅବ୍ୟୟ—A particle used in completing a sentence, in addressing and in entreaty. [ ଦ୍ର—ଏହି ସଂସ୍କୃତ 'ବୈ' ଶବ୍ଦ ବଙ୍ଗଳାରେ 'ବଇ', ଓଡ଼ିଆରେ 'ବ', ପାର୍ସୀରେ 'ଇ' ସଙ୍ଗେ ସମାନ । ତେବେ ଏହି 'ବୈ' ଶବ୍ଦର ଓଡ଼ିଆରେ ବ୍ୟବହାର ନାହିଁ । ] ବୈଦେ. ବ ( ପା. ବସ୍ତ୍ର )—୧ । ବହି, ପୁସ୍ତକ—1. Book. ୨ । ( ଅବଜ୍ଞାର୍ଥକ ) ବୈଷ୍ଣବ ବା ବୈରାଗୀ ନାମକ ବ୍ୟକ୍ତିଙ୍କୁ ଡାକିବା ନାମ—2. Name for calling Baishnaba or Bairāgi. (ବୈଆ—ଅନାଦରାର୍ଥକ)

**ବୈଁଶୋରି**—ଦେ. ବ—କ୍ଷୁଦ୍ର ବଂଶୀ—A small flute.
Bainsori (ଉ—ଅଧର ହୋଇଅଛି ବେଣୁ ଯେ ବୈଁଶୋରି । ପ୍ରାଚୀ. ଗୁରୁବନ୍ଧୁ ଗୀତା ।)

**ବୈ କବ(ବା)ଲା**—ବୈଦେ. ବ (ପା. ବୈକବାଲା) (କଚେରୀଅ)—
Bai kaba(bā)lā ବିକ୍ରୟ ପତ୍ର—A deed of sale
কবালা **बैकबाला**

**ବୈକର୍ତ୍ତନ**—ସ. ବଣ. (ବିକର୍ତ୍ତନ+ଅ)—୧ । ସୂର୍ଯ୍ୟବଂଶୀୟ—
Baikarttana 1. Belonging to the Solar dynasty. ୨ । ସୌର—2. Solar. ସ. ବ. (ବିକର୍ତ୍ତନ+ଅପତ୍ୟାର୍ଥେ ଅ )—୧ । ସୂର୍ଯ୍ୟପୁତ୍ର ଶନି ଗ୍ରହ—1. The planet Saturn. ୨ । ଅଙ୍ଗରାଜ କର୍ଣ୍ଣ—2. King Karnna. [ଦୃ—ଅଙ୍ଗରାଜ କର୍ଣ୍ଣ ପୂର୍ବେ କବଚ ଓ କୁଣ୍ଡଳ ସ୍ୱୟଂ ଛେଦନ କରି ପୁରନ୍ଦରଙ୍କୁ ପ୍ରଦାନ କରିବାରୁ 'ବୈକର୍ତ୍ତନ' ନାମରେ ବିଖ୍ୟାତ ହୋଇଥିଲେ । ମହାଭାରତ; ଅବିବାହିତା କୁନ୍ତୀଙ୍କଠାରୁ ସୂର୍ଯ୍ୟ ଦେବଙ୍କ ଔରସରେ ଏ ଜାତ ହୋଇଥିଲେ । ]

**ବୈକଳ୍ପିକ**—ସ. ବଣ. ( ବିକଳ୍ପ+ଇକ )—୧ । (ବ୍ୟାକରଣ)
Baikalpika ବିକଳ୍ପରେ ଯାହା ସିଦ୍ଧ ହୁଏ—1. (grammar) Optional; alternative. ୨ । ସନ୍ଦେହଯୋଗ୍ୟ—2. Doubtful.

**ବୈକଲ୍ୟ**—ସ. ବ. (ବିକଳ+ଭାବାର୍ଥେ ଯ)—୧ । ବିକଳତା; ବିକୃତ
Baikalya ଅବସ୍ଥା—1. Defect; impaired condition. ୨ । ଖଞ୍ଜତା—2. Lameness. ୩ । ଅଙ୍ଗହୀନତା—3. Want of limb. ୪ । ଅଭାବ—4. Want. ୫ । ଅସମ୍ପୂର୍ଣ୍ଣତା—5. Incompleteness; imperfection.

**ବୈକାର**—ସଂ. ବି (ବିକାର+ସ୍ୱାର୍ଥେ ଅ)—୧ । ବିକୃତି—1. Deterioration.
Baikāra
ସଂ. ବିଣ—ବିକାରସମ୍ବନ୍ଧୀୟ—Relating to deterioration. ଦେ. ବିଣ—ସାତ୍ତ୍ୱିକ—Relating to the satwa quality. [ ଭୂ—ବୈକାର ରାଜସ ତାମସ, ଏ ତିନରୂପେ ତା ପ୍ରକାଶ । ଜଗନ୍ନାଥ. ଭାଗବତ । ]

**ବୈକାଳ**—ସଂ. ବି (ବିକାଳ+ଅ)—୧ । ଅପରାହ୍ଣ—1. Afternoon. ୨ । ଦିବସର ଶେଷ ବେଳା—2. The last portion of the day-time.
Baikāla

**ବୈକାଳି**—ପ୍ରାଦେ. (ଉତ୍ତର ବାଲେଶ୍ୱର) ବି (ମୂଳ. ବ. ବୈକାଲ)—ଅପରାହ୍ଣ; ଓପରଓଳ—Afternoon.
Baikāḷi

**ବୈକାଳିକ**—ସଂ. ବିଣ (ବିକାଳ+ସମ୍ବନ୍ଧାର୍ଥେ ଇକ)—ଅପରାହ୍ଣକାଳୀନ—Relating to or happening in the afternoon.
Baikāḷika

**ବୈକୁଣ୍ଠ**—ସଂ. ବି (ବିକୁଣ୍ଠ+ଅପତ୍ୟାର୍ଥେ ଅ; ଅଥବା ବି=ବିଗତ+କୁଣ୍ଠ=ମାୟା; ଯାହାର ବିଗତ ମାୟା ବିଦ୍ୟମାନ ଅଛି । ଅଥବା ବି=ବିଗତ+କୁଣ୍ଠା; କୁଣ୍ଠାରହିତ ହୋଇ ଅର୍ଥାତ୍ ଅକୁଣ୍ଠିତଭାବରେ ଯେ ପୃଥିବୀକୁ ସୃଷ୍ଟି କରି ଅଛନ୍ତି)—୧ । ବିଷ୍ଣୁ—1. Bishṇu. ୨ । ଇନ୍ଦ୍ର—2. Indra. ୩ । (ବି=ବିଗତ+କୁଣ୍ଠ=ପ୍ରତିବନ୍ଧକ) ଗୋଲୋକଧାମ; ବିଷ୍ଣୁଙ୍କ ପୁରୀ—3. The abode of Bishṇu. ୪ । ବୈଷ୍ଣବମାନଙ୍କ ସ୍ୱର୍ଗ—4. The paradise of the Baishṇaabs. ଦେ. ବି. ପୁଂ—ଲୋକଙ୍କୁ ଦିଆଯିବା ନାମ—A name given to males.
Baikuntha

**ବୈକୁଣ୍ଠ ଏକାଦଶୀ**—ପ୍ରାଦେ (ଗଞ୍ଜାମ) ବି—ଶ୍ରୀରଙ୍ଗନାଥଙ୍କ ମନ୍ଦିରର ଉତ୍ସବବିଶେଷ—Name of a festival in the temple of Srī Ranganatha.
Baikuntha ekādaśī

**ବୈକୁଣ୍ଠ ତୋରା(ଡ଼ା)ଣୀ**—ପ୍ରାଦେ. (ପୁରୀ) ବି—ଚନ୍ଦନଯାତ୍ରା ସମୟରେ ଜଗନ୍ନାଥଙ୍କର ଚଳନ୍ତି ପ୍ରତିମା ଜଳଖିଆ କଲେ ତାଙ୍କ ସେହି ଦହି ପଖାଳ ଓ ନାଡ଼ୁଆଦି ଭୋଗ ବଣ୍ଟାଯାଏ—The offering consisting of ricewater mixed with curd and some cakes.
Baikuntha torā(ṛā)ṇi

**ବୈକୁଣ୍ଠ ଧାମ**—ସଂ. ବି (ବୈକୁଣ୍ଠ+ଧାମନ୍)—ଗୋଲୋକ ଧାମ; ବିଷ୍ଣୁଙ୍କ ପୁରୀ—The abode of Bishṇu.
Baikuntha dhāma
[ବୈକୁଣ୍ଠପୁର(ରୀ)—ଅନ୍ୟରୂପ]

**ବୈକୁଣ୍ଠ ନାଥ(ପତି)**—ସଂ. ବି—ବିଷ୍ଣୁ—Bishṇu.
Baikuntha nātha(pati)

**ବୈକୁଣ୍ଠବାସୀ**—ସଂ. ବି. ପୁଂ (ବୈକୁଣ୍ଠବାସିନ୍; ୧ମା. ୧ବ)—୧ । ବିଷ୍ଣୁ—1. Bishṇu. ୨ । ଯେଉଁ ବିଷ୍ଣୁଭକ୍ତମାନେ ମର ଦେହ ତ୍ୟାଗ କରିବା ପରେ ବୈକୁଣ୍ଠପୁରରେ ବାସ କରୁଅଛନ୍ତି—2. The devotees of Bishṇu who after death transmigrate to and permanently reside in Paradise.
Baikunthabāsī
(ବୈକୁଣ୍ଠବାସିନୀ—ସ୍ତ୍ରୀ)

**ବୈକୃତ**—ସଂ. ବି (ବିକୃତ+ସ୍ୱାର୍ଥେ ଅ)—୧ । ବିକୃତତ୍ୱ; କାୟିକ ବା ମାନସିକ ବିକାର—1. The state of deterioration. ୨ । ପ୍ରାକୃତ ସୃଷ୍ଟି—2. The material creation. [ ଭୂ—ପ୍ରାକୃତ ବୈକୃତ ସଂସାର, ସକଳ ପ୍ରାଣିର ସଞ୍ଚାର । ଜଗନ୍ନାଥ. ଭାଗବତ । ]
Baikṛuta

**ବୈକ୍ରାନ୍ତ**—ସଂ. ବି (ବିକ୍ରାନ୍ତ+ଅ)—୧ । ବିକ୍ରାନ୍ତମଣି; ଚୁନୀ—A sort of gem; ruby. [ ଭୂ—ଏହା ଶ୍ୱେତ, ରକ୍ତ ଓ ପୀତ ବର୍ଣ୍ଣ; ଭୁବନ୍ତବ, ନାନା ଭେଦରେ ୩ ପ୍ରକାର । ] ୨ । ସୋନାସ—ସ୍ପର୍ଶମଣି—2. Touch-stone; the philosopher's stone. ୩ । ଚୁମ୍ବକପଥର—3. Loadstone; magnet.
Baikrānta

**ବୈକ୍ଳବ୍ୟ**—ସଂ. ବି (ବିକ୍ଳବ+ସ୍ୱାର୍ଥେ ଯ)—ବ୍ୟାକୁଳତା; ବିହ୍ୱଳତା; ଅଧୀରତା—Confusion; affliction; agitation.
Baiklabya

**ବୈଖାନସ**—ସଂ. ବି (ବି+ଖନ୍ ଧାତୁ+କର୍ତ୍ତୃ. ଅ;+ଅନ୍ ଧାତୁ=ଜୀବନ ରକ୍ଷା+କର୍ତ୍ତୃ. ଅସ; ଯେଉଁମାନେ ବୃକ୍ଷମୂଳାଦିଦ୍ୱାରା ଜୀବନ ରଖନ୍ତି)—୧ । ଏକଜାତୀୟ ଋଷି—1. A class of sages or ascetics. (ଭୂ—ବୈଖାନସ ଗଣ ଯେଉଁ ବାଟେ ମେଲା । ଉଷ. ବୈଦେହୀଶବିଳାସ ।) ୨ । ବାନପ୍ରସ୍ଥ; ବନବାସୀ—2. A Hindu who has renounced the home and gone to live in the forest. ସଂ. ବିଣ—ବାନପ୍ରସ୍ଥ ସମ୍ବନ୍ଧୀୟ—Relating to the third stage of a Hindu's life.
Baikhānasa

**ବୈଗୁଣ୍ୟ**—ସଂ. ବି (ବିଗୁଣ+ସ୍ୱାର୍ଥେ ଯ)—୧ । ବିଗୁଣତା; ଗୁଣରାହିତ୍ୟ; ବିକୃତତା—1. Derangement; deterioration. ୨ । ଅପରାଧ; ଦୋଷ—2. Fault; guilt. ୩ । ନୀଚତା—3. Inferiority; meanness; lowness. ଦେ. ବି—୧ । ବିରକ୍ତି; ଅପ୍ରସନ୍ନତା—1. Displeasure; annoyance. ୨ । ତ୍ରୁଟି—2. Defect. ୩ । ଦୁଃଖ—3. Grief; sorrow.
Baiguṇya

**ବୈଚ(ଚି)**—ଦେ. ବି (ସଂ. ବିକଙ୍କତ)—ବଇଞ୍ଚ (ଦେଖ)—Baincha (See).
Baicha(chi) বৈচি
(ବୈଁଚ, ବୈଁଚି, ବୈଂଚ, ବୈଂଚି—ଅନ୍ୟରୂପ)

**ବୈଚକ୍ଷଣ୍ୟ**—ସଂ. ବି (ବିଚକ୍ଷଣ+ସ୍ୱାର୍ଥେ ଯ)—ବିଚକ୍ଷଣତା; ନୈପୁଣ୍ୟ—Sharpness; eminence; dexterity; skill.
Baichakshaṇya

**ବୈଚିତ୍ର୍ୟ**—ସଂ. ବି (ବିଚିତ୍ର+ସ୍ୱାର୍ଥେ ଯ)—ମତିଭ୍ରମ—Mental confusion or derangement.
Baichittya

ବୈଚିତ୍ର୍ୟ—ସଂ. ବି (ବିଚିତ୍ର+ଭାବ. ଯ)—୧ । ବିଚିତ୍ରତା; ଚମତ୍କାରିତ୍ୱ; ନାନାରୂପତା—1. Variety; diversity. ୨ । ସୌନ୍ଦର୍ଯ୍ୟ—2. Beauty; elegance; grace.

ବୈଜନକ—ସଂ.ବି (ବିଜନନ+ଅ)—ଜନ୍ମମାସ; ଯେଉଁ ମାସରେ କୌଣସି Baijanaka ସନ୍ତାନ ଜନ୍ମ ହୋଇଥାଏ—The month of the year in which a child has was born.

ବୈଜୟନ୍ତ—ସଂ. ବି ( ବି+ଜି ଧାତୁ=ଜୟ କରିବା+ଅନ୍ତ )—Baijayanta ୧ । ଇନ୍ଦ୍ର ପୁରୀ—1. The paradise or abode of Indra. ୨ । ଇନ୍ଦ୍ର ଧ୍ୱଜ—2. The banner of Indra

ବୈଜୟନ୍ତିକ—ସଂ. ବିଣ. ପୁଂ (ବୈଜୟନ୍ତୀ=ପତାକା+ଇକ)—Baijayantika ପତାକାଧାରୀ—Carrying a banner. (ବୈଜୟନ୍ତିକା—ସ୍ତ୍ରୀ)

ବୈଜୟନ୍ତୀ—ସଂ. ବି (ବୈଜୟନ୍ତ+ଈ)—୧ । ପତାକା—1. Flag; Baijayanti banner. ୨ । ଜାନୁ ପର୍ଯ୍ୟନ୍ତ ଲମ୍ବିତ ପଞ୍ଚବର୍ଣ୍ଣ (ବୈଜୟନ୍ତିକା—ଅନ୍ୟରୂପ) ପୁଷ୍ପ ମାଳା—2. A five-coloured garland reaching the thighs. ୩ । ବିଷ୍ଣୁଙ୍କ କଣ୍ଠସ୍ଥ ମାଳା—3. The garland of Bishnu. ୪ । ଅଧି-ରୋହଣୀ; ନିଶୁଣୀ—4. Ladder; staircase. ୫ । ଧଇଞ୍ଚ ବା ଜୟନ୍ତୀ ବୃକ୍ଷ—5. Name of a plant; Eychonomene Sesban.

ବୈଜୟିକ—ସଂ. ବିଣ (ବିଜୟ+ସମ୍ବନ୍ଧାର୍ଥେ. ଇକ)—୧ । ବିଜୟସୂଚକ Baijayika 1. Triumphal; indicating victory. ୨ । ବିଜୟପ୍ରଦ—2. Granting victory; enabling one to gain victory.

ବୈଜୟିକୀ ବିଦ୍ୟା—ସଂ. ବିଣ (ବୈଜୟିକ+ଈ)—ଯେଉଁ ବିଦ୍ୟା ଶିକ୍ଷା Baijayiki bidya କଲେ ବିଜୟ ଲାଭ ହୁଏ—A science which enables the votary to be victorious.

ବୈଜାତ୍ୟ—ସଂ. ବି. (ବିଜାତ+ଭାବ. ଯ)—୧ । ବିଜାତୀୟତା—Baijatya 1. Difference of caste or nationality. ୨ । ଅସାମଞ୍ଜସ୍ୟ—2. Disparity; dissimilarity. ୩ । ବୈଲକ୍ଷଣ୍ୟ—3. Derangement; strangeness. ୪ । ଲମ୍ପଟତ୍ୱ—4. Lasciviousness. ୫ । ସ୍ୱଭାବରେ ପ୍ରଭେଦ—5. Difference of nature.

ବୈଜୁଳିକ—ଦେ. ବି—ଜୁଳୁଜୁଳିଆ ପୋକ—Baijulika Firefly [ଉ—ବେଙ୍ଗ ବୋଇଲା ଇଲ ଗଗନ ତାରକ । ଜୋଳୁଲେ ବଢ଼ିଛନ୍ତି ଖଦ୍ୟୋତ ବୈଜୁଳିକ । କୃଷ୍ଣସିଂହ ମହାଭାରତ. ବନ ।]

ବୈଜ୍ଞାନିକ—ସଂ. ବିଣ—(ଅଧୁନିକ ପ୍ରୟୋଗ) (ବିଜ୍ଞାନ+ସମ୍ବନ୍ଧ ଓ Baijnanika ଜ୍ଞାତାର୍ଥ.+ଇକ)—ବିଜ୍ଞାନସମ୍ବନ୍ଧୀୟ—Scientific. ସଂ.ବି. ପୁଂ—୧ । ବିଜ୍ଞାନଶାସ୍ତ୍ରରେ ପଣ୍ଡିତ—1. A scientist. ୨ । ବିଶେଷଜ୍ଞ—2. An expert; a specialist.

ବୈଠକ(କି) (ଇତ୍ୟାଦି)—ଦେ. ବି—ବଇଠକ (କି) ଇତ୍ୟାଦି (ଦେଖ)—Baithaka(ki) (etc) Baithaka(ki)etc (See)

ବୈଠା(ଠି) (ଇତ୍ୟାଦି)—ଦେ. ବି—ବଇଠା(ଠି) ଇତ୍ୟାଦି (ଦେଖ) Baitha(thi) (etc) Baitha(thi) etc (See)

ବୈଠାଣି—ପ୍ରାଦେ. (ମେଦିନୀପୁର) ବି—ହୁକା ଆଦିର ବଇଠି—Baithani The stand for a Huka etc.

ବୈଠାର(ରୁ)—ଦେ. ବି—ବଇଠାର(ରୁ) (ଦେଖ) Baithara(ru) Baithara(ru) (See)

ବୈଡ଼୍—ପ୍ରାଦେ. (କଟକ) ବି—ଭିଡ଼; ଚପେଇ; ଅସଂଖ୍ୟ ଜନ-Baird ସମାଗମ; ଲୋକଗହଳ—Pressure of a crowd of people; over-crowding.

ବୈଡ଼ା(ଡ଼ା)ଳ ବ୍ରତ—ସଂ. ବି—(ବିଡ଼ାଳ+ଅ,+ବ୍ରତ)—ନିଜର ପାପ Bairda(da)la brata କର୍ମ ଗୋପନ କରି ନିଜକୁ ଧାର୍ମିକ ବୋଲି ପରିଚିତ କରାଇବା; ଭଣ୍ଡ ତପସ୍ୱିତା—Hypocricy.

ବୈଡ଼ାଳ ବ୍ରତିକ—ସଂ. ବିଣ.ପୁଂ (ବିଡ଼ାଳ ବ୍ରତ+ଅସ୍ତି ଅର୍ଥ. ଇକ,ଇନ୍)-Bairdala bratika ଭଣ୍ଡ ତପସ୍ୱୀ—Hypocretical. (ବୈଡ଼ାଳ ବ୍ରତୀ—ଅନ୍ୟରୂପ;(ବୈଡ଼ାଳ ବ୍ରତିକା, ବୈଡ଼ାଳବ୍ରତିନୀ ସ୍ତ୍ରୀ)

ବୈଡ଼ୂର୍ଯ୍ୟ—ଗ୍ରା. ବି—(ସ. ବୈଦୂର୍ଯ)—ବୈଦୂର୍ଯ୍ୟ (ଦେଖ) Baidurjya Baidurjya (See)

ବୈଣ—ସଂ.ବିଣ—(ବେଣୁ+ଜୀବକାର୍ଥେ)—ବାଉଁଶ ବ୍ୟବସାୟୀ; ବେଣୁ-Baina ଜୀବୀ—Trading in bamboos. ସଂ. ବି—ବାଉଁଶରେ ପାତ୍ରାଦି ନିର୍ମାଣକାରୀ ଜାତି—The Dome caste who live upon the manufacture of bamboo-works.

ବୈଣବ—ସଂ. ବିଣ—(ବେଣୁ+ବିକାରାର୍ଥେ. ଅ)—୧ । ବାଉଁଶ ନିର୍ମିତ—Bainaba 1. Made of bamboo. ୨ । ବାଉଁଶ ସମ୍ବନ୍ଧୀ-(ବୈଣବୀ—ସ୍ତ୍ରୀ) 2. Relating to bamboo. ୩ । (ପୁଂ) ବେଣୁଜୀବୀ ବ୍ୟକ୍ତି—3. Trading in bamboos or manufacturing bamboo work. ୪ । ବାଉଁଶ ଧାନ—4. Grains or seeds of bamboo.

ବୈଣବୀ—ସଂ. ବି. (ବୈଣବ+ଈ)—ବଂଶ ଲୋଚନ—Bainabi Bamboo manna.

ବୈଣିକ—ସଂ.ବିଣ.ପୁଂ (ବୀଣା+ବାଦନ ଅର୍ଥେ ଇକ)—ବୀଣା ସମ୍ବନ୍ଧୀୟ—Bainika Relating to harp. ସଂ. ବି.ପୁଂ—୧ । ବୀଣା ବାଦକ—1. Harper. ୨ । ନାରଦ ମୁନି—2. Sage Narada.

ବୈଣବ୍ୟ—ସଂ. ବି (ବେଣୁ+ଯ)—ବଂଶ ଲୋଚନ—Bainabya Bamboo manna.

ବୈଣ୍ୟ—ସଂ. ବି ( ବେଣ+ଅପତ୍ୟାର୍ଥେ ଯ )—ବେଣ ରାଜାର ପୁତ୍ର; Bainya ପୃଥୁ—Pruthu, the son of king Bena.

ବୈତଂଶିକ—ସଂ. ବି. ପୁଂ (ବିତଂସ=ଜାଲ+ଜୀବିକା ଅର୍ଥରେ ଇକ)—Baitamsika ୧ । ଯେ ଜାଲଦ୍ୱାରା ଜୀବିକା ନିର୍ବାହ କରେ—1. A trapper; a person who catches

animals with nets. ୨ । ମାଂସ ବିକ୍ରୟୀ; ଯେ ପଶୁପକ୍ଷୀଙ୍କର ମାଂସ ବିକ୍ରୟ କରେ ( ପ୍ରକୃତିବାଦ )—2. A trader in meat.

ବୈତନିକ—ସଂ. ବିଣ. ପୁଂ. (ବେତନ+ଜୀବିକା ଅର୍ଥରେ ଇକ )—
Baitanika ୧ । ବେତନଭୋଗୀ—1. Salaried; getting salary. ୨ । ବେତନ ସାଧ୍ୟ—2. Performable by means of salaried servants. ସଂ. ବି—ବେତନଭୋଗୀ ଭୃତ୍ୟ—Salaried servant.

ବୈତମ—ଦେ. ବି—୧ । ପୁରୁଣା; ପ୍ରାଚୀନ—1. Old.
Baitama ୨ ପୁରୁଣା ଓ ବ୍ୟବହାରର ଅନୁପଯୋଗୀ—2. Old and useless.

ବୈତରଣୀ(ଣି)—ସଂ. ବି (ବିଗମ ଅଛି ତରଣ=ପାର ହେବା ଯହିଁରେ;
Baitarani(ni) ବି+ତରଣ+ଈ;+ଅ; ଅଥ୍ବା ବିତରଣ=ଦାନ+ଅ;+ଈ; ଦାନ ଦ୍ୱାରା ଯାହାକୁ ତରନ୍ତି)—୧ । ଯମ ପୁରୀକୁ ବେଷ୍ଟନ କରିଥିବା ପୌରାଣିକ ନଦୀ—1. The mythological river surrounding the abode of the departed spirits (corresponding to the Styx of Greek mythology). [ଦ୍ର—ଏହାର ଜଳ ରୁଧିରମୟ, ଉଷ୍ଣ, ଦୁର୍ଗନ୍ଧ ଓ ଅସ୍ଥିକଙ୍କାଳ ସମନ୍ୱିତ । ମୃତ୍ୟୁ ପୂର୍ବରୁ ଗୋଦାନ କଲେ ସେହି ଗୋରୁର ଲାଙ୍ଗୁଡ଼ ଧରି ଏ ମୃତ ବ୍ୟକ୍ତିର ପ୍ରେତ ନଦୀକୁ ପାରି ହୁଏ ବୋଲି ପୁରାଣରେ ଲେଖା ଅଛି ।] ୨ । ଉତ୍କଳର ନଦୀ ବିଶେଷ—2. Name of a river in Orissa. [ଦ୍ର—ଯାଜପୁର ଏହି ନଦୀ କୂଳରେ ଅବସ୍ଥିତ; ଏହା କେନ୍ଦୁଝରର ଗୋନାସିକା ପର୍ବତରୁ ବାହାରି ବଙ୍ଗୋପସାଗରରେ ପଡ଼ିଅଛି ।] ଦେ. ବି—ମୃତ୍ୟୁ ପରେ ମୃତ ବ୍ୟକ୍ତିର ପ୍ରେତ ଯମ ରାଜ୍ୟରେ ଯେପରି ବୈତରଣୀ ନଦୀକୁ ପାରି ହେବା ଉଦ୍ଦେଶ୍ୟରେ ମୃତ୍ୟୁ ପୂର୍ବରୁ ଦିଆଯିବା ଗୋଦାନ ଆଦି—Gift of cows etc given by a dying person with a view to safely cross the Baitarani river after death.

ବୈତସ—ସଂ. ବିଣ (ବେତସ+ସମ୍ବନ୍ଧାର୍ଥେ ଅ)—ବେତ ଗଛ ସମ୍ବନ୍ଧୀୟ—
Baitasa Relating to the cane plant.
(ବୈତସୀ—ସ୍ତ୍ରୀ) ସଂ. ବି—ଅମ୍ଳ ବେତସ ଗୁଳ୍ମ—A kind of sour plant.

ବୈତାନ—ସଂ. ବିଣ (ବିତାନ+ଅ)—ଯଜ୍ଞୀୟ; ଯଜ୍ଞ ସମ୍ବନ୍ଧ—
Baitāna Relating to vedic sacrifice; sacrificial. (ବୈତାନକ—ଅନ୍ୟରୂପ) ସଂ.ବି—୧ । ଯଜ୍ଞାଗ୍ନି—1. Sacrificial fire. ୨ । ହୋମ—2. Vedic oblation unto fire; burnt offering. ୩ । ହୋମରେ ଦିଆଯିବା ନୈବେଦ୍ୟ—3. Offering made during vedic sacrifice and put into the fire.

ବୈତାଳ—ସଂ. ବି ( ବି—ବିବିଧ+ତାଳ—ବାଦ୍ୟାଦିର ଲୟ+ଅ )—
Baitāla ୧ । ସୂତ ପାଠକ; ଭାଟ; ଯେଉଁମାନେ ପ୍ରଭାତ (ବୈତାଳକ—ଅନ୍ୟରୂପ) କାଳରେ ମଙ୍ଗଳ ଗାନ କରି ରାଜାଙ୍କର ନିଦ୍ରା ଭଙ୍ଗ କରନ୍ତି—1. A herald; ministrel; a bard who awakens a king by singing songs in the morning. ୨ । ଯାଦୁକର; ବାଜିକର; ବେତାଳ ସାଧନ କରିଥିବା ବ୍ୟକ୍ତି; କୁହୁକୀ—2. A conjurer; magician.
ସଂ. ବିଣ—ବେତାଳ ସମ୍ବନ୍ଧୀୟ—Relating to Betāla.
ଦେ. ବି—ବୋଇତାଳ (ଦେଖ)—Boitāla (See).

ବୈତାଳୀୟ—ସଂ. ବି—ଛନ୍ଦୋବିଶେଷ—
Baitāliya A kind of metre.
[ଦ୍ର—ଏହି ଛନ୍ଦରେ ପ୍ରଥମ ଓ ତୃତୀୟ ପାଦରେ ୧୪ଟି ଲଘୁ ବର୍ଣ୍ଣ ଓ ଦ୍ୱିତୀୟ ଏବଂ ଚତୁର୍ଥ ପାଦରେ ୧୬ଟି ଲଘୁବର୍ଣ୍ଣ; ପ୍ରତ୍ୟେକ ପାଦର ପ୍ରଥମ ଓ ତୃତୀୟ ଅକ୍ଷର ଗୁରୁ ଏବଂ ଦ୍ୱିତୀୟ ଅକ୍ଷର ଲଘୁ ।]

ବୈତିଆଳ(ଳୁ)—ଦେ. ବି—ବୋଇତାଳ(ଳୁ) (ଦେଖ)
Baitiāla(lu) Boitāla(lu) (See)

ବୈତ୍ରଣୀ—ଗ୍ରା. ବି (ପ୍ରାଚୀନ ପଦ୍ୟ)—ବୈତରଣୀ ( ଦେଖ )
Baitrani Baitarani (See)
(ଭକ୍ତ— ପାବନୀ କ୍ଷେତ୍ରେ ପ୍ରବେଶିଲେ, ବୈତ୍ରଣୀ ସ୍ନାନ ଦାନ କଲେ । ଭୂପତି. ପ୍ରେମପଞ୍ଚାମୃତ ।)

ବୈଦ (ଇତ୍ୟାଦି)—ଗ୍ରା. ବି (ସଂ ବୈଦ୍ୟ)—ବଇଦ ଇତ୍ୟାଦି (ଦେଖ)
Baida (etc) Baida etc. (See)

ବୈଦଗ୍ଧ(ଗ୍ଧ୍ୟ)—ସଂ. ବି ( ବିଦଗ୍ଧ+ଭାବେ ଅ; ଯ )—୧ । ରସିକତା—
Baidagdha(gdhya) 1. Gallantry; humour; wit (ବୈଦଗ୍ଧୀ—ଅନ୍ୟରୂପ) jocularity. ୨ । ଚତୁରତା; ପଟୁତା—2. Cleverness; skill. ୩ । ପାଣ୍ଡିତ୍ୟ—3. Dexterity; learning; ୪ । ଭଙ୍ଗୀ; ଛଳ—4. Dalliance.

ବୈଦଗ୍ଧ କଳା—ସଂ. ବି (୬ଷ୍ଠୀ ତତ୍)—ରସିକତା ସୂଚକ ଭାବ ଭଙ୍ଗୀ—
Baidagdha kalā Exhibition of gallantry by signs.

ବୈଦଗ୍ଧ ବିଳାସ—ସଂ. ବି (୬ଷ୍ଠୀ ତତ୍)—ଚତୁରତା ପ୍ରକାଶ—
Baidagdha bilāsa Show of skill or gallantry.

ବୈଦ(ଦି)ନାଥ—ଗ୍ରା. ବି (ସଂ. ବୈଦ୍ୟନାଥ)—ବୈଦ୍ୟନାଥ (ଦେଖ)
Baida(di)nātha Baidyanātha ( See).

ବୈଦର୍ଭ—ସଂ. ବିଣ (ବିଦର୍ଭ=ଦେଶ ବିଶେଷ+ସମ୍ବନ୍ଧାର୍ଥେ ଓ ଉଦ୍ଭବାର୍ଥେ
Baidarbha +ଅ)—୧ । ବିଦର୍ଭ ସମ୍ବନ୍ଧୀୟ—1. Relating to the Bidarbha country. ୨ । ବିଦର୍ଭ ଦେଶୋଦ୍ଭୂତ—2. Produced in the Bidarbha country. ସଂ. ବି—୧ । ବିଦର୍ଭ ରାଜା—1. The king of the Bidarbha country. ୨ । ଦମୟନ୍ତୀଙ୍କ ପିତା ଭୀମସେନ—2. The father of Damayanti. ୩ । ବାକ୍ ଚାତୁର୍ଯ୍ୟ—3. Skill in speech; cleverness of speech; jugglery in speech. ୪ । ଦନ୍ତ ରୋଗ—4. Tooth-ache.

ବୈଦର୍ଭୀ—ବି. ବି. ସ୍ତ୍ରୀ ( ବୈଦର୍ଭ + ସ୍ତ୍ରୀ ଈ )—୧ । ଦମୟନ୍ତୀ—
Baidarbhi 1. Damayanti. ୨ । ଅଗସ୍ତ୍ୟ ପତ୍ନୀ—
2. The wife of sage Agastya. [ ଦ୍ର—
ବୈଦର୍ଭୀ ପଦ ଅଗଲେ ସଯୋଗ, ବଦରୁ ମାର୍କଣ୍ଡେୟ ଋଷି
ମିଳ । ଯଥା. ବୈଦେହ୍ୟାଶ୍ରବଣାତ୍ ।] ୩ । ରୁକ୍ମିଣୀ—
3. Rukmini. ୪ । ବୈଦର୍ଭୀ ରୀତି ( ଦେଖ )—
4. Baidarbhi riti (See)

ବୈଦର୍ଭୀ ରୀତି—ବି. ବି—ରଚନାରୀତି ବିଶେଷ; ସରଳ ଓ ମଧୁର ରଚନା
Baidarbhi riti ବିଶେଷ—A sweet and easy style
in composition. [ ଦ୍ର—ଏ ରଚନା ଶ୍ରୁତିମଧୁର
ପଦ ବିଶିଷ୍ଟ ଓ ସମାସହୀନ ବା ସ୍ୱଳ୍ପ ସମାସ ଯୁକ୍ତ ଅଟେ । ]

ବୈଦଳ—ବି. ବି ( ବିଦଳ + ଅ )—୧ । ମୁଗ ବିରି ଆଦି ଡାଲିରେ
Baidala ତିଆରି ରୁଟି ବା ପିଠା—1. Pastry cake
made of pulse. ୨ । ଭିକ୍ଷୁକର ମୃଣ୍ମୟ ପାତ୍ର—
2. Beggar's earthen bowl.

ବୈଦଳିକ ଶିମ୍ବ—ବି. ବି—( ବୈଦ୍ୟଗ୍ରନ୍ଥ ) ମଟର, ବରଗୁଡ଼ି ପ୍ରଭୃତି
Baidalika simba ଶିମ୍ବୀ ଧାନ୍ୟର ଛୁଇଁ—The beans
of pea other pulse.

ବୈଦାନ୍ତିକ—ବି. ବିଣ ( ବେଦାନ୍ତ + ସମ୍ବନ୍ଧ ଓ ସ୍ୱାର୍ଥ ଇକ )—
Baidantika ବେଦାନ୍ତ ସମ୍ବନ୍ଧୀୟ—Relating to the
Bedānta. ବି. ବି—ବେଦାନ୍ତ ଦର୍ଶନବେତ୍ତା ପଣ୍ଡିତ
—A person learned in the Bedānta
Philosophy.

ବୈଦାର—ପ୍ରାଦେ ( ସମ୍ବଲପୁର ) ବି—ବହିଦାର ( ଦେଖ )
Baidār Bahidāra ( See )

ବୈଦିକ—ବି. ବିଣ ( ବେଦ + ସମ୍ବନ୍ଧାର୍ଥେ ଇକ )—୧ । ବେଦସମ୍ବନ୍ଧୀୟ
Baidika —1. Vedic; relating to the Bedas.
୨ । ବେଦୋକ୍ତ; ବେଦନିର୍ଦ୍ଦିଷ୍ଟ—2. Enjoined or
laid down in the Bedas. ୩ । ବେଦାଧ୍ୟାୟୀ—
3. Studying the Bedas. ୪ । ବେଦଜ୍ଞ—
4. Versed in the Bedas. ବି. ବି—କୁଳୀନ
ବ୍ରାହ୍ମଣଙ୍କର ଶ୍ରେଣୀବିଶେଷ —A higher class of
Brāhmaṇas.

ବୈଦିକ କାଳ—ବି. ବି ( ଆଧୁନିକ ପ୍ରୟୋଗ )—ଭାରତୀୟ ଇତିହାସର
Baidika kāla ଯେଉଁ ଯୁଗରେ ବେଦ ବିଶେଷଭାବରେ
(ବୈଦିକଯୁଗ—ଅନ୍ୟରୂପ) ପ୍ରଚଳିତ ଥିଲା—The vedic age;
the age in Indian history when the
Bedas were followed. [ ଦ୍ର—କୌଣସି
କୌଣସି ପଣ୍ଡିତ କହନ୍ତି ଯେ ଏହା ଅନ୍ତତଃ ୨୦୦୦ ବର୍ଷ
ପୂର୍ବର କାଳ ।]

ବୈଦିକ ଧର୍ମ—ବି. ବି—ସନାତନ ହିନ୍ଦୁ ଧର୍ମ—The vedic
Baidika dharma religion; the Hindu religion
as it was practised in the vedic age.
[ ଦ୍ର—ବୈଦିକ ଧର୍ମରେ ପ୍ରତିମା ପୂଜା ଓ ଜାତିଭେଦ ନ
ଥିଲା । ସେ ସବୁ ପୌରାଣିକଯୁଗର କଳ୍ପିତ ବୋଲି
ପଣ୍ଡିତମାନେ କହନ୍ତି । ]

ବୈଦିକ ପନ୍ଥା—ଦେ. ବି—ଶ୍ରୋତ୍ରିୟ ବ୍ରାହ୍ମଣଙ୍କ ଗୋଷ୍ଠୀ; ବୈଦିକ
Baidika panthā ବ୍ରାହ୍ମଣଙ୍କ ସାମାଜିକ ଦଳ—The
ବୈଦିକ ଗୋଷ୍ଠୀ } ଅନ୍ୟରୂପ class formed amongst
ବୈଦିକ ସମାଜ } the Baidika Brāhmaṇas.

ବୈଦିକ ବିଧି—ବି. ବି—ବେଦବିହିତ ବିଧି—Vedic rules;
Baidika bidhi rules of conduct enjoined in
the Bedas.

ବୈଦିକ ବ୍ରାହ୍ମଣ—ବି. ବି—ଶ୍ରୋତ୍ରିୟ ବ୍ରାହ୍ମଣ; ବ୍ରାହ୍ମଣମାନଙ୍କର ଶ୍ରେଣୀ
Baidika brāhmaṇa ବିଶେଷ—A class of
Brāhmaṇas. [ ଦ୍ର—ସାଧାରଣତଃ ଦେଖାଯାଏ ଯେ
ଉତ୍କଳୀୟ ବ୍ରାହ୍ମଣମାନେ ୬ ଶ୍ରେଣୀରେ ବିଭକ୍ତ । ୧—
ସାଆନ୍ତ ( ବଙ୍ଗଦେଶର କୁଳୀନ ପରି ) । ୨—ବୈଦିକ
ବା ଶାସନୀ ( ଗ୍ରାମମାନରେ ବାଳୁଆ ) । ୩—ପଣ୍ଡା, ମଠିଆ
ବା ଦେଉଳିଆ । ୪—ପଞ୍ଚଅସ୍ତି ବା ସାରୁଆ । ୫—
ମାସ୍ତାନ, ହଳୁଆ ବା ବଳଦିଆ ଗୋଛି ( ବଢ଼ାରରେ
ଭୂଇଁହାର ଓ ସମ୍ବଲପୁରରେ ଝାଡ଼ୁଆଙ୍କ ପରି ) । ସାଆନ୍ତ-
ମାନେ ଉତ୍କଳବ୍ରାହ୍ମଣଙ୍କ ଗୁରୁ ଓ ସମସ୍ତ ବ୍ରାହ୍ମଣଙ୍କ ମଧ୍ୟରେ
ପ୍ରଧାନ ଥିଲେ । ଏମାନଙ୍କ ସଂଖ୍ୟା ଖୁବ୍ କମ୍ । ଅନ୍ୟ
ବ୍ରାହ୍ମଣମାନେ ଏମାନଙ୍କୁ ସମ୍ମାନିତ କରନ୍ତି ।
ପଣ୍ଡାମାନେ ଠାକୁରସେବା କରନ୍ତି । ପଞ୍ଚଅସ୍ତିମାନେ ସାରୁ
ବାଇଗଣ ଆଦି ପରିବା ଅବାଦ ଓ ତାହା ବିକି କରି ଖାଆନ୍ତି
ଚଳାନ୍ତି । ପଣ୍ଡା ଓ ପଞ୍ଚଅସ୍ତି ବ୍ରାହ୍ମଣ ମଧ୍ୟରେ ପ୍ରଭେଦ ଖୁବ୍
କମ୍ । ମାସ୍ତାନ ବ୍ରାହ୍ମଣମାନେ ହଳ ବୁଲାନ୍ତି ଓ ପିକା ଖାଆନ୍ତି ।]

ବୈଦୂର୍ଯ୍ୟ—ବି. ବି ( ବିଦୂର=ପର୍ବତ ବିଶେଷ + ଜାତାର୍ଥେ ଅ )—
Baidūrjya କୃଷ୍ଣପୀତବର୍ଣ୍ଣ ମଣି ବିଶେଷ; ନୀଳକାନ୍ତମଣି; ନୀଳା—
Sapphire; Lapis Lazuli ( a gem of ultra-
marine colour ).

ବୈଦେଶିକ—ବି. ବିଣ ( ବିଦେଶ + ସମ୍ବନ୍ଧ ଓ ଭବ ଅର୍ଥରେ ଇକ )—
Baideśika ୧ । ବିଦେଶୀ; ବିଦେଶ ସମ୍ବନ୍ଧୀୟ—1.
(ବୈଦେଶୀ—ଅନ୍ୟରୂପ) Relating to a foreign country.
୨ । ବିଦେଶାଗତ—2. Come from a foreign
country. ୩ । ବିଦେଶୋତ୍ପନ୍ନ—3. Produced
in a foreign land. ୪ । ଭିନ୍ନ ଦେଶବାସୀ—
4. Residing in a foreign country. ବି. ବି
—ବିଦେଶୀୟ ବ୍ୟକ୍ତି—Foreigner; a stranger.

ବୈଦେହ—ବି. ବିଣ ( ବିଦେହ=ମିଥିଳା + ସମ୍ବନ୍ଧ ଓ ଭବ ଅର୍ଥରେ
Baideha ଅ )—୧ । ମିଥିଳାବାସୀ—1. Residing in
Mithilā country. ୨ । ମୈଥିଳ; ମିଥିଳା ଦେଶ
ସମ୍ବନ୍ଧୀୟ—2. Relating to Mithilā country
( modern Bihar ). ବି. ବି—୧ । ମିଥିଳାର ରାଜା
1. The king of Mithilā. ୨ । ଜନକ ରାଜା—
2. King Janaka, the reputed father of

Sita. ୩ । ମିଥିଳାବାସୀ ବ୍ୟକ୍ତି—3. A man of Mithilā. ୪ । ବଣିକ୍—4. A trader; merchant. ୫ । ଶୂଦ୍ରପିତୃକ ଓ ବୈଶ୍ୟମାତୃକ ସଙ୍କର ଜାତି ବିଶେଷ—5. A hybrid caste orginating in a śūdra father and Baiśya mother.

ବୈଦେହକ—ସଂ. ବି. (ବୈଦେହ+କ)—୧ । ନାନା ବାଣିଜ୍ୟ ଦ୍ରବ୍ୟ Baidehaka ସଂଗ୍ରହକାରୀ ବଣିକ୍—1. A trader dealing in various sorts of merchandise. ୨ । ଶୂଦ୍ରପିତୃକ ଓ ବୈଶ୍ୟମାତୃକ ସଙ୍କର ଜାତିବିଶେଷ—2. A hybrid caste.

ବୈଦେହିକ——ସଂ. ବିଣ (ବିଦେହ+ଇକ)—୧ । ବିଦେହ ବା Baidehika ମିଥିଳା ସମ୍ବନ୍ଧୀୟ—1. Relating to the Mithilā country. ୨ । ମିଥିଳାବାସୀ—2. Residing in Mithilā. [ଉ—ବ୍ୟବସ୍ଥିତେ ପୁଣ ସଲକ୍ଷଣେ ସେହି ବୈଦେହିକ ଜନେ ତତୋଧିକ ମୋହ ଭଞ୍ଜ. ବୈଦେହୀଶବିଳାସ ।]

ବୈଦେହୀ—ସଂ. ତ—(ବିଦେହ+ଅପତ୍ୟାର୍ଥେ. ଅ+ସ୍ତ୍ରୀ. ଈ)—୧ । Baidehī ଜାନକୀ; ସୀତା—1. Sītā. ୨ । ହରିଦ୍ରା; ହଳଦୀ—2. Turmeric. ୩ । ବଣିକ୍ ପତ୍ନୀ—3. The wife of a trader. ୪ । ଗୋରୋଚନା—4. A yellow pigment obtained from dead cattle. ୫ । ପିପ୍ପଳି—5. Long pepper. [ଉ—ବୈଦେହୀ ପ୍ରମାଣ ଫଳେ କହୁଁ କର ଜାତ । ଭଞ୍ଜ. ବୈଦେହୀଶବିଳାସ ।]. ଦେ. ବି—ସ୍ତ୍ରୀଲୋକଙ୍କୁ ଦିଆ ଯିବା ନାମ— A name given to females.

ବୈଦେହୀ(ହି) ବିଳାସ—ଗ୍ରା.ବି—ବୈଦେହୀଶବିଳାସ (ଦେଖ)
Baidehī(i) bilāsa Baidehīsabilāsa (See)

ବୈଦେହୀଶବିଳାସ—ଦେ. ବି (ଅଧୁନିକ)—ଉପେନ୍ଦ୍ର ଭଞ୍ଜ କୃତ Baidehīsabilāsa ବୈଦେହୀଶ ବା ଶ୍ରୀରାମଚନ୍ଦ୍ରଙ୍କର ଜୀବନ-ଚରିତାତ୍ମକ ପଦ୍ୟ କାବ୍ୟ ବିଶେଷ—Name of an Oriya epic poem in 4 volumes by Upendra Bhañja, depicting the incidents of Rāmachandra's life, in which every line begins with the letter 'ba' [ଦ୍ର—ଏହି ପୁସ୍ତକ ୪ ଭାଗରେ ବିଭକ୍ତ ଗୋଟିଏ ପ୍ରକାଣ୍ଡ କାବ୍ୟ ଓ ଏଥିର ପ୍ରତ୍ୟେକ ପଦର ପ୍ରଥମ ଅକ୍ଷର 'ବ' ଅକ୍ଷରରେ ରଚିତ ହୋଇଅଛି । ଏପରି ରଚନାବୈଚିତ୍ର୍ୟ ଓ ପାଣ୍ଡିତ୍ୟ ଅନ୍ୟାନ୍ୟ ଭାଷାର ସାହିତ୍ୟରେ ବିରଳ ।]

ବୈଦ୍ୟ—ସଂ. ବି. ପୁଂ—( ବେଦ—ଆୟୁର୍ବେଦ+କୁଶଳାର୍ଥେ ଯ )— Baidya ୧ । ଆୟୁର୍ବେଦୋକ୍ତ ପ୍ରଣାଳୀରେ ଚିକିତ୍ସା ବ୍ୟବସାୟ (ବୈଦ୍ୟା—ସ୍ତ୍ରୀ) କରିବା ବ୍ୟକ୍ତି; ଭିଷକ୍; ଚିକିତ୍ସକ—1. A physician (following the Hindu system of medicine). ୨ । ବିଦ୍ୱାନ୍; ପଣ୍ଡିତ; ଜ୍ଞାନୀ—2. A learned man; a philosopher; a wise man. ଦେ. ବି—ଅମ୍ବଷ୍ଠ ଜାତି; ବ୍ରାହ୍ମଣପିତୃକ ଓ ବୈଶ୍ୟମାତୃକ ପୂର୍ବବଙ୍ଗର ଚିକିତ୍ସାବ୍ୟବସାୟୀ ଜାତି-ବିଶେଷ—A caste of physician in East Bengal. [ଦ୍ର—ଏମାନେ ଦ୍ୱିଜାତି ଥିବାରୁ ବ୍ରାହ୍ମଣଙ୍କ ପରି କୃତ ବୁଅନ୍ତି ଓ ଯଜ୍ଞୋପବୀତ ଧାରଣ କରନ୍ତି; ସାଧାରଣତଃ ଦାସଗୁପ୍ତ ଓ ସେନଗୁପ୍ତ ପ୍ରଭୃତି ଏମାନଙ୍କର ବଂଶଗତ ଉପାଧି ଅଛି ।]

ବୈଦ୍ୟକ—ସଂ. ବିଣ (ବୈଦ୍ୟ+ସ୍ୱାର୍ଥେ କ)—୧ । ଆୟୁର୍ବେଦୋକ୍ତ ଚିକିତ୍ସା Baidyaka ସମ୍ବନ୍ଧୀୟ—1. Relating to Āyurbedic treatment. ସଂ. ବି—୧ । ଆୟୁର୍ବେଦ—1. The Hindu medical science. ୨ । ଆୟୁର୍ବେଦୀୟ ଚିକିତ୍ସା ଗ୍ରନ୍ଥ—2. A treatise on the Hindu medical system.

ବୈଦ୍ୟ ଚନ୍ଦ୍ର—ସଂ. ବି—(୭ମୀ ତତ୍)—୧ । ଶ୍ରେଷ୍ଠ ବୈଦ୍ୟ— Baidya chandra 1. An eminent physician. [ଉ—ବାଣୀ ନ୍ୟାସ୍ତ, ବୈଦ୍ୟ ଚନ୍ଦ୍ର ସୁଷେଣ ଭୂରତ । ଭଞ୍ଜ. ବୈଦେହୀଶବିଳାସ ।] ୨ । ଶ୍ରେଷ୍ଠ ବୈଦ୍ୟଙ୍କୁ ପ୍ରଦତ୍ତ ଉପାଧି ବିଶେଷ—2. A title bestowed on eminent physicians.

ବୈଦ୍ୟନାଥ—ସଂ. ବି—( ବୈଦ୍ୟ=ଚିକିତ୍ସକ+ନାଥ=ପ୍ରଭୁ )— Baidyanātha ୧ । ଶିବ; ମହାଦେବ—1. Śiba. ୨ । ଶିବାନୁଚର ଭୈରବ ବିଶେଷ—2. Name of an attendant of Śiba. ୩ । ବାବା ବୈଦ୍ୟନାଥ; ଝେଣ୍ଟନାଗପୁର ବିଭାଗର ଅନ୍ତର୍ଗତ ସାନ୍ତାଲ ପ୍ରଗନ୍ନା ଜିଲ୍ଲାର ଦେଓଘର ସବଡିଭିଜନସ୍ଥ ପ୍ରସିଦ୍ଧ ଶିବ ଲିଙ୍ଗ—3. Image of Śiba in Deoghar in Santhal Perganas. [ଦ୍ର—ହିନ୍ଦୁଙ୍କର ଏହା ଗୋଟିଏ ପୀଠ ଓ ପ୍ରଧାନ ତୀର୍ଥ । ଏଠାରେ ୨୨ ଗୋଟି ମନ୍ଦିର ଶିବଙ୍କ ନାମରେ ଉତ୍ସୃଷ୍ଟ । ଏଠାର ଶିବଲିଙ୍ଗ ଭାରତ ପ୍ରସିଦ୍ଧ ଦ୍ୱାଦଶ ଜ୍ୟୋତିର୍ଲିଙ୍ଗ ମଧ୍ୟରୁ ଏକତମ ।] ୪ । ଉତ୍ତରଭାରତୀୟ ଭାରତର ଗୋଟିଏ ପ୍ରଧାନ ହିନ୍ଦୁ ତୀର୍ଥ; ବୈଦ୍ୟନାଥ ଲିଙ୍ଗଙ୍କ ଅଧିଷ୍ଠିତ ନଗର, ଦେଓଘର—4. The town of Deoghar. [ଦ୍ର—ଏ ସ୍ଥାନର ଜଳବାୟୁ ସ୍ୱାସ୍ଥ୍ୟକର ଥିବାରୁ ଏଠାକୁ ଭାରତର ନାନା ସ୍ଥାନରୁ ସହସ୍ର ସହସ୍ର ବ୍ୟକ୍ତି ଆସନ୍ତି ଓ ଏଠାରେ ଅନେକ ବଡ଼ ଲୋକ ସ୍ୱାସ୍ଥ୍ୟନିବାସାର୍ଥ ପ୍ରାସାଦମାନ ତୋଳି ଅଛନ୍ତି ।

ଏ ଦେବତାଙ୍କ ନିକଟରେ ବହୁ ଶତ ଭକ୍ତ ନିଜ ନିଜ ମନୋବାଞ୍ଛା ସିଦ୍ଧ୍ୟର୍ଥ ଓ ଆରୋଗ୍ୟ ଲାଭାର୍ଥ 'ଧାରଣା' ପଡ଼ନ୍ତି । ଏ ସ୍ଥାନର କୂପ ଜଳ ଅତି ସ୍ୱାଦୁ । ଏ ଦେବତାଙ୍କୁ ସ୍ନେହରେ ହିନ୍ଦୁମାନେ 'ବାବା ବୈଦ୍ୟନାଥ' ବୋଲି ଡାକନ୍ତି । ଫଳତଃ ଏ ସ୍ଥାନର ଜଳବାୟୁ ଗୁଣରେ ଓ ଦେବତାଙ୍କ ଅନୁଗ୍ରହରେ ବହୁ ସହସ୍ର ରୋଗୀ ଧାରଣା କରି

ଅସାଧ୍ୟ ରୋଗମାନଙ୍କରୁ ମୁକ୍ତିଲାଭ କରିବା ଦେଖାଯାଏ। ଏଠାରେ ଅଧିକାଂଶ ସ୍ୱାସ୍ଥ୍ୟଲାଭାର୍ଥ ଲକ୍ଷାଧିକ ଲୋକ ଆସନ୍ତି। ଏ ସ୍ଥାନ ପାହାଡ଼ିଆ। ଏଠାରେ ଭଲ ସନ୍ଦେଶ ଓ ବସାଦହି ମିଳେ ଏବଂ ଲୁହାର ଭଲ ଛୁରୀ ମାନ ଏଠାରେ ତିଆରି ହୁଏ।]

ବୈଦ୍ୟରାଜ—ସଂ. ବି—(ବୈଦ୍ୟ+ରାଜନ୍;୬ଷ୍ଠୀ ତତ୍)—ଶ୍ରେଷ୍ଠ ବୈଦ୍ୟ-
Baidyarāja An eminent physician.

ବୈଦ୍ୟ ସଙ୍କର—ସଂ. ବିଣ (ବୈଦ୍ୟକ)—ଏକ କାଳରେ ପରସ୍ପର ପରାମର୍ଶ
Baidya saṅkara ବିନା ଭିନ୍ନ ଭିନ୍ନ ଚିକିତ୍ସକଙ୍କଦ୍ୱାରା ଚିକିତ୍ସିତ ହେବା(ରୋଗ)—(sickness of a person) Which is being treated simultaneously by different physicians without reference to or consultation with each other.

ବୈଦ୍ୟ ଶାସ୍ତ୍ର—ସଂ. ବି—ବୈଦ୍ୟକ (ଦେଖ)
Baidya śāstra Baidyaka (See).

ବୈଦ୍ୟା—ସଂ. ବି. ସ୍ତ୍ରୀ—(ବୈଦ୍ୟ+ଆ) ୧। ବୈଦ୍ୟର ସ୍ତ୍ରୀଲିଙ୍ଗ—
Baidyā 1. Feminine of Baidya. ୨। ବାଦନ; ମଧୁର ଧ୍ୱନି—2. A sweet musical tune or note. ୩। କାକୋଲି ନାମକ ଔଷଧ—3. Name of a drug.

ବୈଦ୍ୟୁତ—ସଂ. ବିଣ (ବିଦ୍ୟୁତ୍+ସମ୍ବନ୍ଧାର୍ଥେ ଅ)—୧। ବିଦ୍ୟୁତ୍ ବା
Baidyuta ବିଜୁଳି ସମ୍ବନ୍ଧୀୟ—1. Electric; electrical.
(ବୈଦ୍ୟୁତିକ—ଅନ୍ୟରୂପ) ୨। ବିଦ୍ୟୁନ୍ମୟ—2. Full of electricity.

ବୈଦ୍ୟୁତାଲୋକ—ସଂ. ବି (କର୍ମଧା; ବୈଦ୍ୟୁତ+ଆଲୋକ)—୧।
Baidyutāloka ବିଜୁଳିର ଆଲୁଅ—1. The light of a flash of lightning. ୨। ବିଜୁଳି ବତି—2. Electric light or lamp.

ବୈଧ—ସଂ. ବିଣ (ବିଧି+ଅନପେତ ଅର୍ଥରେ ଅ)—୧। ବିଧି ସଙ୍ଗତ—
Baidha 1. Conforming to rules. ୨। ରୀତି ସଙ୍ଗତ—
(ଅବୈଧ—ବିପରୀତ) 2. Conforming to usage or custom. ୩। ବିଧିସିଦ୍ଧ; ଆଇନ ସଙ୍ଗତ—3. Legal; lawful.

ବୈଧତା(ତ୍ୱ)—ସଂ. ବି (ବୈଧ+ଭାବ ତା; ତ୍ୱ)—ବିଧିସିଦ୍ଧତା—
Baidhatā (twa) Legality; lawfulness.

ବୈଧବ—ଗ୍ରା. ବି—୧। (ସଂ. ବିଧବା) -ବିଧବା—1. Widow. ୨।
Baidhaba (ସଂ. ବୈଧବ୍ୟ) ବୈଧବ୍ୟ—2. Widowhood.

ବୈଧବ୍ୟ—ସଂ. ବି (ବିଧବା+ଭାବ. ଯ)—ସ୍ତ୍ରୀର ବିଧବାବସ୍ଥା; ସ୍ତ୍ରୀର ସ୍ୱାମୀ
Baidhabya ମୃତ ହେବା ଅବସ୍ଥା—Widowhood.

ବୈଧବ୍ୟ କଷ୍ଟ—ସଂ.ବି—ବିଧବା ହେବାରୁ ସ୍ତ୍ରୀ ଯେଉଁ ଦୁଃଖ ଭୋଗ କରେ
Baidhabya kashṭa The pangs of widowhood;
ବୈଧବ୍ୟ କ୍ଲେଶ, ବୈଧବ୍ୟ ଦୁଃଖ } the pain and
ବୈଧବ୍ୟ ଦୁର୍ଦ୍ଦଶା, ବୈଧବ୍ୟ ଯନ୍ତ୍ରଣା } ଅନ୍ୟରୂପ privations of
ବୈଧବ୍ୟ ଯାତନା; ବୈଧବ୍ୟ ବେଦନା } a widow.

ବୈଧବ୍ୟ କାତରା—ସଂ. ବିଣ. ସ୍ତ୍ରୀ (୭ମୀ ତତ୍)—ବିଧବା ହେବାଯୋଗୁ
Baidhabya kātarā ଅତ୍ୟନ୍ତ ଶୋକ ବିହ୍ୱଳା—Overwhelmed with the grief of widowhood.
ବୈଧବ୍ୟକ୍ଲିଷ୍ଟା, ବୈଧବ୍ୟବିଧୁରା } ଅନ୍ୟରୂପ
ବୈଧବ୍ୟଦଗ୍ଧା, ବୈଧବ୍ୟବିହ୍ୱଳା }

ବୈଧବ୍ୟ ଘଟଣା(ନା)—ଦେ. ବି—ବୈଧବ୍ୟ; ସ୍ତ୍ରୀର ସ୍ୱାମୀନାଶରୂପ
Baidhabya ghaṭaṇā(nā) ଅବସ୍ଥା—Widowhood; the state of becoming a widow.
ବୈଧବ୍ୟ ଦଶା } ଅନ୍ୟରୂପ
ବୈଧବ୍ୟାବସ୍ଥା }

ବୈଧର୍ମ୍ମ୍ୟ—ସଂ. ବି (ବିଧର୍ମ+ଭାବ. ଯ)—୧। ନାସ୍ତିକତା—1. A-
Baidharmmya theism. ୨। ନିଜ ଧର୍ମ ପାଳନ ନ କରିବା—
(ସାଧର୍ମ୍ୟ—ବିପରୀତ) 2. Heterodoxy in religious matters. ୩। ଏକ ଧର୍ମ ଛାଡ଼ି ଅନ୍ୟ ଧର୍ମ ଗ୍ରହଣ କରିବାର ଅବସ୍ଥା—3. Apostacy. ୪। ଅସାମଞ୍ଜସ୍ୟ—4. Dissimilarity; difference. ୫। ବୈପରୀତ୍ୟ—5. Contrariety.

ବୈଧାତ୍ର—ସଂ. ବି (ବିଧାତୃ+ଅପତ୍ୟ ଅର୍ଥରେ. ଅ)—ସନତ୍କୁମାରାଦି
Baidhātra ବ୍ରହ୍ମାଙ୍କ ପୁତ୍ର—The sons of Brahmā.
ସଂ. ବିଣ—୧। ବିଧାତୃ ବା ବ୍ରହ୍ମାସମ୍ବନ୍ଧୀୟ—1. Relating to the Creator or Brahmā. ୨। ଐଶ୍ୱରିକ—2. Divine.

ବୈଧାତ୍ରୀ—ସଂ. ବି. ସ୍ତ୍ରୀ (ବୈଧାତ୍ର+ଈ)—୧। ବ୍ରାହ୍ମୀ ଶାଗ—1. A
Baidhātri kind of potherb. ୨। ବ୍ରାହ୍ମଣଝାଟିଆ (ଦେଖ)—2. Brāhmaṇa jhāṭiā (See).

ବୈଧୀ—ସଂ. ବିଣ. ସ୍ତ୍ରୀ (ବୈଧ+ସ୍ତ୍ରୀ ଈ)—ବୈଧର ସ୍ତ୍ରୀଲିଙ୍ଗ—
Baidhi Feminine of Baidha.

ବୈଧୀ ଭକ୍ତି—ସଂ. ବି—ବିଧି ଅନୁଷ୍ଠାନ କରି (ବେଦ ଓ ସ୍ମୃତିବିହିତ
Baidhi bhakti କାର୍ଯ୍ୟ କରି) ଯେ ଭକ୍ତି ଜନ୍ମେ—The devotion which is engendered in the mind by the performance of the rites prescribed in the scripture.

ବୈଧୁର୍ଯ୍ୟ—ସଂ. ବି (ବିଧୁର+ସ୍ୱାର୍ଥେ ଯ)—ବିଧୁରତା; କାତର
Baidhurjya ହେବା ଅବସ୍ଥା—The state of being afflicted or overwhelmed with grief.

ବୈଧୃତ—ଦେ. ବି (ସଂ ବୈଧୃତି; ବୈଧୃତି ଯୋଗ ଅଶୁଭ ଥିବାରୁ)—
Baidhṛuta ୧। ବିବାଦ; ବିସମ୍ବାଦ—1. Dispute. ୨। କଳି—2. Quarrel. ଦେ. ବିଣ—ବିବାଦକାରୀ—Disputing; quarrelling.

ବୈଧୃତି—ସଂ. ବି (ବି=ବିପରୀତ+ଧୃତି=ଧୃତି ନାମକ ଶୁଭକର ଯୋଗ; ବିପରୀତ)—ଜ୍ୟୋତିଷୋକ୍ତ ଯୋଗବିଶେଷ,
Baidhṛuti ବିଷ୍କୁମ୍ଭାଦି ୨୭ଯୋଗରୁ ଶେଷୋକ୍ତ ଯୋଗ—One of the 27 astrological conjunctions, which is considered as very inauspicious.
[ ଦ୍ର—୨୭ଟି ଯୋଗ ମଧ୍ୟରୁ ଏହି ଯୋଗ ଓ ବ୍ୟତିପାତ ଯୋଗ ଶୁଭକାର୍ଯ୍ୟରେ ସର୍ବଥା ପରିତ୍ୟାଜ୍ୟ; ଏ ଯୋଗରେ

ଗୁଣ ଭାର୍ଯ୍ୟା ବରଙ୍କ କନ୍ୟାରେ ଓ ବର ଭାଜି ସେ ଭାର୍ଯ୍ୟ ନଷ୍ଟ ହୁଏ । ] ବେ. ବ ଓ ବଣ—ବୈଧୃତ ( ଦେଖ )
Baidhruta ( See )

ବୈଧେୟ—ସ. ବଣ ( ବିଧି+ସମ୍ବନ୍ଧାର୍ଥେ ଏୟ )—୧ । ବିଧିସମ୍ବନ୍ଧୀୟ—
Baidheya 1. Relating to rules. ୨ । ବୈଧ—
2. Legal; rational. ୩ । (ବିଧେୟ+ଅ) ମୂର୍ଖ—
3. Ignorant, ୪ । ମୂଢ଼—4. Foolish.

ବୈନତେୟ—ସ. ବି. ପୁଂ ( ବିନତା+ଅପତ୍ୟାର୍ଥେ ଏୟ )—୧ । ବିନତା
Bainateya ନନ୍ଦନ—1. Son of Binata. ୨ । ଅରୁଣ—
2. Dawn personified. ୩ । ଗରୁଡ଼—3. The mythological king of birds and the carrier of Bishnu on his back.

ବୈନାୟକ—ସ. ବ ( ବିନାୟକ+ସମ୍ବନ୍ଧାର୍ଥେ ଅ )—ବିନାୟକ (ଗଣେଶ,
Bainayaka ଗରୁଡ଼ ) ସମ୍ବନ୍ଧୀୟ—Relating to Binayaka ( Ganesa and Garurda ).

ବୈନାୟକୀ ବିଦ୍ୟା—ସ. ବି—ଗାରୁଡ଼ୀ; ତାନ୍ତ୍ରିକ ବିଦ୍ୟା; ଗୁଣୀବିଦ୍ୟା—
Bainayaki bidya The science or art of magic.
[ ଦ୍ର—ଏହା ଚଉଷଠି କଳା ମଧ୍ୟରୁ ଏକତମ । ]

ବୈନୟିକ—ସ. ବଣ ( ବିନୟ+ଇକ )—ବିନୟ ସମ୍ବନ୍ଧୀୟ—
Bainayika Relating to humility or modesty.
ସ. ବି—୧ । ଯୁଦ୍ଧରଥ—1. War-chariot.
୨ । ( ବିନାୟ=ଖଣ୍ଡନ+ଇକ; ଯେ ହିନ୍ଦୁ ଧର୍ମ ମତକୁ ଖଣ୍ଡନ କରେ ) ବୌଦ୍ଧ—2. A Buddhist.

ବୈନାଶିକ—ସ. ବଣ ( ବିନାଶ+ଇକ )—୧ । କ୍ଷଣସ୍ଥାୟୀ; କ୍ଷଣ-
Bainasika ଭଙ୍ଗୁର—1. Transient; fleeting. ୨ । ଯାହା ଅବଶ୍ୟ ବିନଷ୍ଟ ହେବ—2. Subject to decay.
ସ. ବି—୧ । ଜାତ୍ରୀ ନକ୍ଷତ୍ରବିଶେଷ—1. An astrological star. ୨ । ବୃଛିଆଣୀ; ଲୂତା—2. Spider.
୩ । ଦାସ—3. A slave. ୪ । ଜ୍ୟୋତିଷୀ—
4. An astrologer.

ବୈପରୀତ୍ୟ—ସ. ବି ( ବିପରୀତ+ଯ )—୧ । ବୈଲକ୍ଷଣ୍ୟ—
Baiparitya 1. Contrariety. ୨ । ଓଲଟ; ବିପର୍ଯ୍ୟୟ—
2. Opposition; inversion.

ବୈପିତ୍ର—ସ. ବଣ. ପୁଂ ( ବିପିତୃ+ଅପତ୍ୟାର୍ଥେ ଅ )—ଏକ ମାତାଙ୍କ
Baipitra ଗର୍ଭଜାତ, କିନ୍ତୁ ଭିନ୍ନ ଭିନ୍ନ ପିତାଙ୍କ ଔରସ
(ବୈପିତ୍ରା—ସ୍ତ୍ରୀ) ( ସନ୍ତାନ )—Uterine ( brother or sister ); born of the same mother but through different fathers,

ବୈବଧିକ—ସ. ବ.ପୁଂ (ବିବଧ=ଧାନ୍ୟାଦି ପ୍ରାପ୍ତି+ବ୍ୟବସାୟାର୍ଥେ ଇକ)-
Baibadhika ୧ । ଧାନ୍ୟ ଚାଉଳାଦି ଶସ୍ୟ ବ୍ୟବସାୟୀ—1. A dealer in food grains. ୨ । ବାର୍ତ୍ତାବହ;
ଦୂତ—2. Messenger. ୩ । ଭାରବାହକ—
3. Carrier of loads.

ବୈବର୍ଣ୍ଣ୍ୟ—ସଂ. ବ ( ବିବର୍ଣ୍ଣ+ଯ )—୧ । ବିବର୍ଣ୍ଣତା—1. Discoloration; change of colour. ୨ ।
Baibarnnya
ମ୍ଳାନତା; ମାଳିନ୍ୟ—2. Paleness; blush. ୩ ।
ଅସୌନ୍ଦର୍ଯ୍ୟ—3. Want of loveliness, grace or beauty. ୪ । ଅତୃପ୍ତ ପ୍ରେମିକ ପ୍ରେମିକାଙ୍କଠାରେ ପରିଲକ୍ଷିତ ଅଷ୍ଟଦଶା ମଧ୍ୟରୁ ଏକତମ—4. One of the eight stages through which unsatiated lovers pass.

ବୈବସ୍ୱତ—ସଂ. ବ ପୁଂ ( ବିବସ୍ୱତ୍=ସୂର୍ଯ୍ୟ+ଅପତ୍ୟାର୍ଥେ ଅ )—୧ ।
Baibaswata ସୂର୍ଯ୍ୟ ପୁତ୍ର—1. Son of the Sun-god.
୨ । ମାନବ ଧର୍ମଶାସ୍ତ୍ର ପ୍ରଣେତା ଋଷି; ସୂର୍ଯ୍ୟଙ୍କ ପୁତ୍ର ସପ୍ତମ ମନୁ—2. The great Hindu law-giver; the primeval ancestor of the human beings, being the 7th in descent from Manu.
୩ । ରୁଦ୍ରଦେବତାବିଶେଷ—3. One of the Rudra Deities. ୪ । ଯମ—4. The God of death.
[ ଦ୍ର—ବଳୁଷିବିଶେଷ ତାର ସ୍ତମ ଅଣ, ବୈବସ୍ୱତ ଏ ଗଣେ ତା ମାର୍ତଣ—ଉକ୍ତ. ବେଦେଶ୍ୱରବିଳାସ । ]
୫ । ଶନିଗ୍ରହ—5. The plant Saturn. ୬ । ଅଙ୍ଗରାଜ କର୍ଣ୍ଣ—6. The king Karnna. ବେ. ବଣ ( ଲକ୍ଷଣାର୍ଥ )—ବିନାଶକ—Destructive.

ବୈବସ୍ୱତ ମନୁ—ସଂ. ବ—ମନୁଙ୍କର ସପ୍ତମ ବଂଶଧର—The 7th
Baibaswata manu Manu or progenitor of mankind (7th in descent from the 1st Manu).

ବୈବସ୍ୱତୀ—ସଂ. ବ. ସ୍ତ୍ରୀ ( ବୈବସ୍ୱତ=ଯମ+ଈ )—ଯମଦେବତାଙ୍କ
Baibaswati ଅଧିଷ୍ଠିତ ଦିଗ; ଦକ୍ଷିଣଦିଗ—The south quarter of the globe ( said to be presided over by Jama ).

ବୈବସ୍ୱତୀ ପ୍ରଭା—ସଂ. ବ ( ଅଧୁନିକ ପ୍ରୟୋଗ )—ଦକ୍ଷିଣ ମେରୁ
Baibaswati prabha ପ୍ରଦେଶରେ ଶୀତ ଋତୁରେ ୬ ମାସ ମଧ୍ୟରେ ବେଳେ ବେଳେ ଦେଖାଯିବା ନୈସର୍ଗିକ ଆଲୋକରଶ୍ମି Aurora Austrialis; the Southern Lights,

ବୈବାସିତ୍ ଡିକ୍ରି—ପ୍ରାଦେ. ( ସମ୍ବଲପୁର ) ବି. ( ଇଂରେଜୀ )—ବନ୍ଧକ
Baibasit dikri ଡିକ୍ରୀରେ କର୍ଜ୍ଜାଦାର ତାରଖରେ ଟଙ୍କା ନ ଦେଲେ ଦେଣଦାରକୁ ବନ୍ଧକମୁକ୍ତ କରିବାର କ୍ଷମତା ରହିତ କରାଯିବା ଡିକ୍ରୀ—Decree for foreclosure in a mortgage suit; a decree absolute in a mortgage suit.

ବୈବାହିକ—ସଂ. ବଣ ( ବିବାହ+ଇକ )—୧ । ବିବାହ ସମ୍ବନ୍ଧୀୟ—
Baibahika 1. Pertaining to marriage; marital.
( ବୈବାହିକୀ—ସ୍ତ୍ରୀ ) ୨ । ବିବାହ ଉପଯୋଗୀ—2. Fit to be given in marriage; marriageable. ସଂ. ବି. ପୁଂ—ସମ୍ବନ୍ଧୀ; ଝୋଇଁର ବାପ ବା ବୋହୂର ବାପ; ଅପଣାର ପୁତ୍ରର ବା କନ୍ୟାର ଶ୍ୱଶୁର—The father-in-law of one's son or one's daughter,

ବୈବୋଧିତ—ସ. ବ—(ବବୋଧ+ଇତ)—୧ । ବୈତାଳିକ; ସ୍ତୁତି-
Baibodhita 1. Herald; the morning bard.
୨ । କୁହୁକଜ୍ଞ; ବାଜୀକର—2. A conjurer; a magician.

ବୈଭବ—ସ. ବ—(ବଭବ+ସ୍ୱାର୍ଥେ ଅ)—୧ । ସମୃଦ୍ଧି; ଐଶ୍ୱର୍ଯ୍ୟ—
Baibhaba 1. Affluence;grandeur; pre-eminence.
୨ । ଧନ; ସମ୍ପତ୍ତି—2. Riches; wealth. ୩ । ଅମାନୁଷିକ ଶକ୍ତି; ଦିବ୍ୟତ୍ୱ—3. Divinity; extra-ordinary power. ୪ । ଶକ୍ତି—4. Strength; might; power. ୫ । ମହତ୍ତ୍ୱ; ମହିମା; ଗୌରବ—5. Glory; greatness. ୬ । ସମ୍ମାନ—6. Honour; respect.

ବୈଭାଷିକ—ସ. ବଣ—(ବଭାଷା+ଇକ)—(ବ୍ୟାକରଣ) ବୈକଳ୍ପିକ;
Baibhāshika ବୈକଳ୍ପିକ—(grammar) Formed optionally or as an alternative.

ବୈଭୋଗ—ଗ୍ରା. ବ—(ସ. ବ+ଭୋଗ)—ଭୋଗ—Enjoyment.
Baibhoga (ଉ—ସେ କହୁ ପୃଥ୍ୱୀରେ ବୈଭୋଗ, ସକଳ ସେ ସୁରେ ସଯୋଗ । ଜଗନ୍ନାଥ ଭାଗବତ ।)

ବୈଭ୍ରାଜ—ସ. ବ—(ବ+ଭ୍ରାଜ ଧାତୁ=ଦୀପ୍ତି ପାଇବା+କର୍ତ୍ତୃ. ଅ)—
Baibhrāja କୁବେରଙ୍କ ଉଦ୍ୟାନ—The garden of the God of wealth. ଦେ. ବଣ—ଦେଦୀପ୍ୟମାନ—Dazzling. (ଉ—କନକ ସ୍ୱତ ଶୋଭତ ଗ୍ରୀବ ବୈଭ୍ରାଜ ବୈଭ୍ରାଜ ସୁରସା ଯଥା କରନ୍ତ ଗତ । ଉକ୍ତ. ବୈଦେହୀଶବିଳାସ ।)

ବୈମାତୃ—ଦେ. ବଣ—(ସ. ବୈମାତ୍ର; ବୈମାତ୍ରେୟ)—ବୈମାତୃ;
Baimātru ବୈମାତ୍ରେୟ; ଵିମାତାଙ୍କ ଗର୍ଭଜାତ—Born of the same father but from different mothers; born of one's step-mother.
ବୈମାତ୍ରକ, ବୈମାତ୍ରିକ, ବୈମାତ୍ରେୟ—ଅନ୍ୟରୂପ

ବୈମାତୃ(ତ୍ରି) ଭଉଣୀ—ଦେ. ବ. ସ୍ତ୍ରୀ—ସାବତ ଭଉଣୀ—
Baimātru (tri) bhauṇi Step-sister.
(ବୈମାତ୍ରୀ ଭଉଣୀ, ବେମାତ୍ରି(ତୃ)କ ଭଉଣୀ—ଅନ୍ୟରୂପ)

ବୈମାତୃ(ତ୍ରି) ଭାଇ—ଦେ. ବ. ପୁଂ (ସ. ବୈମାତୃ ଭ୍ରାତା)—ସାବତ
Baimātru(tri) bhāi ଭାଇ—Step-brother.
(ବୈମାତ୍ରିୟ ଭାଇ, ବୈମାତ୍ରି(ତୃ)କ ଭାଇ—ଅନ୍ୟରୂପ)

ବୈମାତ୍ର—ସ. ବଣ. ପୁଂ (ବିମାତୃ+ଅପତ୍ୟାର୍ଥେ ଅ)—ବିମାତାଙ୍କ ଗର୍ଭଜାତ—
Baimātra Born of the same father but through different mothers; born of one's step-mother.
(ବୈମାତ୍ରେୟ—ଅନ୍ୟରୂପ)
(ବେମାତ୍ରୀ, ବୈମାତ୍ରେୟୀ—ସ୍ତ୍ରୀ)

ବୈମାତ୍ର ଭ୍ରାତା—ସ. ବ. ପୁଂ—ସାବତ ଭାଇ; ଅପଣାର ବିମାତାଙ୍କ ପୁତ୍ର—
Baimātra bhrāta Step-brother.
(ବୈମାତ୍ରେୟ ଭ୍ରାତା—ଅନ୍ୟରୂପ)

ବୈମାତ୍ରାୟା—ସ. ବ. ସ୍ତ୍ରୀ (ବିମାତୃ+ଅଯ୍+ଆ)—ବୈମାତ୍ରୀ ଭଉଣୀ-
Baimātrāyā Step-sister.

ବୈମାତ୍ରୀ ଭଗିନୀ—ସ. ବ. ସ୍ତ୍ରୀ—ସାବତ ଭଉଣୀ; ଅପଣାର ବିମାତାଙ୍କ
Baimātri bhagini ଝିଅ—Step-sister.
(ବୈମାତ୍ରେୟୀ ଭଗିନୀ—ଅନ୍ୟରୂପ)

ବୈମାନ—ବୈଦେ. ବଣ. (ଫା. ବେ-ଇମାନ୍)—ବେଇମାନ; ବେମାନ;
Baimān বেইমান बेइमान କୃତଘ୍ନ—Ungrateful.

ବୈମାନି—ବୈଦେ. ବ (ଫା. ବେଇମାନୀ)—କୃତଘ୍ନତା—Ingrati-
Baimāni tude. ବେଦେ. ବଣ—ବୈମାନ୍ (ଦେଖ)—Baimān (See).

ବୈମାନିକ—ସ. ବଣ ପୁଂ (ବିମାନ+ଇକ)—୧ । ବିମାନ ସମ୍ବନ୍ଧୀୟ—
Baimānika 1. Relating to an aerial car or balloon.
(ବୈମାନିକା—ସ୍ତ୍ରୀ)
୨ । ବିମାନଯୋଗେ—2. Travelling by means of cars or aeroplanes.
ସ. ବ.ପୁଂ ୧ । ବିମାନଚାଳକ—1. The driver of a car. ୨ । ବିମାନାରୋହୀ ବ୍ୟକ୍ତି—2. A passenger in a car.

ବୈମୁଖ—ଗ୍ରା. ବଣ. ପୁଂ (ସ ବିମୁଖ)—୧ । ଦୁଃଖିତ—1 Sorry.
Baimukha afflicted. ୨ । ଅପ୍ରସନ୍ନ—2. Despondent-
(ବୈମୁଖୀ—ସ୍ତ୍ରୀ) ୩ । ପ୍ରତିକୂଳ—3. Unpropitious; unfavourable. ୪ । ପରାଙ୍ମୁଖ—4. Averse.

ବୈମୁଖ୍ୟ—ସ. ବ. (ବିମୁଖ+ଭାବେ ଯ)—୧ । ବିମୁଖତା;
Baimukhya ପରାଙ୍ମୁଖତା—1. Aversion; shrinking. ୨ । ଅପ୍ରସନ୍ନତା—2. Despondency. ୩ । ପ୍ରତିକୂଳତା—3. Opposition. ୪ । ପଛକୁ ହଟିବା; ପଶ୍ଚାତ୍ ଗମନ—4. Shrinking back; turning back. ୫ । ପଛଅଡ଼କୁ ପଳାଇଯିବା—5. Flight

ବୈମେୟ—ସ. ବ—ବିନିମୟ; ବଦଳ (ହି. ଶ)—
Baimeya Exchange; barter.

ବୈୟର୍ଥ—ସ. ବ—(ବ୍ୟର୍ଥ+ଭାବ ଅ)—ବ୍ୟର୍ଥତା (ହି. ଶ)—
Baiyartha Futility.

ବୈୟାକରଣ—ସ. ବଣ. ପୁଂ (ବ୍ୟାକରଣ+ଅଧୀତାର୍ଥେ ଅ)—୧ ।
Baiyākaraṇa ବ୍ୟାକରଣ ସମ୍ବନ୍ଧୀୟ—1. Grammatical.
(ବୈୟାକରଣିକ—ଅନ୍ୟରୂପ) ୨ । ବ୍ୟାକରଣ ଶାସ୍ତ୍ରରେ ପାରଦର୍ଶୀ-2. Versed in grammar. ସ. ବ—୧ । ବ୍ୟାକରଣ-ବେତ୍ତା ବ୍ୟକ୍ତି; ବ୍ୟାକରଣଶାସ୍ତ୍ରବିତ୍ ବ୍ୟକ୍ତି—1. A grammarian. ୨ । ବ୍ୟାକରଣ ଗ୍ରନ୍ଥକର୍ତ୍ତା—2. Author of a work on grammar.

ବୈୟାଘ୍ର—ସ ବଣ (ବ୍ୟାଘ୍ର+ଅ)—୧ । ବ୍ୟାଘ୍ର ସମ୍ବନ୍ଧୀୟ—
Baiyāghra 1. Relating to tiger; feline. ୨ । ବ୍ୟାଘ୍ରଚର୍ମାବୃତ; ବ୍ୟାଘ୍ରଚର୍ମ ପରିହିତ—2. Wearing a tiger skin. ସ. ବ—ପ୍ରାଚୀନକାଳରେ ବ୍ୟବହୃତ ଏକ ପ୍ରକାର ରଥ, ଯାହା ଉପରେ ବାଘଚମଡ଼ା ମଡ଼ା ହୋଇଥିଲା (ହି. ଶ)—A kind of car used in ancient India which was overlaid with tiger-hide.

ବୈୟାଘ୍ରପ(ପା)ଦ୍ୟ—ସଂ. ବି—[ବ୍ୟାଘ୍ରପ(ପା)ଦ+ଯ]—ବ୍ୟାଘ୍ରପା(ପ)ଦ
Baiyāghrapa(pā)dya ମୁନିଙ୍କ ଗୋତ୍ର; ଗୋତ୍ରପ୍ରବର୍ତ୍ତକ ମୁନିବିଶେଷଙ୍କ ଗୋତ୍ର—The clan descended from Byāghrapa(pā)da, a sage, the progenitor of the family in which Bhīshma was born. [ଦ୍ର—ଏହି ଗୋତ୍ରରୁ ଭୀଷ୍ମଦେବଙ୍କ ଜନ୍ମ ହୋଇଥିଲା । ]

ବୈୟାଘ୍ର ରଥ—ସଂ. ବି ( କର୍ମଧା; ବୈୟାଘ୍ର+ରଥ )—ବ୍ୟାଘ୍ରଚର୍ମାବୃତ
Baiyāghra ratha ରଥ—A car covered over with tiger skin.

ବୈୟାସ—ସଂ. ବିଣ (ବ୍ୟାସ+ସମ୍ବନ୍ଧାର୍ଥେ ଅ)—ବ୍ୟାସ ସମ୍ବନ୍ଧୀୟ
Baiyāsa (ହି. ଷ)—Relating to Byāsa.
(ବୈୟାସକ—ଅନ୍ୟରୂପ)

ବୈୟାସକି—ସଂ. ବିଣ ଓ ବି·(ବ୍ୟାସ+ଅକ+ଇ)—ବ୍ୟାସଙ୍କ ଗୋତ୍ରରେ
Baiyāsaki ବା ବଂଶରେ ଉତ୍ପନ୍ନ—Born of the family or clan of Byāsa.

ବୈୟାସିକ—ସଂ. ବିଣ (ବ୍ୟାସ+ଇକ)—ବ୍ୟାସଦେବ ସମ୍ବନ୍ଧୀୟ; ବ୍ୟାସ-
Baiyāsika ଦେବଙ୍କ ରଚିତ ବା ସଂଗୃହୀତ—Compiled or drawn up or composed by sage Byāsa,

ବୈର—ସଂ· ବି ( ବୀର+ଅ )—୧ । ବିରୋଧ; ବିଦ୍ୱେଷ; ଶତ୍ରୁତା—
Baira 1, Enmity; hostility. ୨ । ଶୌର୍ଯ୍ୟ—2. Courage; prowess; valour.

ବୈରକ୍ତ୍ୟ(କ୍ତ)—ସଂ. ବି(ବିରକ୍ତ+ଯ; +ଅ)—୧ । ବିରାଗ; ବୈରାଗ୍ୟ—
Bairaktya(kta) 1. Indifference; apathy. ୨ । ବିରକ୍ତି—2. Disgust; displeasure. ୩ । ଘୃଣା—3. Dislike; hatred.

ବୈରଖ—ଦେଶଜ. ବି ( ଫା. ବୈରକ୍ )—ପତାକା—Flag. [ଉ—
Bairakha ଉଡ଼ୁଛନ୍ତି ଯା ଧଣ୍ଡା ବୈରଖ, ପୁଣି ବୋଲନ୍ତି ମଣିମା
ପତାକା ଦେଖ, ଏ କେଡ଼େ କାହିଁ, କେଡ଼େ ଲମ୍ବିଛି, ମାନ ଅଛନ୍ତି
ବସନ ଉଠି—ବ୍ରଜନାଥ. ସମରତରଙ୍ଗ । ]

ବୈରଙ୍ଗିକ—ସଂ. ବିଣ. ପୁଂ(ବି+ରଙ୍ଗ=ରାଗ+ଇକ)—୧ । ବିବେକୀ—
Bairangika 1. Discriminating; conscientious. ୨ । ବିରାଗାର୍ହ—2. Disgusting. ୩ । ସଂସାର ତ୍ୟାଗୀ—3. Renouncing the world. ୪ । ଜିତେନ୍ଦ୍ରିୟ—4. Self-controlled. ସଂ. ବି ପୁଂ—ମୁନି; ତପସ୍ୱୀ—Anchorite; sage.

ବୈର ନିର୍ଯ୍ୟାତନ—ସଂ. ବି (୬ଷ୍ଠୀ ତତ୍)—ଦାଉ ସାଧିବା; ଶତ୍ରୁର ପ୍ରତ୍ୟ-
Baira nirjyātana ପକାର ସାଧନ—Retaliation; taking revenge.
ବୈର ପ୍ରତିକାର, ବୈର ପ୍ରତିକ୍ରିୟା, ବୈରଶୋଧ, ବୈରଶୁଦ୍ଧି, ବୈରୋଦ୍ଧାର } —ଅନ୍ୟରୂପ

ବୈର ଭାବ—ସଂ. ବି (୬ଷ୍ଠୀ ତତ୍)—ଶତ୍ରୁତା—
Baira bhāba Enmity; hostility.

ବୈରଲ୍ୟ—ସଂ· ବି ( ବିରଳ+ଭାବ. ଯ )—ବିରଳତା—
Bairalya Scarceness; sparseness.

ବୈରସେନ—ସଂ. ବି. ପୁଂ ( ବୀରସେନ+ଅପତ୍ୟାର୍ଥେ ଅ )—ବୀରସେନ
Bairasena ରାଜାଙ୍କ ପୁତ୍ର ନଳରାଜା—King Nala, son of Bīrasena.

ବୈରସ୍ୟ—ସଂ. ବି (ବିରସ+ଯ) ୧। ବିରସତା—1 Despondency.
Bairasya ୨ । ଅନିଚ୍ଛା—2. Disrelish; reluctance; aversion.

ବୈରା—ଦେ. ବି ଓ ବିଣ—୧ । ବହିରା ( ଦେଖ )—1. Bahirā
Bairā ( See ) ୨ । ରାଜମିସ୍ତ୍ରୀମାନେ ଖିଲାଣ କାମ କରିବା ସମୟରେ ଖିଲାଣ ତଳର ଖାଲି ସ୍ଥାନରେ ଭରିବା ଇଟା, ପଥର, ମାଟିଆଦି—2. Stones, bricks and earth put below the arch when it is eing constructed.

ବୈରାଗ—ଗ୍ରା. ବି—୧ । ( ସଂ. ବୈରାଗ୍ୟ )—ବୈରାଗ୍ୟ ( ଦେଖ )—
Bairāga 1. Bairāgya (See). ୨ । ରାଗ; କ୍ରୋଧ—. 2. Anger.

ବୈରାଗୀ—ସଂ. ବି ( ବିରାଗ+ଇନ୍; ୧ମା. ୧ବ )—୧ । ସଂସାର
Bairāgi ବିରକ୍ତ ବ୍ୟକ୍ତି; ବୈଷ୍ଣବ—1. An anchorite ୨ । ବିବେକୀ ବ୍ୟକ୍ତି—2. A conscientious, person. ଦେ. ବି. ପୁଂ—୧ । ଲୋକଙ୍କୁ ଦିଆଯିବା
(ବୈରାଗିଆଣୀ—ସ୍ତ୍ରୀ) ନାମ—1. Name given to males, ୨ । ଏକ ଶ୍ରେଣୀର ଅକିଞ୍ଚନ ସାଧୁ ବା ବାବାଜି—2 A sect of anchorites.

ବୈରାଗ୍ୟ—ସଂ. ବି ( ବିରାଗ+ସ୍ୱାର୍ଥେ. ଯ )—୧ । ସଂସାର ପ୍ରତି
Bairāgya ଅନାସକ୍ତି; ସଂସାର ପ୍ରତି ବିରକ୍ତି ବା ଔଦାସୀନ୍ୟ—1. Indifference to wordly concerns. ୨ । ସଂସାର ବିରାଗୀର ଧର୍ମ—2. The ways of an anchorite. ୩ । ବିବେକ—3. Conscience. [ ଦ୍ର—ବୈରାଗ୍ୟଦ୍ୱାରା ସଂସାର ପ୍ରତି ବିରକ୍ତି ଓ ସଂସାର ତ୍ୟାଗର ଭାବ ସୂଚିତ ହୁଏ ।

ବିବେକଦ୍ୱାରା ସତ୍ ଅସତ୍ ପ୍ରଭେଦ ଜ୍ଞାନ, ପ୍ରକୃତି ଓ ପୁରୁଷ ମଧ୍ୟରେ ପ୍ରଭେଦ ଜ୍ଞାନ, ସମ୍ୟକ ବସ୍ତୁର ଜନିତ ଜ୍ଞାନ ଓ ମିଥ୍ୟା ପ୍ରତି ଅନାସକ୍ତି ସୂଚିତ ହୁଏ । ]

ବୈରାଜ୍ୟ—ସଂ. ବି ( ବି+ରାଜନ୍+ଯ )—୧ । ଏକହିଁ ଦେଶରେ
Bairājya ଦୁଇ ଜଣ ରାଜାଙ୍କର ସମ୍ମିଳିତଭାବରେ ରାଜ୍ୟଶାସନ ପ୍ରଣାଳୀ; ଦ୍ୱୈତଶାସନ (ହି. ଷ )—1. A system of administration in which two kings or rulers rule a kingdom jointly; diarchy. ୨ । ଉପର୍ଯ୍ୟୁକ୍ତ ଦ୍ୱୈତ ଶାସନ ପ୍ରଣାଳୀରେ ଶାସିତ ରାଜ୍ୟ ( ହି. ଷ )—2. A kingdom governed by two kings or rulers simultaneously.

ବୈରାଟ—ସଂ. ବିଣ ( ବିରାଟ+ଅ )—୧ । ବିରାଟ ଦେଶୀୟ—
Bairāṭa 1. Pertaining to the Birāṭa country. (ଉ—ଅସନ୍ତି ସମ୍ବରକୁ ବୈରାଟ ପଦାତି, ପ୍ରାଂଶୁ ତନୁ । ରାଧାନାଥ, ମହାଯାତ୍ରା) ସଂ. ବି—୧ । ବିରାଟ ନୃପଙ୍କ

ରାଜା—1. The king of the Birāṭa country.
୨ । ଇନ୍ଦ୍ର ଗୋପ କୀଟ; ସାଧବବୋହୁ ପୋକ—
2. Cochineal; velvet insect.

ବୈରାଟଙ୍କ—ସଂ. ବି—ଅର୍ଜ୍ଜୁନ ଗଛ—A tree; Terminallia
Bairāṭanka Alata Glabrā.

ବୈରାୟମାଣ—ସଂ. ବିଣ. ପୁଂ. ( ବୈର+ଅ+ଅନ )—
Bairāyamāṇa ଶତ୍ରୁତାଚରଣକାରୀ—Doing hostile
(ବୈରାୟମାଣା—ସ୍ତ୍ରୀ) acts.

ବୈରି ଘନ—ଗ୍ରା. ବିଣ (ସଂ. ବୈରିଘ୍ନ)—ବୈରିଘ୍ନ; ଶତ୍ରୁହନ୍ତା—
Bairi ghana Destructive of the foes.
(ଦ୍ର—ବୈରିଘନ ଗୁଣାଇ୍‌ରେ ଯୁଦ୍ଧ ସତ। ଉପେ. ବୈଦେହୀଶ-
(ବୈରିଘ୍ନ—ଶୁଦ୍ଧରୂପ) ବିଳ ।)

ବୈରିତା (ତ୍ୱ)—ସଂ. ବି (ବୈରିନ୍+ଭାବାର୍ଥ ତା, ତ୍ୱ)—ଶତ୍ରୁତା—
Bairitā(twa) Enmity; hostility.

ବୈରୀ—ସଂ. ବିଣ. ପୁଂ ( ବୈର+ଇନ୍; ୧ମା. ୧ବ )—ବୈରଯୁକ୍ତ;
Bairi ଶତ୍ରୁଭାବଯୁକ୍ତ—Inimicial; hostile. ସଂ. ବି. ପୁଂ—
(ବୈରିଣୀ—ସ୍ତ୍ରୀ) ୧ । ଶତ୍ରୁ—1. Enemy; antagonist; an
adversary. ୨ । ବଡ଼ଶ୍ୟେନ ପକ୍ଷୀ; ବୃହଦାକାର ଶେନ—
2. A big falcon; goshawk.

ବୈରୂପ୍ୟ—ସଂ. ବି ( ବିରୂପ+ଭାବାର୍ଥେ ଯ )—୧ । ବିରୂପତା—
Bairūpya 1. Deformity. ୨ । କଦର୍ଯ୍ୟତା—2 Ugliness. ୩ । ବିକୃତଭାବ—3. Unnatural condition; deterioration; derangement.

ବୈରୋଚନ(ନି)—ସଂ. ବି ( ବିରୋଚନ+ଅପତ୍ୟାର୍ଥେ ଅ; ଇ )—
Bairochana(ni) ୧ । ବିରୋଚନ ଦୈତ୍ୟର ପୁତ୍ର ବଳି ରାଜା—
1. King Bali. ୨ । ବୁଦ୍ଧଦେବ—2. The Buddha. ୩ । ସୂର୍ଯ୍ୟଦେବ—3. The sun God.

ବୈରୋତ୍ପତ୍ତି—ସଂ. ବି ( ୬ଷ୍ଠୀ ତତ୍; ବୈର+ଉତ୍ପତ୍ତି )—ଶତ୍ରୁଭାବ
Bairotpatti ସୂତ୍ରପାତ—The beginning of hostility.

ବୈଲକ୍ଷଣ୍ୟ—ସଂ. ବି ( ବିଲକ୍ଷଣ+ଭାବାର୍ଥେ ଯ )—୧ । ବିଶିଷ୍ଟତା;
Bailakshaṇya ବିଶେଷତ୍ୱ—1. Peculiarity. ୨ । ବିଭିନ୍ନତା—2. Difference. ୩ । ସ୍ୱଭାବଗତ ପ୍ରଭାବଭିନ୍ନତ୍ୱ—3. Disparity; derangement.

ବୈଲକ୍ଷ୍ୟ—ସଂ. ବି ( ବିଲକ୍ଷ=ଲଜ୍ଜିତ+ଯ )—୧ । ଲଜ୍ଜାଶୀଳତା—
Bailakshya 1. Bashfulness. ୨ । ବିସ୍ମୟ—
2. Surprise; astonishment. ୩ । ସ୍ୱଭାବର ବୈଲକ୍ଷଣ୍ୟ—3. Difference of nature.

ବୈଲ(ଲା)ର—ବୈଦେ. ବି ( ଇଂ. ବଏଲର )—ବାଷ୍ପଚାଳିତ ଯନ୍ତ୍ରରେ
Baila(lā)r ଥିବା ଜଳପାତ୍ର, ଯହିଁର ଜଳରୁ ଅଗ୍ନି ଉତ୍ତାପରେ
ବଏଲାର ଯନ୍ତ୍ରଚାଳକ ବାଷ୍ପ ବାହାରେ—The boiler of a
ଵଏଲର steam engine.

ବୈଲ—ଗ୍ରାଦେ ( ବଳଦ ) ବି—ବଳଦ—
Baila Bullock.

ବୈଶଦ୍ୟ—ସଂ. ବି ( ବିଶଦ+ଭାବାର୍ଥେ ଯ )—ବିଶଦତା—
Baiśadya Clearness.

ବୈଶମ୍ପାୟନ—ସଂ. ବି ( ବିଶମ୍ପାୟନ+ଅପତ୍ୟାର୍ଥେ ଅ )—ମହାଭାରତ
Baiśampāyana ଓ ପୁରାଣାଦିର ବକ୍ତା ବ୍ୟାସଶିଷ୍ୟ ମୁନିବିଶେଷ
—Name of a sage, disciple of Byāsa who narrated the Purāṇas.

ବୈଶସ—ସଂ. ବି ( ବିଶସ+ଅ )—୧ । ବିଶସନ; ହତ୍ୟା; ବଧ—
Baiśasa 1. Killing; slaughter. ୨ । ବିପଦ୍—
2. Calamity; danger. ୩ । ଅକସ୍ମାତ୍‌ଘାତ—
3. Mishap. ୪ । ବାଧା; ପ୍ରତିରୋଧ—4. Obstacle. ୫ । କଳହ—5. Quarrel.

ବୈଶସ୍ତ୍ର—ସଂ. ବି ( ବିଶସ୍ତ୍ର+ଅ )—୧ । ଅଧିକାର—1. Authority.
Baiśastra ୨ । ଶସ୍ତ୍ରରହିତତ୍ୱ—2. The state of being unarmed or having no weapons. ୩ । ଶାସନ—3. Rule. ୪ । କ୍ଷମତା—4. Power. ୫ । ପ୍ରଭାବ—5. Influence.

ବୈଶାକ—ଦେ. ବି—୧ । ବଙ୍ଗଦେଶର କାୟସ୍ଥଙ୍କର ଉପାଧି ବିଶେଷ—
Baiśāka 1. A title of the Bengalee Kāyasthas.
বসাক ୨ । ଓଡ଼ିଶାରେ ପାଟସୂତାଙ୍କ ବଂଶୋପାଧି ବିଶେଷ—
2. A family title of cloth and twist dealers in Orissa.

ବୈଶାଖ—ସଂ. ବି ( ବିଶାଖା=ନକ୍ଷତ୍ର ବିଶେଷ+ଯୁକ୍ତାର୍ଥେ ଇ=
Baiśākha ବୈଶାଖୀ; ବୈଶାଖୀ=ବୈଶାଖ ପୂର୍ଣ୍ଣିମା+ଅ;
ବୈଶାଖ ପୂର୍ଣ୍ଣିମାଯୁକ୍ତ ମାସ )—୧ । ଚାନ୍ଦ୍ରବର୍ଷର
ପ୍ରଥମ ମାସ; ହିନ୍ଦୁମାନଙ୍କର ପ୍ରଥମ ଚାନ୍ଦ୍ରମାନ ମାସ—
1. The lunar month of Baiśākha ( April-May ). [ ଦ୍ର—ଏହି ଚାନ୍ଦ୍ରମାନ ବୈଶାଖ ମାସ ସୌର ମାନ ମେଷ ମାସ ସଙ୍ଗେ ସମାନ । ଏ ମାସ ମହାବିଷୁବସଂକ୍ରାନ୍ତିଠାରୁ ଆରମ୍ଭ; ଏହାର ପୂର୍ବବର୍ତ୍ତୀ ମାସ ଚୈତ୍ର ଓ ପରବର୍ତ୍ତୀ ମାସ ଜ୍ୟେଷ୍ଠ । ଏହି ମାସ ଓ ଏହାର ପରବର୍ତ୍ତୀ ମାସ ଗ୍ରୀଷ୍ମ ଋତୁ । ହିନ୍ଦୁମତରେ ଏହା ୪ଟି ଧର୍ମ ମାସ ( ଆଷାଢ଼, କାର୍ତ୍ତିକ, ମାଘ, ବୈଶାଖ ) ମଧ୍ୟରୁ ଏକ; ଏଥିରେ ହିନ୍ଦୁମାନେ ପ୍ରାତଃସ୍ନାନ ଓ ହବିଷ୍ୟାନ୍ନ କରନ୍ତି । ] ୨ । ଦଧିମନ୍ଥନ ଦଣ୍ଡ; ଖୁଆ—2. Churning rod. ( ଦ୍ର—ବୈଶାଖ ହୋଇଲା ମନ୍ଦର ଅଯୋଧ୍ୟା ଭାଣ୍ଡେ ଥିଲା କ୍ଷୀର ପୂରି । ଉପେ. ବୈଦେହୀଶବିଳାସ । ) ୩ । ରକ୍ତ ପୁନର୍ନବା ( ହ୍ର. ଶ ) —3. The red variety of Hogweed. ୪ । ଘୋଡ଼ାଙ୍କୁ ଆକ୍ରମଣ କରିବା ଗ୍ରହ ବିଶେଷ (ହ୍ର. ଶ)— 4. A malevolent planet attacking horses. [ ଦ୍ର—ଏହାର ପ୍ରଭାବରେ ଘୋଡ଼ାର ଶରୀର ଭାରି ହୋଇଯାଏ ଓ ଘୋଡ଼ା ଶବ୍ଦ କରେ ( ହ୍ର. ଶ )—ଦେ. ବି—
ବୈଶାକ ( ଦେଖ )—Baiśāka ( See ).

ବୈଶାଖ ପୂର୍ଣ୍ଣମୀ—ଦେ. ବି ( ସଂ. ବୈଶାଖ+ପୂର୍ଣ୍ଣିମା )—ଚାନ୍ଦ୍ରମାନ
Baisākha pūrnnamī ବୈଶାଖ ମାସର ପୂର୍ଣ୍ଣିମା—The
ବୈଶାଖ ପୂନେଇଁ } ଅନ୍ୟରୂପ full-moon day of the
ବୈଶାଖ ପୁନମୀ } lunar month of Baisākha.
[ ଦ୍ର—ଏଥିରେ ଶ୍ରୀକୃଷ୍ଣଙ୍କର ଫୁଲଦୋଳ ( ପୁଷ୍ପଦୋଳା ) ଉତ୍ସବ ହୁଏ । ]

ବୈଶାଖ ବ୍ରତ—ସଂ. ବି—ବୈଶାଖମାସରେ ହିନ୍ଦୁମାନଙ୍କର ଅନୁଷ୍ଠେୟ
Baisākha brata ବ୍ରତ ବିଶେଷ—Religious vows observed in the month of Baisākha.
[ ଦ୍ର—ବ୍ରତଧାରୀ ପ୍ରାତଃସ୍ନାନ, ହବିଷ୍ୟ ଓ ତୃଷାର୍ତ୍ତଙ୍କୁ ଜଳଦାନ ଆଦି କରନ୍ତି । ]

ବୈଶାଖ ସଂକ୍ରାନ୍ତି—ସଂ. ବି—ସୌରମାନ ବୈଶାଖର ବା ମେଷମାସର
Baisākha samkrānti ପ୍ରଥମ ଦିନ; ପଣା ସଂକ୍ରାନ୍ତି; ମହାବିଷୁବ
(ବୈଶାଖ ସଂକ୍ରମଣ—ଅନ୍ୟରୂପ) ସଂକ୍ରାନ୍ତି—The 1st day of the solar month of Mesha or Baisākha.
[ ଦ୍ର—ଏହା ବାବାଜୀ ଶ୍ରୀ ସୁଧାରମଣ ଦେବଙ୍କର ଜନ୍ମ ଦିବସ । ]

ବୈଶାଖୀ—ସଂ. ବି ( ବିଶାଖା+ଈ; ବିଶାଖା ନକ୍ଷତ୍ରଯୁକ୍ତା ପୂର୍ଣ୍ଣିମା )—
Baisākhī ଚାନ୍ଦ୍ରମାନ ବୈଶାଖମାସର ପୂର୍ଣ୍ଣମାସୀ—The full-moon day of the month of Baisākha.
ଦେ. ବିଣ—୧ । ବୈଶାଖ ମାସରେ ଜାତ—1. (a person) Born in the month of Baisākha
୨ । ବୈଶାଖ ମାସରେ ଅନୁଷ୍ଠେୟ—2. (ceremony) Observeable in the month of Baisākha.
( ଯଥା—ବୈଶାଖୀ ବ୍ରତ । ) ୩ । ବୈଶାଖ ମାସରେ ଘଟୁଥିବା—3. (an event) Happening or taking place in the month of Baisākha.
( ଯଥା—ବୈଶାଖୀମେଳା, ବୈଶାଖୀ ବର୍ଷା, ବୈଶାଖୀ-ପବନ । )

ବୈଶାଖୀ ମେଳା—ଦେ. ବି—ବୈଶାଖ ପୂର୍ଣ୍ଣିମାରେ ବା ବୈଶାଖ
Baisākhi melā ସଂକ୍ରାନ୍ତିରେ ହେବା ମେଳା ବା ଉତ୍ସବ—A religious gathering held on the last day of the lunar Baisākha or the 1st day of the solar Baisākha month.
[ଦ୍ର—ବୈଶାଖୀ ମେଳା ପ୍ରତି ବର୍ଷ ସଂକ୍ରାନ୍ତି (ଅପ୍ରେଲ ମାସ ୧୩ ବା ୧୪ ତା)ରେ ପଡ଼େ । ୧୯୧୯ ସାଲ ଅପ୍ରେଲ ୧୩ ତାରଖରେ ପଞ୍ଜାବ ପ୍ରଦେଶର ଅମୃତସରର ମଧ୍ୟସ୍ଥ 'ଜାଲିନୱାଲା' ବାଗ୍ (Jallinwalla Bag)ନାମକ ଉଦ୍ୟାନରେ ସୁବାଦ ବେଷ୍ଟିତ ପଲ୍ଲୀରେ ସରକାରଙ୍କ ପ୍ରସ୍ତାବିତ ରୌଲଟ ଆଇନ୍ ସମ୍ବନ୍ଧେ ପ୍ରତିବାଦ କରିବା ଉଦ୍ଦେଶ୍ୟରେ ସମବେତ କେତେ ସହସ୍ର ହିନ୍ଦୁ, ମୁସଲମାନ୍ ଓ ଶିଖ ଆଦିଙ୍କ ମେଳକୁ ଭାଙ୍ଗିବାପାଇଁ ଇଂରେଜ ସରକାରଙ୍କ ସେନାପତି ଜେନେରାଲ୍ ଡାୟାର୍ (General Dyer)ଙ୍କ ଆଦେଶରେ ପଲଟଣମାନେ ଗୁଳି ଚଳାଇ ଅନେକ ଲୋକଙ୍କୁ ହତ୍ୟା କରିଥିଲେ । ଏହି ହତ୍ୟାକାଣ୍ଡ (Jallinwalla Bag massacre)ର ଫଳରେ ଭାରତରେ ହିନ୍ଦୁ ମୁସଲମାନଙ୍କ ମଧ୍ୟରେ ଘୋର ଆନ୍ଦୋଳନ ହୋଇଥିଲା ।]

ବୈଶାଖ୍ୟ (ଷ)—ଗ୍ରା. ବି—(ସଂ. ବୈଶାଖ—ବୈଶାଖ (ଦେଖ)
Baisākhya(ksha) Baisākha (See)

ବୈଶାରଦ—ସଂ. ବି—୧ । ଏକ ପ୍ରାଚୀନ ଋଷିଙ୍କ ନାମ (ହି. ଶ)—
1. Name of an ancient sage. ୨ । ବିଶାରଦ ବା ପଣ୍ଡିତ ହେବାର ଭାବ; ପାଣ୍ଡିତ୍ୟ (ହି. ଶ)—
2. Proficiency. ୩ । ନିର୍ମଳତା; ସ୍ୱଚ୍ଛତା (ହି. ଶ)—
3. Clearness.

ବୈଶାରଦ—ସଂ. ବି. ପୁଂ—(ବିଶାରଦ+ସ୍ୱାର୍ଥେ. ଅ)—୧ । ବିଶେଷଜ୍ଞ
Baisārada ବ୍ୟକ୍ତି ( ହି. ଶ )—1. An expert. ୨ । ପଣ୍ଡିତ (ହି. ଶ)—2. A learned man.

ବୈଶାଲ(ଲ,ଲା,ଳା)—ଦେ. ବି—(ସଂ. ବଂଶ ଶଲାକା)—ବ୍ରତ ଓ
Baisāla(la, lā, lā) ବିବାହ ବେଦୀ ନିକଟରେ ପୋତା ଯାଉଥିବା ବାଉଁଶ
[ବଇଶାଲ(ଲି)—ଅନ୍ୟରୂପ ] ଦଣ୍ଡ ପୋତାଯାଏ—A staff driven to the ground near an alter prepared for marriage or sacred thread ceremony. [ଉ—ବୈଶାଲେ ଶୁଭ ଉତ୍ତମ . ଉତ୍ସୁକତା ଥିବ । ଭଞ୍ଜ. ବୈଦେହୀଶବିଳାସ ।]

ବୈଶାଲୀ—ସଂ. ବି. (ନାମ)—ବୁଦ୍ଧଦେବଙ୍କ ଜୀବତ କାଳରେ ପ୍ରାଚୀନ
Baisālī ଭାରତର ପ୍ରସିଦ୍ଧ ନଗର—Name of a town celebrated during the lifetime of the Buddha. [ ଦ୍ର—ଆଧୁନିକ ମଜଫରପୁର ଜିଲ୍ଲାର ବସାଡ଼ ନାମକ ଗ୍ରାମ ପ୍ରାଚୀନ ବୈଶାଲୀ ନଗରର ଅବଶେଷ ଥିବାର ପଣ୍ଡିତମାନେ କହନ୍ତି । ଏ ନଗରକୁ ରାଜା ତୃଣବିନ୍ଦୁଙ୍କ ପୁତ୍ର ବିଶାଳ ବସାଇ ଥିବାରୁ ଏହାର ଅନ୍ୟ ନାମ ବିଶାଳ ପୁରୀ ବା ବିଶାଳ ନଗରୀ । ବୁଦ୍ଧଦେବ କେତେ ଥର ଏ ଗ୍ରାମକୁ ଯାଇଥିଲେ । ଜୈନ ଧର୍ମର ପ୍ରବର୍ତ୍ତକ ମହାବୀରଙ୍କର ଏହି ନଗରରେ ଜନ୍ମ ହୋଇଥିଲା ଓ ଏହା ଜୈନମାନଙ୍କର ଗୋଟିଏ ତୀର୍ଥ ଥିଲା । ବୁଦ୍ଧଦେବଙ୍କ ସମୟରେ ଏ ନଗର ପ୍ରସିଦ୍ଧ ଥିଲା ଓ ଏଠାରେ ଅନେକ ବୌଦ୍ଧ ବାସ କରୁଥିଲେ ।—(ହି. ଶ)]

ବୈଶିକ—ସଂ. ବି—(ବେଶ ବା ବେଶ୍ୟା+ଇକ; ତତ୍ପାଠକ)—୧ ।
Baisika ବେଶ୍ୟାର ଛଳ ବା ଭଙ୍ଗି—1. The tricks of a courtesan. ୨ । ( ପୁଂ )—ବାରାଙ୍ଗନାବିଳାସୀ ପୁରୁଷ—A frequenter of brothels; a regular visitor to harlots. [ଦ୍ର—ସାହିତ୍ୟରେ ବର୍ଣ୍ଣିତ ୩ ଶ୍ରେଣୀର ନାୟକ ମଧ୍ୟରୁ ବୈଶିକ ଏକତମ—ହି.ଶ ।]

ବୈଶିପୁତ୍ର—ସଂ. ବି—ବେଶ୍ୟାପୁତ୍ର (ହି. ଶ)—
Baisiputra The son of a harlot.

ବୈଶିଷ୍ଟ୍ୟ—ସଂ. ବି—(ବିଶିଷ୍ଟ+ଯ)—୧ । ବିଶେଷତ୍ୱ—1. Indivi-
Baisishtya duality. ୨ । ବୈଲକ୍ଷଣ୍ୟ (ଦେଖ)—
2. Bailakshanya (See)

ବୈଶୁନ(ଲ୍)ତାନ(ଣୀ)—ବୈଦେ. ବି—ବଇଶୁନ୍‌ତାନ୍ (ଦେଖ)
Baisun-(l-)tān(ni) Baisun-tān (See)

ବୈଶେଷିକ—ସଂ. ବି—( ବିଶେଷ—'ବିଶେଷ' ନାମକ ବସ୍ତୁ+
Baiseshika ନିରୂପଣାର୍ଥେ ଇକ; ଯାହା 'ବିଶେଷ' ନାମକ
(ବୈଶେଷିକ ଦର୍ଶନ—ଅନ୍ୟରୂପ) ବସ୍ତୁକୁ ନିରୂପଣ କରିଅଛି )—
କଣାଦ ମୁନିଙ୍କ ପ୍ରବର୍ତ୍ତିତ ନ୍ୟାୟ ବା ଦର୍ଶନ ଶାସ୍ତ୍ରବିଶେଷ—
The system of Hindu philosophy
propounded by sage Kanāda

[ଦ୍ର—କଣାଦଙ୍କର ଏକ ନାମ ଉଲୂକ । ଏଥିପାଇଁ ଏ ଦର୍ଶନର ଅନ୍ୟ ନାମ ଔଲୂକ୍ୟ ଦର୍ଶନ । ଏ ଦର୍ଶନ ନ୍ୟାୟ ଶାସ୍ତ୍ରର ଅନ୍ତର୍ଗତ ବୋଲି ଗୃହୀତ ହୋଇଅଛି । ଗୌତମରେ ପ୍ରମାଣ ପକ୍ଷ ପ୍ରଧାନ ଓ ଏ ଦର୍ଶନରେ ପ୍ରମେୟ ପକ୍ଷ ପ୍ରଧାନ । ଈଶ୍ୱର, ଜଗତ୍ ଓ ଜୀବ ଆଦି ସମ୍ବନ୍ଧେ ଗୌତମ ଓ ବୈଶେଷିକ ଦର୍ଶନ ପ୍ରାୟସ୍ଥ ସିଦ୍ଧାନ୍ତ ଏକ ଅଟେ । ଏ ଦର୍ଶନ ଗୌତମ ଦର୍ଶନର ପରବର୍ତ୍ତୀ ଥିବାର କଥିତ । ଗୌତମ ମୁଖ୍ୟତଃ ତର୍କ ପଦ୍ଧତି ଓ ପ୍ରମାଣ ବିଷୟର ନିରୂପଣ କରିଅଛନ୍ତି, କିନ୍ତୁ କଣାଦ ଦ୍ରବ୍ୟର ପରୀକ୍ଷାରେ ପ୍ରବୃତ୍ତ ହୋଇଥିଲେ । ୯ଟି ଦ୍ରବ୍ୟର 'ବିଶେଷତା' ବୁଝାଇବାରୁ ଏହାର ନାମ 'ବୈଶେଷିକ' ହୋଇଅଛି । ନଅଟି ଦ୍ରବ୍ୟ ଯଥା—ପୃଥ୍ୱୀ, ଜଳ, ତେଜ, ବାୟୁ, ଆକାଶ, କାଳ, ଦିକ୍, ଆତ୍ମା ଓ ମନଃ । ଏଥି ମଧ୍ୟରୁ ପୃଥିବୀ, ଜଳ, ତେଜ, ଓ ବାୟୁ ପରମାଣୁ ଅବସ୍ଥାରେ ନିତ୍ୟ ଓ ସ୍ଥୂଳ ଅବସ୍ଥାରେ ଅନିତ୍ୟ । ଆକାଶ, କାଳ, ଦିକ୍, ଓ ଆତ୍ମା ନିତ୍ୟ ଓ ସର୍ବ-ବ୍ୟାପକ । ମନ ନିତ୍ୟ, କିନ୍ତୁ ଅଣୁରୂପକ ଥିବାରୁ ବ୍ୟାପକ ନୁହେଁ । କଣାଦ ଏହି ପ୍ରକାରେ ଦ୍ରବ୍ୟମାନଙ୍କର ବିଶେଷତ୍ୱ ସ୍ଥିର କରିଅଛନ୍ତି ।

ଗୌତମ ୧୬ଟି ପଦାର୍ଥ ମାନିଥିଲେ, କିନ୍ତୁ କଣାଦ ୬ଟି ପଦାର୍ଥ ମାନିଅଛନ୍ତି । ଯଥା—ଦ୍ରବ୍ୟ, ଗୁଣ, କର୍ମ, ସାମାନ୍ୟ, ବିଶେଷ ଓ ସମବାୟ । ପରେ ଅଭାବ ବୋଲି ଆଉ ଗୋଟିଏ ପଦାର୍ଥ ମାନିଅଛନ୍ତି । ଦ୍ରବ୍ୟର ଉଦ୍ଦେଶ ( ପରିଗଣନ ), ଲକ୍ଷଣ ଓ ପରୀକ୍ଷା ଛଡ଼ା କଣାଦ ଗୁଣକୁ ଓ କର୍ମକୁ ସ୍ୱୀକାର କରିଅଛନ୍ତି । ଦ୍ରବ୍ୟର ସଂଖ୍ୟା, ପୃଥକ୍ତ୍ୱ, ବୁଦ୍ଧି, ସୁଖ, ଦୁଃଖ ଆଦି ୨୪ଟି ଗୁଣ ଅଛି । ଏଥିରେ ଉତ୍କ୍ଷେପଣ, ଅବକ୍ଷେପଣ, ଆଦି ୫ ପ୍ରକାର ଗତିକୁ କର୍ମର ଅନ୍ତର୍ଗତ ବୋଲି ସ୍ୱୀକୃତ ହୋଇଅଛି । ବାକି ରହିଲା 'ସାମାନ୍ୟ' । ଏହା ଦ୍ରବ୍ୟ, ଗୁଣ ଓ କର୍ମ ଏହି ତିନିରେ ସତ୍ତା ରୂପେ ମିଳେ । ପଞ୍ଚମ ପଦାର୍ଥ 'ବିଶେଷ' ପୃଥ୍ୱୀ, ଜଳ, ତେଜଃ ଓ ବାୟୁର ପରମାଣୁରେ ଅଛି । 'ବିଶେଷ' ଅନନ୍ତ ଅଟେ । ବୈଶେଷିକ ଦର୍ଶନର ପରମାଣୁବାଦ ପ୍ରସିଦ୍ଧ ଅଟେ । ପରମାଣୁ ନିତ୍ୟ ଓ ଅସାର ଅଟେ । ପରମାଣୁମାନଙ୍କ ଯୋଜନାରେ ସବୁ ପଦାର୍ଥର ସୃଷ୍ଟି । ଆକାଶ ଛଡ଼ା ଅନ୍ୟ ୪ ଭୂତର ପରମାଣୁ ଅଛି । ୨ ପରମାଣୁ =ଦ୍ୱ୍ୟଣୁକ; ୩ ଦ୍ୱ୍ୟଣୁକ=ତ୍ରସରେଣୁ; ୪ ଦ୍ୱ୍ୟଣୁକ= ଚତୁରେଣୁ—ହି. ଶ]

ବୈଶେଷ୍ୟ—ସଂ. ବି. (ବିଶେଷ+ସ୍ୱାର୍ଥ ଯ)—ବିଶେଷତା—
Baiseshya Peculiarity; characteristic.

ବୈଶ୍ୱଦେବ—ସଂ. ବି. (ବିଶ୍ୱଦେବ+ଅ; ପୃଥିବୀର ଚାରିଦିଗସ୍ଥ ଦେବତା
Baiswadeba ଓ ଭୂତ ବା ଜୀବମାନଙ୍କୁ ଦିଆଯିବା ଅନ୍ନ ବଳି)—
ବିଶ୍ୱଦେବଙ୍କ ଉଦ୍ଦେଶ୍ୟରେ ଦ୍ୱିଜାତିଙ୍କର ପ୍ରତିଦିନ କର୍ତ୍ତବ୍ୟ ଅନ୍ନ ବଳିଦାନ ବିଧି—A daily ceremony of offering oblations of food to various Deities, the fire, certain beings and animals, observed by the twice born amongst the Hindus. [ଦ୍ର—ସକାଳେ ଗୃହସ୍ଥର ପାକ ଶେଷ ହେବା ପରେ ଏ 'ଅନ୍ନ ବଳିଦାନ' ଅନୁଷ୍ଠିତ ହୁଏ । ଏଥିରେ ପ୍ରଥମେ ଗୋଟିଏ ସ୍ଥାନକୁ ଲିପି, ଗୋମୟ ଓ ଜଳ ଦ୍ୱାରା ପରିଷ୍କୃତ କରି ସେଠାରେ ମୃତ୍ତିକାରେ ଠାଆ କରି ତହିଁରେ ପାକାଗ୍ନିଙ୍କୁ ବଳି ଦିଆଯାଏ, ତା ପରେ ନିମ୍ନଲିଖିତ ଭାବରେ ବଳିଦାନ କରାଯାଏ ଃ—

୧ ବ୍ରହ୍ମା, ୨ ପ୍ରଜାପତି, ୩ ଗୃହ୍ୟଗଣ, ୪ ଅନୁମତି, ୫ କଶ୍ୟପ (ଏହି ପାଞ୍ଚଟି ବଳି ଅଗ୍ନିରେ ଅର୍ପଣ କରାଯାଏ); ୬ ପର୍ଜ୍ଜନ୍ୟ, ୭ ଜଳ, ୮ ପୃଥିବୀ, ୯ ଧାତୃ, ୧୦ ବିଧାତ, ୧୧-୧୪ ଚତୁର୍ଦ୍ଦିଗ, ୧୫-୧୮ ଚତୁଷ୍କୋଣ, ୧୯ ସୂର୍ଯ୍ୟ, ୨୦ ଅନ୍ତରୀକ୍ଷ, ୨୧ ବିଶ୍ୱଦେବଗଣ, ୨୨ ବିଶ୍ୱଭୂତଗଣ, ୨୩ ଉଷା, ୨୪ ଭୂତପତି, ୨୫ ପିତୃଗଣ, ୨୬ ଯକ୍ଷ, ୨୭-୩୩ ସନକାଦି ସପ୍ତ ମନୁଷ୍ୟ । ଏମାନଙ୍କ ନାମ ଉଚ୍ଚାରଣ-ପୂର୍ବକ ଠାଆ ଉପରେ ଗଣ୍ଡାଏ ଗଣ୍ଡାଏ ଅନ୍ନ ଦିଆଯାଏ ।

ତା ପରେ ଖଣ୍ଡିଏ ଖଣ୍ଡିଏ ପତ୍ରରେ ବଢ଼ା ହୋଇଥିବା ଅନ୍ନକୁ ନିମ୍ନଲିଖିତ ରୂପେ ପାଣି ଛିଞ୍ଚନ୍ତି । ୩୪-୩୬ ପିତୃ, ପିତାମହ ଓ ପ୍ରପିତାମହ, ୩୭-୩୯ ମାତାମହ, ପ୍ରମାତାମହ ଓ ବୃଦ୍ଧ ପ୍ରମାତାମହ, ୪୦-୪୫ ପିତୃ ୩ ଜଣ ଓ ମାତାମହାଦି ୩ ଜଣ, ୪୬ ଅତିଥି ବ୍ରାହ୍ମଣ, ୪୮-୫୦, ଶ୍ୱାନ, ଚଣ୍ଡାଳ ଓ ବାୟସ । କେହି କେହି ବୈଶ୍ୱଦେବ ସ୍ଥାନରୁ ଉଠି ଆସି ଅଗଣାରେ ବା ଘରର ବାହାଅଡ଼େ ୪୮-୫୦ ବଳି ଦିଅନ୍ତି । ୫୦ ବଳିକୁ 'ଭାତ ବଳି' ବୋଲାଯାଏ । ଶେଷରେ ସୂର୍ଯ୍ୟଙ୍କୁ ନମସ୍କାର କରନ୍ତି ।

ନିଷ୍ଠାପର ଗୃହସ୍ଥ ଦେବପୂଜା ଓ ବୈଶ୍ୱଦେବ ନ କରି ଭୋଜନ କରନ୍ତି ନାହିଁ ।]

ବୈଶ୍ୱାନର—ସଂ. ବି. (ବିଶ୍ୱନର+ଅ; ଏହା ବିଶ୍ୱଜନଙ୍କ ଜଠରରେ
Baiswānara ଥିବାରୁ)—୧ । ଅଗ୍ନି—1. Fire. ୨ । ଜଠରାଗ୍ନି
—2. The digestive energy in animals.
୩ । ଚିତ୍ରକ ବୃକ୍ଷ, ଧଳା ଚିତା ଗଛ—3. Lead wort (plant). ୪ । ବେଦାଂଶ ବିଶେଷ—4. Name of a portion of the Bedas. ୫ । ପିତ୍ତ (ହି. ଶ)—

5. Bile. ୬। ପରମାତ୍ମା ( ବୃ. ଶ )—6. The Supreme Spirit. ୭। ଚେତନ ( ବୃ. ଶ )—7. Consciousness.

ବୈଶ୍ୱାସିକ—ସଂ. ବି. ପୁଂ. ( ବିଶ୍ୱାସ+ଇକ )—ବିଶ୍ୱସ୍ତ ବ୍ୟକ୍ତି—
Baiswāsika A trusted person.
(ବୈଶ୍ୱାସିକା—ଅନ୍ୟରୂପ) ବିଣ. ପୁଂ—ବିଶ୍ୱସ୍ତ—Trusted.

ବୈଶ୍ୱୀ—ସଂ. ବି ( ବିଶ୍ୱ=ବିଶ୍ୱଦେବଗଣ+ଈ; ବିଶ୍ୱଦେବମାନଙ୍କର ଏ
Baiswi ନକ୍ଷତ୍ର ଉପରେ ଆଧିପତ୍ୟ ଥିବାରୁ )—( ଜ୍ୟୋତିଷ ) ଉତ୍ତରଷାଢ଼ା ନକ୍ଷତ୍ର—( astrology ) The twenty-first asterism.

ବୈଶ୍ୟ—ସଂ. ବି. ପୁଂ ( ବିଶ ଧାତୁ=ପ୍ରବେଶ କରିବା+କ୍ୱିପ୍+ଯ.
Baisya ଯେଉଁ ଜାତି ଦ୍ୱିଜାତିମାନଙ୍କର ଶେଷଭାଗରେ ହିନ୍ଦୁ
(ବୈଶ୍ୟା—ସ୍ତ୍ରୀ) ସମାଜକୁ ପ୍ରବେଶ କରିଅଛି । )—ହିନ୍ଦୁ ଦ୍ୱିଜାତି ମାନଙ୍କର ଶେଷ ବର୍ଣ୍ଣ—The 3rd caste of the Hindu twice-born classes. ( ଯ—ବୈଶ୍ୟା ଗର୍ଭଜାତ ଶାନ୍ତ ଧୃତରାଷ୍ଟ୍ର ସୁତ, ଯୁଯୁତ୍ସୁଙ୍କୁ କହୋଇଲେ ପ୍ରଜ୍ଞାନୟ ପଦେ—ସୁଧାନାଥ. ମହାଯାତ୍ରା । ) [ ଦ୍ର—ଯଜନ, ଅଧ୍ୟୟନ ଓ ପଶୁପାଳନ ବୈଶ୍ୟମାନଙ୍କର ଧର୍ମ । ପଶୁପାଳନ ଓ ବାଣିଜ୍ୟ ଏମାନଙ୍କ ବୃତ୍ତି ଅଟେ । ବୈଦିକ କାଳରେ ପ୍ରଜାମାନଙ୍କୁ ବିଶ୍ ବୋଲି ଯାଉଥିଲା । ବୈଶ୍ୟ ଶବ୍ଦ ବୈଦିକ ବିଶ୍ ଶବ୍ଦରୁ ଉତ୍ପନ୍ନ । ପରେ ଯେତେବେଳେ ଚତୁର୍ବର୍ଣ୍ଣର ବ୍ୟବସ୍ଥା ହେଲା ସେତେବେଳେ ବାଣିଜ୍ୟ ବ୍ୟବସାୟ ଓ ଗୋପାଳନରେ ନିଯୁକ୍ତ ବର୍ଣ୍ଣକୁ ବୈଶ୍ୟ ବୋଲାଗଲା—ବୃ. ଶବ୍ଦସାଗର । ]

ବୈଶ୍ୟ କରଣ—ଦେ. ବି—ଜାତି ବିଶେଷ—A caste of
Baisya karana Baisyas. [ ଦ୍ର—ଏମାନଙ୍କ ସମାଜରେ ବାଲ୍ୟବିବାହ ହୁଏ । ଏମାନେ ପୂର୍ବେ ଚଟଶାଳୀମାନଙ୍କରେ ଶିକ୍ଷକତା କରୁଥିଲେ । ଏମାନଙ୍କର ଉପାଧି ମହାନ୍ତି । ]

ବୈଶ୍ୟ ବଣିକ୍—ଦେ. ବି ( ସଂ. ବୈଶ୍ୟ ଓ ବଣିକ୍ )—ବୈଶ୍ୟ ବା
Baisya banik ବଣିକମାନଙ୍କର ଶାଖା ବିଶେଷ—A sect
(ବୈଶ୍ୟ ବଣିଆ—ଅନ୍ୟରୂପ) of the trading caste. [ ଦ୍ର—ବଣିଆମାନେ ସୁନାରି, ପୋଟଳୀ ଓ ବୈଶ୍ୟ ଏହି ତିନି ଶ୍ରେଣୀରେ ବିଭକ୍ତ । ]

ବୈଶ୍ରବଣ—ସଂ. ବି (ବିଶ୍ରବସ୍=ଋଷି+ଅପତ୍ୟାର୍ଥେ ଅ; 'ବି' ସ୍ଥାନରେ
Baisrabana 'ବୈ' ଓ 'ଅ' ସ୍ଥାନରେ 'ଣ' ଆଗମ)—ବିଶ୍ରବା ଋଷିଙ୍କର ପୁତ୍ର—The son of sage Bisrabā. [ ଦ୍ର—କୁବେର, ରାବଣ, କୁମ୍ଭକର୍ଣ୍ଣ ଓ ବିଭୀଷଣ—ବୈଶ୍ରବଣ ଅଟନ୍ତି । ]

ବୈଷ(ଷି)ମ—ଗ୍ରାମ୍ୟ. ବି (ସଂ. ବୈଷ୍ଣବ)—୧ । ବୈଷ୍ଣବ (ଦେଖ)—
Baisha(shi)ma Baishnaba (See). ୨ । ବୈଷ୍ଣବ ନାମକ
ବୈଷ୍ଟବ,ବୈଷ୍ଟମ ବ୍ୟକ୍ତିକୁ ଡାକିବା ନାମ—2. Name for
ବୈଷ୍ଣବ calling a person named Baishnaba.

ବୈଷ୍ଣ(ଷ୍ଟୋ)ବ, ବୈଷ୍ଣମ, ବୈଷ୍ଟମ, ବୈଷ୍ଣମ, ଡବେଷମ } ଅନ୍ୟରୂପ ସଂ. ବି (ବିଷମ+ଅ) ବୈଷମ୍ୟ (ଦେଖ)—
ବୈଷମାଣୀ, ବୈଷ୍ଣବାଣୀ, ବୈଷ୍ଣମାଣୀ, ବୈଷ୍ଟବା(ମା)ଣୀ, ବଇଷି(ଷୁ)ମାଣୀ, ବୈଷି(ଷୁ)ମାଣୀ } ସ୍ତ୍ରୀ Baishamya (See).

ବୈଷମ କୁଳ—ଦେ. ବି—ବୈଷ୍ଣବ ସମାଜ—
Baishama kula The society of Baishnabas.

ବୈଷମ ହେବା—ଦେ. କ୍ରି—ବୈରାଗ୍ୟ ଦୀକ୍ଷା ଗ୍ରହଣ ପୂର୍ବକ ଗୃହତ୍ୟାଗ
Baishama hebā କରିବା—To renounce the world
( ବୈଷମ ହୋଇଯିବା—ଅନ୍ୟରୂପ ) or one's household-ties by being converted into a Baishnaba. ୨ । ଗୁରୁଙ୍କଠାରୁ ଇଷ୍ଟମନ୍ତ୍ର ବା କଣ୍ଠମନ୍ତ୍ର ଗ୍ରହଣ କରି ଓ ମାଳା ଡୋରି କୌପୀନ ଗ୍ରହଣ କରି ଓ ଚିହ୍ନ 'ବୈଷ୍ଣବ' ଧର୍ମରେ ଦୀକ୍ଷିତ ହେବା—2. To be initiated into Baishnabism by having the esoteric formula whespered into the ear by the spiritual preceptor and to put on rosary waist-string and a narrow strip of cloth over the privities.

ବୈଷ(ଷି, ଷୁ)ମାଣୀ—ଦେ. ବି. ସ୍ତ୍ରୀ ( ସଂ. ବୈଷ୍ଣବୀ )—୧ । ବୈଷମର
Baisha(shi, shu)māṇi ସ୍ତ୍ରୀଲିଙ୍ଗ—1. Feminine of
( ବୈଷ୍ଟବା[ମା]ଣୀ—ସ୍ତ୍ରୀ ) Baishama. ୨ । ମାଗୁଣୀ; ଯେଉଁ ସ୍ତ୍ରୀଲୋକ ବୈଷ୍ଣବ ଦୀକ୍ଷା ନେଇ ଗୃହତ୍ୟାଗ କରିଅଛି—2. A female mendicant. [ ଦ୍ର—ବ୍ୟାକରଣ ସୂତ୍ର ଅନୁସାରେ ଏହା ବୈଷମର ସ୍ତ୍ରୀଲିଙ୍ଗ ନ ହୋଇ ବୈଷମର ଉପସ୍ତ୍ରୀ ଲିଙ୍ଗ ଅଟେ । ଅଧାତଃ ବୈଷମାଣୀ ବୈଷମଙ୍କର ସ୍ତ୍ରୀ ବା ଧର୍ମପତ୍ନୀ ବୁଝାନ୍ତି । ]

ବୈଷମ୍ୟ—ସଂ. ବି (ବିଷମ+ଯ)—୧ । ବିଷମତା; ସାମ୍ୟତାର ଅଭାବ—
Baishamya 1. Want of uniformity; unevenness, ineqality. ୨ । ବୈସାଦୃଶ୍ୟ—2. Dissimilarity; disparity. ୩ । ଶତ୍ରୁଭାବ; ଶତ୍ରୁତା—3. Enmity; hostility. ୪ । ଅମେଳ—4. Disagreement.

ବୈଷୟିକ—ସଂ. ବିଣ ( ବିଷୟ+ଇକ )—୧ । ବିଷୟ କର୍ମ ସମ୍ବନ୍ଧୀୟ;
Baishayika ସାଂସାରିକ—1. Worldly. ୨ । ଗାର୍ହସ୍ଥ୍ୟ—2. Domestic. ୩ । ବ୍ୟବସାୟ ସମ୍ବନ୍ଧୀୟ—3 Relating to business. ୪ । ଇନ୍ଦ୍ରିୟ ସେବା କରତ—4. Sensual; sensualist. ୫ । ବିଷୟବାନ୍; ଧନୀ—5. Well-to-do. ୬ । ବ୍ୟବସାୟ ବା ସାଂସାରିକ କାର୍ଯ୍ୟରେ ନିପୁଣ—6. Skilful in business; practical. ୭ । ସାଂସାରିକ କାର୍ଯ୍ୟରେ ଆସକ୍ତ—7. Devoted or addicted to worldly concerns. ୧ । ସଂ. ବି—ବିଷୟୀ ବ୍ୟକ୍ତି—1. A man of the world. ୨ । ଧନୀ ବ୍ୟକ୍ତି—2. A rich man; a well-to-do person.

**ବୈଷୟିକ ବିଜ୍ଞାନ**—ସଂ. ବି ( ଅଧିକୃତ; କର୍ମଧା )—ଯେଉଁ ବିଜ୍ଞାନ
Baishayika bijñāna ଶାସ୍ତ୍ରଦ୍ୱାରା ମନୁଷ୍ୟର ସାଂସାରିକ ବିଷୟ ପରିଚାଳନାରେ ଜ୍ଞାନଲାଭ ହୁଏ; ଯେଉଁ ବିଜ୍ଞାନ ମନୁଷ୍ୟର ବ୍ୟବହାରରେ ଲାଗେ—Practical science. [ଯଥା—ଜଡ଼ବିଜ୍ଞାନ, ନୀତିବିଜ୍ଞାନ, ଯେକ ପରିମାଣ ବା ବ୍ୟବହାରିକ ଜ୍ୟାମିତି । ]

**ବୈଷୟିକ ବ୍ୟବସ୍ଥା**—ସଂ. ବି ( କର୍ମଧା )—ସାଂସାରିକ ବିଷୟର
Baishayika byabasthā ବନ୍ଦୋବସ୍ତ—Arrangement or mangement of one's worldly affairs.

**ବୈଷୟିକ ବ୍ୟାପାର**—ସଂ. ବି—୧। ସାଂସାରିକ କାର୍ଯ୍ୟ—1. Worldly
Baishayika byāpāra concerns ୨। ବିଷୟ ସମ୍ପତ୍ତି—2. Worldly riches and possession.
(ବୈଷୟିକ କର୍ମ, ବୈଷୟିକ କାର୍ଯ୍ୟ, ବୈଷୟିକ ବୃତ୍ତି — ଅନ୍ୟରୂପ)

**ବୈଷୁବତ**—ସଂ. ବି ( ବିଷୁବତ୍+ଅ )—ବିଷୁବ ସଂକ୍ରାନ୍ତି ( ଦେଖ )
Baishubata Bishuba samkrānti (See)

**ବୈଷ୍ଟିକ**—ସଂ. ବି—ବେଠିଆ—A person impressed into
Baishṭika service. [ଉ—ଇଥ୍ୟା-ସମ୍ବରଣ ଚୋରଣା-ଗଠନେ ବ୍ୟାପୃତ ଯେତେ ବୈଷ୍ଟିକ—ରାଧାନାଥ. ପାର୍ବତୀ । ]

**ବୈଷ୍ଟୁତ**—ସଂ. ବି ( ବି+ସ୍ତୁ ଧାତୁ=ସ୍ତୁତି କରିବା+କରଣ. ତ )—
Baishṭuta ହୋମଭସ୍ମ; ହୋମ ପାଉଁଶ; ବିଭୂତି—The ashes left after the performance of burnt offerings.

**ବୈଷ୍ଣବ**—ସଂ. ବିଣ. ପୁଂ ( ବିଷ୍ଣୁ+ଉପାସକାର୍ଥେ. ଅ )—୧ । ବିଷ୍ଣୁ
Baishṇaba ସମ୍ବନ୍ଧୀୟ—1. Relating to Bishṇu.
(ବୈଷ୍ଣବୀ—ସ୍ତ୍ରୀ) ୨ । ବିଷ୍ଣୁ ପୂଜାରତ; ବିଷ୍ଣୁଭକ୍ତ—2. Devoted to the worship of Bishṇu. ସଂ. ବି—ବିଷ୍ଣୁ ଭକ୍ତ; ବିଷ୍ଣୁଙ୍କ ଉପାସକ—1. A devotee of Bishṇu. ୨ । ଅଷ୍ଟାଦଶ ମହାପୁରାଣାନ୍ତର୍ଗତ ବିଷ୍ଣୁପୁରାଣ—2. The Bishṇu Purāṇa. ୩ । ହୋମଭସ୍ମ—3. The ashes of sacrificial fire. ୪ । ପ୍ରାଚୀନକାଳର ଯୁଦ୍ଧାସ୍ତ୍ରବିଶେଷ—4. An ancient weapon of war. ୫ । ସୁଦର୍ଶନଚକ୍ର—5. The Discus weapon of Bishṇu. ଦେ. ବି—୧ । ବିଷ୍ଣୁଭକ୍ତ ସନ୍ନ୍ୟାସୀ—1. An anchorite devoted to Bishṇu [ଦ୍ର—ଗୃହତ୍ୟାଗୀ ବୈଷ୍ଣବଙ୍କୁ 'ଉଦଙ୍ଗୀ' ଓ ଗୃହସ୍ଥ ବୈଷ୍ଣବଙ୍କୁ 'ଗୃହୀ' ବୋଲାଯାଏ ।] ୨ । ବୈରାଗୀ, ବାବାଜୀ—2. An anchorite; a religious mendicant. [ଦ୍ର—ବୈଷ୍ଣବର ପ୍ରକୃତିପ୍ରତ୍ୟୟଗତ ଅର୍ଥ ବିଷ୍ଣୁଭକ୍ତ; କିନ୍ତୁ ସାଧାରଣତଃ ଶୈବ, ଶାକ୍ତ ଓ ବୈଷ୍ଣବ ଆଦି ସବୁ ପ୍ରକାରର ବୈରାଗୀଙ୍କୁ ବୈଷ୍ଣବ ବୋଲାଯାଏ । ବୈଷ୍ଣବମାନଙ୍କର ଅନେକ ସମ୍ପ୍ରଦାୟ ଅଛି । ଭିନ୍ନ ଭିନ୍ନ ଧର୍ମପ୍ରବର୍ତ୍ତକଙ୍କ ନାମ ଅନୁସାରେ, ଦେଶ ଅନୁସାରେ, ଗୃହତ୍ୟାଗ କରିଥିବା ବା ନ କରିଥିବା ଅନୁସାରେ, ସ୍ଥାନ ଅନୁସାରେ ଓ ଉପାସ୍ୟ ଦେବତାଙ୍କ ନାମ ଅନୁସାରେ ଭିନ୍ନ ସମ୍ପ୍ରଦାୟଙ୍କର ଭିନ୍ନ ନାମକରଣ ହୁଏ ।

ଧର୍ମପ୍ରବର୍ତ୍ତକଙ୍କ ନାମାନୁସାରେ—ରାମାନନ୍ଦୀ, ନିମାଉତ୍, ଅତିବଡ଼ୀ ଓ ମାଧବାଚାର୍ଯ୍ୟ । ଦେଶ ଅନୁସାରେ—ଗୌଡ଼ୀୟ ବା ଗଉଡ଼ିଆ । ଗୃହତ୍ୟାଗ ଅନୁସାରେ—ଗୃହୀ, ଉଦଙ୍ଗୀ, ବୈରାଗୀ ଓ ବିରକ୍ତ । ବେଶ ଅନୁସାରେ—ନାଗା, ନଙ୍ଗଳୀ, କୁମ୍ଭିପଟିଆ, ଲେଙ୍ଗୁଟିଆ, ଜମାଉତ ଓ ମାଳବନ୍ଧା । ଉପାସ୍ୟ ଦେବତା ଅନୁସାରେ—ରାମାଉତ୍, ମହାବୀରିଆ ଓ ପରମାର୍ଥୀ ଇତ୍ୟାଦି ।] ୩ । ପୁରୁଷ ଲୋକଙ୍କୁ ଡକାଯିବା ନାମ—3. A name given to males. ପ୍ରାଦେ. (ଗଞ୍ଜାମ) ବି—ଗଞ୍ଜାମ ଜିଲ୍ଲାର ପାଟକ ବିଶେଷ—A caste of people in the district of Ganjam.

**ବୈଷ୍ଣବ ଓଝା ବାଡ଼ି**—ପ୍ରାଦେ ( ଯାଜପୁର ) ବି—ଯାଜପୁର-ବୈଷ୍ଣବ
Baishṇaba ojhā bārḍi ଚରଣ ଓଝା କାରିଗର କୃତ ବିଖ୍ୟାତ ବାଡ଼ି ବା ଯଷ୍ଟି—B. C. Ojhā's polished stick (made in Jajpur).

**ବୈଷ୍ଣବ କୁଳ**—ଦେ. ବି—ବୈଷ୍ଣବ ସମ୍ପ୍ରଦାୟ—A sect of
Baishṇaba kuḷa Baishṇabas. ( ଉ—କାଁ ଚନ୍ଦ୍ରକୁଳ କାଁ ବୈଷ୍ଣବ କୁଳ—ଗୀତ । )

**ବୈଷ୍ଣବ ଥାଳ**—ଦେ. ବି—ଯୋଗୀ ଥାଳ ( ଦେଖ )—
Baishṇaba thāḷa Jogi thāḷa ( See )

**ବୈଷ୍ଣବତା**—ସଂ. ବି—୧ । ବିଷ୍ଣୁଭକ୍ତି—1. Devotion to Bishṇu
Baishṇabatā ୨ । ବୈଷ୍ଣବର ଆଚରଣ—2. Conduct of a Baishṇaba.

**ବୈଷ୍ଣବା(ମା)ଣୀ**—ଦେ. ବିଣ ସ୍ତ୍ରୀ—ବୈଷ୍ଣବୀ; ମାତାଜୀ—
Baishṇabā(mā)ṇi A female anchorite.

**ବୈଷ୍ଣବ ସମ୍ପ୍ରଦାୟ**—ସଂ. ବି—ବୈଷ୍ଣବମାନଙ୍କର ଭିନ୍ନ ଭିନ୍ନ ଶ୍ରେଣୀ ବା
Baishṇaba sampradāya ଅଖଡ଼ା—Sect of anchorites.
(ବୈଷ୍ଣବ ସମାଜ—ଅନ୍ୟରୂପ)

**ବୈଷ୍ଣବୀ**—ସଂ. ବିଣ. ସ୍ତ୍ରୀ ( ବିଷ୍ଣୁ+ଅ+ଈ )—ବିଷ୍ଣୁଙ୍କ ସମ୍ବନ୍ଧୀୟା—
Baishṇabi Relating to Bishṇu. ସଂ. ବି. ସ୍ତ୍ରୀ—୧ । ବିଷ୍ଣୁଙ୍କର ଆଦ୍ୟା ଶକ୍ତି ବା ଜଗତ୍‌ସୃଷ୍ଟି କାରିକା ଶକ୍ତି—1. The prime or creative energy of Bishṇu or God. ୨ । ବିଷ୍ଣୁଙ୍କର ଜଗତ୍‌ପାଳନକାରୀ ଶକ୍ତି ବା ମାୟା—2. The illusive energy of Bishṇu. ୩ । ଦୁର୍ଗା—3. Goddess Durgā. ୪ । ଗଙ୍ଗାନଦୀ ( ବିଷ୍ଣୁପଦୋଦ୍ଭବା ଥିବାରୁ )—4. The Ganges. ୫ । ତୁଳସୀ ବୃକ୍ଷ ( ବିଷ୍ଣୁଙ୍କ ବର ଯୋଗୁଁ ବୃନ୍ଦା ତୁଳସୀରୂପେ ଜାତ ହେବାରୁ )—5. The holy Basil plant; Ocymum Sanctum. ୬ । ଅପରାଜିତା ଲତା ଓ ଫୁଲ—6. Clitoris Ternatia ( creeper and flower ). ୭ । ଶତାବରୀ; ଛତୋରୀ—7. Asparagus. ୮ । ପୃଥିବୀ

( ତୁ. ଶ )—8. The earth. ୯ । ଶ୍ରବଣା ନକ୍ଷତ୍ର —9. The 22nd asterism. ୧୦ । ( ବୈଷ୍ଣବ + ଈ )—ବୈଷ୍ଣବର ସ୍ତ୍ରୀ—10. The wife of a Baishnaba. ୧୧ । ବିଷ୍ଣୁଭକ୍ତା ସ୍ତ୍ରୀ—11. A female devotee of Bishnu. ଦେ. ବି— ମାଈବାବାଜୀ; ବୈଷ୍ଣବାଣୀ—A female anchorite.

ବୈଷ୍ଣବ(ବି)ଆ—ଦେ. ବିଣ—ବାବାଜୀ ସମ୍ବନ୍ଧୀୟ—Relating to
Baishnabi(mi)ā an ascetic; or a recluse.

ବୈଷ୍ଣବ୍ୟ—ସଂ. ବିଣ ( ବିଷ୍ଣୁ + ଯ )—ବିଷ୍ଣୁ ସମ୍ବନ୍ଧୀୟ—
Baishnabya Relating to Bishnu.

ବୈସ ( ଇତ୍ୟାଦି )—ଗ୍ରାମ୍ୟ. ବି ( ସଂ. ବୟସ )—୧ । ବୟସ ଇତ୍ୟାଦି
Baisa ( etc ) ( ଦେଖ )—1. Bayasa etc ( See )
୨ । ଯୌବନ—2. Youth.

ବୈସର୍ଗିକ—ସଂ. ବିଣ ( ବିସର୍ଗ + ଇକ )—ବିସର୍ଜନୀୟ; ତ୍ୟାଜ୍ୟ (ତୁ. ଶ)
Baisargika —Fit to be abandoned.

ବୈସର୍ଜନ—ସଂ. ବି ( ବିସର୍ଜନ + ଅ )—୧ । ବିସର୍ଜନ କର୍ମ—1.
Baisarjana Relinquishment. ୨ । ବିସର୍ଜିତ ବା ଉତ୍ସୃଷ୍ଟ ବସ୍ତୁ ( ତୁ. ଶ )—2. A thing which has been dedicated. ୩ । ଯଜ୍ଞର ବଳି ( ତୁ. ଶ )— 3. Vedic oblation or offering.

ବୈଶାଦୃଶ୍ୟ—ସଂ. ବି ( ବିସଦୃଶ + ଯ )—୧ । ବୈଷମ୍ୟ—1.
Baisādrusya Inequality; divergence. ୨ । ଅସାମଞ୍ଜସ୍ୟ; ଅସମାନତା—2. Dissimilarity.

ବୈସାରିଣ—ସଂ. ବି ( ବିସାରିନ୍ + ସ୍ୱାର୍ଥେ. ଅ )—ମତ୍ସ୍ୟ; ମାଛ—
Baisārina Fish.

ବୈସୂଚନ—ସଂ. ବି ( ବି + ସୂଚ୍ ଧାତୁ ଣିଚ, ସୂଚ ଧାତୁ = ଜଣାଇବା +
Baisūchana ଅ = ବିସୂଚନ + ଅ )—ନାଟକାଦିରେ ପୁରୁଷର ସ୍ତ୍ରୀ ବେଶ ଧାରଣ—The introduction of a male in the garb of a female in a drama

ବୈସ୍ୱର୍ଯ୍ୟ—ସଂ. ବିଣ ( ବିସ୍ୱର + ଭାବ. ଯ )—ଗଳା ବସିଯିବା ଅବସ୍ଥା
Baiswarjya ( ତୁ. ଶ. )—Hoarseness of the voice.

ବୈହଙ୍ଗ—ସଂ. ବିଣ ( ବିହଙ୍ଗ + ଅ )—ବିହଙ୍ଗ ବା ପକ୍ଷୀ ସମ୍ବନ୍ଧୀୟ
Baihanga ( ତୁ. ଶ )—Relating to bird.

ବୈହାୟସ—ସଂ. ବି—ଅସୁରରାଜ ବଳିର ରଥ—The chariot of
Baihāyasa Bali, the king of demons.(ଉ—ମୟ ନିର୍ମିତ ଘୋର ଯାନ, ସ୍ୱଭାବେ ବୈହାୟସ ନାମ । ଜଗନ୍ନାଥ ଭାଗବତ । ) ସଂ. ବିଣ—( ବିହାୟସ + ଅ )—ଆକାଶ ସମ୍ବନ୍ଧୀୟ—Relating to the sky; aerial.

ବୈହାର୍ଯ୍ୟ—ସଂ ବି. ଓ ବିଣ. ପୁଂ (ବିହାର + ଯ)—ଆପଣାର ଇଙ୍ଗିତଅନ
Baihārjya ଲୋକ; ଥଟ୍ଟା ମଶ୍କରି; ପରିହାସଯୋଗ୍ୟ ଆତ୍ମୀୟ (ବୈହାର୍ଯ୍ୟା—ସ୍ତ୍ରୀ) ବ୍ୟକ୍ତି—A person related in such a manner that jokes can be cut with him. [ ଦ୍ର—ପୁରୁଷର ବୈହାର୍ଯ୍ୟ—ଯଥା—ନାତି, ନାତି ଟେଲ, ଶଳା, ଦେଢଶୁର, ଅଜା, ମାମୁଅଜା, ସାନ-ଶଳା, ସାନ ସଢ଼ୁ, ଶ୍ୱଶୁର ଓ ନାତୁଣୀଜୋଇଁ ।

ସ୍ତ୍ରୀର ବୈହାର୍ଯ୍ୟ—ଯଥା—ଦିଅର, ଶ୍ୱଶୁର, ଦେଢଶୁର, ଅଜା, ନାତି, ନାତୁଣୀଜୋଇଁ, ନଣନ୍ଦେଇ ଓ ମାମୁଅଜା ।

ପୁରୁଷର ବୈହାର୍ଯ୍ୟା—ଯଥା—ଭାଉଜ, ଶାଳୀ, ନାତୁଣୀ, ନାତୁଣୀବୋହୂ, ଆଈ, ମାଇଁଆଈ, ଶଳାଭାଉଜ, ଦେଢଶୁରର ବହୂ ବା ଭଉଣୀର ନଣନ୍ଦ ।

ସ୍ତ୍ରୀର ବୈହାର୍ଯ୍ୟା—ଯଥା—ଆଈ, ମାଇଁଆଈ, ନାତୁଣୀ, ନାତୁଣୀବୋହୂ ଓ ନଣନ୍ଦ । ]

ବୈହାସିକ—ସଂ. ବି. ପୁଂ ( ବିହାସ + ଇକ )—ବିଦୂଷକ; ଭଣ୍ଡ—
Baihāsika A jester; buffoon. ( ଉ—ବୈହାସିକ ହେବେ ନ ବୁଝିଲ୍ଲ ଜନେ ତହିଁକି କେଉଁ ତତ୍ତ୍ୱର ହେ । ବିବୁଧେ ! ଉପେ. ବୈଦେହୀଶବିଳାସ । )

ବୋ—ବୈଦେ. ବି ( ଫା. ବୂ = ଗନ୍ଧ )—୧ । ବୂ; ଗନ୍ଧ—1. Smell.
Bo ୨ । ଦୁର୍ଗନ୍ଧ—2. Bad smell; offensive odour.

বো ବୂ ପ୍ରାଦେ. ( ସମ୍ବଲପୁର ଓ ଗଡ଼ଜାତ ) ଅ—( ସମ୍ବୋଧନ ) ରେ—( interjection ) Oh !. [ ଦ୍ର—ବାମଣ୍ଡା ଓ ଗାଙ୍ଗପୁର ଅଞ୍ଚଳରେ 'ବୋ' ଓ ସମ୍ବଲପୁର ଓ ଉତ୍ତରଖ୍ୟାରେ 'ରେ' ସଙ୍ଗୀ ବା ନୀଚତର ବ୍ୟକ୍ତି ପ୍ରତି ବ୍ୟବହୃତ ହୁଏ । ] ପ୍ରାଦେ. ( ସମ୍ବଲପୁର ଓ ଗଡ଼ଜାତ ) କ୍ରି. ବିଣ—ମ—Too.

ବୋଆ—ଦେ. ବି—ବୁଆ ( ଦେଖ )
Bo-ā Bu-ā ( See )

ବୋଆଳ—ପ୍ରାଦେ. ( ବାଲେଶ୍ୱର ) ବି. ( ସଂ. ବୋଦାଲ; ତୁଲ. ବଂ.
Bo-āla ବোয়াল)–ବାଳିଆ (ମାଛ) (ଦେଖ)—Bālia (fish) ( See )

ବୋଆଳୁ—ଦେ. ବି ( ସଂ. ବହୁବାର; ଉଦ୍ଦାଳକ )—ଗରଭଣା ଗଛ—
Boālu Cordia Myxa (tree).
বহুয়ার, বোয়ারিআ बहुआर, लसोड़ा, रुहिला
ମ. ଭୋକର ଫା. ଶୁଗପିସ୍ତନ୍ ତା ବଢ଼

ବୋଇ—ବୈଦେ. ବି ( ଫା. ବୂ = ଗନ୍ଧ )—ବୋ (.ଦେଖ )
Bo-i Bo ( See )

ବୋଇ(ହି)ତ—ଦେ. ବି ( ସଂ. ବୋହିତ୍ଥ; ବହିତ୍ର; ପ୍ରା. ବଇତ୍ତ )—
Boi(hi)ta ୧ । ନୌକା—1. Boat. ୨ । ସମୁଦ୍ରଗାମୀ ଜାହାଜ—
জাহাজ 2. Ship; sea-going vessel. [ ଉ—
जहाज, बोहित ଭାସଇ ବୋଇତ ଯଥା ନୀଳ ସମୁଦ୍ରରେ—ମଧୁସୂଦନ. ଛନ୍ଦମାଳା । ] ୩ । ବାଣିଜ୍ୟ ପୋତ—3. Merchantman; trading vessel. [ ଦ୍ର—ପୂର୍ବେ ଉତ୍କଳୀୟମାନେ ସମୁଦ୍ରଗାମୀ ପୋତରେ ବାଣିଜ୍ୟ କରୁଥିବାର ଅନେକ ପ୍ରମାଣ ଓଡ଼ିଆ କାବ୍ୟ ଓ ଗ୍ରନ୍ଥମାନଙ୍କରୁ ମିଳେ । ୧୦୦ ବର୍ଷ ପୂର୍ବେ ବାଲେଶ୍ୱର ବନ୍ଦରରୁ ଜାହାଜମାନ ଯିବା ଆସିବା କରୁଥିଲା । ଫକୀରମୋହନ କେତେଗୁଡ଼ିଏ

ଜାହାଜଅ ଶବ୍ଦ ତାଙ୍କର ଗଳ୍ପସ୍ତବକରେ ଲିପିବଦ୍ଧ କରି ଯାଇ ଅଛନ୍ତି । ] ୪ । ମୋଟା ଲୁଗା—4. Coarse cloth. ୫ । ମୋଟ ପଟ୍ଟବସ୍ତ୍ର—5. Thick silk cloth. [ ଉ—ଅପେ ପିନ୍ଧିଥାଏ କଳା ବୋଇତ ଉଡ଼େଇ ନେଉଛି ଭୂତ—ବାସ୍ନାମା ଗୀତ । ]

**ବୋଇତ କୁଦ**—ଦେ. ବି—କୌଣସି କୌଣସି ନଦୀର ମୁହାଁଣରେ Boita kuda କୂଳ ଖୋଳା ହୋଇ ଜଳଅଡ଼ୁକୁ ଲାଗି ଯେଉଁ କୁଦ ଦୁଇଟି କରାଯାଇ ଥାଏ ଓ ବୋଇତ ସମୁଦ୍ରରୁ ଅସି ସନ୍ଧିର ମଝିରେ ରହେ—Dams made at the mouth of a river to shelter ships. [ଦ୍ର—ପ୍ରାଚୀ ନଦୀକୂଳରୁ ପ୍ରାୟ ½ ମାଇଲ ଦୂର ଯାଏଁ ଜମି ଖୋଳାଯାଇ, ତାହାର ଦୁଇ ବଗରେ ଦୁଇଟି ମାଟିକୁଦ କରାଯାଇଅଛି । ସେହି ସ୍ତୁପ ଦ୍ୱୟର ମଧ୍ୟସ୍ଥାନକୁ ଅସି ବୋଇତମାନ ରହୁଥିଲା । ତୁଳସୀପୁର ନାମକ ସ୍ଥାନର କଶ୍ୟଦୂରରେ ସେହିପରି ଗୋଟିଏ କୁଦରେ ଗୋଟିଏ ପ୍ରକାଣ୍ଡ ଲମ୍ବା ଶାବଳ ପୋତା ଯାଇଅଛି । ବୋଧ ହୁଏ ବଡ଼ରଡ଼ଦ୍ୱାରା ବୋଇତମାନ ସେହି ଶାବଳରେ ଖଟାଇ ରଖା ଯାଉଥିଲା । ]

**ବୋଇତ ଖଟା(ଟେ)ଇବା**—ଦେ. କ୍ରି—ଜାହାଜକୁ କୌଣସି ସ୍ଥାନରେ Boita khaṭā(ṭe)ibā ନଙ୍ଗର କରିବା—To anchor a ship.

**ବୋଇତ ବନ୍ଦା(ନ୍ଦେ)ଇବା**—ଦେ. କ୍ରି—ବାଣିଜ୍ୟପୋତ ବ୍ୟବସାୟ Boita bandā(nde)ibā କ୍ରମରେ ପ୍ରଥମେ ଅନୁକୂଳ କରିଯିବା ସମୟରେ ଓ ବିଦେଶରୁ ଫେରିଅସିବା ସମୟରେ ବଣିକଙ୍କ ସ୍ତ୍ରୀମାନେ ସାତପାଞ୍ଚ ଅଦି ଦ୍ୱାରା ବାଣିଜ୍ୟପୋତକୁ ବନ୍ଦାପନା କରିବା–To worship a ship by waving light before it while it is going out for a voyage or returning home after a voyage. [ ଦ୍ର—ବଣିକ ପରିବାରର ସ୍ତ୍ରୀମାନେ ଫୁଲ ଓ ସାତପାଞ୍ଚ ନେଇ ବୋଇତକୁ ବନ୍ଦାପନା କରୁଥିବା କାହାଣୀରୁ ଜଣାଯାଏ । କାର୍ତ୍ତିକ ଅମାବାସ୍ୟାର ପରଦିନ ଅତି ପ୍ରତ୍ୟୁଷରୁ ଓଡ଼ିଆ ଗୃହର ସ୍ତ୍ରୀମାନେ ଅଗଣାରେ ମୁରୁଜରେ ଏବଂ ପୀଠରେ ବୋଇତର ବା ଡଙ୍ଗାର ଚିହ୍ନ ଲେଖି ସେହି ଚିହ୍ନିତ ବୋଇତ ଉପରେ ପେଟରା, ବାକସ ଓ ବାସନ ଅଦି ଅଣି ଜମା କରି ବୋଇତକୁ ବନ୍ଦାନ୍ତି । ସମ୍ଭବତଃ ଏହି ଅନୁଷ୍ଠାନ ପ୍ରାଚୀନ ବଣିକମାନଙ୍କର ପ୍ରଥମ ସମୁଦ୍ରଯାତ୍ରାର ଅନୁକୂଳର ସ୍ମାରକ ଓ ରଜର ୩ୟ ଦିନ ଅର୍ଥାତ୍ ଠାକୁରାଣୀଗାଧୁଆ ଦିନ ସକାଳେ ସ୍ତ୍ରୀମାନେ ଅଗଣାରେ ମୁରୁଜ ଅଦିରେ ବୋଇତର ଚିହ୍ନ କାଟି ତାହା ଉପରେ ବାକ୍ସ ଅଦି ରଖି ବନ୍ଦାପନା ଓ ଲକ୍ଷ୍ମୀପୂଜା କରନ୍ତି । ସମ୍ଭବତଃ ଏହା ବୋଇତ ଫେରି ଅସିବା ସମୟରେ କରାଯାଉଥିବା ବନ୍ଦାପନାର ସ୍ମାରକ । ]

**ବୋଇତ ବୁଡ଼ିବା**—ଦେ. ବି—୧ । ଜାହାଜ ବୁଡ଼ିଯିବା—1. The Boita burḍibā sinking of a ship; shipwreck. ୨ । ( ଲକ୍ଷଣାର୍ଥ ) ଜୀବିକା ନିର୍ବାହର ଉପାୟ ବା ଅଶା ଭାଙ୍ଗି ଯିବା—2. (figurative) The breaking of one's hopes or livelihood

**ବୋଇତ ଭଙ୍ଗା ଟୁ(ଟୋ)ଠ**—ଦେ. ବି- ପୁରୀଜିଲ୍ଲା ଅଣ୍ଟଅସାହି ଗ୍ରାମ ନିକଟରେ ଭି Boita bhangā tu(to)ṭha କୁଶଭଦ୍ରା ନଦୀର ଘାଟ—Name of a bathing place in the river Kuśabhadrā, said to be the site of a shipwreck. [ଦ୍ର—କମ୍ବଦନ୍ତୀ ଅଛି ଯେ ପ୍ରାଚୀନ କାଳରେ ଏ ନଦୀରେ ବୋଇତ ଯାତାୟାତ କରୁଥିଲା ଏବଂ ଏଠାରେ ଖଣ୍ଡିଏ ବୋଇତ ଭାଙ୍ଗି ବୁଡ଼ି ଯାଇଥିଲା—ଜଗବନ୍ଧୁ. ପ୍ରାଚୀନ ଉତ୍କଳ ।]

**ବୋଇତାଳ**—ଦେ. ବି ( ସଂ. ବହିତ୍ରପାଳ )—୧ । ଜାହାଜର ସ୍ୱାମୀ ବା Boitāḷa ମାଲିକ—1. The owner of a ship. ( ଉ—ବୋଇତଅଳ, ବୋଇତୁଅଳ, ବୈତାଳ, ବୈଢ଼(ଢୁ)ଅଳ } ଅନ୍ୟରୂପ ବୋଇତୁଅଳ ଯେ ଦଶରଥ ନୃପତି—ଉଞ୍ଜ. ବୈଦେ-ହୀଶବିଳାସ । ) ୨ । ପୋତଚାଳକ; କାପ୍ତାନ୍—2. The captain of a ship. ୩ । ପୋତବାସୀ ନାବିକ—3. Sailor. ( ଉ—ରତ୍ନରେ ପରିପୂର୍ଣ୍ଣ ହୋଇଣ ବୋଇତେ । ଲଭୁଥିଲେ ବୋଇତାଳଙ୍କ ଯିବା ସାଥେ—କୃଷ୍ଣସିଂହ. ମହାଭାରତ. ବନ । ) ୪ । ପୋତ ବଣିକ—4. A merchant who carries on trade in ships. ୫ । ବୋଇତାଳୁ ( ଦେଖ )—5. Boitāḷu ( See )

**ବୋଇତାଳ ଦେଉଳ**—ଦେ. ବି—ଭୁବନେଶ୍ୱରରେ କପାଳୀ ଠାକୁରାଣୀଙ୍କ Boitāḷa deuḷa ଦେଉଳ—A ship-shaped three-spired temple at Bhubaneśwara. (ବୋଇତଅଳ ଦେଉଳ, ବୈତାଳ ଦେଉଳ, ବୈଢ଼ଅଳ ଦେଉଳ—ଅନ୍ୟରୂପ) [ଦ୍ର—ଏହା ବୋଇତର ବା ଜାହାଜର ଅକାରରେ ନିର୍ମିତ ଓ ତାହାର ୩ ଗୋଟି ମାସ୍ତୁଲ ପରି ଏହାର ୩ ଗୋଟି ଅଁଳା ଉପରେ ୩ ଗୋଟି ତ୍ରିଶୂଳ ଅଛି । ଏପରି ଗଢ଼ଣର ଦେଉଳ ଭୁବନେଶ୍ୱରରେ ଅନ୍ୟତ୍ର ନାହିଁ । ଏହା ମାନ୍ଦ୍ରାଜ ଅଞ୍ଚଳର ଶିଳ୍ପକଳା ଅନୁସାରେ ରଚିତ; ଏ ଦେଉଳରେ କପାଳେଶ୍ୱରୀ ଠାକୁରାଣୀ ଅଛନ୍ତି । ]

**ବୋଇତାଳ ପଖିଆ**—ଦେ. ବି—ଏକ ପ୍ରକାର ମୋଟ ବା ବଡ଼ ଧାନ—Boitāḷa pakhiā A species of coarse paddy. (ବୋଇତାଳ ଧାନ—ଅନ୍ୟରୂପ)

**ବୋଇତାଳୁ**—ଦେ. ବି. ( ସଂ. ବହିତ୍ର ଓ କର୍କାରୁ, ଏହା ପ୍ରଥମେ Boitāḷu ବିଦେଶରୁ ଏ ଦେଶକୁ ଜାହାଜ ବା ବୋଇତ ଦ୍ୱାରା ଅସିଥିବାରୁ ଏହି ନାମ )—ଏକ ପ୍ରକାର ମିଠା କଖାରୁ; ଲତା ଫଳ—Gourd; Curcurbita Maxima.

ବୈତାଲ, বিলাতি কুমড়া, গোল কুমড়া, গুড় কুমড়া, মিঠা কুমড়া, সূর্য্য কুমড়া, জাহাজী কুমড়া

**কোলা, লাল কুমড়া, সাফুরু কুমড়া**

[ଦ୍ର—ଏ ଯାତରେ ତଳନିଅ ମିଶା ଜାଲ ହୁଏ ଓ ତରକାରୀ କଲେ ମିଠା ଲାଗେ । ଏଥିର ଗଛ ବର୍ଷା ଦିନେ ଲାଗେ, ଫଳ ଗ୍ରୀଷ୍ମକାଳରେ ପାଚେ । ଏହା ବର୍ଷଜୀବୀ ଲତା ।]

(ବୋଇଛ ଅଛୁ, ବୋଇଛ ଦଶାରୁ, ବୈଗାଲ, ବୈଗାକୁ, ବୈଛ ଦଶାରୁ—ଅନ୍ୟରୂପ)

ବୋଇଲା—ଦେ. ବ—କଥିତ ବଚନ—Word spoken. (ଉ—
Boilā ଅମୃତ ବୋଇଲା ସେହ୍ନ, ତୁମ୍ଭଙ୍କ ହୋଉ ଏ । ପ୍ରାଚୀ. ନଳ ଚରିତ ।) ଦେ. କ୍ରି ( ବୋଲିବା କ୍ରିୟାର ଅତୀତ କାଳ ତୃତୀୟ ପୁରୁଷ ଅନାଦରାର୍ଥକ [ସେ] କର୍ତ୍ତା ସଙ୍ଗେ ଲାଗିବା ରୂପ )—(ସେ) କହିଲା—(he or she) Said.
[ଦ୍ର—ବୋଲିବା କ୍ରିୟାର ଅତୀତ କାଳରେ ବୋଲିଲା ଅବ ସ୍ଥାନରେ ବିକଳ୍ପରେ ବୋଇଲା, ବୋଇଲେ, ବୋଇଲି, ବୋଇଲି, ବୋଇଲୁ ଆଦ ଆକାର ହୁଏ ।]

ବୋଇଲେ—ଦେ. ଅ—୧ । ପରିବର୍ତ୍ତରେ—1. Instead of.
Boile (ଉ—ଅଲ ବୋଇଲେ କାଲ ଶୁଦେ, ସର ଘୋଡ଼ ବୋଇଲେ କଣ ଘୋଡ଼ ଶୁଦେ—ଢଗ ।) ଦେ. ଅ—୨ । ଏବଂ; ଓ—2. And. (ଯଥା—ତାର ହାତ ବୋଇଲେ ଗୋଡ଼ କଥା କହୁଛୁ; ଅର୍ଥାତ୍ ତାର ହାତ ଓ ଗୋଡ଼ ଆଦ ସବୁ ଅଙ୍ଗ ଅସ୍ଥିର ।) ୩ । ବୋଲି—3. As; to speak of. (ଉ—ଏତେ ବଡ଼ ଗାଁଟା, କଣ୍ଡରା ବୋଇଲେ ବଦଅ ଏକ୍ଟା । ଫକୀରମୋହନ. ଗଳ୍ପସ୍ବଳ୍ପ) ଦେ. କ୍ରି (ବୋଲିବା କ୍ରିୟାର ଅତୀତକାଳ ଆଦରାର୍ଥକ [ସେ, ସେମାନେ, ଅପଣମାନେ] କର୍ତ୍ତା ପରେ ବ୍ୟବହୃତ ଆକାର)—କହିଲେ—(he, they) Said.

ବୋଉ—ଦେ. ବ. ସ୍ତ୍ରୀ ( ସ. ବଧୂ )—ବୋହୂ ( ଦେଖ )
Bou বৌ বহু Bohū ( See )
ପ୍ରାଦେ. (କଟକ, ପୁରୀ) ବ—ମାଆ—Mother.
[ଦ୍ର—ସାଧାରଣତଃ ପୁରୀ ଓ କଟକ ଜିଲ୍ଲାର ବ୍ରାହ୍ମଣ, କେତେକ କରଣ ଓ ଖଣ୍ଡାୟତ ବା କ୍ଷତ୍ରିୟ ପରିବାରରେ ମାତାଙ୍କୁ 'ବୋଉ' ଓ ପିତାମହୀଙ୍କୁ 'ମା' ବୋଲି ଡାକନ୍ତି । ଶୂଦ୍ରମାନେ ମାତାଙ୍କୁ 'ମା' ଓ ପିତାମହୀଙ୍କୁ 'ବୁଢ଼ୀ ମା' ବା 'ଅଈ' ବୋଲି ଡାକନ୍ତି ।]

ବୋଉ ଉଲୁଗୁଣୀ—ଦେ. ବଣ. ସ୍ତ୍ରୀ—ଯେଉଁ ଶାଶୁ କିମ୍ବା ନଣନ୍ଦ
Bou uluguṇī ବୋହୂକୁ ସବଦା ଉଲୁଗୁଣା ବା ଗଞ୍ଜଣା ଦଅନ୍ତି—
বউকাঁ টকী (a mother-in-law or husband's sister) Very oppressive or sarcastic towards the bride.

(ବୋଉ କଣ୍ଟକୀ, ବୋଉ କଣ୍ଟା, ବୋଉ ଗଞ୍ଜୀ, ବୋଉ ଗଞ୍ଜଣୀ, ବୋଉ ଜଞ୍ଜାଳୀ, ବୋଉ ଖ(ଖୋ)ଖେଇ, ବୋଉଉଖେଇ—ଅନ୍ୟରୂପ)

ବୋଉ କଥା କହ—ପ୍ରାଦେ. (ମେଦନୀପୁର) ବ. (ଭୁଲ. ବ. ବଉ କଥା
Bou kathā kaha କଓ)— ଶାଖାଶ୍ରୟୀ ବର୍ଗର କୋକିଳ ଜାତୀୟ ପକ୍ଷୀ—The Indian cuckoo; Cuclus Miscropterus. [ଦ୍ର—ଏହା ୧୬।୧୭ ଅଙ୍ଗୁଳ ଦୀର୍ଘ, ପାଉଁଶିଆ ବର୍ଣ୍ଣ, କୋକିଳ ପରି ପରିଭୃତ; ଗୋଡ଼ରେ ପର ଅଛି; ମୁଣ୍ଡରେ ଶିଖା ନାହିଁ; ପକ୍ଷ ଅପେକ୍ଷା ପୁଚ୍ଛ ଛୋଟ । ଏହାର ରବ 'ବୋଉ କଥା କହ' ଧ୍ୱନି ପରି ଶୁଣା ଯିବାରୁ ଏହି ନାମ ।]

ବୋଉତ(ତୁ)—ପ୍ରାଦେ. (ଗଞ୍ଜାମ) ବଣ. (ହ. ବହୁତ)—ବହୁତ—
Bout(tu) Much; many.

ବୋଉଳ—ପ୍ରାଦେ. (ଯାଜପୁର) ବ—ବଉଳ (ଦେଖ)
Boula Baula (See)

ବୋଉଲୋ !—ଦେ. ଅ—ହଠାତ୍ ଉପସ୍ଥିତ ବିପଦ ବା ଭୟ ସମୟରେ
Boulo ! କରାଯିବା ଆର୍ତ୍ତ ସ୍ୱର—(Interjection) Excla-
(ବୋଉଲୋ ବୋଉ !—ଅନ୍ୟରୂପ) mation uttered on ac-
ওমা ! count of sudden fear.

ବୋଁ—ଦେ. ଅ (ଧ୍ୱନ୍ୟନୁକରଣ)—ଭୋଁ; ଭୋଁ ଭୋଁ ଶବ୍ଦ; ଶଙ୍ଖ ଧ୍ୱନି
Boṅ ପରି ଶବ୍ଦ—Sound like that of blowing a
বোঁ conch.

ବୋକ—ଦେ. ବ—ଚୁମ୍ବ; ଚୁମ୍ବନ—Kiss.
Boka (ଉ—ଅଇଁଠିଲି କୁକୁର ମୁହଁରେ ବୋକ—ଢଗ ।)

ବୋକଚ୍ଛା—ବୈଦେ. ବ. (ତୁର୍କୀ.ବୁକ୍‌ଚା)—ଲୁଗାପଟା ଆଦିର ବଡ଼ ପୁଡ଼ା
Bokachā ବା ଗଣ୍ଠିରି; ଗଣ୍ଠିରି—A large packet or
বুচকা बुकचा bundle of clothes etc.
ବୁକ(ଚ)ଚ୍ଛା, ବୁକଚ୍ଛା } ଅନ୍ୟରୂପ [ଦ୍ର—ପୋଟଳା, ପୁଡ଼ା, ପୁଟୁଳା, ବୋକଚ୍ଛା, ଗଣ୍ଠିରି, ଗଣ୍ଠିରି, ବୋଝ, ଗାଣ୍ଠି, ଏମାନଙ୍କ ଅର୍ଥ, ଜିନିଷ ପତ୍ର ଗୁଡ଼ାଏ ଏକାଠି ବନ୍ଧା ହୋଇ କରାଯାଇଥିବା ପୁଡ଼ା, କିନ୍ତୁ ଏମାନଙ୍କ ଆକାର ଭିନ୍ନ ଭିନ୍ନ ।]

ବୋକଚ୍ଛା କରିବା—ଦେ. କ୍ରି—ସବୁ ପଦାର୍ଥକୁ ବାନ୍ଧି ଗୋଟିଏ ଗଣ୍ଠିରି
Bokachā karibā କରିବା—To make or tie up
বুচকা বাঁধা बुकचा बाँधना things into a big packet
(ବୋକଚ୍ଛା ବାନ୍ଧିବା—ଅନ୍ୟରୂପ)

ବୋକଚ୍ଛା ପଟର(ପାଟ)—ଦେ. ବ.(ଅନର୍ଥକ ଦ୍ୱିତୀୟ ସହଚର ଶବ୍ଦ)—
Bokhachā patara(pāti) ୧ । ବଡ଼ ଓ ସାନ ବୋକଚ୍ଛାମାନ—
বোচকা বোচকী 1. Big and small parcels, ୨ । ଲୁଗା ପଟା
बुकचा बुकची —2. Bag and baggage.

ବୋକଚ୍ଛା ବୁହା—ଦେ.ବ—୧। ଯେ ଅନ୍ୟର ବୋକଚ୍ଛା ବୁହେ—1. One
Bokachā buhā who carries a package or baggage; baggage-carrier. ୨ । ଯେଉଁ ଭୃତ୍ୟ ପଥିକକୁ ପ୍ରଭୁଙ୍କର ଲୁଗାପଟାର ବୋକଚ୍ଛା ବହନ କରି ସାଙ୍ଗରେ ଯାଏ—A. A servant who accompanies the master & carries the master's bag and baggage. [ ଦ୍ର—ବୋକଚ୍ଛାବୁହା ଭୃତ୍ୟର ପ୍ରଭୁଙ୍କଠାରୁ କର୍ତ୍ତବ୍ୟ, ଏଥିପାଇଁ ଅଳ୍ପ ଓଳ୍ପ ବ୍ୟକ୍ତିଙ୍କୁ କହନ୍ତି 'ଓଳିଙ୍କ ବୋକଚ୍ଛାବୁହା' । କିମ୍ବା ଅନେକ ବ୍ୟକ୍ତି ଏକ ସଙ୍ଗରେ ଯାଉଥିଲେ ସମସ୍ତଙ୍କଠାରୁ କର୍ତ୍ତବ୍ୟ ଲୋକ ଉପରେ ଅନ୍ୟ ସମସ୍ତଙ୍କର ବୋକଚ୍ଛା ବୋହିବାର ଭାର ପଡ଼େ, ଏଥିପାଇଁ ଏ ପ୍ରବଚନର ସୃଷ୍ଟି ।]

ବୋକଚ୍ଛାବୁହା ବେଠି—ପ୍ରାଦେ ( ଗଡ଼ଜାତ ) ବ—ଗଡ଼ଜାତମାନଙ୍କରେ
Bokachābuhā beṭhi ସ୍ୱାଧୀନତା ଉପରେ ବିନା ମଜୁରିରେ
ରାଜକର୍ମଚାରୀ ଆଦିଙ୍କ ବୋକଚ୍ଛା ବୋହି ନେବାର ରୀତି—
The practice of carrying the baggage

without any wages prevalent in some native States.

**ବୋକ(କୁ)ଚି**—ଦେ. ବି-ଛୋଟ ପୋଟଳୀ; ପୁଟୁଳି—A small package
Boka(ku)chi ବୁଚକୀ **बुकची** or parcel.

**ବୋକ ଦେବା**—ଦେ. କ୍ରି—ଚୁମ୍ବନ କରିବା; ଚୁମ୍ବିବା—To give a
Boka debā ଚুমু খাওয়া **चुमा लेना** kiss; to kiss.

**ବୋକରା**—ପ୍ରାଦେ (ଉତ୍ତରଖଣ୍ଡ) ବି-(ସଂ. ବର୍କର; ଭୁଲ ହି. ବେକରା)—
Bokarā ଅଣ୍ଡିଆ ଛେଳି—He-goat.

**ବୋ କରିବା**—ଦେ. କ୍ରି—ଗନ୍ଧାଇବା; ଦୁର୍ଗନ୍ଧ କରିବା—To emit
Bo karibā বু করা **बू करना** an offensive smell.
(ବୋଇ କରିବା, ବୋ ଦେବା, ବୋଇ ଦେବା—ଅନ୍ୟରୂପ)

**ବୋକା**—ଦେ. ବିଣ. ପୁଂ (ସଂ. ବର୍କର; ପ୍ରା. ବୋକଡ଼=ଛାଗଲ)—
Bokā ୧ । ବକା; ବଗା; ମୂଢ଼; ଓଲୁ; ଅବୋଧ—1. Stupid;
(ବୋକୀ—ସ୍ତ୍ରୀ) foolish; silly. ୨। ଅର୍ଦ୍ଧପାଗଳ—2. Idiotic.
বোকা ୩ । ମୂକ—3. Dumb. ପ୍ରାଦେ (ସମ୍ବଲପୁର) ବି.
**बुद्धू, बोदा** (ଭୁଲ. ହି. ବେକରା)—ବୁଢ଼ା; ବୋଦା; ବଳି
ଦିଆଯିବା ମେଣ୍ଢା ବା ଛେଳି—A sheep or goat used as a victim for sacrifice.

**ବୋକାଟି(ଳି)ଆ**—ଦେ. ବିଣ—୧ । ଅଳ୍ପ ବୋକା; ଅବୋଧ—
Bokāti(li)ā 1. Foolish (less foolish than a Bokā). ଅର୍ଦ୍ଧ ପାଗଳ—2. Idiotic.

**ବୋକା ପଣ**—ଦେ. ବି—ଅବୋଧତା—Foolishness; folly;
Bokā pana বোকামি **नादानी** stupidity.
(ବୋକାପଣିଆ, ବୋକାମି—ଅନ୍ୟରୂପ)

**ବୋକାରାମ**—ଦେ. ବି ଓ ବିଣ (ଗାଳି)—ଅବୋଧଙ୍କ ମଧ୍ୟରେ ପ୍ରଥମ
Bokārām ସ୍ଥାନୀୟ; ଅତି ଅବୋଧ—A fool of fools;
বোকারাম very foolish (person).

**ବୋଝ**—ଦେ. ବି (ସଂ. ବନ୍ଧ; ପଦାର୍ଥମାନ ଏକତ୍ର ବନ୍ଧ ହୋଇଥିବାରୁ)-
Bojha ୧ । ଭାର—1. Burden. ୨ । ମନୁଷ୍ୟ ମୁଣ୍ଡରେ
বোঝ, বোঝা ବୋହିବା ବନ୍ଧ ବସ୍ତୁସମୂହ—2. A load carried
**बोझ** on the head. ୩ । ଯାନ ବାହନାଦିଙ୍କ ଉପରେ ବାହିତ
ହେବା ଭାର 3. A load carried on animals or conveyances. ୪ । ଭାର; ଗୁରୁ ଦାୟିତ୍ୱ—4. Heavy responsibility. ୫ । ଗୁରୁ ଭାର—5. A heavy weight. ୬ । ଖେଳାଳିଙ୍କ ମଧ୍ୟରୁ ଏକଦଳର ପରାଜୟର
ଥର—6. A defeat sustained by one of the two contending parties in a game. ୭ ।
তত্ত্ব ବିଶେଷ ଘଟଣା ଉପଲକ୍ଷରେ ବନ୍ଧୁ ଘରକୁ ପଠାଯିବା ବେଭାର
**तेवार** ପଦାର୍ଥମାନ ଏକତ୍ର କରାଯାଇଥିବା ଗଣ୍ଠିରି (ଏହାକୁ ସାଧାରଣତଃ
ଭଣ୍ଡାରି ମୁଣ୍ଡାଇ ବା ପିଠିରେ ଗଣ୍ଠି କରି ବନ୍ଧୁ ଘରକୁ
ନିଏ)—7. A load made up of presents sent to a relative on special occasions. [ ଦ୍ର—
ଆମ ଦେଶରେ ଭିନ୍ନ ଭିନ୍ନ ସମୟରେ ପଠାଯାଉଥିବା ବୋଝର
ଭିନ୍ନ ଭିନ୍ନ ନାମ ଅଛି । ଯଥା—କୁମାରପୂର୍ଣ୍ଣିମୀ ବୋଝ, ସାବିତ୍ରୀ ଅମାବାସ୍ୟା ବୋଝ, ଦୁତିଆଓଷା ବୋଝ, ପଲଣ୍ଡିଆ ବୋଝ, ଖଇ ଲିଆ ବୋଝ, ଚଇତ୍ରିଆ ବୋଝ, ଷଷ୍ଠିଭାଳ ବୋଝ, ଦୁଆରଚାଳ ବୋଝ, ବରଷିବୋଝ
ଇତ୍ୟାଦି । ] ୮ । ବାହୁଙ୍ଗିର ଦୁଇ ମୁଣ୍ଡରେ ଝୁଲାଯାଇଥିବା
୨ଟି ପୋଟଳା ମଧ୍ୟରୁ ଗୋଟିଏ ଅଙ୍ଗ—8. One of the two packages suspended from both ends of a yoke carried on man's shoulder.
[ ଦ୍ର—ବୋଝକୁ ଜଣେ ମନୁଷ୍ୟ ମୁଣ୍ଡରେ ମୁଣ୍ଡାଇ କରି
ନିଏ; ଭାରକୁ ବାହୁଙ୍ଗୀଦ୍ୱାରା କାନ୍ଧରେ ଓହୋଳଇ କରି
ନିଏ, ବୋକସକୁ ପିଠିରେ ପକାଇ କରି ନିଏ । ଗୁଳୁଲାକୁ
କାଖରେ ଯାକକରି ନିଏ; ପୋଟଳାକୁ ହାତରେ ଧରିକରି ନିଏ
ଓ ଚାଙ୍ଗୁଳିକୁ କାନ୍ଧର ଦୁଇ ପାଖରେ ଲମ୍ବାଇ କରି ନିଏ ।]

**ବୋଝ ଓହ୍ଲା(ହ୍ଲେ)ଇବା**—ଦେ. କ୍ରି—ଆପଣା ମୁଣ୍ଡରୁ ବା ପର
Bojha ohlā(hle)ibā ମୁଣ୍ଡରୁ ବୋଝକୁ ମୁକ୍ତ କରିବା—
বোঝা নামান **बोझ उतारना** To unload; to discharge a load ଦେ. ବି—ବୋଝ ଖଲାସ ( ଦେଖ )
(ବୋଝ ଉତାରିବା—ଅନ୍ୟରୂପ) Bojha khalāsa (See).

**ବୋଝ ଖଲାସ(ସି)**—ଦେ. ବି—୧ । ବହନ କରୁଥିବା ବୋଝରୁ
Bojha khalāsa (si) ମୁକ୍ତ ହେବା; ଭାର ମୋଚନ—
ବୋଝଓହ୍ଲା (ଉତୁରା) / ବୋଝ ଓହ୍ଲିବା / ବୋଝଖସିବା } ଅନ୍ୟରୂପ— 1. Unloading; discharge of a load. ୨ ।
ଗୁରୁଦାୟିତ୍ୱରୁ ନିସ୍ତାର—
বোঝা খালাস **बोझखलासी** 2. Release from a heavy responsibility.

**ବୋଝ ଖେଞ୍ଚିବା**—ଦେ. କ୍ରି—୧ । ନିର୍ଦ୍ଦିଷ୍ଟ ବୋଝକୁ ବହନ କରିବାକୁ
Bojha khenchibā ସମର୍ଥ ହେବା—1. To be able to
ବୋଝକୁ ଧରିବା / ବୋଝଉଠା(ଠେ)ଇବା } ଅନ୍ୟରୂପ— carry a load; to sustain a
বোঝাখাঁচা **बोझखींचना** load. ୨ । କୌଣସି କଠିନ କାର୍ଯ୍ୟ
କରିବାକୁ ସମର୍ଥ ହେବା—2. To be able to accomplish a difficult task.

**ବୋଝ ଘେ(ଘି)ନି ଆସିବା**—ଦେ. କ୍ରି—ପୁଷ୍ପିଣୀ ହୋଇ ଆସିବା;
Bojha ghe(ghi)ni āsibā ( ବୟଃପ୍ରାପ୍ତା ବଧୂ ) ପିତ୍ରାଳୟରୁ
( ବୋଝ ଆଣି ଆସିବା—ଅନ୍ୟରୂପ ) ସ୍ୱାମୀ ଘରକୁ ବୋଝ ଭାର
ସହିତ ପ୍ରଥମଥର ଆସିବା; ପହିଲିଘାଳ ଆସିବା—
To come to the husband's house for the first time after attaining puberty (said of a girl married before puberty).

**ବୋଝ ଚାପିବା**—ଦେ. କ୍ରି—୧ । କୌଣସି ବ୍ୟକ୍ତିର ମୁଣ୍ଡ ଉପରେ
Bojha chāpibā ଗୁରୁ ଭାର ଅର୍ପଣ କରିବା—
( ବୋଝ ଲଦିବା—ଅନ୍ୟରୂପ ) 1. To put a heavy
বোঝা চাপান **बोझ लादना** load on a person.
୨ । କୌଣସି ବ୍ୟକ୍ତି ଉପରେ ଗୁରୁ ଦାୟିତ୍ୱ ଅର୍ପଣ କରିବା-
2. To put a heavy responsibility on the shoulders of a person.

ବୋଝ ଢିଆ—ପ୍ରାଦେ ( ବାଲେଶ୍ୱର ) ବି—ଏକପ୍ରକାର ଖେଳ—
Bojha diā A kind of game.

ବୋଝ ଦେବା—ଦେ. କ୍ରି—୧ । କୌଣସି ଖେଳାଳକୁ ଖେଳରେ
Bojha debā ପରାଜିତ କରିବା—1. To defeat an
হারান হরানা antagonist in a game.
তত্ত্ব পাঠান তৈমার মেজনা ୨ । କୌଣସି ବନ୍ଧୁର ଘରକୁ ଭେଟିର
ପଠାଇବା—2. To send a present to the house of a relative.

ବୋଝ ଧରିବା—ଦେ. ବି ( କୌଣସି ଶଗଡ଼ ବା ଡଙ୍ଗା ) ନିର୍ଦ୍ଦିଷ୍ଟ
Bojha dharibā ପରିମିତ ସବୋଝ ବୋଝ ବହିବାକୁ ସମର୍ଥ
ବୋଝ ସମ୍ଭା(ମ୍ଭେ)ଇବା } —ଅନ୍ୟରୂପ ହେବା—To have a
ବୋଝ ସମ୍ଭାଳିବା carrying capacity
বোঝাসামলান of so much load.

ବୋଝ ନେବା—ଦେ. କ୍ରି—୧ । ବୋଝ ବହନ କରିବା—1. To
Bojha nebā carry a load. ୨ । ଖେଳରେ ପରାସ୍ତ
বোঝা লওয়া ହେବା—2. To sustain defeat in a game.

ବୋଝ ବଳା(ଳେ)ଇବା—ଦେ.ବି—(ଜଣେ ଲୋକ ବା ଗୋଟିଏ ଗାଡ଼ି
Bojha balā(le)ibā ବା ଡଙ୍ଗା) ଯେତିକି ଭାର ନେବା ପାଇଁ
ବୋଝ ବଳପଡ଼ିବା } —ଅନ୍ୟରୂପ ସମର୍ଥ, ତହିଁରୁ ବୋଝ ବେଶି
ବୋଝ ବଳିବା ହୋଇଯିବା—Overloading; state of being
ବୋଝ ବଢ଼ିବା overladen.

ବୋଝ ବୁଝା—ପ୍ରାଦେ (ସମ୍ବଲପୁର) ବି (ସହଚର ଶବ୍ଦ)—ବୋଝ ଆଦି;
Bojha bujhā ବୋଝମାନ—Loads etc.

ବୋଝ ବୁହା—ଦେ. ବି—ବୋଝ ବହନ କରିବା—The carrying
Bojha buhā of a load. ବିଣ—ବୋଝବୁହାଳି (ଦେଖ)
Bojhabuhāli (See).

ବୋଝ ବୁହା(ହେ)ଇବା—ଦେ. କ୍ରି—ଅନ୍ୟ ବ୍ୟକ୍ତିଦ୍ୱାରା ବୋଝକୁ
Bojha buhā(he)ibā ଏକ ସ୍ଥାନରୁ ଅନ୍ୟ ସ୍ଥାନକୁ ନିଅାଇବା—
( ବୋଝ ବୁହାଇବା—ଅନ୍ୟରୂପ ) To cause a load to be carried by another person from one place to another.

ବୋଝ ବୁହାଳି—ଦେ. ବିଣ ଓ ବିଣ—ଭାରବାହକ—Carrying
Bojha buhāli loads; carrier of loads.
বোঝারী কুলী

ବୋଝ ବେଭାର—ଦେ. ବି ( ସହଚର ଶବ୍ଦ )—ଉପଢୌକନ ସମ୍ଭାର;
Bojha bebhāra ବନ୍ଧୁ ଘରକୁ ବୋଝ ଓ ଭାରରେ
তত্ত্ব তৈমার ପଠାଯିବା ଉପଢୌକନ—Extensive presents sent to the house of a relative.

ବୋଝ ବୋକଚି—ଦେ. ବି (ସହଚର ଶବ୍ଦ)—୧ । ମନୁଷ୍ୟ ମୁଣ୍ଡରେ
Bojha bokachā ବହନ କରିବା ବୋଝ ଓ ପିଠିରେ ନେବା
ବୋକଚି—1. Loads; luggage. ୨ । ଗୁରୁ ଭାର—
2. Heavy weight.

ବୋଝ ବୋଝ—ଦେ. କ୍ରି. ବିଣ—ଅନେକଗୁଡ଼ିଏ ବୋଝ ଦ୍ୱାରା
Bojha bojha ( ପଠାଯିବା ପଦାର୍ଥ )—By loads.

ବୋଝ ବୋଝ ହୋଇ } ଅନ୍ୟରୂପ— ବିଣ. ବହୁସଂଖ୍ୟକ ବୋଝ
ବୋଝିବା (ଭୁ)ବୋଝ ବିଶିଷ୍ଟ—Consisting of many loads.

ବୋଝ ବୋ(ବ)ହିବା—ଦେ. କ୍ରି—ବୋଝକୁ ବହନ କରିବା—
Bojha bo(ba)hibā To carry a load.
বোঝা বহা বোঝালীচলেজা

ବୋଝ ଭାର—ଦେ. ବି ସହଚର ଶବ୍ଦ)—୧ । ବୋଝବେଭାର (ଦେଖ)
Bojha bhāra 1. Bojha bebhāra ( See ).
୨ । ବୋଝ ବୋକଚି ( ଦେଖ )—
2. Bojha bokachā ( See )
( ଭୁ—ଅତି ସମରଥ ଯେବଣ ଲୋକ, ବୋଝ ଭାର ବୋହି
ଲୋକଙ୍କ ତା ଦେଖ—ଉଗ । )

ବୋଝ ମୁଣ୍ଡା(ଣ୍ଡେ)ଇବା—ଦେ.କ୍ରି—ମୁଣ୍ଡରେ ବହନ କରି ବୋଝ ନେବା-
Bojha muṇḍā(ṇḍe)ibā To carry a load on the
মাথায় বোঝা লওয়া শীরপর বোঝ লেনা head.
(ଭୁ—ମୁଣ୍ଡାଇ ଇନ୍ଧନ-ବୋଝ କାହିଁ ଅବା କନ୍ଦ, ଗୁଣ୍ଡାମାନେ
ଭ୍ରମନ୍ତିତା ଭାବିତ ସୁନ୍ଦରୀ, ଅସୁନ୍ଦର ଦଳେ ଦଳେ ଅଳାପି
ମଧୁରେ—ରାଧାନାଥ. ମହାଯାତ୍ରା । )

ବୋଝା(ଝେ)ଇ—ଦେ. ବି—୧ । ଭାରସ୍ଥାପନ; କୌଣସି ବ୍ୟକ୍ତି ବା
Bojhā(jhe)i ଜନ୍ତୁ ବା ଯାନ ଉପରେ ଭାର ଲଦିବା—
বোঝাই 1. Loading. ୨ । ଭାର ବହନ କରିବାର କ୍ଷମତା—
2. Carrying capacity. ବିଣ—ଯାହା ଉପରେ
ଭାର ଲଦା ଯାଇଥାଏ—Loaded; laden. (ଯଥା—
ବୋଝାଇ ଗାଡ଼ି) ।

ବୋଝାଇ କରିବା—ଦେ. କ୍ରି—ଡଙ୍ଗା,ବେଲଗାଡ଼ି,ଶଗଡ଼ ଆଦିରେ ବୃଦ୍ଧା
Bojhāi karibā ହେବାପାଇଁ ଭାର ଲଦିବା—To load a
বোঝাই করা বোঝলাদ্না cart or boat etc.

ବୋଝାଇବା—ଦେ. କ୍ରି—ବୋଝ ମୁଣ୍ଡରେ ରଖି ବହନ କରିବା—
Bojhāibā To carry a load on the head.
বোঝাবহা বোঝউঠানা

ବୋଝିଆ—ଦେ. ବି· ପୁଂ—୧ । ମୁଣ୍ଡରେ ବୋଝ ବୋହିବା ବ୍ୟକ୍ତି;
Bojhiā ମୁଣ୍ଡ ବୋହିଆ—1. Carrier of loads by the
(ବୋହିଅଣୀ—ସ୍ତ୍ରୀ) head. ୨ । ବୋଝବୁହା କୁଲି ବା ମୂଲିଆ-
বোঝিআ; মুটে 2. Porter; cooly. ୩ । (ଘୃଣାର୍ଥକ) ନୀଚ
বোঝিয়া; কুলী ଭୃତ୍ୟ—3. A menial servant. ୪ ।
ଖେଳରେ ହାରିଥିବା ବ୍ୟକ୍ତି—4. One who has
sustained defeat in a game. [ଦ୍ର—ଯେ
କାନ୍ଧରେ ଭାର ବହେ ତାକୁ ଭାରୁଆ, ଯେ ମୁଣ୍ଡରେ ବୋଝ
ବୁହେ ତାକୁ ବୋହିଆ, ଯେ ଶଗଡ଼ରେ ଜିନିଷ ବହେ ସେ
ତାକୁ ଶଗଡ଼ିଆ ବା ଗାଡ଼ିଆଳ କହନ୍ତି ।]

ବୋଝେ—ଦେ. ବିଣ. ଓ କ୍ରି. ବିଣ—୧ । (ମନୁଷ୍ୟର, ଗାଡ଼ିର, ଡଙ୍ଗା-
Bojhe ଆଦିର) ଏକ ବୋଝ ପରିମିତ—1. One full load of.
୨ । ଗୋଟିଏ ବୋଝ ମାତ୍ର—2. One load only of.
୩ । ବହୁତ; ବିଶେଷ—3. Much; too much.
(ଯଥା—ଏ କାମଟା ବୋଝେ ଭାର ହୋଇଅଛି) ।

ବୋଟ୍—ବୈଦେ. ବ (ଇଂ; ଭୁଲ. ସ. *ପୋତ) —ଅଧୁନିକ ପ୍ରଣାଳୀରେ ନିର୍ମିତ ନୌକା—A modern boat. [ ଦ୍ର—ଭିନ୍ନ ଭିନ୍ନ ପ୍ରକାର ବୋଟର ଭିନ୍ନ ଭିନ୍ନ ନାମ ଦିଆ ଯାଇଅଛି । ଯଥା—ଅଗ୍ନିବୋଟ୍, ଗଧା ବା ମାଲବୋଟ୍, ଜାଲିବୋଟ୍, ଟଣାବୋଟ୍, ପାନ୍‌ସିବୋଟ୍, ବାଇବୋଟ୍, ମଟରବୋଟ୍, ପାଲବୋଟ୍, ଲାଇଫ୍‌ବୋଟ୍, ହାଉସ୍‌ବୋଟ, ଇତ୍ୟାଦି । ] ପ୍ରାଦେ. (ଗଞ୍ଜାମ) ଗୋବ—Knob; the stamping of a hot stump on an affected limb.

Boț

বোট

बोट

ବୋଟ୍ ଚଣା—ପ୍ରାଦେ. (ଗଡ଼ଜାତ) ବ—ବୁଟ—Chick pea.

Boț chaņā

ବୋଟ ଟଣା—ଦେ. ବ—ବୋଟକୁ ଦଉଡ଼ିଦ୍ୱାରା ଟାଣିବା—Towing of a boat.

Boț țaņā বোটটানা बोटखींचलेना

ବୋଟ୍ ପାଗଡ଼—ଦେ. ବ—ବୋଟକୁ ଟାଣିବା ମୋଟ ଦଉଡ଼ି—Stout towing ropes for boats.

Boț pāgarda নৌকাটানা দড়ী बोट खींचनेका रस्सी

ବୋଟ୍ ବସାଇବା—ପ୍ରାଦେ (ଗଞ୍ଜାମ) କ୍ରି—ଗୋବ ବସାଇବା—To fix a knob; to press a hot stump on an affected limb.

Boț basāibā

ବୋଟା—ସ. ବ ସ୍ତ୍ରୀ—୧ । ଦାସୀ (ହ. ଶ.)—1. Maid-servant. ୨ । ମୂଲିଆଣୀ (ହ. ଶ)–2 A female day-labourer. ୩ । ଧାତ୍ରୀ (ହ. ଶ.)—3 A nurse.

Boțā

ବୋର୍ଡ଼—ବୈଦେ· ବ (ଇଂ. ବୋର୍ଡ଼)—୧ । ଉପରେ କଳା ବା ଅନ୍ୟ ରଙ୍ଗ ବୋଳାଯାଇଥିବା କାଠର ଫଲ୍ଲା; ବ୍ଲାକ୍‌ବୋର୍ଡ଼—1. A coloured board; a black board. ୨ । ମନ୍ତ୍ରଣା ସଭା ସମିତି—2. A board of councillors or other functionaries. ୩ । ବହୁ ସ୍ତର କାଗଜର ମୋଟା ଫଲ୍ଲା; ପେଷ୍ଟବୋର୍ଡ଼; ପିସ୍‌ବୋର୍ଡ଼—3. Paste board. ୪ । ବିଲାତରେ ଥିବା ସମ୍ରାଟଙ୍କ ପ୍ରଧାନତମ ବିଚାରାଳୟ—4. Judicial Board of the Privy Council. ୫ । ପ୍ରଦେଶର ସର୍ବୋଚ୍ଚ ସରକାରୀ ଶାସନ ବା ରାଜସ୍ୱ ମହକୁମା; ରେଭିନ୍ୟୁ ବୋର୍ଡ଼—5. The highest executive or revenue Board of a Province. ୬ । ସମିତି—6. Board; an association. (ଯଥା—ଡିଷ୍ଟ୍ରିକ୍‌ବୋର୍ଡ଼, ଲୋକାଲବୋର୍ଡ଼, ଇଉନିଅନବୋର୍ଡ଼ । )

Bord (ବୋର୍ଡ୍—ଅନ୍ୟରୂପ)

বোড়

बोरड; बोर्ड

ବୋର୍ଡ଼ ଅଫ୍ ଡାଇରେକ୍‌ଟର୍ସ—ବୈଦେ. ବ (ଇଂ)—୧ । ଯୌଥ କମ୍ପାନୀର ପରିଚାଳକ ସମିତି—1. Board of Directors. ୨ । ସାବେକ ଇଷ୍ଟ୍ ଇଣ୍ଡିଆ କମ୍ପାନୀର ପରିଚାଳକ ସମିତି—2. Board of Directors of the East India Company. [ ଦ୍ର—ଏହିପରି ବୋର୍ଡ଼ ଅଫ୍ ରେଭିନ୍ୟୁ, ବୋର୍ଡ଼ ଅଫ୍ ଏକଜାମିନର୍ସ, ବୋର୍ଡ଼ ଅଫ୍ ଟ୍ରଷ୍ଟୀଜ୍, ବୋର୍ଡ଼ ଅଫ୍ ସର୍ଭେ, ବୋର୍ଡ଼ ଅଫ୍ ଟ୍ରେଡ୍ ଆଦି ଶବ୍ଦମାନ ବ୍ୟବହୃତ ହୁଏ । ]

Bord oph dāirektars

ବୋଡ଼—ପ୍ରାଦେ. ( ଗଞ୍ଜାମ ) ବ—ଗଞ୍ଜାମ ଜିଲ୍ଲାର ଯାଟକବିଶେଷ —A sub-caste Sudras in the district of Ganjam. ସ. ବି—ଗୁଆ ( ହି· ଶବ୍ଦସାଗର)—Betel-nut.

Borda

ବୋଡ଼ା—ଦେ. ବ ( ସ. ବୋଡ଼; ଅନ୍ୟ ସ. ନାମ ଗୋନସ)—ଗୋନସ ସର୍ପ; ବିଷଧର ସର୍ପବିଶେଷ—Viper. [ଦ୍ର—ଏମାନଙ୍କର ଦେହ ୬।୭ ହାତ ଲମ୍ବ ଓ ଲାଙ୍ଗୁଡ଼ ୮।୧୦ ଅଙ୍ଗୁଳ ଲମ୍ବ ଓ ଦେହ ଅପେକ୍ଷା ସରୁ । ଲୋକେ ବିଶ୍ୱାସ କରନ୍ତି ଯେ ଏ ସାପ ପ୍ରତିବର୍ଷ କ୍ରମେ କ୍ରମେ ଲାଙ୍ଗୁଡ଼ ଅଡ଼ୁ ଛୋଟ ଛୋଟ ହୋଇ ଶେଷ ହୋଇଥାଏ । ଏମାନେ ଅଣ୍ଡା ଘରିବାବେଳେ ପେଟରୁ ଛୁଆ ଜନ୍ମ କରନ୍ତି । ଏମାନଙ୍କର ବିଷରେ ହଠାତ୍ ମନୁଷ୍ୟ ମରିଯାଏ ନାହିଁ; କିନ୍ତୁ ଷତସ୍ଥାନ ଓ ଅଙ୍ଗ ଫୁଲିଯାଏ ଓ ସ୍ନାୟୁମଣ୍ଡଳ ବିକୃତ ହୋଇଯାଏ । ଏମାନଙ୍କ ଦନ୍ତକ୍ଷତ ଘାଅରେ ପରିଣତ ହୋଇ ବଡ଼ କଷ୍ଟ ଦିଏ ଓ କ୍ୱଚିତ୍ ମୃତ୍ୟୁ ଘଟାଏ । ଏମାନେ ଗୋଖର ଆଦି ସାପଙ୍କ ଅପେକ୍ଷା ମୋଟା, କିନ୍ତୁ ଲମ୍ବରେ ସାନ ହୁଅନ୍ତି ଓ ଅନ୍ୟ ସାପମାନଙ୍କ ପରି ଦ୍ରୁତ-ବେଗରେ ପଳାଇ ପାରନ୍ତି ନାହିଁ । ଏମାନଙ୍କର ଫଣା ନାହିଁ । ଅଜଗର ସାପ ଏହି ଜାତୀୟ । ଏକଜାତୀୟ ଚକ୍ରିତଦେହ ଶ୍ରେଷ୍ଠ ବୋଡ଼ାକୁ ଚନ୍ଦ୍ରବୋଡ଼ା ବା ଚନ୍ଦନବୋଡ଼ା (Russell's viper) କହନ୍ତି ଓ ଜଳରେ ରହିବା ଜଳ ଚକ୍ରଯୁକ୍ତ ଏକହାତ ଲମ୍ବ ବୋଡ଼ାକୁ ଜଳବୋଡ଼ା ବୋଲଯାଏ । ] ପ୍ରାଦେ (ଗଞ୍ଜାମ) ବ—୧ । ଧାନ୍ୟାଦି ମାପିବା ପରିମାଣ ପାତ୍ର ବିଶେଷ—1. A measure for corn. ୨ । ବିଲୁଆ—2. Jackal. ପ୍ରାଦେ (ମେଦନୀପୁର) ବଣ—ବଡ଼—Big; large; great.

Bordā

বোড়া

बोडासाँप

ବୋଡ଼ା ଛତୁ—ପ୍ରାଦେ ( ଗଡ଼ଜାତ ଓ ସମ୍ବଲପୁର ) ବ· ଏକପ୍ରକାର ଖାଦ୍ୟ ଛତୁ—A kind of mushroom. [ଦ୍ର—ଏହି ଛତୁ ସୋନପୁର,ସମ୍ବଲପୁର,କଳାହାଣ୍ଡି, ଜୟପୁର ଅଞ୍ଚଳମାନଙ୍କରେ ବେଶି ମିଳେ; ଏହା ଶାଳୁଅଗଛ ମୂଳରେ ଭୂଇଁ ଭିତରୁ ବାହାରେ । ଏହା ଫୁଟିବା ସମୟରେ ଭୂମି ଫାଟିଯାଏ ଓ ଲୋକେ ତାହା ଜାଣିପାରି ଭୂମିଖୋଳି ତୋଳି ଆଣନ୍ତି । ଛେଳିର ଅଣ୍ଡିପରି ଏହା ଚିକ୍କଣ; ଏହାର ଭଜଣ ଖାଇବାକୁ ମାଂସ ଭଜଣ ପରି ଲାଗେ । ]

Bordā chhatu

ବୋଡ଼ି—ଦେ. ବଣ (ସ. ବୋଡ଼ୀ)—୧ । ପାଞ୍ଚଗଣ୍ଡା ବା ୨୦ କଉଡ଼ି ପରିମିତ; ପଣର ଚତୁର୍ଥାଂଶ—1. Twenty cowry-shells (formerly used as currency.) ୨ । ବୁଢ଼ୀ କପା—2. Bori cotton.

Bordi

বুড়ী

बोडी

ବୋଡ଼ିଆ—ଦେ. ବଣ—ବୋଡ଼ି ସମ୍ବନ୍ଧୀୟ—Relating to Bordi. (ଯ—ନାଅ ଛଡ଼ ଶବ୍ଦଗରେ ସରକ ନେଅଣ କରିବା । ସକାଳେ ପାଞ୍ଚ ପାଞ୍ଚ ବୋଡ଼ିଆ ଯୋଡ଼ାଏ ; ଥୋଗ୍ର ବଳଦ ଖାଉଡ଼ି ବ ଅଛି । ଫକୀରମୋହନ. ଗଳ୍ପସ୍ୱଳ୍ପ । ) ପ୍ରାଦେ—୧ । ( କେନ୍ଦୁଝର ଓ ମାଲଗିର ) ବ—ବୁଢ଼ିଅ (ଦେଖ)—Burdiā (See). ୨ । ( ଯାଜପୁର ) ବ—ବଢ଼ିଅ (ଦେଖ)—Bardiā (See).

Bordiā

বুড়(ড়ি)কিম্বা

ବୋଡ଼କଥା—ଦେ. ବଣ—ବୋଡ଼ିଅ (ଦେଖ)—Bordiā (See).
Bordikiā ବି—କଡ଼ାଗଣ୍ଡା ପଣିକଥ; ଗଣିତର ସଙ୍ଖ୍ୟା ଗଣନା ବୁଡ଼িকিয়া ଶିକ୍ଷିବା ଓ ମୁଖସ୍ତ କରିବା ପାଇଁ ପଣିକଥା ପରି ପ୍ରଣାଳୀ ବুড়িকিয়া নামতা ବିଶେଷ—An arithmetical table which is committed to memory and deals with 'Bordi' calculation. [ ଦ୍ର—ଏଥିରେ କେତେ କଡ଼ାରେ କେତେ ଗଣ୍ଡା, କେତେ ଗଣ୍ଡାରେ କେତେ ବୋଡ଼ି, କେତେ ବୋଡ଼ିରେ କେତେ ପଣ ଓ କେତେ ପଣରେ କେତେ କାହାଣ ହୁଏ, ଏହା ଶିକ୍ଷା କରାଯାଏ । ଉଦାହରଣ—ଦୁଇ ଚେ ଦୁଇ କଡ଼ା, ଦୁଇ ଗଣ୍ଡା, ଦୁଇ ବୋଡ଼ି ଦଶଗଣ୍ଡା, ଦୁଇପଣ, ଦୁଇପଣରେ ଆଠପଣ, ଦୁଇ କାହାଣ । ]

ବୋଡ଼ିଙ୍ଗ୍—ବୈଦେ. ବି (ଇଂ)—ଛାତ୍ରାବାସ; ହୋଷ୍ଟେଲ୍—
Bording বোর্ডিঙ্, बोर्डिंग A hostel for students.
(ବୋର୍ଡ଼ିଙ୍ଗ୍, ବୋଡ଼ିଙ୍ଗ୍ ହାଉସ୍—ଅନ୍ୟରୂପ)

ବୋଡ୍ରା—ସ. ବି—୧ । ବୋଡ଼ା (ଦେଖ)—1. Bordā (See).
Bodra ୨ । ଏକପ୍ରକାର ମତ୍ସ୍ୟ (ହି. ଶ)—2. A kind of fish.

ବୋଡ୍ରୀ—ସ. ବି—ବୋଡ଼ି (ଦେଖ)
Bodri Bordi (See).

ବୋଢ଼ବ୍ୟ—ସ. ବଣ (ବହ୍ ଧାତୁ+କର୍ମ. ତବ୍ୟ)—ବହନୀୟ—
Bordhabya Fit to be carried.

ବୋଢ଼ା—ସ. ବି. (ବହ ଧାତୁ+କର୍ତ୍ତୃ.ତୃ; ବୋଢ଼ୃ ଶବ୍ଦ; ୧ମା. ୧ବ)—
Bordhā ୧ । ବିବାହକାରୀ ବ୍ୟକ୍ତି—1. One who marries a female. ୨ । ଭାରବାହକ—2. Carrier of a burden. ୩ । ସାରଥି—3. A driver; a charioteer. ୪ । ବଳଦ—4. Ox. ୫ । ପଥପ୍ରଦର୍ଶକ—5. A guide; one who leads the way. ୬ । ବହନ କର୍ତ୍ତା—6. Carrier; transporter. ୭ । ଋଷଭକ ନାମକ ଔଷଧି—7. A rare herb.

ବୋଢ଼ୁ—ସ. ବି—ମୁନି ବିଶେଷ—Name of a sage.
Bordhu [ଦ୍ର—ତର୍ପଣ କାର୍ଯ୍ୟରେ ଏହାଙ୍କୁ ଜଳ ଦେବାକୁ ହୁଏ ।]

ବୋଣ୍ଟ—ସ. ବି. ( ବା ଧାତୁ=ଗତି କରିବା+କର୍ତ୍ତୃ. ଟଣ )—
Bonṭa ୧ । ଫୁଲ ଆଦିର ଡେମ୍ଫ; ବୃନ୍ତ—
বোঁট(টা) 1. Stalk of flowers etc.
डांट ୨ । ଲଙ୍ଗଳର ବେଣ୍ଟ ( ଯୋଗେଶ୍ବର୍ )—2. The handle of a plough.

ବୋଣ୍ଟା—ଦେ. ବି—ଏକ ପ୍ରକାର ଅରଣ୍ୟ ବୃକ୍ଷ—
Bonṭā Eriolaena Hookeriana (tree) (Haines).

ବୋତଡ଼ା—ପ୍ରାଦେ. (ଗଞ୍ଜାମ) ବି—ଗଞ୍ଜାମ ଜିଲ୍ଲାର ଶୂଦ୍ର ବିଶେଷ—
Botardā A subcaste of Śudras in the district of Ganjam.

ବୋତଲ—ବୈଦେ. ବି. (ଇଂ. ବଟ୍ଲ; ପ୍ରାଚୀନ ଇଂ. ବଟେଲ୍; ଭୁଲ. ପର୍ତ୍ତୁ. ବଟେଲ୍ଲ)—୧ । କାଚର ବା ଚମା ମାଟିର ଲମ୍ବ ଓ ଗୋଲ୍କାକାର କଳ ପର ସରୁମୁହାଁ ପାତ୍ର—
Botala বোতল बोतल 1. Bottle. [ଦ୍ର—କଡ଼ ପାତ୍ରକୁ ବୋତଲ ଓ ଛୋଟ ବୋତଲକୁ ଶିଶି କୁହାଯାଏ ।] ୨ । ମଦ ବୋତଲ—2, Wine bottle.

ବୋତଲ ଚଢ଼ା(ଢ଼େ)ଇବା—ଦେ. କି. (ନ୍ୟକ୍)—ବହୁତ ମଦ୍ୟ ପାନ କରିବା—To drink
Botala chardhā(rdhe)ibā বোতল চঢ়ান बोतल चढ़ाना ( bottles of ) wine or brandy.

ବୋତଲ ଛି(ଠି)ପି—ଦେ. ବି—ବୋତଲର ମୁହଁରେ ମରା ଯାଇଥିବା
Botala chhi(ṭhi)pi ସୋଲର ବା କାଠଆଦିର ଛିପା—
বোতলের ছিপি बोतलका डाट The cork or stopper of a bottle.

ବୋତଲ ପାଣି—ଦେ. ବି ( ଲକ୍ଷଣାର୍ଥ )—ନାଲି ପାଣି; ବିଲାତି ମଦ;
Botala pāni বোতলের জল बोतलकी पानी ବ୍ରାଣ୍ଡି—Brandy.

ବୋତା—ଦେ. ବି ( ସ. ବୃନ୍ତ )—୧ । ପଣସ ଫଳର ଅସାର ଅଂଶ ବା ସ୍ପେଷା—1. The refuse and rind of the
Botā ভূতি; ভেঁতা; ভংড়ি; ভুতড়ি; ভুতুড়ি कटहलका भुस jack fruit. ୨ । ବୋତି ( ଦେଖ )—2. Boti ( See )

ବୋତାଣ୍ଡି—ପ୍ରାଦେ ( ସମ୍ବଲପୁର ) ବି—ବୋତି ( ଦେଖ )
Botāndi Boti ( See )

ବୋତାମ—ବୈଦେ.ବି ( ଇଂ. ବଟନ୍ )—ଜାମା ପ୍ରଭୃତିର ଦୁଇଟି ଖୋଲା ଅଂଶକୁ ଏକତ୍ର ସଂଲଗ୍ନ କରିବାର ଗୁଣ୍ଡି ବା ଚକ୍ତି—
Botāma বোতাম बटन; बोताम Button. [ ଦ୍ର—ଏହା ଧାତୁ, ଅସ୍ଥି, ଶିପ ଓ କନା ଆଦିରେ ନିର୍ମିତ ହୁଏ । ]

ବୋତି—ଦେ. ବି ( ସ. ବୃଷ, ବୃନ୍ତ )—ମୁଗ, ହରଡ଼, କୋଳଥ ଆଦିର ଶାଗ ଝଡ଼ା ହେବା ପରେ ଅବଶିଷ୍ଟ ଛୁଇଁର ସ୍ପେଷା ଓ ଶୁଖିଲା
Boti ভুসী भुस ପତ୍ରର ଗୁଣ୍ଡ—The emptied pods of pulse grains and dried leaves after the seeds are separated.

ବୋତିଆ—ଦେ. ବଣ ( ସ. ପୁତି )—୧ । ଗୋମେଷାଦିଙ୍କ ଶରୀରରୁ ବାହାରିବା ପୂତି (ଗନ୍ଧ)—1. Disagreeable (smell)
Botiā বোটকা, বোকটা बदबूदार ( like that from the body of cattle and sheep ). ୨ । ପୋଚ୍; ସଢ଼ା (ଗନ୍ଧ) —2. Foetid ( smell ).

ବୋତିଆ ଗନ୍ଧ—ଦେ. ବି—ପଶୁଆଦିଙ୍କ ଦେହରୁ ବାହାରିବା ଗନ୍ଧ—
Botiā gandha বোটকা গন্ধ बदबू Stench from the body of animals.

ବୋତିଲଇ—ପ୍ରାଦେ ( ଗଞ୍ଜାମ ) ବି—ଶୁଆଁଲଇ ( ଦେଖ )
Botilai Suāñlai (See)

ବୋଦ—ସ. ବଣ—ଆର୍ଦ୍ର; ଓଦା—Moist. ଦେ. ବି—ଗୋଟିଏ ଓଡ଼ିଆ ଗଡ଼ଜାତ ରାଜ୍ୟ; ବୌଦ୍ଧରାଜ୍ୟ—Name of an
Boda Oriya state in the Eastern states Agency.
(ଦ୍ର—ଅଙ୍ଗୁଳିଗି ପାଇଁ କନ୍ଧମାଳ ଜାତ ହୋଇଥିବା ପ୍ରୋଗାଏ ବୋଦ । ପ୍ରଧାନାଥ, ପାବଂଶ ।)

ବୋଦ (ଡୁ, ଧ, ଧୁ) କା—ଦେ. ବଣ—୧ । ମୋଟା; ସ୍ଥୂଳ—1. Fat.
Boda(du, dha, dhu)kā ୨ । ତାବଦା; ସ୍ତବ୍ଧ (କାନ)—2. Dinned; stunned (said of the ear). ୩ । ସ୍ପର୍ଶ ଶକ୍ତି ରହିତ (ଅଙ୍ଗ ବା ଚର୍ମ)—3. Become insensible to touch. ପ୍ରାଦେ (ଗଞ୍ଜାମ) ବ—ଗୋଠ କାକୁଡି (ଦେଖ)—Gotha kākurdi (See).

ବୋଦ(ଦି,ଦୁ)ସି—ପ୍ରାଦେ (କଟକ) ବ—ଜଳମାଛ ଯଥ, ବଳୁ ଉତ୍ପାଳର Boda(di,du)si ବର୍ଣ୍ଣର ଏକପ୍ରକାର ଛୋଟ ମାଛ—Datrioides Quadrifaciatus (fish). [ ଦ୍ର—ଏମାନେ ଲମ୍ବରେ ୧୨ ଅଙ୍ଗୁଳ ପର୍ଯ୍ୟନ୍ତ ବଢ଼ନ୍ତି । ଏମାନଙ୍କ ଦେହ ଚେପ୍ଟା ଓ କାଇଯୁକ୍ତ; ଏମାନେ ଜଳଭ୍ରମଣପର ।]

ବୋଦା—ଦେ. ବ (ସ. ବର୍କର; ପ୍ରା. ବୋକଡ଼=ଛାଗ; ସ. ବସ୍ତ= Bodā ଛାଗ—ଯୋଗେଶଚନ୍ଦ୍ର)—୧ । ଠାକୁରାଣୀଙ୍କ ନିକଟ ବଳ ପାଁଠା ଦିଆଯିବା ନିମନ୍ତେ ହୃଷ୍ଟପୁଷ୍ଟ ଅଣ୍ଡିରା ମେଣ୍ଢା ବା ଛେଳି ବୋକରା, कुरबानीका पशु ବା ମଇଁଷି; ଛାଗବଳ—1. Male sheep, goat or buffalo offered as a sacrifice before a Goddess; a victim for sacrifice before a Goddess. ( ଦ୍ର—ବର୍ଣ୍ଣିବାର ଶଣ୍ଢାରେ ସୁନା ହାତ ଗଦା, ଅଛ ଦେବ ଯୁଦ୍ଧେ ଅର୍ଜ୍ଜୁନ ପଡ଼ ବୋଦା । କୃଷ୍ଣସିଂହ. ମହାଭାରତ କର୍ଣ୍ଣ । ) ୨ । ଅଣ୍ଡିରା ମେଣ୍ଢା ବା ଛେଳି—2. A male goat or sheep. ୩ । (ଗାଳି ବିଶେଷ) ଯେଉଁ ଲୋକ ଖାଇ ପିଇ ବୋଦାପରି ହୃଷ୍ଟପୁଷ୍ଟ ହୋଇଥାଏ—3. (A term of rebuke) A person who has grown fat.

ବୋଦା ପକା(କେ)ଇବା—ଦେ. କ୍ରି—ବଳିଦାନ କରିବା—
Bodā pakā(ke)ibā To sacrifice a victim before
बलिदेओया बलिदेना(चढ़ाना) a Deity.
(ବୋଦା ଦେବା—ଅନ୍ୟରୂପ)

ବୋଦା ପଡ଼ିବା—ଦେ. କ୍ରି—(ଛେଳି ପ୍ରଭୃତି) ଦେବତାଙ୍କ ଆଗରେ ବଳି Bodā pardibā ଦିଆଯିବା ବା ବଧ କରାଯିବା—To be
बलिपड़ा offered as a victim; to be sacrificed
बलि चढ़ना before a Goddess (said of a victim).

ବୋଦା ବ୍ରତ—ପ୍ରାଦେ. (ଅଳ) ବ—ବାଛୁରି ବ୍ରତ (ଦେଖ)
Bodā brata Bāchhuri brata (See).

ବୋଦା ଯାଚିବା—ଦେ. କ୍ରି—ମନୋବାଞ୍ଛାର ସିଦ୍ଧି ହେଲେ ଠାକୁରାଣୀଙ୍କ
Bodā jāchibā ନିକଟରେ ଛାଗାଦି ବଳି ଦେବାକୁ ପ୍ରତିଶ୍ରୁତ
पाँठा मानतकरा ହେବା ବା ଅଙ୍ଗୀକାର କରିବା—To promise
बलि मानना to sacrifice an animal before a Goddess on the fruition of a certain purpose; to offer to give a victim to a Goddess.
[ବୋଦା ମାନିବା (ମନାଇବା)—ଅନ୍ୟରୂପ ]

ବୋଦାଲ—ସ. ବ—ବାଳିଆ ମାଛ—The sheat fish; cat fish;
Bodāla Wallago Attu.

ବୋଦା ହାଣିବା—ଦେ. କ୍ରି—ବଳିକୁ ବଧ କରିବା—To decapitate
Bodā hānibā a victim at a sacrifice.
पाँठाकाटा बलिचढ़ाना (ବୋଦା କାଟିବା—ଅନ୍ୟରୂପ)

ବୋଦୁଆ—ଦେ.ବ—୧ । ମାଛ ଧରିବା ସକ ବିଶେଷ—1. A wicker
Boduā work of bamboo strips used for catching fish by dragging it in shallow water. [ଦ୍ର—ଏହା ବାଉଁଶ ପାତିଅରେ ବୁଣା ହୋଇଥାଏ ଓ ଏହା ହାତ ପର୍ଯ୍ୟନ୍ତ ଲମ୍ବ ଓ ୨ହାତ ଉଚ୍ଚ ହୁଏ । ଏହାକୁ ଜାଲପରି ପାଣିରେ ଟଣାଇ ମାଛ ଧରନ୍ତି । ] ୨ । ପେଲଣା ଜାଲ (ଦେଖ)—2. Pelanā net (See).

ବୋଦ୍ଧା—ସ. ବଣ (ବୁଧ୍. ଧାତୁ=ଜାଣିବା+କର୍ତ୍ତୃ. ତୃ; ବୋଦ୍ଧୃ, ୧ମା-
Boddhā ୧ବ)—୧ । ଜ୍ଞାତା; ଯେ ଜାଣେ—1. Knowing.
(ବୋଦ୍ଧ୍ରୀ—ସ୍ତ୍ରୀ) ୨ । ଜ୍ଞାନୀ—2. Wise.

ବୋଧ- ସ. ବ (ବୁଧ. ଧାତୁ=ବୁଝିବା+ଭାବ. ଅ)—୧ । ବୁଦ୍ଧି—
Bodha 1. Intellect. ୨ । ଉପଲବ୍ଧି; ହୃଦୟଙ୍ଗମ କରିବା—2. Understanding; realisation. ୩ । ଜ୍ଞାନ—3 Knowledge; wisdom. ୪ । ଅଭିପ୍ରାୟ—4. Intention. ୫ । ଜାଗରଣ-5. Waking. ୬ । ମନରେ ଉଦିତ ହେବା ଭାବ—6. Idea; mental impression. ୭ । ଅନୁଭୂତି—7. Perception; sensation; experienc. ୮ । ସୁଖଦୁଃଖାନୁଭବ କ୍ଷମତା -8. Power or capacity of feeling. ୯ । ପ୍ରବୋଧ; ସାନ୍ତ୍ୱନା—9. Consolation. ୧୦ । (ବୋଧି ଧାତୁ+ଭାବ. ଅ)—ବୋଧିତ କରିବା; ବୁଝାଇବା—10. Explaining. ଦେ. ବ—୧ । ଦର୍ଶନ—1. Seeing. ୨ । ସମ୍ଭାବନା—2. Expectation. ( ଦ୍ର—ଏ ଜମିଭୂମାନଙ୍କୁ ପାର୍ଥ ହାତେ ବଧ, ହେବେ କର୍ଣ୍ଣ ବୋଲି ସବୁର ହେଲା ବୋଧ । କୃଷ୍ଣସିଂହ. ମହାଭାରତ କର୍ଣ୍ଣ । ) ୩ । ସନ୍ତୋଷ—3. Satisfaction. ୪ । ଉତ୍ସାହଦାନ; ହେମତ
বোধ ଦେବା—4. Encouragement. ବଣ—୧ । ସନ୍ତୁଷ୍ଟ;
बोध ତୃପ୍ତ—1. Satisfied; contented. ( ଦ୍ର—ହୋଇଲା ମୁହିଁ ତାହା ଦେଖି ଅତି ବୋଧ । କୃଷ୍ଣସିଂହ. ମହାଭାରତ. ବନ ।) ୨ । ଉତ୍ସାହିତ—2. Encouraged. ୩ । ଆଶ୍ୱସ୍ତ—3. Consoled. ୪ । ଜ୍ଞାତ—4. Known. (ଦ୍ର—ଶିବଙ୍କ ସ୍ୱରୂପତ ନୋହିଲା ତାଙ୍କ ବୋଧ । କୃଷ୍ଣସିଂହ. ମହାଭାରତ. ବନ ।) ୫ । ଅନୁଭୂତ—5. Perceived.

ବୋଧକ—ସ. ବଣ. ପୁଂ ( ବୁଧ୍ ଧାତୁ, ଣିଚ୍, ବୋଧି ଧାତୁ+କର୍ତ୍ତୃ.
Bodhaka ଅକ )—୧ । ଜ୍ଞାପକ; ସୂଚକ—1. Indicating.
(ବୋଧିକା—ସ୍ତ୍ରୀ) ୨ । ଯେ ସପ୍ତ କରେ—2. Dazzling. ୩ । ନିଦ୍ରାଭଙ୍ଗକାରୀ—3. Awakening from sleep. ୪ । ଯାହା ହୃଦୟଙ୍ଗମ କରାଏ; ଯାହା ବୁଝାଇ ଦିଏ—4. Explaining or causing to be

understood. ବି. ପୁଂ—୧ । ଦୂତ; ଚର—1. Messenger. ୨ । ସୂଚକ—2. An informer; spy. ୩ । ଶିକ୍ଷକ; ଗୁରୁ—3. Teacher; preceptor. ୪ । ଯେଉଁ ଭାବ ଭଙ୍ଗୀ ବା ସଙ୍କେତଦ୍ୱାରା ପ୍ରେମିକ ପ୍ରେମିକା ପରସ୍ପରର ମନୋଭାବ ପରସ୍ପରକୁ ଜଣାନ୍ତି ( ହି. ଶ )—4. Movements of the limbs or signs by which lovers intimate their minds to each other.

**ବୋଧକର**—ସ. ବି. ପୁଂ ( ବୋଧ+କୃ ଧାତୁ+କର୍ତ୍ତୃ. ଅ )—
Bodhakara ବୈତାଳିକ; ସ୍ତୁତିପାଠକ—A herald; a
(ବୋଧକାରକ—ଅନ୍ୟରୂପ) ministrel or bard who
(ବୋଧକରୀ—ସ୍ତ୍ରୀ) daily awakens the king by singing songs. (ଉ-ବୋଧ ଜନକ ହରଧନୁ ସ୍ୱୟମ୍ବର ରଚିତ, ବୋଧ କର ମୁଖେ ବନ୍ଧାଇ ନୃପବଳେ ଅଶେଷ । ଉଞ୍ଜ. ବୈଦେହୀଶ ବିଳାସ ।) ବିଣ. ପୁଂ—୧ । ଜ୍ଞାପନକାରୀ—1. Informing. ୨ । ନିଦ୍ରାଭଙ୍ଗକାରୀ—2. Awakening.

**ବୋଧ କରିବା**—ଦେ. କ୍ରି—୧ । ବିଚାର କରିବା—1. To think.
Bodha karibā ୨ । ଅନୁମାନ କରିବା—2. To guess.
বোধকরা ୩ । ବିଶ୍ୱାସ କରିବା—3. To believe; to
बोध करना trow. ୪ । ହୃଦୟଙ୍ଗମ କରିବା; ବୁଝି ପାରିବା—4. To understand; to realise. ୫ । ସନ୍ତୁଷ୍ଟ କରିବା;ଅନ୍ୟର ମନକୁ ଥଣ୍ଡା କରିବା—5. To satisfy; to appease. ୬ । ( ଲକ୍ଷଣାର୍ଥ )—ଥଣ୍ଡା କରିଦେବା; ଜବତ୍ କରିଦେବା—6. (figurative ) To subdue; to teach a person a lesson. ୭ । ଅନୁଭବ କରିବା—7. To feel. ୮ । ସାନ୍ତ୍ୱନା ଦେବା—1. To console; to assuage one's grief.

**ବୋଧ କରି ମୁଠାଏ ଖାଇବା**—ଦେ. କ୍ରି—ସାନ୍ତୋଷପୂର୍ବକ ଭୋଜନ
Bodha kari muṭhāe khāibā କରିବା—To take one's meal with a feeling of satisfaction; to have a meal to one's satisfaction.

**ବୋଧଗମ୍ୟ**—ସ. ବିଣ ( ବୋଧ+ଗମ୍ୟ )—୧ । ବୁଝିବାର ଯୋଗ୍ୟ—
Bodhagamya 1. Fit to be understood. ୨ । ଯାହା ବୁଝି ହୁଏ—2. Intelligible; comprehensible.

**ବୋଧ ଗୋଚର**—ସ. ବିଣ. ( ୬ଷ୍ଠୀ ତତ୍ )—୧ । ଅନୁମିତ—
Bodha gochara 1. Inferred; conjectured. ୨ । ବୁଝାଯାଇଥିବା—2. Understood; comprehended.

**ବୋଧ ଜନକ**—ସ. ବିଣ ( ୬ଷ୍ଠୀ ତତ୍ )—ଜ୍ଞାନୋତ୍ପାଦକ—
Bodha janaka Producing knowledge or comprehension.

**ବୋଧଜ୍ଞ**—ସ. ବିଣ. ପୁଂ ( ବୋଧ+ଜ୍ଞା ଧାତୁ+କର୍ତ୍ତୃ. ଅ )—ଅନ୍ୟ
Bodhajna ... ବ୍ୟକ୍ତିର ଅଭିପ୍ରାୟଜ୍ଞ—Knowing the
(ବୋଧଜ୍ଞା—ସ୍ତ୍ରୀ) intentions of another; able to fathom the mind of another. ବି—ଶ୍ରୀକୃଷ୍ଣ An epithet of Śrikrushna.

**ବୋଧ ଦେବା**—ଦେ. କ୍ରି—୧ । ସାନ୍ତ୍ୱନା ଦେବା—1. To
Bodha debā console. ୨ । କଥାଦ୍ୱାରା ସନ୍ତୁଷ୍ଟ କରିବା
বোধ দেওয়া —2. To satisfy a person by words.
बोधदेना; बोधना ୩ । ଭେମର୍ ଦେବା—2. To encourage to assure. ୪ । ଆଶା ଦେବା—4. To give hope.

**ବୋଧନ**—ସ. ବି ( ବୁଧ୍ ଧାତୁ ଣିଚ୍ ବୋଧି ଧାତୁ=ଜଣାଇବା+ଭାବ)
Bodhana ଅନ )—୧ । ବୋଧ—1. Knowledge. ୨ । ଗନ୍ଧଦାପନ; ସୁବାସ ଧୂଅଁ ଦେବା—2. Fumigating with scent. ୩ । ଜଣାଇବା; ଜ୍ଞାପନ; ବିଜ୍ଞାପନ—3. Intimation. ୪ । ନିଦ ଭଙ୍ଗାଇବା; ନିଦ୍ରାଭଙ୍ଗ କରଣ—4. Awakening; arousing from sleep. ୫ । ଉଦ୍ଦୀପନ—5. Exciting; instigating. ୬ । ଇନ୍ଦ୍ରିୟ ଜ୍ଞାନ; ଅନୁଭୂତି—6. Sensation; perception. ୭ । (+କର୍ତ୍ତୃ. ଅନ) ବୁଧଗ୍ରହ—7. The planet Mercury. ୮ । (+ଭାବ. ଅନ ) ଦୀପ ବା ନିଆଁ ଲଗାଇବା (ହି. ଶ)—2. Lighting of a lamp or fire.

**ବୋଧନୀ**—ସ. ବି ( ବୋଧନ+ଈ )—୧ । ଜ୍ଞାନ; ବୋଧ—1.
Bodhani Knowledge; perception. ୨ । ଅଧ୍ୟାପନା—2. Teaching. ୩ । ଜ୍ଞାପନ—3. Informing. ୪ । ନିଦରୁ ଉଠାଇବା—4. Awakening. ୫ । ( ବୁଧ ଧାତୁ ଣିଚ+ଅଧିକରଣ . ଅନ+ଈ ) ଆଶ୍ୱିନ ଶୁକ୍ଳଷଷ୍ଠୀ—5. The 6th day of the bright fortnight of Āswina. ୬ । କାର୍ତ୍ତିକ ଶୁକ୍ଳ ଏକାଦଶୀ; ଉତ୍ଥାପନ ଏକାଦଶୀ; ପ୍ରବୋଧକ ଏକାଦଶୀ—6. A festival observed on the 11th day of the bright fortnight of Kārttika. [ ଉ—ଏ ଦିନ ବିଷ୍ଣୁ ପ୍ରଭୃତିମାନେ ଦକ୍ଷିଣ ନିଦ୍ରାରୁ ଉଠନ୍ତି । ] ୭ । ପିପ୍ପଳୀ ( ହି. ଶ )—7. Long pepper.

**ବୋଧନୀୟ**—ସ. ବିଣ ( ବୁଧ୍‌ଧାତୁ+କର୍ମ ଅନୀୟ )—ଜ୍ଞାପନୀୟ—
Bodhaniya Fit to be intimated.

**ବୋଧ ପାଇବା**—ଦେ. କ୍ରି—୧ । ଆଶ୍ୱସ୍ତ ହେବା—1. To be
Bodha pāibā consoled. ୨ । ସନ୍ତୁଷ୍ଟ ହେବା—
বোধ পাওয়া 2. To feel contented.
सन्तुष्ट होना; बोध पाना ୩ । ଆଶାନ୍ୱିତ ହେବା—3. To have hope.

**ବୋଧ ପ୍ରଭାବ**—ସ. ବି (୬ଷ୍ଠୀତତ୍)—ମନର ଯେଉଁ ଶକ୍ତିଦ୍ୱାରା ଚିନ୍ତା,
Bodha prabhāba ଦର୍ଶନ, ଶ୍ରବଣ, ଅନୁଭବଆଦି କାର୍ଯ୍ୟ କରାଯାଏ, ସେହି ବୃତ୍ତିର ଜ୍ଞାନଶକ୍ତି—The faculty of sensation or perception.

**ବୋଧ ବା(ସୋ)ଧ**—ଦେ. ବ. (ଧ୍ୱନ୍ୟନୁକାରୀ ଉଭୟାର୍ଥକ ସହଚର ଶବ୍ଦ)-
Bodha bā(so)dha ୧। ଆଶ୍ୱାସନା—1. Consolation.
বোধ সোধ (ଉ—ଭଲ ଲୋକେ ତାଙ୍କୁ ବୋଧ ସୋଧ କଲେ,
**बोधसोध, बोधबाध** ରାଗ ଦେଲା ତାଙ୍କ ଶାନ୍ତି । ଉତ୍କଳ
ସାଅନ୍ତାଣୀ ବାହା ।) ୨। ବୁଦ୍ଧିସୁଦ୍ଧି; ବୁଝିବାର କ୍ଷମତା—
2. Intelligence. ଦେ ଶବ୍ଦ—୧। ଆଶ୍ୱସ୍ତ—
1. Consoled. ୨। ସନ୍ତୁଷ୍ଟ—2. Satisfied.

**ବୋଧ ବାସର**—ସଂ. ବ—୧। ବିଷ୍ଣୁଙ୍କର ଉତ୍ଥାନ ଦିନ; ଉତ୍ଥାନୈକା-
Bodha bāsara ଦଶୀ; କାର୍ତ୍ତିକ ଶୁକ୍ଳ ଏକାଦଶୀ—
1. The 11th day of the bright fortnight of the month of Kārttika (for Bishṇu). [ଦ୍ର—ଏ ଦିନ ଜଗନ୍ନାଥଙ୍କର ଉତ୍ସବ ଯାତ୍ରା। ବିଷ୍ଣୁ ଆଷାଢ଼ ଶୁକ୍ଳ ଏକାଦଶୀ ଦିନ କଳ୍ପିତ ନିଦ୍ରା ଯାଇ ଥାଆନ୍ତି ଓ ଏ ଦିନ ଶୟନାବସ୍ଥାରୁ ଉଠନ୍ତି। ଶିବ ଆଷାଢ଼ ଶୁକ୍ଳ ଚତୁର୍ଦ୍ଦଶୀ ଦିନ ଶୁଅନ୍ତି ଓ କାର୍ତ୍ତିକ ଶୁକ୍ଳ ଚତୁର୍ଦ୍ଦଶୀ ଦିନ ଉଠନ୍ତି।] ୨। ଶିବଙ୍କର ଉତ୍ଥାନ ଚତୁର୍ଦ୍ଦଶୀ; କାର୍ତ୍ତିକ ଶୁକ୍ଳ ଚତୁର୍ଦ୍ଦଶୀ—2. The 14th day of the bright fortnight of the month of Kārttika (for Śiba).

**ବୋଧ ଲାଗିବା**—ଦେ. କ୍ରି—ମନରେ ସନ୍ତୋଷ ଜଣାଯିବା—
Bodha lāgibā A feeling of satisfaction.
সন্তোষ হওয়া **सन्तोष लगना**

**ବୋଧ ଶକ୍ତି**—ଦେ. ବ—୧। ବୁଝି ପାରିବାର କ୍ଷମତା—
Bodha śakti 1. Understanding; discretion
(ବୋଧ କ୍ଷମତା—ଅନ୍ୟରୂପ) ୨। ଭଲ ମନ୍ଦ ବାଛିବାର କ୍ଷମତା—
বুঝবার শক্তি 2. Power of distinguishing good
**बोध शक्ति** from bad; discrimination.
୩। ଚୈତନ୍ୟ—3. Consciousness. ୪। ସୁଖ-ଦୁଃଖାନୁଭବ କରିବାର କ୍ଷମତା—4. Feeling; the power or capacity of feeling pleasure or pain.

**ବୋଧ ହୁଏ**—ଦେ. ଅ.—୧। ମୁଁ ବିଚାରୁଛି; ମୁଁ ବୋଧ କରୁଛି;
Bodha hue ମୁଁ ଅନୁମାନ କରୁଛି—1. It seems; me-
বোধ হয় seems; methinks. ୨। ସମ୍ଭବତଃ—2. Pro-
**मुझे सुझता है, मुझे बोध होता है** bably.

**ବୋଧ ହେବା**—ଦେ. କ୍ରି—୧। (କୌଣସି ବିଷୟ) ଅନୁମିତ ହେବା—
Bodha hebā 1. To seem; to appear.
বোধ হওয়া ୨। ଲାଗିବା; ଅନୁଭୂତ ହେବା—2. To be
**मालुम होना** felt. (ଯଥା—ମୋ ଉପଦେଶ ଶୁଣିବାକୁ ତାଙ୍କୁ ଭଲ
**प्रसन्न होना** ବୋଧ ହେଉ ନାହିଁ।) ୩। ବୋଧ ସୋଧ ହେବା;
ସନ୍ତୁଷ୍ଟ ହେବା—3. To be satisfied. (ଉ—ବୋଧ ହେଲା ଚିତ୍ତ ସାଙ୍ଗିକେ ତାର । ଉପେ. ବୈଦେହୀଶ ବିଳାସ ।)

**ବୋଧା**—ଗ୍ରା. ବିଣ. (ସଂ. ବୋଦ୍ଧା)—୧। ଜ୍ଞାନୀ—1. Wise.
Bodhā ୨। ଅଭିଜ୍ଞ; ଅନୁଭବୀ—2. Experience
୩। ସାଂସାରିକ କାର୍ଯ୍ୟାକାର୍ଯ୍ୟ ବିଷୟରେ ବିଚକ୍ଷଣ—
3. Prudent; worldly wise.

**ବୋଧା(ଧେ)ଇବା**—ଦେ. କ୍ରି—(ବୋଧିବା କ୍ରିୟାର ଣିଜନ୍ତ ରୂପ—
Bodhā(dhe)ibā The causative form of Bodhibā)
বুঝান ୧। ବୋଧ କରାଇବା; ସମଝାଇବା—1. To make
**बोध करना** one understand or perceive. (ଉ—
ବୋଧାଇ ଶୁଣନ୍ତି ଭବ ଉଦ୍ଧୃତ ନୋହୁ ମୁଁ ବନବାସ। ଉପେ. ବୈଦେହୀଶବିଳାସ।) ୨। ସାନ୍ତ୍ୱନା ଦେବା—
2. To console.

**ବୋଧାବୋଧ**—ଦେ. ବ. (ସହଚର ଶବ୍ଦ)—୧। ଜ୍ଞାନାଜ୍ଞାନ; ଭଲ
Bodhābodha ମନ୍ଦ ବିଚାର କରିବାର ଶକ୍ତି—1. Discri-
বোধাবোধ mination. ୨। ଜ୍ଞାନ ଓ ଅଜ୍ଞାନ—
**समझ** 2. Knowledge and want of knowledge.

**ବୋଧା ବୋଧି କରିବା**—ଦେ. କ୍ରି—ବୋଧ ସୋଧ କରିବା; ବୁଝାଇ
Bodhā bodhi karibā ବୁଝାଇ ଦେବା—To appease;
বোধ সোধ করা to make one understand or
**बोध देना, मनाना** realise the real situation.
(ଉ—ଯାପାଇଁକୁ ବୋଧାବୋଧି କରି ସେ କୌଣସି ପ୍ରକାରେ ଶାନ୍ତି ପ୍ରସ୍ତାବର ଆଲୋଚନା ଚଳାଇଲେ। ଦୈନିକ ଆଶା।)

**ବୋଧି**—ସଂ. ବିଣ. ( ବୁଧ ଧାତୁ+କର୍ତ୍ତୃ. ଇ )—୧। ଜ୍ଞାତା—
Bodhi 1. Knowing. ୨। ଜ୍ଞାନୀ—2. Wise. ୩। ବିଦ୍ୱାନ୍—3. Learned. ବ—୧। (+ସ୍ତ୍ରୀ. ଈ)—
ସମାଧି ବିଶେଷ—1. A state of mental tranquility during meditation. ୨। ବୋଧ; ଜ୍ଞାନ-
2. Understanding. ୩। ଅଶ୍ୱତ୍ଥ ଗଛ—3. The holy fig tree; Ficus Religiosa.

**ବୋଧିତ**—ସଂ. ବିଣ. (ବୁଧ ଧାତୁ ଣିଚ୍+କର୍ମ. ତ)—୧। ଜ୍ଞାପିତ—
Bodhita 1. Informed. ୨। ଜାଗରିତ—2. Aroused from sleep.

**ବୋଧିତବ୍ୟ**—ସଂ. ବିଣ. (ବୁଧ୍ ଧାତୁ ଣିଚ୍ ବୋଧି ଧାତୁ+କର୍ମ ତବ୍ୟ)—
Bodhhitabya ଜ୍ଞାପିତବ୍ୟ—Fit to be intimated or made known.

**ବୋଧି ତରୁ**—ସଂ. ବ—୧। ଅଶ୍ୱତ୍ଥ ଗଛ—1. The holy fig
Bodhi taru tree; Ficus Religiosa. [ଦ୍ର—ଅଶ୍ୱତ୍ଥ ଗଛ
ବୋଧି ଦ୍ରୁମ } ଅନ୍ୟରୂପ ମୂଳେ ବୌଦ୍ଧ ଋଷିମାନେ ଓ ବୁଦ୍ଧଦେବ
ବୋଧି ବୃକ୍ଷ } ସ୍ୱୟଂ ବସି ତପସ୍ୟା କରୁଥିଲେ। ଏଥି-
ପାଇଁ ଏ ଗଛ ବୌଦ୍ଧ ଧର୍ମାବଲମ୍ବୀମାନଙ୍କ ଦୃଷ୍ଟିରେ ଅତି ପବିତ୍ର।] ୨। ବୁଦ୍ଧଗୟାରେ ସ୍ଥିତ ପ୍ରାଚୀନ ଅଶ୍ୱତ୍ଥ ଗଛ, ଯାହାର ମୂଳରେ ବୁଦ୍ଧଦେବ ତପସ୍ୟା କରୁଥିଲେ—2. The holy fig tree under which the Buddha sat in meditation.

ବୋଧିବା—ଦେ. କ୍ରି ( ସଂ. ବୋଧ୍ ଧାତୁ )—୧ । ମନକୁ ପ୍ରବୋଧ
Bodhibā ଦେବା; ନିଜ ମନକୁ ବୁଝାଇବା—1. To calm or
বোঝান console one's mind. ( ଉ—ନଳକୁ ଅସହଦଶା
बोध देना ରଘୁପତି ଦେଲେ, ଏମାନ କହି ଯୁଧିଷ୍ଠିରଙ୍କୁ ବୋଧିଲେ—
କୃଷ୍ଣସିଂହ.ମହାଭାରତ. ଅନୁଶାସନ ।) ୨। ନିଜର ମନକୁ ଶାନ୍ତ କରିବା—2. To pacify one's own mind. ୩। ଅନ୍ୟକୁ ପ୍ରବୋଧିବା ସାନ୍ତ୍ୱନା ଦେବା—3. To console a person; to pacify a person. ( ଉ – ବୋଧି କହେ ଅଷ୍ଟାବକ୍ର ନାହା, ବୁଦ୍ଧି ବୁଢ଼ାରୁ ନ ହେଲା ଏହା—ଜଗନ୍ନାଥ. ସଙ୍ଗୀତ । ) ୪ । ସନ୍ତୁଷ୍ଟ କରିବା—4. To satisfy. ( ଉ—କହୁଅଛୁ ସେବେ ତୁହି ତାକୁ ଧରିବୁ, ଭୁଣ୍ଡଳ ସାଙ୍କୁ ଛାଡ଼ି ଅଳରେ ବୋଧିବୁ—କୃଷ୍ଣସିଂହ. ମହାଭାରତ. ବନ । )

ବୋଧି ସତ୍ତ୍ୱ—ସ.ବି—୧ । ବୌଦ୍ଧ ଋଷି—1. A Buddhist sage.
Bodhi sattwa ୨ । ବୌଦ୍ଧ—2. A Buddhist. ୩ । ବୁଦ୍ଧ ବିଶେଷ—3. A class Buddhist sages. [ଦ୍ର— ଯେଉଁ ବୌଦ୍ଧ ଋଷି ନିଜର ତପସ୍ୟା ଓ ଜ୍ଞାନଲବ୍ଧଦ୍ୱାରା ବୁଦ୍ଧତ୍ୱ ଲାଭ କରିବାର ଅଧିକାରୀ ହୋଇଅଛନ୍ତି, ଅଥଚ ଅବଧି ବୁଦ୍ଧତ୍ୱ ଲାଭ କରି ନାହାନ୍ତି ତାଙ୍କୁ ବୋଧିସତ୍ତ୍ୱ ବୋଲାଯାଏ; ବୋଧି ସତ୍ତ୍ୱଙ୍କର ୮ଟ ଅବସ୍ଥା ଅଛି, ସେ ଅବସ୍ଥା ପାର ହେଲେ ବୁଦ୍ଧତ୍ୱ ପ୍ରାପ୍ତି ହୁଏ । ]

ବୋଧେ—ଗ୍ରା. ଅ. ( 'ବୋଧ ହୁଏ'ର ସଂକ୍ଷିପ୍ତ ଆକାର )—ସମ୍ଭବତଃ;
Bodhe ବୋଧ ହୁଏ—It seems; perhaps.
বোধহয় मुझे सुझता है की, शायद

ବୋଧ୍ୟ—ସ. ବିଣ ( ବୁଧ୍ ଧାତୁ+କର୍ମ. ଯ )—୧ । ଜ୍ଞାତବ୍ୟ—
Bodhya 1. Knowable. ୨ । ଯାହା ବୁଝି ହୁଏ—
2. Comprehensible.

ବୋନ(ନା)ସ୍—ବୈଦେ.ବି (ଇଂ.ବୋନସ୍)—୧। ପାରଶ୍ରମିକ ଛଡ଼ା କର୍ମୀ
Bona(nā)s ବା ଭୃତ୍ୟମାନଙ୍କୁ ଦିଆଯିବା ଅର୍ଥ; ପାରିତୋଷିକ—
বোনাস 1. Bonus; extra gratuity paid to work-
बोनस men. ୨ । ଋଣ ଦିଆଯାଇଥିବା ଧନ ପାଇଁ ମହାଜନ ଯେଉଁ ସୁଦ ପାଆନ୍ତି, ତଦତିରିକ୍ତ ଯେଉଁ ଧନ ବା ସୁଦ ତାଙ୍କୁ ପୁରସ୍କାର ଦିଆଯାଏ-2. Premium beyond the usual interest. ୩ । ଯୌଥ କମ୍ପାନୀର ଅଂଶୀଦାରମାନଙ୍କୁ ଡିଭିଡେଣ୍ଡ୍‌କୁ ଅଧିକା ଯାହା ପାରିତୋଷିକ ଦିଆଯାଏ—3. An extra divident paid to shareholders of a jointstock company. ୪ । କମ୍ପାନୀର ଅଧୀନରେ ଜୀବନବୀମାକାରୀମାନଙ୍କ ବୀମା କରାଯାଇଥିବା ନିର୍ଦ୍ଦିଷ୍ଟ ଧନ ଉପରେ ଯାହା ଅଧିକା ଧନ ଦିଆଯାଏ—4. Bonus paid to the policy holders of a life insurance company.

ବୋପ ଦେବ—ଦେ.ବି (ନାମ)—ଜନୈକ ସଂସ୍କୃତ ବ୍ୟାକରଣ ପ୍ରଣେତା—
Bopa deba The name of the compiler of a Sanskrit grammar. [ ଦ୍ର—ବର୍ତ୍ତମାନ ନିଜାମ ରାଜ୍ୟର ଅନ୍ତର୍ଗତ ଦେବଗିରିସ୍ଥ ମହାରାଜ ମହାଦେବଙ୍କ ଧର୍ମାଧିକରଣର ଏ ପଣ୍ଡିତ ଥିଲେ । ଏ ଖ୍ରୀଷ୍ଟ ୭ମ ଶତାବ୍ଦୀର ଶେଷ ଓ ଅଷ୍ଟମ ଶତାବ୍ଦୀର ଆରମ୍ଭର ଲୋକ । ଏ ଶଙ୍କରାଚାର୍ଯ୍ୟଙ୍କ ସମସାମୟିକ ଥିଲେ । ଶଙ୍କରାଚାର୍ଯ୍ୟଙ୍କ ଯୁକ୍ତିରେ କାଶୀରାଜ ଶ୍ରୀର ନାନାସ୍ଥାନରୁ ଭାଗବତ ଗ୍ରନ୍ଥ ସଂଗ୍ରହ କରି ଗଙ୍ଗାରେ ନିକ୍ଷେପ କଲେ ଓ ବୋପ ଦେବ ବହୁ କଷ୍ଟରେ ତହିଁର ଉଦ୍ଧାର କଲେ । ଏ ଭାଗବତର ୩ ଖଣ୍ଡ ଟୀକା ( ହରିଲୀଳା, ମୁକ୍ତାଫଳ ଓ ପରମହଂସପ୍ରିୟ ) ପ୍ରଣୟନ କରିଥିଲେ । ସଂସ୍କୃତ ମୁଗ୍ଧବୋଧ ବ୍ୟାକରଣ ପ୍ରଣେତାରୂପେ ଏ ଜଗଦ୍ବିଖ୍ୟାତ । ଏ ୯ ଖଣ୍ଡି ବୈଦ୍ୟକ ଗ୍ରନ୍ଥ ରଚନା କରିଥିଲେ । କେହି କେହି ଏହାଙ୍କୁ ବୈଦ୍ୟବଂଶ ସମ୍ଭୂତ ବୋଲି କହନ୍ତି; କିନ୍ତୁ ଏ ବ୍ରାହ୍ମଣ ଥିବାର ସ୍ପଷ୍ଟ ପ୍ରମାଣ ରହିଅଛି । ଏ ଗର୍ଥ ନିର୍ଦ୍ଧାରଣ ବିଷୟରେ ଖଣ୍ଡିଏ ଗ୍ରନ୍ଥ ରଚନା କରିଥିଲେ । ଏ ବୈଷ୍ଣବ ଥିଲେ ଓ ରାମାନୁଜାଚାର୍ଯ୍ୟଙ୍କ ଊର୍ଦ୍ଧ୍ୱତନ ପଞ୍ଚମ ଗୁରୁସ୍ଥାନୀୟ ଥିଲେ—ସୁବଳଚନ୍ଦ୍ର. ବାଙ୍ଗାଲା ଅଭିଧାନ ।]

ବୋପା— ଗ୍ରା. ( ଉତ୍ତର ) ବି (ସ ବପ୍ତା)—୧ । ବାପ—1. Father.
Bopā [ ଦ୍ର—ବ୍ରାହ୍ମଣମାନେ ପିତାଙ୍କୁ ନନା ଓ ବାପା,କ୍ଷତ୍ରିୟମାନେ ବବା,
বাপা କରଣ ଓ ଶୂଦ୍ରମାନେ ବାପା, ଉତ୍ତର ଶୂଦ୍ରମାନେ ବାଥ,
बाप ଓ ବୋପା ଡାକନ୍ତି । ] ୨ । ଅଳ୍ପବୟସ୍କ ବ୍ୟକ୍ତିଙ୍କ ପ୍ରତି ବାତ୍ସଲ୍ୟାର୍ଥକ ସମ୍ବୋଧନ; ହେ ବତ୍ସ !—2. A term of endearment to an youngster.

ବୋପାଙ୍କ ଉତନ—ଦେ· ବି ( ଗାଳି )—୧ । ପିତୃଧନ; ପିତୃଦତ୍ତ
Bopānka utana ଧନସମ୍ପତ୍ତି—1. Paternal property.
( ବୋପାମାଲ—ଅନ୍ୟରୂପ ) ୨ । ଯେଉଁ ସମ୍ପତ୍ତି ଉପରେ ମନୁଷ୍ୟର
बपौती ପୂର୍ଣ୍ଣ ସ୍ୱତ୍ୱ ଥାଏ—2. A property to which a person has full right and title.

ବୋପାଲୋ—ଗ୍ରା. ( ଉତ୍ତର ) ଅ—୧ । ଆଶ୍ଚର୍ଯ୍ୟାର୍ଥକ ଓ ଭୟାର୍ଥକ
Bopālo ଅବ୍ୟୟ; ବାପରେ !—1. Interjection; oh God !
বাপরে বাপ Oh father ! ୨ । ଶାରୀରିକ ଯନ୍ତ୍ରଣା ବା ହଠାତ୍
बाबारे बाबा, बापरे बाप ଉପସ୍ଥିତ ବିପଦବେଳେ ମନୁଷ୍ୟର ଡାକ—
ବୋପାଲୋ ବୋପା, ବୋପାଲୋ ମାଆଲୋ, ବୋପାଲୋ ମାଆ } ଅନ୍ୟରୂପ 2. An interjection used in times of mental agony or sudden danger.

ବୋପାଲୋ ମଲି—ଗ୍ରା. ଅ (ହଠାତ୍ ଉପସ୍ଥିତ ବିପଦ ସମୟରେ ଆର୍ତ୍ତନାଦ)
Bopālo mali ହେ ପିତଃ ! ମୋର ମୃତ୍ୟୁ ସମୟ ଉପସ୍ଥିତ, ମୋତେ
बापरे मरताहूँ ରକ୍ଷା କର—An exclamation invoking
বাপরে মরেগেলাম help during sudden danger.

ବୋପାଲୋ ମାଆଲୋ ହେବା—ଦେ. କ୍ରି—ବିକଳରେ ଛଟପଟ ହୋଇ
Bopālo mā-ālo hebā ଆର୍ତ୍ତସ୍ୱର କରିବା—To utter
বাপরে মারে করা exclamations in extreme agony.
बापरे माआरे करना

ବୋପେଇ—ଗ୍ରା. (ଉତ୍ତର ବ୍ୟବହୃତ) ବି—୧ । ଶ୍ୱଶୁର—1. Father-
Bopei in-law. ୨ । ଜୋଇଁଙ୍କୁ ସମ୍ବୋଧନ—2. A term used in addresing one's son-in-law.

**ବୋବସ୍ତ**—ଦେ. ବି—ଶଗଡ଼ର ଦଣ୍ଡାକାଠ ଫାଟି ଗଲେ ବା ଭାଙ୍ଗି Bobastā ଗଲେ ଫାଟିକାଠ ଦୁଇଖଣ୍ଡର ଯୁଗ୍ମପାଖେ ଯେଉଁ ଲୁହା ପାଟିଆ ଗୁଡ଼ାଇ କରି କାଠ ଦୁଇ ଖଣ୍ଡକୁ ପରସ୍ପର ସଲଗ୍ନ କରି ରଖାଯାଏ,ଉକ୍ତ ଲୁହା ପାଟିଆକୁ ଓ ଦଣ୍ଡକାଠକୁ ପରସ୍ପର ସହିତ ଦୃଢ଼ ସଲଗ୍ନ କରିବା ପାଇଁ ଯେଉଁ ପତଳା କାଠଶାଲି ଫାଙ୍କରେ ବାଡ଼ିଆ ଯାଏ—A thin wedge driven into the interstice between the iron ring and the broken shaft of a cart to make the ring sit tight.

**ବୋବା**—ଦେ. ବିଣ. ପୁଂ ( ଧ୍ୱନ୍ୟନୁକରଣ; ଯେ କଥାବାର୍ତ୍ତା କରି ନ Bobā ପାରି ବା ବା ବା, ବୋ ବୋ ବୋ, ଏହିପରି ଶବ୍ଦ ବোবা କରେ )—୧ । ଜଡ଼; ମୂକ—1. Mute; dumb. **बौका, गूंगा** ୨ । ଖନା—2. Stammering. ( ଉ—ଶୁକ (ବୋବୀ—ସ୍ତ୍ରୀ) ବୋଇଲେ ଅହେ କର୍ମିକର ଖଡ଼, ବୋବା ବୋଲୁ ଅଛ ତ ଏଥିରେ କେ ବଡ଼—କୃଷ୍ଣସିଂହ. ମହାଭାରତ. ଶାନ୍ତି । ) ୩ । ବୋବାଳି ( ଦେଖ )—3. Bobāli ( See )

**ବୋବା(ବେ)ଇବା**—ଦେ. କ୍ରି (ଧ୍ୱନ୍ୟନୁକରଣ; ତୁଳ. ଇଂ. ବଓ୍ୱେଲ୍)— Bobā(be)ibā ୧ । ରଡ଼ି ଛାଡ଼ିବା; ଉଚ୍ଚୈଃସ୍ୱରରେ କାନ୍ଦିବା; কান্নাকাটি করা ବିଳାପ କରିବା—1. To bewail or lament **चिल्लाकर रोना** loudly. ( ଉ—ଭୁଜା ତୁମ୍ଭେ ଗୁଡ଼ାଏ ନ ମର ବୋବାଳି କରିବା, ବୋବାଳି ଛାଡ଼ିବା, ବୋବାଳି ପକାଇବା, ବୋବାଳି ପାଡ଼ିବା, ବୋବାଳି ଦେବା } ଅନ୍ୟରୂପ ବୋବାଇ, ଅମ୍ଭେ ତୁମ୍ଭ ମଣରେ ହୋଇଲୁଣି ବାଇ—କୃଷ୍ଣସିଂହ. ମହାଭାରତ. ସଭା । ) ୨ । ( ଇତର ଜୀବଜନ୍ତୁ ) ରବ କରିବା—2. To utter sound ( said of animals ). ( ଉ - ବୋବାଳି ଦେଲେ ପକ୍ଷିନାଦ ଛଳରେ, ବଦନେ କାଳ ପଡ଼ିଲେ ଦଗର—ଉପ. ବୈଦେହୀଶବିଳାସ । )

**ବୋବାଳି**—ଦେ. ବି—୧ । ଭୟରେ ବା ଦୁଃଖରେ ଆର୍ତ୍ତନାଦ; ଡକା; Bobāli ବିକଳ ଡକା; ବିକଳ ଚିତ୍କାର—Loud cry of কান্নাকাটি distress. ( ଉ—ଲଟାକୁ କରି ସର୍ପ ଭୟେ, **चिल्लाकर रोना, चितकार** ବୋବାଳି ପାଡ଼ିଲେ ଥୋକାଏ— ( ବୋବି—ଅନ୍ୟରୂପ ) ଭୂପତି. ପ୍ରେମପଞ୍ଚାମୃତ । ) ୨ । ଉଚ୍ଚୈଃସ୍ୱରରେ କାନ୍ଦଣା; କାହୁକା; ରଡ଼ି—2. Loud ডাক crying; wail. ୩ । ନାଦ; ଉଚ୍ଚ;ଉଚ୍ଚଧ୍ୱନି—3. Loud **आवाज** sound ୪ । ପଶୁପକ୍ଷୀମାନଙ୍କ କଣ୍ଠଧ୍ୱନି; ରବ— 4. Sound made by birds and beasts. [ ଦ୍ର—ଭିନ୍ନ ଭିନ୍ନ ପଶୁପକ୍ଷୀଙ୍କର ବୋବାଳିର ଭିନ୍ନ ଭିନ୍ନ ନାମ ଅଛି; ଯଥା—ବାଘ, ସିଂହଙ୍କ—ଗର୍ଜନ, ହେଷାଳ, ରଡ଼ି । ହାତୀର—ଯେଉଁକାଳ (ସ. ବୃଂହଣ; ବୃଂହିତ) । ଘୋଡ଼ାର—(ସ. ହ୍ରେଷା) ହେରେଷା; ହେଁହେଁ । କୁକୁର—ଭୁକା । ମାଙ୍କଡ଼—ଖେଙ୍କା । ଶଗୃ— ହେଷାଳ, ହେଷାଲଣାଇଲା । ଗାଈ, ବଳଦ, ବାଛୁରି—

ହମାଇବା । ମେଣ୍ଢା, ଛେଳି—ବୋବାଳି, ମେଁ ମେଁ କରିବା । ଗଧ—ରଡ଼ି । ପକ୍ଷୀ—ରାବିବା; ବୋବାଇବା, ବୋବାଳି, ବୋବି ।]

**ବୋବାଳି ପା(ଗ୍ରା)ଡ଼ିବା**—ଦେ. କ୍ରି—ଉଚ୍ଚୈଃସ୍ୱରରେ କାନ୍ଦିବା— Bobāli pā(chhā)rdibā To cry aloud. কান্নাকাটি করা **चिल्लाकर रोना** [ବୋବି ପା(ଗ୍ରା)ଡ଼ିବା—ଅନ୍ୟରୂପ]

**ବୋମା**—ବୈଦେ. ବି. (ଇଂ. ବମ୍)—ବମ୍ ( ଦେଖ ) Bomā বোমা **बम** Bam (See)

**ବୋମୁ ଗ(ଗୁ)ର୍ଗ**—ଦେ. ବି—ବୃକ୍ଷ ବିଶେଷ—Flagellaria Indica Bomu ga(gu)rā (Haines). [ଦ୍ର— ଏହା ମହାନଦୀ ହିକୋଣ বাঁচাঁদ **हर्षल** ଭୂମିରେ ଜନ୍ମେ । ଏହାର ଗଣ୍ଡି ଈଷତ୍ ଲାଲ ।]

**ବୋର**—ସ. ବି (ବା ଧାତୁ=ଗମନକରିବା+ଉଲ)—ଡାଲୁଆ ଧାନ— Bora Summer paddy; marsh rice. ଦେ. ବି—୧ । ବୋଲ (ଦେଖ)—1. Bola (See). ୨ । ବୋର ଧାନ (ଦେଖ)—Bora dhāna (See). ବିଣ—ଅଳଙ୍କାର ବା କାଠି ନ ଭରିବା ଯୋଗୁଁ ରୁଦ୍ଧ ହୋଇ ଯାଇଥିବା ( କାନର ବା ନାକର ଛିଦ୍ର )— ছাঁদাবুজা **छेदबंद** Filled up (bore in the ear or nose). [ ଦ୍ର—ଅଳଙ୍କାର ପିନ୍ଧିବା ପାଇଁ କାନରେ ଓ ନାକରେ ଯେଉଁ ଛିଦ୍ର ଫୋଡ଼ା ହୋଇଥାଏ ସେଥିରେ ଅଳଙ୍କାର ନ ଭରିଲେ କିଛିଦିନ ବାଦ ତାହା ରୁଦ୍ଧ (ବୋର) ହୋଇଯାଏ । ଏଥିପାଇଁ ସେ ଛିଦ୍ରରେ ଲୋକେ ନିମ କାଠି ବା ସୋଲ ଭରି ତାକୁ ଅଳଙ୍କାର ପିନ୍ଧିବା କାଳ ପର୍ଯ୍ୟନ୍ତ ମେଲା ରଖିଥାଆନ୍ତି । ] ପ୍ରାଦେ (ସମ୍ବଲପୁର ଓ କଳାହାଣ୍ଡି) ବି—ବଦରି; ବରକୋଳି—Jujube (berry).

**ବୋରକ**—ସ. ବି - ୧ । ବୋର ( ଦେଖ )—1. Bora (See). Boraka ୨ । ବୋଲକ ( ଦେଖ )—2. Bolaka (See).

**ବୋର(ଳ)ଝାଞ୍ଜି**—ଦେ. ବି (ସ. ବାରପର୍ଣ୍ଣୀ)—୧ । ଏକପ୍ରକାର ଭାସମାନ Bora(la)jhānji ଦଳ—1. Water lettuce; Serratophyllum Submersum; ( ବରଝାଞ୍ଜି—ଅନ୍ୟରୂପ ) Pristia Stratiotes. ସ. ବାରପର୍ଣ୍ଣୀ, କୁମ୍ଭିକା টোপাপানা, পানা **जलकुंभी** ତେ. ଗୁଡ଼ିଗୁରି; ବେଙ୍କାପୈ, ଜଳକୁମ୍ଭୀ [ ଦ୍ର—୧୮୬୭ ସାଲରେ ତାଞ୍ଜୋର୍ ଜେଲ୍‌ରେ କାନ୍ଦମୂଳ ଗୁଡ଼ିଏ ଲେଖାଏ ବୋରଝାଞ୍ଜି ଜମାକରି ରଖି ପରୀକ୍ଷାଦ୍ୱାରା ଦେଖାଗଲା ଯେ ୨।୩ ଦିନ ମଧ୍ୟରେ ଜେଲଖାନାର ସମସ୍ତ ଜ୍ୱରରୋଗ ଉକ୍ତ ବୋରଝାଞ୍ଜି ପାଖକୁ ଆକୃଷ୍ଟ ହୋଇଅଛି ସେଠାରେ ମରିଗଲେ—Kirtikar] ୨ । (ଲକ୍ଷଣାର୍ଥ) (ଜଳରେ ଭାସୁଥିବା ବୋରଝାଞ୍ଜି ପବନ ଦ୍ୱାରା ବତାଡ଼ିତ ହୋଇ ଯୋଉଆଡ଼ର ଏ ପାଖ ସେ ପାଖକୁ ଅଲଗ ଯିବାରୁ ଓ ସେହିଁ ଅଡ଼ାଲୁ ପବନ ଏବଂ ସେହି ଅଡ଼ାଲୁ ଶୁଳିବି ହେଉଥିବାରୁ) ଯେଉଁ ବ୍ୟକ୍ତିର ମତ ସ୍ଥିର ...

ନ ଥାଏ ଓ ଯେ ବ୍ୟକ୍ତିବିଶେଷଙ୍କ ମତଦ୍ୱାରା ଚାଳିତ ହୋଇ ଆଜି ଏ ପକ୍ଷ କାଲି ସେ ପକ୍ଷକୁ ସମର୍ଥନ ବା ଅବଲମ୍ବନ କରେ—2. ( figurative ) A fickle-minded person; a person who sticks to no fixed principle or opinion or party, but is led (like floating duck weed wafted by wind from one part of a tank to another) to avow one side to-day and another to-morrow.

ବୋରଟ—ସଂ. ବି—ଭୂଜ ଫୁଲ—A kind of Jasmine.
Borața
ବୈଦେ. ବି ଇଂ. ବୋର୍ଡ)—ବୋର୍ଡ (ଦେଖ) Bord (See .

ବୋରଠ—ପ୍ରାଦେ (ବସ୍ତର) ବି—ମୁରୁମ (ଦେଖ)
Boratha Muruma (See).

ବୋରଡ଼ା—ଦେ. ବି—ଚିଲିକାର ଏକ ପ୍ରକାର ମାଛ—A
Borarda kind of fish found in the Chilka lake.

ବୋର ଧାନ—ଦେ. ବି ସଂ. ବୋରକ; ବରକ=ଭଣଧାନ୍ୟବିଶେଷ)—
Bora dhana ଚାଉଳଗୁଡ଼ିକ ଲାଲବର୍ଣ୍ଣ ମୋଟ ଧାନ—A species
বোরো বোরোধান of paddy producing rice of
बोरो धान red colour.

ବୋରବ—ସଂ. ବି—ବୋର (ଦେଖ)
Boraba Bora (See).

ବୋରା—ଦେ. ବି ( ସଂ. ବସ୍ତ=ଉକ୍ତ )—ଝୋଟର ବା ଛଣପଟର
Bora ଦଉଡ଼ିରେ ବୁଣା ବଡ଼ ବସ୍ତା; ଅଖା—
বোরা बोरा Big gunny bag. ବୈଦେ. ବିଣ
খারাপ ( ଫା. ବୁରା )—୧ । ବୁରା; ମନ୍ଦ—1. Bad.
बुरा [ ଉ—ଯେଉଁ କନ୍ଥ ଭଲ ବୋରା କାଇଲା ଲକ୍ଷଣ—
ପ୍ରାଚୀ. ଶିବସ୍ୱରୋଦୟ । ] ୨ । ଅନୁଚିତ (କର୍ମ)—
2. Improper (act).

ବୋରା(ରେ)ଇ—ବୈଦେ. ବିଣ ( ଫା )—ବୋରା ( ଦେଖ )—
Bora(re)i Bora ( See ). ବୈଦେ. ବି.
बुराई ( ଫା. ବୁରାଇ )—ମନ୍ଦ ପଣ—
Badness.

ବୋରି—ଦେ. ବି—୧ । ଅନେକ ତାଳ, ଖଜୁରୀ ଆଦି ଗଛ
Bori ଥିବା ସ୍ଥାନ; ତାଳ ମଞ୍ଜେଇ; ତାଳ ବନ—
ବୋରିଆ } —ଅନ୍ୟରୂପ 1. A tope of palm trees.
ବୋରେଇ } ୨ । ପୁରୁଗ ( ଦେଖ )—
2. Purduga (See).

ବୋରିଆ—ପ୍ରାଦେ. ( ସମ୍ବଲପୁର ) ବି.—ପୋହଳା ମାଛ—
Boria A kind of fresh water fish; Cirrhina Reba.

ବୋରିକ୍ ଏସିଡ୍—ବୈଦେ. ବି ( ଇଂ )—ସୁହାଗା ବା ଟାଙ୍କଣା
Borik esid ଖାର ମିଶିତ ଏକପ୍ରକାର ଚୂନା—
(ବୋରାସିକ୍ ଏସିଡ୍—ଅନ୍ୟରୂପ) Boric acid, boracic acid.
বোরিক এসিড [ ଦ୍ର—ଏହି ଚୂନା ଘା ଆଦିର ପଚନ
बोरिक एसिड ନିବାରକ ଅଟେ । ]

ବୋର୍କା(ର୍ଖା)—ବୈଦେ. ବି. (ଅ)—ମୁସଲମାନ ଭଦ୍ରଘରର ସ୍ତ୍ରୀମାନେ
Borka (rkha) ପଦାକୁ ବାହାରିଲା ବେଳେ ସେମାନଙ୍କ ମସ୍ତକରୁ
বোর্কা बुर्का ପାଦ ପର୍ଯ୍ୟନ୍ତ ଆବୃତ କରି ଯେଉଁ ଘୋଡ଼ଣୀ ବା ଖୋଳ
ଲମ୍ବି ଥାଏ—A dress or veil covering the whole body from head to foot, used by Mahomedan ladies while going out.
[ଦ୍ର—ଏଥିର ଆଖି ପାଖରେ ଦୁଇଟି ଛିଦ୍ର ଥାଏ ଓ ଆବୃତା ନାରୀ ସେହି ଛିଦ୍ର ବାଟେ ବହିର୍ଜଗତକୁ ଦେଖିବାକୁ ସମର୍ଥା
[ବୁର୍କା(ର୍ଖା)—ଅନ୍ୟରୂପ] ହୁଅନ୍ତି ।]

ବୋର୍ଡ—ବେଦେ ବି (ଇଂ)—ବୋର୍ଡ (ଦେଖ)
Bord Bord (See)

ବୋର୍ଡ ଅଫ୍ ଏକ୍ଜାମିନରସ୍—ପରୀକ୍ଷକ ଉଦ୍ଧାଚନ ସମିତି—Board of
Bord aph ekjaminars Examiners.
বোর্ড অফ এক্জামিনার্স बोर्ड आफ एकजामिनार्स

ବୋର୍ଡ ଅଫ୍ ଏକ୍ଜାମିନେସନ୍—ବେଦେ. ବି (ଇଂ)—ଯେଉଁ ସମିତି
Bord aph ekjaminesan ବିଭିନ୍ନ ପରୀକ୍ଷା ବିଷୟ ବିଚାର
বোর্ড অফ একজামিনেসন କରନ୍ତି—Board of Examination.
बोर्ड अफ एकजामिनेसन

ବୋର୍ଡ ଅଫ୍ ଟ୍ରଷ୍ଟିଜ୍—ବୈଦେ.ବି (ଇଂ)—କୌଣସି ଜମାଦାରୀ ସମ୍ପତ୍ତିର
Bord aph trasbtij ରକ୍ଷଣାବେକ୍ଷଣ ପାଇଁ ନିଯୁକ୍ତ ହୋଇଥିବା
বোর্ড অফ ট্রষ্টি ବିଶ୍ୱସ୍ତ ଲୋକମାନଙ୍କର ସମିତି ବା ସଭା—
बोर्ड अफ ट्रस्टीज Board of trustees.

ବୋର୍ଡ ଅଫ୍ ଟ୍ରେଡ୍—ବୈଦେ. ବି ( ଇଂ )—ଦେଶର ବାଣିଜ୍ୟ
Bord aph tred ପରିଚାଳନା ବିଷୟକ ସଭା—Board of
বোড় অফ টেড্; बोर्ड अफ ट्रेड Trade.

ବୋର୍ଡ ଅଫ୍ ଡାଇରେକ୍ଟର୍ସ—ବୈଦେ. ବି ( ଇଂ )—୧ । ଯୌଥ
Bord aph dairektars କାରବାରର ପରିଚାଳକ ସମିତି—
বোড় আফ ডাইরেক্টর্স Board of Directors. ୨ । ସାବେକ
बोर्ड अफ डाइरेक्टर्स ଇଷ୍ଟଇଣ୍ଡିଆ କମ୍ପାନୀର ପରିଚାଳକ ସମିତି—
( ବୋର୍ଡ ଅଫ୍ ଡିରେକ୍ଟର୍ସ—ଅନ୍ୟରୂପ ) 2. Board of Directors of the East India Company.

ବୋର୍ଡ ଅଫ୍ ରେଭିନ୍ୟୁ—ବୈଦେ. ବି (ଇଂ)—ପ୍ରଦେଶର ଖଜଣା
Bord aph rebhinyu ପରିଚାଳନା ସମ୍ବନ୍ଧୀୟ ସରକାରୀ ସମିତି—
রেভিন্যু বোড়; बोर्डअफरेभिन्यु Board of Revenue.

ବୋଲ—ସଂ. ବି—(ବା. ଧାତୁ=ଗମନ କରିବା+କର୍ତ୍ତୃ. ଅଳ)—
Bola ୧ । ଗୁଗ୍ଗୁଳ ପରି ଏକପ୍ରକାର ସୁଗନ୍ଧଧୂମୋତ୍ପାଦକ ନିର୍ଯ୍ୟାସ;
ସଂ. ଗୁଣାର, ଗନ୍ଧ ରସ, ଗନ୍ଧ ରସ; ଲୋବାନ—1. Myrrh;
ଗନ୍ଧରସ, ଗନ୍ଧରସ, ଗନ୍ଧପିଣ୍ଡ balsam; frankincense;
ଓ. ଲୋବାନ storax; banzoin; libanum.
গন্ধবোল, খুন খারাপি [ଦ୍ର—ଏହା ଏକ ପ୍ରକାର ବୃକ୍ଷର
बोल ନିର୍ଯ୍ୟାସ । ଏହା ଖଣ୍ଡାର କରି
ଅ. ଲବାନ୍ ନିଆଁରେ ପକାଇଲେ ସୁଗନ୍ଧ ଧୂଆଁ
ମ. ବୋଲ ବାହାରେ । ଏ ଗଛ ଆଫ୍ରିକା ଓ
ତେ. ବାଳନ୍ତବୋଲ୍, ଆରବରେ ଜନ୍ମେ ଓ ଏଥିର ଗୁଣ୍ଡିଲା

ବାଲ୍‌ମୋଡ୍ରୋଫୋଲନ୍ ଉର୍ଯ୍ୟାସ ବା ଲେବାନ୍ ସେ ଦେଶରୁ ଅମ ଦେଶକୁ ଆସେ।] ୨ । କ୍ଷାର୍ ଜଳ—2. Alkaline water. ୩ । ପାଉଁଶଗୋଳଅ ପାଣି—3. Water mixed with ashes. ଦେ. ବି.
ଗ୍ରା. ବେଷ୍ଟଇଡ୍ରଫୋଲମ୍ ଫା. ମୁଲ୍ ଅ. ମୁଲ୍ଲଘ୍

(ସ.ସ୍ତର,ଲେପ)—୧ । ଦେହରେ ବସିବା ମଳର ପରସ୍ତ ବା ସ୍ତର—1. A layer of dirt deposited on the unwashed body ୨ । ପାନ ଅଧର ରସ ଦ୍ୱାରା ଦାନ୍ତ ଓ ଓଠ ଉପରେ ବସିଥିବା ମୋଟ ଲାଲ ବର୍ଣ୍ଣ ସ୍ତର—2. A thick layer of coloured pigment deposited on the lips and on the teeth as a result of excessive chewing of betel. (ଉ—କେଉଁ ତାମ୍ବୂଳ ବୋଲଯୁତ । କୃଷ୍ଣ. ପ୍ରେମପଞ୍ଚାମୃତ) ୩ । ଅଳତା ବା କଣ୍ଠା ହଳଦୀ ପ୍ରଭୃତିର ବା ରଙ୍ଗର ସ୍ତର; ପୋଚ—3. A layer of paint or paste of articles such as lac-dye or turmeric. (ଉ—ଶିର ସ୍ୱନର ବଶେ ଯାବକ ବୋଲେ । ଉପେନ୍ଦ୍ରଭଞ୍ଜ. ଗୀତ ।)
मडमड़ि पर्त, बोर दरानी

ବୋଲକ—ସ. ବି—(ବା.ଧାତୁ=ଗମନ କରିବା+କର୍ତ୍ତୃ ଉକ+କ)—Bolaka ୧ । ଲେଖକ; ଲିପିକର—1. Writer; scribe. ୨ । ଚିତ୍ରକର—2. Painter.

ବୋଲ ବସିବା—ଦେ. କି—ଦେହ ଅଧରେ ମଇଳାର ବା ରଙ୍ଗର ସ୍ତର Bola basibā ବସିଥିବା—The deposit of a layer of dirt or paint on the body.
दरानी बसा; बोर बैठना

ବୋଲ—ଦେ. ବି (ସ. ବଦ୍ ଧାତୁ. ପ୍ରା. ବୋଲ୍ଲ)—୧ । ବଚନ; Bola କଥା; ବାକ୍ୟ—1. Word; speech; saying. (ଉ—ଚଣ୍ଡ ମୁରଲି ଧରିଲ ବା ବୋଲେ; ଚରଣ ପଙ୍କଜ ଧରିଲେ ହେଁଲେ । ଉପେନ୍ଦ୍ରଭଞ୍ଜ. କଳା) ୨ । ବାଦ୍ୟରୁ ଉଠିବା ଶବ୍ଦ—2. Sound of a musical instrument. ୩ । ବୋଲି; ଘୋଡ଼ା, ଗୋରୁ ଆଦିଙ୍କୁ ଚଳାଇବା ନିମନ୍ତେ ଚାଳକ ଦ୍ୱାରା ବ୍ୟବହୃତ ସାଙ୍କେତିକ ବା ସଂକ୍ଷିପ୍ତ ବାକ୍ୟ— 3. Formulas or set phrases used by drivers of beasts for guiding them. ୪ । ଆଦେଶ—4. Order. ୫ । ପରାମର୍ଶ;ଉପଦେଶ—5. Advice. (ଉ--ଅଜ୍ଞ ଗ୍ରାମ ରଜାଙ୍କ ବୋଲରେ ନଲଙ୍କୁ—କୃଷ୍ଣସିଂହ. ମହାଭାରତ. ବନ) । ୬ । ଅନୁରୋଧ—6. Request. (ଉ--ତାହାଙ୍କୁ ରକ୍ଷା ତୁମ୍ଭେ କର ମୋ ବୋଲରେ । କୃଷ୍ଣସିଂହ. ମହାଭାରତ.ବନ) । ୭ । ଡାକ—7. Call. ୮ । ପ୍ରତିଜ୍ଞା—8. Promise. (ଉ—ବାଳ ବାଲୁକା ଖେଳ; ବନ୍ଧରେ ତ ଅଳ ତୁମ୍ଭ ବୋଲ । ଭକ୍ତ, ବୈଦେହୀଶବିଳାସ) ।
कथा बोल, कहना;

ବୋଲକରା—ଦେ. ବଣ—ଆଦେଶ ପ୍ରତିପାଳନକାରୀ; ଆଜ୍ଞାପାଳକ—Bolakarā ଯେ କଥା ଶୁଣେ; ଆଜ୍ଞାଧୀନ Carrying out orders; obedient. ଦେ. ବି—ଆଦେଶ ପାଳନାର୍ଥ ନିଯୁକ୍ତ ଭୃତ୍ୟ; ଅର୍ଦ୍ଦଳୀ—An orderly servant,
(ଅବୋଲକରା—ବିପରୀତ)
आज्ञाकारी; अर्दली

ବୋଲ କରିବା—ଦେ. କି—୧ । ଉଣକର ଉପଦେଶ ଅନୁସାରେ କାର୍ଯ୍ୟ Bola karibā କରିବା—1. To act according to one's directions. [ଉ—ଦ୍ରୌପଦୀ ବୋଇଲେ ମୋ ବୋଲ କର ବାରୁ—କୃଷ୍ଣସିଂହ. ମହାଭାରତ. ସଭା) । ୨ । ଆଦେଶ ମାନିବା—2. To obey one's orders. (ଉ—ଆଜ ଠାରୁ ବୋଲ ସେ କରିବେ ତୁମର—କୃଷ୍ଣସିଂହ. ମହାଭାରତ. ବନ) । ୩ । ଅନୁରୋଧ ରକ୍ଷା କରିବା—3. To carry out a request. (ଉ—ତୁମ୍ଭେ ଏବେ ମୋ ବୋଲ କର ଦ୍ୱିଜ ପୂଜା । ଏ ଜଗତ ଯାକରେ ହେବ ମହାପୂଜା—କୃଷ୍ଣସିଂହ. ମହାଭାରତ. ଅନୁଶାସନ) । ୪ । କାର୍ଯ୍ୟକ୍ଷମ ବା କାର୍ଯ୍ୟକାରୀ ହେବା—4. To be in a properly working order. (ଯଥା—ଏ ପୁରୁଣା ଘଡ଼ିଟା ଆଉ ବୋଲ କରୁ ନାହିଁ) ୫ । (ଆଦେଶ ଆଦି) ପ୍ରତିପାଳିତ ହେବା—5. To be obeyed; to be acted upon. ୬ । ଆଦୃତ ହେବା—6. To be respected. (ଯଥା—ଆଜିକାଲି ଯୁଗରେ ଆମ ମରଦଙ୍କ ଅଙ୍କ କଥା ବୋଲ କରୁ ନାହିଁ ।) ୭ । କାମ ଫଳ କରିବା; ଫଳପ୍ରଦ ହେବା—7. To be effective. (ଯଥା—ମୋ ଔଷଧ ଏ ରୋଗରେ ବୋଲ କଲା ନାହିଁ ।) ୮ । ଇତସ୍ତତଃ ଚାଳିତ ହେବା; ଅସ୍ଥିର ହେବା—8. To move to and fro; to be restless. (ଯଥା—ସେ ଟୋକାର ହାତ ବୋଇଲେ ଗୋଡ଼ ବୋଲ କଥା ମାନା କରୁଅଛି । ) ୯ । ଅଧୀନ ହେବା—9. To be under control. (ଯଥା—ମୋ ହାତରେ ଏ ଘୋଡ଼ା ଆଉ ବୋଲ କରୁ ନାହିଁ । ) ୧୦ । (ବାଦ୍ୟ ଯନ୍ତ୍ର ଆଦି) ବାଦକର ପରିଚାଳନାବଶ ହେବା—10. (a musical instrument) To obey the hands of a player.
कथा सुना; बातमानना गाओया; चलना चला चलना फल करा गुण करना चला चमकना बोलमानना गाओया बोल निकालना

ବୋଲଙ୍ଗ—ଦେ. ବି—୧ । ସ୍ଥାନ ବିଶେଷ—1. Name of a Bolaṅg place in Balasore. [ଉ-ଏହି ସ୍ଥାନ ବାଲେଶ୍ୱର ନଗରର ଉତ୍ତର ପୂର୍ବରେ ଅବସ୍ଥିତ । ଏଠାରେ ବହୁତ ବାଉଁଶ ଗଛ ଅଛି ଏବଂ ଏଠାରେ ଅନେକ ସମୟରେ ଭାଲୁର ଉପଦ୍ରବ ଶୁଣାଯାଏ ।] ୨ । ଚିଲିକାର ଏକପ୍ରକାର ମାଛ—2. A kind of fish found in the Chilka lake.

ବୋଲ(ଲି) ଚାଲ(ଲି)—ଦେ. ବି (ସହଚର ଶବ୍ଦ)—କୌଣସି ବ୍ୟକ୍ତିର Bola(li) chāla(li) କଥାବାର୍ତ୍ତା ଓ ଆଚରଣ; ଚାଲିଚଳନ; ଆଚରଣ—Words and conduct; behaviour.
बोलचाल बोलचाल

ବୋଲଟ—ବୈଦେ. ବି (ଇଂ; ଭୁଲ. ଫ. ବଲ୍ଟ)—ଲୁହା ପେଚର ଅଗ Bolaṭ ପାଖରେ ଅଁଟାଯିବା ଘରଯୁକ୍ତ ଚକତି; ଭଡ଼ର—Bolt of an iron screw.
बोलट बोल्ट
(ବୋଲ୍ଟ, ବୋଲ୍ଟ, ବୋଲ୍ଟ—ଅନ୍ୟରୂପ)

ବୋଲଣ—ଦେ. ବିଣ (ସଂ. ବଦ ଧାତୁ; ପ୍ରା. ବୋଲ୍ଲ ଧାତୁ)—
Bolaṇa ୧ । ବଚନ—1. Word. ୨ । ଶାସ୍ତ୍ରାଦିର ପ୍ରମାଣିତ
बला बोलना ବାକ୍ୟ— 2. A saying.

ବୋଲଣା—ଦେ. ବି—୧ । ଅପବାଦ; ନିନ୍ଦା ଅପବାଦ—1. Blame;
Bolaṇā निन्दा शिकायत blasphemy; defamation.
୨ । ଗାଳି; ଭର୍ତ୍ସନା—2. Rebuke. (ଉ—କେଉଁଠି କର
କ ବୋଲଣା ? ଭଗ । ) ୩ । ଗାଳି ଖାଇବାର କାର୍ଯ୍ୟ;
ଯେଉଁ କାର୍ଯ୍ୟ କଲେ ଗାଳି ଶୁଣିବାକୁ ପଡ଼େ—3. A
work for which the doer deserves or
courts rebuke.

ବୋଲଣା କରିବା—ଦେ. କ୍ରି—୧ । ବୋଲଣା ଦେବା ( ଦେଖ )—
Bolaṇā karibā 1. Bolaṇā debā (See). ୨ । ଗାଳି
( ବୋଲଣା କାମ କରିବା—ଅନ୍ୟରୂପ ) ଖାଇବା ଭଳି କାର୍ଯ୍ୟ
काजकरे कथा शुना କରିବା—2. To do a work for
which a person deserves or courts
rebuke. (ଉ—ଆଜିକି ଆସିବାବେଳେ, ଯେତେ ଯାହା
କହୁଥିଲେ, ଯାଉଥିଲା ସକଳ କାମ, କର ବୋଲଣା—
ଉଦାହ. ଗୀତଲହରୀ । )

ବୋଲଣା ଦେବା—ଦେ. କ୍ରି—୧ । ଅପବାଦ ଦେବା; ନିନ୍ଦା କରିବା—
Bolaṇā debā 1. To defame; to blame. ୨ । ଗାଳି
शिकायत करना ଦେବା—2. To rebuke; to reprimand.

ବୋଲଣା ପାଇବା—ଦେ. କ୍ରି—୧ । ନିନ୍ଦା ପାଇବା; ନିନ୍ଦିତ ହେବା—
Bolaṇā pāibā 1. To be blamed. ୨ । ଭର୍ତ୍ସିତ ହେବା;
( ବୋଲଣା ଶୁଣିବା—ଅନ୍ୟରୂପ ) ଗାଳି ଖାଇବା—2. To be
कथाशुना निन्दाशुनना censured or rebuked.

ବୋଲଦ(ଦା)ର—ଦେ ବି—ଚର୍ମାବୃତ ଆସନ ବିଶେଷ—
Bolada(dā)ra A seat or stool covered over
with hide.

ବୋଲ ପାଳିବା—ଦେ. କ୍ରି—୧ । ଆଦେଶ ପ୍ରତିପାଳନ କରିବା—
Bola pāļibā 1. To obey one's order; to carry
(ବୋଲ ମାନିବା, ବୋଲ ରଖିବା—ଅନ୍ୟରୂପ) out one's
कथा शुना order. ୨ । ଅନୁରୋଧ ରକ୍ଷା କରିବା—2. To
बात मानना accede to a request.

ବୋଲ ବତା(ତେ)ଇବା—ଦେ. କ୍ରି—୧ । ପରାମର୍ଶ ବା ଉପଦେଶ
Bola batā(te)ibā ଦେବା—1. To give an advice,
कथा बला ୨ । କୌଣସି କାର୍ଯ୍ୟ କରିବାକୁ ଅନୁରୋଧ କରିବା—
बात बताना 2. To request a person to do an act.

ବୋଲ ହାକ—ଦେ. ବି—( ଭିନ୍ନାର୍ଥକ ସହଚର )—୧ । ଆଦେଶ ଓ
Bola hāka ଉପଦେଶ—1. Order and advice. ୨ ।
ডাক হাক ଗୃହସ୍ଥର ଦୈନନ୍ଦିନ ସାଧାରଣ କର୍ମ କରିବା ପାଇଁ ଭୃତ୍ୟକୁ
बोल ଆଦେଶ—2. Ordinary order of a routine
nature in a household.

ବୋଲହାକ କରିବା (ଶୁଣିବା)—ଦେ. କ୍ରି—ଗୃହରେ ବା ଅଫିସ୍‌ରେ
Bolahāka karibā (śuṇibā) ପ୍ରଭୁଙ୍କର ସାଧାରଣ ଆଦେଶ-
ডাক হাক শুনা ପାଳନ ପାଳନ କରିବା—To carry out the
बोल बजाना ordinary orders of a householder or
of an officer. [ଦ୍ର—ଏହି ଅର୍ଥ ଶେଷରେ 'ବୋଲ-
କର୍' ଓ ସାହେବଙ୍କ 'ଅର୍ଦ୍ଦଳୀ'ମାନେ କରନ୍ତି । ]

ବୋଲା—ଦେ. ବି—ବୋଳିବା ବା ଲେପିବା କ୍ରିୟା—Act of
Bolā माखा पोतना smearing or daubing. [ଉ—
ଦଳା-ଅଞ୍ଜନ-ପ୍ରଭା ବୋଲା ପଦ୍ମରେ । ରାଧାନାଥ. ମେଘଦୂତ]
ବିଣ—ଲେପିତ—Smeared; anointed [ଉ—
ତାହାର ଅବା ଅଙ୍ଗେ ବୋଲା ଚନ୍ଦ୍ର । ରାଧାନାଥ. ମହାଯାତ୍ରା । ]

ବୋଲି—ଦେ. ବି—ବୋଲିବା କ୍ରିୟା—Act of speaking.
Bolā बला बोलना [ଦ୍ର—ଏହି ଶବ୍ଦ ଅନ୍ୟ ଶବ୍ଦ ସହିତ
ବ୍ୟବହୃତ ହୁଏ ଯଥା—ଗୀତ ବୋଲି, ବଡ଼ ବୋଲି, ଭୁହା
ବୋଲି ଇତ୍ୟାଦି । ]

ବୋଲି(ଲେ)ଇବା—ଦେ. କ୍ରି—( ବୋଲିବା କ୍ରିୟାର ଣିଜନ୍ତ ରୂପ—
Bolā(le)ibā The causative form of Bolibā.)
बलान, বোলান ୧ । ଭୁହାଇବା; ଅନ୍ୟଦ୍ୱାରା ବୋଲିବା କ୍ରିୟା
बोलाना କରାଇବା—1. To cause to be spoken. ୨ ।
অভিহিত হওয়া ବୋଲି ଯିବା; କଥିତ ହେବା—2. To be
कहलाना spoken as. [ ଉ—ପ୍ରଭୁ ବୋଲାଇଣ ଭୂମେ
ଅନୁଗଣ, ତେଲ ଦେବଳଙ୍କ ଭକ୍ତ୍ୟର ବାହନ । ରାଧାନାଥ.
ଚନ୍ଦ୍ରଭାଗ । ] ୩ । ଖ୍ୟାତ ହେବା—3. To be
known as. [ ଉ—ବୋଲାଏଁ ମୁଁ କବିବରନା-
ପ୍ରବର ! ଚୋ କରଥାଇ ଠଥରେ । 'କବିସୂର୍ଯ୍ୟ. ସଙ୍ଗୀତ । ]
୪ । ଅଭିହିତ ହେବା; ନାମରେ ଡକା ହେବା—4. To
be styled or called as. [ଉ—ଅଙ୍ଗୀ କାଟି
ଦେବାରୁ କର୍ଣ୍ଣ ବୋଲାଇଲେ । କୃଷ୍ଣସିଂହ. ମହାଭାରତ. ଅଦ୍]
बोलाना ୫ । କହି ପଠାଇବା—5. To send words. [ ଉ—
ବୋଲାଇଲେ ଅନ୍ତଃପୁର ପୁର ସମସ୍ତଙ୍କୁ । ଉପେନ୍ଦ୍ର. ବୈଦେହୀଶ-
ବିଳାସ । ]

ବୋଲିବନ୍ତି—ଦେ. କ୍ରି (ପ୍ରାଚୀନ ପଦ୍ୟ)—[ବୋଲିବା କ୍ରିୟାର, ତୃତୀୟ
Bolābanti ପୁରୁଷ ମାନ୍ୟାର୍ଥକ ଏକବଚନ (ସେ ) ଓ ବହୁବଚନ
(ସେମାନେ) ସଙ୍ଗେ ବ୍ୟବହୃତ ବର୍ତ୍ତମାନ କାଳ, କର୍ମ ବାଚ୍ୟ
ଆକାର]—କଥିତ ହୁଅନ୍ତି—(he or thy) Are Called.
(ଉ—ଏ ବେଦ ନ ଜାଣି ଯେତୁ ଗୁରୁ ବୋଲିବନ୍ତି—ପ୍ରାଚୀ.
ଶ୍ରୀ ଗୁରୁଭକ୍ତି ଗୀତା । )

ବୋଲି ବୋଲି—ଦେ. ବି—(ସହଚର ଶବ୍ଦ)—୧ । କଥୋପକଥନ—
Bolā boli बलाबलि, বোলাবুলি 1. Conversation.
बातचित ୨ । ପରସ୍ପର ମଧ୍ୟରେ କଳି ଓ ବଚସା—
2. Mutual quarrel; recrimination. ୩ ।
ଗୀତ ଆଦି ବୋଲିବା କ୍ରିୟା—3. Act of singing.
୪ । ଉତ୍ତର ପ୍ରତ୍ୟୁତ୍ତର—4. Dialogue.

ବୋଲିବୋଲି କରିବା—ଦେ. କ୍ରି—୧ । ଗୀତ ଆଦି ବୋଲିବା—
Bolā boli karibā बलाबलि करा 1. To sing.
बोलाबोली होना ୨ । ଗାଳି ଦେବା—2. To rebuke; to
chide.

**ବୋଲ୍ଲ ବୋଲ୍ଲ ହେବା**—ଦେ. କ୍ରି—୧ । ପରସ୍ପର ମଧ୍ୟରେ କଳି କରିବା. Bolā boli hebā 1. To quarrel with each other; to engage in mutual quarrel. परस्पर गालागाली देओया बोलाबोली होना (ଉ—ଏହି ରୂପେ ଦୁହେଁ ଯେ ବୋଲ୍ଲବୋଲ୍ଲ ହୋଇ, ଯାଗର ମୁକ୍ତକୁ ସେ କହିଲେ ଅଜାଇ । କୃଷ୍ଣସିଂହ ମହାଭାରତ ବନ ।) ୨ । କଥୋପକଥନ କରିବା—2. To converse. (ଉ—ଏହିରୂପେ ପରସ୍ପରେ ବୋଲ୍ଲବୋଲ୍ଲ, ହୋଇ ଖଳାଇଲେ ମୁଖାଏ ବସୁ ଭାଳ । କୃଷ୍ଣସିଂହ. ମହାଭାରତ. ଉଦ୍ଯୋଗ ।)

**ବୋଲ୍ଲ**—ଦେ. ବି ( ସଂ. ବଦ୍ ଧାତୁ, ପ୍ରା. ବୋଲ୍ଲ )—୧ । ଭାଷା; କଥା; ବାକ୍ୟ—1. Word. Boli ୨ । ପ୍ରଚଳିତ— 2. Saying; proverb. ( ଉ— ଏକ ଗ୍ରାମର ଗାଳି ଅନ୍ୟ ଗ୍ରାମର ବୋଲ୍ଲ— ଜଗ ) ୩ । ବିଜ୍ଞାନ, କଳା ଓ ଶିଳ୍ପ ଆଦିରେ ବ୍ୟବହୃତ ବିଶିଷ୍ଟ ଶବ୍ଦ; ପାରିଭାଷିକ ଶବ୍ଦ— 3. Phraseology; technical words and phrases used in different sciences and arts. ୪ । ଶୁଆଙ୍କୁ ପଢ଼ାଇବାର ପଦ— 4. Sentences taught to parrots. ୫ । ବାହକ ପଶୁଙ୍କୁ ଚଳାଇବା ପାଇଁ ଚାଳକର ବିଚିତ୍ରାର୍ଥ-ବୋଧକ ବଚନମାନ—5. Set phrases used by drivers to guide animals. ୬ । ଭାଷା; ଭିନ୍ନ ଭିନ୍ନ ଦେଶରେ ପ୍ରଚଳିତ ଭାଷାର ପ୍ରାଦେଶିକ ରୂପ— 6. Dialectical forms of a language; provincialism. ୭ । କଥା କହିବା ସମୟରେ ବିଭିନ୍ନ ବ୍ୟକ୍ତିଙ୍କର ଅଭ୍ୟାସ ଦୋଷରୁ କଥାର ମଝିରେ ମଝିରେ ଉଚ୍ଚାରିତ ନିରର୍ଥକ ବିଭିନ୍ନ ବାକ୍ୟ ବା ଶବ୍ଦ— 7. Individual peculiarities interspersed at intervals of speech by different persons as a result of habit. ୮ । ଏକ ଦେଶର ବିଭିନ୍ନ ଜାତିରେ ବା ସମାଜରେ ଶବ୍ଦର ପ୍ରଚଳିତ ଭିନ୍ନ ଭିନ୍ନ ରୂପ—8. Different phraseologies or forms of a word current amongst different societies of a locality; patois. ୯ । ବାଦ୍ୟ ବଜାଇବାର ସାଙ୍କେତିକ ଧ୍ୱନି; ଗତ; ସ୍ୱରଲିପି; ବାଦ୍ୟର ଉକୁଟ; ବାଦ୍ୟ ଓ ଗୀତର ସ୍ୱରବନ୍ଧ— 9. The set phraseology for a song or musical instrument.

बोलाबोली होना · बोली · कहावत · मुहावीरा · बलि बोली · बुलि; बोली · बुलि; बुलि

[ ଦ୍ର—ଭିନ୍ନ ଭିନ୍ନ ବାଦ୍ୟର ଓ ନୃତ୍ୟର, ଭିନ୍ନ ଭିନ୍ନ ବୋଲ୍ଲ ଅଛି, ଯଥା—ଡାଧିନ୍‌ଧିନା, ତାକ୍ ତାକ୍ ଧିନା ଇତ୍ୟାଦି । ଭିନ୍ନ-ଭିନ୍ନ ଗୀତର ଓ ତାଳର ଭିନ୍ନ ଭିନ୍ନ ବୋଲ୍ଲ ଅଛି ।

ତନ୍ତି, କୁମ୍ଭାର, କମାର, ବଢ଼େଇ, ଗଉଡ଼, ତେଲି, ପାଟରା, ଭୁଲାଉଣା, ବାଦ୍ୟକାର, ହାଣ୍ଡି ମାହାନ୍ତ, ଘୋଡ଼ା ସଇସ, ଗାଡ଼ିଆ, କରୁଆନ, ନାଉରା, ଦୋକାନୀ, ଖେଳ, ଚାଷବାସ, ବୈଷ୍ଣବ, ବ୍ରାହ୍ମଣ, ଚେଲା ଆଦିଙ୍କର ବ୍ୟବହୃତ ଭିନ୍ନ ଭିନ୍ନ 'ବୋଲ୍' ଅଛି ।

ଦେଶର ଭିନ୍ନ ଭିନ୍ନ ଅଂଶରେ ଏକ ଶବ୍ଦର ଭିନ୍ନ ଭିନ୍ନ 'ବୋଲ୍' ଅଛି । ଯଥା—କଟକରେ ଗୋଟିଏ ବସ୍ତୁକୁ ଓଡ଼ିଆମାନେ ଯେଉଁ ନାମରେ ଡାକନ୍ତି, ଗଞ୍ଜାମରେ, ସମ୍ବଲପୁରରେ ଓ ମେଦିନୀପୁରରେ ଓଡ଼ିଆମାନେ ସେହି ବସ୍ତୁକୁ ଭିନ୍ନ ଭିନ୍ନ 'ବୋଲ୍'ରେ ଡାକନ୍ତି । ଏକ ଅଞ୍ଚଳର ବ୍ରାହ୍ମଣମାନେ ଗୋଟିଏ ବସ୍ତୁକୁ ଯେଉଁ ନାମରେ ଡାକନ୍ତି ଶୂଦ୍ରମାନେ ସେହି ବସ୍ତୁକୁ ଅନ୍ୟ ନାମରେ ବା ବୋଲ୍‌ରେ ଡାକନ୍ତି । ଯଥା—

| ବ୍ରାହ୍ମଣଙ୍କ ବୋଲ୍— | ଶୂଦ୍ରଙ୍କ ବୋଲ୍ — |
|---|---|
| ଗିନା | ତାଟିଆ |
| ମାଇପା, ମଥାଦିହ | ତେଲ |
| କଦଳୀ | କଶାଳ |
| କୃଷ୍ଣ | କଳି |
| କଂସା | ଚେଲ୍ଲା |
| ବନ୍ଧ | ବାଡ଼ା |
| ବାପା | ବାଅ, ବୋପା |
| ପିଷ୍ଟା | ଚେର୍ଣ୍ଣଓଁ |

କଟକ ସହରର ଇତର ବ୍ୟକ୍ତିଙ୍କ ବୋଲ୍ ଭଦ୍ରଲୋକଙ୍କ ବୋଲ୍ଲଠାରୁ ମଧ୍ୟ ପୃଥକ୍, ଯଥା—

| ଭଦ୍ର ବୋଲ୍— | ଇତର ବୋଲ୍— |
|---|---|
| ଆମେ | ହାମେ |
| ନଇ | ଲଇ |
| ନଡ଼ିଆ | ଲଡ଼ିଆ |
| ନାହା | ଲାହା |
| ନେ | ଲେ ଇତ୍ୟାଦି । |

ଏହିପରି ସଙ୍କେତ ବୋଲ୍, କଚେରିଆ ବୋଲ୍, ମହାଜନିଆ ବୋଲ୍, ଦଣ୍ଡିବାଇଆ ବୋଲ୍ ମାନ ମଧ୍ୟ ଅଛି ।

ବିଭିନ୍ନ ବ୍ୟକ୍ତିଙ୍କର କଥା କହିବାରେ ଗୋଟିଏ ଗୋଟିଏ ବିଶେଷ 'ବୋଲ୍' ବା 'ମୁଦ୍ରାଦୋଷ' ଥାଏ । ଜଣେ ଜଣେ ଲୋକ କଥା କହିଲା ବେଳେ ମଝିରେ ମଝିରେ ଗୋଟିଏ ଗୋଟିଏ ନିରର୍ଥକ ବା ବେଦରକାରି 'ବୋଲ୍' ଲଗାଇ ଦିଅନ୍ତି । ଏହା କ୍ରମେ ଅଭ୍ୟାସରେ ପରିଣତ ହୋଇଯାଏ । ଯଥା—ବର୍ତ୍ତମାନକୁ ଅସ୍ତ, ବ୍ରତମାନ, ବର୍ତ୍ତିମାନ, ଗଲ୍ଲଭୁରୁ, ଅନ୍‌ଗଭୁରୁ, ପୁଲଡ୍, ଜାଣିପାର ଯେ, ବସିକରି, ଅନେ-ତେବେ, ବରବର, ଅଥଚ, ଈଶ୍ୱର ଭଲ କରନ୍ତୁ, ଫେରୁ ଗଲଭୁରୁ, ଫଣ୍, ବୁଝିଲ ଇତ୍ୟାଦି ।

"ମୁଁ ସେଠାକୁ ଯାଇଥିଲି, ସେଠାରେ ଘଣ୍ଟାଏ ରହି ଘରକୁ ଫେରିଲି ।"

ଏହି ବାକ୍ୟଟିକୁ 'ମୁଦ୍ରାଦୋଷ' ବାଲା ଅଗ୍ରାମ୍ୟ ନିରର୍ଥକ 'ବୋଲି' ଲଗାଇ କହନ୍ତି । ଯଥା—ବୃତମାନ ମୁଁ ସେଠାକୁ ଯାଇଥିଲି, ବୃତମାନ ସେଠାରେ ଘଣ୍ଟାଏ ରହି ବୃତମାନ ଘରକୁ ଫେରିଲି ।

ଏହି 'ବୃତମାନ' ବୋଲିର ପ୍ରୟୋଗ ଏହି ବାକ୍ୟରେ ନିରର୍ଥକ ଅଟେ । ] କ୍ରି—ବୋଲିବା କ୍ରିୟାର ଅସମାପିକା

बले ରୂପ—The infinite form of the verb Bolibā. ଅ—୧ । ( ସମୟର ବା ସ୍ଥାନର ସୀମା

पर्य्यन्त; अवधि ନିରୂପକ ) ପର୍ଯ୍ୟନ୍ତ; ଅବଧି—1. Upto.

तक ( ଉ—ବ୍ରହ୍ମାଙ୍କର ସଭାକୁ ବୋଲି ଯେବେ ଗଲେ । କୃଷ୍ଣସିଂହ, ମହାଭାରତ, ସଭା । ) ୨ । ଉକ୍ତ ହୁଏ;

बले

बोलतेहैं ଅଭିହିତ ହୁଏ; କଥିତ ହୁଏ; ବୋଲାଯାଏ; ଲୋକରେ କଥିତ ହୁଏ—2. Is styled as; is known as. ( ଯଥା—ଯେଉଁ ବର୍ଣ୍ଣମାନ କଣ୍ଠରୁ ଉଚ୍ଚାରିତ ହୁଏ ତାକୁ 'କଣ୍ଠ୍ୟ' ବର୍ଣ୍ଣ ବୋଲି । ) ୩ । ହେଲେ; ସୁଦ୍ଧା—3. Even. ( ଯଥା—ପୁଅ ବୋଲି କଥଣ ବାପଙ୍କ ମୁଣ୍ଡରେ ହଗିବ କି ? ) ୪ । ଯେ ହେତୁ; କାରଣରୁ—

बले 4. Because; owing to. ( ଯଥା—ମୁଁ ସେଠାକୁ

के सबब ଗଲି ବୋଲି ପୂରଅଣା ଜୋରିମାନା ଦେଲି । ) ୫ ।

बोलते ଉଲ୍ଲେଖ କରିବାରୁ—5. To speak of. ( ଉ—ସେ

हि ପୃଥିବୀ ମାଇପ ଗୋଟିଏ ବୋଲି ଅଛି; ତାକୁ ମାଇଁ

बले ବଡ଼ ଚେଷ୍ଟା କରନ୍ତି । ଫକୀରମୋହନ, ଗଳ୍ପସ୍ୱଳ୍ପ । )

हि ୬ । ହୋଇଥିବାରୁ—6. Being. (ଯଥା—ଆଜ ତାଙ୍କ ପୁଅର ବିବାହ ବୋଲି ସେ ମୋତେ ଖାଇବାକୁ ଡାକିଛନ୍ତି ।) ୭ । କେବଳ—7. Only. ( ଯଥା—ମୁଁ ବୋଲି ଏତେ ଗାଳି ସହି ଗଲି । ) ୮ । ହେବାର; ଥିବାର—8. Of being. ( ଉ—ଉଚିତ ଏହିଟି ବୋଲି କୃପା କଲି ବଳିଷ୍ଠ । ଉପେନ୍ଦ୍ରଭଞ୍ଜ, ଯଶୋମତୀ,

बले ଗୀତ ।) ୯ । ବିଚାର କରି; ଭାବି—9. Thinking.

लिये ( ଯଥା—ମୁଁ ଖାଇବି ବୋଲି ସେଠାକୁ ଯାଇଥିଲି । ) ୧୦ । ଉଦ୍ଦେଶ୍ୟରେ—10. With a view to ( ଯଥା—ତିନି ଟଙ୍କା ଫେରି ପାଇବି ବୋଲି ପାଞ୍ଚ ବର୍ଷ ତାଙ୍କର

बले ଚାକିରି କଲି । ) ୧୧ । ନାମକ—11. Named;

नामके ( ଯଥା—ରାମ ବୋଲି ତାଙ୍କର ଏକ ପୁଅ ଅଛି । ) ୧୨ । ଯଥା; ରୂପେ—12. Namely; as. ( ଉ—ବସୁଷେଣ ବୋଲି ତାହାଙ୍କ ନାମ ଦେଲେ । କୃଷ୍ଣସିଂହ, ମହାଭାରତ, ଆଦି ।) ୧୩ । ( ଗୋଟିଏ କ୍ରିୟାଯୁକ୍ତ ବାକ୍ୟର ବିଷୟ ଅନ୍ୟ କ୍ରିୟାଯୁକ୍ତ ବାକ୍ୟର ବିଷୟୀଭୂତ

बले ହେଲେ ୧ମ ବାକ୍ୟ ପରେ ଲାଗିବା ଶବ୍ଦ ) ଏହି ମର୍ମରେ

इसलिये —13. That; to the effect. (ଉ—ତବା ବାଟ ଥାଇ ବୃନ୍ଦେ, ଲଙ୍କାର ଦ୍ୱାରମୁଖେ, କରୁଣା ଅଛି ବୋଲି ଯା, ନେଇ ଦେ ତା ହରି ନ ରେ । ଉପେନ୍ଦ୍ରଭଞ୍ଜ, ଯଶୋମତୀ, ଉ. ଗୀତ । )

**ବୋଲି କରି**—ଦେ. ଅ—ବୋଲି ( ଦେଖ ) Boli (See) Bolikari (ବୋଲିକରି—ଗ୍ରାମ୍ୟରୂପ)

**ବୋଲି ଧରିବା**—ଦେ. କ୍ରି—୧ । ( ଶୁଆ, ଶାରୀ ବା ପକ୍ଷୀ ) Boli dharibā ଶିକ୍ଷା ଦିଆଯିବା ବଚନକୁ ଉଚ୍ଚାରଣ କରିବାକୁ बुलिधरना ଶିଖିବା—1. To learn to sing; to be able बोलि धरना to repeat the words taught to it (said of a parrot etc). ୨ । ଗୋଟିଏ ବିଷୟକୁ ବା କଥାକୁ ବା ଉତ୍ତରକୁ ଦୃଢ଼ଭାବରେ ଧରିବା ବା କହିବା —2. To stick to one formula.

**ବୋଳିବା**—ଦେ. କ୍ରି ( ସଂ. ଲିପ୍ ଧାତୁର ଅପର ରୂପାନ୍ତର ? )—୧ । Bolibā ଲେପନ କରିବା; ମାଖିବା—1. To besmear; to [ବୋଳା(ଳେ)ଇବା—ଣିଜନ୍ତରୂପ] anoint; to put a माखा layer upon. ( ଉ—ସମଗ୍ର ପାଟେ ହଂସ ହଂସୀ लेपना ପଦ୍ମ-ପତ୍ରରେ ପଙ୍କର ବୋଳ । ରାଧାନାଥ, ପାର୍ବତୀ । ) (ବୋଳଦେବା—ଅନ୍ୟରୂପ) ୨ । ଘନଭାବରେ ଲେପନ କରିବା—[ବୋଳା ହେ(ଯି)ବା—କର୍ମବାଚ୍ୟରୂପ] 2. To besmear thickly; to plaster. ୩ । ଲେସିବା—3. To bungle; to daub ( ଯଥା—ସେ ଲେଖିଲା ବେଳେ କାଗଜ ଉପରେ ସିଆହି ବୋଳିଛି ।) [ ଦ୍ର—ବ୍ୟବହାରରେ 'ଲେପିବା' ଓ 'ବୋଳିବା' ବା 'ଲେସିବା' ମଧ୍ୟରେ ସାମାନ୍ୟ ପ୍ରଭେଦ ଦେଖାଯାଏ । ଲେପିବା—କୌଣସି ପଦାର୍ଥ ଉପରେ ପତଳା କରି ଅନ୍ୟ ଗୋଟିଏ ପାଣିଆ ବସ୍ତୁର ସ୍ତର ଦେବା । ଲେସିବା ବା ବୋଳିବା—ଘନ ସ୍ତର ଲେପିବା । ଲଗାଇବା ଓ ମାଖିବା—ଲେପିବାଠାରୁ ପତଳା ସ୍ତର; କିନ୍ତୁ 'ବୋଳିବା' ଶବ୍ଦଦ୍ୱାରା ପରିମାଣାଧିକ୍ୟ ସୂଚିତ ହୁଏ । ] ୪ । ( ଲକ୍ଷଣାର୍ଥ ) ପର ଉପରେ ଦୋଷ ଅର୍ପଣ କରିବା 4. To lay the blame on another. (ଯଥା—ସେ ଆପେ ଦୋଷ କରି ମୋ ଉପରେ ବୋଳି ଦେଉଛି ।)

**ବୋଲିବା**—ଦେ. କ୍ରି. (ସଂ. ବଦ ବା ବ୍ରୂ ଧାତୁ; ପ୍ରା. ବୋଲ୍ଲ ଧାତୁ; ତୁଳ Bolibā ପ୍ରା. ବୋଲ୍ଲଇ—କଥୟତି)—୧ । କହିବା—1. To बला speak; to say. (ଉ—ବୋଲି ଦେଲି ସିନା बोलना ଗେଲେ ହସି, ବଢ଼େ ତୋ ସମ ନାହିଁ ବିଳାସୀ । ଉପେନ୍ଦ୍ରଭଞ୍ଜ, ଯଶୋମତୀ, ବ ଗୀତ ।) ୨ । ଗାନ କରିବା; ଗାଇବା—2. To sing. (ଯଥା—ଗୀତ ବୋଲିବା) ୩ । ଆବୃତ୍ତି କରିବା—3. To recite. ୪ । ଗାଳି ଦେବା—4. To rebuke; to abuse. ୫ । ବର୍ଣ୍ଣନା କରିବା—5. To describe. (ଉ—ଶୁକ ଦୈତ୍ୟକୁ ନାଶିଲେ, ଏମନ୍ତ ଏକାଦଶ ବୋଲେ । ଜଗନ୍ନାଥ, ଭାଗବତ) ଦେ. ବି—କୁହାଯିବା କଥା; ବାକ୍ୟ—Saying; version. (ଉ—ଶୂର୍ପଣଖା ରାଜା ସମ୍ମୁଖେ ଦେଖା ହେଲା, ତୁମ୍ଭେ ବୋଲିବାର ତାହାଙ୍କୁ ଶୁଣାଇଲା । କୃଷ୍ଣସିଂହ, ମହାଭାରତ, ବନ ।)

ବୋଲି ବାଲି—ଦେ॰ (ବୋଳିବା ଓ ଧ୍ୱନ୍ୟନୁକାରୀ ନିରର୍ଥକ ଶବ୍ଦର
Boli bāli ବାଳିବା କ୍ରିୟାଦ୍ୱୟର ଅସମାପିକା ରୂପ ) କ୍ରି—
ভাল করে ବିଶେଷ ପରିମାଣରେ ଲେପନ କରି—By
अच्छी तरह besmearing thickly or well.

ବୋଳି ହେବା—ଦେ. କ୍ରି—୧। ନିଜ ଦେହରେ ଲେପନ କରିବା—
Boli hebā 1. To besmear one's own body.
মাখা (ଉ—ହୋଇଥାଏ ବୋଳି ଚନ୍ଦନର ଲେପ-
लगाना, लेपना ନିକୁଞ୍ଜ କୁସୁମ ବାସ ଗୋ । ବିଦଗ୍ଧ ସଙ୍ଗୀତ)
୨। ନିଜ ଦେହକୁ ଅନ୍ୟ ବସ୍ତୁରେ ଆବୃତ କରିବା—
2. To cover one's body with another thing.
(ଉ—ଦେହରୁ ଚର୍ମ କେବେ ହୋଇଛନ୍ତି ବୋଳି । କୃଷ୍ଣସିଂହ ମହାଭାରତ ଦ୍ରୋଣ)

ବୋଲୁଅ—ଦେ. ବି. (ସଂ. ବୁଲ ଧାତୁ—ନିମଗ୍ନ ହେବା, ଯାହା ପାଣିରେ
Bolua ବୁଡ଼ିଯାଏ)—ବୃହଦାକାର ଲୋଷ୍ଟ୍ର; ଢେଲ; ମାଟିର
চাপড়া ବଡ଼ ଟେକା; ଟେଲା—Big clod of earth.
चेका(की) [ଦ୍ର—ଟେକାଠାରୁ ଟେଲା ବଡ଼, ଟେଲାଠାରୁ ବୋଲୁଅ ବଡ଼ ।]

ବୋଲୁଅ ଉଞ୍ଚା(ଞ୍ଚେ)ଇବା—ଦେ. କ୍ରି—କୌଣସି ବ୍ୟକ୍ତିକୁ ବା ବସ୍ତୁକୁ
Bolua uñchā(ñche)ibā ଲକ୍ଷ୍ୟ କରି ମାରିବାକୁ ଢେଲ
ବୋଲୁଅ ଉଠା(ଠେ)ଇବା } ଅନ୍ୟରୂପ ଉତ୍ତୋଳନ କରିବା—
ବୋଲୁଅ ଉହ୍ଞ୍ଚା(ଞ୍ଚେ)ଇବା } To lift a clod for
চাপড়া তোলা throwing at a person or thing.
चेका उठाना

ବୋଲୁଅ ଛାଡ଼ିବା—ଦେ. କ୍ରି—କୌଣସି ବ୍ୟକ୍ତିକୁ ବା ବସ୍ତୁକୁ ଲକ୍ଷ୍ୟ କରି
Bolua chhārdibā ଢେଲ ନିକ୍ଷେପ କରିବା—To throw a big clod at a person or thing.
ବୋଲୁଅ ପକାଇବା
ବୋଲୁଅ ଫିଙ୍ଗିବା } —ଅନ୍ୟରୂପ
ବୋଲୁଅ ପୋପାଡ଼ିବା
ବୋଲୁଅ ମାରିବା
চাপড়া ছোঁড়া चेका मारना

ବୋଲୁଅ ବୃଷ୍ଟି କରିବା—ଦେ. କ୍ରି—କୌଣସି ବ୍ୟକ୍ତି ବା ଜୀବ ଉପରକୁ
Bolua brushti karibā ଉପର୍ଯ୍ୟୁପରି ଅନେକ ଗୁଡ଼ିଏ ଟେଲା
ବୋଲୁଅ ଲଦିବା } ଅନ୍ୟରୂପ ମାରିବା—To belabour a
ବୋଲୁଅରେ ପୋତି ପକାଇବା }
ঢেল বৃষ্টি করা person or animal with a shower
चेका बरषाना of clods

ବୋଲୁଆ—ଦେ. ବିଣ—ଟେଲା ପୂର୍ଣ୍ଣ—
Boluā Full of clods.
চাপড়া চাপড়া चेकावाला(ली)

ବୋହି ଆଣିବା—ଦେ. କ୍ରି—(କୌଣସି ଦ୍ରବ୍ୟ) ଅନ୍ୟ ସ୍ଥାନରୁ ଏଠାକୁ
Bohi ānibā ଆଣିବା—To carry things to this
বয়ে আনা चढना place from elsewhere.

ବୋହି ଆସିବା—ଦେ. କ୍ରି—(ଜଳାଦି) ଉଚ୍ଚରୁ ନୀଚକୁ ସ୍ରୋତ ଦ୍ୱାରା
Bohi āsibā ମାଡ଼ି ଆସିବା—To come down; to flow
বয়ে আসা ढोना down.

ବୋହିତ—ଦେ. ବି (ସଂ. ବୋହିତ୍ଥ)—ବୋଇତ ( ଦେଖ )
Bohita Boita ( See )
বোহিত (ଉ—ଏ ଭବ ସାଗରେ ବୋହିତ, ପଣ୍ଡିତେ ବର୍ଣ୍ଣିଅଛନ୍ତି
जहाज ଚତ୍ତ । ଭୂପତି ପ୍ରେମପଞ୍ଚାମୃତ)

ବୋହିତ୍ଥ—ସଂ. ବି. ( ବହ୍ ଧାତୁ+କରଣ ଇତ୍ଥ )—ଅର୍ଣ୍ଣବପୋତ;
Bohittha ନୌକା; ଜାହାଜ (ହ୍ର. ଗ)—Ship; a sea-going vessel

ବୋହି ଦେବା—ଦେ. କ୍ରି—୧। କୌଣସି ପଦାର୍ଥକୁ ନେଇ ଯିବା
Bohi debā ପାଇଁ କୌଣସି ବ୍ୟକ୍ତିକୁ ଦେବା—1. To give
বয়ে দেওয়া away a thing to a person to carry
बहादेना (ବୁହାଇ ଦେବା—ଅନ୍ୟରୂପ) it away. ୨। କୌଣସି
ଜଳାଶୟରୁ ପାଣି ବୁହାଇ ଜଳ ନିଃଶେଷ କରିବା—
2. To bale out a tank dry.
শুখিয়েদেওয়া सुखादेना

ବୋହି ପଡ଼ିବା—ଦେ. କ୍ରି.—(ତରଳ ପଦାର୍ଥ) ପାତ୍ରରୁ ଉଛୁଳି ପଡ଼ିବା—
Bohi pardibā To overflow; to flow out of a
বয়ে পড়া बह निकलना receptacle.

ବୋହିବା—ଦେ. କ୍ରି. ( ସଂ. ବହ ଧାତୁ )—୧। ଭାର ଆଦି ବହନ
Bohibā କରିବା—1. To carry loads etc, (ଉ—ବୋହି
বহা, বয়া ବୋହିବା ଯିବ ଯିରେ ପାଦକ ଓଜଥ । ଭକ୍ତାସ୍ତ ଗୀତ
ढोना ଲହରୀ ।) ୨। (ଜଳାଦି) ସ୍ରୋତ ରୂପେ ତଳ ଆଡ଼କୁ
बहना ଗତି କରିବା—2. To flow down in a current
(said of liquid). ୩। (ବାୟୁ) ବେଗରେ ଗତି
କରିବା; ପବମାନ ହେବା—3. To blow (said of
wind). ୪। (ଧାର ବା ରକ୍ତ) ସରିବା—4. To trickle
down. ୫। ଜମିବାଡ଼ିକୁ ପାଣି ମଡ଼ାଇବା ପାଇଁ ବା,
ଜଳାଶୟକୁ ଶୁଖାଇବା ପାଇଁ ସେଣା ଆଦି ଦ୍ୱାରା ଜଳାଶୟରୁ
ଜଳ ଉତ୍ତୋଳନ କରିବା—5. To lift or bale
उलीचना out water from a tank for irrigation
purposes. ୬। (ବହ ଧାତୁ ଣିଚ; ବାହି ଧାତୁ) ଅନ୍ୟ
বহান ଦ୍ୱାରା ବହନ କର୍ମ କରାଇବା; ବୁହାଇବା—6. To cause
बहवाना another to carry a load. ୭। (ଯାନ ବାହନ
চালান ଆଦି) ବାହିବା; ଚାଳିତ କରାଇବା—7. To drive (a
चलाना car or a beast). ୮। (ନଦ, ନଦୀ) ପର୍ବତରୁ ବା
বহে আসা ହ୍ରଦରୁ ଉତ୍ପନ୍ନ ହେବା; ବୋହି ଆସିବା; ବାହାରିବା—
निकलना 8. To rise from its source (said of a river).

ବୋହି ଯିବା—ଦେ. କ୍ରି—୧। (ଜଳ ଆଦି) ଉଚ୍ଚ ସ୍ଥାନରୁ ତଳକୁ ସ୍ରୋତ
Bohi jibā ଦ୍ୱାରା ଗତି କରିବା—1. To flow down. (ଉ—
বয়েযাওয়া ବୋହିଯିବା ପାଣି ଯାଉ ଟେଣିକି, ବଙ୍କେଇଲା ପାଇଁ ରହୁ
बहजाना ଏଣିକି । ଢଗ ।) ୨। (ବ୍ୟଙ୍ଗ୍ୟାର୍ଥ) ଭାସିଯିବା; ଖତି
ହେବା; ନଷ୍ଟ ହେବା—2. To be spoilt or lost.
(ଯଥା—ସେ ମତେ କ ପଚାରିଲେ ମୋର କ ବୋହିଗଲା ?)

ବୋହୁତ୍—ପ୍ରାଦେ (ସାଳପୁର) ବଣ—ବହୁତ—Many; much.
Bohut ଦେ. ଅ—ଧାନ ପ୍ରଭୃତି ମାପିବା ବେଳେ ପ୍ରଥମ ଗଉଣୀର ପ୍ରତି ଉଚ୍ଚାରିତ ଶବ୍ଦ—A word uttered by a person while measuring the first gauni of paddy.

ବୋହୂ—ଦେ. ବି ( ସଂ ବଧୂ; ତୁଳ ପ୍ରା. ବହୂ )—୧ । ମାତା—1. Mother. ୨ । ପୁତ୍ରବଧୂ—2. Daughter-in-law.
Bohū
ବଉ; বৌ ୩ । ସ୍ତ୍ରୀ—3. Wife. ୪ । ନବ ବିବାହିତା କନ୍ୟା—
बहू 4. A bride. ୫ । ଭୂଆଶୁଣୀ 5. House-wife. ୬ । ସାନ
पुतोहू ଭାଇର ସ୍ତ୍ରୀ—6. Younger brother's wife

ବୋହୂ କଣ୍ଟକୀ—ଦେ. ବିଣ. ସ୍ତ୍ରୀ—ଯେଉଁ ଶାଶୁ ବା ନଣନ୍ଦ ବଧୂ ଉପରେ ସର୍ବଦା ଅପ୍ରସନ୍ନ ଓ ଅତ୍ୟାଚାରୀ—(a mother-in-law or husbands' sister) Always sarcastic and oppressive towards the daughter-in-law.
Bohū kaṇṭakī
বউকাণ্টকী
बहूकण्टकी

ବୋହୂକଣ୍ଟୁଣା(ଣୀ),ବୋହୂକଂକାଳୀ
ବୋହୂଖି(-ଣ)ଖେଞ୍ଚ,ବୋହୂଭଲୁଗୁଣୀ } —ଅନ୍ୟରୂପ
ବୋହୂଭିଘେଉ, ବୋହୂଚୁସାଣୀ

ବୋହୂ ଗାଧୁଆ ବେଳ—ଦେ. ବି—ରାତ୍ରି ପାହାନ୍ତିଆ ବେଳ; (ଯେଉଁ ସମୟରେ ଗ୍ରାମର ପୁରୁଷମାନେ ଶଯ୍ୟା ତ୍ୟାଗ କରି ଗ୍ରାମରେ ବିଚରଣ କରିବା ପୂର୍ବରୁ ଗ୍ରାମର ନବାଗତା ବଧୂମାନେ ଗ୍ରାମର ଜଳାଶୟରେ ସ୍ନାନ କରନ୍ତି)—The last quarter of the night (when the daughters-in-law take their bath in the village tank)
Bohū gādhuā beḷa
ভোর; अन्धरौख, तड़क

ବୋହୂଟି—ଦେ. ବି—ବଧୂ ଶବ୍ଦର ସ୍ନେହସୂଚକ ଆକାର—The endearing form of the word Bohū. [ଉ—ନୂଆ ବୋହୂଟି ! ନଈକି ଗାଧୋଇ ଯିବୁ ନାହିଁଟି, ଥିଲିଆ କମ୍ପୀର ଜଗି ବସିଛି, ଖାଇବ କନ ଗେଲ ଦେବଟି । ଶିଶୁଗୀତ ।)
Bohūṭi
বউটী
बौहर

ବୋହୂ ପିଲା—ଦେ. ବି—ବାଳିକା ବଧୂ; ନୂଆ ବୋହୂ—
Bohū pilā বউড়ী A girl daughter-in-law.

ବୋହୂ ବୋହୂକା—ଦେ. ବି—ବାଳିକାମାନଙ୍କ ମଧ୍ୟରେ ଘରକରଣାର ଅନୁକରଣ କରିବାର ଖେଳ—A play amongst child-girls who play at house-keeping. [ଦ୍ର—ଏଥିରେ ଜଣେ ବାଳିକା ଶାଶୁ, ଜଣେ ବୋହୂ, ଜଣେ ଶ୍ୱଶୁର ଓ ଜଣେ ନଣନ୍ଦ ହୁଏ—
Bohū bohūkā
বৌ বৌ খেলা
कनिया पुतरीका खेल

ବଙ୍ଗଦେଶରେ ଶିଶୁମାନଙ୍କର ଆଉ ଏକପ୍ରକାର କ୍ରୀଡ଼ା ଅଛି ତାକୁ 'ବଉବସନ୍ତ' ଖେଳ କହନ୍ତି । ଏଥିରେ ଜଣେ ବାଳିକା ବୋହୂ ହୁଏ । ତାକୁ ରକ୍ଷା କରିବାକୁ ଦଳେ ପିଲା ବାହାରନ୍ତି । ଆଉ ଦଳେ ପିଲା ସେ ବୋହୂକୁ ଅପହରଣ କରିବାକୁ ଚେଷ୍ଟା କରନ୍ତି । ଏ ଖେଳ ଆମ ଦେଶରେ ନାହିଁ । ଫଳତଃ ବଙ୍ଗଦେଶରେ 'ବୋହୂଖେଳ'ର ଯେଉଁ ପ୍ରକୃତ ଅନୁକରଣ ଏବେ ଦେଖାଯାଉଅଛି, ତାହା ଓଡ଼ିଶାରେ ଦେଖା ନାହିଁ । ]

ବୋହୂ ଭୂଆଶୁଣୀ—ଦେ. ବି (ସମାସର ଶବ୍ଦ)—୧ । ଶାଶୁ ଘରକୁ ଆସିଥିବା ନବାଗତା ବଧୂ—1. Daughter-in-law recently come to her husband's house. ୨ । ପରିବାରର ଯୁବତୀ ବଧୂଗଣ—2. The young wives of a family. ୩ । କୁଳବଧୂ—3. House-wife.
Bohū bhūāsuṇī
কুলবধূ
बहूबेटी

ବୋହୂ ସାଆନ୍ତାଣୀ—ଦେ. ବି. ସ୍ତ୍ରୀ—( ସଂ. ବଧୂ+ସାମନ୍ତ )—ବଡ଼ ବା ବଡ଼ଲୋକ ଘରର ବଧୂଙ୍କ ପ୍ରତି ଚାକର ଲୋକଙ୍କର ବା ପ୍ରଜାର ସୁନ୍ଦରମଣୀଙ୍କ ସମ୍ବୋଧନ—A term of address to a nobleman's daughter-in-law by the servants etc.
Bohū sā-āntāṇi
বৌঠাকুরাণী; বৌঠাকুরুণ
बहूजी

ବୋହୂ ସୁଆ(ହା)ଗି—ଦେ. ବିଣ. ପୁଂ ଓ ସ୍ତ୍ରୀ (ସଂ. ବଧୂ+ସୌଭାଗ୍ୟ)—ଯେଉଁ (ଶ୍ୱଶୁର ବା ଶାଶୁ) ବଧୂ ପ୍ରତି ବିଶେଷ ସ୍ନେହ ଓ ଆଦର କରନ୍ତି—(a father-in-law or mother-in-law) Very fond of one's daughter-in-law.
Bohū suā(hā)gi
বৌসোহাগী
( ବୋହୂସୁଆ[ହା]ଗିଆ—ପୁଂଲିଙ୍ଗରୂପ )
[ ବୋହୂସେଲେ(ଲ୍ଲେ)ଇ—ସ୍ତ୍ରୀଲିଙ୍ଗରୂପ ]
बहूसोहागी(सोहागिन)

ବୌଦ୍ଧ—ସଂ. ବି ( ବୁଦ୍ଧ+ସମ୍ବନ୍ଧାର୍ଥେ ଅ )—୧ । ବୁଦ୍ଧଦେବଙ୍କ ମତାବଲମ୍ବୀ ବ୍ୟକ୍ତି—1. A Buddhist. ୨। ବୁଦ୍ଧଦେବ ପ୍ରବର୍ତ୍ତିତ ଧର୍ମ—2. Buddhism. [ ଦ୍ର—ଏହି ଧର୍ମ ଗୌତମ ବୁଦ୍ଧଙ୍କଦ୍ୱାରା ପ୍ରବର୍ତ୍ତିତ ହୋଇଥିଲା । ଈଶ୍ୱରଙ୍କ ଜଗତ୍‌କର୍ତ୍ତୃତ୍ୱ ଏ ଧର୍ମରେ ସ୍ୱୀକୃତ ନୁହେ । ଏ ଧର୍ମରେ ଜୀବହିଂସା ଓ ଜାତିଭେଦ ନିଷିଦ୍ଧ । ଏକ ସମୟରେ ପ୍ରାଚ୍ୟ ଜଗତରେ ବ୍ୟାପକ ଭାବରେ ଏହି ଧର୍ମ ପ୍ରଚଳିତ ହୋଇଥିଲା । ବର୍ତ୍ତମାନ ଚୀନ୍, ଜାପାନ, ସିଂହଳପ୍ରଭୃତି ଦେଶର ଲୋକେ ବୌଦ୍ଧଧର୍ମାବଲମ୍ବୀ ଅଟନ୍ତି ।
Bauddha

ଖ୍ରୀଷ୍ଟପୂର୍ବ ଷଷ୍ଠ ଶତାବ୍ଦୀରେ ବୁଦ୍ଧଦେବଙ୍କ ଜୀବନକାଳରେ ଉତ୍କଳର ଦୁଇ ଜଣ ବଣିକ ପଣ୍ୟ ଦ୍ରବ୍ୟ ସହ ମଗଧକୁ ଯାଉଁ ଯାଉଁ ବାଟରେ ବୁଦ୍ଧଦେବଙ୍କୁ ଭେଟି ତାଙ୍କଠାରୁ ଦୀକ୍ଷା ଗ୍ରହଣ କରି ତାଙ୍କଠାରୁ କେଶ ଓ ନଖ ଆଣି ଉତ୍କଳକୁ ଫେରି ଆସି ତାହା ରଖିବାପାଇଁ ଗୋଟିଏ ଚୈତ୍ୟ ନିର୍ମାଣ କରିଥିଲେ ।

ଖ୍ରୀଷ୍ଟପୂର୍ବ ତୃତୀୟ ଶତାବ୍ଦୀରେ ଅଶୋକ ଉତ୍କଳ ଜୟ କରିବାରୁ ବୌଦ୍ଧ ଧର୍ମ ଉତ୍କଳରେ ପ୍ରବଳ ହୋଇଥିଲା ।

ଅନ୍ଧ୍ର ରାଜା ନାଗାର୍ଜୁନଙ୍କର ଖ୍ରୀଷ୍ଟୀୟ ଦ୍ୱିତୀୟ ଶତାବ୍ଦୀରେ ଓଡ଼ିଶାର ରାଜାଙ୍କୁ ବୌଦ୍ଧ ଧର୍ମରେ ଦୀକ୍ଷିତ କରିବା କଥା ତିବ୍ବତର ଇତିହାସରୁ ମିଳେ ।

ଖ୍ରୀଷ୍ଟୀୟ ସପ୍ତମ ଶତାବ୍ଦୀରେ ଚୀନ ପରିବ୍ରାଜକ ହୁଏନସାଂ ଉତ୍କଳକୁ ଆସିଥିବେଳେ ଉତ୍କଳରେ ହୀନଯାନ ଓ ମହାଯାନ ସମ୍ପ୍ରଦାୟଙ୍କ ମଧ୍ୟରେ ଘୋର ବାଦାନୁବାଦ ଲାଗି ମହାଯାନ ବୌଦ୍ଧଧର୍ମ ନିର୍ବିବାଦରେ ପ୍ରଚଳିତ ହେଲା । ଉତ୍କଳର ପ୍ରାଚୀନ ଶିଳ୍ପରେ ମହାଯାନ ସମ୍ପ୍ରଦାୟର ବ୍ୟବହୃତ ଅନେକ ମନ୍ତ୍ର ଖୋଦିତ ଅଛି । ଉତ୍କଳରେ ପ୍ରଚଳିତ ତନ୍ତ୍ର ମତ ବୌଦ୍ଧ ମତରୁ ଉଦ୍ଭୂତ । ବୌଦ୍ଧ ଧର୍ମର ତନ୍ତ୍ର-

ମତପ୍ରଧାନ ତନ୍ତ୍ର ଯାନ ବା ବଜ୍ର ଯାନରୁ ଉତ୍କଳରେ ସହଜ-ଯାନର ସୃଷ୍ଟି ହୋଇଥିଲା ।

ବର୍ତ୍ତମାନ ଆବିଷ୍କୃତ ଉକ୍ତବିଷୟ ଗ୍ରନ୍ଥମାନଙ୍କରୁ ପ୍ରମାଣ ମିଳେ ଯେ ଖ୍ରୀଷ୍ଟୀୟ ଷୋଡ଼ଶ ଶତାବ୍ଦୀର ଶେଷ ଭାଗରେ ରାଜା ମୁକୁନ୍ଦଦେବ ବୌଦ୍ଧମାନଙ୍କୁ ଆଦର କରୁଥିଲେ । ଅତଏବ ବଳରାମ ଦାସ ଓ ଅଚ୍ୟୁତାନନ୍ଦ ଦାସ ପ୍ରଭୃତିଙ୍କୁ ଓଡ଼ିଶାର ୧୬ଶ ଶତାବ୍ଦୀର ବୌଦ୍ଧ ରୂପେ ଗ୍ରହଣ କରାଯାଇ ପାରେ । ଉତ୍କଳୀୟ ଯୋଗୀ-ବୈଷ୍ଣବମାନଙ୍କୁ ବୌଦ୍ଧ ବୋଲି ମାନିବାକୁ ହେବ । ସହଜିଆ ବୌଦ୍ଧମାନଙ୍କ ସଙ୍ଗେ ଉତ୍କଳୀୟ ଯୋଗୀ-ବୌଦ୍ଧମାନଙ୍କର ସାମଞ୍ଜସ୍ୟ ଅଛି ।

ଓଡ଼ିଆ ଭାଗବତକାର ଜଗନ୍ନାଥ ଦାସ ବ୍ରାହ୍ମଣ ଥିଲେହେଁ ସେ ଓଡ଼ିଆ ରାମାୟଣକାର ଶୂଦ୍ର ବଳରାମ ଦାସଙ୍କଠାରୁ ମନ୍ତ୍ର ଗ୍ରହଣ କରିଥିଲେ । ଶୂଦ୍ରଠାରୁ ବ୍ରାହ୍ମଣର ମନ୍ତ୍ର ଗ୍ରହଣ ହିନ୍ଦୁ ଶାସ୍ତ୍ରାନୁମୋଦିତ ନୁହେଁ, କିନ୍ତୁ ବୌଦ୍ଧ 'ଜାତକ' ଗ୍ରନ୍ଥରେ ଏହା ଅନୁମୋଦିତ । ବୌଦ୍ଧ ଜାତକମାଳାର ଗଳ୍ପ ସହିତ ସାଳବୃଷ୍ଣ ଦାସଙ୍କ 'ପ୍ରସ୍ତାବସିନ୍ଧୁ'ରେ ଥିବା ଶିଅଳଠାରୁ ବ୍ରାହ୍ମଣର ମନ୍ତ୍ର ଗ୍ରହଣ ଗଳ୍ପର ମେଳ ଅଛି । ଉତ୍କଳୀୟ ବୈଷ୍ଣବ ସମାଜ ବୌଦ୍ଧଧର୍ମଦ୍ୱାରା ପ୍ରଭାବିତ ହୋଇଥିଲା । ଅଚ୍ୟୁତାନନ୍ଦ ଦାସ ଆଦିଙ୍କ ଶୂନ୍ୟ ଉପାସନା ବୌଦ୍ଧଧର୍ମ ଛଡ଼ା ଆଉ କିଛି ନୁହେଁ । ବୌଦ୍ଧ ସହଜ-ଯାନ ସାହିତ୍ୟ ସଙ୍ଗେ ଉତ୍କଳୀୟ ବୈଷ୍ଣବ ସାହିତ୍ୟର ଅନେକ ସାମଞ୍ଜସ୍ୟ ଅଛି—ଶ୍ରୀ ବିନାୟକ ମିଶ୍ର. ସହକାର ୧୦।୧୦ ।

ବୁଦ୍ଧଦେବ ଉପଦେଶ ଦେଇଅଛନ୍ତି, "ହେ ଭିକ୍ଷୁଗଣ ! ତୁମ୍ଭେମାନେ ଦୁଇ ଅନ୍ତକୁ ତ୍ୟାଗ କରି ମଧ୍ୟମ ମାର୍ଗ ( ମଧ୍ୟମା ପ୍ରତିପଦା ) ଅବଲମ୍ବନ କରିବ । ଏ ଦୁଇ ଅନ୍ତ ଯଥା—୧ । କାମ ବା ବିଷୟସୁଖଭୋଗ ପାଇଁ ଯତ୍ନ ଓ ୨ । ଶରୀରକୁ କ୍ଳେଶ ଦେବା । ଏ ଦୁଇ ଅନ୍ତକୁ ତ୍ୟାଗ କରିବ । ବୌଦ୍ଧମତ ଅନୁସାରେ ପୃଥିବୀର କୌଣସି ବସ୍ତୁ ନିତ୍ୟ ନୁହେ । ନିତ୍ୟ ଚୈତନ୍ୟ ବୋଲି କିଛି ବସ୍ତୁ ନାହିଁ; ସବୁ ବିଜ୍ଞାନ ମାତ୍ର ଅଟେ । ବୌଦ୍ଧମାନେ ଆତ୍ମାର ଅମରତ୍ୱ ସ୍ୱୀକାର କରନ୍ତି ନାହିଁ ଓ କର୍ମବାଦ ଉପରେ ଆସ୍ଥା ସ୍ଥାପନ କରନ୍ତି । ମୃତ୍ୟୁ ପରେ ଶରୀରର ସମସ୍ତ ଅଂଶ ଓ ଆତ୍ମା ନଷ୍ଟ ହୋଇଯାଏ; କିନ୍ତୁ କର୍ମଫଳରୁ ଉକ୍ତ ନଷ୍ଟ ଅଂଶ ସ୍ଥାନରେ ନୂଆ ନୂଆ ଅଂଶ ଓ ନୂଆ ଜୀବ ସୃଷ୍ଟି ହୁଏ । ଅତଏବ ପୂର୍ବବର୍ତ୍ତୀ ଓ ପରବର୍ତ୍ତୀ ଜୀବରେ କେବଳ କର୍ମ ସୂତ୍ରରୂପ ସମ୍ବନ୍ଧ ବିଦ୍ୟମାନ ଥାଏ । ବୌଦ୍ଧ ଧର୍ମର ୨ ପ୍ରଧାନ ଶାଖା, ହୀନଯାନ ଓ ମହାଯାନ । ହୀନଯାନ ବୌଦ୍ଧ ମତର ବିଶୁଦ୍ଧ ଓ ପୁରାତନ ରୂପ ଅଟେ । ମହାଯାନ ହୀନଯାନର ବିସ୍ତୃତ ରୂପ ଅଟେ ଓ ଏଥିରେ ବହୁ ଦେବୋ-ପାସନା ଓ ତନ୍ତ୍ରୋକ୍ତ କ୍ରିୟାମାନ ଅଛି । ହୀନଯାନର ପ୍ରଚାର ବ୍ରହ୍ମଦେଶ, ଶ୍ୟାମ ଓ ସିଂହଳରେ ଏବଂ ମହାଯାନର ପ୍ରଚାର ତିବ୍ବତ, ମଙ୍ଗୋଲିଆ, ଚୀନ, ଜାପାନ, ମାଞ୍ଚୁରିଆ ଆଦିରେ ହୋଇଅଛି । ଆଜିକାଲି ପୃଥିବୀରେ ସବୁ ଧର୍ମ ଅପେକ୍ଷା ବୌଦ୍ଧ ଧର୍ମାବଲମ୍ବୀମାନଙ୍କ ସଂଖ୍ୟା ବେଶି—ହି॰ ଶ. । ବୌଦ୍ଧ ଧର୍ମରେ ଜାତି ବିଚାର ନାହିଁ; ଚିତ୍ତ ଚାଞ୍ଚଲ୍ୟ ଦୂର କରି କାମନାର ବିନାଶ ପୂର୍ବକ ଇନ୍ଦ୍ରିୟ ପ୍ରଭାବକୁ ନଷ୍ଟ କରି ସୁଖରୁ ଓ ଦୁଃଖରୁ ନିର୍ବାଣ ଲାଭ କରିବା ବୌଦ୍ଧ ଧର୍ମର ଶିକ୍ଷା ଅଟେ; ସଦ୍‌ଦୃଷ୍ଟି, ସତ୍ ସଙ୍କଳ୍ପ, ସଦ୍‌ବାକ୍ୟ, ସଦ୍‌ବ୍ୟବହାର, ସଦୁପାୟରେ ଜୀବିକା ନିର୍ବାହ, ସଚ୍ଚେଷ୍ଟା ସତ୍ ସ୍ମୃତି ଓ ସମ୍ୟକ୍ ସମାଧି, ଏହି ଅଷ୍ଟବିଧ ଉପାୟରେ ଆତ୍ମୋତ୍କର୍ଷ ସାଧନ କରିବା ବୌଦ୍ଧ ଧର୍ମର ଉପଦେଶ । ଦୟା, ବୃତ୍ତି ପରିଶୀଳନ ଏଥିର ଉପଦେଶ । ସୁବଳଚନ୍ଦ୍ର ଅଭିଧାନ ।]

ବିଣ—୧ । ବୁଦ୍ଧଦେବଙ୍କ ସମ୍ବନ୍ଧୀୟ—1. Relating to the Buddha, ୨ । ବୌଦ୍ଧଧର୍ମ ସମ୍ବନ୍ଧୀୟ—2. Buddhist; Buddhistic. ୩ । ବୁଦ୍ଧଦେବଙ୍କ ପ୍ରଚାରିତ—3. Promulgated by the Buddha.

ଦେ. ବି—ଓଡ଼ିଆ ଗଡ଼ଜାତର ରାଜ୍ୟବିଶେଷ—Name of an Oriya state in the Eastern Agency. [ ଦ୍ର—ବୌଦ୍ଧରାଜ୍ୟର ବର୍ତ୍ତମାନ ରାଜା ଶ୍ରୀ ନାରାୟଣପ୍ରସାଦ ଦେବ ରାଏପୁର ରାଜକୁମାର କଲେଜରେ ପାଠ ସମାପ୍ତ କରି ସେଠାରୁ କୃତିତ୍ୱ ସହକାରେ ଉତ୍ତୀର୍ଣ୍ଣ ହୋଇ ରାଜ୍ୟ ଶାସନ କରୁଅଛନ୍ତି । ଉତ୍କଳୀୟ ଭାଷା, ସାହିତ୍ୟ, କଳା, ଶିକ୍ଷାବିସ୍ତାର ଓ ଶିଳ୍ପ ପ୍ରତି ତାଙ୍କର ଖୁବ୍ ଅନୁରାଗ ଅଛି । ସେ ଏ ଭାଷାକୋଷର ଜଣେ ପୃଷ୍ଠପୋଷକ ଅଟନ୍ତି । ]

ବୌଦ୍ଧାବତାର—ସଂ. ବି—କଳିଯୁଗରେ ବିଷ୍ଣୁଙ୍କ ନବମ ଅବତାର—
Bauddhābatāra The 9th incarnation of Bishṇu.
[ ଦ୍ର—ବୁଦ୍ଧ ଦେବଙ୍କୁ ଓ ପୁରୀରେ ବିରାଜିତ ଜଗନ୍ନାଥ ଦେବଙ୍କୁ ଲୋକେ ବୌଦ୍ଧାବତାର ବୋଲି ମାନନ୍ତି ।]

ବୌଧ—ସଂ. ବି ( ବୁଧ=ବୁଧଗ୍ରହ+ଅପତ୍ୟାର୍ଥେ. ଅ )—ବୁଧଗ୍ରହଙ୍କ
Baudha ପୁତ୍ର; ରାଜ ପୁରୂରବାଃ—Name of King Purūrabāḥ.

ବୌଧାୟନ—ସଂ. ବି ( ବୁଧ+ଅୟନ )—ହିନ୍ଦୁ ସୂତ୍ରକାର ଋଷି
Baudhāyana ବିଶେଷ—Name of a sage. [ ଦ୍ର—ଏ ଶ୍ରୌତସୂତ୍ର, ଗୃହ୍ୟସୂତ୍ର ଓ ଧର୍ମସୂତ୍ର ନାମକ ଗ୍ରନ୍ଥତ୍ରୟ ରଚନା କରିଥିଲେ—ହି. ଶ. ।]

ବୌ(ବୈ)ରାଣୀ ଦୁର୍ଗ—ପ୍ରାଦେ. (ଗଞ୍ଜାମ) ବି. (ନାମ)—ଖ୍ରୀଷ୍ଟ ୧୩ଶ ଓ
Bau(bai)rāṇī durga ୧୪ଶ ଶତାବ୍ଦୀରେ ପ୍ରତିଷ୍ଠିତ ଗଞ୍ଜାମର ଏକ ସୁଦୃଢ଼ ଦୁର୍ଗ—Name of a strong castle of ancient Orissa established in the 13th and 14 centuries A. D.

ବୌଷଟ୍—ସଂ. ଅ ( ବହ ଧାତୁ=ବହନ କରିବା+କର୍ତ୍ତୃ.ଔଷଟ୍; ଯାହା
Baushaṭ ଘୃତାଦିକୁ ଦେବତାଙ୍କ ନିକଟକୁ ବହନ କରେ )—ଘୃତାଦିକୁ ଦେବତାଙ୍କୁ ନିବେଦନ କରିବା ମନ୍ତ୍ର—The mystical syllable or incantation attached to the name of the Deity to whom ghee etc are offered in a vedic sacrifice.

ବ୍ୟଂଶକ —ସଂ. ବି. ( ବି+ଅଂଶ+କ ) —ପର୍ବତ—
Byamśaka Hill; mountain.

ବ୍ୟଂସକ—ସଂ ବିଣ. ପୁଂ—୧ । ( ବି+ଅଂସ୍ ଧାତୁ=ଭାଗ କରିବା
Byaṁsaka +କର୍ତ୍ତୃ.ଅକ ) ଧୂର୍ତ୍ତ; ପ୍ରତାରକ—1. Cheating; fraudulent. ୨ । ( ବି+ଅଂସ+କ ) ସ୍କନ୍ଧହୀନ—2. Shoulderless.

ବ୍ୟଂସନ—ସଂ. ବି ( ବି+ଅଂସ ଧାତୁ+ଭାବ ଅନ ) —ପ୍ରତାରଣ—
Byaṁsana Cheating

ବ୍ୟଂସିତ—ସଂ. ବିଣ ( ବି+ଅଂସ୍ ଧାତୁ+କର୍ମ. ତ )—ପ୍ରତାରିତ—
Byaṁsita Cheated; deceived.

ବ୍ୟକତ—ଗ୍ରା॰ ( ପଦ୍ୟ ) ବିଣ—ବ୍ୟକ୍ତ; ପ୍ରକାଶିତ—Published;
Byakata manifest (ଉ—ମରମ ପରମ ଗୁପତ । ଶ୍ରୀଗୁରୁ କୃପାରୁ ବ୍ୟକତ—ଭୂପତି, ପ୍ରେମପଞ୍ଚାମୃତ । ]
[ଦ୍ର—'ବ୍ୟ' ଓ 'ବ୍ୟା' ଅକ୍ଷରରେ ଆରମ୍ଭ ହୋଇଥିବା କେତେଗୁଡ଼ିଏ ଶବ୍ଦ ଉଚ୍ଚାରଣ ଦୋଷରୁ ଗ୍ରାମ୍ୟ ଭାଷାରେ 'ବେ' ରୂପେ ଅପଭ୍ରଷ୍ଟ ହୋଇ କଥିତ ହୁଏ । ଯଥା—ବ୍ୟକ୍ତି—ବେକତି, ବେତେତି । ବ୍ୟତିକ୍ରମ—ବେତିକ୍ରମ । ବ୍ୟତିରେକେ—ବେତିରେକେ । ବ୍ୟଗତ—ବେଗତ । ବ୍ୟତିବ୍ୟସ୍ତ—ବେତିବେସ୍ତ । ବ୍ୟବସାୟ—ବେବସା, ବେଉସା । ବ୍ୟାପାର—ବେପାର, ବ୍ୟବହାର—ବେଭାର ଇତ୍ୟାଦି । ]

ବ୍ୟକ୍ତ—ସଂ. ବିଣ (ବି+ଅଞ୍ଜ୍ ଧାତୁ=ପ୍ରକାଶ କରିବା+କର୍ମ. ତ)—
Byakta ୧ । ପ୍ରକାଶିତ—1. Published; expressed. ୨ । ସ୍ପଷ୍ଟୀକୃତ—2. Made clear. ୩ । ସ୍ପଷ୍ଟ; ସ୍ଫୁଟ; ପ୍ରକଟିତ—3. Clear; articulate; patent; manifest. ୪ । ସ୍ଥୂଳ—4. Thick. ୫ । ଦୃଷ୍ଟ—5. Perceived; seen. ୬ । ଅନୁମିତ—6. Inferred; guessed. ୭ । ଦୃଶ୍ୟ—7. Visible. ୮ । ବିଶିଷ୍ଟରୂପେ ପ୍ରକାଶିତ—8. Individuated; clearly indicated. ୯ । (+କର୍ତ୍ତୃ. ତ)—ବିଜ୍ଞ—9. Knowing. ବି.—ବିଷ୍ଣୁ—Bishṇu.

ବ୍ୟକ୍ତ କରିବା—ଦେ. କ୍ରି—୧ । ଫିଟାଇ. କରି କହିବା; ସ୍ପଷ୍ଟରୂପେ
Byakta kariba ପ୍ରକାଶିତ କରିବା—1. To speak out; ব্যক্ত করা व्यक्त करना to make clear; to express clearly. ୨ । ଦେଖାଇବା—2. To manifest; to show.

ବ୍ୟକ୍ତ ଗଣିତ—ସଂ. ବି—ପାଟୀଗଣିତ—
Byakta gaṇita Arithmetic.

ବ୍ୟକ୍ତ ଦୃଷ୍ଟାର୍ଥ—ସଂ. ବିଣ—(ବହୁବ୍ରୀହି; ବ୍ୟକ୍ତ=ପ୍ରକାଶିତ+ଦୃଷ୍ଟ=
Byakta drushtārtha ଅବଲୋକିତ+ଅର୍ଥ=ବର୍ଣ୍ଣନୀୟ ବିଷୟ; ଦୃଷ୍ଟ ବିଷୟ ଯାହା ଦ୍ୱାରା ପ୍ରକାଶିତ ହୋଇଅଛି )—ଯେ ନିଜେ ବର୍ଣ୍ଣନୀୟ ବିଷୟ ଆଖିରେ ଦେଖିଅଛି; ପ୍ରତ୍ୟକ୍ଷଦର୍ଶୀ—Having himself seen a thing. ବି.—କୌଣସି ଘଟଣା ସ୍ୱୟଂ ଦେଖିଥିବା ବ୍ୟକ୍ତି; ସାକ୍ଷୀ—An eye-witness; one who gives direct evidence of an occurrence.

ବ୍ୟକ୍ତରୂପ—ସଂ.ବିଣ ପୁଂ-୧। (ବହୁବ୍ରୀହି;ବ୍ୟକ୍ତ ହୋଇଅଛି ରୂପ ଯାହାର)—
Byakta rūpa ଯାହାର ରୂପ ଦୃଶ୍ୟ ହେଉଅଛି—1. Having (ବ୍ୟକ୍ତରୂପା—ସ୍ତ୍ରୀ) a visible form. ୨ । ସ୍ଥୂଳରୂପ—2. Having a material form. ବି—(କର୍ମଧା) —୧ । ଦୃଶ୍ୟ ରୂପ—1. Visible form. ୨ । ସ୍ଥୂଳ ମୂର୍ତ୍ତି—2. Material form. ୩ । (ବହୁବ୍ରୀହି) ବିଷ୍ଣୁ—3. A name of Bishṇu.

ବ୍ୟକ୍ତି—ସଂ. ବି—(ବି+ଅଞ୍ଜ୍ ଧାତୁ=ପ୍ରକାଶିତ ହେବା+କର୍ମ. ତି)
Byakti ୧ । ମନୁଷ୍ୟ; ଲୋକ; ଜଣ—1. Individual; a distinct person; person. ୨ । ଏକ ଶ୍ରେଣୀର ଅନେକଙ୍କ ମଧ୍ୟରୁ ଜଣେ—2. One of a class ୩ । ଶରୀର—3. A corporeal or material being. ୪ । ପ୍ରାଣୀ; ଜୀବ—4. Animal. ୫ । ଦ୍ରବ୍ୟ; ବସ୍ତୁ; ପଦାର୍ଥ—5. Thing; article. ୬ । (+ଭାବ.ତି)—ଅଭିବ୍ୟକ୍ତି; ପ୍ରକାଶ—6. Manifestation. [ଦ୍ର—ବ୍ୟକ୍ତି ଶବ୍ଦ ସଂସ୍କୃତରେ ସ୍ତ୍ରୀଲିଙ୍ଗ ହେଲେହେଁ ଭାଷାରେ ଏହା ମନୁଷ୍ୟ ବା ଲୋକ ଅର୍ଥରେ ପୁଂଲିଙ୍ଗରୂପେ ବ୍ୟବହୃତ ହୁଏ । ହି. ଶ. ।]

ବ୍ୟକ୍ତିଗତ—ସଂ. ବିଣ—୧ । ଜଣକ ସମ୍ବନ୍ଧୀୟ; ଏକ ବ୍ୟକ୍ତି ସମ୍ବନ୍ଧୀୟ—
Byaktigata 1. Relating to an individual.
ଜାତିଗତ } —ବିପରୀତ ୨ । ନିଜ ସମ୍ବନ୍ଧୀୟ—2. Personal;
ଦଳଗତ } relating to one's self.
୩ । ସ୍ୱାର୍ଥପର—3. Selfish.

ବ୍ୟକ୍ତିଗତ ଈର୍ଷା—ସଂ.ବି--ଅହଙ୍କାର;ଅଦାଉତି—Personal grudge.
Byaktigata irshā (ବ୍ୟକ୍ତିଗତ ହିଂସା—ଅନ୍ୟରୂପ)

ବ୍ୟକ୍ତିଗତ ଉନ୍ନତି—ସଂ. ବି—ଜଣକର ଉନ୍ନତି—
Byaktigata unnati Personal improvement.

ବ୍ୟକ୍ତିଗତ ପାର୍ଥକ୍ୟ—ଦେ. ବି—ଅନ୍ୟମାନଙ୍କ ଠାରୁ ଜଣକର ବିଶିଷ୍ଟ
Byaktigata pārthakya ପାର୍ଥକ୍ୟ—Individual
(ବ୍ୟକ୍ତିଗତ ବୈଷମ୍ୟ—ଅନ୍ୟରୂପ) difference.

ବ୍ୟକ୍ତିଗତ ବିଶେଷତା(ତ୍ୱ)—ଦେ.ବି – ଜଣକର ଅନନ୍ୟସାଧାରଣ ଅବସ୍ଥା
Byaktigata biśeshatā( twa ) ବା ଗୁଣ—Individual
ବ୍ୟକ୍ତିଗତ ଵିଶିଷ୍ଟତା } —ଅନ୍ୟରୂପ peculiarity; individuality.
ବ୍ୟକ୍ତିଗତ ବୈଶିଷ୍ଟ୍ୟ }

ବ୍ୟକ୍ତିଗତ ଭାବ—ଦେ. ବି—ନିଜର ମନରେ ଉଦିତ ଭାବ—
Byaktigata bhāba Personal feeling.
ব্যক্তিগত ভাব व्यक्तिगत भाव

ବ୍ୟକ୍ତିଗତ ସ୍ୱାର୍ଥ—ଦେ. ବି—ନିଜେ ନିଜର ଉପକାର—
Byaktigata swārtha Personal interest.

ବ୍ୟକ୍ତି ଗ୍ରହ—ସଂ. ବି ( ବ୍ୟକ୍ତି+ଗ୍ରହ ଧାତୁ+ଭାବ. ଅ )—ଗୋଟିଏ
Byakti graha ଗୋଟିଏ ପଦାର୍ଥର ସ୍ୱଭାବ ଉପଲବ୍ଧି-
(ବ୍ୟକ୍ତି ଗ୍ରାହିତା—ଅନ୍ୟରୂପ) କାରକ ମନୋବୃତ୍ତି—Discernment of individuality; the mental quality

by which the peculiarities of different things are realised.

**ବ୍ୟକ୍ତିତା(ତ୍ୱ)**—ସଂ. ବ (ବ୍ୟକ୍ତି+ଭାବ.ତା,ତ୍ୱ)—୧। ସ୍ୱପ୍ରାଧାନ୍ୟ; ବ୍ୟକ୍ତି Byaktitā(twa) ବିଶେଷର ସ୍ୱାତନ୍ତ୍ର୍ୟ—Individuality; one's superiority over others ୨। ବଶିଷ୍ଟତା; ବିଶେଷତ୍ୱ—2. Peculiarity.

**ବ୍ୟକ୍ତି ବିଶେଷ**—ସଂ. ବ—୧। ଅନେକଙ୍କ ମଧ୍ୟରୁ ଜଣେ ବ୍ୟକ୍ତି—Byakti bisesha – 1. One individual out of a class. ୨। କେହି ଜଣେ ଲୋକ; ଜଣେ କେହି; ଜଣେ କେହି ନିର୍ଦ୍ଦିଷ୍ଟ ବ୍ୟକ୍ତି—2. A particular person.

**ବ୍ୟକ୍ତି ଭେଦ**—ସଂ. ବ—ସାଧାରଣଙ୍କଠାରୁ ବ୍ୟକ୍ତି ବିଶେଷର ପ୍ରଭେଦ; Byakti bheda ସାଧାରଣଙ୍କ ମଧ୍ୟରୁ ବଶିଷ୍ଟ ସ୍ୱତନ୍ତ୍ରଯୁକ୍ତ ଜଣେ—A distinct individual; a particular individual.

**ବ୍ୟକ୍ତୀକରଣ**—ସଂ. ବ (ବ୍ୟକ୍ତ+ଅଭୂତ ତଦ୍ଭାବେ ଚ୍ୱି+କରଣ)—Byaktīkaraṇa ସ୍ପଷ୍ଟୀକରଣ; ପ୍ରକାଶ କରଣ; ଯାହା ପୂର୍ବେ ବ୍ୟକ୍ତ ନ ଥିଲା, ବର୍ତ୍ତମାନ ତାକୁ ବ୍ୟକ୍ତ କରିବା କର୍ମ—Making clear or manifest a thing which was not so before.

**ବ୍ୟକ୍ତୀକୃତ**—ସଂ. ବଣ—(ବ୍ୟକ୍ତ+ଅଭୂତ ତଦ୍ଭାବେ ଚ୍ୱି+କୃତ)—Byaktī kṛuta ପ୍ରକଟିତ; ସ୍ପଷ୍ଟୀକୃତ; ଯାହାକୁ ବ୍ୟକ୍ତ କରାଯାଇ ଅଛି—Made manifest; made clear.

**ବ୍ୟକ୍ତୀଭୂତ**—ସଂ. ବଣ—(ବ୍ୟକ୍ତ+ଅଭୂତ ତଦ୍ଭାବେ ଚ୍ୱି+ଭୂତ)—ଯାହା Byaktībhūta ପୂର୍ବେ ଅବ୍ୟକ୍ତ ଥିଲା ବର୍ତ୍ତମାନ ବ୍ୟକ୍ତ ହୋଇ- (ବ୍ୟକ୍ତୀଭାବ—ବ) ଅଛି—Become manifest or evident.

**ବ୍ୟଗ୍ର**—ସଂ. ବଣ. ପୁଂ (ବି+ଅଗ୍ର; ବିଗତ ବା ବହିର୍ଗତ ହୋଇଅଛି Byagra ଅଗ୍ର ଯାହାର)—୧। ଅଗ୍ରହାନ୍ୱିତ—1. Eager; ardent; zealous. ୨। ବ୍ୟସ୍ତ; ଚଞ୍ଚଳ—2. Anxious. ୩। ଅଧୀର—3. Impatient. ୪। ବ୍ୟାକୁଳ—4. Bewildered; perplexed. ୫। ତ୍ରସ୍ତ; ଚକିତ—5. Alarmed; (ବ୍ୟଗ୍ରା—ସ୍ତ୍ରୀ) affrighted; afraid. ୬। ଉଦ୍‌ଯୋଗୀ; ଉଦ୍ୟମଶୀଳ—6. Prompt; diligent; assiduous. ୭। ଆସକ୍ତ—7. Fondly attached; devoted to ବ.—ବିଷ୍ଣୁ—Bishṇu. ଦେ. ବ—୧। ବେଗ—1. Force. ୨। ବ୍ୟଗ୍ରତା; ଅଧୀରତା—2. Impatience. [ଦ୍ର—ବାସ ଗୃହେ ସ୍ୱଧା ସୀତଙ୍କ ବାମ ବ୍ୟଗ୍ର ସ୍ନେହେ। ପ୍ରାଚୀ. ରସବାରିଧି।]

**ବ୍ୟଗ୍ରଚିତ୍ତ**—ସଂ.ବଣ.ପୁଂ (ବହୁବ୍ରୀହି;ବ୍ୟଗ୍ର ହୋଇଅଛି ଚିତ୍ତ ଯାହାର)—Byagra chitta ୧। ଆକୁଳ; ବ୍ୟସ୍ତ—1. Bewildered; (ବ୍ୟଗ୍ର ମାନସ, ବ୍ୟଗ୍ରଚେତାଃ—ଅନ୍ୟରୂପ) perturbed. ୨। (ବ୍ୟଗ୍ରଚିତ୍ତା—ସ୍ତ୍ରୀ) ଉଦ୍‌ବିଗ୍ନ—2 Anxious. ୩। ଅଗ୍ରହାନ୍ୱିତ—3. Eager; ardent; zealous.

**ବ୍ୟଗ୍ରତା(ତ୍ୱ)**—ସଂ. ବ—(ବ୍ୟଗ୍ର+ଭାବାର୍ଥେ. ତା, ତ୍ୱ)—୧। ବ୍ୟସ୍ତତା; Byagratā (twa) ଅଗ୍ରହ—1. Ardour; zeal; eagerness. ୨। ବ୍ୟାକୁଳତା—2. Perplexity; bewilderment. ୩। ଅତ୍ୟଧିକ ଭୟ—3. Alarm.

**ବ୍ୟଙ୍ଗ**—ସଂ. ବଣ—(ବି=ହୀନ+ଅଙ୍ଗ)—୧। ବିକଳାଙ୍ଗ; ଅଙ୍ଗହୀନ; Byaṅga ଚୋଢ଼ିଆ—1. Deformed; crippled; mutilated. ୨। ବ୍ୟର୍ଥ; ନିଷ୍ଫଳ—2. Fruitless. ବ—୧। ବେଙ୍ଗ ବେଙ୍ଗ—1. Frog. ୨। ମୁଖରୋଗ ବିଶେଷ; ଉଙ୍ଗ ରୋଗ—2. A disease resulting in black patches on the face. [ଦ୍ର—ଭାବପ୍ରକାଶ ମତରେ ଅତିରିକ୍ତ କ୍ରୋଧ ବା ପରିଶ୍ରମ ଯୋଗୁ ବାୟୁ କୁପିତ ହୋଇ ମୁହଁରେ ଛୋଟ ଛୋଟ କଳା ଦାଗ ବା ବ୍ରଣ ବାହାର ପଡ଼େ—ହି. ଶ.।] ଦେ. ବ.—(ସଂ. ବ୍ୟଙ୍ଗ୍ୟ)—୧। ବ୍ୟଙ୍ଗ୍ୟ; ବିଦ୍ରୂପ—1. Irony; satire; sarcasm. ୨। ବିଘ୍ନ; ବାଧା—2. Impediment.

**ବ୍ୟଙ୍ଗକ**—ସଂ. ବ. (ବ୍ୟଙ୍ଗ+କ; ଇନ୍ଦ୍ର ପର୍ବତମାନଙ୍କର ପକ୍ଷ ଛେଦନ Byaṅgaka କରି ପର୍ବତମାନଙ୍କୁ ବ୍ୟଙ୍ଗ କରି ଥିବାରୁ)—ପର୍ବତ (ହି. ଶ)—Mountain.

**ବ୍ୟଙ୍ଗ କଥା**—ଦେ. ବ—୧। ବିକୃତରୂପ କରାଯାଇଥିବା କଥା—Byaṅga kathā 1. Distorted speech. ୨। ବିଦ୍ରୂପ (ବ୍ୟଙ୍ଗ ବାକ୍ୟ, ବ୍ୟଙ୍ଗବଚନ—ଅନ୍ୟରୂପ) ଯୋକ୍ତି—2. Irony; satire; sarcasm.

**ବ୍ୟଙ୍ଗକର**—ସଂ. ବଣ—ଯେ ବିକଳାଙ୍ଗ କରେ—Mutilating. Byaṅgakara (ବ୍ୟଙ୍ଗକାରକ—ଅନ୍ୟରୂପ)

**ବ୍ୟଙ୍ଗ କରିବା**—ଦେ. କ୍ରି (ସଂ. ବ୍ୟଙ୍ଗ୍ୟ)—ଥଟ୍ଟା କରିବା—ব্যঙ্গ করা बयङ्ग करना To jest; to jeer; to satirize.

**ବ୍ୟଙ୍ଗ ବିଦ୍ରୂପ**—ଦେ. ବ (ସଂଚତର ଶବ୍ଦ) (ସଂ. ବ୍ୟଙ୍ଗ୍ୟ+ବିରୂପ)—Byaṅga bidrūpa ୧। ଶ୍ଳେଷବଚନ—1. Irony; satire. ব্যঙ্গবিদ্রূপ ठोलिठोली ୨। ଘୃଣାବ୍ୟଞ୍ଜକ ଉପହାସ—2. Gibe; sneer.

**ବ୍ୟଙ୍ଗାତ୍ମକ**—ଦେ. ବଣ—ବ୍ୟଙ୍ଗ୍ୟାତ୍ମକ (ଦେଖ)—Byaṅgātmaka Byāṅgyātmaka (See). (ବ୍ୟଙ୍ଗାର୍ଥକ—ଅନ୍ୟରୂପ)

**ବ୍ୟଙ୍ଗାର୍ଥ**—ସଂ. ବ—ବିକଳୀକୃତ ଅର୍ଥ—Distorted meaning. Byaṅgārtha ଦେ. ବ—ବ୍ୟଙ୍ଗ୍ୟାର୍ଥ (ଦେଖ)—Byaṅgyārtha (See)

**ବ୍ୟଙ୍ଗିତ**—ସଂ. ବଣ (ବି+ଅନ୍ଜ ଧାତୁ+କର୍ମ.ତ)—୧। ବିକଳୀକୃତ—Byaṅgita 1. Distorted; crippled; mutilated. ୨। ବ୍ୟାକୁଳୀକୃତ—2. Confounded; confused.

**ବ୍ୟଙ୍ଗୋକ୍ତି**—ସଂ. ବ—ବିକଳୀକୃତ ଉକ୍ତି—Distorted speech. yaṅgokti ଦେ. ବ—ବ୍ୟଙ୍ଗ୍ୟୋକ୍ତି (ଦେଖ)—Byaṅgyokti (See).

**ବ୍ୟଙ୍ଗ୍ୟ**—ସଂ. ବ (ବି+ଅନ୍ଜ ଧାତୁ=ବ୍ୟକ୍ତ କରିବା+କର୍ମ. ଯ)—Byaṅgya ୧। ନିଗୂଢ଼ାର୍ଥ—1. Hidden meaning; implied sense. ୨। ତାତ୍ପର୍ଯ୍ୟାର୍ଥ—Rea or

intended meaning ୩ । ସୂଚତାର୍ଥ—3. Hinted meaning. [ ଦ୍ର—ବାଚ୍ୟ, ଲକ୍ଷ୍ୟ ଓ ବ୍ୟଙ୍ଗ୍ୟ ଭେଦରେ ଶବ୍ଦର ଶକ୍ତି ତ୍ରିବିଧ; ଏଗୁଡ଼ିକୁ ଯଥାକ୍ରମେ ଅଭିଧା, ଲକ୍ଷଣା ଓ ବ୍ୟଞ୍ଜନା ମଧ୍ୟ କୁହାଯାଏ ) ଶବ୍ଦର ବ୍ୟଞ୍ଜନାବୃତ୍ତି ଦ୍ୱାରା ପ୍ରକଟିତ ଅର୍ଥକୁ ବ୍ୟଙ୍ଗ୍ୟ ବୋଲାଯାଏ । ଏହା ଶବ୍ଦର ସାଧାରଣ ଅର୍ଥଠାରୁ ପୃଥକ୍ ବଶିଷ୍ଟ ଅର୍ଥ ଅଟେ । ] ୩ । ଉପହାସ; ପରିହାସ—3. Joke; satire; sarcasm. ୪ । ଶ୍ଳେଷ—ଉକ୍ତିଗୁଣ; ଉକ୍ତଗୁଣ—4 Irony; sneer ୫ । ଘୃଣାସୂଚକାର୍ଥଯୁକ୍ତ ବାକ୍ୟ--5. Innuendo; insinuation.

ବ୍ୟଙ୍ଗ୍ୟାତ୍ମକ—ସ. ବଣ—ଯହିଁରେ ବ୍ୟଙ୍ଗ୍ୟାର୍ଥ ନିହିତ ଥାଏ— Byangyātmaka ( ବ୍ୟଙ୍ଗ୍ୟାର୍ଥକ—ଅନ୍ୟରୂପ ) Having a covert meaning; ironical; insinuative

ବ୍ୟଙ୍ଗ୍ୟାର୍ଥ—ସ. ବ—୧ । ନିଗୂଢ଼ାର୍ଥ—1. Implied meaning yangyārtha [ ଦ୍ର—ପ୍ରଥମେ ବାକ୍ୟରୁ ଯେଉଁ ଅର୍ଥ ପ୍ରକାଶ ପାଏ ତାହା ଛଡ଼ା ତହିଁ ମଧ୍ୟରେ ନିହିତ ଥିବା ଅନ୍ୟ ଅର୍ଥକୁ ବ୍ୟଙ୍ଗ୍ୟାର୍ଥ ବୋଲାଯାଏ । ] ୨ । ଶ୍ଳେଷାର୍ଥ—2. Covert or insinuating meaning

ବ୍ୟଙ୍ଗ୍ୟୋକ୍ତି—ସ. ବ—୧ । ବକ୍ରୋକ୍ତି; ଶ୍ଳେଷୋକ୍ତି—1. Sarcasm; Byangyokti irony. ୨ । ଦୁଇ ଅର୍ଥ ପ୍ରକାଶକ ଉକ୍ତି—2. A pun; a play on words. ୩ । ଥଟ୍ଟା; ପରିହାସ; ବିଦ୍ରୁପ ବାକ୍ୟ—3 Jeer; jest; joke. ୪ । ଗୂଢ଼ାର୍ଥକ ବିଦ୍ରୁପ—4 Innuendo; insinuation; covert joke.

ବ୍ୟଜ—ସ. ବ—(ବି+ଅଜ ଧାତୁ=କ୍ଷେପଣ କରିବା+ଭାବ. ଅ)— Byaja ୧ । ବାୟୁ ସଞ୍ଚାଳନ—1. Ventilation. ୨ । ପବନ କରିବା; ବିଞ୍ଚିବା—2. Fanning.

ବ୍ୟଜନ—ସ. ବ—୧ । ( ବି+ଅଜ୍ ଧାତୁ+ଭାବ. ଅନ )—ବ୍ୟଜ Byajana (ଦେଖ)-1. Byaja (See). ୨ । ( +କରଣ ଅନ) ବ୍ୟଜନୀ (ଦେଖ)—2. Byajanī (See).

ବ୍ୟଜନୀ—ସ. ବ (ବି+ଅଜ ଧାତୁ+କରଣ ଅନ+ସ୍ତ୍ରୀ. ଈ)—ତାଳବୃନ୍ତ; Byajanī ବିଞ୍ଚଣା; ପଙ୍ଖା—A hand-fan.

ବ୍ୟଜ୍ୟ—ସ. ବଣ (ବି+ଅନ୍ଜ ଧାତୁ+କର୍ମ ଯ)—ଶବ୍ଦର ବ୍ୟଞ୍ଜନାଶକ୍ତି Byajya ଦ୍ୱାରା ଯାହା ବୁଝାଯାଏ (ହି. ଶ)—Comprehensible by the implied or insinuated meaning.

ବ୍ୟଞ୍ଜକ—ସ. ବଣ ( ବି+ଅନ୍ଜ ଧାତୁ=ପ୍ରକାଶ କରିବା+କର୍ତ୍ତୃ Byañjaka ଅକ )—୧ । ପ୍ରକାଶକ—1. Manifesting; (ବ୍ୟଞ୍ଜିକା—ସ୍ତ୍ରୀ) indicating; making plain. ୨ । ଯାହା କୌଣସି ଭାବକୁ ବା ଅର୍ଥକୁ ମନରେ ଜନ୍ମାଏ--2. Suggesting a meaning or thought; thought-provoking; suggestive. ବ—୧ । ହୃଦ୍‌ଗତ ଭାବ ପ୍ରକାଶକ ଅଭିନୟ—1. A representation expressing feelings or passions; a mute acting suggesting the thoughts of the actor. ୨ । ବ୍ୟଞ୍ଜନା ଦ୍ୱାରା ବୋଧକ ଶବ୍ଦ ( ପ୍ରକୃତିବାଦ)—2. A word which implies a certain meaning different from its apparent meaning.

ବ୍ୟଞ୍ଜକ ଶ୍ଳେଷ—ଦେ. ବ—ଅନୁପ୍ରାସ ଓ ବ୍ୟଞ୍ଜନାଯୁକ୍ତ ବାକ୍ୟାଳଙ୍କାର Byañjaka ślesha ବିଶେଷ—A figure of speech consisting of puns [ ଦ୍ର—ଅଭିମନ୍ୟୁ ସାମନ୍ତ ସିଂହାରଙ୍କ ବିଦଗ୍ଧ ଚିନ୍ତାମଣିର ନିମ୍ନଲିଖିତ ପଦଗୁଡ଼ିକ ବ୍ୟଞ୍ଜକ ଶ୍ଳେଷଃ ଅଟେ—ସୁରସ ନିକଟରେ ଦାସ ଅସ ବୋଲି ନାହିଁ, ବର୍ଷକ ରଣରେ ଛେଦ ଦେଲି ଶ୍ରୁତି ସ୍ମୃତି, ଭାବରଧନ ତପାଇଁ ହେଉଛି ମୁଁ ଦୀନ, କୃତାର୍ଥ ପଦସା ଥରେ କରୁ ତନା ଦାନ । ]

ବ୍ୟଞ୍ଜନ—ସ. ବ (ବି+ଅନଜ୍ ଧାତୁ+କରଣ ଅନ; ଯାହାଦ୍ୱାରା କୌଣସି yañjana ବିଷୟ ପ୍ରକାଶ ପାଏ)—୧ । ବୈଶିଷ୍ଟ୍ୟ ବୋଧକ ଲକ୍ଷଣ; ଚିହ୍ନ—1. Distinctive sign or mark, token. ୨ । ପୁରୁଷ ଓ ସ୍ତ୍ରୀମାନଙ୍କର ପ୍ରଭେଦଜ୍ଞାପକ ଚିହ୍ନ (ଯଥା—ପୁରୁଷର ଶ୍ମଶ୍ରୁ ଓ ସ୍ତ୍ରୀର ସ୍ତନ)—2. Distinctive marks of the sexes. ୩ । କ ଠାରୁ ହ ପର୍ଯ୍ୟନ୍ତ ଏହି ୩୩ଟି ବର୍ଣ୍ଣ—3. The consonants. [ ଦ୍ର—ଓଡ଼ିଆ ଭାଷାରେ ୪୯ ଟି ବର୍ଣ୍ଣର ବ୍ୟବହାର ହୁଏ ।

ସ୍ୱରବର୍ଣ୍ଣ ୧୩+ବ୍ୟଞ୍ଜନ ୩୩+ଅଯୋଗବାହ ୩=୪୯; ବର୍ଣ୍ଣମାନ ସ୍ୱର, ବ୍ୟଞ୍ଜନ ଓ ଅଯୋଗବାହ ଏହି ତିନ ଶ୍ରେଣୀରେ ବିଭକ୍ତ । ଅଠାରୁ ଔ ପର୍ଯ୍ୟନ୍ତ ଏହି ୧୩ଟି ବର୍ଣ୍ଣକୁ ସ୍ୱରବର୍ଣ୍ଣ ବୋଲାଯାଏ । ସ୍ୱରବର୍ଣ୍ଣମାନ ଅନ୍ୟ ବର୍ଣ୍ଣର ସାହାଯ୍ୟ ବିନା ଉଚ୍ଚାରିତ ହୁଅନ୍ତି । କ ଠାରୁ ହ ପର୍ଯ୍ୟନ୍ତ ୩୩ଟି ବର୍ଣ୍ଣକୁ ବ୍ୟଞ୍ଜନ ବର୍ଣ୍ଣ ବୋଲାଯାଏ । ସ୍ୱରବର୍ଣ୍ଣର ବିନା ସାହାଯ୍ୟରେ ଏହି ବର୍ଣ୍ଣମାନେ ଉଚ୍ଚାରିତ ହୋଇ ପାରନ୍ତି ନାହିଁ । ଅନୁସ୍ୱାର, ବିସର୍ଗ ଓ ଚନ୍ଦ୍ରବିନ୍ଦୁକୁ କେହି କେହି ବ୍ୟଞ୍ଜନ ଓ କେହି କେହି ଅଯୋଗବାହ ବର୍ଣ୍ଣ କହନ୍ତି ଓ କେହି କେହି ଏ ୩ଙ୍କୁ ବର୍ଣ୍ଣ ମଧ୍ୟରେ ଗଣନା କରନ୍ତି ନାହିଁ । ୩୩ଟି ବ୍ୟଞ୍ଜନ ବର୍ଣ୍ଣ ୩ଭାଗରେ ବିଭକ୍ତ । ପ୍ରଥମ ୨୫ଟି ବର୍ଗ୍ୟ ବା ସ୍ପର୍ଶ ବର୍ଣ୍ଣ । ଯଥା—କ ବର୍ଗ (୫), ଚ ବର୍ଗ (୫), ଟ ବର୍ଗ (୫), ତ ବର୍ଗ (୫) ଓ ପ ବର୍ଗ (୫); ୪ଟି ଅବର୍ଗ୍ୟ ବା ଅନ୍ତଃସ୍ଥ ବର୍ଣ୍ଣ ଯଥା—ଯ, ର, ଲ, ବ; ୪ଟି ଊଷ୍ମବର୍ଣ୍ଣ ଯଥା—ଶ, ଷ, ସ, ହ । ] ୪ । ଅନ୍ନ ଭୋଜନର ସହାୟକ, ତରକାରୀ; ସୂପ ଖାଦ୍ୟ ( ଯହିଁର ସାହାଯ୍ୟରେ ଅନ୍ନ ରୋଚକ ହୁଏ)—4 Curry; sauce; stew. ୫ । ଅବୟବ; ଅଙ୍ଗ (ହି. ଶ)—5. Limb. ୬ । ତଳପେଟର ନିମ୍ନ ସ୍ଥାନ; ଉପସ୍ଥ (ହି. ଶ)-6. The part of the body below the abdomen. ୭ । ସିଦ୍ଧ ଭୋଜ୍ୟ ସାମଗ୍ରୀ (ହି.ଶ)—7. Any boiled

food. ୮ । (+ଭାବ, ଅନ) ବ୍ୟକ୍ତ ହେବାର ବା କରିବାର କ୍ରିୟା (ବ୍ର. ଗ)—8. Manifestation.

ବ୍ୟଞ୍ଜନ ସନ୍ଧି—ସ. ବି (ବ୍ୟାକରଣ)—ପଦାନ୍ତ ବ୍ୟଞ୍ଜନ ବର୍ଣ୍ଣ ସହିତ ଅନ୍ୟ Byañjana sandhi ପଦାଦ୍ୟ ବ୍ୟଞ୍ଜନ ବର୍ଣ୍ଣର ବା ସ୍ୱର ବର୍ଣ୍ଣର ଯୋଗ—(Grammar) The conjuction of the final consonant of one word with the first consonant or vowel of the following word.

ବ୍ୟଞ୍ଜନା—ସ. ବି ( ବ୍ୟଞ୍ଜନ+ଆ )—୧ । ବାକ୍ୟର ବ୍ୟଙ୍ଗାର୍ଥ-Byañjanā ବୋଧକ ଶକ୍ତି; ଯେଉଁ ଶକ୍ତିଦ୍ୱାରା ବାକ୍ୟର ତାତ୍ପର୍ଯ୍ୟାର୍ଥର ବା ଗୂଢ଼ାର୍ଥର ବା ଅପ୍ରକାଶିତାର୍ଥର ବା ସୂଚିତାର୍ଥର ବୋଧ ହୁଏ—1. The power of a word by which it suggests a hidden meaning or innuendo. ୨ । ବ୍ୟଙ୍ଗୋକ୍ତି—2. A figurative mode of speech; irony; sarcasm. ୩ । ପ୍ରକଟୀକରଣ—3. The act of making manifest or patent.

ବ୍ୟଞ୍ଜନା ବୃତ୍ତି—ସ. ବି—ଶବ୍ଦର ଯେଉଁ ବୃତ୍ତି ବା ଶକ୍ତିଦ୍ୱାରା ଶବ୍ଦର ବା Byañjanā brutti ବାକ୍ୟର ବାଚ୍ୟାର୍ଥ ଓ ଲକ୍ଷଣାର୍ଥ ଠାରୁ (ବ୍ୟଞ୍ଜନାଶକ୍ତି—ଅନ୍ୟରୂପ) ପୃଥକ୍ ବକ୍ତାଙ୍କ ଅଭିପ୍ରେତ ଗୂଢ଼ାର୍ଥର ବୋଧ ହୁଏ—The power of a word by which the hidden meaning or suggestion or intention of the speaker is gathered, apart from its literal or patent meaning. [ଦ୍ର—ଏହି ବ୍ୟଞ୍ଜନାବୃତ୍ତି ଅସାଧାରଣ ଦ୍ୱିବିଧ; ଶବ୍ଦ ସମ୍ବନ୍ଧୀ ଓ ଅର୍ଥସମ୍ବନ୍ଧୀ ବ୍ୟଞ୍ଜନା । ଶବ୍ଦ ସମ୍ବନ୍ଧୀ ବ୍ୟଞ୍ଜନାକୁ ଶାବ୍ଦୀ ବ୍ୟଞ୍ଜନା ଓ ଅର୍ଥ ସମ୍ବନ୍ଧୀ ବ୍ୟଞ୍ଜନାକୁ ଆର୍ଥୀ ବ୍ୟଞ୍ଜନା କହନ୍ତି ।]

ବ୍ୟଞ୍ଜିତ—ସ. ବି.—(ବି+ଅଞ୍ଜ୍ ଧାତୁ+କର୍ମ. ତ)—୧ । ପ୍ରକାଶିତ-Byañjita 1. Expressed. ୨ । ସୂଚିତ—2. Suggested; hinted. ୩ । ବ୍ୟଞ୍ଜନା ଦ୍ୱାରା ବୋଧିତ—3. Understood or conveyed by the implied meaning.

ବ୍ୟଡ଼ମ୍ବକ—ସ. ବି—(ବି+ଅଡ଼ [ଉଦ୍ୟମ] ଧାତୁ=ଉଦ୍ୟୁକ୍ତ ହେବା+ Byardambaka କର୍ତ୍ତୃ. ଅକ)—ଏରଣ୍ଡ ଗଛ; ଗବ ଗଛ—The castor oil plant; Ricinus Communis.

ବ୍ୟତି—ସ. ବି—ଘୋଡ଼ା (ବ୍ର. ଗ)—
Byati Horse.

ବ୍ୟତିକ(କା)ର—ସ. ବି—(ବି+ଅତି+କୃ ଧାତୁ+ଭାବ. ଅ)—Byatika(kā)ra ୧ । ବ୍ୟସନ;ବିପଦ—1. Misfortune; calamity. ୨ । ବ୍ୟାପ୍ତି—2. Pervading; diffusion; overspreading. ୩ । ସମ୍ପର୍କ; ସମ୍ବନ୍ଧ—3. Connection; relation. ୪ । ମିଶ୍ରଣ—4. Mixture; union; combination. ୫ । ପରସ୍ପର କର୍ମ କରଣ—5. Mutual action. ୬ । ପରସ୍ପର ସମ୍ବନ୍ଧ—6. Mutual connection. ୭ । ବିନାଶ (ବ୍ର. ଗ)—7. Ruin; destruction. ୮ । (+ କର୍ମ. ଅ) ସମୂହ—8. Multitude, ସ. ବିଣ ( + କର୍ତ୍ତୃ. ଅ ) ସମ୍ପର୍କଯୁକ୍ତ—Related.

ବ୍ୟତିକ୍ରମ—ସ. ବି ( ବି+ଅତିକ୍ରମ )—୧ । କ୍ରମର ବିପର୍ଯ୍ୟୟ—1. Byatikrama Inversion of order or arrangement. ୨ । ବୈପରୀତ୍ୟ—2. Opposision; contrariety. ୩ । ଉଲ୍ଲଙ୍ଘନ; ଓଲଟାଇବା—3. Transgression; reversion. ୪ । ଅନ୍ୟଥା ଭାବ—4. Deviation. ୫ । ଭଙ୍ଗ—5. Violation; breach. ୬ । ବାଧା; ବିଘ୍ନ ( ବ୍ର. ଗ )—6. Obstacle; obstruction.

ବ୍ୟତିକ୍ରମଣ—ସ. ବି ( ବି+ଅତିକ୍ରମଣ )—୧ । କ୍ରମର ବିପର୍ଯ୍ୟୟ Byatikramaṇa କରିବା—1. Inverting the order. ୨ । ନିୟମ ଲଙ୍ଘନ—2. Transgression or violation of a rule.

ବ୍ୟତିକ୍ରାନ୍ତ—ସ. ବିଣ ( ବି+ଅତିକ୍ରାନ୍ତ )—୧ । ବିପର୍ଯ୍ୟୟ ପ୍ରାପ୍ତ Byatikrānta —1. Inverted; reversed. ୨ । (ବ୍ୟତିକ୍ରାନ୍ତି—ବି) ଉଲ୍ଲଂଘିତ—2. Transgressed; violated.

ବ୍ୟତିଚାର—ସ. ବି ( ବି+ଅତିଚାର )—୧ । ପାପାଚରଣ—1. Byatichāra Commission of sinful acts. ୨ । ଦୋଷ 2. Fault; defect.

ବ୍ୟତିପାତ—ସ. ବି ( ବି+ଅତି+ପତ ଧାତୁ+କର୍ତ୍ତୃ. ଅ )—୧ । Byatipāta ଅତ୍ୟନ୍ତ ଉତ୍ପାତ; ଘୋର ଉପଦ୍ରବ—1. A great oppression or calamity. ୨ । ବ୍ୟତୀପାତ ( ଦେଖ )—2. Byatīpāta ( See )

ବ୍ୟତି ବ୍ୟସ୍ତ—ସ. ବିଣ. ( ସ. ବି+ଅତି+ବ୍ୟସ୍ତ )—୧ । ଅତ୍ୟନ୍ତ Byati byasta ବ୍ୟସ୍ତ—1. Much perplexed; much harassed. (ଯେ—କରିଯିବା ପାଇଁ ଲୋକ ବ୍ୟତି ବ୍ୟସ୍ତ, ଘର ବାଡ଼ୀ, ଜମି, ଜମା ବନ୍ଦୋବସ୍ତ । ସ୍ୱାଧୀନାଥ ଦରବାର) ୨ । କାର୍ଯ୍ୟରେ ଅତି ବ୍ୟସ୍ତ—2. Unusually busy or engrossed in work.

ବ୍ୟତିରିକ୍ତ—ସ. ବିଣ. ( ବି+ଅତିରିକ୍ତ )—୧ । ଭିନ୍ନ—1. Distinct; different. ୨ । ଅତିରିକ୍ତ—2. Ex-(ବ୍ୟତିରିକ୍ତତା—ବି) cessive;extra. ୩ । ବର୍ଦ୍ଧିତ—3. Increased; enlarged. ୪ । ପୃଥକ୍ କୃତ—4. Separated; withheld.

ବ୍ୟତିରେକ—ସ. ବି. (ବି+ଅତିରେକ)—୧ । ପ୍ରଭେଦ; ଭିନ୍ନତା—Byatireka 1. Difference; dissimilarity. ୨ । ଅଭାବ-2. Want; absence. ୩ । ବୃଦ୍ଧି—3. Increase; growth. ୪ । ଅତିକ୍ରମ—4. Transgression. ୫ । କାବ୍ୟାଲଙ୍କାର ବିଶେଷ; ଉପମାନ ଅପେକ୍ଷା ଉପମେୟର ଅଧିକ୍ୟ ବା ବିଶେଷତା ବୁଝାଯିବା ଅଳଙ୍କାର—5. A

figure of speech in which there is dissimilarity between the matters compared. [ ଉ—ଉପମାନରୁ ଉପମେୟର ଅଧିକ୍ୟ କଥିତ ହେଲେ ବ୍ୟତିରେକ ଅଳଙ୍କାର ହୁଏ । ଯଥା—ଇନ୍ଦ୍ରାୟୁଧେ ତାର ଅଧୋଭମେ ନରେ ଯେଉଁ ତୁଳନା, ଚନ୍ଦ୍ରେ ବଳ ଇନ୍ଦ୍ର ସଙ୍ଗେ ସୁନ୍ଦରୀ ତୁଲା ଅଲଣା—ସ୍ୱାଧୀନାଥ. ଉଷା । (ଭୁଲମଣି. [ଅଲଙ୍କାରତରଙ୍ଗିଣୀ) ] ୬ । ସ୍ୱତନ୍ତ୍ର ବସ୍ଥିତି—6. Individual existence. ( ଉ—ଅସ୍ମା ସର୍ବଦା ସର୍ବଠାରେ, ଅନ୍ୱୟ ବ୍ୟତିରେକ ଭାବେ—ଜଗନ୍ନାଥ. ଭାଗବତ ।)

ବ୍ୟତିରେକୀ—ସଂ. ବି ( ବ୍ୟତିରେକ+ଇନ୍; ୧ମା. ୧ବ )—
Byatireki ୧ । ପ୍ରଭେଦକ—1. Separating; distinguishing. ୨ । ଅଭାବ ବଶିଷ୍ଟ—2. Needy; full of want. ୩ । ପ୍ରତିଷେଧକ—3. Negative; Countermanding. ୪ । ଅତିକ୍ରମଣ କାରୀ (ହି.ଶ)—4. Transgressing. ୫ । ବିଭିନ୍ନତା ଉତ୍ପାଦନକାରୀ (ହି. ଶ)—5. Producing difference.

ବ୍ୟତିରେକେ—ଦେ.କ୍ରି. ବି—୧ । ବ୍ୟତୀତ; ବିନା—1. Without.
Byatireke ব্যতিরেকে **सिवाय** ୨ । ଛଡ଼ା—2. Except.

ବ୍ୟତିଷକ୍ତ—ସଂ. ବିଣ (ବି+ଅତି+ସନ୍ଜ ଧାତୁ=ଆସକ୍ତ ହେବା+
Byatishakta କର୍ତ୍ତୃ. ତ)—୧ । ଅସକ୍ତ—1. Attached to; devoted. ୨ । ପରସ୍ପର ମିଳିତ—2. Mutually united; mixed up. ୩ । ଗ୍ରଥିତ—3. Orderly, arranged together; set.

ବ୍ୟତିଷଙ୍ଗ—ସଂ. ବି ( ବି+ଅତି+ସନ୍ଜ ଧାତୁ+ଭାବ. ଅ )—
Byatisanga ୧ । ପରସ୍ପର ମିଳନ—1. Mutual union; conjunction; coincidence. ୨ । ଆସକ୍ତି—2. Attachment; love; devotion. ୩ । ଏକତ୍ର ବନ୍ଧନ—3. The tying of things together; mutual bond. ୪ । ବିନିମୟ; ବଦଳ (ହି. ଶ)—4. Exchange

ବ୍ୟତି(ତୀ)ହାର—ସଂ. ବି (ବି+ଅତି+ହୃ. ଧାତୁ+ଭାବ. ଅ)—
Byati(ti)hara ୧ । ପରସ୍ପର ଏକରୂପ କିମ୍ବା କରଣ—1. The act of both performing similar kind of work; reciprocity. ୨ । ପର୍ଯ୍ୟାୟକରଣ; ପାଳି କରି କାମ କରିବା 2. Act of doing by turns. ୩ । ପରିବର୍ତ୍ତନ; ବିନିମୟ; ବଦଳ—3. Exchange. ୪ । ଗାଳିମନ୍ଦ—4. Abuse. ୫ । ମରାମରି; ମାଡ଼ପିଟ—5. Scuffle.

ବ୍ୟତୀକାର—ସଂ. ବି—ବ୍ୟତିକର (ଦେଖ)
Byatikara Byatikara (See).

ବ୍ୟତୀତ—ସଂ. ବିଣ—(ବି+ଅତୀତ)—୧ । ବିଗତ—1. Gone. ୨ । Byatita ଅତୀତ—2. Past. ୩ । ଅତିବାହିତ—3. Passed over; whiled away. ୪ । ତ୍ୟକ୍ତ—4. Abandoned. ୫ । ମୃତ—5. Dead; deceased. ୬ । ବିଲୁପ୍ତ—6. Destroyed; disappeared. ୭ । ସମ୍ପନ୍ନ—7. Accomplished; effected; completed.

ব্যতীত ଦେ. କ୍ରି. ବିଣ—୧ । ଛଡ଼ା—1. Except; apart
**सिवाय** from. ୨ । ବିନା; ବ୍ୟତିରେକେ—2. Without.

ବ୍ୟତୀପାତ—ସଂ. ବି (ବି+ଅତି+ପାତ)—୧ । ଉତ୍ପାତ; ଉଲ୍କାପାତ,
Byatipata ଧୂମକେତୁ, ଭୂମିକମ୍ପାଦି ଅମଙ୍ଗଳଜନକ ଉତ୍ପାତ—1. Natural calamities (e. g. earthquake, comet, falling of shooting stars etc). ୨ । (ଜ୍ୟୋତିଷ) ୨୭ ଯୋଗ ମଧ୍ୟରୁ ସପ୍ତଦଶ ଅଶୁଭକର ଯୋଗ – 2. (Astrology) the 17th inauspicious astrological conjunction. [ ଉ—ବୈଧୃତି ଯୋଗ ପରି ଏ ଯୋଗ ଅତ୍ୟନ୍ତ ଅମଙ୍ଗଳକର ଯୋଗ । ଏ ଯୋଗ ପଡ଼ିଥିବା ସମୟରେ ସମସ୍ତ କାର୍ଯ୍ୟ ନିଷିଦ୍ଧ । ] ୩ । ଅମାବାସ୍ୟା ଦିନ ଶ୍ରବଣା, ଧନିଷ୍ଠା, ଆର୍ଦ୍ରା, ଅଶ୍ଲେଷା ବା ମୃଗଶିର ନକ୍ଷତ୍ର ପଡ଼ିବା ଜ୍ୟୋତିଷୋକ୍ତ ଯୋଗ—3. A conjunction of certain asterisms with the amabasya day. [ ଉ—ଏ ଦିନ ଗଙ୍ଗାସ୍ନାନ କଲେ ବହୁ ପୁଣ୍ୟଲାଭ ହୁଏ—ହି. ଶ ।] ୪ । ଅଶ୍ରଦ୍ଧା; ଅସମ୍ମାନ—4. Disrespect; dishonour.

ବ୍ୟତ୍ୟୟ—ସଂ. ବି (ବି+ଅତି+ଇ. ଧାତୁ+ଭାବ. ଅ)-୧ । ବ୍ୟତିକ୍ରମ-
Byatyaya 1. Transgression; reversion. ୨ । ବୈପରୀତ୍ୟ—2. Opposition; contrariety. ୩ । କ୍ରମ ବିପର୍ଯ୍ୟୟ—3. Inverted order; retrogression.

ବ୍ୟତ୍ୟସ୍ତ—ସଂ. ବିଣ ( ବି+ଅତି+ଅସ୍ତ )—୧ । ବ୍ୟତିକ୍ରାନ୍ତ—
Byatyasta 1. Transgressed. ୨ । ବିପରୀତ ଭାବରେ ଅବସ୍ଥିତ; ବିପର୍ଯ୍ୟସ୍ତ—2. Inverted; reversed. ୩ । ଓଲଟପାଲଟ--3. Topsy turvy. ୪ । ଗୋଳମାଳ ହୋଇଥିବା—4. Disordered; confused.

ବ୍ୟତ୍ୟାସ—ସଂ. ବି (ବି+ଅତି+ଅସ ଧାତୁ+ଭାବ. ଅ)-୧ । ବିପର୍ଯ୍ୟାସ;
Byatyasa ଓଲଟ ପାଲଟ ହେବା—1. Inversion. ୨ । ଲେଉଟ ପାଉଟ—2. Confusion. ୩ । ଗୋଳମାଳ—3. Disorder.

ବ୍ୟତ୍ର(ତ୍ରି,ତ୍ରେ)କେ—ଗ୍ରା. ଅ ( ପଦ୍ୟ )—ବ୍ୟତୀତ; ଛଡ଼ା—Besides;
Byatra(tri,tre)ke except. [ଉ—ବଡ଼ବାନଳେ ଯହାଁ ଛାଡ଼ା ସାଗର ଗଣେ, ବ୍ୟତ୍ରେ ଏଥିରୁ ନାହିଁ ଅନ୍ୟ ମାର୍ଗଣେ । ଉ.
**सिवाय** ବୈଦେହୀଶବିଳାସ ।]

ବ୍ୟଥ (ଧାତୁ)—ସ—ବଥାଇବା—
Byatha (root) To ache.

ବ୍ୟଥକ—ସଂ. ବିଣ (ବ୍ୟଥ ଧାତୁ +କର୍ତ୍ତୃ. ଅକ)—ପୀଡ଼ାଦାୟକ—
Byathaka [ବ୍ୟଥିକା—ସ୍ତ୍ରୀ] Painful.

ବ୍ୟଥନ—ସଂ. ବି. (ବ୍ୟଥ ଧାତୁ + ଭାବ. ଅନ)—୧ । ପୀଡ଼ା; ବ୍ୟଥା—
Byathana 1. Pain. ୨ । ପୀଡ଼ା ଦେବା—2. Giving pain. ଦେ. ବିଣ. (+କର୍ତ୍ତୃ. ଅନ)—ପୀଡ଼ାଦାୟକ (ହି. ଶ)—Painful.

ବ୍ୟଥା—ସ. ବ. (ବ୍ୟଥ୍ ଧାତୁ+ଭାବ. ଅ+ଆ)—୧ । ପୀଡ଼ା; କ୍ଳେଶ;
Byathā ବେଦନା; ଦୁଃଖ—1. Pain; agony; distress.
୨ । ବନ୍ଧା; ବଥା—2. Aching. ୩ । ଶୋକ—
3. Grief; sorrow; woe. ୪ । ଭୟ—4. Fear; alarm.

ବ୍ୟଥା କରିବା—ଦେ. କ୍ରି—ବଥାଇବା—To ache.
Byathā kaਰibā ব্যথা করা ब्यथा करना
(ବ୍ୟଥା ହେବା—ଅନ୍ୟରୂପ)

ବ୍ୟଥା କାରକ—ସ. ବଣ. ପୁଂ—୧ । ଯେ ବେଦନା ଦିଏ—
Byathā kāraka 1. Causing pain; distressing.
ବ୍ୟଥା ଦାତା ⎫
ବ୍ୟଥା ଦାୟକ ⎬ ଅନ୍ୟରୂପ ୨ । ଦୁଃଖ ଜନକ—2. Sorrowful.
ବ୍ୟଥା ଦାୟୀ ⎭
(ବ୍ୟଥା କାରକା—ସ୍ତ୍ରୀ)

ବ୍ୟଥାତୁର—ସ. ବଣ. ପୁଂ. ( ଷଷ୍ଠୀ ତତ୍; ବ୍ୟଥା+ଆତୁର )—ବ୍ୟଥା
Byathātura ଯୋଗୁ ଅତି ଅଭୁଳ—Overwhelmed with
(ବ୍ୟଥାତୁରା—ସ୍ତ୍ରୀ) pain; distressed.

ବ୍ୟଥା ଦେବା—ଦେ. କ୍ରି—ପୀଡ଼ା ଦେବା; କଷ୍ଟ ଦେବା—
Byathā debā To give pain.
ব্যথা দেওয়া ब्यथा देना

ବ୍ୟଥା ବିହୀନ—ସ. ବଣ. ( ଷଷ୍ଠୀ ତତ୍ )—ବେଦନା ଶୂନ୍ୟ—Free
Byathā bihīna from pain; painless.
(ବ୍ୟଥା ରହିତ, ବ୍ୟଥା ଶୂନ୍ୟ, ବ୍ୟଥା ମୁକ୍ତ—ଅନ୍ୟରୂପ)

ବ୍ୟଥିତ—ସ. ବଣ. ପୁଂ. (ବ୍ୟଥ ଧାତୁ+କର୍ତ୍ତୃ. ତ)—୧ । ବ୍ୟଥା ପ୍ରାପ୍ତ;
Byathita. ଦୁଃଖିତ—1. Distressed; agonised; pained; troubled.
(ବ୍ୟଥିତା—ସ୍ତ୍ରୀ) ୨ । ପୀଡ଼ିତ—2. Afflicted; ailing; sick; ill. ୩ । ଉଦ୍ବିଗ୍ନ—3. Agitated. ୪ । ଭୀତ—4. Alarmed. ୫ । ଶୋକଗ୍ରସ୍ତ—5. Overwhelmed with grief. ସ. ବ. (+ଭାବ ତ) ବ୍ୟଥା; ଯନ୍ତ୍ରଣା—Pain; trouble. (ଉ—ଦନ୍ତୁର ବ୍ୟଥିତଙ୍କୁ, ପ୍ରବଞ୍ଚ କଶ୍ମିତଙ୍କୁ, ସ୍ତ୍ରିର ନ କର ଚନ୍ଦ୍ରେ ବେଳେ ସେ । ଉକ୍ତ. ବୈଦେହୀଶବିଳାସ ।)

ବ୍ୟଥିତ ପ୍ରସୂ—ସ. ବଣ—ବ୍ୟଥାଜାତକାରୀ—
Byathita prasū Troublesome; painful.
(ଉ – ଭବପଥରେ । ବ୍ୟଥିତପ୍ରସୂ ସେ ଲପନ । ଉକ୍ତ. ବୈଦେହୀଶବିଳାସ ।)

ବ୍ୟଥିତ ହୃଦୟ—ସ. ବ. ( କର୍ମଧା; ବ୍ୟଥିତ+ହୃଦୟ )—୧ । ବ୍ୟଥା-
Byathita hrudaya ପ୍ରାପ୍ତ ମନ—1. Distressed mind.
୨ । ମାନସିକ ଦୁଃଖ—2. Mental agony. ବଣ. ପୁଂ (ବହୁବ୍ରୀହି) ଯ ହା ମନରେ ବିଶେଷ କଷ୍ଟ ହୋଇଅଛି—
(ବ୍ୟଥିତ ହୃଦୟା—ସ୍ତ୍ରୀ) Mentally troubled; agonised.

ବ୍ୟଥିବା—ଦେ· କ୍ରି (ପଦ୍ୟ) ( ସ. ବ୍ୟଥା )—୧ । ବ୍ୟଥା ଦେବା—
Byathibā 1. To give pain. ୨ । ବଥାଇବା—
ব্যথান 2. To ache. ( ଉ—ଅଦ୍ୟାପି ତା ବ୍ୟଥଇ
ब्यथना ମାନସେ । ମଧୁସୂଦନ. ଋତୁବସନ୍ତଚରିତ)

ବ୍ୟଥୀ—ଦେ. ବଣ. (ସ. ବ୍ୟଥିତ)—ବ୍ୟଥିତ—
Byathī Troubled; agonised; pained.
(ଉ—ବୋଇଲେ ବହୁତ- ସେ ବ୍ୟଥୀ ନୋହୁ ବତ୍ସ ) କୃଷ୍ଣସିଂହ. ମହାଭାରତ. ବନ ।)

ବ୍ୟଥ୍ୟ—ସ. ବଣ. ( ବ୍ୟଥ ଧାତୁ+କର୍ମ. ଯ )—୧ । ବ୍ୟଥା ଦେବାର
Byathya ଯୋଗ୍ୟ—1. Deserving to be troubled.
୨ । (+କର୍ତ୍ତୃ. ଯ) ଭୟ ଉତ୍ପାଦକ; ଭୟାନକ (ହୁ.ଶ)—
2. Frightful.

ବ୍ୟଧ (ଧାତୁ)—ସ—୧ । ଫୋଡ଼ କରିବା—1. To pierce.
Byadha (root) ୨ । ପୀଡ଼ନ କରିବା—2. To oppress.

ବ୍ୟଧ—ସ. ବ. (ବ୍ୟଧ ଧାତୁ+ଭାବ. ଅ)—୧ । ବିଦ୍ଧ କରଣ; ବିନ୍ଧିବା;
Byadha ଫୋଡ଼ିବା; ଭେଦନ—1. Piercing; perforating; boring. ୨ । ପୀଡ଼ା; ବ୍ୟଥା; ବାଧା—
2 Distress; agony; pain; ache. ୩ । ପ୍ରହାର କରିବା—3. Striking; beating. ୪ । ପ୍ରହାର; ମାଡ଼—4. Blow; stroke.

ବ୍ୟଧନ—ସ. ବ. (ବ୍ୟଧ ଧାତୁ+ଭାବ· ଅନ)—ଫୋଡ଼ିବା କର୍ମ—
Byadhana Act of piercing.

ବ୍ୟଧିକ୍ଷେପ—ସ. ବ· (ବି+ଅଧିକ୍ଷେପ)—ନିନ୍ଦା (ହୁ. ଶ)—
Byadhikshepa Blame.

ବ୍ୟଧିଜନ—ସ. ବ. (ବି+ଅଧିଜନ)—ବନ୍ଧୁଜନ—
Byadhijana Friend.

ବ୍ୟଧ୍ୱ—ସ. ବ. (ବି+ଅଧ୍ୱ)—କୁପଥ; କୁମାର୍ଗ—
Byadhwa Bad way; evil way.

ବ୍ୟଧ୍ୟ—ସ. ବଣ. (ବ୍ୟଧ୍ ଧାତୁ+କର୍ମ. ଯ)—ବେଧନାର୍ହ—Fit to
Byadhya be bored or pierced through.
ବ—ଧନୁର୍ଗୁଣ—Bow string.

ବ୍ୟପଦେଶ—ସ. ବ. ( ବି+ଅପ+ଦିଶ ଧାତୁ+କରଣ. ଅ —
Byapadesa ୧ । ଛଳ; ବାହାନା—1. Pretext; pretence; excuse; dodge; trick. ୨ । ପ୍ରତାରଣା—
2. Fraud; deceit. ୩ । ଇଙ୍ଗିତ—3. Hint.
୪ । ଆପଣାର ମନୋଗତ ଭାବକୁ ବକ୍ର ଭାବରେ ପ୍ରକାଶ କରଣ—4. Indirect expression of one's desire or intention; giving hints. ୫ । ନାମ —5. Name. ୬ । ଉପାଧି—6. Title. ୭ । ବଂଶ; କୁଳ—7. Family. ୮ । (+ଭାବ. ଅ)—ନାମୋଲ୍ଲେଖ; କଥନ—8. Mention of one's name.
୯ । ନିନ୍ଦା (ହୁ. ଶ)—9. Blame.

ବ୍ୟପଦେଷ୍ଟା—ସ. ବଣ. ପୁଂ (ବି+ଅପ+ଦିଶ ଧାତୁ+କର୍ତ୍ତୃ. ତୃ; ୧ମା.
Byapadeshtā ୧ବ)—୧ । କପଟୀ; ଛଳନା କାରକ—1. Pre-
(ବ୍ୟପଦେଷ୍ଟ୍ରୀ—ସ୍ତ୍ରୀ) tending; fraudulent. ୨ । ନାମୋଲ୍ଲେଖକାରୀ—2. Mentioning the name. ୩ । ନିନ୍ଦାକାରୀ—3. Blaming. ବ—ଛଳନାକାରୀ ବ୍ୟକ୍ତି; ଠକ; ପ୍ରତାରକ—A cheat; a swindler.

ବ୍ୟପନୟ—ସଂ. ବି. ( ବି+ଅପ+ନୀ ଧାତୁ+ଭାବ. ଅ )—
Byapanaya ୧ । ବିନାଶ (ହି. ଶ)—1. Ruin.
୨ । ତ୍ୟାଗ—2. Abandonment.

ବ୍ୟପନୟନ—ସଂ. ବିଶ ( ବି+ଅପ+ନୀ ଧାତୁ=ଭାବ. ଅନ )—୧ ।
Byapanayana ଅସ୍ୱୀକାର—1. Denial. ୨ । ପ୍ରତ୍ୟାଖ୍ୟାନ—
2. Rejection; withdrawal. ୩ । ବର୍ଜ୍ଜନ;
ପରିତ୍ୟାଗ—3. Desertion; abandonment.

ବ୍ୟପନୀତ—ସଂ. ବିଣ (ବି+ଅପ+ନୀ ଧାତୁ+କର୍ମ ତ)—୧ । ଅସ୍ୱୀକୃତ-
Byapanita 1. Denied. ୨ । ପରିତ୍ୟକ୍ତ—2. Withdrawn; deserted; abandoned.

ବ୍ୟପବର୍ତ୍ତିତ—ସଂ. ବିଣ (ବି+ଅପ+ବୃତ୍ ଧାତୁ ଣିଚ୍+କର୍ମ.ତ)—
Byapabarttita ଯାହାକୁ ଫେରାଇ ଅଣା ହୋଇଅଛି;
ପ୍ରତ୍ୟାବର୍ତ୍ତିତ—Made to return.

ବ୍ୟପରୋପଣ—ସଂ. ବି ( ବି+ଅପ+ରୁହ ଧାତୁ ଣିଚ=ରୋପି ଧାତୁ+
Byaparopana ଭାବ. ଅନ)—୧ । ଅବତାରଣ; ଅନ୍ୟକୁ ତଳକୁ
(ବ୍ୟପରୋପିତ—ବିଣ) ଓହ୍ଲାଇବା—1. Causing a person to descend or come down. ୨ । ମୂଳୋତ୍ପାଟନ
—2. Overthrow; uprooting. ୩ । ସର୍ବନାଶ
—3. Total ruin. ୪ । ଦୂରୀକରଣ—4. Driving away; repulsion.

ବ୍ୟପାକୃତ—ସଂ. ବିଣ ( ବି+ଅପ+ଆ+କୃ ଧାତୁ+କର୍ମ. ତ )—
Byapākruta ୧ । ଦୂରୀକୃତ; ଅପନୀତ; ଅପସାରିତ—
ବ୍ୟପାକରଣ } ବି
ବ୍ୟପାକୃତି }
1. Removed; expelled; driven away. ୨ । ଅସ୍ୱୀକୃତ—2. Unacknowledged; disavowed. ୩ । ଶାନ୍ତ—
3. Restrained; appeased; calmed.
୪ । ନିବୃତ୍ତ—4. Stopped.

ବ୍ୟପାୟ—ସଂ. ବି ( ବି+ଅପ+ଇ. ଧାତୁ+ଭାବ. ଅ )—୧ ।
Byapāya ଅପନୟନ—1. Removal. ୨ । ବିନାଶ—
2. Destruction; ruin. ୩ । ସମନାଶୟ ଧର୍ମ—
3. Common virtue.

ବ୍ୟପାଶ୍ରୟ—ସଂ. ବି ( ବି+ଅପ+ଆ+ଶ୍ରି ଧାତୁ+ଭାବ. ଅ )—
Byapāsraya ୧ । ଆଶ୍ରୟ; ଅବଲମ୍ବନ—1. Support;
( ବ୍ୟପାଶ୍ରିତ—ବିଣ ) prop; defence; shelter. ୨ ।
ପର ଉପରେ ନିର୍ଭରତା—2. Dependence.

ବ୍ୟପେକ୍ଷା—ସଂ. ବି ( ବି+ଅପ+ଈକ୍ଷ୍ ଧାତୁ+ଭାବ ଅ+ଆ )—
Byapekshā ୧ । ଆକାଂକ୍ଷା; ଇଚ୍ଛା—1. Desire; wish.
ବ୍ୟପେକ୍ଷକ } ବିଣ
ବ୍ୟପେକ୍ଷିତ }
୨ । ଅପେକ୍ଷା; ଆଶା—2. Hope; expectation. ୩ । ବିଶେଷ ଅନୁରୋଧ—3.
Earnest or special request. ୪ । ଆଗ୍ରହ
(ହି. ଶ)— 4. Eagerness.

ବ୍ୟପେତ—ସଂ. ବିଣ ( ବି+ଅପ+ଇ ଧାତୁ+କର୍ତ୍ତୃ. ତ )—୧ ।
Byapeta ପ୍ରତିରୁଦ୍ଧ—1. Confined. ୨ । ବିରୁଦ୍ଧ—
2. Opposed. ୩ । ଅପଗତ; ଦୂରୀକୃତ—3.
Removed; driven away.

ବ୍ୟପୋହ—ସଂ. ବି ( ବି+ଅପ+ଵହ ଧାତୁ+ଭାବ ଅ )—ବିନାଶ
Byapoha ( ହି. ଶ )—Ruin; destruction.

ବ୍ୟବକଳନ(ନା)—ସଂ. ବି ( ବି+ଅବ+କଲ୍ ଧାତୁ=ଗଣନା କରିବା
Byabakalana(nā) +ଭାବ ଅନ )—୧ । ( ଗଣିତ )
(ସଙ୍କଳନ—ବିପରୀତ) ବିଯୋଜନ; ବିଯୋଗ; ଫେଡ଼ାଣ; ଏକରାଶିରୁ
(ବ୍ୟବକଳିତ—ବିଣ) ଅନ୍ୟ ରାଶିକୁ ଫେଡ଼ିବା—1. (arithmetic ) Subtraction; deduction. ୨ ।
ଜମାରୁ ଖରଚ ବାଦ ଦେଇ ବାକି କାଢ଼ିବା—2. Act of making up an account by deducting the expenditure from the receipt.

ବ୍ୟବକୀର୍ଣ୍ଣ—ସଂ. ବିଣ ( ବି+ଅବ+କୃ ଧାତୁ+କର୍ମ ତ )—ପୃଥକ୍
Byabakirnna ହୋଇଥିବା ( ହି. ଶ )—Separated.

ବ୍ୟବଚ୍ଛିନ୍ନ—ସଂ. ବିଣ ( ବି+ଅବ+ଛିଦ୍ ଧାତୁ+କର୍ମ ତ )—୧ ।
Byabachchhinna ବିଶ୍ଲେଷିତ—1. Analysed. ୨ ।
ଛିନ୍ନ; କର୍ତ୍ତିତ—2. Cut off; separated. ୩ ।
ଅପରୀକ୍ଷାର୍ଥ ଖଣ୍ଡଶଃ ବିଭକ୍ତ—3. Dissected. ୪ ।
ମୋଚିତ—4. Freed. ୫ । ନିର୍ଦ୍ଧାରିତ—5. Ascertained. ୬ । ବିଭକ୍ତ—6. Divided.

ବ୍ୟବଚ୍ଛେଦ—ସଂ, ବି ( ବି+ଅବ+ଛିଦ୍ ଧାତୁ+ଭାବ ଅ )—୧ ।
Byabachchheda ବିଶ୍ଲେଷଣ—1. Analysis. ୨ । ବିଭାଗ
(ବ୍ୟବଚ୍ଛେଦକ—ବିଣ ପୁଂ) —2. Division. ୩ । ଶରୀରରୁ
ବାଣାଦି ମୋଚନ—3 Extraction of arrow from the body. ୪ । ପରୀକ୍ଷାର୍ଥ କୌଣସି ପଦାର୍ଥକୁ
ଖଣ୍ଡ ଖଣ୍ଡ କରି କାଟିବା—4. Dissection for experiment. ( ଯଥା—ଶବ ବ୍ୟବଚ୍ଛେଦ । )
୫ । ( +କର୍ମ ଅ ) ବିଭାଗ; ଖଣ୍ଡ—5. Section. ୬ ।
ବିରାମ ( ହି. ଶ )—6. Cessation.

ବ୍ୟବଚ୍ଛେଦ ବିଜ୍ଞାନ—ସଂ. ବି ( ଅଧୁନିକ ପ୍ରୟୋଗ )—ଜୀବଦେହକୁ
Byabachchheda bijnāna ଖଣ୍ଡ ଖଣ୍ଡ କରି କାଟି ତହିଁର ଅଂଶ-
ବ୍ୟବଚ୍ଛେଦ ବିଦ୍ୟା } ଅନ୍ୟରୂପ
ବ୍ୟବଚ୍ଛେଦ ଶାସ୍ତ୍ର }
ମାନଙ୍କ ବିଷୟ ଅଧ୍ୟୟନ କରିବା ଶାସ୍ତ୍ର—The science of Anatomy.

ବ୍ୟବଦାନ—ସଂ. ବି ( ବି+ଅବଦାନ )—କୌଣସି ପଦାର୍ଥକୁ ଶୁଦ୍ଧ ଓ
Byabadāna ସଫା କରିବା କର୍ମ ( ହି. ଶ )—Purification.

ବ୍ୟବଧାନ—ସଂ. ବି ( ବି+ଅବ+ଧା. ଧାତୁ+ଭାବ. ଅନ )—
Byabadhāna ୧ । ଫାଙ୍କ; ଅନ୍ତର—1. Interval; space.
ବ୍ୟବଧା } ଅନ୍ୟରୂପ
ବ୍ୟବଧି }
୨ । ଦୁଇ ପଦାର୍ଥ ମଧ୍ୟରେ ଦୂରତ୍ୱ—2.
Distance. ୩ । ତିରୋଧାନ—3. Disappearance. ୪ । ଆଚ୍ଛାଦନ— 4. Covering;
enveloping. ୫ । (+କରଣ.ଅନ) । ପରଦା—5.
Screen. ୬ । (+କର୍ମ.ଅନ) ବିଭାଗ; ଖଣ୍ଡ (ହି.ଶ.)—
6. Division; piece; section.

ବ୍ୟବସା—ସ୍ତ୍ରୀ. ବି ( ସଂ ବ୍ୟବସାୟ )—୧ । ଜୀବିକା; ବ୍ୟବସାୟ—Byabasā 1. Profession. ( ଉ—ଏ ଜନ୍ମର ରଖ, ଅବା! ব্যবসা ବ ବସ୍ତୁରେ ।' ଯୋଚିଲେ ଦାରୁଣ ରଣ ବ୍ୟବସାରେ—व्यवसा ରାଧାନାଥ. ଚନ୍ଦ୍ରଭାଗା । ) ୨ । ବଣିଜ; ବେପାର—2. Trade; business.

ବ୍ୟବସାୟ—ସଂ ବି ( ବି+ଅବ+ସୋ ଧାତୁ+ଭାବ. ଅ )—୧ । Byabasāya ଯତ୍ନ; ଉଦ୍ୟମ—1. Care; exertion. ୨ । ଚେଷ୍ଟା—2. Effort. ୩ । ଇଚ୍ଛା; କଳ୍ପନା; ଅଭିପ୍ରାୟ—3. Desire; device; intention. ୪ । (+କର୍ତ୍ତୃ.ଅ) ବିଷ୍ଣୁ—4. Bishṇu. ୫ । (+କର୍ମ.ଅ) ବେପାର; ବାଣିଜ୍ୟ;ବଣିଜ; କାରବାର—5. Trade; business; commerce. ୬ । (+କରଣ.ଅ) ଜୀବନୋପାୟ; ବୃତ୍ତି; ଜୀବିକା; ପେଶା—6. Profession; occupation; calling ୭ । ବ୍ୟାପାର;କାର୍ଯ୍ୟ—7. Action;doing. ୮ । କୌଣସି କାର୍ଯ୍ୟର ଆରମ୍ଭ (ବୃ. ସ )—8.Commencement of a work. ୯ । (କର୍ତ୍ତୃ. ଅ) ଶିବ (ବୃ. ସ.)—9. Siba.

ବ୍ୟବସାୟ କରିବା—ଦେ. କ୍ରି—୧ । ବେପାର କରିବା; କାରବାର Byabasāya karibā କରିବା—1. To engage in a ব্যবসা করা trade or business. ୨ । ଜୀବିକା ନିମନ୍ତେ व्यवसा करना କୌଣସି ବୃତ୍ତି ଅବଲମ୍ବନ କରିବା—2. To take to a profession; to engage in an occupation.

ବ୍ୟବସାୟ କେନ୍ଦ୍ର—ଦେ. ବି—ବେପାରର ଗଞ୍ଜ—Mart; a centre Byabasāya kendra of business or trade. ব্যবসার কেন্দ্র व्यापारका केन्द्र

ବ୍ୟବସାୟ ଜ୍ଞାନ—ଦେ. ବି—ବ୍ୟବସାୟ ସମ୍ବନ୍ଧେ ଅଭିଜ୍ଞତା; ବିଷୟ-Byabasāya jñāna ବୁଦ୍ଧି—Professional or practiব্যবসা জ্ঞান, বিষয় বুদ্ধি व्यवसा ग्यान cal experience or knowledge.

ବ୍ୟବସାୟ ଦ୍ରବ୍ୟ—ଦେ. ବି—ବାଣିଜ୍ୟ ଦ୍ରବ୍ୟ; ପଣ୍ୟ ଦ୍ରବ୍ୟ—Byabasāya drabya ব্যবসা দ্রব্য माल Merchandise. ( ବ୍ୟବସାୟ ସାମଗ୍ରୀ—ଅନ୍ୟରୂପ )

ବ୍ୟବସାୟ ବୁଦ୍ଧି—ଦେ. ବି—୧ । ବ୍ୟବସାୟ ଚଳାଇବା ନିମନ୍ତେ ସେହି Byabasāya buddhi ବୁଦ୍ଧି अवसर—1. Business ব্যবসা বুদ্ধি व्यवसाय बुद्धि instinct. ୨ । ବ୍ୟବସାୟ କରିବା ନିମନ୍ତେ ଇଚ୍ଛା ବା ଆକାଂକ୍ଷା—2. Business propensity.

ବ୍ୟବସାୟ ସ୍ଥଳ—ଦେ. ବି—୧ । ବାଣିଜ୍ୟର ଜାଗା—1. A place Byabasāya sthala of business. ୨ । ଯେଉଁଠାରେ ব্যবসার স্থল ବ୍ୟବସାୟ କରୁଥାଏ—2. A place where a व्यापारका जगह man follows his profession. ୩ । ( ବ୍ୟବସାୟ ସ୍ଥାନ—ଅନ୍ୟରୂପ ) ଶିଳ୍ପଶାଳା; କାରଖାନା—3. Foctory;workshop ୪ । ବାଣିଜ୍ୟର ଆଡ୍ଡା; ବାଣିଜ୍ୟ କେନ୍ଦ୍ର—4. A mart; a trade centre.

ବ୍ୟବସାୟାବଲମ୍ବନ—ସଂ. ବି ( ୬ଷ୍ଠୀ ତତ୍ )—ଗୋଟିଏ ବେପାର ବା Byabasāyābalambana ଜୀବିକାକୁ ଧରିବା—Taking to or sticking to a trade or profession.

ବ୍ୟବସାୟୀ—ସଂ. ବିଣ. ପୁଂ ( ବ୍ୟବସାୟ+ଅସ୍ତି ଅର୍ଥରେ ଇନ୍. ୧ମା. Byabasāyi ଏକ )—୧ । ବେପାରୀ; ସଉଦାଗର; ବାଣିଜ୍ୟ-( ବ୍ୟବସାୟିନୀ—ସ୍ତ୍ରୀ ) ଜୀବୀ—1. Trader; merchant. ୨ । ସାଂସାରିକ ବିଷୟ କାର୍ଯ୍ୟରେ ଚତୁର—2. Practical. ୩ । ବେବସାଦାର; ବୃତ୍ତି ଅବଲମ୍ବୀ—3. Following a profession; professional. ୪ । ଉଦ୍ୟୋଗୀ—4. Exerting; active; diligent. ୫ । ଅନୁଷ୍ଠାନକାରୀ—5. Performing; practising.

ବ୍ୟବସିତ—ସଂ. ବି ( ବି+ଅବ+ସୋ ଧାତୁ+କର୍ତ୍ତୃ. ତ )—୧ । Byabasita ଚେଷ୍ଟିତ;ଉଦ୍ୟତ—1. Engaged in; endeavouring to do; about to do; ready to do ୨ । ପ୍ରତାରିତ—2. Defrauded; deceived; cheated. ୩ । ଅବଧାରିତ; ସ୍ଥିରୀକୃତ—3. Settled; ascertained. ୪ । ନିଶ୍ଚିତ—4. Certain; sure ୫ । ( +କର୍ମ. ତ ) ଅଭିପ୍ରେତ—5. Intended; aimed at. ୬ । ଅନୁଷ୍ଠିତ—6. Performed; done; accomplished. ବି—୧ । ( +ଭାବ. ତ ) ଅବଧାରଣ—1. Settlement; ascertainment; determination. ୨ । ନିଶ୍ଚୟ—2. Certainty. ୩ । ନିଶ୍ଚୟାତ୍ମକ ଜ୍ଞାନ—3. Clear knowledge.

ବ୍ୟବସ୍ଥା—ସଂ. ବି (ବି+ଅବ+ସ୍ଥା ଧାତୁ+ଭାବ. ଅ+ଆ)—୧ । ବନ୍ଦୋ-Byabasthā ବସ୍ତ—1. Arrangement. ୨ । ପଦ୍ଧତି—2. Method; mode. ୩ । ପୃଥକ୍ ପୃଥକ୍ ସ୍ଥାପନ—3. Placing things separately. ୪ । ବିଧି; ବିଧାନ; ନିୟମ—4. Rule; formula. ୫ । ଆଇନ—5 Law; a rule of law; ordinance. ୬ । କାନୁନ୍—6. Regulation. ୭ । ଶାସ୍ତ୍ରୀୟବିଧି—7. A precept enjoined by the scriptures. ୮ । ସାମାଜିକ ନିୟମ—8. A rule of society. ୯ । ଆଦେଶ—9. Order; precept; injunction; decree; prescription. ୧୦ । ସ୍ଥିତି—10. Situation. ୧୧ । ଅବସ୍ଥା—11. State; condition. ୧୨ । ସ୍ଥିରତା—12. Firmness; certainty. ଦେ. ବି—୧ । ବିଚାର; ବିବେଚନା—1. Consideration. ( ଉ—ଏଣୁ ଭଲ ମନରେ ନାହିଁ ତୋ। ବ୍ୟବସ୍ଥା—କୃଷ୍ଣସିଂହ. ମହାଭାରତ. ବନ । ) ୨ । ଆଚରଣ—2. Conduct. ( ଉ—ବହୁଳ ଭେଦିବେ ମଣି ଅର୍ପିବେ ପୁଣେହିଁ ସେ ବ୍ୟବସ୍ଥା—ଉପେ. ବୈଦେହୀଶ-ବିଳାସ । ) ୩ । ଅବସ୍ଥା—3. State; condition.

( ଉ—ଏବେ ହେଉ ଶୁଣ ମହାଋଥା । ତୋ ଉ.ଭ ଜନମ ବ୍ୟବସ୍ଥା—ଜଗନ୍ନାଥ. ଭାଗବତ । ) ୪ । ବ୍ୟବସ୍ଥାପତ୍ର—4. Prescription.

**ବ୍ୟବସ୍ଥା କରିବା**—ଦେ. କ୍ରି—ବନ୍ଦୋବସ୍ତ କରିବା—To make Byabastha kariba arrangements; to arrange.
ব্যবস্থা করা व्यवस्था करना

**ବ୍ୟବସ୍ଥା କର୍ତ୍ତା**—ସଂ. ବ ଓ ବଣ ପୁଂ—ବ୍ୟବସ୍ଥାପକ; ଅଇନକର୍ତ୍ତା—Byabastha kartta Legislator; law giver. (ବ୍ୟବସ୍ଥାକାରୀ—ଅନ୍ୟରୂପ) [ବ୍ୟବସ୍ଥାକର୍ତ୍ତ୍ରୀ (କାରିଣୀ)-ସ୍ତ୍ରୀ ]

**ବ୍ୟବସ୍ଥାତା**—ସଂ. ବ. ଓ ବଣ. ପୁଂ—(ବି+ଅବ+ସ୍ଥା ଧାତୁ+କର୍ତ୍ତୃ. Byabasthata ତୃ; ୧ମା. ୧ବ.)—୧ । ବନ୍ଦୋବସ୍ତକାରୀ—(ବ୍ୟବସ୍ଥାତ୍ରୀ—ସ୍ତ୍ରୀ) 1. One who makes arrangment. ୨ । ବ୍ୟବସ୍ଥାଦାତା—2. Lawgiver; legislating.

**ବ୍ୟବସ୍ଥାତିକ୍ରମ**—ସଂ. ବ ( ୬ଷ୍ଠୀ ତତ୍ )—ନିୟମଭଙ୍ଗ କରଣ—Byabasthatikrama Transgression of law; in-(ବ୍ୟବସ୍ଥାତିକ୍ରମଣ-ଅନ୍ୟରୂପ) fringement of rule.

**ବ୍ୟବସ୍ଥା ଦର୍ପଣ**—ସଂ. ବ—ଯେଉଁ ପୁସ୍ତକରେ ଶାସ୍ତ୍ରୀୟ ବ୍ୟବସ୍ଥାମାନ Byabastha darpana ଲିପିବଦ୍ଧ ହୋଇଅଛି—A book laying down religious or legal precepts.

**ବ୍ୟବସ୍ଥା ଦାତା**—ସଂ. ବ ଓ ବଣ.ପୁଂ—୧ । ଯେ ଶାସ୍ତ୍ର ବା ଅଇନ୍ ସମ୍ବନ୍ଧେ Byabastha data ମତ ଦିଏ—1. One who delivers an opinion an any rule or law.
ବ୍ୟବସ୍ଥା ଦାୟକ } —ଅନ୍ୟରୂପ
ବ୍ୟବସ୍ଥା ଦାୟୀ }
୨ । ବ୍ୟବସ୍ଥାପକ—2. Law giver; legislator,

**ବ୍ୟବସ୍ଥା ଦେବା**—ଦେ. କ୍ରି—୧ । ଶାସ୍ତ୍ରବିଧି ଉଲ୍ଲେଖ କରିବା—Byabastha deba 1. To lay down a rule of law; ব্যবস্থা দেওয়া to prescribe. ୨ । ଉପସ୍ଥିତ କୌଣସି ବିଷୟ व्यवस्था देना ସମ୍ବନ୍ଧେ ପ୍ରଯୋଜ୍ୟ ଶାସ୍ତ୍ରୀୟ ବିଧିର ଉଲ୍ଲେଖ କରିବା-2. To give a prescription that will suit the particular case.

**ବ୍ୟବସ୍ଥାନ**—ସଂ. ବ—(ବି+ଅବ+ସ୍ଥା ଧାତୁ+ଭାବ. ଅନ)—୧ । Byabasthana ଅବସ୍ଥିତି—1. Position; situation. ୨ । ପ୍ରତିଷ୍ଠା—2. Establishment. ୩ । (+କର୍ତ୍ତୃ. ଅନ) ବିଷ୍ଣୁ—3. Bishnu. ୪ । (+ଅଧିକରଣ.ଅନ) ବିଚାରାଳୟ—4. Court of justice, a place of trial.

**ବ୍ୟବସ୍ଥାନୁମୋଦିତ**—ସଂ. ବଣ—(ତୃତୀୟା ତତ୍; ବ୍ୟବସ୍ଥା+ଅନୁମୋଦିତ) Byabasthanumodita ୧ । ବିଧି ଅନୁମୋଦିତ; ବିଧିସିଦ୍ଧ; ବୈଧ—1. Established by law; conformable to rules; legal. ୨ । ବିଧିବଦ୍ଧ—2. Laid down in codes; codified.
ବ୍ୟବସ୍ଥା ବିହିତ
ବ୍ୟବସ୍ଥା ସଙ୍ଗତ } —ଅନ୍ୟରୂପ
ବ୍ୟବସ୍ଥା ସମ୍ମତ
ବ୍ୟବସ୍ଥା ସିଦ୍ଧ
ବ୍ୟବସ୍ଥାନୁମତ

**ବ୍ୟବସ୍ଥାପକ**—ସଂ. ବଣ. (ବି+ଅବ+ସ୍ଥା ଧାତୁ ଣିଚ୍ ସ୍ଥାପି ଧାତୁ+ Byabasthapaka କର୍ତ୍ତୃ. ଅକ)—୧ । ଯେ ବ୍ୟବସ୍ଥା ଦିଏ—(ବ୍ୟବସ୍ଥାପିକା—ସ୍ତ୍ରୀ) Legislating; legislative; prescribing. ୨ । ବିଧାନକର୍ତ୍ତା; ନିୟାମକ; ଉପଧାୟକ—2. Controlling; ordaining; regulating. ୩ । ସଂସ୍ଥାପକ—3. Settling; fixing; establishing. ବି.—ଅଇନକର୍ତ୍ତା; ବିଧି କର୍ତ୍ତା—Legistator; a lawgiver.

**ବ୍ୟବସ୍ଥାପକ ସଭା**—ଦେ. ବି—(ଅଧୁନାତନ ପ୍ରୟୋଗ)—ଯେଉଁ ସଭାଦ୍ୱାରା Byabasthapaka sabha ଅଇନ୍ ମାନ ପ୍ରଣୀତ ବା ଲିପିବଦ୍ଧ ହୁଏ—The Legislative Assembly; the Legislative Council [ଦ୍ର—ଏହା ଦୁଇ ପ୍ରକାର ଯଥା—୧ । ପ୍ରାଦେଶିକ ବ୍ୟବସ୍ଥାପକ ସଭା ୨ । ଭାରତୀୟ ବ୍ୟବସ୍ଥାପକ ସଭା ।]

**ବ୍ୟବସ୍ଥା ପତ୍ର**—ସଂ. ବ (ଅଧୁନାତନ ବ୍ୟବହାର)—୧ । ବିଧି ଲେଖାଥିବା Byabastha patra ପତ୍ର—1. Prescription; a ruling. ୨ । ଡାକ୍ତରମାନେ ରୋଗୀଙ୍କୁ ଦେବା ରୋଗନିର୍ଣ୍ଣୟସୂଚକ ଓ ଔଷଧନିର୍ଦ୍ଦେଶକ ପତ୍ର—2. Doctor's prescription. ୩ । ଉପସ୍ଥିତ ଘଟନାର ବା ସମସ୍ୟାର ସମାଧାନାର୍ଥ ପଣ୍ଡିତମାନେ ଶାସ୍ତ୍ରବାକ୍ୟ ଉଦ୍ଧାରପୂର୍ବକ ଦେଇଥିବା ବ୍ୟବସ୍ଥାସମ୍ବଳିତ ଲିପି—3 A prescription given by pandits quoting sastric rulings regarding a certain question. ୪ । ଅଇନ୍ ସମ୍ବନ୍ଧୀୟ ବିଧି ଲେଖାଥିବା ପତ୍ର; ନଜୀର—4. A ruling on law; a written legal opinion.

**ବ୍ୟବସ୍ଥା ପଦ୍ଧତି**—ଦେ. ବ—ବ୍ୟବସ୍ଥାର ବା ନିୟମର ପ୍ରଣାଳୀ—Byabastha paddhati Method of arrangement.

**ବ୍ୟବସ୍ଥାପନ**—ସଂ. ବ—(ବି+ଅବ+ସ୍ଥା ଧାତୁ ଣିଚ୍ ସ୍ଥାପି ଧାତୁ+ଭାବ. Byabasthapana ଅନ )—୧ । ନିୟମ ପ୍ରଣୟନ—1. Legislation. ୨ । ନିର୍ଦ୍ଧାରଣ; ସ୍ଥିରୀକରଣ—2. Settlement; adjustment; ascertainment. ୩ । ପ୍ରତିଷ୍ଠାକରଣ—3. Establishment. ୪ । ବନ୍ଦୋବସ୍ତ କରିବା—4. Making arrangement. ୫ । ଶାସ୍ତ୍ରର ବ୍ୟବସ୍ଥା ଦେବା—5. Laying down of a rule of the scriptures. ୬ । କୌଣସି ବିଷୟରେ ଅଇନ ସଙ୍ଗତ ପ୍ରଶ୍ନର ଉତ୍ତର ଲେଖିଦେବା—6. Laying down a point of, law.

**ବ୍ୟବସ୍ଥାପନୀୟ**—ସଂ.ବଣ—(ବି+ଅବ+ସ୍ଥାଧାତୁ ଣିଚ୍+କର୍ମ. ଅନୀୟ)—Byabasthapaniya ୧ । ନିର୍ଦ୍ଧାରଣୀୟ—1. Ascertainable. ୨ । ବିଧିବଦ୍ଧ କରିବା ଯୋଗ୍ୟ—2. Fit to be legislated or codified.
ବ୍ୟବସ୍ଥାପୟିତବ୍ୟ
ବ୍ୟବସ୍ଥାପ୍ୟ } —ଅନ୍ୟରୂପ
ବ୍ୟବସ୍ଥେୟ

**ବ୍ୟବସ୍ଥାପୟିତା**—ସଂ. ବଣ. ପୁଂ—( ବି+ଅବ+ସ୍ଥାପି ଧାତୁ+କର୍ତ୍ତୃ. Byabasthapayita ତୃ, ୧ମା. ୧ବ)—୧ । ଅଇନ୍‌କର୍ତ୍ତା—(ବ୍ୟବସ୍ଥାପୟିତ୍ରୀ—ସ୍ତ୍ରୀ) 1. Legislating. ୨ । ବିଧାନକର୍ତ୍ତା—2. Regulating; adjusting.

ବ୍ୟବସ୍ଥା ପରିଷଦ୍—ସ. ବି ( ଆଧୁନିକ ପ୍ରୟୋଗ )—ଆଇନ ପ୍ରଣୟନ-
Byabasthā parishad କାରୀ ସମିତି—Legislative
ব্যবস্থা পরিষদ্ व्यवस्था परिषद् Assembly.

ବ୍ୟବସ୍ଥାପିତ—ସ. ବଣ ( ବି+ଅବ+ସ୍ଥାପି ଧାତୁ+କର୍ମ କ୍ତ )—୧ ।
Byabasthāpita ବିଧିରୂପେ ଲିଖିତ; ବିଧିବଦ୍ଧ—1. Codified, legislated. ୨ । ନିର୍ଦ୍ଧାରିତ; ନିୟମିତ—2. Appointed; fixed; regulated. ୩ । ପ୍ରତିଷ୍ଠିତ—3. Established; adjusted. ୪ । ସ୍ଥିରୀକୃତ—4. Ascertained; settled.

ବ୍ୟବସ୍ଥା ବିଜ୍ଞାନ—ସ. ବି ( ଆଧୁନିକ ପ୍ରୟୋଗ )—ଯେଉଁ ଶାସ୍ତ୍ରରେ
Byabasthā bijñāna ଆଇନର ମୌଳିକ ବିଧି ଓ ଉଦ୍ଦେଶ୍ୟମାନ ବର୍ଣ୍ଣିତ ହୋଇଅଛି—Jurisprudence; the science of law.

ବ୍ୟବସ୍ଥା ଶାସ୍ତ୍ର—ସ. ବି—୧ । ସ୍ମୃତିଶାସ୍ତ୍ର; ମନୁ, ପରାଶର ଆଦି ମୁନିଙ୍କ
Byabasthā śāstra ସଙ୍କଳିତ ଧର୍ମଶାସ୍ତ୍ର; ସ୍ମୃତି ଶାସ୍ତ୍ର—
( ବ୍ୟବସ୍ଥା ସଂହିତା—ଅନ୍ୟରୂପ ) 1. Hindu codes of law compiled by Marm and others. ୨ । ବିଧିବଦ୍ଧ ଆଇନ୍—2. Codified law; a statute; a code of law. ୩ । ବ୍ୟବସ୍ଥାବିଜ୍ଞାନ—3. Jurisprudence.

ବ୍ୟବସ୍ଥା ବିରୁଦ୍ଧ—ସ.ବି (ବ୍ୟବସ୍ଥା+ବିରୁଦ୍ଧ)—ବ୍ୟବସ୍ଥାର ବା ଆଇନର
Byabasthā biruddha ବିପରୀତ—Contrary to rules;
(ବ୍ୟବସ୍ଥାବିଗର୍ହିତ—ଅନ୍ୟରୂପ) illegal.

ବ୍ୟବସ୍ଥିତ—ସ. ବଣ (ବି+ଅବ+ସ୍ଥା ଧାତୁ+କର୍ମ. କ୍ତ )—୧ । ନିଶ୍ଚିତ;
Byabasthita ସ୍ଥିରୀକୃତ; ନିର୍ଦ୍ଧାରିତ—1. Fixed; settled; ascertained. ୨ । ବିଧିବଦ୍ଧ—2. Decreed; codified; arranged. ୩ । ନିୟମିତ-3. Regulated; orderly. ୪ । ନିଯୁକ୍ତ—4. Engaged; appointed. ୫ । ପ୍ରଚାରିତ—5. Published; proclaimed. ୬ । ପ୍ରତିଷ୍ଠିତ—Established. ୭ । ପୃଥକ୍‌କୃତ—7. Separated. ୮ । ଦୃଢ଼ବଦ୍ଧ—8. Firmly settled or fixed. ୯ । (+କର୍ତ୍ତୃ. କ୍ତ)-ସମ୍ୟକ୍ ଅବସ୍ଥିତ—9. Peculiarly placed.

ବ୍ୟବସ୍ଥିତି—ସ. ବି (ବି+ଅବ+ସ୍ଥା ଧାତୁ+ଭାବ କ୍ତି)—୧ । ବ୍ୟବସ୍ଥା-
Byabasthiti 1. Arrangement. ୨ । ନିର୍ଦ୍ଧାରଣ; ସ୍ଥିରୀକରଣ—2. Settlement; ascertainment. ୩ । ସମ୍ୟକ୍ ଅବସ୍ଥିତି—3. Peculiar sitnation.

ବ୍ୟବସ୍ଥେୟ—ସ. ବଣ ( ବି+ଅବ+ସ୍ଥା ଧାତୁ+କର୍ମ ଯ )—
Byabastheya ବ୍ୟବସ୍ଥା କରିବାର ଯୋଗ୍ୟ—Fit to be laid down or legislated.

ବ୍ୟବହରଣ—ସ. ବି ( ବି+ଅବ+ହୃ ଧାତୁ+ଭାବ ଅନ )—
Byabaharana ଅଭିଯୋଗ ଆଦିର ନିୟମାନୁସାରେ ବିଚାର; ମକଦ୍ଦମାର ଶୁଣାଣି—Hearing or regular trial of a suit or case.

ବ୍ୟବହରଣୀୟ—ସ. ବଣ ( ବି+ଅବ+ହୃ ଧାତୁ+କର୍ମ
Byabaharaniya ଅନୀୟ )—୧ । ବ୍ୟବହାରଯୋଗ୍ୟ—
( ବ୍ୟବହର୍ତ୍ତବ୍ୟ—ଅନ୍ୟରୂପ ) 1. Fit for use. ୨ । ପ୍ରଚଳିତ; ଯାହା ବରାବର ବ୍ୟବହାରରେ ଚାଲି ଆସୁଅଛି—2. Customary.

ବ୍ୟବହର୍ତ୍ତା—ସ. ବି ( ବି+ଅବ+ହୃ ଧାତୁ+କର୍ତ୍ତୃ. ତୃ; ବ୍ୟବହର୍ତ୍ତୃ
Byabahartta ଶବ୍ଦ; ୧ମା. ୧ବ )—୧ । ଯେଉଁ ରାଜକର୍ମଚାରୀ
( ବ୍ୟବହର୍ତ୍ତ୍ରୀ—ସ୍ତ୍ରୀ ) ପ୍ରଜାଙ୍କର ବ୍ୟବହାର ଓ ରୀତିନୀତି ପ୍ରତି ଦୃଷ୍ଟି ରଖେ—1. A public servant appointed to watch if people are following the custom. ୨ । ପ୍ରାଡ୍‌ବିବାକ; ଯେ କୌଣସି ବିଧିର ପ୍ରଚଳନ କରେ—2. A person who introduces a custom or usage. ୩ । ବିଚାରକ; ହାକିମ୍; ଜଜ୍—3. A judge; a court; a magistrate. ୪ । ରାଜ-କର୍ମଚାରୀବିଶେଷ; ରାଜକାର୍ଯ୍ୟ ପରିଦର୍ଶକ—4. A superintendent appointed by the king. [ ଦ୍ର—ଓଡ଼ିଆ ବେବର୍ତ୍ତା ଶବ୍ଦ ଏହି ଶବ୍ଦର ଅପଭ୍ରଂଶ । ]

ବ୍ୟବହାର—ସ. ବି ( ବି+ଅବ+ହୃ ଧାତୁ=ହରଣ କରିବା+ଭାବ.
Byabahāra ଅ )—୧ । କାରବାର; ବ୍ୟବସାୟ; ବାଣିଜ୍ୟ; ବେପାର—1. Trade; commerce. ୨ । ଆଚରଣ—2. Conduct; treatment; behaviour. ୩ । ଋଣଦାନ; ମହାଜନୀ—3. Usury; advancing money on interest; investment of money. ୪ । ମାମଲା; ମକଦ୍ଦମା—4. Law suit; litigation. ୫ । ମକଦ୍ଦମାର ବିଚାର—5. Administration of ustice; judicial trial. ୬ । ଆଇନ୍—6. Law. ୭ । ଲୋକାଚାର; ପ୍ରଥା; ଲୋକପ୍ରଚଳିତ ରୀତି; ସାମାଜିକ ପ୍ରଥା—7. Practice; usage; custom; social custom. ୮ । ଚୁକ୍ତି—8. Contract. ୯ । ପ୍ରଚଳନ; କାର୍ଯ୍ୟରେ ଲଗିବା; ପ୍ରୟୋଗ—9. Use; vogue. ୧୦ । ଲୌକିକ ବା ସାଂସାରିକ କାର୍ଯ୍ୟ—10. Wordly work; business. ୧୧ । କ୍ରିୟା; କର୍ମ; କାର୍ଯ୍ୟ—11. Affair; act. ୧୨ । ବେଭାର; ଲୌକିକତା; ସାମାଜିକ ନିୟମ ଅନୁସାରେ ଦେୟ ଉପଢୌକନ—12. Presents givin in observance of social custom. ୧୩ । ଉପଭୋଗ—13. Enjoyment. ୧୪ । ଝଗଡ଼ା; ବିବାଦ (ଗ୍ରା.ପ୍ର)—14 Dispute; qarrel. ୧୫ । ସର୍ତ୍ତ; ପଣ—15. Condition. ୧୬ । ମକଦ୍ଦମା ମୂଳରୁ ଶେଷ ପର୍ଯ୍ୟନ୍ତ ଚାଳିତ ହେବାର ବିଧି-16. Legal procedure. [ ଦ୍ର—ଓଡ଼ିଆ ବେଭାର ଶବ୍ଦ ଏଥିର ଅପଭ୍ରଂଶ । ]

ବ୍ୟବହାରକ—ସଂ. ବଣ. ପୁଂ—୧ । ପ୍ରଥା ବା ରୀତି ଅନୁସାରେ
Byabahāraka କାର୍ଯ୍ୟକାରକ—1. Acting according
(ବ୍ୟବହାରକା—ସ୍ତ୍ରୀ) to custom. ୨ । ସାବାଳକ (ହ୍ରୁ. ଶ); ପୂର୍ଣ୍ଣବୟସ୍କ—2. Major come of age. ସଂ. ବ—ବ୍ୟବହାରଜୀବ; ଆଇନ୍ ବ୍ୟବସାୟୀ (ହ୍ରୁ. ଶ)—Lawyer.

ବ୍ୟବହାର କରିବା—ଦେ. କ୍ରି—୧ । କୌଣସି ବସ୍ତୁକୁ ଆପଣା
Byabahāra karibā କାର୍ଯ୍ୟରେ ଲଗାଇବା ବା ପ୍ରୟୋଗ
ব্যাপার করনা କରିବା—1. To bring a thing into
**ब्यापार करना** one's use. ୨ । କୌଣସି ବସ୍ତୁକୁ ଉପଭୋଗ
ব্যবহার করনা କରିବା—2. To enjoy or use a thing.
**व्यवहार करना** ୩ । ବେପାର କରିବା—To enter into a trade or business.

ବ୍ୟବହାରଜୀବୀ—ସଂ. ବ. ପୁଂ (ବ୍ୟବହାର+ଜୀବ ଧାତୁ+କର୍ତ୍ତୃ. ଇନ୍;
Byabahārajībī ୧ମା. ୧ବ)—ଆଇନ୍ ବ୍ୟବସାୟୀ ବ୍ୟକ୍ତି
(ବ୍ୟବହାରଜୀବିନୀ—ସ୍ତ୍ରୀ) (ହ୍ରୁ, ଶ)—Lawyer.

ବ୍ୟବହାରଜ୍ଞ—ସଂ. ବଣ. ପୁଂ (ବ୍ୟବହାର=ମକଦ୍ଦମା ଚଳାଇବା+ଜ୍ଞା-
Byabahārajña ଧାତୁ+କର୍ତ୍ତୃ. ଅ)—୧ । ପ୍ରାପ୍ତବୟସ୍କ;
(ବ୍ୟବହାରଜ୍ଞା—ସ୍ତ୍ରୀ) ସାବାଳକ—1. Come of age; major ୨ । ଆଇନଜ୍ଞ—2. Versed in law. ୩ । ବିଧିଜ୍ଞ—3. Acquanted with customs and usages.

ବ୍ୟବହାର ଦର୍ଶନ—ସଂ. ବ—ଅଭିଯୋଗର ସତ୍ୟାସତ୍ୟ ବିଚାରପୂର୍ବକ ନିର୍ଣ୍ଣୟ
Byabahāra darśana (ହ୍ରୁ. ଶ)—Adjudication of a charge.

ବ୍ୟବହାର ଦର୍ଶୀ—ସଂ. ବ. ପୁଂ—୧ । ବିଚାରକ—1. Judge. ୨ ।
Byabahāra darśī ଜୁରି; ବିଚାରକଙ୍କ ସହାୟକ—2. Jury.
(ବ୍ୟବହାରଦର୍ଶିନୀ—ସ୍ତ୍ରୀ)

ବ୍ୟବହାର ପାଦ—ସଂ. ବ (ହିନ୍ଦୁ ସ୍ମୃତି)—ମକଦ୍ଦମାର ଭିନ୍ନ ଭିନ୍ନ ଅଙ୍ଗ—
Byabahāra pāda (Hindu Law) The different stages of litigation. [ ଦ୍ର—ମକଦ୍ଦମାରେ ୧—ପୂର୍ବପକ୍ଷ (ଦରଖାସ୍ତ ବା ଅରଜି), ୨—ଉତ୍ତର ପକ୍ଷ (ପ୍ରତିବାଦୀର ଜବାବ), ୩—କ୍ରିୟା (ପ୍ରମାଣ ଆଦିର ଉପସ୍ଥାପନ) ଓ ୪—ନିର୍ଣ୍ଣୟ (ବିଚାରପୂର୍ବକ ଫଇସଲ୍) ଏହି ଚାରୋଟି ପାଦ ଅଛି) । ]

ବ୍ୟବହାର ବିଧି—ସଂ. ବ—ବ୍ୟବସ୍ଥା ଶାସ୍ତ୍ର; ଆଇନ—Law of
Byabahāra bidhi procedure; jurisprudence.
ଦେ. ବ—କୌଣସି ଔଷଧ ବ୍ୟବହାର କରିବାର ବ୍ୟବସ୍ଥା—Prescription or directions for using a medicine.

ବ୍ୟବହାର ମାତୃକ(କା)—ସଂ. ବ—ବିଚାର ବା ମକଦ୍ଦମା ସମ୍ବନ୍ଧୀୟ
Byabahāra mātṛuka(kā) ସମୁଦାୟ କ୍ରିୟା—Legal procedure. ( ଯଥା—ମକଦ୍ଦମା ଦାଏର, ପ୍ରତିବାଦୀର ଜବାବ ଦାଖଲ, ମକଦ୍ଦମାର ଭିନ୍ନ ଭିନ୍ନ ପକ୍ଷର ସାକ୍ଷୀସମନ, ସାକ୍ଷୀଙ୍କ ହାଜର ଓ ସାକ୍ଷ ଦେବା, ସାକ୍ଷୀଙ୍କୁ ପ୍ରଶ୍ନ ଓ ଜେରା, ଜବାବ ସବାଲ୍, ଫଇସଲ । ମିତାକ୍ଷରା ଅନୁସାରେ ଏଥିର ସଂଖ୍ୟା ଛତିଶି ହ୍ରୁ. ଶ । )

ବ୍ୟବହାର ମାର୍ଗ—ସଂ. ବ ( ୬ଷ୍ଠୀ ତତ୍; ବ୍ୟବହାର+ମାର୍ଗ )—ହିନ୍ଦୁ
Byabahāra mārga ସ୍ମୃତି ଗ୍ରନ୍ଥମାନଙ୍କରେ ଲେଖାଥିବା ଋଣ ଦାନାଦି ଅଷ୍ଟାଦଶବିଧ ମକଦ୍ଦମାର କାରଣ—Eighteen kinds of causes of action according to the Hindu law.

ବ୍ୟବହାର ରସ—ସଂ. ବ—ସଂସାରାସକ୍ତି—
Byabahāra rasa Worldliness.

ବ୍ୟବହାରରେ ଲାଗିବା—ଦେ.କ୍ରି—୧ । ବ୍ୟବହୃତ ବା ଉପଭୁକ୍ତ ହେବା—
Byabahārare lāgibā 1. To be used or enjoyed.
( ବ୍ୟବହାରରେ ଆସିବା—ଅନ୍ୟରୂପ ) ୨ । କାର୍ଯ୍ୟରେ ଲାଗିବା—
ব্যবহারে লাগা(আসা) 2. To become useful; to be
**काममे आना; व्यवहारमे लगना** of use.

ବ୍ୟବହାର ଶାସ୍ତ୍ର—ସଂ. ବ—ବ୍ୟବସ୍ଥାଶାସ୍ତ୍ର; ଆଇନ୍; ଧର୍ମ ଶାସ୍ତ୍ର—
Byabahāra śāstra Law; jurisprudence.

ବ୍ୟବହାର ସିଦ୍ଧ—ସଂ. ବ ( ତୃତୀୟା ତତ୍; ବ୍ୟବହାର+ସିଦ୍ଧ )—ରୀତି-
Byabahāra siddha ସମ୍ମତ—Customary; established by usage.
[ବ୍ୟବହାରସଙ୍ଗତ, ବ୍ୟବହାରସମ୍ମତ, ବ୍ୟବହାରାନୁମୋଦିତ, ବ୍ୟବହାରାନୁମତ—ଅନ୍ୟରୂପ]

ବ୍ୟବହାରାଜୀବ—ସଂ. ବ. ପୁଂ ( ବହୁବ୍ରୀହି; ବ୍ୟବହାର+ଆଜୀବ=
Byabahārājība ଜୀବିକା ଯାହାର )—ଆଇନ୍ ବ୍ୟବସାୟୀ;
(ବ୍ୟବହାରାଜୀବା—ସ୍ତ୍ରୀ) ଓକିଲ, ମୁକ୍ତାର, ବାରିଷ୍ଟର ଆଦି—Lawyer; pleader; Vakil, Muktar, Barrister etc.

ବ୍ୟବହାରାସନ—ସଂ. ବ—ବିଚାରାସନ; ଇଜ୍‌ଲାସ୍—The Bench; the
Byabahārāsana seat of justice.

ବ୍ୟବହାରିକ—ସଂ. ବଣ ( ବ୍ୟବହାର+ଇକ )—୧ । ବ୍ୟବହାର-
Byabahārika ସିଦ୍ଧ—1. Practical; estabished by usage. ୨ । ବାଣିଜ୍ୟ ସମ୍ବନ୍ଧୀୟ—2. Relating to trade. ୩ । ବ୍ୟବହାର୍ଯ୍ୟ—3. Useful. ୪ । ଯାହା କାର୍ଯ୍ୟରେ ଆସେ—4. Of use; useful.
ସଂ. ବ—ଇଙ୍ଗୁଦୀ (ହ୍ରୁ. ଶ) (ଦେଖ)—Iṅgudī (See)

ବ୍ୟବହାରିକା—ସଂ. ବଣ. ସ୍ତ୍ରୀ—ବ୍ୟବହାରକର ସ୍ତ୍ରୀଲିଙ୍ଗ—
Byabahārikā Feminine of Byabahāraka.
ସଂ. ବ—୧ । ସଂସାରରେ ରହି ସଂସାର ବ୍ୟବହାର ଅନୁସାରେ କାର୍ଯ୍ୟ କରିବା ( ହ୍ରୁ. ଶ )—1. Acting in conformity to the worldly practice. ୨ । ଇଙ୍ଗୁଦୀ(ହ୍ରୁ. ଶ)—2. Iṅgudī ( See ) ୩ । ଝାଡ଼ୁ (ହ୍ରୁ ଶ)—3 Broomstick.

ବ୍ୟବହାରୀ—ଦେ. ବଣ ( ସଂ. ବ୍ୟବହାରକ )—୧ । ବ୍ୟବହାର୍ଯ୍ୟ—
Byabahārī 1. Practicable; ୨ । ଯାହା
(ବ୍ୟବହାରୀୟ—ଅନ୍ୟରୂପ) ପ୍ରତିଦିନ ବ୍ୟବହୃତ ହୁଏ—2. Of every day use. ୩ । ଯାହା କାର୍ଯ୍ୟରେ ଆସେ—

୫. Practical; useful. ୧୨. ବ. ସୁମୋସ୍ତା—Agent.
(ବ୍ୟବହାରିଣୀ—ସ୍ତ୍ରୀ) ସଂ. ବଣ. ପୁଂ ( ବ୍ୟବହାର + ଇନ୍; ୧ମା, ୧ବ )—ବ୍ୟବହାରକାରୀ—Using enjoying.

**ବ୍ୟବହାର୍ଯ୍ୟ**—ସଂ. ବଣ ( ବି + ଅବ + ହୃ ଧାତୁ + କର୍ମ. ଯ )—୧ । Byabahārjya ବ୍ୟବହାରଯୋଗ୍ୟ—1, Useful. ୨ । ଯାହା ବ୍ୟବହୃତ ହୋଇପାରେ—2, Fit to be used; useable. ୩ । ଯାହା କାର୍ଯ୍ୟରେ ଲଗାଯାଇପାରେ—3. Practical. ୪ । ଉପଭୋଗ୍ୟ—4. Enjoyable.

**ବ୍ୟବହିତ**—ସଂ. ବଣ ( ବି + ଅବ + ଧା ଧାତୁ + କର୍ମ. ତ )—୧ । Byabahita ଆଚ୍ଛାଦିତ—1. Covered; protected. ( ଅବ୍ୟବହିତ—ବିପରୀତ ) ୨ । ଅନ୍ତରିତ—2, Removed, ୩ । ଅନ୍ତର୍ହିତ—3, Vanished. ୪ । ଯହିଁ ମଧ୍ୟରେ ବ୍ୟବଧାନ ଥାଏ; ଅସଂଯୁକ୍ତ ଭାବରେ ଅବସ୍ଥିତ—4, Situated at a distance from each other; interspersed. ୫ । ଅଧଃକୃତ—5. Brought down; lowered. ୬ । ବିକୃତ—6. Impaired; distorted. ୭ । ଲୁକ୍କାୟିତ ( ହି. ଶ )—7. Hidden; concealed.

**ବ୍ୟବହୃତ**—ସ. ବ ( ବି + ଅବ + ହୃ ଧାତୁ + କର୍ମ. ତ )—Byabahṛuta ୧ । ଆଚରିତ—1. Used; followed. ୨ । ଅନୁଷ୍ଠିତ—2. Done. ୩ । ଉପଭୁକ୍ତ; ଅଧିକୃତ—3, Enjoyed; possessed. ୪ ବିଚାରିତ—4. Judged; considered. ୫ । ସ୍ଥିରୀକୃତ—5. Acerrained. settled.

**ବ୍ୟବହୃତି**—ସ. ବ ( ବି + ଅବ + ହୃ ଧାତୁ + ଭାବ. ତି )—Byabahṛuti ୧ । ବ୍ୟବସାୟରେ ମିଳିବା ଲାଭ (ହି. ଶ)—1. Profit in business. ୨ । ବାଣିଜ୍ୟ (ହି. ଶ)—2. Trade. ୩ । କୁଶଳତା (ହି. ଶ)—3. Proficiency.

**ବ୍ୟବାୟ**—ସ. ବ ( ବି + ଅବ + ଇ ଧାତୁ + ଭାବ. ଅ )—୧ । ମୈଥୁନ; Byabāya ସ୍ତ୍ରୀସଙ୍ଗ; ସମ୍ଭୋଗ—1. Copulation: sexual intercourse. ୩ । ଆଚ୍ଛାଦନ—3. Covering. ୪ । ମଝିରେ ରହିବା—4. Intervention. ୫ । ଅନ୍ତର୍ଧାନ—5. Disappearance. ୬ । ପବିତ୍ରତା—6. Purity; holiness ୭ । ତେଜ—7. Vigour, splendour; energy; halo. ୮ । ପରିଣାମ; ଫଳ (ହି. ଶ)—8. Result. ୯ । ବିଘ୍ନ; ବାଧା (ହି. ଶ)—9. Obstruction; obstacle. ୧୦ । ପରଦା (ହି.ଶ)—10. Screen.

**ବ୍ୟବାୟ ଶୀଳ**—ସ. ବ. ପୁଂ (ବ୍ୟବାୟ + ଶୀଳ)—ବ୍ୟବାୟୀ (ଦେଖ) Byabāya śila Byabāyī (See)

**ବ୍ୟବାୟ ଶୋଷ**—ସ. ବ – ଅତ୍ୟଧିକ ସ୍ତ୍ରୀପ୍ରସଙ୍ଗ ଯୋଗୁଁ ହେଉଥିବା ଏକ Byabāya śosha ପ୍ରକାର ଯକ୍ଷ୍ମା (ହି. ଶବ୍ଦସାଗର)—A kind of pulmonary consumption due to excessive sexual enjoyment.

**ବ୍ୟବାୟୀ**—ସ.ବଣ.ପୁଂ (ବ୍ୟବାୟ + ଇନ୍; ୧ମା. ୧ବ)—୧ । କାମୁକ—Byabāyī 1; Amorous. ୨ । ଲମ୍ପଟ—1. Dissolute; adulterous. ୨ । ଯେଉଁ ଔଷଧ ଶରୀରରେ ପ୍ରବେଶ କରି ତତ୍‌କ୍ଷଣାତ୍ ଦେହ ସମସ୍ତେ ବ୍ୟାପି ଯାଏ (ହି. ଶ)—2. (a medicine) Which is diffused throughout the system immediately after it is taken.

**ବ୍ୟଭାର**—ଗ୍ରା. ବ ( ସ. ବ୍ୟବହାର )—୧ । ବ୍ୟବହାର; ଆଚରଣ — Byabhāra 1. Conduct. [ହି—ବଙ୍ଗଳା ଭାଷାରେ ব্যাভার ବୋଲିଲୁ ଯାଏ, ମେଣ୍ଟ ଲୋକେ ସାଧାରଣ बताव ବ୍ୟଭାର—ଉଚ୍ଚାରଣ, ଉଦ୍ଧୃତ ସ୍ଥାନରୁ । ୨ । ଉପଭୋଗ—2. Use; enjoyment. ୩ । ବେଭାର ( ଦେଖ )—3 Bebhāra (See).

**ବ୍ୟଭିଚାର**—ସ. ବ—(ବି + ଅଭି + ଚର ଧାତୁ + ଭାବ. ଅ)—ଦୁଶ୍ଚରିତ୍ର; Byabhichāra ଦୁର୍ବ୍ୟବହାର—1. Wickedness; profligacy, wantonness; bad conduct. ୨ । ଅନିୟମ—2. Irregularity; departure from rule. ୩ । ପୁରୁଷର ପରସ୍ତ୍ରୀ ସଙ୍ଗେ ବା ସ୍ତ୍ରୀର ପରପୁରୁଷ ସଙ୍ଗେ ସଙ୍ଗମ—3. Adultery fornication; lechery. ୪ । ଲଙ୍ଘନ; ଅନ୍ୟଥାଚରଣ—4. Deviation, acting otherwise; transgression. ୫ । ସ୍ଖଳନ—5. Falling off; slipping. ୬ । ସାଧାରଣ ନିୟମର ବ୍ୟତିକ୍ରମ; ଉପଧାନ—6. Exception to a rule. ୭ । ଅନ୍ୟଥାଚରଣ—7. Acting contrary. ୮ । ଅତି ବ୍ୟାପ୍ତି—8. Suffusion. ୯ । ଅବ୍ୟାପ୍ତି—8. Absence; of diffusion. ୧୦ । ( ନ୍ୟାୟ ମତରେ ) ହେତ୍ୱାଭାସ ବିଶେଷ; ଯୁକ୍ତିରେ ଏକ ଶବ୍ଦକୁ ଭିନ୍ନ ଭିନ୍ନ ଅର୍ଥରେ ବ୍ୟବହାର କରିବା ଦୋଷ—10. (In logic) A defect of reasoning consisting of using the same term in different senses.

**ବ୍ୟଭିଚାର ଦୋଷ**—ସଂ. ବ—୧ । ପରସ୍ତ୍ରୀ ବା ପରପୁରୁଷ ସଙ୍ଗମ Byabhichāra dosha ଦୋଷ—1. Adultery. ୨ । ନ୍ୟାୟ ଶାସ୍ତ୍ରରେ ହେତ୍ୱାଭାସ ବିଶେଷ—2. (In logic) A defect consisting of using the same term in different senses. ୩ । ବିବାଦର ବିଷୟକୁ ଛାଡ଼ି ବିଷୟାନ୍ତରର ବିଚାର—3. Deviating from the real matter in dispute and introducing another.

**ବ୍ୟଭିଚାରୀ**—ସଂ. ବଣ. ପୁଂ—(ବ୍ୟଭିଚାର + କର୍ତ୍ତୃ. ଇନ୍; ୧ମା. ୧ବ)—Byabhichārī ୧ । ଦୁଶ୍ଚରିତ୍ର; ନଷ୍ଟଚରିତ୍ର—1. Profligate; (ବ୍ୟଭିଚାରିଣୀ—ସ୍ତ୍ରୀ) dissolute, ୨ । ପରସ୍ତ୍ରୀଗାମୀ—

(ବ୍ୟଭିଚାରିଣୀ—ସ୍ତ୍ରୀ) 2. Lecherous; adulterous. ୩ । ଲଙ୍ଘନକାରୀ; ଅନ୍ୟଥାଚାରୀ—3. Going astray; deviating; transgressing. ୪ । ଅତିବ୍ୟାପ୍ତ—4. Overspreading; pervading. ୫ । ଶୃଙ୍ଗାରାଦି ରସର ଭାବବିଶେଷ; ସଞ୍ଚାରୀ ଭାବ (ଦେଖ)—5. Samchāri bhāba (See). ୭ । ସୁମାର୍ଗଭ୍ରଷ୍ଟ—7. Gone astray. ବି—ପରସ୍ତ୍ରୀଗାମୀ ବ୍ୟକ୍ତି—Adulterer; fornicator.

ବ୍ୟଭିଚାରିଣୀ—ସ. ବି. ଓ ବିଣ ସ୍ତ୍ରୀ (ବ୍ୟଭିଚାରିନ୍+ସ୍ତ୍ରୀ. ଈ)—ଦୋଷ୍ଚାରିଣୀ; ନଷ୍ଟା ସ୍ତ୍ରୀ; କୁଳଟା ସ୍ତ୍ରୀ, ପର ପୁରୁଷଗାମିନୀ ସ୍ତ୍ରୀ—Adulteress; an unchaste woman.
Byabhichārini

ବ୍ୟଭିଚାରୀ ଭାବ—ସ. ବି—ଶୃଙ୍ଗାରାଦି ରସର ଭାବବିଶେଷ; ସଞ୍ଚାରୀ ଭାବ—The mental states of persons expierencing
Byabhichāri bhāba

[ଦ୍ର—ସ୍ଥାୟୀ ଭାବର ସହକାରୀ ରୂପେ ଅନ୍ୟ ଯେଉଁ ସବୁ ଭାବ ମନରେ ଉଦିତ ହୁଅନ୍ତି, ସେମାନଙ୍କୁ ବ୍ୟଭିଚାରୀ ଭାବ ବୋଲାଯାଏ ।

ସମସ୍ତ ରସରେ ୩୩ ଗୋଟି ବ୍ୟଭିଚାରୀ ଭାବ ଦେଖାଯାଏ । ଯଥା—ନିର୍ବେଦ, ଆବେଗ, ଦୈନ୍ୟ, ଶ୍ରମ, ମଦ, ଜଡ଼ତା, ଉଗ୍ରତା, ମୋହ, ବିବୋଧ (ଜାଗରଣ), ସ୍ୱପ୍ନ, ଅପସ୍ମାର (ମନର ଚଞ୍ଚଳତା), ଗର୍ବ, ମରଣ, ଆଲସ୍ୟ, ଅମର୍ଷ (ଅସହିଷ୍ଣୁତା), ନିଦ୍ରା, ଅବହିତ୍ଥା (ଭାବଗୋପନ) ଔତ୍ସୁକ୍ୟ, ଉନ୍ମାଦ, ଶଙ୍କା, ସ୍ମୃତି, ମତି, ବ୍ୟାଧି, ତ୍ରାସ, ଲଜ୍ଜା, ହର୍ଷ, ଅସୂୟା (ପରଗୁଣରେ ଦୋଷାରୋପଣ), ବିଷାଦ (ଉପାୟାଭାବଜନିତ ସତ୍ତ୍ୱକ୍ଷୟ), ଧୃତି, ଚପଳତା, ଗ୍ଲାନି (ନିସ୍ତେଜତା), ଚିନ୍ତା, ବିତର୍କ (ସନ୍ଦେହ ହେତୁ ବିଚାର) ]

ବ୍ୟଭିହାସ—ସ. ବି. (ବି+ଅଭି+ହସ୍ ଧାତୁ+ଭାବ. ଅ)—ଉପହାସ; ଥଟ୍ଟା—Jest; sneer.
Byabhihāsa

ବ୍ୟୟ—ସ. ବି. ( ବି+ଇ ଧାତୁ=ଗମନ କରିବା+ଭାବ. ଅ )—୧ । ଅପଚୟ; ଖରଚ—1. Expenditure; outgoing; expense. ୨ । କ୍ଷୟ; ନାଶ—2. Decay; waste; loss; destruction. ୩ । ଅଭାବ—3. Want; deficiency. ୪ । ଅପଗମ—4. Departure, ୫ । (ଜ୍ୟୋତିଷ) ଲଗ୍ନରୁ ଦ୍ୱାଦଶ ସ୍ଥାନ—5. ( astrology ) The 12th place from one's 'Lagna' or natal sign. ୬ । ଦାନ (ତୁ. ଷ)—6. Gift. ୭ । ପରିତ୍ୟାଗ (ତୁ. ଷ)—7. Abandonment. ଦେ. ବି—୧ । ଧନକ୍ଷୟ—1. Loss of money. ୨ । ଅପବ୍ୟୟ—2. Waste of money. [ଦ୍ର—ଏହାର ଓଡ଼ିଆ ଅପଭ୍ରଂଶ ବଏ, ବୟ ।] ୩ । ମହାଜନଠାରୁ ଟଙ୍କା ଆଦି ଋଣ ନେବା—3. Borrowing money etc from a creditor.
Byaya
ব্যয়
व्यय

୪ । ଦୋକାନଠାରୁ ସଉଦା ନେବା—4. Taking articles from a trader or shopkeeper.

ବ୍ୟୟକ—ସ. ବିଣ. ପୁଂ(ବି+ଇ ଧାତୁ+କର୍ତ୍ତୃ ଅକ)—ଯେ ବ୍ୟୟ କରେ—Spending.
Byayaka (ବ୍ୟୟିକା—ସ୍ତ୍ରୀ)

ବ୍ୟୟ କରି ଦେବା—ଦେ. କ୍ରି—ସମସ୍ତ ତୁଳନୀୟ ବସ୍ତୁକୁ କୌଣସି ବସ୍ତୁ ସଙ୍ଗେ ତୁଳନା କରିବା—To exhaust all comparisions. (ଦ୍ର—ବ୍ୟୟ କରି ଦେବା ଏହା ଉଣା ତା ଗିରେ । ଉଞ୍ଜ. ବୈଦେହୀଶବିଳାସ)
Byaya kari debā

ବ୍ୟୟ କରିବା—ଦେ. କ୍ରି—୧ । ଖରଚ କରିବା—1. To spend. ୨ । କରଜ କରିବା—2. To borrow. ୩ । ମହାଜନଠାରୁ ପଣ୍ୟଦ୍ରବ୍ୟ ନେବା—3. To take goods from a trader.
Byaya karibā
ব্যয় করা
व्यय करना

ବ୍ୟୟ କାତର—ସ. ବି. ପୁଂ (୭ମୀ ତତ୍)—କୃପଣ—Niggardly; stingy; close-fisted; miserly.
Byaya kātara
(ବ୍ୟୟକୁଣ୍ଠ—ଅନ୍ୟରୂପ) (ବ୍ୟୟକାତରା—ସ୍ତ୍ରୀ)

ବ୍ୟୟ କାତରତା—ସ. ବି—କୃପଣତା—Miserliness; niggardliness; stinginess.
Byaya kātaratā

ବ୍ୟୟ ବାହୁଲ୍ୟ—ସ. ବି(୬ଷ୍ଠୀ ତତ୍)—ଅତିରିକ୍ତ ବ୍ୟୟ—Heavy expenses.
Byaya bāhulya

ବ୍ୟୟ ବୃଦ୍ଧି—ସ. ବି(୬ଷ୍ଠୀ ତତ୍)—ଖରଚ ବଢିବା—Increase of expenditure.
Byaya bṛuddhi

ବ୍ୟୟ ଶୀଳ—ସ. ବିଣ. ପୁଂ. ( ବହୁବ୍ରୀହି; ବ୍ୟୟ+ଶୀଳ )—୧ । ଖର୍ଚ୍ଚି; ଯେ ବେଶୀ ବ୍ୟୟ କରେ; ଖରଚି; ସାହାଖର୍ଚ୍ଚି—Extravagant; spendthrift.
Byaya śiḷa (ବ୍ୟୟଶୀଳା—ସ୍ତ୍ରୀ)

ବ୍ୟୟ ଶୀଳତା—ସ. ବି—ଖର୍ଚ୍ଚିପଣିଆ; ସାହା ଖରଚ—Extravagance.
Byaya śiḷatā

ବ୍ୟୟ ସାଧ୍ୟ—ସ. ବି. (୩ୟା ତତ୍; ବ୍ୟୟ+ସାଧ୍ୟ)—ଯାହା ଧନବ୍ୟୟ ଦ୍ୱାରା ସମ୍ପନ୍ନ କରାଯାଇ ପାରେ; ବ୍ୟୟଦ୍ୱାରା ନିଷ୍ପାଦ୍ୟ—Costing money; expensive.
Byaya sādhya
(ବ୍ୟୟ ସାପେକ୍ଷ—ଅନ୍ୟରୂପ)

ବ୍ୟୟ ସ୍ଥାନ—ସ. ବି ( ଫଳିତ ଜ୍ୟୋତିଷ )—ଲଗ୍ନର ଦ୍ୱାଦଶ ସ୍ଥାନ—(astrology) The 12th house from one's 'Lagna' or natal sign.
Byaya sthāna

ବ୍ୟୟାଧିପ—ସ. ବି. (ଜ୍ୟୋତିଷ)—ଜନ୍ମ ଲଗ୍ନଠାରୁ ଦ୍ୱାଦଶ ସ୍ଥାନର ଅଧିପତି ଗ୍ରହ—The planet presiding over the 12th house from one's 'Lagna'.
Byayādhipa
ବ୍ୟୟାଧିପତି } ଅନ୍ୟରୂପ
ବ୍ୟୟାଧୀଶ }

ବ୍ୟୟିତ—ସ.ବିଣ.(ବି+ଇ ଧାତୁ+କର୍ମ. ତ )—୧ । ଖରଚ କରାଯାଇ ଥିବା—1. Spent; expended. ୨ । ଅପଚିତ—2. Consumed, ୩ । ବିଗତ—3. Gone; past. ୪ । ବିନଷ୍ଟ; କ୍ଷୟିତ—4. Lost; decayed; destroyed; wasted.
Byayita

ବ୍ୟୟୀ—ସ. ବଣ. ପୁଂ. ( ବ୍ୟୟ+ଇନ୍, ୧ମା. ୧ବ )—
Byayī ୧ । ବ୍ୟୟଶୀଳ—1. Extravagant; spendthrift.
୨ । (ଅନ୍ୟ ଶବ୍ଦ ସଙ୍ଗେ ଲାଗେ, ଯଥା—ଧନବ୍ୟୟୀ,
(ବ୍ୟୟିନୀ—ସ୍ତ୍ରୀ) ମିତବ୍ୟୟୀ)—2, Spending.

ବ୍ୟର୍ଥ—ସ. ବଣ (ବି+ଅର୍ଥ)—୧ । ବିଫଳ; ବୃଥା—1. Fruitless;
Byartha vain. ୨ । ପଣ୍ଡ; ନିଷ୍ଫଳ—2. Ineffectual.
୩ । ନିଷ୍ପ୍ରୟୋଜନ—3. Useless; unnecessary.
୪ । ବେଫାଇଦା; ଲାଭହୀନ—4. Profitless. ୫ ।
ଅନର୍ଥକ—5.Meaningless. ୬। ଅମୂଳକ—6. Groundless. [ ଦ୍ର—ଏହାର ଗ୍ରାମ୍ୟ ଅପଭ୍ରଂଶ ବଅର୍ଥ,
ବ୍ୟର୍ଥ ব্যর্থ ବେର୍ଥ । ] ବେ. କ୍ରି. ବଣ—ବୃଥାରେ—In vain.

ବ୍ୟର୍ଥ କରିବା—ଦେ. କ୍ରି—କୌଣସି କାର୍ଯ୍ୟକୁ ପଣ୍ଡ ବା ନିଷ୍ଫଳ କରିବା-
Byartha karibā To make ineffectual.
ব্যর্থ করা व्यर्थकरना

ବ୍ୟର୍ଥଚେଷ୍ଟ—ସ. ବଣ. ପୁଂ ( ବହୁବ୍ରୀହି; ବ୍ୟର୍ଥ+ଚେଷ୍ଟା )—ଯାହାର
Byartha cheshṭa ଚେଷ୍ଟା ବିଫଳ ହୋଇଅଛି—One
( ବ୍ୟର୍ଥଚେଷ୍ଟା—ସ୍ତ୍ରୀ ) whose efforts have become fruitless.

ବ୍ୟର୍ଥଚେଷ୍ଟା—ସ. ବି ( କର୍ମଧା, ବ୍ୟର୍ଥ+ଚେଷ୍ଟା )—ବିଫଳପ୍ରୟତ୍ନ—
Byartha cheshṭā Fruitless endeavour.

ବ୍ୟର୍ଥତା—ସ. ବି—(ବ୍ୟର୍ଥ+ଭାବ. ତା)—ନିଷ୍ଫଳତା—
Byarthatā Fruitlessness; futility.

ବ୍ୟର୍ଥ ପରିଶ୍ରମ—ସ. ବି ( କର୍ମଧା; ବ୍ୟର୍ଥ+ପରିଶ୍ରମ )—ବୃଥା ଶ୍ରମ—
Byartha pariśrama Vain labour. ସ. ବଣ. ପୁଂ—
(ବ୍ୟର୍ଥ ପରିଶ୍ରମା—ସ୍ତ୍ରୀ) (ବହୁବ୍ରୀହି) ଯାହାର ପରିଶ୍ରମ ବୃଥା ହୋଇ-
[ବ୍ୟର୍ଥଶ୍ରମ—ଅନ୍ୟରୂପ] ଅଛି—Whose labours have become fruitless.

ବ୍ୟର୍ଥ ମନୋରଥ—ସ. ବଣ. ପୁଂ (ବହୁବ୍ରୀହି)-ଯାହାର ମନୋବାଞ୍ଛା ସିଦ୍ଧ
Byartha manorat ହୋଇ ନାହିଁ—Whose desires
( ବ୍ୟର୍ଥମନୋରଥା—ସ୍ତ୍ରୀ ) remain unfulfilled. [ ଦ୍ର—
ଏହିପରି ବ୍ୟର୍ଥପ୍ରୟାସ, ବ୍ୟର୍ଥପ୍ରୟତ୍ନ, ବ୍ୟର୍ଥକାମ, ବ୍ୟର୍ଥଜୀବନ, ବ୍ୟର୍ଥଜୀବିତ ଆଦି ପଦ ଗଠିତ ହୁଏ ।]

ବ୍ୟଳୀକ—ସ. ବି (ବି+ ଅଲ. ଧାତୁ=ଭୂଷଣ କରିବା+କର୍ମ. ଈକ)-
Byalīka ୧ । ପୀଡ଼ା; ମନୋଦୁଃଖ—1. Sorrow; grief; distress; afflicition. ୨ । ଲଜ୍ଜା—2. Shame.
୩ । ଅପରାଧ—3, Guilt; crime. ୪ । ପ୍ରତାରଣା—
4. Fraud; deception. ୫ । କାମ ଆବେଗରେ କୃତ
ଅପରାଧ (କ୍ଳୀ. ଶ)—5, Crime committed in a fit of amourousness. ୬ । ଦୁଃଖ; କଷ୍ଟ (କ୍ଳୀ. ଶ)-
6. Pain; trouble. ୭ । ପୀଠମର୍ଦ୍ଦ; ବିଟ (କ୍ଳୀ. ଶ)—
7, A panderer. ୮ । ବିଲକ୍ଷଣତା (କ୍ଳୀ. ଶ)—
8. Peculiarity. ୯ । ଅଦ୍ଭୁତତା (କ୍ଳୀ.ଶ)-9.Strangeness. ବଣ—୧ । ଲମ୍ପଟ—1. Lecherous; adulterous; libertine. ୨ । ଅପ୍ରିୟ—2, Disagreeable. ୩ । ଅନୃତ; ମିଥ୍ୟା—3. False; untrue. ୪ । ଅକର୍ତ୍ତବ୍ୟ, ଅନୁଚିତ-4, Unfit to be done; improper. ୫ । କଷ୍ଟଦାୟକ—5,Painful.
୬ । ଅପରିଚିତ—6, Unacquainted. ୭ । ଅଦ୍ଭୁତ—
7, Strange; wonderful.

ବ୍ୟଳୀକତା(ତ୍ୱ)—ସଂ. ବି—ବ୍ୟଳୀକ (ଦେଖ)
Byalīkatā(twa) Byalīka (See).

ବ୍ୟଷ୍ଟକା—ସ. ବି (ବି+ଅଷ୍ଟକ+ଆ)—କୃଷ୍ଣପକ୍ଷର ପ୍ରତିପଦ୍ ତିଥି
Byashṭakā (କ୍ଳୀ. ଶ)—The next day of the Pūrṇṇimā.

ବ୍ୟଷ୍ଟି—ସ.ବି (ବି+ଅଶ୍ ଧାତୁ=ବ୍ୟାପିବା+ଭାବ.ତି)-୧ । ପୃଥକ୍ ପୃଥକ
Byashṭi ହେବା—1, Separation; detachment. ୨ ।
ଗୋଟିଏ ଗୋଟିଏ ହେବା—2, Becoming single.
୩ । ବିଶ୍ଳେଷଣ-3, Analysis, ୪ । ସମୂହରୁ ବା ସମାଜରୁ
ପୃଥକ୍ କରାଯିବା ପ୍ରତ୍ୟେକ ବ୍ୟକ୍ତି ବା ବସ୍ତୁ—4, Every individual person or thing taken out of many. [ଦ୍ର—ବହୁବିଧ ବସ୍ତୁ ଏକତ୍ର ହେଲେ ସମଷ୍ଟି ଓ
ସେଗୁଡ଼ିକ ବିଶ୍ଳିଷ୍ଟ ବା ପୃଥକ୍ ପୃଥକ୍ ହେଲେ ବ୍ୟଷ୍ଟି ହୁଏ ।]

ବ୍ୟଷ୍ଟିଭାବ—ଦେ. ବି—ପୃଥକ୍ ଭାବ; ବିଶ୍ଳିଷ୍ଟ ଭାବ—Separation
Byashṭi bhāba into different entities.

ବ୍ୟସନ—ସ. ବି (ବି+ଅସ୍, ଧାତୁ=କ୍ଷେପଣ କରିବା+କର୍ମ. ଅନ;
Byasana ଯାହା ମନୁଷ୍ୟକୁ ଶ୍ରେୟୋମାର୍ଗରୁ ଫୋପାଡ଼ି ଦିଏ)—
୧ । କାମଜ ଓ କ୍ରୋଧଜ ଦୋଷ—1, Vice; vicious conduct or practice (e.g, drink, gambling, hunting etc). [ଦ୍ର—କାମଜ ବ୍ୟସନ ଦଶପ୍ରକାର ;
ଯଥା—ମଦ୍ୟପାନ, ବେଶ୍ୟାସକ୍ତି, ଦିବାନିଦ୍ରା, ପରନିନ୍ଦା,
ମୃଗୟା, ବୃଥାଭ୍ରମଣ, ଦ୍ୟୂତ, ନୃତ୍ୟ, ଗୀତ ଓ କ୍ରୀଡ଼ା ।
କ୍ରୋଧଜ ବ୍ୟସନ ଆଠ ପ୍ରକାର । ଯଥା—
ଦୁଷ୍ଟତା, ଦୌର୍ଜ୍ଜନ୍ୟ, ଶଠ, ପ୍ରତାରଣା, ଈର୍ଷା,
ଦ୍ୱେଷ, କଟୂକ୍ତି ଓ ଦଣ୍ଡ ପ୍ରଦାନ ।] ୨ । ଦୁର୍ଭାଗ୍ୟ;
ବିପଦ୍—2. Adversity; misfortune; mishap; ill-luck. ୩ । ବିଷୟାନୁରକ୍ତି—3. Attachment or being addicted to worldly concerns.
୪ । ଅଶୁଭ; ଅମଙ୍ଗଳ—4. An evil; calamity; disaster. ୫ । ଦୁଃଖ; କଷ୍ଟ—5. Sorrow; affliction; misery; trouble; pain. ୬ ।
ବିନାଶ—6. Distruction; ruin; overthrow.
୭ । ପତନ—7. Fall. ୮ । ପାପ—8. Sin. ୯ ।
ଅପରାଧ—9. Crime; guilt. ୧୦ । ବୃଥା ଚେଷ୍ଟା—
10. Fruitless endeavour. ୧୧ । ଅଯୋଗ୍ୟତା
11. Unfitness. ୧୨ । ଦୋଷ—12. Fault; defect. ୧୩ ।ଅଶୁଭ ଲକ୍ଷଣ—13. Evil omen. ୧୪ ।

ଅସାମର୍ଥ୍ୟ—14. Inability. ୧୬ । କୌଣସି ବିଷୟରେ ଅତ୍ୟଧିକ ପ୍ରବୃତ୍ତି—16. Being addicted to any perticular matter.

**ବ୍ୟସନାର୍ତ୍ତ**—ସଂ. ବିଣ. ପୁଂ (ତୃତୀୟା ତତ୍; ବ୍ୟସନ+ଆର୍ତ୍ତ)—ବିପନ୍ନ—Byasanārtta Overwhelmed with calamity. (ବ୍ୟସନାର୍ତ୍ତା—ସ୍ତ୍ରୀ)

**ବ୍ୟସନାସକ୍ତ**—ସଂ. ବିଣ. ପୁଂ (୭ମୀ ତତ୍; ବ୍ୟସନ+ଆସକ୍ତ)—୧ । Byasanāsakta କୁକ୍ରିୟାରତ—1. Vicious. ୨ । କୌଣସି (ବ୍ୟସନାସକ୍ତା—ସ୍ତ୍ରୀ) କାର୍ଯ୍ୟ ପ୍ରତି ଅତ୍ୟନ୍ତରୂପେ ଆସକ୍ତ—3. Addicted to anything or practice.

**ବ୍ୟସନୀ**—ସଂ. ବିଣ. ପୁଂ—( ବ୍ୟସନ+ଇନ୍; ଦ୍ରଷ୍ଟା. ୧ବ )—Byasanī ୧ । କୁକ୍ରିୟାରତ—1. Vicious; addicted to (ବ୍ୟସନିନୀ—ସ୍ତ୍ରୀ) evil practices. ୨ । ବ୍ୟସନାର୍ତ୍ତ; ବିପନ୍ନ (ବ୍ୟସନିତା—ବି) 2. Overwhelmed with calamity; distressed. ୩ । ଅତ୍ୟନ୍ତ ଆସକ୍ତ—3 Unduly devoted to; excessively attacted to. ୪ । ବେଶ୍ୟାଗାମୀ ( ହି. ଶ )—4. Habituated to visiting prostitutes.

**ବ୍ୟସନୋଦ୍ଭବ**—ସଂ. ବିଣ (୫ମୀ ତତ୍; ବ୍ୟସନ+ଉଦ୍ଭବ)—ବ୍ୟସନଜ Byasanodbhaba ଉତ୍ପନ୍ନ—Arising from vice; originating in vicious practices.

**ବ୍ୟସୁ**—ସଂ. ବିଣ (ବହୁବ୍ରୀହି; ବି—ବିଗତ+ଅସୁ=ପ୍ରାଣ ଯାହାର)—Byasu ମୃତ—Deceased; dead.

**ବ୍ୟସ୍ତ**—ସଂ. ବିଣ (ବି+ଅସ ଧାତୁ+କର୍ତ୍ତୃ. ତ)—୧ । ବ୍ୟାକୁଳ—Byasta 1. Agitated; perplexed; agonised. ୨ । ( ସମସ୍ତ—ବିପରୀତ ) ବିରକ୍ତ—2. Displeased; annoyed. ୩ । ବିରକ୍ତ; ପୃଥକ୍‌କୃତ—3. Separated. ୪ । ଅସମାପ୍ତ—4. Unfinished. ୫ । ବିସ୍ତୃତ; ବ୍ୟାପ୍ତ—5. Diffused; spread; expanded; pervaded. ୬ । ବିପରୀତ; ବିପର୍ଯ୍ୟସ୍ତ—6. Inverted; inverse. ୭ । ଉତ୍କ୍ଷିପ୍ତ—7. Thrown away; tossed. ୮ । ବିକ୍ଷିପ୍ତ—8. Strewn; scattered. ୯ । କାର୍ଯ୍ୟରତ ହେବାକୁ ଅସ୍ଥିର; କାର୍ଯ୍ୟରେ ବ୍ୟାପୃତ—9. Busy with work; worried with work; busily engaged. ୧୦ । ଏଣେ ତେଣେ ମୁକୁଳା ହୋଇଥିବା; ଗୋଳମାଳିଆ—10. Confused; tangled; dishevelled; mismanaged. ୧୧ । ଅବ୍ୟବସ୍ଥିତ—11. Dis-ordered. [ ଦ୍ର—ବ୍ୟସ୍ତ ହୋଇ ଚତୁ ମାଛରେ ବାଜା, ଦୁଣ ଗଣ ତ ବସୁଛ । ଭବସୂର୍ଯ୍ୟ. ବଶୋଗାଭମ୍ଭ ବ ଗୀତ ।] ଦେ. ବି—

ବ୍ୟସ୍ତ ବ୍ୟାକୁଳତା; ବ୍ୟସ୍ତତା; ଦୁଃଖ—Sorrow; grief; agony; ଚିନ୍ତା worry. [ଦ୍ର—ଏହାର ଗ୍ରାମ୍ୟ ଅପଭ୍ରଂଶ ଶବ୍ଦ ବେସ୍ତ]

**ବ୍ୟସ୍ତ କରିବା**—ଦେ. କ୍ରି—ବ୍ୟାକୁଳ କରିବା—To trouble; to Byasta kariba annoy; to worry.

ব্যস্তকরা अस्तव्यस्त करना

**ବ୍ୟସ୍ତତା**—ସଂ. ବି (ବ୍ୟସ୍ତ+ତା)—ବ୍ୟାକୁଳତା—Byastatā Perplexity; worry.

**ବ୍ୟସ୍ତ ତ୍ରୈରାଶିକ**—ଦେ. ବି—(ଗଣିତ) ଯେଉଁ ତ୍ରୈରାଶିକରେ ପ୍ରଥମ ଓ Byasta trairāsika ଦ୍ୱିତୀୟ ରାଶିର ପରସ୍ପର ସ୍ଥାନ ପରିବର୍ତ୍ତନ ହୁଏ—(arthmetic) Irregular or inverse Rule of Three. [ଦ୍ର—'ସମସ୍ତ' ତ୍ରୈରାଶିକରେ ଦତ୍ତ ଥିବା ତିନ ରାଶିର ସାହାଯ୍ୟରେ ଚତୁର୍ଥ ରାଶି ବାହାର କରିବାକୁ ହେଲେ ଦ୍ୱିତୀୟ ଓ ତୃତୀୟ ରାଶିର ଗୁଣନ ଫଳ ପ୍ରଥମ ରାଶିଦ୍ୱାରା ଭାଗ କରାଯାଏ; କିନ୍ତୁ 'ବ୍ୟସ୍ତ' ତ୍ରୈରାଶିକର ପ୍ରଥମ ଓ ତୃତୀୟକୁ ଗୁଣି ଦ୍ୱିତୀୟ ରାଶିଦ୍ୱାରା ଭାଗ କରିବାକୁ ହୁଏ । ଉଦାହରଣ ଯଥା—୧୦ ଜଣ ଲୋକ ଯେଉଁ କାମକୁ ୨୦ ଦିନରେ କରନ୍ତି ୫୦ ଜଣ ଲୋକ ସେ କାମକୁ କେତେ ଦିନରେ କରିବେ ? ବ୍ୟସ୍ତ ତ୍ରୈରାଶିକରେ ଏହାର ଫଳ ହେବ ୪, ସମସ୍ତ ତ୍ରୈରାଶିକରେ ଏହାର ଫଳ ଯାହା (୧୦୦) ହେବ ତାହା ଭୁଲ ।]

**ବ୍ୟସ୍ତ ପଦ**—ସଂ. ବି—୧ । ସମାସହୀନ ପଦ—1. Simple or Byasta pada uncompounded words. (ଯଥା—ନଗର ଜନ; କୂଳରେ ପଡ଼ନ୍ତ, ପଦ୍ମର ଲୋଚନ ଯାହାର ଇତ୍ୟାଦି ।) ୨ । ( ହିନ୍ଦୁ ଅଇନ୍ ) ଋଣ ଦେବାପାଇଁ ଯେଉଁ ଖାତକ ନାମରେ ନାଲିସ୍ ହୋଇଥାଏ, ସେ ଋଣ ନ ଶୁଝି ଓଜର କରିବା ( ହି. ଶ )—2. ( Hindu Law ) The filing of objection by the debtor instead of paying off the loan, when the creditor sues for it.

**ବ୍ୟସ୍ତ ବିଧି**—ଦେ. ବି ( ଗଣିତ ) ଗଣିତରେ ବିଲୋମ ବିଧି—Byasta bidhi (Mathematics) Rule of inversion.

**ବ୍ୟସ୍ତରେ ପଡ଼ିବା**—ଦେ. କ୍ରି—ବିପଦ ହେବା—To be put in Byastare pardibā difficulty: to land in danger.

ব্যস্তেপড়া तकलीफमे पडना

**ବ୍ୟସ୍ତ ସମସ୍ତ**—ସଂ. ବିଣ ( ଦ୍ୱନ୍ଦ୍ୱାର୍ଥ ସହିତ )—୧ । ବ୍ୟସ୍ତ ଓ ସମସ୍ତ Byasta samasta —8. Separated and conjoined. ୨ । କେତେବେଳେ ଏକତ୍ରୀଭୂତ ଓ କେତେବେଳେ ପୃଥଗ୍‌ଭୂତ—2. Now scattered, now collected.

আস্তব্যস্ত ଦେ. ବିଣ—୧ । ଭ୍ରଷ୍ଟ ବ୍ୟସ୍ତ—1, Utterly अस्तव्यस्त, तबाहतबाह unnerved. ୨ । ଅତି ବ୍ୟସ୍ତ—2, Much afflicted.

**ବ୍ୟସ୍ତ ହେବା**—ଦେ, କ୍ରି—୧ । ବ୍ୟାକୁଳ ହେବା—1, To worry Byasta hebā one's self; to be troubled or worried. ୨ । ଦୁଃଖ ପାଇବା—2, To suffer agony or distress, ୩ । ମନୋଦୁଃଖ

ব্যস্ত হওয়া तंग होना

ପ୍ରକାଶ କରିବା—3, To give vent to on's grief.

**ବ୍ୟସ୍ତାଲଙ୍କାର**—ସଂ. ବି—କାବ୍ୟର ଅଳଙ୍କାରବିଶେଷ—A figure of speech in rhetoric.
Byastālankāra
[ ଦ୍ର—ଯେଉଁଠାରେ ଉପମାନକୁ ଉପମେୟର ଯଥାସ୍ଥାନରେ ସନ୍ନିବେଶିତ କରି ନ ଯାଇ ଅନ୍ୟ ସ୍ଥାନରେ ନ୍ୟସ୍ତ କରଯାଏ ସେଠାରେ ଏ ଅଲଙ୍କାର ହୁଏ; ଉପେନ୍ଦ୍ରଭଞ୍ଜଙ୍କ କୋଟିବ୍ରହ୍ମାଣ୍ଡସୁନ୍ଦରୀର ନିମ୍ନଲିଖିତ ପଦମାନ ବ୍ୟସ୍ତାଲଙ୍କାରର ଉଦାହରଣ—ସୁମନାମାନେ ମାନସେ ହସ୍ତିର, ଲାବଣ୍ୟସିକ୍ତ କର୍ଣ୍ଣେ ଏ ନାଗରୀ । କରି ମକରୀ ଭୁଜରେ ଗଞ୍ଜିତ, ଭଣମ କଣ୍ଠରେ ଜରେ ସଂସ୍ଥିତ, ପୁଣି ସେ ସହିର । ପଯୁରେ ଲୀଳା ଦେଇ ହଂସକର । ]

**ବ୍ୟସ୍ତିତ**—ଗ୍ରା. ବିଣ (ସଂ. ବ୍ୟଥିତ)—ବ୍ୟସ୍ତତା ଯୁକ୍ତ—1, Suffering distress; afflicted, ୨ । ଦୁଃଖିତ—2, Sorry; grieved,
Byastita
ব্যস্ত তঙ্গ

**ବ୍ୟହ୍ନ**—ସଂ, ବି ( ବି+ଅହନ୍ )—ଗତକାଲି ( ହି. ଶ )—Yesterday,
Byahna

**ବ୍ୟା**—ପ୍ରାଦେ ( ମେଦନୀପୁର ) ବି ( ଭୁଲ ହି, ବ୍ୟାହ୍, ବି, ବିୟେ )—ବିବାହ—Marriage,
Bya (ବିୟା—ଅନ୍ୟରୂପ)

**ବ୍ୟାକରଣ**—ସଂ. ବି ( ବି+ଆ=କୃ ଧାତୁ=ବ୍ୟୁତ୍ପନ୍ନ ହେବା+ କରଣ ବା ଅଧିକରଣ ଅନ; ଯହିଁରେ ବା ଯେଉଁ ଶାସ୍ତ୍ରରେ ଶବ୍ଦମାନଙ୍କର ବ୍ୟୁତ୍ପତ୍ତି ନିର୍ଦ୍ଦେଶ କରଯାଏ )—୧ । ଶବ୍ଦ ବ୍ୟୁତ୍ପାଦକ ଓ ଭାଷାନିୟାମକ ଶାସ୍ତ୍ର; ଶବ୍ଦମାନଙ୍କ ବ୍ୟୁତ୍ପତ୍ତିର ଓ ଅର୍ଥର ଓ ପ୍ରୟୋଗର ନିୟମ ଆଦି ଯେଉଁ ଶାସ୍ତ୍ରଦ୍ୱାରା ପ୍ରତିପନ୍ନ ହୁଏ; ଶବ୍ଦଶାସ୍ତ୍ର, ସନ୍ଧ୍ୟାସ କର୍ତ୍ତା, କର୍ମ, କ୍ରିୟା, ସମାସ ଆଦି ନିରୂପିତ ହୁଏ;ଶବ୍ଦମାନଙ୍କର ଗଠନ ଓ ପ୍ରଥକ୍ ଯେଉଁ ଶାସ୍ତ୍ରରୁ ଜଣାଯାଏ—1 Philology, the science of grammar ( orthography, etymology, syntax and prosody ). [ ଦ୍ର—ଏ ଶାସ୍ତ୍ରଦ୍ୱାରା ଲିଖିତ ଭାଷାର ଉଚ୍ଛୃଙ୍ଖଳତା ନିବାରିତ ହୁଏ ଏବଂ ଭାଷା ଓ ଶବ୍ଦ ସମ୍ବନ୍ଧୀୟ ସାଧାରଣତଃ ଅବୋଧ୍ୟ ବିଷୟମାନ ସ୍ପଷ୍ଟରୂପେ ବୁଝାଯାଏ । ] ୨ । ( +ଭାବ, ଅନ ) ବିଶ୍ଳେଷଣ—2. Analysis, ୩ । ବ୍ୟାଖ୍ୟାନ—3. Expounting; commenting. ୪ । ବିକାଶନ—4. Expanding, ୫ । ଶିଳ୍ପନୈପୁଣ୍ୟ, କାରିଗରୀ—5, Artistic work; work-manship. ( ଦ୍ର—ପଢିଏ ଯାଇ ବ୍ୟାକରଣ, ବୁଦ୍ଧି ବିଷୟ ମନୁଗଣ । ଜଗନ୍ନାଥ, ଭାଗବତ । )

**ବ୍ୟାକରଣଜ୍ଞ**—ସଂ. ବି. ପୁଂ ( ବ୍ୟାକରଣ+ଜ୍ଞା ଧାତୁ+କର୍ତ୍ତୃ. ଅ )—ବୈୟାକରଣ;ବ୍ୟାକରଣଶାସ୍ତ୍ର ଜାଣିଥିବା ବ୍ୟକ୍ତି—A grammarian; a philologist.
Byākaranajña
ବ୍ୟାକରଣବିଦ୍ } ଅନ୍ୟରୂପ
ବ୍ୟାକରଣବେତ୍ତା }

ବିଣ. ପୁଂ—ବ୍ୟାକରଣ ଶାସ୍ତ୍ରରେ ଦକ୍ଷ—Well versed in grammar.

**ବ୍ୟାକରଣ ଜ୍ଞାନ**—ସଂ. ବି—ବ୍ୟାକରଣ ଶାସ୍ତ୍ରରେ ଅଭିଜ୍ଞତା—A knowledge of grammar; grammatical knowledge.
Byākarana jñāna

**ବ୍ୟାକରଣ ଦୋଷ**—ଦେ. ବି—ବ୍ୟାକରଣବିରୁଦ୍ଧ ପ୍ରୟୋଗ; ବ୍ୟାକରଣ ଦୃଷ୍ଟିରେ ଅଶୁଦ୍ଧ ପ୍ରୟୋଗ—Grammatical mistake
Byākarana dosha
ব্যাকরণ দোষ व्याकरण दोष

**ବ୍ୟାକରଣ ବହିର୍ଭୂତ**—ସଂ. ବିଣ—ବ୍ୟାକରଣ ଶାସ୍ତ୍ରର ନିୟମବିରୁଦ୍ଧ—Ungrammatical; contrary to the rules of grammar.
Byākarana bahirbhūta
( ବ୍ୟାକରଣବିରୁଦ୍ଧ—ଅନ୍ୟରୂପ )

**ବ୍ୟାକରଣ ବିହିତ**—ସଂ. ବିଣ—ବ୍ୟାକରଣର ବିଧି ଅନୁସାରେ ଶୁଦ୍ଧ—Grammatically correct; correct according to the rules of grammar.
Byākarana bihita
ବ୍ୟାକରଣସଙ୍ଗତ, ବ୍ୟାକରଣସମ୍ମତ, ବ୍ୟାକରଣ ସିଦ୍ଧ, ବ୍ୟାକରଣାନୁମତ } ଅନ୍ୟରୂପ

**ବ୍ୟାକରଣ ଶାସ୍ତ୍ର**—ସ.ବି—ବ୍ୟାକରଣ ୧(ଦେଖ)—The science of grammar; philology.
Byākarana śāstra

**ବ୍ୟାକର୍ତ୍ତା**—ସ. ବି. ପୁଂ ( ବି+ଆ+କୃ ଧାତୁ+ତୃ; ୧ମା. ୧ବ )—ସୃଷ୍ଟିକର୍ତ୍ତା; ପରମେଶ୍ୱର ( ହି. ଶବ୍ଦସାଗର )—God; the Creator.
Byākarttā

**ବ୍ୟାକାର**—ସ. ବି ( ବି+ଆକାର )—୧ । ବିକଟ ରୂପ; ବିରୂପ—1. Deformity. ୨ । ଆକାରର ପରିବର୍ତ୍ତନ—2. Change of form, ୩ । ( ବି+ଆ+କୃ ଧାତୁ +ଭାବ.ଅ ) ବ୍ୟାଖ୍ୟା ( ହି. ଶ )—3. Annotation.
Byākāra

**ବ୍ୟାକୀର୍ଣ୍ଣ**—ସ. ବିଣ ( ବି+ଆ+କୃ ଧାତୁ=ବିକ୍ଷେପ କରିବା+କର୍ମ. କ୍ତ )—୧ । ବ୍ୟାପ୍ତ—1. Spread about; diffused. ୨ । ଏଣେ ତେଣେ ବିକ୍ଷିପ୍ତ ହୋଇ ପଡ଼ିଥିବା—2. Dispersed; strewn; scattered.
Byākirnna

**ବ୍ୟାକୁଳ**—ସ. ବିଣ ( ବି+ଆକୁଳ )—୧ । ଉଦ୍‌ବିଗ୍ନ; ଅତି ଆକୁଳ; ଅତି ଉତ୍କଣ୍ଠିତ—1. Very anxious or uneasy. ୨ । କାତର; ବ୍ୟସ୍ତ—2. Distracted; agitated; perturbed;worried, ୩ । କିଂକର୍ତ୍ତବ୍ୟବିମୂଢ଼—3. Overwhelmed; dumbfounded; ୪ । କାର୍ଯ୍ୟବ୍ୟସ୍ତ—4. Busily engaged; busy, engrossed in work, ୫ । ଭୟବିହ୍ୱଳ; ଭୟଭୀତ—5. Terrified; frightened, alarmed. ୬ । ବିକଳ—6. Distressed, ୭ । ଅସ୍ଥିର—7. Restless. ଦେ. ବି—ବ୍ୟାକୁଳତା—Perturbation, ( ଉ—ଏଣୁ ଅଜ୍ଞାନ ଜଡ଼ମତି । ବ୍ୟାକୁଳ ଛଡ଼ ହେ ନୃପତି—ଜଗନ୍ନାଥ. ଭାଗବତ । )
Byākula
( ବ୍ୟାକୁଳା—ସ୍ତ୍ରୀ )

**ବ୍ୟାକୁଳ କରିବା**—ଦେ. କ୍ରି—୧ । କାତର କରିବା—1. To worry; to agitate pain, ୨। କଷ୍ଟ ଦେବା—2, To afflict; to pain.
Byākula karibā
ব্যাকুল করা व्याकुल करना

ବ୍ୟାକୁଳ ଚିତ୍ତ—ସ. ବଣ. ପୁଂ (ବହୁବ୍ରୀହି; ବ୍ୟାକୁଳ+ଚିତ୍ତ ଯାହାର)—
Byākuḷa chitta ଅସ୍ଥିରମନାଃ—Mentally perturbed
( ବ୍ୟାକୁଳଚିତ୍ତା—ସ୍ତ୍ରୀ ) or disturbed.
ବ୍ୟାକୁଳଚେତାଃ, ବ୍ୟାକୁଳମନାଃ, ବ୍ୟାକୁଳାତ୍ମା, ବ୍ୟାକୁଳାନ୍ତଃକରଣ, ବ୍ୟାକୁଳହୃଦୟ } —ଅନ୍ୟରୂପ

ବ୍ୟାକୁଳତା—ସ. ବି ( ବ୍ୟାକୁଳ+ଭାବ ତା )—୧ । ଉତ୍କଣ୍ଠା—
Byākuḷatā 1. Anxiety; agitation; distress; ୨ । କାତରତା; ବିହ୍ୱଳତା—2. Perturbation. ୩ । ମନର ଅସ୍ଥିରତା—3. Mental restlessness.

ବ୍ୟାକୁଳ ହେବା—ଦେ. କ୍ରି—୧ । ବିକଳ ବା ବ୍ୟସ୍ତ ହେବା—1. To
Byākuḷa hebā grieve; to be worried. ୨ । ବ୍ୟାକୁଲ ହওয়া व्याकुल होना ହେବା—2. To be distressed; to be afflicted. ୩ । ଅସ୍ଥିର ହେବା—3. To be restless. ୪ । ଉଦ୍‌ବିଗ୍ନ ହେବା—4. To be uneasy or anxious.

ବ୍ୟାକୁଳିତ—ସ. ବଣ—ବ୍ୟାକୁଳ ( ଦେଖ )
Byākuḷita Byākuḷa (Apte) ( See )

ବ୍ୟାକୂତି—ସ. ବି (ବି+ଆ+କୂ ଧାତୁ=ଶବ୍ଦ କରିବା +ଭାବ. ତି)—
Byākūti ୧ । ଛଳ; ବଞ୍ଚନା—1. Deception; fraud; trick; deceit; stratagem. ୨ । ଛଦ୍ମବେଶ—2. Disguise; mask.

ବ୍ୟାକୃତ—ସ. ବଣ (ବି+ଆ+କୃ ଧାତୁ+କର୍ମ. ତ)—୧ । ବ୍ୟାଖ୍ୟାତ—
Byākṛuta 1. Explained. ୨ । ପ୍ରକାଶିତ—2. Manifested; displayed. ୩ । ରୂପାନ୍ତରିତ—3. Transformed. ୪ । ବିକୃତ—4. Distorted; deformed; disfigured. ୫ । ପୃଥକ୍‌କୃତ—Analysed (Apte).

ବ୍ୟାକୃତି—ସ.ବି (ବି+ଆକୃତି)—୧ । ବ୍ୟାଖ୍ୟାନ—1. Annotation.
Byākṛuti ୨ । ବିକୃତ ଆକାର—2. Deformity; disfigurement. ୩ । ରୂପାନ୍ତର—3. Transformation. ୪ । ଛଦ୍ମରୂପ—4. Disguise; mask. ୫ । ବିକୃତି—5. Derangement.

ବ୍ୟାକୋଶ(ଷ)—ସ. ବ ( ବି+ଆ+କୋଶ )—ବିକଶିତ; ପ୍ରସ୍ଫୁଟିତ—
Byākosa(sba) Expanded; fullblown.

ବ୍ୟାକ୍ରୋଶ—ସ. ବି ( ବି+ଆକ୍ରୋଶ )—୧ । ଦୁର୍ବାକ୍ୟ; ତିରସ୍କାର—
Byākrosa 1. Reproach; abuse. ୨ । ଅପମାନ—2. Insult. ୩ । ଉଚ୍ଚୈଃସ୍ୱର କରିବା—3. Hallooing.

ବ୍ୟାକ୍ଷେପ—ସ. ବି ( ବି+ଆକ୍ଷେପ )—୧ । ବିଳମ୍ବ; କାଳକ୍ଷେପ—
Byākshepa 1. Delay; procrastination. ୨ । ବ୍ୟାକୁଳତା; କିଂକର୍ତ୍ତବ୍ୟବିମୂଢ଼ତା ( ହ. ଷ )—2. Consternation; bewilderment.

ବ୍ୟାଖ୍ୟା—ସ. ବି ( ବି+ଆ+ଖ୍ୟା ଧାତୁ=କହିବା, ବର୍ଣ୍ଣନା କରିବା
Byākhyā +ଭାବ. ଅ+ଆ )—୧ । ବିବରଣ; ବର୍ଣ୍ଣନା—
(ବ୍ୟାଖ୍ୟାନ—ଅନ୍ୟରୂପ) 1. Description; statement; narration. ୨ । ଟୀକା; ଅର୍ଥ ପ୍ରକଟନ—2. Annotation; commentary; exposition. [ ଦ୍ର—କୌଣସି ଜଟିଳ ବିଷୟକୁ ସରଳ ଭାବ ଦ୍ୱାରା ଓ ଭାଷା ଦ୍ୱାରା ପ୍ରକାଶକୁ ବ୍ୟାଖ୍ୟା କୋଲାଯାଏ । ବୃତ୍ତି, ଭାଷ୍ୟ, ବାର୍ତ୍ତିକ, ଟୀକା, ଟିପ୍ପଣୀ ଆଦି ବ୍ୟାଖ୍ୟାର ଅନେକ ଭେଦ ଅଛି । ]

ବ୍ୟାଖ୍ୟା କରିବା—ଦେ. କ୍ରି—୧ । ଉତ୍ତମରୂପେ ବୁଝାଇବା—1. To
Byākhyā karibā explain. ୨ । ଟୀକା କରିବା—
ব্যাখ্যা করা व्याख्या करना 2. To annotate.

ବ୍ୟାଖ୍ୟା କର୍ତ୍ତା—ସଂ. ବି ଓ ବଣ—ଟୀକାକାର—
Byākhyā karttā Commentator; annotator.
(ବ୍ୟାଖ୍ୟାକର, ବ୍ୟାଖ୍ୟାକାରକ, ବ୍ୟାଖ୍ୟାକାରୀ—ଅନ୍ୟରୂପ )

ବ୍ୟାଖ୍ୟା ଗମ୍ୟ—ସଂ.ବଣ (ବ୍ୟାଖ୍ୟା ଦ୍ୱାରା ଗମ୍ୟ)—ଯାହା ବ୍ୟାଖ୍ୟାର ସହାୟତାରେ
Byākhyā gamya ବୁଝାଯାଇ ପାରେ—Comprensible
( ବ୍ୟାଖ୍ୟାବୋଧ୍ୟ—ଅନ୍ୟରୂପ ) with the help of annotations. ସଂ. ବି ( ହିନ୍ଦୁ ଆଇନ୍ )—ବାଦୀର ଅଭିଯୋଗର ଯଥାଯୋଗ୍ୟ ଉତ୍ତର ନ ଦେଇ ଏଣୁ ତେଣୁ ବୁଲାଇ କରି ଜବାବ ଦେବା (ହି. ଷ)—(Hindu law ) Prevaricating replies to the plaintiff's allegations in a suit.

ବ୍ୟାଖ୍ୟା ଗ୍ରନ୍ଥ—ସଂ. ବି—ଟୀକାଗ୍ରନ୍ଥ—Glossary; commentary;
Byākhyā grantha ( ବ୍ୟାଖ୍ୟା ପୁସ୍ତକ—ଅନ୍ୟରୂପ ) key.

ବ୍ୟାଖ୍ୟାତ—ସଂ. ବଣ ( ବି+ଆ+ଖ୍ୟା ଧାତୁ+କର୍ତ୍ତୃ. ତ )—ବିବୃତ;
Byākyāta ଯାହା ବ୍ୟାଖ୍ୟା କରି ହୋଇଅଛି—Explained; annotated.

ବ୍ୟାଖ୍ୟାତା—ସଂ. ବି ଓ ବଣ. (ପୁଂ) ( ବି+ଆ+ଖ୍ୟାଧାତୁ+କର୍ତ୍ତୃ. ତୃ,
Byākhyātā ୧ମା. ୧ବ )—ଅର୍ଥକର୍ତ୍ତା—Explaining;
(ବ୍ୟାଖ୍ୟାତ୍ରୀ—ସ୍ତ୍ରୀ) commenting; a commentator.

ବ୍ୟାଖ୍ୟେୟ—ସଂ. ବଣ ( ବି+ଆ+ଖ୍ୟା ଧାତୁ+କର୍ମ ଯ )—୧ ।
Byākhyeya ବର୍ଣ୍ଣନୀୟ—1. Describeable. ୨ । ଯାହା ବ୍ୟାଖ୍ୟା କରିହେବ ପାରେ—2. Capable of being explained or commented upon.
( ବ୍ୟାଖ୍ୟାତବ୍ୟ—ଅନ୍ୟରୂପ )

ବ୍ୟାଗ୍—ବୈଦେ. ବି (ଇଂ.ବାଗ୍)—ଥଳି—Bag.
Byāg ব্যাগ बैग

ବ୍ୟାଘଟ୍ଟନ—ସ. ବି ( ବି+ଆ+ଘଟ୍ଟ ଧାତୁ+ଭାବ ଅନ )—୧ ।
Byāghaṭṭana ଆଲୋଡ଼ନ; ମନ୍ଥନ—1. Churning.
ବ୍ୟାଘଟ୍ଟକ, ବ୍ୟାଘଟ୍ଟିତ } ବଣ— ୨ । ଘୋଟା; ମର୍ଦ୍ଦନ; ବଟା—2. Pestling; macerating.
[ ଦ୍ର—ଏହାର ଅପଭ୍ରଂଶ ଶବ୍ଦ ବଟା, ବାଟିବା, ବାଟଣା । ]

ବ୍ୟାଘାତ—ସ. ବି. (ବି+ଆ+ହନ୍ ଧାତୁ+ଭାବ ଅ)—୧ । ବାଧା;
Byāghāta ବିଘ୍ନ; ପ୍ରତିବନ୍ଧକ—1. Obstruction; hindrance; obstacle. ୨ । ସ୍ଥଗିତ୍ୟ—2. Interruption; stoppage; cessation. ୩ । (କୋଣାର୍କ)

୨୭ ଯୋଗ ମଧ୍ୟରୁ ଅଶୁଭ ସୂଚକ ତ୍ରୟୋଦଶ ଯୋଗ—3. (astrology) One of the 27 astrological conjunctions, the 1st 6 'Daṇḍas' of which are inauspicious. [ଦ୍ର—ଏ ଯୋଗ ପଡ଼ିଥିବା ଦିବସର ପ୍ରଥମ ୬ ଦଣ୍ଡ ପରିତ୍ୟାଗ କରି କୌଣସି ଶୁଭ କାର୍ଯ୍ୟରେ ହାତ ଦେବା ଉଚିତ।] ୪। ପ୍ରହାର; ଅଘାତ—4. Blow; stroke. ୫। କାବ୍ୟର ଅଳଙ୍କାର ବିଶେଷ—5. A figure of speech in rhetoric. [ଦ୍ର—କୌଣସି ଉପାୟ ଦ୍ୱାରା ଗୋଟିଏ ବସ୍ତୁ ଯେଉଁ ଆକାର ପ୍ରାପ୍ତ ହୋଇଅଛି ବା ଯେଉଁ ଫଳ ଘଟିଅଛି ସେହି ଉପାୟ ଦ୍ୱାରା ଭିନ୍ନ ବସ୍ତୁର ଅନ୍ୟ ଆକାରପ୍ରାପ୍ତିର ବା ଅନ୍ୟ ଫଳ ଘଟିବାର ବର୍ଣ୍ଣନା ରୂପ ଅଳଙ୍କାର, ଯଥା—

ଯେଉଁ ପୁଷ୍ପାୟୁଧ ବଢ଼ାଇ ମୋ ଦୁଃଖ
ବଢ଼ାଉଛି ସେହି ତା ଦୁଃଖ,
ମଣିଥିଲି ଯାକୁ ଅରି କରି, ଏବେ
ସେ ମୋର ଇଷ୍ଟ ସୁହୃଦ। ରାଧାନାଥ. ଯଯାତି

ଏହିପରି ବର୍ଣ୍ଣନାକୁ ବ୍ୟାଘାତ ଅଳଙ୍କାର ବୋଲାଯାଏ।]

**ବ୍ୟାଘାତକ**—ସଂ. ବିଣ. ପୁଂ (ବି+ଆ+ହନ୍ ଧାତୁ+କର୍ତ୍ତୃ.ଅକ)—୧। **Byāghātaka** ବିଘ୍ନକାରୀ; ପ୍ରତିବନ୍ଧକ—Causing obstruction; hindering; obstructing.
ବ୍ୟାଘାତକାରୀ (କାରକ) } ଅନ୍ୟରୂପ
ବ୍ୟାଘାତୀ }
(ବ୍ୟାଘାତିକା, ବ୍ୟାଘାତକାରିଣୀ, ବ୍ୟାଘାତିନୀ—ସ୍ତ୍ରୀ)

**ବ୍ୟାଘ୍ର**—ସଂ. ବି, ପୁଂ (ବି+ଆ+ଘ୍ରା. ଧାତୁ=ଗନ୍ଧ ଗ୍ରହଣ କରିବା, **Byāghra** ଭକ୍ଷଣ କରିବା+କର୍ତ୍ତୃ ଅ)—୧। ବିଡ଼ାଳ ଜାତୀୟ (ବ୍ୟାଘ୍ରୀ—ସ୍ତ୍ରୀ) ବନ୍ୟ ଓ ଜୀବଘାତୀ ବୃହତ୍ ଶ୍ୱାପଦ ବିଶେଷ; ବାଘ—1. Tiger. ୨। ରକ୍ତ ଏରଣ୍ଡ ବୃକ୍ଷ; ନାଲି ଜଡ଼ଗଛ—2. The red castor seed plant. ୩। କରଞ୍ଜ (ବୃ. ଷ) (ଦେଖ)—3. Karañja (See). ବିଣ ଓ ବି—(ଅନ୍ୟ ଶବ୍ଦ ପରେ ପ୍ରଯୁକ୍ତ ହେଲେ, ଯଥା—ପୁରୁଷ ବ୍ୟାଘ୍ର, ନର ବ୍ୟାଘ୍ର)—ଏକ ଶ୍ରେଣୀର ବହୁ ମଧ୍ୟରେ ଶ୍ରେଷ୍ଠ—Chief amongst many of a class; prominent; excellent.

**ବ୍ୟାଘ୍ରଗତି**—ସଂ. ବି—ଚିତ୍ର ରଚନାବିଶେଷ; ଯେଉଁ ରଚନାରେ ପ୍ରତି **Byāghragati** ପଦର ଉପାନ୍ତ ଦୁଇ ଅକ୍ଷରଦ୍ୱାରା ପରବର୍ତ୍ତୀ ପଦ ଆରମ୍ଭ କରାଯାଇଥାଏ—A poetical composition in which the penultumate 2 letters of every line are the first 2 letters in the following line. [ଦ୍ର—ଉଦାହରଣ,—ଉପେନ୍ଦ୍ରଭଞ୍ଜ. ବୈଦେହୀଶବିଳାସ ୧୯ଶ ଛାନ୍ଦ ୧୦ମ ପଦଠାରୁ ୧୬ଶ ପଦ ପର୍ଯ୍ୟନ୍ତ:—ବ୍ୟାଘ୍ରଗତିରେ ସଖୀରେ କହନ୍ତି <u>କରସେ</u>, <u>ଶୀକରରେ</u> କରୁଣୀ କୁସୁମ <u>ବରସେ</u>; <u>ବର</u> ଉଦର ଉଦିତ ଉପମା <u>ବହନ</u>, <u>ବହି</u> ତ କରୁଛି ବହିକରୁ ବଚନ। ୧୦ମ ପଦ।

କବିଙ୍କର ଚିତ୍ରକାବ୍ୟ, ବନ୍ଧୋଦୟରେ ଚିତ୍ରରଚନାମାନଙ୍କ ନାମ ତାଲିକାରେ ବ୍ୟାଘ୍ରଗତିର ନାମ ନାହିଁ, 'ଶାର୍ଦ୍ଦୂଳ କ୍ରୀଡ଼ିତ'ର ନାମ ଅଛି; କିନ୍ତୁ ଉକ୍ତ ଗ୍ରନ୍ଥରେ 'ଶାର୍ଦ୍ଦୂଳ କ୍ରୀଡ଼ିତ' ରଚନାର ଉଦାହରଣ ନାହିଁ। ବାଘ ଶିକାର ଉପରେ ପଡ଼ିବା ପୂର୍ବରୁ ଟିକିଏ ପଛକୁ ଘୁଞ୍ଚିଯାଏ ଓ ପରେ ଶିକାର ଆଡ଼କୁ ଅଗ୍ରସର ହୁଏ; ଏହି ଲକ୍ଷଣରୁ ଏ ରଚନାର ନାମ ବ୍ୟାଘ୍ରଗତି ହୋଇଅଛି। ସାହିତ୍ୟ ଦର୍ପଣ ଓ ଅଳଙ୍କାର କୌସ୍ତୁଭ ପ୍ରଭୃତି ଗ୍ରନ୍ଥମାନଙ୍କରେ ଏ ଶବ୍ଦର ଉଲ୍ଲେଖ ନାହିଁ।]

**ବ୍ୟାଘ୍ର ଚର୍ମ**—ସଂ. ବି (୬ଷ୍ଠୀ ତତ୍)—ବାଘର ଚମଡ଼ା; ବାଘ ଛାଲ—**Byāghra charma** Tiger-hide

**ବ୍ୟାଘ୍ର ନଖ**—ସଂ. ବି. (୬ଷ୍ଠୀ ତତ୍)—୧। ବାଘ ନଖ; ବାଘର ନଖ—**Byāghra nakha** 1. Tiger's claw. ୨। (ବହୁବ୍ରୀହି) (ବ୍ୟାଘ୍ର ନଖର—ଅନ୍ୟରୂପ) ସ୍ନୁହୀ ବା ସିଜୁଗଛ; ଚିକଣା ସିଜୁ—2. Euphorbia (with strong hooked thorns on the trunk). ୩। ହାରର ମଝିରେ ଲଗା ଯିବା ବାଘ ନଖଉପରେ ସୁନା ବା ରୂପା ଖଞ୍ଜା ହୋଇଥିବା ଅଳଙ୍କାର ବିଶେଷ—3. An ornament shaped like tiger's claw put in the middle of a necklace and sometimes consisting of tiger claws overlaid with gold or silver. ୪। ନଖୀ ନାମକ ଗନ୍ଧ ଦ୍ରବ୍ୟ—4. A kind of scent; onyx; Unguis Odoratus.

**ବ୍ୟାଘ୍ର ନଖକ**—ସଂ.ବି (ବ୍ୟାଘ୍ର ନଖ+କ)—ନଖ ଖମ୍ଚୁଡ଼ା; ନଖକ୍ଷତ—**Byāghra nakhaka** Scratches made by the nail.

**ବ୍ୟାଘ୍ରନଖୀ**—ସଂ. ବି—ନଖୀ ନାମକ ଗନ୍ଧଦ୍ରବ୍ୟ—ନଖୀ (ଦେଖ)—**Byāghranakhī** Nakhī (See) (ହରେକୃଷ୍ଣ ଦ୍ରବ୍ୟଗୁଣ।)
ବ୍ୟାଘ୍ରାୟୁଧ } —ଅନ୍ୟରୂପ
ବ୍ୟାଘ୍ରପୃଷ୍ଠ }

**ବ୍ୟାଘ୍ରନାୟକ**—ସଂ. ବି (ଉପପଦ ତତ୍; ବ୍ୟାଘ୍ର+ନାୟକ= **Byāghranāyaka** ଯେ ନେଇଯାଏ)—ଶୃଗାଳ—Jackal.
ବ୍ୟାଘ୍ରନାଦକ } —ଅନ୍ୟରୂପ
ବ୍ୟାଘ୍ରସେବକ }

**ବ୍ୟାଘ୍ରପାଦ(ତ୍,ଦ୍)**—ସଂ. ବି (ବ୍ୟାଘ୍ର ପରି ପାଦବିଶିଷ୍ଟ)—**Byāghrapāda(t,d)** ୧। ସ୍ମୃତିଶାସ୍ତ୍ରପ୍ରଣେତା ମୁନିବିଶେଷ—1. Name of a sage [ଦ୍ର—ଏହାଙ୍କ ଗୋତ୍ରକୁ 'ବୈୟାଘ୍ରପାଦ(ଦ୍ୟ)' ବୋଲାଯାଏ। ଶ୍ରୀଗୁରୁଦେବ ଏହି ଗୋତ୍ରରେ ଜନ୍ମଗ୍ରହଣ କରିଥିଲେ। ଏ ଋଷି ବଶିଷ୍ଠଙ୍କ ଗୋତ୍ରରେ ଜନ୍ମଗ୍ରହଣ କରିଥିଲେ ଓ ଋଗ୍‌ବେଦର କେତେକ ମନ୍ତ୍ରର ଏ ଦ୍ରଷ୍ଟା ଥିଲେ।] ୨। ଭଇଞ୍ଚି (ଦେଖ) 2. Bhaiñchi (See)

**ବ୍ୟାଘ୍ର ପୁଚ୍ଛ**—ସଂ. ବି (ବହୁବ୍ରୀହି; ବ୍ୟାଘ୍ର+ପୁଚ୍ଛ)—୧। ଏରଣ୍ଡ ଗଛ—**Byāghra puchchha** 1. Castor seed plant. ୨। ବାଇଗବା ଗଛ—2. Jatropha Curcas (plant). ୩। (୬ଷ୍ଠୀ ତତ୍) ବାଘର ଲାଞ୍ଜ—3. The tail of a tiger.

ବ୍ୟାଘ୍ର ବର—ଦେ. ବ—ମହାବଳ ବାଘ—The Royal Bengal
Byāghra bara tiger. [ ଦ୍ର—ବ୍ୟାଘ୍ର ବର ଶବ୍ଦର
ମାରଣ୍ଡ ଗୁଳ ଯୋଗେ ଯେ । ଭକ୍ତ. ବୈଦେହୀଶବିଳାସ । ]

ବ୍ୟାଘ୍ର ଭୀତି—ସଂ ବ ( ୬ମୀ ତତ୍ )—୧ । ବ୍ୟାଘ୍ର ଯୋଗୁଁ ଭୟ—
Byāghra bhiti 1. Fear of tiger. ୨ । ବାଘ ଭୟ;
( ବ୍ୟାଘ୍ରଭୀତ—ବଣ ) କୌଣସି ଅଞ୍ଚଳରେ ବ୍ୟାଘର ଉପଦ୍ରବ ହେବାରୁ ସେହି ଅଞ୍ଚଳର ଲୋକଙ୍କ ମନରେ ଜନ୍ମିବା ଭୟ—2. Fear of tiger's attack in the minds of people at a tiger-infested locality.

ବ୍ୟାଘ୍ର ମେରୁ—ଦେ. ବ—ରାଜପୁତାନାର ପର୍ବତ ବିଶେଷ—Name of
Byāghra meru a mountain in Rajputana.
[ ଦ୍ର—ନାନାବିଧ କରୁଥିଲେ ଅସ୍ତ୍ରବର୍ଷା, ବ୍ୟାଘ୍ରମେରୁ ଗାସିସ୍ତାର ଯହଲ । ଜନକଷୋର. ବୃଷ୍ଣିକୃମାର । ]

ବ୍ୟାଘ୍ର ଲୋମ—ସଂ ବ ( ବ୍ୟାଘ୍ର+ଲୋମନ୍; ୧ମା. ୧ବ )—୧ ।
Byaghra loma ( ୬ଷ୍ଠୀ ତତ୍ ) ବାଘ ଦେହର ଲୋମ—
1. The fur on the body of a tiger. ୨ ।
( ବହୁବ୍ରୀହି ) ମୁଛ ( ହୁ. ଶ )—2. Mustaches.

ବ୍ୟାଘ୍ର ଶାବକ—ସଂ. ବ ( ୬ଷ୍ଠୀ ତତ୍; ବ୍ୟାଘ୍ର+ଶାବକ )—ବାଘଛୁଆ
Byāghra śābaka —Tiger-cub.
(ବ୍ୟାଘ୍ର ଶିଶୁ—ଅନ୍ୟରୂପ)

ବ୍ୟାଘ୍ର ହସ୍ତ—ସଂ. ବ ( ବହୁବ୍ରୀହି )—ନାଲି ଗବ ଗଛ—
Byāghra hasta The red variety of castor-
[ବ୍ୟାଘ୍ରଦଳ(ଲା), ବ୍ୟାଘ୍ରଦଳ—ଅନ୍ୟରୂପ) seed plant.

ବ୍ୟାଘ୍ରାସ୍ୟ—ସଂ. ବ ପୁଂ ( ବହୁବ୍ରୀହି; ବ୍ୟାଘ୍ରର ଅସ୍ୟ=ମୁଖ ପରି ଅସ୍ୟ
Byāghrāsya ଯାହାର )—ମାର୍ଜାର; ବିରାଡ଼ି—Cat. ବଣ—
ବ୍ୟାଘ୍ରମୁଖ } ଅନ୍ୟରୂପ ବ୍ୟାଘ୍ର ପରି ମୁଖ ବିଶିଷ୍ଟ; ବାଘୁଆ ମୁହାଁ—
ବ୍ୟାଘ୍ରବକ୍ତ୍ର } Having a face like tiger's.

ବ୍ୟାଘ୍ରୀ—ସଂ. ବ. ସ୍ତ୍ରୀ ( ବ୍ୟାଘ୍ର+ଈ )—୧ । ବାଘୁଣୀ—1.
Byāghri Tigress. ୨ । କଣ୍ଟକାରୀ; ଅଗ୍ନିଦମନୀ—2. A medicinal plant; Solanum xanthocarpum.
[ ଦ୍ର—ଏହାର ଫଳ ବାଘ ନଖ ପରି ଅଙ୍କୁଶିଆ ଅଟେ । ]
୩ । ନଖୀ ନାମକ ଗନ୍ଧ ଦ୍ରବ୍ୟ ( ହୁ. ଷ )—3. Onyx; shell.

ବ୍ୟାଘ୍ରୀ ତୈଳ—ସଂ. ବ—ଆୟୁର୍ବେଦୋକ୍ତ ତୈଳ ବିଶେଷ; ପୀନସଅର୍ଶ
Byāghri taila ନାସା ରୋଗର ଉପକାରୀ ତୈଳ—
A medicinal oil prepared as an antidote against polypus of the nose.

ବ୍ୟାଙ୍କ୍—ବୈଦେ. ବ (ଇଂ.ବାଙ୍କ୍)—୧ । ଗଚ୍ଛିତ ଧନର ଭଣ୍ଡାର—1. A
Byānk bank for money. ୨ । ଖଜଣାଖାନା—
ব্যাঙ্ক 2. Treasury. ୩ । ଯେଉଁ ବ୍ୟବସାୟୀ କୋମ୍ପାନୀ
बैंक ସାଧାରଣଙ୍କଠାରୁ ଟଙ୍କା ଉପାର୍ଜନ କରି ସୁଧରେ ଟଙ୍କା ଲଗାନ୍ତି—3. A firm or company of bankers.
( ଯଥା—ସେଭିଙ୍ଗ୍ସ୍ ବ୍ୟାଙ୍କ୍, ଇମ୍ପିରିଆଲ୍ ବ୍ୟାଙ୍କ୍, ବେଙ୍ଗଲ୍ ବ୍ୟାଙ୍କ୍, କୋଅପରେଟିଭ୍ ବ୍ୟାଙ୍କ୍ ଇତ୍ୟାଦି, ଏହି ଇଂରାଜୀ ବ୍ୟାଙ୍କ୍ ଶବ୍ଦ ସଙ୍ଗେ ଅନେକ ଦେଶୀ ଓ ବିଦେଶୀ ଶବ୍ଦ ଯୁକ୍ତ ହୋଇ ଭାଷାରେ ଚଳନ୍ତି ଯଥା—ବ୍ୟାଙ୍କ୍‌ବାଲା, ବ୍ୟାଙ୍କ୍ ଚେକ୍, ବ୍ୟାଙ୍କ୍ ଅଫିସ ଇତ୍ୟାଦି ।)

ବ୍ୟାଙ୍କ ନୋଟ୍—ବୈଦେ. ବ ( ଇଂ )—ମୁଦ୍ରା ପରିବର୍ତ୍ତରେ ବ୍ୟାଙ୍କରୁ
Byānk not ଲୋକଙ୍କ ଦିଆଯିବା ଟଙ୍କା ପାଇବାର କାଗଜ ହୁଣ୍ଡି—
ব্যাঙ্কনোট बैंकनोट Bank note.

ବ୍ୟାଙ୍କ ବାବୁ—ଦେ. ବ—ବ୍ୟାଙ୍କର ପ୍ରଧାନ ଦେଶୀୟ କର୍ମଚାରୀ—
Byānk bābu The Indian head officer of a
ব্যাঙ্কবাবু बैंकबाबू bank.

ବ୍ୟାଙ୍କର—ବୈଦେ. ବ (ଇଂ)—ଯେଉଁ ମହାଜନ ସୁଧରେ ସାଧାରଣଙ୍କ
Byānkar ସଙ୍ଗେ ଟଙ୍କା ଦିଅ ନିଅ କରେ ଓ ସାଧାରଣଙ୍କଠାରୁ
ব্যাঙ্কর बैंकर ଟଙ୍କା ଉପାର୍ଜନ କରେ—A banker.

ବ୍ୟାଜ—ସଂ. ବ (ବି+ଅଜ. ଧାତୁ=ଗମନ କରିବା+କରଣ ଅ )—
Byāja ୧ । ବାହାନା; କପଟ; ଛଳ—1. Pretext; trick; deceit; pretence. ୨ । ବିଳମ୍ବ—2. Delay.
୩ । ବାଧା; ବିଘ୍ନ—3. Obstacle; obstruction.
୪ । ଭିଆଜ; ସୁଧ—4. Interest on money lent.
[ ଦ୍ର—ଏଥିରୁ ଅପଭ୍ରଂଶ ଶବ୍ଦ ଭିଆଜ । ]

ବ୍ୟାଜ ଖାଇବା—ଦେ.କ୍ରି (ଘୃଣାର୍ଥକ)—ଟଙ୍କାର ସୁଧ ଭୋଗ କରିବା—
Byāja khāibā সুদখাওয়া बियाजखाना To live on usury.

ବ୍ୟାଜଖୋର—ଦେ. ବଣ ଓ ବ (ସଂ. ବ୍ୟାଜ+ଫା.ପ୍ରତ୍ୟୟ ଖୋର;
Byājakhor ଘୃଣାର୍ଥକ)—ଯେ ଖାତକଠାରୁ ଅଧିକ ସୁଧ ନିଏ—
সুদখোর बियाजखोर (ବ୍ୟାଜଖୋରୀ—ସ୍ତ୍ରୀ ଓ ବ) Usurer.
( ବ୍ୟାଜଜୀବୀ—ଅନ୍ୟରୂପ )

ବ୍ୟାଜ ସ୍ତୁତି—ସଂ. ବ—୧ । କପଟ ସ୍ତୁତି; କପଟ ପ୍ରଶଂସା; ଖୋସାମଦ—
Byāja stuti 1. Flattery. ୨ । କାବ୍ୟର ଅଳଙ୍କାର ବିଶେଷ—2. A figure of rhetoric. [ ଦ୍ର—ଏଥିରେ ନିନ୍ଦାବାକ୍ୟଦ୍ୱାରା ସ୍ତୁତି ଓ ସ୍ତୁତିବାକ୍ୟଦ୍ୱାରା ନିନ୍ଦା ସୂଚିତ ହୁଏ । ଆପାତତଃ ପ୍ରତୀୟମାନ ନିନ୍ଦା ବା ସ୍ତୁତି ଯେବେ ପରିଶେଷରେ ବିପରୀତ ଭାବରେ ପର୍ଯ୍ୟବସିତ ହୁଏ ତେବେ ବ୍ୟାଜସ୍ତୁତି ଅଳଙ୍କାର ହୁଏ । ସ୍ତୁତିରୁ ନିନ୍ଦା ଯଥା—ସାହେବ ଘୋଡାକ କେହି ଅବା ପିନ୍ଧି,, ସନ୍ଧିରେ କହିଲ କଙ୍କା କଙ୍କା ହୁଅ, ଥରେ ଥରେ ହସି ସାହେବ ଠାଣିରେ ଘୋଡାର ବଦନ ଟେମାଲ କାନରେ । ଗ୍ରଧାନାଥ. ଦରବାର । ନିନ୍ଦାରୁ ସ୍ତୁତି ଯଥା— ତୁହେ ଅବାସ ଘର, ମାନସ ସରୋବର,, ଶୁଭଲ୍ଲ ବଣେଶ୍ୱର ଭବ; ଯଣେ ନ ରହୁ ଧାଇଁ, ଗଳଟ କାହିଁପାଇଁ, ଆହୁ ନ ଥିଲେ ତେବେ ଦେବ ଦେ । ଭୃପାଳଶ୍ଚ । ମନ ଜାଣିବା ଲୋକେ ବଣ, ଦୁଅନ୍ତି ସବୁ ଅଣୀବଶ, ମହାଧୀନ ତ ତୁମ୍ଭେ, ବ୍ୟାଳ ଅଛ ଦମ୍ଭେ,ଭୁଜଙ୍ଗ ତୁଦ ଅଛ ବସ ହେ । ମହାପ୍ରଭୁ ! କବିସୂର୍ଯ୍ୟ. କବିତା । ଭୂଷମଣି ଅଳଙ୍କାରତରଙ୍ଗିଣୀ ।]

ବ୍ୟାଜୋକ୍ତି—ସ. ବି—୧ । ବ୍ୟଙ୍ଗୋକ୍ତି; ଛଳୋକ୍ତି; କଥାର ଛଳ—
Byājokti 1. Irony; a covert expression; innuendo.
୨। ବ୍ୟାଜସ୍ତୁତି—2. Covert flattery. ୩। କାବ୍ୟର ଅଳଙ୍କାର ବିଶେଷ—3. A figure of rhetoric.
[ ଦ୍ର—କୌଣସି ଛଳନାଦ୍ୱାରା ପ୍ରକୃତ ବିଷୟର ଗୋପନକୁ ବ୍ୟାଜୋକ୍ତି ବୋଲାଯାଏ ।

ଯଥା—ସଖୀଙ୍କ ସଙ୍ଗରେ ଗୃହବାଲୁ ବାଳା
ପାଦରେ କ ଥିଲ ଶଙ୍କା,
ସ୍ୱକ୍ତ ସ୍ୱକ୍ତ ଦୃଷ୍ଟି ଅଙ୍କର୍ଷିତ ହେଲ
ପୁନଶ୍ଚ ନୂପର ପ୍ରତ ।
ଭୁରୁବକ ଲଶ୍ମା ଲାଗି ଗଲ ବୋଲି
ସଖୀଙ୍କି କହଲ ଛଳ,
ପ୍ରିୟଂବଦା ବୋଲେ ପୁରୁବକ ଲଶ୍ମା
ମୀନାଝି ! ଗଲ୍ପକ ଗଳ ।

ଗଙ୍ଗାଧର ମେହେର. ପ୍ରଣୟ ବଲ୍ଲରୀ ।—ଭୁଜମଣି ଅଳଙ୍କାର ତରଙ୍ଗିଣୀ ।]

ବ୍ୟାଟ୍—ବୈଦେ. ବି (ଇଂ. ବାଟ୍)—୧ । ପେଣ୍ଡୁ ବାଡ଼େଇବାର ପଟା—
Byāṭ ব্যাট बैट 1. Bat. ୨। ବାଦୁଡ଼ି; ବାଦୁଡ଼—
2. Bat.

ବ୍ୟାଟ୍ ବଲ୍—ବୈଦେ.ବି (ଇଂ.ବାଟ୍+ବଲ)—ପେଣ୍ଡୁ ଓ ପେଣ୍ଡୁ ବାଡ଼ଅ
Byāṭ bal ପଟା; ଦଣ୍ଡ ଓ କନ୍ଦୁକ—Bat and ball.
ব্যাট বল बैट बल

ବ୍ୟାଟେ(ଟା)ରି—ବୈଦେ. ବି (ଇଂ) — ୧ । ତଡ଼ିତ୍ପ୍ରବାହକ ଯନ୍ତ୍ରବିଶେଷ-
Byāṭe(ṭā)ri 1. Electric battery. ୨ । ତୋପଶ୍ରେଣୀ-
ব্যাটারী बाटारी ଓ ତାହା ଚଳାଇବା ପାଇଁ ନିଯୁକ୍ତ ସୈନ୍ୟ ବ୍ୟୂହ-
2. Battery; battalion.

ବ୍ୟାଡ଼—ସ. ବି (ବି+ଆ+ଅଡ଼ ଧାତୁ=ଉଦ୍ୟତ ହେବା+କର୍ତ୍ତୃ. ଅ)-
Byarḍa ୧ । ସର୍ପ—1. Snake; serpent. ୨ । ଶ୍ୱାପଦ; ମାଂସାହାରୀ ହିଂସ୍ର ଜନ୍ତୁ—2. A carnivorous beast; a beast of prey. ୩ । ଇନ୍ଦ୍ର—3. Indra. ୪ । ପ୍ରତାରକ; ଶଠ—4. A cheat; deceiver; knave. ୫ । ବାଘ (ହି. ଶ)—5. Tiger. ସ. ବିଣ ପୁ°—ପ୍ରବଞ୍ଚକ—Deceitful; fraudulent.

ବ୍ୟାଡ଼ି—ସ. ବି. (ନାମ) ( ବ୍ୟାଡ଼+ଅପତ୍ୟାର୍ଥେ. ଇ )—ସଂସ୍କୃତ ଶବ୍ଦ-
Byāṛi କୋଷ ଓ ବ୍ୟାକରଣକାର ମୁନି ବିଶେଷ—
Name of a sage, Sanscrit lexicographer
and grammarian.

ବ୍ୟାଣ୍ଡ୍—ବୈଦେ. ବି. ( ଇଂ. ବାଣ୍ଡ୍ )—ଐକତାନିକ ବାଦ୍ୟ ବାଜା
Byānd ବଜାଇବାର ଦଳ—A musical band.
ব্যাণ্ড बैंड

ବ୍ୟାଣ୍ଡ୍ ବାଜା—ଦେ. ବି. ( ଇଂ. ବ୍ୟାଣ୍ଡ୍ ଓ ସ. ବାଦ୍ୟ )—
Byānd bājā ପାଶ୍ଚାତ୍ୟ ଦେଶୀୟ ଐକତାନିକ ବାଦ୍ୟ—Band.
ব্যাণ্ড বাজা बैंड बाजा

ବ୍ୟାଣ୍ଡ୍ ମାଷ୍ଟର୍—ବୈଦେ. ବି. (ଇଂ)—ଐକତାନିକ ବାଦକମାନଙ୍କର
Byānd mashṭar ନେତା ବା ଗୁରୁ—Band master.
ব্যাণ্ড মাষ্টর बैंड माष्टर

ବ୍ୟାଣ୍ଡ୍ଷ୍ଟ୍ୟା(ଷ୍ଟା)ଣ୍ଡ୍—ବୈଦେ. ବି. ( ଇଂ )—ଯେଉଁ ମଣ୍ଡପରେ ବ୍ୟାଣ୍ଡ୍
Byānd-shṭyā(shṭā)nd ବାଜା ବଜାଇବା ଦଳ ବାଜା-
ব্যাণ্ড ষ্টাণ্ড बैंड ष्टैंड ବଜାନ୍ତି—Band stand.

ବ୍ୟାଣ୍ଡେଜ—ବୈଦେ. ବି. (ଇଂ ବାଣ୍ଡେଜ୍)—ବାଣ୍ଡେଜ୍ ( ଦେଖ )
Byāndej Bāndej ( See )
ব্যাণ্ডেজ बैंडेज

ବ୍ୟାତ୍ତ—ସ. ବିଣ. (ବି+ଆ+ଅତ୍ ଧାତୁ=ଗମନ କରିବା+କର୍ମ. ତ;
Byātta କମ୍ବା ବି+ଆ+ଦା ଧାତୁ+କର୍ମ. ତ)—୧ । ବିସ୍ତାରିତ;
ବିସ୍ତୃତ—1. Expanded; extended. ୨ । ମେଲା—
2. Agape; widened. ବି—ମେଲା କରିଥିବା ପାଟି—
Opened mouth.

ବ୍ୟାତ୍ତ ମୁଖ—ସ. ବିଣ. ପୁ°. (ବହୁବ୍ରୀହି; ବ୍ୟାତ୍ତ+ମୁଖ)—ଯାହା ପାଟି
Byātta mukha ମେଲା ହୋଇଥାଏ—Having one's
(ବ୍ୟାତ୍ତାନନ—ଅନ୍ୟରୂପ) mouth agape. ବି (କର୍ମଧା)—
ବ୍ୟାତ୍ତ ମୁଖୀ } ସ୍ତ୍ରୀ ମେଲା ହୋଇଥିବା ପାଟି—Opened
ବ୍ୟାତ୍ତାନନା } mouth.

ବ୍ୟାତ୍ୟୁ(ତ୍ତ୍ୟୁ)କ୍ଷୀ—ସ. ବି. (ବି+ଅତି+ଉକ୍ଷ୍ ଧାତୁ=ସେଚନ କରିବା+
Byātyu(ttyu)kshī ଭାବ. ଅ+ଈ )—ଜଳକ୍ରୀଡ଼ାବିଶେଷ;
ପାଣିରେ ପଶି ପରସ୍ପର ପାଣି ଫୋପଡ଼ା ଫୋପଡ଼ି ହେବା
କ୍ରୀଡ଼ା—A sport while bathing and
mutually splashing each other with
water.

ବ୍ୟାଦାନ—ସ. ବି. (ବି+ଆ+ଦା. ଧାତୁ+ଭାବ. ଅନ)—୧ ।
Byādāna ପ୍ରସାର; ବିସ୍ତାର—1. Expansion. ୨ । ମେଲା
କରିବା—2. Unfolding; gaping. ୩ । ଉଦ୍ଘାଟନ—
3. Opening.

ବ୍ୟାଦିତ—ସ. ବି ( ବି+ଆ+ଦା. ଧାତୁ+କର୍ମ ତ )—୧ । ପ୍ରସାରିତ;
Byādita ବିସ୍ତାରିତ—1. Expanded; unfolded. ୨ ।
ମେଲା କରିଯାଇଥିବା; ଉଦ୍ଘାଟିତ—2. Opened.

ବ୍ୟାଦିଶ—ସ. ବି.—ବିଷ୍ଣୁଙ୍କର ଏକ ନାମ (ହି. ଶ)—A name of
Byādiśa Bishnu.

ବ୍ୟାଧ—ସ. ବି (ବ୍ୟଧ. ଧାତୁ=ବିନ୍ଧିବା, ବଧ କରିବା+କର୍ତ୍ତୃ. ଅ)—
Byādha ୧ । ମୃଗବଧ ବୃତ୍ତିଧାରୀ ଜାତି ବିଶେଷ; ଶବର;
ହେଲା—1. A caste of hunters. ୨ । ଶିକାରୀ;
ଲୁବ୍ଧକ—2. A huntsman; fowler. ୩ । ନିଷ୍ଠୁର
ବ୍ୟକ୍ତି—3. A cruel man. ୪ । ଦୁଷ୍ଟ ବ୍ୟକ୍ତି—
4. Wicked person.

ବ୍ୟାଧ ଭୀତ—ସ. ବି. ବନ୍ୟଶୂକର—ମୃଗ; ହରିଣ—Stag; deer.
Byādha bhīta ସ. ବିଣ. ପୁ° ( କର୍ମ ତତ୍ )—ବ୍ୟାଘ୍ର ଯୋଗୁଁ
ଭୟଭୀତ—Fearful of the tiger.

ବ୍ୟାଧା—ସ. ବି (ବି+ଆ+ଧା. ଧାତୁ=ଧାରଣ କରିବା+ଅ+ଆ)—
Byādhā ଅଶନି; ବଜ୍ର—Thunder.

ବ୍ୟାଧି—ସଂ. ବି (ବି+ଆ+ଧା. ଧାତୁ=ଧାରଣ କରିବା+କର୍ମ. ଇ; ଅଥବା
Byādhi ପୀଡ଼ିତ ହେବା+କରଣ ଇ )—୧ । ପୀଡ଼ା; ରୋଗ—
1. Disease; illness; sickness. ୨ । କୁଷ୍ଠରୋଗ-
2. Leprosy. ୩ । ଅପରିତୃପ୍ତ କାମୁକର ଅବସ୍ଥା ବା ଦଶା-
ବିଶେଷ—3. One the states of an unsatiated lover. [ଦ୍ର—ଏହାର ଅପଭ୍ରଂଶ ଧାତ ବଅଧି)—
ଦେ. ବି—୧ । ମନ୍ଦ ଅଭ୍ୟାସ—1, A bad habit.
୨ । ଗୁରୁତର ପୀଡ଼ା—2. Serious illness.

ବ୍ୟାଧିକ—ଦେ. ବିଣ—(ସଂ. ବ୍ୟାଧିଯୁକ୍ତ)—ରୋଗୀ; ପୀଡ଼ିତ (ବ୍ୟକ୍ତି)—
Byādhika Sick (person). (ଉ—ଦୁର୍ଲଭ ଦରିଦ୍ର ବ୍ୟାଧିକ,
କେବଳ ଶଶାଙ୍କେ କଳଙ୍କ । ଭୂପତି. ପ୍ରେମପଞ୍ଚାମୃତ ।)

ବ୍ୟାଧିକର—ସଂ. ବିଣ—ଯାହା ଦେହରେ ପୀଡ଼ା ଜନ୍ମାଏ—Causing
Byādhikara (ବ୍ୟାଧିକରୀ—ସ୍ତ୍ରୀ) sickness.
(ବ୍ୟାଧିକାରକ; ବ୍ୟାଧିଜନକ—ଅନ୍ୟରୂପ)

ବ୍ୟାଧି ଗ୍ରସ୍ତ—ସଂ.ବିଣ. ପୁଂ ( ୩ୟା ତତ୍, ବ୍ୟାଧି+ଗ୍ରସ୍ତ )—ପୀଡ଼ାଗ୍ରସ୍ତ;
Byādhi grasta ପୀଡ଼ିତ—Sick; ill; seized by a
(ବ୍ୟାଧିଗ୍ରସ୍ତା—ସ୍ତ୍ରୀ) disease,

ବ୍ୟାଧି ଘାତ—ସଂ. ବି ( ବ୍ୟାଧି+ହନ୍ ଧାତୁ=ନାଶ କରିବା+କର୍ତ୍ତୃ,
Byādhi ghāta ଅ )—ସୁନାରି ଗଛ—Cassia Fistula;
Cathartocarpus Fistula, (tree).
( ବ୍ୟାଧିଘ୍ନ, ବ୍ୟାଧିଘାତକ, ବ୍ୟାଧିଘାତୀ—ଅନ୍ୟରୂପ )

ବ୍ୟାଧି ଘୋଟିବା—ଦେ. କ୍ରି—ଅତ୍ୟନ୍ତ ପୀଡ଼ାଗ୍ରସ୍ତ ହେବା—Being
Byādhi ghoṭibā very sick; being overtaken or
ব্যাধি ধরা ध्याधि पकडना seized by a disease.
(ବ୍ୟାଧି ଧରିବା, ବ୍ୟାଧି ଘୋଟିଯିବା, ବ୍ୟାଧି ପଶିବା—ଅନ୍ୟରୂପ)

ବ୍ୟାଧିତ—ସଂ. ବିଣ. ପୁଂ—(ବ୍ୟାଧି+ସଞ୍ଜାତାର୍ଥେ ଇତ)—ପୀଡ଼ିତ—
Byādhita (ବ୍ୟାଧିତା—ସ୍ତ୍ରୀ) —Ill; sick

ବ୍ୟାଧିମୁକ୍ତ—ସଂ. ବିଣ. ପୁଂ ( ୫ମୀ ତତ୍ )—ଅରୋଗ୍ୟ ଲାଭ କରିଥିବା
Byādhimukta Recovered from illness.
(ବ୍ୟାଧିମୁକ୍ତା—ସ୍ତ୍ରୀ) (ବ୍ୟାଧିମୁକ୍ତି—ବି)

ବ୍ୟାଧି ଶୂନ୍ୟ—ସଂ. ବିଣ (୩ୟା ତତ୍)—ରୋଗଶୂନ୍ୟ; ସୁସ୍ଥ—
Byādhi śūnya Healthy; hale; free from illness.
(ବ୍ୟାଧିହୀନ, ବ୍ୟାଧିରହିତ—ଅନ୍ୟରୂପ)

ବ୍ୟାଧୂ(ଧୁ)ତ—ସଂ. ବିଣ (ବି+ଆ+ଧୂ. ଧାତୁ=କମ୍ପିବା+କର୍ମ. ତ)—
Byādhū(dhu)ta କମ୍ପିତ; ଚଳିତ; ଆନ୍ଦୋଳିତ—Shaken;
made to tremble; agitated.

ବ୍ୟାଧୂତି—ସଂ. ବି (ବି+ଆ+ଧୂ. ଧାତୁ=କମ୍ପିବା+ଭାବ. ତି)—
Byādhūti କମ୍ପନ—Shaking; trembling.

ବ୍ୟାଧୂନନ—ସଂ. ବି (ବି+ଆ+ଧୂ. ଧାତୁ ଣିଜନ୍ତ+ଭାବ. ଅନ)—
Byādhūnana ୧ । କମ୍ପାଇବା—1. Causing to
tremble. ୨ । (+ଧୂ ଧାତୁ+କର୍ମ ବା ଭାବ. ଅନ)—
କମ୍ପିବା; କମ୍ପନ—2. Trembling; shaking.

ବ୍ୟାନ—ସଂ. ବି (ବି+ଅନ. ଧାତୁ=ବଞ୍ଚିବା+କରଣ. ଅ)—ଶରୀର
Byāna ମଧ୍ୟସ୍ଥ ପାଞ୍ଚଗୋଟି ବାୟୁ ମଧ୍ୟରୁ ଏକତମ—One
of the 5 vital airs of the body. [ଦ୍ର—ପ୍ରାଣ
ପଞ୍ଚବାୟୁର ସମଷ୍ଟି ଅଟେ; ଏ ସବୁ ଶରୀରର ବିଭିନ୍ନ ଅଂଶରେ
ଥାଏ—୧ ହୃଦୟାନ୍ତର୍ଗତ ବାୟୁର ନାମ 'ପ୍ରାଣ', ୨ ଗୁହ୍ୟ
ଦେଶସ୍ଥ ବାୟୁର ନାମ 'ଅପାନ', ୩ ନାଭି ସମୀପସ୍ଥ ବାୟୁର
ନାମ 'ସମାନ', ୪ କଣ୍ଠଦେଶସ୍ଥ ବାୟୁର ନାମ 'ଉଦାନ',
୫ ସର୍ବଶରୀରଗାମୀ ବାୟୁର ନାମ 'ବ୍ୟାନ') ।

ବ୍ୟାପକ—ସଂ. ବିଣ (ବି+ଆପ. ଧାତୁ=ପାଇବା+କର୍ତ୍ତୃ. ଅକ)—
Byāpaka ୧ । ବ୍ୟାପ୍ତିଶୀଳ; ଯାହା ବ୍ୟାପିଥାଏ; ସବୁଆଡ଼େ
( ବ୍ୟାପିକା—ସ୍ତ୍ରୀ ) ବ୍ୟାପିଥିବା; ବିସ୍ତାରିତ—1. Pervading;
spreading; diffused. ୨ । ଆଚ୍ଛାଦକ-2. Covering. ୩ । ସ୍ଥାନବ୍ୟାପୀ—3. Spread over an
area. ୪ । କାଳବ୍ୟାପୀ—4. Extending over a
period. ୫ । ଗପଡ଼ି—5. Talkative. ୬ । ଦୀର୍ଘ—
6. Long. ୭ । ଯାହାର ବ୍ୟାପ୍ତି ଅଛି—7. That
which has extension. [ ଦ୍ର—ଯେଉଁ ପଦାର୍ଥ
ବ୍ୟାପିଥାଏ ତାକୁ ବ୍ୟାପକ କହନ୍ତି ଓ ଯେଉଁ ପଦାର୍ଥ ଯେଉଁ
ସ୍ଥାନକୁ ବା ବସ୍ତୁକୁ ବ୍ୟାପି ରହିଥାଏ ତାକୁ ବ୍ୟାପ୍ତ ବା ବ୍ୟାପ୍ୟ
କହନ୍ତି । ଯଥା—ରୋଗ 'ବ୍ୟାପକ', ଶରୀର 'ବ୍ୟାପ୍ତ'; ଆକାଶ
ବ୍ୟାପ୍ୟ, ମେଘ ବ୍ୟାପକ; ପୁଷ୍କରିଣୀ ବ୍ୟାପ୍ୟ, ଜଳ ବ୍ୟାପକ । ]
ବି—(ନ୍ୟାୟଦର୍ଶନ) ସାଧିକରଣ; ବସ୍ତୁର ଅପରିହାର୍ଯ୍ୟ ସ୍ଥାୟୀ
ଧର୍ମବୃତ୍ତି—The essential property or
attribute of a thing.

ବ୍ୟାପକତା(ତ୍ୱ)—ସଂ. ବି—୧ । ବାପିଯିବାର ଅବସ୍ଥା—1. Diffusion.
Byāpakatā(twa) ୨ । ଗପଡ଼ିପଣ—2. Garrulity.

ବ୍ୟାପକ ନ୍ୟାସ—ସଂ. ବି—ତନ୍ତ୍ରଶାସ୍ତ୍ରୋକ୍ତ ସର୍ବାଙ୍ଗବ୍ୟାପକ ନ୍ୟାସ-
Byāpaka nyāsa ବିଶେଷ—A tantric process which
diffuses action or vibration throughout
the system of the devotee.

ବ୍ୟାପକବନ୍ତ—ଗ୍ରା. ବିଣ—ବ୍ୟାପକ (ଦେଖ)—Byāpaka (See).
Byāpakabanta (ଉ—ଯେ କର୍ମେ ବସ୍ତୁରୂପ ଧରେ, ବ୍ୟାପକ-
ବନ୍ତ ଏ ସଂସାରେ । ଜଗନ୍ନାଥ. ଭାଗବତ । )

ବ୍ୟାପତ୍ତି—ସଂ. ବି (ବି+ଆ+ପଦ୍, ଧାତୁ=ଯିବା+ଭାବ. ତି)—
Byāpatti ୧ । ବିପଦ; ବିପତ୍ତି—1. Danger; calamity;
misfortune. ୨ । ମୃତ୍ୟୁ—2. Death.

ବ୍ୟାପନ—ସଂ. ବି ( ବି+ଆପ୍. ଧାତୁ=ପାଇବା+ଭାବ. ଅନ )—୧ ।
Byāpana ବ୍ୟାପ୍ତି; ବିସ୍ତାର—1. Diffusion; extension.
ବ୍ୟାପ୍ତ } ବିଣ ୨ । ବ୍ୟାପିବା-2. Spreading. ୩ । ଆଚ୍ଛାଦନ-
ବ୍ୟାପନୀୟ } 3. Covering. ୪ । ସବୁଆଡ଼େ ଖେଳିଯିବା-
ବ୍ୟାପ୍ୟ 4. Suffsion; overspreading.

ବ୍ୟାପନ୍ନ—ସଂ. ବି (ବି+ଆ+ପଦ୍ ଧାତୁ+କର୍ତ୍ତୃ. ତ)-୧ । ବିପନ୍ନ; ବିପଦ୍-
Byāpanna ଗ୍ରସ୍ତ—1. Involved in danger or mis-

fortune. ୬ । ମୃତ-2. Dead; deceased. ୩ । ଅଭିଘାତ—3. Injured. ୪ । ସଂସାରାସକ୍ତ-4. Addicted to or engrossed in worldly concerns.

**ବ୍ୟାପାଦ୍**—ସ. ବି (ବି+ଆ+ପଦ୍ ଧାତୁ ଣିଚ୍=ପାଦି ଧାତୁ=ଗମନ
**Byāpād** କରାଇବା+ଭାବ. କ୍ୱିପ୍)—୧ । ବଧ; ବିନାଶ—1. Destruction; murder. ୨ । ପରର ଅନିଷ୍ଟ ଚିନ୍ତା—2. Thought for injuring others. ୩ । ବ୍ୟାପତ୍ତି (ଦେଖ)—3. Byāpatti (See).

**ବ୍ୟାପାଦକ**—ସ. ବିଣ ପୁଂ (ବି+ଆ+ପଦ୍. ଧାତୁ ଣିଚ୍=ପାଦି ଧାତୁ=
**Byāpādaka** କର୍ତ୍ତୃ. ଅକ)—୧ । ମାରାତ୍ମକ; ପ୍ରାଣନାଶକ—1. Deadly; fatal; mortal. ୨ । ହତ୍ୟାକାରୀ—2. Murderous. ୩ । ବିନାଶକ—3. Destructive; ruinous.

**ବ୍ୟାପାଦନ**—ସ. ବି (ବି+ଆ+ପଦ୍. ଧାତୁ ଣିଚ୍=ପାଦି. ଧାତୁ+
**Byāpādana** ଭାବ. ଅନ)—୧ । ମାରଣ; ବଧ—1. Killing; murder. ୨ । ବିନାଶ—2. Destruction. ୩ । ପରର ଅନିଷ୍ଟ ଚିନ୍ତନ—3. Wishing or contemplating injury to others.
(ବ୍ୟାପାଦନା—ସ୍ତ୍ରୀ)

**ବ୍ୟାପାଦିତ**—ସ. ବିଣ (ବି+ଆ+ପଦ୍. ଧାତୁ ଣିଚ୍=ପାଦି ଧାତୁ+
**Byāpādita** କର୍ମ. ତ)—୧ । ହତ—1. Killed; murdered. ୨ । ବିନାଶିତ—2. Destroyed. ୩ । ଆହତ-3. Hurt; injured.

**ବ୍ୟାପାର**—ସ. ବି. (ବି+ଆ+ପୃ ଧାତୁ=ପରିଶ୍ରମ କରିବା+ଭାବ.
**Byāpāra** ଅ)—୧ । କ୍ରିୟା; କର୍ମ; କାର୍ଯ୍ୟ—1. Transaction; affair; action. ୨ । କାଣ୍ଡ; ଘଟଣା—2. Event. ୩ । ବାଣିଜ୍ୟ; ବ୍ୟବସାୟ; ବେପାର—3. Trade; business; traffic. ୪ । ପେଶା; ବୃତ୍ତି; କାମଦାମ—4. Occupation; profession. ୫ । ପରିଶ୍ରମସାଧ୍ୟ କାର୍ଯ୍ୟ—5. Act requiring physical labour. ୬ । ନିୟୋଗ—6. Appointment. ୭ । ଅଭ୍ୟାସ କରିବା; ଅନୁଶୀଳନ—7. Application; devotion to a subject; exercise. ଦେ. ବି—ଦୈନନ୍ଦିନ କର୍ମ; ଅନ୍ତଃପୁର—Menial household works. (ଉ—ବ୍ରାହ୍ମଣ ଘରେ ସେ ଏକାକୀ, ମୋହର ଜନନୀ ଶେଷେ । ବ୍ୟାପାର କରେ ସୁନ୍ଦ ହନେ, ଏମନ୍ତ କହିଣ ବସିଲେ । ଜଗନ୍ନାଥ. ଭାଗବତ ।)

**ବ୍ୟାପାରିତ**—ସ. ବିଣ ( ବ୍ୟାପାର+ତତ୍କାରାର୍ଥେ. ଇତ )—ବ୍ୟାପୃତ
**Byāpārita** (ଦେଖ)—Byāpruta (See)

**ବ୍ୟାପାରୀ**—ସ. ବିଣ.ପୁଂ (ବ୍ୟାପାର+ଅସ୍ତି ଅର୍ଥରେ ଇନ୍; ୧ମା.୧ବ)—
**Byāpāri** ୧ । ବ୍ୟବସାୟୀ; ବଣିଜ୍ୟରତ—1. Engaged in
(ବ୍ୟାପାରିଣୀ—ସ୍ତ୍ରୀ) trade. [ବୃ—ଏଥିର ଅପଭ୍ରଂଶ ପଦ ବେପାରୀ ।] ୨ । କ୍ରିୟାସକ୍ତ; କାର୍ଯ୍ୟାସକ୍ତ--2. Engrossed or busy in any work. ସ. ବି. ପୁଂ—ବଣିକ୍; ବେପାରୀ—Trader.

**ବ୍ୟାପିକା**—ସ. ବି. ସ୍ତ୍ରୀ—ଅଣ୍ଡିରାକରଣୀ; କଳହପ୍ରିୟା ସ୍ତ୍ରୀ—
**Byāpikā** A pert woman; a shrew.
ସ. ବିଣ. ସ୍ତ୍ରୀ—ବ୍ୟାପକର ସ୍ତ୍ରୀଲିଙ୍ଗ—Feminine of Byāpaka.

**ବ୍ୟାପିତ**—ଦେ. ବିଣ. (ପଦ୍ୟ)—ବ୍ୟାପ୍ତ; ପରିପୂରିତ—Filled up.
**Byāpita** (ଉ—ଭୁବନେ ବ୍ୟାପିତ ମହା ଅନଳ । ଅଭିମନ୍ୟୁ. ବଦଗ୍ଧ ଚିନ୍ତାମଣି ।) ସ. ବିଣ (ବି+ଆପ ଧାତୁ ଣିଜନ୍ତ+ କର୍ମ. ତ)—ଯାହାକୁ ବ୍ୟାପ୍ତ କରି ଦିଆ ଯାଇଅଛି—Caused to be spread or diffused.

**ବ୍ୟାପିବା**—ଦେ. କ୍ରି ( ସ. ବି+ଆପ ଧାତୁ )—୧ । ଗୋଟିବା—
**Byāpibā** 1. To pervade through. ୨ । ଗୁରୁ
ব্যাপা ব্যাপনা ଅଦ୍ଧେ ବିସ୍ତୃତ ହେବା; ଖେଳି ଯିବା—2. To diffuse; to overspread. ୩ । ସର୍ବତ୍ର ପ୍ରକଟିତ ହେବା—3. To be published or spread everywhere. (ଉ—'ସ୍ୱର୍ଗ୍ୟ ଭେଳ ଯିବେ ସ୍ୱର୍ଗା' ଏ ବାର୍ତ୍ତା ନଗରେ, ନଗରୁ ନଗରେ, ଜନ୍ମ ବ୍ୟାପି ଜନପଦେ । ରାଧାନାଥ. ମହାଯାତ୍ରା ।) ୪ । ଆଚ୍ଛାଦନ କରିବା; ଘୋଡ଼ାଇବା—4. To surround to envelop. ୫ । ଘଟଣା କ୍ରମରେ ନିର୍ଦ୍ଦିଷ୍ଟ ସମୟ ବା କାଳ ଅଧିକାର କରିବା—5. To occupy a period of time. ୬ । ନିର୍ଦ୍ଦିଷ୍ଟ ସ୍ଥାନ ଅଧିକାର କରିବା—6. To occupy a place or area.

**ବ୍ୟାପୀ**—ସ.ବିଣ.ପୁଂ(ବି+ଆପ୍ ଧାତୁ+ଶୀଳାର୍ଥେ ଇନ୍; ୧ମା. ୧ବ)—
**Byāpi** ୧ । ବ୍ୟାପକ—1. Spreading; diffusing;
(ବ୍ୟାପିନୀ—ସ୍ତ୍ରୀ) pervading. ୨ । ଅବରଣକାରୀ; ଆଚ୍ଛାଦକ—2. Overspreading; enveloping. ୩ । ଯାହା ଏକେ ସମୟକୁ ବା ସ୍ଥାନକୁ ବ୍ୟାପିଥାଏ ବା ଅଧିକାର କରି ଥାଏ—3. Spread over a certain space or time. ବି—ବିଷ୍ଣୁ—Bishnu.

**ବ୍ୟାପୃତ**—ସ. ବିଣ. (ବି+ଆ+ପୃ ଧାତୁ=ପରିଶ୍ରମ କରିବା+କର୍ତ୍ତୃ.
**Byāpruta** ତ)—୧ । କାର୍ଯ୍ୟରେ ନିଯୁକ୍ତ; କାର୍ଯ୍ୟରେ ଲାଗିଥିବା-
(ବ୍ୟାପୃତା—ବି) 1. Engaged or busy in a work. ୨ । ନିୟୋଜିତ—2. Employed; appointed ବି—୧ । ମନ୍ତ୍ରୀ; ସଚିବ—1. A councillor. ୨ । ରାଜକର୍ମଚାରୀ—2. A government officer.

**ବ୍ୟାପ୍ତ**—ସ. ବିଣ. ( ବି+ଆପ ଧାତୁ=ପାଇବା+କର୍ମ. ତ )—
**Byāpta** ୧ । ବିସ୍ତାରିତ—1. Spread; diffused. ୨ । ବେଷ୍ଟିତ—2. Encompassed; enveloped; encircled. ୩ । ପରିପୂରିତ—3. Filled up. ୪ । ଆବୃତ; ଆଚ୍ଛାଦିତ—4. Covered; overspread. ୫ । ପ୍ରସିଦ୍ଧ—5. Celebrated. ୬ । ଏକତ୍ରାବସ୍ଥିତ—6. Concomitant. ୭ । (+କର୍ତ୍ତୃ. ତ) ବ୍ୟାପ୍ତିଯୁକ୍ତ—7. Having expansion.

ବ୍ୟାପ୍ତ ବନ୍ତ—ଗ୍ରା. ବଣ—ବ୍ୟାପ୍ତ (ଦେଶ)—Byāpta (Ses)
Byāpta banta (ଢ଼—ଅଶେଷ ବ୍ୟାପ୍ତବନ୍ତ ନାନା ସ୍ଥଳେ । (ବ୍ୟାପ୍ତିବନ୍ତ—ଦେଶଜରୂପ) ଅଭିମନ୍ୟୁ. ବଦ୍ଧ ଚନ୍ଦ୍ରାମଣି ।)

ବ୍ୟାପ୍ତି—ସ. ବି. ( ବି+ଆପ୍ ଧାତୁ+ଭାବ. ତି )—୧ । ବ୍ୟାପନ; Byāpana ସର୍ବସ୍ଥାନବ୍ଥାନ—1. Overspreading; pervading; diffusion; omnipresence. ୨ । ବିସ୍ତୃତି; ପ୍ରସାର—2. Extension; extent. ୩ । ଐଶ୍ୱର୍ଯ୍ୟ; ବଡ଼ୁଭ—3. Divinity; majesty; glory. [ ଦ୍ର—ଅଷ୍ଟୈଶ୍ୱର୍ଯ୍ୟ ଉଳେ ଟୀକା ଦେଖ ।] ୪ । ଶିବଙ୍କର ଅଣିମାଦି ବିଭୂତି ମଧ୍ୟରୁ ଏକତମ; ସର୍ବସ୍ଥାନବ୍ୟାପ୍ତି ରୂପ ଐଶ୍ୱର୍ଯ୍ୟ—4. Omnipresence of God Śiba; universal concomitance of God Śiba. ୫ । (ଦର୍ଶନ ଶାସ୍ତ୍ର) ବସ୍ତୁର ସହଜ ଧର୍ମ (ଯଥା—ଜଳର ତାରଲ୍ୟ, ଅଗ୍ନିର ତାପ, ସର୍ଷପର ତୈଳପ୍ରଦତ୍ୱ—5. (Hindu Philosophy) An inseparable or inborn attribute of a thing; the adjunct of a matter. ୬ । ଲାଭ; ପ୍ରାପ୍ତି—6. Gain; acquisition. ୭ । ( ଆଧୁନିକ ଜଡ଼ବିଜ୍ଞାନ ) ଜଡ଼ ପଦାର୍ଥର ସ୍ଥାନବ୍ୟାପକତା ରୂପ ଗୁଣ—7. The attribute of matter, occupying a space. ୮ । ପ୍ରସିଦ୍ଧି—8. Celebrity. ୯ । ବେଷ୍ଟନ; ବେଢ଼ିବା—9. Enveloping. ୧୦ । ଏକତ୍ରାବସ୍ଥିତି—10. Concomitance.

ବ୍ୟାପ୍ତି ଗ୍ରହ—ସ. ବି—ବ୍ୟାପ୍ତି ସମ୍ବନ୍ଧେ ବୋଧ—Apprehension
Byāpti graha of universal concomitance.

ବ୍ୟାପ୍ତି ଜ୍ଞାନ—ସ. ବି—ସାଧାରଣ ଗୁଣର ବା ଧର୍ମର ଅବସ୍ଥାନରୁ ବସ୍ତୁର Byāpti jñāna ଅସ୍ତିତ୍ୱ ସମ୍ବନ୍ଧେ ଜ୍ଞାନ—An idea of the existence of a matter on seeing its adjuncts.

ବ୍ୟାପ୍ୟ—ସ. ବିଣ (ବି+ଆପ ଧାତୁ+କର୍ମ. ଯ)—୧ । ବ୍ୟାପନୀୟ; Byāpya ଯାହାକୁ ବ୍ୟାପ୍ତ କରାଯାଇ ପାରେ; ପ୍ରସାର୍ଯ୍ୟ—1. Capable of being expanded or spread out. ୨ । ଅନୁମେୟ—2. Imaginable. ୩ । ସାଧ୍ୟ—3. Feasible; possible. ବି—(ନ୍ୟାୟ ଦର୍ଶନ)—୧ । ଅଳ୍ପଦେଶ ବୃତ୍ତି; ଯେଉଁ ପଦାର୍ଥକୁ କୌଣସି ବସ୍ତୁ ବା ବ୍ୟାପକ ଘୋଟି ଥାଏ—1. ( Hindu philosophy) A thing pervaded over by another thing. ୨ । ସାଧନ; ହେତୁ—2. Expedient; means. ୩ । କୁଷ୍ଠୌଷଧ; କୁଡ଼—3. A medicinal plant; Costus Speciosus.

ବ୍ୟାପ୍ୟତା(ତ୍ୱ)—ସ.ବି—(ବ୍ୟାପ୍ୟ+ଭାବ. ତା,ତ୍ୱ)-ବ୍ୟାପନୀୟତା; ଅନ୍ୟ Byāpyatā(twa) ପଦାର୍ଥଦ୍ୱାରା ବ୍ୟାପ୍ତ ହେବାର ଅବସ୍ଥା—The capacity of being pervaded over by another thing.

ବ୍ୟାପ୍ରିୟମାଣ—ସ. ବି (ବି+ଆ+ପୃ ଧାତୁ+କର୍ତ୍ତୃ. ଅନ)—ବ୍ୟାପୃତ
Byāpriyamāṇa ହୋଇଥିବା—Being engaged.

ବ୍ୟାବର୍ତ୍ତନ—ସ. ବି (ବି+ଆ+ବୃତ୍ ଧାତୁ=ଘୂରିବା+ଭାବ. ଅନ)—Byābarttana ୧ । କେନ୍ଦ୍ରର ଚାରିପାଖେ ପରିଭ୍ରମଣ; (ବ୍ୟାବର୍ତ୍ତନ, ବ୍ୟାବର୍ତ୍ତିତ—ବିଣ) ଅବର୍ତ୍ତନ; ଘୂରିବା—1. Rotation. ୨ । ପରାଙ୍ମୁଖ ହେବା; ଫେରିବା—2. Act of turning the face away. ୩ । (ବୃତ୍ ଧାତୁ ଣିଚ୍, ବର୍ତ୍ତି ଧାତୁ+ଭାବ. ଅନ)—ପରାଙ୍ମୁଖୀକରଣ—3. Causing to turn back.

ବ୍ୟାବହାରିକ—ସ. ବିଣ ( ବ୍ୟବହାର+ସମ୍ବନ୍ଧାର୍ଥେ ଇକ )—୧ । Byābahārika ବ୍ୟବହାରକ; ବ୍ୟବହାର ସମ୍ବନ୍ଧୀୟ—1. Relating to custom, usage, law or use. ୨ । ଯାହା ଦୈନନ୍ଦିନ କାର୍ଯ୍ୟରେ ଲାଗେ—2. Practical; of every day use; useful. ୩ । ବ୍ୟବହାରସିଦ୍ଧ—3. Conforming to practice, use or custom. ୪ । ଆଇନଜ୍ଞ—4. Versed in law. ୫ । ଆଇନ୍ ସମ୍ବନ୍ଧୀୟ—5. Legal. ବି.—୧ । ବିଚାରପତି—1. Judge; magistrate. ୨ । ମନ୍ତ୍ରୀ—2. Councillor.

ବ୍ୟାବୃତ୍ତ—ସ. ବିଣ (ବି+ଆ+ବୃତ୍ ଧାତୁ=ନିଷେଧ କରିବା+କର୍ତ୍ତୃ. Byābṛutta ତ)—୧ । ନିବୃତ୍ତ—1. Stopped; ceased. ୨ । (+କର୍ମ. ତ) ନିବାରିତ; ନିଷିଦ୍ଧ—2. Prevented. ୩ । ଖଣ୍ଡିତ—3. Divided. ୪ । ପୃଥକ୍ କୃତ—4. Separated. ୫ । ମନୋନୀତ—5. Chosen; elected. ୬ । ବେଷ୍ଟିତ—6. Surrounded; enveloped. ୭ । ସ୍ତୁତ—7. Worshipped; adored; eulogised. ୮ । ଆଚ୍ଛାଦିତ—8. Covered. ୯ । ନିରାକୃତ—9. Withdrawn; expelled; refuted.

ବ୍ୟାବୃତ୍ତି—ସ. ବି (ବି+ଆ+ବୃତ୍ ଧାତୁ+ଭାବ. ତି)—୧ । ବିଭଜନ; Byābṛutti ଖଣ୍ଡନ—1. Division; splitting up. ୨ । ପୃଥକ୍ କରଣ—2. Separation. ୩ । ମନୋନୟନ—3. Election. ୪ । ବେଷ୍ଟନ—4. Surrounding; girdle. ୫ । ସ୍ତୁତି—5. Praise; eulogy. ୬ । ନିରାକରଣ—6. Expulsion exclusion. ୭ । ନିବୃତ୍ତି—7. Stoppage; cessation. ୮ । ବାଧା—8. Hindrance; obstruction. ୯ । ନିୟୋଗ—9. Appointment. ୧୦ । ବୈପରୀତ୍ୟ—10. Contrariety; inversion; reversion.

ବ୍ୟାମ—ସ. ବି—(ବି+ଆ+ମା ଧାତୁ=ମାପିବା+କରଣ. ଅ)—ବୈଁ; Byāma ଦୁଇ ବାହୁକୁ ଦୁଇପାଶରେ ଦୀର୍ଘକୁ ପ୍ରସାରିତ କଲେ ଏକ (ବ୍ୟାମତ—ଅପଭ୍ରଂଶରୂପ) ବାହୁର ମଧ୍ୟମାଙ୍ଗୁଳିର ଅଗ୍ରରୁ ଅନ୍ୟ ବାହୁର ମଧ୍ୟମାଙ୍ଗୁଳିର ଅଗ୍ର ପର୍ଯ୍ୟନ୍ତ ପରିମାଣ—

Fathom; the length measured between the middle fingers of the two arms stretched out to the full extent in opposite directions.

ବ୍ୟାମର୍ଷ—ସ. ବି—( ବି+ଆ+ମୃଷ୍ ଧାତୁ=ସହିବା+ଭାବ. ଅ )—୧ । ଉତ୍ପାଟନ; ଉପାଡ଼ିବା—1. Uprooting. ୨ । ଉଠାଇ କରି ଫୋପାଡ଼ିବା; ଟେକିବା—2. Uplifting; throwing. ୩ । ଅଧୈର୍ଯ୍ୟ—3. Impatience. ୪ । ବ୍ୟାକୁଳତା—4. Enbarassment.
Byāmarsha

ବ୍ୟାମିଶ୍ର—ସ. ବଣ (ବି+ଆ+ମିଶ୍ର ଧାତୁ+କର୍ତ୍ତୃ. ଅ)—୧ । ସମ୍ମିଳିତ—1, United; amalgamated. ୨ । ଏକତ୍ରିତ; ମିଶ୍ରିତ—2, Mixed together; unified. ସ. ବି—ଦୁଇ ପଦାର୍ଥକୁ ବା କାର୍ଯ୍ୟକୁ ଏକତ୍ର ମିଳାଇବା କର୍ମ—Amalgamation.
Byāmisra

ବ୍ୟାମୋହ—ସ. ବି—( ବି+ଆ+ମୁହ୍ ଧାତୁ+ଭାବ. ଅ )—୧ । ମୋହ—1. Stupefaction; fascination.
Byāmoha

ବ୍ୟାମୋହକ
ବ୍ୟାମୋହଜନକ } —ବଣ ୨ । ଭ୍ରାନ୍ତି; ଭ୍ରମ—2, Error; mistake.
ବ୍ୟାମୋହଜନିତ

୩ । ଚିତ୍ତବୈକଲ୍ୟ; ବିହ୍ୱଳତା; ଅଧୀରତା—3, Embarassment; bewilderment. ୪ । ପୀଡ଼ା—4. Affliction. ୫ । ଅଜ୍ଞାନ—5. Ignorance.

ବ୍ୟାୟତ—ସ. ବଣ (ବି+ଆ+ଯମ୍ ଧାତୁ+କର୍ତ୍ତୃ. ତ)—୧ । ଦୀର୍ଘ; ଲମ୍ବା—1. Long; prolonged. ୨ । ଢେଙ୍ଗା—2, Tall. ୩ । ଉଚ୍ଚ—3 High. ୪ । ବିସ୍ତୃତ—4 Extended. ୫ । ବ୍ୟାପୃତ—5 Engaged. ୬ । ଦୃଢ଼—6 Strong; firm. ୭ । ଦୂର—7. Distant. ବି—୧ । ଦୈର୍ଘ୍ୟ—1. Length. ୨ । ପ୍ରସାର—2, Width; expanse. ୩ । ଉଚ୍ଚତା; ଉଚ୍ଚତା—3. Height.
Byāyata

ବ୍ୟାୟାମ—ସ. ବି ( ବି+ଆ+ଯମ୍ ଧାତୁ+ଭାବ. ଅ )—୧ । ବଳାଧାନ ଉଦ୍ଦେଶ୍ୟରେ ଅଙ୍ଗ ସଞ୍ଚାଳନରୂପ ଶ୍ରମସାଧନ—1, Physical exercise; bodily exercise. ୨ । କୁସ୍ତି; ମଲ୍ଲକ୍ରୀଡ଼ା—2. Athletic exercise; wrestling. ୩ । ଦୁର୍ଗମ ସ୍ଥାନରେ ଭ୍ରମଣ—3. Walking in perilous places. ୪ । ପୌରୁଷ—4. Manhood; manliness. ୫ । ବ୍ୟାପାର—5. Transaction; action. ୬ । ବୃତ୍ତି—6, Business; occupation. ୭ । ଦୈର୍ଘ୍ୟ—7. Length. ୮ । ବୈ; ବ୍ୟାମ—8. A fathom. ୯ । ପରିଶ୍ରମ—9. Labour.
Byāyāma

ବ୍ୟାରମ—ପ୍ରାଦେ ( ବାଲେଶ୍ୱର ) ବି ( ଭୁଲ ବ. ବ୍ୟାରାମ )—ବେମାରି; ରୋଗ—Sickness.
Byarāma

ବ୍ୟାଳ—ସ. ବି ( ବି+ଆ+ଅଲ୍ ଧାତୁ+କର୍ତ୍ତୃ. ଅ )—୧ । ସର୍ପ—1. Snake; serpent. ୨ । ହିଂସ୍ରଜନ୍ତୁ; ଶ୍ୱାପଦ—2 Beast of prey. ୩ । ଚିତାବାଘ—3. Leopard. ୪ । ଦୁର୍ଦ୍ଦାନ୍ତ ହସ୍ତୀ—4. A vicious elephant. ୫ । ରାଜା—5. King. ୬ । ଛନ୍ଦୋବିଶେଷ—6. Name of a metre. ୭ । ଚିତ୍ରକ; ଧଳା ଚିତାଗଛ—7. Plumbago Zeylanica (plant). ବଣ—୧ । କ୍ରୂର—1. Cruel, villainous. ୨ । ଦୁଷ୍ଟ—2. Wicked; rogue. ୩ । ହିଂସ୍ର—3. Malicious; mischievous.
Byāla
(ବ୍ୟାଳୀ—ସ୍ତ୍ରୀ)

ବ୍ୟାଳ ଗ୍ରସ୍ତ—ସ. ବଣ ( ୭ମୀ ତତ୍ )—ହିଂସ୍ରଜନ୍ତୁ ଗ୍ରସିତ—Beset with beasts of prey.
Byāla grasta

ବ୍ୟାଳ ଗ୍ରାହ—ସ. ବି ( ବ୍ୟାଳ=ସର୍ପ+ଗ୍ରହ୍ ଧାତୁ=ଗ୍ରହଣ କରିବା +କର୍ତ୍ତୃ. ଅ )—ଅହି ତୁଣ୍ଡିକ; ସାପୁଆ କେଳା—Snake-catcher; snake charmer.
Byāla grāha
(ବ୍ୟାଳଗ୍ରାହୀ—ଅନ୍ୟରୂପ)

ବ୍ୟାଳ ଦଂଷ୍ଟ୍ର—ସ. ବି—ଗୋକ୍ଷୁର—Tribulus Terrestris, (plant).
Byāla daṁshtra

ବ୍ୟାଳ ନଖ—ସ. ବି—ଗୋକ୍ଷୁର ନାମକ କଣ୍ଟକୀ ଫଳ—A thorny berry; Tribulus Terrestris. ୨ । ନଖୀ; ଗନ୍ଧଦ୍ରବ୍ୟ ବିଶେଷ—2. Onyx; shell.
Byāla nakha

ବ୍ୟାଳ ମୃଗ—ସ. ବି—ଚିତା ବାଘ; ନେପାଳ ବାଘ—Leopard.
Byāla mṛuga

ବ୍ୟାଳ(ଲ)ମ୍ବ—ସ. ବି—ରକ୍ତ ଏରଣ୍ଡ—Red species of castor seed plant.
Byāla(la)mba

ବ୍ୟାଳ ଶ୍ରେଷ୍ଠ—ଦେ. ବି—ଅନନ୍ତ; ଶେଷଦେବ—The mythological Serpent-king holding up the universe. ( ଉ—ବ୍ୟାଳ ଶ୍ରେଷ୍ଠ ଦେଖିବା ଅପେକ୍ଷେ, ବୋଲ ବୋଲି ହୋଇଯିବା ଉତ୍ସୁକ । ଉଞ୍ଜ. ବୈଦେହୀଶବିଳାସ । )
Byāla sreshṭha

ବ୍ୟାସ—ସ. ବି ( ବି+ଆ+ଅସ୍ ଧାତୁ=କ୍ଷେପଣ କରିବା+କରଣ. ଅ )—୧ । ବୃତ୍ତର ବା ଗୋଲକର ମଧ୍ୟ ରେଖା; ଯେଉଁ ରେଖା କେନ୍ଦ୍ରର ମଧ୍ୟ ଦେଇ ଦୁଇ ବିପରୀତ ଦିଗରେ ପରିଧିକୁ ସ୍ପର୍ଶ କରିଥାଏ—1, Diameter of a circle or sphere. ୨ । ବିସ୍ତାର—2, Extension. ୩ । ପରିମାଣବିଶେଷ—3, A sort of measure. ୪ । ସମାସଯୁକ୍ତ ପଦର ସମାସବିଚ୍ଛେଦ—4, The analysis of a compound word into its component words. ୫ । ( +କର୍ତ୍ତୃ. ଅ )—ପୁରାଣପାଠକ—5, A reader of the Purāṇas. ୬ । ବେଦ ବିଭାଗକାରୀ ଓ ମହାଭାରତ ଆଦି ପୁରାଣମାନଙ୍କ ରଚୟିତା ମୁନିବିଶେଷ; କୃଷ୍ଣଦ୍ୱୈପାୟନ; ବ୍ୟାସଦେବ; ବେଦବ୍ୟାସ—6, The sage Byāsa who arranged the Bedas into
Byāsa

4 books and complied the Mahābhārata and other Purāṇas. [ ଦ୍ର—ନଦୀମଧ୍ୟସ୍ଥ ଦ୍ୱୀପରେ ଏହାଙ୍କର ଜନ୍ମ ହୋଇଥିବାରୁ ଏହାଙ୍କ ନାମ ଦ୍ୱୈପାୟନ । ଏହାଙ୍କ ଦେହର ବର୍ଣ୍ଣ କଳା ଥିବାରୁ ଏହାଙ୍କର ନାମ କୃଷ୍ଣ-ଦ୍ୱୈପାୟନ । ଏ ବାଲ୍ୟକାଳରୁ ତପସ୍ୟା କଲେ ଓ ଏ ବେଦମାନଙ୍କ ସଂଗ୍ରହ ଓ ବିଭାଗ କରିଥିଲେ । ଏଥିପାଇଁ ଏହାଙ୍କ ନାମ ବେଦବ୍ୟାସ । ପରେ ଏହାଙ୍କ ମାତା ସତ୍ୟ-ବତୀଙ୍କ ସଙ୍ଗେ ଶାନ୍ତନୁଙ୍କର ବିବାହ ହେଲା । ଶାନ୍ତନୁ ଓ ସତ୍ୟବତୀଙ୍କ ପୁତ୍ର ବିଚିତ୍ରବୀର୍ଯ୍ୟ ନିଃସନ୍ତାନ ମୃତ ହେବାରୁ ସତ୍ୟବତୀଙ୍କ ଆଦେଶ ଅନୁସାରେ ଏ ବିଚିତ୍ରବୀର୍ଯ୍ୟଙ୍କର ଦୁଇ ବିଧବାପତ୍ନୀ ଅମ୍ବିକା ଓ ଅମ୍ବାଳିକାଙ୍କ ସଙ୍ଗେ ନିୟୋଗ ବିଧି ଅନୁସାରେ ସହବାସ କଲେ ଓ ସେମାନଙ୍କ ଗର୍ଭରୁ ଧୃତରାଷ୍ଟ୍ର ଓ ପାଣ୍ଡୁଙ୍କର ଜନ୍ମ ହେଲା । ଏହାଙ୍କ ଔରସରେ ବିଚିତ୍ର-ବୀର୍ଯ୍ୟଙ୍କ ଦାସୀଗର୍ଭରେ ବିଦୁର ଜନ୍ମଗ୍ରହଣ କରିଥିଲେ— ଏହାଙ୍କର ଅନ୍ୟ ନାମ ପାରାଶର୍ଯ୍ୟ, କାନୀନ, ବାଦରାୟଣ, ସତ୍ୟଭାରତ, ସତ୍ୟବ୍ରତ ଓ ସତ୍ୟରତ । ] ୭ । ପୁରାଣାନୁସାରେ ଭିନ୍ନ ଭିନ୍ନ କଳ୍ପରେ ଜନ୍ମଗ୍ରହଣ କରି ବେଦମାନଙ୍କର ସଂଗ୍ରହ ଓ ବିଭାଗକାରୀ ୨୮ ଜଣ ଋଷି ( ହି. ଶ )—7. 28 sages said to have compiled and classified the Bedas at defferent times. [ ଦ୍ର—ଏମାନେ ବ୍ରହ୍ମାଙ୍କର ବା ବିଷ୍ଣୁଙ୍କ ଅବତାର ବୋଲି କଥିତ । ଏମାନଙ୍କ ନାମ ସ୍ୱୟଂଭୂବ, ପ୍ରଜାପତି ବା ମନୁ, ଉଶନା, ବୃହସ୍ପତି, ସବିତା, ମୃତ୍ୟୁ ବା ଯମ, ଇନ୍ଦ୍ର, ବସିଷ୍ଠ, ସାରସ୍ୱତ, ତ୍ରିଧାମ, ତ୍ରିଷଭ, ବା ତ୍ରିବୃଷ, ସୁତେଜା ବା ଭାରଦ୍ୱାଜ, ଅନ୍ତରୀକ୍ଷ ବା ଧର୍ମ, ବପ୍ରବନ୍ ବା ସୁଚକ୍ଷୁ, ତ୍ରୟ୍ୟାରୁଣି, ଧନଞ୍ଜୟ, କୃତଞ୍ଜୟ, ଋତଞ୍ଜୟ, ଭରଦ୍ୱାଜ, ଗୌତମ, ଉତ୍ତମ ବା ହର୍ଯ୍ୟାତ୍ମା ବାଜଶ୍ରବା ବା ନାରାୟଣ ବା ବେଣ, ସୋମଶୁଷ୍ମାୟନ ବ ତୃଣବିନ୍ଦୁ, ଋକ୍ଷ ବା ବାଲ୍ମୀକି; ଶକ୍ତି, ପରାଶର, ଜାତୁକର୍ଣ୍ଣ ଓ କୃଷ୍ଣଦ୍ୱୈପାୟନ ( ହି. ଶ ) ଦେ. ବି—୧ । ପୁରାଣ-

ব্যাস
বাস

ପାଠକ; ଯେଉଁ ବ୍ୟକ୍ତି ପୁରାଣ କଥା ଲୋକଙ୍କୁ ଶୁଣାନ୍ତି ( ହି. ଶ )—1. A narrator of the Purāṇas. ୨ । ଜ୍ଞାନୀ ଓ ପଣ୍ଡିତମାନଙ୍କୁ ଦିଆଯିବା ଉପାଧି—2. A title given to learned and wise men.

**ବ୍ୟାସକୂଟ**—ସଂ. ବି—୧ । ବ୍ୟାସ ଦେବଙ୍କ ରଚିତ ମହାଭାରତୋକ୍ତ
Byāsakūṭa ଶ୍ଲୋକମାନଙ୍କ ମଧ୍ୟରୁ ଦୁର୍ବୋଧ୍ୟ ଓ ଅସ୍ପଷ୍ଟ ଶ୍ଲୋକ-ଚୟ—1. Obscure couplets in the writings of sage Byāsa in the Mahābhārata. ୨ । ସୀତାହରଣ ପରେ ରାମଚନ୍ଦ୍ର ମାଲ୍ୟବାନ୍ ପର୍ବତରେ ଉଚ୍ଚାରଣ କରିଥିବା କୂଟ ଶ୍ଲୋକ ( ହି. ଶବ୍ଦସାଗର )—2. Some obscure couplets uttered by Rāmachandra immediately after the forcible removal of Sitā by Rābaṇa.

**ବ୍ୟାସକ୍ତ**—ସ. ବିଣ. ପୁଂ ( ବି+ଆସକ୍ତ )—୧ । ଅତ୍ୟାସକ୍ତ—
Byāsakta 1. Addicted to; enamoured of; doting
(ବ୍ୟାସକ୍ତା—ସ୍ତ୍ରୀ) on. ୨ । ସଲଗ୍ନ—2. Attached to;
(ବ୍ୟସକ୍ତି—ବି) connected with; close to. ୩। ଉଦ୍‌ଭ୍ରାନ୍ତ—3. Confused; bewildered.

**ବ୍ୟାସଙ୍ଗ**—ସ. ବି ( ବି+ଆସଙ୍ଗ )—୧ । ଅତ୍ୟାସକ୍ତି—1. Attach-
Byāsaṅga ment. ୨ । ବିଶେଷ ସଂଯୋଗ—2. Close connection; adhesion. ୩ । ବିଶେଷ ମନୋ-ଯୋଗ—3. Close attention.

**ବ୍ୟାସ ଦେବ**—ସ. ବି—ବ୍ୟାସ ଋଷି—
Byāsa deba Sage Byāsa.

**ବ୍ୟାସ ପୀଠ**—ସ. ବି—୧ । ପୁରାଣ ପାଠକଙ୍କ ବସିବାର ଉଚ୍ଚ ଆସନ—
Byāsapiṭha 1. An elevated seat or stool for
( ବ୍ୟାସାସନ—ଅନ୍ୟରୂପ ) the reader of a Purāṇa.
୨ । ପଢ଼ିବା ସମୟରେ ପୁରାଣକୁ ରଖିବା ନିମନ୍ତେ କାଠର ଉଚ୍ଚାସନ (ଏହାକୁ ଭାଙ୍ଗି ଦେଲେ ମୁଡ ହୋଇଯାଏ)—2. A folding stool on which a Purāṇa is placed while being read.

**ବ୍ୟାସ ସରୋବର**—ସ. ବି ( ନାମ )—ହିନ୍ଦୁମାନଙ୍କ ତୀର୍ଥବିଶେଷ—
Byāsa sarobara Name of a place of Hindu pilgrimage. [ ଓଡ଼ିଆ ତଳେ ଟୀକା ଦେଖ । ]

**ବ୍ୟାସାର୍ଦ୍ଧ**—ସ. ବି—ବ୍ୟାସର ଅର୍ଦ୍ଧାଂଶ; କେନ୍ଦ୍ରଠାରୁ ପରିଧି ପର୍ଯ୍ୟନ୍ତ
Byāsārddha ଅଙ୍କିତ ସରଳ ରେଖା—Radius.

**ବ୍ୟାସିଦ୍ଧ**—ସ. ବିଣ ( ବି+ଆ+ସିଦ୍ଧ )—୧ । ନିଷିଦ୍ଧ ( ହି. ଶ )—
Byāsiddha 1. Prohibited. ୨ । ଅବରୁଦ୍ଧ (ହି. ଶ)—2. Confined. ୩ । ବାଧାପ୍ରାପ୍ତ ( ହି. ଶ )—3. Obstructed.

**ବ୍ୟାସୀୟ**—ସ. ବିଣ ( ବ୍ୟାସ+ଈୟ )—ବ୍ୟାସ ସମ୍ବନ୍ଧୀୟ—
Byāsiya Relating to Byāsa.

**ବ୍ୟାହତ**—ସ. ବିଣ ( ବି+ଆହତ )—୧ । ନିଷିଦ୍ଧ; ନିବାରିତ—
Byāhata 1. Prevented; repelled. ୨ । ବିଫଳୀକୃତ—
(ବ୍ୟାହତି—ବି) 2. Made futile; nullified. ୩ । ଭୀତ—3. Alarmed. ୪ । ଦୂରୀକୃତ—4. Driven away; expelled. ୫ । ହତାଶ—5. Despaired. ୬ । ବାଧାପ୍ରାପ୍ତ—6. Obstructed; restrained.

**ବ୍ୟାହତତ୍ୱ**—ସ. ବି—ଅଳଙ୍କାରଶାସ୍ତ୍ରୋକ୍ତ ଅର୍ଥଦୋଷ ବିଶେଷ—
Byāhatatwa A defect in composition. [ ଦ୍ର—ପ୍ରଥମେ କୌଣସି ବିଷୟର ଉତ୍କର୍ଷ ବା ଅପକର୍ଷର ଉଲ୍ଲେଖ କରି, ପରେ ତାର ଅନ୍ୟଥା ପ୍ରତିପାଦନ କଲେ ବ୍ୟାହତତ୍ୱ ଦୋଷ ହୁଏ । ଉଦାହରଣ ଃ—ଶୁଣିଛୁ ଚନ୍ଦ୍ରବଦନ, ନଳିନେ ନୀଳ ଲୋଚନ, ତେବେହେଁ ଶୋଭାକୁ ଉପମା ଦେବାକୁ ନାହିଁ ନା ତିନିଭୁବନ, ନାରାୟଣ—ବିଶ୍ୱନାଥ. ବିଚିତ୍ର ରାମାୟଣ । ]

ବ୍ୟାହାର—ସଂ. ବି (ବି+ଆ+ହୃ ଧାତୁ+ଭାବ. ଅ)—୧ । କଥନ;
Byāhāra ଉକ୍ତି—1. Speech; saying. ୨ । ସ୍ପଷ୍ଟ ଧ୍ୱନି—2. Articulate sound.

ବ୍ୟାହୃତ—ସଂ. ବଣ (ବି+ଆ+ହୃ ଧାତୁ+କର୍ମ. ତ)—୧ । କଥିତ—
Byāhṛuta 1. Spoken. ୨ । ଉଚ୍ଚାରିତ—2. Uttered; pronounced.

ବ୍ୟାହୃତି—ସଂ. ବି (ବି+ଆ+ହୃ ଧାତୁ+ଭାବ. ତି)—୧ । ଉକ୍ତି;
Byāhṛuti କଥନ—1. Speech. ୨ । (+କର୍ମ. ତି) 'ଭୂଃ, ଭୁବଃ, ସ୍ୱଃ', ଗାୟତ୍ରୀ ମନ୍ତ୍ରର ଏହି ଅଙ୍ଗ—2 The syllables Bhūḥ, Bhubaḥ and Swaaḥ in the beginning of the Gāyatrī Vedic formula.

ବ୍ୟୁଚ୍ଛିତ୍ତି—ସଂ. ବି (ବି+ଉତ୍+ଛିଦ୍ ଧାତୁ+ଭାବ. ତି)—ବିନାଶ;
Byuchchhitti ଉଚ୍ଛେଦ—Ruin; destruction; eradication.

ବ୍ୟୁଚ୍ଛେତ୍ତା—ସଂ. ବଣ. ପୁଂ (ବି+ଉତ୍+ଛିଦ ଧାତୁ+କର୍ତ୍ତୃ. ତୃ;
Byuchchhettā ବ୍ୟୁଚ୍ଛେତୃ; ୧ମା. ୧ବ)—ବିନାଶକ—
(ବ୍ୟୁଚ୍ଛେତ୍ରୀ—ସ୍ତ୍ରୀ) Desturctive.

ବ୍ୟୁତ୍କ୍ରମ—ସଂ. ବି (ବି+ଉତ୍କ୍ରମ)—୧ । କ୍ରମବିପର୍ଯ୍ୟୟ; ବ୍ୟତିକ୍ରମ—
Byut-krama 1. Inversion. ୨ । ଅନିୟମ—2. Irregularity. ୩ । ଗୋଳମାଳ—3. Confusion.

ବ୍ୟୁତ୍କ୍ରାନ୍ତା—ସଂ. ବି. ସ୍ତ୍ରୀ (ବି+ଉତ୍କ୍ରାନ୍ତ+ଆ)—ପ୍ରହେଳିକା
Byut-krāntā (ହ୍ରୁ. ଶ)—Riddle.

ବ୍ୟୁତ୍ଥାନ—ସଂ. ବି. (ବି+ଉତ୍ଥାନ)—୧ । ସ୍ୱାଧୀନ ହୋଇ କାମ କରିବା
Byutthāna (ହ୍ରୁ. ଶ)—1. Working independently. ୨ । ବିରୁଦ୍ଧାଚରଣ (ହ୍ରୁ. ଶ)—2. Acting in opposition or hostility. ୩ । ବାଧା ଦେବା (ହ୍ରୁ. ଶ)—3. Obstructing. ୪ । ନୃତ୍ୟ ବିଶେଷ (ହ୍ରୁ. ଶ)—4. A kind of dance. ୫ । ଚିତ୍ତର କ୍ଷିପ୍ତ, ମୂଢ଼ ଓ ବିକ୍ଷିପ୍ତ ଅବସ୍ଥା, ଯାହା ଯୋଗସାଧନର ପ୍ରତିକୂଳ ଅଟେ (ହ୍ରୁ. ଶ)—5. Want of concentration of mind; the habit of mental wandering. ୬ । ହଠାତ୍ ଉଦୟ—6. Sudden rise or appearance. ୭ । ଅଭ୍ୟୁତ୍ଥାନ—7. Elevation.

ବ୍ୟୁତ୍ପତ୍ତି—ସଂ. ବି (ବି+ଉତ୍+ପଦ୍ ଧାତୁ=ବୁଝିବା+ଭାବ. ତି)—
Byut-patti ୧। ଶାସ୍ତ୍ର ସମ୍ବନ୍ଧେ ଗଭୀର ଜ୍ଞାନ ବା ବୋଧ—1. Critical or deep knowledge of a science. ୨ । ବିଶିଷ୍ଟ ଜ୍ଞାନ—2. Special or expert knowledge. ୩ । ଗଭୀର ଜ୍ଞାନ; ବିଦ୍ୱତ୍ତା—3. Deep learning; proficiency; scholarship. ୪ । (ବ୍ୟାକରଣ) ଶବ୍ଦର ପ୍ରକୃତି ପ୍ରତ୍ୟୟାଦିର ବିଭାଜନ କୌଶଳ—(grammar) Etymology; derivation of words. ୫ । ଶବ୍ଦମାନଙ୍କର ଗଠନ—5. Formation of words. ୬ । କୌଶଳ—6. Dexterity. ୭ । ଶବ୍ଦର ମୂଳରୂପ—7. The original form of a word. ୮ । କୌଣସି ପଦାର୍ଥର ବିଶିଷ୍ଟ ଉତ୍ପତ୍ତି (ହ୍ରୁ. ଶ)—8. The peculiar origin of a thing. ୯ । ଜନ୍ମ—9. Birth.

ବ୍ୟୁତ୍ପତ୍ତି କରିବା—ଦେ. କ୍ରି—ବିଚାର କରିବା—To consider; to
Byut-patti karibā judge. [ ଉ—ବ୍ୟୁତ୍ପତ୍ତି କର ଯେ ଉତ୍ପତ୍ତି ହୋଇ, କନପତିଙ୍କୁ ଗଜ ମାରଇ । ଉପ. ବୈଦେହୀଶବିଳାସ । ]

ବ୍ୟୁତ୍ପନ୍ନ—ସଂ. ବଣ ପୁଂ (ବି+ଉତ୍+ପଦ୍ ଧାତୁ+କର୍ତ୍ତୃ. ତ)-୧ । ଶାସ୍ତ୍ର-
Byut-panna ଜ୍ଞାନ ସମ୍ପନ୍ନ—1. Versed in a science.
(ବ୍ୟୁତ୍ପନ୍ନା—ସ୍ତ୍ରୀ) ୨ । ପାରଦର୍ଶୀ; ପାରଙ୍ଗମ—2. Specialist in any science; proficient; well versed. ୩ । ପଣ୍ଡିତ—3. Learned. ୪ । (ବ୍ୟାକରଣ) ପ୍ରକୃତି ପ୍ରତ୍ୟୟ ସାହାଯ୍ୟରେ ଉତ୍ପନ୍ନ (ଶବ୍ଦ)—4. (Grammar) Derived ( word); derivative. ୫ । ବ୍ୟୁତ୍ପତ୍ତିଯୁକ୍ତ—5. Connected with the derivation; etymological. ୬ । ସଂସ୍କୃତ; ଯାହାର ସଂସ୍କାର ହୋଇଅଛି (ହ୍ରୁ.ଶ)-6. Reformed; purified.

ବ୍ୟୁତ୍ପାଦକ—ସଂ. ବଣ (ବି+ଉତ୍+ପାଦ ଧାତୁ+କର୍ତ୍ତୃ. ଅକ)—୧ ।
Byut-pādaka ଯାହାଦ୍ୱାରା ବ୍ୟୁତ୍ପତ୍ତି ଜନ୍ମେ; ବ୍ୟୁତ୍ପତ୍ତିଜନକ—
(ବ୍ୟୁତ୍ପାଦୀ—ଅନ୍ୟରୂପ) 1. Producing proficiency.
(ବ୍ୟୁତ୍ପାଦନ—ବି) ୨ । ସଂସ୍କାରଜନକ—2. Result-in purity or perfection.
(ବ୍ୟୁତ୍ପାଦିକା—ସ୍ତ୍ରୀ) ୩ । ଉତ୍ପାଦକ—(ହ୍ରୁ. ଶ)—3. Productive.

ବ୍ୟୁତ୍ପାଦିତ—ସଂ. ବଣ—(ବି+ଉତ୍+ପାଦ ଧାତୁ+କର୍ମ. ତ)—
Byut-pādita ପ୍ରକୃତି ପ୍ରତ୍ୟୟାଦି ଦ୍ୱାରା ଉତ୍ପାଦିତ—Derived or formed from etymology.

ବ୍ୟୁତ—ସଂ. ବଣ—(ବେ ଧାତୁ=ବୁଣିବା+କର୍ମ. ତ)—୧ । ସ୍ୟୂତ—
Byuta (ବ୍ୟୁତି—ବି) 1. Sewn. ୨ । ବୁଣା ହୋଇଥିବା-2. Woven.

ବ୍ୟୁତପତି—ଗ୍ରା. ବି (ପଦ୍ୟ) (ସଂ. ବ୍ୟୁତ୍ପତ୍ତି)—୧ । ଅନୁମାନ—
Byutapati 1. Guess; inference. [ ଉ—ବାତ ବେଗରେ ଗମନ କରନ୍ତି ସେ ଶାନ୍ତି, ବନ୍ଧ ସିଂହଦ୍ୱାରରେ ଏମନ୍ତ ବ୍ୟୁତପତି । ଉପ. ବୈଦେହୀଶବିଳାସ ।] ୨ । ଜ୍ଞାନ—2. Knowledge. ୩ । ବୋଧ; ଅନୁଭୂତି—3. Understanding; perception.

ବ୍ୟୁତପନ(ନ୍ନ)—ଗ୍ରା. ବି (ପଦ୍ୟ)—ବ୍ରହ୍ମା—Brahmā. (ଉ—
Byutapana(nna) ବ୍ୟୁତପନ୍ନ ଅଯୁତ ଛପନଗଣ୍ଡା ଯୁଗ ଯେ । ଉପ. ବୈଦେହୀଶବିଳାସ ।)

ବ୍ୟୁଦାସ—ସଂ. ବି (ବି+ଉତ୍+ଅସ୍ ଧାତୁ+ଭାବ. ଅ)-୧ । ମର୍ଦ୍ଦନ—
Byudāsa 1. Pounding; rubbing. ୨ । ପରିତ୍ୟାଗ—2. Rejection; exclusion; abandonment; relinquishment. ୩ । ନିଷ୍କାସନ—3. Expulsion. ୪ । ନିବାରଣ; ଖଣ୍ଡନ—4. Refutation;

prevention. ୪ । ଉଦାସ୍ୟ—5. Indifference. ୬ । ଅବଜ୍ଞା—6. Disregard. ୭ । କୌଣସି ବସ୍ତୁର ସମୁଚିତ ବ୍ୟବହାର ନ କରିବା; ଅପବ୍ୟବହାର—7. Abuse; want of proper use of a thing.

ବ୍ୟୁଷ—ସଂ. ନ—(ବି+ଉଷ ଧାତୁ=ବଧ କରିବା, ଲୁପ୍ତ କରିବା+କର୍ତ୍ତୃ. ଅ, ଯାହା ମନୁଷ୍ୟଙ୍କୁ ଲୁପ୍ତ କରେ; ତୁଳନା କର ପ୍ରତ୍ୟୁଷ)
Byusha ୧ । ସୂର୍ଯ୍ୟୋଦୟ ସମୟ (ହି. ଷ)—1. The time of sunrise. ୨ । ପ୍ରାତଃକାଳ (ହି. ଷ)—2. Morning.

ବ୍ୟୁଷ୍ଟ—ସଂ. ବିଣ (ବି+ବସ୍. ଧାତୁ+କର୍ମ. ତ)—୧ । ବାସି; ପର୍ଯ୍ୟୁଷିତ—1. Stale; not fresh. [ ଦ୍ର—ଏହି ଶବ୍ଦର ଅପଭ୍ରଂଶ—ବାସି । ] ୨ । (ବି+ଉଷ୍. ଧାତୁ=ଦଗ୍ଧ କରିବା+କର୍ମ.ତ) ଦଗ୍ଧ—2. Burnt; scorched.
Byushṭa ନ—( ବି+ଉଷଧାତୁ+କର୍ତ୍ତୃ ତ ) ୧ । ପ୍ରଭାତ—1. Morning. ୨ । ଦିନ; ସକାଳରୁ ସନ୍ଧ୍ୟାପର୍ଯ୍ୟନ୍ତ ସମୟ 2. Day time. ୩ । (+କର୍ମ ତ) ଫଳ—3. Fruit.

ବ୍ୟୁଷ୍ଟି—ସଂ. ନ ( ବି+ବସ୍. ଧାତୁ+ଅଧି. ତି )—୧ । ଫଳ—
Byushṭi 1. Fruit. ୨ । ସମୃଦ୍ଧି—2 Prosperity. ୩ । ସ୍ତୁତି—3. Praise; eulogy. ୪ । (ବି+ଉଷ୍. ଧାତୁ+ଭାବ. ତି) ଦାହ; ଜ୍ୱଳନ—4 Conflagration; combustion. ୫ । (+କର୍ତ୍ତୃ ତି)ପ୍ରଭାତ—5. Morning. ୬ । ( ବି+ବଶ୍. ଧାତୁ+ଭାବ. ତି ) ଇଚ୍ଛା—6. Inclination.

ବ୍ୟୂଢ଼—ସଂ. ବିଣ (ବି+ବହ. ଧାତୁ+ କର୍ତ୍ତୃ. ତ)-୧ । ବିପୁଳ; ପ୍ରଶସ୍ତ—
Byūṛha 1. Wide; broad; extensive. ୨ । ସ୍ଥୂଳ; ପୃଥୁଳ—2. Bulky; corpulent. ୩ । ସଂହତ—3. Compact; welded together; strongly knit. ୪ । ସ୍ଫୀତ—4. Swollen. ୫ । ବିନ୍ୟସ୍ତ—5. Arranged. ୬ । ତୁଲ୍ୟ—6. Similar. ୭ । ଉତ୍ତମ; ଉତ୍କୃଷ୍ଟ—7. Good; excellent. ୮ । ବିବାହିତ—8. Married. ୯ । ପରିହିତ—9. Clothed; clad. ୧୦ । ଦୃଢ଼—10. Strong; firm; hard; tight. ୧୧ । ବାହିତ—11. Conducted. ୧୨ । ସୁସନ୍ନଦ୍ଧ—12. Well girt. ୧୩ । ଯେ ବ୍ୟୂହ ରଚନା କରି ଠିଆ ହୋଇଅଛି (ହି. ଷ)—13. Standing ready for fight after forming a battle array.

ବ୍ୟୂଢ଼ କଙ୍କଟ—ସଂ.ବିଣ.ପୁଂ (ବହୁବ୍ରୀହି,ବ୍ୟୂଢ଼=ବିନ୍ୟସ୍ତ+କଙ୍କଟ=ସାଞ୍ଜୁ
Byūṛha kankaṭa ଯାହାଠାରେ )—ଉତ୍ତମରୂପେ ସାଞ୍ଜୁଦ୍ୱାରା ଆବୃତ—Well girt with armour.

ବ୍ୟୂଢ଼ି—ସଂ. ନ ( ବି+ଉହ୍ ଧାତୁ=ତର୍କ କରିବା+ଭାବ. ତି )—
Byūṛh ୧ । ବିନ୍ୟାସ—1. Orderly arrangement. ୨ । ସ୍ଥୂଳତା—2. Thickness.

ବ୍ୟୂଢ଼ୋରସ୍କ—ସଂ. ବିଣ. ପୁଂ (ବହୁବ୍ରୀହି; ବ୍ୟୂଢ଼=ପ୍ରଶସ୍ତ+ଉରଃ=
Byūṛhoraska ବକ୍ଷୋଦେଶ ଯାହାର; କ ଆଗମ)—ଯାହାର ଛାତି ଚଉଡ଼ା—Broad-breasted.

ବ୍ୟୂତ—ସଂ. ବିଣ. (ବି+ବେ ଧାତୁ=ବୁଣିବା+କର୍ମ. ତ)—୧ । ସୂତା
Byūta ଦ୍ୱାରା ବୁଣା ଯାଇଥିବା—1. Woven. ୨ । ସିଲେଇ କରା ଯାଇଥିବା—2. Sewn.

ବ୍ୟୂତି—ସଂ. ନ (ବି+ବେ ଧାତୁ+ଭାବ. ତି)—୧ । ବସ୍ତ୍ର; ଲୁଗାବୁଣା
Byūti —1. Weaving of cloth. ୨ । ସିଲେଇ;ସିଆଁ—2. Sewing. ୩ । (+କର୍ମ. ତି) ତାଗା—3 Stitch.

ବ୍ୟୂହ—ସଂ. ପୁ. (ବି+ଉହ୍ ଧାତୁ=ତର୍କ କରିବା; ବିନ୍ୟାସ କରିବା+
Byūha ଭାବ. ଅ)—୧ । ସୈନ୍ୟ ସମାବେଶ; ଯୁଦ୍ଧାର୍ଥ ସୈନ୍ୟଦଳଙ୍କୁ ଶୃଙ୍ଖଳା ପୂର୍ବକ ସଜ୍ଜିତ କରିବା—1. Battle-array; arraying of troops in order. ୨। (+କର୍ମ ଅ)—ସଜ୍ଜିତ ସୈନ୍ୟ ଦଳ—2.A line of soldiers. ୩ । (+କର୍ମ. ଅ) ସମୂହ—3. Multitude ୪ । ସୈନ୍ୟ ଦଳ—4. Phalanx; a body of troops; army. ୫ । (+ଭାବ. ଅ) ବିସ୍ତାର—5. Expansion; diffusion. ୬ । ନିର୍ମାଣ; ଗଠନ—6. Disposition; manufacture. ୭ । (+କର୍ମ. ଅ) ଦେହ; ଶରୀର—7. Body. ୮ । ତର୍କ (ହି. ଷ) — 8. Argument. ୯ । ପରିଣାମ (ହି. ଷ)—9. End; final result. ୧୦ । କୌଣସି ଆକ୍ରମଣରୁ ବା ବିପଦରୁ ରକ୍ଷା କରିବା ପାଇଁ ଉଚିତ ଯୋଜନା ( ହି. ଷ )—10. Any arrangement for self-defence against any attack or danger [ଦ୍ର—ପୂର୍ବକାଳରେ ଯୁଦ୍ଧ କ୍ଷେତ୍ରରେ ଚତୁରଙ୍ଗ ସେନାଙ୍କୁ ନାନା କୌଶଳରେ ଯୁଦ୍ଧ ପାଇଁ ସଜ୍ଜିତ କରି ରଖା ଯାଉଥିଲା । ଆକାର ଆଦି ଅନୁସାରେ ବ୍ୟୂହର ଭିନ୍ନ ଭିନ୍ନ ନାମ ଥିଲା; ଯଥା—ଦଣ୍ଡ ବ୍ୟୂହ,ଶକଟ ବ୍ୟୂହ,ବରାହ ବ୍ୟୂହ, ଗରୁଡ଼ ବ୍ୟୂହ, ଶ୍ୟେନ ବ୍ୟୂହ, ମଣ୍ଡଳ ବ୍ୟୂହ, ଧନୁର୍ବ୍ୟୂହ, ସର୍ବତୋଭଦ୍ର ବ୍ୟୂହ । ରାଜା ବା ପ୍ରଧାନ ସେନାପତି ବ୍ୟୂହର କେନ୍ଦ୍ରରେ ଶତ୍ରୁର ପ୍ରତ୍ୟକ୍ଷ ଆକ୍ରମଣରୁ ଦୂରରେ ରହୁଥିଲେ ଓ ଅଦେଶାଦିଦ୍ୱାରା ବ୍ୟୂହ ଚାଳନା କରୁଥିଲେ । ]

ବ୍ୟୂହ ପାର୍ଷ୍ଣି—ସଂ. ନ—(୬ଷ୍ଠୀ ତତ୍) ସୈନ୍ୟ ଦଳର ପଶ୍ଚାତ୍ ଭାଗ—
Byūha pārshṇi The rear of an army.

ବ୍ୟୂହ ଭେଦ—ସଂ. ନ ( ୬ଷ୍ଠୀ ତତ୍ )—ଶତ୍ରୁପକ୍ଷର ସୁସଜ୍ଜିତ ଶ୍ରେଣୀବଦ୍ଧ
Byūha bheda ସୈନ୍ୟଙ୍କ ମଧ୍ୟରେ ପ୍ରବେଶ କରିବା—Penetrating or breaking into the enemy's line.

ବ୍ୟୂହ ରଚନ(ନା)—ସଂ. ନ (୬ଷ୍ଠୀତତ୍)—ସୈନ୍ୟମାନଙ୍କୁ ରଣଶୃଙ୍ଖ
Byūha rachana(nā) ପ୍ରଣାଳୀରେ ସଜ୍ଜିତ କରିବା—Disposal or arranging of troops in battle order.

ବ୍ୟୂହିତ—ସଂ. ନ ( ବ୍ୟୂହ+ଇତ )—ବ୍ୟୂହାକାରରେ ସଜ୍ଜିତ (ସୈନ୍ୟ)
Byūhita —( army ) Arranged in battle order.

(ଉ—ଅଗ୍ରେ ଉଷ୍ଣ ଯବନର ବ୍ୟୂହିତ ବାହିନୀ । ସ୍ୱଧାନାଥ. ମହାଯାତ୍ରା । )

ବେ୍ୟ (ଧାତୁ )—ସ—ଅଚ୍ଛାଦନ କରିବା—To cover.
Bye (root)

ବ୍ୟୋମ—ସ. ବି ( ବେ୍ୟ ଧାତୁ—ଅଚ୍ଛାଦନ କରିବା + କର୍ତ୍ତୃ. ମନ୍; Byoma ନିପାତନ; ବ୍ୟୋମନ୍ ଶବ୍ଦ, ୧ମା. ୧ବ )—୧ । ଆକାଶ; ଅମ୍ବର; ଶୂନ୍ୟ; ନଭୋମଣ୍ଡଳ—1. The sky; the heavens. ୨ । ଜଳ—2. Water. ୩ । ସୂର୍ଯ୍ୟୋପାସନାର୍ଥ ମନ୍ଦିର—3. A temple sacred to the Sun-god. ୪ । ମେଘ ( ହ୍ର. ଶ )—4. Cloud. ସ. ବି—୧ । ପୁରାଣୋକ୍ତ ଅସୁର ବିଶେଷ: ବ୍ୟୋମାସୁର—1. Name of a demon. (ଉ—ବ୍ୟୋମମାର୍ଗେ ଯିବା ପାଇଁ, ବ୍ୟୋମ ବିସ୍ତାରିତ କରି । ଉଞ୍ଜ. ବୈଦେହୀଶବିଳାସ ।) ୨ । ପୁରାଣୋକ୍ତ ଦୈତ୍ୟ ବିଶେଷ ( ଏହାକୁ ଶ୍ରୀକୃଷ୍ଣ ମାରିଥିଲେ । )—2. Name of another demon killed by Srikrushna.

ବ୍ୟୋମ କେଶ(ଶୀ)—ସ. ବି ( ବ୍ୟୋମ—ଆକାଶବ୍ୟାପୀ କେଶ Byoma keśa(Śi) ଯାହାର, ବ୍ୟୋମ + କେଶ; + ଇନ୍; ୧ମା. ୧ବ )—ମହାଦେବ—Śiba. ଦେ. ବି. ପର୍ବତ—Mountain. ( ଉ—ଶୁଭ୍ର ମନ୍ଦାକିନୀ ଯଥା ବ୍ୟୋମ କେଶ କେଶେ । ମଧୁସୂଦନ. ଅକାଶଗୀତ । ) [ ଦ୍ର—ପୁରାଣମତରେ ମହାଦେବ ଗଙ୍ଗାଙ୍କୁ ସ୍ୱମସ୍ତକରେ ଧାରଣ କଲାବେଳେ ତାଙ୍କର କେଶ ଆକାଶରେ ବ୍ୟାପିଥିଲା, ତେଣୁ ତାହାଙ୍କ ନାମ ବ୍ୟୋମକେଶ ହୋଇଅଛି । କିନ୍ତୁ ଏହା ପୁରାଣୋକ୍ତ କଳ୍ପନା ମାତ୍ର । ଭକ୍ତକବି ମଧୁସୂଦନ ବ୍ରାହ୍ମ ଧର୍ମାବଲମ୍ବୀ ଥିଲେ ଏବଂ ପୌରାଣିକ ମୂର୍ତ୍ତିକଳ୍ପନାରେ ବିଶ୍ୱାସ କରୁ ନ ଥିଲେ । ତେଣୁ ତାଙ୍କ କବିତାରେ 'ବ୍ୟୋମ କେଶ' ଶବ୍ଦ ଶିବ ଅର୍ଥରେ ପ୍ରଯୁକ୍ତ ହେବା ସମ୍ଭବପର ନୁହେ । ତେଣୁ ଉଦ୍ଧୃତ କବିତାରେ 'ବ୍ୟୋମକେଶ' ଶବ୍ଦ ବ୍ୟୋମବ୍ୟାପୀ କେଶ ଅର୍ଥାତ୍ ଅଗ୍ରଭାଗ ବା ଶିଖର ଯାହାର ଏହିପରି ବ୍ୟୁତ୍ପତ୍ତି ବଳରେ 'ପର୍ବତ' ଅର୍ଥରେ ପ୍ରଯୁକ୍ତ ହୋଇଅଛି ଓ ବ୍ୟୋମକେଶକେଶକୁ ପର୍ବତର ଶିଖରଭାଗ ବୋଲି ଅର୍ଥ କରାଯାଇ ପାରେ ବୋଲି କେହି କେହି ମତ ଦିଅନ୍ତି । ]

ବ୍ୟୋମ ଗଙ୍ଗା—ସ. ବି. (୬ଷ୍ଠୀ ତତ୍)—ଆକାଶ ଗଙ୍ଗା; ମନ୍ଦାକିନୀ—Byoma gaṅgā The Ganges said to flow in the heavens.
(ବ୍ୟୋମ ସରିତ୍—ଅନ୍ୟରୂପ)

ବ୍ୟୋମ ଗମନୀ—ସ. ବି. ( ବ୍ୟୋମ + ଗମନ + ଈ )—ଯେଉଁ ବିଦ୍ୟା Byoma gamanī ସାହାଯ୍ୟରେ ମନୁଷ୍ୟ ଆକାଶରେ ଉଡ଼ିବାକୁ ସମର୍ଥ ହୁଏ (ହ୍ର. ଶ)—The act or science with the aid of which a man can travel in the sky.

ବ୍ୟୋମ ଚର—ସ. ବଣ. ପୁଂ ( ବ୍ୟୋମ + ଚର ଧାତୁ + କର୍ତ୍ତୃ. ଅ )—Byoma chara ୧ । ଗଗନ ବିହାରୀ—1. Travelling in the sky. ବି—୧ । ଦେବତା—1. The Gods. ୨ । ଗ୍ରହ ନକ୍ଷତ୍ରାଦି—2. Stars and planets. ୩ । ପକ୍ଷୀ—3. Bird.
(ବ୍ୟୋମଗାମୀ—ଅନ୍ୟରୂପ)
ବ୍ୟୋମଚାରୀ } ଅନ୍ୟରୂପ
ବ୍ୟୋମଚାରିଣୀ }

ବ୍ୟୋମ ଦୋଳୀ—ଦେ. ବି—ଆକାଶରେ ଶୂନ୍ୟରେ ଝୁଲୁଥିବା ଦୋଳି—Byoma doḷī A swing suspended in the sky. (ଉ— ବ୍ୟୋମ ଦୋଳିରେ ହୃଦୟ ଦୋଳେ ତାର ପ୍ରଭୁ । ଉଞ୍ଜ. ବୈଦେହୀଶବିଳାସ ।)

ବ୍ୟୋମ ଧୂମ—ସ. ବି. ( ମ. ପ. ଲୋ )—ମେଘ—Byoma dhūma Cloud. (ଉ—ବ୍ୟୋମ ଧୂମକୁ, ତାହା ସମକୁ, ଲକ୍ଷିବା କି ମାନସ । ଉଞ୍ଜ. ବୈଦେହୀଶବିଳାସ ।)

ବ୍ୟୋମ ନାସିକା—ଦେ. ବି—ବ୍ୟୋମ ଲାସିକା ( ଦେଖ ) Byoma nāsikā Byoma lāsikā ( See ) (ଉ—ବ୍ୟୋମ ନାସିକା ପରି ହୋଇ ଅକାଶେ, ବିଳାସ ପ୍ରକାଶ କଲା ସେ । ଉଞ୍ଜ. ବୈଦେହୀଶବିଳାସ ।)

ବ୍ୟୋମ ପାଦ—ସ. ବି. (ବହୁବ୍ରୀହି)—ବିଷ୍ଣୁ—Byoma pāda Bishṇu.

ବ୍ୟୋମ ମଞ୍ଜର—ସ. ବି—ଧ୍ୱଜ; ପତାକା—Byoma mañjara. Flag; standard.

ବ୍ୟୋମ ମଣ୍ଡଳ—ସ. ବି. ( ବହୁବ୍ରୀହି; ବ୍ୟୋମ + ମଣ୍ଡଳ = ସ୍ଥାନ )—Byoma maṇḍaḷa ୧ । ଧ୍ୱଜ; ପତାକା—1. Flag. ୨ । (୬ଷ୍ଠୀ ତତ୍) ଆକାଶ ମଣ୍ଡଳ—2. The sky.

ବ୍ୟୋମ ମୁଦ୍ଗର—ସ. ବି—୧ । ବାୟୁର ନିର୍ଘୋଷ ବା ଶବ୍ଦ—Byoma mudgara 1. Loud sound produced by wind or tempest. ୨ । ବଜ୍ରପାତ ଶବ୍ଦ—2. The sound of thunder.

ବ୍ୟୋମ ଯାନ—ସ. ବି—୧ । ଦେବଯାନ; ବିମାନ—1. The ærial Byoma jāna cars of the Gods. ୨ । ବେଲୁନ୍—2. Balloon aeroplane.

ବ୍ୟୋମ ଲାସିକା—ସ. ବି. (ବ୍ୟୋମ = ଆକାଶ + ଲାସିକା = ନର୍ତ୍ତକୀ)—Byoma lāsikā ୧ । ଶୂନ୍ୟ ନର୍ତ୍ତକୀ—1. A dancing female who performs dances in the air. ୨ । ଭରଦ୍ୱାଜ ପକ୍ଷୀ—2. The sky lark. (ଉ—ବ୍ୟୋମ ଲାସିକା ନର୍ତ୍ତନେ ହୋଇଅଛି ମେଳା । ଉଞ୍ଜ. ବୈଦେହୀଶବିଳାସ ।)

ବ୍ୟୋମୋଦକ—ସ. ବି. (୬ଷ୍ଠୀ ତତ୍ ଅଥବା ମ. ପ. ଲୋ; ବ୍ୟୋମ ପତିତ Byomodaka ଉଦକ)—ବର୍ଷା ଜଳ—Rain water.

ବ୍ୟୋମ୍ନିକ—ସ. ବଣ (ବ୍ୟୋମନ୍ + ଇକ; ନିପାତନ)—ଆକାଶ ସମ୍ବନ୍ଧୀୟ—Byomnika Relating to the sky.

ବ୍ୟୋଷ—ସ. ବି. (ବୈଦ୍ୟକ)—ଶୁଣ୍ଠି, ପିପ୍ପଳ ଓ ମରିଚର ସମାହାର; Byosha ତ୍ରିକଟୁ—A mixture of dry ginger, long pepper and black pepper.

ବ୍ରଜ୍ (ଧାତୁ)—ସ—ଗମନ କରିବା—Braj (root) To go; to walk.

ବ୍ରଜ—ସଂ. ବି. (ବ୍ରଜ୍ ଧାତୁ+ଭାବ. ଅ)—୧ । ଗମନ—1. Going;
Braja walking. ୨ । (+ଅଧିକରଣ. ଅ)—ପଥ—
2. Road; way. ୩ । ଗୋଷ୍ଠ—3. A herd of
cows; cow-pen; a pasture for cows. ୪ ।
(+କର୍ମ. ଅ)—ସମୂହ—4. Multitude; assem-
blage. ୫ । ପୌରାଣିକ ଶୂରସେନ ଦେଶର ଏକ ଅଂଶ;
ଅଧୁନାକ ମଥୁରାର ଅନ୍ତର୍ଗତ ପ୍ରାଚୀନ ଗୋକୁଳ ଗ୍ରାମ—
5. An ancient village near Mathurā.
୬ । ବୃନ୍ଦାବନ—6. Bṛundābana. [ଦ୍ର—ଏହି
ଦେଶ ବୃନ୍ଦାବନ, ଗୋକୁଳ,ମଥୁରା, ଆଗ୍ରା ଆଦି ସହର ପରି-
ଧିରେ ୧୬୮ ମାଇଲ ଅଟେ । ହି.ଶ] ଦେ. ବି—୧ । ବ୍ରଜ
ଶବ୍ଦରେ ଆରମ୍ଭ ହୋଇଥିବା ନାମଧାରୀ ବ୍ୟକ୍ତିଙ୍କୁ ଡାକିବା
ନାମ—1. Name by which persons having
names beginning with Braja are called.
୨ । ଗୋପାଳ; ଗଉଡ଼—2. Cowherd. (ଉ—ବ୍ରଜ
ଜନର ନାଗରୀ ଲକ୍ଷଣେ, କଣ୍ଠକ ପଯ୍ୟ ହୃଦୟ କରଣେ ।
ଉଞ୍ଜ. ବୈଦେହୀଶବିଳାସ ।)

ବ୍ରଜକ—ସଂ. ବି. ପୁଂ (ବ୍ରଜ ଧାତୁ+କର୍ତ୍ତୃ. ଅକ)—ତପସ୍ୱୀ—
Brajaka A sage.

ବ୍ରଜ କାମିନୀ—ସଂ. ବି. ସ୍ତ୍ରୀ (୬ଷ୍ଠୀ ତତ୍)—ଗୋପନାରୀ; ବ୍ରଜନାରୀ—
Braja kāminī A woman of Bṛundābana.
[ଦ୍ର—ଏମାନେ ଶ୍ରୀକୃଷ୍ଣଙ୍କୁ ସ୍ନେହରସରେ ଭକ୍ତି କରୁଥିଲେ ।]
( ବ୍ରଜଗୋପିକା, ବ୍ରଜଗୋପୀ, ବ୍ରଜନାଗରୀ, ବ୍ରଜନାରୀ, ବ୍ରଜବଧୂ,
ବ୍ରଜବାଳା, ବ୍ରଜରମଣୀ, ବ୍ରଜାଙ୍ଗନା—ଅନ୍ୟରୂପ )

ବ୍ରଜ କିଶୋର—ସଂ. ବି. ପୁଂ—ଶ୍ରୀକୃଷ୍ଣଙ୍କର ନାମ—
Braja kiśor A name of Śrīkṛushṇa.
ଦେ. ବି. ପୁଂ—ଲୋକଙ୍କୁ ଦିଆଯିବା ନାମ—A name
given to males.
(ବ୍ରଜକୁମାର, ବ୍ରଜଗୋପାଳ, ବ୍ରଜନାଗର, ବ୍ରଜନାଥ, ବ୍ରଜବନ୍ଧୁ,
ବ୍ରଜବଲ୍ଲଭ, ବ୍ରଜବିନୋଦ, ବ୍ରଜବିନୋଦନ, ବ୍ରଜବିଳାସୀ, ବ୍ରଜବିହାରୀ,
ବ୍ରଜମୋହନ, ବ୍ରଜରମଣ, ବ୍ରଜରାଜ, ବ୍ରଜସୁନ୍ଦର, ବ୍ରଜାନନ୍ଦ, ବ୍ରଜେନ୍ଦ୍ର,
ବ୍ରଜେଶ୍ୱର, ବ୍ରଜବଲ୍ଲଭ—ଅନ୍ୟରୂପ)

ବ୍ରଜ କିଶୋରୀ—ସଂ. ବି. ସ୍ତ୍ରୀ—ରାଧିକାଙ୍କ ନାମ—
Braja kiśorī A name given to Rādhikā.
(ବ୍ରଜନାଗରୀ, ବ୍ରଜବିନୋଦିନୀ, ବ୍ରଜବିହାରୀ, ବ୍ରଜସୁନ୍ଦରୀ, ବ୍ରଜେଶ୍ୱରୀ,
ବ୍ରଜବଲ୍ଲଭା—ଅନ୍ୟରୂପ)

ବ୍ରଜ ଧାମ—ସଂ. ବି. (ବ୍ରଜ+ଧାମନ୍)—ବୃନ୍ଦାବନ ଧାମ—
Braja dhāma Bṛundābana.

ବ୍ରଜ ଧୂଳି—ସଂ. ବି—ବୈଷ୍ଣବମାନଙ୍କର ଅତି ପ୍ରିୟ ଓ ପବିତ୍ର ବସ୍ତୁ
Braja dhūḷi ବ୍ରଜମଣ୍ଡଳର ଧୂଳି—The dust of the
ব্রজধূলা, ব্রজরেণু Braja country which is looked upon
ब्रजधूल as very sacred by the Baishṇabas.

ବ୍ରଜ ନଗର—ଦେ. ବି—ବୃନ୍ଦାବନ ଧାମ—The holy place of
Braja nagara Bṛundābana where Śrīkṛushṇa
ବ୍ରଜପୁର, ବ୍ରଜପୁରୀ, ବ୍ରଜଭୂମି } ଅନ୍ୟରୂପ had his sports with the
Braja-women.

ବ୍ରଜନାଥ ବଡ଼ଜେନା—ଦେ. ବି ( ନାମ )—ଅଷ୍ଟାଦଶ ଶତାବ୍ଦୀର
Brajanātha bar̤ajenā ପରାର୍ଦ୍ଧରେ ଜନ୍ମିଥିବା ଢେଙ୍କାନାଳ-
ବାସୀ ଜନୈକ କବି—Name of an Oriya poet
of the latter half part of the 18th century;
the author of the Samara Taraṅga.
[ ଦ୍ର—ମରହଟ୍ଟାମାନେ ଓଡ଼ିଶା ଅଧିକାର କରିବା ସମୟରେ
ମରହଟ୍ଟାମାନଙ୍କର ଓ ଢେଙ୍କାନାଳ ରାଜା ତ୍ରିଲୋଚନ ମହୀନ୍ଦ୍ର
ବାହାଦୁରଙ୍କର ଢେଙ୍କାନାଳ ଗଡ଼ ନିକଟରେ ଯେଉଁ ଯୁଦ୍ଧ
ହୋଇଥିଲା, ସେ ଯୁଦ୍ଧ ବିଷୟ ବର୍ଣ୍ଣନା କରି ବ୍ରଜନାଥ
ସମରତରଙ୍ଗ ନାମରେ ଖଣ୍ଡିଏ ଓଡ଼ିଆ ପଦ୍ୟ ରଚନା
କରିଥିଲେ । ଏ ମଧ୍ୟ ହିନ୍ଦୀଭାଷାରେ ପୁରୀ ଜଗନ୍ନାଥଙ୍କ ଗୁଣ୍ଡିଚା
(ରଥ)ଯାତ୍ରା ସମ୍ବନ୍ଧେ ଗୋଟିଏ କବିତା ଲେଖିଥିଲେ ।
ତାରିଣୀଚରଣଙ୍କ ଉତ୍କଳ ସାହିତ୍ୟର ଇତିହାସରେ ଏହାଙ୍କ
ନାମ ବ୍ରଜନାଥ ଦାସ ବୋଲି ଲେଖା ଯାଇଅଛି । ]

ବ୍ରଜ ବାଳକ—ସଂ. ବି—ଶ୍ରୀକୃଷ୍ଣଙ୍କର ସହଚର ବ୍ରଜ ନଗରର ଶିଶୁ—
Braja bāḷaka A cowherd companion of
( ବ୍ରଜସଖା—ଅନ୍ୟରୂପ ) Śrīkṛushṇa.

ବ୍ରଜବାଳା—ସଂ. ବି—ଗୋପନାରୀ; ଗୋପକନ୍ୟା; ଗୋପାଙ୍ଗନା—A
Brajabāḷā woman belonging to Braja country.

ବ୍ରଜ ବୋଲି—ଦେ. ବି—ବଙ୍ଗଦେଶର ପ୍ରାଚୀନ କବିମାନଙ୍କର ବ୍ୟବହୃତ
Braja boli ମୈଥିଳ ଓ ବଙ୍ଗୀୟ ଭାଷା ମିଶ୍ରଣରେ ଉତ୍ପନ୍ନ ଏକ-
ব্রজবুলি ପ୍ରକାର ପ୍ରାଚ୍ୟ ଭାଷା—A language mixed
ब्रजबोली up of Bengalee and Biharee langu-
ages used by classical writers of Bengal.
[ ଦ୍ର—ବଙ୍ଗୀୟ ପ୍ରାଚୀନ କବି ବିଦ୍ୟାପତି, ଚଣ୍ଡୀଦାସ,
ଜ୍ଞାନଦାସ ଆଦି ଓ ଆଧୁନିକ ବଙ୍କିମଚନ୍ଦ୍ର ଓ ରବୀନ୍ଦ୍ରନାଥ
ଆଦି ଏ ଭାଷାରେ ବହୁ ପଦ୍ୟ ରଚନା କରିଅଛନ୍ତି ।
କିନ୍ତୁ ଏହା ପ୍ରକୃତରେ ବ୍ରଜଭୂମିର ଭାଷା ନୁହେ । ଏହା
ମିଥିଳାର କ୍ଷତ୍ରିୟବଂଶର ଭାଷା ଅଟେ । ଜ୍ଞାନେନ୍ଦ୍ର ]

ବ୍ରଜଭାଷା(ଖା)—ଦେ. ବି—ମଥୁରା, ବୃନ୍ଦାବନ ଓ ତନ୍ନିକଟବର୍ତ୍ତୀ
Brajabhāshā(khā) ପ୍ରଦେଶମାନଙ୍କରେ କଥିତ ପ୍ରାକୃତ
ব্রজভাষা ब्रजभाषा[खा] ଶୌରସେନୀ ଭାଷାରୁ ଉତ୍ପନ୍ନ ଏକପ୍ରକାର
ହିନ୍ଦୀ ଭାଷା—A dialect of Hindi spoken
round Mathurā and Bṛundābana. [ ଦ୍ର—
ଏହା ଗଙ୍ଗା ଯମୁନାର ମଧ୍ୟବର୍ତ୍ତୀ ଅଞ୍ଚଳ ଓ ତହିଁର ଦକ୍ଷିଣରେ
ଅର୍ଥାତ୍ ମଥୁରା, ଆଗ୍ରା, ଇଟାୱା ଓ ଏଥିର ନିକଟବର୍ତ୍ତୀ
ଅଞ୍ଚଳରେ ପ୍ରଚଳିତ ଭାଷା । ଏଥିର ଉତ୍ପତ୍ତି ଶୌରସେନୀ
ପ୍ରାକୃତରୁ ହୋଇଅଛି । ଏହି ଅଞ୍ଚଳର ପଶ୍ଚିମ ଓ ଦକ୍ଷିଣରେ
ଏ ଭାଷା ରାଜସ୍ଥାନୀରୂପ ଧାରଣ କରିଅଛି । ଏ ଭାଷାର
ପ୍ରାଚୀନ ସାହିତ୍ୟ ବହୁତ ଉଚ୍ଚ ଓ ଅଧିକ । ଉତ୍ତର
ଭାରତର ଅଧିକାଂଶ ପ୍ରାଚୀନ କବି ଏହି ଭାଷାରେ କବିତା
ରଚନା କରିଥିଲେ । ଯଥା—ତୁଳସୀଦାସ, ସୁରଦାସ,

ବିଦ୍ୟାପତି ଓ ଗୋବିନ୍ଦଦାସ । ବଙ୍ଗଦେଶର ପ୍ରାଚୀନ କବିମାନେ ଏହି ଭାଷାରେ କବିତାମାନ ରଚନା କରିଥିଲେ । ଆଜିକାଲି ଯାହା ବଙ୍ଗଳା ଭାଷା ନାମରେ ଚଳୁଅଛି ତାହା ଅର୍ବାଚୀନ ଅଟେ । ପୌରାଣିକ ଯୁଗରେ ଶୂରସେନ ଦେଶର ଏକ ଅଂଶର ନାମ ବ୍ରଜ ଥିଲା ଓ ସେହି ନାମ ଅନୁସାରେ ବ୍ରଜ ଭାଷାର ନାମକରଣ ହୋଇଅଛି । କନୌଜୀ ଭାଷାର ବ୍ରଜ-ଭାଷା ସଙ୍ଗେ ସୌସାଦୃଶ୍ୟ ଅଛି । ବ୍ରଜଭାଷା ସଙ୍ଗେ ବ୍ରଜ-ବୋଲିର ବିଶେଷ ସମ୍ବନ୍ଧ ନାହିଁ—ଜ୍ଞାନେନ୍ଦ୍ରଙ୍କ ଉଦ୍ଧୃତ ମହାବୀର ପ୍ରସାଦ ଦ୍ୱିବେଦୀଙ୍କ ହିନ୍ଦୀଗ୍ରନ୍ଥ । ]

ବ୍ରଜ ମଣ୍ଡଳ—ଦେ. ବି—ମଥୁରାମଣ୍ଡଳ—The country of Braja. Braja mandala [ ଦ୍ର—ମଥୁରା ଓ ବୃନ୍ଦାବନର ଚତୁଃପାର୍ଶ୍ୱସ୍ଥ (ବ୍ରଜଭୂମି—ଅନ୍ୟରୂପ) ଅଞ୍ଚଳ ଶ୍ରୀକୃଷ୍ଣଚନ୍ଦ୍ରଙ୍କର ବାଲ୍ୟଲୀଳାକ୍ଷେତ୍ର ଥିଲା ଓ ଏଥିଯୋଗୁଁ ଏହା ହିନ୍ଦୁମାନଙ୍କର ପବିତ୍ର ତୀର୍ଥ । ପୁରାଣ ଅନୁସାରେ ମଥୁରାର ୪ ଦିଗରେ ୧୪ କୋଶ ଅଞ୍ଚଳ ବ୍ରଜମଣ୍ଡଳ ଅଟେ ଓ ଏହାକୁ ପରିକ୍ରମା କରିବା ମହାପୁଣ୍ୟ—ହି. ଶ । ]

ବ୍ରଜ ମଲ୍ଲୀ—ଦେ. ବି ( ସ. ନାମ ଭଣ୍ଡୀର )—ଏକପ୍ରକାର ପୁଷ୍ପଗୁଳ୍ମ—Braja malli A kind of flowering shrub. [ ଦ୍ର—ସେଁଟୁ, ଭାଁଟ ଏହା ଉଚ୍ଚରେ ୫।୬ ହାତ ବଢ଼େ । ଏ ଗଛର ଡାଳ ଅଜମଲ୍ଲୀ ଅଗରେ ଗୋଟିଏ ଥୋପା ବାହାରେ ଓ ଏ ଥୋପାରେ ଶତାଧିକ ମଲ୍ଲୀଫୁଲ ପରି ସୁବାସିତ ଫୁଲ ଫୁଟେ । ଏ ଫୁଲର ବର୍ଣ୍ଣ ଓ ଆକାର ମଲ୍ଲୀଫୁଲ ପରି, ତେଣୁ ମଲ୍ଲୀଫୁଲ ଅପେକ୍ଷା ସାନ, ମୋଟ ଓ ନାଲି । ଫୁଲର ପାଖୁଡ଼ା ମଲ୍ଲୀ ପାଖୁଡ଼ା ଅପେକ୍ଷା ମୋଟା । ଏ ଗଛର ଚେରରୁ ପ୍ରଧାନ ଗଛଠାରୁ ୧୦ ହାତ ପରିଧି ମଧ୍ୟରେ ଭୂମିରୁ ନୂଆ ଗଛ ସବୁ ଗଜା ହୋଇ ବାହାରେ । ଏହାର ପତ୍ର ଓ ଗଛ ଗେଙ୍ଗୁଟି ଗଛ ଓ ପତ୍ର ପରି । ଫୁଲ ଗେଙ୍ଗୁଟି ଫୁଲ ପରି ପେନ୍ଥା ପେନ୍ଥା, କିନ୍ତୁ କେଶର ଯୁକ୍ତ । ଏହାକୁ କେହି କେହି ଭଣ୍ଡୀର ବୋଲି କହନ୍ତି । ]

ବ୍ରଜରାଜ—ସ. ବି ( ୬ଷ୍ଠୀ ତତ୍; ବ୍ରଜ+ରାଜନ୍ )—ବ୍ରଜରାଜା—Brajarāja King of Braja. ଦେ. ବି. ପୁଂ—୧ । ଲୋକଙ୍କୁ ଦିଆଯିବା ନାମ—1. A name given to males. ୨ । ବ୍ରଜରାଜ ସିଂହ ଦେବ; ଖଡ଼ିଆଳର ସ୍ୱର୍ଗୀୟ ରାଜା—2. Name of a late Rājā of Khardiāla. [ ଦ୍ର—ଏ ଓଡ଼ିଅରେ ବ୍ରଜବଧୂ ବିଳାସ, ରୂପମଞ୍ଜରୀ, ଶୋଭାବଲ୍ଲରୀ, ପ୍ରବନ୍ଧ ଚମ୍ପୂକାବ୍ୟ, କଉଳା ଚଉତିଶା, ଚନ୍ଦ୍ରପଦ୍ମାଭୂଷଣ ଗ୍ରନ୍ଥମାନ ରଚନା କରିଥିଲେ । ଖଡ଼ିଆଳ ଓଡ଼ିଆ ରାଜ୍ୟ ଓ ଏଥିର ରାଜପରିବାର ଓଡ଼ିଆ ଥିଲେହେଁ ଏହା ଆଜ ପର୍ଯ୍ୟନ୍ତ ମଧ୍ୟପ୍ରଦେଶର ରାୟପୁର ଜିଲ୍ଲାର ଅନ୍ତର୍ଗତ ଥିଲା । ୧୯୩୪-୩୫ରେ ପାର୍ଲିଆମେଣ୍ଟ ସିଲେକ୍ଟ କମିଟିଙ୍କ ସୁପାରସ ଫଳରେ ଏହା ନବ ଓଡ଼ିଶା ପ୍ରଦେଶ ଭୁକ୍ତ ହୋଇଅଛି । ଖଡ଼ିଆଳର ରାଜା ଓ ରାଜବଂଶୀୟମାନେ ପୁରୁଷାନୁକ୍ରମେ ଓଡ଼ିଆ ସାହିତ୍ୟର ସେବକ ଓ ଅନୁରାଗୀ ଅଟନ୍ତି । ରାଜା ବ୍ରଜରାଜସିଂହଙ୍କ ପୁତ୍ର ଲାଲ ଶିବନାରାୟଣ ଦେବଙ୍କ ଅନୁକୂଲ୍ୟରେ ରାଧାନାଥ ଗ୍ରନ୍ଥାବଳୀର ପ୍ରଥମ ସଂସ୍କରଣ ପ୍ରକାଶିତ ହୋଇଥିଲା । ଲାଲ ଶିବନାରାୟଣ ଜଣେ ଓଡ଼ିଆ ସାହିତ୍ୟ ସେବକ । ଖଡ଼ିଆଳ ଅଞ୍ଚଳରେ ପ୍ରଚଳିତ ବହୁଶତ ଶବ୍ଦ ଯୋଗାଇ ଓ ଅନ୍ୟରୂପେ ସାହାଯ୍ୟ କରି ସେ ଏ ଭାଷାକୋଷର ଜଣେ ସହକର୍ମୀରୂପେ ଗୃହୀତ ହୋଇଅଛନ୍ତି ଓ ଲାଲ ସାହେବଙ୍କ ଲେଖାରୁ ଏ ଟୀକା ସଂଗୃହୀତ । ]

ବ୍ରଜିବା—ଦେ. କ୍ରି ( ପଦ୍ୟ )—ଗମନ କରିବା—To go. ( ଉ—Brajibā ଏ ଯେଣୁ ବ୍ରଜେ ଥିଲେ ଭାଗ୍ୟ । ସମାନ ନୋହେ ବ୍ରଜନା ଅଜନା ଚତୁର୍ବର୍ଗ—ପ୍ରାଚୀ. ପୂର୍ଣ୍ଣତମ ଚନ୍ଦ୍ରୋଦୟ । )

ବ୍ରଜେ—ଦେ. କ୍ରି. ବିଣ—କ୍ଷଣମାତ୍ର; ଅଳ୍ପସମୟ—A moment only. Braje ( ଉ—ବ୍ରଜେ ଯେ ବ୍ରଜେ ମାତ୍ର ରହେ । କୃଷ୍ଣ ଚରଣେ ଭକ୍ତି ହୁଏ—ପ୍ରାଚୀ. ପୂର୍ଣ୍ଣତମଚନ୍ଦ୍ରୋଦୟ । )

ବ୍ରଜ୍ୟା—ସଂ. ବି ( ବ୍ରଜ ଧାତୁ=ଗମନ କରିବା+ଭାବ. ଯ+ଆ )—Brajyā ୧ । ପର୍ଯ୍ୟଟନ; ଦେଶ ଭ୍ରମଣ—1. Travel; perigrination. ୨ । ଯାତ୍ରା—2. March. ୩ । ଗମନ—3. Going; moving. ୪ । ବର୍ଗ; ଶ୍ରେଣୀ-4. Class; section. ୫ । ବର୍ଗ ସଂଖ୍ୟା—5. A square number. ୬ । ରଙ୍ଗ—6. Paint; colour. ୭ । ତାମସା—7. Sport; merriment. ୮ । ବିଜିଗୀଷୁର ଯାତ୍ରା; ଯୁଦ୍ଧଯାତ୍ରା—8. March of a person desirous of victory; a march for battle. ୯ । ଦେଶାକ୍ରମଣ—9. Attack; invasion. ୧୦ । (ଅଧିକରଣ. ଅ+ଆ) ରଙ୍ଗଭୂମି; ନାଟ୍ୟଶାଳା (ହି. ଶ)—10. Stage; dancing hall.

ବ୍ରଣ୍ (ବ୍ରତ)—ସ—କ୍ଷତ କରିବା—Bran To wound.

ବ୍ରଣ—ସ. ବି ( ବ୍ରଣ୍ ଧାତୁ+କର୍ତ୍ତୃ. ଅ )—୧ । କ୍ଷତ; ଘାଅ—Brana 1. Wound; sore. ୨ । ବିଦ୍ରଧି; ବଥ—2. Boil; tumour. ୩ । ବାଗୀ—3. Bubo. [ ଦ୍ର—ସ୍ଥାନ ଓ ପ୍ରକାର ଭେଦରେ ବ୍ରଣମାନଙ୍କର ଭିନ୍ନ ଭିନ୍ନ ନାମ ଅଛି, ଯଥା—ନାଡ଼ୀବ୍ରଣ, ପୃଷ୍ଠବ୍ରଣ, ଦୁଷ୍ଟବ୍ରଣ, ମୁଖବ୍ରଣ, ଦୃଷ୍ଟ ବ୍ରଣ, କ୍ଷତବ୍ରଣ ଓ ସଦ୍ୟୋବ୍ରଣ ଇତ୍ୟାଦି । ]

ବ୍ରଣ ଗ୍ରନ୍ଥି—ସ. ବି (୬ଷ୍ଠୀ ତତ୍)—କ୍ଷତ; ଘାଅ—Brana granthi Sore.

ବ୍ରଣ ରହିତ—ସ. ବିଣ—୧ । ଅକ୍ଷତ—1. Unwounded. ୨ । Brana rahita ବେଦନାରହିତ—2. Painless. ୩ । (ବ୍ରଣଶୂନ୍ୟ—ଅନ୍ୟରୂପ) ଯହିଁରେ କୌଣସି କ୍ଷତର ଦାଗ ନାହିଁ—3. Bearing no mark of injury or scar.

ବ୍ରଣ ଶୋଥ—ସ. ବି—ବିଦ୍ରଧି; ବ୍ରଣସ୍ଫୋଟକ; ବଥ—Brana śotha Abcess.

ବ୍ରଣିତ—ସ. ବିଣ (ବ୍ରଣ+ସଞ୍ଜାତ ଅର୍ଥରେ ଇତ)—୧ । ବ୍ରଣ ଯୁକ୍ତ—Branita 1. Having a boil. ୨ । କ୍ଷତ—2. Suffering (ବ୍ରଣୀ—ଅନ୍ୟରୂପ) from a wound; wounded.

୩ । ଖତଚିହ୍ନ ବିଶିଷ୍ଟ—3. Having a cicatrice or scar; scarred.

**ବ୍ରତ**—ସଂ. ବି (ବୃ. ଧାତୁ=ପ୍ରାର୍ଥନା କରିବା+କର୍ମ. ଅତ; ଯାହାଦ୍ୱାରା ସ୍ୱର୍ଗାଦି ପ୍ରାର୍ଥନା କରାଯାଏ)—୧ । ସ୍ୱର୍ଗସୁଖ, ଧନାଦି କାମନାରେ ଉପୃଥିତ ବା ଫଳାକାଙ୍କ୍ଷିତ ଧର୍ମକର୍ମାନୁଷ୍ଠାନ ଓ ଉପବାସାଦି—1. A voluntary religious observance; the carrying out of a religious vow or fast. ୨ । ପ୍ରାୟଶ୍ଚିତ୍ତ; ପାପକ୍ଷୟକର ଶୁଦ୍ଧ୍ୟର୍ଥାଦି କର୍ମ—2. Religious atonement; expiation. ୩ । ତପସ୍ୟା; ତପଶ୍ଚରଣ—3. Religious penance or austerity. ୪ । ପୁଣ୍ୟଜନକ ଓ ପାପକ୍ଷୟକର କର୍ମ; ଧର୍ମନିୟମ; ଯମନିୟମାଦି—4. Religious observance; act of devotion. ୫ । (ବୈଦିକ ଅର୍ଥ) କର୍ମ; କାର୍ଯ୍ୟ—5. Act; action; work. ୬ । ଶାସନ—6. Rule. ୭ । ସଙ୍କଳ୍ପ—7. A vow. ୮ । ଭକ୍ଷଣ—8. Eating; partaking of food. ଦେ. ବି—୧ । ବ୍ରାହ୍ମଣର ଉପନୟନ—1. The putting on of the sacred thread ceremony of a twice-born boy amongst the Hindus. ୨ । ପୁଣ୍ୟ ପର୍ବ—2. Religious ceremonies and festivals. ୩ । ବ୍ରତଧାରୀମାନେ ହାତରେ ଯେଉଁ ସୂତ୍ର ବାନ୍ଧନ୍ତି—3. A thread worn round the arm of the person observing a certain religious vow. [ ଦ୍ର—ଏହାର ଅପଭ୍ରଂଶ ବରତ, ବର୍ତ୍ତ । ] ୪ । ଧର୍ମସମ୍ବନ୍ଧୀୟ ଉପବାସ—4. Religious fast. [ ଦ୍ର—ଆମ ଦେଶରେ ଅନେକଗୁଡ଼ିଏ ବ୍ରତ ପାଳନ ହୁଏ । ଯଥା—ଅନନ୍ତବ୍ରତ, ସୁଦଶାବ୍ରତ, ସୋମନାଥବ୍ରତ, ଖୁଦୁରୁକୁଣୀ ବ୍ରତ ଇତ୍ୟାଦି ।

ବ୍ରତ, ଉପବାସ (ଓଷା), ପର୍ବ, ଯାତ୍ରା ଆଦି ଶବ୍ଦମାନଙ୍କ ବ୍ୟବହାରରେ ଗୋଳମାଳ ଦେଖାଯାଏ । ସ୍ତ୍ରୀମାନଙ୍କ ବ୍ରତକୁ ଓଷା ବୋଲାଯାଏ ଓ ଦେବତାମାନଙ୍କ ଉତ୍ସବକୁ ଯାତ୍ରା ବୋଲାଯାଏ । ] ୫ । ଦୃଢ଼ ସଙ୍କଳ୍ପପୂର୍ବକ ନିଷ୍ଠା ବା ଐକାନ୍ତିକତା ସହକାରେ କରାଯିବା କର୍ମ—5. Any work undertaken to be performed after a firm resolve. ୬ । ଅଣ୍ଡିରା ବାଛୁରୀକୁ 'ଧରିବା' ବା ତାର ମୁଷ୍କଛେଦନ କରିବାରୂପ କର୍ମ—6. The act of castrating a bull calf. [ ଦ୍ର—ଦ୍ୱିଜାତି ବାଳକର ବ୍ରତ ବା ଉପନୟନ ଦ୍ୱାରା ଦ୍ୱିଜତ୍ୱ ପ୍ରାପ୍ତି ହେବାପରି ଆମ ଦେଶରେ ଅଣ୍ଡିରା ବାଛୁରୀର ମୁଷ୍କଛେଦନଦ୍ୱାରା 'ବଳଦତ୍ୱ' ପ୍ରାପ୍ତି ହୁଏ; ଏଥିପାଇଁ ବାଛୁରୀ ଧରିବାକୁ ବାଛୁରୀଙ୍କ ବ୍ରତ ବୋଲାଯାଏ । ପୁଣି ବାଛୁରୀକୁ ଧରିସାରି ତାଙ୍କ ପାର୍ଶ୍ୱଦେଶରେ ତାତଲା ଲୁହାରେ (ଦ୍ୱିଜାତି ବାଳକ ଦେହରେ ପଇତା ପଡ଼ିଲାପରି) ଲମ୍ବ ଚିହ୍ନ ଲଗାଯାଏ । ଏଥିପାଇଁ ବାଛୁରୀଙ୍କ ମୁଷ୍କଛେଦନ ପ୍ରତି 'ବ୍ରତ' ଶବ୍ଦ ବ୍ୟବହୃତ ହୁଏ ।]

Brata

উপনয়ন, পৈতা

दनेउ

यज्ञ, व्रत

**ବ୍ରତ ଉଜୁଆଁ**—ଦେ. ବି ( ସଂ. ବ୍ରତ ଉଦ୍ୟାପନ )—ସଙ୍କଳ୍ପିତ ବ୍ରତକୁ ବିଧି ଅନୁସାରେ ପାଳନ ପୂର୍ବକ ଉଠିବା ସମାପନ ରୂପ କର୍ମ—The act of formal completion or conclusion of the performance of a religious vow or fast.

Brata ujuāṅ

ব্রতের উদ্যাপন

व्रत उठाना

**ବ୍ରତ ଉଜେଇଁବା**—ଦେ. କ୍ରି ( ସଂ. ବ୍ରତ+ଉଦ୍ୟାପନ )—ବିଧିମତେ ବ୍ରତାନୁଷ୍ଠାନକୁ ସମାପନ କରିବା—To bring the performance of a vow to a formal finish.

Brata ujeiṅbā

(ବ୍ରତ ସାଙ୍ଗ କରିବା—ଅନ୍ୟରୂପ)

ব্রতসাঙ্গ করনা

व्रत उठाना

**ବ୍ରତ ଉଦ୍ୟାପନ(ନା)**—ସଂ. ବି (୬ଷ୍ଠୀ ତତ୍)—ବ୍ରତ ଉଜୁଆଁ (ଦେଖ)—Brata ujuāṅ ( See )

Brata udyāpana(nā)

(ବ୍ରତ ସମାପନ—ଅନ୍ୟରୂପ)

**ବ୍ରତ ଉପାସ**—ଦେ. ବି ( ଦ୍ୱନ୍ଦ୍ୱ ସମାସ; ସଂ. ବ୍ରତ+ଉପବାସ )—ବ୍ରତ ଓ ଉପବାସ—Religious vows and fasts.

Brata upāsa

(ବ୍ରତ ଓପାସ, ବ୍ରତ ଓଷା—ଅନ୍ୟରୂପ)

ব্রত উপোস व्रत उपास

**ବ୍ରତ କଥା**—ଦେ. ବି—ସୋମନାଥ ବ୍ରତ, ଖୁଦୁରୁକୁଣୀ ବ୍ରତ ଆଦି ସମ୍ବନ୍ଧୀୟ କାରଣ, ବିଧି ଓ ଉପାଖ୍ୟାନ—A narrative how a certain vow originated and how it is to be performed. [ ଦ୍ର—ଓଡ଼ିଆ ଭାଷାରେ କେତେକ ବ୍ରତକଥା ଗଦ୍ୟରେ ଲିଖିତ ହୋଇଥିବା ଦେଖାଯାଏ । ବ୍ରତକଥା ଓ ମାଦଳାପାଞ୍ଜି ଓ କେତେକ ରାଜବଂଶାବଳୀ ଗ୍ରନ୍ଥ ଓ ସନନ୍ଦମାନଙ୍କ ଛଡ଼ା ଅନ୍ୟ ପ୍ରାଚୀନ ଓଡ଼ିଆ ଲେଖାମାନ ପଦ୍ୟ ଅଟେ । ]

Brata kathā

ব্রত কথা

व्रतकी कथा

**ବ୍ରତ କରା(ରେ)ଇବା**—ଦେ. କ୍ରି—କୌଣସି ଦ୍ୱିଜାତି ବାଳକର ଉପନୟନ କରାଇବା—To have the ceremony of Upanayana performed on a Hindu boy of the 3 higher castes. ( ଉ—ତାଙ୍କରେ ଖର୍ଚ୍ଚ ତାଙ୍କୁ କରାଇଲେ ବ୍ରତ, ଗ୍ରେସ କଲେକ ପୁଅମାନ ସେ କନ୍ଦୁଛ । ବ୍ରଜସିଂହ-ମହାଭାରତ. ଆଦି । )

Brata karā(re)ibā

পৈতে দেওয়া

जनेउ कराना

**ବ୍ରତ କରିବା**—ଦେ. କ୍ରି—୧ । କୌଣସି କଠୋର ବ୍ରତ ପାଳନ କରିବା ନିମନ୍ତେ ସଙ୍କଳ୍ପ କରିବା—1. To take a solemn vow. ୨ । କୌଣସି ବ୍ରତ ପାଳନ କରିବା ବା ପୁଣ୍ୟ କାର୍ଯ୍ୟ କରିବା ସଙ୍କଳ୍ପକୁ କାର୍ଯ୍ୟରେ ପରିଣତ କରିବା—2. To observe or carry out a vow; to perform a religious vow. ୩ । କୌଣସି ଦ୍ୱିଜାତି ବାଳକର ଉପନୟନ ସଂସ୍କାରରେ ଅନୁଷ୍ଠିତ ବୈଦିକ କର୍ମରେ କେଶ ଉପରେ ରହି କର୍ତ୍ତାରୂପେ କାର୍ଯ୍ୟ କରିବା—3. To preside at

Brata karibā

ব্রত করিবা

व्रत करना

the sacred thread ceremony of a boy. ୪ । ବାଛୁରିକୁ ଖସିବା—4. To castrate a calf.

ବ୍ରତ ଗ୍ରହଣ—ସଂ. ବି ( ୬ଷ୍ଠୀ ତତ୍; ବ୍ରତ+ଗ୍ରହଣ )—୧ । କୌଣସି Brata grahaṇa ବ୍ରତ ପାଳନ କରିବା ନିମନ୍ତେ ସଂକଳ୍ପ—1. The taking of a religious vow. ୨ । ବ୍ରତ ଧାରଣ ( ଦେଖ )—2. Brata dhāraṇa ( See ) ୩ । ବ୍ରତ ପାଳନ ( ଦେଖ )—3. Brata pāḷana ( See )

ବ୍ରତ ଘର—ଦେ. ବି—ଉପନୟନ ଉତ୍ସବ; ବଡୁଘର—The Brata ghara ceremony of the assumption of পৈতে ঘর the sacred thread by a Brāhmaṇa boy. जनेउ घर

ବ୍ରତଘ୍ନ—ସଂ. ବଣ ( ବ୍ରତ+ହନ୍ ଧାତୁ+କର୍ତ୍ତୃ. ଅ )—୧ । ଯାହା Brataghna ବ୍ରତାଚରଣରେ ବାଧା ଘଟାଏ—1. Causing (ବ୍ରତଘ୍ନୀ—ସ୍ତ୍ରୀ) obstruction to or interruption in the performance of a religious vow. ୨ । ପୁଂ. ଯେଉଁ ବ୍ୟକ୍ତି ବ୍ରତାଚରଣରେ ବାଧା ଦିଏ—2. One who puts obstacles on the smooth performance of religious vows.

ବ୍ରତତି(ତୀ)—ସଂ. ବି ( ବ୍ରତ୍ ଧାତୁ=ବିସ୍ତାରିବା+କର୍ତ୍ତୃ. ଅତି+ଈ)—Bratati(tī) ୧ । ଲତା; ଲତା—1. Creeper. ୨ । (+ ଭାବ. ଅଚ୍ ) ବିସ୍ତାର; ବିସ୍ତୃତି—2. Extension; expansion.

ବ୍ରତ ତିଥି—ଦେ. ବି—ଉପନୟନ ନିମନ୍ତେ ଜ୍ୟୋତିଷ ଗଣନାଦ୍ୱାରା Brata tithi ନିର୍ଦ୍ଦିଷ୍ଟ ଶୁଭ ଦିବସ—An auspicious day পৈতার তিথি settled for the celebration of जनेउकी तिथि the sacred thread ceremony.

ବ୍ରତ ଦାସ—ସଂ. ବି—ଇଷ୍ଟ ଦେବତାଙ୍କ ନିକଟରେ ବ୍ରତ ବିଧିକୁ ପାଳନ Brata dāsa କରିବା ନିମନ୍ତେ ସଂକଳ୍ପ କରିଥିବା ବ୍ୟକ୍ତି—A person who takes a vow of performing a religious vow before a Deity.

ବ୍ରତ ଧରିବା—ଦେ. କ୍ରି—ବ୍ରତ ଗ୍ରହଣ କରିବା—To take up on Brata dharibā one's self the performance of (ବ୍ରତ ନେବା—ଅନ୍ୟରୂପ) a vow. ব্রত লওয়া व्रत करना

ବ୍ରତ ଧାରଣ—ସଂ. ବି ( ୬ଷ୍ଠୀ ତତ୍ )—କୌଣସି ବ୍ରତକୁ ଅବଲମ୍ବନ Brata dhāraṇa କରିବା— An undertaking to observe a vow. ଦେ. ବି—ବ୍ରତୀ ବ୍ୟକ୍ତିର ପରିଧେୟ ସୂତ୍ର ( ଅନନ୍ତ ବ୍ରତ, ସାବିତ୍ରୀ ବ୍ରତ )କୁ ଦେହରେ ପିନ୍ଧିବା—The wearing of a sacred thread indicating the observance of a religious vow.

ବ୍ରତଧାରୀ—ସଂ. ବଣ. ପୁଂ—ଯେଉଁ ବ୍ୟକ୍ତି କୌଣସି ବ୍ରତ ଅବଲମ୍ବନ Brata dhārī କରିଥାଏ; ବ୍ରତୀ—A person who has (ବ୍ରତ ଧାରିଣୀ—ସ୍ତ୍ରୀ) undertaken or resolved to (ବ୍ରତ ଧରିବା—ଅନ୍ୟରୂପ) observe a particular religious vow.

ବ୍ରତ ନାଶ—ସଂ. ବି—(୬ଷ୍ଠୀ ତତ୍)—ବ୍ରତ ପାଳନର ଧାରାବାହିକତାର Brata nāsa ବିନାଶ—Interruption in the regular performance of a vow.

ବ୍ରତ ନାଶନ—ସଂ. ବି—ପରର ଅନୁଷ୍ଠିତ ବ୍ରତ ସାଧନରେ ବାଧା ଦେବା - Brata nāśana Putting of obstacles to the (ବ୍ରତ ଭଞ୍ଜନ—ଅନ୍ୟରୂପ) smooth performance of a vow by a person.

ସଂ. ବଣ—ବ୍ରତଘ୍ନ ( ଦେଖ )—Brataghna (See)

ବ୍ରତ ନିୟମ—ସଂ. ବି (୬ଷ୍ଠୀ ତତ୍)—କୌଣସି ବ୍ରତାନୁଷ୍ଠାନ ପାଇଁ Brata niyama ନିର୍ଦ୍ଦିଷ୍ଟ ଥିବା ବିଧାନ—Rules laid down for the observance of particular vows.
ବ୍ରତ ବିଧି }
ବ୍ରତ ବିଧାନ }—ଅନ୍ୟରୂପ

ବ୍ରତ ପାରଣା—ସ.ବି—ବ୍ରତର ବା ବ୍ରତାର୍ଥ ଉପବାସର ଶେଷରେ ଭୋଜନ- Brata pāraṇā Meal taken on the completion of ( ବ୍ରତ ପାଲଣା, ବ୍ରତପାଲନା—ଗ୍ରାମ୍ୟରୂପ ) a fast; breakfast on the conclusion of a religious fast.

ବ୍ରତ ପାଳନ—ସ. ବି—(୬ଷ୍ଠୀ ତତ୍) ସଂକଳ୍ପିତ ବ୍ରତକୁ କାର୍ଯ୍ୟରେ Brata pāḷana ପରିଣତ କରିବା—Due performance (ବ୍ରତ ରକ୍ଷା—ଅନ୍ୟରୂପ) or observance of a solemn vow taken.

ବ୍ରତ ପାଳିବା—ଦେ. କ୍ରି — ସଂକଳ୍ପିତ ବ୍ରତ ଅନୁସାରେ କାର୍ଯ୍ୟ କରିବା— Brata pāḷibā To duly perform a vow taken. ব্রতপালন করা व्रत पालना; व्रत निबाहना

ବ୍ରତ ପ୍ରତିଷ୍ଠା—ସ. ବି (୬ଷ୍ଠୀ ତତ୍)—ବ୍ରତାନୁଷ୍ଠାନ କର୍ମକୁ ନିୟମାନୁସାରେ Brata pratishṭhā ଶେଷ କରିବା—The due completion or performance of a religious vow.
ବ୍ରତ ସମାଧା, ବ୍ରତ ସମାଧାନ }
ବ୍ରତ ସମ୍ପାଦନ, ବ୍ରତ ସାଧନ }—ଅନ୍ୟରୂପ
ବ୍ରତ ସମାପନ }

ବ୍ରତ ବିଘ୍ନ—ସ. ବି—୧ । ପୁଣ୍ୟଜନକ କାର୍ଯ୍ୟ ସମ୍ପାଦନ ବା ବ୍ରତ ପାଳନ Brata bighna ସମ୍ବନ୍ଧେ ଅନ୍ତରାୟ—1. Obstacles to the performance of a solemn vow. ୨ । ବ୍ରତ ପାଳନ ମଧ୍ୟରେ, ଅର୍ଥାତ୍ ବ୍ରତ ସମ୍ପୂର୍ଣ୍ଣ ନ ହେଉଣୁ, ଉପସ୍ଥିତ ହେବା କୌଣସି ବାଧା—2. An obstruction to or interruption in the completion of a vow.
ବ୍ରତ ବାଧା }
ବ୍ରତ ବ୍ୟାଘାତ }—ଅନ୍ୟରୂପ

ବ୍ରତ ବିବାହ—ସଂ. ବି—(ସମାହାର ଦ୍ୱନ୍ଦ୍ୱ)—ଉପନୟନ ଓ ବିବାହ— Brata bibāha Sacred thread ceremony and (ବ୍ରତଘର, ବ୍ରତ ବାହା—ଗ୍ରାମ୍ୟରୂପ) marriage ceremony.

ବ୍ରତ ବେଦୀ—ଦେ. ବି—ଯେଉଁ ବେଦୀ ଉପରେ ଉପନୟନ କ୍ରିୟା Brata bedi ସମାହିତ ହୁଏ—An alter on which the উপনয়নের বেদী ceremony of investiture जनेउमण्डप (बेदी) of sacred thread is performed.

ବ୍ରତଭଗ(କ)ତ(ତି)—ଦେ.ବଣ—(ସଂ.ବ୍ରତ ଭକ୍ତ)—୧ । ବ୍ରତ ପରାୟଣ
Brata bhaga(ka)ta(ti) 1. Devoted to the strict
(ବ୍ରତ ଭଗ(କ)ତିଆ—ଅନ୍ୟରୂପ) observance of religious
vows. [ଦ୍ର—ବ୍ରତ ଭଗତ ଯେତେ ନଚ, ବସନ୍ତ
ବଇକୁଣ୍ଠ ସୁର—ପ୍ରାଚୀ. ନରସିଂହ ମାହାତ୍ମ୍ୟ ।] ୨ । (ବ୍ୟଙ୍ଗ୍ୟ)
ବ୍ରତର ବାହ୍ୟ ନିୟମମାନଙ୍କର ପାଳନକାରୀ—2. (ironical) Following or practising the outer
forms of a religious vow, though not
conforming to the spirit thereof.

ବ୍ରତଭଙ୍ଗ—ସଂ. ବି—(୬ଷ୍ଠୀ ତତ୍)—ବ୍ରତର ସମସ୍ତ ଅଙ୍ଗ ଯଥାବିଧି ପାଳନ
Brata bhanga କରିବାରେ ବା ବ୍ରତ ସମାଧା କରିବାରେ
ବାଧା—Interruption in the smooth performance of a vow.

ବ୍ରତ ଭଙ୍ଗନ—ଦେ.ବି—୧ । ବ୍ରତଭଙ୍ଗ (ଦେଖ) 1. Bratabhanga
Brata bhangana (See) ୨ । ବ୍ରତଭଞ୍ଜନ (ଦେଖ)—
2. Brata bhanjana (See)

ବ୍ରତ ଭଞ୍ଜନ—ସଂ. ବି—(୬ଷ୍ଠୀ ତତ୍)—ଅନ୍ୟର ଅଚରିତ ବ୍ରତରେ
Brata bhanjana ବାଧା ପ୍ରଦାନ—Interrupting another's smooth performance of a vow.

ବ୍ରତ ଭିକ୍ଷା—ଦେ. ବି—ବ୍ରତବେଶରେ ଉପନୟନ ପରେ ବ୍ରହ୍ମଚାରୀର
Brata bhikshyā ମେଖଳା ପରିହିତ ଓ ଦଣ୍ଡଧାରୀ ଦ୍ୱିଜ
ବାଳକକୁ ବନ୍ଧୁମାନେ ଯେଉଁ ଅର୍ଥ ଓ ଅଳଙ୍କାରାଦି ଦିଅନ୍ତି—
Gifts made to a newly initiated boy
of the twice born castes amongst the
Hindus by his relatives and friends on
the day of the ceremony while he is
still on the altar. [ଦ୍ର—ଦ୍ୱିଜ ବାଳକର ମନ୍ତ୍ର
ଗ୍ରହଣ ଓ ଯଜ୍ଞୋପବୀତ ଧାରଣ ପରେ ସେ ମୌଞ୍ଜି ମେଖଳା
ଓ କୃଷ୍ଣମୃଗାଜିନ ପରିଧାନ କରି ପଳାଶ ଦଣ୍ଡ ଧାରଣ କରି
ବ୍ରତ ବେଶରେ ଭିକ୍ଷା ମାଗେ । ସେ ଗୋଟିଏ ଥାଳି ଧରି
ଠିଆ ହୁଏ ଓ ତା ପଛରେ ତା ମାମୁଁ ଠିଆ ହୋଇ ପିଲା
ଧରିଥିବା ଥାଳିକୁ ଟେକି ଧରି ଥାଆନ୍ତି । ଏହି ସମୟରେ
ବାଳକର ମାତା, ଭଗିନୀ ଓ ବନ୍ଧୁବାନ୍ଧବମାନେ (ସ୍ତ୍ରୀ
ପୁରୁଷ) ବେଦୀକୁ ଆସନ୍ତି । ବାଳକ "ଭବତ୍‌ଭିକ୍ଷାଂ ଦେହି"
(ଆପଣ ଭିକ୍ଷା ଦିଅନ୍ତୁ) ଉଚ୍ଚାରଣ କରୁଥାଏ ଓ ଭିକ୍ଷାଦାତା ଓ
ଦାତ୍ରୀମାନେ ବାଳକର ପାଖରେ ରଖାହୋଇଥିବା ଗୋଟିଏ
ଡାଲିରେ ଥିବା ଚାଉଳ ସେ ଥାଳରେ ଦିଅନ୍ତି ଓ ଶକ୍ତି
ଅନୁସାରେ ଅଳଙ୍କାର ଓ ଧନ ଦିଅନ୍ତି । ପୂର୍ବେ ଉପନୟନ କର୍ମ
ପରେ ବାଳକ ବ୍ରହ୍ମଚାରୀ ହୋଇ ବେଦାଧ୍ୟୟନାର୍ଥ ଗୁରୁ
ଗୃହକୁ ପ୍ରସ୍ଥାନ କରୁଥିଲେ ଓ ଗୁରୁଙ୍କ ପାଇଁ ଭିକ୍ଷା ମାଗୁଥିଲେ
ଓ ଭିକ୍ଷାଲବ୍ଧ ଅନ୍ନ ଧନ ଓ ବସ୍ତୁକୁ ନେଇ ଗୁରୁଙ୍କୁ ଦେଉ
ଥିଲେ । ବର୍ତ୍ତମାନ ଦ୍ୱିଜ ବାଳକର ବ୍ରହ୍ମଚର୍ଯ୍ୟ, ଗୁରୁ ଗୃହ
ଗମନ ଓ ବିବାହ ପର୍ଯ୍ୟନ୍ତ ଗୁରୁ ଗୃହରେ ବେଦାଧ୍ୟୟନ
ଶିକ୍ଷାମାନ ଲୁପ୍ତ ହେଲାଣି, କିନ୍ତୁ ବ୍ରତବେଶରେ ଭିକ୍ଷା
ମାଗିବା ଓ ଭିକ୍ଷା ଗ୍ରହଣ ବିଧି କେବଳ ପୂର୍ବକାଳର ବିଧିର
କଙ୍କାଳମାତ୍ରାବଶେଷ ରୂପେ ରହିଅଛି । ଅଧୁନା ଦ୍ୱିଜ
ବାଳକ 'ବ୍ରତ ଭିକ୍ଷା' ଦ୍ୱାରା ଯେଉଁ ଅଳଙ୍କାର ଓ ଧନ ପାଏ
ସେତକ ସେ ନିଜେ ପିନ୍ଧେ ଓ ଯାହା ଧନ ଥାଏ ତାହା
ତା ପିତାମାତାଙ୍କ ହାତକୁ ଯାଏ ।]

ବ୍ରତ ରକ୍ଷା—ସଂ.ବି (୬ଷ୍ଠୀ ତତ୍)—ବ୍ରତ ସମ୍ବନ୍ଧେ ପ୍ରତିଜ୍ଞା ପାଳନ—The
Brata rakshā proper carrying out or performance of a vow taken.

ବ୍ରତ ସଙ୍କଳ୍ପ—ସଂ. ବି—(୪ର୍ଥୀ ତତ୍)—କୌଣସି ବ୍ରତ ପାଳନ କରିବା
Brata samkalpa ପାଇଁ ମନରେ ସଙ୍କଳ୍ପ—Resolve to
observe a vow. ଦେ. ବି—କୌଣସି ବ୍ରତ ପାଳନ
କରିବା ପୂର୍ବରୁ ନିର୍ଦ୍ଦିଷ୍ଟ ବାକ୍ୟ ଉଚ୍ଚାରଣ ପୂର୍ବକ କରାଯିବା
ସଙ୍କଳ୍ପ—A set of phrases formally uttered
by a person who is going to observe a
vow; formal undertaking to observe a
religious vow.

ବ୍ରତ ସମ୍ପୂର୍ଣ୍ଣ—ଦେ. ବି.—ନିର୍ଦ୍ଦିଷ୍ଟ କାଳ ଓ ନିୟମ ଅନୁସାରେ ଅନୁଷ୍ଠିତ
Brata sampūrnna ବ୍ରତର ପୂର୍ଣ୍ଣତା ବିଧାନ—Smooth
ବ୍ରତ ସମାପ୍ତି, ବ୍ରତ ଶେଷ, ବ୍ରତ ସିଦ୍ଧି }—ସମସ୍ତରୂପ completion or conclusion of
the performance of a religious vow.

ବ୍ରତାଚାରୀ—ସଂ. ବଣ. ଓ ବି. ପୁଂ—(ବ୍ରତ+ଆ+ଚର୍ ଧାତୁ+କର୍ତ୍ତୃ.
Bratāchārī ଇନ୍; ୧ମା ୧ବ.)—ବ୍ରତୀ; ବ୍ରତପାଳନକାରୀ—
(ବ୍ରତାଚାରିଣୀ—ସ୍ତ୍ରୀ) One engaged in the observance
of a religious or solemn vow.

ବ୍ରତାଦେଶ—ସଂ. ବି—ଉପନୟନ ସଂସ୍କାର (କ୍ଲୀବଲିଙ୍ଗ; ହି. ଶ)—
Bratādesa The ceremony of the investiture of a
boy with the sacred thread.

ବ୍ରତାନୁଷ୍ଠାନ—ସଂ. ବି—(୬ଷ୍ଠୀ ତତ୍)—ବ୍ରତ ପାଳନ ରୂପ କାର୍ଯ୍ୟ; ବ୍ରତ
Bratānushthāna ପାଳନ—The performance of a
vow; the rites of performing a vow.

ବ୍ରତାନ୍ତ ଭୋଜନ—ସଂ.ବି—ବ୍ରତପାରଣା;ବ୍ରତୀବା ଉପବାସୀ ବ୍ୟକ୍ତିର ବ୍ରତ
Bratānta bhojana ସମାପନାନ୍ତେ ପ୍ରଥମ ଭୋଜନ—
The breakfast after the completion of a
religious fast.

ବ୍ରତାମୃତ—ସଂ. ବି—ମର୍ତ୍ତ୍ୟମାନ କଦଳୀ (କ୍ଲୀବଲିଙ୍ଗ); ଚମ୍ପା କଦଳୀ—
Bratāmruta A kind of delicious ripe plantain
or banana. [ଦ୍ର—ବ୍ରତଧାରୀମାନେ ଏହା ଖାଉ-
ଥିବାରୁ ବୋଧ ହୁଏ ଏହି ନାମ ।]

ବ୍ରତିବା—ଗ୍ରା. କ୍ରି (ସଂ. ବ୍ରତଧାତୁ)—ବର୍ତ୍ତିବା ( ଦେଖ )
Bratibā Barttibā ( See )

ବ୍ରତୀ—ସଂ. ବଣ· ପୁଂ ( ବ୍ରତ+ଅସ୍ତି ଅର୍ଥରେ ଇନ୍; ୧ମା. ୧ବ )—
Bratī ୧ । ବ୍ରତ ପାଳନକାରୀ; ବ୍ରତଧାରୀ—1. Engaged in
( ବ୍ରତିନୀ—ସ୍ତ୍ରୀ ) the observance of a vow. ୨ । ତପ-
ବ୍ରତିକ, ବ୍ରତ୍ୟ } ଅନ୍ୟରୂପ ଶ୍ଚରଣ ରତ—2. Engaged in the performance of religious penance.

୩ । ଯେ କୌଣସି କାର୍ଯ୍ୟ କରିବାକୁ ସଙ୍କଳ୍ପ କରିଥାଏ; ଦୃଢ଼ପ୍ରତିଜ୍ଞ—3. Resolved to do a work. ୪ । ନିୟମସ୍ଥ—4. Regulated; keeping one's self under rules. ସଂ. ବି, ପୁଂ—୧ । ବ୍ରହ୍ମଚାରୀ—1. A Brahmachāri. ୨ । ତପସ୍ବୀ; ମୁନି—2. A sage.

ବ୍ରତୁଆ—ଦେ. ବିଣ (ସଂ. ବ୍ରତ)—୧ । ବଟୁଆ; ଯାହାର ଉପନୟନ
Bratuā ସଂସ୍କାର ହୋଇଅଛି—1. (a boy of the twice
যার পৈতে হয়েছে born caste) Having the sacred
जनेउवाला thread ceremony performed on him.
(ବଟୁଅ—ଗ୍ରାମ୍ୟରୂପ) ୨ । ବ୍ରତୀ (ଦେଖ)—2. Bratī (See).
[ଅବ୍ରତୁଆ—ବିପରୀତ] ব্রতধারী ब्रती

ବ୍ରଦଳି—ଦେ. ବି-ପ୍ରାଚୀନ କାଳରେ ବ୍ୟବହୃତ ଏକପ୍ରକାର ଯୁଦ୍ଧାସ୍ତ୍ର—
Bradaḷi A kind of war weapon used in ancient times.

ବ୍ରଧ୍ନ—ସଂ.ବି (ବନ୍ଧ. ଧାତୁ=ବାନ୍ଧିବା +କର୍ତ୍ତୃ ନ,ନିପାତନ)—୧ । ସୂର୍ଯ୍ୟ—
Bradhna 1. The sun. ୨ । ଶିବ; ମହାଦେବ—2 Śiba. ୩ । ବୃକ୍ଷମୂଳ; ଚେର—3. Root of a tree. ୪ । ବ୍ରହ୍ମା—4. Brahmā; the Creator. ୫ । ଅର୍କଗଛ—5. The swallowwort;Calotropis Gigantia (plant) ୬ । ଶରୀର—6. Body. ୭ । ପୁତ୍ର—7. Son. ୮ । ରୋଗ ବିଶେଷ (ହି. ଶ)—8. Name of a disease. ୯ । ଦିନ; ଦିବସ (ହି. ଶ)—9. Day. ୧୦ । ଘୋଡ଼ା (ହି, ଶ)—10. Horse. ୧୧ । ଚତୁର୍ଦ୍ଦଶ ମନୁ ଭୌତ୍ୟଙ୍କ ପୁତ୍ର (ହି. ଶ)—11. Name of the son of the 14th Manu. ୧୨ । ସୀସା—12. Lead (Apte). ୧୩ । ଶରର ଅଗ୍ର ବା ମୁନ—13. The point of an arrow .(Apte)

ବ୍ରଧ୍ନ ପାଦ—ସଂ. ବି (ବ୍ରଧ୍ନ=ଗଛର ଚେରପରି+ପାଦ ଯାହାର)—ଏକ
Bradhna pāda ପ୍ରକାର ଜଳଚର ଜୀବ—Medusa; a jelly fish;Callinema Ornata; Rhiropoda. [ଦ୍ର—ଏହା ଛତ୍ରାକାର ମସ୍ତକରୁ ଗୁଚ୍ଛଅଗ୍ରେ ଗଛର ଚେର ପରି ଲମ୍ବି ଥିବା ତନ୍ତୁ ଯୁକ୍ତ ଅତି କୋମଳ ସ୍ବଚ୍ଛମାନ ଜୀବ ।]

ବ୍ରଧ୍ର—ସଂ. ବି (ବୈଦିକ)—ସୀସା ଧାତୁ (ଦ୍ରବ୍ୟଗୁଣ)—
Bradhra Lead; plumbum.

ବ୍ରଶ୍—ବୈଦେ. ବି (ଇଂ)—ବୁରୁଶ୍ (ଦେଖ)
Braś Brush; Burus (See).

ବ୍ରଶ୍ଚ (ଧାତୁ)—ସ—ଛେଦନ କରିବା—
Braścha (root) To cut.

ବ୍ରଶ୍ଚନ—ସଂ. ବି (ବ୍ରଶ୍ଚ ଧାତୁ+ଭାବ. ଅନ)—୧ । କର୍ତ୍ତନ; ଛେଦନ—
Braśchana 1. Cutting; boring. ୨ । (+କରଣ ଅନ) ସ୍ବର୍ଣ୍ଣ ଆଦି ଧାତୁ କାଟିବାର ଅସ୍ତ୍ର; ଛେଣୀ—2. Metal-cutting instrument;a chisel used in cutting metal. ୩ । (+ସ୍ବାର୍ଥ ଅନ)ବୃକ୍ଷଛେଦନ କାଳ ନିର୍ଯ୍ୟାସ-3. Juice coming out of a tree when cut; gum. ୪ । କାଠ ଚିରିଲେ ତହିଁରୁ ଝଡ଼ିବା ଗୁଣ୍ଡ; କରତ ଗୁଣ୍ଡ (ହି. ଶ)-4. Sawdust. ୫ । କୁରାଢ଼ି (ହି. ଶ)—5. Axe. ବିଣ—(+କର୍ତ୍ତୃ. ଅନ) ଛେଦକ—Cutting.

ବ୍ରହ୍ମ—ସଂ.ବି-(ବୃହ୍. ଧାତୁ=ବୃଦ୍ଧି ପାଇବା; ବ୍ୟାପ୍ତି ପାଇବା+କରଣ ବା
Brahma କର୍ତ୍ତୃ. ମନ୍, ନିପାତନ; ବ୍ରହ୍ମନ୍ ଶବ୍ଦ ୧ମା.୧ବ; ଯାହାଙ୍କ ଦ୍ୱାରା ମନୁଷ୍ୟାଦି ଜଗତ୍ ବୃଦ୍ଧି ପାଉଅଛି,ବା ଯେ ନିଜର ତେଜ ଦ୍ୱାରା ଜଗତରେ ବ୍ୟାପ୍ତି ପାଉଅଛନ୍ତି)—୧। ବେଦୋକ୍ତ ବିରାଟ ପୁରୁଷ; ପରମ ପୁରୁଷ; ପରମେଶ୍ୱର; ପରଂବ୍ରହ୍ମ; ନିରାକାର ବ୍ରହ୍ମ—1. God; the Godhead; the Supreme Being. [ ଦ୍ର—ଜଗତର କାରଣ ଏକମାତ୍ର ନିତ୍ୟଚେତନ ସତ୍ତା ବ୍ରହ୍ମ ଅଟେ । ଏହା ସତ୍, ଚିତ୍, ଆନନ୍ଦ ସ୍ୱରୂପ ତତ୍ତ୍ୱ ଅଟେ । ଜଗତରେ ଏହାର ଅତିରିକ୍ତ ଆଉ ଯାହା ସବୁ ପ୍ରକାଶିତ ହୁଏ ତାହା ସବୁ ଅସତ୍ ଓ ମିଥ୍ୟା ଅଟେ । ବ୍ରହ୍ମ ସଚ୍ଚିଦାନନ୍ଦ, ଅଖଣ୍ଡ, ନିତ୍ୟ, ନିର୍ଗୁଣ ଓ ଅଦ୍ୱିତୀୟ ଅଟେ; ଏହା ବ୍ରହ୍ମର ସ୍ୱରୂପ ଲକ୍ଷଣ । ବ୍ରହ୍ମ ଜଗତର କାରଣ ଅଟେ; ଏହା ବ୍ରହ୍ମର ତଟସ୍ଥ ଲକ୍ଷଣ ଅଟେ । ଜଗତ୍ ବ୍ରହ୍ମର ପରିଣାମ ବା ବିକାର ନୁହେଁ (ଅର୍ଥାତ୍, ବ୍ରହ୍ମ ଜଗତରେ ପରିଣତ ହୋଇ ନାହିଁ); ଏହି ଜଗତ୍ ବ୍ରହ୍ମର ବିବର୍ତ୍ତ ଅଟେ (ଅର୍ଥାତ୍, ବ୍ରହ୍ମ ଜଗତ୍ ରୂପେ ପ୍ରକାଶିତ ହେଉଅଛି, ଅର୍ଥାତ୍ ଜଗତ୍ ବ୍ରହ୍ମର ଅସତ୍ ବା ମିଥ୍ୟା ବା ଭ୍ରମ ରୂପ ଅଟେ) । ବ୍ରହ୍ମ ଛଡ଼ା ଆଉ ସବୁ ମିଥ୍ୟା ଓ ଭ୍ରମ ଅଟେ ଓ ଆଉ କାହିଁରେ ପାରମାର୍ଥିକ ସତ୍ତା ନାହିଁ । ବ୍ରହ୍ମର ସମ୍ୟକ୍ ନିରୂପଣକାରୀ ଅଦ୍ୱିତୀୟ ଉପନିଷଦ ଅଟେ । ଏଥିରେ 'ନେତି ନେତି' (ଏହା ବ୍ରହ୍ମ ନୁହେ, ଏହା ବ୍ରହ୍ମ ନୁହେ) ପ୍ରଣାଳୀରେ ବ୍ରହ୍ମର ସ୍ୱରୂପକୁ ବୁଝାଇବାକୁ ଚେଷ୍ଟା କରା ଯାଇଅଛି । ତତ୍ତ୍ୱମସି (ତାହା ତୁମ୍ଭେ ଅଟ) ଏହି ବଚନ ଦ୍ୱାରା ଆତ୍ମାର ଓ ବ୍ରହ୍ମର ଅଭେଦ ବ୍ୟଞ୍ଜିତ କରା ଯାଇଅଛି । ବ୍ରହ୍ମ ସମ୍ବନ୍ଧୀୟ ଏହି ଜ୍ଞାନର ପ୍ରାଚୀନ ନାମ 'ବ୍ରହ୍ମ ବିଦ୍ୟା' । ପରେ ବ୍ୟାସଦେବ 'ବ୍ରହ୍ମସୂତ୍ର'ରେ ବ୍ରହ୍ମକୁ ବ୍ୟବସ୍ଥିତ ରୂପେ ପ୍ରତିପାଦିତ କରି ଅଛନ୍ତି । ବ୍ରହ୍ମସୂତ୍ର ବେଦାନ୍ତ ଦର୍ଶନର ଆଧାର ଅଟେ । ହି. ଶବ୍ଦସାଗର ।] ୨ । ଏ ଜଗତର ସୃଷ୍ଟିକର୍ତ୍ତା; ବ୍ରହ୍ମା; ବିଧାତା—2. Brahmā; the Creator of the universe. [ଦ୍ର—ଶାସ୍ତ୍ର ମତେ ବ୍ରହ୍ମଙ୍କର ଜନ୍ମ ମୃତ୍ୟୁ ନାହିଁ ମାତ୍ର ବ୍ରହ୍ମାଙ୍କର ଜନ୍ମ ମୃତ୍ୟୁ ଅଛି ।] ୩ । ବ୍ରାହ୍ମଣ—3. A Brāhmaṇa. ୪ । ଯଜ୍ଞାଦି ଅନୁଷ୍ଠାନରେ ନିଯୋଜିତ ପ୍ରଧାନ ପୁରୋହିତ—4. The chief priest officiating at a vedic rite. ୫ । ଧର୍ମ ଶାସ୍ତ୍ର ପ୍ରଣେତା ଋଷି ବିଶେଷ—5. Name of a Hindu lawgiver sage. ୬। ଜ୍ୟୋତିଷୋକ୍ତ ୨୭ଯୋଗ ମଧ୍ୟରୁ ଏକ ଯୋଗ;

ପଞ୍ଚବିଂଶତିତମ ଯୋଗ—6. One of the 27 astrological conjunctions. [ ଦ୍ର—ଏହା ଶୁଭ ଯୋଗ ।] ୭ । ବେଦ—7. The Bedas. ୮ । (କ) ଓଁକାର; ପ୍ରଣବ, (ଖ) ବେଦ ମନ୍ତ୍ର—8. (a) The mystic vedic syllable 'Om' (b) A vedic formula or incantation.

୯ । ବ୍ରହ୍ମତେଜଃ; ଚିତ୍ ସତ୍; ଚିତ୍ସ୍ୱରୂପ, ଚିତ୍ ଓ ଅନନ୍ତ—9. The Holy spirit; the Essence of the Energy of the Creator; the Great Divine Unknown; the Divine Spark pervading the universe. ୧୦ । ଏକ ସଂଖ୍ୟା—10. The number one. ୧୧ । ତପସ୍ୟା—11. Religious austerities. ୧୨ । ବ୍ରହ୍ମଚର୍ଯ୍ୟ; ଶୁକ୍ର ଧାରଣ; ଭୂମାର ଭାବାବଲମ୍ବନ—12. Celebacy; the practice of restraining one's animal passions and the flow of the semen virile. ୧୩ । ଜୈନମାନଙ୍କର ପ୍ରଧାନ ସେବକ ବିଶେଷ—13. Name of a principal attendant of the Jaina saints. ଦେ. ବି—୧ । ମନୁଷ୍ୟର ଆତ୍ମା—1. The soul of a man. ( ଯଥା—ଏ କାମ କରିବାକୁ ଆଉ ମୋ ବ୍ରହ୍ମ ଡାକୁ ନାହିଁ । ) ୨ । ମନୁଷ୍ୟର ମନ—2. Man's mind. ୩ । ପେଟ; କ୍ଷୁଧାଭୁରତା—3. Hungriness, hunger [ ଦ୍ର—ବ୍ରହ୍ମକୁ ଚଢ଼ିବା ଲୋକ, ଏଥିରୁ ଦୁଇଟି ଅର୍ଥ ସୂଚିତ ହୁଏ, ଯଥା—୧ । ନିଜର ବ୍ରହ୍ମକୁ ଚଢ଼ିବା ଲୋକ ବା ପେଟୁ, ୨। ପରର ଭୋକଶୋଷ ଜାଣି କ୍ଷୁଧାଭୁରକୁ ଅନ୍ନାଦ ଦେବା ଲୋକ । ] ୪ । ବଙ୍ଗୀୟ କାୟସ୍ଥମାନଙ୍କ ଉପାଧି ବିଶେଷ—4. A title of Bengalee Kāyasthas. ୫ । ଭାରତର ପୂର୍ବବର୍ତ୍ତୀ ଦେଶ ବିଶେଷ—5. The country of Burma. ( ଉ—ଏବେ ଗଜ ଭିଶେଷତ ଶାଳ ଇତ୍ୟାଦିକାର୍ଯ୍ୟେଚ ବ୍ରହ୍ମେ । ସ୍ୱଧାନାଥ. ମହାଯାତ୍ରା । ) ୬ । ବ୍ରହ୍ମ ରାକ୍ଷସ; ବ୍ରାହ୍ମଣର ପ୍ରେତ ( ହି. ଶ )—6. The ghost of a dead Brāhmaṇa.

ବ୍ରହ୍ମ ଅବଧୂତ—ଦେ.ବି—ବ୍ରହ୍ମଧ୍ୟାୟୀ ସନ୍ନ୍ୟାସୀ—A recluse who
Brahma abadhūta meditates on the Brahmā. (ଯଥା—ସତ୍ୟ ମହିମା ଧର୍ମ ପ୍ରବର୍ତ୍ତକ ବ୍ରହ୍ମ ଅବଧୂତ ବିଶ୍ୱନାଥ ବାବା) ।

ବ୍ରହ୍ମ କନ୍ୟକା—ସଂ. ବି. ସ୍ତ୍ରୀ ( ୬ଷ୍ଠୀ ତତ୍; ବ୍ରହ୍ମନ୍+କନ୍ୟକା)—
Brahma kanyakā ୧ । ସରସ୍ୱତୀ—1. The Goddess of (ବ୍ରହ୍ମକନ୍ୟା—ଅନ୍ୟରୂପ) learning. [ ଦ୍ର—ପୁରାଣମତେ ଏ ବ୍ରହ୍ମାଙ୍କ ମସ୍ତକରୁ ଜନ୍ମିଥିଲେ । ] ୨ । ବ୍ରାହ୍ମୀ ଶାକ—2. A pot herb; Ruta Graveolens. ୩ । ସୋମଲତା—3. A creeper producing the 'Soma' juice; Ascelpias Acida. ୪ । ବ୍ରାହ୍ମଣଯଷ୍ଟିକା; ଭାର୍ଗୀ ( ହି. ଶ. )—4. Name of a plant; Clerodendron Siphonanthus.

ବ୍ରହ୍ମ କର୍ମ—ସଂ. ବି—(ବ୍ରହ୍ମନ୍+କର୍ମନ୍; ମ. ପ. ଲୋ; ବ୍ରହ୍ମସାଧନ
Brahma karma କର୍ମ ।)—୧ । ଯୋଗ ସାଧନ—1. The practice of holy mental concentration. ୨ । ବେଦବିହିତ କର୍ମ—2. Acts enjoined in the Bedas. ୩ । ବ୍ରାହ୍ମଣର କର୍ତ୍ତବ୍ୟ କର୍ମ—3. The duties of a Brāhmaṇa.

ବ୍ରହ୍ମ କଳ୍ପ—ସଂ. ବି (୬ଷ୍ଠୀ ତତ୍)—ଯେତିକି ସମୟ ଗୋଟିଏ ବ୍ରହ୍ମାଙ୍କର
Brahma kalpa ଅବସ୍ଥିତି ବା ଜୀବନକାଳ ଅଟେ—That period in which one Brahmā is said to exist. ସଂ.ବିଣ—ବ୍ରହ୍ମାଙ୍କ ତୁଲ୍ୟ—Like Brahmā.

ବ୍ରହ୍ମ କାଣ୍ଡ—ସଂ. ବି— (ମ.ପ.ଲୋ; ବ୍ରହ୍ମନିରୂପକ କାଣ୍ଡ) ବେଦର ଯେଉଁ
Brahma kāṇda ଅଂଶରେ ବ୍ରହ୍ମର ମୀମାଂସା କରାଯାଇଅଛି; ( କର୍ମକାଣ୍ଡ—ବିପରୀତ ) ଜ୍ଞାନକାଣ୍ଡ—That part of the Bedas dealing with metaphysics.

ବ୍ରହ୍ମ କୁଣ୍ଡ—ସଂ. ବି—ବ୍ରହ୍ମାଙ୍କଦ୍ୱାରା ଖୋଳିତ ସରୋବର ବିଶେଷ—
Brahma kuṇda Name of a tank. [ ଦ୍ର—ଉକ୍ତ ଉଦ୍ଦ ତୀର୍ଥରେ ବ୍ରହ୍ମ କୁଣ୍ଡ ନାମରେ ସରୋବରମାନ ଅଛି । ]

ବ୍ରହ୍ମକୁ(କୋ)ଶା—ସଂ. ବି (ବୈଦ୍ୟକ)—ଅଜମୋଦା; ବଣ ଜୁଆଣି—
Brahmaku(ko)śā Seseli Indicum.

ବ୍ରହ୍ମକୂର୍ଚ୍ଚ—ସଂ.ବି—ବ୍ରତ ବିଶେଷ;ଏକ ଦିବାରାତ୍ର ଉପବାସ ରହି ତତ୍ପରେ
Brahmakurchcha ପଞ୍ଚଗବ୍ୟ ପାନରୂପ ବ୍ରତ ବା ପ୍ରାୟଶ୍ଚିତ୍ତ—A penance consisting of drinking a mixture of five articles from the cow after 24 hours' fast. [ ଦ୍ର—ଭକ୍ଷ୍ୟଲା ଖାଇବା ଅସ୍ପୃଶ୍ୟ ବସ୍ତୁକୁ ବା ବ୍ୟକ୍ତିକୁ ଛୁଇଁବା ଜନିତ ଅଶୁଦ୍ଧି ଦୂର କରିବାପାଇଁ ଏ ବ୍ରତ କରାଯାଏ—ହି. ଶ । ]

ବ୍ରହ୍ମ ଗଣ୍ଠି—ଦେ. ବି—ବ୍ରହ୍ମଗ୍ରନ୍ଥି ( ଦେଖ )—Brahma granthi
Brahma ganthi (See). ( ଉ—ଏହା ଯଦ ନ ହୁଏ, ମୁଁ ଅବ୍ରାହ୍ମଣ, ଏ ବ୍ରହ୍ମଗଣ୍ଠି ଛିଣ୍ଡାଇ ପକାଇବି । ଫକୀର ମୋହନ. ଗଳ୍ପସ୍ୱଳ୍ପ । )
ब्रह्मगाँठ
ब्रह्मगाँठ

ବ୍ରହ୍ମଗିରି—ସଂ. ବି—ପର୍ବତ ବିଶେଷ—Name of a mountain.
Brahma giri ଦେ. ବି—ପୁରୀଜିଲ୍ଲାର ଥାନା ବିଶେଷ—Name of a Police station in the District of Puri.

ବ୍ରହ୍ମଗୁପ୍ତ—ସଂ. ବି (ନାମ)—ପ୍ରାଚୀନ ଜ୍ୟୋତିର୍ବିଦ୍ ପଣ୍ଡିତ ବିଶେଷ—
Brahma gupta Name of an astronomer who corrected and revised the data of the ancient astronomical treatise Brahmasiddhānta with the help of many other astronomical treatises. [ ଦ୍ର—ଏ ବିଷ୍ଣୁଧର୍ମୋତ୍ତର ପୁରାଣର ବ୍ରହ୍ମସିଦ୍ଧାନ୍ତକୁ ଅବଲମ୍ବନ କରି ଜ୍ୟୋତିଷ ଗ୍ରନ୍ଥ

ରଚନା କରିଥିଲେ (ଖ୍ରୀଷ୍ଟୀୟ ଷଷ୍ଠ ଓ ସପ୍ତମ ଶତାବ୍ଦୀ) । ବହୁକାଳର ପୁରୁଣା ଗ୍ରନ୍ଥ ହେବାରୁ ବ୍ରହ୍ମସିଦ୍ଧାନ୍ତର ଗଣନାମାନଙ୍କରେ ବ୍ୟତିକ୍ରମ ଘଟୁଅଛି । ଏଥିପାଇଁ ଏ କାଳକାର ଗ୍ରନ୍ଥ ସାହାଯ୍ୟରେ ଶ୍ରୀଧର ସାମନ୍ତ ସଂସ୍କାର କରି ବ୍ରହ୍ମସିଦ୍ଧାନ୍ତକୁ ଶୁଦ୍ଧତର କରିଥିଲେ । ( ଯୋଗେଶଚନ୍ଦ୍ର ଅମାଦେର ଜ୍ୟୋତିଷୀ) । ]

**ବ୍ରହ୍ମଗ୍ରନ୍ଥି**—ସଂ. ବି—ଯଜ୍ଞୋପବୀତର ଗଣ୍ଠି—The knot of a
Brahma granthi Brāhmaṇa's sacred thread.

**ବ୍ରହ୍ମ ଗୋଳ**—ସଂ. ବି (୬ଷ୍ଠୀ ତତ୍)—ବ୍ରହ୍ମାଣ୍ଡ—The Universe.
Brahma gola (ବ୍ରହ୍ମଗୋଳକ—ଅନ୍ୟରୂପ)

**ବ୍ରହ୍ମଗ୍ରହ**—ସଂ. ବି—ବ୍ରହ୍ମରାକ୍ଷସ ହ୍ରୁ. ଶ)—
Brahmagraha The ghost of a deceased Brāhmaṇa.

**ବ୍ରହ୍ମଘାତକ**—ସଂ. ବିଣ ଓ ବି..ପୁଂ—ଯେ ବ୍ରାହ୍ମଣକୁ ବଧ କରେ—
Brahmaghātaka The slayer of a Brāhmaṇa.
(ବ୍ରହ୍ମଘ୍ନ, ବ୍ରହ୍ମଘାତୀ, ବ୍ରହ୍ମହା—ଅନ୍ୟରୂପ)
[ବ୍ରହ୍ମଘାତକା, ବ୍ରହ୍ମଘାତିନୀ, ବ୍ରହ୍ମଘ୍ନୀ—ସ୍ତ୍ରୀ]

**ବ୍ରହ୍ମ ଘୋଷ**—ସଂ. ବି (୬ଷ୍ଠୀ ତତ୍ ବ୍ରହ୍ମ=ବେଦ+ ଘୋଷ=ଧ୍ୱନି )—
Brahma ghosha ୧ । ବେଦଧ୍ୱନି—1. The sound or the utterance of the Beda. ୨ । ବେଦପାଠ (ହ୍ରୁ. ଶ)—2. The reading or recital of the Bedas.

**ବ୍ରହ୍ମଘ୍ନୀ**—ସଂ. ବି. ସ୍ତ୍ରୀ—ଗୃହକନ୍ୟା; ଘୃତକୁମାରୀ; ଘିଉକୁଅଁରି—
Brahmaghnī The aloe; Aloes Perfoliata.

**ବ୍ରହ୍ମଚର୍ଯ୍ୟ**—ସଂ. ବି (ବ୍ରହ୍ମନ୍+ଚର୍. ଧାତୁ+ଭାବ. ଯ=ଆଚରଣ)—
Brahmacharjya ୧ । ବ୍ରହ୍ମଚାରୀର ଧର୍ମ ବା କରଣୀୟ ବ୍ରତ—
( ବ୍ରହ୍ମଚର୍ଯ୍ୟା—ଅନ୍ୟରୂପ ) 1. The austerities practised by a Brahmachārī. ୨ । ସ୍ତ୍ରୀର ବା ପୁରୁଷର ସ୍ମରଣ, ଦର୍ଶନ, ସ୍ପର୍ଶ, କଣମ୍ଭାଳାପ, ମୈଥୁନ ଆଦି ଶାସ୍ତ୍ରୋକ୍ତ ଅଷ୍ଟବିଧ ମୈଥୁନରୁ ବିରତିରୂପ ବ୍ରତ--2. The vow of complete abstention from any connection with the opposite sex; absolute continence. ୩ । ଦ୍ୱିଜାତିଙ୍କର ଉପନୟନର ପରଠାରୁ ବିବାହ ପର୍ଯ୍ୟନ୍ତ ଅବଲମ୍ବନୀୟ ଗୁରୁଗୃହରେ ବାସ ଓ ବେଦାଧ୍ୟୟନ ରୂପ ଆଶ୍ରମ-3. The 1st stage of a Brāhmaṇa's life; the stage before marriage, consisting of studying the Bedas and leading a chaste life in the house of the preceptor. ୪ । ବୀର୍ଯ୍ୟରକ୍ଷାରୂପ ବ୍ରତ; ବୀର୍ଯ୍ୟଧାରଣ —4. The vow of restraining the flow of semen virile from one's body.
[ଦ୍ର—ବ୍ରହ୍ମଚର୍ଯ୍ୟ ଆଶ୍ରମ ଦ୍ୱିଜାତିଙ୍କର ଆଶ୍ରମୀୟ ଜୀବନର ୪ ଆଶ୍ରମ ମଧ୍ୟରୁ ପ୍ରଥମ ଆଶ୍ରମ । ଦ୍ୱିଜ ବାଳକର ୭ମ ବର୍ଷ ବୟସରେ ଉପନୟନ ସଂସ୍କାର ହେବା ସଙ୍ଗେ ସଙ୍ଗେ ସେ ବ୍ରହ୍ମଚର୍ଯ୍ୟ ଆଶ୍ରମରେ ପ୍ରବେଶ କରୁଥିଲା । ସେ ଯାଇ ଗୁରୁଙ୍କ ଘରେ ରହି ବେଦାଧ୍ୟୟନ କରୁଥିଲା । ବ୍ରହ୍ମଚାରୀ ପକ୍ଷରେ ମଦ୍ୟମାଂସ ଗ୍ରହଣ, ଗନ୍ଧଦ୍ରବ୍ୟ ସେବନ, ସୁସ୍ୱାଦୁ ଓ ମଧୁର ବସ୍ତୁ ଭୋଜନ, ସ୍ତ୍ରୀ ପ୍ରସଙ୍ଗ, ନୃତ୍ୟଗୀତାଦି ଶ୍ରବଣ ଓ ଦର୍ଶନ ନିଷିଦ୍ଧ ଥିଲା । ବ୍ରହ୍ମଚାରୀ ପବିତ୍ର ଗୃହସ୍ଥଙ୍କ ଘରୁ ଭିକ୍ଷା କରି ଆଣି ଗୁରୁଙ୍କୁ ଦେଉଥିଲା ଓ ଗୁରୁଙ୍କ ସେବା, ଗୁରୁଙ୍କ ପାଇଁ ହୋମସମିଧ ସଂଗ୍ରହ ଓ ଗୁରୁଙ୍କ ଆଜ୍ଞାପାଳନ ଏବଂ ପ୍ରାତଃ ଓ ସନ୍ଧ୍ୟାରେ ହୋମ କରିବା ବ୍ରହ୍ମଚାରୀର କର୍ତ୍ତବ୍ୟ ଥିଲା । ବ୍ରହ୍ମଚର୍ଯ୍ୟ ୨ପ୍ରକାର:—୧ । ଉପକୁର୍ବାଣ ଅର୍ଥାତ୍ ଗୃହସ୍ଥାଶ୍ରମରେ ପ୍ରବେଶ କରିବା ପୂର୍ବରୁ ଅବଲମ୍ବନୀୟ ଓ ୨ । ନୈଷ୍ଠିକ ବା ଆଜୀବନ ବ୍ରହ୍ମଚର୍ଯ୍ୟ— ହ୍ରୁ. ପ୍ର. । ].

**ବ୍ରହ୍ମ ଚାପ(ପୁ)ଡ଼ା**—ଦେ. ବି—ନିର୍ଘାତ ଚାପୁଡ଼ା—A tight slap,
Brahma chāpa(pu)rdā बरम चपेटा

**ବ୍ରହ୍ମଚାରିଣୀ**—ସଂ. ବି. ସ୍ତ୍ରୀ—୧ । ବ୍ରାହ୍ମଣ ୟଷ୍ଟିକା; ଭାର୍ଗୀ—1. A
Brahmachāriṇī medicinal shrub; Siphonanthus Indica. ୨ । ଦୁର୍ଗା—2. Goddess Durgā. ୩ । ବ୍ରାହ୍ମୀଶାଗ—3. A potherb. ୪ । କରୁଣ ବୃକ୍ଷ—4. Name of a tree. ୫ । ବ୍ରହ୍ମଚର୍ଯ୍ୟ ବ୍ରତଧାରିଣୀ ସ୍ତ୍ରୀ—5. A woman observing the vow of continence. ୬ । ସରସ୍ୱତୀ ( ହ୍ରୁ. ଶ )—6. Goddess Saraswatī.

**ବ୍ରହ୍ମଚାରୀ**—ସଂ. ବି. ପୁଂ ( ବ୍ରହ୍ମ=ବେଦ+ଚର ଧାତୁ+ଇନ୍; ୧ମା.
Brahmachārī ୧ବ )—୧ । ଉପନୟନ ପରେ ଯେଉଁ ଦ୍ୱିଜ
(ବ୍ରହ୍ମଚାରିଣୀ—ସ୍ତ୍ରୀ) ଗୁରୁ ଗୃହରେ ରହି ବ୍ରହ୍ମଚର୍ଯ୍ୟ ଅବଲମ୍ବନ ପୂର୍ବକ ବେଦାଧ୍ୟୟନ କରେ; ପ୍ରଥମାଶ୍ରମୀ—1. A boy of the twice-born caste who studies the Bedas in the preceptor's house after his investiture. ୨ । ବ୍ରହ୍ମଚର୍ଯ୍ୟ ବ୍ରତାବଲମ୍ବୀ—2. One practising continence or self-control. ୩ । ବାଲ୍ୟକାଳରୁ ଅର୍ଥାତ୍ ଉପନୟନ ପରେ ଆଜୀବନ ସନ୍ନ୍ୟାସ ବ୍ରତାବଲମ୍ବୀ; ସନ୍ନ୍ୟାସୀ—3. Anchorite; sannyāsī. [ ଦ୍ର- ବ୍ରହ୍ମଚାରୀ ୨ ଶ୍ରେଣୀର ଯଥା—ଉପକୁର୍ବାଣ—ବିବାହ ହେବା ପର୍ଯ୍ୟନ୍ତ ଯେ ବ୍ରହ୍ମଚାରୀ ରହେ । ନୈଷ୍ଠିକ—ଯେ ଆଜୀବନ ବ୍ରହ୍ମଚାରୀ ରହେ । ]

**ବ୍ରହ୍ମ ଚଢ଼ିବା**—ଦେ. କ୍ରି—ମନ ଅତ୍ୟନ୍ତ ବିରକ୍ତ ହେବା—Serious
Brahma chirdibā displeasure or annoyance.
ব্রহ্ম চটে যাওয়া बरम बिगडना
(ବ୍ରହ୍ମ ଚଢ଼ିଯିବା, ବ୍ରହ୍ମ ଜଳିବା, ବ୍ରହ୍ମ ଜଳିଯିବା—ଅନ୍ୟରୂପ)

**ବ୍ରହ୍ମ ଚହ୍ନିବା**—ଦେ. କ୍ରି—୧ । ନିଜର ପେଟ କଥା ପ୍ରତି ସର୍ବଦା
Brahma chinhibā ଅନୁରକ୍ତ ହେବା—1. To know
ব্রহ্ম চেনা only one's belly ୨ । ଅନ୍ୟର ଭୋକ ଶୋଷ
बरम पहचानना ଜାଣିବା—2. To know the want or hunger of other people.

ବ୍ରହ୍ମ ଚେତା—ବେ. ବଣ. (ସ. ବ୍ରହ୍ମ+ଚେତସ୍)—ଭଗବାନଙ୍କଠାରେ
Brahma chetā ଯାହା ମନ ସର୍ବଦା ଲାଗିଥାଏ—Always
devoted to God; godly. ( ଯ—ବ୍ରହ୍ମଚେତା ସାଧୁ
(ବ୍ରହ୍ମଚେତାଃ—ସ. ରୂପ) ପଣ୍ଡିତ ଜନେ । ପ୍ରାଚୀ. ଈଶ୍ୱରଭକ୍ତିଗୀତ ।)

ବ୍ରହ୍ମଜଟ(ଟା)—ସ. ବ—ଦମନକ; ଦଅଣା ଗୁଳ୍ମ—Artemisia
Brahmajaṭa(ṭā) Scoparia (plant); wormwood.

ବ୍ରହ୍ମ ଜଳିବା—ଦେ. କ—୧ । ଅତି କ୍ଷୁଧାତୁର ହେବା—1. A
Brahma jaḷibā feeling of acute hunger. ୨ ।
(ବ୍ରହ୍ମ ତାତିବା—ଅନ୍ୟରୂପ) ଅତି କ୍ରୁଦ୍ଧ ହେବା—2. Being
ब्रह्म जला ब्रह्म जलना enraged.

ବ୍ରହ୍ମଜାତି ହୀରା—ସ.ବ—ଉତ୍କୃଷ୍ଟ ହୀରା—A first class diamond;
Brahmajāti hirā a diamond of the first water.
[ ଦ୍ର—ହୀରକଶାସ୍ତ୍ରମତେ ବର୍ଣ୍ଣଭେଦରେ ହୀରା ବ୍ରାହ୍ମଣ, କ୍ଷତ୍ରିୟ, ବୈଶ୍ୟ ଓ ଶୂଦ୍ର ଏହି ଚାରି ଜାତିରେ ବିଭକ୍ତ । ବ୍ରହ୍ମଜାତି ହୀରାର ବର୍ଣ୍ଣ ଶୁଭ୍ର ଉଜ୍ଜ୍ୱଳ; କ୍ଷତ୍ରିୟ ଜାତି ହୀରାର ବର୍ଣ୍ଣ ରକ୍ତ; ବୈଶ୍ୟ ଜାତି ହୀରା ପୀତ ଓ ଶୂଦ୍ର ଜାତି ହୀରା କୃଷ୍ଣବର୍ଣ୍ଣ ।
ରସାୟନ କାର୍ଯ୍ୟରେ ବ୍ରହ୍ମଜାତି ହୀରା ପ୍ରଶସ୍ତ ଓ ଏହା ସମସ୍ତ କାର୍ଯ୍ୟରେ ସିଦ୍ଧି ଦାୟକ । କ୍ଷତ୍ରିୟ ଜାତି ହୀରା ରୋଗ ନାଶକ, ଜରା ଓ ଅକାଳ ମୃତ୍ୟୁ ନିବାରକ । ବୈଶ୍ୟ ଜାତି ହୀରା ସମ୍ପତ୍ତି ପ୍ରଦାୟକ ଓ ଶରୀରର ଦୃଢ଼ତା ସମ୍ପାଦକ । ଶୂଦ୍ର ଜାତି ହୀରା ରୋଗ ନାଶକ ଓ ବୟଃସ୍ତମ୍ଭକ । ଦ୍ରବ୍ୟଗୁଣ । ]

ବ୍ରହ୍ମଜାର—ସ. ବ—୧ । ବ୍ରାହ୍ମଣୀର ଉପପତି ( ହ. ଶ )—1.
Brahmajāra The paramour of a Brāhmaṇi
woman. ୨ । ( ଏ ବଶିଷ୍ଠଙ୍କ ପତ୍ନୀଙ୍କ ସତୀତ୍ୱ ହରଣ କରିଥିବାରୁ ) ଇନ୍ଦ୍ର—2. Indra.

ବ୍ରହ୍ମଜୀବୀ—ସ. ବ ( ବ୍ରହ୍ମନ୍=ବେଦ+ଜୀବ ଧାତୁ=ବଞ୍ଚିବା+କର୍ତ୍ତୃ.
Brahmajibi ଇନ୍; ୧ମା. ୧ବ )—୧ । ବୈଦିକ କ୍ରିୟାକର୍ମ କରି ଯେ ପେଟ ପୋଷେ; ପୁରୋହିତ—1. One who earns his living by performing vedic rites; a professional priest. ୨ । ପାରିଶ୍ରମିକ ଗ୍ରହଣ କରି ଯେ ବେଦ ପଢ଼ାଏ—2. A professional teacher of the Bedas. ୩ । ହୀନ ବ୍ରାହ୍ମଣ; ଅପକୃଷ୍ଟ ବ୍ରାହ୍ମଣ—3. An inferior or impure Brāhmaṇa.

ବ୍ରହ୍ମଜ୍ଞ—ସ. ବଣ. ପୁଂ ( ବ୍ରହ୍ମନ୍+ଜ୍ଞା ଧାତୁ+କର୍ତ୍ତୃ. ଅ )—୧ ।
Brahmajña ପରମାତ୍ମତତ୍ତ୍ୱଜ୍ଞ — 1. Knowing the
(ବ୍ରହ୍ମଜ୍ଞା—ସ୍ତ୍ରୀ) truths regarding the Supreme Being. ୨ । ବେଦଜ୍ଞ—2. Versed in the Bedas. ୩ । ଅଦ୍ୱୈତବାଦୀ—3. Holding the doctrine that there is only one God; pantheistic. ବ—୧ । ଋଷି—1. A sage. ୨ । ବ୍ରହ୍ମଭକ୍ତ ଉପାସକ ବ୍ୟକ୍ତି; ଯୋଗସାଧକ ବ୍ୟକ୍ତି—2. A person who practises Joga.

ବ୍ରହ୍ମ ଜ୍ଞାନ—ସ. ବ—ବ୍ରହ୍ମ ବିଷୟକ ଜ୍ଞାନ; ଆତ୍ମ ତତ୍ତ୍ୱବୋଧ; ଆଧ୍ୟାତ୍ମିକ
Brahma jñāna ଜ୍ଞାନ—True knowledge of God; spiritual wisdom.

ବ୍ରହ୍ମ ଜ୍ଞାନୀ—ସ. ବଣ. ପୁଂ—ବ୍ରହ୍ମଜ୍ଞ ( ଦେଖ )—Brāhmajña
Brahma jñāni ( See ) ଦେ. ବ—ବ୍ରାହ୍ମ ଧର୍ମାବଲମ୍ବୀ—A modern Brāhmo; a theosophist;

ବ୍ରହ୍ମ ଠକ—ଦେ. ବ—୧ । ପ୍ରତାରକାଗ୍ରଣୀ; ଯେ ସମସ୍ତଙ୍କୁ ଠକ ପାରେ;
Brahma ṭhaka ଧର୍ତ୍ତାଗ୍ରଣୀ—1. A master cheat.
बरमठग ୨ । ପ୍ରତାରକ ବ୍ରାହ୍ମଣ—2. A fraudulent Brāhmaṇa. ୩ । ଯେ ବ୍ରାହ୍ମଣ ବେଶ ଧରି ଲୋକଙ୍କୁ ଠକେ—3. A person who cheats people by assuming the garb of a Brāhmaṇa.

ବ୍ରହ୍ମ ଡିମ୍ବ—ସ. ବ—ବ୍ରହ୍ମାଣ୍ଡ—The Universe.
Brahma ḍimba

ବ୍ରହ୍ମଣ୍ୟ—ସ.ବଣ. (ବ୍ରହ୍ମନ୍+ସମ୍ବନ୍ଧାର୍ଥେ ଯ)—୧ । ବ୍ରହ୍ମ ସମ୍ବନ୍ଧୀୟ—
Brahmaṇya 1. Relating to Brahma. ୨ । ବ୍ରାହ୍ମଣ ସମ୍ବନ୍ଧୀୟ—2. Relating to a Brāhmaṇa, brahminic. ୩ । ବ୍ରାହ୍ମଣ ଭକ୍ତ ବା ବ୍ରାହ୍ମଣ ସେବକ; ବ୍ରାହ୍ମଣ ପାଳକ; ବ୍ରାହ୍ମଣ ବନ୍ଧୁ—3. Loving or protecting the Brāhmaṇas; devoted to the service of Brāhmaṇas. ବ—୧ । ନାରାୟଣ; ବିଷ୍ଣୁ—1. Bishṇu. ୨ । ବ୍ରହ୍ମଚୈତନ୍ୟ—2. The Spirit or Spark of Divinity; the Godhead. ୩ । ଶନି ଗ୍ରହ—3. The planet saturn. [ ଦ୍ର—ଏ ଗ୍ରହ ଶୂଦ୍ରମାନଙ୍କର ରକ୍ଷକ ଓ ବ୍ରାହ୍ମଣଙ୍କର ମିତ୍ର ଅଟନ୍ତି ।] ୪ । ବ୍ରହ୍ମଦାରୁ ଗଛ; ତୁତ ଗଛ—4. The mulberry tree; Morus Indica. ୫ । ମୁଞ୍ଜତୃଣ—5. A sort of fibrous grass from which the girdle of a Brahmachāri is made; Saccharum Munja. ୬ । (+ଭାବ. ଭ) ବ୍ରହ୍ମତ୍ୱ—6. The state of being a Brāhmaṇa.

ବ୍ରହ୍ମଣ୍ୟ ଦେବ—ସ. ବ (କର୍ମଧା)—ବିଷ୍ଣୁ—
Brahmaṇya deba Bishṇu.

ବ୍ରହ୍ମ ତତ୍ତ୍ୱ—ସ. ବ. (୬ଷ୍ଠୀ ତତ୍)—ବ୍ରହ୍ମ ଜ୍ଞାନ ( ଦେଖ )
Brahma tattwa Brahma jñāna ( See )

ବ୍ରହ୍ମ ତାଳ—ସ. ବ—ବାଦ୍ୟର ତାଳ ବିଶେଷ—Name of a
Brahma tāla Hindu musical tune.
[ଦ୍ର—ଏହି ତାଳର ୧୪ଟ ମାତ୍ରା । ଏଥିରେ ୧୦ଟ ଅଘାତ ଓ ୪ଟ ଖାଲି ତାଳ ଥାଏ ।]

ବ୍ରହ୍ମ ତାଳୁ—ସ. ବ—ମସ୍ତକର ଶୀର୍ଷ; କପାଳ ଉପରେ ଯେଉଁ ସ୍ଥାନଟି
Brahma tālu ଖୁବ୍ କୋମଳ—The crown of the head.

[ଦ୍ର—ଶିଶୁମାନଙ୍କର କପାଳ ଉପରେ ହାତ ଦେଇ ଦେଖିଲେ ଏହି ସ୍ଥାନଟି ଚର୍ମମୟ ଓ କୋମଳ ଲାଗେ ଓ ସର୍ବଦା ଧୁକ୍‌ଧୁକ୍ ହେଉଥାଏ ।]

ବ୍ରହ୍ମ ତାଳୁକା—ଦେ. ବି—ବ୍ରହ୍ମ ତାଳୁ (ଦେଖ) Brahma tāḷukā Brahma tāḷu (See)

ବ୍ରହ୍ମ ତୀର୍ଥ—ସ. ବି—୧ । ଅଜମୀରଠାରୁ ପ୍ରାୟ ୫ ମାଇଲ ଦୂରବର୍ତ୍ତୀ Brahma tirtha ନର୍ମଦା ତଟବର୍ତ୍ତୀ ତୀର୍ଥ ବିଶେଷ; ପୁଷ୍କର ତୀର୍ଥ—1. Name of a place of pilgrimage near Ajmere. ୨ । ପୁଷ୍କର ମୂଳ; ଔଷଧ ବିଶେଷ—2. A medicinal root; the root of Alpotaxis Auriculata. ୩ । ବୁଢ଼ା ଅଙ୍ଗୁଠିର ମୂଳ ଭାଗ—3. The root of the thumb. [ଦ୍ର—ଏହି ବାଟେ ଜଳ ତର୍ପଣ କଲେ ବ୍ରହ୍ମା ପାଆନ୍ତି ।]

ବ୍ରହ୍ମ ତେଜଃ—ସ. ବି—୧ । ପ୍ରକୃତ ବ୍ରାହ୍ମଣର ତେଜ; ବ୍ରହ୍ମଜ୍ଞାନ ଜନିତ Brahma tejaḥ ପ୍ରଭା—1. The spark emitted from (ବ୍ରହ୍ମାଗ୍ନି—ଅନ୍ୟରୂପ) the body of a true Brāhmaṇa. ୨ । ବ୍ରାହ୍ମଣର ବ୍ରହ୍ମଜ୍ଞାନ ଓ ବେଦାଧ୍ୟୟନ ଜନିତ ତେଜ—2. The halo surrounding a Brāhmaṇa versed in spiritual lore.

ବ୍ରହ୍ମ(ହ୍ମୋ)ତ୍ତର—ଦେ. ବି. (ସ. ବ୍ରହ୍ମତ୍ର)—ବ୍ରାହ୍ମଣଙ୍କୁ ଦିଆ ଯାଇଥିବା Brahma(hmo)ttara କରମୁକ୍ତ ଜମି—Land given free ব্রহ্মোত্তর of rent to a Brāhmaṇa; brahmottar. **ब्रह्मोत्तर, ब्रह्मत्तर**

ବ୍ରହ୍ମତ୍ତର ଟଙ୍କୀ—ଦେ. ବି—ଯେଉଁ ବ୍ରହ୍ମୋତ୍ତର ଜମିରେ ଓଡ଼ିଶା ସରକାର Brahmattara ṭaṅkī ଚିରସ୍ଥାୟୀ ଟଙ୍କୀ ଜମା ଧାର୍ଯ୍ୟ କରିଥିଲେ—A revenue free Brahmottar land held at a perpetual quit rent.

ବ୍ରହ୍ମତ୍ତର ବାଜ୍ୟାପ୍ତି—ଦେ. ବି. ( ସ. ବ୍ରହ୍ମତ୍ର+ଫା. ବାଯେପ୍ତ )—Brahmattara bājyāpti ଯେଉଁ ବ୍ରହ୍ମୋତ୍ତର ଇଷ୍ଟଇଣ୍ଡିଆ ব্রহ্মোত্তর বাজেয়াফত କମ୍ପାନୀ ଉପରେ ଇଂରେଜ ସରକାର ଖଜଣା ବସାଇ **ब्रह्मोत्तर बाजेयापत** ଅଛନ୍ତି—Resumed Brahmottar. [ବ୍ରହ୍ମ(ହ୍ମୋ)ତ୍ତର ବାଜେଆପ୍ତ—ଅନ୍ୟରୂପ]

ବ୍ରହ୍ମତ୍ତର ବାହି(ହେ)ଲ୍(ଲି)—ଦେ. ବି. (ସ. ବ୍ରହ୍ମତ୍ର+ଫା. ବହାଲ୍)—Brahmattara bāhi(he)l(li) ଯେଉଁ ବ୍ରହ୍ମୋତ୍ତର ଜମିର ব্রহ্মোত্তর বাহেল ସନନ୍ଦକୁ ଇଂରେଜ ସରକାର ସ୍ୱୀକାର କରି **ब्रह्मोत्तर बाहेल** ଅଛନ୍ତି—Confirmed Brahmottar; revenue free land held in perpetuity.

ବ୍ରହ୍ମତ୍ତର ଲାଖରାଜ(ଜି)—ଦେ. ବି. (ସ. ବ୍ରହ୍ମତ୍ର+ଫା. ଲାଖିରାଜ୍)—Brahmattara lākharāja(ji) ବ୍ରହ୍ମତ୍ତର (ଦେଖ) Brahmattara (See)

ବ୍ରହ୍ମତ୍ୱ—ସ. ବି. (ବ୍ରହ୍ମନ୍+ଭାବ. ତ୍ୱ )—୧ । ବ୍ରହ୍ମ ସାୟୁଜ୍ୟ; ପରଂ Brahmattwa ବ୍ରହ୍ମଠାରେ ଲୀନ ହେବାର ଅବସ୍ଥା; ମୋକ୍ଷ—1. Final beatitude of the soul. ୨ । ଯଜ୍ଞ ହୋମ ଆଦିରେ ବୃତ ଋତ୍ୱିକ୍ (ବ୍ରହ୍ମା) ହେବାର ଅବସ୍ଥା—2. The state of being invoked or selected as a Brahmā ( chief priest ) in a vedic ritual. ଦେ. ବି—ବ୍ରାହ୍ମଣର କ୍ରିୟା; ବ୍ରାହ୍ମଣ ପଣିଆ—The condition of being a Brāhmaṇa; the performance of the duties of a Brāhmaṇa.

ବ୍ରହ୍ମତ୍ର—ସଂ. ବିଣ (ବ୍ରହ୍ମନ୍=ବ୍ରାହ୍ମଣ+ତ୍ରୈ ଧାତୁ=ରକ୍ଷା କରିବା+ Brahmatra କର୍ତ୍ତୃ. ଅ)—ବ୍ରାହ୍ମଣର ପୋଷଣାର୍ଥେ ଦତ୍ତ (ବୃତ୍ତି)—Given to a Brāhmaṇa for his maintenance. ସ. ବି—ବ୍ରହ୍ମତ୍ତର ( ଦେଖ )—Brahmattara ( See )

ବ୍ରହ୍ମଦ—ସ. ବି· ( ବ୍ରହ୍ମ=ବେଦ+ଦା ଧାତୁ+କର୍ତ୍ତୃ. ଅ )—Brahmada ୧ । ବେଦଗୁରୁ; ବେଦାଧ୍ୟାପକ—1. A preceptor of the Bedas. ୨ । ଦୀକ୍ଷା ଗୁରୁ—2. One's spiritual preceptor.

ବ୍ରହ୍ମ ଦଣ୍ଡ—ସଂ· ବି. ( ୬ଷ୍ଠୀ ତତ୍; ବ୍ରହ୍ମ=ବ୍ରାହ୍ମଣ+ଦଣ୍ଡ )—Brahma daṇḍa ୧ । ବ୍ରାହ୍ମଣ ଯଷ୍ଟି; ବାହ୍ମଣ ଯଷ୍ଟିଅ ନାମକ ଔଷଧ ଗୁଳ୍ମ—1. Siphonanthus Indica; a medicinal plant. ୨ । ବ୍ରହ୍ମଶାପ ଜନିତ ଦଣ୍ଡ—2. Punishment or evil befalling a person as a result of a Brāhmaṇa's curse. ୩ । ବ୍ରାହ୍ମଣର ଯଷ୍ଟି—3. A stick used by a Brāhmaṇa

ବ୍ରହ୍ମ ଦଣ୍ଡୀ—ସ. ବି—ଏକପ୍ରକାର କ୍ଷୁଦ୍ର ଗୁଳ୍ମ; ଭୃଙ୍ଗଯୋଡ଼ା—Name Brahma daṇḍī of a medicinal plant; Lampra- [ଅନ୍ୟ ସ. ନାମ—ଅଜଦଣ୍ଡୀ, choinium Microcephalum. କଣ୍ଟପତ୍ରଫଳା] [ଦ୍ର—ବୈଦ୍ୟକ ମତରେ ଏହା ଗରମ, କଟୁ ଓ କଫ ଏବଂ ବାତନାଶକ—ଦ୍ର· ଶ । ]

ବ୍ରହ୍ମଦତ୍ତ—ସ. ବି ( ବ୍ରହ୍ମ=ବ୍ରହ୍ମ+ଦତ୍ତ=ଅର୍ପିତ )—୧ । ଚନ୍ଦ୍ର- Brahmadatta ବଂଶୀୟ ଜଣେ ରାଜା—1. Name of a King of the Lunar dynasty. [ ଦ୍ର—ଏ ଅଣୁହଙ୍କ ପୁତ୍ର ଥିଲେ ଓ ଯୋଗତତ୍ତ୍ୱ ପ୍ରଣୟନ କରିଥିଲେ ।] ୨ । ଇକ୍ଷ୍ୱାକୁବଂଶୀୟ ଜଣେ ରାଜା—2. Name of a King of Ikshwāku dynasty. ଦେ. ବି—କଳିଙ୍ଗ ବା ପ୍ରାଚୀନ ଉତ୍କଳର ଜଣେ ରାଜା—Name of a king of Kaḷiṅga or ancient Orissa. [ ଦ୍ର—ଏ ବୁଦ୍ଧଦେବଙ୍କ ମୃତ୍ୟୁ ପରେ ତାଙ୍କ ଦାନ୍ତକୁ ଆଣି ଦନ୍ତପୁର ( ପୁରୀ )ରେ ରଖିଥିଲେ । ]

ବ୍ରହ୍ମଦର୍ଭା—ସ. ବି (ବ୍ରହ୍ମ+ଦର୍ଭ+ଆ)—ଯମାନୀ; ଯୁଆଣି—Ligu- Brahmadarbhā sticum Ajwan; Carum Copticum Ptychotis.

ବ୍ରହ୍ମ ଦାତା—ସ.ବି. ପୁଂ (ବ୍ରହ୍ମଦାତୃ, ୧ମା. ୧ବ)—ବେଦାଧ୍ୟାପକ ଗୁରୁ Brahma dātā (ଦ୍ର. ଶ )—A teacher of the Bedas.

ବ୍ରହ୍ମ ଦାନ—ସ. ବି—ବେଦାଧ୍ୟାପନ (ଦ୍ର. ଶ )—Brahma dāna Teaching of the Bedas.

ବ୍ରହ୍ମଦାରୁ—ସ. ବି—ତୁଁତ ଗଛ—The mulberry tree; Brahmadāru Morus Indica.

ବ୍ରହ୍ମ ଦିବସ—ସ. ବି ( ୬ଷ୍ଠୀ ତତ୍; ବ୍ରହ୍ମ+ଦିବସ )—ବ୍ରହ୍ମାଙ୍କର Brahma dibasa ଗୋଟିଏ ଦିନ (ଯାହା ଦେବତାଙ୍କର ୨୪୦୦୦ [ ୨୪ ହଜାର ] ବର୍ଷ ଓ ମନୁଷ୍ୟର ୧୦୯୧୨୦୦୦୦୦୦ [ ୧୦ ବୃନ୍ଦ ୯୧ କୋଟି ୨ ଲକ୍ଷ ] ବର୍ଷ; ଏହା ୧୦୦ ଚତୁର୍ଯୁଗୀ ସଙ୍ଗେ ସମାନ—A period of ten billion human years, which is one day to the Brahmā.

ବ୍ରହ୍ମ ଦେଶ—ଦେ. ବି—ଭାରତ ସାଗରର ପୂର୍ବକୂଳସ୍ଥ ଦେଶବିଶେଷ—Brahma deśa Burma (country).

ବ୍ରହ୍ମ ଦୈତ୍ୟ—ସ. ବି—ବ୍ରହ୍ମରାକ୍ଷସ; ପ୍ରେତଯୋନି ପ୍ରାପ୍ତ ଅବିବାହିତ Brahma daitya ବ୍ରାହ୍ମଣ—The ghost of a Brāhmaṇa (ବ୍ରହ୍ମରାକ୍ଷସ, ବ୍ରହ୍ମପିଶାଚ—ଅନ୍ୟରୂପ) who died a bachelor. [ ଦ୍ର—ଲୋକମାନଙ୍କର ବିଶ୍ୱାସ ଯେ ଜାମୁ, ବେଲ, ବଟ, ଅଶ୍ୱତ୍ଥ ଏହି ଭଳି ଗଛରେ ବ୍ରହ୍ମଦୈତ୍ୟ ବାସ କରନ୍ତି। ଏଥିପାଇଁ ରାତିରେ ଓ ଦିନଦ୍ୱିପ୍ରହରବେଳେ ପିଲାଙ୍କୁ ଓ ସ୍ତ୍ରୀମାନଙ୍କୁ ଏ ଗଛମାନଙ୍କ ନିକଟକୁ ଯିବାକୁ ଲୋକେ ମନା କରନ୍ତି । ଏ ବ୍ରହ୍ମରାକ୍ଷସମାନେ ଗ୍ରାମର ଯୁବକ ଓ ଯୁବତୀମାନଙ୍କଠାରେ ଅବସ୍ଥିତ ହେବା ଦେଖା ଯାଇଅଛି । ]

ବ୍ରହ୍ମ ଦୋଷ—ସ. ବି (ମ.ପ.ଲୋ)—ବ୍ରହ୍ମହତ୍ୟାରୂପ ଅପରାଧ (ହି.ଶ)- Brahma dosha The guilt of killing a Brāhmaṇa.

ବ୍ରହ୍ମଦୋଷୀ—ସ. ବିଣ. ଓ ବି. ପୁଂ—ବ୍ରହ୍ମହତ୍ୟା ଅପରାଧୀ (ହି. ଶ)— Brahmadoshī Guilty of murdering a Brāhmaṇa.

ବ୍ରହ୍ମ ଦ୍ରବ—ସ. ବି—ଗଙ୍ଗାଜଳ ( ହି. ଶ )— Brahma draba The water of the Ganges.

ବ୍ରହ୍ମ ଦ୍ରୁମ—ସ. ବି—ପଳାଶ ଗଛ ( ହି. ଶ )—Butea Frondosa Brahma druma (ବ୍ରହ୍ମଦ୍ରୁ; ବ୍ରହ୍ମପାଦପ—ଅନ୍ୟରୂପ) (tree).

ବ୍ରହ୍ମ ଦ୍ରୋହୀ—ସ. ବିଣ ପୁଂ (ବ୍ରହ୍ମନ୍+ଦ୍ରୋହ+ଇନ୍; ୧ମା. ୧ବ)— Brahma drohī ବ୍ରାହ୍ମଣଠାରେ ବୈର ରଖିବା ବ୍ୟକ୍ତି— Inimical to Brāhmaṇas.

ବ୍ରହ୍ମ ଦ୍ୱାର—ସ. ବି—ବ୍ରହ୍ମ ରନ୍ଧ୍ର (ଦେଖ ) Brahma dwāra Brahma randhra ( See )

ବ୍ରହ୍ମନାଭ—ସ. ବି ( ବହୁବ୍ରୀହି; ବ୍ରହ୍ମନ୍=ବ୍ରହ୍ମା, ନାଭିରୁ ଉତ୍ପନ୍ନ Brahmanābha ଯାହାଙ୍କର )—ବିଷ୍ଣୁ—Bishṇu.

ବ୍ରହ୍ମନାଳ—ସ. ବି—ଚକ୍ରତୀର୍ଥର ପୂର୍ବଭାଗରେ ଥିବା କାଶୀସ୍ଥ ତୀର୍ଥ Brahmanāḷa ବିଶେଷ—Name of a holy place in Benares.

ବ୍ରହ୍ମ ନିରୂପଣ—ସ. ବି (୬ଷ୍ଠୀ ତତ୍ )—ପରମାତ୍ମା ସମ୍ବନ୍ଧୀୟ ତତ୍ତ୍ୱର Brahma nirūpaṇa ସ୍ଥିରୀକରଣ—Ascertainment of the true nature of the Brahmā.

ବ୍ରହ୍ମ ନିରୂପଣ ଗୀତା—ଦେ. ବି—ଭୀମାଭୋଇଙ୍କ କୃତ ଓଡ଼ିଆ ଗ୍ରନ୍ଥ Brahma nirūpaṇa gitā ବିଶେଷ—Name of a relegious poem composed by Bhīmābhoi.

ବ୍ରହ୍ମ ନିର୍ବାଣ—ସ. ବି—ପରମମୁକ୍ତି; ମୃତ୍ୟୁ ପରେ ମନୁଷ୍ୟର ଆତ୍ମାର ପର- Brahma nirbāṇa ମାତ୍ମାଙ୍କଠାରେ ଲୀନ ହେବା—The final absorption of the human soul in the Divine Soul after death.

ବ୍ରହ୍ମନିଷ୍ଠ—ସ. ବିଣ. ପୁଂ—୧ । ବ୍ରାହ୍ମଣ ଭକ୍ତ—1. Devoted to Brahmanishṭha Brāhmaṇas. ୨ । ବ୍ରହ୍ମଜ୍ଞାନ ସମ୍ପନ୍ନ— 2. Having a true knowledge of the Brahma. ସ. ବି—ପାରସାକୋଳି ଗଛ (ହି. ଶ)— (ବ୍ରହ୍ମନିଷ୍ଠା—ସ୍ତ୍ରୀ) The tulip tree; Thaspesia Papulnea.

ବ୍ରହ୍ମନିଶା—ଦେ. ବି—କଳ୍ପ; ବ୍ରହ୍ମାଙ୍କର ଗୋଟିଏ ରାତି—An Brahmaniśā unending era. ( ଉ—ଲୋକନେ ମଣାଷା ନିଶା ବ୍ରହ୍ମନିଶା ବିଷାସ୍ୱିତ ନୋହେ ଲୋଚନ—ଭଞ୍ଜ. କୋଟିବ୍ରହ୍ମାଣ୍ଡସୁନ୍ଦରୀ । ) [ ଦ୍ର—ଏହା ବ୍ରହ୍ମାଙ୍କର ଗୋଟିଏ ଦିନର ସମାନ, ଅର୍ଥାତ୍ ୧୦ ବୃନ୍ଦ ୯୧ କୋଟି ୨ ଲକ୍ଷ ବର୍ଷ । ]

ବ୍ରହ୍ମ ପଇତା—ଦେ. ବି ( ସ. ବ୍ରହ୍ମୋପବୀତ )—ଯଜ୍ଞୋପବୀତ— Brahma paitā A Brāhmaṇa's sacred thread. ( ବ୍ରହ୍ମ ପୈତା—ଅନ୍ୟରୂପ ) (ବ୍ରହ୍ମ ଦଉଡ଼ି—ବ୍ୟଙ୍ଗ୍ୟରୂପ)

ବ୍ରହ୍ମପତ୍ର—ସ. ବି—ପଳାଶପତ୍ର—The leaf of the Butea Brahmapatra Frondosa tree.

ବ୍ରହ୍ମ ପଦ—ସ.ବି—୧ । ବ୍ରାହ୍ମଣତ୍ୱ—1. The state of being Brahma pada a Brāhmaṇa. ୨ । ବ୍ରହ୍ମଜ୍ଞାନତ୍ୱ— 2. The state of having a true knowledge of the Brahma. ୩ । ମୋକ୍ଷ; ମୁକ୍ତି (ହି. ଶ)— 3. Salvation; final beatitude.

ବ୍ରହ୍ମପୁତ୍ର—ସ. ବି—୧ । ବଙ୍ଗଦେଶର ପୂର୍ବାଞ୍ଚଳବାହୀ ନଦବିଶେଷ—1. Brahmaputra The river Brahmaputra in Assam and East Bengal. [ଦ୍ର—ଏ ନଦର ଉତ୍ପତ୍ତି ସମ୍ବନ୍ଧେ କାଳିକା ପୁରାଣରେ ଲେଖାଅଛି ଯେ, ଦିନେ ବ୍ରହ୍ମା ଶାନ୍ତନୁ ମୁନିଙ୍କ ଅନୁପସ୍ଥିତିରେ ତାଙ୍କ ଆଶ୍ରମରେ ଉପସ୍ଥିତ ହୋଇ ଶାନ୍ତନୁଙ୍କ ସ୍ତ୍ରୀ ଅମୋଘାଙ୍କ ରୂପରେ ମୁଗ୍ଧ ହୋଇ ତାଙ୍କୁ ଅନୁସରଣ କରିବାରୁ ଅମୋଘା ପଳାଇ ଯାଇ ପର୍ଣ୍ଣକୁଟୀରର ଦ୍ୱାର ରୁଦ୍ଧ କରିଦେଲେ । ବ୍ରହ୍ମା କାମଜର୍ଜରିତ ହୋଇ- ଥିବାରୁ ସେହିଠାରେ ତାଙ୍କ ରେତଃ ସ୍ଖଳିତ ହେଲା । ବ୍ରହ୍ମା ଲଜ୍ଜିତ ହୋଇ ସେ ସ୍ଥାନ ତ୍ୟାଗ କଲା ପରେ ଶାନ୍ତନୁ ଆସି ପହଞ୍ଚି ସେ ଅଲୌକିକ ବ୍ରହ୍ମବୀର୍ଯ୍ୟ ଦର୍ଶନ କରି ଆଶ୍ଚର୍ଯ୍ୟାନ୍ୱିତ ହୋଇ ଧ୍ୟାନଦ୍ୱାରା ତହିଁର କାରଣ ଅବଧାରଣ କଲେ । ଋଷି ତାହା ନିଜେ ପାନ କରି ସ୍ତ୍ରୀଙ୍କୁ ଭାର୍ଯ୍ୟା ଅମୋଘାଙ୍କ ଗର୍ଭରେ ତାହା ନିଷେକ କଲେ ଓ ତହିଁର ଫଳରେ ଅମୋଘାଙ୍କଠାରୁ ଏହି ବ୍ରହ୍ମପୁତ୍ର ନଦର ଉତ୍ପତ୍ତି ହେଲା । ଏ ନଦ ମାନସରୋବରର ଦକ୍ଷିଣରୁ ପୂର୍ବାଭିମୁଖରେ ହିମାଳୟର ପୂର୍ବପ୍ରାନ୍ତ କାଟି ବୁଲି ପଶ୍ଚିମାଭିମୁଖ ହୋଇ ଆସାମ ଦେଶ ଓ ଦକ୍ଷିଣାଭିମୁଖ ହୋଇ ପୂର୍ବବଙ୍ଗ ଦେଇ ଗୋଆଲନ୍ଦଠାରେ ଗଙ୍ଗା ସଙ୍ଗେ ମିଳିତ ହୋଇ ପଦ୍ମା ବା ମେଘନା ନାମ

ଧାରଣ କରି ବଙ୍ଗୋପସାଗରରେ ପଡ଼ିଅଛି । ଏ ନଦର ପୌରାଣିକ ନାମ ଅମୋଘାନନ୍ଦନ ଓ ଲୌହିତ୍ୟ । ହି. ଶ; ଏହାକୁ ନଦୀ ବୋଲି ନ ଯାଇ ନଦ ବୋଲାଯାଏ । ] ୨ । ତୀର୍ଥବିଶେଷ—2. Name of a Hindu place of pilgrimage. ୩ । ମଳୟାଚଳରେ ଜାତ କପିଳବର୍ଣ୍ଣ ସ୍ଥାବର ବିଷବିଶେଷ—3. Name of a mineral poison. ୪ । (ବ୍ରହ୍ମାଙ୍କ ପୁତ୍ର ) ବଶିଷ୍ଠ ଋଷି—4. The sage Basishṭha. ୫ । କପିଳ ମୁନି—5. The sage Kapila. ୬ । ନାରଦ ଋଷି—6. The sage Nārada. ୭ । ମନୁ—7. Manu. ୮ । ମରୀଚି ଋଷି—8. Sage Marichi. ୯ । ସନକାଦି ଋଷି—9. Sanaka and other sages said to have been born of Brahmā.

ବ୍ରହ୍ମପୁତ୍ରୀ—ସ. ବି—୧ । ସରସ୍ୱତୀ ନଦୀ—1. The rivar Sara-
Brahma putrī swatī (now non-existent). [ଦ୍ର—ଏହା ପ୍ରୟାଗରେ ଗଙ୍ଗା ଓ ଯମୁନାର ସଙ୍ଗମ ସ୍ଥଳ(ତ୍ରିବେଣୀ)ରେ ମିଳିତ ହୋଇଥିଲା ।] ୨ । ବାରାହୀ କନ୍ଦ; ବାଲିଗୋଲିଆ ଅଳୁ—2. Bulbular yam. ୩ । ସରସ୍ୱତୀ ଦେବୀ (ହି. ଶ)—3. The Goddess Saraswatī.

ବ୍ରହ୍ମପୁର—ଦେ. ବି—୧ । ଦେଉଳ; ଦେବ ମନ୍ଦିର—1.
Brahmapura Temple. [ଦ୍ର—ଜଗତ ପର ରହି ମନ୍ଦିର ବ୍ରହ୍ମପୁର ନାମ ଥିଲା । ସ୍ୱାମଶ୍ରୋଲ ରଚନ ।] ୨ । ଗଞ୍ଜାମର ଗୋଟିଏ ବଡ଼ ନଗର—2. Name of a big town in the Ganjam district. [ଦ୍ର—ଏହା ନୂତନ ଓଡ଼ିଶା ଭୁକ୍ତ ଗଞ୍ଜାମ ଜିଲ୍ଲାର ଅଂଶ ସହିତ ଓଡ଼ିଶା ପ୍ରଦେଶକୁ ଆସିଅଛି ।] ସ. ବି—୧ । ବ୍ରହ୍ମଲୋକ (ଦେଖ)—1. Brahmaloka (See) ୨ । ହୃଦୟ (ହି. ଶ)—2. The heart.

ବ୍ରହ୍ମ ପୁରାଣ—ସ. ବି—ଅଷ୍ଟାଦଶ ପୁରାଣାନ୍ତର୍ଗତ ପ୍ରଥମ ପୁରାଣ—
Brahma purāṇa First of the 18 Purāṇas of the Hindus. [ଦ୍ର—ପୁରାଣ ତଳେ ଟୀକା ଦେଖ; ମତ୍ସ୍ୟ ପୁରାଣାଦିରେ ବ୍ରହ୍ମପୁରାଣର ଶ୍ଳୋକ ସଂଖ୍ୟା ୧୦ ହଜାର ଥିବାର ଲେଖା ଅଛି । କିନ୍ତୁ ଅଧୁନାଲୁ ମିଳୁଥିବା ଗ୍ରନ୍ଥର ଶ୍ଳୋକ ସଂଖ୍ୟା ୭ ହଜାର । ଏଥିରେ ପୁରୁଷୋତ୍ତମ କ୍ଷେତ୍ରର ବିସ୍ତୃତ ବର୍ଣ୍ଣନ ଅଛି ଓ ୪୦ଶ ଅଧ୍ୟାୟରେ ଜଗନ୍ନାଥ ଓ କୋଣାର୍କ ମନ୍ଦିରର ବର୍ଣ୍ଣନା ଅଛି; ଉତ୍ତର ଖଣ୍ଡରେ ମାରବାଡ଼ର ବଳଜା ନଦୀର ମାହାତ୍ମ୍ୟ ବର୍ଣ୍ଣିତ ହୋଇଅଛି । କୃଷ୍ଣଙ୍କ କଥା ଓ ଅନେକ ତୀର୍ଥର କଥା ମଧ୍ୟ ଏଥିରେ ଅଛି । (ହି· ଶବ୍ଦସାଗର) ।]

ବ୍ରହ୍ମ ପୁରୀ—ସ. ବି—କୈଳାସ ପର୍ବତ ଉପରେ ବିରାଜିତ ବ୍ରହ୍ମାଙ୍କର
Brahma purī ଧାମ—The mythological abode of Brahmā on the Kailāsa hills.

ବ୍ରହ୍ମ ପୁରୁଷ—ସ. ବି—୧ । ପରମାତ୍ମା; ପରମେଶ୍ୱର—1. God;
Brahma purusha the Holy Spirit. ଦେ. ବି—ମନୁଷ୍ୟର ଜୀବାତ୍ମା—The soul of a person. (ଯଥା—ମୋ ବ୍ରହ୍ମପୁରୁଷକୁ ଭାର ବାଧୁଲାଣି ।]

ବ୍ରହ୍ମବଦ୍ୟ—ସ. ବି—(ବ୍ରହ୍ମ+ବଦ୍ ଧାତୁ+ଭାବ. ଯ)—୧ । ବ୍ରହ୍ମ-
Brahmabadya ଜ୍ଞାନ—1. Spiritual knowledge. ( ବ୍ରହ୍ମୋଦ୍ୟ—ଅନ୍ୟରୂପ ) ୨ । ବ୍ରହ୍ମବାକ୍ୟ—2. Metaphysical discourse. ୩ । ବ୍ରହ୍ମାଙ୍କ ମୁଖନିର୍ଗତ ବାକ୍ୟ—3. Words spoken by Brahmā. ୪ । ବୈଦାନ୍ତିକ ମତବିଶେଷ (ଈଶ୍ୱର ସର୍ବବ୍ୟାପୀ ଓ ସର୍ବଜ୍ଞ ବିରାଜିତ ଏହି ମତ )—4. The vedantic theory of the omnipresence of God.
ବିଣ.—(ବ୍ରହ୍ମ=ବ୍ରହ୍ମା+ବଦ୍ ଧାତୁ=କହିବା+କର୍ମ. ଯ)—ବ୍ରହ୍ମୋକ୍ତ—Said by Brahmā.

ବ୍ରହ୍ମବଦ୍ୟା—ସ. ବି. ସ୍ତ୍ରୀ—କଥା; ପ୍ରବଚନ—
Brahmabadyā Wise saying; proverb.

ବ୍ରହ୍ମ ବଧ—ସ. ବି—ବ୍ରାହ୍ମଣର ହତ୍ୟା—The murder of a
Brahma badha (ବ୍ରହ୍ମ ବଧ୍ୟା—ଅନ୍ୟରୂପ) Brāhmaṇa.

ବ୍ରହ୍ମ ବନ୍ଧୁ—ସ. ବି—(ବ୍ରହ୍ମନ୍+ନିନ୍ଦିତ ଅର୍ଥରେ ବନ୍ଧୁ)—ନିନ୍ଦିତ
Brahma bandhu ବ୍ରାହ୍ମଣ; ହୀନ ବ୍ରାହ୍ମଣ—A degraded Brāhmaṇa.

ବ୍ରହ୍ମ ବର୍ଚ୍ଚଃ—ସ. ବି—ବ୍ରହ୍ମ ତେଜଃ (ଦେଖ)
Brahma barchchaḥ Brahma tejaḥ (See)
(ବ୍ରହ୍ମ ବର୍ଚ୍ଚ, ବ୍ରହ୍ମ ବର୍ଚ୍ଚସ—ଅନ୍ୟରୂପ)

ବ୍ରହ୍ମ ବର୍ଚ୍ଚସ୍ୱୀ—ସ. ବିଣ. ପୁଂ—ବ୍ରହ୍ମ ତେଜୋବିଶିଷ୍ଟ—Endowed
Brahma barchchaswī with refulgence due to spiritual knowledge.

ବ୍ରହ୍ମବର୍ତ୍ତ—ସ. ବି—ବ୍ରହ୍ମାବର୍ତ୍ତ ଦେଶ—Name of an ancient
Brahma bartta country in north western India.

ବ୍ରହ୍ମବର୍ଦ୍ଧନ—ସ. ବି.—ତାମ୍ର; ତମ୍ବା—
Brahma bardhana Copper.

ବ୍ରହ୍ମ ବାଦ—ସ. ବି—୧ । ବେଦାନ୍ତ ଦର୍ଶନ—1. The Bedānta
Brahma bāda Philosophy. ୨ । ବେଦ—2. The Bedas. ୩ । ବେଦାଧ୍ୟୟନ—3. Study of the Bedas. ୪ । ତତ୍ତ୍ୱ ଜିଜ୍ଞାସାର୍ଥକ ବାଦବିଶେଷ; ଅଦ୍ୱୈତବାଦ—4. Pantheism.

ବ୍ରହ୍ମବାଦୀ—ସ.ବିଣ ଓ ବି.ପୁଂ—(ବ୍ରହ୍ମ+ବଦ୍ ଧାତୁ=କହିବା+କର୍ତ୍ତୃ.
Brahmabādī ଣିନ୍)—୧ । ବେଦାନ୍ତବାଦୀ—1. A vedantist; pantheistic. ୨ । ବେଦଜ୍ଞ;
(ବ୍ରହ୍ମବାଦକ—ଅନ୍ୟରୂପ)
(ବ୍ରହ୍ମବାଦିନୀ—ସ୍ତ୍ରୀ) ବେଦାଧ୍ୟାୟୀ—2. A reader of the Bedas; versed in the Bedas.

ବ୍ରହ୍ମବାଦିନୀ—ସ. ବି. ସ୍ତ୍ରୀ—(ବ୍ରହ୍ମବାଦିନ୍+ସ୍ତ୍ରୀ. ଈ)—ଗାୟତ୍ରୀ;
Brahma bādinī ବେଦ ମାତା—A name of Gāyatrī.

ବ୍ରହ୍ମ ବାଲୁକ—ସ. ବି—ହିନ୍ଦୁମାନଙ୍କର ତୀର୍ଥ ବିଶେଷ—Name of
Brahma bāluka a place of Hindu pilgrimage.
[ଉ—ସଜ୍ଜନ ଯାଜନ କରି ବ୍ରହ୍ମ ବାଲୁକରେ, ସ୍ନାନ କଲେ
ଲୋକ ନ ପଡ଼େ ଯେ ଶୋକରେ । କୃଷ୍ଣସିଂହ. ମହାଭାରତ
ବନ ।]

ବ୍ରହ୍ମବିଦ୍—ସ. ବିଣ ( ବ୍ରହ୍ମନ୍+ବିଦ୍ ଧାତୁ+କର୍ତ୍ତୃ. କ୍ୱିପ୍; )—
Brahmabid ବ୍ରହ୍ମଜ୍ଞ (ଦେଖ)—Brahmajña (See)
ବି.—୧ । ବିଷ୍ଣୁ—1. Bishṇu. ୨ । ବ୍ରାହ୍ମଣ—
2. A Brāhmaṇa.

ବ୍ରହ୍ମ ବିଦେଶ—ସ. ବି—କୁରୁକ୍ଷେତ୍ର, ପଞ୍ଚାଳ, ମତ୍ସ୍ୟ ଓ ଶୂରସେନ
Brahma bideśa ନାମକ ଦେଶ ଚତୁଷ୍ଟୟ—The coun-
tries (4 in number) round the
Kurukshetra.

ବ୍ରହ୍ମବିଦ୍ୟା—ସଂ. ବି—୧ । ବ୍ରହ୍ମଜ୍ଞାନ ପ୍ରତିପାଦକ ଶାସ୍ତ୍ର—1. Theo-
Brahma bidyā sophy; theology. ୨ । ବେଦାନ୍ତ
ଦର୍ଶନ ଶାସ୍ତ୍ର—2. Philosphy of the Bedas; the
Bedānta philosophy.

ବ୍ରହ୍ମ ବିନ୍ଦୁ—ସ. ବି—୧ । ବେଦପାଠ କାଳରେ ମୁଖନିର୍ଗତ ନିଷ୍ଠୀ-
Brahma bindu ବନ ବିନ୍ଦୁ—1. Particles of saliva
coming out of the mouth while reading
the Bedas. ୨ । ବ୍ରହ୍ମାଙ୍କ ତେଜଃ—2. The
semen of Brahmā. ୩ । ବ୍ରାହ୍ମଣର ବୀର୍ଯ୍ୟ—
2. The semen of a Brāhmaṇa.

ବ୍ରହ୍ମବୀର୍ଯ୍ୟ—ସ. ବି—୧ । ବ୍ରହ୍ମ ତେଜଃ (ଦେଖ)—1. Brahma
Brahma birjya tejaḥ (See). ୨ । ବ୍ରହ୍ମାଙ୍କ ତେଜଃ—
2. The semen of Brahmā. ୩ । ବ୍ରାହ୍ମଣର ତେଜଃ
3. The semen of a Brāhmaṇa.

ବ୍ରହ୍ମ ବୁଜୁଳି(ଳା)--ପ୍ରାଦେ.(ସମ୍ବଲପୁର) ବି--ବ୍ରାହ୍ମଣୋଚିତ ବଡ଼ ବୁଜୁଳା --
Brahma bujuḷi(ḷā) A big packet (of eatables
offered at priestly functions) as is tied
up by a Brāhmaṇa (priest) to be carried
home.

ବ୍ରହ୍ମ ବୃକ୍ଷ—ସ. ବି—୧ । ପଳାଶ ବୃକ୍ଷ—1. Butea Frondosa.
Brahma bṛuksha ୨ । ଉଡ଼ୁମ୍ବର—
2. The glomerous fig tree.

ବ୍ରହ୍ମ ବୃତ୍ତି—ସ. ବି—୧ । ବ୍ରହ୍ମସ୍ୱ ( ଦେଖ )—1. Brahmaswa
Brahma bṛutti (See) ୨ । ବ୍ରାହ୍ମଣର ଜୀବିକାନିର୍ବାହୋ-
ପାୟ—2. Means of livelihood of a
Brāhmaṇa.

ବ୍ରହ୍ମ ବୃନ୍ଦା—ସ. ବି—ବ୍ରହ୍ମାଙ୍କ ରାଜଧାନୀ—The capital of
Brahma bṛundā Brahmā.

ବ୍ରହ୍ମବେଦ—ସ. ବି(ବ୍ରହ୍ମନ୍+ବିଦ୍ ଧାତୁ+ଭାବ.ଅ)—୧ । ବ୍ରହ୍ମଜ୍ଞାନ—
Brahma beda 1. Spiritual wisdom ୨ । ବେଦ-
ଜ୍ଞାନ—2. Knowledge of the Bedas

ବ୍ରହ୍ମ ବେଦି—ସ. ବି—କୁରୁକ୍ଷେତ୍ର ନିକଟସ୍ଥ ଦେଶ ବିଶେଷ—Name
Brahma bedi of a country in north-western
India.

ବ୍ରହ୍ମବେଦୀ—ସ. ବିଣ. ପୁଂ—( ବ୍ରହ୍ମ+ବିଦ୍ ଧାତୁ+କର୍ତ୍ତୃ. ଇନ୍; ୧ମା.
Brahma bedī ୧ବ)—ବ୍ରହ୍ମଜ୍ଞ (ଦେଖ)—Brahmajña
(See). (ବ୍ରହ୍ମବେଦିନୀ—ସ୍ତ୍ରୀ)

ବ୍ରହ୍ମବୈବର୍ତ୍ତ ପୁରାଣ—ସ. ବି—ଅଷ୍ଟାଦଶ ମହାପୁରାଣାନ୍ତର୍ଗତ ୧୦ମ
Brahmabaibartta purāṇa ପୁରାଣ—One of the
Hindu mythologies. [ ଦ୍ର—ପୁରାଣ ତଳେ
ଟୀକା ଦେଖ; ନାରଦପୁରାଣ, ଶିବପୁରାଣ ଓ ମତ୍ସ୍ୟପୁରାଣରେ
ଏ ପୁରାଣର ଯେଉଁ ବର୍ଣ୍ଣନା ଅଛି, ଆଜକାଲି ଯେଉଁ
ପୁରାଣ ମିଳୁଅଛି ସେଥି ସଙ୍ଗେ ଉକ୍ତ ବର୍ଣ୍ଣନାର ମେଳ ହେଉ
ନାହିଁ । ଆଜକାଲି ମିଳୁଥିବା ପୁରାଣ ବ୍ରହ୍ମଖଣ୍ଡ, ପ୍ରକୃତିଖଣ୍ଡ;
ଗଣେଶଖଣ୍ଡ ଓ କୃଷ୍ଣଜନ୍ମଖଣ୍ଡ, ଏହିପରି ୪ ଖଣ୍ଡରେ
ବିଭକ୍ତ—ହି. ଶ. ]

ବ୍ରହ୍ମଭୂତ—ସ. ବିଣ—ବ୍ରହ୍ମଙ୍କଠାରେ ଲୀନ; ସାଯୁଜ୍ୟପ୍ରାପ୍ତ—
Brahmabhūta . Become one or merged in the
Supreme Being. ବି—ବ୍ରହ୍ମଙ୍କଠାରେ ଲୀନ
ହେବାର ଅବସ୍ଥା—The state of being merged
in the Supreme Soul.

ବ୍ରହ୍ମଭୂତି—ସ. ବି—ସନ୍ଧ୍ୟା—
Brahmabhūti Evening.

ବ୍ରହ୍ମଭୋଜ—ସ. ବି—ବ୍ରାହ୍ମଣଭୋଜନ ( ହି. ଶ. ); ବ୍ରାହ୍ମଣମାନଙ୍କୁ
Brahmabhoja ମିଷ୍ଟାନ୍ନ ଖୁଆଇବାରୂପ ପୁଣ୍ୟ କର୍ମ—
The feeding of Brāhmaṇas
(considered meritorious).

ବ୍ରହ୍ମ ମଣ୍ଡଳ—ସ. ବି—ଉତ୍ତରାକାଶରେ କଟାହ ବା କଡ଼େଇର ଆକୃତି
Brahma maṇḍaḷa ବିଶିଷ୍ଟ ନକ୍ଷତ୍ରପୁଞ୍ଜ—A constellation
(ବ୍ରହ୍ମକଟାହ—ଅନ୍ୟରୂପ) of stars in the northern
sky. [ ଦ—ନକ୍ଷତ୍ର ତଳେ ୩୫ ସଂଖ୍ୟକ ଟିପ୍ପଣୀ
ଦେଖ—See Nakshatra No. 35 ].

ବ୍ରହ୍ମମଣ୍ଡୂକୀ—ସ. ବି—୧ । ମଞ୍ଜିଷ୍ଠା ( ହି. ଶ. )—1. Indian
Brahmamaṇḍūkī madder. ୨ । ମଣ୍ଡୂକପର୍ଣ୍ଣୀ (ହି.ଶ.
( ଦେଖ )—2. Maṇḍūkaparṇṇī (See).
୩ । ବ୍ରାହ୍ମଣଝାଟିଆ ( ହି. ଶ.)—3. Brāhmaṇa-
jhāṭia (See).

ବ୍ରହ୍ମମୟ—ସ. ବିଣ—୧ । ବ୍ରହ୍ମଙ୍କ ସତ୍ତ୍ୱାଦ୍ୱାରା ପୂର୍ଣ୍ଣ ( ଜଗତ୍ )—
Brahmamaya 1. Pervaded with the Divine
Spirit. ୨ । ବ୍ରାହ୍ମଣସମ୍ବନ୍ଧୀୟ—2. Pertaining
to Brāhmaṇas. ୩ । ବ୍ରାହ୍ମଣମାନଙ୍କ ଦ୍ୱାରା ପୂର୍ଣ୍ଣ—
3. Full of Brāhmaṇas; exclusively
(ବ୍ରହ୍ମମୟୀ—ସ୍ତ୍ରୀ) occupied by Brāhmaṇas.

ବ୍ରହ୍ମ ମୀମାଂସା—ସ. ବି—ବ୍ରହ୍ମଙ୍କର ପ୍ରକୃତି ଓ ଗୁଣ ବର୍ଣ୍ଣନାତ୍ମକ
Brahma mīmāmsā ବେଦାନ୍ତ ଗ୍ରନ୍ଥବିଶେଷ—Name of

a work on the Bedānta system of philosophy.

ବ୍ରହ୍ମ ମୂର୍ଦ୍ଧଭୃତ୍—ସଂ. ବ (ବ୍ରହ୍ମନ୍+ମୂର୍ଦ୍ଧନ୍=କପାଳ+ଭୃ. ଧାତୁ+ Brahma mūrddhabhṛut କର୍ତ୍ତୃ. କ୍ୱିପ୍)—ଶିବ;ମହାଦେବ— Siba.

ବ୍ରହ୍ମ ମୁହୂର୍ତ୍ତ—ସଂ. ବ—ବଡ଼ଭୋର (ବ୍ୟୁ. ଷ.); ପ୍ରତ୍ୟୁଷ— Brahma muhūrtta Early morning.

ବ୍ରହ୍ମମେଖଳ—ସଂ. ବ—ମୁଞ୍ଜତୃଣ—A sort of fibrous grass; Brahmamekhala Saccharum Munja.

ବ୍ରହ୍ମ ଯଜ୍ଞ—ସଂ. ବ ( ବ୍ରାହ୍ମଣର ନିତ୍ୟ କର୍ତ୍ତବ୍ୟ ) ବିଧି ଅନୁସାରେ Brahma jajña ବେଦାଧ୍ୟୟନ, ବେଦାଭ୍ୟାସ ଓ ବେଦ- ( ବ୍ରହ୍ମଯଜ୍ଞ—ଅନ୍ୟରୂପ ) ଅଧ୍ୟାପନ—The regular study and teaching of the Bedas enjoined on each Brāhmaṇa. [ ଦ୍ର—ଅନ୍ୟ ଦୁଇ ଯଜ୍ଞ ଯଥା—ନୃଯଜ୍ଞ ଓ ଦେବ ଯଜ୍ଞ । ]

ବ୍ରହ୍ମ ଯଷ୍ଟି—ସଂ. ବ—ବ୍ରାହ୍ମଣ ଝାଟି ( ଦେଖ )— Brahma jashṭi Brāhmaṇa jhāṭi (See) ( ବ୍ରହ୍ମଯଷ୍ଟିକା—ଅନ୍ୟରୂପ )

ବ୍ରହ୍ମ ଯୋଗ—ସଂ. ବ—ବ୍ରହ୍ମଜ୍ଞାନର ଚର୍ଚ୍ଚା ବା ସାଧନା— Brahma joga Cultivation of spiritual knowledge or spiritual exercises.

ବ୍ରହ୍ମ ଯୋନି—ସଂ. ବ—୧ । ବ୍ରହ୍ମଗିରି; ଗୟାର ପର୍ବତବିଶେଷ— Brahma joni Name of a mountain in Gayā. [ ଦ୍ର—ଏହା ହିନ୍ଦୁମାନଙ୍କ ତୀର୍ଥ ] । ୨ । ବ୍ରହ୍ମପ୍ରାପ୍ତି ପାଇଁ ବ୍ରହ୍ମଙ୍କ ଧ୍ୟାନ ( ବ୍ୟୁ. ଷ. )—2. Meditation on the Brahma.

ବ୍ରହ୍ମ ଯୋନି—ସଂ. ବ—କୁରୁକ୍ଷେତ୍ରସ୍ଥ ତୀର୍ଥବିଶେଷ; ସରସ୍ୱତୀ ନଦୀର Brahma joni ତୀରରେ ପୃଥୂଦକ ନିକଟସ୍ଥ ତୀର୍ଥ— A place of Hindu pilgrimage in N. W. India. [ ଦ୍ର—ଏଠାରେ ବ୍ରହ୍ମା ବ୍ରାହ୍ମଣାଦି ୪ ବର୍ଣ୍ଣର ସୃଷ୍ଟି କରିଥିଲେ । ]

ବ୍ରହ୍ମ ରନ୍ଧ୍ର—ସଂ. ବ—୧ । ବ୍ରହ୍ମତାଳୁ ( ଦେଖ )—1. Brahma Brahma randhra tālu (See ୨ । ବ୍ରହ୍ମ ତାଳୁରେ ( ବ୍ରହ୍ମଚ୍ଛିଦ୍ର—ଅନ୍ୟରୂପ) ସେଉଁ କଳ୍ପିତ ଅତି ସୂକ୍ଷ୍ମ ଛିଦ୍ର ବାଟେ ଯୋଗସାଧକମାନଙ୍କ ପ୍ରାଣବାୟୁ ବାହାରି ଯାଏ— 2. The imaginary hole on the top of the skull through which the vital spark of Jogis passes away.

ବ୍ରହ୍ମ ରାକ୍ଷସ—ସଂ. ବ—୧ । ବ୍ରହ୍ମ ଦୈତ୍ୟ ( ଦେଖ )— Brahma rākshasa 1. Brahma daitya (See) [ଦ୍ର—ମନୁଙ୍କ ମତରେ ସେଉଁ ବ୍ରାହ୍ମଣ ପତିତ ବ୍ୟକ୍ତିର ସହବାସ, ପରସ୍ତ୍ରୀଗମନ, ବ୍ରହ୍ମସ୍ୱହରଣ କରିଥାଏ, ମୃତ୍ୟୁ ପରେ ସେ ବ୍ରହ୍ମରାକ୍ଷସତ୍ୱ ପ୍ରାପ୍ତ ହୁଏ । ଲୋକ ବିଶ୍ୱାସ ଏହିକି ବ୍ରାହ୍ମଣ ବିବାହ ନ କରି ମଲେ ବ୍ରହ୍ମରାକ୍ଷସ ହୁଏ ।] ୨ । ଶିବଙ୍କ ଗଣବିଶେଷ—2. A class of attendants of Siba.

ବ୍ରହ୍ମରତ—ସଂ. ବ—୧ । ଶୁକଦେବ ( ବ୍ୟୁ. ଷ. )—1. Sage Brahmarata Suka. ୨ । ଯାଜ୍ଞବଲ୍କ୍ୟ ମୁନି (ବ୍ୟୁ.ଷ)- 2. Sage Jājñyabaḷkya.

ବ୍ରହ୍ମରାତ୍ର—ସଂ. ବ—ବ୍ରାହ୍ମ ମୁହୂର୍ତ୍ତ; ରାତ୍ରିର ଶେଷ ଅଂଶ— Brahmarātra The last part of the night; early morning; a period of about $1\frac{1}{2}$ hours before daybreak.

ବ୍ରହ୍ମରାତ୍ରି—ସଂ. ବ ( ବ୍ରହ୍ମନ୍+ରା ଧାତୁ=ଦାନ କରିବା+କର୍ତ୍ତୃ. ତ୍ରି, Brahma rātri ସେ ଜନକ ରାଜାଙ୍କୁ ବ୍ରହ୍ମଜ୍ଞାନ ଦେଇଥିଲେ)- ୧ । ଯାଜ୍ଞବଲ୍କ୍ୟ ମୁନି—1. The Sage Jājñabaḷkya. ୨ । (ବ୍ରହ୍ମନ୍+ରାତ୍ରି)—ଦେବତାଙ୍କର ୨୪ ହଜାର ବର୍ଷ ପରିମିତ ବ୍ରହ୍ମାଙ୍କର ଏକ ରାତ୍ର— 2. One night of Brahmā which is equal to 10 billions of human years. [ ଦ୍ର—ବ୍ରହ୍ମା ସୃଷ୍ଟି କରିବା ପରେ ମନୁଷ୍ୟ ଗଣନାରେ ୧୦ ବୃନ୍ଦ ୯୧ କୋଟି ୬ ଲକ୍ଷ ବର୍ଷ ସୃଷ୍ଟି ରହେ । ଏହା ବ୍ରହ୍ମାଙ୍କର ଏକ ଦିନ; ତା ପରେ କଳ୍ପସ୍ଥାୟୀ ପ୍ରଳୟ ହୁଏ ଓ ବ୍ରହ୍ମା ପୁଣି ସେତିକି କାଳ ଶୋଇ ରହନ୍ତି । ଏହା ବ୍ରହ୍ମାଙ୍କର ରାତ୍ରି । ତା ପରେ ବ୍ରହ୍ମା ନିଦରୁ ଉଠି ପୁଣି ସୃଷ୍ଟି କରନ୍ତି ।]

ବ୍ରହ୍ମରାଶି—ସଂ. ବ—୧ । ବିଷ୍ଣୁ—1. Bishṇu. ( ଉ— Brahmarāsi ନାଶିବେ ତୋର ଦୁଷ୍ଟରାଶି, ଅମ୍ଭେ ଦେଖିବୁଁ ବ୍ରହ୍ମରାଶି—ଜଗନ୍ନାଥ. ଭାଗବତ । ) ୨ । ପରଶୁରାମ ( ବ୍ୟୁ. ଷ. )—2. A name of Parasurāma. ୩ । ବୃହସ୍ପତିଙ୍କ ଅଧିକୃତ ଶ୍ରବଣା ନକ୍ଷତ୍ର ( ବ୍ୟୁ. ଷ. )—3. The Srabaṇā asterism when it is overtaken by the planet Jupiter. ଦେ. ବଣ—ବ୍ରହ୍ମଜ୍ଞାନୀ—Knowing the truth regarding God. ( ଉ—ଏମନ୍ତ ଶୁଣି ଉକ୍ତ ଋଷି,ବୋଲଇ ଶୁଣ ବ୍ରହ୍ମରାଶି—ଭୂପତି. ପ୍ରେମପଞ୍ଚାମୃତ ।)

ବ୍ରହ୍ମରୀତି—ସଂ. ବ—ପିତ୍ତଳ ବିଶେଷ; ଟିଙ୍ଗଲା— Brahmariti A kind of brass.

ବ୍ରହ୍ମ ରେ(ଲେ)ଖ—ସଂ. ବ ( ୬ଷ୍ଠୀ ତତ୍ )—ଜୀବର ଜନ୍ମଠାରୁ Brahma re(le)kha ମରଣ ପର୍ଯ୍ୟନ୍ତ ଜୀବନର ଅବଶ୍ୟଂଭାବୀ ଘଟଣାମାନ,ଯାହାକୁ ଜନ୍ମ ବେଳାରେ ବ୍ରହ୍ମା ତା କପାଳରେ ଲେଖି ଦେଇ ଯାଆନ୍ତି ( ବ୍ୟୁ. ଷ ); କପାଳ ଲେଖନ— The supposed decree which is written on every animal's brow by Brahmā just after his birth.

ବ୍ରହ୍ମର୍ଷି—ସଂ. ବି (ବ୍ରହ୍ମନ୍+ଋଷି)—୧ । ବଶିଷ୍ଠାଦି ମୁନିଗଣ—1. A Brahmarshi class of saints. ୨ । ବ୍ରାହ୍ମଣ ଋଷି—2. A Brāhmaṇa who has become a sage. ୩ । ବଶିଷ୍ଠ, କଶ୍ୟପ, ଅଙ୍ଗିରା, ଅତ୍ରି ଓ ଭୃଗୁ ଏହି ପଞ୍ଚ ପ୍ରଜାପତିଙ୍କ ବଂଶଧର ମୁନିଗଣ—3. Sages descended from Baśistha and other 4 sages. [ଦ୍ର—ବ୍ରହ୍ମର୍ଷି ବଶିଷ୍ଠାଦି ଓ ସେମାନଙ୍କ ବଂଶଧରମାନେ । ଦେବର୍ଷି—ଧର୍ମଙ୍କ ପୁତ୍ର ନର, ନାରାୟଣ, କ୍ରତୁଙ୍କ ପୁତ୍ର ବାଲଖିଲ୍ୟ, ପୁଲହଙ୍କ ପୁତ୍ର କର୍ଦ୍ଦମ, ପୁଲସ୍ତ୍ୟ ପୁତ୍ର କୁବେର, ପ୍ରତ୍ୟୂଷ ପୁତ୍ର ଅଚଳ, କାଶ୍ୟପ ପୁତ୍ର ନାରଦ ଓ ପର୍ବତ । ରାଜର୍ଷି—ଇକ୍ଷ୍ୱାକୁ, ନଳ, ଜନକ, ବିଶ୍ୱାମିତ୍ର । ଦେହ ତ୍ୟାଗପରେ ବ୍ରହ୍ମର୍ଷିମାନେ ବ୍ରହ୍ମଲୋକରେ, ଦେବର୍ଷିମାନେ ଦେବଲୋକରେ ଓ ରାଜର୍ଷିମାନେ ଇନ୍ଦ୍ରଲୋକରେ ବାସ କରନ୍ତି ।]

ବ୍ରହ୍ମ ଲୋକ—ସଂ. ବି—୧ । ବ୍ରହ୍ମାଙ୍କ ବାସସ୍ଥାନ—1. The residence of Brahmā. Brahma loka [ଦ୍ର—ଏହା ବ୍ରହ୍ମର୍ଷି ଓ ବ୍ରହ୍ମଜ୍ଞମାନଙ୍କର ପରଲୋକରେ ବାସସ୍ଥାନ ଅଟେ ।] ୨ । ବ୍ରହ୍ମଜ୍ଞାନୀମାନଙ୍କ ଲବ୍ଧ ମୋକ୍ଷ—2. The final beatitude attained by Brahmajñānis.

ବ୍ରହ୍ମଶର—ଦେ. ବି (ସଂ. ବ୍ରହ୍ମଶିରଃ)—ବ୍ରହ୍ମଶିରଃ (ଦେଖ) Brahmaśara Brahmaśiraḥ (See)

ବ୍ରହ୍ମଶଲ୍ୟ—ସଂ. ବି—ସୋମବଲ୍କ; ବବୁଲ ଗଛ— Brahmaśalya Name of a tree; Acacia Arabica

ବ୍ରହ୍ମ ଶାସନ—ସଂ. ବି (୬ଷ୍ଠୀତତ୍)—୧ । ବେଦର ବା ସ୍ମୃତିର ଆଦେଶ Brahma śāsana (ହି. ଶ)—1. The injunctions laid down in the scriptures. ୨ । ରାଜାଙ୍କ ଦ୍ୱାରା ବ୍ରାହ୍ମଣଙ୍କୁ ପ୍ରଦତ୍ତ ଗ୍ରାମ (ହି. ଶ)—2. A village given free by a king to Brāhmaṇas to live in.

ବ୍ରହ୍ମଶିରଃ—ସଂ. ବି—ବ୍ରାହ୍ମଶର; ବ୍ରହ୍ମାସ୍ତ୍ର; ମହାପ୍ରଭାମୟ ଯୁଦ୍ଧାସ୍ତ୍ର ବିଶେଷ—A very powerful and lustrous war-weapon. Brahma śiraḥ [ଦ୍ର—ଏଥିର ଉଲ୍ଲେଖ ରାମାୟଣ ମହାଭାରତରେ ଅଛି । ଦ୍ରୋଣାଚାର୍ଯ୍ୟ ଅଗସ୍ତ୍ୟଙ୍କଠାରୁ ଏ ଅସ୍ତ୍ରର ପ୍ରୟୋଗ ଶିକ୍ଷା କରି ଅର୍ଜୁନଙ୍କୁ ଓ ଅଶ୍ୱତ୍ଥାମାଙ୍କୁ ଶିଖାଇଥିଲେ । ହି. ଶ]
ବ୍ରହ୍ମବାଣ, ବ୍ରହ୍ମଶିର } ଅନ୍ୟରୂପ

ବ୍ରହ୍ମ ସଂହିତା— ଭଗବତ୍ ସିଦ୍ଧାନ୍ତ ସଂଗ୍ରହ ଗ୍ରନ୍ଥ ବିଶେଷ— Brahma saṁhitā A Hindu theological treatise.

ବ୍ରହ୍ମ ସଙ୍ଗୀତ—ଦେ. ବି—ନିରାକାର ବ୍ରହ୍ମଙ୍କ ସ୍ତବଗୀତିକା; ବ୍ରହ୍ମୋପାସନାମୂଳକ ସଙ୍ଗୀତ—Hymns composed in honour of the Formless Supreme Being. Brahma saṅgita [ଦ୍ର—ରାଜା ରାମମୋହନରାୟ ବଙ୍ଗ ଦେଶରେ ଏ ସଙ୍ଗୀତର ପ୍ରଥମ ପଥ ପ୍ରଦର୍ଶକ । ]

ବ୍ରହ୍ମସତୀ—ସଂ. ବି—ସରସ୍ୱତୀ— Brahmasatī The Goddess of learning.

ବ୍ରହ୍ମସତ୍ର—ସଂ. ବି—ବ୍ରହ୍ମଯଜ୍ଞ (ଦେଖ) Brahmasatra Brahmajajña (See).

ବ୍ରହ୍ମସଭା—ସଂ. ବି (୬ଷ୍ଠୀ ତତ୍)—୧ । ବ୍ରହ୍ମାଙ୍କ ସଭା—1. The council held in the court of God Brahmā. Brahmasabhā ୨ । ବ୍ରାହ୍ମଣମାନଙ୍କ ସଭା—2. An assembly or meeting of Brāhmaṇas.

ବ୍ରହ୍ମ ସମାଜ—ଦେ. ବି—ବ୍ରାହ୍ମ ସମାଜ (ଦେଖ)—Brāhma samāja (See). Brahma samāja ब्राह्मसमाज ब्रह्मसमाज

ବ୍ରହ୍ମ ସମ୍ଭବ—ସଂ. ବିଣ. ପୁଂ (ବହୁବ୍ରୀହି; ବ୍ରହ୍ମାଙ୍କଠାରୁ ସମ୍ଭବ ବା ଜନ୍ମ ଯାହାର)—ବ୍ରହ୍ମାଙ୍କଠାରୁ ଜାତ— Brahma sambhaba Born of Brahmā.

ବ୍ରହ୍ମ ସରଃ—ସଂ.ବି—ଭାରତ ଦେଶୀୟ ମାନସରୋବର ନାମକ ପାର୍ବତ୍ୟ ହ୍ରଦ; ହ୍ରଦ ତୀର୍ଥ ବିଶେଷ—Name of a big inland lake north of the Himalayas. Brahma saraḥ

ବ୍ରହ୍ମ ସାବର୍ଣ୍ଣି—ସଂ. ବି—ଦ୍ୱାଦଶ ମନୁ—The 12th descendant from Manu. Brahma sābarṇṇi

ବ୍ରହ୍ମ ସାଯୁଜ୍ୟ—ସଂ. ବି—ବ୍ରହ୍ମଙ୍କ ସହିତ ସଂଯୋଗ; ବ୍ରହ୍ମରେ ଲୟ— Brahma sājujya Merging in the Brahma.

ବ୍ରହ୍ମ ସିଦ୍ଧାନ୍ତ—ସଂ. ବି—ଜ୍ୟୋତିଷ ଗ୍ରନ୍ଥ ବିଶେଷ—The title of an astrological work. Brahma siddhānta

ବ୍ରହ୍ମ ସୁବର୍ଚ୍ଚଳା—ସଂ. ବି—ଆଦିତ୍ୟଭକ୍ତାର ପ୍ରକାର ଭେଦ; ଏକ ପ୍ରକାର ବନ୍ୟ ଶାକ; ଅଣସୋରିଷ—A sort of wild potherb; Cleomi Viscosa; Polanisia Icosandra; the sunflower plant. Brahma subarchchalā [ଦ୍ର—ପୂର୍ବେ ତପସ୍ୱୀମାନେ ଏ ଗୁଳ୍ମର କାଠ ରସ ପାନ କରୁଥିଲେ । ହି. ଶ ।]

ବ୍ରହ୍ମସୂ—ସଂ. ବି. (ବ୍ରହ୍ମ+ସୂ ଧାତୁ=ପ୍ରସବ କରିବା+କର୍ତ୍ତୃ. କ୍ୱିପ୍)— Brahmasū ୧ । କନ୍ଦର୍ପ—1. Cupid; the God of love. (ଦ୍ର—ବ୍ରହ୍ମସୂ ଛାଡ ସୂନର ପରଂବ୍ରହ୍ମ ବ୍ରହ୍ମଶର, ପ୍ରୟୋଗ ଏ ଧାମସୂରେ ଉର ଉପର । ବଙ୍ଗ. ବୈଦେହୀଶବିଳାସ ।) ୨ । ଅନିରୁଦ୍ଧ—2. Aniruddha. ୩ । ବିଷ୍ଣୁଙ୍କର ମୂର୍ତ୍ତି ବିଶେଷ (ହି. ଶ)—3. Name of an image of Bishṇu.

ବ୍ରହ୍ମ ସୂତ୍ର—ସଂ. ବି—୧ । ବ୍ରାହ୍ମଣର ଯଜ୍ଞ ସୂତ୍ର; ପଇତା— Brahma sūtra 1. A Brāhmaṇa's sacred thread. ୨ । ବେଦାନ୍ତ ସୂତ୍ର—2. The aphorisms of the Vedānta. [ଦ୍ର—ଏହା ବ୍ୟାସ ଦେବଙ୍କ ସଙ୍କଳିତ ।]

ବ୍ରହ୍ମ ସୂନୁ—ସଂ. ବି—୧ । ବ୍ରହ୍ମ ଦତ୍ତ (ଦେଖ) Brahma sūnu 1. Brahma datta ( See ) ୨ । ବ୍ରହ୍ମାଙ୍କ ପୁତ୍ର—2. A son of Brahmā.

ବ୍ରହ୍ମ ସୃଜ—ସଂ. ବି. (ବ୍ରହ୍ମ+ସୃଜ ଧାତୁ+କର୍ତ୍ତୃ. ଅ)—୧ । ବ୍ରହ୍ମାଙ୍କ ଉତ୍ପାଦୟିତା—1. The begetter of Brahmā. Brahma sṛuja ୨ । ଶିବ (ହି. ଶ)—2. Śiba.

ବ୍ରହ୍ମସ୍ତେୟ—ସଂ. ବି—ଗୁରୁଙ୍କ ବିନା ଅନୁମତିରେ ସେ ଅନ୍ୟକୁ ପଢ଼ାଉ
Brahmasteya ଥିବା ପାଠକୁ ଶୁଣି କରି ପାଠ ପଢ଼ିବା (ମନୁ ସଂହିତା) (ହି.ଶ)—Learning of the lessons which a teacher is teaching to another, by overhearing it and without his permission.

ବ୍ରହ୍ମସ୍ୱ—ସଂ. ବି ( ବ୍ରହ୍ମ+ଧନାର୍ଥେ. ସ୍ୱ )—ବ୍ରାହ୍ମଣର ସମ୍ପତ୍ତି—
Brahmaswa The property of a Brāhmaṇa.

ବ୍ରହ୍ମସ୍ୱୀ—ଦେ. ବିଣ ପୁଂ.—୧ । ଋଣୀ—1. Debtor. ୨ । ପିତାଶତ୍ରୁର
Brahmaswi ସହାୟକ—2. The helper of one's fathers enemy. ( ଭୂ—ବୋଲେ ଦଶର୍ଥିର ଧରି ବ୍ରାହ୍ମଣର, ବ୍ରହ୍ମସ୍ୱୀ ପ୍ରାଣ ଧନ ଦେ । ଉତ୍ତ. ବୈଦେହୀଶ-ବିଳାସ । )

ବ୍ରହ୍ମ ହତ୍ୟା—ସଂ. ବି(ସ୍ତ୍ରୀଲିଙ୍ଗ)—ବ୍ରାହ୍ମଣ ବଧ—The murder-
Brahma hatyā ing of a Brahmaṇa. [ ଦ୍ର— ଶାସ୍ତ୍ରମତେ ଏହା ଗୋଟିଏ ମହାପାତକ ଓ ଏଥିର ପ୍ରାୟଶ୍ଚିତ୍ତ ଅତି କଠୋର ।]

ବ୍ରହ୍ମ ହବିଃ—ସଂ.ବି— ବ୍ରହ୍ମଙ୍କ ଉଦ୍ଦେଶ୍ୟରେ ଅଗ୍ନିରେ ପ୍ରଦତ୍ତ ଆହୁତି—
Brahma habiḥ Oblations of ghee offered to Brahma or God.

ବ୍ରହ୍ମହା—ସଂ. ବିଣ. ଓ ବି. ପୁଂ ( ବ୍ରହ୍ମ+ହନ ଧାତୁ=ବଧ କରିବା+
Brahmahā କର୍ତ୍ତି. କ୍ୱିପ୍ )—ବ୍ରହ୍ମଘାତୀ—Murderer of a Brāhmaṇa. ବି—ଶୂଦ୍ରାପତି ବ୍ରାହ୍ମଣ—A Brāhmaṇa marrying a Sūdra woman.

ବ୍ରହ୍ମହୁତ—ସଂ. ବି ( ବ୍ରହ୍ମନ୍=ବ୍ରାହ୍ମଣ+ହୁତ=ଭକ୍ତି )—ଅତିଥି
Brahmahuta ସେବା; ନୃଯଜ୍ଞ—Entertainment of a guest or stranger ; hospitality.

ବ୍ରହ୍ମ ହୃଦୟ—ସଂ. ବି—ନକ୍ଷତ୍ର ବିଶେଷ ( ନକ୍ଷତ୍ର ତଳେ ୩୬ ସଂଖ୍ୟକ
Brahma hṛudaya ପରିଚୟ ଦେଖ) —Name of a star; Cappella.

ବ୍ରହ୍ମା—ସଂ.ବି. ପୁଂ—(ବ୍ରହ୍ମନ୍ ଶବ୍ଦ୍ୟ ମା.ବ) ଏହା ବେଦରେ ସାଧାରଣ
Brahmā ସ୍ତୁତିବାଚକ ପଦ ରୂପେ ବ୍ୟବହୃତ ହୋଇଅଛି )—
(ବ୍ରହ୍ମାଣୀ—ସ୍ତ୍ରୀ) ୧ । ସ୍ତୁତି—1. Hymn; prayer. ୨ । ସ୍ତୋତା; ସ୍ତୁତିକାରୀ—2. A man who prays. ୩ । କବି—3. A poet. ୪ । ବ୍ରାହ୍ମଣ; ଦ୍ୱିଜ—4. Brāhmaṇa. ୫ । ଋତ୍ୱିକ୍; ପୁରୋହିତ—5. Priest. ୬ । ବୈଦିକ ଅନୁଷ୍ଠାନର ପ୍ରଧାନ ପୁରୋହିତ —6. The chief priest presiding at a Vedic rite. ୭ । କୁଳପୁରୋହିତ—7. One's family priest. ୮ । ବ୍ରହ୍ମହୃଦୟ; ଉତ୍ତରଦିଗବର୍ତ୍ତୀ ନକ୍ଷତ୍ରବିଶେଷ (ନକ୍ଷତ୍ରତଳେ ୩୬ ପରିଚୟ ଦେଖ )—8. Name of a star; Cappella. ୯ । ହିନ୍ଦୁ ଶାସ୍ତ୍ରୋକ୍ତ ବ୍ରହ୍ମଙ୍କର ୩ ସଗୁଣ ରୂପ ମଧ୍ୟରୁ ଏକତମ; ସୃଷ୍ଟିକର୍ତ୍ତା; ବିଧାତା; ପ୍ରଜାପତି—9. The Creator of the Universe (according to the Hindus).

[ଦ୍ର—ବ୍ରହ୍ମା ସୃଷ୍ଟି କରନ୍ତି, ବିଷ୍ଣୁ ପାଳନ କରନ୍ତି ଓ ଶିବ ସଂହାର କରନ୍ତି ।—ମନୁସ୍ମୃତି ଅନୁସାରେ ସ୍ୱୟଂଭୂ ଭଗବାନ୍ ପ୍ରଥମେ ଜଳକୁ ସୃଷ୍ଟି କରି ସେଥିରେ ବୀଜ ବୁଣିଲେ, ସେଥିରୁ ଗୋଟିଏ ହୈମବର୍ଣ୍ଣମୟ ଅଣ୍ଡ ବାହାରିଲା; ସେହି ଅଣ୍ଡ ମଧ୍ୟରୁ ବ୍ରହ୍ମା ବାହାରିଲେ । ଭାଗବତ ଆଦି ପୁରାଣରେ ଅଛି ଯେ ଭଗବାନ୍ ବିଷ୍ଣୁ ପ୍ରଥମେ ମହତ୍ତତ୍ତ୍ୱ, ଅହଙ୍କାର ଓ ପଞ୍ଚ ତନ୍ମାତ୍ର ଦ୍ୱାରା ଏକାଦଶ ଇନ୍ଦ୍ରିୟ ଓ ପଞ୍ଚ ମହାଭୂତ, ଏହି ୧୬ କଳାକୁ ସଂଗ୍ରହିତ କରି ବିରାଟ ରୂପ ଧାରଣ କଲେ । ବିଷ୍ଣୁ ଯେତେବେଳେ ଯୋଗନିଦ୍ରାରେ ଶୋଇଥିଲେ ତାଙ୍କ ନାଭିରୁ ଗୋଟିଏ ନାଡ଼ଲଗା ପଦ୍ମ ଫୁଟିଲା ଓ ସେହି ପଦ୍ମ ମଧ୍ୟରୁ ବ୍ରହ୍ମା ଜନ୍ମିଲେ । ବ୍ରହ୍ମାଙ୍କର ଅନ୍ୟ ନାମ ଧାତା, ବିଧାତା, ପ୍ରଜାପତି, ବେଧାଃ, ପିତାମହ, ପରମେଷ୍ଠୀ, ପଦ୍ମଯୋନି, ଚତୁର୍ମୁଖ ଇତ୍ୟାଦି । ବ୍ରହ୍ମାଙ୍କର ଦଶଜଣ ମାନସପୁତ୍ର ମରୀଚି, ଅତ୍ରି, ଅଙ୍ଗିର, ପୁଲସ୍ତ୍ୟ, ପୁଲହ, କ୍ରତୁ, ପ୍ରଚେତା, ବଶିଷ୍ଠ, ଭୃଗୁ ଓ ନାରଦ । ପୁରାଣ ମାନଙ୍କରେ ବ୍ରହ୍ମାଙ୍କୁ ବେଦମାନଙ୍କର ପ୍ରକଟୟିତା ବୋଲାଯାଇ ଅଛି । ବ୍ରହ୍ମା ମନୁଷ୍ୟର ଜନ୍ମ ପୂର୍ବରୁ ପ୍ରତ୍ୟେକ ବ୍ୟକ୍ତିର ଭାଗ୍ୟ ନିର୍ଣ୍ଣୟ କରନ୍ତି —ହି . ଶ) । ୯ । ବେଦବକ୍ତା—9. The recitor of the Bedas. ୧୦ । ଅର୍ହତ୍ ବିଶେଷ; ଜୈନ ଭଗବତ୍‌ବିଶେଷ – 10. A class of Jaina saints.

ଦେ. ବି—୧ । ବ୍ରାହ୍ମଣଙ୍କର ବଂଶୋପାଧିବିଶେଷ—1. A family title of Brāhmaṇas. ୨ । (ଲକ୍ଷଣାର୍ଥ) କୌଣସି ବିଷୟରେ ସର୍ବୋଚ୍ଚ ବ୍ୟକ୍ତି ବା କର୍ତ୍ତା—2. The master or head in any matter.

ବ୍ରହ୍ମା କୁଣ୍ଡ—ଦେ. ବି—ଯାଜପୁରରେ ଥିବା ଯଜ୍ଞ କୁଣ୍ଡ—Name of
Prahmā kuṇḍa a sacrificial pit in Jajpur.
[ଦ୍ର—ଯାଜପୁରରେ ବ୍ରହ୍ମା ଯେଉଁଠାରେ ଯଜ୍ଞ କରିବା ପାଇଁ କୁଣ୍ଡ ଖୋଳାଇଥିଲେ ସେଥିରୁ ବିରଜା ଦେବୀ ବାହାରିଥିଲେ । ନାଭିଗୟା ନିକଟ ସ୍ଥଳ ।]

ବ୍ରହ୍ମାକ୍ଷର—ସଂ. ବି—ଓଁକାର—
Brahmākshara The mystic syllable 'Om'.

ବ୍ରହ୍ମାଗ୍ରଭୂ—ସଂ. ବି—ଘୋଟକ; ଘୋଡ଼ା; ଅଶ୍ୱ —
Brahmāgrabhū The horse.

ବ୍ରହ୍ମାଙ୍କ ସର୍ଜନା—ଦେ ବି—୧ । ବିଧାତାଙ୍କର ସୃଷ୍ଟ ଜଗତ୍—
Brahmāṅka sarjanā 1. Brahmā's creation.
ବ୍ରହ୍ମାଙ୍କ ସୃଷ୍ଟି, ବ୍ରହ୍ମାଙ୍କ ସର୍ଜନା } ଅନ୍ୟରୂପ ୨ । ସାଧାରଣ ପଦାର୍ଥସମାନ ଘଟନା—2. An ordinary or natural thing.
(ବିଶ୍ୱାମିତ୍ରଙ୍କ ସର୍ଜନା—ବିପରୀତ)
ব্রহ্মার সর্জনা ब्रह्माकी सर्जना

ବ୍ରହ୍ମାଞ୍ଜଳି—ସଂ. ବି—୧ । ସାମବେଦ ପାଠ ସମୟରେ ସ୍ୱର ବିଭାଗ ନିମିତ୍ତ
Brahmāñjaḷi ଅଞ୍ଜଳି ବନ୍ଧନ—1. Joining the palms of the hands for keeping time while reciting

the Sāma Beda. ୨ । ବେଦାଧ୍ୟୟନର ଆରମ୍ଭରେ ଓ ଶେଷରେ ପ୍ରଣବୋଚ୍ଚାରଣ ପୂର୍ବକ ଗୁରୁଙ୍କ ଉଦ୍ଦେଶ୍ୟରେ କୃତାଞ୍ଜଳି ହେବା—2. Folding the palms in honour of the preceptor while beginning to read and finishing the reading of the Bedas.

ବ୍ରହ୍ମାଣୀ—ସଂ. ବି. ସ୍ତ୍ରୀ ( ବ୍ରହ୍ମନ୍+ସ୍ତ୍ରୀ. ଈ )—୧ । ବ୍ରହ୍ମାଙ୍କ ପତ୍ନୀ—
Brahmāṇi 1. The wife of Brahmā. ୨ । ବ୍ରହ୍ମାଙ୍କର ସୃଷ୍ଟି ଶକ୍ତି—2. The creative energy of Brahmā (personified). ୩ । ଦେବୀ ବିଶେଷ—3. Name of a Goddess. ୪ । ବ୍ରାହ୍ମଣୀ—4 A female Brāhmaṇa. ୫ । ରେଣୁକା ନାମକ ଗନ୍ଧ ଦ୍ରବ୍ୟ—5. A medicinal scent. ୬ । ଏକ ପ୍ରକାର କଂସା—6. A kind of bellmetal. ୭ । ସରସ୍ୱତୀ (ହି. ଶ)—7. Goddess Saraswatī.

ବ୍ରହ୍ମାଣ୍ଡ—ସଂ. ବି—୧ । ବ୍ରହ୍ମାଙ୍କ ସୃଷ୍ଟ ବିଶ୍ୱ ଗୋଲକ—
Brahmāṇḍa 1. The universe; the world.
[ଦ୍ର—ମନୁରେ ଲେଖାଅଛି ଯେ ସ୍ୱୟଂ ଭଗବାନ୍ ପ୍ରଜା ସୃଷ୍ଟି କରିବାର ଇଚ୍ଛା କରି ପ୍ରଥମେ ଜଳର ସୃଷ୍ଟି କଲେ ଓ ତହିଁରେ ବୀଜ ବୁଣିଲେ । ବୀଜ ବୁଣିବାରୁ ସୂର୍ଯ୍ୟଙ୍କ ପରି ତେଜୋମୟ ଗୋଟିଏ ସ୍ୱର୍ଣ୍ଣାଭ ଅଣ୍ଡ ଉତ୍ପନ୍ନ ହେଲା । ସେହି ଅଣ୍ଡ ବା ଗୋଳକରୁ ବ୍ରହ୍ମା ଜନ୍ମିଲେ । ବ୍ରହ୍ମା ଉକ୍ତ ଅଣ୍ଡ ମଧ୍ୟରେ ଏକ ବରଷ ବାସ କରି ତାକୁ ଦୁଇ ଫାଳ କଲେ; ଊର୍ଦ୍ଧ୍ୱ ଖଣ୍ଡରେ ସ୍ୱର୍ଗାଦି ଲୋକ ଓ ଅଧୋଖଣ୍ଡରେ ପୃଥିବୀ ଆଦିକୁ ରଚନା କଲେ । ଏଥିପାଇଁ ବିଶ୍ୱଗୋଳକକୁ ବ୍ରହ୍ମାଣ୍ଡ ବୋଲାଯାଏ—ହି. ଶ] ୨ । ନର କପାଳ; ଖପୁରି (ହି. ଶ)—2. The human skull.

ବ୍ରହ୍ମାଣ୍ଡ ପୁରାଣ—ସଂ. ବି—ପୁରାଣ ବିଶେଷ—
Brahmāṇḍa purāṇa Name of a Purāṇa.
[ଦ୍ର—ପୁରାଣ ତଳେ ଟୀକା ଦେଖ ।]

ବ୍ରହ୍ମାତ୍ମଭୂ—ସଂ. ବି—ଅଶ୍ୱ; ଘୋଟକ—
Brahmātmabhū Horse.

ବ୍ରହ୍ମାଧିଗମନ—ସଂ. ବି—ବେଦ ପାଠ—
Brahmādhigamana Reading of the Bedas.
(ବ୍ରହ୍ମାଭ୍ୟାସ—ଅନ୍ୟରୂପ)

ବ୍ରହ୍ମାନନ୍ଦ—ସଂ. ବି—ବ୍ରହ୍ମ ଜ୍ଞାନ ଲାଭ କରିବା ବ୍ୟକ୍ତିର ଅନୁଭୂତ
Brahmānanda ପରମାନନ୍ଦ—The joy which one feels when he realises the Brahma.

ବ୍ରହ୍ମା ପୁତ୍ର—ଦେ. ବି (ସଂ. ବ୍ରହ୍ମପୁତ୍ର)—୧ । ବ୍ରହ୍ମାଙ୍କ ପୁତ୍ର—1. The
Brahmā putra son of Brahmā. ୨ । ଜାମ୍ବବାନ୍—2. Jāmbabān. (ଉ—ବ୍ରହ୍ମା ପୁତ୍ର ଅଶ୍ୱିନୀ କୁମାରସୁତ ସ୍ଥିତ । ଉପେ. ବୈଦେହୀଶବିଳାସ ।]

ବ୍ରହ୍ମା ବରଣ—ଦେ. ବି—ବୈଦିକ କର୍ମରେ ପ୍ରଧାନ ପୁରୋହିତଙ୍କର
Brahmā baraṇa ନିର୍ବାଚନ—The act of formally choosing and engaging the chief priest for a vedic ritual.

ବ୍ରହ୍ମାବର୍ତ୍ତ—ସଂ. ବି—କୁରୁକ୍ଷେତ୍ର ନିକଟସ୍ଥ ଦୃଷଦ୍ୱତୀ ଓ ସରସ୍ୱତୀ
Brahmābartta ନଦୀର ମଧ୍ୟବର୍ତ୍ତୀ ପ୍ରାଚୀନ ଦେଶ—
Name of a holy place in N. W. India.
[ଦ୍ର—ମନୁରେ ଏହି ଅଞ୍ଚଳର ପରମ୍ପରାଗତ ଆଚାରକୁ ସବୁଠାରୁ ଶ୍ରେଷ୍ଠ ସଦାଚାର ବୋଲି ବୋଲା ଯାଇଅଛି ।]

ବ୍ରହ୍ମାମ୍ଭଃ—ସଂ. ବି—ଗୋମୂତ୍ର; ଚନ୍ଦି—
Brahmāmbhaḥ The urine of the cow.

ବ୍ରହ୍ମାୟଣୀ—ଗ୍ରା. ବି. (ସଂ. ବ୍ରାହ୍ମଣୀ)—୧ । ବ୍ରହ୍ମାଙ୍କ ସ୍ତ୍ରୀ; ସାବିତ୍ରୀ—
Brahmāyaṇi 1. The wife of Brahmā.
୨ । ବ୍ରହ୍ମାଙ୍କ ଶକ୍ତି—2. The creative energy of Brahmā ୩ । ଅଷ୍ଟାଦଶ ଯୋଗିନୀ (ଦେବୀ)ଙ୍କ ମଧ୍ୟରୁ ଜଣେ—3. One of the 18 popular Goddesses.

ବ୍ରହ୍ମାୟୁଷ—ଦେ.ବି (ସଂ. ବ୍ରହ୍ମାୟୁଃ)—ବ୍ରହ୍ମାଙ୍କର ପରମାୟୁ; ଅନନ୍ତକାଳ—
Brahmāyusha The lifetime or the age of a Brahmā; an indefinitely long period.
(ଉ—ବ୍ରହ୍ମାୟୁଷ । ବିହରନ୍ତି ନର ନିଃଶ୍ୱାସକେ । ଉପେ. ବୈଦେହୀଶବିଳାସ ।)

ବ୍ରହ୍ମାରଣ୍ୟ—ସଂ.ବି—ବେଦ ପାଠର ସ୍ଥାନ—A place where the
Brahmāraṇya Bedas are read and explained.

ବ୍ରହ୍ମାର୍ପଣ—ସଂ. ବି—ନିଜର କୃତ କାର୍ଯ୍ୟକୁ ବ୍ରହ୍ମଙ୍କଠାରେ ଅର୍ପଣ—The
Brahmārpaṇa act of renanciating or dedicating one's work unto God.

ବ୍ରହ୍ମାସନ—ସଂ. ବି—( ବ୍ରହ୍ମନ୍+ଆସନ )—ଯୋଗାସନ; ଧ୍ୟାନାସନ;
Brahmāsana ପଦ୍ମାସନ; ଯେଉଁ ଆସନରେ ବସି ପରମାର୍ଥ ବିଚାରିବାର ବ୍ରହ୍ମଙ୍କୁ ଚିନ୍ତା କରାଯାଏ—A posture which is prescribed for persons performing religious meditation.

ବ୍ରହ୍ମାସ୍ତ୍ର—ସଂ. ବି (ବ୍ରହ୍ମନ୍+ଅସ୍ତ୍ର)—୧ । ବ୍ରହ୍ମବାଣ; ବ୍ରହ୍ମତେଜୋମୟ
Brahmāstra ଅମୋଘ ଅସ୍ତ୍ର;ମହାସମରାଶାଳୀ ଯୁଦ୍ଧାସ୍ତ୍ର--1. A very powerful and never-failing weapon used in the wars in ancient India. ୨। ବ୍ରହ୍ମଶାପ—2.A Brāhmaṇa's curse. ୩।(ଲକ୍ଷଣାର୍ଥ) ବ୍ରହ୍ମାସ୍ତ୍ରପରି ଅମୋଘ ପ୍ରୟୋଗ ବା ଔଷଧ ବା ଉପାୟ-3.(figurative) Any sure means (like the Brahmāstra),a sure weapon); a never-failing remedy;an unfailing remedy.

ବ୍ରହ୍ମିଷ୍ଠ—ସଂ. ବିଣ. ପୁଂ (ବ୍ରହ୍ମ+ସ୍ଥା. ଧାତୁ+କର୍ତ୍ତୃ. ଅ, ନିପାତନ)—
Brah mishṭha ବ୍ରହ୍ମଜ୍ଞାନୀ; ବ୍ରହ୍ମନିଷ୍ଠ—Devoted to
(ବ୍ରହ୍ମିଷ୍ଠା—ସ୍ତ୍ରୀ) the contemplation of the Brahma.

ବ୍ରହ୍ମିଷ୍ଠା—ସଂ. ବି. ସ୍ତ୍ରୀ—ଦୁର୍ଗା—
Brahmishṭhā Goddess Durgā.

ବ୍ରାହ୍ମୀ—ସଂ. ବି (ବୃହ୍. ଧାତୁ=ବୃଦ୍ଧି ପାଇବା+କର୍ତ୍ତୃ. ମନ୍+ଈ)—
Brahmi ୧। ଏକ ପ୍ରକାର ପଙ୍କୁଆ ମାଛ; ବମ୍ବାମାଛ—1. A kind of fish moving in the mud at the bottom of water (shaped like a cylinder); Macrognathus Pancalus. ୨। ଭାର୍ଗୀ; ବ୍ରାହ୍ମଣଯଷ୍ଟିକା—2. Siphonanthus Indica. ୩। ବ୍ରାହ୍ମୀଶାଗ—3. A potherb; Ruta Graveolens. ଦେ·ଭ—୧। ବ୍ରାହ୍ମଧର୍ମାବଲମ୍ବୀ ବ୍ୟକ୍ତି—1. A Brahmo. ୨। ବ୍ରହ୍ମଦେଶବାସୀ ବ୍ୟକ୍ତି—2. A Burmese.

ବ୍ରାହ୍ମୋତ୍ତର (ଇତ୍ୟାଦି) - ସଂ.ଦେ.ବମ୍ବ ବି (ବ୍ରହ୍ମନ୍=ବ୍ରାହ୍ମଣ+ଉତ୍ତର
Brahmottara(etc) =ପ୍ରଧାନ ବା ଅଧିକାରଯାହାର; ବମ୍ବ ସଂ. ବ୍ରହ୍ମତ୍ର)—ବ୍ରହ୍ମତ୍ତର ଇତ୍ୟାଦି (ଦେଖ)—Brahmattara etc (See).

ବ୍ରାହ୍ମୋତ୍ସବ—ପ୍ରାଦେ. (ଗଞ୍ଜାମ) ବି—ମନ୍ଦାସାର ଗ୍ରାମଧାମରେ ପ୍ରତିଷ୍ଠିତ
Brahmotsaba ଶ୍ରୀଜଗନ୍ନାଥ ଦେବ ବାସୁଦେବଙ୍କ ଦେବାଳୟ-ପ୍ରତିଷ୍ଠା ଦିବସର ବାର୍ଷିକ ଉତ୍ସବ—A grand festival observed in Mandassa in the district of Ganjam.
[ଦ୍ର—ଏହା ବୈଶାଖ ମାସରେ ହୁଏ। ଏହା ପଣାସଂକ୍ରାନ୍ତିଠାରୁ ଆରମ୍ଭ ହୋଇ ଏଠାରେ ଦଶ ଦିନ ଧରି ଚାଲି ଶେଷ ହୁଏ। ମନ୍ଦାସାର ରାଜବଂଶ ସ୍ମାର୍ତ୍ତ ମତାବଲମ୍ବୀ ବୈଷ୍ଣବ ଅଟନ୍ତି। ଗ୍ରାମଦେବତା ଦେବଙ୍କ ନାମ ବାସୁଦେବ; ଏ ଉତ୍ସବରେ ମନ୍ଦାସାରାଜାଙ୍କର ଓ ଚତୁଃପାର୍ଶ୍ୱ ଅଞ୍ଚଳର ବହୁସହସ୍ର ଲୋକ ଆସି ଯୋଗ ଦିଅନ୍ତି; ଖରଅନ୍ତରୁ ସଜ୍ଜିତ ସଙ୍ଗୀତ, ବୈଠକ, ସଭା ନାଟ ଆଦି ହୁଏ ଓ ବିକ୍ରୟାର୍ଥ ବହୁ ପଣ୍ୟଦ୍ରବ୍ୟର ଦୋକାନ ବଜାରରେ ବସେ। ଏ ଉତ୍ସବରେ ଓଡ଼ିଶାର ଓ ଗଞ୍ଜାମର ସାଧୁମାନେ ସମସ୍ତ ସମୟରେ ଆସି ଯୋଗ ଦିଅନ୍ତି।
ଦେ. ବି—ବ୍ରାହ୍ମଧର୍ମାବଲମ୍ବୀମାନଙ୍କର ମାଘୋତ୍ସବ—A festival held by the Brahmos in the month of Māgha.

ବ୍ରାହ୍ମୋପଦେଶ—ସ. ବି—୧। ବେଦ ସମ୍ବନ୍ଧେ ଉପଦେଶ—1.
Brahmopadeśa Vedic instruction. ୨। ନିରାକାର ବ୍ରହ୍ମ ସମ୍ବନ୍ଧେ ଉପଦେଶ—2. Spiritual instruction regarding the Formless God.

ବ୍ରାହ୍ମୋପାସକ—ସ. ବିଣ. ପୁଂ—୧। ବ୍ରହ୍ମାଙ୍କ ଉପାସକ—1.
Brahmopāsaka Worshipping the Brahmā.
(ବ୍ରାହ୍ମୋପାସିକା—ସ୍ତ୍ରୀ; ୨। ନିରାକାର ବ୍ରହ୍ମଙ୍କର ଉପାସନାକାରୀ—2. Worshipping the Formless God.
ଦେ. ବି. ପୁଂ—ବ୍ରାହ୍ମଧର୍ମାବଲମ୍ବୀ—A Brāhmo.

ବ୍ରାହ୍ମୋପାସନା—ସ. ବି—୧। ବ୍ରହ୍ମାଙ୍କ ଉପାସନା—1 Worship of
Brahmopāsanā Brahmā. ୨। ନିରାକାର ବ୍ରହ୍ମଙ୍କ ଉପାସନା—2. Worship of the Formless God.

ବ୍ରାହ୍ମୌଦନ—ସ. ବି ( ବ୍ରହ୍ମ=ବ୍ରାହ୍ମଣ+ଓଦନ=ଅନ୍ନ )—ଯଜ୍ଞ-
Brahmaudana କାଳରେ ପୁରୋହିତମାନଙ୍କୁ ପ୍ରଦତ୍ତ ଅନ୍ନ—Food distributed amongst the priests officiating at a vedic sacrifice.

ବ୍ରାକିଟ୍(ଟି)—ଗ୍ରା. ବୈଦେ. ବି (ଇଂ. ବ୍ରାକେଟ୍)—ବ୍ରାକେଟ୍ ୨ (ଦେଖ)
Brākiṭ(ṭi) Brāket 2 ( See).

ବ୍ରାକେଟ୍—ବୈଦେ. ବି (ଇଂ)—୧। ଲେଖାରେ ବ୍ୟବହୃତ ବନ୍ଧନୀ ଚିହ୍ନ
Brākeṭ —1. Bracket. ୨। ( ସ. ନାମ ସାମ୍ଭର— ब्राकेट, ब्रेकेट ଯୋଗେଶ୍ୱର )—କାନ୍ଥରେ ଲଗା ଟାଙ୍ଗିବା ब्राकेट; ब्रैकेट ଉପଯୋଗୀ କାଠର ଏକାଧିକ ମେଖଯୁକ୍ତ ପଟା—2. A bracket for hanging clothes. ୩। ପରୀକ୍ଷା ଦେଇଥିବା ଦୁଇ ଜଣ ଛାତ୍ର ପରୀକ୍ଷାରେ ସମାନ ନମ୍ବର ପାଇଥିବା ଅବସ୍ଥା—3. The state of 2 examinees securing equal marks in an examination and being thus bracketed.

ବ୍ରାଜ—ସ. ବି ( ବ୍ରଜ ଧାତୁ=ଗମନ କରିବା+କର୍ତ୍ତୃ. ଅ )—୧।
Brāja କୁକୁର (ହ୍ରୁ. ଧ)—1. Dog. ୨। ଦଳ; ସମୂହ—2 Multitude. ୩। ( +ଭାବ. ଅ )—ଗମନ—3. Going.

ବ୍ରାଜି—ସ. ବି ( ବ୍ରଜ ଧାତୁ=ଗମନ କରିବା+କର୍ତ୍ତୃ. ଇ )—ବାୟୁ;
Brāji ପବନ—Wind; air.

ବ୍ରାଞ୍ଚ୍—ବୈଦେ. ବି ( ଇଂ )—ଶାଖା—Branch. ( ଯଥା—
Brānch ବ୍ରାଞ୍ଚ୍ ପୋଷ୍ଟ ଅଫିସ୍, ବ୍ରାଞ୍ଚ୍ ଡିପୋ, ବ୍ରାଞ୍ଚ୍ ଲାଇନ୍—
बांच ब्रैंच ଇତ୍ୟାଦି। )

ବ୍ରାଣ୍ଡି—ବୈଦେ, ବି ( ଇଂ )—ବରାଣ୍ଡି; ଉତ୍କଟ ମଦ; ଉଗ୍ର ସୁରା—
Brāṇḍi Brandy; spirituous liquor.
ब्रांडी, ब्रेंडी ब्रांडी

ବ୍ରାତ—ସ. ବି (ବୃ ଧାତୁ=ସ୍ୱୀକାର କରିବା+କର୍ତ୍ତୃ.ଅତ)—୧। ସମୂହ;
Brāta ଦଳ—1. Crowd; assemllage. ୨। ପତିତ ବ୍ରାହ୍ମଣର ସନ୍ତାନ—2. A descendant of a fallen Brāhmaṇa. ୩। ବିବାହ ଉତ୍ସବରେ ଯୋଗ ଦେବାକୁ ଯିବା ବରଯାତ୍ରୀ ବା କନ୍ୟାଯାତ୍ରୀ—3. A company of the relations of the bride or of the bridegroom attending a marriage. ୪। ଶାରୀରିକ ପରିଶ୍ରମ—4. Bodily labour; physical labour. ୫। ମଜୁରି ଖଟିବା—5. Working for daily wages.

ବ୍ରାତି—ସ. ବି. ପୁଂ ( ବ୍ରାତ+ଇନ୍, ୧ମା. ୧ବ)—ମୂଲିଆ; କୁଲି—
Brāti A daily labourer; cooly; a journeyman labourer.
( ବ୍ରାତିନୀ—ସ୍ତ୍ରୀ ) ବିଣ (ବ୍ରତ+ଇନ୍)—ବ୍ରତନିଷ୍ଠ—Devoted to the performance of religious vows.

ବ୍ରାତ୍ୟ—ସ. ବିଣ ( ବ୍ରାତ+ସ୍ୱାର୍ଥେ ଯ )—୧। ସମାର ବର୍ଜନ,
Brātya ଜନ୍ମିସ୍ଥ ବୟସ ଅତୀତ ହୋଇ ଯିବା ହେତୁ ଦ୍ୱିଜ ସନ୍ତାନ ବ୍ରାତ୍ୟ ହୋଇ ନାହିଁ—(a person of the

twice born caste ) Who has not been invested with the sacred thread after he has passed the proper age. ୨ । ବ୍ରତ ସମ୍ବନ୍ଧୀୟ—2. Relating to a religious vow. ୩ । ବର୍ଣ୍ଣସଙ୍କର ( ହି. ସ )—3. Born of mixed parents; hybrid

ବ୍ରାତ୍ୟ ସ୍ତୋମ—ସଂ. ବି—୧ । ସଂସ୍କାର ବିହୀନ ଯଜ୍ଞ—1. A vedic Brātya stoma sacrifice not duly performed. ୨ । ଯଜ୍ଞ ବିଶେଷ—2. A sort of vedic sacrifice.

ବ୍ରାନ୍ଦ—ପ୍ରାଦେ (ଗଞ୍ଜାମ)ବି ( ସଂ. ବରଣ୍ଡ )—୧ । ଘରଚାଳର କାଠ ଆଦି Brānda ଉପକରଣ; ଚାଳ ଘରର କାନ୍ଥ ଉପରେ ରଖାଯିବା ସମସ୍ତ କାଠ, ଯାହା ଉପରେ ଚାଳ ରହେ; ଦଳମ—Woodwork of the thatch in a thatched house. ୨ । ଚାଳଘରର ଖେଣୀ—2. The roof-plates and wall-plates of a thatched house.

ବ୍ରାହ୍ମ—ସଂ. ବିଣ ( ବ୍ରହ୍ମନ୍+ସମ୍ବନ୍ଧାର୍ଥେ ଓ ଜ୍ଞାନାର୍ଥେ ଅ )—୧ । Brāhma ବ୍ରହ୍ମସମ୍ବନ୍ଧୀୟ—1. Relating to Brahma. ୨ । ବ୍ରହ୍ମାଙ୍କ ସମ୍ବନ୍ଧୀୟ—2. Relating to Brahmā. ବି—୧ । ବ୍ରହ୍ମାଙ୍କ ପୁତ୍ର ନାରଦ ଋଷି—1. Sage Nārada, the son of Brahmā. ୨ । ବ୍ରାହ୍ମତୀର୍ଥ ( ଦେଖ )—2. Brāhmatirtha ( See ). ୩ । ବ୍ରାହ୍ମଧର୍ମ ( ଦେଖ )—3. Brāhmadharma ( See ). ୪ । ବ୍ରାହ୍ମ ପୁରାଣ ( ଦେଖ )—4. Brāhma purāṇa ( See ). ୫ । ବ୍ରାହ୍ମ ବିବାହ ( ଦେଖ )—4. Brāhma bibāha ( See ). ଦେ. ବି—୧ । ବ୍ରାହ୍ମ ସମାଜ ( ଦେଖ )—1. Brāhma samāja ( See ). ୨ । (ପୁଂ) ବ୍ରାହ୍ମ ସମାଜୀ ( ଦେଖ )—2. Brāhma samājī ( See ) ଦେ. ବିଣ. ପୁଂ—ବ୍ରାହ୍ମଧର୍ମାବଲମ୍ବୀ ବ୍ରାହ୍ମ (ବ୍ୟକ୍ତି)—( a person ), Professing the ব্রাহ্ম (ବ୍ରାହ୍ମିକ—ସ୍ତ୍ରୀ) Brahmo religion.

ବ୍ରାହ୍ମଣ—ସଂ. ବିଣ—(ବ୍ରହ୍ମନ୍=ବ୍ରହ୍ମ, ବେଦ+ଜ୍ଞାତାର୍ଥେ. ଅ; ଯେ Brāhmaṇa ବ୍ରହ୍ମଙ୍କୁ ବା ବେଦକୁ ଜାଣେ; କିମ୍ବା ଯେ ବ୍ରହ୍ମାଙ୍କ (ବ୍ରାହ୍ମଣୀ—ସ୍ତ୍ରୀ) ମୁଖରୁ ଜାତ )—ବ୍ରହ୍ମଜ୍ଞ—Knowing the Brahma. ବି.—୧ । ବ୍ରହ୍ମଜ୍ଞ ବ୍ୟକ୍ତି—1. person who has deep knowledge about the Supreme Being. ୨ । ଦ୍ୱିଜ ଶ୍ରେଷ୍ଠ; ହିନ୍ଦୁଙ୍କ ଚାରି ବର୍ଣ୍ଣ ମଧ୍ୟରେ ଆଦି ଓ ପ୍ରଧାନ ବର୍ଣ୍ଣ—2. Brāhmaṇa; the highest of the 4 Hindu castes. [ଦ୍ର—ବ୍ରାହ୍ମଣ ଜାତିର ଉତ୍ପତ୍ତି ବୈଦିକ ଯୁଗରୁ ହୋଇଅଛି । ବେଦରୁ ପ୍ରମାଣ ମିଳେ ଯେ ସେ ଯୁଗରେ ଗୁଣ କର୍ମ ବିଭାଗ ଅନୁସାରେ ବ୍ରାହ୍ମଣାଦି ଜାତିର ଉତ୍ପତ୍ତି ହୋଇଥିଲା; କାଳକ୍ରମେ ସେହି ଜାତିବିଭାଗ ବଂଶାନୁକ୍ରମରେ ଚଳିଲା, ଅର୍ଥାତ୍ ବ୍ରାହ୍ମଣର ପୁତ୍ର, ବ୍ରହ୍ମଜ୍ଞ ନ ହେଲେହେଁ ବ୍ରାହ୍ମଣ ବୋଲି ପରିଚିତ ହେଉଅଛି । ଶାସ୍ତ୍ରାନୁସାରେ ବ୍ରାହ୍ମଣର ବିଭିନ୍ନ ନାମର ଉତ୍ପତ୍ତି ଏହିପରି—ପ୍ରଥମେ ଲୋକ 'ଶୂଦ୍ର' ରୂପେ ଜନ୍ମ ଗ୍ରହଣ କରେ, ଉପନୟନ ସଂସ୍କାର ପରେ ସେ 'ଦ୍ୱିଜ' ବୋଲାଏ; ବେଦ ପାଠ କଲେ ତାହାର ନାମ 'ବିପ୍ର' ହୁଏ; ବିପ୍ର ବ୍ରହ୍ମଙ୍କୁ ଚିହ୍ନିଲେ, ଅର୍ଥାତ୍ ବିପ୍ରର ବ୍ରହ୍ମଜ୍ଞାନ ଜନ୍ମିଲେ ସେ ବ୍ରାହ୍ମଣ ହୁଏ ।

ବ୍ରାହ୍ମଣର ଦଶବିଧ ସଂସ୍କାର—୧ । ଗର୍ଭାଧାନ—ବିବାହ ପରେ ପରିଣୀତା ପତ୍ନୀଙ୍କ ସହବାସ କରି ଗର୍ଭ ସଞ୍ଚାର କରାଇବା ନିମନ୍ତେ ବେଦବିହିତ ଅନୁଷ୍ଠାନ । ୨ । ପୁଂସବନ—ଗର୍ଭର ତୃତୀୟ ମାସରେ ଗର୍ଭ ସ୍ପନ୍ଦନ ସମୟରେ ଅନୁଷ୍ଠେୟ ଆଚାର । ୩ । ସୀମାନ୍ତୋନ୍ନୟନ—ଗର୍ଭର ୪ର୍ଥ, ୬ଷ୍ଠ ବା ଅଷ୍ଟମ ମାସରେ ଅନୁଷ୍ଠେୟ ଆଚାର । ୪ । ଜାତକର୍ମ—ସନ୍ତାନ ଭୂମିଷ୍ଠ ହେଲେ ଜନକଙ୍କ ଅନୁଷ୍ଠେୟ ଆଚାର । ୫ । ନାମକରଣ—ଜନ୍ମର ୬ ମାସ ପରେ ସନ୍ତାନର ନାମ ଦେବା ଆଚାର । ୬ । ଅନ୍ନପ୍ରାଶନ—୧ ବର୍ଷ ବୟସ ହେବା ପରେ ସନ୍ତାନକୁ ପ୍ରଥମେ ଅନ୍ନ ଖୁଆଇବା ଆଚାର । ୭ । ଚୂଡ଼ାକରଣ—୩ୟ ବର୍ଷ ପରେ ସନ୍ତାନର ମସ୍ତକ ମୁଣ୍ଡନ କରି ସ୍ଥଳବିଶେଷରେ କେଶଗୁଚ୍ଛ ରଖା କରି ତଦ୍ୱାରା ଶିଖା ବନ୍ଧନ କରିବା ଆଚାର । (ଏହି ଉପଲକ୍ଷରେ କର୍ଣ୍ଣବେଧ ଓ ବିଦ୍ୟାରମ୍ଭ କରାଯାଏ) । ୮ । ଉପନୟନ—ଯାଗାଦି କର୍ମ ପୂର୍ବକ ସନ୍ତାନକୁ ଯଜ୍ଞୋପବୀତ ପିନ୍ଧାଇବା ରୂପ ସଂସ୍କାର—ବ୍ରାହ୍ମଣ, କ୍ଷତ୍ରିୟ ଓ ବୈଶ୍ୟମାନଙ୍କର ଏହି ସଂସ୍କାରକୁ ପୁନର୍ଜନ୍ମ ବୋଲାଯାଏ । ଉପନୟନ ହେବାରୁ ଏମାନଙ୍କର ଅନ୍ୟ ନାମ 'ଦ୍ୱିଜ' । ବ୍ରାହ୍ମଣ, କ୍ଷତ୍ରିୟ ଓ ବୈଶ୍ୟଙ୍କର ଉପନୟନ ନିମନ୍ତେ ଭିନ୍ନ ଭିନ୍ନ ବୟସ ନିର୍ଦ୍ଦିଷ୍ଟ ଅଛି । ଉପନୟନ ନ ହେବା ପର୍ଯ୍ୟନ୍ତ ଦ୍ୱିଜ ସନ୍ତାନ ଶୂଦ୍ର ବୋଲି ବିବେଚିତ ହୁଏ ଓ ସଂସ୍କାର ହେଲେ ତାକୁ ଦ୍ୱିଜ ବୋଲାଯାଏ । ଏହି ସଂସ୍କାରହିଁ ଦ୍ୱିଜର ପ୍ରଧାନ ସଂସ୍କାର । ଉପନୟନ କର୍ମ ସାରି ବ୍ରାହ୍ମଣ ସନ୍ତାନ ବ୍ରହ୍ମଚର୍ଯ୍ୟ ଅବଲମ୍ବନ ପୂର୍ବକ ଗୁରୁ ଗୃହରେ ବାସ କରି ବେଦାଧ୍ୟୟନ କରିବ, ଏପରି ବିଧି ଅଛି । ୯ । ସମାବର୍ତ୍ତନ—ଗୁରୁ ଗୃହରେ ବେଦାଧ୍ୟୟନ ସମାପ୍ତ କରି ଗୁରୁଙ୍କ ଆଦେଶରେ ବିବାହ ନିମନ୍ତେ ଗୃହକୁ ଫେରି ଆସିବା ସମୟରେ ଅନୁଷ୍ଠେୟ ଆଚାର । ଏହିଠାରୁ ବ୍ରହ୍ମଚର୍ଯ୍ୟାଶ୍ରମ ସମାପ୍ତ ହୁଏ । ୧୦ । ବିବାହ—ବେଦବିହିତ ମନ୍ତ୍ରାଦି ଅନୁଷ୍ଠାନ ପୂର୍ବକ ଧର୍ମପତ୍ନୀ ଗ୍ରହଣ ରୂପ ଆଚାର ଓ ଗୃହସ୍ଥାଶ୍ରମରେ ପ୍ରବେଶ । ବର୍ତ୍ତମାନ ଏହି ସବୁ ସଂସ୍କାର ବା 'ଦଶ କର୍ମ' ନାମ ମାତ୍ର ଅନୁଷ୍ଠିତ ହେଉଅଛି ଓ ଉପନୟନ ବେଳେ ଏକାବେଳକେ ଏହି ଦଶ କର୍ମର ଅଭିନୟ ମାତ୍ର କରା ଯାଉଅଛି । ଲୋକେ କହନ୍ତି ସେ 'ଦଶ କର୍ମରେ ବ୍ରତ ହେଲା', କିନ୍ତୁ ଫଳତଃ ନବମ କର୍ମ ସମାବର୍ତ୍ତନର ଓ ଦଶମ କର୍ମ ବା ବିବାହର ସେ ପର୍ଯ୍ୟନ୍ତ ସମାଧା

ହୋଇ ନ ଥାଏ । ଦ୍ୱିଜମାନଙ୍କର ସୁରଗୋଷ୍ଠ ଆଶ୍ରମ ନିର୍ଦ୍ଦିଷ୍ଟ ଅଛି ଯଥା—୧ । ବ୍ରହ୍ମଚର୍ଯ୍ୟ—ଉପନୟନ ପରେ ବିବାହ ହେବା ପର୍ଯ୍ୟନ୍ତ ଗୁରୁ ଗୃହରେ ବାସ କରି ସଂଯମ ଓ ବ୍ରହ୍ମଚର୍ଯ୍ୟ ରକ୍ଷା ପୂର୍ବକ ବେଦାଭ୍ୟାସ ଓ ଗୁରୁସେବା । ୨ । ଗାର୍ହସ୍ଥ୍ୟ—ବିବାହ ପୂର୍ବକ ଗୃହସ୍ଥର ଆଚାର ଓ କର୍ତ୍ତବ୍ୟ ପ୍ରତିପାଳନ । ୩ । ବାନପ୍ରସ୍ଥ—ସନ୍ତାନ ଆଦି ଲାଭ କରିବା ପରେ ଗୃହ ତ୍ୟାଗ କରି ତପଃ ସାଧନାର୍ଥ ଅରଣ୍ୟକୁ ଯିବା ଓ ସେଠାରେ ଫଳ ମୂଳ ଖାଇ ରହିବା । ୪ । ସନ୍ନ୍ୟାସ ବା ଭିକ୍ଷୁ ବ୍ରତ—କେତେକ କାଳ ବାନପ୍ରସ୍ଥ ଅବଲମ୍ବନ କରି ଅତି ବୃଦ୍ଧ ହେଲେ ଜନପଦମାନଙ୍କରେ ଗୃହସ୍ଥମାନଙ୍କ ନିକଟରେ ଭିକ୍ଷା କରି ଜୀବନ ଧାରଣ ।

ଏହି ଆଶ୍ରମମାନ ଅବଲମ୍ବନ କରିବାର ନିର୍ଦ୍ଦିଷ୍ଟ ବୟସମାନ ଅଛି । ବର୍ତ୍ତମାନ ବ୍ରାହ୍ମଣର ଏ ଆଶ୍ରମମାନ କାର୍ଯ୍ୟତଃ ପାଳିତ ହେଉନାହିଁ । ଉପନୟନର ପରିବର୍ତ୍ତେ (କହିଲେ ଚଳେ) ବିବାହ କରି ଗୃହସ୍ଥ ହୋଇ ଶେଷ ଜୀବନ ପର୍ଯ୍ୟନ୍ତ ସେହି ଗୃହସ୍ଥାଶ୍ରମରେ ଥାଇ ହୋଇ ବ୍ରାହ୍ମଣମାନେ ଜୀବନ ଅତିବାହିତ କରୁଅଛନ୍ତି । ବ୍ରାହ୍ମଣର ଶାସ୍ତ୍ର ନିରୂପିତ କର୍ତ୍ତବ୍ୟ ୩ଟି ଯଥା—ଅଧ୍ୟୟନ, ଯଜନ ଓ ଦାନ । ବ୍ରାହ୍ମଣର ଶାସ୍ତ୍ର ନିରୂପିତ ଜୀବିକା ୩ଟି, ଯଥା—ଅଧ୍ୟାପନ, ଯାଜନ ଓ ପ୍ରତିଗ୍ରହ । ବ୍ରାହ୍ମଣର ନିତ୍ୟ-କର୍ତ୍ତବ୍ୟ ସ୍ୱଧର୍ମ, ଯଥା—ତ୍ରିସନ୍ଧ୍ୟାରେ ବ୍ରହ୍ମଙ୍କ ଧ୍ୟାନ, ଆରାଧନା ଓ ହରିଙ୍କ ଅର୍ପିତ ନୈବେଦ୍ୟ ଗ୍ରହଣ । ବ୍ରାହ୍ମଣର ଲକ୍ଷଣ ଯଥା—ଯୋଗ, ତପସ୍ୟା, ଦାନ, ବ୍ରତ, ଦମ ବା ଇନ୍ଦ୍ରିୟ ସଂଯମ, ଶୌଚ, କ୍ଷମା, ସରଳତା, ଅହିଂସା, ଦୟା, ବିଦ୍ୟା, ବିଜ୍ଞାନ, ଆସ୍ତିକ୍ୟ, ସତ୍ୟବାଦିତା । ବ୍ରାହ୍ମଣର ପ୍ରଧାନ ମନ୍ତ୍ର ଓଁକାର ଓ ଗାୟତ୍ରୀ ।

ପୁରାଣମାନଙ୍କରେ (ଯଥା ଅଗ୍ନି,ପଦ୍ମ,ବ୍ରହ୍ମବୈବର୍ତ୍ତ ଆଦିରେ) ବ୍ରାହ୍ମଣମାନଙ୍କର କର୍ତ୍ତବ୍ୟ, ନିତ୍ୟକ୍ରିୟା, ଆଚରଣ, ଲକ୍ଷଣ, ଆଦି ବିଶେଷରୂପେ ବର୍ଣ୍ଣିତ ହୋଇଅଛି; ତନ୍ମଧ୍ୟରେ ପ୍ରଧାନ କଥା ବେଦାଧ୍ୟୟନ, ତ୍ରିସନ୍ଧ୍ୟାରେ ବ୍ରହ୍ମ ଉପାସନା ଓ ଯଜ୍ଞ ସାଧନ ଅଟେ । ପାଶ୍ଚାତ୍ୟ ସଭ୍ୟତା ପ୍ରଭାବରେ ଦେଶର ପ୍ରାଚୀନ ରୀତିନୀତିର ପରିବର୍ତ୍ତନ ସଙ୍ଗେ ବ୍ରାହ୍ମଣଙ୍କ କ୍ରିୟାକଳାପର ଏକପ୍ରକାର ଲୋପ ଘଟିଅଛି ଓ ବ୍ରାହ୍ମଣମାନେ ଅନ୍ୟ ଜାତିମାନଙ୍କର, ଏପରିକି ଶୂଦ୍ରର, କ୍ରିୟା କରିବାକୁ ବାଧ୍ୟ ହେଉ ଅଛନ୍ତି । ପୁରାଣକାରମାନେ ସର୍ବ ଲକ୍ଷଣ ସମ୍ପନ୍ନ ଓ ସଦାଚାରରତ ବ୍ରାହ୍ମଣଙ୍କୁ ବିଷ୍ଣୁଙ୍କ ସଙ୍ଗେ ତୁଳନା କରି ଅଛନ୍ତି ଓ ନିନ୍ଦିତ କର୍ମରତ ଆଚାର-ରହିତ ବିପ୍ରଙ୍କୁ ବିଷହୀନ ସର୍ପ ଓ ଶୂଦ୍ର ସଙ୍ଗେ ତୁଳନା କରି ଅଛନ୍ତି । କେଉଁ ବ୍ରାହ୍ମଣମାନେ ଶୂଦ୍ର ବୋଲି ବିବେଚିତ ହେବେ ତାହା ବ୍ରହ୍ମବୈବର୍ତ୍ତ ପୁରାଣରେ ଉକ୍ତ ଅଛି ଓ ତାହା ଦେଖିଲେ ଆଜିକାଲି ସମାଜରେ ବ୍ରାହ୍ମଣ ରୂପେ ପରିଚୟ ଦେଉଥିବା ବ୍ରାହ୍ମଣମାନେ ପ୍ରକୃତରେ ବ୍ରାହ୍ମଣ ପଦ ବାଚ୍ୟ ନୁହନ୍ତି ବୋଲି ଜଣା ପଡ଼ିବ । ପୁରାଣ ମତରେ ବ୍ରାହ୍ମଣର ବାହ୍ୟ ଚିହ୍ନ ଯଥା—ଗଳଦେଶରେ ଯଜ୍ଞ ସୂତ୍ର ଧାରଣ, ସର୍ବଦା ନିର୍ମଳ ଉତ୍ତରୀୟ ଓ ଧୌତ ଅଧୋବସ୍ତ୍ର ପରିଧାନ, ଲଲାଟରେ ତିଳକ, ହସ୍ତରେ କୁଶାଙ୍ଗୁରୀୟ, କଟିଦେଶରେ କୁଶମୟୀ ମେଖଳା ଓ ମସ୍ତକରେ ଗ୍ରନ୍ଥିବଦ୍ଧ ଶିଖା ଧାରଣ ।

ପୁରାଣ ମତରେ ନିମ୍ନୋକ୍ତ ବ୍ରାହ୍ମଣମାନେ ନିନ୍ଦିତ ବ୍ରାହ୍ମଣ ଅଟନ୍ତି, ଯଥା—ବିଷ୍ଣୁମନ୍ତ୍ର ବିହୀନ, ତ୍ରିସନ୍ଧ୍ୟା ରହିତ, ଏକାଦଶୀ ବିହୀନ, ବୃଷବାହକ (ଶଗଡ଼ିଆ ବା ହଳିଆ), ଧାବକ (ପତ୍ର ବାହକ ବା ପିଅନ), ଶୂଦ୍ରାନ୍ନଭୋଜୀ ( ଶୂଦ୍ରଙ୍କ ଭୃତ୍ୟ ଓ ଶୂଦ୍ରଠାରୁ ଦାନଗ୍ରାହୀ), ଶୂଦ୍ରମାନଙ୍କ ସୂପକାର (ପାଚକ), ଶୂଦ୍ରମାନଙ୍କର ଯାଜକ ( ପୁରୋହିତ ), ଶୂଦ୍ରାପତି, ଅସିଜୀବୀ ( ପଲଟଣ ବା ପୁଲିସ ଚାକିରିଆ ), ମସୀଜୀବୀ ( କିରାଣି ), କନ୍ୟାବିକ୍ରୟୀ, ହରିନାମ ବିକ୍ରୟୀ, ବିଦ୍ୟା-ବିକ୍ରୟୀ, ସକାଳଠାରୁ ସନ୍ଧ୍ୟା ମଧ୍ୟରେ ଦୁଇଥର ଭୋଜନ-କାରୀ, ମତ୍ସ୍ୟମାଂସଭୋଜୀ, ଦେବଳ ଇତ୍ୟାଦି ।

ପୁରାଣମାନଙ୍କରେ ଏହା ମଧ୍ୟ ଦେଖାଯାଏ ଯେ କେହି କେହି ଜନ୍ମତଃ ଶୂଦ୍ର ତପସ୍ୟାଦ୍ୱାରା ବ୍ରାହ୍ମଣ ହୋଇଅଛନ୍ତି ଓ ବ୍ରାହ୍ମଣ କୁକ୍ରିୟାରତ ହୋଇ ଶୂଦ୍ରତ୍ୱ ଲାଭ କରିଅଛନ୍ତି । ବ୍ରାହ୍ମଣମାନଙ୍କର ଦେଶବିଶେଷରେ ଭିନ୍ନ ଭିନ୍ନ ଶ୍ରେଣୀ ଅଛି । ଯଥା-ଓଡ଼ିଶାବାସୀ—୧. ଶ୍ରୋତ୍ରିୟ, ୨.ମଢ଼ିଆ ପଣ୍ଡା,ଦେଉଳିଆ, ୩. ମାସ୍ତାନ ବା ବଳଭଦ୍ର ଗୋଛି, ୪.ସାରୁଆ, ଅଠଗଡ଼ିଆ । ଗଞ୍ଜାମବାସୀ—୧. ଶାସନୀ ବା ଦାନୁଆ, ୨. ପଣ୍ଡା ୩. ହଳୁଆ, ୪, ପଞ୍ଚଅରି, ସାରୁଆ, ୫. ଖଡ଼ି । ସମ୍ବଲପୁରବାସୀ—୧. ଓଡ଼ିଆ, ୨. ଝାଡ଼ୁଆ, ୩. ରଘୁନାଥିଆ । ]

୩ । ବେଦର ଉପସଂହାର ଭାଗ—3. The conclu-ding sections of the Bedas. [ଦ୍ର—ଏଥିରେ ଯାଗ ଯଜ୍ଞର ନିୟମାବଳୀ ଓ ବୈଦିକ ମନ୍ତ୍ରସମୂହ ଓ କ୍ରିୟା କର୍ମାଦି ବିବୃତ ହୋଇଅଛି । ଏହା ଦୁଇଟି ଶାଖାରେ ବିଭକ୍ତ ଅଟେ । ୧ । ଐତରେୟ ବ୍ରାହ୍ମଣ—ମହିଦାସ ଋଷି ପ୍ରଣୀତ, ୨ । କୌଷିତକି ବ୍ରାହ୍ମଣ, ସାଙ୍ଖ୍ୟାୟନ—କୁଷିତକ ଋଷି ପ୍ରଣୀତ । ] ୪ । ବ୍ରାହ୍ମଣସମୂହ—4. A conclave of Brāhmaṇas. ସଂ. ବିଣ—ବ୍ରହ୍ମଜ୍ଞ—Knowing the Brahma. ଦେ. ବି—୧ । ପୁରୋହିତ ବ୍ରାହ୍ମଣ—1. A Brāhmaṇa serving as a priest. ୨ । ପାଚକ ବ୍ରାହ୍ମଣ—2. A Brāhmaṇa serving as a cook. ୩ । ପୂଜାକାରୀ ବା ଦେବପୂଜକ ବ୍ରାହ୍ମଣ—3. A Brāhmaṇa who worships a Deity as a profession. ୪ । ବ୍ରାହ୍ମଣ ଭୋଜନରେ ଭୋଜନାର୍ଥ ଜମା ହୋଇଥିବା ବ୍ରାହ୍ମଣ—4. Brāhmaṇas assembled to partake of a feast. ୫ । ଭିକାରୀ ବ୍ରାହ୍ମଣ—5. A begger Brāhmaṇa.

୬ । ବ୍ରହ୍ମା—6. Brahmā. ( ଉ—ସେହିକାଳେ ରୁଦ୍ର, ଇନ୍ଦ୍ରାଦି ଦେବତାଏ । ବ୍ରାହ୍ମଣ ଅଗ୍ର କରି ଅସିଲେ ସଭଏ—କୃଷ୍ଣସିଂହ, ମହାଭାରତ, ବନ । )

ବ୍ରାହ୍ମଣକ—ସଂ. ବି ( ବ୍ରାହ୍ମଣ+କୁତ୍ସିତାର୍ଥେ. କ)—୧ । ନିନ୍ଦିତ କର୍ମକାରୀ Brāhmaṇaka ବ୍ରାହ୍ମଣ—1. A Brāhmaṇa doing forbidden acts. ୨ । ଅସ୍ତ୍ରଧାରୀ ବ୍ରାହ୍ମଣମାନଙ୍କ ଅଧ୍ୟୁଷିତ ଦେଶ—2. A country inhabited by Brāhmaṇas who have taken to the profession of wielding weapons or of being soldiers.

ବ୍ରାହ୍ମଣ ଗୋସା(ସେ)ଇଁ—ଦେ. ବି—୧ । ଦେବତାରୂପୀ ବ୍ରାହ୍ମଣ—Brāhmaṇa gosā(se)iṅ 1. A Bāhmaṇa who is ( ବ୍ରାହ୍ମଣ ଠାକୁର—ଅନ୍ୟରୂପ ) as adorable as a বামুনঠাকুর **बामनगोसाईं** Deity. ୨ । ଦେବତା ଓ ବ୍ରାହ୍ମଣ—2. Deities and Brāhmaṇas. ୩ । ପୂଜାହାରୀ ବ୍ରାହ୍ମଣ—3. A Brāhmaṇa cook or worshipper of idols.

ବ୍ରାହ୍ମଣ ଚଣ୍ଡାଳ—ସଂ. ବି—୧ । ଶାସ୍ତ୍ରନିଷିଦ୍ଧ କର୍ମକାରୀ ବ୍ରାହ୍ମଣ—Brāhmaṇa chāṇḍāḷa 1. A Brāhmaṇa doing forbidden acts. ୨ । ପତିତ ବା ଜାତିଚ୍ୟୁତ ବ୍ରାହ୍ମଣ—2. An outcasted Brāhmaṇa. ୩ । ବ୍ରାହ୍ମଣ ଔରସରେ ଶୂଦ୍ରା ଗର୍ଭ ଜାତ ସନ୍ତାନ—3. A son born of a Brāhmaṇa father and Śūdra mother.

ବ୍ରାହ୍ମଣ ଝାଟି—ଦେ. ବି—ପଞ୍ଚାକର୍ଣ୍ଣୀାଦିବର୍ଗର ଦୀର୍ଘାୟୁ ଦୀର୍ଘ ଯଷ୍ଟି ସଦୃଶ Brāhmaṇa jhāṭi ଗୁଳ୍ମବିଶେଷ—Clerodendron, ( ବ୍ରାହ୍ମଣଝୋଟିଅ—ଅନ୍ୟରୂପ ) Siphonanthus Indica. ସଂ. ବ୍ରହ୍ମଯଷ୍ଟିକ, ଫଞ୍ଜୀ ବ୍ରାହ୍ମଣଯଷ୍ଟିକା, ବ୍ରାହ୍ମଣୀ, ହଞ୍ଜିକା, ଭାର୍ଗୀ, ଭୃଗୁଭବା, ପଦ୍ମା ଅଙ୍ଗାରବଲ୍ଲୀ, ଖରଶାକ বামনহাটী, বামুনহাটী **आडनी; आडना; बराङ्गी; भारङ्गी** ତେ. ଭଣ୍ଡାରଙ୍ଗୀ [ ଦ୍ର—ଏହାର ପତ୍ର ଲମ୍ବ । ୪।୫ ଗୋଟି ପତ୍ର ଯଷ୍ଟିକୁ ବେଷ୍ଟନ କରିଥାଏ । ଏହାର ଫୁଲ ଧଳା ଓ ୪।୫ ଅଙ୍ଗୁଳ ଲମ୍ବ । ଖରା ଦିନରେ ଫୁଲ ଫୁଟେ । ଫଳ ହେଲାବେଳେ ଜ୍ୱଳନ୍ତ ଅଙ୍ଗାର ବର୍ଣ୍ଣ ଦେଖାଯାଏ ବୋଲି ଏହାର ସଂସ୍କୃତ ନାମ ଅଙ୍ଗାରବଲ୍ଲୀ । ବୈଦ୍ୟକ ମତରେ ଏହା ରୁକ୍ଷ, କଟୁ ତିକ୍ତ କଷାୟ, ରୁଚିକର, ଉଷ୍ଣବୀର୍ଯ୍ୟ, ପାଚକ, ଲଘୁ ଓ ଅଗ୍ନିଦୀପକ । ଏହା ରକ୍ତ ଗୁଳ୍ମ, ଶୋଥ, କାଶ, କଫ, ଶ୍ୱାସ, ପୀନସ, ଜ୍ୱର ଓ ବାୟୁନାଶକ । ]

ବ୍ରାହ୍ମଣତା(ତ୍ୱ)—ସଂ. ବି (ବ୍ରାହ୍ମଣ+ଭାବ. ତା,ତ୍ୱ)—ବ୍ରହ୍ମତ୍ୱ; ବ୍ରାହ୍ମଣର Brāhmaṇatā(twa) ଶାସ୍ତ୍ରବିହିତ କ୍ରିୟା ପାଳନ କରିବାର ଅବସ୍ଥା—Brahminhood; the state of being a Brāhmaṇa not in name only but in conduct.

ବ୍ରାହ୍ମଣ ଦେବତା—ଦେ, ବି (ସମାହାର ଦ୍ୱନ୍ଦ)—ବ୍ରାହ୍ମଣ ଓ ଦେବତା—Brāhmaṇa debatā Brāhmaṇas and Deities.

ବ୍ରାହ୍ମଣପଣ—ଦେ. ବି—୧ । ବ୍ରାହ୍ମଣତା ( ଦେଖ )—Brāhmaṇapaṇa 1. Brāhmaṇatā (See). [ବ୍ରାହ୍ମଣପଣିଅ(ଅଁ)-ଅନ୍ୟରୂପ] ୨ । ପୁରୋହିତ—2. Priesthood. বামুনগিরি; **बामनगिरी** ୩ । ଭିକ୍ଷାବୃତ୍ତି—3. Begging.

ବ୍ରାହ୍ମଣ ପ୍ରିୟ—ସଂ. ବିଣ—୧ । ଯେ ବ୍ରାହ୍ମଣମାନଙ୍କୁ ସ୍ନେହ କରେ Brāhmaṇa priya ବ୍ରାହ୍ମଣଙ୍କ ଭକ୍ତ—1. Loving the Brāhmaṇas. ୨ । ବ୍ରାହ୍ମଣଙ୍କ ହିତକର (କାର୍ଯ୍ୟ) 2. Advantageous to Brāhmaṇas. ୩ । ବ୍ରାହ୍ମଣମାନଙ୍କର ପ୍ରିୟ ( ବ୍ୟକ୍ତି )—3. Loved by Brāhmaṇas. ବି—ବିଷ୍ଣୁଙ୍କ ନାମ—A name of Bishṇus

ବ୍ରାହ୍ମଣ ବୈଷ୍ଣ(ଷ୍ଣେ)ବ—ଦେ. ବି ( ସମାହାର ଦ୍ୱନ୍ଦ)—ବ୍ରାହ୍ମଣଗଣ ଓ Brāhmaṇa baishṇa(shṇe)ba ବୈଷ୍ଣବଗଣ—বামুনবৈষ্ণব; **बामनवैष्णव** Brāhmaṇas and devotee of Bishṇu or anchorites

ବ୍ରାହ୍ମଣ ବୈଷ୍ଣବ କରିବା—ଦେ. କ୍ରି—ବ୍ରାହ୍ମଣଙ୍କୁ ଓ ବୈଷ୍ଣବଙ୍କୁ ଦାନ Brāhmaṇa baishṇaba karibā ଭୋଜନାଦିଦ୍ୱାରା ସତ୍କାର বামুন বৈষ্ণব করা କରିବା—To entertain Brāhmaṇas **बामन वैष्णव करना** and Baishṇabas with food and gifts.

ବ୍ରାହ୍ମଣ ବ୍ରୁବ—ସଂ. ବି. ପୁଂ (ବ୍ରାହ୍ମଣ+ବ୍ରୂ ଧାତୁ=କହିବା+କର୍ତ୍ତୃ Brāhmaṇa bruba ଅ, ଯେ ଆପଣାକୁ ବ୍ରାହ୍ମଣ ବୋଲି କହି ହୁଏ)—ନାମମାତ୍ର ପଇତାପକା ବ୍ରାହ୍ମଣ; ନିନ୍ଦିତ କର୍ମକାରୀ ବ୍ରାହ୍ମଣ; ମହାବ୍ରାହ୍ମଣ—A Brāhmaṇa doing forbidden acts.

ବ୍ରାହ୍ମଣ ଭିକା(ଖା)ରୀ—ଦେ. ବି (ସମାହାର ଦ୍ୱନ୍ଦ; ସଂ. ବ୍ରାହ୍ମଣ+ Brāhmaṇa bhikā(khā)ri ଭିକ୍ଷାକାରୀ)—୧ । ବ୍ରାହ୍ମଣ ଓ বামুনভিকা(খা)রী ଭିକ୍ଷୁକ-1. Brahmanas and beggars. **बामनभिकमंगावा** ୨ । ଭିକ୍ଷାବୃତ୍ତିଧାରୀ ବ୍ରାହ୍ମଣ—2. A beggar Brāhmaṇa.

ବ୍ରାହ୍ମଣ ଭୋଜନ—ସଂ. ବି—ପ୍ରାୟଶ୍ଚିତ୍ତ, ମୃତାହ, ଶ୍ରାଦ୍ଧ ଆଦିର ବର୍ତ୍ତ Brāhmaṇa bhojana ବ୍ରାହ୍ମଣମାନଙ୍କୁ ଯେଉଁ ଭୋଜନ ଦିଆଯାଏ—A feast given to Brāhmaṇas on funeral and other occasions

ବ୍ରାହ୍ମଣ ଯଷ୍ଟିକା—ସଂ. ବି—ବ୍ରାହ୍ମଣଝାଟି (ଦେଖ)—Brāhmaṇa Brāhmaṇa jashṭikā jhāṭi (See). [ବ୍ରାହ୍ମଣ ଯଷ୍ଟି—ଅନ୍ୟରୂପ]

ବ୍ରାହ୍ମଣାୟନ—ସଂ. ବି (ବ୍ରାହ୍ମଣ+ଜାତାର୍ଥେ ଅୟନ)—କୁଳୀନ ବା ଉଚ୍ଚ Brāhmaṇāyana ବଂଶୋଦ୍ଭବ ବ୍ରାହ୍ମଣ—A Brāhmaṇa born of a high or respectable caste; a Brāhmaṇa of pure descent.

ବ୍ରାହ୍ମଣିଅ(ଆଁ)—ଦେ, ବଣ (ସଂ. ବ୍ରାହ୍ମଣ୍ୟ)—୧ । ବ୍ରାହ୍ମଣୋପଯୁକ୍ତ—
Brāhmaṇiā(āṅ) 1. Befitting a Brāhmaṇa. ୨ ।
বামুনিয়া ବ୍ରାହ୍ମଣ ସମ୍ବନ୍ଧୀୟ—2. Relating to Brāhmaṇa.
বামনীয়া ବି—୧ । ବୃକ୍ଷବିଶେଷ—1. Name of a tree. (ଉ—ବ୍ରାହ୍ମଣିଅ ସେ କୁମ୍ଭୀବାହାଡ଼ା ଅଁଳା । କୃଷ୍ଣସିଂହ. ମହାଭାରତ ବନ । ) ୨ । ବ୍ରାହ୍ମଣର କାର୍ଯ୍ୟ—2 Act befitting a Brāhmaṇa. [ଦ୍ର—ଏହି ଶବ୍ଦ ଅଧୁନାକ ପ୍ରୟୋଗରେ ପରଠାରୁ ଅନୁଗ୍ରହ ବା ସାହାଯ୍ୟାର୍ଥ ଅନୁସରଣ, ଦାନ ଗ୍ରହଣ, ଭିକ୍ଷାବୃତ୍ତି ଇତ୍ୟାଦି ବୁଝାଏ ।]

ବ୍ରାହ୍ମଣିଅ ଅଙ୍କ—ଦେ. ବି—ତାଳପତ୍ର ପୋଥି ଆଦି ପୁରୁଣା ହାତ ଲେଖା
Brāhmaṇiā aṅka ଗ୍ରନ୍ଥମାନଙ୍କରେ ବ୍ୟବହୃତ ଦେବନାଗର ଅଙ୍କର ସଦୃଶ ଓଡ଼ିଆ ଅଙ୍କ—Oriya figures or digits resembling Deba nāgari found in ancient Oriya manuscripts.

ବ୍ରାହ୍ମଣିଅ କଙ୍କଡ଼ା—ଦେ. ବି—ଚିଲିକାରେ ମିଳୁଥିବା ଏକପ୍ରକାର ବଡ଼
Brāhmaṇiā kaṅkaṛā କଙ୍କଡ଼ା—A species of large crabs found in the Chilkā lake.

ବ୍ରାହ୍ମଣିଅ କରିବା—ଦେ. କ୍ରି—୧। ବ୍ରାହ୍ମଣ ପରି କୌଣସି ପଦାର୍ଥ ଦାନ
Brāhmaṇiā karibā ନେବା ବା ମାଗଣା ନେବା—1. To take a thing as a free gift. ୨ । ଭିକ୍ଷା କରିବା-2 To beg for alms.

ବ୍ରାହ୍ମଣିଅ ବେଙ୍ଗ—ଦେ. ବି—ଏକପ୍ରକାର ବଡ଼ ବେଙ୍ଗ—Spotted
Brāhmaṇiā beṅga and striped frog; marsh frog; (ବ୍ରାହ୍ମଣୀବେଙ୍ଗ—ଅନ୍ୟରୂପ) Rana Palustris. [ଦ୍ର—ଏମାନଙ୍କ
কোলাবেঙ্ ପିଠିରେ (ବ୍ରାହ୍ମଣର ପଇତାପରି) ଧଳା ଡୋରି ଥାଏ ।
বামনবেঁগ ଏମାନେ ପାଣି ନିକଟରେ ବାସ କରନ୍ତି । ଦେହ ମସୃଣ । ଏମାନେ ଉଭୟଚର ଅଟନ୍ତି; ବର୍ଷାକାଳରେ ଖୁବ ଉଚ୍ଚୈଃସ୍ୱରରେ ରାବ କରନ୍ତି । କେତେକ ପାତଳାଗରୀ ଲୋକେ ଏହାର ମାଂସ ଖାଆନ୍ତି । ଏହାର ମାଂସ ଖାଇଲେ ବାତୁଳତା ଭଲ ହୁଏ ବୋଲି କେହି କେହି କହନ୍ତି ।]

ବ୍ରାହ୍ମଣୀ—ସଂ. ବି. ସ୍ତ୍ରୀ (ବ୍ରାହ୍ମଣ +ସ୍ତ୍ରୀ. ଈ)—୧ । ବ୍ରାହ୍ମଣଜାତୀୟା
Brāhmaṇī ସ୍ତ୍ରୀ—1. A Brāhmaṇa woman. ୨ । ବ୍ରାହ୍ମଣ ପତ୍ନୀ—2. A Brāhmaṇa's wife. ୩ । ଭାର୍ଗୀ; ବ୍ରାହ୍ମଣଯଷ୍ଟିଅ ସ୍ଥଳ—3. Siphonanthus Indica (plant). ୪ । ପୃକ୍କା; ପିଙ୍କଡ଼ଶାଗ—4. A potherb; Trigonella Corniculata. ୫ । ବ୍ରାହ୍ମୀଶାଗ—5. A potherb; Ruta Graveolens. ୬ । ବରଟା; ବରୁଡ଼ୀ-6. Wasp. ୭ । କାଇ; ପିମ୍ପୁଡ଼ିବିଶେଷ—7. A sort of ant; the yellow tree ant. ଦେ. ବି—ଓଡ଼ିଶାର କଟକଜିଲ୍ଲା ଦେଇ ପ୍ରବାହିତ ହେଉଥିବା ନଦୀବିଶେଷ—Name of a river of Orissa.

[ଦ—ବ୍ରାହ୍ମଣୀ ନଦୀ ଛୋଟନାଗପୁର ଅଞ୍ଚଳରୁ ବାହାରି ତାଳଚେରର ଉତ୍ତର ପୂର୍ବ ସୀମାରେ ଓଡ଼ିଶା ଗଡ଼ଜାତକୁ ସ୍ପର୍ଶ କରି ଖାମଲୋଇ, ନନ୍ଦୀ ପ୍ରଭୃତି କେତୋଟି ଉପନଦୀ-ଦ୍ୱାରା ପୁଷ୍ଟକଳେବର ହୋଇ (ତାଳଚେର, ପାଲଲହଡ଼ା ଓ ଢେଙ୍କାନାଳ ଦେଇ ଆସି) ସୁକିନ୍ଦା ଓ ବଲରାମପୁର ଗଡ଼ଠାରେ ମୋଗଲବନ୍ଦି (କଟକ ଜିଲ୍ଲା) ମଧ୍ୟରୁ ପ୍ରବେଶ କରିଅଛି । ଏଥିରୁ ଖରସୁଅ ଓ କମ୍ପୀରିଆ ନାମକ ଯୋଡ଼ିଏ ଶାଖା ନଦୀ ବାହାରି ପୁଣି ଏଥିସଙ୍ଗେ ମିଳିତ ହୋଇଅଛି । କରୁପା ମହାନଦୀରୁ ବାହାରି ଓ ବୁଢ଼ା ବୈତରଣୀରୁ ବାହାରି ଏଥିସଙ୍ଗେ ମିଶିଅଛି । ବ୍ରାହ୍ମଣୀରୁ ମାଇପଡ଼ା ନାମକ ଗୋଟିଏ ଶାଖା ବାହାରି (ବଙ୍ଗୋପ)ସାଗରରେ ପଡ଼ିଅଛି । ଆଉ ଗୋଟିଏ ଶାଖା ଗୋବରୀ ନଦୀ ସଙ୍ଗେ ମିଳିତ ହୋଇ ଗଣ୍ଡୁଆଖିଆ ନାମ ଘେନି ( ମହାନଦୀର ଏକ ଶାଖା) ଚିତ୍ରୋତ୍ପଳା ସଙ୍ଗେ ମିଶିଅଛି । ଅବଶେଷରେ ବ୍ରାହ୍ମଣୀ ବୈତରଣୀ ସଙ୍ଗେ ମିଳିତ ହୋଇଅଛି । ଏ ସମ୍ମିଳିତ ନଦୀର ନାମ ଧାମରା । ଧାମରା ସୁନ୍ଦର (?) ନାବ୍ୟ ଅଟେ । ପ୍ରତି ସପ୍ତାହରେ ବଡ଼ ବଡ଼ ଜାହାଜମାନ (ବଙ୍ଗୋପସାଗରରୁ ଧାମରା ମୁହାଣ ଦେଇ ଚାନ୍ଦବାଲି ପର୍ଯ୍ୟନ୍ତ) ଏଥିମଧ୍ୟରୁ ଯାତାୟାତ କରୁଅଛି । ଧାମରା ନାମକ ଏକ ବନ୍ଦର ଏହି ଧାମରା ନଦୀର ଉତ୍ତର ତୀରରେ ଅବସ୍ଥିତ । (କଟକଜିଲ୍ଲାର) ପଟାମୁଣ୍ଡେଇ ଓ ଧର୍ମଶାଳା ବ୍ରାହ୍ମଣୀ ତୀରରେ ସ୍ଥିତ । ତାଳଚେର ଗଡ଼ ବ୍ରାହ୍ମଣୀ ନଦୀର ଉପରେ ଓ ଢେଙ୍କାନାଳ ଗଡ଼ ପ୍ରାୟ ୪ କୋଶ ଅନ୍ତରରେ ଅବସ୍ଥିତ—ପ୍ରିଅର୍ସନ-ମୋହନ ଓଡ଼ିଶାର ଇତିହାସ]

ବ୍ରାହ୍ମଣୀ ନାନୀ—ଦେ. ବି. ସ୍ତ୍ରୀ—୧ । ବିଧବା ବ୍ରାହ୍ମଣୀ—1. A
Brāhmaṇī nānī Brāhmaṇa widow. ୨ । ରଜାମାନଙ୍କ
বামুন ঠাকুরান ଘରେ ନିଯୁକ୍ତ ବିଧବା ପାଚିକା—2. A Brāh-
বিধবা বামনী maṇa widow serving as cook in a Raja's harem. ୩ । ଶୂଦ୍ରମାନଙ୍କର ବ୍ରାହ୍ମଣୀମାନଙ୍କ ପ୍ରତି ସମ୍ବୋଧନ—3. A term of address to a Brāhmaṇa lady by Śūdras.

ବ୍ରାହ୍ମଣୀ ସାପ—ପ୍ରାଦେ. (ସମ୍ବଲପୁର ଓ ଗଡ଼ଜାତ) ବି—ମାଟି ବର୍ଣ୍ଣର
Brāhmaṇī sāpa ସାପ—A kind of non-poisonous snake.

ବ୍ରାହ୍ମଣ୍ୟ—ସଂ. ବି. (ବ୍ରାହ୍ମଣ+ସମୂହାର୍ଥେ. ଯ)—୧ । ସମବେତ ବ୍ରାହ୍ମଣ
Brāhmaṇya ଗଣ—1. An assembly of Brāhmaṇas. ୨ । (+ଭାବ. ଯ) ବ୍ରାହ୍ମଣତ୍ୱ—2. Brāhmaṇa-hood. ୩ । ଶନି ଗ୍ରହ—3. The planet Saturn. [ଦ୍ର—ଏହି ଗ୍ରହ ଶୂଦ୍ରମାନଙ୍କର ଜନକ ଓ ବ୍ରାହ୍ମଣମାନଙ୍କର ମିତ୍ର ଗ୍ରହ ଅଟନ୍ତି ।]

ବ୍ରାହ୍ମ ତୀର୍ଥ—ସଂ. ବି—ବ୍ରହ୍ମ ତୀର୍ଥ; ଅଙ୍ଗୁଷ୍ଠର ମୂଳ ଦେଶ—
Brāhma tīrtha The root of the thumb.
[ଦ୍ର—ତର୍ପଣ ଓ ଶ୍ରାଦ୍ଧ ସମୟରେ ଏହି ଦେଇ ବ୍ରହ୍ମାଙ୍କୁ ଜଳ ଦିଆଯାଏ ।]

ବ୍ରାହ୍ମ ଦିବସ—ସଂ. ବି—୧ । ବ୍ରହ୍ମାଙ୍କର ଏକ ଦିନ ଓ ଏକ ରାତ୍ରି; Brāhma dibasa ମନୁଷ୍ୟଙ୍କ ଗଣନାରେ ୧୦୯୧୦୬୦୦୦୦୦ (ବ୍ରାହ୍ମହୋରାତ୍ର—ଅନ୍ୟରୂପ) ବର୍ଷ (୧୦ ଶହ ୯୧ କୋଟି ୬ ଲକ୍ଷ ବର୍ଷ) ବ୍ୟାପୀ ଦିବସ ଓ ଏତିକି ବର୍ଷ ବ୍ୟାପୀ ରାତ୍ରି—1. One day and night to Brahmā. [ଦ୍ର—ପୁରାଣରେ ବର୍ଣ୍ଣିତ ହୋଇଅଛି ଯେ ବ୍ରହ୍ମା ଦିନଯାକ ସୃଷ୍ଟି କାର୍ଯ୍ୟରେ ଲାଗନ୍ତି ଓ ରାତିରେ ଶୁଅନ୍ତି । ସେ ଶୋଇଲେ କଳ୍ପାନ୍ତ ପ୍ରଳୟ ଘଟେ ଓ ସେ ସକାଳୁ ଉଠି ପୁଣି ନୂତନ ସୃଷ୍ଟି ଆରମ୍ଭ କରନ୍ତି; ତାଙ୍କର କାଳ ଗଣନା ଓ ମନୁଷ୍ୟମାନଙ୍କ କାଳ ଗଣନା ସମାନ ନୁହେ ।

ମନୁଷ୍ୟମାନଙ୍କ କାଳ ଗଣନା କ୍ରମେ
ସତ୍ୟଯୁଗ—୧୭୨୮,୦୦୦ ବର୍ଷ
ତ୍ରେତାଯୁଗ—୧୨୯୬,୦୦୦ ବର୍ଷ
ଦ୍ୱାପରଯୁଗ—୮୬୪,୦୦୦ ବର୍ଷ
କଳିଯୁଗ—୪୩୨,୦୦୦ ବର୍ଷ

ଏହିପରି ମନୁଷ୍ୟର ୪ଟି ଯୁଗରେ ଦେବତାଙ୍କର ୧ ଦିନ ହୁଏ । ଏହି ଗଣନା ଅନୁସାରେ ଦେବତାଙ୍କର ୧୦୦୦ ଯୁଗ=୨୪୦୦୦ ବର୍ଷ ହେଲେ ବ୍ରହ୍ମାଙ୍କର ଗୋଟିଏ ଦିନ ହୁଏ ଓ ୨୪୦୦୦ ବର୍ଷ ହେଲେ ବ୍ରହ୍ମାଙ୍କର ଗୋଟିଏ ରାତି ହୁଏ ।]—୨ । ବ୍ରହ୍ମାଙ୍କ ଗଣନାରେ ଏକ ଦିନ—2. One day to Brahmā.

ବ୍ରାହ୍ମ ଧର୍ମ—ସଂ. ବି—ବେଦ ପାଠ ସମାପନ ପୂର୍ବକ ଗୁରୁ ଗୃହରୁ Brāhma dharma ସମାଗତ ବିପ୍ରଙ୍କର ଅଭ୍ୟର୍ଥନାରୂପ ରାଜଧର୍ମ—A duty enjoined on a king, consisting of entertaining a Brāhmaṇa returned from the house of the preceptor after completing his studies and his Brahmacharjya and before he enters into the 2nd or married stage of life. ଦେ. ବି—ବ୍ରାହ୍ମ ব্রাহ্ম ধর্ম ब्राह्म धर्म ସମାଜୀମାନଙ୍କ ଆଚରିତ ନିରାକାର ଏକେଶ୍ୱର ବାଦ ଧର୍ମ Pantheism practised by the Brahmos; Brāhma Samāja ( See )

ବ୍ରାହ୍ମ ପିଙ୍ଗା—ସଂ. ବି—ରୌପ୍ୟ; ରୁପା—Silver. Brāhma piṅgā

ବ୍ରାହ୍ମ ପୁରାଣ—ସଂ. ବି—ବ୍ରହ୍ମ ପୁରାଣ; ପୁରାଣବିଶେଷ—Brāhma purāṇa Name of a Hindu Purāṇa.

ବ୍ରାହ୍ମ ବିବାହ—ସଂ. ବି—ପ୍ରାଚୀନ କାଳରେ ହିନ୍ଦୁମାନଙ୍କର ବିବାହ ପ୍ରଥା Brāhma bibāha ବିଶେଷ [ଏଥିରେ ବରକୁ ଆହ୍ୱାନ ପୂର୍ବକ ତାଙ୍କ ହସ୍ତରେ ଯଥାଶକ୍ତି ଅଳଙ୍କୃତା କନ୍ୟାକୁ ବେଦୋକ୍ତ ବିଧିରେ ପ୍ରଦାନ କରାଯାଏ । (ବିବାହ ତଳେ ଟୀକା ଦେଖ )]—A form of marriage prevalent amongst the Hindus of ancient India by giving a decorated girl to an invited bridegroom. ଦେ. ବି—ବ୍ରାହ୍ମସମାଜରେ ପ୍ରଚଳିତ ବିବାହ ପ୍ରଥା—Marriage performed according to the Brahmo Samaj. [ ଦ୍ର—ଏଥିରେ ବିବାହ ସମ୍ବନ୍ଧୀୟ ବେଦୋକ୍ତ ଓ ପୁରାଣୋକ୍ତ ମନ୍ତ୍ରମାନ ଦେଶୀୟ ଭାଷାରେ ଉଚ୍ଚାରିତ ହୁଏ । ]

ବ୍ରାହ୍ମ ମନ୍ଦିର—ଦେ. ବି—ବ୍ରାହ୍ମଧର୍ମାବଲମ୍ବୀମାନେ ଯେଉଁଠାରେ Brāhma mandira ସମବେତ ହୋଇ ଉପାସନା କରନ୍ତି—(ବ୍ରାହ୍ମସମାଜ ମନ୍ଦିର—ଅନ୍ୟରୂପ) The hall where the ব্রাহ্ম মন্দির ब्राह्म मन्दिर Brāhmos meet for prayer.

ବ୍ରାହ୍ମ ମୁହୂର୍ତ୍ତ—ସଂ. ବି—୧ । ରାତ୍ରିର ଶେଷାର୍ଦ୍ଧ ପ୍ରହର; ରାତ୍ରିର ଅନ୍ତିମ Brāhma muhūrtta ୨ ଦଣ୍ଡ, ମତାନ୍ତରରେ ୪ ଦଣ୍ଡ; ସୂର୍ଯ୍ୟୋଦୟ ପୂର୍ବର ଦୁଇ ଘଣ୍ଟା ସମୟ—1. The last 48 minutes ( or according to some 96 minutes) of the night. ୨ । ବ୍ରହ୍ମାଙ୍କର ୧ ମୁହୂର୍ତ୍ତ ସମୟ ( ମନୁଷ୍ୟର ଗଣନାରେ ୩୬୨୦୨୦୦୦୦ ( ୩୬ କୋଟି ୨୦ ଲକ୍ଷ ୨୦ ହଜାର ) ବର୍ଷ—2. A period of about 3½ billion human years.

ବ୍ରାହ୍ମ ସଂହିତା—ସଂ. ବି. ( ଜ୍ୟୋତିଷ )—ପ୍ରାଚୀନ ହିନ୍ଦୁ ଜ୍ୟୋତିଷ Brahma saṁhitā ଗ୍ରନ୍ଥ ବିଶେଷ—Name of an ancient Hindu astrological treatise. [ ଦ୍ର—ଏହା ଖ୍ରୀଷ୍ଟପୂର୍ବ ୧୩ଶ ଶତାବ୍ଦୀରେ ବେଦାଙ୍ଗ ଜ୍ୟୋତିଷକୁ ଅବଲମ୍ବନ କରି ରଚିତ ହୋଇଥିଲା । ]

ବ୍ରାହ୍ମ ସମାଜ—ଦେ. ବି—୧ । ରାଜା ରାମମୋହନ ରାୟଙ୍କ ପ୍ରବର୍ତ୍ତିତ ଓ Brāhma samāja କେଶବଚନ୍ଦ୍ର ସେନଙ୍କ ଦ୍ୱାରା ପରିବର୍ତ୍ତିତ- ব্রাহ্ম সমাজ ब्राह्म समाज ନିରାକାରେଶ୍ୱରବାଦୀ ଧର୍ମସମାଜବିଶେଷ 1. The Brahmo Samaj. [ ଦ୍ର—ଭାରତରେ ଇଂରାଜ ରାଜ୍ୟର ସୂତ୍ରପାତ ହେବା ସମୟରେ ଖ୍ରୀଷ୍ଟାନ୍ ପାଦ୍ରୀମାନେ ଏକେଶ୍ୱରବାଦ ଓ ନିରାକାରବାଦ ପ୍ରଚାରପୂର୍ବକ କତିପୟ ଶିକ୍ଷିତ ହିନ୍ଦୁ ଯୁବକମାନଙ୍କୁ ଖ୍ରୀଷ୍ଟଧର୍ମସମ୍ପ୍ରଦାୟ ଆଡ଼କୁ ଆକର୍ଷଣ କରିବାକୁ ଲାଗିଲେ । ଏଣେ ତଦାନୀନ୍ତନ ରକ୍ଷଣଶୀଳ ହିନ୍ଦୁ ସମାଜ ଇଂରାଜୀଶିକ୍ଷିତ ହିନ୍ଦୁ ଯୁବକମାନଙ୍କର ପ୍ରତିପ୍ରଥା ବିରୁଦ୍ଧ ଆଚରଣକୁ ସହି ନ ପାରି ସେମାନଙ୍କୁ ହିନ୍ଦୁ ସମାଜରୁ ତଡ଼ିବାକୁ ଉଦ୍ୟତ ହେଲେ । ଏହି ସମୟରେ ରାଜା ରାମମୋହନ ରାୟ ଉପନିଷଦରେ ପ୍ରତିପାଦିତ ବୈଦିକ ହିନ୍ଦୁ ଧର୍ମର ନିରାକାର ଏକେଶ୍ୱରଙ୍କ ଭଜନ ପ୍ରତି ଶିକ୍ଷିତମାନଙ୍କ ଦୃଷ୍ଟି ଆକର୍ଷଣ କରି ସେମାନଙ୍କୁ ନେଇ ହିନ୍ଦୁ ସମାଜର ଗୋଟିଏ ଶାଖା ବ୍ରାହ୍ମସମାଜ ନାମରେ ପ୍ରତିଷ୍ଠିତ କଲେ ଓ ତାହାର ଫଳରେ ବହୁ ନବଶିକ୍ଷିତ ବଙ୍ଗୀୟ ଯୁବକ ଖ୍ରୀଷ୍ଟାନ୍ ହେଲେ ନାହିଁ] । ୨ । ବ୍ରାହ୍ମମାନଙ୍କ ଉପାସନା ମନ୍ଦିର—2. The prayer hall of the Brāhmo Samājists.

ବ୍ରାହ୍ମ ସମାଜୀ—ଦେ,ବିଣ--ବ୍ରାହ୍ମ ସମାଜ ସମ୍ବନ୍ଧୀୟ—Relating to the Brāhma samāji Brāhmo Samāja. ବି—ବ୍ରାହ୍ମସମାଜର (ବ୍ରାହ୍ମ ସମାଜିଆ —ଅନ୍ୟରୂପ) ବିଧିରେ ଉପାସନା କରିବା ବ୍ୟକ୍ତି—

(ବ୍ରାହ୍ମିକା—ସ୍ତ୍ରୀ) A Brāhmo; a Brāhmo Samājist ব্রাহ্ম সমাজী; ब्रह्म समाजी

[ଦ୍ର—ଏମାନେ ନିରାକାର ବ୍ରହ୍ମଙ୍କ ଉପାସକ । ପ୍ରଥମେ ରାଜା ରାମମୋହନଙ୍କ ଦ୍ୱାରା ଏ ସମାଜର ସୂତ୍ରପାତ ହୋଇଥିଲା ଓ ରାମମୋହନ ବେଦାନ୍ତ ଅନୁସାରେ ପରଂବ୍ରହ୍ମଙ୍କୁ ଉପାସନା କରୁଥିଲେ ଓ ପ୍ରତିମା ପୂଜା କରୁ ନ ଥିଲେ, କିନ୍ତୁ ନିଜେ ଯଜ୍ଞୋପବୀତ ଧାରଣ କରୁଥିଲେ । ମହର୍ଷି ଦେବେନ୍ଦ୍ରନାଥ ମଧ୍ୟ ଏହି ଦଳର ଥିଲେ । ଏହି 'ଆଦି ବ୍ରାହ୍ମ ସମାଜ'କୁ ବ୍ରହ୍ମାନନ୍ଦ କେଶବଚନ୍ଦ୍ର ସଂସ୍କୃତ କରି ନବବିଧାନ ଅନୁସାରେ ବ୍ରାହ୍ମ ସମାଜକୁ ଗଠିତ କଲେ । ଏହା ସାଧାରଣ ବ୍ରାହ୍ମସମାଜ ଓ ପରେ 'ନବବିଧାନ ବ୍ରାହ୍ମ-ସମାଜ' ନାମରେ ପରିଚିତ ହେଲା । ଅଧୁନିକ ବ୍ରାହ୍ମମାନେ ଏହି ସମାଜର ଅନ୍ତର୍ଭୁକ୍ତ ଅଟନ୍ତି । ଏମାନେ ଜାତିଭେଦ ମାନନ୍ତି ନାହିଁ ଓ ହିନ୍ଦୁ ସମାଜର ଜାତିଭେଦ ଜ୍ଞାପକ ପଇତା ଓ ମାଳ ଆଦି ଧାରଣ କରନ୍ତି ନାହିଁ । ଏମାନଙ୍କର ଖାଦ୍ୟ ସମ୍ବନ୍ଧେ କୌଣସି ନିୟମ ନାହିଁ । ଫଳତଃ ଏମାନେ ହିନ୍ଦୁ ଓ ଏମାନଙ୍କ ଧର୍ମ ବେଦାନ୍ତର ଏକେଶ୍ୱରବାଦ ବା ଅଦ୍ୱୈତବାଦ ଉପରେ ପ୍ରତିଷ୍ଠିତ । ଏମାନେ ଉପାସନା ଓ ବିବାହାଦିରେ କେତେଗୁଡ଼ିଏ ବୈଦିକ ମନ୍ତ୍ର ଓ ମନ୍ତ୍ରର ଅନୁବାଦ ଉଚ୍ଚାରଣ କରନ୍ତି । ଏମାନଙ୍କର ବିବାହ ହିନ୍ଦୁଶାସ୍ତ୍ରୋକ୍ତ ବିଧିଦ୍ୱାରା ସମାହିତ ନ ହେଲେ ମଧ୍ୟ ବିବାହକୁ ଏମାନେ ହିନ୍ଦୁମାନଙ୍କ ପରି ଅଚ୍ଛେଦ୍ୟ ଧର୍ମବନ୍ଧନ ବୋଲି ଗ୍ରହଣ କରନ୍ତି । କିନ୍ତୁ ଅହିନ୍ଦୁମାନଙ୍କ ନିମନ୍ତେ ଯେଉଁ ବିବାହ ଆଇନ୍ ସରକାର ବିଧିବଦ୍ଧ କରିଅଛନ୍ତି ସେହି ଆଇନ୍ ଅନୁସାରେ ଏମାନଙ୍କର ବିବାହ ସରକାରଙ୍କ ନିଯୁକ୍ତ ରେଜିଷ୍ଟ୍ରାରଙ୍କ ନିକଟରେ ରେଜିଷ୍ଟ୍ରି କରାଯାଏ ଓ ସେଥିରେ ବରକନ୍ୟା 'ହିନ୍ଦୁ' ନୁହନ୍ତି ବୋଲି ଉଚ୍ଚାରଣ କରନ୍ତି । ପୂର୍ବେ ଗୋଡ଼ା ହିନ୍ଦୁ ସମାଜ ଏମାନଙ୍କୁ ବିଧର୍ମୀ ବୋଲି ଘୃଣା କରୁଥିଲେ ଓ ଏମାନଙ୍କ ସଙ୍ଗେ ମିଶାମିଶି କରୁ ନ ଥିଲେ; କିନ୍ତୁ ଆଧୁନିକ ହିନ୍ଦୁ ସମାଜ ପୂର୍ବର ସଙ୍କୀର୍ଣ୍ଣତାକୁ ଛାଡ଼ିବାରୁ ବ୍ରାହ୍ମମାନେ ବର୍ତ୍ତମାନ ଗୋଡ଼ା ହିନ୍ଦୁଙ୍କ ସମାଜରେ ମିଶିବାରେ କିଛି ବାଧା ନାହିଁ । ଏପରିକି, ଏମାନେ ହିନ୍ଦୁ ଦେବାଳୟରେ ମଧ୍ୟ ପ୍ରବେଶ କରି ପାରୁଅଛନ୍ତି ଓ ହିନ୍ଦୁମାନଙ୍କ ସାମାଜିକ ଅନୁଷ୍ଠାନ ଓ ଭୋଜିମାନଙ୍କରେ ପ୍ରକାଶ୍ୟରେ ଯୋଗ ଦେଉଅଛନ୍ତି । ଅଧିକ ମଧ୍ୟ ଦେଖାଯାଏ ଯେ, ପୂର୍ବେ ଯେତେବେଳେ ଗୋଡ଼ା ହିନ୍ଦୁମାନଙ୍କର ସଙ୍କୀର୍ଣ୍ଣତା ବେଶି ଥିଲା ଓ ବଙ୍ଗଦେଶରେ ପତିତ ପେରଲିମାନଙ୍କୁ ହିନ୍ଦୁ ସମାଜ ଗ୍ରହଣ କରୁ ନ ଥିଲା ସେତେବେଳେ ହିନ୍ଦୁ ସମାଜକୁ ତ୍ୟାଗ କରି ଅନେକ ବ୍ୟକ୍ତି ବ୍ରାହ୍ମ ସମାଜର ଆଶ୍ରୟ ନେଉଥିଲେ; କିନ୍ତୁ ଆଜିକାଲି ହିନ୍ଦୁ ସମାଜର ସଙ୍କୀର୍ଣ୍ଣତା କ୍ରମଶଃ କମିଯିବା ଓ ସାମାଜିକ ନିୟମମାନ ଶିଥିଳ ହେବା ସଙ୍ଗେ ସଙ୍ଗେ ବ୍ରାହ୍ମଧର୍ମରେ ନବ ଦୀକ୍ଷିତଙ୍କ ସଂଖ୍ୟା ପୂର୍ବ ପରି ବଢୁ ନାହିଁ । ଏହି ଧର୍ମର ତତ୍ତ୍ୱ ଏହି ଯେ—ସୃଷ୍ଟିର ଆଦ୍ୟରେ ଏକମାତ୍ର ନିରାକାର ପରଂବ୍ରହ୍ମ ଥିଲେ ଓ ତାଙ୍କଠାରୁ ଏ ସୃଷ୍ଟିର ଆରମ୍ଭ ହୋଇଅଛି । ସେ ନିରାକାର, ଅନନ୍ତ, ଅବ୍ୟକ୍ତ, ଅଦ୍ୱିତୀୟ, ଅପରମେୟ, ଜ୍ଞାନସ୍ୱରୂପ, ସଚ୍ଚିଦାନନ୍ଦ, ପ୍ରେମସ୍ୱରୂପ, ନିର୍ବିକାର, ଚୈତନ୍ୟମୟ, ମଙ୍ଗଳମୟ, ସର୍ବଜ୍ଞ, ସର୍ବନିୟନ୍ତା, ସର୍ବବ୍ୟାପୀ, ନିରବଲମ୍ବ, ସର୍ବଶକ୍ତିମାନ୍, ସ୍ୱତନ୍ତ୍ର ଓ ପରିପୂର୍ଣ୍ଣ ଅଟନ୍ତି । ତାହାଙ୍କର କାହା ସହିତ ତୁଳନା ହୋଇ ନ ପାରେ । ଏକମାତ୍ର ତାହାଙ୍କ ଉପାସନାଦ୍ୱାରା ଐହିକ ଓ ପାରତ୍ରିକ ମଙ୍ଗଳ ହୁଏ । ତାହାଙ୍କ ପ୍ରିୟ କାର୍ଯ୍ୟ କରିବାଦ୍ୱାରା ମଧ୍ୟ ତାଙ୍କର ଉପାସନା କରାଯାଏ । ସବୁ ମନୁଷ୍ୟ ଈଶ୍ୱରଙ୍କ ପୁତ୍ର ଥିବାରୁ ପରସ୍ପରଙ୍କ ଭାଇ ଓ ସବୁ ସ୍ତ୍ରୀ ପରସ୍ପରଙ୍କ ଭଉଣୀ ଅଟନ୍ତି । ଈଶ୍ୱରଙ୍କ ଦୃଷ୍ଟିରେ ଜାତିଭେଦ ନାହିଁ ।]

ବ୍ରାହ୍ମହୁତ—ସ.ବି (ବ୍ରାହ୍ମ+ହୁତ)—୧ । ଅତିଥିସେବା; ଅତିଥେୟତା—Brāhmahuta 1. Hospitality. ୨ । ଅଭ୍ୟାଗତଙ୍କର ବିଶେଷତଃ ଅଭ୍ୟାଗତ ବ୍ରାହ୍ମଣଙ୍କର, ସତ୍କାର—2. Entertainment of a stranger, specially a Brāhmaṇa new-comer.

ବ୍ରାହ୍ମିକା—ସ, ବି—ବ୍ରାହ୍ମଣ ଝାଟି ( ଦେଖ )—Brāhmaṇajhāṭi Brāhmikā (See). ଦେ. ବି. ସ୍ତ୍ରୀ—ବ୍ରାହ୍ମଧର୍ମାବଲମ୍ବିନୀ ସ୍ତ୍ରୀ—ব্রাহ্মিকা A lady professing the Brahmo religion.

ବ୍ରାହ୍ମୀ—ସ. ବି. ସ୍ତ୍ରୀ (ବ୍ରହ୍ମନ୍+ଈ)—୧ । ଦୁର୍ଗା—1. Goddes. Brāhmi Durgā. ୨ । ବ୍ରହ୍ମାଙ୍କର ବିଶ୍ୱସର୍ଜନ ଶକ୍ତି—2. The creative energy of Brahmā (personified). ୩ । ଶିବଙ୍କର ଅଷ୍ଟମାତୃକାନ୍ତର୍ଗତ ମାତୃକାବିଶେଷ—3. One of the creative Goddesses related to Śiba. ୪ । ସରସ୍ୱତୀ—4. The Goddess of learning. ୫ । ବ୍ରାହ୍ମଣ ପତ୍ନୀ—5. The wife of a Brāhmaṇa. ୬ । ରୋହିଣୀ ନକ୍ଷତ୍ର; ଜ୍ୟୋତିଷୋକ୍ତ ୪ର୍ଥ ନକ୍ଷତ୍ର—6. The 4th asterism. ୭ । ପ୍ରାଚୀନ ବ୍ରାହ୍ମ ବିବାହ ରୀତି ଅନୁସାରେ ପିତାଙ୍କ ଦ୍ୱାରା ପ୍ରଦତ୍ତ କନ୍ୟା—7. A bride given away by the father according to the old Brāhma form. ୮ । ମାଈବେଙ୍ଗ; ବେଙ୍ଗୁଲି—8. A she-frog. ୯ । ହରିଦ୍ରବର୍ଣ୍ଣର ପିମ୍ପୁଡ଼ି ବିଶେଷ; ଡାଳ—9. A yellow species of ants; the tree ants. ୧୦ । ଭାର୍ଗୀ; ବ୍ରାହ୍ମଣଝାଟିଆ—10. Siphonanthus Indica (plant). ୧୧ । ଜଳମୋଚକା; ହିଡ଼ିମିଚ୍ଛ ଶାଗ—11. A potherb growing near water; Hingcha Repens. ୧୨ । ବାରାହୀ କନ୍ଦ; ଏକପ୍ରକାର ଆଳୁ—12. A kind of yam. ୧୩ । ସୋମଲତା—13. The celebrated vedic drink-producing creeper of the sages;

Asclepias Acida. ୧୪ । ବମୀ ବା ତୋଡ୍ରମାଛ—14. A tubular fish; Macrognathus Pancalus. ୧୫ । ମହାଜ୍ୟୋତିଷ୍ମତୀ ଲତା ଗୁଳ୍ମ; ଏକ ପ୍ରକାର ଫୁଟ ଫୁଟକା ଗୁଳ୍ମ—15. A sort of creeper emitting a phosphorescent light; Cardiospermum Helicacabum. ୧୬ । ଅଡ଼ଶପର୍ଣ୍ଣୀ; ଏକ ପ୍ରକାର ଶାଗ—16. A potherb growing near water; Ruta Graveolens or Herpestis Monnieria. ଦେ. ବ—୧ । ବ୍ରାହ୍ମଣୀ ନଦୀ—1. The Brāhmaṇi river. ( ଦ୍ର—ଏହି ସେହି ବ୍ରାହ୍ମୀ ବ୍ରହ୍ମାଣ୍ଡପାବନୀ । ସୁଧାକାଥ. ନନ୍ଦକେଶରୀ । ) ୨ । ଆଧୁନିକ ବ୍ରାହ୍ମମତାବଲମ୍ବୀ—
ବ୍ରାହ୍ମ **ब्राह्मसमाजी** 2. A Brahmo.

ବ୍ରାହ୍ମୀ କନ୍ଦ—ସ. ବ—ବାରାହୀ କନ୍ଦ—A kind of yam; an Brāhmi kanda esculent root.

ବ୍ରାହ୍ମୀ ଗାୟତ୍ରୀ—ସ. ବ—୩୬ ବର୍ଣ୍ଣ ବିଶିଷ୍ଟ ବୈଦିକ ଛନ୍ଦୋବିଶେଷ Brāhmi gāyatri **(ଭୂ. ଶ)**—Name of a Vedic metre of 36 syllables or letters. [ ଦ୍ର—ବ୍ରାହ୍ମୀ ଶବ୍ଦ ଯୁକ୍ତ ଅନେକଗୁଡ଼ିଏ ବୈଦିକ ଛନ୍ଦ ଅଛି ଯଥା—ବ୍ରାହ୍ମୀ ଅନୁଷ୍ଟୁପ୍ (୪୮ ବର୍ଣ୍ଣ), ବ୍ରାହ୍ମୀ ଉଷ୍ଣିକ୍ (୪୨ ବର୍ଣ୍ଣ), ବ୍ରାହ୍ମୀ ଜଗତୀ (୭୨ ବର୍ଣ୍ଣ), ବ୍ରାହ୍ମୀ ତ୍ରିଷ୍ଟୁପ୍ (୬୬ ବର୍ଣ୍ଣ), ବ୍ରାହ୍ମୀ ପଂକ୍ତି (୬୦ ବର୍ଣ୍ଣ), ବ୍ରାହ୍ମୀ ବୃହତୀ (୫୪ ବର୍ଣ୍ଣ)—ଭୂ. ଶ । ]

ବ୍ରାହ୍ମୀ ଲିପି—ସ. ବ—ପ୍ରାଚୀନ ବସ୍ତୁ-ଚନ୍ଦ୍ରରୁ ଉଦ୍ଭୂତ ଭାରତର ପ୍ରାଚୀନ Brāhmi lipi ବର୍ଣ୍ଣମାଳା; ଭାରତର ପ୍ରାଚୀନ ଜାତୀୟ ଲିପି—The old Indian script. [ ଦ୍ର—ଏହି ବର୍ଣ୍ଣମାଳାରୁ ଦେବନାଗରୀ, ବଙ୍ଗଳା, ଓଡ଼ିଆ, ପାଲି, ଗୁରୁମୁଖୀ, ବର୍ମ୍ମୀ, ତିବତୀ, ତେଲଗୁ, ତାମିଲ୍, ଗୁଜରାଟୀ, ମାଳୟ, ଦ୍ରାବିଡ଼ୀ, ସିଂହଳୀ, ଶ୍ୟାମୀ, କାମ୍ବୋଜୀ, ଯବଦ୍ୱୀପୀ ଆଦି ପ୍ରାଚୀନ ଓ ଆଧୁନିକ ଲିପିମାନ ଉଦ୍ଭୂତ ହୋଇଅଛି । ଏ ଲିପିର ବର୍ଣ୍ଣମାଳା ସଂଖ୍ୟା ୪୬ ଥିଲା । (ଜ୍ଞାନେନ୍ଦ୍ର)

କୌଣସି କୌଣସି ପଣ୍ଡିତଙ୍କର ମତ ଯେ ବ୍ରାହ୍ମୀ ଲିପି ଖ୍ରୀଷ୍ଟ ୫୦୦ ଶତାବ୍ଦୀ ପୂର୍ବରୁ ଚଳୁଥିଲା ଓ ଏହା ୨୨ ଗୋଟି ସେମେଟିକ୍ ବା ଫୋନିସୀୟ ଚିହ୍ନ—ଲିପିରୁ ଉଦ୍ଭୂତ ହୋଇଥିଲା । ଭୂ. ଶ ]

ବ୍ରାହ୍ମୀ ଶାକ—ସ. ବ—ଜଳାଭୂମିରେ ଜନ୍ମିବା ଏକ ପ୍ରକାର ଛୋଟ ଲତା Brāhmi śāka ଶାଗ—A potherb; Herpestis Monnierria. [ଦ୍ର—ଏହାର ପତ୍ର ଲୋମଶୂନ୍ୟ ଓ ଅଣ୍ଡାକାର । ପତ୍ର ଉପରେ ଛୁଟ୍ ଛୁଟ୍ ଚିହ୍ନ ଅଛି । ଫୁଲ ଛୋଟ ଓ ଈଷତ୍ ରକ୍ତାଭ ନୀଳବର୍ଣ୍ଣ । ଏହା ବର୍ଷା ଋତୁରେ ଫୁଟେ । ଫୁଲର ଚୋପା ଲମ୍ୱ । ଏ ଶାକ ବୁଦ୍ଧି ଓ ପ୍ରଜ୍ଞାବର୍ଦ୍ଧକ ବୋଲି ପ୍ରସିଦ୍ଧ । ଏହା ଦ୍ୱାରା ଉନ୍ମାଦ ରୋଗ ନାଶହୁଏ । ଆୟୁର୍ବେଦୋକ୍ତ ଘୃତ ପ୍ରସ୍ତୁତ ହୁଏ । ଏହାକୁ ବ୍ରାହ୍ମୀ ଘୃତ ବୋଲାଯାଏ । ଏହି ଘୃତ ସେବନ କଲେ ଛାତ୍ରମାନଙ୍କର ମେଧା ବୃଦ୍ଧି ହୁଏ ।]

ସ. ମତ୍ସ୍ୟାକ୍ଷୀ, ବୟସ୍ଥା, ସୁରସା, ଶାରଦା, କପୋତବେଗା, ବୈଧାତ୍ରୀ, ଦଧ୍ୟୋଦନା, ସୁବର୍ଚ୍ଚଲା, ବ୍ରହ୍ମଚାରିଣୀ, ସରସ୍ୱତୀ, ସୋମବଲ୍ଲରୀ, ବ୍ରହ୍ମକନ୍ୟକା, ମଣ୍ଡୂକୀ, ଭାର୍ଗୀ, ମଣ୍ଡୂକମାତା, ଦଦ୍ୟା
ଓ. ଅଡ଼ଶପର୍ଣ୍ଣୀ(ର୍ଣ୍ଣୀ)
ବ୍ରାହ୍ମୀ, ବର୍ମୀ
**बरम्ही, ब्रह्मी, श्वेतचमनी**
ତେ. ଶିମ୍ବ୍ରକରେଟ୍ଟୁ, ଅଶବର୍ଣ୍ଣୀ
ମ. ବାମ, ବ୍ରହ୍ମ ମାଣ୍ଡୁକୀ
ତା. ଗାମୀ

ବ୍ରାହ୍ମ୍ୟ—ସ. ବଣ. (ବ୍ରହ୍ମ + ଭାବ ଓ ସମ୍ବନ୍ଧାର୍ଥେ. ଯ)—ବ୍ରହ୍ମ ସମ୍ବନ୍ଧୀୟ—Brāhmya Relating to the Brahma. ଦେ. ବଣ—ବ୍ରାହ୍ମ; **ब्राह्मी** ୧ । ଆଧୁନିକ ବ୍ରାହ୍ମମତ ବା ସମାଜ ସମ୍ବନ୍ଧୀୟ—1. Relating to the modern Brāhmoism. ୨ । ଆଧୁନିକ ବ୍ରାହ୍ମ ସମାଜଭୁକ୍ତ; ବ୍ରାହ୍ମ—2. Brāhma. ସ.ବ—୧ । ବିସ୍ମୟ—1. Astonishment; wonder. ୨ । ଅଲୌକିକ ବ୍ୟାପାର—2. Miracle. ୩ । ଦୃଶ୍ୟ—3. Scene. ୪ । ବ୍ରାହ୍ମଣ ପ୍ରତି ଭକ୍ତି ବା ପୂଜା—4. Worshipping a Brāhmaṇa; devotion to a Brāhmaṇa.

ବ୍ରିଖ ଭାନୁ—ଦେ. ବ. (ହିନ୍ଦିରୁ ଷ ସ୍ଥାନରେ ଖ ଉଚ୍ଚାରଣ ଅନୁକୃତ)—Brikha bhānu ବୃଷ ଭାନୁ (ଦେଖ)—Brusha bhānu (ବୃଷ ଭାନୁ—ଅନ୍ୟରୂପ) (See) (ଦ୍ର—ଉତ୍କଳୀୟ ସ୍ୱଭାବେ ବ୍ରିଖଭାନୁ
**ब्रिखभानु** ଦୁଲାଳୀ । ପ୍ରାଚୀ. ବସନ୍ତରାୟ ।)

ବ୍ରିଗେଡ୍—ବୈଦେ.ବ. (ଇଂ.ବ୍ରିଗେଡ୍)—ପାଦାତିକ ବା ଅଶ୍ୱାରୋହୀଙ୍କର Briged ଦୁଇ ବା ତତୋଽଧିକ ଦଳବିଶିଷ୍ଟ ସେନା ଦଳ—
ବ୍ରିଗେଡ **ब्रिगेड** Brigade.

ବ୍ରିଗେଡିଅର୍—ବୈଦେ. ବ. (ଇଂ)—ବ୍ରିଗେଡ୍ ନାମକ ସେନା ଦଳର Brigediar ଅଧ୍ୟକ୍ଷ—Brigadier.
[ବ୍ରିଗେଡିଅର୍ ଜେ(ଜ)ନରଲ୍—ଅନ୍ୟରୂପ]
ବ୍ରିଗେଡିୟାର **ब्रिगेडियर**

ବ୍ରିଚ୍ ଅଫ୍ କଣ୍ଟ୍ରାକ୍ଟ—ବୈଦେ. ବ (ଇଂ) (କଚେରୀ)—ଚୁକ୍ତିଭଙ୍ଗ—Brich aph kantrākt Breach of Contract.
ବ୍ରୀଚ ଅଫ୍ କଣ୍ଟ୍ରାକ୍ଟ **ब्रीच अफ कण्ट्राक्ट**

ବ୍ରିଚ୍ ଅଫ୍ ଟ୍ରଷ୍ଟ—ବୈଦେ. ବ. ( ଇଂ ) (କଚେରୀ)—ବିଶ୍ୱାସଭଙ୍ଗରୂପ Brich aph trasht ଅପରାଧ; ଧନ ବା ସମ୍ପତ୍ତି ପକ୍ଷେ ବିଶ୍ୱାସ
ବ୍ରୀଚ ଅଫ ଟ୍ରଷ୍ଟ ଘାତକତା—Breach of trust
**ब्रीच अफ ट्रस्ट**

ବ୍ରିଚି(ଚେ)ସ୍—ବୈଦେ· ବ (ଇଂ. ବ୍ରିଚେସ୍)—ଜଙ୍ଘିଆ—Brichi(che)s Breeches; knee breeches.
ବ୍ରୀଚେସ **ब्रीजीस**

ବ୍ରିଜ୍—ବୈଦେ. ବ. (ଇଂ)—୧ । ପୋଲ—1. Bridge.
Brij ୨ । ଏକ ପ୍ରକାର ତାସ ଖେଳ—2. A kind of
ବ୍ରୀଜ **ब्रीज** game at cards.

ବ୍ରିଜ୍‌କି—ପ୍ରାଦେ. (ଯାଜପୁର) ବ—ବ୍ରଜ ଭାଷା (ଦେଖ)
Brij-ki Braja bhāshā ( See )

ବ୍ରିଟନ୍—ବୈଦେ. ବ (ଇଂ)—ବ୍ରିଟେନ୍‌ବାସୀ ବ୍ୟକ୍ତି—
Britan ব্রিটন ब्रिटन A Briton.

ବ୍ରିଟିଶ୍—ବୈଦେ. ବଣ (ଇଂ)—୧ । ଇଂରାଜୀ; ଇଂଲଣ୍ଡ ସମ୍ବନ୍ଧୀୟ—
Britis 1. English. ୨ । ଇଂଲଣ୍ଡ ଓ ସ୍କଟଲଣ୍ଡ ସମ୍ବନ୍ଧୀୟ—
ব্রিটিস ब्रिटिस 2. British.

ବ୍ରିଟିଶ କେଶରୀ—ଦେ. ବ—ବଳରେ ସିଂହ ସହିତ ତୁଳନା କରି
British kesari ଯାଉଥିବା ଓ ଜାତୀୟ ପତାକାରେ ସିଂହର ରୂପ
(ବ୍ରିଟିଶ ସିଂହ—ଅନ୍ୟରୂପ) ଚିତ୍ରିତ ଥିବା ଇଂରାଜ ଜାତି—
ব্রিটিস কেশরী The British lion.
ब्रिटिश केशरी

ବ୍ରିଟିଶ ଗଭର୍ଣ୍ଣମେଣ୍ଟ—ବୈଦେ. ବ (ଇଂ)—ଇଂରାଜ ସରକାର—
Britis gabharnnament British Government.
ব্রিটিস গভর্ণমেন্ট ब्रिटिश गवर्णमेण्ट
(ବ୍ରିଟିଶ ସରକାର—ଦେଶଜ ରୂପ)

ବ୍ରିଟିଶ ଜାତି—ଦେ. ବ. ( ଇଂ. ବ୍ରିଟିଶ୍ ଓ ସ. ଜାତି )—
Britis jati ୧ । ଇଂରାଜ ସରକାର—1. British Govern-
ব্রিটিস জাতি ब्रिटिश जाति ment. ୨ । ବ୍ରିଟେନ୍‌ବାସୀଗଣ—
2. The British nation.

ବ୍ରିଟିଶ୍ ପାର୍ଲିଆମେଣ୍ଟ—ବୈଦେ.ବ. (ଇଂ)—ଇଂଲଣ୍ଡର ଲୋକପ୍ରତିନିଧିଙ୍କ
Britis parliament ଗଠିତ ଶାସନ ସଭା—British
ব্রিটিস পার্লিআমেন্ট ब्रिटिश पार्लियामेण्ट Parliament.
[ବ୍ରିଟିଶ ପାର୍ଲାମେଣ୍ଟ, ବ୍ରିଟିଶ୍ ପାର୍ଲି(ର୍ଲେ)ମେଣ୍ଟ—ଅନ୍ୟରୂପ]

ବ୍ରିଟିଶ୍ ଫ(ଫା)ର୍ମ—ବୈଦେ. ବ. (ଇଂ)—୧ । ଗ୍ରେଟ୍ ବ୍ରିଟେନରେ
British pha(pha)rm ସ୍ଥାପିତ କୌଣସି ବାଣିଜ୍ୟ ବ୍ୟବସାୟୀ
ব্রিটিস কুম্পানী ସଙ୍ଘ—1. A British firm or company.
ब्रिटिस कोम्पानी ୨ । ଯେଉଁ ବାଣିଜ୍ୟ-ସଙ୍ଘର ଅଂଶୀଦାର ବା ସଭ୍ୟ
[ବ୍ରିଟିଶ୍ କ(କୋ, କୁ)ମ୍ପାନୀ—ଅନ୍ୟରୂପ] କେବଳ ଗ୍ରେଟ୍ ବ୍ରିଟେନ୍-
ବାସୀ ଅଟନ୍ତି—2. A firm or company of which the people of Great Britain only are shareholders or members.

ବ୍ରିଟିଶ୍ ଫାର୍ମ(ର୍ମା)କୋପିଆ—ବୈଦେ. ବ. (ଇଂ)—ଗ୍ରେଟ୍ ବ୍ରିଟେନର
British pharma(ma)kopia ସାଧାରଣ ଡାକ୍ତର ସମ୍ମେଳନୀ
ব্রিটিস্ ফার্মাকোপিয়া ପକ୍ଷରୁ ପ୍ରକାଶିତ ପ୍ରକାଣ୍ଡ ଭେଷଜ ଶାସ୍ତ୍ର—
ब्रिटिश फार्माकोपिया British Pharmacopœa.
[ଦ୍ର—ଏଥିରେ ଉକ୍ତ ସମ୍ମେଳନୀ କର୍ତ୍ତୃକ ଅନୁମୋଦିତ ଦେଶୀୟ ଓ ବିଦେଶୀୟ ଔଷଧ ଦ୍ରବ୍ୟମାନଙ୍କର ତାଲିକା ଓ ବିଭିନ୍ନ ଔଷଧମାନଙ୍କରେ ପ୍ରସ୍ତୁତ କରିବା ପ୍ରଣାଳୀ ଲିପିବଦ୍ଧ ହୋଇଅଛି ।]

ବ୍ରିଟିଶ୍ ସାମ୍ରାଜ୍ୟ—ଦେ. ବ. (ଇଂ. ବ୍ରିଟିଶ୍+ସ. ସାମ୍ରାଜ୍ୟ)—ଇଂରାଜ
British samrajya ଜାତିଙ୍କ ଶାସିତ ପୃଥିବୀବ୍ୟାପୀ ରାଜ୍ୟ—
ব্রিটিস সাম্রাজ্য ब्रिटिस साम्राज्य The British Empire.
[ଦ୍ର—ଏହା କାନେଡା, ଅଷ୍ଟ୍ରେଲିଆ ଓ ଅଫ୍ରିକା ପରି କେତେଗୁଡ଼ିଏ ସାୟତ୍ତଶାସନପ୍ରାପ୍ତ ରାଜ୍ୟ ଓ ଭାରତବର୍ଷ, ଷ୍ଟ୍ରେଟସ୍ ସେଟଲମେଣ୍ଟ ଓ ଲଙ୍କା ପରି କେତେଗୁଡ଼ିଏ ସାୟତ୍ତଶାସନାର୍ଥୀ ରାଜ୍ୟର ମିଶ୍ରଣରେ ଗଠିତ ।]

ବ୍ରିଟେନ୍—ବୈଦେ. ବ ( ଇଂ )—୧ । ଇଂଲଣ୍ଡ ଦେଶ—
Briten 1. Britain; England. ୨ । ଗ୍ରେଟ୍‌ବ୍ରିଟେନ୍;
ব্রিটেন্ ब्रिटेन ଇଂଲଣ୍ଡ, ସ୍କଟଲଣ୍ଡ ଓ ୱେଲ୍‌ସ୍‌କୁ ନେଇ ରାଜ୍ୟ—
2. Great Britain.

ବ୍ରୀଡ଼୍ (ଧାତୁ)—ସ.—୧ । ଲାଜ କରିବା—1. To feel shame.
Brird (root) ୨ । ଫିଙ୍ଗିବା—2. To throw (Apte).

ବ୍ରୀଡ଼(ଡ଼ା)—ସ. ବ (ବ୍ରୀଡ଼୍ ଧାତୁ+ଭାବ. ଅ+ସ୍ତ୍ରୀ. ଆ)—ଲଜ୍ଜା; ଲାଜ;
Brirda(rda) ଶରମ—Shame; modesty; coyness.

ବ୍ରୀଡ଼ାକର—ସ. ବଣ—(ବ୍ରୀଡ଼ା+କୃ ଧାତୁ+କର୍ତ୍ତୃ. ଅ)—ଲଜ୍ଜାଜନକ;
Brirdakara ଯାହା ମନୁଷ୍ୟକୁ ଲଜ୍ଜିତ କରାଏ—Shameful;
(ବ୍ରୀଡ଼ାଜନକ—ଅନ୍ୟରୂପ) producing modesty or shame.

ବ୍ରୀଡ଼ା ବିହୀନ—ସ. ବଣ—(ଷଷ୍ଠୀ ତତ୍) ଲଜ୍ଜାହୀନ—
Prirda bihina Shameless; immodest.
(ବ୍ରୀଡ଼ାରହିତ, ବ୍ରୀଡ଼ାଶୂନ୍ୟ, ବ୍ରୀଡ଼ାହୀନ, ବି୍ରଡ଼ାବର୍ଜିତ—ଅନ୍ୟରୂପ)

ବ୍ରୀଡ଼ିତ—ସ. ବଣ—(ବ୍ରୀଡ଼୍ ଧାତୁ+କର୍ତ୍ତୃ.ତ)—ଲଜ୍ଜିତ—Ashamed;
Brirdita modest. ୨ । ବ—ଲଜ୍ଜା—Shame; modesty.

ବ୍ରୀହି—ସ. ବ (ବୃ ଧାତୁ=ପ୍ରାର୍ଥନା କରିବା+କର୍ମ. ହି; ନିପାତନ)—
Brihi ୧ । ଧାନ୍ୟ;ଧାନ—1. Paddy;rice. ୨ । ବର୍ଷାଳି ଧାନ—
2. Rice ripening in the rains. ୩ । ଯେଉଁ
ଶସ୍ୟରୁ ଡାଲି ହୁଏ—3. Pulse-grains; lentil.
୪ । ବିରି ନାମକ ଶସ୍ୟ; ମାଷ—4. A kind of pulse;
vetches; Phasoelus Radiatus

ବ୍ରୀହିକ—ସ. ବଣ ( ବ୍ରୀହି+ଅସ୍ତି ଅର୍ଥରେ କ)—୧ । ଧାନ୍ୟବିଶିଷ୍ଟ—
Brihika 1. Full of paddy. ୨ । ଶସ୍ୟଯୁକ୍ତ—
2. Full of grains.

ବ୍ରୀହି କାଞ୍ଚନ—ସ. ବ (ଯେଉଁ ବ୍ରୀହି କାଞ୍ଚନ ପରି ଉଜ୍ଜ୍ୱଳ)—ମସୂର—
Brihikanchana A leguiminous plant; Ervum Hirsutum; Cicer Lens.

ବ୍ରୀହି ଧାନ୍ୟ—ସ. ବ—ଶାଳି ଧାନ—Winter paddy.
Brihi dhanya (ବ୍ରୀହି ଶ୍ରେଷ୍ଠ—ଅନ୍ୟ ରୂପ)

ବ୍ରୀହି ଭେଦ—ସ. ବ—ଶସ୍ୟ ଭେଦ; ଏକ ପ୍ରକାର ଶସ୍ୟ—
Brihi bheda A kind of grain or pulse.

ବ୍ରୀହ୍ୟ—ସ. ବ (ବ୍ରୀହି+କ୍ଷେତ୍ରାର୍ଥ. ୟ)—ବ୍ରୀହିଯୁକ୍ତ କ୍ଷେତ୍ର—
Brihi A field of grains or pulse.

ବ୍ରୁ(ବ୍ରୋ)ଚ—ବୈଦେ.ବ (ଇଂ ବ୍ରୁଚ)—ସ୍ତ୍ରୀଲୋକେ ପିନ୍ଧିଥିବା ଲୁଗା ଓ
Bru(bro)ch ଲୁଗାର ଅଞ୍ଚଳକୁ ଏକ ସ୍ଥାନରେ ଅଟକାଇ ରଖିବା
ব্রুচ, ব্রোচ ପାଇଁ ବ୍ୟବହୃତ କାରୁକାର୍ଯ୍ୟ ବିଶିଷ୍ଟ ସୁନାର ବା
ब्रूच ରୂପାର କଣ୍ଟା—Brooch.

ବ୍ରୁବତ୍—ସ. ଵଣ ପୁଂ [ବ୍ରୁ ଧାତୁ=କହିବା+କର୍ତ୍ତୃ. ଅତ୍ (ଶତୃ)]—
Brubat କହୁଥିବା—Speaking. [ ଦ୍ର—ଏହି ସଂସ୍କୃତ ଶବ୍ଦର (ବ୍ରୁବାଣ—ଅନ୍ୟରୂପ) ବ୍ୟବହାର ଓଡ଼ିଆରେ ବିରଳ ।]
(ବ୍ରୁବତୀ, ବ୍ରୁବାଣା—ସ୍ତ୍ରୀ)

ବ୍ରୁଶ୍—ବୈଦେ. ବି ( ଇଂ. ବ୍ରଶ୍ )—୧ । ବ୍ରଶ୍; ବୃରୁସ; ଲୁଗା, କେଶ
Brus ଓ ଦାନ୍ତ ଆଦି ସଫା କରିବାର କୁଚ—1. Brush.
ବ୍ରୁସ୍, ବ୍ରସ୍ **ब्रुश** [ ଦ୍ର—ଯେଉଁ କାର୍ଯ୍ୟରେ ଯେଉଁ ବ୍ରୁଶ୍ ବ୍ୟବହାର କରାଯାଏ ସେହି ଅନୁସାରେ ତାହାର ନାମ ଦିଆ ଯାଇଥାଏ । ଯଥା—ଲୁଗା ବ୍ରୁଶ୍, ଯୋତା ବ୍ରୁଶ୍, ଘୋଡ଼ା ବ୍ରୁଶ୍, ଘଷା ବ୍ରୁଶ୍, ଅଳଙ୍କାର ବ୍ରୁଶ୍ ଇତ୍ୟାଦି ।]
୨ । ଚିତ୍ର ତୂଳିକା—2. Painter's brush. ୩ । ଘୋଡ଼ାର ଦେହ ସଫା କରିବା ବ୍ରଶ୍—3. Horse's brush.

ବ୍ରୁଶ୍ କରିବା - ଦେ. କ୍ରି—ବ୍ରୁଶ୍‌ଦ୍ୱାରା ଯୋତା, ଲୁଗା ଆଦି ସଫା
Brus kariba କରିବା—To brush; to cleanse with
ବ୍ର(ବ୍ରୁ)ସ କରା **ब्रुश करना** brush. (ବ୍ରୁଶ୍ ମାରିବା—ଅନ୍ୟରୂପ)

ବ୍ରୁହାମ୍—ବୈଦେ.ବି (ଇଂ)—ଘଣ୍ଟାଟପ୍ ଯୁକ୍ତ ଏକ ପ୍ରକାର ଚାରିଚକିଆ-
Bruham ବ୍ରୁହାମ **ब्रुहाम** ଘୋଡ଼ାଗାଡ଼ି—Brougham.
[ଦ୍ର—ଏହାର ଆଗର ଓ ପଛର ଘଣ୍ଟାଟପ୍‌କୁ ଉଠାଇଲେ ଗାଡ଼ିଟି ବନ୍ଦ ହୁଏ ଓ ଖସାଇ ଦେଲେ ଗାଡ଼ି ଅନାବୃତ ହୁଏ; ଏଥିରେ କେବଳ ଜଣେ ବସି ପାରନ୍ତି ଓ ଆଗପାଖ ଆସନରେ ଗୋଟିଏ ଛୋଟ ବାକ୍ସ ବା ବାଗ୍ ରଖା ଯାଇ ପାରେ । ବିଲାତର ବ୍ରୁହାମ୍ ନାମକ ଜଣେ ଡାକ୍ତର ପ୍ରଥମେ ଏ ଗାଡ଼ିକୁ ବ୍ୟବହାର କରିଥିବାରୁ ତାଙ୍କ ନାମ ଅନୁସାରେ ଏ ଗାଡ଼ିର ନାମ ହୋଇଅଛି ।]

ବ୍ରେ—ବୈଦେ. ବି—(ଇଂ)—ଗଧ ରବ—Braying of an ass.
Bre sound ଦେ. ବି—ତାସର ଏକପ୍ରକାର ଖେଳ—
A kind of game at cards.

ବ୍ରେକ୍—ବୈଦେ. ବି—(ଇଂ)—୧ । ମଟର ଗାଡ଼ି, ସାଇକେଲ୍, ରେଲ
Brek ଆଦି ଯାନମାନ ଚାଲୁଥିବା ସମୟରେ ସେମାନଙ୍କ ଗତିକୁ
ବ୍ରେକ **ब्रेक** ଅଟକାଇବା ନିମନ୍ତେ ଚକ୍ରରେ ଲାଗିଥିବା ଯନ୍ତ୍ର—1. Brake ୨ । ବ୍ରେକ୍‌ଭାନ୍ (ଦେଖ)—2. Brek-bhan (See)

ବ୍ରେକ୍ ଭାନ୍—ବୈଦେ. ବି. (ଇଂ)—ରେଲ ଗାଡ଼ିର ଯେଉଁ କକ୍ଷରେ
Brek-bhan ବ୍ରେକଭାନ ଗାର୍ଡ ଥାଏ—A brakevan.
**ब्रेक वन** [ ଦ୍ର— ଏଥିରେ ଯାତ୍ରୀମାନଙ୍କର ଭାରି ଲଗେଜ୍ ଆଦି ରଖାଯାଏ ଓ ସାଧାରଣତଃ ସେହି କକ୍ଷରେ ଗାଡ଼ିର ଗତିକୁ ବନ୍ଦ କରିବାର ଯନ୍ତ୍ର ଥାଏ ।]

ବ୍ରେକ୍‌ସମ୍ୟା(ମେ)ନ—ବୈଦେ. ବି (ଇଂ)—ରେଲ୍ ଗାଡ଼ିର ବ୍ରେକ୍
Breks mya(me)n ଯନ୍ତ୍ରର ଚାଳକ କର୍ମଚାରୀ—Brakesman.
ବ୍ରେକ୍‌ସ ମାନ **ब्रेकसमैन**

ବ୍ରେଭିଅର—ବୈଦେ. ବି (ଇଂ)—(ଛାପାଖାନାରେ ବ୍ୟବହୃତ ଶବ୍ଦ) —
Brebhiar ପାଇକାର ଆକାରର ଏକପ୍ରକାର ଟାଇପ୍ ବା ଛାପା
ବ୍ରେଭିୟର **ब्रेवियर** ଅକ୍ଷର—Brevier type in printing.

ବ୍ରେସ୍‌ଲେଟ୍—ବୈଦେ. ବି ( ଇଂ )—ହାତରେ ପିନ୍ଧାଯିବା ସୁନାରୂପାର
Bres-let ଏକପ୍ରକାର ଭାରତୀୟ କାମର ଖଡ଼ୁ ବା ବଳୟ—
ବ୍ରେସଲେଟ **ब्रेसलेट** Bracelet.

ବ୍ରୈହ—ସ. ଵଣ. ( ବ୍ରୀହି+ଅ )—ଧାନରୁ ପ୍ରସ୍ତୁତ—
Braiha Made from brihi.

ବ୍ରୈହେୟ—ସ. ବି ( ବ୍ରୀହି+ଯେତ୍ରାର୍ଥେ ଏୟ )—ଧାନ୍ୟାଦି ଜନ୍ମିବାର
Braiheya ଉପଯୁକ୍ତ କ୍ଷେତ୍ର—A field fit for growing rice etc.

ବ୍ରୋଚ—ଦେ. ବି ( ନାମ )—ସୁରଟ ଠାରୁ ୩୬ ମାଇଲ ଦୂରବର୍ତ୍ତୀ
Brocha ସହର—Name of a town in western India;
ବ୍ରୋଚ Broach [ ଦ୍ର—ଏହାର ପୁରାତନ ନାମ ଭୃଗୁକଚ୍ଛ ।
**ब(भ)रोच** ପୂର୍ବେ ଏହା ନର୍ମଦା ଓ ସମୁଦ୍ରର ସଙ୍ଗମ ସ୍ଥଳରେ ଥିଲା । ବର୍ତ୍ତମାନ ସମୁଦ୍ର କ୍ରମେ କ୍ରମେ ୧୭ କୋଶ ଦୂର ଯାଇଅଛି । ଏହିସଙ୍ଗମ ସ୍ଥଳରେ ଭୃଗୁ ଋଷିଙ୍କର ଆଶ୍ରମ ଥିଲା । ଏଠାରେ ହିନ୍ଦୁ ଦେବମନ୍ଦିର ଅଛି । ( ମଦନମୋହନ. ତୀର୍ଥଦର୍ଶନ )]

ବ୍ରୋଟ୍‌ଭର୍—ବୈଦେ. ପ୍ରାଦେ (ଗଞ୍ଜାମ) ଵଣ ( ଇଂ. ବ୍ରଟ୍ ଓଭର୍ )—
Brot-bhar ( ଗଞ୍ଜାମର ମହାଜନମାନଙ୍କ ଖାତାରେ ଚଳିତ ଶବ୍ଦ )
ଅନ୍ୟ ଖାତାରୁ ବା ଅନ୍ୟତ୍ର ଲିଖିତ ହିସାବରୁ ଅଣାଯାଇ ନୂଆ ଖାତାରେ ବା ନୂଆ ପୃଷ୍ଠାରେ ଲେଖାଯାଇ ଥିବା (ହିସାବ ବା ସଂଖ୍ୟା )—(account or figures) Brought over from some other khata or page.

ବ୍ଲକ୍—ବୈଦେ. ବି ( ଇଂ )—୧ । ବଡ଼ ଖଣ୍ଡ -1. Block. ୨ ।
Blak ଭୂମିର ଚତୁଷ୍କୋଣ ଖଣ୍ଡ—2. A square block of land. ୩ । ( ଛାପାଖାନା ) ଯେଉଁ ଫଳକ ଉପରେ ଚିତ୍ର ମୁଦ୍ରିତ ହୁଏ—3. A block for printing pictures.

ବ୍ଲଟ୍ କରିବା—ଦେ. କ୍ରି (ଇଂ. ବ୍ଲଟ୍)—ଶୁଖି ନ ଥିବା ଲେଖା କାଳକୁ
Blat kariba ବ୍ଲଟିଙ୍ଗ୍ ଦ୍ୱାରା ଛାପିବା—To blot an undried writing.

ବ୍ଲଟିଙ୍ଗ୍—ବୈଦେ.ବି (ଇଂ)—କାଳ ଛାପିବା କାଗଜ; ଯେଉଁ ସବୁକ କାଗଜ
Blating ଦ୍ୱାରା କାଳ ଶୋଷି ହୋଇଯାଏ; ମସୀଶୋଷଣ ପତ୍ର—
ବ୍ଲଟିଙ୍ଗ୍(ଣ୍), ବ୍ଲଟ୍ଟିଂ, ବ୍ଲଟ୍ଟିଣ୍ (ଅନ୍ୟରୂପ) Blotting. [ ଦ୍ର—ପୂର୍ବେ ଆମଦେଶରେ ବ୍ଲଟିଙ୍ଗ୍ କାଗଜ ନଥିଲା । ଲୋକେ ଧୂଳିଦ୍ୱାରା କିମ୍ବା ଧୂଳିର କନାପୁଡ଼ା ଦ୍ୱାରା
ବ୍ଲଟିଂ, ବେଲାଟିଂ ଶୁଖି ନ ଥିବା କାଳ ଲେଖାକୁ ଶୁଖାଉଥିଲେ । ]
**ब्लाटिंग, सोख़ता**

ବ୍ଲାଉସ(ଜ୍)—ବୈଦେ. ବି ( ଇଂ. ବ୍ଲାଉସ୍ )—ସାଗସ୍; ପଛଆଡ଼େ
Blaus(j) ବୋତାମ ଦିଆ ସ୍ତ୍ରୀଲୋକମାନଙ୍କ ପରିଧେୟ ଲମ୍ବା
ବ୍ଲାଉଜ ଜାମା—Blouse. [ ଦ୍ର—ଏହା ଆଗେ ସାହେବାଣୀ-
**ब्लाउज** ମାନେ ପିନ୍ଧୁଥିଲେ । ଆଜି କାଲି ନବ୍ୟଶିକ୍ଷିତା ଭାରତୀୟ ସ୍ତ୍ରୀମାନେ ପିନ୍ଧୁଅଛନ୍ତି । ]

ବ୍ଲାକ୍‌ବୋର୍ଡ୍(ର୍ଡ)—ବୈଦେ. ବି (ଇଂ)—ଚକ୍ ଖଡ଼ିରେ ଲେଖିବା ନିମନ୍ତେ
Blak-bord(rd) ବ୍ୟବହୃତ ରଙ୍ଗଦିଆ ଯାଇଥିବା କାଠ ପଟା—
ବ୍ଲାକବୋର୍ଡ **ब्लाकबोर्ड** Black board.

ବ୍ଲୁ—ବୈଦେ. ବ ( ଇଂ. ବ୍ଲୁ )—ବ୍ଲୁ; ନେଳରଙ୍ଗ—Blue colour.
Blu ब्लू, बुलू ब्लू — ବଣ—ନେଳଥ—Blue.

ବ୍ଲୁ ବ୍ଲାକ୍—ବୈଦେ. ବ ( ଇଂ )—ନେଳ ଓ କଳା ମିଶା ( କାଳି ); ଯାହା ଲେଖା ହେଲାବେଳେ ପ୍ରଥମେ ନେଳ ଦେଖାଯାଇ ପରେ କଳା ଦେଖାଯାଏ—Blue black (ink).
Blu blak — ब्लुब्लाक, बुलुब्लाक — ব্লুব্লैক

ବ୍ଲୁ ବ୍ଲାକ୍ କାଳି—ଦେ. ବ—ଯେଉଁ କାଳି ଲେଖିଲେ ବେଳେ ପ୍ରଥମେ ନେଳ ଦେଖାଯାଇ ପରେ କଳା ହୋଇଯାଏ—Blue-black ink.
Blu blak kali — ब्लूब्लेक काली — ब्लुब्लैक सयाही

ବ୍ଲୋ ପାଇପ୍—ବୈଦେ. ବ ( ଇଂ )—ଦୀପ ଶିଖାକୁ ଫୁଙ୍କି ସେହି ଶିଖା ଦ୍ୱାରା ଧାତୁର ସୂକ୍ଷ୍ମ ଅଂଶକୁ ତରଳାଇବା ନିମନ୍ତେ ବଣିଆଙ୍କ ବ୍ୟବହୃତ ବକ୍ରମୁଖ ସରୁ ଫୁଙ୍କନଳୀ—Blow-pipe.
Blo paip — ब्लो पाईप — ब्लो पाइप

---

# ଭ

ଭ—ବ୍ୟଞ୍ଜନ ବର୍ଣ୍ଣମାଳାର ଚତୁର୍ବିଂଶ ଓ ପ ବର୍ଣ୍ଣର ଚତୁର୍ଥ ବର୍ଣ୍ଣ । [ଏହାର ଉଚ୍ଚାରଣ ସ୍ଥାନ ଓଷ୍ଠ । ଦୁଇ ଓଷ୍ଠ ମଧ୍ୟ ଦେଇ ଶ୍ୱାସବାୟୁ ସବେଗରେ ବାହାର ଗଲେ ଏହା ଉଚ୍ଚାରିତ ହୁଏ । ଏହି ଅକ୍ଷରଯୁକ୍ତ ଶବ୍ଦଦ୍ୱାରା ଭ୍ରମର ଓ ମାଛିର ଶବ୍ଦ ( ଭିଁ ଭିଁ; ଭଣ ଭଣ ), ମୁଖର ବମନ ଶବ୍ଦ (ଭକ୍ ଭକ୍), ମୁଖ ନିଃସୃତ ଶବ୍ଦ ( ଭଟ ଭଟ ), ଜଳ ବୁଦ୍ବୁଦ ଶବ୍ଦ ( ଭର ଭର, ଭୁର୍ ଭୁର୍ ), ଖଇ ଫୁଟିବାର ଓ ବେଗ ପ୍ରହାରର ଶବ୍ଦ ( ଭଡ଼ ଭଡ଼ ), କାନ୍ଦିବାର ଶବ୍ଦ ( ଭେଁ ଭେଁ ), କୁକୁରର ଶବ୍ଦ ( ଭୌ ଭୌ ) ଭୁଷା, ଭେରୀ ଓ ଶଙ୍ଖଧ୍ୱନି ( ଭୂଁ, ଭୋଁ ) ଇତ୍ୟାଦି ଅନେକ ଶବ୍ଦ ପ୍ରକାଶିତ ହୁଏ । ଏ ଅକ୍ଷରର ୨ ପ୍ରକାର ଉଚ୍ଚାରଣ ଭେଦ ଅଛି; ଦୁଇ ଓଠକୁ ସମ୍ପୂର୍ଣ୍ଣରୂପେ ବନ୍ଦ କରି ପରେ ଛାଡ଼ିଲେ ଭ (ଇଂରାଜି bh) ଓ ଓଠକୁ ସାମାନ୍ୟ ପୃଥକ୍ ରଖି ଛାଡ଼ି ଦେଲେ ଅବର୍ଗ୍ୟ ବ ଭଳି ଭ ( ଇଂରାଜି v ) ହୁଏ ]—The twentyfourth consonant corresponding to the aspirate b(=bh). ସଂ. ବ ( ଭା ଧାତୁ ଦୀପ୍ତି ପାଇବା + କର୍ତ୍ତୃ. ଅ )—୧ । ନକ୍ଷତ୍ର—1. Star. [ଦ୍ର—ଭରିଲା ଭ ହାର ସେ ବକ୍ଷ ଅକାଶେ । କବିସୂର୍ଯ୍ୟ, ସଙ୍ଗୀତ] ୨ । ଶୁକ୍ରାଚାର୍ଯ୍ୟ—2. The preceptor of the demons. ୩ । ଗ୍ରହ—3. Planet. ୪ । ଜ୍ୟୋତିଷିକ ରାଶି—4. A sign of the zodiac. ୫ । (ଭ୍ରମ୍ ଧାତୁ + ଭାବ. ଅ)—ଭ୍ରମ; ଭ୍ରାନ୍ତି—5. Mistake; error. ୬ । (ଭଣ୍ ଧାତୁ-ଶବ୍ଦ କରିବା + କର୍ତ୍ତୃ.ଅ]—ଭ୍ରମର—6. Black bee.

ଭଅଁ—ଦେ. ଅ [ ଧ୍ୱନ୍ୟନୁକରଣ ]—ଭ୍ରମରମାନଙ୍କର ଗୁଣୁଗୁଣୁ ଶବ୍ଦ—The buzzing of a bee.
Bha-añ — ভোঁ ভোঁ — भुँ भुँ
ଭଅଁ ଭଅଁ, ଭିଁ, ଭିଁଭିଁ } ଅନ୍ୟରୂପ] [ ଦ୍ର—ଭଅଁ ଭଅଁ ଅପେକ୍ଷା ଭୁଁ ଭୁଁ ନୀଚତର ଧ୍ୱନି; ଭେଁ ଭେଁ ଉଚ୍ଚତର ଧ୍ୱନି; ଭୋଁ ଭୋଁ ଅତ୍ୟୁଚ୍ଚ ଉଚ୍ଚତର ଧ୍ୱନି । ]

ଭଅଁର—ଦେ. ବ (ସଂ. ଭ୍ରମର)—୧ । ଭ୍ରମର; ଭୃଙ୍ଗ; ଦ୍ୱିରେଫ—1. The black bee; the humble-bee; Andrenidae.
Bha-añra — ভঅঁর; भौंर
[ଦ୍ର—କେତେମାନେ ମଧୁକର (ମହୁମାଛି) ଓ ଭ୍ରମର ମଧ୍ୟରେ ପ୍ରଭେଦ ରଖି ନାହାନ୍ତି । ଉଭୟେ ପୁଷ୍ପର ମଧୁ ଖାଆନ୍ତି, କିନ୍ତୁ ମହୁମାଛିମାନେ ମଧୁ ସଞ୍ଚୟ କରି ମହୁଫେଣା ବାନ୍ଧି ଦଳ ଦଳ ହୋଇ ରହନ୍ତି । ଭ୍ରମରମାନେ ଏହା କରନ୍ତି ନାହିଁ । ଭ୍ରମରମାନେ କଳା ଓ ମହୁମାଛିମାନଙ୍କଠାରୁ ବଡ଼ ।
କେହି କେହି ଭଅଁର ଓ ବରଡ଼ (ସଂ. ବରଟ)କୁ ଏକ ଜାତୀୟ ଜୀବ କହନ୍ତି; କିନ୍ତୁ ସେମାନେ ପୃଥକ୍ । ବରଡ଼ମାନେ ଏକତ୍ର ବସା ବାନ୍ଧି ରହନ୍ତି ।]
୨ । କାଠରେ ଛିଦ୍ର କରିବା ଯନ୍ତ୍ରବିଶେଷ—2. Auger; gimlet; boring instrument.
ভঅঁর — बरमा

ଭଅଁର କରିବା—ଦେ. କ୍ରି—ଭଅଁର ଯନ୍ତ୍ରଦ୍ୱାରା କାଠରେ ଛିଦ୍ର କରିବା—To bore through wood with a gimlet.
Bha-añra kariba — ভঅঁর করা; बरमासे छेदकरना

ଭଅଁର(ରା) ଗୁଡ଼ି—ପ୍ରାଦେ. (ବାଲେଶ୍ୱର) ବ—ଭଅଁ ଭଅଁ ଶବ୍ଦ କରି ଉଡ଼ୁଥିବା ବଡ଼ ଆକାରର ଗୁଡ଼ିବିଶେଷ—A big sized paper-kite that produces a sharp whizzing sound while flying.
Bha-añra(rā) gurdi

ଭଅଁରମାରୀ—ଦେ. ବ ( ସଂ. ଭ୍ରମରମାରୀ; ଅନ୍ୟ ସଂ. ନାମ; ଭ୍ରମରାରି; ଭୃଙ୍ଗମାରୀ; ଭୃଙ୍ଗାରି; ମାଂସପୁଷ୍ପିକା; ଭୃଷ୍ଟାରି; ଭ୍ରମରି; ଯଷ୍ଟିଲତା )—Bohun Upas; the upas tree; Antiaris Toxicaria.
Bha-añramārī — भ्रमरमारी
[ ଦ୍ର—ଏହା କୁଷ୍ଠ ରୋଗର ପ୍ରଧାନ ଔଷଧ ବୋଲି କଥିତ । ଏହା ନିକଟକୁ ଭ୍ରମରମାନେ ଗଲେ ମରିଯାଆନ୍ତି । କଥିତ ଅଛି ଯେ କେନ୍ଦୁଝରରେ ଏଥିର ଗୋଟିଏ ମାତ୍ର ଗଛ ଅଛି ଓ ଲୋକେ ସେ ଗଛର କାଠକୁ ବ୍ୟବହାର କରି କୁଷ୍ଠ ରୋଗରୁ ମୁକ୍ତ ହୁଅନ୍ତି । କେହି କେହି ଏ ଗଛକୁ କୃଷ୍ଣଚମ୍ପକ ବୃକ୍ଷ ବୋଲି କହନ୍ତି । ]

ଭଅଁରୀ—ପ୍ରାଦେ. (ଗଡ଼ଜାତ) ବ—ବଡ଼ ଛତା ପରି ବାହିଁଶବୁଣା ଓ ଉପର ହୋଇଥିବା ଗୋଟିଏ ଗୋଲକାର ଘର । ଏହାକୁ ବୁଣାବୁଣି କରି ମୁଣ୍ଡାଇ ନେଇ ଲୋକେ ଗୁରୁତ୍ୱ ଖୁଣ୍ଟ ଉପରେ ରଖି ଗାଡ଼ି ବାନ୍ଧନ୍ତି ଏବଂ ସେହି ଗାଡ଼ିରେ ରହି ବଣ ଜଙ୍ଗଲରେ ଥିବା ଶେତ ବଅଁସୀମାନ ଜଗନ୍ତି—
Bha-añrā

A sort of provisional thatch with frame-work of bamboo with thatch propped up by four pillars used by people in the jungles of Orissa States as a protection while guarding crops.

ଭମସ୍ର } ଅନ୍ୟରୂପ ଗ୍ରା. ବ (ଅନାଦରାର୍ଥକ)—ଭ୍ରମରବର ନାମଧାରୀ
ଭମର } ବ୍ୟକ୍ତିକୁ ଡାକିବା ନାମ—Abbreviated way of calling persons named Bhramarabara. ( ଯଥା—ଭମଁରା ଭଅଁରା ବଓଁଡ଼ ଗ୍ରାଇ, ମାଉ ମାଉଗଲେ ବାଲୁଣ୍ଟାଇ—ଛଗ । ) ଦେ. ବ—ବାଉଁଶ କାଠିରେ ବୁଣା ଏକପ୍ରକାର ବଡ଼ ଖଇଣ୍ଟ—A wicker-work cage-like contrivance for catching fish.

ଭଅ(ଇ, ଉ, ଏ)ଣୀ—ଦେ. ବ. ( ସଂ ସ୍ତ୍ରୀ. ଭଗିନୀ; ଭଗ୍ନୀ )—୧ । Bha-a(i, u, e)ṇi ଭଗିନୀ—1. Sister. ୨ । ମାଉଲ, ବইন, ভইন, বোন ପିତୃସ୍ୱସା, ମାତୃସ୍ୱସା ଆଦିଙ୍କ କନ୍ୟା—बहिन; बहन 2. Cousin-sister. ୩ । ସମବୟସ୍କା ସ୍ତ୍ରୀମାନଙ୍କର ପରସ୍ପର ସମ୍ବୋଧନ—3. Term of mutual address amongst women of the same age.

ଭଅ(ଇ, ଉ, ଏ)ଣୀ ଗିଆ(ହା)—ଗ୍ରା. ବଣ. ପୁଂ ( ଅଶ୍ଳୀଳ )—ଗାଳି Bha-a(i, u. e)ṇi giā(hā) ବିଶେଷ—A term of filthy ভানচোদ बहिनचोद abuse.

ଭଅ(ଇ, ଉ, ଏ )ଣୀ ଜୋଇଁ—ଦେ. ବ—କୌଣସି ସ୍ତ୍ରୀର ସାନ ଭଉଣୀର Bha-a(i, u, e)ṇi join ସ୍ୱାମୀ—A woman's younger বনাই छोटा बहनोइ sister's husband. [ ଦ୍ର— ସାନ ଭଉଣୀକୁ ବିଭା ହୋଇଥିବା ବ୍ୟକ୍ତିଙ୍କର ଆପଣାର ସ୍ତ୍ରୀର ବଡ଼ ଭଉଣୀ ଦେଢ଼ଶାଶୂ ଅଟନ୍ତି ଓ ଓଡ଼ିଆ ସମାଜରେ ତାଙ୍କ ସଙ୍ଗେ ଥଟ୍ଟା କରିବା ବା କଥାବାର୍ତ୍ତା ହେବା ନିଷିଦ୍ଧ । ବଡ଼ ଭଉଣୀଙ୍କ ସ୍ୱାମୀ ଆପଣାର ଭିଣେଇ ଓ ସ୍ତ୍ରୀର ସାନ ଭଉଣୀ ଆପଣାର ଶାଳୀ; ଶାଳୀ ଓ ଭିଣେଇଙ୍କ ମଧ୍ୟରେ ଥଟ୍ଟା ପରିହାସ ଚଳେ । ]

ଭଅଣ୍ଡ—ପ୍ରାଦେ. (ପୁରୀସଦର ଓ ଭୁବନେଶ୍ୱର ସଦର) ବ(ସଂ, ଭୋଗମଣ୍ଡପ) Bha-aṇḍa ବ—(ପୁରୀ ଜଗନ୍ନାଥଙ୍କ ମନ୍ଦିର ଓ ଭୁବନେଶ୍ୱରର (ଭଅଣ୍ଡପ—ଅନ୍ୟରୂପ) ଲିଙ୍ଗରାଜଙ୍କ ମନ୍ଦିରସମ୍ପର୍କୀୟ ସେବକାଦିଙ୍କ ଦ୍ୱାରା ବ୍ୟବହୃତ ଶବ୍ଦ । ) ଭୋଗମଣ୍ଡପ; ଦେବତାଙ୍କ ସେଠି ଧୂପରେ କୋଠ ଭୋଗ ସଙ୍ଗେ ସାଧାରଣ ଯାତ୍ରୀଙ୍କ କ୍ରମରେ ଭୋଗ ସ୍ଥାପିତ ହୋଇ ଦେବତାଙ୍କୁ ଭୋଗ ଲଗାଯାଏ—The offering offered to the Deity Lord Jagannatha of Puri and Lingarāja of Bhubaneśwara when offerings for the general public are offered along with the daily offerings prepared from the funds of the deity.

ଭଅପ ( ଇତ୍ୟାଦି )—ଗ୍ରା. ବ ( ସଂ. ବପୁ )—ବହପ ଇତ୍ୟାଦି (ଦେଖ) Bha-apa ( etc ) Bahapa etc (See)

ଭଅପିଆ(ୟା)—ଗ୍ରା. ବଣ—ବହପିଆ ( ଦେଖ ) Bha-apiā(yā) ( ଭଅପେଇ—ସ୍ତ୍ରୀ ) Bahapiā ( See )

ଭଅପିବା—ଦେ. କ୍ରି—ବହପିବା ( ଦେଖ ) Bha-apibā Bahapibā ( See )

ଭଇଆ(ୟା)—ଦେ. ବ—ଭୟା ( ଦେଖ ) Bha-iā(yā) Bhayā ( See )

ଭଇଁଚ(ଛ) ( ଇତ୍ୟାଦି )—ଦେ. ବ—ବଇଁଚ(ଚ) ଇତ୍ୟାଦି ( ଦେଖ ) Bha-iñcha(chi) ( etc ) Ba-iñcha(chi) etc ( See ) বৈঁচি कटाह; किंकिणी; वंज

ଭଇଁ(ଉଁ)ରା—ପ୍ରାଦେ ( ସମ୍ବଲପୁର ) ବ ( ସଂ. ଭ୍ରମର )—ଲଟୁ— Bha-iñ(uñ)rā Spinning top. ପ୍ରାଦେ. ( ସମ୍ବଲପୁର ) (ଭଇଁରୀ—ସ୍ତ୍ରୀ) ବଣ ( ସଂ. ବଧିର )—କାଲ—Deaf. ( ଯଥା—ଭଇଁରା ଗାଁରେ ପୁରାଣ ସଭା । ଶୁଣିଲା ଲୋକେ ହୋଇବେ କାଲା—ଛଗ । )

ଭଇଁଷ(ଷା)—ଦେ. ବ ( ସଂ. ମହିଷ )—ମହିଷ; ମଇଁଷି—Buffalo. Bha-iñsha(shā) ভইষ, ভৈঁষা; भैंस

ଭଇଁଷା—ଦେ. ବଣ—ମହିଷଠାରୁ ଉତ୍ପନ୍ନ—Produced from Bha-iñsha buffalo. ( ଯଥା—ଭଇଁଷା ଘିଅ । ) ভৈঁষা भैंसका

ଭଇଁଷା ଅନ୍ଧାର—ପ୍ରାଦେ. ( ସମ୍ବଲପୁର ) ବ—ସୂର୍ଯ୍ୟାସ୍ତର ପରବର୍ତ୍ତୀ Bha-iñshā andhāra ଘଡ଼ିକାଳ—Time after dusk. [ ଦ୍ର—ଏ ସମୟରେ ମଇଁଷିମାନେ ଚରଣ ସ୍ଥାନରୁ ଫେରିବାରୁ ସମ୍ଭବତଃ ଏହି ନାମ ହୋଇଛି; ମଇଁଷିଙ୍କ ଦେହର କଳା ରଙ୍ଗ ଘୋର ଅନ୍ଧକାର ବୋଧ ହେବାରୁ । ]

ଭଇଁଷା ଗାଣ୍ଡିରେ ଯିବା—ଗ୍ରା. କ୍ରି—(କୌଣସି ପଦାର୍ଥ, ଧନ ବା Bha-iñshā gāṇḍire jibā ପରିଶ୍ରମ) ବ୍ୟର୍ଥ ଯିବା; ଅପବ୍ୟୟିତ পণ্ডহওয়া भैंसा गाँडमे याना ହେବା—To be wasted away; to go for nothing.

ଭଇଁଷି—ପ୍ରାଦେ. (ବାମଣ୍ଡା) ବ—ମଇଁଷି— Bhaiñshi Buffalo.

ଭଇମୀ—ଦେ ବ. ସ୍ତ୍ରୀ. ଗ୍ରା ( ପଦ୍ୟ ) ( ସଂ. ଭୈମୀ )—ଭୀମକନ୍ୟା; Bhaimi ଦମୟନ୍ତୀ—Daughter of king Bhima, Damayanti, the consort of Naḷa. [ଦ୍ର— ନଳ ରଜାଙ୍କର ଭୀମ ରଜାଙ୍କ ଘରେ, ଶ୍ରୀ ହେଉଗଲେ ସେ ଭଇମୀ ଗ୍ରାସାରେ—କୃଷ୍ଣସିଂହ. ମହାଭାରତ. ବନ । ]

ଭଇ(ଏ)ରବ—ଗ୍ରା. (ପଦ୍ୟ) ବ. (ସଂ. ଭୈରବ)—୧ । ଭୈରବ ବା Bhai(e)raba ଘଣ୍ଟାକର୍ଣ୍ଣ; ଭାଦ୍ର କୃଷ୍ଣପଞ୍ଚମୀ (ରେଖା ପଞ୍ଚମୀ ବା ରେଖା ପଞ୍ଚମୀ) ଦିନ କବାଟରେ ଚିତ୍ରିତ ହୋଇ ରାତିରେ ପୂଜା କରାଯାଉଥିବା ମହାଦେବଙ୍କ ଅନୁଚରଙ୍କ ମୂର୍ତ୍ତି— 1. An image of an attendant of Śiba depicted on the door and worshipped in the night of the 5th day of the dark fortnight of the month of Bhādra. [ ଦ୍ର—ରେଖା ପଞ୍ଚମୀ ଦିନ ଭୈରବ ବା ଘଣ୍ଟାକର୍ଣ୍ଣଙ୍କ

ଚନ୍ଦ୍ର ସଙ୍ଗେ ଗଣେଶ ଓ ମହାଦେବଙ୍କ ଚନ୍ଦ୍ର ମଧ୍ୟ ଦ୍ୱାରରେ ଲେଖା ହୋଇ ପୂଜା କରାଯାଏ । ଭୈରବଙ୍କର ଗୋଟିଏ ଗୋଡ଼ ଥିବାରୁ ଚନ୍ଦ୍ରରେ ଲେଖାଯାଏ ] । ୨ । ମହାଦେବଙ୍କ ମୂର୍ତ୍ତିବିଶେଷ ( ଭୈରବ ଦେଖ ) —2. A particular image of Mahādeba (Bhairaba See) [ ଉ—ଦେବ ଭଇରବଙ୍କ ଶ୍ରେଷ୍ଠ ଇଚ୍ଛା କରି— କୃଷ୍ଣସିଂହ. ମହାଭାରତ. ସଭା ।

**ଭଇରୁ**—ଦେ. ବି—ଭେରୁ (ଦେଖ)—
Bhairu Bheru (See).

**ଭଉ**—ଗ୍ରା. ଅ (ସଂ. ବହୁ) ଏକ—ଧାନମାପୁଣିମାନେ ଧାନ ମାପିଲା-
Bhau ବେଳେ ପ୍ରଥମ ଗଉଣି ମାପିବା ସମୟରେ 'ଏକ' ବୋଲି
ଭଉତ୍ } ଅନ୍ୟ ରୂପ— ନ କହି ବହୁତ, ଭଉ, ରାମ୍, ଜଗନ୍ନାଥ
ଭଉଭୁ } ଆଦି ଶବ୍ଦ ବ୍ୟବହାର କରିଥାଆନ୍ତି—
রাম **राम** Peculiar ejaculation denoting the number 'one' uttered while beginning to measure the first pot of paddy.

**ଭଉଁର**—ଦେ. ବି (ସଂ. ଭ୍ରମ୍ ଧାତୁ)—ଭ୍ରମକ; ଯେଉଁ ଯନ୍ତ୍ରଦ୍ୱାରା
Bhaunra କୌଣସି ପଦାର୍ଥକୁ ଭ୍ରମି କରି ଗୋଲ
ଭ୍ରମିଯନ୍ତ୍ର **खराद** କରାଯାଏ; ଚକ୍ରଯନ୍ତ୍ର—A turning lath.

**ଭଉଁରା**—ପ୍ରାଦେ. (ସମ୍ବଲପୁର) ବି. (ସଂ. ଭ୍ରମର)—ନଟୁ (ଭ୍ରମର ପରି
Bhaunrā ଶବ୍ଦ କରୁଥିବାରୁ ଏ ନାମ)—Spinning top.

**ଭଉଁରି(ରୀ)**—ଦେ. ବି. ( ସଂ. ଭ୍ରମି )—୧ । ଜଳଭ୍ରମି; ମଲମଲୀ—
Bhaunri(ri) 1. A whirlpool; eddy. (ଉ—ଭଉଁରୀ
ভঁবর, ভৌঁরী ଖେଳେ ମାଛ, ଚଳଲୁ ବିବାଦ୍ଧ, ପ୍ରକାଶି
भवँरि, भाउँरी, भौंरी ସଙ୍ଗୀତ ଉଦାର । ମଧୁସୂଦନ. ନପାପ୍ରଭ ।) ୨ । ( ସଂ. ଭ୍ରମରକ ) ଶରୀରର ଲୋମାବର୍ତ୍ତ; କେଶର ବା ଲୋମର ଭ୍ରମରକ—2. A whorl. ୩ । (ସଂ. ଚକ୍ରଭ୍ରମି) ଏକ ପ୍ରକାର ପିଲା ଖେଳ; ଚକା ଭଉଁରୀ; ଘାଣ୍ଟିରୀ;
ঘুরপাক ଚକ୍ରାକାର ଗତିବିଶେଷ—3. Whirling motion. (ଉ—ଚକା ଚକା ଭଉଁରୀ, ମାମୁଁ ଘର ଚଉଁରୀ । ଶିଶୁ-ଗୀତ ।) ୪ । ଘୋଡ଼ାର ଦେହରେ ଥିବା ଲୋମାବର୍ତ୍ତ (ଏହାର ଅବସ୍ଥିତି ଅନୁସାରେ ଘୋଡ଼ାର ଶୁଭ ବା ଅଶୁଭ ଲକ୍ଷଣ ନିରୂପିତ ହୁଏ)—4. Whorl on the body of a horse. ୫ । ଅଳଙ୍କାରରେ ଦିଆଯିବା ପେଚ ଲାଗିଥିବା କିଲ—5. Screw put on an ornament ୬ । (କ)—ଚନ୍ଦନ ଯାତ୍ରାର ଶେଷ ବା ଏକବିଂଶ ଦିନ । ଏ ଦିନ ମହାପ୍ରଭୁଙ୍କୁ ଡଙ୍ଗାରେ ବସାଇ ଡଙ୍ଗାକୁ ଚନ୍ଦନତଡ଼ାଗ ମଧ୍ୟରେ ଚକ୍ରାକାରରେ ବୁଲାନ୍ତି—6. (a)—The 21st day of the Chandan Jātrā festival. ୬ । (ଖ)—ଜଳକ୍ରୀଡ଼ା ଏକାଦଶୀ; ବୈଶାଖ ଶୁକ୍ଳ ଏକାଦଶୀ—6. (b)—The 11th day of the bright fortnight of Baisākha. ୭ । ପକ୍ଷି-ବିଶେଷ—7. A kind of bird. ୮ । ଡଙ୍ଗାକୁ ପାଣିରେ ଚକ୍ରାକାର ଗତି କରାଇବା ରୂପ କ୍ରୀଡ଼ା— 8. Moving a boat in circles in sport.

**ଭଉଁରିଆ**—ଦେ, ବି (ସଂ. ଭ୍ରମ୍ ଧାତୁ—ଭ୍ରମଣ କରିବାରୁ)—କ୍ଷେତ୍ରମାନଙ୍କ
Bhaunriā ମାପର ସ୍ମାରକ ଲିପି । ଯେଉଁ କାଗଜରେ ଜମି ମାପ କରିବା ସମୟରେ ମାପର ବିବରଣ ( ଅର୍ଥାତ୍ ଜମିର ନମ୍ବର, ଦିଗ, ଦୈର୍ଘ୍ୟ, ପ୍ରସ୍ଥ ପରିମାଣ, କ୍ଷେତ୍ରଫଳ, ଚତୁଃସୀମା ଓ ଜମିର ଅବସ୍ଥା ଆଦି) ଲେଖା ହୋଇଥାଏ—
ভৌরিয়া **खतियान** A concise memorandum or note regarding the measurement of land; a land-measurement field-book showing the particulars of each plot of land serially; old fashioned field-book. [ ଦ୍ର—ଓଡ଼ିଶାରେ ୧୮୪୨ ସାଲର ସାବକ ବନ୍ଦୋବସ୍ତ ମାପ ସମୟରେ ଜମିର ବିବରଣମାନ ଯେଉଁ ତାଲପତ୍ରରେ ଲେଖାଯାଉଥିଲା ତାହାକୁ ଭଉଁରିଆ କହନ୍ତି । ଏହି ସାବକ ବନ୍ଦୋବସ୍ତ ଭଉଁରିଆ ତାଲପତ୍ରରେ ଲେଖାଥିବାରୁ ତାକୁ ତାଲପତ୍ର ଭଉଁରିଆ ବୋଲାଯାଏ ଓ ଏହାର ବିବରଣମାନ ଏତେଦୂର ଠିକ୍ ଯେ ଗତ ୧୮୯୮ ସାଲର ବନ୍ଦୋବସ୍ତରେ ତେନ୍ ମାପ ସମୟରେ ଏହି ଭଉଁରିଆ ସାହାଯ୍ୟରେ ବନ୍ଦୋବସ୍ତର ଖସଡ଼ା ପ୍ରସ୍ତୁତ ହୋଇଥିଲା । ଆଧୁନିକ ବନ୍ଦୋବସ୍ତର ଭଉଁରିଆକୁ ଖସଡ଼ା (khasra) ବୋଲି କୁହାଯାଏ ଓ ଆଧୁନିକ ସର୍ଭେୟରମାନେ ଜମି ମାପ କରି ଯେଉଁ ସ୍ମାରକ ଲିପି ତିଆରି କରନ୍ତି ତାକୁ ଫିଲ୍ଡ଼ (field book) ବୋଲାଯାଏ । ହାଲ ବନ୍ଦୋବସ୍ତରେ ମାପ ହୋଇଥିବା ଜମି ସମ୍ବନ୍ଧେ ସନ୍ଦେହ ଉପସ୍ଥିତ ହେଲେ ଉକ୍ତ ଜମିକୁ ସାବକ ତାଲପତ୍ର ଭଉଁରିଆ ଅନୁସାରେ ସରଜମିନରେ ମଡ଼ାଣ କରି ହାଲ ବନ୍ଦୋବସ୍ତର ମାପ ଠିକ୍ ଅଛି କି ନାହିଁ ଏହା ସ୍ଥିରୀକୃତ ହୁଏ । ଗବର୍ଣ୍ଣମେଣ୍ଟଙ୍କର କଲେକ୍ଟରୀ ମାହାଫିସ-ଖାନା (Collectorate Record Room)ରେ ଏହି ସାବକ ତାଲପତ୍ର ଭଉଁରିଆମାନ ଯତ୍ନପୂର୍ବକ ସୁରକ୍ଷିତ ହୋଇଅଛି; ଓ ଆବଶ୍ୟକ ହେଲେ ମକଦ୍ଦମାର ପକ୍ଷମାନଙ୍କୁ ତହିଁର ସହିମୋହର ନକଲ ଦିଆଯାଏ । ସାବକ ଭଉଁରିଆରେ ମାପ ଆରମ୍ଭ ପୂର୍ବରୁ ଶିରୋନାମା (Heading) ରେ ସନ, ଜିଲ୍ଲା, ପ୍ରଗନା, ମଉଜାର ନାମ, ଜମିଦାରଙ୍କ ନାମ, ଆମିନଙ୍କ ନାମ, ଯେଉଁ ଚଉଦଣ୍ଡ ପଦିକା ଧରି ମାପ କରାଯାଇଥିଲା, ତାହାର ନାମ ଓ ପଦିକାର ପରିମାଣ ( ଚଉଦ ଦସ୍ତି, ବାର ଦସ୍ତି ବା ବାର ଦସ୍ତି ), ମଉଜାର କେଉଁ ଦିଗର କେଉଁ ଶଙ୍କୁ (Starting point) ରୁ ପଦିକା କେଉଁ ଦିଗକୁ ଚଳାଇ ତାହା ଲେଖାଯାଇ ତଳରେ ଜମିର ଧାରାବାହିକ ନମ୍ବର ଓ ବିବରଣ ଲେଖା ହେଉଥିଲା । ଏହି ହେଡିଙ୍ଗର ଗୋଟିଏ ଉଦାହରଣ ଏଠାରେ ଦିଆଗଲା । ଯଥା—

ସବ ସ୍ତରି ତରଦ ଭଉଁରିଆ—

ସନ ୧୨୪୮ ସାଲ । ମୁ । ଅଙ୍ଗରେଜୀ ୧୮୪୨ ସାଲ । ଜି ।

କଟକ । ପ୍ର । କୋଦଣ୍ଡା । ତା । ରଘୁନାଥପୁର ତଉଜୀ ୧୯୭୫ ନମ୍ବର । ମୌ । ବମୁର । ଜମିଦାର ଖାଣେର ଅଗ୍ରୁର୍ଯ୍ୟ । ଅମୀନ କାଶୀନାଥ ମାହାନ୍ତି ଦରପଦକେ ୨୪ ଦସ୍ତି ପଦକା ଚଳାଇବାରେ କେଶବମଲକ ତଉକଦାର । ପ୍ରଥମେ ପଦକା ଚଳଲା ଗ୍ରାମର ପୂର୍ବ ମୁଣ୍ଡ ଗ୍ରାମଠାକୁରାଣୀଙ୍କ ବରଗଛଠାରୁ ଉତ୍ତରକୁ—

ଏହି ଶିରୋନାମା ପରେ ଜମିର କ୍ରମିକ ନମ୍ବର

ନ ୧—ସ୍ୱୟଂ ସାକ୍ଷୁ ବାଡ଼ ଉ.ଦ. କା୩ ପୁ. ପ. କା୨୫ ଜମି ମା ୦।୮୷ ମାଣ୍ଡିଆ କୋଲଥ, ସୋୟମ ଏଥିରେ ନଡ଼ିଆ—୨ ଗଛ, ତାଳ ୧ ଗଛ, ବଉଁଶ ୨ ବୁଦା, ଗଛା ଅମ୍ବ ୪ ଗଛ ।

ନ ୨—ତ.ପ. (ଅର୍ଥାତ୍ ପୂର୍ବ ନମ୍ବରର ପଶ୍ଚିମକୁ ପଦକା ଚଳଲା )—ଗ୍ରାମ ପଧାନ ଗୃହଜମି

ଉ. ଦ. ପୂର୍ବରେ କା ୫୫ ପଶ୍ଚିମରେ କା ୩ ଉ.ଦ.ସା କା ୩। ପୂ. ପ. ଉତ୍ତରରେ କା ୨ ଦକ୍ଷିଣରେ କା ୩ ପୁ.ପ.ସା ୨୫

ଜମି ମା ୦।୮୷ ସାରଧ / ଅହଲ }—ଏଥିରେ ପଣସ ଗଛ । ଦଖଲ ଜମିଦାର ।

ଉ. ଅଥଗା ଦୋସମାଲ ।

ପ୍ରତ୍ୟେକ ନମ୍ବର ତାଲପତ୍ରରେ ଲମ୍ବ ହୋଇ ଗୋଟିଏ ଧାଡ଼ିରେ ଲେଖାଯାଏ ।

ଭଉଁରିଆରେ ବ୍ୟବହୃତ କେତେ ଗୁଡ଼ିଏ ସାଙ୍କେତିକ ଓ ପାରିଭାଷିକ ଶବ୍ଦର ଅର୍ଥ ଏଠାରେ ଦିଆଗଲା ।

କା = କାହାଣ = ୪ ପଦକା = ୧୬ ପଣ ।

ଦର ପଦକେ = ବ୍ୟବହୃତ ପଦକାର ପରିମାଣ ।

ତ. ଦ = ପୂର୍ବ ନମ୍ବର ଜମିର ଦକ୍ଷିଣକୁ ।

ତ. ଉ = ପୂର୍ବ ନମ୍ବର ଜମିର ଉତ୍ତରକୁ ।

ତ. ପ = ପୂର୍ବ ନମ୍ବର ଜମିର ପଶ୍ଚିମକୁ ।

ତ. ପୂ = ପୂର୍ବ ନମ୍ବର ଜମିର ପୂର୍ବକୁ ।

ଉ. ଦ = ଜମିର ଉତ୍ତରରୁ ଦକ୍ଷିଣକୁ ମାପ ।

ଉ. ଦ. ସା = ଯେଉଁ ଜମି ସମକୋଣୀ ନୁହେ ତାର ଉତ୍ତର ଦକ୍ଷିଣ ମାପ କରିବାକୁ ପୂର୍ବ ମୁଣ୍ଡରେ ଓ ପଶ୍ଚିମ ମୁଣ୍ଡରେ ଅମ୍ବା ଏକାଧିକ ସ୍ଥଳରେ ମାପ କରାଯାଇ ତାହା କଷୋଟ କରି ଯାହା ମାପ ହିସାବରେ ବାହାରେ ( Mean measurement ).

ପୂ. ପ = ଜମିର ପୂର୍ବରୁ ପଶ୍ଚିମକୁ ମାପ ।

ପୂ. ପ. ସା = ଅସମକୋଣୀ ଜମିର ଏକାଧିକ ସ୍ଥାନର ମାପର କଷୋଟ ହିସାବ ବା ସାର ।

ଉ = ଉତ୍ତର । ଦ = ଦକ୍ଷିଣ, ଦଖଲକାର ।

ପୂ = ପୂର୍ବ । ପ = ପଶ୍ଚିମ । ମୁ = ମୁତାବକ ।

ମାଣ୍ଡିଆ କୋଲଥ = ଯେଉଁ ଜମିରେ ମାଣ୍ଡିଆ ଓ କୋଲଥ ହୁଏ ।

ଦୋଫସଲ = ଯେଉଁ ଜମିରେ ବର୍ଷକେ ୨ ଥର ଫସଲ କରାଯାଏ । ( ଯଥା—ଧାନ ଓ ମୁଗ । )

ଅହଲ = ଉତ୍କୃଷ୍ଟ ଜମି ।

ଦୋୟମ = ଦ୍ୱିତୀୟ ଶ୍ରେଣୀର ଜମି ।

ସୋୟମ୍ = ଦୋୟମ ଅପେକ୍ଷା ନିକୃଷ୍ଟ ।

ଚହରମ୍ = ସୋୟମ୍‌ଠାରୁ ନିକୃଷ୍ଟ ।

ଏହା ଛଡ଼ା

। ଜି । ଜିଲ୍ଲା ।

। ତା । ତାଲୁକେ ।

। ପ୍ର । ପ୍ରଗନ୍ନା ।

। ମୌ । ମୌଜା ଏହିପରି ଅନ୍ୟାନ୍ୟ ଶବ୍ଦମାନ ଲେଖାଥାଏ ।

**ଭଉଁରିଆ ଡାକିବା**—ଦେ. କ୍ରି—ଜମି ମାପ ସମୟରେ ମାପିବା ବ୍ୟକ୍ତି ଛଡ଼ା Bhaunriā dākibā ଆଉ ଜଣେ ବ୍ୟକ୍ତି 'ଭଉଁରିଆ' ଧରି ପଢ଼ିବା (ଏହା ଦ୍ୱାରା ମାପିବା ବ୍ୟକ୍ତି କେଉଁ ଅଙ୍କେ କେତେଦୂର ମାପିବ ତାହା ଜାଣି ପାରି ମାପେ)—To dictate the contents of a Bhaunriā paper to the person who is engaged in measuring the land.

**ଭଉଁରିଆ ମଡ଼ା(ଡ଼େ)ଇବା**—ଦେ. କ୍ରି—ସାବକ ଭଉଁରିଆରେ ଲେଖାଥିବା Bhaunriā mardā(rde)ibā ବିବରଣମାନଙ୍କ ସାହାଯ୍ୟରେ ସରଜମିନ୍‌ରେ ମାପ କରି ସାବକରେ କ୍ଷେତ୍ରମାନଙ୍କର କିପରି ଆକାର ଥିଲା ତାହା ନିରୂପଣ କରିବା । [ଏତଦ୍ୱାରା ସାବକ ବନ୍ଦୋବସ୍ତ ସମୟରୁ ଆଜି ପର୍ଯ୍ୟନ୍ତ କେତେ ପରିବର୍ତ୍ତନ ଘଟିଅଛି ତାହା ଜଣା ପଡ଼େ)—To ascertain the old positions of plots (as they existed at the time of the old settlement) on the spot with the help of the directions contained in the old Bhaunriā papers.

**ଭଉଁରି କବାଟ**—ଦେ. ବି—କବାଟ କଳକା କଞ୍ଚିକୁ ବାହାରୁ ଭିତ୍ତି Bhaunri kabāṭa କରି କବାଟର ଭିତର ପାଖରୁ ବନ୍ଦ ହୋଇଥିବା କଳଣୀକୁ ଫିଟାଇବା ପାଇଁ ଛିଦ୍ର ଥିବା କବାଟ—A peculiar sort of door having a hole through which key is applied from outside to open it by loosening the bolt from inside.

**ଭଉଁରି ଖେଳ**—ଦେ. ବି—୧ । ଚନ୍ଦନ ଯାତ୍ରା, ବୈଶାଖ ଶୁକ୍ଳ ତୃତୀୟା Bhaunri khela ଠାରୁ ୨୧ ଦିନ ପର୍ଯ୍ୟନ୍ତ ଦେବତାଙ୍କ बाइछ(छ)खेला ଜଳକ୍ରୀଡ଼ା—1. The Chandana jātrā **झीम्झीरी खेला** festival in the month of Baiśākha commencing from the 3rd day of the light fortnight in which idols are taken in boats to tanks and the boats moved round the tank. ୨ । ପାଣିରେ ଡଙ୍ଗାକୁ ବୃତ୍ତାକାରରେ ଘୁରାଇବା ଖେଳ—2. Sporting in water by moving the boat in a circle.

ଭଉଁରି ଖେଳିବା—ଦେ. କ୍ରି—୧ । ଚକ୍ରଭ୍ରମିରୂପ ଜଳକ୍ରୀଡ଼ା କରିବା; Bhaunri khelibā ଜଳରେ ଡଙ୍ଗାକୁ ଚକ୍ରଗତି କରାଇ କ୍ରୀଡ଼ା ৰাইচছাখেলা କରିବା—1. To move a boat in water मीमीरी खेलना in a circle in a sportive mood. ୨ । ଜଳରେ ଛୋଟ ଭଉଁରି ସୃଷ୍ଟି କରିବା—2. To produce small whorls in the current of water.

ଭଉଁରି ଜାଲ—ଦେ. ବି—ଖେପିଜାଲ—A circular casting Bhaunri jāla মাথাঘুরানী জাল घुमौआ जाल net.

ଭଉଁରି ଦେବା—ଦେ. କ୍ରି—ଘାଉଁରି ଖାଇବା; ଚକ୍ରାକାରରେ ଗତି Bhaunri debā କରିବା—To whirl round and চক্কর দেওয়া round; to make a circular motion. भौंरी देना (ଉ—ଖାପଦଣ୍ଡି ଲଭ ମଣ୍ଡଳପନ୍ତି ବିଏ ଭଉଁରି, ଭଡ଼ ବଡ଼ଭାବ ବେଢ଼ି ବ ଶୋଭା ରଣ୍ଟି ଡଉଁରି । ଉପେନ୍ଦ୍ରଭଞ୍ଜ ।)

ଭଉଁ(ଅଁ)ରିବା—ଦେ. କ୍ରି—୧ । ଭଅଁର ଦ୍ୱାରା ଛିଦ୍ର କରିବା—Bhaun(an)ribā 1. To bore with a gimlet. ୨ । ছাঁদাকরা, ভওঁরকরা କୌଣସି ବସ୍ତୁକୁ କୁନ୍ଦରେ ବସାଇ କୁନ୍ଦିବା—छेदना 2. To shape a thing round with the help of the turning lath.

ଭଉଣ୍ଡୀ—ଗ୍ରା (ଇତର) ବି (ବ୍ୟଙ୍ଗ୍ୟ)—ଭଉଣୀ—Bhaundi Sister.

ଭଉତ(ତୁ)—ଗ୍ରା. ବିଣ (ସଂ. ବହୁ)—ବହୁ; ବହୁତ—Many; much. Bhauta(tu) (ଉ—ନଈଗୁଅର ଭଉତୁ ଅଇସ, ପାଞ୍ଚ କଥା বহুত बहुत ପାଞ୍ଚରେ ଅଛୁ, ଆସି ପଡ଼ଷ୍ଟଗଲ । ଯକାଗ୍ରା. ରହମାଲୀ ।)

ଭଏ—ଗ୍ରା.ବି (ସଂ. ଭୟ)—Fear; terror. (ଉ—ଯେ କରୁଛି ସେହି Bhae ভয় डर ଧନ୍ୟ କହୁ ନାହିଁ ଭଏ । ଶିବସ୍ୱରୋଦୟ ।)

ଭକ୍ ଭକ୍—ଦେ. ଅ (ଧ୍ୱନ୍ୟନୁକରଣ)—୧ । ଝଲକା ଝଲକା ବାନ୍ତି Bhak bhak କରିବା ପ୍ରକାର ଉଦ୍ଗୀରଣ ଶବ୍ଦ—1. Said of ভক্‌ভক্ gusts of vomitting. (ଉ—ଭକ ଭକ ବାହାର भक,भक भक् କରଇ ରକତ, ସେ ଘର ଦେଖି ଦେଖି କଳ ମୋତେ ବ୍ୟସ୍ତ । କୃଷ୍ଣସିଂହ. ମହାଭାରତ. ଉଦ୍ଯୋଗ ।) ୨ । ବକ ବକ; ନିର୍ବୁଦ୍ଧି ଲୋକପରି ଗୁହିଁ ରହିବା—2. To stare like a fool; vacant staer. (ଯଥା—ସେ ମୋ ମୁହଁକୁ ଭକ ଭକ କରି ଅନାଇଛି) । ୩ । ମଦ୍ୟପାୟୀର ମୁଖରୁ ବାହାରିବା ତୀବ୍ର ଗନ୍ଧ—3. Strong smell coming out of the mouth of an inveterate drunkard. (ଯଥା—ତା ମୁହଁରୁ ତାଡ଼ି ଗନ୍ଧ ଭକ ଭକ ହୋଇ ବାହାରୁଛି ।) ୪ । ବେଙ୍ଗମାନଙ୍କର ରାବ—4. Croaking sound of frogs. (ଉ—ଭେକ ସେ ବରଷାକୁ ଭେଟ କରି ପାଇ, ବାହାରିଲେ ଦାଣ୍ଡକୁ ଭକ ଭକ ହୋଇ । କୃଷ୍ଣସିଂହ, ମହାଭାରତ. ବନ ।) ୫ । ବକ ବକ; ବକବା ପ୍ରକାର; ବ କବଚାର-5. Clattering. (ଯଥା—ବଳଗାଡ଼ି ଭକ ଭକ ହୋଇ ତା ପାଖ ଗୋଳ ହେଉ ନାହିଁ ।)

ଭକ୍ ଭକ୍ କରିବା—ଦେ. କ୍ରି—ବକ ବକ କରିବା; ବୃଥା ଗପିବା—Bhak bhak karibā To talk at random; to chatter. [ଭକ୍ ଭକା(କେ)ଇବା;ଭକ୍ ଭକ୍ ହେବା-ଅନ୍ୟରୂପ] বকবক করা

ଭକ୍ ଭକ୍ ହେବା—ପ୍ରାଦେ. ସାଜପୁର କ୍ରି—ଗୋଳାବନ୍ଧା କରିବା—Bhak bhak hebā Aching of limbs due to exhaustion or overwork. (ଯଥା—ହଣ୍ଡାଲିପିଠି ଭକ୍ ଭକ୍ ହେଉଅଛି ।)

ଭକ୍ ଭକୁମ୍ କୁମ୍—ଦେ. ଅ. (ଧ୍ୱନ୍ୟନୁକରଣ)—ପାରାମାନଙ୍କର ପ୍ରଣୟ-Bhak bhakum kum ବ୍ୟଞ୍ଜକ ଘୁତୁରୁ—The cooing of বকবকম घुटकना a pigeon.

ଭକ(ଗ)ତ ବିଟ(ଟା,ଟୋ)ଳ—ଦେ. ବି. ଓ ବିଣ—ଭଣ୍ଡ ଭକ୍ତ—A Bhaka(ga)ta biṭa(ṭa,ṭo)la hypocritical devotee; ভক্ত বিটকেল one who feigns devotion.

ଭକଭକି(କୁ)ଆ—ଦେ. ବିଣ (ସଂ. ବାବଦୂକ)—ବାବଦୂକ—Bhakabhaki(ku)ā Clattering; chattering; creaking; a chatter box. बकवादी

ଭକ୍ ଖାଇଯିବା—ଗ୍ରା. କ୍ରି—୧ । ବିଫଳ ହୋଇଯିବା—1. (Slang) Bhak khāijibā To miscarry. ୨ । କିଂକର୍ତ୍ତବ୍ୟ-বিফল হওয়া ବିମୂଢ଼ ହେବା—2. To be dumb-founded. থত মত হওয়া भक खाना, भकुआना

ଭକ(ଗ)ତ—ଦେ. ବି (ପଦ୍ୟ) (ସଂ. ଭକ୍ତ)—୧ । ଭକ୍ତ—1. Devotee; votary. Bhaka(ga) ta ভকত भगत [ଉ—ହରି ଭକତ ଯେତେ ଜନ, ତାହାଙ୍କ ଯେ କର୍ଣ୍ଣ-ଭୂଷଣ । ଭାଗବତ, ୪ର୍ଥ ଖଣ୍ଡ ।] ୨ । ବିହାରବାସୀ ଯେସ୍ୱଆସ୍ ବୈଶ୍ୟମାନଙ୍କ ବଂଶୋପାଧିବିଶେଷ (ଏମାନେ ଓଡ଼ିଶାରେ ପୁରୁଷାନୁକ୍ରମେ ବଣିକ୍ ଓ ମହାଜନରୂପେ ବସତି କରିଅଛନ୍ତି—2. Family title of Bihari Jeswars (Baisyas) domiciled in Orissa for generations as merchants and money-lenders. ୩ । ରାଜପୁତାନାର ଏକ ଜାତି—3 A caste of Hindus in Rajputana. [ଦ୍ର—ଏ ଜାତିର କନ୍ୟାମାନେ ନାଚ କରନ୍ତି ଓ ପୁରୁଷମାନେ ଭକ୍ତ ନର୍ତ୍ତକୀମାନଙ୍କ ସଙ୍ଗେ ବାଦ୍ୟ ବଜାନ୍ତି; ଏ ଜାତିର ସ୍ତ୍ରୀମାନଙ୍କୁ ହିନ୍ଦୀରେ 'ଭଗତିନ୍' ବୋଲାଯାଏ ।]

ଭକ(ଗ)ତ ବିଶ୍ୱାସ—ଦେ. ବି—(ସଂ. ଭକ୍ତ+ବିଶ୍ୱାସ)—୧ । ବିଶ୍ୱାସୀ Bhaka(ga)ta biswāsa ବା ବିଶ୍ୱାସାସ୍ପଦ ଭକ୍ତ—1. A ভকতের বিশ্বাস भकतर बिसास trusted devotee. [ଉ—ମୁଁ ତାଙ୍କ ପୂରଇବ ଆଶ,ସେ ମୋର ଭକତ ବିଶ୍ୱାସ । ଜଗନ୍ନାଥ. ଭାଗବତ ।] ୨ । ବିଶ୍ୱାସୀ ଓ ଭକ୍ତିଯୁକ୍ତ ବନ୍ଧୁ-2. A trusted and devoted friend. [ଉ—ଅସ ମଇତ୍ର ମୋର ପାଶ, ତୁ ମୋର ଭକତ ବିଶ୍ୱାସ । ଗଜ ନିସ୍ତାରଣ ।] ୩ । ଭକ୍ତ ଯେଉଁ ପ୍ରଭୁଙ୍କ ଠାରେ ପୂର୍ଣ୍ଣ ବିଶ୍ୱାସ ବା ଆସ୍ଥା ରଖିଥାଏ—3. A master on whom the devotee places utmost

confidence. (ଯ—ବୋଲନ୍ତି ଯେ ତୁମ୍ଭେ ଭକଡ଼-ବିଶ୍ୱାସ, ମୋ ଘର ନ କହି ପାରିବ ତୁମ୍ଭ ଯଶ—କୃଷ୍ଣସିଂ ମହାଭାରତ. ଅଦ ।)

ଭକ(ଗ)ତି—ଦେ. ( ପଦ୍ୟରେ ବ୍ୟବହୃତ ) ( ସ. ଭକ୍ତି )—ଭକ୍ତି—Bhaka(ga)ti Devotion; religious devotion; ভকতি **भगति** characteristic of votaries. [ ଭ—ନଗମ ବାଞ୍ଛାବୃକ୍ଷ ଫଳ । ଭଗତି କଳ୍ପଲତା ଫଳ । ପ୍ରେମପଞ୍ଚାମୃତ । ୧।୧୨ ।]

ଭକ(ଗ)ତିଆ(ୟା)—ଦେ. ଵଣ—(ଅବଜ୍ଞାର୍ଥ; ବ୍ୟଙ୍ଗ୍ୟାର୍ଥ)—୧ । ଭକ୍ତ—Bhaka(ga)tiā(yā) 1. Devoted, having devotion. ভক্তিমন্ত; ভণ্ড ভক্ত [ଯଥା—ମଧୁର ଭକତିଆ, ମୁଣ୍ଡ ଭଗତିଆ, ମିଛ **भगतिया** ଭଗତିଆ ।] ୨ । ଭକ୍ତିର ବାହ୍ୟ ଲକ୍ଷଣ ଓ ଭଙ୍ଗୀ-ପ୍ରକାଶକାରୀ କିନ୍ତୁ ହୃଦୟରେ ଭକ୍ତିହୀନ—2. Showing oneself off as devoted, while actually not so. ଦେ. ବି—(ଅବଜ୍ଞା ଓ ବ୍ୟଙ୍ଗ୍ୟାର୍ଥ)—ଭକ୍ତ—Devotee.

ଭକର ଭକର—ଦେ. ଅ—( ଧ୍ୱନ୍ୟନୁକରଣ )—ବକ ବକ ଶବ୍ଦରେ—Bhakara bhakara ପ୍ରକାରେ—Said of chattering. বক বক **बकर बकर**

ଭକା(କୁ)—ଦେ. ଵଣ. ଓ ବି—( ସ. ଭେକ )—୧ । ବକା; ବଗା; Bhakā(ku) ବୋକା; ଓଲୁ; ନିର୍ବୋଧ—Foolish; a fool; ভেকো ভেকুআ **भकुआ** (ଭକୁଆ—ଅନ୍ୟରୂପ) a simpleton. [ଭକେ(ବୋ)ଇ—ସ୍ତ୍ରୀ] ୨ । ହତବୁଦ୍ଧି; କିଂକର୍ତ୍ତବ୍ୟ-ବିମୂଢ଼—2. Dumb-founded; bewildered; nonplussed. ୩ । ମୂର୍ଖ—3. Ignorant; an ignoramus.

ଭକାର—ସ. ବି (ଭ+କାର)—୧ । ଭ ଅକ୍ଷର—1. The letter Bhakār ଭ । ୨ । ଭ ମାତ୍ରା; ଭ ଫଳା—2. The sign of letter ଭ in a dipthong (as in ମ+ଭ=ମ୍ଭ) ୩ । କୁମ୍ଭାରର ଚକ—3. Potter's wheel. ଦେ. ବି.—(ଧ୍ୱନ୍ୟନୁକରଣ)—ବମନ—Vomiting.

ଭକିଆ(ୟା)—ପ୍ରାଦେ. (ସମ୍ବଲପୁର) ବି—ଅଲୁଅ—Bhakiā(yā) A light.

ଭକିବା—ଦେ. କ୍ରି—(ସ. ଭକ୍ଷ ଧାତୁରୁ)—ଭକ୍ଷଣ କରିବା; ଖାଇବା—Bhakibā ভকা; ভক্ষা; ভক্ষা **भकसना** To eat. [ଭଖିବା; ଭଖିବା—ଅନ୍ୟରୂପ]

ଭକ୍କୁଡ଼(ର)—ସ. ବି (ସ. ଭକୁ ଟ)—ଗୋଟିଏ ମାଛ—Catla Buchanani like American sheep's head fish. Bhakkurda(ra) କାଲো

ଭକୁ—ଵିଦେ. (ଅ) ଵଣ—[ ସ. ଭକ୍କୁବନ (ଲଣ୍ଡନ) ]—୧ । ଓଲୁ; Bhaku ভেকো; ভেকুয়া ବୁଦ୍ଧିହୀନ—1. Stupid. ୨ । **भकवा; भकुवा** କିଂକର୍ତ୍ତବ୍ୟବିମୂଢ଼—2. Bewildered; dumb-(ଭକୁଆ—ଅନ୍ୟରୂପ) founded. [ଭ—ବ୍ୟର୍ଥରେ ତୁମ୍ଭେ ମର ନାହିଁ—ଭକୁଆ ହୋଇ ଲଡ଼ୁ ବୋଲିବା ମାତ୍ରକେ ଲୋକ ଯାଏ ନାହିଁ । ତୁଳସୀ. ବଡ଼ଙ୍କ ରାମାୟଣ. ଅଦ ।]

ଭକୁଆ କରିବା—ଦେ. କ୍ରି—୧ । କୌଣସି ବ୍ୟକ୍ତିଙ୍କୁ ଠକିବା—Bhakuā karibā 1. To cheat a person. ୨ । କୌଣସି [ଭକୁଆ ବନା(ନେ)ଇବା—ଅନ୍ୟରୂପ]. ବ୍ୟକ୍ତିଙ୍କୁ ଓଲୁ ବୋଲି ପ୍ରତି-ভেকো বানান ପନ୍ନ କରିବା—2. To make a fool of some person.

ଭକୁଆ ବନିବା—ଦେ. କ୍ରି—୧ । ପ୍ରତାରିତ ହେବା; ଠକାମିରେ ପଡ଼ିବା-Bhakuā banibā 1. To be made a fool of; to be (ଭକୁଆ ହେବା—ଅନ୍ୟରୂପ) cheated. ୨ । ବିସ୍ମିତ ହେବା; ভেকো বনে যাওয়া ଅବାକ୍ ହେବା—2. To be dumb-founded.

ଭକ୍ତ—ସ. ଵଣ. ପୁଂ (ଭଜ୍ ଧାତୁ=ସେବା କରିବା; ଭାଗ କରିବା+ Bhakta କର୍ତ୍ତୃ. ତ)—୧ । ଭକ୍ତିଯୁକ୍ତ—1. Devoted. (ଭକ୍ତା—ସ୍ତ୍ରୀ) devout. ୨ । ଅନୁରାଗୀ; ଅନୁରକ୍ତ—2. Attach-(ଅଭକ୍ତ—ବିପରୀତ) ed to; fond of. ୩ । ଦେବତା ବା ( ଏଥିର ଅପଭ୍ରଂଶ ଭକତ, ଭଗତ । ) ଗୁରୁଙ୍କ ପ୍ରତି ଏକାନ୍ତ ଅନୁରକ୍ତ—3 Pious; devoted to God and elders. ୪ । ରାଜା ବା ପ୍ରଭୁଙ୍କ ପ୍ରତି ଅନୁରକ୍ତ—4. Loyal; faithful. ୫ । ( +କର୍ମ.ତ ) ବିଭକ୍ତ; ଭଙ୍ଗା ହୋଇଥିବା—5. Broken; divided; cut into pieces. ସ. ବି—୧ । ସେବକ—1. Servant. ୨। ଦାସ; ବିଶ୍ୱାସୀ ଭୃତ୍ୟ—2. Devoted servant. ୩ । ପୂଜକ—3 Worshipper; adorer. ୪ । ଶିଷ୍ୟ—4. Disciple. ୫ । ଅନୁରାଗୀ ବ୍ୟକ୍ତି—5. Ardent lover. ୬ । ଭକ୍ତିଯୁକ୍ତ ବ୍ୟକ୍ତି—6. Votary; devotee. ୭ । (ଭଜ୍ ଧାତୁ=ସେବା କରିବା+କର୍ମ. ତ)—ଅନ୍ନ, ଭାତ ରନ୍ଧା ହୋଇଥିବା ଚାଉଳ—8. Boiled rice.

ଭକ୍ତ କର—ସ. ଵଣ. ( ଭକ୍ତ=ଭାତ+କୃ ଧାତୁ+କର୍ତ୍ତୃ. ଅ )—Bhakta kara ୧ । ପାଚକ; ଯେ ଭାତ ରାନ୍ଧେ—1. A cook. (ଭକ୍ତାକାର—ଅନ୍ୟରୂପ) ସ. ବି—କୃତ୍ରିମ ଧୂପ—A kind of incense; fumigation.

ଭକ୍ତ ଚରଣ ଦାସ—ଦେ. ବି (ନାମ)—ମଥୁରାମଙ୍ଗଳ ନାମକ ଉତ୍କଳର Bhakta charana dāsa ଜନପ୍ରିୟ ସୁମନୋହର ଗ୍ରନ୍ଥର ରଚୟିତା । ଖ୍ରୀଷ୍ଟ ୧୮ଶ ଶତାବ୍ଦୀରେ ଏ ଖୋର୍ଦ୍ଧାର ସୁନାଖଳା ଗ୍ରାମରେ ଜନ୍ମଗ୍ରହଣ କରିଥିଲେ । ଏହାଙ୍କର ପ୍ରକୃତ ନାମ ବୈରାଗି ଚରଣ ପଟ୍ଟନାୟକ ଓ 'ଭକ୍ତଚରଣ' ଏହାଙ୍କର ପରବର୍ତ୍ତୀ ବୈଷ୍ଣବ ନାମ । ମଥୁରାମଙ୍ଗଳ ଗ୍ରନ୍ଥର ସୁଲଳିତ ଛନ୍ଦସବୁ ଓଡ଼ିଆ ଓଡ଼ିଆଣୀଙ୍କର ଅମୂଲ୍ୟ କଣ୍ଠହାର । ଏହାଙ୍କର ଅନ୍ୟ ସୁବିଦିତ ଗୀତମାନଙ୍କ ମଧ୍ୟରେ କଳା-କଲେବର କହ୍ନାଇ ଚଉତିଶା ଓ ମନୋବୋଧ ଚଉତିଶା ପ୍ରଧାନ—The poet of Mathuramangala which enjoys a sort of universal popularity in Orissa. He was born in a village named Sunākhalā (18th century). His

original name was Bairagi Charan Patnaik. He assumed the name Bhakta Charan after embracing Vaisnavism and becoming a mendicant. The nectarine strains of Mathuramangal are an invaluable treasure of the Oriya literature. Kaḷākaḷebara Kahnāi Chautisā and Manobodha Chautisā are among his most famous poems with which every Oriya is familiar.

ଭକ୍ତ ଡାକ—ଦେ. ବି. (୬ଷ୍ଠୀ ତତ୍)—ପ୍ରଭୁଙ୍କ ପ୍ରତି ଭକ୍ତର ଆହ୍ୱାନ—
Bhakta ḍāka The call of the votary to God.
ভক্তের ডাক (ଉ—ଭେଦି ଥାନ୍ତି ଶ୍ରବଣ ଭକ୍ତ ଡାକକୁ—ଭଜନ ।)

ଭକ୍ତ ତାରକ—ସଂ. ବିଣ. (ଭକ୍ତ+ତୃ+କର୍ତ୍ତୃ. ଅକ)—ଭକ୍ତୋଦ୍ଧାର-
Bhakta tāraka କାରୀ—Saviour of one's votaries.
(ଭକ୍ତ ତାରଣ—ଅନ୍ୟରୂପ)

ଭକ୍ତ ଦାସ—ସଂ. ବିଣ. ( ଭକ୍ତ=ଅନ୍ନ+ଦାସ=ଭୃତ୍ୟ )—୧ । ଅନ୍ନ-
Bhakta dāsa ଦାସ; ଯେ ମୁଠାଏ ଖାଇବାକୁ ପାଇବ ବୋଲି ଭକ୍ତି କରିଥାଏ—1. One who becomes attached just to get his two morsels. ୨ । ପରାନ୍ନ-ପ୍ରତିପାଳିତ—2. A toady; a hanger on. ୩ । (ବିନୟୋକ୍ତି) ଭକ୍ତର ଭକ୍ତ; ଦାସାନୁଦାସ; ଭକ୍ତାନୁଭକ୍ତ; ଅତି ବିନୀତ ଭକ୍ତ—3. (a term of humility) A humble devotee; a devotee of the devotes; a servant of a devotee. [ଦ୍ର—କଥାରେ ବିନୟ ପ୍ରକାଶ ପାଇଁ ଲୋକେ କହନ୍ତି ମୁଁ ତାଙ୍କ ଭକ୍ତରୂପେ ପରିଗଣିତ ହେବାର ଏମନ୍ତ କି ଭକ୍ତଦାସରୂପେ ପରିଗଣିତ ହେବାର ଯୋଗ୍ୟ ନୁହେଁ ।]

ଭକ୍ତ ପ୍ରାଣ—ସଂ. ବିଣ. ପୁଂ (ବହୁବ୍ରୀହି)—ଭକ୍ତ ପ୍ରତି ଅନୁରକ୍ତ; ଭକ୍ତ-
Bhakta prāṇa ବତ୍ସଳ—Fond of one's devotees;
(ଭକ୍ତପ୍ରାଣା—ସ୍ତ୍ରୀ) gracious towards one's devotees.
ସଂ. ବି. (୬ଷ୍ଠୀ ତତ୍)—ଭକ୍ତର ଭକ୍ତିଯୁକ୍ତପ୍ରାଣ—
The heart of a devotee.

ଭକ୍ତ ବତ୍ସଳ—ସଂ. ବିଣ. ପୁଂ—ଭକ୍ତ ପ୍ରତି ଅନୁରକ୍ତ—Attached to
Bhakta batsaḷa devotees; gracious to devotees
(ଭକ୍ତବଚ୍ଛଳ—ଅନ୍ୟରୂପ) ସଂ. ବି—ଭଗବାନ—Name of God.
(ଭକ୍ତବତ୍ସଳା—ସ୍ତ୍ରୀ)

ଭକ୍ତ ବତ୍ସଳତା—ସଂ. ବି—ଅନୁରକ୍ତ ବ୍ୟକ୍ତି ପ୍ରତି ସ୍ନେହ—
Bhakta batsaḷatā Attachment to devotees.
(ଭକ୍ତବାତ୍ସଲ୍ୟ—ଅନ୍ୟରୂପ)

ଭକ୍ତ ବିଟ(ଟା, ଟୋ)ଳ—ଦେ. ବି—ଧ୍ୱଜୀ ଭକ୍ତ; କପଟ ଭକ୍ତ—
Bhakta biṭa(ṭā, ṭo)ḷa One who feigns devotion;
(ଭକ୍ତ ଭଣ୍ଡ—ଅନ୍ୟରୂପ) a mean votary; a votary in
ভক্ত বিটল भक्त बिटेल name.

ଭକ୍ତ ମଣ୍ଡ—ସଂ. ବି—ଭାତର ପେଜ—
Bhakta maṇḍa The scum of boiled rice.
(ଭକ୍ତ ପୁଲାକ—ଅନ୍ୟରୂପ)

ଭକ୍ତ ରଙ୍କ—ଦେ. ବି—ଉପବାସ ଯୋଗୁଁ କୃଶ ଭକ୍ତ—A devotee
Bhakta raṅka emaciated on account of religious fasting. (ଉ—ସ୍ୱଜନେ । କେବଳ ଭକ୍ତରଙ୍କ ପ୍ରାୟେ, କଚ୍ଛପ, ମତ୍ସ୍ୟ, ମଣ୍ଡୂକମାନଙ୍କର ଦୁର୍ବଳ ହୋଇଗଲେ କାୟେ । ରସକଲ୍ଲୋଳ)

ଭକ୍ତ ରକ୍ଷକ—ସଂ. ବି—ଯେ ଭକ୍ତଙ୍କୁ ରକ୍ଷାକରେ—Saviour of
Bhakta rakshaka devotees.
( ଭକ୍ତରକ୍ଷଣ—ଅନ୍ୟରୂପ )

ଭକ୍ତ ଶାଳା—ସଂ. ବି—୧ । ପାକଶାଳା; ରୋଷେଇଘର—1. Cook-
Bhakta śāḷā room. ୨ । ସମବେତ ଭକ୍ତମାନଙ୍କର
(ଭକ୍ତଘରଣ—ଅନ୍ୟରୂପ) ଭଜନ ଓ ଧର୍ମୋପଦେଶ ଶ୍ରବଣର ସ୍ଥାନ—2. A place where devotees congregate for prayer and religious instruction.

ଭକ୍ତା—ଦେ. ବି ( ସଂ. ଭୋକ୍ତା )—୧ । ରାଜଦତ୍ତ ବଂଶଗତ ଉପାଧି
Bhaktā ବିଶେଷ—1. A family title. ପ୍ରାଦେ ( ଗଡ଼ଜାତ ଓ ବାରିପଦା ) ବି—୨ । ପଣାସଂକ୍ରାନ୍ତି ଦିନ ଖେଟ ଜାତି ଲୋକେ କରୁଥିବା ଝାମୁଯାତ—2. A festival peculiar to Orissa when votaries of Durgā walk on fire or prickly thorns. ୩ । ଭକ୍ତାବ୍ରତଧାରୀ ଦଳ—3. The band of these votaries.

ଭକ୍ତାଧୀନ—ସଂ. ବିଣ. ପୁଂ—ଭକ୍ତର ବଶୀଭୂତ—Said of God
Bhaktādhīna who willingly makes Himself
(ଭକ୍ତାଧୀନା—ସ୍ତ୍ରୀ) subservient to His devotees.

ଭକ୍ତାନୁରକ୍ତ—ସଂ. ବିଣ. ପୁଂ—ଭକ୍ତବତ୍ସଳ—Attached to or
Bhaktānurakta fond of devotees.
(ଭକ୍ତାନୁରକ୍ତା—ସ୍ତ୍ରୀ) (ଭକ୍ତାନୁରକ୍ତି—ବି)

ଭକ୍ତାଶ୍ରୟ—ସଂ. ବିଣ—ଭକ୍ତର ଆଶ୍ରୟସ୍ଥଳ—
Bhaktāśraya The refuge of a devotee.

ଭକ୍ତି—ସଂ. ବି ( ଭଜ୍ ଧାତୁ+ଭାବ. କ୍ତି )—୧ । ପୂଜ୍ୟ ବ୍ୟକ୍ତି ବା
Bhakti ଦେବତାଙ୍କ ପ୍ରତି ଅନୁରାଗ ବା ଶ୍ରଦ୍ଧା—1. Devotion; Devotedness. [ ଦ୍ର—ହିନ୍ଦୁଶାସ୍ତ୍ରମତରେ ଭକ୍ତି ନବଧା—୧ । ନାମଶ୍ରବଣ, ୨ । କୀର୍ତ୍ତନ, ୩ । ସ୍ମରଣ, ୪ । ପଦସେବା, ୫ । ପୂଜା, ୬ । ସ୍ତବ, ୭ । ପରିଚର୍ଯ୍ୟା, ୮ । ସଖ୍ୟଭାବରେ ସମ୍ଭାଷଣ ଓ ୯ । ଆତ୍ମସମର୍ପଣ ।
ଭକ୍ତି ପୁଣି ଦୁଇ ପ୍ରକାରର ବୋଲି ଧରା ଯାଇଅଛି ।
୧ । ଶୁଦ୍ଧା ଭକ୍ତି, ୨ । ଜ୍ଞାନମିଶ୍ରା ଭକ୍ତି ।
୧ । ଭାଗବତରେ ଶୁଦ୍ଧା ଭକ୍ତିର ବିଷୟ ଚର୍ଚ୍ଚା କରାଯାଇ ଅଛି । ସବୁ କର୍ମକୁ ନାରାୟଣଙ୍କଠାରେ ଅର୍ପଣ କରିବ ଏବଂ ଶ୍ରୀକୃଷ୍ଣଙ୍କ ଜନ୍ମକର୍ମବିବରଣ, ନାମଶ୍ରବଣ ଓ ଗାନ କରିବ, ନାମକୀର୍ତ୍ତନ ଓ ନୃତ୍ୟ କରିବ, ସମସ୍ତ ବସ୍ତୁକୁ ହରିଙ୍କର ଶରୀର ବୋଲି ଜ୍ଞାନ କରିବ ।

୨ । ଅଚ୍ୟୁତାନନ୍ଦ ପ୍ରଭୃତି ପଞ୍ଚ ମହାପୁରୁଷ ବା ପଞ୍ଚସଖା ପ୍ରଭୃତିଙ୍କର ଜ୍ଞାନମିଶ୍ରା ଭକ୍ତିର ପନ୍ଥା—ଏମାନେ କହନ୍ତି—ଯନ୍ତ୍ର, ତନ୍ତ୍ର, ମନ୍ତ୍ର, ଶୂନ୍ୟ, ଜ୍ୟୋତି, ଅଦ୍ୱୈତ, ଦ୍ୱୈତ, ସମାଧି, ରସଗୁଣ—ଏସବୁଡ଼ିକ କ୍ରମାନୁସୃତରେ ସାଧକର ସାଧନ ଓ ସିଦ୍ଧିର ସୋପାନ । ସମାଧିପରେ ପରମଦର୍ଶନ ଓ ପରମଦର୍ଶନ ପରେ ଜୀବର ଭଗବତ୍ ଲୀଳାସ୍ୱାଦ ଓ ତନ୍ମୟ ରସ-ଭାବତତ୍ତ୍ୱହିଁ ଜ୍ଞାନମିଶ୍ରା ଭକ୍ତିର ଚରମକୋଟି ଅଟେ । ଶୁଦ୍ଧା ଭକ୍ତିର ମଧ୍ୟ ତାହାହିଁ ଲକ୍ଷ୍ୟ । କିନ୍ତୁ ଉଭୟଙ୍କର ସାଧନ-ପ୍ରଣାଳୀ ପୃଥକ୍ । ଗୁଣଭେଦରେ ଭକ୍ତି ୩ ପ୍ରକାର—ସାତ୍ତ୍ୱିକୀ, ରାଜସୀ ଓ ତାମସୀ । ] ୨ । ଗୁରୁଜନଙ୍କ ପ୍ରତି ପ୍ରେମ ବା ସ୍ନେହ—2. Reverence for or attachment for one's elders. ୩ । ରାଜାଙ୍କ ପ୍ରତି ଅନୁରାଗ—3. Loyalty. ୪ । ଉପାସନା; ପୂଜା—4. Worship; homage. ୫ । ( + କର୍ମ. ତି )—ଅଂଶ—5. Portion; share. ୬ । ବିଭାଗ; ବଣ୍ଟନ—6. Division; partition. ୭ । ଅଳଂକାର—7. Ornament ( Apte ). ( ଯଥା—ହେମ ଭକ୍ତିମତୀ କି ସେ ଅବମାର ବେଣୀ । ମହାଯାତ୍ରା । ) ୮ । ରଚନା—8. Composition. ୯ । ଭଙ୍ଗୀ; ଭଙ୍ଗିମା—9. Demeanour; mode; pose. ୧୦ । ଗୌଣୀ ବୃତ୍ତି—10. The connotative attribute of a word. ୧୧ । ସେବା ଶୁଶ୍ରୂଷା ( ହ୍ର. ଶ )—11. Service; attendance. ୧୨ । ଅଙ୍ଗ; ଅବୟବ ( ହ୍ର. ଶ )—12. Limb. ୧୩ । ରେଖାଦ୍ୱାରା କରାଯିବା ବିଭାଗ ( ହ୍ର. ଶ )—13. A division made by means of a line. ୧୪ । ଅନୁରାଗ; ସ୍ନେହ ( ହ୍ର. ଶ )—14. Attachment; affection.

ଭକ୍ତିଆ(ୟା)—ଦେ. ବଣ—୧ । ଭକ୍ତ—1. Devoted. ୨ । ଭକ୍ତ-
Bhaktiā(yā) ବତ୍ସଳ—2 Attached to one's devotee.
ভক্তিয়াভণ্ড ( ଉ—ତାହାକୁ ଭଗବତ କହି, ଦାସଭକ୍ତିଆ ଅଟେ ସେହି । ପୂର୍ଣ୍ଣତମ. ଚନ୍ଦ୍ରୋଦୟ । ) ୩ । ( ଅନ୍ୟ ଶବ୍ଦ ସଙ୍ଗେ ଲାଗେ; ଯଥା—ମଧୁରଭକ୍ତିଆ )—3. Having devotion. ଦେ. ବି—୧ । ଭକ୍ତ—1. A devotee. ( ଉ—କି ହି ଶୃଗାଳ ପଥର ମହିମା, ପ୍ରେମ ଭକ୍ତିଆମାନେ ତା ଜାଣିମା । ପ୍ରାଚୀ. ରହସ୍ୟ-ମଞ୍ଜରୀ । ) ୨ । ଭଣ୍ଡ ଭକ୍ତ—2. A hypocritical devotee.

ଭକ୍ତି କର—ସ. ବଣ ( ଭକ୍ତି + କୃ ଧାତୁ + କର୍ତ୍ତୃ. ଅ )—ଭକ୍ତିର
Bhakti kara ଉତ୍ପାଦକ; ଭକ୍ତିର ଉଦ୍ରେକକାରୀ ( ହ୍ର. ଶ ) —Producing devotion in the mind of a person.

ଭକ୍ତି କରିବା—ଦେ. କ୍ରି—ହୃଦୟରେ ଶ୍ରଦ୍ଧା କରିବା—To have
Bhakti karibā regard for; to be devoted to.
ভক্তি করা भक्ति करना

ଭକ୍ତି ଗ୍ରନ୍ଥ—ସ. ବି ( ମ. ପ. ଲୋ; ଭକ୍ତି + ଗ୍ରନ୍ଥ )—ଯେଉଁ ଗ୍ରନ୍ଥରେ
Bhakti grantha ଭକ୍ତି ବିଷୟ ଆଲୋଚନା କରାଯାଇ ଅଛି—A devotional book.

ଭକ୍ତି ତତ୍ତ୍ୱ—ସ. ବି ( ଷଷ୍ଠୀ ତତ୍; ଭକ୍ତି + ତତ୍ତ୍ୱ )—ଭକ୍ତି ସମ୍ବନ୍ଧେ
Bhakti tattwa ନାନା ତଥ୍ୟ—The principles of or truths about devotion

ଭକ୍ତି ଦାତା—ସ. ବଣ—ଯାହା ମନରେ ଭକ୍ତିରସ ଉଦ୍ରେକ କରାଏ—
Bhakti dātā Infusing or producing the sentiment of devotion in the mind of a person.
ଭକ୍ତିଦାୟକ, ଭକ୍ତିପ୍ରଦ, ଭକ୍ତିପ୍ରଦାୟକ, ଭକ୍ତିସଞ୍ଚାରକ, ଭକ୍ତିସଞ୍ଚାରୀ } ଅନ୍ୟରୂପ

ଭକ୍ତି ଦେଖା(ଖେ)ଇବା—ଦେ. କ୍ରି—ଦେବତା ବା ପୂଜ୍ୟ ବ୍ୟକ୍ତିଙ୍କ
Bhakti dekhā(khe)ibā ପ୍ରତି ଭକ୍ତି ପ୍ରକାଶ କରିବା—
ভক্তি দেখান To give expression to one's regard or devotion to a Deity or an adorable person.

ଭକ୍ତି ପଥ—ସ. ବି ( ୬ଷ୍ଠୀ ତତ୍ )—ହିନ୍ଦୁଶାସ୍ତ୍ରନିର୍ଦ୍ଦିଷ୍ଟ ଭକ୍ତିର ନବଧା
Bhakti patha ସୋପାନ; ଈଶ୍ୱରଙ୍କୁ ଭକ୍ତିପୂର୍ବକ ଭଜନା କରିବାର ପନ୍ଥା—The mode of approaching God through devotion; the devotional aspect of religion. [ ଦ୍ର—ହିନ୍ଦୁଶାସ୍ତ୍ର ଅନୁସାରେ ଈଶ୍ୱରଙ୍କୁ ତିନିପ୍ରକାର ଭଜନ କରାଯାଇ ପାରେ; ଯଥା—ଜ୍ଞାନମାର୍ଗ ( ବୈରାଗୀଙ୍କର ), କର୍ମମାର୍ଗ ( ସଂସାରୀର ) ଓ ଭକ୍ତିମାର୍ଗ ( ବୈଷ୍ଣବଙ୍କର ) । ]
ଭକ୍ତିପନ୍ଥା, ଭକ୍ତିମାର୍ଗ } ଅନ୍ୟରୂପ
(ଭକ୍ତିବାଟ—ଦେଶଜ ରୂପ)

ଭକ୍ତି ପର—ସ. ବଣ. ପୁଂ—ଏକାନ୍ତ ଭକ୍ତ—Exclusively devot-
Bhakti para ( ଭକ୍ତିପରା, ଭକ୍ତିପରାୟଣା—ସ୍ତ୍ରୀ ) ed to.
( ଭକ୍ତିପରାୟଣ—ଅନ୍ୟରୂପ )

ଭକ୍ତି ପୂତ—ସ. ବଣ. ପୁଂ ( ତୃତୀୟା ତତ୍; ଭକ୍ତି + ପୂତ )—ଭକ୍ତି ଯୋଗୁଁ
Bhakti pūta ନିର୍ମଳୀକୃତ (ହୃଦୟ)—(heart) Purified with the sentiment of devotion.
( ଭକ୍ତିପୂତା—ସ୍ତ୍ରୀ )
( ଭକ୍ତିଶୁଦ୍ଧ, ଭକ୍ତିଶୋଧିତ—ଅନ୍ୟରୂପ )

ଭକ୍ତି ପୂର୍ଣ୍ଣ—ସ. ବଣ ( ତୃତୀୟା ତତ୍; ଭକ୍ତି + ପୂର୍ଣ୍ଣ )—ଭକ୍ତିରସରେ ପୂର୍ଣ୍ଣ—
Bhakti pūrṇṇa Full of devotion; abounding in devotion.
( ଭକ୍ତିପୂରିତ, ଭକ୍ତିମୟ—ଅନ୍ୟରୂପ )

ଭକ୍ତି ପୂର୍ବକ—ସ. କ୍ରି. ବଣ—ଭକ୍ତି ସହିତ; ଭକ୍ତିଯୁକ୍ତ ଭାବରେ—
Bhakti pūrbaka Accompanied with devotion; respectfully; with due devotion.
( ଭକ୍ତିପୁରଃସର—ଅନ୍ୟରୂପ )

ଭକ୍ତି ପ୍ରବଣ—ସ. ବଣ ( ଭକ୍ତି + ପ୍ରବଣ = ନମ୍ର )—ଭକ୍ତିଦ୍ୱାରା ବଶୀଭୂତ;
Bhakti prabaṇa ଭକ୍ତିରସଦ୍ୱାରା ଦ୍ରବୀଭୂତ ( ହୃଦୟ )—(heart) Moistened; made soft or overflowing with the sentiment of devotion.

ଭକ୍ତିପ୍ଲୁତ—ସଂ. ବଣ—ଭକ୍ତିଦ୍ୱାରା ପୂର୍ଣ୍ଣ ( ହୃଦୟ )—( heart )
Bhakti pluta Overflowing with devotion
( ଭକ୍ତିପ୍ଲାବିତ—ଅନ୍ୟରୂପ )

ଭକ୍ତିବାଦ—ସଂ. ବି—ଜ୍ଞାନମାର୍ଗ ଓ କର୍ମମାର୍ଗ ଅପେକ୍ଷା ଭକ୍ତିମାର୍ଗ
Bhakti bāda ଉତ୍କୃଷ୍ଟ ଏହା ପ୍ରତିପାଦନ—The exposition of the theory that devotion is higher than either knowledge or action.

ଭକ୍ତିବିଭେଦ—ଦେ. ବଣ—ଯାହା ଭକ୍ତି ବିଷୟକୁ ବିଭେଦ କରିଅଛି
Bhakti bibheda ଅର୍ଥାତ୍ ବିଷଦଭାବରେ ବ୍ୟାଖ୍ୟା କରି ବୁଝାଇ ଦେଇଅଛି—Fully explaining the subject of devotion. ( ଉ—ଅରମ୍ଭ କଲି ଏ ଭଣିତ, ଭକ୍ତିବିଭେଦ ଭାଗବତ—ଭୂପତି. ପ୍ରେମପଞ୍ଚାମୃତ । )

ଭକ୍ତିଭାଜନ—ସଂ. ବଣ. ପୁଂ. ସ୍ତ୍ରୀ ( ୬ଷ୍ଠୀ ତତ୍ )—ଭକ୍ତିର ପାତ୍ର; ଯାହାଙ୍କୁ
Bhakti bhājana ଭକ୍ତି କରିବା କର୍ତ୍ତବ୍ୟ; ଶ୍ରଦ୍ଧାସ୍ପଦ—Deserving of respect; adorable; reverend.

ଭକ୍ତିଭାବ—ସଂ.ବି—ଦେବତାବିଷୟିଣୀ ରତି;ଗୁରୁଜନଙ୍କ ପ୍ରତି ଅନୁରାଗ—
Bhakti bhāba Religion devotion; respect for elders.

ଭକ୍ତିମନ୍ତ—ଦେ. ବଣ ( ସଂ. ଭକ୍ତିମତ୍ ଶବ୍ଦ )—ଭକ୍ତିମାନ୍—
Bhaktimanta Devoted; devout; regardful.
ভক্তিমন্ত भक्तिमन्त

ଭକ୍ତିମାନ୍—ସଂ. ବଣ. ପୁଂ ( ଭକ୍ତି+ଅସ୍ତି ଅର୍ଥରେ ମତ୍; ୧ମା. ୧ବ )—
Bhaktimān ଭକ୍ତିଶୀଳ—Devoted; devout.
( ଭକ୍ତିମତୀ—ସ୍ତ୍ରୀ )

ଭକ୍ତିମୂଳକ—ସଂ. ବଣ ( ବହୁବ୍ରୀହି; ଭକ୍ତି+ମୂଳକ )—ଯାହା ଭକ୍ତି-
Bhaktimūlaka ରସରେ ପୂର୍ଣ୍ଣ; ଭକ୍ତିରସଦ୍ୱାରା ପ୍ରଣୋଦିତ—Prompted by devotion; proceeding from heart's devotion.

ଭକ୍ତିଯୋଗ—ସଂ. ବି—୧ । କେବଳ ଭକ୍ତିମାର୍ଗ ଅବଲମ୍ବନପୂର୍ବକ
Bhakti joga ଭଗବତ୍‌ପ୍ରାପ୍ତିରୂପ ସାଧନା—1. Following the mode of attaining God through devotion. ୨ । ଭକ୍ତିମାର୍ଗଦ୍ୱାରା ଭଗବାନଙ୍କ ଆରାଧନା—2. Praying to God through devotion.

ଭକ୍ତିରସ—ସଂ. ବି—ଭକ୍ତିରୂପ ଅନୁରାଗ ଭାବ—The sentiment
Bhakti rasa of devotion; sense of devotion

ଭକ୍ତିଲ—ସଂ. ବଣ. ପୁଂ ( ଭକ୍ତି+ଲ )—ଭକ୍ତିଦାତା ( ହି. ଶ. )
Bhaktila ( ଦେଖ )—Bhaktidātā ( See ) ସଂ. ବି—
(ଭକ୍ତିଲା—ସ୍ତ୍ରୀ) ଉତ୍ତମ ଘୋଡ଼ା ( ହି. ଶବ୍ଦସାଗର )—A good horse

ଭକ୍ତିଲୋକ—ଦେ. ବି—ଭକ୍ତ—A devotee. [ ଉ—କୃଷ୍ଣରେ
Bhakti loka ভক্ত ରତନ୍ତି ଯେ ଜନ, ସେ ସଦା ଭକ୍ତିଲୋକ ଜାଣ—ବୃନ୍ଦାବତୀ ଦାସୀ. ପୂର୍ଣ୍ଣତମ ଚନ୍ଦ୍ରୋଦୟ । ]

ଭକ୍ତିଶୂନ୍ୟ—ସଂ. ବଣ ( ୩ୟା ତତ୍ )—୧ । ଯାହାର ଭକ୍ତି ନ ଥାଏ—
Bhakti śūnya 1. Devoid of the sentiment of devotion; lacking piety. ୨ । ଅଭକ୍ତ—2. Impious.
ଭକ୍ତିହୀନ
ଭକ୍ତିରହିତ } ଅନ୍ୟରୂପ
ଭକ୍ତିବର୍ଜିତ

ଭକ୍ତିସଞ୍ଚାର—ସଂ. ବି ( ୬ଷ୍ଠୀ ତତ୍ )—ହୃଦୟରେ ଭକ୍ତିଭାବର ବା
Bhakti sanchāra ଭକ୍ତିରସର ଉଦୟ—The rising of the sentiment of devotion in a person's mind.
ଭକ୍ତ୍ୟୁଦ୍‌ଗମ
ଭକ୍ତ୍ୟୁଦ୍ରେକ } ଅନ୍ୟରୂପ

ଭକ୍ତିସୂଚକ—ସଂ. ବଣ—ଯାହାଦ୍ୱାରା ଅନୁରାଗ ଭକ୍ତି ସୂଚିତ ହୁଏ—
Bhakti sūchaka Indicating the sentiment of devotion.

ଭକ୍ତିସୂତ୍ର—ସଂ. ବି—ଶାଣ୍ଡିଲ୍ୟ ମୁନିଙ୍କ ରଚିତ ବୈଷ୍ଣବ ସମ୍ପ୍ରଦାୟର ଭକ୍ତି
Bhakti sūtra ବିଷୟକ ସୂତ୍ରଗ୍ରନ୍ଥ ( ହି. ଶ )—Name of a treatise on devotion by sage Śāndilya.

ଭକ୍ତୋପସାଧକ—ସଂ. ବି. ପୁଂ ( ୬ଷ୍ଠୀ ତତ୍; ଭକ୍ତ+ଉପସାଧକ )—
Bhaktopasādhaka ୧ । ପାଚକ; ସୂପକାର ( ହି. ଶ )—
( ଭକ୍ତୋପସାଧିକା—ସ୍ତ୍ରୀ ) 1. Cook. ୨ । ପରିବେଷକ ( ହି. ଶ. )—2. One who serves food; a waiter at table.

ଭକ୍ଷ ( ଧାତୁ )—ସ—ଭୋଜନ କରିବା; ଖାଇବା—
Bhaksh ( root ) To eat.

ଭକ୍ଷ—ସଂ. ବଣ ( ଭକ୍ଷ୍ ଧାତୁ+କର୍ମ. ଅ )—୧ । ଆହାର୍ଯ୍ୟ; ଅଦାନୀୟ;
Bhaksha ଭକ୍ଷ୍ୟ—1. To be eaten; eatable. ୨ । ( ଅଭକ୍ଷ—ବିପରୀତ ) ଯାହା ଖାଇବାର ଉଚିତ—2. Fit to be taken. ବି—୧ । ଖାଦ୍ୟଦ୍ରବ୍ୟ—1. Food. [ ଉ—ଭକ୍ଷ ଦେଲା ବହି ମୋ ପୁତ୍ର ପକ୍ଷୀଙ୍କୁ—କୃଷ୍ଣସିଂହ. ମହାଭାରତ. ବନ । ] ୨ । ଯେଉଁ ଖାଦ୍ୟ ଖାଇବାର ଯୋଗ୍ୟ ବା ଉଚିତ—2. Fit or proper food. ୩ । ( + ଭାବ. ଅ ) ଭୋଜନ—3. Eating; taking meal. [ ଉ—ରାମ ସଙ୍ଗେ ଅସୁରୀ ବନ୍ଧୁ ସମର କରି ମୁନିଙ୍କି କରୁଥିଲା ଭକ୍ଷ—ବିଚିତ୍ର. ରାମାୟଣ । ]

ଭକ୍ଷକ—ସଂ. ବଣ. ପୁଂ ( ଭକ୍ଷ୍ ଧାତୁ+କର୍ତ୍ତୃ. ଅକ )—ଖାଦକ; ଭୋଜନ-
Bhakshaka କାରୀ—Eating. ( ଯଥା—ଗୋମାଂସଭକ୍ଷକ—
(ଭକ୍ଷିକା—ସ୍ତ୍ରୀ) ହେତୁଭକ୍ଷିଅ ( beef-eating), ନରଭକ୍ଷକ—ଯେ ନରମାଂସ ଖାଏ ( carnival ), ଜୀବ ଭକ୍ଷକ, ମାଂସ ଭକ୍ଷକ—ମାଂସାଶୀ ( carnivorous ), ଫଳ ଭକ୍ଷକ—ଫଳାହାରୀ ( vegetarian ) । )

ଭକ୍ଷକାର—ସଂ. ବି (ଭକ୍ଷ+କୃ ଧାତୁ+କର୍ତ୍ତୃ. ଅ )—ଗୁଡ଼ିଆ (ହି. ଶ)—
Bhaksha kāra Confectioner.

ଭକ୍ଷଣ—ସଂ. ବି ( ଭକ୍ଷ୍+ଭାବ. ଅନ )—ଭୋଜନ; ଖାଇବା—
Bhakshana Eating; partaking of food.

ଭକ୍ଷଣ କରିବା—ଦେ. କ୍ରି ( ସଂ. ଭକ୍ଷଣ )—ଖାଇବା; ଗିଳିବା—
Bhakshana karibā ভক্ষণ করা भक्षण करना To eat.

ଭକ୍ଷଣୀୟ—ସଂ. ବଣ ( ଭକ୍ଷ୍ ଧାତୁ+କର୍ମ. ଅନୀୟ )—ଭକ୍ଷଣ କରିବାର
Bhakhaniya ଯୋଗ୍ୟ—Eatable. ବି—ଖାଦ୍ୟଦ୍ରବ୍ୟ—Eatables; food.

**ଭକ୍ଷ ପାନ**—ଦେ. ବି (ଭକ୍ଷ + ପାନ)—୧ । ଆହାର—1. Food.
Bhaksha pāna [ ପ୍ର—ତାହାଙ୍କୁ କଲ୍ଲି ଭକ୍ଷପାନ । ଦେଖାଇ
खाद्यपान, अन्नपानी ବହୁତ ବିଧାନ—ପ୍ରାଚୀ. ନର୍ମଦାମାହାତ୍ମ୍ୟ । ]
୨ । ଭୋଜନ—2. Eating. ୩ । ଭୋଜନ ଓ ପାନ—
3. Eating and drinking. ୪ । ଖାଦ୍ୟଦ୍ରବ୍ୟ ଓ
ପାନୀୟଦ୍ରବ୍ୟ—4. Food and drink.

**ଭକ୍ଷ(କ୍ଷ୍ୟ) ଭୋଜନ**—ସଂ. ବି—ଭକ୍ଷ୍ୟଦ୍ରବ୍ୟ ଖାଇବା—Taking of
Bhaksha(kshya) bhojana proper food. ଦେ. ବି—
খাওয়া দাওয়া खाना पीना ୧ । ଉତ୍ସବାଦିରେ ଆପଣାର କୁଟୁମ୍ବ
ଓ ବନ୍ଧୁମାନଙ୍କୁ ଖାଇବାକୁ ଦେବା—1. Feeding of
one's kinsmen and relatives on ceremonial occasions. ୨ । ଜାତି ଭୋଜି—
2. Caste dinner. ୩ । ସାମାଜିକ ଅନୁଷ୍ଠାନରେ
ପରସ୍ପରଙ୍କ ଘରେ ଅନ୍ନଭୋଜନରୂପ ସମ୍ପର୍କ—
3. The relationship between two persons
of the same caste dining at each other's
house on ceremonial feasts.

**ଭକ୍ଷ(କ୍ଷ୍ୟ)ଭୋଜି(ଜୀ)**—ଦେ. ବି—ଯେଉଁ ବ୍ୟକ୍ତିମାନେ କୌଣସି
Bhaksha(kshya)bhoji(jī) ବ୍ୟକ୍ତିର ଘରେ ଉତ୍ସବାଦି
ভক্ষভোজী ସମୟରେ ନିମନ୍ତ୍ରିତ ହୋଇ ଅନ୍ନଭୋଜନ କରନ୍ତି;
ଜାତି ଭୋଜି—Persons who partake of
cooked food at a person's house on
occasions of caste-dinners. [ ଦ୍ର—ସାମାଜିକ
ଭୋଜିରେ ଆପଣା ଜ୍ଞାତି କୁଟୁମ୍ବ (kinsmen) ବନ୍ଧୁବାନ୍ଧବ
(realatives) ଙ୍କ ଛଡ଼ା ଏକଜାତୀୟ ଅନ୍ୟ ଯେଉଁ
ବ୍ୟକ୍ତିମାନଙ୍କୁ ଅନ୍ନଭୋଜନ ନିମନ୍ତେ ଡକାଯାଏ
ସେମାନଙ୍କୁ ଭକ୍ଷଭୋଜୀ ବୋଲଯାଏ । ]

**ଭକ୍ଷୟିତବ୍ୟ**—ସଂ. ବିଣ (ଭକ୍ଷ୍ ଧାତୁ + କର୍ମ. ତବ୍ୟ)—୧ । ଭକ୍ଷଣ-
Bhakshayitabya ଯୋଗ୍ୟ; ଭକ୍ଷ୍ୟ; ଭକ୍ଷଣୀୟ—
1. Edible. ୨ । ଯାହା ଖିଆଯିବ—2. To be
eaten.

**ଭକ୍ଷାଭକ୍ଷ**—ସଂ. ବି (ଭକ୍ଷ + ଅଭକ୍ଷ)—ଖାଦ୍ୟାଖାଦ୍ୟ; ଭକ୍ଷାଭକ୍ଷ୍ୟ; ଭକ୍ଷ ଓ
Bhakshā bhaksha ଅଭକ୍ଷଦ୍ରବ୍ୟ—Proper food and
improper food; food proper to be taken
and food forbidden by śāstric injunctions to be taken.

**ଭକ୍ଷାଶୀ**—ଦେ. ବି—୧ । ଭୋଜନପ୍ରିୟ—1. Fond of eating;
Bhakshāśi voracious. [ ପ୍ର—ଦ୍ୱିଜମାନେ ତ
ভোজনবিলাসী ଅଟନ୍ତି ଭକ୍ଷାଶୀ—କୃଷ୍ଣସିଂହ. ମହାଭାରତ. ସଭା ।]
୨ । ଭୋଜନାର୍ଥୀ—2. Desirous of taking a
meal.

**ଭକ୍ଷିତ**—ସଂ. ବିଣ (ଭକ୍ଷ୍ + କର୍ମ. ତ)—ଭୁକ୍ତ—
Bhakshita Eaten.

**ଭକ୍ଷିତବ୍ୟ**—ଦେ. ବିଣ (ସଂ. ଭକ୍ଷୟିତବ୍ୟ)—ଭକ୍ଷୟିତବ୍ୟ (ଦେଖ)—
Bhakshitabya Bhakshayitabya (See).
[ ଦ୍ର—ମନିଅରଉଇଲିଅମ୍ସଙ୍କ ଇଂରେଜୀ ଅକ୍ଷରରେ ମୁଦ୍ରିତ
ସଂସ୍କୃତ କୋଷରେ ଓ ଅପ୍ଟେଙ୍କ କୋଷରେ 'ଭକ୍ଷୟିତବ୍ୟ',
ଭକ୍ଷ୍ୟ' ଶବ୍ଦ ଅଛି; ମାତ୍ର 'ଭକ୍ଷିତବ୍ୟ' ରୂପ ନାହିଁ ।
ସଂସ୍କୃତରେ ଭକ୍ଷିତବ୍ୟ ଶବ୍ଦର ବ୍ୟବହାର ମିଳୁନାହିଁ । ]

**ଭକ୍ଷିବା**—ଦେ. (ପଦ୍ୟ) କ୍ରି (ସଂ. ଭକ୍ଷ୍ ଧାତୁ)—ଖାଇବା—
Bhakshibā To eat. [ ପ୍ର—ନାନାଜାତିର ଭକ୍ଷ୍ୟମାନଙ୍କୁ
ভক্ষা भखना ଭକ୍ଷିଲେ—କୃଷ୍ଣସିଂହ ମହାଭାରତ. ଅଦି । ]

**ଭକ୍ଷୀ**—ସଂ ବିଣ. ପୁଂ (ଭକ୍ଷ୍ ଧାତୁ + କର୍ତ୍ତୃ. ଇନ୍; ୧ମା ୧ବ)—
Bhakshī ଭକ୍ଷଣକାରୀ—Eating.
(ଭକ୍ଷିଣୀ—ସ୍ତ୍ରୀ)

**ଭକ୍ଷ୍ୟ**—ସଂ. ବିଣ [ ଭକ୍ଷ୍ ଧାତୁ + କର୍ମ. ଯ ]—୧ । ଭକ୍ଷଣୀୟ; ଖାଦ୍ୟ—
Bhakshya 1. Eatable. ୨ । ଭୋଜନ କରିବାର
ବିପରୀତ—ଅଭକ୍ଷ୍ୟ ଉପଯୁକ୍ତ ବା ଯୋଗ୍ୟ—2. Fit or
proper to be eaten. [ ପ୍ର—ପଞ୍ଚଏ ସାହା
ମୋର ନ କରନ୍ତୁ ଭକ୍ଷ—କୃଷ୍ଣସିଂହ ମହାଭାରତ. ବନ ] ।
ବି—୧ । ଖାଦ୍ୟଦ୍ରବ୍ୟ—1. Food. ୨ । ଅନିଷିଦ୍ଧ
ଖାଦ୍ୟ—2. Unforbidden food.

**ଭକ୍ଷ୍ୟ କରିବା**—ଦେ.କ୍ରି [ସଂ. ଭକ୍ଷ]—ଭକ୍ଷଣ କରିବା; ଉଦରସ୍ଥ କରିବା-
Bhakshya karibā To eat up. [ ପ୍ର—
ভক্ষকরা भखना ତାହାର ନାହିଁ ପକ୍ଷାପକ୍ଷ. ସକଳ
କରଇ ସେ ଭକ୍ଷ—ଭାଗବତ. ଷଷ୍ଠ ସ୍କନ୍ଧ । ]

**ଭକ୍ଷ୍ୟକାର**—ସଂ. ବି (ଭକ୍ଷ୍ୟ + କୃ + କର୍ତ୍ତୃ. ଅ)—୧ । ଯେ ଖାଦ୍ୟଦ୍ରବ୍ୟ
Bhakshyakāra ପ୍ରସ୍ତୁତ କରେ—1. One who cooks
food. ୨ । ହୋଟେଲ୍‌ବାଲା—2. Hotel-keeper. ୩ । ଅପୂପିକ; ପିଷ୍ଟକବିକ୍ରେତା—
3. A seller of cakes. ୪ । ଗୁଡ଼ିଆ—
4. Confectioner.

**ଭକ୍ଷ୍ୟ ଦ୍ରବ୍ୟ**—ସଂ. ବି (କର୍ମଧା; ଭକ୍ଷ୍ୟ + ଦ୍ରବ୍ୟ)—୧ । ଖାଦ୍ୟଦ୍ରବ୍ୟ—
Bhakshya drabya 1. Food. ୨ । ଭୋଜନସାମଗ୍ରୀ—
2. Victuals. ୩ । ଭୋଜ୍ୟଦ୍ରବ୍ୟ—3. Proper
food.

**ଭକ୍ଷ୍ୟାବଶିଷ୍ଟ**—ସଂ. ବିଣ [ ୬ଷ୍ଠୀ ତତ୍ ]—ଭୁକ୍ତାବଶିଷ୍ଟ; ଉଚ୍ଛିଷ୍ଟ;
Bhakshyābaśishta ଅଇଠା—Left after
meals; left at the table.

**ଭକ୍ଷ୍ୟାବଶେଷ**—ସଂ. ବି—ଭୁକ୍ତାବଶିଷ୍ଟଦ୍ରବ୍ୟ—
Bhakshyābaśesha Leavings of a dinner.

**ଭକ୍ଷ୍ୟାଭକ୍ଷ୍ୟ**—ସଂ. ବିଣ (ଦ୍ୱନ୍ଦ୍ୱ)—ଖାଦ୍ୟାଖାଦ୍ୟ ବସ୍ତୁ—
Bhakshyābhakshya Proper and improper food.

**ଭକ୍ଷ୍ୟାଭକ୍ଷ୍ୟ ବିଚାର**—ସଂ. ବି—ଖାଦ୍ୟ ଦ୍ରବ୍ୟ ଓ ଅଖାଦ୍ୟ ଦ୍ରବ୍ୟ
Bhakshyābhakshya bichāra ସମ୍ବନ୍ଧେ ବିବେଚନା—
Consideration of what food is proper
and what food is not proper to be
taken.

ଭକ୍ଷିବା—ଦେ. କ୍ରି ( ସ. ଭକ୍ଷ୍ ଧାତୁ )—ଖାଇବା—To eat.
Bhakhibā [ଦ୍ର—ଜୀବନ ରକ୍ଷିବାକୁ ଭକ୍ଷିଲେ ମାଂସ
ଭଖା ଭଖନା ବାତ—କୃଷ୍ଣସିଂହ. ମହାଭାରତ. ବନ ।]

ଭଖେନ—ପ୍ରାଦେ ( ସମ୍ବଲପୁର )—ଚ—ଢଗ—
Bhakhen A popular saying.

ଭଖେନ ମାରିବା—ପ୍ରାଦେ ( ସମ୍ବଲପୁର )—କ୍ରି—ଢଗ ମେଲିବା—
Bhakhen mārbā To utter a popular saying.

ଭଗ—ସ. ବି—(ଭଜ୍ ଧାତୁ=ଭଜନା କରିବା; ସେବା କରିବା +କର୍ମ.
Bhaga ଅ (ଗ)—୧ । ଯୋନି; ସ୍ତ୍ରୀଚିହ୍ନ—1. Vagina; vulva. ୨ । ଷଡ଼ୈଶ୍ୱର୍ଯ୍ୟ (ଯଥା—ଐଶ୍ୱର୍ଯ୍ୟ, ବୀର୍ଯ୍ୟ, ଯଶଃ, ଶ୍ରୀ, ଜ୍ଞାନ ଓ ବୈରାଗ୍ୟ )—2. Glory; halo; divinity. ୩ । ଜ୍ଞାନ—3. Wisdom; knowledge. ୪ । ବୈରାଗ୍ୟ—4. Absence of concern with worldly matters. ୫ । ଶ୍ରୀ; ଲକ୍ଷ୍ମୀ; ସୌଭାଗ୍ୟ—5. Prosperity, affluence. ୬ । ଯଶଃ—6. Renown; fame. ୭ । ସୌନ୍ଦର୍ଯ୍ୟ—7. Beauty; charm. ୮ । ଉତ୍କର୍ଷ—8. Excellence. ୯ । ମାହାତ୍ମ୍ୟ—9. Greatness. ୧୦ । ଶକ୍ତି ବା ବୀର୍ଯ୍ୟ—10. Power; might. ୧୧ । ଧର୍ମ—11. Religion; law. ୧୨ । ମୋକ୍ଷ; ମୁକ୍ତି—12. Salvation; beatitude. ୧୩ । ଗୁହ୍ୟ ଦେଶ—13. Anus. ୧୪ । ଚେଷ୍ଟା; ଯତ୍ନ—14. Care; effort. ୧୫ । ଇଚ୍ଛା—15. Desire; wish; intention. ୧୬ । ଦ୍ୱାଦଶାଦିତ୍ୟ ମଧ୍ୟରୁ ଏକତମ—16. One of the twelve shining deities. ୧୭ । ସୂର୍ଯ୍ୟ—17. The sun. ୧୮ । ଚନ୍ଦ୍ର—18. The moon. ୧୯ । ପୂର୍ବଫାଲ୍‌ଗୁନୀ ନକ୍ଷତ୍ର—19. The eleventh asterism. ୨୦ । ଯତ୍ନ—20. Care.

ଭଗଣ—ସ. ବି—୧ । (ଭ=ନକ୍ଷତ୍ର+ଗଣ=ସମୂହ)—ମେଷାଦି ଦ୍ୱାଦଶ
Bhagaṇa ରାଶିର ଚକ୍ରଅନ୍ତେ କୌଣସି ଗ୍ରହର ଥରେ ମାତ୍ର ଭ୍ରମଣ; ଖଗୋଳରେ କୌଣସି ଗ୍ରହର ଥରେ ଘୂରିବା—The revolution of a planet round the 12 signs of the zodiac. ୨ । (ଛନ୍ଦଃଶାସ୍ତ୍ର) ଆଦ୍ୟବର୍ଣ୍ଣ ଗୁରୁ ଓ ଅନ୍ତ୍ୟ ୨ ବର୍ଣ୍ଣ ଲଘୁଥିବା ଗଣ (ଯଥା—ପାଠକ, ଭୋଜନ)—2. (Prosody) A triplet whose first letter is long and subsequent 2 letters are short.

ଭଗତ—ଦେ. ବି—୧ । ଲୋକଙ୍କୁ ଦିଆଯିବା ନାମ—1. Name
Bhagata given to persons. ୨ । ଭକତ (ଦେଖ)—
ଭଗତ ଭଗତ 2. Bhakata (See).

ଭଗଦତ୍ତ—ସ. ବି (ନାମ)—୧ । ପ୍ରାଗ୍‌ଜ୍ୟୋତିଷପୁର; (କାମରୂପ)ର
Bhagadatta ଅଧିପତି ନରକ ବା ନରକାସୁର ରାଜାର ଜ୍ୟେଷ୍ଠ ପୁତ୍ର—1. The name of a king; the son of Narakāsura. [ଦ୍ର—ଯୁଧିଷ୍ଠିରଙ୍କ ରାଜସୂୟ ସମୟରେ ୮ ଦିନ ଯୁଦ୍ଧପରେ ଏ ଅର୍ଜୁନଙ୍କ ଦ୍ୱାରା ପରାଜିତ ହୋଇ ଥିଲେ । ମହାଭାରତ ଯୁଦ୍ଧରେ ଏ କୌରବଙ୍କ ପକ୍ଷରେ ଯୁଦ୍ଧ କରି ଅର୍ଜୁନଙ୍କ ଦ୍ୱାରା ନିହତ ହୋଇଥିଲେ—ହି. ଶ ] ୨ । ଦୁର୍ଯ୍ୟୋଧନର ପତ୍ନୀ ଭାନୁମତୀର ପିତା—2. Father of Bhānumati, the wife of Durjyodhana. (ଦ୍ର—ଭଗଦତ୍ତ ଆଦି ଯେତେକ ଋଷି. ଡାକିଲେ ସେ ଭୂମିର ଶଙ୍କରର ଖାସ୍ତ । କୃଷ୍ଣସିଂହ. ମହାଭାରତ. ବନ ।)

ଭଗନ—ଗ୍ରା. ବିଣ (ପଦ୍ୟ) (ସ. ଭଗ୍ନ)—ଭଗ୍ନ—Broken. (ଦ୍ର—
Bhagana ବଧାରେ ସେ ସାନୁମାନ ଶତ ଯୋଜନ ଭଗନ ମୁଷ୍ଟି
ଭଗନ ପ୍ରହାରେ ତାହାକୁ ମାର ସେ । ବୈଦେହୀଶବିଳାସ)—୧ । ଭାଙ୍ଗିଯିବା; ଭଙ୍ଗ—1. Breaking. ୨ । ବାଧା—2. Obstruction.

ଭଗନ କରିବା—ଗ୍ରା. କ୍ରି (ସ. ଭଗ୍ନ)—୧ । ଭାଙ୍ଗିବା—1. To
Bhagana karibā break. ୨ । ବାଧା ଦେବା—2. To
ଭଗ୍ନ କରନା interrupt; to baffle. [ଦ୍ର—ଆଶା ଭଗନ କଲେ ଗର୍ଭହତ୍ୟା ଦୋଷ, କରୁଛନ୍ତି ଋଷିଏ ଶାସ୍ତ୍ରରେ ପ୍ରକାଶ—କୃଷ୍ଣସିଂହ. ମହାଭାରତ. ଶାନ୍ତି ।]

ଭଗନ୍ଦର—ସଂ ବି—[ଭଗ=(ଗୁହ୍ୟଦ୍ୱାରକୁ)+ଦୃ ଧାତୁ (ବିଦାର୍ଣ୍ଣ କରିବା+
Bhagandara ଅ]—ମଳଦ୍ୱାରରେ ବ୍ରଣ ବା କ୍ଷତ—Anal fistula; fistula in ano. [ଦ୍ର—ଏହା ଗୁହ୍ୟଦ୍ୱାରର ବା ଗୁହ୍ୟଦ୍ୱାରର ବାହାରେ ଜନ୍ମେ । ଏ ବ୍ରଣ ନ ଫୁଟିଯିବା ପର୍ଯ୍ୟନ୍ତ ଏହାକୁ ପୀଡ଼କା ବୋଲଯାଏ ଓ ଫୁଟିଗଲେ ଭଗନ୍ଦର ବୋଲଯାଏ । ଏ ବ୍ରଣ ଫୁଟିଗଲେ ନାଳିଆ ଫେଣ ଓ ପୂଜ ବାହାରେ ଓ ଛିଦ୍ର ଗଭୀର ହୋଇଗଲେ ମଳ ଓ ମୂତ୍ର ମାର୍ଗ ସଙ୍ଗେ ମିଳିଯାଏ—ହି. ଶ ]

ଭଗବତ—ଗ୍ରା. ବି. (ସଂ. ଭଗବତ୍ ଶବ୍ଦ)—୧ । ଭଗବାନ୍—1. God.
Bhagabata (ଦ୍ର—ମହିମା ତୋହର ଅନନ୍ତ, ନମସ୍ତେ ବ୍ରହ୍ମ ଭଗବତ । ଭାଗବତ. ୧୨ଶ ସ୍କନ୍ଧ ।) ୨ । ଭାଗବତ
ଭଗବନ୍ତ (ଦେଖ)—2. Bhāgabata (See)

ଭଗବତ ଗାଦି(ଦୀ)—ଗ୍ରା. ବି—ଭାଗବତ ଗାଦି; ଭାଗବତ ଓ
Bhagabata gadi(dī) ଅନ୍ୟାନ୍ୟ ଧର୍ମଗ୍ରନ୍ଥ ଓ ତାଳପତ୍ର ପୋଥି ଆଦି ରଖାଯାଇ ପୂଜା କରା ଯାଉଥିବା ଅସ୍ଥାନ—A heap of Bhāgabat books kept together and worshipped.
ଭାଗବତଗୋସାଇଁ, ଭାଗବତଗାଦି, ଗାଦିଗୋସାଇଁ } ଅନ୍ୟରୂପ
[ ଦ୍ର—ବଙ୍ଗଦେଶରେ ଭାଗବତ ଗାଦି, ଭାଗବତ ଗାଦିର ପୂଜା ଓ ଭାଗବତ ଘର ପ୍ରଥା ନାହିଁ ।

ଭଗବତ ଘର—ଗ୍ରା. ବି—୧ । ଭାଗବତ ଘର; ଯେଉଁ ଘରେ ଭାଗବତ
Bhagabata ghara ପୋଥି ରଖା ଯାଇ ପୂଜା କରାଯାଏ—1. A room where Bhāgabat books are kept and worshipped.
ଭଗବତ ଟୁଙ୍ଗି [ଙ୍ଗୀ], ଭାଗବତ ଟୁଙ୍ଗି } —ଅନ୍ୟରୂପ
୨ । ଗ୍ରାମରେ ଥିବା ସାଧାରଣ ଗୃହ, ଯେଉଁଠାରେ ଭାଗବତ ଗାଦି ଥାଏ ଓ ଯେଉଁଠାରେ ସନ୍ଧ୍ୟାବେଳେ ପୁରାଣପାଠ ହୁଏ—

2. A common room of a village where Bhāgabata books are worshipped and read every day or often. [ଦ୍ର—ଏହା ଉତ୍କଳୀୟ ଗ୍ରାମମାନଙ୍କର ବିଶେଷତ୍ୱ । ପ୍ରାୟ ପ୍ରତ୍ୟେକ ସକ୍ଷମ ହିନ୍ଦୁ ଗୃହସ୍ଥଙ୍କର ଘରେ ଭାଗବତ ଗାଦି ଅଛନ୍ତି । ଏ ଭାଗବତ ଗାଦିରେ ଭାଗବତ ଓ ଅନ୍ୟାନ୍ୟ ପୁରାଣମାନ ମଧ୍ୟ ଥାଏ ଓ ପ୍ରତିଦିନ ଏ ଗାଦିକୁ ନୈବେଦ୍ୟାଦିଦ୍ୱାରା ପୂଜା କରାଯାଏ । ପ୍ରତି ଗ୍ରାମରେ ଗୋଟିଏ ସ୍ୱତନ୍ତ୍ର ଘର ଥାଏ, ସେ ଘରେ ଭାଗବତ ଗାଦି ପୂଜା କରାଯାଏ ଓ ପ୍ରତିଦିନ ସନ୍ଧ୍ୟାବେଳେ ସେଠାରେ ପୁରାଣପାଠ ବେଳେ ଅନେକ ଗ୍ରାମବାସୀ ଜୁଣ୍ଡ ହୋଇ ଭାଗବତ ଶୁଣନ୍ତି ଓ ଆଗନ୍ତୁକ ଅତିଥିମାନେ ମଧ୍ୟ ସେଠାରେ ଆଶ୍ରୟ ପାଆନ୍ତି ।]

ଭଗବତ୍(ତ)ଗି(ଗୀ)ତା—ଦେ. ବି—[ସଂ. ଭଗବଦ୍ ଗୀତା]—ଭଗବଦ୍ ଗୀତା (ଦେଖ)
Bhagabat (ta) gi (gī) tā — Bhagabad gitā (See)

ଭଗବତୀ—ସଂ. ବି. ସ୍ତ୍ରୀ (ଭଗବତ୍+ସ୍ତ୍ରୀ. ଈ)—୧ । ଦୁର୍ଗା—
Bhagabatī 1. Goddess Durgā ୨ । ଦୁର୍ଗା—2. Durgā. ୩ । ସରସ୍ୱତୀ (ହି. ଶ)—3. Saraswatī. ୪ । ଗଙ୍ଗା [ହି·ଶ]—4. The Ganges [personified] ଦେ. ବି—ପୁରୀ ଜିଲ୍ଲା ବାଣପୁରରେ ବିରାଜିତା ପ୍ରସିଦ୍ଧ ଦୁର୍ଗା ପ୍ରତିମା—An idol of Durgā at Banpur in the Puri district. [ଦ୍ର—ସନ୍ନିଧି ଲଭିଣ ଭଗବତୀଙ୍କର । ରାଧାନାଥ ।] [ଦ୍ର—ଏ ପାରିକୁଦ ରାଜପରିବାରଙ୍କ ଇଷ୍ଟଦେବତା । ଅତୀତ ପାରିକୁଦ ଓ ବାଣପୁରର ଏକ ରାଜା ଥିଲେ । ଏହାଙ୍କର ଦେବୋତ୍ତର ସମ୍ପତ୍ତି ଅତି ବୁଝା ସୁଝା କରିବା ନିମନ୍ତେ କଟକର ଜିଲ୍ଲା ଜଜ ସାହେବଙ୍କ ନିଯୁକ୍ତ ଗୋଟିଏ କମିଟି ଅଛି ।]

ଭଗବତ୍ ପ୍ରେମ—ସଂ. ବି—(୬ଷ୍ଠୀ ତତ୍)—ଭଗବଦ୍ ଭକ୍ତି—
Bhagabat-prema Devotion to God.

ଭଗବତ୍ ପ୍ରେମିକ—ସଂ. ବି. ପୁଂ—ଭଗବଦ୍ ଭକ୍ତ; ଭଗବାନଙ୍କଠାରେ ପ୍ରେମଯୁକ୍ତ—Devoted,
Bhagabat premika
(ଭାଗବତ ପ୍ରେମୀ—ଅନ୍ୟରୂପ)
ଭାଗବତ ପ୍ରେମିକା, ଭାଗବତ ପ୍ରେମିଣୀ—ସ୍ତ୍ରୀ

ଭଗବନ୍ତ—ଗ୍ରା. ବିଣ ( ସଂ. ଭଗବତ୍ )—ପୂଜ୍ୟ—Adorable. ବି—
Bhagabanta ଭଗବାନ୍, ଈଶ୍ୱର; ବିଷ୍ଣୁ—God; Bishnu.
( ଉ—ନିର୍ଗୁଣ ଆତ୍ମା ଗୁଣବନ୍ତ, ନମସ୍ତେ ପ୍ରଭୁ ଭଗବନ୍ତ । ଭାଗବତ. ୧୦ମ । )

ଭଗବଦ୍ ଗୀତା—ସଂ. ବି ( ମ. ପ. ଲୋ; ଭଗବତ୍=ଭଗବାନଙ୍କ ମୁଖୋଚ୍ଚାରିତ+ଗୀତା )—କୁରୁକ୍ଷେତ୍ର ଯୁଦ୍ଧ-
Bhagabad gitā
କ୍ଷେତ୍ରରେ ଯୁଦ୍ଧାର୍ଥ ଉପସ୍ଥିତ ଅର୍ଜୁନ ଓ ତାଙ୍କ ସାରଥି ଶ୍ରୀକୃଷ୍ଣଙ୍କ ମଧ୍ୟରେ ପ୍ରଶ୍ନୋତ୍ତର ଛଳରେ ଜ୍ଞାନଯୋଗ, ଭକ୍ତିଯୋଗ ଓ କର୍ମଯୋଗ ସମ୍ବନ୍ଧୀୟ ପାରମାର୍ଥିକ ତତ୍ତ୍ୱ-ଉପଦେଶ—Bhagabatgīta ( Lit. Lord's Hymns ) a spiritual desertation on the principles of Hindu religion emanating from the mouth of Sreekṛushṇa and addressed to Arjuna. [ ଦ୍ର—ଏହା ମହାଭାରତର ଭୀଷ୍ମପର୍ବର ଅନ୍ତର୍ଗତ; ଏହା ଉପନିଷଦ ବା ବେଦାନ୍ତର ସାରାଂଶ । ଅର୍ଜୁନ ସମରପ୍ରାଙ୍ଗଣରେ ଉପସ୍ଥିତ ହୋଇ ଅପର ପକ୍ଷରେ ଯୁଦ୍ଧାର୍ଥ ସଜ୍ଜିତ ଆପଣାର ଭାଇ ବନ୍ଧୁ କୁଟୁମ୍ବଙ୍କୁ ଦେଖି ରାଜ୍ୟଲାଭାର୍ଥ ଏମାନଙ୍କୁ ହତ୍ୟା କରିବାକୁ ଉଦ୍ୟତ ହେଉଅଛନ୍ତି ଏହା ଭାବି ଯୁଦ୍ଧ କରିବେ ନାହିଁ ବୋଲି ଅସ୍ତ୍ରତ୍ୟାଗ କରି ବିଷଣ୍ଣ ହେଲେ । ଅର୍ଜୁନଙ୍କର ସାରଥି ଶ୍ରୀକୃଷ୍ଣ ସେହିଠାରେ ଅର୍ଜୁନଙ୍କୁ ଉପଦେଶ ପ୍ରଦାନପୂର୍ବକ ଅର୍ଜୁନଙ୍କ ମୋହ ଦୂର କରି କର୍ତ୍ତବ୍ୟସାଧନାର୍ଥ ନିର୍ଲିପ୍ତ-ଭାବରେ ଯୁଦ୍ଧ କରିବାକୁ ପ୍ରବର୍ତ୍ତାଇଥିଲେ । ଏଥିର ଶେଷ ସିଦ୍ଧାନ୍ତ ଏହି କି ମନୁଷ୍ୟ ନିଜର କର୍ତ୍ତବ୍ୟ ସାଧନ ନିମନ୍ତେ ନିର୍ଲିପ୍ତଭାବରେ ସଂସାରରେ କର୍ମକ୍ଷେତ୍ରରେ କର୍ମସାଧନ କରି ନିଜ ଜୀବନକୁ ଚରିତାର୍ଥ କରିବ ଓ ସମସ୍ତ କର୍ମର ଫଳ ଈଶ୍ୱରଙ୍କଠାରେ ଅର୍ପଣ କରିବ । ଏ ଗ୍ରନ୍ଥ ୧୮ ଅଧ୍ୟାୟରେ ବିଭକ୍ତ । ପ୍ରତ୍ୟେକ ଅଧ୍ୟାୟ ଗୋଟିଏ ଲେଖାଏଁ ଯୋଗ ବୋଲି ଅଭିହିତ ହୋଇଅଛି । ହିନ୍ଦୁ ଧର୍ମର ସମସ୍ତ ଜ୍ଞାତବ୍ୟ ବିଷୟ ଏହି ୧୮ ଅଧ୍ୟାୟରେ ସଂକ୍ଷିପ୍ତ ଓ ପ୍ରାଞ୍ଜଳ-ଭାବରେ ସନ୍ନିବେଶିତ ହୋଇଅଛି ଓ ଏହା ବ୍ରହ୍ମବିଦ୍ୟା ବା ଯୋଗଶାସ୍ତ୍ର ଅଟେ ।

୧ମ ଅଧ୍ୟାୟ—ଅର୍ଜୁନବିଷାଦ ଯୋଗ, ୨ୟ ଅଧ୍ୟାୟ—ସାଂଖ୍ୟ ଯୋଗ, ୩ୟ ଅଧ୍ୟାୟ—କର୍ମଯୋଗ; ୪ର୍ଥ ଅଧ୍ୟାୟ—କର୍ମବ୍ରହ୍ମାର୍ପଣ ଯୋଗ, ୫ମ ଅଧ୍ୟାୟ—କର୍ମସନ୍ନ୍ୟାସ ଯୋଗ, ୬ଷ୍ଠ ଅଧ୍ୟାୟ—ଆତ୍ମସଂଯମ ଯୋଗ, ୭ମ ଅଧ୍ୟାୟ—ଜ୍ଞାନ-ବିଜ୍ଞାନ ଯୋଗ, ୮ମ ଅଧ୍ୟାୟ ଅକ୍ଷର ବ୍ରହ୍ମଯୋଗ, ୯ମ ଅଧ୍ୟାୟ—ରାଜବିଦ୍ୟା ରାଜଗୁହ୍ୟ ଯୋଗ, ୧୦ମ ଅଧ୍ୟାୟ—ବିଭୂତି ଯୋଗ, ୧୧ଶ ଅଧ୍ୟାୟ—ବିଶ୍ୱରୂପଦର୍ଶନ ଯୋଗ, ୧୨ଶ ଅଧ୍ୟାୟ-ଭକ୍ତି ଯୋଗ, ୧୩ଶ ଅଧ୍ୟାୟ—କ୍ଷେତ୍ରକ୍ଷେତ୍ରଜ୍ଞବିଭାଗ ଯୋଗ, ୧୪ଶ ଅଧ୍ୟାୟ—ଗୁଣତ୍ରୟବିଭାଗ ଯୋଗ, ୧୫ଶ ଅଧ୍ୟାୟ—ପୁରୁଷୋତ୍ତମ ଯୋଗ, ୧୬ଶ ଅଧ୍ୟାୟ—ଦୈବାସୁର ସମ୍ପଦ୍ବିଭାଗ ଯୋଗ, ୧୭ଶ ଅଧ୍ୟାୟ—ଶ୍ରଦ୍ଧାତ୍ରୟ-ବିଭାଗ ଯୋଗ, ୧୮ଶ ଅଧ୍ୟାୟ—ସନ୍ନ୍ୟାସ ଯୋଗ ।

ହିନ୍ଦୁ ଧର୍ମଗ୍ରନ୍ଥମାନଙ୍କ ମଧ୍ୟରୁ ଅଧୁନିକ ଶିକ୍ଷିତମାନଙ୍କ ମଧ୍ୟରେ ଏ ଗ୍ରନ୍ଥପରି ଅନ୍ୟ କୌଣସି ଗ୍ରନ୍ଥ ଏତେ ଆଦୃତ ନୁହେ । ଏ ଗ୍ରନ୍ଥକୁ ମୁସଲମାନ ଓ ଖ୍ରୀଷ୍ଟାନମାନେ ମଧ୍ୟ ଆଦର କରନ୍ତି ଏବଂ ୟୁରୋପ ଆମେରିକା ଆଦି ଦେଶରେ ମଧ୍ୟ ଏ ଗ୍ରନ୍ଥର ସହସ୍ର ସହସ୍ର ଭକ୍ତ ଅଛନ୍ତି । ଯେଉଁମାନେ ହିନ୍ଦୁ ନୁହନ୍ତି ସେମାନେ ମଧ୍ୟ ଏଥିର କେତେଗୁଡ଼ିଏ ସାର ଉପଦେଶକୁ ନିଜର ଜୀବନର ଅଙ୍ଗୀଭୂତ କରିଅଛନ୍ତି । ]

ଭଗବଦ୍ ବିଗ୍ରହ—ସଂ. ବି (୬ଷ୍ଠୀ ତତ୍)—ବିଷ୍ଣୁଙ୍କ ମୂର୍ତ୍ତି—
Bhagabad bigraha An image of Bishnu.

ଭଗବଦ୍ ଭକ୍ତ—ସଂ. ବି. ଓ ବିଣ ପୁଂ (୬ଷ୍ଠୀ ତତ୍)—୧ । ଈଶ୍ୱରପ୍ରେମିକ
Bhagabad bhakta 1. Devoted to God. ୨ । (ଭଗବଦ୍ ଭକ୍ତା—ସ୍ତ୍ରୀ) ବିଷ୍ଣୁଭକ୍ତ; ବୈଷ୍ଣବ—2. A devotee of Bishnu.

ଭଗବଦ୍ ଭକ୍ତି—ସଂ. ବି. (୭ମୀ ତତ୍)—ଈଶ୍ୱରଙ୍କଠାରେ ଭକ୍ତି—
Bhagabad bhakti Devotion to God.

ଭଗବଦାରାଧନ(ନା)—ସଂ. ବି (୬ଷ୍ଠୀ ତତ୍)—ଈଶ୍ୱରୋପାସନା—
Bhagabadārādhana (nā) Praying to God.

ଭଗବଦାଶ୍ରୟ—ସଂ. ବି (୬ଷ୍ଠୀ ତତ୍)—ଭଗବାନଙ୍କଠାରେ ଆସ୍ଥା—
Bhagabadāsraya Trust or refuge in God.

ଭଗବଦାଶ୍ରିତ—ସଂ. ବି. ପୁଂ—(୬ଷ୍ଠୀ ତତ୍)—ଭଗବାନଙ୍କ ଆଶ୍ରୟ
Bhagabadāsrita କରିଥିବା—Relying on God. (ଭଗବଦାଶ୍ରିତା—ସ୍ତ୍ରୀ)

ଭଗବାନ୍—ସଂ. ବି. ପୁଂ (ଭଗ=ଐଶ୍ୱର୍ଯ୍ୟ+ଯୁକ୍ତାର୍ଥେ ବତ୍; ୧ମା ୧ବ)
Bhagabān ୧ । ଜ୍ଞାନାଦି ଷଡ଼ୈଶ୍ୱର୍ଯ୍ୟଶାଳୀ—1. Divine; [ଭଗବତୀ—ସ୍ତ୍ରୀ] endowed with divinity. [ଦ୍ରୁ— କେବଳ ଈଶ୍ୱର ଭଗବନ୍ତ ଭଗବାନ । ପ୍ରାଚୀ. ଶିବ-ସ୍ୱରୋଦୟ ।] ୨ । ପୂଜ୍ୟ; ପୂଜନୀୟ—2. Adorable; worshippable. ବି.—୧ । ପରମେଶ୍ୱର—1. God. ୨ । ବିଷ୍ଣୁ—2. Bishnu. ୩ । ବୁଦ୍ଧଦେବ 3. The Buddha. ଦେ. ବି. ପୁଂ—ଲୋକଙ୍କୁ ଦିଆଯିବା ନାମ—A Name given to males (ଭଗବାନ—ଦେଶଜ ରୂପ)

ଭଗବାନ କବିରାଜ—ଦେ. ବି (ନାମ) [ଦ୍ରୁ—୬୦୦ ବର୍ଷ ପୂର୍ବର
Bhagabāna kabirāja ଅର୍ଥାତ୍ ୧୪ଶ ଶତାବ୍ଦୀର ଓଡ଼ିଆ କବି ଗୁଣ୍ଡିଚା ଚମ୍ପୂ ନାମକ ଗ୍ରନ୍ଥର ପ୍ରଣେତା । ଇତିହାସ. ପ୍ରାଚୀନ ଉତ୍କଳ ।] Name of an Oriya poet of the 14th century A. D.

ଭଗଲ ଚଗଲ ହେବା—ପ୍ରାଦେ. (ଯାଜପୁର) କ୍ରି. ଭଗଲ ବଗଲ ହେବା;
Bhagal chagal hebā ଅସ୍ଥିର ହେବା—To be restless.

ଭଗ(ଜ,ଗି,ଗୁ)ଲି— ପ୍ରାଦେ. (ଯାଜପୁର) ବି (ତୁଳ. ହି. ଭଗଲ=ଛଳୀ;
Bhaga (ja,gi,gu)li ଭଗଲ୍=ଛଳ)—୧ । ଖେଳ; ଥଟ୍ଟା—1. Joke; jesting. ୨ । ଛଳ; କପଟ—2. Fraud. ୩ । ବାହାନା—3. Feigning; pretence.

ଭଗ(ଜ,ଗି,ଗୁ)ଲି କରିବା—ଦେ. କ୍ରି. ୧ । ଥଟ୍ଟା କରିବା—1. To
Bhaga(ja,gi,gu)li karibā cut jokes; to jest. ୨ । ବାହାନା କରିବା—2. To feign. ୩ । ପ୍ରଶ୍ନର ଠିକ୍ ଜବାବ୍ ନ ଦେଇ ଏଣୁ ତେଣୁ ଜବାବ୍ ଦେବା—3. To return evasive answers to questions; to prevaricate.

ଭଗ ଶାସ୍ତ୍ର—ସଂ. ବି (ମ. ପ. ଲୋ)—କାମଶାସ୍ତ୍ର (ହି. ଶ)—
Bhaga śāstra The sexual science.

ଭଗହାରି—ସଂ. ବି. ପୁଂ (ଭଗ+ହୃ ଧାତୁ+କର୍ତ୍ତୃ. ଇନ୍; ୧ମା. ୧ବ)—
Bhagahari ଶିବ (ହି. ଶ.)—A name of Siba.

ଭଗା—ଦେ. ବିଣ. (ସଂ. ଭଗ୍ନ)—ଭଙ୍ଗା; ଭଗ୍ନ—
Bhagā भाँगा टूटा Broken.

ଭଗା(ଗେ)ଇବା—ଦେ. କ୍ରି—୧ । ତଡ଼ିଦେଇ ଦେବା—1. To
Bhagā(ge)ibā scare away. ୨ । ତଡ଼ି ଦେବା—2. To drive away.

ଭଗା(ଗେ)ଇ ଦେବା, ଭଗେଇବା, ଭଗେଇ ଦେବା } ଅନ୍ୟରୂପ

भगाना ୩ । ପଳାଇବାକୁ ବାଧ୍ୟ କରିବା—3. To force a
भगाना person to flee away. ୪ । ଭଗାଇ ଦେବା; କୌଣସି ବ୍ୟକ୍ତିକୁ ଭୟ ଦେଖାଇ କୌଣସି ସ୍ଥାନରୁ ପଳାଇ ଯିବାକୁ ବାଧ୍ୟ କରିବା—4. To cause a person to flee away from a place by scaring him or by threatening him.

ଭଗାରି(ରୀ)—ସଂ. ବି. ପୁଂ ( ସଂ. ଭାଗହାରୀ )—୧ । ଜ୍ଞାତି; କୁଟୁମ୍ବ—
Bhagāri(rī) 1. Kinsman. ୨ । ଦାୟାଦ (ଦ୍ରୁ-ଭଗାରି ଜନ
भगारी ବଦନ ମ୍ଳାନ ହୁଏ ତା ଅବଧାନେ କ: ସୁ)—2. Heirs to the same ancestors.

ଭଗାରଣୀ, ଭଗାରୁଣୀ } ଅନ୍ୟରୂପ ୩ । ଆପଣାର ଆୟରୁ ଅଂଶ ନେବା ବ୍ୟକ୍ତି-
(ଭଗାରିଆ—ଅନ୍ୟରୂପ ଓ ବିଣ) 3. A cosharer; a person who takes a share from one's income. ୪ । ବିପକ୍ଷ; ଶତ୍ରୁ—4. Enemy; opponent; an antagonist. (ଦ୍ରୁ—ଭାଇ ମୋ ଧନ ନ ସର, ଭଗାରି ହୋଇଲେ ମନ୍ଦର ନାଶ, ଭୂମି ହେଲେ ଦଣ୍ଡଧାରୀ—କୌଶଲ୍ୟା ରୋଦନ ଭକ୍ତଚରଣ ।) ୫ । ପ୍ରତିଦ୍ୱନ୍ଦ୍ୱୀ—5. A rival. ୬ । ଯାତ୍ରିମାନେ ପଣ୍ଡାମାନଙ୍କୁ ଦେବା ଉପହାରରୁ ଯାତ୍ରି ଆଣିଥିବା ଗୁମାସ୍ତା ଯାହା ଅଂଶ ପାଏ ତହିଁ ଅଂଶରୁ ପୁଣି ଭାଗ ବସାଇବା ଅନ୍ୟ ପ୍ରତିଦ୍ୱନ୍ଦ୍ୱୀ ଗୁମାସ୍ତା—6. A rival Gomāstā who takes a share from a Pandā's own pilgrim-hunter from whatever the latter gets as his reward from the particular pilgrim's Pandā.

[ ଦ୍ର—ଜ୍ଞାତିମାନେ ପୈତୃକ ସମ୍ପତ୍ତିରୁ ଭାଗ ନଅନ୍ତି ଓ ଏଥିପାଇଁ ସେମାନଙ୍କୁ ଭାଗହାରୀ ବା ଭଗାରି ବୋଲାଯାଏ; ପୈତୃକ ସମ୍ପତ୍ତିର ଭାଗସମ୍ପର୍କେ ଭଗାରିମାନଙ୍କ ମଧ୍ୟରେ ଘୋର ଶତ୍ରୁତା ହେଉଥିବାରୁ ଭଗାରିର ଅର୍ଥ ଶତ୍ରୁ ହୋଇଅଛି । ]

ଭଗାରିଆ—ଦେ. ବି—୧ । ଭଗାରି ( ଦେଖ )—Bhagāri (See)
Bhagāriā ଶତ୍ରୁ ୨ । ପ୍ରତିଦ୍ୱନ୍ଦ୍ୱୀ ବ୍ୟକ୍ତି—2. A rival. ଦେ. ବିଣ—ଶତ୍ରୁଭାବାପନ୍ନ—Inimical.

ଭଗାରିତା—ଦେ. ବି—ଭଗାରିପଣ—Rivalry; enmity. [ ଉ—
Bhagārita ତୋହର ମୋହର ଭାଇ ଭଗାରିତା ହୋଇ,
ଅଜଠାରୁ ଗଲ ରେ ଅଧମ ପୁରୁଷ—କୃଷ୍ଣସିଂହ. ମହାଭାରତ. ବନ । ]

ଭଗାରି ପଣ—ଦେ. ବି—୧ । ଜ୍ଞାତିତ୍ୱ—1. Kinship. ୨ । ଶତ୍ରୁତା—
Bhagāri paṇa 2. Enmity. [ ଉ—ଜନ୍ତୁମେଳେ ବାଧା ଦେଇ ଅଚରନ୍ତି ଭଗାରିପଣ ଅମୂର—ରାଧାନାଥ. । ]
ଶତ୍ରୁ
ଭଗାରିପଣିଆ(ଆଁ)—ଅନ୍ୟରୂପ ]

ଭଗାରି ହସା—ଦେ.ବି—ପ୍ରତିବେଶୀମାନଙ୍କ ଉପହାସ—Ridicule of
Bhagāri hasā one's neighbours and kinsmen.
ଲୋକହସା ଦେ. କ୍ରି—ପ୍ରତିବେଶୀମାନଙ୍କର ଉପହାସାସ୍ପଦ; ଲୋକ ହସା—Becoming the butt-end of ridicule to one's neighbours and kinsmen.
[ ଉ—କଳ୍ପକର୍ମଫଳେ ହେଲୁଁ ଭଗାରିହସା—ଉପାସ୍ୟ. ଗୀତଲହରୀ । ]

ଭଗାଳ—ସଂ ବି—ମନୁଷ୍ୟର ଖପୁରି ( ହି. ଶ )—
Bhagāḷa Human skull.

ଭଗି—ଦେ. ବି. ପୁଂ ( ଅଦରାର୍ଥକ )—ଭଗବାନ ନାମକ ବ୍ୟକ୍ତିର ଡାକ
Bhagi ଭগি ନାମ—Name for calling a person
( ଭଗିଆ—ଅନାଦରାର୍ଥକରୂପ ) named Bhagabāna.

ଭଗିନି—ସଂ. ( ସମ୍ବୋଧନ )—ଭଗିନୀ ଶବ୍ଦର ସମ୍ବୋଧନରେ ରୂପ; ହେ
Bhagini ଭଉଣି !—O sister.

ଭଗିନୀ—ସଂ ବି ( ଭଗ=ଯତ୍ନ+ଇନ୍+ସ୍ତ୍ରୀ. ଈ; ଯେ ଭାଇକୁ ବିଶେଷ
Bhaginī ଯତ୍ନ କରେ କିମ୍ବା ଭଜ୍ ଧାତୁ=ଭାଙ୍ଗିବା+ତ+ସ୍ତ୍ରୀ. ଈ
( ଭଗ୍ନୀ—ଅନ୍ୟରୂପ ) =ଯେ ପିତୃଗୃହର ଓ ଭ୍ରାତା ଆଦିଙ୍କର ମାୟା ଭାଙ୍ଗି ଦେଇ ବିବାହିତା ହୋଇ ଚାଲିଯାଏ )—
୧ । ଭଉଣୀ; ସହୋଦରା—1. Sister. ୨ । ସମବୟସ୍କା ନାରୀ ପ୍ରତି ସମ୍ବୋଧନ—2. A term of address to a woman of one's equal age.
( ଏହାର ଅପଭ୍ରଂଶ—ଭଅଣି, ଭଉଣୀ, ଭଇଣୀ, ଭଏଣୀ, ବଇଣୀ, ବଏଣୀ, ବହେଣୀ । )

ଭଗିନୀ ପତି—ସଂ. ବି ( ୬ଷ୍ଠୀ ତତ୍ )—ଆପଣାର ଭଗିନୀର ସ୍ୱାମୀ—
Bhaginī pati One's sister's husband. (ଏହାର ଅପଭ୍ରଂଶ
( ଭଗ୍ନୀପତି—ଅନ୍ୟରୂପ ) —ଭଣେଇ, ଭଣୋଇ, ଭେଣେଇ, ଭେଣୋଇ । )

ଭଗିନୀୟ—ସଂ. ବି. ପୁଂ ( ଭଗିନୀ+ଅପତ୍ୟାର୍ଥେ. ଈୟ )—ଭଣଜା
Bhaginīya ( ହି. ଶବ୍ଦସାଗର )—One's sister's son
( ଭଗିନୀୟା—ସ୍ତ୍ରୀ )

ଭଗୀରଥ—ସଂ.ବି—ସଗର ରାଜାଙ୍କ ନାତି;ଜଣେ ସୂର୍ଯ୍ୟବଂଶୀୟ ନରପତି-
Bhagīratha Name of a king who by his penances succeeded in inducing the Ganges to descend to the earth from the heaven.
[ଦ୍ର-ଏ ଅଯୋଧ୍ୟାର ସୂର୍ଯ୍ୟବଂଶର ରାଜା ଦିଲୀପଙ୍କ ପୁତ୍ର ଥିଲେ । କପିଳମୁନିଙ୍କ ଶାପରୁ ସଗର ରାଜାଙ୍କ ପୁତ୍ରମାନେ ଭସ୍ମୀଭୂତ ହୋଇ ଥିବାରୁ ଭଗୀରଥ ଗଙ୍ଗାଙ୍କୁ ପୃଥିବୀକୁ ଆଣିବା ପାଇଁ ଘୋର ତପସ୍ୟା କଲେ ଓ ତପସ୍ୟାରେ ସଫଳ ହୋଇ ଗଙ୍ଗାଙ୍କୁ ପୃଥିବୀକୁ ଆଣି ସଗରତନୟମାନଙ୍କର ଉଦ୍ଧାର ସାଧନ କଲେ । ଏ ଗଙ୍ଗାଙ୍କୁ ପୃଥିବୀକୁ ଆଣିଥିବାରୁ ଗଙ୍ଗାଙ୍କର ଏକନାମ ଭାଗୀରଥୀ ଅଟେ । ]

ଭଗୁଆ—ଦେ. ବିଣ ( ଗୈରିକ )—ଗେରୁଆ ( ଲୁଗା ); ଗେରୁମାଟିରେ
Bhaguā ରଙ୍ଗା ହୋଇଥିବା—( cloth ) Coloured with
ଗେরুআ ভগবা red ochre. ଦେ. ବି ( ପାରିଭାଷିକ )—
ଆକାଶର ଗୋଲକ ପାଶ—The sidereal sphere; celestial sphere.

ଭଗୁଡ଼ି(ଲି)—ଦେ. ବି—୧ । ଖେଳପରି; ଛଳ; ଖେଳ; ଥଟ୍ଟା—1. Jest.
Bhagurḍi(li) ঠাট্টা joking. ୨ । ପଳାୟନ—2. Flight.

ଭଗୁଡ଼ି ବତା(ତେ)ଇବା—ଦେ. କ୍ରି—ପଳାଇବା—To flee away.
Bhagurḍi batā(te)ibā ভেগে যাওয়া

ଭଗୋଳ—ସଂ. ବି ( ଜ୍ୟୋତିଷ )—ମେଷାଦି ଦ୍ୱାଦଶ ରାଶିଙ୍କର ମଣ୍ଡଳ—
Bhagoḷa The zodiac circle; the astrological circle showing the 12 signs of the zodiac.
ଭଚକ୍ର } ଅନ୍ୟରୂପ
ଭମଣ୍ଡଳ }
( ଖଗୋଳ—ଦ୍ରଷ୍ଟବ୍ୟ )

ଭଗ୍ନ—ସଂ. ବିଣ ( ଭଜ୍ ଧାତୁ=ଭାଙ୍ଗିବା+କର୍ମ, ତ )—୧ । ଖଣ୍ଡିତ
Bhagna ଭଙ୍ଗା—1. Broken. ୨ । ଛିନ୍ନ—2. Torn.
(ଭଗ୍ନା—ସ୍ତ୍ରୀ) ୩ । ଫାଟି ଯାଇଥିବା—3. Cracked; fractured. ୪ । ହାରିତ; ପରାଜିତ—4. Defeated; vanquished. ୫ । ନିବୃତ୍ତ; କ୍ଷାନ୍ତ—5. Prevented; stopped. ୬ । ବିନଷ୍ଟ—6. Spoilt; destroyed. ୭ । ନିରସ୍ତ—7. Afflicted. ୮ । ଯୁଦ୍ଧକ୍ଷେତ୍ରରୁ ପଳାୟିତ—8. Routed; put to flight.
ଦେ. ବି—୧ । ପରାଜୟ—1. Defeat. [ ଉ—ନାରଦ ପେଷି କୁଶପାଣି । ଅସୁରବଳ ଭଗ୍ନ ଶୁଣି—ଜଗନ୍ନାଥ. ଭାଗବତ । ] ୨ । ଯୁଦ୍ଧକ୍ଷେତ୍ରରୁ ସୈନ୍ୟମାନଙ୍କ ପଳାୟନ—2. Rout; flight of the army from the battle field.

ଭଗ୍ନ କଣ୍ଠ—ସଂ. ବି ( କର୍ମଧା )—ବିକୃତ ସ୍ୱର—Hoarse voice. ବିଣ
Bhagna kaṇṭha ପୁଂ ( ବହୁବ୍ରୀହି )—ଯାହାର ଗଳାର ସ୍ୱର
( ଭଗ୍ନକଣ୍ଠା—ସ୍ତ୍ରୀ ) ବିକୃତ ହୋଇଅଛି—Having a croaking or hoarse voice.

ଭଗ୍ନ ଗୃହ—ସଂ. ବି (କର୍ମଧା)—ଭଙ୍ଗା ଘର—
Bhagna gṛuha Dilapidated house.

ଭଗ୍ନ ଚିତ୍ତ—ସଂ. ବିଣ. ପୁଂ ( ବହୁବ୍ରୀହି )—୧ । ନିରାଶ—1. Hopeless.
Bhagna chitta ୨ । ହତାଶ—2. Desperate.
( ଭଗ୍ନଚେତାଃ, ଭଗ୍ନମନା, ଭଗ୍ନହୃଦୟ—ଅନ୍ୟରୂପ )
( ଭଗ୍ନଚିତ୍ତା—ସ୍ତ୍ରୀ )

ଭଗ୍ନ ଚେଷ୍ଟ—ସଂ. ବିଣ. ପୁଂ( ବହୁବ୍ରୀହି )—୧ । ଭଗ୍ନୋଦ୍ୟମ; ଯାହାର
Bhagna cheshṭa ଚେଷ୍ଟା ବିଫଳ ହୋଇଅଛି—1. Having

( ଭଗ୍ନଚେଷ୍ଟା—ସ୍ତ୍ରୀ ) one's endeavours baffled. ୨ । ଚେଷ୍ଟାରୁ ନିବୃତ୍ତ—2. Desisting from any endeavour.

ଭଗ୍ନ ଦର୍ପ—ସ. ବଣ. ପୁଂ ( ବହୁବ୍ରୀହି )—ହତଗର୍ବ; ଯାହାର ଗର୍ବ ଚୂର୍ଣ୍ଣ
Bhagna darpa ହୋଇଅଛି—Having one's pride
( ଭଗ୍ନଦର୍ପା—ସ୍ତ୍ରୀ ) humbled down; humiliated.

ଭଗ୍ନ ଦଶା—ସ. ବ (କର୍ମଧା )—ଭଙ୍ଗା ଅବସ୍ଥା—
Bhagna dasā Broken condition.

ଭଗ୍ନ ଦୂତ—ସ. ବ (କର୍ମଧା)—୧ । ଅତିକ୍ଳାନ୍ତ ଦୂତ—1. An over-
Bhagna dūta fatigued messenger. ୨ । ଯେଉଁ
ଭଗ ପଦାତିକ } ଅନ୍ୟରୂପ ସୈନ୍ୟ ଯୁଦ୍ଧକ୍ଷେତ୍ରରୁ ପଳାଇ ଆସି
ଭଗ୍ନ ପାଇକ ଆପଣା ପକ୍ଷର ପରାଜୟବାର୍ତ୍ତା ଆପଣା
ରାଜ୍ୟରେ ବା ରାଜାଙ୍କୁ ଜଣାଏ—2. A fugitive who carries the news of his own party's defeat to the headquarters.

ଭଗ୍ନ ଦେହ—ସ. ବଣ. ପୁଂ ( ବହୁବ୍ରୀହି )—୧ । ଯାହାର ସ୍ୱାସ୍ଥ୍ୟ ନଷ୍ଟ
Bhagna deha ହୋଇଅଛି—1. Of shattered health.
( ଭଗ୍ନସ୍ୱାସ୍ଥ୍ୟ—ଅନ୍ୟରୂପ ) ୨ । ରୁଗ୍ଣଶରୀର—2. Invalid; of
( ଭଗ୍ନଦେହା—ସ୍ତ୍ରୀ ) delicate or impaired health.

ଭଗ୍ନ ପାଦ—ସ. ବଣ (ବହୁବ୍ରୀହି)—ଯାହାର ଗୋଡ଼ ଭାଙ୍ଗି ଯାଇଅଛି—
Bhagna pāda Crippled; having a broken leg.
ବ—(ଜ୍ୟୋତିଷ)—୧ । ଅନ୍ୟ ରାଶି ସହିତ ସଂଯୁକ୍ତ ନକ୍ଷତ୍ର ବିଶେଷ-1. An asterism joined to a strange sign of the zodiac. ୨ । ଫଳିତ ଜ୍ୟୋତିଷ ଅନୁସାରେ ପୁନର୍ବସୁ, ଉତ୍ତରଷାଢ଼ା, କୃତ୍ତିକା, ଉତ୍ତର ଫାଲ୍ଗୁନୀ, ପୂର୍ବଭାଦ୍ରପଦ ଓ ବିଶାଖା ନକ୍ଷତ୍ର—
2. The 7th, 21st, 3rd, 12th, 25th and 16th asterisms. [ଦ୍ର—ଏ ଛଅଟି ନକ୍ଷତ୍ର ମଧ୍ୟରୁ କୌଣସି ନକ୍ଷତ୍ରରେ ମୃତ ବ୍ୟକ୍ତିଙ୍କୁ ଫଳିତ ଜ୍ୟୋତିଷ-ମତରେ ଦ୍ୱିପାଦ ଦୋଷ ଲାଗେ ଓ ଅଶୌଚ କାଳ ମଧ୍ୟରେ ଦାନାଦି ଦ୍ୱାରା ଏ ଦୋଷର ଶାନ୍ତି କରାଯିବା ବିହିତ—ହି. ଶବ୍ଦସାଗର ।]

ଭଗ୍ନ ପୃଷ୍ଠ—ସ.ବଣ (ବହୁବ୍ରୀହି)—୧ । ଯାହାର ପୃଷ୍ଠ ଭାଙ୍ଗି ଯାଇଅଛି—
Bhagna prusṭha 1. Having one's back broken.
୨ । କୁବଜ; କୁବଜା—2. Hump-backed.

ଭଗ୍ନ ପ୍ରାୟ—ସ. ବଣ—ଧ୍ୱଂସୋନ୍ମୁଖ—
Bhagna prāya About to fall.

ଭଗ୍ନ ମନୋରଥ—ସ. ବଣ (ବହୁବ୍ରୀହି)—ଯାହାର ମନୋବାଞ୍ଛା ବିଫଳ
Bhagna manoratha ହୋଇଅଛି—Having one's hopes and wishes baffled; having one's projects dashed to the ground.

ଭଗ୍ନ ସନ୍ଧି—ସ. ବଣ (ବହୁବ୍ରୀହି)—ଯାହାର ଦେହର ଗଣ୍ଠି ଭାଙ୍ଗି ଯାଇ-
Bhagna sandhi ଅଛି—Having one's joints fractured. ସ. ବ (କର୍ମଧା)—ଗଣ୍ଠି ପାଖରୁ ହାଡ଼ ଭାଙ୍ଗିଯିବା—Fracture of the bone at the joint.

ଭଗ୍ନ ସନ୍ଧିକ—ସ. ବ—ଘୋଳ ଦହି (ହି. ଶ)—
Bhagna sandhika Churned curd.

ଭଗ୍ନ ସାହସ—ସ. ବଣ. ପୁଂ—(ବହୁବ୍ରୀହି)—ଯାହାର ସାହସ ଦବି
Bhagna sāhasa ଯାଇଅଛି—Discouraged.
(ଭଗ୍ନସାହସା—ସ୍ତ୍ରୀ)

ଭଗ୍ନ ସ୍ତୂପ—ସ. ବଣ ( ୭ମୀ ତତ୍ )—ରାଶୀକୃତ ଧ୍ୱଂସାବଶେଷ—
Bhagna stūpa Heap of ruins.

ଭଗ୍ନ ହୃଦୟ—ସ. ବଣ. ପୁଂ (ବହୁବ୍ରୀହି)—ନିରାଶ; ହତାଶ—
Bhagna hṛudaya Disappointed; broken-hearted.
(ଭଗ୍ନହୃଦୟା—ସ୍ତ୍ରୀ)

ଭଗ୍ନାଂଶ—ସ. ବ—୧ । ମୂଳ ଦ୍ରବ୍ୟର ଖଣ୍ଡିତ ଅଂଶ—1. A broken
Bhagnāmsa part of an orginal whole thing.
୨ । (ଗଣିତ) ଏକ ସଂଖ୍ୟାର ଅଂଶସୂଚକ ଅଂଙ୍କ—(mathematics) Fraction. [ଦ୍ର—କୌଣସି ବସ୍ତୁକୁ ବା ରାଶିକୁ ଏକାଧିକ ଅଂଶରେ ଖଣ୍ଡିତ କଲେ ତହିଁର ଏକ ବା ତତୋଽଧିକ ଅଂଶକୁ ଭଗ୍ନାଂଶ ବୋଲାଯାଏ । ସମୁଦାୟ ବା ମୌଳିକ ବସ୍ତୁକୁ ବା ସଂଖ୍ୟାକୁ ଯେତେ ଅଂଶରେ ଭଗ୍ନ ବା ଖଣ୍ଡିତ କରାଯାଏ ସେହି ସଂଖ୍ୟାର ନାମ ହର ଓ ଉକ୍ତ ଅଂଶର ଯେତେ ଗୋଟି ଉଦ୍ଦିଷ୍ଟ ହେବେ ତହିଁର ନାମ ଲବ । ୨୫ କୁ ୫ ଭାଗରେ ବିଭକ୍ତ କଲେ ୨୫ ହେଲା ହର ଓ ୫ ହେଲା ଲବ; ଲବକୁ ଉପରେ ଲେଖି ତହିଁ ତଳେ ଗୋଟିଏ ଗାର ଟାଣି ହର ସଂଖ୍ୟାକୁ ଲେଖାଯାଏ; ପ୍ରଧାନତଃ ଏହି ତିନି ପ୍ରକାରେ ଭଗ୍ନାଂଶ ପାଟୀଗଣିତରେ ଦେଖାଯାଏ—୧ । ସାଧାରଣ ବା ସାମାନ୍ୟ ଭଗ୍ନାଂଶ (simple fraction) ଅର୍ଥାତ୍ ଯେଉଁ ଭଗ୍ନାଂଶରେ ୨ଟି ମାତ୍ର ଅଙ୍କ ଥାଏ, ୨ । ଜଟିଳ ଭଗ୍ନାଂଶ ବା ଭଗ୍ନାଂଶର ଭଗ୍ନାଂଶ (compound fraction; a fraction of a fraction) ଅର୍ଥାତ୍ ଏକ ଭଗ୍ନାଂଶ ରାଶିକୁ ପୂର୍ଣ୍ଣ ସଂଖ୍ୟା ବିବେଚନା କରି ତହିଁରୁ ବିଭକ୍ତ କରାଯିବା ଭଗ୍ନାଂଶ ଓ ୩ । ଦଶମିକ ଭଗ୍ନାଂଶ (ବା ଦଶମିକ ସଙ୍କେତ ଭଗ୍ନାଂଶ) (Decimal fraction.)

ଭଗ୍ନାତ୍ମା—ସ. ବ—(ବହୁବ୍ରୀହି; ଭଗ୍ନ+ଆତ୍ମନ୍; ଭଗ୍ନାତ୍ମନ୍ ଶବ୍ଦ; ୧ମା.
Bhagnātmā ୧ବ.) ଚନ୍ଦ୍ର—The moon. [ଦ୍ର—ଗୁରୁପତ୍ନୀ ହରଣ କରିବାରୁ ଶିବ ଏହାଙ୍କୁ ତ୍ରିଶୂଳଦ୍ୱାରା ଦ୍ୱିଖଣ୍ଡିତ କରିଥିଲେ ।]

ଭଗ୍ନାବଶେଷ—ସ. ବ—(କର୍ମଧା କିମ୍ବା ୭ମୀ ତତ୍)—ଭଗ୍ନ ପଦାର୍ଥର
Bhagnābasesha ଯାହା ଅଂଶ ରହି ଯାଇଥାଏ—1. The
(ଭଗ୍ନାବଶିଷ୍ଟ—ବଣ) remains of a broken thing.
୨ । ଭାଙ୍ଗି ଯାଇଥିବା ଗୃହାଦିର ବାକି ରହିଥିବା ଅଂଶ—2. Ruins of a structure or building

ଭଗ୍ନାବସ୍ଥ—ସ. ବଣ (ବହୁବ୍ରୀହି; ଭଗ୍ନ+ଅବସ୍ଥା)—ଭଗ୍ନଦଶାପ୍ରାପ୍ତ—
Bhagnābastha Having a broken condition, ruined; dilapidated.

ଭଗ୍ନାବସ୍ଥା—ସଂ. ବି—(କର୍ମଧା)—ଭାଙ୍ଗି ଯାଇଥିବା ଅବସ୍ଥା—
Bhagnābasthā Broken or dilapidated condition.

ଭଗ୍ନାଶ—ସଂ. ବିଣ. (ବହୁବ୍ରୀହି; ଭଗ୍ନ+ଆଶା)—ହତାଶ—
Bhagnāsa Disappointed; of shattered hopes.
(ଭଗ୍ନାଂଶା—ସ୍ତ୍ରୀ. ଓ ଦେଶଜ ରୂପ)

ଭଗ୍ନୀ (ଇତ୍ୟାଦି)—ସଂ. ବି. ସ୍ତ୍ରୀ—ଭଗିନୀ (ଦେଖ)
Bhagni (etc) Bhagini (See)

ଭଗ୍ନୀଜ—ଦେ. ବି. ପୁଂ (ଭଗ୍ନୀ+ଜନ୍ ଧାତୁ+କର୍ତ୍ତୃ. ଅ)—ଭଣଜା—
Bhagnija Sister's son. (ଉ—ମାତୁଳଙ୍କ ବଚନରୁ
(ଭଗ୍ନିଜା—ସ୍ତ୍ରୀ) ଭଗ୍ନୀଜ ଗଣ୍ଡ । ଦେବଦୁର୍ଲ୍ଲଭ. ରହସ୍ୟମଞ୍ଜରୀ ।)

ଭଗ୍ନୀ ହତ୍ୟା—ସଂ. ବି (୬ଷ୍ଠୀ ତତ୍)—ଭଉଣୀକୁ ମାରି ପକାଇବା—
Bhagni hatyā Murdering one's sister.

ଭଙ୍ଗ—ସଂ. ବି (ଭଞ୍ଜ୍ ଧାତୁ+ଭାବ. ଅ)—୧ । ଭାଙ୍ଗିଯିବା;
Bhanga ଭଗ୍ନହେବା—1. Breaking; fracture.
(ଉ—ମାନସ ଅଙ୍ଗ ଭେଦ ପ୍ରସଙ୍ଗ ଭଙ୍ଗ ରଚିଲା ସ୍ନେହ । ଚମ୍ପୂ ମ. ଗୀତ ।) ୨ । ଖଣ୍ଡ—2. Piece; cutting.
୩ । ହାନି—3. Loss. ୪ । ନାଶ—4. Destruction; ruin. ୫ । କୁଟିଳତା—5. Crookedness.
୬ । ପ୍ରତିବନ୍ଧ; ବାଧା—6. Interruption; obstruction. (ଯଥା—ରସଭଙ୍ଗ ।) ୭ । ପରାଜୟ—7. Defeat; routing. (ଉ—ଉପେନ୍ଦ୍ର କୁରୁ ଶାସନ କଣେ ଦେଲେ ଭଙ୍ଗ । ରାଧାନାଥ ।)
୮ । ନିବୃତ୍ତି; ବନ୍ଦ—8. Stoppage; cessation; dissolution. (ଯଥା—ସାଭାଭଙ୍ଗ ।) ୯ । ରଚନା; ଚିତ୍ରଣ—9. Composition; writing; painting. (ଯଥା—ପଟଭଙ୍ଗ ।)—୧୦ । ବ୍ୟତିକ୍ରମ; ଲଙ୍ଘନ; ନ ମାନିବା—10. Infringement; transgression; violation. (ଯଥା—ଆଦେଶଭଙ୍ଗ, ଆଜ୍ଞାଭଙ୍ଗ, ନିୟମଭଙ୍ଗ, ପ୍ରତିଜ୍ଞାଭଙ୍ଗ, ସତ୍ୟଭଙ୍ଗ ।)
୧୧ । ତରଙ୍ଗ; ଢେଉ—11. Wave; billow.
୧୨ । ବିଶ୍ଳେଷଣ—12. Analysis. ୧୩ । ରୋଗ—13. Disease. ୧୪ । ବିଦାରଣ; ଭେଦ—14. Splitting; laceration; piercing. ୧୫ । ବ୍ୟସନ—15. Vice. ୧୬ । ଭୟ—16. Fear.
୧୭ । ନିରସନ—17. Refutation; rejection.
୧୮ । ଭଙ୍ଗୀ—18. Demeanour. ୧୯ । ଗମନ; ଗତି (ହ୍ରି. ଶ)—19. Going; motion. ୨୦ । (+କର୍ତ୍ତୃ. ଅ) ନାଗବିଶେଷ (ହ୍ରି. ଶ)—20. Name of a mythological serpent. ୨୧ । ଶରୀରକୁ ବଙ୍କା କରିବା ରୋଗ (ହ୍ରି. ଶ)—21. A disease making the patient crooked.
୨୨ । ଗଞ୍ଜେଇ (ଗଛ, ପତ୍ର)—22. Cannabis Sativā (plant and leaves). ୨୩ । ଗଞ୍ଜେଇର ପତ୍ର ବଟା ହୋଇ ପ୍ରସ୍ତୁତ ହେବା ଉନ୍ମାଦକ ପାନୀୟ; ଭାଙ୍ଗ—23. An intoxicating drink made of the pestled leaves of Cannabis Sativā.
ଦେ. ବି (ସଂ. ବ୍ୟଙ୍ଗ)—ମୁହଁର ଚର୍ମ ସ୍ଥାନେ ସ୍ଥାନେ କୃଷ୍ଣବର୍ଣ୍ଣ ପଡ଼ିଯିବା ରୋଗ—Addison's disease; Melanoderma; a disease consisting of black discolouration in some parts of the face.

ଭଙ୍ଗଡ଼—ଦେ. ବିଣ—ସିଦ୍ଧିଖୋର; ଭାଙ୍ଗଖିଆ—Addicted to
Bhangarda ভাঙ্গড়; ভাঙ্গর drinking Bhānga.
भंगड़

ଭଙ୍ଗ ଦେବା—ଦେ. କ୍ରି—ଶତ୍ରୁଦ୍ୱାରା ଆକ୍ରାନ୍ତ ହୋଇ ବ୍ୟୂହଭଙ୍ଗ କରି
Bhanga debā ରଣକ୍ଷେତ୍ରରୁ ପଳାଇବା—To give way when attacked; to flee away from the thick of the fight.

ଭଙ୍ଗ ପଡ଼ିବା—ଦେ. ବିଣ—ମୁହଁରେ କଳା କଳା ଦାଗରୂପ ରୋଗ
Bhanga pardibā ଦେଖା ଦେବା—Being attacked with Melanoderma or Addison's disease.

ଭଙ୍ଗ ପ୍ରବଣ—ସଂ. ବିଣ (୭ମୀ ତତ୍)—ଯାହା ସହଜରେ ଭାଙ୍ଗିଯାଏ;
Bhanga prabana ଭଙ୍ଗୁର; ମସ୍‌କା—Brittle; fragile.

ଭଙ୍ଗ ପ୍ରବଣତା(ତ୍ୱ)—ସଂ. ବି (ଭଙ୍ଗପ୍ରବଣ+ତା ବମ୍ବା ତ୍ୱ)—ସହଜରେ
Bhanga prabanatā(twa) ଭାଙ୍ଗିଯିବା ଅବସ୍ଥା—Brittleness; fragility.

ଭଙ୍ଗା—ଦେ. ବି (ସଂ. ଭଞ୍ଜ୍ ଧାତୁ ଭଙ୍ଗ; ଭଞ୍ଜନ)—୧ । ଭାଙ୍ଗିବା
Bhangā କର୍ମ (ଭାଙ୍ଗିବା ଦେଖ)—1. Act of breaking;
ভাঙ্গা; ভাঙ্গান Bhāngibā (See). ୨ । ଭଙ୍ଗାଇବା କର୍ମ
तोडना; तोडवाना (ଭଙ୍ଗାଇବା ଦେଖ)—2. The act of causing to break; Bhangāibā (See).
୩ । ତାସ୍ ଖେଳରେ ତାସ ସବୁ ଗୋଳାଇ ରଖିବା ଉତ୍ତାରୁ ଉପରର କେତେକ ତାସକୁ କାଢ଼ି ତଳେ ରଖିବା—3. The act of taking out some cards from the top and putting them at the bottom in the game of cards. [ଦ୍ର—ଭଙ୍ଗା ଶବ୍ଦର ଭିନ୍ନ ଭିନ୍ନ ଅର୍ଥ ପାଇଁ ଭାଙ୍ଗିବା ଓ ଭଙ୍ଗାଇବା ଶବ୍ଦର ଭିନ୍ନ ଭିନ୍ନ ଅର୍ଥମାନ ଦେଖ । ଅନ୍ୟ ଶବ୍ଦ ସଙ୍ଗେ ଯୁକ୍ତ ହୋଇ ଭିନ୍ନ ଭିନ୍ନ ଅର୍ଥ ପ୍ରକାଶ କରେ । ଯଥା—ଓଳଥଭଙ୍ଗା, ଘରଭଙ୍ଗା, ପଡ଼ିଆଭଙ୍ଗା, ପଥଭଙ୍ଗା, ପାଣିଭଙ୍ଗା, ପାନଭଙ୍ଗା, ପେଟଭଙ୍ଗା; ମକଦମାଭଙ୍ଗା, ଟଙ୍କାଭଙ୍ଗା, କୋଣ୍ଟଭଙ୍ଗା; ଦହୁଡ଼ା(ଡ଼ି)ଭଙ୍ଗା; ମନଭଙ୍ଗା, ମଣ୍ଡଳ ବା ମୁଣ୍ଡଳାଭଙ୍ଗା, ଲୁଗାଭଙ୍ଗା, ହାଣ୍ଡିଭଙ୍ଗା ।] ଦେ. ବିଣ (ସଂ. ଭଗ୍ନ)—୧ । ଭଗ୍ନ—1. Broken. ୨ । ନଷ୍ଟ—2. Ruined. ୩ । ଦଦରା; ଫଟା—3. Unsound; fractured; cracked. ୪ । (ପୁଂ) ଯେ ଭାଙ୍ଗେ—4. Breaking; spoiling. ୫ । ଯେ

ଭଙ୍ଗାଏ—5. Causing breach. [ ଉ—କେହି [ଭଙ୍ଗେଇ—ସ୍ତ୍ରୀ] ନ ଜାଣନ୍ତି ଘରର ଗୋଇ, ସମସ୍ତେ କହନ୍ତି ଘର ଭଙ୍ଗେଇ । · ଡଗ । ] ସଂ. ବି ( ଭଙ୍ଗ+ଅ ) ବିଜୟା; ଭାଙ୍ଗ; ଗଞ୍ଜେଇ ଗଛ—Cannabis Sativā.

**ଭଙ୍ଗାଇ କହିବା**—ଦେ. କ୍ରି—ବୁଝାଇ ସୁଝାଇ କହିବା—To explain
Bhaṅgāi kahibā a matter in detail.
ভেঁগে বলা (ଉ—ଯେତେ ରୂପେ ଭଙ୍ଗାଇ କହିଲେ ହେଲେ ନୃପ ଦେବଯାନୀର କ୍ରୋଧ କଠିନ ଅମାପ । କୃଷ୍ଣସିଂହ. ମହାଭାରତ. ଆଦି ।).

**ଭଙ୍ଗା(ଙ୍ଗେ)ଇବା**—ଦେ. କ୍ରି (ସଂ. ଭଞ୍ଜ୍ ଧାତୁ ଣିଚ୍)—ଭାଙ୍ଗିବା କ୍ରିୟାର
Bhaṅgā(ṅge)ibā ଣିଜନ୍ତ ରୂପ—The causative form
ভাঙ্গান of Bhāṅgibā. ୧ । ଅନ୍ୟ ଦ୍ୱାରା ଭାଙ୍ଗିବା କର୍ମ
भुन्ना, भुनाना, तोडवाना କରାଇବା—1. To cause to be broken or demolished. ୨ । ନଷ୍ଟ କରାଇବା—2. To cause destruction of; to cause to be spoilt. ୩ । ବଡ଼ ମୁଦ୍ରା ବା ନୋଟ ବଦଳରେ ଛୋଟ ମୁଦ୍ରା ନେବା—3. To exchange currency of larger value to small coins. ୪ । ବନ୍ଦ କରାଇବା; ବାହୁଡ଼ କରାଇବା—4. To cause to stop; to prevent a person from doing a thing. ୫ । (ବିବାଦ ବା ମକଦ୍ଦମାକୁ) ଅପୋଷରେ ମୀମାଂସା କରାଇବା—5. To cause a case or dispute to be amicably decided or settled. ୬ । ରଚିତ ହୋଇଥିବା ବେଶ ଅବଶ୍ୟ ଅନ୍ୟ ଦ୍ୱାରା କଢ଼ାଇବା—(ଯଥା—ବେଶ ଭଙ୍ଗାଇବା)—6. To cause a person to dismantle the decoration put on a person. ୭ । ପେଟ ଟେଣା ବନ୍ଦ କରିବା ପାଇଁ ଚିତ ହୋଇ ଶୋଇଥିବା ମନୁଷ୍ୟର ପେଟ ଉପରେ ଗୋଟିଏ କଂସା ବା ବଡ଼ ପାତ୍ର ବସାଇ ଉପର୍ଯ୍ୟୁପରି ଅନ୍ୟ ପାତ୍ରରୁ ସେ କଂସା ମଧ୍ୟକୁ ଥଣ୍ଡା ବା ଗରମ ପାଣି ଅନ୍ୟ ଦ୍ୱାରା ଅଜାଡ଼ାଇବା (ଯଥା—ପାଣି ଭଙ୍ଗାଇବା)—7 To cause a person to repeatedly pour water into a shallow pan put on the belly of a person lying flat with a view to alleviate the latter's belly-ache. ୮ । ଅନ୍ୟ ଦ୍ୱାରା ଭୂମିରେ ମୁରୁଜ ବା ଖଡ଼ି ବା ପିଠଉ ଦ୍ୱାରା ମଣ୍ଡଳ ଓ ଚିତ୍ର ଆଦି ଅଙ୍କିତ କରାଇବା (ଯଥା—ମୁରୁଜ ଭଙ୍ଗାଇବା)—8. To cause another to draw circles and other artistic figures on the ground. ୯ । ଚୁଗୁଲି ଆଦି ଦ୍ୱାରା କୌଣସି ବ୍ୟକ୍ତିର ମନକୁ ଅନ୍ୟ ବ୍ୟକ୍ତି ଉପରେ ବିରକ୍ତିଯୁକ୍ତ ବା ଅପ୍ରସନ୍ନ କରାଇବା (ଯଥା—ମନ ଭଙ୍ଗାଇବା)—9. To cause a person to be displeased or annoyed with another by back-biting. ୧୦ । ଦଉଡ଼ି ଆଦିକୁ ଅନ୍ୟ ଦ୍ୱାରା ବଳାଇବା (ଯଥା—ଦଉଡ଼ି ଭଙ୍ଗାଇବା)—10. To cause a rope to be twined or twisted. ୧୧ । ଅନ୍ୟ ଦ୍ୱାରା ଲୁଗା ଆଦିକୁ ଭାଙ୍ଗ ବା ଭଙ୍ଗ କରାଇବା (ଯଥା—ଲୁଗା ଭଙ୍ଗାଇବା)—11. To cause a cloth to be artistically folded. ୧୨ । ଅନ୍ୟ ଦ୍ୱାରା ପାନ ଖିଲ ସଜାଇବା (ଯଥା—ପାନ ଭଙ୍ଗାଇବା)—12. To cause another to prepare packets of betel or nuts etc for chewing. ୧୩ । କୌଣସି ପରିବାରରେ ଅନ୍ତର୍ବିବାଦର ବୀଜ ବପନ କରି ପରିବାରର ବ୍ୟକ୍ତିମାନଙ୍କ ମଧ୍ୟରେ ବିବାଦ ଜନ୍ମାଇ ସେମାନଙ୍କୁ ପରସ୍ପର ଠାରୁ ପୃଥଗନ୍ନ, ପୃଥଗ୍ବାସ କରାଇବା (ଯଥା—ଘର ଭଙ୍ଗାଇବା)—13. To cause or bring about internal dispute or rupture (in a family). ୧୪ । ପୂର୍ଣ୍ଣାବସ୍ଥା ପୂର୍ବରୁ ଗର୍ଭସ୍ଥ ଭ୍ରୂଣକୁ ଗର୍ଭରୁ ଖସାଇବା (ଯଥା—ପେଟ ଭଙ୍ଗାଇବା—14. To cause abortion or miscarriage ୧୫ । କୌଣସି ପ୍ରସ୍ତାବ କାର୍ଯ୍ୟରେ ପରିଣତ ନ ହେବାର ଉପାୟ କରିବା (ଯଥା—ବିବାହ ପ୍ରସ୍ତାବ ଭଙ୍ଗାଇବ ।)—15. To cause the breaking of a proposal. ୧୬ ।ଅଭିପ୍ରେତ କାର୍ଯ୍ୟରୁ କୌଣସି ବ୍ୟକ୍ତିକୁ ନିବର୍ତ୍ତାଇବା—16. To dissuade a person from carrying out a certain wish. [ଦ୍ର—ଭାଙ୍ଗିବା କ୍ରିୟାର ଭିନ୍ନ ଭିନ୍ନ ଅର୍ଥର ଣିଜନ୍ତ ରୂପରେ ଭଙ୍ଗାଇବା; କ୍ରିୟା ବ୍ୟବହୃତ ହୁଏ ।] ପ୍ରାଦେ. (ଗଡ଼ଜାତ) କ୍ରି—(ଗାଈ) ଗର୍ଭବତୀ ନ ହେବା; ବୃଷସଙ୍ଗମ ପରେ ଗର୍ଭଧାରଣ ନ କରିବା—(a cow) Not to be successful in one copulation with a bull.

**ଭଙ୍ଗା କାନ୍ଥଡ଼ା**—ପ୍ରାଦେ. (ବାଲେଶ୍ୱର) ବି—୧ । ଘରର ଭଗ୍ନାବଶେଷ-
Bhaṅgā kāntharḍā 1. The ruins of a house; de-
ভাঁগা কাঁথ bris. ୨ । ଘରର ଛାତ ବା ଛଣ ଭାଙ୍ଗି ପଡ଼ିବା
मलवा ପରେ ଠିଆ ହୋଇଥିବା ଭଙ୍ଗା କାନ୍ଥମାନ—2. The broken and outstanding walls of a house of which the roof has come down.

**ଭଙ୍ଗା ଚୂର**—ପ୍ରାଦେ. (ସଦର) ବି—ଭାଙ୍ଗିବା ଓ ଚୂନା କରିବା—
Bhaṅgā chūrā Breaking and pounding.
ভাঙ্গ চুর ବିଣ—ଭଗ୍ନ ଓ ଚୂର୍ଣ୍ଣ—Broken and pounded.
तोडना चूरना ভাঙ্গাচুরা टूटाफूटा

**ଭଙ୍ଗାଣିଅ(ଆଁ)**—ପ୍ରାଦେ. ( ଉତ୍ତର ବାଲେଶ୍ୱର ) ବି (ଭୁଲ. ବ.
Bhaṅgāṇia(āṅ) ଭାଙ୍ଗାନୀ)—୧ । ଟଙ୍କା ଆଦିର ଖୁଚୁରା; ଟଙ୍କା
ভাঙ্গানিয়া ଆଦି ବେଶି ମୂଲ୍ୟର ମୁଦ୍ରାକୁ ଅଳ୍ପ ମୂଲ୍ୟର ବସ୍ତୁ
तोडनेवाला ମୁଦ୍ରାରେ ପରିବର୍ତ୍ତନ—1. Change of currency of higher value into coins of lower value. ୨ । ବେଶି ମୂଲ୍ୟର ମୁଦ୍ରା ବଦଳରେ ପ୍ରାପ୍ତ ଅଳ୍ପ ମୂଲ୍ୟର ମୁଦ୍ରାମାନ; ଖୁଚୁରା—2. Smaller coins

received in exchange for coins of higher value. ଦେ. ବଣ—ଯାହା ଭାଙ୍ଗେ—Breaking; causing rupture. (ଯଥା—ମଳ-ଭଙ୍ଗାଣିଆ କଥା; ସରବଭଙ୍ଗାଣିଆ ଲୋକ ।)

ଭଙ୍ଗାଟୁ(ଫୁ)ଟା—(ସହଚର) ବଣ—ଭଙ୍ଗା ଓ ଫୁଟା (ଦ୍ରବ୍ୟମାନ)—Bhaṅgātu(phu)tā Broken and cracked [things]. (ଭଙ୍ଗାଭୁଜା, ଭଙ୍ଗାଦଦରା, ଭଙ୍ଗାଫଟା—ଅନ୍ୟରୂପ) ভাঁগাটু( ফা )টা

ଭଙ୍ଗାଭଙ୍ଗ ଶ୍ଳେଷ—ସଂ ବି—କାବ୍ୟାଳଙ୍କାର ବିଶେଷ—A poetical Bhaṅgābhaṅga ṡlesha composition in which a line conveys various senses. [ ଦ୍ର—ଏ ରଚନାରେ ଅଭଙ୍ଗ ଶ୍ଳେଷ ଓ ସଭଙ୍ଗ ଶ୍ଳେଷ ଦ୍ୱାରା ଗୋଟିଏ ପଦର ନାନା ଅର୍ଥ କରାଯାଇ ପାରେ; ଶ୍ଳେଷ ଚଳେ ଟୀକା ଦେଖ । ] (ଉ—ମାନଭାପ ବନାଶନ ପାଇଁ କ ସେ ବର, ଉତ୍ଫୁଲ ନ ନୋହୁଛ ଅଛ ନ କରିବସ, ଭ୍ରମୁବଦାସ୍ୱ ସତ ବଚ୍ଛେଦ ଭମ ବାର, ସବ ଶିରୋଧାର୍ଯ୍ୟ ପୁଣି ଅହ୍ଲାଦ-ଦାସ୍ୱ । ଅଭିମନ୍ୟୁ. ବିଦଗ୍ଧ ଚନ୍ତାମଣି ।)

ଭଙ୍ଗା ଭଙ୍ଗା—ଦେ. ବଣ (ବହୁବଚନ)—୧ । ବଶେଷ ଭାଙ୍ଗ ଥିବା; ବଙ୍କା Bhaṅgā bhaṅgā ବଙ୍କା—1. Having creases and ভাংগা ভাংগা bends. ୨ । ଦଦରା—2. Half-broken. ୩ । ଅର୍ଦ୍ଧୁଟ (ବାଲଭାଷା)—3. Prattling [speech]. ୪ । ଅସ୍ପଷ୍ଟ (କଥା)-4. Indistinctly expressed; half-expressed [words].

ଭଙ୍ଗାଭଙ୍ଗି—ଦେ. ବି—ଭାଙ୍ଗିବା କ୍ରିୟା—The act of breaking. Bhaṅgābhaṅgi ভাঙ্গাভাঙ্গি

ଭଙ୍ଗାରି—ସ. ବି—(ଭଙ୍ଗ+ଅରି)—ମଶା [ବ୍ରି. ଶ]—Bhaṅgāri Mosquito.

ଭଙ୍ଗି(ଙ୍ଗୀ)—ସ. ବି (ଭଞ୍ଜ୍ ଧାତୁ=ଭାଙ୍ଗିବା+ଭାବ. ଇ, ଈ)—Bhaṅgi[ṅgī] ୧ । ଶୋଭା; ସୌନ୍ଦର୍ଯ୍ୟ—1. Beauty. (ଉ—ଭଙ୍ଗୀ ଶୁହାଁ ଭୁରୁ ମାଳ ଭୁଜଙ୍ଗୀ ଭ୍ରମର ଭାବ ସଙ୍ଗେ । ଦିନ-ସୂର୍ଯ୍ୟ. ବଯୋସନ୍ଧି. ଭ ଗୀତ ।) ୨ । କୁଭୁସା; ଛଳ—2. Trick. (ଉ—ଶକୁନି'ର ଜାଣନ୍ତି ଖେଳର ଭଙ୍ଗିର । କୃଷ୍ଣସିଂହ. ମହାଭାରତ. ସଭା । ) ୩ । ରୂପ; ଛବି; ପ୍ରତିକୃତି—3. Picture; form. ୪ । ଛଟକ; ହାବଭାବ; ଅଙ୍ଗର; କ୍ରୀଡ଼ା (ଯଥା—ଭାବଭଙ୍ଗି; ଭ୍ରୂଭଙ୍ଗି)—4. Gesture; contortion of the limbs. ୫ । ଥଟ୍ଟା ତାମସା; ରଙ୍ଗ; କୌତୁକ—5. Jest; joke; sport; repartee. ୬ । ତରଙ୍ଗ—6. Wave. ୭ । ଛଳ—7. Disguise. ୮ । କ୍ରୀଡ଼ାଜନକ ଭାବ—8. Amusing ways; wantonness;sportiveness. ୯ । ରଚନା—9. Composition. ୧୦ । ରସିକତା—10. Gallantry; wish; honour. ୧୧ । ଢଙ୍ଗ; ଭାବ—11. Condition. ୧୨ । ଢଙ୍ଗ; ପ୍ରକାର—12. Kind; mode; manner; ways. ୧୩ । ରଚନାର (ବ୍ରି. ଶ)—13. Arrangement. ୧୪ । ବ୍ୟଙ୍ଗ୍ୟ—14. Irony; ironical expression.

ଭଙ୍ଗି—ଦେ. ବି—[ହିନ୍ଦୀରୁ ଅନୁକୃତ]—ହାଡ଼ି; ମେହେନ୍ତର—Bhaṅgi ভঁাগী भंगी Sweeper.

ଭଙ୍ଗିଆ(ୟା)—ଦେ. ବଣ. ପୁଂ [ସ୍ତ୍ରୀ. ଭଙ୍ଗୀମତୀ]—୧ । ଛଇଳ—Bhaṅgiā[yā] 1. Assuming different gestures. ଭଙ୍ଗୀ ଭଙ୍ଗେଇ } ସ୍ତ୍ରୀ ୨ । କୌତୁକୀ—2. Sportful; sportive. ୩ । ରସିକ—3. Gallant. ୪ । (ବାକ୍ୟ) রসিক ରସିକତା ପୂର୍ଣ୍ଣ—4. Humourous; witty.

ଭଙ୍ଗି(ଙ୍ଗୀ) କଥା—୧ । ବ୍ୟଙ୍ଗପୂର୍ଣ୍ଣ ବାକ୍ୟ—1. Covert or ironical Bhaṅgi(ṅgī) kathā expressions. ୨ । ଅବୋଧ କଥା—রঙ্গভঙ্গ 2. Mystical or unintelligible expression. ୩ । ରସିକତାପୂର୍ଣ୍ଣ କଥା—3. Witty or humorous expressions.

ଭଙ୍ଗି କାଢ଼ିବା—ଦେ. କ୍ରି-୧ । କୁଭୁସା ଦେଖାଇବା; ଛଳ ଦେଖାଇବା—Bhaṅgi kārdhibā 1. To display tricks. ୨ । ଛଟକ ଭଙ୍ଗି ଦେଖା[ଖେ]ଇବା } ଅନ୍ୟରୂପ ଭଙ୍ଗି ଦେବା ଦେଖାଇବା—2. To assume enchanting ভাঙ্গ দেখান ways. ୩ । ଥଟ୍ଟା ଖେଳିବା—3. To play tricks. ୪ । ପ୍ରକାର ଦେଖାଇବା—4. To display various curious modes or ways.

ଭଙ୍ଗିତା—ଦେ. ବି-ଭଙ୍ଗି; ଛବି; ରୂପ—Picture; form. [ ଉ—Bhaṅgitā ଲଲାଟେ ଚନ୍ଦନ ଚିତା, ସିନ୍ଦୂରବିନ୍ଦୁ ଶୋଭିତା, ଇନ୍ଦୁ କୋଳେ କି ସବିତା । ଏହୁ ଭଙ୍ଗିତା ହେ । ଉଞ୍ଜ. ବୈଦେହୀଶ-ବିଳାସ । ]

ଭଙ୍ଗିବଚନ—ଦେ.ବି—୧ । ପରିହାସ ବାଣୀ—1. Jocose words. Bhaṅgi bachana ୨ । ରସିକତାପୂର୍ଣ୍ଣ ବାକ୍ୟ—2. Witty পরিহাস বচন saying. [ ଉ—ସଙ୍ଗୀଏ ଏହିକାଳେ, ଭଙ୍ଗୀବଚନ ପ୍ରକାଶ କଲେ—ଉଞ୍ଜ. କୋଟିବ୍ରହ୍ମାଣ୍ଡସୁନ୍ଦରୀ ୩୫ । ୧୨ ]

ଭଙ୍ଗିମା—ସ. ବି (ଭଙ୍ଗ+ସ୍ୱାର୍ଥେ. ଇମନ୍; ଭଙ୍ଗିମନ୍, ୧ମା ୧ ବଚନ)—Bhaṅgimā ୧ । ଭଙ୍ଗି; ଛଟକ; ଛଇ—1. Amusing deportment. ୨ । ଶୋଭା; ସୌନ୍ଦର୍ଯ୍ୟ—2. Beauty; charm. ୩ । ଢଙ୍ଗ—3. Mode. [ ଯଥା—ସେ କେଉଁ ଭଙ୍ଗିମାରେ ଠିଆ ହେଉଛି । ]

ଭଙ୍ଗିମାନ୍—ସ. ବି. ପୁଂ ( ଭଙ୍ଗି+ମତ୍ ଅସ୍ତ୍ୟର୍ଥେ; ୧ମା ୧ବଚନ )—Bhaṅgimān ୧ । ତରଙ୍ଗିତ—1. Waving. ୨ । [ ଭଙ୍ଗିମତୀ—ସ୍ତ୍ରୀ ] ଭଙ୍ଗିମା; ଛଇଳ—2. Assuming charming ways. ୩ । କୌତୁକୀ—3. Sportful, wanton.

ଭଙ୍ଗୀସ୍ଥାନ୍—ସ. ବଣ. ପୁଂ—୧ । ( ଭଙ୍ଗ+ଇଯୁସ୍; ୧ମା ୧ବ )—Bhaṅgiyān ଯେ ରଣରେ ଭଙ୍ଗଦେଇ ପଳାୟନ କରେ—[ ଭଙ୍ଗୀୟସୀ—ସ୍ତ୍ରୀ ] 1. Deserting from the thick of

a fight; renegade from the rank of the army. ୨ । ( ଭଙ୍ଗି+ମତୁପ୍; ୧ମା ୧ବଚନ )—ଭଙ୍ଗିମାନ୍ [ଦେଖ]—2. Bhangimān [See]

ଭଙ୍ଗୀର—ଦେ. ବିଣ—ଗୂଢ଼ଭାବପୂର୍ଣ୍ଣ—Artful. { ଉ—ଭାଷିଲ
Bhangīra ସୁନ୍ଦର ବରବାସୀ କ ଭଙ୍ଗୀର ଗିର ହେଉ ପରେ ସେ ଟୋ ସରସର ହେ—ଭଞ୍ଜ. ପ୍ରେମସୁଧାନିଧି ]

ଭଙ୍ଗୀଲ—ସଂ. ବିଣ ( ଭଗ+ଈଲ )—ଜ୍ଞାନେନ୍ଦ୍ରିୟର ବିକଳତା
Bhangīḻa [ବ୍ୟୁ. ଶ.]—The deformity of a sense-organ.

ଭଙ୍ଗୁର—ସଂ. ବିଣ ( ଭଞ୍ଜ୍ ଧାତୁ=ଭାଙ୍ଗିବା+ ଶୀଳାର୍ଥେ. ଉର )—
Bhangura ୧ । ବକ୍ର—1. Crooked. ୨ । ମସୃଣ;
( ଭଙ୍ଗୁରା—ସ୍ତ୍ରୀ ) ଭଙ୍ଗପ୍ରବଣ—2. Brittle; fragile. ୩ । କୂଟବୁଦ୍ଧିପୂର୍ଣ୍ଣ—3. Crafty. ୪ । ଯାହା ସାମାନ୍ୟ ଆଘାତରେ ଭାଙ୍ଗିଯାଏ—4. Frangible. ୫ । ଯାହାର କାର୍ଯ୍ୟର ଓ ମତର ସ୍ଥିରତା ନ ଥାଏ—5. Inconstant; fickle. ୬ । ବିନଶ୍ୱର; ବିନାଶଶୀଳ—6. Prone to destruction; destructible; subject to decay. [ଉ—ଭଙ୍ଗୁର ଭବର ଭାଇ, ସୁଖ ଏହିପରି—ରାଧାନାଥ. ମହାଯାତ୍ରା ।] [ଦ୍ର—ଭଙ୍ଗୁର ବା ଭଙ୍ଗପ୍ରବଣ ପଦାର୍ଥ ( ଯଥା—କାଚ ପାତ୍ର ଆଦି ) କୁ କଥାରେ କହନ୍ତି ଏହା ଛୁଇଁଲା ଭୂମ୍ ପରି ହୋଇଅଛି । ଏହା ଠୁଙ୍କୁ ଠୁଙ୍କୁ ହୋଇଅଛି । ] ଦେ. ବି—ନଦୀର ବାଙ୍କ—
भंगुर The bend of a river.

ଭଙ୍ଗୁରତା(ତ୍ୱ)—ସଂ. ବି ( ଭଙ୍ଗୁର+ତା )—୧ । ଭଙ୍ଗପ୍ରବଣତା—
Bhanguratā(twa) 1. Fragility; frangibility. ୨ । ବିନାଶଶୀଳତା—2. Destructibility.

ଭଙ୍ଗୁରା—ସଂ. ବିଣ. ସ୍ତ୍ରୀ ( ଭଙ୍ଗୁର+ସ୍ତ୍ରୀ. ଆ )—ଭଙ୍ଗୁରର
Bhangurā ସ୍ତ୍ରୀଲିଙ୍ଗ—Feminine of Bhangura.
ସଂ. ବି—୧ । ଅତିବିଷା—1. Aconite. ୨ । ପ୍ରିୟଙ୍ଗୁ ( ଦେଖ )—2. Priyangu (See)

ଭଚକ୍ର—ସଂ. ବି ( ଜ୍ୟୋତିଷ )—୧ । ରାଶିଚକ୍ର; ଦ୍ୱାଦଶ ରାଶିଙ୍କ
Bhachakra ଗୃହରେ ଗ୍ରହମାନଙ୍କ ଅବସ୍ଥାନ ଜ୍ଞାପକ
( ଭପଞ୍ଜର—ଅନ୍ୟରୂପ ) ଚକ୍ର—1. The stellar sphere; the zodiac. [ଦ୍ର—ଏହି ୧୨ ରାଶିଙ୍କର ୧୨ଟି ଘର ମଧ୍ୟରୁ ଯେଉଁ ରାଶିରେ ଯେଉଁ ଗ୍ରହ ଯେଉଁ ସମୟରେ ଅବସ୍ଥାନ କରୁଥାଆନ୍ତି ତାହାର ଜ୍ୟୋତିଃଶାସ୍ତ୍ର ଗଣନାନୁସାରେ ଚକ୍ର । ] ୨ । ୨୭ ନକ୍ଷତ୍ରରେ ବିଭକ୍ତ ଚନ୍ଦ୍ରଙ୍କର ଗତିପଥସୂଚକ ଭୂଗୋଳ—2. The lunar zodiac.

ଭଚ(ଚୁ)କା—ଦେ. ବି—୧ । (ବିଲୁଆ ଯେଉଁପରି ପଶ୍ଚାଦ୍ଧାବକ କୁକୁରର
Bhacha(chu)kā ମୁହଁରୁ ପଳାଏ, ସେହିପରି ) କୌଶଳପୂର୍ବକ
শেয়াল ফাঁকী ପଶ୍ଚାଦ୍ଧାବକର କବଳରୁ ଖସିଯିବା—1. Es-
टालमटोल; हीलाहवाला caping from onset of a pursuer; the artful evasion of one's pursuers. ୨ । ଟାଳମଟୁଳ—2. Putting off on various excuses.

ଭଚକା(କେ)ଇବା—ଦେ. କ୍ରି—୧ । ଧମକାଇବା; ଭୟ ଦେଖାଇବା;
Bhachakā(ke)ibā ଭୀତଗ୍ରସ୍ତ କରାଇବା—1. To threaten;
धमकाना, फाँकी देओया to stun a person with fear; to
हीलाहवाला बताना; ठगना terrify a person. ୨ । ପଶ୍ଚାଦ୍ଧାବକକୁ ଏଡ଼ିବା; ଭଚକା ମାରିବା—2. To evade a chase. ୩ । ଭଣ୍ଡାଇବା—3. To put off a person on some excuse.

ଭଚ(ଚୁ)କା ଦେବା—ଦେ. କ୍ରି—୧ । ଆପଣାକୁ ଧରିବାକୁ ଗୋଡ଼ାଇଥିବା
Bhacha(chu)kā debā କୌଣସି ବ୍ୟକ୍ତିକୁ କୌଶଳ ପ୍ରୟୋଗ-
শেয়াল ফাঁকী দেওয়া ପୂର୍ବକ ଧରା ନ ଦେବା; ଏଡ଼ିବା—1. To
हीलाहवाला बताना baffle one's pursuers; to evade one's chasers. ୨ । ଭଣ୍ଡିବା—2. To put off on some excuse.

ଭଚ୍ଛ(ର୍ଚ୍ଛ)ନା—ଗ୍ରା. ବି—(ସ. ଭର୍ତ୍ସନା)—ଭର୍ତ୍ସନା; ଗାଳି—
Bhachchha(rchcha)nā Rebuke; censure; abuse.
(ଭର୍ଚ୍ଚନା, ଭର୍ତ୍ସନା, ଭର୍ତ୍ସନା—ଅନ୍ୟରୂପ) ভচ্ছনা डाँटडपट

ଭଜ୍ (ଧାତୁ)—ସ—୧ । ସେବା କରିବା—1. To serve; to
Bhaj (root) devote oneself to the service of. ୨ । ପୂଜା କରିବା—2. To worship. ୩ । ନାମ ସ୍ମରଣ କରିବା—3. To recite the names of a person. ୪ । ସ୍ତୁତି କରିବା—4. To pray. ୫ । ଶରଣାପନ୍ନ ହେବା—5. To take shelter under a person. ୬ । ବିଭାଗ କରିବା—6. To divide or share.

ଭଜ—ଦେ. ବି—ଲୋକଙ୍କୁ ଦିଆଯିବା ନାମ—Names given to
Bhaja persons. ସ. କ୍ରି—(ଭଜ୍ ଧାତୁ ଲୋଟ ମଧ୍ୟମ ପୁରୁଷ
ভজ হরি; ভজ গোবিন্দ; ভজ ୧ବଚନ )—ଭଜନା କର—Do
भज गोविन्द, भज आनन्द worship. ( ଉ—ଭଜ ମନ କଳା
( ଭଜ—ଆଦରାର୍ଥକ ରୂପ ) କହ୍ନାଇ, ଭଜିଲେ ଏ ଦୁଃଖ ରହିବ
[ଭଜଅ—ଅନାଦରାର୍ଥକ ରୂପ] ନାହିଁ । )
ଭଜଗୋବିନ୍ଦ, ଭଜନ, ଭଜନା, ଭଜନାନନ୍ଦ, ଭଜନ୍ତି, ଭଜ(ଜା), ଭଜଅ(ଯା), ଭଜମନ, ଭଜହରି } ଅନ୍ୟରୂପ

ଭଜକ—ସଂ. ବିଣ. ପୁଂ—(ଭଜ୍ ଧାତୁ+କର୍ତ୍ତ୍ରି. ଅକ)—୧ । ଭଜନ-
Bhajaka କାରୀ—1. Praying. ୨ । ବିଭାଗକାରୀ—
(ଭଜିକା—ସ୍ତ୍ରୀ) 2. Dividing.

ଭଜକଟ—ଦେ. ବି—(ଭଞ୍ଜନ ଓ କର୍ତ୍ତନ=ଭାଙ୍ଗିବା ଓ କାଟିବା ରୂପ
Bhajakaṭa କଷ୍ଟକର କାର୍ଯ୍ୟ, ବା ଭଜନ ଓ କଷ୍ଟ କମ୍ପା ଭଙ୍ଗା
ভজকট ଓ କଷ୍ଟ)—୧ । ବ୍ୟାଘାତ, ବିଘ୍ନ—1. Obstruction;
भंवर जाल, गडबडी impediment. ୨ । ବିଷମ ସମସ୍ୟା—2. Dilemma; difficult predicament. ୩ ।

କଷ୍ଟକର ଉଦ୍ଯୋଗ, କଷ୍ଟଦାୟକ ଉଦ୍ଯୋଗ—3. Difficult exertion. ୪ । କଷ୍ଟଜନକ କର୍ତ୍ତବ୍ୟ କାର୍ଯ୍ୟ—4. Difficult task. ୫ । ଗୋଲମାଳିଆ କାର୍ଯ୍ୟ—5. Confused act. ୬ । ଝଟଝଟା; ଗୋଲମାଳ—6. Entanglement; confusion. ୭ । କୌଣସି କାର୍ଯ୍ୟ ନିମନ୍ତେ ଅବଲମ୍ବିତ ନାନା ଉପାୟ—7. Expedients followed to attain one's object.

ଭଜକଟ କରିବା—ଦେ. କ୍ରି—୧ । କୌଣସି ଉଦ୍ଦେଶ୍ୟର ସାଧନ Bhajakaṭa karibā ନିମନ୍ତେ ନାନା କଷ୍ଟସାଧ୍ୟ ଉଦ୍ୟମରେ (ଭଜକଟରେ ପଶି(ଡ଼)ବା—ଅନ୍ୟରୂପ) ସଂଶ୍ଳିଷ୍ଟ ହେବା— ভজকট করা 1. To be entangled in confused गोलमालमे फंसना actions with a view to achieve one's object. ୨ । ଗୋଲମାଳରେ ପଶିବା—2. To be involved in confusion and entanglements. ୩ । ଝଟଝଟାରେ ପଡ଼ିବା—3. To fall into a false position or predicament.

ଭଜନ୍—ପ୍ରାଦେ. (ସମ୍ବଲପୁର) ବି. (ସଂ. ଭୋଜନ)—ଭୋଜନ— Bhajan Meal; eating.

ଭଜନ—ସଂ. ବି (ଭଜ୍ ଧାତୁ+ଭାବ. ଅନ)—୧ । ଦେବାଦିଙ୍କର ସ୍ତୁତି Bhajana ଗାନ ବା ମହିମା କୀର୍ତ୍ତନ ବା ନାମକୀର୍ତ୍ତନ—1. Reciting the praise of gods or deities; repeatedly reciting the name of the worshipped deity. ୨ । ଆରାଧନା; ଉପାସନା—2. Praying. ୩ । ସେବା—3. Serving; service; attendance. ୪ । ଅର୍ଚ୍ଚନ, ପୂଜା—4. Worship; adoration. ୫ । ଆଶ୍ରୟଗ୍ରହଣ—5. Taking shelter under. ୬ । ଆତ୍ମ ସମର୍ପଣ—6. Yielding one's self up to; surrendering one's self. ୭ । ବାରମ୍ବାର କୌଣସି ବ୍ୟକ୍ତିଙ୍କ ନାମସ୍ମରଣ—7. Recalling and repeating the name of a person. ୮ । ଭାଗ କରିବା—8. Dividing. ୯ । (+କର୍ମ. ଅନ) ଭାଗ—9. Share; allotment. ୧୦ । (+ଅଧିକରଣ ଅନ) ଦେବତାଙ୍କ ସ୍ତବ; ସ୍ତୁତି, ସ୍ତୋତ୍ର—10. Hymn. ଦେ. ବି—ଲୋକଙ୍କ ନାମ—Name given to persons.

ଭଜନ କରିବା—ଦେ. କ୍ରି—୧ । (ସଂ. ଭଜ୍ ଧାତୁ)—ଦେବତାଙ୍କ ନାମ Bhajana karibā ସ୍ମରଣ କରିବା, ଭଜିବା—1. To repeatedly recite the names of a deity. ভজন করা भजन करना ୨ । ସର୍ବଦା କୌଣସି ବ୍ୟକ୍ତିଙ୍କୁ ସ୍ନେହ ବା ଭକ୍ତି ସହିତ ସ୍ମରଣ କରିବା; ସୁମରିବା; ଝୁରିବା—2. To cherish the memory of a person constantly. ୩ । ସ୍ତବ କରିବା—3. To pray. ୪ । ଆଶ୍ରୟ ନେବା—4. To take shelter or refuge. ୫ । ଲଭିବା, ଭଜିବା; ପ୍ରାପ୍ତ ହେବା—5. To get; to attain. (ଯଥା—ମୃତ୍ୟୁ ଭଜନ କରିବା) ୬ । ସେବା କରିବା—6. To serve.

ଭଜନ ଗୃହ—ସଂ. ବି—(୬ଷ୍ଠୀ ତତ୍)—୧ । ଉପାସନା ମନ୍ଦିର; ଯେଉଁ Bhajana gṛuha ମନ୍ଦିରରେ ଦେବତାଙ୍କୁ ଆରାଧନା କରାଯାଏ—1. A prayer hall.
ଭଜନାଳୟ, ଭଜନମନ୍ଦିର, ଭଜନଶାଳା, ଭଜନାଳୟ ଭଜନାଗାର }—ଅନ୍ୟରୂପ ୨ । ଗିର୍ଜା—2. Church. ୩ । ମସଜିଦ୍—3. Mosque. ୪ । ଦେବମନ୍ଦିର—4. Temple.

ଭଜନ ଭାଜନ—ଦେ. ବି—(ନିରର୍ଥକ ଦ୍ୱିତୀୟ ପଦର ଶବ୍ଦ)—୧ । Bhajana bhājana ସ୍ତୁତିପାଠାଦି—1. Hymn. ୨ । ভজন টজন भजन उजन ସନ୍ଧ୍ୟାହ୍ନିକ—2. Daily prayers. ୩ । ଗୁପ୍ତ ମନ୍ତ୍ରଣା—3. Secret consultation or counsel.

ଭଜନ ମାଳା—ସଂ.ବି—(୬ଷ୍ଠୀ ତତ୍, ୪ର୍ଥୀ ତତ୍)—୧ । ଜପମାଳା; ଯେଉଁ Bhajana mālā ମାଳା ସାହାଯ୍ୟରେ ଗଣନାପୂର୍ବକ ଦେବାଦିଙ୍କ (ଭଜନମାଳ[ଳି]—ଦେଶଜରୂପ) ନାମ ଜପ କରାଯାଏ—1. String of beads used for reciting the names of deities. ୨ । ସ୍ତବସଂଗ୍ରହ—2. Collection of hymns.

ଭଜନ ସାଧନ—ସଂ. ବି (ସଦ୍‌ତତ୍)—୧ । ସ୍ତବ ଓ ପୂଜା; ପୂଜା ଓ ଜପ Bhajana sādhana ସେବା ଆରାଧନା—1. Worshipping ভজন সাধন and praying; worship and prayer. भजन साधन ୨ । ଦେବାର୍ଚ୍ଚନ; ସନ୍ଧ୍ୟାହ୍ନିକ—2. Daily worship or prayer. ୩ । ସାଧ୍ୟସାଧନ, ଅନୁନୟ ବିନୟ—3. Entreaties; repeated prayers.

ଭଜନ ସ୍ମରଣ—ସଂ. ବି—(ସମାର୍ଥକ ସଦ୍‌ତତ୍)—୧ । ସ୍ତୁତିପାଠାଦି— Bhajana smaraṇa 1. The saying of prayers or (ଭଜନ ପୂଜନ—ଅନ୍ୟରୂପ) recital of hymns. ୨ । ସ୍ତୁତି ପାଠ ଓ ମାଳା ଜପ—2. Prayers and telling of beads. ୩ । ଦୈନିକ ଦେବାର୍ଚ୍ଚନ—3. Daily worship of God. ୪ । ସନ୍ଧ୍ୟାହ୍ନିକ—4. Daily prayers and rites.

ଭଜନା—ପ୍ରାଦେ. (ବିହୁମ) ବି—ଏକ ପ୍ରକାର ଧାନ—A species Bhajanā of paddy. ଦେ. ବିଣ—ଭଜୁଥିବା—Worshipping. (ଉ—ନାମଭଜନା ଲୋକମାନେ, ବସନ୍ତି ଅର୍ଥବେଦ ଗ୍ରାମେ । ପ୍ରାଚୀ. [ଭର୍ଗମାହାତ୍ମ୍ୟ ।) ସଂ. ବି. (ଭଜ୍ ଧାତୁ+ଭାବ. ଅନ+ଆ)—ଭଜନ; ଆରାଧନା; ସେବା—Praying; worshipping. ভজনা ଦେ. ବି. (ଅନାଦରାର୍ଥକ)—ଭଜନାନନ୍ଦର ଡାକ ନାମ—A name for calling Bhajanānanda.

**ଭଜନା କରିବା**—ଦେ. କ୍ରି. ( ସ. ଭଜ୍ ଧାତୁ )—୧ । ଭଜନ କରିବା
Bhajanā karibā ( ଦେଖ )—1. Bhajana karibā
**भजना करना** (See) ୨ । ଭଜିବା (ଦେଖ)—2. Bhajibā
**भजन करना, भजना** (See)

**ଭଜନାନନ୍ଦ**—ସ. ବି. (ମ. ପ, ଲୋ)—ଈଶ୍ୱରଭଜନକାରୀ ବ୍ୟକ୍ତିର
Bhajanānanda ଅନୁଭୂତ ଆନନ୍ଦ—The happiness experienced by a person who prays to God.
**भजनानन्द** ସ. ବଣ. ପୁଂ—ଯେ ଈଶ୍ୱରଭଜନରେ ଆନନ୍ଦ ଲାଭ କରେ—Happy in the worship of God
ଦେ. ବି. ପୁଂ—ଲୋକଙ୍କ ନାମ—A name given to males.

**ଭଜନାନନ୍ଦୀ**—ଦେ. ବଣ. (ସ. ଭଜନାନନ୍ଦ)—ଈଶ୍ୱର ଭଜନ କରି
Bhajanānandi ଯେ ସୁଖରେ ମଗ୍ନ ହୋଇଥାଏ—Happy in
**भजनानन्दी** the worship of the Godhead.

**ଭଜନି**—ପ୍ରାଦେ. (ସିଂହଭୂମ) ବି—ଭଜନା ( ଦେଖ )
Bhajani Bhajanā ( See )
**भजन ओयाला** ଦେ. ବଣ—ଭଜନକାରୀ—Reciting hymns.
**भजनी** ଦେ. ବି—୧ । ଭଜନ କରିବା ଲୋକ—1. The person praying. ୨ । (ଅଦର୍ଥକ) ଭଜନାନନ୍ଦର ଡାକ ନାମ—2. A name for calling Bhajanānanda.

**ଭଜନୀୟ**—ସ. ବଣ. ପୁଂ. (ଭଜ୍+କର୍ମ. ଅନୀୟ—୧ । ପୂଜ୍ୟ; ପୂଜନୀୟ
Bhajaniya (ବ୍ୟକ୍ତି)—1. Worshippable; adorable;
(ଭଜନୀୟା—ସ୍ତ୍ରୀ) venerable. ୨ । ଭଜନ କରିବା ଯୋଗ୍ୟ (ସ୍ତବାଦି)—2. Fit to be recited.

**ଭଜ ମନ**—ଦେ. ଅ. ( ଭଜ ମନକୁ ସମ୍ବୋଧନ )—ହେ ମନ ତୁ
Bhaja mana ଭଜନା କର—O mind, you do pray
**भज मन** (to such or such a deity). ଦେ. ବି. ପୁଂ—
**भजमन** ଲୋକଙ୍କୁ ଦିଆଯିବା ନାମ—A name given to males.

**ଭଜମାନ**—ସ. ବଣ. ପୁଂ ( ଭଜ୍ ଧାତୁ+କର୍ତ୍ତୃ. ଅନ )—୧ । ବିଭାଜକ
Bhajamāna —1. Dividing. ୨ । ଉପାସନାରତ—
(ଭଜମାନା—ସ୍ତ୍ରୀ) 2. Engaged in prayers. ୩ । ପୂଜା କରୁଥିବା; ପୂଜାକାରୀ—3. Worshipping. ୪ । ଉପଯୁକ୍ତ—4. Proper; suitable. ୫ । ସେବମାନ; ସେବାରତ—5. Engaged in serving.

**ଭଜା**—ଦେ. ବି ( ସ. ଭୃଜ୍ ଧାତୁରୁ ଭର୍ଜନ )—୧ । ଭର୍ଜନ; ଭାଜିବା
Bhajā କର୍ମ—1. Act of frying; roasting; baking.
**भाजा** ୨ । ଭର୍ଜିତ ଖାଦ୍ୟ; ଭାଜି; ଭଜା ହୋଇଥିବା ଖାଦ୍ୟ—
**भूनना** 2. Fried food; roast. ( ଯଥା—ଖୁଦୁଲଭଜା,
**भाजा** କଦଳୀଭଜା । ) ଦେ. ବଣ ( ସ. ଭର୍ଜିତ )—୧ ।
**भूनाहुआ** ଭର୍ଜିତ; ଯାହାକୁ ଭାଜିବାକୁ ହୋଇଥାଏ—1. Fried; roasted; baked. ( ଯଥା—ଭଜାମୁଗ, ଭଜାମାଛ, ହୋଇଭଜା ଖାଇ । ) [ ଉ—କ୍ଷୀକାଷ୍ଠାମୟ ଭୁ ଅରୁଣ ସକାମେ ଯେ ତୋର ଚରଣ, ପୂଜନ୍ତି ଜନ୍ମ ତାଙ୍କ ନାହିଁ, ଭଜା ଶାଳର ପ୍ରାପ୍ତ ହୋଇ । ଜଗନ୍ନାଥ. ଭାଗବତ । ]
୨ । ଯାହାଦ୍ୱାରା ଭାଜିବା କିମ୍ବା ସାଧିତ ହୁଏ—2. Used for frying. ( ଯଥା—ଭଜା ଖଡ଼ିକା; ଭଜା ହାଣ୍ଡି— ) ୩ । ଘିଅରେ ଯାହାକୁ ଭର୍ଜିତ କରାଯାଇଅଛି—3. Fried in ghee or oil. ( ଯଥା—ଘିଅଭଜା ଶାଗ । ) ୪ । ବାଲିରେ ମିଶାଇ ଯାହା ଭର୍ଜିତ ହୋଇଥାଏ—4. Fried by being put in heated sand etc. ( ଯଥା—ବାଲିଭଜା ମୁଗ )

**ଭଜା(ଜେ)ଇ ଦେବା**—ଦେ. କ୍ରି—୧ । ସାକ୍ଷାତ୍ ପ୍ରମାଣ ଦ୍ୱାରା କୌଣସି
Bhajā(je)i debā ବିଷୟର ସତ୍ୟତା ପ୍ରତିପନ୍ନ କରାଇବା—
**भजियेदेओया** 1. To have the truth of a matter
**मुकाबला करना** established by proof. ୨ । ସମ୍ପୃକ୍ତ ବ୍ୟକ୍ତିର ଉପସ୍ଥିତି ଓ ଉକ୍ତିଦ୍ୱାରା କୌଣସି ବିଷୟର ସତ୍ୟତା ବା ଅସତ୍ୟତା ପ୍ରମାଣ କରାଇବା—2 To have a thing proved or disproved by confronting the person concerned.

**ଭଜା(ଜେ)ଇବା**—ଦେ. କ୍ରି ( ଭଜ୍ ଧାତୁ—ଭଜିବାର ଣିଜନ୍ତରୂପ )
Bhajā(je)ibā ୧ । ଅନ୍ୟକୁ ପ୍ରାର୍ଥନା କରାଇବା—1. To
**भजान** cause another to say prayers. ୨ ।
**भजवाना** ଭଜାଇବା; କୌଣସି ବ୍ୟକ୍ତିକୁ ଭକ୍ତିଦ୍ୱାରା ବା ଅନୁସରଣ
**भजान** ଦ୍ୱାରା ସନ୍ତୁଷ୍ଟ ବା ବଶୀଭୂତ କରିବା—2. To please
**सन्तुष्ट रखना** a person by one's devotion or
**भजान** constant attendance. ୩ । (ସ. ଭୃଜ୍ ଧାତୁ)
**भुनाना; भुनवाना** ଭାଜିବାର ଣିଜନ୍ତରୂପ; ଅନ୍ୟଦ୍ୱାରା ଭାଜିବାକୁ ଦିଆ କରାଇବା—3 To cause to be fried. ୪ । ( ସ. ଭଜ୍ ଧାତୁ )—ପ୍ରବର୍ତ୍ତାଇବା; ମଜାଇବା; ରାଜି କରାଇବା—4. To induce; to persuade; to cause to agree. ୫ । ମୁଖାମୁଖି ମୁକାବିଲା କରାଇବା
**मोकाबिला करा** କୌଣସି ବିଷୟର ସତ୍ୟତା ବା ଅସତ୍ୟତାକୁ
**मजार करना** ପ୍ରମାଣ କରିବାପାଇଁ ସମ୍ପୃକ୍ତ ବ୍ୟକ୍ତି ସଙ୍ଗେ ମୁକାବିଲା କରାଇବା—5. To cause a matter to be proved or disproved by confronting the person concerned. ୬ । ହିସାବ ମୁକାବିଲା କରାଇବା—6. To get an account explained
**(हिसाब) मिलाना करना** and settled.

**ଭଜା(ଜେ)ଇବା ମଜା(ଜେ)ଇବା**—ଦେ. କ୍ରି ( ସକର୍ମ )—
Bhajā(je)ibā majā(je)ibā ସ. ଭଜ୍ ଧାତୁ ଓ ମସଜ୍ ଧାତୁ—
ଭଜା(ଜେ)ଇ ମଜା(ଜେ)ଇ ରଖିବା, ଭଜା(ଜେ)ଇବା ଭଜା(ଜେ)ଇବା } ଅନ୍ୟରୂପ ଭରଜେଇବା, କୌଣସି
**भजानमजान** ବ୍ୟକ୍ତିର ମନ ନେବା; କୌଣସି ବ୍ୟକ୍ତିକୁ ପ୍ରସନ୍ନ ବା
**मिलाना; राजिमिलान करना** ସନ୍ତୁଷ୍ଟ କରିବା; ବାକ୍ୟ, ସେବା ଓ କାର୍ଯ୍ୟଦ୍ୱାରା କୌଣସି ବ୍ୟକ୍ତିକୁ ପ୍ରସନ୍ନ ରଖିବା—To

keep a person well pleased with one's words, devotion or action.

ଭଜା ଖଡ଼ିକା—ଦେ. ବ—ଭଜାଭଜି ଖଡ଼ିକା (ଦେଖ)
Bhajā khardikā Bhajābhaji khardikā (See).

ଭଜା ଖରଡ଼ା—ଦେ. ବ (ସନ୍ତଳ)—ଅଳ୍ପ ପାଣିରେ ସିଝା ହୋଇ
Bhajā kharardā ତେଲ ବା ଘିଅରେ ଭଜା ହୋଇଥିବା
[ଭଜା ସ(ସି)ଝୁ(ଝ୍ରୋ)ଲା—ଅନ୍ୟରୂପ] ବ୍ୟଞ୍ଜନ—Curry;
ভাজাড়ালনা fried in ghee or oil after being boiled
रंधाभूना with a little water.

ଭଜା ଡାଲି—ଦେ. ବ—(ସ. ଭର୍ଜିତ+ଦାଲ)—ଭଜା ମୁଗ ବା ଭଜା
Bhajā dāli ହୋଲଥ ରଗଡ଼ା ହୋଇ ପ୍ରସ୍ତୁତ ହୋଇଥିବା
ভাজা ডাল मुजीहुई दाल ଡାଲି—Split pulse prepared
(ଭଜା ଡାଲ ବା ଜାଉ—ଅନ୍ୟରୂପ) from fried grains.

ଭଜା ତିଅଣ—ଦେ. ବ (ସନ୍ତଳ) (ସ. ଭର୍ଜିତ+ତେମନ)—ଭଜା ଓ
Bhajā tiana ତରକାରୀ; ଭଜାଭଜି; ତରକାରୀ ଭଜା—
(ଭଜା ତରକାରୀ—ଅନ୍ୟରୂପ) Fried vegetable and
ভাজা তরকারী भाजी तरकारी curry.

ଭଜା ପୋଡ଼ା—ଦେ. ବ (ସନ୍ତଳ)—(ଫଳାଦି) ଭଜାରେ ପ୍ରସ୍ତୁତ ଖାଦ୍ୟ
Bhajā pordā ଓ ପୋଡ଼ାରେ ପ୍ରସ୍ତୁତ ଖାଦ୍ୟ—(Vegetables)
(ଭଜା ଭଜା—ଅନ୍ୟରୂପ) Fried and singed.
ভাজা পোড়া भाजी और सेका

ଭଜା ଭଜି—ଦେ. ବ (ସ. ଭର୍ଜନ)—୧ । ଭାଜିବା ପ୍ରକ୍ରିୟା—1. Act
Bhajā bhaji of frying. ୨ । ଭଜା ଓ ତରକାରୀ—
ভাজাভাজি 2. Curry and fried vegetables. ୩—
भुनाभुनी ଯାହା ଦ୍ୱାରା ଭାଜିବା କ୍ରିୟା ସମ୍ପାଦିତ ହୁଏ—Used in
frying. (ଯଥା—ଭଜା ଭଜି ଅଟିକା । )

ଭଜାଭଜି ଅଟିକା—ଦେ. ବ—ଯେଉଁ ଅଟିକା ବା ହାଣ୍ଡିରେ ଚାଉଳ
Bhajābhaji ātikā ମୁଗ ଆଦି ଭଜା ହୁଏ—An earthen
(ଭଜାଭଜି ହାଣ୍ଡି—ଅନ୍ୟରୂପ) pot in which pulse, paddy
भाड etc are fried,

ଭଜାଭଜିଖଡ଼ିକା—ଦେ. ବ—ଯେଉଁ ନଡ଼ିଆପତ୍ରକାଠିଦ୍ୱାରା ଭଜା ହେଉ-
Bhajābhaji khardikā ଥିବା ଧାନ, ଚାଉଳ ଓ ମୁଗ ଆଦିକୁ
नारियलकीखडही ଘାଣ୍ଟିବାକୁ ହୁଏ—A bunch of cocoanut
leaf stalks with which grains etc are
stirred during frying.

ଭଜା ମୁଗ—ଦେ. ବ (ସ. ଭର୍ଜିତ ମୁଦ୍ଗ)—ଯେଉଁ ମୁଗ ରଗଡ଼ା ହେବା
Bhajā muga ପୂର୍ବରୁ ଭଜା ହୋଇଥାଏ; ମୁଗ—Pulse
ভাজামুগ भुजाहुआ मुंग fried before being split.
(ବାଂଲାର—ଭଜାମୁଗ)

ଭଜା ରଗଡ଼ା—ଦେ. ବ—ଡାଲି କରିବାପାଇଁ ମୁଗ ଆଦି ଶସ୍ୟକୁ
Bhajā ragardā ଭାଜିବା ଓ ତଳରେ ରଗଡ଼ିବା—Frying
ভাজাভাঙ্গা भुनना दलना and splitting of pulses for dāl.

ଭଜା ରନ୍ଧା—ଦେ. ବ (ସ. ଭର୍ଜନ+ରନ୍ଧନ)—ଖାଦ୍ୟ ଭାଜିବା କାର୍ଯ୍ୟ
Bhajā randhā ଓ ରାନ୍ଧିବା କାର୍ଯ୍ୟ—Act of frying and
ভাজারাঁধা भूनारांधा cooking articles for food.

ଭଜିଆ—ପ୍ରାଦେ (ଜୟପୁର ବାଲେଶ୍ୱର, ସଡ଼ଜାତ) ବ—ଅନାର୍ଯ୍ୟ ଜାତି-
Bhajiā ବିଶେଷ—An aboriginal tribe of the name.
ଦେ. ବ. ପୁଂ (ଅନାଦରାର୍ଥକ)-ଭଜନାନନ୍ଦ ଡାକ ନାମ—
A name for calling Bhajanānanda.

ଭଜିବା—ଦେ. କ୍ରି. ସ (ଭଜ୍ ଧାତୁ)—୧ । ପୂଜା କରିବା —1. To
Bhajibā worship. ୨ । ଭଜନ କରିବା; ସ୍ତବ କରିବା—
ভজা 2. To pray. (ଯଥା—ଯାହାପାଇଁ ଶିବ ଭଜୁ ଥାଉ,
भजना ତାହାଙ୍କ ପ୍ରିୟାଙ୍କୁ ଭଜୁ ଥାଉ । କବିସୂର୍ଯ୍ୟ । )
୩ । ମାଳା ଜପିବା—3 To tell beads.
(ଯଥା—ଭଜ ମାଳା ତୁମର ଗଳାରେ ପଡ଼ିଛି, ଏଥିରେ
ଭଜିଲେ ତ ମୁକତି ନୋହୁଛି । କୃଷ୍ଣସିଂହ ମହାଭାରତ.
ବନ ।) ୪ । ଉପସର୍ଯ୍ୟପରର ନାମ ସ୍ମରଣ କରିବା—
4. To repeatedly utter the name of a person in attachment or devotion.
୫ । ରଟିବା—5. To utter constantly. (ଯଥା—
ମନରେ ନାହିଁକି ମାନରେ ନାହିଁ, ଭଜ ଭଜ କହ ପାଇବୁ
କାହିଁ—ଗୀ । ) ୬ । ଏକାନ୍ତରୂପେ ଆସକ୍ତ ହେବା—
6. To be deeply attached to. ୭ । ମନ ଗୁଣ
ଝୁରିବା—7. To pine away in the thought of a person. ୮ । (ମୃତ୍ୟୁ, ଲୟ, ବିନାଶ ଆଦି ଅବସ୍ଥା)
ସୁଖ ଦୁଃଖ ପ୍ରାପ୍ତ ହେବା; ଭୋଗ କରିବା—8. To get; to experience; to suffer (death, self-extinction). (ଉ—ଖଳ ଲୁଣ୍ଠିତ କୁନ୍ତଳ ତଳ, ଭଜୁଥିଲ ଅସ୍ତ
ବ୍ୟସ୍ତ ଗତ—ଉପେନ୍ଦ୍ରଭଞ୍ଜ । ତନ୍ତୁ ତାହାଙ୍କ ଅଭ ଚନ୍ଦ୍ରତା ଭଜନ୍ତି ।
କୃଷ୍ଣସିଂହ, ମହାଭାରତ. ଆଦି । ତା କଥାକୁ ସୁଖ ନ ଭଜେ ମୋ ଦ
ଲକ୍ଷ୍ମୀ । କୃଷ୍ଣସିଂହ ମହାଭାରତ. ବନ ।) ୯ । ଗୁଣଗାନ କରିବା;
ପ୍ରଶଂସା କରିବା—9. To eulogise; to praise.
୧୦ । ପତିରୂପେ ବରଣ କରିବା; ପ୍ରେମ ଦାନ କରିବା—
10. To love; to court; to choose as one's husband. (ଉ—ଅଶ୍ୱିନୀକୁମାରେ ତା ଶୁଶ୍ରୂଷା ଦେଖିଲେ,
କହିଁ ତୁମ୍ଭେ ବୃଦ୍ଧିକ ଭଜଲ ଭାଷିଲେ । କୃଷ୍ଣସିଂହ.
ମହାଭାରତ. ବନ । ) ୧୧ । ସାଧନ କରିବା—
11. To practise. ୧୨ । ସେବା କରିବା—12. To serve. (ଉ—ଅକ୍ଳେଶ ବୁଦ୍ଧିରେ ସମସ୍ତେ, ତାହାଙ୍କୁ ଭଜ
ଯଥୋଚିତେ । ଜଗନ୍ନାଥ. ଭାଗବତ ।) ୧୩ । ଭକ୍ତି ସହିତ
ଅନୁଗମନ କରିବା—13. To follow with devotion. ୧୪ । ପର ମନକୁ ତୋଷି କାର୍ଯ୍ୟ କରିବା—
14. To seek to please a person. ୧୫ । ଶରଣା-
ପନ୍ନ ହେବା; କୌଣସି ବ୍ୟକ୍ତିର ଆଶ୍ରୟ ନେବା—
15. To take shelter under a person.
(ଉ—ସେ ତ ସ୍ୱଭାବେ ତ୍ରିଂଶ ପୁଂସ ଭଜନ୍ତ, ଭଜିବ ଜଣେ
ସିନା ବହୁ ହୋଇବ । ଉପ. ଲାବଣ୍ୟବତୀ ।)

ଭଜି—ସ. ବ. ( ଭଜ୍ ଧାତୁ+ଇନ୍; ୧ମା. ୧ ବଚନ )—
Bhaji ଯେ ଭଜେ; ଭଜନକାରୀ—Praying.
(ଭଜକ—ସ୍ତ୍ରୀ)

**ଭଜୁ(ଭୁ)ସି(ସୀ)**—ଦେ. ବିଣ. ( ସଂ. ଭଜ ଧାତୁ )—୧ । ଭକ୍ତ—
Bhaju(bu)si(sī) 1. Devoted to. ୨ । ଯେ କୌଣସି
ভক্ত ବ୍ୟକ୍ତିର ମନ ଜଗିଥାଏ—2. Acting according
भक्त to the wish or pleasure of a person.
୩ । ତତ୍ପର ସେବାକାରୀ—3. Diligently serving. ୪ । କୌଣସି ବ୍ୟକ୍ତିଠାରେ ଶରଣାପନ୍ନ—4. Taking shelter under a person.
ভক্তি ବି—୧ । ଭକ୍ତି—1. Devotion. ୨ । ଆସକ୍ତି;
भक्ति ଅନୁରକ୍ତି—2. Attachment. ୩ । ବଢ଼ାଇବା; ରସାଇବା କର୍ମ—3. The act of pleasing a person.

**ଭଜ୍ୟମାନ**—ସଂ ବିଣ. ପୁଂ (ଭଜ୍ ଧାତୁ+କର୍ମ. ଅନ )—୧ । ସେବ୍ୟ-
Bhajyamāna ମାନ—1. Being served. ୨ । ଯାହା
(ଭଜ୍ୟମାନା—ସ୍ତ୍ରୀ) ବିଭକ୍ତ କରି ଯାଉଅଛି—2. Being divided.

**ଭଞ୍ଜ** (ଧାତୁ)—ସ—୧ । ଭାଙ୍ଗିବା—1. To break. ୨ । ଲୋପ
Bhañj (root) କରିବା—2. To obliterate; to cause
(ଭନଜ ଧାତୁ—ଅନ୍ୟରୂପ) to disappear. ୩ । ବିନାଶ କରିବା—3. To destroy; to ruin.

**ଭଞ୍ଜ**—ଦେ. ବି—୧ । କ୍ଷତ୍ରିୟଙ୍କ ଉପାଧିବିଶେଷ—1. Family
Bhañja title of Khatriyas. ୨ । ଘୁମୁସର, ମୟୂରଭଞ୍ଜ, କେନ୍ଦୁଝର, ହଳଦିଆ ଆଦି ରାଜାମାନଙ୍କର ବଂଶଗତ ଉପାଧି—2. Family title of kings of Ghumsar, Mayūrbhañj, Keonjhar and Haladiā in Orissa. ୩ । ଭଞ୍ଜ କବି (ଦେଖ)—3. Bhañja kabi (See). [ଦ୍ର—ଏ ଭାଷାକୋଷରେ କବି ଉପେନ୍ଦ୍ର ଭଞ୍ଜଙ୍କ ଗ୍ରନ୍ଥାଦିରୁ ଉଦ୍ଧୃତ ପଦମାନଙ୍କରେ 'ଭଞ୍ଜ' ନାମ ଲେଖା ଯାଇଅଛି ।] ପ୍ରାଦେ. (ସମ୍ବଲପୁର) ବି—ପୋଲୁହ (ଦେଖ)—Poḷuha (See)

**ଭଞ୍ଜକବି**—ଦେ· ବି—(ଘୁମୁସର ରାଜବଂଶରେ ଜନ୍ମିଥିବାରୁ) ଉପେନ୍ଦ୍ରଭଞ୍ଜ-
Bhañja kabi Upendrabhañja,
(ଭଞ୍ଜ ଶାଇବର—ଅନ୍ୟରୂପ) (See) the renowned classical poet of Orissa (of Ghumsur in the district of Ganjam.) [ଗୁଣବାନ୍ କେଉ ବାଣୀଙ୍କ କୁମର, କବି ବଳଦେବ ଭଞ୍ଜ ଶାଇବର ।
ରାଧାନାଥ. ଚନ୍ଦ୍ରଭାଗା ।]

**ଭଞ୍ଜ କମ୍ବଦନ୍ତୀ**—ଦେ· ବି—ଉତ୍କଳର ଭଞ୍ଜବଂଶର ଉତ୍ପତ୍ତି ସମ୍ବନ୍ଧେ
Bhañja kimbadantī ପ୍ରାଚୀନ ଉପାଖ୍ୟାନ—The tradition about the origin of the Bhañja family. [ଦ୍ର—ତ୍ରେତାଯୁଗରେ ଥରେ ବଶିଷ୍ଠ ଋଷି ବଣରେ ବୁଲୁ ବୁଲୁ ମୃଗମିଥୁନଙ୍କ କାମକ୍ରୀଡ଼ା ଦେଖି କାମାର୍ତ୍ତ ହେଲେ ଓ କୌପୀନରେ ତାଙ୍କ ଅମୋଘ ରେତଃ ସ୍ଖଳିତ ହେଲା । ସେ କୌପୁନକୁ ଦେବର ଗର୍ତ୍ତ ମଧ୍ୟରେ ଧୋଇବାରୁ ଦୁଇଟି ବିନ୍ଦୁ ଖସିଲା । ତାକୁ ଗୋଟିଏ ମୟୂର ଜଳ ସହିତ ପାନ କରି ଦୁଇଟି ଅଣ୍ଡ ପ୍ରସବ କଲା । ଅଣ୍ଡ ବଢ଼ିବାକୁ ମୟୂରୀ ଛାଡ଼ି ପଳାଇଲା ଓ ବଶିଷ୍ଠ ନିଜେ ଅଣ୍ଡ ଦୁଇଟିକୁ ପାଳିଲେ । ଗୋଟିଏ ଅଣ୍ଡ ଫାଟି ଶିଶୁ ଜାତ ହେବାରୁ ବଶିଷ୍ଠ ଶିଶୁର ନାମ ମଦନ ରଖା ଦେଲେ । ଅନ୍ୟ ଅଣ୍ଡଟି ନ ଫୁଟିବାରୁ ଋଷି ତାକୁ ଭାଙ୍ଗି ଦେଲେ ଓ ସେଥିରୁ ବାହାରିବା ଶିଶୁ ମୋଦକ ଭଞ୍ଜ ବୋଲାଇଲେ । ଅଣ୍ଡ ସୂର୍ଯ୍ୟୋତ୍ତାପରେ ପକ୍ୱ ହୋଇଥିବାରୁ ଏମାନେ ସୂର୍ଯ୍ୟବଂଶୀ ନାମରେ ପରିଚିତ ହେଲେ । ଭ୍ରାତୃଦ୍ୱୟଙ୍କୁ ବଶିଷ୍ଠ ଶସ୍ତ୍ର ଓ ଶାସ୍ତ୍ରରେ ନିପୁଣ କଲେ । ଏହି ଭ୍ରାତୃଦ୍ୱୟ ବୟଃପ୍ରାପ୍ତି ପରେ ଚତୋର ଓ ତନ୍ନିକଟବର୍ତ୍ତୀ ଦେଶରେ ରାଜତ୍ୱ ସ୍ଥାପନ କଲେ । ପରେ କନିଷ୍ଠ ମୋଦକ ଦେଶ ତ୍ୟାଗ କରି ମୟୂରଭଞ୍ଜରେ ରାଜ୍ୟ ସ୍ଥାପନ କଲେ । ସେ ସମ୍ବଲପୁର ରାଜକନ୍ୟାଙ୍କୁ ବିବାହ କଲେ । ମୟୂରଭଞ୍ଜରୁ କେତେକ ଅଂଶ ବିଚ୍ଛିନ୍ନ ହୋଇ କେନ୍ଦୁଝର ବୋଲାଇଲା ଓ ତହିଁରେ ଜଣେ ରାଜଭ୍ରାତା ରାଜା ହେଲେ ।

ବୌଦର କାଶ୍ୟପ ଗୋତ୍ରୀୟ ବ୍ରାହ୍ମଣ ରାଜା ଶାଳବନ୍ଧୁ ନନ୍ଦଙ୍କର ଔରସ ପୁତ୍ର ବିନାୟକ ନନ୍ଦଙ୍କୁ ତାଙ୍କର ପାଳିତ ସୂର୍ଯ୍ୟବଂଶୀୟ ଦୁଇଟି କ୍ଷତ୍ରିୟ କୁମାର ରଘୁନାଥ ଓ ବନମାଳୀ ବଣରେ ବଧ କଲେ । ଶାଳବନ୍ଧୁ ନିଜ ପୁତ୍ରର ମରଣବାର୍ତ୍ତା ଶୁଣି ପ୍ରାଣତ୍ୟାଗ କଲେ ଓ ସନ୍ଦେହରେ ସୂର୍ଯ୍ୟବଂଶୀୟ ଏହି ଦୁଇ କୁମାରଙ୍କୁ ଅଭିଶାପ ଦେଲେ ତୁମ୍ଭ ବଂଶଧରମାନେ କଳହ କରି ରୋଗଗ୍ରସ୍ତ ହୋଇ ବିନାଶ ପ୍ରାପ୍ତ ହେବେ । ଜ୍ୟେଷ୍ଠ ରଘୁନାଥ ରାଜା ହେଲେ ଓ ଖିଞ୍ଜାଲି ( ବର୍ତ୍ତମାନ ଘୁମସର)ର କ୍ଷୁଦ୍ର ରାଜାଙ୍କ ମଧ୍ୟରେ ବିବାଦ ହେଉ ଥିବାରୁ ସେମାନଙ୍କୁ ଜୟ କରି ଖିଞ୍ଜାଲିକୁ ବୌଦ ଅନ୍ତର୍ଭୁକ୍ତ କଲେ । ଖିଞ୍ଜାଲିର ଅଧମ ଅଧିବାସୀମାନେ ଅନାର୍ଯ୍ୟ କନ୍ଧ, ସଉରା, ପାଣ ଆଦି ନୀଚର ଲୋକ ଥିଲେ । ରଘୁନାଥ ସେମାନଙ୍କ ବିଦ୍ରୋହ ଦମନ କରି ସେଠାରେ ଶାନ୍ତି ସ୍ଥାପନ କଲେ ଓ ଗୋଟିଏ ଭଗ୍ନ ପୁରାତନ ଦୁର୍ଗ (ଗୁମା=କୁଡ଼ଅ-ଘର, ଗଡ଼) ଓ ତହିଁର ଚତୁର୍ଦ୍ଦିଗରେ (ସର=ଜଙ୍ଗଲୀ) କୋଡ଼ ଦେଖି ସେହିଠାରେ ଦୁର୍ଗ ନିର୍ମାଣ କଲେ । (ଖ୍ରୀ. ୮୦୨ ଅବ୍ଦ) । ସେ ଗଡ଼ର ନାମ ଗୁମସର ହେଲା । ବନମାଳ ଭଞ୍ଜ ରଘୁନାଥଙ୍କ ଅଧୀନରେ ସେ ରାଜ୍ୟ ପାଳିଲେ । ଗୁମସର ଭଞ୍ଜବଂଶୀୟମାନେ ରଘୁନାଥ (୮୦୨ ଖ୍ରୀ) ଠାରୁ ଆରମ୍ଭ କରି ୪୧ ପୁରୁଷ ପର୍ଯ୍ୟନ୍ତ ୪୮ ଜଣ ରାଜା ଗୁମସର ଗାଦିରେ ବସିଥିଲେ । ଶେଷ ରାଜା ଧନଞ୍ଜୟ ଭଞ୍ଜ (୧୮୦୨—୧୮୩୫) ଅବ୍ଦ ସମୟରେ ଇଂରାଜଙ୍କଦ୍ୱାରା ରାଜ୍ୟଚ୍ୟୁତ ହୋଇ ପେନସନ୍ ପାଇଲେ ଓ Vellore ରେ ରହିଲେ । ବର୍ତ୍ତମାନ ଏ ଭଞ୍ଜବଂଶର ଲୋପ ହୋଇଅଛି ।

ଉପେନ୍ଦ୍ର ଭଞ୍ଜ ଏହି ବଂଶର ନୀଳକଣ୍ଠ ଭଞ୍ଜ (୧୬୦୧-୭)ଙ୍କ ପୁଅ । ନୀଳକଣ୍ଠ ତାଙ୍କ ପିତାଙ୍କ କନିଷ୍ଠ ପୁତ୍ର ଥାଇ ସୁଦ୍ଧା କୌଶଳରେ ପିତାଙ୍କ ସିଂହାସନ ଅଧିକାର କରି ତାଙ୍କ ବଡ଼ ଭାଇ ଓ ପୁରୁଷଙ୍କୁ ବଧ କରି ନାନା ଅତ୍ୟାଚାର କରିବାରୁ

ତାଙ୍କ ଦୁଇ ପୁରୁଷ ଛଡ଼ା କରେଇ ଘନ ଭଞ୍ଜଙ୍କଦ୍ୱାରା ବିତାଡ଼ିତ ହୋଇ ଗୁମସର ପରିତ୍ୟାଗ କରି ଧରାକୋଟ ଓ ଅଠଗଡ଼ରେ ଓ ଶେଷରେ ନୂଆଗଡ଼ରେ ଆଶ୍ରୟ ନେଲେ। ଉପେନ୍ଦ୍ର ଭଞ୍ଜ ନୀଳକଣ୍ଠଙ୍କ ପୁତ୍ର। ସେ ଶ୍ରୀମତାରକ ମନ୍ତ୍ର ସାଧନ କରି ଅସାଧାରଣ କବିତ୍ୱ ପାଇଥିଲେ।

ଗଞ୍ଜାମ ପୂର୍ବେ ଚିକାକୋଲ ସର୍କାର ଅନ୍ତର୍ଗତ ଥାଇ ଫ୍ରେଞ୍ଚ୍‌ମାନଙ୍କ ଅଧୀନରେ ଜଣେ ନବାବଙ୍କ ଅଧୀନରେ ଥିଲା; ପରେ ଇଂରେଜମାନେ ଗୁମସର ରାଜା ଶ୍ରୀକୃଷ୍ଣଙ୍କୁ ହଟାଇ ତାଙ୍କ ଭାଇ ଲକ୍ଷ୍ମଣଙ୍କୁ ରାଜା କଲେ। ତତ୍ପରେ ଶ୍ରୀକର (୧୭୯୦–୧୮୧୯) ରାଜା ହେଲେ ଓ ପୁତ୍ର ଧନଞ୍ଜୟଙ୍କ ଦୌରାତ୍ମ୍ୟରେ ବିରକ୍ତ ହୋଇ ରାଜ୍ୟ ଛାଡ଼ି ତୀର୍ଥକୁ ଗଲେ ଓ ଧନଞ୍ଜୟ ରାଜା ହେଲେ। ଧନଞ୍ଜୟ ଜଣେ ନରହନ୍ତା ଓ ଅତ୍ୟାଚାରୀ ଥିଲେ ଓ ମାଜିଷ୍ଟ୍ରେଟ୍‌ଙ୍କ ବିରୁଦ୍ଧରେ ବନ୍ଦୀ ହୋଇ ଗଭର୍ଣ୍ଣମେଣ୍ଟରୁ ପେନସନ୍ ପାଇ ରହୁଥିଲେ ଓ ଶ୍ରୀକର ତୀର୍ଥରୁ ଫେରି ଆସି ପୁଣି ୧୮୧୯ ଠାରୁ ୧୮୩୨ ପର୍ଯ୍ୟନ୍ତ ରାଜା ହେଲେ। ତତ୍ପରେ ବୃଦ୍ଧ ହେବାରୁ ଇଂରାଜ ସରକାରଙ୍କ ଅନୁମତିକ୍ରମେ ଧନଞ୍ଜୟ ରାଜା ହେଲେ। ସେ ଇଂରେଜଙ୍କ ସଙ୍ଗେ ବିଦ୍ରୋହୀ ହୋଇ ଯୁଦ୍ଧ କରି ୧୮୩୫ରେ ମଲେ ଓ ତତ୍ପରେ ଏହା ଖାସ କରି ସରକାର ନେଲେ ଓ Russel ସାହେବ କଲେକ୍ଟର ଗୁମସରର ପ୍ରଥମ ଇଂରାଜ ଶାସନକର୍ତ୍ତା ହେଲେ। ତାରଣୀଚରଣ ରଥଙ୍କ ଗୁମସର ଇତିହାସରୁ ଗୃହୀତ (ଉ. ସା. ୧୯୧୩)।]

**ଭଞ୍ଜକ**—ସଂ. ବିଣ. ପୁଂ ( ଭଞ୍ଜ୍ ଧାତୁ+କର୍ତ୍ତୃ ଅକ )—୧। ଭଙ୍ଗକାରୀ;
**Bhañjaka** ଭଞ୍ଜନକାରୀ—1. Breaking. ୨। ନିବାରକ
(ଭଞ୍ଜିକା—ସ୍ତ୍ରୀ) —2.—Preventing. ( ଯଥା—ବିପଦ-ଭଞ୍ଜକ, ସନ୍ଦେହଭଞ୍ଜକ, ମାନଭଞ୍ଜକ। )

**ଭଞ୍ଜନ**—ସଂ. ବି ( ଭଞ୍ଜ୍ ଧାତୁ+ଭାବ. ଅନ )—୧। ଭାଙ୍ଗିବା—
**Bhañjana** 1. Breaking. ୨। ଘୁଞ୍ଚାଇବା—2.
(ଭଞ୍ଜନା—ସ୍ତ୍ରୀ) Removal. ୩। ଖଣ୍ଡନ; ନିରସନ; ଦୂରୀକରଣ—3. Dispelling; expelling. ୪। ମେଣ୍ଟଣ; ମୀମାଂସା—4. Settlement; decision. ବିଣ. ପୁଂ ( ଅନ୍ୟ ଶବ୍ଦ ସଙ୍ଗେ ଯୁକ୍ତ ହୋଇ ହୁଏ; ଯଥା—ବିପଦ-ଭଞ୍ଜନ, ଦୁଃଖଭଞ୍ଜନ, କଳହଭଞ୍ଜନ, ମାନଭଞ୍ଜନ )—୧। ( କଳଙ୍କର ) ନିରସନ—1. Dispelling. ୨। ( କଳହର ) ମୀମାଂସା କରିବା; ମେଣ୍ଟଣ—2. Amicable settlement. ୩। ( ବିପଦର )—ନିବାରଣ—3. Prevention ( of a danger ). ୪। ( ମାନର ) ଦୂରୀକରଣ—4. Removal.

**ଭଞ୍ଜା**—ଦେ. ବି—ଯେ ଭାଙ୍ଗେ—Breaking. (ଯଥା—ଘରଟା-
**Bhañjā** ভাংগা ଭଞ୍ଜା, ଯାମଳା ଭଞ୍ଜା।)—
तोडनेवाला; भंजा

**ଭଞ୍ଜା(ଞ୍ଜେ)ଇବା**—ଦେ. କ୍ରି ( ସଂ. ଭଞ୍ଜ୍ ଧାତୁର ଣିଜନ୍ତ )—ଭଙ୍ଗାଇବା
**Bhañjā(ñje)ibā** —To cause to break. ଉ
ভাঙ্গান —ହେବେ ସେ ଲଙ୍ଘିତ ଜତ ଭୁବନରେ ହଂସ ଗରବ
तोडवाना ଭଞ୍ଜାଇବ। ଉ. ପ୍ରେମସୁଧାନିଧି ୩।୧୧। )

**ଭଞ୍ଜିବା**—ଦେ. କ୍ରି ( ସଂ. ଭଞ୍ଜ୍ ଧାତୁ )—ଭାଙ୍ଗିବା—To break.
**Bhañjibā** ( ଉ—ଭଞ୍ଜ ଭଞ୍ଜାରବର ସନ୍ତାପ ଏବେ। ଉ.
ভাংগা भंगना ପ୍ରେମସୁଧାନିଧି ୧।୪ )

**ଭଞ୍ଜୀ**—ସଂ. ବି. ପୁଂ ( ସଂ. ଭଞ୍ଜ୍ ଧାତୁ+ଇନ୍; ୧ମା. ୧ବ )—ଭଞ୍ଜକ—
**Bhañjī** (ଭଞ୍ଜିନୀ—ସ୍ତ୍ରୀ) Breaking; dispelling.

**ଭଞ୍ଜୀୟ**—ଦେ. ବିଣ ( ଭଞ୍ଜ+ସଂ. ପ୍ରତ୍ୟୟ ଈୟ )—ଉପେନ୍ଦ୍ର ଭଞ୍ଜ
**Bhañjīya** ସମ୍ବନ୍ଧୀୟ—Relating to Uprndra Bhañja ( Poet ). ( ଯଥା—ଭଞ୍ଜୀୟ ରଚନା, ଭଞ୍ଜୀୟ ଯୁଗ, ଭଞ୍ଜୀୟ କବିତା, ଭଞ୍ଜୀୟ [illegible], ଭଞ୍ଜୀୟ ସାହିତ୍ୟ ଇତ୍ୟାଦି। )

**ଭଟ୍** (ଧାତୁ)—ସଂ.—୧। କହିବା—1. To tell; to speak.
**Bhaṭ (root)** ୨। ପୋଷଣ କରିବା; ରକ୍ଷା କରିବା—2. To maintain; to entertain; to nourish; to foster. ୩। ଭଡ଼ା ଦେବା—3. To hire ( Apte ). ୪। ମୂଲ ପାଇବା—4. To receive wages ( Apte ).

**ଭଟ୍**—ସଂ. ଅ ( ଧ୍ୱନ୍ୟର୍ଥକ )—ନିଆଁରେ ବାଇଗଣ ପୋଡ଼ିଲା ବେଳେ
**Bhaṭ** ତାହା ଫାଟିଯାଇ ଯେଉଁ ଶବ୍ଦ କାହାରେ—An
ভট onomatopoetic sound (as of the bursting
भट of a brinjal when thrown into fire ).

**ଭଟ୍ ଭଟ୍**—ଦେ. ଅ ( ଧ୍ୱନ୍ୟର୍ଥକ )—୧। ଗପସପ—1. Gibble-
**Bhaṭ bhaṭ** gabble. ୨। ବଡ଼ପାଟି କରିବା ଶବ୍ଦ—
ভট ভট 2. Sound as of loud talk. ( ଉ—ଭଟ
भट भट ଭଟ ହୋଇ କହିବା ପଡ଼ିଲେ। କୃଷ୍ଣସିଂହ. ମହାଭାରତ. ଆଦି।) ୩। କୋଳାହଳ—3. Ado; row; noise. ୪। କଳି—4. Quarrel. ( ଉ—ବୋହୂଟା ଶାଶୁ ସଙ୍ଗେ ଭଟ୍ ଭଟ୍ ଲଗାଇଛନ୍ତି। ଗଳ୍ପ-ସ୍ୱଳ୍ପ ) ୫। ଗାଳିମନ୍ଦ—5. Abuse. ୬। ଭୁଟ୍ ଭୁଟ୍; ବୁଦ୍ ବୁଦ ଫୋଟିବା ଶବ୍ଦ—6. The sound of bursting of bubbles. ( ଉ—ଉପରେ ଚଳ ଘଟ, ଘଟ ଭିତରେ ପାପ ଭଟ ଭଟ। ଭଗ। )

ଭଟ ଭଟ, ଭଟ ଭାଟ,
ଭଟର ଭଟର, ଭଟର ଭାଟର,
ଭଠ୍ ଭଠ୍, ଭଠ ଭଠ,
ଭଠର ଭଠର
} ଅନ୍ୟରୂପ

**ଭଟ୍ ଭାଟ୍**—( ଧ୍ୱନ୍ୟନୁକରଣ ) ପ୍ରାଦେ ( ସମ୍ବଲପୁର )—ଧଡ଼୍ ଧାଡ଼୍
**Bhaṭ bhāṭ** ( ମାଟିଆ ଅଦ ) ପଡ଼ିବାର ଶବ୍ଦ—The sound of falling of earthern pots.

**ଭଟ୍ ଭଟ୍ ହେବା**—ଦେ. କ୍ରି—୧। ଗପସପ୍ କରିବା—1. To gibble-
**Bhaṭ bhaṭ hebā** gabble. ୨। ପାଟି କରି ଅନେକ
(ଭଟର ଭଟର ହେବା—ଅନ୍ୟରୂପ) ଗପିବା—2. To talk
ভট ভট করা loudly; to gabble. ( ଉ—କି ହେବ
भट भट करना ଆଉ ଭଟ ଭଟ, କର୍ମକୁ ଧର୍ମ ହେଲା ଅରକ୍ଷିତ। କବିସୂର୍ଯ୍ୟ. ଜଗୋଷ୍ଠ ଗୀତ। )

**ଭଟ୍(ଟ)ଭଟିଆ(ୟା)**—ଦେ. ଵଣ—୧ । ଗପଡ଼ି—1. Gabbling; Bhaṭ(ṭa)bhaṭiā(yā) talkative. ୨ । କଳହପ୍ରିୟ—
ভটভটে **भटभटिया** 2. Quarrelsome.
[ ଭଟ୍(ଟ)ଭଟୀ, ଭଟ୍(ଟ)ଭଟେଇ—ସ୍ତ୍ରୀ ]

**ଭଟ୍(ଟା)କା**—ସ. ଵ—୧ । ଭୁଲ—1. Mistake. ୨ । କ୍ଷତି—Bhaṭ(ṭā)kā 2. Loss. ୩ । ଭାଉ—3. Market rate.
ভটকা ୪ । ପଣ୍ୟଦ୍ରବ୍ୟର ଦାମ ଦରାଦରି—4 Higgling
**भटक** and haggling; negotiation. [ ଦ୍ର—ଏ ଶବ୍ଦ ଭୁଲ ଓ ଭାଉ ସଙ୍ଗେ ନିରର୍ଥକ ବା ଏକାର୍ଥକ ସହଚରରୂପେ ପ୍ରଯୁକ୍ତ ହୁଏ, ଯଥା—ଭୁଲଭଟକା, ଭାଉଭଟକା—A meaningless term added to Bhul and Bhāu]

**ଭଟ**—ସ. ବି. ପୁଂ ( ଭଟ୍ ଧାତୁ=ପୋଷଣ କରିବା+କର୍ତ୍ତୃ. ଅ )—Bhaṭa ୧ । ବୀର; ଶୂର—1. Hero. ୨ । ରଣଶୂର; (ଭଟା—ସ୍ତ୍ରୀ) ଯୋଦ୍ଧା—2. Warrior; combatant. ୩ । ବର୍ଣ୍ଣସଙ୍କର ଜାତିବିଶେଷ; ଭଟୁଆଜାତି—3. Name of a hybrid caste. ୪ । ମ୍ଲେଚ୍ଛଜାତିବିଶେଷ—4. A class of low caste. ୫ । ମୂଲ ନେଇ ଯୁଦ୍ଧ କରୁଥିବା ସୈନିକ—5. A mercenary or hired soldier (Apte). ୬ । ଜାତିଚ୍ୟୁତ ବ୍ୟକ୍ତି—6. An out—caste (Apte). ୭ । ରାକ୍ଷସ—7. A demon (Apte). ସ. ଵଣ—୧ । ନୀଚ; ହୀନ; ପାମର—1. Mean; low; vile. ୨ । ପତିତ; ଜାତିଚ୍ୟୁତ—2. Outcasted. ( ସ. ଭଟ୍ଟ )—୧ । ବ୍ରାହ୍ମଣଙ୍କର ଉପାଧିବିଶେଷ—1. A family title of Brahmaṇas. ୨ । ଶୂଦ୍ରଙ୍କର ଉପାଧିବିଶେଷ—2. A family title of Śūdras. ୩ । ଭାଟ; ସ୍ତୁତିପାଠକ—3. A panegyrist; herald; bard.

**ଭଟ ଅମଳ**—ଦେ. ବି.—ମରହଟ୍ଟ ଅମଳ; ପ୍ରାଚୀନ କାଳ—Ancient Bhaṭa amaḷa পুরানো আমল **पुराना जमाना** times. (ଭଟ ଅମଳିଆ—ଵଣ) [ ଦ୍ର—ମରହଟ୍ଟାମାନଙ୍କ ଅମଳରେ ବିଥଲ ଭଟ୍ଟ ନାମକ ଜଣେ ବଡ଼ ଦୟାଶୀଳ ମନ୍ତ୍ରୀ ଥିଲେ । ସେ ବହୁ ଜମି ଦାନ କରିଥିଲେ । ତାଙ୍କଦ୍ୱାରା ପ୍ରଦତ୍ତ ଅନେକ ସନନ୍ଦ ବର୍ତ୍ତମାନ ମିଳେ । ତାଙ୍କ ଉପାଧିରୁ ଏ ପ୍ରବଚନ ହୋଇଅଛି ।]

**ଭଟ ଅମଳିଆ**—ଦେ. ଵଣ—ପ୍ରାଚୀନ କାଳୀନ; ଅଧୁନା ଅବ୍ୟବହୃତ ଓ Bhaṭa amaḷiā ଅନାଦୃତ ( କଥା ବା ବସ୍ତୁ ବା ଫେସନ୍ )—
পুরানো আমলের Obsolete; archaic; out of date;
**पुराने जमानेका (काम)** old-fashioned.

**ଭଟକା(କେ)ଇବା**—ଦେ. କ୍ରି—୧ । କ୍ଷତିଗ୍ରସ୍ତ କରିବା—1. To cause Bhaṭakā(ke)ibā loss to a person. ୨ । ଭୀତ
ভাগান କରାଇବା—2. To frighten. ୩ ।
**भगाना, भडकाना** ଚମକାଇ ଦେବା—3. To scare away. ୪ । ଭ୍ରମରେ ପକାଇବା—4. To cause a person to fall into error. ୫ । ଠକାଇବା—5. To cheat; to defraud.

**ଭଟକିବା**—ଦେ. କ୍ରି—୧ । ଭୁଲ କରିବା—1. To commit Bhaṭakibā mistake. ୨ । ଚମକି କରି ପଳାଇବା—
ভাগা 2. To be scared away. ୩ । ପଥଭ୍ରଷ୍ଟ
**भगना, भगजाना, भडकना** ହେବା—3. To go astray. ( ଭଟକି ଯିବା—ଅନ୍ୟରୂପ ) ୪ । ଠକାମିରେ ପଡ଼ିବା—4. To be cheated ୫ । କ୍ଷତିରେ ପଡ଼ିବା—5. To suffer loss.

**ଭଟ ପଣ୍ଡିତ**—ଦେ. ଵଣ ( ଭଟ୍ଟ+ପଣ୍ଡିତ; ବ୍ୟଙ୍ଗ୍ୟ )—ମହାପଣ୍ଡିତ—Bhaṭa paṇḍita A big Pandit.
ভট্ট পণ্ডিত **भट पण्डित**

**ଭଟ ମିଶ୍ର**—ଦେ. ବି—ଭଟମିଶ୍ର (ଦେଖ)—Bhaṭṭa miśra (See) Bhaṭa miśra ପ୍ରାଦେ. ( ବାଣପୁର, ପୁରୀଜିଲ୍ଲା ) ସ. ( ଭଟ= ନୀଚ, ହୀନ )—ପତିତ ବ୍ରାହ୍ମଣଙ୍କ ଉପାଧି ବିଶେଷ—The family title of a class of fallen Brāhmaṇas of Banpur in the Puri district who were outcasted for giving their girls in marriage to Kshatriya Kings. [ ଦ୍ର—କଥିତ ଅଛି ଯେ ଏହାଙ୍କ ପୂର୍ବପୁରୁଷ କ୍ଷତ୍ରିୟଙ୍କୁ କନ୍ୟା ପ୍ରଦାନ କରିବା ଫଳରେ ସମାଜଚ୍ୟୁତ ହୋଇଥିଲେ । ]

**ଭଟା**—ସ. ବି ( ଭଟ୍ ଧାତୁ=ପୋଷଣ କରିବା+ସଂଜ୍ଞାର୍ଥେ କର୍ତ୍ତୃ. ଅ Bhaṭā +ଆ )—ଇନ୍ଦ୍ରବାରୁଣୀ; ଗୋରକ୍ଷ କାକୁଡ଼ି; ମହାକାଳ
ভাটা; ভাঁট ଫଳ—Colocynth. ଦେ. ବି ( ସ. ଭୃଂ ଧାତୁ= **भटा** ଗ୍ରହଣ କରିବା )—୧ । ସମୁଦ୍ର ଜଳସ୍ଫୀତିର ଦୈନିକ (ଜୁଆର—ବିପରୀତ) ହ୍ରାସ—1. Ebb-tide of the ocean. ୨ । ସମୁଦ୍ର ଭଟା ଯୋଗୁଁ ସମୁଦ୍ରଗାମୀ ନଦୀର ଜଳହ୍ରାସ—2. The ebb-tide of a river. ୩ । ନଦୀର ଯେଉଁ ଅଂଶରେ ଡଙ୍ଗା ବା ପହଁରି ଯିବା ପାଇଁ ଯଥେଷ୍ଟ ଗଭୀର ଜଳ ନ ଥାଏ—3. The shallow part of a
**घट्टी, डाँर** river. ୪ । କ୍ଷୟ; ଅବନତି—4. Waning; deterioration. ୫ । ପ୍ରତାରଣା; ଠକାମି—5. Fraud; deceit; cheating. ୬ । କ୍ଷତି; ଲୋକସାନ—6. Loss. ୭ । ( ସ. ଭଟ୍ଟ ) ପିଅଦା—7. A peon. ପ୍ରାଦେ—( ବାମଣ୍ଡା ) ବି—୧ । ବାହାର; ଘରର ବହିର୍ଦ୍ଦେଶ—1. The outside part of a house. ୨ । ( ବୈଦେ ) ବି ( ଭୁଲ. ଏହି ଅର୍ଥରେ ହି. ଘାଟା )—ନଦୀର ଜଳସ୍ରୋତ ନିକଟସ୍ଥ ଶୁଷ୍କ ସ୍ଥାନ—2 A dry place near the river-current. ୩ । ( ବୌଦ ) ବି. ନଦୀର ଦୁଇ କୂଳରେ ଥିବା ଶୁଖିଲା ସ୍ଥଳଭାଗ—3. The dry banks of a river. ୪ । ( କଳାହାଣ୍ଡି ଓ ଜୟପୁର ) ଟିଣ ଜମି—4. High land.

ଭଟାଗୁର୍ଯ୍ୟ—ଦେ. ବ ( ସ. ଭଟ୍ଟାଗୁର୍ଯ୍ୟ )—ଭଟ୍ଟାଗୁର୍ଯ୍ୟ ( ଦେଖ )
Bhatāchārjya Bhattāchārjya ( See )

ଭଟା ନଈ—ଦେ. ବ—ସମୁଦ୍ରର ଭଟା ଯୋଗୁଁ ମୁହାଣ ନିକଟସ୍ଥ ଯୁଅର
Bhatā nai ଛାଡ଼ଥିବା ନଦୀ—Ebbing river; a river at
ଭାଟାହ଼ଈ ନଦୀ ঘटतीहुई नदी the ebb-tide.

ଭଟା ପଡ଼ିବା—ଦେ. କ୍ରି—ନଦୀ ବା ସମୁଦ୍ରର ଜୁଆର ଛାଡ଼ିଯିବା—
Bhatā pardibā To ebb ( said of the sea or of a
ଭାଟାପଡ଼ା, ଭାଟାନ river ). ( ଲକ୍ଷଣାର୍ଥ )—କୌଣସି
भाटा पड़ना କାର୍ଯ୍ୟରେ ବାଧା ପଡ଼ିବା ( ଜାହାଜ ନୌକା ଇତ୍ୟାଦି ଭଟାରେ ପଡ଼ି ଅଟକିବା ଉପମାରୁ )—
Obstruction in course of the execution of some business. ( ଦୃ—ଭଟା ପଡ଼ିଗଲା ବୁଦ୍ଧି କଳନା ନୁଆରେ—ଚନ୍ଦ୍ରାମଣି. ବନମାଳୀ । )

ଭଟାଭଟି କରିବା—ଦେ. କ୍ରି—୧ । ବାହାନା କରିବା; ଭଣ୍ଡାଇବା;
Bhatābhati karibā ଧନ୍ଦାଇବା—1. To inveigle; to
ठगाठगी करना put off on some excuse. ୨ । ଠକାଇବା;
ठगाठगी करना ପ୍ରତାରଣା କରିବା—2. To deceive; to defraud.

ଭଟାରୀ—ଦେ. ବ. ସ୍ତ୍ରୀ ( ସ. ଭଟ୍ଟାରିକା )—ବଡ଼ମ୍ବା ରାଜ୍ୟର ମହାନଦୀ-
Bhatāri କୂଳରେ ପ୍ରତିଷ୍ଠିତ ଦେବୀବିଶେଷ—Name of a
( ଭଟାରିକା—ଅନ୍ୟରୂପ ) goddess in the Bardāmbā State on the Mahānadi river.

ଭଟାରେ ପଡ଼ିବା—ଦେ. କ୍ରି—୧ । କ୍ଷତିଗ୍ରସ୍ତ ହେବା—1. To be
Bhatāre pardibā put to loss. ୨ । ଠକାମିରେ ପଡ଼ିବା—
घाटामें फँसना 2. To be defrauded or cheated.

ଭଟିତ(ତ୍ର)—ସ. ବ—କବାବ; ଶଲାକାଦ୍ୱାରା ବିଦ୍ଧ ହୋଇ ପକ୍ୱ ହୋଇ-
Bhatita(tra) ଥିବା ମାଂସ—Meat roasted on fire while pierced through with an iron poker or staff.

ଭଟିମୁଣ୍ଡା—ଦେ. ବ ( ନାମ )—କଟକଜିଲ୍ଲା କପିଳାସରୋଡ଼ ଷ୍ଟେସନର
Bhatimundā ନିକଟବର୍ତ୍ତୀ ଗୋଟିଏ କଂସାର ଗ୍ରାମ—A village in the district of Cuttack famous for bell metal utensils manufactured there.
[ ଦ୍ର—ଏହା କଂସା ଥାଳି ବାସନପାଇଁ ପ୍ରସିଦ୍ଧ । କେହି କେହି ଏ ଗ୍ରାମକୁ ଘଣ୍ଟିମୁଣ୍ଡା କହନ୍ତି । ]

ଭଟେଇବା—ପ୍ରାଦେ (ସିଂହଭୂମ) କ୍ରି—ଗାଡ଼ରେ ମାଟି ଭରିଦେବା—
Bhateibā To fill up a pit with earth

ଭଟୋତ୍ପଳ—ସ. ବ ( ନାମ )—ବରାହାଚାର୍ଯ୍ୟଙ୍କ ବୃହତ୍‌ସଂହିତା ଗ୍ରନ୍ଥର
Bhatotpala ଟୀକାକାର; ଏହାଙ୍କର ଅନ୍ୟ ନାମ ଉତ୍ପଳ ଭଟ୍ଟ; ଜନ୍ମ ଖ୍ରୀଷ୍ଟୀୟ ୯ମ ଓ ୧୦ମ ଶତାବ୍ଦୀ; ଜାତିରେ ବ୍ରାହ୍ମଣ, ବାସସ୍ଥାନ କାଶ୍ମୀର—The celebrated commentator of Bruhat samhitā by Barāhāchārjya; his other name is Utpala Bhatta; he was a Brāhmana by caste and was born in Kāsmira in 9th or 10th century A. D

ଭଟ୍ଟ—ସ. ବ. ପୁଂ ( ଭଟ୍ ଧାତୁ—କହିବା+କର୍ତ୍ତୃ. ତ )—୧ । ବଂଶ-
Bhatta ଚରିତ କୀର୍ତ୍ତନକାରୀ; ଭାଟ; ସ୍ତୁତିପାଠକ—1. Pane-
( ଭଟ୍ଟିନୀ—ସ୍ତ୍ରୀ ) gyrist; bard. ୨ । ଗୋଟିଏ ବେଦକୁ ଅଦ୍ୟନ୍ତ କଣ୍ଠସ୍ଥ କରିଥିବା ବ୍ରାହ୍ମଣ—2. A Brāhmana who has got by heart a whole Veda. ୩ । ପଣ୍ଡିତ—3. A Pandita. ୪ । ଅଧ୍ୟାପକ—4. A teacher. ୫ । ଦର୍ଶନଶାସ୍ତ୍ରବେତ୍ତା—5. A philosopher. ୬ । ସ୍ୱାମିତ୍ୱ—6. Mastery ୭ । ଯୋଦ୍ଧା—7. Warrior. ( ଦୃ—ଉଦ୍ୟମ କଲ ସେ ରାଜନ, ସଙ୍ଗେ ଦୁର୍ଦ୍ଧର୍ଷ ଭଟ୍ଟମାନ—ଜଗନ୍ନାଥ. ଭାଗବତ) ୮ । ସ୍ୱାମୀ; ପ୍ରଭୁ—8. Lord; master. [ ଦ୍ର—ରାଜାମାନଙ୍କ ପ୍ରତି ସମ୍ବୋଧନରେ ନାଟକାଦିରେ ଏ ଶବ୍ଦ ବ୍ୟବହୃତ ହୁଏ—Apte । ] ୯ । ବିଦ୍ୱାନ୍ ବ୍ରାହ୍ମଣଙ୍କ ନାମ ସଙ୍ଗେ ବ୍ୟବହୃତ ଉପାଧିବିଶେଷ—9. A title used with the name of a learned Brāhmana (Apte). ୧୦ । ଭାଟ ନାମକ ମିଶ୍ର ଜାତି—10. A mixed caste whose occupation is that of bards or panegyrist ( Apte ). ଦେ. ବ—ବଙ୍ଗୀୟ ଓ ମରହଟ୍ଟୀ ବ୍ରାହ୍ମଣଙ୍କ ବଂଶୋପାଧି—A family title of some Bengalee or Marahattee Brāhmanas.

ଭଟ୍ଟ ନାରାୟଣ—ସ. ବ ( ନାମ )—ବଙ୍ଗଳାର ରାଜା ଆଦିଶୂରଙ୍କଦ୍ୱାରା
Bhatta nārāyana ଯଜ୍ଞସମ୍ପାଦନାର୍ଥ କାନ୍ୟକୁବ୍ଜରୁ ଆନୀତ ପଞ୍ଚ ବ୍ରାହ୍ମଣଙ୍କ ମଧ୍ୟରୁ ଏକତମ—Name of one of the five Brāhmanas brought from Kanauj to settle in Bengal by king Ādisūra and to perform Vedic sacrifices. [ ଦ୍ର—ଏ ବେଣୀସଂହାର ନାମକ ସଂସ୍କୃତ ନାଟକର ରଚୟିତା ]

ଭଟ୍ଟ ମିଶ୍ର—ଦେ. ବ—ପୁରୀଜିଲ୍ଲାର କୁଳୀନ ( ସାଅନ୍ତ ବ୍ରାହ୍ମଣ )ଙ୍କଠାରୁ
Bhatta misra ଜାତିଗୁଣରେ ହୀନ ଏକ କୁଳୀନ ବ୍ରାହ୍ମଣବିଶେଷ—A high class of Brāhmanas in the Puri Sāsan villages. [ ଦ୍ର—ଏମାନେ ସାଧାରଣ ବୈଦିକ ବ୍ରାହ୍ମଣ, କିନ୍ତୁ ସମାଜର ବୈଦିକ ବ୍ରାହ୍ମଣଙ୍କ ଅପେକ୍ଷା ଏମାନଙ୍କର ଆସନ ଉଚ୍ଚତର । ସାଅନ୍ତମାନଙ୍କ ଅନ୍ନଭୋଜନ ସଭା ଅର୍ଥାତ୍ 'ଶଙ୍ଖ ଓ ସଭାରେ' ପରିବେଷଣ କରିବା କର୍ମରେ ଏମାନଙ୍କର ଅଧିକାର ଅଛି । ଏଥିପାଇଁ ଏମାନଙ୍କୁ ସାଅନ୍ତର 'ଅଣବଧର ମିଶ୍ର' ବୋଲଯାଏ । ଏମାନଙ୍କ ଉପାଧି 'ମିଶ୍ର' ।] (ଦୃ—ବ୍ରହ୍ମଗର୍ଭରେ ସ୍ଥାନ ଶୁଦ୍ର ସେବକ କରେ, ଭଟ୍ଟ ମିଶ୍ର ହୁଅଇ ସେ ମନ୍ତ୍ରଶ୍ଳୋକରେ—କୃଷ୍ଣସିଂହ.ମହାଭାରତ.ବନ ।)

ଭଟ୍ଟା—ଦେ. ବ—ଭଟା ( ଦେଖ )—Bhatā (See). ୧ । ନଦୀ
Bhattā ଗର୍ଭର ଅନାବୃତ୍ତ ଶୁଖିଲା ଅଂଶ ସହିତରେ ଡଙ୍ଗା ଯିବାକୁ
ପ୍ରାଦେ (ସମ୍ବଲପୁର) ଯଥେଷ୍ଟ ପାଣି ନ ଥାଏ—1. Shallow part of a river insufficient for the plying of boats. ୨ । ବାରଣ୍ଡା—2. Verandah.

ଭଟ୍ଟାଗୁର୍ଯ୍ୟ—ସ. ବ. ପୁଂ ( ଭଟ୍ଟ+ଆଗୁର୍ଯ୍ୟ )—୧ । ଶାସ୍ତ୍ରଜ୍ଞ; ବିଦ୍ୱାନ୍;
Bhattāchārya ପଣ୍ଡିତ—1. A learned Pandita. ୨ । ଦର୍ଶନଶାସ୍ତ୍ରଜ୍ଞ ଅଧ୍ୟାପକ—2. A professor of Vedic philosophy. ଦେ. ବ—ବଙ୍ଗଦେଶୀୟ

ଭଟାଚାର୍ଯ୍ୟ **भट्टाचार्य्य** ବ୍ରାହ୍ମଣଙ୍କ ବଂଶୋପାଧିବିଶେଷ—A family title of some Bengali Brāhmaṇas. ( ଯଥା—ବିଦ୍ୟାଶୂନ୍ୟ ଭଟ୍ଟାଚାର୍ଯ୍ୟ—(ବ୍ୟଙ୍ଗୋକ୍ତି)—ଭଟ୍ଟାଚାର୍ଯ୍ୟ ବା ପ୍ରସିଦ୍ଧ ବଂଶର ବଂଶଧର ଅଥଚ ମୂର୍ଖ ବ୍ୟକ୍ତି । )

**ଭଟାର**—ସଂ. **ବିଣ.** ପୁଂ ( ଭଟ୍ଟ=ସ୍ୱାମିତ୍ୱ+ଋ ଧାତୁ=ପାଇବା+କର୍ତ୍ତୃ. ଅ) —୧ । ମାନନୀୟ; ମାନ୍ୟ—1. Respectable. ୨ । ପୂଜ୍ୟ—2. Worshippable; adorable. ସଂ. ବି—ଉନ୍ନତମନା ବା ଉଦାରମନା ପ୍ରଭୁ—A noble lord (Apte). [ ଦ୍ର—ବହ୍ୱାନ ବ୍ୟକ୍ତିମାନଙ୍କ ନାମ ପୂର୍ବେ ଏହା ସମ୍ମାନସୂଚକ ଉପାଧିରୂପେ ବ୍ୟବହୃତ ହୁଏ—Apte]
Bhaṭṭāra

**ଭଟାରକ**—ସଂ. ବି. ପୁଂ (ଭଟ୍ଟାର+କ)—୧ । ଋଷି; ମୁନି—1. Sage. ୨ । ପଣ୍ଡିତ; ଦାର୍ଶନିକ—2. A learned man; a philosopher. ୩ । (ନାଟକରେ) ରାଜା—3. (In drama) A king. ୪ । ସୂର୍ଯ୍ୟ—4. The sun. ୫ । ଦେବତା—5. Deity. ବିଣ—ମାନନୀୟ; ପୂଜନୀୟ—Respectable; worshipful; venerable. [ ଦ୍ର—ଏ ଶବ୍ଦ ପଣ୍ଡିତ ଓ ମହାପୁରୁଷମାନଙ୍କ ନାମ ପୂର୍ବରେ ସମ୍ମାନସୂଚକ ଉପାଧିରୂପେ ବ୍ୟବହୃତ ହୁଏ—Apte.
Bhaṭṭāraka
( ଭଟ୍ଟାରକା—ସ୍ତ୍ରୀ )

**ଭଟାରକ ବାସର**—ସଂ. ବି—ରବିବାର—Sunday (Apte).
Bhaṭṭāraka bāsara (ଭଟ୍ଟାରକବାର—ଅନ୍ୟରୂପ) ।

**ଭଟାରୀ**—ଦେ. ବି—ଭଟ୍ଟାରକା (ଦେଖ)
Bhaṭṭāri Bhaṭṭārikā (See)

**ଭଟାରିକା**—ଦେ. ବି—ଓଡ଼ିଶା ଗଡ଼ଜାତ ବଡ଼ମ୍ବାରାଜ୍ୟସ୍ଥ ମହାନଦୀ କୂଳରେ ପ୍ରତିଷ୍ଠିତା ଦୁର୍ଗା ଠାକୁରାଣୀ—The name of an idol of Durga on the bank of the Mahānadī in the Feudatory State of Bardambā in Orissa. [ ଦ୍ର—ମହାନଦୀରେ ନାଉରିମାନଙ୍କର ଡଙ୍ଗା ନିରାପଦରେ ଯିବା ପାଇଁ ନାଉରିମାନେ ଏ ଦେବୀଙ୍କୁ ପୂଜା ଓ ବଳି ମନାସି ଥାନ୍ତି; ଭଟ୍ଟାରିକା ଶବ୍ଦର ପ୍ରକୃତି ପ୍ରତ୍ୟୟ ଅନୁସାରେ ଅର୍ଥ (ଭଟ୍ ଧାତୁ) ପୋଷଣ ବା ରକ୍ଷାକାରିଣୀ ଅଟେ । ] [ ଦ୍ର—କେତେ ଉଚ୍ଚାରଣରେ ଭଟ୍ଟାରିକା—ସ୍ୱଧାନାଥ. ନନ୍ଦକେଶରୀ । ] ସଂ. ବି. ଓ ବିଣ ( ଭଟ୍ଟାରକ+ସ୍ତ୍ରୀ. ଆ )—ଭଟ୍ଟାରକର ସ୍ତ୍ରୀଲିଙ୍ଗ—Feminine of Bhaṭṭāraka. ସଂ. ବି. ସ୍ତ୍ରୀ—୧ । ଉଦାରହୃଦୟା ବା ଉଚ୍ଚବଂଶୀୟା ସ୍ତ୍ରୀ—1. A noble lady (Apte) ୨ । କୌଣସି ସ୍ଥାନର ଅଧିଷ୍ଠାତ୍ରୀ ଦେବୀ—2. A tutelary deity (Apte)
Bhaṭṭārikā

**ଭଟ୍ଟି**—ସଂ. ବି (ନାମ)—୧ । ଶ୍ରୀଧର ସ୍ୱାମୀଙ୍କ ପୁତ୍ର ସଂସ୍କୃତ ଭଟ୍ଟି କାବ୍ୟର ରଚୟିତା—Name of the author of Bhaṭṭikāvya who was the son of Sridhara Swāmi.
Bhaṭṭi

୨ । ରାମଚରିତାତ୍ମକ ସଂସ୍କୃତ-କାବ୍ୟ [ ଏହା ଭଟ୍ଟିଙ୍କ ରଚିତ । କଥିତ ଅଛି ଯେ ଏହାଙ୍କର ଜନ୍ମ ହେବା ପରେ ଜନନୀଙ୍କର ବିୟୋଗ ହେବାରୁ ଏହାଙ୍କ ପିତା ଗୃହତ୍ୟାଗୀ ହେଲେ ଓ ବଲଭୀ ରାଜ୍ୟର ଅଧିପତି ଏହାଙ୍କର ଲାଳନ ପାଳନ ଓ ଶିକ୍ଷା ପ୍ରଦାନ କରିଥିଲେ; ପରେ ଏ ଉକ୍ତ ରାଜାଙ୍କ ରାଜକୁମାର ମାନଙ୍କର ଶିକ୍ଷକରୂପେ ନିଯୁକ୍ତ ହେଲେ ଓ ରାଜକୁମାରମାନଙ୍କର ଶିକ୍ଷାର୍ଥ ରାମଚରିତ ଅବଲମ୍ବନରେ ଭଟ୍ଟି କାବ୍ୟ ରଚନା କଲେ; ଏଥିରେ କାବ୍ୟ ଛଳରେ ବ୍ୟାକରଣ ଶିକ୍ଷା ଦିଆ ଯାଇଅଛି; ଟୀକାକାର ଭରତ ମଲ୍ଲିକ କହନ୍ତି ଯେ ଭଟ୍ଟି କାବ୍ୟ ଭର୍ତ୍ତୃହରିଙ୍କ ରଚିତ—ସୁବଳଚନ୍ଦ୍ର ] । Name of an epic in Sanskrit dealing with the life of Rāmchandra.

**ଭଟ୍ଟିନୀ**—ସଂ. ବି. ସ୍ତ୍ରୀ—( ଭଟ୍ଟ=ସ୍ୱାମିତ୍ୱ+କର୍ତ୍ତୃ. ଇନ୍+ସ୍ତ୍ରୀ. ଈ)—୧ । ରାଣୀ; ପାଟମହାଦେବୀଙ୍କ ଛଡ଼ା ଅନ୍ୟ ରାଣୀ; ଅଭିଷେକରହିତା ମହିଷୀ—1. A queen (not crowned); a princess (Apte). [ ଦ୍ର—ନାଟକରେ ଦାସୀମାନେ ଏହି ବାକ୍ୟ ଦ୍ୱାରା ରାଣୀଙ୍କୁ ସମ୍ବୋଧନ କରନ୍ତି । ] ୨ । ଉଚ୍ଚବଂଶୀୟା ସ୍ତ୍ରୀ—2. A noble lady; a lady of high rank (Apte). ୩ । ବ୍ରାହ୍ମଣୀ—3. The wife of a Brāhmaṇa (Apte).
Bhaṭṭini

**ଭଡ୍**—ଦେ. ବି—(ଧ୍ୱନ୍ୟନୁକରଣ)—୧ । ନାକରେ ଘନୀଭୂତ ଶିଙ୍ଘାଣି ନାକରନ୍ଧ୍ରରେ ପୂର୍ଣ୍ଣ ହୋଇ ନିଃଶ୍ୱାସଯୋଗେ ବାହାରେ ଉତ୍ପନ୍ନ ଘଡ଼ଘଡ଼ ଶବ୍ଦ—1.Gurgling sound of thickened rheum inside the nose during breathing. ୨ । ଛୋଟ ଡାଗା ବାଜାକୁ ବେତରେ ବଜାଇବା ଶବ୍ଦ—2. The sound of striking small kettle drums with thin sticks. ୩ । ଦେହ ଉପରେ ବେତରେ ପିଟିବା ଶବ୍ଦ—3. Repeated cracking sound of cane-beating. ୪ । ନିଆଁ ଉପରେ ଖଇ ଫୁଟିବାର ଶବ୍ଦ—4. Bursting or cracking sound of corn etc while being fried. ୫ । ଛୋଟ ବସ୍ତୁ ଫାଟିବାର ଶବ୍ଦ—5. Cracking or bursting sound. ୬ । ଘାଅ ପୂଜପୂର୍ଣ୍ଣ ହେବା ଅବସ୍ଥା—6.The state of sore becoming full of pus. ୭ । ହୁକା ଟାଣିବାର ଶବ୍ଦ—7. The bubbling sound of a hubble-bubble. ୮ । କଠିନ ଜିନିଷ ଚୋବାଇବାର ଶବ୍ଦ—8. Sound produced by chewing hard things. (ଦ୍ର—ଯଡ଼ଶୁଣ୍ଠି ପିଠା ଦେଖି ମନ ରହେଇ ଖଇବେଇ, ଖରି
Bhaḍ
ଭଡ୍ ଭଡ୍ / ଭଡ଼ ଭଡ଼ / ଭଡ଼ର ଭଡ଼ର / ଭଡ଼ର୍ ଭଡ଼ର୍ } ଅନ୍ୟରୂପ
ଭଡ଼ଭଡ଼
**भडभड**

M. Patnaik, Pleader
Sutahat, Cuttack-1.



ଫଟ୍ଟାଏ ବାଡରେ ଧର ଭଡ଼ ଭଡ଼ ଏତେବେଳ । ଛଗ । ) ୯ । ଅସ୍ଥି ଆଦ କଠିଣ ବସ୍ତୁ ଭଙ୍ଗ ହେବାର ଶବ୍ଦ—9. The sound of breaking of bone and other hard things. (ଉ—ଏହ ସକାଶରୁ ସ୍ୱସସ ଭାଙ୍ଗଯାକ, ସେହ କାଳରେ କଲ ଭଡ଼ ଭଡ଼ ଭାକ । କୃଷ୍ଣସିଂହ. ମହାଭାରତ. ବନ । )

ଭଡ୍ ଭଡ୍—ଦେ. ଅ—( ଧ୍ୱନ୍ୟନୁକରଣ )—୧ । ଉପର୍ଯ୍ୟୁପର ବେତ Bhard bhard ମାଡ଼ର ଶବ୍ଦ—1. Cracking sound of repeated cane-beating. ଭଡ଼ଭଡ଼, ଭାଡ଼ଭଡ଼ } ଅନ୍ୟରୂପ ୨ । ଅବସ୍ମରୂପେ ଗୁଡ଼ାଏ ଗପିବା ପଟପାଟ ପ୍ରକାରେ—2. Loud talking without interruption. पटापट ୩ । ଏକାଧିକ ଦଉଡ଼ି ହଠାତ୍ ଛିଣ୍ଡିଯିବା ଶବ୍ଦ—3. Sudden breaking of ropes. ୪ । କୌଣସି ଦୃଢ଼ ପଦାର୍ଥ ବାରମ୍ବାର ଭୂପତିତ ହେବାର ଶବ୍ଦ—4. Repeated thumping sounds. ( ଉ—ଶାଲ୍ମ ମହାଗାର ସେ ଭାଗର ବ୍ୟାଘାରେ, ଭଡ୍ ଭଡ୍ ହୋଇଣ ପଡ଼ଇ ରଥରେ । କୃଷ୍ଣସିଂହ. ମହାଭାରତ. ବନ । )

ଭଡ୍କିନା(ନି)—ଦେ. କ୍ରି. ଭଣ. (ଧ୍ୱନ୍ୟନୁକରଣ)—ଚୋ ବନ, ଠବ Bhardkinā[ni] ଠବ; ହଠାତ୍ ଦଉଡ଼ି ଛିଣ୍ଡିଯିବା ପ୍ରକାରେ—Like the sudden breaking of a rope. ଭଡ଼କର, ଭଡ଼ଦ(ଧ)ସ୍, ଭଡ୍ରୋବନ(ନା), ଭଡ୍ରୋକର, ଭଡ୍ରୋବଶ୍ (ସ୍) } ଅନ୍ୟରୂପ

ଭଡ଼—ଦେ. ବଣ (ସ. ବୃହତ୍)—ବଡ଼—Bharda बड़ बडा Large.

ଭଡ଼ ମଡ ସ. ବ—୧ । ପ୍ରାଚୀନକାଳର ବର୍ଣ୍ଣସଙ୍କର ଜାତି—A hybrid caste of ancient India. [ଦ୍ର—ଲେଟ ପିତା ଓ ତୀବର ମାତାଠାରୁ ଏ ଜାତ ଉତ୍ପନ୍ନ—(ବ୍ର. ପ) ।] ଦେ. ବ—୧ । ଶୂଦ୍ର ଜାତିର ଉପାଧିବିଶେଷ—1. A family title of some Śūdras. ୨ । ବଦେଶରୁ ଓଡ଼ିଶାକୁ ଆସୁଥିବା ଏକ ପ୍ରକାର ଧୂଆଁପତ୍ର—2. A kind of large sized tobacco leaves imported into Orissa. ୩ । ପ୍ରାଚୀନ କାଳରେ ବ୍ୟବହୃତ ପଣ୍ୟବାହୀ ବଡ଼ ନୌକା—3. A kind of big country boat used in ancient times for conveying merchandise. [ଦ୍ର—ବ. ଭଡ଼; ସ. ଭାର=ଭାରବାହୀ ସମୁଦ୍ରଗାମୀ ବଡ଼ ନୌକା, ପୂର୍ବେ ବାଲେଶ୍ୱର ଓଡ଼ିଶାର ବନ୍ଦର ଥିବା ସମୟରେ ବଙ୍ଗଦେଶରୁ ସମୁଦ୍ର ବାଟେ 'ଭଡ଼' ନୌକାଦ୍ୱାରା ଆସୁଥିବା ଧୂଆଁପତ୍ରକୁ ବାଲେଶ୍ୱରୀ ବା ଭଡ଼ ପତ୍ର ବୋଲି ଯାଉଥିଲା । ଭଡ଼ ପତ୍ର ଅମ ଦେଶୀ ପତ୍ର ଅପେକ୍ଷା ଅକାରରେ ବଡ଼ ( ଭଡ଼ ) ଥିବାରୁ ଭଡ଼ ଅର୍ଥ ବଡ଼ ହେଲା ଓ ବଡ଼ ପାନକୁ ଭଡ଼ ପାନ ବୋଲାଗଲା ।]

ଭଡ଼ଂ—ଦେ. ବ—ଭଡ଼ଙ୍ଗ (ଦେଖ)—Bhardaṅga (See) Bhardaṁ (ଭଡ଼କ—ଅନ୍ୟରୂପ)

ଭଡ଼କ(ମ୍ବ)—ଦେ. ବ—(ସ. ଭୟତ୍ରମ, ପ୍ରା. ଭଡ଼ମ୍ବ)—୧ । ହଠାତ୍ Bhardak(mba) ଉତ୍ପନ୍ନ ଭୟ—1. Sudden fear; चमक खौफ alarm. ୨ । ଚମକ; ତ୍ରାସ—2. Fright; भड़ंग भडक; भडम्बा; तडक भडक terror. ୩ । ଆଡ଼ମ୍ବର—3. Grandeur; display; show; ado. ୪ । ଉଜ୍ଜ୍ୱଳ୍ୟ—4. Splendour; brightness. ୫ । ଦଗା; ଧନ୍ଦା—5. Deception; fraud.

ଭଡ଼କ-ଦାର—ଦେ. ଭଣ—୧ । ଆଡ଼ମ୍ବରମୟ—1. Grand. ୨ । Bhardak-dār भड़कीला ଚକଚକିଆ-2 Shining; dazzling.

ଭଡ଼କା—ଦେ. ବ—(ଧ୍ୱନ୍ୟନୁକରଣ)—୧ । ବୁଦ୍‌ବୁଦ—1. Bubble. Bhardakā बुलबुला फल भडका ୨ । ନଡ଼ିଆ ହୁକ୍କା; ହୁକ୍କାର ଯେଉଁ ଅଂଶରେ ପାଣି ରହେ—2. Hubble bubble; the bottom-pot of a hukah. (ଯଥା—ଚୁଟି ଭଡ଼କା ।) ୩ । ଶିଙ୍ଘାଣିର ମେଣ୍ଟା—3. Clod or flake of rheum.

ଭଡ଼କା(କେ)ଇବା—ଦେ. କ୍ରି ( ଭଡ଼କିବାର ଣିଜନ୍ତ )—୧ । Bhardakā(ke)iba ଭଡ଼କାଇବା; ଛୁଟ୍ରାଇବା—1. To भड़काना scare away. ୨ । ଭୟ ଦେଖାଇବା; ଧମକାଇବା; भडकाना ଚମକାଇବା—2. To frighten; to terrify; to threaten. ୩ । କୌଣସି ପଦାର୍ଥକୁ ( ଯଥା—କଲିଚୂନକୁ ଶିପକୁ ) ପାଣିରେ ପକାଇ ଭଡ଼ ଭଡ଼ ଶବ୍ଦ କରାଇବା ଓ ଚୂନ ତିଆର କରିବା—3. To cause a thing to bubble ( as in slaking lime ); to slake burnt shells or lime into quick lime. ୪ । ( ମୁହଁରେ ) ଦାମ୍ଭିକତା ପ୍ରକାଶ କରିବା; ଭୁରୁଡ଼ି ଦେଖାଇବା ( ଯଥା—ମୁହଁ ଭଡ଼କାଇବା )—4. To indulge in bravado.

ଭଡ଼କିଆ—ଦେ. ଭଣ—୧ । ଚକଚକିଆ—1. Dazzling. ୨ । Bhardakia भड़कीया ଆଡ଼ମ୍ବରମୟ—2. Grand. भडकीला

ଭଡ଼କିବା—ଦେ. କି—୧ । ଭଟକିବା (ଦେଖ)—1. Bhaṭakiba Bhardakiba ( See ). ୨ । ଯେତେବେଳେ ବଢ଼ିଯିବା ସାର ଅତିରକ୍ତରୂପେ ବଢ଼ନ୍ତ ହେବା ଯୋଗୁଁ ସେଥିରେ ଉଠିବା ଗଛ ଆଦ ( ଯଥା—ଧାନ; ଆଖୁ ) ଅତିରକ୍ତରୂପେ ବଢ଼ିଯାଇ ଉପଯୁକ୍ତ ଫଳ ନ ଧରିବା—Said of plants growing too lustily ( owing to excess of manure ) and so not producing a good harvest. ୩ । ଭୟ କର ପଳାଇବା; ଛୁଟିଯିବା—3. To flee away through fear, to be scared away. ୪ । ଭୟଚକିତ ହେବା; ଚମକିବା—4. To shy; to be frightened.

ଭଡ଼କେଇତା—ଦେ ବ ( ସ. ଭଡ଼ )—ନୀଚ ଶୂଦ୍ର ଜାତିବିଶେଷ—Bhardakeitā A low caste śūdra whose profession it is to prepare pots of hubble

bubble with cocoanut shell. [ ଦ୍ର—ଏମାନେ ନଡ଼ିଆକୁ ଅଣିକୁ କଣା କରି କୋରଣା ଦ୍ଵାରା ଏକପ୍ରକାର ଅସ୍ତ୍ରଦ୍ଵାରା ତାହା ଭିତରର ଶସ୍ୟମାନ କୋରିକରି କାଢ଼ି ନେଇ ନଡ଼ିଆଖୋଳ ଟୁମ୍ବା ପ୍ରସ୍ତୁତ କରନ୍ତି । ଏ ଟୁମ୍ବାରେ ଲୋକେ ମଞ୍ଜି ଗୁଣ୍ଡିଆଦି ରଖନ୍ତି ଏବଂ ଏଥିରେ ହୁକା ମଧ୍ୟ ପ୍ରସ୍ତୁତ ହୁଏ । ସନ୍ଧ୍ୟାବାସରେ ଏ ଟାଙ୍ଗର କେତେଗୋଟି ପରିବାର ଅଛନ୍ତି । ]

ଭଡ଼ଙ୍ଗ—ଦେ. ବି—(ସ. ବାହ୍ୟାଡ଼ମ୍ବର)—୧। ଅଡ଼ମ୍ବର;ବାହ୍ୟାଡ଼ମ୍ବର—Bhardanga ভড়ং **भडङ्ग भड़ींङ्ग** 1. Ostentation; ado; display; show of splendour. ୨। ସୁତରାଂ—2. Splendour; glitter. ୩। (ସ. ବାଗାଡ଼ମ୍ବର) ବାଗାଡ଼ମ୍ବର—3. Bragging; tall talk.

ଭଡ଼ଙ୍ଗିଆ(ୟା)—ଦେ. ବଣ—୧। ବାହ୍ୟାଡ଼ମ୍ବରବିଶିଷ୍ଟ—1. Bhardangia(yā) Ostentatious; grand. ୨। ভড়কাল ভড়ঙ্গী ভড়ঙ্গিয়া ଚକଚକିଆ—2. Bright; **भडङ्गिया; भडकीला** dazzling. ୩। ବାଗାଡ଼ମ୍ବରଯୁକ୍ତ—3. Bragging. ଦେ. ବି-ଅଡ଼ମ୍ବର କରିବା ବ୍ୟକ୍ତି—A braggart.

ଭଡ଼ ପତ୍ର—ଦେ. ବି—ବଡ଼ ଅକୃତିବିଶିଷ୍ଟ ଧୂଆଁପତ୍ର—Large sized Bharda patra **वडा तम्बाकुपत्ता** tobacco leaf.

ଭଡ଼ ପାନ—ଦେ. ବି—ବଡ଼ ଅକୃତିବିଶିଷ୍ଟ ପାନପତ୍ର—Large sized Bharda pāna betel leaf. [ଦ୍ର—ଅକୃତି ଅନୁସାରେ ପାନକୁ **वडा पान** ଭଡ଼ (ବଡ଼), ମଝିଆ (ମଧ୍ୟମାକୃତି) ଓ ସୁଣି (ସାନ) ବୋଲାଯାଏ । )

ଭଡ଼ ଭଡ଼ିଆ—ଦେ. ବଣ. ପୁଂ—ବଡ଼ ବଢ଼ିଆ; ବାଚାଳ; ବୃଥା ବାକ୍ୟ-Bharda bhardiā ବ୍ୟୟକାରୀ—Bragging; talkative. (ଭଡ଼ ଭଡ଼େଇ—ସ୍ତ୍ରୀ) বকুয়া **भडभडिया, वडवडिया**

ଭଡ଼ା—ଦେ. ବି (ସ. ଭାଟକ)—୧। ଗୃହ, ଯାନ ଆଦି ବ୍ୟବହାର Bhardā କରିବା ନିମନ୍ତେ ଗୃହସ୍ୱାମୀଙ୍କୁ ବା ଯାନସ୍ୱାମୀଙ୍କୁ ଦଅ ভাড়া ଯିବା ଧନ, (ଯଥା—ଘରଭଡ଼ା; ଗାଡ଼ିଭଡ଼ା)—1. Hire for **भाडा** use of a house or conveyance ୨। (ଅଶିଷ୍ଟାର୍ଥ) ବେଶ୍ୟା ସ୍ତ୍ରୀର ଅର୍ଜିତ ପାପଧନ--2. Wages of infamy earned by an adulteress. ୩। ଅପରର ଦ୍ରବ୍ୟକୁ ଅନ୍ୟ ବ୍ୟକ୍ତି ବ୍ୟବହାର କରିବାର ମୂଲ୍ୟସ୍ୱରୂପ ଦ୍ରବ୍ୟସ୍ୱାମୀଙ୍କୁ ଧନ ଦେବାର ରୀତି—3. The system of hire or letting out. ୪। ଶଗଡ଼ରେ ଗାଡ଼ିରେ ବୋହାଇ ହୋଇ ପାରିବା ପରିମିତ ବସ୍ତୁ—4. A cart-load of things. ୫। ଏକା ଥରକେ ଚାଲିବା ବାଟ ବା ଦୂରତ୍ୱ; ବେଗ୍—5. Distance walked by a person at one stretch. ୬। ପାହୁଣ୍ଡ—6. Step; ডেগ foot-step; pace. (ଦ୍ର—ଦୁଃଶାସନର ତ କାହିଁକି ବଳ ବୀଡ଼ା, ପଳାଇଲା ପଛକୁ କାଢ଼ି କର ଭଡ଼ା । କୃଷ୍ଣସିଂହ. ମହାଭାରତ. ବିରାଟ ।) ୭। ରେଳ ଆଦିରେ ଯିବା ବ୍ୟକ୍ତିର ଦେୟ ଧନ---7. Fare for travelling in rail or ship. ଦେ. ବଣ—୧। ବହୁ ପରିମିତ—1. In large quantity. ୨। ଗାଡ଼ିପରିମିତ—2. Cart-loads of. (ଯଥା—ଭିନ ଭଡ଼ା କାଠ ଆଣିବ । ) ୩। ଭଡ଼ା ଲାଗିବାରେ ବ୍ୟବହୃତ—3. Let out on hire. (ଯଥା—ଭଡ଼ା ବଟି; ଭଡ଼ା ଗାଡ଼ି; ଭଡ଼ା ବସା ।) [ଦ୍ର—ଘର ବା ଯାନାଦିର ବ୍ୟବହାର ପାଇଁ ଗୃହସ୍ୱାମୀଙ୍କୁ ଦିଆଯିବା ଧନକୁ ଭଡ଼ା ଓ ଭୂମିକୁ ଭୋଗ କରିବାପାଇଁ ଭୂସ୍ୱାମୀଙ୍କୁ ଦିଆଯିବା ଧନକୁ ଖଜଣା କୁହାଯାଏ । କୌଣସି ବ୍ୟକ୍ତିର ପରିଶ୍ରମଦ୍ୱାରା ଉପକୃତ ବ୍ୟକ୍ତି ପରିଶ୍ରମକାରୀ ବ୍ୟକ୍ତିକୁ ଦେବା ଧନ (ଦୈନିକ ରେଟରେ ମୂଲ ବା ମଜୁରି, ଏବଂ ମାସିକ ରେଟରେ ଦରମା ବୋଲାଯାଏ । ] ପ୍ରାଦେ. (ବାଲେଶ୍ୱର) ବି—ପାଦଚିହ୍ନ—Foot-mark.

ଭଡ଼ାଏ—ଦେ ବି ଓ ବଣ—୧। ଅଳ୍ପ ବାଟ; ଥୋଡ଼ାଏ ବାଟ; ବେଗ୍‌ଏ—Bhardāe 1. Some distance. ( ଦ୍ର—ନବାତ କବଚଙ୍କ **चक्कर** ଧରେ ଦସ ଘୋଡ଼ାଏ, ତଳରେ ଯାଇଁ ନ ପାରଲେ ହୁ ଭଡ଼ାଏ । କୃଷ୍ଣସିଂହ. ମହାଭାରତ. ବନ ।) ୨। ଥରେ—2. Once. ୩। ଶଗଡ଼ ବା ନାବରେ ଥରେ ବୋହାଇ ହେବା ପରିମିତ; ଏକ ଗାଡ଼ି ବା ନାବପୂର୍ଣ୍ଣ—3. One load of. ୪। ଏକ ପାହୁଣ୍ଡ—4. One step.

ଭଡ଼ା କଉଡ଼ି—ଦେ. ବି—୧। ଶକଟ ବା ଗୃହାଦିର ବ୍ୟବହାରାର୍ଥ ଦେୟ Bhardā kaurdi ଧନ—1. Hire money. ୨। ବେଶ୍ୟାର ଅର୍ଜିତ ଧନ—2. The earnings of adultery of a woman.

ଭଡ଼ା ଧନ } ଅନ୍ୟରୂପ
ଭଡ଼ା ପଇସା }

ভাড়া পয়সা **भडाका धन पैसा**

ଭଡ଼ା କରିବା—ଦେ. କ୍ରି—୧। ଅନ୍ୟ ବ୍ୟକ୍ତିର ଗୃହ ବା ଯାନକୁ Bhardā kariba ଭଡ଼ା ଦେଇ ବ୍ୟବହାର କରିବା କଥା ସ୍ଥିର (ଭଡ଼ା ନେବା—ଅନ୍ୟରୂପ) କରିବା—1. To settle to ভাড়া করা, ভাড়া লওয়া take on hire; to engage on **भाडपरलेना, भडाकरना** hire. ୨। ଅନ୍ୟ ବ୍ୟକ୍ତିର ଗୃହ ବା ଯାନାଦିକୁ ଭଡ଼ା ଦେଇ ବ୍ୟବହାର କରିବା—2. To take on hire.

ଭଡ଼ା କାଢ଼ିବା—ଦେ. କ୍ରି. (ପଦ୍ୟ)—ଚାଲିବା; ପାହୁଣ୍ଡ ପକାଇବା—Bhardā kardhibā To put forth steps; to advance **डेग उठाना** steps. (ଦ୍ର—କଳ ସେହିକ୍ଷଣି ପଛକୁ କାଢ଼ି ଭଡ଼ା ଅଠେ କଲା ଯାଇଁ ବୃଷେକ ବାହାଡ଼ା । କୃଷ୍ଣସିଂହ. ମହାଭାରତ. ବନ ।

ଭଡ଼ା ଖାଇବା—ଦେ. କ୍ରି ( ମନ୍ଦାର୍ଥ )—କୌଣସି ସ୍ତ୍ରୀର ବେଶ୍ୟାବୃତ୍ତି-Bhardā khaibā ଜନିତ ଅର୍ଥରେ ପୁରୁଷ ପୋଷି ହେବା—**रण्डीका पैसा खाना**, To live on the earning of an **रण्डीबाजीका पैसा खाना** adulteress (said of a male).

ଭଡ଼ାଖିଆ(ୟା)—ଦେ. ବ. ପୁଂ ( ମନ୍ଦାର୍ଥ )—୧। ଯେଉଁ ବ୍ୟକ୍ତି ଭଡ଼ା Bhardā khia(yā) ଦ୍ୱାରା ଜୀବିକା ନିର୍ବାହ କରେ—(ଭଡ଼ାଖୋର—ଅନ୍ୟରୂପ) 1. Living on the earnings of

(ଭଡ଼ାଖାଇ—ସ୍ତ୍ରୀ) hire. ୨ । ବେଶ୍ୟାବୃତ୍ତିଜନିତ ଅର୍ଥରେ
रण्डीबाजी पैसा खोर ଜୀବିକାନିର୍ବାହକାରୀ—2. Living on the earnings of adultery.

ଭଡ଼ା ଘର—ଦେ. ବି. ( ସଂ. ଭାଟକ+ଗୃହ )—ଯେଉଁ ଘରକୁ ଗୃହ-
Bhar̤dā ghara ସ୍ୱାମୀ ଅନ୍ୟ ବ୍ୟକ୍ତିଙ୍କ ବ୍ୟବହାର ସକାଶେ
ভাড়া ঘর ଭଡ଼ାରେ ଲଗାନ୍ତି—Hired or rented house;
भाडा घर a house let out on hire.
[ଦ୍ର—ଏହିପରି ଭଡ଼ା ଡଙ୍ଗି, ଭଡ଼ା ବସା, ଭଡ଼ା ଗାଡ଼ି, ଭଡ଼ା ଜାହାଜ ଆଦି ହୁଏ ।]

ଭଡ଼ା ଛିଣ୍ଡା(ଣ୍ଡେ)ଇବା—ଦେ. କ୍ରି—୧ । କୌଣସି ବସ୍ତୁକୁ ବ୍ୟବହାର
Bhar̤dā chhiṇḍā(ṇḍe)ibā କରିବା ବା ଭୋଗ କରିବା
ভাড়া স্থির করা ନିମନ୍ତେ ବସ୍ତୁସ୍ୱାମୀଙ୍କୁ କେତେ ଭଡ଼ା ଦିଆଯିବ
भाडा तोडना ତାହା ସ୍ଥିର କରିବା—1. To settle the
ভাড়া চুকান hire of a thing to be let out.
भाडा चुकाना ୨ । ବସ୍ତୁକୁ ବ୍ୟବହାର କରିବା ଯୋଗୁଁ ବସ୍ତୁ-ସ୍ୱାମୀଙ୍କୁ ଦେୟ ଭଡ଼ା ସମ୍ପୂର୍ଣ୍ଣରୂପେ ଆଦାୟ ଦେବା; ଚୁକ୍ତି କରି ଦେବା—2. To pay off the whole hire due to the owner for the use of a thing.

ଭଡ଼ାଟିଆ—ଦେ. ବି. (ସଂ. ଭାଟକୀୟ)—୧ । ଯେଉଁମାନେ ଅନ୍ୟ ବ୍ୟକ୍ତିର
Bhar̤dāṭiā ଘରେ ଭଡ଼ା ଦେଇ ରହନ୍ତି—1. Lodgers on
(ଭଡ଼ାଦାର—ଅନ୍ୟରୂପ) rent; occupiers of a house on
ভাড়াটে, ভাড়াদার hire. ୨ । ଯେଉଁ ବ୍ୟକ୍ତି ଭଡ଼ା ଦେଇ
भडौति, भाडादार ଅନ୍ୟର ଦ୍ରବ୍ୟ ବ୍ୟବହାର କରେ—2. Lessees on hire. ବି—ଭଡ଼ାରେ ବ୍ୟବହାର ଦେଉଥିବା ଗାଡ଼ି ଘର ଆଦି—(thing) Let out on hire.

ଭଡ଼ା ଦେବା—ଦେ. କ୍ରି—୧ । ଭଡ଼ା ପାଇବା ପାଇଁ ଆପଣାର
Bhar̤dā debā ଗୃହାଦିକୁ ଅନ୍ୟ ବ୍ୟକ୍ତିଙ୍କୁ ବ୍ୟବହାର କରିବାକୁ
[ଭଡ଼ା ଲଗା(ଗେ)ଇବା—ଅନ୍ୟରୂପ] ଦେବା—1. To let out
ভাড়া দেওয়া, ভাড়া লাগান a thing on hire. ୨ । ଭଡ଼ା-
भाडेपर देना, भाडा देना ଗୃହ ଆଦି ନିମନ୍ତେ ଦେୟ ଧନକୁ ଗୃହ-ସ୍ୱାମୀଙ୍କୁ ଦେବା—2. To pay the hire or rent of some thing used on rent to the owner. ୩ । (ଅଶିଷ୍ଟାର୍ଥ) ଆପଣାର ଅଧିକାରଭୁକ୍ତ କୌଣସି ସ୍ତ୍ରୀକୁ ବେଶ୍ୟାବୃତ୍ତି ଦ୍ୱାରା ଧନ ଅର୍ଜନ କରିବା ପାଇଁ ଅନ୍ୟ ପୁରୁଷର ଉପଭୋଗ ପାଇଁ ଛାଡ଼ି ଦେବା—3. To let out a woman (who is in one's keeping) for prostitution.

ଭଡ଼ା ନାଲି(ଲି)ଶ(ଶି, ଚ, ଚି)—ଦେ. ବି. (ଦେ. ଭଡ଼ା+ଫା.ନାଲିଶ)-
Bhar̤dā nāla(li)s(si, ch, chi) ବସ୍ତୁର ସ୍ୱାମୀ ବ୍ୟବହାରକାରୀ
ভাড়ার জন্যে নালিশ ବ୍ୟକ୍ତିଠାରୁ ପ୍ରାପ୍ୟ ଭଡ଼ା ପାଇଁ ଦାଏର
भाडेकी नालिस କରିବା ମକଦ୍ଦମା—A suit by the owner for realisation of the hire or rent due from the user.

ଭଡ଼ା ଦାର—ଦେ.ବି—୧ । ଯେଉଁ ବ୍ୟକ୍ତି ଆପଣାର ଘର ଆଦିକୁ ଅନ୍ୟ
Bhar̤dā dār ବ୍ୟକ୍ତିଙ୍କୁ ଭଡ଼ା ଲଗାଏ—1. A person who
ভাড়াদার lets out his house or other things
भाड़ादार to others on hire. ୨ । ଭଡ଼ାଟିଆ (ଦେଖ)
ଭଡ଼ା ବାଲା, ଭଡ଼ା ବୃଥାଲା—ପୁଂ } ଅନ୍ୟରୂପ Bhar̤dāṭiā
ଭଡ଼ା ବାଲି, ଭଡ଼ା ବୃଥାଲୀ—ସ୍ତ୍ରୀ } (See)

ଭଡ଼ା ବାକି(କୀ)—ଦେ. ବି. ( ଭଡ଼ା+ଫା. ବାକୀ )—ବାକିଥିବା
Bhar̤dā bāki(kī) ଭଡ଼ା; ବସ୍ତୁସ୍ୱାମୀଙ୍କୁ ଦେୟ ଭଡ଼ା ଯାହାକି
भाडा बाकी ବ୍ୟବହାରକାରୀ ବ୍ୟକ୍ତିଠାରେ ବାକି ପଡ଼ିଯାଏ—
Arrear dues on account of the use of a thing.

ଭଡ଼ିଲ—ସଂ. ବି—୧ । ସେବକ; ଚାକର; ଭୃତ୍ୟ—1. A servant
Bhar̤dila (Apte). ୨ । ଯୋଦ୍ଧା—2.Warrior (Apte).

ଭଡ଼ୁଆ—ଦେ. ବି. ପୁଂ (ସଂ. ଭଣ୍ଡକୁ ବା ସଂ. ଭଟ୍ଟ=ପାମର ସଂ. ଭୃଟ୍ ଧାତୁ
Bhar̤duā =ଭଡ଼ା ଗ୍ରହଣ କରିବା (ଇଂ. ବଅଡ଼ bawd)
(ଭାଡ଼ୁଆ—ଅନ୍ୟରୂପ) ସହିତ ତୁଳନା କର)—୧ । ବର୍ଣ୍ଣସଙ୍କର
ଭଡ଼ୋଇ } ସ୍ତ୍ରୀ ଜାତିବିଶେଷ—1. A hybrid caste.
ଭାଡ଼ୋଇ } [ଦ୍ର—ବେଶ୍ୟାମାନଙ୍କର ଜାତି, ଯେଉଁମାନେ
ভাড়ুয়া, ভেড়ুয়া ବେଶ୍ୟାକୁଳରେ ଜନ୍ମ ହୁଅନ୍ତି ସେମାନଙ୍କ ଦ୍ୱାରା
मडवा, भगत, ଏହି ଜାତି ଗଠିତ । ଏହି ସମାଜରେ ଅନ୍ୟ ସମାଜ
भगतबाज, मडुआ ପରି ଗୃହସ୍ଥ ଓ ଗୃହିଣୀ ଅଛନ୍ତି । ଏହି ଜାତିମାନେ ତେଲଙ୍ଗୀ ବାଜା ବଜାନ୍ତି ଓ ବେଶ୍ୟାମାନଙ୍କ ସଙ୍ଗେ ବାଜା ବଜାଇ ଜୀବିକାର୍ଜନ କରନ୍ତି । ଯୁକ୍ତପ୍ରଦେଶରେ ଭଗତ ବା ଭଗତିଆ ନାମକ ଏକ ଜାତି ଅଛନ୍ତି; ଏମାନେ ବୈଷ୍ଣବ ସାଧୁଙ୍କ ସନ୍ତାନ ପ୍ରଚାର କରନ୍ତି । ଏ ଜାତିର ସ୍ତ୍ରୀମାନେ ନର୍ତ୍ତକୀ ଓ ବେଶ୍ୟାବୃତ୍ତି କରନ୍ତି ଓ ପୁରୁଷମାନେ ନର୍ତ୍ତକୀ-ମାନଙ୍କୁ ବେଶ କରନ୍ତି ଓ ତାଙ୍କ ସଙ୍ଗେ ବାଦ୍ୟ ବଜାନ୍ତି । ହି. ଶ] ୨ । ନର୍ତ୍ତକୀ ବେଶ୍ୟାମାନଙ୍କ ସଙ୍ଗେ ବାଜା ବଜାଇବା ବ୍ୟକ୍ତି; ମାଦେଳଆ; ବେଶ୍ୟାର ପୋଷ୍ୟ ବ୍ୟକ୍ତି; ଭାରିଦା—2. A musician or player of music attached to a party of dancing girls. ୩ । ଅତି ଲଜ୍ଜାହୀନ ବ୍ୟକ୍ତି—3. A shameless creature. ୪ । ଯେଉଁ ବ୍ୟକ୍ତି ପୁରୁଷମାନଙ୍କୁ ବେଶ୍ୟା ବା ପର-ସ୍ତ୍ରୀ ଯୋଗାଏ—4. A panderer; a bawd. ଦେ. ବିଣ. ପୁଂ—୧ । ନିର୍ଲ୍ଲଜ୍ଜ; ଅଲ୍ଲଜ୍ଜକ—1. Shameless. ୨ । ନୀଚ—2. Low; mean. ୩ । ଯେ ଜାରକୁ ପର-ସ୍ତ୍ରୀ ଯୋଗାଏ—3. Bawdy; pandering. ୪ । ରଣ୍ଡୀ-ବାଜ; ନିର୍ଲ୍ଲଜ୍ଜଭାବେ ବେଶ୍ୟାସକ୍ତ—4 Habitually and shamelessly attached to prostitutes.

ଭଡ଼ୁଆ ଗିରି—ଦେ. ବି—୧ । ନିର୍ଲ୍ଲଜ୍ଜତା—1. Shamelessness.
Bhar̤duā giri ୨ । ଜାର ପୁରୁଷକୁ ସ୍ତ୍ରୀ ଯୋଗାଇବା କାର୍ଯ୍ୟ—
ଭଡ଼ୁଆପଣ } 2. The profession of a
ଭଡ଼ୁଆପଣିଆ(ଅଁ) } ଅନ୍ୟରୂପ bawd. ୩ । ରଣ୍ଡୀବାଜୀ—
ଭଡ଼ୁଆ ଭୁଭ } 3. Habit of visiting pros-
ভাড়ুয়ামি, ভাড়োয়াগিরি मडुआगिरी titutes.

**ଭଣ୍ (ଧାତୁ)**—ସଂ—କହିବା—
Bhaṇ (root) To speak.

**ଭଣ୍** - ଦେ. ଅ. (ସଂ. ବଚନ)—ଝଟ୍; ବହନ; ଶୀଘ୍ର; ତୁରନ୍ତ; ହଠାତ୍—
Bhaṇ Very soon; immediately; at once.
फौरन

**ଭଣ୍ ଭଣ୍**—ଦେ. ଅ ( ଧ୍ୱନ୍ୟନୁକରଣ )—୧ । ବହୁତ ଗୁଡ଼ାଏ ମାଛି
Bhaṇ-bhaṇ ଏକସ୍ଥାନରେ ବେଢ଼ି ଯାଇ ଉଡ଼ଣାବାର କରିବାର
ভনভন ଗଣଗଣ ଶବ୍ଦ—1. The buzzing sound
भिनभिना हट; भिनकना; भनभन of a swarm of flies.
( ଭଣର୍ ଭଣର୍—ଅନ୍ୟରୂପ ) ( ଯଥା—କାହାଣ କାହାଣ ମାଛି କଣ୍ଠା ଯାଗାରେ ବସିଅଛନ୍ତି ଏବଂ ସବୁ ସାରା ଭଣଭଣ ହେଉଅଛନ୍ତି —ଫକୀରମୋହନ. ଛମାଣ ଅଠଗୁଣ । ) ୨ । ପଚ୍ଚ ପଦାର୍ଥର ଗନ୍ଧ ଗନ୍ଧ—2. Putrid smell. ( ଯଥା— ନଳାମୁହିଁ ଭଣଭଣ ଗନ୍ଧଉଛି । )
୩ । ଯେଉଁ ପଦାର୍ଥ ( ଖାଦ୍ୟ, ଘାଅ )ରେ ମାଛି ଦଲ ଦଲ ହୋଇ ବେଢ଼ି ଭଣଭଣ ଶବ୍ଦ କରୁଥାନ୍ତି—3. ( food or sore ) Infested with a swarm of buzzing flies. ୪ । ଅତ୍ୟନ୍ତ ଦୁର୍ଗନ୍ଧଯୁକ୍ତ ହୋଇ—4. With a fœtid smell. ( ଯଥା—ଏ ଘରେ ପିଲ୍ଲମାନେ ହଗିବାରୁ ଘର ଭଣଭଣ ଗନ୍ଧଉଛି । )

**ଭଣ୍ ଭଣା**—ଦେ. ବଣ ( ଧ୍ୱନ୍ୟନୁକରଣ )—ଭଣଭଣ ଶବ୍ଦକାରୀ—
Bhaṇ-bhaṇā ভনভনিয়া; ভনভনে Buzzing; humming.
भनभना (ଭଣ୍ଭଣିଆ[ଆଁ], ଭଣଭଣା, ଭଣଭଣିଆ[ଆଁ]— ଅନ୍ୟରୂପ )

**ଭଣ୍ ଭଣା ମାଛି**—ଦେ. ବ—୧ । ଗଣଗଣିଆ ବଡ଼ ମାଛି—1. Buzzing fly. ୨ । ପଚ୍ଚ ପଦାର୍ଥରେ
Bhaṇ-bhaṇā māchhi
ভনভনে মাছি ବସିଥିବା ନେଳଆ ମାଛି—2. The blue bottle fly.
भनभनिया माछी ( ଭଣ୍ଭଣିଆ[ ଆଁ ] ମାଛି—ଅନ୍ୟରୂପ )

**ଭଣଜା(ଞ୍ଜା)**—ଦେ. ବ. ପୁଂ ( ସଂ. ଭଗିନୀଜ )—ଭଗିନେୟ; ଭଉଣୀର
Bhaṇajā(ñjā) ପୁଅ—Sister's son. ( ଯଥା—ଶଙ୍କୁର
ভাগনা भानजा; बहनोत; भगिना ବୋଇଲେ ଭଣଜା କହ ଯାହା ( ଭଣଜା ବୋହୂ—ସ୍ତ୍ରୀ ) —କୃଷ୍ଣସିଂହ. ମହାଭାରତ. ବନ । ) ( ଭଣଜା, ଭଣିଜା, ଭଣିଞ୍ଜା—ବପରୀତ ଲିଙ୍ଗ ) [ ଦ୍ର—ଶାସ୍ତ୍ର ଅନୁସାରେ ଅପେ ଯେଉଁ ପିତୃଲୋକଙ୍କୁ ( ପିତୃପିତାମହ ଓ ପ୍ରପିତାମହ ) ପିଣ୍ଡ ଦେବ, ଅପଣାର ଭଣଜା ମଧ୍ୟ ସେହିମାନଙ୍କୁ ( ଭଣଜାର ମାତାମହ, ପ୍ରମାତାମହ ଓ ବୃଦ୍ଧପ୍ରମାତାମହରୂପେ ) ପିଣ୍ଡ ଦେବ । ଏପରି ସ୍ଥଳରେ ଭଣଜାଦ୍ୱାରା ମାମୁଁର ପିତୃଲୋକେ ପିଣ୍ଡ ପାଆନ୍ତି । ଏଥିଲାଗି ସେ ମାମୁଙ୍କ କୁଳନନ୍ଦନ ଅଟେ ଓ ଭଣଜାର ଦୋଷ ମାମୁଁ ଧରନ୍ତି ନାହିଁ ଓ ଭଣଜାକୁ ମାମୁଁ ଖୁବ୍ ଅଦର କରନ୍ତି । ଏଠାରେ ଗୋଟିଏ ବିଷୟ ଉଲ୍ଲେଖ ଯୋଗ୍ୟ ଯେ ମାତାମହଙ୍କର ପୁତ୍ର ପୌତ୍ରାଦି ନ ଥିଲେ ଦୌହିତ୍ର ( ଝିଅର ପୁଅ ) ସମ୍ପତ୍ତିର ଅଧିକାରୀ ହୁଅନ୍ତି । କିନ୍ତୁ ମାମୁଙ୍କ ସମ୍ପତ୍ତିରେ ପୂର୍ବେ ଭଣଜା ଉତ୍ତରାଧିକାରୀ ହେଉ ନ ଥିଲେ; ଏବେ ନୂତନ ଆଇନ ହୋଇଅଛି ଯେ ମାମୁଙ୍କ ସମ୍ପତ୍ତିରେ ହିନ୍ଦୁଶାସ୍ତ୍ର ଅନୁସାରେ ଭଣଜା ଓାରିସ ହୋଇ ପାରିବ । ]

**ଭଣଜା(ଞ୍ଜା) ବୋଉ(ହୂ)**—ଦେ. ବ. ସ୍ତ୍ରୀ ( ସଂ. ଭଗିନୀଜ ବଧୂ )—
Bhaṇajā(ñjā) bou(hū) ଭଣଜାର ସ୍ତ୍ରୀ—The wife of
ভাগনা বউ भानजाकी बहू one's sister's son. [ଯଥା— (ଭଣିଜା ବୋ[ହ୍ୱା]ଇଁ—ବପରୀତ ଲିଙ୍ଗ) ଦୋଳରେ ଯାଏ ଦୋଳରେ ଅସେ, ଭଣଜାବୋହୂ ଭାଇ ପରସେ—ଶିଶୁଗୀତ । ]

**ଭଣତି**—ଦେ. ବ ( ସଂ. ଭଣ୍ ଧାତୁ )—ଭଣିତା ( ଦେଖ )
Bhaṇati Bhaṇitā (See)

**ଭଣୟିତା**—ସଂ. ବଣ. ପୁଂ (ଭଣ୍ ଧାତୁ + ତୃ; ୧ମା. ୧ବ)—୧ । କଥକ;
Bhaṇayitā ଯେ କହେ—1. Speaking. ୨ । ଯେ
( ଭଣୟିତ୍ରୀ—ସ୍ତ୍ରୀ ) କୌଣସି ବିଷୟ ଅନ୍ୟ ବ୍ୟକ୍ତିର ମୁହଁରେ କୁହାଏ—2. Causing a thing to be spoken through another's mouth.

**ଭଣା**—ପ୍ରାଦେ (ପୁରୀଜଲ୍ଲା) ବ. ପୁଂ (ପୁରୁଷ ପ୍ରତି ପ୍ରଯୁକ୍ତ ଅଶ୍ଳୀଳ ଗାଳି)—
Bhaṇā ଭଉଣୀଗାମୀର ସଂକ୍ଷେପ ରୂପ; ଭଗିନୀର ସତୀତ୍ୱଧର୍ମନାଶକାରୀ ବ୍ୟକ୍ତି—A vile term of abuse used to males ( a person committing incest with his sister.) ଦେ. ବ—ଭଣିବା କ୍ରିୟା ( ଦେଖ ) The act of Bhaṇibā ( See )

**ଭଣା(ଣେ)ଇବା**—ଦେ. କି ( ଭଣିବା କ୍ରିୟାର ଣିଜନ୍ତ ରୂପ )—ଅନ୍ୟ
Bhaṇā(ṇe)ibā ବ୍ୟକ୍ତିର ରଚିତ ଗୀତାଦିକୁ ଅପଣା ନାମରେ
ভণান मगवाना ଭଣିତା କରାଇବା—To cause a song to be wound up with one's name as the author although one is not such. [ ଦ୍ର—ପ୍ରାଚୀନରେ ରାଜସଭାର କବିମାନେ ସ୍ୱରଚିତ ଗୀତ ଅଦିକୁ ଅପଣା ନାମରେ ନ ଭଣି ତାଙ୍କ ପୃଷ୍ଠପୋଷକ ରାଜାମାନଙ୍କ ନାମରେ ଭଣିତା କରୁଥିଲେ । ଓ ଅଜିକାଲି ମଧ୍ୟ ସେପରି କରୁଥିବାର ଦେଖାଯାଏ । କବିସୂର୍ଯ୍ୟ ତାଙ୍କ ରଚିତ ସଙ୍ଗୀତମାନଙ୍କୁ ଅଠଗଡ଼ ଓ ଜଳନ୍ତର ରାଜାମାନଙ୍କ ନାମରେ ଭଣିତା କରଥିଲେ । ]

**ଭଣା ଖାଇବା**—ପ୍ରାଦେ. ( କେନ୍ଦ୍ରାପଡ଼ା )—କ୍ରି—ଚିନ୍ତାନ୍ୱିତ ହେବା—
Bhaṇā khāibā To become gloomy with anxiety. ( ଯଥା—ମୋ ମନ ଭଣା ଖାଉଛି । )

**ଭଣିତ**—ସଂ. ବଣ ( ଭଣ୍ ଧାତୁ+କର୍ମ. ତ )—୧ । ଭାଷିତ; କଥିତ—
Bhaṇita 1. Spoken; uttered; said. ୨ । ( ଗୀତ ) ରଚିତ—2. Composed ( said of a song ).

**ଭଣିତା(ତି)**—ଦେ. ବ ( ସଂ. ଭଣ୍ ଧାତୁ; ଭଣିତ )—୧ । ପଦ୍ୟ ବା
Bhaṇitā(ti) ଗୀତ ଶେଷରେ ରଚୟିତାଙ୍କ ନାମ ଉଲ୍ଲେଖ କରାଯିବା
ভণিতা भनिता ପଦ—1. The concluding portion of a poem or song mentioning the name of

the composer. ୬ । ପଦ୍ୟ ଶେଷରେ କବିଙ୍କ ନାମୋଲ୍ଲେଖ—2. Peroration of a song; the mentioning of the name of the composer of a song at its end. ୩ । ( ସ. ଭଣିତିକା ) ଗୀତ ଶେଷରେ ଯାହାଙ୍କ ନାମ ରଚକ ବୋଲି ଲେଖା ଥାଏ—3. The reputed or declared author of a song. ଦେ॰ ଣ ( ସ. ଭଣିତ )—କୌଣସି ବ୍ୟକ୍ତିଙ୍କ ନାମରେ ଯେଉଁ ଗୀତର ଶେଷ ପଦ ରଚିତ ହୋଇଥାଏ—Concluded with the name of the reputed author.

ଭଣିତା କରିବା—ଦେ. କ୍ରି—୧ । ଭଣିବା; ଗୀତ ରଚନା କରି ଶେଷ Bhaṇitā karibā ପଦରେ ( ରଚକ ) ଆପଣାର ବା ଅନ୍ୟପ୍ର- ଭଣিতা করা ଭାତାଙ୍କ ନାମ ଉଲ୍ଲେଖ କରିବା—1. To भणिता लगाना (करना) wind up a song by adding ( ଭଣ୍ଡ କରିବା—ଅନ୍ୟରୂପ ) one's name or the name of one's patron at the end ( said of the author ). ୬ । ଭଣିତା ପଦ ବୋଲି ଗୀତ ବୋଲା ଶେଷ କରିବା—2. To conclude the singing of a song by reciting its last couplet.

ଭଣିତା(ତି) ପଦ—ଦେ. ବ ( ସ. ଭଣିତ ପଦ )—ଗୀତର ଶେଷ ପଦ Bhaṇitā(ti) pada ଯହିଁରେ ରଚକଙ୍କ ନାମ ଲେଖାଥାଏ— ভণিতাপদ भणित पद The concluding couplet of a song in which the composer's or his patron's name is embodied.

ଭଣିତି—ସ. ବ (ଭଣ୍ ଧାତୁ+ଭାବ. ତି)—୧ । କଥନ—1. Speak- Bhaṇiti ing ୬ । ବାକ୍ୟ; କଥା—2. Speech; word ୩ । ଉଚ୍ଚାରଣ—3. Utterance.

ଭଣିବା—ଦେ. କ୍ରି ( ସ. ଭଣ୍ ଧାତୁ )—୧ । ବୋଲିବା; କହିବା— Bhaṇibā 1. To speak. ( ଉ—ହଂସ ସେ ସୁଭଣୀ ভণা भनाना ମୁଖକୁ ଯେସଣେ, ଶୁଣି ନର ପର ବଚନ ଦେଲ ଭଣି— କୃଷ୍ଣସିଂହ. ମହାଭାରତ. ବନ । ) ୬ । ଗୀତ ରଚନା କରି ସମାପ୍ତ କରିବା—2. To conclude the composing of a song. ୩ । ଉଚ୍ଚାରଣ କରିବା—3. To utter. ( ଉ—ଧରେ ହେଲେ ନାମକୁ ତ ଭଣେ ମୁଁ ତୁମର ହେ—କବିସୂର୍ଯ୍ୟ. ଚମ୍ପୂ । ) ୪ । (କବି) ଗୀତ ଶେଷରେ ଆପଣାର କିମ୍ବା ଅନ୍ୟ ବ୍ୟକ୍ତିର ନାମ ରଚକରୂପେ ସଂଯୋଗ କରିବା—4. To embody one's name or the name of another person in the concluding lines of a song. [ ଦ୍ର—ପ୍ରାଚୀନ କବିମାନେ ନିଜେ ଗୀତ ବା ପଦ୍ୟ ରଚନା କରି ଆପଣାର ନାମରେ ନ ଭଣି ଭକ୍ତ ରାଜାଙ୍କ ନାମରେ ଭଣିତା କରିବାର ଦେଖାଯାଇଥାଏ । ଉଦାହରଣ ସ୍ୱରୂପ ଗୋପୀଚନ୍ଦ୍ରାକର ଚମ୍ପୂକୁ କବିସୂର୍ଯ୍ୟ ବଳଦେବ ରଥ ରଚନା କରିଥିଲେ କିନ୍ତୁ ତଦାନୀନ୍ତନ ଅଷ୍ଟଗଡ଼ର ଅଧିପ ବାଳୁକେଶରଦେବ ଭୂପଙ୍କ ନାମରେ ଭଣିତା କରିଥିଲେ । ଉତ୍କଳ ସାହିତ୍ୟର ଅଧିକାଂଶ ଯୁଗରେ ପଦ୍ୟ ଓ ଗଦ୍ୟ ସାହିତ୍ୟରେ ଅଧିକାଂଶ "କବିସୂର୍ଯ୍ୟ" ଓ "କବି ଯଶୋପ୍ରାର୍ଥୀ" ଅଷ୍ଟଦୁର୍ଗ ନାଥମାନଙ୍କର ଉଦାହରଣ ବହୁଳ ତୁଟେ । ]

ଭଣ୍ଟାକ—ସ. ବ—ଗଡ଼ା ଶାଗ (ହ୍ର. ଷ.)— Bhanṭāka A kind of potherb.

ଭଣ୍ଟାକୀ—ସ. ବ. ସ୍ତ୍ରୀ (ଭଟ୍ ଅନୁକରଣ ଶବ୍ଦ+ଅକ+ଈ; ପୋଡ଼ିବା Bhanṭākī ନିମନ୍ତେ ବାଇଗଣକୁ ନିଆଁରେ ପକାଇଲେ ତାହା ଫାଟିଯାଇ ସେଥିରୁ ଉଠିବା ଶବ୍ଦରୁ)—ବାର୍ତ୍ତାକୁ; ବାଇଗଣ— Brinjal; egg-fruit.

ଭଣ୍ଟୁକ—ସ. ବ—ଶ୍ୟୋନାକ; ଫଣଫଣା ( ହ୍ର. ଷ. )—Bignonia Bhanṭuka Judica (plant).

ଭଣ୍ଡ୍ (ଧାତୁ)—ସ—୧ । ପ୍ରତାରଣା କରିବା; ଭଣ୍ଡିବା—1. To Bhaṇḍ (root) cheat; to inveigle. ୨ । ଥଟ୍ଟା କରିବା; ରଙ୍ଗରହସ୍ୟ କରିବା—2. To jest; to indulge in buffoonery. ୩ । ଉପହାସ କରିବା—3. To mock. ୪ । ଗାଳି ଦେବା— 4. To chide; to upbraid ( Apte ). ୫ । ଭାଗ୍ୟବାନ କରିବା—5. To make fortunate ( Apte ). ୬ । ମଙ୍ଗଳସୂଚକ କର୍ମ କରିବା—6. To do an auspicious act ( Apte ).

ଭଣ୍ଡ—ସ. ବଣ ( ଭଣ୍ଡ୍ ଧାତୁ+ଅ )—୧ । ଧୂର୍ତ୍ତ; ଶଠ—1. Bhaṇḍa Cheating; deceitful. ୬ । କୃତ୍ରିମ; ଛଦ୍ମ; ଭଣ୍ଡ—2. Hypocritical; feigning; dissembling; pretending. ୩ । ମୁଖଙ୍ଗିଆ; ଥଟ୍ଟାଳି; ହେଲିଆ—3. Jesting; mimicking. ୪ । ଅଶ୍ଳୀଳ ବାକ୍ୟର କଥକ—4. Speaking obscene words. ସ. ବ—୧ । ଧୂର୍ତ୍ତ ବ୍ୟକ୍ତି; ଧପ୍ପାବାଜ୍ ଲୋକ —1. A cheat. ୨ । ଅଭିନେତା; ନଟ—2. An actor; a player. ୩ । ମୁଖଙ୍ଗୀ; ଯାତ୍ରାଦଳରେ ବାକ୍ୟାଦିଦ୍ୱାରା ହାସ୍ୟୋଦ୍ଦୀପକ ବ୍ୟକ୍ତି ( ଯଥା—ଓଡ଼ିଆ ଯାତ୍ରାରେ ହାସ୍ୟ )—3. A jester; a buffoon. ୪ । ଥଟ୍ଟାଳି ଲୋକ—4. A mimic. ୫ । ନିର୍ଲଜ୍ଜ ଲୋକ—5. A brazen faced man ୬ । ଛଦ୍ମବେଶୀ —6. A hypocrite. ୭ । ଅଶ୍ଳୀଳବାକ୍ୟକଥକ ବ୍ୟକ୍ତି—A speaker of obscene things.

ଭଣ୍ଡକ—ସ. ବ ( ଭଣ୍ଡ+କ )—ଖଞ୍ଜନପକ୍ଷୀ, କଳଲଗା ଚଢ଼େଇ— Bhaṇḍaka The blue wagtail

ଭଣ୍ଡ ଗଣେଶ—ଦେ. ବ—ରାଜା ପୁରୁଷୋତ୍ତମ ଦେବଙ୍କ ଦ୍ୱାରା କାଞ୍ଚିରୁ Bhaṇḍa gaṇeśa ଆନୀତ ଓ ପୁରୀ ମନ୍ଦିର ବେଢ଼ା ମଧ୍ୟରେ ରକ୍ଷିତ ଗଣେଶମୂର୍ତ୍ତି—The image of Gaṇeśa

brought down from Conjeverum by Raja Purusottama Deva and installed in the compound of the Jagannath temple.

ଭଣ୍ଡ ଗୀତ—ସ. ବି—ଅଶ୍ଳୀଳ ସଙ୍ଗୀତ—Obscene song.
Bhaṇḍa gīta भण्डौआ; भँडैला

ଭଣ୍ଡ ତପସ୍ୱୀ—ସ. ବି. ପୁଂ ( କର୍ମଧା; ଭଣ୍ଡ+ତପସ୍ୱିନ୍; ୧ମା. ୧ବ )
Bhaṇḍa tapaswī —୧ । କପଟ ତପସ୍ୱୀ; କପଟବୈରାଗୀ;
(ଭଣ୍ଡତାପସ—ଅନ୍ୟରୂପ) ତାପସବେଶଧାରୀ ଶଠ; ଛଦ୍ମତପସ୍ୱୀ—
ଭଣ୍ଡ ତପସ୍ୱିନୀ } ସ୍ତ୍ରୀ
ଭଣ୍ଡ ତାପସୀ }
1. A hypocritical ascetic. ୨ । ଧୂର୍ତ୍ତ; ପ୍ରତାରକ ବ୍ୟକ୍ତି—2. A cheat; a dessembler. ୩ । କୃତ୍ରିମ ଧାର୍ମିକ—3. A person who assumes piety.

ଭଣ୍ଡ ତପସ୍ୱିତା—ସ.ବି ( ଭଣ୍ଡତପସ୍ୱିନ୍+ତା, ଭୂ )—କପଟ ବୈରାଗ୍ୟ;
Bhaṇḍa tapaswitā କପଟଧାର୍ମିକତା—Hypocrisy; feigned piety.

ଭଣ୍ଡତା(ତ୍ୱ)—ସ. ବି ( ଭଣ୍ଡ+ଭାବ.ତା, ତ୍ୱ )—୧ । ଭଣ୍ଡପଣିଆ—
Bhaṇḍatā(twa) 1. Buffoonery; mimicry. ୨ । କୁଟିଳତା—2. Dissimulation; hypocrisy. ୩ । ଶଠତା—3. Deceitfulness.

ଭଣ୍ଡନ—ସ. ବି ( ଭଣ୍ଡ୍ ଧାତୁ+ଭାବ. ଅନ )—୧ । ପ୍ରତାରଣା;
Bhaṇḍana ଠକାଇବା—1. Cheating. ୨ । ଯୁଦ୍ଧ—2. Battle; war. ୩ । ( +କରଣ. ଅନ )—କବଚ; ସାଞ୍ଜୁ—3. Armour; mail. ୪ । ହାନି, କ୍ଷତି ( ତୁ. ଶ )—4. Loss; injury.

ଭଣ୍ଡ ବକର—ଦେ. ବି—ଧଣ୍ଡସଣ୍ଡ; ଅଶ୍ଳୀଳବାକ୍ୟ—Obscene lan-
Bhaṇḍa bakara guage. ବିଣ—ଅଶ୍ଳୀଳ—Obscene.
(ଭଣ୍ଡବକ, ଭଣ୍ଡସଣ୍ଡ—ଅନ୍ୟରୂପ) ভাঁড় असट् सपट्

ଭଣ୍ଡର(ରା)—ଦେ. ବିଣ—୧ । ( ସ. ପଣ୍ଡ, ସ. ଭଣ୍ଡ=ହାନି; ଶଠ )
Bhaṇḍara(rā) —ପଣ୍ଡ, ନଷ୍ଟ, ବିଫଳ, ବିଗିଡ଼ିଥିବା—1. Spoilt; baffled. ( ଯଥା—
ଭଣ୍ଡର(ରା) }
ଭଣ୍ଡୁର } ଅନ୍ୟରୂପ ବର୍ଷାଯୋଗୁଁ ଭୋଜି ଭଣ୍ଡର ହୋଇଗଲା । )
ଭଣ୍ଡୋର(ରା) }
୨ । ( ସ. ଭଣ୍ଡ ) ଲଜ୍ଜିତ
ভণ্ডুর ভণ্ডুল —2. Ashamed. ୩ । ଲଜ୍ଜାଗ୍ରସ୍ତ—3.
भङ्ग; शरमिंदा Put to shame. ୪ । ହାସ୍ୟାସ୍ପଦ—4. Ludicrous; ridiculous. ୫ । ଯେ ଭଣ୍ଡାଏ; ପ୍ରତାରକ—5. Fraudulent; deceitful; cheating. ୬ । ପ୍ରତାରିତ—6. Defrauded; cheated.

ଭଣ୍ଡର(ରା) କରିବା—ଦେ. କ୍ରି—୧ । ( ସ. ପଣ୍ଡ, ବଙ୍ଗ ) କୌଣସି
Bhaṇḍara(rā) karibā କାର୍ଯ୍ୟକୁ ପଣ୍ଡ ବା ନଷ୍ଟ କରିବା—
ভণ্ডুরকরা 1. To spoil a work. ୨ । ( ସ. ଭଣ୍ଡ )
भण्डना କୌଣସି ବ୍ୟକ୍ତିକୁ ଲଜ୍ଜାଗ୍ରସ୍ତ କରିବା—2. To put a person to shame. ୩ । ହାସ୍ୟାସ୍ପଦ କରାଇବା —3. To expose a person to ridicule.

ଭଣ୍ଡରା—ପ୍ରାଦେ ( ସମ୍ବଲପୁର ) ( ଭୁଲ. ତୁ. ଏହି ଅର୍ଥରେ ଭଣ୍ଡାରା )—
Bhaṇḍarā ୧ । ଭୋଜି; ମହୋତ୍ସବ—1. A feast. ୨ । ସାଧୁ ବା ବାବାଜିମାନଙ୍କ ଭୋଜି—2. A feast of ascetics.

ଭଣ୍ଡଳ—ଦେ. ବିଣ (ସ. ଭଣ୍ଡ)—ଭଣ୍ଡ; ପ୍ରତାରକ—Fraudulent.
Bhaṇḍala ଦେ.ବି—ପ୍ରତାରକ ବ୍ୟକ୍ତି—A knave; a cheat.

ଭଣ୍ଡହାସିନୀ—ସ. ବି. ( ଭଣ୍ଡ+ହାସ+ଇନ୍+ଈ )—ବେଶ୍ୟା—A
Bhaṇḍahāsinī prostitute; a harlot; a courtesan.

ଭଣ୍ଡା—ଦେ ବି. (ସ. ଭଣ୍ଡ୍ ଧାତୁ)—୧ । ଭଣ୍ଡିବା କାର୍ଯ୍ୟ, ଠକିବା
Bhaṇḍā କାର୍ଯ୍ୟ—1. Cheating. ୨ । (ସ. ଭାଣ୍ଡ; ପିଣ୍ଡ)
ভণ্ডান କଦଳୀ କାନ୍ଦିର ଅଗ୍ରରେ ଥିବା ଭଣ୍ଡାକାର ମୁକୁଳମଞ୍ଜରୀ;
भण्डना ଏଥିରୁ କ୍ରମଶଃ କଦଳୀ ଫେଣାମାନ ବାହାରୁଥାଏ—
মোচা केलाका फुल; कोसा 2. The sheath containing layers of blossoms of the plantain which is at the top of the bunch. ୩ । ( ସ.
পিণ্ডলী पिंडली, जंघा ପିଣ୍ଡିକା )—ଗୋଡ଼ର ପେଣ୍ଡା, ଅଣ୍ଟ ଓ ଗୋଇଠିମଧ୍ୟସ୍ଥ ଗୋଡ଼ର ପଛଆଡ଼ର ମାଂସଳ ଅଂଶ; ନଳୀ ଗୋଡ଼ର ପଛଆଡ଼ର ମାଂସଳ ଅଂଶ—3. The calf of the leg; the swell of the leg. [ଉ—"ଥରନ୍ତି ପାଦର ଭଣ୍ଡା ଥର ଥର ଥରେ"—ସୁଧାକାଠ. ମହାଯାତ୍ରା] । ପ୍ରାଦେ (କଳାହାଣ୍ଡି-- ର ହାଣ୍ଡି—Earthen cooking pot.

ଭଣ୍ଡା(ଣ୍ଡେ)ଇବା—ଦେ. କ୍ରି—(ସ. ଭଣ୍ଡ୍ ଧାତୁ)—୧ । ଧପାଇବା;
Bhaṇḍā(ṇḍe)ibā ଠକିବା—1. To cheat; to deceive.
[ଭଣ୍ଡିବା—ଅନ୍ୟରୂପ] [ଉ—ହେଜେ [?] କଏ, ଲୋକଙ୍କୁ
ভাঁড়ান ठगना [?]ଏ । ପାଳକୃଷ୍ଣ. ଧର୍ମସାଗର ।] ୨ । ଶିଶୁଙ୍କୁ ଏଣୁ ତେଣୁ କଥାଦ୍ୱାରା ଭୁଲାଇବା—2. To inveigle
धप्पा देना children. ୩ । ଟାଳଟୁଳପୂର୍ବକ କାଳକ୍ଷେପଣ କରିବା 3. To put off the doing of a thing from day to day on one pretext or other.

ଭଣ୍ଡା କାଢ଼ିବା—ଦେ. କ୍ରି—କଦଳୀ ଗଛ ପେଣ୍ଡା ପକାଇବାର ପ୍ରଥମରେ
Bhaṇḍā kaṛhibā ଭଣ୍ଡା ବାହାର କରିବା—(said of
नोमा निकालना the plantain tree) To send forth
(ଭଣ୍ଡା ବାହାର କରିବା—ଅନ୍ୟରୂପ) the sheath containing the layers of its blossoms.

ଭଣ୍ଡାଣ—ଦେ. ବି—(ସ. ଭଣ୍ଡନ)—ଭଣ୍ଡାଇବା; ଠକାଇବା; ଭୁଲାଇବା-
Bhaṇḍāṇa ভাড়ান ठगना Deceit; inveigling.
[ଭଣ୍ଡାଣିଆ (ଅଂ)—ବିଣ] ଯଥା—ପିଲା ଭଣ୍ଡାଣ—To deceive children.

ଭଣ୍ଡାର—ଦେ. ବି—(ସ. ଭାଣ୍ଡାଗାର)—୧ । ଧନାଗାର—1. Trea-
Bhaṇḍāra ভাণ্ডার भण्डार् sury. ୨ । ଧନସଞ୍ଚୟ ସ୍ଥାନ—2. A place where money is hoarded.
୩ । କୌଣସି ଦ୍ରବ୍ୟ ବହୁ ପରିମାଣରେ ସଞ୍ଚିତ ହେବାର

ଅଗାର; ସରଘର—3. A store house; a magazine. [ଉ—ହେ ନୃପ ସବୁରା ଯଦି କହବା ଭଣ୍ଡାରେ—ରାଧାନାଥ ମହାଯାତ୍ରା] ୪ । ପୁଞ୍ଜି; ସଞ୍ଚିତ ଧନ—4. Fund.

ଭଣ୍ଡାର କୋଣ—ପ୍ରାଦେ. (ସମ୍ବଲପୁର) ବି—ବାୟୁ କୋଣ—North-west. Bhandāra koṇa [ବ୍ର—ଏ ଦିଗରେ ମେଘ ଦେଖା ଯିବା ହାୱା ଶୀଘ୍ର ଓ ପ୍ରଚୁର ବର୍ଷା ହେବା ସୂଚିତ ହୁଏ ।]

ଭଣ୍ଡାର ଘର—(ସ. ଭାଣ୍ଡାଗାର+ଗୃହ)—୧ । ଯେଉଁ ଘରେ ଧନ Bhandāra ghara ଗଚ୍ଛିତ ରହେ; ଯେଉଁ ଘରେ ନାନା ଦ୍ରବ୍ୟ ଭাণ্ডার ঘর ସଞ୍ଚିତ ହୁଏ—1. Store house; a store. भंडारघर ୨ । ଯେଉଁ ଘରେ ପରିବାରର ଖାଦ୍ୟ ସାମଗ୍ରୀ ସଞ୍ଚିତ ଥାଏ, ସରଘର—2. A store-room for victual.

ଭଣ୍ଡାର ଘରି(ରୁ)ଆ—ଦେ. ବି. ପୁଂ—(ସ. ଭାଣ୍ଡାଗାରିକ)—ସରଘରର Bhandāra ghari(ru)ā ଭାରପ୍ରାପ୍ତ ବ୍ୟକ୍ତି—Stores ভঁাড়ারী भंडारी [ଭଣ୍ଡାରଘରଅଣି(ଣୀ)—ସ୍ତ୍ରୀ] keeper; steward.

ଭଣ୍ଡାର ଘରଏନ୍—ପ୍ରାଦେ. (ସମ୍ବଲପୁର) ବି. ସ୍ତ୍ରୀ—ଭଣ୍ଡାର ଘରଅଣୀ—Bhandāra gharien भंडारीन A female steward.

ଭଣ୍ଡାରା—ପ୍ରାଦେ. (ସମ୍ବଲପୁର) ବି—ଭଣ୍ଡାରୀ (ଦେଖ) Bhandārā Bhandarā (See)

ଭଣ୍ଡା ରାଇ—ଦେ. ବି—କଦଳୀ ଭଣ୍ଡାରେ ସିଝା ଓ ବେସର ଦେଇ ଯାଇ Bhandā rāi ଥିବା ତରକାରୀ—A curry made from মোচার ঘণ্ট plantain blossoms boiled with (ଭଣ୍ଡା ରାଇତା—ଅନ୍ୟରୂପ) rye-paste.

ଭଣ୍ଡାରୀ—ଦେ. ବି—(ସ. ଭଣ୍ଡାରୀ)—୧ । ଭଣ୍ଡାରରକ୍ଷକ ଭୃତ୍ୟ; ସର-Bhandāri ଘରିଆ—1. A store keeper; a steward. ভাণ্ডারী भंडारी ୨ । (ସ. ଭଣ୍ଡ=ଧୂର୍ତ୍ତ, ନାପିତମାନେ ଧୂର୍ତ୍ତ ଥିବା ନাপিত हजाम; नाई ପ୍ରସିଦ୍ଧ; କିମ୍ବା ସ. ଭାଣ୍ଡ=ନାପିତର କ୍ଷୁର (ଭଣ୍ଡାରୁଣୀ—ସ୍ତ୍ରୀ) ଧାରି)—ନାପିତ; କ୍ଷୌରକାର; ବାରିକ—2. Barber. [ବ୍ର—ଏମାନେ କଳାମୁଠିଆ ଓ ଉପ-ମୁଠିଆ ଏହି ଦୁଇ ଶ୍ରେଣୀରେ ବିଭକ୍ତ, ଉପମୁଠିଆମାନେ ଉଚ୍ଚତର ଓ କଳାମୁଠିଆ ବା ହାତୁଆମାନେ ନିମ୍ନତର ଭଣ୍ଡାରୀମାନେ ଗ୍ରାମସେବକ ଅଟନ୍ତି ଏମାନେ କ୍ଷୌର କର୍ମ କରନ୍ତି, ଗ୍ରାମବାସୀଙ୍କ ବନ୍ଧୁଙ୍କ ଘରକୁ ବୋଝ ଓ ବେଗାର ନେଇ ଯାଆନ୍ତି, ସାଆନ୍ତଙ୍କ ସଙ୍ଗେ ଚବେଶକୁ ସ୍ୱକରରୂପେ ଯାଆନ୍ତି । ଏମାନେ ଗ୍ରାମବାସୀଙ୍କ ସେବାର ପାରଶ୍ରମିକ ସ୍ୱରୂପ ହେଡା ;ଜମି ବା ବରତନ ପାନ୍ତି । ସେବା ନିମନ୍ତେ ଭଣ୍ଡାରୀମାନେ ନିଜ ନିଜ ମଧ୍ୟରେ ଗ୍ରାମ ବାଣ୍ଟି ନେଇ ଥାନ୍ତି । ଏଥିପାଇଁ ଢଗ ଅଛି; "ଗାଁ କାହାର ? ନା ଧୋବା ଭଣ୍ଡାରୀ ବୋଲନ୍ତି ଅମର ଅମର" । ଉତ୍ସବାଦିରେ ଅଗତ ବନ୍ଧୁ-ମାନଙ୍କୁ ଚର୍ଚ୍ଚା କରିବାର ଭାର ଭଣ୍ଡାରୀ ଉପରେ । ଭଣ୍ଡାରୁଣୀ ମଧ୍ୟ ଗ୍ରାମର ସ୍ତ୍ରୀମାନଙ୍କ ନଖ କାଟେ, ଗୋଡ଼ରେ ଅଳତା ଦିଏ ଓ ଉତ୍ସବାଦି ସମୟରେ ଗ୍ରାମରେ ହଳଦୀ, ତେଲ, ପିଠଉ ଅାଦି ବାଣ୍ଟେ । ଢଗରେ ଅଛି ଯେ ସମସ୍ତ ଗ୍ରାମବାସୀମାନେ ଦୋଷ କଲେ ଭଣ୍ଡାରୀ ଉପରେ ବାହାରର ଲୋକେ ଦୋଷ ଦେଇଥାଅନ୍ତି । ଢଗ ଅଛି "ଗାଁଅ ସାକ ପଣସ ଖାଇଲେ ଭଣ୍ଡାରୀ ମୁଣ୍ଡରେ ଅଠା" । ଗ୍ରାମରେ ଭଣ୍ଡାରୀ ବିଷୟର ସମସ୍ତଙ୍କ ପାଖେ ଭୃତ୍ୟ । ସେଥି ପାଇଁ ଢଗରେ କହନ୍ତି "ମାର ମାର ଭଣ୍ଡାରଅଣ୍ଡୁ ମାର" । "ଭଣ୍ଡାର ମାଇପ ସମସ୍ତଙ୍କ ଶାଳୀ" ।

\+ + +

ଭଣ୍ଡାରିଆ—ଦେ. ବି—୧ । ଭଣ୍ଡାରଭାରପ୍ରାପ୍ତ ବ୍ୟକ୍ତି—1. A store Bhandāriā keeper. ୨ । ଭଣ୍ଡାରୀ—2. A barber. ভঁাড়ারী भंडारी (ଯଥା—ମାର ମାର ଭଣ୍ଡାରଅଣ୍ଡୁ ମାର—ଢଗ ।) ୩ । ସାରସ ଜାତୀୟ କୃଷ୍ଣବର୍ଣ୍ଣର ପକ୍ଷୀ—3. A kind of black bird.

ଭଣ୍ଡାରି ଖୁର—ଦେ. ବି—ଚିଲ୍କାର ଏକ ପ୍ରକାର ମାଛ—Bhandāri khura A species of fish found in the lake of Chilkā.

ଭଣ୍ଡାରି ଖୁରୁ(ରି)ଅ—ପ୍ରାଦେ. (ବାଲେଶ୍ୱର) ବି—ଏକ ଜାତୀୟ ଶ୍ୱେତ-Bhandāri khuru(ri)ā ବର୍ଣ୍ଣ କ୍ଷୁଦ୍ର କ୍ଷୁରାକୃତି ମତ୍ସ୍ୟ—A species of white razor-shaped fish.

ଭଣ୍ଡାରି ଜାଗିରି—ଦେ. ବି—ଗ୍ରାମବାସୀଙ୍କ କ୍ଷୌରକାର୍ଯ୍ୟାଦି ପାଇଁ ବରମା Bhandāri jāgiri ପରବର୍ତ୍ତରେ ରାଜାଙ୍କ ଠାରୁ ବା ଗ୍ରାମର (ଭଣ୍ଡାରୀ ହେଡା—ଅନ୍ୟରୂପ) କୋଠ ସମ୍ପତ୍ତିରୁ ଭଣ୍ଡାରୀକୁ ଦିଅଯିବା ଜମି—Land assigned to a barber-family in lieu of its services to the villagers.

ଭଣ୍ଡାରି ବରତନ—ଦେ. ବି—ଗ୍ରାମବାସୀ ପ୍ରତ୍ୟେକ ଗୃହସ୍ଥଙ୍କଠାରୁ Bhandari baratana କ୍ଷୌରାଦି କାର୍ଯ୍ୟ ନିମନ୍ତେ ଭଣ୍ଡାରୀ (ଭଣ୍ଡାରି ବର୍ତ୍ତନ—ଅନ୍ୟରୂପ) ପାଇବା ବାର୍ଷିକ ନିର୍ଦ୍ଦିଷ୍ଟ ଧନ—नाईकीकमाई Fixed annual wages given to a barber by every householder in a village.

ଭଣ୍ଡାରି ବିଦାକି—ଦେ. ବି—ଉତ୍ସବାଦିରେ ବନ୍ଧୁ ଘରକୁ ବେଗାର Bhandāri bidāki ଅଣିଥିବା ଭଣ୍ଡାରୀକୁ ଦିଅଯିବା ପୁରସ୍କାର-नाईकीविदायी A reward given to a barber who comes from the house of a relative with presents.

ଭଣ୍ଡାରି ଭରଣ୍ଡି ରେ ବିରଡ଼ି ବିଗାଡ଼ିଲା—(ଶିଶୁରଞ୍ଜନ ପଦ)—ଶିଶୁମାନଙ୍କ Bhandāri bharāndire birārdi bigārdilā ଉଚ୍ଚାରଣ ଦୋଷ ପରୀକ୍ଷାପାଇଁ ବୋଲାଯିବା ହାସ୍ୟୋଦ୍ଦୀପକ ପଦ—A sentence dictated to test the correctness or otherwise of a child's Oriya pronunciation [ବ୍ର—ଏହିପରି ଶିଶୁମାନଙ୍କ ପାଇଁ ସବୁ ଦେଶରେ ହାସ୍ୟୋଦ୍ଦୀପକ ପଦମାନ ଉର୍ଦ୍ଧ୍ୱବୟସ୍କ ବ୍ୟକ୍ତିମାନେ ଶିଶୁମାନଙ୍କୁ କହନ୍ତି ଓ ଶିଶୁମାନେ ତାହା ଠିକ୍‌ରୂପେ ଉଚ୍ଚାରଣ କରି ନ ପାରଲେ ହସ ଲାଗେ । ଯଥା—ମିଶ୍ରଙ୍କ ଅଞ୍ଚଳରେ ବୋଲାଯାଏ । ୧ । ତାଳତରୁ ବାଯ୍ ଫୁଫୁଅଏ (ବେଡା ତଳେ ବାଘ ଫଁ ଫଁ. ହେଉଛି) ୨ । ଛଇ ସରଷ ସେର ଛବେଦ ଷେଡେ (ଛଅ ସୋଡ଼ଶ ସେର ଛଅ ବାଈ) ।]

ଭଣ୍ଡାରୁଣୀ—ଦେ.ବି. ସ୍ତ୍ରୀ—ଭଣ୍ଡାରୀର ସ୍ତ୍ରୀଲିଙ୍ଗ—A barber-woman. Bhandāruṇi নাপিতানী नाइन, हजामीन

ଭଣ୍ଡି—ସଂ. ବି ( ଭଣ୍ଡ୍ ଧାତୁ+ଇ )—ବୀଚି; ତରଙ୍ଗ—Wave.
Bhaṇḍi ଦେ. ବି—୧ । ( ସଂ. ଭାଣ୍ଡ=ପାତ୍ର, ଏହା ପତ୍ରାକାର ଥିବାରୁ )—ଭୁଣ୍ଡି; ପାଟଫୁଲର ଅଗରେ ଲାଗିଥିବା ଫୁଲ—1. Tassels attached to the end of hair-tapes. ୨ । ସ୍ତ୍ରୀମାନଙ୍କ ଜୁଡ଼ାବନ୍ଧାର

ଫୁଦ୍‌ନା ଉପକରଣବିଶେଷ; ଜୁଡ଼ାର ମୂଳ—2. A pillow-
ଗେହ୍‌ଲୀ like case used in tying the hair into a chignon. [ ଉ—ରଙ୍ଗ ଭଣ୍ଡି ଭିତର ଲବ୍ଧ କୁଡ଼ାକୁ, ସଜାଡ଼ିଲେ ଯୁବା କ୍ଷୀଣଚୂଡ଼ାକୁ—ଉପେ. ଲାବଣ୍ୟବତୀ । ] ୩ । ଇଟାକାନ୍ଥରେ ମଝେ ମଝେ ରଖା ଯାଇଥିବା ଗାତ—3. Holes left in brick walls. ( ଯଥା—ଗୁଣ୍ଡି ବାଜିବା ସ୍ଥାନକୁ ଦେଖି, ଭଣ୍ଡିକାଙ୍ଗୁଲି ଅଛନ୍ତି ସାଜି, ଚଣ୍ଡୀ-ପ୍ରସାଦ ଗୁଣ୍ଡିକୁ ଖଞ୍ଜି, ଛନ୍ତି ବସିର ଯେ—ବ୍ରଜନାଥ. ସମରତରଙ୍ଗ । ) ୪ । ଶିକାରର ମଞ୍ଚାରେ ବା ବାଡ଼ରେ କରି ଯାଇଥିବା କଣା, ଯହିଁ ବାଟେ ବନ୍ଧୁକ ମାରେ ଓ ଶିକାରକୁ ଦେଖେ—4. Loopholes in the wall of a Machan.

୫ । କଦଳୀର ଭଣ୍ଡା—5. The sheath containing the layers of blossoms of plantain.
ଭୁଁଡ଼ା ୬ । ଅଣ୍ଡିରି ତାଳଗଛର ପୁଷ୍ପ ମଞ୍ଜରୀ—6. The piston-shaped flower-pod of a male palm tree.
୭ । ପଣସର ଡେମ୍ଫକୁ ଲାଗିଥିବା ଲମ୍ବ ଅଂଶ, ଯେଉଁ ଦଣ୍ଡର ଚାରିଆଡ଼େ କୋଷା ସଂଲଗ୍ନ ଥାଏ—7. The stem inside the jackfruit to which are attached seed capsules.

ଭଣ୍ଡିକା—ସଂ. ବି—ମଞ୍ଜିଷ୍ଠା ଲତା; ମଞ୍ଜୁଆତି—The Indian
Bhaṇḍikā madder plant [creeper]; Rubia Cordifolia.
ଭଣ୍ଡୀ, ଭଣ୍ଡୀତକୀ, ଭଣ୍ଡିରୀ, ଭଣ୍ଡିର ଲତିକା } ଅନ୍ୟରୂପ

ଭଣ୍ଡି କାଙ୍ଗୁଲି—ପ୍ରାଦେ. (ଗଡ଼ଜାତ) ପ୍ରାଚୀନ. ବି—ବିପକ୍ଷର ତୋପଗୁଳି
Bhaṇḍi kāṅgulā ବାଜିଲେ ଗଡ଼ ପାଚେରିର ବିଶେଷ ଅନିଷ୍ଟ କରି ନ ପାରିବ ଏହି ଉଦ୍ଦେଶ୍ୟରେ ପାଚେରିରେ କରାଯାଇଥିବା ଝୁଟା ଛିଦ୍ର ବା ମେଞ୍ଚି ଗାତ—False holes made in the wall of a fort so that the adversary's bullets will not damage the wall. (ଉ—ଗୁଣ୍ଡି ବାଜିବା ସ୍ଥାନକୁ ଦେଖି, ଭଣ୍ଡିକାଙ୍ଗୁଲି ଅଛନ୍ତି ସାଜି । ବ୍ରଜନାଥ. ସମରତରଙ୍ଗ । )

ଭଣ୍ଡିବା—ଦେ. କ୍ରି—ଭଣ୍ଡାଇବା (ଦେଖ)—Bhaṇḍāibā [See].
Bhaṇḍibā ( ଉ—କେଲା ଖାଏ ଭଣ୍ଡି, ଲଜା ନଏ ଚଣ୍ଡି । ଢଗ । )

ଭଣ୍ଡି(ଣ୍ଡୀ)ର(ଲ)—ସଂ. ବି—୧ । ଶିରୀଷ ବୃକ୍ଷ—1. The śirisha
Bhaṇḍi[ṇḍi]ra[la] tree. ୨ । ଦୂତ ( ହ୍ରୁ. ଶ )—2. Messenger. ୩ । ଶିଳ୍ପୀ ( ହ୍ରୁ. ଶ )—3, Artisan.

ଭଣ୍ଡୂକ—ସଂ. ବି—୧ । ଏକପ୍ରକାର ମାଛ; ଭାକୁଡ଼ ମାଛ—1. A
Bhaṇḍūka kind of small fresh water fish.
কাতলা ୨ । ଶ୍ୟୋନାକ; ଫଣଫଣା (ହ୍ରୁ. ଶ)—2. Bignonia
মাকুন্ড Indica.

ଭତର(ଡ଼ା)—ଦେ. ବି—୧ । ବସ୍ତର ଅଞ୍ଚଳର ଏକ କୃଷକ ଜାତି,
Bhatarā[rḍā] ( ଦ୍ର—ଏମାନଙ୍କ ବ୍ୟବହୃତ ଭାଷା ଭତରୀ)—1. A class of farmers in Bastar. ୨ । ଭଟ୍ଟଡ଼ା (ଦେଖ)—2. Bhattarḍā [See].

ଭତରି(ଡ଼ି)—ପ୍ରାଦେ. (ବସ୍ତର) ବି—ଓଡ଼ିଆ ଭାଷାର ଗୋଟିଏ
Bhatari(rḍi) ପ୍ରାଦେଶିକ ରୂପ—The Bhatri dialect;
(ଭତ୍ରି, ଭଡ଼ି—ଅନ୍ୟରୂପ) A dialect of the Oriya language spoken by 20000 people inhabiting the North Eastern corner of Bastar State in C. P. [ଦ୍ର—ଏହା ମଧ୍ୟ-ପ୍ରଦେଶର ଓଡ଼ିଆ ରାଜ୍ୟ ବସ୍ତରର ଉତ୍ତର-ପୂର୍ବ କୋଣ (ପ୍ରାଚୀନ ଦକ୍ଷିଣ କୋଶଳ) ଅଞ୍ଚଳର ପ୍ରାୟ ୨୦ ହଜାର ଲୋକଙ୍କର କଥିତ ଭାଷା । ଆଶ୍ଚର୍ଯ୍ୟର କଥା, ଏହା ଓଡ଼ିଆ ଅକ୍ଷରରେ ଲେଖା ନ ଯାଇ ଦେବନାଗରୀ ଅକ୍ଷରରେ ଲେଖାଯାଏ । ଏ ଭାଷା ମରହଟ୍ଟୀ ଭାଷାଦ୍ୱାରା ପ୍ରଭାବିତ ହୋଇଅଛି ।]

[ଦ୍ର—ଭତରି ଭାଷାର ନମୁନା (ଗ୍ରୀୟରସନ୍ ସାହେବଙ୍କ ଗ୍ରନ୍ଥରୁ ଗୃହୀତ)—କୋନୋ ମନୁଷର ଦୁଇଗୋଟା ବେଟା ରଲା । ହୁଁମ୍ଭ ଭିତର ସାନ ପିଲା ବୁବା-କେ ବଲଲା, ଯେ ବୁବା ! ଧନ ଭିତର ଜେ ମୋର ଭାଁଗ ହଲେ ତା-କେ ମୋ-କେ ଦେସ୍ । ତେବେ ହୁଁମ୍ଭ ହୁଁମ୍ଭ-ମନ-କେ ଧନ ବାଁଟି ଦେଲା । ଖୁବ ଦିନ ନା ହୋଇ ରଲା, ସାନ ବେଟା ସବ-କେ ଗୋଁଟିକ ଥାନେ କରାଇ କରି ଦୂର ଦେଶ ଉଠି ଗଲା । ଜେବେ ହୁଁମ୍ଭ ସବ୍-କେ ସାରଲା । ତେବେ ହୁଁମ୍ଭ ରାଜ-ମେଁ ବହୁତ ଭୂକ ପଡ଼ଲା ଔର ହୁଁମ୍ଭ ଗରବ ହୋଏଲା । ଔର ହୁଁମ୍ଭ ପୁରଥୀ କାହାର ଘରେ ଜାଇ କରି ଗୋଁଠକର ଘରେ ଥେବଲା । ହୁଁମ୍ଭ ମନୁଖ ଅପନାର ବେଡ଼ା-ମେ ବର୍ଯ୍ୟା ଚରାୟକେ ପଠାଏଲା । ଔର ହୁଁମ୍ଭ ଜେ ଗୋଟାକେ ବର୍ଯ୍ୟା ଖାୟ ତୋ ରଲା ତାକେ ଖାଇକରି ପେଟ ଭରବା କାଜେ ଖୋଜତେ ରଲା ଔର ତାକେ କୋଇ ନା ଦେତେ ରଲା । ତେବେ ତାକେ ଚେତ ପଡ଼ଲା ଔର ହୁଁମ୍ଭ ବଲଲା ମୋର ବୁବାଘର କତେକ ଭୁତୋ ଲୋଗର ଖାଇବାର ଠାନେ ବାଚଶୀ ଅଛେ, ଔର ମେଁ ଭୁଖେ ମରବା ଅଚେ । ମେଁ ଉଠିକରି ମୋର ବୁବା ଲଗେ ଜାବା ଔର ତାକେ ବଲବା ଯେ ବୁବା ! ଭଗବାନର ହୁକୁମ ନା ମାନଲୁଁ ଔର ତମର ପୁରେ ପାପ କରଲା । ଫେର ତମର ବେଟା ବଲବାର ଜୋଗ ନା ଅଛୁଲା । ମୋକେ-

ଅପଣାର ଭୃତ୍ୟଅର ଅପଣାର ବାପ ଲଗେ ଗଲା । ତେବେ ହିଁସ୍ତ ଶୁବେ ଦୂର ରଲା; ତେବେ ତାର ବାପ ତା-ବେ ଦେଖ କର ମସ୍ତା କରଲା ଊର ଧସ୍ତଲ କର ଚୋଡ଼ା ଗୋଟାଲ୍ କର ଚୁମ୍ଲା । ବେଟା ତାକେ କଲା, ବୁବା ! ମୁସ୍ତେ ଭଗବାନର ହୁକୁମ ନା ମାନଲା ଊର ତୁମ୍ହର ସୁରେ ପାପ କରଲା । ଊର ମେଁ ତୁମ୍ହର ବେଟା ବୌଲ୍ଲେବାର ଡୌଲ ନା ହୌଲା । ବୁବା ଅପଣାର ଚକାଡ଼କେ କଲା ସବ-ଲେ ଜଗଦ ଫଟଲ ହୁଟାଇ କର । ତାକେ ପିଂଧାହା ଊର ଊର ତାଷ ହାତେ ମୁଦା ଊର ଗୋଡ଼େ ପଣ୍ଡଇ ପିନ୍ଧାହା । ]

ଓଡ଼ିଆ ଅନୁବାଦ—କୌଣସି ମନୁଷ୍ୟର ଦୁଇଟି ପୁଅ ଥିଲେ; ତହିଁ ମଧ୍ୟରୁ ସାନ ପିଲା କହିଲା; ହେ ବାପା ! ଧନରେ ଯାହା ମୋର ଭାଗ ହେଉଛି ତାହା ମୋତେ ଦେ । ତେବେ ସେ ସେମାନଙ୍କୁ ଧନ ବାଣ୍ଟି ଦେଲା । ବେଶି ଦିନ ହୋଇ ନାହିଁ, ସାନ ପୁଅ ସବୁ ଧନକୁ ଗୋଟିଏ ସ୍ଥାନରେ ଜମାଇ ଦୂର ଦେଶକୁ ଗଲା । ଯେତେବେଳେ ସେଠାରେ ସବୁ ଧନ ସାରିଲା, ତେବେ ସେ ରାଜ୍ୟରେ ବଡ଼ ଭୋକରେ ରହିଲା ଓ ସେ ଗରିବ ହୋଇଗଲା ଓ ସେ ଦେଶରେ ଜଣକ ଘରେ ଯାଇ ରହିଲା । ସେ ମନୁଷ୍ୟ ତାକୁ ଅପଣା ଗଡ଼ଅରେ ଘୁଷୁରି ଚରାଇବାକୁ ପଠାଇଲା ଏବଂ ଯେଉଁ ଶସ୍ୟକୁ ଘୁଷୁରି ଖାଆନ୍ତି ଏ ତାକୁ ଖାଇ ପେଟ ପୂରାଇ କାମ ଖୋଜିବାକୁ ଲାଗିଲା ଓ କେହି ତାକୁ କଛି କାମ ଦେଲେ ନାହିଁ । ତେବେ ତାକୁ ବ୍ୟସ୍ତ (ଚିନ୍ତା) ହେଲା, ସେ କହିଲା, ମୋ ବାପ ଘରେ କେତେ ମୂଲିଆ ଖାଇ ବଞ୍ଚୁଛନ୍ତି ଓ ମୁଁ ଭୋକରେ ମରୁଅଛି । ମୁଁ ଉଠିକରି ମୋ ବାପ ପାଖକୁ ଯିବି ଓ ତାକୁ କହିବି, ହେ ବାପ ! ମୁଁ ଭଗବାନଙ୍କ ହୁକୁମ ନ ମାନିଲି ଓ ତୋଠାରେ ପାପ କଲି । ପୁଣି ତୁମ୍ଭର ପୁଅ ବୋଲାଯିବା ଯୋଗ୍ୟତା ମୋର ନ ହେଲା । ତାକୁ ଅପଣାର ମୂଲିଆ ତା ବାପ ପାଖକୁ ନେଲା । ତେବେ ସେ ଖୁବ୍ ଦୂରରେ ରହିଲା । ତେବେ ତା ବାପ ତାକୁ ଦେଖି କରି ମାୟା କଲା ଓ ତାକୁ ଦଉଡ଼ି ଯାଇ ଗୋଟାଇ କରି ଚୁମ୍ବନ କଲା । ପୁଅ ତାକୁ କହିଲା, ବାପା ! ମୁଁ ଭଗବାନଙ୍କ ହୁକୁମ ନ ମାନିଲି ଓ ତୁମ୍ଭଠାରେ ପାପ କଲି ଓ ମୁଁ ତୁମ୍ଭର ପୁଅ ବୋଲାଇବାକୁ ଯୋଗ୍ୟ ନ ହେଲି । ବାପ ଅପଣା ଚାକରଙ୍କୁ କହିଲା, ସବାପେକ୍ଷା ଭଲ ଲୁଗା ଆଣି କରି ତାକୁ ପିନ୍ଧାଅ ଓ ତା ହାତରେ ମୁଦି ଓ ଗୋଡ଼ରେ ପାଣେଇ (ଜୋତା) ପିନ୍ଧାଅ । ]

**ଭତ୍ତଡ଼ା(ରା)**—ଦେ. ବି—ଏକ ଶ୍ରେଣୀର ଓଡ଼ିଆ କୃଷକ—A class of Bhattardā(rā) Oriya peasants inhabiting the neighbouring tracts of Jeypore in Vizag and Bastar in C. P [ their language Bhatri is a dialect of the Oriya language]. [ଦ୍ର—ଏମାନେ ଜୟପୁର ଓ ବସ୍ତରର ସୀମା ସ୍ଥଳସ୍ଥ ମଲକାନଗିରି ଓ ନବରଙ୍ଗପୁର କୋଟପାଡ ଓ ଉମାର ପ୍ରଭୃତି ଅଞ୍ଚଳରେ ଦେଖାଯାନ୍ତି । ବସ୍ତର ଅଞ୍ଚଳରେ ଏମାନଙ୍କ ଭତ୍ତ୍ର କହନ୍ତି । ଏମାନଙ୍କର ଭାଷା ଭତ୍ତ୍ରୀ ବା ଭତଡ଼ୀ ।]

**ଭଟା(ଟ୍ଟା)**—ଦେ. ବି. (ସଂ. ଭଟ)—୧ । ବଟା; କମିସନ; ଦାଲ୍‌ଲେଉ—Bhatā(ttā) 1. Commission; brokerage. ୨। ଚାକରକୁ ଭତା ଦିଆଯିବା ବେତନର ଅତିରିକ୍ତ ଧନ; ବକ୍‌ସିସ—ଭତ୍ତା 2. Extra remuneration of a servant; tip. ୩ । ଅବଶ୍ୟକୀୟ ଖର୍ଚ୍ଚ ସକାଶେ କୌଣସି ବ୍ୟକ୍ତିକୁ ଦିଅ ଯାଉଥିବା ମାସିକ ଅର୍ଥ ସାହାଯ୍ୟ—3. Perquisite; monthly allowance.

**ଭଡଭଡଲି**—ଦେ. ବି ( ସଂ. ଭରଦ୍ୱାଜ ବା ଭଦ୍ର )—୧ । ଶାଖାଶ୍ରୟୀ Bhadabhadali ବର୍ଗର ୧୨ଅଙ୍ଗୁଳ ଲମ୍ବ ପକ୍ଷୀ [ମୁଣ୍ଡ ଘାଢ଼ ପିଠି, ଭଡଭଡଳଅ } ଅନ୍ୟରୂପ ତେଣା ଅଗସ୍ତ, ପକ୍ଷ ନାନାରଙ୍ଗ ବର୍ଣ୍ଣରଞ୍ଜିତ] ଭଦଳଅ ଭରଦ୍ୱାଜ ପକ୍ଷୀ—1. The blue Jay ଭଦାଳଅ Coracias Indica; The Indian ଭେଦ ଭେଦେ; ଭାରଈ Roller; Eurystomus Orientalis ନୀଲକଣ୍ଠ ପକ୍ଷୀ Trogons. [ ଦ୍ର—ଏହି ପକ୍ଷୀଙ୍କ ପର ନାନା-ବର୍ଣ୍ଣ ରଞ୍ଜିତ ଥିବାରୁ ଗୋରୁଜଗା ଟୋକାମାନେ ବାଡ଼ିରେ ସେ ପରକୁ ଗୋଟାଇ ନେଇ ଛତାରେ ଖୋସନ୍ତି ।] ୨ । ଏକପ୍ରକାର ସାନ ଗଛ—[ ଦ୍ର—ଏହା ଦେଢ଼ ପୁରୁଷ ପର୍ଯ୍ୟନ୍ତ ବଢ଼େ । ଫଳ ଅଙ୍ଗୁଠି ଗୁପ ପର ଶିବଲିଙ୍ଗ ଅଦ୍ଭୁତ ବର୍ତ୍ତିଷ୍ଣୁ ଓ ଉହିରା ଅଗରେ ଖୋସା ନ ଥାଇ ଅଧ ପର୍ଯ୍ୟନ୍ତ ଫଳର ମୂଳରୁ ଖୋପ ବକଲକୁ ଘୋଡ଼ାଇ ଥାଏ । ଏହାର କୋମଳ ପତ୍ର ଶାଗ ହୁଏ । ]—A kind of plant.

**ଭଦର**—ଗ୍ରା. ବଣ ( ସଂ ଭଦ୍ର )—ଭଦ୍ର ( ଦେଖ )—Bhadra Bhadara ( See ). ବି—୧ । ମେଲଣଘର—1. A hall. ଭଦ୍ରା ଭଦ୍ର କ୍ଷୌରୀ ୨ । କ୍ଷୌର କର୍ମ; ମୁଣ୍ଡନ—2. Act of shaving.

**ଭଦର କରିବା**—ଗ୍ରା. କ୍ରି—କ୍ଷୌର କରିବା—To shave. Bhadara kariba ଭଦ୍ର କରନା କ୍ଷୌରୀ କରା

**ଭଦର ଲୋକ**—ଗ୍ରା. ବି—ଭଦ୍ର ଲୋକ ( ଦେଖ )—Bhadar loka ଭଲା ମାନୁଷ Bhadra loka ( See )

**ଭଦର ହେବା**—ଦେ. କ୍ରି—କ୍ଷୌର ହେବା—To be shaved. Bhadara heba ଭଦ୍ର ହୋନା କ୍ଷୌରୀ ହଓୟା

**ଭଦ୍ର**—ସଂ. ବି ( ଭଦ୍ ଧାତୁ=ପ୍ରୀତ ହେବା+କରଣ. ର )—୧ । କ୍ଷେମ; Bhadra କୌଶଲ୍ୟ—1. Prosperity; good fortune. ୨ । କୁଶଳ; କଲ୍ୟାଣ; ମଙ୍ଗଳ; ଶୁଭ—2. Welfare; wellbeing; happiness; bliss. ୩ । ଉତ୍ତମତା—3. Goodness. ୪ । ( +ବର୍ତ୍ତି. ର )—ମହାଦେବ; ଶିବ—4. Siba. ୫ । ବଳରାମ; ବଳ-ଭଦ୍ର—5. Shrikrushna's elder step brother Balarāma. ୬ । ରାମଚନ୍ଦ୍ରର ବା' ଦୂତ ବିଶେଷ—[ ଦ୍ର—ଏହାଙ୍କଠାରୁ ସୀତାଙ୍କ ଅପବାଦ ଶୁଣି ରାମଚନ୍ଦ୍ର ସୀତାଙ୍କୁ ବନକୁ ନିର୍ବାସନ କରିଥିଲେ—ହ. ପ ]—6. Name

of an attendant or informer of Rāma. ୭ । ଉତ୍ତର ଦିଗର ଦିଗ୍‌ଗଜ (ହ୍ରୂ.ଶ)—7. Name of a mythological elephant guarding the north. ୮ । ଖଞ୍ଜନଖଟ; ଖଞ୍ଜନପକ୍ଷୀ; ଜଳଲପାଇ ଚଢ଼େଇ—8. The wagtail. ୯ । ଶ୍ରୀକୃଷ୍ଣଙ୍କ ଲୀଳା-କାନନ; ବୃନ୍ଦାବନସ୍ଥ ଭଦ୍ରବନ—9. Name of a forest in Bṛundābana. ୧୦ । ବଳଦ—10. Bullock; ox. ୧୧ । ଷଣ୍ଢ; ବୃଷଭ—11. Bull. ୧୨ । ସାଧୁ; ଭଦ୍ର ସନ୍ତାନ—12. Son of a respectable family; a gentleman. ୧୩ । ବଂଶୋ-ପାଧି ବିଶେଷ—13. A family title. ୧୪ । ସୁବର୍ଣ୍ଣ—14. Gold. ୧୫ । ଲୌହ—15. Iron. ୧୬ । ନୀଳପଦ୍ମ—16. Blue lily. ୧୭ । ଚନ୍ଦନ—17. Sandal. ୧୮ । କଦମ୍ବ—18. Nuclea Cadamba (tree). ୧୯ । ସ୍ନୁହୀ ଗଛ; ସିଜୁ ଗଛ—19. Euphorbia (tree). ୨୦ । ମୁସ୍ତକ; ମୁଥା—20. Root of Duba grass. ୨୧ । ନାଗର ମୁଥା—21. A big species of bulbous grass root. ୨୨ । ଉଦ୍ଧସଚ—22. Echites. ୨୩ । ଦେବଦାରୁ—23. Cedar. ୨୪ । ବିଷ୍ଣୁଙ୍କର ଦକ୍ଷିଣ ପାର୍ଶ୍ୱସ୍ଥ ଦ୍ୱାରପାଳ (ହ୍ରୂ. ଶ)—24. Name of the rightside gateman of Bishṇu. ୨୫ । ସ୍ୱର ସାଧନର ପ୍ରଣାଳୀ ବିଶେଷ—25. A kind of practising of music. [ଦ୍ର—ଏଥିରେ ସାରେସା, ରେଗାରେ, ଗାମାଗା, ମାପାମା, ପାଧାପା, ଧାନିଧା, ନିସାନି, ସାରେସା, ସାନିସା, ନିଧାନି, ଧାପାଧା, ପାମାପା, ମାଗାମା, ଗାରେଗା, ରେସାରେ, ସାନିସା—ହ୍ରୂ. ଶ) । ] ୨୬ । ବଳରାମଙ୍କର ଏକ ସହୋଦର (ହ୍ରୂ. ଶ)—26. One of the uterine brothers of Baḷarāma. ବିଣ—୧ । ଉତ୍ତମ—1. Good. ୨ । ଶ୍ରେଷ୍ଠ—2. Excellent. ୩ । ସାଧୁ—3. Honest, virtuous. ୪ । କୁଶଳୀ; ଭାଗ୍ୟବାନ୍—4. Fortunate; prosperous; lucky. ୫ । ମଙ୍ଗଳ ସୂଚକ—5. Auspicious; propitious. ୬ । ହିତ-କର—6. Beneficial. ୭ । ସଦ୍‌ବଂଶ ଜାତ—7. Born of a respectable family. ୮ । (ସ୍ତ୍ରୀ—ଭଦ୍ରା) ସୁନ୍ଦର—8. Beautiful. ୯ । ନମ୍ର; ଶାନ୍ତ—9. Gentle. [ଦ୍ର—ବୈଦିକ ନିରୁକ୍ତ ଶାସ୍ତ୍ରରେ ଭଦ୍ରର ଅର୍ଥ ଗୃହ, ପ୍ରଜା, ପଶୁ, ବସ୍ତ୍ର ପ୍ରଭୃତି ମନୁଷ୍ୟର ଯାହା ଆବଶ୍ୟକ, ଓଡ଼ିଆ ଚଳନ୍ତି କଥାରେ ଧନ ଜନ ଗୋପଲକ୍ଷ୍ମୀ । ଆଧୁନିକ ବ୍ୟବହାରରେ ସଦ୍‌ବଂଶଜାତ ବ୍ୟକ୍ତି ଓ ଶିଷ୍ଟ ଅର୍ଥରେ ଏହା ବ୍ୟବହୃତ ହୁଏ । ] ଦେ. ବି—( ସଂ. ଭଦ୍ରାକରଣ )—ଶିରୋମୁଣ୍ଡନ—Shaving of the head.

ଭଦ୍ର—ସଂ. ଅ (ସମ୍ବୋଧନରେ ବ୍ୟବହୃତ)—୧ । ହେ ସାଧୁବ୍ୟକ୍ତି ! ହେ
Bhadra ମହାଶୟ !—1. (Interjection) O good sir! O kind sir!

ଭଦ୍ର ଉତ୍ସବ—ଦେ. ବି—( ସଂ. ଭଦ୍ର+ଉତ୍ସବ )—୧ । ମଙ୍ଗଳ
Bhadra utsaba ଉତ୍ସବ—1. A social or family ceremony. ୨ । ଭଦଭଦଳିଆ ପକ୍ଷୀ—2. The blue Jay. (ଉ—ବାରେ ବାରେ ଦେଖି ଭଦ୍ର ଉତ୍ସବକୁ—ଉଞ୍ଜ. ବୈଦେହୀଶବିଳାସ । )

ଭଦ୍ରକ—ସଂ. ବି (ଭଦ୍ର+କ)—୧ । ନାଗର ମୁଥା—1. A kind of
Bhadraka grass root. ୨ । ଦେବଦାରୁ ଗଛ—2. The cedar tree. ୩ । ୨୨ ଅକ୍ଷରଯୁକ୍ତ ଚରଣବିଶିଷ୍ଟ ଛନ୍ଦୋ-ବିଶେଷ—3. Name of a metre containing 22 letters in a foot. ୪ । ମୁଗ; ଚଣା ଆଦି ଶସ୍ୟ (ହ୍ରୂ. ଶ)—4. Cereals. ବିଣ—ମନୋଜ୍ଞ; ସୁନ୍ଦର—Beautiful.

ଭଦ୍ରକ(ଖ)—ଦେ. ବି—ବାଲେଶ୍ୱର ଜିଲ୍ଲାର ଗୋଟିଏ ମହକୁମା ଓ
Bhadraka(kha) ନଗର—Name of a Sub-division and town in the district of Balasore in Orissa; Bhadrak.

ଭଦ୍ରକାର—ସଂ. ବିଣ—( ଭଦ୍ର+କୃ. ଧାତୁ+ଅ )—ମଙ୍ଗଳକାରୀ
Bhadrakāra ( ହ୍ରୂ. ଶ )—Beneficient. ସଂ. ବି—ମହାଭାରତୋକ୍ତ ପ୍ରାଚୀନ ଦେଶବିଶେଷ ( ହ୍ରୂ. ଶ )—Name of an ancient country.

ଭଦ୍ରକାଳୀ—ସଂ. ବି. ସ୍ତ୍ରୀ—୧ । ଦୁର୍ଗାଙ୍କ ମୂର୍ତ୍ତି ବିଶେଷ—1. An
(ଭଦ୍ରକାଳିକା—ଅନ୍ୟରୂପ) incarnation of Durga. [ଦ୍ର—ଏ ଦେବୀ କ୍ରୋଧରୁ ଉଦ୍ଭୂତ ହୋଇ ବୀରଭଦ୍ର ସହିତ ଦକ୍ଷଯଜ୍ଞ ନାଶ କରିଥିଲେ । ଏହାଙ୍କର ୧୬ ଟି ହାତ ଥିବାର କଳ୍ପିତ ଓ ଏ କାର୍ତ୍ତିକେୟଙ୍କର ଏକମାତୃକା (ହ୍ରୂ. ଶ) । ] ୨ । ଗନ୍ଧପ୍ରସାରିଣୀ; ପସାରୁଣୀ ଲତା (ଦେଖ) (ହ୍ରୂ. ଶ)—2. Pasāruṇi (See). ୩ । ନାଗର ମୁଥା (ହ୍ରୂ. ଶ)—3. A kind of grass root.

ଭଦ୍ରକୁମ୍ଭ—ସଂ. ବି—ମଙ୍ଗଳାର୍ଥ ସ୍ଥାପିତ ପୂର୍ଣ୍ଣ କୁମ୍ଭ—A pot full of
Bhadra kumbha water placed as an auspicious sign on ceremonial occasions.

ଭଦ୍ରଖି(କି)ଆ—ଦେ. ବି ଓ ବିଣ—ଭଦ୍ରକ ଅଧିବାସୀ—
Bhadrakhi(ki)ā Resident of Bhadrak.
(ଭଦ୍ରଖିଅଣୀ—ସ୍ତ୍ରୀ)

ଭଦ୍ର ଘଟ—ସଂ. ବି. (ପ୍ରାଚୀନ ଶିଳ୍ପ)—ଗୋଟିଏ କୁମ୍ଭ, ଯାହାର ମୁହଁର ଦୁଇ
Bhadra ghaṭa ପାଖରୁ ଫୁଲମାଳା ବାହାରି ଓହୋଳି ପଡ଼ିଥିବାର ଚିତ୍ର ହୋଇଥାଏ—(ancient sculpture) A pitcher from both sides of the mouth of which wreaths of flowers are shown to be flowing out. [ଦ୍ର—ଉତ୍କଳର ପ୍ରାଚୀନ ମନ୍ଦିର ଆଦିରେ ବିଶେଷତଃ ଭୁବନେଶ୍ୱରର ବୋଇତାଳ, ପରଶୁରାମେଶ୍ୱର

ଅବ ଖ୍ରୀ: ୬ଷ୍ଠ ଓ ୭ମ ଶତାବ୍ଦୀରେ ନିର୍ମିତ ମନ୍ଦିର-ମାନଙ୍କରେ ଭଦ୍ରସ୍ତୂର ରୂପ ଖୋଦିତ ହୋଇଅଛି । ଏହା ବୌଦ୍ଧ ଶିଳ୍ପ ଅନୁସାରେ ବୁଦ୍ଧଦେବଙ୍କ ଜନ୍ମସୂଚକ ।]

**ଭଦ୍ର ଜନ**—ସ. ବି. ( କର୍ମଧା; ଅଧୁନିକ )—୧ । ସୁଜନ; ସାଧୁ ବ୍ୟକ୍ତି; Bhadra jana ଭଲ ଲୋକ—1. A good man. ୨ । ଉଚ୍ଚ ଭଦ୍ର ବ୍ୟକ୍ତି } ଅନ୍ୟରୂପ ଭଦ୍ର ଲୋକ } କୁଳୋଦ୍ଭବ ବ୍ୟକ୍ତି—2. Born of a respectable or genteel family; gentleman.

**ଭଦ୍ରଜନୋଚିତ**—ସ. ଵଣ. (୬ଷ୍ଠୀ ତତ୍; ଭଦ୍ରଜନ+ଉଚିତ; ଅଧୁନିକ)-Bhadrajanochita ଭଦ୍ର ବ୍ୟକ୍ତିର କର୍ତ୍ତବ୍ୟ—Observable by a gentleman; befitting a gentleman; gentlemanly. (ଭଦ୍ରଜନସୁଲଭ—ଅନ୍ୟରୂପ)

**ଭଦ୍ର ତରୁଣୀ**—ସ. ବି—ଏକ ପ୍ରକାର ଗୋଲାପ (ଉ· ଷ)—Bhadra taruṇi A kind of rose. [ ଦ୍ର—ଶାଟଳ, କୁବ୍ଜିକା, ଭଦ୍ରତରୁଣୀ ଅବ କେତେ ଜାତିର ଗୋଲାପ ଅଛି—ଉ. ଷ]

**ଭଦ୍ରତା**—ସ. ବି. ( ଭଦ୍ର+ଭାବାର୍ଥେ ତା; ଅଧୁନିକ )—୧ । ଉତ୍ତମତା; Bhadratā ସାଧୁତା—1. Goodness. ୨ । ଶିଷ୍ଟତା; ସୌଜନ୍ୟ—2. Politeness; gentlemanliness. ୩ । ସୁଜନୋଚିତ ବ୍ୟବହାର; ଶିଷ୍ଟାଚାର—3. Polite conduct. ୪ । କଲ୍ୟାଣ—4. Welfare. ୫ । ଅଦବ୍ କାଇଦା; ଭଦ୍ର ସମାଜର ବ୍ୟବହାର—5. Etiquette; rules of genteel society; good manners; good breeding.

**ଭଦ୍ରତା ଅନୁରୋଧରେ**—ବେ. କ୍ରି. ଵଣ—ସୌଜନ୍ୟରକ୍ଷାପୂର୍ବକ—Bhadratā anurodhare For the sake of politeness; in compliance with the rules of genteel society.
ଭଦ୍ରତାର ଖାତିରରେ, } ଅନ୍ୟରୂପ
ଭଦ୍ରତା ଲାଗି }
ভদ্রতার অনুরোধে, ভদ্রতার খাতিরে
भद्रताका खातिरसे

**ଭଦ୍ରତା କରିବା**—ବେ. କ୍ରି—ସୁଜନୋଚିତ ବ୍ୟବହାର କରିବା; ଶିଷ୍ଟ Bhadratā karibā ବ୍ୟବହାର କରିବା—To display politeness; to act as a gentleman; to behave politely.
ভদ্রতা করা
भलमनसी दिखलाना
[ଭଦ୍ରତା ଦେଖା(ଖେ)ଇବା—ଅନ୍ୟରୂପ]

**ଭଦ୍ରତାଚରଣ**—ସ. ବି. (୬ଷ୍ଠୀ ତତ୍; ଭଦ୍ରତା+ଆଚରଣ, ଅଧୁନିକ)—Bhadratācharaṇa ସାଧୁତା ପ୍ରଦର୍ଶନ—Polite or gentlemanly behaviour. ( ଭଦ୍ର ବ୍ୟବହାର—ଅନ୍ୟରୂପ )

**ଭଦ୍ରତାନୁମୋଦିତ**—ସ· ଵଣ. ( ୩ୟା ତତ୍; ଅଧୁନିକ )—ସାଧୁତା-Bhadratānumodita ନୁମୋଦିତ; ଉଚ୍ଚ ବା ସଭ୍ୟ ସମାଜ ଦ୍ୱାରା ଅନୁମତ (ବ୍ୟବହାର)—(conduct) Approved by genteel society or by etiquette. (ଭଦ୍ରତାନୁମତ, ଭଦ୍ରତା ସମ୍ମତ—ଅନ୍ୟରୂପ)

**ଭଦ୍ରତା ବିରୁଦ୍ଧ**—ସ. ଵଣ. (୬ଷ୍ଠୀ ତତ୍; ଅଧୁନିକ)—ସୌଜନ୍ୟବିରୁଦ୍ଧ; Bhadratā biruddha ଶିଷ୍ଟାଚାରବହିର୍ଭୂତ—Against the dictates of politeness. (ଭଦ୍ରତାବହିର୍ଭୂତ—ଅନ୍ୟରୂପ)

**ଭଦ୍ରତାମୂଳକ**—ସ. ଵଣ. ( ଅଧୁନିକ )—ଭଦ୍ରପ୍ରକୃତିଜାତ—Bhadratāmūḷaka Born of or dictated by one's good nature or gentility.

**ଭଦ୍ରତା ରକ୍ଷା କରିବା**—ବେ. କ୍ରି—ଭଦ୍ର ସମାଜର ରୀତି ପାଳନ Bhadratā rakshā karibā କରିବା—To follow the rules of politeness or etiquette.
ভদ্রতা রক্ষা করা

**ଭଦ୍ରତିକ୍ତା**—ସ. ବି ( ବୈଦ୍ୟକ )—ମହାତିକ୍ତା; ଚିରେଇତା ଜାତୀୟ Bhadratiktā ଏକପ୍ରକାର ତିକ୍ତ ଔଷଧ ଗୁଳ୍ମ; ଯବତିକ୍ତା—A medicinal plant of pungent taste; Andrographis Paniculata. [ ଦ୍ର—ବୈଦ୍ୟଶାସ୍ତ୍ର ମତରେ ଏହା ତିକ୍ତାମ୍ଳରସ, ଅଗ୍ନିଦୀପକ, ରୁଚିକର ଓ ରେଚକ;
ଅନ୍ୟ ସ. ନାମ—ଯବତିକ୍ତା,
ମହାତିକ୍ତା, ଶ୍ୱେତକୁଷ୍ଠା,
ଶଙ୍ଖିନୀ, ସୂକ୍ଷ୍ମପୁଷ୍ପା, ତିକ୍ତଫଳା,
ଯାଗା, ତିକ୍ତା, ଯଶସ୍ୱିନୀ
কালমেঘ
ଏହା କଫଦୋଷ, ରକ୍ତଦୁଷ୍ଟି, କ୍ରିମି, କୁଷ୍ଠ ଓ ଜ୍ୱରନାଶକ ଓ ବାଳରୋଗରେ ସୁଫଳପ୍ରଦ—ଦ୍ରବ୍ୟଗୁଣ; ଏହା କାଶଜାତି ବର୍ଗର ବର୍ଷାୟୁଃ ଶାକ; ଗଛ ସିଧା, ପତ୍ର ସରୁଆକାର ଓ ଫୁଲ ଧଳା ଓ ଉପରେ ଅଳ୍ପ ଲାଲରଙ୍ଗ ଚିତ୍ର—ଯୋଗେଶ୍ୱର ।]

**ଭଦ୍ରତୁଙ୍ଗ**—ସ. ବି ( ନାମ )—ହିନ୍ଦୁମାନଙ୍କର ତୀର୍ଥବିଶେଷ ( ମହା-Bhadratuṅga ଭାରତୋକ୍ତ ) ( ଉ. ଷ )—A sacred place for the Hindus. ( ଦ୍ର—ଭଦ୍ରତୁଙ୍ଗ ତୀର୍ଥକୁ ଗଲେ ବ୍ରହ୍ମଲୋକ, ଦୁଅର ଆଦେ ଖ୍ରୀ ଉଥିଙ୍କ ନାୟକ—କୃଷ୍ଣସିଂହ, ମହାଭାରତ. ବନ । )

**ଭଦ୍ର ତୁରଗ**—ସ. ବି—ଜମ୍ବୁଦ୍ୱୀପର ନଅଗୋଟି ବର୍ଷ ବା ଦେଶ ମଧ୍ୟରୁ Bhadra turaga ଏକ—One of the nine divisions of the ancient Jambu dwīpa.

**ଭଦ୍ରଦନ୍ତ**—ସ. ବି (ବହୁବ୍ରୀହି)—ହାତୀ ( ଉ. ଶବ୍ଦସାଗର )—Bhadradanta Elephant.

**ଭଦ୍ରଦନ୍ତୀ**—ସ. ବି ( ବୈଦ୍ୟକ )—ଏକପ୍ରକାର ଦନ୍ତୀ ବୃକ୍ଷ—Bhadradanti A medicinal tree; a species of Croton Polyandrum. [ ଦ୍ର—ବୈଦ୍ୟଶାସ୍ତ୍ର ମତରେ ଏହା କଟୁ, ଉଷ୍ଣ, ରେଚକ ଓ କ୍ରିମି, ଶୂଳ, କୁଷ୍ଠ ଏବଂ ଆମଦୋଷନାଶକ । ]
ଅନ୍ୟ ସ. ନାମ—କେଶରୁହା,
ଘଣ୍ଟଭଦ୍ରା, ଜୟାବହା,
ଅବର୍ତ୍ତକୀ, ଜୟଂଗୀ

**ଭଦ୍ରଦାରୁ**—ସ. ବି—ଦେବଦାରୁ ( ବୃକ୍ଷ ) ( ଉ. ଷ )—Bhadradāru Cedar ( tree).

**ଭଦ୍ରଧନ**—ସ. ବି—ନାଗରମୁଥା ( ଉ. ଷ )—A species of Bhadradhana bulbous-rooted grass.

**ଭଦ୍ରପଣିଅ(ଆଁ)**—ସ. ବି ( ଅଧୁନିକ )—୧ । ସୌଜନ୍ୟ; ଶିଷ୍ଟତା—Bhadrapaṇiā(āṅ) Gentlemanliness; good manners; good breeding. ୨ । ଉତ୍ତମତା—2. Goodness.
ভদ্রতা
भलमनसी
(ଭଦ୍ରପଣ—ଅନ୍ୟରୂପ)

ଭଦ୍ର ପରିବାର—ସଂ. ବି ( ଅଧୁନିକ )—ଭଦ୍ର ବଂଶ ( ଦେଖ )
Bhadraparibāra Bhadrabamsa ( See )

ଭଦ୍ର ପର୍ଣ୍ଣା(ର୍ଣ୍ଣୀ)—ସଂ. ବି—୧ । ପ୍ରସାରଣୀ ( ଲତା ); ପସାରୁଣୀ ( ହି. Bhadra parnnā(rnni) ଶ )—1. Paederia Fœtida ( creeper ). ୨ । ଗମ୍ଭାରି ଗଛ ( ଦ୍ରବ୍ୟଗୁଣ )— 2. Gmelina Arborea ( tree ).

ଭଦ୍ର ପୀଠ—ସଂ. ବି—୧ । ବସିବାର ଆସନ ( ହି. ଶବ୍ଦସାଗର )— Bhadra pitha 1. A seat to sit upon. ୨ । ରାଜା ବା ଦେବତାମାନଙ୍କ ଅଭିଷିକ୍ତ ହେବା ସିଂହାସନ (ହି. ଶ )— 2. The throne on which kings or idols are installed.

ଭଦ୍ର ପ୍ରକୃତି—ସଂ. ବି ( ଅଧୁନିକ )—୧ । ଉତ୍ତମ ସ୍ୱଭାବ—1. Good Bhadra prakruti nature. ୨ । ଶିଷ୍ଟ ସ୍ୱଭାବ—2. Polite nature.
ଭଦ୍ର ପ୍ରକୃତିକ—ପୁଂ } ବିଣ
ଭଦ୍ର ପ୍ରକୃତିକା—ସ୍ତ୍ରୀ }

ଭଦ୍ର ବଂଶ—ସଂ. ବି—ସଦ୍‌ବଂଶ; ଉଚ୍ଚକୁଳ—Respectable family.
Bhadra bamsa ভদ্রবংশ अच्छा कुल, खानदान

ଭଦ୍ରବଂଶଜ (ବଂଶୀୟ)—ସଂ. ବିଣ. ପୁଂ—ସଦ୍‌ବଂଶଜାତ—Respectable; of a noble family; genteel.
Bhadrabamsaja ( bamsiya )
( ଭଦ୍ରବଂଶଜା [ବଂଶୀୟା]—ସ୍ତ୍ରୀ )

ଭଦ୍ରବତୀ—ସଂ. ବି—କଟ୍‌ଫଳ; କାଫଳ ( ଦ୍ରବ୍ୟଗୁଣ )—
Bhadrabati Myrica Sapida ( tree )

ଭଦ୍ରବନ—ସଂ. ବି—ମଥୁରା ନିକଟସ୍ଥ ଏକ ବନ ( ହି. ଶବ୍ଦସାଗର )—
Bharabana Name of a forest near Mathurā

ଭଦ୍ରବଲା—ସଂ. ବି—୧ । ପ୍ରସାରଣୀ ଲତା (ହି. ଶ )—1. Pæderia Bhadrabalā Fœtida creeper. ୨ । ମାଧବୀ ଲତା ( ହି. ଶ )—2. Mādhabi; a flowering creeper.

ଭଦ୍ରବଲ୍ଲଭ—ସଂ. ବି—ବଳରାମ (ହି. ଶ)
Bhadra ballabha A name of Balarāma.

ଭଦ୍ରବଲ୍ଲୀ—ସଂ. ବି—୧ । ଗୁଳ୍ମବିଶେଷ—1. Vallaris Heynei Bhadraballi (plant). [ଦ୍ର—ଏହା ଭଗନ୍ଧର ବର୍ଗର ଲତାଜାତୀୟ
ଅନ୍ୟ ସଂ ନାମ—ଗୀତସୁର, ଗୁପ; ପତ୍ର ଅଭିମୁଖୀ ଓ ସୂକ୍ଷ୍ମରୋମ ବିଶିଷ୍ଟ,
ଭୂମିମଣ୍ଡ, ଅଷ୍ଟାପାଦିକା। ଫୁଲ ଧଳା, ସୁଗନ୍ଧ ଓ ଥୋପା ଥୋପା,
हापरमली ଶୀତ ଓ ଗ୍ରୀଷ୍ମକାଳରେ ଫୁଟେ; ଫଳ
ଲମ୍ବା । ଏହା ବ୍ରଣ, ଭଗନ୍ଦର ଓ ନାଡ଼ୀବ୍ରଣ ବିନାଶକ—
ଦ୍ରବ୍ୟଗୁଣ ଓ ଯୋଗେଶଚନ୍ଦ୍ର । ]
୨ । ବିଶଲ୍ୟକୃତ (ଦେଖ)-2. Bisalyakruta (See).

ଭଦ୍ର ବ୍ୟକ୍ତି—ସଂ. ବି (ଅଧୁନିକ)—ଭଦ୍ରଜନ (ଦେଖ)
Bhadra byakti Bhadrajana (See)

ଭଦ୍ର ବ୍ୟବହାର—ସଂ. ବି (ଅଧୁନିକ)—୧ । ସଦାଚରଣ—1. Good Bhadra byabahāra conduct. ୨ । ଭଦ୍ରଲୋକୋଚିତ ভদ্রব্যবহার ବ୍ୟବହାର—2. Gentlemanly behaviour. सलूकियत ୩ । ଶିଷ୍ଟ ଆଚରଣ—3. Polite behaviour.

ଭଦ୍ର ମୁଖ—ସଂ. ବିଣ—ପ୍ରସନ୍ନମୂର୍ତ୍ତି—Of a happy or blissful Bhadramukha appearance. ସଂ. ବି—ଶ୍ରୀରାମଙ୍କର ଜନୈକ ଗୁପ୍ତଚର—Name of a spy of Rāmachandra. [ଦ୍ର—ଲଙ୍କାରୁ ଫେରି ଆସିବା ପରେ ରାମଚନ୍ଦ୍ର ଏହାର ମୁଖରୁ ରାଜ୍ୟର ଲୋକେ ଭୁଲ୍‌ରେ ହି ଦେଉଥିବା ସୀତାଙ୍କ ଚରିତ୍ର ଉପରେ ଲଙ୍କାବାସ ଜନିତ କଳଙ୍କାରୋପଣ କଥା ଶୁଣି ଅନ୍ତଃସତ୍ତ୍ୱା ଅବସ୍ଥାରେ ସୀତାଙ୍କୁ ବନକୁ ନିର୍ବାସିତ କରିଥିଲେ । ] (ଉ—ପ୍ରବେଶିଣ ରାଜେଂଶ୍ୱର ଗୁପଚ ଭବନ, ଗୁ ପ୍ରଚର ଭଦ୍ରମୁଖେ ପୁଚ୍ଛନ୍ତି ପ୍ରଶନ । ନନ୍ଦକିଶୋର. ସୀତାବନବାସ ।)

ଭଦ୍ର ମୁଞ୍ଜ—ସଂ. ବି—ଶର ବା ଖଡ଼ିପରି ଏକ ପ୍ରକାର ତୃଣ—A kind Bhadramuñja of reed grass; Saccharam Munja.
ସଂ. ନାମ—ଶର, ବାଣ, ତେଜନ, ଇକ୍ଷୁବେଷ୍ଟନ । रामशर रामसर
ମ. ମୋଲ
ତେ. ମୁଞ୍ଜଗଡ୍ଡୀ; ଅନ୍ତୁଲଙ୍ଗ
[ ଦ୍ର—ଏହାର ଗଛ ଆଖୁପରି ଡେଙ୍ଗା, କନ୍ଦ ପତ୍ର ସରୁଆ; ଏହା ମଧୁର କଷାୟରସ, ଶୀତବୀର୍ଯ୍ୟ; ଏହା ଦାହ, ତୃଷ୍ଣା, ବିସର୍ପ, ଅସ୍ର, ମୂତ୍ରକୃଚ୍ଛ୍ର, ନେତ୍ରରୋଗ ଓ ତ୍ରିଦୋଷ-ନାଶକ ଓ ଶୁକ୍ରବର୍ଦ୍ଧକ; ଏହାଦ୍ୱାରା ମେଖଳା ପ୍ରସ୍ତୁତ ହୁଏ—ଦ୍ରବ୍ୟଗୁଣ । ]

ଭଦ୍ର ମୁସ୍ତ—ସଂ. ବି—ନାଗର ମୁଥା—
Bhadramusta A sort of grass root;
(ଭଦ୍ର ମୁସ୍ତକ—ଅନ୍ୟରୂପ) Cyperus Rotundus.

ଭଦ୍ର ଯବ—ସଂ. ବି—ଇନ୍ଦ୍ରଯବ—Seed of Holarrhena
Bhadrajaba Antidysenterica.

ଭଦ୍ର ଲୋକ—ଦେ. ବି—୧ । ସଦ୍‌ବଂଶ ଜାତ ବ୍ୟକ୍ତି—1. A person Bhadra loka of a respectable family. ୨ । ଯେଉଁ ভদ্রলোক ବ୍ୟକ୍ତିର ଆଚରଣ ଭଦ୍ର ସମାଜସଙ୍ଗତ—2. Gentle-भलामानुस man. ୩ । ସୁଜନ; ଶିଷ୍ଟ ଓ ସାଧୁ ବ୍ୟକ୍ତି—3. A good man. ୪ । ଭଲ ଲୋକ; ପଞ୍ଚାଏତି—4. Arbitrator.

ଭଦ୍ର ସେନା—ଦେ. ବି—ନାଉରିମାନଙ୍କର ରୋଷାଇ କରିବାପାଇଁ Bhadra senā ନୌକାର ପଛ ମଙ୍ଗର ନିକଟତମ ଦୋଗୁଣାରେ ଥିବା କୋଠରି—The kitchen room in a country boat.

ଭଦ୍ର ଶ୍ରୀ—ସଂ. ବି—ଶ୍ରୀଖଣ୍ଡ ଚନ୍ଦନ (ଦ୍ରବ୍ୟଗୁଣ)—
Bhadra sri Sandal; Santalum Album.

ଭଦ୍ର ସନ୍ତାନ—ସଂ. ବି (ଅଧୁନିକ)—ସଦ୍‌ବଂଶଜାତ ବ୍ୟକ୍ତି—
Bhadra santāna A person of respectable family.
खान्दानी आदमि

ଭଦ୍ର ସମାଜ—ସଂ. ବି ( ଅଧୁନିକ )—୧ । ସଭ୍ୟ ସମାଜ— Bhadra samāja 1. Civilized society. ୨ । ସଦ୍‌ବଂଶୀୟ समाजसमाज ବ୍ୟକ୍ତିମାନଙ୍କ ସମାଜ—2. Polite society; polished society.

ଭଦ୍ରା—ସ. ବି. ସ୍ତ୍ରୀ—(ଭଦ୍ର+ସ୍ତ୍ରୀ. ଆ)—୧ । ଅଭିମନ୍ୟୁଙ୍କ ଜନନୀ ସୁଭଦ୍ରା; Bhadrā କୃଷ୍ଣଙ୍କ ଭଉଣୀ—1. Name of the mother of Abhimanyu. ୨ । ସୂର୍ଯ୍ୟ କନ୍ୟା—2. Daughter of the Sun-god. ୩ । କୃଷ୍ଣଙ୍କର ଜଣେ ପତ୍ନୀ—3. Name of one of the wives of Śrīkṛushṇa. ୪ । ଉତ୍ତରକୁରୁ ଦେଶରେ ପ୍ରବାହିତ ଗଙ୍ଗାସ୍ରୋତ—4. The current of the Ganges while flowing through the Uttarakuru country. ୫ । ଆକାଶ ଗଙ୍ଗା; ମନ୍ଦାକିନୀ—5. The Ganges said to flow in the sky. ୬ । ବିଷ୍ଟିର ଅନ୍ତିମ ୩ ଦଣ୍ଡ—6. The last 3 Daṇdas of Bishṭi joga. ୭ । ପକ୍ଷର ୨ୟା, ୭ମୀ ଓ ଦ୍ୱାଦଶୀ ତିଥି—7. The 2nd. 7th and 12th days of a lunar fortnight. ୮ । ହାଲିମ (ଦେଖ)—8 Hālima (See) ୯ । (ଆୟୁର୍ବେଦ) ଅନନ୍ତା, ଜୀବନ୍ତୀ, ଉମିର, ଶମୀ, କଟଫଳ, ଗମ୍ଭାରି, ନାଲି, ଅପରାଜିତା, ହରିଦ୍ରା, ମୁଥା, ରାସ୍ନା, ବଳ, ସେତ ଦୁବ ଓ ଦନ୍ତୀ—9. Name of 14 drugs in Ayurveda. ୧୦ । ଗୋରଚନା—10. Yellow-pigment found in the body of cows ୧୧ । ପସାରୁଣୀ ଲତା (ଦ୍ରବ୍ୟଗୁଣ)—11. Pæderia Fœtida (creeper). ଦେ. ବି— ଚନ୍ଦ୍ରାବଳୀଙ୍କର ଏକତମା ସଖୀ—A female companion of Chandrābali. [ଦ୍ରି—ଭଦ୍ରା ବଚନ କଲା ବଚନ ନ ଯୋଗେ ଅଇଲୁ ଅଜ । ଅଭିମନ୍ୟୁ ବଦଗ୍ଧ ଚିନ୍ତାମଣି ।] ପ୍ରାଦେ. (ଗଡ଼ଜାତ) ବି— ସୂଲ ସୂତା (ନଳିଙ୍କ ଅଭିଧାନ)—A reel of thread.

ଭଦ୍ରାକରଣ—ସ. ବି—ମସ୍ତକ ମୁଣ୍ଡନ; କ୍ଷୌର କରିବା—
Bhadrākaraṇa Shaving; tonsure.

ଭଦ୍ରାକୃତ—ସ. ବିଣ—ଉପନୟନାଦି ଉପଲକ୍ଷରେ ବିଧିପୂର୍ବକ ମୁଣ୍ଡିତ
Bhadrākṛuta (ମସ୍ତକ)—(head) Shaved or tonsured on ceremonial occasions. (ଭଦ୍ରାକରଣ—ଦ)

ଭଦ୍ରାକ୍ଷ—ସ. ବି—ରୁଦ୍ରାକ୍ଷ ପରି ଏକପ୍ରକାର ମଞ୍ଜି—A kind of seed
Bhadrāksha of a berry used as beads of a rosary. [ଦ୍ରି—ଏଥିରେ ମାଳ ହୁଏ ।]

ଭଦ୍ରାତ୍ମଜ—ସ. ବି—(ଭଦ୍ର=ଲୌହ+ଆତ୍ମଜ)—ଅସି; ଖଡ୍ଗ; ଖଣ୍ଡା—
Bhadrātmaja Sword.

ଭଦ୍ରାଭଦ୍ର—ଦେ. ବିଣ (ସନ୍ଧଜ)—ଭଦ୍ର ଓ ଅଭଦ୍ର; ଶିଷ୍ଟ ଓ ଅଶିଷ୍ଟ;
Bhadrābhadra ଭଲ ଓ ମନ୍ଦ—Good and bad; gentle and rude. ଦେ. ବି—ମଙ୍ଗଳ ଓ ଅମଙ୍ଗଳ
ଭଦ୍ରାଭଦ୍ର भद्राभद्र Good and evil.

ଭଦ୍ରାମି—ଦେ. ବି (ବଙ୍ଗଳାରୁ ଅନୁକୃତ)—ଭଦ୍ରତା—Gentlemanli-
Bhadrāmi ness; politeness.

ଭଦ୍ରାଶ୍ୱ—ସ. ବି (ବହୁବ୍ରୀହି; ଭଦ୍ର=ସୁଲକ୍ଷଣ+ଅଶ୍ୱ)—ପୃଥିବୀର ନବବର୍ଷ
Bhadrāśwa ମଧ୍ୟରୁ ଏକତମ ବର୍ଷ ବା ଦେଶ (ମେରୁର ପୂର୍ବରେ ଅବସ୍ଥିତ)-One of the 9 divisions of the world according to the ancient Hindu geography.

ଭଦ୍ରାଶ୍ରୟ—ସ. ବି—ଚନ୍ଦନ ବୃକ୍ଷ—
Bhadrāśraya The sandal wood tree.

ଭଦ୍ରାସନ—ସ. ବି (କର୍ମଧା; ଭଦ୍ର=ଶ୍ରେଷ୍ଠ+ଆସନ)—୧ । ପ୍ରାସାଦ—
Bhadrāsana 1. Building; palace. ୨ । ସିଂହାସନ—2. Throne. ୩ । ଯୋଗାସନ ବିଶେଷ—3. At posture in meditation. ଦେ. ବି—୧ । ବାସ୍ତୁ; ଘର ବାଡ଼ି—1. Homestead. ୨ । ପୈତୃକ ଘର ବାଡ଼ି—2. One's ancestral homestead.

ଭଦ୍ରି—ପ୍ରାଦେ. (ଗଞ୍ଜାମ) ବି.—ବ୍ରାହ୍ମଣମାନଙ୍କର ଶ୍ରେଣୀ ବା ଗୋଷ୍ଠୀ
Bhadri ବିଶେଷ—A class of Brāhmaṇas

ଭଦ୍ରୈଲା—ସ. ବି (ଭଦ୍ର+ଏଲା)—ବଡ଼ ଅଳେଇଚ—Cardamum;
Bhadrailā the larger Elettaria Cardamomum.

ଭଦ୍ରୋଚିତ—ସ. ବିଣ (ଅଧୁନିକ) (୭ମୀ ତତ୍; ଭଦ୍ର+ଉଚିତ)—୧
Bhadrochita ଶିଷ୍ଟତା ସମ୍ମତ—1. Polite. ୨ । ସାଧୁ ଜନୋଚିତ—2. Becoming to or befitting a gentleman.

ଭଦ୍ରୋଚିତ ଆଚରଣ—ଦେ. ବି—ସୁଜନୋଚିତ କାର୍ଯ୍ୟ—Polite
Bhadrochita ācharaṇa conduct; gentlemanly
ଭଦ୍ରାମି भलमनसात् conduct or behaviour.

ଭନ—ଦେ. କ୍ରି. ବିଣ. (ସ. ବହନ)—ବହନ; ଶୀଘ୍ର—
Bhan जल्द शिग्गीर Soon.

ଭନ୍ଦ (ଧାତୁ)—ସ—୧ । ପ୍ରୀତ ହେବା—1. To be pleased.
Bhand (root) ୨ । ଶୁଭ ହେବା—2. To be auspicious.

ଭନ୍ଦଡ଼—ଦେ. ବି. (ସ. ଭଦ୍ର)—ଭୁଡ଼ା; ଓଧ; ଓଲୁଅ—
Bhandarḍa Otter; weales.
ଭନ୍ଦଡ़, भोंदड़ ଦେ. ବିଣ—ଓଲୁ—Foolish; stupid.
उद, उदबिलाव

ଭନ୍ଦିଳ—ସ. ବି. (ଭନ୍ଦ ଧାତୁ+କର୍ତ୍ତୃ. ଇଲ)—ଶୁଭ; ମଙ୍ଗଳ—
Bhandiḷa Weal.

ଭପ (ଇତ୍ୟାଦି)—ଦେ. ବି—ବହପ ଇତ୍ୟାଦି (ଦେଖ)
Bhapa (etc) Bahapa etc. ( See )
हिम्मत ଦେ. ବି—୧ । ସାମର୍ଥ୍ୟ—1. Strength. ୨ । ହିମ୍ମତ; ସାହସ—2. Courage.

ଭପଞ୍ଜର—ସ. ବି—ଭଚକ୍ର; ରାଶି ଚକ୍ର—
Bhapañjara The zodiac.

ଭପା—ଦେ. ବିଣ—୧ । ଧୃଷ୍ଟ; ଦାମ୍ଭିକ—1. Tough; brazen-
Bhapā faced. ୨ । ଧପାବାଜ୍—2. Deceptive; deceiving.
(ଭପାଳିଆ—ଅନ୍ୟରୂପ)

ଭବକା ଛର୍ଡ଼ିବା—ପ୍ରାଦେ. (ବାଲେଶ୍ୱର) କ୍ରି—ସୂତ୍ର ଉଡ଼ୁଥିବା ବେଳେ
Bhab-kā chhārḍibā ବଳଦାର ହେଲେ ହଠାତ୍ ଏକାଥରକେ
ଭବ୍କା ଦେବା } ଅନ୍ୟରୂପ
ଭବ୍କା ଛଡ଼ିବା }
ବହୁତ ସୂତା ଛାଡ଼ ଦେବା—To let off a great length of

string while a paper-kite is being flown.

ଭବ—ସଂ. ବି. ( ଭୂ ଧାତୁ = ହେବା + ଭାବ.ଅ )—୧ । ସତ୍ତା; ସ୍ଥିତି—
Bhaba 1. Existence. ୨ । ଉତ୍ପତ୍ତି—2. Birth. ୩ । ଲାଭ; ପ୍ରାପ୍ତି—3. Gain; receipt; acquisition. ୪ । ମଙ୍ଗଳ—4. Weal; prosperity; welfare. ୫ । ପ୍ରାଧାନ୍ୟ; ଶ୍ରେଷ୍ଠତା—5. Excellence. ୬ । (+ କର୍ତ୍ତୃ. ଅ) ଭବ ଲୋକ; ସଂସାର—6. The world. ୭ । ଭଗବାନ୍; ଈଶ୍ୱର—7. God. ୮ । ମହାଦେବ; ଶିବ—8. Siba. ୯ । ଶିବଙ୍କର ଜଳମୂର୍ତ୍ତି; ଜଳମୂର୍ତ୍ତି ଶିବ ( ଜଳରୂ ସଂସାରର ଉତ୍ପତ୍ତି )—9. One of the 8 forms of Siba (the form of water). ୧୦ । ଭବ୍ୟ; ଓଉ ଫଳ—10. An acid fruit; Dilenia Indica. ଗ୍ରା. ବି. (ସଂ. ଭଗ)—ଯୋନି—Vagina.

ଭବକା—ଦେ. ବି—୧ । ହାବୁକା (ଦେଖ)—1. Hābukā (See).
Bhabakā ୨ । ଜଳ ବୁଦ୍‌ବୁଦ—2. Bubble. ୩ । ଜଳର ତରଙ୍ଗ—3. Wave; billow. ୪ । ବଡ଼ ଗର୍ତ୍ତ ବା ଛିଦ୍ର ଅବରୁ ଜୋରରେ ଉଦ୍‌ଗୀର୍ଣ୍ଣ ଜଳ ଅବର ନିର୍ଗମନ—4. Gushing of water or any liquid through an opening.
धाका धक्का
बुजबुजा
भुभुक, भकोरा
(ଉ—ରଣଚଣ୍ଡ-ଭଞ୍ଜ ତାଙ୍କ କଣ୍ଠ ମୂଳେ ପଶି, ଶୋଣିତ ଭବକା ଏବ ଅଉସ୍ଥ-ବାହାର । ସୁଧାନାଥ. ମହାଯାତ୍ରା ।)

ଭବ କାରା—ସଂ. ବି ( ରୂପକ କର୍ମଧା; ଭବ + କାରା )—ସଂସାର ରୂପ
Bhaba kārā ବନ୍ଦଶାଳା—The world campared to a prison.
(ଭବବନ୍ଧ, ଭବବନ୍ଧନ—ଅନ୍ୟରୂପ)

ଭବ କୂପ—ସଂ. ବି (ରୂପକ କର୍ମଧା; ଭବ + କୂପ)—ସଂସାର ରୂପ କୂପ—
Bhaba kūpa The world or mundane existence compared to a well.

ଭବ ଜଳଧି—ସଂ. ବି ( ରୂପକ କର୍ମଧା; ଭବ + ଜଳଧି )—ସଂସାର ରୂପ
Bhaba jaladhi ସମୁଦ୍ର—The world compared to an ocean.
ଭବ ପାରାବାର
ଭବ ସାଗର } ଅନ୍ୟରୂପ
ଭବ ସମୁଦ୍ର, ଭବସିନ୍ଧୁ

ଭବତ୍—ସଂ ସର୍ବନାମ ( ମାନ୍ୟାର୍ଥକ ମଧ୍ୟ ପୁରୁଷ )—
Bhabat ଆପଣ; ତୁମ୍ଭେ—Thou; you.
[ ଦ୍ର—ଭାଷାରେ ଏହାର ସ୍ୱତନ୍ତ୍ର ବ୍ୟବହାର ନାହିଁ; ମାତ୍ର ଏହା ଅନ୍ୟ ଶବ୍ଦ ସଙ୍ଗେ ବ୍ୟବହୃତ ହୁଏ, ଯଥା—ଭବତ୍ ପ୍ରେରିତ, ଭବଦନୁଗ୍ରହ, ଭବଦାଦେଶ, ଭବଦୀୟ ଇତ୍ୟାଦି ।]

ଭବତ୍ ପ୍ରସାଦ—ସଂ. ବି. (୬ଷ୍ଠୀ ତତ୍)—ଆପଣଙ୍କ ଅନୁଗ୍ରହ—
Bhabat-prasāda Thy favour.
(ଭବଦନୁଗ୍ରହ—ଅନ୍ୟରୂପ)

ଭବତ୍ ପ୍ରେରିତ—ସଂ. ବିଣ (୩ୟାତତ୍)—ଆପଣଙ୍କ ଦ୍ୱାରା ପ୍ରେରିତ—
Bhabat prerita Sent by thee.

ଭବତ୍ ସନ୍ନିଧି—ସଂ. ବି (୬ଷ୍ଠୀତତ୍)—ଆପଣଙ୍କର ନୈକଟ୍ୟ—
Bhabat sannidhi Nearness to thee.
(ଭବତ୍ ସାନ୍ନିଧ୍ୟ—ଅନ୍ୟରୂପ)

ଭବତ୍ ସକାଶାତ୍—ସଂ. କ୍ରି. ବିଣ—ଆପଣଙ୍କଠାରୁ—
Bhabat sakāśāt From thee.

ଭବତରଣ—ସଂ. ବି—ସଂସାର ରୂପ ନଦୀ ବା ସାଗରକୁ ପାର ହେବା—
Bhabataraṇa Crossing the river of the world.

ଭବତାରଣ—ସଂ. ବିଣ. ପୁଂ—ଯେ ସଂସାରରୁ ମନୁଷ୍ୟଙ୍କୁ ଉଦ୍ଧାର
Bhabatāraṇa କରନ୍ତି—Delivering people from the
(ଭବତାରଣୀ—ସ୍ତ୍ରୀ) woes of the world ସଂ. ବି—ଈଶ୍ୱର—God.

ଭବତାରିଣୀ—ସଂ. ବି. ସ୍ତ୍ରୀ—ଦୁର୍ଗା—
Bhabatāriṇī Goddess Durgā.

ଭବଦାରୁ—ସଂ. ବି—ଦେବଦାରୁ—
Bhabadāru The pine; cedar.

ଭବଦୀୟ—ସଂ. ବିଣ. (ଭବତ୍ + ଈୟ)—ଆପଣଙ୍କର—Thine;
Bhabadiya yours; belonging to thee.

ଭବଦ୍ୱାର—ସଂ. ବି. ( ରୂପକ କର୍ମଧା; ଭବ + ଦ୍ୱାର )—ସଂସାର ରୂପ
Bhaba dwāra ଦ୍ୱାର—The world compared to an entrance. ଗ୍ରା. ବି—ଭଗ—Vaginal orifice. (ଉ—ସ୍ତ୍ରୀର ଅଙ୍ଗରେ ଭବଦ୍ୱାର, ଜନ୍ମ ମଧ୍ୟରେ ତାର ଘର । ପ୍ରାଚୀ. ଲକ୍ଷ୍ମଣ ମାହାତ୍ମ୍ୟ ।)
भवद्वार

ଭବନ—ସଂ. ବି ( ଭୂ. ଧାତୁ + ଅଧିକରଣ ଅନ )—୧ । ଆଳୟ;
Bhabana ବାସସ୍ଥାନ; ଗୃହ—1. House; residence; dwelling. ୨ । ( + ଭାବ. ଅନ ) ସ୍ଥିତି—2. Existence. ୩ । ଉତ୍ପତ୍ତି—3. Birth.

ଭବନୀୟ—ସଂ.ବିଣ (ଭୂ ଧାତୁ + କର୍ମ.ଅନୀୟ)—ଭବିତବ୍ୟ; ଯାହା ଅବଶ୍ୟ
Bhabaniya ଘଟିବ—Which must happen.

ଭବଭୂତ—ସଂ. ବି—ସଂସାରରୂପୀ ଭଗବାନ୍—
Bhababhūta God.

ଭବଭୂତି—ସଂ. ବି (୬ଷ୍ଠୀ ତତ୍)—୧ । ଶିବଙ୍କର ଐଶ୍ୱର୍ଯ୍ୟ—1. The
Bhababhūti divinity of Siba. ୨ । (ନାମ) ଶ୍ରୀକଣ୍ଠ ନାମକ ଜନୈକ କବି—2. Name of a great Sanskrit poet named Srikantha. [ ଦ୍ର—ଏ ମାଳତୀ-ମାଧବାଦି ନାଟକ ପ୍ରଣୟନ କରିଥିଲେ । ]

ଭବ ରନ୍ଧ୍ର—ସଂ. ବି (ରୂପକ କର୍ମଧା; ଭବ + ରନ୍ଧ୍ର)—ସଂସାରରୂପ ରନ୍ଧ୍ର—
Bhaba randhra The world compared to a hole. ଗ୍ରା. ବି—ଭଗରନ୍ଧ୍ର—Vaginal orifice.

ଭବ(ବି)ଷ୍ୟତ—ଗ୍ରା. ବି ( ସଂ. ଭବିଷ୍ୟତ୍ )—୧ । ଭବିଷ୍ୟତକାଳ—
Bhaba(bi)shwati भवश्वती 1. Future. ୨ । ଭାବୀଘଟନା—2. Future event. ୩ । ଘଟନା—3. Event; happening. ୪ । ହଠାତ୍ ଉପସ୍ଥିତ ବିପଦ—4. Accident; mishap. ଗ୍ରା. ବିଣ—ଭାବୀ—Future.

ଭବସ୍ଥିତ ପଡ଼ିବା—ଗ୍ରା. କ୍ରି—ହଠାତ୍ ବିପଦ ଘଟିବା—The happe-
Bhabashwatī pardibā ning of an accident.
**भवस्वती पड़ना**

ଭବସନ୍ଧି—ଦେ. ବି—ଜଟିଳ ସମସ୍ୟା—Insoluble problem;
Bhabasandhi dilemma.

ଭବା—ସଂ. ବି—ଭବ୍ୟ; ଓଉ ( ଜହ୍ନଗଛ, ବରୈକୁଷ୍ଠ, ଦ୍ରବ୍ୟଗୁଣ )—
Bhabā Dilenia Indica; an acid fruit.

ଭବାଦୃଶ(ଶ୍, କ୍ଷ)—ସଂ.ବିଣ. ପୁଂ (ଭବତ୍+ଦୃଶ୍ ଧାତୁ+କର୍ମ.ଅ,କ୍ୟ,ପ୍,ସ)
Bhabādṛusa(ṡ,ksha) —ଆପଣଙ୍କ ( ଭବାଦୃଶୀ—ସ୍ତ୍ରୀ )
ପରି—Like thee.

ଭବାନୀ—ସଂ. ବି. ସ୍ତ୍ରୀ ( ଭବ=ଶିବ+ସ୍ତ୍ରୀ. ଈ; ଆନ୍ ଆଗମ )—
Bhabānī ପାର୍ବତୀ—Pārbatī.

ଭବାନୀ ଗୁରୁ—ସଂ.ବି. ପୁଂ (୬ଷ୍ଠୀ ତତ୍; ଭବାନୀ+ଗୁରୁ; ପାର୍ବତୀଙ୍କ ପିତା)
Bhabānī guru —ହିମାଳୟ ପର୍ବତ—The Himālayas.

ଭବାନୀ ପଣ୍ଡିତ—ଦେ. ବି ( ନାମ )—ଓଡ଼ିଶାର ଜନୈକ ମରହଟ୍ଟା
Bhabānī pandita ଶାସକ—A governor of Orissa
under the Marahattas.

ଭବାନୀ ପତି—ସଂ. ବି. ପୁଂ ( ୬ଷ୍ଠୀ ତତ୍; ଭବାନୀ+ପତି )—ଶିବ;
Bhabānī pati ମହାଦେବ—Siba.
( ଭବାନୀଶ୍ୱର—ଅନ୍ୟରୂପ )

ଭବାନୀପୁର—ଦେ. ବି ( ନାମ )—କଲିକତାର ଉପକଣ୍ଠସ୍ଥ ନଗରୀ—
Bhabānipura A suburb of Calcutta.

ଭବାନୀ ଭ୍ରୁକୁଟୀ ଭଙ୍ଗୀ—ସଂ. ବି—ପାର୍ବତୀଙ୍କର ଭ୍ରୂଭଙ୍ଗୀ—The
Bhabānī bhrukuṭī bhangi various contortions
of the eyebrows of Pārbatī.

ଭବାବ୍ଧି—ସଂ. ବି ( ରୂପକ କର୍ମଧା; ଭବ+ଅବ୍ଧି )—ସଂସାରରୂପ
Bhababdhi ସାଗର—The world compared to an
( ଭବାର୍ଣ୍ଣବ—ଅନ୍ୟରୂପ ) ocean.

ଭବାରାଧ୍ୟ—ସଂ. ବିଣ ( ଭବ+ଆରାଧ୍ୟ )—ସଂସାରପୂଜ୍ୟ—
Bhabārādhya Worshipped by the whole world.
ସଂ. ବି. ପୁ—ଭଗବାନ୍—God.

ଭବି—ଦେ. ( ପଦ୍ୟ ) ବିଣ ( ସଂ. ଭବ୍ୟ )—ଭବ୍ୟ; ସାଧୁ—Good.
Bhabi ( ଯୁ—ଅପେ ଭବି ଅପେ ଭବି ଅପେ ନଟବଟ—ପ୍ରାଚୀ.
ବ୍ରହ୍ମନରୂପରେଖା । )

ଭବିକ—ସଂ. ବିଣ ( ଭବ=ମଙ୍ଗଳ+ଇକ )—ଶୁଭଜନକ—
Bhabika Auspicious. ସଂ. ବି—ଶୁଭ; ମଙ୍ଗଳ—
Weal; prosperity.

ଭବିତବ୍ୟ—ସଂ. ବିଣ (ଭୂ. ଧାତୁ+କର୍ତ୍ତୃ ତବ୍ୟ)—୧ । ଅବଶ୍ୟମ୍ଭାବୀ; ଯାହା
Bhabitabya ଅବଶ୍ୟ ଘଟିବ—1. Which must happen;
( ଭବିତବ୍ୟତା—ବି ) inevitable. ୨ । ଅନିବାର୍ଯ୍ୟ—2.
Unavoidable; irresistible. ୩ । ଯାହା ଘଟିବ
ବୋଲି ବିଧାତା ପୂର୍ବରୁ ନିର୍ଦ୍ଦେଶ କରିଅଛନ୍ତି—
3. Preordained.

ଭବିତବ୍ୟତା—ସଂ. ବି (ଭବିତବ୍ୟ+ଭାବ. ତା)—୧ । ଅବଶ୍ୟମ୍ଭାବିତା—
Bhabitabyatā 1. Preordinance. ୨ । ଅନିବାର୍ଯ୍ୟତା—
2. Inevitability. ୩ । ଅଦୃଷ୍ଟ; ଭାଗ୍ୟ—
3. Fortune; luck.

ଭବିତା—ସଂ. ବି (ଭୂ ଧାତୁ+କର୍ତ୍ତୃ ତୃ, ଭବିତୃ, ୧ମା. ୧ବ)—୧ । ଯାହା
Bhabitā ଘଟିବ—1. That which will happen
୨ । ଭବିଷ୍ୟତ—2. Future.

ଭବିଷ—ଦେ. ବି ( ସଂ. ଭବିଷ୍ୟ )—୧ । ଭବିଷ୍ୟତ—1. The
Bhabisha future. ୨ । ଘଟଣା—2. Event;
**बेबातकी बात** happening. ୩ । ଅଶାଙ୍କୁଆ ବିଷୟ—3. A
queer thing or proposal. ୪ । ଆଡ଼ମ୍ବର—
4. Ado; grandeour. ୫ । ଅଦ୍ଭୁତ ବା ଆଶ୍ଚର୍ଯ୍ୟ
ଘଟଣା—5. A strange or wonderful event.
୬ । ଅଦ୍ଭୁତ ପ୍ରସ୍ତାବ—6. A strange proposal.
ଦେ. ବିଣ—୧ । ଯାହା ପରେ ଘଟିବ—1. Future
୨ । ଅଶାଙ୍କୁଆ—2. Queer; odd. ୩ । କୁତ୍ସିତ—
3. Ugly.

ଭବିଷ କାଢ଼ିବା—ଦେ. କ୍ରି—ଅଶାଙ୍କୁଆ କଥା ବା ପ୍ରସ୍ତାବ ଅବତାରଣା
Bhabisha kārdhibā କରିବା—To make a queer or
**बेबातकी बात निकालना** odd proposal.
(ଭବିଷ କାହାରି କରିବା, ଭବିଷ ଦେଖା[ଙ୍କେ]ଇବା—ଅନ୍ୟରୂପ )

ଭବିଷ୍ଣୁ—ସଂ. ବିଣ ( ଭୂ ଧାତୁ+କର୍ତ୍ତୃ ଇଷ୍ଣୁ )—୧ । ଘଟୁଥିବା—
Bhabishṇu 1. Happening. ୨ । ଉତ୍ପତ୍ତିକାରକ—
2. Producing.

ଭବିଷ୍ୟ—ସଂ.ବିଣ (ଭୂ ଧାତୁ+ଭବିଷ୍ୟତରେ ଘଟିବା ଅର୍ଥରେ ସ୍ୟ)—
Bhabishya ଭାବୀ; ଯାହା ଘଟିବ—About to happen;
future. ସଂ. ବି—୧ । ଆଗାମୀ ଘଟଣା—1.
Future event. ୨ । ଭବିଷ୍ୟ ନାମକ ପୁରାଣ—
2. Name of a Purāṇa indicating future
events. ଦେ. ବି—ଭବିଷ (ଦେଖ)—Bhabisha
( See )

ଭବିଷ୍ୟଜ୍ଞ—ସଂ.ବିଣ ପୁଂ(ଭବିଷ୍ୟ+ଜ୍ଞା ଧାତୁ+କର୍ତ୍ତୃ.ଅ)—ଯେ ଭବିଷ୍ୟତ
Bhabishyajña କଥା ଜାଣିପାରେ—Knowing the
(ଭବିଷ୍ୟଜ୍ଞା - ସ୍ତ୍ରୀ) future.

ଭବିଷ୍ୟତ୍—ସଂ. ବିଣ—ଭାବୀ; ଯାହା ଘଟିବ; ଭବିତବ୍ୟ—Future;
Bhabishyat about to happen.

ଭବିଷ୍ୟତ୍ କାଳ—ସଂ. ବି ( ବ୍ୟାକରଣ )—ବର୍ତ୍ତମାନ କାଳର କ୍ରିୟାର
Bhabishyat-kāla ପରବର୍ତ୍ତୀ କାଳ—The future tense
of a verb.

ଭବିଷ୍ୟତ—ଦେ.ବିଣ (ସ.ଭବିଷ୍ୟତ୍)—ଯାହା ପରେ ଘଟିବ—Future.
Bhabishyata ଦେ. ବି—୧ । ଆଗାମୀ ସମୟ—1. The
**होनहार** future. ୨ । ଭବିଷ୍ୟତ୍ ଘଟଣା—2. Future
event.

ଭବିଷ୍ୟଦ୍‌ଗର୍ଭ—ସଂ. ବି ( ୬ଷ୍ଠୀ ତତ୍ )—ଭବିଷ୍ୟତକାଳର ଗର୍ଭ—
Bhabishyad-garbha The womb of the future.

ଭବିଷ୍ୟଦ୍ ଜ୍ଞାନ—ସଂ. ବି—ଭବିଷ୍ୟତ୍ ସମ୍ବନ୍ଧରେ ବୋଧ ବା ବୁଦ୍ଧି—
Bhabishyad-jñāna Knowledge about the
future.

ଭବିଷ୍ୟଦ୍ବକ୍ତା—ସ. ବି. ପୁଂ (ସ. ଭବିଷ୍ୟଦ୍ବକ୍ତୃ, ୧ମା. ୧ବ)—
Bhabishyadbaktā ଯେ ଆଗାମୀ ଘଟଣା କଥା କହି ପାରେ ( ଭବିଷ୍ୟଦ୍ବାଦୀ—ଅନ୍ୟରୂପ ) । —Foreteller; prophet; soothsayer. ସ. ବିଣ—ଭବିଷ୍ୟତ ଘଟଣା କହୁଥିବା (ବ୍ୟକ୍ତି)—Prophesying; foretelling.

ଭବିଷ୍ୟଦ୍ବାକ୍ୟ—ସ. ବି ( ଭବିଷ୍ୟତ୍+ବାକ୍ୟ )—ଭବିଷ୍ୟତ୍‌କାଳରେ
Bhabishyadbākya ଯେଉଁ ଯେଉଁ ବିଷୟ ଘଟିବ ତାହା ( ଭବିଷ୍ୟଦ୍ବାଣୀ—ଅନ୍ୟରୂପ ) ପୂର୍ବରୁ କହିବା—Foretelling; prediction prophecy.

ଭବିଷ୍ୟଦ୍ବାର୍ତ୍ତା—ସ. ବି ( ଭବିଷ୍ୟତ+ବାର୍ତ୍ତା )—ଆଗାମୀ କାଳ ସମ୍ବନ୍ଧେ
Bhabishyadbārttā ସମ୍ବାଦ—Information about the future events.

ଭବିଷ୍ୟନ୍ତ—ଗ୍ରା. ବି ଓ ବିଣ—୧ । ଭବିଷ୍ୟତ ( ଦେଖ )
Bhabishyanta 1. Bhabishyata (See )
୨ । ଭାବସ୍ୱତି (ଦେଖ)—2. Bhābashwati (See).

ଭବିଷ୍ୟ ପୁରାଣ—ସ. ବି—ପୁରାଣ ବିଶେଷ; ଭବିଷ୍ୟତରେ ଯାହା ଯାହା
Bhabishya purāṇa ଘଟିବ, ତାହା ଯେଉଁ ପୁରାଣରେ ସୂଚିତ ହୋଇଅଛି—Name of a Purāṇa indicating future events.

ଭବିଷ୍ୟ ବାଣୀ—ସ. ବି—ଭବିଷ୍ୟଦ୍ବାକ୍ୟ—
Bhabishya bāṇi Foretelling; prediction.

ଭବିଷ୍ୟ ସୂଚନା—ସ. ବି—ଭବିଷ୍ୟତ୍ ଘଟଣାର ସୂଚନା—
Bhabishya sūchanā Indication of future events; anticipatory statement.

ଭବୀ—ସ. ବି. ସ୍ତ୍ରୀ ( ଭବ+ସ୍ତ୍ରୀ. ଈ )—ଭବାନୀ; ପାର୍ବତୀ—
Bhabī Pārbatī.

ଭବୁଷି—ଗ୍ରା. ବି ଓ ବିଣ ( ସ. ଭବିଷ୍ୟତ୍ )—ଭବିଷ୍ୟତ—
Bhabushi Future.

ଭବ୍ୟ—ସ. ବିଣ [ଭୂ ଧାତୁ+କର୍ତ୍ତୃ.ଯ]—୧ ମଙ୍ଗଳଜନକ; ଶୁଭସୂଚକ;
Bhabya ଶୁଭଜନକ—1. Auspicious. ୨ । ସଭ୍ୟ—[ଭବ୍ୟା—ସ୍ତ୍ରୀ] 2. Civilized. ୩ । ଶିଷ୍ଟ; ଭଦ୍ର—3. Polite; civil. ୪ । ଶାନ୍ତପ୍ରକୃତିକ—4. Of a calm nature. ୫ । ସାଧୁ; ସତ୍—5. Honest. ୬ । ମାର୍ଜିତ ରୁଚିବିଶିଷ୍ଟ—6. Of refined taste. ୭ । ଭାଗ୍ୟବାନ୍—7. Fortunate. ୮ । ଭାବୀ; ଭବିଷ୍ୟତ—8. Future; likely to happen. ୯ । ଉତ୍କୃଷ୍ଟ—9. Excellent. ୧୦ । ଉତ୍ତମ—10. Good: nice. ୧୧ । ଉପସ୍ଥିତ; ବର୍ତ୍ତମାନ—11 Existing. ୧୨ । ଉପଯୋଗୀ; ଉପଯୁକ୍ତ—12. Proper: fit; worthy. ସଂ. ବି—୧ । ଓଉଗଛ ଓ ଫଳ—1. Dilenia Indica (tree and fruit), ୨ । ଅବସ୍ଥିତି—2. Existence (Apte). ୩ । ଭବିଷ୍ୟତ୍‌କାଳ—3. Future time ( Apte ). ୪ । ଫଳ—4. Result; fruit ( Apte ). ୫ । ଉତ୍ତମଫଳ—5. Good result ( Apte ). ୬ । ସୌଭାଗ୍ୟ—6. Prosperity ( Apte ), ୭ । ଅସ୍ଥି—7. A bone (Apte). ଦେ. ବିଣ—ସମୀଚୀନ—Proper. [ ଉ—ଯେ ଯଥା ଭବ୍ୟ ସନ୍ନିବେଶ, ବିଶେ ପ୍ରଭୁଙ୍କ ଭକ୍ତଦେଶ—ପ୍ରାଚୀ. ପୂର୍ଣ୍ଣିମଚନ୍ଦ୍ରୋଦୟ ।]

ଭବ୍ୟତା—ସ. ବି (ଭବ୍ୟ+ଭାବ. ତା)—ଭଦ୍ରତା—
Bhabyatā Civility; politeness.

ଭବ୍ୟଦାୟକ—ସ. ବିଣ ଭବ୍ୟ+ଦା ଧାତୁ+କର୍ତ୍ତୃ. ଅକ)—ସୁଖଦ;
Bhabyadāyaka ସୁଖପ୍ରଦ—Causing happiness. [ଉ—ଭବ୍ୟଦାୟକ ମାଣିକ୍ୟ ବିରୁ; ଭ୍ରମ ଜାତ କରୁଅଛୁ ମଧ୍ୟରୁ ଧର । ବଇଦୂର୍ଯ୍ୟ. କଶୋଷ୍ଣ ଓମ୍ଫ୍ ଖ. ଗୀତ ।]

ଭବ୍ୟ ସଭ୍ୟ—ଦେ. ବିଣ (ସହଚର)—ଭଦ୍ର—
Bhabya sabhya Polite; civil.

ଭବ୍ୟା—ସ. ବି. ସ୍ତ୍ରୀ (ଭବ+ସ୍ତ୍ରୀ. ଅ; ଯ. ଆଗମ)—ଦୁର୍ଗା—
Bhabyā Durgā.

ଭମ୍—ସ. ଅ (ଧ୍ୱନ୍ୟନୁକରଣ)—ଭଁ ଭଁ—
Bham An imitative sound.

ଭମ୍‌କିବା—ପ୍ରାଦେ. (ସମ୍ବଲପୁର) କ୍ରି—ନିଦ୍ରାବସ୍ଥାରେ ବକବକେଇବା-
Bham-kibā To speak or talk during deep sleep.
गलगलाना, बौआना

ଭ ମଣ୍ଡଳ—ସ. ବି—(୬ଷ୍ଠୀ ତତ୍; ଭ+ମଣ୍ଡଳ)—ଆକାଶମଣ୍ଡଳ; ଗ୍ରହ
Bha maṇḍaḷa ମଣ୍ଡଳ—The stellar sphere; the zodiac.

ଭମ(ମ୍ବ)ର—ଗ୍ରା. ବି ( ସ. ଭ୍ରମର )—ଭ୍ରମର—
Bhama(mba)ra Bumble-bee.
भौंरा; भ्रमर ভোমৰ

ଭମା (ଇତ୍ୟାଦି)—ଦେ. ବି. ଓ ବିଣ—୧ । ବମା ଇତ୍ୟାଦି ( ଦେଖ )
Bhamā (etc) ভোমা 1. Bamā etc (See).
୨ । (ସ, ବିବର) ବିବର—2. A big hole.

ଭମ୍ବର—ଗ୍ରା. ବି ( ସ. ବିବର )—୧ । ବିବର; ବଡ଼ ଗର୍ତ୍ତ—
Bhambara 1. A big hole. ୨ । (ସ. ଭ୍ରମର)—ଭ୍ରମର—
भौंरा, विभ्रर ভোমৰ 2. Bumble-bee.

ଭମ୍ଭ—ସ. ବି ( ଭମ୍=ଅନୁକରଣ ଶବ୍ଦ+ଭା ଧାତୁ+କର୍ତ୍ତୃ.ଅ )—୧ ।
Bhambha ଧୂମ; ଧୂଆଁ—1. Smoke. ୨ । ମକ୍ଷିକା; ମାଛି—2. Flea.

ଭମ୍ଭରାଳି—ସ. ବି ( ଭମ୍+ଭୃ. ଧାତୁ+ଆଳ )—ଭଣଭଣା ମାଛି;
Bhambharāḷi ଗିଣିଗିଣା ମାଛି—Buzzing flea. the blue bottle fly.

ଭୟ—ସ. ବି (ଭୀ ଧାତୁ=ଭୀତ ହେବା+ଭାବ. ଅ)—୧ । ତ୍ରାସ; ଶଙ୍କା;
Bhaya ଡର—1. Fear; dread; apprehension. ୨ । ଅନିଷ୍ଟାଶଙ୍କା; ବିପଦର ଆଶଙ୍କା—2. Risk or apprehension of danger. ୩ । ଭୀତି—3. Dismay; terror; fright. ୪ । (+କରଣ.ଅ) ବିପଦ—4. Danger; peril;

ଭୟ କରିବା—ଦେ. କ୍ରି—୧ । ଭୀତ ହେବା—1. To fear; Bhaya karibā to be afraid of. ୨ । ଆଶଙ୍କା କରିବା—2. To apprehend.
भय करना ভয় করা

ଭୟ କାତର—ସ. ବଣ ପୁଂ.(*ମ୍ୟା ତତ୍; ଭୟ+କାତର)—ଭୟାର୍ତ୍ତ; Bhaya kātara ଅତ୍ୟନ୍ତ ଭୟ ଯୋଗୁଁ ବିହ୍ୱଳ—Overwhelmed with fear; terrified.
ଭୟକ୍ଲିଷ୍ଟ, ଭୟବିହ୍ୱଳ, ଭୟବିକ୍ଷୁବ୍ଧ —ଅନ୍ୟରୂପ
(ଭୟକାତରତା-ବି; ଭୟକାତରା-ସ୍ତ୍ରୀ)

ଭୟ ଖାଇବା—ଦେ. ବି—ଭୟତ୍ରସ୍ତ ହେବା—The state Bhaya khāibā of being terrified or overtaken with fear.
ଭୟ ଖାଇଯିବା, ଭୟ ଖାଇ ଗୋଡ଼େଇବା, ଭୟ ଲାଗିବା, ଭୟ ମାଡ଼ିବସିବା(ମାଡ଼ିବା) —ଅନ୍ୟରୂପ
डर लगना ভয়করা

ଭୟଙ୍କର—ସ. ବଣ (ଭୟ+କୃ ଧାତୁ+କର୍ତ୍ତୃ. ଅ)—୧ । ଭୀତିପ୍ରଦ; Bhaynkara ତ୍ରାସଜନକ—1. Fearful; terrific; ( ଭୟଙ୍କରୀ—ସ୍ତ୍ରୀ ) alarming. ୨ । ଘୋର—2. Terrible; formidable. ୩ । ବେକାୟ; ଅତ୍ୟଧିକ—3. Excessive. ଦେ. କ୍ରି. ବଣ ଓ ବଣର ବଣ—ଅତ୍ୟନ୍ତ; ଭାରି—Very; too much. [ ଯଥା—ସେ ଭୟଙ୍କର ଦୁଷ୍ଟ ପିଲା । ]

ଭୟ ଚକିତ—ସ.ବଣ ପୁଂ(*ମ୍ୟା ତତ୍;ଭୟ+ଚକିତ)—ଭୟଦ୍ୱାରା ଚମକି Bhaya chakita ପଡ଼ିଥିବା—Startled with fear.
( ଭୟତ୍ରସ୍ତ, ଭୟବିହ୍ୱସ୍ତ—ଅନ୍ୟରୂପ ) (ଭୟଚକିତା—ସ୍ତ୍ରୀ)

ଭୟ ଛାଡ଼ିବା—ଦେ. କ୍ରି—ମନରୁ ଭୟ ଦୂର ବା ତ୍ୟାଗ କରିବା—Bhaya chhārdibā To shake off fear from one's mind.
भयछोड़ना ভয়ছড়া

ଭୟଜନକ—ସ. ବଣ ( ଭୟ+ଜନ୍ ଧାତୁ+କର୍ତ୍ତୃ ଅକ)—ଯାହା Bhayajanaka ଭୟ ଜନ୍ମାଏ—Causing fear; terrific.
( ଭୟଦ, ଭୟପ୍ରଦ—ଅନ୍ୟରୂପ )

ଭୟ ଜନ୍ମା(ନ୍ମେ)ଇବା—ଦେ. କ୍ରି—ଭୟ ଉତ୍ପାଦନ କରିବା—Bhaya janmā(nme)ibā To cause apprehension; to produce fear.
ভয়জন্মান भयपैदाकरना

ଭୟତମ—ଗ୍ରା ( ପ୍ରାଚୀନ ପଦ୍ୟ ) ବଣ—ଭୟଙ୍କର—Causing Bhayatama fear; terrific. [ ଯଥା—ଭୁଜଗରାଜ ଭୁଜ ସମ, ଭୁଜଦଣ୍ଡ ଯେଣୁ ଭୟତମ—ପ୍ରାଚୀ. ପୂର୍ଣ୍ଣତମଚନ୍ଦ୍ରୋଦୟ ।]

ଭୟତ୍ରାତା—ସ.ବଣ ପୁଂ. (ଭୟ+ତ୍ରୈ ଧାତୁ+କର୍ତ୍ତୃ ତୃ, ୧ମା.୧ବ)—Bhayatrāta ଯେ ମନୁଷ୍ୟଙ୍କୁ ଭୟରୁ ବା ବିପଦରୁ ଉଦ୍ଧାର କରେ—(ଭୟତ୍ରାତ୍ରୀ—ସ୍ତ୍ରୀ) Saving people form fear or danger.

ଭୟ ଦେଖା(ଖେ)ଇବା—ଦେ. କ୍ରି—ଡରାଇବା—To frighten; to Bhaya dekhā(khe)ibā ভয়দেখান भयदिखाना terrify.

ଭୟ ନାଶନ—ସ. ବଣ. ପୁଂ—ବିପଦ ନିବାରକ—Bhaya nāsana Preventing fear of danger.
(ଭୟନାଶିନୀ—ସ୍ତ୍ରୀ) ସ. ବି—ଭଗବାନ—God.

ଭୟ ପଡ଼ିବା—ଗ୍ରାଦେ. (ଗଞ୍ଜାମ) କ୍ରି—ଭୟ କରିବା—Bhaya pardibā To fear.

ଭୟ ପାଇବା—ଦେ. କ୍ରି—ଭୀତ ହେବା; ଡରିବା—Bhaya pāibā To be frightened; to be terrified.
ভয় পাওয়া भयपाना

ଭୟ ପ୍ରଦର୍ଶନ—ସ. ବି (୬ଷ୍ଠୀ ତତ୍; ଭୟ+ପ୍ରଦର୍ଶନ)—ଅନ୍ୟକୁ ଭୟ Bhaya pradarsana ଦେଖାଇବା—Terrifying, frightening others.

ଭୟପ୍ରାପ୍ତ—ସ. ବଣ (୨ୟା ତତ୍; ଭୟ+ପ୍ରାପ୍ତ)—ଭୀତ—Bhayaprāpta Frightened.

ଭୟ ବିକ(ହ୍ୱ)ଳ—ସ.ବଣ.ପୁଂ(*ମ୍ୟାତତ୍;ଭୟ+ବିକଳ)-ଭୟଦ୍ୱାରା ଆର୍ତ୍ତ—Bhaya bika(hwa)la Overwhelmed with fear; (ଭୟ ବିହ୍ୱଳିତ—ଅନ୍ୟରୂପ) (ଭୟବିକା[ହ୍ୱ]ଳା—ସ୍ତ୍ରୀ) terrified.

ଭୟଭାଗ—ଦେ. ବି (ସ. ଭୟ+ଭାବ)—ଭୟଭାବ; ଭୀତ—Fright. Bhayabhāga (ଉ—ନାଗମାନେ ମନ୍ତ୍ର ଶୁଣିଲୁ ଭୟଭାଗ—भयभाव ভয়ভাব କୃଷ୍ଣସିଂହ. ମହାଭାରତ ଅଦି )

ଭୟ ଭାଙ୍ଗିବା—ଦେ.ବି—ନିଜର ମନରୁ ଭୟ ଦୂର ହେବା—Shaking Bhaya bhāngibā off of fear. ଦେ. କ୍ରି—ଅନ୍ୟର ମନରେ ভয়ভাঙ্গা भयछोड़ना ଉପସ୍ଥିତ ଭୟକୁ ଦୂର କରିବା—To ভয়ভেঙ্গেদেওয়া भयछुड़ाना remove fear from the mind of another.

ଭୟଭୀତ—ସ. ବଣ. ପୁଂ (*ମ୍ୟା ତତ୍; ଭୟ+ଭୀତ)—ଭୀତ; ତ୍ରସ୍ତ—Bhayabhīta (ଭୟଭୀତା—ସ୍ତ୍ରୀ) Frightened.

ଭୟ ଭୀତି—ଦେ. ବ (ଏକାର୍ଥକ ସହଚର)—ଡର ଭୟ—Bhaya bhiti भय भीति ভয়ভীতি Fear.

ଭୟ ମାଡ଼ିବା—ଦେ. ବି—ଡରିବା; ଭୀତ ହେବା—Bhaya mārdibā ভয় করা; ভয় বোধ হওয়া Being भय लगना frightened or alarmed.
(ଭୟ ବୋଧ ହେବା, ଭୟ ହେବା—ଅନ୍ୟରୂପ)

ଭୟ ରହିତ—ସ. ବଣ—୧ । ନିର୍ଭୟ—1. Fearless. ୨ । Bhaya rahita ଶଙ୍କା ରହିତ—2. Free from appre- (ଭୟଶୂନ୍ୟ, ଭୟହୀନ—ଅନ୍ୟରୂପ) hension.
* । ଯେଉଁଠାରେ କୌଣସି ଭୟ ଘଟିବାର ଶଙ୍କା ନାହିଁ—3. Free from any risk of danger.

ଭୟଶୀଳ—ସ. ବଣ. ପୁଂ—( ବହୁବ୍ରୀହି; ଭୟ+ଶୀଳ )—ଭୟାଳୁ; Bhayasila (ଭୟଶୀଳା—ସ୍ତ୍ରୀ) ଭୀରୁ—Timid; fearful.

ଭୟା—ଦେ. ବି—ପ୍ରାଚୀନ ଜଳଯାନ ବିଶେଷ (ଭଗବତ୍ତ ପ୍ରାଚୀନ Bhayā ଉକ୍ତିଳ)—A kind of ancient boat or ship. ବୈଦେ.ଅ—(ହିନ୍ଦ. ଭୈୟା;ସ. ଭ୍ରାତଃ)—ହେ ଭାଇ !—Oh, brother ! ଗ୍ରାଦେ. (ଗଡ଼ଜାତ)—ବି. (ସ. भय ଭୟ)—କୌଣସି ଅଞ୍ଚଳରେ ବାଘଅଦି ମାଡ଼ିବା ଯୋଗୁ वन्यजन्तुरभय ସେ ଅଞ୍ଚଳବାସୀ ଲୋକଙ୍କର ବା ସେ ବାଟେ ଯିବା ଲୋକଙ୍କ

ମନରେ ଉତ୍ପନ୍ନ ଅନିଷ୍ଟାଶଙ୍କା (ଯଥା—ଜଙ୍ଗଲ ବାଟରେ ବାଘ ଭୟ)—Risk of danger from wild animals (in a tract visited or infested by a tiger or other wild animal).

ଭୟାକୁଳ—ସଂ. ବଣ. ପୁଂ (ଭୟା ତତ୍; ଭୟ+ଆକୁଳ)—ଭୟବିହ୍ୱଳ—
Bhayākula Overwhelmed with fear; terrified; (ଭୟାକୁଳିତ, ଭୟାର୍ତ୍ତ—ଅନ୍ୟରୂପ) terror-struck.
(ଭୟାକୁଳା, ଭୟାକୁଳିତା; ଭୟାର୍ତ୍ତା—ସ୍ତ୍ରୀ)

ଭୟାକୃତ—ଦେ.ବଣ—ଭୀଷଣ; ଭୟଙ୍କର—Terrible; dreadful.
Bhayākṛuti [ ଉ—ଦେବ ଦେବଦେବ ବେଦପତି, ବଦେ ବଚନ୍ତି ଭୟାକୃତ । ଜଗନ୍ନାଥ. ଭାଗବତ । ]

ଭୟାନକ—ସଂ.ବଣ—ଯାହାଠାରୁ ଭୟ ପାଇବାକୁ ହୁଏ; ଭୀଷଣ; ଭୟଜନକ
Bhayānaka Terrific; terrible. ସଂ. ବି—୧ । ବ୍ୟାଘ୍ର —1. Tiger. ୨ । ରାହୁ—2. The Dragon's head. ୩ । କାବ୍ୟର ରସବିଶେଷ; ଭୟ ଯେଉଁ ରସର ସ୍ଥାୟୀଭାବ—3. The sentiment of terror in literature. ଦେ. କ୍ରି. ବଣ ଓ ବଣର ବଣ—୧ । ଅତ୍ୟନ୍ତ—1. Very much. ୨। ଭୟଙ୍କର ଭାବରେ— 2. Awfully.

ଭୟାପହ—ସଂ. ବଣ. ପୁଂ (ଭୟ+ଅପ+ହା ଧାତୁ=ନାଶ କରିବା+ Bhayāpaha ଡ଼ରଣ.ଅ)—୧ । ଭୟ ନାଶକ—1. Allaying (ଭୟାପହା—ସ୍ତ୍ରୀ) fear. ୨ । ଭୟତ୍ରାତା—2. Saving from danger. ସଂ. ବି— ୧ । ନୃପତି—1. King. ୨ । ବିଷ୍ଣୁ—2. Bishnu.

ଭୟାବହ—ସଂ. ବଣ ( ଭୟ+ଆ+ବହ୍ ଧାତୁ+କର୍ତ୍ତୃ.ଅ )—୧ ।
Bhayābaha ଭୟଜନକ—1. Formidable; terrible. ୨ । ବିପଦ ପୂର୍ଣ୍ଣ—2. Fraught with danger; dangerous. ୩। ବିପଦର ଆଶଙ୍କାଜନକ—3. Risky.

ଭୟାର୍ତ୍ତ—ସଂ. ବଣ. ପୁଂ ( ଭୟା ତତ୍, ଭୟ+ଆର୍ତ୍ତ )—ଭୟ-
Bhayārtta ଦ୍ୱାରା ବିହ୍ୱଳ; ଭୟକାତର—Overwhelmed [ଭୟାର୍ତ୍ତା—ସ୍ତ୍ରୀ] with fear; terrified; frightened.

ଭୟାଳୁ—ସଂ. ବଣ ( ଭୟ+ଆଳୁ ବହିଷ୍ଠାର୍ଥରେ ଅନ୍ତ )—ଭୀରୁ—
Bhayālu Timid; coward; alarmed.

ଭୟେଣୀ—ଗ୍ରା. (ପ୍ରାଚୀନ ପଦ୍ୟ) ବ ସ୍ତ୍ରୀ (ସଂ. ଭଗିନୀ. ପ୍ରା. ବଇଣୀ)—
Bhayeṇi ଭଉଣୀ—Sister. (ଉ—ଦୂର ଗାୟେଣୀ, ଦୂତୀତା ବୋଲ ଆହିକ ସବଡ଼ସେ, ଏ ମୋର ସାନ ଭୟେଣୀ ପ୍ରାଚୀ. ଗ୍ରନ୍ଥମାଳା ।)

ଭର—ଦେ.ଅ.(ସଂ.ଭୃ ଧାତୁ; କାଳ ବାଚକ ଶବ୍ଦ ସଙ୍ଗେ ବ୍ୟବହୃତ ହୁଏ)—
Bhar भर ତମାମ; ଯାକ—Throughout. (ଯଥା— ଦିନଭର ମୁଁ ଏ କାମରେ ଲାଗି ରହିଛି ।)

ଭରଦର—ଗ୍ରାଦେ. (ସମ୍ବଲପୁର) କ୍ରି. ବଣ. (ଭୁଲ. ହି. ଜୋର୍ ଜୋର୍)—
Bhar-dar ଶିଘ୍ରଗତିରେ—Briskly. (ଯଥା—ଯାଗ ମେଘୁଅ ହେବାରୁ ଧାନ ବୁଣାବୁଣି ଭରଦର୍ ଲାଗିଛି ।)

ଭରପୁର—ଦେ. ବଣ. (ସଂ. ଭରଣ+ସଂ. ପୂର୍ଣ୍ଣ)—ପରିପୂର୍ଣ୍ଣ—
Bhar-pūr भरपूर ভরপুর Full; full to the brim.

ଭରଭଙ୍ଗ—ଗ୍ରାଦେ. (ସମ୍ବଲପୁର) ବଣ—ଅନାବୃତ; ମେଲା—
Bhar-bhang Open; uncovered.

ଭରଭର—ଦେ. ଅ—୧ । ବୁଦ୍‌ବୁଦ ଉଠିବାର ଶବ୍ଦ—1. The sound
Bhar-bhar of bubbling. ୨ । ଗାଢ଼ ଫେଣଯୁକ୍ତ
भटभट ତରଳ ପଦାର୍ଥରେ ପୂର୍ଣ୍ଣ—2. Full of thick slimy or foamy liquid matter. (ଯଥା—କଳାଟା ପଙ୍କ ଭର୍‌ଭର୍ ହୋଇଅଛି ।)

ଭରର—ଦେ. ଅ. (ଧ୍ୱନ୍ୟନୁକରଣ)—ଫରର୍; ପକ୍ଷୀମାନଙ୍କର ଉଡ଼ିବା ଭର୍‌ଭର୍
Bharr ଶବ୍ଦ—Imitative sound of fluttering.
(ଭର୍‌ର୍ ଭର୍‌ର୍—ଅନ୍ୟରୂପ) फरर

ଭର ସଂ. ବି ( ଭୃ ଧାତୁ=ପୋଷଣ କରିବା+ଭାବ ଅ )—୧ । ଭରଣ
Bhara ପୋଷଣ—1. Maintenance. ୨ । ନିର୍ଭର; ଅବଲମ୍ବନ—2. Support; reliance. ୩ । ଭାର—3. Weight; load; burden. [ ଉ—ମସ୍ତୁ ଭର ଭର ବହିଲେ ଯୋ । ଉପେନ୍ଦ୍ରଭଞ୍ଜ. ସଙ୍ଗୀତ । ] ୪ । ଅବସ୍ଥିତି—4. Appearance. ୫ । ଆଧିକ୍ୟ—5. Excess; abundance. ୬ । ଗୌରବ—6. Respect; regard; glory. ୭ । ପୂରଣ—7. Filling; fulfilling. ୮ । ଆସ୍ଥା; ବିଶ୍ୱାସ—8. Confidence. ୯ । ଆଗ୍ରହ— 9. Eagerness. ୧୦ । ଆଶା—10. Hope. ୧୧ । ସମୂହ—11. Multitude; collection. ସଂ.ବଣ. ପୁଂ—୧ । ଭରଣକର୍ତ୍ତା; ଯେ ଭରଣ କରେ—1. Maintaining. [ଦ୍ର—ଏହି ବିଶେଷଣାର୍ଥରେ ଏହି ଶବ୍ଦ ଅନ୍ୟ ଶବ୍ଦ ସଙ୍ଗେ ବ୍ୟବହୃତ ହୁଏ; ଯଥା—ବିଶ୍ୱମ୍ଭର ।] ଦେ.ବଣ. (ଅନ୍ୟ ଶବ୍ଦ ସଙ୍ଗେ ପ୍ରଯୁକ୍ତ, ଯଥା—ପଶ୍ଚିମଭର; ଆଗଭର)- ୧ । (ଅମୁକ) ଦିଗକୁ ଅଗ୍ରସର ହେଉଥିବା—1. Going or advancing towards ( such or such a direction). ୨ । (ଅମୁକରେ) ପୂର୍ଣ୍ଣ—2. Full of; full with. (ଉ—ଶ୍ରୀମତୀ ସଙ୍କୁଚିଲେ ଲଜ୍ଜାଭରେ । ଉପେନ୍ଦ୍ରଭଞ୍ଜ. ସଙ୍ଗୀତ ।) ୩ । ( ପେଟକୁ ) ପୂର୍ଣ୍ଣ କରିବାକୁ ଯଥେଷ୍ଟ (ଖାଦ୍ୟ)—3. (food)Enough for filling up (one's belly). ( ଯଥା—ପେଟଭର ଭୋଜନ । ) ୪ । (ପିଠିର) ସାମର୍ଥ୍ୟକୁ ଛୁଇଁ—4. Equal to the capacity of (one's back). ( ଉ—ପେଟଭର ଭୋଜନ ଦେଇ ପିଠିଭର କାମ କେଲେ ବିନା ଖାଉନ)

ଭର(ା)ଉ—ଦେ. ବି—୧ । କ୍ଷତିପୂରଣ—1. Compensation.
Bhara(rā)u ୨ । ଭର୍ତ୍ତି; ପୂର୍ଣ୍ଣ କରିବା; ଭରିବା—2. Filling
भरना up. ୩ । (ଡଙ୍ଗା ଆଦିକୁ) ବୋଝାଇ କରିବା— 3. Loading. ଦେ. ବଣ—୧ । ପରିପୂରିତ—
भरौटुई, पुरी 1. Filled up. ୨ । ବୋଝାଇରେ ପୂର୍ଣ୍ଣ—
ভরা 2. Full laden.

ଭରଉ ଦେବା—ଦେ. କ୍ରି—୧ । କ୍ଷତି ପୂରଣ କରିବା—1. To
Bharau debā compensate; to make up for. ୨ ।
भरदेना ପରିପୂର୍ଣ୍ଣ କରିବା—2. To fill up. ୩ । ବୋହାଇ
भरना ভরা দেওয়া ନେବା—3. To load.

ଭର କରିବା(ରଖିବା)—ଦେ. କ୍ରି—କୌଣସି ବ୍ୟକ୍ତି ବା ବସ୍ତୁଠାରେ
Bhara kariba(rakhiba) ନିର୍ଭର କରିବା—To depend
ভর রাখা उमीद करना on; to be supported by.

ଭରଛନ(ନା)—ଗ୍ରା• ବି ( ସଂ. ଭର୍ତ୍ସନା )—ଭର୍ତ୍ସନା ( ଦେଖ )—
Bharachhana(nā) ভরছন भरछना Bhartsanā (See).

ଭରଜା—ଦେ.ବି—ମୁଖଲା; ମୁକାବିଲା—Confronting; substan-
Bharajā मुकाबिला মোকাবলা tiation; verification.

ଭରଜା(ଜେ)ଇବା—ଦେ• କ୍ରି (ସଂ. ଭଜ୍ ଧାତୁ)—୧ । ମୁଖଲା
Bharajā(je)ibā କରାଇବା—1. To confront. ୨ ।
ভজান ମୁକାବିଲା କରାଇବା—2. To substantiate a
मुकाबिला करना matter by evidence.
୩ । ସନ୍ତୁଷ୍ଟ କରିବା—3. To satisfy.

ଭରଜା ଭରଜି—ଦେ. ବି—ପରସ୍ପର ସହିତ ମୁଖଲା ମୁକାବିଲା—
Bharajā bharaji Mutual confronting; substanti-
मुकाबिला ation of a matter between 2 persons.

ଭରଜିବା—ଦେ. କ୍ରି—ଭଜିବା (ଦେଖ)
Bharajibā Bhajibā (See).

ଭରଟ—ସଂ.ବି(ଭୃ ଧାତୁ+କର୍ତ୍ତୃ.ଅଟ)—କୁମ୍ଭକାର; କୁମ୍ଭାର—Potter.
Bharaṭa ଦେ. ବି ଓ ବିଣ—ଭରାଟ (ଦେଖ)—Bharāṭa (See).

ଭର(ରା,ରୋ)ଟ—ଦେ. ବିଣ ( ସଂ ଭୃ ଧାତୁ )—କୌଣସି ପଦାର୍ଥଦ୍ୱାରା
Bhara(rā,ro)ṭa ପରିପୂର୍ଣ୍ଣ—Filled up. (ଯଥା—ଏହି
ভরাট भरा ଭଣ୍ଡା ଧାନରେ ଭରଟ ହୋଇଛି )

ଭରଣ—ସଂ. ବି (ଭୃ ଧାତୁ+ଭାବ. ଅନ)—୧ । ପୂର୍ଣ୍ଣ କରିବା; ପୂରଣ—
Bharaṇa 1. Filling up. ୨ । ପୋଷଣ; ପ୍ରତିପାଳନ—
2. Maintenance; support. ୩ । ଧାରଣ—
3. Holding; bearing. ୪ । (+କରଣ ଅନ)
ବେତନ—4. Salary; pay. ୫ । ମିଶ୍ର ଧାତୁବିଶେଷ;
ଟମ୍ଭ—5. A mixed metal; bronze. ଦେ.
ବି—୧ । ଶସ୍ୟର ପରିମାଣ ବିଶେଷ—1. A measure
of corn. [ ଦ୍ର—୧ଭରଣ=୪ପୌଟ=୮୦ ଗଉଣି ।]
୨ । ଏକ ଗଣ୍ଡ ଗାଡ଼ିରେ ବୋହାଇ ହେବା ପରିମାଣ
—2. A cartload. ୩ । ( ପ୍ରାଚୀନ
ପଦ୍ୟ ) ( ଅଳତା ଆଦି ) ଲଗାଇବା—3. Painting
(with lac dye or other dye). (ଦ୍ର—ଚତ୍ତ୍ୱ
ସୁରେଖିତ ଅଳତାଭରଣ ଦେଖିଲେ ଲଜ୍ଜିତ ମନ । ପ୍ରାଚୀ.
ଇତିହାସମଞ୍ଜରୀ ।) ପ୍ରାଦେ( ଗଞ୍ଜାମ ) ବି—୧ । ଏକ ଏକର
ଭୂମିର ଏକ ପଞ୍ଚମାଂଶ ବା ୨୦ ଡେସିମଲ୍ ଜମି—
1. One-fifth of an acre. [ ଦ୍ର—ଗଞ୍ଜାମରେ
ଏକ ଏକର=୧୦୦ ସେଣ୍ଟ=୫ ଭରଣ । ସ୍ଥାନେ
ସ୍ଥାନେ ୨୫ ବା ୩୨ ସେଣ୍ଟରେ ମଧ୍ୟ ଏକ ଭରଣ
ଜମି ହୋଇଥାଏ । ] ୨ । ଧାନ ଆଦି ଶସ୍ୟର
ପରିମାଣ ବିଶେଷ—2. A measure of corn.
[ଦ୍ର—୨୦ ନୌତି=୮୦ ଗୌଣି=୧ ଭରଣ । ସ୍ଥାନେ
ସ୍ଥାନେ ୩୦ ବା ୩୨ ନୌତିରେ ୧ ଭରଣ ହୁଏ । ]

ଭରଣ ପୂରଣ—ଦେ.ବି—( ସହଚର;ସଂ.ଭରଣ + ପୂରଣ)—ପୂର୍ତ୍ତିକରିବା
Bharaṇa pūraṇa ভরণপূরণ भरपूर—Fulfilment.

ଭରଣ ପୋଷଣ—ସଂ. ବି (ଏକାର୍ଥକ ସହଚର)—୧ । ପ୍ରତିପାଳନ—
Bharaṇa poshaṇa 1. Maintenance. ୨ । ଖୋରାକ
ପୋଷାକ ଦେବା—2. Giving food and clothes.

ଭରଣପୋଷଣ କରିବା—ଦେ. କ୍ରି—ପ୍ରତିପାଳନ କରିବା—
Bharaṇaposhaṇa karibā ভরণপোষণকরা To
भरण पोषण करना maintain; to support.

ଭରଣ ଭରଣ—ଦେ. ବିଣ—ବହୁ ଭରଣ ପରିମିତ—
Bharaṇa bharaṇa Many Bharaṇas of.

ଭର(ରି)ଣା—ଦେ. ବି (ସଂ. ଭରଣ)—୧ । ପୂର୍ତ୍ତି—1. Filling up.
Bhara(ri)ṇā भरना; भरन ୨ । ପୂର୍ଣ୍ଣତା—2. Fullness.
୩ । କୌଣସି ପାତ୍ର ପୂର୍ଣ୍ଣ ହେବା ନିମନ୍ତେ ଆବଶ୍ୟକ
ପଦାର୍ଥର ପରିମାଣ—3. Quantity required to
fill up receptacle; supplement.
ভরনী ୪ । କ୍ଷତିପୂରଣ—4. Compensation.

ଭର(ରି)ଣା କରିବା—ଦେ. କ୍ରି—୧। ପୂର୍ଣ୍ଣ କରିବା—1. To fill up a
Bhara(ri)ṇā karibā thing; to supplement.
ভরন করনা ୨ । କ୍ଷତି ପୂରଣ କରିବା—2. To compen-
भर देना sate

ଭର(ରି)ଣାକୁ—ଦେ. କ୍ରି. ବିଣ—ପୂରିଲାକୁ; କୌଣସି ହିସାବ ପୂର୍ଣ୍ଣ
Bhara(ri)ṇāku ହେବା ନିମନ୍ତେ—Towards an
बाबतमे account. (ଯଥା—ମୋର ଦେଣା ଭରଣାକୁ ମୁଁ
বাবদে ମହାଜନଙ୍କୁ ଆଜି ଟ ୨୫୯ ଦେଲି ।)

ଭରଣି—ଦେ. ବି (ସଂ. ଭରଣ)—୧ । ପୂର୍ଣ୍ଣ କରିବା କ୍ରିୟା—1. Act
Bharaṇi भरना of filling up. ୨ । ଲୁଗାର ଅଡ଼
ভরনী बाना ବାଉଁର ସୂତା—2. The woof-thread.

ଭରଣି କରିବା—ଦେ. କ୍ରି—୧ । ପୂର୍ଣ୍ଣ କରିବା—1. To fill up.
Bharaṇi karibā ୨ । କ୍ଷତିପୂରଣ କରିବା—
ভরণকরা भरन करना 2. To compensatte.
(ଭରଣି ଦେବା—ଅନ୍ୟରୂପ)

ଭରଣୀ—ସଂ. ବି (ଭରଣ+ଈ)—ଦ୍ୱିତୀୟ ନକ୍ଷତ୍ର; ସପ୍ତବିଂଶତି ନକ୍ଷତ୍ର
Bharaṇi ମଧ୍ୟରୁ ୩ ଗୋଟି ତାରକାଯୁକ୍ତ ତ୍ରିକୋଣାକାର ନକ୍ଷତ୍ର
ବିଶେଷ; ୨ୟ ନକ୍ଷତ୍ର—The 2nd asterism.
(ନକ୍ଷତ୍ର ଶବ୍ଦ ଟୀକା ଦେଖ

ପ୍ରାଦେ. (ସୋନପୁର) ବି—ଆଶ୍ୱିନ ଶୁକ୍ଳରେ ସମଲାଇ
ଠାକୁରାଣୀଙ୍କୁ ପୂଜା କରିବା ପାଇଁ ବଜା ଯିବା ଢୋଲଟା
ଢୋଲର ଉଚ୍ଚଟ ଓ ଛନ୍ଦାଣ ଅନୁସାରେ ଏକ ଥର ବାଦନ-

The cadenced beating or fanfare of flat drums according to a fixed tune in order to make Samalai Thākurāṇi possess a person. [ଦ୍ର—ଏହିପରି ଢୋଲ ଭରଣୀ ପୂର୍ଣ୍ଣ ହେଲେ ଠାକୁରାଣୀ କାଳଶୀ ଠାରେ ଉଭା ହୁଅନ୍ତି ।] ଗ୍ରାଦେ. (ଗଞ୍ଜାମ) ବି— ଘଡ଼ୁଅ—A gallipot.

ଭରଣୀଭୂ—ସଂ. ବି (ଭରଣୀ=ନକ୍ଷତ୍ର ବିଶେଷ+ଭୂ=ଜାତ)—ରାହୁଗ୍ରହ
Bharaṇībhū The Dragon's head.

ଭରଣୀୟ—ସଂ. ବିଣ (ଭୃ ଧାତୁ+କର୍ମ.ଅନୀୟ)—ଭର୍ତ୍ତବ୍ୟ; ପୋଷଣୀୟ
Bharaṇīya Fit to be nourished.

ଭରଣ୍ୟ—ସଂ. ବିଣ (ଭରଣ+ଯ)—ଭରଣୀୟ; ପ୍ରତିପାଳ୍ୟ—Fit to
Bharaṇya be nourished. ସଂ. ବି—ବେତନ; ଦରମା—Pay; salary.

ଭରଣ୍ୟଭୁକ୍—ସଂ. ବିଣ (ଭରଣ୍ୟ+ଭୁଜ୍ ଧାତୁ=ଭୋଜନ କରିବା+
Bharaṇyabhuk କର୍ତ୍ତୃ କ୍ୱିପ୍; ଭରଣ୍ୟଭୁଜ;୧ମା. ୧ବ)—ବେତନଭୋଗୀ (କର୍ମଚାରୀ)—(a servant) Getting pay; salaried (servant.)

ଭରଣ୍ୟା—ସଂ. ବି. ସ୍ତ୍ରୀ (ଭରଣ୍ୟ+ଆ)—ଭରଣ୍ୟ; ବେତନ—
Bharaṇyā Pay; salary.

ଭରଣ୍ଡ—ସଂ.ବି (ଭୃ ଧାତୁ+କର୍ତ୍ତୃ ଅଣ୍ଡ)—୧। ପ୍ରଭୁ, ସ୍ୱାମୀ—1. Lord;
Bharaṇḍa master. ୨ । ଭର୍ତ୍ତା; ସ୍ୱାମୀ—2. Husband. ୩ । ରାଜା—3. King. ୪ । ବୃଷ—4. Bull. ୫ । କୃମି—5. Maggot; worms. ଦେ. ବି—ମୁହଁବ୍ରଣ ବରଣ୍ଡ—A boil on the face.

ଭରତ—ସଂ. ବି—(ଭୃ ଧାତୁ+କର୍ମ. ଅତ)—୧ । ଦଶରଥ ରାଜାଙ୍କର
Bharata ତୃତୀୟ ପୁତ୍ର—1. The third son of Daśaratha. ୨ । ରାଜର୍ଷି ବିଶେଷ—2. Name of a saintly king. ୩ । ଶକୁନ୍ତଳା ଗର୍ଭଜାତ ଦୁଷ୍ମନ୍ତ ରାଜାଙ୍କ ପୁତ୍ର (ପୂର୍ବ ନାମ ସର୍ବଦମନ)—3. Name of the son of Dushmanta. [ଦ୍ର—ଏହାଙ୍କ ନାମରୁ ଭାରତବର୍ଷ ନାମ ହୋଇଅଛି ।] ୪ । ବ୍ରାହ୍ମଣକୁମାର ବିଶେଷ; ଜଡ଼ ଭରତ—4. Name of a Brāhmaṇa. [ଦ୍ର—ଜଡ଼ ଭରତ ଦେଖ ।]
୫ । ଭରତ ରାଜାଙ୍କ ବଂଶ—5. The race of king Bharata. ୬ । ସଙ୍ଗୀତ ଓ ନାଟ୍ୟ ଶାସ୍ତ୍ରର ପ୍ରଥମ ପ୍ରବର୍ତ୍ତକ ମୁନି—6. Name of the sage who first introduced music. [ ଦ୍ର—ଏହାଙ୍କ ନାଟ୍ୟ ଶାସ୍ତ୍ର ଗ୍ରନ୍ଥ ତୃତୀୟ ଶତାବ୍ଦୀର ଓ ଏଥିରେ ଉକ୍ତ ବିଷୟର ଉଲ୍ଲେଖ ଅଛି । ]
୭ । ସଙ୍ଗୀତ ଓ ନାଟ୍ୟଶାସ୍ତ୍ର—7. The science of dancing and music. ୮ । ନଟ—8. An actor. ୯ । ତନ୍ତୁବାୟ; ତନ୍ତୀ—9. Weaver. ୧୦ । ବ୍ୟାଧ—10. Hunter. ଦେ. ବି—୧ । ଲୋକଙ୍କୁ ବିଅଯିବା ନାମ—1. A name given to males. ୨ । ଭରଦ୍ୱାଜ ବା ଭରତିଆ ପକ୍ଷୀ—2. Skylark. [ ଉ—ଶୁଭିଲା ଉଦାସ ଭରତକ୍ରୀଡ଼ନ ସକଳପକ୍ଷ ଉଡ଼ାଇଲେ । ନନ୍ଦକିଶୋର ଶର୍ମିଷ୍ଠା । ]

ଭରତ ଖଣ୍ଡ—ସ. ବି—ଭାରତବର୍ଷ—India.
Bharata khanda

ଭରତ ପୁତ୍ରକ—ସ. ବି ( ଭରତ=ନାଟ୍ୟଶାସ୍ତ୍ର ପ୍ରଣେତା+ପୁତ୍ର+
Bharata putraka ତୁଲ୍ୟାର୍ଥରେ କ )—୧ । ନାଟ୍ୟକଳା ବ୍ୟବସାୟୀ—1. A Professional musician. ୨ । ନଟ; ଅଭିନେତା—2. An actor.

ଭରତପୁର—ଦେ. ବି—ଭରଥପୁର (ଦେଖ)
Bharatapura भरतपुर ভরতপুর Bharathapura (See)

ଭରତର୍ଷଭ—ସ.ବିଣ ଓ ବି(ଭରତ+ଋଷଭ)—ଭରତବଂଶୀୟ ରାଜାମାନଙ୍କ
Bharatarshabha ମଧ୍ୟରେ ଶ୍ରେଷ୍ଠ—Chief amongst the descendants of king Bharata.

ଭରତ ସେଣ—ଦେ. ବି ( ନାମ )—ଜଣେକ ଓଡ଼ିଆ କବି—An
Bharata shena Oriya poet. [ ଦ୍ର—ଏ ଗଞ୍ଜାମ ଜିଲ୍ଲା ଧରାକୋଟ ଦୁର୍ଗରେ ଜନ୍ମଗ୍ରହଣ କରିଥିଲେ; ଜାତିରେ ଶୂଦ୍ର; ଏ ଧରାକୋଟ ରାଜା ରଘୁନାଥ ସିଂହଙ୍କ ସମୟରେ (୧୮୭୦ ଖ୍ରୀଷ୍ଟାବ୍ଦରେ) ଜୀବିତ ଥିଲେ । 'ସୁଲୋଚନା ପରିଣୟ' ଓ 'ସୁଭଦ୍ରା ପରିଣୟ' ଏହାଙ୍କ ରଚିତ କାବ୍ୟ । ତାରିଣୀ, ଉତ୍କଳ ସାହିତ୍ୟ ଇତିହାସ । ]

ଭରତା—ଦେ. ବି—୧ । ( ପଦ୍ୟ ) ( ସ. ଭର୍ତ୍ତା )—ସ୍ୱାମୀ; ପତି—
Bharatā 1. Husband. [ ଉ—ଭରତାସେବା କଲା भरता ভাতার ଅନ ମଣେ ତାଙ୍କୁ, ନାହିଁ ଗତି ନାଶ ସଂସାରୁ ତରିବାକୁ । କୃଷ୍ଣସିଂହ. ମହାଭାରତ. ବନ । ] ୨ । ଭରଥା (ଦେଖ) —2. Bharathā ( See ).

ଭରତାଗ୍ରଜ—ସ. ବି ( ୬ଷ୍ଠୀ ତତ୍; ଭରତ+ଅଗ୍ରଜ )—ରାମଚନ୍ଦ୍ର—
Bharatāgraja Rāmchandra.

ଭରତି—ଦେ. ବିଣ ( ସ· ଭୃ ଧାତୁ )—ପରିପୂର୍ଣ୍ଣ—Filled up.
Bharati [ ଉ—ଅଙ୍କାଭର ପଣ୍ଡୁରେ ତଗଣ ଭରିଅଛି ଭରତି । (ଭକ୍ତି—ଅନଙ୍ଗରୂପ) ଲକ୍ଷ୍ମୀସୂର୍ଯ୍ୟ. ସଙ୍ଗୀତ । ] ଦେ. ବି—୧ ।
भर्ती ପୂର୍ତ୍ତି—1. Filling up. ୨ । ପୂର୍ଣ୍ଣତା—2.
ভরতি Fullness ୩ । ପ୍ରବେଶ କରଣ—3. Admission.
ভর্তি ୪ । ବିଦ୍ୟାଳୟରେ ପଢ଼ିବା ପାଇଁ ନାମ ଲେଖାଇବା—4. Admission into a school.

ଭରତିଆ—ଦେ. ବି (ସ. ଭରଦ୍ୱାଜ)—ଖଞ୍ଜଣସ୍ତି ବର୍ଗର ପକ୍ଷୀ ବିଶେଷ—
Bharatiā The skylark; pipit; Alanda Arvensis.
ভারই [ ଉ—ଭରତିଆ ଭୁଲେ ମୁଖର ସେ ଠଙ୍କ, ଭୁମି ଅଭିଲାଷା; ଲଶା କମି ପଥେ । ରାଧାନାଥ. ପାର୍ବତୀ । ] [ ଦ୍ର—ଏହା ୮।୯ ଅଙ୍ଗୁଳ ଲମ୍ବ; ଏହାର ପକ୍ଷ ଧୂସର; ମୁଣ୍ଡରେ ଛୋଟ ଝୁଟି; ଥଣ୍ଟ ସରୁ । ଏ ପକ୍ଷୀଅଛି ବସା କରେ ଏବଂ ଶିଷ୍ଟ ମାର ଭୂଇଁରୁ ଅକାଶକୁ ସିଧା ହୋଇ ଉଡ଼େ । ପ୍ରବାଦ ଅଛି ଯେ ପ୍ରଳୟକାଳରେ ଏହାର ବସା ଉପରେ

ବଢ଼ିପାଣି ମାଡ଼ି ଯାଇ ୨ ତାଳ ପାଣି ହୋଇଗଲା; ମାତ୍ର ଭଗବାନ୍ ଏହାଙ୍କୁ ସେ ପାଣିରୁ ରକ୍ଷାକଲେ । ଅଳ୍ପର ମଧ୍ୟ ପ୍ରବାଦ ଅଛି ଯେ ଭୂମିରେ ଭରଦ୍ୱାଜ ପକ୍ଷୀର ବସା ନ ଥିବାରୁ ଏ ସର୍ବଦା ଆକାଶରେ ଉଡ଼ି ବୁଲୁଥାଏ ଏବଂ ଆକାଶରେ ଉଡ଼ୁଥିବା ବେଳେ ଡିମ୍ ଛାଡ଼ିଲେ ଡିମ୍ ଭୂଇଁରେ ପଡ଼ି ଫାଟି ଯାଏ । ସେଥିରୁ ଯେଉଁ ପିଲା ଜନ୍ମ ହୁଏ ସେ ପୁଣି ମାଆ ପାଖକୁ ଆକାଶକୁ ଉଡ଼ିଯାଏ ! ]

ଭରତି କରିବା—ଦେ. କ୍ରି—୧ । ପୂରାଇବା—1. To thrust. ୨ । Bharati kariba ପୂର୍ଣ୍ଣ କରିବା—2. To fill up. ୩ । ( ଭର୍ତ୍ତି କରିବା—ଅନ୍ୟରୂପ ) ପ୍ରବେଶ କରାଇବା—3. To admit. ୪ । ବିଦ୍ୟାଳୟରେ ପଢ଼ିବାପାଇଁ ଭରତି କରା ଛାତ୍ରର ନାମ ଲେଖିବା—4. To admit a भर्तीकरना student to a school.

ଭରଥ—ଗ୍ରା. ବି ( ସଂ. ଭରତ )—୧ । ଭରତ ( ଦେଖ )—1. Bharatha Bharata ( See ). ୨ । ଭରତ ନାମକ ଭର୍ତ୍ତିଆ ବ୍ୟକ୍ତିର ଡାକ ନାମ—2. Name for ଭରଥିଆ } ଅନ୍ୟରୂପ calling Bharata. ୩ । ଧାତୁ ବିଶେଷ ଭରଥିଆ —3. A kind of metal. भरथ

ଭରଥ ପୁର—ଦେ. ବି (ନାମ)—ରାଜପୁତାନା ଅନ୍ତର୍ଗତ ରାଜ୍ୟବିଶେଷ— Bharatha pura A state in Rajputana. [ ଦ୍ର—ଏଠାର ରାଜା ଜାଠବଂଶୀୟ । ଭରଥପୁର ଦୁର୍ଗ ନିର୍ମାଣ-କୌଶଳ ଯୋଗୁଁ ଅଭେଦ୍ୟ ଓ ଅଜେୟ ବୋଲି ଖ୍ୟାତିଲାଭ କରିଥିଲା । ଏଠାରେ ଅନେକ ହିନ୍ଦୁ ଦେବଦେବୀଙ୍କ ମନ୍ଦିର ଅଛି । ମଦନମୋହନ, ଗ୍ରାଥଦର୍ଶନ । ]

ଭରଥା—ଦେ. ବି—ଅଳୁ, ବଇଗଣ ଆଦିକୁ ନିଆଁରେ ପୋଡ଼ି Bharatha ବା ସିଝି କରି ତାକୁ ଚକଟି ତହିଁରେ ତେଲ ଓ चाटनी, कचटा ମସଲାଆଦି ଗୋଳାଇ ଯେଉଁ ବ୍ୟଞ୍ଜନ ପ୍ରସ୍ତୁତ भरदाया, भरता କରାଯାଏ—Fruits boiled with water or in fire and then made into a paste with spices added to it and used as curry.

ଭର ଦେବା—ଦେ. କ୍ରି—ଭରା ଦେବା ( ଦେଖ ) Bhara deba भरदेना ଭରଦେଓ୍ୱା Bhara deba ( See )

ଭରଦ୍ୱାଜ—ସଂ. ବି. (ଭର+ଦ୍ୱା+ଜ=ଜାତ, କର୍ମା ଭୃ ଧାତୁ=ଭରଣ Bharadwaja ଭରିବା+ଅତ୍+ବାଜ; ଅଙ୍ଗିରା ସମଗାଙ୍କୁ କହିଥିଲେ—ହେ ମମତେ ! ଆମ୍ଭେ ଉଭୟ ଭ୍ରାତାଙ୍କ ଦ୍ୱାରା ଉତ୍ପନ୍ନ ଏହି ପୁତ୍ରକୁ ଭର, ଅର୍ଥାତ୍ ପାଳନ କର— ଏଣୁ ଏହାଙ୍କ ନାମ ଭରଦ୍ୱାଜ)—୧ । ଗୋତ୍ର ପ୍ରବର୍ତ୍ତକ ମୁନି ବିଶେଷ—1. Name of a sage who founded a race. [ଦ୍ର—ଏ ମହାଋଷି ଭରତଙ୍କ ପାଳିତ ବୃହସ୍ପତିଙ୍କ ପୁତ୍ର ଓ ଦ୍ରୋଣାଚାର୍ଯ୍ୟଙ୍କ ପିତା । ପ୍ରୟାଗରେ ଏହାଙ୍କ ଆଶ୍ରମ ଥିଲା ] ୨ । ଭରଦ୍ୱାଜ ପକ୍ଷୀ—2. The sky lark. ୩ । ଦେଦରଦକଳା ଚଢ଼େଇ—3. The blue jay.

ଭରପେଟ—ଦେ. ବଣ ଓ କ୍ରି ବଣ—ଉଦରପୂର୍ଣ୍ଣ ପୂର୍ବକ ( ଭୋଜନ ); Bharapeta भरपेट ପେଟଭର ପେଟଭରି—Bellyful.

ଭରଭରା—ଦେ. ବି—ଉଚ୍ଚଙ୍ଗ; କର୍କଶନାଦକାରୀ ତୂରୀ ବିଶେଷ— Bharabhara A trumpet producing a harsh भुभुहु, तुरही तूरी sound.

ଭରମ—ସଂ. ବି. (ଭୃ ଧାତୁ+କର୍ତ୍ତୃ.ଅମ)—ଭର୍ତ୍ତା; ଭରଣପୋଷଣ କର୍ତ୍ତା— Bharama Supporter. ଦେ. ବି (ସଂ. ସମ୍ଭ୍ରମ)—୧ । ଭରମ ସମ୍ଭ୍ରମ;ମାନ; ମର୍ଯ୍ୟାଦା—1. Respect. ୨ । ମହତ୍ତ୍ୱ; भरम ଇଜ୍ଜତ—2. Prestige; credit. ୩ । (ସଂ. ଭ୍ରମ) ଭ୍ରମ; ଭ୍ରାନ୍ତି—3. Mistake. ୪ । (ସଂ. ଭର୍ମ) ସୁନା —4. Gold. ଗ୍ରା. ବଣ—ଭ୍ରାନ୍ତ—Mistaken; (ଉ—ଋଣୀ ହୋଇଲି ମୁଁ ସାତେକଥାଠାରେ କରିଥିଲି ନିୟମ, ଅମର ମୋହନ ମାନ ନ କରିବୁ ଭୁଲ ନୋହିଲୁ ଭରମ । ଭକ୍ତ. ବୈଷ୍ଣବ ଦାସ ।)

ଭରମଣ—ଗ୍ରା. ବି. (ସଂ. ଭ୍ରମଣ)—ଭ୍ରମଣ— Bharamana भरमना Travelling.

ଭରମ ରଖିବା—ଦେ. କ୍ରି—କୌଣସି ବ୍ୟକ୍ତିର ଇଜ୍ଜତ ବଞ୍ଚାଇବା ବା Bharama rakhiba ସମ୍ଭାଳିବା—To save the prestige of a person; to save a person संभ्रम राखा from loss of credit. भरम(मा) रखना

ଭରମ ସରମ—ଦେ. ବି (ସଂ. ଭ୍ରମ+ଫା. ଶର୍ମ)—ସମ୍ମାନ ଓ ଲଜ୍ଜା— Bharama sarama भरम सरम Respect and modesty.

ଭରମା(ମେ)ଇବା—ଦେ. କ୍ରି—୧ । ଭ୍ରମଣ କରାଇବା— Bharama(me)iba 1. To cause to walk. भ्रमान ୨ । ବୁଲାଇବା; ଘୁରାଇବା—2. To whirl. भरमाना ୩ । ଭ୍ରମରେ ପକାଇବା—3. To cause to err.

ଭରମିବା—ଦେ. କ୍ରି ( ସଂ. ଭ୍ରମ ଧାତୁ )—୧ । ଭ୍ରମିବା; ବୁଲିବା— Bharamiba 1. To walk. ୨ । ଇତସ୍ତତଃ ଭ୍ରମଣ କରିବା भरमना 2. To wander about. ୩ । (ମଥା) ଭ୍ରମଯୁକ୍ତ भ्रमा ହେବା ବା ବୁଲାଇବା—3. To reel. ୪ । ଘୂରିବା— 4. To spin round; to revolve. ୫ । ବ୍ୟାକୁଳ ହେବା—5. To be distressed. (ଉ—ଭରମି ନ ଯା ଭୁ ମନ୍ମଥ ବାଣରେ । ଉପେନ୍ଦ୍ର. ରସୋତ୍ତମାଲା. ଦ ଗୀତ ।)

ଭରମ୍ଭର—ସଂ. ବି (ଭର°+ଭର)—୧ । ପୂର୍ଣ୍ଣ ଆସ୍ଥା; ସମ୍ପୂର୍ଣ୍ଣ ନିର୍ଭର— Bharambhara 1. Full reliance or trust. ୨ । ପରସ୍ପର ଉପରେ ପରସ୍ପରର ଆସ୍ଥା—2. Mutual confidence.

ଭରସା—ଦେ. ବି ( ସଂ. ଭର+ଆଶା )—୧ । ପ୍ରତ୍ୟୟ; ଆସ୍ଥା; ବିଶ୍ୱାସ, Bharasa ନିର୍ଭରତା—1. Reliance; trust. ୨ । ଭରଭରସା ଶୀଳତା—2. Confidence. ୩ । ଆଶା— भरोसा 3. Hope; expection. (ଉ—ନ ଫଙ୍ଗ ପୁଣି ଦଣ୍ଡ, ପୁନର ନାହିଁ, ବାଟର ଭରସା ବଢ଼ାଅ ଅପରମିତ । ଉପେନ୍ଦ୍ର. ସଙ୍ଗୀତ ! ) ୪ । ଆଶ୍ରୟ; ଅବଲମ୍ବନ— 4. Shelter; refuge. ୫ । ହେମନ୍ତ—5. Encou-

ragement. ୬ । ସାହସ—6. Courage. (ଉ—ତାକମଧ୍ୟମାକୁ ତାର ଅଣିବାକୁ ଏଠାକୁ ତାହା ଭରସା-କରିବୁଦ୍ଧି. ଉପୋଦ୍ଘାତ, ଭ. ଗୀତ ।) ୭ । ଆଶାର ସ୍ଥଳ—7. Place or resort of one's hopes; one's last resort or hope.

**ଭରସା କରିବା**—ଦେ. କ୍ରି—୧ । ଆଶା କରିବା—1. To hope. Bharasā karibā ୨ । ବିଶ୍ୱାସ କରିବା—2. To believe. भरोसा करना ୩ । ଆଶ୍ରା କରିବା—3. To rely on; to depend upon; ভরসাকরা

**ଭରସା ଖଟିବା**—ଦେ. ବି—କୌଣସି କାର୍ଯ୍ୟ କରି ପାରିବାକୁ ସାହସ Bharasā khaṭibā ହେବା—Having the courage to do a thing; भरोसा होना ভরসাপাওয়া mustering of courage. (ଭରସା ପାଇବା—ଅନ୍ୟରୂପ)

**ଭରସା ଛାଡ଼ିବା**—ଦେ. କ୍ରି—ଆଶା ତ୍ୟାଗ କରିବା—Bharasā chhāṛibā To give up hope; to lose hope. ভরসা ছাড়া भरोसा छोड़ना (ଭରସା ତେଜିବା—ଅନ୍ୟରୂପ)

**ଭରସା ଦେବା**—ଦେ. କ୍ରି—୧ । ଆଶାନ୍ୱିତ କରାଇବା—Bharasā debā 1. To raise hope. (ଭରସା[ଦେ]ଇବା—ଅନ୍ୟରୂପ) ୨ । କୌଣସି ବ୍ୟକ୍ତିକୁ ବଚନ ভরসা দেওয়া ଦେବା—2. To promise. ୩ । ସାହସ ଦେବା—भरोसा देना 3. To encourage; to infuse courage. ୪ । ଆଶ୍ରୟ ଦେବା—4. To patronise.

**ଭରସାନ୍ୱିତ**—ଦେ. ବିଣ—ଆଶାନ୍ୱିତ; ଆଶାଯୁକ୍ତ—Bharasānwita Hopeful; expectant.

**ଭରସା ପାଇବା**—ଦେ. କ୍ରି—ଅପର ବ୍ୟକ୍ତିଠାରୁ ସାହସ ବା ଦମ୍ Bharasā paibā ପାଇବା—To get hope; to be en-ভরসা পাওয়া couraged by another, ଦେ. ବି—भरोसा पाना ଭରସା ଖଟିବା—Having the courage to do a thing.

**ଭରସା ବାନ୍ଧିବା**—ଦେ. କ୍ରି—ସାହସ ବାନ୍ଧିବା; କୌଣସି କାର୍ଯ୍ୟ କରିବା Bharasā bāndhibā ବିଷୟରେ ସାହସୀ ହେବା—To ভরসা বাঁধা muster courage to do a thing. भरोसा बाँधना

**ଭରସିବା**—ଦେ. କ୍ରି—୧ । କୌଣସି କାର୍ଯ୍ୟ କରିବାକୁ ସାହସୀ ହେବା—Bharasibā 1. To be bold enough to do a thing; ভরসা করা to venture to do a thing; to have भरोसा करना courage. ୨ । କୃତସଙ୍କଳ୍ପ ହେବା—2. To resolve to do a thing. ୩ । କୌଣସି କାର୍ଯ୍ୟ କରିବାକୁ ହେମତ ବାନ୍ଧିବା—3. To gird up one's loins to do thing.

**ଭରହ**—ଦେ. ବି—ବାଦ୍ୟବିଶେଷ—A kind of musical Bharaha instrument.

**ଭରା**—ଦେ. ବିଣ (ସଂ. ଭୃ ଧାତୁ)—୧ । ପରିପୂର୍ଣ୍ଣ—1. Full; filled Bharā up. [ଉ—ତେଣୁ ମୋର ଅଛ ଭରା ଅଙ୍ଗ, ମଧୁସୂଦନ ভরা ଉତ୍ତରରାମଚରିତ ।] ୨ । ପୂର୍ଣ୍ଣରୂପେ ବୋଝାଇ କରା-भराहुआ ଯାଇଥିବା—2. Fully laden; loaded. [ଯଥା—ଭରା ଡଙ୍ଗା ।] ଦେ. ବି—(ସଂ. ଭାର)—୧ । ଠେସ୍; ଚିରା; ଆଶ୍ରା—1. Prop; support. [ଉ—ଅଣୁଥିର ভর ଭରା ଦେଇ ପୁଣ ଉଠନ୍ତି । ବିଶ୍ୱନାଥ. ବିଚିତ୍ର ରାମାୟଣ ।] ୨ । ବୋଝ; ଭାର—2. Load. ୩ । ଡଙ୍ଗା ଆଦିର ভার ବୋଝ—3. Cargo of a boat etc. ୪ । लदौनी ଭରିବା; ପୂର୍ଣ୍ଣ କରିବା—4. Filling up

**ଭରା(ରେ)ଇବା**—ଦେ. କ୍ରି ( ଭରିବା କ୍ରିୟାର ଣିଜନ୍ତ ରୂପ )—Bharā(re)ibā ୧ । ପୂର୍ଣ୍ଣ କରାଇବା—1. To cause to ভরান; भरवाना be filled up. ୨ । ପୂର୍ଣ୍ଣ ହେବା—2. To be filled up. ୩ । ପିନ୍ଧାଇବା—3. To cause to wear or put on. (ଉ—ସଜାଡ଼ ଚନ୍ଦ୍ରିଣୀ କଟିତଟେ ପୁଣି ଜାଦ ଥିଲେ ଭରାଇବ—ଅଭିମନ୍ୟୁ. ବିଦଗ୍ଧଚିନ୍ତାମଣି ।) ୪ । ସମ୍ଭାଇବା—4. To suffice; to be contained. (ଯଥା—ଏ ଘରରେ ମଦଣେ ଲୋକ ଭରେଇବ ନାହିଁ ।)

**ଭରାଉ**—ଦେ. ବି—୧ । ପୂରଣ—1. Complement; filling Bharāu up; that which makes up a deficiency. ୨ । ନିଶା—2. Intoxication.

**ଭରା(ରୋ)ଟ**—ଦେ. ବି—ପୂର୍ତ୍ତି; ପୂର୍ଣ୍ଣ କରିବା—Filling up. Bharā(ro)ṭa ভরাট; भराट ଦେ. ବିଣ—ପରିପୂରିତ—Filled up.

**ଭରାବୁଡ଼ି**—ଦେ. ବି—୧ । ପୂର୍ଣ୍ଣରୂପେ ବୋଝାଇ ହୋଇଥିବା ଡଙ୍ଗା Bharādubi ବୁଡ଼ିଯିବା—1. The sinking of a ভরাডুবী laden boat.

**ଭରା ଦେବା**—ଦେ. କ୍ରି (ସକର୍ମକ)—୧ । କୌଣସି ବସ୍ତୁ—(ଯଥା-ଯଷ୍ଟି, Bharā debā ବାଡ଼ ) ଉପରେ ଆଶ୍ରା ରଖିବା ବା ନିର୍ଭର मारादेना କରିବା—1. To depend upon; to rely ভরাদেওয়া on a prop. (ଯଥା—ସେ ବାଡ଼ିରେ ଭରା ଦେଇ ଠିଆ ହୋଇଛି ।) ୨ । ଠେସ ଲଗାଇବା—2. To prop up. (ଯଥା—ସେ କାନ୍ଥରେ ଦୁଇ ଖଣ୍ଡ ବାଉଁଶ ଭରା ଦେବାରୁ ତାହା ପଡ଼ି ନ ଯାଇ ଠିଆ ହୋଇ ରହିଛି ।) ୩ । କୌଣସି ବ୍ୟକ୍ତି ଉପରେ କୌଣସି କାର୍ଯ୍ୟର ଭାର ନ୍ୟସ୍ତ ବା ଅର୍ପଣ କରିବା—3. To lay the burden or responsibility of a work on any person.

**ଭରାଣ୍ଡି**—ଦେ. ବି (ସ. ଭୃଧାତୁ)—ଢିଙ୍କି ମୁଣ୍ଡରେ ଭୂମିରେ ଥିବା ଗାତ Bharāndi (ଯହିଁରେ କୁଟା ହେବା ଜିନସ ଭରିବାକୁ ହୁଏ ଏବଂ ঢেঁকির গর্ত; उखड़ ଯାହା ମଧ୍ୟରେ ଢିଙ୍କିର ମୂଷଳ ପଡ଼େ)—The receiving hole in the ground on which the pestle of a Dhinki pounds the grains. (ଉ—ଭଣ୍ଡାର ଭରାଣ୍ଡିରେ ବସାଇ ବଗାଡ଼ିଲ—ଶିଶୁବେଦ ।)

**ଭରାନାହା(ଆ)**—ଦେ. ବି—ପୂର୍ଣ୍ଣ ବୋଝାଇ ହୋଇଥିବା ନୌକା—Bharā nahā (ā) A fully laden boat. ভরানাআ; भरीहुईनाव (ଭରାଡଙ୍ଗା, ଭରା ନା—ଅନ୍ୟରୂପ

**ଭରା ପେଟ**—ଦେ. ବି—୧ । ପୂର୍ଣ୍ଣଭୂକ୍ତ ଉଦର—1. Full belly.
Bharā peṭa ୨ । ପୂର୍ଣ୍ଣଗର୍ଭ—2. A womb with a
ভরা পেট भराहुआ पेट fully developed child in it.

**ଭରାଭର(ରି)**—ଦେ. ବଣ ( ସ. ଭୃ ଧାତୁ, ଭରତ )—୧ । ଭରପୂର;
Bharābhara(ri) ପରିପୂରିତ—1. Completely full;
ভরপুর; भराभर, भरति filled up to the brim. ୨ ।
ବହୁ ବ୍ୟକ୍ତିଙ୍କ ଦ୍ୱାରା ପୂର୍ଣ୍ଣ—2. Thronged; crowded.
ଦେ. ବି—୧ । ପରିପୂର୍ଣ୍ଣ ଅବସ୍ଥା—1. The state of
being full. ୨ । ଭିଡ଼; ଜନତା—2. A crowd.
ଦେ. କ୍ରି. ବଣ—ପରିପୂର୍ଣ୍ଣରୂପେ—Fully. (ଯଥା—
ନଈ ଭରାଭର ବହୁଛି ।)

**ଭରା ଲୋକ**—ଦେ.ବି—(ସ.ଭରିତ=ପୂର୍ଣ୍ଣ)-ବହୁତ ଲୋକ—A large
Bharā loka crowd of men; a large throng of
भरपुर भीड़ people.

**ଭରି**—ଦେ. ବି(ସ.ଭୃ)—ସ୍ୱର୍ଣ୍ଣାଦିର ଓଜନର ପରିମାଣ ବିଶେଷ; ତୋଳା;
Bhari ଏକ ଟଙ୍କାର ଓଜନ—A weight of metals and
भरि gems; one Tola. [ଦ୍ର—୧ ଭରି=୧୦ ମସା=
ভরি; भर ୮୦ ରତି=୨୦୦ ଧାନ] ଦେ. ବଣ—(ସ. ଭରିତ)
ପୂର୍ଣ୍ଣ—Full; filled up. ଦେ. କ୍ରି. ବଣ (ଅନ୍ୟ
ଶବ୍ଦ ସଙ୍ଗେ ଯୁକ୍ତ ହେଲେ ଯଥା—ସ୍ୱର ଭରି; ଦିନଭରି)
୧ । ସାରା; ସମସ୍ତ—1. Throughout. ୨ ।
ପୂର୍ଣ୍ଣରୂପେ—2. Fully. ୩ । ପୂର୍ଣ୍ଣ କରି ( ଯଥା—
ପେଟଭରି ଖାଇବ )—3. By filling up. ପ୍ରାଦେ.
( ସିଂହଭୂମ ) ବି—ଏକ ଗାଡ଼ିରେ ବୋଝାଇ ହେବା
ପରିମିତ ଦ୍ରବ୍ୟ—A cartload of articles.

**ଭରିତ**—ସ. ବଣ—୧ । ( ଭୃ ଧାତୁ+କର୍ମ ତ )—ପୂରିତ; ପୂର୍ଣ୍ଣ—
Bharita 1. Filled up; full. ୨ । ପ୍ରତିପାଳିତ; ପୋଷିତ—
2. Nourished; maintained. ୩ । (+କର୍ତ୍ତୃ ତ)
ହରିଦ୍ବର୍ଣ୍ଣ; ସବୁଜ ରଙ୍ଗ—3. Green. ୪ । (ଭର+
ଇତିଷ୍ଟାର୍ଥେ ଇତ) ଭର ଦିଆଯାଇଥିବା—4. Supported;
propped up.

**ଭରିବା**—ଦେ. କ୍ରି (ସ. ଭୃ ଧାତୁ)—୧ । ପୂରାଇବା; ପୂର୍ଣ୍ଣ କରିବା—
Bhariba 1. To fill up. ୨ । ଭିତରକୁ ପ୍ରବେଶ
ভরা; भरना କରାଇବା—2. To thrust into.
୩ । ପୂରିବା; ପୂର୍ଣ୍ଣ ହେବା—3. To be filled up.
(ଦ୍ର—ଭରୁଅଛି ସର୍ବପ୍ରାଣ ମହା ହରଷରେ । ମଧୁସୂଦନ.
ଉତ୍କଳଗାଥା ।) ୪ । ସଂଯୁକ୍ତ କରିବା—4. To join.
(ଦ୍ର—ବିଷାଦ ଅସବଣ, କଷେ ବସ୍ତ୍ର ଭରଣ, ଧକାର ହେମନ୍ତ
କୃପାଣ । ଉପେ. ବୈଦେହୀଶବିଳାସ । ) ୫ । ଧାରଣ
କରିବା; ଲଗାଇବା; ପିନ୍ଧିବା—5. To wear; to hold;
to put on. (ଦ୍ର—ବକତକୁ ଭରଣ ଧରଲେ ସେ ଶଙ୍କା ।
କୃଷ୍ଣସିଂହ—ମହାଭାରତ. ବନ ।) ୬ । ରଖିବା—6. To
put. (ଦ୍ର—ବନେ ଘନସାର-ସାର, ଭରି ପାନ ତାର-
ତାର, କରମୁଣ୍ଡି ଦେଉଁ ବାରବାର—ଉପେ. ପ୍ରେମସୁଧାନିଧି ।)
୭ । ବୋଝାଇ କରିବା—7. To load. ୮ । (ଜଳ
ଅଦିକୁ ମୁଖ ମଧ୍ୟରେ ) ଢାଳି ଦେବା—8. To pour
into (the mouth). (ଦ୍ର—ଚନ୍ଦ୍ରକୁ ଚମ୍ପୁଡ଼ି ସୁଧା ହର
ତାର ଭକ୍ତିଭରି ମୁଖେ ଭରି—ଭକ୍ତଚରଣ.ଗୋଷ୍ଠୀ ଓ ମୁ, ଠ ଗୀତ ।)
୯ । ବ୍ୟାପିବା—9. To be spread. ( ଦ୍ର—ଅପଘାତର
ଭରୁ ଧୂ ଭଲୋକରେ—ଅରମଣ୍ଡ୍ୟ. ହରିଦ୍ୱାଧ ଚଳ୍ମାମଣି । ).
୧୦ । ଭରି ଯିବା ( ଦେଖ )—10. Bhari jibā (See).

**ଭରି ଭୋଜନ**—ଦେ. ବି ( ସ. ଭୃରଭୋଜନ )—ପୂର୍ଣ୍ଣ ଭୋଜନ—
Bhari bhojana Eating to the full; full meal.
পূর্ণভোজন भरपुरभोजन

**ଭରିମା**—ସ. ବି (ଭୃ ଧାତୁ+ଭାବ.ଇମନ୍; ଭରିମନ୍.୧ମା.୧ବ)—ଭରଣ;
Bharimā ପ୍ରତିପାଳନ—Maintenance

**ଭରି ଯିବା**—ଦେ.କ୍ରି—୧ । (ପାଦ ଅଦି) ରୋଗରୁ ବା ବେଶୀ କାମ କରିବାରୁ
Bhari jibā ଯୋଗୁଁ ଫୁଲିଯିବା—1. To be swollen.
(ଭରିଭର ଯିବା—ଅନ୍ୟରୂପ) (said of legs).
फूलेयाओया फुलजाना (ଯଥା—ଚାଲୁ କ୍ଲାନ୍ତିଥିରେ ତା ଗୋଡ଼
ভরেযাওয়া भरजाना ଭରି ଗଲାଣି । ) ୨ । ପୂର୍ଣ୍ଣ ହୋଇଯିବା—
2. To be filled up with.

**ଭରୁ**—ସ. ବି—(ଭୃ ଧାତୁ+କର୍ତ୍ତୃ ଉ)—୧ । ବିଷ୍ଣୁ—1. Bishṇu.
Bharu ୨ । ଶିବ—2. Śiba. ୩ । ସମୁଦ୍ର—3. Sea.
୪ । ସ୍ୱାମୀ—4. Master. ୫ । (+କରଣ ଉ) ସ୍ୱର୍ଣ୍ଣ—
5. Gold.

**ଭର୍ଗ**—ସ. ବି (ଭ୍ରସ୍ଜ ଧାତୁ+କର୍ତ୍ତୃ ଅ)—୧ । ଶିବ—1. Śiba.
Bharga ୨ । ବ୍ରହ୍ମା—2 Brahmā ୩ । (+କର୍ମ ଅ) ସୂର୍ଯ୍ୟସ୍ଥ
ଐଶ ତେଜଃ—3. Divine splendour in the
sun. ୪ । (+ଭାବ ଅ) ଭର୍ଜନ; ଭାଜିବା—
4. Frying; roasting. ୫ । (+କରଣ ଅ) ଦୀପ୍ତି;
ଜ୍ୟୋତିଃ—5. Lustre; radiance.

**ଭର୍ଜନ**—ସ. ବି (ଭ୍ରସ୍ଜ ଧାତୁ+ଭାବ ଅନ)—୧ । ଭାଜିବା—
Bharjana 1. Frying; roasting. ୨ । (+କର୍ମ ଅନ)
ଭଜା—2. Roasted food; baked meal.

**ଭର୍ତ୍ତବ୍ୟ**—ସ. ବଣ (ଭୃ ଧାତୁ+କର୍ମ. ତବ୍ୟ)—ପ୍ରତିପାଳ୍ୟ; ପ୍ରତି-
Bharttabya ପାଳନୀୟ—Requiring to be sup-
ported or maintained.

**ଭର୍ତ୍ତା**—ସ. ବି. ପୁଂ (ଭୃ ଧାତୁ+କର୍ତ୍ତୃ ତୃ; ଭର୍ତ୍ତୃ; ୧ମା ୧ବ)—
Bharttā ୧ । ସ୍ୱାମୀ—1. Husband. ୨ । ବିଷ୍ଣୁ—
2. Bishṇu. ୩ । ପ୍ରଭୁ—3. Lord; master.
୪ । ଅଧିପତି; ରାଜା—4. King; ruler. ସ. ବଣ.
ପୁଂ—୧ । ଧାରଣକର୍ତ୍ତା—1. Holding. ୨ ।
(ଭର୍ତ୍ତ୍ରୀ—ସ୍ତ୍ରୀ) ରକ୍ଷଣକାରୀ—2. Saving. ୩ । ଟେକିଧରିଥିବା—
3. Supporting; propping up. ୪ । ପୋଷଣକର୍ତ୍ତା—
4 Maintaining.

ଭର୍ତ୍ତୃଦାରକ—ସ. ବି. ପୁଂ—(ନାଟ୍ୟୋକ୍ତିରେ) ରାଜପୁତ୍ର—
Bharttṛudāraka (dramatic parlance) A prince.

ଭର୍ତ୍ତୃଦାରିକା—ସ°. ବି. ସ୍ତ୍ରୀ—(ନାଟ୍ୟୋକ୍ତିରେ) ରାଜକନ୍ୟା—
Bharttṛudārikā (dramatic parlance)-Princess.

ଭର୍ତ୍ତୃହରି—ସ°. ବି (ନାମ)—୧ । ରାଜା ବିକ୍ରମାଦିତ୍ୟଙ୍କର ବୈମାତ୍ରେୟ
Bharttṛuhari ଜ୍ୟେଷ୍ଠ ଭ୍ରାତା—1. Name of a king and poet who renounced the world. [ ଦ୍ର—ଏ (ମହାଜ୍ଞାନୀରେ) ଉତ୍କୃଷ୍ଟ କାବ୍ୟର ରଚୟିତା; ସଂସାର ତ୍ୟାଗ ପୂର୍ବକ ବୈରାଗ୍ୟ ଶତକ ନାମକ ୧୦୦ ଶ୍ଳୋକ ବୈରାଗ୍ୟୋଦ୍ଦୀପକ ଶ୍ଳୋକ ରଚନା କରିଥିଲେ । ଶୃଙ୍ଗାର-ଶତକ ଓ ନୀତିଶତକ ମଧ୍ୟ ଏହାଙ୍କ ଦ୍ୱାରା ରଚିତ ।] ୨ । 'ବାକ୍ୟ ପ୍ରଦୀପ' ଗ୍ରନ୍ଥ କର୍ତ୍ତା ବୈୟାକରଣିକ କବି-ବିଶେଷ—2. Name of a grammarian poet.

ଭର୍ତ୍ସ (ଧାତୁ)—ସ.—ଗାଳି ଦେବା—
Bharts (root) To abuse; to rebuke: to scold.

ଭର୍ତ୍ସନ(ନା)—ସ. ବି (ଭର୍ତ୍ସ ଧାତୁ+ଭାବ. ଅନ; +ଆ)—୧। ଗାଳିଦେବା
Bhartsana(nā) 1. Rebuking; scolding. ୨ । ତିରସ୍କାର; ଗାଳି—2. Abuse; evil names. ୩ । ନିନ୍ଦା—3. Slander; blasphemy. ୪ । ତର୍ଜନ; ଧମକ—4. Threat; menace

ଭର୍ତ୍ସନା କରିବା—ଦେ. କ୍ରି—ଗାଳି ଦେବା—To abuse; to
Bhartsanā karibā ভর্ৎসনা করা scold.
भर्त्सना करना

ଭର୍ତ୍ସିତ—ସ. ବିଣ. ପୁଂ (ଭର୍ତ୍ସ ଧାତୁ+କର୍ମ. ତ)—୧ । ତିରସ୍କୃତ—
Bhartsita 1. Rebuked; abused; reproached. ୨ ।
(ଭର୍ତ୍ସିତା—ସ୍ତ୍ରୀ) ନିନ୍ଦିତ—2. Blamed; reviled.

ଭର୍ମ—ସ. ବି (ଭୃ ଧାତୁ+କରଣ. ମନ୍)—୧ । ମୂଲିଆର ମୂଲ—
Bharma 1. Wages. ୨ । ଭଡ଼ା—2. Hire. ୩ । ସ୍ୱର୍ଣ୍ଣ—3. Gold. ୪ । ସ୍ୱର୍ଣ୍ଣମୁଦ୍ରା—4. Gold coin. (+କର୍ତ୍ତୃ.ମନ୍) ୫ । ନାଭି—5. Navel.(+କର୍ମ.ମନ୍) ୬ । ବୋଝ—6. Burden; load. ୭ । ଗୃହ—7. House.

ଭଲ—ଦେ. ବିଣ (ସ. ଭଦ୍ର; ପ୍ରା. ଭଲ୍ଲ; ପା. ଭଦ୍ଦ)—୧ । ଅଚ୍ଛା; ବେଶ୍;
Bhala ଉତ୍ତମ—1. Good. ୨ । ମଙ୍ଗଳସୂଚକ—
ভাল भला, अच्छा 2. Auspicious. ୩ । ହିତକର—(ଉପଯୁକ୍ତ—ମନ) 3. Beneficial. ୪ । ଶ୍ରେଷ୍ଠ; ଉତ୍କୃଷ୍ଟ—4. Excellent. ୫ । ସୁସ୍ଥ—5. Healthy; free from illness. ୬ । ନିର୍ଦ୍ଦୋଷ; ଦୋଷଶୂନ୍ୟ—6. Faultless; flawless. ୭ । ସୁଖୀ—7. Happy; blessed. ୮ । ନିର୍ମଳ; ପବିତ୍ର—8. Pure. ୯ । ନିଷ୍ପାପ—9. Innocent. ୧୦ । ଭଦ୍ର—10. Gentle. ୧୧ । ଆନନ୍ଦିତ—11. Gladdened. ୧୨ । ସାଧୁ; ସତ୍—12. Honest. ୧୩ । ଧାର୍ମିକ—13 Pious. ୧୪ । ସୁନ୍ଦର—14. Beautiful. ୧୫ । ଶାନ୍ତିମୟ—15 Peaceful. ଦେ. ବି—୧ ।
ভাল भलाई କ୍ଷେମ; ମଙ୍ଗଳ—1 Weal; well-being. ୨ । ସ୍ୱାସ୍ଥ୍ୟ—2 Health. ୩ । ଉପକାର; ହିତ; ଲାଭ—3 Benefit. ୪ । ଉତ୍ତମତା—4. Goodness. ୫ । ସୁଖ—5. Happiness. ୬ । ମନର ଶାନ୍ତି—6. Mental peace. ଦେ. କ୍ରି. ବିଣ—
ভাল भले ଉତ୍ତମରୂପେ—Well, ଦେ, ଅ—ଉତ୍ତମ; ଅଚ୍ଛା; ବେଶ୍—Well! allright!

ଭଲ ଔଷଧ—ଦେ. ବି—ଗୁଣକାରକ ଔଷଧ—
Bhala oshadha ভাল ওষুদ An efficacious
अच्छी दवाई remedy.

ଭଲ କଥା—ଦେ. ବି—୧ । ହିତ ବାକ୍ୟ—1. Beneficial words.
Bhala kathā ভালকথা अच्छी बात ୨ । ଧର୍ମସମ୍ବନ୍ଧୀୟ କଥା—2 Religious saying. ୩ । ସଦୁପଦେଶ; ଉତ୍ତମ ଉପଦେଶ—3 Good advice. ୪ । ଉତ୍ତମ କାର୍ଯ୍ୟ—4 Good act.

ଭଲ କରିବା—ଦେ. କ୍ରି—୧ । ଚିକିତ୍ସାଦ୍ୱାରା ରୋଗୀକୁ ଆରୋଗ୍ୟ
Bhala karibā କରିବା—1. To cure of any sick-
ভালকরা ness by treatment. ୨ । କୌଣସି ବ୍ୟକ୍ତିର
भला करना ଉପକାର କରିବା—2. To benefit a person. ୩ । ଉତ୍ତମ କାର୍ଯ୍ୟ କରିବା—3. To do a good act. ୪ । ଉତ୍ତମ ଫଳ ଦେଖାଇବା—4. To show good result.

ଭଲ କହିବା—ଦେ. କ୍ରି—୧ । ପ୍ରଶଂସା କରିବା—1. To praise.
Bhala kahibā ୨ । ହିତୋପଦେଶ ଦେବା—2. To give
ভালবলা good advice. ୩ । ଉତ୍ତମରୂପେ କହିବା—
भला कहना 3. To speak well.

ଭଳକା—ଦେ. ବି( ସ. ଭଲକା; ଝଲକା=ତରଙ୍ଗ—ହେମଚନ୍ଦ୍ର )—
Bhaḷaka ବାନ୍ତିର ଝଲକା ବା ଧାର—A gush of
ममका vomiting. [ ଦ୍ର—ମୁଖ ଦେଇ ରକ୍ତ
बलक ଭଳକା ହେଲେ ବାନ୍ତି, ତଲେ ଯେ ଢଳକେ ବଢ଼ନ୍ତିମାର୍ଗ୍ୟ ନାହିଁ । କୃଷ୍ଣସିଂହ. ମହାଭାରତ. ଶଲ୍ୟ । ]

ଭଳକିବା—ପ୍ରାଦେ ( ସମ୍ବଲପୁର ) କ୍ରି—ସ୍ୱର ବାରେ କୌଣସି ବ୍ୟକ୍ତିକୁ
Bhaḷakibā ଚିହ୍ନିବା—To recognize a person from his voice.

ଭଲ କୁଳ—ଦେ. ବି—ସଦ୍‌ବଂଶ—High family.
Bhalakuḷa ভালকুল भलाकुल

ଭଲ ଘର—ଦେ. ବି—୧ । ସଦ୍‌ବଂଶ—1. High family. ୨ ।
Bhala ghara ଧନୀ ପରିବାର—2. Rich family. [ ଦ୍ର
ভালঘর —ଭଲଘର ଦେଖି ହିଅକୁ ଦେଲି, କୋଉଁ ଗଣିଆ
अच्छाघर ମୁଁ ଜାଣି ନ ଥିଲି । ଲୋ । ] ୩ । ସୁନ୍ଦର ଗୃହ—3. A good-looking house.

ଭଲ ଚାହିଁ(ହି)ବା—ଦେ. କ୍ରି—ଅନ୍ୟର ମଙ୍ଗଳକାମନା କରିବା—
Bhala chāhiñ(hi)bā   To wish one well.
(ଭଲପାଇବା, ଭଲବାଞ୍ଛିବା—ଅନ୍ୟରୂପ) ଭାଲ ଚାওয়া भलाचाहना

ଭଲ ଚେହେରା—ଦେ. ବି ( ସଂ. ଭଦ୍ର; ଫା. ଚେହରହ )—ସୁନ୍ଦର
Bhala cheherā   ଚେହେରା; ସୌମ୍ୟ ମୂର୍ତ୍ତି—Charming
ভাল চেহারা भला चेहरा   appearance.

ଭଲ ଥିବା—ଦେ. କ୍ରି—୧ । ସୁସ୍ଥ ବା ନିରୋଗୀ ରହିବା—1. To be
Bhala thibā   healthy; to do well. ୨ । ସୁଖରେ
(ଭଲ ରହିବା—ଅନ୍ୟରୂପ) ରହିବା, ସୁଖୀ ହେବା—2. To be
ভালথাকা   happy. ୩ । ମନର ଆନନ୍ଦରେ ବା ଶାନ୍ତିରେ
भला रहना; अच्छा रहना   ରହିବା—3. To be hale and
hearty; to live in peace.

ଭଲ ଦିନ—ଦେ. ବି ( ସଂ. ଭଦ୍ର+ଦିନ )—୧ । ଛୁଟିର ଦିବସ—
Bhala dina   1. A holiday; a festive day. ୨ ।
ভালদিন   ଜ୍ୟୋତିଷ ମତରେ ଶୁଭଦିନ—2. A pro-
आच्छादिन, भलादिन   pitious day according to
astrological calculation. ୩ । ମେଘ, ବୃଷ୍ଟି
ଆଦି ରହିତ ଦିବସ—3. A clear day. ୪ । ଯେଉଁ
ଦିବସଟି ମନୁଷ୍ୟ ସୁଖରେ କଟାଏ—4. A happy
day for a man.

ଭଲ ଦି(ଦୁ)ଶିବା—ଦେ. କ୍ରି. ( ସଂ. ଭଦ୍ର+ଦୃଶ ଧାତୁ )—୧ । ସୁନ୍ଦର
Bhala di(du)śibā   ଦେଖାଯିବା—1. To look well.
ଭଲ ଦେଖା(ଖେ)ଇବା } ଅନ୍ୟରୂପ   ୨ । କରଣୀୟ ବୋଲି
ଭଲ ଦେଖାଯିବା }   ବୋଧହେବା—
ভাল দেখান अच्छा दिखना   2. To seem proper.

ଭଲ ଦି(ଦେ)ହ—ଦେ. ବି. (ସଂ. ଭଦ୍ର+ଦେହ)—୧ । ସୁସ୍ଥ ଶରୀର—
Bhala di(de)ha   1. Sound body. ୨ । ଭଲ ସୂତାରେ
ভাল গা   ବୁଣା ଲୁଗାର ଦେହ—2. Good texure of a
भला बदन   cloth.

ଭଲ ପଡ଼ିବା—ଦେ. ବି—୧ । ଦୁଇ ଜଣଙ୍କ ମଧ୍ୟରେ ମନର ମେଳ ବା
Bhala paṛibā   ସଦ୍ଭାବ ହେବା; ସୌହାର୍ଦ୍ଦ୍ୟ ଜନ୍ମିବା—
মীল হওয়া   1. Being in good terms. (ଯଥା—ସେ
मेल होना, सुलह होना   ଦୁଇ ଜଣଙ୍କର ଭଲ ପଡୁଛି ।) ୨ । ସୁଦଶା
अच्छा दिन होना   ପଡ଼ିବା; ସୌଭାଗ୍ୟୋଦୟ ହେବା—2. Dawn-
ing of good fortune. (ଯଥା—ମୋତେ ଏହି
ମାସ ହେଲା ଭଲ ପଡୁଛି ।)   ଦେ. କ୍ରି—ଫଳରେ ଭଲ
ভাল পড়া   ବୋଲି ଜଣା ପଡ଼ିବା—To be known even-
भला पड़ना   tually to be good; to turn out to be
good, (ଯଥା—ଏ ଗାମୁଛା ଶେଷକୁ ଭଲ ପଡ଼ିଲା ।)

ଭଲ ପାଇବା—ଦେ କ୍ରି (ତୁଲ. ବଙ୍ଗଳା ଭାଲବାସା)—୧ । ସୁଖ ପାଇବା—
Bhala pāibā   1. To like. ୨ । ସ୍ନେହ କରିବା—2. To love.
ভালবাসা   ୩ । ମନୋମତ ହେବା—3. To suit one's taste,
प्यार करना   ୪ । ଆଦର କରିବା—4. To fondle.

ଭଲ ପିଲା—ଦେ. ବି—୧ । ସୁନ୍ଦର ପିଲା—1. A fair-looking
Bhala pilā   boy. ୨ । ସଚ୍ଚରିତ୍ର ବାଳକ—2. Good boy.
ভাল ছেলে   ୩ । ଶାନ୍ତ ବାଳକ—3. Gentle boy. ୪ । ପଢ଼ୁଆ
भला (अच्छा) लड़का पिला   —4 Efficient or studious boy.

ଭଲଭଲିଆ—ଦେ. ବି ଓ ବିଣ. (ବହୁବଚନ)—ଧୋବଧାଉଳିଆ (ଦେଖ)
Bhalabhaliā   Dhobadhāuliā ( See )
ভালভাল লোকে   भलाभला   (ଭଲଭଲେ—ଅନ୍ୟରୂପ)

ଭଲ ଭାଇ(ୟା)—ଦେ. ବି—ଜାତିର ମୁଖିଆ ଆଦି ବାହୁଆ ଜାତିର ମୁଖିଆ
Bhala bhāi(yā)   ଲୋକ (ଯେଉଁ ଲୋକ ଜାତିଅଣ ସମ୍ପର୍କରେ
ଭଲ ରକମର କଥାବାର୍ତ୍ତା କହି ପାରେ)—A forward
member of a caste-guild.

ଭଲ ମନୁଷ୍ୟ—ଦେ. ବି—୧ । ସୁସ୍ଥ ଲୋକ—1. Healthy man.
Bhala manushya   ୨ । ସଜ୍ଜନ; ସାଧୁ ବ୍ୟକ୍ତି—2. A good
ভাল মানুষ   man; an honest person. ୩ । ଭଦ୍ର ଲୋକ—
भलमानुष   3. Gentleman. ୪ । ଶାନ୍ତ ଲୋକ—4. A
[ ଭଲ ମଣି(ଣ୍ଠି,ଛି)ଷ—ଗ୍ରାମ୍ୟରୂପ ]   gentle or peaceful
person.

ଭଲ ମନ୍ଦ—ଦେ. ବିଣ (ବିପରୀତାର୍ଥ ସହଚର; ସଂ. ଭଦ୍ର+ମନ୍ଦ)—
Bhala manda   ଭଲ ଓ ମନ୍ଦ; ଶୁଭାଶୁଭ—Good and
ভাল মন্দ   bad. (ଦ୍ର—ଭଲ ମନ୍ଦ ବାଛତା ବୁଝେ କରନ୍ତିର—
भलाबुरा; भलामन्द   କୃଷ୍ଣସିଂହ, ମହାଭାରତ ବନ ।) ଦେ. ବି—
ଘରଚାରର ଶୁଭାଶୁଭ ସମ୍ବାଦ; ଦୁଃଖସୁଖ—Good
and bad news of a family.

ଭଲ ଲାଗିବା—ଦେ. କ୍ରି—୧ । ତୃପ୍ତିକର ବୋଧ ହେବା—1. To
Bhala lāgibā   seem pleasant. ( ଯଥା—ଶୀତ ଦିନ
ভাল লাগা   ମୋ ତେ ଭଲ ଲାଗେ । ) ୨ । ମନକୁ ପାଇବା;
अच्छा लगना   ମନୋମତ ହେବା—2. To suit one's mind.
( ଯଥା—ତା ପ୍ରସ୍ତାବଟି ମୋତେ ଭଲ ଲାଗିଲା ) ୩ ।
(ଶରୀର) ସୁସ୍ଥ ବୋଧ ହେବା—3. To seem healthy;
to feel well. (ଯଥା—ମୋ ଦେହ ଆଜି ଭଲ ଲାଗୁ
ନାହିଁ ।) ଦେ. ବି—୧ । ତୃପ୍ତି ବୋଧ—1. A feeling
of satisfaction or contentment. ( ଯଥା—
ଏଠାରେ ରହିବାକୁ ମୋତେ ଭଲ ଲାଗେ । ) ୨ ।
( ଦେହର ) ସୁସ୍ଥତା ବୋଧ—2. Feeling well.
(ଯଥା—ଦେହରୁ ଜରର ଓହ୍ଲାଇ ଯିବାରୁ ମୋତେ ଭଲ
ଲାଗୁଛି ।)

ଭଲ ଲୁଗା—ଦେ. ବି—୧ । ଉତ୍କୃଷ୍ଟ ବା ମୂଲ୍ୟବାନ୍ ବସ୍ତ୍ର—1. Excell-
Bhala lugā   ent or valuable cloth. ୨ । ପବିତ୍ର ଲୁଗା; ଯେଉଁ
(ବିପରୀତ—ଖରାପ ଲୁଗା)   ଲୁଗା ଛୁଆଁ ବା ମାସ୍ ହୋଇ ନ ଥାଏ;
ভালকাপড় अछूत   ଲୁଗା (ବିପରୀତ—ଛୁଆଁ ଲୁଗା)—2. A pure
भलाकपड़ा   or unsoiled cloth; a cloth which has
not been contaminated by prohibited touch.
[ଦ୍ର—ଅସ୍ପୃଶ୍ୟଜାତୀୟ ବ୍ୟକ୍ତିଙ୍କୁ ଓ ପାଖାନା ଶୌଚ (ବ୍ରହ୍ମଚାରୀ)

ସ୍ତ୍ରୀ ଅଧିକ ହୁଅନ୍ତି, ଲୁଗା ଖିଅ ପୋଷଖିଯାଇ ଗଲେ ଭଲ ଲୁଗା ହୁଅନ୍ତି ବା ମାଣ୍ଡ ହୁଏ । ସେହି ଲୁଗା ଖିଅ ସ୍ୱଭାବରେ ଧୋଇବାକୁ ହୋଇଥାଏ ତାହା ମଧ୍ୟ ସ୍ୱଭାବାଧ ହୁଅନ୍ତି ବୋଲି କହେଥିବ ହୁଏ । ସେ ଲୁଗାକୁ ଧୋଇଦେଲେ ତାହା ଭଲ ହୋଇଯାଏ । ପାଟ ଖଦ ଓ ମଠା ଲୁଗା ହୁଅନ୍ତି ହୁଏ ନାହିଁ । ଏଥିପାଇଁ ଏ ଲୁଗାମାନଙ୍କୁ ଅମ୍ଳାନ ବସ୍ତ୍ର ବୋଲାଯାଏ । ପାଣିରେ ଭିଜା ହୋଇଥିବା ସାମୁଦ୍ରିକ ଅନ ଦେଶରେ ହୁଅନ୍ତି ଦୋଷରେ ଦୂଷିତ ହୁଏ ନାହିଁ । ] ୩ । ସେହି ଲୁଗା ଚିର ଯାଇ ନାହିଁ; ଅଚିରଲୁଗା ( ବିପରୀତ—ଚିରାଲୁଗା )—3. A cloth which has not become torn.

**ଭଲ ଲୋକ**—ଦେ. ବି—୧ । ଭଦ୍ର ଲୋକ—1. Gentleman. Bhala loka ୨ । ସତ୍ ଲୋକ—2. Good or honest man. पंच ୩ । ସାଲିସ; ପଞ୍ଚାୟତ; ଯେଉଁ ବ୍ୟକ୍ତିକୁ ବା ବ୍ୟକ୍ତିମାନଙ୍କୁ ଭାଳଲୋକ ବିବାଦକାରୀ ଉଭୟପକ୍ଷ ବିବାଦର ଅପୋଷ ନିମନ୍ତେ ମଧ୍ୟସ୍ଥ ପାଇଁ ମଧ୍ୟସ୍ଥ ମାନି ଥାଆନ୍ତି—3. An umpire; an arbitrator. ୪ । ବିବାହରେ ମଧ୍ୟସ୍ଥ—4. A go-between in a marriage; marriage broker, ୫ । ସମ୍ପତ୍ତି ଖରିଦବିକିରେ ମଧ୍ୟସ୍ଥ—5. A negotiator in a sale; broker.

**ଭଲଲୋକି**—ଦେ. ବି—୧ । ସାଲିସି; ପଞ୍ଚାୟତ; ଦଳ ମଧ୍ୟସ୍ଥରେ Bhalaloki ବିବାଦର ବିଚାର—1. Arbitration; consi- पंचायती deration of a dispute for its amicable भलालोकी settlement. ୨ । ଭଦ୍ରତା—2. Politeness. मध्यस्थता ୩ । ବିବାଦରେ ମଧ୍ୟସ୍ଥତା—3. Umpireship, or मध्यस्तता mediation in a dispute. ୪ । ବିବାହରେ ମଧ୍ୟସ୍ଥତା—4. Negotiation in the matter of a marriage. ୫ । ମଧ୍ୟସ୍ଥତାର ପାରିଶ୍ରମିକ—5. Remuneration paid to a negotiator or broker.

**ଭଲଲୋକି କରିବା**—ଦେ. କ୍ରି—୧ । ସାଲିସି କରିବା; ବିବାଦ ଅଧ Bhalaloki karibā ଅପୋଷରେ ତୁଟାଇବା—1. To arbi- पञ्चायतीकरना trate; to settle a dispute amicably. ୨ । ବିବାଦରେ ମଧ୍ୟସ୍ଥତା କର୍ମ କରିବା—2. To act as a mediator or umpire in a dispute. ୩ । ଅନ୍ୟର ବିବାହ ସମ୍ବନ୍ଧରେ ମଧ୍ୟସ୍ଥତା କରିବା—3. To act as a negotiator or go-between भललोकि करना in another person's marriage.

**ଭଲ ହେବା**—ଦେ. କ୍ରି—୧ । ସୁସ୍ଥ ବା ରୋଗମୁକ୍ତ ହେବା—1. Bhala hebā To be cured of a disease; to rec- भाल हओया over from an illness. ୨ । (କୌଣସି अच्छाहोना ବିଷୟ) ଫଳରେ ଉତ୍ତମ ଦେଖାଯିବା—2. To turn out to be good. ୩ । ମନୋମତ ହେବା—3. To suit one's taste; to be to one's liking.

**ଭଲ୍ଲ**—ଦେ. ବଣ (ସ. ଭଦ୍ର)—୧ । ଧନ୍ୟ—1. Praiseworthy. Bhalā ୨ । ଅଚ୍ଛା; ଉତ୍ତମ—2. Good; excellent. (ଉ— भाल; भला ବୋଇଲେ ଦ୍ରୌପଦୀଙ୍କ ଭଲ୍ଲ ଧର୍ମ ଅଛି । ଅନେକ ବସ୍ତ୍ର ଦେଶ ଦେବୁଁ ତାହାଙ୍କୁଛି—କୃଷ୍ଣସିଂହ. ମହାଭାରତ.ସଭା । ) ୩ । ସୁନ୍ଦର; ମନୋଜ୍ଞ—3. Lovely. ୪ । ଆଶ୍ଚର୍ଯ୍ୟ-ଜନକ—4. Wonderful. ଦେ. କ୍ରି. ବିଣ—୧ । ଉତ୍କୃଷ୍ଟରୂପେ—1. Excellently. ୨ । ସୁନ୍ଦର-ରୂପେ—2. Beautifully. ଦେ. ଅ—୧ । ଅଚ୍ଛା; ବେଶ୍—1. Well. (ଉ—ଭଲ୍ଲ ମାନୁଛି ବେଶ, ଗୁରୁ ଜନ୍ମା ମୁଖ—ବକ୍ତସୁର୍ଯ୍ୟ, କପୋଟ ଚମ୍ପୂ, ବ ଗୀତ ) ୨ । ( ନିଶ୍ଚୟସୂଚକ ) ନିଶ୍ଚେ—2. (Expressive of certainty) Certainly; surely. ୩ । (ପ୍ରଶ୍ନସୂଚକ) 3. (Interrogative) (ଉ—ତୋର କିଏ ଅଛି ଭଲ୍ଲ) ୪ । (ବିସ୍ମୟାର୍ଥକ) ଅହୋ । 4. (Expressive of wonder) Oh ! (ଉ—ଭଲ୍ଲ ଭୁଲିଲ୍ ତା ପ୍ରୀତିରେ, ସ୍ତ୍ରୀଣ ସଜନୀ । ସଙ୍ଗୀତ । ) ୫ । (ପାଦ ପୂରଣାର୍ଥକ) ହିଁ—5. (for completing a sentence) Too. ୬ । ( ବାକ୍ୟ ଉପରେ ଜୋର ଦେବାରେ ବ୍ୟବହୃତ ) ପଣ୍ଡ—6. (for emphasis). ( ଯଥା—ତୁମର ଏତେ ଖରଚ ବାକର ଥାଉ ଥାଉ ତୁମେ ଭଲ୍ଲ ସବ ଟିଂଲାଉଛ କଅଁ ? ) ୭ । ପୁନଶ୍ଚ—7. Again. ( ଯଥା—ଏ କାମ କରିବାକୁ ତୋତେ ମୁଁ ଦଶଥର କହିଲିଣି, ତୁ ଶୁଣୁ ନାହୁଁ; ଏଥରକ) ମୁଁ ଭଲ୍ଲ ନେଞ୍ଚସ୍ ହୋଇ କହୁଛି, ମୋ କଥା ଥରେ ଶୁଣ୍ ।)

**ଭଲ୍ଲା(ଲେ)ଇବା**—ଦେ. କ୍ରି (ଭଳିବା କ୍ରିୟାର ଣିଜନ୍ତରୂପ; ସ. ଭନ୍ଦ୍ରଳ) Bhalā(le)ibā ୧ । କୌଣସି ବ୍ୟକ୍ତିକୁ କଥାଦ୍ୱାରା ତରଳାଇବା— लुभालेना 1. To melt the heart of a person by भोलान् words. ୨ । ଲେପ ଅଧ ପ୍ରୟୋଗଦ୍ୱାରା ବଥ ଅଦିକୁ ପାଚିଲା ବା ଗୋଳାଇବା—2. To cause a boil to soften by using ointment. ୩ । ପ୍ରଲୁବ୍ଧ କରିବା—3. To tempt a person. ୪ । କଥାରେ ଭୁଲାଇବା—4. To inveigle.

**ଭଲ୍ଲ(ଲେ)ଇ ହେବା**—ଦେ. କ୍ରି (ବ୍ୟଙ୍ଗ୍ୟାର୍ଥ)—ଅପେ ଦୋଷୀ ବା ମନ୍ଦ Bhalā(le)i hebā ହୋଇ ସୁଦ୍ଧା ଭଲ ବା ନିର୍ଦ୍ଦୋଷ ବୋଲି भुलावादेना ଲୋକଙ୍କୁ ଦେଖାଇ ହେବା—( ironical ) To show one's self as good or innocent, (though actually not so); to try to pass off as good or innocent.

**ଭଲ୍ଲ ବୋ(ବୁ)ର**—ଦେ. ବଣ (ବିପରୀତାର୍ଥ ସମାସ; ସ. ଭଦ୍ର ଓ ଫା. Bhalā bo(bu)rā ବୁର) ଭଲ ଓ ମନ୍ଦ—Good and bad. भालमन्द ଦେ. ବି—୧ । ଭଲ କଥା ଓ ମନ୍ଦ କଥା—1. Matters भलाबुरा good and bad. ୨ । ଶୁଭ ଓ ଅଶୁଭ ସମ୍ବାଦ—2. Tidings good and bad. ୩ । ପାରିବାରିକ ସୁଖ ଓ ଦୁଃଖ—3. Family maters good and bad; family matters.

ଭଲ—ଦେ. ବି—ପ୍ରକାର—Sort; kind. ଦେ. ଅ. ୧। ସଦୃଶ; Bhali ତୁଲ୍ୟ; ସମାନ—1. Like; similar. ୨। ଯୋଗ୍ୟ—ମତ; ମତନ 2. Deserving. (ଦ୍ର—ତୋ ଚରଣ ସେବା ଭଲ, **काएसा, कामाफिक** ନୋହିଲ ଯେବେ ରେ ଅଳ। ଢବସୂର୍ଯ୍ୟ—ସଙ୍ଗୀତ।) ୩। ପ୍ରାୟ—3. About.

ଭଲଅ(କା)—ଦେ. ବଣ—ସମ—Like; similar. ଦେ. ଅ—Bhalia(kā) ପରି; ସଦୃଶ—Like. (ଦ୍ର—ଅଷ୍ଟାଗୁଷ୍ଠା ପାଇଁ (ଭଲକଅ—ଅନ୍ୟରୂପ) କିଛି ନାହିଁ ସେ ଭଲଅ। ଉକାଶ୍ରି. ଗୀତ ମତନ **काएसा, कामाफिक** ଲହରୀ।)

ଭଲ୍ଲିଉମ୍—ବୈଦେ. ବି (ଇଂ. ଭଲ୍ୟୁମ୍)—ଏକାଧିକ **ଖଣ୍ଡବିଶିଷ୍ଟ** ବା Bhalium ଭାଗବିଶିଷ୍ଟ ଗ୍ରନ୍ଥର ଗୋଟିଏ **ଭାଗ** ବା **ଖଣ୍ଡ**—ଭଲ୍ୟୁମ **भलुयम** One volume of a book or work (ଭଲ୍ୟୁମ୍—ଅନ୍ୟରୂପ) of many volumes.

**ଭଲକିବା**—ଦେ. କ୍ରି—ଭଲକିବା (୨) (**ଦେଖ**)—Bhalakibā (2) Bhalikibā (See).

ଭଲିତ—ଦେ. **ବଣ** (ସଂ. ବିହ୍ୱଳ)—ବିହ୍ୱଳ—Overwhelmed. Bhalita (ଦ୍ର—ଯହିଁ ଭଲିତ ହୋଇଛନ୍ତି ଋଷି। ଉକ୍ତ. ପ୍ରେମ-**विह्वल** ଭୋଳ ସୁଧାନିଧି।)

ଭଲିବା—ଦେ. କ୍ରି (ସଂ. ବିହ୍ୱଳ)—୧। ତରଳ ଯିବା; ଗୋଳିଯିବା—Bhalibā 1. To become soft or liquid. ୨। (କୌଣସି [ଭଲିଯିବା—ଅନ୍ୟରୂପ] ବ୍ୟକ୍ତିର କଥାରେ) ମୁଗ୍ଧ ହେବା—2. To ଭୋଳା **पानीपानी होजाना** be charmed. ୩। ଭ୍ରମଯୁକ୍ତ ହେବା—**भुलाजाना** 3. To be mistaken. ୪। କିଂକର୍ତ୍ତବ୍ୟବିମୂଢ଼ **भुलजाना** ହେବା—4. To be perplexed; to be bewil-**विगडजाना** dered. [ଦ୍ର—ସେ ଯୋଷା, ଭଲ କହିବାରେ ମୃଦୁଭାଷା। ଉକ୍ତ. କୋଟିବ୍ରହ୍ମାଣ୍ଡସୁନ୍ଦରୀ।] ୫। (ପ୍ରସୂତୀର ଶରୀର) ସାଂଘାତିକ ଅବସ୍ଥାଯୁକ୍ତ ହେବା—5. [the system of a newly delivered woman] To develop signs of collapse.

ଭଲି ଭଲି—ଦେ.ବଣ (ବହୁବଚନ)—୧। ନାନାପ୍ରକାରର; ନାନା ଭାଗଯୁ-Bhali bhali 1. Of various sorts; of different ରକମରକମାରି kinds. ୨। ଘର ଘର; ବଉଳ—2. Various. **कीसमकीसमका** ଦେ. ଅ—ବିଭିନ୍ନ ପ୍ରକାରରେ—In various kinds or ways.

ଭଲକା(କି,କ୍ଷି)ଭଲ, ଭଲ ଭଲକା, ଭଲିଭଲଅ, ଭଲିଭଲିକଅ } ଅନ୍ୟରୂପ

ଭଲ୍ଲୀ—ଦେ. ବଣ. ପୁଂ ଓ ସ୍ତ୍ରୀ—ଯେ ଭଲ୍ଲଇ ହୁଏ; ଯେ ଆପଣାକୁ ଉତ୍ତମ Bhalī ବା ନିର୍ଦ୍ଦୋଷ ବୋଲି ସାଧାରଣରେ ପ୍ରକାଶ କରିବାକୁ **भली** ଚେଷ୍ଟା କରୁଥାଏ—Trying to pass one's self (ଭଲେଇ—ଅନ୍ୟରୂପ) off as good or innocent, though actually bad or guilty.

ଭଲ୍ଲୀ ସକସ—ଦେ. ବଣ—(ହି. ଭଲୀ+ଫା ସକସ—ଖୁବ୍ ସମର୍ଥ ବା Bhali sakas ବଳ)—୧। ଅତ୍ୟନ୍ତ ସମର୍ଥଶାଳୀ—1. Very **भला सकस** powerful. ୨। ବଡ଼ ଧୈର୍ଯ୍ୟଶୀଳ—2. Very patient. ୩। ଖୁବ ସାହସୀ—3. Very bold.

ଭଲୀ ସକସ୍ୱାଲା } ଭଲୀ ସକସିଆ } —ଅନ୍ୟରୂପ

୪। ଖୁବ୍ ବଳୁଆ—4. Very strong. ୫। ଖୁବ୍ ଧନୀ—5. Very rich. ୬। ଖୁବ୍ ସହନଶୀଳ—6. Very forbearing. ଦେ. ବି—୧। ଖୁବ୍ ବଳ ବା ଶକ୍ତି—1. A great power or strength. ୨। ଖୁବ୍ ଧୈର୍ଯ୍ୟ—2. A large amount of patence. ୩। ଖୁବ ବଳୁଆ ଲୋକ—3. A very strong man. ୪। ଖୁବ୍ ଧୈର୍ଯ୍ୟଶୀଳ ବ୍ୟକ୍ତି—4. A very patient person. ୫। ଖୁବ୍ ଧନୀ ଲୋକ—5. Very rich man. ୬। ଖୁବ୍ ସମର୍ଥଶାଳୀ ବ୍ୟକ୍ତି—6. Very powerful person.

ଭଲେ—ଦେ.କ୍ରି.ବଣ—୧। ଉତ୍ତମରୂପେ—1. Well; thoroughly. Bhale [ଦ୍ର—ଆପଣାର ସାମର୍ଥ୍ୟକୁ ଦେଖାଇ ମୋ ଭୁଲେଁ ଯୁଝ (ଭଲେ ଭଲେ—ଅନ୍ୟରୂପ) ଭଲେ ଜାଣିବ ମୋ ବଳଟ ଭଲେ। **भालए; भालए भालए** କୃଷ୍ଣସିଂହ ମହାଭାରତ କର୍ଣ୍ଣ।] ୨। **भले** ସହଜରେ; ଅନାୟାସରେ—2. Easily; without trouble. [ଦ୍ର—ପରଶୁମଣି ପରଶରେ, ଲୌହ କାଞ୍ଚନ ହୁଏ ଭଲେ। ଭୂପତି. ପ୍ରେମପଞ୍ଚାମୃତ।] ୩। ଜୀବନର ସାଧାରଣ ଘଟନା ବା ଅବସ୍ଥାକ୍ରମେ; ଯଥାକ୍ରମରେ—3. In the natural course of life; in the ordinary course of life or events; duly. [ଦ୍ର—ମତେ ଅସି ଜର ଅବସ୍ଥା ହେଲା ଭଲେ। କୃଷ୍ଣସିଂହ. ମହାଭାରତ ଆଦି।] ୪। ନିଶ୍ଚେ; ନିଶ୍ଚିତରୂପେ—4. Certainly. [ଦ୍ର—ପାଣ୍ଡବମାନେ ଯାହା କଳିଛନ୍ତି ଗଲେ, ମୋ ମତରେ ସବୁର ନାଶଟି ସେ ଭଲେ। କୃଷ୍ଣସିଂହ. ମହାଭାରତ. ବନ] ୫। ସାଧାରଣତଃ—5. Ordinarily. ୬। ଯଥା ଯୋଗ୍ୟରୂପେ; ଉଚିତ ରୂପେ—6. Properly.

ଭଲ୍ଲ (ଧାତୁ)—ସଂ.—ବଧ କରିବା—Bhalla (root) To kill.

ଭଲ୍ଲ—ସଂ. ବି (ଭଲ୍ଲ ଧାତୁ+କର୍ତ୍ତୃ. ଅ)—୧। ଭାଲୁ—1. A bear. ୨। Bhalla (+କରଣ.ଅ)ବେଧନାସ୍ତ୍ରବିଶେଷ; ଭାଲ; ବର୍ଚ୍ଛା—2. A spear. ୩। ଅର୍ଦ୍ଧଚନ୍ଦ୍ର ଫଳାଯୁକ୍ତ ବାଣବିଶେଷ—3. An arrow with a crescent-shaped head or blade.

ଭଲ୍ଲ ମନ୍ତ୍ରୀ—ସଂ. ବି—ଜାମ୍ବବାନ୍ (ଦେଖ)—Jāmbabān (See) Bhalla mantri [ଦ୍ର—ବେଳ ଭଲ ଭଲ୍ଲ ମନ୍ତ୍ରୀ, ବ୍ୟବସ୍ଥି ତରେ କହନ୍ତି। ଉକ୍ତ. ବୈଦେହୀଶବିଳାସ।]

ଭଲ୍ଲ(ଲ୍ଲୁ,ଲ୍ଲୂ)କ—ସଂ. ବି. ପୁ (ଭଲ୍ଲ ଧାତୁ+କ; ଉକ; ଊକ)—ଭାଲୁ—Bhalla (llu; llū)ka Bear. [ଭଲ୍ଲକୀ (ସ୍ତ୍ରୀ), ଭଲ୍ଲୁ(ଲ୍ଲୂ)କୀ (ସ୍ତ୍ରୀ)—ସ୍ତ୍ରୀ]

ଭଲ୍ଲ(ଲ୍ଲୁ; ଲ୍ଲୂ)କ ଜ୍ୱର—ସଂ. ବି—ଶଣସ୍ଥାୟୀ କମ୍ପଜ୍ୱର; ଭାଲୁ ଜର—Bhalla(llu; llū)ka jwara A shivering ague lasting for a short time. [ଦ୍ର—ଶୁଣିବାର ବନ ଭାଲୁମାନେ କିଛି ସମୟ ଥର କମ୍ପି କମ୍ପି ଯୋଇ ପଡ଼ନ୍ତି ଏବଂ ଅଳ୍ପ ସମୟ ପରେ ସେ କମ୍ପ ଛାଡ଼ିଯାଏ।]

ଭଲ୍ଲାତ—ସଂ. ବି (ଭଲ୍ଲ=ବାଣବିଶେଷ+ଅତ୍ ଧାତୁ=ତୁଲ୍ୟ ହେବା+
Bhallāta କର୍ତ୍ତୃ ଅ;+କ; ଯାହା ଭଲ୍ଲ ପରି ଦେହରେ ବିଦ୍ଧ ହୋଇ
(ଭଲ୍ଲାତକ—ଅନ୍ୟରୂପ) ଯାଏ)—ଭଲିଆ ଗଛ ଓ ଫଳ—The
marking nut (plant and fruit).

ଭଲ୍ଲିକ—ଦେ. ବି. ପୁଂ (ନାମ)—ବୁଦ୍ଧଦେବଙ୍କ ସମସାମୟିକ ଜଣେକ
Bhallika ଓଡ଼ିଆ ବଣିକ ('ତ୍ରିପୁଷ' ଭଳେ ଟୀକା ଦେଖ)—
An Oriya trader; contemporary of the Buddha.
(See notes under 'Tripusha'.)

ଭଷ୍ (ଧାତୁ)—ସଂ. (କୁକୁର ଶବ୍ଦ) ଭୁକିବା—
Bhash (root) To bark.

ଭଷ—ସଂ.ବି. ପୁଂ (ଭଷ୍ ଧାତୁ=ଭୁକିବା+କର୍ତ୍ତୃ. ଅ)—କୁକୁର
Bhasha (ଭଷକ—ଅନ୍ୟରୂପ) Dog.

ଭସ୍ (ଧାତୁ)—ସଂ.—ଦୀପ୍ତି ପାଇବା; ଦୀପ୍ତ ହେବା, ଝକଝକ ହେବା—
Bhas (root) To dazzle; to shine.

ଭସ୍କା—ଦେ. ବିଣ—ଭସ୍ ଭସିଆ (ଦେଖ) Bhas-bhasia (See)
Bhas-kā मसका (ଭସକା—ସ୍ତ୍ରୀ) ପ୍ରାଦେ. (ସମ୍ବଲପୁର)
ভসকা ବିଣ. ପୁଂ—ମୋଟା; ସ୍ଥୂଳକାୟ (ବ୍ୟକ୍ତି)—Fat (man) corpulent.

ଭସ୍ଭସ୍—ଦେ. ଅ. (ଧ୍ୱନ୍ୟନୁକରଣ; ତୁଳନୀୟ ଇଂ. ହିସ୍‌ସିଙ୍ଗ୍—
Bhas-bhas hissing)—ବଡ଼ ମୁଣିରୁ ଗୋଟିଏ ସାନ ଛିଦ୍ର
(ଭ୍ରସ୍ଭ୍ରସ୍—ଅନ୍ୟରୂପ) ବାଟେ ପବନ ବା ପାଣି ଜୋରରେ
ভসভস ବାହାରିବାର ଶବ୍ଦ; ଫସ୍‌ଫସ୍—Hissing sound of
मसमस water or air escaping from a bag through a small hole.

ଭସ୍‌ଭସିଆ—ଦେ. ବିଣ—୧। ଫସ୍‌ଫସିଆ; ଯେଉଁ ଛିଦ୍ରମୟ ଥଳି ଅବରୁ
Bhas-bhasiā ପାଣି ବା ପବନ ଭସ୍‌ଭସ୍ ହୋଇ ବାହାର ଯାଉ
(ଭସ୍କା—ଅନ୍ୟରୂପ) ଥାଏ—1. (a bag with holes)
ভস্‌কা, ভস্‌ভসিআ From which water or air es-
मसमसिआ capes with a hissing sound.
୨। ଅସୁଆଦିଆ; ପାଣିଚିଆ—2. Insipid; tasteless.
୩। ଚଳଚଳିଆ—3. Soft and elastic.

ଭସା—ଦେ. ବି. (ସଂ. ଭାସ୍ ଧାତୁ=ଦୀପ୍ତି ପାଇବା, ପ୍ରକାଶ ପାଇବା)—
Bhasā କୌଣସି ପଦାର୍ଥକୁ ଜଳରେ ଭାସମାନ କରିବା—
ভাসা The act of floating a thing on water.
मसाना ଦେ. ବିଣ—ଭାସମାନ—Floating.

ଭସା(ସେ)ଇ ନେବା—ଦେ. କ୍ରି—ସ୍ରୋତର ବେଗରେ ଭାସମାନ ବସ୍ତୁକୁ
Bhasā(se)i nebā ସ୍ଥାନାନ୍ତରକୁ ନେଇ ଯିବା—To cause a
ভাসিয়ে নওয়া floating thing to move down with
मसालेना the current. (ଯଥା—ନଈବଢ଼ି କେତେ
ଗାଈ ଗୋରୁଙ୍କୁ ଭସାଇ ନେଲା।)

ଭସା(ସେ)ଇବା—ଦେ. କ୍ରି. ('ଭାସିବା' କ୍ରିୟାର ଣିଜନ୍ତ ରୂପ)—
Bhasā(se)ibā ୧। କୌଣସି ପଦାର୍ଥକୁ ଜଳରେ ଭାସମାନ
ভাসান କରିବା—1. To set a thing afloat on
मसाना water; to cause a thing to float on
water. ୨। ନୌକାକୁ ଜଳରେ ଭାସିବା ନିମନ୍ତେ ଛାଡ଼ି
ଦେବା ବା ପେଲି ଦେବା—2. To cause a boat to
float on water; to launch a boat.
(ଭସାଇ ଦେବା—ଅନ୍ୟରୂପ) ୩। (ଲକ୍ଷଣାର୍ଥ) କୌଣସି ବ୍ୟକ୍ତିର
ସର୍ବନାଶ ଘଟାଇବା—3. (figurative) To cause
ruin to a person; to ruin a person. (ଦ୍ରୁ-ନୃପ
କୁଳେ ଚଳି ତପସ୍ୱିନୀ ହୋଇ ମୋତେ ତ ଭସାଇ ଦେଲୁ।
ଜନକଶୋକ. ଶର୍ମିଷ୍ଠା) ୪। ଜଳ ପ୍ଲାବନ ଦ୍ୱାରା ଜଳ
ସ୍ରୋତରେ ଦୂରକୁ ନେଇ ଯିବା—4. To cause to
float away by flood water; to drift. (ଯଥା
—ଗତ ପୂର୍ବ ବର୍ଷ କାଠଯୋଡ଼ି ନଈବଢ଼ି ଅନେକ ଘର
ଭସାଇଛି।) ୫। ପ୍ଲାବିତ କରିବା—5. To flood;
to inundate. (ଯଥା—ସେ ଲୁହରେ ଛାତିକୁ
ଭସାଇଲାଣି।)

ଭସା ଜାଲ—ପ୍ରାଦେ. (ବାଲେଶ୍ୱର) ବି. (ତୁଳ. ବଂ. ଭାସା ଜାଲ)—
Bhasā jāla ଭାସମାନ ଜାଲବିଶେଷ—A kind of float-
मसा जाल ing net. [ଦ୍ର—ଏହାକୁ ପାଣିରେ ଭସାଇ
ଦେଲେ ମାଛମାନେ ଏହା ଉପରକୁ ଡେଇଁ ପଡ଼ି ଜାଲରେ
ଛନ୍ଦି ହୋଇ ଲାଗି ରହନ୍ତି।]

ଭସାଣି—ଦେ. ବିଣ—ଭାସି ଆସୁଥିବା—Floating.
Bhasāṇi (ଦ୍ର—ଭସାଣି ଚାହାଳଗୁଡ଼ାକୁ ବାଟରେ ଓଗାଳ ରଖିବେ-
मसनेवाला ଫକୀରମୋହନ. ଗଳ୍ପସ୍ୱଳ୍ପ।) ଦେ. ବି—ନଈ ବଢ଼ିରେ
ବା ସମୁଦ୍ରରେ ଭାସି ଆସିଥିବା ବସ୍ତୁ—Flotsam;
things found floating on the water
of a river or sea.

ଭସାଣି କଙ୍କଡ଼ା—ପ୍ରାଦେ. (ବାଲେଶ୍ୱର) ବି—ସାମୁଦ୍ରିକ କଙ୍କଡ଼ା-
Bhasāṇi kankarḍā ବିଶେଷ—A kind of sea-crab.

ଭସାଲି—ଦେ. ବିଣ ଓ ବି. (ଗାଳି)—ଭାସି ଆସିଥିବା; ନିରାଶ୍ରୟ; ଗାଙ୍ଗ
Bhasāli ଅଗତି (ବ୍ୟକ୍ତି)—Helpless (person); a
आ bird of passage; a vagrant.

ଭସାଭସି—ଦେ. ବି—ବହୁପଦାର୍ଥ ଭସାଇବା କର୍ମ—
Bhasābhasi The act of causing many things to
ভাসাভাসি मसामसी float.

ଭସା ମେଘ(ବଉଦ)—ଯେଉଁ ମେଘ ଖଣ୍ଡ ପବନରେ ଇତସ୍ତତଃ ଚଳୁଥାଏ
Bhasā megha (bauda) Cloud drifted by wind.
ভাসামেঘ मासावादल

ଭସିତ—ସଂ. ବି. (ଭସ୍ ଧାତୁ+କର୍ତ୍ତୃ. ତ)—ଭସ୍ମ; ପାଉଁଶ—
Bhasita Ashes.

ଭସେଇ କ(କ)ରି କହିବା—ପ୍ରାଦେ. (ଯାଜପୁର) ବି—ଚାଟୁବାକ୍ୟ
Bhasei ki(ka)ri kahibā କହିବା—To flatter.

ଭସ୍କିବା—ପ୍ରାଦେ. (ଗଡ଼ଜାତ) କ୍ରି—ଚାତୁଅରେ ଗୋଡ଼ ଦବ ଗଲେ
Bhaskibā ପାଦର ଧୂଳ ଧାରରେ (ଚାତୁଅ ମାଟି) ଉପରକୁ

ଉଠିବା—(mud) To rise up along the edge of the feet when one walks on soft mud.

ଭସ୍ତ୍ର(ସ୍ତ୍ରୀ)କା—ସଂ. ବି.(ଭସ୍ ଧାତୁ + କର୍ତ୍ତୃ.ତ୍ର + କ+ଅ)-୧ । ଚମ ମୁଣିରେ Bhastra(strī)kā ପବନ ପୂରାଇ ମୁହଁ ବାନ୍ଧେ ବାହାର କରିବା (ଭସ୍ତ୍ରା, ଭସ୍ତ୍ରୀ – ଅନ୍ୟରୂପ) ଯନ୍ତ୍ରବିଶେଷ; କମାରର ଭାଗି ବା ଯନ୍ତ୍ରା—1. Blacksmith's bellows. ୨ । ଭସ୍ତ୍ରି; ପାଣି ଆଦି ଏକସ୍ଥାନରୁ ଅନ୍ୟ ସ୍ଥାନକୁ ବୋହିବା ସରୁମୁହାଁ ଚମମୁଣି; ମଶକ—2. A leathern bag for carrying water.

ଭସ୍ମ—ସଂ. ବି. ( ଭସ୍ ଧାତୁ+କର୍ତ୍ତୃ. ମନ୍; ଭସ୍ମନ୍; ୧ମା, ୧ବ )—Bhasma ୧ । ପାଉଁଶ—1. Ashes. ୨ । ଆୟୁର୍ବେଦର ବା ରାସାୟନିକ ପ୍ରକ୍ରିୟାରେ ସୁନା ଆଦି ପୋଡ଼ି ଛାଇଁରୁ କରାଯିବା ପାଉଁଶ—Oxide of metal and other things oxidised or reduced to ashes through chemical or Ayurbedic process. [ଦ୍ର—ସ୍ୱର୍ଣ୍ଣ ଆଦି ଧାତୁ ଓ ମୁକ୍ତା,ଶଙ୍ଖ ଆଦିକୁ ଆୟୁର୍ବେଦୋକ୍ତ ପ୍ରକ୍ରିୟାରେ ଭସ୍ମରେ ପରିଣତ କରିବା କଥାକୁ 'ମାରଣ' ବୋଲାଯାଏ । ଏହି ଭସ୍ମମାନ ଭିନ୍ନ ଭିନ୍ନ ରୋଗରେ ପ୍ରୟୋଗ କରାଯାଏ । ଆୟୁର୍ବେଦ ମତରେ ପ୍ରାୟ ସମସ୍ତ ଧାତୁର ଓ ରତ୍ନର ଭସ୍ମ ପ୍ରସ୍ତୁତ କରାଯାଇ ଔଷଧରେ ବ୍ୟବହୃତ ହୁଏ ।] ୩ । ହୋମରେ ଜଳାଯିବା କାଠ ଆଦିର ପାଉଁଶ; ବିଭୂତି—3. The ashes of wood etc burnt in Homa. ୪ । ଚିତା ଭସ୍ମ; ମଡ଼ାର ପୋଡ଼ା ପାଉଁଶ—4. Ashes left after cremation. ଦେ. ବି—ସୁଜୀର୍ଣ୍ଣ ଖାଦ୍ୟ ବସ୍ତୁର ପରିଣତି—The remains of food in the stomach after it is well digested.
ଦେ. ବିଣ—୧। ଭସ୍ମୀଭୂତ—1. Reduced to ashes. ୨ । ସୁଜୀର୍ଣ୍ଣ ( ଖାଦ୍ୟ )—2. Well digested.

ଭସ୍ମକ—ସଂ. ବି ( ଭସ୍ମ+କ )—୧ । ସୁବର୍ଣ୍ଣ—1. Gold. ୨ । Bhasmaka ରୌପ୍ୟ—2. Silver. ୩ । କଫର ହ୍ରାସ ଓ ବାୟୁପିତ୍ତର ପ୍ରକୋପ ଜନିତ ରୋଗ ବିଶେଷ—3. A kind of disease due to loss of phlegm and excess of bile and wind. ୪ । ଭସ୍ମକୀଟ—4. A kind of worm in the stomach.

ଭସ୍ମ କରିବା—ଦେ. କ୍ରି—୧ । କୌଣସି ପଦାର୍ଥକୁ ପୋଡ଼ି ପାଉଁଶ Bhasma karibā କରିବା—1. To reduce a thing भस्म करा to ashes. ୨ । କୌଣସି ବ୍ୟକ୍ତିର ବା ବସ୍ତୁର भसम करना ସର୍ବନାଶ ସାଧିବା—2. To cause annihilation or extermination; to ruin. ୩ । ଖାଦ୍ୟ ଦ୍ରବ୍ୟକୁ ଜୀର୍ଣ୍ଣ କରିବା ବା ହଜମ କରିବା—3. To digest a food.

ଭସ୍ମ କୀଟ—ସଂ. ବି—ଉଦର ମଧ୍ୟରେ ଥିବା ଏକପ୍ରକାର ପୋକ—Bhasma kīta A kind of worm in the stomach which eats up whatever the person eats and makes him or her ever hungry and craving for food. [ ଦ୍ର—ମନୁଷ୍ୟ ଯାହା ଖାଏ ଏମାନେ ଶୀଘ୍ର ତାହା ଭସ୍ମ କରି ଦେବାରୁ ଉକ୍ତ ମନୁଷ୍ୟ ସର୍ବଦା ପ୍ରବଳ କ୍ଷୁଧାଦ୍ୱାରା ପ୍ରପୀଡ଼ିତ ହୁଏ । ଏହା ଗୋଟିଏ ମାରାତ୍ମକ ରୋଗ । ]

ଭସ୍ମ କୂଟ—ସଂ. ବି ( ୬ଷ୍ଠୀ ତତ୍; ଭସ୍ମ+କୂଟ )—ପାଉଁଶଗଦା—Bhasma kūta A heap of ashes. (ଭସ୍ମସ୍ତୂପ, ଭସ୍ମରାଶି—ଅନ୍ୟରୂପ)

ଭସ୍ମଗତ—ଦେ. ବିଣ—ଭସ୍ମସାତ୍—Reduced to ashes. [ ଉ—Bhasmagata ଜ୍ୱାଳ ଅନଳ ହେଲେ ଜାତ, ତେବେ ସେ ହୋଏ ଭସ୍ମଗତ । ଜଗନ୍ନାଥ. ଭାଗବତ । ]

ଭସ୍ମ ଗୁଣ୍ଠନ—ସଂ. ବି—ବିଭୂତିଲେପନ; ଦେହରେ ପାଉଁଶ ବୋଳି ହେବା Bhasma gunthana —Smearing the body with ashes. (ଭସ୍ମଲେପନ, ଭସ୍ମଲେପନ—ଅନ୍ୟରୂପ)

ଭସ୍ମସାତ୍—ସଂ. ବିଣ ( ଭସ୍ମ+ପରିଣତାର୍ଥରେ ସାତ୍ )—୧ । ଭସ୍ମରେ Bhasmasāt ପରିଣତ ଭସ୍ମୀଭୂତ—1. Reduced to ashes. ୨ । ଭସ୍ମାକାରରେ ପରିଣତ—2. Reduced to a state of ashes; oxidised.

ଭସ୍ମା—ପ୍ରାଦେ ( ଯାଜପୁର ) ବି. ପୁଂ—ପୁରୁଷଙ୍କୁ ଦିଆଯିବା ଏକପ୍ରକାର Bhasmā ଗାଳି—A term of abuse to males.

ଭସ୍ମାଚ୍ଛନ୍ନ—ସଂ.ବିଣ (୩ୟା ତତ୍; ଭସ୍ମ+ଆଚ୍ଛନ୍ନ)—ପାଉଁଶଦ୍ୱାରା ଆବୃତ-Bhasmāchchhanna Covered over with ashes. (ଭସ୍ମାଚ୍ଛାଦିତ, ଭସ୍ମାବୃତ—ଅନ୍ୟରୂପ)

ଭସ୍ମାଧାର—ସଂ. ବି ( ୬ଷ୍ଠୀ ତତ୍; ଭସ୍ମ+ଆଧାର )—୧ । ପାଉଁଶ Bhasmādhāra ରଖିବାର ପାତ୍ର—1. A receptacle for ashes. ୨ । ମୃତଦେହର ଭସ୍ମାବଶେଷ ରଖା-ଯିବା ସ୍ଥାଲୀ ବା ପାତ୍ର—2. An urn to preserve the remains of the dead.

ଭସ୍ମାବଶିଷ୍ଟ—ସଂ. ବିଣ--ପୋଡ଼ାଯାଇ ପାଉଁଶ ମାତ୍ର ଅବଶିଷ୍ଟ (କୌଣସି ବସ୍ତୁ) Bhasmābasishta —Reduced to ashes after being burnt; burnt to ashes (ଭସ୍ମମାତ୍ରାବଶିଷ୍ଟ—ଅନ୍ୟରୂପ)

ଭସ୍ମାବଶେଷ—ସଂ. ବି ( ୬ଷ୍ଠୀ ତତ୍; ଭସ୍ମ+ଅବଶେଷ )—୧ । ପୋଡ଼ି Bhasmābasesha ଯାଇଥିବା ପଦାର୍ଥର ଅବଶିଷ୍ଟ ରହିଥିବା ଭସ୍ମରୂପ ଅଂଶ—1.The ashy remains of a burnt thing. ୨ । ଭସ୍ମୀଭୂତ ଦେହ—2. A body turned to ashes; the ashy form of a body which has been burnt down.

ଭସ୍ମାନ୍ଧ—ସଂ. ବିଣ. ପୁଂ ( ୩ୟା ତତ୍; ଭସ୍ମ+ଅନ୍ଧ )—ଆଖିରେ ପାଉଁଶ Bhasmāndha ପଡ଼ିବା ଯୋଗୁଁ ଅନ୍ଧ—Blinded with ashes. (ଭସ୍ମାନ୍ଧା—ସ୍ତ୍ରୀ)

ଭସ୍ମାସୁର—ଦେ. ବି—ଦୈତ୍ୟ ବିଶେଷ—Name of a demon. Bhasmāsura [ ଦ୍ର—ଏ ତପସ୍ୟା କରି ମହାଦେବଙ୍କଠାରୁ ବର ପାଇଲା ଯେ, ଏ ଯାହା ମୁଣ୍ଡରେ ହାତ ଦେବ ସେ ଜଳି ପାଉଁଶ ହୋଇଯିବ । ଏହାର ସତ୍ୟତା ପରୀକ୍ଷା କରିବାପାଇଁ ଏ

ପ୍ରଥମେ ମହାଦେବଙ୍କ ମୁଣ୍ଡରେ ହାତ ଦେବାପାଇଁ ତାଙ୍କ ପଛରେ ଗୋଡ଼ାଇଲା ଓ ମହାଦେବ ପଳାଇଲେ; ମହାଦେବଙ୍କର ଦୁଃଖ ଦେଖି ବିଷ୍ଣୁ ଛଳ କରି ନିଜ ମୁଣ୍ଡରେ ହାତ ଦେବାକୁ ଏହାକୁ କହିଲେ। ଏ ତାହା କରିବାରୁ ଭସ୍ମ ହୋଇଗଲା।] [ତୁ—ଦୁଷ୍ଟଙ୍କୁ ଦାନ୍ତ ଦାଗାଦିର, ଦେଖାଇ ଦେଲା ଭସ୍ମାସୁର। ଭୂପତି. ପ୍ରେମପଞ୍ଚାମୃତ।]

ଭସ୍ମିତ—ସଂ. ବିଣ (ଭସ୍ମ+ଯୁକ୍ତ ବା ପରିଣତାର୍ଥେ ଇତ)—୧। Bhasmita ପୋଡ଼ି ଯାଇ ପାଉଁଶ ହୋଇଥିବା—1. Reduced to ashes. ୨। ବିନଷ୍ଟ—2. Destroyed.

ଭସ୍ମୀଭୂତ—ସଂ. ବିଣ (ଭସ୍ମ+ଅଭୂତ ତଦ୍ଭାବେ. ଚ୍ୱି+ଭୂତ)—୧। Bhasmībhūta ଭସ୍ମରେ ପରିଣତ; ପୋଡ଼ି ଯାଇ ପାଉଁଶ ହୋଇଥିବା—1. Reduced to ashes; burnt to ashes. ୨। ବିନଷ୍ଟ—2. Destroyed; ruined. ୩। ଉଦରାଗ୍ନି ଦ୍ୱାରା ଜୀର୍ଣ୍ଣ ହୋଇଥିବା—3. Digested.

ଭା (ଧାତୁ)—ସଂ—ଦୀପ୍ତି ପାଇବା—To shine. Bhā (root)

ଭା (ଭାଃ)—ସଂ. ବି (ଭା ଧାତୁ+ଭାବ ଅ+ଅସ୍)—୧। ଦୀପ୍ତି; ପ୍ରଭା—Bhā (bhāḥ) 1. Lustre; radiance. ୨। (+କର୍ତ୍ତୃ. ଅ)—2. Light. ୩। କିରଣ—3. Ray. ୪। ଶୋଭା—4. Beauty; splender.

ଭାଆର (ଇତ୍ୟାଦି)—ଗ୍ରା. ବି ଓ ବିଣ—ବାହାର ଇତ୍ୟାଦି (ଦେଖ) Bhā-āra [etc] भार Bhāhāra etc etc [See]

ଭାଆରିବା—ଗ୍ରା. କ୍ରି—ବାହାରିବା (ଦେଖ) Bhā-āribā भारना Bāhāribā [See].

ଭାଇ—ଦେ. ବି ପୁଂ (ସଂ. ଭ୍ରାତୃ; ପ୍ରା. ଭାଇ)—୧। ଭ୍ରାତା; ସହୋଦର—Bhāi 1. Brother. ୨। ଖୁଡୁତା ବା ପେହୁଣ୍ଡାଙ୍କ ପୁଅ; ମାମୁଁ, ପିଉସା ବା ମଉସାଙ୍କ ପୁଅ—2. Causin. ୩। କୁଟୁମ୍ବୀ—भाई भाई, मैया 3. Kinsman. ୪। ଏକ ଜନ୍ମଭୂମିର ସନ୍ତାନ—4. One's countryman. ୫। ସଙ୍ଗୀ—5. Companion. ୬। ଧର୍ମଭାଇ—6. Godbrother. ୭। ଏକ ଜାତିର ବା ସମାଜର ଅନ୍ତର୍ଗତ ବ୍ୟକ୍ତି—7. Member of a particular caste-guild or community. ୮। ଏକ ସ୍ଥାନରେ କାର୍ଯ୍ୟ କରୁଥିବା ବ୍ୟକ୍ତି—8. Persons working at the same place; colleague. ୯। ଏକ ସମ୍ପତ୍ତିର ଅଂଶୀଦାର—9. Cosharers in a property. ଦେ. ଅ—ସମ ବୟସ୍କ, ସମସ୍ଥ ବା ସମ ଅବସ୍ଥାପନ୍ନ ବ୍ୟକ୍ତିଙ୍କୁ ସମ୍ବୋଧନ—A word addressed to people of the same age, position or condition.

ଭାଇଆ—ଦେ. ବି (ସଂ. ଭ୍ରାତୃ+ଅଳ)—୧। ଜ୍ଞାତି; କୁଟୁମ୍ବୀ ଭାଇ—Bhāiā 1. Kinsman; one's agnate. ୨। ଦୂର ସମ୍ପର୍କୀୟ (ଭାଇଅଳ—ଅନ୍ୟରୂପ) ଜ୍ଞାତି ବା କୁଟୁମ୍ବ—2. Distant भाया agnate. ଦେ. ବିଣ—୧। ଭାଇ ସମ୍ବନ୍ଧୀୟ—मैया; माया 1. Brotherly. ୨। ଭାଇଭାଗ ସମ୍ପର୍କୀୟ—2. Relating to fraternal or any other agnatic shares.

ଭାଁ ଭାଁ—ଦେ. ଅ (ଧ୍ୱନ୍ୟନୁକରଣ)—କାନ ମଧ୍ୟରେ ଅନୁଭୂତ ହେବା Bhān̐ bhān̐ ଏକ ପ୍ରକାର ଶବ୍ଦ—A ringing sound or ଭାଁଅଁ ଭାଁଅଁ } ଅନ୍ୟରୂପ sensation experien- ଭାଇଁ ଭାଇଁ, ଭାଉଁ ଭାଉଁ } ced inside the ear. ଭାଁ ଭାଁ भाँभाँ

ଭାଇ କୁମା(ମ୍ବା, ମ୍ଭା)ଲ—ଦେ. ଅ (ସବାରି ବେହେରାଙ୍କ ଭାଷା)—Bhai kumā (mbā; mbhā)la ସବାରିର ଆଗ ବାଉଁଶର [ଭାଇକୁମା (ମ୍ବା, ମ୍ଭା)ଲଅ—ଅନ୍ୟରୂପ) ଗଣ୍ଠିରେ ଲାଗିଥିବା [ଭାଇ ସି (ଫି)ଗାଲ (ଲଅ)—ବିପରୀତ] ବେହେରାଙ୍କୁ ସମ୍ବୋଧନ—A term used by palki bearers, to denote the foremost bearer.

ଭାଇ ଗରବ—ଦେ. ଅ (ସବାରି ବେହେରାଙ୍କ ଭାଷା)—ସବାରିର Bhai garaba ବାଉଁଶର ମୂଳରେ ଲାଗିଥିବା ବେହେରାଙ୍କୁ ଭାଷା—A term used by palki bearers, to denote the bearer at the root of the pole.

ଭାଇ ଘର—ପ୍ରାଦେ. (କଟକ) ବି—କୌଣସି ଘର ସମ୍ମୁଖରେ ତିଆରି Bhāi ghara ହୋଇଥିବା ଅନ୍ୟ ଘର— A house raised in front of another.

ଭାଇଚ—ଦେ. ବି—(ସଂ. ବାଚ୍ୟ;—ବାଇଚ; ତ୍ରୁଟିଶ—Finding Bhāicha fault with a person; cavilling.

ଭାଇଚାରା—ଦେ. ବି—୧। କୁଟୁମ୍ବିତା—1. Kinship. ୨। କୁଟୁମ୍ବୀ Bhāichārā ଭାଇ—2. Kinsman. ୩। ଜାତିଭାଇ—भायाचारा; भाइचारा 3. Castemen. ୪। ସମ ଅବସ୍ଥାପନ୍ନ ବ୍ୟକ୍ତିଗଣ—4. Brethren. ୫। ଭାଇ ସମ୍ପର୍କ—5. Fraternal relationship.

ଭାଇଜାନ୍—ବୈଦେ. ବି (ପା)—ଭ୍ରାତା ବା ସଙ୍ଗୀ ପ୍ରତି ସ୍ନେହ Bhāijān ସମ୍ବୋଧନ—A term of endearment ad- भाईजान dressed to a brother or bosom-companion.

ଭାଇ ଜିଉଁତିଆ—ପ୍ରାଦେ. (ସମ୍ବଲପୁର) ବି (ଭୂଲ. ହି. ଭାଇ ଜୁଣ୍ଟିଆ)—Bhāi jiuṅtiā ଆଶ୍ୱିନ ମାସର ମହାଷ୍ଟମୀ ଦିନ ଭାଇ ଥିବା ସ୍ତ୍ରୀ (ଭାଏ ଜମତିଆ—ଅନ୍ୟରୂପ) ଓ ବାଳିକାମାନେ ଯେଉଁ ଓଷା ପାଳନ କରନ୍ତି—A festival observed on the bright fortnight of Aswina in Sambalpur by women and girls having brothers. [ତୁ—ଏ ଦିନ ବିବାହିତା ଭଉଣୀମାନେ ଶଶୁର ଘରୁ ଭାଇଙ୍କ ଘରକୁ ଆସନ୍ତି ଏବଂ ଭାଇଙ୍କୁ ଫୁଲ ଚନ୍ଦନରେ ବେଶ କରି ପିଠା ଖାଦ୍ୟ ଦିଅନ୍ତି। ଭଉଣୀମାନେ ଦିନ ସାରା ଉପବାସ ରହି ଦୁର୍ଗାଙ୍କଠାରେ ଭାଇଙ୍କର ଦୀର୍ଘ ଜୀବନ କାମନା କରନ୍ତି ଏବଂ ଜଉଁତ୍ରିଆ (ରକ୍ଷୀ) ପିନ୍ଧନ୍ତି।

ତହିଁ ଅନନ୍ତର ଭାଇମାନେ ଭଉଣୀମାନଙ୍କୁ ନୂଆ ଲୁଗା ଦିଅନ୍ତି ଓ ପରେ ଶାଶୁଘରକୁ ବିଦାୟ କରନ୍ତି । ]

**ଭାଇତିରିଆ**—ଦେ. ବିଣ—୧ । ଭାଇ ସମ୍ପର୍କୀୟ —1. Relating to
Bhāitiriā brothers; fraternal; brotherly.
**भाईचारा** ভায়া ୨ । କୁଟୁମ୍ବୀ—2. Agnatic.

**ଭାଇ ଦୁତିଆ**—ଗ୍ରା. ବି (ସଂ. ଭ୍ରାତୃ ଦ୍ୱିତୀୟା)—ଯମଦ୍ୱିତୀୟା; କାର୍ତ୍ତିକ
Bhāi dutiā ଶୁକ୍ଳ ଦ୍ୱିତୀୟା—The 2nd day of the
ভাই দ্বিতীয়া bright fortnight of the month of
**भाइदूज** Kārttika. [ଦ୍ର—ଏ ଦିନ ଯମୁନା ଆପଣାର ଭାଇ ଯମଙ୍କର ପୂଜା କରି ଥିବାରୁ ଭଉଣୀମାନେ ନିଜ ନିଜର ଭାଇଙ୍କୁ ପୂଜା କରନ୍ତି । ]

**ଭାଇ ଦେବା**—ଦେ. କ୍ରି—ବାହୁଅ ପାଇକ ଓ ପାଣ କଣ୍ଡରଙ୍କ ସମାଜରେ
Bhāi debā କୌଣସି ଲୋକ ମରିଗଲେ ତାହାର ଅନ୍ତ୍ୟେଷ୍ଟି
**दाहमे जाना** କ୍ରିୟାରେ ଯୋଗ ଦେବା ପାଇଁ ଜାତି ଭାଇମାନଙ୍କ ପକ୍ଷରୁ ପ୍ରତିନିଧିସ୍ୱରୂପ ଜଣେ ଭାଇକୁ ପଠାଇବା [ ଦ୍ର—ଜାତି ବେହେରା ଠାରେ ଭାଇ ଦେବା ଭାର ନ୍ୟସ୍ତ ଥାଏ । ]
(the headman of a caste-guild) To depute a representative to attend the funeral of a deceased casteman.

**ଭାଇଧନ**—ଦେ. ଅ—ଭାଇ ବା ମିତ୍ର ପ୍ରତି ସ୍ନେହ ସମ୍ବୋଧନ—
Bhāidhana A term of endearment addressed to
**भाइ; भाइजान** ভাইজান a brother or friend.

**ଭାଇନା (ନ୍ନା)**—ଦେ. ବି. ପୁଂ (ବ୍ରାହ୍ମଣଙ୍କ ଘରେ ପ୍ରଚଳିତ) ବଡ଼ଭାଇ—
Bhāinā(nnā) Elder brother (in a Brāhmaṇa-
দাদা; **भैया, भाया** family). [ଦ୍ର—କଟକ ଜିଲ୍ଲାର ମହାନଦୀର (ଭାଇନନା—ଅନ୍ୟରୂପ) ଉତ୍ତର ତଟସ୍ଥ ବ୍ରାହ୍ମଣମାନେ ବଡ଼ଭାଇଙ୍କୁ (ଭାଉଜ—ସ୍ତ୍ରୀ) ନନା ବୋଲି ସମ୍ବୋଧନ କରନ୍ତି ଓ ପିତାଙ୍କୁ 'ନନା' ନ କହି ବାପା ବୋଲି କହନ୍ତି; ପୁରୀ ଜିଲ୍ଲାରେ ଓ କଟକଜିଲ୍ଲାର ମହାନଦୀର ଦକ୍ଷିଣକୂଳବାସୀ ବ୍ରାହ୍ମଣମାନେ ବଡ଼ଭାଇଙ୍କୁ ଭାଇନା ଓ ପିତାଙ୍କୁ ନନା ବୋଲି ଡାକନ୍ତି ।]

**ଭାଇପଣ**—ଦେ. ବି—୧ । ଭ୍ରାତୃତା—1. Brotherhood. ୨ । ଭ୍ରାତୃ-
Bhāipaṇa ଉଚିତ ବ୍ୟବହାର—2. Brotherly conduct.
୩ । ଏକ ସମାଜଭୁକ୍ତ ବ୍ୟକ୍ତିମାନଙ୍କ ମଧ୍ୟରେ ପରସ୍ପର ପ୍ରତି କର୍ତ୍ତବ୍ୟ ସାମାଜିକ କର୍ମମାନଙ୍କର ଉପଯୁକ୍ତ ସମ୍ପାଦନ (ଯଥା, ଜାତିଅଣ ସବାରେ ଖିଅପିଅ, ମୂର୍ଦ୍ଦାର ଉଠାଇବା, ପାରିବାରିକ ଉତ୍ସବାଦିରେ ଯୋଗ ଦେବା ଆଦି)—
3. Regular discharge of one's duties to the other members of the society or guild to which one belongs.
ভাইপনা; **भाइपन, भाइचारा** (ଭାଇ ପଣିଆଁ—ଅନ୍ୟରୂପ)

**ଭାଇ ପେ(ପି)ଙ୍ଗାଳ**—ଦେ. ଅ ( ସବାରୁ ବେହେରାଙ୍କ ଭାଷା )—ପଛ
Bhāi pi(phi)ṅgāla) ବାଉଁଶରେ ଥିବା ବେହେରାକୁ ଅଗ
[ଭାଇପି (ଫେ)ଙ୍ଗାଳିଆ—ଅନ୍ୟରୂପ] ବେହେରାର ସମ୍ବୋଧନ—
A term used by palki bearers to denote
(ବିପରୀତ—ଭାଇକୁମ୍ଭାଳ) the rearmost bearer.

**ଭାଇ ପିଛୁଲା**—ଦେ. ଅ (ସବାରି ବେହେରାଙ୍କ ଭାଷା)—ଅଗ ବେହେରା-
Bhāi pichhilā ମାନଙ୍କର ପଛ ବେହେରାଙ୍କୁ ଡାକିବା ଡାକ—
A term used by the-bearers of the front pole of a palki to those at the rear.

**ଭାଇପୁଅ**—ଦେ. ବି (ସଂ. ଭ୍ରାତୃପୁତ୍ର)—୧ । ଭ୍ରାତୃପୁତ୍ର; ପୁତୁରା—
Bhāipua 1. One's brother's son; nephew. ୨ ।
ভাইপো; **भतीजा** ରାଜାଙ୍କ ବଂଶଧର ବା କୁଟୁମ୍ବ—2. A Raja's kinsmen or agnates. ପ୍ରାଦେ. (ଗଞ୍ଜାମ) ବି—ଗଞ୍ଜାମ ଜିଲ୍ଲାର ଶୂଦ୍ରବିଶେଷ—A caste of Sūdras in the district of Ganjam.

**ଭାଇ ବିରାଦର**—ଦେ. ବି (ସହଚର; ସଂ. ଭ୍ରାତୃ+ପା. ବିରାଦର୍)—
Bhāi birādara ୧ । ସହୋଦର ଭାଇ ଓ କୁଟୁମ୍ବୀ ଭାଇମାନେ—
ভাই ভায়াদ; **भाइबिरादर** 1. Brothers and causins.
୨ । କୁଟୁମ୍ବୀଗଣ—2. Kinsmen.

**ଭାଇ ବେହେରା**—ଦେ. ବି—ବାହୁଅମାନଙ୍କ ଜାତି ଭାଇମାନଙ୍କ ମଧ୍ୟରେ
Bhāi beherā ପ୍ରଧାନ ବ୍ୟକ୍ତି—A headman of a caste-
**मुखिया, माइबन्द** পরমাণিক guild.

**ଭାଇବୋହୂ(ହୁ)**—ଦେ. ବି (ସଂ. ଭ୍ରାତୃବଧୂ)—ଭ୍ରାତୃବଧୂ; ସାନଭାଇର
Bhāibohū(u) ସ୍ତ୍ରୀ—The wife of one's younger
ভাইবউ; **भावहू, भाभी** brother.

**ଭାଇ ଭଉଣୀ**—ଦେ. ବି (ଏକପିତାଙ୍କ ସନ୍ତାନ)—ଭ୍ରାତା ଓ ଭଗିନୀ—
Bhāi bhauṇī Brother and sister.
ভাইবইন ভাইবোন; **भाइबहीन**

**ଭାଇ ଭଗାରି**—ଦେ. ବି—୧ । ଦାୟାଦ; ପୈତୃକ ସମ୍ପତ୍ତିରେ ଅଂଶୀଦାର—
Bhāi bhagāri 1. Cosharer with a person in res-
ভাইভাগারি; **भाइबन्धु** pect of patrimony. ୨ । ଶତ୍ରୁ—2. One's co-sharer, and so, one's enemy or rival.

**ଭାଇ ଭଗାରିଆ**—ଦେ. ବି—୧ । ଦାୟାଦ ବା ପୈତୃକ ସମ୍ପତ୍ତିରେ
Bhāi bhagāriā ଅଂଶୀଦାରମାନଙ୍କ ସମ୍ବନ୍ଧୀୟ—1. Pertain-
**भाइबन्धु** ing to agnatic or cognatic co-sharers.
୨ । ଯେଉଁ ବ୍ୟକ୍ତିର ବା ପରିବାରର ପ୍ରତିବେଶୀରୂପେ ଭାଇ ଓ ଭଗାରିମାନେ ବାସ କରନ୍ତି—2. (a person or family) Surrounded by co-sharers as
ভাইভাগারিয়া neighbours.
(ଉ—ଭାଇ ଭଗାରିଆ ଘର, ଯେ ନ ପଶିବ ସେ ପଶିଲା, ତାହାକୁ କହିବ କଏ ?—ଲୋ)

**ଭାଇ ଭାଗ**—ଦେ. ବି (ସଂ. ଭ୍ରାତୃ+ଭାଗ)—୧ । ଭାଇମାନଙ୍କ ମଧ୍ୟରେ
Bhāi bhagā ପୈତୃକ ସମ୍ପତ୍ତିର ବିଭାଗ—1. Partition of
ଭାଇ ବାଣ } patrimony amongst
ଭାଇବଂ (ବା)ଣ୍ଟ } —ଅନ୍ୟରୂପ brothers.
**भाइकाअंश** ୨ । ଭାଇମାନଙ୍କ ମଧ୍ୟରୁ ଜଣକର ଅଂଶ—2. The
**भाइकाभाग** share or allotment of one brother or
**भाइकाहिस्सा** co-sharer. (ଉ—ପାଣ୍ଡବଙ୍କର ଭାଇ ଭାଗ ଲେଖି

ଦେଇ, ଭୋଗ ଦେ ସୁଖରେ ବତ୍ତିନା କାମେ ମଣ୍ଡ—କୃଷ୍ଣସିଂହ.
ভাইভাগ ମହାଭାରତ, ଉଦ୍ଯୋଗ ।)

**ଭାଇ ଭାତ**—ଦେ. ବ—ଜାତିଭାଇଙ୍କୁ ଖୁଆଇବା ଭୋଜନ—Caste-
Bhāi bhāta **माइभात, भाइभात** dinner.
(ଭାଇ ଭୋଜ—ଅନ୍ୟରୂପ) জাতির ভোজ

**ଭାଇ(ଏ)ରା(ଡ଼ା) ଭାଇ**—ଗ୍ରାଦେ. (ମେଦିନୀପୁର ଓ ଉତ୍ତର ବାଲେଶ୍ୱର)
Bhāi(e)rā(ṛdā) bhāi ବ (ଭୁଲ. ଏହି ଅର୍ଥରେ ବ. ଏହି ଶବ୍ଦ)
ସାଢ଼ୁ; ଆପଣା ସ୍ତ୍ରୀର ଭଉଣୀଙ୍କ ସ୍ୱାମୀ; 'ଶ୍ୟାଳୀପତି—One's
brother-in-law, being the husband of
one's wife's sister.

**ଭାଇ ଲେଖା**—ଦେ. ବ—୧ । ଭ୍ରାତୃ ସମ୍ପର୍କ—1. Brotherly
Bhāi lekhā relationship. ୨ । ଦୂର ସମ୍ପର୍କରେ ଭାଇ—
**भाइलेखा; भैयारी** 2. One's distant causin. ଦେ.
ভায়া ବଣ—୧ । ଭ୍ରାତୃସ୍ଥାନୀୟ(ବ୍ୟକ୍ତି)—1. In the position
of a brother. ୨ । ଦୂର ସମ୍ପର୍କରେ ଭାଇରୂପେ
ସମ୍ପୃକ୍ତ—2. Distantly related to a person as
causin.

**ଭାଇ ଶଳା**—ଦେ. ବ. ପୁଂ—କୌଣସି ସ୍ତ୍ରୀଲୋକର ଭାଇର ଶଳା—
Bhāi śalā A woman's brother's wife's brother.
**माइशाला** [ ଦ୍ର—ସ୍ତ୍ରୀମାନଙ୍କର ବ୍ୟବହାର ଶବ୍ଦ ଅଟେ । ]

**ଭାଇସ୍**—ବୈଦେ. ବ. (ଇଂ)—ଦୁଇଅଙ୍ଗୁ କୌଣସି ପଦାର୍ଥକୁ ଦୃଢ଼ ଧରିବା
Bhāis ପାଇଁ ବ୍ୟବହୃତ ଲୁହାର ଦୁଇ ଯାବଣ୍ଡ କଳ—A
ভাইস **बाइस** mechanic's vice.

**ଭାଇସ୍‌ଚାନ୍‌ସେଲ(ଲା)ର୍**—ବୈଦେ. ବ. (ଇଂ)—ବିଶ୍ୱବିଦ୍ୟାଳୟର
Bhāis-chānsela(lā)r ଚାନ୍‌ସେଲର୍ ବା ସଭାପତିଙ୍କ ସହକାରୀ—
ভাইস চান্সেলর্ **वाइस चान्सेलार** Vice-chancellor of
a university.

**ଭାଇସ୍‌ଚେୟାର୍‌ମା(ମେ,ମ୍ୟା)ନ୍**—ବୈଦେ. ବ. (ଇଂ)—ଡିଷ୍ଟ୍ରିକ୍ଟ
Bhāis-cheār-ma(me,myā)n ବୋର୍ଡ଼ ଓ ମିଉନିସିପାଲିଟିର
ভাইস্‌চেয়ারমেন **वाइसचेयारमैन** ସହକାରୀ ଚେୟାରମ୍ୟାନ୍—
(ଭାଇସ୍‌ଚେରମେନ୍—ଗ୍ରାମ୍ୟରୂପ) Vice-chairman.

**ଭାଇସ୍ ପ୍ରେସିଡେଣ୍ଟ**—ବୈଦେ. ବ. (ଇଂ)—ସଭା ସମିତି ଆଦିର
Bhāis- president ସହକାରୀ ସଭାପତି—Vice-president.
ভাইস্ প্রেসিডেন্ট **वाइस प्रेसिडेण्ट**

**ଭାଇସ୍ ରା(ର)ୟ୍(ଏ)**—ବୈଦେ. ବ. (ଇଂ)—ସମ୍ରାଟଙ୍କ ପ୍ରତିନିଧି ଭାରତର
Bhāis-ra(rā)y(e) ବଡ଼ଲାଟ—The Viceroy of India.
ভাইস্‌রায় **वाइसराय**

**ଭାଇ ସଭା**—ଦେ. ବ—ଜାତିଭାଇମାନଙ୍କର ସାମାଜିକ ପ୍ରସଙ୍ଗ ଆଲୋଚନା
Bhāisabhā ନିମନ୍ତେ ହେବା ସଭା—A meeting of
**भाइसभा,** জাতভাইদের সভা caste-men.

**ଭାଉ**—ଦେ. ବ (ସଂ.ଭାବ)—୧ । ପଦାର୍ଥର ବିକ୍ରି ଦର—1. Rate
Bhāu of the price of an article. ୨ । ମୂଲ୍ୟ—
ভাও **भाव** 2. Price or value of a thing. ୩ ।
ମୂଲ୍ୟ ନିର୍ଦ୍ଧାରଣ—3. Settlement of the price
of a thing.

**ଭାଉ କରିବା**—ଦେ. କ୍ରି—ଦରଦାମ୍ କରିବା; କୌଣସିଦ୍ରବ୍ୟକୁ କିଣିବାପାଇଁ
Bhāu karibā ମୂଲଚାଲିବା—To 'appraise the value
ভাওকরা **भावकरना** of a thing.

**ଭାଉଚର୍**—ବୈଦେ. ବ (ଇଂ)—କୌଣସି ଧନ ବଣ୍ଟନ ହୋଇଥିବାର
Bhāuchar ଉଦାହରଣ ସ୍ୱରୂପ ଗୃହୀତ ରସିଦ୍—A voucher.
ভাউচর **भौचर**

**ଭାଉ ଛିଣ୍ଡା(ଣ୍ଡେ)ଇବା**—ଦେ. କ୍ରି.—କୌଣସି ପଣ୍ୟଦ୍ରବ୍ୟର ମୂଲ୍ୟ
Bhāu chhiṇḍā(ṇḍe)ibā ନିରୂପଣ କରିବା—To settle
**भावतोड़ना** ভাও স্থিরকরা the price of a commodity.

**ଭାଉ ଛିଣ୍ଡିବା**—ଦେ. ବ—୧ । କୌଣସି ଦ୍ରବ୍ୟର ମୂଲ୍ୟର ନିର୍ଦ୍ଧାରଣ ବା
Bhāu chhiṇḍibā ସ୍ଥିରୀକରଣ—1. The settlement
(ଭାଉ ଫିଟିବା—ଅନ୍ୟରୂପ) of the price of a thing. ୨ ।
**भावटूटना** କ୍ରେତା ବିକ୍ରେତାଙ୍କ ମଧ୍ୟରେ କୌଣସି ଦ୍ରବ୍ୟର ମୂଲ୍ୟ
ভাও স্থির হওয়া ସମ୍ବନ୍ଧରେ ଚୁକ୍ତି—2.Final agreement be-
tween the seller and the purchaser as to
the price of an article offered for sale.

**ଭାଉଜ**—ଦେ. ବ. ସ୍ତ୍ରୀ (ସଂ. ଭ୍ରାତୃଜାୟା; ପ୍ରା. ଭାଉଜାଅ)—୧ ।
Bhāuja ଭ୍ରାତୃଜାୟା; ବଡ଼ଭାଇଙ୍କ ସ୍ତ୍ରୀ—1. The wife of a
বউদিদী man's elder brother. ୨ । କୌଣସି ସ୍ତ୍ରୀର ବଡ଼
**भाबी, भावज, भउजी,** ଭାଇର ବା ସାନ ଭାଇର ସ୍ତ୍ରୀ—2. The
**भौजी, भौजाइ** wife of a woman's elder or
ভাই(উ)জ younger brother.

**ଭାଉଜ ବୋହୂ**—ଦେ. ବ (କରଣ ଓ ସର୍ଣ୍ଣୀୟସମାଜ ପ୍ରଚଳିତ)—ଭାଉଜ;
Bhāuja bohu ବଡ଼ ଭାଇଙ୍କ ସ୍ତ୍ରୀ—Wife of one's elder
বউদিদী **भौजाइ** brother.

**ଭାଉ ଭ(ବ)ଟକା**—ଦେ. ବ (ଅନର୍ଥକ ଦ୍ୱିରୁକ୍ତ ସହିତ)—୧ ।
Bhāu bha(ba)ṭakā ପଣ୍ୟର ଦର ଦାମ—1. Sale-rate of
(ଭାଉବଟା—ଅନ୍ୟରୂପ) a commodity. ୨ । ଦର ଦାମ
**भावसौदा** ସମ୍ବନ୍ଧରେ କଥାବାର୍ତ୍ତା—2. Negotiation for
ভাওটাও the sale of a thing, appraisement. ୩ ।
ଦ୍ରବ୍ୟର ଦାମ—3. The price of a commodity.

**ଭାଉଭଟକା କରିବା**—ଦେ. କ୍ରି—କୌଣସି ଦ୍ରବ୍ୟକୁ କିଣିବା ପାଇଁ
Bhāubhaṭakā karibā ମୂଲଚାଲିବା—To negotiate
(ଭାଉବଟା କରିବା—ଅନ୍ୟରୂପ) the price of an article
**भावसौदा पटाना** ভাওকরা to be sold; to appraise.

**ଭାଉଲିଆ**—ଦେ. ବ (ସଂ. ବହିତ୍ର; ବଙ୍ଗୀୟ ବ୍ୟବହାରରୁ ଗୃହୀତ)—
Bhāuliā କ୍ଷୁଦ୍ର କୋଠରୀ ବିଶିଷ୍ଟ ଛୋଟ ନୌକା ବା ଡଙ୍ଗୀ—
ভাউলিয়া, ভাউলে A very small house-boat.

**ଭାକ୍**—ସ. ବଣ. ପୁଂ (ଅନ୍ୟ ଶବ୍ଦ ସହିତ ପ୍ରଯୁକ୍ତ୍ୟ ଭଜ୍ ଧାତୁ=ଅଂଶ
Bhāk କରିବା+କ୍ୱିପ୍; ୧ମା ୧ବ)—ଭାଗୀ; ଅଂଶୀ—
(ଭାଜା—ସ୍ତ୍ରୀ) Enjoying; sharing. ଦେ. ଅ—ଭାଗ୍ (ଦେଖ)-
Bhag (See).

**ଭାକ୍‌ଭାକୁମ୍**—ଦେ. ଅ (ଧ୍ୱନ୍ୟନୁକରଣ)—ପାରା ଗୁମୁରିବା ଶବ୍ଦ—
Bhāk-bhākum The cooing of pigeons.
(ଭାକ୍‌ଭାକୁମ୍‌ଭୁମ୍—ଅନ୍ୟରୂପ) **गुटरगूँ** বক্‌বক্‌টুকুম্

ଭାକ—ଦେ. ବି (ସଂ. ବାକ୍)—କଥାର ଠିକଣା ବା ସ୍ଥିରତା—
Bhāka Constancy or consistency in one's words
କথার ঠিকানা বাৎকা ঠিকানা or promise.

ଭାକୁ(କୂ)ଟ—ସଂ. ବି—୧ । ଭାକୁଡ଼ ମାଛ—1. A big fresh
Bhāku(kū)ṭa water fish; Catla Buchanani.
୨ । ଭେକେଟୀ ସ.ମାଛ—2. Another kind of
big fish living in both fresh and salt
water; Lates Calcarifer. ୩ । ପର୍ବତବିଶେଷ—
3. Name of a mountain.

ଭାକୁଡ଼(ର)—ଦେ. ବି (ସ. ଭାକୁଟ)—ମଧୁର ପାଣିରେ ରହୁଥିବା ବଡ଼
Bhākurda(ra) ବଡ଼ କାତିଯୁକ୍ତ ଏକପ୍ରକାର ମାଛ—A
কাতলা মাকুড kind of big fresh water fish
with scales; Catla Buchanani. [ବି—ଏ
ଲମ୍ବରେ ୨ ହାତ ପର୍ଯ୍ୟନ୍ତ ବଢ଼େ । ଏହାର ମଣ୍ଡ ବଡ଼ ଏବଂ
ତେଲ ମୁଣ୍ଡପର ଦେଖାଯାଏ । ଏହି ମୁଣ୍ଡକୁ
ଖୋରୁଥ କରି ଖାଇଲେ ବୁଦ୍ଧି ବଳ ବଢ଼େ ବୋଲି
ଲୋକେ ଏହି ମାଛକୁ ବଡ଼ ଆଦର କରନ୍ତି । ]

ଭାକୁଡ଼ କଲି—ପ୍ରାଦେ (ସାଜପୁର) ବି—ସାନ ଭାକୁଡ଼ ମାଛ;
Bhākurda kali ଭାକୁଡ଼ଆ—A kind of young water
fish.

ଭାକୁଡ଼ା—ଦେ. ବି—ବେଶ୍ୟାପୁତ୍ର—
Bhākurdā মন্ডুয়া Son of a harlot.

ଭାକୁଡ଼ି—ପ୍ରାଦେ. (ପୁରୀ) ବି—ଯେଉଁ ଖୁଣ୍ଟରେ ବଳିକୁ ବନ୍ଧାଯାଏ; ବଳି
Bhākurdi ଖୁଣ୍ଟ; ଯୂପସ୍ତମ୍ଭ—The sacrificial post
to which a victim is tied before immolation.

ଭାକୁଡ଼ି(ରି)ଆ—ଦେ. ବି—ଛୋଟ ଭାକୁଡ଼ ମାଛ—A young
Bhākurdi(ri)ā কাতলা বাচ্চা Bhākurda fish.
মাকুড জীরা ଦେ. ବଣ—ଭାକୁଡ଼ ମାଛ ପରି ଛୋଟ ବା ପେଡ଼ା
মকুরী ଓ ମୋଟାସୋଟା—Dwarf and stout (person).
বেঁটে খেটে মাকুড়িয়া

ଭାକୁଣିଆ(ଆଁ) ଗନ୍ଧ—ପ୍ରାଦେ. (ସାଜପୁର) ବି—ଅତ୍ୟନ୍ତ ଦୁର୍ଗନ୍ଧ—
Bhākuniā(āñ) gandha A very bad smell;
stench.

ଭାକେଶ୍ୱରୀ—ଦେ. ବି. ସ୍ତ୍ରୀ (ସ. ବାଗେଶ୍ୱରୀ)—ଦେବୀବିଶେଷ—
Bhākeśwarī Name of a popular Goddess.

ଭାକ୍ତ—ସ. ବଣ. ( ଭକ୍ତ+ସମ୍ବନ୍ଧାର୍ଥେ. ଅ )—୧ । ଭାତ ସମ୍ବନ୍ଧୀୟ—
Bhākta 1. Relating to boiled rice. ୨ । ଭକ୍ତ
ସମ୍ବନ୍ଧୀୟ—2. Relating to a devotee. ୩ । (ଭକ୍ତ
=ଗୌଣୀ ବୃତ୍ତି+ସଜାତାର୍ଥେ. ଅ) ଲାକ୍ଷଣିକ (ଅର୍ଥ)—
3. Denotative; phenomenal. ୪ । ଗୌଣ
(ଅର୍ଥ)—4. Secondary. ୫ । ଅପ୍ରକୃତ—5. Not
real; hypocritical.

ଭାକ୍ତ ଦିନ—ସ. ବି—ଦିନର ପ୍ରଥମ ଓ ଶେଷ ଭାଗ; ପ୍ରଭାତ ଓ ଗୋଧୂଳି;
Bhākta dina ସୂର୍ଯ୍ୟୋଦୟ ପୂର୍ବରୁ ଓ ସୂର୍ଯ୍ୟାସ୍ତ ପରେ ୨ ଘଣ୍ଟା
ସମୟ—Twilight; early dawn and dusk;
an hour and a half before sunrise and
after sunset.

ଭାକ୍ତିକ—ସ, ବଣ. ପୁଂ (ଭକ୍ତ+ପ୍ରତିପାଳନାର୍ଥେ. ଇକ)—ଭାତୁଆ; ପରାନ୍ନ
Bhāktika ପାଳିତ; ପରପ୍ରତିପାଳ୍ୟ—(a person) Brough
up at the expense of another; depending
on another for meals.

ଭାଷା(ଖା)—ଦେ. ବି. (ଉଚ୍ଚାରଣରେ ଷ ସ୍ଥାନରେ ଖ ଉଚ୍ଚାରଣକୁ ଅନୁକୃତ)
Bhākhā(khā) —୧ । ମନର ଭାବକୁ ମୁହଁ ଦ୍ୱାରା ପ୍ରକାଶ
ভাখা କରିବା—1. Form assumed by a thought
ভাষা when expressed in speech. ୨ । ଭାଷା—
2. Language. (ଉ—ଅତି ଯତନେ ପାଠ ମୁଖ
ଥୋଇଲା, କହି ମଧୁର ମୃଦୁ ଭାଷା । ଶିଶୁଶଙ୍କର
ଭାଷା ଅଭିଳାଷ । ) ୩ । କୌଣସି ଦେଶରେ
ବ୍ୟବହୃତ ଥିବା ଭାଷା—3. The vernacular
language of a country. ୪ । ମୁହଁର କଥା—
4. Speech. ( ଉ—ଏବ ଲେଖାକୁ ସବୁଦେ ଭାଷା
ସର ଭୁଟେ । ଭଗ । ) ୫ । ବାକ୍ୟ—5. Words.
୬ । ପ୍ରାଦେଶିକ ଭାଷା; ଉପଭାଷା; ଏକ ଭାଷାର
ଦେଶାଂଶ ପ୍ରଚଳିତ ଆକାର; ସ୍ଥାନୀୟ ବୋଲି—6.
Dialect; dialectical form of a language.
( ଉ—ନଈରେ ବାଙ୍କ, ଦେଶରେ ଭାଷା । ଭଗ । )
ବଣ—କଥିତ—Spoken; uttered. [ ଦ୍ର—
ଉତ୍ତର ଭାରତରେ ମୂର୍ଦ୍ଧନ୍ୟ 'ଷ' କୁ 'ଖ' ପରି ଉଚ୍ଚାରଣ
କରନ୍ତି; ଯଥା—ପାଷାଣ=ପାଖାନ, ପାଷଣ୍ଡ=ପାଖଣ୍ଡ,
ବରଷା=ବରଖା, ଏ ସମ୍ପର୍କରେ ସ. 'କ୍ଷ' (କ+ଷ) ପ୍ରା.
'ଖ' (କ+ଷ) ସଙ୍ଗେ ଭୁଲମାସ୍ତୁ; ଯଥା—ସ. କଷ=ପ୍ରା.
କଖ, ସ. ଅକ୍ଷର= ପ୍ରା. ଅକ୍ଖର, ସ. ଅକ୍ଷି=ପ୍ରା. ଅକ୍ଖି ।]

ଭାଷି(ଖି)ବା—ଦେ. କି ( ସ. ଭାଷ୍ ଧାତୁ )—ଭାଷିବା; କହିବା—To
Bhākhi(ki)bā speak; to talk. ( ଉ—ପ୍ରାଣର ଭାଷି,
ভাখা মাখনা ତୁମ୍ଭେ ମୋ ଅଷି, ଅଷିରେ ଦେଲା ସଷି, କାହାର
ଦେଖି ? ପ୍ରାଚୀ. ଉଦ୍ଧବଗୀତା । )

ଭାଗ୍—ଦେ—(କୌଣସି ବ୍ୟକ୍ତିକୁ କୌଣସି ସ୍ଥାନରୁ ପଳାଇବା ପାଇଁ
Bhāg ଘୃଣାର୍ଥକ ଆଦେଶ ବଚନ)—ପଳ ଯା !—Get away !
দূরহও মাগো Be off

ଭାଗ୍‌ବା—ପ୍ରାଦେ. (ସମ୍ବଲପୁର; ଭୁଲ. ହି ଭାଗ୍‌ନା)—୧ । ପଳାଇ
Bhāg-bā ଯିବା—1. To flee away. ୨ । ସ୍ଥାନାନ୍ତରକୁ
ଚାଲି ଯିବା—2. To go away to another
place; to leave a place.

ଭାଗ—ସ. ବି—(ଭଜ ଧାତୁ=ଭାଗ କରିବା+ଭାବ. ଅ)-୧ । ବିଭାଗ—
Bhāga 1. Division. ୨ । (+କର୍ମ. ଅ) ଅଂଶ; ହିସା—
2. Part; share; allotment. ୩ । ଖଣ୍ଡ; ଟୁକୁରା—

3. Piece; bit; portion. ୪ । ପରିମାଣ—4. Quantity ୫ । କାଳାଂଶ—5. Part of time; a period of time. ୬ । ଅନୁପାତ—6. Proportion; ratio. ୭ । ଦେଶାଂଶ; ପ୍ରଦେଶ; ଅଞ୍ଚଳ—7. A tract of country; locality. ୮ । ଅଦୃଷ୍ଟ; ଭାଗ୍ୟ—8. Luck; fortune. ୯ । (+ଭଜ. ଅ) ବଣ୍ଟନ; ବିଭାଗ କରଣ—9. Apportionment; separating into parts. ୧୦ । (ଗଣିତ) ହରଣ କ୍ରିୟା—10. (arithmetic) The process of division.

ଭାଗ
ବଟୈୟା
ଭାଓଲୀ
ମାଵଲୀ
ଦେ. ବି—୧ । କ୍ଷେତ୍ରସ୍ୱାମୀ ଓ ଚାଷୀଙ୍କ ମଧ୍ୟରେ ବଣ୍ଟନ କରାଯିବା ଉତ୍ପନ୍ନ ବସ୍ତୁର ଅର୍ଦ୍ଧାଂଶ—1. Half share of the produce of a land, taken by each of the landowner and cultivator. ୨ । ଜମିକୁ ଚାଷ କରୁଥିବା ବ୍ୟକ୍ତି ଉତ୍ପନ୍ନ ବସ୍ତୁରୁ ଅଧେ ନେବ ଏବଂ କ୍ଷେତ୍ର ସ୍ୱାମୀ ଅନ୍ୟ ଅଧକ ପାଇବ, ଏହି ସର୍ତ୍ତ ଅନୁସାରେ ଜମି ଚାଷ କରିବା ପଦ୍ଧତି—2. The system of apportionment of the produce of a land, half and half, between the landowner and the cultivator. ୩ । ପ୍ରକାର—3. Kind. ୪ । କୌଣସି ସମ୍ପତ୍ତିର ବଣ୍ଟନରେ ଅଂଶୀଦାରମାନଙ୍କ ମଧ୍ୟରୁ ଜଣ-ଜଣକେ ପଡ଼ିବା ଅଂଶ—4. Share which is alloted to one co-sharer on partition. ୫ । ଔଷଧ ଓ ବାରୁଦ ଆଦି ତିଆରି କରିବା ନିମନ୍ତେ ମିଶା-ଯିବା ଉପକରଣମାନଙ୍କର ନିର୍ଦ୍ଧାରିତ ପରିମାଣ—5. Specified quantities of the respective ingredients required to make up a mixture (e.g. m edicine; gun powder, curry etc). ୬ । ( ହିନ୍ଦୀ —ପଳାୟନ; ପଳାଇବା—6. Fleeing away; flight.

ଭାଗ କରିବା—ଦେ. କ୍ରି—୧ । କୌଣସି ପଦାର୍ଥକୁ ଭିନ୍ନ ଭିନ୍ନ ଅଂଶରେ
Bhāga karibā
ଭାଗକରା
बाटना; भाग करना
भागकरना
ভাগেচাষকরা
बटैया करना
ପୃଥକ୍ କରିବା—1. To divide a thing into parts or shares. ୨ । ବଣ୍ଟନ କରିବା—2. To partition. ୩ । (ଗଣିତ) ହରଣ କରିବା—3. (arithmetic) To divide. ୪ । ଭାଗ ଚଷିବା—(ଦେଖ)—4. Bhāga chashibā (See).

ଭାଗ ଖଜଣା—ଦେ. ବି ( ସ. ଭାଗ+ଅ. ଖଜାନା )—ଚାଷୀ ନଗଦ
Bhāga khajaṇā
ভাগ
भाउलि
( ବିପରୀତ—ନଗଦୀ ବା ନଗଦ ଖଜଣା )
ଖଜଣା ପରିବର୍ତ୍ତେ ଚାଷଜମିର ଉତ୍ପନ୍ନ ବସ୍ତୁର ଯେଉଁ ଅର୍ଦ୍ଧେକ ଜମିଦାରକୁ ଦିଏ—Produce rent ( generally half the produce ) payable by the cultivator to the land-lord.

ଭାଗ ଚଷିବା—ଦେ. କ୍ରି—କ୍ଷେତ୍ରସ୍ୱାମୀକୁ ଉତ୍ପନ୍ନ ବସ୍ତୁର ଅର୍ଦ୍ଧେକ
Bhāga chashibā
(ଭାଗ ଧରିବା; ଭାଗ ନେବା—ଅନ୍ୟରୂପ)
ভাগেচাষ করা
बटैयाबास जोतना
ଦେବା ଚୁକ୍ତିରେ ତାହାର ଜମିକୁ ଚାଷ କରିବା—To cultivate a land on stipulation of paying half the produce to the land-lord.

ଭାଗଚାଷ—ଦେ. ବି—ଜମିଦାରକୁ ଚାଷ ଜମିର ଉତ୍ପନ୍ନ ବସ୍ତୁର ଅଧେ
Bhāga chāsha
ভাগচাষ
बटैयाबास
ଦେବା ଚୁକ୍ତିରେ ଜମି ଚାଷ କରିବା ପ୍ରଥା—The system of cultivating land on produce-rent.

ଭାଗଚାଷୀ—ଦେ. ବି—ଯେଉଁ ରଇତ ଚାଷ ଜମିର ଉତ୍ପନ୍ନ ବସ୍ତୁର ଅଧେ
Bhāgachāshi
(ଭାଗପ୍ରଜା—ଅନ୍ୟରୂପ)
ভাগচাষী
बटैयादार
ଜମିଦାରଙ୍କୁ ଦେବାର କଥା କରି ଜମି ଚାଷ କରେ—Bhaga-tenant; a cultivator who holds land on produce-rent.

ଭାଗଡ଼—ଦେ. ବି—ଦଉଡ଼; ପଳାୟନ—Running away. [ପ୍ରୟୋଗ—ଭାଗଡ଼ ଦେବା; ଭାଗଡ଼ ବଢା(ଢେ)ଇବା । ]
Bhāgaṛa
পলায়ন
भगदर

ଭାଗଦାର—ଦେ. ବି—୧ । କୌଣସି ସମ୍ପତ୍ତିରେ ଯେଉଁ ବ୍ୟକ୍ତିର ଅଂଶ
Bhāgadār
ভাগদার
भागदार
ଥାଏ; ଅଂଶୀଦାର; ହିସ୍ସାଦାର—1. Cosharer. ୨ । ଯେଉଁ ପ୍ରଜା ଭାଗ ଖଜଣା ଦେବାର ଚୁକ୍ତି କରି ଅନ୍ୟର ଜମି ଚାଷ କରେ—2. A royat who cultivates another's land on stipulation of paying produce rent.

ଭାଗ ଦେବା—ଦେ. କ୍ରି—୧ । ଅପଣାର କୌଣସି ଜମିକୁ ଭାଗ ଚାଷ
Bhāga debā
ভাগদেওয়া; ভাগেজমি বিলিকরা
बटैयादेना; भाउलिदेना
କରିବା ନିମନ୍ତେ ପ୍ରଜାକୁ ପଟା ଦେବା—1. To let out one's land to a cultivator on produce-rent.
୨ । (ପ୍ରଜା) ଜମିଦାରଙ୍କୁ ଦେୟ ଅର୍ଦ୍ଧଭାଗ ତାହାଙ୍କୁ ଦେବା—2. To deliver half the produce of a holding to the land-owner. ୩ । କୌଣସି ସମ୍ପତ୍ତିରୁ କାହାରିକୁ ଅଂଶ ବା ହିସ୍ସା ଦେବା—3. To allow a person to take a share from any property.

ଭାଗ ଧାନ—ଦେ. ବି—ଚାଷ ଜମିରେ ଉତ୍ପନ୍ନ ଧାନରୁ ପ୍ରଜା ଯେଉଁ ଅର୍ଦ୍ଧେକ
Bhāga dhāna
ভাগধান
भागधान, बटैयाधान
ଜମିଦାରକୁ ଦିଏ—Half the produce of paddy of a holding held by a royat on produce-rent.

ଭାଗଧେୟ—ସଂ ବି (ଭାଗ+ସ୍ୱାର୍ଥେ. ଧେୟ)—୧ । ଭାଗ୍ୟ; ଅଦୃଷ୍ଟ—
Bhāgadheya
(ଭାଗଧେୟା—ସ୍ତ୍ରୀ)
1. Luck; destiny. ୨ । (+ଧା, ଧାତୁ+କର୍ମ. ଯ) ଜମିର କର; ରାଜସ୍ୱ—2. Rent of a holding. ୩ । ଅଂଶ; ଭାଗ—3. Share; allotment. ୪ । (+ଅପାଦାନେ. ଯ) ଉତ୍ତରାଧିକାରୀ; ଦାୟାଦ—4. Heir. ସ. ବିଣ—୧ । ଅଂଶୀ; ଯାହାର ଭାଗ ପାଇବାକୁ ଦାବି ଥାଏ—1. Deserving to get a share. ୨ । ଉତ୍ତରାଧିକାରୀ ସୂତ୍ରେ ଧନଭାଗୀ—

2. Entitled to a share in a patrimony.

ଭାଗ ନେବା—ଦେ. କ୍ରି—୧ । କୌଣସି ସମ୍ପତ୍ତିରୁ ଅଂଶ ନେବା—
Bhāga nebā 1. To take a share from a
ভাগলওয়া property. ୨ । ବିବାଦ ଅବସରେ କୌଣସି ପକ୍ଷ
हिस्सालेना, भागलेना ସମର୍ଥନ କରିବା—2. To take the side of one party in a dispute.

ଭାଗ ପାଇବା—ଦେ. କ୍ରି—କୌଣସି ସମ୍ପତ୍ତିରୁ ଅଂଶ ବା ହିସା ପ୍ରାପ୍ତ
Bhāga pāibā ହେବା—To get a share from a
ভাগ পাওয়া भागपाना; हिस्सा पाना property.

ଭାଗ ଫଳ—ସଂ. ବି ( ଗଣିତ )—ହରଣ ଫଳ; ବଡ଼ ସଂଖ୍ୟାକୁ
Bhāga phaḷa ଛୋଟ ସଂଖ୍ୟାଦ୍ୱାରା ହରଲେ ଯେଉଁ ଫଳ
ଫଳେ—(arithmetic) Quotient; the resultant of a process of division.

ଭାଗ ବଣ୍ଟନ—ସଂ. ବି—କୌଣସି ବସ୍ତୁକୁ ଅଂଶୀଦାରମାନଙ୍କ ମଧ୍ୟରେ
Bhāga banṭana କ୍ଷୁଦ୍ର କ୍ଷୁଦ୍ର ଅଂଶରେ ବାଣ୍ଟିବା—Parti-
ভাগ বাঁটোয়ারা tioning a thing into different
भागबाँट shares or portions.
(ଭାଗ ବଣ୍ଟର, ଭାଗ ବାଣ୍ଟ, ଭାଗ ବାଣ୍ଟଣ—ଦେଶଜରୂପ)

ଭାଗ ବଣ୍ଟା—ଦେ. ବି (ସଂ. ଭାଗ ବଣ୍ଟନ)—ଭାଗ ବଣ୍ଟନ (ଦେଖ)
Bhāga banṭā ভাগ বাঁটরা Bhāga banṭana (See)
भाग बाँटोयारा भाग बाँट (ଭାଗ ବାଣ୍ଟୁଅରି—ଅନ୍ୟରୂପ)

ଭାଗବତ—ସଂ. ବିଣ (ଭଗବତ୍=ଭଗବାନ୍+ଭକ୍ତ ଅର୍ଥେ. ଅ)—
Bhāgabata ୧ । ଭଗବାନଙ୍କ ଠାରେ ଭକ୍ତିଯୁକ୍ତ—1. Devoted to God. ୨ । ଧାର୍ମିକ—2. Pious; god-fearing. ସଂ. ବି—୧ । ବିଷ୍ଣୁଭକ୍ତ—1. A devotee of Bishṇu. ୨ । ଈଶ୍ୱରପ୍ରେମିକ—2. A lover of God. ୩ । ଭାଗବତମତାବଲମ୍ବୀ ଦାର୍ଶନିକ—3 A philosopher holding the views or theories propounded by the Bhāgabata. ୪ । ଭଗବାନ ( ଶ୍ରୀକୃଷ୍ଣଙ୍କ )ଙ୍କ ଲୀଳା, ମାହାତ୍ମ୍ୟ ଓ ଭକ୍ତି ସମ୍ବନ୍ଧରେ ବ୍ୟାସଙ୍କଦ୍ୱାରା ପ୍ରଣୀତ ପ୍ରସିଦ୍ଧ ସଂସ୍କୃତ ପଦ୍ୟ ଗ୍ରନ୍ଥ (ଏହା ୧୨ ସ୍କନ୍ଧରେ ବିଭକ୍ତ ।)—4. A religious poem in Sanskrit in 12 volumes depicting the life of Śrikṛushṇa and other theological matters. [ଦ୍ର—ଏହି ମୂଳ ସଂସ୍କୃତ ଗ୍ରନ୍ଥକୁ ଅବଲମ୍ବନ କରି ପ୍ରାଚୀନ ଓ ଆଧୁନିକ ଓଡ଼ିଆ କବିମାନେ ପଦ୍ୟରେ ଭାଗବତ ରଚନା କରି ଅଛନ୍ତି । ତହିଁ ମଧ୍ୟରେ ଜଗନ୍ନାଥ ଦାସଙ୍କ ଭାଗବତ ପ୍ରଧାନ । ହିନ୍ଦୁଙ୍କ ଧର୍ମଗ୍ରନ୍ଥମାନଙ୍କ ମଧ୍ୟରେ ଓଡ଼ିଆ ଭାଗବତ ପ୍ରତି ଲୋକ ସାଧାରଣଙ୍କର ଖୁବ୍ ଆଦର ଦେଖାଯାଏ । ପ୍ରତ୍ୟେକ ମଧ୍ୟବିତ୍ତ ଓଡ଼ିଆ ହିନ୍ଦୁ ଗୃହସ୍ଥ ଆପଣା ଘରେ ଗୋଟିଏ ଗାଦି କରି ସେଥିରେ ଭାଗବତ ଗ୍ରନ୍ଥ ରଖି ତାକୁ ପୂଜା କରନ୍ତି ଏବଂ ଉକ୍ତ ଗାଦିରେ ଅନ୍ୟ ଗ୍ରନ୍ଥମାନ ଥିଲେ ମଧ୍ୟ ତାହାକୁ 'ଭାଗବତ ଗାଦି' ବୋଲାଯାଏ । ପ୍ରତ୍ୟେକ ବର୍ଦ୍ଧିଷ୍ଣୁ ଓଡ଼ିଆ ଗ୍ରାମରେ ମଧ୍ୟ ଗୋଟିଏ ସାଧାରଣ ଗୃହରେ 'ଭାଗବତ ଗାଦି' ରଖାଯାଇ ପୂଜା କରାଯାଏ । ସେ ଘରକୁ ଭାଗବତ ଘର ବା ଭାଗବତ ଟୁଙ୍ଗୀ କୁହାଯାଏ । ପ୍ରତି ପୁରୁଣା ଗ୍ରାମରେ ବିଶେଷତ ଶୂଦ୍ର ପ୍ରଧାନ ଗ୍ରାମରେ 'ଭାଗବତ ଘର' ପ୍ରତି ବିଶେଷ ଆଦର ଅଧିକ ଦେଖାଯାଏ । ସେଠାରେ ସନ୍ଧ୍ୟା ବେଳେ ଭାଗବତ ବୋଲାଯାଏ ଏବଂ ଗ୍ରାମର ଲୋକେ, ବିଶେଷତଃ ବୁଢ଼ାମାନେ, ଭାଗବତ ଶୁଣିବାକୁ ସେଠାରେ ଜୁଟି ହୁଅନ୍ତି । ଭାଗବତ ଗାଦିରେ ଥିବା ଭାଗବତ ଗ୍ରନ୍ଥକୁ ଦେବତା ଜ୍ଞାନରେ 'ଭାଗବତ ଗୋସାଇଁ' ବୋଲାଯାଏ । ଗ୍ରାମରେ ମାରୀଭୟ ଆଦି ଉପସ୍ଥିତ ହେଲେ ଲୋକେ 'ସପ୍ତାହ ଭାଗବତ' ବସାନ୍ତି, ଅର୍ଥାତ୍ ଅହୋରାତ୍ର ସାତ ଦିନ ପାଳି କରି ଭାଗବତ ବୋଲନ୍ତି ଏବଂ ଶେଷ ଦିନ 'ଭାଗବତ-ଗୋସାଇଁ'ଙ୍କୁ ନାନା ପ୍ରକାର ସାମଗ୍ରୀ ମହା ସମାରୋହରେ ଭୋଗ ଲଗାଇ ଲୋକସାଧାରଣଙ୍କୁ ବାଣ୍ଟି ଦିଅନ୍ତି । ଭାଗବତ ଗ୍ରନ୍ଥ ପାଠର ସମାପ୍ତିକୁ ଭାଗବତ ବଢ଼ା ବୋଲାଯାଏ । ଚୈତ୍ର ପୂର୍ଣ୍ଣିମୀ ସନ୍ଧିରେ ନାନା ସ୍ଥାନରୁ ଭାଗବତ ଗାଦିମାନ ବିମାନମାନଙ୍କରେ ଅଣା ଯାଇ ସ୍ଥାନେ ସ୍ଥାନେ ଭାଗବତ ମେଳନ ଉତ୍ସବ କରାଯାଏ । ] ଦେ. ବି..ପୁଂ—ଲୋକଙ୍କୁ ଦିଆଯିବା ନାମ—A name given to males.

ଭାଗବତ ଗାଦି—ଦେ. ବି—ସ୍ତୂପାକାରରେ ସଜ୍ଜିତ ସମସ୍ତ ଭାଗବତ ଗ୍ରନ୍ଥ
Bhāgabata gādi ( ଯାହାକୁ ପୂଜା କରାଯାଏ )—A heap
भागवत गादि of palm leaf manuscripts of Bhāgabata worshipped with reverence.

ଭାଗବତ ଗୋସା(ସେ)ଇଁ—ଦେ. ବି—ଦେବତାରୂପେ ପୂଜା କରା ଯାଉ-
Bhāgabata gosā[se]iṅ ଥିବା ଭାଗବତ ଗାଦି—A set of
भागवत गोसाई Bhāgabata books stored in a heap on a raised platform or bimāna and worshipped as a Deity.

ଭାଗବତ ଘର—ଦେ. ବି—କୌଣସି ଗ୍ରାମର ଯେଉଁ ସାଧାରଣ ଗୃହରେ
Bhāgabata ghara ଭାଗବତ ଗାଦି ରଖା ଯାଇଥାଏ—A
(ଭାଗବତ ଟୁଙ୍ଗୀ—ଅନ୍ୟରୂପ) common room in a village where Bhāgabata palm-leaf-works are kept, worshipped and read. [ଦ୍ର—ଭାଗବତ ଘରେ ରାମାୟଣ ପୋଥି ଗାଉଥିଲେ ପୁରୋହିତ । କନକ-ଜସୋର. ଜର୍ଜରଣୀ ।] [ଦ୍ର—ଏଠାରେ ଭାଗବତ ଗାଦି ରଖା ଯାଇ ପ୍ରତ୍ୟହ ପୂଜା କରାଯାଏ ଏବଂ ସନ୍ଧ୍ୟାବେଳେ ଭାଗବତ ଗ୍ରନ୍ଥ ପାଠ କରାଯାଏ; ବଙ୍ଗ ଦେଶରେ ଭାଗବତ
भागवतघर ଘର ପ୍ରଥା ନାହିଁ ।]

ଭାଗବତ ବଢ଼ା—ଦେ. ବି—ସପ୍ତାହବ୍ୟାପୀ ଅହୋରାତ୍ର ଭାଗବତ ପାଠ
Bhāgabata baṛhā ସମାପ୍ତ ହେବା ସଙ୍ଗେ ସଙ୍ଗେ ନୈବେଦ୍ୟ ଦିଆଯାଇ ତାହା ବଣ୍ଟା ଯିବା ଉତ୍ସବବିଶେଷ—The ceremony of distributing offerings offered to the Bhāgabata books on the occasion of their reading being finished after a week's continuous reading.

**ଭାଗବତ ମେଳନ**—ଦେ. ବି· ( ସଂ. ଭାଗବତ+ମିଳନ )—ଭିନ୍ନ ଭିନ୍ନ **Bhāgabata meḷana** ସ୍ଥାନରେ ପୂଜା ପାଉଥିବା ଭାଗବତ (ଭାଗବତ ମେଳଣ—ଅନ୍ୟରୂପ) ଗାଦିମାନ କମାନମାନଙ୍କରେ ନିଆଯାଇ ଏକ ସ୍ଥାନରେ ସମ୍ମିଳିତ ହେବା ଏବଂ ତଦୁପଲକ୍ଷେ କରାଯିବା ବାର୍ଷିକ ଯାତ୍ରା ଓ କୀର୍ତ୍ତନ ଆଦି—The annual festival of carrying the heaps of Bhāgabata manuscripts from different places to a rendezvous and having Saṅkīrttana and dancing done there.

**ଭାଗବତ ଲକ୍ଷଣ**—ସଂ· ବି—ଭାଗବତ ଗ୍ରନ୍ଥରେ ବର୍ଣ୍ଣିତ ବିଷୟମାନଙ୍କର **Bhāgabata lakshaṇa** ବିଶିଷ୍ଟ ଗୁଣ—Peculiarities of the Bhāgabata books. [ଦ୍ର—ଏହା ଦଶ ଗୋଟି, ଯଥା—ସର୍ଗ, ବିସର୍ଗ, ସ୍ଥାନ, ପୋଷଣ, ଉତି, ମନ୍ୱନ୍ତର, ଈଶ-କଥା, ନିରୋଧ, ମୁକ୍ତିର ବ୍ୟବସ୍ଥା ଓ ଆଶ୍ରୟ । ଭାଗବତ ୨ୟ ସ୍କନ୍ଧ ୧୦ମ ଅଧ୍ୟାୟ ଦ୍ରଷ୍ଟବ୍ୟ ।]

**ଭାଗବତ ସପ୍ତା**—ଦେ. ବି (ସଂ. ଭାଗବତ+ସପ୍ତାହ)—କୌଣସି ବିଶିଷ୍ଟ **Bhāgabata saptā** ଘଟନା ଉପଲକ୍ଷରେ ବା ମାରୀଭୟ ଆଦି **भागवत सप्ता** ଉପସ୍ଥିତ ହେଲେ ଏକ ସପ୍ତାହକାଳ ଅହୋରାତ୍ର ଏକ ସ୍ଥାନରେ ହେବା ଭାଗବତ ଗ୍ରନ୍ଥ ପାଠ ରୂପ ଉତ୍ସବବିଶେଷ—Continuous reading of the Bhāgabata books for one week at a fixed place on occasions of calamities etc.

**ଭାଗବତୀ**—ସଂ. ବିଣ. ସ୍ତ୍ରୀ. ( ଭଗବତ୍+ଅ+ସ୍ତ୍ରୀ ଈ )—ଭଗବାନଙ୍କ **Bhāgabatī** ସମ୍ବନ୍ଧୀୟ—Pertaining to God; akin to beatitude. (ଉ—ଅନ୍ତେ ଲଭଇ ଯେଉଁ ଗତି, ତାହାକୁ ବୋଲି ଭାଗବତୀ—ଜଗନ୍ନାଥ. ଭାଗବତ ।) [ ଦ୍ର—ଏଠାରେ 'ଭାଗବତୀ' ପଦ 'ଗତି' ଏହି ସ୍ତ୍ରୀଲିଙ୍ଗ ପଦର ବିଶେଷଣ ରୂପେ ବ୍ୟବହୃତ ।]

**ଭାଗ ବସା(ସେ)ଇବା**—ଦେ. କ୍ରି—କୌଣସି ସମ୍ପତ୍ତିକୁ ଭିନ୍ନ ଭିନ୍ନ ଅଂଶ **Bhāga basā(se)ibā** କରି ରଖିବା—To make separate allotments out of a thing. **ভাগ বসান** **भाग रखना**

**ଭାଗ ବାଣ୍ଟିବା**—ଦେ. କ୍ରି—କୌଣସି ପଦାର୍ଥକୁ ଭିନ୍ନ ଭିନ୍ନ ଅଂଶରେ **Bhāga bāṇṭibā** ଭାଗ କରିବା—To partition a thing into lots. **ভাগ বাঁটা** **भाग बाँटना**

**ଭାଗ ବିଲ**—ଦେ. ବି—ଯେଉଁ ଜମିକୁ ପ୍ରଜା ଭାଗ ପ୍ରଥାରେ ଚାଷ କରି-**Bhāga bila** ଥାଏ—A land cultivated by a royat under the system of produce rent. **ভাগ জমি** **बटैया जोत**

**ଭାଗ ଭୁଗା**—ଦେ. ବି. (ସହଚର)—ଅଂଶ ଅନୁସାରେ ପ୍ରାପ୍ୟ ଭାଗ ଆଦି-**Bhāga bhugā** Bhāg etc. **ভাগ টাগ** **भागभुग**

**ଭାଗ ମାପ**—ଦେ. ବି—୧ । କୌଣସି ବସ୍ତୁର ଉପକରଣମାନଙ୍କର **Bhāga māpa** ମିଶ୍ରଣାର୍ଥ ଉପଯୁକ୍ତ ଭାଗ—1. Due or (ଭାଗ ଯୋଗ—ଅନ୍ୟରୂପ) proper allotment of the ingredients of a mixture. **ভাগ মাপ** **भागनाप** ୨ । କୌଣସି ବସ୍ତୁ ପାଇଁ ଲୋଡ଼ା ଉପକରଣମାନଙ୍କୁ ମାପ ମୁତାବକ ମିଶାଇବା—2. Mixing of the ingredients according to due proportion.

**ଭାଗ ଲଗା(ଗେ)ଇବା**—ଦେ. କ୍ରି—୧ । କୌଣସି ସମ୍ପତ୍ତିର ଭାଗ ବାଣ୍ଟିବା **Bhāga lagā(ge)ibā** —1. To partition a thing into lots. **ভাগ লাগান** **भाग लगाना** ୨ । ଆପଣା ଜମିକୁ ଭାଗ ପ୍ରଥା ଅନୁସାରେ ଚାଷ କରିବା ପାଇଁ ପ୍ରଜାକୁ ଦେବା—2. To let out one's land on produce-rent. **ভাগে জমি বিলি করা** **बटैया लगाना**

**ଭାଗ ଶେଷ**—ସଂ. ବି—(ଗଣିତ)—ଗୋଟିଏ ରାଶିକୁ ଅନ୍ୟ ରାଶି ଦ୍ୱାରା **Bhāga śesha** ହରଣେ ଯାହା ବାକି ରହିଯାଏ—(arithmetic) The remainder in division.

**ଭାଗ ହର**—ସଂ. ବି. (ଭାଗ+ହୃ ଧାତୁ+ଭାବ. ଅ)—ଅଂଶ ଗ୍ରହଣ—**Bhāga hara** The taking of a share.

ସଂ. ବିଣ· ( +କର୍ତ୍ତୃ. ଅ )—ଅଂଶଗ୍ରାହୀ—Taking a share.

**ଭାଗ ହାର**—ସଂ. ବି ( ଭାଗ+ହୃ ଧାତୁ+ଭାବ, ଅ )—୧ । ଯେଉଁ **Bhāga hāra** ଉପାୟରେ କୌଣସି ଗୋଟିଏ ନିର୍ଦ୍ଦିଷ୍ଟ ରାଶିକୁ କୌଣସି ନିର୍ଦ୍ଦିଷ୍ଟ ସଂଖ୍ୟକ ସମାନ ଅଂଶରେ ବିଭକ୍ତ କରାଯାଏ—1. The arithmetical process of dividing a number into equal shares. ୨ । ବିଭାଗ ଗ୍ରହଣ; ଅଂଶ ଗ୍ରହଣ—2. The taking of a share.

**ଭାଗା**—ଦେ. ବି. (ହି. 'ଭାଗ୍‌ନା' କ୍ରିୟାର ଅତୀତକାଳ ଡୃତୀୟ ପୁରୁଷ **Bhāgā** ଅନାଦରାର୍ଥକ ଏକବଚନ ଆକାର; ହିନ୍ଦିରୁ ଅନୁକୃତ)—**ভাগা** ପଳାୟନ—Fleeing away. (ଯଥା—ସେ ଭାଗା ଦେଲା ।) ବିଣ—ପଳାୟିତ—Fled. (ଯଥା—**भगादर** ଏହା ଶୁଣି ସେ ଭାଗା । ) ଦେ. ବି—ଭାଗବତ ଓ ଭାଗୀରଥୀର ଅନାଦରାର୍ଥକ ଡାକ ନାମ—A name for calling Bhāgabata and Bhāgirathi.

**ଭାଗାଭାଗି କରିବା**—ଦେ· କ୍ରି—କୌଣସି ପଦାର୍ଥକୁ ଆପଣା ମଧ୍ୟରେ **Bhāgābhāgi karibā** ବାଣ୍ଟି ନେବା—To partition (ଭାଗିଆଭାଗି କରିବା—ଅନ୍ୟରୂପ) a thing into shares amongst each other. **ভাগাভাগি করা** **बाँटचुट करना**

**ଭାଗାରୁ**—ଦେ. ବି. (ସଂ. ଭାଗହାରୀ)—୧ । ଯେ ଭାଗ ନିଏ—**Bhāgāri** 1. One taking a share. **ভাগারী** ୨ । ଅଂଶୀଦାର୍—2. Cosharer. ପ୍ରାଦେ. ( ପୁରୀ **हिस्सादार** ସହର) ବି—ଯେଉଁ ଯାତ୍ରୀ ଗୁମାସ୍ତା ଅନ୍ୟ ଯାତ୍ରୀଗୁମାସ୍ତା ପୁରୀଠାକୁ ଆଣିଥିବା ଯାତ୍ରୀର ଦେଇଥିବା ଅର୍ଥରୁ ସେଯୋକ୍ତ ଗୁମାସ୍ତାଠାରୁ ଭାଗ ନିଏ—A pilgrim-hunter who takes a share of the perquisites paid by a pilgrim to the pilgrim-hunter who has piloted him to Puri.

ଭାଗିକ—ସ. ବି. (ଭାଗ+ବୃଦ୍ଧି ଅର୍ଥରେ ଇକ)—ଅସଲ ଓ ସୁଧ ଟଙ୍କା—
Bhāgika Capital and interest of the money lent.

ଭାଗିନେୟ—ସ. ବି. ପୁଂ. (ଭଗିନୀ+ଅପତ୍ୟାର୍ଥରେ ଏୟ)—
Bhāgineya ଭଉଣୀର ପୁଅ; ଭଣଜା—Sister's son.

ଭାଗିନେୟୀ—ସ. ବି. ସ୍ତ୍ରୀ. ( ଭାଗିନେୟ+ସ୍ତ୍ରୀ. ଈ )—ଭଉଣୀର ଝିଅ;
Bhāgineyī ଭାଣିଜୀ—Sister's daughter

ଭାଗିବା—ଦେ. କ୍ରି—(ସ. ଭଜ୍ ଧାତୁ)—୧ । (ଦ୍ରବ୍ୟ ବ୍ୟବହୃତ)—
Bhāgibā भाँगा **तोड़ना** ଭଗ୍ନ କରିବା; ଭାଙ୍ଗିବା—
**टूटना** 1. To break. ୨ । (ଦ୍ରବ୍ୟ ବ୍ୟବହୃତ) ଭାଙ୍ଗିବା; ଭାଙ୍ଗି ଯିବା; ଭଗ୍ନ ହେବା—2. To be broken. [ଉ—ସେହି ସିନା ବଡ଼ ପଣ, ଯହିଁ ଲାଗି ଅଳ୍ପକରି ବନ୍ଧନ ଯାଏ ଭାଗି । ସୁଧାକାର. ଦରବାର ।]
୩ । କୌଣସି ବ୍ୟକ୍ତିର ଅନୁରୋଧ ରକ୍ଷା ନ କରିବା ବା ଏଡ଼ିବା—3. To disregard or avoid a person's request. ୪ । (ଯାତ୍ରା, ସ୍କୁଲ, କଚେରି ବା ହାଟ ଆଦର କାର୍ଯ୍ୟ) ଶେଷ ବା ସ୍ଥଗିତ ହେବା—4. To be dismissed ( said of a court, office, school or fair). ୫ । (ମନୁଷ୍ୟର ଦମ୍ଭ ବା ବଳ) ବିନଷ୍ଟ ହେବା;କମିଯିବା—5. (a man's strength) To be destroyed or lost; to abate. ୬ । କୌଣସି ପ୍ରସ୍ତାବ କାର୍ଯ୍ୟରେ ପରିଣତ ନ ହେବା—6. To fall through (said of a proposal).
भागा; **भागना** ୭ । ପଳାୟନ କରିବା—7. To flee away [ଉ—ଉଠ ଯେ ସେହିକ୍ଷଣି ଧଡ଼ପଡ଼େ ଉଠି । ଦାମଡ଼ାଙ୍କୁ ବୋଲି ଭାଗିଲ୍ଲ କର ପିଠି—କୃଷ୍ଣସିଂହ. ମହାଭାରତ. ଶାନ୍ତି ।]

ଭାଗୀ—ସ. ବିଣ. ପୁଂ (ଭାଗ+ଅଛି ଅର୍ଥର ଇନ୍; ୧ମା. ୧ବ)—୧ ।
Bhāgī ଅଂଶୀ; ଭାଗଦାର—1. Entitled to a share. (ଭାଗିନୀ—ସ୍ତ୍ରୀ) ୨ । ଉତ୍ତରାଧିକାରୀ—2. Inheriting. ୩ । (ଭଜ୍ ଧାତୁ= ଭାଗ କରିବା+କର୍ତ୍ତୃ ଇନ୍ ) ଅଂଶ ଗ୍ରହଣକାରୀ—3. Getting a share. ୪। ହକ୍‌ଦାର—4. Entitled to. [ଦ୍ର—ଏହା ଅନ୍ୟ ପଦ ସଙ୍ଗେ ଯୁକ୍ତ ହୁଏ; ଯଥା—ଦୋଷଭାଗୀ, ପାପଭାଗୀ, ଧନଭାଗୀ ଇତ୍ୟାଦି ।]

ଭାଗୀଦାର୍—ଦେ.ବି (ସ. ଭାଗ+ଫା.ଦାର୍; ଭୂଲକାରର ଅଂଶୀଦାର)—
Bhāgīdār ଭାଗଦାର୍; ଅଂଶୀଦାର୍—Cosharer.
भागीदार; **हिस्सादार**

ଭାଗୀରଥି—ଦେ. ବି (ନାମ) ୧ । ରଥ ଉପାଧିଧାରୀ ଜନୈକ ଉତ୍କଳୀୟ
Bhāgirathi କବି-1. An Oriya poet. [ ଦ୍ର—ଏ 'ପଦ୍ମାବତୀ ପରିଣୟ' ଓ 'ଉତ୍କଳ ଚରିତ' ନାମକ ଦୁଇଖଣ୍ଡ ପୁସ୍ତକ ଲେଖିଅଛନ୍ତି । ଭାରତୀ-ଉତ୍କଳ ସାହିତ୍ୟ ଇତିହାସ ।]
୨ । (ପୁଂ) ଲୋକଙ୍କୁ ଦିଆଯିବା ନାମ—2. A name given to males.

ଭାଗୀରଥୀ—ସ. ବି. ସ୍ତ୍ରୀ (ଭଗୀରଥ+ଅପତ୍ୟାର୍ଥରେ ଅ+ସ୍ତ୍ରୀ. ଈ)—
Bhāgīrathī ଭଗୀରଥଙ୍କ ଦ୍ୱାରା ସ୍ୱର୍ଗରୁ ମର୍ତ୍ତ୍ୟକୁ ଆଗତ ହୋଇଥିବାରୁ )—ଜାହ୍ନବୀ; ଗଙ୍ଗା—The Ganges. [ଦ୍ର—ମହାଭାରତରେ ଲକ୍ଷିତ ଅଛି ଯେ ଦକ୍ଷିଣା ପ୍ରଦାନ ସମୟରେ ଗଙ୍ଗା ମହାରାଜ ଭଗୀରଥଙ୍କ କୋଳରେ ଉପବେଶନ କରିଥିଲେ, ସେହି ଦିନଠାରୁ ଗଙ୍ଗା ଭଗୀରଥଙ୍କ କନ୍ୟା ହୋଇ ଭାଗୀରଥୀ ନାମରେ ବିଖ୍ୟାତ ହେଲେ ।)

ଭାଗୁଆ—ଦେ. ବି (ସ. ଭାଗଧର)—୧ । ଅଂଶୀଦାର୍; ଭାଗଦାର୍—1.
Bhāguā भागदार; **हिस्सादार** Cosharer. ୨ । ଯେ ଭାଗ ବା (ଭାଗୁଆଲ, ଭାଗୁଆଳ—ଅନ୍ୟରୂପ) ଅଂଶ ନିଏ—2. One who takes a share. ୩ । କୌଣସି କାର୍ଯ୍ୟକୁ ଭାଗରେ କରିଥିବା ଏକାଧିକ ବ୍ୟକ୍ତିଙ୍କ ମଧ୍ୟରୁ ଜଣେ; ସରିକଦାର୍—3, Partner. ୪ । ସରିକଦାରୀ—4. Partnership.
ଦେ. ବିଣ—ଭାଗଦାରଙ୍କ ଅଧିକୃତ (ଜମି, ବ୍ୟବସାୟ)—Carried on or owned by cosharers. [ଭିନ୍ନ ଭାଗୁଆଳ କାରବାର ବାଢ଼—ଢଗ]

ଭାଗୁଡ଼ା—ଦେ. ବିଣ—ପଳାତକ—
Bhāgurdā Retreating; seceding.
**भगुआ** (ଭାଗୁଡ଼ିଆ—ଅନ୍ୟରୂପ)

ଭାଗୁଡ଼ି(ଳି)—ଦେ. ବି—୧ । ଭୟ ହୋଇ ଧାଇଁ ପଳାଇବା; ଛତ୍ରଭଙ୍ଗ—
Bhāgurdi(li) 1. Fleeing away in fright; rout.
छत्रभंग; **भगदर** (ଉ—ସେକାଳେ ଦୁଇ ସେନା ଲୋକରେ ଭାଗୁଡ଼ି । ପଡ଼ିଲା ପଞ୍ଚବୀରେ ବଥିଙ୍କ ଘରଧାଡ଼ି—କୃଷ୍ଣସିଂହ.ମହାଭାରତ. ଭୀଷ୍ମ ।) ୨ । ମାପ କରିଯାଇ ଗାତିରେ ବା ଓଳିଆରେ
सातति, साति; **घटति** ରଖାଯାଇ ଥିବା ଶସ୍ୟାଦିକୁ କେତେ ସମୟ ଅନ୍ତେ ଗାତିରୁ ବା ଓଳିଆରୁ କାଢ଼ି ପୁଣି ମାପ କରିବା ସମୟରେ ମାପରେ ଯାହା କମତି ବା ତୁଟ ଦେଖାଯାଏ—2. Shrotage found on remeasurement of grains stored in pits or in straw-packets.

ଭାଗୁଡ଼ି(ଳି) ବଟା(ତେ)ଇବା—ଦେ. କ୍ରି—ଛତ୍ରଭଙ୍ଗ ହେବା; ଭୀତ
Bhāgurdi(li) bātā(te)ibā ହୋଇ ପଳାଇବା—To flee
भागा; **भगदर मचाना** away in fright or panic; to be routed.

ଭାଗୁରି—ସ. ବି (ନାମ)—ସଂସ୍କୃତ ବ୍ୟାକରଣ ପ୍ରଣେତା ଋଷିବିଶେଷ—
Bhāguri Name of a Sanskrit grammarian.

ଭାଗେ—ଦେ. ଅ—୧ । (ଅନୁକର) ଅଧିକାରରେ—Under one's
Bhāge हाते **पञ्जामे, हाथमे** clutches.
୨ । (ଅନୁକର) ସମ୍ମୁଖରେ; ହାତୁଡ଼େ—2.In front of. (ଉ--ପଡ଼ିଥିଲ ଥରେ ତା ଭାଗେ ଲୋ-ବିବସୁନ୍ଦରୀ. ସଙ୍ଗୀତ ।) କ୍ରି (ହି. 'ଭାଗନା' କ୍ରିୟାର ଅତୀତକାଳ ଆଦରାର୍ଥକ ୧ମ ପୁରୁଷ ୧ ବଚନ ରୂପ; ଅବ୍ୟୟରୂପେ ବ୍ୟବହୃତ; ହିନ୍ଦିରୁ ଅନୁକୃତ) (ସେ) ପଳାଇଲା—(he) Fled away. [ଯଥା, ସେ ମୋତେ ଦେଖି ସେଠାରୁ ଭାଗେ) ପ୍ରାଦେ. (ସମ୍ବଲପୁର) ବି—କୌଣସି ଦଳର ବା ପଙ୍କ୍ତିର ଏକ ଅଂଶ—One part of a group.

ଭାଗ୍ୟ—ସଂ. ବି (ଭଜ୍ ଧାତୁ=ଭାଗ କରିବା+କର୍ମ ଯ)—୧ । ଦୈବ; ଅଦୃଷ୍ଟ; କପାଳ—1. Luck; lot; fate; fortune. ୨ । ସୌଭାଗ୍ୟ; ସୁଦଶା—2. Good fortune. ୩ । ଭାଗିକ; ଅସଲ ଓ ସୁଧ ଟଙ୍କା—3. Capital and interest of money invested. ସଂ. ବିଣ—୧ । ବିଭାଜ୍ୟ—1. Divisible. ୨ । ବଣ୍ଟନୀୟ—2. Distributable. ୩ । ଖଣ୍ଡନୀୟ—3. Partible.
Bhāgya

ଭାଗ୍ୟକ୍ରମେ—ଦେ. ଅ. ୧ । ଦୈବଯୋଗେ; ଅଦୃଷ୍ଟ ଅନୁସାରେ—1 As luck would have it; luckily; fortunately. ୨ । ସୁଯୋଗ କ୍ରମେ—2. Fortunately.
Bhāgya krame
ଭାଗ୍ୟରୁ, ଭାଗ୍ୟରେ, ଭାଗେ } ଅନ୍ୟରୂପ
ଭାଗ୍ୟବଶତଃ—ସଂସ୍କୃତରୂପ
ভাগ্যি, ভাগ্যক্রমে, ভাগ্য বশতঃ; ভাগ্যিস भाग्यक्रमे

ଭାଗ୍ୟ ଗଣନା—ସଂ. ବି (୬ଷ୍ଠୀ ତତ୍; ଭାଗ୍ୟ+ଗଣନା)—ଅଦୃଷ୍ଟର ଫଳାଫଳ ଜ୍ୟୋତିଷିକ ଗଣନା ଆଦିଦ୍ୱାରା ଆଗରୁ ବୁଝିବା—Telling of one's fortune by astrological calculations etc.
Bhāgya gaṇanā

ଭାଗ୍ୟ ଚକ୍ର—ସଂ. ବି (ରୂପକ. କର୍ମଧା; ଭାଗ୍ୟ+ଚକ୍ର)—ଅଦୃଷ୍ଟରୂପ ଚକ୍ର (ଯେପରି ଚକ୍ର ଘୂରୁ ଘୂରୁ କେତେବେଳେ ଉପରକୁ ଓ କେବେ ତଳକୁ ଯାଏ ମନୁଷ୍ୟକୁ ଭାଗ୍ୟଅନୁସାରେ ସେହିପରି କେତେବେଳେ ଭଲ ଘଟେ ଏବଂ ଫେର୍ କେତେବେଳେ ମନ୍ଦ ଘଟୁଥାଏ)—The wheel of fortune.
Bhāgya chakra

ଭାଗ୍ୟ ଟେକିବା—ଦେ. ବି—ଭାଗ୍ୟୋଦୟ ହେବା; ସୌଭାଗ୍ୟ ପଡ଼ିବା—The state of being very lucky; the dawning of good fortune.
Bhāgya ṭekibā
( ଭାଗ୍ୟଫେଡ଼ିବା, ଭାଗ୍ୟଖୋଲିବା—ଅନ୍ୟରୂପ )
ভাগ্যখুলা भाग्यखुलना

ଭାଗ୍ୟ ଦେଖା(ଖେ)ଇବା—ଦେ. କ୍ରି—ଅପଣା ସୌଭାଗ୍ୟର ବିଷୟ ଅନ୍ୟ ବ୍ୟକ୍ତି ଆଗରେ ଗର୍ବରେ ପ୍ରକାଶ କରିବା—To show off one's good fortune or riches before others.
Bhāgya dekhā(khe)ibā
[ଭାଗ୍ୟ ଦେଖା(ଖେ)ଇ ହେବା—ଅନ୍ୟରୂପ]
বৈভবদেখান
भाग्य दिखलाना

ଭାଗ୍ୟଦେବୀ—ସଂ. ବି—ଲକ୍ଷ୍ମୀ—Goddess of fortune.
Bhāgyadebī

ଭାଗ୍ୟଫଳ—ସଂ. ବି—ଅଦୃଷ୍ଟର ପରିଣାମ; ପୂର୍ବଜନ୍ମାର୍ଜିତ କର୍ମର ସୁଖ ଦୁଃଖାଦି ଫଳ—The result of one's luck.
Bhāgyaphaḷa

ଭାଗ୍ୟବଳ—ସଂ. ବି (୬ଷ୍ଠୀ ତତ୍; ଭାଗ୍ୟ+ବଳ)—କପାଳର ଜୋର—The force of one's good fortune.
Bhāgyabaḷa

ଭାଗ୍ୟବ(ମ)ନ୍ତ—ଦେ. ବିଣ. ପୁଂ (ସଂ. ଭାଗ୍ୟବତ୍)—ଭାଗ୍ୟବାନ୍; କପାଳିଆ—Fortunate. [ଦ୍ର—ମତଙ୍ଗ ଋଷିଙ୍କ କେତାର ନାମେ ଖ୍ୟାତି, ଭାଗ୍ୟବନ୍ତ ଲୋକର ଧ୍ରୁବ ସେ ଦର୍ଶନ । କୃଷ୍ଣସିଂହ ମହାଭାରତ. ବନ । ]
Bhāgyaba(ma)nta
ভাগ্যিমান, ভাগ্যমন্ত
भागवन्त
(ଭାଗ୍ୟବନ୍ତୀ—ସ୍ତ୍ରୀ)

ଭାଗ୍ୟବାଦୀ—ସଂ. ବିଣ. ଓ ବି ପୁଂ (ଭାଗ୍ୟ+ବାଦିନ୍ ୧ମା. ୧ବ)—ଅଦୃଷ୍ଟବାଦୀ; ଯେଉଁ ବ୍ୟକ୍ତି କହେ ଯେ ମନୁଷ୍ୟର ସୁଖ ଦୁଃଖ ତାହାର ଉଦ୍ୟମ ଉପରେ ନିର୍ଭର କରେ ନାହିଁ, ମାତ୍ର ତାହାର ଅଦୃଷ୍ଟ ଉପରେ ନିର୍ଭର କରେ—Fatalist; fatalistic.
Bhāgyabādī
(ଭାଗ୍ୟବାଦିନୀ—ସ୍ତ୍ରୀ)

ଭାଗ୍ୟବାନ୍—ସଂ. ବିଣ. ପୁଂ (ଭାଗ୍ୟ+'ଅଛି' ଅର୍ଥରେ ବତ୍; ୧ମା. ୧ବ)—ସୌଭାଗ୍ୟଶାଳୀ; ଅଦୃଷ୍ଟବାନ୍; କପାଳିଆ—Lucky; fortunate.
Bhāgyabān
(ଭାଗ୍ୟବତୀ—ସ୍ତ୍ରୀ)

ଭାଗ୍ୟ ବିଧାତା—ସଂ. ବି. ପୁଂ (ଭାଗ୍ୟ+ବିଧାତୃ ୧ମା. ୧ବ)—୧ । ଯାହା ଉପରେ ମନୁଷ୍ୟର ସୁଖ ଦୁଃଖ ନିର୍ଭର କରେ; ଅଦୃଷ୍ଟର ନିୟନ୍ତା—1. The dispenser of a person's fortune; a person on whom depends one's weal or woe. ୨ । ବ୍ରହ୍ମ; ବିଧାତା—2. The Creator. [ଦ୍ର—ହିନ୍ଦୁଙ୍କର ବିଶ୍ୱାସ ଯେ ବ୍ରହ୍ମା ବା ବିଧାତା ମନୁଷ୍ୟର ଭବିଷ୍ୟଜୀବନର ଘଟଣାମାନ ଜନ୍ମର ଅବ୍ୟବହିତ ପୂର୍ବରୁ ବା ପରେ ତା କପାଳରେ ଲେଖି ଦିଅନ୍ତି । ଏହି ଘଟଣା ସକଳ ଉକ୍ତ ମନୁଷ୍ୟର ପୂର୍ବଜନ୍ମକୃତ କର୍ମର ଅପରିବର୍ତ୍ତନୀୟ ଫଳ । ]
Bhāgya bidhātā
(ଭାଗ୍ୟବିଧାତ୍ରୀ—ସ୍ତ୍ରୀ)

ଭାଗ୍ୟ ବିପର୍ଯ୍ୟୟ—ସଂ. ବି (୬ଷ୍ଠୀ ତତ୍; ଭାଗ୍ୟ+ବିପର୍ଯ୍ୟୟ)—୧ । ଦୁରଦୃଷ୍ଟ; ମନ୍ଦଭାଗ୍ୟ—1. Ill luck; adversity. ୨ । ସୌଭାଗ୍ୟର ପରିବର୍ତ୍ତନ—2. Change of fortune; reverse of fortune.
Bhāgya biparjyaya

ଭାଗ୍ୟଲିପି—ସଂ. ବି—ଅଦୃଷ୍ଟ ଲିଖନ; କପାଳ ଲେଖନ; ଯାହା ମନୁଷ୍ୟର କର୍ମରେ ଲେଖାଥାଏ—That which has been preordained by Fate. [ଦ୍ର—ହିନ୍ଦୁଙ୍କର ବିଶ୍ୱାସ ଯେ ମନୁଷ୍ୟର ଜନ୍ମ ହେବାର ଅବ୍ୟବହିତ ପୂର୍ବରୁ ବା ପରେ ବିଧାତା ପୁରୁଷ ତାର କପାଳ ଉପରେ ପୂର୍ବଜନ୍ମକୃତ କର୍ମର ଫଳସ୍ୱରୂପ ଭବିଷ୍ୟତ ଜୀବନର ଅବଶ୍ୟମ୍ଭାବୀ ଘଟଣାବଳି କଲମ ଧରି ଲେଖିଦିଅନ୍ତି ଏବଂ ତଦନୁସାରେ ସେ ଜୀବନରେ ସୁଖ ଦୁଃଖ ଭୋଗ କରେ । ]
Bhāgyalipi

ଭାଗ୍ୟହୀନ—ସଂ. ବିଣ. ପୁଂ (୩ୟା ତତ୍; ଭାଗ୍ୟ+ହୀନ)—ହୀନ କପାଳଖିଆ; ହତଭାଗ୍ୟ—Unfortunate.
Bhāgyahīna
(ଭାଗ୍ୟହୀନା—ସ୍ତ୍ରୀ)

ଭାଗ୍ୟୋଦୟ—ସଂ. ବି (୬ଷ୍ଠୀ ତତ୍; ଭାଗ୍ୟ+ଉଦୟ)—ସୌଭାଗ୍ୟର ଅବିର୍ଭାବ—The dawning of one's good fortune.
Bhāgyodaya

ଭାଙ୍କାର—ସଂ. ବି (ଧ୍ୱନ୍ୟନୁକରଣ; ଭାଂ=ଧ୍ୱନି+କାର)—ଭେରୀଆଦିର ଧ୍ୱନି—The sound of trumpets.
Bhāṅkāra

ଭାଙ୍ଗ୍—ଦେ. ବି (ଯବନ ସୁଧାଶ୍ୟାମଙ୍କ ପ୍ରବର୍ତ୍ତିତ ଦେଶୀ ବିସ୍ତରରେ ପ୍ରଯୁଜ୍ୟ ଅଦେଶ ବଚନ)—ଭାଙ୍ଗ; ବନବିର—
Bhāṅg

(a term of school drill) Dismiss! ପ୍ରାଦେ. (ସମ୍ବଲପୁର) ବ—ପାନ ସଙ୍ଗେ ଖିଆଯିବା ଓ ପାଟିରେ ପକାଯିବା ଦମାଖୁଗୁଣ୍ଡ—Tobacco powder used for chewing with or without betel.

ଭାଙ୍ଗଚି—ଦେ. ବ (ସ. ଭଞ୍ଜ୍ ଧାତୁ)—କୌଣସି ସଙ୍କଳ୍ପିତ କାର୍ଯ୍ୟକୁ Bhāng-chi ଭାଙ୍ଗିବାପାଇଁ ପ୍ରଦତ୍ତ ମନ୍ତ୍ରଣା; କୁମନ୍ତ୍ରଣା— ভাংচি, ভাঙ্গচি Machinations or advice given to भंगठि a person to spoil a proposal.

ଭାଙ୍ଗଚି ଦେବା—ଦେ. କ୍ରି—କୌଣସି କାର୍ଯ୍ୟକୁ ନଷ୍ଟ ବା ପଣ୍ଡ କରିବା Bhāng-chi debā ଉଦ୍ଦେଶ୍ୟରେ କାର୍ଯ୍ୟକାରୀ ବ୍ୟକ୍ତିକୁ (ଭାଙ୍ଗଚି ମାରିବା—ଅନ୍ୟରୂପ) କୁମନ୍ତ୍ରଣା ଦେବା—To give ভাংচি দেওয়া evil advice to a person with a भंगठि देना view to spoil a proposal.

ଭାଙ୍ଗ୍ ପତର୍—ପ୍ରାଦେ (ସମ୍ବଲପୁର) ବ—ଧୂଆଁ ପତ୍ର; ଦମାଖୁ— Bhāng patar Tobacco leaf.

ଭାଙ୍ଗ—ଦେ. ବ (ସ. ଭଙ୍ଗ)—୧। ଗଞ୍ଜେଇ ଗଛର ପତ୍ର—1. The Bhānga leaves of the Indian hemp. ୨। ভাঙ; ভাঙ্গ, ভাং ଗଞ୍ଜେଇ, ପତ୍ର ବା କଳି (ମଞ୍ଜରୀ) ସଙ୍ଗେ ମରିଚ सबजी; भंग; ठण्डाई ମସଲା ଆଦି ବାଟି ପ୍ରସ୍ତୁତ କରାଯିବା ଉନ୍ମାଦକ ପାନୀୟବିଶେଷ—2. An intoxicating drink made by pounding the leaves of Indian hemp with black pepper and other spices. ୩। (ସ. ଭଜ୍ ଧାତୁ) ଲୁଗାଆଦି ଭାଙ୍ଗି ରଖିବାର ଦାଗ—3. A crease of anything (cloth etc) which has been folded. ୪। ଲୁଗାଆଦି ଭଙ୍ଗା ଗଲେ ଯେଉଁ ସ୍ତର ସ୍ତର—4. The layer of anything like cloth when fold up. ୫। ଭାଙ୍ଗିବା ବା ଭଙ୍ଗୀ ରଚନା କରିବା—5. Making an artistic fold. ୬। ଚିତ୍ର ଓ ମଣ୍ଡଳ ଆଦିର ଅଙ୍କନ—6. Drawing of pictures or artistic circles. ପ୍ରାଦେ. (ସମ୍ବଲପୁର) ବ—ପାନ ସଙ୍ଗେ ଖାଇବା ବା ପାଟିରେ ପକାଇବାରେ ବ୍ୟବହୃତ ଦମାଖୁ ଗୁଣ୍ଡ—Tobacco powder used for chewing with or without betel.

ଭାଙ୍ଗ ଉଚର(ଲ)—ଦେ. ବ—ଗଞ୍ଜପା ବା ଦସ୍ତଖେଳର ଅବସ୍ଥାବିଶେଷ; Bhānga uchara(la) ଖେଳାଳି ହାତରେ କୌଣସି ରଙ୍ଗର ରଜା, ନଅ ବା ଦୋକା ଥିଲେ ଓ ତାହାର ହାତରେ ୧୪ ଖଣ୍ଡ ପାରରୁ କମ୍ ପାର ଥିଲେ ତାହାକୁ ହାକିମ କରିବା କ୍ରମରେ ଖେଳିବାର ଅବସ୍ଥାବିଶେଷ (ନଜେ)— A particular stage in the game of country cards in which a player has got the king card and the cards with 9 and 2 points and has got less than 14 cards in his hands.

ଭାଙ୍ଗ ଘୋଟିବା—ଦେ. କ୍ରି (ସ ଭଙ୍ଗ+ଘଟ୍ଟ ଧାତୁ)—ମରିଚ ଓ ମସଲା Bhānga ghotibā ସହିତ ପତ୍ର ବା ଗଞ୍ଜେଇକଳିକୁ ଘୋଟଣ ভাঙ ঘোটা ପଥରରେ କୁଣ୍ଡିରେ ରଖି ଖଣ୍ଡେ କାଠର ମୂଳରେ ତାକୁ भाँग घोटना ମର୍ଦ୍ଦନ କରିବା—To pound the leaves of (ଭାଙ୍ଗ ବାଟିବା—ଅନ୍ୟରୂପ) Indian hemp with black pepper and spices in a mortar with the help of a wooden pestling rod.

ଭାଙ୍ଗପତ୍ର—ପ୍ରାଦେ (ବୌଦ୍ଧ) ବ—ଧୂଆଁ ପତ୍ର; ଦମାଖୁ— Bhānga patra Tobacco leaf.

ଭାଙ୍ଗପାଣି—ଦେ. ବ (ସ. ଭଙ୍ଗ+ପାନୀୟ)—ଗଞ୍ଜେଇ ବା ପତ୍ର ଓ ମରିଚ Bhānga pāni ମସଲା ଘୋଟି ପ୍ରସ୍ତୁତ କରାଯିବା ପାନୀୟବିଶେଷ; ভাঙ মରିଚପାଣି—A drink made by mixing भँगपानी, ठँडाई Indian hemp paste with water.

ଭାଙ୍ଗ ଫିକ—ଦେ. ବ—ଗଞ୍ଜପା ଖେଳର ଅବସ୍ଥାବିଶେଷ; ଖେଳାଳି Bhānga phika ହାତରେ କୌଣସି ରଙ୍ଗର ରଜା, ଅଠ ଓ ତିକା ଥିଲେ ଓ ୨୧ ଖଣ୍ଡ ପାରରୁ ବେଶି ଥିଲେ ଅଠକୁ ବା ତିକାକୁ ହାକିମ କରିବା ପାଇଁ ଖେଳିବା (ନଜେ)— A particular stage or state of affairs in the card game of Ganjapā when a player has the king card, the cards with eight and 3 points and has got more than 21. cards in his hands.

ଭାଙ୍ଗ ଭୁଙ୍ଗ—ଦେ. ବ (ଭରାର୍ଥକ ଶବ୍ଦଜ)—ଭାଙ୍ଗିବା କ୍ରିୟା; Bhānga bhunga ଭାଙ୍ଗଭଙ୍ଗି—The act of brea- ভাঙ্গাচুরা भाँग भूँग king.

ଭାଙ୍ଗ ସ(ସି)ରା—ଦେ. ବ—ଗଞ୍ଜପା ଖେଳର ଅବସ୍ଥା ବିଶେଷ; ଖେଳାଳିର Bhānga sa(si)rā ହାତରେ କୌଣସି ରଙ୍ଗର ରଜା, ଦହ ବା ଏକା ସହିତ ୧୦ ଖଣ୍ଡ ପାରରୁ ଅନ୍ୟୂନ ଥିବା ଅବସ୍ଥା; ନଜେ ]—A particular state of affairs in the card game of Ganjapā when a player has less than 10 cards including the king card and the cards having 10 points or one point in his hands.

ଭାଙ୍ଗା—ପ୍ରାଦେ (ସିଂହଭୂମ) ବଣ (ଭୂଲ. ବ ଭଙ୍ଗା)—ଭଙ୍ଗା; ଭଗ୍ନ— Bhāngā Broken.

ଭାଙ୍ଗିଆ—ପ୍ରାଦେ (ସମ୍ବଲପୁର) ବ—ଏକପ୍ରକାର ଗୋରୁ ବନ୍ଧା ଦଉଡ଼ି— Bhāngiā A kind of rope for tying cattle.

ଭାଙ୍ଗିବା—ଦେ. କ୍ରି (ସ. ଭଜ୍ଞ ଧାତୁ)—୧। (ସକର୍ମକ) ଭଗ୍ନ Bhāngibā କରିବା; ଖଣ୍ଡ ଖଣ୍ଡ କରିବା—1. To break; ভাগা, ভাঙ্গা to break into pieces. ୨। (ଅକର୍ମକ) तोड़ना ଭାଙ୍ଗିବା; ଭଗ୍ନ ହେବା—2. To be broken. ୩। (ସକର୍ମକ) କୌଣସି ବ୍ୟକ୍ତିର କଥାକୁ ରକ୍ଷା ନ କରିବା —3. To disregard a person's request. [ ଉ—ତା ଶୁଣି କେତେ ଋଷି ଶାସ୍ତ୍ରକୁ ପଢ଼ିଲେ, କେତେ ଋଷି ଯୁକ୍ତି କରି ତାହା ଭାଙ୍ଗି ଦେଲେ । କୃଷ୍ଣସିଂହ. ମହାଭାରତ. ସଭା । ]

୪ । (ସକର୍ମକ)(ଆଦେଶ) ଅମାନ୍ୟ କରିବା; ଲଙ୍ଘନ କରିବା —4. To disobey; to transgress. (ଉ—ମୋ ଆଜ୍ଞା ଭାଙ୍ଗିବାକୁ ତୋହର ଶକତ—କୃଷ୍ଣସିଂହ. ମହାଭାରତ. ବନ ।) ୫ ।(ସକର୍ମକ) (ପ୍ରସ୍ତାବ) ସ୍ଥଗିତ ରଖିବା—5. To postpone or adjourn a proposal; to hold in abeyance. ୬ । (ସକର୍ମକ) ଛାରଖାର କରିବା; ଧ୍ୱଂସ କରିବା; ବିନଷ୍ଟ କରିବା—6. To destroy; to demolish. (ଉ—ଯୁଦ୍ଧ କରି ଭାଙ୍ଗିବ ନୃପପରାକ୍ରମ—କୃଷ୍ଣସିଂହ. ମହାଭାରତ. ସଭା ।) ୭ । (ସକର୍ମକ) (ମଣ୍ଡଳ ଅଙ୍କ) ଅଙ୍କନ କରିବା—7. To draw circles and figures. ୮ । (ଅକର୍ମକ) (କଚେରି ଅଫିସ କାର୍ଯ୍ୟ) ବନ୍ଦ ହେବା—8. To be dismissed; to be closed (said of courts and offices). ୯। ଦୁଇ ଜଣଙ୍କ ମଧ୍ୟରେ ମନୋମାଳିନ୍ୟ ଘଟାଇବା(ଯଥା —ସେ ଅମୁକ ଦୁଇ ଜଣଙ୍କ ମନ ଭାଙ୍ଗିଦେଲା)—9.To cause dissension between two persons. ୧୦ । (ସକର୍ମକ) ( ମକଦ୍ଦମା ) ଅତି ଅପୋଷରେ ମୀମାଂସା କରିବା—10.To settle (cases) amicably. ୧୧ । (ସକର୍ମକ) (ପଡ଼ିଆ ଜମିକୁ ) ହାସଲ କରିବା; ପଡ଼ିଆ ଜମିକୁ ହାଣି ମାରି ଚାଷ ତମିରେ ପରିଣତ କରିବା—11. To reclaim; to bring under cultivation. ୧୨ । (ସକର୍ମକ) ଦୂର କରିବା—12. To remove. ( ଉ—ସେ ଅବା କରୁଣରେ ଭାଙ୍ଗିବେ ସନ୍ଦେହ । କୃଷ୍ଣସିଂହ. ମହାଭାରତ. ବନ । ) ୧୩ । (ସକର୍ମକ) ଛାଡ଼ିବା; ବଳିଯିବା—13. To excel; to exceed. ( ଉ—ସିଂହ ସିଂହ ହସ୍ତୀ ହସ୍ତୀଙ୍କଠାରୁ ଗଲା, ଘୋଡ଼ାକୁ ଦ୍ରୌପଦୀଙ୍କ ଯିବାର ଭାଙ୍ଗିଲା—କୃଷ୍ଣସିଂହ. ମହାଭାରତ. ବିରାଟ । ) ୧୪ । ( ଗୋବର ଚଢ଼େଇ ପାଳିବାବାଲାଙ୍କ ଭାଷା ) (କୌଣସି ଗୋବର ଚଢ଼େଇ)ଅନ୍ୟ ଚଢ଼େଇକୁ ବିବାଦରେ ଜିତିବା—14. To defeat another bird in fight ( said of a bulbul bird). ୧୫ । (ପ୍ରାଚୀନ ଓଡ଼ିଆ) ଯୁଦ୍ଧକ୍ଷେତ୍ରରୁ ପଳାୟନ କରିବା(ମାଦଳା ପାଞ୍ଜି)—15. To retreat or flee away from a battle field.୧୬। ଅଲଗା ଅଲଗା ଯାଇଥିବା ଦଉଡ଼ିକୁ ଏକାଧିକ ସରୁ କରି ବଳିବା—16.To twist strings or strands into a rope. ୧୭। (ଭାଙ୍ଗିଦେବା-ସକର୍ମକ ଅନ୍ୟରୂପ) (ସକର୍ମକ)ପେଟ ଟାଣିଲେ ପେଟ ଉପରେ (ଭାଙ୍ଗିଯିବା-ଅକର୍ମକ ଅନ୍ୟରୂପ; ପାଣିପୂର୍ଣ୍ଣ କଂସା ବା ଅନ୍ୟ ବଡ଼ ପାତ୍ର ରଖିସେହି ପାତ୍ର ମଧ୍ୟକୁ ଉପର୍ଯ୍ୟୁପରି ପାଣି ଅଜାଡ଼ିବା; (ଯଥା—ତା ପେଟରେ ପାଣି ଭାଙ୍ଗିଲେ ପେଟ ଟଣା ବନ୍ଦ ହେବ)—17. To repeatedly pour water into a big cup placed on the belly when there is some disorder in the stomach. ୧୮ । (ଅକର୍ମକ) ନଦୀର ବନ୍ଧ ଅତି ସ୍ରୋତର ବେଗରେ ନଷ୍ଟ ହେବା (ଯଥା—ନଈବଢ଼ିରେ ବନ୍ଧ ଭାଙ୍ଗିଗଲା)—18. To give way; to be breached (said of a bank. ୧୯ । ଲୁପ୍ତ ହେବା —19. To disappear; to be gone. ( ଯଥା, ମେଘ ଭାଙ୍ଗିଗଲାଣି; ବଳ ଭାଙ୍ଗିଗଲାଣି ) ୨୦ । (ସକର୍ମକ) —ଲୁପ୍ତ କରିବା—20. To cause to disappear. (ଯଥା, ରୋଗ ମୋ ବଳ ଭାଙ୍ଗିଗଲାଣି) ୨୧ । ପଣ୍ଡ କରିବା—21. To nullify.

**ଭାଙ୍ଗୁଆ**—ଦେ. ବିଣ. ପୁଂ—ଭଙ୍ଗଡ଼ି; ଭାଙ୍ଗ ଖାଇବାରେ ଅଭ୍ୟସ୍ତ—Bhāṅguā Addicted to taking the intoxicating ଭାଙ୍ଗୀ, ଭାଙ୍ଗଡ଼, ଭାଙ୍ଗର drink, Bāṅga. भंगेरी (ଭାଙ୍ଗୋଇ—ସ୍ତ୍ରୀ)

**ଭାଙ୍ଗୁଆଣି (ଇତ୍ୟାଦି)**—ଦେ. ବି—ଭାଙ୍ଗଚି ଇତ୍ୟାଦି (ଦେଖ) Bhāṅguāṇi (etc) Bhāṅgchi etc (See).

**ଭାଙ୍ଗୁଣି**—ଦେ. ବି—( ସ. ଭଙ୍ଗ )—୧ । ଭାଙ୍ଗିବା—1. Act of Bhāṅguṇi breaking. ୨। ଅନ୍ୟଥାକରଣ;ଲଙ୍ଘନ—Violation. ଭାଙ୍ଗନ तोड़ना ୩ । ଯେଉଁ ଉପାୟଦ୍ୱାରା ରସାୟନ ଔଷଧର ତେଜ ଭଙ୍ଗା ହୁଏ—3. Appliances by which the potency of tonics is lost or lessened.

**ଭାଙ୍ଗୁଣିଆ(ଆ )**—ଦେ. ବିଣ—୧ । ଯେ ଭାଙ୍ଗେ—1. Breaking; Bhāṅguṇiā(ā̃) one who breaks. ୨ । ଯେ ନିଜର ଭାଙ୍ଗାନିୟା ଘରବାଡ଼ିର ଶାନ୍ତି ନଷ୍ଟ କରେ—2. Causing तोड़नेवाला disturbance in one's own family. ୩ । ଯେ ପରର ଘର ଭାଙ୍ଗେ—3. Creating dissensions in another's family.

**ଭାଜକ**—ସ. ବି (ଗଣିତ) (ଭଜ୍ ଧାତୁ+ଣକ୍ତି, କର୍ତ୍ତ)—ଯେଉଁ ରାଶିଦ୍ୱାରା Bhājaka ଅନ୍ୟ ରାଶିକୁ ଭାଗ କରାଯାଏ—(arithmetic) A (ଭାଜିକା—ସ୍ତ୍ରୀ) divisor. ସ. ବିଣ. ପୁଂ—ବିଭାଗକାରୀ—Dividing; partitioning.

**ଭାଜନ**—ସ. ବି (ଭଜ୍ ଧାତୁ=ସେବା+କରିବା+ କର୍ମ. ଅନ)—Bhājana ୧ । ଆଧାର; ପାତ୍ର—1. Receptacle. ୨ । ଆଶ୍ରୟ—2. Refuge; shelter. ୩ । ସୁପାତ୍ର; ଯୋଗ୍ୟପାତ୍ର—3. A deserving person. ସ.ବିଣ—(ପୁଂ ଓ ସ୍ତ୍ରୀ)—ଯୋଗ୍ୟ—Deserving. ( ସ. ସ୍ନେହଭାଜନ, ସ୍ନେହପାତ୍ର ଇତ୍ୟାଦି ଶବ୍ଦ ପୁଂ ଓ ସ୍ତ୍ରୀଲିଙ୍ଗରେ ବ୍ୟବହୃତ ହୁଏ । )

**ଭାଜି**—ଦେ. ବି (ସ. ଭୃଜ୍ ଧାତୁ)—ଭର୍ଜିତ ବ୍ୟଞ୍ଜନ; ଘିଅରେ ବା ତେଲରେ Bhāji ଭଜା ହୋଇଥିବା ଖାଦ୍ୟ—Roasted or fried भाजा, भाजी food ପ୍ରାଦେ. (ସମ୍ବଲପୁର) ବି—୧ । କୋଷଲା भाजि, मुजिया ଶାଗ—1. A kind of potherb. [ ଉ—ଭାଜିର ଉଠେ କେନା ପାଏନ୍ ପାଏ । ଇତି । ଏଥିର ଅର୍ଥ କୋଷଲା ଶାଗ ଲାଗି କଳସିର ପାଣି ପାଏ; ତୁଳନାକର, ଓଡ଼ିଶା ପ୍ରଚଳିତ ଢଗ—ଦାରୁଅ ଲାଗି କଳସିର ପାଣି ଯାଏ । ] ୨ । (ଭୁଲ. ହି. ଏହି ଅର୍ଥରେ ଏହି ଶବ୍ଦ) ଶାଗ 2. Pot-herb.

**ଭାଜିତ**—ସଂ. ବିଣ [ଭଜ୍ ଧାତୁ + କର୍ମ. ତ]—ପୃଥକ୍‌କୃତ; ବିଭକ୍ତ—
Bhājita Divided. ସଂ. ବି—ଭାଗ; ଅଂଶ—Part; share.

**ଭାଜି ତରକାରି**—ଦେ. ବି [ସହଚର]—ଭଜା ଓ ତିଅଣ—
Bhāji tarakāri Fried fruit and curry.
ଭାଜୀ ତରକାରୀ **भुजिया तरकारी**

**ଭାଜିବା**—ଦେ. କ୍ରି. (ସଂ ଭଜ୍ ଧାତୁ)—(ଅକର୍ମକ) ୧। ଭାଙ୍ଗିଯିବା;
Bhājibā ଭଗ୍ନହେବା—1 To be broken. (ଉ—ଉରୁ
ভাংগা ପବନକୁ ପାଇଣ ବୃକ୍ଷରାଜି, ଲଟାଙ୍କର ଉପରେ ଛେଚ
**टूटना** ହେଲେ ଭାଜି। କୃଷ୍ଣସିଂହ. ମହାଭାରତ. ବନ।) ୨।
ବହିଯିବା; ଲୁପ୍ତପ୍ରାୟ ହେବା—2. To be exhausted.
(ଉ—ଅଙ୍ଗ ନ ପାରଇ, ଭାଜିଛି ମୋ ବଳ, ସ୍ୱର କରଇଛି
କଣ୍ଠରେ ଚଢ଼େ। କବିସୂର୍ଯ୍ୟ. ସଙ୍ଗୀତ।) ୩। (କୌଣସି
ପ୍ରସ୍ତାବ) ରହିତ ହେବା—3. (a proposal) To be
ভাগা kept in abeyance. ୪। ପଳାଇବା—4. To flee
**भागना** away. (ଉ—ଭୀମଙ୍କ ଶରଘାତରେ ଭାଜିଲେ ସଇନ୍ୟ।
କୃଷ୍ଣସିଂହ. ମହାଭାରତ. ବନ।) ୫। ପରାଜିତ ହେବା—
5. To be vanquished. ୬। ପରାଜିତ ହୋଇ
ଛତ୍ରଭଙ୍ଗ ହେବା—6. To be routed after defeat.
ভাজা ୭। (ସକର୍ମକ)(ସଂ. ଭୃଜ୍ ଧାତୁ) ଭର୍ଜନ କରିବା—7. To
**भुजना, माजना, भूजना** fry; to roast.
(ଭାଜିଯିବା—ଅକର୍ମକ ଅନ୍ୟରୂପ)

**ଭାଜି ଶାଗ**—ପ୍ରାଦେ. (ସମ୍ବଲପୁର) ବି. (ଭୁଲ ଶାଗ ଅର୍ଥରେ ହି.
Bhāji śāg ଭାଜୀ)—କୋଶଲା, ଲେଉଟିଆ ଆଦି ଶାଗ—
Potherb

**ଭାଜ୍ୟ**—ସଂ. ବି. (ଭଜ୍ ଧାତୁ+କର୍ମ. ଯ)—(ଗଣିତ) ଯେଉଁ ରାଶି
Bhājya ଅନ୍ୟ ରାଶି ଦ୍ୱାରା ଭାଗ କରାଯାଏ—
(arithmetic) A dividend.
୨. ବିଣ—ଯାହାକୁ ଭାଗ କରିବା ଉଚିତ; ଭାଗାର୍ହ; ଭାଗ
ଯୋଗ୍ୟ—Divisible.

**ଭାଞ୍ଜ**—ଦେ. ବି. (ସଂ. ଭଞ୍ଜ ଧାତୁ)—୧। ସ୍ୱର୍ଣ୍ଣ ରୌପ୍ୟାଦିରେ
Bhānja ମିଶାଯିବା ନିକୃଷ୍ଟ ଧାତୁ; ଖାଦ—1. Dross. ୨। ଭାଙ୍ଗ;
খাদ ଭାଙ୍ଗ—2. Layer; fold. ଦେ. ବିଣ—ନିକୃଷ୍ଟ—
**खाद** ভাঁজ **तह** Inferior.

**ଭାଞ୍ଜିବା**—ଦେ. କ୍ରି. (ସଂ. ଭଞ୍ଜ ଧାତୁ)—(ସକର୍ମକ) ୧। ଭାଙ୍ଗିବା—
Bhānjibā 1. To break into pieces. (ଉ—ବୃକ୍ଷ
ভাঁজা **तोडना** ସ୍ଥାପିବା ବିନା କର୍ମ, ଭାଞ୍ଜିବା ଅଟଇଁ ଅଧର୍ମ।
ভাঁজা ଉପେନ୍ଦ୍ର. ପ୍ରେମପଞ୍ଚାମୃତ।) ୨। ଲୁଗା ଆଦି ପ୍ରସ୍ତ ପ୍ରସ୍ତ କରି
**तह करना, तह लगाना** ଭାଙ୍ଗିବା—2. To fold (cloth etc).
୩। (ଅକର୍ମକ) ପଳାଇବା—3. To flee away.
ভাগা (ଉ—ଶୂକର ଚେଙ୍କ ଯଷ୍ଟି ବଳେ, ଭୟେ ଭାଞ୍ଜିଲେ ବଗ-
**भागना** ପାଳେ। ଜଗନ୍ନାଥ. ଭାଗବତ।)

**ଭାଟ**—ଦେ. ବି. (ସଂ. ଭଟ୍ଟ)—୧। ବଂଶଚରିତଗାନକାରୀ ଗାୟକ—
Bhāṭa 1. Bard; herald. ୨। ସ୍ତୁତିପାଠକ; ବନ୍ଦୀ—
ভাট 2. A panegyrist. (ଉ—କୋହଲେ କପାଁ ଭାଟ
**भाट** ପ୍ରାୟେ ସ୍ତୁତି କରି। କୃଷ୍ଣସିଂହ. ମହାଭାରତ. ସଭା)
୩। ବର୍ଣ୍ଣସଙ୍କର ଜାତିବିଶେଷ—3. A hybrid caste
୪। ରାଜଦୂତ—4. Ambassador.

**ଭାଟକ**—ସଂ. ବି. (ଭଟ୍ ଧାତୁ=ଭଡ଼ା କରିବା + ସଂଜ୍ଞାର୍ଥେ. ଅକ)—
Bhāṭaka ୧। ଘର ଆଦିର ଭଡ଼ା—1. Rent or hire for
the use of a house etc. ୨। କୌଣସି ବସ୍ତୁର
ମୂଲ୍ୟ—2. Price of a thing.

**ଭାଟ ଭିକା(ଖା)ରି**—ଦେ.ବି.(ସହଚର)(ସଂ.ଭଟ୍ଟ + ଭିକ୍ଷାକାରୀ)—ଭାଟ ଓ
Bhāṭa bhikā(khā)ri ଭିକ୍ଷୁକ—Bards and beggars
ভাট ভিখারী [ଦ୍ର—ପୂର୍ବେ ଭାଟମାନେ ରାଜାମାନଙ୍କ
**भाट भिखारी** ନିକଟରେ ପ୍ରତ୍ୟହ ସ୍ତୁତି ପାଠ କରି ରହୁଥିଲେ।
ଏହି ପ୍ରାଚୀନ ପ୍ରଥା ଲୁପ୍ତପ୍ରାୟ ହେବାରୁ ଏବେ ଭାଟମାନେ
ଦ୍ୱାରେ ଦ୍ୱାରେ କବିତା ବୋଲି ଭିକ୍ଷା କରି ପେଟ
ପୋଷନ୍ତି।]

**ଭାଟି**—ଦେ. ବି. (ସଂ. ଭ୍ରାଷ୍ଟ୍ରୀ)—୧। ବଡ଼ ଚୁଲି—1. A furnace;
Bhāṭi ভাটী kiln. ୨। ମଦ୍ୟ ପ୍ରସ୍ତୁତ କରିବାର ବଡ଼ ହାଣ୍ଡି—
**भाट, भट्टी, भट्टा** 2. Large pot for distilling wine
or spirits. ୩। ଅର୍କ କାଢ଼ି ମଦ ତିଆରି
କରିବାର ଯନ୍ତ୍ର—3. Still. ୪। ଧୋବା ଯେଉଁ
ବଡ଼ ବଡ଼ ହାଣ୍ଡିରେ ଲୁଗା ସିଝାଏ—4. Large ear-
then pots for boiling clothes to be washed
by a washerman; a washerman's cloth-
boiling pot. ୫। ଇଟା ପୋଡ଼ିବା ଚୁଲି—
5. Brick kiln. ୬। ଯେଉଁଥିରେ ପୋଡ଼ି ଚୂନ ତିଆରି
କରିବା ଚୁଲି—6 Lime kiln. [ଦ୍ର—ଉକ୍ତ ଉକ୍ତ
କାର୍ଯ୍ୟ ନିମନ୍ତେ ବ୍ୟବହୃତ ଭାଟି ଉକ୍ତ ଉକ୍ତ ନାମରେ କଥିତ
ଯଥା—ଧୋବା ଭାଟି, ମଦ ଭାଟି, ଇଟାଭାଟି ଇତ୍ୟାଦି।]
୭। ପୋଡ଼ା ଯାଉଥିବା ଇଟାର ସ୍ତୂପ—7. The
arranged heap of bricks burnt in a kiln.
୮। ଯେଉଁ ଘରେ ମଦ ତିଆରି ହୁଏ—8. Distillery.

**ଭାଟିଆ**—ଦେ. ବି—୧। ଗୁଜରାଟବାସୀ ବୈଶ୍ୟ ବଣିକ—1. A
Bhāṭiyā Baisya merchant of Gujerat. ୨। କଚ୍ଛ
ভাটিয়া ଓ କାଠିଆବାଡ଼ର ଅଧିବାସୀ ଭାଟିଆମାନଙ୍କ କଥିତ
**भाटिआ** ସିନ୍ଧୀ ଭାଷାର କଚ୍ଛିଭାଷାର ରୂପାନ୍ତରିତ ଉପଭାଷାବିଶେଷ-
2. A sub-dialect of Kachchhi dialect of
the Sindhi language spoken by the
Bhatias fo Cutch and Kathiawar
୩। ଭାଟିର ଭାରପ୍ରାପ୍ତ ବ୍ୟକ୍ତି—3. A person in-
charge of a kiln or distillery.

**ଭାଟିଆ ବେଣ**—ଦେ. ବି. (ନାମ)—ଧର୍ମ ସମ୍ପ୍ରଦାୟବିଶେଷ—
Bhāṭiā bena A religious sect.
[ଦ୍ର—ବଲ୍ଲଭାଚାର୍ଯ୍ୟ ଏହି ସମ୍ପ୍ରଦାୟର ପ୍ରବର୍ତ୍ତକ। ଧନ
ସମ୍ପତ୍ତି ଏମାନଙ୍କର ମୁଖ୍ୟଉଦ୍ଦେଶ୍ୟ,ମାତ୍ର ଭୋଗବିଳାସ ବାସନା
ଅଧିକ ନ ଥାଏ। ମଦନମୋହନ. ତୀର୍ଥ ଦର୍ଶନ।]

ଭାଟିଆରା(ରୀ)—ଦେ. ବି—୧ । ଅନ୍ନବିକ୍ରେତା—1. Seller of cooked rice. Bhāṭiārā(rī) ୨ । ମଦବିକ୍ରେତା—2. A vendor of wine. ଭାଟିୟାରୀ ୩ । ଯେ ଚାଉଳ ଅବା ସିଝାଇ ମଦ ଭଟିୟାରୀ ତିଆରି କରେ—3. A wine distiller.

ଭାଟିଆରୀ—ଦେ. ବି. ( ସଂ. ଭର୍ତ୍ତୃହାରିକା )—ଗୀତର ରାଗବିଶେଷ Bhāṭiāri ( 'ରାଗ' ଶବ୍ଦେ ଟୀକା ଦେଖ )—Name of a ভাটিয়ারী tune in song (see notes under Rāga). भटियारी [ଦ୍ର—ମହାରାଜ ଭର୍ତ୍ତୃହରି ଏହି ରାଗର ପ୍ରବର୍ତ୍ତକ । ଏହା ହବା ପ୍ରଥମ ପ୍ରହରରେ ଗେୟ । ଏହା ସପ୍ତସ୍ୱରବିଶିଷ୍ଟ । ଏଥିରୁ ଦୁଇ ସ୍ୱର କୋମଳ ।]

ଭାଟି ଖାନା—ଦେ. ବି—ଯେଉଁ ଘରେ ମଦ ଭାଟି ଥାଏ ବା ମଦ ହୁଏ Bhāṭi khānā ହୁଏ—Distillery. ভাটিখানা भट्टीखाना

ଭାଟିବା—ଦେ. କ୍ରି. ( ସଂ. ଭଟ୍ଟ ଧାତୁ=ସ୍ଖଳନ କରିବା )—(ଜୁଆର) Bhāṭibā କମିବା—( flowtide ) To ebb. ভাটা (ଦ୍ର—ଅଛି ପୂର୍ଣ୍ଣିମା । × × × × ବାରଟା ବେଳେ घटना ଜୁଆର ଭାଟିବ । ଠିକ ସେହିକ ବେଳେ ସନ୍ତୁଷ୍ଟ ଅମୃତ ଯୋଗ—ଫକୀରମୋହନ. ଗଳ୍ପସ୍ୱଳ୍ପ )

ଭାଟୁ(ଟୋ)ଇ—ଦେ. ବି ( ସଂ. ବର୍ତ୍ତକ )—ବଟର ଚଢ଼େଇ—The Bhāṭu(ṭo)i grey quail ( bird ): Cotarnix বটের बटेर Communis.

ଭାଟୁଆରି—ଦେ. ବିଣ—ଭାଟ ସମ୍ବନ୍ଧୀୟ—Relating to a Bhāṭa Bhāṭuāri or panegyrist. ( ଯଥା—ଭାଟୁଆରି ভাটু(টো)আরি भाटोचार ଲାଗିଛି । )

ଭାଟୋ—ପ୍ରାଦେ. (ସମ୍ବଲପୁର) —ବି. ପୁଂ—ଭଣୋଇ; ଭଗିନୀପତି— Bhāṭo Sister's husband.

ଭାଠି—ପ୍ରାଦେ. ( ସମ୍ବଲପୁର ) ବି—୧ । ମଦଭାଟି—1. Wine shop. Bhaṭhi ୨ । ଭାଟି (ଦେଖ)—Bhaṭi (See).

ଭାଡ଼(ଡ଼ୁ) ଭାଡ଼(ଡ଼ୁ)—ଦେ. ଅ (ଧ୍ୱନ୍ୟନୁକରଣ)—ଭଡ଼ ଭଡ଼; କୌଣସି Bhārd(rdu) bhārd(rdu) ଟାଣ ପଦାର୍ଥ ଚୋବାଇବାର ଶବ୍ଦ— ভড় ভড় कड़कड़ Sound of chewing hard things. [ଦ୍ର—ପଡ଼ଶୁଣୀ ଘର ପିଠା ଦେଖି ମନ ହେଉ ଥିବେ, ଘସି ଫଡ଼ା ଖଣ୍ଡେ ହାତରେ ଧରି ଭାଡ଼ୁ ଭାଡ଼ୁ ଚୋବେଇ ଚଗ ।]

ଭାଡ଼ି—ଦେ. ବି (ସଂ. ବଟକ)—୧ । କାଠ ବାଉଁଶ ଆଦିରେ ପ୍ରସ୍ତୁତ Bhārdi ମଞ୍ଚା—1. A raised framework of bamboo or planks; scaffold; a platform used for stocking things. [ ଦ୍ର—ଗୃହ ମଧ୍ୟରେ ଜିନିଷପତ୍ର ରଖିବା ପାଇଁ ଘରର ଗୃହ ଉଳେ କାନ୍ଥ ଉପରେ ବମ୍ବା (ଭୁଇଁରେ ଖୁଣ୍ଟି ପୋତି) ଖୁଣ୍ଟ ଉପରେ ଆଡ଼ଧାରଣା ଦେଇ ଉକ୍ତ ଧାରଣା ଉପରେ ବାଉଁଶ ବା ପଟା ବସାଇ ଭାଡ଼ି ତିଆରି କରାଯାଏ । ଯାତ୍ରାବାସ୍ର ବା ବାଜାବାଦ୍ରମାନଙ୍କ ବସିବା ପାଇଁ ଓ ବଣରେ ଶିକାରୀମାନଙ୍କ ଲୁଚିବା ପାଇଁ ଭାଡ଼ି ବା ମଞ୍ଚା କରାଯାଏ । ଜଙ୍ଗଲ ମଧ୍ୟରେ ଥିବା ଶସ୍ୟ ଖେତକୁ ରାତିରେ ଜଗିବା ପାଇଁ କୃଷକମାନେ ଭଲ ମଝିରେ ଖୁଣ୍ଟି ପୋତି ତା ଉପରେ ଭାଡ଼ି ତିଆରି କରନ୍ତି ।] ୨ । ମୁଢ଼ି, ଖଇ ଆଦି ଭଜା ଯିବାର ଏକ ସେଥ ବା ଥର—2. One baking or frying (of fried rice etc ) (ଯଥା—ମୁଁ ଭାଡ଼ିଏ ମୁଢ଼ି ଭାଜି ଦେଇ ଯିବି) ୩ । ଦାନ୍ତମାନଙ୍କର ଏକ ପୂର୍ଣ୍ଣ ପଂକ୍ତି— 3. A row of teeth (ଯଥା—ଏହା ମୁଥେକେ ତୋର ଭାଡ଼ିଏ ଦାନ୍ତ ଭାଙ୍ଗି ଦେବି ।)

ଭାଡ଼ିଆ—ଦେ. ବି—ଭାଡ଼ି ଜଗୁଆଳ; ଯେ ଭାଡ଼ି ଉପରେ ଥାଇ ରାତିରେ Bhārdia ଶସ୍ୟକ୍ଷେତ୍ର ଆଦି ଜଗେ—One who watches মাচাওয়ালা the crops in the night from a high मचानवाला scaffolding [ ଦ୍ର—ବେ ଗୁଳା ବାଜିଲା, ମୁଣ୍ଡ [ଭାଡ଼ିଆର(ଲ)—ଅନ୍ୟରୂପ] ଯେକଣ୍ଠ, ଭାଡ଼ି ଉପରୁ ବାଡ଼ିଆର । ବ୍ରଜନାଥ. ସମରତରଙ୍ଗ । ]

ଭାଡ଼ି ଚହଲେଇବା—ପ୍ରାଦେ. [ଗଡ଼ଜାତ] କ୍ରି—ଶିକାର ଉଦ୍ଦେଶ୍ୟରେ Bhardi chahaleibā ଯେଉଁଥିବା ଲୋକେ ବାଦ୍ୟାଦି ବଜାଇ ଓ ପାଟକରି ସେଉଁମଧ୍ୟସ୍ଥ ଜନ୍ତୁମାନଙ୍କୁ ଶିକାରୀମାନଙ୍କ ଭାଡ଼ି ପାଖକୁ ତଡ଼ିଭୁଗାଇବା କାର୍ଯ୍ୟ ଆରମ୍ଭ କରିବା—(the beaters) To commence the beat.

ଭାଣ୍(ନ୍)ସ—ପ୍ରାଦେ. [ଗଡ଼ଜାତ; ମୂଳ ହି. ଭାନସ୍=ପାକ]—ପାକଶାଳା; ରୋଷେଇ ଘର—Cookroom;kitchen. Bhan(n)-sa

ଭାଣ—ସଂ. ବି (ଭଣ୍ ଧାତୁ=କହିବା+ଅଧିକରଣ. ଅ)—୧ । ଏକ Bhāṇa ଅଙ୍କରେ ସମାପ୍ତ ନାଟ୍ୟ ଗ୍ରନ୍ଥବିଶେଷ—1. A drama in one act. ୨ । ପ୍ରତୀତି; ବୋଧ—2. Belief; perception. ୩ । ବାହାନା; ଛଳ; କପଟ—3. pretence; feigning. ୪ । ଜ୍ଞାନ—4. Knowledge. ୫ । କଥା; ବାକ୍ୟ—5. Saying; speech; utterance.

ଭାଣ କରିବା—ଦେ. କ୍ରି—ବାହାନା କରିବା; ଛଳନା କରିବା; ଛଟା Bhāṇa karibā ଗାଇବା—To feign; to pretend; ভাণকরা बाहाना करना to simulate.

ଭାଣ(ଣି, ଣେ ଜି (ଞ୍ଜି)—ଦେ. ବି.ସ୍ତ୍ରୀ (ସଂ.ଭଗ୍ନୀକା)—ଭଉଣୀର ଝିଅ— Bhāṇa (ṇi, ṇe) ji (ñji) Sister's daughter. ভাগিনী भानजी

ଭାଣ(ଣି, ଣେ) ଜ (ଞ୍ଜି)ଜୋଇଁ—ଦେ.ବି (ସଂ. ଭଗ୍ନୀକା ଓ ଜାମାତୃ)— Bhāṇa (ṇi, ṇe) ji (ñji) joiñ ଭାଣିଜୀର ସ୍ୱାମୀ—The ভগিন জামাই भागिन जमाई husband of one's sister's daughter.

ଭାଣ୍ଟ—ପ୍ରାଦେ. (ଉତ୍ତର ବାଲେଶ୍ୱର) ବି—ଭଇଁଲେଖ; କଇଁର ଫଳ- Bhāṇṭa କୋଷ—The fruits of the water-lily.

ଭାଣ୍ଟା—ପ୍ରାଦେ. (ଗଞ୍ଜାମ) ବି—ଛୋଟ ପ୍ରକାର ପାନପାତ୍ର— Bhāṇṭā vessel small; cup.
ପ୍ରାଦେ. (ସମ୍ବଲପୁର) ବି—ବାଇଗଣ—Brinjal.

**ଭାଣ୍ଡ**—ପ୍ରାଦେ. (ସମ୍ବଲପୁର) ବଣ—ଅଶ୍ଳୀଳ—Indecent.
Bhāṇḍ (ଭାଣ୍ଡଭେସର୍—ଅନ୍ୟରୂପ)

**ଭାଣ୍ଡ**—ସଂ. ବି (ଭଣ୍ ଧାତୁ=ଶବ୍ଦ କରିବା+କର୍ତ୍ତୃ. ଡ)—୧। ପାତ୍ର; କୋଷ; ଦାଣ୍ଡି—1. A receptacle; a pot. ୨। ବାଇଦ; ଢୋଲ; ଅନଦ୍ଧବାଦ୍ୟ—2. A drum. ୩। (ଭନ୍ ଧାତୁ=ଉତ୍ତମ ସମ୍ବାଦ ଦେବା, ଉତ୍କୃଷ୍ଟ ହେବା+କର୍ତ୍ତୃ. ଅ) ମୂଳ ଧନ ପୁଞ୍ଜି—3. Capital. ୪। ସଞ୍ଚିତ ଧନ—4. Hoard; fund. ୫। ନାପିତର ଅସ୍ତ୍ରାଧାର; ଭଣ୍ଡାର ମୁଠି—5. A razor-case; pouch for a barber's tools. ୬। ଦେହ; ଶରୀର—6. Body. ୭। (ଭା ଧାତୁ=ଦୀପ୍ତି ପାଇବା+କର୍ତ୍ତୃ. ଅଣ୍ଡ)—ଅଳଙ୍କାର 7. Ornament. ୮। ଅଶ୍ୱଭୂଷଣ; ଘୋଡ଼ାର ସାଜ—8. Trappings for a horse. ୯। ନଦୀର ଶଯ୍ୟା—9. The bed of a river; river bed. ୧୦। (ଭଣ୍ଡ+ସ୍ୱାର୍ଥେ. ଅ) ଭାଣ୍ଡପଣିଆ—Shamelessness;
Bhāṇḍa
ତାଓ ମାଘଡ indecency. ଦେ .ବଣ (ସଂ. ଭଣ୍ଡ)—୧। ପ୍ରତାରକ; ଶଠ—1. Cheating; swindling. ୨। ଭଣ୍ଡତାପୂର୍ଣ୍ଣ—2. Full of indecency. ୩। ଥଟ୍ଟୋଲ; ବିଦୂଷକ—3. Jestive. ୪। ନିର୍ଲଜ୍ଜ—4. Shameless. ୫। ପଣ୍ଡ; ନିଷ୍ଫଳ—5. Fruitless. ଦେ. ବି—୧। ଠକ—1. Cheat. ୨। ବିଦୂଷକ—2. Jester. ୩। ଅଶ୍ଳୀଳଭାଷୀ ବ୍ୟକ୍ତି—3. A speaker of vulgar and indecent things. ୪। ପରବଞ୍ଚା; ଅତି ଲଜ୍ଜିତ—4. Put to great shame or humiliation.

**ଭାଣ୍ଡ କଥା**—ଦେ. ବି—୧। ଥଟ୍ଟାଳ କଥା—1. Jugglery; buffonery.
Bhāṇḍa kathā ଭଣ୍ଡ କଥା **दिल्लगी**
୨। ନିର୍ଲଜ୍ଜ କଥା—2. Shameless words; ribaldry. ୩। ନିଷ୍ଫଳ ବା ପଣ୍ଡ ବିଷୟ—3. A fruitless matter; a vain thing.
[ଭାଣ୍ଡଭେସଡ଼ (ଡା) କଥା ଅନ୍ୟରୂପ]

**ଭାଣ୍ଡ କରିବା**—ଦେ. କ୍ରି—୧। କୌଣସି ବ୍ୟକ୍ତିକୁ ଅପ୍ରସ୍ତୁତ ବା ଲଜ୍ଜିତ କରିବା—1. To put a person to shame; to humiliate a person to nonplus.
Bhāṇḍa karibā
ଅପ୍ରସ୍ତୁତ କରା, ଅପ୍ରতିভ করা
**शर्मिंदा करना**
[ଭାଣ୍ଡ ବନା(ନେ)ଇବା—ଅନ୍ୟରୂପ] ୨। ଭଣ୍ଡୋଳ କରିବା; ବିଗାଡ଼ିବା; ପଣ୍ଡ କରିବା—2. To nullify or spoil a matter.

**ଭାଣ୍ଡଗିରି**—ଦେ. ବି—୧। ହାସ ପରିହାସ—1. Jesting; ribaldry. ୨। ଭଣ୍ଡାମି; ନିର୍ଲଜ୍ଜତା—2. Shamelessness; depravity.
Bhāṇḍagiri
ଭାণ্ডাম(মি) **दिल्लगीबाजी**
[ଭାଣ୍ଡପଣ, ଭାଣ୍ଡପଣିଆ (ଅଁ)—ଅନ୍ୟରୂପ]

**ଭାଣ୍ଡର କରିଦେବା**—ପ୍ରାଦେ. (ଯାଜପୁର) କ୍ରି—୧। ଅପମାନ ଦେବା—1. To insult. (ଯଥା—ସେ ଭଲଲୋକଙ୍କରେ ମୋତେ ଭାଣ୍ଡର କରି ଦେବ)—୨। ଅସ୍ତବ୍ୟସ୍ତ କରିଦେବା; ଭଣ୍ଡୋଳ କରିବା; ନଷ୍ଟ କରିବା—2. To spoil; to disorganise; to nullify.
Bhāṇḍarā karidebā

**ଭାଣ୍ଡା**—ଦେ. ବି (ପ୍ରାଚୀନ)—୧। ଅପଦ—1. Danger; calamity.
Bhāṇḍā [ଉ—ଅରେ ବାବୁ! ତୁମ୍ଭ ସବୁ ଭାଣ୍ଡା ଯୋଗଯାଇ, ଦାଉ ସୁଙ୍ଗେ ପଶା ଖେଳ ଦୁଃଖକୁ ଦେଲଇଁ। ସରଳା-ମହାଭାରତ. କର୍ଣ୍ଣ।]
ଫାণ্ডা **घाटी**
୨। ଜୀବନର ଘାଟୀ—2. A crisis; critical point of one's life.

**ଭାଣ୍ଡାଗାର**—ସଂ. ବି (୬ଷ୍ଠୀ ତତ୍; ଭାଣ୍ଡ=ସଞ୍ଚିତ ଧନ+ଆଗାର)—୧। ଧନାଗାର; ଭଣ୍ଡାର—1. Treasury. ୨। ବସ୍ତୁସଞ୍ଚୟ ସ୍ଥାନ; ଘରଘର—2. Storehouse; magazine. ୩। ପୁଞ୍ଜି—3. Fund; hoard.
Bhāṇḍāgāra
(ଭଣ୍ଡାର—ଅନ୍ୟରୂପ)

**ଭାଣ୍ଡାଗାରିକ**—ସଂ. ବି. ପୁଂ (ଭାଣ୍ଡାଗାର+ରକ୍ଷଣାର୍ଥେ ଇକ)—୧। କୋଷାଧ୍ୟକ୍ଷ—1. Treasurer. ୨। (ଭଣ୍ଡାରିକ, ଭଣ୍ଡାରୀ—ଅନ୍ୟରୂପ) ଘରଘରର ରକ୍ଷକ—2. Store-keeper; store-house-keeper.
Bhāṇḍāgārika
(ଭାଣ୍ଡାଗାରିକା—ସ୍ତ୍ରୀ)

**ଭାଣ୍ଡିଆ**—ଦେ. ବିଣ. ପୁଂ (ସଂ. ଭଣ୍ଡ)—୧। ଭଣ୍ଡ; ନିର୍ଲଜ୍ଜ—1. Shameless. ୨। ବହୁଲୋକଙ୍କ ସମ୍ମୁଖରେ ଲଜ୍ଜା ବା ଅପମାନ ପ୍ରାପ୍ତ—2. Put to shame or humiliation before many people. ୩। ନିର୍ବୋଧ ଅବା ମିଥ୍ୟାବାଦୀ ବୋଲି ପ୍ରତିପାଦିତ—3. Proved to be a liar; befooled. ୪। ଭଣ୍ଡୋଳ; ନଷ୍ଟ—4. Spoiled; nullified; undone.
Bhāṇḍiā
[ଭାଣ୍ଡେ(ଣ୍ଡୋ)ଇ—ସ୍ତ୍ରୀ]
ভাঁড়
**बेसरम**
অপ্রতিভ
**बेपानि** পণ্ড **पण्ड**

**ଭାଣ୍ଡିର**—ଦେ. ବି—ବେଲଗଛ—The Bel tree.
Bhāṇḍira

**ଭାଣ୍ଡୀର**—ସଂ. ବି (ଭାଣ୍ଡ=ପାତ୍ର+ଈର ଧାତୁ=ଗମନ କରିବା+ଅ)—୧। ବଟବୃକ୍ଷ; ବରଗଛ—1. The banyan tree. ୨। ବ୍ରଜମଲ୍ଲୀ (ଦେଖ)—2. Brajamalli (See)
Bhāṇḍīra

**ଭାଣ୍ଡୁଆ**—ଦେ. ବିଣ. ପୁଂ (ସଂ. ଭଣ୍ଡ)—୧। ଶଠ; ଭଣ୍ଡ—1. Swindling; deceptive. ୨। ନିର୍ଲଜ୍ଜ—2. Shameless. ୩। ଭାଣ୍ଡୁଆ—3. Bawdy. ୪। ଥଟ୍ଟୋଲ୍—4. Jestive. ୫। ବହୁ ଲୋକଙ୍କ ମଧ୍ୟରେ ଯେ ଅନ୍ୟକୁ ଲଜ୍ଜିତ ବା ହାସ୍ୟାସ୍ପଦ କରେ—5. Humiliating or putting a person to shame. ୬। ଅଶ୍ଳୀଳଭାଷୀ ବ୍ୟକ୍ତି—6. Speaker of indecencies.
Bhāṇḍuā
[ଭାଣ୍ଡେ(ଣ୍ଡୋ)ଇ—ସ୍ତ୍ରୀ]
ভাঁড় **भाण्ड**
ভেড়ুয়া **भडुया**

**ଭାଣ୍ଡେଇବା**—ପ୍ରାଦେ (ବାଲେଶ୍ୱର) କ୍ରି (ଭୁଲ ବ. ଭାଁଡାନ)—ଭଣ୍ଡାଇବା; ଠକାଇବା—To cheat.
Bhāṇḍeibā

ଭାତ୍(ଥ)—ପ୍ରାଦେ ( ସମ୍ବଲପୁର ) ବ—ଭାତ—Boiled rice.
Bhat(th)

ଭାତ-ଖୁଆ—ପ୍ରାଦେ ( ସମ୍ବଲପୁର ) ବ—ଅନ୍ନ ପ୍ରାଶନ ଉତ୍ସବ—The
Bhat-khua ceremony of a child's taking boiled rice for the 1st time.

ଭାତ—ସଂ. ବିଣ ( ଭା ଧାତୁ=ପ୍ରାପ୍ତି ପାଇବା+କର୍ତ୍ତୃ. ତ )—୧ । ପ୍ରକାଶିତ; ପ୍ରଭାସିତ—1. Displayed; manifested; shining; resplendent. ୨ । ଦୀପ୍ତ; ଆଲୋକିତ—2. Lighted; illuminated. ସଂ.ବ—ପ୍ରଭାତ; ସକାଳ—Morning; dawn. ଦେ. ବ ( ସଂ. ଭକ୍ତ; ପ୍ରା. ଭତ୍ତ )—୧ । ସିଦ୍ଧ ତଣ୍ଡୁଳ; ଅନ୍ନ; ରନ୍ଧା ହୋଇଥିବା ଚାଉଳ—1. Boiled rice. ୨ । (ସୂଚନାର୍ଥ) ଖାଦ୍ୟ—2. Food. (ଉ—ବନକୁ ଯାଉ ସରେ ନ ଥାଏଟି ଭାତ; ବ୍ୟର୍ଥ ଅଛେ ବାଳୁଡେ ! ତାହାର ଜୀବନ. କୃଷ୍ଣସିଂହ. ମହାଭାରତ. ଉଦ୍ୟୋଗ ।) ୩ । ଦାନା; ଜୀବକା-ନିର୍ବାହର ଉପାୟ—3. Means of living; livelihood.
Bhata
ভাত
भात

ଭାତଖିଆ ହାତ—ପ୍ରାଦେ. (ଉତ୍ତର) ବ—ଡାହାଣ ହାତ—Right
Bhatakhia hata hand.

ଭାତ ଗଲା—ଦେ.ବ (ସଂ. ଭକ୍ତ+ଗଳନ)—ସିଦ୍ଧ ଅନ୍ନରୁ ପେଜ ଗାଳିବା
Bhata gala —The act of scumming of
ভাতগালা; माँडपशाना boiled rice.
[ଉ—ପ୍ରକୃତରେ ଭାତ ଗଲା ଯାଏ ନାହିଁ, ଭାତରୁ ପେଜ ଗଲା ଯାଏ, ଏହା ଓଡ଼ିଆ ଭାଷାର ଗୋଟିଏ ବିଶେଷତ୍ୱ; ତୁଳ. କୋଠି ହାଣିବା, ଘର ଲିପିବା, ଚୁଲ୍ଲା ଲୁଚିବା ।]

ଭାତ ଜାମୁ—ଦେ.ବ—ଏକ ପ୍ରକାର ଜାମୁଗଛ ଓ ତାହାର ଛୋଟ ଫଳ ବା
Bhata jamu କୋଳି—A kind of small black-
ছোট জাম; छोटा जामुन berry [tree and its fruit].

ଭାତ ଡାଲି—ଦେ.ବ (ସହଚର) (ସଂ.ଭକ୍ତ+ଦାଲି)—ଭାତ ଓ ଡାଲି—
Bhata dali ভাতডাল; भात दाल Boiled rice and porridge of pulses.

ଭାତ ତିଅଣ—ଦେ. ବ (ସହଚର) (ସଂ.ଭକ୍ତ+ତେମନ)—ଅନ୍ନବ୍ୟଞ୍ଜନ—
Bhata tiana (ଭାତ ତରକାରୀ—ଅନ୍ୟରୂପ) Boiled rice
ভাত তরকারী; भाततिमन; भात तरकारि and curry.

ଭାତ ନିଦ—ଦେ. ବ (ସଂ. ଭକ୍ତ+ନିଦ୍ରା)—ଭାତ ଖାଇ ସାରିବା ପରେ
Bhata nida ମନୁଷ୍ୟକୁ ଅକ୍ରମିବା ଗାଢ଼ ନିଦ୍ରା—Deep sleep
ভাতের নিদ; भातनसा overtaking a person just after meals.

ଭାତ ପରଷା—ଦେ. ବ (ସଂ. ଭକ୍ତ+ପରିବେଷଣ)—ଖାଇବା ଲୋକଙ୍କ
Bhata parasha ପତ୍ରରେ ବା ଖାଦ୍ୟପାତ୍ରରେ ଅନ୍ନର ପରିବେଷଣ—
ভাত পরিবেষন; (পরষা)भात परोसना The serving up of
(ଭାତ ପରଷିବା—କ୍ରିୟାରୂପ) boiled rice on the plate of a diner.

ଭାତ ପରଷାଳି(ଷୁଣୀ)—ଦେ. ବ. ପୁଂ ଓ ସ୍ତ୍ରୀ—ଅନ୍ନ ପରିବେଷଣକାରୀ
Bhata parashali( shuni) ବ୍ୟକ୍ତି—A person who
তে ভাত পরষে भात परोशनेवाला serves up boiled rice.

ଭାତ ପୁଡ଼ା—ଦେ. ବ—୧ । ଭାତ ବନ୍ଧା ହୋଇଥିବା ଲୁଗାର ପୁଡ଼ା—
Bhata purda 1. Some boiled rice tied up in cloth. ୨ । ଭାଦ୍ରବ ପଞ୍ଚମୀ ... ଦିନରେ ଘର ଆଗରେ ଝୁଲୁଥିବା ଛଣର ଭୂଣା ପୁଡ଼ା; ପଣ୍ଡୁଅ-2. A plaited roll of rush hung from the thatch over the front door of a house on the fifth day of the dark fortnight of the month of Bhad a.

ଭାତ ବଢ଼ା—ଦେ·ବ—ପାତ୍ରରେ ଅନ୍ନ ବାଢ଼ିବା—Bringing out of
Bhata bardha rice from the cooking pot and
ভাতবাঢ়া; भात निकालना serving it up on a plate.
(ଭାତ ବାଢ଼ିବା—କ୍ରିୟା)

ଭାତ ବର୍ତ୍ତନ—ଦେ. ବ( ସହଚର) ଭୃତ୍ୟକୁ ଦଅଯିବା ଅନ୍ନ ଓ ଦରମା—
Bhata bartana মাইনা খোরাক; भात बरतन Food and
(ଭାତ ବରତନ—ଅନ୍ୟରୂପ) salary given to a servant.

ଭାତ ରନ୍ଧା—ଦେ. ବ ସଂ (ଭକ୍ତ+ରନ୍ଧନ)—ଚାଉଳକୁ ସିଦ୍ଧ କରି ଅନ୍ନ
Bhata randha ପ୍ରସ୍ତୁତ କରିବା—The act of boiling
ভাতরাঁধা भात राँधना ଭାତ ରାନ୍ଧିବା—କ୍ରିୟା) rice for food.
[ଉ—ଚାଉଳ ରନ୍ଧା ହୋଇ ଭାତ ହୁଏ; ଭାତ ରନ୍ଧା ଯାଏ ନାହିଁ ]

ଭାତରେ ମାରିବା—ଦେ. କ୍ରି—କୌଣସି ବ୍ୟକ୍ତିକୁ ହସ୍ତ ଦ୍ୱାରା ପ୍ରହାର
Bhatare mariba ଦଣ୍ଡ ନ ଦେଇ ତାହାର ଭାତ ବା ଦାନା ବନ୍ଦ
ভাতেমারা ହେବାର ଉପାୟ କରିବା ବା ଜୀବିକା କାଢ଼ି ନେବା—
पेटकाटना; रोजीमारना To punish a person by stopping his food or taking away the means of his living instead of beating him
( ଭାତରେ ଧୂଳ ଦେବା—ଅନ୍ୟରୂପ ) with one's hands.
(ଉ—ହାତରେ ନ ମାରି ଭାତରେ ମାରିବା—ଢଗ)

ଭାତ ଲୁଗା—ଦେ. ବ ( ସହଚର ) ଅନ୍ନ ଓ ବସ୍ତ୍ର; ଖୋରାକ ପୋଷାକ—
Bhata luga Food and clothing. ( ଉ—କେବଳ ଭାତ
ভাতকাপড় ଲୁଗା ଅମୃକୁ ସେ ଦେଉ—
खोराकपोषाक କୃଷ୍ଣସିଂହ. ମହାଭାରତ. ଉଦ୍ୟୋଗ ।)

ଭାତ ସୋଲ—ଦେ.ବ—ଫୋପା ସୋଲ—Hollow cork or sola.
Bhatasola ফাঁপাসোলা; खोखलाकोढिला

ଭାଥା—ଦେ. ବ ( ସଂ. ଭସ୍ତ୍ରା, ଭସ୍ତ୍ରୀ )—ବାୟୁ ସାହାଯ୍ୟରେ ଲୁହା
Bhatha ଗାଳିବା ପାଇଁ ବ୍ୟବହୃତ କମାରର ଚମ ମୁଣା—Black-
জাঁতা; धौंकनी; भाथी smith's bellows. (ଉ—ଲୌହ-କାରର ଗୃହେ ଭାତ । ବହା ନିଶ୍ୱାସ ନ ଛାଡ଼ନ୍ତି—ଜଗନ୍ନାଥ. ଭାଗବତ ।)

ଭାତି—ସଂ. ବ ( ଭା ଧାତୁ+ଭାବ. ତି )—ଦୀପ୍ତି—Splendour;
Bhati brilliance. ଦେ. ବ—ଭାତା (ଦେଖ) Bhata [See].

ଭତିଅ—ପ୍ରାଦେ. ( ଗଞ୍ଜାମ, ଗଡ଼ଜାତ ) ବି. ( ସଂ. ଭକ୍ତ; ସଂ. ଭୃତ—
Bhatia ବେତନ )—୧ । ଦରମା—1. Salary. ୨ ।
ଭାତା[ତି]; ভত্তা ଖୋରାକ—2. Maintenance-allowance. (ଭାତୀଆ—ଅନ୍ୟରୂପ) (ଉ—ଆଜ୍ଞ ମଲ୍ଲମଣ୍ଡୁରରେ ଭତିଅ ବାବଦରୁ କଚ୍ଛ ଖର୍ଚ୍ଚ—ଫକୀରମୋହନ. ଛମାଣ ଆଠଗୁଣ ।) ୩ । ଚାକରକୁ ଭାତ ପରିବର୍ତ୍ତରେ ଦିଆଯିବା ଧାନ; ମାସିକ ପଡ଼ିଧାନ ବା ଧନ—3. Monthly bole of paddy or money for expenses given to a servant in lieu of daily food. ୪ । ଖାଦ୍ୟ ସାମଗ୍ରୀ—4. Victuals. ୫ । (ଡିଷ୍ଟ୍ରିକ୍ଟବୋର୍ଡ୍, କାଉନ୍ସିଲ୍ ଆଦିର) ଅବୈତନିକ ମେମ୍ବରମାନେ ମିଟିଙ୍ଗରେ ଉପସ୍ଥିତ ହେବାପାଇଁ ପାଉଥିବା ଖୋରାକ ଓ ଗସ୍ତଖର୍ଚ୍ଚ—5 Travelling and fooding allowance given to honorary members [e.g. of District Boards, Councils etc.

ଭାତି ତାଇବା—ଦେ. କ୍ରି—ଭାତିରେ ପବନ ପୂରାଇ ଭାତିକୁ ଚିପିବା
Bhati taiba ଦ୍ୱାରା ତହିଁର ମୁହଁର ଛିଦ୍ରବାଟେ ପବନକୁ ବାହାର କରି
জাঁতা চালান ଦେବାକୁ ଲଗାଇବା—To blow the bellows.
माथी चलाना

ଭାତୁଆ—ଦେ. ବିଣ. (ସଂ. ଭକ୍ତ)—୧ । ଭାତ ପରି (ଶୁକ୍ଳ, କୋମଳ)—
Bhatua 1. (White, soft) Like boiled rice.
ভাতুয়া; ୨ । ଭାତ ପରି ସ୍ୱାଦହୀନ—2.
भाकुवा Tasteless like rice.
ভাতুড়িয়া, ভেতো ଦେ.ବି— ୧। ଅନ୍ନର ଦାସ;ପରାନ୍ନପାଳିତ ବ୍ୟକ୍ତି—
भत खौआ 1. A person serving for food only; a person eating the salt of another.
୨ । ଚାକର—2. Servant. (ଯଥା; ଭାତ ଥିଲେ ଭାତୁଆ ଅଟୁଙ୍କି ?—ରୀଗ)

ଭାତୁଆଣି—ଦେ. ବି—ଭାତ ରନ୍ଧା ହେବା ପାଇଁ ପାକ ପାତ୍ରରେ ଯେଉଁ
Bhatuani ଜଳ ଫୁଟୁଥାଏ—Water boiling in the
ভাতেরজল cooking pot for boiled rice.
अधन (ଉ—ପୁଣ ଅନ୍ୟ ଘରଥରେ ଭାତୁଆଣି ଦେଇ, କଣ୍ଟାକଥ କାଠ ନେଇ ଚୁଲିରେ ଫିଙ୍ଗଇ—ପ୍ରାଚୀ. ନଳଚରିତ ।)

ଭାତୁଡ଼ି—ଦେ. ବି. ( ଭାତ ପରି କ୍ଷୁଦ୍ରାକାର ହେତୁ )—ଦେହରେ
Bhaturdi ଜନ୍ମିବା କ୍ଷୁଦ୍ର ମାଂସପିଣ୍ଡ; ମାଂସଗାଳ—
আব, ভাতুড়ী Tumour; wart.
मस्सा [ ଦ୍ର—ଖେଣ୍ଟ ମାଂସପିଣ୍ଡକୁ ଭାତୁଡ଼ି ଓ ବଡ଼କୁ ଆବୁ ବୋଲାଯାଏ ।]

ଭାଦ୍ର—ସଂ. ବି. ( ଭଦ୍ର+ଅ+ଈ=ଭାଦ୍ରୀ=ଭାଦ୍ର ପଦ ନକ୍ଷତ୍ର ଯୁକ୍ତ
Bhadra ପୂର୍ଣ୍ଣିମା; ଭାଦ୍ରୀ+ମାସାର୍ଥେ ଅ)—ଶରତ୍ ଋତୁର ପ୍ରଥମ ମାସ; ଶ୍ରାବଣର ପରବର୍ତ୍ତୀ ଓ ଆଶ୍ୱିନର ପୂର୍ବବର୍ତ୍ତୀ ଚାନ୍ଦ୍ରମାନ ମାସ; ଭାଦ୍ରବ ମାସ—The lunar month following Srabana and preceding Aswina.

ଭାଦ୍ର ପଦ(ଦା)—ସଂ. ବି—୧ । ପୂର୍ବ ଭାଦ୍ରପଦ (ସପ୍ତବିଂଶ) ଓ ଉତ୍ତର
Bhadra pada(da) ଭାଦ୍ରପଦ (ସପ୍ତବିଂଶ) ନକ୍ଷତ୍ର—
1. The 26th and the 27th asterisms.
୨ । ଭାଦ୍ର ମାସ—2. The month of Bhadra.

ଭାଦ୍ରବ—ଦେ. ବି. (ସଂ. ଭାଦ୍ର, ଭାଦ୍ରପଦ)—ଭାଦ୍ର ମାସ—
Bhadraba The month of Bhadra.
ভাদর, ভাদ্দর भादव

ଭାନ—ସଂ. ବି. (ଭା ଧାତୁ=ଦୀପ୍ତି ପାଇବା+ଭାବ. ଅନ)—
Bhana ୧ । ଦୀପ୍ତି—1. Splendour; radiance.
୨ । ପ୍ରତୀତି—2. Belief. ୩ । ଶୋଭା—3. Beauty.
୪ । ପ୍ରକାଶ—4. Manifestation. ୫ । ମିଥ୍ୟା ପ୍ରତୀତି—5. A false impression. ଦେ. ବି—ଛଳ; ବାହାନା—Feigning; excuse. (ଉ—ଅଲି ବନସ୍ଥର ଭାନ କରଇ କେସ୍ତଣୀ—ରାଧାନାଥ. ମହାଯାତ୍ରା ।)
ଦେ. ବିଣ—୧ । ଅସାର—1. Unsubstantial.
୨ । ମନ୍ଦ—2. Bad.
(ଉ—ଦେବ ସାର, ଭାନ ଦେବ ଅମୃତ କୁ ତା ଜଣା—ରାଧାନାଥ ଯାଜ୍ଞସେନୀ ଚରିତ ।)

ଭାନ କରିବା—ଦେ. କ୍ରି—ଭାଣ କରିବା; ବାହାନା କରିବା—
Bhana kariba To feign.
ভাণ করা बाहाना करना

ଭାନସ୍—ପ୍ରାଦେ. (ସମ୍ବଲପୁର) ବି. (ଭୁଲ. ଏହି ଅର୍ଥରେ ହି. ଭାନସ୍)—
Bhanas ରନ୍ଧନ; ପାକ କରିବା; ରାନ୍ଧିବା—Cooking.

ଭାନସ୍ ଘର—ପ୍ରାଦେ. (ସମ୍ବଲପୁର) ବି. (ଭୁଲ. ଏହି ଅର୍ଥରେ ହି. ଏହି
Bhanas ghar ଶବ୍ଦ)—ପାକଶାଳା—Kitchen.

ଭାନୁ—ସଂ. ବି ( ଭା ଧାତୁ=ଦୀପ୍ତ ପାଇବା+କର୍ତ୍ତୃ. ନୁ)—୧ । ସୂର୍ଯ୍ୟ—
Bhanu 1. The sun. ୨ । କିରଣ; ରଶ୍ମି—2. Ray of light. ୩ । (+ଭାବ. ନୁ) ଦୀପ୍ତି; କାନ୍ତି—3. Radiance; splendour; refulgence. ୪ । (+କର୍ତ୍ତୃ. ନୁ) ଶିବ— 4. Siba. ୫ । ପ୍ରଭୁ—5. Lord. ୬। ରାଜା—6. King. ୭ । ଗନ୍ଧର୍ବବିଶେଷ—7. Name of a heavenly chorister.

ଭାନୁ ଉଦିତ—ଦେ. ବି. (ସଂ. ଭାନୁସୁତ, ଭାନୁ+ଉଦୟ)-୧ । ସୁଗ୍ରୀବ—
Bhanu udita 1. Sugriba. ୨ । ସୂର୍ଯ୍ୟୋଦୟ—2. Sunrise. (ଉ—ବ୍ରହ୍ମ ହେଲୁ ଭୁ ଭାଗ୍ୟ ଭାନୁ ଉଦିତେ,ବିଧାନ ହେବ ପ୍ରେମବୃଷ୍ଟି କେମନ୍ତେ—ଉପେ. ବୈଦେହୀଶବିଳାସ ।)

ଭାନୁପତ୍ରୀ—ସଂ. ବି (ରୂପକ କର୍ମଧା; ଭାନୁ+ପତ୍ରୀ)—ରଶ୍ମିଶର; ରଶ୍ମି-
Bhanupatri ରୂପ ଶର—Ray of light compared to an arrow. (ଉ—ବଚନ ଚନ୍ଦ୍ରକୁ ଭାନୁପତ୍ରୀ ସଙ୍କାନୁ ବହୁଳ ସମାନୁକ ଧୀର—ଉପେ. ବୈଦେହୀଶବିଳାସ ।)

ଭାନୁବତୀ—ଦେ. ବି. ସ୍ତ୍ରୀ ( ସଂ. ଭାନୁମତୀ )—୧ । ଅଇର ଗଉଡ଼
Bhanubati କେଳାମାନେ କୁହୁକ ଦେଖାଇବା ଉପଲକ୍ଷରେ
ভানুমতী ଯେଉଁ ସ୍ତ୍ରୀର ହାତ ଗୋଡ଼ ବାନ୍ଧି ତାକୁ ପେଡ଼ିରେ ପୁରାଇ ଦେଇ ପେଡ଼ି ଝରପାଖେ ଲୁଗା ଘୋଡ଼ାଇ ଦିଅନ୍ତି ଏବଂ ଯେ କୌଶଳକ୍ରମେ ଉକ୍ତ ବନ୍ଧନ ଫିଟାଇ ଦେଇ ସେହି ପେଡ଼ିରୁ

ବାହାର ପଡ଼ି ଭଲ ସାଢ଼ୀ ଅବ ପିନ୍ଧି ଦର୍ଶକମାନଙ୍କୁ ଚମତ୍କୃତ କରେ—1. (a show of magic) A woman coming out of a closed box where she is imprisoned after being bound hand and foot. ୨ । (ଲକ୍ଷଣାର୍ଥେ) ସୁନ୍ଦରୀ ସ୍ତ୍ରୀ—2. (figurative) A graceful woman.

ଭାନୁବତୀ ଖେଳ—ଦେ. ବ—ଭାନୁବତୀ ରୂପ କୁହୁକ ଦେଖାଇବା
Bhānubatī khela ଖେଳ—Magical exhibition
ভানুমতীর খেল नजरबंद consisting of Bhānubatī.
(ଭାନୁବତୀ ସୁଅଙ୍ଗ; ଭାନୁବତୀ କୁହୁକ—ଅନ୍ୟରୂପ)

ଭାନୁମତୀ—ସ. ବଣ. ସ୍ତ୍ରୀ (ଭାନୁ=କିରଣ, ଶୋଭା+ପ୍ରଶସ୍ତାର୍ଥେ ମତ୍+
Bhānumatī ସ୍ତ୍ରୀ.ଈ)—୧ । କିରଣମୟୀ—1. Having rays of light; refulgent; radiant. ୨ । ଅତ୍ୟୁଜ୍ଜ୍ୱଳା (ସ୍ତ୍ରୀ)—2. Very charming (lady), cynosure. ସ. ବି. ସ୍ତ୍ରୀ—୧ । ଦୁର୍ଯ୍ୟୋଧନଙ୍କ ମହିଷୀ—1. Durjyodhana's Ranee [ ଦ୍ର—ଏହାଙ୍କ ଗର୍ଭରୁ ଲକ୍ଷ୍ମଣ ନାମକ ପୁତ୍ର ଓ ଲକ୍ଷଣା ନାମେ କନ୍ୟା ଜନ୍ମିଥିଲେ)—୨ । ବିକ୍ରମାଦିତ୍ୟଙ୍କ ରାଣୀ—2. Bikramāditya's Ranee. ୩ । ଭାନୁନାମକ ଯାଦବଙ୍କ କନ୍ୟା ଓ ସହଦେବଙ୍କ ସ୍ତ୍ରୀ—3, Name of a wife of Sahadeba. [ ଦ୍ର—ନିକୁମ୍ଭଦୈତ୍ୟ ଏହାଙ୍କୁ ହରଣ କରି ନେଇଥିଲା; ଶ୍ରୀକୃଷ୍ଣ ନିକୁମ୍ଭକୁ ବଧ କରି ଏହାଙ୍କୁ ଉଦ୍ଧାର କଲେ ଓ ପରେ ପଞ୍ଚମ ପାଣ୍ଡବଙ୍କ ସହିତ ଏହାଙ୍କୁ ବିବାହ କରାଇଲେ—ହରିବଂଶ ] ୪ । କୁହୁକବିଦ୍ୟାପଣ୍ଡିତା ଭୋଜରାଜତନୟା— 4. The daughter of king Bhoja said to be a great magician.

ଭାନୁମାନ୍—ସ. ବଣ. ପୁଂ (ଭାନୁ=କିରଣ+ଅସ୍ତି ଅର୍ଥରେ ମତ୍; ୧ମା. Bhānumān ୧ବ)—ଦୀପ୍ତିମାନ୍; ଦୀପ୍ତିଶାଳୀ—Refulgent; (ଭାନୁମତୀ—ସ୍ତ୍ରୀ) radiant. ସ. ବି—୧ । ସୂର୍ଯ୍ୟ—1. The sun. ୨ । କଳିଙ୍ଗ ରାଜାଙ୍କର ପୁତ୍ର—2. The son of the king of Kalinga. [ ଦ୍ର—ଏ ମହାଭାରତ ଯୁଦ୍ଧରେ ଭୀମଙ୍କ ବିରୋଧରେ ଭୀଷଣ ଯୁଦ୍ଧ କରିଥିଲେ—କୃପାସିନ୍ଧୁ, ଭଞ୍ଜଦାସ । ]

ଭାନ୍ତି—ଦେ. ବ(ସ. ଭାତି)—୧ । କାନ୍ତି; ଦୀପ୍ତି—1. Splendour;
Bhānti radiance. ( ଉ—ସଜଳ ଜଳଦ କାନ୍ତି, ଶାଳମଣି ଦିଖାବଟ, भाँति ଜିଣି ଭାନ୍ତି—ପ୍ରାଚୀ. ବିଦଗ୍ଧମଣ୍ଡନ ।) ୨ । ପ୍ରକାର; ভাঁতি ଢଙ୍ଗ; ଢଙ—2. Type; pattern; mode; manner.

ଭାପ—ଦେ. ବ (ସ. ବାଷ୍ପ)—ବାଷ୍ପ; ବାମ୍ଫ—Vapour,
Bhāpa भाफ ভাপ; ভাপরা (ଭାପ, ଭାପର, ଭାମ୍ଫ—ଅନ୍ୟରୂପ)

ଭାପିବା—ଦେ.କ୍ରି(ସ.ବାଷ୍ପ)—ବାଷ୍ପଯୁକ୍ତ ହେବା; ବାଷ୍ପାୟମାନ ହେବା—
Bhāpibā ভাপা उबलना; भाफहोना To evaporate; to emit vapour.

ଭାବ—ସ. ବ (ଭୂ. ଧାତୁ=ହେବା+ଭାବ. ଅ)—୧ । ଜନ୍ମ; ଉତ୍ପତ୍ତି—
Bhāba 1. Birth. ୨ । ସୃଷ୍ଟି—2. Creation. ୩ । ଅସ୍ତିତ୍ୱ;
[ଵିପରୀତ—ଅଭାବ] ସ୍ଥିତି—3. Existence; being. ୪ । ଦିବ୍ୟତା—4. Divinity. ୫ । ପ୍ରକୃତି; ସ୍ୱଭାବ; ସହଜ ଗୁଣ—5 Attribute; nature; natural disposition. ୬ । ଚିତ୍ତ—6. Heart. ୭ । ମନ—7. Mind. ୮ । ଆତ୍ମା—8. Soul. ୯ । କ୍ରିୟା—9. Action. ୧୦ । ଅବସ୍ଥା; ଦଶା—10. Condition; state. ୧୧ । ଢଙ୍ଗ; ଭଙ୍ଗୀ—11. Mode. ୧୨ । ମାନସିକ ଉଦ୍‌ବେଗ; ଚିନ୍ତା; ଭାବନା-12. Thought; anxiety. ୧୩ ।ବାକ୍ୟାର୍ଥ—13. Meaning of words. ୧୪ । ଫଳ—14 Result; consequence. ୧୫ । (+କର୍ତ୍ତୃ. ଅ) ବସ୍ତୁ—15. Thing. ୧୬ । ଉପଦେଶ—16. Advice. ୧୭ । ଅଭିପ୍ରାୟ; ଉଦ୍ଦେଶ୍ୟ—17. Intention; aim. ୧୮ । ଚେଷ୍ଟା—18. Endeavour. ୧୯ । ତାତ୍ପର୍ଯ୍ୟ; ମର୍ମ—19. Purport; gist. ୨୦ ଜଗତ୍—20. The creation. ୨୧ । ଧ୍ୟାନ—21. Contemplation. ୨୨ । ଆବେଗ; ଆବେଶ—22. Sudden change of mind; paroxysm; pathos. ୨୩ । ପ୍ରକାର; ରକମ—23. Kind. ୨୪ । ସମ୍ଭାବନା—24. Possibility. ୨୫ । ବିଳାସ—25. Sport; pleasure. ୨୬ । ମନର ଅବସ୍ଥା; ମନୋବିକାର ବିଶେଷ—26. Mental condition; idea; feeling; emotion. ୨୭ । କାମ—27. Wish; cupid. ୨୮ । ଅନୁରାଗ; ପ୍ରୀତି; ପ୍ରଣୟ—28. Love; attachment. ୨୯ । ମନର ମେଳ; ସଦ୍ଭାବ—29. Good feeling; mental agreement. ୩୦ । ସୌହାର୍ଦ୍ଦ୍ୟ; ବନ୍ଧୁତା—30. Friendship. ୩୧ । ( ବ୍ୟାକରଣ ) ଧାତୁର ଅର୍ଥ—31. (Grammar) The meaning of a verbal root. ୩୨ । (ଅଳଙ୍କାର) କାବ୍ୟରେ ରସରୁ ଉଦ୍ଭୂତ ମାନସିକ ଅବସ୍ଥା—32. ( rhetoric ) Feeling; sentiment. [ ଦ୍ର—ଯେଉଁଠାରେ ରସର ବିକାଶ ସମ୍ପୂର୍ଣ୍ଣରୂପେ ହୋଇ ନ ପାରି ଅଂଶତଃ ହୋଇଥାଏ ଅଥବା ଯେଉଁଠାରେ ସଞ୍ଚାରୀ ଭାବର ପ୍ରାଧାନ୍ୟ ଲକ୍ଷିତ ହୁଏ କିମ୍ବା ବିଭାବାଦି ସ୍ପଷ୍ଟ ଲକ୍ଷିତ ନ ହୋଇ କେବଳ ଅଳ୍ପ ପରିମାଣରେ ସ୍ଥାୟୀ ଭାବର ଉଦ୍‌ବୋଧ ହୁଏ ସେଠାରେ ତାହା ଭାବରୂପେ ବାଚ୍ୟ ହୁଏ । ଏହି ଭାବ ନାନାବିଧ—କୁଳମଣି. ଅଳଙ୍କାର ତରଙ୍ଗିଣୀ । ] ୩୩ । (ନାଟ୍ୟୋକ୍ତି) ପୂଜ୍ୟ ବ୍ୟକ୍ତିଙ୍କ ପ୍ରତି ବିଶେଷତଃ ସୂତ୍ରଧାରଙ୍କ ପ୍ରତି ନଟର ସମ୍ବୋଧନ—33. An address of respect in dramatic language ୩୪ । ଭକ୍ତି, (ହି. ଶ.)—

ভাব भाव 34. Devotion. (ଯୁ—ବିଶ୍ୱବ୍ୟାପୀ ତା ଭାବରେ କରୋଗୀ ହେଲେ ତବରେ । ଭଗ. ବୈଦେଗ୍ଧ୍ୟଉଜ୍ଜ୍ୱଳ ।) ୩୫ । ମୁଖର ଅବୃତ୍ତ ବା ଚେଷ୍ଟା (ହ୍ରି.ଶ)—35. Facial expression. ୩୬ । ପର୍ଯ୍ୟାଲୋଚନ; ପର୍ଯ୍ୟବେକ୍ଷଣ (ହ୍ରି. ଶ)—36. Attentive observation. ୩୭ । ବିଚାର—37. Consideration. ୩୮ । ବିଦ୍ୱାନ୍ ବ୍ୟକ୍ତି (ହ୍ରି. ଶ)—38. A learned person. ୩୯ । ଜନ୍ତୁ (ହ୍ରି.ଶ)—39. Animal. ୪୦ । ଯୋନି (ହ୍ରି. ଶ)—40. Female organ. ୪୧ । (ଜ୍ୟୋତିଷ) ଜନ୍ମକାଳୀନ ନକ୍ଷତ୍ର (ହ୍ରି. ଶ)—41. (astrology) A person's natal star. ୪୨ । କଳ୍ପନା (ହ୍ରି. ଶ)—42. Imagination; fancy. ୪୩ । ମନରେ ଗୁପ୍ତ ରହିଥିବା ଇଚ୍ଛା (ହ୍ରି. ଶ)—43. Secret wish. ୪୪ । ଭରସା; ବିଶ୍ୱାସ (ହ୍ରି. ଶ)—44. Faith; trust. ୪୫ । ଦର (ହ୍ରି. ଶ)—45. Market rate. ୪୬ । (ଫଳିତ ଜ୍ୟୋତିଷ) ଗ୍ରହମାନଙ୍କର ଶୟନ, ଉପବେଶନ, ପ୍ରକାଶନ, ଗମନ ଆଦି ୧୨ଟି ଚେଷ୍ଟା, ଯାହାର ମନୁଷ୍ୟର ଜାତକ ଗଣନା ସମୟରେ ବିଚାର କରାଯାଏ (ହ୍ରି. ଶ)—46. (astrology) The particular posture of a planet in connection with one's horoscope. ୪୭ । ନାୟକ ଆଦିକୁ ଦେଖି ଜନ୍ମ ଅନ୍ୟ ପ୍ରକାରେ ନାୟିକା ମନରେ ଉଦ୍ଭବ ହେବା ୨୮ଟି ସ୍ୱାଭାବିକ ଅବସ୍ଥା ମଧ୍ୟରୁ ୩ଟି ଅଙ୍ଗଜ ଅଳଙ୍କାର ମଧ୍ୟରୁ ପ୍ରଥମ (ହ୍ରି. ଶ.)—47. The first of the mental conditions which are indicated by bodily expressions in the heroines of romance in respect of lovers. [ଦ୍ର—ସାହିତ୍ୟକାରମାନେ ଏହି ଭାବକୁ ୧. ସ୍ଥାୟୀଭାବ, ୨. ବ୍ୟଭିଚାରୀ ଭାବ; ଓ ୩. ସାତ୍ତ୍ୱିକ ଭାବରେ ବିଭକ୍ତ କରି ଅଛନ୍ତି । ରତି, ହାସ, ଶୋକ, କ୍ରୋଧ, ଉତ୍ସାହ, ଭୟ, ଜୁଗୁପ୍ସା ଓ ବିସ୍ମୟ-ସ୍ଥାୟୀଭାବ; ନିର୍ବେଦ, ଗ୍ଲାନି, ଶଙ୍କା, ଅସୂୟା, ମଦ, ଶ୍ରମ, ଆଳସ୍ୟ, ଦୈନ୍ୟ, ଚିନ୍ତା, ମୋହ, ଧୃତି, ସ୍ମୃତି, ଚପଳତା, ହର୍ଷ, ଆବେଗ, ଜଡ଼ତା, ଗର୍ବ, ବିଷାଦ, ଉତ୍କଣ୍ଠା, ନିଦ୍ରା, ଅପସ୍ମାର, ସ୍ୱପ୍ନ, ବିବୋଧ, ଅମର୍ଷ, ଉଗ୍ରତା, ବ୍ୟାଧି, ଉନ୍ମାଦ, ମରଣ, ତ୍ରାସ ଓ ବିତର୍କ-ବ୍ୟଭିଚାରୀ ଭାବ; ସ୍ୱେଦ, ସ୍ତମ୍ଭ, ରୋମାଞ୍ଚ, ସ୍ୱରଭଙ୍ଗ, ବେପଥୁ, ବୈବର୍ଣ୍ଣ, ଅଶ୍ରୁ ଓ ପ୍ରଳୟ ସାତ୍ତ୍ୱିକ ଭାବର ଅନ୍ତର୍ଗତ ।] ୪୮ । ସଙ୍ଗୀତର ଅଭିପ୍ରାୟକୁ ଶ୍ରୋତାଙ୍କର ପ୍ରତ୍ୟକ୍ଷୀଭୂତ କରାଇବା ପାଇଁ ସଙ୍ଗୀତ ଗାଉଥିବା ବ୍ୟକ୍ତିର ସ୍ୱର, ନେତ୍ର, ମୁଖ, ବା ଅଙ୍ଗାଦିର ବିବିଧ ଚାଳନ; ଘାଇସା (ହ୍ରି. ଶ.)—48. Gesiculations; modulutions of voice and movements of limbs made by singers to make the audience realise the purport of song. ୪୯ । ହାବ; ପ୍ରେମିକ ପ୍ରେମିକାଙ୍କ ମନୋଭାବଜ୍ଞାପକ ଭଙ୍ଗୀ (ହ୍ରି. ଶ)—49. Lovers' gesticulations or blandishments. ୫୦ । [ସାଂଖ୍ୟ] ଜନ୍ମ, ସ୍ଥିତି, ବୃଦ୍ଧି ଓ କ୍ଷୀଣତାପ୍ରାପ୍ତ, ପରିଣାମଯୁକ୍ତ ଅନିତ୍ୟ ପଦାର୍ଥ (ହ୍ରି. ଶ)—50. (Sāṅkhya philosophy) A perishable thing having birth, existence, growth, waning and end. ୫୧ । ବୁଦ୍ଧିର ଯେଉଁ ଗୁଣଦ୍ୱାରା ଜ୍ଞାନ, ଅଜ୍ଞାନ, ଧର୍ମ, ଅଧର୍ମର ଧାରଣା ଜନ୍ମେ [ହ୍ରି. ଶ]—51. Power of discrimination. ୫୨ । [ବୈଶେଷିକ ଦର୍ଶନ] ଦ୍ରବ୍ୟ, ଗୁଣ, କର୍ମ, ସାମାନ୍ୟ, ବିଶେଷ ଓ ସମବାୟ ଏହି ୬ଟି ବିଦ୍ୟମାନ ବସ୍ତୁ—52. [Baiseshika philosophy] Thing, attribute, act, commonness and peculiarity.

ସ. ଅ. (ନାଟ୍ୟୋକ୍ତି)—ସୂତ୍ରଧାରଙ୍କୁ ନଟୀର ସମ୍ବୋଧନ—A term of address of respect in drama.

ଦେ. ବି—ଭାବଗ୍ରାହୀ ନାମକ ବ୍ୟକ୍ତିର ଡାକ ନାମ—Name for calling 'Bhābagrāhi.

**ଭାବକ**—ସ. ବି. ପୁଂ (ଭୂ ଧାତୁ. ଣିଚ୍=ଭାବ. ଧାତୁ=ଚିନ୍ତା କରିବା+କର୍ତ୍ତୃ. ଅକ)—୧ । ଯେଉଁ ଗାୟକ ଗୀତର ଭାବ ଅନୁସାରେ ସ୍ୱର ବଦଳାଇ ପାରେ—1. A singer who can modulate his voice according to the sentiment of the song. ୨ । ଭାବୁକ ବା ଚିନ୍ତାଶୀଳ ବ୍ୟକ୍ତି—2. Thinker. ୩ । ଉତ୍ପାଦକ—3. Producer. ସ. ବିଣ. ପୁଂ—୧ । ଚିନ୍ତାଶୀଳ—1. Thoughtful. ୨ । ଉତ୍ପାଦନକାରୀ—2. Productive.
Bhābaka
(ଭାବିକା—ସ୍ତ୍ରୀ)

**ଭାବ କରିବା**—ଦେ. କ୍ରି—୧ । କୌଣସି ବ୍ୟକ୍ତି ସଙ୍ଗେ ବନ୍ଧୁତା ସ୍ଥାପନ କରିବା—1. To set up friendship with a person. ୨ । ପ୍ରଣୟ କରିବା—2. To make love.
Bhāba karibā
भावकरना
भाव करना

**ଭାବ ଗତି**—ଦେ.ବି (ସ.ଭାବ+ଗତି)—୧ । କୌଣସି ବ୍ୟକ୍ତିର ଆନ୍ତରିକ ଓ ବାହ୍ୟ ଅବସ୍ଥା; ଆକାର ପ୍ରକାର; ହାବଭାବ—1. Mental and external condition; feelings and deportments. ୨ । ଚଳଣି; ଢଙ୍ଗ ଢାଙ୍ଗ; ହାବଭଙ୍ଗୀ—2. Deportment; demeanour; outward expression of one's inner thought. ୩ । ଅବସ୍ଥା—3. Condition. ୪ । ଢଙ୍ଗ—4. Mode. ୫ । ଚାଲି ଚଳନ—5. Conduct; behaviour.
Bhāba gati
(ଭାବଗତିକ—ଅନ୍ୟରୂପ)
भावगतिक
हावभाव

**ଭାବ ଗମ୍ଭୀର**—ସ. ବିଣ. ପୁଂ (ତୃତୀୟା ତତ୍, ଭାବ+ଗମ୍ଭୀର)—୧ । ପ୍ରଗାଢ଼ ଚିନ୍ତାଦ୍ୱାରା ପ୍ରଣୋଦିତ—1. Inspired by deep thought. ୨ । ଗମ୍ଭୀର ଭାବପୂର୍ଣ୍ଣ—2. Full of deep thought. ୩ । ଭାବର ପ୍ରାବଲ୍ୟ
Bhāba gambhira
[ଭାବଗମ୍ଭୀରା—ସ୍ତ୍ରୀ]
ଭାବ ଗମ୍ଭୀରତା } ବି
ଭାବଗାମ୍ଭୀର୍ଯ୍ୟ }

ଯୋଗୁଁ ଗମ୍ଭୀର—3. Looking grave or, serious on account of excess of sentiments.

**ଭାବଗର୍ଭ**—ସ. ବିଣ. (ବହୁବ୍ରୀହି; ଭାବ+ଗର୍ଭ)—୧ । ଅର୍ଥଗର୍ଭ; Bhābagarbha ଯହିଁରେ ଅର୍ଥ ନିହିତ ଅଛି—1. Having a (ଭାବଗର୍ଭିତ—ଅନ୍ୟରୂପ) meaning; significant. ୨ । ଆବେଗପୂର୍ଣ୍ଣ—2. Full of sentiment or feeling; sentimental.

**ଭାବଗ୍ରାହୀ**—ସ. ବିଣ. ପୁଂ (ଭାବ+ଗ୍ରହ୍, ଧାତୁ+କର୍ତ୍ତି. ଇନ୍, ୧ମା Bhābagrāhi ୧ବ)—ଯେ ଅନ୍ୟ ବ୍ୟକ୍ତିର ମନୋଭାବ ବୁଝିପାରେ—Able to understand another's intention or thoughts. ସ. ବି—ଭଗବାନ୍—God. ଦେ. ବି. ପୁଂ—ପୁରୁଷଙ୍କ ନାମ—A name given to males.

**ଭାବ ତରଙ୍ଗ**—ସ. ବି. (୬ଷ୍ଠୀ ତତ୍, ଭାବ+ତରଙ୍ଗ)—ଭାବର ଢେଉ; Bhāba taranga ଭାବୋଚ୍ଛ୍ୱାସ—Waves of emotion.

**ଭାବ ତରଳ**—ସ. ବି. (୭ମୀ ତତ୍, ଭାବ+ତରଳ)—ହୃଦୟର ଆବେଗ Bhāba tarala ଦ୍ୱାରା ବିଗଳିତ; ଭାବ ଭୋଳ—Melting with emotion; moved or led away by sentiments; emotional; sentimental

**ଭାବ ତାରଲ୍ୟ**—(ଭାବ+ତାରଲ୍ୟ)—ହୃଦୟର ଆବେଗଦ୍ୱାରା ବିଗଳିତ Bhāba tāralya ହେବାର ଅବସ୍ଥା—Sentimentality. (ଭାବତରଳତା—ଅନ୍ୟରୂପ)

**ଭାବ ଦୋସ୍ତି**—ଦେ. ବି. (ସ. ଭାବ+ଫା. ଦୋସ୍ତୀ)—୧ । ଗାଢ଼ ବନ୍ଧୁତ Bhāba dosti —1. Close friendship; intimacy. ভাব দোস্তী ୨ । ପ୍ରଣୟ—2. Love. ଦେ. ବିଣ—ଗାଢ଼ भाव दोस्ती ବନ୍ଧୁତା ବା ପ୍ରଣୟ ସୂତ୍ରରେ ଆବଦ୍ଧ (ବ୍ୟକ୍ତି)—Intimate.

**ଭାବନ(ନା)**—ସ. ବି. (ଭୂ ଧାତୁ=ଚିନ୍ତା କରିବା+ଣିଚ୍. ଅନ+ଆ)—Bhābana(nā) ୧ । ଧ୍ୟାନ; ଚିନ୍ତନ; ଅନୁଚିନ୍ତନ—1. Deliberation; contemplation. ୨ । ବିବେଚନା—2. Consideration. ୩ । ମାନସିକ ଉଦ୍‌ବେଗ; ଚିନ୍ତା—3. Anxiety; thought. ୪ । ପର୍ଯ୍ୟାଲୋଚନ—4. Reflection; circumspection. ୫ । ଆସେଚନ—5. Sprinkling. ୬ । ଔଷଧର ସଂସ୍କାରବିଶେଷ; ଚୂର୍ଣ୍ଣରେ ତେଲ ଅବା ବାରଂବାର ମିଶାଇ ଘୋଟି ଶୁଖାଇବା କ୍ରିୟା; ଅଭିମିଶ୍ରଣ—6. Act of mixing a juice or other liquid repeatedly with a medicinal powder which is being prepared. ୭ । ଅଧିବାସନ; ଅଙ୍ଗସଂସ୍କାରକରଣ; ବେଶବିନ୍ୟାସ—7. Toilette. ୮ । ସଜାଇବା—8. Furnishing. ୯ । ଅନୁଭବରୁ ଓ ସ୍ମୃତିରୁ ଜାତ ମାନସିକ ସଂସ୍କାର—9. A state of mind resulting from experience or memory.

**ଭାବନା କରିବା**—ଦେ. କ୍ରି—୧ । ଚିନ୍ତା କରିବା—1. To think. Bhābanā kariba ୨ । ଉଦ୍‌ବିଗ୍ନ ହେବା—2. To be ভাবনা করা भावना करना anxious.

**ଭାବନା ଦେବା**—ଦେ. କ୍ରି—ଚୂର୍ଣ୍ଣାଦିରେ ରସାଦି ଦ୍ରବ୍ୟ ବା ତେଲାଦି Bhābanā deba ମିଶାଇବା—To mix a juice or ভাবনা দেওয়া liquid with a powder and drying it. भावना देना

**ଭାବ ନାବ(ଭ)**—ଦେ. ବି. ( ଅନର୍ଥକ ସହଚର )—୧ । ସୌହାର୍ଦ୍ଦ୍ୟ—Bhāba nāb(bh) 1. Intimacy. ୨ । କୌଣସି ବ୍ୟକ୍ତିସଙ୍ଗେ [ଭାବଭ(ସା)ବ୍—ଅନ୍ୟରୂପ] ମିଳା ମିଶା—2. The state of ভাবটাব, ভাবসাব mixing freely with a person. भावसाव ୩ । ପ୍ରଣୟ; ଗାଢ଼ ବନ୍ଧୁତା—3. Close friendship or love.

**ଭାବନୀୟ**—ଦେ. ବିଣ. (ଭୂ ଧାତୁ+କର୍ମ ଅନୀୟ)—ଚିନ୍ତନୀୟ—Bhābaniya Thinkable.

**ଭାବ ପାଇବା**—ଦେ. କ୍ରି—ଫଳ ଭୋଗ କରିବା—Bhāba pāibā To enjoy the result. ফল পাওয়া फल पाना

**ଭାବ ପ୍ରକାଶ**—ସ. ବି. ( ୬ଷ୍ଠୀ ତତ୍; ଭାବ+ପ୍ରକାଶ )—ମନୋଗତ Bhāba prakāsa ଭାବର ପ୍ରକାଶ; ଭାବ ବ୍ୟକ୍ତ କରିବା—Expression of one's feelings, thought, meaning or intention. ଦେ. ବି—ସଂସ୍କୃତ ଆୟୁର୍ବେଦର ଚରକୀ ଗ୍ରନ୍ଥବିଶେଷ—Name of a Sanskrit work on the Hindu system of medicine. [ଦ୍ର—ଖ୍ରୀଷ୍ଟ ସପ୍ତଦଶ ଶତାବ୍ଦୀରେ ମଗଧ ଦେଶରେ ଜନ୍ମଗ୍ରହଣ କରିଥିବା ଭାବ ମିଶ୍ର ନାମକ ଜଣେ ପଣ୍ଡିତଙ୍କ ଦ୍ୱାରା ଏ ଗ୍ରନ୍ଥ ସଙ୍କଳିତ ହୋଇଥିଲା—ସୁବଳଭଦ୍ର ।]

**ଭାବ ବହୁଳ**—ସ. ବିଣ. (୭ମୀ ତତ୍; ଭାବ+ବହୁଳ)—ଅର୍ଥରେ ପୂର୍ଣ୍ଣ—Bhāba bahula Abounding in meaning or ideas (ଭାବ ବହୁଳତା, ଭାବବାହୁଲ୍ୟ—ବି) or thoughts.

**ଭାବ ବାଚ୍ୟ**—ସ. ବି. (ବ୍ୟାକରଣ)—ବାକ୍ୟର କର୍ତ୍ତୃହୀନ ରୂପ—Bhāba bāchya (grammar) The impersonal voice of a sentence. [ଦ୍ର—ବାକ୍ୟର ବାଚ୍ୟ ତିନିଧ; କର୍ତ୍ତୃବାଚ୍ୟ, କର୍ମବାଚ୍ୟ ଓ ଭାବବାଚ୍ୟ । କର୍ତ୍ତୃବାଚ୍ୟରେ କର୍ତ୍ତାର ପ୍ରାଧାନ୍ୟ, କର୍ମବାଚ୍ୟରେ କର୍ମର ପ୍ରାଧାନ୍ୟ ଥାଏ, ମାତ୍ର ଭାବ ବାଚ୍ୟରେ କର୍ତ୍ତା ପ୍ରାୟଶଃ ଅନୁକ୍ତ ରହେ । ଉଦାହରଣ—କର୍ତ୍ତୃବାଚ୍ୟ—ବାଲ୍ମୀକି ରାମାୟଣ ଲେଖିଥିଲେ; କର୍ମବାଚ୍ୟ—ବାଲ୍ମୀକିଙ୍କ ଦ୍ୱାରା ରାମାୟଣ ଲେଖା ହୋଇଥିଲା । ଭାବବାଚ୍ୟ-ଜଣା ଗଲାବେ ବର୍ଷା ହାଇବ; ମତେ ଭଲ ଲାଗୁ ନାହିଁ । ଶବ୍ଦର ବାଚ୍ୟ ସମ୍ବନ୍ଧ; ତନ୍ମଧ୍ୟରୁ ଭାବ ବାଚ୍ୟ ଏକତମ; ଭାବବାଚ୍ୟରେ କେବଳ ଧାତ୍ୱର୍ଥ ପ୍ରକାଶିତ ହୁଏ । ଯଥା—ଗମନ, ଶୟନ, ଗତି, ସ୍ଥିତି ଇତ୍ୟାଦି ।]

ଭାବ ବାଦୀ—ଦେ. ବି ଓ ବିଣ. ପୁଂ (ବାଇବଲ ଅନୁବାଦକଙ୍କ ଭାଷା)—
Bhāba bādi ଭବିଷ୍ୟଦ୍ ବକ୍ତା।—A prophet.
(ଭାବ ବାଦିନୀ—ସ୍ତ୍ରୀ)

ଭାବ ବାହାରିବା—ଦେ. କ୍ରି (ବ୍ୟଙ୍ଗ୍ୟାର୍ଥ)—ଅଶୁଭ ଫଳ ଘଟିବା—
Bhāba bāhāribā The happening of untoward consequence.
(ଭାବ ନିକଳିବା—ଅନ୍ୟରୂପ)
ভাব বেরিএ যাওয়া पोल खुलजाना

ଭାବ ବିନିମୟ—ସ. ବି ( ୬ଷ୍ଠୀ ତତ୍; ଭାବ+ବିନିମୟ )—
Bhāba binimaya ପରସ୍ପର ମଧ୍ୟରେ ଭାବର ଆଦାନ ପ୍ରଦାନ—Exchange of ideas.

ଭାବ ବିଳାସ—ସ. ବି. (ଆଧୁନିକ ପ୍ରୟୋଗ)—ଚିନ୍ତାରେ ଓ ଲେଖାରେ
Bhāba bilāsa କୌଣସି କାଳ୍ପନିକ ଆଦର୍ଶର ଅନୁସରଣ—Idealism.

ଭାବ ବିଳାସୀ—ସ. ବିଣ. ପୁଂ (ଆଧୁନିକ ପ୍ରୟୋଗ)—ଯେ ଚିନ୍ତାରେ ଓ
Bhāba bilāsi ଲେଖାରେ କୌଣସି କାଳ୍ପନିକ ଆଦର୍ଶର ଅନୁସରଣ
(ଭାବ ବିଳାସିନୀ—ସ୍ତ୍ରୀ) କରେ—Idealistic.

ଭାବ ବୋଧ—ସ. ବି. ( ୬ଷ୍ଠୀ ତତ୍; ଭାବ+ବୋଧ )—ଅର୍ଥୋପଲବ୍ଧି;
Bhāba bodha ଭାବକୁ ହୃଦୟଙ୍ଗମ କରିବା—Realisation of the meaning of a matter.

ଭାବ ବୋଧକ—ସ. ବିଣ—ଯାହା କୌଣସି ଅର୍ଥ ବା ତାତ୍ପର୍ଯ୍ୟ ପ୍ରକାଶ
Bhāba bodhaka କରେ—Indicating a meaning.
(ଭାବଦ୍ୟୋତକ, ଭାବବ୍ୟଞ୍ଜକ, ଭାବସୂଚକ—ଅନ୍ୟରୂପ)

ଭାବ ବ୍ୟକ୍ତି—ସ. ବି. ( ୬ଷ୍ଠୀ ତତ୍ )—ମନରେ ଜନ୍ମିବା ଭାବର
Bhāba byakti ପ୍ରକାଶ ବା ଅଭିବ୍ୟକ୍ତି—Giving vent to one's idea or feeling.

ଭାବ ଭଙ୍ଗୀ—ଦେ. ବି—୧ । ମୁଖରେ ପ୍ରଦର୍ଶିତ ଚେଷ୍ଟାମାନ—1.
Bhāba bhangi Facial expressions. ୨ । ଭାବଗତି
( ଦେଖ )—2 Bhāba gati (See).

ଭାବ ଭାଙ୍ଗିବା—ଦେ. କ୍ରି—୧ । କୌଣସି ବ୍ୟକ୍ତି ସଙ୍ଗେ ଥିବା
Bhāba bhangibā ବନ୍ଧୁତା ବା ସମ୍ପର୍କ ଛିଣ୍ଡାଇବା—1. To cut off one's connection or friendship with a person.
ଭାବଛିଡ଼ା(ଡ଼ୋ)ଇବା } ୨ୟ ଅନ୍ୟରୂପ
ଭାବଭଙ୍ଗା(ଙ୍ଗେ)ଇବା }
ভাবভাঙ্গা (ভাঙ্গান) with a person. ୨ । ଦୁଇଜଣଙ୍କ ମଧ୍ୟରେ
भावतोडना, भावहटाना ଥିବା ବନ୍ଧୁଭାବ ବିନାଶ ଘଟାଇବା—
ভাবভাঙ্গা 2. To cause severance of friendship
भावतुडजाना between 2 persons. ଦେ.ବି—୨ଜଣଙ୍କ ମଧ୍ୟରେ
ଥିବା ସୌହାର୍ଦ୍ଦ୍ୟର ଲୋପ—Breach of friendship between two persons.

ଭାବ ଭୋଳ(ଳା)—ଦେ. ବିଣ ( ସ. ଭାବବିହ୍ୱଳ )—ଭାବରେ ବିହ୍ୱଳ
Bhāb bhola(lā) —Maddened or overwhelmed with feelings.
ভাবে বিহ্বল भाव भोला

ଭାବମୟ—ସ. ବିଣ ( ଭାବ+ପ୍ରାଚୁର୍ଯ୍ୟାର୍ଥେ ମୟ )—୧ । ଅର୍ଥପୂର୍ଣ୍ଣ—
Bhābamaya 1. Full of meaning. ୨ । ପ୍ରେମପୂର୍ଣ୍ଣ—2. Full of love. ୩ । ଚିନ୍ତାପୂର୍ଣ୍ଣ—3. Full of thoughts; thoughtful.

ଭାବ ମିଶ୍ର—ଦେ. ବି ( ନାମ )—ଭାବପ୍ରକାଶ ନାମକ ବୈଦ୍ୟକ ଗ୍ରନ୍ଥର
Bhāba misra ପ୍ରଣେତା—Name of the author of the Hindu medical work Bhābaprakāsa.
[ସେ—ଏ ୩୦୦ ବର୍ଷ ପୂର୍ବେ ମଦ୍ର(ପ୍ରାଚୀନ ପଞ୍ଜାବ)ଦେଶରେ ଜନ୍ମଗ୍ରହଣ କରିଥିଲେ । ଏହାଙ୍କ ପିତାଙ୍କ ନାମ ଲଟକନ ମିଶ୍ର । ସୁବଳଚନ୍ଦ୍ର । ]

ଭାବମୂଳକ—ସ. ବିଣ ( ବହୁବ୍ରୀହି; ଭାବ+ମୂଳ+କ )—୧ ।
Bhābamūlaka ଯାହାର ମୂଳରେ ଭାବ ବା ଆବେଗ ଥାଏ—1. Actuated by tense feeling; sentimental. ୨ । ଅର୍ଥମୂଳକ—2. Having meaning or significance.

ଭାବ ରଖିବା—ଦେ. କ୍ରି—କୌଣସି ବ୍ୟକ୍ତି ସଙ୍ଗେ ସଦ୍ଭାବ ବା
Bhāba rakhibā ସୌହାର୍ଦ୍ଦ୍ୟକୁ ଅକ୍ଷୁଣ୍ଣ ରଖିବା—To continue friendship with a person.
ভাবরাখা भावरखना
(ଭାବ ଭାଙ୍ଗି ବା—ବିପରୀତ).

ଭାବର ପିଆରା—ଦେ. ବିଣ ( ସ. ଭାବ+ପ୍ରିୟ )—ଭାବ ବା
Bhābara piārā ପ୍ରେମଦ୍ୱାରା ଯାହାକୁ ବଶ କରାଯାଇ ପାରେ—Controllable by love or devotion.
ভাবের পিয়ারা
भावका प्यारा ( ଭାବର ପିଆସ—ଅନ୍ୟରୂପ)

ଭାବ ଲଗା(ଗେ)ଇବା—ଦେ. କ୍ରି—୧ । ବନ୍ଧୁତା ସ୍ଥାପିତ କରିବା—
Bhāba lagā(ge)ibā 1. To establish friendship.
ভাব লাগানা ୨ । ପ୍ରଣୟ କରିବା—2. To make love.
भावलगाना ( ଭାବ ଲଗେଇବା—ବିଶେଷ୍ୟରୂପ)

ଭାବ ଶୁଦ୍ଧି—ସ. ବି ( ୬ଷ୍ଠୀ ତତ୍; ଭାବ+ଶୁଦ୍ଧି )—ଚିନ୍ତାର ଦୋଷଶୂନ୍ୟ ବା
Bhāba suddhi ପବିତ୍ରତା—Purity of thoughts.
(ଭାବ ସଂଶୁଦ୍ଧି—ଅନ୍ୟରୂପ)

ଭାବ ସଞ୍ଚାର—ସ. ବି ( ୬ଷ୍ଠୀ ତତ୍; ଭାବ+ସଞ୍ଚାର )—ଚିନ୍ତାର ଉଦୟ
Bhāba sanchāra —The dawning of a thought; the coming of an idea.

ଭାବ ସିନ୍ଧୁ—ସ. ବି (ରୂପକ କର୍ମଧା)—ସମୁଦ୍ର ପରି ଉଚ୍ଛୁଳୁଥିବା ଭାବ—
Bhāba sindhu Emotion compared to the sea.
(ଭାବସମୁଦ୍ର, ଭାବସାଗର, ଭାବାବ୍ଧି, ଭାବାର୍ଣ୍ଣବ—ଅନ୍ୟରୂପ)

ଭାବାତ୍ମକ—ସ. ବିଣ—ଭାବଗର୍ଭ ( ଦେଖ )—Bhābagarbha
Bhābātmaka (ଭାବାତ୍ମିକା—ସ୍ତ୍ରୀ) ( See )

ଭାବାନ୍ତର—ସ. ବି ( ଅନ୍ୟ+ଭାବ; କର୍ମଧାରୟ )—ମନର ଅବସ୍ଥାନ୍ତର;
Bhābāntara ଭାବର ପରିବର୍ତ୍ତନ—Change of feeling; another emotion or sentiment.

ଭାବାବେଗ—ସ. ବି ( ୬ଷ୍ଠୀ ତତ୍; ଭାବ+ଆବେଗ )—ଭାବର ଅତି
Bhābābega ବୃଦ୍ଧି—Overflow of feeling.
(ଭାବାଧିକ୍ୟ—ଅନ୍ୟରୂପ)

ଭାବାବେଶ—ସ. ବି ( ୬ଷ୍ଠୀ ତତ୍; ଭାବ+ଆବେଶ )—ଭାବର ଉପସ୍ଥିତ
Bhābābesa ବା ଆବିର୍ଭାବ—The dawning or appearance of an idea or thought.

ଭାବାଭାସ—ସ. ବ—ପଣିକାର ବା ଅନୁରାଗିଣୀ ସ୍ତ୍ରୀର ସମ୍ପର୍କ କୌଣସି ପୁରୁଷ
Bhābābhāsa ପକ୍ଷରେ ଶୋକର, ଲଜ୍ଜାର ବା ଚିନ୍ତାର ବିଷୟ ହେଲେ ପୁରୁଷର ସେହି ମାନସିକ ଅବସ୍ଥା ଉପସ୍ଥିତ ହୁଏ—The mental condition of a man when the woman whom he loves becomes the occasion for or cause of his regret, shame or anxiety ( literally;—the semblance of sentiment ). [ ଦ୍ର—ଭାବାଭାସର ଉଦାହରଣ—ଗୃହଲକ୍ଷ୍ମୀ କର ରକ୍ଷିବ ବାମାଙ୍କୁ ହେବ ଯହ ତାର ମତ, ନ ହେଲେ ଜୀବନ ଯାଶିବ ହୋଇ ତା ସ୍ୱପତ୍ରଣୟେ ରତ । ଗଙ୍ଗାଧର, ଶତକବଧ । ]

ଭାବାର୍ଥ—ସ. ବ—୧ । ତାତ୍ପର୍ଯ୍ୟ—1. Gist; purport. ୨ ।
Bhābārtha ପ୍ରକୃତ ଅଭିପ୍ରାୟ—2. Real intention.

ଭାବାର୍ଥକ—ସ. ବଣ ( ଭାବାର୍ଥ+କ )—ତାତ୍ପର୍ଯ୍ୟ ବିଶିଷ୍ଟ—
Bhābārthaka Purporting to be; significant.

ଭାବାର୍ଥ ଦୀପିକା—ଦେ. ବ ( ନାମ )—ଶ୍ରୀଧର ସ୍ୱାମୀଙ୍କ କୃତ ଶ୍ରୀମଦ୍-
Bhābārtha dīpikā ଭାଗବତର ପ୍ରସିଦ୍ଧ ଟୀକା—The famous commentary on the Bhāgabata by Śridhara Swāmī.

ଭାବିକ—ସ. ବଣ ( ଭାବ+ଇକ )—୧ । ଅର୍ଥଯୁକ୍ତ—1. Having
Bhābika meaning. ୨ । ସ୍ୱାଭାବିକ—2. Natural. ୩ । ଭାବଯୁକ୍ତ—3. Consisting of ideas or emotions. ୪ । ଉଦ୍ଦୀପକ—4. Inciting. ୫ । ଭବିଷ୍ୟତ୍କାଳ ସମ୍ବନ୍ଧୀୟ — 5. Relating to future. ସ. ବ—୧ । କାବ୍ୟାଲଙ୍କାରବିଶେଷ—1. A figure of speech. ୨ । ବୀଜଗଣିତର ସମୀକରଣବିଶେଷ — 2. An equation in algebra involving products of unknown quantities.

ଭାବିତ—ସ. ବଣ ( ଭୂ ଧାତୁ ଣିଚ୍ ଭାବ ଧାତୁ+କର୍ମ ତ )—୧ ।
Bhābita ( ପୁଂ ) ଚିନ୍ତାନ୍ୱିତ; ଚିନ୍ତିତ; ଉଦ୍‌ବିଗ୍ନ—1.
(ଭାବିତା—ସ୍ତ୍ରୀ) Thoughtful; anxious. ୨ । ଅଙ୍ଗୀକୃତ—2. Agreed. ୩ । ପ୍ରମାଣୀକୃତ—3. Proved. ୪ । ଘଟିତ—4. Happened. ୫ । ପବିତ୍ରୀକୃତ—5. Purified; chastened. ୬ । ( ଔଷଧାଦି ) ସିକ୍ତ; ଆୟୁର୍ବେଦୋକ୍ତ 'ଭାବନା' ବିଧିରେ ରସାଦି ସଙ୍ଗେ ମିଶ୍ରିତ—6. (medicinal powder) Mixed with a juice; steeped. ୭ । ବାସିତ—7. Scented; perfumed. ୮ । ପ୍ରାପ୍ତ—8. Acquired. ୯ । ପ୍ରାପିତ—9. Caused to be acquired.

ଭାବିତ ହେବା—ଦେ. କ୍ରି—ଚିନ୍ତିତ ହେବା—To be anxious.
Bhābita hebā ভাবিত হওয়া चिन्तित होना

ଭାବିତାତ୍ମା—ସ. ବଣ (ବହୁବ୍ରୀହି, ଭାବିତ+ଆତ୍ମନ୍ ୧ମା.୧ବ)—୧ ।
Bhābitātmā ପୂତାତ୍ମା—1. One whose mind has been chastened by spiritual contemplation. ୨ । ଶୁଦ୍ଧାତ୍ମା—2. Pure in heart.

ଭାବିତ୍ର—ସ. ବ ( ଭୂ ଧାତୁ=ବର୍ତ୍ତମାନ ଥିବା+କର୍ତ୍ତୃ. ଇତ୍ର)—
Bhābitra ତ୍ରୈଲୋକ୍ୟ; ସ୍ୱର୍ଗ, ମର୍ତ୍ତ୍ୟ ଓ ପାତାଳ—The heaven, the earth and the nether world.

ଭାବିବା—ଦେ. କ୍ରି (ସ. ଭୂ ଧାତୁ, ଣିଚ୍=ଭାବ ଧାତୁ)—୧ । ଚିନ୍ତା
Bhābibā କରିବା—1. To think. ୨ । ସ୍ଥିର କରିବା—
ভাবা भावना 2. To settle. ୩ । ଉଦ୍‌ବିଗ୍ନ ହେବା—3. To be anxious. ୪ । ସ୍ମରଣ କରିବା—4. To recollect. ୫ । ଉଦ୍ଭାବନ କରିବା—5. To think out; to find out. ୬ । ବିଚାର କରିବା; ବିବେଚନା କରିବା—6. To consider. ୭ । ପଶ୍ଚାତ୍ତାପ କରିବା; ଅନୁତାପ କରିବା—7. To repent.

ଭାବିବା ଚିନ୍ତିବା—ଦେ. କ୍ରି (ସଂଯୁକ୍ତ)—ଉତ୍ତମରୂପେ ଚିନ୍ତା କରିବା—
Bhābibā chintibā To consider well; to deliberate.
ভাবা চিন্তা सोच विचार करना

ଭାବିନୀ—ସ. ବଣ. ସ୍ତ୍ରୀ (ଭାବ+ଇନ୍+ସ୍ତ୍ରୀ. ଈ)—୧ । ଭାବନାଯୁକ୍ତା—
Bhābinī 1. Thougtful. ୨ । ଚିନ୍ତିତା—2. Anxious. ୩ । ସୁନ୍ଦରଭଙ୍ଗୀଯୁକ୍ତା—3. Graceful. ୪ । କାମୁକୀ (ସ୍ତ୍ରୀ)—4. Lustful (lady). ସ. ବ—୧ । କାମିନୀ 1. Woman. ୨ । ସ୍ତ୍ରୀ—2. Wife. ୩ । ପ୍ରିୟା—3. One's beloved woman.

ଭାବୀ—ସ. ବଣ (ଭୂ ଧାତୁ+କର୍ତ୍ତୃ. ଇନ୍, ୧ମା. ୧ବ)—୧ । ଭବିତବ୍ୟ;
Bhābī ଭବିଷ୍ୟତ୍—1. Future. ୨ । ଆଗାମୀ; ଯାହା ଘଟିବ—2. Would be. ଦେ. ବ—ଭବିଷ୍ୟତ୍କାଳ—The future. ( ଦ୍ର—ଭାବୀ ଅବ ବର୍ତ୍ତମାନ-ସଙ୍ଗେ ବନ୍ଧରେ । ରାଧାନାଥ. ମହାଯାତ୍ରା ।)

ଭାବୀ ବଂଶଧର—ସ. ବ—ମନୁଷ୍ୟର ଭବିଷ୍ୟତ ବଂଶୀୟ ବ୍ୟକ୍ତିଗଣ—
Bhābī bamśadhara Future generations.

ଭାବୁକ—ସ. ବଣ. ପୁଂ (ଭୂ ଧାତୁ+କର୍ତ୍ତୃ. ଶୀଳାର୍ଥେ. ଉକ)—୧ । ଚିନ୍ତା
Bhābuka ଶୀଳ—1. Thoughtful. ୨ । ଧ୍ୟାନଶୀଳ—
(ଭାବୁକା—ସ୍ତ୍ରୀ) 2. Contemplative. ୩ । ଭାବଗ୍ରାହୀ—3. Able to understand another's intentions or thoughts. ସ. ବ—୧ । ଯେ ଚିନ୍ତା କରେ—1. A thinker. ୨ । ମଙ୍ଗଳ—2. Weal. ୩ । ଭଗ୍ନୀପତି—3. One's sister's husband.

ଭାବୁକତା(ତ୍ୱ)—ସ.ବ (ଭାବୁକ+ଭାବାର୍ଥେ ତା;+ତ୍ୱ)—ଚିନ୍ତାଶୀଳତା—
Bhābukatā (twa) Thoughtfulness.

ଭାବୁସି—ଦେ. ବଣ—୧ । ପ୍ରେମଶୀଳ—1. Loving; affection-
Bhābusi ভাবের प्रेमी ate. ୨ । ପ୍ରଣୟୀ—2. Inti-
ভাব भाव mate. ଦେ. ବ—ପ୍ରଣୟ—Attachment; intimacy.

ଭାବୋଚ୍ଛ୍ୱାସ—ସ. ବ (୬ଷ୍ଠୀ ତତ୍; ଭାବ+ଉଚ୍ଛ୍ୱାସ)—ଭାବ ତରଙ୍ଗ
Bhābochchhwāsa ଉତ୍ପନ୍ନ ହେବା ଭାବରାଶି—Overflow of feelings.

ଭାବୋଦୟ—ସ. ବ (୬ଷ୍ଠୀ ତତ୍; ଭାବ+ଉଦୟ) —ମନରେ ଭାବର
Bhābodaya ଉଦୟ—Dawning of an idea.
(ଭାବୋଦ୍ଭବ; ଭାବୋଦ୍ରେକ—ଅନ୍ୟରୂପ)

ଭାବୋଦ୍ଦୀପକ—ସ. ବଣ—ଯାହା ମନରେ କୌଣସି ଭାବର ଉଦ୍ରେକ
Bhāboddipaka କରେ—Thought-provoking.

ଭାବୋଦ୍ଦୀପନ(ନା) —ସ. ବ—(୬ଷ୍ଠୀ ତତ୍; ଭାବ+ଉଦ୍ଦୀପନ)—
Bhāboddipana (nā) ମନରେ ଭାବର ଉତ୍ତେଜନ—
Provocation of thought in the mind.

ଭାବୋନ୍ମତ୍ତ—ସ. ବଣ. ପୁଂ (୩ୟା ତତ୍; ଭାବ+ଉନ୍ମତ୍ତ)—ଭାବଭୋଳ—
Bhābonmatta Maddened or overwhelmed by
(ଭାବୋନ୍ମତ୍ତା—ସ୍ତ୍ରୀ) an idea.

ଭାବୋନ୍ମାଦ—ସ ବ—ଭାବ ବହୁଳତା; କୌଣସି ଭାବାଧିକ୍ୟ—
Bhābonmāda Madness about any fixed idea.

ଭାବ୍ୟ—ସ. ବଣ (ଭୂ ଧାତୁ+କର୍ମ. ଯ)—୧ । ଭବିତବ୍ୟ; ଯାହା ଅବଶ୍ୟ
Bhābya ଘଟିବ—1. Inevitable. ୨ । ଭବିଷ୍ୟତ୍—
2. Future. ୩ । ଚିନ୍ତନୀୟ—3. Thinkable.
୪ । ସାଧ୍ୟ; କର୍ତ୍ତବ୍ୟ—4. Performable.

ଭାମ୍ (ଧାତୁ)—ସ.—କ୍ରୁଦ୍ଧ ହେବା—
Bhām (root) To be angry.

ଭାମ—ସ. ବ (ଭା ଧାତୁ=ଦୀପ୍ତି ପାଇବା+କର୍ତ୍ତୃ ମ)—୧ । ଭାନୁ—
Bhāma 1. The sun. ୨ । କିରଣ—2. Ray of light.
୩ । (+ଭାବ ମ) ଦୀପ୍ତି—3. Splendour; lustre; radiance.
୪ । (ଭମ୍ ଧାତୁ=କ୍ରୁଦ୍ଧ ହେବା+ଭାବ ଅ) କ୍ରୋଧ;
କୋପ—4. Rage; anger. ୫ । (+କର୍ତ୍ତୃ ମ)
ଭଗିନୀପତି—5. Sister's husband. ୬ । ଓଧ
ଜାତୀୟ ଜନ୍ତୁ; କନ୍ଦାସ ଜାତୀୟ ଜନ୍ତୁ—6. A wild cat;
palm civet; Paradoxurus Niger.

ଭାମନ—ସ. ବ. ପୁଂ (ଭାମ୍ ଧାତୁ+କର୍ତ୍ତୃ ଅନ)—କ୍ରୋଧୀ ପୁରୁଷ—
Bhāmana (ଭାମନା—ସ୍ତ୍ରୀ) A passionate man.

ଭାମା—ସ. ବ. ସ୍ତ୍ରୀ (ଭାମ୍ ଧାତୁ+କର୍ତ୍ତୃ ଅ+ସ୍ତ୍ରୀ. ଆ)—୧ । ଅତି-
Bhāmā କୋପନା ସ୍ତ୍ରୀ—1. A violent or angry woman;
a shrew; vixen; virago. ୨ । ନାରୀ—2.
Woman. ୩ । ସତ୍ୟଭାମା—3. A wife of
Srikrushna

ଭାମିନୀ—ସ.ବ. ସ୍ତ୍ରୀ (ଭାମ+ଇନ୍+ସ୍ତ୍ରୀ.ଈ)—୧ । ଅତିକୋପନା ସ୍ତ୍ରୀ—
Bhāmini 1. A shrew; a passionate woman.
୨ । ସ୍ତ୍ରୀ; ନାରୀ—2. Woman. ସ. ବଣ. ସ୍ତ୍ରୀ
(ଭାମିନ୍+ଈ) ଭାମୀର ସ୍ତ୍ରୀଲିଙ୍ଗ—Feminine of
Bhāmi.

ଭାମୀ—ସ. ବଣ. ପୁଂ (ଭାମ+ଇନ୍; ୧ମା, ୧ବ)—କ୍ରୋଧୀ—
Bhāmi Angry; passionate.

ଭାର—ସ. ବ (ଭୃଧାତୁ=ଧାରଣ କରିବା+ଭାବ. ଅ)—୧ । ଗୁରୁତ୍ୱ;
Bhāra ଓଜନ—1. Weight; heaviness. ୨ । କ୍ରୋଧ
ବା ଅପମାନ-ଜନିତ ଗାମ୍ଭୀର୍ଯ୍ୟ—2. Sullenness
due to anger or displeasure. ୩ । (+କର୍ମ.
ଅ) ରାଶି; ସମୂହ—3. Multitude. ୪ । ବୋଝ—
4. Load. ୫ । ଦାୟିତ୍ୱ—5. Responsibility; charge. ୬ । (+କରଣ ଅ) ପରିମାଣ
ବିଶେଷ—6. A standard of weight. ଦେ.
ଭାର भार ବ—୧ । ନିର୍ଭରତା—1. Dependence. ୨ ।
ବାହୁଙ୍ଗିର ଦୁଇ ପାଖରେ ଝୁଲା ହୋଇ ଏକ ସଙ୍ଗେ
ବୁହାଯିବା ଦୁଇଟି ବୋଝ—2. Two loads carried
on one shoulder by means of a yoke. ୩ ।
ଶିକା ଓ ବାହୁଙ୍ଗି—3. A Banghy and its 2
scales. ୪ । ଜଣେ ଲୋକର ବାହୁଙ୍ଗିରେ ବୋହି ପାରିବା
ପଦାର୍ଥର ପରିମାଣ—4. As much as can be carried
by a person on the shoulder by means of
a yoke; [ଦ୍ର—ବୋଝ ଗୋଟିକିଆ ଏବଂ ତାହା
ମୁଣ୍ଡରେ ବା ପିଠିରେ ବୁହାଯାଏ । ଭାର ଯୋଡ଼ିକିଆ ଏବଂ
ତାହା ବାହୁଙ୍ଗିର ଦୁଇ ପାଖରେ ଝୁଲୁଥିବା ଶିକା ଦ୍ୱାରା
ବୁହାଯାଏ । ଭାରର ଦୁଇ ପାଖର ପ୍ରତ୍ୟେକ ବୋଝକୁ
ଅଙ୍କା କୁହାଯାଏ ।] ୫ । ବନ୍ଧୁ ବାନ୍ଧବଙ୍କୁ ଭାର ଦ୍ୱାରା
ପଠାଯିବା ଉପଢୌକନ—5. Presents sent to
relatives ( and generally carried by
yokes). ଦେ. ବଣ—୧ । ଭାରି—1. Heavy. ୨ ।
ଭାର; भार କଷ୍ଟକର; ଖଲ୍ଲ; କଠିନ—2. Difficult.

ଭାରଇମଲ(ଲ୍ଲ)—ଦେ. ବଣ (ସ. ଭାର ଓ ମଲ୍ଲ)—୧ । ପ୍ରଧାନ ବୀର—
Bhāraimala(lla) 1. A chief hero or warrior. ୨ ।
ପ୍ରଧାନମଲ୍ଲ; भारमल्ल ଯେଉଁ ବ୍ୟକ୍ତି ଖୁବ୍ ଭାରି ଦ୍ରବ୍ୟ ଭୂଇଁରୁ ଉଠାଇ
ପାରେ—2. A champion of heavy weight.

ଭାର(ରୁ)କୁଣ୍ଡା—ଦେ. ବଣ. ପୁଂ—୧ । କ୍ରୋଧ ବା ଅପମାନ ଯୋଗୁଁ
Bhāra(ru)kundā ଭାରସ (ମୁହଁ)—1. Frowning (face).
ଭାର; फुलाहुआ ୨ । ଫୁଲିଲା—2. Swollen.
(ଭୁରୁକୁଣ୍ଡା—ଅନ୍ୟରୂପ) (ଭାର[ରୁ]କୁଣ୍ଡୀ—ସ୍ତ୍ରୀ)

ଭାରକୁଣ୍ଡା ମୁହାଁ—ଦେ. ବ ପୁଂ—୧ । ଭାରସ ମୁହାଁ—1.
Bhārakundā muhā̃ 1. Having a frowning
(ଭୁରୁକୁଣ୍ଡା ମୁହାଁ—ଅନ୍ୟରୂପ) face. ୨ । ଫୁଲିଲାମୁହାଁ; ଫୁଲିଲା-
ଗାଲିଆ—2. Having a swollen
बार सर्वदा मुख भारथाके or puffed up face.
मुह फुला
[ଭାରକୁଣ୍ଡା(ଣ୍ଡୀ) ମୁହାଁ, ଭୁରୁକୁଣ୍ଡା(ଣ୍ଡୀ) ମୁହାଁ—ସ୍ତ୍ରୀ]

ଭାରକେନ୍ଦ୍ର—ସ. ବ (୬ଷ୍ଠୀ ତତ୍, ଭାର+କେନ୍ଦ୍ର)—୧ । ଭାରର
Bhārakendra ବା ବାହୁଙ୍ଗୀର ମଧ୍ୟବିନ୍ଦୁ—1. The
(ଭାରମଧ୍ୟ—ଅନ୍ୟରୂପ) middle point of a yoke. ୨ ।
[ ବିଜ୍ଞାନ ] ପଦାର୍ଥର ମଧ୍ୟ ବିନ୍ଦୁ—2. [ science ]
Centre of gravity.

ଭାରଗ୍ରସ୍ତ—ସଂ. ବିଣ. ପୁଂ (ଅସ୍ୟା ତତ୍)—୧ । ଯାହା ଉପରେ ଭାର ଲଦା Bhāragrasta ହୋଇଥାଏ—1. Loaded. ୨ । ଦାୟିତ୍ୱ- (ଭାରାକ୍ରାନ୍ତ—ଅନ୍ୟରୂପ) ଗ୍ରସ୍ତ—2. Burdened with a res- (ଭାରଗ୍ରସ୍ତା, ଭାରାକ୍ରାନ୍ତା—ସ୍ତ୍ରୀ) ponsibility.

ଭାରଗ୍ରହ—ସଂ. ବିଣ. ପୁଂ (ଭାର+ଗ୍ରହ ଧାତୁ+କର୍ତ୍ତୃ. ଅ)—ଯେ ଭାର Bhāragraha ବା ଦାୟିତ୍ୱ ଗ୍ରହଣ କରେ—Taking a load (ଭାରଗ୍ରାହକ, ଭାରଗ୍ରାହୀ—ଅନ୍ୟରୂପ) or responsibility. (ଭାର ଗ୍ରାହଣୀ; ଭାରଗ୍ରହା; ଭାରଗ୍ରହଣୀ—ସ୍ତ୍ରୀ)

ଭାର ଘେନି ଯିବା—ଦେ. କ୍ରି—୧ । (ବୟଃପ୍ରାପ୍ତା କନ୍ୟା) ବୋଝ ଭାର Bhāra gheni jibā ନେଇ ବାପ ଘରୁ ଶ୍ୱଶୁର ଘରକୁ ଯିବା—तत्त्वनिये याओया 1. (a grown up girl) To go to her **गौना होकर जाना;** husband's house accompanied with **दुरागमन करना** presents (carried by carriers) from her father's house. ୨ । (କନ୍ୟା) ବାପଘରୁ ଶ୍ୱଶୁର ଘରକୁ ପହିଲି ପାଳିଯିବା—2. (a girl) To start for the husband's house with presents for the first time after attaining puberty. (ଉ—ଫୁଲ ଫୁଟିଗଲା ଫୁଲୁଉ, ପର ପୁଅକୁ ଭସେଇ ଦେଇ, (ଭାର ନେଇଯିବା—ଅନ୍ୟରୂପ) ଭାର ଘେନିଗଲା ଯୁଲୁସି—ଗୀତ ।)

ଭାର(ରୁ)ଣ୍ଡ—ସଂ. ବି—ପୁରାଣବର୍ଣ୍ଣିତ ଦ୍ୱିଶରୀରଯୁକ୍ତ ଦେହଜ ପକ୍ଷି- Bhāra(ru)ṇḍa ବିଶେଷ; ଗଣ୍ଡଭେରୁଣ୍ଡ ଚଢ଼େଇ (ଦେଖ)—Name of a fabulous gigantic bird with 2 bodies joined.

ଭାରତ—ସଂ. ବି (ଭରତ+ଅ; ଭରତ ନାମକ ରାଜପୁତ୍ରଙ୍କୁ ଦାନ କରି Bhārata ଯାଇ ଥିବାରୁ, କମ୍ବା ଦୁଷ୍ମନ୍ତକୁମାର ଭରତଙ୍କ ଦ୍ୱାରା ଶାସିତ ହୋଇଥିବାରୁ)—୧ । ଭାରତବର୍ଷ—1. India. (ଦ୍ର—ଏହା ଜମ୍ବୁଦ୍ୱୀପର ନଅଟି ବର୍ଷ ମଧ୍ୟରୁ ଏକ)—୨ । ଭରତ ରାଜାଙ୍କ ତନୟ—2. Name of the son of king Bharata. ୩ । (ଭରତ+ବୃତାର୍ଥେ ଅ ଭରତ ବଂଶୀୟମାନଙ୍କୁ ଅବଲମ୍ବନ କରି ଯେଉଁ ଗ୍ରନ୍ଥ କରାଯାଇ ଅଛି) ବେଦବ୍ୟାସ ରଚିତ ମହାଭାରତ ନାମକ ମହାକାବ୍ୟ—3. The great Indian epic Mahābhārata. [ଦ୍ର—ମହାଭାରତ ଅତି ବିଶାଳଗ୍ରନ୍ଥ ଏବଂ ଏଥିରେ ଭାରତବର୍ଷର ସବୁ ବିଷୟ ବର୍ଣ୍ଣିତ ହୋଇଅଛି । ଏଥିପାଇଁ ଲୋକେ କହୁଥାଅନ୍ତି,—ଯାହା ନାହିଁ ଭାରତେ ତାହା ନାହିଁ ଭାରତେ, ଅର୍ଥାତ୍ ମହାଭାରତ ଗ୍ରନ୍ଥରେ ଯାହା ନାହିଁ ତାହା ଭାରତବର୍ଷରେ ନାହିଁ ।] ୪ । ନଟ—4. An actor. ୫ । ଅଗ୍ନି—5. Fire. ୬ । ଭରତଙ୍କ ପ୍ରଣୀତ ସଙ୍ଗୀତ, ବାଦ୍ୟ ଓ ନାଟ୍ୟ ବିଷୟକ ଶାସ୍ତ୍ର—6. The science of music and dramaturgy compiled by Bharata [Apte]. ସଂ. ବିଣ—ଭରତ ବଂଶୀୟ—Belonging to the race of Bharata

ଭାରତ ଖଣ୍ଡ—ସଂ. ବି—ଭାରତବର୍ଷ—The country of India. Bhārata khaṇḍa

ଭାରତ ଗୀତିକା—ସଂ.ବି (ଆଧୁନିକ)—ଜାତୀୟ ଭାବୋଦ୍ଦୀପକ ଭାରତବର୍ଷ Bhārata gitikā ସମ୍ବନ୍ଧୀୟ ସଙ୍ଗୀତ—Indian national (ଭାରତଗୀତ—ଅନ୍ୟରୂପ) anthem or song.

ଭାରତ ଗୌରବ—ସଂ. ବିଣ (ଆଧୁନିକ; ବହୁବ୍ରୀହି)—ଭାରତବର୍ଷର Bhārata gauraba ଗୌରବ ବା ମର୍ଯ୍ୟାଦାବୃଦ୍ଧିକାରୀ ବ୍ୟକ୍ତି—(a person) Who is an ornament to India.

ଭାରତ ରତ୍ନ, ଭାରତ ଚନ୍ଦ୍ର, ଭାରତଚନ୍ଦ୍ରମା, ଭାରତରତ୍ନ } ଅନ୍ୟରୂପ

ଦେ. ବି—ଭାରତର ଶ୍ରେଷ୍ଠ ସନ୍ତାନ—An eminent Indian.

ଭାରତ ଚନ୍ଦ୍ର—ସଂ. ବିଣ ଓ ବି—ଭାରତ ଗୌରବ (ଦେଖ) Bhārata Bhārata chandra gauraba (See). ଦେ. ବି (ନାମ) ଅନ୍ନଦା ମଙ୍ଗଳ ଓ ବିଦ୍ୟାସୁନ୍ଦର ରଚୟିତା ବଙ୍ଗଦେଶର ସର୍ବଶ୍ରେଷ୍ଠ ପ୍ରାଚୀନ କବି—Name of a celebrated classical poet of Bengal. (ଦ୍ର—ଏହାଙ୍କର ଜନ୍ମ ଖ୍ରୀଷ୍ଟାବ୍ଦ ୧୭୧୨ ଓ ମୃତ୍ୟୁ ଖ୍ରୀ ୧୭୬୦; ଏ ୪୮ ବର୍ଷ ବୟଃକ୍ରମରେ ଇହଲୀଳା ସାଙ୍ଗ କରିଥିଲେ । ଏ ବର୍ଦ୍ଧମାନ ଜିଲ୍ଲାର ପଣ୍ଡୁଆ ଗ୍ରାମରେ ବ୍ରାହ୍ମଣକୁଳରେ ଜନ୍ମିଥିଲେ । ରାଜାଙ୍କ କୋପ ଯୋଗୁଁ ଏହାଙ୍କ ପୈତୃକ ସମ୍ପତ୍ତି ବାଜ୍ୟାପ୍ତ ହେଲା ଓ ଏ ମାତୁଳାଳୟକୁ ଓ ହୁଗୁଳିକୁ ଯାଇ ସେଠାରେ ସଂସ୍କୃତ ଓ ଫାରସୀ ପଢ଼ି ଅସାଧାରଣ ପାଣ୍ଡିତ୍ୟ ଲାଭ କରିଥିଲେ । ବିଦ୍ୟାଶିକ୍ଷା କରିବାକୁ ଏ ବହୁ ଦୁଃଖରେ ଚଳୁଥିଲେ; ବିବାହ କରି ଘରକୁ ଫେରି ପୈତୃକ ସମ୍ପତ୍ତିର ପୁନରୁଦ୍ଧାର କଲେ, କିନ୍ତୁ ରାଜସ୍ୱ ନିୟମିତ ରୂପେ ଦେଇ ନ ପାରିବାରୁ ସମ୍ପତ୍ତି ପୁଣି ଖାସ୍ ହେଲା ଓ ଏ କାରାରୁଦ୍ଧ ହେଲେ । ବର୍ଦ୍ଧମାନରୁ ଲୁଚି କରି ପଳେଇ ଆସି ଏ ହଳାକେରେ କଟକରେ ମହରଟ୍ଟାମାନଙ୍କ ଆଶ୍ରୟରେ ରହି ବୈଷ୍ଣବ ସମ୍ପ୍ରଦାୟ ଭୁକ୍ତ ହେଲେ ଓ ଭାଗବତାଦି ଅଧ୍ୟୟନ କରି ବୃନ୍ଦାବନ ଗଲେ । ସେଠାରୁ ଫେରି ଫରାସଡାଙ୍ଗାର ଦେୱାନ ଇନ୍ଦ୍ରଚନ୍ଦ୍ରଙ୍କ ଆଶ୍ରୟରେ କିଛିଦିନ ରହିବାପରେ ନଦିଆର ବିଖ୍ୟାତ ବିଦ୍ୟୋତ୍ସାହୀ ରାଜା କୃଷ୍ଣଚନ୍ଦ୍ରଙ୍କ ଆଶ୍ରୟରେ ରହି, କବିତା ରଚନା କରି ରାଜ ସଭାରେ ପାଠ କରୁଥିଲେ ଓ ଉକ୍ତ ରାଜାଙ୍କ ଆଦେଶରେ 'ଅନ୍ନଦାମଙ୍ଗଳ' ଓ 'ବିଦ୍ୟାସୁନ୍ଦର' କାବ୍ୟ ରଚନା କଲେ । ରାଜା କୃଷ୍ଣଚନ୍ଦ୍ର ତାଙ୍କୁ 'ରାୟ ଗୁଣାକର' ଉପାଧି ଦେଇଥିଲେ । ପଦଲାଳିତ୍ୟ, ଶବ୍ଦଯୋଜନା ଓ ସରଳ ଭାଷା ତାଙ୍କ ରଚନାର ବିଶେଷତ୍ୱ । ବଙ୍ଗଭାଷାରେ ବିବିଧ ଛନ୍ଦ ଏ ପ୍ରଥମେ ପ୍ରଚାର କରିଥିଲେ । ଏ ପ୍ରଥମ ଜୀବନରେ ସତ୍ୟ ନାରାୟଣଙ୍କ ପାଞ୍ଚାଳି (ପାଲା) ରଚନା କରିଥିଲେ । ସୁବଳଚନ୍ଦ୍ର ସରଳ ବାଙ୍ଗାଲା ଅଭିଧାନ ।)

ଭାରତ ଛଡ଼ା—ଦେ, ବିଣ—୧ । ଭାରତର ସୀମା ବହିର୍ଭୂତ—1. Beyond the domains of India. Bhārata chhaṛā ভারতছাড়া ୨ । ଭାରତବର୍ଷରେ ଯାହା ମିଳେ ନାହିଁ—2. Not **भारतके बाहरकी,** obtainable in India. ୩ । ସୃଷ୍ଟି **दुनियासे बाहर** ଛଡ଼ା—3. Not to be met in the world. ୪ । ମହାଭାରତରେ ଯାହା ବର୍ଣ୍ଣିତ ହୋଇ-

ନାହିଁ—4. Not mentioned in the Mahābhārata.

ଭାରତ ପର୍ବ-ସଂ. ବି-ମହାଭାରତ ଗ୍ରନ୍ଥର ୧୮ଖଣ୍ଡ ମଧ୍ୟରୁ କୌଣସି ଖଣ୍ଡ—
Bhārata parba Any of the 18 parts of the great epic Mahābhārata. ଦେ. ବି—ଭୀଷଣ କାଣ୍ଡ; ମହାଗଣ୍ଡଗୋଳ—A great hubbub or ado.

ଭାରତବର୍ଷ—ସଂ. ବି—ଭାରତ ମହାଦେଶ—The Indian continent.
Bhāratabarsha [ ବି—ପୌରାଣିକ ଭୂଗୋଳ ମତରେ ପୃଥିବୀର ସପ୍ତଦ୍ୱୀପ ମଧ୍ୟରୁ ଜମ୍ବୁଦ୍ୱୀପ ଏକତମ ତହିଁର ନବ ବର୍ଷ ମଧ୍ୟରୁ ଭାରତବର୍ଷ ଗୋଟିଏ ବର୍ଷ ବା ଦେଶ । ଏହା ହିମାଳୟର ଦକ୍ଷିଣରେ ଓ ମହୋଦଧିର ଉତ୍ତରରେ ଅବସ୍ଥିତ । ]

ଭାରତବର୍ଷୀୟ—ସଂ. ବିଣ. (ଭାରତବର୍ଷ+ଈୟ)—ଭାରତବର୍ଷ ସମ୍ବନ୍ଧୀୟ-
Bhāratabarshiya (ଭାରତୀୟ—ଅନ୍ୟରୂପ) Indian.

ଭାରତବାସୀ—ସଂ. ବିଣ. ଓ ବି ପୁଂ (ଭାରତ+ବସ୍ ଧାତୁ+କର୍ତ୍ତୃ. ଇନ୍)
Bhāratabāsī ଭାରତରେ ବାସ କରୁଥିବା—Inhabiting or (ଭାରତବାସିନୀ—ସ୍ତ୍ରୀ) residing in India; an Indian.

ଭାରତ ମହାସାଗର—ଦେ. ବି—ଭାରତର ଦକ୍ଷିଣସ୍ଥ ମହାସମୁଦ୍ର—
Bhārata mahāsāgara The Indian ocean.
ଭାରତ ସମୁଦ୍ର, ଭାରତ ସାଗର }—ଅନ୍ୟରୂପ
ভারত মহাসাগর
भारत महासागर

ଭାରତ ମାତା—ସ. ବି. (ଆଧୁନିକ)—ଭାରତବାସୀଙ୍କ ଜନନୀରୂପ
Bhāratamātā ଜନ୍ମଭୂମି—Mother India; the mother country of the Indians.

ଭାରତ ଯୁଦ୍ଧ—ସ. ବି—କୁରୁକ୍ଷେତ୍ର ଯୁଦ୍ଧକ୍ଷେତ୍ରରେ କୁରୁ ପାଣ୍ଡବଙ୍କ
Bhārata juddha ମଧ୍ୟରେ ଅଷ୍ଟାଦଶ ଦିବସବ୍ୟାପୀ ମହାଭାରତୋକ୍ତ ମହାସମର—The great war (lasting for 18 days) described in the Mahābhārata between the Pāṇḍaba brothers and the Kauraba brothers.

ଭାରତ ରମଣୀ—ଦେ. ବି—ଭାରତୀୟା ସ୍ତ୍ରୀଗଣ—The woman-
Bhārata ramaṇī hood of India; the women of India.
ଭାରତନାରୀ, ଭାରତ ଲଲନା }—ଅନ୍ୟରୂପ

ଭାରତ ଲୀଳା—ଦେ. ବି—ମହାଭାରତ ବର୍ଣ୍ଣିତ କୌଣସି ଘଟଣାକୁ
Bhārata līlā ଅବଲମ୍ବନ କରି ଦେଖାଯିବା ଯାତ୍ରା ଓ ନାଟ—
মহাভারত লীলা A country-play or dancing party
महाभारतलीला for the performance of any episode of the Mahābhārata.

ଭାରତ ସନ୍ତାନ—ସ. ବି (ଆଧୁନିକ ପ୍ରୟୋଗ)—ଭାରତୀୟ ବ୍ୟକ୍ତି—
Bhārata santāna An Indian.
(ଭାରତ ପୁତ୍ର—ଅନ୍ୟରୂପ)

ଭାରତ ସରକାର—ଦେ. ବି (ସ. ଭାରତ+ଅ. ସରକାର)—ସମଗ୍ର
Bhārata sarkāra ଭାରତର ଶାସନ ପରିଚାଳନା ବିଭାଗ
ভারত সরকার भारत सरकार . . ବ୍ରିଟିଶ ଶାସନତନ୍ତ୍ର—
(ଭାରତ ଗଭର୍ଣ୍ଣମେଣ୍ଟ—ଅନ୍ୟରୂପ) India Government.

ଭାରତି—ଦେ. ବି—ତୂଣୀର; ତୂଣୀ—A quiver for arrows.
Bhārati [ ଦ୍ର—କୁମ୍ଭ କୋଦଣ୍ଡ କାଣ୍ଡ, କେତେ ଭରଥିଲା
তুন तरकस ତୁଣ୍ଡ, କର୍କଶ ନୋହିବା ଭାରତିରେ—ଲବଣ୍ୟବତୀ. କପୋଳ ଛନ୍ଦ, ବ. ଗୀତ । ]

ଭାରତିଆ—ଦେ. ବି—ଦୁଇଟି ଖୁଣ୍ଟ ଉପରେ ବସାଯାଇଥିବା ବଡ଼ କଡ଼ି
Bhāratiā କାଠ (ଯାହା ଉପରେ ଛୋଟ କଡ଼ିମାନ ବସାଯାଏ)—
A big cross-beam placed on two pillars and on which are laid the ordinary beams of a building.

ଭାରତୀ—ସଂ. ବି. ସ୍ତ୍ରୀ—(ଭରତ+ଅ+ସ୍ତ୍ରୀ. ଈ)—୧ । ବାଣୀ;
Bhāratī କଥା—1. Words; speech. ୨ । ସରସ୍ୱତୀ—
2. The Goddess of learning. ୩ । କାବ୍ୟ-ରଚନାର ବୃତ୍ତିବିଶେଷ—3. A mode of lyrical composition. [ ଦ୍ର—ଏତଦ୍ଦ୍ୱାରା ରୌଦ୍ର ଓ ବୀଭତ୍ସ ରସର ବର୍ଣ୍ଣନ କରାଯାଏ (ହି. ଶ)—୪ । ଭରଦ୍ୱାଜ ପକ୍ଷୀ—4. Skylark. ଦେ. ବି—ଦଶ ନାମୀ ସନ୍ନ୍ୟାସୀମାନଙ୍କ ଉପାଧିବିଶେଷ—One of the titles of ascetics.

ଭାରତୀୟ—ଦେ. ବିଣ (ଭାରତ+ସମ୍ବନ୍ଧାର୍ଥେ ଈୟ)—୧ । ଭାରତବର୍ଷ
Bhāratiya ସମ୍ବନ୍ଧୀୟ—1. Pertaining to India.
୨ । ଭାରତବର୍ଷରେ ଜାତ—2. Indian.

ଭାରତୀୟ ଦଣ୍ଡବିଧି ଆଇନ—ଦେ. ବି—୧୮୬୦ ସାଲରେ ସଙ୍କଳିତ ଓ
Bhāratiya daṇḍabidhi āin ପ୍ରବର୍ତ୍ତିତ ଘଟ ଘଟ ଅପରାଧର
ভারতীয় দণ্ডবিধি আইন ଦଣ୍ଡବିଧାୟକ ଆଇନ—The Indian
भारतीय दण्डविधि आईन Penal code.

ଭାରଥ—ଗ୍ରା. ବି ( ସ. ଭାରତର ଅଶୁଦ୍ଧ ଉଚ୍ଚାରଣ )—
Bhāratha ୧ । ମହାଭାରତ ଗ୍ରନ୍ଥ—1. The epic Mahā-
भारथ bhārata. ୨ । ଭାରତବର୍ଷ—2. India.

ଭାରଥୋ(ଥୁ)ର—ଗ୍ରା. ବି (ଭାରର୍ଥକ ସହଚର)—ବନ୍ଧୁ ଘରକୁ ପଠାଯିବା
Bhāratho(thu)ra ଭାର ବୋଝ ଆଦି ଉପଢୌକନ—
ভারটার Presents sent to relatives.
भार त्यमार

ଭାର ଦଣ୍ଡ—ସ. ବି—ବାହୁଙ୍ଗି—A yoke for carrying on the
Bhāra daṇḍa shoulder loads suspended at both ends.

ଭାରଦା—ଦେ. ବି. (ସ. ଭାର୍ଯ୍ୟାଟ; ଭଣ୍ଡ)—୧ । (ଗାଳି) ଯେଉଁ ବ୍ୟକ୍ତି
Bhāradā ଧନ ବା ଅନୁଗ୍ରହ ପାଇବା ଆଶାରେ ଆପଣାର ସ୍ତ୍ରୀକୁ
ভাড়োয়া ପର ପୁରୁଷର ସମ୍ଭୋଗାର୍ଥ ଛାଡ଼ିଦିଏ—1. A per-
भडवा son who lets out his wife for the carnal enjoyment of another for consi-

deration. ୨ । ଭଡୁଆ—2. A bawd; panderer
ଦେ. ବଣ—ନିର୍ଲଜ୍ଜ—Shameless.

ଭାରଦା ସଭା—ଦେ. ବ—ନିର୍ଲଜ୍ଜ ବ୍ୟକ୍ତିମାନଙ୍କ ମଣ୍ଡଳୀ—
Bhārada sabhā A society of shameless or depraved persons.

ଭାରଦ୍ୱାଜ—ସ.ବ. ପୁଂ (ଭରଦ୍ୱାଜ + ଅପତ୍ୟାର୍ଥରେ. ଅ)—୧ । ଦ୍ରୋଣାଚାର୍ଯ୍ୟ—1. Drona. ୨ । ଅଗସ୍ତ୍ୟ ମୁନି—
Bhāradwāja
2. Sage Agastya. ୩ । ଭରଦ୍ୱାଜ ପକ୍ଷୀ; ଭଦଭଦଳିଆ ଚଢେଇ—3. The blue jay. ୪ । ଅସ୍ଥି; ହାଡ଼—4. Bone. ୫ । ମଙ୍ଗଳ ଗ୍ରହ [ହି. ଶ]—5. The planet Mars. ସ. ବଣ—୧ । ଭରଦ୍ୱାଜ ଗୋତ୍ର ସମ୍ବନ୍ଧୀୟ ବା ଗୋତ୍ରରୁ ଉତ୍ପନ୍ନ—1. Of the family of Bharadwāja; descended from sage Bharadwāja. ୨ । ଭରଦ୍ୱାଜ ସମ୍ବନ୍ଧୀୟ—2. Relating to Bharadwāja.

ଭାର ନେବା—ଦେ. କ୍ରି—୧। କୌଣସି ଭାରକୁ ସ୍ଥାନାନ୍ତରକୁ ନେବା—
Bhāra nebā 1. To carry a load to another place.
भार लेना भार उठाना ୨ । କୌଣସି ଦାୟିତ୍ୱ ଗ୍ରହଣ କରିବା—
2. To take upono neself a responsibility.

ଭାରବାହ—ସ. ବଣ (ଭର + ବହ ଧାତୁ + କର୍ତ୍ତୃ. ଅ)—ଯେ ଭାର ବହନ କରେ—Carrying a load.
Bhāra bāha

ଭାରବାହ୍, ଭାରବାହକ, ଭାରବାହୀ, ଭାରଭୃତ୍, ଭାରୋଦ୍ୱହ —ଅନ୍ୟରୂପ ଦେ. ବ—୧ । ବୋହିଆ—1. A porter; a carrier.
୨ । ଭାରୁଆ—2. A person who carries loads suspended at both ends of a yoke put on one shoulder.

ଭାରବାହୀ ପଶୁ—ଦେ. ବ—ଯେଉଁ ପଶୁ ବୋଝ ବୋହିପାରେ (ଯଥା—ବଳଦ, ଘୋଡ଼ା, ହାତୀ, ଗଧ ଇତ୍ୟାଦ)—
Bhārabāhi pasu
A beast of burden.

ଭାରବି—ସ. ବ—କିରାତାର୍ଜ୍ଜୁନୀୟ ନାମକ ପ୍ରସିଦ୍ଧ ସଂସ୍କୃତ କାବ୍ୟର ପ୍ରଣେତା—Name of the author of a celebrated Sanskrit work (relating to an episode in the Mahābhārata). [ ଦ୍ର—ଏ ଖ୍ରୀଷ୍ଟାବ୍ଦ ୬ଷ୍ଠ ଶତାବ୍ଦୀରେ ହିମାଳୟର ତଳଇ ପ୍ରଦେଶରେ ଜନ୍ମଗ୍ରହଣ କରିଥିବାର ଅନୁମିତ ହୁଏ (ସୁବଳଚନ୍ଦ୍ର) । କଥିତ ଅଛି ଯେ ଏହାଙ୍କ ଗୁରୁଙ୍କ ଗୋରୁ ଚରାଇବାକୁ ହିମାଳୟର ତରାଇ ଅଞ୍ଚଳକୁ ଯାଇ ସେଠାର ପ୍ରାକୃତିକ ଶୋଭାରେ ମୁଗ୍ଧ ହୋଇ ଏ କାବ୍ୟ ରଚନା କରିଥିଲେ—ହି. ଶ. । ]
Bhārabi
ଦେ. ବଣ (ଭା + ରବି) ସୂର୍ଯ୍ୟ ତୁଲ୍ୟ ତେଜସ୍ୱର—
As brilliant as the sun. ( ଉ—ବିଭୂ ଖରପର ମେଳ ସାଧିବ, ବିବ ଶାଳମେଘ ଜନ୍ମ ଭାରବ । ଉପ. ବୈଦେହୀଶବିଳାସ । )

ଭାର ଭାର—ଦେ. ବଣ—ବହୁତ; ଅନେକ—Much; many. (ଉ—ବହୁଳ ତୋ କୁଙ୍କୁମ ଭାରଭାରରେ । କବିସୂର୍ଯ୍ୟ—
Bhāra bhāra
भारभार ସଙ୍ଗୀତ । ) ଦେ. କ୍ରି. ବଣ—ବହୁ ପରିମାଣରେ—
Very much; too much. ( ଉ—ତନୁମଧ୍ୟା କଣୋଷ୍ଟ, ମନୁ ଦେଇ ପାସୋର, ସେ ସ୍ନେହ ସମ୍ଭାଳିବୁ ଭାର ଭାର । କବିସୂର୍ଯ୍ୟ. ସଙ୍ଗୀତ । ) ଦେ. ବ—ଅନେକ ଭାର; ଭାରମାନ—A large number of loads carried in Bhāras.

ଭାର ମଦାର—ଦେ. ବ (ସନ୍ଦତର; ସ. ଭାର + ଫା. ମଦାର)—କୌଣସି କାର୍ଯ୍ୟର ଦାୟିତ୍ୱ;କୌଣସି କାର୍ଯ୍ୟର ଭାର ଓ ଭାର ନିର୍ଭର—Responsibility and dependence for a certain work
Bhāra madāra
भारतर

ଭାର ଯଷ୍ଟି—ସ. ବ—ବାହୁଙ୍ଗି; ଦୁଇ ପାଖରେ ବୋଝ ଲଟକାଇ ବୋହିବା ନିମନ୍ତେ ବ୍ୟବହୃତ ଯଷ୍ଟି—
Bhāra jashṭi
A yoke used for carrying burdens suspended from both ends.

ଭାରଯୁକ୍ତ—ସ. ବଣ ( ଶସ୍ୟୁକ୍ତ୍ )—୧ । ଭାରି—1. Heavy; burdensome. ୨ । ଦାୟିତ୍ୱଯୁକ୍ତ—2. Onerous; responsible.
Bhārajukta

ଭାରସହ—ସ. ବଣ—୧ । ଗୁରୁଭାର ବହନ କ୍ଷମ—1. Capable of carrying a heavy load ୨ । ଗୁରୁଭାର ଧାରଣ କ୍ଷମ—2. Capable of sustaining a great weight. ୩ । ଦେମଡ଼ା—3. Tenacious.
Bhārasaha

ଭାର ସୁମାର ପଦ—ଦେ. ବ—ସାପବିଷ ଝାଡ଼ିବା ମନ୍ତ୍ରବିଶେଷ; ଗାରୁଡ଼ି ମନ୍ତ୍ର—Snake-charm. ( ଉ—ଭାର ସୁମାରପଦ; ଅବଶ୍ୟ କେବାରଗଦ । ପ୍ରବଚନ । )
Bhāra sumāra pada

ଭାରସୁହା—ଦେ. ବଣ ( ସ. ଭାରସହ )—ଭାରସହ ( ଦେଖ )—
Bhārasuhā Bhārasaha (See). (ଉ—ଭାରସୁହା କାଣ୍ଡମାନଙ୍କୁ ବାଛି ବାଛି, ବନ୍ଧଲେ ତାଙ୍କୁ ଯୁଦ୍ଧେ ଉଦ୍ୟୋଗ
भारसह
भारसहा ମୁରୁଛି । କୃଷ୍ଣସିଂହ. ମହାଭାରତ ବନ । )

ଭାରହର—ସ. ବଣ. ପୁଂ (ଭାର + ହୃ. ଧାତୁ + କର୍ତ୍ତୃ. ଅ)—
Bhārahara ୧ । ଭାରବହ ( ଦେଖ )—1. Bhārabaha (ଭାରହାରୀ—ଅନ୍ୟରୂପ) (See). ୨ । ଯେ ପୃଥିବୀର ଭାର ହରଣ କରନ୍ତି—2. Removing the load of sin from the earth. ସ. ବ. ବିଷ୍ଣୁ—A name of Bishnu.

ଭାରା—ଦେ. ବ (ସ. ଭାର)—୧ । ( ଉଚ୍ଚ କୋଠାକାମ କରିବା ସମୟରେ ମଜୁରିମାନଙ୍କ ବସିବା ଓ ଯିବା ଆସିବା ଓ ଇଟା ପଥର ଆଦି ରଖିବା ଓ ନଅଅଣାପାଇଁ ପ୍ରସ୍ତୁତ ବାଉଁଶ ବା କାଠରେ ତିଆରି ପ୍ରଶସ୍ତ ମଞ୍ଚ ବା ସିଡ଼ି—1. A scaffolding or staircase made of bamboo or timber for the use of men and materials in the course of building structures). ୨ । ବୋଝ—2. Load; burden,
Bhārā
भारा
भारालाहा; मचान
भार भार

୩ । ଭାର; ଦାୟିତ୍ୱ—3. Responsibility. ୪ । ଭରା
ଭରା　ଅଣ୍ଟା—4. Prop; support. (ଉ—ହନୁମାନ୍ ମାଥରେ
ଭାର　ଭାର ଦେଇ...ଢେଉଁ ପଡ଼ିଲା । ମାଳକଣ୍ଠ. ପିଲାଙ୍କ ରାମାୟଣ । ) ଦେ. ବଣ—ଭାରି—Heavy.

ଭାରାକ୍ରାନ୍ତ—ସଂ. ବଣ. ପୁଂ ( କର୍ମ୍ମ ତତ୍; ଭାର+ଆକ୍ରାନ୍ତ )—
Bhārākrānta　୧ । ଭାରଗ୍ରସ୍ତ—1. Loaded. ୨ । ଗୁରୁ
( ଭାରାକ୍ରାନ୍ତା—ସ୍ତ୍ରୀ )　ଭାର ଦ୍ୱାରା ଆକ୍ରାନ୍ତ ବା ବ୍ୟସ୍ତ—
2. Heavily laden; overburdened. ୩ । କୌଣସି ଗୁରୁଦାୟିତ୍ୱ ଗ୍ରସ୍ତ—3. Charged with a heavy trust or responsibility.

ଭାରାକ୍ରାନ୍ତା—ସଂ. ବ—ଏକ ବାର୍ଣ୍ଣିକ ବୃତ୍ତ (ବୃ. ର)
Bhārākrāntā　Name of a Sanscrit metre.

ଭାରାବଲମ୍ବକତା(ତ୍ୱ)—ସଂ ବ (ବିଜ୍ଞାନ ପରିଭାଷା)—ପଦାର୍ଥର ପରମାଣୁ
Bhārābalambakatā(twa) ମାନଙ୍କ ମଧ୍ୟରେ ପରସ୍ପର ଆକର୍ଷଣ ( ବୃ. ଶ )—Mutual attraction between the atoms of a thing.

ଭାର ବାନ୍ଧିବା—ଦେ. କ୍ରି—ଉଚ୍ଚ ଅଟ୍ଟାଳିକା ବା ଦେବାଳୟାଦିର ଉଚ୍ଚ
Bhāra bāndhibā　ଅଂଶମାନଙ୍କରେ ରାଜମିସ୍ତ୍ରୀମାନଙ୍କର କାମ
ଭାରାବାଁଧା　କରିବା ପାଇଁ ଓ ସେଠାକୁ ଇଟା ପଥରଆଦି
মচান বাঁধনা; भारसहा बाँधना ଉଠାଇବା ନିମନ୍ତେ କାଠବାଉଁଶରୁ ଦଉଡ଼ିରେ ବାନ୍ଧି ମଞ୍ଚା ବା ସିଡ଼ି ତିଆର କରିବା—To raise a scaffolding or staircase of bamboo or timber in the course of constructing big structures, such as buildings or temples.

ଭାରି—ସଂ. ବ ( ଭୃ. ଧାତୁ=ଭୟ ଦେଖାଇବା+କର୍ତ୍ତୃ. ଇ )—ସିଂହ—
Bhāri　The lion. ଦେ.ବଣ (ସଂ.ବହୁତର)—୧ । ଅତ୍ୟଧିକ—
ভারী　1.Much; excessive. ୨। ଅଧିକ;ବଡ଼—2.Great,
भारी　large. ୩ । ଗୁରୁବହ; ଓଜନଦାର—3. Heavy; weighty. ୪ । ଅତ୍ୟାବଶ୍ୟକ—4. Important. ୫ । ( ସବାର ବେହେରାଙ୍କ ଭାଷା ) ଲୋକଗହଳ; ଜନତା ପୂର୍ଣ୍ଣ—5. Crowded. ( ଯଥା—ଆଗରେ ଭାରି । ) ୬ । ବ୍ୟଥାଯୁକ୍ତ—6. Painful. ( ଯଥା—ଆଜ ମୋ ମୁଣ୍ଡଟା ଭାରି ଲାଗୁଛି ) ୭ । ପୀଡ଼ାଯୁକ୍ତ—7. Sick ( ଯଥା—ଆଜ ମୋ ପେଟ ଭାରି ଲାଗୁଛି । ) ୮ । ଅସହ୍ୟ—8. Unbearable. ଦେ. କ୍ରି. ବଣ—୧ । ଅତ୍ୟନ୍ତ—1. Much. ୨ । ଅତ୍ୟଧିକ ଭାବରେ; ଅତିଶୟ—
বেরিয়ে　2. Too much; excessively. ୩ । ( କ୍ରିୟା
बाहर　ସଙ୍ଗେ ଯୁକ୍ତ ହେଲେ; ଯଥା—ତୁଲ ଏଠାରୁ ଯିବା ଭାରି ) ବାହାରି; କୌଣସି ସ୍ଥାନରୁ ବହିର୍ଗତ ହୋଇ—3. Out; forth ( of a place ). ଦେ.ବ (ସଂ. ଭାର)—୧ ।
भार　ଭାର; ଗୁରୁତ୍ୱ; ଓଜନ—1. Weight; heaviness.
ভার　(ଉ—ସେ ଯଣ ସେ ଘୋଡ଼ାଏ ପୃଥୁସଣ୍ଡି ଭାରି, ନ ସହି ଶୋଇଲେ ଭୂମିରେ ଅଣ୍ଡ ପାଡ଼ି । କୃଷ୍ଣସିଂହ. ମହାଭାରତ.
भीड़　ବନ । ) ୨ । ଉଡ଼; ଲୋକ ଗହଳ—2. Crowd of men. ଗ୍ରା ( ଇତର ) ବ ( ଭୁଲ. ବାଢ଼ି ସ୍ଥଳରେ ବାରି)—ଭାଡ଼ି ( ଦେଖ )—Bhārdi ( See )

ଭାରି(ରୁ)ଆ—ଦେ. ବ ( ସଂ. ଭାରବାହ )—ଭାରବାହକ; ଯେ ବାହୁଙ୍ଗି
Bhāri(ru)ā　ଦ୍ୱାରା କାନ୍ଧରେ ବୋଝ ବୁହେ—A person
ভারী　carrying weights suspended from the
भारिआ　ends of a yoke carried on the shoulder; a banghy-man.

ଭାରିକ—ସଂ. ବଣ. ପୁଂ ( ଭାର+ଅସ୍ତି ଅର୍ଥରେ ଇକ)—୧ । ଭାରବାହୀ
Bhārika　—1. Carrying loads on the shoulder
(ଭାର—ଅନ୍ୟରୂପ) by means of a yoke. ୨ ।ଭାରବିଶିଷ୍ଟ—2. Heavy.

ଭାରିଚେମା—ଦେ. ବ—ବଡ଼ଚେମା; ଏକପ୍ରକାର କଉଡ଼ି ଖେଳ—
Bhārichemā　A kind of Indian game of cowries.

ଭାରିତ୍ୱ—ଦେ. ବ—ଧୀରତା; ସହିଷ୍ଣୁତା—
Bhāritwa　Patience; for bearance.

ଭାରିବା—ଗ୍ରା. କ୍ରି ( ସଂ. ବହିଃ )—ବାହାରିବା—To go out; to
Bhāribā　come out. ( ଉ—ଶ୍ୟାମସୁନ୍ଦର ପରଶି, ଚତ୍ୱ-
বের হওয়া; বেরান　ରରେ ସଖି, ରଣିଲଣି କପର ଭାରିବ ଗୋ ।
बाहर होना　କବିସୂର୍ଯ୍ୟ. ସଙ୍ଗୀତ । )

ଭାରିମଲ(ଲ୍ଲ)—ଦେ. ବ ( ସଂ. ଭାର+ମଲ୍ଲ )—୧ । ପ୍ରାଚୀନ
Bhārimala(lla)　ଓଡ଼ିଆ ରାଜାମାନଙ୍କ ପ୍ରଦତ୍ତ ଯୋଦ୍ଧାମାନଙ୍କ ଉପାଧିବିଶେଷ—1. A title conferred on warriors by the ancient Oriya kings. ୨ । ଖୁବ୍ ଭାରି ବସ୍ତୁକୁ ଭୂମିରୁ ଉଠାଇବା ମଲ୍ଲ—2. A champion of heavy weights

ଭାରିଯା—ଦେ. ବ. ସ୍ତ୍ରୀ ( ସଂ. ଭାର୍ଯ୍ୟା )—ସ୍ତ୍ରୀ; ମାଇପ—Wife.
Bhārijā　[ ଉ—ଦଣ୍ଡକ ଅରଣ୍ୟରେ ଭାରିଯା ହଜାଇ ।
ভার্য্যা; মাগী　କୃଷ୍ଣସିଂହ. ମହାଭାରତ. ବନ । ] ଗ୍ରା. ଅ—
जोरू; बेगम　ବାହାର ଯାଅ—Get out ! go out !
বেরিএযাও　बाहरयाओ

ଭାରିଯା କରିବା—ଦେ. କ୍ରି—୧ । ପତ୍ନୀରୂପେ ଗ୍ରହଣ କରିବା;
Bhārijā karibā　କୌଣସି ସ୍ତ୍ରୀକୁ ବିବାହ କରିବା—
বিবাহ করা　1. To marry a woman,
शादी करना　to take a wife. [ ଉ—ଅଳ୍ପ (ପଇତା କରିବା—କପଟପତ) ପଚର ନ ସାରୁ ପଚର,ସେ କ ହୋଇବ
ঢেমনী করা　ପାଳ ? ପଛରେ ଯାହାକୁ ଭାରିଯା କରିବ, ସେ କ
रखेलि रखना　ଜାଣିବ ମନ ? ତଗ । ] ୨ । କୌଣସି ସ୍ତ୍ରୀକୁ ବିବାହ ନ କରି ତା ସଙ୍ଗେ ପତ୍ନୀରୂପେ ରହିବା ବା ସହବାସ କରିବା—2. To live with a woman as one's wife without wedlock.

ଭାରିଯା ତଳିଆ—ଦେ. ବଣ. ପୁଂ ( ତେତ୍ପୁରୁଷ )—ସ୍ତ୍ରୀର ଆଜ୍ଞାବଶବର୍ତ୍ତୀ
Bhārijā taḷia　ବ୍ୟକ୍ତି ); ସ୍ତ୍ରୈଣ—Hen-pecked
(ଭାରିଯା ବୋଲକର—ଅନ୍ୟରୂପ)　(husband).
মাগের আঁচলধরা, মেগো　मौगियाह

ଭାରି ଲଗିବା—ଦେ. କ୍ରି—୧ । ଭାର ବୋଧହେବା—1. Feeling
Bhāri lāgibā of heaviness. ୨ । ମାଡ଼ିପଡ଼ିବା;
(ଭାର ବୋଧହେବା—ଅନ୍ୟରୂପ) ଗହଳ ଥିବା ପରି ବା କେହି
ଭାରଲାଗା ଲୋକ ଥିବାପରି ଜଣାପଡ଼ିବା—2. A feeling as
भार लगाना if some people are present. [ଦ୍ର—
ଚରମକାଳ ମୋ ଭାରି, ଲଗି ନାହିଁ ତୁମେ ଡର, ଚମକତ
ନାହିଁ ମୋର ଗଢ—କବିସୂର୍ଯ୍ୟ. କଣୋଗ୍ରା ଚମ୍ପୂ ଠ ଗୀତ ।]
୩ । (ଦେହ)ର ଅସୁସ୍ଥତା ବୋଧ—3. A feeling of
sickishness.

ଭାରୀ—ସ. ବଣ. ପୁଂ (ଭାର+ଇନ୍; ୧ମା. ୧ବ)—ଭାରିକ (ଦେଖ)—
Bhāri (ଭାରଣୀ—ସ୍ତ୍ରୀ) Bhārika (See).

ଭାରୁଅଲି—ଦେ. ବି—ଭାରୁଅ (ଦେଖ)—
Bhāruāli Bhāriā (See)

ଭାରୁ(ରୋ)ଇ—ଦେ. ବି (ସ. ଭରଦ୍ୱାଜ)—ଭରଦ୍ୱାଜ ପକ୍ଷୀ—
Bhāru(ro)i The lark; the grey quail; Cocomantis Merulenus. [ଦ୍ର—ଏହା ଶାଖାଶ୍ରୟୀ
ଭାରୁଇ ବର୍ଗର ପକ୍ଷୀ; ୧୦।୧୨ ଅଙ୍ଗୁଳ ଦୀର୍ଘ । ଏହାର ମୁଣ୍ଡ
लवा ପାଟ୍ଟିଆ ଓ ପକ୍ଷ ଶଳଖ । ଏହା ବଣବୁଦାରେ ରହେ । ]

ଭାରୁଣ୍ଡ—ସ. ବି—୧ । ଭାରଣ୍ଡ (ଦେଖ)—1. Name of a
Bhārunda fabulous bird. ୨ । ରାମାୟଣୋକ୍ତ ପ୍ରାଚୀନ
ବନବିଶେଷ—Name of a forest mentioned
in the Rāmāyana. [ଦ୍ର—ଏ ଜଙ୍ଗଲ ସରସ୍ୱତୀ
ନଦୀର ନିକଟରେ ଥିଲା ବୁ. ଶ ]

ଭାର୍ଗଣ—ସ. ବି—ପାଣ୍ଡବପକ୍ଷୀୟ ଜଣେକ ଯୋଦ୍ଧା—Name of a
Bhārgana warrior fighting for the Pāndabas.
[ ଦ୍ର—ସୂର୍ଯ୍ୟ ଅଗ୍ନି ସଙ୍ଗେ ଶରଜାଳ ଦ୍ରୋଣ, ସଙ୍ଗଲେ
ସହୁପାରେ ପଡ଼ିଲେ ଭାର୍ଗଣ—କୃଷ୍ଣସିଂହ. ମହାଭାରତ
ଦ୍ରୋଣ ।]

ଭାର୍ଗବ—ସ. ବି. ପୁଂ (ଭୃଗୁ=ମୁନିବିଶେଷ+ଅପତ୍ୟାର୍ଥରେ ଅ)—୧ ।
Bhārgaba ଭୃଗୁମୁନିଙ୍କ ବଂଶଧର—1. A descendant of
sage Bhrugu. ୨ । ଶୁକ୍ରାଚାର୍ଯ୍ୟ—2. The
preceptor of the demons. ୩ । ଦକ୍ଷ ପ୍ରଜାପତିଙ୍କ ପୁରୋହିତ—3. Name of the priest of
Daksha. ୪ । ପରଶୁରାମ—4. Parasurāma.
୫ । ମାର୍କଣ୍ଡେୟ ଋଷି—5. Sage Mārkandeya.
୬ । ହସ୍ତୀ—6. Elephant. ୭ । ଶ୍ୟୋନାକ; ଫଣଫଣା (ବୁ. ଶ)—7. Bignonia Indica. ୮ ।
କୁମ୍ଭାର (ବୁ. ଶ)—8. Potter. ୯ । ହୀରା (ବୁ. ଶ)-
9. Diamond. ସ. ବଣ—୧ । ଧାନୁଷ୍କ; ଧନୁର୍ଦ୍ଧର—
1. Holding a bow. ୨ । ଭୃଗୁ ସମ୍ବନ୍ଧୀୟ—
2. Relating to Bhrugu.

ଭାର୍ଗବୀ—ସ. ବି (ଭୃଗୁ+ଅ+ସ୍ତ୍ରୀ. ଈ)-୧ । ପାର୍ବତୀ—1. Pārbati.
Bhārgabi ୨ । ଲକ୍ଷ୍ମୀ—2. Goddess of fortune. ୩ ।
ଦୂର୍ବା—3. The Creeping grass. ଦେ. ବି—
ଓଡ଼ିଶାର ପୁରୀ ଜିଲ୍ଲାରେ ପ୍ରବାହିତ ନଦୀବିଶେଷ—The
name of a river in Orissa. (ଉ—ଭାର୍ଗବୀ,
ସ୍ୱର୍ଗର ସ୍ୱଗମ କାଦମ୍ବିନୀ, ମହାନାଦର ଯାର ନୀଳ ନୀରବେଣୀ ।
ରାଧାନାଥ. ଚିଲିକା । ) [ ଦ୍ର—ଏହା ପୁରୀ ଜିଲ୍ଲା
କାଳକାଣ୍ଟଠାରୁ କୁଆଖାଇ ନଦୀରୁ ବାହାରି ଚିଲିକାରେ
ପଡ଼ିଅଛି ] । ପ୍ରାଦେ. (ସମ୍ବଲପୁର) ବି—କନ୍ଦାରୁ ଜନ୍ମିବା
ଏକପ୍ରକାର ଗୁଳ୍ମ—A kind of plant growing
from bulbs.

ଭାର୍ଗୀ(ର୍ଙ୍ଗୀ)—ସ. ବି—ବ୍ରାହ୍ମଣଯଷ୍ଟି ନାମକ ଗୁଳ୍ମ; ବାମ୍ଳୁଣଷ୍ଟାଟ୍ଟିଅ—A
Bhārgi(rngi) medicinal plant; Clerodendron
(ଭୃର୍ଙ୍ଗୀ—ଅନ୍ୟରୂପ) Syphonanthus.

ଭାର୍ଜନ—ଗ୍ରା. ବଣ (ସ. ଭାଜନ)—୧ । ଭାଜନ; ଯୋଗ୍ୟ—1. Dese-
Bhārjana भाजन; भाजन rving; fit for. ୨ । ଭାଗୀ;
ଭୋଗ କରିବା ଯୋଗ୍ୟ—2. Liable to experience.
(ଉ—ଏରୂପେ ଯେତିକିରେ ଦର୍ଶନ । ସେ ଦୁଃଖେ ନୁହନ୍ତି
ଭାର୍ଜନ—ଜଗନ୍ନାଥ. ଭାଗବତ ।)

ଭାର୍ଯ୍ୟା—ସ. ବି. ସ୍ତ୍ରୀ ( ଭୃ ଧାତୁ=ପୋଷିବା+କର୍ମଣି+ସ୍ତ୍ରୀ. ଆ;
Bhārjyā ଯାହାକୁ ସ୍ୱାମୀ ପୋଷଣ କରେ)—୧ । ପତ୍ନୀ; ସ୍ତ୍ରୀ—
1. Wife ୨ । ବିବାହିତା ସ୍ତ୍ରୀ—2. One's wedded
or lawful wife.

ଭାର୍ଯ୍ୟାଜିତ—ସ. ବଣ. ପୁଂ (ଭାର୍ଯ୍ୟା ଜିତ)—ସ୍ତ୍ରୀବଶ (ପୁରୁଷ)—
Bhārjyājita Hen-pecked (husband).

ଭାର୍ଯ୍ୟାଟ—ସ. ବି. ପୁଂ (ଭାର୍ଯ୍ୟା+ଅଟ୍ ଧାତୁ+କର୍ତ୍ତୃ. ଅ; ଯେ ଭାର୍ଯ୍ୟାBhārjyāta ଦ୍ୱାରା ଅପଣାର ଜୀବିକା ନିର୍ବାହ କରେ)—ଭାଉଡ଼ା;
ଯେଉଁ ବ୍ୟକ୍ତି ଅର୍ଥଲୋଭ ଲୋକରେ ଅପଣାର ସ୍ତ୍ରୀକୁ ପରପୁରୁଷର ଉପଭୋଗ ନିମନ୍ତେ ଛାଡ଼ିଦିଏ; ଭାର୍ଯ୍ୟାର
ଉପାର୍ଜିତ—A person who lives on the
earnings of his wife's adultery; a person
who lets his wife be enjoyed by another
for consideration.

ଭାର୍ଯ୍ୟାଟିକ—ସ. ବଣ. ପୁଂ (ଭାର୍ଯ୍ୟା+ଅଟ ଧାତୁ+କର୍ତ୍ତୃ ଇକ)—ଅପଣା
Bhārjyātika ଭାର୍ଯ୍ୟାଠାରେ ଅତ୍ୟନ୍ତ ଅନୁରକ୍ତ; ସ୍ତ୍ରୈଣ (ବୁ.ଶ)—
( a person ) Devoted to his wife;
hen-pecked.

ଭାର୍ଯ୍ୟାବନ୍ତ—ଦେ. ବଣ (ସଂ ଭାର୍ଯ୍ୟା+ବନ୍ତ)—ଯାହାର ଭାର୍ଯ୍ୟା ଅଛି—
Bhārjyābanta Having a wife; married. (ଉ—
ଭାରଯା ଯାର ଅଛି ତାର ଘର । ଭାର୍ଯ୍ୟାବନ୍ତ ଲୋକର
ଅନନ୍ତ ଜଞ୍ଜାଳ—କୃଷ୍ଣସିଂହ. ମହାଭାରତ. ଆଦି ।)

ଭାର୍ଯ୍ୟାବୃକ୍ଷ—ପତଙ୍ଗ ବୃକ୍ଷ (ବୁ. ଶ) ବକମ ଗଛ—Sappan wood
Bhārjyā bruksha (tree).

ଭାଲ(ଲୁ)ଚୁକା ଦେବା—ପ୍ରାଦେ. (ସମ୍ବଲପୁର) କ୍ରି—ଧପ୍ପା ମାରିବା—
Bhāla(lu)chukā debā To deceive; to cheat.

ଭାଲ—ସ. ବି (ଭା ଧାତୁ=ଦୀପ୍ତି ପାଇବା+କର୍ତ୍ତୃ ଲ)—୧ । ଲଲାଟ;
Bhāla କପାଳ; ମସ୍ତକର ସମ୍ମୁଖସ୍ଥ ଉପରଭାଗ—1. Forehead.

୨ । କର୍ମ, ଅଦୃଷ୍ଟ—2. Luck; lot; fortune.
୩ । ଆଭା; ଦୀପ୍ତି—Lustre. ଦେ. ବ (ସଂ. ଭଲ୍ଲ)
୧ । ଭାଲ; ବର୍ଚ୍ଛା—1. A spear. (ଉ—ହାତେକ ପୂର ଭାଲୀ; भाला,भाल ବାମ ହାତରେ ଭାଲ—ବ୍ରଜନାଥ. ସମରତରଙ୍ଗ )
୨ । ଶରର ଫଳକ—2. The blade or head of an arrow.

**ଭାଲକୁଣୀ** (ଇତ୍ୟାଦି)—ଦେ. ବ—ଭାଲୁକୁଣୀ ଇତ୍ୟାଦି (ଦେଖ)—
Bhālakuṇi(etc) Bhālukuṇi etc, (See).

ଭାଲଚନ୍ଦ୍ର—ସ. ବ(ବହୁବ୍ରୀହି; ଭାଲ+ଚନ୍ଦ୍ର)—୧ । ମହାଦେବ;ଶିବ—
Bhāla chandra 1. Śiba. ୨ । ଗଣେଶ—2. Gaṇeśa.

ଭାଳ(ଳେ)ଣା(ଣି)—ଦେ. ବ (ସ. ଭାବନା )—୧ । ଚିନ୍ତା; ମନର
Bhāḷa(ḷe)ṇā(ṇi) ବ୍ୟାକୁଳତା—1. Anxiety. ୨ ।
চিন্তা; আফশোস चिन्ता, अफसोस ଭାବନା—2. Thought.

ଭାଲ ଦର୍ଶନ ସ. ବ— (ବହୁବ୍ରୀହି; ଭାଲରେ ଦର୍ଶନ = ଚକ୍ଷୁ ଯାହାଙ୍କର)—
Bhāla darśana ୧ । କପାଲଲୋଚନ; ମହାଦେବ—1. Śiba.
୨ । ସିନ୍ଦୂର—2. Vermilion.

ଭାଲ ପଟ୍ଟ(ଟ)—ସଂ. ବ—( ରୂପକକର୍ମଧାରୟ; ଭାଲରୂପ ପଟ୍ଟ=ପଟ୍ଟା )—
Bhāla paṭṭa(ṭa) କପାଳର ସମ୍ମୁଖଭାଗ—The brow; the plate of the forehead; the bone of the forehead, ଦେ. ବ—(ଲକ୍ଷଣାର୍ଥ) କର୍ମ; ଅଦୃଷ୍ଟ—
(ଭାଲଫଳକ—ଅନ୍ୟରୂପ) 2. (figurative) Luck; lot.

ଭାଲପଟ୍ଟ ଲେ(ଲି)ଖନ—ସ. ବ—ବିଧାତାଙ୍କ ଲେଖା; ଅଦୃଷ୍ଟ ଲେଖନ;
Bhālapaṭṭa le(li)khana ମନୁଷ୍ୟର କର୍ମରେ ଲେଖାଥିବା ବିଷୟ—The scribblings written on the forehead by the Creatar at one's birth. [ ଦ୍ର—ହିନ୍ଦୁଙ୍କର ବିଶ୍ୱାସ ଯେ ପ୍ରତ୍ୟେକ ମନୁଷ୍ୟର ଜନ୍ମ ପୂର୍ବରୁ ବିଧାତା ତାହାର ଭାଲପଟ୍ଟରେ ଭବିଷ୍ୟତ୍ ଜୀବନର କର୍ମ ଓ ବ୍ୟକ୍ତିଗତ ଘଟଣାମାନ ଲେଖି ଦିଅନ୍ତି । ]

ଭାଲା—ପ୍ରାଦେ. ( ସମ୍ବଲପୁର ) ବ ( ସ. ଭଲ୍ଲାତକ )—ଭାଲିଆ—
Bhālā Marking nut.

ଭାଲାଙ୍କ—ସ. ବ ( ଭାଲ+ଅଙ୍କ )—୧ । କରତ ( ହି. ଶ )—
Bhālāṅka 1. Saw. ୨ । ଏକପ୍ରକାର ଶାଗ ( ହି. ଶ )—
2. A kind of potherb. ୩ । ରୋହିମାଛ ( ହି. ଶ )—3. Rohi fish. ୪ । କଇଁଛ ( ହି. ଶ )—
4. Tortoise. ୫ । ଶିବ ( ହି. ଶ )—5. Śiba.
୬ । ( ସାମୁଦ୍ରିକ ) ଦେହରେ ବହୁ ଶୁଭସୂଚକ ଲକ୍ଷଣଯୁକ୍ତ ପୁରୁଷ (ହି. ଶ )—6. A person bearing many auspicious signs on the body.

ଭାଲି(ଲା)—ଦେ. ବ ( ସ. ଭଲ୍ଲ )—ଭଲ୍ଲାସ୍ତ୍ର; ଭଲ୍ଲ ନାମକ ଅସ୍ତ୍ର; ବର୍ଚ୍ଛା—
Bhāli(lā) 1. Spear; javelin. ୨ । ଏକପ୍ରକାର ଅର୍ଦ୍ଧ-
ভালী भाला ଚନ୍ଦ୍ରାକୃତି କାଣ୍ଡ—2. A crescent-headed arrow. [ ଉ—କି ଚଞ୍ଚଳ ଭାବ ଥିଲା ଭାଲି, ବାଜି ତୁମ୍ଭ ଅଙ୍ଗ ସଙ୍ଗ ଭାଲି—କବିସୂର୍ଯ୍ୟ. ସଙ୍ଗୀତ । ]

**ଭାଲିଆ**—ଦେ. ବ ( ସ. ଭଲ୍ଲାତକ )—୧ । ଆମ୍ରାଦି ବର୍ଗର
Bhāliā ମଧ୍ୟମାକୃତି ତରୁବିଶେଷ ଓ ତାହାର ଫଳ—1. Marking nut; Semicarpus Anacardium.
ସ. ଅନ୍ୟ ନାମ—ଅରୁଷ୍କର, ଅର୍ଶୋହିତ, ବାତାରି, କୃମିଘ୍ନ,
भिलावाँ, भिलावा, भेला, भिलौवा
ভালা, ভেলা, ভালিয়া, ভেলাতকি
ତା. ସେଙ୍କୋଭାଲ, ସେଙ୍ଗକ୍ୱୋତାଇ
ତେ. ଜିଡ଼ିପିକ୍କଲୁ, ଜିଡ଼ିମାମିଡ଼ି
[ ଦ୍ର—ଏହାର କାଠ କୋମଳ, ପତ୍ରର ଊର୍ଦ୍ଧ୍ୱପୃଷ୍ଠ ଲୋମଶ; ପ୍ରାୟ ଶାଖାଗ୍ରରେ ପତ୍ର ଥାଏ, ବସନ୍ତକାଳରେ ପତ୍ର ଝଡ଼େ; ଫଳ କୃଷ୍ଣ ବା ଅରକ୍ତ କୃଷ୍ଣବର୍ଣ୍ଣ, ଫଳର ନିମ୍ନ ଦେଶରେ ନାରଙ୍ଗୀ ବର୍ଣ୍ଣ ଅମ୍ଳ ପରି ଅଳ୍ପତିକ୍ତବିଶିଷ୍ଟ ସ୍ଥୂଳ ବୃନ୍ତ ଥାଏ ଓ ତାହାର ମଞ୍ଜି ପୋଡ଼ି କରି ମନୁଷ୍ୟ ଖାଆନ୍ତି । ଫଳର ରସ ଦେହରେ ଲାଗିଲେ ଘାଆ ହୁଏ; ଏପରି କି, ଝାଡ଼ା ଫେରିବା ଯାଗାରେ ସେ ଫଳକୁ କାଟି କରି ପକାଇଲେ ପୋଖରି ବସିବା ଲୋକର ମଳଦ୍ୱାରରେ ଘାଆ ହୋଇଯାଏ । ଚୂନପାଣି ସଙ୍ଗେ ଏ ଫଳର ରସକୁ ମିଶାଇ ଧୋବାମାନେ ଭିନ୍ନ ଭିନ୍ନ ବ୍ୟକ୍ତିଙ୍କ ଲୁଗା ଚିହ୍ନିବା ପାଇଁ କଳାଦାଗ ଲଗାନ୍ତି । ଭାଲିଆ ଦୁଇପ୍ରକାର; କଳା ଭାଲିଆ, ଲଙ୍କା ଭାଲିଆ । ] ୨ । ସ୍ତନର ରୋଗବିଶେଷ—
2. A disease of women's breast.
ପ୍ରାଦେ. ( ଗଞ୍ଜାମ )—ଲଙ୍କାଅମ୍ବ—Cashew nut.

**ଭାଲିଆଖାଇ**—ଦେ. ବ—କୋଚିଲାଖାଇ ପରି ଏକପ୍ରକାର ପକ୍ଷୀ—
Bhāliākhāi A kind of bird like the hornbill.
( ଭାଲ୍ୟାଖାଇ—ଅନ୍ୟରୂପ )

ଭାଲିଆ ଚାଉଳ—ଦେ. ବ—ଭାଲିଆ ଫଳ ଭିତରେ ଥିବା ଶସ—
Bhāliā chāuḷa The kernel inside the marking nut.
( ଭାଲ୍ୟା ଚାଉଳ—ଅନ୍ୟରୂପ ) ପ୍ରାଦେ ( ଗଞ୍ଜାମ )—
ପୋଡ଼ା ଲଙ୍କାଅମ୍ବ ଭିତରୁ ବାହାରିବା ସୁଆଦିଆ ଶସ—
The sweet kernel inside burnt cashew nut

ଭାଲିକାଣ୍ଡ—ଦେ. ବ ( ସ. ଭଲ୍ଲକାଣ୍ଡ )—ଭଲ୍ଲ ପରି ଦାନ୍ତୁଆକାଣ୍ଡ;
Bhālikāṇḍa ଏକପ୍ରକାର ଶର—A kind of arrow
भालाकाँड with a flat sharp head. ( ଉ—ବାଟରେ କାର୍ତ୍ତବୀର୍ଯ୍ୟ ରଜାଙ୍କୁ ଦେଖିଲେ, ଭାଲିକାଣ୍ଡେ ଆଗ ବାହୁଯୁଗ କାଟିଲେ—କୃଷ୍ଣସିଂହ. ମହାଭାରତ.ବନ । )

ଭାଳିବା—ଦେ. କ୍ରି ( ସ. ଭୂ ଧାତୁ ଣିଚ୍ ଭାବି ଧାତୁ )—୧ । ବିବେଚନା
Bhāḷibā କରିବା—1. To consider. ( ଉ—ଶିଖିଲି
ভাবা भावना, सोचना ପରି କି ଧନ ! ମନରେ ଭାଳିଲୁ ରେ—କବିସୂର୍ଯ୍ୟ. ଯଶୋଦାଙ୍କ ଖ-ଗୀତ । ) ୨ । ପରାମର୍ଶ କରିବା—2. To consult. ( ଉ—ଏବେ ତୁମ୍ଭେ ବାପଙ୍କ ସଙ୍ଗେ ଯାଇଁ ଭାଳ—କୃଷ୍ଣସିଂହ. ମହାଭାରତ ବନ । ) ୩ । ଭାବିବା; ଚିନ୍ତା କରିବା—3. To think. ୪ । ଚିନ୍ତିତ ହେବା—4. To be anxious or uneasy. ( ଉ—ଦେଖି ସହଦେବ ବସିଲେ ମନେ ଭାଳି—କୃଷ୍ଣସିଂହ. ମହାଭାରତ. ବନ । )
୫ । ଅନୁତାପ କରିବା—5. To regret; to repent.

ଭାଳି ଭାଳି—ଦେ. କ୍ରି. ବିଣ—ବହୁ ବିବେଚନା କରି; ଭାବି ଭାବି; ବହୁ ଚିନ୍ତା ପୂର୍ବକ—After mature consideration. ( ଉ—ଗୁନ୍ଥି ଫୁଲମାଳୀ ମାଳୀ, ପ୍ରାପ୍ତେ ପାଉ ଭୁଲି ଭୁଲି, କେ ଚିତ୍ର ଲେଖିବ ଭାଳି ଭାଳି—ଉଞ୍ଜ. ପ୍ରେମସୁଧାନିଧି । )
Bhāḷi bhāḷi
ଭେବେ ଭେବେ
**सोच सोचकर**

ଭାଲୁ—ଦେ. ବି ( ସଂ. ଭଲ୍ଲ, ଭଲ୍ଲୁକ, ଭାଲୁକ )—୧ । କୃଷ୍ଣବର୍ଣ୍ଣ ବଡ଼ ଲୋମଯୁକ୍ତ ବନ୍ୟ ହିଂସ୍ର ଚତୁଷ୍ପଦ—1. The bear; Melursus Ursinus. [ ଦ୍ର—ଏମାନେ ପ୍ରାୟ ଗୋଡ଼ରେ ଓ ବେଳେ ବେଳେ ଦୁଇ ପଛ ଗୋଡ଼ରେ ଚାଲନ୍ତି । ଏମାନେ ଫଳ ଓ କୀଟ ଖାଆନ୍ତି; ଉଇ ହୁଙ୍କାରୁ ଆଗଗୋଡ଼ର ନଖଦ୍ୱାରା ଗଣ୍ଡା କରି ତହିଁରୁ ଉଇମାନଙ୍କୁ ଶୋଷି ନିଅନ୍ତି । ଏମାନଙ୍କର ନଖ ଖୁବ୍ ବଡ଼ ବଡ଼ । ବନ୍ୟଅଞ୍ଚଳରେ ଏମାନେ ଆଖୁକିଆରିରେ ପଶି ଆଖୁ ଗଛକୁ ଚୋବାଇ ରସ ଖାଆନ୍ତି । ପ୍ରବାଦ ଅଛି ଯେ ଏମାନଙ୍କ ଜିଭ କଣ୍ଟକମୟ ଓ ଏମାନେ ମନୁଷ୍ୟ ଦେହକୁ ଚାଟିଦେଲେ ହାଡ଼ରୁ ମାଂସପାକ ଖସି ହୋଇ ବାହାରି ଯାଏ । ଏମାନଙ୍କୁ ଶୁକ୍ରବାର ଦିନ ଅଳ୍ପକାଳସ୍ଥାୟୀ କମ୍ପଜ୍ୱର ହୁଏ । ଲୋକେ ଭାଲୁଙ୍କୁ ପୋଷି ନାଚ କରିବାକୁ ଶିଖାନ୍ତି ।
Bhālu
ଭାଲୁକ
**भालू**

ଭାଲୁ ଉଇମାନଙ୍କୁ ନିର୍ମୂଳ କରି ଶୋଷି କରି ନିଏ । ମଲା ଭାଲୁର ଚମ ଖଣ୍ଡିଏ ଭୂଇଁରେ ପୋତି ଦେଲେ ଅଳ୍ପ ଅଳ୍ପ ସମୟ ମଧ୍ୟରେ ସେ ଚମ ଖଣ୍ଡିକୁ ଉଇ ବେଢ଼ି ଯାଆନ୍ତି । ଏଥିପାଇଁ ଆଖୁକିଆରିରେ ଉଇ ଲାଗିଲେ ଲୋକେ କିଆରି ନିକଟରେ ଗୋଟିଏ ସ୍ଥାନରେ ଖଣ୍ଡିଏ ଭାଲୁ ଚମ ପୋତି ଦିଅନ୍ତି । ନିକଟବର୍ତ୍ତୀ ସବୁ ଉଇଯାକ ସେହି ଭାଲୁ ଚମ ନିକଟରେ ଜମା ହୋଇଗଲେ କ୍ଷେତ୍ରସ୍ୱାମୀ ସେହି ସ୍ଥାନଟି ଖୋଳି ସବୁ ଉଇଗୁଡ଼ିକୁ ନଷ୍ଟ କରିଦିଏ ଓ ଏପରି କରିବାଦ୍ୱାରା ଆଖୁ କିଆରିରୁ ଉଇଯାକ ବିନଷ୍ଟ ହୁଅନ୍ତି ।

ଶୀତପ୍ରଧାନ ଦେଶର ଭଲ୍ଲୁକମାନଙ୍କ ଲୋମ ଧଳା ଓ ଋକ୍ଷ ଶେତ ଭଲ୍ଲୁକକୁ ଧଳା ଭାଲୁ ( white bear of the polar regions ) କହନ୍ତି । ଭାଲୁଜାତୀୟ ଏକ ପ୍ରକାର କ୍ଷୁଦ୍ର ଜନ୍ତୁ ଭୂମିରେ ଗର୍ତ୍ତ କରି ବସା କରନ୍ତି । ଏମାନଙ୍କୁ ଗାଡ଼ ଭାଲୁ ( The jungly bear; sloth bear ବା Melursus Labiatus କହନ୍ତି । ] ୨ । ପୁଂ. ଅପତ୍ୟିଥିଲୀଙ୍କୁ ଦିଆଯିବା ନାମ—2. A name given to male children whose birth has been preceded by the death of their elder brother or sister.

ଭାଲୁଆ—ଦେ. ବିଣ—ଭାଲୁ ପରି ଘନ ଓ ବଡ଼ ଲୋମଯୁକ୍ତ—Having shaggy hairs like the bear; shag-haired.
Bhālua
ଭାଲୁକେର ମତନ **भालुआ**

ଭାଲୁ(ଲୂ)କ—ସଂ. ବି. ( ଭଲ ଧାତୁ=ବଧ କରିବା+କର୍ତ୍ତୃ. ଊକ, ଉକ )—ଋକ୍ଷ; ଭାଲୁ—The bear.
Bhālu(lū)ka

ଭାଲୁ କାନ୍ଦ—ଦେ. ବି ( ସଂ. ଭାଲୁକ+କ୍ରନ୍ଦନ )—ମନୁଷ୍ୟର ଆର୍ତ୍ତ କ୍ରନ୍ଦନ ପରି ଆହତ ଭାଲୁର କାନ୍ଦଣା—The plaintive moan of a wounded bear which has a peculiar resemblance with the wail of a human being.
Bhālu kānda
ভালুকের কান্দনা
**भालुका रोना**
( ଭାଲୁ କାନ୍ଦଣା—ଅନ୍ୟରୂପ )

ଭାଲୁକି—ଦେ. ବି—ଋଷିବିଶେଷ (ବାଲ୍ମୀକି ?)—A sage bearing this name. ( ଉ—ନାରଦ, ଯାମଦଗ୍ନ୍ୟ, ଭାଲୁକି, ଦ୍ୱୈପାୟନ—କୃଷ୍ଣସିଂହ. ମହାଭାରତ. ବନ । )
Bhāluki

ଭାଲୁକୁଣୀ—ଦେ.ବି-୧। ବାଳିକାମାନଙ୍କର ଗୋଟିଏ ଓଷା—1. A festival observed by girls in the month of Bhādraba, accompanied with dancing with dishevelled hair. [ ଦ୍ର—ଏ ଓଷାରେ ବାଳିକାମାନେ ଭାଦ୍ରବ ମାସର ପ୍ରଥମ ରବିବାର ଦିନ ଚିତ୍ରି ମୁଣ୍ଡକୁ ପୂଜା କରି ସେଠାରେ ମୁଣ୍ଡମାନ ମୁକୁଳା କରି ଗୀତ ଗାଇ ଗାଇ ନାଚନ୍ତି । ] ୨ । ( ଲକ୍ଷଣାର୍ଥ ) ଯେଉଁ ସ୍ତ୍ରୀର ବାଳ ମୁକୁଳା ଓ ଇତସ୍ତତଃ ବିକ୍ଷିପ୍ତ ହୋଇ ପଡ଼ିଥାଏ—2. A woman with dishevelled hair.
Bhālukuṇi

ଭାଲୁକୁଣୀ ଓଷା—ଦେ. ବି.—ଭାଲୁକୁଣୀ (୧) ଦେଖ
Bhālukuṇi oshā Bhālukuṇi (1) See.

ଭାଲୁକୁଣୀ ମୁଣ୍ଡି—ଦେ. ବିଣ. ସ୍ତ୍ରୀ—ଯେଉଁ ସ୍ତ୍ରୀର କେଶ ତୈଳ ଓ କଙ୍କତିକା ଦ୍ୱାରା ସଜତ ନ ହୋଇ ଅଜୁଡ଼ା ହୋଇ ମୁଣ୍ଡର ଏଣେ ତେଣେ ପଡ଼ି ଥାଏ—(a woman) With dishevelled and uncared and uncombed hair.
Bhālukuṇi muṇḍi

ଭାଲୁ ଜ(ଚ)ଟା—ଦେ. ବି- ଏକ ପ୍ରକାର ସରୁ ଧାନ—A species of fine paddy.
Bhālu ja(cha)ṭā

ଭାଲୁ ଜର—ଦେ. ବି—ଭାଲୁଙ୍କୁ ଶୁକ୍ରବାର ଦିନ ଆକ୍ରମଣ କରିବା ଅଳ୍ପକାଳ ସ୍ଥାୟୀ ଗାଢ଼ କମ୍ପ—A shivering ague attacking bears on fridays.
Bhālu jara
ভালুক জর **भालुका बुखार**

ଭାଲୁ ଜାମୁ—ଦେ. ବି—ଏକ ପ୍ରକାର ଜାମୁ—Eugenia Fruticosa.
Bhālu jāmu

ଭାଲୁ(ଲେ)ଣି—ଦେ. ବି- (ସଂ. ଭାବନା)—୧ । ମହାଚିନ୍ତା; ଉତ୍କଣ୍ଠା; ଦୁଶ୍ଚିନ୍ତା—1. A great anxiety. ୨ । ଭାବନା ଚିନ୍ତା—2. Thought. [ଉ—ଏମନ୍ତେ ହରି ବାକ୍ୟ ଶୁଣି, ଅଜନେ କରନ୍ତି ଭାଲେଣି । ଜଗନ୍ନାଥ. ଭାଗବତ । ] ୩ । ପରାମର୍ଶ—3. Consultation. [ ଉ—ଏଥୁ ଅନନ୍ତରେ ଯୁଧିଷ୍ଠିର ନରମଣି, ଭାଇଙ୍କ ତୁଳେ ବସି କଲେ ଏ ଭାଲୁଣି—କୃଷ୍ଣସିଂହ. ମହାଭାରତ ।]
Bhālu(le)ṇi
ভাবনা **भावना**

ଭାଲୁ ଧରା(ରେ)ଇବା—ଦେ. କ୍ରି—୧ । କୌଣସି ବ୍ୟକ୍ତିକୁ ବିପଦର ମୁହଁରେ ପକାଇ ଦେବା—1. To
Bhālu dharā(re)ibā

ବିପଦେ ଫେଲା **टंटामे फसाना** cause a person fall into a danger. ୬ ।
[ଭାଲୁ ଧର(ରେ)ଇ ଦେବା—ଅନ୍ୟରୂପ]
କୌଣସି ବିପନ୍ନ ସଙ୍ଗୀକୁ ବିପନ୍ନ ଅବସ୍ଥାରେ ଛାଡ଼ି ଦେଇ ଚାଲି ଆସିବା—2. To leave a companion helpless in a perilous situation. ୭ । କୌଣସି କଷ୍ଟକର କାର୍ଯ୍ୟରେ ବା ଦାୟିତ୍ୱରେ କୌଣସି ଲୋକକୁ ଜଡ଼ିତ କରି ଦେଇ ହଇରାଣ କରିବା—3. To harass a person by engaging him in a business presenting insuperable difficulties and of great responsibility.

**ଭାଲୁ ପୋକ**—ପ୍ରାଦେ. ( ସମ୍ବଲପୁର ) ବି—[ ତୁଳ. ଏହି ଶବ୍ଦର ଇଂ.
Bhālu poka wooly bear (ଲୋମଶ ଭାଲୁ)]—ସମ୍ପାକୁଆ—Caterpillar; wooly bear.

**ଭାଲୁ ଶୋଷା**—ଦେ. ବି—(ସଂ. ଭଲ୍ଲୁକ+ଶୋଷଣ) (ଲକ୍ଷଣାର୍ଥ ) (ଭାଲୁ
Bhālu śoshā ତଳ ଶୁଙ୍କାରେ ମୁହଁ ପୂରାଇ ଖୁବ୍ ଜୋରରେ ନିଃଶ୍ୱାସ ଟାଣି ନେବାଦ୍ୱାରା ଉଇମାନଙ୍କୁ ଶୋଷି କରି ଖାଇବାପରି) ଗଭୀର ଶୋଷଣ କ୍ରିୟା—(figurative) Act of deep sucking ( like a bear sucking in ants from an ant-hill through a hole ). ବିଣ—୧ । ଭାଲୁ ପରି ଶୋଷଣକାରୀ—1. Sucking anything deeply ( like the bear sucking ants.) ୨ । (ଲକ୍ଷଣାର୍ଥ) ଅତି ଲୋଭୀ—2 (figurative) Very avaricious. ୩ । ଅତ୍ୟନ୍ତ ଧନ ଶୋଷଣକାରୀ—3. Extortionate.

**ଭାଲେରି**—ଦେ. ବି—ଚିଲିକା କୂଳସ୍ଥ ଗୋଟିଏ ପର୍ବତ, [ଏହା ପୁରୀ ଓ
Bhāleri ଗଞ୍ଜାମ ସୀମାରେ ଅବସ୍ଥିତ]—A hill on the shore of the Chilka lake [ ଉ—ଶୋଭେ ଶୋଭାମୟ ଭୂଧର ଭାଲେରି । ରାଧାନାଥ. ଚିଲିକା । ]

**ଭାଲ୍ୟୁ ପେବଲ୍**—ବୈଦେ. ବି ( ଇଂ. ଭାଲ୍ୟୁପେଏବ୍ଲ )—ଡାକରେ
Bhālyu pebal ପ୍ରେରିତ ବସ୍ତୁକୁ ନିର୍ଦ୍ଦିଷ୍ଟ ବ୍ୟକ୍ତିଙ୍କ ନିକଟରେ
**भालुपेएबल** ପହଞ୍ଚାଇ ତାଙ୍କ ଠାରୁ ପ୍ରେରକ ସ୍ଥିର କରିଥିବା ମୂଲ୍ୟ
**भेलु पेबल** ଓ ଡାକ ମାହାସୁଲ ଆଦାୟ କରି ପ୍ରେରକଙ୍କ ପାଖକୁ ପଠାଇବାର ଡାକବିଭାଗୀୟ ରୀତି; ଡାକ ବିଭାଗର 'ଦେବଦତ୍ତ, ଭି. ପି.' ରୀତି ।—The Value-payable postal system.

**ଭାଷ** (ଧାତୁ)—ସଂ.—କହିବା—
Bhāsh (root) To speak.

**ଭାଷ**—ସଂ. ବି (ଭାଷ୍ ଧାତୁ+ଭାବ. ଅ)—୧ । ଉକ୍ତି; କଥନ—
Bhāsha 1. Utterance; speaking. ୨ । +କର୍ମ. ଅ) ବାକ୍ୟ; କଥା; ବଚନ—2. Word. [ ଉ—ଭୁକ ଉଦ ନ କହି ମୋତେ ଭାଷ । କୃଷ୍ଣସିଂ. ମହାଭାରତ ବନ । ] ୩ । (+କରଣ. ଅ) ଭାଷ୍ୟ; ଟୀକା ଗ୍ରନ୍ଥ—3. Commentary.

**ଭାଷକ**—ସଂ. ବିଣ. ପୁଂ—( ଭାଷ୍ ଧାତୁ+କର୍ତ୍ତୃ ଅକ )—କଥକ; ଯେ
Bhāshaka କହେ—(ଭାଷିକା—ସ୍ତ୍ରୀ) Speaking.

**ଭାଷଜ୍ଞ**—ସଂ. ବିଣ. ଓ ବି. ପୁଂ—ଭାଷାରେ ଅଭିଜ୍ଞ (ହି. ଶ)—
Bhāshajña Linguist; adept; in the study of
(ଭାଷଜ୍ଞା—ସ୍ତ୍ରୀ) languages; philologist.

**ଭାଷଣ**—ସଂ. ବି—(ଭାଷ୍ ଧାତୁ+ଭାବ ଅନ)—୧ । କଥନ; କହିବା—
Bhāshana 1. Speaking; utterance. ୨ (+କର୍ମ. ଅନ) ଉକ୍ତି; ବାକ୍ୟ; ବକ୍ତୃତା—2. Speech; words and sentences. ୩ । ଗପିବା—3. Talking. [ଦ୍ର— ଏହା ମଧ୍ୟ ଅନ୍ୟ ଶବ୍ଦ ସହ ଯୁକ୍ତ ହୁଏ ଯଥା, ବହୁଭାଷଣ, ପରୁଷ ଭାଷଣ, ବୃଥା ଭାଷଣ ।]

**ଭାଷପତ୍ର**—ସଂ. ବି—(ମ. ପ. ଲୋ; ଭାଷ+ପତ୍ର)—ଏକାଧିକ ପଣ୍ଡିତଙ୍କ
Bhāsha patra ସ୍ୱାକ୍ଷରଯୁକ୍ତ ବ୍ୟବସ୍ଥାପତ୍ର—A written opinion on a doubtful point of Hindu Law signed by many distinguished Pandits.

**ଭାଷା**—ସଂ. ବି ( ଭାଷ୍ ଧାତୁ+ଭାବ. ଅ+ଆ)—୧ । ମନର ଭାବର
Bhāshā ଅଭିବ୍ୟକ୍ତି; ଯାହା ଦ୍ୱାରା ମନର ଭାବ ପ୍ରକାଶିତ ହୁଏ—1. Vehicle of thought; outward expression of one's inmost thoughts. [ଦ୍ର— କଣ୍ଠ ସ୍ୱର, ହାବଭାବ, ଆକାର, ଇଙ୍ଗିତ ପ୍ରଭୃତି ଏହି ଅର୍ଥରେ 'ଭାଷା' ରୂପରେ ଗଣ୍ୟ । ଏହି ଅର୍ଥରେ ସବୁ ଜୀବଙ୍କର ଭାଷା ଅଛି, ଯଦ୍ୱାରା ପ୍ରତ୍ୟେକ ଜୀବ ନିଜର ସୁଖ ଦୁଃଖ, ହର୍ଷ ବେଦନା, ମୃତ୍ୟୁ ଯନ୍ତ୍ରଣା,ଇଚ୍ଛା, ବିରାଗ ଓ ଉତ୍ସାହ ପ୍ରକାଶ କରନ୍ତି ।] ୨ । ଏକ ବ୍ୟକ୍ତିର ମନୋଗତ ଭାବ ଅନ୍ୟ ବ୍ୟକ୍ତିର ବୋଧଗମ୍ୟ ହେବା ନିମନ୍ତେ ପ୍ରଯୁକ୍ତ ସଙ୍କେତ ବା ଶବ୍ଦ—2. Expression; signals and words by which a person's intentions and thoughts are conveyed to another. [ ଦ୍ର—ବ୍ୟକ୍ତ ନାଦର ସମଷ୍ଟି, ଯାହାଦ୍ୱାରା କୌଣସି ସମାଜର ବା ଦେଶର ଲୋକେ ଆପଣା ମନୋଗତ ଭାବ ଅନ୍ୟ ନିକଟରେ ପ୍ରକାଶ କରନ୍ତି ଓ ଯାହାକୁ ଅଭିପ୍ରେତ ବ୍ୟକ୍ତି ବୁଝନ୍ତି ତାହା ଭାଷା ଅଟେ । କଥା ନ କହି ମଧ୍ୟ ସଙ୍କେତ ବା ଅଙ୍ଗଭଙ୍ଗୀ ଦ୍ୱାରା ମନୋଗତ ଭାବ ପ୍ରକାଶ କରାଯାଇ ପାରେ । ସାଙ୍କେତିକ ବା ଅନୁଚ୍ଚାର୍ଯ୍ୟ ଭାଷା ଯଥା,—ଅଙ୍ଗଭଙ୍ଗୀ, ହାବ ଭାବ, ଆକାର ଇଙ୍ଗିତ, ଗତି, ଚେଷ୍ଟା, ନେତ୍ରବକ୍ତ୍ରବିକାର । ଶାବ୍ଦିକ ବା ଉଚ୍ଚାର୍ଯ୍ୟ ଭାଷା,ଯଥା,- ବର୍ଣ୍ଣଦ୍ୱାରା ଗଠିତ ବାକ୍ୟ । ଏହା ପୁଣି ୨ ଭାଗରେ ବିଭକ୍ତ, ଯଥା, କଥ୍ୟ ଭାଷା ଓ ଲେଖ୍ୟଭାଷା ବା ସାହିତ୍ୟ । ଭାରତବର୍ଷରେ ୧୪୭ ଗୋଟି ଭାଷା ପ୍ରଚଳିତ, ଏଥି ମଧ୍ୟରୁ ହାରାହାରି ୧୦ ଲକ୍ଷ ଲୋକାର୍ଦ୍ଧ ଲୋକ ୨୩ଟି ଭିନ୍ନ ଭାଷାରେ କଥା କହନ୍ତି । ଭାରତରେ ଭିନ୍ନ ଭାଷା ବ୍ୟବହାର କରିବା ବ୍ୟକ୍ତିଙ୍କ ମୋଟାମୋଟି ସଂଖ୍ୟା— ହିନ୍ଦି ୧୦କୋଟି, ବଙ୍ଗଳା ୫ କୋଟି, ତେଲିଙ୍ଗ ୩ କୋଟି, ମରହଟ୍ଟୀ ୨ କୋଟି, ତାମିଲି ୨ କୋଟି, ଓଡ଼ିଆ ୧ କୋଟି, ରାଜସ୍ଥାନୀ ୧ କୋଟି, ଗୁଜରାଟି ୧ କୋଟି, ବ୍ରାହ୍ମୀ ଭାଷା ୧

କୋଟି, କର୍ଣ୍ଣାଟୀ ୧ କୋଟି, ଅନ୍ୟାନ୍ୟ ଭାଷା ୬ କୋଟି। ସମଗ୍ର ପୃଥିବୀରେ ସହସ୍ରାଧିକ ଭାଷା ବ୍ୟବହୃତ ହୁଏ। ଏକ ସମାଜର ବା ଦେଶର ବା ଅଞ୍ଚଳର ଭାଷାକୁ ଅନ୍ୟ ସମାଜର, ଦେଶର ବା ଅଞ୍ଚଳର ଲୋକେ ବୁଝି ପାରନ୍ତି ନାହିଁ। ଏକାଧିକ ଭାଷାର ଶବ୍ଦ ଓ ବିଶେଷତ୍ୱମାନଙ୍କର ପର୍ଯ୍ୟାଲୋଚନା କରି ଭାଷାବିଜ୍ଞାନବିତ୍ ପଣ୍ଡିତମାନେ ପୃଥିବୀର ଭାଷାମାନଙ୍କୁ ଭିନ୍ନ ଭିନ୍ନ ବର୍ଗରେ (ଯଥା ଆର୍ଯ୍ୟ, ସେମେଟିକ୍, ହେମେଟିକ୍, ଦ୍ରାବିଡ଼ୀୟ, ଓ ଏକ ବର୍ଗର ଭାଷାକୁ ଭିନ୍ନ ଭିନ୍ନ ଶାଖାରେ ବିଭକ୍ତ କରିଅଛନ୍ତି ଓ ପ୍ରତ୍ୟେକ ଶାଖାକୁ କେତେଗୁଡ଼ିଏ ଭାଷାରେ ଓ ପ୍ରତ୍ୟେକ ଭାଷାକୁ କେତେଗୁଡ଼ିଏ ଉପଭାଷାରେ ବା ଭାଷାରେ ବିଭକ୍ତ କରିଅଛନ୍ତି। ଏ ଗ୍ରନ୍ଥର ପ୍ରଥମ ଖଣ୍ଡର ଇଂରାଜୀ ଓ ଓଡ଼ିଆ ଅବତରଣିକାରେ ଭାରତବର୍ଷ ପ୍ରଚଳିତ ଭାଷାମାନଙ୍କ ସମ୍ବନ୍ଧେ କେତେକ ସୂଚନା ଦିଆ ଯାଇଅଛି।]
୩। କଥ୍ୟ ଭାଷା—3. Spoken language, ୪। ଅର୍ଥଯୁକ୍ତ ଭାଷା—4. Words having meaning. ୫। (+କର୍ମ ଅ) ବଚନ; ଉକ୍ତି, ବାକ୍ୟ; କଥା—5. Speech; utterance. ୬। କଥ୍ୟ ଭାଷାର ପ୍ରାଦେଶିକ ବୋଲି; ଭାକା; ଭାଷା—6. Dialect. ୭। ପ୍ରାକୃତ ଭାଷା; ଦେଶୀୟ ଭାଷା—7. Vernacular; the current language of a country. ୮। ବାକ୍ୟ ରଚନାର ଛଟା—8. Style of composition. ୯। ବାଗ୍‌ଦେବୀ; ସରସ୍ୱତୀ—9. The Goddess of learning. ୧୦। ରାଗିଣୀ-ବିଶେଷ—10. Name of a musical air. ୧୧। ଅଭିଯୋଗ; ଅଭିଯୋଗ ପତ୍ର (ବ୍ୟ.ଶ)—11. A complaint; plaint. ଦେ. ବି—ଚିଠି; ପତ୍ର—A letter; an epistle.
ଚିଠି चिट्ठी

ଭାଷା ତତ୍ତ୍ୱ—ସଂ. ବି (ଅଧୁନିକ ବ୍ୟବହାର)—ଭାଷାସମ୍ବନ୍ଧୀୟ ବୈଜ୍ଞାନିକ ତଥ୍ୟ—Philology; the science of language.
Bhāshā tattwa
(ଭାଷା ବିଜ୍ଞାନ, ଭାଷା ଶାସ୍ତ୍ର—ଅନ୍ୟରୂପ)

ଭାଷାତୀତ—ସଂ. ବିଣ (୭ମୀ ତତ୍)—ବଚନାତୀତ; ଯାହା କଥାରେ ପ୍ରକାଶିତ ହୋଇ ପାରିବ ନାହିଁ—Beyond expression; inexpressible. (ଉ—କେମନ୍ତେ ବର୍ଣ୍ଣିବ ସେହି ଭାଷାତୀତ ଭାବ, ଜୀବାତ୍ମାରେ ପରମାତ୍ମା ହୁଅନ୍ତି ଅବିର୍ଭାବ। ମଧୁସୂଦନ. କୁସୁମାଞ୍ଜଳି।)
Bhāshātita

ଭାଷାନ୍ତର—ସଂ. ବି (କର୍ମଧା; ଅନ୍ୟ+ଭାଷା)—୧। ଅନ୍ୟ ଭାଷା—1. Another language. ୨। ଅନୁବାଦ; ତର୍ଜମା—2. Translation.
Bhāshāntara

ଭାଷାନ୍ତର କରିବା—ଦେ. କ୍ରି—ଏକଭାଷାରୁ ଅନ୍ୟଭାଷାରେ ତର୍ଜମା କରିବା—To translate.
Bhāshāntara kariba
ভাষান্তর করা भाषान्तर करना

ଭାଷାନ୍ତରିତ—ସଂ. ବିଣ. (ଭାଷ+ଅନ୍ତରିତ)—ତର୍ଜମା କରାଯାଇଥିବା; ଅନୂଦିତ—Translated.
Bhāshāntarita

ଭାଷା ପତ୍ର—ଦେ. ବି (ଏକାର୍ଥ ସମ୍ବନ୍ଧ)—ଚିଠିପତ୍ର; ଚିଠି ଅଦି—Letters.
Bhāshā patra (ଭାଷାପତର—ଗ୍ରାମ୍ୟରୂପ)
চিঠিপত্র चिट्ठिपत्रि

ଭାଷା ପରିଚ୍ଛେଦ—ସଂ. ବି (ନାମ)—ବିଶ୍ୱନାଥ ନ୍ୟାୟପଞ୍ଚାନନଙ୍କ କୃତ ନ୍ୟାୟ ପରିଭାଷା ଗ୍ରନ୍ଥ—A work on the phraseology of the Hindu system of logic.
Bhāshā parichchheda

ଭାଷାବଦ୍ଧ—ସଂ. ବି(ଣ୍ୟ ତତ୍)—ସାଧାରଣ କଥ୍ୟଭାଷାରେ ରଚିତ—Composed in the vernacular.
Bhāshābaddha

ଭାଷାବନ୍ଧ—ସଂ. ବି—ଦେଶର କଥ୍ୟଭାଷାରେ ରଚନା—Composition in the vernacularr.
Bhāshābandha

ଭାଷା ବ୍ୟାକରଣ—ଦେ. ବି—କୌଣସି କଥ୍ୟଭାଷାର ବ୍ୟାକରଣ—Grammar of any vernacular language.
Bhāshā byākaraṇa
ভাষাব্যাকরণ भाषाव्याकरण

ଭାଷାଭାଷି ହେବା—ଦେ. କ୍ରି.—କଥାବାର୍ତ୍ତା ହେବା—To converse. (ଉ—ଏଠାରେ ଯଯାତି କାଶ୍ୟପ ଅଗ୍ନି ଋଷି, ମାନେ ବସି ହୋଇଥିଲେଟି ଭାଷାଭାଷି। କୃଷ୍ଣସିଂହ. ମହାଭାରତ ବନ।)
Bhāshābhāshi heba
কথা বলাবলি হওয়া बातचीत करना

ଭାଷିତ—ସଂ. ବିଣ (ଭାଷ୍ ଧାତୁ+କର୍ମ ତ) କଥିତ—Spoken, ସଂ. ବି (+ଭାବ ତ); କଥନ—Speaking; utterance. (+କର୍ମ ତ) ବଚନ; ବାକ୍ୟ—Speech; words. (ଉ—ଯେବେହେଁ ବ୍ରାହ୍ମଣ ତା ନ ବଳେ ସମ୍ମତ, ବୋଇଲେ ମିଥ୍ୟା ନୋହେ ମୋହର ଭାଷିତ—କୃଷ୍ଣସିଂହ. ମହାଭାରତ. କର୍ଣ୍ଣ।)
Bhāshita

ଭାଷିବା—ଦେ. (ପଦ୍ୟ କ୍ରି ସଂ ଭାଷ୍ ଧାତୁ) କହିବା—To speak, (ଉ—ଅଷ୍ଟ ଦୁର୍ଗେଶ ଭାଷେ—କବିସୂର୍ଯ୍ୟ ବଳୋଗ୍ରା ଓମ୍. ଣ ଗୀତ।)
Bhāshibā
ভাষা भाषना

ଭାଷୀ—ସଂ. ବିଣ- ପୁଂ (ଭାଷ୍ ଧାତୁ+କର୍ତ୍ତୃ ଇନ୍; ୧ମା ୧ବ) ଯେ କହେ—Speaking, [ଦ୍ର—ଏହା ସମାସରେ ପରପଦରୂପେ ଅନ୍ୟ ଶବ୍ଦ ସଙ୍ଗେ ଯୁକ୍ତ ହୁଏ, ଯଥା ମଧୁରଭାଷୀ, ପ୍ରିୟଭାଷୀ। 'ଭାଷୀ' 'ହାସୀ' ଅଦି ଶବ୍ଦ ସ୍ତ୍ରୀ ଲିଙ୍ଗରେ ମଧ୍ୟ ପ୍ରାଚୀନ ଓଡ଼ିଆ ପଦ୍ୟରେ ବ୍ୟବହାର କରାଯାଇଥିବାର ଦେଖାଯାଏ। ଯଥା—ମିଳନୀର କଥିତ ବଚ ନରେ ଶୁଦ୍ଧ ପାଣି,ଲକ୍ଷ୍ମୀ ହେବାକୁ ହୋଇ ଦରଷ୍ଟି ହାସୀ; ବକ୍ରେ କଲେ ସାଣାଭାଷୀ—କବିସୂର୍ଯ୍ୟ ସଙ୍ଗୀତ।]
Bhāshi
(ଭାଷିଣୀ—ସ୍ତ୍ରୀ)

ଭାସୁ(ସ) ଭାସୁ(ସ)—ଦେ.ଅ. (ଧ୍ୱନ୍ୟନୁକରଣ)—ଫାସୁ ଫାସୁ; ଠକୁ ଅଦି କୁଟିବାର ଶବ୍ଦ—A sound resembling that of pounding of chaff.
Bhāshu(sh) bhāshu(sh)
ভস্‌ভস্ भस भस

ଭାଷ୍ୟ—ସଂ. ବି (ଭାଷ୍ ଧାତୁ+ଭାବ ଯ)—୧। ବ୍ୟାଖ୍ୟାନ—1. Expounding; exposition. ୨। (+କରଣ ଯ)
Bhāshya

ସୂତ୍ର ବିବରଣ ଗ୍ରନ୍ଥ; ଯେଉଁ ଗ୍ରନ୍ଥରେ ସୂତ୍ରମାନଙ୍କର ଟୀକା ଥାଏ—2. A treatise explaining aphorisms. ୩ । ବ୍ୟାଖ୍ୟା ଗ୍ରନ୍ଥ—3 A commentary; an annotation. ୪ । ଗୃହ ବିଶେଷ (ପ୍ରକୃତିବାଦ)—4. A kind of house or building. ସଂ. ବିଣ କଥନୀୟ—Speakable.

ଭାଷ୍ୟକର—ସଂ. ବିଣ. ଓ ବି—(ଭାଷ୍ୟ+କୃ. ଧାତୁ+କର୍ତ୍ତୃ. ଅ)—Bhāshyakara ୧ । ଟୀକାକାର; ସୂତ୍ର ବିବରଣ ଲେଖକ—1. Annotator. ୨ । ପାଣିନି ବ୍ୟାକରଣର ଓ ଦର୍ଶନ ଶାସ୍ତ୍ରର ଟୀକାକାର ପତଞ୍ଜଳି ମୁନି—2. Sage Patañjali.
ଭାଷ୍ୟକାର } ଅନ୍ୟରୂପ
ଭାଷ୍ୟକୃତ୍ }

ଭାସ୍ (ଧାତୁ)—ସଂ.—୧ । ଦୀପ୍ତ ପାଇବା—1. To shine. Bhās (root) ୨ । ପ୍ରକାଶ ପାଇବା—2. To be manifest.

ଭାସ୍(ସ,ସଃ,ସା) ସଂ. ବି. (ଭାସ୍ ଧାତୁ+ଭାବ.କ୍ୱିପ୍;+ଅ;+ଅସ୍;+ଅ Bhās sa,saḥ,sā +ଆ)-୧ । ଅଗ୍ନି;କାନ୍ତି; ଦୀପ୍ତି—1. Lustre; (ଭାଃ—ଅନ୍ୟରୂପ) splendour. ୨ । ଶୋଭା—2. Beauty. ୩ । (+କର୍ତ୍ତୃ କ୍ୱିପ୍ ଇତ୍ୟାଦି) ଆଲୋକ—3. Light. ୪ । କିରଣ—4. Ray of light.

ଭାସ—ସଂ. ବି. (ଭାସ୍ ଧାତୁ+ କର୍ତ୍ତୃ. ଅ)—୧ । ଗୃଧ୍ର ପକ୍ଷୀ—1. The Bhāsa vulture. ୨ । କୁକ୍କୁଟ—2. Cock; fowl ୩ । ପାଣିକୁଆ—3.The little cormorant(bird). [ଦ୍ରି—ଶ୍ୟେନ, ଭାସ ବା ଚମିଗିଲେ—ଜଗନ୍ନାଥ ଭାଗବତ ] ୪ । ଗୋଷ୍ଠ; ଗୋଶାଳା—4.Cowshed;cattle-pen. ୫ । ସ୍ୱାଦ (ହି. ଶ)—5. Taste. ୬ । ମିଥ୍ୟା ଜ୍ଞାନ (ହି. ଶ)—6. False knowledge. ୭ । ମହାଭାରତୋକ୍ତ ପର୍ବତ ବିଶେଷ (ହି. ଶ)—7. Name of a mountain mentioned in the Mahābhārata. ୮ । ଭାସ୍ ( ଦେଖ )—8. Bhās ( See ). ଦେ. ବି. ( ନାମ )—ସ୍ୱପ୍ନ ବାସବଦତ୍ତା ନାଟକ ପ୍ରଣେତା ତ୍ରୟୋଦଶଖ୍ୟାତ କବି । [ ଦ୍ରି—କବିତା ଭିତରରେ ଏ କାଳିଦାସଙ୍କ ସମକକ୍ଷ ।]—Name of a Sanscrit poet, the author of Swapna-bāsabadattā.

ଭାସ କର୍ଣ୍ଣ—ସଂ. ବି ପୁଂ (ନାମ) (ବହୁବ୍ରୀହି)—ଅଶୋକବନ ଉଜାଡ଼ିବା Bhāsa karṇṇa ସମୟରେ ହନୁମାନ୍ ଦ୍ୱାରା ନିହତ ରାବଣ ସେନାପତି ଅସୁରବିଶେଷ ( ହି. ଶ )—Name of a demon, commander of Rābaṇa.

ଭାସନ୍ତ—ସଂ. ବିଣ—(ଭାସ୍ ଧାତୁ+କର୍ତ୍ତୃ. ଅନ୍ତ)—୧ । ମନୋହର—Bhāsanta 1. Beautiful; charming. ୨ । ଦୀପ୍ତିଶୀଳ—2. Dazzling; lustrous; shining. ୩ । ଭାସମାନ—3. Floating. ସଂ. ବି—୧ । ଚନ୍ଦ୍ର—1. The moon. ୨ । ସୂର୍ଯ୍ୟ—2. The sun. ୩ । ଭାସ—୧।୨।୩ (ଦେଖ)—3. Bhāsa 1 and 2 and 3 (See).

ଭାସନ୍ତା—ଦେ. ବିଣ—( ସଂ. ଭାସ୍ଧାତୁ )—ଭାସମାନ; ଭାସୁଥିବା—Bhāsantā भासन्त भसनेवाला Floating.

ଭାସନ୍ତୀ—ସଂ. ବି. ସ୍ତ୍ରୀ—(ଭାସନ୍ତ+ଈ)—ନକ୍ଷତ୍ର; ତାରକା—Star. Bhāsanti

ଭାସମାନ—ସଂ. ବିଣ. (ଭାସ୍ ଧାତୁ+କର୍ତ୍ତୃ. ଶାନଚ୍)—୧ । ଦୀପ୍ତିମାନ୍—Bhāsamāna 1. Dazzling; lustrous. ୨ । ଜ୍ୟୋତିଃ-(ଭାସମାନା—ସ୍ତ୍ରୀ) ଶୀଳ—2. Shining; emitting rays of light. ୩ । ଜଳରେ ଭାସୁଥିବା—3. Floating.

ଭାସି ଗଲ—ଦେ. ଅ. [ଅବଜ୍ଞା ବା ଦେଖାଇବର ସୂଚକ ଅବ୍ୟୟ]—ମୁଁ ଏ Bhāsi galā କଥାକୁ ଖାତର କରୁ ନାହିଁ—(Interjection बयेगेल; जानेदो I care a fig for it )

ଭାସିତ—ସଂ. ବିଣ (ଭାସ୍ଧାତୁ+କର୍ତ୍ତୃ ତ)—୧ । ତେଜୋମୟ (ହି.ଶ)—Bhāsita 1. Shining; brilliant. ୨ । ପ୍ରକାଶମାନ (ହି. ଶ)—2. Manifest.

ଭାସିବା—ଦେ. କ୍ରି—(ସଂ. ଭାସ୍ ଧାତୁ)—୧ । ଜଳ ବା ବାୟୁ ଉପରେ Bhāsibā ଅବସ୍ଥିତ କରିବା—1. To float on water or भासा; भासना air. ୨ । ବିପନ୍ନ ହେବା; ସର୍ବସ୍ୱାନ୍ତ ହେବା—2. To be ruined; to be overwhelmed with calamity. ୩ । ପ୍ଲାବିତ ହେବା; ଜଳପୂର୍ଣ୍ଣ ହେବା—3. To be overflooded; to be flooded with water. [ଯଥା—ଏ ଦେଶ ସାତ ନଇବନ୍ୟାରେ ଭାସୁଛି; ତା ଆଖି ଲୁହରେ ଭାସୁଛି । ) ପ୍ରାଦେ. ( ବୌଦ, କଳାହାଣ୍ଡି, ଗଡ଼ଜାତ) କ୍ରି—ପଙ୍କ ଓ ବାଲି ଆଦିରେ ଗୋଡ଼ ବସିଯିବା (foot) To sink in mud—( ଯଥା—ପଙ୍କରେ ମୋ ଗୋଡ଼ଟା ଭାସିଗଲା ।)

ଭାସି ଯିବା—ଦେ. କ୍ରି (ସଂ. ଭାସ୍ଧାତୁ)-୧ । ଜଳ ଉପରେ ଭାସିକରି Bhāsi jibā ଗତି କରିବା—1. To move by floating भेसेयाओया; भासजाना on water; to drift. ୨ । ଜଳପ୍ଲାବିତ ହେବା—2. To be flooded with water. ୩ । ସର୍ବସ୍ୱାନ୍ତ ହେବା—3. To be ruined;to be a lost man

ଭାସିଲିନ୍—ବୈଦେ. ବି ( ଇଂ. ଭେସେଲିନ୍ )—ତୈଳ ଚର୍ମର ମସୃଣ Bhāsilīn କରିବାର ନିମନ୍ତେ ବ୍ୟବହୃତ ଖାଦ୍ୟଶୀ ମଲମବିଶେଷ—भेसिलिन् मेसिलीन (ଭାସିଲିନ୍—ଅନ୍ୟରୂପ) Vaseline.

ଭାସୁ—ସଂ. ବି ( ଭାସ୍=ଦୀପ୍ତି ପାଇବା + କର୍ତ୍ତୃ. ଉ )—ସୂର୍ଯ୍ୟ—Bhāsu The sun.

ଭାସୁର—ସଂ. ବି ( ଭାସ୍ ଧାତୁ+ଶୀଳାର୍ଥେ. ଉର )—୧ । ସ୍ଫଟିକ—Bhāsura 1. Crystal stone. ୨ । ବୀର—2. Warrior. ( ଭାସୁରା—ସ୍ତ୍ରୀ ) ୩ । କୁଷ୍ଠ ରୋଗର ଔଷଧ ( ହି. ଶ )—3. Medicine for leprosy. ସଂ. ବିଣ—୧ । ଦୀପ୍ତିଯୁକ୍ତ; ଦୀପ୍ୟମାନ—1. Shining. ୨ । ଭୟଙ୍କର—2. Terrible ( Apte ).

ଭାସୁରତାପାଦନ—ଦେ. ବି (ଆଧୁନିକ ବୈଜ୍ଞାନିକ ପରିଭାଷା)—ତେଜେତେ Bhāsuratāpādana ଜଳୀୟ ପଦାର୍ଥ କଠିନ ସ୍ଥିର ହୋଇ

ରହିଲେ ପାତ୍ରର ତଳରେ ଖଣ୍ଡ ଖଣ୍ଡ ଚକଚକଆ ବସ୍ତୁ ବସିଯିବା ଅବସ୍ଥା—Crystallization.

**ଭାସ୍କର** ସ. ବି. ( ଭାସ୍=ଦୀପ୍ତି +କୃ ଧାତୁ=କରିବା+ କର୍ତ୍ତୃ. ଅ )—୧ । ଦିବାକର; ସୂର୍ଯ୍ୟ—1. The sun. ୨ । ଅଗ୍ନି—2. Fire. ୩ । ସିଦ୍ଧାନ୍ତଶିରୋମଣି ପ୍ରଭୃତି ଗ୍ରନ୍ଥ ରଚୟିତା ଭାସ୍କରାଚାର୍ଯ୍ୟ—3. Name of a celebrated astronomer. ୪ । ବୀର—4. Warrior. ୫ । ଧାତୁ ପ୍ରସ୍ତରାଦିରେ କାରୁକାର୍ଯ୍ୟ ଗଠନକାରୀ - 5. An artist in stone or metal. ୬ । ଅର୍କଚେର-6. Calotropis Gigantea (plant). ୭ । ସୁବର୍ଣ୍ଣ—7. Gold. ୮ । ଶିବ ( ବୃ. ଶ )—8. Siba. ସ. ବିଣ—ଦୀପ୍ତିମାନ—Lustrous; dazzling. ଦେ. ବି—କର୍ପୂର—Camphor.

Bhāskara

**ଭାସ୍କର ପଣ୍ଡିତ**—ଦେ· ବି ( ନାମ )—ନାଗପୁରର ମହାରାଷ୍ଟ୍ର ରାଜା ରଘୁଜୀ ଭୋଁସ୍ଲାଙ୍କ ଦେୱାନ୍—Name of the minister of the Marhatta King Raghuji Bhonsla. [ ଦ୍ର—ଏ ବଙ୍ଗର ନବାବ୍ ଅଲିବର୍ଦ୍ଦି ଖାଁଙ୍କ ସମୟରେ ବଙ୍ଗ ଆକ୍ରମଣ କରି ନବାବଙ୍କୁ ପରାସ୍ତ କରି ବଙ୍ଗର ପ୍ରସିଦ୍ଧ ଧନୀ ଜଗତ୍ ସେଠଙ୍କ ଘର ଲୁଟି ଟଙ୍କା ନେଇଗଲେ । ନବାବ୍ ପେଶବାଙ୍କ ଶରଣାପନ୍ନ ହେବାରୁ ପେଶବାଙ୍କ ଅନୁରୋଧରେ ଭାସ୍କର ବଙ୍ଗଳା ତ୍ୟାଗ କଲେ ( ଖ୍ରୀ ୧୭୪୨ ) । ପରେ ପୁଣି ଭାସ୍କର ବଙ୍ଗ ଆକ୍ରମଣ କରି ନଗର ଓ ଗ୍ରାମମାନ ଲୁଣ୍ଠନ କଲେ । ଏହି ଉପଦ୍ରବ 'ବର୍ଗୀମାନଙ୍କ ଅତ୍ୟାଚାର' ବୋଲି ଇତିହାସ ପ୍ରସିଦ୍ଧ । ଶେଷରେ ଅଲିବର୍ଦ୍ଦି ଖାଁ ଗୁପ୍ତଘାତକ ନିଯୁକ୍ତ କରି ଭାସ୍କରଙ୍କୁ ହତ୍ୟା କଲେ । ଏଥିରେ ରଘୁଜୀ ଭୋଁସ୍ଲା କ୍ରୁଦ୍ଧ ହୋଇ ବଙ୍ଗଦେଶକୁ ବାରମ୍ବାର ଆକ୍ରମଣ କଲେ । ଏଥିରୁ ରକ୍ଷା ପାଇବା ପାଇଁ ୧୭୫୧ ଖ୍ରୀଷ୍ଟାବ୍ଦରେ ନବାବ୍ ରଘୁଜୀଙ୍କୁ ଓଡ଼ିଶା ଛାଡ଼ି ଦେଲେ ଓ ବଙ୍ଗର ଚୌଥ ପରିବର୍ତ୍ତେ ବାର୍ଷିକ ୧୨ ଲକ୍ଷ ଟଙ୍କା ରଘୁଜୀଙ୍କୁ ଦେବାକୁ ଅଙ୍ଗୀକାର କଲେ । ସ୍ୱବଳଚନ୍ଦ୍ର । ]

Bhāskara paṇḍita

**ଭାସ୍କରାଚାର୍ଯ୍ୟ**—ସ. ବି (ନାମ)—ସିଦ୍ଧାନ୍ତ ଶିରୋମଣି ଆଦି ଜ୍ୟୋତିଷ ଗ୍ରନ୍ଥର ପ୍ରଣେତା ଜନୈକ ମହାପଣ୍ଡିତ—Name of a great Indian astronomer. [ଦ୍ର—ଏ ସିଦ୍ଧାନ୍ତ ଶିରୋମଣି ଆଦି ଗ୍ରନ୍ଥ ରଚନା କରିଥିଲେ । ଏ ଖ୍ରୀଷ୍ଟ ୧୨ଶ ଶତାବ୍ଦୀରେ କର୍ଣ୍ଣାଟର ବିଜାପୁରରେ ବ୍ରାହ୍ମଣ କୁଳରେ ଜନ୍ମଗ୍ରହଣ କରିଥିଲେ । ଏହାଙ୍କ ପିତା ମହେଶର ମଧ୍ୟ ଜ୍ୟୋତିଷୀ ଥିଲେ । ଏହାଙ୍କ ପୂର୍ବ ପୁରୁଷ ଓ ପର ପୁରୁଷମାନେ ଦୈବଜ୍ଞ ଥିଲେ । ଭାସ୍କର ପାଟୀଗଣିତ ଓ ବୀଜଗଣିତ ଗ୍ରନ୍ଥ 'ଲୀଳାବତୀ'ର ପ୍ରଣେତା ଥିଲେ । ଏ ନିଜେ ମଧ୍ୟ ସିଦ୍ଧାନ୍ତ ଶିରୋମଣିର ଭାଷ୍ୟ (ବ୍ୟାଖ୍ୟା) ଲେଖି ଯାଇ ଅଛନ୍ତି । ସ୍ୱବଳଚନ୍ଦ୍ର ]

Bhāskarāchārjya

**ଭାସ୍କର୍ଯ୍ୟ**—ସ. ବି ( ଭାସ୍କର+ଯ )—ଧାତୁ ପ୍ରସ୍ତରାଦି ଖୋଦିତ କରି ମୂର୍ତ୍ତି ଗଠନ କରିବା କଳା; ଚତୁଃଷଷ୍ଟି କଳାରୁ ଏକତମ—Architecture; stone and metal carving.

Bhāskarjya

**ଭାସ୍କୋ ଡି ଗାମା**—ବୈଦେ. ବି ( ନାମ )—ଇଉରୋପର ପର୍ତ୍ତୁଗାଲ୍ ଦେଶୀୟ ବିଖ୍ୟାତ ନାବିକ—Name of a celebrated Portugese sailor who visited India in the 15th century A. D.; Vasco de Gama. [ ଦ୍ର—କଲମ୍ବସ୍ ଭାରତ ଆବିଷ୍କାର କରିବାକୁ ବାହାରି ଜାହାଜରେ ପଶ୍ଚିମ ଦିଗକୁ ଯାଇ ଆମେରିକା ଆବିଷ୍କାର କଲେ । ଭାସ୍କୋ ଭାରତାନ୍ୱେଷଣରେ ବାହାରି ଦକ୍ଷିଣ ଓ ପୂର୍ବ ଦିଗକୁ ଯାଇ ଉତ୍ତମାଶା ଅନ୍ତରୀପ ବାଟେ ଭୂମି ୧୪୯୮ ଖ୍ରୀଷ୍ଟାବ୍ଦରେ ଭାରତର ପଶ୍ଚିମ ଉପକୂଳସ୍ଥ କାଲିକଟଠାରେ ଉପସ୍ଥିତ ହେଲେ ଓ ସେଠାର ରାଜା (ଜାମୋରିନ୍)ଙ୍କ ଠାରୁ ପର୍ତ୍ତୁଗାଲ୍ ରାଜ୍ୟର ବଣିକ୍‌ମାନଙ୍କର ଭାରତ ସହିତ ବାଣିଜ୍ୟ କରିବାର ସନନ୍ଦ ପାଇଲେ ଓ ସେହିଦିନ ଠାରୁ ଭାରତ ସହିତ ପର୍ତ୍ତୁଗାଲ୍‌ବାସୀମାନଙ୍କ ବାଣିଜ୍ୟ ଆରମ୍ଭ ହେଲା । ]

Bhāsko di gāmā

**ଭାସ୍ୱତୀ**—ସ. ବି. ସ୍ତ୍ରୀ ( ଭାସ୍+ବତ୍+ସ୍ତ୍ରୀ ଈ )—ଦୀପ୍ତି—Splendour; lustre. ସ. ବିଣ. ସ୍ତ୍ରୀ—ଭାସ୍ୱାନ୍ ଶବ୍ଦର ସ୍ତ୍ରୀଲିଙ୍ଗ—Feminine of Bhāswān.

Bhāswati

**ଭାସ୍ୱର**—ସ. ବିଣ ( ଭାସ୍ ଧାତୁ+କର୍ତ୍ତୃ. ବର )—ଆଲୋକମୟ; ଉଜ୍ଜ୍ୱଳ—Shining; bright; radiant.

Bhāswara

**ଭାସ୍ୱାନ୍**—ସଂ. ବିଣ. ପୁଂ ( ଭାସ୍+ବତ୍=ଭାସ୍ୱତ୍ ୧ମା. ୧ବ )—୧ । ଦୀପ୍ତିଶାଳୀ—1. Luminous; shining; (ଭାସ୍ୱତୀ—ସ୍ତ୍ରୀ) ୨ । କିରଣଶାଳୀ—2. Emitting rays of light. ସଂ. ବି. ପୁଂ—୧ । ସୂର୍ଯ୍ୟ—1. The sun ୨ । ବୀର—2. Hero; warrior. ୩ । ଅର୍କଗଛ—3. Calotropis Gigantea (Apte)

Bhāswān

**ଭାସ୍ମନ**—ସଂ. ବି ( ଭସ୍ମନ୍=ବିକାରାର୍ଥେ ଅ)—ଭସ୍ମବିକାର—A thing produced from ashes.

Bhāsmana

**ଭି**—ପ୍ରାଦେ ( ସମ୍ବଲପୁର ) ଅ ( ସଂ. ଅପି; ତୁଲ ହି. ଭୀ )—ବି; ମଧ୍ୟ; ଅଧିକର ମଧ୍ୟ; ଏବଂ—Also; and.

Bhi

**ଭିଃ ପିଃ**—ଦେ. ବି ( ଇଂ. ଭାଲ୍ୟୁ ପେଏବ୍ଲ୍ ଶବ୍ଦଦ୍ୱୟର ପ୍ରଥମ ୨ ଅକ୍ଷର )—ଦ୍ରବ୍ୟମାନ ଡାକଦ୍ୱାରା ପ୍ରାପ୍ତା ନିକଟରେ ପଠାଇ ତାଠାରୁ ମୂଲ୍ୟ ଅଦାୟ କରି ପ୍ରେରକଙ୍କୁ ଦଆଇବାର ଡାକ ବିଭାଗର ପଦ୍ଧତି—Value payable post.

Bhiḥ-piḥ

ଭ. ପି.<br>ଭ. ପି. ପି<br>ଭ. ପି. ପୋଷ୍ଟ } ଅନ୍ୟରୂପ ]<br>ଭି ପି ମି ପି

**ଭିଃ ପିଃ ପାର୍ସ (ର୍ସେ)ଲ୍**—ଦେ, ବି (ଇଂ,ଭାଲ୍ୟୁପେଏବ୍ଲ ପାର୍ସେଲ୍) ଯେଉଁ ପାର୍ସେଲ୍ ପାଇଲେ ଗ୍ରାହକଠାରୁ ଡାକଘରଦ୍ୱାରା ଟଙ୍କା ଅଦାୟ କରିବା ନିମନ୍ତେ ପଠାଯିବା ପ୍ରଣାଳୀ—Value payable parcel; V.P. parcel).

Bhiḥ-piḥ pārsa(rse)l

ଭି ପି ପାର୍ସେଲ<br>भि: पि: पार्सल

**ଭିଆ**—ପ୍ରାଦେ. [ ପୁରାକଛା ବ୍ରାହ୍ମଣ ସମାଜ ] ବି (ସଂ. ବିବାହ)—
Bhiā ବିବାହ—Marriage. (ଉ—କ ଭିଆ ? ଉଙ୍କା ଭିଆ—
বিএ(য়ে) **ब्याह** କଥାର ଲଥା । ) ଦେ. ବି (ସଂ ବିଧାନ)—
কামান **कमाना** ଅର୍ଜନ; ଉପାର୍ଜନ—Earning.

**ଭିଆ(ଏ)ଇବା**—ଦେ. କ୍ରି (ସଂ. ବିଧାନ)—୧ । ଘେଉବା; ଘଟାଇବା—
Bhiā(e)iba 1. To cause to happen. ୨ । ବିଧାନ
করান କରିବା; ଘଟିବାର ଉପାୟ କରିବା; ଫଳରେ ଘଟାଇବା—
**विधान करना** 2. To bring about; to result in.
( ଉ—ଯିବ ଏ ରୂପକୁ ଏହି ବିନା ଦେବ । ଭିଆଇଲ
ଯେତେ କଳ । ରାଧାନାଥ. ପାର୍ବତୀ । ) ୩ । ସୃଷ୍ଟି
କରିବା—3. To create. (ଉ—ମେଘାରଗେ ଯହିଁ
ପୁଷ୍ପିତ କଦମ୍ବେ ଶିଖଣ୍ଡ ତାଣ୍ଡବ ରଙ୍ଗ, ଦେଖି ଅସୁଥିଲ ପ୍ରତେ
ଇନ୍ଦ୍ରଜାଲ ଭିଆଇଛି କି ଅନଙ୍ଗ । ରାଧାନାଥ. ଯଯାତି । )
୪ । ସମ୍ପାଦନ କରିବା—4 To perform. ୫ ।
ଯୋଗାଡ଼ କରିବା—5. To arrange. ( ଉ—ଅଙ୍ଗ
ଦେବ ଯେବେ, ମଣୋହି ସଜ୍ଜା ଭିଆଇବ ତେବେ । ପ୍ରାଚୀ.
ପ୍ରତାପ. ଷଷ୍ଠିସେଣା । ) ୬ । ଜାତ କରିବା—6. To
produce; to bring forth. ୭ । ନିର୍ମାଣ କରିବା—
7. To build. (ଉ—ଗଙ୍ଗା ଯମୁନା ମଧ୍ୟ ପୁର, ଭିଆଇ
ଇହି ପୃଥୁ ସାର । ଜଗନ୍ନାଥ. ଭାଗବତ । ) ୮ । ସୂତ୍ରପାତ
কামান ବା ଆରମ୍ଭ କରିବା—8. To begin a work;
**कमाना** to commence. ୯ । ଅର୍ଜ୍ଜନ କରିବା—9. To
earn. ୧୦ । ସଂଗ୍ରହ କରିବା—10. To gather.
୧୧ । ସୂତ୍ରପାତ କରିବା—11. To lay the
foundation of.

**ଭିଆ କରା(ରେ)ଇବା**—ପ୍ରାଦେ. କ୍ରି (ପୁରା)—ଆପଣା ସନ୍ତାନ ସନ୍ତତିଙ୍କୁ
Bhiā karā(re)ibā ପାଣିଗ୍ରହଣ କରିବା—To give one's
বিএ করান **ब्याह कराना** children in marriage.
(ଭିଆ କରିବା—ଅନ୍ୟରୂପ)

**ଭିଆଘର**—ପ୍ରାଦେ (ପୁରାକଛା ବ୍ରାହ୍ମଣ ସମାଜ) ବି. (ସଂ. ବିବାହ+
Bhiāghara ଗୃହ )—ବିବାହୋତ୍ସବ—Marriage cere-
বিএবাড়ী **ब्याह; शादीब्याह** mony or festival.

**ଭିଆ ଚଢ଼େଇ**—ପ୍ରାଦେ ( ଗଡ଼ଜାତ ) ବି—ନଦୀକୂଳରେ ଓ ସମୁଦ୍ର
Bhiā chardhei ପଣ୍ଡାରରେ ଦଳବଦ୍ଧ ହୋଇ ବସବାସ କରୁଥିବା
ଏକ ପ୍ରକାର ପକ୍ଷୀ । (ବ୍ର—ଏମାନେ ଆକାଶରେ
ଉଡ଼ଗଲାବେଳେ ଶୂନ୍ୟରେ ଝୁଲୁଥିବା ତୋରଣ
ପରି ଦେଖାଯାନ୍ତି ଓ କଁଥର କାଁଥିର ଘର କରି
ରହନ୍ତି ।)—A species of bird building
nests in river banks or seashore
flying in an arch-like course.

**ଭିଆଣ**—ଦେ. ବି (ସଂ. ବିଧାନ)—୧ । ବିଧାନ—1. Dispensa-
Bhiāṇa tion. ୨ । ରଚନା; ନିର୍ମାଣ—2. Construction;
**विधान** making. ୩ । ସୃଷ୍ଟି; ସର୍ଜନ—3. Creation. ( ଉ—
ପୁଲେ ପୁଲେ ସବୁ ଭିଆଣ ଯେଣୁ ସେ ପ୍ରଭୁ ପୁଣ
ବିକୋଦଣ । ଜଗମୋହନ ଛନ୍ଦ । ) ୪ । ଉପାୟ—
4. Means. ୫ । କାର୍ଯ୍ୟ; ଘଟଣା—5. Act; event.
୬ । ରଚନାକୌଶଳ—6. Art. ୭ । ସୂତ୍ରପାତ;
ଆରମ୍ଭ—7. Beginning. ୮ । ଜମିର ଶ୍ରେଣୀ
ଅନୁସାରେ ପ୍ରତ୍ୟେକ ଜମି ଉପରେ କର
ବସାଇବା—8. Assessment of rent on
holdings according to the qualities of
land. ୯ । ଯେଉଁ କାଗଜରେ ଜମିର ଜମା ଭରଣ
ଲେଖାଥାଏ—9. Land assessment state-
ment. ୧୦ । ଗୁଡ଼ ଆଦର ପାଗ—10. The boil-
ing of molasses to make syrup. ୧୧ ।
ଘଟଣ; ଘଟାଇବା—11. Bringing about.

**ଭିଆଣ କରିବା**—ଦେ. କ୍ରି (ସଂ. ବିଧାନ )—ଭିଆଇବା ( ଦେଖ )—
Bhiāṇa kariba Bhiāibā (See).
বিধান করা **विधानकरना**

**ଭିଆଣିଆଁ**—ଦେ. ବିଣ (ସଂ. ବିଧାନରୁ)—ବିବାହ ଆଦି କାର୍ଯ୍ୟପାଇଁ
Bhiāṇiā̃ ବେଇବରୁପେ ପଠାଯିବା ଅଳ୍ପ ମୂଲ୍ୟର ଅଥଚ
**विवाहका** ଦେଖିବାକୁ ଆଡ଼ମ୍ବରଆ ( ଲୁଗାପଟା )—Cheap yet
showy sort of (clothes) meant for
presentation to relations in marriage
ceremonies.

**ଭିଆ ଭିତ**—ଦେ. ବି (ନିରର୍ଥକ ସହଚର)—ଅର୍ଥାଦିର ଉପାର୍ଜନ—
Bhiā bhiti Earning of money etc.
উপায়টুপায়, অর্জ্জনটর্জন; কামানটমান **अर्जनउर्जन; कमाउमा**

**ଭିଆ ହେବା**—ପ୍ରାଦେ. (ପୁରାକଛା ବ୍ରାହ୍ମଣସମାଜ) କ୍ରି. (ସଂ. ବିବାହ)—
Bhiā hebā ବିବାହ କରିବା; ବିବାହିତ ହେବା—
বিএকরা **ब्याहकरना** To marry.

**ଭିକ(ଖ)**—ଦେ. ବି (ସଂ. ଭିକ୍ଷା)—୧ । ଭିକ୍ଷାଦ୍ରବ୍ୟ—1. Alms.
Bhika(kha) ୨ । ଭିକ୍ଷାବୃତ୍ତି—2. Begging; beggary.
ভিক (ଉ—ବ୍ରାହ୍ମଣଙ୍କୁ ବିକାଇ ଲେଖିଅଛି ଭିକ । କୃଷ୍ଣସିଂହ.
**भिक्षा; भीक; भीख** ମହାଭାରତ ବନ । ) ୩ । ଭିକାରି ନାମକ
ଭିକନ,ଭିକା,ଭିକ,ଭିକୁ } ଅନ୍ୟରୂପ ବ୍ୟକ୍ତିର ଡାକ ନାମ—
ଭିକେଇ,ଭିକାରିଆ } 3. A name for calling
Bhikāri.

**ଭିକ ଚାଉଳ**—ଦେ. ବି—୧ । ଭିକ ଦିଆଯିବା ନିମନ୍ତେ ଉତ୍ସର୍ଗୀକୃତ
Bhika chāula ତଣ୍ଡୁଳ—1. Rice set apart for
ভিক্ষার চাল being given away as alms. ୨ । ଭିକ୍ଷାଲବ୍ଧ
**भीकचावल** ତଣ୍ଡୁଳ—2 Rice received as alms.

**ଭିକ ଝୁଲି**—ଦେ. ବି—ଭିକ୍ଷାକାରୀର ମୁଣି—Beggar's pouch or
Bhika jhuli ভিক্ষারঝুলী **भीखकीझोली** wallet.

**ଭିକଥାଳି**—ଦେ. ବି (ସଂ ଭିକ୍ଷା+ସ୍ଥାଳୀ)—ଭିକ୍ଷାପାତ୍ର—Baggar's
Bhikathāla ভিক্ষারথাল **भीखकाबर्तन** bowl.

**ଭିକ(ଖ) ଦୁଃ(ଦୁ)ଖ**—ଦେ.ବି—(ଉଭାର୍ଥକ ସହଚର) (ସଂ. ଭିକ୍ଷା+ଦୁଃଖ)-
Bhika(kha) duḥ(du)kha ଜୀବିକା ଚଳାଇବାର୍ଥ ଭିକ୍ଷା ମାଗିବା ଓ
ভিখদুখ ମୂଲ ଲାଗିବା—Begging alms and working
on wages for earning one's livelihood.

ଭିକ ପସରା—ଦେ. ବି—୧ । ଭିକ୍ଷାଲବ୍ଧ ପଦାର୍ଥଭିମ୍ବ—1. Things
Bhika pasarā received as alms ୨ । ଭିକ ଥାଳ
( ଦେଖ )—2. Bhika thāḷa [ See ]. ୩ ।
( ଲକ୍ଷଣାର୍ଥ ) ପୋଷ୍ୟପୁତ୍ର; ଦତ୍ତକ ପୁତ୍ର—3. An adopted son.

ଭିକମଗା—ଦେ· ବି, ଓ ବିଣ ପୁଂ—ଭିକ୍ଷାକାରୀ—Beggar.
Bhikamagā भीखमंगा—पुं भीखमंगनी—स्त्री
(ଭିକମାଗୀ—ସ୍ତ୍ରୀ) (ଭିକମଗାଲି—ଅନ୍ୟରୂପ) ভিখারী

ଭିକ ମାଗିବା—ଦେ. କ୍ରି—ଭିକ୍ଷା କରିବା—To beg for alms.
Bhika māgibā ভীখ মাঁগা भीखमगा

ଭିକା(ଖା,କ୍ଷା)ରି—ଦେ. ବି. ପୁଂ (ସଂ. ଭିକ୍ଷାକାରୀ)—୧ । ଭିକ୍ଷୁକ—
Bhikā[khā,kshā]ri 1. Beggar. ୨ । ଅପରିଣୀତ
ভীখরী ବ୍ୟକ୍ତିର ନାମ—2. A name given to persons
भीखारी whose elder brothers or sisters died
[ଭିକା(ଖା)ରୁଣୀ—ସ୍ତ୍ରୀ] before his birth. ବିଣ. ପୁଂ—
୧ । ଭିକ୍ଷାଜୀବୀ-1. Living on alms. (ଉ—ବନ୍ଦରୂପରେ
ଭିକାରି ବ୍ରାହ୍ମଣ ବଜାର । କୃଷ୍ଣସିଂହ. ମହାଭାରତ. ଆଦି । )
୨ । ପ୍ରାର୍ଥୀ—2. Supplicant. ( ଉ—ତୋଳଅଛୁ
ନିଜ ଧ୍ୱଜ ସ୍ୱଠୋର ପାଂଶୁକ, ଜୟଚନ୍ଦ୍ର ଯବନର ପ୍ରସାଦ
ଭିକାରୀ । ରାଧାନାଥ. ମହାଯାତ୍ରା । )

ଭିକାରି ପଟ୍ଟନାୟକ—ଦେ. ବି (ନାମ)—ଜଣେ ପ୍ରାଚୀନ, ଓଡ଼ିଆ କବି
Bhikāri paṭṭanāyaka ('ଲଙ୍କା ଦହନ ନାଟକ' ଏହାଙ୍କ
ଦ୍ୱାରା ରଚିତ । ଚାରଣୀ. ଉତ୍କଳ ଇତିହାସ ।)—An
ancient Oriya poet of the name.

ଭିକାରି ବ୍ରାହ୍ମଣ—ଦେ. ବି (ସଂ. ଭିକ୍ଷାକାରୀ+ବ୍ରାହ୍ମଣ)—୧ ।
Bhikāri brāhmaṇa (ସ୍ୱାନାର୍ଥକ) ଭିକ୍ଷାଜୀବୀ ବ୍ରାହ୍ମଣ—1. A
ভিকারী বামুন Brāhmaṇa living on alms; a
भिखारी बामन beggar Brāhmaṇa. ୨। (ବହୁବଚନ) ଭିକ୍ଷୁକ-
ଗଣ ଓ ବ୍ରାହ୍ମଣଗଣ—2. Beggars and Brāhmaṇas.

ଭିକାରି(ରୁ)ଣୀ—ଦେ. ବି. ସ୍ତ୍ରୀ—ଭିକ୍ଷୁକୀ; ଭିକ୍ଷା କରୁଥିବା ସ୍ତ୍ରୀ—
Bhikāri(ru)ṇī Beggar woman.
ভিকারিনী भिखारिन

ଭିକ୍ଟୋରିୟା—ବିଦେ. ବି (ଇଂ) ନାମ—ସ୍ୱର୍ଗୀୟା ପୁଣ୍ୟଶ୍ଳୋକା
Bhikṭoriā ଭାରତେଶ୍ୱରୀ ଶ୍ରୀମତୀ ; ମହାରାଣୀ—The late
Queen Victoria, Empress of India.
[ ଦ୍ର—ଜନ୍ମ ଖ୍ରୀ ୧୮୧୯, ସିଂହାସନାରୋହଣ ଖ୍ରୀ ୧୮୩୭,
ବିବାହ ୧୮୪୦, ସ୍ୱର୍ଗଲାଭ ଖ୍ରୀ ୧୯୦୧ । ଇଂଲଣ୍ଡର ରାଜା
୪ର୍ଥ ଉଇଲିଅମଙ୍କ ଭ୍ରାତୁଷ୍ପୁତ୍ରୀରୂପେ ଏ ଇଂଲଣ୍ଡ ସିଂହାସନ
ଅଧିକାର କଲେ । ଜର୍ମାନୀର ସାକ୍ସକୋବର୍ଗ ଓ ଗୋଥାର
ପ୍ରିନ୍ସ ଅଲବର୍ଟଙ୍କ ସହିତ ଏହାଙ୍କର ବିବାହ ହେଲା ଓ
ଏହାଙ୍କର ୪ ପୁତ୍ର ଓ ୫ କନ୍ୟା ଲାଭ ହୋଇଥିଲା । ପ୍ରଥମ
ପୁତ୍ର ଯୁବରାଜ ଏଡ୍‌ୱାର୍ଡ ୭ମ ଏଡ୍‌ୱାର୍ଡରୂପେ ଖ୍ରୀ ୧୯୦୧
ରେ ଇଂଲଣ୍ଡର ରାଜା ଓ ଭାରତ ସମ୍ରାଟ ହୋଇଥିଲେ ଓ
୭ମ ଏଡ୍‌ୱାର୍ଡଙ୍କ ଦ୍ୱିତୀୟ ପୁତ୍ର ପ୍ରିନ୍ସ ଜର୍ଜ, ୫ମ ଜର୍ଜରୂପେ
ବର୍ତ୍ତମାନ ଇଂଲଣ୍ଡର ରାଜା ଓ ଭାରତର ସମ୍ରାଟ ଅଟନ୍ତି ।
ଭାରତର ସିପାହୀ ବିଦ୍ରୋହର ପର ବର୍ଷ (ଖ୍ରୀ ୧୮୫୮ରେ)
ମହାରାଣୀ ଭାରତର ଶାସନଭାର ସ୍ୱୟଂ ଗ୍ରହଣ କଲେ ।
ତଦୁପଲକ୍ଷରେ ସେ ଘୋଷଣା କଲେ ଯେ ଭାରତୀୟ ପ୍ରଜା-
ମାନେ ବ୍ରିଟିଶ ପ୍ରଜାଙ୍କ ସମାନ ଅଧିକାର ପାଇବେ ଓ
ସେମାନଙ୍କର ଯୋଗ୍ୟତା ଥିଲେ ଜାତି ଧର୍ମ ନିର୍ବିଶେଷରେ
ସବୁ ପ୍ରଜା ରାଜକାର୍ଯ୍ୟରେ ନିଯୁକ୍ତ ହୋଇ ପାରିବେ । ଏହାଙ୍କ
ଅମଳରେ ଏହାଙ୍କ ଜ୍ୟେଷ୍ଠ, ଦ୍ୱିତୀୟ ଓ କନିଷ୍ଠପୁତ୍ରମାନେ
ଓ ଯୁବରାଜଙ୍କ ଜ୍ୟେଷ୍ଠପୁତ୍ର ଭାରତ ଆଗମନ କରିଥିଲେ ।
୧୮୭୭ ସାଲରେ ମହାରାଣୀ ଭାରତେଶ୍ୱରୀ ଉପାଧି ଧାରଣ
କଲେ । ଏହାଙ୍କ ରାଜତ୍ୱ ୫୦ ବର୍ଷ ପୂରିବାରୁ ଖ୍ରୀ ୧୮୮୭
ରେ ସ୍ୱର୍ଣ୍ଣ ଜୁବିଲୀ ଉତ୍ସବ ଓ ୬୦ ବର୍ଷ ପୂରିବାରୁ ୧୮୯୭
ସାଲରେ ହୀରକ ଜୁବିଲୀ ଉତ୍ସବ ପାଳିତ ହୋଇଥିଲା ।
ଏହାଙ୍କ ପରି ୬୪ ବର୍ଷ ରାଜତ୍ୱ କରିବା କ୍ୱଚିତ୍ ଅନ୍ୟ
ରାଜାଙ୍କ ଭାଗ୍ୟରେ ଘଟିଛି । ଏହାଙ୍କ ଦୀର୍ଘ ରାଜତ୍ୱ କାଳରେ
ଭାରତରେ ଓ ବ୍ରିଟେନରେ ଅନେକ ଉନ୍ନତି ଘଟିଥିଲା,
ଓ ବ୍ରିଟିଶ ସାମ୍ରାଜ୍ୟରେ ଅନେକ ଦେଶ ଭୁକ୍ତ ହୋଇ-
ଥିଲା । ଏହାଙ୍କ ସମୟରେ ରେଲ ଓ ଟେଲିଗ୍ରାଫ୍ ପ୍ରତିଷ୍ଠା
ହେଲା, ସୁଏଜ କେନାଲ ଖୋଲା ଗଲା ଓ ନାନା କ୍ଷେତ୍ରରେ
ବହୁ ପ୍ରତିଷ୍ଠାପନ୍ନ ମହାପୁରୁଷଙ୍କ ଆବିର୍ଭାବ ହୋଇଥିଲା—
ସୁବଲଚନ୍ଦ୍ର ।]

ଭିକ୍ଷ (ଧାତୁ)—ସଂ.—ଯାଚ୍ଞା କରିବା; ଭିକ ମାଗିବା—
Bhiksh (root) To beg.

ଭିକ୍ଷା—ସଂ. ବି—(ଭିକ୍ଷ୍ ଧାତୁ+ଭାବ. ଅ+ସ୍ତ୍ରୀ. ଆ)—୧ । ଅନୁଗ୍ରହ-
Bhikshā ପ୍ରାର୍ଥନା—1. Request for favour. ୨ ।
ଧନ ବା ଖାଦ୍ୟାଦି ପ୍ରାର୍ଥନା; ଭିକ ମାଗିବା—2. Begging.
୩ । (+କର୍ମ ଅ+ଆ)—ଭିକ; ଭିକ୍ଷାଲବ୍ଧ ବସ୍ତୁ—
3. Alms. ୪ । ସନ୍ନ୍ୟାସୀ ବା ବ୍ରହ୍ମଚାରୀଙ୍କ ପ୍ରାର୍ଥିତ
ଏକ ଗ୍ରାସ ଅନ୍ନ—4. One mouthful of food
begged for by an ascetic. ୫ । ସେବା—5.
Tending. ଦେ. ବି—ସନ୍ନ୍ୟାସୀ ଓ ବ୍ରହ୍ମଚାରୀଙ୍କର
ଭିକ୍ଷାଲବ୍ଧ ଦ୍ରବ୍ୟଦ୍ୱାରା ଭୋଜନ କ୍ରିୟା ନିର୍ବାହ—
The act of a Sannyāsi (ascetic) taking
food bestowed as alms. (ଉ—ଭିକ୍ଷା ନ ଦେଇ
ଆଗ ମୋତେ । ପାରଣା କଲି ଏ ଯୁଗତେ । ଜଗନ୍ନାଥ.
(ଭିକ୍ଷ୍ୟା—ଗ୍ରାମ୍ୟରୂପ) ଭାଗବତ ।)

ଭିକ୍ଷା(କ୍ଷୁ)କ—ସଂ. ବି (ଭିକ୍ଷ ଧାତୁ+କର୍ତ୍ତୃ ଅକ; ଉକ)—ଭିକାରି; ଭିକ୍ଷୁକ
Bhikshā(kshu)ka —A beggar; mendicant.
( ଭିକ୍ଷୁ—ଅନ୍ୟରୂପ )

ଭିକ୍ଷା କରିବା—ଦେ. କ୍ରି (ସଂ. ଭିକ୍ଷ ଧାତୁ)—୧ । ଭିକ ମାଗିବା—
Bhikshā karibā ভীখ মাগা 1. To beg for alms.
भिक्षा करना ୨ । ଅନୁଗ୍ରହ ନିମନ୍ତେ ପ୍ରାର୍ଥନା କରିବା—2. To
( ଭିକ୍ଷ୍ୟା ମାଗିବା—ଗ୍ରାମ୍ୟରୂପ ) solicit a favour. ୩ ।

ଭୋଜନ କରିବା ( ସନ୍ନ୍ୟାସୀ ପକ୍ଷେ )—8. To feed oneself(said of an ascetic). (ଉ—ସେ ବା ମିଳଇ ଯେତେବେଳେ, ସେ ଭିକ୍ଷା କରେ ସନ୍ଧ୍ୟାକାଳେ । ଜଗନ୍ନାଥ. ଭାଗବତ ।)

ଭିକ୍ଷା ଚର୍ଯ୍ୟା—ସଂ ବି—(ଭିକ୍ଷା + ଚର ଧାତୁ + ଭାବ.ଯ + ଆ) —ଭିକ ମାଗି Bhikshā charjyā ଜୀବିକା ନିର୍ବାହ କରିବା—Beggary; (ଭିକ୍ଷାବୃତ୍ତି—ଅନ୍ୟରୂପ) begging as a profession.

ଭିକ୍ଷାଜୀବୀ—ସଂ ବିଣ. ପୁଂ (ଭିକ୍ଷା + ଜୀବ ଧାତୁ + କର୍ତ୍ତୃ.ଇନ୍; ୧ମା ୧ବ.) Bhikshājibi ଯେ ଭିକ୍ଷା କରି ପୋଷିହୁଏ—Subsisting on (ଭିକ୍ଷାଜୀବିନୀ — ସ୍ତ୍ରୀ)(ଭିକ୍ଷାଜୀବ—ଅନ୍ୟରୂପ) alms.

ଭିକ୍ଷା ଝୁଲି—ଦେ. ବି—ଭିକ୍ଷା ଲବ୍ଧ ବସ୍ତୁ ରଖିଥିବାର ଥଳି ବା ମୁଣା— Bhikshā jhuli ভিক্ষার ঝুলি Beggar's pouch. **भिक्षाकी झोलि** (ଉ —ସେନି ଭିକ୍ଷା ଝୁଲି, ପଥେ ପଥେ ବୁଲି, ଭିକ୍ଷା ମାଗି ପଛେ କାଟିବି ଦିନ । ନନ୍ଦକିଶୋର. କୃଷ୍ଣକୁମାରୀ ।)

ଭିକ୍ଷାଟନ—ସଂ ବି—(ମଧ୍ୟ ପଦଲୋପୀ, ଭିକ୍ଷା + ଅଟନ) —ଭିକ କରିବା Bhikshāṭana କ୍ରମନ୍ତେ ଏ ଘର ସେ ଘର ଓ ନାନା ସ୍ଥାନରେ ବୁଲିବା—Travelling about begging alms; mendicancy.

ଭିକ୍ଷାନ୍ନ—ସଂ ବି (ମ. ପ. ଲୋ; କର୍ମଧା; ଭିକ୍ଷା+ଅନ୍ନ) —୧ । ଭିକ୍ଷାଲବ୍ଧ Bhikshānna ଖାଦ୍ୟ—1. Food obtained as alms. ୨ । ସନ୍ନ୍ୟାସୀଙ୍କର (ଭିକ୍ଷାଲବ୍ଧ) ଭୋଜନ—2 The meal of a Sannyāsi, (bestowed as alms).

ଭିକ୍ଷା ପାତ୍ର—ସଂ ବି (ମ. ପ. ଲୋ; କର୍ମଧା ଭିକ୍ଷା+ପାତ୍ର)—ଭିକ ରଖିବା Bhikshā pātra ଅଧାର; ଭିକ ଥାଳ—A beggar's (ଭିକ୍ଷା ଭାଣ୍ଡ—ଅନ୍ୟରୂପ) bowl.

ଭିକ୍ଷା ପୁତ୍ର—ସଂ ବି ( ଅଧୁନିକ ପ୍ରୟୋଗ )—୧ । ଉପନୟନ ସଂସ୍କାର Bhikshā putra ପରେ ବାଳକର ବ୍ରହ୍ମଚର୍ଯ୍ୟ ବ୍ରତ ଭଙ୍ଗପୂର୍ବକ ଅପୁତ୍ରକ ବା ଅପୁତ୍ରକା ବ୍ୟକ୍ତିଦ୍ୱାରା ପୁତ୍ରରୂପେ ଗୃହୀତ ବ୍ରାହ୍ମଣ କୁମାର—1. A Brāhmaṇa boy adopted as a son by a childless male or female after the sacred thread ceremony but before marriage. ୨ । ପୋଷ୍ୟପୁତ୍ର; ଦତ୍ତକପୁତ୍ର—2. Adopted son.

ଭିକ୍ଷାର୍ଥୀ—ସଂ ବିଣ. ପୁଂ ( ଭିକ୍ଷା+ଅର୍ଥ ଧାତୁ=ମାଗିବା + କର୍ତ୍ତୃ. ଇନ୍; Bhikshārthi ୧ମା.୧ବ )—ଭିକ୍ଷା ମାଗିବା ବା ପାଇବା ପାଇଁ (ଭିକ୍ଷାର୍ଥିନୀ—ସ୍ତ୍ରୀ) ଉପସ୍ଥିତ—Begging alms
ସଂ ବି—ଭିକ୍ଷୁକ— Beggar.

ଭିକ୍ଷା ଲବ୍ଧ—ସଂ ବିଣ. ( ତୃତୀୟା ତତ୍ ପୁରୁଷ; ଭିକ୍ଷା + ଲବ୍ଧ )— Bhikshā labdha ଭିକ୍ଷା ମାଗିବା ଦ୍ୱାରା ପ୍ରାପ୍ତ— Obtained by begging.

ଭିକ୍ଷାଶୀ—ସଂ ବିଣ. ବି ଓ ପୁଂ (ଭିକ୍ଷା+ଅଶ୍ ଧାତୁ + କର୍ତ୍ତୃ. ଇନ୍; ୧ମା. Bhikshāsi ୧ବଚନ )—ଭିକ୍ଷାଜୀବୀ—Mendicant; professional beggar.

(ଉ—ସେ ଯୋଗୀ ଗୃହ ତ୍ୟାଗୀ ମହନ୍ତ ଭିକ୍ଷାଶୀ, ତାହାକୁ ବୋଲନ୍ତି ଭିକ୍ଷୁକ ସନ୍ନ୍ୟାସୀ । କୃଷ୍ଣସିଂହ. ମହାଭାରତ ଶାନ୍ତି ।)

ଭିକ୍ଷିତ—ସଂ ବିଣ ( ଭିକ୍ଷ୍ ଧାତୁ+କର୍ମ. ତ )—ଯାଚିତ; ପ୍ରାର୍ଥିତ— Bhikshita Begged or prayed for.

ଭିକ୍ଷୁ—ସଂ ବିଣ. ( ଭିକ୍ଷ୍ ଧାତୁ+କର୍ତ୍ତୃ. ଉ )—ଯାଚକ— Bhikshu Soliciting; begging. (ଭିକ୍ଷୁକ—ଅନ୍ୟରୂପ) ବି—୧ । ଚତୁର୍ଥାଶ୍ରମୀ ଦ୍ୱିଜ; ସନ୍ନ୍ୟାସୀ— (ଭିକ୍ଷୁଣୀ — ସ୍ତ୍ରୀ) 1. A Brāhmaṇa who has taken to the 4th stage of life; viz. begging in the old age (as enjoined in the Hindu Śastras); a religious mendicant. ୨ । ଭିକାରୀ —2. Beggar; mendicant. ୩ । ବୁଦ୍ଧ ଶିଷ୍ୟ—3. A disciple of the Buddha. ୪ । ବୌଦ୍ଧ ସନ୍ନ୍ୟାସୀ—4. A Buddhist monk. ୫ । ପରିବ୍ରାଜକ—5. An itinerant monk. ୬ । ଦ୍ୱିଜାତିମାନଙ୍କର ବୃଦ୍ଧାବସ୍ଥାରେ ଅବଲମ୍ବନୀୟ ୪ର୍ଥ ଆଶ୍ରମ— 6. The 4th or last stage in the life of a twice born, enjoined by the Śastras.

ଭିକ୍ଷୁକାଶ୍ରମ—ସଂ ବି. (୬ଷ୍ଠୀ ତତ୍; ଭିକ୍ଷୁକ ଆଶ୍ରମ)—ଦ୍ୱିଜାତିଙ୍କର ଶାସ୍ତ୍ର- Bhikshukāśrama ନିର୍ଦ୍ଦିଷ୍ଟ ଚତୁର୍ଥ ଆଶ୍ରମ—The fourth stage in the life of a twice-born, enjoined by the Hindu scriptures (but not observed at present).

ଭିକ୍ଷୋପଜୀବୀ—ସଂ ବିଣ. ପୁଂ (ଭିକ୍ଷା + ଉପଜୀବିନ୍)—ଭିକ୍ଷାଜୀବୀ (ଦେଖ) Bhikshopajibi Bhikshājibi (See) (ଭିକ୍ଷୋପଜୀବିନୀ—ସ୍ତ୍ରୀ)

ଭିକ୍ଷ୍ୟମାଣ — ସଂ ବି. ( ଭିକ୍ଷ୍ ଧାତୁ + କର୍ତ୍ତୃ.ଶାନଚ୍ )— Bikshyamāṇa ଭିକ୍ଷା ମାଗୁଥିବା—Engaged in begging; begging alms.

ଭିଖାରୀ—ଦେ. ବି ପୁଂ.—ଭିକାରୀ (ଦେଖ) Bhikhāri Bhikāri ( See ) ( ଉ—ମଦଗଜଗମନଙ୍କୁ, କଦମ୍ବ ମୂଳଅଙ୍କୁ, ମଣ୍ଡଳା ଭିଖାରୀଙ୍କୁ । କବିସୂର୍ଯ୍ୟ. ସଙ୍ଗୀତ ।)

ଭିଖା(ରି)ରୁଣୀ—ଦେ. ବି. ସ୍ତ୍ରୀ —ଭିକାରୁଣୀ— Bhikhā(ri)ruṇi Bhikāruṇi. (ଉ—ତୁମ୍ଭ ପଦେ ଅଛ ପ୍ରେମ ଭିଖାରିଣୀ । ରାଧାନାଥ. ଚନ୍ଦ୍ରଭାଗା ।)

ଭିଖୁକ—ଗ୍ରା. ବି. ( ସଂ ଭିକ୍ଷୁକ )—ଭିକ୍ଷୁକ ( ଦେଖ ) Bhikhuka Bhikshuka ( See ) (ଉ—ଭିଖୁକ କଥାକୁ ସଙ୍ଗି କରଅଛ ମାନ । ପ୍ରତାପ ଷଷ୍ଠି ସେଣା ।)

ଭିଗ୍‌ଲେଇବା—ଗ୍ରାଦେ (ବାଲେଶ୍ୱର) କ୍ରି. (ଭୁଲ. ବ. ଭେଙ୍ଗାନ; ହି. Bhig-leibā ବଚକାନା)—୧ । ଏଡେଇ ଦେବା —1. To

(ଭଙ୍ଗେଇବା—ଅନ୍ୟରୂପ) make faces. ୨ । ମାଗିଲା ବେଳେ ଅତ୍ୟନ୍ତ ଲେହେଡ଼େଇ ହେବା ବା ନ୍ୟୁନ ହେବା—2. To excessively humiliate oneself while supplicating for a favour.

**ଭଖାରେନ୍**—ପ୍ରାଦେ. (ସମ୍ବଲପୁର) ବି. ସ୍ତ୍ରୀ—ଭିକାରୁଣୀ—
Bhikhāren A beggar woman.

**ଭଗା(ଜା)**—ଦେ. ବିଣ—ଆର୍ଦ୍ର, ଓଦା—
Bhigā(jā) Moist.
ভিজা भीगा

**ଭିଗା(ଗେ, ଜା, ଜେ)ଇବା**—ଦେ. କ୍ରି. (ସଂ. ମସ୍ଜ ଧାତୁ=ମଜ୍ଜିବା; Bhigā(ge, jā, je)ibā କର୍ମ୍ମ ଭିଦ ଧାତୁ; ଭିଜିବା କ୍ରିୟାର ভিজান ଣିଜନ୍ତ ରୂପ)—ଓଦା କରିବା—To moisten; to भिजाना, भिंगाना wet; to soak.

**ଭିଗି(ଜି)ବା**—ଦେ. କ୍ରି (ଭିଦ୍ ଧାତୁ=[ଜଳ] ଭେଦ କରିବା)—
Bhigi(ji)bā ଓଦା ହେବା; ଆର୍ଦ୍ର ହେବା—To get wet; ভিজা भींगना to be moistened; to be drenched or steeped in water.

**ଭିଜାଣ**—ଦେ. ବି—ଓଦା କରିବା କ୍ରିୟା—Act of moistening.
Bhijāṇa ভিজান भींगाना

**ଭିଜା ମାଟି**—ଦେ. ବି—ଆର୍ଦ୍ର ମୃତ୍ତିକା—Wet soil; soil satura-
Bhijā māṭi ভিজা মাটি भींगी मिट्टी ted with water.

**ଭିଜିଟ୍**—ବୈଦେ. ବି (ଇଂ. ଭିଜିଟ୍)—୧ । ଡାକ୍ତରଙ୍କର ରୋଗୀକୁ Bhijiṭ ଦେଖିବାକୁ ଯିବା—1. Doctor's visit to a patient. ভিজিট ୨ । ନିୟମାନୁସାରେ ପରିଦର୍ଶକ କର୍ମ୍ମଚାରୀଙ୍କଦ୍ୱାରା ବିଦ୍ୟା- भिजट ଳୟାଦିର ପରିଦର୍ଶନ—2. Formal inspection of a school etc. ୩ । ରୋଗୀକୁ ଚିକିତ୍ସାର୍ଥ ଦେଖିବାକୁ ଆସିଥିବା ଡାକ୍ତରଙ୍କୁ ଦିଆଯିବା ସଲାମୀ ବା ଦର୍ଶନୀ—3. A doctor's visiting fees. ୪ । ପରିଦର୍ଶନ —4. Visit; inspection.

**ଭିଜିଟ୍ ବହି**—ଦେ. ବି (ଇଂ. ଭିଜିଟର୍ସ୍ ବୁକ୍)—ଯେଉଁ ପୁସ୍ତକରେ Bhijiṭ bahi ବିଦ୍ୟାଳୟାଦିର ପରିଦର୍ଶକମାନେ ଆପଣାର ମନ୍ତବ୍ୟ
ଭିଜିଟ୍ ବୁକ୍ }
ଭିଜିଟର୍ ବୁକ୍ (ବହି) } ଅନ୍ୟରୂପ ଲେଖି ରଖିଯାଆନ୍ତି—A visitors' book; a ভিজিটার বই book kept for recording the remarks भिजिट बही of inspections.

**ଭିଜିଟ୍ କାଡ଼(ର୍ଡ଼)**—ଦେ. ବି (ଇଂ. ଭିଜିଟିଙ୍ଗ୍ କାର୍ଡ)—ଦର୍ଶନୀ Bhijiṭ kārd(rd) ପତ୍ରିକା; କୌଣସି ପଦସ୍ଥ ବ୍ୟକ୍ତିଙ୍କୁ ভিজিটিঙ্গ কার্ড ଦେଖା କରିବା ପାଇଁ ଉପସ୍ଥିତ ବ୍ୟକ୍ତି भिजिटिङ्ग कारड पୂର୍ବରୁ ଆପଣାର ନାମ ଧାମ ଲେଖି ଯେଉଁ ଟିକ (ଭିଜିଟିଙ୍ଗ୍ କାଡ଼[ର୍ଡ୍]—ଅନ୍ୟରୂପ) କାଗଜ ବା ଟିକଟ୍ ପଦସ୍ଥ ବ୍ୟକ୍ତିଙ୍କଠାକୁ ପଠାଇ ଦିଅନ୍ତି—A visiting card.

**ଭିଜିଟର୍**—ବୈଦେ. ବି (ଇଂ. ଭିଜିଟର୍)—ପରିଦର୍ଶନକାରୀ ବ୍ୟକ୍ତି; Bhijiṭar ভিজিটার भिजिटार ପରିଦର୍ଶକ—Visitor.

**ଭି(ଭେ)ଜିଟେବଲ୍ ଘିଅ**—ଦେ. ବି (ଇଂ. ଭେଜିଟେବଲ୍+ସ. ଘୃତ)
Bhi(bhe)jitebal ghia —ଉଦ୍ଭିଦରୁ ଜାତ ଘିଅ—
गाछ घी Vegetable ghee.

**ଭିଜିବା**—ଦେ. କ୍ରି—ଭିଗିବା (ଦେଖ)—Bhigibā (See)
Bhijibā ভিজা भिंगना

**ଭିଜ୍ଞ**—ଦେ. ବିଣ. ପୁଂ (ସ. ଅଭିଜ୍ଞ)—ଚତୁର—(ଭିଜ୍ଞା—ସ୍ତ୍ରୀ)
Bhijña Skilful; intelligent or smart.

**ଭିଟ୍**—ପ୍ରାଦେ (ଯାଜପୁର) ବି—ସଙ୍କଟସ୍ଥଳ; ସନ୍ଦେହଜନକ ବିଷୟ;
Bhiṭ ସମସ୍ୟା—A fix; a perplexing problem; dilemma. (ଯଥା—ମୋତେ ଗୋଟେ ବଡ଼ ଭିଟ୍ ପଡ଼ିଯାଇଛି ।)

**ଭିଟା**—ଦେ. ବି (ସ. ଭିତ୍ତି)—୧ । ପୈତୃକ ବାସଭୂମି; ମୌରସୀ
Bhiṭā ଘରବାଡ଼ି—1. Ancestral homestead. ୨ ।
ভিটা ଉଚ୍ଚ ଜମି—2. Homestead land. [ଦ୍ର—
डिह ପୈତୃକ ଭିଟା—ପୈତୃକ ଘର ଉଚ୍ଚ ଅର୍ଥରେ, ଓ ବାସ୍ତୁଭିଟା —ଘରଭିଚ୍ଚ ଓ ଘରବାଡ଼ି ଅର୍ଥରେ ବ୍ୟବହୃତ ହୁଏ । ]

**ଭିଟା ଉଠା(ଠେ)ଇବା**—ଦେ. କ୍ରି—କୌଣସି ବ୍ୟକ୍ତିକୁ ସର୍ବସ୍ୱାନ୍ତ
Bhiṭā uṭhā(ṭhe)ibā କରି ତାହାକୁ ବାସଭୂମିରୁ ତଡ଼ିଦେବା
ଭିଟା ଉଚ୍ଛନ୍ନ କରିବା }
ଭିଟାମାଟି ଉଚ୍ଛନ୍ନ କରିବା } ଅନ୍ୟରୂପ —To bring about the utter ruin of a
ভিটায় ঘুঘুচরান; ভিটাউচ্ছন্ন করা person by ousting
डीह उजाड़ना him from his homestead.

**ଭିଟାମିନ୍**—ବୈଦେ. ବି (ଇଂ. ଭିଟାମିନ୍)—ବୈଜ୍ଞାନିକ ମତାନୁସାରୀ
Bhiṭāmin ଖାଦ୍ୟରେ ଥିବା ଜୀବନୀଶକ୍ତିପ୍ରଦ ପୁଷ୍ଟିକର ସାରାଂଶ
ভিটামীন भिटामीन —Vitamin.

**ଭିଡ଼**—ଦେ. ବି (ସ. ବହୁଳ; କର୍ମ୍ମ ଧ୍ୱନ୍ୟନୁକରଣ)—୧ । ଜନତା;
Bhiṛda ଲୋକ ଗହଳ—1. Crowd; rush of people
ভীড় at a place. ୨ । ଉଣ୍ଡିବା ବା ଟାଣିବା ଅବସ୍ଥା;
भीड(र) ଟଣାଟଣି—2. The act of drawing tightly. ୩ । ଚାପ; ଚକ୍‌ଚାପ—3. Pressure. ୪ । କାର୍ଯ୍ୟର ଚାପ ବା ଆଧିକ୍ୟ—4. Pressure of work. ୫ । କଷ୍ଟ; ଦୁଃଖ—5. Difficulty; trouble. ୬ । ବଡ଼ ଜାଲର ଗୋଟିଏ ଖଣ୍ଡ—6. One component piece of a big net. [ ଦ୍ର—ଗଭୀର ଜଳାଶୟରେ ମାଛ ମାରିବା ପାଇଁ ଅନେକଗୁଡ଼ିଏ ଜାଲର ଭିଡ଼ମାନଙ୍କୁ ଗଇଁଠାଇ ଆବଶ୍ୟକମତେ ଜାଲକୁ ଲମ୍ବା କରାଯାଏ । ]
ଚୁସ୍ତ चुस्त ଦେ. ବିଣ—ଚୁସ୍ତ; କଷାକଷ୍—Tight.

**ଭିଡ଼ କରିବା**—ଦେ. କ୍ରି—୧ । କଷି କରି ଟାଣିବା—1. To draw
Bhirda karibā tightly. ୨ । ଟାଣିବା କମରେ ବିଶେଷ
[ଭିଡ଼ ଲଗା(ଗେ)ଇବା—ଅନ୍ୟରୂପ) ପରିଶ୍ରମ ଦରକାର କରିବା
জোরে টানা (ଯଥା—ଦକ୍ଷିଣ ବା ପଶ୍ଚିମ ପୋଶରୋରେ ବଡ଼
कसकर खींचना ଜାଲ ପକାଇ ତାହା ଟାଣିଲା ବେଳକୁ ଭିଡ଼ିରେ
জোর চাওয়া ପଙ୍କ ଓ ଦଳ ବାଧା ଦେବାରୁ ଜାଲ ଭାରି ଭିଡ଼

**বল বাহনা** ଦରେ )—2. To require a great
**জেদকরা** force to draw. ୩ । ଜଗର କରିବା;
**জিদ্ করনা** ନିବନ୍ଧ କରିବା—3. To press; to importune.

**ଭିଡ଼ କାମ**—ଦେ. ବି—ବହୁପରିଶ୍ରମସାଧ୍ୟ କାର୍ଯ୍ୟ—Work entailing great labour; toilsome work.
Bhirda kāma
**কষ্টসাধ্য কাজ** **কঠিন কাম**

**ଭିଡ଼ ଭା(ମା,ମୋ)ଡ଼**—ଦେ. ବି (ସଂସ୍କୃତ )—୧ । ଖୁବ୍ ଜନତା—Bhirda bhā(mā,mo)rda 1. A very thick crowd.
**ভারীভিড়** ୨ । ଖୁବ ଟଣା ଓଟାରା—2. Tight drawing;
**भिड़भाड़** tugging. ୩ । ନିର୍ବନ୍ଧାତିଶଯ୍ୟ—3. Importune or pressing request. ୪ । ଅନ୍ୟୋନ୍ୟରେ ଟଣାଟଣି—4. Mutual dragging; tug of war. ୫ । ବଳ କଷାକଷି—5. A mutual test of strength between two contending parties.

**ଭିଡ଼(ଡ଼ା) ଜାଲ**—ଦେ. ବି— ବଡ଼ ଜାଲ; ଯାହା ଗଭୀର ଜଳରେ ପକାଯାଇ ଦୁଇ ମୁଣ୍ଡରେ ଦଉଡ଼ି ଧରିଥିବା ଲୋକଙ୍କଦ୍ୱାରା ଉପରକୁ ଭିଡ଼ା ହୋଇ ଅଣାଯାଏ—A big net which is cast in deep waters and the ends of the ropes passing through the top and bottom of which are dragged into the shore. [ ଦ୍ର—ଭିଡ଼ଜାଲ ଏକାଧିକ ଖଣ୍ଡ ଭିଡ଼ ଏକତ୍ର ସୁସ୍ଥାଯାଇ ଭିଡ଼ଜାଲ ପକାଯାଏ । ]
Bhirda(rda) jāla
**টানাজাল**
**महाजाल**

**ଭିଡ଼ା**—ଦେ. ବି ( ସଂ. ପୀଡ଼୍ ଧାତୁ )—୧ । ଭିଡ଼ିବା; କଷି କରି ଟାଣିବା ବା ଓଟାରିବା—1. Pulling or dragging tightly. ୨ । ଦୃଢ଼ବନ୍ଧନ; କଷି କରି ବାନ୍ଧିବା—2. Binding tightly. ୩ । ସ୍ତ୍ରୀଲୋକଙ୍କ ଜୁଡ଼ାରେ ବନ୍ଧାଯିବା ଧଡ଼ିଆ—3. A tape tied tightly round a chignon. ୪ । ଗାଢ଼ାଲିଙ୍ଗନ—4. A tight embrace. [ ଦ୍ର—ଅଗଣିତ କ୍ରୀଡ଼ା, କାଳେ ଗାଢ଼ ଭିଡ଼ା, ଅନୁଭବରୁ ତ, ଲଭୁଥିବ ବ୍ରୀଡ଼ା । କବିସୂର୍ଯ୍ୟ. ସଙ୍ଗୀତ । ] ୫ । ଗୁମ୍ଫିବା—5. Pressing. ୬ । (ସଂ. ବହୁତର) ପୁଞ୍ଜ; ସମୂହ—6. Multitude. [ ଦ୍ର—ସଗର ପୁତ୍ରଙ୍କରେ ପାଇ ବର ପୀଡ଼ା, ବ୍ରହ୍ମାଙ୍କୁ ଜଣାଇଲେ ସକଳଲୋକ ଭିଡ଼ା କୃଷ୍ଣସିଂହ. ମହାଭାରତ. ବନ । ] ୭ । ଚଳୁଥିବା ନୌକାର ବା ସବାରିଆଦିର ଗତି ସ୍ଥଗିତ କରିବା—7. Stopping the motion of a moving conveyance.
Bhirdā
**টানা**
**भींडना**
**মাথারজড়ী**
**पैठा डोर**
**থামান**
**भींडना**

**ଭିଡ଼ା(ଡ଼େ)ଇବା**—ଦେ· କ୍ରି—୧ । ( ଭିଡ଼ିବା କ୍ରିୟାର ଣିଜନ୍ତରୂପ )- ଅନ୍ୟଦ୍ୱାରା ଭିଡ଼ିବା କିମ୍ବା କରାଇବା—1. To cause to be tightly drawn up, pressed or embraced. [ ଦ୍ର—ପୀଡ଼ାଇ ଓଷ୍ଠକୁ, ଭିଡ଼ାଇ ଅଙ୍ଗକୁ । କବିସୂର୍ଯ୍ୟ. ସଙ୍ଗୀତ ] ୨ । ଯୁଟାଇବା; ମିଳିତ କରାଇବା—2. To cause to meet. ୩ । ସଲଗ୍ନ କରାଇବା—3. To cause to stick or adhere. ୪ । ଚଳୁଥିବା ଯାନଆଦିର ଗତି ସ୍ଥଗିତ କରାଇବା—4. To cause the motion of any conveyance to be stopped.
Bhirdā (rde) ibā
**ভিড়ান**
**मींडाना; भिड़वाना**

**ଭିଡ଼ା ଭିଡ଼ା**—ଦେ. ବଣ ( ସଂ. ବହୁତର )—ବହୁ—Many. [ ଦ୍ର—ପରବତ ପର ଯେ ମହିଁରେ ଲଦଡ଼ା । କୂଳରେ ବାଜୁଥିଲେ ହୋଇ ଭିଡ଼ାଭିଡ଼ା—କୃଷ୍ଣସିଂହ. ମହାଭାରତ. ବନ । ]
hirdā bhirdā
**অনেক** **बहुत**

**ଭିଡ଼ାଭିଡ଼ି**—ଦେ. ବି—ଅନ୍ୟୋନ୍ୟ ଟଣାଟଣି ବା ଝିଙ୍କାଝିଙ୍କି—Bhirdābhirdi 1. Mutual dragging. ୨ । ଅନ୍ୟୋନ୍ୟରେ ସଲଗ୍ନ ହେବା—2. Sticking to each other. ୩ । ଉତ୍ତମ କରି ଭିଡ଼ିବା—3. Dragging tightly. ଦେ. ବି—ଅନ୍ୟୋନ୍ୟ ଆଲିଙ୍ଗନ; କୁଣ୍ଢାକୁଣ୍ଢି—Tightly embracing each other. [ ଦ୍ର—କୃଷ୍ଣ ଅର୍ଜୁନ ଅନ୍ୟୋନ୍ୟରେ ପ୍ରିୟ, ଭିଡ଼ାଭିଡ଼ି ହୋଇଲେ ଲଗାଇ ହୃଦୟ —କୃଷ୍ଣସିଂହ. ମହାଭାରତ. ବନ । ]
**টানাটানি** **भिडाभिडि**

**ଭିଡ଼ି(ଡ଼ୁ)ଣି**—ଦେ. ବି—ଜୁଡ଼ାରେ ଭିଡ଼ିବା ପାଇଁ ବ୍ୟବହୃତ ଯାଟଫୁଲ; ଭିଡ଼ା—A tassellated tape used for binding a chignon tightly.
Bhirdi(rdu)ni
**মাথার পাটের দড়ি**
**पैठा डोर**

**ଭିଡ଼ିବା**—ଦେ. କ୍ରି ( ସଂ. ପୀଡ଼୍ ଧାତୁ )—୧ । ଝିଙ୍କିବା; ଜୋରରେ ବା କଷି କରି ଟାଣିବା—1. To draw or pull tightly. ୨ । ଆକର୍ଷଣ କରିବା; ଓଟାରିବା; ଟାଣିବା—2. To attract; to draw; to pull. ୩ । ଅଙ୍ଗରେ ବାନ୍ଧିବା; ଦୃଢ଼ଭାବରେ ବାନ୍ଧିବା—3. To bind tightly. ( ଦ୍ର—ବାହାରଲେ ଅଙ୍ଗରେ ଗାମୁଛା ଭିଡ଼ି ସଙ୍ଗେ—କୃଷ୍ଣସିଂହ. ମହାଭାରତ. ବନ । ୪ । ଦୃଢ଼ରୂପେ ଆଲିଙ୍ଗନ କରିବା—4. To embrace closely; to hug. [ ଦ୍ର—ପ୍ରେମରେ ଶ୍ରୀକୃଷ୍ଣଙ୍କୁ ସମସ୍ତେ ଭିଡ଼ିଲେ—କୃଷ୍ଣସିଂହ. ମହାଭାରତ. ସଭା । ] ୫ । ଦୃଢ଼ କରି ଯାକିବା—5. To press closely. [ ଦ୍ର—ଗୋପ ଯୁବକଙ୍କ ଶିରୋମଣି, ତୋ ପଦକଞ୍ଜ ଚୁମ୍ବିଲି ପୁଣି, ଭୁଜେ ଧରି ତୁ ଯେ ହରଣଛି ନ ଭଣିଲୁ ଭିଡ଼ି ରେ —କବିସୂର୍ଯ୍ୟ. ସଙ୍ଗୀତ । ) ୬ । ଦୃଢ଼ଭାବରେ ସଲଗ୍ନ କରିବା--6 To attach firmly; to fix firmly. [ ଦ୍ର—ଏରୁ କଟୀରେ ପୀତ ଚେଲ ଭିଡ଼ି—କବିସୂର୍ଯ୍ୟ. ବହାକରତମ୍ଭ. ସଂଗୀତ । ] ୭ । ନଡ଼ିଆ ଆମ୍ବ ଆଦି ଫଳର ଚୋପାକୁ ହାତରେ ଓଟାରି ଛଡ଼ାଇବା—7. To peel off the rind of a fruit with the hand. ୮ । ଗତି କରୁଥିବା ସବାରି ବା ନୌକାଆଦିର ଗତିକୁ ସ୍ଥଗିତ କରିବା—8.
Bhirdibā
**টানা,**
**मिंडना**
**এ টেবাঁধা**
**চেপেধরা**
**कसके पकड़ना**
**চাপা**
**चापना**
**কষা**
**कसना**
**টেনে ছাড়ান**
**नोंचना**
**থামান**
**मिडना**

To stop or draw up a moving conveyance ( such as a palki or boat) . ୯ । ଦୃଢ଼ ଗଡିରେ ଚାଲିବା—9. To walk briskly. [ ଭ୍-ଭିଡ଼ ଦେଲେ ଅଶ୍ୱରେ ଦେଖାଇ ବଳୁଛି—କୃଷ୍ଣସିଂହ.ମହାଭାରତ. ବନ ।] ୧୦ । ଚିପିବା—10. To
টেপা
**टीपना**
squeeze. ୧୧ । ଧୀର ସ୍ଥିର ଅବିଚଳିତଭାବରେ ଉତ୍ସାହର ସହିତ କୌଣସି କାର୍ଯ୍ୟ ପଥରେ ଗତି କରିବା—11. To proceed in a course of action with steadiness and determination; to go on without relaxation.
জমান
**जमाना**
୧୨ । ଜମାଇବା; ସ୍ଥିର କରିବା; ଦୃଢ଼ କରିବା—12. To set firmly (one's seat). [ ଭ୍—ଭଲ ଭୂମେ ବସିଅଛି ଅସନକୁ ଭିଡ଼ି—କୃଷ୍ଣସିଂହ.ମହାଭାରତ. ବନ । ] ୧୩ । ମୁଠାଇବା; ମୁଠାଇ ଧରିବା—
মুঠিয়ে ধরা
**मुठि कसना**
13. To clasp or grasp tightly. (ଭ୍—ସେ କାଣ୍ଡ ଶିଖଣ୍ଡୀ ହୃଦରେ ଗଲା ବୁଡ଼ି, ମୋହ ଗଲେ ଶିଖଣ୍ଡୀ ଧ୍ୱଜ ଯଷ୍ଟି ଭିଡ଼ି—କୃଷ୍ଣସିଂହ. ମହାଭାରତ. କର୍ଣ୍ଣ । ] ୧୪ । ବନ୍ଧନକୁ ଦୃଢ଼ତର କରିବା—14. To tighten a bond; to make tighter.
[ ଭିଡ଼ାଯି(ହେ)ବା—କର୍ମବାଚ୍ୟରୂପ]

ଭିଡ଼ିମ୍ବ—ଦେ. ବି (ଧ୍ୱନ୍ୟନୁକରଣ)—ଆନକ ବାଦ୍ୟବିଶେଷ; ଢୋଲ—
Bhirḍimba A kind of drum.

ଭିଡ଼ିଭିଡ଼ି—ଦେ. କ୍ରି. ବିଣ—୧ । ଦୃଢ଼ରୂପେ ବାନ୍ଧି କରି ବା ଟାଣି—
Bhirḍibhārḍi 1. Tightly; by binding or pulling tightly. (ଭ୍—ପୁଣି ସେ କୂଳେ ଅସି ଚମ୍ପୁଡ଼ା
টেনেটুনে **भिडभाड करके** ଚମ୍ପୁଡ଼ି, ହୋଇ ଦେବେ ଲୁଚି ପିନ୍ଧିଲେ ଭିଡ଼ିଭିଡ଼ି । କୃଷ୍ଣସିଂହ ମହାଭାରତ. ବନ ।)

ଭିଡ଼ିହେବା—ଦେ. କ୍ରି—୧ । ବନ୍ଧନରୁ ମୁକ୍ତ ହେବା ସକାଶେ ଟାଣି
Bhirḍihebā ଓଟାରି ହେବା—1. To pull one's self
ଭିଡ଼ିମା(ମୋ)ଡ଼ି ହେବା } —ଅନ୍ୟରୂପ
ଭିଡ଼ିମୋଡ଼ି ହେବା }
with force in order to be extricated from a bondage.
আড়মোড়া করা, আড়ামোড়া করা
୨ । ମୋଡ଼ି [খাওয়া], আড়ভাঙ্গা ଭିଡ଼ି ହେବା; ଅଙ୍ଗ ପ୍ରତ୍ୟଙ୍ଗାଦି ବିକ୍ଷେପ
**खींचते रहना** କରିବା—2. To throw about one's limbs. (ଭ୍—ଯେତେକ ଥିଲା ଗର୍ବେ ପଡ଼ି, କାଣ୍ଡି ହେବ ଲୁ ହେଲ ଭିଡ଼ି । କବିସୂର୍ଯ୍ୟ ବଳଦା ) ।

ଭିଡ଼େ—ଦେ. କ୍ରି. ବିଣ—ଦୃଢ଼ଭାବରେ; ଖୁବ୍ କଷିକରି—Tightly;
Bhirḍe firmly. (ଭ୍—ଭୂଜ ଯାଗିଲୁ ଭିଡ଼ି ମୋ ଗଲେ, ଭିଡ଼େ ପଦ
জোরে **भिडकर** ଭଞ୍ଜ ଖଞ୍ଜ ଧରଣୀ ଚଳେ । କବିସୂର୍ଯ୍ୟ, ବଶୋଷ
(ଭିଡ଼ରେ; ଭିଡ଼ିକରି—ଅନ୍ୟରୂପ) ଚମ୍ପୂ 'ଭ' ଗୀତ) ।

ଭିଣଭିଣା—ଦେ. ବିଣ. (ସ ଭିନ୍ନ ଉନ୍ନ)—ଭିଣା ଭିଣା (ଦେଖ)—
Bhiṇ-bhiṇā Bhiṇābhiṇā (See)
টুকরাটুকরা **चिरचिर**

ଭିଣା—ଦେ. ବି. (ସ. ଭିନ୍ନ)—୧ । ତୁଳା ଅଦିକୁ ପିଞ୍ଜିବା—1.
Bhiṇā Carding (of cotton). ୨ । ବିଦାରଣ—
ধুনা **धूनना** 2. Splitting up;. tearing up. ୩ ।
ধুনা[ন়ু]রী **धुनरी** ଗଭୀର ଭାବେ ଖମ୍ଭୁଡ଼ା—3. Scratching. deeply. ୪ । ଯେଉଁ ବ୍ୟକ୍ତି ତୁଳାକୁ ଭଣେ—
ধুনাইয়ে 4. Cotton carder. ୫ । ଦେ. ବିଣ.—ପିଞ୍ଜା ହୋଇଥିବା—5. Carded.

ଭିଣା(ଣେ)ଇବା—ଦେ. କ୍ରି—(ଭଣିବା କ୍ରିୟାର ଣିଜନ୍ତ ରୂପ)—ଅନ୍ୟ
Bhiṇā(ṇe)ibā ଦ୍ୱାରା ପିଞ୍ଜାଇ କିମ୍ବା କରାଇବା—To
ধুনান **धुनवाना** cause to be carded.

ଭିଣା କାଣ୍ଡ—ଦେ. ବି- ତୁଳା ଭଣିବାର ଧନୁ—Cotton-carding
Bhiṇā kāṇḍa ধুনারীর আছাড় **धुनरिका काठ** bow.
[ଭଣା କା(ଣ୍ଡ)ଠି—ଅନ୍ୟରୂପ]

ଭିଣା(ଣି) ଭିଣା—ଦେ.ବିଣ (ସ.ଭିନ୍ନ ଉନ୍ନ)—ବହୁଖଣ୍ଡ; ଭଣା ତୁଳା ପରି
Bhiṇā(ṇi) bhiṇā ବିଦାରିତ; ଚିରି ଚିରି ହୋଇ ବିଦାରିତ
ধুনোধুনো, তুলোধুনা ହୋଇଥିବା—Torn or split up in-
**चिर चिर** to splinters or rags; shredded.

ଭିଣା ଭିଣି—ଦେ. ବି—୧ । ତୁଳା ଭଣିବା ବା ପିଞ୍ଜିବା ଅଦି କାର୍ଯ୍ୟ—
Bhiṇā bhiṇi ধুনাধুনি, আঁচড়া আঁচড়ি 1. Carding
**धुना धूनी** of cotton. ୨ । ପରସ୍ପରକୁ ଖମ୍ଭୁଡ଼ିବା; ଖମ୍ଭୁଡ଼ା ଖମ୍ଭୁଡ଼ି—2. Scratching of one another.

ଭିଣା ହାତୁଡ଼ି—ଦେ. ବି-ତୁଳା ଭଣିବା ଧନୁର ସୁତାକୁ ଅନ୍ଦୋଳନ କରିବା
Bhiṇā haturḍi ନିମନ୍ତେ ବ୍ୟବହୃତ ଦୁଇ ମୁଣ୍ଡରେ ଗୋଲକ ଯୁକ୍ତ
ধুনারীর হাতড়ী କାଠି—The dumbbell used for strik-
**धुनरिका हथुरि** ing the string of a carding bow.

ଭିଣିବା—ଦେ. କ୍ରି—(ସ. ଭିନ୍ନ ବା ସ. ଧୂ ଧାତୁ; ଭେଦନ ବା
Bhiṇibā ଧୂନନ)—୧ । (ତୁଳାକୁ) ପିଞ୍ଜିବା—1. To card
ধুনা **धूनना** (cotton). ୨ । ଚିରି ଚିରି କରି ବିଦାରଣ
[ ଭଣା ହେ(ଯି)ବା—କର୍ମବାଚ୍ୟରୂପ ) କରିବା—2. To tear up into shreds or splinters.

ଭିଣି ଭିଣି—ଦେ. କ୍ରି. ବିଣ—ଭଲରୂପେ; ପ୍ରାଞ୍ଜଳଭାବରେ; ଚିରି ଚିରି
Bhiṇi bhāṇi କରି—Thoroughly; minutely.
খুব ভাল করে **धुन धुन कर**

ଭିଣି ଭିଣି ହେବା—ପ୍ରାଦେ.(ସାକ୍ଷୀଗୋପାଳ)କ୍ରି—କ୍ରୋଧରେ ଗରଗର ହେବା—
Bhiṇi bhiṇi hebā To burn with anger; to foam
রাগে গর গর করা **क्रोधमे गिर गिराना** with rage.

ଭିଣି ହେବା—ଦେ. କ୍ରି—୧ । ପିଞ୍ଜା ହୋଇ ପାରିବା—1. To be
Bhiṇi hebā capable of being carded. ୨ । ଭଣି ହୋଇ ଯିବା (ଦେଖ)—2. Bhiṇi hoi jibā (See)

ଭିଣି ହୋଇଯିବା—ଦେ. କ୍ରି—ବ୍ୟତିବ୍ୟସ୍ତ ହୋଇପଡ଼ିବା—
Bhiṇi hoijibā To be pestered (from all
ব্যতিব্যস্তহওয়া **धुनाजाना** quarters); to be bothered.

ଭିଣେ(ଣୋ)ଇ—ଦେ. ବି (ସ. ଭଗ୍ନୀପତି)—୧ । ଭଗ୍ନୀପତି—
Bhiṇe(ṇo)i 1. Sister's husband. (ଭ୍—ଦିନେ

বোনাই, বনাই  କର୍ମ୍ମଚାରୀଙ୍କ ପତ୍ନୀ ବଡ଼ ଭଉଣୀର ସ୍ୱାମୀ । ଭଣେଇ କଣ୍ଟ ଏଡ଼େ କର୍ମ ।
**बहनोइ**  ଜଗନ୍ନାଥ, ଭାଗବତ । ) [ ଦ୍ର—ଅସ୍ମ ସମାଜରେ କୌଣସି ପୁରୁଷର ବଡ଼ ଭଉଣୀଙ୍କର ଓ ସାନ ଭଉଣୀଙ୍କର ସ୍ୱାମୀ ଭାଇ ଭଣେଇ ଅଟେ । ସ୍ତ୍ରୀମାନଙ୍କର ସାନ ଭଉଣୀଙ୍କ ସ୍ୱାମୀ ଭଉଣୀ-ଜୋଇଁ ଓ ବଡ଼ ଭଉଣୀଙ୍କ ସ୍ୱାମୀ ଭଣେଇ ଅଟନ୍ତି । ଭଣେଇର ଅପେକ୍ଷିକ ସମ୍ବନ୍ଧଯୁକ୍ତ ବ୍ୟକ୍ତି ଶଳା, ଶଳାସ୍ତ୍ରୀ ଓ ଶାଳୀ; ଏମାନେ ପରସ୍ପର ପରିହାସସ୍ଥାନୀୟ । ଭଉଣୀ-ଜୋଇଁର ଅପେକ୍ଷିକ ବ୍ୟକ୍ତି ଦେଢ଼ଶାଶୁ; ଏମାନେ ପରସ୍ପର ପରିହାସ ସ୍ଥାନୀୟ ନୁହନ୍ତି । ] ୨ । ତୁଳା ଧୁଣିବା କର୍ମ—
ধুনাই  2. Cotton-carding. ୩ । ତୁଳା ଧୁଣିବାର ମଜୁରି—
**धुनाइ**  3. The wages paid for carding cotton.

ଭିତ୍ରି—ଦେ. ବିଣ—ଭିତରି (ଦେଖ)—Bhitari (See).
Bhit-ri (ଭିତରିଆ—ଅନ୍ୟରୂପ)

ଭିତ୍ରି ବଳଦ୍—ପ୍ରାଦେ (ସମ୍ବଲପୁର) ବି—ଶଗଡ଼ରେ ବା ହଳରେ
Bhit-ri balad  ଲାଗିଥିବା ବାଆଁ ପାଖର ବଳଦ । (ଏହାକୁ
(ବିପରୀତ—ବାହାର ବଳଦ)  ଅଡ଼ାଇବାର ଦ୍ୱିକ ଭିତରେ ଭିତ୍ ।)—
The bullock yoked to the left side of a cart or plough.

ଭିତ୍ରିଆ ପିଲ୍—ପ୍ରାଦେ (ଗଡ଼ଜାତ) ବି—ଭିତରିଆ ପିଲା (ଦେଖ)
Bhit-riā pilā  Bhitiriā pilā (See).

ଭିତ—ଦେ. ଅ (ସଂ. ଭିତ୍ତି ବା ଅଭିତଃ)—୧ । ଅଡ଼; ଦିଗ—
Bhita 1. Direction. ୨ । ଦଳ;ପକ୍ଷ—2. Party.
दिक **ओर**  ୩ । ପାଖ—3. Side.

ଭିତର—ଦେ.ବି.-(ସଂ. ଅଭ୍ୟନ୍ତର) ଅଭ୍ୟନ୍ତର; ଅନ୍ତଃସ୍ଥଳ—1. Inside;
Bhitara  interior. ୨ । ମଧ୍ୟ—2. Midst; the middle.
ভি(ভে)তর  ୩ । ଉଆସ; ଅନ୍ତଃପୁର—3. Harem; female
**भितर, अन्दर** apartments. (ଦ୍ର—ସେ ଲୋକ ଅଣ୍ଟା ମାରି ଯାଇ
(ବିପରୀତ—ବାହାର)  ଭିତରକୁ, ବୁଝି ଅସି କହିଲା ନୃପତି ଛାଇକକୁ । କୃଷ୍ଣସିଂହ, ମହାଭାରତ, ବନ । ) ୪ । ମନ; ଅନ୍ତଃକରଣ; ହୃଦୟ—4. Heart; mind. (ଦ୍ର—ଗୋଳ ଦେଲା ମୋର ବାହାର ଭିତର । ଉପେନ୍ଦ୍ର ଭଞ୍ଜ, କଳାକୌତୁକ ଚମ୍ପୂ, ଗ ଗୀତ; କଥା କହୁଥାଏ ଜଣମଙ୍କୁ, ଶୁଣାଉଥାଏ ସରମଙ୍କୁ, ଭିତରେ ଭିତରେ ଯାହା ହେଉଥାଏ, ସାକ୍ଷୀ ଦେଉଥାଏ ଧରମଙ୍କୁ । ଗୀତ । ) ୫ । ଅନ୍ତରର ଇଚ୍ଛା—5. Inward wish. ବି. ବିଣ—୧ । ଅଭ୍ୟନ୍ତରସ୍ଥ; ଅଭ୍ୟନ୍ତରରେ ଅବସ୍ଥିତ (ଯଥା—ଭିତରଅଗଣାଟି)—1. Internal. ୨। ଗୁପ୍ତ—2. Secret. ୩ । ଅନ୍ତରର; ମାନସିକ—3. Mental. (ଦ୍ର—କହନ୍ତି ଅଙ୍ଗେ ଅଟନ୍ତି ଶୁଦ୍ଧ, କେହି ନ ଜାଣେ ଭିତର ପାପ । ଧାନଭୃଷ୍ଟ, ରସ-କଲ୍ଲୋଳ । ) ୪ । ଦୁଇର ମଧ୍ୟବର୍ତ୍ତୀ—4. Placed or situated between two; interlocated.

ଭିତର ଅଗଣା—ଦେ. ବି (ସଂ. ଅଭ୍ୟନ୍ତର+ଅଙ୍ଗନ)—୧ । ଗୃହର
Bhitara aganā  ଅଭ୍ୟନ୍ତରସ୍ଥ ପ୍ରାଙ୍ଗଣ—1. Inner court-
(ଭିତର ଖଞ୍ଜା—ଅନ୍ୟରୂପ)  yard of a house. ୨ । ଗୃହର
ভিতর পরস্ত  ଅନ୍ତଃପୁର ସଂଲଗ୍ନ ଅଗଣା (ଯହିଁରେ ପରିବାରର
**भितरि आं (अंगन)**  ସ୍ତ୍ରୀମାନେ ଚଳପ୍ରଚଳ କରୁଥାନ୍ତି)—2. The courtyard of a house attached to the female apartments.

ଭିତର କଥା—ଦେ. ବି (ସଂ. ଅଭ୍ୟନ୍ତର+କଥା)—୧ । ଅଭ୍ୟନ୍ତରୀଣ
Bhitara kathā  ବିଷୟ—1. Internal affairs. ୨ ।
(ଭିତର ବିଷୟ—ଅନ୍ୟରୂପ) ହୃଦୟରେ ଗୁପ୍ତ ଭାବ—2. Secret
ভিতরের কথা  mentality. ୩ । ଅନ୍ତରର ଇଚ୍ଛା—3.
**भितरिआ बात**  Inward wish. ୪ । ଚିନ୍ତା—4. Thought.

ଭିତର ଘର—ଦେ. ବି—୧ । ଅନ୍ତଃପୁର—1. Inner apart-
Bhitara ghara  ments. [ ଦ୍ର—ତୁମ୍ଭେ ବୋଲିବ ଭିତର
ভিতর বাড়ি  ଘରେ ଥାଇ । କୃଷ୍ଣସିଂହ, ମହାଭାରତ ବନ । ]
**अन्दरका घर**  ୨ । ଗୃହର ଅଭ୍ୟନ୍ତର ଅଂଶରେ ନିର୍ମିତ ଗୃହ—
2. A house built inside the premises.
ପ୍ରାଦେ (ଖୋରଧା) ବି—ରୋଷେଇ ଘର—Kitchen; cook-room.

ଭିତର ଛ(ଛେ)ଉ—ପ୍ରାଦେ (ପୁରୀ ଜଗନ୍ନାଥ ମନ୍ଦିର) ବି—ମନ୍ଦିରରେ
Bhitara chha(chhe)u  ସେବକମାନଙ୍କର ତତ୍ତ୍ୱାବଧାରକ କର୍ମ-
[ଭିତରଛୁ(ଛୌ)—ଅନ୍ୟରୂପ] ଚାରୀଙ୍କର ରାଜଦତ୍ତ ଉପାଧିବିଶେଷ—
(ଭିତରଛଉ ପଟ୍ଟନାୟକ—ଅନ୍ୟରୂପ)  A title granted to the person who is appointed to supervise the daily service of a Deity.

ଭିତର ତହବିଲ—ଦେ. ବି (ସଂ. ଅଭ୍ୟନ୍ତର+ଆ. ତହବିଲ୍)—ଗଚ୍ଛିତ
Bhitara tahabila  ବା ସଞ୍ଚିତ ଧନ—Hoarded wealth,
ବାହାର ତହବିଲ } ବିପରୀତ  stored up cash. [ ଦ୍ର—
ଚଳନ୍ତି ତହବିଲ }  ସାଧାରଣତଃ ଧନୀ ଲୋକଙ୍କର ତହବିଲ
ভিতর তহবিল  ବା ଧନ ୨ଟି ସ୍ଥାନରେ ରଖାଯାଏ; ବାହାର
**भितर तहबिल**  ତହବିଲ, ଯହିଁରୁ ଚଳନ୍ତି ଆୟ ବ୍ୟୟ ଚଳେ; ଭିତର ତହବିଲ, ଯହିଁରେ ଧନ ଗଚ୍ଛିତ ରହେ ଓ ଅନିବାର୍ଯ୍ୟ ପ୍ରୟୋଜନ ବିନା ସେହି ତହବିଲରେ ହାତ ଦିଆଯାଏ ନାହିଁ ।]

ଭିତର ଦୋଳ—ଦେ. ବି—ଶ୍ରୀକୃଷ୍ଣ ବିଗ୍ରହଙ୍କ ଉପରେ ଫାଲ୍ଗୁନ ଶୁକ୍ଳ ନବମୀ
Bhitara doḷa  ଦିନ ଅବିର ଅର୍ପଣ—The sprinkling
(ଭିତର ଫଗୁ—ଅନ୍ୟରୂପ)  of Abira or red powder on the image of Kṛushṇa on the ninth day of the lighted fortnight of Phālguna.
[ ଦ୍ର—ଏହି ପର୍ବଦିନ (ଫଗୁଦଶମୀ)ଠାରୁ ପୂର୍ଣ୍ଣିମା ପର୍ଯ୍ୟନ୍ତ ଦେବବିଗ୍ରହଙ୍କୁ ମନ୍ଦିରର ବାହାରକୁ ନିଆଁ ଯାଇ ବାହାର-ଫଗୁ ଉତ୍ସବ କରାଯାଏ ।]

ଭିତର ପରସ୍ତ—ପ୍ରାଦେ. (ବାଲେଶ୍ୱର) ବି (ତୁଳ ବ. ଭିତର ପରସ୍ତ)—
Bhitara parasta  ଭିତର ଅଗଣା (ଦେଖ)—Bhitara aganā (See)

ଭିତର୍ପୂଜା—ଦେ. ସଂ.ବି. (ସଂ. ଅଭ୍ୟନ୍ତର+ପୂଜା)—ଦୁର୍ଗାଙ୍କର ଶରତ୍-
Bhitarapujā  କାଳୀନ ଷୋଡ଼ଶ ଦିନ ବ୍ୟାପୀ ପୂଜନର ଆରମ୍ଭ
ভিতর পূজা  (ଆଶ୍ୱିନ କୃଷ୍ଣ ଅଷ୍ଟମୀ)ଠାରୁ ନବପତ୍ରିକା ପୂଜାର

ଅଷ୍ଟମୀ (ଆଶ୍ୱିନ ଶୁକ୍ଳ ସପ୍ତମୀ) ପର୍ଯ୍ୟନ୍ତ ଦୁର୍ଗାଙ୍କର ପୂଜା—The worship of the Goddess Durgā for 16 days beginning from the 8th of the dark fortnight of Āświna to the 8th of the bright fortnight, both inclusive. [ଦ୍ର—ଦୁର୍ଗାଙ୍କର ଷୋଳ ଦିନ ବ୍ୟାପୀ ଶାରଦୀୟ ପୂଜନ ଆଶ୍ୱିନ କୃଷ୍ଣ ଅଷ୍ଟମୀଠାରୁ ଆରମ୍ଭ ହୋଇ ଆଶ୍ୱିନ ଶୁକ୍ଳ ନବମୀରେ ସମାପ୍ତ ହୁଏ; ନବ ଦିନ ବ୍ୟାପୀ ପୂଜନ ଆଶ୍ୱିନ ଶୁକ୍ଳ ପ୍ରତିପଦାଠାରୁ ଆରବ୍ଧ ହୋଇ ଶୁକ୍ଳ ନବମୀରେ ସମାପ୍ତ ହୁଏ; ତିନିଦିନ ବ୍ୟାପୀ ବା ନବପତ୍ରିକା ପୂଜା ଶୁକ୍ଳ ସପ୍ତମୀରେ ଆରବ୍ଧ ହୋଇ ନବମୀରେ ସମାପ୍ତ ହୁଏ। ଏହି ଷୋଳ ଦିନ ମଧ୍ୟରୁ ବା ନଅ ଦିନ ମଧ୍ୟରୁ ପ୍ରଥମ ୧୩ ଦିନ ବା ୬ ଦିନ ପ୍ରତିମାଙ୍କ ମନ୍ଦିର ମଧ୍ୟରେ ପୂଜା କରାଯାଏ ଏହି ପୂଜାକୁ ଭିତର ପୂଜା କହନ୍ତି। ଶୁକ୍ଳ ସପ୍ତମୀଠାରୁ ଶୁକ୍ଳ ନବମୀ ପର୍ଯ୍ୟନ୍ତ ଯେଉଁ ପୂଜା ହୁଏ ତାକୁ ବାହାର ପୂଜା ବୋଲାଯାଏ; କାରଣ, ଏହି ୩ ଦିନ ଦୁର୍ଗାଙ୍କର ଘଟକୁ ବା ମୃଣ୍ମୟୀ ମୂର୍ତ୍ତିକୁ ମନ୍ଦିରର ବାହାରେ ଅନ୍ୟ କୌଣସି ସ୍ଥାନରେ ସ୍ଥାପିତ କରାଯାଇ ପୂଜା କରାଯାଏ।]

**ଭିତର ଫାଙ୍କ**—ଦେ. ବି—୧। ପଦାର୍ଥର ଅନ୍ତଃସ୍ଥଳରେ ଥିବା ମେଲା—
Bhitara phānka 1. A gap inside the body of
কোঁপর a thing. ୨। (ଲକ୍ଷଣାର୍ଥ) ଅଭ୍ୟନ୍ତରୀଣ ବିବାଦ—
**भीतर फाँक** 2. Internal dispute or rupture.

**ଭିତର ଫାଙ୍କା**—ଦେ. ବିଣ—୧। ଯାହା ଭିତରେ ଫାଙ୍କ ଅଛି—
Bhitara phānka 1. Having a gap in the inside.
কোঁপরা **भीतर फाँका** ୨। ଫୋମ୍ପା—2. Hallow.

**ଭିତର ବାହାର**—ଦେ ବି. ( ବିପରୀତ ସହଚର; ସଂ. ଅଭ୍ୟନ୍ତର+
Bhitara bāhāra ବହିଃ)—୧। ଅନ୍ତର ଓ ବହିଃସ୍ଥଳ—1.
ভিতর বাহার Inside and outside. ୨। ମନ ଓ ଦେହ—
**भितर बाहर** 2. Mind and body. ୩। ମାନସିକ ଚିନ୍ତା ଓ ବହିଃପ୍ରକାଶିତ ଭାବଭଙ୍ଗୀ—3. Mental thoughts and external expressions.

**ଭିତର ଭଣ୍ଡାର**—ଦେ. ବି. ( ସଂ. ଅଭ୍ୟନ୍ତର+ଭାଣ୍ଡାଗାର )—ଗୃହ
Bhitara bhandāra ମଧ୍ୟରେ ଥିବା ଗଚ୍ଛିତ ଧନର ଭଣ୍ଡାର—
(ବିପରୀତ—ବାହାର ଭଣ୍ଡାର) Private treasury.
ভিতর ভাণ্ডার [ଦ୍ର—ଅନିବାର୍ଯ୍ୟ ଖରଚ ପାଇଁ ଧନ ଅଣ୍ଟ ହେଲେ
**भितर भण्डार** ଏ ଧନ କଢ଼ା ହୁଏ।] (ଉ—ଏହି ମତେ ଦୁଇ ଯୁଗ ଦିବସ ଗଲା, ଭିତର ଭଣ୍ଡାର ଯନ୍ତେ ରାଜା ସାଇଲା। ପ୍ରାଚୀ. ନଳ ଚରିତ।)

**ଭିତର ସେବା**—ଦେ. ବି—ଦେବଦେବୀମାନଙ୍କ ମନ୍ଦିର ମଧ୍ୟରେ
Bhitara sebā ଦେବତାମାନଙ୍କୁ କରାଯିବା ସେବା (ଯଥା—ପୁଷ୍ପାଳକ, ପୂଜା ପଣ୍ଡା, ମୁଖ ସିଂହାରୀ ଆଦିଙ୍କର ସେବା—The services done to a Deity within the 'holy of holies' of the temple or the inner shrine.

**ଭିତ(ତି)ରି**—ଦେ. ବିଣ. ( ସଂ ଅଭ୍ୟନ୍ତରକ )—୧। ଅଭ୍ୟନ୍ତରୀଣ—
Bhita(ti)ri 1. Internal. ୨। ଅନ୍ତରକ; ମାନସିକ—
গুপ্ত, ভিতরী 2. Inward; mental. ୩। ଗୁପ୍ତ—3. Secret. ୪।
**भितरी** ଗୋପନୀୟ—4. Confidential. ୫। ଅନ୍ତଃପୁର ସମ୍ବନ୍ଧୀୟ—5. Relating to the female apartments.
ପ୍ରାଦେ. ( ଭିତରୁ ଭାଷା )—୧। ଭିତରକୁ—1. Into.
୨। ମଧ୍ୟରେ—2. Inside; in; amongst.

**ଭିତ(ତି)ରି କଥା**—ଦେ. ବି—(ସଂ. ଆଭ୍ୟନ୍ତରକ+କଥା)—୧।
Bhita(ti)ri kathā ଗୁପ୍ତ କଥା—1. Secret or confi-
ভি(ভে)তরের কথা, ভিতরীকথা dential matter
**भितरी बात** ୨। ଅଭ୍ୟନ୍ତରୀଣ ବିଷୟ—2. Internal affair.
[ଭିତ(ତ)ରି ମାମଲତ—ଅନ୍ୟରୂପ] ୩। ଅବୈଧ ଉପାୟ—
3. Underhand means. ୪। ଅନ୍ତରକ ଇଚ୍ଛା—
4. Inward wish.

**ଭିତ(ତି)ରିଆ**—ଦେ. ବିଣ—(ସଂ. ଅଭ୍ୟନ୍ତରକ)—୧। ଅଭ୍ୟନ୍ତରୀଣ—
Bhita(ti)riā ভিতরিয়া 1. Internal; inner ୨।
**भितरिया** ଅନ୍ତଃପୁର ସମ୍ବନ୍ଧୀୟ—2. Relating to the harem.
୩। ରହସ୍ୟ ଭେଦକାରୀ—3. Prying into or unravelling secrets ୪। ଅନ୍ତରକ; ମାନସିକ—
4. Inward; mental. ୫। ଗୁପ୍ତ—5. Secret. ଦେ ବି—ରହସ୍ୟ ଭେଦକାରୀ ବ୍ୟକ୍ତି—One who prie into or unravels secrets.

**ଭିତ(ତି)ରି ଚାଲ୍(ଲି)**—ଦେ. ବି—୧। ଗୁପ୍ତ ବା କୂଟ ଆଚରଣ—
Bhita(ti)ri chāl(li) 1. Diplomacy; tactics.
ভিতরিচাল **भितरिचाल** ୨। ଷଡ଼ଯନ୍ତ୍ର—2. Plot.

**ଭିତ(ତି)ରିଆ ଟୋକା**—ପ୍ରାଦେ. (ଗଡ଼ଜାତ) ବି—ରାଜାମାନଙ୍କ ଅନ୍ତଃ
Bhita(ti)riā ṭokā ପୁରକୁ ଖବର ନିଅଆଣ କରିବା ପିଲା
[ ଭିତ (ତି)ରିଆ ପିଲା—ଅନ୍ୟରୂପ ] ଚାକର—A page or young boy engaged in a Raja's harem or seraglio.

**ଭିତ(ତି)ରି ଖବର**—ଦେ. ବି—(ସଂ. ଅଭ୍ୟନ୍ତରକ+ଫା. ଖବର୍)—
Bhita(ti)ri khabara ୧। ଅଭ୍ୟନ୍ତରୀଣ ସମ୍ବାଦ—1. News
ভিতিরিখবর about internal affairs. ୨। ଗୁପ୍ତ ଖବର—
**भितरीखबर** 2. Secret news. ୩। ଗୋପନୀୟ ସମ୍ବାଦ—
3. Confidential information. ୪। ଅନ୍ତଃପୁରରୁ ଆସିଥିବା ସମ୍ବାଦ—4. News sent from the harem by the Ranees.

**ଭିତ(ତି)ରି ପେଚ(ଞ୍ଚ)**—ଦେ. ବି (ସଂ. ଅଭ୍ୟନ୍ତରକ+ଫା. ପେଚ)—
Bhita(ti)ri pecha(ñcha) କୂଟ ଯୁକ୍ତି ବା କୌଶଳ—
ভিতরপ্যাঁচ **भितरीपेंच** Secret device; covert means.

**ଭିତ(ତି)ରି ଭିତ(ତି)ରି**—ଦେ. କ୍ରି. ବିଣ—ଗୋପନରେ—Secretly.
Bhita(ti)ri bhita(ti)ri ভিতরেভিতরে **भितरीभितर**

**ଭିତରେ**—ଦେ. କ୍ରି. ବିଣ; ଅବ୍ୟୟ ( ସଂ. ଅଭ୍ୟନ୍ତର )—
Bhitare ୧। ଅନ୍ତଃସ୍ଥଳରେ—1. Inside ( ଉ—ବାହାରେ

ଭିତରେ ଖାଉ ଭିତରେ ମାରୁ । ଲୋ । ) ୨ । ଅନେକଙ୍କ ମିତर ମଧ୍ୟରେ—2. Amongst (many). ( ଯୁ—କୋଟିଏ ଭିତରେ ଗୋଟିଏ ମଣିଷ ଦେଖିଲିନି କାହିଁ ତୋଳେ । ଲୋ) ୩ । ହୃଦୟରେ; ମନରେ—3. In the heart; mentally. ୪ । ଦେହ; ଦ୍ୱାରା—4. By. (ଯଥା—ତୋ ଭିତରେ ଯାହା ହେବ ତାହା ତୁ କର ) ୫ । ଗୋପନରେ; ଗୁପ୍ତରେ; ଲୋକ ନୟନ ଅଗୋଚରରେ—5. Secretly. (ଯୁ—ବାହାରେ ମାରୁଛ ବହୁତ ଗପ, ଭିତରେ କରୁଛ ଅପାର ପାପ । ଲୋ ।) ୬ । ସମୟର ସୀମା ମଧ୍ୟରେ—6. Within the time-limit of; during. ( ଯୁ—ତେତେବେଳ ଭିତରେ ସୀତାଙ୍କୁ ନେଇ, ସମର୍ପ ଶ୍ରୀରାମଙ୍କୁ ଅମ୍ଭେ କହୁଥାଇଁ । କୃଷ୍ଣସିଂହ· ମହାଭାରତ, ବନ । )

ଭିତରେ ଭିତରେ—ଦେ· କି. ବଣ—୧ । ଆପଣା ଆପଣା ମଧ୍ୟରେ, Bhitare bhitare ମାତ୍ର ଗୋପନରେ—1. Amongst one ভিতরে ভিতরে another but not openly. ( ଯୁ—ଗାଁରେ मितर मितर ସ୍ତ୍ରୀମାନେ ଭିତରେ ଭିତରେ କହଥା ଅଉ ଗେଲ୍ଲୀକଥା ଫୁଟୁରୁ ଫୁଟୁରୁ ହେଲେ । ଲୁଲୁଲାଲୁମାସି. ନଅଭଉଣୀ । ) ୨ । ଗୋପନରେ; ଲୋକଚକ୍ଷୁର ଅନ୍ତରାଳରେ—2. In secret. (ଯୁ—ଏକାଦଶୀ ନିରାହାର; ଭିତରେ ଭିତରେ ଚୁଡ଼ା ମାର; ଭିତରେ ଭିତରେ ଛେନା ଚକଟା, ବାହାରେ ଲାଗିଛୁ କଳ । ଲୋ ।)

ଭିତା—ପ୍ରାଦେ ( ମେଦିନୀପୁର ) ବି. ( ଭୂଲ· ସଂ ଭିତ=ଦିଗ, Bhitā ତରଫ )—୧ । ଧାର—1. Edge. ୨ । ଦିଗ—2. Quarter. ୩ । ତରଫ—3. Direction.

ଭିତା ମାରିବା—ପ୍ରାଦେ (ମେଦିନୀପୁର) କି—କାଟ କରିବା (ଦେଖ) Bhitā māribā Kati karibā (See).

ଭିତେ—ପ୍ରାଦେ (କଟକ) ଅ—ଦ୍ୱାରା—By. (ଯଥା—ମୋ ଭିତେ ସେ Bhite ଦ୍ୱାରା ସେ ହୋଇ ପାରବ ନାହିଁ । )

ଭିତ୍ତ—ସଂ. ବଣ (ଭିଦ୍ ଧାତୁ+କର୍ମ. ତ)—ଖଣ୍ଡିତ—Bhitta Cut; split up.

ଭିତ୍ତି—ସଂ. ବି. (ଭିଦ୍ ଧାତୁ+କର୍ମ. ତି)—୧ । ପ୍ରଦେଶ; ଅଞ୍ଚଳ—Bhitti 1. Province; tract of country. ୨ । ବିଭାଗ—2. Department; division. ୩ । ପାଚେରି; କାନ୍ଥ; ବାଡ଼—3. Wall. ୪ । କ୍ଷୁଦ୍ରାଂଶ; ଖଣ୍ଡ—4. Small portion piece; fragment. ୫ । ପ୍ରଭେଦ—5. Difference. ୬ । ଗୃହର ମୂଳପତ୍ତନ; ମୂଳଦୁଆ—6. Foundation.

ଭିତ୍ତିକା—ସଂ. ବି (ଭିତ୍ତି ସ୍ୱାର୍ଥେ କ+ଆ)—କାନ୍ଥ—Bhittikā Wall.

ଭିତ୍ତିମାତ୍ର—ସଂ. ବି (୬ଷ୍ଠୀ ତତ୍, ଭିତ୍ତି+ମାତ୍ର)—କାନ୍ଥର ଉପର ଭାଗ; Bhittimātra କାନ୍ଥର ଦେହ—The surface of a wall; the body of a wall.

ଭିତ୍ତି ଚୌର—ସଂ. ବି (ମଧ୍ୟପଦଲୋପୀ କର୍ମଧା: ଭିତ୍ତି+ଚୌର)—ସେନ୍ଧି Bhitti chaura ଚୋର କାନ୍ଥରେ ସିନ୍ଧି କରି ଚୋରି କରେ; ସିନ୍ଧିଆଳ ଚୋର—A house breaker; a burglar.

ଭିତ୍ତି ପ୍ରସ୍ତର—ସଂ. ବି (ମଧ୍ୟପଦଲୋପୀ କର୍ମଧା; ଭିତ୍ତି+ପ୍ରସ୍ତର)—ଘରର Bhitti prastara ମୂଳଦୁଆରେ ବା ଭିତ୍ତିପତ୍ତନରେ ପ୍ରଥମେ ସ୍ଥାପିତ ପଥର—Foundation stone.

ଭିତ୍ତି ଭୂମି—ସଂ. ବି—(୬ଷ୍ଠୀତତ୍ ଭିତ୍ତି+ଭୂମି)—ଘରର ମୂଳଦୁଆ—Bhitti bhūmi The foundation of a building.

ଭିତ୍ତି ମୂଳ—ସଂ. ବି (୬ଷ୍ଠୀ ତତ୍; ଭିତ୍ତି+ମୂଳ)—ମୂଳଦୁଆ; ଭୂଇଁ ପଟନର Bhitti mūla ତଳେ ଥିବା କାନ୍ଥର ଅଂଶ—Foundation wall; the part of a wall below the ground level.

ଭିତ୍ତି ସ୍ଥାପନ—ସଂ. ବି (୬ଷ୍ଠୀ ତତ୍ ଭିତ୍ତି+ସ୍ଥାପନ)—ଘରର ମୂଳଦୁଆ Bhitti sthāpana ପକାଇବା—Laying of the foundation of a house or building.

ଭିତ୍ତି ହୀନ—ସଂ. ବଣ (୩ୟାତତ୍; ଭିତ୍ତି+ହୀନ)—୧ । ଯାହାର ମୂଳଦୁଆ Bhitti hina ନ ଥାଏ—1. Without foundation. ୨ । ଅମୂଳକ—2. Groundless. ୩ । ଯାହାର ଭିଟା ବା ଘର ନାହିଁ—3. Homeless.

ଭିଦ୍(ନ୍ଦ୍) ଧାତୁ(ସଂ)-ଭେଦ କରିବା—To pierce; to penetrate. Bhid(nd) root

ଭିଦ୍—ସଂ. ବଣ ( ଭିଦ୍ ଧାତୁ+କର୍ତ୍ତୃ. କ୍ୱିପ୍ )—ଭେଦକାରୀ (ଯଥା—Bhid ଗୋତ୍ରଭିଦ୍)—Piercing.

ଭିଦା—ସଂ. ବି (ଭିଦ୍ ଧାତୁ+ଭାବ.ଅ+ଆ)—୧ । ଛେଦନ; କର୍ତ୍ତନ—Bhidā 1. Cutting. ୨ । ଭେଦ କରିବା; ଭିତରକୁ ପଶିବା—2. Penetrating; piercing. ୩ । ଫାଡ଼ିବା; ବିଦାରଣ—3. Splitting up; tearing. ୪ । ପାର୍ଥକ୍ୟ; ପ୍ରଭେଦ—4. Difference. ୫ । ଫୋଡ଼ିବା; କଣା କରିବା—5. Drilling; boring.

ଭିଦି(ଦୁ)ର—ସଂ. ବି (ଭିଦ୍ ଧାତୁ+କର୍ତ୍ତୃ ଇର, ଉର)—ବଜ୍ର; ଅଶନି—Bhidi(du)ra Thunder. [ଯୁ—ଭିଦୁର ଏହିଟି କବେକ ମୁଣ୍ଡରେ)—ଉପସୂର୍ଯ୍ୟ. କଲ୍ଲୋଳମାଳ୍ୟ 'ଭ' ଗୀତ ।] ସଂ. ବଣ—୧ । ଭଙ୍ଗପ୍ରବଣ—1. Brittle; fragile. ୨ । ମିଶ୍ରିତ—2. Mixed together.

ଭିଦେଲିମ—ସଂ· ବଣ ( ଭିଦ୍ ଧାତୁ+କର୍ମ କର୍ତ୍ତୃ. ଏଲିମ )—ଭଙ୍ଗୁର—Bhidelima Brittle; fragile.

ଭିଦ୍ୟ—ସଂ. ବଣ (ଭିଦ୍ ଧାତୁ+କର୍ମ. ଯ)—୧ । ଭେଦନୀୟ; ଯାହା Bhidya ଭେଦ କରିବା ଯୋଗ୍ୟ ଅଟେ—1. Penetrable. ୨ । ଯାହାକୁ କଣା କରିବା ଉଚିତ—2. Fit to be bored through. ବି.—ତୀର ଭେଦକାରୀ ନଦୀ—A river which bursts through the embankment.

ଭିଦ୍ୟମାନ—ସଂ· ବଣ—୧ । (ଭିଦ୍ ଧାତୁ+କର୍ତ୍ତୃ. ଅନ)—ଯାହା ଭେଦ Bhidyamāna କରୁଅଛି—1. Piercing. ୨ । (+କର୍ମ· ଅନ)—ଯାହାକୁ ଭେଦ କରା ଯାଉଅଛି—2. Being rent asunder.

ଭିନ—ଗ୍ରା. ବିଣ (ସ. ଭିନ୍ନ)—ଭିନ୍ନ (ଦେଖ)
Bhina    Bhinna (See)

ଭିନ(ନି, ନୁ)ଷ୍ଟା(ଷ୍ଟା)—ବୈଦେ. ବି ( ଇଂ )—ଫୁଲ ଲତାବିଶେଷ—
Bhina(ni,nu)strā(stā) ভিনষ্টা A kind of flowering
मिनिस्ता    creeper; Bignonia Venusta.

ଭିନେ—ଗ୍ରା. ବିଣ ( ସ. ଭିନ୍ନ )—୧ । ଭିନ୍ନ—1. Separated.
Bhine ভিন্ন भिन्न; जुदा    ୨ । ପୃଥଗନ୍ନ ଓ ପୃଥଗ୍ବାସ
ହୋଇଥିବା—2. Separated in mess and lodging. ୩ । ଅଲଗା; ପୃଥକ୍—3. Separate.
[ଉ—ପ୍ରଭୁଙ୍କର ସିଂହା ଭିନେ । ସୁଧାକାଥ. ବିବେକୀ ।]
୪ । ସ୍ୱତନ୍ତ୍ର—4. Individual; distinct.

ଭିନେ ହେବା—ଗ୍ରା. କ୍ରି—ପୃଥଗନ୍ନ ବା ପୃଥଗ୍ବାସ ବା ଉଭୟ ହେବା—
Bhine hebā To separate from each other in
ভিন্ন হওয়া भिन्न होना    mess or lodging or both.

ଭିନେ ହାଣ୍ଡି କରିବା—ଗ୍ରା. କ୍ରି—କୌଣସି ବ୍ୟକ୍ତିଙ୍କ ରୁଷେଇରୁ ଆପଣାର
Bhine hāṇḍi karibā ରୁଷେଇକୁ ଅଲଗା କରି ନେବା—
To separate from another in mess.

ଭିନ୍ଦିପାଳ—ସ. ବି. (ଭିଦ୍ ଧାତୁ+ଭାବ. ଇ=ଭିନ୍ଦି=ଶତ୍ରୁର
Bhindipāḷa ଭେଦନକୁ+ପାଳ ଧାତୁ=ରକ୍ଷା କରିବା+କର୍ତ୍ତୃ.
ଅ )—କ୍ଷେପଣାସ୍ତ୍ରବିଶେଷ; କ୍ଷେପଣୀୟ ଶରବିଶେଷ—
A weapon thrown at the enemy; a short arrow thrown by the hand or through a tube.

ଭିନ୍ନ—ସ. ବିଣ (ଭିଦ୍ ଧାତୁ+କର୍ମ. ତ)—୧ । ଅଲଗା; ସ୍ୱତନ୍ତ୍ର;ପୃଥକ୍—
Bhinna 1. Separate; distinct. ୨ । ଅନ୍ୟ—2. Different. ୩ । ଛିନ୍ନ—3. Torn. ୪ । ବିଭକ୍ତ 4. Divided. ୫ । ତ୍ୟକ୍ତ—5. Abandoned. ୬ । ଭଗ୍ନ—6. Broken. ୭ । ଖଣ୍ଡିତ—7. Cut. ୮ । ବିଦୀର୍ଣ୍ଣ; ବିଦାରିତ—8. Split up. ୯ । ମର୍ଦ୍ଦିତ; ବିଦଳିତ—9. Pounded; crushed. ୧୦ । ଭେଦିତ—10. Pierced. ଉ—କାମ ଶରେ ହୃଦୟ କରି ଦେବ ଭିନ୍ନ । କୃଷ୍ଣସିଂହ, ମହାଭାରତ. ସଭା ।] ୧୧ । ବିଚ୍ଛୁରିତ; ବିକ୍ଷୀଭୂତ—11. Diffused. ୧୨ । ପ୍ରତିଫଳିତ—12. Reflected. ୧୩ । ବିଫଳୀକୃତ; ନିରସ୍ତ—13. Nullified. ୧୪ । ଶିଥିଳୀକୃତ—14. Slackened. ୧୫ । ବିକଶିତ—15. Opened; manifested; full-blown. ୧୬ । ସ୍ଖଳିତ—16. Slipped. ୧୭ । ଲୁଣ୍ଠିତ—17. Looted. ୧୮ । ସ୍ପଷ୍ଟୀକୃତ—18. Made clear. ୧୯ । ମିଶ୍ରିତ—19. Mixed. ୨୦ । ପୃଥକ୍ କୃତ—20. Separated; severed. ଦେ. ଅ—( ସଂ. ଭିନ୍ନମ୍ )—ବ୍ୟତୀତ; ଛଡ଼ା—Besides; except; save. ଦେ. ବି—ଭଗ୍ନାଂଶ—A fraction.

ଭିନ୍ନକ—ସ. ବି ( ଭିନ୍ନ+କ )—ସମ୍ପଣକ ବୌଦ୍ଧ ଭିକ୍ଷୁ—
Bhinnaka    A Buddhist monk.

ଭିନ୍ନ କରିବା—ଦେ. କ୍ରି—୧ । ଅଲଗା କରିବା; ପୃଥକ୍ କରିବା—
Bhinna karibā 1. To separate. ୨ । ଆପଣାଠାରୁ
ভিন্ন করা ଅନ୍ତର କରିବା—2. To separate from
भिन्न करना one's self. ୩ । ତ୍ୟାଗ କରିବା—3. To abandon.

ଭିନ୍ନ କ୍ରମ—ସ. ବି ( ବହୁବ୍ରୀହି )—କ୍ରମଭଙ୍ଗରୂପ କାବ୍ୟର ଦୋଷ-
Bhinna krama ବିଶେଷ—A defect in literary composition consisting of the breaking of sequence. ସ. ବିଣ—ଯାହାର କ୍ରମଭଙ୍ଗ ହୋଇଅଛି—Having the sequence broken.

ଭିନ୍ନ ଗୁଣନ—ଦେ. ବି ( ଗଣିତ ପରିଭାଷା )—ଭଗ୍ନାଂଶ ରାଶିମାନଙ୍କର
Bhinna guṇana ଗୁଣନ—Multiplication of fractions. [ ଦ୍ର—ଏହିପରି 'ଭିନ୍ନ ସଙ୍କଳନ' 'ଭିନ୍ନ ବ୍ୟବକଳନ'; ଭିନ୍ନ ହରଣ ଆଦି ଶବ୍ଦ ହୁଏ । ]

ଭିନ୍ନ ଜାତି—ଦେ. ବି ( କର୍ମଧା; ଭିନ୍ନ+ଜାତି)—ବର୍ଣ୍ଣାନ୍ତର; ଅନ୍ୟଜାତି
Bhinna jāti ବା ଶ୍ରେଣୀ—Another caste or class; a different class.

ଭିନ୍ନ ଜାତୀୟ—ଦେ. ବିଣ ପୁଂ (ଭିନ୍ନ ଜାତି+ସମ୍ବନ୍ଧାର୍ଥେ ଇୟ)—ଅନ୍ୟ
Bhinna jātiya ଜାତିସମ୍ବନ୍ଧୀୟ—Belonging to a
(ଭିନ୍ନଜାତୀୟା—ସ୍ତ୍ରୀଲିଙ୍ଗ) different class or caste.

ଭିନ୍ନ ପ୍ରକାର—ସ. ବି ( କର୍ମଧା)—ଅନ୍ୟପ୍ରକାର—
Bhinna prakāra    Different kind.
ସ. ବିଣ ( ବହୁବ୍ରୀହି )—ଅନ୍ୟ ପ୍ରକାରର—Of different kind or sort.

ଭିନ୍ନ ବୃତ୍ତି—ସ. ବି ( କର୍ମଧା)—ସ୍ୱତନ୍ତ୍ର ବ୍ୟବସାୟ—
Bhinna bṛutti    Different profession.

ଭିନ୍ନ ଭିନ୍ନ—ଦେ. ବିଣ ( ବହୁବଚନ )—୧ । ଖଣ୍ଡ ଖଣ୍ଡ; ଟିକି
Bhinna bhinna ଟିକି—1. Shattered to pieces.
ভিন্ন ভিন্ন [ ଉ—ତପାଣି ବେନି ସାନୁମାନ, କାଳ ତନୁରେ
भिन्न भिन्न ଭିନ୍ନ ଭିନ୍ନ । ଉପେ. ବୈଦେହୀଶବିଳାସ । ] ୨ । ପୃଥକ୍ ପୃଥକ୍; ବହୁପୃଥକ୍ ( ବସ୍ତୁ )—2. Many different or distinct( things).

ଭିନ୍ନଭିନ୍ନ ହେବା—ଦେ. କ୍ରି—୧ । ପୃଥକ୍ ପୃଥକ୍ ଏବଂ ଛିନ୍ନଛିନ୍ନ ହେବା
Bhinnabhānna hebā —1. To be separated
ভিন্ন হওয়া and scattered. ୨ । ଛିନ୍ନଭିନ୍ନ ହେବା—
भिन्न भिन्न होना 2. To be routed. ୩ । ଖଣ୍ଡ ଖଣ୍ଡ ହେବା—3. To be shattered to pieces. ୪ । ପୃଥଗନ୍ନ ପୃଥଗ୍ବାସ ହେବା—4. To be separated from one another in mess and lodging.

ଭିନ୍ନ ମତ—ସ. ବି ( କର୍ମଧା; ଭିନ୍ନ+ମତ)—ପୃଥକ୍ମତ; ଅନ୍ୟମତ—
Bhinna mata    Separate or different opinion.
ଭିନ୍ନମତା—ସ୍ତ୍ରୀ) ସ. ବିଣ. ପୁଂ—ଭିନ୍ନମତାବଲମ୍ବୀ ( ଦେଖ )—
Bhinnamatābalambi ( See )

**ଭିନ୍ନମତାବଲମ୍ବୀ**—ସଂ. ବିଣ. ପୁଂ (ଭିନ୍ନମତ+ଅବଲମ୍ବ+ଇନ୍, ୧ମା. ୧ବ)—ପୃଥକ୍‌ମତପୋଷଣକାରୀ—
Bhinnamatābalambi
(ଭିନ୍ନମତାବଲମ୍ବିନୀ—ସ୍ତ୍ରୀ) Holding a different view or opinion.

**ଭିନ୍ନ ରୁଚି**—ସଂ. ବିଣ (ବହୁବ୍ରୀହି; ଭିନ୍ନ+ରୁଚି)—ପୃଥକ ରୁଚିବିଶିଷ୍ଟ—
Bhinna ruchi Of different taste.
ସଂ. ବି (କର୍ମଧା)—ପୃଥକ୍ ରୁଚି—Different taste.

**ଭିନ୍ନାଭିନ୍ନ**—ଦେ. ବି—୧ । ପ୍ରଭେଦ—1. Difference. ୨ । ଅନ୍ୟଥାଭାବ—2. The state of being otherwise. [ଉ—ବେଦ ବଚନେ ଅଛି କହୁ ଏଥିରେ ଭିନ୍ନାଭିନ୍ନ ନାହିଁ । ପ୍ରାଚୀ. କର୍ଣ୍ଣସମାଚାର । ]
Bhinnābhinna
ভেদাভেদ
**भिन्नाभिन्न; भेदाभेद**

**ଭିନ୍ନାଞ୍ଜନ**—ସଂ. ବି (କର୍ମଧା; ଭିନ୍ନ+ଅଞ୍ଜନ)—ଦଳିତାଞ୍ଜନ (ଦେଖ)
Bhinnānjana —Dalitānjana (See).
[ଉ—ସଘନେ ନୋହୁ ଭିନ୍ନ ଭିନ୍ନାଞ୍ଜନକେଶୀ ମନକୁ ମନ ପିଅଇବ । ଉପେନ୍ଦ୍ର ଭଞ୍ଜ. ପ୍ରେମସୁଧାନିଧି । ]

**ଭିନ୍ନାର୍ଥ**—ସଂ. ବି (କର୍ମଧା; ଭିନ୍ନ+ଅର୍ଥ)—ପୃଥକ୍ ବା ଅନ୍ୟ ମାନେ—
Bhinnārtha Different meaning. ସଂ. ବିଣ (ବହୁବ୍ରୀହି) ଭିନ୍ନାର୍ଥକ (ଦେଖ)—Bhinnārthaka (See).

**ଭିନ୍ନାର୍ଥକ**—ସଂ. ବିଣ (ବହୁବ୍ରୀହି; ଭିନ୍ନ+ଅର୍ଥ)—ପୃଥକ୍ ବା ଅନେକ ଅର୍ଥ ବିଶିଷ୍ଟ—Having different meaning or meanings.
Bhinnārthaka

**ଭିନ୍ନେ**—ଦେ. ବିଣ (ସଂ. ଭିନ୍ନ)—୧ । ସ୍ୱତନ୍ତ୍ର; ପୃଥକ୍—1. Separate, distinct. ୨ । ଅସାଧାରଣ—2. Unusual; peculiar; extraordinary. [ଉ—ଭିନ୍ନେ ଅଙ୍ଗ ଚୋ ସାଙ୍ଗରେ, ପଙ୍କଜନୟନା । ମାନେ ବଳନ୍ତୁ ମନରେ । ପ୍ରାଚୀନ. ସଙ୍ଗୀତ. ଗୋପୀ । ] ୩ । ପୃଥଗନ୍ନବାସ—3. Separated in mess and lodging. ଦେ. କ୍ରି. ବିଣ—୧ । ପୃଥକ୍‌ଭାବରେ—1. Differently. ୨ । ଅସାଧାରଣ ଭାବରେ—2. Unusually.
Bhinne
ভিন্ন
**भिन्न**

**ଭିୟା**—ଭସ. ବି. ସ୍ତ୍ରୀ (ଭୀ ଧାତୁ=ଭୟ କରିବା+ଭାବ. ଅ)—ଭୟ; ଶଙ୍କା—Fear; apprehension.
Bhiyā

**ଭିରିଙ୍ଗ**—ପ୍ରାଦେ (ସମ୍ବଲପୁର) ବି—ଘୃଣା—
Bhiring Hatred.

**ଭିରିଡ଼ି**—ପ୍ରାଦେ (ଗଡ଼ଜାତ)—ଭିରୁଡ଼ି (ଦେଖ)
Bhirirdi Bhirurdi (See)

**ଭିରୁଡ଼ି(ଳି)**—ଦେ. ବି (ସଂ. ଭୃଙ୍ଗରୋଳ, ବରଟ)—ହଳଦିଆ ଡୋରା ବିଶିଷ୍ଟ ଭୃଙ୍ଗ—Wasp.
Bhirurdi(li) ভীমরুল
**भिड, ततैया, बरै, बिड(ल)नो**

**ଭିରୁଡ଼ି(ଳି)ମୁହାଁ**—ଦେ. ବିଣ. ପୁଂ—ଯାହାର ମୁହଁରେ ସବୁବେଳେ କ୍ରୋଧସୂଚକ ଭଙ୍ଗୀ ଦେଖାଯାଏ—Frowning; having a face indicative of an angry mood. (ଭିରୁଡ଼ିଆ—ଅନ୍ୟରୂପ) (ଭିରୁଡ଼ି[ଳି] ମୁହିଁ—ସ୍ତ୍ରୀ)
Bhirurdi(li)muhān
ভীমরুল মুখো
**विढनी मुहाँ**

**ଭିରୁଡ଼ି ମାଇଲା ପରି ହେବା**—ଦେ. କ୍ରି—୧ । (ଭିରୁଡ଼ି ଦଂଶିଲେ ତା ନାହୁଡ଼ର ଜ୍ୱାଳାରେ ମନୁଷ୍ୟ ଯେପରି ଅସ୍ଥିର ହୁଏ ସେହିପରି) ଅସ୍ଥିର ହେବା—1. To be restless. ୨ । କ୍ରୋଧରେ ଅସ୍ଥିର ହେବା—2. To be restless with anger.
Bhirurdi māilā pari nebā
ভীমরুল কামড়ানের মত হওয়া
**बिढनीकाटनेका पसा होना**

**ଭିରୁଲି**—ପ୍ରାଦେ. (ସିଂହଭୂମ) ବି—ଭିରୁଡ଼ି—
Bhiruli Wasp.

**ଭିଲ୍ (ଧାତୁ)**—ସ—ଭେଦନ କରିବା—
Bhil (root) To pierce.

**ଭିଲ(ଲ)**—ପ୍ରାଦେ. (ସମ୍ବଲପୁର) ବି—ଦଳ; ଗୋଷ୍ଠୀ; ମେଳା—
Bhil(r) A crowd; multitude.

**ଭିଲ**—ଦେ. ବି (ସଂ. ଭିଲ୍ଲ)—ଜଙ୍ଗଲୀଜାତିବିଶେଷ—The Bheels; a wild people inhabiting India.
Bhila
ভীল **भील**

**ଭିଲାରି(ଳି)**—ଦେ. ବି—ଆର୍ଯ୍ୟ ଭାଷାର ଶାଖାବିଶେଷ; ଓଡ଼ିଆ ଗଡ଼ଜାତ, ରାଜପୁତାନା, ମଧ୍ୟପ୍ରଦେଶ, ବେରାର ଓ ଖାନ୍ଦେଶ ଅଞ୍ଚଳ ଅଧିବାସୀ ଭିଲମାନଙ୍କ କଥିତ ଭାଷା A language spoken by the Bheels.
Bhilāri(li)
ଭିଲ୍ଲୀ, ଭିଲୋଡ଼ି (ଡ଼ି), ଭିଲି } ଅନ୍ୟରୂପ
ভিলারী **भिलारी**

**ଭିଲେଜ୍ ନୋଟ୍**—ବୈଦେ. ବି (ସେଟଲମେଣ୍ଟରେ ବ୍ୟବହୃତ ଶବ୍ଦ) (ଇଂ. ଭିଲେଜ୍ ନୋଟ୍)—ରାଜସ୍ୱ ସେଟଲମେଣ୍ଟ ସମୟରେ ସେଟଲମେଣ୍ଟ କର୍ମଚାରୀ ପ୍ରତି ଗ୍ରାମ ବା ମଉଜା ସମ୍ବନ୍ଧୀୟ କେତେକ ଜ୍ଞାତବ୍ୟ ବିଷୟ ଲିପିବଦ୍ଧ କରିଥିବା ଲେଖା—A village note prepared by a Settlement Officer embodying certain informations regarding every village.
Bhilej not
ভিলেজ নোট
**मिलेज नोट**

**ଭିଲେଜ୍ ରେଟ୍**—ବୈଦେ. ବି (ସେଟଲମେଣ୍ଟରେ ବ୍ୟବହୃତ ଶବ୍ଦ) (ଇଂ. ଭିଲେଜ ରେଟ୍)—ପ୍ରତି ଗ୍ରାମରେ ଥିବା ଭିନ୍ନ ଭିନ୍ନ ଶ୍ରେଣୀର ବା କିସମର ଜମିମାନଙ୍କ ଉପରେ ନିର୍ଦ୍ଧାରିତ ଭିନ୍ନ ଭିନ୍ନ ରାଜସ୍ୱ ରେଟ୍‌ର ହାରାହାରି ହିସାବରେ ମାଣ ପ୍ରତି ଯେତେ ଖଜଣା ପଡ଼େ—Village rate; the mean rate of rent for an acre of land in a village, calculated from the different rates prevalent in the mouza.
Bhilej ret
ভিলেজ রেট
**मिलेज रेट**

**ଭିଲେଜ ସେସ୍**—ପ୍ରାଦେ. (ସମ୍ବଲପୁର) ବି (ଇଂ. ଭିଲେଜ୍ ସେସ୍)—ମଉଜାର ଜମି ଚାଷ କରିବା ଯୋଗୁଁ ସେହିଁ ଜର ରୟତ ଉପରେ ଧାର୍ଯ୍ୟ ହୁଏ ଓ ଯାହା ଜମିଦାରଦ୍ୱାରା, ଟଙ୍କାଦ୍ୱାରା ବା ଶସ୍ୟାଦିଦ୍ୱାରା ଜମିଦାରଙ୍କୁ ବା ପଟେଲଙ୍କୁ ଦିଆଯାଏ—A cess which a resident or cultivator ryot in a village pays or renders to the proprietor or to the Patel in money, kind or services. (ସମ୍ବଲପୁର ମାନୁଆଲ୍ ୧୯୧୮ ।)
Bhilej ses
ভিলেজ সেস
**मिलेजसेस**

**ଭିଲ୍ଲ**—ସ. ବି. ପୁଂ (ଭିଲ୍ ଧାତୁ + କର୍ତ୍ତୃ ଲ)—ଭାରତର ଜଙ୍ଗଲୀ ଅନାର୍ଯ୍ୟ
Bhilla ଜାତିବିଶେଷ—Name of an aboriginal wild
(ଭିଲ୍ଲୀ—ସ୍ତ୍ରୀ) tribe of India. [ ଦ୍ର—ଏମାନେ ବନ୍ଧ୍ୟ ପ୍ରାଚୀନ କାଳରୁ ରାଜପୁତାନା, ସିନ୍ଧୁ ଓ ମଧ୍ୟଭାରତର ଜଙ୍ଗଲ ଓ ପାହାଡ଼ମାନଙ୍କରେ ବାସ କରି ଆସୁଅଛନ୍ତି । ଏମାନେ ଶର ଅସ୍ତ୍ର ଓ ଶର ଚଳାଇବାରେ ସିଦ୍ଧହସ୍ତ । ଏମାନେ କଷ୍ଟ ଉପ୍ରକୃତି ହେଲେ ମଧ୍ୟ ସତ୍ୟବାଦୀ, ସରଳ ଓ ସ୍ୱାମିଭକ୍ତ ଅଟନ୍ତି । ପୁରାଣମାନଙ୍କରେ ଏମାନଙ୍କୁ ବ୍ରାହ୍ମଣ କନ୍ୟା ଓ ଗୋପର ପୁରୁଷଠାରୁ ଉତ୍ପନ୍ନ ସଙ୍କର ଜାତି ବୋଲ୍ଯାଇ ଅଛି—ହି. ଶ । ]

**ଭିଲ୍ଲା**—ପ୍ରାଦେ. ( ଗଞ୍ଜାମ ) ବିଣ—ପରିହାସ ସ୍ଥାନୀୟ ( ବ୍ୟକ୍ତି )—
Bhillā (a person) In terms of jesting
( ଭିଲ୍ଲାଭାଲୁଚଅ—ଅନ୍ୟରୂପ ) with another.

**ଭିଲ୍ଲୀ**—ସ. ବି (ଭିଲ ଧାତୁ + କର୍ତ୍ତୃ ଲ + ଈ)—୧ । ଲୋଧ୍ର ବୃକ୍ଷ; ଲୋଧ୍ର
Bhilli ଗଛ—1. Symplocos Racemosa ( tree ).
୨ । ଭିଲ୍ଲଜାତୀୟା ସ୍ତ୍ରୀ—2. A woman of the Bhilla tribe.

**ଭିଷ(ସ୍)** ( ଧାତୁ )—ସ. ( ସୌତ୍ର ଧାତୁ )—ରୋଗର ପ୍ରତିକାର
Bhish(s) ( root ) କରିବା—To treat a disease.

**ଭିଷକ୍**—ସ. ବି ( ଭିଷ୍ ଧାତୁ + କର୍ତ୍ତୃ. ଅକ୍; ଭିଷଜ୍; ୧ମା. ୧ବ )—
Bhishak ଚିକିତ୍ସକ; ବୈଦ୍ୟ; ଡାକ୍ତର—A physician.

**ଭିଷକ୍ ପାଶ**—ସ. ବି (ଭିଷଜ୍ + କୁତ୍ସାର୍ଥେ ପାଶ)—ଅଧମ ବୈଦ୍ୟ—
Bhishak pāśa A quack.

**ଭିଷକ୍(ଗ୍) ବୃତ୍ତି**—ସ. ବି (୬ଷ୍ଠୀ ତତ୍, ଭିଷକ୍ + ବୃତ୍ତି)—ବୈଦ୍ୟବୃତ୍ତି;
Bhishak(g)-brutti ଚିକିତ୍ସା ବ୍ୟବସାୟ—The profession of a physician.

**ଭିଷକ୍(ଗ୍)ରତ୍ନ**—ସ. ବି (୭ମୀ ତତ୍, ଭିଷକ୍ + ରତ୍ନ)—ଉତ୍କୃଷ୍ଟ ବା ପ୍ରଧାନ
Bhishak-(g-)ratna ଚିକିତ୍ସକ—An eminent physician.
( ଭିଷକ୍‌ବର, ଭିଷଗ୍‌ବର, ଭିଷଗ୍‌ରାଜ—ଅନ୍ୟରୂପ )

**ଭିଷଜ(ଜ)**—ପ୍ରା. ବି (ସ.ଭିଷକ୍; ଭିଷଜ୍ )—ଚିକିତ୍ସକ—Physician.
Bhishaka(ja) (ଦ୍ର—ଯେବଣ ପ୍ରକାରେ ଭିଷଜ, କରଇ ଚିକିତ୍ସା ଅନେକ—ଜଗନ୍ନାଥ. ଭାଗବତ । )

**ଭିସ୍ତି**—ଦେ. ବି ( ସ. ଭସ୍ତ୍ରା; ଏହା ଭସ୍ତ୍ରାରର ଭୀତି ପରି ଚର୍ମ ନିର୍ମିତ
Bhisti ଓ ଆକୃତିବଶିଷ୍ଟ ଥିବାରୁ )—୧ । ମଶକ; ପାଣି ବୋହିବା
ମଶକ ନିମନ୍ତେ ଏକପ୍ରକାର ଚମ ମୁଣା ( ଏଥିରେ ୫।୭ ମାଠିଆ
भिश्ती ପାଣି ସମ୍ଭାବେ )—1. A collapsible leathern bag used in carrying water. ୨ । ସେହି
ଭିସ୍ତିବାଲା, ଭିସ୍ତି-ଓ୍ୱାଲା, ଭିସ୍ତିଓ୍ୱାଲା } ଅନ୍ୟରୂପ ଲୋକ ଭିସ୍ତିଦ୍ୱାରା ପାଣି
ভিস্তি भिश्ती; मश्का ବୁହେ—2. A water-carrier; a person carrying water in a big leathern bag.

**ଭୀ** ( ଧାତୁ )—ସ—୧ । ଭୀତ ହେବା—1. To be afraid. ୨ ।
Bhi ( root ) ଭୟ କରିବା—2. To fear; to dread.

**ଭୀ**—ସ. ବି ( ଭୀ ଧାତୁ + ଭାବ କ୍ୱିପ୍ )—୧ । ଡର; ଭୟ—1. Fear.
Bhi dread. ୨ । ତ୍ରାସ—2. Fright; alarm. ୩ । ଶଙ୍କା—3. Apprehension.

**ଭୀଡ଼ା**—ଦେ. ବି ( ସ. ବହୁତର )—ସମୂହ—Multitude. (ଦ୍ର—
Bhirdā କୁରୁଙ୍କ ଧନୁରୁ ବାହାର ଶର ଭୀଡ଼ା—କୃଷ୍ଣସିଂହ. ମହାଭାରତ, ବନ । )

**ଭୀତ**—ସ. ବିଣ. ପୁଂ ( ଭୀ ଧାତୁ + କର୍ତ୍ତୃ. ତ )—୧ । ଶଙ୍କିତ; ତ୍ରସ୍ତ—
Bhita 1. Afraid; frightened; alarmed. ୨ । ଅଶଙ୍କିତ—2. Apprehensive.
( ଭୀତା—ସ୍ତ୍ରୀ )

**ଭୀତକ**—ଦେ. ବିଣ. ପୁଂ ( ସ. ଭୀତ )—ଭୟବିହ୍ୱଳ—Beside oneself with fear. [ ଦ୍ର—ବନା ଭୟ ମୁଁ ହୋଇବି
Bhitaka ବୃଦ୍ଧ ଶୋକରେ ଭୀତକ ହୋଇ ବନ ନେବି—ଉପେନ୍ଦ୍ର. ବୈଦେହୀଶବିଳାସ । ]

**ଭୀତ ଚିତ୍ତ**—ସ. ବି. ( କର୍ମଧା; ଭୀତ + ଚିତ୍ତ )—ଭୟବିହ୍ୱଳ ହୃଦୟ—
Bhita chitta Frightened heart; terrified mind.
(ଭୀତ ଚିତ୍ତା—ସ୍ତ୍ରୀ) ସ. ବିଣ. ପୁଂ ( ବହୁବ୍ରୀହି; ଭୀତ + ଚିତ୍ତ )—
ଅତ୍ୟନ୍ତ ତ୍ରସ୍ତ—Frightened; alarmed.

**ଭୀତ ତ୍ରସ୍ତ**—ସ. ବିଣ. ପୁଂ (ଏକାର୍ଥ ସହଚର)—ଅତ୍ୟନ୍ତ ତ୍ରସ୍ତ—
Bhita trasta Frightened; terrified.
( ଭୀତତ୍ରସ୍ତା—ସ୍ତ୍ରୀ )

**ଭୀତଧୀ**—ସ. ବିଣ (ବହୁବ୍ରୀହି)—ଭୟ ଯୋଗୁଁ ଯାହାର ବୁଦ୍ଧି ବିହ୍ୱଳ ହୋଇ
Bhitadhi ଅଛି—(one) Whose senses have been overpowered with fear.
(ଦ୍ର—ବାକ୍ପାଳଣ ସମ୍ଭବି, ଆଶେ କଲ୍ପ ଅବଧି, ଯଳା ଭୂ ହେଲୁଣି ଭୀତଧୀ । ଉପେ. ବୈଦେହୀଶବିଳାସ ।)

**ଭୀତ ହେବା**—ଦେ. କ୍ରି—ଭୟ ପାଇବା—To be afraid; to be
Bhita hebā alarmed or terrified.
ভীত হওয়া भय भीत होना

**ଭୀତି**—ସ. ବି. (ଭୀ ଧାତୁ + ଭାବ ତି)—୧ । ଭୟ—1. Fear.
Bhiti ୨ । ଅଶଙ୍କା—2. Apprehension.
୩ । ତ୍ରାସ; ଅତ୍ୟନ୍ତ ଭୟ—3. Terror.

**ଭୀତିକର**—ସ.ବିଣ.(ଭୀତି + କୃ ଧାତୁ + ଅ)—ଭୟ ଉତ୍ପାଦକ; ଯାହା ଭୟ
Bhitikara ଜନ୍ମାଏ—Terrific; alarming; dreadful.
(ଭୀତିଜନକ, ଭୀତିପ୍ରଦ—ଅନ୍ୟରୂପ) (ଭୀତିକରୀ—ସ୍ତ୍ରୀ)

**ଭୀତି କରିବା**—ଦେ. କ୍ରି—୧ । ଡରିବା—1. To fear; to dread.
Bhiti karibā ୨ । ଆଶଙ୍କା କରିବା—
ভয় করা भीति करना 2. To apprehend.

**ଭୀତି ବିହ୍ୱଳ**—ସ. ବିଣ. ପୁଂ. ( ୩ୟା ତତ୍ ଭୀତି + ବିହ୍ୱଳ )—
Bhiti bihwala ଭୟ ତ୍ରସ୍ତ—Overwhelmed with
(ଭୀତିବିହ୍ୱଳା—ସ୍ତ୍ରୀ) fear; frightened; terrified.
(ଭୀତିବିହ୍ୱଳତା—ବି)

**ଭୀତି ମାଡ଼ିବା**—ଦେ. ବି—ଡର ମାଡ଼ିବା, ଭୟୋଦ୍ରେକ—
Bhiti mardibā Being frightened.
ভয় পাওয়া भीति होना
(ଭୀତି ଲାଗିବା—ଅନ୍ୟରୂପ)

**ଭୀରୁ**—ଦେ. ବଣ. (ସ. ଭୀରୁ)—ଭୀରୁ; ସ୍ୱଭାବତଃ ଭୟଶୀଳ—
Bhiru Timid; coward; cowardly.

**ଭୀମ**—ସ. ବଣ. ପୁଂ (ଭୀ ଧାତୁ+ଅପାଦାନରେ ମ; ଯାହାଠାରୁ ଭୟ ପ୍ରାପ୍ତ
Bhima ହୁଏ)—୧ । ପ୍ରଚଣ୍ଡ—1. Violent. ୨ । ଭୀଷଣ; ଭୟଙ୍କର; ଭୟାନକ—2. Terrible; terrific. ସ. ବି. ପୁଂ—୧ । ମହାଦେବ; ଶିବ—1. Siba. ୨ । ( ବିଷ୍ଣୁ ସହସ୍ର ନାମୋକ୍ତ ) ବିଷ୍ଣୁଙ୍କର ନାମାନ୍ତର—2. A name of Bishnu. ୩ । ଦ୍ୱିତୀୟ ପାଣ୍ଡବ—3. The second Pāndaba brother. [ଦ୍ର—ଏ ବାୟୁଙ୍କ ସଂଯୋଗରେ କୁନ୍ତୀଙ୍କ ଗର୍ଭରୁ ଜନ୍ମିଥିଲେ । ଏ ଯୁଧିଷ୍ଠିରଙ୍କଠାରୁ ସାନ ଓ ଅର୍ଜୁନଙ୍କଠାରୁ ବଡ଼ ଥିଲେ । ଏହାଙ୍କର ଓ ଦୁର୍ଯ୍ୟୋଧନଙ୍କର ଏକହିଁ ଦିବସରେ ଜନ୍ମ ହୋଇଥିଲା । ଦୁର୍ଯ୍ୟୋଧନ ଈର୍ଷାରେ ଏହାଙ୍କୁ ଥରେ ବିଷ ଲଡ଼ୁ ଖୁଆଇ ବାନ୍ଧି କରି ପାଣିରେ ପକାଇ ଦେଲେ, ପାଣିରେ ନାଗ ଦଂଶନ କରିବାରୁ ତାଙ୍କଠାରୁ ବିଷଲଡ଼ୁର ବିଷ ଛାଡ଼ିଗଲା । ଗଦା ଯୁଦ୍ଧରେ ଭୀମ ଖୁବ୍ ପାରଙ୍ଗମ ଥିଲେ । ଏ ହିଡ଼ିମ୍ବ ରାକ୍ଷସକୁ ବଧ କରି ତା ଭଗ୍ନୀ ହିଡ଼ିମ୍ବାକୁ ବିବାହ କରିଥିଲେ ଓ ତାଙ୍କଠାରୁ ଘଟୋତ୍କଚ ଜନ୍ମ ହୋଇଥିଲା । ଅଜ୍ଞାତବାସ ସମୟରେ ଏ ବଲ୍ଲଭ ନାମ ଗ୍ରହଣ କରି ବିରାଟ ରାଜାଙ୍କ ସୁପକାର କର୍ମ କରୁଥିଲେ । ସଭାରେ ଦ୍ରୌପଦୀଙ୍କୁ ବିବସ୍ତ୍ରା କରାଇବାକୁ ଚେଷ୍ଟା କରି ଦୁର୍ଯ୍ୟୋଧନ ତାଙ୍କୁ ନିଜର ଜଙ୍ଘରେ ବସାଇବାକୁ କହିବାରୁ ଦୁର୍ଯ୍ୟୋଧନଙ୍କର ଜଙ୍ଘକୁ ଭାଙ୍ଗିବାକୁ ଏ ପ୍ରତିଜ୍ଞା କରି ମହାଭାରତ ଯୁଦ୍ଧରେ ତାହାହିଁ କରିଥିଲେ । ଦୁର୍ଯ୍ୟୋଧନଙ୍କୁ ଓ ତାଙ୍କ ଭାଇମାନଙ୍କୁ ଯୁଦ୍ଧରେ ହତ କରି ଦ୍ରୌପଦୀଙ୍କୁ ଅନ୍ତଃପୁରରୁ ଟାଣି ଆଣିଥିବା ଦୁଃଶାସନଙ୍କର ରକ୍ତ ଏ ପିଇଥିଲେ । ମହାପ୍ରସ୍ଥାନ ସମୟରେ ସହଦେବ, ନକୁଳ ଓ ଅର୍ଜୁନଙ୍କ ମୃତ୍ୟୁ ପରେ ଏହାଙ୍କର ମୃତ୍ୟୁ ହୋଇଥିଲା ।] ୪। ବିଦର୍ଭରାଜ; ଦମୟନ୍ତୀଙ୍କ ପିତା, ଭୀମସେନ—4. Name of the father of Damayanti. [ଦ୍ର—ଏହାଙ୍କର ୩ ପୁତ୍ର, ଦମ, ଦାମ ଓ ଦମନ, ଏବଂ ଏକ କନ୍ୟା ଦମୟନ୍ତୀ ଥିଲେ ।] ୫ । ଦାନବବିଶେଷ—5. Name of a demon. ୬। ଗନ୍ଧର୍ବବିଶେଷ—6. Name of a heavenly chorister. ୭ । କାବ୍ୟରେ ଭୟାନକ ରସ; ନବରସ ମଧ୍ୟରୁ ଏକତମ 7. The sentiment of terror in literature. ୮ । ମହର୍ଷି ବିଶ୍ୱାମିତ୍ରଙ୍କ ପୂର୍ବ ପୁରୁଷ ଓ ପୁରୂରବାଙ୍କ ପୌତ୍ର—8. Grandson of Purūrabā. ୯ । କୁମ୍ଭକର୍ଣ୍ଣଙ୍କର ପୁତ୍ର; ରାବଣ ସେନାପତି—9. The son of Kumbhakarnna. ଦେ. ବି. ପୁଂ—୧ । ମନୁଷ୍ୟଙ୍କୁ ଦିଆଯିବା ନାମ—1. A name given to males. ୨ । ପ୍ରାଚୀନ ଜଳଯାନବିଶେଷ—2. Name of a species of ancient sea-going vessel. (ଦ୍ର—ଭୋଜ ରାଜାଙ୍କ 'ଯୁକ୍ତି କଳ୍ପତରୁ' ଗ୍ରନ୍ଥ ଦ୍ରଷ୍ଟବ୍ୟ । ଜଗବନ୍ଧୁ ପ୍ରାଚୀନ ଉତ୍କଳ ।) (ଢ଼—ଭୀମବଳ କୋନ୍ତୀକୁ ଜଣା—ଢଗ =ଭୀମଙ୍କ ସାମର୍ଥ୍ୟ କୁନ୍ତୀଙ୍କୁ ଜଣା; ପୁତ୍ରର ସାମର୍ଥ୍ୟ ମାତାଙ୍କୁ ଜଣା—A proverb meaning "One's strength or prowess is known to his own people". ୨ । ପହିଲ ବାଜୀ ଭୀମ ହାରେ—ଢଗ—(ଶତଶୃଙ୍ଗ ପର୍ବତର ଶାପଫଳରେ ମହାଭାରତୋକ୍ତ ଯୁଦ୍ଧମାନଙ୍କରେ ଭୀମ ପ୍ରଥମବାର ହାରି ଶେଷବାର ଜିଣିଥିବା ଉପାଖ୍ୟାନରୁ ) ବଳୁଆ ଲୋକ ପ୍ରଥମ ଥର ହାରଯାଏ, ପ୍ରଥମର ଥର ହାରିବା କିଛି ନୁହେଁ । ଶେଷରେ ଯେ ହାରେ ଓ ଜିତେ ତାହାହିଁ ପ୍ରକୃତ ହାରି ଜିତ ବୋଲି ବିବେଚିତ ହୁଏ—2. A proverb meaning "Final victory is the real victory").

**ଭୀମ କର୍ମ୍ମା**—ସ. ବଣ. ପୁଂ (ବହୁବ୍ରୀହି; ଭୀମ ଅଟେ କର୍ମ ଯାହାର; ଭୀମ
Bhima karmmā କର୍ମ୍ମନ୍; ୧ମା. ୧ବ)—୧ । ଭୀଷଣ କର୍ମକାରୀ—1. Doing terrible acts. ୨ । ଅତ୍ୟନ୍ତ +କର୍ମ୍ମୀ (ବ୍ୟକ୍ତି)—2. Very active; (man) of action.

**ଭୀମ ଗର୍ଜ୍ଜନ**—ସ. ବି. (କର୍ମଧା, ଭୀମ+ଗର୍ଜ୍ଜନ)—ଭୀମନାଦ (ଦେଖ)
Bhima garjjāna Bhimanāda (See)
ସ—ବଣ(ବହୁବ୍ରୀହି)—ଯାହାର ଗର୍ଜନ ଭୟଙ୍କର—Of frightful roar.

**ଭୀମ ଦର୍ଶନ**—ସ. ବଣ. ପୁଂ (ବହୁବ୍ରୀହି; ଭୀମ ଅଟେ ଦର୍ଶନ ଯାହାର;
Bhima darsana ଭୀମ+ଦର୍ଶନ)—ଭୀଷଣରୂପବିଶିଷ୍ଟ; (ଭୀମ ଦର୍ଶନା—ସ୍ତ୍ରୀ) ଯାହାକୁ ଦେଖିଲେ ଭୀତ ହୁଏ; ବିକଟାକୃତି ବିଶିଷ୍ଟ—Of terrifying appearance; looking hideous or frightful.

**ଭୀମ ଦାସ**—ଦେ. ବି (ନାମ)—ପୁରୀ ଜିଲ୍ଲାର ଗୌଡ଼ୀୟ ବୈଷ୍ଣବ ମତା-
Bhima dāsa ବଲମ୍ବୀ କରଣ କବି—Name of an Oriya poet of Puri of the 17th. century who composed devotional verses. [ଦ୍ର—ତାଙ୍କର ଲେଖା ଭକ୍ତିମାର୍ଗଶ୍ରିତ ହେଲେହେଁ ସେଥିର ଭାଷା ସର୍ବଜନଗ୍ରାହ୍ୟ ବା ସରଳ ନୁହେଁ । ସେ ଭକ୍ତିରତ୍ନମାଳା ବା ଭକ୍ତି ରତ୍ନାବଳୀ ଓ ହରିଭକ୍ତି ଚନ୍ଦ୍ରୋଦୟ ନାମକ ଦୁଇ ଖଣ୍ଡି ବୈଷ୍ଣବ ଗ୍ରନ୍ଥ ରଚନା କରିଥିଲେ ।]

**ଭୀମ(ମା) ଧୀବର**—ଦେ. ବି (ନାମ)—(ଜାତିରେ କେଉଟ) କୌରବ
Bhima(mā)dhibara ଓ ପାଣ୍ଡବଙ୍କ ଦ୍ୟୁତକ୍ରୀଡ଼ା ସମ୍ବନ୍ଧରେ "କପଟପାଶା" ନାମକ ଲୋକପ୍ରିୟ କବିତାର ରଚୟିତା—Name of a very popular Oriya poet, a fisherman by caste.

**ଭୀମ ନାଦ**—ସ. ବି (କର୍ମଧା; ଭୀମ+ନାଦ)—୧ । ଭୀଷଣ ଶବ୍ଦ; ହୁଙ୍କାର;
Bhima nāda ବିକଟ ଗର୍ଜନ—1. Terrible sound; (ଭୀମ ନାଦୀ—ବଣ. ପୁଂ ) dreadful roar. ୨ । ଭୀମଙ୍କ ରଡ଼ି ପରି ରଡ଼ି—2. Roar like that of Bhima. ୩ । (ବହୁବ୍ରୀହି, ଭୀମ ଅଟେ ନାଦ ଯାହାର) ସିଂହ—3. The lion. ବଣ. ପୁଂ (ବହୁବ୍ରୀହି)—ଭୟଙ୍କର-ନାଦକାରୀ—Having a dreadful sound; roaring terribly.

ଭୀମ ପରାକ୍ରମ—ସଂ. ବି (କର୍ମଧା; ଭୀମ+ପରାକ୍ରମ)—୧ । ଭୟଙ୍କର ଶକ୍ତି—Bhīma parākrama 1. Terrible might. ୨(ଷଷ୍ଠୀ ତତ୍) (ଭୀମ ପରାକ୍ରମା—ସ୍ତ୍ରୀ) ଭୀମଙ୍କର ଶକ୍ତି—2. The might of Bhīma. ବିଣ. ପୁଂ (ବହୁବ୍ରୀହି; ଭୀମ ଅଟେ ପରାକ୍ରମ ଯାହାର)—ଅତ୍ୟନ୍ତ ବଳଶାଳୀ—Mighty; of dreadful strength.

ଭୀମ ବିକ୍ରମ, ଭୀମ ବଳ }—ଅନ୍ୟରୂପ

ଭୀମ ବେଗ—ସଂ. ବି ( କର୍ମଧା; ଭୀମ+ବେଗ )—ପ୍ରବଳ ବେଗ—Bhīma bega Terrific force or velocity.

ଭୀମ(ମା) ଭୋଇ—ଦେ. ବି. ( ନାମ )—ଏକ ଅନ୍ଧ ଓଡ଼ିଆ କବି ( ଖ୍ରୀ. ୧୮୫୦—୧୮୯୫ )—Bhīma(mā) bhoi Name of a blind Oriya poet. [ ଦ୍ର—ଏ ରେଢ଼ାଖୋଲର ଓଡ଼ିଆ କନ୍ଧବଂଶରେ ଜାତ ହୋଇଥିଲେ; ବାଲ୍ୟକାଳରୁ ପିତାଙ୍କୁ ହରାଇଥିଲେ ଓ ଗରିବ ଥିବାରୁ ଅତି କଷ୍ଟରେ ଜୀବନ ଯାପନ କରୁଥିଲେ । ଲୋକଙ୍କର ଗାଈ ଗୋରୁ ଜଗିବା ତାଙ୍କର ଜୀବିକା ଥିଲା । ଅତି ବାଲ୍ୟକାଳରୁ ତାଙ୍କର ଅଲେଖ ବା ସତ୍ୟ-ମହିମାଧର୍ମ ପ୍ରତି ମନ ବଳିଥିଲା ଓ ପରେ ମହିମା ଗୋସାଇଁଙ୍କ ଭେଟ ଢେଙ୍କାନାଳଠାରୁ ଅସି ସେଠାରେ ଗୁରୁଙ୍କଠାରୁ ଦୀକ୍ଷା ନେଇ "ସ୍ତୁତିଚିନ୍ତାମଣି" ନାମକ ଗ୍ରନ୍ଥ ରଚନା କରି ସତ୍ୟ-ମହିମାଧର୍ମ ପ୍ରଚାର କଲେ । ଏହାଙ୍କର ଭଜନମାଳା ଓ ବ୍ରହ୍ମନିରୂପଣଗୀତା ମହିମାଧର୍ମାବଲମ୍ବୀମାନଙ୍କର ଅତ୍ୟନ୍ତ ପ୍ରିୟ ଗ୍ରନ୍ଥ । ଏ ଗ୍ରନ୍ଥମାନ ପ୍ରାଚୀ ସମିତିଙ୍କଦ୍ୱାରା ପ୍ରକାଶିତ ହୋଇଅଛି । ]

ଭୀମ ରଡ଼ି—ଦେ. ବି—୧ । ଭୀମନାଦ; ବିକଟ ଗର୍ଜନ—1. Bhīma rardi Terrific sound; terrible roar. भीमनाद भीमनाद् ୨ । ଦୁର୍ଯ୍ୟୋଧନଙ୍କୁ ଯୁଦ୍ଧ ପାଇଁ ଡାକଥିବା ବେଳେ ଭୀମଙ୍କର କରିଥିବା ରଡ଼ି—2. The roaring challenge of Bhīma to Durjyodhana for battle. [ ଦ୍ର—ଭୀମ ତୃତୀୟଥର ରଡ଼ି କରିବାଯାକେ ଦୁର୍ଯ୍ୟୋଧନ ସମ୍ଭାଳ ହୋଇ ରହିଲେ; କିନ୍ତୁ ତୃତୀୟ ରଡ଼ି ଶୁଣି ଆଉ ସ୍ଥିର ହୋଇ ନ ପାରି ଲୁଚିବା ସ୍ଥାନରୁ ବାହାରି ଅସି ଭୀମ ସଙ୍ଗେ ଯୁଦ୍ଧ କଲେ ଓ ସେହି ଯୁଦ୍ଧରେ ମୃତ ହେଲେ । ]

ଭୀମନାଦ, ଭୀମଗର୍ଜନ }—ଅନ୍ୟରୂପ

ଭୀମରଥ—ସଂ. ବି—୧ । ଶ୍ରୀକୃଷ୍ଣଙ୍କ ପୁତ୍ରବିଶେଷ—1. Name of one Bhīmaratha of the sons of Śrikrushṇa. ୨ । ଧୃତରାଷ୍ଟ୍ରଙ୍କ ପୁତ୍ରବିଶେଷ—2. Name of a son of Dhrutarāshtra. ୩ । କୂର୍ମାବତାରରେ ବିଷ୍ଣୁଙ୍କ କର୍ତ୍ତୃକ ନିହତ ଅସୁର—3. Name of a demon killed by Bishṇu in His incarnation of the Tortoise.

ଭୀମରଥୀ—ସ. ବି (ଭୀମରଥ+ଈ)—ମନୁଷ୍ୟର ବୟୋଦଶାବିଶେଷ, Bhīmarathī ୭୭ବର୍ଷ ୭ମାସ ୭ଦିନ (ବା ରାତ୍ରି) ବୟଃକ୍ରମ ପୂର୍ଣ୍ଣ भीमरति ହେବାର ଦଶା—The period of a man's life after he passes the age of 77 years, 7 months and 7 days. [ଦ୍ର—ହିନ୍ଦୁଙ୍କର ବିଶ୍ୱାସ ଯେ ଏହି ଦଶା ପରେ ମନୁଷ୍ୟ ଜୀବିତ ହେଲେ ପ୍ରତିଦିନ ତାହା ପକ୍ଷରେ ଶତ ସୁବର୍ଣ୍ଣ ଦକ୍ଷିଣାପ୍ରଦ ଯଜ୍ଞ ତୁଲ୍ୟ ହୁଏ, ସେ ଇଚ୍ଛାକ୍ରମେ ଯିବା ଆସିବା କଲେ ତାହା ବିଷ୍ଣୁଙ୍କୁ ପ୍ରଦକ୍ଷିଣ କରିବା ତୁଲ୍ୟ ହୁଏ, ସେ କଥା କହିଲେ ମନ୍ତ୍ର ଜପ ତୁଲ୍ୟ ହୁଏ, ନିଦ୍ରା ତାହା ପକ୍ଷରେ ଧ୍ୟାନ ଓ ଅନଳ ତାହା ପକ୍ଷରେ ସୂର୍ଯ୍ୟ ତୁଲ୍ୟ । ]

ଭୀମରାଜ—ଦେ. ବି(ସଂ.ଭୃଙ୍ଗରାଜ)—ବହୁ ସ୍ୱର ଅନୁକରଣକାରୀ କଳା ପକ୍ଷୀ-Bhīmarāja Large racket-tailed drongo; the ভিমরাজ भीमराज mocking bird of India; Dissemurus Paradises. [ ଦ୍ର—ଏହା ଜଙ୍ଗଲଯାକ ପକ୍ଷୀ ନୀଳାଭ କୃଷ୍ଣବର୍ଣ୍ଣ, କିନ୍ତୁ ୧ ହାତଲମ୍ବ; ମୁଣ୍ଡରେ ଚୂଳ ଅଛି । ଏହା ବହୁ ଜନ୍ତୁଙ୍କ ସ୍ୱରର ଅବିକଳ ଅନୁକରଣ କରିପାରେ; ଏହାର ଗୋଡ଼ ଛୋଟ ଓ ପକ୍ଷ ବଡ଼ । ଏହାର ଲାଞ୍ଜ ଉପରେ ନାଲି ଓ ଗୋଲାପି ଝୁମ୍ପିଲ ଚନ୍ଦ୍ରମାନ ଥାଏ । ]

ଭୀମଶକତ(ତି)—ଦେ. ବିଣ(ସଂ. ଭୀମ+ଶକ୍ତି)—ଅତିଶୟ ପରାକ୍ରମଶାଳୀ—Bhīmasakata(ti) Of superhuman might. [ଦ୍ର—ବାର୍ଦ୍ଧିମଧ୍ୟସ୍ଥ ସଦାଗତି ପୁଷ୍ପକ ଆରୋହୀ ଭୀମ ଶକତ—ଭଞ୍ଜ. ବୈଦେହୀଶବିଳାସ]

ଭୀମସିଂହ—ଦେ. ବି. ନାମ—୧ । ରାଜପୁତାନାର କୃଷ୍ଣକୁମାରୀଙ୍କ ପିତା—Bhīmasiṃha 1. Father of Krushṇakumārī of Rajasthan ୨ । ଚିତୋର ରାଣୀ ପଦ୍ମିନୀଙ୍କ ସ୍ୱାମୀ—2. Husband of Padminī of Chitor.

ଭୀମସେନ—ସ. ବି. (ନାମ) (ଭୀମ ଦେଖ) ୧ । ଦ୍ୱିତୀୟ ପାଣ୍ଡବ—Bhīmasena 1. Name of the second Pāndaba brother. ୨ । ବିଦର୍ଭରାଜ ଦମୟନ୍ତୀଙ୍କ ପିତା—2. Name of the father of Damayanti. ଦେ. ବି. ପୁଂ ଲୋକଙ୍କୁ ଦିଆଯିବା ନାମ—A name given to males.

ଭୀମସେନୀ ଏକାଦଶୀ—ସ. ବି—ଜ୍ୟୈଷ୍ଠ ଶୁକ୍ଳ ଏକାଦଶୀ—The Bhīmasenī ekādasī 11th day of the bright (ଭୀମଭିରେ—ଅନ୍ୟରୂପ) lunar fortnight of Jyaishṭha [ ଦ୍ର—ଏ ଦିନ ନିର୍ଜଳ ଉପବାସ କର୍ତ୍ତବ୍ୟ । ]

ଭୀମସେନୀ କର୍ପୂ(ପୁ)ର—ଦେ. ବି—୧ । ବୋର୍ଣ୍ଣିଓ ଓ ସୁମାତ୍ରାଦି ଦ୍ୱୀପ-Bhīmasenī karpū(pu)ra ଜାତ କର୍ପୂର—1. Barus ভীমসেনী কর্পূর camphor; camphor produced in भीमसेनी कर्पूर the islands of Sumatra and Borneo. [ଦ୍ର—ଏହା ବୋର୍ଣ୍ଣିଓ ଓ ସୁମାତ୍ରାଦି ଦ୍ୱୀପର ବୃହତ୍ ତରୁ ବିଶେଷ (Dryobalanus Aromatica)ର କାଣ୍ଡରେ ସଞ୍ଚିତ କର୍ପୂର । ଏହା ଅପର ବା ଅଧିକ କର୍ପୂର ଅଟେ; ଜାପାନ ଚୀନ ଆଦି ଦେଶର ଏକପ୍ରକାର ଗଛ ( Cinnamonum Camphora )ର କାଠରୁ ସିଝାଇ କର୍ପୂର ବାହାର କରାଯାଏ । ଏହାରୁ

ସାଧାରଣ ଲୋକେ କର୍ପୂର ବା ଭୀମର କହନ୍ତି । କର୍ପୂରକୁ ବାଷ୍ପୀଭୂତ କରି ଶୋଧିତ କରାଯାଇ ପ୍ରସ୍ତୁତ କର୍ପୂରକୁ ଶୀକର୍ପୂର କହନ୍ତି ଓ କର୍ପୂରରୂପେ ବୃକ୍ଷ କାଣ୍ଡରୁ ପ୍ରାପ୍ତ କର୍ପୂରକୁ ଭୀମସେନୀ କର୍ପୂର କହନ୍ତି ]।

ଭୀମା—ଦେ. ବ (ଅନାଦରାର୍ଥକ)—ଭୀମ ଓ ଭୀମସେନ ନାମକ ବ୍ୟକ୍ତିର Bhimā ଡାକ ନାମ—A name used in calling Bhima and Bhimasena.

ভীমা भीमा ସଂ. ବ ( ଭୀମ+ଅ )—୧ । ସୌରଭ ନାମକ ଗନ୍ଧଦ୍ରବ୍ୟ — 1. A herbal scent. ୨ । କୋରଡ଼ା; ଚାବୁକ (ହି. ଶ)—2. Whip. ୩ । ପଶ୍ଚିମଘାଟ ପର୍ବତରୁ ବାହାରି କୃଷ୍ଣା ନଦୀରେ ମିଳିତ ହୋଇଥିବା ନଦୀ—3. A tributary of the Krushnā river in the Deccan. ୪ । ଭୀମା ଦେବୀ (ଦେଖ)—4. Bihmā debi (See).

ଭୀମା ଦେବୀ—ସଂ. ବି.ସ୍ତ୍ରୀ—୧ । ଦେବୀ ବିଶେଷ —1. A particular Bhimā debi Goddess. (ଉ—ଭୀମାଦେବୀଙ୍କ ସ୍ଥାନ ଯୋନି ତୀର୍ଥେ ଯାଇ, ସ୍ନାନ କଲେ ଯେ ଦେବୀପୁତ୍ର ସେ ହୁଅଇ । କୃଷ୍ଣସିଂହ. ମହାଭାରତ ବନ ।) ୨ । (ଚଣ୍ଡୀପୁରାଣୋକ୍ତ) ଦୁର୍ଗାଙ୍କ ଅବତାରବିଶେଷ—2. An incarnation of Durgā. [ ଦ୍ର—ଚଣ୍ଡୀ ପୁରାଣର ଏକାଦଶ ଅଧ୍ୟାୟ ୫୧।୫୨ ଶ୍ଳୋକରେ ଦୁର୍ଗା କହୁଛନ୍ତି:—ହିମାଚଳରେ ମୁଁ ଭୀମରୂପ ଧାରଣ କରି ରାକ୍ଷସମାନଙ୍କୁ ଭକ୍ଷଣ କରି ମୁନିମାନଙ୍କୁ ରକ୍ଷା କରିବି, ତେଣୁ ମୁନିମାନେ ମୋତେ ଭୀମାଦେବୀ ନାମରେ ସ୍ତବ କରିବେ ]।

ଭୀମୋତ୍ତର—ସଂ. ବ—ପାଣିକଖାରୁ; କୁଷ୍ମାଣ୍ଡ (ହି. ଶ)—Bhimottara White gourd.

ଭୀରୁ(ଲୁ)—ସଂ. ବଣ. ପୁଂ (ଭୀ. ଧାତୁ+ଶୀଳାର୍ଥ କର୍ତ୍ତୃ ରୁ)—ଭୀତ Bhiru(lu) ସ୍ୱଭାବ; କାପୁରୁଷ; ସ୍ୱଭାବତଃ ଭୟଶୀଳ; ଡରୁଆ; ଡରକୁଳା; ଛେରୁଆ—Timid; cowardly by nature ସଂ. ବ ୧ । ଶୃଗାଳ—1. Jackal. ୨ । ବ୍ୟାଘ୍ର—2. Tiger. ୩ । ଏକପ୍ରକାର ଅଖୁ—3. A kind of sugarcane. ୪ । କଣ୍ଟକାରୀ—4. Solanum Indicum. ୫ । ଶତାବରୀ—5. Asparagus. ୬ । ଶତପାଦିକା—6. Centepede. ୭ । ଛାୟା—7. Shadow. ୮ । (ସ୍ତ୍ରୀ) ସ୍ୱଭାବତଃ ଭୀତା ସ୍ତ୍ରୀ—8. A timid woman (M. W.) ୯ । ଛେଳି ( ହି. ଶ )—9. Goat. ଦେ. ବ—୧ । ସ୍ତ୍ରୀ; ନାରୀ—1. Woman (ଉ—ଭୀରୁଚିତ୍ତ ବର୍ତ୍ତେ ତହିଁ ରଣ ବଳିଷ୍ଠିତା । ଜଗନ୍ନାଥ. ମହାଯାତ୍ରା ।) ୨ । ପତ୍ନୀ—2. Wife. (ଉ—ବଳାହକୁଁ ଜନ୍ମ ହୋଇଲା ପରି ଉତ୍କଳ ଭୀରୁ । ଉପେ. ବୈଦେହୀଶବିଳାସ ।)

ଭୀରୁ(ଲୁ)କ—ସଂ. ବଣ—(ଭୀରୁ+ସ୍ୱାର୍ଥେକ)—୧ । ଭୟାକୁ— Bhiru(lu)ka 1. Chicken-hearted; cowardly. ୨ । ଭୟତ୍ରସ୍ତ—2. Alarmed; overwhelmed ভয়তরাসীয়া with fear. ( ଉ—ବୀର କ ପରାୟେ ତେବେ, डरपोक; कायर ମୁଖରେ ଥନଲେ ଜବେ, ଦେଖାଇ କାଣି ଭୀରୁକ, ହେଲେ ଦୃଷିଲେ । ଉପେ. ବୈଦେହୀଶବିଳାସ । ) ସଂ. ବ—୧ । ପେଚକ—1. Owl. ୨ । ଶୃଗାଳ—2. Jackal. ୩ । ଭଲ୍ଲୁକ—3. Bear. ୪ । ବନ—4. Forest.

ଭୀରୁତା(ତ୍ୱ)—ସଂ. ବ ( ଭୀରୁ+ଭାବାର୍ଥେ ତା, ତ୍ୱ )—୧ । କାପୁରୁଷତା Bhirutā(twa) —1. Cowardice; timidity. ୨ । ଡର; ଭୟ ( ହି. ଶ )—2. Fear.

ଭୀରୁ ପ୍ରକୃତି—ସଂ. ବଣ. ପୁଂ ( ବହୁବ୍ରୀହି; ଭୀରୁ+ପ୍ରକୃତି )— Bhiru prakruti ଡରକୁଳା; ଡରୁଆ—Timid by nature; ( ଭୀରୁପ୍ରକୃତିକ, ଭୀରୁସ୍ୱଭାବ—ଅନ୍ୟରୂପ ) chicken-hearted. (ଭୀରୁ ପ୍ରକୃତିକା, ଭୀରୁ ସ୍ୱଭାବା—ସ୍ତ୍ରୀ)

ଭୀରୁ ମତ୍ସ୍ୟ—ସଂ. ବ—ତୋଡ଼ି (ଦେଖ)— Bhiru matsya Tordi ( See )

ଭୀରୁ ହୃଦୟ—ସଂ. ବଣ. ପୁଂ ( ବହୁବ୍ରୀହି )—ଡରକୁଳା—Timid. Bhiru hrudaya ସଂ. ବ —ହରିଣ; ମୃଗ ( ହି. ଶ )—Deer. (ଭୀରୁହୃଦୟା—ସ୍ତ୍ରୀ)

ଭୀଲ(ଲ୍ଲ)—ଦେ. ବ ( ସଂ. ଭିଲ୍ଲ )—ଭିଲ୍ଲ ( ଦେଖ )— Bhila(lla) ভিল भील Bhilla ( See )

ଭୀଲ ଭୂଷଣ—ସଂ. ବ ( ଭିଲ୍ଲ ଜାତୀୟ ସ୍ତ୍ରୀମାନଙ୍କର କାଇଞ୍ଚମାଳାଭୂଷଣ Bhila bhūshana ଥିବାରୁ )—କାଇଞ୍ଚ; ଗୁଞ୍ଜା ( ହି. ଶ )— Abrus Precatorius.

ଭୀଲୁକ—ସଂ. ବ—ଭାଲୁ (ହି. ଶ )—Bear. ସଂ. ବଣ. ପୁଂ—ଭୀରୁ; Bhiluka ଡରୁଆ—Timid.

ଭୀଷକ—ସଂ. ବଣ. ପୁଂ ( ଭୀ ଧାତୁ ଣିଚ ଭୀଷି ଧାତୁ+କର୍ତ୍ତୃ. ଅକ )— Bhishaka ଭୀଷଣ; ଭୟଙ୍କର ( ହି. ଶ )—Terrific. (ଭୀଷିକା—ସ୍ତ୍ରୀ)

ଭୀଷଣ—ସଂ. ବଣ ( ଭୀ ଧାତୁ ଣିଚ୍=ଭୀଷି ଧାତୁ+କର୍ତ୍ତୃ. ଅନ )— Bhishana ୧ । ଭୀମ; ଭୟଙ୍କର; ଦାରୁଣ; ଭୀତିପ୍ରଦ—Frightful; terrible, awful; horrible. ୨ । ଗାଢ଼; ଦୃଢ଼—2. Tight; firm. ବ—୧ । ଶିବ—1. Siba. ୨ । କପୋତ—2. Dove. ୩ । ଭୟାନକ ରସ—3. The sentiment of fear in literature. ୪ । ( +ଭାବ. ଅନ ) ଭୟପ୍ରଦର୍ଶନ—4. Frightening. ୫ । କୁନ୍ଦୁରୁ ( ହି, ଶ ); ଲୋବାନ୍—5. Olibanum. ୬ । ଶଲ୍ଲକୀ ବୃକ୍ଷ [ ହି, ଶ ]—6. Boswellia Serrata ( tree ). ୭ । ବ୍ରହ୍ମା [ ହି, ଶ ]—7. Brahmā.

ଭୀଷଣତା(ତ୍ୱ)—ସଂ. ବ ( ଭୀଷଣ+ଭାବାର୍ଥେ ତା, ତ୍ୱ)—ଦାରୁଣତା— Bhishanatā(twa) Frightfulness.

**ଭୀଷଣ ଦର୍ଶନ**—ସଂ. ବଣ. ପୁଂ (ବହୁବ୍ରୀହି)—ଭୀମଦର୍ଶନ (ଦେଖ) Bhishana darśana Bhimadarśana (See). (ଭୀଷଣଦର୍ଶନା—ସ୍ତ୍ରୀ)

**ଭୀଷଣାକାର**—ସଂ. ବଣ. ପୁଂ (ବହୁବ୍ରୀହି)—ଭୟଙ୍କର ରୂପବିଶିଷ୍ଟ— Bhishanākāra Of dreadful form or appearance. (ଭୀଷଣାକୃତି—ଅନନ୍ୟରୂପ) [ଭୀଷଣାକାରା—ସ୍ତ୍ରୀ]

**ଭୀଷଣାରବ**—ସଂ. ବ (କର୍ମଧା, ଭୀଷଣ + ଆରବ)—ଭୟଙ୍କର ଶବ୍ଦ; ଭୀମ Bhishanārāba ନାଦ—Dreadful or terrible noise.

**ଭୀଷମ**—ଗ୍ରା: ବ—୧ । (ପଦ୍ୟ) ଭୀଷ୍ମ (ଦେଖ)—1. Bhishma Bhishama (See). ୨ । ଭୀଷ୍ମ (ଦେଶଜ) (ଦେଖ)— भीषम भीसम 2. Bhishma (deśaja) (See)

**ଭୀଷା**—ସଂ. ବ (ଭୀ· ଧାତୁ, ଣିଜନ୍ତ ଭୀଷି. ଧାତୁ+ଭାବ, ଅ+ଆ)— Bhishā ଭୟ ପ୍ରଦର୍ଶନ; ଡରାଇବା—Frightening.

**ଭୀଷିତ**—ସଂ. ବଣ (ଭୀ. ଧାତୁ ଣିଜନ୍ତ=ଭୀଷି. ଧାତୁ+କର୍ମ. ତ)— Bhishita ଭୟ ପ୍ରଦର୍ଶିତ—Frightened; terrified; scared.

**ଭୀଷ୍ମ**—ସଂ. ବଣ (ଭୀ. ଧାତୁ=ଭୟ ପାଇବା+ଅପାଦାନ ମ; ଷ ଆଗମ)- Bhishma ଭୀଷଣ—Terrible. ସଂ. ବ—୧ । ରାକ୍ଷସ—1. A demon. ୨ । ଶିବ—2. Śiba. ୩ । ଗାଙ୍ଗେୟ; ଶାନ୍ତନୁ ରାଜାଙ୍କ ପୁତ୍ର (ଏହାଙ୍କର ମାତା ଗଙ୍ଗା)—3. The son of king Śāntanu by the Ganges. [ ଦ୍ର—କୁରୁଦେଶର ରାଜା ଶାନ୍ତନୁ ଗଙ୍ଗା ଦେବୀଙ୍କୁ ଏହି ସର୍ତ୍ତରେ ବିବାହ କରିଥିଲେ ଯେ ଗଙ୍ଗା ନିଜର ଇଚ୍ଛା ଅନୁସାରେ କାର୍ଯ୍ୟ କରିବେ ଓ ଶାନ୍ତନୁ ତାଙ୍କୁ ନିଷେଧ କରି ପାରିବେ ନାହିଁ; ନିଷେଧ କଲେ ଗଙ୍ଗା ଶାନ୍ତନୁଙ୍କୁ ତ୍ୟାଗ କରି ଚାଲିଯିବେ । ଶାନ୍ତନୁଙ୍କ ଔରସରେ ଗଙ୍ଗାଙ୍କର ସାତଟି ପୁତ୍ର ଜନ୍ମିଲେ ଓ ଜନ୍ମ ହେବାକ୍ଷଣି ଗଙ୍ଗା ଉକ୍ତ ଶିଶୁମାନଙ୍କୁ ନେଇ ପାଣିରେ ଫିଙ୍ଗି ଦେଉଥିଲେ । ଅଷ୍ଟମ ପୁତ୍ର 'ଦେବବ୍ରତ'ଙ୍କୁ ଗଙ୍ଗା ପାଣିରେ ଫିଙ୍ଗି ଦେବାକୁ ଗଲାବେଳେ ଶାନ୍ତନୁ ତାଙ୍କୁ ନିଷେଧ କରି ଉକ୍ତ ସେ କୁମାରଙ୍କୁ ରକ୍ଷା କଲେ । ଏଥିରେ ଗଙ୍ଗାଦେବୀ ବିବାହକାଳୀନ ସର୍ତ୍ତ ଅନୁସାରେ ଶାନ୍ତନୁଙ୍କୁ ତ୍ୟାଗ କରି ଚାଲିଗଲେ ଓ ଶାନ୍ତନୁ ଏ ଶିଶୁକୁ ପାଳିଲେ । ପରେ ନିମ୍ନଲିଖିତ 'ଭୀଷ୍ମ ପ୍ରତିଜ୍ଞା' ଯୋଗୁଁ ଦେବବ୍ରତଙ୍କର ନାମ 'ଭୀଷ୍ମ' ହେଲା । ଗଙ୍ଗା ଶାନ୍ତନୁଙ୍କୁ ତ୍ୟାଗ କରି ଯିବା ପରେ ଶାନ୍ତନୁ ଧୀବରରାଜଙ୍କର କନ୍ୟା ସତ୍ୟବତୀ ବା ଯୋଜନଗନ୍ଧାଙ୍କ ରୂପରେ ମୋହିତ ହୋଇ ତାହାଙ୍କୁ ବିବାହ କରିବାକୁ ଇଚ୍ଛା କଲେ, କିନ୍ତୁ ରାଜାଙ୍କର ବିବାହିତା ପତ୍ନୀ ଗଙ୍ଗାଙ୍କ ଗର୍ଭଜାତ ପୁତ୍ର ଭୀଷ୍ମ ପରେ ରାଜା ହେବେ ଓ ଧୀବରରାଜକନ୍ୟାଙ୍କ ଗର୍ଭଜାତ ପୁତ୍ର ରାଜା ହେବେ ନାହିଁ, ଏହି ଆଶଙ୍କାରେ ଧୀବରରାଜ ଆପଣା କନ୍ୟାଙ୍କୁ ଶାନ୍ତନୁଙ୍କୁ ପ୍ରଦାନ କରିବାକୁ କୁଣ୍ଠିତ ହେଲେ । ଭୀଷ୍ମ ଏହା ଶୁଣିପାରି ଧୀବରରାଜାଙ୍କ ନିକଟରେ ଉପସ୍ଥିତ ହୋଇ କହିଲେ ଯେ ଆପଣଙ୍କ କନ୍ୟାଙ୍କ ଗର୍ଭଜାତ ସନ୍ତାନ ରାଜା ହେବେ, ମୁଁ ରାଜା ହେବି ନାହିଁ ବୋଲି ପ୍ରତିଜ୍ଞା କରୁଅଛି । ଧୀବରରାଜ କହିଲେ ତୁମେ ସିନା ରାଜା ହେବ ନାହିଁ, କିନ୍ତୁ ତୁମ ପୁତ୍ରପୌତ୍ରାଦି ରାଜଗାଦି ଦାବି କରିବେ । ଏହା ଶୁଣି ଭୀଷ୍ମ ପ୍ରତିଜ୍ଞା କଲେ ଯେ ମୁଁ ଆପଣଙ୍କର ଏ ଆଶଙ୍କା ଦୂର କରିବା ନିମନ୍ତେ ଚିରକୁମାରବ୍ରତ ଅବଲମ୍ବନ କରିବି । ଏହି ପ୍ରତିଜ୍ଞା କରି ଧୀବରରାଜଙ୍କ ଠାରୁ ତାଙ୍କ କନ୍ୟାଙ୍କୁ ଜନନୀ ବୋଲି ସମ୍ବୋଧନ କରି ଆଣି ଭୀଷ୍ମ ପିତାଙ୍କୁ ସମର୍ପଣ କଲେ । ସେହି ପ୍ରତିଜ୍ଞା ଅନୁସାରେ ଭୀଷ୍ମ ଚିରକୌମାରବ୍ରତ ଧାରଣ କଲେ । ଏଥିପାଇଁ ଅଟଳ ପ୍ରତିଜ୍ଞାକୁ ଭୀଷ୍ମପ୍ରତିଜ୍ଞା ବୋଲାଯାଏ । ଭୀଷ୍ମ ଅପୁତ୍ରକ ଥିଲେ; ତାଙ୍କୁ କିଏ ପିଣ୍ଡ ଦେବ ବୋଲି କେହି ପଚାରିବାରୁ ସେ କହିଲେ ସଂସାରର ସମସ୍ତ ଲୋକେ ମୋ ପୁଅ ଓ ମତେ ପିଣ୍ଡ ଦେବେ । ଏଥିପାଇଁ ମାଘ ଶୁକ୍ଳ ଅଷ୍ଟମୀଦିନ ପ୍ରତ୍ୟେକ ହିନ୍ଦୁ ଗୃହସ୍ଥ ଭୀଷ୍ମଙ୍କ ପାଇଁ ଶ୍ରାଦ୍ଧ କରନ୍ତି । ଶାନ୍ତନୁଙ୍କର ଦ୍ୱିତୀୟ ପତ୍ନୀ ସତ୍ୟବତୀଙ୍କ ଗର୍ଭରୁ ଚିତ୍ରାଙ୍ଗଦ ଓ ବିଚିତ୍ରବୀର୍ଯ୍ୟ ନାମକ ଦୁଇ ପୁତ୍ର ଜାତ ହେଲେ । ଚିତ୍ରାଙ୍ଗଦ ଏକ ଗନ୍ଧର୍ବଦ୍ୱାରା କୁମାର ଅବସ୍ଥାରେ ହତ ହେଲେ ଓ ବିଚିତ୍ରବୀର୍ଯ୍ୟ କାଶୀରାଜଙ୍କର ୩ କନ୍ୟାଙ୍କୁ ବିବାହ କଲେ; କିନ୍ତୁ ନିଃସନ୍ତାନ ହୋଇ ମରିବାରୁ ସତ୍ୟବତୀଙ୍କ ଆଦେଶକ୍ରମେ ପରାଶରଙ୍କ ଔରସ ସତ୍ୟବତୀଙ୍କ କାନୀନ ପୁତ୍ର ବେଦବ୍ୟାସଙ୍କ ଦ୍ୱାରା ବିଚିତ୍ରବୀର୍ଯ୍ୟଙ୍କର ଦୁଇ ବିଧବାଙ୍କ ଗର୍ଭରୁ ଧୃତରାଷ୍ଟ୍ର ଓ ପାଣ୍ଡୁ ଜନ୍ମଗ୍ରହଣ କଲେ । ଏ ଜଣେ ମହାବୀର ଥିଲେ ଏବଂ ମୃତ୍ୟୁ ଏହାଙ୍କର ଇଚ୍ଛାଧୀନ ଥିଲା । ଏ କୌରବମାନଙ୍କ ପକ୍ଷରେ ଯୁଦ୍ଧ କରୁଥିଲେ । ଦଶଦିନ ଯୁଦ୍ଧ ପରେ ପାଣ୍ଡବମାନେ ଗୋଟିଏ କୌଶଳ କରି ଏହାଙ୍କ ହସ୍ତରୁ ଶର ଖସାଇ ପକାଇଲେ ଏବଂ ଅର୍ଜୁନଙ୍କ ଶରଦ୍ୱାରା ଏ ପୀଡ଼ିତ ହୋଇଯିବା ପରି ହେଲେ । ଅର୍ଜୁନ ଏତେ ଶରଦ୍ୱାରା ଏହାଙ୍କ ଦେହକୁ ବିଦ୍ଧ କଲେ ଯେ ସେହି ଶରମାନ ଭୀଷ୍ମଙ୍କ ଦେହତମାମ ଆଚ୍ଛନ୍ନ କଲା । ଉକ୍ତ ଶରମାନ ଦେହରେ ଲାଗିଥିବା ଅବସ୍ଥାରେ ଭୀଷ୍ମ ସେହି ଶରଶଯ୍ୟାରେ ଶୋଇ ରହିଲେ; କିନ୍ତୁ ସେ ସମୟରେ ମରିବାର ପୁଣ୍ୟକାଳ ଉପସ୍ଥିତ ହୋଇ ନ ଥିବାରୁ ସେ ପ୍ରାଣତ୍ୟାଗ କଲେ ନାହିଁ । ଯୁଦ୍ଧ ଶେଷରେ ମାଘ ଶୁକ୍ଳ ଅଷ୍ଟମୀଦିନ ଆପଣାର ଇଚ୍ଛା ଅନୁସାରେ ପ୍ରାଣତ୍ୟାଗ କଲେ; ଶରଶଯ୍ୟାରେ ଶୋଇଥିବା ଅବସ୍ଥାରେ ସେ ଯୁଧିଷ୍ଠିରଙ୍କୁ ବହୁମୂଲ୍ୟବାନ୍ ଉପଦେଶମାନ ଦେଇଥିଲେ । ମହାଭାରତର ଗୋଟିଏ ପର୍ବ 'ଭୀଷ୍ମପର୍ବ' ନାମରେ ଖ୍ୟାତ । ] ଦେ. ବ (ସଂ. ଭୀଷ୍ମ—ଭୟଙ୍କର ଶବ୍ଦ ବିଷମ)—ଭୀଷମ ବା ବିଷମ; ମହାନଦୀ ଓ ଅନ୍ୟ ପର୍ବତସଙ୍କୁଳ ନଦୀମାନଙ୍କ ଶଯ୍ୟାରେ ଉପରକୁ ବାହାରିଥିବା ବଡ଼ ବଡ଼ ପଥର ବା ପାହାଡ଼ ଖଣ୍ଡମାନ—Block of stones and boulbers in the beds of rocky rivers, which raise their heads over the surface of water [ ଦ—ଏମାନଙ୍କ ମଧ୍ୟରୁ ନଦୀର ଜଳ

বিষম
विषम

ମଧ୍ୟରେ କେତେକ ବୁଡ଼ିଥାଆନ୍ତି ଓ କେତେକ ପାଣି ଉପରକୁ ଉଠିଥାଆନ୍ତି । ନୌକା ଚାଳନ ପକ୍ଷରେ ଏମାନ ଅତି ଭୟଙ୍କର, ଏବଂ ଏହି ଭୀଷ୍ମମାନଙ୍କ ଉପରେ ଅନେକ ଡଙ୍ଗା ମାଡ଼ ଖାଏ । ଉପଯୁକ୍ତ ପ୍ରବୀଣ କୌଶଳକ ବା କଡ଼ ଅଲଙ୍କ ଭଳ ସାହାଯ୍ୟରେ ଏ ଭୀଷ୍ମସଙ୍କୁଳ ନଦୀଶଯ୍ୟାକୁ ଟପି ଅସିବା ନୌକା ପକ୍ଷରେ ସହଜ ନୁହେଁ; ସମ୍ବଲପୁରଠାରୁ ବୌଧ ପର୍ଯ୍ୟନ୍ତ ମହାନଦୀର ଶଯ୍ୟା ଏହି ଭୀଷମମାନଙ୍କରେ ପୂର୍ଣ୍ଣ । ନଦୀର ପୂର୍ଣ୍ଣ ବଢ଼ିବେଳେ ଏ ଭୀଷମମାନ ଅଧିକାଂଶ ପାଣି ତଳେ ବୁଡ଼ି ରହିଥାଆନ୍ତି; କିନ୍ତୁ ନଦୀର ଅଧା ବଢ଼ିସମୟରେ ଏହି ଭୀଷମମାନଙ୍କରେ ଜଳସ୍ରୋତ ବାଜି ଭୀଷଣ ଅନ୍ଦୋଳନ ସୃଷ୍ଟି କରେ ଓ ଡଙ୍ଗାମାନଙ୍କୁ ଖୁବ୍ ସାବଧାନତା ସହକାରେ ନ ଚଳାଇଲେ ଡଙ୍ଗାମାନ ଏଥିରେ ମାଡ଼ ଖାଇ ଚୂନା ହୋଇଯାଏ ।]

**ଭୀଷ୍ମକ**—ସ. ବି (ଭୀଷ୍ମ+କ)—ବିଦର୍ଭରାଜ ଓ ରୁକ୍ମିଣୀଙ୍କ ପିତା—
Bhishmaka A king of Bidarbha and father of Rukmiṇī.

**ଭୀଷ୍ମକ ସୁତା**—ସ. ବି—(୬ଷ୍ଠୀ ତତ୍; ଭୀଷ୍ମକ+ସୁତା)—ଶ୍ରୀକୃଷ୍ଣଙ୍କ ପତ୍ନୀ ରୁକ୍ମିଣୀ—Rukmini, the principal queen of Śrikṛushṇa.
Bhishmaka sutā
(ଭୀଷ୍ମକ କନ୍ୟା, ଭୀଷ୍ମକ ଦୁହିତା—ଅନ୍ୟ ସ. ରୂପ)
ଭୀଷ୍ମକ ଦୁହିତା, ଭୀଷ୍ମକ ଦୁଲାଳୀ } ଗ୍ରାମ୍ୟରୂପ

**ଭୀଷ୍ମ କଟକ**—ଦେ. ବି. ନାମ—ଭିଜାଗାପଟ୍ଟଣା ଜିଲ୍ଲାର ଗୋଟିଏ ଓଡ଼ିଆ ଜମିଦାରୀ; ବିଷମ କଟକ—Name of a Zemindary estate in the Vizagapatam district. [ଦ୍ର—ଏହା ପୂର୍ବେ ଜୟପୁର ରାଜ୍ୟର ଅଧୀନ ଥିଲା, କିନ୍ତୁ କାଳକ୍ରମେ ଏ ଜୟପୁରରୁ ପୃଥକ ହୋଇଯାଇଥିଲା; ଏବେ ତାହା ଜୟପୁର ମହାରାଜା ଖରିଦ କରି ଜୟପୁରଭୁକ୍ତ କରିଅଛନ୍ତି ଓ ଏଥିର ଶିକ୍ଷିତ ଯୁବକ ରାଜା 'ଥାଟରାଜା' ଉପାଧି ଧାରଣ କରି ଭିଜାଗାପାଟ୍ଟଣାରେ ଅବସ୍ଥାନ କରୁଅଛନ୍ତି । ]
Bhishma kaṭaka
বিষম কটক
विषम कटक
(ଭୀଷମ କଟକ—ଅନ୍ୟରୂପ)

**ଭୀଷ୍ମଙ୍କ ଶରଶଯ୍ୟା**—ଦେ. ବି—ମହାଭାରତ ଯୁଦ୍ଧରେ ଅର୍ଜୁନଙ୍କଦ୍ୱାରା ଭୀଷ୍ମଙ୍କ ଶରୀରରେ ବିଦ୍ଧ ହୋଇଥିବା ବାଣମାନ ଲାଗିଥିବା ଅବସ୍ଥାରେ ଭୀଷ୍ମଙ୍କର ଉକ୍ତ ବାଣମାନଙ୍କ ଅଗ୍ରରେ ଶୟନ—The bed of arrows thrown by Arjuna which stuck to the body of Bhisma like the quills of a porcupine and with which Bhishma lay down as comfortably as on a feathery bed [Mahābhārata].
Bhishmaṅka śaraśajyā
ଭୀଷ୍ମ ଶଯ୍ୟା, ଭୀଷ୍ମଶରଶଯ୍ୟା } ସ୍ୱ. ତରୂପ
ভীষ্মের শরশয্যা
भीष्मकी शरशय्या

**ଭୀଷ୍ମ ଜନନୀ**—ସ. ବି (୬ଷ୍ଠୀ ତତ୍)—ଶାନ୍ତନୁଙ୍କ ପ୍ରଥମ ସ୍ତ୍ରୀ ଗଙ୍ଗାଦେବୀ—The mother of Bhishma [the Ganges personified]. [ଦ୍ର—ଭୀଷ୍ମ ତଳେ ଟୀକା ଦେଖ ।)
Bhishma janani
(ଭୀଷ୍ମସୂ—ଅନ୍ୟରୂପ)

**ଭୀଷ୍ମ ତର୍ପଣ**—ସଂ. ବି—ପ୍ରତ୍ୟେକ ହିନ୍ଦୁ ତର୍ପଣ କରିବା ସମୟରେ ଭୀଷ୍ମଙ୍କ ଉଦ୍ଦେଶ୍ୟରେ ଅର୍ପଣ କରିବା ତିଳ-ଜଳାଦି—Oblation of water and sessamum seeds offered to Bhishma by every Hindu during Tarpaṇa
Bhishma tarpaṇa

**ଭୀଷ୍ମ ଦେବ**—ସ. ବି—ଭୀଷ୍ମ ( ଦେଖ )—Bhishma ( See )
Bhishma deba (ଭୀଷ୍ମ ପିତାମହ—ଅନ୍ୟରୂପ)

**ଭୀଷ୍ମ ପଞ୍ଚକ**—ସ. ବି—ବକ ପଞ୍ଚକ; କାର୍ତ୍ତିକ ଶୁକ୍ଳ ଏକାଦଶୀଠାରୁ ପୂର୍ଣ୍ଣିମା ପର୍ଯ୍ୟନ୍ତ ଅନୁଷ୍ଠେୟ ପ୍ରାତଃସ୍ନାନ, ହବିଷ୍ୟ, ଆମିଷ ଓ ସ୍ତ୍ରୀ ତୈଳାଦି ବର୍ଜନମୂଳକ ବ୍ରତବିଶେଷ-A religious vow observed for the last 5 days of the month of Kārttika (consisting of morning bath, frugal food, refraining from animal food, oil and co-habitation).
Bhishma pañchaka

**ଭୀଷ୍ମ ଶ୍ରାଦ୍ଧ**—ସ. ବି. ( ମଧ୍ୟପଦଲୋପୀ କର୍ମଧା )—ମାଘ ଶୁକ୍ଳାଷ୍ଟମୀ ବା ଭୀଷ୍ମାଷ୍ଟମୀ ଦିନ ଭୀଷ୍ମଦେବଙ୍କ ଉଦ୍ଦେଶ୍ୟରେ ପ୍ରତ୍ୟେକ ହିନ୍ଦୁ ଗୃହସ୍ଥଙ୍କ ଅନୁଷ୍ଠେୟ ଶ୍ରାଦ୍ଧ ବା ପିଣ୍ଡଦାନ କର୍ମ—Śrāddha or oblation of boiled rice offered to Bhishma by every Hindu householder on the 8th day of the bright lunar fortnight of Māgha.
Bhishma śrāddha

**ଭୀଷ୍ମାଷ୍ଟମୀ**—ସ. ବି—ମାଘ ଶୁକ୍ଳ ଅଷ୍ଟମୀ (ଯେଉଁ ଦିନ ପ୍ରତେକ ହିନ୍ଦୁ ଅପୁତ୍ରିକ ଭୀଷ୍ମଦେବଙ୍କ ଉଦ୍ଦେଶ୍ୟରେ ପିଣ୍ଡ ଦାନ କରନ୍ତି)—The 8th day of the bright lunar fortnight of Māgha (on which day every Hindu is enjoined to offer oblation of rice-cake to Bhishma).
Bhishmāshṭami

**ଭୁଅ**—ଗ୍ରା. ବି. (ସ, ବ୍ୟୂହ)—ବ୍ୟୂହ—Battle-array.
Bhua (ଉ—ଜାନୁ ଯୋକ ଭୁଅ ହୋଇଛନ୍ତି ଯମ ରାଜା । ପ୍ରାଚୀ ବୃନ୍ଦାବନରୂପଣ ଗୀତା ।)

**ଭୂଆ**—ଦେ. ବି—ଅଣ୍ଡିରା ବିରାଡ଼ି—Tom cat; a male cat. [ଦ୍ର—ଏମାନେ ସାଧାରଣତଃ ଉଗ୍ର ଓ କଷ୍ଟସହିଷ୍ଣୁ ହୁଅନ୍ତି ଓ ନବ ଜାତ ବିରାଡ଼ି ଛୁଆମାନଙ୍କୁ ଖାଇ ଯାଆନ୍ତି । ଏପରି କି, ଆପଣା ଛୁଆକୁ ମଧ୍ୟ ଖାଇ ଯାଆନ୍ତି ।] (ଉ—ପକ୍ଷୀମାନେ ତା ଦେଖି ହୋଇ ଏକ ଗୋଟି, ବୋଇଲେ ଧର୍ମୀମ୍ବା ହୋଇଲା ଏ ଭୂଆଟି । କୃଷ୍ଣସିଂହ. ମହାଭାରତ ଉଦ୍ଯୋଗ ।) ପ୍ରାଦେ. (ଉତ୍ତର ବାଲେଶ୍ୱର) ବିଣ—ଫମ୍ପା ବା ଭୁତଖିଆ (ନଡ଼ିଆ )—(cocoanut) Without kernel or water owing to defective growth,
Bhuā
ଭୂଆ ବିରାଡ଼ି, ଭୂଆ ବିଲେଇ } ଅନ୍ୟରୂପ
হুলো, কুনো
बिलाव

**ଭୂଆ ଆପଣା ଛୁଆକୁ ଖାଇବା** (ନ୍ୟାୟ)—ଦେ. ତଗ—ଯେଉଁ ଭୂଆ ବିରାଡ଼ି ଆପଣା
Bhuā āpaṇā chhuāku khāibā (nyāya)

ହଲୋ ବେରାଲ ନିଜେର ଛାନା ଖାୟ ଭିତ୍ରସ ତାର ଶିଶୁକୁ ଖାଇଯାଏ
**बिलाव अपने बच्चोँको खाता है** ତାଠାରୁ ପର ଛୁଆ ପ୍ରତି ମମତା ଆଶା କରିବା ଭୂଷ ଦୁଗ୍ଧ ଆଶା ସ୍ଥଳରେ ଏ ଢଗ ବୋଲାଯାଏ– (an analogical saying) To expect kindness and mercy from a male cat which eats up its own kitten.

**ଭୂଆଁ**—ଦେ. ବି. (ସଂ. ଭ୍ରମ୍ ଧାତୁ)—୧ । ମନୁଷ୍ୟ ବାଟ ଭୁଲି ବୁଲିବା
Bhuāñ ଅବାଟ—1. Wrong way taken by a person by mistake. ୨ । ସମ୍ଭାଳୁଅ ପୋକ—
चक्कर 2. Caterpillar; wooly bear. ଦେ. ବିଣ—
**चक्कर** ୧ । ଅସାର—1. Unsubstantial. ୨ । ଅଲୀକ—
ভূয়ো 2. Unreal. ୩ । ଭ୍ରମ ପୂର୍ଣ୍ଣ; ଭ୍ରାନ୍ତ—3. Mis-
झुठा(ठी) taken; erroneous. ୪ । ବୋକା—4. Foolish. ୫ । ଫମ୍ପା—5. Empty. ୬ । ମିଛୁଆ—6. Lying.

**ଭୂଆଁ ଘାସ**—ଦେ. ବି—୧ । ଲୌକିକ ବିଶ୍ୱାସ ମତେ ଏକପ୍ରକାର ଘାସ—
Bhuāñ ghāsa 1. A kind of grass said to possess the property of causing the person who treads on it to go the wrong way. [ଦ୍ର—ଗୋଟିଏ ଲୌକିକ ବିଶ୍ୱାସ ଅଛି ଯେ ପଥିକ ଭୂଆଁ ଘାସ ମାଡ଼ିଲେ ଭୂଆଁ ବୁଲେ ।]

**ଭୂଆଁ ବୁଲିବା**—ଦେ. କ୍ରି—୧ । ଭ୍ରମରେ ଅବାଟରେ ବୁଲିବା—
Bhuāñ bulibā 1. To take a wrong road by mis-
চক্কর দেওয়া take; to wander after having lost
**चक्कर देना** the way. ୨ । (ଲକ୍ଷଣାର୍ଥ)ବୃଥା ପରିଶ୍ରମ କରିବା—
2. To do fruitless labour. ୩ । ଭ୍ରାନ୍ତ ହେବା—
3. To be mistaken.

**ଭୂଆଁର ଦେଖା(ଖେ)ଇବା**—ପ୍ରାଦେ. (ଯାଜପୁର) କ୍ରି—୧ । ବାଲଙ୍ଗି
Bhuāñrā dekhā(khe)ibā କରିବା—1. To brag.
(ଭୂଆଁର ବତା(ତେ)ଇବା—ଅନ୍ୟରୂପ) ୨ । ଛଳନା କରିବା; ବାହାନା କରିବା—2. To feign; to plead an excuse.

**ଭୂଆଁଳ(ର)**—ଦେ. ବି—ଏକ ପ୍ରକାର ବନ୍ୟ ଗଛ—A species of
Bhuāñla(ra) wild tree; Cordia Myxa.

**ଭୂଆଁ (ଆ)ସୁଣୀ**—ଦେ. ବି. ସ୍ତ୍ରୀ (ସଂ. ବନ୍ଧୁସୁନୀ=ବନ୍ଧୁବାର ପୁତ୍ରବଧୂ; ଭୁଲ.
Bhuāñ(ā)suṇi ସଂ. ବଧୂ+ସୁନୁ । କେହି କେହି କହନ୍ତି ଏହା
नूतन বৌ, কুলবধূ ବହୁାସିନୀ ବା ସୁବାସିନୀର ଅପଭ୍ରଂଶ, କିନ୍ତୁ ଏହା
**बहुआसीन** ଠିକ୍ ବୋଧ ହେଉ ନାହିଁ; ପରନ୍ତୁ ହିନ୍ଦୀରେ ଏହି ଅର୍ଥରେ ବହୁାସିନ୍ ଶବ୍ଦର ବ୍ୟବହାର ଅଛି)—
୧ । ନବବଧୂ; କୁଳ ଭୂଆସୁଣୀ; କୁଳବଧୂ—1. A newly wedded wife; the daughter-in-law of a family. (ଢ—ଅଠଗଡ଼ ବଇରିଣୀ, ଖୁର୍ଦ୍ଧିଆ ନଈଖ ପଇଡ଼ ପାଣି, ବୃଦ୍ଧାକାଳେ ଭୂଆସୁଣୀ—ଗଞ୍ଜାମର ଢଗ ।) ୨ । କୁଳ ଯୁବତୀ—2. A young housewife. ୩ । ବଧୂ; ବୋହୂ—3. Daughter-in-law. (ଢ—କୁଳ ଭୂଆସୁଣୀ ଦାଣ୍ଡରେ ଛିଡ଼ା—ଢଗ; ବନ୍ଧୁ ଭୂଆସୁଣୀଏ ବାହାରି ପାଇଁଛନ୍ତି ଲଗିଯାନ୍ତି । ଫକୀରମୋହନ. ଛ ମାଣ ଆଠଗୁଣ ।) ୪ । ଏକ ପ୍ରକାର ଜଙ୍ଗଲି ଗଛ—4. Name of a wild tree. [ଦ୍ର—ଏହା ଗୋଟିଏ ଜଙ୍ଗଲି ଗଛ । ଏ ଗଛର ନାମ ସେଲା ବା ସେଳା । ଏହାର ବିସ୍ତୃତ ଜଙ୍ଗଲ ସମ୍ବଲପୁର, ବୋଲାଙ୍ଗୀର, ବାମଣ୍ଡା ଅଞ୍ଚଳରେ ଅଛି । କଟକ ନିକଟସ୍ଥ ମହାନଦୀ ଗର୍ଭରେ ମହାନଦୀର ବଢ଼ି ଦ୍ୱାରା ଭାସି ଆସିଥିବା ଗୋଟିଏ ଗଛରୁ ଗୋଟିଏ ଗଛ ଉଠିଅଛି । ଲୋକେ ଏହାକୁ ଭୂଆସୁଣୀ ଗଛ ବୋଲି ଡାକନ୍ତି । ତନ୍ନ ସ୍ଥାନୀୟ ଲୋକେ କହନ୍ତି ଯେ ଏ ଗଛକୁ କେହି ଛିଣ୍ଡି ପାରନ୍ତି ନାହିଁ; କିନ୍ତୁ ପ୍ରକୃତରେ ଏହା 'ସେଳା' ନାମକ ବୃକ୍ଷ ଅଟେ । ( ଶ୍ରଦ୍ଧେୟ ଶ୍ରୀ ଶଶିଭୂଷଣ ରାୟଙ୍କଠାରୁ ସୂଚିତ ) । ୫ । ଚିଲିକାରେ ଥିବା ଏକ ଜାତିର ମାଛ—
5. A kind of fish (in the Chilka lake).
୬ । ସ୍ୱରରେ ବିକଟ ଚିତ୍କାର କରିବା ଏକପ୍ରକାର ପକ୍ଷୀ—
6. A species of hoarsely screeching bird.
୭ । ଜଳଜୀବ ବିଶେଷ; ଶିଶୁମାର—7. A kind of aquatic animal; Gangetic porpoise.

**ଭୂଆସୁଣୀ ଗାଧୁଆ**—ପ୍ରାଦେ. ( ଗଡ଼ଜାତ, ସମ୍ବଲପୁର ) ବି—ସୂର୍ଯ୍ୟୋଦୟ
Bhuāsuṇi gādhuā ଗାଧୁଆ—The time of early bath
(ଭୂଅସେନ୍ ଗାଧୁଆ—ଅନ୍ୟରୂପ) before sunrise.

**ଭୂଆସୁଣୀ ମାଛ**—ଦେ. ବି—ଶିଶୁମାର—
Bhuāsuṇi māchha Gangetic porpoise.

**ଭୂଆସୁଣୀ ଯିବା**—ପ୍ରାଦେ. ( ଗଡ଼ଜାତ ) କ୍ରି—ବାଳିକା ରଜସ୍ୱଳା ହେବା
Bhuāsuṇi jibā ପରେ ପ୍ରଥମେ ଶାଶୁଘରକୁ ଯିବା; ପହିଲି-ପାଳି ଯିବା—To go to the husband's house for the first time after attaining puberty ( said of a girl given in marriage before she attained puberty.)

**ଭୂଆସେନ୍**—ପ୍ରାଦେ. ( ସମ୍ବଲପୁର ) ବି ( ଭୁଲ. ହି. ବହୁାସୀନ୍ )—
Bhuāsen ଭୂଆସୁଣୀ ( ଦେଖ )—Bhuāsuṇi ( See )

**ଭୂଇଁ**—ଦେ. ବି ( ସଂ. ଭୂମି )—୧ । ପୃଥିବୀ ତଳ; ଜମି—1. Land;
Bhuiñ surface of the earth ୨ । ମୃତ୍ତିକା; ମାଟି—
ভুঁই **भुइँ** 2. Soil. ୩ । ପୃଥିବୀ—3. The earth.
( ଭୂଇ—ଅନ୍ୟରୂପ )

**ଭୂଇଁ ଅଅଁ(ଏଁ)ଳା**—ଦେ. ବି ( ସଂ. ଭୂମ୍ୟାମଲକୀ; ବର୍ଷାସ୍ଥାୟୀ କ୍ଷୁଦ୍ର
Bhuiñ a(añ, eñ)lā ଶାକବିଶେଷ, ( ପତ୍ର ଓ ଫୁଲ ଛୋଟ
ସଂ. ନାମ—ଭୂମ୍ୟାମଲକୀ, ଅଅଁଳା ଆକାରବିଶିଷ୍ଟ)—A herb.
ଶିବା, ତାମଲକୀ, ଭୂଧାତ୍ରୀ, Phyllanthus Niruri [ଦ୍ର—
ଅମୃତ, ଅମ୍ଳିକା, ଷେହମଲୀ, ଏହା ବର୍ଷାଦିନେ ଶୀତଳ ସ୍ଥାନରେ
ଝାଉକା, ଉଦ୍ରାମଲକୀ, ଜନ୍ମେ; ଗୋଟିଏ ଡେଙ୍ଗରେ ଦୁଇଟି
ବହୁବର୍ଯ୍ୟା,ବହୁଜଟା,ବହୁଫଳା ପଟ ଥାଏ । ପତ୍ର ମୂଳରେ ଅତି ଛୋଟ
ভুঁই আম্‌লা ଫୁଲ ଧରେ ଓ ଫୁଲରୁ ସୋରିଷ ପରି
**भूइँ आँवला, भोमी आँवरा** ଫଳ ଧରେ । ବୈଦ୍ୟକ ମତରେ ଏହା

ମ. ଭୁଯ୍ଅଁବଲୀ — ବାୟୁବର୍ଦ୍ଧକ ଓ ଶୀତସ୍ପର୍ଶ । ଏହା
ତେ. ନେଲଉଶିରକେ — ପିପାସା, କାସ, ରକ୍ତପିତ୍ତ, କଫ,
ଗୁ. ଭୋଂଅଂବଲୀ — କଣ୍ଡୁ ଓ କ୍ଷତନାଶକ; (ଦ୍ରବ୍ୟଗୁଣ)
ଏହା ବାତକାରକ ଓ ଦାହନାଶକ—ବୃ. ଶ ।]

**ଭୁଇଁ ଅଦା**—ଦେ. ବ ( ସଂ. ଭୂମି ଓ ଆର୍ଦ୍ରକ )—ହରଦ୍ରାବର୍ଗର ବୃକ୍ଷ
Bhuiñ adā — ବନ୍ଧୁପକ୍ଷ ଶାକବିଶେଷ; (ଫୁଲ ଈଷତ୍‌ଲାଲ ରଙ୍ଗର)—
ଭୁଇଆଦା **भूमीआदा** A herb; Hedychium Coccineum.

**ଭୁଇଁଅଁ**—ଦେ. ବ ( ସଂ. ଭୂମିଜ, ଭୂମିକ )—୧ । ଓଡ଼ିଶା ଗଡ଼ଜାତର
Bhuiñāñ — ଅନାର୍ଯ୍ୟ ଜାତିବିଶେଷ—1. A wild caste of
ଭୁଞାଁ **भूमिया** hillmen of Orissa.
( ଭୂୟାଁ,ଭୁଇଅଁ—ଅନ୍ୟରୂପ ) [ଦ୍ର—ଏମାନେ ନାଗବଂଶୀ, ଯବନବଂଶୀ, ପାହାଡ଼ୀ, ଆସମାନ ଏହିପରି ୪ ଗୋଟି ସମ୍ପ୍ରଦାୟରେ ବିଭକ୍ତ । ଓଡ଼ିଶାରେ ମଧ୍ୟ ଭୂୟାଁ ପଦର ପ୍ରଚଳନ ଅଛି । ତନ୍ତୀ ଓ ଓଡ଼ ଶ୍ରେଣୀସ୍ଥ ଲୋକଙ୍କର ଏପରି ପଦ୍ଧତି ଅଛି । ଏମାନେ ସମୟରେ ସୈନିକଶ୍ରେଣୀଭୁକ୍ତ ହୋଇ ଯୁଦ୍ଧ କରୁଥିଲେ । ବାଲେଶ୍ୱର ଅଞ୍ଚଳରେ ଏମାନଙ୍କ ସଂଖ୍ୟା ବେଶୀ—ଜଗବନ୍ଧୁ. ପ୍ରାଚୀନ ଉତ୍କଳ । ] ୨ । ଗଡ଼ଜାତର ଅପୂଜା ଦେବତାବିଶେଷ—2. A sylvan Deity. ୩ । କେନ୍ଦୁଝରର ଆଦିମ ଭୂମ୍ୟଧିକାରୀ ଜାତିବିଶେଷ—3. A class of aboriginal land owners in the State of Keonjhar. [ ଦ୍ର—କେନ୍ଦୁଝରର ଭୂୟାଁମାନେ ପୂର୍ବେ ରାଜା ନିର୍ବାଚନ କରୁଥିଲେ । ଅଦ୍ୟାବଧି ମଧ୍ୟ କେନ୍ଦୁଝରର ରାଜାଙ୍କୁ ଭୂୟାଁମାନେ ନିର୍ବାଚନ ପଦ୍ଧତିର ପୂର୍ବ ରୀତି ଅନୁକରଣ କରି ରାଜଗାଦିରେ ବସାନ୍ତି । ଏମାନେ ରାଜାଙ୍କୁ ପୁଅ ବୋଲି ସମ୍ବୋଧନ କରି ସ୍ନେହରେ ତୁ, ତା, ବ୍ୟବହାର କରନ୍ତି । ଏମାନେ ଗତ ( ଉନବିଂଶ ) ଶତାବ୍ଦୀରେ ମେଳ କରି ରାଜାଙ୍କୁ ଓ ଗଭର୍ଣ୍ଣମେଣ୍ଟଙ୍କୁ ବ୍ୟତିବ୍ୟସ୍ତ କରିଥିଲେ । ଧରଣୀଧର ନାମକ ଜଣେ ବ୍ୟକ୍ତିର ନେତୃତ୍ୱରେ ଏମାନେ ବିଦ୍ରୋହାଚରଣ କରିଥିଲେ । ଫକୀରମୋହନ ସେ ସମୟରେ କେନ୍ଦୁଝରର ଦେୱାନ୍ ଥାଇ ଏ ବିଦ୍ରୋହର ପ୍ରଶମ ତାଙ୍କ ଜୀବନଚରିତରେ ଲେଖିଅଛନ୍ତି । ] ୪ । ସାମନ୍ତ ରାଜା; ଜମିଦାର—4. A feudal lord; zemindar. ୫ । ବଙ୍ଗଦେଶର ବାର ଜଣ ସାମନ୍ତ ଭୂସ୍ୱାମୀ; ବାର ଭୂୟାଁ—5. Twelve feudal lords of Bengal. ୬ । ଖଣ୍ଡାଏତମାନଙ୍କର ଉପାଧିବିଶେଷ—6. A family title of certain Khandāitas.
[ଦ୍ର—ପୂର୍ବେ ପଲେଇ, ଜେନା ଆଦି ବଂଶୋପାଧି ବିଶିଷ୍ଟ ବ୍ୟକ୍ତିମାନେ ଅଧୁନା ଶିକ୍ଷିତ, ଧନୀ ଓ ପଦସ୍ଥ ହୋଇ ମୌଳିକ ବଂଶୋପାଧିକୁ ବଦଳାଇ ସମ୍ମାନସୂଚକ ଭୂୟାଁ ଉପାଧି ଗ୍ରହଣ କରିଥିବାର ଦୃଷ୍ଟାନ୍ତ ଓଡ଼ିଶାରେ ବିରଳ ନୁହେଁ ।]

**ଭୁଇଁଅଁ ଗାତ**—ପ୍ରାଦେ. ( ବାକ୍ୟ ) ବ—ବିଲମାନଙ୍କରେ ହୋଇଥିବା
Bhuiñāñ gāta — ଗାତ—Pits or holes appearing in cornfields.

**ଭୁଇଁଅଁ ଜର**—ଦେ. ବ—ଗଡ଼ଜାତରେ ହେବା ଏକପ୍ରକାର ପ୍ରବଳ
Bhuiñāñ jara — କମ୍ପଜ୍ୱର—A kind of fatal malarial fever prevailing in the Oriya States.
[ ଦ୍ର—ଏ ଜର ଜଙ୍ଗଲର ଭୁଇଁଅଁ ଦେବତାଙ୍କ ପ୍ରକୋପ ଜନିତ ବୋଲି ଗଡ଼ଜାତରେ ବିଶ୍ୱାସ । ଏହା ମାରାତ୍ମକ ହୁଏ । ]

**ଭୁଇଁଅଁ ପି(ପୀ)ଢ଼**—ଦେ. ବ ( ନାମ ) ( ସଂ. ଭୂମିଜ+ପୀଠ )—
Bhuiñāñ pi(pī)ṛdha — କେନ୍ଦୁଝରର ଭୂୟାଁ ଜାତି ବାସ କରୁଥିବା
ଭୂଞାପୀଢ଼ — ଅଞ୍ଚଳ—The tract in the Keonjhar State inhabited by the Bhuyāñs.

**ଭୁଇଁଅଁ ଲାଗିବା**—ଦେ. ବ—ଭୁଇଁଅଁ ନାମକ ବନଦେବତା ମନୁଷ୍ୟ
Bhuiñāñ lāgibā — ଦେହରେ ଅଧିଷ୍ଠ ହେବା—The state of
ଭୂତେ ପାଓୟା **भूत लगना** a person being possessed by the Deity Bhuiñāñ.

**ଭୁଇଁ କଖାରୁ**—ଦେ. ବ ( ସଂ. ଭୂମି+କର୍କାରୁ )—ଲତାଜାତିବିଶେଷ—
Bhuiñ kakhāru — Ipomoea Digitata. [ ଦ୍ର—
ସଂ. ନାମ—ଭୂମିକୁଷ୍ମାଣ୍ଡ, — ଏହା କଲମ୍ବ୍ୟାଦି ବର୍ଗର ଦୀର୍ଘ ଲତା;
ବିଦାରୀ, ବୃଷ୍ୟକନ୍ଦ, ସ୍ୱାଦୁକନ୍ଦା, — ପିଣ୍ଡଆଳୁ ପରି ଏହାର ମୂଳରେ
କ୍ରୋଷ୍ଟ୍ରୀ, ସିତା, କ୍ଷୀରବଲ୍ଲୀ, — ପିଣ୍ଡାକାର ମୂଳ ଜନ୍ମେ । ଏହି ମୂଳର
କ୍ଷୀରଶୁକ୍ଲା, ପୟସ୍ୱିନୀ — ଉପର ଶୁକ୍ଳ ଓ ଏହାକୁ ସିଝା କରି
ଭୁଇକୁମଡ଼ା, ଭুইକୁମড়ো, — ଖିଆଯାଏ; ପଞ୍ଚ ସାତ ଅଠ ଅଙ୍ଗୁଳି
ଭୁମି କୁষ্মাণ্ড, সিমিয়া, — ବାହାର ଥିବା ହାତ ପାପୁଲି ପରି;
**बिलाइकन्द, बिडारीकन्द** — ଫୁଲ ଆମଲରକ୍ତ, ଡାଙ୍ଗ ମସୃଣ ।
**बिलुयाकन्द, भूईंकन्द** — ବୈଦ୍ୟଶାସ୍ତ୍ର ମତରେ ଏହା ପୁଷ୍ଟିକର,
ମ. ଭୂଇଁ କୋହଲ୍ଲ — ସ୍ୱରବର୍ଦ୍ଧକ, ମୂତ୍ରକର, ସ୍ତନ୍ୟଶୁକ୍ର ଓ
ଗୁ. ଭୋକାଲୁ — ବଲବର୍ଦ୍ଧକ, ବର୍ଣ୍ଣପ୍ରସାଦକ ଓ
ତେ. ନେଲଗୁମ୍ମୁଡୁ — ରସାୟନ । ଏହା ପିତ୍ତଦୋଷ,
ରକ୍ତଦୁଷ୍ଟି, ବାୟୁ ରୋଗ ଓ ଦାହନାଶକ । ]

**ଭୁଇଁ କଦମ୍ବ**—ଦେ. ବ ( ସଂ. ଭୂମି କଦମ୍ବ )—୧ । ଭୂକଦମ୍ବ ବୃକ୍ଷ—
Bhuiñ kadamba — 1. A kind of tree. ୨ । ସୋମ-
ସଂ. ନାମ—ମହାଶ୍ରାବଣିକା, ସୁଜ୍ୟାଦି ବର୍ଗର ବର୍ଷାୟୁଃ ଶାକଗୁଳ୍ମ—2.
ଭୂକଦମ୍ବ, ଭୂକଦମ୍ବକା, — Sphæranthus Indicus
କଦମ୍ବପୁଷ୍ପିକା, ଅବ୍ୟଥା, — ( plant ). [ ଦ୍ର—ଏହା ଧାନ
ଅନ୍ତ ତପସ୍ୱିନୀ — କିଆରିରେ ଓ ଜଳମୟ ସ୍ଥାନରେ
ବଡ଼ ଥুলকুড়ি, গোরক্ষমুণ্ডি — ଜନ୍ମେ । ଗଞ୍ଜାମରେ ଏହାର ନାମ
**गोरखमुण्डी, घोरकमुँडी** — ବଣକଦମ୍ବ, ମୁଣ୍ଡୀ, ଗୁଣ୍ଡୀ । ଏହା ଗଳ-
ତେ. ବୋଡ଼ ସରପଟେଙ୍କୁ — ଗଣ୍ଡ, ଅପଚୀ, ମୂତ୍ରକୃଚ୍ଛ୍ର, କ୍ରିମି,
ଯୋନିରୋଗ, ପାଣ୍ଡୁ, ଶ୍ଳୀପଦ, ଅରୁଚି, ଅପସ୍ମାର, ପ୍ଲୀହା, ମେଦ ଓ ଗୁହ୍ୟସ୍ଥ ବ୍ୟାଧି ବିନାଶକ—ଦ୍ରବ୍ୟଗୁଣ । ]

**ଭୁଇଁକମ୍ପ**—ଦେ. ବ ( ସଂ. ଭୂମିକମ୍ପ )—ଭୂମିକମ୍ପ—Earth-quake.
Bhuiñ kampa — ଭୂମିକମ୍ପ **भूईंकंप, भूईंडोल**

**ଭୁଇଁ କଲସା**—ଦେ. ବ—ପଥର ଉପରେ ଉଠିବା ଗୁଳ୍ମବିଶେଷ; (ଏହା
Bhuiñ kalarā — ହାତେ ବା ଦୁଇହାତ ଉଚ୍ଚ ହୁଏ । ଗୋଲ ଗାଢ଼

ଅବଦଙ୍କ ଔଷଧରେ ଲାଗେ )—A kind of herb used as medicine for kine.

**ଭୂଇଁକୋରୁ(ଡ଼ୁ)ଆଁ**—ଦେ. ବ. (ସଂ. ଭୂମିକୁଟଜ)—ଏକପ୍ରକାର କ୍ଷୁଦ୍ର Bhuiñkoru(rdu)āñ ଭୁରୁଚ ଗଛ—A kind of plant.

**ଭୂଇଁ ଖଜୁରୀ(ରା,ରି)**—ଦେ. ବ (ସଂ. ଭୂମି ଖର୍ଜୁର)—ଏକ ପ୍ରକାର Bhuiñ khajura(rā, ri) ଛୋଟ ଖଜୁରୀ ଗଛ; ପେଣ୍ଡି ଖଜୁରୀ—A species of small date palm. [ ଦ୍ର—ଏ ଗଛର ସ୍କନ୍ଧ ଭୂମିକୁ ଲାଗି ଥାଏ ଓ କେତେ ଭୂମି ଖଣ୍ଡ ଉପରକୁ ଉଠେ ନାହିଁ, ଏହାର କୋଳ ସାଧାରଣ ଖଜୁରୀକୋଳ ଅପେକ୍ଷା ସାନ ଓ ମିଷ୍ଟତର ବୈଦ୍ୟଶାସ୍ତ୍ର ମତରେ ଏ ଖଜୁରୀଠାରୁ ଅଳ୍ପ ଗୁଣ ବିଶିଷ୍ଟ । ]

ସଂ.—ଭୂମି ଖର୍ଜୁରିକା, ସ୍ୱାଦୁ, ଦୁସ୍ପ୍ରବେଶା, ମୃଦୁଚ୍ଛଦା, ସ୍ୱଳ୍ପ ଫଳା, କାକ କର୍କଟୀ, ସ୍ୱାଦୁ ମସ୍ତକା । ମ. ଶିନ୍ଦୀ, ଖଜୁରୀ ଗୁ. ଖଜୁରୀ, ଖାରକ ତେ. ଇଂଟାଚେଟ୍ଟୁ, ଖଜୁପ୍ପୁଣ୍ଡୁ ପিণ্ড খেজুর; ভূঁইখেজুর पिण्ड खजूर; भूइँ खजूर

**ଭୂଇ ଚଣା**—ଦେ. ବ (ସଂ. ଭୂଚଣକ)—ଚେର ଚଣା; ଚୀନାବାଦାମ; Bhuiñ chanā ମୁଗଫଳୀ—Groundnut; Pea-nut; ভুঁইচণা; বিলাতীমুগ; চীনাবাদাম; মাটকলায় Arachis मुगफली Hypogala. [ଦ୍ର—ଏହା ଲତା ଜାତୀୟ । ଏଥିର ତେ. ବରଣସନ ଗକଯୁ] ଚେରରେ ଭୂଇଁ ଧରେ ଓ ଭୂଇଁ ଉପରେ ବୃହ ପତ୍ର ସୁଖାଦ୍ୟ ମଞ୍ଜି ଥାଏ ।]

**ଭୂଇଁ ଚମ୍ପା**—ଦେ. ବ (ସଂ. ଭୂମି ଚମ୍ପକ)—ହରିଦ୍ରା ବର୍ଗର କ୍ଷୁଦ୍ର ଶାକଗୁଳ୍ମ Bhuiñ champā ବିଶେଷ—Kæmferias Rotunda (a ভুঁই চাঁপা भूइँचँपा plant and its scented flowers.) [ଦ୍ର—ବୈଶାଖ ମାସରେ ଏଥିର ପତ୍ରମାନ ଶୁଖି ନଷ୍ଟ ହୋଇ ଯାଏ ଓ ମୂଳରୁ ସୁଗନ୍ଧ ଧଳା ଫୁଲ ବାହାରେ ଓ ଉକ୍ତ ଫୁଲ ଭୂଇଁରୁ ବାହାରିଲା ପରି ଦେଖା ଯାଏ । ପରେ ହଳଦୀ ଗଛର ପତ୍ର ପରି ଫୁଲ ସକାଳେ ଫୁଟେ । ଫୁଲ ଫୁଟିବା ବନ୍ଦ ହୋଇ ଯିବା ପରେ ପତ୍ର ବାହାରେ ।]

**ଭୂଇଁ ଛତୁ**—ଦେ. ବ (ସଂ. ଭୂମି+ଛତ୍ରାକ)—ମାଟି ଛତୁ; ମାଟିରୁ ଉଠିଥିବା Bhuiñ chhatu ଛତୁ—A kind of mushroom; ভুই ছাতু(তা) coming out of the surface of the भूइँफोर; गोवरछत्ता; सापकी छत्री earth. [ଦ୍ର—ବୈଦ୍ୟକ (ଭୂଇଁ ଫୁଲ—ଅନ୍ୟରୂପ) ମତରେ, ଏହା ଶୀତବୀର୍ଯ୍ୟ, ତ୍ରିଦୋଷଜନକ, ପିଚ୍ଛଲ, ଗୁରୁ ଏବଂ ବମି, ଅତିସାର, ଜ୍ୱର ଓ କଫକାରକ । ବଲ୍ମୀକ ଓ ଶୁଚିପ୍ରଦେଶ ଜାତ ଓ ଶୁକ୍ଳବର୍ଣ୍ଣ ଛତୁ ଛଡ଼ା ଅନ୍ୟ ଛତୁମାନ ଦୋଷଜନକ ।]

**ଭୂଇଁ ଜନ୍ତି**—ଦେ. ବ—ଧୂଳିଅଜନ୍ତା—A kind of black ant. ধুলোজংদা भूइँलहर चुट्टा

**ଭୂଇଁ ଜାମୁ**—ଦେ.ବ (ସଂ. ଭୂମି ଓ ଜମ୍ବୁ)—ବଣଜାମୁ; ଏକପ୍ରକାର ଛୋଟ Bhuiñ jāmu ଜାମୁ ଗଛ ଓ ତାହାର ଛୋଟଫଳ—Premna ভুইঁজাম; বনজাম Herbacea; Ardisa Humiles; a भूइँजामन; जामुनी species of small blackberry. ସଂ—କାକଜମ୍ବୁ, କ୍ଷୁଦ୍ର ଜମ୍ବୁ, [ଦ୍ର—ଏହା ଜାମୁ ଜାତୀୟ ବନ୍ୟକ୍ଷୁପ ସୂକ୍ଷ୍ମ ପତ୍ରା, ନାଦେୟୀ, ଜଳ ଜମ୍ବୁକା । ମ. ଜଗା ଜାମ୍ବୂଲ ଗୁ. ଭୁଙ୍ଗଣୀ ଜାମୁ ବା କ୍ଷୁଦ୍ର ବୃକ୍ଷ; ଉଚ୍ଚରେ ୬।୭ ହାତ ବଢ଼େ, କୋଳ ଜାମୁ କୋଳ ଅପେକ୍ଷା ଛୋଟ । ପତ୍ର ଜାମୁ ପତ୍ର ପରି, ଲମ୍ବୁ ସୂକ୍ଷ୍ମ; ବୈଦ୍ୟ ଶାସ୍ତ୍ର ମତରେ ଏହା ଧାରକ, ରୁକ୍ଷ; ଏହା କଫ, ପିତ୍ତ, ରକ୍ତ ଦୁଷ୍ଟି ଓ ଦାହ ନାଶକ ।]

**ଭୂଇଁ ଡିମ୍ବିରି**—ଦେ. ବ—(ସଂ. ଭୂମି+ଉଦୁମ୍ବର)—ଛୋଟ ଛୋଟ ଫଳଯୁକ୍ତ Bhuiñ dimbiri ଡିମ୍ବିରି ଗଛ—Fig tree with very ভুই ডুমুর भूइँडुमुर small fruits.

**ଭୂଇଁ ତଳ**—ଦେ.ବ (ସଂ.ଭୂମି ତଳ)—୧ । ପୃଥିବୀର ତଳ ବା ପୃଷ୍ଠଦେଶ—Bhuiñ tala 1. The surface of the earth; ୨ । ଅନାଚ୍ଛାଦିତ ଭୂମି—2. Bare ground. ভূমি তল भूइँ तल

**ଭୂଇଁ ଦ(ଡ,ନ,ଲ,ର)ଅ(ହ)ଣ**—ଦେ. ବ—(ସଂ.ଭୂମି ଓ ଦଳନ କମ୍ବା ଭୂମି Bhuiñ da (da, na, la, ra) a(ha)na ଦହନ, ପ୍ରା ଭୂଇଁ ଓ ଦଅଣ )—ରଜ ସଂକ୍ରାନ୍ତିର ପର ଦିବସ । ଭୂମି ରଜସ୍ୱଳା ହେବାର ଦ୍ୱିତୀୟ ଦିନ—The second day after Rajasankrānti (in the month of Ashārdha or Mithuna.) অম্বুবাচির দ্বিতীয়দিন अंबुवाचिका दुसरा दिन

**ଭୂଇଁ ଦାନ**—ଦେ. ବ (ସଂ. ଭୂମିଦାନ)—ବ୍ରାହ୍ମଣଙ୍କୁ ଭୂମି ଦାନ କରିବା—Bhuiñ dāna ভুমীদান भूइँदान Gift of land (to Brāhamanas)

**ଭୂଇଁ ନିମ(ମ୍ବ)**—ଦେ. ବ ( ସଂ. ଭୂ ନିମ୍ବ )—ଚିରେଇତା ଜାତୀୟ Bhuiñ nima (mba) ବର୍ଷାୟୁଃ ଶାକ ଗୁଳ୍ମ ବିଶେଷ—Andrographis Paniculata. [ଦ୍ର—ଏହା ବାସକାଦି ବର୍ଗର ଗୁଳ୍ମ; ଗଛ ସିଧା; ପତ୍ର ମସୃଣାକାର, ରୋମଶୂନ୍ୟ; ପତ୍ରର ଧାର ଅଖଣ୍ଡିତ; ଫୁଲ ଧଳା ଓ ଉପରେ ଆଭାଳ ରକ୍ତଚିହ୍ନ, କେଶର ୨ଟି; ପତ୍ର ଓ ଗଛ ଅତି ତିକ୍ତ । ଏହା ଅଗ୍ନିଦୀପକ, ରେଚକ ଓ ବିଷଦୋଷ, ରକ୍ତଦୁଷ୍ଟି, କ୍ରିମି, କୁଷ୍ଠ ଓ ଜ୍ୱରନାଶକ ।]

ସଂ. ନାମ—ଦଶପର୍ଣ୍ଣୀ, ମାଲୁଲୀ, କେନ୍ଦ୍ର ମୀନା, ପତ୍ର ଉଣ୍ଡଲୀ, ଯବ ତିକ୍ତା, ମହାତିକ୍ତା, କୈରୁଣ୍ଡା, ମୂଳପୁଷ୍ପୀ, ମାହେଶ୍ୱରୀ, ଶଙ୍ଖିନୀ, ସୂକ୍ଷ୍ମ ପୁଷ୍ପା, ତିକ୍ତଫଳା, ତିକ୍ତା, ଯାସା, ଯଶସ୍ୱିନୀ କାল মেঘ भूइँनिम

**ଭୂଇଁପଦ୍ମ**—ପ୍ରାଦେ· ( ଗଡ଼ଜାତ )—ବ—ସ୍ଥଳପଦ୍ମ ( ଦେଖ ) Bhuiñpadma Sthala padma ( See )

**ଭୂଇଁଫୋଡ଼**—ଦେ. ବଣ ( ସଂ. ଭୂମି ଓ ସ୍ଫୋଟ )—୧ । ଭୂମିଭେଦୀ—Bhuiñphorda 1. Piercing through the ground. ভূঁইফোড় ବ—ହଠାତ୍ ନୀଚ ସ୍ଥାନରୁ ଉପରକୁ ଉଠିବାରୁ ଯାହାର भूइँफोड अଭ୍ୟନ୍ତ ଗର୍ବ ହୁଏ—An upstart.

**ଭୂଇଁ ବରକୋଳି**—ଦେ. ବ ( ସଂ. ଭୂବଦରୀ )—ଏକ ପ୍ରକାର ଛୋଟ Bauiñ barakoli ବରକୋଳି ( ବରକୋଳି ଦେଖ )—A মেটোকুল small prickly bush which grows झाडबेर; झरबेर wild, bearing small plums like ଗୁ. ଘାଲେବୋର the jujube. Zizyphus Microphylla. ମ. ଜଙ୍ଗଲବୋର

ଅନ୍ୟ ସଂ. ନାମ—ଅଜପ୍ରିୟା, ଭୂକଣ୍ଟକ, ବାଲକପ୍ରିୟ, ସୂକ୍ଷ୍ମଫଳା

ଭୁଇଁବାଣ—ଦେ. ବି—୧ । ଏକପ୍ରକାର ଛୋଟ ନଡ଼ିଆ ଓ ଗଛ, (ଏ Bhuiñbāṇa ଗଛର ଗଣ୍ଡି ଭୂମି ଛାଡ଼ି ନ ଥିବା ଅବସ୍ଥାରେ ଏଥିରେ ନଡ଼ିଆ ଫଳେ ଓ ନଡ଼ିଆର ପେଣ୍ଡା ଭୂଇଁରେ ଲାଗିଥାଏ)—1. A small species of cocoanut. ୨ । ଏକପ୍ରକାର ବାଣ ବା ଅଗ୍ନିସେବାଜୀ ; ଗୁଡ଼ୁଚ୍ଚାବାଣ — 2. A kind of firework.

ଭୁଇଁ ବି(ଭି)ରୁଡ଼ି—ଦେ. ବି—ମୃତ୍ତିକାଗୃହ ଗଢ଼ି ଦଳ ଦଳ ବସୁଥିବା ସାନ Bhuiñ bi(bhi)rurdi ଜାତି ବିରୁଡ଼ି, (ଏମାନଙ୍କ ବସା କାନ୍ଥରେ भुंइ'बीढनी ଛାତରେ ଓ ଉପରୁ ଝୁଲୁଥିବା ପଲମ ଉପରେ ବସୁଥାଏ) ভ মরাল —A species of small-sized wasps; mudwasp.

ଭୁଇଁ ବେତ—ଦେ. ବି (ସଂ. ଭୂମି ବେତସ)—ଏକପ୍ରକାର ବେତ— Bhuiñ beta भुंइ'बे'त ছাঁচিবেত Calamus Reticulatus.

ଭୁଇଁମାଳି—ଦେ. ବି—ଗଡ଼ଜାତର ଜାତିବିଶେଷ—Name of a Bhuiñmāḷi भुइँमाली wild tribe in the Oriya States.

ଭୁଇଁମୂଳ—ଦେ. ବି—ମୁସଲମାନ୍ ଅମଳରେ କଣେଇ ଅଧୀନରେ କାର୍ଯ୍ୟ Bhuiñmūḷa କରୁଥିବା କାନୁନ୍‌ଗୋ ( ବର୍ତ୍ତମାନ ପର୍ଯ୍ୟନ୍ତ ମଧ୍ୟ ভুইমূল ଏହି ଅର୍ଥରେ ପୁରୀ ଓ ଖୋରଧା ଅଞ୍ଚଳରେ ଏ ଶବ୍ଦ ପ୍ରଚଳିତ ହୋଇଅଛି )—Accountant ( during the Moslem rule in Orissa).

ଭୁଇଁଲ । (ଟା)—ଦେ. ବି—ଏକପ୍ରକାର ଅଧ ଇଞ୍ଚ ଲମ୍ବ ସବୁଜ ପୋକ; Bhuiñlatā(ṭā) (ଏମାନେ ଚିକିତ୍ସାଳରେ ଗାଢ କରି ରହନ୍ତି । ଜଳ କାମୁଡ଼ିଲା ପରି କାମୁଡ଼ି ପକାନ୍ତି)— A kind of long worm.

ଭୁଇଁହାର—ଦେ. ବି ( ସଂ. ଭୂମିହର )—ବିହାର ଓ ସଂଯୁକ୍ତ ପ୍ରଦେଶର Bhuiñhāra ବ୍ରାହ୍ମଣଶ୍ରେଣୀବିଶେଷ—A class of ভুমিহার Brāhmaṇas in Bihar and U.P. भुंइ'हार (ଭୂମିହାର ତଳେ ଟୀକା ଦେଖ । ) [ ଦ୍ର—ଆର୍ଯ୍ୟାବର୍ତ୍ତର ବ୍ରାହ୍ମଣମାନଙ୍କର * ଶ୍ରେଣୀ ( ସାରସ୍ୱତ, କାନ୍ୟକୁବ୍ଜ, ଗୌଡ଼, ମୈଥିଳ, ଉତ୍କଳ)ଙ୍କ ମଧ୍ୟରେ ଭୁଇଁହାରଙ୍କ ନାମର ଉଲ୍ଲେଖ ନାହିଁ । ଏମାନଙ୍କର ଓଡ଼ିଶାରେ ବଳଭଦ୍ର ଗୋଷ୍ଠୀ ବ୍ରାହ୍ମଣଙ୍କ ପରି ସାମାଜିକ ପରିସ୍ଥିତି ଥିବାର ଅନୁମିତ ହୁଏ । ]

ଭୁଁ—ଦେ. ଅ ( ଧ୍ୱନ୍ୟନୁକରଣ )—୧ । ଶଙ୍ଖଧ୍ୱନି—1. The sound Bhuñ of blowing of conchshells. ୨। ତୁରୀର ଧ୍ୱନି- ( ଭୁଁ ଭୁଁ—ଅନ୍ୟରୂପ) 2. The blast of a trumpet, ভোঁ ୩ । ରେଳଗାଡ଼ିର ସିଟିର ଧ୍ୱନି—3. The sound of भों the railway whistle. ୪ । କୁକୁରମାନଙ୍କର ସଙ୍ଗମ ଋତୁରେ ସ୍ୱରରେ ଓ ଭୋର ବେଳେ ସେମାନଙ୍କ କରିବା ଶଙ୍ଖଧ୍ୱନିବତ୍ ଦୀର୍ଘ ଶବ୍ଦ—4. The braying sound of dogs during the mating season. ୫ । ଭ୍ରମର ଗୁଞ୍ଜନ—5. Humming or buzzing sound.

ଭୁଁଡ଼ି—ପ୍ରାଦେ ( ସମ୍ବଲପୁର ) ବି—ଛିଦ୍ର; କଣା; ରନ୍ଧ୍ର— Bhuñrdi Hole; aperture.

ଭୁଁ ବଜା(ଜେ)ଇବା—ଦେ. କ୍ରି—୧ । ଶଙ୍ଖ ବଜାଇବା—1. To Bhuñ bajā(je)ibā blow a conchshell. ୨ । ଦୀର୍ଘ- ভোঁবাজান ସ୍ୱରରେ କାନ୍ଦିବା—2. To bewail with भोंबजाना a long sound. ୩ । ( ଲକ୍ଷଣାର୍ଥ; ବଜାବାଲାଙ୍କ ଉତ୍ସବରେ ଶଙ୍ଖ ଶଙ୍ଖ ଫୁଙ୍କେ ଓ ମୁଠିଏ ଖାଇବାକୁ ପାଇବା ଛଡ଼ା ତାର ଅଧିକ କିଛି ଲାଭ ହୁଏ ନାହିଁ, ଏହି ଲକ୍ଷଣାରୁ )—ବିନାପାରିଶ୍ରମିକରେ କର୍ମ କରିବା—3. To work without wages.

ଭୁଁ ଭାଁ (ଭୁଁ)—ଦେ. ଅ ( ଧ୍ୱନ୍ୟନୁକରଣ )—୧ । ଭୁଁ ( ଦେଖ )— Bhuñ bhāñ (bhuñ) 1. Bhuñ ( See ) ୨ । ভোঁ ভোঁ ( ବହୁବଚନ ) ବହୁକାଳସ୍ଥାୟୀ ଭୁଁ ଶବ୍ଦ—2. भों. भों A succession of blasts, buzzigs or whistlings.

ଭୁଁସା—ପ୍ରାଦେ ( ଉତ୍ତର ) ବି ( ଭୁଷ ହି. ଭୂସା )—ଭୁଷି; ତୁଷ— Bhuñsā Chaff.

ଭୁକ୍—ସଂ. ବିଣ ( ଭୁଜ୍ ଧାତୁ + କର୍ତ୍ତୃ. କ୍ୱିପ୍. ଅନ୍ୟ ଶବ୍ଦ ସଙ୍ଗେ Bhuk ବ୍ୟବହୃତ ହୁଏ ଯଥା, ଶାଠଭୁକ୍, ଜଳଭୁକ୍, ଅଗ୍ନିଭୁକ୍) ଭୋକ୍ତା; ଯେ ଖାଏ; ଖାଦକ—Eating. ପ୍ରାଦେ ( ସମ୍ବଲପୁର ) ବି—ଭୋକ; କ୍ଷୁଧା—Hunger.

ଭୁକ(ଖ)—ପ୍ରାଦେ (ବାଲେଶ୍ୱର) ବି (ସଂ. ବୁଭୁକ୍ଷା)—୧ । ଭୋକ; କ୍ଷୁଧା Bhuka(kha)—1. Hunger. ୨ । ( ଲକ୍ଷଣାର୍ଥ )—କାମନା —2. (figurative) Desire.

ଭୁକା—ଦେ. ବି ( ସଂ. ବୁକ୍କ ଧାତୁ )—ଭୁକିବା; କୁକୁରଆଦିଙ୍କ Bhukā ବୋବାଳି—Barking of dogs etc. ପ୍ରାଦେ ডাক ( ବାଲେଶ୍ୱର ) ବିଣ—ଭୋକିଲା; କ୍ଷୁଧାର୍ତ୍ତ—Hungry. भूकना

ଭୁକା(କେ)ଇବା—ଦେ. କ୍ରି—୧ । ଭୁକିବା କ୍ରିୟାର ଣିଜନ୍ତରୂପ (ଭୁକିବା Bhukā(ke)ibā ଦେଖ )—1. To cause to bark. ୨ । ডাকান भुकवाना ପ୍ରବିଷ୍ଟ କରାଇବା; ଭିତରକୁ ପୁରାଇବା— ভোকান घुसवाना 2. To thrust.

ଭୁକାଭୁକି—ଦେ. ବି (ସହଚର)—ବହୁଶଃ ଭୁକିବା— Bhukābhuki ঘেউ ঘেউ; ভুক ভুক Repeated barking. भुका भुकी

ଭୁକିବା—ଦେ. କ୍ରି ( ସଂ. ବୁକ୍କ୍ ଧାତୁ )—୧ । (କୁକୁରଆଦି) ରଡ଼ି Bhukibā କରିବା—1. To bark ( said of dogs) ঘেউ ঘেউ করা ୨ । ପାଟି କରି ରଡ଼ି କରିବା— भू(भूँ)कना 2. To make a loud sound with the ভুকা mouth. ୩ । (ସଂ. ଭୁକ ଧାତୁ) ଭେଦ କରିବା; ପ୍ରବେଶ घुसना କରିବା ( ଯଥା ଗୋଡ଼ରେ କଣ୍ଟା ଭୁକିବା )—3. To enter in to a thing by piercing; to penetrate.

ଭୁକି ହେବା—ଦେ. କ୍ରି—ବୃଥା ବହୁକାଳ ପାଟି କରିବା—To talk Bhuki hebā ঘেউ ঘেউ করা loudly and long, but भूक भूक करना to no effect.

ଭୁକ(ଖି)ଲ—ପ୍ରାଦେ. ( ବାଲେଶ୍ୱର ) ବଣ ( ସ. ବୁଭୁକ୍ଷିତ ) ( ବାଲେ- Bhuki(khi)lā ଶ୍ୱରରେ ଓ ସ୍ଥାନରେ ଖ ଉଚ୍ଚାରଣ, ଭୁଲ. ବ. ଭୁଖା )—କ୍ଷୁଧାର୍ତ୍ତ; ଭୋକିଲା—Hungry.

ଭୁକୁ(ଗୁ)ତନ—ଦେ. ବ (ସ.ଭୁକ୍ତ)—୧ । କ୍ଷତିପୂରଣ—1. Compen- Bhuku(gu)tana sation. ୨ । ମେଳ କରାଇବା—2.Causing to tally. ୩ । ମଜୁରା ଦେବା—3. Giving credit; setting off a sum in the accounts. ୪ । ମଜୁରା ଦଅଯିବା ଧନ—4. Set off amount. ( ଭୁକୁ[ଗୁ]ତାନ[ନ୍]—ଅନ୍ୟରୂପ ) ଭুকুতন মুগুতানা ( ଭୁକୁ[ଗୁ]ତ[ତା]ନ[ନ୍] ଦେବା —ପ୍ରୟୋଗ )

ଭୁକୁ(ଗୁ)ତା(ତେ)ଇବା—ଦେ. କ୍ର (ସ. ଭୁକ୍ତ)—୧ । କୌଣସି ପଦାର୍ଥକୁ Bhuku(g u)tā(te)ibā ଭୁକ୍ତାଇବା; ଅନ୍ୟ ବସ୍ତୁ ସଙ୍ଗେ ଭୁକ୍ତ କରିବା ভুক্তান; ভুকতন করা মুগুতানা ବା ମେଳ କରାଇବା—1. To cause a thing to be imposed on another; to cause to tally. ୨ । ମୁକାବିଲା କରାଇବା—2. To confront. ୩ । ହିସାବରେ ମଜୁରା ଦେବା—3.To set off;to give credit in the account. ୪ । ପ୍ରମାଣିତ କରିବା—4. To prove; to demonstrate. ୫ । ଛିଦ୍ରଅଗ୍ରରେ ଉଦ୍ଦିଷ୍ଟ ଖିଲର ଅଗ୍ର ବସାଇବା ବା ପୂରାଇବା—5. To dovetail; to fit a thing ( e. g. a plug ) into another ( e.g. a hole ).

ଭୁକ୍ତ—ସଂ. ବଣ ( ଭୁଜ୍ ଧାତୁ+କର୍ତ୍ତୃ ତ )—୧ । ଖାଇଥିବା—1. Bhukta Having eaten. (ଯଥା, ଅର୍ଦ୍ଧଭୁକ୍ତ) ୨ । (+କର୍ମ.ତ) ଭକ୍ଷିତ—2. Eaten. ( ଯଥା—ଖାଦ୍ୟଭୁକ୍ତ । ) ୩ । ଅନ୍ତର୍ଗତ—3 Included in; comprised in. (ଯଥା—ଅଧିକାର ଭୁକ୍ତ ।) ୪ । ଉପଭୁକ୍ତ; ଭୋଗକୃତ—4. Enjoyed. ବି.—( +ଭାବ. ତ )—ଭୋଗ— Enjoyment.

ଭୁକ୍ତ ପାକ—ସଂ. ବି (୬ଷ୍ଠୀ ତତ୍; ଭୁକ୍ତ+ପାକ)—୧ । ଖାଦ୍ୟ ଦ୍ରବ୍ୟର Bhukta pāka ଜୀର୍ଣ୍ଣ ହେବା—1. Digestion of food taken. ୨ । ଚର୍ବିତ ଚର୍ବଣ—2. Ruminating.

ଭୁକ୍ତପାଚ—ଦେ. ବି—(ସଂ. ଭୁକ୍ତ ଓ ପଠନ)—ଅନ୍ୟ ବ୍ୟକ୍ତିର ଉଚ୍ଛିଷ୍ଟ Bhuktapācha ବା ଦେବ ନୈବେଦ୍ୟକୁ ଖାଇବା; ପ୍ରସାଦ ସେବନ —Eating of food left by another or of food offered to a Deity.

ଭୁକ୍ତପୂର୍ବ—ସଂ ବଣ.—( ବହୁବ୍ରୀହି; ପୂର୍ବ ନିପାତ )—୧ । ପୂର୍ବେ ଯାହା Bhuktapūrba ଅନ୍ୟ ବ୍ୟକ୍ତିଦ୍ୱାରା ଭୁକ୍ତ ବା ଉପଭୁକ୍ତ ହୋଇଅଛି —1. Already partaken of or enjoyed by another; already tasted by another. ବି. —ଅଇଁଠା—Leavings of a person's dinner.

ଭୁକ୍ତ ଭୋଗ—ସଂ. ବଣ—(ବହୁବ୍ରୀହି; ଭୁକ୍ତ+ଭୋଗ)—ଭୁକ୍ତଭୋଗ— Bhukta bhoga Already enjoyed by another. ସ. ବି—ଭୁକ୍ତଭୋଜନ (ଦେଖ )—Bhuktabhojana ( See )

ଭୁକ୍ତ ଭୋଗୀ—ସଂ. ବଣ. ପୁଂ—(ଭୁକ୍ତ ଭୋଗ+ଇନ୍; ୧ମା. ୧ବ)— Bhukta bhogī ୧ । ଯେ ଭୋଗ କରିଅଛି—1. One who (ଭୁକ୍ତ ଭୋଗିନୀ—ସ୍ତ୍ରୀ) has enjoyed. ୨ । ପ୍ରବୀଣ; ଅନୁଭବୀ— 2. Experienced. ୩ । ଯେ ନିଜେ ଅନୁଭବ କରି ଜାଣି ଅଛି—3. Grown wise by experience. ୪ । ଅନ୍ୟର ଭୁକ୍ତ ଦ୍ରବ୍ୟର ଖାଦକ ବା ଉପଭୋଗୀ— 4. Partaking of or enjoying a thing already enjoyed by another.

ଭୁକ୍ତ ଭୋଜନ—ସଂ. ବି ( ୬ଷ୍ଠୀ ତତ୍ ଭୁକ୍ତ+ଭୋଜନ )—୧ । ଚର୍ବିତ Bhuktabhojana ଚର୍ବଣ—Ruminating; chewing of the cud. ୨ । ପରର ଅଇଁଠା ଖାଇବା—2. Partaking of the leavings of another's dinner.

ଭୁକ୍ତା(ତେ)ଇବା—ଦେ. କ୍ରି—୧ । ସାମିଲ୍ କରାଇବା—1. To Bhuktā(te)ibā cause a thing to be included ভুক্তান in another thing. ୨ । ମେଳ କରାଇବା মুগতানা —2. To cause a thing to fit into or tally with another thing. ୩ । ମୁକାବିଲା କରାଇବା—3. To confront. ୪ । ପ୍ରବେଶ କରାଇବା—4 To cause to enter; to thrust. ୫। ମଜୁରା ଦଆଇବା--5. To cause to be set off. ୬ । ଖାପ ଖୁଆଇବା ଭଳି ଏକ ବସ୍ତୁକୁ ଅନ୍ୟ ବସ୍ତୁରେ ପୂରାଇବା—6. To dovetail. ୭ । ମୁଆଜାଦ୍ୱାରା ପ୍ରମାଣିତ କରିବା—7. To prove by direct evidence.

ଭୁକ୍ତାବଶିଷ୍ଟ—ସ. ବଣ (୬ଷ୍ଠୀ ତତ୍; ଭୁକ୍ତ+ଅବଶିଷ୍ଟ)—ଖାଇବା Bhuktābasishṭa ପରେ ପାତ୍ରରେ ଯାହା ବଳି ଥାଏ; ଉଚ୍ଛିଷ୍ଟ; ଅଇଁଠା—Left in the dish after meal.

ଭୁକ୍ତାବଶେଷ—ସଂ. ବି—(୬ଷ୍ଠୀ ତତ୍ ଭୁକ୍ତ+ଅବଶେଷ)—ଅଇଁଠା— Bhuktābasesha Leavings of a dinner; orts. (ଭୁକ୍ତୋଚ୍ଛିଷ୍ଟ, ଭୁକ୍ତ ଶେଷ—ଅନ୍ୟରୂପ)

ଭୁକ୍ତି—ସଂ. ବି (ଭୁଜ୍ ଧାତୁ+ଭାବ. ତି)—୧ । ଭୋଜନ— Bhukti 1. Eating. ୨ । ଭୋଗ 2. Enjoyment.

ଭୁକ୍ତିବା—ଦେ. କ୍ରି—(ସଂ. ଭୁଜ ଧାତୁ)—୧ । ଭୋଗ କରିବା— Bhuktibā 1; To enjoy. ୨ । ମେଳ ଖାଇବା—2. To মীলখানা, মিলেযাওয়া coincide with; to tally with. मेलखाना, मीलजाना ୩ । ଖାପ ଖାଇବା—3. To fit in.

ଭୁଖ—ପ୍ରାଦେ. (ସମ୍ବଲପୁର) ବି—(ଭୁଲ. ହି· ଭୁଖ୍)—୧। ଭୋକ; କ୍ଷୁଧା- Bhukh 1. Hunger. ୨। (ଉତ୍ତରଭାଗ) ଦୁର୍ଭିକ୍ଷ—2. Famine, scarcity.

ଭୁଖା(ଖି)—ପ୍ରାଦେ (ବାଲେଶ୍ୱର, ସମ୍ବଲପୁର) (ବାଲେଶ୍ୱର ଓ ସମ୍ବଲ- Bhukhā (khi) ପୁରରେ ଓ ସ୍ଥାନରେ ଖ ଉଚ୍ଚାରଣ।ଭୁଲ. ବଂ·ଓ ହି (ଭୁଖିଲା—ଅନ୍ୟରୂପ) ଏହି ଅର୍ଥରେ ଭୁଖା)—କ୍ଷୁଧାର୍ତ୍ତ— Hungry

ଭୁଖେ ହାଉର୍ ହାଉର୍—ପ୍ରାଦେ(ସମ୍ବଲପୁର) ବଣ—ଅତ୍ୟନ୍ତ କ୍ଷୁଧାତୁର; Bhukhe hāur hāur କ୍ଷୁଧାର୍ତ୍ତ; କ୍ଷୁଧାଦ୍ୱାରା ଅତ୍ୟନ୍ତ ପ୍ରପୀଡ଼ିତ; खिधाय छटपट ଭୋକରେ ଘାନ୍ଥ ଘାନ୍ଥ ହେବା—Suffering भुखसे तिलमिलाजाना from extreme hunger; very hungry; oppressed by excessive hunger.

ଭୁଗଲି—ପ୍ରାଦେ (ସମ୍ବଲପୁର) ବି—ଛୋଟ ଟୋକାଇ— Bhug-li Small basket.

ଭୁଗ—ପ୍ରାଦେ (ବାଲେଶ୍ୱର) ବି—(ଓ ସ୍ଥାନରେ ଉ ଉଚ୍ଚାରଣ; ଭୁଜ. Bhuga ବି. ଭୁଗା=ଭୋଗକରି)—ଭୋଗ (ଦେଖ)—Bhoga (See)

ଦେ. (ସମ୍ବଲପୁର) ବି—୧ । ବଡ଼ ଘାଚଅ; ବାଉଁଶିଆ— Bhugā 1. Basket. ୨ । ଟୋକେଇ—2. Big basket, hampen.

ଭୁଗା(ଗେ)ଇ—ପ୍ରାଦେ (ବାଲେଶ୍ୱର) ବି—ଭୋଗେଇ; ଛୋଟ ବାଉଁ- Bhugā(ge)i (ଭୁଟେ—ଅନ୍ୟରୂପ) ଶିଆ—Small basket.

ଭୁଗା(ଗେ)ଇବା—ପ୍ରାଦେ (ବାଲେଶ୍ୱର) କ୍ରି (ଭୁଲନାକର ବ ଭୁଗାଳ; Bhugā(ge)ibā ଓ ସ୍ଥାନରେ ଉ ଉଚ୍ଚାରଣ)—ଭୋଗାଇବା (ଦେଖ) Bhogāibā (See)

ଭୁଗିବା—ପ୍ରାଦେ (ବାଲେଶ୍ୱର) କ୍ରି (ଭୁଲ ବ. ଭୁଗା; ଓ ସ୍ଥାନରେ Bhugibā ଉ ଉଚ୍ଚାରଣ)—ଭୋଗିବା(ଦେଖ)—Bhogibā (See)

ଭୁଗୁଲି—ପ୍ରାଦେ (ବାମଣ୍ଡା) ବି—ସାନ ଟୋକେଇ— Bhuguli Small basket.

ଭୁଗ୍ନ—ସଂ. ବଣ (ଭୁଜ୍ ଧାତୁ=କୁଟିଳ ହେବା+କର୍ତ୍ତୃ ତ)—୧ । କୁଟିଳ; Bhugna ବକ୍ର—1. Crooked. ୨ । ଅନତ—2. Bent. ୩ । ଭଗ୍ନସ୍ୱାସ୍ଥ୍ୟ—3. Shattered in health; of delicate or broken health.

ଭୁଚ(ଚୁ)କା—ଦେ. ବ—ଭୁରୁଚୁକା (ଦେଖ)— Bhuch-(chu)kā Bhuruchukā (See)

ଭୁଚ(ଚୁ)କା(କେ)ଇବା—ଦେ. କ୍ରି ୧ । ଭୁରୁଚୁକା ଦେବା (ଦେଖ)— Bhuch-(chu)kā(ke) ibā 1. Bhuruchukā debā(See)

ଭୁଚ (ଚୁ)କା ଦେବା
ଭୁଚ(ଚୁ)କା ମାରିବା } —ଅନ୍ୟରୂପ ୨ । ଭୟ ଚକିତ କରିବା —2, To alarm a person.
ଭୁଚ(ଚୁ)କା ବତା(ତେ)ଇବା

ଭୁଚ(ଚୁ)କା ଭୁଚ(ଚୁ)କି—ଦେ. ବ—ଧପାଧପି—Cheating. Bhuch-(chu) kā bhuch-(chu) ki ଧାପ୍ପାଧାପି धप्पाधप्पि

ଭୁଚ(ଚୁ)କିବା—ଦେ. କ୍ରି—ଭୟ ଚକିତ ହେବା; କିଂକର୍ତ୍ତବ୍ୟବିମୂଢ଼ Bhuch-(chu) kiba ହେବା—To be dumbfounded; हकचकिएजाओना भुचकना to be bewildered.

ଭୁଜ୍ (ଧାତୁ) ସ.—୧ । ଖାଇବା—1. To eat; ୨ । ଭୋଗ- Bhuj (root) କରିବା—2. To enjoy ୩ । କୁଟିଳ ହେବା—3. To be crooked. ୪ । ନମ୍ର ହେବା- 4. To bend; to be bent ୫ (ରାଜ୍ୟ)ଶାସନ କରିବା 5. To rule or govern (Apte). ୬ । ବଙ୍କାଇବା- 6. To curve. ୭ । ଅନୁଭବ କରିବା; ସହିବା— 7. To experience; to endure (Apte).

ଭୁଜ(ଜୁ)ନି—ପ୍ରାଦେ (ସମ୍ବଲପୁର) ବଣ (ସଂ.ଭୋଜନ)—ଯେଉଁ ହାତଦ୍ୱାରା Bhuj-(ju)ni ଭୋଜନ କରାଯାଏ; ଡାହାଣ (ହାତ); ଖାଇବ ହାତ- Right (hand); used in lifting food to (ପ୍ରୟୋଗ—ଭୁଜନିହାଥ) the mouth

ଭୁଜ—ସଂ. ବ. (ଭୁଜ୍ ଧାତୁ+କର୍ତ୍ତୃ ଅ) ୧ । ବଙ୍କାକୃତି—1. Crooked Bhuja form. ୨ । ସମସ୍ତ ହସ୍ତ; ବାହୁ—2. Arm; the (ଭୁଜା—ସ୍ତ୍ରୀ) whole hand. ୩ । କ୍ଷେତ୍ରର ବାହୁ; କ୍ଷେତ୍ରର ସୀମା ରେଖା—3. The side or arm of a field or figure. ୪ । ସର୍ପର କୁଣ୍ଡଳ—4. The coil of a serpent ( M. W. ) ୫ । ହାତୀର ଶୁଣ୍ଢ—5 The trunk of an elephant(Apte)୬। ବାଙ୍କ— 6. A bend (Apt). ୭ । ବୃକ୍ଷ ଶାଖା—7. The branch of a tree (Apte). ୮ । ତ୍ରିଭୁଜର ଭୂମି -8. The base of a triangle (Apte.) ୯ । (ଜ୍ୟୋତିଷ) ଛାୟାର ଭୂମି—9. (astronomy) The base of a shadow (Apte-) ସଂ. ବଣ—କୁଟିଳ- crooked. ଦେ. ବଣ (ସ.ଭୁଜ ଧାତୁ)ଖାଦ୍ୟ ନିମନ୍ତେ ସଞ୍ଚିତ (ଧାନ)—(paddy) Stored for food pur- खैहन खैहनधान poses. ଦେ. ବ. ୧ । ଖାଦ୍ୟ ନିମନ୍ତେ ସଞ୍ଚିତ ଧାନ—1. Paddy stored for food pur- poses. ୨ । ( ସଂ. ଭୂର୍ଜ ) ଭୂର୍ଜ ( ଦେଖ )—2 Bhūrja ( See ) ପ୍ର ।ଦେ. (ସମ୍ବଲପୁର, ଗଡ଼ଜାତ) ବ. ଧାନ—Paddy.

ଭୁଜ କୋଟର—ସଂ. ବ. (୬ଷ୍ଠୀ ତତ୍; ଭୁଜକୋଟର)—ବାହୁ ସନ୍ଧି— Bhuja kotara Arm-pit.

ଭୁଜଗ(ଙ୍ଗ)—ସଂ. ବ. ପୁଂ (ଭୁଜ=ବଙ୍କାକୃତି+ଗମ୍ ଧାତୁ+କର୍ତ୍ତୃ. ଅ; Bhujaga(ṅga) ଯେ ବକ୍ର ଭାବରେ ଗମନ କରେ)— (ଭୁଜଙ୍ଗମ—ଅନ୍ୟରୂପ) ୧ । ଫଣୀ; ନାଗ; ସର୍ପ—1. Serpent.

ଭୁଜଗୀ
ଭୁଜଙ୍ଗୀ } ଅନ୍ୟରୂପ ୨ । ଲମ୍ପଟ ବ୍ୟକ୍ତି—2. Lecher. (ଭୁ—ଦ୍ରବ୍ୟ ଉଦନ ନଷ୍ଟଦୁଷ୍ଟା, ବଦେ
ଭୁଜଙ୍ଗମୀ ସେ ଭୁଜଗରେ ପ୍ରୀତି । ଇଞ୍ଜ. ବୈଦେଷ୍ଣାଷ-

ବଳାସ । ) ୩ । ଶଠ ବ୍ୟକ୍ତି—3. A cheat. ୪ । ସୀସକ—4. Lead. ବଣ—୧ । ଲମ୍ପଟ— 1. Lecherous. ୨ । ଶଠ—2. Fraudulent; cheating.

ଭୁଜଗୀ(ଙ୍ଗୀ)—ସଂ. ବ. ସ୍ତ୍ରୀ ( ଭୁଜଗ+ସ୍ତ୍ରୀ. )—୧ । ନାଗୁଣୀ— Bhujagī(ṅgī) 1. She-serpent. ୨ । ନଷ୍ଟା ସ୍ତ୍ରୀ— (ଭୁଜଙ୍ଗମୀ—ଅନ୍ୟରୂପ) 2. An adulteress. ୩ । କ୍ରୁର ନାରୀ—3. A cruel woman.

ଭୁଜଗା(ଙ୍ଗା)ଶନ—ସଂ. ବ ( ବହୁବ୍ରୀହି; ଭୁଜଗ=ସର୍ପ ଅଟେ ଅଶନ= Bhujagā(ṅgā)śana ଖାଦ୍ୟ ଯାହାର )—୧ । ମୟୂର— 1. Peacock. ୨ । ସର୍ପଗାଶନ; ଗରୁଡ଼—2. Garurda. ସଂ. ବଣ—ସର୍ପଭୋଜୀ—Eating serpents.

ଭୁଜଙ୍ଗ ପ୍ରୟାତ—ସଂ. ବି. ( ବହୁବ୍ରୀହି; ଭୁଜଙ୍ଗର ପ୍ରୟାତ ବା ଗତି ପରି
Bhujanga prayāta . ପ୍ରୟାତ ଯାହାର)—ଛନ୍ଦବିଶେଷ;
(ଦ୍ର—ଏହା ଚତୁର୍ବିଂଶତି ଅକ୍ଷରରେ ସମ୍ପୂର୍ଣ୍ଣ ଓ ଦୁଇଟି ଚରଣ
ଯୁକ୍ତ; ପ୍ରତ୍ୟେକ ଚରଣର ୧ମ, ୪ର୍ଥ, ୭ମ ଓ ୧୦ମ ବର୍ଣ୍ଣ
ଲଘୁ; ଅବଶିଷ୍ଟ ବର୍ଣ୍ଣ ଗୁରୁ)—A sort of metre in Sanskrit.

ଭୁଜଙ୍ଗ(ଗ)ଭୁକ୍—ସଂ. ବି. ( ଭୁଜଙ୍ଗ+ଭୁଜ୍ ଧାତୁ+କର୍ତ୍ତୃ. କ୍ୱିପ୍ )—
Bhujanga(ga)bhuk ୧ । ମୟୂର—1. Pea-fowl.
୨ । ଗରୁଡ଼—2. Garurda.

ଭୁଜ ଛୁଆଁ—ପ୍ରାଦେ (ଗଡ଼ଜାତ) ବି ଓ ବିଣ (ସଂ. ଭୁଜ+ସ୍ପର୍ଶ, ସ୍ପୃଷ୍ଟ)—
Bhuja chhuañ ରୋଗୀର ରୋଗୋପଶମ କାମନା କରି
ଦେବତାଙ୍କ ଉଦ୍ଦେଶ୍ୟରେ ଉତ୍ସର୍ଗ କରାଯିବା ଟଙ୍କା ବା ଅଳଙ୍କାର
(ଯାହାକୁ ବି ରୋଗୀର ହାତରେ ଛୁଆଇଁ କରି ଅଲଗା ରଖି
ଦିଆଯାଏ )—Money or a piece of ornament which is touched by a patient's hand and deposited in the name of a Deity for being offered to the Deity on the patient's recovery from the illness.

ଭୁଜ(ଜୁ)ଣି ହାତ—ଦେ. ବି (ସଂ. ଭୋଜନ ଓ ହସ୍ତ)—ଡାହାଣ ହାତ—
Bhuja(ju)ṇi hāta Right hand. [ ଉ—
(ଭୁଜଣିବାହା—ଅନ୍ୟରୂପ) ଧୃଷ୍ଟଦ୍ୟୁମ୍ନଙ୍କର ଭୁଜଣି ହାତ
ହତା, କାଟିଲେ ଭଟ୍ଟ କାଣ୍ଡେ ସେ ଦ୍ୱିଜ ବ୍ରହ୍ମବେତ୍ତା—
କୃଷ୍ଣସିଂହ. ମହାଭାରତ. ଭୀଷ୍ମପର୍ବ ।]

ଭୁଜ ଦଣ୍ଡ—ସଂ. ବି (ରୂପକ)—ଦଣ୍ଡ ବା ଯଷ୍ଟି ସହିତ ତୁଳନୀୟ ବାହୁ—
Bhuja daṇḍa The arm compared to a staff.

ଭୁଜ ଦଳ—ସଂ. ବି (ଷଷ୍ଠୀ ତତ୍)—କରପଲ୍ଲବ—
Bhuja dala Palm of the hand.

ଭୁଜପତ୍ର——ଦେ. ବି—୧ । (ରାଜାଙ୍କର) ନିଜ ହାତରେ ଲେଖା
Bhujapatra ଯାଇଥିବା ପତ୍ର—1. A letter in the
ভুজপত্র handwriting ( said of a king)
भुजपत्र ୨ । ( ସଂ. ଭୂର୍ଜପତ୍ର ( ଦେଖ )—2.)
Bhūrjapatra ( See

ଭୁଜପାଶ—ସଂ. ବି (ଭୁଜ ରୂପ ପାଶ)—ଆଲିଙ୍ଗନକାଳରେ ବସ୍ତୁତ ଭୁଜ
Bhujapāśa ହସ୍ତରୂପ ପାଶ ବା ବନ୍ଧନ ରଜ୍ଜୁ—
The arms encircling the person embraced, compared to a noose)

ଭୁଜପାଶି—ଦେ. ବି (ସଂ. ଭୁଜ ପାଶ)—ଭୁଜ ପାଶ (ଦେଖ)
Bhujapaśi Lhujapāśa (See) [ ଉ—ଭୁଜପାଶିରୁ
ଛାଡ଼ି ମୋ ଗଲେ—ବଳଦେବ ରଥ. ଚମ୍ପୂ, ଖ. ଗୀତ ।

ଭୁଜ ପ୍ରତିଭୁଜ—ସଂ. ସ୍ତ୍ରୀ (ଦ୍ୱନ୍ଦ୍ୱ)—ସମାନ୍ତରକକ୍ଷେତ୍ରରେ ପରସ୍ପର ସମ୍ମୁଖୀନ
Bhuja pratibhūja ବାହୁଦ୍ୱୟ (ଜ୍ୟ. ଶା)—The two opposite sides of a parallelogram.

ଭୁଜ ବନ୍ଧନ—ସଂ. ବି. ୧ । (ତୃତୀୟା ତତ୍)—୧ । ବାହୁ ଦ୍ୱାରା ଆଲିଙ୍ଗନ—
Bhuja bandhana 1. Clasping; embrace. ୨ ।
(ରୂପକ କର୍ମ ଧା)—ଭୁଜ ପାଶ (ଦେଖ)—2. Bhujapāsa [See].

ଭୁଜ ବ(ବ୍ୟ)ୟ—ଦେ. ବି—ହାତ ଖରଚ—Pocket expenses.
Bhuja ba(bya)ya হাতখরচ্ হাতखर्च

ଭୁଜବଳ—ଦେ. ବି—କ୍ଷତ୍ରିୟଙ୍କର ବଂଶୋପାଧିବିଶେଷ—
Bhujabaḷa A family title of the Kshattriyas.
(ଭୁଜବୀର୍ଯ୍ୟ—ଅନ୍ୟରୂପ) ସଂ. ବି (ଷଷ୍ଠୀ ତତ୍)—ବାହୁ ପରାକ୍ରମ—
The might of one's arms.

ଭୁଜ ମଧ୍ୟ—ସଂ, ବି (ଷଷ୍ଠୀ ତତ୍)—ଛାତି—The breast; the chest.
Bhuja madhya (ଭୁଜାନ୍ତର—ଅନ୍ୟରୂପ)

ଭୁଜ ମୂଳ—ସଂ. ବି—(ଷଷ୍ଠୀ ତତ୍)—୧ । କାନ୍ଧ—1. Shoulder.
Bhuja mūla ୨ । ଚେଙ୍ଗା—2. The root of the arm.
(ଭୁଜାମୂଳ—ଅନ୍ୟରୂପ)

ଭୁଜ ଶିଖର—ସଂ. ବି. (ଷଷ୍ଠୀ ତତ୍)—କାନ୍ଧ—The shoulder.
Bhuja śikhara (ଭୁଜଶିରଃ—ଅନ୍ୟରୂପ)

ଭୁଜା—ସଂ. ବି—(ଭୁଜ ଧାତୁ+କରଣ. ଅ+ଆ)—୧ । ବାହୁ (ଜ୍ୟ.ଶା)—
Bhujā 1. The arm. ୨ । ହାତ—2. The hand.
(Apte). ୩ । ସର୍ପର କୁଣ୍ଡଳ—3. The coil of a snake ( Apte ). ୪ । ଗୁଡ଼ାଇବା—4. Winding [Apte]. ଦେ. ବି—(ସଂ. ଭୃଜ୍ ଧାତୁରୁ ନିଷ୍ପନ୍ନ
ଭୃଷ୍ଟ)—ଭୃଷ୍ଟ ତଣ୍ଡୁଳ ଧାନ୍ୟାଦି; ମୁଢ଼ି ଉଖୁଡ଼ା—
ভুজা Fried rice or paddy; parched grain. [ଦ୍ର—
भुजिआ, भुजा ଚୁଡ଼ା, ମୁଢ଼ି, ଚୁଡ଼ାଭଜା, ହୁଡୁମ୍ବ ଆଦିକୁ ଭୁଜା
ବୋଲାଯାଏ । ] (ଉ—ଭୁଜା ବୋଲ ପିଠା ବୋଲ ଖାତ
ଭଲ, ଭାଇ ବୋଲ ବାପ ବୋଲ ହାତ ଭଲ । ଢଗ )
ପ୍ରାଦେ ( ସିଂହଭୂମ ) ବି—ମୁଢ଼ି—Fried rice.
( ସମ୍ବଲପୁର ) ବି—ଜଳଖିଆ—Luncheon.

ଭୁଜାଇବା—ଦେ ( ପଦ୍ୟ ) କ୍ରି ( ସଂ. ଭୁଜ୍ ଧାତୁର ଣିଜନ୍ତ )—
Bhujāiba ଭୁଞ୍ଜାଇବା ( ଦେଖ )—Bhunjāiba ( See )
খাওয়ান খিলানা

ଭୁଜା ଉଖୁଡ଼ା—ଦେ. ବି ( ଦ୍ୱନ୍ଦ୍ୱ )—ଭୁଜା ଓ ଉଖୁଡ଼ା—
Bhujā ukhurḍā Unseasoned fried paddy
মুড়ী মুড়কী and fried paddy seasoned with
भुजालाई jaggery.

ଭୁଜାକଣ୍ଟ—ସଂ. ବି ( ଭୁଜା+କଣ୍ଟ; ଷଷ୍ଠୀ ତତ୍ ) - ହାତ ନଖ—
Bhujākanṭa The nails of the hand (Apte).

ଭୁଜା ଖିଆ—ଦେ. ବି—ଭୁଜା ଖାଇବା ନିମନ୍ତେ ପିଲାଙ୍କୁ ବା ଚାକରଙ୍କୁ
Bhujā khiā ଦିଆଯିବା ପଇସା—Tips given to
মেঠাইখিয়া servants and children for luncheon.
जल खर

ଭୁଜାଗ୍ର—ସଂ. ବି (୬ଷ୍ଠୀ ତତ୍, ଭୁଜ+ଅଗ୍ର )—ହାତର ଅଗ୍ରଭାଗ—
Bhujāgra The fore part of the hand.

ଭୁଜାଦଳ—ସଂ. ବି ( ୬ଷ୍ଠୀ ତତ୍; ଭୁଜା+ଦଳ )—କରପଲ୍ଲବ (ହ୍. ସ)
Bhujādaḷa —The palm of the hand spread flat.

ଭୁଜାନ୍ତର—ଦେ. ବି—୧ । ( ଅନ୍ୟ+ଭୁଜ )—ଅନ୍ୟଭୁଜ—1.
Bhujāntara Another arm. ୨ । (୬ଷ୍ଠୀ ତତ୍) ବକ୍ଷଃସ୍ଥଳ—2. The chest.

ଭୁଜାନ୍ତରାଳ—ସଂ. ବି ( ୬ଷ୍ଠୀ ତତ୍; ଭୁଜ+ଅନ୍ତରାଳ )—ଛାତି—
Bhujāntarāḷa The breast ( Apte ).
ଭୁଜାମଧ୍ୟ—ଅନ୍ୟରୂପ)

ଭୁଜାପୀଡ଼—ସଂ. ବି ( ୩ୟା ତତ୍; ଭୁଜ+ଅପୀଡ଼ )—କୁଣ୍ଢାଇବା;
Bhujāpiṛda ଆଲିଙ୍ଗନ—Clasping or folding in the arms (Apte).

ଭୁଜାଭୁଜି—ଦେ. ବି ( ନିରର୍ଥକ ୨ୟ ସହଚର ଶବ୍ଦ )—ଭୁଜାଆଦି
Bhujā bhuji ଜଳଖିଆ—Light refreshment consisting of fried rice etc.
मूड़ी ड़ी भुजा भुजी

ଭୁଜାଲି—ଦେ. ବି ( ସଂ. ଭୁଜ=ବକ୍ର )—ନେପାଳଦେଶୀୟ ବାଙ୍କ
Bhujāli କଟୁରୀ; କୁକୁରୀ—A kukri; a bent bill-hook.
ভুজালী, ভোজালী भुजाली

ଭୁଜିଷ୍ୟ—ସଂ. ବି. ପୁଂ ( ଭୁଜ୍ ଧାତୁ=କର୍ତ୍ତୃ. ଇଷ୍ୟ )—୧ । ଦାସ;
Bhujishya ଭୃତ୍ୟ—A slave; servant. ୨ । ସଙ୍ଗୀ;
(ଭୁଜିଷ୍ୟା—ସ୍ତ୍ରୀ) ସହଚର—2. A companion. ୩ । ( +
କର୍ମ ଇଷ୍ୟ )—କରସୂତ୍ର; ହାତ କଟକରେ ବନ୍ଧାଯିବା
ସୂତ୍ର—3. A string worn round the wrist.
୪ । ହାତକଡ଼ୁ—4. Wristlet; bracelet. ୫ ।
ରୋଗ—5. Disease ( Apte ). ସଂ. ବିଣ. ପୁଂ
—ସ୍ୱାଧୀନ—Independent (Apte).

ଭୁଜିଷ୍ୟା—ସଂ. ବିଣ. ସ୍ତ୍ରୀ ( ଭୁଜିଷ୍ୟ+ଆ )—ଭୁଜିଷ୍ୟର ସ୍ତ୍ରୀଲିଙ୍ଗ—
Bhujishyā Feminine of Bhujishya. ସଂ. ବି.
ସ୍ତ୍ରୀ—୧ । ଦାସୀ—1. Maid servant ( Apte ).
୨ । ସେବାଦାସୀ—2. Handmaid ( Apte ). ୩ ।
ବେଶ୍ୟା—3. Harlot ( Apte ).

ଭୁଜୁ(ଞ୍ଜ, ଞ୍ଜୁ)ଣି—ଦେ. ବିଣ ( ସଂ. ଭୁଜ୍ ଧାତୁ )—ଯେଉଁ ହସ୍ତଦ୍ୱାରା
Bhuju(n̄ja, n̄ju)ṇi ଖିଆଯାଏ; ଦକ୍ଷିଣ; ଡାହାଣ ( ହାତ )—
Right (hand); (hand) employed in taking food.

ଭୁଜୁ(ଞ୍ଜୁ)ଣି(ନି) କର—ଦେ. ବି—ଦକ୍ଷିଣ ବା ଡାହାଣ ହାତ—Right
Bhuju(n̄ju)ṇi(ni) kara hand.[ଉ—ଅର୍ଜ୍ଜୁନଙ୍କୁ ଭଞ୍ଜିଲେ
ଉତ୍କୋଟ ନାରାଚ, ଭୁଜୁଣି କରେ ନାଶ କରିଦେଲେ ଉଚ । କୃଷ୍ଣସିଂହ ମହାଭାରତ. କର୍ଣ୍ଣ । ]

ଭୁଜ୍ୟ—ଦେ. ବି ( ସଂ. ଭୋଜ୍ୟ )—ଶ୍ରାଦ୍ଧ ପ୍ରଭୃତି ଦିନରେ ବ୍ରାହ୍ମଣଙ୍କୁ
Bhujya ଦିଆଯିବା ସିଧା ବା ଥାଳି—A tray of victuals given to a Brāhmaṇa on the occasion of a Śrāddha. [ ଭ—ଯେଉଁ ବ୍ୟକ୍ତି ଶ୍ରାଦ୍ଧ ( ପିଣ୍ଡ ଦାନ ) କରିବାକୁ ଅକ୍ଷମ ହୁଅନ୍ତି ସେ ଶ୍ରାଦ୍ଧବାସରେ ଗୋଟିଏ ପାତ୍ରରେ ରନ୍ଧନୀୟ ସାମଗ୍ରୀମାନ ରଖି ବ୍ରାହ୍ମଣଙ୍କୁ ଦାନ କରନ୍ତି । ]

ଭୁଞ୍ଜିବା—ପ୍ରାଦେ (ବସ୍ତର) କ୍ରି (ସଂ. ଭୃଜ୍ ଧାତୁ; ଭୁଲ ହି. ଭୂନ୍‌ନା )
Bhun̄j-bā —ଭାଜିବା—To fry; to roast.

ଭୁଞ୍ଜାକ(କ)—ପ୍ରାଦେ (ଗଡ଼ଜାତ) ବି—ଉପପତି—
Bhun̄jak (ka) Paramouro.

ଭୁଞ୍ଜାକ୍ ପୂରେଇ—ପ୍ରାଦେ (ଗଡ଼ଜାତ) ବିଣ ଓ ବି. ସ୍ତ୍ରୀ ( ଗାଳିରେ
Bhun̄jak pūrei ବ୍ୟବହୃତ )—କୁଟଣୀ; ଯେଉଁ ସ୍ତ୍ରୀ ପର-
ପୁରୁଷମାନଙ୍କୁ ଆପଣା ଘରକୁ ଡାକିଆଣି କାମବୃତ୍ତି ଚରିତାର୍ଥ କରାଏ—Adulterous ( woman ); a woman who invites paramours to and entertains them in her house.

ଭୁଞ୍ଜା—ଦେ (ପଦ୍ୟ) ବି (ସଂ. ଭୁଜ୍ ଧାତୁ)—୧ । ଭୋଜନ; ଖାଇବା—
Bhun̄jā 1. Eating. ୨ । ଭୋଗ; ଉପଭୋଗ—
ভুঞ্জা 2. Enjoyment. ଦେ. ବିଣ—୧ । ଭୋଜନକାରୀ
भोजन —1. Eating. ୨ । ଭୋଗକାରୀ—2. Enjoying.

ଭୁଞ୍ଜାଇବା—ଦେ. ( ପଦ୍ୟ ) କ୍ରି. ( ସଂ. ଭୁଞ୍ଜ୍ ଧାତୁ ଣିଜନ୍ତ )—
Bhun̄jāibā ୧ । ଖୁଆଇବା—1. To feed. (ଉ—ଦ୍ୱିଜ
ভুঞ্জান্ ଋଷି ଅତିଥିମାନଙ୍କୁ ଭୁଞ୍ଜାଇଲେ । କୃଷ୍ଣସିଂହ. ମହାଭାରତ
खिलाना ଆଦି ।) ୨ । ଭୋଗ କରାଇବା—2. To cause to enjoy. (ଉ—ତା ଦେଇ ଦେବତା ପିତୃଙ୍କୁ ଭୁଞ୍ଜାଇଲେ । କୃଷ୍ଣସିଂହ. ମହାଭାରତ ବନ ।)

ଭୁଞ୍ଜାନ—ସଂ. ବିଣ. ପୁଂ (ଭୁଜ୍ ଧାତୁ+କର୍ତ୍ତୃ ଅନ )—
Bhun̄jāna ଭୋଗକାରୀ—Enjoying.
( ଭୁଞ୍ଜାନା—ସ୍ତ୍ରୀ )

ଭୁଞ୍ଜାଭୁଞ୍ଜି—ଦେ. ( ପଦ୍ୟ ) ବି—ଖିଆଖୋଇ; ଅନ୍ୟୋନ୍ୟକୁ
Bhun̄jābhun̄ji ଖୁଆଇବା—Mutual feeding; feeding each other.

ଭୁଞ୍ଜିବା—ଦେ. ( ପଦ୍ୟ ) କ୍ରି ( ସଂ. ଭୁଜ୍ ଧାତୁ )—୧ । ଖାଇବା—
Bhun̄jibā 1. To eat. (ଉ—ସଙ୍ଗତେ ଭୁଞ୍ଜାଇ ଭୁଞ୍ଜିବି,
ভুঞ্জা खाना ପଲଙ୍କେ ଶୋଇ ପହୁଡ଼ିବ । ଭୂପତି. ପ୍ରେମପଞ୍ଚାମୃତ ।)
୨ । ଉପଭୋଗ କରିବା; ଭୋଗ କରିବା—2. To enjoy. (ଉ—ଏଣୁ ରାଜ୍ୟ ଭୁଲେ ପାଇବ ପ୍ରିୟବର୍ଗ, ପୁତ୍ର କନ୍ୟା ପୁଣି ଭୁଞ୍ଜିବ ସମ୍ପତ୍ତି । କୃଷ୍ଣସିଂହ. ମହାଭାରତ. ବନ ।) ୩ । ଦୁଃଖ ବା ସୁଖ ଭୋଗ କରିବା—3. To experience or pass through pain or pleasure. (ଉ—ଆପଣା କରମ ଭୁଞ୍ଜି ଯାଉଅଛୁ ମୁହିଁ । ପ୍ରାଚୀ. ପ୍ରତାପ ଶଶିସେଣା ।)

ଭୁଟ୍—ଦେ. ବି—ବିନାଶ—Destruction. ଦେ. ବିଣ—ଛିନ୍ନଭିନ୍ନ—
Bhuṭ Scattered; thrown pell mell.

ଟୁ)ଭୁଟ୍—ଦେ. ଅ. (ଧ୍ୱନ୍ୟନୁକରଣ)—୧ । ଗୁପ୍ତ କଥୋପକଥନ—
Bhuṭ(ṭu)bhuṭ 1. Whisper. ୨ । ଗୁପ୍ତ କଥୋପକଥନଦ୍ୱାରା
କାନାକାନି ଗুপ্ত কথার প্রচার—2. The dissemination
फुसफुसाहट of a thing by whisper.
ভুটভাট फुदफुद, फुसफुस

ଭୁଟ୍(ଟୁ)ଭାଟ୍ ହେବା—ଦେ. କ୍ରି—ଭୁନ ଭୁନ କଥା ଭାଷା ହେବା—
Bhuṭ(ṭu)bhāṭ hebā To talk in whispers.
কানাকানি করা, কানে কানে কথা বলা
फुदफुद करना, फुसफुसाना

ଭୁଟ୍(ଟୁ)ଭୁଟ୍(ଟୁ)—ଦେ. ଅ. (ଧ୍ୱନ୍ୟନୁକରଣ)—୧ । ବୁଦବୁଦର ସ୍ଫୋଟନ
Bhuṭ(ṭu)bhuṭ(ṭu) ଶବ୍ଦ; ଭୁଡ଼ଭୁଡ଼—1. Bubbling
ভুট্ ভুট্ sound. ୨ । ଅଜୀର୍ଣ୍ଣଜନିତ ପେଟ ଭିତରେ ବୁଦ୍‌ବୁଦ
भटभट ଶବ୍ଦ—2. Bubbling sound inside the stomach due to indigestion.

ଭୁଟ(ଟା,ଟ୍ଟା)—ଦେ. ବ. ( ସ. ଭୃଷ୍ଟ; ପ୍ରା. ଭୁଟ୍ଟୋ )—
Bhuṭa(ṭā, ṭṭā) ୧ । ମକ୍କା—1. Indian corn.
ভুটা, মকাই ୨ । ବାଜରା—2. Maize; millet.
भुट्टा, मक्का, बाजरा

ଭୁଟାନ୍—ଦେ. ବ. (ନାମ) ( ସ. ଭୋଟ; ଭୋଟାଙ୍ଗ )—ଭୋଟ ନ୍;
Bhuṭān ହିମାଳୟ ସଂଲଗ୍ନ ଦେଶୀୟ ରାଜ୍ୟବିଶେଷ—
ভুটান Name of a native state near Nepal in
भुटान India; Bhutan. [ଦ୍ର—ଏ ସାମନ୍ତ ରାଜ୍ୟ ସିକିମର ପୂର୍ବ ଓ ଆସାମର ଉତ୍ତରରେ ଅବସ୍ଥିତ । ଏଠାର ଅଧିବାସୀମାନେ ଖୁବ ପରିଶ୍ରମୀ ଓ ଭାରସହ ଓ ସର୍ବଦାଶ୍ୱେତକ୍ଷମ ଅଟନ୍ତି । ଏ ଦେଶର ଘୋଡ଼ା ଉତ୍କୃଷ୍ଟ ।]

ଭୁଟିଆ—ଦେ. ବଣ—ଭୁଟାନ୍ ଦେଶୀୟ—Belonging to
Bhuṭiā Bhutan. (ଯଥା—ଭୁଟିଆ ଟାଙ୍ଗଣ,ଭୁଟିଆ କମ୍ବଳ,
ভুটিয়া ଭୁଟିଆ ଜାତ ।) ଦେ. ବ—ଭୁଟାନ୍ ଦେଶବାସୀ ବ୍ୟକ୍ତି—
भुटिया An inhabitant of Bhuṭān.

ଭୁଟିଆ ଟାଙ୍ଗଣ—ଦେ. ବ—ଭୁଟାନ୍ ଦେଶୀୟ ଘୋଡ଼ା—A kind of
Bhuṭiā tāṅgaṇa hardy horse imported from
[ଭୁଟିଆ ଟାଙ୍ଗୁ(ଟୁ)—ଅନ୍ୟରୂପ] Bhutan; Bhutanese
ভুটিয়া ঘোড়া भुटिया घोडा pony.

ଭୁଡ଼୍(ଡ଼ୁ)ଭୁଡ଼୍(ଡ଼ୁ)—ଦେ. ଅ. (ଧ୍ୱନ୍ୟନୁକରଣ)—ବୁଦବୁଦର ସ୍ଫୋଟନ ଶବ୍ଦ
Bhurd(rdu)bhurd(rdu) —The sound of bubbles
ভুড়ভুড় भुरभुर bursting or coming out.

ଭୁଡ଼୍(ଡ଼ୁ)ଭୁଡ଼ା(ଡ଼ି, ଡ଼ୁ)—ଦେ. ବ. ( ଧ୍ୱନ୍ୟନୁକରଣ; ସ. ବୁଦ୍‌ବୁଦ )—
Bhurd(rdu)bhurdā(rdi, rdu) ଭୁଡ଼ି; ବୁଦ୍‌ବୁଦ—
ভুড়ভুড়ি बुलबुला Bubble.
[ଭୁଡ଼୍(ଡ଼ୁ)ଭୁଡ଼୍(ଡ଼ୁ)ବା, ଭୁଡ଼ଭୁଡ଼ିକା—ଅନ୍ୟରୂପ]

ଭୁଡ଼ା—ପ୍ରାଦେ. (ବାଲେଶ୍ୱର) ଅ ( ସ. ଭୂର=ଅଧିକ )—ଥୋଡ଼ାଏ
Bhurdā (ବାଟ); ବେଶ୍ୱାଏ (ବାଟ); ଖଣ୍ଡ ଦୂର (ବାଟ)—
(ଭୁଡ଼ାଏ—ଅନ୍ୟରୂପ) walking ) Some distance; (taking) a round.

ଭୁଡ଼ି—ଦେ. ବ. ( ଧ୍ୱନ୍ୟନୁକରଣ; ସ. ବୁଦ୍‌ବୁଦ )—୧ । ବୁଦବୁଦ—
Bhurdi 1. Bubble. ୨ । ପେଟର ଅନ୍ତ୍ର—2. Entrails.
ভুড়ি बुलबुला ভুড়ি अंतड़िया

ଭୁଡ଼ି ମାରିବା—ଦେ. କ୍ରି—(ଜଳ ମଧ୍ୟରେ ବୁଡ଼ିଥିବା ମାଛ, କୁମ୍ଭୀର,
Bhurdi māribā କଚ୍ଛପ ଆଦି) ନିଶ୍ୱାସ ପବନକୁ ଜଳଉପରକୁ
ভুড়ভুড় করা ବୁଦ୍‌ବୁଦାକାରରେ ଉଠାଇବା—To raise bubbles
भुरभुराना, बुलबुले उठाना to the surface of water
(ଭୁଡ଼ି ଦେବା—ଅନ୍ୟରୂପ) (said of animals under water).

ଭୁଡ଼(ଡ଼ୁ)ଙ୍ଗା—ଦେ. ବ—୧ । ତୂରୀ ବାଦ୍ୟ; ବେଶ୍ୱା; କାହାଳୀ—
Bhurda(rdu)ṅga 1. Trumpet. ୨ । ରଣସିଂଗା—
ভোরঙ্গ, তুরী तुरही 2. Clarion.

ଭୁଡ଼(ଡ଼ୁ)ଙ୍ଗିଆ—ଦେ. ବ—ତୂରୀ ବଜାଇବା ଲୋକ; କାହାଳିଆ—
Bhurda(rdu)ṅgiā Trumpeteer.
তুরী ওয়ালা तुरहीवाला

ଭୁଡ଼ୁକା—ଦେ. ବ. (ସ. ବୁଦ୍‌ବୁଦ)—ବୁଦ୍‌ବୁଦ—Bubble.
Burdukā ভুড়ভুড়ি बुलबुला

ଭୁଡ଼ୁକାଣି—ପ୍ରାଦେ. (ବାଲେଶ୍ୱର) ବ. (ଭୁଲ ବ. ଭୁଡ଼ୁକୁଣା)—କୁମ୍ଭୀର,
Bhurdukāṇi ମାଛ ଆଦି ପାଣି ଭିତରେ ରହି ନିଶ୍ୱାସ ବାୟୁ ଦ୍ୱାରା ଯେଉଁ ଜଳ ବୁଦ୍‌ବୁଦ ଜଳ ଉପରକୁ ଉଠାନ୍ତି—The bubbles raised to the surface by alligators, fish etc from deep water.

ଭୁଡ଼ୁଭୁଡ଼ା—ଦେ. ବ—୧ । ଚିଲିକାରେ ମିଳୁଥିବା ଏକପ୍ରକାର ଚିଙ୍ଗୁଡ଼ି
Bhurdubhurdā ମାଛ—1. A species of shrimps found in lake Chilka. ୨ । ଭୁଡ଼୍‌ଭୁଡ଼ା (ଦେଖ)
2. Bhurd-bhurdā ( See )

ଭୁଡ଼େ—ଦେ. କ୍ରି, ବ—ଥୋଡ଼ାଏ; ବେଶ୍ୱାଏ (ଚାଲିବା)—(walking)
Bhurde Some distance; at a stretch.
এক চক্কর एक चक्कर

ଭୁଣ୍ଡା—ଦେ. ବଣ. ପୁଂ (ସ. ଭୁଣ୍ଡୀ=ଉଦର)—୧ । ସ୍ଥୂଳ; ମୋଟା;
Bhuṇḍā ଭୁଣ୍ଡାଭୁସୁଣ୍ଡା—1. Fat; corpulent. ୨ ।
ভুঁড়িআ, ভুঁড়ো, ভুঁদো ସ୍ଥୂଳୋଦର—2. Pot-bellied,
तोंदवाला ( ଭୁଣ୍ଡୀ—ସ୍ତ୍ରୀ )

ଭୁଣ୍ଡାଇବା—ପ୍ରାଦେ. ( ସମ୍ବଲପୁର ) କ୍ରି—ଭଣ୍ଡାଇବା; ଢକାଇବା;
Bhuṇḍāibā ଠକିବା—To cheat; to deceive.

ଭୁଣ୍ଡି—ଦେ. ବ—୧ । ଫରୁଆର ବା ସୁନର ଅଗ୍ରଭାଗ; ଚୁଚୁକ—
Bhuṇḍi চুঁচী चुंची 1. The knob at the top of a circular wooden box; nipple.
থোপ फुंदना ୨ । ଝଣ୍ଡି; ପାଟଫୁଲର ଅଗ୍ରଭାଗ—2. The tassel attached to a tape.
ভুঁড়ি तोंद ୩ । ଥନ୍ତଲ ପେଟ; ସ୍ଥୂଳୋଦର—3. Pot-belly.
୪ । ତାଇତ, ବାଜୁ ପ୍ରଭୃତିର ସୂତାରେ ଓହୋଳିଥିବା ବର୍ତ୍ତୁଳ ଗୋଳ ଅଳଙ୍କାର ଅଗ୍ରଭାଗ—4. The tapering ball-like thing hanging from the armlet of women.

**ଭୂତ(ତୁ)ଅଇରି**—ଦେ. ବି ( ସଂ. ଭୂତଭୈରବୀ )—ଏକପ୍ରକାର ବନ୍ୟ
Bhuta(tu)airi କଣ୍ଟକୀ ଗୁଳ୍ମ (ଏହାର ପତ୍ର ଲୋମଶ, ପତ୍ରର ଧାର
ଭୂତଭୈରବୀ କର୍ତ୍ତିତ ଓ ଫୁଲ ଶ୍ୱେତ ଏବଂ ତୀବ୍ର ଗନ୍ଧଯୁକ୍ତ )—
**बोरबडा** A wild thorny plant with leaves and
ଭୂତଭଇରି } ଅନ୍ୟରୂପ flowers of strong
ଭୂତେ(ତୋ, ତୌ)ରି } odour; Premna
Integrifolia. [ଦ୍ର—ସ୍ୱୀ ଅଞ୍ଚଳରେ ଏହାକି
ଦୋରଣ୍ଡା କହନ୍ତି ଓ ଏ ଗଛ ବହୁ ସଂଖ୍ୟାରେ ଥିବାରୁ
ସ୍ୱୀର ଗୋଟିଏ ଅଂଶର ନାମ ମଧ୍ୟ ଦୋରଣ୍ଡା ହୋଇଅଛି ।
କଟକ ସହରରେ ମଧ୍ୟ ଗୁପ୍ତାପାଣ ପଡ଼ିଆରେ ଏ ଗଛ
ବହୁତ ହୁଏ । ଏହାର ଫୁଲ ନାଲି ଓ ଫଳଦଆ ଅଛି ଶ୍ୱେତ
ବାହାଲ ପରି; ତେଣ୍ଡରେ ପେଣ୍ଡା ପେଣ୍ଡା ହୋଇ ଫୁଲ
ଓ ଫଳ ଧରେ; ଫୁଲ ବର୍ଷାଦିନେ ଫୁଟେ; ଏହାର ମୂଳ
ଔଷଧରେ ଲାଗେ—ଯୋଗେଶଚନ୍ଦ୍ର । ]

**ଭୂତା**—ଦେ. ବିଣ—୧ । ଓଛ—1. Foolish; stupid. ୨ । ଭୂତ
Bhutā ভুতো **उल्लु** ପରି କଦାକାର ଓ କଳା—2. Unseemly like a ghost. ଦେ. ବି. ପୁଂ—
ভূতভুতো **भुत**
( ଭୂତିଆ—ଅନ୍ୟରୂପ ) ପୁରୁଷଙ୍କୁ ଡାକିବା ନାମ—A name given to males.

**ଭୂତା(ତେ)ଇବା**—ଦେ. କ୍ରି—ଭଣ୍ଡାଇବା; ଧପାଇବା—To cheat.
Bhutā(te)ibā ঠকান **ठगाना** ( ଭୂତିଆଇବା—ଅନ୍ୟରୂପ )

**ଭୂତି**—ପ୍ରାଦେ. ( ସମ୍ବଲପୁର ଓ ସିଂହଭୂମ ) ( ସଂ. ଭୃତି )—ମଜୁରି;
Bhuti ଦିନଆ ବା ମୂଲିଆକୁ ଦିଆଯିବା ଧାନ ମୂଲ—Wages in kind given to a day-labourer.

**ଭୂତିଆ**—ଦେ. ବି. ପୁଂ ( ଅନାଦରାର୍ଥକ )—ଭୂତା ନାମକ ବ୍ୟକ୍ତିର
Bhutiā ଡାକ ନାମ—Corruption of the name Bhutā. ପ୍ରାଦେ. ( ସମ୍ବଲପୁର ଓ ଗଡ଼ଜାତ ) ବି—ଏକଜାତୀୟ ପାଣିକୁଆଁ ଗଉଡ଼—A class of cowherds. ପ୍ରାଦେ. ( ଭଞ୍ଜ ଭୂମି ) ବି—ମୂଲିଆ—Labourer.

**ଭୂତିଆ(ହା)ରି**—ପ୍ରାଦେ. (ସମ୍ବଲପୁର) ବି.(ସଂ. ଭୃତି; ଭୃତିହର; ଭୃତ୍ୟ)—
Bhutiā(hā)r ଦୈନିକ ଧାନ ମୂଲ ନେଇ କାମ କରିବା ମୂଲିଆ—
( ଭୂତିଆ[ସ୍ତ୍ରୀ,ହା]ରେଣ—ସ୍ତ୍ରୀ ) A day labourer who is paid in kind.

**ଭୂଦାରଚଣ୍ଡୀ**—ଦେ. ବି ( ନାମ )—ନୀଳଗିରି ଗଡ଼ଜାତର ପ୍ରସିଦ୍ଧ
Bhudārachandī ଠାକୁରାଣୀ—The celebrated Deity of the Nilagiri Oriya State.

**ଭୂଦେଇ ବାଳୁଙ୍ଗା**—ପ୍ରାଦେ. ( ବାଲେଶ୍ୱର ) ବି—ଯେଉଁ ବାଳୁଙ୍ଗା
Bhudei bālungā ଧାନ ଉପରେ ଧଳା ରଙ୍ଗର ବାଳ ଭଳି ଶୁଙ୍ଗ ଥାଏ—A kind of paddy with white hairlike stings on.

**ଭୂଦେଇ ବୋଇତାଳ**—ପ୍ରାଦେ. ( ବାଲେଶ୍ୱର ) ବି—ଉପର କଳା
Bhudei boitāla ବା ଗାଢ଼ ସବୁଜ ଏବଂ ଭିତର ସାମାନ୍ୟ ଫିକା ଏକପ୍ରକାର ବୋଇତି କଖାରୁ—A species of red gourd.

**ଭୁନା**—ଦେ. ବି—୧ । ( ଅଶ୍ଳୀଳ ) ଯୋନି—1. Vagina
Bhunā ୨ । ଭୁଇଁଆ ( ଦେଖ )—2. Bhuiān ( See )

**ଭୁନାଭୁଜା**—ପ୍ରାଦେ ( ଗଣପୁର, ଗଡ଼ଜାତ ) ବି—ଭୁଜୁଲିରେ ତିଆରି
Bhunābhujā ଖାଦ୍ୟ ସାମଗ୍ରୀବିଶେଷ—A kind of confectionery prepared from fried paddy.

**ଭୁନି**—ଦେ. ବି ( ସଂ. କ୍ଷୌମ )— ଧଡ଼ି ଓ ମୁହଁଣ୍ଡା ନ ଥିବା ବିଧବାର
Bhuni ପରିଧେୟ ଧଳା ଲୁଗା—A white cloth without borders worn by widows.

**ଭୁନ୍ଦଡ଼ୁ**—ଦେ. ବିଣ—ଓଛ; ବୁଦ୍ଧିହୀନ—Stupid.
Bhundarḍ ভোঁদড়, ভোঁদা **मोन्दू** (ଭୁନ୍ଦା[ନ୍ଦ]—ଅନ୍ୟରୂପ)

**ଭୁନ୍ଦାମୁହାଁ**—ଦେ. ବିଣ—ଫୁଲିଥିବା ଓ ଫୁଲୁକା ମୁଖଯୁକ୍ତ—Having
**Bhundāmuhān** a swollen and frowning face.
**ভুঁদোমুখো मोंदमुहाँ** ( ଭୁନ୍ଦା[ନ୍ଦୀ]ମୁହିଁ—ସ୍ତ୍ରୀ )

**ଭୁବନ**—ସଂ. ବି (ଭୂ ଧାତୁ+କର୍ତ୍ତୃ.ଅନ; କ୍ଷପାଦନ)—୧ । ସପ୍ତସ୍ୱର୍ଗ ଓ
Bhubana ସପ୍ତପାତାଳ ସମନ୍ୱିତ ବିଶ୍ୱ—1. The universe;
ভুবন **भुवन** the creation consisting of seven
ଭୁବନା } ଅନାଦରାର୍ଥକ upper and seven nether
ଭୁବନ } worlds. [ଦ୍ର—ସପ୍ତସ୍ୱର୍ଗ—ଭୂ,ଭୁବ, ସ୍ୱ, ମହ, ଜନ, ତପ, ସତ୍ୟ । ସପ୍ତପାତାଳ—ଅତଳ, ବିତଳ, ସୁତଳ, ତଳ, ତଳାତଳ, ରସାତଳ, ପାତାଳ । ] ୨ । ପୃଥିବୀ—2. The earth. ୩ । ଦେଶ—3. Country; region. ୪ । ବାସସ୍ଥାନ; ଘର—4. Residence; house. ୫ । ଜଳ—5. Water. ୬। ଏକକଉଡ଼ା କଉଡ଼ିର ଚଉଦ ଭାଗର ଏକଭାଗ—6.One fourteenth of a cowri ୭ । ଜୀବ—7. A being; a living creature ( Apte ). ୮ । ଉନ୍ନତଶାଳି ହେବା—8. Becoming prosperous ( Apte ). ଦେ. ବି. ନାମ—ଭୁବନେଶ୍ୱର ବା ଭୁବନାନନ୍ଦ ନାମକ ବ୍ୟକ୍ତିର ଡାକ ନାମ—A name for calling people named Bhubaneśwara and Bhubanānanda.

**ଭୁବନଜ**—ଦେ. ବି ( ସଂ. ଭୂମିଜ=ନରକାସୁର )—ମାରୀଚ (ରାକ୍ଷସ)—
Bhubanaja Demon Māricha. [ ଦ୍ର—ଧନୁ ବାଣ ଘେନେ ଭୁବନଜ ତହିଁନେ ଦେଖିଲେ ସେ ସନ୍ଧାନ ଅଚ୍ଛିର—ଉପେ. ବୈଦେହୀଶବିଳାସ । ]

**ଭୁବନତ୍ରୟ**—ସଂ. ବି—ତ୍ରିଭୁବନ; ସ୍ୱର୍ଗ, ମର୍ତ୍ତ୍ୟ ଓ ପାତାଳ—The
Bhubanatraya three worlds ( e. g. the heaven, the earth and the nether region ).

**ଭୁବନ ପାବନ**—ସଂ. ବିଣ ( ୬ଷ୍ଠୀ ତତ୍; ଭୁବନ+ପାବନ )—
Bhubana pābana ଜଗତ୍ତ୍ରାତା—The Savior of the world.

ଭୁବନପାଳ—ସଂ. ବି (୬ଷ୍ଠୀ ତତ୍; ଭୁବନ+ପାଳ)—ଜଗତ୍‌ପାତା—
Bhubanapāḷa The Protector or Lord of the world.

ଭୁବନ ବିଖ୍ୟାତ—ସଂ. ବିଣ (୭ମୀ ତତ୍; ଭୁବନ+ବିଖ୍ୟାତ)—
Bhubana bikhyāta ଜଗଦ୍‌ବିଖ୍ୟାତ—Renowned throughout the world.
(ଭୁବନବିଶ୍ରୁତ, ଭୁବନବିଦିତ—ଅନ୍ୟରୂପ)

ଭୁବନବ୍ୟାପୀ—ସଂ. ବିଣ.ପୁଂ (ଭୁବନ+ବି+ଆପ୍ ଧାତୁ+କର୍ତ୍ତୃ.ଇନ୍)—
Bhubanabyāpī ଜଗଦ୍‌ବ୍ୟାପ୍ତ—Diffused through the universe; pervading the universe.
(ଭୁବନବ୍ୟାପିନୀ—ସ୍ତ୍ରୀ)

ଭୁବନ ମୋହନ—ସଂ. ବିଣ. ପୁଂ (୬ଷ୍ଠୀ ତତ୍; ଭୁବନ+ମୋହନ)—
Bhubana mohana ବିଶ୍ୱମୁଗ୍ଧକାରୀ—Charming the universe. ଦେ. ବି—ଲୋକଙ୍କ ଦିଆଯିବା ନାମ—A name given to males.

ଭୁବନାନନ୍ଦ—ସଂ. ବି. (୬ଷ୍ଠୀ ତତ୍; ଭୁବନ+ଆନନ୍ଦ)—୧। ଜଗତର
Bhubanānanda ଆନନ୍ଦ—1. The delight of the universe. ୨। (ବହୁବ୍ରୀହି) ପରମେଶ୍ୱର—2. God.
ଦେ. ବି. ପୁଂ—ପୁରୁଷଙ୍କୁ ଦିଆଯିବା ନାମ—A name given to males.

ଭୁବନାଶ୍ରୟ—ସଂ. ବି. (୬ଷ୍ଠୀ ତତ୍; ଭୁବନ+ଆଶ୍ରୟ)—ପୃଥିବୀର ଆଶ୍ରୟ-
Bhubanāśraya ସ୍ଥଳ—The refuge of the universe.

ଭୁବନେଶ୍ୱର—ସଂ. ବି. (୬ଷ୍ଠୀ ତତ୍; ଭୁବନ+ଈଶ୍ୱର)—
Bhubaneśwara ୧। ଜଗଦୀଶ୍ୱର—1. God. ୨। ଶିବ; ମହାଦେବ—2. Śiba. ୩। ପୁରୀ ଜିଲ୍ଲାର ତୀର୍ଥବିଶେଷ—3. Name of a place of Hindu pilgrimage in the district of Puri in Orissa. ୪। ଭୁବନେଶ୍ୱରସ୍ଥ ଶିବ ଲିଙ୍ଗ; ଲିଙ୍ଗରାଜ—4. Name of the image of Śiba at Bhubaneśwara. [ଦ୍ର—ଲିଙ୍ଗରାଜ ମନ୍ଦିରର ପତ୍ତନ ରାଜା ଯଯାତି କେଶରୀ ପକାଇଥିଲେ। ପରେ ଲଲାଟେନ୍ଦୁ କେଶରୀ ଏହି ମନ୍ଦିର-କାର୍ଯ୍ୟ ସମାପ୍ତି ଓ ଏହାର ପ୍ରତିଷ୍ଠା କଲେ। ଭୁବନେଶ୍ୱର ଓ ତନ୍ନିକଟବର୍ତ୍ତୀ ସ୍ଥାନମାନଙ୍କରେ ଅନେକ ଉତ୍କୃଷ୍ଟ ଶିଳ୍ପକଳା ଓ କାରୁକାର୍ଯ୍ୟବିଶିଷ୍ଟ ମନ୍ଦିରମାନ ଅଛି।] ଦେ. ବି—ଲୋକଙ୍କ ନାମ—Name given to males.

ଭୁବନେଶ୍ୱର କବିଚନ୍ଦ୍ର—ଦେ. ବି(ନାମ)-ଓଡ଼ିଆକବି—Name of an
Bhubaneśwara kabichandra Oriya poet.
[ଦ୍ର—ଏ ଗଞ୍ଜାମ ଜିଲ୍ଲା ବ୍ରହ୍ମପୁର ନିକଟ ହୁଞ୍ଜିଲ ଗ୍ରାମର ଲୋକ; ସେ ଜାତିରେ ବ୍ରାହ୍ମଣ; ୧୮୪୬ ଖ୍ରୀଷ୍ଟାବ୍ଦରେ ଜନ୍ମଗ୍ରହଣ କରି ୧୮୯୨ ଖ୍ରୀଷ୍ଟାବ୍ଦରେ ସ୍ୱର୍ଗାରୋହଣ କରିଥିଲେ। ତାଙ୍କ ରଚିତ ଗ୍ରନ୍ଥମାନଙ୍କ ମଧ୍ୟରେ ସୀତେଶବିଳାସ, ବାସୁଦେବ ବିଳାସ, ପ୍ରବନ୍ଧମାଳା ପ୍ରଧାନ। ତାରିଣୀଚରଣ ଉତ୍କଳ ସାହିତ୍ୟର ଇତିହାସ।]

ଭୁବନେଶ୍ୱର ବଡ଼ ପଣ୍ଡା—ଦେ. ବି. ନାମ—ଜନୈକ ଉତ୍କଳୀୟ ପଣ୍ଡିତ
Bhubaneśwara barḍa panḍā ଓ ଗ୍ରନ୍ଥକାର—Name of a learned Panḍit and author.
[ଦ୍ର—ଏ ଉତ୍କଳୀୟ ବ୍ରାହ୍ମଣ, ଭଗିରଥ ଗଡ଼ଜାତବାସୀ, ଗ୍ରନ୍ଥକାର ଓ ଅଳଙ୍କାର ଶାସ୍ତ୍ରପ୍ରଣେତା। ରାଜାଙ୍କ ବିରାଗଭାଜନ ହୋଇ ରାଜ୍ୟରୁ ବିତାଡ଼ିତ ହୋଇଥିଲେ। ଜଗବନ୍ଧୁ ପ୍ରାଚୀନ ଉତ୍କଳ।]

ଭୁବନେଶ୍ୱରୀ—ସଂ. ବି. ସ୍ତ୍ରୀ. (ଭୁବନେଶ୍ୱର+ଈ)—୧। ପାର୍ବତୀ;
Bhubaneśwarī ଦୁର୍ଗା—1. Durgā. ୨। ଦଶ ମହାବିଦ୍ୟା ମଧ୍ୟରେ ଦେବୀ ତ୍ରିପୁରସୁନ୍ଦରୀ—2. One of the ten Tantric incarnations of Durgā.
[ଦ୍ର—ଏ ଚତୁର୍ଭୁଜା, ପାଶାଙ୍କୁଶବରାଭୟହସ୍ତା, ତ୍ରିନୟନା, ଅର୍ଦ୍ଧେନ୍ଦୁଶେଖରା, ରକ୍ତବର୍ଣ୍ଣା, ସୁଭୂଷଣା ଓ ପଦ୍ମାସନା ରୂପରେ କଳ୍ପିତା।]

ଭୁବନ୍ୟୁ—ସଂ. ବି (ଭୂ. ଧାତୁ+କର୍ତ୍ତୃ. ଅନ୍ୟୁ)—୧। ପ୍ରଭୁ—
Bhubanyu 1. Master; lord. ୨। ସୂର୍ଯ୍ୟ—2. The sun.

ଭୁବଃ—ସଂ. ଅ (ଭୂ. ଧାତୁ+କର୍ତ୍ତୃ. ଅସ୍)—୧। ପୃଥିବୀର ଉପରସ୍ଥ
Bhubah ସପ୍ତସ୍ୱର୍ଗର ଅନ୍ତର୍ଗତ ଭୁବନ; ଅନ୍ତରୀକ୍ଷ—1. The atmosphere; ether; the world or sphere immediately above the earth. ୨। ଗାୟତ୍ରୀର ବ୍ୟାହୃତିତ୍ରୟ (ଭୂଃ, ଭୁବଃ, ସ୍ୱଃ) ମଧ୍ୟରୁ ଏକ—2. One of the three Byāhṛutis.
୩। ଚନ୍ଦ୍ର—3. The moon. ୪। ଅଗ୍ନି—4. Fire.

ଭୁବି—ଦେ. (ପଦ୍ୟ) ବି. (ସଂ. ଭୁବି=ପୃଥିବୀରେ)—ପୃଥିବୀ—The
Bhubi world; the earth. (ଉ—ଦିବରେ ନାହିଁ ଭୁବିରେ ନାହିଁ ଅଛି ଜନନୀ। ଭଞ୍ଜ. କୋଟିବ୍ରହ୍ମାଣ୍ଡସୁନ୍ଦରୀ।)

ଭୁବୀନ୍ଦ୍ର—ଦେ. ବି (ଭୁବି+ଇନ୍ଦ୍ର)—ରାଜା—
Bhubīndra A king.

ଭୁୟାଁ (ଇତ୍ୟାଦି)—ଦେ. ବି—ଭୁଇଁଆ ଇତ୍ୟାଦି (ଦେଖ)
Bhuyāñ [etc] Bhuiāñ etc [See].

ଭୁୟାଁ କରଣ—ଦେ. ବି—ଏକଜାତୀୟ କ୍ଷତ୍ରିୟ—
Bhuyāñ karaṇa A class of Kshatriyas.

ଭୁୟାଁର—ଦେ. ବି—ଭୁଆଁଳ ଗଛ (ଦେଖ)—
Bhuyāñra Bhuāñḷa (tree) (See)

ଭୁର୍କି—ଦେ. ବି—ଭୁରୁକି (ଦେଖ)
Bhur-ki Bhuruki (See).

ଭୁଳୁ(ରୁ)କୁଣ୍ଡା (ଇତ୍ୟାଦି)—ଦେ. ବିଣ. ପୁଂ—ଭାର୍କୁଣ୍ଡା ଇତ୍ୟାଦି
Bhuḷu[ru]kuṇḍā (ଦେଖ)—Bhārkuṇḍā etc (See).
(ଭୁର୍କୁଣ୍ଡା—ଅନ୍ୟରୂପ)

ଭୁର୍(ରୁ)ଚୁକା—ଦେ. ବି—(ସଂ. ଭୟଚକିତ)—୧। ଭୁଚୁକା;
Bhur-[ru]chukā ଗୋଡ଼ାଇ ଥିବା କୁକୁରକୁ ଶୃଗାଳର ଏଡ଼ିବା ଭୁଚୁକା କର୍ମ—The jackal'e evading the pursuit of a dog. শেয়ালফাঁকী [ଦ୍ର—ବିଲୁଆମାନଙ୍କୁ କୁକୁର ଆକ୍ରମଣ କରିବାକୁ

ଗୋଡ଼ାଉଥିବାବେଳେ କୁକୁରକୁ ବିଲୁଅ ପଛରେ ଲାଗିଯିବା ଅବସ୍ଥା ଦେଖିଲେ ବିଲୁଅ ଭୟଚକିତ ହୋଇ ଗୋଟିଏ ଅତ୍ୟୁତ୍କଟ ଦୁର୍ଗନ୍ଧ ଅଧୋବାୟୁ ତ୍ୟାଗ କରେ ଓ ତହିଁର ଅସହ୍ୟ ଦୁର୍ଗନ୍ଧକୁ କୁକୁର ସମ୍ଭାଳି ନ ପାରି ଅଟକିଯାଏ ଓ ଇତ୍ୟବସରରେ ବିଲୁଅ ପଳାଇଯାଏ । ଏହାକୁ ଭୁରଚକା ବା ଭୁରୁକା ବୋଲାଯାଏ । ] ୨ । ଭଣ୍ଡାଇବା; ଧପା ମାରିବା—2. Cheating.

**ଭୁର(ରୁ)ଚୁକା ଦେବା**—ଦେ. କ୍ରି—୧ । (ବିଲୁଅ) ଗୋଡ଼ାଉଥିବା Bhur(ru)chukā debā କୁକୁରକୁ ଏଡ଼ିବା—1. To elude ফাঁকীদেওয়া the pursuit of the chasing hound (said of a jackal). ଭୁରଚୁକ ଦିଆ(ହୋ)ଇବା, (ମାରିବା) } ଅନ୍ୟରୂପ ୨ । ଧପ୍ପା ମାରିବା; ଠକାଇବା—2. To elude a person; to cheat a person.

**ଭୁରଚୁକିବା**—ଦେ. କ୍ରି (ସ. ଭୟଚକିତ)—ଭୟ ଚକିତ ହେବା—Bhurchukibā To become dumb-founded. হকচকান भुचकना

**ଭୁର(ରୁ,ରି) ଭୁଜା**—ଦେ. ବି ( ସ. ଭୂର ଭୋଜନ )—ସାମାନ୍ୟ କିଛି Bhur(ru,ri)bhujā ଜଳଖିଆ ସାମଗ୍ରୀ ବା ଚୁଡ଼ାମୁଢ଼ି ଆଦି—भुजा A small quantity of fried rice etc for light চালচিড়ে tiffin purposes. [ ଦ୍ରୁ—ଘରେ କି ଥାଏ ଭୁରଭୁଜା ବେଣ୍ଟା କରୁଥାଏ ଦୁର୍ଗାପୂଜା । ଛଗ । ]

**ଭୁରସ**—ପ୍ରାଦେ (ସମ୍ବଲପୁର) ବି—ଧୂଆଁ ଖାଇବା ପାଇଁ ଚିଲମରେ Bhur-rā ସଜା ହେବା ଧୂଆଁପତ୍ର ଗୁଣ୍ଡ—Tobacco-powder for smoking.

**ଭୁରସ ଉଡ଼ାଇବା**—ପ୍ରାଦେ (ସମ୍ବଲପୁର) କ୍ରି—ଚିଲମରେ ଧୂଆଁ ଖାଇ Bhur-rā urdaibā ମୁହଁରୁ ଧୂଆଁ ଛାଡ଼ିବା—To puff out smoke after smoking tobacco.

**ଭୁରଲିବା**—ପ୍ରାଦେ. (ସମ୍ବଲପୁର) କ୍ରି—ଭୁଲିବା (ଦେଖ) Bhur-libā Bhulibā (See).

**ଭୁରଶା**—ପ୍ରାଦେ (ସମ୍ବଲପୁର) ବିଣ-ଅଂଶୁଜାତ; ଅଂଶୁମୟ ଲୋମଯୁକ୍ତ—Bhur-sā Covered with fibrous furs.

**ଭୁରଶା ପୋକ**—ପ୍ରାଦେ (ସମ୍ବଲପୁର) ବି—ସମ୍ଭାଳୁଆ ପୋକ—Bhur-sā pok Caterpillar; the wooly bear.

**ଭୁର(ରୁ)ସୁଙ୍ଗ(ଙ୍ଗା)**—ଦେ. ବି—ଭୁରସଙ୍ଗା (ଦେଖ) Bhur[ru]sunga(ngā) Bhur-sangā (See).

**ଭୁରା**—ଦେ. ବି (ଅ. ବୁରଦା—ଗୁଣ୍ଡା)—୧ । ଶୁଖିଲା ମୋଟା ଗୁଡ଼; ଶକ୍ର; Bhurā ଏକପ୍ରକାର ଗୁଡ଼; ଏକ ପ୍ରକାର ଚୂନା କିନି—1. A kind গুঁড়ো গুঁড়ো জুঁড়া বুরাদা of molasses; raw brown sugar; rough unrefined sugar. ୨ । ଗୁଣ୍ଡ—2. Powder.

**ଭୁରି**—ଦେ. ବି—ବୁଦବୁଦ—Bubble. Bhuri ভুড়ভুড়ি बिलबिला

**ଭୁରିଖଡ଼(ର)**—ପ୍ରାଦେ (କଟକ) ବି—ଛଣଜାତୀୟ ଘାସ (ଏହା କୁଅଖିରେ ଲାଗେ)—Bhurikhard(r) A kind of grass used for thatching purposes.

**ଭୁରି ଭରି**—ଦେ. ବି—ଭଣ୍ଡଙ୍ଗ; ଫାଙ୍କି—Bhuri bhāri Effrontery.

**ଭୁରି ସିନ୍ଦୂର**—ପ୍ରାଦେ (ବାଲେଶ୍ୱର) ବି—ଫିକାସିନ୍ଦୂର—Bhuri sindūra Vermilion of faint red colour.

**ଭୁରୁ**—ଦେ. ବି (ସ. ଭ୍ରୁ)—ଭ୍ରୂ; ଭ୍ରୂଲତା—Eye-brow. ( ଦ୍ରୁ—Bhuru ଦେହ ବଦନ ବଙ୍କା ଭୁରୁ, ସ୍ୱାଙ୍କୁ ଜାଣିବ ଠକଙ୍କ ভুরু भौं ଗୁରୁ । ଛଗ । )

**ଭୁରୁକି**—ଦେ. ବି—ଚୂର୍ଣ୍ଣ; ଚୂନା—Powder. Bhuruki গুঁড়ো बुरादा, बुकनी, भुरका

**ଭୁରୁଡ଼(ଡ଼ା,ଡ଼ୁ)**—ଦେ. ବି—୧ । ଦମ୍ଭପୂର୍ବକ ପ୍ରତ୍ୟାଖ୍ୟାନ କରିବା; ଦମ୍ଭପୂର୍ବକ ହଉଥିଲେ ନ ମାନିବା; Bhururda(rdā;rdu) ফাকী ଦାମ୍ଭିକତା—1. Effrontery. ୨ । ଠକାମି—ফিরাহ 2. Cheating. ୩ । ଦାମ୍ଭିକତାପୂର୍ବକ ନିଜ ଦୋଷର ଅସ୍ୱୀକାର—3. Brazen-faced denial of one's guilt.

**ଭୁରୁଡ଼ା**—ଦେ. ବିଣ. ପୁଂ—ଯେଉଁ ବ୍ୟକ୍ତି ଦମ୍ଭପୂର୍ବକ ସତ୍ୟକଥାକୁ Bhururdā ନ ମାନେ; ଦାମ୍ଭିକ—A person who has ढीठ ঠেঁটা ঢাঁট effrontery; impudent.

**ଭୁରୁଡା(ଡେ)ଇବା**—ପ୍ରାଦେ. (ସମ୍ବଲପୁର) କ୍ରି—୧ । ପ୍ରବର୍ତ୍ତାଇବା—Bhurudā(rde)ibā 1. To persuade; to incite. ୨ । ଉତ୍ତେଜନା କରିବା—2. To instigate.

**ଭୁରୁଡ଼ା(ଡ଼େ)ଇବା**—ଦେ. କ୍ରି—୧ । ଦମ୍ଭପୂର୍ବକ ନ ମାନିବା—1. To Bhururdā(rde)ibā deny a thing with effrontery. দোষ নামানা, ধাপান ୨ । ଧପାଇବା—2. To defraud. उतानधाह ୩ । ଠକିବା—3. To cheat. ଭୁରୁଡ଼ୁ ଛାଡ଼ିବା, ଭୁରୁଡ଼ ଦିଆ(ହୋ)ଇବା, ଭୁରୁଡ଼ୁ ମାରିବା } ଅନ୍ୟରୂପ ୪ । ସତ୍ୟ କଥାକୁ ନ ମାନିବା—4. To deny a true fact. [ ଉ—ସୁଣି ଦ୍ରୁତ ଅଗରେ ଭୁରୁଡ଼ାଇ କଥା । କହିଣ କହିଲେ ଦ୍ରୁପଦ ମହାରଥୀ—କୃଷ୍ଣସିଂହ. ମହାଭାରତ. ଉଦ୍ୟୋଗ । ]

**ଭୁରୁଡି**—ପ୍ରାଦେ ( ଯାଜପୁର ) ବି—ଭୁରୁଡ଼—Bhurudi Effrontery.

**ଭୁରୁଡ଼ି କୋଳି**—ପ୍ରାଦେ ( ଯାଜପୁର )—ଏକପ୍ରକାର ଖାଦ୍ୟ କୋଳି—Bhururdi koli A kind of edible plum.

**ଭୁରୁ(ର)ଥାଇବା**—ପ୍ରାଦେ ( ସମ୍ବଲପୁର ) କ୍ରି—ମନବୋଧ କରି Bhuru(r)thāibā କହିବା; କଥା କହି ମନବୋଧ କରିଦେବା—To bring about one's satisfaction with sweet words; to coax.

(ଭଙ୍ଗି ଗୁହାଁ) ଭୁରୁ ନାଲ ଭୁଜଙ୍ଗୀ ଭ୍ରମର ଜୀବସଙ୍ଗୀ—( କବିସୂର୍ଯ୍ୟଙ୍କ (Bhangichāhān) Bhuru nila bhujangi bhramara jibasangi କଳୋଗଲକ୍ଷ୍ମ 'ଭ' ଗୀତରୁ ଉଦ୍ଧୃତାଂଶ )—

ଚେ ଜୀବସଙ୍ଗୀ **ଅର୍ଥାତ୍ ପ୍ରାଣବନ୍ଧୁ** ! ( ଶ୍ରୀକୃଷ୍ଣଙ୍କର ) ଭ୍ରୂଲତାରୂପ **କାଳସର୍ପୀର** ଭ୍ରମ ଅର୍ଥାତ୍ ଭ୍ରମଣର ଭଙ୍ଗୀକୁ ଦେଖି, ଶ୍ରୀକୃଷ୍ଣ ବୃନ୍ଦାବନରେ ବଂଶୀବାଦନ କରୁଥିବା ବେଳେ ଭ୍ରୂଲତାର **ଯେପରି ଶ୍ଖଳନ** କରୁଥିଲେ ତାହାକୁ ଦେଖିବା ପାଇଁ **ଜଣେ ଗୋପୀ ରାଧିକାଙ୍କୁ** ସମ୍ବୋଧନ କରି କହୁଅଛନ୍ତି— ( A **passage** in the song of Kabisūrjya ) **The play** of Srikrushṇa's eyebrow (while blowing the flute ) looks like a moving-blue serpent. [ ଦ୍ର— କଶୋରଚନ୍ଦ୍ରାନନ୍ଦଚମ୍ପୂରେ ଏହା ଗୋଟିଏ ସନ୍ଦେହଜନକ ସ୍ଥଳ ଥିବାରୁ ଏଠାରେ ଏଥିର ଅର୍ଥ ଦିଆଗଲା, ମାତ୍ର ଏହାର ପ୍ରକୃତ ଅର୍ଥ ବୁଝି ନ ପାରି 'ଭ୍ରମସ୍ୱ ଜୀବସଙ୍ଗି' ପ୍ରଭୃତି ନାନାପ୍ରକାର ପାଠାନ୍ତର ଗ୍ରହଣ କରନ୍ତି । ]

**ଭ୍ରୂ ଭଙ୍ଗ**—ଦେ. ବି ( ସଂ. ଭ୍ରୂଭଙ୍ଗୀ )—ଭ୍ରୂକ୍ଷେପ; ଖାତିର—
Bhuru bhanga Slightest regard or considera-
**খাতীর খাতীর** tion.

**ଭ୍ରୂ(ର)ଭୁରା**—ଦେ. ବି—ଭୂମି ଖୋଳିବା କୀଟଙ୍କଦ୍ୱାରା ମୃତ୍ତିକାର ଗୁଣ୍ଡ
Bhuru(r)bhurā —Pulverised earth due to the boring of certain insects.

**ଭୃରୁସ(ସୁ) ଙ୍ଗ (ଙ୍ଗା)**—ଦେ. ବି ( ସଂ. ଭୃରୁସୁଗନ୍ଧ; ଅନ୍ୟ ସଂ. ନାମ
Bhurusa(su) ṅga (ṅgā) କାଳଶାକ, କୃଷ୍ଣନିମ୍ବ; ସୁରଭିନିମ୍ବ )
[ଭୁର୍ସ(ସୁ)ଙ୍ଗ(ଙ୍ଗା)—ଅନ୍ୟରୂପ] —ନାରଙ୍ଗାଦିବର୍ଗର କ୍ଷୁଦ୍ର ତରୁ
ভুরশুঙ্গা; ভুর্স্ঙ্গা [ ଦ୍ର—ଏଥିର ପତ୍ର କାମିନୀଗଛର ପତ୍ର ପରି,
**बरसङ्गा; हर्सर; कटनिम** ବହୁତ ଖୁବ୍ ସୁଗନ୍ଧଯୁକ୍ତ । ତରକାରୀରେ ଓ ଡେ. କରିବେ ପାଇଁ ଡାଲ୍ଗିରେ ଏ ପତ୍ରକୁ ବଘାରନ୍ତି ଓ ଚଟଣି କରନ୍ତି । ]—Curry-leaf tree; Murraya Keonigii; Bergera Keonigii.

**ଭୁରୁଶୁଣ୍ଡା**— ପ୍ରାଦେ (ଅଳ) ବି—ଧାନ ଗଛର ରୋଗବିଶେଷ । (ଏଥିରେ
Bhurusuṇḍā **ଆକ୍ରାନ୍ତ** ହେଲେ ଧାନଗଛରୁ ଫଳ ନ ଥିବା ଗୋଟିଏ ବେଣ୍ଡା ବାହାରେ ଓ ଧାନ ଗଛ ମରିଯାଏ— A malady (blight) of the paddy plant wherby a bunch of grain without rice comes out and the plant dies shortly after.

**ଭୁର୍ଚୁକା**—ଦେ. ବି—ଭୃରୁଚୁକା ( ଦେଖ )
Bhurchukā Bhuruchukā (See)

**ଭୁଲ୍**—ଦେ. ବି ( ସଂ. ଭ୍ରମ, ପ୍ରା. ଭୁଲ୍ଲ, ସଂ. ଭ୍ରୋଳ=ବିହ୍ୱଳ, ମେଦିନୀ )
Bhul —୧ । ଭ୍ରମ, ଭ୍ରାନ୍ତି—1. Mistake; error;
(ଭୁଲ୍ଲ—ଗ୍ରାମ୍ୟରୂପ) oversight. ୨ । ବିସ୍ମରଣ—2.
ভুল Forgetting. ୩ । ଦୋଷ—3. Fault. ୪ ।
**भूल** ଅଶୁଦ୍ଧି—4. Incorrectness. ବିଣ—୧ । ଭ୍ରାନ୍ତ —1. Mistaken; erroneous. ୨ । ଅଶୁଦ୍ଧ— 2. Incorrect; wrong.

**ଭୁଲ୍ କରିବା**—ଦେ. କ୍ରି—ଭ୍ରମ କରିବା – To commit a mis-
Bhul karibā ভুল করা take or oversight
**भूल करना**

**ଭୁଲ୍ ଚୁକ୍**—ଦେ. ବି ( ସହଚର )—ଭ୍ରମ ପ୍ରମାଦ—Mistake.
Bhul chuk (ଭୁଲ ଚଟିବା, ଭୁଲ୍ ଭ୍ରାନ୍ତି—ଅନ୍ୟରୂପ )
ভুলচুক্; ভুলভ্রান্তি **भुलामटका; भुलचूक**

**ଭୁଲ୍ ଦେଖା(ଖେ)ଇବା**—ଦେ. କ୍ରି —ଅନ୍ୟର ଭ୍ରମ ପ୍ରଦର୍ଶନ କରିବା-
Bhul dekhā(khe)ibā To point out another's
ভুল দেখান **भूल दिखलाना** mistake.

**ଭୁଲ୍ ଧରିବା**—ଦେ. କ୍ରି—୧ । ଅନ୍ୟର ଭ୍ରମ ଦେଖିବା—1. To
Bhul dharibā detect another's mistake
(ଭୁଲ ବାହାର କରିବା—ଅନ୍ୟରୂପ) ভুলধরা **भूल निकालना**

**ଭୁଲ୍ ଭାଙ୍ଗିବା**—ଦେ. କ୍ରି—ଭ୍ରମ ଦୂର କରିବା, ଭ୍ରମ ସଂଶୋଧନ କରିବା
Baul bhāngibā —To remove a mistaken
ভুলভাঙ্গান **भूल दूरकरना** idea; to correct an error.

**ଭୁଲ**—ପ୍ରାଦେ ( କୁଜଙ୍ଗ ଗଡ଼ଜାତ, ବାଲେଶ୍ୱର )—୧ । ଭୋଳ
Bhuḷa ( ଦେଖ )—1. Bhoḷa ( See ) ୨ । ( ବାଲେଶ୍ୱର ସମୁଦ୍ର ଉପକୂଳ ) ଲୁଣିମାଟି ଯାହାକୁ ବ ପାଣିରେ ଗୋଳ କରି ଉପରେ ଫୁଟାଇଲେ ପାଣି ମରିଯାଇ ପଡ଼ି ଲୁଣ ମରିଯାଏ—2. Earth (near the Balasore sea-coast in Orissa) yielding salt by being mixed with water and then boiled dry.

**ଭୁଲ**—ଦେ. ବି ( ସଂ. ଭୋଲ ) (ଭୁଲ. ବଂ. ଭୋଲମାଛ; ଭେଲେ ମାଛ)
Bhula —ଖଡ଼ଲୀ ମତ୍ସ୍ୟବିଶେଷ; ବୋଦଣୀ— A kind of scaly fish; Barilius Bola.

**ଭୁଲଣା**—ଦେ. ବି [ ସଂ. ଭ୍ରମ ]—୧ । ବିସ୍ମୃତି— 1. Forgetting.
Bhulaṇā ୨ । ଭୁଲାଇବା— 2. Deluding; misleading.

**ଭୁଲତା**—ଦେ. ବି [ ସଂ. ଭ୍ରୂଲତା ]—ଭ୍ରୂଲତା; ଆଖି ଉପରେ ଥିବା
Bhulatā ରୋମରେଖା—Eye-brow. [ ଉ—ଭୁଲତା-
ভুলতা ଭଙ୍ଗି ଭାଇ, ଇନ୍ଦ୍ରଧନୁ ଆକାର, ଶର ମାରୁଛି ମୋ ହୃଦକୁ
**भौं** ସୁହିଁରେ । ସଙ୍ଗୀତ । ]

**ଭୁଲତା ଭଙ୍ଗୀ**—ଦେ ବି [ ସଂ. ଭ୍ରୂଲତା ଭଙ୍ଗୀ ]—୧ । ଭ୍ରୂଲତାର
Bhulatā bhangi ଆକୃତି ବା ଢଙ୍ଗ—1. The shape of the eye-brow. ୨ । ଭ୍ରୂଭଙ୍ଗୀ—2. Amorous play of the eye-brow.

**ଭୁଲ୍ଲ**—ସଂ. ବି. ନାମ—ନର୍ମଦାର ସଙ୍ଗମସ୍ଥଳ ପ୍ରଦେଶରେ ଜନ୍ମ
Bhullā ହୋଇଥିବା ସପ୍ତଦଶଶତାବ୍ଦୀୟ ଜଣେକ ଜ୍ୟୋତିଷୀ ('ଗ୍ରହ ଗଣିତ ଚନ୍ତାମଣି' ନାମକ ଗ୍ରନ୍ଥର ରଚୟିତା)— A celebrated 17th century Indian astronomer. ଦେ. ବି—ଭୁଲିବା—
[ଭୁଲ୍ଲୀ—ସ୍ତ୍ରୀ] Forgetting; oblivion. ଦେ. ବିଣ—
ভোলা ୧ । ଯେ ଭୁଲ କରେ—1. Committing mis-
**भोला, भूलक** takes; erring. ୨ । ଭୋଳା; ଯେ ଭୁଲିଯାଏ—

2. Forgetful. [ ଉ—ଭୁଲା ମନ, ଭୁଲୁ କାହିଁକି ? ଭଜନ । ]

ଭୁଲା(ଲେ)ଇବା—ଦେ. କ୍ରି [ ଭୁଲିବାର ଣିଜନ୍ତରୂପ ]—୧ । ଭ୍ରମରେ ପକାଇବା—1. To mislead; to dupe. ୨ । ବିସ୍ମୃତ କରାଇବା—2. To cause to forget. ୩ । ଭଣ୍ଡାଇବା—3. To wheedle; to seduce. ୪ । ମୁଗ୍ଧ କରିବା—4. To fascinate; to charm.
Bhulā(le) ibā
ভুলান
भुलना

ଭୁଲାକ(କି)—ବୈଦେ. (ବଙ୍ଗଳା ଶବ୍ଦ) ବି. (ଭୁଲାକ୍. ବୁଲାକ)—ବୁଲାକି (ଦେଖ)—Bulāki (See)
Bhulāk(ki)
বুলাকি, নোলক बुलाकी

ଭୁଲାଣିଆ(ଆଁ)—ଦେ. ବି—ଯେ ଭୁଲାଏ; ପ୍ରବଞ୍ଚକ—Misleading; deceitful; causing forgetfulness.
Bhulāṇiā(āṅ)
ভুলানিয়া भूलभुलैयाँ

ଭୁଲା ଭ(ଭୋ)ଟକା—ଦେ. କ୍ରି. ବିଣ—ହାତୁଡ଼ା ଝଟକା—Accidentally; occasionally; not at regular intervals.
Bhulā bha(bho)ṭakā
ভুলে भूलके

ଭୁଲା ମନ—ଦେ. ବି—୧ । ଯେଉଁ ମନ ସବୁ କଥା ଭୁଲିଯାଏ—1. A mind prone to commit mistakes; erring mind. ୨ । ଭୋଳା ମନ—2. Forgetful mind.
Bhulā mana
ভোলা মন
भुलक मन

ଭୁଲିଆ—ପ୍ରାଦେ. (ସମ୍ବଲପୁର, ଜୟପୁର)—୧ । ପାଣିଛୁଆଁ ଏକଜାତୀୟ ତନ୍ତି—1. A class of weavers from whose hands high caste people can take water for drinking. [ଦ୍ର—ତନ୍ତିମାନଙ୍କର ଜାତି,—ଭୁଲିଆ, ଭୁଲି, ଭୁଷ୍ଟା । ଏମାନେ ସୂତା କାଟନ୍ତି ଓ ଲୁଗା ବୁଣନ୍ତି ।] ଦେ. ବି—ଛତିଶଗଡ଼ୀ ଭାଷାର ଏକ ଭାଷାନ୍ତର—A sub-dialect of the Chhatisgarhi language. (ଭୁଲିଆ ଭାଷାର ଉଦାହରଣ—ଗୁଟେ ମନୁଷ୍ୟକ ଯୁଡ଼େ ବେଟା ରହସ୍ । ଅକର ଭିତର ସାନ୍ ବେଟା ବୁଆଖେ କହସ୍‌କି ଅଗୋ ବୁଆ ! ସମ୍ପତ୍ତିର ମର ଜୁନ୍ ଭାଗ୍ ପଡ଼ୁଛେ, ତାହା ମକେ ଭାଗ କରଦେ । ବୁଆ ଇଟା ଶୁଇନକ ଅକର ସମ୍ପତ୍ତିକ ଦୁହି ବେଟାଖେ ଭାଗ କରି ଦେଇସ୍ । କେତେ ଦିନ ଗଇସ୍, ସାନ୍ ବେଟା ଅକର ଭାଗମ୍ ଯାହା ପଡ଼ୁସ୍ ସମ୍ପତ୍ତି ଯାକର ଏକ ଯାଗାକେ ରଖିକ୍ ବିଦେଶକ୍ ପଲି ଗଇସ୍ । ହୁଇଠାନେ ଯାହା ପାଇଚା ଖର୍ଚ୍ଚ କରକି କେତେକ ଦିନ ଗଇସ୍ କି ସମ୍ପତ୍ତି ଯାକର ଉଡ଼ାଏ ଦେଇସ୍ । ଏନ୍ତା ବେଲ୍‌ଖେ ହୋ ଦେଶେ ଦୁର୍ଭିକ୍ଷ୍ ପଡ଼ୁସ୍ ଯ ହୋ ପିଲ୍ଲ ଖାଏ ବାକେ ନାଇ ପାଇସ୍ ଯ, ଉପାଦ୍‌ନେ ଦୁଃଖ୍ ପାଇସ୍ । (ଗ୍ରିଅର୍ସନଙ୍କ ଗ୍ରନ୍ଥରୁ ଗୃହୀତ) । ଏଥିର ଓଡ଼ିଆ ଅନୁବାଦ—ଜଣେ ମନୁଷ୍ୟର ୨ଟି ପୁଅ ଥିଲେ । ସେମାନଙ୍କ ଭିତରୁ ସାନ ପୁଅ ବାପକୁ କହିଲା କି ହେ ବାପ ! ସମ୍ପତ୍ତିରେ ମୋର ଯେଉଁ ଭାଗ ପଡ଼ୁଛି ତାକୁ ମୋତେ ଭାଗ କରି ଦେ । ବାପ ଏହା ଶୁଣି କରି ତାହାର ସମ୍ପତ୍ତିକୁ ଦୁଇ ପୁଅଙ୍କୁ ଭାଗ କରି ଦେଲା । କେତେ ଦିନ ଗଲାରୁ ସାନ ପୁଅ ତାହା ଭାଗରେ ଯାହା ପଡ଼ିଲା ସେ ସମ୍ପତ୍ତି ଯାକ ଏକଜ କରି ରଖି ବିଦେଶ ଗଲା । ଇତ୍ୟାଦି । ଏଥିରୁ ଦେଖାଯିବ ଯେ ଏହାର ଓଡ଼ିଆ ଭାଷା ସଙ୍ଗେ ଓ ଛତିଶଗଡ଼ୀ ଭାଷା ସଙ୍ଗେ ଖୁବ୍ ସୌସାଦୃଶ୍ୟ ଅଛି ।)
Bhuliā
ভুলিয়া
भूलिया

ଭୁଲିଙ୍ଗ—ଦେ. ବି. (ସଂ. ଭେରଣ୍ଡ)—ପୌରାଣିକ ବୃହତ୍ ପକ୍ଷୀବିଶେଷ—A kind of fabulous bird (like Phoenix. (ଉ—ସେ ବନ ଶୂନ୍ୟ ପାଖେ ଭାରୁଣ୍ଡ ଭୁଲିଙ୍ଗ, ପକ୍ଷୀ ବିହଙ୍ଗ ବହୁ ଅଛନ୍ତି ହୋଇ ସଙ୍ଗ । କୃଷ୍ଣସିଂ. ମହାଭାରତ. ଶାନ୍ତି ପର୍ବ ।)
Bhuliṅga

ଭୁଲିବା—ଦେ. କ୍ରି—୧ । ଭ୍ରମ କରିବା—1. To commit mistake. ୨ । ବିସ୍ମୃତ ହେବା; ପାସୋରିବା—2. To forget. ୩ । ମୁଗ୍ଧ ହେବା—3. To be fascinated. ୪ । ପର କଥାରେ ଠକି ଯିବା—4. To be beguiled.
Bhulibā
ভুলা भूलना
(ଭୁଲିଯିବା—ଅନ୍ୟରୂପ)

ଭୁଶ୍—ଦେ. ଅ. ( ଧ୍ୱନ୍ୟନୁକରଣ )—୧ । ଶୁଖିଲା ମାଟି ହଠାତ୍ ଖସି ପଡ଼ିବାର ଶବ୍ଦ—1. The sound of falling down of dry earth. ୨ । ହଠାତ୍ ପଡ଼ିବାର ଶବ୍ଦ—2. The sound of sudden fall. ୩ । ପୁନଃ ପୁନଃ ସ୍ଖଳନର ଶବ୍ଦ—3. Repeated slipping sound. ୪ । ହଠାତ୍—4. Suddenly.
Bhuś
ଭୁସ୍(ସ୍ତ)ଭୁସ୍(ସ୍ତ) } ଅନ୍ୟରୂପ
ଭୁସ୍(ସ୍ତ)ଭାସ୍ }

ଭୁଶକା(କି)—ଦେ. କ୍ରି. ବିଣ—୧ । ହଠାତ୍—1. All of a sudden. ୨ । ଭୁଷ୍ ଶବ୍ଦପୂର୍ବକ—2. Making a sudden sound.
Bhuś-kā(ki)
ভুস করে पिनपिन
[ଭୁଶ୍‌କନା(କି), ଭୁଶ୍‌ଦ(ଧ)ସ୍—ଅନ୍ୟରୂପ]

ଭୁଶ୍(ଶୁ)ଭୁଶ୍(ଶୁ) ଚାଲି—ଦେ. ବି—ଦୁମ୍ ଦୁମ୍ ଶବ୍ଦ କରି ଚାଲିବା—Striding with loud steps.
Bhuś(śu)bhuś(śu) chāli
ভুম ভুম করে চলা पिनपिनाकर चलना

ଭୁଷା(ସା)—ଦେ. ବି—୧ । ଭୁଷିବା—1. Goring. ୨ । ଚେଞ୍ଚିବା ଦ୍ୱାରା ପ୍ରହାର—2. A goring stroke. (ଉ—ଯୋରଡର ଜାମ କାଢ ଭୁଷାରେ । ଜଗତ୍ପର୍ଯ୍ୟ. ଉହାଡର ଓମ୍ଭ. ଘ ଗୀତ ।) ୩ । ଯଷ୍ଟିର ମୂଳ ଦ୍ୱାରା କେଞ୍ଚ—3. Poking with the end of a rod. ଦେ. ବିଣ—ଶିଥିଳ (ମାଟି); ଯାହା ଉପରେ ଚାଲିଲା ବେଳକୁ ଗୋଡ଼ ତଳକୁ ଗଡ଼ି ପଡ଼େ—Loose (earth or sand).
Bhuṣā(sā)
গোতা
ढाही

ଭୁଷା(ସେ)ଇବା—ଦେ. କ୍ରି—ଭୁଷିବା କ୍ରିୟାର ଣିଜନ୍ତ ରୂପ—Causative form of the verb 'Bhuṣibā'.
Bhuṣā(se)ibā
গুঁতান ढिरवाना

ଭୁଷା ବାଲି—ଦେ. ବି—ଅସ୍ଥିର ବାଲୁକା; ବୁଯୁଲା ବାଲି, ଯହିଁରେ ଗୋଡ଼ ଖଲ ପଡ଼େ—Quicksand.
Bhuṣā bāli
ধসা বালি धसा बालु

**ଭୁଷା ମାଟି**—ଦେ. ବ—ଶିଥିଳ ମୃତ୍ତିକା—
Bhusā māṭi Loose soil.
धसा माटी **भुसनी मिट्टी** .

**ଭୁଷି**—ଦେ. ବ. (ସଂ. ବୁଷ)—**ଫେଲଡ଼;** ଯବ, ଗୋଧୂମାଦିର ଚୋପା ବା
Bhusi ଛଣ—The chaff of wheat or barley;
भूसो **चूर, भूस, भूसी** bran; husk.

**ଭୁଷି ଚିଙ୍ଗୁଡ଼ି**—ପ୍ରାଦେ. (ଗଞ୍ଜାମ) ବ. ( ଭୁଲ. ବ. ଦୁଷୋ ଚିଂଗଡୀ )—
Bhusi chiṅgurḍi ଏକ ପ୍ରକାର ଛୋଟ ଚିଙ୍ଗୁଡ଼ି ମାଛ—
A kind of small shrimp.

**ଭୁଶୁକା**—ଭୁଷ୍କା ( ଦେଖ )
Bhuśukā Bhuskā ( See )

**ଭୁଶୁକି**—ଭୁଷ୍କି ( ଦେଖ )
Bhuśuki Bhuski ( See )

**ଭୁଶୁଣ୍ଡା**—ଦେ. ବଣ. ପୁଂ—ପୃଥୁଳ ଅଥଚ ଅକାମିକା ବା ଅସୁନ୍ଦର
Bhuśuṇḍā ଲୋକ—Fat, idle and ugly (person.)
षण्डामार्का **मुषण्डा** ( ଭୁଶୁଣ୍ଡୀ—ସ୍ତ୍ରୀ )

**ଭୁଶୁଣ୍ଡୀ**—ସଂ. ବ ( ଯୋଗବାଶିଷ୍ଠ ରାମାୟଣ ବର୍ଣ୍ଣିତ )—ତ୍ରିକାଳଜ୍ଞ;
Bhuśuṇḍi ତ୍ରିଯୁଗଦର୍ଶୀ କାକ; ଚିରଞ୍ଜୀବୀ କାକ—A mythological immortal crow.
ଭୁଷଣ୍ଡ, ଭୁଷଣ୍ଡୀ, ଭୁଶୁଣ୍ଡୀକାକ } ଅନ୍ୟରୂପ [ ଦ୍ର—ଏ କାକ ବହୁ ଭୁଣ୍ଡରେ ସ୍ନାନ କରି ଚତୁର୍ଭୁଜ ହୋଇ ଓ ଚିରଞ୍ଜୀବୀ ହେଲେ; ସ୍ୱର୍ଗ ବଡ଼ ଦେଉଳର ଗୋଟିଏ ଭୁଣ୍ଡରେ ଭୁଶୁଣ୍ଡୀକାକର ମୂର୍ତ୍ତି ଅଛି । ]

**ଭୁଶୁଡ଼ା**—ଦେ. ବ—( ସଂ. ଧ୍ୱସ୍ତ )—ଭୁଶୁଡ଼ିବା ( ଦେଖ )—
Bhusurḍā Bhusurḍibā ( See ). ବଣ—ଭୁଶୁଡ଼ି ଯାଇ
धसा ଥିବା—Whose edges or banks have fallen
**घसना** down. ( ଯଥା—କୂଅ ଭୁଶୁଡ଼ିବା । )
धसा **घसाहुआ**

**ଭୁଶୁଡ଼ି(ରି,ଲି)ବା**—ଦେ. କ୍ରି.(ସଂ. ଭ୍ରଷ୍ଟ, ଭୁଲ. ପ୍ରା. ଭ୍ରଂସିତେ କମ୍ପା ସଂ.
Bhusurḍi(ri,li)bā ଧ୍ୱଲ୍ ଧାତୁ ଦୃଷ୍ଟ)—୧ । ନଦୀର ବା କୂପାଦିର
ଭୁଶୁଡ଼ି ପଡ଼ିବା, ଭୁଶୁଡ଼ି ଯିବା } ଅନ୍ୟରୂପ କୂଳର ମାଟି ଖସିଯାଇ ତଳକୁ ଖସି ପଡ଼ିବା—1.To collapse;to come
धसेयाओया; धसखाओया down (said of portion of the
**घसना; घसजाना** soil on the bank of a river or
well. ୨ । ସ୍ଖଳିତ ହେବା; ସ୍ଥାନଚ୍ୟୁତ ହେବା—2. To
give way. (ଉ—ଭୁଶୁଡ଼ିବନ୍ତି ସଜାବୃନ୍ଦ ନଯୁମ ଧନ୍ଦ—
କବିସୂର୍ଯ୍ୟ. ବଣୋଗ୍ରୀଚନ୍ଦ୍ର. ଭ ଗୀତ । )

**ଭୁଶୁଣ୍ଡି(ଶଣ୍ଡି)**—ସଂ. ବ. ସ୍ତ୍ରୀ—ପ୍ରାଚୀନ ଭାରତର ଅଗ୍ନେୟାସ୍ତ୍ର ବିଶେଷ—
Bhusu(sa)ṇḍi A kind of firearm of ancient
India. [ ଦ୍ର—ଏହା ବାବୁଡ଼ସୁ ପରମିତ ଲମ୍ବା, ବଡ଼ ବଡ଼
ଗଣ୍ଠିଯୁକ୍ତ ଓ ସ୍ଥୂଳକାୟ । ଏହାର ବର୍ଣ୍ଣ କୃଷ୍ଣ, ଏହା ସର୍ପପରି
ଭୟଦର୍ଶନ । ଏହା ପାତନ ଏବଂ ଘୂର୍ଣ୍ଣନ ଉଭୟ ଗତି
ବିଶିଷ୍ଟ । ]

**ଭୁଷ**—ପ୍ରାଦେ. (ଯାଜପୁର) ବ—**ଛୋଟ** ଚିଙ୍ଗୁଡ଼ି ମାଛ—
Bhusha A kind of small-sized shrimp.

**ଭୁଷ(ସ)ଣ୍ଡି**—ସଂ. ବ—ବିକ୍ଷେପଣୀୟ ଯନ୍ତ୍ରାସ୍ତ୍ର; ଅସ୍ତ୍ରବିଶେଷ—A kind
Bhusha(sa)ṇḍi of weapon; a weapon used in
throwing at the enemy.

**ଭୁଷିବା**—ଦେ. କ୍ରି ( ସଂ. ଉଦ୍ ଧାତୁ କମ୍ପା ଦୃଷ୍ ଧାତୁ )—୧ । ମୁନିଆଁ
Bhusibā ଅସ୍ତ୍ରଦ୍ୱାରା ବା ଶୃଙ୍ଗଦ୍ୱାରା କେଞ୍ଚିବା; ଭୁଞ୍ଜିବା—
गोता मारा 1. To gore; to give a thrust with a
**ढाही लगाना, चीरना** pointed weapon or horn).
(ଭୁଷିଦେବା—ଅନ୍ୟରୂପ) ୨ । ଗାତରେ ମାଟି ଭର୍ତ୍ତି କରି ବାଡ଼ିରେ
ଖୁନ୍ଦିବା—2. To ram earth
into a hole.

**ଭୁଷି ହେବା**—ଦେ. କ୍ରି—ମୁନିଆଁ ଅସ୍ତ୍ର ବା ଶୃଙ୍ଗଦ୍ୱାରା ଫୋଡ଼ି ହୋଇ
Bhusi hebā ଯିବା—To be pierced with a sharp
weapon or the horn of an animal. [ଉ—
ଯେ ଶିଶୁକୁ ନୟନଲୁନ୍ତରେ ଦନେ ଜୋହୁଥିବ ଭୁଷି
କବିସୂର୍ଯ୍ୟ. ସଙ୍ଗୀତ କଲ୍ପଲତା । ]

**ଭୁଷ୍କା**—ପ୍ରାଦେ ( ସମ୍ବଲପୁର ) ବଣ—ମୋଟା; ଗେଧା; ସ୍ଥୂଳକାୟ (ପୁରୁଷ)
Bhuskā (ଭୁଷ୍କୀ—ସ୍ତ୍ରୀ) —Fat ( man ).

**ଭୁସ୍ତୃଣ**—ସଂ. ବ—ଗନ୍ଧମାଳୀ ( ଦେଖ )—Gandhamātri (See)
Bhustruṇa [ ଦ୍ର—କବିରାଜ ହରେକୃଷ୍ଣ ମିଶ୍ରଙ୍କ ଦ୍ରବ୍ୟଗୁଣ । ]

**ଭୂ (ଧାତୁ)**—ସଂ—୧ । ହେବା—1. To be. ୨ । ଜନ୍ମିବା—
Bhū (root) 2. To be born.

**ଭୂ**—ସଂ. ବ ( ଭୂ ଧାତୁ + କର୍ତ୍ତୃ. କ୍ୱିପ୍ )—୧ । ପୃଥିବୀ—1. The
Bhū world. ୨ । ପାତାଳ—2. The nether regions.
୩ । ଭୂମି—3. The earth. ୪ । ପ୍ରଦେଶ; ଅଞ୍ଚଳ —
4. Country; tract of country. ୫ । ଯଜ୍ଞାଗ୍ନି
—5. Sacrificial fire. ୬ । ଆଧାର—6.
Receptacle. ବଣ ( ଅନ୍ୟ ଶବ୍ଦ ସଙ୍ଗେ ଲଗେ,
ଯଥା ଆତ୍ମଭୂ, ସ୍ୱୟମ୍ଭୂ )—ଯେ ଜନ୍ମେ—Born of.

**ଭୂଃ**—ସଂ. ଅ ( ଭୂ ଧାତୁ + କର୍ତ୍ତୃ. ସୁକ୍ )—ସପ୍ତଭୁବନ ମଧ୍ୟରୁ ପ୍ରଥମ
Bhūḥ ଭୁବନ—The first of the seven worlds.

**ଭୂଅଖଣ୍ଡ**—ଗ୍ରା. ବ ( ସଂ. ଭୂଖଣ୍ଡ )—ସମଗ୍ର ପୃଥିବୀ—
Bhūakhaṇḍa The entire world.

**ଭୁଇଁ (ଇତ୍ୟାଦି)**—ଦେ. ବ—ଭୂଇଁ ଇତ୍ୟାଦି ( ଦେଖ )
Bhuin (etc) Bhuin etc (See)
[ ଉ—ମୋହର ତପୋବନ ଭୁଇଁ, ଅତି ସୁଗନ୍ଧ କଲୁ
ଭୁଇଁ । ଜଗନ୍ନାଥ. ଭାଗବତ । ]

**ଭୁଇଁ କଇଠ(ଥ)**—ଦେ ( ବୈଦ୍ୟକ ) ବ—ଏକପ୍ରକାର ବନ୍ୟଗଛ—
Bhuiñ kaiṭha(tha) [ ଦ୍ର—ଏହାର ମୂଳ ବଟିଆ ମହତ
ସହିତ ବାଟି ଖାଇଲେ ଦାରୁଣ ବାତବ୍ୟାଧି ବିନଷ୍ଟ ହୁଏ ।
ଦ୍ରବ୍ୟଗୁଣ. କଳ୍ପଦ୍ରୁମ । ]—A kind of wild tree.

**ଭୁଇଁ କ(କୋ)ରୁଆଁ**—ପ୍ରାଦେ ( ଗଡ଼ଜାତ ) ବ—ସୁଗନ୍ଧ ବନ୍ୟ ପୁଷ୍ପ
Bhuin ka(ko)ruāñ ବିଶେଷ—A kind of wild flower
of sweet smell.

ଭୂଇଁ କାମଡ଼ା—ଦେ. ( ବୈଦ୍ୟକ ) ବି—ଏକପ୍ରକାର ଲତା [ ଦ୍ର—
Bhūiñ kāmardā ଏହାର ପତ୍ରରସ ଦୁଧ ସହିତ ବାଟି ପାନ କଲେ ମେହରୋଗ ପ୍ରଶମିତ ହୁଏ । ଦ୍ରବ୍ୟଗୁଣ କଳ୍ପଦ୍ରୁମ]
A kind of medicinal creeper Merremia Emarginata. [ ଦ୍ର—ଏହା କଲମ୍ବୀବର୍ଗର ଲତା; ଭୂମିରେ ମାଡ଼େ; ଏହାର ପତ୍ର ଗଣ୍ଠିରୁ ଚେର ବାହାରେ; ପତ୍ର ଅର୍ଦ୍ଧଚନ୍ଦ୍ରାକାର, ଡେଙ୍ଗା ଲମ୍ବ, ଫୁଲ ଛୋଟ ହଳଦିଆ—ଯୋଗେଶଚନ୍ଦ୍ର । ]

ଭୂଇଁ ଚକୁଣ୍ଡା—ଦେ. ବି—ବନ୍ୟଗୁଳ୍ମବିଶେଷ—[ ଦ୍ର—ଏହାର ମୂଳ
Bhūiñ chākundā ପତ୍ରର କ୍ୱାଥ ଓ ଚୂର୍ଣ୍ଣ ମୃଦୁ ବିରେଚକ ଓ ଢେ, ଡାଗେଡ଼ୁ ମେହବ୍ରଣ ଓ କଫନାଶକ । ଏହାର ଅନ୍ୟାନ୍ୟ ଗୁଣ ଚକୁଣ୍ଡା ତୁଲ୍ୟ । ଦ୍ରବ୍ୟଗୁଣ କଳ୍ପଦ୍ରୁମ । ] A kind of medicinal plant.

ଭୂଇଁ ପଟକା—ପ୍ରାଦେ (ବାଲେଶ୍ୱର) ବି—ଛୋଟ ସୂତା ଗୁଡ଼ାଇ ତିଆରି
Bhūiñ paṭakā ହୋଇଥିବା ଗୋଲାକୃତି ପଟକାବିଶେଷ—
A kind of crackers. [ ଦ୍ର—ଏହାକୁ ଭୂଇଁ ଉପରେ କଚାଡ଼ି ଦେଲେ ଏହା ସଶବ୍ଦରେ ଫାଟିଯାଏ । ]

ଭୂ କଦମ୍ବ—ସଂ. ବି—ଭୂଇଁ କଦମ୍ବ (ଦେଖ)
Bhū kadamba Bhūiñ kadamba (See).

ଭୂ କମ୍ପ—ସଂ. ବି—(୬ଷ୍ଠୀ ତତ୍ପୁରୁଷ; ଭୂ+କମ୍ପ)—ଭୂମିକମ୍ପ—
Bhū kampa Earth-quake.
(ଭୂକମ୍ପନ, ଭୂଚଳନ—ଅନ୍ୟରୂପ )

ଭୂ କର୍ଣ୍ଣ—ସଂ. ବି (୬ଷ୍ଠୀ ତତ୍; ଭୂ+କର୍ଣ୍ଣ)—ବିଷୁବରେଖାର ବ୍ୟାସାର୍ଦ୍ଧ—
Bhū karnna The radius of the equator.

ଭୂକାନ—ସଂ. ବି (୬ଷ୍ଠୀ ତତ୍; ଭୂ+କାନ)—ନୀଳବର୍ଣ୍ଣ କପୋତ—
Bhūkāna Blue pigeon.

ଭୂ କୁଷ୍ମାଣ୍ଡ—ସଂ. ବି—ଭୂଇଁ କଖାରୁ (ଦେଖ)
Bhū kushmānda Bhūiñ kakhāru (See).

ଭୂ କେଶ—ସଂ. ବି—୧ । ଶୈବାଳ; ଶିଉଳ—1. Moss,
Bhū kesa ୨ । ବଟବୃକ୍ଷ—2. The banian tree.

ଭୂ କେଶା—ସଂ. ବି. ସ୍ତ୍ରୀ—ରାକ୍ଷସୀ—
Bhū kesā Demoness.

ଭୂ ଖଣ୍ଡ—ସଂ. ବି (୬ଷ୍ଠୀ ତତ୍)—ପୃଥିବୀର ଅଂଶ ବା ଅଞ୍ଚଳବିଶେଷ—
Bhū khanda A division of the globe; a tract of country.

ଭୂ ଖର୍ଜୁର—ସଂ. ବି—ଭୂଇଁ ଖଜୁରି (ଦେଖ)
Bhū kharjjura Bhūiñ khajuri (See).

ଭୂ ଗର୍ଭ—ସଂ. ବି (୬ଷ୍ଠୀ ତତ୍; ଭୂ+ଗର୍ଭ)—୧ । ପୃଥିବୀର ଅଭ୍ୟନ୍ତର;
Bhū garbha ମାଟିତଳ—1. The bowels of the earth. ୨ । ଭବଭୂତି କବି—2. A name of the poet Bhababhūti.

ଭୂଗର୍ଭନିହିତ—ସଂ. ବିଣ (୭ମୀ ତତ୍, ଭୂଗର୍ଭ+ନିହିତ)—ମାଟିତଳେ
Bhūgarbhanihita ସ୍ଥିତ—Deposited or situated in the lower strata or region of the earth.

ଭୂଗର୍ଭ ବିଦ୍ୟା (ଶାସ୍ତ୍ର)—ସଂ. ବି (ଅଧୁନିକ)—ଯେଉଁ ଶାସ୍ତ୍ରରେ ପୃଥିବୀର
Bhūgarbha bidyā (śāstra) ଅଭ୍ୟନ୍ତରସ୍ଥ ତଥ୍ୟମାନ
(ଭୂବିଦ୍ୟା—ଅନ୍ୟରୂପ) ଆଲୋଚିତ ହୋଇଅଛି—Geology.

ଭୂଗୋଳ—ସଂ. ବି ଭୂ=ପୃଥିବୀ+ଗୋଳ=ମଣ୍ଡଳ—୧ । ଗୋଲାକାର
Bhūgola ପୃଥିବୀ—1. The terrestrial globe. ୨ । ଭୂମଣ୍ଡଳ—2. The earth. ୩ । ପୃଥିବୀର ଉପରସ୍ଥ ବିଷୟ-ସମ୍ବନ୍ଧୀୟ ତତ୍ତ୍ୱଜ୍ଞାପକ ବିଦ୍ୟାବିଶେଷ—3. Geography. [ ଦ୍ର—ଭୂଗୋଳ ତ୍ରିବିଧ; ରାଜନୈତିକ, ପ୍ରାକୃତିକ ଓ ବାଣିଜ୍ୟିକ । ]

ଭୂଗୋଳ(ଲ)କ—ସଂ. ବି. (ଭୂଗୋଳ+ସ୍ୱାର୍ଥେ. କ)—ପୃଥିବୀମଣ୍ଡଳ,
Bhūgola(la)ka ପିଣ୍ଡାକୃତି ପୃଥିବୀ—The terrestrial globe.

ଭୂଗୋଳ ବିଦ୍ୟା—ସଂ. ବି—ଯେଉଁ ବିଦ୍ୟାଦ୍ୱାରା ପୃଥିବୀର ଆକୃତି, ଗତି,
Bhūgola bidyā ଧର୍ମ, ବିଭାଗ, ସମ୍ବନ୍ଧ ପ୍ରଭୃତି ଜଣାଯାଏ—Geography.

ଭୂଗୋଳ ବିବରଣ—ସଂ. ବି (୬ଷ୍ଠୀ ତତ୍; ଭୂଗୋଳ+ବିବରଣ) —
Bhūgola bibarana ପୃଥିବୀର ବିବରଣ—Geographical
(ଭୂଗୋଳ ବୃତ୍ତାନ୍ତ—ଅନ୍ୟରୂପ) description of the earth.

ଭୂ ଚକ୍ର—ସଂ.ବି—୧ । ପୃଥିବୀର ପରିଧି—1. The circumference
Bhū chakra of the globe. ୨ । ବିଷୁବରେଖା (ଜ୍ୟୋ. ଶା)—2. The equator. ୩ । ଅୟନ ବୃତ୍ତ (ଜ୍ୟୋ. ଶା)—3. The ecliptic. ୪ । କ୍ରାନ୍ତିବୃତ୍ତ (ଜ୍ୟୋ. ଶା)—4. Equinoctial circles.

ଭୂ ଚଣକ—ସଂ. ବି (ଆଧୁନିକ—ଭୂଇଁଚଣା, ଚୀନାବାଦାମ, ମୁଗଫଳି—
Bhū chanaka Ground nut; (Arachis Hypogoea.

ଭୂ ଚମ୍ପକ—ସଂ. ବି—ଭୂଇଁ ଚମ୍ପା (ଦେଖ)—
Bhū champaka Bhūiñ champā (See).

ଭୂ ଚର—ସଂ. ବିଣ. ପୁଂ (ଭୂ+ଚର୍ ଧାତୁ+କର୍ତ୍ତୃ. ଅ)—ସ୍ଥଳଚର; ଯେ
Bhū chara ପୃଥିବୀ ଉପରେ ବିଚରଣ କରେ—Roaming on
(ଭୂଚରୀ—ସ୍ତ୍ରୀ) the earth. ସଂ. ବି—୧ । ମନୁଷ୍ୟାଦି ସ୍ଥଳଚର ଜୀବ—1. Animals moving on the land. ୨ । ଶିବ (ଜ୍ୟୋ. ଶା)—2. Siba. ୩ । ତନ୍ତ୍ର ଅନୁସାରେ ଏକ ପ୍ରକାର ସିଦ୍ଧି, ଯହିଁ ଫଳରେ ସାଧକର କୌଣସି ସ୍ଥାନ ଅଗମ୍ୟ, କୌଣସି ବସ୍ତୁ ଅପ୍ରାପ୍ୟ ଓ କୌଣସି ବିଷୟ ଅଦୃଶ୍ୟ ରହେ ନାହିଁ ( ଜ୍ୟୋ. ଶା )—3. A sort of success in Tantric exercise in which a person can go any where and can see and do any thing.

ଭୂ ଚିତ୍ର—ସଂ. ବି (୬ଷ୍ଠୀ ତତ୍; ଭୂ+ଚିତ୍ର)—ପୃଥିବୀର ମାନଚିତ୍ର—
Bhū chitra Map of the world.

ଭୂ ଛାୟା—ସଂ. ବି—(୬ଷ୍ଠୀ ତତ୍; (ଭୂ+ଛାୟା)—୧ । ପୃଥିବୀର ଛାୟା—
Bhū chhāyā 1. The shadow of the earth. ୨ । ରାହୁ—2. The Dragon's head; the ascending node; the shadow of the earth fall-

ing on the moon causing ecipse. ୩ । ଅନ୍ଧକାର—3. Darkness.

**ଭୂଞ୍ଜା**—ଦେ. ବ—ଭୂଇଁଆ (ଦେଖ)—
Bhūñjā Bhuiāñ (See)

**ଭୂତ**—ସଂ. ବ—(ଭୂ ଧାତୁ+କର୍ତ୍ତୃ. ତ)—୧ । ବାୟୁଚର ଦେବଯୋନି
Bhūta ବିଶେଷ—1. A class of aerial beings. ୨ । ପିଶାଚ—2. Ghosts; evil spirits. [ଦ୍ର—ସବୁ ଦେଶରେ, ସବୁ କାଳରେ, ସବୁ ଜାତିରେ 'ଭୂତ'ମାନଙ୍କ ସମ୍ବନ୍ଧରେ ନାନା କଳ୍ପନା ଓ ବିଶ୍ୱାସ ଅଛି । ଯେଉଁ ଜୀବମାନଙ୍କ ଆତ୍ମା ନ ମୋକ୍ଷଗତି ପ୍ରାପ୍ତ ନ ହୋଇ ସ୍ୱର୍ଗକୁ ଯାଇ ନ ଥାନ୍ତି ସେମାନେ ଭୂତ ବା ପ୍ରେତରୂପେ ନାନା ସ୍ଥୂଳ ଓ ସୂକ୍ଷ୍ମରୂପ ଧାରଣ କରି ପୃଥିବୀରେ ବିଚରଣ କରନ୍ତି । ଏମାନେ ରାତିରେ ବାହାରନ୍ତି ଓ ଶ୍ମଶାନ, ନିର୍ଜ୍ଜନ ସ୍ଥାନ ଓ ମହାରଣ୍ୟରେ ରହନ୍ତି ଓ ଇଚ୍ଛାନୁସାରେ ଭିନ୍ନ ଭିନ୍ନ ରୂପ ଧାରଣ କରନ୍ତି । ଏମାନେ ଲୋକଙ୍କ ଉପରେ ସମୟେ ସମୟେ ନାନା ଅତ୍ୟାଚାର କରନ୍ତି ଓ ବାଳକ ବାଳିକା ଯୁବକ ଯୁବତୀ ଓ ସ୍ତ୍ରୀମାନଙ୍କର ଦେହରେ ପ୍ରବେଶ କରନ୍ତି । ଏମାନେ କୌଣସି କୌଣସି ଗୃହକୁ ଅଧିକାର କରି ସେଠାରେ ନାନା ଅଲୌକିକ ଘଟଣା ଘଟାନ୍ତି । ମୃତ ବ୍ୟକ୍ତିଙ୍କ ଆତ୍ମା 'ଭୂତ' ହେବା କଥା ବର୍ତ୍ତମାନ ପାଶ୍ଚାତ୍ୟମାନେ ସ୍ୱୀକାର କରୁଅଛନ୍ତି ଓ ଭୂତମାନଙ୍କୁ ନିମନ୍ତ୍ରଣ କରି ଲୋକମାନଙ୍କୁ ସେମାନଙ୍କ କ୍ରିୟାକଲାପ ଦେଖାଉଅଛନ୍ତି । ] ୩ । ଶିବଙ୍କର ଅନୁଚର ବା ଗଣସମୂହ—3. The attendants of Siba. ୪ । ଜଗତର ପଞ୍ଚ ମୌଳିକ ଉପାଦାନ (ଯଥା:—(କ୍ଷିତି) ପୃଥିବୀ, (ଅପ୍) ଜଳ, (ତେଜଃ) ଅଗ୍ନି, (ମରୁତ୍) ବାୟୁ ଓ (ବ୍ୟୋମ) ଆକାଶ—4. The five primordial elements of the creation ( viz, the earth, water, fire, air and ether. ) ୫ । ପ୍ରାଣୀ; ଜୀବ; ଜନ୍ତୁ—5. Animals; animated beings. ୬ । ତତ୍ତ୍ୱ;ସତ୍ୟ-6. Eternal or fundamental truths. ୭ । ଅତୀତ ସମୟ—7. The past. ୮ । ତତ୍ତ୍ୱାନୁସନ୍ଧାନ—8. Investigation of facts; enquiry about an affair. ୯ । କାର୍ତ୍ତିକେୟ (ହି. ଶ)—9. Kārttikeya. ୧୦ । ଯୋଗୀନ୍ଦ୍ର (ହି. ଶ)—10. A pre-eminent Jogi. ୧୧ । ପ୍ରେତ ପିଶାଚ ଆଦିଙ୍କ ଉପଦ୍ରବ ଶାନ୍ତି କରିବା ଔଷଧ (ହି. ଶ)—11. Any medicine which protects a person from the attack of ghosts. ୧୨ । ଲୋଧ୍ର ବୃକ୍ଷ (ହି.ଶ) 12. Simplocus Racemosus. ୧୩ । ସୃଷ୍ଟ ଜଡ଼ ବା ଚେତନ ବସ୍ତୁ (ହି. ଶ)—13. Created thing; animate or inanimate object. ୧୪ । କୃଷ୍ଣ ପକ୍ଷ (ହି. ଶ)—14. The dark lunar fortnight. ୧୫ । ମୃତ ଶରୀର; ଶବ (ହି. ଶ)—15. Dead body. ୧୬ । ମୋକ୍ଷ ପ୍ରାପ୍ତ ହୋଇ ନ ଥିବା ମୃତ ପ୍ରାଣୀଙ୍କର ଆତ୍ମା; ପ୍ରେତ—16. The souls or spirits of dead beings who have not yet attained salvation ୧୭ । ( ବ୍ୟାକରଣ ) ଅତୀତ ହୋଇଥିବା କ୍ରିୟାର କାଳ—17. (grammar) The past tense. ୧୮ । ବୃତ୍ତ ( ହି. ଶ )—18. Circle. ସଂ. ବିଣ—୧ । ଅତୀତ; ଗତ—1. Past; gone. ୨ । ଜ୍ଞାତ—2. Known. ୩ । ଉତ୍ପନ୍ନ—3. Produced. ୪ । ଲବ୍ଧ—4. Obtained. ୫ । ଉଚିତ—5. Proper. ୬ । ସ୍ୱରୂପ, ତୁଲ୍ୟ; ସଦୃଶ—6. Equal; similar. ୭ । ଉପାସିତ—7. Worshipped. ୮ । ସତ୍ୟ—8. True. ୯ । ( ଅନ୍ୟ ଶବ୍ଦ ସଙ୍ଗେ ଯୁକ୍ତ ହେଲେ ଯଥା—ବାଷ୍ପୀଭୂତ, ଜଳୀଭୂତ, ମୃତ୍ତିଭୂତ, ) ପରିଣତ—9. Changed into. ୧୦ । ଅବସ୍ଥିତ—10. Existing on. ୧୧ । ଯୁକ୍ତ; ମିଳିତ ( ହି. ଶ )—11. Joined; mixed. ଦେ. ( ଲକ୍ଷଣାର୍ଥ ) ବିଣ—୧ । ଅବିବେଚକ—1. Thoughtless. ୨ । ପ୍ରେତ ପରି ବିଚରଣଶୀଳ—2. Wandering like a ghost. ୩ । ଦୁରନ୍ତ; ଦୁଷ୍ଟ—3. Wicked. ୪ । ଭୂତପରି ଦେଖିବାକୁ କଦର୍ଯ୍ୟ—4. Ugly-looking like a ghost.

**ଭୂତ ଉଠା(ଠେ)ଇବା**—ଦେ. ବ—ନିଦ୍ରାବସ୍ଥାରେ ଶଯ୍ୟାରୁ ଉଠି
Bhūta uṭhā(ṭhe)ibā ବାହାରେ ବିଚରଣ କରିବାରୂପ ଏକ-
ଭୂତ ଲାଗିବା } ଅନ୍ୟରୂପ ପ୍ରକାର ରୋଗ--(a disease)
ଭୂତ ରାତିରେ ଉଠାଇବା } Somnambulism.
निशि पाओया(लागा) sleep—walking. [ ଦ୍ର—ଏ ରୋଗ-
नीदमे चलाफीरा करना ଗ୍ରସ୍ତ ବ୍ୟକ୍ତି ନିଦ୍ରିତ ଥିବା ଅବସ୍ଥାରେ ତାକୁ କିଏ ଡାକୁଥିବା ପରି ସ୍ୱପ୍ନ ଦେଖି ନିଦ ମଳମଳ ହୋଇ ଶଯ୍ୟା ତ୍ୟାଗ କରି ଘରୁ ବାହାରିଯାଇ ବୁଲେ ଓ ନିଦ୍ରିତ ଅବସ୍ଥାରେ ନାନାକାର୍ଯ୍ୟ କରେ ( ଯଥା—ଗୁଲେ, ପାଣି ବୁହାଏ ଓ ଲେଖାପଢ଼ି କରେ ); କିନ୍ତୁ ପ୍ରକୃତରେ ଏ କାର୍ଯ୍ୟମାନ କରୁଥିଲା ବେଳେ ସେ ଶୋଇଥାଏ ଓ ନିଦ ଭାଙ୍ଗିଗଲେ ଏ କଥାସବୁ ତାର ସ୍ମରଣ ନ ଥାଏ । ଲୋକେ ବିଶ୍ୱାସ କରନ୍ତି ଯେ ସେ ଲୋକକୁ ଭୂତ ଉଠାଇ ନେଇ ପଛକୁ ହାଡ଼ହାଡ଼ି ପିଟି ମାରି ପକାଏ । ]

**ଭୂତ କାରଖା(ଖେ)ନା**—ଦେ. ବ ( ସଂ. ଭୂତ+ଫା॰ କାରଖାନାହ୍ )—
Bhūta kārakhā(khe)nā ୧ । ଯେଉଁ କାର୍ଯ୍ୟ ବା ଅନୁଷ୍ଠାନରେ
ভূতের কারখানা ବହୁ ବୃଥା ପରିଶ୍ରମ କରାଯାଏ; ଉଦ୍ଦେଶ୍ୟ-
भूत कारखाना ବିହୀନ ବା ଫଳବିହୀନ କାର୍ଯ୍ୟ—1. A work of fruitless labour; a wild goose chase. ୨ । ଅନିର୍ଦ୍ଦିଷ୍ଟସ୍ୱାମିକ ବିଷୟ—2. An affair in which there is no master

ଭୂତ କାଳ—ସଂ. ବି ( କର୍ମଧା; ଭୂତ+କାଳ )—୧ । ଅତୀତ ସମୟ—
Bhūta kāla 1. The past. ୨ । ବ୍ୟାକରଣରେ କ୍ରିୟାର ୩ ପ୍ରଧାନ କାଳ ମଧ୍ୟରୁ ପୂର୍ବେ ଘଟି ଯାଇଥିବା ବିଷୟ-ସୂଚକ କାଳ—2. ( grammar ) The past tense.

ଭୂତ କେଶୀ—ସଂ. ବି—ଏକପ୍ରକାର ସୁକ୍ଷ୍ମ ତୃଣ—Coridalis Govaniana; a herbarious plant. [ ଦ୍ର
Bhūta kesi
ভূইকেশ ଏହା ପଶ୍ଚିମ ହିମାଳୟର ଘାସବିଶେଷ; ଏହାର ଚେର
मूतकेश: भूतकिस ଚାଙ୍ଗୁଆ, ମୂଳ ଉମ୍ମିସ୍ରୋଗ ଔଷଧରେ ଲାଗେ । ]

ଭୂତ ଖାନା –ଦେ. ବି—୧ । ( ଲକ୍ଷଣାର୍ଥ ) ଯେଉଁ ସ୍ଥାନରେ ଅନେକ
Bhūta khānā ଦୁଷ୍କର୍ମୀ ଓ ଦୁଷ୍ଟ ଲୋକ ଜମା ହୋଇ-
ভূতখানা ଥାଆନ୍ତି—1. ( figurative ) A rendezvous
भूतखाना; प्रेतखाना of evil and wicked persons. ୨ । ( ଲକ୍ଷଣାର୍ଥ ) ଅନିର୍ଦ୍ଦିଷ୍ଟ-ସ୍ୱାମିକ ବିଷୟ—2. ( figurative ) An affair having no master. ୩ । ଯେଉଁ ଘରେ ଭୂତ ଥିବାର ଲୋକେ ବିଶ୍ୱାସ କରନ୍ତି—3. A haunted house. ୪ । ( ଲକ୍ଷଣାର୍ଥ ) ଯେଉଁ ବଡ଼ ଘରମାନଙ୍କରେ କେହି ଲୋକ ବାସ କରନ୍ତି ନାହିଁ ଓ ଯାହା ନିର୍ଜନ ଓ ଅପରିଷ୍କୃତ ହୋଇ ପଡ଼ି ରହିଥାଏ—4. ( figurative ) An uninhabited big house or houses which remain unclean and uncared for. [ ଦ୍ର— ଲୋକେ ବିଶ୍ୱାସ କରନ୍ତି ଯେ କୌଣସି ଘରେ ବହୁକାଳ କେହି ବାସ ନ କଲେ ସେ ଘରେ ଭୂତ ପ୍ରେତ ଆଦି ରହନ୍ତି ଓ ସେଠାକୁ ଲୋକେ ବାସ କରିବାକୁ ଗଲେ ଉକ୍ତ ଭୂତମାନେ ସେଠାରେ ନାନା ଉତ୍ପାତ ଓ ଅଲୌକିକ କାଣ୍ଡ କରନ୍ତି । ଭୂତମାନେ ନାନା ଭୟଙ୍କରରୂପ ଧାରଣ କରି ଓ ପୁଣି ଅଦୃଶ୍ୟ ହୋଇଯାଇ ଲୋକଙ୍କୁ ଡରାନ୍ତି । କୌଣସି ଗଡ଼ଜାତରେ ରାଜାଙ୍କ ଅତିଥିରୂପେ ଗୋଟିଏ ଭୂତାଧିକୃତ ଘରେ ଏ ଗ୍ରନ୍ଥସଂଗ୍ରାହକ ୩।୪ ଦିନ ଅବସ୍ଥାନ କରିଥିଲେ । ସେ ଘରେ ଉଚ୍ଚ ଉଚ୍ଚ କୋଠରିରେ କେତେକ୍ଷଣ-ପରେ 'ଭୁନ୍' ଶବ୍ଦ ଶୁଣାଯାଏ । ଆମ୍ଭେମାନେ ଯେଉଁ କୋଠରିରେ ଥାଉଁ ତହିଁର ନିକଟବର୍ତ୍ତୀ କୋଠରିରେ ଏ ଶବ୍ଦ ଶୁଣାଯାଏ, ଆମ୍ଭେମାନେ ସେ କୋଠରିକୁ ଗଲାବେଳେ ଉକ୍ତ ଶବ୍ଦ ଆମ୍ଭମାନଙ୍କ ପୂର୍ବାଧିକୃତ କୋଠରିରେ ଶୁଣାଯାଏ । କିନ୍ତୁ ସେ ଭୂତ କାହାର ଅନିଷ୍ଟ କରିବାର ଶୁଣାଯାଏ ନାହିଁ । କଟକ ସହରରେ ଆମ୍ଭମାନଙ୍କ ବସା ପାଖେ ଗୋଟିଏ ଭଦ୍ରବ୍ୟକ୍ତିଙ୍କ ବସାରେ ହଠାତ୍ କେତେ ଭୂତର ଉପଦ୍ରବ ହେଲା । ଶୂନ୍ୟରୁ ବିଷ୍ଠା ଓ ଟେକା ପଡ଼ିଲା । ଖାଇବା ହାଣ୍ଡିରେ ଓ ଖାଇବା ପତ୍ରରେ ଓ ବନ୍ଦ ଥିବା ଅଲମାରି ଆଦିରେ ଓ କାନ୍ଥକୁଢ଼ମାନଙ୍କରେ ସଦ୍ୟଃ ଉତ୍ସୃଷ୍ଟ ବିଷ୍ଠା ଦେଖାଗଲା; ଘରେ ଥିବା ବସ୍ତ୍ରମାନ ଶୂନ୍ୟରେ ଝୁଲି କାହାରେ ଅଗ୍ନି ସଂଯୁକ୍ତ ହେଲା । ୩।୨ ମାସ ଏହା ହେବା ପରେ ଜଣେ ଗୁଣିଆ ଆସି ଏ ଉପଦ୍ରବ ବନ୍ଦ କଲେ । ]

ଭୂତ ଗଣ—ସଂ. ବି. ( ୬ଷ୍ଠୀ ତତ୍; ଭୂତ+ଗଣ )—ଶିବାନୁଚରଗଣ;
Bhūta gaṇa ଶିବଗଣ—The attendants of Siba.

ଭୂତ ଗତ—ସଂ. ବିଣ. (୭ମୀ ତତ୍; ଭୂତ+ଗତ)—ପଞ୍ଚଭୂତରେ ପ୍ରବିଷ୍ଟ
Bhūta gata ବା ମିଳିତ—Reverting to the five elements from which all created things and beings were originally born. [ଦ୍ର—ହିନ୍ଦୁ ମତରେ ଏ ସୃଷ୍ଟି ପଞ୍ଚଭୂତ ଦ୍ୱାରା ନିର୍ମିତ ହୋଇଥାଏ ଓ ଶେଷରେ ପୁଣି ପଞ୍ଚଭୂତରେ ମିଳିତ ହୋଇ ବିଲୟ ହୁଏ ।]

ଭୂତ ଗ୍ରସ୍ତ—ସଂ. ବିଣ. ପୁଂ (୩ୟା ତତ୍)—ଯାହାକୁ ଭୂତ ଲାଗିଥାଏ—
Bhūta grasta Possessed of ghosts or evil spirits.
( ଭୂତଗ୍ରସ୍ତା—ସ୍ତ୍ରୀ )

ଭୂତଘ୍ନ—ସଂ. ବିଣ ( ଭୂତ+ହନ୍ ଧାତୁ+କର୍ତ୍ତୃ. ଅ )—୧ । ଯେଉଁ
Bhūtaghna ଔଷଧାଦି ପ୍ରୟୋଗ ଦ୍ୱାରା ମନୁଷ୍ୟଠାରୁ ଭୂତ ଛଡ଼େ-
(ଭୂତଘ୍ନୀ—ସ୍ତ୍ରୀ) 1.(a medicine) Used in freeing persons possessed of evil spirits; to exorcise evil spirits from persons. ୨ । ଓଟ; ଉଷ୍ଟ୍ର—2. The camel. ୩ । ରସୁଣ—3. Garlic. ୪ । ଭୂର୍ଜ ବୃକ୍ଷ—4. Birch tree.

ଭୂତ ଚତୁର୍ଦ୍ଦଶୀ—ସଂ.ବିଣ—କାର୍ତ୍ତିକ କୃଷ୍ଣ ଚତୁର୍ଦ୍ଦଶୀ; ନରକ ଚତୁର୍ଦ୍ଦଶୀ—
Bhūta chaturddaśi The 14th day of the dark fortnight of Kārttika.
[ଦ୍ର—ଏ ଦିନ ଯମଙ୍କର ପୂଜା ଓ ତର୍ପଣ କରାଯାଏ ।]

ଭୂତ ଛଡ଼ାଇବା—ଦେ. କ୍ରି—୧ । ମନ୍ତ୍ର, ଯନ୍ତ୍ର, ଧୂପ ବା ପ୍ରହାରାଦି ଦ୍ୱାରା
Bhūta chhaṛāibā ଯେଉଁ ବ୍ୟକ୍ତିକୁ ଭୂତ ଲାଗିଥାଏ ତା
(ଭୂତ ଝାଡ଼ିବା—ଅନ୍ୟରୂପ) ଦେହରୁ ଭୂତକୁ ଦୂର କରାଇବା—
(ଭୂତ ଛଡ଼ିବା—ଅ) 1. To exorcise. ୨ । ( ଲକ୍ଷଣାର୍ଥ )
ভূত ছাড়ান, ভূত ঝাড়ান, ভূত নাবান ବ୍ୟକ୍ତିର ଦୁଷ୍ଟାମିକୁ
भूत छोडाना, भूत झाडना, भूत उतारना ଦମନ କରିବା—
2. To teach wicked person a lesson.

ଭୂତ ଜଟା—ସଂ. ବି—ଜଟା ମାଂସୀ ( ଦେଖ )
Bhūta jaṭā Jaṭā māmsi ( See )

ଭୂତ ତତ୍ତ୍ୱ—ସଂ. ବି ( ୬ଷ୍ଠୀ ତତ୍; ଭୂତ+ତତ୍ତ୍ୱ )—ପଦାର୍ଥ ବିଦ୍ୟା;
Bhūta tattwa ଜଡ଼ ବିଜ୍ଞାନ—Physics; natural science.

ଭୂ ତତ୍ତ୍ୱ –ସଂ. ବି (୬ଷ୍ଠୀ ତତ୍; ଭୂ=ପୃଥିବୀ+ତତ୍ତ୍ୱ)—ପୃଥିବୀର ଉତ୍ପତ୍ତି,
Bhū tattwa ପରିଣତି ଆଦି ସମ୍ବନ୍ଧୀୟ ବିଜ୍ଞାନ—Geology.

ଭୂତତ୍ତ୍ୱ ବିତ୍—ସଂ. ବିଣ. ପୁଂ (ଭୂତତ୍ତ୍ୱ+ବିଦ୍ ଧାତୁ=ଜାଣିବା+କର୍ତ୍ତୃ.
Bhū tattwabit କ୍ୱିପ୍ )—ଭୂତତ୍ତ୍ୱ ବିଜ୍ଞାନ ସମ୍ବନ୍ଧରେ ଅଭିଜ୍ଞ
(ଭୂତତ୍ତ୍ୱବେତ୍ତା—ଅନ୍ୟରୂପ) ବ୍ୟକ୍ତି—A geologist.

ଭୂତତ୍ତ୍ୱ ବିଦ୍ୟା—ସଂ. ବି ( ଅଧିକନ୍ତ ପ୍ରୟୋଗ )—ପୃଥିବୀର ଅବୟବରସ୍ଥ
Bhūtattwa bidyā ପଦାର୍ଥ ସମୂହର ଜନ୍ମୋତ୍ପତ୍ତିସୂଚକ ଶାସ୍ତ୍ର—Geology.
ଭୂତତ୍ତ୍ୱ ବିଜ୍ଞାନ } ଅନ୍ୟରୂପ
ଭୂତତ୍ତ୍ୱ ଶାସ୍ତ୍ର }

**ଭୂତ ଧାତ୍ରୀ**—ସଂ. ବ ( ଭୂତ—ସୃଷ୍ଟ ଜୀବ + ଧାତ୍ରୀ = ପାଳୟିତ୍ରୀ )—
Bhūta dhātrī ବସୁଧା; ଧରଣୀ; ପୃଥ୍ୱୀ—The earth.

**ଭୂତ ନାଥ**—ସଂ. ବ. ( ୬ଷ୍ଠୀ ତତ୍; ଭୂତ + ନାଥ )—୧ । ଭୂତେଶ;
Bhūta nātha ମହାଦେବ; ଶିବ—1. Śiba. ୨ । ବଟୁକ
ଭୂତ ପତି } ଅନ୍ୟରୂପ 2. Name of the leader of
ଭୂତ ନାୟକ } the attendants of Śiba.

**ଭୂତ ନାୟକ**—ସଂ ବ, ପୁଂ (୬ଷ୍ଠୀ ତତ୍; ଭୂତ+ନାୟକ)—ଶିବ—
Bhūta nāyaka Śiba.
(ଭୂତ ବନାୟକ—ଅନ୍ୟରୂପ)

**ଭୂତ ନାୟିକା**—ସଂ. ବ. ସ୍ତ୍ରୀ (୬ଷ୍ଠୀ ତତ୍; ଭୂତ + ନାୟିକା)—ଦୁର୍ଗା—
Bhūta nāyikā Durgā.

**ଭୂତ ପକ୍ଷ**—ସଂ. ବ—ଚାନ୍ଦ୍ରମାନ ମାସର କୃଷ୍ଣ ପକ୍ଷ—The dark fortnight of the lunar month.
Bhūta paksha

**ଭୂତ ପି(ଖି)ଆ**—ଦେ. ବ—ମାରୁ (ନଡ଼ିଆ); ଯେଉଁ ନଡ଼ିଆର
Bhūta pi(khi)ā ବାହାରରେ କୌଣସି ଦୋଷ ଦେଖାଯାଏ
ନାହିଁ କିନ୍ତୁ ଭିତର ଫମ୍ପା ଓ ଭିତରେ ପାଣି ବା ଶସ ନଥାଏ—
An empty cocoanut.

**ଭୂତ ପୂର୍ବ**—ସଂ. ବଣ ( ପୂର୍ବରେ ଭୂତ ଅର୍ଥାତ୍ ଘଟିଥିବା )—ପୂର୍ବତନ;
Bhūta pūrba ଯାହା ପୂର୍ବରେ ଘଟିଥିଲା—Late; recent;
former; that which existed before.

**ଭୂତ ପ୍ରଳୟ**—ସଂ. ବ. ( ୬ଷ୍ଠୀ ତତ୍; ଭୂତ + ପ୍ରଳୟ )—ସୃଷ୍ଟ ଜୀବ ଓ
Bhūta pralaya ବସ୍ତୁମାନଙ୍କର ବିନାଶ—The destruction of the created beings and things.

**ଭୂତ ପ୍ରେତ**—ସଂ. ବ (ସହଚର ଶବ୍ଦ)—ଭୂତ, ପ୍ରେତ ଓ ପିଶାଚାଦି ଦେବ-
Bhūta preta ଯୋନି—Different classes of aerial
ଭୂତ ପ୍ରେତ ପିଶାଚ } ଅନ୍ୟରୂପ beings or spirits.
ଭୂତ ପିଶାଚ }

**ଭୂତ ବର୍ତ୍ତମାନ**—ଦେ. ବ (ସହଚର)—ଅତୀତ ଓ ବର୍ତ୍ତମାନକାଳ—
Bhūta barttamāna Past and present.

**ଭୂତ ବାସ**—ସଂ. ବ—ବିଭୀତକ; ବାହାଡ଼ା (ଗଛ ଓ ଫଳ)—
Bhūta bāsa Beleric Myrobalan.

**ଭୂତ ବିଦ୍ୟା**—ସଂ. ବ—ଦେବ, ଅସୁର, ଗନ୍ଧର୍ବ, ଯକ୍ଷ, ପିଶାଚ, ନାଗ,
Bhūta bidyā ଗ୍ରହ, ଉପଗ୍ରହ ଆଦିଙ୍କ ପ୍ରଭାବରୁ ଉତ୍ପନ୍ନ ମାନସିକ
ରୋଗମାନଙ୍କ ନିଦାନ ଓ ଉପାୟଆଲୋଚକ ଆୟୁର୍ବେଦର
ଶାଖା (ସୁ. ଷ)—A branch of Hindu medical science dealing with mental diseases due to the influence of deities, ghosts, planets etc.

**ଭୂତ ବୃକ୍ଷକ**—ସଂ. ବ—୧ । ଗର୍ଣ୍ଣା ଗଛ—1. Cordia Myxa
Bhūta brukshaka (tree). ୨ । ଶୋନାକ; ଫଣଫଣା—
(ଭୂତ ବୃକ୍ଷ—ଅନ୍ୟରୂପ) 2. Bignonia Indica.

**ଭୂତ ବୈରି**—ସଂ. ବ—ଭୂତ ଅଇରି ( ଦେଖ )
Bhūta bairi Bhuta airi ( See )
(ଭୂତ ବୈରିଣୀ—ଅନ୍ୟରୂପ)

**ଭୂତଭବିଷ୍ୟତ**—ଦେ. ବ (ସହଚର)—ଅତୀତ ଓ ଭବିଷ୍ୟତ—
Bhūta bhabishyata Past and future.

**ଭୂତ ଭବ୍ୟ**—ସଂ. ବ—ସହସ୍ରନାମୋକ୍ତ ବିଷ୍ଣୁଙ୍କ ନାମ—
Bhūta bhabya A name of Bishṇu.

**ଭୂତ ଭର୍ତ୍ତା**—ସଂ. ବଣ ( ଭୂତ + ଭୃ ଧାତୁ + ତୃ; କ୍ଷ୍ୱପ୍ )—ଜୀବପାଳକ;
Bhūta bharttā ପୃଥ୍ୱୀସ୍ଥ ଜୀବମାନଙ୍କର ପାଳନକର୍ତ୍ତା—
(ଭୂତଭର୍ତ୍—ଅନ୍ୟରୂପ) Maintaining the created
beings. ସଂ. ବ—୧ । ଭଗବାନ; ନାରାୟଣ; ବିଷ୍ଣୁ;
ପରମେଶ୍ୱର—1. Bishṇu; God. ୨ । ଶିବ—
2. Śiba.

**ଭୂତ ଭାବନ**—ସଂ. ବ ( ଭୂତ+ଭୂ ଧାତୁ+ଣିଚ୍+କର୍ତ୍ତୃ. ଅନ )—୧ ।
Bhūta bhābana ଜୀବଜଗତର ସୃଷ୍ଟିକର୍ତ୍ତା ପରମେଶ୍ୱର—
1. The Creator; God. ୨ । ଶିବ; ମହାଦେବ—
2. Śiba. ୩ । ନାରାୟଣ; ବିଷ୍ଣୁ—3. Bishṇu.
୪ । ବ୍ରହ୍ମା—4. Brahmā, ୫ । ବଟୁକ ଭୈରବ—
5. An attendant of Śiba.

**ଭୂତ ଭୂତି**—ଦେ.ବ—ଅଶରୀରୀ ଅବସ୍ଥା—The state of being
Bhūta bhūti disembodied. [ ଭୂ—ସୁଷମା ସମାପତ
ହେଲା ବନ, ଭୂତଭୂତି ଲଭିଥିବ ମଦନ । ଭଞ୍ଜ. କୋଟି-
ବ୍ରହ୍ମାଣ୍ଡସୁନ୍ଦରୀ । ]

**ଭୂତ ମୟ**—ସଂ.ବଣ (ଭୂତ + ମୟ)—ପାଞ୍ଚଭୌତିକ; ପଞ୍ଚଭୂତ ଉପାଦାନରେ
Bhūta maya ପୂର୍ଣ୍ଣ—Consisting of the five
(ଭୂତମୟୀ—ସ୍ତ୍ରୀଲିଙ୍ଗ) primordial material elements.

**ଭୂତ ମୁଣ୍ଡା (ମୁଣ୍ଡିଆ)**—ଦେ. ବଣ. ପୁଂ—ଯାହାର ମୁଣ୍ଡର କେଶମାନ
Bhūta muṇḍa (muṇḍiā) ରୁକ୍ଷ, କର୍କଶ ଓ ଅଯତ୍ନବର୍ଦ୍ଧିତ
(ଭୂତମୁଣ୍ଡି (ମୁଣ୍ଡେଇ)—ସ୍ତ୍ରୀଲିଙ୍ଗ) ହୋଇଥାଏ—Having long
ଟୋକାମାଥା भूतमुण्डा unkempt hair on one's head.

**ଭୂତଯଜ୍ଞ**—ସଂ. ବ—ଜୀବମାନଙ୍କୁ ଅନ୍ନଦାନ ବା ବୈଶ୍ୱଦେବରୂପ
Bhūta jajñya ଗୃହସ୍ଥର କର୍ତ୍ତବ୍ୟ ଅନୁଷ୍ଠେୟ ବଳିଦାନ—The
daily ceremony enjoined on every householder to offer oblations of food to the created beings of the universe.

**ଭୂତ ଯୋନି**—ସଂ. ବ—ପ୍ରାଣୀମାନଙ୍କର ଭୂତ ବା ପ୍ରେତରୂପରେ
Bhūta joni ଜନ୍ମଗ୍ରହଣ—The life of a ghost or an
unemancipated spirit assumed by an animal after death (as a result of his actions).

**ଭୂ(ଭୋ)ତ ଲେଣ୍ଡିଆ**—ପ୍ରାଦେ (ବାଲେଶ୍ୱର) ବଣ—(ଗୁଡ଼ି) ଯାହାର ଲାଞ୍ଜ
Bhū(bho)ta leṇḍiā କାଗଜର ଅଗ୍ରବ ବା ଅନ୍ୟକାରଣରୁ
ଅପୂର୍ଣ୍ଣ ଥାଏ—(Paper kite) Having its tail end incomplete.

**ଭୂତଳ**—ସଂ. ବ (୬ଷ୍ଠୀ ତତ୍; ଭୂ=ପୃଥ୍ୱୀର + ତଳ)—୧ । ଧରାତଳ,
Bhū tala ପୃଥ୍ୱୀର ପୃଷ୍ଠଦେଶ ବା ଉପରଭାଗ—1. The
surface of the earth. ୨ । ପାତା...—

2. The nether regions. ॰ । ଅନାଚ୍ଛାଦିତ ଭୂମି—3. The bare surface of the earth; the bare ground.

ଭୂତଳ ଶୟନ—ସଂ. ବି ( ୭ମୀ ତତ୍; ଭୂତଳ+ଶୟନ )—ଭୂମିଶଯ୍ୟା; ଖାଲି ଭୂଇଁରେ ବିଛଣା ନ ପକାଇ ଶୋଇବା—Sleeping on the bare ground.
Bhūtala śayana
(ଭୂତଳଶଯ୍ୟା—ଅନ୍ୟରୂପ)

ଭୂତଳଶାୟୀ—ସଂ. ବିଣ. ପୁଂ (ଭୂତଳ+ଶୀ. ଧାତୁ+କର୍ତ୍ତୃ. ଇନ୍ )—ଧରାଶାୟୀ; ଭୂମିଶଯ୍ୟାରେ ଶୟାନ—Sleeping on the bare ground.
Bhūtala śāyi
(ଭୂତଳଶାୟିନୀ—ସ୍ତ୍ରୀ)

ଭୂତ ଲଗିବା—ଦେ. କ୍ରି—୧ । କୌଣସି ଲୋକଠାରେ ଭୂତାବେଶ ହେବା; ଡାହାଣୀ ଲାଗିବା—1. Being possessed with an evil spirit.
Bhūta lāgibā
ଭূতেপাওয়া; ভূতলাগা, ঘাড়েভূতচাপা
भूतलगना, भूतचढना, भूतसवारहोना
[ ଦ୍ର—ସାଧାରଣତଃ ମାଇଚିଆ ଯୁବକ, ସ୍ୱାମୀବିରହିତା ଯୁବତୀ ଓ ଯୁବତୀବିଧବାମାନଙ୍କୁ ଭୂତ ବା ଡାହାଣୀ ଲାଗେ । ଏମାନେ ଘନ ଘନ ମୂର୍ଚ୍ଛା ଯାଆନ୍ତି ଓ ପ୍ରଳାପ କରନ୍ତି ଏବଂ ଅଶେଷ ବଳପ୍ରକାଶ କରନ୍ତି; ଯଥା, ୨୦ ସେର ପାଣି ଭର୍ତ୍ତି ହୋଇଥିବା ଗରାର ଫନକୁ ଦାନ୍ତରେ କାମୁଡ଼ି ୧୦ । ୨୦ ହାତ ଦୂରକୁ ଟେକି ନିଅନ୍ତି । ସମୟେ ସମୟେ ଏ ରୋଗ ମାରାତ୍ମକ ହୁଏ । ଏଥିପାଇଁ ଗୁଣିଆମାନେ ମନ୍ତ୍ରତନ୍ତ୍ର ପ୍ରୟୋଗ, ନାନାପ୍ରକାର ଧୂପ ( ଯଥା—ଅଡ଼ୁଆବାଳ ପୋଡ଼ା, ଝୁଣା, ଜନାର୍ଦ୍ଦନ ଧୂପ ) ଓ ନୈବେଦ୍ୟ (ଯଥା ଛେନାପଣା) ଓ ବଳି ଦେଇ ଓ ସମୟ ସମୟରେ ପ୍ରହାରାଦି କରି ଭୂତଗ୍ରସ୍ତ ବ୍ୟକ୍ତିଠାରୁ ଭୂତ ଛଡ଼ାନ୍ତି । ଭୂତ ଛାଡ଼ିଗଲେ ମନୁଷ୍ୟର ଚୈତନ୍ୟ ଲାଭ ହୁଏ । ] ୨ । (ଲକ୍ଷଣାର୍ଥ) ବାତୁଳପରି ହେବା—2. (figurative) Acting like a mad man. ॰ । କ୍ରୋଧରେ ବାତୁଳ ପରି ହେବା—3. Being maddened with rage.

ଭୂତ ଶୁଦ୍ଧି—ସ. ବି (୬ଷ୍ଠୀ ତତ୍; ଭୂତ+ଶୁଦ୍ଧି )—୧ । ପୂଜା ଆଦି ଅନୁଷ୍ଠାନରେ ମନ୍ତ୍ର ଓ ନ୍ୟାସାଦିଦ୍ୱାରା ଦେହଶୋଧନ—1. The ceremonial rite of purifying one's body before beginning the performance of any religious rite. [ ଦ୍ର—ଏଥିରେ ଦେହର ଭିନ୍ନ ଭିନ୍ନ ଅଂଶରୁ ମନ୍ତ୍ରପାଠପୂର୍ବକ ସ୍ପର୍ଶ କରିବାକୁ ହୁଏ । ବିନା ଭୂତଶୁଦ୍ଧିରେ ଦେବପୂଜା କରିବା ନିଷିଦ୍ଧ । ] ୨ । ଚୈତନ୍ୟ—2. Consciousness.
Bhūta śuddhi

ଭୂତ ସଞ୍ଚାର—ସ. ବି ( ୬ଷ୍ଠୀ ତତ୍; ଭୂତ+ସଞ୍ଚାର )—ଭୂତାବେଶ; କୌଣସି ବ୍ୟକ୍ତିର ଶରୀରରେ ଭୂତ ପଶିବା; ଭୂତ ଲାଗିବା—Possession of a person's body by an evil spirit.
Bhūta sañchāra

ଭୂତହର—ସ. ବି (ଭୂତ+ହୃ. ଧାତୁ+କର୍ତ୍ତୃ. ଅ; ଭୂତଗ୍ରସ୍ତ ରୋଗୀଙ୍କୁ ଏଥିର ଧୂପ ଦିଆଯାଏ)—ଗୁଗ୍ଗୁଳ (ହି. ଶ)—Bdellium.
Bhūtahara

ଭୂତ ହାସ—ସ. ବି—ଏକପ୍ରକାର ପ୍ରବଳ ସନ୍ନିପାତ ରୋଗ [ଏଥିରେ ରୋଗୀର ଇନ୍ଦ୍ରିୟମାନ ଅବଶ ହୁଏ, ରୋଗୀ ବହୁତ ପ୍ରଳାପ କରେ ଓ ହସେ (ହି. ଶ)]—A kind of disease accompanied with delirium and loud laughing.
Bhūta hāsa

ଭୂତା—ସ. ବିଣ. ସ୍ତ୍ରୀ—ଭୂତର ସ୍ତ୍ରୀଲିଙ୍ଗ—Feminine of Bhūta.
Bhūtā ସ. ବି—କାର୍ତ୍ତିକ କୃଷ୍ଣଚତୁର୍ଦ୍ଦଶୀ—The 14th day of the dark fortnight of the month of Kārttika. ଦେ. ବି—୧ । ଦାୟିତ୍ୱଜ୍ଞାନଶୂନ୍ୟ ଲୋକ—1. (A man) Without any sense of responsibility. ୨ । ଅସାବଧାନ ବ୍ୟକ୍ତି—2. A careless person. ଦେ. ବି. ପୁଂ—ଲୋକଙ୍କୁ ଦିଆଯିବା ନାମ—A name given to males.
(ଭୁତା, ଭୁତଆ—ଅନ୍ୟରୂପ)

ଭୂତା(ତେ)ଇବା—ଦେ. କ୍ରି—୧ । ଧପାଇବା—1. To cheat; to deceive. ୨ । ଭଣ୍ଡାଇବା—2. To wheedle. [ ଦ୍ର—ଭୂତମାନେ ରାତ୍ରିରେ ଲୋକଙ୍କୁ ଉଠାଇ ନେଇ ଭଣ୍ଡିବାର ଲୋକବିଶ୍ୱାସରୁ ଏହି ଅର୍ଥ । ]
Bhūtā(te)ibā
ধাপা দেওয়া
घपादेना

ଭୂତାଣ୍ଡି—ଦେ. ବିଣ—୧ । ଭୂତତୁଲ୍ୟ ବ୍ୟବହାରକାରୀ—1. Conducting one's self like a ghost. ୨ । ଭୂତର ଉପଯୁକ୍ତ—2. (work) Befitting a ghost.
Bhūtāṇḍi
ভূতেরমতন
भूतकेऐसा
( ଭୂତାଣ୍ଡିଆ—ଅନ୍ୟରୂପ )

ଭୂତାତ୍ମା—ସ. ବି ( ଭୂତ=ପଞ୍ଚଭୂତ ଅଟେ ଆତ୍ମା ଯାହାର )—୧ । ଶରୀର; ଦେହ—1. Material body. ୨ । ପ୍ରେତାତ୍ମା; ପ୍ରେତ—2. Ghost; evil spirit. ॰ । ଶିବ—3. Śiba. ୪ । ବ୍ରହ୍ମା—4. Brahmā. ॰ । ବିଷ୍ଣୁ—5. Bishṇu. ୬ । ପରଂବ୍ରହ୍ମ—6. The Universal Spirit. ୭ । ଯୁଦ୍ଧ ( ପ୍ରକୃତିବାଦ)—7. Battle.
Bhūtātmā

ଭୂତାନ୍ତ—ଦେ. ବିଣ ( ପ୍ରାଚୀନ ପଦ୍ୟ ) – ଅତୀତ; ଭୂତ—Past.
Bhūtānta [ ଉ—ଭୂଅ ଅସରଷ୍ଟ ଯେଣୁ ଭୂତାନ୍ତ ଭବିଷ୍ୟ । ପ୍ରାଚୀ· ବ୍ରହ୍ମନିରୂପଣ ଗୀତା । ]

ଭୂତାବାସ—ସଂ. ବି ( ୬ଷ୍ଠୀ ତତ୍; ଭୂତ+ଆବାସ )—୧ । ଶରୀର; ଦେହ—1. Body. ୨ । ବିଷ୍ଣୁ—2 Bishṇu.
Bhūtābāsa

ଭୂତାବିଷ୍ଟ—ସ. ବିଣ. ପୁଂ ( ୩ୟା ତତ୍; ଭୂତ+ଆବିଷ୍ଟ )—ଭୂତଗ୍ରସ୍ତ—Possessed by a ghost.
Bhūtābishṭa
( ଭୂତାବିଷ୍ଟା—ସ୍ତ୍ରୀ )

ଭୂତାବେଶ—ସ. ବ ( ୭ମୀ ତତ୍; ଭୂତ+ଆବେଶ )—ଭୂତ ଲାଗିବା—
Bhūtābeśa Possession of a person by an evil spirit.

ଭୂତାର୍ତ୍ତ—ସ. ବଣ. ପୁଂ ( ୩ୟା ତତ୍; ଭୂତ+ଋତ ବା ଆର୍ତ୍ତ )—
Bhūtārtta ଭୂତଗ୍ରସ୍ତ ( ଦେଖ ) —Bhūtagrasta ( See )
( ଭୂତାର୍ତ୍ତା—ସ୍ତ୍ରୀ )

ଭୂତାର୍ଥ—ସ. ବଣ—୧ । ଯଥାର୍ଥ; ବାସ୍ତବ; ସତ୍ୟ—1. Actual;
Bhūtārtha true; real. ୨ । ଅକୃତ୍ରିମ—2. Natural.

ଭୂତି—ସ. ବ. ସ୍ତ୍ରୀ ( ଭୂ ଧାତୁ+କରଣ. ତି )—୧ । ମହାଦେବଙ୍କ
Bhūti ଅଷ୍ଟୈଶ୍ୱର୍ଯ୍ୟ (ମହିମା, ଅଣିମା, ଲଘିମା, ବ୍ୟାପ୍ତି, ପ୍ରାକାମ୍ୟ, ବଶିତା, ଈଶିତା, କାମାବଶାୟିତା )—1. The eight divine attributes of God Śiba. ୨ । ଭସ୍ମ; ଭସ୍ମ—2. Ashes. ୩ । ବୈଶ୍ୟଜାତିର ଉପାଧି—3. A title of the Baisyas. ୪ । ହସ୍ତୀର ସିନ୍ଦୁରାଦି-ଦ୍ୱାରା ସଜ୍ଜା—4. Decking of an elephant with paint. ୫ । ( +ଭାବ. ତି ) ଅଭ୍ୟୁଦୟ—5. Rise. ୬ । ମଙ୍ଗଳ—6. Weal. ୭ । ଉତ୍ପତ୍ତି—7. Birth. ୮ । ଉତ୍କର୍ଷ—8. Excellence. ୯ । ସିଦ୍ଧି—9. Success. ଦେ. ବ—ମୂଲ୍ୟ; ଦାମ—Price. ପ୍ରାଦେ ( ଉତ୍ତର ଭାଷା ) ବ—ମଜୁରି—Wages.

ଭୂତୁଡ଼ିଆ—ଦେ.ବ—ଗୁଣିଆ; ଭୂତ ଛଡ଼ାଇବା ବା ଭୂତ ଲଗାଇବା ଲୋକ-
Bhūturdiā ରୋଜା; ଭୁତୁଡ଼େ ଓଝା; ଗୁଣୀ An exorcist.
(ଭୂତୁଡ଼ା, ଭୂତସିଦ୍ଧ—ଅନ୍ୟରୂପ)

ଭୂତୁମ୍ବୀ—ସ. ବ—ଏକପ୍ରକାର ଅଲାବୁ; ଲାଉ—
Bhūtumbī A kind of gourd.

ଭୂତୃ(ସ୍ତୃ)ଣ—ସ. ବ ( ୭ମୀ ତତ୍; ଭୂ+ତୃଣ )—ସୁଗନ୍ଧ ତୃଣବିଶେଷ; ଗନ୍ଧତୃଣ; ଧନ୍ଦୀ—Andropogen Citratus; lemon-scented grass.
Bhūtṛu(stṛu)ṇa
ସ, ନାମ—ଗୁହ୍ୟବୀଜ, ଭୂତୀକ, ସୁଗନ୍ଧ, ଜମ୍ବୁକପ୍ରିୟ, ଛତ୍ର, ମାଲାତୃଣ
ହି. ରାମକପୁର
ବ. ভূতৃণ
ଗୁ. ଭୂତୃଣ
[ ଦ୍ର—ବୈଦ୍ୟଶାସ୍ତ୍ର ମତରେ ଏହା କଟୁ, ତିକ୍ତ, ଲଘୁ, ଅଗ୍ନିଦୀପକ, ରୁକ୍ଷ, ନେତ୍ରର ଅହିତ-କର, ମୁଖଶୋଧକ, ଓ ବୃଷ୍ୟ, ମଳ-ବର୍ଦ୍ଧକ ଓ ପିତ୍ତର ଓ ରକ୍ତର ଦୂଷ୍ଟି-କର । ]

ଭୂତେଶ—ସ. ବ (୬ଷ୍ଠୀ ତତ୍; ଭୂତ+ଈଶ )—ମହାଦେବ—
Bhūteśa Śiba.

ଭୂଦାର—ସ. ବ ( ଭୂ=ଭୂମି+ଦୃ ଧାତୁ=ବିଦାରଣ କରିବା+କର୍ତ୍ତୃ. ଅ )—ବରାହ; ଶୂକର—Boar; pig.
Bhūdāra

ଭୂଦେବ—ସ. ବ ( ୬ଷ୍ଠୀ ତତ୍; ଭୂ+ଦେବ )—ବ୍ରାହ୍ମଣ—
Bhūdeba (ଭୂସୁର—ଅନ୍ୟରୂପ) Brāhmaṇa.

ଭୂଧର—ସ. ବ ( ଭୂ+ଧୃ ଧାତୁ=ଧାରଣ କରିବା+କର୍ତ୍ତୃ. ଅ )—୧ ।
Bhūdhara ପର୍ବତ; ମହୀଧର—1. Hill; mountain. ୨ । ଆୟୁର୍ବେଦୋକ୍ତ ମନ୍ତ୍ରବିଶେଷ—2. An incantation mentioned in the Ayurbeda. ୩ । ଶେଷ ନାଗ; ଅନନ୍ତ ଦେବ—3. The great serpent upholding the universe. ୪ । ବଟୁକ ଭୈରବ; ଶିବଙ୍କ ପ୍ରଧାନ ଅନୁଚର—4. The leader of the attendants of Śiba.

ଭୂ ଧାତ୍ରୀ—ସ. ବ—ଭୂଇଁ ଅଁଳା ( ଦେଖ )
Bhū dhātrī Bhuiñ a-añlā ( See )

ଭୂ ନିମ୍ବ—ସ. ବ—ଚିରେଇତା ( ଦେଖ )
Bhū nimba Chireitā ( See )

ଭୂ ନୀପ—ସ. ବ—୧ । ପୋକଶୁଙ୍ଘା (ଵରେକୃଷ୍ଣ ଦ୍ରବ୍ୟଗୁଣ ) ( ଦେଖ )
Bhū nipa Pokaśunghā ( See ) ୨ । ଭୂଇଁ କଦମ୍ବ ( ଦେଖ )—2. Bhuiñ kadamba (See)

ଭୂପ—ସ. ବ ( ଭୂ=ପୃଥିବୀ+ପା ଧାତୁ+କର୍ତ୍ତୃ. ଅ )—ରାଜା; ନୃପତି
Bhūpa —King; ruler of a kingdom.
(ଭୂପାଳ, ଭୂଭୁଜ୍—ଅନ୍ୟରୂପ)

ଭୂପତି—ସ. ବ ( ୬ଷ୍ଠୀ ତତ୍; ଭୂ+ପତି )—ରାଜା—King. ଦେ.
Bhūpati ବ—ଓଡ଼ିଶାର କେତେକ ରାଜାଙ୍କ ଉପାଧି—Title of some of the Oriya Rajas.

ଭୂପତି ପଣ୍ଡିତ—ଦେ. ବ ( ନାମ )—ଜଣେ ଜନପ୍ରିୟ ପ୍ରାଚୀନ ଓଡ଼ିଆ
Bhūpati paṇḍita କବି—Name of an Oriya poet.
[ ଦ୍ର—ଏ ପଶ୍ଚିମାଞ୍ଚଳବାସୀ ସାରସ୍ୱତ ବ୍ରାହ୍ମଣ; ପୁରୀ ରାଜା ଦିବ୍ୟସିଂହ ଦେବଙ୍କ ରାଜତ୍ୱକାଳରେ ସପ୍ତଦଶ ଶତାବ୍ଦୀର ଶେଷଭାଗରୁ ତୀର୍ଥାଟନରେ ଯାଇଁ ପୁରୀରୁ ଆସି ରାଜାଙ୍କ ଅନୁଗ୍ରହରେ ଖୋରଧା ରଥିପୁର ଗ୍ରାମରେ ବାସ କଲେ । ଏ ବୈଷ୍ଣବଧର୍ମାବଲମ୍ବୀ ଥିଲେ; ସେ ହିନ୍ଦୀ, ସଂସ୍କୃତ ଓ ବଙ୍ଗଳା ଭାଷା ଜାଣୁଥିଲେ; ପରେ ଓଡ଼ିଆ ଭାଷା ଶିଖି ତହିଁରେ ପ୍ରେମପଞ୍ଚାମୃତ ଗ୍ରନ୍ଥ ଓ ଭୂପତି ଚଉତିଶା ନାମକ କବିତା ପ୍ରଣୟନ କଲେ । ]

ଭୂପତି ଭଞ୍ଜ—ଦେ. ବ (ନାମ )—ଜଣେ ରାଜା ଓ କବି—Name of
Bhūpati bhañja an Oriya Raja and poet.
[ ଦ୍ର—ଗଣେଶ ବଭୂତ ଏହାଙ୍କ ରଚିତ କାବ୍ୟଗ୍ରନ୍ଥ ଇତିହାସ । ଜନାର୍ଦ୍ଦନ, ଉତ୍କଳସାହିତ୍ୟ ଇତିହାସ । ]

ଭୂବ—ଦେ. ବ ( ସଂସ୍କୃତ 'ଭୂ' ଶବ୍ଦର ବହୁବଚନ 'ଭୁବ'ର ଅପଭ୍ରଂଶ )—
Bhūba ପୃଥିବୀ—The earth. [ ଦ୍ର—ଏ ସେଣୁ ମେଳଛ ହୋଇବେ, ଏ ଭୂବ ମ୍ଳେଚ୍ଛ ଆକଶିବେ । ଜଗନ୍ନାଥ. ଭାଗବତ । ]

ଭୂ ବଳୟ—ସ. ବ. (୬ଷ୍ଠୀ ତତ୍; ଭୂ+ବଳୟ)—ପୃଥିବୀର ପରିଧି—
Bhū baḷaya The circumference of the earth

ଭୂ ବାୟୁ—ସ. ବ (୬ଷ୍ଠୀ ତତ୍ )—ପୃଥିବୀର ଉପରସ୍ଥ ପବନ—The
Bhū bāyu atmosphere; the air over the surface of the earth.

ଭୂ ବୃତ୍ତ—ସଂ. ବି (୬ଷ୍ଠୀ ତତ୍; ଭୂ+ବୃତ୍ତ)—ନିରକ୍ଷ ବୃତ୍ତ—
Bhū brutta — The equator.

ଭୂ ଭାଗ—ସଂ. ବି. (ଭୂ+ଭାଗ )—୧ । ସ୍ଥଳଭାଗ—1. The solid
Bhū bhāga — portion of the earth, as distinguished from the water portion of it.
୨ । ଦେଶାଂଶ—2. A political division of the earth.

ଭୂଭାର—ସଂ. ବି. ( ୬ଷ୍ଠୀ ତତ୍; ଭୂ+ଭାର )—୧ । ପୃଥିବୀର ଭାର—
Bhūbhāra — 1. The burden of the earth.
୨ । ପୃଥିବୀରେ ପାପର ପ୍ରାବଲ୍ୟ—2. The prevalence of sin in the world.

ଭୂଭୃତ୍—ସଂ. ବି. ( ଭୂ=ପୃଥିବୀ+ଭୃ ଧାତୁ=ପୋଷିବା, ଧରିବା+
Bhūbhrut — କର୍ତ୍ତୃ. କ୍ୱିପ୍ )—୧ । ରାଜା—1. King.
୨ । ପର୍ବତ—2. Mountain.

ଭୂମଣ୍ଡନା—ସଂ. ବିଣ. ସ୍ତ୍ରୀ (୬ଷ୍ଠୀ ତତ୍; ଭୂ+ମଣ୍ଡନ+ସ୍ତ୍ରୀ. ଆ; ଯାହା ଲାଗି
Bhūmandanā — ପୃଥିବୀ ସୁନ୍ଦର ଦିଶେ)—ଅତି ସୁନ୍ଦରୀ—
Beautiful (woman); beautifying the world.

ଭୂମଣ୍ଡଳ—ସଂ. ବି. ( ଭୂ=ପୃଥିବୀ+ମଣ୍ଡଳ )—୧ । ଜଗତ୍; ପୃଥିବୀ—
Bhūmandala — 1. The world. ୨ । ଭୂଗୋଲକ—2. The terrestrial globe.

ଭୂମା—ସଂ. ବି ( ବହୁ+ଇମନ୍=ନିପାତନ, ଭୂମନ୍, ୧ମା ୧ବ )—
Bhūmā — ୧ । ବହୁତ୍ୱ—1. Plurality; immensity.
୨ । ସର୍ବବ୍ୟାପୀ ପୁରୁଷ ଭଗବାନ—2. The all-pervading God. ସଂ. ବିଣ (ବହୁ+ମନ୍)—ଭୂୟିଷ୍ଠ; ବହୁଳ—Great; extensive.

ଭୂମାନନ୍ଦ—ସଂ. ବି ( କର୍ମଧା; ଭୂମା+ଆନନ୍ଦ )—ଅତ୍ୟନ୍ତ ଆନନ୍ଦ—
Bhūmānanda — Great joy. (ଉ—ଦିଏ ଜୀବାତ୍ମାକୁ ଶାନ୍ତି ଭୂମାନନ୍ଦ, ପଳାଏ ତ୍ରିତାପ ଦୁଃଖ ।। ନନ୍ଦକିଶୋର. ଶର୍ମିଷ୍ଠା ।)

ଭୂମି(ମୀ)—ସଂ. ବି ( ଭୂ ଧାତୁ+ଅଧିକରଣ ମି;+ଈ )—୧ । ପୃଥିବୀ—
Bhūmi(mī) — 1. The earth. ୨ । ଦେଶ—2. Country.
୩ । କ୍ଷେତ୍ର—3. Field. ୪ । ଜମି; ପୃଥିବୀର ଉପରସ୍ଥ ମୃତ୍ତିକା—4. Soil over the surface of the earth. ୫ । ସ୍ଥାନ;ଆଧାର—5. Place;site; receptacle. ୬ । ମୂଳଦୁଆ—6. Foundation. ୭ । ବାସସ୍ଥାନ—7. Residence. ୮ । ଖଣି;ଆକର—8. Mine. ୯ । ଜିହ୍ୱା—9. Tongue. ୧୦ । ଯୋଗୀମାନଙ୍କର ଅବସ୍ଥାବିଶେଷ—10. A certain condition of persons engaged in meditation. ୧୧ । ପ୍ରତିମାର ବଇଠି—11. The base or pedestal of an image.

ଭୂମିଆଁ—ପ୍ରାଦେ. (ଗଞ୍ଜାମ) ବି—ଗଞ୍ଜାମ ଜିଲ୍ଲାର ଓଡ଼ିଆ ଜାତିବିଶେଷ—
Bhūmiāṅ — A low caste of Śudras in the district of Ganjam.
[ଦ୍ର—ଏମାନେ କୋଟପାଡ଼ ଓ ସାଲିମା ଅଞ୍ଚଳରେ ବାସ କରନ୍ତି । ଏମାନେ ମଦ୍ୟପ, ଅନାର୍ଯ୍ୟ, ଶୂଦ୍ର । ଏମାନେ ପାଣି ଦେଲେ ବ୍ରାହ୍ମଣମାନେ ଗୋଡ଼ ହାତ ଧୂଅନ୍ତି, କିନ୍ତୁ ପିଅନ୍ତି ନାହିଁ ।]

ଭୂମି କମ୍ପ—ସଂ. ବି. (୬ଷ୍ଠୀ ତତ୍; ଭୂମି+କମ୍ପ)—ପୃଥିବୀର ଅଭ୍ୟନ୍ତରସ୍ଥ
Bhūmi kampa — ତରଳ ଧାତୁ ଆଦିର ଆନ୍ଦୋଳନଜନିତ ପୃଥିବୀ-ପୃଷ୍ଠର କମ୍ପନ—Earthquake. [ଦ୍ର—ସାଧାରଣ ଲୋକଙ୍କର ବିଶ୍ୱାସ ଯେ ପୃଥିବୀକୁ ଟେକି ଧରିଥିବା ବାସୁକୀ କଡ଼ ଲେଉଟାଇବାରୁ ଭୂମିକମ୍ପ ହୁଏ; କିନ୍ତୁ ପୃଥିବୀ ପ୍ରଥମେ ଅତି ଉଷ୍ଣ ଅଗ୍ନିମୟ ତରଳ ବସ୍ତୁ ଥିଲା, ତାହା କାଳକ୍ରମେ ଥଣ୍ଡା ହୋଇ ଜୀବଙ୍କ ବାସୋପଯୋଗୀ ହୋଇଅଛି; ତଥାପି ଏହାର ଗର୍ଭ ବର୍ତ୍ତମାନ ପର୍ଯ୍ୟନ୍ତ ମଧ୍ୟ ଅଗ୍ନିମୟ ରହିଅଛି । ବେଳେ ବେଳେ ଏହି ଭୂଗର୍ଭସ୍ଥ ଅଗ୍ନି ଦ୍ୱାରା ଉତ୍ତପ୍ତ ଓ ତରଳି ଧାତୁ ଆଦି ଆଗ୍ନେୟଗିରିର ମୁଖ ବାଟେ ବାହାରକୁ ବାହାରେ । ଭୂଗର୍ଭସ୍ଥ ଉତ୍ତପ୍ତ ତରଳ ବସ୍ତୁ ବାହାରକୁ ବାହାରିବା ଉପଲକ୍ଷରେ ଭୂମି ଦୋହୋଲି ଯାଏ, ଏହାକୁ ଭୂମିକମ୍ପ କହନ୍ତି ।]

ଭୂମିକା—ସଂ. ବି ( ଭୂମି+କ+ସ୍ତ୍ରୀ. ଆ )—୧ । ବକ୍ତବ୍ୟ ବିଷୟର ବା
Bhūmikā — ଗ୍ରନ୍ଥର ଅବତରଣିକା; ପୂର୍ବାଭାସ ବା ସୂଚନା—
1. Introduction to a book or discourse.
୨ । ପତ୍ତନ; ମୂଳଦୁଆ—2. Foundation. ୩ । ସଜ୍ଜା; ବେଶଧାରଣ—3. Putting on of a dress; toilet. ୪ । ରୂପାନ୍ତରପରିଗ୍ରହ—4. Changing of form. ୫ । ରଚନା—5. Composition. ୬ । (ଦର୍ଶନ ଶାସ୍ତ୍ର) ଚିତ୍ତର ଅବସ୍ଥାବିଶେଷ—6. A condition of the mind. ୭ । ବେଶ ବଦଳାଇବା—7. Changing of dress.

ଭୂମି କୁଷ୍ମାଣ୍ଡ—ସଂ. ବି—ଭୂଇଁ କଖାରୁ ( ଦେଖ )
Bhūmi kushmānda — Bhūiṅ kakhāru ( See )

ଭୂମି ଗତ—ସଂ. ବିଣ ( ୨ୟା ତତ୍ )—୧ । ଭୂମିରେ ଅବସ୍ଥିତ—
Bhūmi gata — 1. Situated on the ground.
୨ । ଭୂପତିତ—2. Fallen down. ୩ । ଭୂମିଷ୍ଠ—3. Born.

ଭୂମି ଗତେ—ପ୍ରାଦେ. (ପ୍ରାଚୀନ ପଦ୍ୟ ) କ୍ରି. ବିଣ—ଭୂମିଷ୍ଠ ହୋଇ—
Bhūmi gate — On being born. (ଉ—ଅଦିତି ତନୁଁ ଭୂମି ଗତେ, ବାମନ ଦେଖିଲେ ଅଗ୍ରତେ । ଜଗନ୍ନାଥ. ଭାଗବତ ।)

ଭୂମି ଗମ—ସଂ. ବି (ଭୂମି+ଗମ୍ ଧାତୁ+କର୍ତ୍ତୃ. ଅ)—ଓଟ (ହି. ଶ)—
Bhūmi gama — Camel.

ଭୂମି ଗୃହ—ସଂ. ବି (ମ.ପ.ଲୋ )—ଭୂଗର୍ଭରେ ବା ମାଟିତଳେ ନିର୍ମିତ
Bhūmi gruha — ଘର—A house built under the surface of land; under-ground house; cellar.

ଭୂମି ଚମ୍ପକ—ସ. ବ—ଭୂଇଁ ଚମ୍ପା ଦେଖ )
Bhūmi champak Bhūiñ champā ( See )

ଭୂମି ଚଳ—ସ. ବ. (୬ଷ୍ଠୀ ତତ୍)—ଭୂମି କମ୍ପ—
Bhūmi chaḻa Earthquake.
(ଭୂମି ଚଳନ—ଅନ୍ୟରୂପ)

ଭୂମିଜ—ସ. ବଣ (ଭୂମି+ଜନ୍ ଧାତୁ+ଅ)—୧ । ଭୂମିରୁ ଉତ୍ପନ୍ନ—
Bhūmija 1. Produced from the earth. ୨ । (ଭୂମିଜା—ସ୍ତ୍ରୀ) ଯେଉଁ ଜାତ; କୃଷିଜାତ—2. Produced from agriculture. ସ. ବ—୧ । ମଙ୍ଗଳଗ୍ରହ—1. The planet Mars ୨ । ନରକାସୁର—2. The name of a demon. ୩ । ସୁନା (ହୁ.ଶ)- 3. Gold. ୪ । ସୀସା ( ହୁ. ଶ )—4. Lead (metal). ପ୍ରାଦେ. ଦେ.—୧ । ଭୂଇଁଅ ଜାତି (ଦେଖ) Bhūiañ jāti (Se ) ୨ । ଭୂଇଁଅଁ ଜାତିର ଭାଷା—2. Language spoken by the Bhuyañs in Singbhum, Manbhum and Mayurbhunj.

ଭୂମି ଜମ୍ବୁ—ସ. ବ—ଭୂଇଁ ଜାମୁ (ଦେଖ)
Bhūmi jambu Bhūiñ jāmu (See)

ଭୂମିଜା—ସ. ବ. ସ୍ତ୍ରୀ—( ଭୂମିଜ+ଆ )—ଧରଣୀସୁତା; ସୀତା—Sitā.
Bhūmija (ଭୂମିପୁତ୍ରୀ, ଭୂମିସମ୍ଭବା, ଭୂମିସୁତା—ଅନ୍ୟରୂପ)

ଭୂମି ଜାତ—ସ. ବଣ—(୭ମୀ ତତ୍)—ଭୂମିରୁ ଉତ୍ପନ୍ନ—Produced
Bhūmi jāta from the earth. ସ. ବ—ବୃକ୍ଷାଦି; ଉଦ୍ଭିଦ- Trees and plants; vegetables.

ଭୂମି ଜୀବୀ—ସ. ବ. ପୁଂ—(ଭୂମି+ଜୀବ୍ ଧାତୁ+ଇନ, ୧ମା. ୧ବ)—
Bhūmi jībi ୧ । କୃଷକ—1. An agriculturist. ୨ । (ଭୂମି ଜୀବନୀ—ସ୍ତ୍ରୀ) ବୈଶ୍ୟ (ହୁ. ଶ)—2. B<u>ai</u>sya.

ଭୂମି ତଳ—ସ. ବ (୬ଷ୍ଠୀ ତତ୍; ଭୂମି+ତଳ) ଭୂତଳ; ଧରାପୃଷ୍ଠ—
Bhūmi taḻa The surface of the earth or soil.

ଭୂମି ଦାନ—ସ.ବ (୬ଷ୍ଠୀ ତତ୍; ଭୂମି+ଦାନ)—ବ୍ରାହ୍ମଣଙ୍କୁ ଜମି ଦେବା—
Bhūmi dāna Gift of land (to a Brāhmaṇa); grant of land (to a Brāhmaṇa.)

ଭୂମି ଦେବ—ସ. ବ (୬ଷ୍ଠୀ ତତ୍)—୧ । ଭୂଦେବ; ବ୍ରାହ୍ମଣ—1.
Bhūmi deba Brāhmaṇa. ୨ । ରାଜା—2. King.
[ ଉ—ଏକ ରଥକରେଟ ଦ୍ରୋଣ ; ଭୂମି ଦେବ । ସହାବରେ ସଣକେ ଦେବତା ମାନବ । କୃଷ୍ଣସିଂହ. ମହାଭାରତ. ବନ । ]

ଭୂମି ଧର—ସ.ବ—(ଭୂମି+ଧୃ ଧାତୁ+ କର୍ତ୍ତୃ.ଅ)—୧ । ଭୂଧର;ପର୍ବତ—
Bhūmidbara 1. Mountain. ୨ । ଅନନ୍ତ; ଶେଷନାଗ—2 The great mythological serpent upholding the universe.

ଭୂମିପ—ସ. ବ. ପୁଂ (ଭୂମି+ପା. ଧାତୁ+କର୍ତ୍ତୃ. ଅ, ଃମ୍ବା ପାଳ ଧାତୁ+
Bhūmipa କର୍ତ୍ତୃ. ଅ)—ନୃପ; ରାଜା—King.
(ଭୂମିପତି, ଭୂମିପାଳ—ଅନ୍ୟରୂପ)

ଭୂମି ପିଶାଚ—ସ. ବ—ତାଳବୃକ୍ଷ—
Bhūmi pisācha Palm-tree.

ଭୂମିପୁତ୍ର—ସ. ବ (୬ଷ୍ଠୀ ତତ୍)—୧ । ମଙ୍ଗଳଗ୍ରହ—1. The
Bhūmiputra planet Mars. ୨ । ନରକାସୁର— 2. A demon. ୩ । ଶ୍ୟୋନାକ; ଫଣଫଣା— 3. Bignoniea Indica.

ଭୂମି ବର୍ଦ୍ଧକ—ସ. ବ (ଉପପଦ ସମାସ; ଭୂମି+ବର୍ଦ୍ଧକ; ଯାହା ସଢ଼ି ଯାଇ
Bhūmi barddhaka ଭୂମିର ଅବୟବକୁ ବଢ଼ାଏ)—ମୃତଶରୀର (ହୁ. ଶ)—Dead body; corpse.

ଭୂମିବଳା—ସ. ବ—ଶାକ ଜାତୀୟ ବିଶେଷ—Sida Veronicifolia
Bhūmibaḻā (plan t) [ ଦ୍ର—ଏହି ଗୁଳ୍ମ ଭାରତର ଗ୍ରୀଷ୍ମ ପ୍ରଧାନ ଅଞ୍ଚଳରେ ଏବଂ ସିଂହଳରେ ସାହସମସ୍ତ ସ୍ଥଳମାନଙ୍କରେ ବା, ପଡ଼ିଆ ଭୂମିରେ ହୁଏ; ଏ ବହୁକାଳ ସ୍ଥାୟୀ; ଏହାର ଶାଖା ଲମ୍ବ ଓ ସିଧା ଭାବରେ ବଢ଼େ । ପତ୍ରଗୁଡ଼ିକ ଓସାରିଆ ଓ ଅଣ୍ଡାକାର; ଫୁଲ ଛୋଟ, ଫୁଲର ରଙ୍ଗ ଧଳା ଓ ହଳଦିଆ ମିଶା; ପାଖୁଡ଼ାଗୁଡ଼ିକ ବିସ୍ତୃତ ।
ଜଙ୍ଘା
वनंनियार
ସାନ୍ତାଲୀ. ସାର, ତାଣ୍ଡି,
କାଉଅର, ଜୋଖା, ସାକାମ ।
ତା, ପାଲଙ୍ଖାସି, ପାଲଙ୍ଖାତୁ
ତେ. ଗସ୍ତପୃଥିଲୁ
ସୁ. ଭେସ୍ତାବଲା
ମ. ଭୂଇଚକ୍ନା,ଭେସ୍ତାବାଲ
ଏହାର ପତ୍ର ଫୁଲ ଓ ଫଳ କଷା ଘାଆ,ଉଦରାମୟ ଅର୍ଶାଣ୍ଡି, ଓ ପ୍ରସ୍ରାବପୋଡ଼ାର ଔଷଧରେ ଲାଗେ । ]

ଭୂମି ବଲ୍ଲୀ—ସ. ବ—ଭୂଇଁଅଅଁଳା (ଦେଖ)
Bhūmi balli Bhūiñ a-añlā (See).

ଭୂମି ବାଡ଼ି—ଦେ. ବ (ସହଚର)—ଅଚଳନ୍ତି ଭୂସମ୍ପତ୍ତି; ସମ୍ପତ୍ତି—
Bhūmi b<u>ārd</u>i Immoveable property.
जमीबाड़ी जमिनवारी

ଭୂମିବାସ—ସ. ବ ( ୬ଷ୍ଠୀ ତତ୍; ଭୂମି+ବାସ )—ଜମି ଓ ଘରମାନ
Bhūmibāsa Land and houses. ( ଉ—ଗିର ଗ୍ରିହିତା ଭୂମିବାସ; ଏ ସର୍ବ ଭୂମୁର ପ୍ରକାଶ । ଜଗନ୍ନାଥ ଭାଗବତ । )

ଭୂମି(ମୀ)ରୁହ—ସ. ବ (ଭୂମି+ରୁହ୍ ଧାତୁ+କର୍ତ୍ତୃ.ଅ)—ବୃକ୍ଷ—
Bhūmi(mi)ruha Tree; plant.

ଭୂମି ଲବଣ—ସ. ବ—ସୋରା (ହୁ. ଶ)—
Bhūmi labaṇa Saltpetre; nitre.

ଭୂମି ଲାଭ—ସ. ବ (୬ଷ୍ଠୀ ତତ୍)—ଜମିପ୍ରାପ୍ତି—
Bhūmi lābha Acquisition of land.

ଭୂମି ଲୁଣ୍ଠିତ—ସ. ବଣ (୭ମୀ ତତ୍)—ଭୂମିରେ ଗଡ଼ୁଥିବା—
Bhūmi lunṭhita Rolling on the ground.

ଭୂମି ଲେପ—ସ. ବ (୬ଷ୍ଠୀ ତତ୍)—ଗୋବର (ହୁ. ଶ)
Bhūmi le[illegible]a Cowdung.

ଭୂମିଲୋକ—ଦେ. ବ—ମର୍ତ୍ତ୍ୟର ଲୋକଗଣ—The people of the
Bhūmilok a terrestrial regions. ( ଉ—ଅମ୍ଭ ଭୁଲେ ଭୁଷଲେ ଜନ୍ତୁ ଭୂମିଲୋକ । କୃଷ୍ଣସିଂହ. ମହାଭାରତ. ବନପର୍ବ । )

ଭୂମିଶଯ୍ୟା—ସଂ. ବ (୭ମୀ ତତ୍; ଭୂମି+ଶଯ୍ୟା)—ଭୂତଳରେ ଶୋଇବା—
Bhūmi śajyā Sleeping on the bare ground.

ଭୂମିଶାୟୀ—ସଂ. ବଣ. ପୁଂ (ଭୂମି+ଶୀ. ଧାତୁ+ଇନ; ୧ମା. ୧ବ)—
Bhūmi śāyī ୧। ଧରଣୀଶାୟୀ—1. Sleeping on the
(ଭୂମିଶାୟିତ-ଅନ୍ୟରୂପ) bare ground; lying on the
[ଭୂମିଶାୟିନୀ—ସ୍ତ୍ରୀ] ground. ୨। ମୃତ—2. Dead (and lying prostrate on the ground.)

ଭୂମିଷ୍ଠ—ସଂ. ବଣ. ପୁଂ (ଭୂମି+ସ୍ଥା. ଧାତୁ+କର୍ତ୍ତୃ. ଅ)—୧। ପ୍ରସୂତ;
Bhūmishṭha ଉତ୍ପନ୍ନ; ଜାତ—1. Born. ୨। ଭୂମିଶାୟିତ—
(ଭୂମିଷ୍ଠା—ସ୍ତ୍ରୀଲିଙ୍ଗ) 2. Lying prostrate on the ground. ୩। ପ୍ରଣତ—3. Bowing; stooping with the face turned towards the ground.

ଭୂମିଷ୍ଠ ହେବା—ଦେ. କ୍ରି—ପ୍ରସୂତ ହେବା; ଜନ୍ମ ହୋଇ ପଡ଼ିବା—
Bhūmishṭha hebā To be born.
ভূমিষ্ঠ হওয়া भूमिष्ठ होना

ଭୂମି ସାଉଣ୍ଟା—ଦେ. ବ—ଭୂମିରେ ଲୁଣ୍ଠନ—Rolling on the
Bhūmi sāuṇṭā ground. ( ଉ—କାଣ୍ଡଘାତରେ ଢଳେ
মাটিতেগড়াগড়ি (হওয়া) ପଡ଼ଣ କେହୋଷ୍ଠା, ଦେବେ ଭୂମି ସାଉଣ୍ଟା
भूमिमे लोटपोट (करना) ଦନୁଜଙ୍କ ଚେଷ୍ଟା। କୃଷ୍ଣସିଂହ.ମହାଭାରତ
(ପ୍ରୟୋଗ—ଭୂମିସାଉଣ୍ଟା ଦେବା) ବନପର୍ବ।)

ଭୂମିସାତ୍—ସଂ. ବ (ଭୂମି+ପରିଣତାର୍ଥେ, ସାତ୍)—ଭୂପାତିତ—
Bhūmisāt Fallen to the ground; laid on the ground; consigned to the ground.

ଭୂମି ସମ୍ପତ୍ତି—ସଂ. ବ (ଭୂମିରୂପ ସମ୍ପତ୍ତି.ରୂପକ କର୍ମଧା;ଭୂମି+ସମ୍ପତ୍ତି)—
Bhūmi sampatti ଜମିବାଡ଼ି; ଭୂସମ୍ପତ୍ତି—Landed property.

ଭୂମି ସମ୍ଭବା—ସଂ. ବି. ସ୍ତ୍ରୀ (୭ମୀ ତତ୍; ଭୂମି+ସମ୍ଭବ+ସ୍ତ୍ରୀ. ଆ)—
Bhūmi sambhabā ସୀତା—Sītā

ଭୂମି ସୁର—ସଂ. ବ—ଭୂସୁର; ବ୍ରାହ୍ମଣ—
Bhūmi sura A Brāhmaṇa.

ଭୂମିହାର—ସଂ. ବ—(ଭୂମି+ହୃ. ଧାତୁ+କର୍ତ୍ତୃ. ଅ)—ବିହାର ଓ ସଂଯୁକ୍ତ
Bhūmihāra ପ୍ରଦେଶବାସୀ ବ୍ରାହ୍ମଣଙ୍କ ଶ୍ରେଣୀବିଶେଷ—A class of Brāhmaṇas of Bihar and the United Provinces. [ଦ୍ର—ଏ ଜାତି ବହୁ ସଂଖ୍ୟା ବିହାର ପ୍ରଦେଶରେ ବାସ କରନ୍ତି। ଏମାନେ ଆପଣାଙ୍କୁ ବ୍ରାହ୍ମଣ ଜାତିର ଅନ୍ତର୍ଗତ ବୋଲି କହନ୍ତି ଓ ନିଜକୁ ବ୍ରାହ୍ମଣ ବୋଲି ପରିଚୟ ଦିଅନ୍ତି। ଏ ଜାତିର ଉତ୍ପତ୍ତି ସମ୍ବନ୍ଧେ ନାନା କଥା ଶୁଣାଯାଏ; କେହି କେହି କହନ୍ତି ଯେ ଯେଉଁ ସମୟରେ ପରଶୁରାମ ପୃଥିବୀକୁ ନିଃକ୍ଷତ୍ରିୟ କରିଥିଲେ ସେହି ସମୟରେ ସେ ଯେଉଁ ବ୍ରାହ୍ମଣମାନଙ୍କୁ ରାଜ୍ୟ ଶାସନ ଭାର ସମର୍ପଣ କରିଥିଲେ, ଭୂମିହାର ବ୍ରାହ୍ମଣମାନେ ସେମାନଙ୍କ ବଂଶଧର ଅଟନ୍ତି। କେହି କେହି କହନ୍ତି ଯେ ମଗଧରାଜା ଜରାସନ୍ଧ ପ୍ରାନୁଷ୍ଠିତ ଯଜ୍ଞ ପାଇଁ ଏକ ଲକ୍ଷ ବ୍ରାହ୍ମଣଙ୍କୁ ଲୋଡ଼ିଥିଲେ। କିନ୍ତୁ ଏତେ ସଂଖ୍ୟକ ବ୍ରାହ୍ମଣ ନ ମିଳିବାରୁ ରାଜାଙ୍କର ଏକ ମନ୍ତ୍ରୀ ଜନ୍ମାଜାତିର ଅନେକ ଲୋକଙ୍କୁ ପଇତା ପିନ୍ଧାଇ ଜରାସନ୍ଧଙ୍କ ନିକଟରେ ଆଣି ବ୍ରାହ୍ମଣ ବୋଲି ଠିଆ କରାଇ ଦେଲେ, ଏମାନେ ସେହି ବ୍ୟକ୍ତିମାନଙ୍କ ସନ୍ତାନ। ଯେ ହେଉ, ବର୍ତ୍ତମାନ ଏ ଜାତିର ବ୍ରାହ୍ମଣମାନଙ୍କଠାରେ ଯଜନ, ଯାଜନ ଆଦି ବ୍ରାହ୍ମଣୋଚିତ କର୍ମର ଅଭାବ ଦେଖାଯାଏ ଓ କ୍ଷତ୍ରିୟୋଚିତ ଅନେକ କର୍ମ ଏମାନଙ୍କଠାରେ ଦେଖାଯାଏ। ଏମାନେ ଦାନ ଗ୍ରହଣ କରନ୍ତି ନାହିଁ ଓ କ୍ଷେତବାଡ଼ି ଓ ଚାକିରି କରି ଜୀବିକାନିର୍ବାହ କରନ୍ତି। (ଦ୍ର.ଶ) ଓଡ଼ିଶାରେ ବଳଭଦ୍ର ଗୋଷ୍ଠୀ ବା ମାସ୍ତାନ ବ୍ରାହ୍ମଣଙ୍କ ପରି ବିହାରରେ ବ୍ରାହ୍ମଣ ସମାଜରେ ଏମାନଙ୍କର ପରିସ୍ଥିତି ଥିବାର ଜଣାଯାଏ। ଭୂମିହାର ବ୍ରାହ୍ମଣମାନେ ହଳ ଧରନ୍ତି, ଧୂମପାନ କରନ୍ତି।]

ଭୂମୀନ୍ଦ୍ର—ସଂ. ବ (୬ଷ୍ଠୀ ତତ୍; ଭୂମି+ଇନ୍ଦ୍ର)—ନୃପତି; ରାଜା—
Bhūmīndra King.

ଭୂମ୍ୟଧିକାରୀ—ସଂ. ବ (୬ଷ୍ଠୀ ତତ୍; ଭୂମି+ଅଧିକାରୀ)—୧। ଭୂସ୍ୱାମୀ—
Bhūmyadhikārī 1. The owner of land. ୨। ଜମିଦାର—2. Landlord; zamindar.
[ଦ୍ର—ଶିକ୍ଷିତ ଲୋକମାନେ ମଧ୍ୟ 'ଭୂମ୍ୟଧିକାରୀ' ସ୍ଥଳରେ 'ଭୂମ୍ୟାଧିକାରୀ' ଅଶୁଦ୍ଧ ଶବ୍ଦ ଲେଖୁଥିବାର ଦେଖାଯାଏ।]

ଭୂମ୍ୟାମଳକୀ—ସଂ. ବ—ଭୂଇଁ ଅଁଳା ( ଦେଖ )
Bhūmyāmalakī Bhuiñ a-añlā ( See)

ଭୂମ୍ୟାଲୀକ—ସଂ. ବ—ଜମି ସମ୍ବନ୍ଧେ ମିଥ୍ୟାଭାଷଣ (ହ୍. ସ)—
Bhūmyālīka Speaking falsehood or untruths about land.

ଭୂୟଃ(ୟସ୍)—ସଂ. ବ ( ବହୁ+ଈୟସ୍ ଶବ୍ଦ, ପ୍ରଥମା ୧ବଚନ )—
Bhūyaḥ(yas) ଆଧିକ୍ୟ; ବାହୁଲ୍ୟ—Excess. ବଣ—୧।
(ଭୂୟସୀ—ସ୍ତ୍ରୀ) ଅଧିକ; ବହୁ—1. Great; many; much. ୨। ପ୍ରଚୁର—2. Plentiful. ଅ—୧। ପୁନର୍ବାର—1. Again. ୨। ପୁନଃ ପୁନଃ—2. Repeatedly.

ଭୂୟାଁ (ଇତ୍ୟାଦି)—ଦେ. ବ—ଭୂଇଁଆଁ ଇତ୍ୟାଦି ( ଦେଖ )
Bhūyāñ (etc) ভূঞাঁ भूमिया Bhuiñāñ etc (See)
(ଉ—ଅନଳ ଲଗାଇ ହୋଇଥିବେ ମତ୍ତ ସର୍ଗୀରେ ଭୂୟାଁ ପ୍ରମଦା। ରାଧାନାଥ, ପାର୍ବତୀ।)

ଭୂୟିଷ୍ଠ—ସଂ. ବଣ (ବହୁ+ଇଷ୍ଠ)—ବହୁଳ; ଅତ୍ୟଧିକ—
Bhūyishṭha Very much; the greatest.

ଭୂୟୋଦର୍ଶନ—ସଂ. ବ (କର୍ମଧା; ଭୂୟଃ+ଦର୍ଶନ)—୧। ପର୍ଯ୍ୟବେକ୍ଷଣ-
Bhūyodarśana 1. Observation. ୨। ଭଲରି କରି ଦେଖିବା—2. Looking attentively at a thing.

ଭୂୟୋଭୂୟଃ—ସଂ. ଅ (ଭୂୟଃ+ଭୂୟଃ)—ପୁନଃପୁନଃ; ବାରମ୍ବାର—
Bhūyobhūyaḥ Repeatedly; again and again.

ଭୂର ଭାର—ଦେ. ବ—ଦାମ୍ଭିକପଣ; ଦାମ୍ଭିକତା; ଭୂରୁଭୁ—
Bhūr bhār Bravado.
দাম্ভিকতা गीदड़, भपकी

**ଭୂରି**—ସଂ. ବିଣ (ଭୂ ଧାତୁ+କର୍ତ୍ତ୍ରି. ରି)—୧ । ପ୍ରଚୁର—1. Plentiful. ୨ । ବହୁ; ଅଧିକ—2. Much; many.
Bhūri
[ଭୂରିତା(ତ୍ୱ)—ବି] (ଉଦା—ବଣାଇ ସେ ଭୂରି ଶାଳ, ବଡଲୋକ ଲୋକରେ ମେଳ । ଉପେ. ବୈଦେହୀଶବିଳାସ ।)
ବି—୧ । ସ୍ୱର୍ଣ୍ଣ—1. Gold. ୨ । ବ୍ରହ୍ମା—2. Brahmā. ୩ । ବିଷ୍ଣୁ—3. Bishṇu. ୪ । ଶିବ—4. Śiba. ୫ । ଇନ୍ଦ୍ର—5. Indra. ୬ । ସୋମଦତ୍ତଙ୍କର ଏକ ପୁତ୍ର—6. Name of a son of Somadatta.

**ଭୂରି ଗନ୍ଧା**—ସଂ. ବି—ମୁରାମାଂସୀ ନାମକ ଗନ୍ଧଦ୍ରବ୍ୟ—
Bhūri gandhā — A scented herb.

**ଭୂରି ଗମ**—ସଂ. ବି ( ଭୂରି+ଗମ୍ ଧାତୁ+କର୍ତ୍ତ୍ରି. ଅ )—
Bhūri gama — ଗଧ (ହି. ଶ)—The ass.

**ଭୂରି ତେଜାଃ**—ସଂ. ବି (ବହୁବ୍ରୀହି; ଭୂରି+ତେଜସ୍; ୧ମା. ୧ବ)—
Bhūri tejāḥ — ଅଗ୍ନି (ହି. ଶ)—Fire.

**ଭୂରି ଦକ୍ଷିଣ**—ସଂ. ବି ( ବହୁବ୍ରୀହି; ଭୂରି+ଦକ୍ଷିଣା )—ବିଷ୍ଣୁ—
Bhūri dakshiṇa — Bishṇu. ସଂ. ବିଣ—ଯେଉଁ ଯଜ୍ଞରେ ବହୁ ଦକ୍ଷିଣା ଦିଆଯାଏ—A vedic sacrifice in which great and large presents are made.

**ଭୂରି ଦୁଗ୍ଧା**—ସଂ. ବି (ବହୁବ୍ରୀହି)—ବୃଶ୍ଚିକାଳି (ହି.ଶ)—ବିଛୁଆତି ଗୁଳ୍ମ—
Bhūri dugdhā — The stinging nettle.

**ଭୂରି ଭୋଜନ**—ସଂ. ବି ( କର୍ମଧା; ଭୂରି+ଭୋଜନ )—୧ । ପୂର୍ଣ୍ଣ ଭୋଜନ—1. Full meal. ୨ । ଅନେକ ଲୋକଙ୍କୁ ଖାଇବାକୁ ଦେବା—2. The feeding of many people.
Bhūri bhojana

**ଭୂରି ମଞ୍ଜରୀ**—ସଂ. ବି (ବହୁବ୍ରୀହି)—ଧଳା ତୁଳସୀ (ହି. ଶ)—
Bhūri mañjari — The white or green variety of the Holy Basil plant.

**ଭୂରି ରସ**—ସଂ. ବି (ବହୁବ୍ରୀହି)—ଆଖୁ (ହି. ଶ)—
Bhūri rasa — Sugarcane.

**ଭୂରିଶଃ**—ସଂ. ଅ ( ଭୂରି+ବାରାର୍ଥେ ଶସ୍ )—ବହୁବାର—Many times; times without number.
Bhūriśaḥ

**ଭୂରିଶ୍ରବାଃ(ବା)**—ସଂ. ବି ( ଭୂରି ଶ୍ରବସ୍; ୧ମା. ୧ବ )—ଚନ୍ଦ୍ରବଂଶୀୟ ରାଜା ସୋମଦତ୍ତଙ୍କ ପୁତ୍ର—A prince of the lunar dynasty, killed by Arjuna.
Bhūri śrabāḥ(bā)
[ଦ୍ର—ଏ ମହାଭାରତ ଯୁଦ୍ଧରେ କୌରବ ପକ୍ଷରେ ଯୁଦ୍ଧ କରି ଶେଷରେ ଅର୍ଜ୍ଜୁନଙ୍କ ଦ୍ୱାରା ନିହତ ହୋଇଥିଲେ ।]

**ଭୂରିଶ୍ରବା ପାଗ ବାନ୍ଧୁ ବାନ୍ଧୁ ମହାଭାରତ ଶେଷ** (ନ୍ୟାୟ; ଯାଜପୁର)—
Bhūriśrabā pāga bāndhu bāndhu mahābhārata śesha — ଭୂରିଶ୍ରବା ଯୁଦ୍ଧକୁ ଯିବାକୁ ସଜ୍ଜିତ ହେଉ ହେଉ ଅଠର ଦିନ ଯୁଦ୍ଧ ଶେଷ ହେବା ନ୍ୟାୟ; (ତୁଳ—ପାଗ ବାନ୍ଧୁ ବାନ୍ଧୁ କଟକ ବଜାର)—(analogy) To miss a function while making elaborate preparations to attend for the same.

**ଭୂରୁ**—ଦେ. ବି ( ସଂ. ଭ୍ରୂ )—ଭ୍ରୂଲତା—Eyebrow (ଉଦା—ମଞ୍ଜୁଳ ଭୂରୁ ତଳ ନୟନାଞ୍ଚଳ ଦେଶରେ ଖେଳ । କବିସୂର୍ଯ୍ୟ. ସଙ୍ଗୀତ । )
Bhūru
ଭ୍ରू मैं

**ଭୂରୁକ୍ଷେପ**—ଦେ. ବି—ଭ୍ରୂକ୍ଷେପ ( ଦେଖ )
Bhūrukshepa — Bhrūkshepa ( See )
भ्रूक्षेप (ଉଦା—ଦେଖି ପ୍ରଭମା ପ୍ରିୟ ରୂପ, କୃଷ୍ଣଙ୍କୁ ନାହିଁ ଭୂରୁକ୍ଷେପ । ଭୂପତି. ପ୍ରେମପଞ୍ଚାମୃତ ।)
भ्रूक्षेप

**ଭୂରୁ ଭଙ୍ଗ(ଙ୍ଗୀ)**—ଦେ. ବି (ପଦ୍ୟ)—ଭ୍ରୂଭଙ୍ଗ ( ଦେଖ )
Bhūru bhaṅga(ṅgī) — Bhrūbhaṅgi ( See )
भ्रूभङ्गि (ଉଦା—ନୀଳ ତରଙ୍ଗେ ଭୂରୁଭଙ୍ଗୀ ଚଞ୍ଚଳ । ରାଧାନାଥ. ମେଘଦୂତ ।)

**ଭୂରୁ ଲତା**—ଦେ. ବି (ସଂ. ଭ୍ରୂଲତା)—ଭ୍ରୂଲତା—Eye-brow.
Bhūru latā (ଉଦା—କାମ ଧନୁ ପରି ଭୂରୁଲତା ଦୁଇ— (ଭୂରୁଲେଖା—ଅନ୍ୟରୂପ) କୃଷ୍ଣସିଂହ. ମହାଭାରତ. ବନପର୍ବ ।)
भ्रूलता मैं

**ଭୂରୁହ**—ସଂ ବି ( ଭୂ+ରୁହ୍ ଧାତୁ+ଅ )—୧ । ବୃକ୍ଷ—1. Tree. ୨ । ବୃକ୍ଷଲତାଦି—2. Vegetables. ୩ । ଅର୍ଜ୍ଜୁନ ବୃକ୍ଷ—3. Arjuna (tree). ୪ । ଶାଳ ବୃକ୍ଷ—4. Śāḷa (tree).
Bhū ruha

**ଭୂର୍ଜ୍ଜ**—ସଂ. ବି—କୋମଳ ଚର୍ମବତ୍ ତ୍ୱକ୍‌ବିଶିଷ୍ଟ ବୃକ୍ଷବିଶେଷ—
Bhūrjja — A variety of the Birch tree; Betula Utilis; Betula Bhojpatra (Kirtikar). [ ଦ୍ର—ଏହା ହିମାଳୟ ପ୍ରଦେଶରେ ଜନ୍ମେ । ଏଥିର ତ୍ୱକ୍ ସ୍ତରସ୍ତର ହୋଇ ପତଳା ଚମଡ଼ା ପରି ଛାଡ଼ିଯାଏ । ପୂର୍ବେ ହିନ୍ଦୁମାନେ ଏହି ବକ୍କଲରେ ଲେଖୁଥିଲେ । ବର୍ତ୍ତମାନ ଏଥିରେ ଯନ୍ତ୍ର ମନ୍ତ୍ର ଲେଖାଯାଏ; ଘର ଛାଅଣି କରିବା ପାଇଁ ଏ ଗଛର କାଠ ବ୍ୟବହୃତ ହୁଏ— ଯୋଗେଶଚନ୍ଦ୍ର । ]
भेजपत्र (Kirtikar)

**ଭୂର୍ଜ୍ଜପତ୍ର**—ସଂ. ବି ( ୬ଷ୍ଠୀ ତତ୍; ଭୂର୍ଜ୍ଜ+ପତ୍ର )—ଭୂର୍ଜ୍ଜ ଗଛର ବକଳ; ଭୋଜ ପତ୍ର—The bark of the Birch tree (used like paper). [ ଦ୍ର—ପୂର୍ବେ ଯେଉଁପରି ହିନ୍ଦୁମାନେ ଭୂର୍ଜ୍ଜପତ୍ରରେ ଲେଖୁଥିଲେ ଇଉରୋପର ଲୋକେ ମଧ୍ୟ Papyrus ( ପାପିରସ୍ ) ନାମକ ଗଛର ଛାଲଦ୍ୱାରା କାଗଜ କାମ ଚଳାଉଥିଲେ ଓ ଏହି ଗଛର ନାମରୁ କାଗଜର ଇଂରାଜୀ ପ୍ରତିଶବ୍ଦ Paper ( ପେପର୍ ) ଉଦ୍ଭୂତ ହୋଇଅଛି । ]
Bhūrjja patra

**ଭୂର୍ତା(ର୍ତେ)ଇବା**—ପ୍ରାଦେ ( ଗଡ଼ଜାତ ) କ୍ରି—ଭଣ୍ଡାଇବା; ଭୁଲାଇବା—To inveigle.
Bhūrtā(rte)ibā
[ଭୁର୍ତାଭୁର୍ତି କରିବା, ଭୂରୁଡା(ରୁଡେ)ଇବା—ଅନ୍ୟରୂପ ]

**ଭୂର୍ଲୋକ**—ସଂ. ବି (ଭୂଃ+ଲୋକ)—ଭୂଲୋକ; ପୃଥିବୀ; ମର୍ତ୍ତ୍ୟଲୋକ—
Bhūrloka — The earth.

**ଭୂଲତା**—ସଂ. ବି ( ୬ଷ୍ଠୀ ତତ୍; ଭୂ+ଲତା )—କେଞ୍ଚୁଆ; ଜିଆ—
Bhūlatā — Earth-worm.

ଭୂଲୋକ—ସଂ. ବି—ମର୍ତ୍ତ୍ୟଲୋକ—The earth.
Bhūloka

ଭୂଶକ୍ର—ସଂ. ବି ( ୬ଷ୍ଠୀ ତତ୍ )—ରାଜା—King.
Bhūśakra (ଭୂବଜ୍ଞ—ଅନ୍ୟରୂପ)

ଭୂଶୟ—ସଂ. ବି. ପୁଂ ( ଭୂ+ଶୀ ଧାତୁ=ଶୋଇବା+କର୍ତ୍ତୃ.ଅ )—୧ । ବିଷ୍ଣୁ—1. Bishṇu. ୨ । ନେଉଳ; ଗୋଧି ଆଦି ବିଳେଶୟ ଜୀବ—2. The class of animals living in dens or burrows.
Bhūśaya
(ଭୂଶୟା—ସ୍ତ୍ରୀ)

ଭୂଶଯ୍ୟା—ସଂ. ବି ( ୭ମୀ ତତ୍ )—ଭୂମିଶଯ୍ୟା ( ଦେଖ )
Bhūśajyā Bhūmiśajyā ( See )

ଭୂଶାୟୀ—ସଂ. ବିଣ. ପୁଂ ( ଭୂ+ଶୀ ଧାତୁ+କର୍ତ୍ତୃ. ଇନ୍; ୧ମା. ୧ବ )—୧ । ପୃଥିବୀ ଉପରେ ଶୋଇଥିବା—1. Sleeping or lying on the bare ground. ୨ । ଭୂମିରେ ପଡ଼ି ଯାଇଥିବା—2. Fallen down. ୩ । ମୃତ ( ଲୁ. ପ୍ର )—3. Dead.
Bhūśāyī
(ଭୂଶାୟିନୀ—ସ୍ତ୍ରୀ)

ଭୂଷଣ—ସଂ. ବି ( ଭୂଷ୍ ଧାତୁ+କରଣ. ଅନ )—୧ । ଅଳଙ୍କାର; ଗହଣା—1. Ornament. ୨ । ସଜ୍ଜା—2. Paraphernalia. ୩ । ( +ଭାବ. ଅନ ) ଶୋଭା—3. Beauty. ୪ । ଅଳଙ୍କାର ପିନ୍ଧାଇବା—4. Decoration. ୫ । ( +କର୍ତ୍ତୃ. ଅନ ) ବିଷ୍ଣୁ—5. Bishṇu. ସଂ. ବିଣ. ପୁଂ ( ଲକ୍ଷଣାର୍ଥ )—ଭୂଷଣସ୍ୱରୂପ; ଶୋଭା ବା ପ୍ରଶଂସା ବା ଗୌରବବର୍ଦ୍ଧକ ( ଯଥା—ସ୍ୱର୍ଗତ ମଧୁସୂଦନ କୁଳଭୂଷଣ ପୁତ୍ର ଥିଲେ )—( figurative ) Glorifying; glorious; an ornament ( as in 'he was an ornament to the society' ). ଦେ. ବି—ଭୂଷିତ; ଅଳଙ୍କୃତ—Decorated. [ ଉ—ବକ୍ଷୁଦରେ ଭୂଷଣ, ଶିରେ କିରୀଟ ଧରଣ, ପ୍ରାସାଦ ଭୂଅରେ ବସିଲେ । ବିଚିତ୍ର ରାମାୟଣ । ] ଦେ. ବି—୧ । ପ୍ରଶଂସାଯୋଗ୍ୟ ବିଷୟ—1. A praiseworthy thing. ୨ । ଶୋଭାଯୁକ୍ତ ବିଷୟ—2. Graceful thing.
Bhūshaṇa

ଭୂଷଣ କଥା—ଦେ. ବି—ପ୍ରଶଂସାର ବିଷୟ, ଶୋଭନୀୟ; ବିଷୟ—A praisworthy matter.
Bhūshaṇa kathā

ଭୂଷଣ ପ୍ରିୟ—ସଂ. ବିଣ. ପୁଂ ( ବହୁବ୍ରୀହି )—ଅଳଙ୍କାର ପ୍ରିୟ—Fond of ornaments or decorations.
Bhūshaṇa priya
(ଭୂଷଣପ୍ରିୟା—ସ୍ତ୍ରୀ) (ଭୂଷଣପ୍ରିୟତା—ବି)

ଭୂଷଣୀ—ଦେ. ବିଣ, ସ୍ତ୍ରୀ ( ସଂ. ଭୂଷିତା )—ଭୂଷିତା; ଅଳଂକୃତା—Adorned with ornaments. [ ଉ—ବରବର୍ଣ୍ଣିନୀ ନାନାରତ୍ନ ଭୂଷଣୀ ପାରୁଷରେ ଛଟ ଛଟ । ଭଞ୍ଜ. ବୈଦେହୀଶ ବିଳାସ । ]
Bhūshaṇī

ଭୂଷଣୀୟ—ସଂ. ବିଣ ( ଭୂଷ୍ ଧାତୁ+କର୍ମ. ଅନୀୟ )—ଅଳଙ୍କରଣୀୟ—Fit to be decorated.
Bhūshaṇīya

ଭୂଷଣ୍ଡ—ସଂ. ବି. ପୁଂ—ଭୁଷଣ୍ଡ ( ଦେଖ )—Bhushaṇḍa (See)
Bhūshaṇḍa (ଭୂଷଣ୍ଡୀ—ସ୍ତ୍ରୀ)

ଭୂଷା—ସଂ. ବି (ଭୂଷ୍ ଧାତୁ+କରଣ. ଅ+ସ୍ତ୍ରୀ. ଆ )—୧ । ଅଳଙ୍କାର; ଭୂଷଣ—1. Ornament; decoration. ଦେ. ବି ( ସଂ. ବିଦ୍ ଧାତୁ )—ବିନ୍ଧିବା; ବେଣ୍ଟିବା—Thrusting; goring. [ ଉ—ଅନଙ୍ଗ ବାଣବରଷା, ସଙ୍ଗେ ତ ଭୁରଙ୍ଗଦୃଷା, ସନ୍ତୋଷ ଅପାଙ୍ଗଭୂଷା ମିଶିଲା ରେ । ଉପେନ୍ଦ୍ରଭଞ୍ଜ, ସଙ୍ଗୀତ । ]
Bhūshā

ଭୂଷାଇବା—ଦେ. (ପଦ୍ୟ) କ୍ରି ( ସଂ. ଭୂଷ୍ ଧାତୁ, ଭୂଷିବା କ୍ରିୟାର ଣିଜନ୍ତରୂପ )—ଅନ୍ୟଦ୍ୱାରା ଭୂଷଣ କ୍ରିୟା କରାଇବା—To cause to decorate.
Bhūshāibā

ଭୂଷାବତୀ—ସଂ. ବିଣ, ସ୍ତ୍ରୀ ( ଭୂଷା+ବତ୍+ସ୍ତ୍ରୀ. ଈ )—ଅଳଙ୍କୃତା—Decorated with ornaments.
Bhūshābatī
( ଭୂଷାବାନ୍—ପୁଂ )

ଭୂଷିତ—ସଂ. ବିଣ ( ଭୂଷା+ଇତ )—ଅଳଙ୍କୃତ—Decorated; adorned.
Bhūshita (ଭୂଷିତା—ସ୍ତ୍ରୀ)

ଭୂଷିବା—ଦେ. (ପଦ୍ୟ) କ୍ରି—(ସ. ଭୂଷ୍. ଧାତୁ)—ଭୂଷଣ କରିବା; ମଣ୍ଡିବା—To deck; to decorate. (ଉ—ଭୂଷା ଭୂଷଣା ଅଳକା ଶିର ଭୂଷଇ ଦେ । ରାଧାନାଥ. ମେଘଦୂତ ।)
Bhūshibā

ଭୂଷ୍ଣୁ—ସଂ. ବିଣ—(ଭୂ. ଧାତୁ+ଶୀଳାର୍ଥେ. ସ୍ନୁ; ତୁଳ. ଜିଷ୍ଣୁ, ସହିଷ୍ଣୁ)—୧ । ଉତ୍ପତ୍ତିଶୀଳ; ଜନ୍ମଶୀଳ—1. Habituated to be born. ୨ । ଭବିଷ୍ୟତ—2. Future.
Bhūshṇu

ଭୂଷ୍ୟ—ସ. ବିଣ (ଭୂଷ୍. ଧାତୁ+କର୍ମ. ଯ)—ଭୂଷଣୀୟ (ଦେଖ)
Bhūshya Bhūshaṇīya (See).

ଭୂ ସଂସ୍କାର—ସ. ବି (୬ଷ୍ଠୀ ତତ୍)—ଯଜ୍ଞ, ହୋମ, ବୈଶ୍ୱଦେବ ଆଦିର ପୂର୍ବରୁ ଭୂମିରେ ରେଖାଙ୍କନ, କୁଶ, ଗୋମୟ ଓ ଉଦକ ଦ୍ୱାରା ବିଧିପୂର୍ବକ ଭୂମିର ସଂସ୍କାର ବା ପରିଷ୍କରଣ—The consecration or ceremonial cleansing of the site for a vedic fire-sacrifice or Baiswadeba.
Bhū saṁskāra

ଭୂ ସାଇଁ—ଦେ. ବି—(ସଂ. ଭୂସ୍ୱାମୀ)—ରାଜା—King.
Bhū sāiñ

ଭୂ ସୁତ—ସଂ. ବି (୬ଷ୍ଠୀ ତତ୍; ଭୂ+ସୁତ)—୧ । ମଙ୍ଗଳଗ୍ରହ—1. The planet Mars. ୨ । ବୃକ୍ଷଲତାଦି—2. Trees and plants; vegetables. ୩ । ନରକାସୁର—3. A demon.
Bhū suta

ଭୂସୁର—ସଂ. ବି— (୬ଷ୍ଠୀ ବା ୭ମୀ ତତ୍)—ବ୍ରାହ୍ମଣ—Brāhmaṇa.
Bhūsura

ଭୂସ୍ତୃଣ—ସଂ. ବି—ଭୂତୃଣ (ଦେଖ)
Bhūstṛuṇa Bhutṛuṇa (See)

ଭୂସ୍ଥ—ସ. ବିଣ ( ଭୂ+ସ୍ଥା ଧାତୁ+କର୍ତ୍ତୃ. ଅ )—ପୃଥିବୀସ୍ଥିତ—Situated on the earth. ସ. ବି—ମନୁଷ୍ୟ ( ଲୁ. ପ୍ର )—Man.
Bhūsthā
(ଭୂସ୍ଥା—ସ୍ତ୍ରୀ)

ଭୂସ୍ୱର୍ଗ—ସଂ. ବି (୭ମୀ ତତ୍; ଭୂ+ସ୍ୱର୍ଗ; ପୌରାଣିକ)—ସୁମେରୁ ପର୍ବତ—Bhū swarga The Sumeru mountain. ଦେ. ବି ପୃଥିବୀରେ ଥିବା ସ୍ୱର୍ଗପରି ସୁରମ୍ୟ ସ୍ଥାନ—A delightful place like paradise on earth.

ଭୂସ୍ୱାମୀ—ସଂ. ବି. ପୁଂ ( ଭୂ+ସ୍ୱାମିନ୍, ୬ମୀ. ୧ବ )—୧ । ଜମିଦାର—Bhūswāmi 1. Landlord; zemindar. ୨ । ଭୂପତି; (ଭୂସ୍ୱାମିନୀ—ସ୍ତ୍ରୀ) ରାଜା—2. King.

ଭ୍ରୁ (ଧାତୁ)—ସଂ—୧ । ଧାରଣ କରିବା—1. To hold; to sus- Bhru (root) tain. ୨ । ଭରଣ କରିବା; ପୋଷିବା—2. To maintain.

ଭ୍ରୁକୁଂଶ(ସ)—ସଂ. ବି. ପୁଂ [ ଭ୍ରୁ+କୁନ୍ ଶ(ସ) ଧାତୁ=ପ୍ରାପ୍ତି ପାଇବା+ Bhrukumśa(sa) ସ୍ୱାର୍ଥେ ଅ ]—ସ୍ତ୍ରୀବେଶଧାରୀ ନର୍ତ୍ତକ ( ସୁବଳଚନ୍ଦ୍ର )—A male-dancer in female attire.

ଭ୍ରୁକୁଟି(ଟୀ)—ସଂ. ବି ( ଭ୍ରୁ+କୁଟ୍ ଧାତୁ=କୁଟିଳ ହେବା+ଇ; ଈ Bhrukuṭi(ṭi) ଲିଙ୍ଗପାତନ )—ଭ୍ରୂଭଙ୍ଗୀ—A frown; contraction of the eye brow. ଦେ. ବି ( ସଂ. ଭଙ୍ଗୀ )—ଭଙ୍ଗୀ; ଶିବାନୁଚର—Name of an attendant of Siba.

ଭ୍ରୁକୁଟି(ଟୀ) କୁଟିଳାନନ—ସଂ. ବି ( ଭ୍ରୁକୁଟୀଦ୍ୱାରା କୁଟିଳ ଆନନ; Bhrukuṭi(ṭi) kuṭilānana ୩ୟା ତତ୍ ଓ କର୍ମଧା )—ଭ୍ରୂଭଙ୍ଗୀଦ୍ୱାରା ବକ୍ର ହୋଇଥିବା ମୁଖ—A face made wry with frowning; scowling face. ସଂ. ଣ. ପୁଂ ( ୩ୟା ତତ୍ ଓ ବହୁବ୍ରୀହି )—ଭ୍ରୁକୁଟିଦ୍ୱାରା ଯାହା ମୁହଁ ବଙ୍କା ହୋଇଛି—With the face made wry with frowning; scowling. [ଭ୍ରୁକୁଟି(ଟୀ) କୁଟିଳାନନା—ସ୍ତ୍ରୀ]

ଭ୍ରୁକୁଣ୍ଡା (ଇତ୍ୟାଦି)—ଭୁରୁକୁଣ୍ଡା ଇତ୍ୟାଦି ( ଦେଖ ) Bhrukundā (etc) Bhur-kundā etc ( See)

ଭୃଗୁ—ସଂ. ବି ( ଭ୍ରସଜ୍ ଧାତୁ=ଭାଜିବା+ଉ )—୧ । ଶୁକ୍ରାଚାର୍ଯ୍ୟଙ୍କ Bhrugu ପିତା, ବ୍ରହ୍ମାଙ୍କର ଏକ ମାନସ ପୁତ୍ର ଓ ପ୍ରଜାପତି-ବିଶେଷ; ମୁନି ବିଶେଷ—1. Name of a sage, father of Sukra and a progenitor of mankind. [ ପୁ—ମହାଭାରତରେ ଲେଖାଅଛି ଯେ, ଥରେ ରୁଦ୍ର ଏକ ଯଜ୍ଞ କରୁଥିଲେ ଓ ତାହା ଦେଖିବାକୁ ବହୁ ଦେବ, ଦେବୀ, ଦେବକନ୍ୟା ଓ ଋଷିମାନେ ଉପସ୍ଥିତ ହୋଇଥିଲେ । ବ୍ରହ୍ମା ଉକ୍ତ ଯଜ୍ଞରେ ଅଧ୍ୱର୍ଯ୍ୟୁ ହେବା ସମୟରେ ଦେବକନ୍ୟାମାନଙ୍କ ରୂପରେ ମୋହିତ ହେଲେ ଓ ତାଙ୍କର ରେତଃପାତ ହେଲା । ସୂର୍ଯ୍ୟ ଉକ୍ତ ରେତଃକୁ ଅପଣା କରଣଦ୍ୱାରା ଆକର୍ଷଣ କରି ନେଇ ଅଗ୍ନିରେ ପକାଇଲେ ଓ ଉକ୍ତ ଆର୍ଯ୍ୟରୁ ଯଜ୍ଞାଗ୍ନି ଶିଖା ମଧ୍ୟରୁ ଭୃଗୁଙ୍କର ଜନ୍ମ ହେଲା । କେହି କେହି କହନ୍ତି ଏ ଶିବଙ୍କ ପୁତ୍ର । ଏହାଙ୍କର ପୁତ୍ର ଶୁକ୍ରାଚାର୍ଯ୍ୟ; ପରଶୁରାମ ଏହାଙ୍କ ବଂଶରେ ଜନ୍ମିଥିଲେ । କେହି କେହି କହନ୍ତି ଏ ବ୍ରହ୍ମାଙ୍କ ମାନସ ପୁତ୍ର ଥିଲେ ଓ ବ୍ରହ୍ମା ଏହାଙ୍କୁ ଅନ୍ୟତମ ପ୍ରଜାପତିରୂପେ ନିଯୁକ୍ତ କରିଥିଲେ । ଦକ୍ଷପୁତ୍ରୀ ଖ୍ୟାତିଙ୍କ ସହିତ ଏହାଙ୍କର ବିବାହ ହେଲା । ବିଷ୍ଣୁପତ୍ନୀ ଲକ୍ଷ୍ମୀ ଏହାଙ୍କ କନ୍ୟା ଓ ଏହାଙ୍କର ଦୁଇ ପୁତ୍ର ଧାତା ଓ ବିଧାତା । ଏ ଧନୁର୍ବିଦ୍ୟାର ପ୍ରବର୍ତ୍ତକ ଓ ଭୃଗୁବଂଶର ଆଦିପୁରୁଷ । ଋଚୀକ ରାଜା କାର୍ତ୍ତବୀର୍ଯ୍ୟ ଶତ୍ରୁ ଭୟରେ ଏହାଙ୍କର ଶରଣ ପଶିବାରୁ ଏ ତାଙ୍କୁ ବ୍ରାହ୍ମଣତ୍ୱ ପ୍ରଦାନ କରି ଶତ୍ରୁ ଭୟରୁ ମୁକ୍ତ କରିଥିଲେ । ବ୍ରହ୍ମା, ବିଷ୍ଣୁ ଓ ମହେଶ୍ୱରଙ୍କ ମଧ୍ୟରେ କିଏ ଶ୍ରେଷ୍ଠ ଏହା ପରୀକ୍ଷା କରିବା ପାଇଁ ମୁନିଋଷିମାନେ ଏହାଙ୍କୁ ନିଯୁକ୍ତ କରିଥିଲେ । ଏ ପ୍ରଥମେ ବ୍ରହ୍ମାଙ୍କ ପାଖେ ପହଞ୍ଚି ପରୀକ୍ଷା କରିବାକୁ ତାଙ୍କୁ ପ୍ରଣାମ ନ କରିବାରୁ ବ୍ରହ୍ମା କୁପିତ ହୋଇ ତାଙ୍କୁ ତିରସ୍କାର କଲେ; ପରେ ଭୃଗୁ ସ୍ତବ କରି ବ୍ରହ୍ମାଙ୍କୁ ତୁଷ୍ଟ କଲେ । ସେଠାରୁ ଯାଇ ମହାଦେବଙ୍କ ପାଖେ ପହଞ୍ଚି ତାଙ୍କୁ ନମସ୍କାର ନ କରିବାରୁ ମହାଦେବ କୁପିତ ହୋଇ ତାଙ୍କୁ ଭସ୍ମୀଭୂତ କରିବାକୁ ଉଦ୍ୟତ ହେଲେ ଓ ଭୃଗୁ ସ୍ତୁତିଦ୍ୱାରା ମହାଦେବଙ୍କ କ୍ରୋଧ ଶାନ୍ତ କରି ବିଷ୍ଣୁଙ୍କଠାକୁ ଗଲେ; ବିଷ୍ଣୁ ସେତେବେଳେ ଶୋଇଥିଲେ, ତାଙ୍କୁ ପରୀକ୍ଷା କରିବାକୁ ଭୃଗୁ ବିଷ୍ଣୁଙ୍କ ହୃଦସ୍ଥଳରେ ଏକ ଗୋଇଠା ମାରିଲେ । ବିଷ୍ଣୁଙ୍କ ନିଦ୍ରାଭଙ୍ଗ ହେଲା ଓ ପଦାଘାତ କରିଥିବା ହେତୁ ସେ ଭୃଗୁଙ୍କ ଉପରେ କୁପିତ ହେବା କଥା ଦୂରେ ଥାଉ, ବିଷ୍ଣୁଙ୍କ ହୃଦୟର କଠୋରତା ଯୋଗୁଁ ତାଙ୍କ ପାଦର ବ୍ୟଥା ହୋଇଅଛି କି ନାହିଁ ବିଷ୍ଣୁ ଭୃଗୁଙ୍କୁ ପଚାରି ଭୃଗୁଙ୍କ ପଦସେବା କରିବାକୁ ଲାଗିଲେ । ବିଷ୍ଣୁ ନିଜର ବକ୍ଷରେ ଅଦ୍ୟାପି ଭୃଗୁ ପଦାଘାତଚିହ୍ନ ଧାରଣ କରିଥିବାର କଥିତ । ଏହା ଦେଖି ଭୃଗୁ ସ୍ଥିର କଲେ ବିଷ୍ଣୁହିଁ ସର୍ବଶ୍ରେଷ୍ଠ ଦେବ—ସୁବଳଚନ୍ଦ୍ର । ] ୨ । ଦ୍ରୋଣାଚାର୍ଯ୍ୟ ( ସୁବଳଚନ୍ଦ୍ର ) —2. A name of Droṇa. ୩ । ଶୁକ୍ରଗ୍ରହ—3. The planet Venus. ୪ । ଶିବ—4. Siba. ୫ । ଅତ୍ୟୁଚ୍ଚ ସ୍ଥାନ—5. High and steep land. ୬ । ପର୍ବତର ତାଳୁଦେଶ—6. The brow of a mountain. ୭ । ପର୍ବତର ଗଡ଼ାଣିଆ ସ୍ଥାନ ( ଯେଉଁଠାରୁ ଗଡ଼ି ପଡ଼ିଲେ ମନୁଷ୍ୟ ପର୍ବତର ମୂଳଯାକେ ଏକାଦମ୍ ଗଡ଼ିଆସେ )—7. Precipice; the steep slope of a mountain. ୮ । ପ୍ରପାତ—8. Waterfall; cataract; cascode. ୯ । ପର୍ବତରେ ତାଳୁଦେଶରେ ଥିବା ସମତଳ ଭୂମି—9. Table land. ୧୦ । ପରଶୁରାମ (ହ. ଶ)—10. Parasurāma. ୧୧ । ଭୃଗୁମୁନିଙ୍କ ବଂଶ ( ଚୁବଳ ) 11. The race of which the progenitor was Bhrugu. ୧୨ । ଶୁକ୍ରାଚାର୍ଯ୍ୟ ( ହ. ଶ )—12. Sukra, the preceptor of the demons. ୧୩ । ଜମଦଗ୍ନି ( ହ. ଶ )—13. Jamadagni; the father of Parasurāma.

**ଭୃଗୁକଚ୍ଛ**—ସ. ବ—ହିନ୍ଦୁମାନଙ୍କର ଏକ ପ୍ରସିଦ୍ଧ ପ୍ରାଚୀନ ତୀର୍ଥ, ଆଧୁନିକ **Bhṛugukachchha** ଭରୋଚ ବା ବ୍ରୋଚ—The Sanscrit name of Broach on the mouth of the Narbuda river in Bombay presidency.
ଭରୋଚ
भडोच
[ଦ୍ର—ଏହା ବୋମ୍ବେ ପ୍ରଦେଶଭୁକ୍ତ, ନର୍ମଦା ନଦୀ କାମ୍ବେ ଉପସାଗରରେ ପଡ଼ିଥିବା ମୁହାଣ ନିକଟରେ ଏ ନଗର ଅବସ୍ଥିତ ।]

**ଭୃଗୁଜ**—ସ. ବଣ. ପୁଂ ( ଭୃଗୁ+ଜନ୍ ଧାତୁ+କର୍ତ୍ତୃ ଅ )—**Bhṛuguja** ଭୃଗୁବଂଶ ଜାତ—Born in the family of Bhṛugu. ସ. ବ—୧ । ଭୃଗୁଙ୍କ ପୁତ୍ର—1. Son of Bhṛugu. ୨ । ଭୃଗୁବଂଶୀୟ ବ୍ୟକ୍ତି—2. A scion of the Bhṛugu family. ୩ । ଶୁକ୍ରାଚାର୍ଯ୍ୟ—3. Śukrāchārjya.

**ଭୃଗୁପତି**—ସ. ବ ( ୬ଷ୍ଠୀ ତତ୍; ଭୃଗୁ=ଭୃଗୁ ବଂଶ+ପତି=ଶ୍ରେଷ୍ଠ **Bhṛugupati** ବୀର )—ଭାର୍ଗବ; ପରଶୁରାମ (ବିଷ୍ଣୁଙ୍କ ଅବତାର)—Paraśurāma, an incarnation of Bishṇu.
ଭୃଗୁସୁତ
ଭୃଗୁନନ୍ଦ (ନନ୍ଦନ)
ଭୃଗୁନାଥ
ଭୃଗୁନାୟକ
ଭୃଗୁରାମ
} ଅନ୍ୟରୂପ

**ଭୃଗୁ ବାର**—ସ. ବ—ଶୁକ୍ରବାର —Friday.
**Bhṛugu bāra** (ଭୃଗୁବାସର—ଅନ୍ୟରୂପ)

**ଭୃଗୁମାନ୍**—ସ. ବଣ (ଭୃଗୁ+ମତ୍; ୧ମା. ୧ବ)—ଗଡ଼ାଣିଆ (ପର୍ବତ)-**Bhṛugumān** Precipitous; steep (mountain). (ଉ—ଭୁବନେଶ୍ୱରେ ମାଲବନ୍ତି ଭୃଗୁମାନ ଗିର । ରାଧାନାଥ-ଯଯାତି ।) (ଭୃଗୁମାନ—ଦେଶଜରୂପ)

**ଭୃଗୁ ରେଖା**—ସ. ବ (ମ. ପ. ଲୋ)—ବିଷ୍ଣୁଙ୍କ ବକ୍ଷୋଦେଶରେ ଭୃଗୁ-**Bhṛugu rekhā** ମୁନିଙ୍କ ପଦାଘାତର ଚିହ୍ନ (ହ୍ର. ଶବ୍ଦସାଗର)—(ଭୃଗୁଲତା—ଅନ୍ୟରୂପ) The mark left on the breast of Bishṇu by the kick of sage Bhṛugu.

**ଭୃଗୁ ସୁତ**—ସ. ବ (୬ଷ୍ଠୀ ତତ୍)—୧ । ଶୁକ୍ରାଚାର୍ଯ୍ୟ (ହ୍ର. ଶବ୍ଦସାଗର)—**Bhṛugu suta** 1. Sage Śukra. ୨ । ଶୁକ୍ରଗ୍ରହ (ହ୍ର.ଶ)—2. The planet Venus.

**ଭୃକୁଂଶ**—ସ. ବ—ସ୍ତ୍ରୀ ବେଶଧାରୀ ନଟ (ହ୍ର. ଶବ୍ଦସାଗର)—**Bhṛuṅkuśa** A dancer or actor appearing in a female garb.

**ଭୃଙ୍ଗ**—ସ.ବ (ଭୃ.ଧାତୁ+କର୍ତ୍ତୃ.ଗ)—୧ । ଭ୍ରମର—1. The humble **Bhṛuṅga** bee. ୨ । ଭୃଙ୍ଗରାଜ ପକ୍ଷୀ—2. The fork-tailed shrike; the black drongo. ୩ । ବିଟ; ଲମ୍ପଟ ବ୍ୟକ୍ତି—3. A libertine; a lecher. ୪ । ସ୍ୱର୍ଣ୍ଣର ଜଳପାତ୍ର—4. A golden vase. ୫ । ଗୁଳ୍ମବିଶେଷ; କେଶରୁତୁରି—5. Name of a plant. ୬ । ଗୁଡ଼ତ୍ୱକ୍ ଗଛ—6. Cinnamon. ୭ । ଭୃଙ୍ଗରାଜ ଗଛ—7. Wedelia Calendulacea. (ଉ—ଭୃଙ୍ଗଭୃଙ୍ଗ ଭୃଙ୍ଗ ଭୃଙ୍ଗ କରେ କେଳ, ବଳୀ ବଳୀ ବନିତା କ ପୁଷ୍ପହାସେ ଫୁଲ । ଉଦ୍ଧ. ବୈଦେହୀଶବିଳାସ । ) ୮ । ଭିରୁଡି—8. Wasp.

**ଭୃଙ୍ଗକ**—ସ. ବ (ଭୃଙ୍ଗ+କ)—ଭୃଙ୍ଗରାଜ (ଦେଖ)
**Bhṛuṅgaka** Bhīmarāja (See).

**ଭୃଙ୍ଗଜ**—ସ. ବ (ଭୃଙ୍ଗ+ଜନ୍ ଧାତୁ+କର୍ତ୍ତୃ. ଅ)—ଅଗୁରୁ (ହ୍ର.ଶ)—**Bhṛuṅgaja** Agallochium.

**ଭୃଙ୍ଗଜା**—ସ. ବ (ଭୃଙ୍ଗଜ+ଆ)—ଭାର୍ଗୀ; ବ୍ରାହ୍ମଣଯଷ୍ଟିକା—**Bhṛuṅgajā** Clerodendron Siphonanthus (plant).

**ଭୃଙ୍ଗଟ**—ଦେ. ବ—ବୈରାଗୀଙ୍କ ପରିଧାନବିଶେଷ—**Bhṛuṅgaṭa** A cloth worn by ascetics.

**ଭୃଙ୍ଗପ୍ରିୟା**—ସ. ବ—ମାଧବୀଲତା—Name of a creeper **Bhṛuṅgapriyā** with sweet scented flowers.

**ଭୃଙ୍ଗବନ୍ଧୁ**—ସଂ. ବ (ବହୁବ୍ରୀହି ବା ୬ଷ୍ଠୀ ତତ୍)—୧ । କୁନ୍ଦ ଗୁଳ୍ମ **Bhṛuṅga bandhu** (ଦେଖ)—1. Kunda plant (See) ୨ । କଦମ୍ବ ଗଛ (ହ୍ର. ଶ)—2. Nuclea Cadama (tree).

**ଭୃଙ୍ଗମୋହୀ**—ସଂ. ବ (ଭୃଙ୍ଗ+ମୁହ୍, ଧାତୁ+କର୍ତ୍ତୃ, ଇନ୍; ୧ମା, ୧ବ—**Bhṛuṅgamohī** ୧ । ଚମ୍ପା ଗଛ—1. The Champaka tree. ୨ । କନକଚମ୍ପା ( ହ୍ର. ଶ ) ( ଦେଖ )—2. Kanakachampā (See)

**ଭୃଙ୍ଗରାଜ**—ସ. ବ—୧ । କଳା ଭଅଁର—1. The black bee. **Bhṛuṅgarāja** ୨ । ଭ୍ରମର ଶ୍ରେଷ୍ଠ—2. A big humble বাঙ্গা, কেশরাজ bee. ୩ । ବଡ଼ କଜଳପାତି ଜାତୀୟ ଭୃମରାଜ भँगरा,भाना ପକ୍ଷୀ—3. The large racket-tailed black drongo. ୪ । ଯଜ୍ଞବିଶେଷ—4. Name of a vedic sacrifice. ୫ । ଗନ୍ଧଦ୍ରବ୍ୟଯୁକ୍ତ ଶାକବିଶେଷ [ଦ୍ର—ଏହା କେଶବର୍ଦ୍ଧକ ଓ କେଶର ଘନତାକର (ଅନ୍ୟ ସ. ନାମ କେଶରାଜ, କେଶ୍ୟ, କୁନ୍ତଳବର୍ଦ୍ଧକ ) କେଶରିଆ; କେଶରୁତୁରି ଗୁଳ୍ମ (ଏହା ଆର୍ଦ୍ର ସ୍ଥାନମାନଙ୍କରେ ଜନ୍ମେ )—5. Wedelia Calendulacea ( a herb ) Verbesina Scandens. ୬ । ଏକପ୍ରକାର ଗୁଳ୍ମ—6. Spilanthes Oleracia (plant).

**ଭୃଙ୍ଗରି(ରୀ)ଟ(ଟି)**—ସ. ବ ( ଭୃଙ୍ଗ+ରଟ୍. ଧାତୁ=ଶବ୍ଦ କରିବା +ଅ **Bhṛuṅgari(rī)ṭa(ṭi)** ଇ )—ଶିବାନୁଚରବିଶେଷ—One of the attendants of Śiba.

**ଭୃଙ୍ଗରୋଳ**—ସ. ବ—ଭିରୁଡ଼ି—
**Bhṛuṅgarola** The wasp; hornet.

**ଭୃଙ୍ଗାଭିଷ୍ଟ**—ସ. ବ (୬ଷ୍ଠୀ ତତ୍)—ଆମ୍ବ ଗଛ (ହ୍ର. ଶ)
**Bhṛuṅgābhishṭa** The mango tree.

**ଭୃଙ୍ଗାର**—ସ. ବ (ଭୃ. ଧାତୁ=ଧାରଣ କରିବା+କର୍ତ୍ତୃ. ଆର=ଯାହା **Bhṛuṅgāra** ଜଳ ଧାରଣ କରେ)—୧ । ଝୁମ୍ପି ଗଡ଼ୁ; ଜଳପାତ୍ର ବିଶେଷ—1. A waterpot with a spout;

୨ । ଲବଙ୍ଗ—2. Clove. ୩ । ସୁବର୍ଣ୍ଣ—3. Gold. ୪ । ଭୃଙ୍ଗରାଜ (ଦେଖ)—4. Bhṛungarāja (See). ୫ । ସ୍ୱର୍ଣ୍ଣନିର୍ମିତ ଜଳପାନପାତ୍ର (ହି. ଶ)—5. A drinking vessel made of gold.

**ଭୃଙ୍ଗାରି**—ଦେ. ବି (୬ଷ୍ଠୀ ତତ୍)—୧ । ଝିଙ୍କାରି ପୋକ—1. The **Bhṛungāri** cricket (insect). ୨ । କିଆ ଗଛ (ହି. ଶ)—2. Pandanus Odoratissimus plant.

**ଭୃଙ୍ଗାରିକା**—ସ. ବି—୧ । ଝିଙ୍କାପୋକ—1. Winged ants. ୨ । **Bhṛungārikā** ଝିଙ୍କାରି ପୋକ—2. The cricket (insect).

**ଭୃଙ୍ଗାର୍କ**—ସଂ. ବି—କେଶରୁଦୁମ୍ବ ଗୁଳ୍ମ—
**Bhṛungārka** Wedelia Calendulacea (plant).

**ଭୃଙ୍ଗୀ**—ସଂ. ବି (ଭୃଙ୍ଗ+ଇନ୍; ଏ ଭଙ୍ଗପରି କୃଷ୍ଣବର୍ଣ୍ଣ ଥିବାରୁ)—**Bhṛungi** ୧ । ଶିବାନୁଚରବିଶେଷ—1. One of the attendants of Siba. ୨ । ବରଗଛ (ହି. ଶ)—2. Banian tree. ୩ । (ସ୍ତ୍ରୀ. ଭୃଙ୍ଗ+ଈ) ମାଈ ଭଅଁର—3. A female wasp. ୪ । ଅତିବିଷା (ହି. ଶ)—4. Aconite. ୫ । ଭୃଙ୍ଗ(ହି.ଶ)(ଦେଖ)—5. Bhṛunga (See).

**ଭୃଙ୍ଗୀଫଳ**—ସଂ. ବି—ଅମ୍ବଡ଼ା (ହି. ଶ)
**Bhṛungi phala** Hogplum.

**ଭୃଙ୍ଗୀଶ**—ସଂ. ବି (୬ଷ୍ଠୀ ତତ୍; ଭୃଙ୍ଗୀ+ଈଶ)—ଶିବ—
**Bhṛungiśa** Siba.

**ଭୃଙ୍ଗେଷ୍ଟା**—ସଂ. ବି (ଭୃଙ୍ଗ+ଇଷ୍ଟ+ଆ)—୧ । ବ୍ରାହ୍ମଣଯଷ୍ଟିଆ ଗୁଳ୍ମ—**Bhṛungeshṭā** 1. Clorodendron Siphonanthus (plant). ୨ । ଘିକୁଆଁରି (ହି. ଶ)—2. Indian Aloes. ୩ । ଯୁବତୀ ସ୍ତ୍ରୀ (ହି. ଶ)—3. A young woman.

**ଭୃତ୍**—ସଂ. ବଣ (ଭୃ. ଧାତୁ+କର୍ତ୍ତୃ. କ୍ୱିପ୍; ଅନ୍ୟ ଶବ୍ଦ ପରେ ଯୁକ୍ତ ହୁଏ; **Bhṛut** ଯଥା—ଭୂଭୃତ୍)—୧ । ପାଳନକର୍ତ୍ତା—1. Supporting; maintaining. ୨ । ଧାରୀ, ଧାରଣକର୍ତ୍ତା—2. Holding; bearing. ୩ । ଯେ ଉଠାଇ ଧରେ—3. Upholding.

**ଭୃତ**—ସଂ. ବଣ (ଭୃ. ଧାତୁ+କର୍ମ. ତ)—୧ । ପାଳିତ; ପୁଷ୍ଟ—**Bhṛuta** 1. Brought up; maintained. ୨ । ପୂର୍ଣ୍ଣ—2. Full; filled up. ସଂ. ବି. ପୁଂ—୧ । ଭୃତ୍ୟ; ଚାକର (ହି. ଶ)—1. Servant. ୨ । ବୋହିଆ ଚାକର; ବୋଝବୋହା ଚାକର [ହି. ଶ]—2. A servant who carries his master's luggage.

**ଭୃତକ**—ସଂ. ବି (ଭୃ. ଧାତୁ+କରଣ. ତ+କ)—୧ । ମୂଲ୍ୟ; ବେତନ; **Bhṛutaka** ଦରମା—1. Wages; salary. ୨ । (+କର୍ମ ତ+କ) ଭୃତ୍ୟ; ଚାକର—2. Servant. ୩ । (+କର୍ତ୍ତୃ. ତ+କ) ମାସ—3. Month. ବଣ-ବେତନଗ୍ରାହୀ—Acting for wages; salaried.

**ଭୃତି**—ସଂ. ବି (ଭୃ ଧାତୁ+କରଣ. ତି)—୧ । ବେତନ—**Bhṛuti** 1. Salary. ୨ । (+ଭାବ. ତି) ପୂର୍ଣ୍ଣତା—2. Fullness. ୩ । (+କରଣ. ତି ବୃତ୍ତି; ଖୋରାକ-ପୋଷାକ ଖର୍ଚ୍ଚ—3. Maintenance grant. ୪ । (+ଭାବ. ତି) ଭରଣପୋଷଣ—4. Maintenance. ୫ । (+କର୍ତ୍ତୃ.ତି) ମୂଳ ଧନ—5. Capital ୬ । ମୂଲ୍ୟ—6. Price; value. ୭ । (+ଭାବ. ତି) ପୂରଣ—7. Filling up.

**ଭୃତିଜୀବୀ**—ସ.ବଣ.ପୁଂ (ଭୃତି+ଜୀବ୍ ଧାତୁ+କର୍ତ୍ତୃ. ଇନ୍; ୧ମା. ୧ବ)—**Bṛutijibi** ୧ । ବେତନଗ୍ରାହୀ—1. Salaried. ୨ । ବୃତ୍ତି-(ଭୃତିଜୀବିନୀ—ସ୍ତ୍ରୀ) ଭୋଗୀ—2. Enjoying a grant or allowance for maintenance.

**ଭୃତିଭୁକ୍**—ସ. ବଣ (ଭୃତି+ଭୁଜ୍ ଧାତୁ+କର୍ତ୍ତୃ. କ୍ୱିପ୍; ୧ମା. ୧ବ)—**Bhṛutibhuk** ଭୃତିଜୀବୀ (ଦେଖ)—Bhṛutijibi (See).

**ଭୃତ୍ୟ**—ସ. ବି. ପୁଂ (ଭୃ. ଧାତୁ+କର୍ମ. ଯ)—୧ । ଦାସ; ଚାକର—**Bhṛutya** 1. Slave; servant. ୨ । ପ୍ରତିପାଲ୍ୟ ବ୍ୟକ୍ତି—(ଭୃତ୍ୟା—ସ୍ତ୍ରୀ) 2. Dependent. ୩ । (+କରଣ. ଯ) ଭୃତି; ବେତନ—3. Salary. ୪ । (+ଭାବ. ଯ) ଚିକିତ୍ସା—4. Medical treatment.

**ଭୃତ୍ୟତା(ତ୍ୱ)**—ସ. ବି (ଭୃତ୍ୟ+ଭାବ. ତା)—ଚାକିରି—Service. **Bhṛutyatā(twa)** (ଭୃତ୍ୟପଣ—ଦେଶଜରୂପ)

**ଭୃତ୍ୟାଧ୍ୟାପନ(ନା)**—ସଂ ବି (ଷଷ୍ଠୀ ତତ୍, ଭୃତ୍ୟ+ଅଧ୍ୟାପନ)—ଦରମା **Bhṛutyādhyāpana** ନେଇ ବେଦ ପଢ଼ାଇବା—Teaching of the Bedas in return for wages received. [ ଦ୍ର—ଏହା ଶାସ୍ତ୍ରଅନୁସାରେ ନିନ୍ଦନୀୟ । ]

**ଭୃମି**—ସ. ବି (ଭ୍ରମ୍. ଧାତୁ+କର୍ତ୍ତୃ. ଇ)—୧ । ଘୂର୍ଣ୍ଣିବାୟୁ—1. Whirl-**Bhṛumi** wind. ୨ । ଜଳଭ୍ରମୀ; ଭଅଁର—2. Whirlpool; eddy. ୩ । (+ଭାବ. ଇ) ଭ୍ରମଣ—3. Walk. ୪ । ଘୂରିବା—4. Whirling. ୫ । ବୈଦିକକାଳର ବୀଣାବିଶେଷ—5. A kind of harp used in the Vedic times.

**ଭୃଶ୍** (ଧାତୁ)—ସ—ଭ୍ରଂଶ ହେବା—
**Bhṛuś** (root) To slip off.

**ଭୃଶ**—ସ. ବଣ (ଭୃଶ୍ ଧାତୁ+କର୍ତ୍ତୃ. ଅ)—୧ । ବହୁଳ; ଅତ୍ୟନ୍ତ—**Bhṛuśa** 1. Excessive. ୨ । ବାରଂବାର ଘଟୁଥିବା—2. Repeated. କ୍ରି. ବଣ—୧ । ଅତ୍ୟନ୍ତ—1. Very much. ୨ । ପୁନଃ ପୁନଃ; ବାରମ୍ବାର—2. Repeatedly.

**ଭୃଷତ୍**—ସ. ବି(ଭୃଶ୍ ଧାତୁ+କର୍ତ୍ତୃ ଅତ୍)—ପାଷାଣ; ପଥର—
**Bhhṛushat** Stone.

**ଭୃଷାଲି**—ସ ବି—ମଏଣ (ଦେଖ)
**Bhṛushāli** Maena (See)

**ଭୃଷ୍ଟ**—ସ. ବଣ (ଭ୍ରସ୍ଜ୍ ଧାତୁ=ଭାଜିବା+କର୍ମ. ତ)—ଭର୍ଜିତ; ଭଜା **Bhṛushṭa** ହୋଇଥିବା—Fried; roasted.

**ଭୃଷ୍ଟକାର**—ସ. ବ. ପୁଂ (ଭୃଷ୍ଟ+କୃ ଧାତୁ+କର୍ତ୍ତୃ. ଅ)—ମୁଢ଼ି, ଚୁଡ଼ୁମ୍ବ
Bhrushṭakāra ଅବ କରବା ଜାତି; ଭୃଷ୍ଟ ଅବ ଭାଜିବା ହିନ୍ଦୁ-ଜାତି—A caste of Hindus who fry corn.

**ଭୃଷ୍ଟାନ୍ନ**—ସ. ବ (କର୍ମଧା. ଭୃଷ୍ଟ+ଅନ୍ନ)—ମୁଢ଼ି—
Bhrushṭānna Fried rice.

**ଭୃଷ୍ଟି**—ସ. ବ (ଭ୍ରସ୍ଜ ଧାତୁ+କର୍ମ. ତି)—୧। ମୁଢ଼ି—1. Fried.
Bhrushṭi rice. ୨। (+ଭାବ. ତି) ଭାଜିବା—2 Frying. roasting. ୩। (+ଅଧିକରଣ. ତି) ଜନଶୂନ୍ୟ ଉଦ୍ୟାନ—3. A lonely garden.

**ଭେଇବା**—ଦେ. କ୍ରି (ସଂ. ବିଧାନ)—ଭିଆଇବା (ଦେଖ)
Bheibā Bhiāibā (See)

**ଭେଉ**—ଦେ. ବ (ସଂ. ଭେଦ)—ମର୍ମ; ରହସ୍ୟ; ଫେଉ—Secret;
Bheu key. ପ୍ରାଦେ. (ସମ୍ବଲପୁର) ବ—କୌଣସି ବ୍ୟକ୍ତିର ବାଗ;
ଫେଉ ଭେଦ ଢଙ୍ଗ; ଗତି—One's ways. [ ଯଥା—ତାର ଭେଉ ପାଇବା ବଡ଼ କଠିନ। ]

**ଭେଉଆ**—ଦେ. ବ (ପ୍ରାଚୀନ ଓଡ଼ିଆ, ମାଦଳା ପାଞ୍ଜିରେ ବ୍ୟବହୃତ,
Bheuā ସଂ. ଭେଦ, ସଂ ଭିଦ ଧାତୁ)—୧ ଭେଦୁଆ—1. A spy. ୨। ଯେ ଗୁପ୍ତ କଥାମାନ ଶତ୍ରୁପକ୍ଷ ନିକଟରେ ପ୍ରକାଶ କରେ—2. A betrayer of one's secrets.

**ଭେଉ ଭେଉ**—ଦେ. ଅ (ଧ୍ୱନ୍ୟନୁକରଣ)—କୁକୁର ଭୁକିବା ଶବ୍ଦ—
Bheu bheu ভেউভেউ ਭੁਭੁ The barking sound of a dog.

**ଭେଁ**—ଦେ. ଅ (ଧ୍ୱନ୍ୟନୁକରଣ)—୧। ଉଚ୍ଚୈଃସ୍ୱରରେ କାନ୍ଦିବାର
Bheṅ ভেঁভেঁ भैं भैं ଶବ୍ଦ—1. Sound of loud cry.
ଭେଁ ଭିଁ, ଭେଁ ଭେଁ } ଅନ୍ୟରୂପ ୨। କୁକୁରଙ୍କ ଦୀର୍ଘ ଭୁକିବାର ଶବ୍ଦ—2. Sound of long barking or whining of a dog. ବ—ଭେଁ ଭେଁ ଶବ୍ଦ କରି କାନ୍ଦିବା ଶିଶୁ—A child given to loud crying; a whining child. [ ଯ—ଭେଁ କାନ୍ଦେ, ଭେଁ କାନ୍ଦେ, କାନ୍ଦେ ନଟେଇ ମୂର୍ତ୍ତି, ନଟଭୂମର କାନ୍ଦୁଅଛୁ ଘରକୁ ନ ଆସି—କାହାଣୀ ଗୀତ। ]

**ଭେଣ୍ଡି(ଡି)**—ପ୍ରାଦେ (ସମ୍ବଲପୁର) ବ (ଭୁଲ ହୃ. ଭେଣ୍ଡ)—୧। ମେଣ୍ଢା—
Bheṅḍi(ḍi) 1. Ewe. ୨। ଭେଣ୍ଡି—2. Lady's finger.

**ଭେକ**—ସ. ବ. ପୁଂ (ଭୀ ଧାତୁ=ଭୀତ ହେବା+ଅପାଦାନ କ)—
Bheka [ଭେକୀ—ସ୍ତ୍ରୀ] ବେଙ୍ଗ, ମଣ୍ଡୂକ—Frog.

**ଭେକ(ଖ)**—ଦେ. ବ (ସ. ବେଶ)—୧। ପୋଷାକ; ବେଶ;
Bheka(kha) ପରିଚ୍ଛଦ—1. Dress. (ଯ—ଯୁବ ଭେକ
ভেক ନ ଥିଲା ଯାହାର ତାହାକୁ, ତାହା ମଧ୍ୟ ଦେଲେ ଯେ ବହୁ
भेख ସବୁଙ୍କୁ। କୃଷ୍ଣସିଂହ. ମହାଭାରତ ବନ।) ୨। ବୈଷ୍ଣବର ବେଶ; ସନ୍ନ୍ୟାସୀର ବା ଭିକ୍ଷୁର ବେଶ; ବୈଷ୍ଣବ, ମାନେ ଦୀକ୍ଷା ନେବା ସମୟରେ ଗ୍ରହଣ କରବା ଡୋର, କୌପୀନ ଆଦି—2. The scanty dress assumed by a recluse at his initiation; the garb of an anchorite. (ଯ—ଭେକରେ ବହୁତ ପୂର୍ଣ୍ଣ କଲଙ୍କ ଲାଗିବ। ପ୍ରାଚୀ. ଶ୍ରୀଗୁରୁଭକ୍ତି ଗୀତା।) [ ଦ୍ର—ଭିନ୍ନ ଭିନ୍ନ ସମ୍ପ୍ରଦାୟର ବୈରାଗୀ (ଯଥା—ଶାକ୍ତ, ବୈଷ୍ଣବ, ଶୈବ, ତାନ୍ତ୍ରିକ, ଗାଣପତ୍ୟ ସୌର ଆଦି)ଙ୍କର ଭିନ୍ନ ଭିନ୍ନ ଭେକ ଅଛି। ଭିନ୍ନ ଭିନ୍ନ ସମ୍ପ୍ରଦାୟର ଡୋରି, କୌପୀନ, ବହିର୍ବାସ, କେଶ ଧାରଣ ମାଳା (ରୁଦ୍ରାକ୍ଷ, ତୁଳସୀ, ପଦ୍ମକେଶର ବା ସ୍ଫଟିକର) ଓ ତିଳକ (ତ୍ରିପୁଣ୍ଡ୍ର, ରାମାନନ୍ଦୀ, ଅର୍ଦ୍ଧପୁଣ୍ଡ୍ର ବା ଊର୍ଦ୍ଧ୍ୱପୁଣ୍ଡ୍ର) ସ୍ୱତନ୍ତ୍ର। କାହାର ଗେରୁଆ ଲୁଗା, କାହାର କୌପୀନ। ଏକ ସମ୍ପ୍ରଦାୟର, ଭିନ୍ନ ଭିନ୍ନ ଶାଖାବଲମ୍ବୀଙ୍କର ମଧ୍ୟ ଭେକ ପୃଥକ। ବୈଷ୍ଣବମାନଙ୍କ ମଧ୍ୟରେ ଗୌଡ଼ୀୟ, ମାଧବାଚାର୍ଯ୍ୟ, ରାମାନୁଜ, ନିମ୍ବାର୍କ ଆଦିଙ୍କର ଭେକ ମଧ୍ୟ ଭିନ୍ନ। ଏଥିପାଇଁ ଭେକ ଦେଖି ବୈରାଗୀମାନଙ୍କର ଶାଖା ଚିହ୍ନିବାକୁ ହୁଏ। ] ୩। ଅବଲମ୍ବନ; ଆଶ୍ରୟ—3. Shelter; refuge. (ଯ—ଭେକ ସେ ବରଷାକୁ ଭେକ କରି ପାଇ, ବାହାରନ୍ତି ଦାଣ୍ଡକୁ ଭକ ଭକ ହୋଇ। କୃଷ୍ଣସିଂହ. ମହାଭାରତ. ବନ।) ୪। ଶେଷ ଭରସା—4. Ultimate hope. ୫। ଛଦ୍ମବେଶ—5. A mask. ୬। ଭିନ୍ନ ଭିନ୍ନ ବ୍ୟବସାୟର ବା ବୃତ୍ତିର ଭିନ୍ନ ଭିନ୍ନ ବେଶ—6. Respective garbs of various professions; ୭। ଜୀବିକା; ବୃତ୍ତି; ବ୍ୟବସାୟ—7. Profession, calling; livelihood. ୮। ପଦବୀ—8. Position.

**ଭେକ ଘି(ଘେ)ନିବା**—ଦେ. କ୍ରି—୧। କୌଣସି ବିଶିଷ୍ଟ ବେଶ ଧାରଣ
Bheka ghi(ghe)nibā କରିବା; ବେଶ ପିନ୍ଧିବା—1. To
(ଭେକ ନେବା—ଅନ୍ୟରୂପ) put on a special dress.
ভেক লওয়া ୨। ଗୁରୁଙ୍କଠାରୁ ମନ୍ତ୍ର ଗ୍ରହଣ ସମୟରେ ଡୋର
भेख लेना କୌପୀନ ଆଦି ଗ୍ରହଣ କରି ବୈଷ୍ଣବ ହେବା—2. To be converted to Baishnabism by taking the garb (a string for the waist and a strip of cloth to cover the privities and a string of rosaries) from the preceptor at the initiation. (ଯ—ଗ୍ରାମର ବୁଢ଼ା ଭଲଆ ଦଶ ବାର ଜଣ ଚାଷୀ ଭେକ ନେବାର କଥା ଦେଲେଣି। ଫକୀରମୋହନ—ଛମାଣ ଆଠଗୁଣ୍ଠ।)

**ଭେକ ଚଳିବା**—ଦେ. କ୍ରି—ଜୀବିକାନିର୍ବାହ—Getting on with
Bheka chaḷibā जीविकाचला one's livelihood.
निर्वाह चला गुजर चलना

**ଭେକ ଚଲା(ଳେ,ଇବା**—ଦେ. କ୍ରି—ଆପଣା ଜୀବିକା ନିର୍ବାହ କରିବା—
Bheka chaḷā(ḷe)ibā To eke out one's livelihood.
जीविकाचालान (निर्वाहकरा) गुजर चलना

**ଭେକଟ(ଟା)**—ଦେ. ବ (ସଂ. ଭେକଟ; ପ୍ରାକୃତ)—ଖାକୁଡ଼ା ମାଛ
Bhekaṭa(ṭā) ଜାତୀୟ ବଡ଼ ଲୁଣି ମାଛ—A big salt-

ଭେଟକୀ water fish; Latis Calcarifer; Coius
ମାକୁର Vacti. [ ଦ୍ର—ଏମାନେ ସମୁଦ୍ରରେ ଥାଆନ୍ତି ଓ ନଈବଢ଼ି ସମୟରେ ନଈମୁହଁମାନଙ୍କରେ ମିଠା ପାଣିକୁ ଉଠି ଆସନ୍ତି; ଦୀର୍ଘରେ ୩।୪ ହାତ ଲମ୍ବ ହୁଅନ୍ତି । ଭାକୁର୍ ମାଛଙ୍କ ଅପେକ୍ଷା ଏମାନଙ୍କ ମୁହଁ ଗୋଲଆ ଓ ଓଜନ ୫୦ ସେର; ପିଠି ଉପରର କଣ୍ଟା ଖରା ଦାନ୍ତୁଆ [ଦ୍ର— "ଶଲ୍ୟାବୃତ ବପୁ ପ୍ରକଟେ ଭେକଟ୍ଟା" ରାଧାନାଥ—ଚଲିକା । ]

**ଭେକଟ୍ଟା**—ଦେ. ବିଣ. ପୁଂ (ସଂ. ବିକଟ)—୧ । ବିକଟ—1. Fierce.
Bhekaṭā ୨ । କଦାକାର—2. Ugly.
ଭେକଟ୍ଟଆ, ଭେକଟାଳ } ଅନ୍ୟରୂପ (ଭେକଟୀ—ସ୍ତ୍ରୀ)

**ଭେକଟ୍ଟା ମୁହାଁ**—ଦେ. ବିଣ—୧ । ଭେକଟା ମାଛ ପରି ଗୋଲା ମୁହାଁ—
Bhekaṭā muhāṅ 1. (a person) Having powted
[ଭେକଟା(ଟୀ)ମୁହାଁ—ସ୍ତ୍ରୀ] lips (like the boar-fish).
বিকট মুখো ୨ । (ସଂ. ବିକଟ+ମୁଖ) ବିକଟ ମୁଖ ବିଶିଷ୍ଟ; କରାଳ-
**बिकट मुहाँ** ବଦନ—2. Having an ugly face; having a fierce visage.

**ଭେକ ଦୁ(ଦୁଃ)ଖ**—ଦେ. ବି (ସବଚର) ( ସଂ. ଭିକ୍ଷା+ ଦୁଃଖ)—
Bheka du(duḥ)kha ଭିକ୍ଷା କରିବା ଓ ମୂଲ ଲାଗିବା—
ভিক্ষা সি(টি)ক্ষা Begging in the garb of a mendi-
**भीख दुख** cant and working for wages.

**ଭେକ ଦୁଃଖ କରିବା**—ଦେ. କ୍ରି—ଭିକ୍ଷା କରି ଓ ମୂଲ ଲାଗି ପେଟ
Bheka duḥkha kariba ପାଳିବା—To maintain
[ଭେକ ଦୁଃଖ କରି ପେଟ ପୋଷିବା (ଚଳିବା)—ଅନ୍ୟରୂପ] one's
ভিক্ষা সিক্ষা করা self by begging (in the garb of
**भीख दुख करना** a recluse) and by labour.

**ଭେକ ଦେବା**—ଦେ. କ୍ରି—(ଗୁରୁ) ଶିଷ୍ୟଙ୍କୁ ମନ୍ତ୍ରରେ ଦୀକ୍ଷିତ କରିବା
Bheka debā ସମୟରେ ବୈଷ୍ଣବର ଭେକ (ଡୋରି, କୌପୁନୀ,
ভেক দেওয়া ମାଳ, ତିଳକ ଆଦି) ଶିଷ୍ୟଙ୍କୁ ଅର୍ପଣ କରିବା—
**भेख देना** (a religious preceptor) To hand over to a disciple formally the garb of one's sect while initiating him.

**ଭେକ(ଖ)ଧାରୀ**—ଦେ. ବିଣ. ପୁଂ (ସଂ. ବେଶଧାରୀ)—୧ । ବେଶ ପିନ୍ଧି-
Bheka(kha)dhārī ଥିବା—1. Wearing a dress;
[ଭେକ(ଖ)ଧାରିଣୀ—ସ୍ତ୍ରୀ] dressed. ୨ । ଛଦ୍ମ ବେଶଧାରୀ—
ভেকধারী 2. Masked. (ଦ୍ର—ତେଣୁ ବଣ ଦାନେ ଗୁପତ
**भेखधारी** ମାରଣେ, ଧର୍ମ ଭେକଧାରୀ କେତେ ବୈରିକ ବସନେ । ରାଧାନାଥ. ମହାଯାତ୍ରା ।) ୩ । କପଟାଚାରୀ—3. Hypocritical. ଦେ. ବି—ବୈଷ୍ଣବ—Baishnaba. (ଦ୍ର - ତୁଳସୀର ପତର ଯେ ଅଟେ ପୁଣ ସଭ, ସାନ ବଡ଼ ନ କରିବ ଯେତେ ଭେକଧାରୀ । ପ୍ରାଚୀ. ଶ୍ରୀ ଗୁରୁଭକ୍ତି ଗୀତା ।)

**ଭେକ(ଖ)ଧାରୀ ବୈଷ୍ଣବ**—ଦେ. ବି (ଲକ୍ଷଣାର୍ଥ)—ବୈଷ୍ଣବର ବେଶଧାରୀ
Bheka(kha)dhārī baishṇaba କପଟ ବୈଷ୍ଣବ; କପଟ
ভেকধারী বৈষ্ণব, ବକଧର୍ମ—(figurative) A recluse by
**भेखधारी वैष्णव** dress but not in fact; a wolf in sheep's clothing.

**ଭେକ ନ ଥିଲେ ଭିକ ମିଳେ ନାହିଁ**—ଦେ. ପ୍ରବଚନ—ବୈଷ୍ଣବର ବେଶ
Bheka na thile bhika mile nāhin ନ ଥିଲେ ସାଧାରଣ
ভেক না থাকলে ভিক মিলেনা ଲୋକେ ତାକୁ ବୈଷ୍ଣବ ବୋଲି
**भेखसे भीख मिलता, भेखे भीख** ମାନନ୍ତି ନାହିଁ ଓ ଭିକ ଦିଅନ୍ତି ନାହିଁ—(a proverb meaning that the garb is essential to a recluse for securing alms.

**ଭେକ ନ ସରିବା**—ଦେ. ବି-ଜୀବିକା ନିର୍ବାହ ନ ହେବା—Stoppage
Bheka na saribā of one's means of living.
পেট না চলা **गुजर नहीं चलना** (ଭେକ ସରିଯିବା—ବିପରୀତ)

**ଭେକଣୀ**—ସଂ. ବି (ଭେକ+ସଦୃଶାର୍ଥେ ନ+ଈ)—ଏଣ୍ଡୁଲା ମାଛ (ଲମ୍ବ
Bhekanī ୧୨।୧୪ ଅଙ୍ଗୁଳ; ପୋହଳା ମାଛ ଜାତୀୟ । ଏମାନେ
খরিশলা ମୁଣ୍ଡ ଉପରକୁ ଉଠାଇ ନଈରେ ପହଁରନ୍ତି । ଏମାନଙ୍କ ଆଖି କପାଳ ଉପରେ ବେଙ୍ଗଙ୍କ ପରି ଉଠିଥିବାରୁ ଏ ନାମକରଣ)—A kind of fresh water fish with protruding eyes; Mugil Corsula.

**ଭେକ ମାରିବା**—ଦେ. କ୍ରି—ଦାନା ମାରିବା; ଦାନାରେ ଧୂଳି ଦେବା;
Bheka māribā କୌଣସି ବ୍ୟକ୍ତିର ଜୀବିକା ନିର୍ବାହର ଉପାୟ
(ଭେକ ମାରି ଦେବା—ଅନ୍ୟରୂପ) ବନ୍ଦ କରି ଦେବା—To de-
দানা মারা prive a person of the means of his
**दाना पानी मारना** livelihood.

**ଭେକରାଜ**—ସଂ. ବି—କେଶ ଭୃଙ୍ଗରାଜ ଗୁଳ୍ମ (ହି. ଷ) —
Bhekarāja Wedelia Calendulacea (plant).

**ଭେକଲା**—ଦେ. ବିଣ. ପୁଂ (ସଂ. ଭିକ୍ଷୁର ?)—୧ । ଜୁଣ୍ଡା; ମୂର୍ଖ—
Bhekalā ভেকো 1. Foolish; idiotic; sheepish.
**हुबाडा, मकुआ** ୨ । ହତବୁଦ୍ଧି—2. Bewildered.
(ଭେକଲୀ—ସ୍ତ୍ରୀ)

**ଭେକା**—ଦେ. ବିଣ (ସଂ. ଅବାକ୍)—୧ । ଅବାକ୍; ବାକ୍ୟରହିତ—
Bhekā 1. Dumb. ୨ । ବକା; ବୋକା; ଓଲ—
ভেকা, ভেকা চেকা 2. Stupid; silly; foolish.
**अक्काबक्का** ୩ । କିଂକର୍ତ୍ତବ୍ୟବିମୂଢ଼—3. Bewildered; struck dumb; confounded.
(ଦ୍ର—ଭେକା କରି ଦେଲା ଦେଖଙ୍କି ଭୀଷଣ ଅଭାବନୀୟ ଘଟଣା । ରାଧାନାଥ. ପାର୍ବତୀ ।)

**ଭେକା(ଖା, ଙ୍କା)**—ଦେ. ବିଣ—୧ । ଅତି ଦୀନହୀନବାପରି; କଙ୍କାଳିଆ—
Bhekā(khā, ṅkā) 1. Beggarly; poor.
୨ । କୁରୂପ—2. Ugly. ୩ । ଅଭାବଗ୍ରସ୍ତ—3. Needy.

**ଭେକୀ**—ସଂ. ବି—ଥାଳକୁଡ଼ି(ଣୀ) ( (ଭେକୀ ବୃଷ୍ଟିଦ୍ରବ୍ୟଗୁଣ ।) (ଦେଖ)
Bhekī Thālakurdi (ṇi) ( See )

**ଭେଜ୍ରି**—ପ୍ରାଦେ. (ସମ୍ବଲପୁର) ବି—ଅଙ୍କରାନ୍ତି; ଭେଜ—
Bhej-ri Solanum Xanthocarpum.

ଭେଜା(ଜେ)ଇବା—ଦେ. କ୍ରି (କତୃ୍ପଅ; ଭେଜିବା କ୍ରିୟାର ଣିଜନ୍ତ
Bhejā(je)ibā ରୂପ)—ଅନ୍ୟ ଦ୍ୱାରା ପଠାଇବା—To send
পাঠান, ভেজান through another; to cause to be
भेजाना, भेजवाना sent or despatched.

ଭେଜା ଯି(ହେ)ବା—ଦେ. କ୍ରି (କତୃ୍ପଅ) (ଭେଜିବା କ୍ରିୟାର କର୍ମ
Bhejā ji(he)bā ବାଚ୍ୟ)—ପଠାଯିବା—To be sent.
পাঠান হওয়া, ভেজান হওয়া भेजा जाना

ଭେଜି—ଦେ. ବି (ସ. ବୃହତୀ)—୧ । ବୃହତୀ ୧ ( ଦେଖ )
Bheji 1. Solanium Indicum (plant and fruit)
ব্যাকুড়, ভেজী বেগুন ୨ । ( ସ. ଭେଦୀ ) ଝାଡ଼ା ଔଷଧ—
कटाई, बरहण्टा, गुलमंटा 2. A carthartic.
জোলাপ ବିଣ—ଖୁବ୍ ଛୋଟ ଅକୃତକଷିଷ୍ଟ (ଯଥା—ଭେଜି
जुलाप ବାଇଗଣ)—Diminutive; tiny; pigmy; wee.

ଭେଜି କରିବା—ପ୍ରାଦେ. (ସମ୍ବଲପୁର) କ୍ରି—ଗ୍ରାମ ଦେବତାଙ୍କ ନିକଟରେ
Bheji karibā ଛେଳି (ବୋଦା) ବଳି ଦେଇ (ସେହି ଗ୍ରାମବାସୀ-
ମାନେ) ଛେଳି ମାଂସ ଆପଣା ମଧ୍ୟରେ ବଣ୍ଟନ କରିବା—
To distribute amongst the villagers the meat of a goat or sheep sacrificed to the village Goddess.

ଭେଜିତ—ଦେ. ବିଣ (କତୃ୍ପଅ)—ପ୍ରେରିତ—
Bhejita Sent; despatched.

ଭେଜିବା—ଦେ. କ୍ରି (କତୃ୍ପଅ)—ପଠାଇବା—To send; to des-
Bhejibā patch. (ଉ—ସରକାରଙ୍କୁ ଭେଜିବା ସକାଶେ
পাঠান ଖାସ୍ ଦେହରୁ ଅଳଙ୍କାର ସବୁ ବାହାର କରିଯାଇ
भेजना ଜମାଦାର ଥଳୀରେ ରଖିଲେ । ଫକୀରମୋହନ ଛ
ମାଣ ଆଠଗୁଣ ।) [ଦ୍ର—ଉତ୍କଳର କଚେରିମାନଙ୍କରେ
ଫାରସୀ ନବାବମାନ ପ୍ରଚଳିତ ହେଉଥିବା ସମୟରେ
ଓ ଇଂରେଜଙ୍କ ପ୍ରଥମ ଅମଳରେ ଭେଜାଇବା, ଭେଜିବା,
ଭେଜିତ ଶବ୍ଦମାନଙ୍କର ପ୍ରୟୋଗ ସ୍ୱେଚ୍ଛାକାରୀ, ଋଯୋଗ୍ ଓ
ସନନ୍ଦମାନଙ୍କରେ ବ୍ୟବହୃତ ହୋଇଥିବାର ଦେଖାଯାଏ ।]

ଭେଜି ବାଇଗଣ—ଦେ. ବି—ଭେଜି ୧ (ଦେଖ)
Bheji bāigaṇa Bheji 1 (See)

ଭେଟ—ଦେ. ବି (ସ. ଉଦ୍ ଧାତୁ—ହି. ଷ; ସ. ମେଳ)—୧ । ଦୁଇ ବା
Bheṭa ତତୋଽଧିକ ବ୍ୟକ୍ତିଙ୍କର ପରସ୍ପର ସହିତ ସାକ୍ଷାତ ବା ମିଳନ—
ভেট भेंट 1. Meeting of two or more persons.
୨ । ଦର୍ଶନ; ଦେଖା; ମୁଲାକାତ୍—2. Interview; visit. ୩ । ଦେବତା ଆଦିଙ୍କୁ ଯାତ୍ରୀଙ୍କ ଦର୍ଶନ କରିବା
ସମୟରେ ଦିଆଯିବା ଉପଢୌକନ; ଭେଟି; ଦର୍ଶନୀ—
3. Presents given to Deities by pilgrims.
୪ । ଭେଟି; ରଜା ଆଦିଙ୍କୁ ବିଶିଷ୍ଟ ଉତ୍ସବାଦି ଉପଲକ୍ଷରେ
ଦିଆଯିବା ଭେଟି; ସଲାମୀ; ନଜରାନା—4. Presents
given to kings on special occasions; nuzzerana; salami. ୫ । ଦଶହରାରେ ଦେଖାଦର୍ଶନ
ସମୟରେ ପାଇକ ବା ସୈନ୍ୟବର୍ଗଙ୍କର ରାଜାଙ୍କ ସମ୍ମୁଖରେ
ଅସ୍ତ୍ର ଶସ୍ତ୍ରାଦିର ଖେଳନା ପୂର୍ବକ ରାଜାଙ୍କ ସମ୍ମାନ ପ୍ରଦର୍ଶନ—
5. Presenting arms and saluting to a Raja by the assembled soldiers during Dasaharā.

ଭେଟଣ(ଣା)—ଦେ. ବି (ସ. ଭେଦନ)—୧ । ହଠାତ୍ ଭେଟ ହେବା—
Bheṭaṇa(ṇā) 1. Sudden meeting; encounter.
ভেট भेंट ୨ । ଭୂତ ପିଶାଚାଦିଙ୍କୁ ହଠାତ୍ ଦେଖିବା ଯୋଗୁଁ
ଲୋକ ଚମକି ଓ ମାରାତ୍ମକଭାବେ ପୀଡ଼ାଗ୍ରସ୍ତ ହେବା—
2. Being overtaken with sudden alarm and mortal disease on encountering a ghost or other preternatural being. ୩ ।
ଭୂତ ପିଶାଚାଦିଙ୍କ ହାତରେ ମନୁଷ୍ୟ ପଡ଼ିଯିବା ଓ ତତ୍‌ଜନିତ
ମନୁଷ୍ୟଠାରେ ଭୂତାବେଶ ହେବା—3. Sudden encounter with a ghost or evil spirit and consequent possession of the person with the same. ବିଣ-୧। ହଠାତ୍ ଭୂତ ପିଶାଚାଦିଙ୍କ ହାତରେ
ପଡ଼ିଯିବା ଯୋଗୁଁ ମାରାତ୍ମକ ଉନ୍ମାଦ, ଜ୍ୱର, ଝାଡ଼ା, ବାନ୍ତି
ଦ୍ୱାରା ପୀଡ଼ାଗ୍ରସ୍ତ (ବ୍ୟକ୍ତି)—1. (a person) Overtaken with sudden alarm and mortal disease (fever, vomiting and evacuation) on suddenly encountering a ghost. ୨ ।
( ଲକ୍ଷଣାର୍ଥ ) କିଂକର୍ତ୍ତବ୍ୟବିମୂଢ଼—2. (figurative) Bewildered. (ଉ—ପଦ ବୋଲି ଭୁଆଡ଼େ ଗଲ ? ମୁଁ
ତ ଭେଟଣା ହୋଇଗଲି । ଉତ୍କଳୀୟ ଯୌତୁକ ।)

ଭେଟ(ଟି) ଦେବା—ଦେ. କ୍ରି—ଉପଢୌକନ ଦେବା—
Bheṭa(ṭi) debā To give presents.
ভেট দেওয়া भेंट देना

ଭେଟ ଦ୍ରବ୍ୟ—ଦେ. ବି—ଭେଟି (ଦେଖ)—Bheṭi (See) (ଉ—
Bheṭa drabya ଯଜ୍ଞେ ଦୁର୍ଯୋଧନ କୋଷାଧ୍ୟକ୍ଷ ହୋଇଥିଲେ,
ভেট দ্রব্য ନୃପେ ଭେଟ ଦ୍ରବ୍ୟ ଆଣି ତାଙ୍କ ପାଶେ ଦେଲେ ।
भेंटकी चीज कୃଷ୍ଣସିଂହ. ମହାଭାରତ. ଆଦି ।)

ଭେଟ ପାଇବା—ଦେ. କ୍ରି—ସାକ୍ଷାତ ପାଇବା; ଦର୍ଶନ ପାଇବା—
Bheṭa pāibā To have an interview.
দেখা পাওয়া (ଉ—ପାଇବ ଭେଟ କଣ୍ଵ ଋଷିଙ୍କ ଘରର । କୃଷ୍ଣସିଂହ.
भेंट करना (ଭେଟ ମିଳିବା—ବିଶେଷ୍ୟରୂପ) ମହାଭାରତ. ଆଦି ।)

ଭେଟଭାଟ—ଦେ. ବି ( ନିରର୍ଥକ ଦ୍ୱିତୀୟ ସହଚର ଶବ୍ଦ )—
Bheṭabhāṭa ମିଳନ; ଦର୍ଶନ—Interview.
মিলন, সাক্ষাত भेंटउट, भेंटघांट

ଭେଟ ମଣ୍ଡପ(ଶାଳା)—ଦେ. ବି—ଯେଉଁ ମଣ୍ଡପରେ ରାଣୀ ବା ଠାକୁରାଣୀ
Bheṭa maṇḍapa(śālā) (ଯଥା—ମହାଲକ୍ଷ୍ମୀଙ୍କ ବନ୍ଦାପନା) ପ୍ରବାସରୁ
ଆସୁଥିବା ରାଜାଙ୍କୁ ବା ଠାକୁରଙ୍କ ବନ୍ଧୁଙ୍କୁ ( ଯଥା—

ଗୁଣ୍ଡିଚା ଘରୁ ଅସୁଥିବା ଜଗନ୍ନାଥଙ୍କୁ) ପ୍ରଥମରେ ଦେଖା କରନ୍ତି—A temple or house at which place the Queen or the female Deity (e.g. Lakshmī) first sees or meets with the King or the male Deity (e.g. Lord Jagannātha) respectively while he is returning home after a sojourn. (ଉ—ବସ୍ତ୍ର ଗଙ୍ଗାଧର ସେବା କରଣ ଦେଖିଣ କରୁଣାସିନ୍ଧୁ,ବେଳ ବସ୍ତୁ ଧର ଭେଟ ଶାଳାକୁ ବଢେ କଲେ ସାନନ୍ଦରୁ । ସାନକୃଷ୍ଣ. ଗୁଣସାଗର ।)

**ଭେଟ(ଟି) ସଲାମୀ**—ଦେ. ବ (ସନ୍ଦଭର ଶବ୍ଦ)—Bheṭa(ṭi) salāmī ଭେଟ; ଉପଢୌକନ—Presents. ভেটী সেলামী भेंट सलामी

**ଭେଟ ହେବା**—ଦେ. କ୍ରି—ଭେଟିବା—To have an interview. Bheṭa hebā (ଉ—ପ୍ରଭାସ ତୀର୍ଥେ କୃଷ୍ଣ ସଙ୍ଗତେ ଭେଟ ভেটহওয়া ହେଲେ । କୃଷ୍ଣସିଂହ. ମହାଭାରତ ଆଦ ।) ଦେ. ବ—ଦୁଇ मेंटहोना, मेंटना ଜଣଙ୍କର ପରସ୍ପର ଦେଖାଦେଖି ହେବା—Interview.

**ଭେଟା**—ଦେ. ବଣ ଓ ବି. ପୁଂ—୧ । ଯେ ଭେଟାଏ—1. One Bheṭā who brings about an interview. ୨ । (ଗାଳି) (ଭେଟେଇ—ସ୍ତ୍ରୀ) ଯେଉଁ ବ୍ୟକ୍ତି କୌଣସି ପୁରୁଷ ନିକଟରେ ପର- মেয়েমানুষের দালাল ସ୍ତ୍ରୀକୁ ଅଣି ଭେଟାଏ; ଭାଡୁଆ—2.Panderer भड़ुआ ପ୍ରାଦେ (ଯାଜପୁର) ବ—ଉଟା ମାଟ—Homestead land.

**ଭେଟା(ଟେ)ଇବା**—ଦେ. କ୍ରି—୧ । ଦୁଇ ଜଣଙ୍କର ଭେଟ ବା ମିଳନ Bheṭā(ṭe)ibā କରାଇବା—1. To bring about an ভেটান, ভেটদেওয়া interview between two persons. भेंट करवाना (ଉ— ସେତୁକ୍ଷଣି ଆସି ଋଷିଙ୍କି ଘେନିଗଲେ,ନୃପ କନ୍ଦ୍ରେଜସୁ ସ୍ଥମୁରେ ଭେଟାଇଲେ । କୃଷ୍ଣସିଂହ ମହାଭାରତ ଆଦ ।) ୨ । ପର ପୁରୁଷ ନିକଟରେ ପର ସ୍ତ୍ରୀ ଅଣି ପହଞ୍ଚାଇବା—2. To pander. ୩ । ଯଥେଷ୍ଟ ହେବା; ଅଣ୍ଟିବା—3. To suffice; to be sufficient. (ଯଥା—ନୂଆ ଗୁଡ଼ୁଲ ଭାତ ପୁରୁଣା ଗୁଡ଼ୁଲ ଭାତ ପର ଭେଟାଏ ନାହିଁ ।)

**ଭେଟାଭେଟି**—ଦେ. ବ ଓ ବଣ—ପରସ୍ପର ମିଳନ ବା ସଙ୍ଗତ—Bheṭābheṭi Meeting each other;interview. (ଉ—ভেটাভেটী ସେ ପ୍ରିୟ ପ୍ରିୟା ଦୁହେଁ ହୋଇ ଭେଟାଭେଟ । କୃଷ୍ଣସିଂହ. मिलनजुलन, मेंटघांट ମହାଭାରତ. ବନ ।)

**ଭେଟି**—ଦେ. ବ—ସଲାମୀ; ଦର୍ଶନୀ; ରାଜା, ଜମିଦାର ବା ଦେବତା Bheṭi ଅଦିଙ୍କୁ ପହିଲେ ଭେଟିବା ସମୟରେ ବା ଉତ୍ସବାଦ ସମୟରେ ভেটী ଦଆଯିବା ଉପଢୌକନ—Presents given to a king भेंट, नजराना or landlord or a Deity at the first meeting. (ଯଥା—ଦଶହରା ଭେଟି; ସୁନାଅଭେଟି ଇତ୍ୟାଦି ।)

**ଭେଟି କରିବା**—ଦେ. କ୍ରି—ଉପଢୌକନ ଦେବା—To make a Bheṭi karibā ভেটিদেওয়া भेंटदेना present. (ଭେଟ ଦେବା—ଅନ୍ୟରୂପ)

**ଭେଟିବା**—ଦେ. କ୍ରି (ସ. ମିଳ୍.ଧାତୁ; ତୁଳ.ଲାଟିନ୍ ଭିଡ଼େ=ଦେଖିବା)— Bheṭibā ୧ । ସାକ୍ଷାତ କରିବା—1. To meet. (ଉ—ପାଣ୍ଡବ ভেটা ସୁତେ ବ୍ୟାସଙ୍କୁ ଭେଟିଲେ । କୃଷ୍ଣସିଂହ. ମହାଭାରତ ଆଦ ।) मेंटकरना ୨ । ମିଳିତ ହେବା; ଉପସ୍ଥିତ ହେବା—2.To join a person; attend. (ଉ—ଚରମ ଆଡ଼େ ତର ଲୁଗା ହେଲି, ଗୁରୁର ସ୍ଥମୁରେ ଭେଟୁଛି ବୋଲି । ଜବସୂର୍ଯ୍ୟ. ଜବତା ।) ୩ । ସଲାମୀ ବା ଭେଟ ଦେବା—3. To give a present. (ଉ—ବକୁଳାବ ଅଧସ୍ତନ ଏ ପଞ୍ଚ ଭେଟିବ । ଉଞ୍ଜ. କୋଟିବ୍ରହ୍ମାଣ୍ଡସୁନ୍ଦରୀ ।) ପ୍ରାଦେ (ବାଲେଶ୍ୱର) କ୍ରି—୧ । ବାଜିବା; ଆଘାତ କରିବା—1. To strike. ୨ । ଆଘାତପ୍ରାପ୍ତ ହେବା—2. To collide.

**ଭେଟେ**—ଦେ. ଅ—୧ । ଅଦୌ; ଜମାରୁ—1. At all. ୨ । ଥରେ Bheṭe ସୁଦ୍ଧା—2. Even once. (ଯଥା—ତା ସଙ୍ଗେ ମୋର আদতে बीलकूल, जरामी ଭେଟେ କଥାଭାଷା ନାହିଁ ।)

**ଭେଟେ ଭେଟେ**—ଦେ. କ୍ରି. ବଣ—ପ୍ରତି ଥର ସାକ୍ଷାତ ହେଲାବେଳେ— Bheṭe bheṭe At every meeting. [ଉ—ଙ୍ଗଶସୁ ଏହି, बारबार ଭେଟେ ଭେଟେ ଗୁରୁଙ୍କୁ କାହିଁ ବଚନ ରଖାଇବ । ଉଞ୍ଜ. वारवार ପ୍ରେମସୁଧାନିଧି ।]

**ଭେଡ଼**—ସ. ବି. ପୁଂ (ଭ୍ରୀ ଧାତୁ=ଭୟ କରିବା+ କର୍ତ୍ତୃ. ଡ୍ର;ନିପାତନ)— Bherḍa ୧ । ମେଣ୍ଢା—1. Sheep (Apte). ୨ । (+ (ଭେଡ଼ୀ—ସ୍ତ୍ରୀ) ଅଧିକରଣ.ଡ) ଭେଳ—2. A raft; a float (Apte).

**ଭେଡ଼ା**—ଦେ. ବ (ସ. ଭେଡ଼, ଭେଡ଼୍. ଧାତୁ=ବେଷ୍ଟନ କରିବା)— Bherḍā ୧ । ଦଣ୍ଡା; ଶସ୍ୟକ୍ଷେତ୍ରର ପାର୍ଶ୍ୱବର୍ତ୍ତୀ ଲମ୍ବା ଜଙ୍ଗଲ ବା ভেড়ি ভাগাড় ପଡ଼ିଆ—1. Long strip of jungle or घूर waste land by the side of cultivated fields. ୨ । ପଗାର; ଉଚ୍ଚ ହୁଡ଼—2. A high ridge round चक्कर a field. ୩ । ଭେରୁ; ଉଡ଼ା; ଗୁଲିବାର ବଡ଼େ ବାଟ— चक्कर 3. A distance (walked). ୪ । ନଦୀର ମୁହାଣରେ ভেড়া ଓ ସମୁଦ୍ର କୂଳରେ ବିସ୍ତୃତ ନିମ୍ନଭୂମି (ଯାହା ବର୍ଷାବର୍ଷ ସମୟରେ ପାଣିରେ ବୁଡ଼ିଯାଏ ଓ ବଢ଼ି ଛାଡ଼ିଗଲେ ଶୁଖେ— 4. Wide expanse of alluvial land on the mouth of rivers and along the seashore which remain submerged during the rainy season. [ଦ୍ର—ଭେଡ଼ାର ସ୍ଥାନେ ସ୍ଥାନେ ବୃତ୍ତାକାର ବନ୍ଧ ଦଆଯାଇ ଭିତ୍ତି ବୃତ୍ତର ପରିଧି ମଧ୍ୟସ୍ଥ ଭୂମିକୁ ଅବାଦ କରାଯାଏ । ଏହି ବୃତ୍ତାକାର ବନ୍ଧକୁ ସୁନ୍ଦର ବନ ଅଞ୍ଚଳରେ ଭେଡ଼ି ବୋଲାଯାଏ ।] (ଉ— ଭେଡ଼ା ଅଶ୍ୱାଧାରା ବୃକ୍ଷସ୍ଥାନ ଭୂମି ସମୁଦ୍ର ଦାଢ଼େ, ଦ୍ୱୀପ ପ୍ରାୟେ କ୍ଷୁଦ୍ର ଜନପଦ ଯହିଁ ଭାସେ ଅପାଢ଼େ । ରାଧାନାଥ. ଚିଲିକା ।) ୫ । ପାହୁଣ୍ଡ—5.Step; pace. (ଉ—ଅସୁର ପାଇଁ ମହାନାଦ, ଘୁଞ୍ଚିଲ ଭେଡ଼ା ଅଷ୍ଟାଦଶ । ଜଗନ୍ନାଥ. ଭାଗବତ ।) ୬ । ଭେଡ଼ ୧ ଓ ୨ (ଦେଖ)—

6. Bherdi 1 & 2 (See). ପ୍ରାଦେ ( ଅଳ ) ବ—ବର୍ଷତମାମ୍ ଜଳପୂର୍ଣ୍ଣ ଧାନବିଲ—Water-logged paddy field. [ଦ୍ର—ଏଥିରେ ପାଣିରେ ଧାନ ବୁଣାଯାଏ ଓ ପାଣିଥିଲାବେଳେ ଧାନ କଟାଯାଏ । ]

ଭେଡ଼ାଏ—ଦେ. କ୍ରି. ବିଣ—୧ । ଭେଡ଼ାଏ ( ଦେଖ )—1. Bherāe Bherdāe (See). ୨ । ଥରେ—2 Once. ( ଦ୍ର—ଏକବାର ବୋଇଲି, ଠାଣ ଯେ ଯୁବକ ବେଳ ଗୋଏ, ଠାଣ **एकचक्कर** ଭଣ୍ଡି ଗଲେ ଭୃଷ୍ଣ କହିଲେ ଭେଡ଼ାଏ । ମାରକଣ୍ଡ. କେଶବକୋଇଲି । )

ଭେଡ଼ା ତାଡ଼ିବା—ଦେ. କ୍ରି—ପଡ଼ିଆ ଭୂମିକୁ କୃଷି କରିବା ପାଇଁ ଆବାଦ Bherdā tardibā କରିବା—To reclaim waste land. পোড়োজমি আবদকরা **पडती तोडना**

ଭେଡ଼ି—ଦେ. ବ. ପୁଂ ( ସ. ଭେଡ଼ ) —୧ । ମେଣ୍ଢା—1. Sheep; Bherdi a ram; Ovis; the domestic sheep (ଭେଡ଼ୀ—ସ୍ତ୍ରୀ) ୨ । ଏକପ୍ରକାର ବଡ଼ ଲୋମଯୁକ୍ତ ମେଣ୍ଢା; ଦୁମ୍ବା—ভেড়া 2. A kind of sheep with big wool. ୩ । **मेड(डा)** ଏକପ୍ରକାର ମାଛ—3. A kind of fish.

ଭେଡ଼ିବା—ପ୍ରାଦେ (କଳକା) କ୍ରି—ଦଉଡ଼ିବା; ଧାଇଁବା—Bherdibā To run.

ଭେଦ୍ର—ସ. ବ. ପୁଂ ( ଭ୍ରୀ ଧାତୁ =ଭୀତ ହେବା + କର୍ତ୍ତୃ. ର )—ମେଣ୍ଢା Bhedra (ଭେଦ୍ରୀ—ସ୍ତ୍ରୀ) —A ram (Apte).

ଭେଣୋ(ଣେ)ଇଁ—ଦେ. ବ. ପୁଂ ( ସ. ଭଗ୍ନୀପତି )—ଭଗ୍ନୀପତି—Bheno(ne)in One's sister's husband. ( ଦ୍ର—বনাই ଅଶ୍ୱତ୍ଥାମା ପିତା କୃପଙ୍କର ଭେଣୋଇଁ । କୃଷ୍ଣସିଂହ. **बहनोइ** ମହାଭାରତ. ଆଦି । )

ଭେଣ୍ଟ—ପ୍ରାଦେ ( ବାଲେଶ୍ୱର ) ବ ( ଭୁଜ ବ. ଭେଁଟୁ; ଭେଁଟୁ )—Bhenta କଇଁଫୁଲର ମଞ୍ଜି—The seeds of waterlily. (ଭେଣ୍ଟଲା—ଅନ୍ୟରୂପ) [ ଦ୍ର—ଏ ମଞ୍ଜିମାନ ସୋରିଷ ପରି; ଏହାକୁ ଭାଜିଲେ ଏଥିରୁ ବାହାରିବା ଖଇରୁ ଭେଣ୍ଟଖଇ ବା ଭେଣ୍ଟଲା ଖଇ କହନ୍ତି । ]

ଭେଣ୍ଡର—ବୈଦେ. ବ (ଇଂ)—୧ । ବିକ୍ରେତା—1. Vendor. ୨ । Bhendar ଷ୍ଟାମ୍ପ ବିକ୍ରେତା—2. Stamp—vendor. ভেণ্ডর **वेंडर**

ଭେଣ୍ଡା—ଦେ ବିଣ. ପୁଂ ( ଚା. ଭେଣ୍ଡ୍ =ଯୁବକ )—୧ । ଯୁବା; Bhendā ଯୁବକ—1. Youth; young. ( ଦ୍ର—(ଭେଣ୍ଡିଆ—ଅନ୍ୟରୂପ) ସକଳେ ତ ହୋଇଛୁ ଭେଣ୍ଡିଆ ବୟସ । জুআন, জোয়ান କୃଷ୍ଣସିଂହ. ମହାଭାରତ. ସଭା । ) ୨ । ବଳିଷ୍ଠ **नव जवान** —2. Strong. ( ଦ୍ର—ନକୁଳଙ୍କ ରଥ (ଭେଣ୍ଡୀ—ସ୍ତ୍ରୀ) ଘୋଡ଼ାକୁ ମାରି ଖଣ୍ଡା, ଛୁରୀକି ପକାଇଲେ ଶଲ୍ୟ ମହା ଭେଣ୍ଡା । କୃଷ୍ଣସିଂହ, ମହାଭାରତ. ଶଲ୍ୟ । ) ବ —୧ । ଯୁବକ—1. A youth; a young man. ୨ । ବଳିଷ୍ଠ ଓ ହୃଷ୍ଟପୁଷ୍ଟ ଯୁବକ—2. A stout and strong youth. ( ଦ୍ର—ସକଳରେ ତ ଅଛ ସୁନ୍ଦର ସେ ଭେଣ୍ଡା । କୃଷ୍ଣସିଂହ. ମହାଭାରତ. ବନ । )

ଭେଣ୍ଡା ପଣ—ଦେ. ବ—ଯୁବକତ୍ୱ—Youth; the state of Bhendā pana being a youngman; youth- [ଭେଣ୍ଡା ପଣିଆ(ଅଁ)—ଅନ୍ୟରୂପ] fulness. (ଦ୍ର—ସହଦେବ জোয়ানী ଭୁଲରେ କୃପାଗର୍ଯ୍ୟ ଭଣ, କଲେ ବୁଢ଼ାକାଳେ ଦେଖାଇ **नवजवानी** ଭେଣ୍ଡା ପଣ । କୃଷ୍ଣସିଂହ. ମହାଭାରତ. ଭୀଷ୍ମ । ]

ଭେଣ୍ଡା ବଅ(ୟ, ଏ)ସ—ଦେ. ବ—ଯୁବାବୟସ—Youth. Bhendā ba-a(ya, e)sa জোয়ান বয়স **नवजवानी**

ଭେଣ୍ଡା ବଅ(ଇ, ୟ, ଏ)ସିଆ—ଦେ. ବିଣ—୧ । ଅଳ୍ପାୟୁ—Bhendā ba a (i, ya,e)siā 1. Dying young, জোয়ান **नवजवान** (ଗାଳିରେ ବ୍ୟବହୃତ)—୨ । ନବ ଯୁବକ—2. Youthful.

ଭେଣ୍ଡା ବେଳ—ଦେ. ବ—ଯୌବନକାଳ—The period of life Bhendā bela between childhood and full জোয়ান বয়স **नवजवानी** manhood; youth.

ଭେଣ୍ଡା ଭାଜି—ପ୍ରାଦେ ( କଟକ ) ବ—ଖଟା କାଉଁରିଆ; ପଳଙ୍ଗ Bhendā bhāji କାଉଁରିଆ—A red variety of jute **कुतुरुम** plant tasting sour.

ଭେଣ୍ଡି—ଦେ. ବ ( ସ. ଭିଣ୍ଡିସ )—ଜବାଦ ବର୍ଗରେ କୃଷିଜାତ ଫଳଗୁଳ୍ମ Bhendi —Lady's finger; Hibiscus Esculentus. ঢেঁড়শ, ঢেঁড়শ [ ଦ୍ର—ଏହା ଭାରତର ସର୍ବତ୍ର ଜନ୍ମେ । ଏହି **भेंडी; तोरई** ଗଛ ୫ ହାତ ଉଚ୍ଚ ହୁଏ । ପତ୍ର ଗବପତ୍ର ପରି । ଫଳ ମେଷଶୃଙ୍ଗ ତୁଲ୍ୟ କ୍ରମଶଃ ସରୁ ଓ ଲମ୍ବ ଓ ଚିକ୍କଣ ରେଖାବିଶିଷ୍ଟ । ମଞ୍ଜି ମଟର ମଞ୍ଜି ପରି । ପାଚିଲେ ଫଳ ଫାଟିଯାଏ । ଏହାର ଫଳ ଧଳା ଓ ନାଲି ଭେଦରେ ଦୁଇପ୍ରକାର ହୁଏ । ଉତ୍କଳର ଉତ୍ତରାଞ୍ଚଳରେ ଏହାକୁ ମେଣ୍ଢାଶିଙ୍ଗା ବୋଲି କହନ୍ତି; ଏଥିର ଛାଲରୁ ଝୋଟ ପରି ଏକପ୍ରକାର ଅଂଶୁ ବାହାରେ । ] ବିଣ—ଖାଦଯୁକ୍ତ; খারাপ, পানমিশা ନିକୃଷ୍ଟ ଧାତୁ ମିଶ୍ରିତ ( ସୁନା )—Alloyed; **खराप** ( gold ) adulterated with baser metals. ( ଦ୍ର—ସୁବର୍ଣ୍ଣ ବଳି ଦେଲେ କେଇ, ଭେଣ୍ଡି ସେତେକ ସୁନା ପାଇ । ଭୂପତି. ପ୍ରେମପଞ୍ଚାମୃତ । ) ପ୍ରାଦେ ( ବାଲେଶ୍ୱର ) ବିଣ—ଜାଲ୍ ( ମୁଦ୍ରା )—Counterfeit ( coin ). ( ଦ୍ର—ମଲ୍ଲ ଯା ! ଛଅଟା ଟଙ୍କା ପଡ଼ିଲା ଭେଣ୍ଡି । ଫକୀରମୋହନ. ଗଳ୍ପସ୍ୱଳ୍ପ । ]

ଭେଣ୍ଡିଆ—ଦେ. ବ—ଭେଣ୍ଡା ( ଦେଖ )—Bhendā ( See ) Bhendiā ପ୍ରାଦେ ( ଗଡ଼ଜାତ ) ବ—ତୁଳସୀ ଚଉରା—A platform on which a holy Basil plant is reared for worship.

ଭେଣ୍ଡିଆ ମର୍ଦ୍ଦନ—ପ୍ରାଦେ ( ଗଡ଼ଜାତ ) ବ—ବୃକ୍ଷବିଶେଷ—Bhendiā marddana Name of a tree. [ ଦ୍ର—ଏହି ବୃକ୍ଷ ଅତ୍ୟନ୍ତ ମୋଟ ଓ ଉଚ୍ଚରେ ବଢ଼େ । ଏଥିରେ ବାଉଁଶ ମଞ୍ଜ ପେଣା କରନ୍ତି । ଏହାର ପତ୍ରରେ ଡାହା ଛଅର ହୁଏ । ]

**ଭେଣ୍ଡି ପଟ୍**—ଗ୍ରାଦେ. (ସମ୍ବଲପୁର) ବି—ଭେଣ୍ଡି ଗଛର ଅଂଶୁ—The
Bheṇḍi paṭ fibres of the lady's finger plants.
(ଭେଣ୍ଡ ପଟ୍—ଅନ୍ୟରୂପ) .

**ଭେଣ୍ଡି ଭଁଅର**—ଦେ. ବି—ଭେଣ୍ଡି ଗଛର ଫୁଲକୁ ଖାଉଥିବା ଭ୍ରମର ପରି
Bheṇḍi bhaãra ଏକ ପ୍ରକାର ପୋକ—A kind of
ଢেঁড়সের পোকা insect feeding on the flowers of
**भेण्डीका कीड़ा** lady's finger plant.
[ଦ୍ର—ଏମାନଙ୍କର ଦେହ ଅଙ୍ଗୁଠି ପରି ମୋଟ; ଖୋଲ-
ଯୁକ୍ତ ଆବରଣ ତଳେ ପକ୍ଷ ଥାଏ; ଖୋଳ ଉପରେ କଳା,
ଧଳା, ହଳଦିଆ, ଚୋପିମାନ ଥାଏ; ଗୋଡ଼ ଲମ୍ବ ଓ
କଳା ।]

**ଭେଣ୍ଡି ମୁଣ୍ଡି**—ଗ୍ରାଦେ. ( ଯାଜପୁର ) ବି—ଚଉଁରିଖୁଣ୍ଟି—A cup-
Bheṇḍi muṇḍi shaped ornament for the hair in-
to which a bunch of plaited-hair-string
is firmly attached with lac.

**ଭେଣ୍ଡି ସୁନା**—ଦେ. ବି—୧ । ଖରାପ ସୁନା—1. Gold of in-
Bheṇḍi sunā ferior quality.
খারাপ সোনা **खोटा सोना**
୨ । ଖାଦ ମିଶ୍ରିତ ସ୍ୱର୍ଣ୍ଣ--2. Gold adulterated with
baser metal; an alloy of gold. ୩ । ନକଲି
ବା ଗିଲ୍ଟ ସୁନା—3. A gilt metal.

**ଭେଣ୍ଡେରା**—ଗ୍ରାଦେ. (କଳାହାଣ୍ଡି) ବି—କୋକଶିଆଳୀ—
Bheṇḍerā Fox.

**ଭେଦ**—ସଂ. ବି—(ଭିଦ୍ ଧାତୁ=ଭେଦ ବା ବିଦାରଣ କରିବା+
Bheda ଭାବ. ଅ)—୧ । ବିଦାରଣ କରିବା; ଫାଡ଼ିବା—1.
Piercing; splitting up. ୨ । ବିଚ୍ଛେଦ—
2. Separation. ୩ । ଛେଦନ—3. Cutting.
୪ । ବୈଲକ୍ଷଣ୍ୟ; ଅସାଧାରଣତା—4. Peculiarity;
unusualness. ୫ । ବୈଷମ୍ୟ; ଅନୈକ୍ୟ—
5. Dissimilarity. ୬ । ପ୍ରଭେଦ; ପାର୍ଥକ୍ୟ;
ଭିନ୍ନତା—6. Difference; diversity. ୭ ।
ବିଭାଗ—7. Division. ୮ । ଭଙ୍ଗ—8. Break-
ing. ୯ । ବିବାଦ; ବିରୋଧ; ମନୋମାଳିନ୍ୟ—
9. Dissension. ୧୦ । ମନୋଭଙ୍ଗ—10. Dis-
agreement. ୧୧ । ଦୁଇଜଣଙ୍କ ମଧ୍ୟରେ କଳହ
ଜାତ କରାଇବା ବା ଶତ୍ରୁକୁ ବଶ କରିବା ପାଇଁ ନିଯୁକ୍ତ
ତାନ୍ତ୍ରିକ ଉପାୟବିଶେଷ—11. Charms employed
for fomenting quarrel between two per-
sons or bringing an enemy under sub-
jugation. ୧୨ । ବେଧନ; ଫୋଡ଼ିବା—12. Pene-
tration; boring. ୧୩ । ଉନ୍ମେଷ; ପ୍ରକାଶ—13.
Opening up. ୧୪ । ରେଚନ; ଉଦର ଭଙ୍ଗ;
ପତଳା ଝାଡ଼ା ହେବା—14. Purging; looseness
of the bowels; diarrhœa. ୧୫ । ଅନ୍ୟୋନ୍ୟା-
ଭାବ—15. Want of mutuality or recipro-
city. ୧୬ । ମର୍ମ; ଭିତର କଥା; ରହସ୍ୟ; ଗୁପ୍ତକଥା—
16. Secret; the key to a matter. ୧୭ ।
ପ୍ରକାର—17. Kind; manner. (ଯଥା ଜନ୍ତୁଭେଦ
=ଏକପ୍ରକାର ଜନ୍ତୁ । ) ଦେ. ବି—୧ । ସମ୍ବନ୍ଧ—
1. Connection. [ଦ୍ର—ଏଣେ ତାହାର ନାହିଁ ଭେଦ,
ଶୁଣ କହିବା ତତ୍ତ୍ୱ ବୋଧ । ଜଗନ୍ନାଥ. ଭାଗବତ ।]

**ଭେଦକ**—ସଂ. ବଣ—(ଭିଦ୍ ଧାତୁ+କର୍ତ୍ତୃ. ଅକ)—୧ । ପୃଥକ୍‌କାରକ-
Bhedaka 1. Separating. ୨ । ବିଦାରଣକାରୀ—
(ଭେଦକାରକ—ଅନ୍ୟରୂପ) 2. Piercing. ୩ । ବିଚ୍ଛେଦ
(ଭେଦକା—ସ୍ତ୍ରୀ) କାରକ—3. Causing separation. ୪।
ବିରେଚକ—4. Cathartic; purgative. ୫ ।
ବିଶିଷ୍ଟଭାବବ୍ୟଞ୍ଜକ—5. Distinctive; charac-
teristic.

**ଭେଦ କରିବା**—ଦେ. କ୍ରି—୧ । ବିଦାରଣ କରିବା; ଚିରିବା—
Bheda karibā 1. To pierce; to split up.
୨ । ଫୋଡ଼ିବା—2. To penetrate; to bore.
୩ । ପୃଥକ୍ କରିବା—3. To separate. ୪ । ଦୁଇ
ଜଣଙ୍କ ମଧ୍ୟରେ କଳି ବା ମନୋମାଳିନ୍ୟ ଜନ୍ମାଇବା—
4. To sow seeds of dissension between
ভেদকরা; **भेद करना** two persons.

**ଭେଦ କାଢ଼ିବା**—ଦେ. କ୍ରି—୧ । ରହସ୍ୟ ଉଦ୍‌ଘାଟନ କରିବା—
Bheda kaṛhibā 1. To find out or unravel the
ভেদ বাহির করা **भेद निकालना** secret of a matter.
(ଭେଦ ବାହାର କରିବା—ଅନ୍ୟରୂପ) ୨ । ଗୁପ୍ତ ବିଷୟ ବାହାରେ
ପ୍ରକାଶ କରିବା—2. To publish a secret.

**ଭେଦ ଜ୍ଞାନ**—ସଂ. ବି. ( ଷଷ୍ଠୀ ତତ୍ )—୧ । ସ୍ୱତନ୍ତ୍ର୍ୟ ବୋଧ—
Bheda jñāna 1. Realisation of distinction.
(ଭେଦ ବୁଦ୍ଧି—ଅନ୍ୟରୂପ) ୨ । ଅନାତ୍ମୀୟ ଭାବ—2. Un-
friendly feeling. ୩ । ଏକତାର ଅଭାବ—
3. Want of unity.

**ଭେଦ ଧାଡ଼ି**—ଦେ. ବି—୧ । ପ୍ରଭେଦ ସମୂହ—1. A number
Bheda dhāṛi of differences or distinctions. ୨ ।
ରହସ୍ୟମାନ—2. Secrets. [ଦ୍ର—ପ୍ରସନ୍ନ ହୋଇଣ
ମୋତେ କହ ଭେଦ ଧାଡ଼ି । ପ୍ରାଚୀ. ବ୍ରହ୍ମନିରୂପଣ ଗୀତା ।]

**ଭେଦନ**—ସଂ. ବି (ଭିଦ୍ ଧାତୁ+ଭାବ. ଅନ)—୧ । ଭେଦକରଣ—
Bhedana 1. Act of separating or dividing.
୨ । ବିଦାରଣ; ଚିରିବା—2. Piercing. ୩ ।
ବେଧନ; ଫୋଡ଼ିବା—3. Boring; piercing. ୪ ।
ଝାଡ଼ା କରାଇବା—4. Purging. ୫ । (+କର୍ତ୍ତୃ.
ଅନ; ଯେ ଭୂମିକୁ ଭେଦେ) ଶୂକର—5. Hog. ୬ ।
(ଯାହା ତରଳ ଝାଡ଼ା କରାଏ)—ହେଙ୍ଗୁ—6. Asa-
fœtida.

ଭେଦନାସ୍ତ—ସ. ବି—୧ । ଭେଦନ କରିବାର ଅସ୍ତ୍ର—1. A piercing or splitting up weapon or instrument. Bhedanāstra ୨ । ଫୋଡ଼ିବା ଅସ୍ତ୍ର—2. A boring instrument; a drill.

ଭେଦନୀୟ—ସ. ବିଣ—(ଭିଦ୍ ଧାତୁ+କର୍ମ. ଅନୀୟ)—ଭେଦନ କରିବାର ଯୋଗ୍ୟ—Fit to be penetrated or pierced through. Bhedaniya

ଭେଦ ପାଇବା—ଦେ. କ୍ରି—ଗୁପ୍ତ କଥା ବା ରହସ୍ୟ ଜାଣି ପାରିବା—To find out the secret. Bheda paibā ভেদ পাওয়া भेद पाना

ଭେଦ ପ୍ରତ୍ୟୟ—ସ. ବି—ଈଶ୍ୱରଙ୍କ ଠାରୁ ଜଗତ୍ ପୃଥକ୍, ଏହି ଜ୍ଞାନ—The belief that the Creator is something distinct from the creation. Bheda pratyaya

ଭେଦ ବତା(ତେ)ଇବା—ଦେ. କ୍ରି—୧ । କୌଣସି ବ୍ୟକ୍ତିକୁ କୌଣସି ବିଷୟର ରହସ୍ୟ ଶିଖାଇ ଦେବା—1. To teach a person the secret of a matter. Bheda batā(te)ibā ভেদ বাতলান भेद देना, भेद बता(तला)ना ୨ । ଭେଦ କାଢ଼ିବା (ଦେଖ)—2. Bheda Kardhiba (See)

ଭେଦ ବାନ୍ତି—ଦେ. ବି—୧ । ଝାଡ଼ା ଓ ବାନ୍ତି—1. Purging and vomiting. Bheda bānti ୨ । ହଇଜା—2. Cholera. ভেদ বমী दस्तक़ै

ଭେଦ ଭାଦ—ଦେ. ବି—(ନିରର୍ଥକ ସମଧ୍ୱନିଯୁକ୍ତ ସହଚର ଶବ୍ଦ)—ଭେଦ (ଦେଖ)—Bheda (See) Bheda bhāda ভেদটেদ (ভাদ) भेदभाद (ଭେଦ ଛେଦ—ଅନ୍ୟରୂପ)

ଭେଦ ଭାବ—ଦେ. ବି—୧ । ଭେଦ ଜ୍ଞାନ (ଦେଖ)—1. Bheda-jnāna (See) Bheda bhāba ୨ । କପଟ—2. Hypocrisy. ভেদ ভাব भेदभाव

ଭେଦ ମଦନ—ଦେ. ବି—କଣ୍ଟା ମଏଣ (ବୃହତ୍କୃଷ୍ଣ ଦ୍ରବ୍ୟଗୁଣ (ଦେଖ)—Kantā maena (See) Bheda madana

ଭେଦରା—ପ୍ରାଦେ. (କଳାହାଣ୍ଡି) ବି—ବିଲାତି ବାଇଗଣ—Tomato. Bhedarā

ଭେଦ ହେବା—ଦେ. କ୍ରି—ଫାଟି ଯିବା; ଛିଦ୍ର ହେବା—To give way; to crack. Bheda hebā [ଉ—ସେ ଶୂନ୍ୟ ଅଣ୍ଡ ଭେଦ ହୋଇ, ତହିଁ ଜନମ ଲଭିବସ୍ତା । ଯଶୋବନ୍ତ. ପ୍ରେମଭକ୍ତି ବ୍ରହ୍ମ ଗୀତା ]। ଦେ. ବି—ଦେହ ଭେଦ ହେବା; ପ୍ରସୂତିର ସନ୍ତାନ ଜନନ ପୂର୍ବରୁ ପ୍ରଥମ ଜଳ ସ୍ରାବ ହେବା—Primary watery discharge from the uterus before delivery. ভেদ হওয়া फट जाना

ଭେଦା—ଦେ. ବି—( ସ. ଭେଦ; ଯାହା ଦାତାମାନଙ୍କ ଅବସ୍ଥାଭେଦରେ କମ ବେଶି ହୋଇ ଆଦାୟ ହୁଏ) ଚୂନ୍ଦା—Subscription; contribution. Bhedā ଚାଦା चंदा, बेहरी (ଯଥା—ଗ୍ରାମ ଭେଦା; ଠାକୁରାଣୀ ମାଜଣା ଭେଦା ଇତ୍ୟାଦି ।)

ଭେଦା(ଦେ)ଇବା—ଦେ. କ୍ରି ( ସ. ଭେଦ )—୧ । ଭେଦିବା କ୍ରିୟାର ଣିଜନ୍ତ ରୂପ—1. The causative form of 'Bhedibā.' Bhedā(de)ibā ଟୁକାନ भेदवाना ୨ । ପ୍ରବେଶ କରାଇବା—2. To cause to penetrate. ୩ । ଉତ୍ତମ ରୂପେ ବୁଝାଇବା; ବ୍ୟାଖ୍ୟା କରିବା—3. To explain clearly. ବୁଝାନ बुझाना (ଉ—ଗୁରୁଙ୍କୁ କହିଲେ ବୁଝାଇ, ଏ ଲିଙ୍ଗ ଶରୀର ଭେଦାଇ । ଜଗନ୍ନାଥ. ଭାଗବତ ।) ভিজান भिगाना ୪ । ବତୁରାଇବା—4. To soak.

ଭେଦା ଉଠା(ଠେ)ଇବା—ଦେ. କ୍ରି—ଚୂନ୍ଦା ଦ୍ୱାରା ଅର୍ଥ ସଂଗ୍ରହ କରିବା; ଚୂନ୍ଦା ଉଠାଇବା—To raise a subscription. Bhedā uthā(the)ibā (ଭେଦା କରିବା—ଅନ୍ୟରୂପ) চান্দা তোলা चंदा करना(लेना)

ଭେଦାନ୍ତ—ଗ୍ରା. ବି (ସ. ଭେଦ)—ମର୍ମ; ରହସ୍ୟ—Secret. Bhedānta (ଉ—ବସ୍ତୁ ଲେଖ ହୋଇଲେ ଭେଦାନ୍ତ ଜଣା ନାହିଁ । ପ୍ରାଚୀ. ବ୍ରହ୍ମକଳ୍ପରୂପ ଗୀତା ।)

ଭେଦା ପଞ୍ଚା—ଦେ.ବି (ସହଚର ଶବ୍ଦ; ସ. ଭେଦ+ପଞ୍ଚ))—ଗ୍ରାମ ଭେଦା; ଗ୍ରାମବାସୀମାନଙ୍କଠାରୁ ସାଧାରଣ କାର୍ଯ୍ୟ ପାଇଁ ସଂଗୃହୀତ ଚୂନ୍ଦା—Subscription raised from villagers for a common purpose. Bhedā pānchā চাঁদাচাঁদা चँदाउँदा

ଭେଦା ବସା(ସେ)ଇବା—ଦେ. କ୍ରି—ବ୍ୟକ୍ତିବିଶେଷଙ୍କ ଉପରେ ତାଙ୍କ ଦେୟ ଚୂନ୍ଦାର ପରିମାଣ ନିର୍ଦ୍ଧାରଣ କରିବା (ଭେଦା କରିବା—ଅନ୍ୟରୂପ)—To assess the amount of public subscription of different persons (according to difference of rank or wealth). Bhedā basā(se)ibā চাঁদা বসান चंदा बैठाना (ଭେଦା ବସିବା—ବିଶେଷ୍ୟରୂପ)

ଭେଦାଭେଦ—ସ. ବି ( ସହଚର ଶବ୍ଦ )—୧ । ପ୍ରଭେଦ ଓ ଐକ୍ୟ—1. Difference and similarity. Bhedābheda ୨ । ବିଚ୍ଛେଦ ଓ ମିଳନ—2. Separation and union. ୩ । ଅନାତ୍ମୀୟତା ଓ ଆତ୍ମୀୟତା—3. Separation and oneness. ଦେ ବି(ସ. ଭେଦ) ପ୍ରଭେଦ—Difference. ভেদাভেদ भेदाभेद

ଭେଦାଭେଦ ଜ୍ଞାନ—ଦେ. ବି—୧ । ଏ ଜଣକ ଆତ୍ମୀୟ ଓ ସେ ଜଣକ ପର, ଏହିପରି ଜ୍ଞାନ—1. Discrimination; observing distinction between that which is one's own and which is not. Bhedābheda jnāna (ଭେଦାଭେଦ ବିଚାର—ଅନ୍ୟରୂପ) ভেদাভেদ জ্ঞান भेदाभेद बिचार ୨ । ଭଲର ଓ ମନ୍ଦର ବିଚାର—2. Discriminating between good and bad.

ଭେଦିତ—ସ. ବିଣ ( ଭିଦ୍ ଧାତୁ ଣିଚ୍ ଭେଦ ଧାତୁ+କର୍ମ. ତ )—ଭିନ୍ନ—Pierced through. Bheditā

ଭେଦିବା—ଦେ. କ୍ରି ( ସ. ଭିଦ୍ ଧାତୁ )—୧ । ଭେଦ କରିବା; ବିଦାରଣ କରିବା—1. To penetrate; to pierce. Bhedibā ভেদ भेदना (ଉ—ଦ୍ରୁପଦଙ୍କ ଶରେ ଯାଇ ଭେଦ ଭେଦ, ଜାତ ହେଲେ ଶତ୍ରୁ ଅଂଶରେ ଦ୍ରୌପଦୀ । କୃଷ୍ଣସିଂହ. ମହାଭାରତ. ଆଦି ।) ୨ । (ଜଳ) ପଦାର୍ଥ ମଧ୍ୟରେ ପ୍ରବେଶ କରିବା—2. To soak or pass through ( said of water ).

( ଉ—ତହିଁ ଯେ ବ୍ରହ୍ମଶାଳା ଭାଗୀରଥୀ ନଦୀ, ରହଣ ବନ୍ଧୁରନ୍ତି ପାତାଳକୁ ଭେଦ । କୃଷ୍ଣସିଂହ. ମହାଭାରତ-ବନ । ) ୩ । କୌଣସି ବିଷୟର ରହସ୍ୟ ଭେଦ କରିବା—3. To pry into the secrets of a matter. ୪ । କୌଣସି ବିଷୟ ଉତ୍ତମରୂପେ ଜାଣିବା—4. To know a matter well; to be well conversant with a matter. ୫ । ମୋହିବା; ତରଳାଇବା—5. To charm; to melt (one's heart). ( ଉ—କାଳନ୍ଦୀ ତଟେ ଚୋରା ଭ୍ରମର; ହୃଦୟ ଭେଦନ୍ତ ଆମ୍ଭର । ଜଗନ୍ନାଥ. ଭାଗବତ । )

**ଭେଦି(ଦୁ)ର**—ସଂ. ବି ( ଭିଦ୍ ଧାତୁ + କର୍ତ୍ତୃ ଇର; ଉର)—ବଜ୍ର; ବଜ୍ର
Bhedi(du)ra —Thunderbolt.

**ଭେଦୀ**—ସଂ. ବିଣ. ପୁଂ ( ଭିଦ୍ ଧାତୁ + ଇନ୍; ଭେଦିନ୍ ୧ମା. ୧ବ )—
Bhedī ଯାହା ଭେଦ କରେ; ବିଦାରକ—Piercing; (ଭେଦିନୀ—ସ୍ତ୍ରୀ) penetrating. [ ଦ୍ର—ଏହା ଅନ୍ୟ ଶବ୍ଦ ସହିତ ଯୁକ୍ତ ହୁଏ, ଯଥା—ମର୍ମଭେଦୀ, ହୃଦୟଭେଦୀ, ଇଚ୍ଛାଭେଦୀ ଇତ୍ୟାଦି । ] ଦେ. ବି—ଝାଡ଼ା ଔଷଧ—A purgative; a cathartic.

**ଭେଦୁଆ**—ଦେ. ବିଣ ( ସଂ. ଭେଦକ )—୧ । ଯେ କୌଣସି ବିଷୟର
Bheduā ଭେଦ ବା ରହସ୍ୟକୁ ଜାଣେ—1. Conversant
গুপ্তচর with the secrets of a matter. ୨ । ଯେ
भेदिया; भेदुआ ଗୁପ୍ତ ବିଷୟ ଅନୁସନ୍ଧାନ କରିପାରେ—2. Detective; able to find out secrets. ବି—୧ । କୌଣସି ବିଷୟକୁ ଗୁପ୍ତ ଭାବରେ ଅନୁସନ୍ଧାନ କରିବା ପାଇଁ ନିଯୁକ୍ତ ଚର; ଗୁପ୍ତଚର—1. A spy ୨ । ମଧ୍ୟସ୍ଥ—2. A go-between.

**ଭେଦୁଆ ପୁରା(ରେ)ଇବା**—ଦେ. କ୍ରି—୧ । ଗୁପ୍ତଚର ଦ୍ୱାରା ଅନୁସନ୍ଧାନ
Bheduā purā(re)ibā କରାଇବା—1. To have an
গুপ্তচর লাগান investigation made through a spy.
भेदिया लगाना ୨ । କୌଣସି ବ୍ୟକ୍ତିର ଅଜ୍ଞାତରେ ଗୁପ୍ତ [ଭେଦୁଆ ଲଗା(ଗେ)ଇବା—ଅନ୍ୟରୂପ] ଭାବରେ ଦୃଷ୍ଟିଦେବା ପାଇଁ ଗୁପ୍ତଚର ନିଯୁକ୍ତ କରିବା—2. To employ a spy to watch the movements of a person.

**ଭେଦୁର**—ସଂ. ବି—(ଭିଦ. ଧାତୁ + କର୍ତ୍ତୃ. ଉର)—ବଜ୍ର; ବଜ୍ର—
Bhedura Thunder.

**ଭେଦୋ**—ପ୍ରାଦେ (ସମ୍ବଲପୁର) ବିଣ. (ଭୁଲ. ହି. ଭଦା; ଭଦ୍ ଭଦ୍)—
Bhedo ମୋଟା; ସ୍ଥୂଳ; ସ୍ଥୂଳକାୟ—Fat; corpulent.

**ଭେଦ୍ୟ**—ସଂ. ବିଣ (ଭିଦ୍. ଧାତୁ + କର୍ମ. ଯ)—ଭେଦନୀୟ—
Bhedya Penetrable; fit to be pierced through.

**ଭେନେ(ନୋ)ଇ**—ପ୍ରାଦେ (ସମ୍ବଲପୁର) ବି—(ସଂ. ଭଗ୍ନୀପତି)—
Bhene(no)i ଭଗ୍ନୀପତି—One's sister's husband.

**ଭେବଳ**—ଦେ. ବିଣ (ସଂ. ବିହ୍ୱଳ)—୧ । ବିହ୍ୱଳ; ବିଭୋର—
Bhebaḷa 1. Bewildered; enchanted. ୨ । ଯେ
বিহ্বল ସହଜରେ କଥାଗୁଡ଼ାକ ପାସୋରି ପକାଏ—2. Prone
विह्वल भोला भोला to forget everything easily
(ଭେବଳା, ଭେବଳୀ—ସ୍ତ୍ରୀ)

**ଭେରଲିହା**—ପ୍ରାଦେ. (ସମ୍ବଲପୁର) ବିଣ—୧ । ଅଛୁଆ; ସମାଜ
Bher-lihā ପରିତ୍ୟାଗ କରିଥିବା (ବ୍ୟକ୍ତି)—1. Out-casted.
୨ । ବିଚାଲିଆ—2. Taking food cooked by others irrespective of caste-consideration.

**ଭେର(ରେ)ଣ୍ଡା**—ଦେ. ବି ( ସଂ. ଏରଣ୍ଡ )—୧ । ଗବଗଛ—1
Bhera(re)ṇḍā The castor oil plant. ୨ । ( ସଂ.
ভেরেণ্ডা ভেরণ্ডা ଫେରୁ ) ଅଣ୍ଡିରା ବିଲୁଆ—2. A he-jackal.
एंडी; रंडी ୩ । ହିଂସ୍ରଜନ୍ତୁ—3. Ferocious animal.
गीदड़ ପ୍ରାଦେ ( ଗଡ଼ଜାତ ) ବି—ରାତିରେ ବିକଟ ସ୍ୱର କରିବା ଅମଙ୍ଗଳସୂଚକ ପକ୍ଷିବିଶେଷ—A bird whose screeching at night forebodes evil

**ଭେରା**—ଦେ. ବି—୧ । ଭେଡ଼ା; ଘେରା—1. Circuit. ୨ ।
Bherā ଖଣ୍ଡେବାଟ—2. Some distance.
চক্কর चक्कर, फेरा ୩ । ପାଦୁଣ୍ଡ—3. Step.

**ଭେରାଏ**—ଦେ. କ୍ରି. ବିଣ—୧ । ଘେରାଏ—1. Making one
Bherāe circuit. ୨ । ଅଳ୍ପାଏ; ଭଡ଼ାଏ; ଖଣ୍ଡେବାଟ—
একচক্কর एकचक्कर; पेकफेरा 2. For a distance.

**ଭେରି(ରୀ)**—ସଂ. ବି (ଭୀ ଧାତୁ = ଭୀତ ହେବା + ରି; + ଈ)—ରଣ
Bheri(rī) ଢକ୍କା; ପଟହ—War drum. ଦେ. ବି—
तुरी ୧ । ତୁରୀ; ବଡ଼ କାହାଳୀ—1. A long trumpet. [ଉ—
तुरही, करनाल ଭୂପତି ଉଙ୍ଗଟେ ଭେରିବେ ବାଜନ୍ତ ସଙ୍କେତ ଭେରୀ । ରାଧାନାଥ. ଲୁଷା । ] [ଦ୍ର—ଭେରୀର ସଂସ୍କୃତ ଅର୍ଥଠାରୁ ଓଡ଼ିଆ ଭାଷାରେ ବ୍ୟବହୃତ ଅର୍ଥ (ତୁରୀ) ପୃଥକ୍ ଅଟେ । ହିନ୍ଦିରେ ଓ ବଙ୍ଗଳାରେ ଏହି ଶବ୍ଦ ସଂସ୍କୃତ ଭାଷାଗତ ଅର୍ଥ(ଢକ୍କା)ରେ ବ୍ୟବହୃତ ହୁଏ । ] ୨ । ଭେରୁ (ଦେଖ) 2. Bheru (See).

**ଭେରୁ**—ଦେ. ବି (ସଂ ବନ୍ଧ)—ଭମ୍ବାଦି ବର୍ଗର ମଧ୍ୟମାକୃତି ବନ୍ୟ ତରୁ—
Bheru The Indian satin wood; Chloroxylon
ভেরু Swietenia. [ଦ୍ର—ଏହି ଗଛ ଓଡ଼ିଶା, ଛୋଟନାଗପୁର ଓ
घोउरा, भिरा. गिरिया, भेरा ମଧ୍ୟଭାରତର ଶୁଷ୍କ ଅରଣ୍ୟରେ
ମ. ବଲଦା, ଭେରଆ ଜନ୍ମେ । ଏହା ଭମ୍ବାଦିବର୍ଗର
ତା. ମୁଡ଼ୁଡାଡ଼ି, ବରୁସ ମଧ୍ୟମାକୃତି ଅରଣ୍ୟ ତରୁ । ଏହାର
ତେ. ବିଲ୍ଲୁ, ବିଲ୍ଲୁଡ଼ା, ବିଲ୍ଲୁଡୁ] କାଠ ପାଖାଳ, ସୁଗନ୍ଧ, ଘନ ଓ
ବିଲ୍ଲା, ଭୁଲୁଡେଟ୍ଟୁ । ଚକ୍କଣ । ଏହାର ତେଲ ବାତ
ଗନ୍ଧୀ ମ. ପୋଶଭିଲ ଧଳକ ଭୁଷୁରେ ଲଗାଇଲେ ଉପକାର ହୁଏ । ଏ କାଠ ଅତ୍ୟନ୍ତ ଭାର ସହିବାକୁ ଏଥିରେ ଲୋକେ ଅଣ କରନ୍ତି । ଏ କାଠ ଗୁଞ୍ଜଲେ ଅତ୍ୟନ୍ତ ଚକ୍କଣ ହୁଏ; କିନ୍ତୁ ବଡ଼ କାଠ ପ୍ରାୟ ଫାଟିଯାଏ (ଯୋଗେଶ୍ଚନ୍ଦ୍ର); ଏହି କାଠରେ ସଗାର ଭଲ ମୁଷଳ ହୁଏ । ଏ କାଠକୁ ଜଳାଇଲେ ଏଥିରୁ ଖୁବ୍ ଧୂଆଁ ବାହାରେ (ହି. ଶ) । ] ପ୍ରାଦେ (ବାଲେଶ୍ୱର) ବି—ତଟକା-ତଳଥ ଡଙ୍ଗା—Flat-bottomed boat.

ଭେରୁଆଁ—ପ୍ରାଦେ (ସମ୍ବଲପୁର) ବି—ଭେରୁ (ଦେଖ)
Bheruā̃ Bheru (See).

ଭେରୁଣ୍ଡ—ସଂ. ବିଣ (ସଂ. ଭୀ. ଧାତୁ)—ଭୟାନକ—Fierce. ବି—
Bherunḍa ଗର୍ଭଧାରଣ—Pregnancy; conception.

ଭେରୁଣ୍ଡା—ସଂ. ବି. ସ୍ତ୍ରୀ—୧ । ଦେବୀବିଶେଷ—1. Name of a
Bherunḍā Goddess. ୨ । ଯକ୍ଷିଣୀ ବିଶେଷ—2. Name of a female of the 'Jaksha' class of aereal beings.

ଭେରେଷା—ଦେ. ବିଣ [ସଂ. ଭ୍ରେଷ=ଅନ୍ୟାୟ, ପାପ ବା କୁପଥ ଗମନ
Bhereshā (ଆପ୍ଟେ) ବା ସଂ. ହ୍ରେଷା=ଅଶ୍ୱର ରାବ; ଯେ ଅଶ୍ୱର
(ଭେରେଷୀ—ସ୍ତ୍ରୀ) ରାବପରି ହସେ]—ଭଣ୍ଡ; ନିର୍ଲଜ୍ଜ—Shame-
भाँड़ less; laughing immoderately. [ବି—ଯେଉଁ
भाँड ଲୋକ ନିର୍ଲଜ୍ଜ ଭାବରେ ବଡ଼ ପାଟି କରି ହସେ ଓ କଥା କହେ
(ଭେର୍ଷା—ଅନ୍ୟରୂପ) ତାହାକୁ ଭେରେଷା କୁହାଯାଏ ।]

ଭେରେଷାଗିରି—ଦେ ବି—ନିର୍ଲଜ୍ଜତା—Shamelessness.
Bhereshāgiri भाँड़पना भाँडगिरि
(ଭେରେଷାପଣ[ପଣିଆ]—ଅନ୍ୟରୂପ)

ଭେଳ—ସଂ. ବି (ଭୀ, ଧାତୁ+ଅଧିକରଣେ ଅ)—୧ । ଭେଳା (ଦେଖ)
Bheḷa 1. Bheḷa (see) ୨ । (+କର୍ତ୍ତ୍ରି. ଅ) ମୁନି ବିଶେଷ—2. Name of a sage. ବିଣ—୧ । (+କର୍ତ୍ତ୍ରି. ଅ) ଭୀରୁ (ହି. ଶ; ମେଦିନୀ)—1. Timid; coward ୨ । ଶଙ୍କିତ-2. Frightened; alarmed. ୩ । କ୍ଷିପ୍ର; ଚଞ୍ଚଳ—3. Quick; agile; hasty (Apte). ୪ । ମୂର୍ଖ; ଅଜ୍ଞ (ମେଦିନୀ)—4. Illiterate; ignorant. ୫ । ଓଲୁ; ନିର୍ବୋଧ—5. Foolish; stupid. ୬ । ଅସ୍ଥିର; ଅବ୍ୟବସ୍ଥିତ—6. Unsteady; fickle [Apte]. ୭ । ଡେଙ୍ଗା—7. Tall [Apte]

ଭେଲ—ଦେ. ବିଣ [ସଂ. ମିଲ୍, ଧାତୁ; ତୁଳ. ତା, ଭେଲରୂପା]—
Bhela ୧ । ନକଲି; କୃତ୍ରିମ—1. Artificial; counter-
भेल feit; imitated. ୨ । ଅବିଶୁଦ୍ଧ—2. Impure. ୩ ।
गोबराहा, खराप ମିଶ୍ରିତ—3. Adulterated; alloyed.
[ଉ—ଭେଲ ସୁନା ବୋଲି ଜଳେ ଯେ ବଳସେ, ଭେଲ ସୁନା ଚନ୍ଦ୍ରଗୁପ୍ତର ଜଳସେ । ରାଧାନାଥ. ଦରବାର ।] ବି—
पान ୧ । ସୁନା ଆଦିରେ ମିଶିବା ନିକୃଷ୍ଟ ଧାତୁ—1. Alloy;
मिलौनी, खाद base metals added to gold [ଉ—ଭେଲ ସୁନା ବୋଲି ଜଳେ ଯେ ବଳସେ, ଭେଲ ସିନା ଚନ୍ଦ୍ରଗୁପ୍ତର ଜଳସେ । ରାଧାନାଥ. ଦରବାର । ] ୨ । କୃତ୍ରିମ ପଦାର୍ଥ—2. Artificial thing; a counterfeit. ୩ । ମନ୍ଦ
मेकी ଦ୍ରବ୍ୟ ମିଶ୍ରିତ ପଦାର୍ଥ—3. Adulterated article.
जालीरूपया ୪ । ଜାଲ୍ ଟଙ୍କା—4. Counterfeit coin.

ଭେଳକ—ସଂ. ବି (ଭେଳ+କ)—ଭେଳା (ଦେଖ)—Bheḷā (See).
Bheḷaka [ଉ—ବଢ଼ିଲା ନଦୀ ଭେଳକରେ ମେଳକ ହୋଇଣ ନିସ୍ତେଜ ଯଥା । ଉଞ୍ଜ. ବୈଦେହୀଶବିଳାସ ।]

ଭେଳ(ଳି,ଳେ)କା—ଦେ. ବିଣ. [ସ ଭେଳ=କ୍ଷିପ୍ର(Apte); ଅଜ୍ଞ, ଭୀରୁ
Bheḷa(ḷi,ḷe)kā (ମେଦିନୀ)] ୧ । ଓଲୁ—1. Stupid. ୨ । ସନ୍ତ୍ରସ୍ତ; ଶଙ୍କିତ—2. Frightened. ୩ । ହତବୁଦ୍ଧି; କିଂ-
भेलकी କର୍ତ୍ତବ୍ୟବିମୂଢ଼—3. Bewildered; puzzled
भैचक, हक्कावक्का, भयभीत (ଉ-ନଳକ ଦାଗି ଦେବା ବେଳେ ନୃପଭ
(ଭେଲ୍‌କା, ଭେଲ୍‌କି—ଅନ୍ୟରୂପ) ସବୁଙ୍କୁ ଲାଗଇ ଭେଳକି । ବଳନାଥ.
भेलकी ସମରତରଙ୍ଗ) ୪ । ମୋହିତ—4. Enchanted ବି—
घबड़ाहट ୧ । କିଂକର୍ତ୍ତବ୍ୟବିମୂଢ଼ତା—1. Bewilderment.
नजरबन्दी ୨ । (ସ. ଭେଳ=ନିର୍ବୋଧ, ଯାହା ଦର୍ଶକଙ୍କୁ ନିର୍ବୋଧ ପରି କରିଦିଏ )—କୁହୁକ—2. Jugglery; magical trick. (ଉ-ଦେଖିଲେ ମନେ ଲାଗେ ମଦନ ଭେଳକି, କୃଷ୍ଣସିଂହ. ମହାଭାରତ ଆଦି ।) ୩ । ହୋଲ; ସଂଜ୍ଞାଲୋପ—3. Loss of one's senses.

ଭେଲକା—ପ୍ରାଦେ (ଯାଜପୁର) ବିଣ—ଭେଳକା (ଦେଖ)
Bhelakā Bheḷakā (See)

ଭେଳକା କରିବା—ଦେ. କ୍ରି—୧ । କିଂକର୍ତ୍ତବ୍ୟବିମୂଢ଼ କରିବା; ହତ-
Bheḷakā karibā ବୁଦ୍ଧି କରିବା—1. To bewilder.
[ଭେଳକା ଲଗା(ଗେ)ଇବା—ଅନ୍ୟରୂପ] ୨ । ମନ୍ତ୍ରମୁଗ୍ଧ କରିବା—
भेलकी लागान 2. To enchant. ୩ । ଶଙ୍କିତ କରିଦେବା—
भयभीत करना 3. To frighten a person out of his wits.

ଭେଳକା ମାରିଯିବା—ଦେ. ବି—କିଂକର୍ତ୍ତବ୍ୟବିମୂଢ଼ ହେବା; ଶଙ୍କିତ
Bheḷakā mārijibā ହେବା—Being bewildered or alarmed.

ଭେଳକା(କି) ହେବା—ଦେ. କ୍ରି—୧ । ମୁଗ୍ଧ ହେବା; ମୋହିତ ହେବା—
Bheḷakā(ki) hebā 1. To be enchanted.
ভোল(বিহ্বল) হওয়া ୨ । ଧନ୍ଦି ହେବା; ହତବୁଦ୍ଧି ହେବା—
विह्वलहोना; घबड़ाना 2. To be bewildered or puzzled.

ଭେଳକି ଦେଖା(ଖେ)ଇବା—ଦେ. କ୍ରି—କୁହୁକ ଦେଖାଇବା—
Bheḷaki dekhā(khe)ibā To exhibit jugglery.
ভেলকী দেখান नजरबन्द करना

ଭେଳକି ବାଜି—ଦେ. ବି—ଭୋଜ ବାଜି ( ଦେଖ )—
Bheḷaki bāji Bhoja bāji ( See )
ভেলকী বাজী नजरबन्दि; छलाबल

ଭେଲ ମିଶା(ଶେ)ଇବା—ଦେ. କ୍ରି—ବିଶୁଦ୍ଧ ପଦାର୍ଥରେ ନିକୃଷ୍ଟ ପଦାର୍ଥ
Bhela misā(se)ibā ମିଶାଇବା—To adulterate base
ভেল মিশান things with superior ones.
खाद मिलाना

ଭେଳା—ଦେ. ବି ( ସ. ଭେଳ; ଭେଳକ )—୧ । ପ୍ଲବ; ଉଡ଼ୁପ; ନଦୀ-
Bheḷā ଆଦି ପାରି ହେବା ନିମନ୍ତେ ଭାସମାନ କାଷ୍ଠାଦି—
ভেলা 1. A raft; a float. ( ଉ—ଧରି ହରି-ପାଦପଦ୍ମ
बेड़ा; भेरा ଭେଳା । ମଧୁସୂଦନ. ସଙ୍ଗୀତମାଳା । ) ୨ ।
ସ୍ରୋତାନ୍ତରକୁ ନିଅଯିବା ପାଇଁ କାଠ ବାଉଁଶଆଦିର ପଟାଳି

—2. A number of timbers or bamboos tied into a raft for the purpose of being carried to a distance on the water. ๓ । ନଦୀପାର ହେବାର ନୌକା—3. Boat; means of crossing a river. ( ଉ—ମୋ ଛାତ୍ରଭେଲା ଧର କାମଳସା ପାର । କୃଷ୍ଣସିଂହ. ମହାଭାରତ ବନ । ) ୪ । ଗୋଷ୍ଠ; ସମୂହ—4. Cluster; multitude. ୫ । ( ଲକ୍ଷଣାର୍ଥ ) ଜୀବିକା; ବଞ୍ଚିବାର ଉପାୟ—5. ( figurative ) Means of livelihood. ୬ । ଆଶ୍ରୟସ୍ଥଳ—6. Refuge.

**ଭେଲା**—ପ୍ରାଦେ ( ଗଡ଼ଜାତ, ସମ୍ବଲପୁର ) ବି—ପିଣ୍ଡୁଲା; ଗୁଡ଼ଆଦିର ମେଣ୍ଟା—Lump; clod ( of molasses ). ବିଣ —୧ । ସରୁ—1. Fine. ୨ । ଅସୁନ୍ଦର—2. Ugly. ( ଉ—ମୁହିଁଟି ସୁନ୍ଦର ଦେଖୁଚି ଭେଲା । ଛଗ । ) ୩ । ଚେପ୍ଟା—3. Flat. ଗ୍ରା ( ଉତ୍ତର ) ଅ—ଭଲା (ଦେଖ) Bhala ( See )
Bhelā

**ଭେଲା(ଲେ)ଇବା**—ଦେ. କ୍ରି ( ସଂ. ମିଳନ; ମେଳନ )—୧ । ବହୁଲୋକଙ୍କୁ ମେଳାଇବା; ବହୁଲୋକଙ୍କୁ ଏକତ୍ର କରାଇବା—1. To cause many people to assemble; to collect many people. ୨ । ବହୁଲୋକଙ୍କୁ କୌଣସି ଗୋଷ୍ଠୀ କାର୍ଯ୍ୟପାଇଁ ମତାଇବା—2. To cause people to form a company or association to do a work.
Bhelā(le)ibā
জড়করা
इकट्टा करना
मातान
मनाना

**ଭେଲା ବାନ୍ଧିବା**—ଦେ. କ୍ରି—୧ । ନଦୀଆଦି ପାରହେବା ପାଇଁ ଭେଲା ପ୍ରସ୍ତୁତ କରିବା—1. To make a raft. ୨ । ( ଲକ୍ଷଣାର୍ଥ ) କୌଣସି କାର୍ଯ୍ୟ ସାଧନାର୍ଥ କୌଣସି ଉପାୟ ଅବଲମ୍ବନ କରିବା—2. ( figurative ) To pursue or have recourse to a means to accomplish an object. ( ଉ—ଦ୍ୱିର କାମକୁ ବାନ୍ଧିଥିବୁ ଭେଲା । ଛଗ । )
Bhelā bāndhibā
ভেলাবাঁধা
बेड़ा बाँधना

**ଭେଲା ବୁଡ଼ିବା**—ଦେ. ବି ( ଲକ୍ଷଣାର୍ଥ ) ସର୍ବନାଶ ଘଟିବା—(figurative) Being overtaken by ruin. ( ଉ—କାହିକା ନାୟିକା ହେଲେ ବୁଡ଼ିବ ଭେଲା । ଉଞ୍ଜ. ବୈଦେହୀଶବିଳାସ । )
(ଭେଲା ବୁଡ଼ିଯିବା—ଅନ୍ୟରୂପ)
Bhelā burdibā
ভেলা ডুবা
बेड़ा डुबना

**ଭେଲା ଭେଲା**—ଦେ. କ୍ରି. ବିଣ—୧ । ଗଞ୍ଜା ଗଞ୍ଜା ହୋଇ—1. In groups; in shoals. ( ଉ—ଗୁଳ ଯାଗ ଭୂତେ ପଡ଼ିବା ଭେଲା ଭେଲା । କୃଷ୍ଣସିଂହ. ମହାଭାରତ. ଆଦି । ) ୨ । ଦଳ ଦଳ; ବହୁ ସଂଖ୍ୟକ—2. In herds. ( ଯଥା—ଚିଲିକା ନଦୀରେ କୁମ୍ଭୀର ଗୁଡ଼ାକ ଭେଲା ଭେଲା ହେଉଥାଆନ୍ତି ।)
Bhelā bhelā
দল দল
झुंडकेझुंड, दलकेदल

**ଭେଲି**—ପ୍ରାଦେ ( ଯାଜପୁର ) ବି—ବେଲି ( ଦେଖ )—Beli (See)
Bheli
ଦେ. ବି—ଭେଲିଗୁଡ଼ ( ଦେଖ )—Bheligurda ( See )

**ଭେଲିଆ**—ପ୍ରାଦେ ( ଯାଜପୁର ) ବିଣ. ପୁଂ—ବେଲିଆ ( ଦେଖ ) Beliā (See)
Bheliā

**ଭେଲିଆ**—ପ୍ରାଦେ ( ଗଞ୍ଜାମ ) ବି—ସାମର୍ଥ୍ୟ—Strength.
Bheliā

**ଭେଲି ଗୁଡ଼**—ଦେ. ବି—ଏକପ୍ରକାର ଖାଣ୍ଟିଆ ଗୁଡ଼; ପିଣ୍ଡୀକୃତ କରାଯାଇଥିବା କାଠୁଆ ଗୁଡ଼—Solid molasses. (ଭେଲେଇଗୁଡ଼, ଭେଲୋଇଗୁଡ଼—ଅନ୍ୟରୂପ)
Bheli gurda
পাটালীগুড়
भेलीगुड

**ଭେଲିଙ୍ଗି**—ପ୍ରାଦେ ( ଯାଜପୁର ) ବି—ବେଲି (ଦେଖ)—Beli (See) ( ଯଥା—ସେ ଭେଲିଙ୍ଗି ବାହାର କରୁଛି ) ଦେ. ବି—ବେଲିଙ୍ଗି (ଦେଖ)—Belingi (See)
Bhelingi

**ଭେଲୁ**—ପ୍ରାଦେ (ଗଞ୍ଜାମ) ବି (ଭୁଲ ସ. ଭେଲକ)—ଉପାୟ—Means; resources.
Bhelu

**ଭେଲୁଅାଁ**—ପ୍ରାଦେ (ସମ୍ବଲପୁର) ବି (ସଂ. ଭଲ୍ଲାତକ; ଭୁଲ ହି. ଭିଲାୱାଁ) —ଭଲ୍ଲିଅ—Marking nut.
Bheluāñ

**ଭେଲୁଆ ବାଇଗଣ**—ଦେ. ବି—ଅତି ବଡ଼ ପାଲୁଆ ବାଇଗଣ—Big brinjals grown on silted lands. [ଭେଲୋ(ଲେ)ଇ ବାଇଗଣ—ଅନ୍ୟରୂପ]
Bheluā bāigana
বড়বেগুন, পালবেগুন
बडाबैंगन

**ଭେଲୁ(ଲ୍ୟୁ)ପେ ଏ ବଲ୍** (ଇତ୍ୟାଦି)—ବୈଦେ. ବି ( ଇଂ. ଭାଲ୍ୟୁ-ପେବଲ୍ )—ଭି. ପି. ଇତ୍ୟାଦି ( ଦେଖ )—Bhi. pi. etc (See)
Bhelu(lyu)pe-e bal (etc)

**ଭେଲେ(ଲୋ)ଇ ଆମ୍ବ**—ଦେ.ବି—ଏକପ୍ରକାର ବଡ଼ଆମ୍ବ—A species of mango, generally big in size. [ବି—ବେଲ ଫଳକୁ ଛେଚଲେ ଯେଉଁ ଗନ୍ଧ ହୁଏ, ଏହି ଜାତିର ଆମ୍ବର ସେହିପରି ଗନ୍ଧ ହେବାରୁ ଉକ୍ତ ନାମ ଦିଆ ଯାଇଅଛି ।]
Bhele(lo)i āmba
বড় আম
बडा आम

**ଭେଲେରି**—ଦେ. ବି—ଖୋରଧାର ଦକ୍ଷିଣ ପଶ୍ଚିମ ସୀମାରେ ଅବସ୍ଥିତ ପର୍ବତ; ଭାଲେରି ପାହାଡ଼—A hill in the south-west of Khurda.
Bheleri

**ଭେଶରିଆ**—ପ୍ରାଦେ. ( ସମ୍ବଲପୁର ) ବିଣ. ପୁଂ (ସଂ. ଭ୍ରେଷ=ଅନ୍ୟାୟ; ଦୋଷ; କୁପଥ ଗମନ; (ଅପ୍ରେ )—୧ । ଅଶ୍ଳୀଳ—1. Vulgar; indecent. ୨ । ନିର୍ଲଜ୍ଜ—2. Shameless.
(ଭେଶରି—ସ୍ତ୍ରୀ)
Bhes-riā

**ଭେଶରିଆ କଥା**—ପ୍ରାଦେ. ( ସମ୍ବଲପୁର ) ବି—୧ । ଅଶ୍ଳୀଳ ବାକ୍ୟ—1. Vulgar or coarse or indecent words. ୨ । ଅପଭ୍ରଂଶ—2. Vulgar language
Bhes-riā kathā

**ଭେଶ**—ଦେ. ବି. (ସଂ, ବେଶ)—୧ । ବେଶ; ପୋଷାକ—1. Dress. ୨ । ସାଜସଜ୍ଜା—2 Toilette. ୩ । ଚେହେରା—3. Appearance.
Bhesa
বেশ
भेश

ଭେଶ(ଶେ)ଡ଼ା(ଢ଼ା) —ଦେ. ବଣ. ପୁଂ ( ସଂ ଭ୍ରଷ୍ଟ )—୧ । କଦର୍ଯ୍ୟ; Bhesa(se))rdā(rhā) କୁତ୍ସିତ—1. Ugly. ୨ । ମଳିଆ—[ଭେଶ(ଶେ)ଡ଼ୀ(ଢ଼ୀ)—ସ୍ତ୍ରୀ] 2. Slovenly; slatternly. ভেসরা ୩ । ବେହେଲା; ନିର୍ଲଜ୍ଜ; ନିଲଠା—3. Shameless. भद्दा, फुहर ୪ । ଅଶ୍ଳୀଳ—4. Indecent.

ଭେଶ ବଦଳା(ଳେ)ଇବା—ଦେ. କ୍ରି—ନିଜର ରୂପ ପରିବର୍ତ୍ତନ Bhesa badalā(le)ibā କରିବା—To assume a disguise; to put on a mask; to change one's dress. বেশ বদলান भेश बदलाना

ଭେଶର୍—ପ୍ରାଦେ. ( ସମ୍ବଲପୁର ) ବଣ. ( ସ. ଭ୍ରଷ୍ଟ )—Bhesar ନିର୍ଲଜ୍ଜ; ଅଶ୍ଳୀଳ; ଲଜ୍ଜାହୀନ—Shameless; impudent; vulgar.

ଭେଶର—ପ୍ରାଦେ. (ଗଞ୍ଜାମ) ବ—ବେଶର ଗୁଣା—A kind of Bhesara ornament for nose. (ଉ—ମଣ୍ଡିଲ କନ୍ଦର୍ପ ନିଜ କେତୁକ, କି ସୁନ୍ଦର ନାସାପୁଟ ଭେଶର । ଉଛ. ଲାବଣ୍ୟବତୀ ।)

ଭେଷ (ଧାତୁ)—ସ—୧ । ଭୟ କରିବା—1. To fear; to dread Bhesh (root) (Apte). ୨ । ଭୟ ପାଇବା; ଭୀତ ହେବା—2. To be frightened.

ଭେଷ—ସ. ବ (ଭେଷ୍ ଧାତୁ+ଭାବ. ଅ)—ଭୟ—Bhesha Dread.

ଭେଷଜ—ସ. ବ (ଭେଷ=ଭୟ; ରୋଗ ଭୟ+ଜି ଧାତୁ=ଜୟ କରିବା Bheshaja +ଅ; ଯାହା ରୋଗ ଭୟକୁ ଜୟ କରେ )—୧ । ଔଷଧ—1. Medicine. ୨ । ରୋଗରୁ ମନୁଷ୍ୟକୁ ଆରୋଗ୍ୟ କରିବା ପାଇଁ ନିଯୁକ୍ତ ମନ୍ତ୍ର ଯନ୍ତ୍ର—2. A spell against a disease (Apte). ୩ । ଏକ ପ୍ରକାର ସଉଫ—3. A kind of fennel (Apte).

ଭେଷଜାଗାର—ସ. ବ (୬ଷ୍ଠୀ ତତ୍)—ପୋଟଳ ବଣିଆର ଦୋକାନ; Bheshajāgāra ଯେଉଁ ଦୋକାନରେ ଔଷଧ ବିକ୍ରି ହୁଏ—An apothecary's shop. ସ. ବଣ—ଅରୋଗ୍ୟକାରୀ—Curative (Apte).

ଭେଷଜାଙ୍ଗ—ସ. ବ ( ୬ଷ୍ଠୀ ତତ୍; ଭେଷଜ+ଅଙ୍ଗ )—ଔଷଧର Bheshajānga ଅନୁପାନ—Anything taken as a vehicle with a medicine.

ଭେଷଜ୍ୟ—ସ. ବଣ (ଭେଷଜ+ଯ) —ଆରୋଗ୍ୟକାରୀ—Bheshajya Curative (Apte).

ଭେସ୍ତା—ପ୍ରାଦେ. (ବାଲେଶ୍ୱର) ବ, ( ଭୁଲ. ବ. ଭେସ୍ତା, ସ. ବ୍ୟସ୍ତ)—Bhestā ତାସ ବାଣ୍ଟିବା ବେଳେ କୌଣସି କାରଣବଶତଃ ତାସ କମ ହୋଇଯିବା କିମ୍ବା ଜଣକର ଅଂଶ ଅନ୍ୟର ଭାଗରେ ପଡ଼ିବା—The missing of one's card or confusion of cards at the time of distribution after shuffling.

ଭେସ୍ତା କରିବା—ପ୍ରାଦେ. (ବାଲେଶ୍ୱର) କ୍ରି. (ଭୁଲ. ବ. ଭେସ୍ତା କର୍)—Bhestā karibā ତାସକୁ ଗୋଳାଇ ଦେବା—To shuffle cards.

ଭେସ୍ତା ହେବା—ପ୍ରାଦେ. (ବାଲେଶ୍ୱର) କ୍ରି (ଭୁଲ ବ. ଭେସ୍ତା ହଓୟା)—Bhestā hebā (ତାସ) ଗୋଳିଆ ହୋଇଯିବା—To get confused (said of playing cards).

ଭୈଁଷା (ଇତ୍ୟାଦି) —ଦେ. ବ ଓ ବଣ—ଭଇଁଷା ଇତ୍ୟାଦି ( ଦେଖ ) Bhainshā (etc) Bhainshā etc. (See)

ଭୈକ୍ଷ(କ୍ଷ୍ୟ)—ସ. ବ ( ଭିକ୍ଷା+ସ୍ୱାର୍ଥେ ବା ସମୂହାର୍ଥେ. ଅ )—Bhaiksha(kshya) ୧ । ଭିକ୍ଷାଲବ୍ଧ ବସ୍ତୁସମୂହ—1. Things got by begging; alms. ୨ । ଭିକ୍ଷାବୃତ୍ତି—2. Mendicancy (Apte). ସ. ବଣ. ପୁଂ—ଭିକ୍ଷାଜୀବୀ—Living on alms.

ଭୈକ୍ଷ ଚର୍ଯ୍ୟ(ର୍ଯ୍ୟା)—ସ. ବ (ଭୈକ୍ଷ+ଚର୍ ଧାତୁ+ଭାବ. ଅ;+ଆ)—Bhaiksha charjya(jyā) ୧ । ଭିକ୍ଷାବୃତ୍ତି ଅବଲମ୍ବନ—1. Living by begging; taking to alms; beggary. ୨ । ଦ୍ୱାରେ ଦ୍ୱାରେ ଭିକ୍ଷା ମାଗି ବୁଲିବା—2 Going about from door to door begging alms (Apte).
ଭୈକ୍ଷ ଚରଣ, ଭୈକ୍ଷ ଜୀବିକା, ଭୈକ୍ଷ ବୃତ୍ତି } ଅନ୍ୟରୂପ

ଭୈକ୍ଷ ଜୀବୀ—ସ. ବଣ. ପୁଂ (ଭୈକ୍ଷ+ଜୀବ୍ ଧାତୁ+ଇନ୍; ୧ମା. ୧ବ)—Bhaiksha jibi ଭିକ୍ଷୁକ—Beggar. (ଭୈକ୍ଷ ଜୀବିନୀ—ସ୍ତ୍ରୀ)

ଭୈକ୍ଷାକୁଳ—ସ. ବ—ଯେଉଁଠାରେ ବହୁ ଲୋକଙ୍କୁ ଭିକ୍ଷା ଦିଆଯାଏ—Bhaikshākula Almonry; a place where alms are distributed.

ଭୈକ୍ଷୁକ—ସ. ବ (ଭିକ୍ଷୁକ+ସମୂହାର୍ଥେ. ଅ)—ଗୁଡ଼ିଏ ଭିକ୍ଷୁକ—Bhaikshuka A number of beggars (Apte). (ଭୈକ୍ଷୁବ—ଅନ୍ୟରୂପ)

ଭୈମ—ସ. ବଣ ( ଭୀମ+ଅ )—ଭୀମ ସମ୍ବନ୍ଧୀୟ—Relating to Bhaima Bhima. ସ. ବ, ପୁଂ. ରାଜା ଉଗ୍ରସେନ (ହ୍ଂ ଷ)—King Ugrasena.

ଭୈମସେନି(ନ୍ୟ)—ସ. ବ. ପୁଂ ( ଭୀମସେନ+ଇ; ଯ )—Bhaimaseni(nya) ଭୀମସେନଙ୍କ ପୁତ୍ର—A son of Bhimasena (Apte).

ଭୈମୀ—ସ. ବ. ସ୍ତ୍ରୀ ( ଭୀମ=ଭୀମସେନ ରାଜା+ଅପତ୍ୟାର୍ଥେ ଅ+ସ୍ତ୍ରୀ Bhaimi ଈ )—୧ । ନଳପତ୍ନୀ ଦମୟନ୍ତୀ—1. Damayanti, the daughter of king Bhima. ୨ । ଭୀମ ଏକାଦଶୀ; ମାଘମାସ ଶୁକ୍ଳ ଏକାଦଶୀ—2. The 11th day of the bright fortnight of Māgha. ସ. ବଣ. ସ୍ତ୍ରୀ—ଭୈମର ସ୍ତ୍ରୀଲିଙ୍ଗ—Feminine of Bhaima.

ଭୈୟା—ଦେ. ( ହିନ୍ଦିରୁ ଅନୁକୃତ ) ଅ (ସ. ଭ୍ରାତା )—ହେ ଭାଇ !—Baiyā ভাই भैया Oh brother !

ଭୈରବ—ସ. ବ. ପୁଂ ( ଭୀରୁ+ଅ )—୧ । ମହାଦେବଙ୍କର ଭୟାନକ Bhairaba ଅଷ୍ଟମୂର୍ତ୍ତି ( ଯଥା—ଅସିତାଙ୍ଗ, ରୁଦ୍ର, ଚଣ୍ଡ, କ୍ରୋଧ, (ଭୈରବୀ—ସ୍ତ୍ରୀ) ଉନ୍ମତ୍ତ, କୁପିତ, ଭୀଷଣ, ସଂହାର)—1. Eight terrible forms of God Siba. [ ଉ—ଯେଉଁ

ସମୟରେ ଅନ୍ଧକ ରାକ୍ଷସ ସଙ୍ଗେ ମହାଦେବଙ୍କର ଯୁଦ୍ଧ ହେଲା ସେହି ସମୟରେ ଅନ୍ଧକର ଗଦା ବାଜି ମହାଦେବଙ୍କ ମୁଣ୍ଡ ଫାଟି ଚାରିଭାଗ ହୋଇଗଲା, ସେଥିରୁ ରକ୍ତଧାର ବହିଲା; ସେହି ରକ୍ତଧାରରୁ ପାଞ୍ଚ ଭୈରବ ଉତ୍ପନ୍ନ ହେଲେ । କୌଣସି କୌଣସି ପୁରାଣ ମତରେ ଭୈରବଙ୍କ ସଂଖ୍ୟା ୮, ( ଯଥା— ମହାଭୈରବ, ସଂହାର ଭୈରବ, ଅସିତାଙ୍ଗ ଭୈରବ, ରୁରୁ ଭୈରବ, କାଳ ଭୈରବ, କ୍ରୋଧ ଭୈରବ, ତାମ୍ରଚୂଡ଼ ଭୈରବ, ଚନ୍ଦ୍ରଚୂଡ଼ ଭୈରବ । ତନ୍ତ୍ରସାରରେ ଏମାନଙ୍କ ନାମ ଅସିତାଙ୍ଗ ଭୈରବ, ରୁରୁ ଭୈରବ, ଚଣ୍ଡ ଭୈରବ, କ୍ରୋଧ ଭୈରବ, ଉନ୍ମତ୍ତ ଭୈରବ, କପାଳ ଭୈରବ, ଭୀଷଣ ଭୈରବ, ସଂହାର ଭୈରବ । ତାନ୍ତ୍ରିକମାନେ ଭୈରବମାନଙ୍କୁ ବଶିଷ୍ଟରୂପେ ଉପାସନା କରନ୍ତି— ହି. ଶ. । ଭୈରବମାନଙ୍କ ଉତ୍ପତ୍ତି ସମ୍ବନ୍ଧେ ଆଉ ଏକ ଉପାଖ୍ୟାନ ପାଇଁ ପୀଠ ଶବ୍ଦ ତଳେ ଟୀକା ଦ୍ରଷ୍ଟବ୍ୟ; ରେଖାପଞ୍ଚମୀ ଦିନ କବାଟରେ ଓ କାନ୍ଥରେ ଅଙ୍କିତ ଭୈରବ ମୂର୍ତ୍ତି ଏକପଦ ବଶିଷ୍ଟ ଅଟନ୍ତି; କାଶୀରେ ଭୈରବଙ୍କ ମନ୍ଦିର ଅଛି ଓ ଏଠାକୁ ଦର୍ଶନ କରିବାକୁ ଯିବା ଯାତ୍ରୀମାନଙ୍କୁ ସେଠାର ପଣ୍ଡାମାନେ ମୟୂରପୁଚ୍ଛର ବାଡ଼ିରେ ନାମମାତ୍ର ପ୍ରହାର କରନ୍ତି] ୨ । ମହାଦେବ; ଶିବ—2. Siba. ୩ । ନଦୀବିଶେଷ— 3. Name of a river. ୪ । ରାଗବିଶେଷ; ହିନ୍ଦୁ ସଙ୍ଗୀତର ୬ ରାଗ ମଧ୍ୟରୁ ଏକତମ; ମାଳବ ରାଗ— 4. Name of one of the six musical airs of the Hindus. [ ଦ୍ର—ହନୁମାନଙ୍କ ମତରେ ଏହା ୬ ରାଗ ମଧ୍ୟରୁ ଏକ । ଏହାର ଗାନ ସମୟ ଶରଦ୍ ଋତୁ, ରବିବାର ଓ ପ୍ରାତଃକାଳ ଅଟେ । ଏହାର ରାଗିଣୀ ୫, ଯଥା— ଭୈରବୀ, ବୈରାଟୀ, ମଧୁମାଧବୀ, ସିନ୍ଧବୀ ଓ ବଙ୍ଗାଳୀ । ଏହା ହାସ୍ୟରସର ରାଗ ।] ୫ । ଭୟଙ୍କର ରୂପ—5. Terrible form. ୬ । ତାରାବତୀ ଗର୍ଭରେ ଶିବଙ୍କ ଔରସରୁ ଜାତ ପୁତ୍ର—6. The son of Siba born of Tārābati. ( ଉ—ବହି ଖଡ୍ଗ ଫଳକ ଅସୁର ଭୈରବ—ଲକ୍ଷ୍ମୀ ବିଦେଶ୍ୱରବିଳାସ । ) ୭ । ଭୟଙ୍କର ଶବ୍ଦ (ହି. ଶ)— 7. Terrible noise. ୮ । କାବ୍ୟରେ ଭୟଙ୍କର ରସ ( ହି. ଶ )—8. The terrific sentiment in literature. ୯ । ନାଗବିଶେଷ ( ହି. ଶ )— 9. Name of a mythological serpent. ୧୦ । ଯେଉଁ ତାନ୍ତ୍ରିକ ମଦ୍ୟପାନ କରୁ କରୁ ବମନ କରନ୍ତି ( ହି. ଶ )—10. A Tantric worshipper who vomits while taking wine. ୧୧ । ସଙ୍ଗୀତର ତାଳବିଶେଷ (ହି· ଶ)—10. Name of a musical measure. ଦେ. ବି. ପୁଂ—ଲୋକଙ୍କୁ ଦିଆଯିବା ନାମ—A name given to males. ସଂ. ବିଣ— ୧ । ଭୟଙ୍କର—1. Terrible; frightful. ୨ । ଦୁଃଖାର୍ତ୍ତ —2. Miserable (Apte). ୩ । ଭୀମନାଦୀ ( ହି. ଶ )—3. Of frightful sound or roar.

**ଭୈରବ ଘାଟୀ**—ଦେ. ବି ( ନାମ )—ଗଙ୍ଗୋତ୍ରୀଠାରୁ ତିବ୍ବତକୁ ଯିବାର Bhairaba ghāṭi ଘାଟୀ—A Himalayan mountai ଭୈରବ ঘাটি pass for going to Tibet from Gangotri. भैरव घाटी [ ଦ୍ର—ଏହା ୧୧୦୦୦ ଫୁଟ ଉଚ୍ଚରେ ଅବସ୍ଥିତ । ]

**ଭୈରବ ଯାତନା**—ସଂ. ବି (ମ. ପ. ଲୋ; ଭୈରବଙ୍କ ପ୍ରଦତ୍ତ ଯାତନା)— Bhairaba jātanā କାଶୀରେ ମୃତ୍ୟୁଲାଭ କରିବା ବ୍ୟକ୍ତିଙ୍କୁ କାଶୀର ଭୈରବଙ୍କ ମନ୍ଦିରରେ ଦିଆଯିବା ଶାରୀରିକ ଦଣ୍ଡ (ବେତ୍ରପ୍ରହାର), ଯଦ୍ଦ୍ୱାରା ମୃତ ବ୍ୟକ୍ତିର ଆତ୍ମା ପରମାତ୍ମାରେ ଲୀନ ହେବା ପାଇଁ ଉପଯୁକ୍ତ ଶୁଦ୍ଧି ଲାଭ କରେ ବୋଲି ହିନ୍ଦୁମାନେ ବିଶ୍ୱାସ କରନ୍ତି—A sort of purificatory physical torment ( e. g. caning ) or penance inflicted by Bhairaba on those who die at Benares to make their spirits fit for absorption into the Supreme Spirit. [ ଦ୍ର—ଯେଉଁ ଯାତ୍ରୀମାନେ କାଶୀର ଭୈରବଙ୍କ ମନ୍ଦିରକୁ ଦର୍ଶନ କରିବାକୁ ଯାଆନ୍ତି ସେଠାର ପଣ୍ଡାମାନେ ସେମାନଙ୍କ ପିଠିରେ ମୟୂରପୁଚ୍ଛରେ ବନ୍ଧା ହୋଇଥିବା ବାଡ଼ିରେ ନାମମାତ୍ର ପ୍ରହାର ( ଭୈରବ ଯାତନା ) ଦିଅନ୍ତି । ]

**ଭୈରବ ସାଧିବା**—ଦେ. କ୍ରି—ତାନ୍ତ୍ରିକ ମତରେ ଭୈରବଙ୍କ ଆରାଧନା Bhairaba sādhibā କରିବା---To worship the Bhairabas according to Tantric rites. [ଦ୍ର— ভৈরব সাধা भैरव साधना ଭୈରବ ଏକଗୋଡ଼ିଆ ହୋଇଥିବାରୁ ଏ ସାଧନାରେ ( ଭୈରବ ସଧା[ଧେ]ଇବା—ଅନ୍ୟରୂପ ) ଏକପାଦରେ ଠିଆ ହୋଇ ହସ୍ତଚାଳନ କରନ୍ତି । ]

**ଭୈରବୀ**—ସଂ. ବି. ସ୍ତ୍ରୀ ( ଭୈରବ+ସ୍ତ୍ରୀ. ଈ )—୧ । ଦୁର୍ଗା; ସତୀ— Bhairabi 1. Wife of Siba. ୨ । ଭୈରବାନୁଚରୀ ଦେବୀବିଶେଷ—2. Name of a goddess accompanying Bhairaba. [ ଦ୍ର—ଭୈରବୀଙ୍କର କେତେକ ମୂର୍ତ୍ତି କଳ୍ପିତ ହୋଇଅଛି; ଯଥା—ତ୍ରିପୁର ଭୈରବୀ; କୌଳେଶ ଭୈରବୀ; ରୁଦ୍ର ଭୈରବୀ; ନିତ୍ୟା ଭୈରବୀ; ଚୈତନ୍ୟ ଭୈରବୀ—ହି. ଶବ୍ଦସାଗର । ] ୩ । ରାଗିଣୀବିଶେଷ— 3. Name of a secondary musical air. [ଦ୍ର—ହନୁମାନଙ୍କର ମତରେ ଭୈରବୀ ରାଗିଣୀ ଭୈରବ ରାଗର ରାଗିଣୀ ବିଶେଷ । ଏ ରାଗିଣୀ ଶରଦ୍ ଋତୁର ପ୍ରାତଃକାଳରେ ଗେୟ । ଏହା ସମ୍ପୂର୍ଣ୍ଣବିଶିଷ୍ଟ ଓ ଏଥିର ସ୍ୱର ଗୋଟି ସ୍ୱର କୋମଳ–ହି.ଶ ।] ୪ । ଶୈବୀ ସନ୍ନ୍ୟାସିନୀ— 4. A female ascetic devoted to Siba. ୫ । ଦଶ ମହାବିଦ୍ୟାର ଏକତମା; ଛିନ୍ନମୁଣ୍ଡା—5. One of the 10 forms of Pārbati. ୬ । ନଦୀବିଶେଷ- 6. Name of a river. ୭ । ଦୁର୍ଗାପୂଜାରେ ଦୁର୍ଗାରୂପେ କଳ୍ପିତା ଦ୍ୱାଦଶ ବର୍ଷୀୟା କନ୍ୟା- 7. A girl of 12 or a young girl representing the goddess Durgā at the Durgā festival (Apte.)

ଭୈରବୀ ଚକ୍ର—ସଂ. ବି—ତନ୍ତ୍ର ଶାସ୍ତ୍ର କୁଳାର୍ଣ୍ଣବ ମତରେ ଯେଉଁ ଚକ୍ର ବା
Bh<u>ai</u>rabī chakra ତନ୍ତ୍ରସାଧକ ମଣ୍ଡଳୀ ମଧ୍ୟରେ ବସି ପଞ୍ଚମକାର
ସାଧନ କରାଯାଏ—A circle of tantric worshippers sitting in which tantric devotees perform the ritual of 'Pañchamakāra'.
[ଦ୍ର—ଯେଉଁ ଶାସ୍ତ୍ରିତ ତାନ୍ତ୍ରିକ ବାମ ମାର୍ଗ ସାଧକମାନେ ନିର୍ଦ୍ଦିଷ୍ଟ ତିଥି ଓ ନକ୍ଷତ୍ରରେ ଦେବୀ ପୂଜାର୍ଥ ଏକତ୍ର ହୋଇ ଏକ ଚକ୍ର ବା ମଣ୍ଡଳରେ ବସି ପଞ୍ଚମକାର ସାଧନ କରନ୍ତି ତାହାକୁ ଭୈରବୀଚକ୍ର ବୋଲାଯାଏ । ଏଥିରେ ସମ୍ମିଳିତ ସାଧକମାନଙ୍କର ବର୍ଣ୍ଣାଶ୍ରମ ଆଦି ଭେଦର ବିଚାର କରାଯାଏ ନାହିଁ ।] ଦେ. ବି—୧ । ଦୁର୍ବୋଧ କୂଟ; କୂଟ ଚକ୍ର—
ভৈরবী চক্র 1. A puzzling snare or trick; deep
भैरवी चक्र conspiracy. ୨ । (ବ୍ୟଙ୍ଗ୍ୟ) ମଦ୍ଯପ ମଦ୍ୟପ ଗୋଷ୍ଠୀ—2. (Ironical) A company of merry drinkers.

ଭୈରବେ—ଦେ. କ୍ରି. ବି—(ସଂ. ଭୈରବ)—୧ । ଭୀଷଣରୂପେ—
Bh<u>ai</u>rabe 1. Terribly. ୨ । ଅତି ଭୟୋତ୍ପାଦକ ଉଚ୍ଚୈଃସ୍ୱରରେ—2. Tremendously loudly.
(ଉ—ତୂପତି ଇଙ୍ଗିତେ ଭୈରବେ ବାଜିଲା ସଙ୍କେତ ଭେରୀ ରାଧାନାଥ. ଉଷା ।)

ଭୈରବେଶ—ସଂ. ବି (୬ଷ୍ଠୀ ତତ୍)—ମହାଦେବ; ଶିବ—
Bh<u>ai</u>rabesa Śiba.

ଭୈରା—ଦେ. ବି—ବହିରା (ଦେଖ)—Bahirā (See)
Bh<u>ai</u>rā ପ୍ରାଦେ.—(ଗଞ୍ଜାମ) ବି—ତୋଡ଼ିମାଛ—
A kind of tubular fish.

ଭୈଷଜ—ସଂ. ବି—(ଭିଷଜ୍+ଅ)—୧ । ଔଷଧ—1. Medicine.
Bh<u>ai</u>shaja ୨ । ଚିକିତ୍ସା—2. Medical treatment.
୩ । ଭିଷକ୍ ପୁତ୍ର—3. The son of a physician.
୪ । ଲାବ ପକ୍ଷୀ (ହ୍ରି. ଶ)—4. The quail (bird) (Apte). ୫ । ବୈଦ୍ୟଙ୍କ ଶିଷ୍ୟ ବା ଛାତ୍ର (ହ୍ରି. ଶ)—
5. A disciple or student of a physician.

ଭୈଷଜ୍ୟ—ସଂ. ବି—(ଭେଷଜ+ଯ)—୧ । ଆୟୁର୍ବେଦୀୟ ଚିକିତ୍ସକ—
Bh<u>ai</u>shajya 1. A physician. ୨ । ଔଷଧ—2. Medicine. ୩ । ଔଷଧର ଉପକରଣ—3. Materials or herbs used in medicine. ୪ । ଚିକିତ୍ସା—4. Medical treatment (Apte)
୫ । ଔଷଧାଦିର ରୋଗମୁକ୍ତ କରିବା ଗୁଣ—
5. Curativeness; healing power (Apte).

ଭୈଷଜ୍ୟ ଦର୍ପଣ—ସଂ. ବି—ଆୟୁର୍ବେଦୀୟ ଚିକିତ୍ସା ଗ୍ରନ୍ଥବିଶେଷ—
Bh<u>ai</u>shajya darpaṇa Name of a work on the
(ଭୈଷଜ୍ୟ ରତ୍ନାବଳୀ—ଅନ୍ୟରୂପ) Āyurbedic system of medicine.

ଭୈଷଜ୍ୟୋଦ୍ୟାନ—ସଂ. ବି—ଯେଉଁ ବଗିଚାରେ ଔଷଧ ପାଇଁ ପ୍ରୟୋ-
Bh<u>ai</u>shajyodyāna ଜନୀୟ ଉଦ୍ଭିଦ ମାନ ଥାଏ—A garden containing medicinal plants or herbs.

ଭୈଷ୍ମକୀ—ସଂ. ବି. ସ୍ତ୍ରୀ—( ଭୀଷ୍ମକ+ଅପତ୍ୟାର୍ଥେ. ଅ+ସ୍ତ୍ରୀ. ଈ )—
Bhaishmakī ରୁକ୍ମିଣୀ—Rukmiṇī.

ଭୋ—ଦେ. ବି—(ସଂ. ବ୍ୟୂହ)—ପ୍ରାଚୀନ ମନ୍ଦିରର ଭିତ୍ତି ଗାତ୍ରରେ ଉତ୍କୀର୍ଣ୍ଣ
Bho ଚିତ୍ରବିଶେଷ—Pictures like coat of arms engraved on the walls of ancient temples.
ଅ.—(ସମ୍ବୋଧନ) ହେ; ଅହେ; ହୋ; ଆହେ—
(Interjection) Oh [ଉ—ଏ ହରି ଚରିତ ବର୍ଣ୍ଣିନ, ଭୋ ମୁନି ସାବଧାନେ ଶୁଣ । ଜଗନ୍ନାଥ. ଭାଗବତ । ]
ଦେ. ଅ—(ଧ୍ୱନ୍ୟନୁକରଣ) ଭୋ ଭା (ଦେଖ)
Bho bhā (See).

ଭୋଇ—ଦେ. ବି—୧ । ଉତ୍କଳର ପ୍ରାଚୀନ ରାଜବଂଶବିଶେଷ—
Bhoi 1. Name of a dynasty of ancient kings of Utkaḷa. ୨ । ଗ୍ରାମର ସାଧାରଣ ହିସାବରକ୍ଷକ—ଗୁମାସ୍ତା; ଭୂଇଁ ମୂଳ—2. The village accountant ୩ । ଉତ୍କଳର ସ୍ୱାଧୀନ ରାଜାଙ୍କ ସମୟରେ ଗ୍ରାମ ଶାସନଭାର-ପ୍ରାପ୍ତ ରାଜକର୍ମଚାରୀଙ୍କ ଉପାଧି—A title given to the person employed by the independent kings of Orissa to look after the administration of a viliage [ଦ୍ର—ଉତ୍କଳ ଗଜପତିଙ୍କ ମନ୍ତ୍ରୀ ଭୋଇ ଜନାର୍ଦ୍ଦନଙ୍କ ବିଦ୍ୟାଧରଙ୍କ ପୁତ୍ର ୧୫୬୮ ଖ୍ରୀଷ୍ଟାବ୍ଦରେ ଖୋରଧା ଅଧିକାର କରି ରାମଚନ୍ଦ୍ର ଦେବ ନାମ ଗ୍ରହଣ କରି ସ୍ୱାଧୀନ ରାଜତ୍ୱ ଚଳାଇଲେ । ସେହି ସମୟରୁ ଖୋରଧା ରାଜାମାନେ ଭୋଇ ବଂଶୀୟ ବୋଲି ପରିଚିତ ହେଲେ । କୃପାସିନ୍ଧୁ. ଉତ୍କଳ ଇତିହାସ । ] ୪ । ବାଉରିମାନଙ୍କର ବଂଶୋପାଧିବିଶେଷ--
4. A family title of 'Bāuris'.

ଭୋଇ ପିଲା—ଦେ. ବି—ବାଉରି ଜାତିର ସନ୍ତାନ—A person
Bhoi pilā belonging to the Bāuri caste.
(ଭୋଇ ପୁଅ—ଅନ୍ୟରୂପ)

ଭୋଇ ମୂଳ—ଦେ. ବି—ଭୂଇଁମୂଳ (ଦେଖ)
Bhoi mūḷa Bhuiñ mūḷa (See)

ଭୋଉଁରି—ପ୍ରାଦେ. (ଯାଜପୁର) ବି—ଭଉଁରି (ଦେଖ)
Bhouñri Bhauñri (See) (ଉ—ଚେକା ଚେକା ଭୋଉଁରି, ମାମୁଁ ଘର ଭେଉଁରି । ଶିଶୁ ଗୀତ ।)

ଭୋଃ—ସଂ. ଅ—(ସମ୍ବୋଧନ)—ଭୋ (ଦେଖ)
Bhoḥ Bho (See)

ଭୋଁ ଭାଁ (ଭୋଁ)—ଦେ. ଅ—ଶଙ୍ଖ ଓ ସୀଟି ଆଦିର ଉଚ୍ଚ ଶବ୍ଦ—
Bhoñ bhāñ (bhoñ) Whizzing or whistling sound;
ভোঁভোঁ the sound of conch shell or loud whistle.
भोंभों (ଯଥା—ଜାହାଜ ଭୋଁ ଭୋଁ କରି ସିଟି ମାରିଲା । )

ଭୋକ(ଖ)—ଦେ. ବ ( ସ. ବୁଭୁକ୍ଷା )—କ୍ଷୁଧା—Hunger. (ଉ—
Bhoka(kha) ଦେ ସମକୃଷ୍ଣ କର ଚାହୁ, ଭୋକେ ବଳୁଛ ଅମ୍ଭ
ভোক(খ); ক্ষিধা भूख ଦେହୁ—ଜଗନ୍ନାଥ. ଭାଗବତ । )

ଭୋକ କରିବା—ଦେ. ବ—କ୍ଷୁଧାର୍ତ୍ତ ହେବା—
Bhoka kariba Feeling of hunger.
ক্ষিদে পাওয়া भूख लगना
[ଭୋକ ଦେଖା(ଖେ)ଇବା, ଭୋକ ଲାଗିବା—ଅନ୍ୟରୂପ]

ଭୋକତା—ଗ୍ରା. (ପଦ୍ୟ) ବଣ—ଭୋକ୍ତା (ଦେଖ) Bhokta (See)
Bhokata (ଉ—ବର୍ଣ୍ଣ ଭୋକତା ବେଦ ଭେଦ, ଏ ବେଦ
ସଂଶୟ ମୋ ଛେଦ । ଜଗନ୍ନାଥ. ଭାଗବତ ।)

ଭୋକତା(ତେ)ଇବା—ଦେ. କ୍ରି—ଭୁକ୍ତାଇବା (ଦେଖ)
Bhokata(te)iba Bhuktaiba (See)

ଭୋକ ବାଉଳା—ଦେ. ବ—(ସ. ବୁଭୁକ୍ଷା+ବାତୁଲ; ବାତୁଲ)—
Bhoka baula କ୍ଷୁଧାଜନିତ ବାତୁଳତା ବା ହିତାହିତ ଜ୍ଞାନର
ক্ষিধার জ্বালা भूखकी बेचैनी ଲୋପ—Madness due to
hunger. ଦେ. ବଣ. ପୁଂ—ଭୋକ ବାଉଳିଆ (ଦେଖ)
Bhoka baulia (See)

ଭୋକ ବାଉଳିଆ—ଦେ. ବଣ. ପୁଂ—୧ । କ୍ଷୁଧାଯୋଗୁଁ ବାତୁଳ—
Bhoka baulia 1. Maddened by hunger.
ক্ষিধায় পাগল ୨ । କ୍ଷୁଧା ଯୋଗୁଁ ବିବେକଶୂନ୍ୟ—2. Ren-
भूखसे बेचैन dered unconscientious by pangs of
(ଭୋକ ବାଉଳୀ—ସ୍ତ୍ରୀ) hunger.

ଭୋକ ବିକଳ—ଦେ. ବ—(ସ. ବୁଭୁକ୍ଷା+ବୈକଲ୍ୟ)—କ୍ଷୁଧାର ଜ୍ୱାଳା;
Bhoka bikala କ୍ଷୁଧାଜ୍ୱାଳା ଅସହ୍ୟ ହେବାର କଷ୍ଟ—
ক্ষিধার জ্বালা भूखकी बेचैनी Pangs of hunger.
(ଉ—ଭୋକ ବିକଳରେ ଚାହିଁଅ ବାମୁଡ଼ିବା । ଚଇ ।)

ଭୋକ ବିକଳା—ଦେ. ବଣ. ପୁଂ—୧ । ଅତି କ୍ଷୁଧାର୍ତ୍ତ; କ୍ଷୁଧାପୀଡ଼ିତ—
Bhoka bikala ক্ষিধায় অস্থির 1. Very hungry;
भूखसे व्याकुल gnawed by hunger. ୨ । ଯେ କ୍ଷୁଧାର
(ଭୋକ ବିକଳିଆ—ଅନ୍ୟରୂପ) ଜ୍ୱାଳା ସହି ନ ପାରେ—2. One
(ଭୋକ ବିକଳୀ—ସ୍ତ୍ରୀ) who cannot long withstand
the pangs of hunger.

ଭୋକ ମରିବା—ଦେ. ବ—କ୍ଷୁଧା ଦେଖାଇବା ସମୟରେ ଖାଇବାକୁ ନ
Bhoka mariba ପାଇବାରୁ କ୍ଷୁଧା ନିବୃତ୍ତି ହେବା—The
(ଭୋକ ମରିଯିବା—ଅନ୍ୟରୂପ) deadening of the sharp-
ক্ষিধা মরে যাওয়া ness of hunger due to not be-
भूख मरना ing propitiated at the proper
time.

ଭୋକ ମାରିବା—ଦେ. କ୍ରି—କ୍ଷୁଧାର ଉଦ୍ରେକ ବେଳେ ନ ଖାଇ କ୍ଷୁଧା
Bhoka mariba ବୃତ୍ତିକୁ ଶାନ୍ତ କରିବା—To stifle the
ক্ষিধা মারা craving of hunger (by not eating
भूखको मारना when one feels hungry).

ଭୋକରେ ଅଟପଟୁ ହେବା—ଦେ. କ୍ରି—ଅତି କ୍ଷୁଧାର୍ତ୍ତ ହେବା—
Bhokare atupatu heba To feel very hungry; to
ଭୋକରେ ପାଟୁପାଟୁ ହେବା }
ଭୋକରେ ବଂଶୀ ଉଡ଼ିଯିବା } ଅନ୍ୟରୂପ loose one's sanity and vitality on
ক্ষিধায় আটুপাটু হওয়া account of extreme hunger.
भूखमें लहालोट होना

ଭୋକରେ ପାଟି ପାକୁ ପାକୁ ହେବା—ଦେ. ବ—ଅତି କ୍ଷୁଧାର୍ତ୍ତ ହୋଇ
Bhokare pati paku paku heba ପାଟିରେ ଲାଳ ଅଭାବରୁ
ক্ষিধায় পাক পাক করা ଓଠ ପାଟି ମୁହୁର୍ମୁହୁ ଲାଗିଯିବା—The
भूखसे मुहँ बाना repeated sticking of lips
due to extreme hunger.

ଭୋକ ଶୋଷ—ଦେ. ବ (ସହଚର ଶବ୍ଦ) ( ସ. ବୁଭୁକ୍ଷା+ତୃଷା )—
Bhoka sosha କ୍ଷୁଧା ଓ ତୃଷ୍ଣା—Hunger and thirst.
ক্ষিধা তেষ্টা भूख पियास

ଭୋକା(ଖା)—ଦେ. ବଣ (ସ. ବୁଭୁକ୍ଷିତ)—କ୍ଷୁଧିତ—
Bhoka(kha) Hungry.
[ଭୋକି(ଖି)ଲା—ଅନ୍ୟରୂପ] ক্ষুধিত भुखा

ଭୋକା(କେ,ଖା,ଖେ)ଇବା—ଦେ. କ୍ରି (ସ. ବୁଭୁକ୍ଷିତ)—କ୍ଷୁଧିତ ହେବା—
Bhoka(ke,kha,khe)iba To feel hungry; to
ক্ষুধিত হওয়া भुखा होना hunger.

ଭୋକିବା—ପ୍ରାଦେ. (ଗଡ଼ଜାତ) କ୍ରି—ଭୁକିବା ( ଦେଖ )
Bhokiba Bhukiba ( See )

ଭୋକି ଶୋଷି—ଦେ. ବ ( ସହଚର ଶବ୍ଦ )—ଅତି କ୍ଷୁଧିତ ଓ ଗରିବ
Bhoki soshi ବ୍ୟକ୍ତିଗଣ—The hungry and the
ଭୋକି ଦୁଃଖୀ }
ଭୋକି ରଙ୍କୀ } ଅନ୍ୟରୂପ thirsty; the foodless poor
people. (ଉ—ସୌଭାଗ୍ୟ ସମୟେ
ভোকী শোষী କୌଶଲ୍ୟା ଚୋଳଇ ଦେଖୁଥିଲେ ଭୋକି-ଶୋଷି ।
भुखा पयासा କ୍ଷୁଧାନାଥ. ପାର୍ବତୀ ।)

ଭୋକ୍ତବ୍ୟ—ସ. ବଣ ( ଭୁଜ୍ ଧାତୁ+କର୍ମ. ତବ୍ୟ )—୧ । ଭକ୍ଷିତବ୍ୟ—
Bhoktabya 1. Eatable. ୨ । ଉପଭୁକ୍ତ ହେବାର
ଯୋଗ୍ୟ—2. Enjoyable.

ଭୋକ୍ତା—ସ. ବଣ. ପୁଂ (ଭୁଜ୍ ଧାତୁ+କର୍ତ୍ତୃ.ତୃ; ଭୋକ୍ତୃ ୧ମା. ୧ବ)—
Bhokta ୧ । ଭକ୍ଷକ—1. Eating. ୨ । ଉପଭୋକ୍ତା;
(ଭୋକ୍ତ୍ରୀ—ସ୍ତ୍ରୀ) ଭୋଗକାରକ—2. Enjoying. ୩ । ଅନୁଭବ
କାରୀ—3. Experiencing. ବ—୧। ଭୋଗୀ ବ୍ୟକ୍ତି—
1. Enjoyer. ୨ । ଖାଦକ—2. Eater. ୩ ।
ବିଷ୍ଣୁ—3. Bishnu. ୪ । ଭର୍ତ୍ତା; ପତି ( ହି. ଶ )—
4. Husband. ୫ । ପ୍ରେତବିଶେଷ ( ହି. ଶ )—
5. A class of ghosts. ଦେ. ବ—୧ । ଉପାଧି
ଉପାଧି ବିଶେଷ—1. A family title. ୨ । ଗ୍ରାମର
ରାଜକର୍ମଚାରୀବିଶେଷ—2. Title of a village
official. ୩ । ଗ୍ରାମର ସରବରାହ ବା ମକଦ୍ଦମ—
3. The tenure-holder or middle man of
a village ( through whom the villagers
pay their rents to the king ).

ଭୋକ୍ତା(କ୍ତେ)ଇବା—ଦେ. କ୍ରି—ଭୁକ୍ତାଇବା ( ଦେଖ )
Bhokta(kte)iba Bhuktaiba ( See )

**ଭୋକ୍ତୃତ୍ୱ**—ବି. ବି ( ଭୋକ୍ତୃ+ତ୍ୱ )—ଭୋକ୍ତାର ଭାବ—
Bhoktrutwa The state of being a Bhoktā.

**ଭୋଖ** (ଇତ୍ୟାଦି)—ଭୋକ ଇତ୍ୟାଦି ( ଦେଖ )
Bhokha (etc) Bhoka etc ( See )

**ଭୋଗ**—ବି. ବି ( ଭୁଜ୍ ଧାତୁ=ଖାଇବା, ଭୋଗ କରିବା+କର୍ମ. ଅ )
Bhoga —୧ । ସୁଖର କିମ୍ବା ଦୁଃଖର ଅନୁଭୂତି—1. Experience of pleasure or pain; enjoyment of pleasure or suffering from pain. ୨ । ଉପଭୋଗ—2. Enjoyment. ୩ । ଭୋଜନ; ଭକ୍ଷଣ—3. Eating. ୪ । ଧନାଦି ଉପଭୋଗଜନିତ ସୁଖ—4. Worldly happiness. ୫ । ସୁଖ; ବିଳାସ—5. Luxury. ୬ । ଧନ; ଐଶ୍ୱର୍ଯ୍ୟ—6. Riches; prosperity. ୭ । ଅଧିକାର—7. Possession. ୮ । ଦେବତାଙ୍କ ଉଦ୍ଦେଶ୍ୟରେ ନିବେଦିତ ଭୋଜ୍ୟ ଦ୍ରବ୍ୟ;ନୈବେଦ୍ୟ—8. Food offered to a Deity; offering. [ଦ୍ର—ଦେବତାଙ୍କୁ ନୈବେଦ୍ୟ ସମର୍ପିତ ହେବା ପରେ ନିବେଦିତ ବସ୍ତୁକୁ ଭୋଗ ବୋଲାଯାଏ ଓ ଭୋଗ ହେବା ପୂର୍ବରୁ ତାକୁ ଅମୃଣିଆ ବୋଲାଯାଏ ।] ୯ । ଭୋଜ୍ୟ ବସ୍ତୁ—9. Food. ୧୦ । ସାପ—10. Serpent. ୧୧ । ସର୍ପ ଫଣା—11. Serpent's hood. ୧୨ । ସର୍ପର ଦେହ—12. The body of a serpent. ୧୩ । ପଣ୍ୟସ୍ତ୍ରୀର ବା ବେଶ୍ୟାର ବେତନ—13. The remuneration paid to a prostitute. ୧୪ । ପାଳନ—14. Maintainance; bringing up. ୧୫ । ଦେବ—15. Deity. ୧୬ । ସମୟ ଯାପନ; କାଳାତିକ୍ରମ; ସମୟ ବିତିବା—16. The passing of time. ୧୭ । ରୋଗୀର ଶରୀରରେ ରୋଗର ସ୍ଥିତିକାଳ—17. The duration of an attack of a disease. ୧୮ । ସ୍ତ୍ରୀସମ୍ଭୋଗ; ରମଣ (ବୃ.ଶ)—18. Cohabitation. (ଉ—ତେବେ ହେଲେ ତୁମ୍ଭର ପରସ୍ତ୍ରୀ ଭୋଗ, କରିବାରେ ନ ବଳୁଅଛି ଅନୁରାଗ । କୃଷ୍ଣସିଂହ. ମହାଭାରତ ଅନୁଶାସନ ।) ୧୯ । ଦୁଃଖ; କଷ୍ଟ (ବୃ.ଶ)—19. Pain; suffering. ୨୦ । ମାନ; ପରିମାଣ (ବୃ. ଶ)—20. Measure. ୨୧ । ଗୃହ; ଘର (ବୃ. ଶ)—21. House; habitation. ୨୨ । ପ୍ରାରବ୍ଧ; ପୂର୍ବଜନ୍ମାର୍ଜିତ ପାପ ପୁଣ୍ୟର ଫଳ; ଯାହା କି ମନୁଷ୍ୟ ସହିବା ଦ୍ୱାରା ଭୋଗ କରେ (ବୃ. ଶ)—22 The result of one's sins or meritorious acts in a previous existence which a person undergoes in this life. ୨୩ । ସୈନ୍ୟ ବ୍ୟୂହ ବିଶେଷ (ବୃ. ଶ)—23. A kind of battle-array. ୨୪ । ଫଳ(ବୃ. ଶ) 24.Result. ୨୫ । (ଆଇନ) ସମ୍ପତ୍ତିରେ ଅଧିକାର;ଦଖଲ-26. (Law) Possession. ୨୬ । ଭଡ଼ା; ବେତେସ୍ତ୍ରୀ (ବୃ. ଶ)—26. Hire. ୨୭ । (ଜ୍ୟୋତିଷ) ଗ୍ରହର ଏକ ରାଶିରେ ରହିବା ସମୟ (ବୃ. ଶ)—27. The time during which a planet is within a certain sign. ୨୮ । ନଗର ବା ପ୍ରଦେଶ—28. Town or province. ୨୯ । ଭୋଜି—29. Feast; repast (Apte).

**ଭୋଗ କରିବା**—ବେ. କ୍ରି—୧ । ଉପଭୋଗ କରିବା—1. To enjoy.
Bhoga kariba ୨ । ରମଣ କରିବା—2. To cohabit.
ভোগ করা (ଉ—ମୁଁ ତ ତାର ଲାଗିଲା ମୋତେ ଲଜ୍ଜା କର ।
भोग करना, भोगना ତୁମ୍ଭକୁ କି ଭୋଗ କରିବ ବଳେ ଧରି । କୃଷ୍ଣସିଂହ. ମହାଭାରତ ବନ ।) ୩ । ଭଲେ ଅନୁଭବରେ ଆଣିବା—3. To experience; to undergo; to go through an experience. ୪ । ନୈବେଦ୍ୟ—
ভোগ লাগান ଅର୍ପଣ କରିବା—4. To offer food to a Deity.
भोग लगाना ୫ । ସହିବା—5. To bear; to suffer.

**ଭୋଗ ଗୁଚ୍ଛ**—ବି. ବି—ବେଶ୍ୟାକୁ ଦିଆଯିବା ମୂଲ୍ୟ—Wages paid
Bhoga guchchha to a prostitute (Apte).

**ଭୋଗ ଗୃହ**—ବି. ବି—୧ । ବାସ ଗୃହ—1. Residence.
Bhoga gruha ୨ । ଅନ୍ତଃପୁର—2. The harem; ladies' apartments.

ଭୋଗ ଶାଳା
ଭୋଗ ସଦ୍ମ } ଅନ୍ୟରୂପ ୩ । ଭୋଗ ରନ୍ଧାଯିବା ଘର; ଦେଅଙ୍କ ରୋଷଘର—A room for
ଭୋଗାବାସ
cooking food for being offered to Deities.

**ଭୋଗ ଚଢ଼ା(ଢ଼େ)ଇବା**—ବେ. କ୍ରି—ଦେବତାଙ୍କ ଉପରେ (ଯଥା—
Bhoga chardhā(rdhe)ibā କାଶୀରେ ବିଶ୍ୱନାଥଙ୍କ ଓ ଅନ୍ୟ—
ভোগ চড়ান ମୂର୍ତ୍ତିଙ୍କ ଉପରେ) ନୈବେଦ୍ୟ ବସ୍ତୁ ଅର୍ପଣ କରିବା—
भोग चढ़ाना To offer offerings to a Deity by putting the articles over the Deity (as is done in Benares).

**ଭୋଗ ଦେବା**—ବେ. କ୍ରି—ଦେବତାଙ୍କୁ ନୈବେଦ୍ୟ ଦେବା—
Bhoga debā To make an offering to a Deity.
ভোগ দেওয়া भोग देना

**ଭୋଗ ଦେହ**—ବି. ବି—୧ । ମୃତ୍ୟୁ ପରେ ମନୁଷ୍ୟର ଜୀବାତ୍ମା ଯେଉଁ
Bhoga deha ସୂକ୍ଷ୍ମ ଶରୀର ଧାରଣପୂର୍ବକ ପାପ ପୁଣ୍ୟର ଫଳ ଭୋଗ କରେ—1. The subtle or spiritual body of a person after his death. ୨ । ସୁଖ ଦୁଃଖ ଭୋଗକାରୀ ଶରୀର—2. The body which enjoys happiness and suffers misery.

**ଭୋଗ ଧର**—ବି. ବି (ଭୋଗ+ଧୃ ଧାତୁ+କର୍ତ୍ତୃ. ଅ)—ଭୋଗୀ; ସର୍ପ—
Bhoga dhara Serpent (Apte).

**ଭୋଗ ପତି**—ବି. ବି. (୬ଷ୍ଠୀ ତତ୍)—କୌଣସି ନଗରର ବା ପ୍ରଦେଶର
Bhoga pati ଶାସନକର୍ତ୍ତା (ବୃ. ଶ)—The ruler of a town or province (Apte).

**ଭୋଗ ପାଳ**—ବି. ବି. ( ଭୋଗ+ପାଳ ଧାତୁ+କର୍ତ୍ତୃ. ଅ )—
Bhogapāla ସହିସ—Groom (Apte).

ଭୋଗ ପିପାସା—ସଂ. ବି—ସାଂସାରିକ ସୁଖ ଓ ବିଷୟ ଭୋଗ ପାଇଁ
Bhoga pipāsā ମନୁଷ୍ୟର ପ୍ରବଳ ଇଚ୍ଛା—Hankering after worldly enjoyment.
[ଭୋଗତୃଷ୍ଣା, ଭୋଗବାସନା, ଭୋଗଲିପ୍ସା, ଭୋଗାଭିଳାଷ—ଅନ୍ୟରୂପ]

ଭୋଗ ପିପାସୁ—ସଂ. ବିଣ—ସାଂସାରିକ ସୁଖଭୋଗ ନିମନ୍ତେ ଇଚ୍ଛୁକ—
Bhoga pipāsu Hankering after worldly enjoyment.
ଭୋଗାଭିଳାଷୀ } ଅନ୍ୟରୂପ
ଭୋଗଲିପ୍ସୁ

ଭୋଗ ପିଶାଚିକା—ସଂ. ବି—କ୍ଷୁଧା; ଭୋକ—
Bhoga pisāchikā Hunger (Apte).

ଭୋଗବଟା—ପ୍ରାଦେ (ଗଞ୍ଜାମ) ବି—୧ । ବିଷୟାଦିରେ ବିଶେଷ ଜ୍ଞାନ—
Bhoga baṭā 1. Intimate knowledge of a matter. ୨ । ଅଭିଜ୍ଞତା; ପ୍ରବୀଣତା; ଅନୁଭବ—2. Experience. ୩ । ବୈଷୟିକ ବିବରଣ—3. Material description.

ଭୋଗବତୀ—ସଂ. ବି. ସ୍ତ୍ରୀ—(ଭୋଗବତ୍‍+ଈ)—୧ । ପାତାଳ ଗଙ୍ଗା—
Bhogabatī 1. The river Ganges flowing in the nether world. ୨ । ପାତାଳସ୍ଥ ନାଗପୁରୀ—2. The city of the serpents in the nether regions. ୩ । ଗଙ୍ଗାନଦୀ (ହ. ଶ)—3. The Ganges. ୪ । କାର୍ତ୍ତିକେୟଙ୍କ ଏକ ମାତୃକା (ହ.ଶ)—4. Name of one of the mothers of Kārttika. ୫ । କୃଷ୍ଣପକ୍ଷର ଦ୍ୱିତୀୟା ତିଥିର ରାତ୍ରି—5. The night of the second day of a lunar month.

ଭୋଗବନ୍ଧକ—ଦେ. ବି—(ସଂ. ଭୋଗ୍ୟ+ବନ୍ଧକ)—ଦଖଲବନ୍ଧକ;
Bhogabandhaka ଫଳବନ୍ଧକ—Usufructuary mortgage.
दखलबंधक भोगबन्धक

ଭୋଗବସ୍ତୁ—ସଂ. ବି—ଭୋଗ୍ୟ ବସ୍ତୁ—
Bhogabastu An object of enjoyment.

ଭୋଗବାନ୍—ସଂ. ବିଣ. ପୁଂ (ଭୋଗ+ବତ୍; ଭୋଗବତ୍ ୧ମା. ୧ବ)—
Bhogabān ୧ । ଭୋଗୀ—1. Enjoying. ୨ । ସୁଖୀ—2 Happy (Apte). ୩ । ସୁନ୍ଦର—3. Delightful (Apte). ୪ । ଫଣାଯୁକ୍ତ—4. Hooded (serpent). ୫ । କୁଣ୍ଡଳ ଯୁକ୍ତ—5. Having coils (Apte). ବି—୧ । ଫଣୀ; ସର୍ପ—1. Serpent. ୨ । ନୃତ୍ୟ ଗୀତ—2. Music and dance dancing; acting and singing together (Apte). ୩ । ପର୍ବତ—3. Mountain (Apte).
(ଭୋଗବତୀ—ସ୍ତ୍ରୀ)

ଭୋଗବିଳାସ—ସଂ. ବି—ଐହିକ ସୁଖଭୋଗ ଓ ଆନନ୍ଦ; ଆମୋଦ
Bhogabiḻāsa ପ୍ରମୋଦ—Enjoyment; worldly pleasures and luxuries; amusements.

ଭୋଗବିଳାସୀ—ସଂ. ବିଣ. ପୁଂ—ଯେ ସଂସାରର ସୁଖଭୋଗରେ ମାତିଥାଏ—
Bhogabiḻāsi Enjoying worldly pleasures.
(ଭୋଗବିଳାସିନୀ—ସ୍ତ୍ରୀ)

ଭୋଗଭୂମି—ସଂ. ବି—୧ । ସୁଖ ଭୋଗ କରିବାର ସ୍ଥାନ—1. Place
Bhogabhūmi of bliss. ୨ । ସ୍ୱର୍ଗ—2. Heaven. ୩ । ଭାରତାନ୍ତର ପ୍ରଦେଶ—3. A country outside India.

ଭୋଗମୂର୍ତ୍ତି—ସଂ. ବି—ବଡ଼ ବଡ଼ ଦେବତାଙ୍କର ଚଳନ୍ତି ପ୍ରତିମା (ଯଥା—
Bhogamūrtti ମହାଦେବଙ୍କର ଚନ୍ଦ୍ରଶେଖର ଓ ଜଗନ୍ନାଥଙ୍କର ମଦନମୋହନ)—Removable images of immovable idols.

ଭୋଗରା—ପ୍ରାଦେ (ସମ୍ବଲପୁର) ବି—ଗଉନ୍ତିଆଙ୍କ ନିଜକୃଷି ଜମି—
Bhogarā The land cultivated by a landlord himself (and not by tenants). [ ଦ୍ର—ମାଫିଦାରର ନିଜକୃଷି ଜମିକୁ ସିର ବୋଲାଯାଏ । ]

ଭୋଗରାଇ—ଦେ. ବି—ବାଲେଶ୍ୱର ଜିଲ୍ଲାରେ ସମୁଦ୍ରର ଅନୁବର୍ତ୍ତୀ
Bhogarāi ସିକତା ସ୍ତୂପମୟ ସ୍ଥାନ—Name of a tract of country in the district of Balasore which is full of sand-dunes along the sea-shore.
(ଭୋବରାଇ—ଅନ୍ୟରୂପ)

ଭୋଗରାଗ—ଦେ. ବି (ଭିନ୍ନାର୍ଥକ ଧ୍ୱନିମୂଳକ ସହଚର ଶବ୍ଦ)—ଠାକୁରଙ୍କୁ
Bhogarāga ନୈବେଦ୍ୟ ଅର୍ପଣାଦି ପୂଜନ—Worship of a Deity consisting of offerings and other rites. ସଂ. ବି—ଭୋଗବିଳାସ (ଦେଖ)—Bhogabiḻāsa See.
ভোগটোগ भोगराग

ଭୋଗ ଲଗା(ଗେ)ଇବା—ଦେ. କ୍ରି—ଦେବତାଙ୍କୁ ମନ୍ତ୍ର ଉଚ୍ଚାରଣପୂର୍ବକ
Bhoga lagā(ge)ibā ନୈବେଦ୍ୟ ଅର୍ପଣ କରିବା—To offer an offering to a Deity by pronouncing incantations.
ভোগলাগান भोगलगाना

ଭୋଗ ସାଧନ—ସଂ. ବି—୧ । ଭୋଗପାଇଁ ସାଧନା—1. Practice or
Bhoga sādhana solicitations for enjoyment or prosperity. ୨ । ଭୋଗର ଉପାୟ ବା ଉପାଦାନ—2. Luxury; means or materials of enjoyment; means to enjoyment.

ଭୋଗ ସୁଖ—ସଂ. ବି—୧ । ଭୋଗଜନିତ ଆନନ୍ଦ—1. Pleasure
Bhoga sukha derived from enjoyment. ୨ । ଇନ୍ଦ୍ରିୟ ସେବାଜନିତ ସୁଖ—2. Pleasures due to sensual enjoyment.

ଭୋଗସ୍ଥାନ—ସଂ. ବି—୧ । ପାର୍ଥିବ ସୁଖଭୋଗର ଆଧାର (ଅର୍ଥାତ୍
Bhoga sthāna ଶରୀର)—1. The material body. ୨ । ଇନ୍ଦ୍ରିୟସେବାର ସ୍ଥାନ—2. Place for sensual enjoyment. ୩ । ଅନ୍ତଃପୁର—3. The harem.

ଭୋଗ ହେବା—ଦେ. କ୍ରି—୧ । (କୌଣସି ସମ୍ପତ୍ତି କୌଣସି ବ୍ୟକ୍ତିଦ୍ୱାରା)
Bhoga hebā ଉପଭୁକ୍ତ ହେବା—1. To be enjoyed (anything by any person). ୨ । (ଦୁଃଖ ସୁଖ ଆଦି) ଅନୁଭବରେ ଆସିବା—2. To be experienced or undergone (happiness or suffering). ୩ । (ସମୟ) ଅତିବାହିତ ହେବା—3. To pass (said of time).
ভোগ হওয়া भोगजाना

ଭୋଗା—ଦେ. ବି—ଧପ୍ପା; ପ୍ରତାରଣା; ଫାଙ୍କି; ଖଟ୍ଟି—Cheating;
Bhogā ভোগা **फाँकी, पट्टी** deception; imposture.
ଗ୍ରାଦେ. ( ଅଠମଲ୍ଲିକ ) ବି—ଚାଉଳ ଧୁଆ ବାଉଁଶିଆ—
A basket used for washing rice.

ଭୋଗା(ଗୋ)ଇ—ଦେ. ବି—( ଏଥିରେ ଠାକୁରଙ୍କୁ ଭୋଗ ଅନ୍ନ ଦିଆ
Bhogā(ge)i ଯାଉଥିବାରୁ ) ଛୋଟ ପାଚିଆ—A small
চুপড়ী **मौकी** (ଭୋଗେଇ—ଅନ୍ୟରୂପ) basket.

ଭୋଗା(ଗେ)ଇବା—ଦେ. କ୍ରି ( ଭୋଗିବା କ୍ରିୟାର ଣିଜନ୍ତରୂପ); The
Bhogā(ge)ibā causative form of Bhogibā )—
ভুগান, ভোগান ୧ । କଷ୍ଟ ଭୋଗ କରାଇବା—1. To cause
**भोगाना** another to suffer. ୨ । କଷ୍ଟ ଦେବା; ଦୁଃଖ
ଦେବା—2. To given trouble.

ଭୋଗା ଦେବା—ଦେ. କ୍ରି—ଧପା ମାରିବା; ପ୍ରତାରଣା କରିବା; ଭଣ୍ଡା-
Bhogā debā ଇବା—To cheat; to wheedle; to
ভোগা দেওয়া **पट्टी मारना** delude.
( ଭୋଗା ମାରିବା—ଅନ୍ୟରୂପ )

ଭୋଗାଧାର—ସ. ବି—ଭୋଗ ସ୍ଥାନ ( ଦେଖ )
Bhogādhāra Bhoga sthāna ( See )

ଭୋଗାଧି—ସ. ବି—ଭୋଗବନ୍ଧକ; ଦଖଲବନ୍ଧକ—
Bhogādhi Usufructuary mortgage ( Apte ).

ଭୋଗାନ୍ତ—ସ. ବି ( ୬ଷ୍ଠୀ ତତ୍; ଭୋଗ+ଅନ୍ତ )—ଭୋଗର ଶେଷ—
Bhogānta The end of enjoyment.

ଭୋଗାନ୍ତର—ସ. ବି—ଅନ୍ୟ ପ୍ରକାରର ଭୋଗ—
Bhogāntara Another pleasure or enjoyment.

ଭୋଗାବଳି(ଳୀ)—ସ. ବି ( ଭୋଗ+ଅବଳି=ଶ୍ରେଣୀ )—୧ । ନାନା-
Bhogābaḻi(ḻī) ବିଧ ଭୋଗ—1. Various enjoyments.
୨ । ସ୍ତୁତି; ପ୍ରଶଂସା—2. Praise; eulogy. ୩ ।
ନାଗ-ପୁରୀ—3. The city of the mythological
serpents. ୪ । ଭାଟର ସ୍ତୁତି—4. The panegyric of a professional encomiast (Apte).

ଭୋଗାଭୋଗ—ସ. ବି—ଭୋଗ ଓ ଭୋଗର ଅଭାବ—Enjoyment
Bhogābhoga and absence thereof.

ଭୋଗାୟତନ - ସ. ବଣ ( ୬ଷ୍ଠୀ ତତ୍; ଭୋଗ+ଆୟତନ )—ସୁଖ ଓ
Bhogāyatana ଦୁଃଖ ଭୋଗର ଆଧାରରୂପୀ—Being a
receptacle of enjoyment of both pleasure
and pain. ବି—ଜଡ଼ ଶରୀର—Physical or
material body.

ଭୋଗାର୍ଥୀ—ସ. ବି. ପୁଂ ( ଭୋଗ+ଅର୍ଥ+ଇନ୍; ୧ମା. ୧ବ )—
Bhogārthī ଭୋଗାଭିଳାଷୀ; ଭୋଗପ୍ରାର୍ଥନାକାରୀ—Desiring
(ଭୋଗାର୍ଥିନୀ—ସ୍ତ୍ରୀ) enjoyment; praying for enjoyment.

ଭୋଗାର୍ହ—ସ. ବଣ. ପୁଂ ( ୬ଷ୍ଠୀ ତତ୍; ଭୋଗ+ଅର୍ହ )—ଭୋଗରେ
Bhogārha ଉପଯୋଗୀ—Fit to be enjoyed. ବି—
୧ । ଐଶ୍ୱର୍ଯ୍ୟ; ସାଂସାରିକ ବିଭବ—1. Prosperity;
wordly happiness. ୨ । ସମ୍ପତ୍ତି; ଧନ—
(ଭୋଗାର୍ହା—ସ୍ତ୍ରୀ) 2. Riches; property.

ଭୋଗାସକ୍ତ—ସ. ବଣ ପୁଂ ( ୭ମୀ ତତ୍; ଭୋଗ+ଆସକ୍ତ )—ଐହିକ
Bhogāsakta ସୁଖଭୋଗରେ ଅନୁରକ୍ତ—Addicted to
( ଭୋଗାସକ୍ତା—ସ୍ତ୍ରୀ ) worldly enjoyments.

ଭୋଗାସକ୍ତି—ସ. ବି—୧ । ଐହିକ ସୁଖଭୋଗ ପ୍ରତି ଆସକ୍ତି—1. Attachment to worldly pleasures. ୨ ।
Bhogāsakti
ଭୋଗାଭିଳାଷ—2. Hankering after sensual
or worldly enjoyment.

ଭୋଗିକ—ସ. ବି. ପୁଂ ( ଭୋଗ +ଇକ )—ଘୋଡ଼ା ସଇସ—
Bhogika A groom; a horse-keeper.

ଭୋଗିନୀ—ସ. ବି. ସ୍ତ୍ରୀ—ମହୃଷୀ ବ୍ୟତୀତ ରାଜାଙ୍କର ଅନ୍ୟ ସ୍ତ୍ରୀ; ଖୋଇଲି—
Bhoginī Concubine of a Rājā. ସ. ବଣ. ସ୍ତ୍ରୀ—
ଭୋଗୀର ସ୍ତ୍ରୀଲିଙ୍ଗ—Feminine of Bhogi.

ଭୋଗିବଲ୍ଲଭ—ସ. ବି ( ୬ଷ୍ଠୀ ତତ୍; ଭୋଗିନ୍+ବଲ୍ଲଭ )—ଚନ୍ଦନ—
Bhogiballabha Sandal ( Apte).

ଭୋଗିବା—ଦେ. କ୍ରି (ଭୁଜ୍ ଧାତୁ)—୧ । ସୁଖ ଦୁଃଖ ଭୋଗ କରିବା—
Bhogibā 1. To enjoy pleasure or undergo
ভুগা, ভোগা suffering [ ଉ—ପୂର୍ବଜନ୍ମେ କରିଥିଲି ମୁହିଁ
**भोगना** ମହାପାପ, ଭୋଗୁଅଛି ତାହା ଫଳେ ଏ ଘୋର ସନ୍ତାପ
—ଜନକଶୋକ. ସୀତା ବନବାସ । ] ୨ । ଅନୁଭବରେ
ଆଣିବା; ଅଙ୍ଗେ ନଗାଇବା—2. To experience.
[ ଉ—ଭୋଗି ନାହିଁ କେବେ ଅଭାବର ତାପ—ସୁଧାକାଥ.
ଦରବାର । ] ୩ । ଦୁଃଖ ଭୋଗ କରିବା—3. To
suffer or undergo hardships.

ଭୋଗୀ—ସ. ବଣ ( ଭୋଗ+ଇନ୍; ୧ମା. ୧ବ )—୧ । ଭୋଗକାରୀ—
Bhogī 1. Enjoying. ୨ । ଭକ୍ଷକ—2. Partaking
(ଭୋଗିନୀ—ସ୍ତ୍ରୀ) of; eating. ୩ । ସୁଖୀ—3. Happy.
୪ । ଯେ ଅଯଥା ଭଲେ; ଭୋଗାସକ୍ତ—5. Luxurious;
indulging is sensual pleasures. ୫ । ଫଣା-
ଯୁକ୍ତ—(ସର୍ପ) 5. Hooded (serpent). ୬ । (ଅଇନ)
ଦଖଲକାର-6. Possessing. ୭ । ଅନୁଭବକାରୀ—7.
Experiencing. ୮ । ଯହିଁରେ ବାଙ୍କମାନ ଅଛି—8.
Having curves (Apte). ୯ । ଧନୀ—9. Rich;
opulent (Apte). ବି-୧। ଫଣୀ; ସର୍ପ--1. Serpent;
a hooded serpent. ୨ । ରାଜା—2. King. ୩ ।
ଗ୍ରାମାଧ୍ୟକ୍ଷ—3. The headman or the proprietor of a village ୪ । ଭଣ୍ଡାରୀ—5. A
barber. ୫ । ଅଯଥା ଭୋଗ; ଇନ୍ଦ୍ରିୟବିଳାସୀ ବ୍ୟକ୍ତି—
5. A voluptuary ( Apte ). ଗ୍ରାଦେ. (ଗଞ୍ଜାମ)
ବି ( ତେଲଗୁରୁ ଅନୁକୃତ )—ମକର ସଂକ୍ରାନ୍ତି ପୂର୍ବଦିବସ
ରାତିରେ ହେବା ଅଗ୍ନି ଉତ୍ସବ—The bonfire lighted
on the night previous to Makarasankrānti.

ଭୋଗୀନ୍ଦ୍ର—ସଂ. ବି ( ୬ଷ୍ଠୀ ତତ୍; ଭୋଗିନ୍+ଇନ୍ଦ୍ର )—ନାଗରାଜ Bhogindra ବାସୁକି; ଅନନ୍ତ—The mythological king ( ଭୋଗୀଶ—ଅନ୍ୟରୂପ ) of serpents.

ଭୋଗୁଆ—ଦେ, ବିଣ—ବସ୍ତ୍ର; ଗେରୁ ମାଟିରେ ରଞ୍ଜିତ (ବସ୍ତ୍ର); ଗେରୁଆ Bhoguā —(a cloth) Died red with ochre. गेरूआ भगवा

ଭୋଗ୍ୟ—ସଂ. ବିଣ ( ଭୁଜ୍ ଧାତୁ+କର୍ମ ଯ )—୧ । ଭୋଜ୍ୟ— Bhogya 1. Eatable. ୨ । ଉପଭୋଗ କରିବାର (ଭୋଗ୍ୟା—ସ୍ତ୍ରୀ) ଯୋଗ୍ୟ ( ବସ୍ତୁ )—2. Enjoyable. ବି— ୧ । ଧନସମ୍ପତ୍ତି—1. Riches. ୨ । ଉପଭୋଗ— 2. Enjoyment. ( ଉ—ବସ୍ତୁର ଭିତର ଉଭୟ ଲକ୍ଷ ଭୋଗ୍ୟ । ରଘୁନାଥ. ବିଚିତ୍ର ରାମାୟଣ ।) ୩ । ଶସ୍ୟ —3. Corn; grain ( Apte ). ୪ । ଉପଭୋଗ୍ୟ ବସ୍ତୁ—4. An object of enjoyment [Apte ].

ଭୋଗ୍ୟ ବସ୍ତୁ—ସଂ. ବି ( ଭୋଗ୍ୟ=ଭୋଗ କରିବାର ଯୋଗ୍ୟ+ବସ୍ତୁ Bhogya bastu =ପଦାର୍ଥ )—ମନୁଷ୍ୟର ଯାହା ଭୋଗଯୋଗ୍ୟ —Things enjoyed by persons; enjoyable things. [ ଉ—ଏହି ଭୋଗ୍ୟ ବସ୍ତୁ ଦଶ ବିଧ; ଯଥା —ଭୂମି ଗୌ ଦାସଦାସୀଚ, କନକଂ ଭୂଷଣାଦିକେ, ଭୁରଗୋ ମନ୍ଦିରୋ ବାମା, ଭୋଗ୍ୟବସ୍ତୁ ଦ୍ୱିପଞ୍ଚକଂ । ଭୂମି, ଗୋରୁ, ଦାସ, ଦାସୀ, କନକ, ଭୂଷଣ, ଘୋଡ଼ା, ଗୃହ, ମନ୍ଦିର ଓ ସ୍ତ୍ରୀ । ]

ଭୋଗ୍ୟମାନ—ଗ୍ରା· ବି—ଭୋଗ୍ୟବସ୍ତୁ—Object of enjoyment. Bhogyamāna [ଉ—ସ୍ୱଧାରୁ ଦିଅ ଭୋଗ୍ୟମାନ । ସଖୋବନ୍ଦ୍ର, ପ୍ରେମରତ୍ନ ଚନ୍ଦ୍ରିକା । ]

ଭୋଗ୍ୟା—ସଂ. ବି. ସ୍ତ୍ରୀ ( ଭୋଗ୍ୟ+ଆ )—ଗଣିକା; ବେଶ୍ୟା— Bhogyā A prostitute. ସଂ. ବିଣ. ସ୍ତ୍ରୀ—ଭୋଗ୍ୟର ସ୍ତ୍ରୀଲିଙ୍ଗ—Feminine of Bhogya.

ଭୋଜ—ସଂ. ବି (ନାମ) ( ଭୁଜ ଧାତୁ+କର୍ତ୍ତୃ. ଅ )—୧ । ଯଦୁବଂଶ— Bhoja 1. The Royal dynasty of Jadus ୨ । ମାଳବଦେଶର ପ୍ରାଚୀନ ରାଜଧାନୀ; ଧାର ନଗରୀ; ଭୋଜପୁର—2. The ancient capital of the Mālaba kingdom. [ ଉ—ଏହା ଖ୍ରୀଷ୍ଟୀୟ ଦଶମ ଓ ଏକାଦଶ ଶତାବ୍ଦୀରେ ସମୃଦ୍ଧିଶାଳୀ ଥିଲା ।] ୩ । ଭୋଜନଗରୀର ପ୍ରସିଦ୍ଧ ରାଜାଙ୍କ ନାମ; ଭୋଜରାଜ—3. The name of a famous king of Bhoja. [ଉ—ଏ ବିକ୍ରମାଦିତ୍ୟ ବଂଶରେ ବିଶେଷ ପାରଙ୍ଗମ ଥିଲେ ଓ ଏହାଙ୍କ କନ୍ୟା ଭାନୁମତୀ ମଧ୍ୟ ଜଣେ ପ୍ରସିଦ୍ଧା ଭାନୁମତୀ ଥିଲେ । ଏହାଙ୍କ ସ୍ତ୍ରୀଙ୍କ ନାମ ଲୀଳାବତୀ; ସେ ମଧ୍ୟ ବିଦୁଷୀ ଥିଲେ । କାଳିଦାସ କବି ଏହାଙ୍କ ରାଜସଭାର କବିରତ୍ନ ବୋଲି ପ୍ରସିଦ୍ଧି ଅଛି । ଏ ରାଜା ବେତାଳ ସାଧନ କରିଥିଲେ । ଏ ଖ୍ରୀଷ୍ଟୀୟ ୧୦ମ ଶତାବ୍ଦୀର ଶେଷାଂଶ ବା ୧୧ଶ ଶତାବ୍ଦୀର ପ୍ରଥମାଂଶରେ ରାଜତ୍ୱ କରୁଥିବାର ଅନୁମିତ ହୁଏ । ଏ ସମସ୍ତ ବିଦ୍ୟାରେ ପଣ୍ଡିତ ଓ ଅନୁରାଗୀ ଥିଲେ ଓ ଶୃଙ୍ଗାରମଞ୍ଜରୀ, ଚମ୍ପୂ ରାମାୟଣ, ସରସ୍ୱତୀକଣ୍ଠାଭରଣ, ତତ୍ତ୍ୱପ୍ରକାଶ, ବ୍ୟବହାରସମୁଚ୍ଚୟ ଆଦି ଗ୍ରନ୍ଥ ରଚନା କରିଥିଲେ ହି. ଶ. ] ୪ । ବିଦର୍ଭ ଦେଶର ରାଜା—4. Name of a king of Bidarbha; the father of Indumati. [ ଉ—ଏହାଙ୍କ କନ୍ୟା ଇନ୍ଦୁମତୀଙ୍କୁ ରଘୁବଂଶୀୟ ରାଜା ଅଜ ବିବାହ କରିଥିଲେ । ] ୫ । ଭୋଜବିଦ୍ୟା; ଭୋଜବାଜି; କୁହୁକ— 5. Magic; legerdemain. ୬ । ଶାନ୍ତିଦେବୀଙ୍କ ଗର୍ଭଜାତ ବସୁଦେବଙ୍କ ପୁତ୍ର ( ହି. ଶ )—6. Name of a son of Basudeba. ୭ । ଶ୍ରୀକୃଷ୍ଣଙ୍କ ସଖା ଗୋପବାଳକ ବିଶେଷ ( ହି. ଶ )—7. Name of a cowherd companion of Śrikrushṇa. ୮ । ଖ୍ରୀଷ୍ଟୀୟ ନବମ ଶତାବ୍ଦୀରେ ରାଜତ୍ୱ କରୁଥିବା କାନ୍ୟକୁବ୍ଜର ରାଜା—8. Name of a king of Kannouj in the 9th century A. D. ୯ । ପାଟନାର ବିହାର ପ୍ରଦେଶସ୍ଥ ଭୋଜପୁର ( ହି. ଶ )— 9. The ancient name of Bhojapur in Patna.

ଭୋଜ—ଦେ. ବି—(ସଂ· ଭୋଜନ)—୧ । ଭୋଜନ— भोजन 1. Eating. [ଉ—ଖାଦ ଫଳ ମୂଳ ଖାଇଣ ପ୍ରହରେକେ, ରହି ବୃକ୍ଷତଳେ ସେ ବଅର ଭୋଜ ଥରେ । କୃଷ୍ଣହରି. ଅଶ୍ୱମେଧ. ବନ ।] ୨ । ଭୋଜି—2. A feast; banquet.

ଭୋଜ—ଗ୍ରା.—(ଭରର)—୧ । ବୋଝ— भोझ 1. A load. ୨ । ଅଧା; ଭାରରେ ଦୁଇ ଦିଗର ଝୁଲୁଥିବା ବୋଝରୁ ଗୋଟିଏ—2. One of the two loads carried suspended from a yoke.

ଭୋଜକ—ସଂ. ବିଣ. ପୁଂ—(ଭୁଜ୍ ଧାତୁ+କର୍ତ୍ତୃ. ଅକ)—ଭୋଜନକାରୀ- Bhojaka (ଭୋଜିକା—ସ୍ତ୍ରୀ) Eating.

ଭୋଜନ—ସଂ. ବି—(ଭୁଜ୍ ଧାତୁ+ଭାବ ଅନ)—୧ । ଭକ୍ଷଣ;ଖାଇବା— Bhojana 1. Eating. ୨ । ( +କର୍ମ ଅନ ) ଭକ୍ଷଦ୍ରବ୍ୟ; ଖାଦ୍ୟ—2.Food. ୩ । ଖୁଆଇବା; ଲୋକଙ୍କୁ ଖାଇବାକୁ ଦେବା—3. Feeding people. ୪ । (+ଅଧିକରଣ ଅନ) ଭୋଜି—4. A feast.

ଭୋଜନ କରିବା—ଦେ. କ୍ରି—ଖାଇବା—To eat; to dine. Bhojana kariba ভোজন করা भोजन करना

ଭୋଜନ କାଳ—ସଂ. ବି—୧ । ଖାଇବା ବେଳ—1. Time of Bhojana kāla dinner. ୨ । ଖାଇବାର ନିରୂପିତ ସମୟ— 2. Time fixed for taking one's meal.

ଭୋଜନ ଦକ୍ଷିଣା—ସଂ. ବି—ବ୍ରାହ୍ମଣଙ୍କୁ ଭୋଜନ ଦିଆଯିବା ପରେ Bhojana dakshinā ତାଙ୍କୁ ଦିଆଯିବା ଅର୍ଥ ବା ଉପଢୌକନ— Monetary present given to a Brāhmaṇa after feasting him.

ଭୋଜନ ଦେବା—ଦେ. କ୍ରି—ଅନ୍ୟ ବ୍ୟକ୍ତିକୁ ଖାଇବା ସାମଗ୍ରୀ
Bhojana deba ଖାଇବାକୁ ଦେବା—To feed another
ভোজন দেওয়া person; to bestow a dinner on
भोजन देना another.

ଭୋଜନପଟୁ—ସ. ବଣ—୧ । ଖାଇବା ବିଷୟରେ ସିଦ୍ଧହସ୍ତ—
Bhojanapaṭu 1. Expert in eating. ୨ । ପେଟୁ;
ଉଦରମ୍ଭରି—2. Greedy; gluttonous.

ଭୋଜନ ପାତ୍ର—ସ. ବି—ଯେଉଁ ପାତ୍ରରୁ ମନୁଷ୍ୟ ଖାଦ୍ୟ ଖାଏ; ଯେଉଁ
Bhojana pātra ପାତ୍ରରେ ଖାଦ୍ୟ ରଖିସ ଖାଦକଙ୍କ ସମ୍ମୁଖରେ
ରଖାଯାଏ—Food-tray; the plate on which a person's dinner is placed.

ଭୋଜନ ବଢ଼ା(ଢ଼େ)ଇବା—ଦେ. କ୍ରି—ଭୋଜନକ୍ରିୟା ଶେଷ କରିବା—
Bhojana barḍhā(rḍhe)ibā To finish one's meal;
ভোজন শেষ করা, খাওয়া সারা to finish eating.
भोजनसे निबटना (ଭୋଜନ ସାରିବା—ଅନ୍ୟରୂପ)

ଭୋଜନ ବଢ଼ିବା—ଦେ. ବି—ଭୋଜନର ସମାପ୍ତି—
Bhojana barḍhibā The end of a dinner.
ভোজন শেষ হওয়া भोजनका निबटारा

ଭୋଜନ ବିଳାସୀ—ଦେ. ବଣ. ପୁଂ.—ପେଟୁ— Greedy.
Bhojana biḷāsi (ଭୋଜନ ବିଳାସିନୀ—ସ୍ତ୍ରୀ)

ଭୋଜନ ବେଳା—ସ. ବି—୧ । ଖାଇବାର ସମୟ—1. The time
Bhojana beḷā of dinner. ୨ । ଖାଇବାର ନିରୂପିତ ସମୟ—
খাবার বেলা 2. The time fixed for taking one's
भोजनका समय daily meals.
(ଭୋଜନ ବେଳ ଦେ. ରୂପ; ଭୋଜନ ସମୟ—ଅନ୍ୟରୂପ)

ଭୋଜନ ଭାଜନ—ଦେ. ବି (ନିରର୍ଥକ ଧ୍ୱନ୍ୟନୁକରଣ ସହଚର ଶବ୍ଦ)—
Bhojana bhājana ଖାଇବା କ୍ରିୟା; ଖିଆପିଆ—Act of
ভোজন ভাজন भोजन भाजन eating.

ଭୋଜନ ମାରିବା—ଦେ. କ୍ରି—(ବ୍ୟଙ୍ଗାର୍ଥ)—ଖାଇବା; ଗିଳିବା—
Bhojana māribā (Ironical) To eat one's fill.
পেট ভরান भोजन मारना

ଭୋଜନ ଶକ୍ତି—ସ. ବି—ଖାଇବା ବିଷୟରେ ସାମର୍ଥ୍ୟ—Ability or
Bhojana śakti capacity to eat (i. e. to digest what a person eats).

ଭୋଜନ ଶାଳା—ସ. ବି—୧ । ଭୋଜନ କରିବା ନିମନ୍ତେ ନିର୍ଦ୍ଦିଷ୍ଟ
Bhojana śāḷā ସ୍ୱତନ୍ତ୍ର ଗୃହ—1. Dining room. ୨ ।
(ଭୋଜନାଗାର, ଭୋଜନାଳୟ—ଅନ୍ୟରୂପ) ହୋଟେଲ୍—
2. A hotel.

ଭୋଜନ ସାମଗ୍ରୀ—ସ. ବି—ପ୍ରସ୍ତୁତ ଖାଦ୍ୟ ସାମଗ୍ରୀ—
Bhojana sāmagri Ready-made food.

ଭୋଜନ ସ୍ପୃହା—ସ. ବି—୧ । ଖାଇବା ନିମନ୍ତେ ଇଚ୍ଛା—1.
Bhojana spṛuhā Hankering after food ୨ । ଖାଦ୍ୟ
ଦ୍ରବ୍ୟରେ ରୁଚି—2. A liking or relish for food.
୩ । ଭୋଜନେଚ୍ଛା; ଭୋକ; କ୍ଷୁଧା—3. Hunger.

ଭୋଜନାକାଙ୍କ୍ଷା—ସ. ବି—୧ । ଭୋଜନେଚ୍ଛା—1. Desire for
Bhojanākāṅkshā food. ୨ । ବୁଭୁକ୍ଷା; ଭୋକ—
2. Hunger.

ଭୋଜନାକାଙ୍କ୍ଷୀ—ସ. ବ—୧ । ଭୋଜନ କରିବାକୁ ଇଚ୍ଛାଯୁକ୍ତ—
Bhojanākāṅkshi 1. Desirous for getting a meal.
(ଭୋଜନାକାଙ୍କ୍ଷିଣୀ—ସ୍ତ୍ରୀ)

ଭୋଜନାଚ୍ଛାଦନ—ସ. ବି—(ଦ୍ୱନ୍ଦ୍ୱ; ଭୋଜନ+ଆଚ୍ଛାଦନ)—ଖୋରାକ
Bhojanāchchhādana ପୋଷାକ; ଖାଦ୍ୟ ଓ ବସ୍ତ୍ର—
Fooding and raiment.

ଭୋଜନାବଶିଷ୍ଟ—ସ. ବଣ—ଭୁକ୍ତାବଶିଷ୍ଟ; ଉଚ୍ଛିଷ୍ଟ—(food) Left
Bhojanābaśishṭa in the plate after dinner.

ଭୋଜନାବଶେଷ—ସ. ବି—ଭୁକ୍ତାବଶେଷ; ଅଇଁଠା; ଉଚ୍ଛିଷ୍ଟ—
Bhojanābaśesha Leavings of a dinner; orts.

ଭୋଜନାର୍ଥୀ—ସ. ବଣ. ପୁଂ—୧ । ଭୋଜନ କରିବା ଉଦ୍ଦେଶ୍ୟରେ
Bhojanārthi ଉପସ୍ଥିତ; ଭୋଜନାକାଙ୍କ୍ଷୀ—1. Desirous
(ଭୋଜନାର୍ଥିନୀ—ସ୍ତ୍ରୀ) for getting a meal. ୨ । ଭୋଜନ
ପ୍ରାର୍ଥୀ—2. Soliciting food.

ଭୋଜନୀୟ—ସ. ବଣ—(ଭୁଜ ଧାତୁ+କର୍ମ. ଅନୀୟ)—ଭୋ.ଜ୍ୟ;
Bhojaniya ଖାଇବାର ଉପଯୋଗୀ—Eatable; fit to be partaken of.

ଭୋଜନେଚ୍ଛା—ସ. ବି—୧ । ଭୋକ; ବୁଭୁକ୍ଷା—1. Hunger.
Bhojanechchhā ୨ । ଖାଇବାକୁ ଇଚ୍ଛା—
2. Desire for food.

ଭୋଜ ପତି—ସ.ବି—୧ । ସଂସ୍କୃତ ସାହିତ୍ୟର ଅନୁରାଗୀ,କବିମାନଙ୍କର ପୃଷ୍ଠ-
Bhoja pati ପୋଷକ ଓ ଇନ୍ଦ୍ରଜାଲ ବିଦ୍ୟାର ପ୍ରବର୍ତ୍ତକ ମାଳବର
ଭୋଜ ରାଜ } —ଅନ୍ୟରୂପ ପ୍ରସିଦ୍ଧ ରାଜା; ଭୋଜ ୨ (ଦେଖ)—
ଭୋଜାଧିପ } 1. Name of a famous
king of Malwa country. [ଦ୍ର—ମାଦଳା
ପାଞ୍ଜିରୁ ଜଣାଯାଏ ଯେ ଏ କାଠଦ୍ୱାରା ଜଳଯାନ ପ୍ରସ୍ତୁତ
କରୁଥିଲେ । କ ପ୍ରକାର କାଠ କେଉଁ କାର୍ଯ୍ୟର ଉପଯୋଗୀ
ଏହା ମଧ୍ୟ ତାଙ୍କୁ ଜଣା ଥିଲା । ଏ ଜାହାଜ ପ୍ରସ୍ତୁତ କରିବାର
ନିୟମାବଳୀ ଲିପିବଦ୍ଧ କରି 'ଯୁକ୍ତି କଳ୍ପତରୁ' ନାମକ
ପୁସ୍ତକ ସଂସ୍କୃତ ଭାଷାରେ ପ୍ରଣୟନ କରିଥିଲେ । ଏ ପୁସ୍ତକର
ବିଷୟକୁ ଗ୍ରହଣ କରି ଅଧ୍ୟାପକ ରାଧାକୁମୁଦ ମୁଖର୍ଜି Indian
Shipping ଅର୍ଥାତ୍ ଭାରତରେ ଜାହାଜ ତିଆରି ନାମକ
ପୁସ୍ତକ ଇଂରାଜୀ ଭାଷାରେ ଲେଖି ଅଛନ୍ତି । ଜଗବନ୍ଧୁ ପ୍ରାଚୀନ
ଉତ୍କଳ ।] ୨ । କଂସ (ହ୍ରି. ଶ) —2. A name of Kaṁsa.

ଭୋଜପତ୍ର—ଦେ. ବି—(ସ. ଭୂର୍ଜ ପତ୍ର)—୧ । ଭୂର୍ଜ ଗଛ—1. The
Bhoja patra Birch tree; Betula Bhojapatra.
ସ. ନାମ—ଭୂର୍ଜ ପତ୍ର, ଭୂର୍ଜ, ୨ । ଭୂର୍ଜ ଗଛର ପତଳା ବକଳ—
ଚର୍ମୀ, ବହୁ ବଲ୍କଳ; 2. The bark of the
ମୃଦୁତ୍ୱକ୍, ଛତ୍ର ପତ୍ର, ଶିବ, Birch tree. [ଦ୍ର—ଏହା
ସ୍ଥିର ଛଦ, ପତ୍ର ପୁଷ୍ପକ ହିମାଳୟରେ ୧୪୦୦୦ ଫୁଟ ଉଚ୍ଚତା

ଭୂଜ, ବହୁପତ୍ର, ବହୁତ୍ୱକ୍
ସ. ଭୂର୍ଜ ପତ୍ର
ଗୁ. ଭୋଜ ପତ୍ର
ଭূর্জ(জ)পত্র
भोजपत्र

ପର୍ଯ୍ୟନ୍ତ ସ୍ଥାନରେ ଜନ୍ମେ । ଏହାର କାଠ ଶକ୍ତ, ଚେମଡ଼ ଓ ବହୁକାଳ ସ୍ଥାୟୀ ଓ ଘର ଛାଆର କାମରେ ଲାଗେ । ଏହାର ପତ୍ର ଗୋରୁ ଖାଆନ୍ତି । ଏହାର ଛାଲ ନାଲ ଓ ପତ୍ଳା ଧଳା ହୁଏ ଓ ଏଥିର ଛାଲ କାଗଜ ପରି ପରସ୍ତ ପରସ୍ତ ହୋଇ ଛଡ଼େ । ଛାଲ ଉପରେ ନାଲି ଚୋପ୍ସମାନ ପଡ଼ି ଥାଏ । ଏହାର ପତ୍ରର କ୍ୱାଥ ବାତନାଶକ । ବୈଦ୍ୟକ ମତରେ ଏହା ବଳକାରକ, କଫ ନାଶକ, କଷାୟ ରସ ଓ ଭୂତଘ୍ନ. କର୍ଣ୍ଣ ରୋଗ, ରକ୍ତ ପିତ୍ତ, ମେଦ, ମୋବୋଦୋଷ ଓ ବିଷନାଶକ । ଲୁ. ଷ ।]

ଭୋଜପୁର—ଦେ. ବି—୧ । ଭୋଜ ରଜାଙ୍କ ରାଜଧାନୀ; ଧାରନଗର—
Bhojapur 1. The name of the capital of king Bhoja (in Malwa).
ଭୋଜ ନଗର } ଅନ୍ୟରୂପ
ଭୋଜପୁରୀ }
୨ । ବହାର ପ୍ରଦେଶର ଭୋଜପୁର—2. Bhojpur in Bihar.

ଭୋଜ୍ ପୁରୀ—ଦେ. ବି—ବହାରୀ ଭାଷାର ଏକ ଉପଭାଷା—
Bhoja puri A dialect of the Bihari language.
ভোজপুরী
भोजपुरी
ବିଂ—ଭୋଜପୁର ସମ୍ବନ୍ଧୀୟ—Relating to Bhojpur.

ଭୋଜ ପ୍ରବନ୍ଧ—ସ.ବି—ଭୋଜରଜାଙ୍କ ସମ୍ବନ୍ଧୀୟ ଗ୍ରନ୍ଥବିଶେଷ—Name
Bhoja prabandha of a work dealing with the acts of king Bhoja.

ଭୋଜ ବାଜି—ଦେ. ବି—ବାଜିଗର; ଭେଲିକି; କୁହୁକ; ଦୃଷ୍ଟିର ଭ୍ରମ-
Bhoja bāji
ভোজবাজী
बाजिगरी
ଜନକ ଖେଳ—Legerdemain; feats of jugglery. ( ଦ୍ର—ଦେଖି ଦେଖି ଗଉଗଥେ ଏଥିପର ନାନା, ଅଦ୍ଭୁତ ପରବର୍ତ୍ତନ ଭୋଜବାଜି ପ୍ରାୟ । ଚନ୍ଦ୍ରମଣି. ଦକ୍ଷମାହାତ୍ମ୍ୟ । ) ୨ । ମାୟା—2. Illusion.

ଭୋଜ ବିଦ୍ୟା—ସ. ବି—ଇନ୍ଦ୍ରଜାଲ ବିଦ୍ୟା—The science of
Bhoja bidyā magical feats or legerdemain.

ଭୋଜୟିତା—ସ. ବିଣ. ପୁଂ ( ଭୁଜ୍ ଧାତୁ ଣିଚ୍; ଭୋଜ ଧାତୁ=ଭୁଆଇବା
Bhojayitā + ତୃ, ଭୋଜୟିତୃ; ୧ମା. ୧ବ )—୧ । ଯେ
(ଭୋଜୟିତ୍ରୀ—ସ୍ତ୍ରୀ) ଅନ୍ୟ ବ୍ୟକ୍ତିଙ୍କୁ ଭୁଆଏ—1. Feeding another person. ୨ । ଅନ୍ନଦାତା—2. Giving or bestowing food on another. ବି—ଅତିଥିଙ୍କୁ ଖାଇବାକୁ ଦେବା ବ୍ୟକ୍ତି—A host.

ଭୋଜ ରାଜ—ସ. ବି ( ନାମ )—ଭୋଜ ୨ ( ଦେଖ )—Bhoja 2
Bhoja rāja ( See ) ( ଦ୍ର—ଭୋଜ ରାଜ-ସୁତା ଲଗନ ମୋତେ ବଇ ଦ୍ୱାପରେ । ରାଧାନାଥ. ଉଜ୍ଜ୍ୱଳା । )

ଭୋଜା—ଦେ. ବି ( ସ. ଭୋଜ୍ୟ )—ଭୋଜ୍ୟଦ୍ରବ୍ୟ; ଖାଦ୍ୟ—
Bhojā Victuals; food. ପ୍ରାଦେ ଗଡ଼ଜାତ ) ବି—ଭଜା, ମୁଢ଼ି, ଚୁଡ଼ାମୁଆଁ ଜଳଖିଆ—Tiffin consisting of fried rice. ( ଦ୍ର—ଛତ୍ର ଦେଇଥାଏ ଶୁଖରେ ସଙ୍ଗୀତ, ଅଣି ଭୋଜା ଖାଇ ହୋଇ ଅନନ୍ଦତ । କେଶବ. ବୈତରଣୀ । ]

ଭୋଜାଲି—ଦେ. ବି ( ସ. ଭୂଜବାଲ; ଭୁଲ. କରବାଲ )—ବାଙ୍କ
Bhojāli
ভোজালিয়া, ভুজালী
भुजाली
କଟୁରୀ; ଗୁର୍ଖାମାନଙ୍କର ଭୁଜାଲି—A bent bladed bill hook; a Goorkha's kukri.

ଭୋଜି—ଦେ. ବି ( ସ. ଭୋଜନ )—ବହୁ ଲୋକଙ୍କୁ ଦିଆଯିବା ଭୋଜନ
Bhoji —A feast; a dinner partaken of by
ভোজ
भोज
many people. [ ଦ୍ର—ଭୈରବ ଭୈରବୀ-ଭୋଜି ଭୂମି ପ୍ରାପ୍ତ ହଇଲି ସଂଗ୍ରାମ-ସ୍ଥଳୀ । ରାଧାନାଥ. ପାର୍ବତୀ । ]

ଭୋଜି କରିବା—ଦେ. କ୍ରି—ବେତେକ ଲୋକ ମିଶି ଗୋଟିଏ ଭୋଜିର
Bhoji karibā ଉଦ୍ୟୋଗ କରିବା—To get up a feast)
ভোজ করা भोज करना

ଭୋଜି ଦେବା—ଦେ. କ୍ରି—ବହୁଲୋକଙ୍କୁ ନିମନ୍ତ୍ରଣ କରି ଭୋଜନ
Bhoji debā ଦେବା—To bestow a feast on others.
ভোজ দেওয়া भोज देना

ଭୋଜିବା—ଦେ ( ପଦ୍ୟ ) କ୍ରି—ଖାଇବା—To eat. ( ଦ୍ର—
Bhojibā ଭୋଜନରେ ସନ୍ତୋଷରେ ଭଞ୍ଜି । ପ୍ରାଚୀ. କର୍ଣ୍ଣଶମାଖ୍ୟାୟ୍ୟ)
খাওয়া भोजन करना

ଭୋଜି ଭାତ—ଦେ. ବି—ଭୋଜି ନିମନ୍ତେ ପ୍ରସ୍ତୁତ ଅନ୍ନ ବା ଖାଦ୍ୟ—
Bhoji bhāta Food prepared for a feast.
ভোজের অন্ন भोजका भात

ଭୋଜୀ—ସ. ବିଣ. ପୁଂ ( ଭୁଜ୍ ଧାତୁ+ଇନ୍ ୧ମା. ୧ବ )—ଯେ ଖାଏ;
Bhojī ଭୁକ୍—Eating; subsisting on. [ ଦ୍ର—
(ଭୋଜିନୀ—ସ୍ତ୍ରୀ) ଏହି ପଦ ଅନ୍ୟ ପଦ ସଙ୍ଗେ ଯୁକ୍ତ ହୁଏ । ଯଥା—ମାଂସଭୋଜୀ, ଶାକାହାରୀଭୋଜୀ ଇତ୍ୟାଦି । ]

ଭୋଜ୍ୟ—ସ. ବିଣ ( ଭୁଜ୍ ଧାତୁ+କର୍ମ. ଯ )—ଭୋଜନୀୟ; ଖାଦ୍ୟ;
Bhojya ଖାଇବା ଉପଯୋଗୀ—Eatable; fit to be taken. [ ଦ୍ର—ଭୋଜ୍ୟ ଓ ଭୋଗ୍ୟ ଏକ ଧାତୁରୁ ଓ ଏକ ପ୍ରତ୍ୟୟରୁ ଜାତ; କିନ୍ତୁ ଭୋଗ୍ୟର ଅର୍ଥ ଭୋଗ କରିବାର ଉପଯୋଗୀ । ] ବି—୧ । ଖାଦ୍ୟବସ୍ତୁ—1. Food. ୨ । ଖାଇବାପାଇଁ ଅପ୍ରେଣ ଦ୍ରବ୍ୟସମୂହ—2. Eatables; victuals; provisions. ୩ । ସୁସ୍ୱାଦୁ ବା ରୁଚିକର ଖାଦ୍ୟ—3. A dainty ( Apte ). ୪ । ଲାଭ—4. Advantage; benefit ( Apte ). ୫ । ପିତୃପୁରୁଷଙ୍କୁ ପ୍ରଦତ୍ତ ଭୋଜ୍ୟବସ୍ତୁ—5. Eatables offered to the manes (Apte). ୬ । ସ୍ୱର୍ଗଗତ ପିତୃପୁରୁଷଙ୍କ ଶ୍ରାଦ୍ଧ ଉପଲକ୍ଷରେ ବ୍ରାହ୍ମଣଙ୍କୁ ଉତ୍ସୃଷ୍ଟ ଖାଦ୍ୟଦ୍ରବ୍ୟସମ୍ଭାର; ସିଧା; ସଜ୍ଜା—6. Victuals presented to Brāhmaṇas on the occasion of Srāddha. [ ଦ୍ର—ଯେଉଁମାନେ ଶ୍ରାଦ୍ଧ କରି ପିତୃଲୋକଙ୍କୁ ପିଣ୍ଡ ଦିଅନ୍ତି ସେମାନେ ବ୍ରାହ୍ମଣମାନଙ୍କୁ ଅରନ୍ଧା ଖାଦ୍ୟଦ୍ରବ୍ୟ ସମ୍ଭାର ଦାନ କରନ୍ତି । ]

ଭୋଜ୍ୟ ଉଚ୍ଛ(ଚ୍ଛ)ର୍ଗ—ଗ୍ରା· ବି—ଭୋଜ୍ୟୋତ୍ସର୍ଗ ( ଦେଖ )
Bhojya uchha(chchha)rga Bhojyotsarga (See)

ଭୋଜ୍ୟକାଳ—ସଂ. ବି—ଖାଇବାର ନିର୍ଦ୍ଧାରିତ ସମୟ—
Bhojyakāla Meal-time ( Apte ).

ଭୋଜ୍ୟ ଟେକି ଦେବା—ଦେ. କ୍ରି—ପିତୃଗଣଙ୍କ ଶ୍ରାଦ୍ଧ ଉପଲକ୍ଷରେ
Bhojya ṭeki debā ଖାଦ୍ୟ ସାମଗ୍ରୀ ବ୍ରାହ୍ମଣ ହାତକୁ ଉଠାଇ
ভোজ্যি দেওয়া ଦେଇ ଦାନ କରିବା—To hand over
भोजन देना victuals to a Brāhmaṇa on the occasion of Srāddha.

ଭୋଜ୍ୟାତ୍ମକ—ସଂ. ବିଣ (ଭୋଜ୍ୟ+ଆତ୍ମନ୍ +କ)—୧ । ଭୋଜ୍ୟ ବା
Bhojyātmaka ଖାଦ୍ୟଦ୍ରବ୍ୟ ସମ୍ବନ୍ଧୀୟ—1. Relating to food. ୨ । ଭୋଜ୍ୟୋତ୍ସର୍ଗ ସମ୍ବନ୍ଧୀୟ—2. Relating to the offering of victuals to a Brāhmaṇa.

ଭୋଜ୍ୟାନ୍ନ—ସଂ. ବି ( କର୍ମଧା )—ଭୋଜନର ଉପଯୋଗୀ ଅନ୍ନ—
Bhojyānna Food proper to be taken.

ଭୋଜ୍ୟୋତ୍ସର୍ଗ—ସଂ. ବି—ଶ୍ରାଦ୍ଧ ଅବସରରେ ବ୍ରାହ୍ମଣଙ୍କୁ ଅରନ୍ଧା ଖାଦ୍ୟ
Bhojyotsarga ସାମଗ୍ରୀ ଉତ୍ସର୍ଗ କରିବାରୂପ କର୍ମ—The offering of victuals to a Brāhmaṇa on the occasion of a Srāddha.

ଭୋଟ୍—ବୈଦେ. ବି (ଇଂ)—କୌଣସି ନିର୍ଦ୍ଦିଷ୍ଟ କାର୍ଯ୍ୟ ପାଇଁ ଆପଣା
Bhoṭ ମଧ୍ୟରୁ ବ୍ୟକ୍ତିବିଶେଷଙ୍କୁ ନିର୍ବାଚନ କରିବା ପାଇଁ
ভোট ଦଳସ୍ଥ ପ୍ରତ୍ୟେକ ବ୍ୟକ୍ତିଙ୍କର ଦେବା ମତ—Vote.
वोट

ଭୋଟ୍ ଦାତା—ଦେ. ବି—ଭୋଟର ( ଦେଖ )
Bhoṭ dātā Voṭar ( See )
ভোটদাতা वोटदाता

ଭୋଟ୍ ଦେବା—ଦେ. କ୍ରି—ଆପଣା ମଧ୍ୟରୁ କୌଣସି ବ୍ୟକ୍ତିଙ୍କର
Bhoṭ debā ନିର୍ବାଚନ ନିମନ୍ତେ ମତ ଦେବା—
ভোট দেওয়া To vote for; to give vote for.
वोट देना

ଭୋଟ—ସଂ. ବି—୧ । ଭୋଟାଙ୍ଗ (ଦେଖ)—1. Bhoṭāṅga (See)
Bhoṭa ୨ । ତିବ୍ବତ (ଦେଖ)—2. The country of
ভোট Tibet. ଦେ. ବି—୧ । ଭୋଟ କମ୍ବଳ ( ଦେଖ )
भोटिया कम्बल 1. Bhoṭa kambaḷa. ୨ । ଲାଲ୍ କମ୍ବଳ—2. Red blanket.

ଭୋଟ ଅମଳ—ଦେ· ବି (ସଂ. ଭଟ୍ଟ)—ବହୁ ପୁରାତନ—
Bhoṭa amaḷa Very old.
माराठा आमलेर (ଉ—ଭୋଟ ଅମଳର କଥା । ଲୁଲୁଲାଲୁମାସୀ.
आदम जवानाका ନଅଠକୁରୀ ।)

ଭୋଟ କମ୍ବଳ—ଦେ. ବି—ଭୂଟାନ ଦେଶୀୟ ଲୋକଙ୍କ ମେଷ ଲୋମ
Bhoṭa kambaḷa ପ୍ରସ୍ତୁତ କମ୍ବଳ—Blanket imported
[ଭୋ(ଭୂ)ଟିଆ କମ୍ବଳ—ଅନ୍ୟରୂପ] to India from
ভোট কম্বল भोटिया कम्बल Bhutan.

ଭୋଟର୍—ବୈଦେ. ବି (ଇଂ)—ଯେ ଭୋଟ ଦିଏ; ନିର୍ବାଚକ—
Bhoṭar Voter.
ভোটার वोटर (ଭୋଟେର—ପ୍ରାଦେଶିକ, ଗଞ୍ଜାମ)

ଭୋଟା—ଦେ· ବିଣ. ପୁଂ—ମୋଟା; ସ୍ଥୂଳ; ସ୍ଥୂଳକାୟ—
Bhoṭā Corpulent.
(ଭୋଟୀ—ସ୍ତ୍ରୀ) মোটা मोटा

ଭୋଟାଙ୍ଗ—ସଂ. ବି ( ଭୋଟ+ଅଙ୍ଗ; ତିବ୍ବତ ଦେଶର ଅଙ୍ଗ )—
Bhoṭāṅga ଭୂଟାନ୍ ଦେଶ; ଭାରତରେ ଉତ୍ତର ପ୍ରାନ୍ତବର୍ତ୍ତୀ ନେପାଳ ନିକଟସ୍ଥ ସ୍ୱାଧୀନ ରାଜ୍ୟ—Bhuṭān; name of a free state in the north of India near Nepal.

ଭୋଟାଧିକାର—ଦେ. ବି—ଭୋଟ ଦେବା ବା ନିର୍ବାଚନ କରିବାକୁ
Bhoṭādhikāra ଥିବା ସ୍ୱତ୍ୱ ଅଧିକାର—Right of
ভোটাধিকার वोटाधिकार voting.

ଭୋଟାନ୍—ଦେ. ବି (ସଂ. ଭୋଟାଙ୍ଗ)—ଭୋଟାଙ୍ଗ (ଦେଖ)
Bhoṭān Bhoṭāṅga (See)
ভূটান भु(भो)टान

ଭୋଟିଆ—ଦେ. ବିଣ (ସଂ. ଭୋଟୀୟ)—୧ । ଭୋଟା ( ଦେଖ )—
Bhoṭiā 1. Bhoṭā ( See ). ୨ । ଭୂଟାନ୍ ଦେଶୀୟ—
ভুটিয়া 2. Belonging to the country of Bhuṭān.
भोटिया (ଯଥା—ଭୋଟିଆ ଟାଙ୍ଗଣ=ଘୋଡ଼ା) ବି—୧ । ଭୂଟାନ-ଦେଶବାସୀ ଜାତିବିଶେଷ—1. People of the Bhuṭān country. ୨ । ଏହି ଜାତିର କଥିତ ଭାଷା—2. The vernacular of the Bhutanese people.
[ଦ୍ର—ଏ ଭାଷା ତିବ୍ବତ, ଭୂଟାନ, କାଶ୍ମୀର, ସିକିମ୍ ଓ ଦାର୍ଜିଲିଙ୍ଗରେ କଥିତ ହୁଏ ।]

ଭୋଟୀ—ଦେ. ବି. ସ୍ତ୍ରୀ—୧ । ପ୍ରଶସ୍ତ ଦେହା—1. Corpulent; fat
Bhoṭī (female). ୨ । ଅଦୁଗ୍ଧବତୀ(ଗାଈ)—2. (a cow)
(ଭୋଟେଇ—ଅନ୍ୟରୂପ) Giving no milk.

ଭୋଟୀୟ—ସଂ. ବିଣ—ଭୋଟ ଦେଶୀୟ— Relating to
Bhoṭīya Tibet or Bhutan; Bhutanese.

ଭୋଡ଼କା—ଦେ. ବି—ରୁଷିଆ ଦେଶରେ ପ୍ରଚଳିତ ଏକ ପ୍ରକାର ମାଦକ
Bhoḍ-kā ପାନୀୟ—A sort of liquor used in
ভোড়কা वोडका Russia; Vodka.

ଭୋଡ଼ଙ୍ଗ—ଦେ· ବି—ତୂରୀ; ରଣଶିଂଘା—
Bhordaṅga Clarion; trumpet.
ভোরঙ্গ; তুরী तुरही

ଭୋଡ଼ଙ୍ଗା—ଦେ. ବିଣ—୧ । ଫମ୍ପା; ଶୂନ୍ୟଗର୍ଭ—1. Hollow.
Bhordaṅgā ୨ । ବଡ଼; ବଡ଼ ଓ ଫମ୍ପା—2. Big and
মোটা ও ফাঁপা मोटाऔरखोखला hollow.

ଭୋଡ଼ଙ୍ଗିଆ—ଦେ. ବି—ବିବାହଯୋଗରେ ତୂରୀ ବା ରଣଶିଙ୍ଗା
Bhordaṅgiā ବଜାଉଥିବା ବ୍ୟକ୍ତି—A trumpeter. (ଉ—
তুরীওয়ালা ଚନ୍ଦ୍ର ସୂର୍ଯ୍ୟର ଓହ୍ଲାଇ, ବନ୍ଧୁତ ଶୁମର ପଡ଼ି
तुरहीवाला ଭୋଡ଼ଙ୍ଗି ଆଗାରେ ତହିଁ ଲଗିଅ ଦେଇ । ପ୍ରାଚୀ. ନଳ ଚରିତ ।)

**ଭୋଣ୍ଡା**—ଦେ. ବି—ମାନ୍ଦ୍ରାଜ ପ୍ରଦେଶରେ ଏକ ଜାତୀୟ ଲୋକଙ୍କ କଥିତ
Bhondā ଓଡ଼ିଆର ଏକ ବିକୃତ ଭାଷା (ମାନ୍ଦ୍ରାଜ ସେନ୍ସସ୍ ରିପୋର୍ଟ—
A dialect of the Oriya language spoken by some Oriyas living in a portion of the Madras Presidency.

**ଭୋଦ(ଦୁଅ)**—ଗ୍ରା. ବି (ସ. ଭାଦ୍ର)—ଭାଦ୍ର ମାସ—The month of
Bhoda(dua) Bhādra. (ଉ—ଭୋଦୁଅ ମାସରେ ଜନ୍ମିଥିଲ ଗୀତ ଗୁଡ଼ୁଗୁଡ଼ି-ଓସା-ମେଳ । ନନ୍ଦକିଶୋର-
ଭାଦର, ଭାදୋ ଗୀତାବଳବାସ । )

**ଭୋ ଦଇବ**—ଦେ. ଅ—ହା ଦୈବ ! ହାୟରେ କପାଳ !—
Bho daiba (Interjection) O my ill-luck !
(ଭୋ ଧରମ; ଭୋ ବିଧାତା—ଅନ୍ୟରୂପ) हे दैव हे धर्म

**ଭୋଦୁଅ ଫୁଟା**—ଗ୍ରାଦେ ( ଶଦ୍ରଜାତି ) ବି—ଦ୍ୱିତୀୟବର ଯୁବତୀ
Bhodua phutā କନ୍ୟାମାନେ ଭାଦ୍ର ମାସରେ ଶାଶୁଘରୁ ବାପ ଘରକୁ ଆସିବା—The coming back of a Śūdra daughter-in-law to her father's house from the house of her father-in-law during the month of Bhādra.

**ଭୋଦୁଅ ମଙ୍ଗଳା(ଲା,ଲି)**—ଗ୍ରାଦେ( ଶଦ୍ରଜାତି ) ବି ( ଭାଦ୍ରମାସରେ ବା
Bhodua maṅgalā(lā,li) ବର୍ଷାରେ ଏହା ଫୁଟିବାରୁ)—
ଏକପ୍ରକାର ଛତୁ—A kind of mushroom.

**ଭୋଦୁଅ**—ଦେ. ବିଣ—ଭୋଦେଇ ( ଦେଖ )
Bhodua Bhodei ( See )

**ଭୋଦେଇ**—ଦେ. ବିଣ ( ସ. ଭାଦ୍ର )—ଭାଦ୍ରମାସରେ ଜନ୍ମିବା ବା
Bhodei ଅମଳ ହେବା—Produced in or harvested
ଭାদোই during the month of Bhādra. ଦେ. ବି
भदई —ଏକପ୍ରକାର ଚିଙ୍ଗୁଡ଼ି ମାଛ—A kind of shrimp.
[ ଦ୍ର—ଏମାନେ ଭାଦ୍ରବ ମାସରେ ବହୁ ପରିମାଣରେ ଧରାଯାଆନ୍ତି । ]

**ଭୋଦେଇ ଖରା**—ଦେ. ବି—ଭାଦ୍ର ମାସର ପ୍ରଚଣ୍ଡ ଖରା—The
Bhodei kharā strong heat-rays of the sun
( ଭୋଦୁଅ ଖରା—ଅନ୍ୟରୂପ ) during Bhādra. [ଦ୍ର—ଏ
ଭাদ্রেররোদ ମାସରେ ଲୁଗାପଟା ଖରାରେ ଦେଲେ ଲୁଗାପଟାରେ
भादोकारौद्र ଅଉ ପୋକ ଲାଗେ ନାହିଁ । ]

**ଭୋଦେଇ ଖସା**—ଦେ. ବି—ଭାଦ୍ର ମାସରେ ଅମଳ ହେବା ଏକପ୍ରକାର
Bhodei khasā ରାଶି—A kind of sesamum
ভাদেই তিল harvested in Bhādra. [ ଦ୍ର—ଅନ୍ୟ ପ୍ରକାର
भदइतिल ରାଶିର ନାମ ମାଘୀ ଖସା । ]

**ଭୋଦେଇ ଧାନ**—ଦେ. ବି—ବର୍ଷାଳ ଧାନ—
Bhodei dhāna Paddy harvested during rains.
ভাদোই ধান भदइधान, आमनधान

**ଭୋଦେଇ ଫସଲ**—ଦେ. ବି—ଭାଦ୍ର ମାସରେ ଅମଳ ହେବା ଫସଲ
Bhodei phasala (ବିଆଳି, ମାଣ୍ଡିଆ, କାକଡ଼, ମକା, ଭୋଦୁଅ
ভাদোই ফসল ଇତ୍ୟାଦି )—The crops harvested in
भदइफस्ल Bhādra.

**ଭୋ ଦେବ**—ସ. ଅ (ସମ୍ବୋଧନ)—ମହାପ୍ରଭୁ ଓ ରାଜା ଆଦିଙ୍କୁ ଉଦ୍ଦେଶ୍ୟ
Bho deba ସମ୍ବୋଧନ; ହେ ପ୍ରଭୋ—( Interjection ) Oh
ভোদেব भोदेव Lord !

**ଭୋଦେ(ଦୈ)ବା(ବି)**—ଦେ. କ୍ରି. ବିଣ—୧ । ବେଳେ; ବଳିଛି; ଅକାଳେ
Bhode(dai)bā(bi) ଅକାଳେ—1. Untimely and at
কালেভদ্রে irregular intervals. ୨ । ଦୈବାତ୍;ଅକସ୍ମାତ୍—
कभीकभी 2. Accidentally. ୩ । ଦ୍ୱଚିତ୍; କଦାଚିତ୍—
3. Scarcely. ୪ । ଅନ୍ତରସ୍ଥିତିରୂପେ ଓ ଅତି ଅଳ୍ପ ଥର—
4. At times, few and far between. (ଯଥା—
ମୁଁ ଭୋଦେବା କଲିକତା ଯାଏଁ । )

**ଭୋନ୍ଦଡ଼**—ଦେ. ବିଣ (ବଙ୍ଗଳାରୁ ଅନୁକୃତ) (ସ. ଉଦ୍=ଓଧ)—
Bhondarda ୧ । ଓଧପରି ଭାବଭଙ୍ଗୀ ମୁହଁ—1. Having a
(ଭୋନ୍ଦା[ନ୍ଦୁ]- ଅନ୍ୟରୂପ) scowling face. ୨ । ଓଲୁ—
ভোঁদা भोंदू 2. Foolish.

**ଭୋପା**—ଦେ. ବି—୧ । ମହାଦେବ, ପାର୍ବତୀ ଓ ଗ୍ରାମଦେବତାଙ୍କର
Bhopā ଶୂଦ୍ର ସେବକ ବା ମାଳି—1. A caste of Śūdra Sebakas of Śiba and Pārbatī or other village gods and goddesses. ୨ । ବାଗାଡ଼ମ୍ବର-
ପ୍ରିୟ ବ୍ୟକ୍ତି—2. A braggart. ୩ । ମିଛୁଆ—
3. A liar. ବିଣ—୧ । (ସ. ବକ୍ତୃଭାଷୀ) ଗପଡ଼ି—
बकुआ 1. Talkative. ୨ । ବାଗାଡ଼ମ୍ବର ପ୍ରିୟ; ଗପଡ଼ି—
गपकड 2. Bragging; boastful. ୩ । ମିଛୁଆ,ମିଥ୍ୟାବାଦୀ—
3. Lying. ୪ । ଅବ୍ୟବସ୍ଥିତ; ଯେଉଁ ଲୋକର
କାମରେ କିଛି ଠିକ୍ ଠିକଣା ନ ଥାଏ—4 Whimsical. ୫ । ଅଲୁଭୁବାଲୁଅ—5. Unmethodical.
୬ । ନିର୍ବୋଧ; ବିବେଚନା ଶୂନ୍ୟ—5. Foolish; unthoughtful.

**ଭୋପାଳ**—ଦେ. ବି (ନାମ)—ମଧ୍ୟଭାରତରେ ମୁସଲମାନମାନଙ୍କ ଦ୍ୱାରା
Bhopāla ଶାସିତ ଏକ ପ୍ରଧାନ ମିତ୍ରରାଜ୍ୟ—A native
ভূপাল State in Central India ruled by
भोपाल a Mussalman Nabab.
[ ଦ୍ର—ଭୂଜବଳୀ ଭୋପାଳଙ୍କ ଦ୍ୱାରା ନଗର ସ୍ଥାପିତ ହୋଇ
ଥିବାରୁ ତାହାଙ୍କ ନାମାନୁସାରେ ଏହାର ନାମ ଭୋପାଳ
ହୋଇଅଛି । (ମଦନମୋହନ-ଗାର୍ଥଦର୍ଶନ) । ]

**ଭୋପାଳିଆ**—ଦେ. ବିଣ—୧ । ମିଥ୍ୟା—1. False ୨ । ଭୋପା
Bhopāliā (ଦେଖ)—2. Bhopā (See).

**ଭୋବନ**—ଦେ. ବି—ପ୍ରାଚୀନ ଉତ୍କଳର ଶତ୍ରିୟଜାତି ବିଶେଷ—
Bhobana A class of the Kshatriyas of ancient Orissa.

**ଭୋବନି**—ଗ୍ରା. ବି. ପୁଂ—(ଅଦରାର୍ଥକ) ଭୁବନେଶ୍ୱରର ଡାକ ନାମ—
Bhobani A name for calling a person named
ভূবন भुवन Bhubaneśwara.
( ଭୋବନା—ଅନାଦରାର୍ଥକ )

ଭୋବନ(ନେ)ଶ(ଶ୍ୱ)ର—ପ୍ରା. ବି (ସ୍ଥାନର ନାମ)—ଭୁବନେଶ୍ୱର
Bhobani(ne)sa(swa)ra (ଦେଖ)—Bhubaneswara
ভুবনেশ্বর भुवनेश्वर (See).

ଭୋ-ଭା—ଦେ. ଅ—୧ । ଭେଁ ଭେଁ, ଉଚ୍ଚ କାନ୍ଦଣାର ଶବ୍ଦ—
Bho-bhā 1. Sound of loud lamentation.
( ଭେଁ ଭେଁ, ଭୋ ଭୋ—ଅନୀରୂପ )
ভেউ ভেউ भोभा; मेँ मेँ

ଭୋ ଭୋ ଡକା ଛାଡ଼ିବା—ଦେ. କ୍ରି—ଅତ୍ୟନ୍ତ ବଡ଼ଳ ହୋଇ ଉଚ୍ଚ-
Bho bho dakā chhārdibā ସ୍ୱରରେ କ୍ରନ୍ଦନର ଶୋକ
ভেউ ভেউ করে কান্দা କରିବା—To make a loud
मेँ मेँ होना (करना) bewailing sound.

ଭୋର—ଦେ. ବିଣ ( ସଂ. ଭୃ ଧାତୁ=ପୂରଣ କରିବା )—୧ । ପୂର୍ଣ୍ଣ—
Bhor 1. Filled up. ୨ । ଉଜ୍ଜ୍ୱଳ; ଜାକଜମକ—
ভোর 2. Splendid; bright; dazzling. ୩ । ଅଡ଼ମ୍ବର-
भोर ପୂର୍ଣ୍ଣ—3. Pompous. ୪ । ସମାପ୍ତ—4. Finished; completed. ୫ । ବିଭୋର; ଭୋଳ—5. Enchanted. ୬ । ପ୍ରକାଶିତ; ପ୍ରକଟିତ—6. Published. ୭ । ନିଶାରେ ଉନ୍ମତ୍ତ—7. Intoxicated.
ବି—୧ । ( ସଂ. ଭୃ ଧାତୁ; ସୃଷ୍ଟିର ଶେଷ ବା ସମାପ୍ତି)—
ପ୍ରତ୍ୟୁଷ; ପ୍ରାତଃକାଳ—1. Morning; dawn; day-
শেষ खतम break. ୨ । ଶେଷ; ସମାପ୍ତି—2 Comple-
আড়ম্বর ठाटबाट tion; finish ୩ । ଦୀପ୍ତି—3. Lustre,
୪ । ଅଡ଼ମ୍ବର—4. Ado; pomp.

ଭୋର କରିବା—ଦେ. କ୍ରି—କୌଣସି ବିଷୟକୁ ସାଧାରଣରେ ପ୍ରକଟିତ
Bhor karibā କରିବା—To publish a matter.
চাউর করা प्रकट करना

ଭୋର ବେଳ(ଳା)—ଦେ. ବି—ପ୍ରତ୍ୟୁଷକାଳ—
Bhor bela(lā) Early morning; dawn.
ভোর বেলা भोरका वक्त

ଭୋଳ—ଦେ. ବିଣ ( ସଂ. ବହ୍ୱଳ )—୧ । ମୋହିତ; ମୁଗ୍ଧ; ବିହ୍ୱଳ—
Bhola 1. Enchanted ୨ । ବାଇ; ବାଉଳ; ଉନ୍ମତ୍ତ—
ভোল 2. Intoxicated; maddened. (ଉ—ମଦିରା
भोर ପାନେ ଭୋଳ ହୋଇ, ଯେସନେ ବସ୍ତ୍ର ନ ଜାଣଇ । ଜଗନ୍ନାଥ. ଭାଗବତ ।) ୩ । ହିତାହିତ ବିବେଚନା ଶୂନ୍ୟ-
3. Incapable of distinguishing between right and wrong. ୪ । ଭ୍ରାନ୍ତ—4. Mistaken.
୫ । ବାଉଳା; ବିସ୍ମରଣଶୀଳ; ଯେ ଭୁଲିଯାଏ—5. Forgetful. (ଉ—ଅପୂଅ ଭୋବ, ଗଞ୍ଜେଇଅ ଭୋଳ, ଧୂଆଁ ପଡୁଥିଅ ଘରେ କଳ ଗୋଳ—ଢଗ ।) ବି—୧ ।
ଉନ୍ମତ୍ତତା—1. Madness. ୨ । ଭ୍ରାନ୍ତି; ଭ୍ରମ—
ভোল 2. Mistake. ୩ । ବାଉଳା; ବିସ୍ମୃତି—3. Forget-
बिसोरपन fulness; oblivion. ୪ । ଶୂଦ୍ର ଓ ମାସ୍ତାନମାନଙ୍କ ବଂଶୋପାଧି ବିଶେଷ—4. A family title of Śūdras and Māstānas. ୫ । (ସଂ. ଭୋଳ) ଚିଲିକାରେ ମିଳିବା ଏକ ପ୍ରକାର ମାଛ—5. A class of salt-water fish ( in Chilkā ). ୬ । ଜମିର ବନ୍ଧରେ ବା ହୁଡ଼ାରେ ପୂରୁଥିବା କଣା ବା ଗଳଥ—6. A hole under a ridge or embankment. ପ୍ରାଦେ.(ଗଡ଼ଜାତ) ବି - ଯେଉଁ ଜମିରେ ଲୁଣି ମାଟି ବର୍ଷା ଦିନେ ଫଲଫଲେଇ ଯାଏ—Saline soil which becomes swollen during the rains. [ଦ୍ର—ଜଙ୍ଗଲ ଅଞ୍ଚଳରେ ଏହି ଲୁଣି ମାଟି ବର୍ଷା ପାଣି ସଙ୍ଗେ ଧୋଇ ହୋଇ ଆସି ଯେଉଁ ସ୍ଥାନରେ ଜମା ହୋଇଥାଏ, ସେହି ଲୁଣି ପାଣି ଓ ମାଟିକୁ ଖାଇବା ପାଇଁ ସେଠାକୁ ମୃଗ, ଶମ୍ବର ଓ ଗୟଳମାନେ ଆସନ୍ତି । ଶିକାରୀମାନେ ସେ ସ୍ଥାନ ଉଣ୍ଡି ରହି ଜଙ୍ଗଲରେ ଛକି ରହି ଭୋଳ ଖାଇବାକୁ ଆସିବା ପଶୁଙ୍କୁ ଶିକାର କରନ୍ତି ।] ସଂ. ବି—ବୋଦସି ମାଛ ପରି ଏକ ପ୍ରକାର ଚାଉଁଥ ମାଛ (ଏହାର ଧଳା ଦେହରେ କେଳଥ ଛିଟ ଛିଟ ଥାଏ; ଗାଲସି ଶ୍ୱେତ ଓ ମୁହଁ ପାର୍ଶ୍ୱରେ ବକ୍ରିତ; ନଦୀରେ ସହଜରେ ଧରା ପଡ଼େ—ଯୋଗେଶ୍ୱର । ପାଠାର୍ଥୀମାନେ
भोल ଏ ମାଛ ଖାଇଲେ ପାଠ ଭୁଲି ଯାଆନ୍ତି ବୋଲି ଲୋକଙ୍କ
ভোল ବିଶ୍ୱାସ ଅଛି)—Barellius Bola (fish).

ଭୋଳ ହେବା—ଦେ. କ୍ରି—୧ । ଭୁଲିଯିବା—1. To forget.
Bhola hebā ୨ । ବାଉଳା ବା ଭ୍ରାନ୍ତ ହେବା—2. To
বিহ্বল হওয়া भूलना, पगला होना become mad.
୩ । ନିଶାରେ ଉନ୍ମତ୍ତ ହେବା—3. To be intoxicated.

ଭୋଳା—ଦେ. ବିଣ. ପୁଂ (ସଂ. ବହ୍ୱଳ)—୧ । ଉନ୍ମତ୍ତ—1. Intoxi-
Bholā cated. (ଉ—ସାରସ ଗନ୍ଧ ଅବଲା, ସାର ସଙ୍ଗତ
ভোলা ପାଇ ମୁହିଁ ନବଳେ, ଭାବେ ହେଉ ଥାଇ ଭୋଳା ।
भोला ଉପେନ୍ଦ୍ରଭଞ୍ଜ. ଲାବଣ୍ୟ. ଗୀତ ।) ୨ । ବିସ୍ମରଣଶୀଳ—
(ଭୋଳାପଣ—ବି) 2. Forgetful. ୩ । ବାଉଳା—3. Mad.
୪ । ଅକପଟ (ବ୍ୟକ୍ତି); ସରଳ ହୃଦୟ—4. Frank.
ବି—୧ । ଭୋଳାନାଥ (ଦେଖ)—1. Bholānātha
(See). ୨ । ଭୋଳାନାଥର ଡାକ ନାମ—2. A name for calling Bholānātha.

ଭୋଳା ନାଥ—ଦେ. ବି—୧ । ମହାଦେବ; ଶିବ—1. God Śiba.
Bholā nātha [ଦ୍ର—ମହାଦେବ ସର୍ବଦା ଗଞ୍ଜେଇ ନିଶାରେ
ভোলানাথ ଭୋଳ ଥିବାରୁ ତାହାଙ୍କର ଏହି ଲୌକିକ ନାମ
भोलानाथ ହୋଇଅଛି ।] ୨ । ଲୋକଙ୍କୁ ଦିଆଯିବା ନାମ—
2. A name given to males. ଦେ. ବିଣ—
ବିସ୍ମରଣଶୀଳ—Forgetful.

ଭୋଳି—ସଂ. ବି—ଓଟ—Camel (Apte). ଦେ. ବି· ପୁଂ—
Bholi (ଅବଜ୍ଞାର୍ଥକ) ଭୋଳାନାଥର ଡାକ ନାମ—A name for calling Bholānātha.

ଭୋଳିତ—ଦେ. ବିଣ ( ସଂ. ବହ୍ୱଳିତ )—୧ । ଭୋଳ; ମୁଗ୍ଧ—
Bholita 1. Enchanted. ୨ । ଉନ୍ମତ୍ତ—2. Intoxi-
ভোল cated. ୩ । ବିସ୍ମୃତିଶୀଳ; ଭ୍ରାନ୍ତ—3. Forgetful;
भोर oblivious.

ଭୌଗୋଳକ—ସ.ବଣ (ଭୂଗୋଳ+ଇକ)—୧ । ଭୂଗୋଳ ସମ୍ବନ୍ଧୀୟ—
Bhaugolika 1. Geographical; relating to the terrestrial globe. ୨ । (ପୁଂ) ଭୂଗୋଳ ବିଦ୍ୟାବିଶାରଦ—2. Versed in geography.

ଭୌଜଙ୍ଗ—ସଂ. ବଣ (ଭୂଜଙ୍ଗ+ଅ)—ସର୍ପ ସମ୍ବନ୍ଧୀୟ—Serpentine.
Bhaujanga ସଂ. ବି—ଅଶ୍ଳେଷା ନକ୍ଷତ୍ର—The 9th lunar mansion. ( ନକ୍ଷତ୍ର ତଳେ ଟୀକା ଦେଖ)

ଭୌଜି ପ୍ରାଦେ, (କଟ୍ଟର) ବି (ଭୂଲ. ଏହି ଅର୍ଥରେ ହିନ୍ଦୀ ଭୌଜାଇ
Bhauji ଶବ୍ଦ)—ଭାଉଜ—The wife of one's elder brother.

ଭୌଜ୍ୟ—ସଂ. ବି ( ଭୋଜ+ଯ )—ଯେଉଁ ରାଜ୍ୟ କେବଳ ରାଜାଙ୍କ
Bhaujya ସୁଖ ଭୋଗ ଦୃଷ୍ଟିରେ ଶାସିତ ହୁଏ, ପରନ୍ତୁ ପ୍ରଜା ପାଳନ ଓ ପ୍ରଜାଙ୍କ ମଙ୍ଗଳ ପ୍ରତି ଦୃଷ୍ଟି ରଖାଯାଏ ନାହିଁ ( ହି. ଶ )—A kingdom of which the government is run for the profit of the ruler and not in the interest of the ruled.

ଭୌଟ୍ଟ—ସଂ. ବଣ (ଭୋଟ+ଅ)—ତିବ୍ବତୀୟ (ହି. ଶ) —
Bhautta Tibetan.

ଭୌତ—ସଂ. ବଣ ( ଭୂତ+ଅ )—୧ । ପଞ୍ଚଭୂତ ସମ୍ବନ୍ଧୀୟ—
Bhauta 1. Relating the 5 elements. ୨ । ଭୂତ ପ୍ରେତାଦି ସମ୍ବନ୍ଧୀୟ—2. Ghostly. ୩ । ଜୀବସମ୍ବନ୍ଧୀୟ—3. Relating to living beings (Apte). ୪ । ପାଗଳ—4. Crazy; mad (Apte). ୫ । ପୈଶାଚିକ—5. Demoniacal (Apte).
ବି—୧ । ଭୂତଯଜ୍ଞ—1. Oblation offered to the created beings. ୨ । ଭୂତ ପ୍ରେତାଦିଙ୍କ ଉପାସକ—2. A worshipper of demons and spirits. ୩ । ଦେବଳ ବ୍ରାହ୍ମଣ; ଦେଉଳିଆ ବ୍ରାହ୍ମଣ; ପଣ୍ଡା—3. A class of Brāhmaṇas who take to worshipping in a temple as their profession. ଗ୍ରା. ବଣ ( ସ. ବହୁ )—ବହୁତ;
ବହୁତ बहुत ଅଧିକ—Many; much.

ଭୌତିକ—ସ. ବଣ (ଭୂତ+ଇକ)—୧ । ପ୍ରାକୃତିକ—1. Natural.
Bhautika elementary ୨ । ଭୂତସମ୍ବନ୍ଧୀୟ—2. Relating to Bhūta. ୩ । ପଞ୍ଚଭୂତ ଘଟିତ—3. Material; physical. ୪ । ଭୂତପ୍ରେତସମ୍ବନ୍ଧୀୟ—4. Ghostly. ବି—୧ । ଭୂତନାଥ; ମହାଦେବ; ଶିବ—1. Śiba. ୨ । ମୁକ୍ତା—2. Pearl ( Apte ). ୩ । ମୌଳିକ ଉପାଦାନବିଶିଷ୍ଟ ବସ୍ତୁ—3. Anything elemental ( Apte ).

ଭୌତିକ ଦେହ—ସ. ବି—ପଞ୍ଚଭୂତ ଘଟିତଜଡ଼ ଶରୀର—The
Bhautika deha material body.
( ଭୌତିକ ଶରୀର—ଅନ୍ୟରୂପ )

ଭୌତିକ ନିୟମ—ସ. ବି— ପ୍ରାକୃତିକ ନିୟମ—Law of nature;
Bhautika niyama physical law.

ଭୌତିକ ପଦାର୍ଥ—ସ. ବି—ପଞ୍ଚଭୂତରୁ ଜାତ ବସ୍ତୁ—A material
Bhautika padārtha thing.
( ଭୌତିକ ବସ୍ତୁ—ଅନ୍ୟରୂପ )

ଭୌତିକ ବିଦ୍ୟା—ସ. ବି—୧ । ବେତାଳ ସାଧନା; ଭୂତ ବା ବେତାଳ
Bhautika bidyā ସାଧନାରୂପ ବିଦ୍ୟା—1. Demonology; necromancy. ୨ । ଯାଦୁ ବିଦ୍ୟା—2. Black art; magic; sorcery.

ଭୌତିକ ବ୍ୟାପାର—ସ. ବି ( ଅଧୁନିକ ବ୍ୟବହାର )—୧ । ଅସ୍ୱାଭାବିକ
Bhautika byāpāra ଘଟଣା—1. Wonderful event;
ভৌতিক ব্যাপার supernatural affair. ୨ । ଭୂତ ଘଟିତ
भौतिक व्यापार ବ୍ୟାପାର; ଭୂତପ୍ରେତଙ୍କ ଉପଦ୍ରବ—2. A ghos-
(ଭୌତିକ କାଣ୍ଡ—ଅନ୍ୟରୂପ) tly affair; a visitation of ghosts and evil spirits.

ଭୌତି—ସ. ବି ( ଭୌତ+ଈ )—ରଜନୀ; ରାତ୍ରି—
Bhauti The night.

ଭୌମ—ସ. ବଣ ( ଭୂମି+ସମ୍ବନ୍ଧାର୍ଥେ. ଅ )—୧ । ପାର୍ଥିବ—
Bhauma 1. Terrestrial; worldly. ୨ । ଭୂମିସମ୍ବନ୍ଧୀୟ—2. Earthly. ୩ । ଭୂମିରୁ ଉତ୍ପନ୍ନ—3. Produced from the earth. ବି. ( ଭୂମି+ଅପତ୍ୟାର୍ଥେ. ଅ)—୧ । ପୃଥିବୀପୁତ୍ର;ମଙ୍ଗଳ ଗ୍ରହ—1. The planet Mars. ୨ । ଆକାଶ; ଅମ୍ବର—2. The sky. ଦେ ବି—ପ୍ରାଚୀନ ଉତ୍କଳର ଏକ ରାଜବଂଶ—A dynasty of kings of ancient Orissa.

ଭୌମ ଜଳ—ସ. ବି ( ଅଧୁନିକ ପ୍ରୟୋଗ )—ଭୂଗର୍ଭସ୍ଥ ଜଳ—
Bhauma jala Subterranean water.

ଭୌମନ—ସଂ. ବି—ବିଶ୍ୱକର୍ମା—The heavenly architect of
Bhaumana Hindu mythology.

ଭୌମ ବାର—ସଂ. ବି—ମଙ୍ଗଳବାର—Tuesday.
Bhauma bāra ( ଭୌମବାସର—ଅନ୍ୟରୂପ)

ଭୌମ ରତ୍ନ—ସଂ. ବି ( ଭୌମ=ମଙ୍ଗଳଗ୍ରହ+ରତ୍ନ; ଏ ରତ୍ନ ମଙ୍ଗଳ
Bhauma ratna ଗ୍ରହଙ୍କ ପ୍ରିୟ ବସ୍ତୁ ଥିବାରୁ )—ପ୍ରବାଳ; ପୋହଳା—Coral.

ଭୌମିକ—ସଂ. ବଣ ( ଭୂମି+ଇକ )—ଭୂମିସ୍ଥିତ—Situated on
Bhaumika the ground. ବି—୧ । ଭୂସ୍ୱାମୀ; ଜମିଦାର—1. Landlord. ୨ । ସାମନ୍ତ ରାଜାଙ୍କ ଉପାଧି—2. Title of feudal lords. [ ଦ୍ର—ଏଥିର ଅପଭ୍ରଂଶ ଭୂଇଁଆ, ଭୂୟାଁ । ]

ଭୌମୀ—ସଂ. ବି. ସ୍ତ୍ରୀ ( ଭୂମି+ଅପତ୍ୟାର୍ଥେ ଅ+ସ୍ତ୍ରୀ. ଈ )—ଧରାସୁତା;
Bhaumi ସୀତା—Sitā. [ ଦ୍ର—ଏହାଙ୍କୁ ଜନକ ଋଷି ହଳ କରିବା ସମୟରେ ଲଙ୍ଗଳ ସିଅରରୁ ପାଇଥିଲେ । ]

ଭୌରିକ—ସଂ. ବି ( ଭୂରି+ଇକ )—କୋଷାଧ୍ୟକ୍ଷ; ଖଜାଞ୍ଚି—
Bhaurika Treasurer.

ଭୌଁରି ( ଇତ୍ୟାଦି )—ଦେ. ବି—ଭଉଁରି ଇତ୍ୟାଦି ( ଦେଖ )
Bhauñri ( etc ) Bhauñri etc ( See )

ଭ୍ରଂଶ—ସଂ. ବି ( ଭ୍ରନ୍ସ ଧାତୁ=ପତିତ ହେବା+ଅ )—୧ । ଲୋପ; Bhramśa ନାଶ; ବିନାଶ—1. Destruction. ୨ । ସର୍ବନାଶ—2. Ruin. ୩ । ପତନ—3. Overthrow; fall. ୪ । ଅବନତି—4. Degeneration; deterioration. ୫ । ଚ୍ୟୁତି—5. Slipping off ୬ । ପଳାୟନ—6. Fleeing away. ୭ । ସଦାଚାରରୁ ସ୍ଖଳନ—7. A fall from virtue; depravity.

ଭ୍ରଂଶାଇବା—ଦେ. ( ପଦ୍ୟ ) କ୍ରି—ଭ୍ରଷ୍ଟ କରାଇବା—To cause to Bhramśāibā be displaced. [ ଉ—ପୁଣି ଭ୍ରଂଶାଇ ଭ୍ରष्ट करा ସୁଖ ସ୍ଥାନୁଁ । ଯେଣୁ ହୋଇଲା ତୋର ମନ୍ତ୍ୟ—ଜଗନ୍ନାଥ. भ्रंशाना ଭାଗବତ । ]

ଭ୍ରଂଶିତ—ସଂ. ବିଣ ( ଭ୍ରଂଶ+ଇତ )—ନଷ୍ଟ; ନାଶପ୍ରାପ୍ତ—
Bhramśita Spoiled.

ଭ୍ରକୁଟି(ଟୀ)—ସଂ. ବି ( ଭ୍ରୁ+କୁଟ୍ ଧାତୁ=କୁଟିଳ ହେବା+ଇ, ଈ, Bhrakuṭi(ṭī) ନିପାତନ )—ଭ୍ରୂକୁଞ୍ଚନ ( ଦେଖ )
Bhrukuñchana ( See )

ଭରତ(ଥ)—ଗ୍ରା ବି (ସଂ.ଭରତ)—ଭରତ (ଦେଖ)—Bharata (See)
Bhrata(tha) [ ଉ—କୈକେୟୀ ଯେରୂପେ ଭରତକୁ ଜାତ ଭରତ भरत କଲେ—କୃଷ୍ଣସିଂହ. ମହାଭାରତ. ବନ । ]

ଭରତ(ଥ)ଖଣ୍ଡ—ଗ୍ରା. ବି ( ସଂ. ଭରତଖଣ୍ଡ )—ଭାରତବର୍ଷ—India.
Bhrata(tha khaṇḍa [ ଉ—ଭରତଖଣ୍ଡ ମଧ୍ୟରେ ମିଥିଳା ଭାରତଖଣ୍ଡ भरतखण्ड ନାମେ ଦେଶ । ତଥି ଅଧିପତି ଯେ ଜନକ ନରପତି—ବିଶ୍ୱନାଥ. ବିଚିତ୍ର ରାମାୟଣ । ]

ଭ୍ରତା(ଥା)—ଗ୍ରା. ବି—୧ । ( ସଂ. ଭ୍ରାତା ) ଭାଇ—1. Brother
Bhratā(thā) भाई भैया, भाइ ଭାତାର भतार, भरतार ୨ । ( ସଂ. ଭର୍ତ୍ତା ) ସ୍ୱାମୀ; ପତି—2. Husband. [ ଉ—ମାଆ ତୋର ସିନା ତୋର ଭ୍ରଥା ହୋଇଥିଲା—ପ୍ରତାପ. ଶଶିସେଣା । ]

ଭ୍ରଥ ଦାସ—ଦେ. ବି—ଅଚ୍ୟୁତାନନ୍ଦଙ୍କ ଶିଷ୍ୟମାନଙ୍କ ମଧ୍ୟରୁ ଜଣେ
Bhratha dāsa ପ୍ରଧାନ ଶିଷ୍ୟ—Name of a disciple of Achyutānanda dāsa. [ ଉ—ମୁକୁନ୍ଦ ଅନନ୍ତ ଦାସ ଭ୍ରଥ ଦାସ ଛନ୍ତି—ପ୍ରାଚୀ. ଶ୍ରୀ ଗୁରୁଭକ୍ତିଗୀତା । ]

ଭ୍ରନ୍ସ୍ ( ଧାତୁ )—ସଂ—୧ । ପତିତ ହେବା—1. To fall. ୨ । Bhran-s ( root ) ଚ୍ୟୁତ ହେବା—2. To slip off. ୩ । ନଷ୍ଟ ହେବା—3. To be destroyed or lost. ୪ । ସ୍ଥାନଚ୍ୟୁତ ହେବା—4. To be displaced.

ଭ୍ରମ୍ ( ଧାତୁ )—ସଂ—ଭ୍ରମଣ କରିବା; ବୁଲିବା—
Bhram ( root ) To walk.

ଭ୍ରମ—ସଂ. ବି ( ଭ୍ରମ୍ ଧାତୁ+ଭାବ. ଅ )—୧ । ଭ୍ରାନ୍ତି; ଭୁଲ—
Bhrama 1. Mistake; erring; error. ୨ । ମିଥ୍ୟାଜ୍ଞାନ; ମାୟା—2. Illusion; delusion. ୩ । ଭ୍ରମଣ; ବୁଲିବା—3. Walking. ୪ । ( +କର୍ତ୍ତୃ. ଅ ) ଜଳାବର୍ତ୍ତ; ଘଇଘଇ—4. Eddy; whirlpool. ୫ । ବିଚ୍ୟୁତି; ଭ୍ରଂଶ—5. Aberration. ୬ । ଘୂରି ହେବା; ଘୂରିବା—6. Whirling. ୭ । ମୁଣ୍ଡ ବୁଲାଇ ହେବା—7. Dizziness. ୮ । (+କର୍ତ୍ତୃ.ଅ) କୁମ୍ଭକାରର ଚକ—8. Potter's wheel. ୯ । କୁନ୍ଦାଯନ୍ତ୍ର—9. A turning lathe. ଦେ.ବି (ସଂ.ଭର୍ମ)—ସ୍ୱର୍ଣ୍ଣ—Gold. [ଉ—ଉତ୍ତ ସୁମନ ଗନ୍ଧେ ତାହା ବକଷ୍ଣ ସାଜିତ ଭ୍ରମ ଗଢ଼ସ୍ତ—ଉଜ୍ଜ. ପ୍ରେମସୁଧାନିଧି । ] ବିଣ—ଭ୍ରାନ୍ତ—Mistaken; deluded. [ ଉ—ଦେ ଜାଣନ୍ତି ସୀତା, ତାହାର ବନିତା, ବ ତାବଣେ ହୁଅ ଭ୍ରମ ଦେ—ବିଶ୍ୱନାଥ. ବିଚିତ୍ର ରାମାୟଣ । ]

ଭ୍ରମ କରିବା—ଦେ. କ୍ରି—୧ । ଭୁଲ୍ କରିବା—1. To commit
Bhrama karibā mistake; to err. ୨ । ଲକ୍ଷ୍ୟସ୍ଥଳରୁ ଭ୍ରम करा ଭ୍ରଷ୍ଟ ହେବା—2. To slip off from one's भ्रम करना aim. ( ଉ—ଏରୂପେ ଯୋଗ ସମାଧିରେ, ଯେବେ ଏ ମନ ଭ୍ରମ କରେ, ତେବେ ସଂଯମ ମନ କରି, ଧ୍ୟାନେ ତନ୍ମୟ କରିବରେ । ଜଗନ୍ନାଥ. ଭାଗବତ । ) ୩ । ମନରେ ଭ୍ରାନ୍ତ ଧାରଣା ପୋଷଣ କରିବା—3. To mistake; to entertain a mistaken notion.

ଭ୍ରମ ଜାଲ(ଳ)—ସ. ବି—୧ । ( ରୂପକ ) ଭ୍ରାନ୍ତିରୂପ ବିଷମ ଫାଶ—
Bhrama jāla(ḷa) 1. A net of illusions. ୨ । ( ଷଷ୍ଠୀ ତତ୍ )—ଭ୍ରମସମୂହ—2. A number of errors.

ଭ୍ରମଣ—ସ. ବି ( ଭ୍ରମ୍ ଧାତୁ+ଭାବ ଅନ )—୧ । ପର୍ଯ୍ୟଟନ—
Bhramaṇa 1. Travel. ୨ । ବୁଲିବା—2.Walking. ୩ । ଘୂରିବା—3. Whirling.

ଭ୍ରମଣକାରୀ—ସ. ବିଣ. ଓ ବି. ପୁଂ—୧। ଯେ ବୁଲେ—1. Walking.
Bhramaṇakārī ୨ । ପର୍ଯ୍ୟଟକ—2. Travelling; traveller
(ଭ୍ରମଣକାରିଣୀ—ସ୍ତ୍ରୀ)

ଭ୍ରମଣ କାହାଣୀ—ଦେ. ବି—ଭ୍ରମଣ ବୃତ୍ତାନ୍ତ ( ଦେଖ )
Bhramaṇa kāhāṇi Bhramaṇa bruttānta (See)
ভ্রমণ কাহিনী भ्रमणकी कहानी

ଭ୍ରମଣ ବୃତ୍ତାନ୍ତ—ସ. ବି—ପର୍ଯ୍ୟଟନର ବିବରଣ—Description
Bhramaṇa bruttānta of a travel.
(ଭ୍ରମଣକଥା—ଅନ୍ୟରୂପ)

ଭ୍ରମଣ ଶୀଳ—ସଂ ବିଣ. ପୁଂ ( ଭ୍ରମଣ+ଶୀଳ; ବହୁବ୍ରୀହି)—ବୁଲା—
Bhramaṇa śīla Itinerant; roving.
(ଭ୍ରମଣଶୀଳା—ସ୍ତ୍ରୀ) (ଭ୍ରମଣଶୀଳତା—ବି)

ଭ୍ରମଣୀ—ସ. ବି ( ଭ୍ରମଣ+ଈ )—୧ । ବୁଲିବା; ବୁଲା—1.
Bhramaṇī Walking; walk. ( ଉ—ନନ୍ଦୀଗ୍ରାମପୁର, ଗମନ ପ୍ରଖର, ଗଜପତ୍ତେ ଶ୍ରମହାନ, ଭଜନା ଭ୍ରମଣୀ ସାରଣ ସେବାରେ ମିଳଲେ କୈକେୟୀ ବାଳ । ବିଶ୍ୱନାଥ. ବିଚିତ୍ରରାମାୟଣ । ) ୨ । ଜୋକ ( ଦ୍ର. ଶ )—2. Leech.

ଭ୍ରମଣୀ ବେଳା—ସ. ବି—ବିଚରଣ କରିବାର ଉଚିତ ସମୟ—
Bhramaṇi beḷa Time for roaming about or
বেড়াবার সময় घुमनेका वक्त taking a walk.

ଭ୍ରମ ନିରସନ—ସ. ବି ( ୬ଷ୍ଠୀ ତତ୍; ଭ୍ରମ+ନିରସନ )—ଭ୍ରମର ଦୂରୀ-
Bhrama nirasana କରଣ—Removal of a mistake.

ଭ୍ରମ ପ୍ରମାଦ—ସ. ବି ( ପ୍ରାୟ ଏକାର୍ଥକ ଶବ୍ଦର ଯୋଗ )—ଭୁଲ୍ ଭ୍ରାନ୍ତି
Bhrama pramāda —Mistakes; errors; errors of omission and commission.

ଭ୍ରମ ବଶ(ଶ୍ୟ)—ସ. ବିଣ. ପୁଂ—୧ । ଭ୍ରାନ୍ତିର ଅଧୀନ—1. Subject
Bhrama baśa(śya) to delusion. ୨ । ଭ୍ରାନ୍ତ—
[ ଭ୍ରମବଶା(ଶ୍ୟା)—ସ୍ତ୍ରୀ] 2. Mistaken; erring.

ଭ୍ରମ ବଶତଃ—ସ. କ୍ରି ବିଣ—୧ । ଭ୍ରାନ୍ତି ହେତୁ—1. Due to
Bhrama basataḥ mistake; by mistake: on account of mistake. ୨ । ଭ୍ରାନ୍ତି ପୂର୍ବକ—
2. Mistakenly.

ଭ୍ରମ ବାତ—ସ. ବି—ସର୍ବଦା ଘୂରୁଥିବା ଆକାଶସ୍ଥ ବାୟୁମଣ୍ଡଳ (ହ୍ରୁ. ଶ )
Bhrama bāta —The current of air in the sky which has always a whirling motion.

ଭ୍ରମ ମାଣ—ସ. ବିଣ. ପୁଂ ( ଭ୍ରମ୍ ଧାତୁ+କର୍ତ୍ତୃ. ଅନ )—୧ ।
Bhrama māṇa ଘୂର୍ଣ୍ଣମାନ—1. Whirling ୨ ।
(ଭ୍ରମମାଣା—ସ୍ତ୍ରୀ) ଭ୍ରମଣଶୀଳ—2. Itinerant; walking; travelling.

ଭ୍ରମର—ସ. ବି.ପୁଂ ( ଭ୍ରମ୍ ଧାତୁ+କର୍ତ୍ତୃଅ. ର )—୧ । ଭୃଙ୍ଗ; ମଧୁକର;
Bhramara ଭଅଁର—1. Large black bee;
(ଭ୍ରମରୀ—ସ୍ତ୍ରୀ) humble bee. ୨ । କାମୁକ—2. A lecherous person. ୩ । ଭଅଁର; କାଠରେ ଗର୍ତ୍ତ କରିବା ଯନ୍ତ୍ର—3. A drilling machine; brace and bit; gimlet. ଦେ. ବି ( ୬ଷ୍ଠୀ ତତ୍ପୁ )—
ଭ୍ରମଣର; ଚଳନର—Of walking; of movement.
( ଯଥା—ରଙ୍ଗୀଣ୍ଟଙ୍ଗୀ, ଭ୍ରୂଯୁଗଳ ଭୃଙ୍ଗୀ ଭ୍ରମର ଭାବ ଧରେ ।
ଉପେନ୍ଦ୍ର. ଲାବଣ୍ୟବତୀ, ୧. ଗୀତ । )

ଭ୍ରମରକ—ସ. ବି ( ଭ୍ରମର+କ )—୧ । ଭୃଙ୍ଗ—1. Black bee.
Bhramaraka ୨ । ଶୃଙ୍ଗ—2. Horn. ୩ । ଜଳଭ୍ରମୀ;
ଭଉଁରୀ—3. Whirlpool. ୪ । ଭଅଁର ଯନ୍ତ୍ର—
4. Gimlet. ୫ । ଲଲାଟଲମ୍ବିତ କେଶ କୁନ୍ତଳ—
5. Ringlets of hair hanging down from the forehead.

ଭ୍ରମର କୀଟ—ଦେ. ବି—କୁମ୍ଭାରପୋକ; ମାଟି ପକ୍ଷୁଡ଼—
Bhramara kīṭa Mud wasp.

ଭ୍ରମର କୃଷ୍ଣ—ସ. ବିଣ ( ମ. ପ. ଲୋ; ଭ୍ରମରବତ୍ କୃଷ୍ଣ )—ଭ୍ରମର
Bhramara kṛushṇa ପରି କଳା—Black as bee.

ଭ୍ରମର ଗୁଞ୍ଜନ—ସ. ବି ( ୬ଷ୍ଠୀ ତତ୍ )—ଭଅଁରର ଗୁଣୁଗୁଣୁ ଧ୍ୱନି—
Bhramara gunjara The buzzing of a bee.
(ଭ୍ରମର ଗୁଞ୍ଜିତ; ଭ୍ରମର ଝଙ୍କାର—ଅନ୍ୟରୂପ)

ଭ୍ରମରଚ୍ଛଲୀ—ସ. ବି—ଜଙ୍ଗଲୀ ବଡ଼ ବୃକ୍ଷବିଶେଷ—A kind of big
Bhramarchchhaḷi wild tree. [ ଦ୍ର—ଏହାର ପତ୍ର ବାଦାମ
ଅନ୍ୟ ସ. ନାମ—ଭ୍ରମାହ୍ୱା, ପତ୍ର ପରି; ଗଛ ବହୁତ ଢୁଇଁ ଧରେ;
ଭୃଙ୍ଗାହ୍ୱା, ଶୀତଦ୍ରୁ, ଭୃଙ୍ଗମୂଳିକା] ଏହାର କାଠ ଧଳା ଓ ଉତ୍କୃଷ୍ଟ
ଭୃଙ୍ଗବଲ୍ଲୀ, ଛଟୀ, ଭ୍ରମରୀ, ଥିବାରୁ ଏଥିରେ ଖଣ୍ଡାର ଖୋଲ
ଭ୍ରମରୀ ତିଆରି କରାଯାଏ । ବୈଦ୍ୟକମତରେ
ଏହା ସ୍ୱାଦ, ରୁଚିକର, ଅଗ୍ନିପ୍ରଦ ଓ ସର୍ବ ଦୋଷଯୁକ୍ତ—
ନାଶକ—ହ୍ରୁ. ଶ]

ଭ୍ରମର ନାଗ—ସ. ବି ( ମ. ପ. ଲୋ. ଭ୍ରମରବତ୍ ବର୍ଣ୍ଣବିଶିଷ୍ଟ ନାଗ )—
Bhramara nāga କଳାନାଗ—Black cobra.

ଭ୍ରମରମାରୀ—ସ. ବି—୧ । ଭଅଁରମାରି (ଦେଖ)—1. Bha-aṅra-
Bhramaramāri māri ( See ) [ ଦ୍ର—ଏ ଗଛ
(ଭ୍ରମରାରି—ଅନ୍ୟରୂପ) ମାଳବଦେଶରେ ଅଧିକ ପରିମାଣରେ ଜନ୍ମେ ।
ଅନ୍ୟ ସ, ନାମ ଭ୍ରମରାରି, ଏଥିର ଫୁଲ ସୁନ୍ଦର ଓ ସୁଗନ୍ଧିତ ।
ଭୃଙ୍ଗାରି; ମାଂସପୁଷ୍ପିକା, ବୈଦ୍ୟକମତରେ ଏହା ଉଷ୍ଣ; ଏହା
କୁଷ୍ଠାଘ୍ନ, ଦ୍ରବଘ୍ନ, ଯଷ୍ଟିଲତା ଶ୍ଳେଷ୍ମ, ଜ୍ୱର, ଶୋଥ, କୁଷ୍ଠ, ବ୍ରଣ ଓ
ତ୍ରିଦୋଷନାଶକ—ହ୍ରୁ. ଶ. ଭଅଁରମାରୀ ତଳେ ଟୀକା
ଦେଖ । ]

ଭ୍ରମରେ ପଡ଼ିବା—ଦେ. କ୍ରି—ଅଜ୍ଞାତସାରରେ ଭ୍ରମଯୁକ୍ତ କର୍ମ କରିବା
Bhramare pardibā ବା ଭ୍ରାନ୍ତ ଧାରଣା ମନରେ ପୋଷିବା—
ভ্রমে পড়া भ्रममें पड़ना To fall into an error; to be mistaken.

ଭ୍ରମରେଷ୍ଟା—ସ. ବି (ଭ୍ରମର+ଇଷ୍ଟ+ଆ)—୧ । ଭୂଇଁଜାମୁ (ହ୍ରୁ.ଶ.)-
Bhramareshṭā 1. A tiny species of blackberry.
୨ । ଭାର୍ଙ୍ଗୀବୃକ୍ଷ (ହ୍ରୁ. ଶ.)—2. Clerodendron Syphonan thus (tree).

ଭ୍ରମରୋତ୍ସବ—ସ. ବି ( ବହୁବ୍ରୀହି; ଭ୍ରମରମାନଙ୍କର ଏ ଫୁଲ ପ୍ରିୟ
Bhramrotsaba ଥିବାରୁ )—ମାଧବୀଲତା—Hipatage Madhablata (a flowering creeper).

ଭ୍ରମ ହେବା—ଦେ. ବି—ଭ୍ରାନ୍ତି—Falling into a mistake;
Bhrama hebā being mistaken.
(ଭ୍ରମ ଉପୁଜିବା, ଭ୍ରମ ଘଟିବା, ଭ୍ରମ ଜନ୍ମିବା, ଭ୍ରମ
ଜାତହେବା—ଅନ୍ୟରୂପ)
ভ্রম হওয়া भ्रम होना

ଭ୍ରମରା—ସ. ବି—ଭ୍ରମରଚ୍ଛଲୀ ( ଦେଖ ) ( ହ୍ରୁ. ଶ. )—
Bhramarā Bhramarachchhaḷi ( See )
ভোমরা भौंरा ଦେ (ଘଦ୍ୟ) ବି—(ସ. ଭ୍ରମର)—ଭ୍ରମର—
The tack bee.

ଭ୍ରମରୀ—ସଂ. ବି. ସ୍ତ୍ରୀ ( ଭ୍ରମର+ଈ )—୧ । ମାଈ ଭଅଁର—
Bhramari 1. A female wasp. ୨ । ଭ୍ରମରଚ୍ଛଲୀ
(ଦେଖ)—2. Bhramarchchhaḷi (See).
୧ । ପୁତ୍ରଦା ନାମକ ଲତା; ପୁତ୍ରଦାତ୍ରୀ ( ହ୍ରୁ. ଶ. )—
1. A kind of herbal creeper. ୨ । ମୃଗୀ
ରୋଗ (ହ୍ରୁ. ଶ.)—2. Epilepsy. ୩ । ପାର୍ବତୀ
(ହ୍ରୁ. ଶ.)—3. Pārbati.

ଭ୍ରମରୀ ଫୁଲ—ଦେ. ବି (ବର୍ଣ୍ଣିତ ଶବ୍ଦ)—ଭଅଁର ଆକାରର କାନଫୁଲ— Bhramarī phula An ornament or ring for the ear resembling a black bee. [ଉ—କର୍ଣ୍ଣେ ତାଙ୍କ ଭ୍ରମରୀ ଫୁଲ ଶୋହେ—ଘନକୃଷ୍ଣ· ରସକଲ୍ଲୋଳ । ]

ଭ୍ରମା—ଦେ. ବି—ଭ୍ରମ (ଦେଖ) Bhrama (See) Bhramā ଭ୍ରମ भ्रम, भोर (ଉ—ବନାସ ଚନ୍ଦ୍ରାର୍କ ବଣାକ କର୍ମକୁ ନୋହୁବ କଥାଇଁ ଭ୍ରମା । ଉକ୍ତ. ବୈଦେହୀଶବିଳାସ ।) ଭ୍ରାନ୍ତ भ्रान्त ବିଣ.—ଭ୍ରାନ୍ତ—Mistaken. ( ଉ—ତାହାର ମାର୍ଗେ ଶିବ ବୁଝୁା, ଗତ ନ ଜାଣି ହୋନ୍ତି ଭ୍ରମା । ଜଗନ୍ନାଥ. ଭାଗବତ ।)

ଭ୍ରମା(ମେ)ଇବା—ଦେ. କି—୧ । ଭ୍ରମିବା କ୍ରିୟାର ଣିଜନ୍ତ ରୂପ— Bhramā(me)ibā 1. The causative form of ଭ୍ରମାନ Bhramibā. ୨ । ବହୁତ ବୁଲାଇବା—2. To भ्रमाना cause to walk much. ୩ । ଭ୍ରମରେ ପକାଇବା 3. To cause one to fall into error. ୪ । ଘୂରିବା—4. To whirl. ( ଯଥା—ମୋ ମୁଣ୍ଡ ଭ୍ରମାଉଛି ।) ୫ । ଘୂରାଇବା—5. To cause to spin round or whirl.

ଭ୍ରମାତ୍ମକ—ସଂ. ବିଣ—( ଭ୍ରମ+ଆତ୍ମନ୍+କ )—୧ । ଯହିଁରେ ବା Bhramātmaka ଯାହା ସମ୍ବନ୍ଧେ ଭ୍ରମ ଜାତ ହୁଏ (ହି. ଣ)— 1. (a matter) In or about which mistake is committed. ୨ । ଭ୍ରାନ୍ତ—2. Mistaken. ୩ । ସନ୍ଦିଗ୍ଧ—3. Doubtful; doubting.

ଭ୍ରମାସକ୍ତ—ସ.ବି.ପୁଂ—ଯେଉଁ ବ୍ୟକ୍ତି ଅସ୍ତ୍ରଶସ୍ତ୍ରାଦି ସଫା କରେ (ହି.ଣ)— Bhramāsakta A cleaner of weapons.

ଭ୍ରମି(ମୀ)—ସ. ବି—( ଭ୍ରମ୍ ଧାତୁ+କର୍ତ୍ତୃ.ଇ; +ଈ )—୧ । ଜଳଭ୍ରମି; Bhrami(mī) ଜଳାବର୍ତ୍ତ; ପାଣି ଭଉଁରି—1. Whirlpool; eddy. ୨ । ଘୂର୍ଣ୍ଣିବାୟୁ—2. Whirl-wind. ଦେ.ବି— (ସ. ଭ୍ରମ)—ମୂର୍ଚ୍ଛା—Swoon.

ଭ୍ରମିତ—ସ. ବିଣ. ପୁଂ—(ଭ୍ରମ+ସ୍ୱାର୍ଥେ ଇତ)—୧ । ଭ୍ରମଣକାରୀ Bhramita (ହି. ଣ)—1. Roaming. ୨ । ଭ୍ରାନ୍ତ (ହି.ଣ) 2. Mistaken; erring. ୩ । ଶଙ୍କିତ (ହି· ଣ)— 3. Apprehensive.

ଭ୍ରମିତ ନେତ୍ର—ସ. ବିଣ. ପୁଂ—(ବହୁବ୍ରୀହି, ଭ୍ରମିତ+ନେତ୍ର)—ଟେରା Bhramita netra (ହି. ଣ)—Squint-eyed. (ଭ୍ରମିତ ନେତ୍ରା—ସ୍ତ୍ରୀ)

ଭ୍ରମିବା—ଦେ. (ପଦ୍ୟ) କି—(ସ. ଭ୍ରମ ଧାତୁ)—୧ । ଭ୍ରମଣ କରିବା— Bhramibā ଭ୍ରମା भ्रमना 1. To walk; to travel. (ଉ—ଦୈବେ ଜରା ନାମେ ରାକ୍ଷସୀ ଭ୍ରମନ୍ତି ଥିଲା । କୃଷ୍ଣସିଂହ ମହାଭାରତ. ସଭା ।) ୨ । ଭୁଲ କରିବା—2. To commit mistake. (ଉ—ଭ୍ରମିଥିଲ ବୋଲି ପୁଣି ହାସ କଲ ଜାତ । ଉକ୍ତ. କୋଟିବ୍ରହ୍ମାଣ୍ଡସୁନ୍ଦରୀ । ] ୩ । ଘୂରିବା—3. To whirl; to spin round. (ଉ—ଭୂଷଣ କର୍ଣ୍ଣଙ୍କ ଭ୍ରମରୀ ପଦ୍ମେ ଭ୍ରମିଲେ କାତଚକ୍ର- ମାନେ । ଘନକୃଷ୍ଣ. ରସକଲ୍ଲୋଳ ।)

ଭ୍ରମି ହେବା—ଦେ. କି—୧ । ବୃଥାରେ ବୁଲିବା—1. To walk or Bhrami hebā wander aimlessly. ୨ । ଭ୍ରମରେ ଭ୍ରମେ ଘୁରା ପଡ଼ିବା—2. To fall into error. ( ଉ—ସବୁ भ्रमना କଥା ଜାଣି ବା ଭ୍ରମୁଅଛ ତୁମ୍ଭେ । କୃଷ୍ଣସିଂହ. ମହାଭାରତ ସଭା) । ୩ । ଇତସ୍ତତଃ ବୁଲିବା—3. To wander; to roam about.

ଭ୍ରମୀ—ସ. ବିଣ. ପୁଂ—(ଭ୍ରମ+ଇନ୍; ୧ମା. ୧ବ)—୧ । ଭ୍ରାନ୍ତ— Bhramī 1. Mistaken. ୨ । ଉଦ୍‌ଭ୍ରାନ୍ତ ( ହି.ଣ )— (ଭ୍ରମିଣୀ—ସ୍ତ୍ରୀ) 2. Bewildered; alarmed. ସ. ବି— ୧ । ଭ୍ରମଣ (ହି. ଣ)—1. Walking; roaming. ୨ । ଘୂରିବା—2. Whirling; spinning round. ୩ । ସୈନିକ ମଣ୍ଡଳ ଏକ ସ୍ଥାନରେ ଠିଆ ହୋଇ ରହିବା ରୂପ ସେନାରଚନା (ହି.ଣ)—3. Battle-array in which the army stands fixed in a particular position. ୪ । ଜଳଭ୍ରମି; ପାଣିର ଘୂର୍ଣ୍ଣି ସ୍ରୋତ ଘୂରା ଭଉଁରି (ହି.ଣ)—4. Whirlpool. ୫ । କୁମ୍ଭାରର ଚକ (ହି. ଣ)—5. Potter's wheel.

ଭ୍ରଷ୍ଟ—ସ. ବିଣ—(ଭ୍ରନ୍‌ଶ ଧାତୁ+କର୍ତ୍ତୃ.ତ)—୧ । ଅଧଃପତିତ;ଚ୍ୟୁତ— Bhrashta 1. Fallen down; degraded. ୨ । (ଭ୍ରଷ୍ଟା—ସ୍ତ୍ରୀ) ସ୍ଥାନ ଚ୍ୟୁତ—2. Displaced; expelled. ୩ । ଭ୍ରଷ୍ଟାଚାର; ନଷ୍ଟ—3. Degenerated; spoiled. ୪ । ଅଧାର୍ମିକ; ଅସତ୍—4. Irreligious. ୫ । ଦୂଷିତ; ଦୋଷଯୁକ୍ତ—5. Corrupted ୬ । ଦୁଷ୍ଚରିତ୍ର 6. Depraved. ୭ । (ଆଜ୍ଞା) ଲଂଘିତ—Transgressed.

ଭ୍ରଷ୍ଟ କରିବା—ଦେ. କି—୧ । ନଷ୍ଟ କରିବା—1. To spoil. Bhrashta karibā ୨ । ଦୂଷିତ କରିବା—2. To corrupt. ଭ୍ରଷ୍ଟ କରା भ्रष्टकरना ୩ । ନ ପାଳିବା—3. To disobey. [ଉ—ଯେ ପିତା ଆଜ୍ଞା ଭ୍ରଷ୍ଟ କରେ, ନରକେ ପଡ଼ଇ ଗର୍ଭରେ । ଭୂପତି ପ୍ରେମ ପଞ୍ଚାମୃତ ।)

ଭ୍ରଷ୍ଟକାର—ଗ୍ରା. ବିଣ—ଅଶ୍ଳୀଳ; ଅଭଦ୍ର; ଭଣ୍ଡଅ—Indecent; Bhrashtakārā अश्लील भद्दा, फुहर obscene. ( ପ୍ରୟୋଗ—ଭ୍ରଷ୍ଟକାର କଥା, ଭ୍ରଷ୍ଟକାର ଗାଳି )

ଭ୍ରଷ୍ଟ ଚରିତ୍ର—ସଂ. ବିଣ· ପୁଂ ( ବହୁବ୍ରୀହି )—ଚରିତ୍ରହୀନ; ନଷ୍ଟ- Bhrashta charitra ଚରିତ୍ର—Immoral; depraved. ( ଭ୍ରଷ୍ଟ ଚରିତ୍ରା—ସ୍ତ୍ରୀ )

ଭ୍ରଷ୍ଟତା(ତ୍ୱ)—ସଂ. ବି—୧ । ନଷ୍ଟ ଅବସ୍ଥା—1. Fallen condition. Bhrashtatā(twa) ୨ । ପତିତ ଅବସ୍ଥା—2. Degradation; degeneration.

ଭ୍ରଷ୍ଟା—ସ. ବି—କୁଳଟା ସ୍ତ୍ରୀ; ଅସତୀ; ବ୍ୟଭିଚାରିଣୀ; ସ୍ୱୈରିଣୀ—A Bhrashtā spoiled woman; a lewd woman; an unchaste woman; an adulteress. ବିଣ. ସ୍ତ୍ରୀ.—(ଭ୍ରଷ୍ଟର ସ୍ତ୍ରୀଲିଙ୍ଗ—Feminine of Bhrashta.) ଦୁଷ୍ଚରିତ୍ରା—Depraved; adulterous (woman).

ଭ୍ରଷ୍ଟାଚରଣ—ସଂ. ବଣ. ପୁଂ (ବହୁବ୍ରୀହି; ଭ୍ରଷ୍ଟ+ଆଚରଣ)—
Bhrashṭācharaṇa ୧ । ପାପାଚାରୀ—1. Sinful. ୨ । (ଭ୍ରଷ୍ଟାଚାର—ଅନ୍ୟରୂପ) କଦାଚାରୀ—2. Deviating from (ଭ୍ରଷ୍ଟାଚରଣା, ଭ୍ରଷ୍ଟାଚାରୀ—ସ୍ତ୍ରୀ) morality. ବ—(କର୍ମଧା) ମନ୍ଦ ଆଚାର; କଦାଚାର—Depraved conduct.

ଭ୍ରଷ୍ଟାଚାରୀ—ସଂ. ବଣ. ପୁଂ—କଦାଚାରୀ; ପାପାଚାରୀ—Sinful; im-
Bhrashṭachārī (ଭ୍ରଷ୍ଟାଚାରିଣୀ—ସ୍ତ୍ରୀ) moral.

ଭ୍ରାଜ୍ (ଧାତୁ)—ସଂ.—ଦୀପ୍ତି ପାଇବା—
Bhrāj (root) To shine; to look brilliant.

ଭ୍ରାଜକ—ସଂ. ବ (ଭ୍ରାଜ୍ ଧାତୁ+ଅକ)—ପିତ୍ତ—Bile; the bilious
Bhrājaka humour of the physical system.

ଭ୍ରାଜିବା—ଦେ. (ପଦ୍ୟ) କ୍ରି—(ସଂ. ଭ୍ରାଜ୍ ଧାତୁ)—ଶୋଭା ପାଇବା—
Bhrājibā ভ্ৰাজা ভ্রাজনা To shine; to look brilliant.

ଭ୍ରାଜିଷ୍ଣୁ—ସଂ. ବଣ—(ଭ୍ରାଜ୍ ଧାତୁ+ଶୀଳାର୍ଥେ. ଇଷ୍ଣୁ)—୧ । ଦୀପ୍ତିଶୀଳ-
Bhrājishṇu 1. Resplendent; lustrous; shining. ୨ । ଉଜ୍ଜ୍ୱଳ—2. Bright. ୩ । ଶୋଭାଯୁକ୍ତ; ସୁନ୍ଦର—3. Beautiful.

ଭ୍ରାଜୀ—ସଂ. ବଣ ପୁଂ—(ଭ୍ରାଜ୍ ଧାତୁ+ଇନ୍; ୧ମା-୧ବ)—୧ । ଉଜ୍ଜ୍ୱଳ—
Bhrājī 1. Bright. ୨ । ଦୀପ୍ତିଶୀଳ—2. Shining; (ଭ୍ରାଜିନୀ—ସ୍ତ୍ରୀ) lustrous.

ଭ୍ରାତ(ଥ)—ଦେ. ବ—(ସଂ. ଭ୍ରାତୃ)—ଭ୍ରାତା; ଭାଇ—
Bhrāta(tha) ভাই ভ্ৰাত Brother.
[ ଉ—ବସ୍ତ୍ର ନ ଲଭିଲେ ଭ୍ରାଥ ହସଇ ମରଇ । ପ୍ରାଚୀ. ସ୍ତୁତି ଗୀତା ।]

ଭ୍ରାତଃ—ସଂ. (ସମ୍ବୋଧନ)—(ଭ୍ରାତୃ ଶବ୍ଦର ସମ୍ବୋଧନ)—ହେ ଭାଇ !—
Bhrātaḥ Oh brother !

ଭ୍ରାତା—ସଂ. ବ—(ଭ୍ରାଜ୍ ଧାତୁ+କର୍ତ୍ତୃ. ତୃ; ଭ୍ରାତୃ ଶବ୍ଦ, ୧ମା. ୧ବ)—
Bhrātā ସହୋଦର; ଭାଇ—Brother. [ ଦ୍ର—ଏହା ସମାସରେ ଭ୍ରାତୃ ରୂପ ଧାରଣ କରେ ଯଥା—ଭ୍ରାତୃବଧୂ, ଭ୍ରାତୃ ବରୋଧ, ଭ୍ରାତୃ ସ୍ନେହ ଇତ୍ୟାଦି ।]

ଭ୍ରାତା ଭଗିନୀ(ଭଗ୍ନୀ)—ସଂ. ବ—(ଦ୍ୱନ୍ଦ୍ୱ ସମାସ)—ଭାଇ ଓ ଭଉଣୀ—
Bhrātā bhaginī(bhagnī) Brother and sister.

ଭ୍ରାତୁଷ୍ପୁତ୍ର—ସଂ. ବ. ପୁଂ—(ସଂ. ଭ୍ରାତୃ ଶବ୍ଦର ୬ଷ୍ଠୀ ବିଭକ୍ତି ୧ ବଚନ ରୂପ
Bhrātushputra ଭ୍ରାତୁଃ=ଭାଇର+ପୁତ୍ର)—ଭାଇର ପୁଅ; (ଭ୍ରାତୃ ପୁତ୍ର—ଅନ୍ୟରୂପ) ପୁତୁରା; ଭାଇପୁଅ—Brother's son; (ଭ୍ରାତୁଷ୍ପୁତ୍ରୀ—ବିପରୀତ ଲିଙ୍ଗ) ভাই পো ভতিজা nephew.

ଭ୍ରାତୁଷ୍ପୌତ୍ର—ସଂ. ବ. ପୁଂ—(ସଂ. ଭ୍ରାତୃ ଶବ୍ଦର ୬ଷ୍ଠୀ ବିଭକ୍ତି ୧ବ. ରୂପ
Bhrātushpautra ଭ୍ରାତୁଃ=ଭାଇର+ପୌତ୍ର)—ଭାଇର ପୁଅର ପୁଅ—Brother's son's son.
ভাইকা পোতা ভায়ের নাতি (ଭ୍ରାତୁଷ୍ପୌତ୍ରୀ—ବିପରୀତ ଲିଙ୍ଗ)

ଭ୍ରାତୃ—ସଂ. ବ—(ଭ୍ରାଜ୍ ଧାତୁ+କର୍ତ୍ତୃ. ତୃ)—ଭାଇ—
Bhrātṛu Brother.

ଭ୍ରାତୃକ—ସଂ ବଣ—( ଭ୍ରାତୃ+କ )—ଭ୍ରାତୃଯୋଗ୍ୟ—Fit for a
Bhrātṛuka brother. ସଂ ବ—ଭାଇ ଠାରୁ ମିଳିବା ଧନ (ହି. ଶ)—Riches or property acquired from one's brother.

ଭ୍ରାତୃକଳ୍ପ—ସଂ. ବଣ. ପୁଂ—ଭାଇ ପରି; ଭ୍ରାତୃ ପ୍ରତିମ—Like a
Bhrātṛu kalpa (ଭ୍ରାତୃ ପ୍ରତିମ—ଅନ୍ୟରୂପ) brother.

ଭ୍ରାତୃଜ—ସଂ. ବ. ପୁଂ—ପୁତୁରା; ଭାଇ ପୁଅ—Brother's son.
Bhrātṛuja (ଭ୍ରାତୃଜା—ବିପରୀତ ଲିଙ୍ଗ)

ଭ୍ରାତୃଜାୟା—ସଂ. ବ. ସ୍ତ୍ରୀ (୬ଷ୍ଠୀ ତତ୍; ଭ୍ରାତୃ+ଜାୟା)—୧ । ଭାଉଜ;
Bhrātṛujāyā ବଡ଼ ଭାଇଙ୍କ ସ୍ତ୍ରୀ—1. Elder brother's ভাইজ ভাভী wife. ୨ । ଭ୍ରାତୃବଧୂ; ସାନ ଭାଇର ସ୍ତ୍ରୀ; ଭାଇବୋହୂ—ভাত্রবধূ বহূ 2. Younger brother's wife.

ଭ୍ରାତୃତ୍ୱ(ତା)—ସଂ. ବ (ଭ୍ରାତୃ+ଭାବ ତ୍ୱ; ତା)—ଭାଇ ପଣ—
Bhrātṛutwa(tā) Brotherliness.

ଭ୍ରାତୃଦେବ—ସଂ. ବ—ଦେବତାପ୍ରତିମ ବଡ଼ଭାଇ—
Bhrātṛudeba Elder brother (equal to a Deity).

ଭ୍ରାତୃଦ୍ୱିତୀୟା—ସଂ. ବ—ଭାଇ ଦୁତିଆ (ଦେଖ)
Bhātrudwitiyā Bhāi dutiā (See).

ଭ୍ରାତୃ ନିର୍ବିଶେଷରେ—ଦେ. କ୍ରି. ବଣ—ଭାଇ ସମାନ ଭାବରେ; ଭାଇ
Bhrātṛu nirbiseshare ପରି—In a brotherly ভ্রাতৃনির্বিশেষে भाईसमान manner. (ଯଥା—ମୁଁ ତାଙ୍କୁ ଭ୍ରାତୃନିର୍ବିଶେଷରେ ସ୍ନେହ କରୁଥିଲି । )

ଭ୍ରାତୃପୁତ୍ର—ସଂ. ବ. ପୁଂ (୬ଷ୍ଠୀ ତତ୍)—ପୁତୁରା—
Bhrātṛuputra One's brother's son.
(ଭ୍ରାତୃପୁତ୍ରୀ—ବିପରୀତ ଲିଙ୍ଗ)

ଭ୍ରାତୃପ୍ରତିମ—ସଂ. ବ. ପୁଂ (ଭ୍ରାତୃ+ପ୍ରତିମା+ଅ)—ଭାଇପରି—
Bhrātru pratima Like one's brother.

ଭ୍ରାତୃପ୍ରେମ—ସଂ. ବ—ଭାଇ ଭାଇ ମଧ୍ୟରେ ସୌହାର୍ଦ୍ଦ୍ୟ—Brotherly
Bhrātṛuprema attachment. [ ଦ୍ର—ଏହା ଦୁଇ ପ୍ରକାର । ଯଥା—ବଡ଼ଭାଇ ପ୍ରତି ସାନଭାଇର ଭକ୍ତି ଓ ସାନଭାଇ ପ୍ରତି ବଡ଼ଭାଇର ବାତ୍ସଲ୍ୟ । ]

ଭ୍ରାତୃବତ୍ସଳ—ସଂ. ବଣ. ପୁଂ—ସାନଭାଇ ପ୍ରତି ସ୍ନେହଶୀଳ—
Bhrātṛubatsala Attached to one's younger (ଭ୍ରାତୃବତ୍ସଳା—ସ୍ତ୍ରୀ) [ଭ୍ରାତୃବତ୍ସଳତା—ବ] brother.

ଭ୍ରାତୃବଧ—ସଂ. ବ (୬ଷ୍ଠୀତତ୍)—ଭାଇକୁ ହତ୍ୟା କରିବା—
Bhrātṛubadha Fratricide.

ଭ୍ରାତୃବଧୂ—ସଂ. ବ. ସ୍ତ୍ରୀ - ଭାଇବୋହୂ; ସାନଭାଇର ସ୍ତ୍ରୀ—
Bhrātṛubadhū Younger brother's wife.

ଭ୍ରାତୃବାତ୍ସଲ୍ୟ—ସଂ. ବ-ସାନ ଭାଇ ପ୍ରତି ବଡ଼ଭାଇର ବା ବଡ଼ଭଉଣୀର ସ୍ନେହ-
Bhrātṛubātsalya Brotherly affection; affection (ଭ୍ରାତୃସ୍ନେହ—ଅନ୍ୟରୂପ) for one's younger brother.

ଭ୍ରାତୃବିଚ୍ଛେଦ—ସଂ. ବ (୬ଷ୍ଠୀତତ୍)—ଭାଇ ମାନେ ପରସ୍ପର ଠାରୁ
Bhrātṛubichchheda ଦୂରରେ ରହିବା; ଭାଇଭାଇ ଠାଇଁ-ଠାଇଁ ହେବା—Separation between brothers

ଭ୍ରାତୃବିବାଦ—ସଂ. ବ (୬ଷ୍ଠୀ ତତ୍)—ଭାଇମାନଙ୍କ ମଧ୍ୟରେ କଳହ;
Bhrātṛubibāda ଭାଇ ସଙ୍ଗେ ଭାଇର କଳି—Dispute between brothers; fraternal dissension

... Plead ... Cuttack-1.

ଭ୍ରାତୃ ବୃନ୍ଦ—ସଂ. ବି—୧ । ଭାଇମାନେ—1. Brothers. ୨ । ଏକ Bhrātru brunda ଦେଶବାସୀ ବା ଏକ ଜାତୀୟ ବା ଏକ ବ୍ୟବସାୟାବଲମ୍ବୀ ବା ଏକ ସ୍ଥାନରେ ଉପସ୍ଥିତ ବ୍ୟକ୍ତିଗଣ— (ଭ୍ରାତୃଗଣ—ଅନ୍ୟରୂପ) 2. Brethren.

ଭ୍ରାତୃବ୍ୟ—ସଂ. ବି. ପୁଂ (ଭ୍ରାତୃ+ଅପତ୍ୟାର୍ଥେ ବ୍ୟ)-୧ । ଭାଇର ପୁଅ— Bhrātrubya 1. Brother's son. ୨ । ଶତ୍ରୁ—2. An (ଭ୍ରାତୃବ୍ୟା—ବିପରୀତ ଲିଙ୍ଗ) enemy.

ଭ୍ରାତୃଭକ୍ତି—ବଡ଼ ଭାଇ ପ୍ରତି ସାନଭାଇର ପ୍ରେମ—A younger Bhrātrubhakti brother's devotion to the elder.

ଭ୍ରାତୃଭାବ—ସଂ. ବି—୧ । ଭାଇଭାଇ ସମ୍ବନ୍ଧ; ସୌଭ୍ରାତ୍ର— Bhrātrubhāba 1. Brotherly relationship. ୨ । ଭାଇ ଭାଇ ମଧ୍ୟରେ ଥିବା ସଦ୍ଭାବ ପର ସଦ୍ଭାବ—Brotherly feeling; brotherly affection or attachment.

ଭ୍ରାତୃଶ୍ୱଶୁର—ସଂ. ବି ପୁଂ—ସ୍ୱାମୀଙ୍କ ବଡ଼ ଭାଇ; (ଶ୍ୱଶୁରଙ୍କପରି Bhrātruśwaśura ସମ୍ମାନାର୍ହ) ଦେଢ଼ଶୁର—Husband's ভাসুর भासुर (ଭ୍ରାତୃଶ୍ୱଶ୍ରୂ—ସ୍ତ୍ରୀଲିଙ୍ଗ) elder brother.

ଭ୍ରାତୃସ୍ଥାନୀୟ—ସଂ. ବିଣ ପୁଂ—୧ । ସମ୍ପର୍କରେ ଭାଇ—1. Related Bhrātrusthāniya to one as brother. ୨ । ଭାଇପରି; ଭ୍ରାତୃତୁଲ୍ୟ—2. Like a brother; in the posi- (ଭ୍ରାତୃସମ—ଅନ୍ୟରୂପ) tion of brother to one.

ଭ୍ରାତୃସ୍ନେହ—ସଂ. ବି—୧ । ସାନ ଭାଇ ପ୍ରତି ବାତ୍ସଲ୍ୟ—1. Affec- Bhrātrusneha tion for one's younger brother. ୨ । ଭ୍ରାତୃପ୍ରେମ (ଦେଖ)—2. Bhrātruprema (See).

ଭ୍ରାତୃହତ୍ୟା—ସଂ. ବି (ସ୍ତ୍ରୀଲିଙ୍ଗ) — ଭ୍ରାତୃବଧ—Fratricide. Bhrātruhatyā (ଭ୍ରାତୃଘାତ — ଅନ୍ୟରୂପ)

ଭ୍ରାତୃହନ୍ତା—ସଂ. ବିଣ. ପୁଂ — ଯେ ଭାଇକୁ ହତ୍ୟା କରେ— Bhrātruhantā (ଭ୍ରାତୃଘାତୀ— ଅନ୍ୟରୂପ) A fratricide.

ଭ୍ରାତ୍ରୀୟ—ସଂ. ବିଣ ( ଭ୍ରାତୃ+ଈୟ )—୧ । ଭ୍ରାତୃସମ୍ବନ୍ଧୀୟ— Bhrātriya 1. Fraternal. ୨ । ଭ୍ରାତୃସମ; ଭାଇପରି— 2. Brotherly.

ଭ୍ରାନ୍ତ—ସଂ. ବିଣ ( ଭ୍ରମ୍ ଧାତୁ+କର୍ତ୍ତୃ. ତ )—୧ । ଘୂର୍ଣ୍ଣାୟମାନ—1. Bhrānta Whirling; revolving. ୨ । ଭ୍ରମଣଶୀଳ— (ଭ୍ରାନ୍ତା—ସ୍ତ୍ରୀ) 2. Itinerant. ୩ । ଯେ ଭ୍ରମଣ କରିଥାଏ —3. Travelled. ୪ । ଭ୍ରମପୂର୍ଣ୍ଣ—4. Erroneous; full of mistakes. ୫ । ଯାହାର ଭ୍ରମ ଜନ୍ମିଥାଏ—5. Mistaken; deluded; fallen into error; erring. ୬। କିଂକର୍ତ୍ତବ୍ୟବିମୂଢ଼ (ହ୍ର. ଷ)—6. Bewildered. ୭। ଉନ୍ମତ୍ତ(ହ୍ର.ଷ)—7. Maddened. ସଂ. ବି—୧ । ମତ୍ତ ହାତୀ (ହ୍ର. ଷ)—1. A maddened elephant. ୨ । ଏକପ୍ରକାର ଧତୁରା; ରାଜଧତୁରା ( ହ୍ର. ଷ )—2. A large species of thorn apple plant.

ଭ୍ରାନ୍ତ ଧାରଣା—ସଂ. ବି—ଭ୍ରମପୂର୍ଣ୍ଣ ବିଶ୍ୱାସ—Erroneous belief; Bhrānta dhāraṇā mistaken notion.

ଭ୍ରାନ୍ତା(ନ୍ତ୍ୟା)ପହ୍ନୁତି-ସଂ.ବି—କୌଣସି ଭ୍ରାନ୍ତିର ଦୂରୀକରଣାର୍ଥ ସତ୍ୟବସ୍ତୁର Bhrāntā(ntyā)pahnuti ବର୍ଣ୍ଣନରୂପ କାବ୍ୟାଲଙ୍କାର ବିଶେଷ (ହ୍ର. ଷ)—A rhetorical figure in which true facts are described to remove a mistaken notion from the mind of the reader.

ଭ୍ରାନ୍ତି—ସଂ. ବି (ଭ୍ରମ ଧାତୁ+ଭାବ ତି)—୧। ଭ୍ରମ;ପ୍ରମାଦ—1. Error; Bhrānti mistake. ୨ । ମିଥ୍ୟା ଜ୍ଞାନ; ମୋହ—2. Delusion. ୩ । ମାୟା—3. Illusion. ୪ । ଭ୍ରମଣ—4. Walk; wandering. ୫ । ଘୂର୍ଣ୍ଣନ—5. Revolution. ୬ । ସନ୍ଦେହ ( ହ୍ର. ଷ ) —6. Doubt. ୭ । କାବ୍ୟାଲଙ୍କାର ବିଶେଷ; ସାଦୃଶ୍ୟରେ ଉପସ୍ଥିତ ବସ୍ତୁ ସଙ୍ଗେ ଅନ୍ୟ ଅନୁପସ୍ଥିତ ବସ୍ତୁର ସାଦୃଶ୍ୟ ଦେଖି ଦର୍ଶକର ମନରେ ଅନୁପସ୍ଥିତ ବସ୍ତୁର ଧାରଣା ଜନ୍ମିବା ବିଷୟ ବର୍ଣ୍ଣିତ ହୋଇଥାଏ—7. A figure of speech in which is described how a person mistakes one thing for another thing on account of the former's similarity with the other. ସ୍ତ୍ରୀ.ବି (ସଂ. ଭାନ୍ତି)—ଶୋଭା Beauty. (ଉ—ଗାପ୍ତେଶୀଙ୍କ ଗଣ୍ଡ ଭ୍ରାନ୍ତି ଶୁଭ୍ରଗୀ ତରଙ୍ଗ, ଦେଖିଣ ବ ଚଳେ ମନ ଲୋଚନ ସେ ଅଙ୍ଗ । ପ୍ରାଚୀ ଉଦ୍ଧବଯମଞ୍ଜରୀ ।]

ଭ୍ରାନ୍ତି କର—ସଂ.ବି(ଭ୍ରାନ୍ତି+କୃଧାତୁ+ଅ)—୧। ଯାହା ଭ୍ରାନ୍ତି ଜନ୍ମାଏ— Bhrānti kara 1. Delusive. ୨ । ସନ୍ଦେହ ଉତ୍ପାଦକ— 2. Doubtful; creating doubt.

ଭ୍ରାନ୍ତି ଜନକ } ଅନ୍ୟରୂପ
ଭ୍ରାନ୍ତି ପ୍ରଦ }

ଭ୍ରାନ୍ତି ଦୂର—ଦେ. ବି ( ଭ୍ରାନ୍ତି+ଦୂରୀଭାବ )—ମନରୁ ଭ୍ରାନ୍ତିର Bhrānti dūra ଲୋପ—Removal of doubt ভ্রান্তি দূর হওয়া भ्रान्ति दूर होना from one's mind.

ଭ୍ରାନ୍ତି ନିବାରଣ—ସଂ. ବି—୧ । ମନରୁ ଭ୍ରାନ୍ତି ବା ଭ୍ରମ ଦୂର ହେବା— Bhrānti nibāraṇa 1. Removal of a mistake from one's mind. ୨ । ଅନ୍ୟ ବ୍ୟକ୍ତିର ମନରୁ ଭ୍ରାନ୍ତି ଭାବ ଦୂର କରିବା—2. Removing a mistake from another's mind.

ଭ୍ରାନ୍ତି ଦୂରୀକରଣ, ଭ୍ରାନ୍ତି ନିରସନ, ଭ୍ରାନ୍ତି ନଷ୍ଟକରଣ, ଭ୍ରାନ୍ତି ଶୋଧନ — ଅନ୍ୟରୂପ

ଭ୍ରାନ୍ତି ବିନୋଦ—ସଂ. ବି (ଅଧୁନିକ ପ୍ରୟୋଗ; ସେକ୍ସପିଅରଙ୍କ ନାଟକର Bhrānti binoda ନାମର ଅନୁବାଦ)—ଉପଯୁର୍ୟପରି ଭ୍ରମରେ ପଡ଼ିବା (ଭ୍ରାନ୍ତି ବିଳାସ—ଅନ୍ୟରୂପ) ହେବାର ଫଳରେ ଘଟିବା ଆନନ୍ଦ— Comedy of errors.

ଭ୍ରାନ୍ତିମାନ୍—ସଂ. ବିଣ—୧ । ଭ୍ରମଯୁକ୍ତ—1. Mistaken. ୨ । ଭୁପଥ- Bhrāntimān ଗାମୀ—2. Going astray. ବି—କାବ୍ୟା- (ଭ୍ରାନ୍ତିମତୀ—ସ୍ତ୍ରୀ) ଲଙ୍କାର ବିଶେଷ—A rhetorical figure. [ତି—ଏଥିରେ ସାଦୃଶ୍ୟ ହେତୁ କଳ୍ପନାକୃତ ପ୍ରକୃତ ବିଷୟରେ କବିର ଅନ୍ୟ ବସ୍ତୁର ଭ୍ରମ ହୁଏ । ଯଥା— ଶିବା ଶୋଚିଲେ ଯେ ସ୍ୱାମ ଅଛନ୍ତି ନାହାନ୍ତି ଭ୍ରମ ଶିବ

ସଙ୍ଗାଙ୍କୁ ଗୋଡ଼ଇଲେ କଅଁ ଫିଟାଇ, ଭ୍ରମର ଭ୍ରମି ଅଦ୍ଭୁତ ଭଳାଇ ଶବ୍ଦ, ମୋହଡ଼ାର ବଙ୍ଗ ମୋଡ଼ ଚନ୍ଦ୍ରାକୁ ଯାଇ, ଭ୍ରମରେ ଭ୍ରମରେ ଭ୍ରମନ୍ତି, ମଧୁ ପସନ୍ଦେ ଭ୍ରମୁଣା ଲେଉଟନ୍ତି ।
ଅଭିମନ୍ୟୁ, ବିଦଗ୍ଧ ଚନ୍ତାମଣି ।]

**ଭ୍ରାନ୍ତି ମୂଳକ**—ସଂ. ବଣ—ଯାହା ଭ୍ରାନ୍ତି ଯୋଗୁଁ ଘଟିଥାଏ—Due to Brānti mūlaka error; based on mistake.

**ଭ୍ରାନ୍ତି ହର**—ସଂ. ବ—ଯାହା ଭ୍ରାନ୍ତି ଦୂର କରେ—Bhrānti hara Removing error.

**ଭ୍ରାମକ**—ସଂ ବଣ. ପୁଂ (ଭ୍ରମ୍ ଧାତୁ ଣିଚ୍; ଭ୍ରମି ଧାତୁ+କର୍ତ୍ତୃ. ଅକ)—Bhrāmaka ୧ । ଯେ ଅନ୍ୟକୁ ଭ୍ରମରେ ପକାଏ—1. Leading one to error. (ଭ୍ରାମିକା—ସ୍ତ୍ରୀ) ୨ । ଯେ କବୁଲ ବୁଲାଏ—2. Causing a person to roam. ୩ । ଶଠ; ଧୂର୍ତ୍ତ—3. Deceptive; cheating. ବ—୧ । ଶଠ ବ୍ୟକ୍ତି—1. A cheat. ୨ । ବିଲୁଆ—2. Jackal. ୩ । ଚୁମ୍ବକ ପଥର—3. Load stone, magnet. ୪ । ସୂର୍ଯ୍ୟମୁଖୀ ଫୁଲ—4. Sun flower. ୫ । କାନ୍ତ ଲୌହ (ହ୍ଲ. ଶ)—5. A kind of iron.

**ଭ୍ରାମର**—ସଂ. ବ (ଭ୍ରମର+ଅ)—୧ । ଭ୍ରମର ସଞ୍ଚିତ ଏକପ୍ରକାର ମଧୁ; Bhrāmara ମହୁ—1. A kind of honey collected by the humble bee. [ଦ୍ର—ଭାରତରେ ଯେଉଁ ଭ୍ରମର ମାନେ ଦେଖାଯାନ୍ତି, ସେମାନଙ୍କ ଅପେକ୍ଷା ଅଳ୍ପରେ କଳ୍ପିତ କ୍ଷୁଦ୍ର ଭ୍ରମରମାନଙ୍କ କର୍ତ୍ତୃକ ସଞ୍ଚିତ ଭ୍ରମରମଧୁ ଶ୍ରେଷ୍ଠତରଭାବ ଧର୍ମିକ । ବୈଦ୍ୟକମତରେ ଏହା ଲଘୁ ପିତ୍ତ ନାଶକ, ମୂତ୍ର-ଜନକ, ଜାଡ୍ୟକର, ସ୍ୱଲ୍ପ, ମଧୁରରସଯୁକ୍ତ, ଅପଶକ୍ତ, ଅତ୍ୟନ୍ତ ପିଚ୍ଛଳ ଓ ଶୀତବୀର୍ଯ୍ୟ-ବଳକାରୀ ଦ୍ରବ୍ୟଗୁଣ ।] ୨ । ଚୁମ୍ବକ ପଥର; ଅୟସ୍କାନ୍ତମଣି—2. Magnetic stone, load stone. ୩ । ନୃତ୍ୟ ବିଶେଷ—3. A kind of whirling ring-dance. [ଦ୍ର—ଏ ନୃତ୍ୟରେ ବହୁ ଲୋକ ମଣ୍ଡଳ ହୋଇ ବୁଲି ବୁଲି ନାଚନ୍ତି । ସମ୍ବଲପୁରର ଅଦମରବାସୀମାନେ ଏହି ପ୍ରକାର ନାଚ ନାଚନ୍ତି ।] ୪ । ଅପସ୍ମାର ରୋଗ—4. Epilepsy. ବଣ—ଭ୍ରମର ସମ୍ବନ୍ଧୀୟ—Relating to the black bee.

**ଭ୍ରାମରୀ**—ସ ବ· ସ୍ତ୍ରୀ (ଭ୍ରାମର+ସ୍ତ୍ରୀ. ଈ)—୧ । ଭ୍ରମରର ସ୍ତ୍ରୀଲିଙ୍ଗ—Bhrāmari 1. The feminine of Bhrāmara. ୨ । ଦୁର୍ଗା—2. Goddess Durgā. [ଦ୍ର—ଚଣ୍ଡୀପୁରାଣରେ ୧୧ଶ ଅଧ୍ୟାୟ ୫୩।୫୪ ଶ୍ଳୋକରେ ଦେବୀ ସ୍ତବକାରୀ ଦେବତାମାନଙ୍କୁ କହିଅଛନ୍ତି, 'ଯେଉଁ ସମୟରେ ଅରୁଣ ନାମକ ଅସୁର ତ୍ରୈଲୋକ୍ୟରେ ମହାବାଧା କରିବ, ସେ ସମୟରେ ମୁଁ ବହୁ ଷଟ୍ପଦ ଭ୍ରମରରୂପ ଧାରଣ କରି ତ୍ରୈଲୋକ୍ୟର ହିତ ନିମନ୍ତେ ଉକ୍ତ ମହାସୁରକୁ ବଧ କରିବି ଓ ଲୋକେ ସର୍ବତ୍ର ମୋତେ ସେ ସମୟରେ 'ଭ୍ରାମରୀ' ନାମରେ ସ୍ତବ କରିବେ । ] ୩ । ପୁତ୍ରଦାତ୍ରୀ ଲତା (ହ୍ଲ. ଶ)—3. A kind of herbal creeper. ୪ । (ପୁଂ; ଭ୍ରାମର+ଇନ୍; ୧ମା, ୧ବ) ଅପସ୍ମାର ରୋଗାକ୍ରାନ୍ତ ବ୍ୟକ୍ତି (ହ୍ଲ. ଶ)—4. A person subject to epeleptic fits. ସ. ବଣ—୧ । (ପୁଂ ଭ୍ରାମର+ଇନ) ଅପସ୍ମାର ରୋଗାକ୍ରାନ୍ତ—1. Epileptic. ୨ । (ସ୍ତ୍ରୀ) ଭ୍ରାମରର ସ୍ତ୍ରୀଲିଙ୍ଗ—2. Feminine of Bhrāmara.

**ଭ୍ରାମ୍ୟମାଣ**—ସ. ବଣ. ପୁଂ (ଭ୍ରମ· ଧାତୁ+ଅନ)—୧ । ଘୂର୍ଣ୍ଣ୍ୟମାନ; Bhrāmyamāṇa ଯାହାକୁ ଘୂରି ଯାଉଥାଏ—1. Being (ଭ୍ରାମ୍ୟମାଣା—ସ୍ତ୍ରୀ) whirled round. ୨ । ଯାହାକୁ ଅନ୍ୟବ୍ୟକ୍ତି କବୁଲ ବୁଲାଉଅଛି—2. Caused to wandr or roam.

**ଭ୍ରାଷ୍ଟ୍ର**—ସ· ଚ—୧ । (ଭ୍ରାଜ ଧାତୁ+କର୍ତ୍ତୃ· ଷ୍ଟ୍ର; ନିପାତନେ)-ଆକାଶ Bhrāshṭra (ହ୍ଲ. ଶ)—1. The sky. ୨ । (ଭ୍ରଜ ଧାତୁ+ କରଣ ବା ଅଧିକରଣ ଷ୍ଟ୍ର, ନିପାତନ) ଉତାଦଣ୍ଡି ହାଣ୍ଡି; ଯେଉଁ ହାଣ୍ଡିରେ ଖଇ ଭଜ ମୁଢ଼ି, ଚୁଡ଼ା ଭଜ ଭୁଜୁମ୍ ଆଦ କରାଯାଏ (ହ୍ଲ. ଶ)—2. A pot for frying rice and other corn.

**ଭ୍ରୂକୁଂସ**—ସଂ. ବ. ପୁଂ—ସ୍ତ୍ରୀ ବେଶଧାରୀ ନର୍ତ୍ତକ ବା ନଟ (ହ୍ଲ. ଶ)—Bhrukumsa An actor or dancer in female dress.

**ଭ୍ରୂ**—ସ. ବ. ସ୍ତ୍ରୀ (ଭ୍ରମ୍ ଧାତୁ+ କର୍ତ୍ତୃ. ଡୂ)—ଚକ୍ଷୁର ଉପରେ ଓ ଲଲାଟର Bhrū ତଳେ ଥିବା ଧନୁକାକୃତ ଲୋମରାଜି; ଭୂଲତା—Eyebrow; the line of hair or the arches over the eyes; the hairy arches above the eyes.

**ଭ୍ରୂକୁଞ୍ଚନ**—ସ. ବ (ଭ୍ରୂ+କୁଞ୍ଚନ=ସଙ୍କୋଚ; ବର୍ଣ୍ଣୀୟାବ)—କଟାକ୍ଷ; Bhrūkuñchana କ୍ରୋଧାଦିଜନିତ ଭ୍ରୂର ବକ୍ରତା-Scowling; frown; knitting of the eyebrows due to anger or displeasure.

**ଭ୍ରୂକୁଞ୍ଚନ କରିବା** -ଦେ. କ୍ରି—୧ । କ୍ରୋଧରେ ମୁହଁ ଫଣ ଫଣ କରିବା—Bhrūkuñchana karibā 1. To scowl; to frown. (ଭ୍ରୂକୁଟି କରିବା-ଅନ୍ୟରୂପ) ୨ । (ଲକ୍ଷଣାର୍ଥେ) କ୍ରୋଧ ବା ଅସମ୍ମତ ଭ୍ରू कुंचन करना, भ्रुकुटि बा ଅସନ୍ତୋଷ ପ୍ରକାଶ କରିବା—2. (figu- माथे पर बल लाना, भौंह चढ़ाना rative) To show signs of one's anger, disagreement or displeasure.

**ଭ୍ରୂକୁଟି(ଟୀ)**—ସ. ବ (ଭ୍ରୂ +କୁଟ୍ ଧାତୁ=କୁଟିଳ ହେବା+ଇ, ଈ)—Bhrūkuṭi(ṭi) ଭ୍ରୂକୁଞ୍ଚନ ( ଦେଖ )—Bhrūkuñchana (See) ଦେ. ବ (ସ. ଭୃଙ୍ଗୀ)—ମହାଦେବଙ୍କ ଦ୍ୱାରପାଳ ଦୁଇଙ୍କ ମଧ୍ୟରୁ ଜଣେ—One of the two gate-keepers of Siba. [ଦ୍ର—ଅନ୍ୟ ଦ୍ୱାରପାଳଙ୍କ ନାମ ନନ୍ଦୀ ।]

**ଭ୍ରୂକୁଣ୍ଡା**—ଦେ. ବଣ (ସ. ଭ୍ରୂକୁଟୀ)—ଭ୍ରୂକୁଣ୍ଡା ଭ୍ରୂକୁଟିଯୁକ୍ତ—Bhrūkundā Frowning; scowling. (ଭ୍ରୂକୁଣ୍ଡୀ—ସ୍ତ୍ରୀ) গাল ফোলা भद्दा

**ଭ୍ରୂକୁଣ୍ଡା ମୁହାଁ**—ଦେ. ବ—ଭ୍ରୂକୁଣ୍ଡା ମୁଖ ଯୁକ୍ତ—Having a Bhrūkundā muhān scowling face. (ଭ୍ରୂକୁଣ୍ଡୀ ମୁହାଁ—ସ୍ତ୍ରୀ) গাল ফোলা भद्दा मुहँ

ଭ୍ରୂକ୍ଷେପ—ବି. ବି ( ୬ଷ୍ଠୀ ତତ୍; ଭ୍ରୂ+କ୍ଷେପ )—୧ । ଭ୍ରୂଭଙ୍ଗ; ଭ୍ରୂଭଙ୍ଗୀ—1. Look; glance; a cast of the eyebrows (for an expressive look).
Bhrūkshepa
୨ । ସଙ୍କେତ ଜ୍ଞାପନାର୍ଥ ଭ୍ରୂର ଭଙ୍ଗୀବିଶେଷ ସୂଚନା—2. Sidelong glance indicating some sign.
୩ । (ଲକ୍ଷଣାର୍ଥ) ସମ୍ମାନ; ଆଦର—3. (figurative) Regard; respect.

ଭ୍ରୂକ୍ଷେପ କରିବା—ଦେ. କ୍ରି—୧ । ଦୃଷ୍ଟି ପକାଇବା—1. To look at. ୨ । ଆଦର କରିବା—2. To take notice of; to pay heed to.
Bhrūkshepa karibā
ভ্রূক্ষেপ করা
भ्रूक्षेप करना
(ଯଥା—ସେ ମୋ କଥାକୁ ଆଦୌ ଭ୍ରୂକ୍ଷେପ କଲେ ନାହିଁ ।)

ଭ୍ରୂଣ୍ (ଧାତୁ)—ସ—ଆକାଙ୍କ୍ଷା କରିବା; ଆଶା କରିବା—To hanker after; to wish; to hope for.
Bhrūṇ (root)

ଭ୍ରୂଣ—ବି. ବି ( ଭ୍ରୂଣ୍ ଧାତୁ+କର୍ମ. ଅ )—୧ । ଗର୍ଭସ୍ଥ ଶିଶୁ; ଶିଶୁର ଗର୍ଭରେ ଥିବା ବେଳର ଅବସ୍ଥା—1. Fœtus; the embryo in the womb. ୨ । ଅଜାତ ଶିଶୁ; ଶିଶୁର ଜନ୍ମ ହେବାର ପୂର୍ବ ଅବସ୍ଥା—2. An unborn child.
Bhrūṇa
୩ । ବାଳକ—3. A boy. ୪ । ସ୍ତ୍ରୀର ଗର୍ଭ (ହି. ଶ)—4. Womb; uterus.

ଭ୍ରୂ(ଭ୍ରୂ)ଣଘ୍ନ—ଦେ. ବଣ. ପୁଂ ( ଭ୍ରୂଣ+ହନ ଧାତୁ+କ୍ୱିପ୍ )—ଯେ ଗର୍ଭସ୍ଥ ଭ୍ରୂଣକୁ ନାଶ କରେ; ଯେ ଗର୍ଭପାତ ଘଟାଏ; ଗର୍ଭପାତକାରୀ—Bringing about or causing abortion or miscarriage.
Bhrū(bhru)ṇaghna
ଭ୍ରୂଣ ଘାତକ, ଭ୍ରୂଣଘାତୀ, ଭ୍ରୂଣହା } ଅନ୍ୟରୂପ
ଭ୍ରୂ(ଭ୍ରୂ)ଣଘ୍ନୀ, ଭ୍ରୂଣଘାତିକା, ଭ୍ରୂଣଘାତିନୀ } ସ୍ତ୍ରୀ

ଭ୍ରୂଣ ହତ୍ୟା—ବି. ବି—ଗର୍ଭପାତ ଦ୍ୱାରା ଗର୍ଭସ୍ଥ ସନ୍ତାନର ବିନାଶ—Causing miscarriage or abortion.
Bhrūṇa hatyā

ଭ୍ରୂ ଧନୁଃ—ବି. ବି (ରୂପକ)—ଧନୁକାକୃତି ଆଖି ପତା ଉପରର ଲୋମରାଜି; ଭୂଲତା—The bowlike line of furs over the eye; the arched eyebrow.
Bhrū dhanuḥ

ଭ୍ରୂ ବିକାଶ—ବି. ବି—ଆଖି ଠାର; କଟାକ୍ଷ—An amorous play of the eye brow.
Bhrū bikāsa
(ଭ୍ରୂବିଭ୍ରମ—ଅନ୍ୟରୂପ)

ଭ୍ରୂ(ଭ୍ରୁ)ଭଙ୍ଗ—ବି. ବି—୧ । କ୍ରୋଧରୁ ବା ଅସନ୍ତୋଷରୁ ଭ୍ରୂ କୁଞ୍ଚନ; ଭ୍ରୂକୁଟି—Frown; scowl (due to anger or displeasure).
Bhrū(bhru)bhaṅga
(ଭ୍ରୂକ୍ଷେପ—ଅନ୍ୟରୂପ)
খাতির
खातिर
୨ । ଦେ. ବି—ଭ୍ରୂକ୍ଷେପ; ଆଦର—Regard; care.

ଭ୍ରୂଭଙ୍ଗି(ଙ୍ଗୀ)—ବି. ବି (୬ଷ୍ଠୀ ତତ୍)—୧ । ଭ୍ରୂବିକାଶ ( ଦେଖ )—1. Bhrūbikāsa (See)
Bhrūbhaṅgi(ṅgī)
(ଭ୍ରୂଭଙ୍ଗିମା—ଅନ୍ୟରୂପ)
୨ । ଭ୍ରୂଭଙ୍ଗ ( ଦେଖ )—2. Bhrūbhaṅga ( See )

ଭ୍ରୂ ମଧ୍ୟ—ବି. ବି—ଭ୍ରୂ ଯୁଗଳର ମଧ୍ୟ ସ୍ଥାନ—The middle of the eyebrows; the portion just over the bridge of the nose.
Bhrū madhya

ଭ୍ରୂଲତା—ବି. ବି ( ରୂପକ )—ଭୂଲତା—Eyebrow; the arched eyebrow.
Bhrūlatā
(ଦ୍ର—ଏଥିର ଅପଭ୍ରଂଶ ଭୂଲତା ।)

ଭ୍ରୂ ସଙ୍କେତ—ବି. ବି—ଆଖି ଠାର; ଭ୍ରୂ ସଞ୍ଚାଳନ ଦ୍ୱାରା ଇଙ୍ଗିତ ବା ଇସାରା—A suggestive wink; a significant gesture made by the turning of the eyebrow.
Bhrū saṅketa

ଭ୍ରେଷ୍ (ଧାତୁ)—ସ—ଗମନ କରିବା—To go.
Bhresh (root)

ଭ୍ରେଷ—ବି. ବି ( ଭ୍ରେଷ୍ ଧାତୁ=ଗମନ କରିବା+ଭାବ. ଅ )—୧ । ଗମନ—1. Going. ୨ । ଭ୍ରମଣ—2. Walking. ୩ । ଅନଧିକାର ପ୍ରବେଶ—3. Trespass. ୪ । ଅନ୍ୟାୟ; ଦୋଷ—4. Fault; wrong. ୫ । କୁପଥ ଗମନ—5. Going astray; deviation from the path of rectitude. ୬ । ନାଶ (ହି. ଶ)—6. Ruin. ୭ । ଭୟ; ଡର—7. Fear.
Bhresha
(ଭ୍ରେଷଣ—ଅନ୍ୟରୂପ)

# ମ

ମ—ବ—ବ୍ୟଞ୍ଜନ ବର୍ଣ୍ଣମାଳାର ପଞ୍ଚବିଂଶ ବର୍ଣ୍ଣ, ପ ବର୍ଗର ପଞ୍ଚମ ବର୍ଣ୍ଣ (ଏହା ଅନୁନାସିକ ବର୍ଣ୍ଣ ଓ ଓଷ୍ଠ୍ୟ ବର୍ଣ୍ଣ)—The 25th consonant corresponding to 'M' of the English alphabet. ବ. (ମା ଧାତୁ=ପରିମାଣ କରିବା+କର୍ତ୍ତୃ. ଅ)—୧। ଯମ—1. God of death ୨। (+କରଣ. ଅ) ସମୟ—2. Time. ୩। (+କର୍ତ୍ତୃ ଅ) ବିଷ୍ଣୁ—3. Bishnu, the God of preservation. ୪। ଶିବ—4. Siba, the God of destruction. ୫। ବ୍ରହ୍ମା-5. Brahmā, the God of creation. ୬। ଚନ୍ଦ୍ର—6 Moon. ୭। (+କର୍ମ ଅ) ସୌନ୍ଦର୍ଯ୍ୟ—7. Beauty. ୮। ବିଷ—8. Poison. ୯। ମୁଖ—9. Mouth. ୧୦। (+କର୍ତ୍ତୃ. ଅ) ମନୁଷ୍ୟ—10. Man. [ଦ୍ର—ଭାଷାର ଅନେକ ସ୍ଥଳରେ ଧ୍ୱନ୍ୟନୁକରଣ ଅବ୍ୟୟ ପଦ ଏହି ଅକ୍ଷର ଦ୍ୱାରା ଗଠିତ ହୋଇଅଛି। ଯଥା—କମ୍‌କମ୍, ଘମ୍‌ଘମ୍, ଝମ୍‌ଝମ୍, ଝମର ଝମର, ମକ୍‌ମକ୍, ମଚ୍‌ମଚ୍, ମରମର, ମଡ଼ମଡ଼, ଭମ୍‌ଭମ୍, ଛମ୍‌ଛମ୍, ଚମ୍‌ଚମ୍, ଦମ୍‌ଦମ୍, ଧୁମ୍‌ଧାମ୍, ମିଟ୍‌ମିଟ୍, ଝୁମୁଝୁମୁ ଇତ୍ୟାଦି।]

Ma
म
म

ଦେ. ଅ—ନିମ୍ନଲିଖିତ ସ୍ଥଳମାନଙ୍କରେ ବ୍ୟବହୃତ ହୁଏ—An interjection used in the following cases. ୧। ସମ୍ବୋଧନ—1. In addressing a person. ୨। ବାକ୍ୟ ସମାପ୍ତି—2. In completing a sentence. ୩। ବାକ୍ୟର ଦୃଢ଼ତା ଦ୍ୟୋତକ—3. In emphasising a sentence. ୪। ଅନାଦରସୂଚକ—4. Expressing disregard. ୫। ଉଦ୍ବେଗ, ସନ୍ଦେହ ବା ଆଶ୍ଚର୍ଯ୍ୟ ବ୍ୟଞ୍ଜକ—5. In expressing surprise, doubt or wonder. [ଦ୍ର—'ମ' ସମ୍ବୋଧନରେ ବ୍ୟବହୃତ ହେଲେ ସମ୍ବୋଧିତ ବ୍ୟକ୍ତିର ପରେ ବସେ; ଯଥା—ରାମ ମ; କିନ୍ତୁ ପଦର ପୂର୍ବରେ ଓ ପରେ 'ହେ' ବସେ, ଯଥା—ହେ ରାମ, ରାମ ହେ।]

जी

ମ ଅ—ଦେ. ଅ—ମ (ଦେଖ)—Ma (See)
Ma-a

ମଅଣ—ଦେ. ବି ଓ ବିଣ—୧। ମଣ (ଦେଖ)—1. Maṇa (See) ୨। ମହଣ (ଦେଖ)—2. Mahaṇa (See)
Ma-aṇa

ମଅଣ ସାରୁ—ଦେ. ବି—ମାଣସାରୁ—Arum Indicum; Alocasia Indica.
Ma-aṇa sāru

ମଅନ୍—ଦେ. ବି (ସ. ମଥନୋଦ୍ଭୂ=ଘୃତ ? ଅଥବା ସ. ମଦନ=ମଦନ—ଯୋଗେଶ୍ୱର)—ରୁଟୀ ଓ ଲୁଚି ପାଇଁ ଅଟାର ବା ମଇଦାର ପିଣ୍ଡ ତକଟା ହେବା ପୂର୍ବରୁ ଅଟାରେ ମିଶାଯିବା ଘିଅ—Ghee mixed with flour before it is mixed with water and kneaded into dough. [ଦ୍ର—ଅଟାରେ ମଅନ୍ ଦେଲେ ରୁଟି ବା ଲୁଚି ଫୁଲ୍‌କା ଓ ହାଲୁକା ହୁଏ।]
Ma-an
मयान
मोया; मोयन

ମଅନ୍ ଦାର୍—ଦେ. ବଣ—ମସ୍ଥାନ ବା ଉତ୍ତମ ଘିଅ ଦିଆଯାଇ ତିଆର ହୋଇଥିବା (ରୁଟି, ଲୁଚି ବା ରୁଟି); ଖାସ୍ତା—(Bread etc) Prepared with a leaven of ghee.
Ma-an dār
मयान दार
मोया दार, मोयन दार

ମଅମ—ବୈଦେ. ବି (ଫା. ମୋମ୍; ମୂଳ ସ. ମଧୂଚ୍ଛିଷ୍ଟମ୍)—ମହମ—Mahama (See)
Ma-ama
मोम
मोम (देख)

ମଅଳ—ଗ୍ରା. ବି (ସ. ମଳ)—ମଳ; ମଳ—Dirt; filth; excrement. ବଣ—ମଇଳ; ମଳଯୁକ୍ତ; ମଳିଆ; ମଳିଆ—Dirty; filthy.
Ma-aḷa
मयला
मैल, मला

ମଅଳଣ(ନ)—ଦେ. ବଣ (ସ. ମ୍ଳାନ)—୧। ମ୍ଳାନ—1. Pale. ୨। ଝାଉଁଳ ବା ମଉଳି ଯାଇଥିବା—2. Withered. ୩। ସଭାଅଦିର ଭଙ୍ଗ—3. The dispersal of a meeting or gathering. ବ—ମ୍ଳାନ ହେବା—Paling; discolouration.
Ma-aḷaṇa(na)
मलिन
मलान

ମଅଳଣ(ନ) ପଡ଼ିବା—ଦେ. କ୍ରି—୧। ମଉଳିଯିବା; ମ୍ଳାନ ହେବା—1. To become pale. ୨। (ସଭା) ଭାଙ୍ଗି ଯିବା—2. (a meeting) To disperse.
Ma-aḷaṇa(na) paṛibā
मलान होना

ମଅଳ ମ୍ଲେଚ୍ଛ(ଚ୍ଛା)—ଦେ. ବଣ. ପୁଂ ଓ ସ୍ତ୍ରୀ (ସ. ମଳ ଓ ମ୍ଲେଚ୍ଛ)—ମଳଯୁକ୍ତ ଓ କୁତ୍ସିତ (ଶରୀର ଓ ବସ୍ତ୍ରାଦି)—Foul and dirty.
Ma-aḷa mlechha(chhā)
ମଅଳ ମେଚେଲ(ଳ)ଛିଅ } ଅପଭ୍ରଂଶ
ମଅଳ ମେଚେଲ(ଳ)ଛ(ଛା) }
(ମଅଳ ମ୍ଲେଚ୍ଛୀ, ମଅଳ ମେଚେଲଛୀ, ମଅଳ ମେଚେଲଛେଇ—ସ୍ତ୍ରୀ)
নোংরা म्लेछ

ମଅଳିଆ—ଦେ. ବଣ (ସ. ମଳିନ)—ମଳିନ—Dirty; filthy.
Ma-aḷiā
मयला मैला

ମଇ—ଦେ. ବ (ସ. ମର୍ଦ୍ଦିକା; ମର୍ଦ୍ଦିକା; ମଦ)—୧। ହଳ କରାଯାଇ ଥିବା ଜମିର ଟେକାମାନଙ୍କୁ ଭାଙ୍ଗି ସମତୁଲ କରିବା ନିମନ୍ତେ ଯାହା ଉପରେ ଦୋଖରୁହିବା କାଣ୍ଡଣି ପରି କୃଷିଯନ୍ତ୍ର ବିଶେଷ—1. A ladder-like harrow drawn over ploughed fields to reduce the ploughed up clods of dry earth into powder; a beam; a clod-crusher; clod-breaker. [ଦ୍ର—ଗାଢ଼ଲା ଧାନରେ ମଇଦେବା କ୍ଷ୍ୟସ୍ୟ—କ୍ଷେତରେ ଧାନ ଗାଢ଼ଥିବା ସମୟରେ ମଇ ଦେଲେ ଧାନଗୁଡ଼ିକ ଗଛରୁ ଝଡ଼ି ପଡ଼ି ମାଟିରେ ପିଶିଯାଇ ନଷ୍ଟ ହୁଏ ଓ କୃଷକର ସର୍ବନାଶ ଘଟେ ବୋଲି, କତ୍ତୁପରିଶ୍ରମସାଧ୍ୟ କୌଣସି କାର୍ଯ୍ୟରେ ଫଳଭୋଗ ବେଳକୁ ବିଘ୍ନ ବା ସର୍ବନାଶ ବା କଷ୍ଟଳତା ଘଟିଲେ ଏହି ଉପମା ଦିଆଯାଏ।] ୨। ଛଅଳ ଗଛ; ଏକପ୍ରକାର ଜଙ୍ଗଲି ବଡ଼ ଗଛ—2. A kind of wild tree; Odina Wodier. ବୈଦେ (ଇଂ. ମେ)—ଇଂରାଜି ବର୍ଷର ପଞ୍ଚମ ମାସ—The month of May.
Mai
मै
हेंगा; पटेल
জিওল
जिगन
মে
मई

ମଇଅ—ପ୍ରାଦେ ( ସମ୍ବଲପୁର ଓ ବାମଣ୍ଡା ) ( ଭୁଲ ଫା. ମେଵା )—
Maia ୧। ପିଜୁଳି—1. Guava. ୨। ( ସମ୍ବଲପୁର ) ଆତ—2. Custard apple.

ମଇଁଷ—ଦେ. ବ ( ସ, ମହିଷ )—ମଇଁଷି ( ଦେଖ )
Maiñsha Maiñshi ( See )

ମଇଁଷାଘିଅ—ପ୍ରାଦେ ( ଉତ୍ତର ବାଲେଶ୍ୱର ) ବ ( ଭୁଲ ବ. ଭଇଁଷା
Maiñshā ghia ଘୀ )—ମଇଁଷିର ଦୁଧରୁ ପ୍ରସ୍ତୁତ ଘିଅ—
Ghee prepared from buffalo-milk; ghee produced from the milk of buffaloes.

ମଇଁଷାଳ—ଦେ. ବ. ପୁଂ (ସ. ମହିଷପାଳ )—ମହିଷରକ୍ଷକ; ଯେ ମହିଷ
Maiñshāḷa ଚରାଏ—A tender of buffaloes.
मैसवार মহীষের রাখাল

ମଇଁଷାସୁର—ଗ୍ରା. ବ (ସ. ମହିଷାସୁର)—ମହିଷାସୁର ( ଦେଖ )
Maiñshāsura Mahishāsura ( See )

ମଇଁଷି—ଦେ. ବ. ପୁଂ ଓ ସ୍ତ୍ରୀ ( ସ. ମହିଷ )—ଗୋ ଜାତୀୟ ଧୂସର
Maiñshi ବର୍ଣ୍ଣର ଗୃହପାଳିତ ପଶୁବିଶେଷ—Buffalo.
ভয়স, মইষ [ ଦ୍ର—ଏମାନେ ଜଙ୍ଗଲରେ ଚରନ୍ତି ଓ ପାଣିରେ
भैंसा, महीष ବୁଡ଼ିବାକୁ ସୁଖ ପାଆନ୍ତି । ଗ୍ରାମ୍ୟ ଓ ବନ୍ୟ
ଭେ. ଜନପୋରୁ ଭେଦରେ ଦୁଇପ୍ରକାର ମଇଁଷି ଅଛନ୍ତି । ବନ୍ୟ ମଇଁଷି କଳା ଓ ଖ୍ୟାତିପ୍ରକୃତିକ ଓ ଗ୍ରାମ୍ୟ ମଇଁଷି ପାଣ୍ଡୁର ବର୍ଣ୍ଣର ଅଟନ୍ତି । ଅଣ୍ଡିରା ମଇଁଷିକୁ ପୋଢ଼ ବା ପୋଢ଼ଅ ବୋଲାଯାଏ । ] ପ୍ରାଦେ ( ସିଂହଭୂମି ) ବ—
ମାଈ ମଇଁଷି—She-buffalo. [ ଦ୍ର—ଅଣ୍ଡିରା ମଇଁଷିକୁ ସିଂହଭୂମିରେ କେଡ଼ା କୁହାଯାଏ । ]

ମଇଁଷିଆ—ଦେ. ବଣ—୧। ମହିଷ ସମ୍ବନ୍ଧୀୟ—1. Relating to
Maiñshiā buffalo. ୨। ମହିଷଜାତ; ମହିଷୋଦ୍ଭବ—
মইষা, ভয়সা 2. Produced from buffalo. ୩। (ଏକ-
भैंसका ଜାତୀୟ ଫଳ ବା ଜନ୍ତୁ ମଧ୍ୟରେ ବଡ଼ ଆକୃତିବିଶିଷ୍ଟ ଫଳକୁ ବା ଜନ୍ତୁକୁ ମଇଁଷିଆ ଓ କ୍ଷୁଦ୍ର ଆକୃତିବିଶିଷ୍ଟ ଫଳକୁ ବା ଜନ୍ତୁକୁ ଗାଈଆ ବୋଲାଯାଏ ) ବଡ଼ଜାତୀୟ—3. Belonging to a large species. ଦେ.ବ. ପୁଂ—
ମହିଷ ରକ୍ଷକ—A tender of buffaloes.

ମଇଁଷିଆ ଜୋକ—ଦେ. ବ—ଏକପ୍ରକାର ବଡ଼ ଜୋକ—A large
Maiñshia joka বড় জোঁক species of leeches.
महीसिया जोंक ( ଗାଈଆ ଜୋକ—ବିପରୀତ )

ମଇଁଷିଆ ଦେ(ଦି)ହ—ଦେ. ବ (ସ. ମହିଷ+ଦେହ)—ଯେଉଁ ବ୍ୟକ୍ତିର
Maiñshiā de(di)ha ଶରୀର କଳକୁ ସର୍ବଦା ଗରମ ଥିବା ପରି
भैंसीया देह ଜଣାଯାଏ ଓ ଯେ ସର୍ବଦା ଥଣ୍ଡା ପାଣିକୁ ସୁଖ ପାଏ—
A person who always feels hot and likes cold bath ( like the buffalo ).

ମଇଁଷିଆଳ—ଦେ. ବ. ପୁଂ ( ସ. ମହିଷପାଳ )—ମହିଷ ରକ୍ଷକ—
Maiñshiāḷa A person who tends buffaloes; a
মহিষ চরান লোক, মহিষের রাখাল buffalo-herd.
भैंसवार

ମଇଁଷିଆଳ ଛତା—ଦେ. ବ ( ସ. ମହିଷପାଳ+ଛତ୍ର )—ମହିଷରକ୍ଷକ-
Maiñshiāḷa chhatā ମାନଙ୍କ ବ୍ୟବହୃତ ଖୁବ୍ ବଡ଼ ତାଳପତ୍ରର ଛତା—Very big palm-leaf umbrellas used by buffalo-herds. [ ଦ୍ର—ଆମ ଦେଶର ମଫସଲରେ ମଇଁଷିମାନଙ୍କୁ ମଇଁଷିଆଳମାନେ ଜଙ୍ଗଲରେ ଚରାନ୍ତି ଓ ରାତିରେ ଜଙ୍ଗଲର କୌଣସି ସ୍ଥାନରେ ମଇଁଷିମାନଙ୍କୁ ବୃତ୍ତାକାରରେ ଛନ୍ଦି କରି ରଖନ୍ତି ଓ ବୃତ୍ତର ମଝିରେ ମଇଁଷିଆଳ ଶୁଅନ୍ତି । ମଇଁଷିଆଳମାନେ ଖୁବ୍ ବଡ଼ ( ୬୍ୟ ହାତ ବା ୭ ହାତ ବ୍ୟାସବିଶିଷ୍ଟ ) ତାଳପତ୍ର ଛତା ବ୍ୟବହାର କରନ୍ତି ଓ ସେହି ଛତାକୁ ଭୂଇଁରେ ପୋତି ଛତା ତଳେ ଏକାଧିକ ବ୍ୟକ୍ତି ଶୁଅନ୍ତି । ସେହି ଛତାର ଗଡ଼ରୁ ଶିକା ଟାଙ୍ଗି ସେ ଶିକାରେ ଅପଣାର ଖାଦ୍ୟାନ୍ନ ଓ ମଇଁଷିଙ୍କଠାରୁ ଦୁହିଁ ହେବା ଦୁଧ ରଖନ୍ତି । ]

ମଇଁଷିଆ ଶୋଲ—ଦେ. ବ—ଏକପ୍ରକାର ବଡ଼ ଶୋଲ—A big
Maiñshiā sola species of Æschynomene. [ ଦ୍ର—
মোটাসোলা ଏହା ସାଧାରଣ ଶୋଲ ଗଛଠାରୁ ବଡ଼ ଓ ଏଥିର
কাটশোলা ତାଙ୍ଗମାନ ସାଧାରଣଶୋଲ ଅପେକ୍ଷା ବଡ଼ । ]

ମଇଁଷି ଘିଅ—ଦେ. ବ ( ସ. ମହିଷ+ଘୃତ )—ମଇଁଷି ଦୁଧରୁ ପ୍ରସ୍ତୁତ
Maiñshi ghia ଘୃତ—Ghee made from buffalo-
भईंषा घि भैंसका घी milk. [ ଦ୍ର—ଏହିପରି ମଇଁଷି ଦୁଧ, ମଇଁଷି ଦହି ପଦମାନ ବ୍ୟବହୃତ ହୁଏ । ]

ମଇଛ(ଛେ)ଦ୍—ପ୍ରାଦେ ( ପୁରୀ ) ଵଣ—ମୁକ୍ତହସ୍ତ—Liberal; open-
Maichha(chhe)d handed. ( ଯଥା—ସେ ମଇଛେଦ ହୋଇ ପୁଅ ବାହାଘରେ ଟଙ୍କା ଖରଚ କଲେ । )

ମଇତନ କଣ୍ଟା—ପ୍ରାଦେ. ( ଗଡ଼ଜାତ ) ବ—ମୈତ୍ରକଣ୍ଟା ( ଦେଖ )
Maitana kaṇṭā Maitrakaṇṭā ( See )

ମଇତା—ଦେ. ବ—କୁଆମଇତା ଲତା ଓ ଫଳ—A kind of cucur-
Maitā bitatious creeper and its fruit.

ମଇତ୍ର—ଦେ. ବ.ପୁଂ ( ସ. ମିତ୍ର )—୧। ମିତ୍ର—1. Friend. (ଯ—
Maitra ତପଶେ ଦୁର୍ଯାମଣା କର । ପତ୍ରୁ ମଇତ୍ର ସମ ସର—
মিতা मीत ରୂପକ. ପ୍ରେମପଞ୍ଚାମୃତ । ) ୨। ସମ ନାମଯୁକ୍ତ ବ୍ୟକ୍ତି—
(ମଇତ୍ରାଣୀ—ସ୍ତ୍ରୀ) 2. A namesake. ୩। ସମନାମଯୁକ୍ତ ଦୁଇ ଜଣଙ୍କ ମଧ୍ୟରେ ସ୍ଥାପିତ ଧର୍ମ-ବନ୍ଧୁତା; ମିତ୍ରତା—3. A god-relationship established between two namesakes.

ମଇତ୍ରାଣୀ—ଦେ. ବ. ସ୍ତ୍ରୀ (ସ. ମିତ୍ରା)—ମଇତ୍ରର ସ୍ତ୍ରୀଲିଙ୍ଗ—Feminine
Maitrāṇi মিতানী मीतनी of Maitra.

ମଇଥୁ(ଥା)ନ—ଗ୍ରା ( ପଦ୍ୟ ) ବ—ମୈଥୁନ ( ଦେଖ )
Maithu(tha)na Maithuna ( See )

ମଇ(ୟ,ଏ)ଦା—ଦେ.ବ (ସ.ସମୀଦ)-ଗୋଧୂମର ସୂକ୍ଷ୍ମଚୂର୍ଣ୍ଣ—Fine flour
Mai(ya,e)dā of wheat. [ଦ୍ର—ମଇଦା ଅପେକ୍ଷା ବଡ଼ ଆକାରର
মএদা, ময়দা मैदा ଦାନାବିଶିଷ୍ଟ ଖଦଡ଼ା ଚୂନାକୁ ଅଟା ବୋଲାଯାଏ ।]

ମଇଦା କଳ—ଦେ. ବ—ମଇଦା ପେଷିବାର କଳ—
Maidā kaḷa ময়দা কল मैदाकल Flour-mill.

ମଇଦାଣ୍ଡି—ପ୍ରାଦେ ( ବାଲେଶ୍ୱର ପ୍ରାନ୍ତ ) ବ (ସ. ମେଢ଼+ଦଣ୍ଡ)— Maidāṇḍi ମେଢ଼ିଖୁଣ୍ଟ; ଧାନ ବେଙ୍ଗଲା ପକାଇବା ପାଇଁ ବଳଦ ଯୋଚ୍ ବାନ୍ଧୁଣୀ ବନ୍ଧାଥିବା ଖୁଣ୍ଟ—The central post to which bullocks are tethered for treading paddy.

ମଇଦାନ—ବୈଦେ, ବ ( ଫା. ମୈଦାନ୍=ପଡ଼ିଆ )—୧ । ବସ୍ତୀର୍ଣ୍ଣ Maidāna ପ୍ରାନ୍ତର; ପଡ଼ିଆ—1. A wide expanse of ମୟଦାନ मैदान waste land; a vast field; a meadow ୨ । ( ଲୋକେ ଗ୍ରାମର ପ୍ରାନ୍ତସ୍ଥ ପଡ଼ିଆକୁ ଝାଡ଼ାଫେର ଯାଉଥିବାରୁ ) ଝାଡ଼ା ଫେରିବା—2. Easing one's self; passing stools. ୩ । ଝାଡ଼ାରୋଗ— 3. Diarrhoea; cholera. ପ୍ରାଦେ ( ସମ୍ବଲପୁର ) ବ—ଅପରାହ୍ଣ—Afternoon. [ ଦ୍ର—ସମ୍ଭବତଃ ଲୋକେ ସାଧାରଣତଃ ଅପରାହ୍ଣରେ ଝାଡ଼ାଫେରିବାକୁ ଯିବାର ଅଭ୍ୟାସ ଦେଖାଯିବାରୁ ଏହି ଅର୍ଥ । ]

ମଇଦାନ ଯିବା—ଦେ. କ୍ରି—ଝାଡ଼ା ଫେରିବାକୁ ଯିବା—To go to Maidāna jibā ବାହ୍ୟି ଯାଓଯା ease one's self. मैदान जाना ।

ମଇଦାନ ହେବା—ଦେ. କ୍ରି—୧ । ଝାଡ଼ା ଫେରିବା—1. To pass Maidāna hebā stools. ୨ । ଝାଡ଼ା ରୋଗାକ୍ରାନ୍ତ ହେବା— ବାହ୍ୟି ହଓଯା 2. To suffer from diarrhoea or cholera. झाड़ा होना ଦେ. ବ—ପତଳାଝାଡ଼ା ହେବା—Looseness of stools.

ମଇଧାନ୍—ପ୍ରାଦେ. ( ସମ୍ବଲପୁର ) ବ ( ସ. ମଧ୍ୟାହ୍ନ )—ଅପରାହ୍ଣ— Maidhān (ମଇଧାନ୍ ବେଲ୍—ଅନ୍ୟରୂପ) Afternoon.

ମଇଧେ(ଧ୍ୟେ)—ଗ୍ରା. କ୍ରି. ବଣ (ସ. ମଧ୍ୟ; କଟକରଅ)—୧ । ମଧ୍ୟରେ— Maidhe(dhye) 1. Amongst. ( ଉ—ଅଳଙ୍କାର ମଇଧେ ମଧ୍ୟେ में ଜମକାଠି ଥାଳେ—ଭଗ । ) ୨ । ମଧ୍ୟରୁ— मझे 2. From; out of. [ ଦ୍ର—ଏହି ଶବ୍ଦ ହିସାବପତ୍ରରେ 'ମଧ୍ୟରୁ' ଅର୍ଥରେ ଞ ଏହିପରି ସାଙ୍କେତିକରୂପେ ଲେଖା ଯାଏ ।

ଯଥା—ଜମା ଟ ୩୯ ଞ ଖରଚ ଟ ୨୮/ ଯାଇ ବାକି ରହିଲା ଟ ୦ ॥୵ ।

ଅର୍ଥାତ୍ ଛଅଟଙ୍କା ଜମା ମଇଧେ ବା ମଧ୍ୟରୁ ଦୁଇଟଙ୍କା ଦୁଇଅଣା ଖରଚ ବାଦ୍ ଯାଇ ବାକି ବଳିଲା ଚଉଦଅଣା । ]

ମଇନର—ପ୍ରାଦେ· (ଗଞ୍ଜାମ) ବୈଦେ.(ଇଂ ମାଇନର୍) ବଣ—ନାବାଳଗ— Mainara Minor. ବ—ନାବାଳକ ପିଲା—A minor.

ମଇ(ୟ,ଏ)ନା—ଦେ.ବ (ସ.ମଦନ ସାରିକା)—ସାଗ—The Indian Mai(ya,e)nā grackle; the myna; Eulabes Inter- ମୟ(ଏ)ନା मैना media. [ ଦ୍ର—ଏମାନେ ବର୍ଣ୍ଣିତଜ୍ଞେଳ ଜାଗାସ୍ଥ ଅନ୍ତି ଓ ପାହାଡ଼ରେ ରହନ୍ତି । ଏମାନେ ମନୁଷ୍ୟ ପରି କଥା କହିବାକୁ ଶିଖନ୍ତି । ଏଥିପାଇଁ ଲୋକେ ଏ ଚଢ଼େଇକୁ ପୋଷନ୍ତି । ] ପ୍ରାଦେ. ( ସମ୍ବଲପୁର ) ବ—ବର୍ଣ୍ଣିତଚଢ଼େଇ—The common myna; Acridotheres Tristis. ବୈଦେ. (ଫା. ମାହୁଆନା)— ମହିନା; ମାସିକ ବେତନ—Monthly salary.

ମଇନାକ—ଗ୍ରା. ( ପଦ୍ୟ ) ବ—ମୈନାକ· ( ଦେଖ )—Maināka Maināka (See) [ଉ—ମଇନାକ ପର୍ବତ ଶ୍ୱେତ କଇଲାସ — କୃଷ୍ଣସିଂହ. ମହାଭାରତ ବନ । ]

ମଇନ୍ଦର—ପ୍ରାଦେ. ( ଗଞ୍ଜାମ ) ବ ( ସ. ମନ୍ଦ୍ର )—ଗଞ୍ଜାମର ମହେନ୍ଦ୍ର Maindara ଗିରି—Name of a hill in the Ganjam district. [ ଉ—ବାଘ ବଳଦ ବା ବନ୍ଧିଲ ହଲେ । ଗୁଣ ବନ୍ଧ ମଇନ୍ଦର ମାଳେ—ଗଞ୍ଜାମ. ଗ୍ରାଇଲ ଗୀତ । ]

ମଇଫ(ଫି)ଲ୍—ବୈଦେ. ବ (ଫା. ମଇଫିଲ୍ )—ଆଡ଼ମ୍ବରଯୁକ୍ତ ସଭାମଣ୍ଡପ; Maipha(phi)l ମଜଲିସ୍ ପାଇଁ ସଜ୍ଜିତ ସଭାଗୃହ—A house or ମାଇଫଲ मोफिल place equipped for holding a fete.

ମଇମନ—ବୈଦେ.ବ (ଇଂ ମାମ୍ମନ୍=ଧନଦେବ ?)—ପଶ୍ଚିମ ଭାରତୀୟ କଚ୍ଛ Maiman ଦେଶୀୟ ବ୍ୟବସାୟୀ ମୁସଲମାନ୍—The Cutchee ମୟମନ मैमन Memmons. [ଦ୍ର—ଏମାନଙ୍କ ପୂର୍ବପୁରୁଷ ପ୍ରଥମେ ହିନ୍ଦୁ ଥିଲେ ଓ ପରେ ମୁସଲମାନ୍ ଧର୍ମ ଗ୍ରହଣ କଲେ । ଏମାନଙ୍କର ହିନ୍ଦୁ ଆଇନ ଅନୁସାରେ ଦାୟବିଭାଗ କରାଯାଏ ।]

ମଇର—ଗ୍ରା. ବ—(ସ, ମୟୂର )—ମୟୂର—Peafowl; peacock. Maira ମୟୂର मोर (ମଇରି—ସ୍ତ୍ରୀ)

ମଇ(ୟ,ଏ)ରା—ଦେ.ବ—(ସ.ମୋଦକକାର)—୧ । ଗୁଡ଼ିଆ; ହାଲୋଇ— Mai(ya,e)rā ମୟରା हलवाई 1. Confectioner. ୨ । ଲର୍ଡ଼ ମଇରା; ମାର୍କୁଇସ୍ ଅଫ୍ ହେଷ୍ଟିଂସ୍ ବା ଲର୍ଡ଼ ହେଷ୍ଟିଙ୍ଗସ୍—2. Lord Moira, Marquis of Hastings. [ ଦ୍ର—ଏ ଖ୍ରୀଷ୍ଟାବ୍ଦ ୧୮୧୩ ଠାରୁ ୧୮୨୩ ପର୍ଯ୍ୟନ୍ତ ଭାରତର ବଡ଼ ଲାଟ ଥିଲେ । ଏହାଙ୍କ ସମୟରେ ଭାରତରେ ପ୍ରାଥମିକ ଶିକ୍ଷା ବିସ୍ତାର, ନେପାଳ ଯୁଦ୍ଧ ଓ ପିଣ୍ଡାରି ଯୁଦ୍ଧ ହୋଇଥିଲା; ଶ୍ରୀରାମପୁର ଠାରୁ ପ୍ରଥମ ବଙ୍ଗଳା ସମ୍ବାଦପତ୍ର ପ୍ରକାଶିତ ହୋଇଥିଲା ଓ କଲିକତାର ପ୍ରେସିଡ଼େନ୍ସି କଲେଜ୍ ୧୮୧୭ ଖ୍ରୀଷ୍ଟାବ୍ଦରେ ପ୍ରତିଷ୍ଠିତ ହୋଇଥିଲା ।]

ମଇରି—ଦେ. ବ—୧ । କବନ୍ଧ; ମୁଣ୍ଡହୀନ ମନୁଷ୍ୟ ଦେହ—1. A Mairi headless human trunk. ୨ । ମାଈ ମୟୂର— मोरनी 2. Peahen.

ମଇ(ହି)ରି ଗିରିଆ—ଦେ. ବ—(ସ. ମୟୂର ଗ୍ରୀବକ)—ତୁତିଆ; ତାମ୍ର— Mai(hi)ri giriā ଘଟିତ ନୀଳ ବର୍ଣ୍ଣ ଉପରସ; ଉପଧାତୁ ବିଶେଷ— ତୁତେ मोर तुतिआ Copper sulphate; blue vitriol. ସ. ମୟୂର ତୁତ୍ଥ, ତୁତ୍ଥ

ମଇରି ପରି ଗଡ଼ିବା(ଲୋଟିବା)—ଦେ.କ୍ରି—(ସ. ମଇରି+ଓ. ଗଡ଼ିବା)— Mairi pari gaṛibā(loṭibā) ଶାରୀରିକ ଯନ୍ତ୍ରଣାରେ ଛଟପଟ ଯନ୍ତ୍ରଣାୟ ଗଡ଼ାଗଡ଼ି ଦେଓଯା ହୋଇ ଭୂମିରେ ଲୋଟିବା (କବନ୍ଧ ପରି)— मोरकीतरहलोटपोट करना To roll or wallow on the ground in extreme agony or pain.
ମଇରି ଭଳିଆ ଗଡ଼ିବା } —ଅନ୍ୟରୂପ
ମଇରି ଭଳିଆ ହେବା }

ମଇ(ଏ)ଲ୍—ଦେ. ଅ—ହାତୀ ଉପରେ ଅରୋହୀ ଚଢ଼ିବା ପାଇଁ ହାତୀକୁ
Mai(e)l ଅଣ୍ଠେଇବା ନିମନ୍ତେ ମାହୁନ୍ତଦ୍ୱାରା ବ୍ୟବହୃତ ଡାକ—
**ମୟ୍ଲେଲ** The driver's call to an elephant to kneel
**ਬੈ ਬੈ, ਮਯਲ ਮਯਲ** down that it may be mounted on.
(ମଲ୍ ମଲ୍, ମଲ୍, ମଏଲ୍‌ମଇ୍—ଅନ୍ୟରୂପ)

ମଇ(ଏ)ଲ୍ (ଲି)ଖୁରା—ବୈଦେ. ବି—(ଫା. ମୈଲ ଖୋର)—ଘୋଡ଼ାଙ୍କ
Mai(e)l (li) khurā ପିଠିରେ ଜୀନ୍ ତଳେ ପକାଯିବା ପତଳା ଗଦି-
**ଜୀନେର ଗଦୀ** **मौल खोरा** A thin cushion put on the back of a horse below the saddle.

ମଇଲ(ଲ)—ପ୍ରାଦେ. (ଗଞ୍ଜାମ) ବୈଦେ. (ଇଂ) ବି—(ଇଂ. ମାଇଲ୍)—
Maila(la) ମାଇଲ; ଅଧ କ୍ରୋଶ—A mile.

ମଇ(ଏ)ଲମ୍—ବୈଦେ. ବି—(ଅ. ମଲହମ୍; ମରହମ୍)—୧ । ମଲମ—
Mai(e)lam **ମଲମ** **मलहम** 1. Ointment.
୨ । ଦେବତାଙ୍କ ଅଙ୍ଗରେ ଚୁଆ ଚନ୍ଦନ ବୋଳିବା ନୀତି
ବିଶେଷ—2. The ritual of annointing idols with sandal paste and other scents.
୩ । ଦେବମୂର୍ତ୍ତିଙ୍କ ଦେହରୁ ପିନ୍ଧିଥିବା ବେଶ ଓ ଅଳଙ୍କାର
କାଢ଼ିବା—3. **Taking off of the dress and ornaments from an idol.**

ମଇ(ଏ,ୟ)ଲା(ଲା)—ଦେ. ବି—(ସଂ. ମଳ)—୧ । ମଳ—
Mai(e,ya)lā (lā) **ময়লা** **मैला** 1. Dirt; filth. ୨ ।
ଗୁହ; ବିଷ୍ଠା—2. Dung; ordure; night soil.
୩ । (ଲକ୍ଷଣାର୍ଥ) ପାପ—3. (figurative) Sin. ୪ ।
ମନ୍ଦ ଚିନ୍ତା—4. Evil thoughts. **ବିଣ—୧ ।**
**ମଳିଆ;** ମଳଯୁକ୍ତ—1. Dirty; filthy. ୨ । ଅପରି-
ଷ୍କୃତ—2. Unclean. ୩ । ମଳିନ—3. Soiled.

ମଇଲା କରିବା—ଦେ. କ୍ରି—ମଳଯୁକ୍ତ କରିବା—To soil; to be
Mailā karibā **ময়লা করা** **मैला करना** foul.

ମଇଲା ଗାଡ଼ି—ଦେ. **ବି**—ଯେଉଁ ଗାଡ଼ିରେ ସହରର ବିଷ୍ଠା ପ୍ରଭୃତି
Mailā gārdi ବୁହାଯାଏ—A cart for carrying away
**ময়লাগাড়ি** **मैलागाडी** ordure or night soil etc.

ମଇଲ(ଲା)ଟ ବାଡ଼(ଡ଼ା)—ଦେ. ବି (ଇଂ. ମାଲେଟ=କାଠର ବଡ଼
Maila(lā)ṭa bārda(rdā) ହାତୁଡ଼ା; ଏ ବାଡ଼ର ଖୁଣ୍ଟମାନ
[ମଲ(ଲ)ଟବାଡ଼(ଡ଼ା)—ଅନ୍ୟରୂପ] ହାତୁଡ଼ାରେ ପିଟା ହୋଇ
ବସାଯିବାରୁ)—ନଈ କାଟି ଯାଉଥିବା ବନ୍ଧର ମୂଳରେ
ହାତୁଡ଼ାରେ ପିଟାଯାଇ ବସା ଯାଇଥିବା କାଠର ବା ବାଉଁଶ-
ଖୁଣ୍ଟିର ବାଡ଼—A fencing consisting of a row of wooden or bamboo posts driven into the ground with heavy hammers to prevent erosion of embankments.

ମଇଲଣ—ଦେ (ପ୍ରାଚୀନ ପଦ୍ୟ) ବି—(ପ୍ରୋଫେସର ଆର୍ତ୍ତବଲ୍ଲଭଙ୍କ
Mailāṇa ଦୃଷ୍ଟ ପ୍ରାଚୀନ ଗ୍ରନ୍ଥରେ ବ୍ୟବହୃତ ଶବ୍ଦ) ପାଇଖାନା—
Latrine; privy.

ମଉ—ଗ୍ରା. ବି (ସଂ. ମଧୁ)—ମଧୁ; ମହୁ—
Mau **मौ** **মৌ** Honey.

ମଉକା—ବୈଦେ. ବି (ଅ. ମୌକା=ଘଟନାସ୍ଥଳ)—୧ । ଅବସର—
Maukā 1. Leisure. ୨ । ସୁବିଧା; ସୁଯୋଗ—
**সুযোগ** **मौका** 2. Opportunity. ୩ । ଘଟନାସ୍ଥଳ—
3. Place of occurence. ୪ । ଉପଯୁକ୍ତ
[ମୋ(ମୌ)କା—ଅନ୍ୟରୂପ] କର୍ମକ୍ଷେତ୍ର—4. A proper field for one's action.

ମଉକୁପ(ଫ୍,ବ୍)—ବୈଦେ. ବିଣ (ଅ ମଉକୁଫ୍) (କଚେରୀଆ)—୧ ।
Maukup (ph, b) ସ୍ଥଗିତ—1. Stopped. ୨ । କିଛିକାଳପାଇଁ
ମ(ମୋ)କুফ ব) **मौकुफ** ସ୍ଥଗିତ—2. Stopped for a time; postponed; suspended. ୩ । (ଚାକିରି
ଆଦିରୁ) ବରଖାସ୍ତ—3 Dismissed (from service).
୪ । ରଦ୍ଦ କରି ଯାଇଥିବା—4 Annulled; nullified; set aside.

ମଉକୁପି(ଫି,ବି)—ବୈଦେ ବି (ଅ. ମଉକୁଫୀ) (କଚେରୀଆ)—୧ ।
Maukupi(phi,bi) ସ୍ଥଗିତ—1. Stoppage. ୨। ବରଖାସ୍ତି—
**মকুফী** 2. Dismissal. ୩ । ସାମୟିକ ସ୍ଥଗିତ—3.
**मौकुफी** Temporary stoppage; postponement; suspension. ୪ । ରଦ୍ଦ କରିବା ହେବା ଅବସ୍ଥା—
4. Annulment.

ମଉଛ(ଛୁ)ବ—ଦେ. ବି (ସଂ ମହୋତ୍ସବ; ପ୍ରା. ମହୋଚ୍ଛବ)—୧ ।
Mauchha(chhu)ba ମହୋତ୍ସବ—1. A great fes-
(ମଉଚ୍ଛବ—ଅନ୍ୟରୂପ) tival. ୨ । ବଡ଼ ଭୋଜି—2.
**মচ্ছব** A great feast. (ଉ—ଗୋଟାଏ ଘରେ
**वडा भोज;** ମେଳା ମଉଚ୍ଛବରେ ପିଠା ଖଜା ଛଅର ଥୁଏ ।
**महोत्सव; महोत्सौ** ଫକୀରମୋହନ. ଗଳ୍ପସ୍ୱଳ୍ପ ।) ୩ । ମଠର
ମହନ୍ତ ଆଦିଙ୍କ ଶ୍ରାଦ୍ଧ ଉପଲକ୍ଷରେ ବୈଷ୍ଣବମାନଙ୍କୁ ଦିଆଯିବା
ଭୋଜି—3. A feast given to Baishnabas on the anniversary of the death of a Mahanta.

ମଉଜ—ବୈଦେ. ବି—(ଫା. ମୌଜ୍=ଲହରୀ; ତରଙ୍ଗ)—୧ । ଆମୋଦ-
Mauja ପ୍ରମୋଦ; ମଜା—1. Amusement. ୨ । ଆନନ୍ଦ-
**মউজ** **मौज** ଲହରୀ—2. A wave of merriment.
୩ । ଇନ୍ଦ୍ରିୟ ଓ ଜିହ୍ୱା ଆଦିର ସୁଖପ୍ରଦ ଆମୋଦ—
3. Pleasure derived from sensual enjoyment. ୪ । ଆନନ୍ଦ—4. Happiness; joy.
୫ । ସୁଖ ଭୋଗ—5. Enjoyment of pleasure.
୬ । ମୌଜା (ଦେଖ)—6. Maujā (See)

ମଉଜ ବେଳ(ଳା)—ଦେ. ବି—(ଫା. ମୌଜ+ସ. ବେଳା)—ମଜାର
Mauja beḷa (ḷā) ସମୟ—A time of amusement
**মৌজের সময়** or merriment. [ଉ—ରଥ ଚଳେ ଧୀରେ ଧୀରେ,
**मौजका समय** ଖରା ମଉଜ ବେଳେ । ଶିଶୁଙ୍କ ରଥ ଗୀତ ।]

ମଉଜ ଭାତ—ଦେ. ବି—(ଶିଶୁ ଭାଷା)—ଶିଶୁମାନଙ୍କ ମନୋରଞ୍ଜନାର୍ଥ
Mauja bhāta ପିତା ମାତା ଭାତ ଡାଲି ଘିଅ ଆଦି ଗୋଳାଇ
**বেড়ে ভাত** କରିଥିବା ଲୋଭନୀୟ ଅନ୍ନ ପିଣ୍ଡ—A ball of rice

पसार भात dal and ghee rolled and kneaded together to attract children.

ମଉଜା—ବୈଦେ. ବି—୧ । ( କଚରଥ ) ( ଅ. ମୌଜା )—ରାଜସ୍ୱ
Maujā ଅଦାୟର ସୁବିଧା ନିମନ୍ତେ ଗୃହ ସମୂହର ବା ଭୂମି ଖଣ୍ଡର
মৌজা मौजा ସମଷ୍ଟି ଦ୍ୱାରା ଗଠିତ ଗ୍ରାମ—1. A village, being the unit of some houses or plots, fixed for revenue purposes. [ଦ୍ର— ଏଥିର ସାଙ୍କେତିକ । ମୌ । ] ୨ । (ଫା. ମୋଜହ୍)
মোজা मोजा ମୋଜା; ଗୋଡ଼ ମୁଣା—2. Stockings. ୩ ।
ঢেউ मौज (ଫା. ମୌଜ୍) ଢେଉ—3 Wave.

ମଉଜାୱାର(ରି)—ବୈଦେ. ବିଣ—(ଫା.) (କଚରଥ)—ଭିନ୍ନ ଭିନ୍ନ
Maujā war(ri) ମଉଜା ସମ୍ବନ୍ଧୀୟ—Relating to different mauzas or villages. (ଯଥା—
মোজা ওয়ারি मौजा वार ମଉଜାୱାରୁ ରେକର୍ଡ଼ସ୍ୱ ।)
(ମଉଜଉଆର [ରି], ମଉଜା ଉଆର[ରି]—ଅନ୍ୟରୂପ)

ମଉଜା ଦାର୍—ବୈଦେ. ବି—(ଫା.ମୌଜା + ପ୍ରତ୍ୟୟ ଦାର୍)—ମଉଜାର
Maujādār ଜମିଦାର—The proprietor of a village
মৌজাদার मौजादार

ମଉଜି—ବୈଦେ. ବିଣ—(ଫା.)—୧ । ଅମୋଦ ପ୍ରିୟ—1. Fond
Mauji of amusements or sensual pleasures.
(ମଉଜିଆ—ଅନ୍ୟରୂପ) ୨ । ଯେଉଁ ବ୍ୟକ୍ତି ସର୍ବଦା ପ୍ରଫୁଲ୍ଲ ଥାଏ—
মজাদার मौजी 2. Always merry. ୩ । ମନ ମଉଜି (ଦେଖ)—3. Mana mauij (See)

ମଉଜି କଡ଼ାଏ (ପଟେ)—ଦେ. ବି—(ବ୍ୟଙ୍ଗ୍ୟ) ଅମୋଦପ୍ରିୟ ବ୍ୟକ୍ତି—
Mauji kardāe (paṭe) (ironical) A person fond
মজাদার লোক of pleasures and amusements; a
आप मौजी happy-go-lucky person.
(ମଉଜିଆ କଡ଼ାଏ [ପଟେ]—ଅନ୍ୟରୂପ)

ମଉଜି ରାମ୍—ଦେ. ବିଣ—୧ ଅତି ନିଶ୍ଚିନ୍ତ—1. Careless.
Mauji rām মৌজী রাম मौजी राम ୨ । ମଉଜି (ଦେଖ)—2. (a person) Fond of amusements. ୩ । ସଂସାରର ଦୁଃଖରେ ନିର୍ଲିପ୍ତ—3. Not irritated or by affected worldly sorrows.

ମଉ(ହୁ)ଜୁତ୍(ଦ୍)—ବୈଦେ. ବିଣ—(ଫା. ମୌଜୁଦ୍)—୧ । ଉପସ୍ଥିତ—
Mau (hu)jut(d) মজুত(দ) 1. Present; at hand.
मौजूद ୨ । ପ୍ରସ୍ତୁତ ହୋଇ ରଖା ଯାଇଥିବା—2. Ready. ୩ । ନଗଦ; ଗଚ୍ଛିତ (ଧାନାଦି)—3. Cash; ready cash,

ମଉଡ଼—ଦେ. ବି—୧ । (ସ. ମୁକୁଟ ପ୍ରା. ମଉଡ଼) ମୁକୁଟ—1. A
Maurda crown. ୨ । ଟୋପି—2. Hat; cap.
মকুট मौर ୩ । (ଫା. ମୋହର୍; ଭୁଲ; ସ. ମୁଦ୍ରା)—ସ୍ୱର୍ଣ୍ଣ ମୁଦ୍ରା;
মোহর मोहर ମୋହର—3. Gold coin. ୪ । (ସ. ମୁକୁଟ;
বাঙ্গলা ঘর कोनिआ घर ପ୍ରା. ମଉଡ଼)—ଚତୁଷ୍କୋଣ ଚୂଳ ଘର; ଯେଉଁ ଘରର ହାତିଅଦା ନ ଥାଏ—4. A house with a tapering quadrangular or pyramidal thatch; a thatched house without a gable.
গরদান ୫ । (ସ. ମୌଳି) ବେକ ପଛ; ଗର୍ଦ୍ଦନ—The nape
मौर of the neck.

ମଉଡ଼କଟା ସୁନା—ଦେ. ବି—ସ୍ୱର୍ଣ୍ଣମୁଦ୍ରା କାଟି କରି ବଣିଆଦ୍ୱାରା ଅଳଙ୍କାର
Maurdakaṭā sunā କରାଇବା ପାଇଁ ବ୍ୟବହୃତ ବିଶୁଦ୍ଧ ସୁନା—
মোহরগলান সোনা Pure gold got from gold coins.
मोहरदार सोना

ମଉଡ଼ ଘର—ଦେ. ବି—ବଙ୍ଗଳାଘର; ଯେଉଁ ଘରର ଚୂଳ ଚତୁଷ୍କୋଣ;
Maurda ghara ଯେଉଁ ଘରର ଚାରିପାଖେ ୪ଟି ତ୍ରିକୋଣ ଚୂଳ
( ମଉଡ଼ମରା ଘର—ଅନ୍ୟରୂପ ) ଥାଏ—A house with a
[ନାଗୁଳିଆ ଘର—ବିପରୀତ] pyramidal thatch.
বাঙ্গলাঘর कोनिया घर

ମଉଡ଼ମଣି-ଦେ. ବି (ସ. ମୁକୁଟମଣି)—୧ । ମୁକୁଟରେ ଥିବା ପଥର—
Maurdamaṇi 1. Gem set in a crown. ୨।(ଲକ୍ଷଣାର୍ଥ)
মকুটমণি ସର୍ବଶ୍ରେଷ୍ଠ ବ୍ୟକ୍ତି; ପ୍ରଧାନ ବା ସରଦାର—2. (figura-
मौर, शिरमौर tive) The chief or head of a class.
( ଉ—ଆପଣ ସ୍ୱଜାତିର ମଉଡ଼ମଣି, ଘଣ୍ଟାଏ ହେଲା ବସିଲେଣି । ଫକୀରମୋହନ. ଗଳ୍ପସ୍ୱଳ୍ପ ) [ ଦ୍ର—ପ୍ରାଚୀନ ଉତ୍କଳର ସ୍ୱାଧୀନ ନରପତିଙ୍କୁ 'ଲକ୍ଷେ ଭଜାରେ ମଉଡ଼ମଣି' ବୋଲି ଲୋକେ କହୁଥିଲେ ।]

ମଉଡ଼ ମାଳ(ଳା)—ଦେ. ବି (ଫା. ମୋହର୍+ସ. ମାଳ)—ସ୍ୱର୍ଣ୍ଣମୁଦ୍ରାର
Maurda māḷa(ḷā) ହାର—A necklace of gold
মোহরেরমালা coins. [ ଉ—ଧୋବଣୀ ବେକରେ ମଉଡ଼ମାଳ,
मोहरमाला ବୋଲୁ ପଡ଼ୁଥେଲା ଝୋଲ । ଗୋରୁଜଗାଟୋକାଙ୍କ ଗୀତ]

ମଉଡ଼ଶେଣୀ—ଦେ. ବି—ମଉଡ଼ମରା ଘରର ଚୂଳ ତଳେ ଓ ଗୃହକାନ୍ଥ
Maurdaśeṇi ଉପରେ ଥିବା ଶେଣୀ ( ଜଗବନ୍ଧୁ. ପ୍ରାଚୀନ ଉତ୍କଳ)-Wall-plates of pyramidal thatched houses.

ମଉଡ଼ା—ଦେ. ବି (ସ. ମୌଳି)—୧ । ପାଗ; ଶିରସ୍ତ୍ରାଣ-1. Helmet.
Maurdā ୨ । ବେକ; ଗ୍ରୀବା—2. Neck. [ଉ—ଅଳପ ପାଗ
পাগড়ী କେଉଁ ମୁଣ୍ଡକୁ, ରୁପି ଅଛନ୍ତି ଖାଲି ମୁଣ୍ଡକୁ, ମଉଡ଼ା
टोप ହେଉଛନ୍ତି କାହାର, ଉଚ୍ଚ ମାପକୁ ଯେ । ବ୍ରଜନାଥ. ସମର
ঘাড় मौर ତରଙ୍ଗ । ]

ମଉ(ହୁ)ତ—ପ୍ରାଦେ (ଯାଜପୁର] ବି. [ଭୁଲ. ହି. ମୌତ; ଅ, ମୌତ୍]—
Mau(hu)ta ୧ । ମୃତ୍ୟୁ—1. Death. ୨ । ମୃତ୍ୟୁର ସମୟ—2. The time of death.

ମଉନ—ଗ୍ରା (ପଦ୍ୟ) ବିଣ ଓ ବି(ସ. ମୌନ)—ମୌନ (ଦେଖ)—
Mauna Mauna (See). [ଉ—ହରଣାଙ୍କ ବିମ୍ବ, ଗୃହି କମ୍ବୁ ବିମ୍ବ, ଅଧର ହେଲୁ ମଉନ । କବିସୂର୍ଯ୍ୟ. ସଙ୍ଗୀତ । ]

ମଉନମାଳା—ଗ୍ରା. ବି (ସ. ମୋହନ ମାଳା)—ସ୍ୱର୍ଣ୍ଣାଦି ଧାତୁ ଗୋଲକରଚିତ
Maunamālā ଗୁମ୍ଫିତ ମାଳା—A necklace of gold or
মোহনমালা मोहनमाला silver balls.

ମଉନ(ନୁ)ମୁହାଁ—ଗ୍ରା. ବଣ.ପୁଂ (ବ୍ୟଙ୍ଗ୍ୟ) (ସଂ. ମୌନମୁଖ)—ମୌନାବ-
Mauna(nu)muhā̃ ଲମ୍ବୀ;ଗୂଢ଼ଷଡ଼ଯନ୍ତ୍ରକାରୀ-(ironical) Silent;
(ମଉନ[ନୁ]ମୁହାଁ—ସ୍ତ୍ରୀ) taciturn to all appearances
ଚୁପସୟତାନ but scheming. [ ଉ—ମଉନମୁହାଁର ଅପାର ଗୁଣ
**मौनमुहाँ** ଭଗ ।] [ଦ୍ର—ମଉନମୁହାଁମାନେ ଭାରି କପଟୀ ବା ଚକ୍ରାନ୍ତ-
ସନ୍ଧାନ ବୋଲି ଲୋକପ୍ରସିଦ୍ଧ ଅଛି ।]

ମଉନା[ନେ]ଇ—ଗ୍ରା. ବ—ଗ୍ରାମଦେବତାଙ୍କ ନାମ—
Maunā[ne]i Name of a popular Goddess.

ମଉନାବତୀ—ଗ୍ରା. ବ [ସଂ. ମୌନବତୀ]-ବେତାଳ ପଞ୍ଚବିଂଶତି କାହାଣୀରେ
Maunābati ବର୍ଣ୍ଣିତ ମୌନବ୍ରତଧାରିଣୀ ରାଜକନ୍ୟାବିଶେଷ—
মৌনাবতী Name of a silent princess of the folk-
tale called Betālapanchabimśati.
[ଦ୍ର—ଏହି ରାଜକନ୍ୟାଙ୍କ ବିବରଣ ଯଥା—ଏକ ଦେଶର
ରାଜକନ୍ୟା ମୌନବ୍ରତ ଧାରଣ କରିଥିଲେ । ତାଙ୍କୁ ଯେ କଥା
କୁହାଇ ପାରିବ ରାଜା ଉକ୍ତ ବ୍ୟକ୍ତିଙ୍କୁ ସେ କନ୍ୟାଙ୍କୁ
ସମ୍ପ୍ରଦାନ କରିବେ ବୋଲି ସତ୍ୟ କରିଥିଲେ । ଅନେକ
ରାଜପୁତ୍ର ଆସି ବହୁ ଚେଷ୍ଟା କରି ବିଫଳପ୍ରଯତ୍ନ ହେଲେ ।
ଶେଷରେ ବୀରବିକ୍ରମାଦିତ୍ୟ ( ଯେ ବେତାଳସାଧନା କରି
ଥିଲେ ) ବେତାଳମାନଙ୍କ ସହିତ ସେ କନ୍ୟା ନିକଟରେ
ପହଞ୍ଚି ବେତାଳମାନଙ୍କ ସଙ୍ଗେ କଥାବାର୍ତ୍ତା ଛଳରେ ଏପରି
କୌଶଳରେ ପ୍ରଶ୍ନ ଓ ଉତ୍ତରମାନ କଲେ (ଯଥା—ଦୋଷୀକୁ
ନିର୍ଦ୍ଦୋଷ, ଅବଧ୍ୟକୁ ବଧ୍ୟ ବୋଲି ଉତ୍ତର କରିବା ) ଯେ,
ମୌନାବତୀ ଏହା ଶୁଣି ଆଉ ସମ୍ଭାଳି ହୋଇ ରହି ପାରିଲେ
ନାହିଁ, ଓ ଉକ୍ତ ଅନ୍ୟାଯ୍ୟ ଉତ୍ତରମାନଙ୍କର ପ୍ରତିବାଦ କରିବା
ପାଇଁ ପାଟି ଫିଟାଇଲେ । ତାଙ୍କ ମୌନବ୍ରତଭଙ୍ଗ ହେବାରୁ
ବୀର ବିକ୍ରମାଦିତ୍ୟ ଉକ୍ତ କନ୍ୟାଙ୍କୁ ବିବାହ କଲେ । ]

ମଉନାବେଶୀ—ଗ୍ରା. ବ (ସଂ. ମୌନ+ବେଶ)—ମଉନ ବ୍ରତ ଧାରଣ
Maunābesi କରିଥିବା ସ୍ତ୍ରୀ—A woman who was
taken the vow of keeping silence,

ମଉନୀ ବାବାଜି(ବାବା)—ଗ୍ରା. ବ—ଯେଉଁ ବାବାଜି ମୌନ ବ୍ରତ
Mauni bābāji(bābā) ଅବଲମ୍ବନ କରି ଥାଆନ୍ତି—
মৌনীবাবা An anchorite who has taken the vow
**मौनीबाबा** of silence.

ମଉର(ରୁ)ସ(ସି)—ବୈଦେ. ବଣ ଓ ବ ( ଆ. ମୌରୁସୀ )—
Maura(ru)sa(si) ମୌରସ(ସି) (ଦେଖ)— Maurasa(si)
(See) (ଉ—ଔଯାଧିକ ରାଜା ଉଚ୍ଚାସନେ ରୁଷି, ଛୁଷ୍ଟ
ହେଉଛନ୍ତି ରାଜା ମଉରୁସି । ରାଧାନାଥ. ଦରବାର ।)

ମଉ(ହୁ)ରାଡ଼ି(ଲି)—ଦେ. ବ ( ସଂ. ମୁରଲ; ମଧୁରାଳିକା )—ମଧୁର
Mau(hu)rārdi(li) ଜଳରେ ବାସ କରୁଥିବା ଏକ ପ୍ରକାର
মৌরলা କ୍ଷୁଦ୍ର ମତ୍ସ୍ୟ—A tiny fresh water fish;
**मौराली, खेसरा** Aspidoparia Marar.
[ଦ୍ର—ଏ ମାଛ ୩।୪ ଅଙ୍ଗୁଳି ପର୍ଯ୍ୟନ୍ତ ବଢ଼ନ୍ତି । ଏମାନଙ୍କ
ଦେହରେ କ୍ଷୁଦ୍ର କ୍ଷୁଦ୍ର କାଣ୍ଟି ଅଛି; ଉଦର ଗୋଲ, ମୁହଁ
ଛୋଟ, ମୁଛ ନାହିଁ; ଏ ମାଛ ଖାଇବାକୁ ଖୁବ୍ ରୁଚିକର ଓ
ରୋଗୀର ପଥ୍ୟ ରୂପେ ବ୍ୟବହୃତ ହୁଏ । ]

ମଉର୍ବୀ—ଗ୍ରା. ବ ( ପଦ୍ୟ ) ( ସଂ. ମୌର୍ବୀ )—ଧନୁର ଗୁଣ—
Maurbi Bow-string. (ଉ—ଭୃକୁ ଧନୁ ଅଞ୍ଜନ ମଉର୍ବୀକ
(ମଉର୍ବୀକ—ଅନ୍ୟରୂପ) ରଞ୍ଜନ ।.ଅଭିମନ୍ୟୁ. ବିଦଗ୍ଧ ଚିନ୍ତାମଣି ।)

ମଉଲ (ଇତ୍ୟାଦି)—ଦେ. ବ—ମହୁଲ ଇତ୍ୟାଦି ( ଦେଖ )
Maula (etc) Mahula etc. ( See )

ମଉଳ(ଳି)—ଦେ. ବ ( ସଂ. ମୌଳି )—୧ । ମସ୍ତକ—1. Head.
Mauḷa(ḷi) ୨ । ଦେବମୂର୍ତ୍ତିର ମସ୍ତକରେ ଥିବା ମୁକୁଟ—2.
**मौर** Crown on the head of an image.
মৌড় ଦେ. ବଣ ( ଲକ୍ଷଣାର୍ଥ )—ଶ୍ରେଣୀମଧ୍ୟରେ ଶ୍ରେଷ୍ଠ—
( figurative ) Best of a class. ( ଉ—
ଫୁଲ ଗୁନ୍ଥୁ ଗୁନ୍ଥୁ ଚଳନ୍ତେ ସହସା ଦେଖିଲ୍ଲ ଯୁବା-ମଉଳ ।
ରାଧାନାଥ. ଯଯାତି । )

ମଉଲ—ଦେ. ବ—ମହୁଲ ( ଦେଖ )
Maula Mahula ( See )

ମଉଲ(ଲା)ନା—ବୈଦେ. ବ (ଫା)—ମୌଲନା ( ଦେଖ )
Maula(lā)nā Maulanā (See)

ମଉଲବୀ—ବୈଦେ. ବ—(ଅ ମୌଲବୀ)—ମୌଲବୀ (ଦେଖ)
Maulabi Maulabi (See)

ମଉଲ(ନା) ମୁଗୁ(ଗ)ଲ—ଦେ. ବ—ଭାରତକୁ ଭବିଷ୍ୟତରେ ଆକ୍ରମଣ
Maula(nā) mugu(ga)la କରିବା ବୈଦେଶିକ ମୋଗଲ ବା
(ମଡ଼ନା ମୁଗୁଲ—ଅନ୍ୟରୂପ) ମୁସଲମାନ୍ ଶତ୍ରୁର କାଳ୍ପନିକ ନାମ
(ଜଗନ୍ନାଥ,ଭାଗବତ)—Name of some foreign
invader whose invasion of India has
been foretold in the Bhāgabata. [ ଉ—
ଏମନ୍ତେ ମଉଲ(ନା) ମୁଗୁଲ, ପୃଥ୍ୱୀକି ହୋଇବେ ସେ ଶଲ୍ୟ ।
ଜଗନ୍ନାଥ. ଭାଗବତ । ] [ ଦ୍ର—ଭାଗବତରେ ଲେଖା
ଅଛି ଯେ କଳିଯୁଗ କ୍ରମଶଃ ଅଗ୍ରସର ହେଲେ ଲୋକେ
ଧର୍ମଚ୍ୟୁତ ହେବେ, ସଂସାରରେ ପାପ ଭାର ବଢ଼ିବ, ଦେଶକୁ
ବିଦେଶୀମାନେ ଆକ୍ରମଣ କରିବେ ଓ ମଉଲ(ନା) ମୁଗୁଲ
ଭାରତକୁ ବ୍ୟତିବ୍ୟସ୍ତ କରିବେ । ]

ମଉ(ହ, ହୁ) ଳା—ଦେ. ବ—୧ । (ସଂ. ମାତୁଳ)—ମାତୁଳ; ମାମୁ—
Mau(ha, hu)ḷā 1. Mother's brother; maternal
মামা uncle. [ ଉ—ବାର ବରଷ ମଉଳା ପୋଷେ,
**मामा** ଖୁଡ଼ୁଡ଼ା ଦେଖିଲେ କୋଡ଼ରେ ବସେ । ଢଗ । ] ୨ ।
মহালয়া [ ସଂ. ମହାଳୟା ] ମହାଳୟା [ ଦେଖ ]—
**महालया** 2. Mahālayā (See) ୩ । ମାତୁଳ ସମ୍ବନ୍ଧୀୟ—
3. Relating to one's mothe'rs brother.

ମଉ[ହ,ହୁ]ଳା ଅମାବାସ୍ୟା—ଦେ.ବ—[ ସଂ. ମହାଳୟା ଅମାବାସ୍ୟା ]—
Mau(ha,hu) ḷā amāsyā ଆଶ୍ୱିନ ମାସ ଅମାବାସ୍ୟା—The
মহালয়া newmoon of the month of Āswina.
**महालया** [ଦ୍ର—ଏ ଦିନ ମହାଳୟା ଶ୍ରାଦ୍ଧ କରିବା ବିହିତ ।]

ମଉଲା(ଲେ)ଇବା—ଦେ. କ୍ରି ( ମଉଳିବା କ୍ରିୟାର ଣିଜନ୍ତରୂପ;
Mauḷā(ḷe)ibā The causative form of Mauḷibā),
শুকান ୧ । ଝାଉଁଳିବାର ଉପାୟ କରିବା—1. To cause to
**मौलाना** wither. ୨ । ( ସଂ. ମଳିନ ) ମଳିନ କରିବା—

2. To cause to turn pale. ୩ । ସଭା ଆଦି ଭଙ୍ଗାଇବା—3. To cause a meeting or assembly to disperse.

**ମଉଳା ଛତୁ**—ଦେ. ବି—ଏକ ପ୍ରକାର ଛତୁ—A kind of Maulā chhatu mushroom. [ ଦ୍ର—ଏହା ଆଶ୍ୱିନ ବା କାର୍ତ୍ତିକ ମାସରେ ଜନ୍ମେ । ଏହାର ନାଡ଼ ଗଛର ମାଞ୍ଜିରୁ ଉଠିବା ଛତୁର ନାଡ଼ପରି ସାର୍ଘ, କିନ୍ତୁ ଉପର ଛତି ଅନ୍ୟ ଛତୁର ଛତି ଅପେକ୍ଷା ବଡ଼ ।]

**ମଉଳା ନିମନ୍ତ୍ରଣ**—ଦେ. ବି ( ସଂ. ମାତୁଳ + ନିମନ୍ତ୍ରଣ )—ବାଳକର Maulā nimantraṇa ଉପନୟନ ବା ବାଳିକାର ବିବାହ ମାମାରବାଡ଼ୀ ତତ୍ତ୍ୱ ପୂର୍ବରୁ ମାମୁଙ୍କ ନିକଟକୁ ପଠାଯିବା ନିମନ୍ତ୍ରଣ—Formal invitation sent with a tray to boy's or girl's maternal uncle before the boy's 'upanayana or girl's marriage is performed. [ଦ୍ର—ଗୋଟିଏ ଡାଲାରେ ପାଣ୍ଟି, ନଡ଼ିଆ, ଗୁଆ, ମହାପ୍ରସାଦ ଓ ତାଳପତ୍ରରେ ଲିଖିତ ନିମନ୍ତ୍ରଣ ପତ୍ର ଘଣ୍ଟାବାଦ୍ୟ ମାମୁଙ୍କ ନିକଟକୁ ପଠାଯାଏ ଓ ଘଣ୍ଟା ସଙ୍ଗେ ଜଣେ ଘଣ୍ଟୁଆ ଓ ଜଣେ ମଙ୍ଗୁଳିଆ ଯାଆନ୍ତି । ବ୍ରତରେ ବା ବିବାହ ଉତ୍ସବରେ ମାମୁ ଯୋଗ ଦେଇ ଭଣ୍ଡ ପାଣ୍ଟି ପିନ୍ଧନ୍ତି ।]

**ମଉ(ହ)ଳା ପକ୍ଷ**—ଦେ. ବି (ସଂ. ମହାଳୟା ପକ୍ଷ)—ପିତୃପକ୍ଷ; ଅପର ପକ୍ଷ; Mau(ha)lā paksha ଆଶ୍ୱିନ କୃଷ୍ଣପକ୍ଷ—The dark ପିତୃପକ୍ଷ **पितृपक्ष** fortnight of the month of Āswina.

**ମଉଳାପୁଅ ଭାଇ**—ଦେ, ବି (ସଂ. ମାତୁଳ ପୁତ୍ର + ଭ୍ରାତୃ —ମାମୁପୁଅ ଭାଇ—Maulāpua bhāi One's cousin, being the son of ମାମାତো ভাই **ममेरा भाइ** one's maternal uncle.

**ମଉଳା ଭଞ୍ଜା**—ପ୍ରାଦେ (ସମ୍ବଲପୁର) ବି. (ସଂ ମୌଳି)—୧ । ଖଳଘରର Maulā bhañjā ମଥାନ ବା ଭୁଜ—1. The ridge or topmost strip of a trangular thatch. ୨ । ଖଳଘରର ଦୁଇ ଖଳର ମଥାନ ମଧ୍ୟରେ ପଡ଼ିଥିବା ଏକ ହାତ ଚଉଡ଼ା ଛଣର ଚାଟି—2. A plate of straw put on the ridge of gabled thatches.

**ମଉଳାଶୁଭ**—ଦେ. ବି. ପୁଂ (ସଂ. ମାତୁଳ ଓ ଶ୍ୱଶୁର )—ମଳାଶୁର; Maulāśubha ଆପଣା ସ୍ୱାମୀଙ୍କର ବା ସ୍ତ୍ରୀଙ୍କର ମାତୁଳ—(ମଉଳା ଶଶୁର, ମଳାଶୁର—ଅନ୍ୟରୂପ) One's husband's or ମଉଳା ଶାଶୁ } ସ୍ତ୍ରୀ ମଳାଶାଶୁ } wife's maternal uncle. [ ଦ୍ର—ଆମ ସମାଜରେ ମଉଳାଶୁଭ ଓ ଭଣଜାବୋହୂ ମାମାশ্বশুর ପରସ୍ପର ମୁହଁ ଚାହିଁବାର ଓ ଅଇଣ୍ଠା ଛୁଇଁବାର ନିଷିଦ୍ଧ ।] **ममेरासस्रुर, ममियासस्रुर**

**ମଉ(ହ)ଳା ଶ୍ରାଦ୍ଧ**—ଦେ. ବି (ସଂ. ମହାଳୟା ଶ୍ରାଦ୍ଧ)—ପିତୃପକ୍ଷରେ ବା Mau(ha)lā śrāddha ଆଶ୍ୱିନ କୃଷ୍ଣପକ୍ଷରେ କରାଯିବା ପିତୃ. মহালয়াশ্রাদ্ধ ଶ୍ରାଦ୍ଧ—The Srādha offered to one's **महालयाश्राद्ध** ancestors during the dark fortnight of Āswina. [ ଦ୍ର—ଯେ କୌଣସି ମାସର ଯେଉଁ ତିଥିରେ ଆପଣାର ପିତା ମରିଥାଆନ୍ତି ପିତୃପକ୍ଷର ସେହି ତିଥିରେ ମହାଳୟା ଶ୍ରାଦ୍ଧ କରାଯାଏ । ସେ ତିଥିରେ ଶ୍ରାଦ୍ଧ କରିବାକୁ ଅକ୍ଷମ ବ୍ୟକ୍ତି ପକ୍ଷରେ ଅମାବାସ୍ୟା ଦିନ ମହାଳୟାଶ୍ରାଦ୍ଧ ଅବଶ୍ୟ କର୍ତ୍ତବ୍ୟ । ]

**ମଉଳିବା**—ଦେ. କ୍ରି (ସଂ. ମ୍ଳୈ ଧାତୁ = ମ୍ଳାନ ହେବା)—୧ । ମ୍ଳାନ Maulibā ହେବା—1. To become pale. (ଦ୍ର—କେତେ ଶুকিয়েযাওয়া ସୁକୁମାର ବସ୍ତୁ ସଙ୍ଗେ ଅବା ମଉଳିଯିବ ପରଶେ । **मौलना** ରାଧାନାଥ. ପାର୍ବତୀ ।) ୨ । ଝାଉଁଳି ଯିବା—2. To wither. ( ଦ୍ର—ଏକମାତ୍ର ପାରିଜାତ ଭାରତନନ୍ଦନକୁ । ସନ୍ତୋଷ ମଉଳ କହୁ । ଚନ୍ଦ୍ରମଣି କନ୍ଦମାଦନ୍ୟ ।) ୩ । ନିସ୍ତେଜ ହେବା—3. To be shorn of lustre. ୪ । ଗର୍ବ ବା କ୍ରୋଧ ତ୍ୟାଗ କରି ନତ ହେବା; ନମ୍ର ହେବା—4. To climb down; to become crestfallen. ভঙ্গহওয়া ୫ । (ସଭା ଆଦି) ଭାଙ୍ଗି ଯିବା—5. To disperse. (said of an assembly or meeting.

**ମଉ(ହୁ)ଶଯ୍ୟା**—ଦେ. ବି (ସଂ. ଶଯ୍ୟା)—ମଧୁ ଶଯ୍ୟା ( ଦେଖ ) Mau(hu)śajyā Madhu śajyā ( See ) ফুল শয্যা **कोहबर शय्या**

**ମଉ(ହୁ)ଷଧ(ଧି)**—ଗ୍ରା· ବି (ସଂ. ମହୌଷଧ)—ଅବ୍ୟର୍ଥ ଔଷଧ—Mau(hu)shadha(dhi) An unfailing medicine; মহৌষধ **महौषध** panacea. [ଦ୍ର—ହରନ୍ତି ପ୍ରାଣୀଙ୍କର ବ୍ୟାଧି, ଉଅଇ ମନ୍ତ୍ର ମଉଷଧି । ଜଗନ୍ନାଥ. ଭାଗବତ ।]

**ମଉସମ**—ଦେ. ବି—ମୌସୁମୀ ବାୟୁ (ଦେଖ)—Mausumi bāyu Mausama (See) [ଦ୍ର—ସମୁଦ୍ରଗାମୀ ସହସ୍ରାଧିକ ଜାହାଜ ନଦୀ ଜଳକୁ ଆଚ୍ଛାଦନ କରି ମଉସମ ସମୟରେ ବାଲେଶ୍ୱର ବନ୍ଦର ଘାଟରେ ଲାଗିଥିଲେ । ଫକୀର ମୋହନ. ଗଳ୍ପସ୍ୱଳ୍ପ ।]

**ମଉସା**—ଦେ· ବି. ପୁଂ (ସଂ. ମାତୃଷ୍ୱସା = ମାଉସୀ; ମାଉସୀଙ୍କ ପୁଂଲିଙ୍ଗ Mausā ଆକାର)—ମାଆଙ୍କର ଭଗ୍ନୀପତି—One's mother's মাসা, মেসা, মেসো **मौसा** sister's husband.

**ମଏ**—ଦେ. ଅ ( କଟକଅ ) ( ଫା. ମାୟ; ଭୁଲ ସଂ. ମଧ୍ୟ )—Mae ୧ । ସହିତ—1. With; together with. ୨ । ମଧ୍ୟ; মায় ଏବଂ—2. Also; and. ୩ । ଅମୁକକୁ ମିଶାଇ—**माय** 3 Including. ଗ୍ରା. ଅ (ପ୍ରାଚୀନ) (ସଂ. ମୟ; ଅନ୍ୟ ଶବ୍ଦ ସଙ୍ଗେ ଲାଗେ, ଦୁଃଖ ମଏ) —ସ 'ମୟ' ପ୍ରତ୍ୟୟ—Full of. [ଦ୍ର—ଯେ ଭାଷା କୋଟି କୋଟି ମୋହ ମଏ, ନ ଦେବୁ ସୁନା ଯାଚଲେ କହାଏ । ପ୍ରାଚୀ. ଫରତେ ଗୀତା] କ୍ରି. ବିଣ (ସଂ. ମୟ)—ବ୍ୟାପକ ରୂପେ—Through-ময়, তমাম out. (ଯଥା—ସେଗ ଦେଶମଏ ବ୍ୟାପିଗଲା ।) **मय, तमाम** ଦେ. ବି—ପଶୁ ଆଦି ଜୀବଙ୍କର ଋତୁକାଳ—The ঋতু rut period of different animals; the **थिराना** mating period of animals; the time of heat of animals.

ମଏଁ—ପ୍ରାଦେ. (ସମ୍ବଲପୁର) ସର୍ବନାମ (ଭୁଲ ହୁ. ମୈଁ)—
Maeñ ମୁଁ; ଅମ୍ଭେ—I.

ମଏ(ୟ)କାଳ—ଦେ. ବି—ପଶୁ ଅଦ ଜାତଙ୍କର ଋତୁ ବା ସଙ୍ଗମକାଳ—
Mae(ya)kāla The period of rut of animals; mating season of animals.
ଋତୁ ସମୟ
थिरानेका समय [ମଏ(ୟ)ବନ, ମଏ ଋତୁ—ଅନ୍ୟରୂପ]

ମଏ(ୟ, ଥ)ଣ—ଦେ. ବି ( ସଂ. ମଦନ )—୧ । ଏକ ପ୍ରକାର କଣ୍ଟକୀ ଗୁଳ୍ମ—1. A medicinal bushy plant; the Bushy Gardenia: Randia Dumetorum.
Mae(ya, a,)ṇa
ସଂ. ମଦନ, ମଦନକଣ୍ଟକ, ପିଣ୍ଡ, ନଟ, କରହାଟ, ଶଲ୍ୟକ, ଧାତୁଫଳ, ଶଲ୍ୟ, ଛର୍ଦ୍ଦନ, ବସପୁଷ୍ପ, ପିଣ୍ଡୀତକ, ମରୁବକ
[ଦ୍ର—ଏହା ଅଣ୍ଡୁଥାର ବର୍ଗର ବନ୍ୟ ଗୁଳ୍ମ । ଶୁଷ୍କିଲା ପଡ଼ିଆରେ ଏହି ଗଛ ଉଠେ । ଗଛରେ ସିଧା ସିଧା ଲମ୍ବ କଣ୍ଟା ଥାଏ । ଏହାର ଫୁଲ ଶ୍ୱେତ, ଧଳା ଓ ପଞ୍ଚଦଳ ବଶିଷ୍ଟ; ଫଳ ପିଣ୍ଡାକାର । ଫୁଲ ଓ ଫଳ ଔଷଧରେ ବ୍ୟବହୃତ ହୁଏ; ଏହା ହୃଦ୍ୟ, ବ୍ରଣ, କୁଷ୍ଠ, କଫ, ଅନାହ, ଶୋଥ ଓ ଗୁଳ୍ମ ବ୍ରଣ ନାଶକ ।]
मयना फल, मअेना, मअेना काँटा
मैन फल, करहर
ତେ. ବସନ୍ତ, ମଣ୍ଡଚେଟ୍ଟୁ, ମାଙ୍ଗ]
ମ. ମେଣାଫଳ
ଗୁଜ୍ରାଟୀ -ଗମଯମା, ଘସଘସା,
ଭୁଗାଲୀ
ତା. ମରୁକକ୍କରମ୍
ମ. ମେଣ୍ଟ
ଗୁ. ଚାଲ
୨ । ଏକ ଜାତୀୟ ବଡ଼ ବନ୍ୟ ଗଛ; ମହା ପିଣ୍ଡୀତକ—Randia Longispina.

ମଏଦାନ୍—ପ୍ରାଦେ. (ସମ୍ବଲପୁର) ବୈଦେ (ଫା) ବି—ମଇଦାନ (ଦେଖ)
Maedān Maidāna ( See )

ମଏ ମତ୍ତ(ନ୍ତା)—ଗ୍ରା. ବଣ ( ସଂ. ମଦମତ୍ତ )—ମତ୍ତ; ଉନ୍ମତ୍ତ—
Mae mattā (ntā) Wholly absorbed; intoxicated.
मद मत्त ( ଭ—ହର ଭବେ ମଦ୍ୟ ପାନେ ସର୍ବେ ମଏମତ୍ତ ।
मदमस्त, मैमंत ପ୍ରାଚୀ. କୃଷ୍ଣକରୂପଣ ଗୀତା ।)

ମଏ(ୟ) ଜିବା—ଦେ. କ୍ରି—୧ । (ପଶୁ ଅଦ; ସ୍ତ୍ରୀ ପୁରୁଷ) ସଙ୍ଗମ କରିବା—
Mae(ya) jibā 1. To copulate (said of beasts).
ପାଲ ଦେଖା ୨ । (ଜାବ ଜନ୍ତୁ ଅଦ) ଋତୁମତୀ ହେବା—
उहाना, बाहाना 2. To have menses (said of animals in rut); to be in heat.
थिराना

ମଏଲ୍‌କା—ପ୍ରାଦେ. (ସମ୍ବଲପୁର) ବି— ମାଟିର ଦୁଉ ବା ସରା—
Mael-kā Earthen saucer or pan.

ମଏଲ୍‌ଛା—ପ୍ରାଦେ. (ସମ୍ବଲପୁର) ବଣ (ସଂ. ମ୍ଲେଚ୍ଛ)—
Mael-chhā ଝୋଟଗ୍; ମଳଅ—Dirty; filthy.

ମଂଜିରା—ପ୍ରାଦେ. (ବସ୍ତର) ବି (ସଂ. ମଞ୍ଜୀର)—ମନ୍ଦିରା; ଗିନି—
Mamjirā (ମଁଜିରା—ଅନ୍ୟରୂପ) Small cymbals.

ମଁଗ—ପ୍ରାଦେ. (ସମ୍ବଲପୁର) ବି—ମଙ୍ଗ ( ଦେଖ )
Mañg Mañga ( See )

ମଁଜ—ପ୍ରାଦେ. (ସମ୍ବଲପୁର) ବି—ମଞ୍ଜ ( ଦେଖ )
Mañj Mañja ( See )

ମଁଜି—ପ୍ରାଦେ. (ସମ୍ବଲପୁର) ବି—ମଞ୍ଜି ( ଦେଖ )
Mañji Mañji ( See )

ମଁଡ୍‌ବା—ପ୍ରାଦେ. (ବସ୍ତର) ବି—ମଣ୍ଡିବା ( ଦେଖ )
Mañd-bā Maṇḍibā ( See )

ମଁଡ଼(ଡ଼ି)ଆ—ପ୍ରାଦେ. (ବସ୍ତର) ବି—ମାଣ୍ଡିଆ ( ଦେଖ )
Mañrdi(di)ā (ଭୁଲ. ହୁ. ମଁଡୁଆ) Māṇḍiā ( See )

ମଁଦ୍—ପ୍ରାଦେ. (ସମ୍ବଲପୁର) ବି (ସଂ. ମଦ୍ୟ)—ମଦ—Wine.
Mañd ବଣ (ସଂ. ମନ୍ଦ)—ମନ୍ଦ—Bad.

ମକ୍ (ଧାତୁ) —ସଂ—ଭୂଷିତ କରିବା—To adorn.
Mak (root) [ମକ୍‌ଡ଼ (ଧାତୁ—ଅନ୍ୟରୂପ)]

ମକ୍‌ତବ୍ —ବେଦେ. ବି (ଫା)—ଆରବୀ ଓ ଫାରସୀ ଭାଷା ପଢ଼ିବାର ପ୍ରାଥମିକ ବିଦ୍ୟାଳୟ—Primary school for teaching the Persian and Arabic languages.
Mak-tab
मक्तब
मकतब (ମକ୍ତବ୍-ଅନ୍ୟରୂପ)

ମକ୍(ଖ)ମଲି—ପ୍ରାଦେ. (ବସ୍ତର) ବି—ଗେଣ୍ଡୁ ଫୁଲ; କୁସୁମ ଫୁଲ—
Mak-(kh)-mali Safflower; Carthamus Tinctorius.

ମକଚା—ଦେ. ବି (ସଂ. ମଳନ)—୧ । ମୋଡ଼ିବା—1. Twisting; wrenching. ୨ । ଦଳନ; ଦଳା; ମଳା—
Makachā
मचका 2. Trampling; treading; bruising.
मसलना ଦେ. ବଣ—ଦଳିତ—Bruised; trodden; trampled; sprained.

ମକଚା(ଚେ)ଇବା—ଦେ. କ୍ରି—(ମକଚିବା କ୍ରିୟାର ଣିଜନ୍ତ ରୂପ—
Makachā(che)ibā The causative form of Makachibā).
मचकाना मसलाना
ଦଳାଇବା—To cause to be bruised; crushed or trampled.

ମକଚିବା—ଦେ. କ୍ରି—(ସଂ. ମଳ ଧାତୁ)—୧ । ମଳିବା; ଦଳିବା—
Makachibā 1. To tread; to bruise; to crush.
मचका मसकना [ଦ୍ର—ସେ ଗଛର ପବନ ବାଜି ସମସ୍ତେ ଅଛି ମକଚ, ଛଡ଼ିଲୁ ଉଠିଲା ପର ଉଠି ବସିଲେ । ମାଲକଣ୍ଡି ପିଲଙ୍କ ସମାସୃଣ ।] ୨ । ମୋଡ଼ି ଦେବା—2. To sprain; to twist; to wrench.

ମକଡ଼ା—ପ୍ରାଦେ. (ଅଠମଲ୍ଲିକ ବି—(ଭୁଲ. ହୁ. ମକଡ଼ା)—ବୁଢ଼ିଅଣୀ;
Makarḍā माकड़ा—Spider.

ମକଦ(ଦ୍ଦ)ମ—ବୈଦେ. ବି—( ଫା. ମୁକଦ୍ଦମ୍—ଶ୍ରେଷ୍ଠ; ପ୍ରାଚୀନ )—
Makada(dda)ma ୧ । ଜମିଦାର ଓ ପ୍ରଜାଙ୍କର ମଧ୍ୟସ୍ଥିତ ମଧ୍ୟସ୍ୱତ୍ୱାଧିକାର; ଯେଉଁ ବ୍ୟକ୍ତି ପ୍ରଜାଙ୍କଠାରୁ ଖଜଣା ଅଦାୟ କର ଆପଣାର ଉର୍ବାରତ ମାଲିକାନା କାଟି ନେଇ ବାକି ଖଜଣା ଜମିଦାରଙ୍କୁ ଦିଏ—1. A tenure holder under a zamindar. ୨ । ଗ୍ରାମାଧିକାରୀ—2. The proprietor of a village. ୩ । ଗ୍ରାମର ସରଦାର 3. Village headman. [ଭ—ଲୋକେ ପଣ୍ଡୁରଲେ କ ବୋଲି ବୋଲିବ ? ମୁଁ ତ ଗାଆଁ ମକଦମ ହୋଇ । ଚଗ ।] ୪ । ରେଳବାଇ କୁଲିଦଳଙ୍କ ସରଦାର—4. A sardar of a gang of Railway coolies. ପ୍ରାଦେ. (ସମ୍ବଲପୁର) ବି—ଡେପୁଟି କମିଶନରୁ ବା ତହସିଲଦାରଙ୍କ ଦ୍ୱାରା ନିଯୁକ୍ତ ଗ୍ରାମର ଶାସନାଧିକାରୀ ବ୍ୟକ୍ତି—Exe-
मकद्दम
मुकद्दम

cutive head of a village appointed by the Deputy Commissioner or Tahasildar.

ମକଦ(ଦ୍ଦ)ମା—ବୈଦେ. ବ ( ଫା. ମୁକଦମା )—ମାମଲା; ଅଦାଲତରେ ଉପସ୍ଥାପିତ ଅଭିଯୋଗ—Case in court; litigation. [ ଦ୍ର—ଭିନ୍ନ ଭିନ୍ନ ଅଦାଲତରେ ଦାଏର ହେବା ମକଦମାର ଭିନ୍ନ ଭିନ୍ନ ନାମ ଅଛି । ଯଥା—ଫଉଜଦାରୀ ବା ଫୌଜଦାରୀ ମକଦମା, ଦେଓ୍ୱାନୀ ବା ଦେୱାନୀ ମକଦମା, ଦଉରା ବା ସେସନ ମକଦମା । ଯେଉଁ ପକ୍ଷ ଅଦାଲତରେ ଜୟଲାଭ କରେ ତାର ମକଦମା ଡିଗ୍ରି(କ୍ରି) ହେଲା ଓ ଯେ ହାରେ ତା ମକଦମା ଡିସ୍‌ମିସ୍ ହେଲା ବୋଲାଯାଏ । ମକଦମା ସମ୍ପର୍କରେ ଅନେକ ଗୁଡ଼ିଏ ଇଂରାଜୀ ଓ ଫାର୍ସୀ ଶବ୍ଦ ଭାଷାରେ ପଶିଛି । ଯଥା—ଓ୍ୱାରେଣ୍ଟ, ଇସୁ, ଓ୍ୱାଜ୍ନାବଦର୍, ଅପିଲ୍, ମୋସନ୍, ସାଏଲ୍, ଅସାମୀ, ମଜହର, ମଜହରନାମା, ମୁଦେଇ, ମୁଦାଲା, ଫିରଯାଦ, ଉମେଦ୍, ଅରଜି, ଜବାବ୍, ସମନ, ମିଥ୍ୟା, ନୋଟିସ୍ । ]
Makada(dda)mā
মো(ম)কদ্দমা
**मुकदमा**

ମକଦମା କରିବା—ଦେ. କ୍ରି—ଅଦାଲତରେ ଅଭିଯୋଗ ଆଣିବା—To file a suit or complaint in court.
Makadamā karibā
মকদ্দমা করা **मुकदमा करना**

ମକଦମା ଖର୍ଚ୍ଚ(ର୍ଚ୍ଚା)—ବୈଦେ ବ ( ଫା. ମୁକଦମା+ଖର୍ଚ୍ଚା )—ଅଦାଲତରେ ବା କଲେକ୍ଟରରେ ମକଦମା ପାଇଁ କରାଯିବା ଆଇନ୍ ନିର୍ଦ୍ଧାରିତ ବ୍ୟୟ—Costs of a suit; expenses of litigation which are recognised by law. [ ଦ୍ର—ମକଦମାର ପକ୍ଷମାନେ ପ୍ରକୃତରେ ମକଦମାରେ ଯାହା ବ୍ୟୟ କରିଥାଆନ୍ତି ତାହା ମକଦମା ଖରଚ ବୋଲି ଅଦାଲତ ସ୍ଥିର କରନ୍ତି ନାହିଁ । କିନ୍ତୁ ଆଇନ୍ ଅନୁସାରେ ମକଦମାର ଭିନ୍ନ ଭିନ୍ନ ତଦବୀର ପାଇଁ ଯେଉଁକି ବ୍ୟୟ କରାଯିବ ବୋଲି ସରକାରଙ୍କ ଆଇନରେ ନିର୍ଦ୍ଧାରିତ ହୋଇଅଛି ତାହା ମକଦମା ଖରଚ ବୋଲି ଧରାଯାଏ । ]
Makadamā kharcha(rchā)
[ମକଦମା ଖରଚ(ଚ୍ଚ)—ଅନ୍ୟରୂପ]
মকদ্দমা খরচ
**मुकदमा खर्चा**

ମକଦମା ଡିକ୍ରି(ଗ୍ରି)—ବୈଦେ. ବ ( କଚରିଆ ) ( ଫା. ମୁକଦମା+ଇଂ. ଡିକ୍ରୀ )—୧ । ମକଦମାରେ ( ଏକପକ୍ଷର ) ଜୟଲାଭ—1. Victory of one of the parties to a suit. ୨ । ମକଦମାରେ ବାଦୀର ଜୟଲାଭ—2. A case being decided in favour of the plaintiff.
Makadamā dikri(gri)
মকদ্দমা ডিগ্রী
**मुकदमा डिग्री**

ମକଦମା ଡିସମିସ୍—ବୈଦେ. ବ ( କଚରିଆ ) ( ଫା. ମୁକଦମା+ଇଂ. ଡିସ୍‌ମିସ୍ )—୧ । ମକଦମାରେ ଏକପକ୍ଷର ପରାଜୟ—1. Defeat of one of the parties to a suit. ୨ । ମକଦମାରେ ବାଦୀର ଦାବୀର ନାମଞ୍ଜୁର—2. The dismissal of the plaintiff's claim.
Makadamā dis-mis
মকদ্দমা ডিসমিস
**मुकदमा डिसमिस**

ମକଦମା ଦାଏ(ୟ)ର୍(ରି)—ବୈଦେ. ବ ( ଫା. ମୁକଦମା+ଦାୟର )—କୌଣସି ବ୍ୟକ୍ତି ବିରୁଦ୍ଧରେ ମକଦମାର ଉପସ୍ଥାପନ—Institution or filing of a case.
Makadamā dāe(ya)r(ri)
মকদ্দমা দায়ের
**मुकदमादायेर**

ମକଦମା ବାଜ୍—ବୈଦେ. ଣ ( ଫା. ମୁକଦବାଜ୍ )—ମାମଲା ପ୍ରିୟ—Addicted to litigation; litigious.
Makadamā bāj
(ମକଦମାବାଜୀ—ବି)
মকদ্দমা বাজ **मुकमे बाज**

ମକଦମା ମାମଲା—ବୈଦେ. ବ ( ଏକାର୍ଥକ ଯୁଗ୍ମ ଶବ୍ଦ; ଫା. ମୁକଦମା+ମୁଆମଲା )—ମକଦମା ଆଦି—Litigation.
Makadamā māmalā
মামলা মকদ্দমা **मामला मुकदमा**

ମକଦମା ଲଢ଼ିବା—ଦେ. କ୍ରି ( କଚରିଆ )—ଅପର ପକ୍ଷ ବିରୁଦ୍ଧରେ ଅପରାଜେୟର ଉଦ୍ଦେଶ୍ୟରେ ପାଇଁ ଅଦାଲତରେ ପ୍ରଯତ୍ନ କରିବା—To contest a suit.
Makadamā lardhibā
মকদ্দমা লড়া
**मुकदमा लड़ना**

ମକଦ(ଦ୍ଦ)ମି—ବୈଦେ. ବ (ଫା. ମୁକଦମୀ)—ଜମିଦାରଙ୍କ ଅଧୀନ ମଧ୍ୟସ୍ୱତ୍ୱ ବିଶେଷ—A sort of tenure under a zamindar.
Makada(dda)mi
মকদ্দমী **मुकदमी**

ମକଦଲ—ପ୍ରାଦେ ( ଗଡ଼ଜାତ ) ବ—ଆତ; ବଡ଼ି ଅଳ—The custard apple.
Makadala

ମକଦଲ ଫୁଲ—ଦେ. ବ—ମଖମଲ ବା ମଣ୍ଡିଶ୍ରେଣୀ ଫୁଲ—A small and veriegated kind of safflower; french marigold; Tagetes Patula.
Makadala phula
চিনের গেঁদা
**गुलदाउदी गेन्दा**

ମକମକ—ଦେ. ଅ ( ଧ୍ୱନ୍ୟନୁକରଣ )—୧ । ବେଙ୍ଗର ଡାକ—1. The croaking of frogs. ୨ । ବର୍ଷାଋତୁରେ ଶାମୁକାମାନଙ୍କର ( କଳ୍ପିତ ) ଧ୍ୱନି—2. The imaginary sound produced by oysters during the rains. [ ଉ—ଶାମୁକ ଭାମୁକଙ୍କ ହୃଦରେ ଚମକ, ଥୋଇଲା ବାଲ ଡାକି ବୋଲ ମକ ମକ । କୃଷ୍ଣସିଂହ. ମହାଭାରତ ବନ । ] ୩ । ସ୍ତ୍ରୀଲୋକମାନଙ୍କର କାମୋଦ୍ଦୀପନା ସୂଚକ ହାବଭାବ ବା ଚେଷ୍ଟା—3. The external indications of amorous women; flirting of amorous women. ୪ । ବାଚାଳ ବ୍ୟକ୍ତିର କହିବାକୁ ସୁବିଧା ନ ମିଳିବା ଯୋଗୁଁ ଅସ୍ଥିରତା ପ୍ରକାଶ—4. Exhibition of restlessness by a talkative person when he does not get an opportunity to speak. ୫ । ବିରହାତୁର ବ୍ୟକ୍ତିର କାମଚେଷ୍ଟା ଓ ଅସ୍ଥିରତା—5. External indications and restlessness of a separated lover.
Makamaka
মকমক
**टर्टर, टरटो**
হাবভাব
**कसमस**
**मटक**

ମକମକ ହେବା—ଦେ. କ୍ରି ( ସ. ମକମକାୟତେ )—୧ । ( ଭେକ ) ମକମକ ଶବ୍ଦ କରିବା—1. To croak ( said of a frog ). ୨ । ପାଟିତୁଣ୍ଡ କରିବା—2. To make loud noise. ୩ । ଯୌବନରେ କାମଜ୍ୱାଳା ଯୋଗୁଁ ମତ୍ତତା ପ୍ରକାଶ କରିବା—3. To exhibit external signs of
Makamaka hebā
ମକମକା(କେ)ଇବା } ଅନ୍ୟରୂପ
ମକମକା(କେ)ଇ ହେବା }
মকমকা
**टर्टरों करना**
হাবভাব দেখান

कसमसाना unsatiated lust; to flirt. [ ଦ୍ର—ଏହି
मटकना ଅର୍ଥରେ କାମୋନ୍ମତ୍ତ ଯୁବତୀମାନଙ୍କ ପକ୍ଷରେ ଏ ଶବ୍ଦ ବିଶେଷତଃ ବ୍ୟବହୃତ ହୁଏ । ] ୪ । ଧୃଷ୍ଟତା ପ୍ରକାଶ କରିବା—4. To exhibit impudence. ୫ । ( ମନ୍ଦାର୍ଥ ) ଅସ୍ଥିରତା ପ୍ରକାଶ କରିବା; ଢ଼ମଢ଼ମ ହେବା—5. [ bad sense ]—To show signs of restlessness.

ମକମକା(କି)—ଦେ· ବି—୧ । ଭେକରବ—Croaking of frogs.
Maka makā(ki) ୨ । ହାବଭାବ ଦ୍ୱାରା କାମମତ୍ତତା ପ୍ରକାଶ—
मकमकि, हाव 2. Exhibition of signs of unsatiated
कसमसा lust ବିଣ—ମକ ମକିଆ (ଦେଖ)
मटकनी, मटकी Maka makiā (See)

ମକମକା(କେ)ଇବା—ଦେ. କ୍ରି—(ସ. ମକମକାୟତେ)—୧ । ମକ ମକ
Maka makā(ke)ibā ହେବା (ଦେଖ)—1. Makamaka
मकमकान उधियाना, कसमसाना, मटकना hebā (See)
୨ । ଉନ୍ମତ୍ତ କରାଇବା—2. To intoxicate. ୩ । ଧୃଷ୍ଟ କରାଇବା—3. To make impudent. [ଉ—ତାକୁ ଭାବ ମକମକଉଛି, ନାଁ ବୟସ ମକମକଉଛି ? ଇତ ।] ୪ । ବିରହରେ ଅସ୍ଥିର ହେବା—4. To feel restless and sickly owing to one's separation from the beloved·

ମକମକିଆ—ଦେ. ବିଣ. ପୁଂ—୧ । କାମାତୁର—1. Lustful; lascivious.
Maka makiā ଅସ୍ଥିର उद्दाम, मटकीला
(ମକ ମକା[କେ]ଈ—ସ୍ତ୍ରୀ) ୨ । ଯେ କାମାତୁର ଭାବ ପ୍ରକାଶ କରେ 2. Exhibiting amorous signs; thirsting for satisfaction of lust with the opposite sex; flirting.

ମକର୍‌ଲା—ପ୍ରାଦେ. (ସମ୍ବଲପୁର) ବି—(ଭୁଲ.ହି. ମକରା)—ବୁଢ଼ିଆଣୀ—Spider.
Makar-lā

ମକର୍‌ଲା ଜାଲ—ପ୍ରାଦେ (ସମ୍ବଲପୁର) ବି—(ଭୁଲ. ହି. ମକରାଜାଲ)
Makar-lā jāla ବୁଢ଼ିଆଣୀ ଜାଲ—Cob web.

ମକ(ଖ)ମଲି—ପ୍ରାଦେ. (ଗଞ୍ଜାମ) ବି—ଏକ ଜାତୀୟ ଫୁଲ ଗଛ—
Maka(kha)mali A species of flower tree.
( ଦ୍ର—ଗୁରୁବାର ଦିନ ମକମଲି ଫୁଲ ଗଛ ମୂଳେ ଧୂପ ଦୀପ ଦେଇ ପ୍ରଣାମ କରି ଏହାର ମୂଳ ଉତ୍ପାଟନ କରି ଆଣି ରଖିଥିବ । ଏହି ମୂଳକୁ ବାଟି ପ୍ରସବବେଦନାର୍ତ୍ତ ସ୍ତ୍ରୀକୁ ପାନ କରାଇଲେ ସେ ସତ୍ୱର ପ୍ରସବ କରିବ । ପ୍ରସବ କାଳରେ ମଧ୍ୟ ଏହି ଗଛର ମୂଳ ଆଣି ବାଟି ସ୍ତ୍ରୀକୁ ପାନ କରାଇଲେ ପ୍ରସବ ବେଦନା ଲୁପ୍ତ ହୁଏ । ଦ୍ରବ୍ୟଗୁଣ କଳ୍ପଦ୍ରୁମ । )

ମକର—ସଂ. ବି—(ମ=ମୁଖ, କିପ+କୃ ଧାତୁ=ବିକ୍ଷେପ କରିବା+କର୍ତ୍ତୃ
Makara ଅ; କିମ୍ବା ମାୟା+କୃ ଧାତୁ+କର୍ତ୍ତୃ. ଅ; କିମ୍ବା ମ=ମନୁଷ୍ୟ+କୃ ଧାତୁ=ହିଂସା କରିବା+କର୍ତ୍ତୃ. ଅ; ନିପାତନ ସିଦ୍ଧ)—୧ । ପୁରାଣବର୍ଣ୍ଣିତ ଜଳଜନ୍ତୁ ବିଶେଷ—1. A mythological marine animal (half beast and half fish·) [ ଦ୍ର—ଏ ଗଙ୍ଗାଙ୍କ ବାହନ ଓ କାମଦେବଙ୍କ ଧ୍ୱଜ ଅଟେ ।
ପୁରାଣ ବର୍ଣ୍ଣନା ଅନୁସାରେ ଏହାର ଗୋଟିଏ ଶୁଣ୍ଢ ଅଛି । ଏହାର ମସ୍ତକ ଓ ଆଗଗୋଡ଼ ଦୁଇଟି କୃଷ୍ଣସାର ମୃଗ ପରି ଏବଂ ଦେହ ଓ ପୁଚ୍ଛ ମତ୍ସ୍ୟ ପରି । କେହି କେହି ଏହାକୁ କୁମ୍ଭୀର, କେହି ହାଙ୍ଗର କହନ୍ତି । ପ୍ରାଚୀନ କାଳର ଅଙ୍କିତ ଚିତ୍ରରେ ଓ ପ୍ରସ୍ତରରେ ଖୋଦିତ ମୂର୍ତ୍ତିମାନଙ୍କରେ ଏହାର ଦେହ କୁମ୍ଭୀର ପରି ଓ ହାତୀ ପରି ଗୋଟିଏ ଶୁଣ୍ଢ ଏ ଉପରକୁ ଟେକି ଥିବାର, ଚିତ୍ରିତ ହୋଇ ଥାଏ । ଏ ଶବ୍ଦର ଅପଭ୍ରଂଶ ମଗର ।] ୨ । ଏକ ଶୃଙ୍ଗ ବିଶିଷ୍ଟ ମତ୍ସ୍ୟ-ବିଶେଷ; ମଗର; ଶଣ୍ଢା ମଗର—2. Sword-fish. ( ଦ୍ର—ଏହାର ଉପର ଓଠରୁ ଗୋଟିଏ ଶୃଙ୍ଗ ଦୁଇ ପାଖେ ପାନିଆ ପରି ଦନ୍ତୁରିତ ହୋଇ ଆଗକୁ ବାହାରିଥାଏ ।) ୩ । ମୁଣ୍ଡାମଗର; ହାଙ୍ଗର—3. Shark. ୪ । (ଜ୍ୟୋତିଷ) ରାଶିଚକ୍ରର ଦଶମ ରାଶି—4. The sign of Capricorn in the zodiac. ୫ । କୁବେରଙ୍କ ନିଧିବିଶେଷ—5. The name of a gem of the Hindu God of wealth. ୬ । ସୌରମାନ ମାଘ ମାସ—6. The solar month of Māgha. ଦେ. ବି—
मकर ମକର ସଂକ୍ରାନ୍ତି ଦିନ ଦେବତାଙ୍କୁ ଭୋଗ କରି ଯାଉଥିବା 'ମକରଚାଉଳ' ଖିଆଖୋଇ ହୋଇ ଦୁଇଜଣଙ୍କ ମଧ୍ୟରେ ସ୍ଥାପିତ ବନ୍ଧୁତା—A god-relationship or sworn friendship set up between two persons by each feeding the other some Makara Chāuḷa.

ମକର କୁଣ୍ଡଳ – ସ. ବି (ମ. ପ. ଲୋ)—ମକରଆକୃତିବିଶିଷ୍ଟ କର୍ଣ୍ଣଭୂଷଣ-
Makara kuṇḍaḷa An earring in the shape of a Makara.

ମକର କେତନ – ସ. ବି—୧ । (ବହୁବ୍ରୀହି; ମକର ଅଟେ କେତନ=
Makara ketana ପତାକା, ଧ୍ୱଜ ଯାହାର; ଏହାଙ୍କ ଧ୍ୱଜରେ
ମକରକେତୁ } ମକରର ଚିହ୍ନ ଅଙ୍କିତ ହୋଇଥିବାରୁ)—
ମକରଧ୍ୱଜ } ଅନ୍ୟରୂପ— ମୀନକେତନ; ଝଷକେତନ; କାମଦେବ;
ମକରାଙ୍କ } କନ୍ଦର୍ପ—1. The God Cupid.
୨ । ( ଷଷ୍ଠୀତତ୍; ମକରର କେତନ=ବାସସ୍ଥାନ )—2. The sea.

ମକର କ୍ରାନ୍ତି—ସ. ବି (ଭୂଗୋଳପରିଭାଷା) -ନିରକ୍ଷବୃତ୍ତଠାରୁ ୨୩ ଅଂଶ
Makara krānti ଦକ୍ଷିଣରେ କଳ୍ପିତ ରେଖା—
( ମକରମଣ୍ଡଳ – ଅନ୍ୟରୂପ ) The Tropic of Capricorn.
[ ଦ୍ର—ନିରକ୍ଷବୃତ୍ତର ୨୩ ଅଂଶ ଉତ୍ତରରେ ଥିବା ରେଖାକୁ କର୍କଟକ୍ରାନ୍ତି Tropic of Cancer ବୋଲାଯାଏ ଓ ୨୩ ଅଂଶ ଦକ୍ଷିଣରେ ଥିବା ରେଖାକୁ ମକରକ୍ରାନ୍ତି ବୋଲାଯାଏ । ସୂର୍ଯ୍ୟ ଏହି ମକରକ୍ରାନ୍ତିକୁ ମକରସଂକ୍ରାନ୍ତି ବା ମାଘ ସଂକ୍ରାନ୍ତି ଦିନ ଛୁଅଁନ୍ତି । ଏହାହିଁ ସୂର୍ଯ୍ୟଙ୍କର ଦକ୍ଷିଣଗତିର ଶେଷ ସୀମା । ଏହିଠାରୁ ସୂର୍ଯ୍ୟ ପୁଣି ଉତ୍ତର ଆଡ଼କୁ ଫେରନ୍ତି । ]

**ମକରଚାଉଳ**—ଦେ. ବି—ମକରସଂକ୍ରାନ୍ତି ଦିନ ଦେବତାଙ୍କୁ ଭୋଗ
Makara chāula ଲଗାଯିବା ଗୁଡ଼ମିଶ୍ରିତ ଅପକ୍ୱ ତଣ୍ଡୁଳ—
ମকরের চাল মকরচোট Rice mixed with molasses offered to Deities on the Makara Samkrānti day.

**ମକର ଧ୍ୱଜ**—ସଂ ବି ( ବହୁବ୍ରୀହି, ମକର+ଧ୍ୱଜ=ପତାକା )—୧ ।
Makara dhwaja ମକରକେତନ; କାମଦେବ—
1. The God Cupid. ୨ । (ଆୟୁର୍ବେଦ) ସ୍ୱର୍ଣ୍ଣ ସଙ୍ଗେ ପାରଦ ଓ ଗନ୍ଧକ ମିଶ୍ରିତ ହୋଇ ପୁଟପାକପ୍ରଣାଳୀରେ ପ୍ରସ୍ତୁତ ହୋଇଥିବା ମହାଶକ୍ତିଶାଳୀ ରସାୟନ ଔଷଧବିଶେଷ-
2. ( Hindu medicine ) A sublimate of mercury and sulpher prepared through the catalytic agency of gold; oxide of mercury. [ ଦ୍ର—ଏହା ବୈଦ୍ୟଶାସ୍ତ୍ର ଅନୁସାରେ ବୃଦ୍ଧ ଓ ବୃଦ୍ଧବ୍ୟକ୍ତିଙ୍କୁ ଯୁବକର ବଳ ଓ ଶକ୍ତି ପ୍ରଦାନ କରେ । ପ୍ରକ୍ରିୟାର ବିଭିନ୍ନତା ଓ ପୁଟର ସଂଖ୍ୟା ଅନୁସାରେ ଏହି ଔଷଧହିଁ ରସସିନ୍ଦୂର, ସିଦ୍ଧ ମକରଧ୍ୱଜ, ଷଡ଼ଗୁଣ ବଳିଜାରିତ ସିଦ୍ଧ ମକରଧ୍ୱଜ, ଚନ୍ଦ୍ରୋଦୟ ମକରଧ୍ୱଜ, ବୃହତ୍‌-ଚନ୍ଦ୍ରୋଦୟ ମକରଧ୍ୱଜ ହୁଏ । ଅନୁପାନ ଅନୁସାରେ ଏହା ପ୍ରାୟ ସାବଳୀୟ ରୋଗରେ ପ୍ରୟୋଗ କରାଯାଏ । ବାଜୀକରଣ ଓ ଧ୍ୱଜଭଙ୍ଗ ରୋଗରେ ଏହା କବିରାଜମାନଙ୍କର ଗୋଟିଏ ପ୍ରଧାନ ପ୍ରୟୋଗ । ଶୋଧିତ ପାରଦ ଓ ଗନ୍ଧକ ସଙ୍ଗେ କଜ୍ଜଳୀ ସୁନା ମିଶାଇ ବୋତଲରେ ବନ୍ଦ କରି ବୋତଲକୁ ବାଲି ହାଣ୍ଡିରେ ପୋତି, ତିନି ଦିନ ପର୍ଯ୍ୟନ୍ତ ଉକ୍ତ ହାଣ୍ଡି ତଳେ ନିଆଁ ଜାଳି ଏହା ପ୍ରସ୍ତୁତ କରାଯାଏ । ଉତ୍ତାପଦ୍ୱାରା ପାରଦ ଓ ଗନ୍ଧକର କେତେକ ଅଂଶ ବାଷ୍ପରୂପେ ଉଡ଼ିଯାଏ ଓ ବାକି ପାରା ଓ ଗନ୍ଧକ ମିଶିଯାଇ ବୋତଲର ବେକ ପାଖରେ ଲାଗି ରହେ;କିନ୍ତୁ ସୁନା ତଳ ସେହିପରି ରହିଥାଏ । ସ୍ୱର୍ଣ୍ଣର ରାସାୟନିକ ସାହାଯ୍ୟ ବା ଉପସ୍ଥିତିଦ୍ୱାରା ପାରା ଓ ଗନ୍ଧକ ଏହି ରୂପ ଧାରଣ କରେ । ଅଧିକାଂଶ ଗନ୍ଧକ ବାଷ୍ପରୂପେ ଉଡ଼ିଯାଏ । ଏହାର ଅନ୍ୟ ନାମ ଚନ୍ଦ୍ରୋଦୟ ମକରଧ୍ୱଜ । ]

ଦେ.ବି.—୧ । ହନୁମାନର ପୁତ୍ରବିଶେଷ—1. Name of a son of 'Hanumān. [ ଉ—ଯହିଁ ସେ ମକର ଧ୍ୱଜ ଏମନ୍ତ ଶୁଣିଲି, ଏ ମୋହର ପିଅର ଯେ ବୋଲିଣ ଜାଣିଲି । ବିଶ୍ୱନାଥ. ବିଚିତ୍ରରାମାୟଣ । ]
୨ । ନାସିକାର ବାମ ପୁଡ଼ାରେ ବହୁଥିବା ନିଃଶ୍ୱାସ ପବନର ଦକ୍ଷିଣ ପୁଡ଼ାରେ ବହିବା ଅବସ୍ଥା—2. The state of the breath passing through the right nostril. [ ଉ—ପ୍ରଥମରେ ବାମ ସ୍ୱର ଦକ୍ଷିଣକୁ ଗଲେ. ମକରଧ୍ୱଜ ବୋଲନ୍ତି ସେ ସ୍ୱରକୁ ଭଲେ । ପ୍ରାଚୀ. ଶିବ ସ୍ୱରୋଦୟ ।]

**ମକରନ୍ଦ**—ସଂ ବି—(ମକର+ଦୋ ଧାତୁ=ଛେଦନ କରିବା+କର୍ତ୍ତୃ. Makaranda ଅ)—୧ । ପୁଷ୍ପରସ; ଫୁଲ ମଧୁ—1. Honey inside flowers. ୨ । କୁନ୍ଦ ଫୁଲ ଗଛ—2. A kind of flower plant. ୩ । ଫୁଲର ପୁଷ୍ପରେଣୁ - 3. Pollen of flowers. ୪ । କୋଇଲି—4. The cuckoo (Apte). ୫ । ମଧୁମକ୍ଷିକା—5. A bee (Apte). ୬ । ସୁବାସିତ ଆମ୍ବ ବୃକ୍ଷବିଶେଷ—6. A kind of fragrant mango tree (Apte).
ଦେ. ବି—( ନାମ )—ଜ୍ୟୋତିଷିକ ସାରଣୀ ଗ୍ରନ୍ଥକାର ସ୍ୱନାମଖ୍ୟାତ ବ୍ରାହ୍ମଣ—The name of the author of an astronomical work Sāraṇi who was a Brāhmaṇa.

**ମକରନ୍ଦ କଣା**—ସ. ବି(ଷଷ୍ଠୀତତ୍)—ପୁଷ୍ପରେଣୁର ଗୋଟିଏ ସୂକ୍ଷ୍ମାଂଶ—
Makaranda kaṇā A grain of pollen.

**ମକରନ୍ଦ ବତୀ**—ସ. ବିଣ. ସ୍ତ୍ରୀ—ମକରନ୍ଦଯୁକ୍ତା; ମଧୁବିଶିଷ୍ଟା—
Makaranda batī Full of flower-honey. ବି—ପାଟଳ ଫୁଲ—Bignonia Suaveolens (flower).

**ମକର ବାଲୁଆ**—ପ୍ରାଦେ. (ଗଞ୍ଜାମ) ବି—ଯେଉଁ କାଠଖଣ୍ଡ ଦ୍ୱାରା ଶଗଡ଼ର
Makara bāluā ଦୁଇଟି ଦଣ୍ଡା ଅଗ ପାଖରେ ଅର୍ଥାତ୍ ଯୁଆଳିର ମଧ୍ୟସ୍ଥଳର ଜନ୍ମରେ ଯୋଡ଼ା ହୋଇଥାଏ—A wooden pin joining the 2 beams of a cart on the front (where they taper to a point).

**ମକର ବାହିନୀ**—ସ. ବି. ସ୍ତ୍ରୀ—(ମକର+ବହ ଧାତୁ+କର୍ତ୍ତୃ. ଇନ୍+
Makara bāhinī ସ୍ତ୍ରୀ. ଈ)—ଜାହ୍ନବୀ; ଗଙ୍ଗା—The river Ganges.

**ମକର ବ୍ୟୂହ**—ସ. ବି—ମକରର ଶରୀର ଆକୃତିରେ ସୈନ୍ୟ ସମାବେଶ—
Makara byūha A battle array formed in the shape of a 'Makara'.

**ମକର ମଙ୍ଗଳ**—ସ. ବି—ମନୁଷ୍ୟର ଜନ୍ମକାଳୀନ ଜ୍ୟୋତିଷୋକ୍ତ ଶୁଭ-
Makara maṅgaḷa ଯୋଗବିଶେଷ; ଜାତକରେ ମଙ୍ଗଳ ଗ୍ରହ ମକର ରାଶିରେ ରହିଥିଲେ ଏହି ଯୋଗ ହୁଏ—An auspicious conjuction of the planet Mars with the sign of Capricorn at one's
(ମକର ମଙ୍ଗଳ; ମକର ମଙ୍ଗଳ ଯୋଗ—ଦେଶଜରୂପ) birth.
[ଦ୍ର—ମନୁଷ୍ୟର ଜନ୍ମ ସମୟରେ ମଙ୍ଗଳ ଗ୍ରହ ମକର ରାଶିର ଗୃହରେ ଥିଲେ ଉକ୍ତ ବ୍ୟକ୍ତି ସୁଖୀ ଓ ଧନବାନ୍ ହୁଏ । ]

**ମକର ସଂକ୍ରାନ୍ତି**—ସ. ବି—ମାଘ ସଂକ୍ରାନ୍ତି; ଉତ୍ତରାୟଣ ସଂକ୍ରାନ୍ତି; ଯେଉଁ
Makara samkrānti ସଂକ୍ରାନ୍ତିରେ ସୂର୍ଯ୍ୟ ଧନୁ ରାଶିରୁ
(ମକର ସଙ୍କ୍ରମଣ—ଅନ୍ୟରୂପ) ଯାଇ ମକର ରାଶିରେ ପ୍ରବେଶ କରନ୍ତି—The passage of the sun from the sign of Sagitarius to that of Capricorn.
[ଦ୍ର—ଏ ଦିନ ସୂର୍ଯ୍ୟ ମକରକ୍ରାନ୍ତିରୁ ଉତ୍ତର ଆଡ଼କୁ ଫେରନ୍ତି, ଏ ଦିନରେ ଜଗନ୍ନାଥଙ୍କର ଓ ଲିଙ୍ଗରାଜଙ୍କର ଯାତ୍ରା ହୁଏ । ଏହି ଯାତ୍ରା ଉପଲକ୍ଷରେ ଅପକ୍ୱ ଚାଉଳ ସଙ୍ଗେ ଗୁଡ଼, ନଡ଼ିଆ, ପାଚିଲା କଦଳୀ ଆଦି ଗୋଳାଇ ହୋଇ ଦେବତାଙ୍କୁ ଭୋଗ କରାଯାଏ । ଏହାକୁ ମକର ଚାଉଳ ବୋଲାଯାଏ । ଏହି ଭୋଗ ଶିଅ ଜୈଳ ହୋଇ ଲୋକେ 'ମକର' ବସନ୍ତି । ]

ମକର୍ସ—ଦେ. ବି—ଏକ ପ୍ରକାର ମୋଟ ଶାରଦ ଧାନ—A species
Makarā of coarse paddy. ପ୍ରାଦେ. (ଗଞ୍ଜାମ) ବି—
ଅନ୍ଧୁ କରିବା ପାଇଁ ଘରର କାନ୍ଥ ଉପରେ ପଡ଼ିଥିବା ଧାରଣା ଉପରେ ବସା ଯିବା ଦୁଇଗୋଡ଼ିଆ ତ୍ରିକୋଣାକାର କାଠ ଖଣ୍ଡ—A two-legged triangular piece of wood placed on the cross beams of an earth-roofed thatched house. ପ୍ରାଦେ. (ସମ୍ବଲପୁର) ବି.—(ଭୁଲ. ହି. ମାକରା) ମାକଡ଼ସା. ବୁଢ଼ିଆଣୀ—Spider.

ମକରାକର—ସଂ. ବି ( ୬ଷ୍ଠୀ ତତ୍; ମକର+ଆକର )—ସମୁଦ୍ର—
Makarākara The sea.
(ମକରାଳୟ, ମକରାବାସ—ଅନ୍ୟରୂପ)

ମକରାକ୍ଷ—ସଂ. ବି. ପୁଂ—ରାବଣର ସେନାପତିବିଶେଷ—
Makarāksha Name of one of the generals of Rābāṇa.

ମକରାର(ରି,ଲି)—ବୈଦେ. ବି. ଓ ବିଣ—ମୁକରର(ରି) (ଦେଖ)
Makarār(ri,li) Mukarara(ri) (See)

ମକରାଶ୍ୱ—ସଂ. ବି ( ବହୁବ୍ରୀହି; ମକର ଅଟେ ଅଶ୍ୱ ବା ଯାନ ଯାହାଙ୍କର )—ବରୁଣଦେବ—The God
Makarāśwa of the ocean.

ମକରାସନ—ସଂ. ବି ( ରୁଦ୍ରଯାମଳୋକ୍ତ ) ତାନ୍ତ୍ରିକ ଯୋଗାସନବିଶେଷ—
Makarāsana A posture in sitting laid down in the Tantras.

ମକରିକା—ସଂ. ବି ( ମକର+ସାଦୃଶ୍ୟାର୍ଥେ. କ+ଆ )—ମକରାକାର
Makarikā ପତ୍ରାବଳୀ; ଲଲାଟରେ କସ୍ତୁରୀ ଓ ଚନ୍ଦନାଦି
( ମକରୀପତ୍ର, ମକରୀଲେଖା—ଅନ୍ୟରୂପ ) ଦ୍ୱାରା ମକରାକାରରେ ଅଙ୍କିତ ଚିତ୍ର; ଚନ୍ଦନପାଟି—Paintings on the forehead in the shape of a Makara.

ମକରୀ—ସଂ. ବି ( ମକର+ସ୍ତ୍ରୀ. ଈ )—୧ । ମକରର ସ୍ତ୍ରୀଲିଙ୍ଗ—
Makarī 1. The feminine of Makara.
୨ । ମକରିକା (ଦେଖ)—2. Makarikā (See).
[ ଉ—ବେନି କରେ ଧରି ଧରି-ଚିମଣ୍ଡନପିଣ୍ଡି ଶିରି ଫଳ ଉରଜ ମକରୀ କରି—ଉଦ୍ଧ. ପ୍ରେମସୁଧାନିଧି । ]
୩ । ( ମକର+ଅସ୍ତ୍ୟ ଅର୍ଥରେ ଇନ୍ )—ସମୁଦ୍ର—
3. The ocean.

ମକ(ଖ,ଖି)ଶୋ(ଚୋ)ଷ—ପ୍ରାଦେ ( ଯାଜପୁର ) ବିଣ—( ଭୁଲ. ହି.
Maka(kha,khi)śo(cho)sh ମକ୍ଖୀଚୂସ)—କୃପଣ—Miserly.

ମକା[କ୍କା]—ଦେ. ବି—୧ । ଧାନ୍ୟାଦି ବର୍ଗର ଶସ୍ୟବିଶେଷ—
Makā[kkā] 1. Indian corn; maize; Zea
ସଂ. ଯବନାଲ; ଜାବନାଲ Mays; [ ଦ୍ର—ଏହାର
ভুটা, মক্কা, মকাই ଗଛ ଓ ପତ୍ର ଶେଣ୍ଟ ଅଖୁ ଗଛ ପରି;
भुट्टा, मक्का, मकई ପ୍ରତ୍ୟେକ ଗଣ୍ଠିରୁ ଅବରଣାବୃତ ଲମ୍ବା ଫଳ ବାହାରେ ଓ ଉକ୍ତ ଫଳର ଗୁର ପାଖରେ ଦାନ୍ତ ପରି ମଞ୍ଜିମାନ ଘନ ହୋଇ ଲାଗିଥାଏ; ଖୋଷା [ଗାଳକୋଷ]ର ଅଗରୁ ଗୁଚ୍ଛଏ କେଶ ପରି ସରୁ ଲମ୍ବ ସୂତ୍ର ବାହାରିଥାଏ । ଏ ଗଛର ଆଦି ନିବାସ ଅମେରିକା ।]
ମକା मक्का ୨ । [ ନାମ [ ଆରବ ଦେଶର ରାଜଧାନୀ—
2. Mecca in Arabia. [ ଦ୍ର—ଏହା ମୁସଲମାନ ଧର୍ମପ୍ରବର୍ତ୍ତକ ମହମ୍ମଦଙ୍କ ଜନ୍ମ ସ୍ଥାନ ଓ ମୁସଲମାନଙ୍କର ପ୍ରସିଦ୍ଧ ତୀର୍ଥ । ଏଠାର ମୁସଲମାନ୍ ଧର୍ମମନ୍ଦିରକୁ କାବା ବୋଲାଯାଏ ଓ ପ୍ରତ୍ୟେକ ମୁସଲମାନ୍ ଦୈନିକ ନମାଜ ( ସ୍ତୋତ୍ରପାଠ) କଲାବେଳେ ଏହି ନଗର ଦିଗକୁ ମୁହଁ କରନ୍ତି । ]

ମକାଖଇ—ଦେ. ବି—ମକାର ମଞ୍ଜିକୁ ଭାଜି ତିଆରି କରାଯିବା
Makākhai ଲିଆ—Fried corns of maize.
মকারখৈ मक्कईलावा
( ମକାଲିଆ—ଅନ୍ୟରୂପ )

ମକା ଖୋଷା—ଦେ. ବି—ମକାଶସ୍ୟର ଗାଳ କୋଷ—The
Makā khoshā cylindrical shaft to which the
মকার ডাঁটা corns of the Indian—corn are
मकाका कोसा attached; the corn-cob of maize.

ମକା ଦାନ୍ତ—ଦେ.ବି—ମକାପରି ଦାନ୍ତ—Teeth like the grains
Makā dānta of Indian corn.
মুক্তার মতন দাঁত मक्का दाँत
[ମକାଦାନ୍ତିଆ (ପୁଂ), ମକାଦାନ୍ତେଇ, ମକାଦାନ୍ତୀ—ସ୍ତ୍ରୀ—ବିଣ]

ମକାର—ସଂ. ବି—( ମ+ସ୍ୱାର୍ଥେ କାର ) ୧ । 'ମ' ଅକ୍ଷର—
Makāra 1. The letter 'Ma'. ୨ । ମ ଅକ୍ଷର ସୂଚକ ମାତ୍ରା ( ‌‌ ); ମଫଳା—2. The sign of the letter Ma when added to consonants. ୩ । ଓଁକାର ବା ପ୍ରଣବ ମନ୍ତ୍ରର ତୃତୀୟ ବା ଶେଷ ଅଙ୍ଗ—3. The last component element of the mystic syllable Oṁ'. [ ଦ୍ର—ଓଁ=ଅ (ବ୍ରହ୍ମା)+ଉ(=ବିଷ୍ଣୁ)+ମ(=ମହାଦେବ) । ]
୪ । ମ ଅକ୍ଷରରେ ଆରମ୍ଭ ହୋଇଥିବା ପାଞ୍ଚଗୋଟି ବସ୍ତୁ (ଯାହାକି ବାମମାର୍ଗୀ ତାନ୍ତ୍ରିକମାନେ ସାଧନା କରନ୍ତି )—
4. The five things beginning with the letter 'Ma' which Tantric devotees use during their esoteric rites. (ଦ୍ର—ମତ୍ସ୍ୟ, ମାଂସ, ମଦ୍ୟ, ମୈଥୁନ ଓ ମୁଦ୍ରା ଏହି ଏଗୁଡ଼ିକୁ ପଞ୍ଚମକାର ବୋଲାଯାଏ ।)

ମକାର ସାଧନ(ନା)—ସଂ. ବି—ପଞ୍ଚମକାର ଦ୍ୱାରା ତାନ୍ତ୍ରିକ ସାଧନା—
Makāra sadhana(nā) Tantric or esoteric ritual performed with the aid of five things beginning with the letter 'Ma'.

ମକର୍ଲା—ଦେ. ବି—( ସଂ. ମହାକାଲ )—ମହାକାଳ ଲତା—
Makirlā Trichosanthes Palmata (Haines).
মাকাল [ଦ୍ର—ଏ ଲତାର ଚେର ସାପ ବିଷର ଔଷଧରୂପେ
माकाल ବ୍ୟବହୃତ ହୁଏ ]

ମକୁଟ—ସଂ. ବ—(ମଳ୍‌କ୍ ଧାତୁ=ଭୂଷିତ କରିବା+କରଣ ଉଟ)—୧। Makuṭa ମୁକୁଟ; ଶିରୋଭୂଷଣ—1. Crown; diadem. ୨। ଅନ୍ଧାରି (ଦେଖ)—2. Andhāri (See). ୩। ମକୁଟା (ଦେଖ)—3. Makutā (See).

ମକୁଟ ମାରିବା—ଦେ. କ୍ରି—ଅନ୍ଧାରି ମାରିବା (ଦେଖ)—Makuṭa māribā Andhāri māribā (See)

ମକୁଟା—ଦେ.ବ (ସଂ.ମକୁଟ)—୧। ମୋଟ ପାଟରେ ତିଆରି ଏକ ପ୍ରକାର ମଠା Makuṭā —1. Cloth made of coarse or worsted silk. ୨। ଚାଳଘର ଚାଳର ଦାଣ୍ଡଅଁଳ ଉପରର ଶୂଳରେ ପଡ଼ାକୁ ବାହାର କରାଯାଇ ବନ୍ଧାଯାଇଥିବା ନଡ଼ା ଗୋଛ—2. Straw projecting from the gable-roof. ୩। ନାହାଣ୍ଡକଥା ଘରର ଦାଣ୍ଡଅଁଳ ଉପରର ହିଭୂଜାକାର ଅଂଶ—3. Gable of a thatched house.
ମଟକା
ମୁକଟା
ମଟକା
ओड़िआनी

ମକୁନ୍ଦ(ନ୍ଦା,ନ୍ଦି)—ଦେ. ବ. ପୁଂ (ସଂ ମୁକୁନ୍ଦ)—୧। ମୁକୁନ୍ଦ; ଶ୍ରୀକୃଷ୍ଣ; Makunda (ndā,ndi) ବିଷ୍ଣୁ—1. Bishnu. ୨। ମୁକୁନ୍ଦ ନାମକ ବ୍ୟକ୍ତିର ଡାକ ନାମ—2. Name for calling Mukunda. (ଉ—ଖାଲି ମକୁନ୍ଦା ଫେରୁ ଫାରୁ, ଦୋହୋରୁ ପଇସା ଅଣ୍ଟାରେ ମାରୁ—ଭଗ।)
ମକୁନ୍ଦ
मकुन्द

ମକୁନ୍ଦି ଉଖୁଡ଼ା—ଦେ. ବ—ଏକପ୍ରକାର ଉତ୍କୃଷ୍ଟ ଦୋପାଗୀ ଉଖୁଡ଼ା—Makundi ukhurḍā An excellent kind of sweets prepared by seasoning fried paddy with treacle twice.
দোপাগী মুড়কী
पागाहुआलावा

ମକୁନ୍ଦି ଉଖୁଡ଼ା ଖାଇଲାପରି ମୁହଁ କରିବା—ଦେ· କ୍ରି—(ବ୍ୟଙ୍ଗ୍ୟାର୍ଥ)—Makundi ukhurḍā khāilā pari muhan karibā ୧। ମୁହଁ ସରସ କରିବା; ମୁଖରେ ଆନନ୍ଦର ଚିହ୍ନ ପ୍ରକାଶ କରିବା—1. To show facial signs of pleasure. ୨। (ବ୍ୟଙ୍ଗ୍ୟ) ମୁହଁ ବିରସ କରିବା; ମୁଖରେ ଅସନ୍ତୋଷର ଚିହ୍ନ ପ୍ରକାଶ କରିବା—2. (irony) To show signs of discontent.
মুখ সরস করা
लाइखानेके पेसा मुहं बनाना

ମକୁପ୍(ଫ୍,ବ୍)—ବୈଦେ ବଃ—(ଫା, ମୌକୁଫ୍)—ସମୟାନ୍ତରକୁ Makup (ph,b) ଗଡ଼ୁଯିବା—Postponed; deferred. (ଯଥା—ଶୁଣାଣି ବର୍ଷକ ସକାଶେ ମକୁବ୍ କରାଗଲା)—ବ—ମହଲତ—Postponement.
मकूफ
मौकुफ

[ମକ୍‌ପ୍ରି(ଫି)(ବି)—ବି]

ମକୁର—ସଂ. ବ (ମଳ୍‌କ୍ ଧାତୁ=ଭୂଷିତ କରିବା+କରଣ. ଉର)—Makura ୧। ମୁକୁର; ଦର୍ପଣ—1. Looking glass; mirror. ୨। (+କର୍ତ୍ତୃ. ଉର) ମୁକୁଳ; କଢ଼ି—2. Bud; blossom. ୩। କୁମ୍ଭକାରର ଦଣ୍ଡ; କୁଲାଲ ଦଣ୍ଡ—3. The rod or handle of the potter's wheel. ୪। ବକୁଳ ବୃକ୍ଷ—4. The Bakula tree. ୫। କୁନ୍ଦ ଫୁଲ—5. The Arabian jasmine (Apte).

ମକୁଳ—ସଂ. ବ (ମଳ୍‌କ୍ ଧାତୁ=ଭୂଷିତ କରିବା+କର୍ତ୍ତୃ. ଉଳ)—Makula ୧। ଫୁଲର କଢ଼ି—1. Bud; blossom. ୨। ବକୁଳ (ଗଛ)—2. The Bakula tree (Apte).

ମକୁଷ୍ଟ(ଷ୍ଠ)—ସଂ. ବ—ବନ୍ୟ ମୁଦ୍ଗ; ବଣ ମୁଗ—A kind of wild Makushṭa(shṭha) pulse grain; Phaselous Aconitifolius. ସଂ. ବଣ—ମନ୍ଦଗାମୀ; ମନ୍ଥର—Moving slowly.
(ମକୁଷ୍ଟକ—ଅନ୍ୟରୂପ)

ମକ୍କ୍ (ଧାତୁ)—ସଂ—ଗତି କରିବା—Makk (root) To move.

ମକ୍କଲ—ସଂ· ବ—ସ୍ତ୍ରୀମାନଙ୍କ ଶୂଳରୋଗ ବିଶେଷ—A kind of colic Makkala of females. [ ଦ୍ର—ଏ ରୋଗରେ ପ୍ରସବ ପରେ ସ୍ତ୍ରୀମାନଙ୍କ ନାଭି ତଳେ, ପଞ୍ଜରା ହାଡ଼ ତଳେ ଓ ମୂତ୍ରାଶୟରେ ପୀଡ଼ା ହୁଏ, ପକ୍ୱାଶୟ ଫୁଲିଯାଏ ଓ ମୂତ୍ରରୋଧ ହୁଏ—ହ. ଶ.। ]

ମକ୍କି(କ୍କେ)ଲ—ବୈଦେ. ବ (ଫା; ମୋଅକ୍କଲ୍)—ଓକିଲଙ୍କ ଯଜମାନ—Maki(kke)la Client. (ଉ—ଅଇଲ ପୋଷ୍ଟ ସଙ୍କାଡ ଦେଇ ତଳଅଞ୍ଚଳୁ ଅଗଣ୍ଡ ମକ୍କେଲଙ୍କୁ ଗୁଡ଼ି ବସିଥାଆନ୍ତି। ଫକୀର ମୋହନ· ଛମାଣ ଆଠଗୁଣ୍ଠ।)
মক্কেল
मुअक्किल, मोकीर

ମକ୍ରୀ—ପ୍ରାଦେ (କଳାହାଣ୍ଡି) ବ. (ଭୁଲ. ହି. ମକ୍ରୀ)—ବୁଢ଼ିଆଣୀ—Makrī Spider.

ମକ୍ଷ (ଧାତୁ)—ସଂ—୧। ରାଶି କରିବା—1. To heap up; to Maksh(root) accumulate. ୨। କ୍ରୁଦ୍ଧ ହେବା—2. To be angry. ୩। ଗମନ କରିବା—3. To go.

ମକ୍ଷ—ସଂ. ବ (ମକ୍ଷ. ଧାତୁ+ଭାବ. ଅ)—୧। ସମୂହ—1. Multi-Maksha tude. ୨। (+କର୍ମ. ଅ) ଗଦା; ସ୍ତୂପ—2. Heap ୩। କ୍ରୋଧ—3. Anger; wrath. ୪। (+କରଣ. ଅ) ସ୍ୱୀୟ ଦୋଷ ଗୋପନ କରିବା; କପଟାଚାର—4. Concealing or hiding one's fault; hypocrisy.

ମକ୍ଷି—ଦେ. ବ—ମକ୍ଷିକା (ଦେଖ)—Makshikā (See). (ଉ—Makshi ମକ୍ଷି ତଡ଼ିବାକୁ ଏବେ ନାହିଁ ବଳ। ରାଧାନାଥ. ଚଳିକା) ବଣ—ଅତି କୃପଣ—Very miserly. (ଉ—ସ୍ୱାମୀଟା ବ ଥିଲା ଲୁଚାକୁ ବଳ ତଣ୍ଟିଚିପା; ମକ୍ଷି ବୋଲି ସବୁଛୁ। ଫକୀରମୋହନ. ଗଳ୍ପସ୍ୱଳ୍ପ।)
मक्खी

ମକ୍ଷି(କ୍ଷୀ)କ(କା)—ସଂ.ବ (ମକ୍ଷ୍. ଧାତୁ+କର୍ତ୍ତୃ· ଅକ;+ଆ)—୧।ମାଛି-Makshi(kshī)ka(kā) 1. Flea; the common house-flea. ୨। ମହୁମାଛି—2. Bee.

ମକ୍ଷିକାମଳ—ସଂ. ବ—(ଷଷ୍ଠୀତତ) ମହଣ; ମଧୁସିକ୍ଥ—Makshikā mala Beeswax.

ମ(ମଂ)କ୍ଷୁ—ସଂ. ବଣ—( ମକ୍ଷ୍ ଧାତୁ+କର୍ତ୍ତୃ. ଉ )—ଗତିବିଶିଷ୍ଟ—Ma(mam)kshu Moving. (ମକ୍ଷୁ—ଅନ୍ୟରୂପ) କ୍ରି. ବଣ—୧। ଶୀଘ୍ର; ଶୀଘ୍ର—1. Sharp; soon. ୨। ପ୍ରକୃତରେ—2 Truly; really. ୩। ଅତ୍ୟନ୍ତ—3. Exceedingly.

M. Patnaik, Pleader
Sutabat, C...

ମଖ୍ (ଧାତୁ—ସ.—ଗମନ କରିବା; ଗତି କରିବା—
Makh (root) To go; to move.

ମଖ—ସ. ବି—(ମଖ୍ ଧାତୁ+କରଣ ଅ; ଯାହାଦ୍ୱାରା ସ୍ୱର୍ଗକୁ ଗତି କରାଯାଏ)—ଯାଗ; ଯଜ୍ଞ—
Makha Vedic sacrifice.

ମଖଣ୍ଡ—ଦେ. ବଣ—ଦୁଷ୍ଟ; ବଜର—
Makharda Wicked; wanton.
(ମଖଣ୍ଡ—ଅନ୍ୟରୂପ) মাকড় मखड

ମଖଣ୍ଡି—ପ୍ରାଦେ. (କଟକ) ବି—ଥଟ୍ଟା କଥା—A jest; a joke.
Makhandi (ଉ—ରଣ କହୁଥିରେ ସମଖଣ୍ଡି ମଥିର କୃଷ୍ଣ ସେବା ଟାଣ୍ଟା କରେ ଧୈର୍ଯ୍ୟବାନ। ଉଦାସୀ. ଗୀତ ଲଢ଼ୁସ୍ତ।)
ठिठोली

ମଖ ଦ୍ୱିଷ—ସ. ବି (ମଖ+ଦ୍ୱିଷ ଧାତୁ+କର୍ତ୍ତୃ. କ୍ୱିପ୍)—ରାକ୍ଷସ—
Makha dwish Demon.

ମଖ(କ୍ଖ)ନ—ଦେ. ବି ( ସ, ମ୍ରକ୍ଷଣ; ମନ୍ଥନ; ମଥନେତ୍ର )—
Makha(kkha)na ୧। ଦୁଗ୍ଧ ଦୁଧରୁ ବାହାରିବା ଲହୁଣୀ—
মাখন্ 1. Milk butter. ୨ । ନବନୀତ; ଲହୁଣୀ—
मक्खन 2. Butter [ଦ୍ର—ଦୁଧରୁ ମଖନ ଓ ଦହିରୁ ଲହୁଣୀ ଫା. ମସକାଦି ବାହାରେ।]

ମଖନା—ପ୍ରାଦେ. (ଲଇଥି) ବି—ବୋଇତ କଖାରୁ—Red pumpkin; Cucurbita Maxima.
Makhanā

ମଖମଲ—ବୈଦେ. ବି (ଅ)—କୋମଳ ସ୍ଥୁଳ ଚକ୍କଣ ବସ୍ତ୍ର—
Makhmala মখমল मखमल Velvet.

ମଖମଲ(ଲି) ଖିଅର—ଦେ. ବି—ଯେଉଁ ଖିଅରରେ ମୁହଁ ବା ମୁଣ୍ଡ
Makhamala(li) khiara ମଖମଲ ପରି ଚକ୍କଣ ଜଣାଯାଏ—
মখমলের মতন কামান A velvety shave.
मखमली क्षौर

ମଖମଲ(ଲି) ଗଛ—ଦେ. ବି—ମଖମଲ ପରି ପତ୍ର ଥିବା ଏକ ପ୍ରକାର
Makhamala(li) gachha ଲତାଜାତୀୟ ଗୁଳ୍ମ—A kind of
মখমল গাছ creeping plant with velvety leaves.
मखमलि पौधा

ମଖମଲ(ଲ) ଫୁଲ—ଦେ. ବି ( ସ. ମଖମଲ୍ଲି )—ଏକ ପ୍ରକାର ଛୋଟ
Makhamal(li) phula କୁସୁମ ଫୁଲ; ମାଳିର ଗୁଚ୍ଛ ଫୁଲ—
চিনের গেঁদা A small species of safflower; French
गुलदाउदी marigoid.

ମଖମଲ(ଲି) ପୋକ—ଦେ. ବି—ଇନ୍ଦ୍ରଗୋପ କୀଟ—
Makhamala(li)poka The cocculus.
মখমলি পোকা, সিন্দুরে পোকা बीर बहुटी, रेसमी कीड़ा

ମଖମଲି—ବୈଦେ. ବଣ (ଅ)—ମଖମଲ ପରି କୋମଳ ଓ ଚକ୍କଣ—
Makhamali Velvety; soft and glossy.
মখমলি मखमली

ମଖ ରକ୍ଷଣ—ସ. ବଣ ଓ ବି—ଯଜ୍ଞ ରକ୍ଷାକାରୀ ବ୍ୟକ୍ତି—Protector
Makha rakshana of sacrifices. (ଉ—ବିପୁଳ ମଖ (ମଖ ରକ୍ଷକ—ଅନ୍ୟରୂପ) ରକ୍ଷଣ ଦ୍ରାଣ ଖାଣ ମୁଖ ସୌମିତ୍ରି ପ୍ରମୁଖ। ଉପ. ବୈଦେହୀଶବିଳାସ।) ସ. ବି—ଯଜ୍ଞକୁ ରକ୍ଷା କରିବା—Protecting the performance of a vedic sacrifice.

ମଖ(ଖି, କ୍ଖି)ଚୁ(ଚୋ, ଶୁ, ଶୋ)ଷ—ଦେ. ବଣ ( ସ. ମକ୍ଷିକା—
Makha(khi, kkhi)chu(cho, śu, śo)sh ମହୁମାଛି;
মাছিচোষা ମହୁମାଛି ପରି ସଞ୍ଚୟପ୍ରିୟ; ଯେଉଁ ଲୋକ ଘିଅରେ ପଡ଼ିଥିବା
मक्खीचूष ମାଛିର ଦେହରୁ ଘିଅ ଶୋଷି ଖାଇବାକୁ ପ୍ରସ୍ତୁତ ଥାଏ)
—ଅତି କୃପଣ—Very miserly; niggardly.

ମଖ(ଖା)ସା—ପ୍ରାଦେ- ( ଗଞ୍ଜାମ ) ବୈଦେ. ବି ( ଫା. ମଖାସା )—
Makha(khā)sā ପୁରସ୍କାରରୂପେ ପ୍ରଦତ୍ତ ଯାଗିର—Jagir land granted as a reward for services rendered. ୨। ( ଗଞ୍ଜାମ, ଜୟପୁର ) ବି—ରାଜକାର୍ଯ୍ୟ କରିବା ପାଇଁ ବ୍ୟକ୍ତିବିଶେଷଙ୍କୁ ଅଳ୍ପ ଖଜଣାରେ ଯେଉଁ ଜାଗିର ଦିଆଯାଏ—1. Jaigirs granted to public servants on quit-rent for rendering service.

ମଖ(ଖା)ସାଦାର—ପ୍ରାଦେ ( ଗଞ୍ଜାମ ) ବୈଦେ (ଫା) ବି—ଜାଗିର
Makha(khā)sādār ଭୋଗକାରୀ; ଜାଗିରଦାର—
Jagirdar; a holder of service tenure.

ମଖା(ଖେ)ଇବା—ଦେ. କ୍ରି (ସ. ମ୍ରକ୍ଷଣ )—( ମାଖିବା କ୍ରିୟାର ଣିଜନ୍ତ
Makhā(khe)ibā ରୂପ—The causative form of
মাখন 'Mākhibā'). ଅନ୍ୟଦ୍ୱାରା ମାଖିବା କ୍ରିୟା କରିବା
लगवाना . To cause to besmear or anoint. ( ଉ—ଘଷାଇ ସାଉନ୍ତ ଚନ୍ଦନ ମଖାଇଣ ପାଉଡର; ଦେଇ ଥାନ୍ତି ପାଲଟାଇ କୃଷ୍ଣକାନ୍ତି କୃଷ୍ଣକର। ଉଦାସୀ. ଗୀତ- ଲହରୀ।)

ମଖାନ୍ନ—ସ. ବି ( ୬ଷ୍ଠୀ ତତ; ମଖ=ଯଜ୍ଞ+ଅନ୍ନ )—୧। ଯଜ୍ଞାନ୍ନ—
Makhānna 1. Boiled rice offered in vedic
ଅନ୍ୟ ସ. ନାମ— sacrifice. ୨। ଏକପ୍ରକାର ଜଳଜାତ ଶାକ ଓ
ପଦ୍ମଗୁଣ୍ଡାକାର, ପାନୀଫଳ ତାହାର ଫଳ, ମାଖନା; ତାଲମଖନା—
মাখনা 2. A kind of aquatic pot-
माखना herb; Euryeli Eerox, [ ଦ୍ର—
ମ. ମଖାଣେ ଗୁ. ମଖାନା ଏହି ଗଛର ଫଳ ସୁସ୍ୱାଦୁ ଓ ମୁଖରୋଚକ।)

ମଖି ଚ୍ଛୋର୍ଡ଼—ପ୍ରାଦେ. (ପୁରୀ) ବଣ—ମଖ (ଖି) ଶୁଷ (ଦେଖ)
Makhi chhord Makha(khi) śush (See)

ମଖୁଣ୍ଡି(ଢି)—ପ୍ରାଦେ. (ବାଲେଶ୍ୱର) ବି—ମଚୁଡ଼ ଝୁଣ୍ଡା; ସୁମିଷ୍ଟ ଖାଦ୍ୟ
Makhundi(ndi) ପଦାର୍ଥ—Sweets [ ଉ—ତୋତେ ସେ କି ମଖୁଣ୍ଡି ଖାଇବାକୁ ଦିଏ ଯେ, ତୁ ତା ଘରକୁ ଉଡ଼ ସକାଳୁ ଦଉଡ଼ି ଯାଉ।]

ମଗ—ବୈଦେ. ବି (ଇଂ)—ବେଣ୍ଟଲଗା ଗ୍ଲାସ୍—
Mag মগ मग A mug.

ମଗ(କ୍)ଦୁର—ବୈଦେ. ବି—( ଫା. ମକ୍ଦୁର )—ଶକ୍ତି; ସାମର୍ଥ୍ୟ;
Mag(k)dur ପରାକ୍ରମ—Power; strength.
(ମକ୍ଦୁର—ଅନ୍ୟରୂପ) মগদুর, শক্তি मकदुर

ମଗ୍‌ଦୁର୍ ଭର୍ (ରି)—ଦେ, କ୍ରି. ବଣ—ଯଥାଶକ୍ତି; ସାଧ୍ୟାନୁସାରେ, ସାଧ୍ୟ-
Magdur bhar(ri) ପର୍ଯ୍ୟନ୍ତ—To the best of one's
यथाशक्ति मकदूर भर power or ability.
(ମଦ୍‌ଦୁର୍ ଭରରେ—ଅନ୍ୟରୂପ) (ଯଥା—ମୋ ମଗ୍‌ଦୁର୍ ଭର ମୁଁ ଏ
କାମ କରିବି, କାର୍ଯ୍ୟ ପୂର୍ଣ୍ଣ ହେବା ଈଶ୍ୱରଙ୍କ ହାତରେ।)

ମଗ—ସଂ. ବି—(ମ—ବେଦ+ଗୈ ଧାତୁ=ଗାଇବା+ଅଧି. ଅ)—
Maga ୧। ଶାକ ଦ୍ୱୀପ; ମଘ (ଦେଖ)—Magha (See)
୨। (+କର୍ତ୍ତୃ.ଅ) ସୂର୍ଯ୍ୟ ପୂଜକ ପୁରୋହିତ—2. A priest
of the sun god ୩। ପ୍ରାଚୀନ ପାରସ୍ୟ ଦେଶବାସୀ—
3. A Magian (Apte) ଦେ. ବି—୧। ବ୍ରହ୍ମ-
मग मगह ଦେଶ ଅନ୍ତର୍ବର୍ତ୍ତୀ ଆରାକାନ୍ ଦେଶ—1. The
Arakan country in Burma. ୨। ଆରାକାନ
ଦେଶବାସୀ ବ୍ୟକ୍ତି—2. An Arakanese
(ଢ଼—ମଗ ଦେଶିଆ ଅଖି ଖାଇଲେ ରସ ଭଣନ୍ତି ନାହିଁ।
ଢଗ।) [ଦ୍ର—ଏମାନେ ଖ୍ରୀଷ୍ଟ ଷୋଡ଼ଶ ଓ ସପ୍ତଦଶ
ଶତାବ୍ଦୀରେ ବଙ୍ଗୋପସାଗରରେ ଜଳଦସ୍ୟୁ ବୃତ୍ତି କରୁ-
ଥିଲେ। ମୋଗଲ ସମ୍ରାଟ ସାହାଜାହାନ୍ ସେମାନଙ୍କ ଉତ୍ପାତ
ବନ୍ଦ କରିଥିଲେ; ସେମାନଙ୍କ ବଂଶଧରମାନେ ବର୍ତ୍ତମାନ
ଆରାକାନରେ କୃଷି ବାଣିଜ୍ୟାଦି କରି ବାସ କରୁଅଛନ୍ତି।]

ମଗଜ—ବୈଦେ. ବି—(ଫା. ମଗ୍‌ଜ୍)—୧। ମସ୍ତିଷ୍କ—1. Brain.
Magaja ୨। ବୁଦ୍ଧି—2. Intellect. ୩। ମନ—3.
मगज मगज Mind. ୪। ହୃଦୟଗତ ଭାବ—4. Mental
condition. ୫। (ଫା. ମଗଜୀ)—ମଗଜି (ଦେଖ)
5. Magaji (See)

ମଗଜ ଖରଚ କରିବା—ଦେ. କ୍ରି—(ଫା. ମଗ୍‌ଜ୍+ଖର୍ଚ୍ଚ)—ମୁଣ୍ଡ ଖରଚ
Magaja kharacha kariba କରିବା; ମସ୍ତିଷ୍କ ଚାଳନା କରିବା-
मगज खरच करा To exercise one's brain or intellect
मगजपचाना

ମଗଜ ଖରାପ ହେବା—ଦେ. ବି—(ଫା. ମଗ୍‌ଜ୍+ଖରାପ)—ପାଗଳ
Magaja kharāpa hebā ହେବା—Derangement of
मगज खाराप हओया मगज खौलना brain.

ମଗଜ ଗରମ(ମି)—ବୈଦେ. ବି—(ଫା. ମଗ୍‌ଜ୍+ଗରମ)—୧। ମସ୍ତିଷ୍କ
Magaja garama(mi) ବିକୃତି—1. Derangement
मगज गारम मगज गरम(मी) of brain.
୨। ବଦମିଜାଜ ହେବା; ଚିଡ଼ିବା—2. Loss of
temper. ଦେ. ବଣ—ବିକୃତ ମସ୍ତିଷ୍କ (ବ୍ୟକ୍ତି)—
[ମଗଜବିଗି(ଡ଼ି)ଗିବା—ଅନ୍ୟରୂପ] Deranged.

ମଗଜ ଥଣ୍ଡା—ବୈଦେ. ବି—(ଫା. ମଗ୍‌ଜ୍+ଠଣ୍ଡା)—୧। କ୍ରୋଧଶାନ୍ତି
Magaja thandā 1. The cooling of rage. ୨।
मगज ठाण्डा मगजठंडा ମନ ସନ୍ତୋଷ—2. Contentment.

ମଗଜ ଲଡ଼ୁ—ଦେ. ବି—[ସଂ. ମଗଧ+ଲଡ୍ଡୁ; ଏହା ମଗଧ (ଦକ୍ଷିଣ
Magaja lardu ବିହାର) ଅଞ୍ଚଳରେ ଖୁବ ଅଧିକ ହେଉଥିବାରୁ]
मगध लाडु ଘିଅରେ ଭଜା ହୋଇ ଥିବା ଅଟାକୁ ଚିନି ସଙ୍ଗେ ମିଶା
मगद लड्डू, मगदल ଯାଇ ବନା ଯାଇଥିବା ଏକ ପ୍ରକାର ଲଡ଼ୁ—
A kind of sweet ball made of flour
fried in ghee and mixed with sugar.

ମଗଜା—ପ୍ରାଦେ. (ଯାଜପୁର) ବଣ—୧ ମନ୍ଥର—1. Wayward.
Magajā ୨। ମନମୋଟିଆ; ଗର୍ବିତ—
2. Proud; arrogant.

ମଗଜି—ବୈଦେ. ବି (ଅ)—୧। ଖେଦ ଲେଭେଇ ଆଦିରେ ଦିଆଯିବା
Magaji ସରୁ ଧଡ଼ି—1. A narrow border sewn to
मगजि मगजी quilts; an edging. ୨। ବସ୍ତ୍ରାଦିର ଧଡ଼ି—
2. The border of a cloth; hem.

ମଗଜିଦାର—ବୈଦେ. ବଣ (ଅ. ମଗଜୀ+ଫା. ପ୍ରତ୍ୟୟ ଦାର)—ସରୁ
Magajidār ଧଡ଼ିଦାର—Having a narrow border.
मगजिदार मगजीदार

ମଗଣ—ସଂ. ବି—ଛନ୍ଦର ୮ ଗଣ ମଧ୍ୟରୁ ଏକ; ଯହିଁରେ ୩ ଗୁରୁ
Magaṇa ବର୍ଣ୍ଣର ଯୁକ୍ତ ଥାଏ—A unit of 3 long letters
in a poem or verse

ମଗଧ୍ (ଧାତୁ)—ସ—ସ୍ତୁତି କରିବା—
Magadh (root) To eulogise.

ମଗଧ—ସଂ. ବି (ମଗ—ବେଦଜ୍ଞ ବ୍ରାହ୍ମଣ+ଧା ଧାତୁ=ଧରିବା+କର୍ତ୍ତୃ.
Magadha ଅ; ମଗଧ୍ ଧାତୁ+କର୍ତ୍ତୃ. ଅ)—୧। ବିହାର
ପ୍ରଦେଶର ଦକ୍ଷିଣାଂଶର ପ୍ରାଚୀନ ନାମ—1. The ancient name of the southern part of the
Bihar Division. ୨। (ମଗଧ୍ ଧାତୁ+କର୍ତ୍ତୃ. ଅ)
ସ୍ତୁତି ପାଠକ—2. A panegyrist; a bard.
୩। ମଗଧ ଦେଶୀୟ ଲୋକ—3. A man belonging to the Magadha country.
ଦେ. ବି—ଓଡ଼ିଶାର ଜାଙ୍ଗଲ ଓ ଅନୂପ ପ୍ରଦେଶର ମଧ୍ୟବର୍ତ୍ତୀ
ସମତଳ ଅଂଶ—The plain country between
the jungles and the low tracts of the
Orissa Coast. ପ୍ରାଦେ. (ସମ୍ବଲପୁର) ବି—ଗଉଡ଼-
ମାନଙ୍କର ଶ୍ରେଣୀ ଭେଦ—A subcaste of
'Garurdas' in Sambalpur district.
[ଦ୍ର—ଏମାନେ ଗୃହ୍ୟଜଳ ଜାତି।]

ମଗଧ ଭାଷା—ସଂ. ବି—ମାଗଧୀ ବା ପାଲି ଭାଷା—
Magadha bhāshā The Pali language.

ମଗଧା—ପ୍ରାଦେ. (ସମ୍ବଲପୁର ଓ ଗଡ଼ଜାତ) ବି—ଗଉଡ଼ମାନଙ୍କ ଶ୍ରେଣୀ
Magadhā ବିଶେଷ—A sub-caste of the milkman
caste.

ମଗଧାଧିପ—ସଂ. ବି (୬ଷ୍ଠୀ ତତ୍; ମଗଧ+ଅଧିପ)—୧। ମଗଧର ରାଜା—
Magadhādhipa 1. The king of Magadha
ମଗଧାଧିପତି } ଅନ୍ୟରୂପ ୨। ଜରାସନ୍ଧ—2. Jarāsandha;
ମଗଧେଶ୍ୱର } the wicked demon-king of
ମଗଧାଧୀଶ୍ୱର } Magadha
ମଗଧେଶ

ମଗଜ—ଗ୍ରା. (ପଦ୍ୟ) ବଣ—ମଗ୍ନ (ଦେଖ)—Magna, (See) Magana ମଗন **मगन** (ଉ—ପରମ ପ୍ରୀତି ରସେ ହୁଏ ମଗଜ । ରାଧାନାଥ. ମେଘ ଦୂତ ।)

ମଗ(ଘ)ମ—ଦେ. ବ (ସଂ. ମର୍ମ; ମର୍ମ୍ମ)—୧ । କୌଣସି ବିଷୟର ମର୍ମ ବା ରହସ୍ୟ—1. The secret of a matter; the key to a matter. Maga(gha)ma মরম **मुघम मुग्घम** ୨ । ଅନ୍ତର୍ଦେଶ—2. Inside. ୩ । ହୃଦୟ; ଅନ୍ତର—3. Heart. (ଯଥା—ଏ କଥା ତା ମଗମକୁ ବାଧିଲା ।) ବଣ—୧ । ଗୁପ୍ତ—1. Secret. ୨ । ମର୍ମଭେଦୀ—2. Heart-rending; affecting the vital parts. ୩ । ସଙ୍କେତ ଦ୍ୱାରା ପ୍ରକାଶିତ (ବିଷୟ)—3. Expressed by signs.

ମଗ(ଘ)ମେ ମଗ(ଘ)ମେ—ଦେ. କ୍ରି. ବଣ—୧ । ମର୍ମେ ମର୍ମେ—Maga(gha)me maga(gha)me 1. Into the vital parts; affecting the vital parts. মরমে মরমে **मुग्घम मुग्घम** ୨ । ଗୁପ୍ତ ରୂପେ—2. Secretly; in secret.

ମଗର୍—ଗ୍ରାଦେ. (ସମ୍ବଲପୁର) ବୈଦେ (ଅ) ଅ (ଭୁଲ. ହି. ମଗର୍)—Magar ୧ । କିନ୍ତୁ—1. But. ୨ । ପରନ୍ତୁ—2. On the other hand. ଗ୍ରାଦେ (ସମ୍ବଲପୁର) ବ—୧ । ମକର (ଦେଖ) 1. Makara (See) ୨ । (ଭୁଲ. ଏହି ଅର୍ଥରେ ହିନ୍ଦି ଏହି ଶବ୍ଦ) କୁମ୍ଭୀର—2. Alligator.

ମଗର—ଦେ. ବ (ସଂ. ମକର)—୧ । ମକର (ଦେଖ) Magara 1. Makara (See) (ଉ—କଳା ମୁଣ୍ଡ ଜଳେ মগর **मगर** ଛିଟକେ ଦେଖାଇ, ବୁଲଇ ମଗର ଏଣେ ତେଣେ ଧାଇଁ । ରାଧାନାଥ. ଚିଲିକା ।) ୨ । ନେପାଳ ଜାତିବିଶେଷ (ହି. ଶ)—2. A class of the Nepalese. ଗ୍ରାଦେ. (ଗଡ଼ଜାତ. ସମ୍ବଲପୁର)—କୁମ୍ଭୀର—Alligator.

ମଗର କୁ(କି)ମ୍ଭୀର—ଦେ. ବ (ସହଚର ଶବ୍ଦ)—ମକର ଓ କୁମ୍ଭୀର Magara ku(ki)mbhira ଆଦି ହିଂସ୍ର ଜଳଜନ୍ତୁ—মগর কুমীর **मगरमच्छ** Sharks and alligators.

ମଗର ମୁଣ୍ଡ—ଦେ. ବ (ସଂ.ମକର+ମୁଣ୍ଡ)---ସୁନାର ବା ରୁପାର ଖଡ଼ୁ ଓ Magara munda ବଳା ଆଦିରେ ମଗରର ମୁଣ୍ଡ ପରି କରା ଯାଇଥିବା মকর মুখ **मगर मुख** ମୁଣ୍ଡର ପ୍ରାନ୍ତଭାଗ—The ends of some ornaments, such as gold and silver bangles, shaped like the head of a Magara. (ମଗରମୁହଁ—ଅନ୍ୟରୂପ)

ମଗର(ଙ୍କ) ମୁଲକ—ଦେ. ବ—ଅରାଜକତା ଓ ଡକାଇତି ଘୋଟିବା Magara(ṅka) mulaka ଦେଶ—A country where মগের মুলুক **मगका मुल्क** lawlessness reigns supreme.

ମଗର ମୁହାଁ—ଦେ. ବଣ (ସଂ. ମକର+ମୁଖ)—ଯାହାର ମୁହଁ ବା Magara muhān̐ ମୁଣ୍ଡଭାଗ ମଗରର ମୁହଁ ପରି মকর মুখো **मगर मुहाँ** ଗଢ଼ାଯାଇଥାଏ—Having the end modelled like a 'Magara'. (ମଗରମୁଣ୍ଡିଆ—ଅନ୍ୟରୂପ) (ଯଥା—ମଗରମୁହାଁ ପାଲିଙ୍କି, ମଗରମୁହାଁ ବାଲା, ମଗରମୁହାଁ ଅନନ୍ତ, ମଗରମୁହାଁ କୁଣ୍ଡଳ ଇତ୍ୟାଦି ।)

ମଗରବ୍—ବୈଦେ. ବ (ଅ)—ପଶ୍ଚିମ ଦିଗ—The west. Magarab মগরব **मगरब**

ମଗରବୀ—ବୈଦେ. ବଣ (ଅ. ମଗରିବ୍)—ପଶ୍ଚିମ ଦିଗ ସମ୍ବନ୍ଧୀୟ—Magarabī Relating to the west. (ଯଥା—ମଗରବୀ (ମଗରିବ୍—ଅନ୍ୟରୂପ) ନମାଜ୍=ମୁସଲମାନ୍‌ମାନେ ପଶ୍ଚିମ ଦିଗକୁ মগরবের **मगरबकी** ମୁହଁ କରାଇ ସୂର୍ଯ୍ୟାସ୍ତ ପରେ ଯେଉଁ ନମାଜ୍ ବା ସ୍ତବ ଆବୃତ୍ତି କରନ୍ତି ।) ଦେ. ବ (ଅ. ମଗରିବ୍)—মগরিব **मगरीब** ୧ । ସୂର୍ଯ୍ୟାସ୍ତର ଅବ୍ୟବହିତ ପରବର୍ତ୍ତୀ କାଳ—1. The time immediately after sunset. ୨ । ସୂର୍ଯ୍ୟାସ୍ତର ଅବ୍ୟବହିତ ପରେ ମୁସଲମାନ୍‌ମାନେ ପଶ୍ଚିମକୁ (ମକ୍କା ଆଡ଼କୁ) ମୁହଁ କରାଇ ଆବୃତ୍ତି କରିବା ନମାଜ—2. A Mahomedan's prayer just after sunset.

ମଗର ଲେଉଟ୍—ଗ୍ରାଦେ (ସମ୍ବଲପୁର) ବ. (ପ୍ରାଚୀନ ବ୍ୟବହାର; ସଂ. Magara leuṭ ମକର ଓ ଲୁଣ୍ଠନ)—କୁମ୍ଭୀର ପରି ଭୂଇଁରେ [ମଗର ଲୋଟ(ଠ)ଅନ୍ୟରୂପ] ଗଡ଼ୁଣି ଗଡ଼ୁଣି ଗତି କରିବା—[ଦ୍ର—ପୂର୍ବେ ସମ୍ବଲପୁର ରାଜାଙ୍କ ଅଧୀନ ଜମିଦାର ବା ସାମନ୍ତ ରାଜାଙ୍କ ମଧ୍ୟରୁ ରେଢ଼ାଖୋଲର ଜମିଦାର ରାଜାଙ୍କ ନିକଟକୁ ବାର୍ଷିକ କର ଦେବାକୁ ଆସିଲାବେଳେ ସେ ଅଧୀନତାର ଚିହ୍ନ ସ୍ୱରୂପ ରାଜାଙ୍କ ଆଗରେ କରୁଥିବା କୁମ୍ଭୀରପରି ଗତିକୁ (ଅର୍ଥାତ୍ ରେଢ଼ାଖୋଲର ଜମିଦାର ସର୍ବାଙ୍ଗରେ କାଦୁଅ ବୋଳି ହୋଇ ଖଣ୍ଡଦ୍ୱାରରୁ ତଳେ ଶୋଇ ଲେଉଟି ଲେଉଟି ରାଜାଙ୍କ ଚରଣ ପର୍ଯ୍ୟନ୍ତ ଆସି ନଜରଣା ଦେଇ ସାରି ପରେ ଠିଆ ହେବା ଗତିକୁ) ମଗର ଲେଉଟ ବୋଲି ଯାଉଥିଲା (ପରମାନନ୍ଦ ଆଚାର୍ଯ୍ୟ, ଉତ୍କଳ ସାହିତ୍ୟ)— (Literally) Alligator's rolling or crawling on the ground. (Note—It was a curious performance formerly done once a year by the Zamindar of Rairākhol when the Raja of Sambalpur was his suzerain; it consisted of the Zamindar besmearing himself with mud and lying down and crawling along the ground, like an alligator, to the Raja's feet).

ମଗରା—ବୈଦେ. ବଣ. ପୁଂ (ଅ—ମଗରୁର୍=ଗର୍ବିତ)—୧ । ଗର୍ବିତ—Magarā 1. Proud. ୨ । ଧୃଷ୍ଟ; ଅବାଧ୍ୟ—2. Insubordinate; impudent; insolent. মগরা; **मगरूर** (ମଗରୀ—ସ୍ତ୍ରୀ) ୩ । ପ୍ରଭୁର ଆଦେଶ ଅବମାନନାକାରୀ (ଭୃତ୍ୟ)—3. Disobedient (servant). ଗ୍ରାଦେ (ସଂବଲପୁର) ବ—୧ । ପାଣି ଯିବାପାଇଁ ଉଆର ହୋଇଥିବା ମାଟିର ନଳା—1. Earthen tube used as the

channel for water to flow out ୬ । ଖପରଲୀ ଘରର ମଥାନ ଉପରେ ରଥିବା ଅର୍ଦ୍ଧ ବୃତ୍ତାକାର ଖପରର—Semicircular thatching tiles which are laid on the top of a tiled thatch.

ମଗରପଣ—ଦେ ବି—ଅବାଧ୍ୟତା—Insubordination; dis- Magarāpana ମଗରାପନା, मगरूरी obedience. [ମଗର ପଣିଆଁ; ମଗରେ(ର)ଇ; ମଗର ଚିଉ—ଅନ୍ୟରୂପ]

ମଗହି—ଦେ. ବି—(ସ.ମାଗଧୀ) ବିହାରୀଭାଷାର ଏକ ପ୍ରାଦେଶିକ ରୂପ—Magahi A dialect of the Bihari language. ମଗହି; मगही ଦେ. ବିଣ—ମଗଧ ସମ୍ବନ୍ଧୀୟ—Relating to Magadha.

ମଗା—ଦେ. ବି—୧ । ( ସ. ମାର୍ଗଣ )—ଯାଚ୍ଞା; ମାଗିବା—Magā 1. Asking; begging. ୨ । ଭିକ୍ଷୁକ—2 ମାଗା; मांगन Beggar. ବିଣ—୧ । ( ଅନ୍ୟଠାରୁ ) ମାଗି ଆଣିଥିବା ( ପଦାର୍ଥ )—1. (a thing) Obtained ମାଗା; मँगाहुआ from another by asking for it. ୨ । ଭିକ୍ଷାକାରୀ (ବ୍ୟକ୍ତି)—2. Begging alms.

ମଗା(ଗେ)ଇବା—ଦେ. କ୍ରି. (୧ । ମାଗିବା କ୍ରିୟାର ଣିଜନ୍ତରୂପ—Magā(ge)ibā The causative form of Māgibā). ମାଗାନ; मंगवाना ୧ । ଅନ୍ୟ ଦ୍ୱାରା କୌଣସି ବସ୍ତୁ ମାଗିବା—1. To ask for a thing through another ଡେକେପାଠାନ person. ୨ । କୌଣସି ବସ୍ତୁ ଆଣାଇବାକୁ ଖବର ଦେବା—2. To send for (a thing); to order for the supply of a thing. [ବିଭୁପଣ୍ଡି ଜନନୀ ଦେଶକୁ ଯିବାକୁ । ମଗାଇଲେ ସାରଥିଏ ଶ୍ରୀମ ବହୁଳାଙ୍କୁ । କୃଷ୍ଣସିଂ. ମହାଭାରତ, ବନ ।]

ମଗାମଗି—ଦେ. ବି—ମାଗିବା କ୍ରିୟା; ମାଗଯାଚ; ମାଗି ଆଣିବା କ୍ରିୟା—Magāmagi The act of begging. ମାଗାମାଗି माँगामाँगी

ମଗାଯାଚ—ଦେ. ବି (ସ. ମାର୍ଗଣ+ଯାଚନା)—୧ । ମାଗିବା ଓ Magājachā ଯାଚିବା—1. Asking and offering. ୨ । ମାଗାଯାଚା ( ଏକାର୍ଥକ ) ଯାଚନା—2. Asking and begg- माँचाँग ing. ୩ । ମଗାମଗି (ଦେଖ)—3. Magāmagi (See). ଦେ. ବିଣ—ଯାହା ମାଗିକରି ଆଣାଯାଇ ଥାଏ—Obtained by begging

ମଗାହି—ପ୍ରାଦେ (ଛୋଟନାଗପୁର) ବି—ମଗହି (ଦେଖ)—Magah, Magāhi (See). [ଦ୍ର—ମୟୂରଭଞ୍ଜ ଓ ବାମଣ୍ଡାର ଭୂଇଁମାନଙ୍କ (ମଗାଇ—ଅନ୍ୟରୂପ) କଥିତ ଭୁଇଁମାଳି ଭାଷା ଏହି ମଗାହିଭାଷାର ରୂପାନ୍ତର ଅଟେ । ]

ମଗୁ—ଗ୍ରା. ବି—୧ । (ସ. ମୃଗ) ମୃଗ—1. Deer. ୨ । (ସ. ମାର୍ଗ) Magu मगु ରାସ୍ତା; ବାଟ—2. Road; way.

ମଗୁ(ଘୁ)ଶିର—ଗ୍ରା. ବି (ସ. ମାର୍ଗଶୀର୍ଷ; ମାର୍ଗଶିରା)—ମାର୍ଗଶିର ବା Magu(ghu)śria ଅଗ୍ରହାୟଣ ମାସ—The lunar month अग्रान of 'Mārgaśira' following Kārttika. (ଦ୍ର—अगहन, मार्गशिर କାର୍ତ୍ତିକ ପରବର୍ତ୍ତେ ଏହି ମଗୁଶୀର ଅଟେ । ପ୍ରାଚୀ, ଉତ୍କଳସଂମନ୍ଧୀ । )

ମଗ୍ନ—ସ. ବିଣ (ମସ୍ଜ, ଧାତୁ=ବୁଡ଼ିବା+କର୍ତ୍ତୃ. ତ)—୧ । ବୁଡ଼ିଯାଇ Magna ଥିବା; ନିମଜ୍ଜିତ—1. Immersed; plunged; (ମଗ୍ନା—ସ୍ତ୍ରୀ) sunken; drowned. ୨ । ଅନ୍ତଃପ୍ରବିଷ୍ଟ—2. Entered inside. ୩ । ବିଭୋର; ତନ୍ମୟ—3. Absorbed in; engrossed; exclusively occupied with. ୪ । ଆସକ୍ତ—4. Addictd to. ୫ । ମଦମତ୍ତ; ନିଶାରେ ଚୂର୍; ଭୋଳ (ହ୍ର. ଶ)—5. Intoxicated; inebriated. ୬ । ଲୀନ (ହ୍ର.ଶ) 6. Swallowed up; entranced. ୭ । ପ୍ରସନ୍ନ, ହର୍ଷିତ (ହ୍ର. ଶ)—7. Delighted; overjoyed. ୮ । ତଳକୁ ଦବି ଯାଇଥିବା ( ଯଥା—ମଗ୍ନନାସିକା, ମଗ୍ନ ସ୍ତନ) [ହ୍ର. ଶ]—8 Sunken; suppressed (e. g nose; female breast). [ଦ୍ର—ଏହା ୨।୩।୪ ଅର୍ଥରେ ଅନ୍ୟ ଶବ୍ଦ ପରେ ଯୁକ୍ତ ହୁଏ । ଯଥା—ଚିନ୍ତାମଗ୍ନ, ଜଳମଗ୍ନ, ଧ୍ୟାନମଗ୍ନ; ପ୍ରେମମଗ୍ନ, ଶୋକମଗ୍ନ ଇତ୍ୟାଦି ।] ସ. ବି—ପର୍ବତ ବିଶେଷ; ମଗ୍ନଗିରି (୨) (ଦେଖ)—Magnagiri (2) (See).

ମଗ୍ନଗିରି—ସଂ ବି (କର୍ମଧା; ମଗ୍ନ+ଗିରି)—୧ । ସମୁଦ୍ର ମଧ୍ୟରେ ବୁଡ଼ି Magna giri ଥିବା ପର୍ବତ; ବୁଡ଼ା ପାହାଡ଼—1. Submarine (ମଗ୍ନପର୍ବତ—ଅନ୍ୟରୂପ) rock. ୨ । ପୌରାଣିକ ମୈନାକପର୍ବତ-2. Name of a mythological mountain. [ଦ୍ର—ଏ ହିମାଳୟର ପୁତ୍ର । ଇନ୍ଦ୍ର ପର୍ବତମାନଙ୍କ ପକ୍ଷଚ୍ଛେଦ କରିବା ସମୟରେ ମୈନାକ ପର୍ବତ ସମୁଦ୍ରରେ ଲୁଚି ରହି ଅବ୍ୟାହତି ଲାଭ କରିଥିବା ପୁରାଣ ପ୍ରସିଦ୍ଧ । ]

ମଘ—ସ. ବି (ମହ, ଧାତୁ=ପୂଜା କରିବା+ଅ)—୧ । (+ଭାବ. ଅ) Magha ପୂଜା—1. Worship. ୨ । ସୁଖ—2. Happiness; pleasure. ୩ । (+କରଣ. ଅ) ଧନ; ସମ୍ପତ୍ତି (ହ୍ର. ଶ)—3. Riches. ୪ । ପୌରାଣିକ ଭୂଗୋଳ ଅନୁସାରେ ମ୍ଲେଚ୍ଛାଧ୍ୟୁଷିତ ଦ୍ୱୀପବିଶେଷ ଓ ତଦ୍ଦେଶବାସୀ ବ୍ୟକ୍ତିଗଣ—4. Name of a mythological island or division of the globe and its barbarian inhabitants (Apte). ୫ । ପୁଷ୍ପ ବିଶେଷ (ହ୍ର. ଶ)—4. A kind of flower (Apte). ୬ । ପୁରସ୍କାର (ହ୍ର. ଶ)—6. Reward. ୭।ଉପହାର—7. A present (Apte). ୮ । ଦଶମ ନକ୍ଷତ୍ର; ମଘା—8. The tenth lunar mansion (Apte). ଦେ ବି-ବ୍ରହ୍ମଦେଶର ଆରାକାନ ପ୍ରଦେଶ ଓ ତଦ୍ଦେଶବାସୀ ବ୍ୟକ୍ତି-ଗଣ—Tne Arakan country and the Arakanese people. [ ଦ୍ର—ଏମାନେ ସପ୍ତଦଶ ଶତାବ୍ଦୀରେ ବଙ୍ଗୋପସାଗରରେ ଜଳଦସ୍ୟୁରୂପେ ଅତ୍ୟାଚାର

କରୁଥିଲେ । ] ପ୍ରାଦେ (ଯାଜପୁର) ବିଣ—କୃପଣ—
Miserly.

ମଘ ଦେଶ—ଦେ. ବି—ବ୍ରହ୍ମଦେଶୀୟ ଆରାକାନ ପ୍ରଦେଶ—The
Magha desa Arakan province in Burma.
(ମଗମୁଲକ ଅନ୍ୟରୂପ) मगेरमल्लुक मघौंकामुल्क;

ମଘବା(ବାଃ)—ସଂ. ବି. ପୁଂ (ମହ୍. ଧାତୁ+କର୍ମ. ଅନ୍, ଅସ୍; ମଘବନ୍,
Maghabā(bāḥ) ୧ମା. ୧ବା)—୧ । ଦେବରାଜ; ଇନ୍ଦ୍ର—
(ମଘୋନୀ – ସ୍ତ୍ରୀ) 1. Indra; the king of Hindu gods.
୨ । ପେଚକ—2 An owl (Apte). ୩ । ବ୍ୟାସଙ୍କ
ନାମାନ୍ତର—3. A name of Byāsa (Apte).

ମଘବାଜିତ୍—ସଂ. ବି—ରାବଣର ପୁତ୍ର ଇନ୍ଦ୍ରଜିତ୍; ମେଘନାଦ [ହ୍ର. ଶ]—
Maghabājit The valiant son of Rābaṇa.

ମଘବାନ୍—ସଂ. ବି. ପୁଂ [ମଘ=ସୁଖ+ବତ୍; ୧ମା. ୧ବ] —ଇନ୍ଦ୍ର—
Maghabān (ମଘବତୀ, ମଘୋନୀ—ସ୍ତ୍ରୀ) Indra.

ମଘା—ସଂ. ବି. ସ୍ତ୍ରୀ [ମହ୍. ଧାତୁ+କର୍ମ. ଅ+ଆ]—ଜ୍ୟୋତିଷୋକ୍ତ
Maghā ୨୭ ନକ୍ଷତ୍ର ମଧ୍ୟରୁ ପଞ୍ଚତାରକାଯୁକ୍ତ ଦଶମ ନକ୍ଷତ୍ର—
The 10th lunar mansion or stellar constellation. [ଦ୍ର—ଏ ନକ୍ଷତ୍ରରେ ଶୁଭକାର୍ଯ୍ୟରେ ଯାତ୍ରା କରିବି, ନକ୍ଷତ୍ର ତଳେ ଟୀକା ଦେଖ, See notes under Nakshatra) ପ୍ରାଦେ [ ସମ୍ବଲପୁର ] ବି—
ମାଘ—The month of Māgha. ପ୍ରାଦେ. ବିଣ—
ମାଘ ମାସସମ୍ବନ୍ଧୀୟ—Relating to the month of Māgha. [ଭୃ—ମଘା ବରଷା, ମାଆପରଷା, ଏ ଦୁହିଙ୍କର ଏକା ଦଶା । ଇଗ । ]

ମଘାତ୍ରୟୋଦଶୀ—ସଂ. ବି—ଭାଦ୍ର ମାସର ମଘାନକ୍ଷତ୍ର ଯୁକ୍ତ କୃଷ୍ଣ
Maghā trayodasi ତ୍ରୟୋଦଶୀ—The 13th day of the dark fortnight of Bhādra if it falls on the Maghā asterism. [ଦ୍ର—ଏ ତିଥିରେ ମଧୁ ବା ପାୟସଦ୍ୱାରା ପିତୃଲୋକଙ୍କର ଉଦ୍ଦେଶ୍ୟରେ ଶ୍ରାଦ୍ଧ କରିବାକୁ ହୁଏ । ]

ମଘାପଞ୍ଚମୀ ଯୋଗ—ସଂ. ବି [ଜ୍ୟୋତିଷ]—ପଞ୍ଚମୀ ତିଥି ଓ ମଘା ନକ୍ଷତ୍ରର
Maghāpañchami joga ମିଳନ—The auspicious conjunction of Maghā asterism on the fifth day of any lunar fortnight. [ଦ୍ର—ଏଥିରେ ଶ୍ରୀକ୍ଷେତ୍ରରେ ଜଗନ୍ନାଥଙ୍କୁ ଦର୍ଶନ କରି ଇନ୍ଦ୍ରଦ୍ୟୁମ୍ନ ତୀର୍ଥରେ ପିଣ୍ଡଦାନ କଲେ ପିତୃଗଣ ମୁକ୍ତିଲାଭ କରନ୍ତି । ]

ମଘା ପଡ଼ିବା—ଦେ. ବି ( ଲାକ୍ଷଣିକ )—ଯାତ୍ରାଦି ଶୁଭକାର୍ଯ୍ୟରେ ବାଧା
Maghā paṛibā ବିଘ୍ନ ଘଟିବା—( figurative ) The
मघापड़ा; विधपड़ा happening of an obstacle in the beginning of a good work.

ମଘାଭବ—ସଂ. ବିଣ ( ମଘା+ଭୂ ଧାତୁ+କର୍ତ୍ତୃ. ଅ )—ମଘା ନକ୍ଷତ୍ର
Maghābhaba ଜାତ—Born at a time when
(ମଘାଭୂ—ଅନ୍ୟରୂପ) the constellation of Maghā was in the ascendant. ବି—୧ । ଶୁକ୍ରାଚାର୍ଯ୍ୟ—
1. Sukrāchārjya, the preceptor of the demons. ୨ । ଶୁକ୍ରଗ୍ରହ ( ହ୍ର. ଶ )—2. The planet Venus.

ମଘୋନୀ—ସଂ. ବି. ସ୍ତ୍ରୀ ( ମଘବନ୍+ସ୍ତ୍ରୀ ଈ )—ଇନ୍ଦ୍ରାଣୀ; ଶଚୀ—
Maghonī The wife of Indra.

ମଙ୍କ୍ (ଧାତୁ)—ସଂ—୧ । ଗତି କରିବା—1. To move ( Apte ).
Maṅk (root) ୨ । ଭୂଷିତ କରିବା—2. To adorn
(ମନ୍କ୍ ଧାତୁ—ଅନ୍ୟରୂପ) ( Apte ).

ମଙ୍କଣକ—ସଂ. ବି—ଋଷି ବିଶେଷ—Name of a saint.
Maṅkaṇaka ( ଭୃ—ପୂର୍ବେ ମଙ୍କଣକ ଯେ ସ୍ଥାନରେ ବସି, ତପସ୍ୟା କରୁଥିଲେ ତାଲେ ନେତ୍ର ଶୋଷି । କୃଷ୍ଣସିଂହ. ମହାଭାରତ. ବନ । )

ମଙ୍କନ(ଣ, ଳ)କ—ସଂ. ବି—୧ । ମହାଭାରତୋକ୍ତ କୁରୁକ୍ଷେତ୍ରର
Maṅkan a (ṇa, ḷa)ka ଦ୍ୱାରପାଳ ଯକ୍ଷବିଶେଷ—1. Name of a demigod said to guard the Kurukshetra battle-field. ( ଭୃ—କୁରୁକ୍ଷେତ୍ରରେ ମଙ୍କନକ ଦ୍ୱାରପାଳ, ଅଛନ୍ତି ନମଇଁ ଯେ ତାଙ୍କ ପାଦତଳ । କୃଷ୍ଣସିଂହ. ମହାଭାରତ ବନ । ) ୨ । ଋଷି ବିଶେଷ ( ହ୍ର. ଶ )—2. Name of a sage

ମଙ୍କିଳ—ସଂ. ବି ( ମଙ୍କ ଧାତୁ+କର୍ତ୍ତୃ. ଇଲ )—ଦାବାଗ୍ନି—
Maṅkiḷa Forest conflagration (Apte).

ମଙ୍କୁର—ସଂ. ବି ( ମଙ୍କ ଧାତୁ+କରଣ. ଉର )—ମୁକୁର; ଦର୍ପଣ—
Maṅkura Mirror.

ମଙ୍କ୍ଷଣ—ସଂ. ବି—ଗୋଡ଼ରେ ପିନ୍ଧାଯିବା ସାଞ୍ଜୁ—An armour of
Maṅkshaṇa the legs; greaves. (Apte ).

ମଙ୍ଖ—ସଂ. ବି. ପୁଂ—୧ । ଭାଟ—1. A royal bard ( Apte ).
Maṅkha ୨ । ଏକଶ୍ରେଣୀର ଔଷଧ—2. Medicament of a particular class ( Apte ).

ମଙ୍ଗ୍ (ଧାତୁ)—ସଂ—ଗମନ କରିବା—To go; to move.
Maṅg (root) [ମନଗ୍ (ଧାତୁ)—ଅନ୍ୟରୂପ)

ମଙ୍ଗ—ପ୍ରାଦେ ( ସମ୍ବଲପୁର ) ବି—ତନ୍ତ—
Maṅg Loom.

ମଙ୍ଗ୍ତ୍ରି—ପ୍ରାଦେ ( ସମ୍ବଲପୁର ) ବି ( ଭୁଲ. ହି. मंगता )—ଭିକ୍ଷୁକ;
Maṅg-tri ଭିକ୍ଷୁକ; ଭିକାରୀ; ଭିକମାଗୁଣିଆ—Beggar.

ମଙ୍ଗନିଆ—ପ୍ରାଦେ ( କଳାହାଣ୍ଡି ) ବି ( ଭୁଲ ହି. मंगना; मंगन्या )
Maṅg-niā ମାଗନ୍ତା; ଭିକ୍ଷୁକ—Beggar.

ମଙ୍ଗରା—ପ୍ରାଦେ ( ବସ୍ତର ) ବି—ମଲ୍ଲିଫୁଲ—
Maṅg-rā The jasmine flower.

ମଙ୍ଗରି ପାଟି—ପ୍ରାଦେ ( ବସ୍ତର ) ବି—ମଥାନ ବା ମଙ୍ଗଳଶ୍ରେଣୀ—
Maṅg-ri pāṭi The top wooden plate of a thatched house.

ମଙ୍ଗ—ସଂ. ବି ( ସଂ. ମଙ୍ଗ୍ ଧାତୁ+କର୍ତ୍ତୃ. ଅ )—୧ । ନୌକାର ମୁଣ୍ଡ;
Maṅga ନୌକାର କଣ୍ଠି ( ହ୍ର. ଶ )—1. The end of

ଗେଲୁଇ head of a boat; the prow of a boat
ଗଲହୀ ( Apte ). [ ଦ୍ର—ଡଙ୍ଗାର ଅଗ ପାଖର ମଙ୍ଗକୁ ଅଗମଙ୍ଗ ଓ ପଛପାଖର ମଙ୍ଗକୁ ପଛମଙ୍ଗ କହନ୍ତି । ] ୨ । ଜାହାଜର ପାର୍ଶ୍ୱ—2.The side of a ship (Apte).

ସମ୍ମତି, ରାଜି ଦେ. ବ—ମଙ୍ଗିବା; ସ୍ୱୀକାର; ସମ୍ମତ—Consent;
राजी agreeing to a thing. ବଣ—ସ୍ୱୀକୃତ—
(ଅମଙ୍ଗ—ଅନ୍ୟରୂପ) Agreeable; consenting;
सम्मत; राजि राजी agreeing.

ମଙ୍ଗତ୍ ଜ(ଜା)ନ୍—ବୈଦେ. ବ (ଫା.ମଙ୍ଗତ୍=ଯେ ମଙ୍ଗେ ବା ଖୁସି ହୁଏ
Mangat ja(jā)n +ଜାନ୍=ସ୍ତ୍ରୀଲୋକ)—ନର୍ତ୍ତକୀ; ବେଶ୍ୟା—
[ମଙ୍ଗନ୍ ଜ(ଜା)ନ୍ —ଅନ୍ୟରୂପ] A female dancer;dancing girl, who has accepted the profession of dancing out of her free will; prostitute.

ମଙ୍ଗ ଧରା—ଦେ. ବ—୧ । ନୌକାର ପଛ ମଙ୍ଗରେ ଲାଗିଥିବା ନୌକାର
Manga dharā ଗତିର ନିୟନ୍ତ୍ରଣାତ୍ମକ ଅଙ୍କୁଲ—1. The
हाइल helm of a boat; the rudder. [ଦ୍ର—ସୁହାନ
दुम्बाला, पतवार ଡଙ୍ଗା ଗଢ଼ା ହେଲା ବେଳେ ଡଙ୍ଗାର ପଛ ପାଖରେ
हालधरा; हाली କବଜାଦ୍ୱାରା ସଂଲଗ୍ନ କରାଯାଇ ଥାଏ । ମଙ୍ଗଧରା ମଧ୍ୟ
पत बारिया ଡଙ୍ଗାର ପଛପାଖରେ ଲାଗିଥାଏ । ମଙ୍ଗଧରା ଡଙ୍ଗାର ପଛ ମଙ୍ଗରେ ଦଉଡ଼ି ଦ୍ୱାରା ଛନା ହୋଇଥାଏ ।] ୨।ମଙ୍ଗୁଆଲ; ଯେଉଁ ନାବିକ ନୌକାର ପଛ ମଙ୍ଗରେ ଲାଗିଥିବା ଅଙ୍କୁଲକୁ ଧରି ନୌକାର ଗତିକୁ ନିୟନ୍ତ୍ରିତ କରେ—2. Helmsman. ୩ । (ଲକ୍ଷଣାର୍ଥ) ନେତା—(figurative) Leader.

ମଙ୍ଗ ଧରିବା—ଦେ. କ୍ରି—ଡଙ୍ଗାର ପଛ ମଙ୍ଗର ଅଙ୍କୁଲକୁ ଧରି ଡଙ୍ଗାର
Manga dharibā ଗତିକୁ ନିୟନ୍ତ୍ରିତ କରିବା—To steer
हालधरा पतवार धरना at the helm.

ମଙ୍ଗନ—ଦେ. ବ—(ସଂ. ମଙ୍ଗଳ)—୧ । ବିବାହର ପୂର୍ବ ଦିବସ; ମଙ୍ଗଳ-
Mangana ଉତ୍ସବ—1. The day previous to a
मंगलकृत्य अधिवास मङ्गलकृत्य marriage. (ଦ୍ର—ଅଛି ମଙ୍ଗନ କାଲି ବାହା, ବସ କରୁଅଛୁ କାହାର ମାଥା । ଚଗ ।
୨ । ବିବାହର ପୂର୍ବ ଦିବସରେ ବର ଓ କନ୍ୟା ଯେଉଁ ମଙ୍ଗଳ କର୍ମ କରନ୍ତି) 2. The ceremonies performed on the eve of a marriage.

ମଙ୍ଗନ ଓଟା—ଦେ. ବ—ବିବାହର ପୂର୍ବ ଦିବସରେ ବର ଓ କନ୍ୟା
Mangana otā ଯେଉଁ ନୂଆ ଲୁଗା ପିନ୍ଧନ୍ତି—New cloths put on by the bride and the bridegroom on the day previous to the marriage [ଦ୍ର— କନ୍ୟାର ଲୁଗାକୁ ମଙ୍ଗନ ଶାଢ଼ି ଓ ବରର ଲୁଗାକୁ ମଙ୍ଗନ-ପାଟ୍ଟ କହନ୍ତି ।]

ମଙ୍ଗର୍—ପ୍ରାଦେ. (ସମ୍ବଲପୁର ଓ ବସ୍ତର) ବ—(ସଂ. ମକର)—କୁମ୍ଭୀର
Mangar Alligator

ମଙ୍ଗରାଜ—ଦେ. ବ—୧ । କେତେକ ରାଜାଙ୍କ ବଂଶଗତ ଉପାଧିବିଶେଷ—
Mangarāja 1. A family title of kings. ୨ । କ୍ଷତ୍ରିୟଙ୍କ ବଂଶୋପାଧି ବିଶେଷ —2. A family title of Kshatriyas.

ମଙ୍ଗରାଜି—ପ୍ରାଦେ. (ବାଲେଶ୍ୱର) ବ—ଏକ ପ୍ରକାର କୁଡ଼ୁମ୍ବା ବା ଭୁଜା
Mangarāji ଭଜା ।—A kind of fried rice.

ମଙ୍ଗଲ—ପ୍ରାଦେ. (ସମ୍ବଲପୁର) ବ—ମଙ୍ଗଳ (ଦେଖ)
Mangal Mangala (See)

ମଙ୍ଗଳ—ସଂ. ବ—(ମଙ୍ଗ୍ ଧାତୁ=ଯିବା+କର୍ମ. ଅଳ)—୧ । ଶୁଭ;
Mangala କଲ୍ୟାଣ; କ୍ଷେମ—1. Welfare; bliss; auspiciousness. ୨ । ସୌଭାଗ୍ୟ—2. Prosperity. ୩ । ( +କର୍ତ୍ତୃ ଅଳ ) କୁଜଗ୍ରହ—3. The planet Mars. ୪ । ମଙ୍ଗଳବାର—4. Tuesday. ୫ । ମହାଦେବ; ମହେଶ୍ୱର; ଶିବ—5. Siba, ୬ । ଦେବାଙ୍କର ସ୍ତୁତି—6, Hymns to the Gods. ବଣ— ଶୁଭକର—Auspicious; lucky. ଦେ. ବ—୧ । ମଙ୍ଗଳାଚରଣ; ପୁରାଣାଦି ପାଠ ପୂର୍ବରୁ ବୋଲାଯିବା ମଙ୍ଗଳ ସୂଚକ ବାକ୍ୟ—1. Benedictory sentences uttered before beginning to read or recite a religious discourse. [ଦ୍ର—ଏମନ୍ତ ଋଷିମାନଙ୍କ ମୁଖୁ ଶୁଣି, ମଙ୍ଗଳ ଆରମ୍ଭିଲେ ଲୋମହରଷଣି । କୃଷ୍ଣସିଂହ ମହାଭାରତ. ଆଦି ।] ୨ । ମଙ୍ଗଳ ବାକ୍ୟ; ଶୁଭ ବାକ୍ୟ— 2. Benedictory utterance. (ଦ୍ର—ଅକ୍ଷତ ଦେଇ ସୂତ୍ର ଶିରେ, ମଙ୍ଗଳ କଲେ ଉଚ୍ଚ ସ୍ୱରେ । ଜଗନ୍ନାଥ. ଭାଗବତ ।) ୩ । ଶୁଭ ବାଦ୍ୟବିଶେଷ—3. Music played on auspicious occasions. (ଦ୍ର— ମଦନ ବିଜୟ ମଙ୍ଗଳ, ବାଦ୍ୟ ମୋ ନୂପୁର ଯୁଗଳ । ଜଗନ୍ନାଥ ଭାଗବତ ।)

ମଙ୍ଗଳ ଆଳତି—ଦେ. ବ—(ସଂ. ମଙ୍ଗଳ ଓ ଆରତ୍ରିକ)—ପ୍ରାତଃକାଳ
Mangala ālati ସକାଳେ ଦେବ ବିଗ୍ରହମାନଙ୍କର ନିଦ୍ରାତ୍ୟାଗ
मङ्गल आरती ସୂଚକ ସର୍ବ ପ୍ରଥମେ କରାଯିବା ଆରତି ବା ଦୀପାଦି
मङ्गल आरती ପ୍ରଦର୍ଶନ ଦ୍ୱାରା ପୂଜା—The ceremony of waving lights as the first thing done in the morning before idols. (ଦ୍ର—ନୀଳାଚଳ ଧାମେ ପ୍ରତ୍ୟୁଷେ ମଙ୍ଗଳ-ଆଳତି ଦର୍ଶନ ପାଇଁ । ରାଧାନାଥ. ପାର୍ବତୀ ।)

ମଙ୍ଗଳ କର—ସଂ. ବଣ—(ମଙ୍ଗଳ+କୃ ଧାତୁ+କର୍ତ୍ତୃ. ଅ)—ଶୁଭକର -
Mangala kara Beneficial; auspicious; blissful.
(ମଙ୍ଗଳକାରକ—ଅନ୍ୟରୂପ)

ମଙ୍ଗଳ କର୍ମ—ସଂ. ବ—ବିବାହାଦି ଶୁଭ କର୍ମ – Festive occasions;
Mangala karma auspicious or happy family-rites. [ଦ୍ର—ଉତ୍ତ, ବିବାହ, କର୍ଣ୍ଣବେଧ, ଗୃହ ପ୍ରତିଷ୍ଠା, ଯଜ୍ଞ ଆଦି ମଙ୍ଗଳ କର୍ମର ଅନ୍ତର୍ଗତ ।]

ମଙ୍ଗଳ କାମନା—ସଂ. ବ—କୁଶଳ ପ୍ରାର୍ଥନା; ହିତାକାଂକ୍ଷା—
Mangala kāmanā Wishes for one's welfare,

**ମଙ୍ଗଳ କାମୀ**—ସଂ. ତ. ପୁଂ —ହିତାକାଂକ୍ଷୀ; କଲ୍ୟାଣପ୍ରାର୍ଥୀ—
Mangala kāmi Wishing one's welfare.
(ମଙ୍ଗଳ କାମିନୀ—ସ୍ତ୍ରୀ)

**ମଙ୍ଗଳ କୁମ୍ଭ**—ସଂ.ବି—ବ୍ରତ ବିବାହାଦି ଶୁଭାନୁଷ୍ଠାନ ଉପଲକ୍ଷରେ ବେଦିରେ
Mangala kumbha ବା ଗୃହର ଦ୍ୱାର ଦେଶରେ ସ୍ଥାପିତ ଜଳପୂର୍ଣ୍ଣ କଳସ; ପୂର୍ଣ୍ଣକୁମ୍ଭ—A jar full of water kept on the altar or at the door on ceremonial and festive occasions.
(ମଙ୍ଗଳ କଳସ—ଅନ୍ୟରୂପ)

**ମଙ୍ଗଳ କୃତ୍ୟ**—ସଂ. ବି—( ମଙ୍ଗଳ + କୃତ୍ୟ = କର୍ମ ) ବିବାହ—
Mangala krutya Marriage. ଦେ. ବି. ମଙ୍ଗଳ—(ଦେଖ)—Mangala (See).

**ମଙ୍ଗଳ ଗାନ**—ସଂ. ବି—ଶୁଭାନୁଷ୍ଠାନ ଉପଲକ୍ଷରେ ଗାନ କରାଯିବା
Mangala gāna ସଙ୍ଗୀତ—Songs sung on auspicious occasions.
(ମଙ୍ଗଳ ଗାୟନ, ମଙ୍ଗଳ ଗୀତ, ମଙ୍ଗଳ ଗୀତିକା, ମଙ୍ଗଳ ଗୀତି, ମଙ୍ଗଳ ସଙ୍ଗୀତ—ଅନ୍ୟରୂପ)

**ମଙ୍ଗଳ ଘଟ**—ସଂ. ବି—ଯେଉଁ ଜଳପୂର୍ଣ୍ଣ କଳସକୁ ଦେବୀପୂଜା ଉପଲକ୍ଷରେ
Mangala ghata ସ୍ଥାପିତ କରିବାକୁ ଦେବୀମୂର୍ତ୍ତି କଳ୍ପନା କରି
(ମଙ୍ଗଳ କଳସ—ଅନ୍ୟରୂପ) ପୂଜା କରାଯାଏ—A jar filled up with water and worshipped in lieu of Goddess Durgā.

**ମଙ୍ଗଳ ଚଣ୍ଡିକା**—ସଂ.ବି.ସ୍ତ୍ରୀ—୧ । ଭଗବତୀ; ଦୁର୍ଗା—1. Durgā.
Mangala chandikā ୨ । ଅଭୀଷ୍ଟସିଦ୍ଧ୍ୟର୍ଥ ମଙ୍ଗଳବାରରେ
(ମଙ୍ଗଳଚଣ୍ଡୀ—ଅନ୍ୟରୂପ) ସ୍ତ୍ରୀଲୋକମାନେ ଯେଉଁ ଚଣ୍ଡୀଙ୍କୁ ବା ଭଗବତୀଙ୍କୁ ପୂଜା କରନ୍ତି—2. Goddess Durgā worshipped by females on Tuesdays. [ଦ୍ର—ଏ ଦ୍ୱିଭୁଜା, ରକ୍ତପଦ୍ମାସନସ୍ଥା, ଗୌରବର୍ଣ୍ଣା ଦେବୀ ଅଟନ୍ତି । ଧନୀ ସଉଦାଗରଙ୍କ ସ୍ତ୍ରୀ ପ୍ରଥମେ ସ୍ତ୍ରୀମାନଙ୍କ ମଧ୍ୟରେ ଏ ପୂଜା ଚଳାଇଥିବା କଥାସୂ ବ୍ରତ କଥାରେ ଉଲ୍ଲେଖ ହୋଇଅଛି । ]

**ମଙ୍ଗଳ ଚିନ୍ତା**—ସଂ. ବି—ମଙ୍ଗଳ କାମନା; କଲ୍ୟାଣ ଚିନ୍ତା;ଶୁଭକାମନା—
Mangala chintā Thoughts for one's welfare; good-wishes.
(ମଙ୍ଗଳଚିନ୍ତକ—ପୁଂ. ବିଣ)

**ମଙ୍ଗଳଣ(ନ)**—ଦେ. ବି—(ସଂ. ମଙ୍ଗଳ)—ମଙ୍ଗୁଳିବା; ମଙ୍ଗଳାଚରଣ;
Mangalana(na) ବିବାହାଦି ପୂର୍ବରୁ ଅବିଧବା ସ୍ତ୍ରୀମାନଙ୍କ ଦ୍ୱାରା ଅଧିବାସ ଅନୁଷ୍ଠିତ ଦେବାରାଧନା ଓ ହାଣ୍ଡିମଙ୍ଗୁଳା ଆଦି—
अधिवास A propitiatory ceremony performed by females consisting of invoking the blessings of the village Goddess on festive occasions and consecrating earthen cooking pots for those occasions.
୨ । ଅଭିମନ୍ତ୍ରଣ; ପୂଜାଧିବାସ—2. Consecration.

**ମଙ୍ଗଳ ଦର୍ଶନ**—ସଂ. ବି—ଶୁଭସୂଚକ ବସ୍ତୁର ଦର୍ଶନ; ଶୁଭଶକୁନ—
Mangala darsana Seeing or meeting with an auspicious thing. ବିଣ. ପୁଂ—
(ମଙ୍ଗଳଦର୍ଶନା—ସ୍ତ୍ରୀ) ଯାହାଙ୍କୁ ଦେଖିଲେ ଶୁଭ ମଙ୍ଗଳ ଘଟିବାର ସୂଚନା ହୁଏ—Auspicious; whose sight indicates the happening of a happy event. [ଦ୍ର—ବାଆଁ ଚଳୁଅ, ପୂର୍ଣ୍ଣକୁମ୍ଭ, ବଦରବଳଅ ପକ୍ଷୀଆଦି ମଙ୍ଗଳ ଦର୍ଶନ ଅଟନ୍ତି—]

**ମଙ୍ଗଳ ଦାୟକ**—ସଂ. ବିଣ—୧ । ହିତକର—1. Beneficial. ୨ ।
Mangala dāyaka କଲ୍ୟାଣପ୍ରଦ—2. Bringing about bliss.
(ମଙ୍ଗଳପ୍ରଦାନ, ମଙ୍ଗଳପ୍ରଦ—ଅନ୍ୟରୂପ)
(ମଙ୍ଗଳଦାୟିକା, ମଙ୍ଗଳପ୍ରଦା—ସ୍ତ୍ରୀ)

**ମଙ୍ଗଳ ପାକ**—ଦେ. ବି—୧ । ବିବାହାଦି ମଙ୍ଗଳକୃତ୍ୟର ପୂର୍ବ ଦିନ
Mangala pāka ରାନ୍ଧିବା ପାଇଁ କରାଯିବା ନୂଆ ହାଣ୍ଡି—
(ମଙ୍ଗଳ ପାଗ, ମଙ୍ଗଳ ଭୋଜନ—ଅନ୍ୟରୂପ) 1. The new set
মঙ্গলপাক of Earthen pots for a festive occasion.
**मङ्गल पाक** ୨ । ବରର କୁଟୁମ୍ବ ଓ ବନ୍ଧୁମାନଙ୍କୁ ବିବାହର ପୂର୍ବ ଦିନ ଦିଆଯିବା ଅନ୍ନ ଭୋଜନ—2. A feast of cooked food given to the kindreds and relatives of the bridegroom on the eve of marriage, generally in the night previous to the day of marriage. [ଦ୍ର—ମଙ୍ଗଳ ଭୋଜନ ସାରି ବର ଓ ବରଯାତ୍ରିମାନେ କନ୍ୟା ଘରକୁ ଯାତ୍ରା କରନ୍ତି ।]

**ମଙ୍ଗଳ ପାଠକ**—ସଂ. ବି.ପୁଂ—୧ । ସ୍ତୁତିପାଠକ; ଭାଟ—1.A bard;
Mangala pāthaka a panegyrist.
(ମଙ୍ଗଳଗାୟକ—ଅନ୍ୟରୂପ)

**ମଙ୍ଗଳ ପୁର**—ଦେ. ବି—୧ । ପୁରୀଜିଲ୍ଲାର ପିପିଲି ନିକଟସ୍ଥ ଗୋଟିଏ
Mangala pura ବଡ଼ ଗ୍ରାମ—1. Name of a populous village in the district of Puri [ଦ୍ର—ଏଠାରେ ହାଟ ବସେ ଓ ଏହା ଅନେକ କେଳାଙ୍କ ବାସସ୍ଥାନ । ] ୨ । ବାଲେଶ୍ୱରର ଗୋଟିଏ ବଡ଼ ଗ୍ରାମ—2. Name of a village in Balasore district. [ ଦ୍ର—ଏହା ମୁଗୁନି ପଥର ବାସନ ନିମନ୍ତେ ପ୍ରସିଦ୍ଧ । ]

**ମଙ୍ଗଳ ବାଦ୍ୟ**—ସଂ. ବି—ଶୁଭାନୁଷ୍ଠାନ ଉପଲକ୍ଷରେ ବଜାଯିବା ବାଦ୍ୟ—
Mangala bādya Music played on festive occasions. [ ଦ୍ର—ଏହିପରି ମଙ୍ଗଳ ଶଙ୍ଖ; ମଙ୍ଗଳ ମନ୍ତ୍ରପାଠ ଆଦି ଶବ୍ଦର ବ୍ୟବହାର ଦେଖାଯାଏ । ]

**ମଙ୍ଗଳ ବାର**—ସଂ. ବି—କୁଜବାର; ସୋମବାରର ପରବର୍ତ୍ତୀ ଦିନ—
Mangala bāra Tuesday. ଦେ. ବି—ମଙ୍ଗଳ-
(ମଙ୍ଗଳବାସର—ଅନ୍ୟରୂପ) ବାରରେ କରାଯିବା ବ୍ରତବିଶେଷ—A ritual performed on Tuesday. ( ଉ—ମାସି ମଙ୍ଗଳ ବାର ଗୁରୁ, ଏବେହେଁ କଲେ କନକାସ । ଉପେନ୍ଦ୍ର- ପ୍ରେମପଞ୍ଚାମୃତ । )

**ମଙ୍ଗଳ ମୟ**—ସଂ. ବିଣ ( ମଙ୍ଗଳ + ପ୍ରାଚୁର୍ଯ୍ୟାର୍ଥେ ମୟ)—୧ । ସୁଖପୂର୍ଣ୍ଣ
Mangala maya —1. Blissful. ୨ । କଲ୍ୟାଣ-

(ମଙ୍ଗଳମୟୀ—ସ୍ତ୍ରୀ) ଜନ—2. Felicitous. ବି. ପୁଂ—ଭଗବାନ; ଈଶ୍ୱର—God; the All Good.

ମଙ୍ଗଳ(ଳା)ଯାତ୍ରା—ପ୍ରାଦେ (ଗଡ଼ଜାତ) ବି—ଆଶ୍ୱିନମାସରେ ଇତର Mangala(lā)jātrā ଜାତୀୟା ସ୍ତ୍ରୀମାନେ ଯେଉଁ ଯାତ୍ରା କରନ୍ତି—The jātrā performed by low caste women in the month of Āswina. [ଦ୍ର—ଚୈତ୍ର ଚଳେ ଟୀକା ଦେଖ ।]

ମଙ୍ଗଳ ସମାଚାର—ସଂ. ବି—୧ । ସୁସମାଚାର—1. Good news. Mangala samāchāra ୨ । ଶୁଭ ସମ୍ବାଦ—2. Happy news. ଦେ. ବି (ଯୀଶୁଙ୍କ କଥା)—ବାଇବଲ—The Gospel.

ମଙ୍ଗଳ ସମ୍ବିଧାନ—ସଂ. ବି—ବରଣ ଡାଲାରେ ଦେୟ ମାଙ୍ଗଲ୍ୟ ଦ୍ରବ୍ୟମାନ Mangala sambidhāna —Articles arranged in a tray ready for ceremonial invitation on festive occasions.

ମଙ୍ଗଳ ସୂଚକ—ସଂ. ବିଣ—ଯାହା ଭାବୀ ଶୁଭର ସୂଚନା କରେ—Mangala sūchaka Auspicious; indicating future bliss.

ମଙ୍ଗଳ ସୂତ୍ର—ସଂ. ବି—ବିବାହ ବେଦିରେ ବରକନ୍ୟାଙ୍କ ହାତରେ ଦୁବ Mangala sūtra ବରକୋଳପତ୍ର ଓ ଅଗ୍ନ୍ୟଗ୍ନ୍ୟଳ ସହିତ (ମଙ୍ଗଳପ୍ରତିସର—ଅନ୍ୟରୂପ) ବନ୍ଧାଯିବା ହଳଦିଆ ସୂତା—An auspicious string worn in the arm by the bride and the bridegroom on the occasion of marriage.

ମଙ୍ଗଳ ହାଣ୍ଡି—ଦେ. ବି—ବିବାହ ବା ବ୍ରତଆଦି ଉପଲକ୍ଷେ ପାକ କରିବା Mangala hāndi ପାଇଁ ଅନୁକୂଳ କରାଯିବା ପ୍ରଥମ ପାକହାଣ୍ଡି অধিবাসের হাঁড়ী —The set of cooking pots अधिबासकी हाँडी first used in cooking the food on family-ceremonies.

ମଙ୍ଗଳ ସ୍ନାନ—ସଂ. ବି—୧ । ଶୁଭାନୁଷ୍ଠାନ ଉପଲକ୍ଷରେ କୃତ ମନ୍ତ୍ରପୂତ ସ୍ନାନ Mangala snāna —1. A holy ceremonial bath taken on festive occasions. ୨ । କୋଇଲି ରୁଡ଼ି; ବିବାହ ଦିନ ପ୍ରତ୍ୟୁଷରେ କନ୍ୟାର ସ୍ନାନ—2. The ceremonial bath taken by a bride early in the morning of the day of marriage.

ମଙ୍ଗଳା—ସଂ. ବି. ସ୍ତ୍ରୀ—(ମଙ୍ଗଳ+ସ୍ତ୍ରୀ. ଆ)—୧ । ଭଗବତୀ; ପାର୍ବତୀ; Mangalā ଦୁର୍ଗା—1. Durgā. ୨ । ପତିବ୍ରତା ସ୍ତ୍ରୀ—2. A chaste lady; a lady devoted to her husband. ୩ । ଶୁକ୍ଳ ଦୁବ୍ବା; ଧଳା ଦୁବ—3. The bleached creeping grass ୪ । ହରିଦ୍ରା; ହଳଦୀ—4. Turmeric. ୫ । ଦୂର୍ବା; ନୀଳ ଦୁବ୍ବା—5. The blue Dooba grass. ଦେ. ବି—୧ । ପୁରୀ ଜିଲ୍ଲା କାକଟପୁରସ୍ଥ ଦୁର୍ଗା ଠାକୁରାଣୀ—1. Name of the image of Goddess Durgā in Kākaṭapur (District Puri.) ୨ । ପନ୍ଥେଇ ଠାକୁରାଣୀ; ବାଟ ମଙ୍ଗଳା—2. A popular Goddess worshipped by village females in a hole dug in cross-ways of a village road. [ଦ୍ର—ଏହାଙ୍କୁ ଗ୍ରାମବାସିନୀ ସ୍ତ୍ରୀମାନେ ଗ୍ରାମର ଦୋଛକି ବାଟରେ ଗାତ ଖୋଳି ପଣା ଇତ୍ୟାଦି ଭୋଗ ଦେଇ ପୂଜା କରନ୍ତି ଓ ସେ ଦିନ ରାତିରେ ଘର ମଧ୍ୟରେ ଗୋଟିଏ ଶିଳପୁଅକୁ ଏହି ପନ୍ଥେଇ ବା ମଙ୍ଗଳା ଠାକୁରାଣୀ ରୂପେ କଳ୍ପନା କରି ତାଙ୍କ ନିକଟରେ ଗଇଣ୍ଠା ଅଟକାଳି ଆଦି ଭୋଗ କରନ୍ତି ।] ୩ । ମାଷ୍ଟ ବଶ ଅବଧାନମାନେ ଭିକ୍ଷା କରିବା ପାଇଁ ସଙ୍ଗରେ ଘେନି ବୁଲିବ ସରସ୍ୱତୀ ଠାକୁରାଣୀଙ୍କ ମୂର୍ତ୍ତି—3. The image of Saraswati carried by village pedagoguess while going a begging. ୪ । ବିବାହର ଏତେ ଦିନ ସଂଖ୍ୟା—4. So many days from the day of marriage [ଦ୍ର—ଏହି ଶବ୍ଦ ଅନ୍ୟାନ୍ୟ ଶବ୍ଦ ସହିତ ମିଳିତ ହୋଇ ବ୍ୟବହୃତ ହୁଏ । ଯଥା—ତିନି ମଙ୍ଗଳା, ପାଞ୍ଚ ମଙ୍ଗଳା, ଛଅ ମଙ୍ଗଳା, ସାତ ମଙ୍ଗଳା, ଆଠ ମଙ୍ଗଳା, ଦଶ ମଙ୍ଗଳା । ବିଣ—ମଙ୍ଗୁଳା(ଦେଖ) Mangulā ( See ) ପ୍ରାଦେ (ଗଡ଼ଜାତ) ବି—ଶୂଦ୍ର, ପାଣ ଓ ଶ୍ରେଷ୍ଠ ଅନ୍ୟ ଶ୍ରେଷ୍ଠ ଜାତିମାନଙ୍କ ଗ୍ରାମରେ ପୂଜା ପାଉଥିବା ଗ୍ରାମ ଦେବତା—A village Goddess worshipped by Śūdras and low caste people, such as Pāṅas and others. [ଦ୍ର—ଆଶ୍ୱିନ ମାସରେ ମଙ୍ଗଳା ଜାତ ହୁଏ ଓ ଚୈତ୍ର ଏବ ଆଶ୍ୱିନ ମାସରେ ମଙ୍ଗଳ ବାର ଦିନ ଏହାଙ୍କ ପାଖରେ ଭୋଗ ଦିଆଯାଏ ଓ ମାଜଣା ହୁଏ ।]

ମଙ୍ଗଳାକର—ସଂ. ବିଣ (୬ଷ୍ଠୀ ତତ; ମଙ୍ଗଳ+ଆକର)—ମଙ୍ଗଳମୟ; Mangalākara କଲ୍ୟାଣମୟ—Full of bliss.

ମଙ୍ଗଳାଧାର } ଅନ୍ୟରୂପ ବି—ମଙ୍ଗଳର ନିଦାନ—
ମଙ୍ଗଳାଳୟ } Source of all bliss.

ମଙ୍ଗଳାକାଙ୍କ୍ଷା—ସଂ. ବି. (୬ଷ୍ଠୀ ତତ୍; ମଙ୍ଗଳ+ଆକାଙ୍କ୍ଷା)—Mangalākānkshā ମଙ୍ଗଳ କାମନା ( ଦେଖ ) Mangala kāmanā ( See )

ମଙ୍ଗଳାକାଙ୍କ୍ଷୀ—ସଂ. ବିଣ, ପୁଂ—ମଙ୍ଗଳକାମୀ ( ଦେଖ ) Mangalākānkshi Mangalakāmi ( See ) (ମଙ୍ଗଳାକାଙ୍କ୍ଷିଣୀ—ସ୍ତ୍ରୀ)

ମଙ୍ଗଳା ଖୁଣ୍ଟ—ପ୍ରାଦେ (ଯାଜପୁର) ବି—ଠାକୁର ଘରେ ମଙ୍ଗଳାଙ୍କ ପୂଜା Mangalā khunṭa କରିବ ପାଇଁ ସ୍ଥାପିତ ଖୁଣ୍ଟ— मङ्गलाखुटी A ceremonial post put in the Ṭhākuraghara room, representing Goddess Mangalā.

ମଙ୍ଗଳା ଘର—ପ୍ରାଦେ (ଗଡ଼ଜାତ)ବି—ଶୂଦ୍ରମାନଙ୍କର ଗ୍ରାମଦେବତାମନ୍ଦିର—Mangalā ghara The temple of the village Deities of Śūdra villages.

ମଙ୍ଗଳାଙ୍କ ଘଟ(ଣ୍ଟ)—ଦେ. ବି—୧ । କାକଟପୁରର ମଙ୍ଗଳା ଠାକୁରାଣୀଙ୍କ Mangalānka ghata(nta) କଳଟରେ ପୂଜା ହୋଇଥିବା କ୍ଷୁଦ୍ର (ମଙ୍ଗଳାଙ୍କ ଘଣ୍ଟ—ଅନ୍ୟରୂପ) ଜଳଘଟ—A small water-jar representing the Goddess Mangalā which the sebakas carry from village to village. [ଦ୍ର—ଏହି ଘଣ୍ଟକୁ ଠାକୁରାଣୀଙ୍କ ସେବକମାନେ ପୁଷ୍ପ ବିଭୂଷିତ କରି ମଫସଲର ଗ୍ରାମେ ଗ୍ରାମେ ବୁଲାନ୍ତି ।] ୨ । ମଙ୍ଗଳା ଠାକୁରାଣୀଙ୍କ ପ୍ରତିମୂର୍ତ୍ତି—2. An image of Mangalā carried by the Sebakas from village to village for begging purposes. [ଦ୍ର—ଏହାକୁ ସେବକମାନେ ଗୋଟିଏ ଗୋଟିଏ ଘଟ କମାନରେ ବସି, ଗ୍ରାମେ ଗ୍ରାମେ ବୁଲାଇ ଘଣ୍ଟ ବଜାଇ ସ୍ତ୍ରୀଲୋକମାନଙ୍କଠାରୁ ଚାଉଳ, ହଳଦୀ, ଦୁବ, ସିନ୍ଦୁର ଆଦି ସଂଗ୍ରହ କରନ୍ତି ।]

ମଙ୍ଗଳାଚରଣ—ସଂ.ବି—(୬ଷ୍ଠୀ ତତ୍; ମଙ୍ଗଳ+ଆଚରଣ)୧ । କୌଣସି Mangalā charana ଶୁଭକର୍ମର ଅନୁଷ୍ଠାନ ଆରମ୍ଭରେ କରାଯିବା ମଙ୍ଗଳପ୍ରଦ କର୍ମ— 1. Propitiatory ceremony; auspicious ceremony performed at the beginning of a festive occasion; auspicious preliminary observances. ୨ । କର୍ମାରମ୍ଭରେ ପ୍ରାଥମିକ ସ୍ତୁତି ପାଠ—2. Preliminary prayer in the beginning. ୩ । କାବ୍ୟାଦିର ନାନ୍ଦୀ ଶ୍ଳୋକ ବା ଦେବତାଙ୍କ ବନ୍ଦନା—3. The opening lines of a poem invoking a Deity for a blessing.

ମଙ୍ଗଳାଚାର—ସଂ. ବି—୧ । ମଙ୍ଗଳାଚରଣ (ଦେଖ)—1. Mangalā Mangalāchāra charana (See) ୨ । ଶୁଭକର ବିଧି—2. Auspicious usage or custom. ୩ । ଶୁଭାନୁଷ୍ଠାନ—3. An auspicious occasion. ୪ । ଶୁଭ ପ୍ରଦ ବିଧି ନିୟମାଦିର ଅନୁଷ୍ଠାନ—4. Observance of propitious ceremonies.

ମଙ୍ଗଳାମଙ୍ଗଳ—ସଂ. ବି—(ବିପରୀତାର୍ଥ ସହଚର ଶବ୍ଦ)—ଭଲ ମନ୍ଦ; Mangalāmangala ଶୁଭାଶୁଭ; ଶୁଭ ଓ ଅଶୁଭ—Prosperity and diversity; bliss and misfortune.

ମଙ୍ଗଳାରୋପଣ—ସଂ. ବି—ବିବାହ ବା ବ୍ରତ କର୍ମର ପ୍ରାରମ୍ଭିକ କର୍ମ ଯାହା Mangalāropana ହୋଇ ସାରିବା ପରେ ଅଶୌଚାଦି ଘଟିଲେ (ମଙ୍ଗଳାର୍ପଣ—ଦେଶଜ ରୂପ) ମଧ୍ୟ ବିବାହ ବା ବ୍ରତ ଆଦି କର୍ମ ବନ୍ଦ ହୁଏ ନାହିଁ—The preliminary religious ritual in a marriage, or thread ceremony, which being performed, the ceremonies are not stopped on account of any social impurity.

ମଙ୍ଗଳାଷ୍ଟକ—ସଂ. ବି—ବିବାହ ବ୍ରତ ଓ ଶୁଭ ଯାତ୍ରାଦି ଅନୁଷ୍ଠାନରେ Mangalāshtaka ମଙ୍ଗଳାଚରଣ ରୂପ ବୋଲାଯିବା ଆଠଗୋଟି ଶ୍ଳୋକ—A collection of 8 'Ślokas' recited on propititious or festive occasions.

ମଙ୍ଗଳୋତ୍ସବ—ସଂ. ବି—ଶୁଭ ପର୍ବ; ଶୁଭାନୁଷ୍ଠାନ—Auspicious or Mangalotsaba festive occasions. [ ଦ୍ର—ବିବାହ, ବ୍ରତ, ଯଜ୍ଞ, କର୍ଣ୍ଣବେଧ ଓ ଆଶୀର୍ବାଦ ପର୍ବ ପ୍ରଭୃତିକୁ ମଙ୍ଗଳୋତ୍ସବ କୁହାଯାଏ ।]

ମଙ୍ଗଲ୍ୟ—ସଂ. ବଣ—(ମଙ୍ଗଳ+ହିତାର୍ଥେ, ଯ)—୧ । ମଙ୍ଗଳଜନକ; Mangalya ଶୁଭଜନକ—1. Auspicious; propitious. (ମଙ୍ଗଲ୍ୟା—ସ୍ତ୍ରୀ) ୨ । ସୁଖକର; ସୁଖଦାୟକ—2. Producing happiness. ୩ । ସୁନ୍ଦର—3. Beautiful. ବି—୧ । ଚନ୍ଦନ—1. Sandal. ୨ । ଦଧି—2. Curd. ୩ । ସୁବର୍ଣ୍ଣ—3. Gold. ୪ । ବିଲ୍ୱ ବୃକ୍ଷ—4. The Bel tree. ୫ । ଅଶ୍ୱତ୍ଥ ବୃକ୍ଷ—5. The holy fig tree. ୬ । ସିନ୍ଦୁର—6. Vermilion. ୭ । କଇଥ ଗଛ—7. Wood apple (tree). ୮ । ନଡ଼ିଆ ଗଛ—8. Cocoanut tree. ୯ । ପଇଡ଼—9. Raw or green cocoanut. [ ଦ୍ର—ଶୁଭାନୁଷ୍ଠାନମାନଙ୍କରେ ପୂଜାଦିରେ ବ୍ୟବହୃତ ନାନା ପଦାର୍ଥ ଯଥା—ପୂର୍ଣ୍ଣକୁମ୍ଭ, ଦୂବ, ବରକୋଳି ପତ୍ର, ହଳଦୀ, ଚନ୍ଦନ, ଦହି, ନଡ଼ିଆ, ପଇଡ଼, ଗୁଆ, ଅମ୍ବଡାଳ ଇତ୍ୟାଦି ଶୁଭସୂଚକ ବୋଲି ବ୍ୟବହୃତ ହୁଏ । ସେମାନେ ଯଥାକ୍ରମେ 'ମଙ୍ଗଲ୍ୟ' ଓ ମଙ୍ଗଲ୍ୟା ବୋଲି ଅଭିହିତ ।]

ମଙ୍ଗଲ୍ୟା—ସଂ. ବି. ସ୍ତ୍ରୀ—(ମଙ୍ଗଲ୍ୟ+ଆ)—୧ । ଦୁର୍ଗା; ଭଗବତୀ; Mangalyā ପାର୍ବତୀ—1. Goddess Durgā. ୨ । ଦୁବା, ଦୂବ—2. The Dooba grass. ୩ । ଗୋରୋଚନା 3. A yellow pigment obtained from the carcass of a cow. ୪ । ହରିଦ୍ରା; ହଳଦୀ—4. Turmeric. ୫ । ଶତପୁଷ୍ପା; ସଲୁପ—5. Dill-seed. ୬ । ଅଗୁରୁ ବିଶେଷ—6. Fragrant aloes-wood. ୭ । ମସୀ; ସ୍ୟାହି; କାଳି—7. Ink ୮ । ଋଦ୍ଧି ନାମକ ଔଷଧ—8. Name of a rare medicinal herb. ୯ । ବଚ (ହେରେକୃଷ୍ଣ ଦ୍ରବ୍ୟଗୁଣ)—9. Sweet flag root.

ମଙ୍ଗଲ୍ୟାଗୁରୁ—ସଂ. ବି—କେଦାରଖଣ୍ଡରେ ଉତ୍ପନ୍ନ ଅଗୁରୁବିଶେଷ—Mangalyaguru An excellent species of aloes-wood growing in Kedārakhanda. [ଦ୍ର—ଏହା ସୁଗନ୍ଧ ଓ ଶୀତଳ ଏବଂ ଯେତେବେଳେ ଯେଉଁ ଦ୍ରବ୍ୟ ସଙ୍ଗେ ମିଶ୍ରିତ ହୁଏ ସେତେବେଳେ ତାହାର ଗୁଣକୁ ଗ୍ରହଣ କରେ ।]

ମଙ୍ଗା—ଦେ. ବି—୧ । ମଙ୍ଗାମଙ୍ଗି (ଦେଖ)—Mangā mangi Mangā (See) କ୍ରିଦେ. (ଗଡ଼ଜାତ)—ବି—୧ । ବନ୍ୟ

ବୃକ୍ଷ ବିଶେଷ—1. Name of a wild tree. [ଦୃ—ଏହି ଗଛ ୩।୭ ହାତ ଉଚ୍ଚ ହୁଏ। ଏଥିର ଡାଳରୁ ବାଡ଼ି ହୁଏ। ଏହା ଜଙ୍ଗଲରେ ବହୁତ ଥାଏ; କେହି ଚାଷ କରନ୍ତି ନାହିଁ।] ୨। ଜନ୍ତୁ ଶିକାର ପାଇଁ କରା ଯାଇଥିବା ଉଚ୍ଚ ବା ମଞ୍ଚା—2. A machan; a platform raised in the forest for hunters.

ମଙ୍ଗା(ଙ୍ଗେ)ଇବା—ଦେ. କ୍ରି. (ସ. ମନୋନୟନ)—ମଙ୍ଗିବା କ୍ରିୟାର ଣିଜନ୍ତ ରୂପ—The causative form
Mangā(ṅge)ibā
राजिकरान; राजिकराना; मनाना of 'Mangibā'. ୧। କୌଣସି ବ୍ୟକ୍ତିଙ୍କୁ କୌଣସି କାର୍ଯ୍ୟ ପାଇଁ ରାଜି କରାଇବା; ମନାଇବା—1. To succeed in inducing a person to consent or agree to a matter. [ଦୃ—କେବଳ ଧୃତରାଷ୍ଟ୍ର ନୃପେ ମଙ୍ଗାଇଲେ ଅମ୍ଭେ ଯିବା। ଧନ ଦେଖାଇ ତାଙ୍କୁ ଭଳେ। କୃଷ୍ଣସିଂହ ମହାଭାରତ.ବନ।] ୩। ମନାଇବା; ପ୍ରବର୍ତ୍ତାଇବା—3. To induce. ୪। ପ୍ରସନ୍ନ କରିବା—4. To propitiate a person. ଗ୍ରା.କ୍ରି—(ମାଗିବା କ୍ରିୟାର ଣିଜନ୍ତ ରୂପ)—
आनान; मंगवाना ମଗାଇବା—To send for.

ମଙ୍ଗାମଙ୍ଗି—ଦେ. ବି—( ସ. ମନୋନୟନ )—୧। ସମ୍ମତି—
Maṅgāmaṅgi 1. Consent. ୨। ରାଜି ହେବା—
राजि; राजीखुसी 2. Agreeing. ୩। ରାଜି କରିବା—3. Inducing a person to agree.

ମଙ୍ଗିବା—ଦେ. କ୍ରି. (ସ. ମନୋନୟନ ବା ମନ୍‌ ଧାତୁ=ସମ୍ମତହେବା)-
Maṅgibā ୧। ରାଜି ହେବା—1. To consent; to agree.
राजिहओया; राजीहोना, मानना [ଦୃ—ସେଇ ପାଖଣରେ ମଙ୍ଗ ଯାଉନ୍ତୁ। ଫକୀରମୋହନ ଗଳ୍ପ ସ୍ୱଳ୍ପ।] ୨। ମାନିବା—2. To admit. [ଦୃ—ସେ କଥିବ ନ ମଙ୍ଗିବାରୁ ପରୁ ସହାରିଛ। ଲାଜ ଯବେ କଣି ଅଛ। କବିସୂର୍ଯ୍ୟ. ବଳ୍ଲାକର ଚମ୍ପୁ ସଙ୍ଗୀତ।]

ମଙ୍ଗୁ—ଦେ. ବିଣ.ପୁଂ—୧। ଯେ ରାଜି ହୁଏ;ସମ୍ମତ—1. Agreeing;
Maṅgu consenting. ଦେ. ବି.—ଯେ ନୌକାର ମଙ୍ଗରେ
हाली; पतवारिया ଥାଏ; ମଙ୍ଗଧରୁ—A sailor holding the
(ମଙ୍ଗୁଆ—ଅନ୍ୟରୂପ) helm of a boat. ୨। ଲୋକଙ୍କୁ
( ମଙ୍ଗେଇ—ସ୍ତ୍ରୀ ) ଡକାଯିବା ନାମ—2. Name given to persons.

ମଙ୍ଗୁଆଳ—ଦେ· ବି—ଯେଉଁ ନାଉରୀ ଡଙ୍ଗାର ମଙ୍ଗ ଧରିଥାଏ; ମଙ୍ଗ
Maṅguāla हाली; पतवारिया ଧରୁ—Helmsman.

ମଙ୍ଗୁ ମଠ—ଦେ. ବି—ପୁରୀରେ ଥିବା ଶିଖମାନଙ୍କ ମଠ—A Math
Maṅgu maṭha at Puri appertaining to the Sikhs.

ମଙ୍ଗୁଳା—ଦେ. ବିଣ—ମଙ୍ଗଳଣ ସମ୍ପାଦିତ ହୋଇଥିବା (ବର, କନ୍ୟା,
Maṅguḷā ହାଣ୍ଡି ଓ ଦେବତା)—In respect of which 'Maṅgalaṇa' or consecration ceremony has been performed.

ମଙ୍ଗୁଳି—ଦେ. ବିଣ. ପୁଂ—ଶୁଭ ଦର୍ଶନ (ବ୍ୟକ୍ତି)—Auspicious;
Maṅguḷi a person whose sight indicates com-
मङ्गली, लछमिनिया ing bliss.
(ମଙ୍ଗୁଳିଆ—ଅନ୍ୟରୂପ ମଙ୍ଗୁଳୀ; ମଙ୍ଗଳେଇ—ସ୍ତ୍ରୀ)
(ଅମଙ୍ଗୁଳିଆ—ବିପରୀତ)

ମଙ୍ଗୁଳିବା—ଦେ. କ୍ରି—(ସ. ମଙ୍ଗଳ) ୧। ବିବାହ ଓ ବ୍ରତଆଦି ଶୁଭକୃ-
Maṅguḷibā ତ୍ୟାନ ପୂର୍ବରୁ ଗ୍ରାମଦେବତାପୂଜା, ହାଣ୍ଡି ମଙ୍ଗୁଳା
मङ्गलाचार करा ଆଦି ମଙ୍ଗଳାର୍ଥକ ଅନୁଷ୍ଠାନ କରିବା—1. T
मङ्गलाचारकरना perform propitious ceremonies on the eve of festive occasions. ୨। (ଲକ୍ଷଣାର୍ଥ) ନିଜେ ଅଶୁଚ ହୋଇ ଅନ୍ୟମାନଙ୍କୁ ଛୁଇଁବା; ଛୁଆଁ ଅଛୁଆଁ ବାରଣ ନ ରଖିବା; ସ୍ପୃଶ୍ୟାସ୍ପୃଶ୍ୟ ବାରଣ ନ
अशुद्धकरा ରଖିବା—2. (figurative) To observe no dis-
छूतकरा tinction between the touchable and untouchable; to pollute clean people and things by one's touch (said of a person who is himself unclean).

ମଙ୍ଗ୍ରା—ଗ୍ରାଦେ (ସମ୍ବଲପୁର) ବିଣ (ଭୁଲ. ହି. ମଙ୍ଗନୟା)—ମାଗୁଣିଆ—
Maṅgrā Beggar.

ମଚମଚ—ଦେ. (ଧ୍ୱନ୍ୟନୁକରଣ)ଅ—କୋମଳ ବସ୍ତୁ ଚୋବାଇବାର ବା
Mach-mach ଯୋତା ମାଡ଼ି ଚାଲିବାର ଶବ୍ଦ—Squeaking
মচ মচ sound; creaking sound (e.g. of munching
मचमच a soft thing or walking with shoes on).

ମଚକା—ଦେ. ବି—ଗୋଡ଼ ମୋଡ଼ି ହୋଇଯିବା—Wrenching,
Machakā sprain; bruise. ବିଣ—ମୋଡ଼ି ହୋଇ ଯାଇ
মচকেখাওয়া मचकना ଥିବା—Sprained.

ମଚକିବା—ଦେ.କ୍ରି—୧। (ଗୋଡ଼ ବା ହାତଆଦି) ମୋଡ଼ି ହୋଇଯିବା-
Machakibā 1. To be wrenched; to be sprained
মচকেযাওয়া or bruised (said of a hand or leg).
मचकजाना ୨। ମଚ ମଚ ଶବ୍ଦ କରିବା—2. To make a
মচমচকরা munching sound. ୩। ଅଳ୍ପ ଫାଟିବା—3.
মচকান To crack slightly. ଗ୍ରା. କ୍ରି—ମକଚିବା—
মচকা To squeeze; to crush.

ମଚ ମଚ—ଦେ. ଅ—ମଚ୍‌ ମଚ୍‌ (ଦେଖ)—Mach mach (See)

Macha macha ବି—ବନ୍ୟବୃକ୍ଷବିଶେଷ—Melengtonia Hortensis; the Indian cork tree.

ମଚଲା—ଦେ. ବି—୧। ଭୁଣ୍ଡିଆ ରୋଗବିଶେଷ; ଶୁଖିଲା ଭୁଣ୍ଡିଆ—
Machaḷā 1. A sort of dry itches; scabies.
খোস ୨। ଦଉଦ ରୋଗ—2. Eczema. ୩। କୋଡ଼ୁଯାଦୁ
खुजली କୋଷ, ଗୁହ୍ୟ ଓ ଲିଙ୍ଗମୂଳରେ ହେବା କଣ୍ଡୁଯୁକ୍ତ ଦଦ୍ରୁ—3. An itching ringworm attacking the privitees.

ମଚ୍ଚା—ଗ୍ରାଦେ (ସମ୍ବଲପୁର) ବି—(ଭୁଲ. ହି. ମଞ୍ଚନ) ଘରଚାଳ ଭିତରେ
Machā କରାଯିବା ଉଚ୍ଚ—A scaffolding inside a thatched house.

ମଚୁଆ—ଗ୍ରା. ବି—(ସଂ. ମଞ୍ଚ)—ଖଟର ଦଣ୍ଡା—The long beam of
Machuā a bedstead. (ଉ—ଗ୍ରାମ ନାମ ଲାଗି ଅଛ
ଡାଁଣ୍ଡା ପାଟ ଅଭେଣୀ ମଚୁଆ—ପ୍ରାଚୀ ବ୍ରହ୍ମକରୂପଣ ଗୀତା ।)

ମଚୁଆ ପାଟି ପ୍ରାଦେ (ବସ୍ତୁର) ବି—ପାଖଶେଣୀ—
Machuā pāṭi The side wall-plate of a thatched house

ମଚ୍ଛ—ସଂ. ବି [ମଦ. ଧାତୁ—(ଜଳରେ) ହୃଷ୍ଟ ହେବା+କର୍ତ୍ତୃ. ଘ]—
Machcha ମତ୍ସ୍ୟ; ମାଛ—Fish.

ମଚ୍ଛଳ—ଗ୍ରା. ବଣ—(ସଂ. ବତ୍ସଳ)—ବତ୍ସଳ—
Machchhala Loving; compassionate.

ମଛ(ଛ୍ୟ,ଚ୍ଛ୍ୟ)—ଗ୍ରା. ବି—(ସଂ. ମତ୍ସ)—୧ । ମାଛ—1. Fish. ୨ ।
Machha(chhya,chchhya) ବିଷ୍ଣୁଙ୍କର ମତ୍ସ୍ୟାବତାର—
2. The 1st incarnation of Bishṇu ( in the shape of a fish ). [ ଉ—ମଛ କଛ ଅବତାର ଛନ୍ଦ ଭାବ ପଦ୍ମ, ପ୍ରାଚୀ. ବ୍ରହ୍ମକରୂପଣ ଗୀତା ।]

ମଛର୍ଡ—ପ୍ରାଦେ (ବସ୍ତୁର) ବି—(ଭୁଲ. ହି. ମଚ୍ଛଡ଼)—ମଶା—
Machharḍa Mosquitoes.

ମଛର୍ଡଦାନି—ପ୍ରାଦେ (ବସ୍ତୁର) ବି—(ଭୁଲ. ହି. ମଚ୍ଛଡ଼ଦାନୀ) ମଶାରି—
Machharḍadāni Musquito-curtain.

ମଛ(ଚ୍ଛ)ଦିଆ—ଦେ. ବି—୧ । ନଈ, ପୋଖରୀ ବା ଅନ୍ୟ କୌଣସି
Machha (chchha)diā ଜଳାଧାରରେ ମାଛ ଧରିବାର ସ୍ୱତ୍ୱ—
ମାଛଧରାସ୍ୱତ୍ୱ 1. Fishing right in a river or tank.
माछ मारनेका हक ୨ । ମାଛ ଧରାଯିବା ଜଳାଧାର—2.
ମାଛ କର Fishery-tank. ୩ । ମାଛ ଧରିବା ବ୍ୟକ୍ତି ଜଳା-
माछ कर ଧାରର ମାଲିକଙ୍କୁ ଯେଉଁ କର ଦିଏ—
3. Fishery rent.

ମଛଦିଆ କର—ଦେ. ବି—ନଈ ପୋଖରୀ ଆଦିରୁ ମାଛ ଧରିବା ପାଇଁ
Machhadiā kara ଜମିଦାରଙ୍କୁ ଦିଆଯିବା ଖଜଣା—
ମାଛକର Fishery rent; rent payable to the land-
माछ कर lord of a river or tank for enjoying the
(ମଛଦିଆ ଖଜଣା, ମଛଦିଆ ଜମା—ଅନ୍ୟରୂପ) fishery right.

ମଛା (ଚ୍ଛା)—ଦେ. ବି—୧ । ପଣ୍ୟାର୍ଥ ରକ୍ଷିତ ବସ୍ତୁଆଦିର ନମୁନା—
Machhā (chchhā) 1. A sample of commodities
ନମୁନା offered for sale (e.g. corn). ୨ । ବଣିଆଘରକୁ
बानगी କାମ କରିବାକୁ ସୁନା ଦେଲେ, ଗହଣା ତିଆରି କରି ଦେବା ବେଳେ ଯେଉଁ ସୁନା ଦିଆ ଯାଇଥିଲା, ବଣିଆ ତାହା ଦେଲା ବୋଲି ଜାଣିବା ପାଇଁ ଧାତୁ ମାଛି ଆଦି ଗହଣାରେ ଖାଦ ମିଶାଇଲା, ଏହା ଜାଣିବା ପାଇଁ ସୁନା ମଧ୍ୟରୁ ମାଲିକ କାଟି ରଖିବା ଟିକିଏ ସୁନା—2. A bit of gold kept for verification out of the gold entrusted to a goldsmith for turning it into some article.

ମଜ୍କୁର—ବୈଦେ. ବଣ ବା ସର୍ବନାମ (ଆ)—(କଚେରିଆ)—ପୂର୍ବୋକ୍ତ;
Maj-kur ଉକ୍ତ; ସେହି—Aforesaid; that.
ମଜକୁର मजकूर (ମଜ୍କୁରଥ—ଅନ୍ୟରୂପ)

ମଜ୍ କୁରି—ବୈଦେ. ବଣ (ଆ)—ଯେଉଁ ଜମିର ଖଜଣା ପ୍ରଜାଠାରୁ
Maj-kuri ସିଧେ ଜମିଦାର ବା ସିଧେ ଗଭର୍ଣ୍ଣମେଣ୍ଟ ଅସୁଲ କରନ୍ତି
ଖାସ ଖାସ୍ ଅସୁଲ—(land). Of which the rent is
मजकुरी realised direct by the landlord or by the Government (without the intervention of any middleman).

ମଜକୁରି ଜମା—ବୈଦେ. ବି—ପ୍ରଜାଠାରୁ ଜମିଦାର ସ୍ୱୟଂ ଅସୁଲ
Maj-kuri jamā କରିବା ଜମା—Rent realised from a
ଖାସଜମା मजकुरी जमा raiyat direct by the landlord.

ମଜ(ଝ)ବୁ(ଭୁ)ତ୍—ବୈଦେ. ବଣ (ଅ-ମଜବୁତ୍)—୧ । ବଳବାନ୍;
Maj-(jh)bu(bhu)t 1. Strong. ୨ । ଦୃଢ଼—2.
ମଜବୁତ Firm. ୩ । ଶକ୍ତ—3. Hard. ୪ । ଦକ୍ଷ; ପଟୁ—
मजबूत 4. Expert. [ଉ—ମୁଁ ହୁଷାର ବଡାବରେ ଖୁବ୍ ମଜ୍‌ବୁତ୍ ବୋଲି ଟମାଟେ ଠକାଇ ପାରନ୍ତି ନାହିଁ ।]
[ମଜ୍‌ବୁ(ଭୁ)ତି—ବିଶେଷ୍ୟ] ଫକୀରମୋହନ. ଛମାଣ. ଅଠଗୁଣ୍ଠ ।]

ମଜ୍ ମୁ(ମୋ)ଆଁ—ବୈଦେ· ବି (ଫା. ମଜ୍‌ମୁଆ =ସୁଗନ୍ଧିତ)--ଏକ ପ୍ରକାର
Maj-mu(mo)āṅ ଅତର—A kind of otto. [ଉ—ଏହା
ମଜମୋୟାଁ আতর ନାନା ଦ୍ରବ୍ୟରୁ ସୁଗନ୍ଧିତ ହୁଏ ଓ ଏହାକୁ
मजमुआ इत्र କାନପଚ୍ଚ ରୋଗରେ କାନରେ ପକାଇଲେ ଉପକାର ହୁଏ ।]

ମଜ୍‌ମୁନ୍—ବୈଦେ· ବି (ଅ) (କଚେରିଆ)—୧ । ମର୍ମ—1. Purpose.
Maj-mun ୨ । ଲେଖା ଯାଇଥିବା ବିଷୟର ସାରାଂଶ (ଯାହାର
ମଜমুন ହେଡ଼ିଙ୍ଗ୍‌ରେ ଲେଖା ଥାଏ)—2. Purport of a
मजमुन writing noted in the heading.
୩ । ହେଡ଼ିଙ୍ଗ୍—3. A heading.

ମଜରା—ଦେ. ବି—ଶ୍ରାନ୍ତି; କ୍ଲାନ୍ତି—Fatigue.
Majarā ବଣ—ଶ୍ରାନ୍ତ; କ୍ଲାନ୍ତ—Fatigued.
କାহিল थकावट, थका हुआ

ମଜଲ୍(ଲି)—ବୈଦେ. ବି ( ଅ. ମଞ୍ଜଲ୍ )—୧ । ଦିନକର ଚାଲିବାର
Majal(li) ବାଟ—1. One day's journey.
मजल ୨ । ଭ୍ରମଣ —2. Journey.

ମଜଲ(ଲି)ମୁଣ୍ଡ—ଦେ. ବି—୧ । ଭ୍ରମଣର ଶେଷ ସୀମା—1. The
Majala(li)muṇḍa end or last point or limit
রাস্তার শেষ সীমা मजलका शेष of a journey. ୨ ।
ଆରବ୍ଧ କର୍ମର ସମାପ୍ତି—2. The end of a work.

ମଜଲ(ଲି)ସ୍—ବୈଦେ. ବି ( ଅ. ମଜ୍‌ଲସ୍ )—୧ । ନୃତ୍ୟ ଗୀତାଦିର
Majala(li)s ସଭା—1. A musical gathering.
(ମଜଲ[ଲି]ସି—ଅନ୍ୟରୂପ) ୨ । ସମାରୋହଯୁକ୍ତ ସଭା ବା ବୈଠକ -
मजलिस 2. A grand meeting or assemblage of
মজলিস people. ୩ । ଦରବାର; ରାଜସଭା—3. A
king's court; darbar. ୪ । ପାରସ୍ୟର ରାଜ-
ସଭା—4. The royal court of Persia.
୫ । ଆମୋଦପ୍ରମୋଦ—5. Amusements. (ଉ—
ବଡ଼ଘରମାନଙ୍କରେ ସରଦାରମାନଙ୍କର ମଜଲିସ୍ ।

ଫକୀରମୋହନ. ଭ୍ରମଣ ଅଠଗୁଣ । ) ୬ । ସୁଖସ୍ୱାଚ୍ଛନ୍ଦ୍ୟ; ଅଯୁତ—6. Luxury; grand style of living.

ମଜ(ଝ)ଲି—ଦେ. ବ ( ସଂ. ମଧ୍ୟ )—ମାର୍ଗମଧ୍ୟସ୍ଥ ପାନ୍ଥନିବାସ—
Maja(jha)li A rest-shed for travellers along a road.
চটি ঘর सराइ

ମଜଲି[ଲି]ସ(ସି) କରିବା—ଦେ. କ୍ରି—ମଉଜ କରିବା; ଅମୋଦରେ କାଳ କାଟିବା—To spend time in ease or amusement.
Majali[la]s(si)kariba
মজলিস করা[জমান] मजलिस जमाना
[ମଜଲିସ ଜମା(ମେ)ଇବା—ଅନ୍ୟରୂପ]

ମଜହର—ବୈଦେ. ବ. ପୁଂ (କଚେରୀ) (ଫା)—ଅଦାଲତରେ ଅପତ୍ତି କାରୀ ବ୍ୟକ୍ତି—An objector in any proceeding in a court of justice.
Majahara
মজহর मजहर
(ମଜହରୀ, ମଜହରଣୀ—ସ୍ତ୍ରୀ)

ମଜହରା(ର)ଲା—ଦେ. ବ ( କଚେରୀ ) (ଫା)—ଅପତ୍ତିକାରୀର ବିପକ୍ଷ ପକ୍ଷ—The opposite party of an objector; a counter-objector.
Majahara(ra)la
মজহর আলা मजहरवाला

ମଜା—ଦେ. ବ ( ସଂ. ମୃଜ୍ ଧାତୁ=ମାର୍ଜନ )—୧ । ମାଜିବା; ମାର୍ଜନ କରିବା—1. Rubbing; polishing; scouring.
Maja
মাজা মাজনা (ଯଥା—ବାସନ ମଜା, ଅଳଙ୍କାର ମଜା, ଘଷାମଜା)
୨ । (ସଂ. ମଜ୍ଜା) ମଜ୍ଜା—2. Marrow.
মজা मजा ବୈଦେ ୧ । ( ଫା. ମଜା=ସ୍ୱାଦ) ମଉଜ, ସୁଖ, ଆନନ୍ଦ—1. Amusement; pleasure; delight. ୨ । ସୁଖଭୋଗ—2. Enjoyment. ୩ । ତାମସା—3. Amusements; sports; (ଉ—କହଇ ସେ କେତେ ରଙ୍ଗ କେତେ ମଜା ସ୍ୱାଧୀନତା. ଦରବାର ।) ୪ । ନିଶ୍ଚିନ୍ତତା—4. Freedom from care ୫ । (ଅ ମଜାଃ=ସ୍ୱାଦ)—5. Flavour; taste.
মজ্জা मज्जा
মজা ୬ । ଖାଦ୍ୟରେ ରୁଚି— 6. Relish. ୭ । (ଅ. ମଜାକ୍= ଥଟ୍ଟା) ଥଟ୍ଟା; ପରିହାସ—7. Jest; sport. ବଣ—୧ । ମାର୍ଜିତ—1.
মাজা मंजा हुआ Polished; scoured. ୨ । ମଜ୍ଜିତ; ମଗ୍ନ—2.
মজা मजा Sunken.

ମଜା(ଜେ)ଇବା—ଦେ. କ୍ରି—(ମାଜିବା କ୍ରିୟାର ଣିଜନ୍ତ ରୂପ—The causative form of Majiba).
Maja(je)iba
মাজান ୧ । ମାର୍ଜିତ କରାଇବା—1. To cause to be polished or scoured, (ଉ—ଧରାଇଲ୍ ବଳେ ମଜାଇ ଦରପଣ । କୃଷ୍ଣସିଂହ ମହାଭାରତ ବନ ।)
मंजवाना
মজান ୨ । (ମଜିବାର ଣିଜନ୍ତ ରୂପ) ମଗ୍ନ କରାଇବା; ଅସକ୍ତ କରିବା—2. To cause to sink; to cause to be addicted or attached. (ଉ—ମଜାଇ ସେ ସୁଧା କୁହେ । ମଧୁସୂଦନ. ସଙ୍ଗୀତମାଳା ।) ୩ । ମୁଗ୍ଧ କରିବା—3. To enchant.
मुग्ध करना

(ଉ—ସ୍ନେହ ଜନ ମନ ମଜାଇ ତୋର ଏଡ଼େ ଗୁମାନ । ସ୍ୱାଧୀନତା. ଚନ୍ଦ୍ରଭାଗା ।)

ମଜା ଉଡ଼ା(ଡ଼େ)ଇବା—ଦେ. କ୍ରି—ଇନ୍ଦ୍ରିୟ ସୁଖଭୋଗ କରିବା, ସୁଖ ଉପଭୋଗ କରିବା—To enjoy sensual pleasures.
Maja urda(rde)iba
মজা উড়ান मजा उड़ाना (लूटना)
(ମଜା ଲୁଟିବା, ମଜା ମାରିବା—ଅନ୍ୟରୂପ)

ମଜାକ୍—ବୈଦେ. ବ —୧ । ( ଅ. ମଜା )ମଜା; ମଉଜ; ସୁଖ—1. Pleasure. ୨ । (ଅ.ମଜାକ) ଥଟ୍ଟା—2. Jest; sport.
Majak
মজা मजाक

ମଜା କରିବା—ଦେ. କ୍ରି—୧ । ମଉଜ କରିବା; ଇନ୍ଦ୍ରିୟାନନ୍ଦକର ସୁଖଭୋଗ କରିବା—1. To enjoy sensual pleasures. ୨ । ଥଟ୍ଟା କରିବା—2. To play jokes.
Maja kariba
মজা করা मजा करना

ମଜା ଘଷା—ଦେ. କ୍ରି· (ସଦୃଶର ଶବ୍ଦ ସଂ ମାର୍ଜନ, ଘର୍ଷଣ)—ମାଜିବା ଓ ଘଷିବା—Act of rubbing and chafing.
Maja ghasha
মাজা ঘষা मांजना घसना

ମଜା ଚଖା(ଖେ)ଇବା—ଦେ. କ୍ରି—୧ । କୌଣସି ଦ୍ରବ୍ୟର ଅସ୍ୱାଦନର ସୁଖଭୋଗ କରିବାକୁ ଅନ୍ୟ ବ୍ୟକ୍ତିକୁ ସୁବିଧା ଦେବା—1. To let one have a taste of some sweet thing. ୨ । ( ବ୍ୟଙ୍ଗ୍ୟ ବା ଧମକ) କୁଫଳ ଭୋଗ କରାଇବା—2. (ironical) To cause one to taste the bitter result.
Maja chakha(khe)iba
মজাচাখান मजाचखना

ମଜା ଚାଖିବା—ଦେ. କ୍ରି—୧ । ଉପଭୋଗ୍ୟ ବସ୍ତୁର ଅସ୍ୱାଦନ ସୁଖ ଅନୁଭବ କରିବା—1. To taste the sweetness of an enjoyable thing. ୨ । ଅନୁଭବ କରିବା—2. To experience. ୩ । (ବ୍ୟଙ୍ଗ୍ୟ) କୁଫଳ ଭୋଗ କରିବା—3. (ironical) To suffer the bitter results of a thing.
Maja chakhiba
মজাচাখা मजाचाखना

ମଜାଟା ଦେଖିବା—ଦେ. କ୍ରି—୧ । କୌତୁକ ଦେଖିବା—1. To see the fun. ୨ । (କୌଣସି ବ୍ୟକ୍ତିର) ସଙ୍କଟ ବା ଦୁର୍ଦ୍ଦଶା ଦେଖିବା—2. To witness the adversity (of any one).
Majata dekhiba
মজাটাদেখা मजादेखना (ମଜା ଦେଖିନେବା—ଅନ୍ୟରୂପ)

ମଜାଦାର—ବୈଦେ.ବଣ (ଅ ମଜେଦାର୍ )—
Majadar ୧ । ପ୍ରୀତିକର-1. Pleasant. ୨ । କୌତୁକଦାୟକ—2. Amusing.
মজাদার मजेदार

ମଜା ଦେଖିବା—ଦେ. କ୍ରି—୧ । କୌତୁକ ବା ରଙ୍ଗ ଦେଖିବା—1. To see the fun of a thing. ୨ । ଅନ୍ୟମାନଙ୍କ ମଧ୍ୟରେ ବିବାଦ ଲାଗିଥିବା ଅବସ୍ଥାରେ ସେମାନଙ୍କର ଦୁଃଖରେ ସୁଖ ଅନୁଭବ କରିବା—2. To feel pleasure or to enjoy while others are quarelling. ୩ । (ଧମକାଣ) କୌଣସି ବ୍ୟକ୍ତିକୁ ଉପଯୁକ୍ତ ଶିକ୍ଷା ଦେବା—3. (threat) To teach a person a lesson. ୪ । ଅନୁଭବ କରିବା—4. To experience.
Maja dekhiba
মজাদেখা मजादेखना

ମଜା ଦେବା—ଦେ. କ୍ରି—ସୁଖ ଦେବା—To give pleasure.
Majā debā ମজা দেওয়া मजा देना

ମଜା ନେବା—ଦେ. କ୍ରି—୧ । ଆମୋଦ ଉପଭୋଗ କରିବା—
Majā nebā 1 To enjoy pleasures.
মজা লওয়া मजा लुटना
୨। କୌଣସି ମଜାକୁ ଶେଷ ସୀମା ପର୍ଯ୍ୟନ୍ତ ଭୋଗ କରିବା—
2. To enjoy a thing to satiation; to drink the cup to the dregs.
(ମଜାଲୁଟିବା—ଅନ୍ୟରୂପ)

ମଜା ବାହାରିଯିବା—ଦେ. କ୍ରି—୧ । କୌଣସି କାର୍ଯ୍ୟର କୁଫଳ ଭୋଗ
Majā bāhārijibā କରିବା—1. Suffering the bitter
মজা বেরিএযাওয়া effects of one's acts. ୨ । ଅନୁଭୂତ ସୁଖ
मजा निकल जाना ଓ ଶାନ୍ତିର ଲୋପ—2. Cessation of
(ମଜା କଢ଼(କ)ଲିବା—ଅନ୍ୟରୂପ) one's peace and
[ମଜା ବାହାର କରିବା, ମଜା କଢ଼ାଇବା—ଣିଜନ୍ତରୂପ] happiness.

ମଜାମଜି—ଦେ. ବି—ଉତ୍ତମରୂପେ ମାଜିବା କ୍ରିୟା—
Majāmaji Act of rubbing thoroughly.
মাজামাজি मंजामंजि

ମଜାମୁଠା—ଦେ. ବି—ସ୍ତ୍ରୀଲୋକମାନଙ୍କର ଅଳଙ୍କାର ମାଜିବା ପାଇଁ
Majā muthā ବାରହାବାଳରେ ବା ବେଣାଚେରର ଏକତ୍ର ବନ୍ଧା
মাজবার বুরুস ହୋଇଥିବା ଗୁଚ୍ଛ—A brush of pig's hair
कुची or khuskhus tied together and used as a brush for cleansing ornaments

ମଜାର କଥା—ଦେ. ବି—୧ । କୌତୁକଜନକ ବ୍ୟାପାର—1. An
Majāra kathā amusing matter. ୨ । ଆଶ୍ଚର୍ଯ୍ୟଜନକ
(ମଜାର ବିଷୟ—ଅନ୍ୟରୂପ) ବିଷୟ—2. A wonderful thing
মজারকথা ୩ । ଅତି ଉତ୍କୃଷ୍ଟ ବିଷୟ—3. An excellent
मजेकीबात thing.

ମଜାର ଗପ(ପ୍ପ,ଲ୍ପ)—ଦେ. ବି—୧ । କୌତୁକପ୍ରଦ ଗଳ୍ପ—1. An
Majāra gapa[ppa,lpa] amusing story, a
মজারগপ मजेकीगप romantic story.

ମଜି(ଜ୍ଜି)ବା—ଦେ. କ୍ରି (ସଂ. ମସଜ୍. ଧାତୁ=ମଗ୍ନ ହେବା, ଗାଧୋଇବା)-
Maji(jji)bā ୧ । ମଗ୍ନ ହେବା; ବୁଡ଼ିବା;ଡୁବିବା;ନିମଜ୍ଜିତ ହେବା
মজা —1. To sink; to dive. ୨ । ଅନ୍ୟର ପ୍ରେମରେ ବା
मजना ଅନୁରାଗରେ ମଗ୍ନ ହୋଇ ଆତ୍ମବିସ୍ମୃତ ହେବା—
2. To be absorbed in love or attachment. ୩ । ଆସକ୍ତ ହେବା—3. To be attached
to. ୪ । ମୁଗ୍ଧ ହେବା—4. To be enchanted
by; to be charmed by.

ମଜୁତ(ଦ୍)—ବୈଦେ· ବିଣ (ଅ· ମୌଜୁଦ୍) (ଢଚରଅ)—
Majut[d] ୧ । ବର୍ତ୍ତମାନ—1. Present. ୨ । ପ୍ରସ୍ତୁତ—
(ମଅଜୁତ, ମହଜୁତ୍—ଅନ୍ୟରୂପ) 2. Ready; at hand. ୩ ।
মজুদ[ৎ] ଜମାଥିବା; ସଞ୍ଚିତ; ନଗଦ—3. In cash;
मौजुद treasured. ବି—ନଗଦ ଧନ—Cash.

ମଜୁତ କରିବା—ଦେ. ବି (ଢଚରଅ)—୧ । ଜମା ରଖିବା—
Majut karibā 1. To deposit. ୨ । ପ୍ରସ୍ତୁତ ରଖିବା—
মজুতকরা मौजुदकरना 2. To keep ready.

ମଜୁତି(ଦି)—ବୈଦେ. ବିଣ (ଅ. ମୌଜୁଦ୍) (ଢଚରଅ)—ସଞ୍ଚିତ
Majuti[di] ରଖାଯାଇଥିବା—Kept ready; kept as
মজুদী मौजुद cash; treasured.

ମଜୁମଦାର—ବୈଦେ (ଫା. ମଜମୁଅଦାର୍=ରାଜସ୍ୱର ହିସାବ ରକ୍ଷକ)—
Majum-dār ପ୍ରାଦେ (ଗଞ୍ଜାମ) ବି—ରାଜସ୍ୱର ହିସାବରକ୍ଷକ
মজ্‌মদার କର୍ମଚାରୀଙ୍କୁ ଦିଆଯିବା ରାଜଦତ୍ତ ଉପାଧିବିଶେଷ—A title bestowed by kings on certain revenue accountants. ଦେ.ବି—ବଙ୍ଗୀୟ ବ୍ରାହ୍ମଣାଦିଙ୍କ ଉପାଧିବିଶେଷ—A family title of Bengalee Brahmanas and others.

ମଜମୁନ୍—ବୈଦେ. ବି (ଫା) (ଢଚରଅ)—୧ । ମସୁଦା; ଛଟା—
Majamun 1. Draft. ୨ । ଆଲୋଚିତ ବା ଲିଖିତ ବିଷୟ—
মজমুন 2. Subject matter of a discourse or
मजमून writing.

ମଜୁର(ରୁ)—ବୈଦେ. ବି (ଫା. ମଜ୍‌ଦୁର୍)—ଶ୍ରମଜୀବୀ; ମୂଲିଅ—
Majura(r) A day labourer. ଗ୍ରା.ବି (ସଂ.ମୟୂର)—ମୟୂର—
মজুর मजदुर; मजुर मजुर Peacock.

ମଜୁର(ରି)ଦାର—ବୈଦେ. ବି (ଫା)—ମୂଲିଅ—
Majur[ri]dār Day labourer.
মজুরদার, রোজমজুর, मजदुर, मजुर

ମଜୁରା—ବୈଦେ. ବି (ଅ. ମୁଜରା)—ପୂର୍ବରୁ ଦିଆଯାଇଥିବା ଧନକୁ
Majurā ପରେ ହିସାବ ସମୟରେ କାଟିବା ବା ଭରଣା ଦେବା
মজুরা —Accounting for or setting off
मु(मो)जरा money paid before; a set-off. ପ୍ରାଦେ.
मुजरा (ଗଡ଼ଜାତ) (ଅ. ମୁଜରା)—ରାଜାଙ୍କୁ କରାଯିବ ପ୍ରଣାମ ବା ଅଭିବାଦନ—Obeisance made to a king. (ଉ—ମଜୁରା କର ହୁକୁମ ପାଇ ଯାନ୍ତି ସବୁର । ବ୍ରଜନାଥ, ସମରତରଙ୍ଗ ।) [ଦ୍ର—ସାଧାରଣ ପ୍ରଣାମ ଅପେକ୍ଷା ପ୍ରଜାର ରାଜାଙ୍କୁ କରିବା ପ୍ରଣାମ ବା 'ମଜୁରା'ର ପ୍ରଭେଦ ଅଛି । ମଜୁରା କରିବା ଲୋକ ଆଗ କର ମୁଣ୍ଡକୁ ତଳେ ଲଗାଏ । ପରେ ଆପଣା ହାତକୁ ମୁଣ୍ଡରେ, ବେକରେ ଓ ପେଟରେ ଛୁଏଁ । ଏଥିର ଅର୍ଥ ଏହିକି ଏ ମୁଣ୍ଡ ଆମ୍ଭଙ୍କର ଏ ବେକ ଆମ୍ଭର ଅଛେ ଓ ଏ ପେଟ ଆମ୍ଭଙ୍କ ଅନ୍ନରେ ପାଳିତ ହେଉଅଛି ।]

ମଜୁରା କରିବା—ଦେ. କ୍ରି—ପୂର୍ବଦତ୍ତ ଧନକୁ ହିସାବରେ ଭରଣା କରିବା
Majurā karibā —To set off previous payments.
মজুরা করা ପ୍ରାଦେ (ଗଡ଼ଜାତ)—ରାଜାଙ୍କୁ ପ୍ରଣାମ କରିବା—
मुजरा करा To bow before a king.

ମଜୁରା ଦେବା—ଦେ. କ୍ରି—ହିସାବ କଟାକ ହେବାବେଳେ ପୂର୍ବରୁ ପ୍ରଦତ୍ତ
Majurā debā ଧନକୁ ହିସାବରେ ଅଣିବା—To grant a

ମଜୁରା ଦେଓୟା person a set off for previous
मुजरा देना payments made by him.

ମଜୁରା ନେବା—ଦେ. କ୍ରି—ହିସାବ କରିବା ବେଳେ ସମୟରେ ଅପଣାଙ୍କର
Majurā nebā ପୂର୍ବପ୍ରଦତ୍ତ ଧନକୁ ଭରଣା ପାଇବା—
ମଜୁରା ପାଇବା } ଅନ୍ୟରୂପ To get a set off for one's
ମଜୁରା କରେଇବା } previous payments.
মজুরা পাওয়া मुजरा लेना

ମଜୁରି—ବୈଦେ. ବି ( ଫା. ମଜ୍‌ଦୁରୀ )—ମୂଲ; ପାରଶ୍ରମିକ—
Majuri মজুরি मजदूरी; मज़ुरि Wages.

ମଜୁରିଆ—ବୈଦେ. ବି ( ଫା. ମଜ୍‌ଦୁର )—ମୂଲିଆ—Day
Majuriā labourer; a hired man; a labourer.
মজুর मजदूर

ମଜୁରି ଖ(ଖା)ଟିବା—ଦେ. କ୍ରି—ମୂଲ ଲାଗିବା; ମଜୁରି ପାଇଁ କାର୍ଯ୍ୟ
Majuri kha(khā)ṭibā କରିବା—To work as a day
মজুর খাটা मजदूरी खटना labourer; to work for
(ମଜୁରିଲାଗିବା—ଅନ୍ୟରୂପ) wages.

ମଜୁଷି—ବୈଦେ. ବି (ଅ)—ଅଗ୍ନି ଉପାସକ ପାରସୀ ଜାତି—The
Majuśi मजुसी Parsees who worship the fire.

ମଜେଜା—ବୈଦେ. ବି ( ଅ )—ପରମେଶ୍ୱରଙ୍କର ଅସାଧାରଣ କ୍ଷମତା-
Majejā ଜନିତ କାର୍ଯ୍ୟମାନ; କରାମତ—Miracles per-
কেরামত करामाती formed by God or prophets.

ମଜ୍ଜ୍ (ଧାତୁ)—ସ—ବୁଡ଼ିବା; ମଗ୍ନ ହେବା—To dive; to sink;
Majj (root) to plunge in water.
[ମସଜ୍(ଧାତୁ)—ଅନ୍ୟରୂପ]

ମଜ୍ଜନ(ଥ)—ସ. ବି ( ମସଜ୍ ଧାତୁ=ମଗ୍ନ ହେବା+ଭାବ. ଅନ; ଅଥ )
Majjana(tha) ୧ । ମଗ୍ନ ହେବା; ବୁଡ଼ିବା—1. Act of
sinking; plunging. ୨ । ଅବଗାହନ—2.
Immersion. ୩ । ମଜ୍ଜା - 3 Marrow.

ମଜ୍ଜନୋନ୍ମୁଖ—ସ. ବିଣ ପୁଂ (୭ମୀ ତତ୍; ମଜ୍ଜନ+ଉନ୍ମୁଖ)—ଯେ ବୁଡ଼ି
Majjanonmukha ଯାଉଅଛି—Sinking; about to
(ମଜ୍ଜମାନ—ଅନ୍ୟରୂପ) (ମଜ୍ଜନୋନ୍ମୁଖୀ—ସ୍ତ୍ରୀ) sink down.

ମଜ୍ଜଫଳ—ସ. ବି—ମାଜୁ ଫଳ—Oak galls; gall nuts.
Majjaphala [ ଦ୍ର—ପ୍ରକୃତରେ ଏହା ଫଳ ନୁହେଁ । ଏକ ପ୍ରକାର ପୋକ ପଶ୍ଚିମଦେଶୀୟ ଓକ୍ ନାମକ ବୃକ୍ଷବିଶେଷର କୋମଳ ଶାଖାରେ ସୂକ୍ଷ୍ମ ଛିଦ୍ର କରି ତା ମଧ୍ୟରେ ଡିମ୍ବ ପାରନ୍ତି ସେହି ଛିଦ୍ରବାଟେ ଗଛରୁ ଅଠା ବାହାରି ଛିଦ୍ର ମୁଖରେ ଗୁଅପରି ଅବୁମାନ ଜମି ଯାଏ । ଯଥାସମୟରେ ସେହି ଅବୁ-ଗୁଡ଼ିକ ଫୁଟାଇ ପୋକମାନ ସେହି କଣା ବାଟେ ବାହାରି ଯାଆନ୍ତି । ସେହି ଗୁଅ ଅବୁଡ଼ ବଶିଷ୍ଟ ଜମାଟ ଅଠାକୁ ମାଜୁଫଳ ବୋଲାଯାଏ ଓ ଏହା ଔଷଧରେ ଲାଗେ; ଏହା ହରିଡ଼ା ଅପେକ୍ଷା ବେଶି କଷା, ବୈଦ୍ୟଙ୍କ ମତରେ ଏହା ଗ୍ରାହୀ, ବଳକର, ଜ୍ୱରଘ୍ନ ଓ କଣ୍ଠ୍ୟଙ୍କ ଦୋଷକ । ଏହା ମୁଖ ଓ ଦନ୍ତରୋଗ, ଶେତ ପ୍ରଦର, ଅର୍ଶ, ଯୋନିକନ୍ଦ, ଅତିସାର ଗ୍ରହଣୀ ଓ ପ୍ରବାହିକା ରୋଗନାଶକ । ]
ଅନ୍ୟ ସ. ନାମ—
ଛିଦ୍ରାବାସ, ଛିଦ୍ରରେଖା
মাজুফল
माजुफल
ସ୍କ. ମାଂସ୍ୟାଂ
ମ. ମାୟ୍ୟାଫଳ
ଫା. ମାଜୁମ୍, ମାଜୁ
ଇଂ. ଅଷ୍ଟ୍ର, ସମରଭୁଲ
ଭୁଇଫା

ମଜ୍ଜା—ସ. ବି ( ମଜ୍ଜ୍ ବା ମସଜ୍ ଧାତୁ+କର୍ତ୍ତୃ. ଅ+ସ୍ତ୍ରୀ. ଆ; ଏହା ଅସ୍ଥି
Majjā ଭିତରେ ମଗ୍ନ ଥାଏ ବୋଲି )—୧ । ହାଡ଼ରସ। ଅସ୍ଥି ମଧ୍ୟରେ ଥିବା ତରଳ ପଦାର୍ଥ—1. Marrow. ୨ । ବୃକ୍ଷର ରସ—2. Sap. ୩ । ବୃକ୍ଷର ମଞ୍ଜ—3. The pith of a tree. ଦେ. ବି—୧ । ( ଲକ୍ଷଣାର୍ଥ )—ଅନ୍ତଃସ୍ଥଳ—1. ( figurative ) Inside. ୨ । ଅନ୍ତତମ ପ୍ରଦେଶ—2. Innermost place. ୩ । ହୃଦୟ; ମନ; ଅନ୍ତଃକରଣ—3. Heart; mind. ( ଉ—କେବଳ ହେଲା ମୋ ମଜ୍ଜା ମଜ୍ଜିଯିବ ଉଭା ଲଳିତେ । କବିସୂର୍ଯ୍ୟ. ବଳଦେବରଥ. କ. ଗୀତ । ) ୪ । ଇଚ୍ଛା—4. Wish; desire. ( ଉ—ଦମୟନ୍ତୀ ପାଶକୁ ଯିବାକୁ କଲେ ମଜ୍ଜା । କୃଷ୍ଣସିଂହ. ମହାଭାରତ, ବନ । ) ୫ । ମନୋଗତ ଭାବ—5. Intention; motive. ( ଉ—ଆଜ ଅସି କହିଲେ ମୋତେ ନଳ ରଜା, ଅଣି-ଦେଲେ ଖାଇବି ଏ ମୋହର ମଜ୍ଜା । କୃଷ୍ଣସିଂହ. ମହାଭାରତ, ବନ । ) ବୈଦେ. ବି ( ଫା. ମଜା )—୧ । ମଜଲ; ସୁଖ; ଆନନ୍ଦ—1. Pleasure. ୨ । ସୁଖ-ଭୋଗ—2. Enjoyment of pleasure. ୩ । କୌତୁକ—3. Amusement.

ମଜ୍ଜା(ଜ୍ଜେ)ଇବା—ଦେ. କ୍ରି ( ମଜ୍ଜିବାର ଣିଜନ୍ତରୂପ )—୧ । ନିମଜ୍ଜିତ
Majjā(jje)ibā କରିବା—1. To cause to sink. ୨ ।
মজান ମୁଗ୍ଧ କରିବା—2. To enchant; to charm.
मजाना ( ଉ—ନବ ରମଣୀମଣି ବେଣୀ କଳିକା, ନଳିନେ ଚଳି ମଜ୍ଜାଇବ । ଭଞ୍ଜ. ପ୍ରେମସୁଧାନିଧି । ) ୩ । ପ୍ରେମରେ ଆସକ୍ତ ବା ଆବଦ୍ଧ କରିବା—3. To enchain by ties of attachment.

ମଜ୍ଜାଗତ—ସ. ବିଣ ( ୨ୟା ତତ୍ )—୧ । ଅନ୍ତର୍ନିହିତ—1. Situate
Majjāgata inside. ୨ । ଶରୀରର ଧାତୁଗତ—2. Constitutional. ୩ । ଦୃଢ଼ ସମ୍ବଦ୍ଧ—3. Inseparately connected; forming an integral part of.

ମଜ୍ଜାଗତ ଶରଦ(ଦି)—ଦେ. ବି—ମନୁଷ୍ୟର ଦେହସ୍ୱଭାବର ବା ଧାତୁର
Majjāgata śarada(di) ଗୁଣରୁ ଯେଉଁ ଶରଦ ଧରିଥାଏ (ସାହା
[ମଜ୍ଜାଗତଶ୍ଳେଷ୍ମ(ଷ୍ମା)—ଅନ୍ୟରୂପ] ବାହ୍ୟ ଔଷଧାଦି ପ୍ରୟୋଗରେ
মজ্জাগতশর্দি ସହଜରେ ଛାଡ଼େ ନାହିଁ)—Cold which
मज्जागतशर्दी attacks a person due to some constitutional peculiarity; a persistent attack of cold.

ମଜ୍ଜାରସ—ସ. ବି ( ୬ଷ୍ଠୀ ତତ୍ )—ରେତଃ; ଶୁକ୍ର—
Majjārasa Semen.

**ମଜ୍ଜାସାର**—ସ. ବ ( ବହୁବ୍ରୀହି )—ଜାଇଫଳ—
**Majjāsāra** The nutmeg.

**ମଜ୍ଜିତ**—ସ. ଣ ( ମଜ୍ଜ ବା ମସଜ୍ ଧାତୁ+କର୍ତ୍ତୃ. ତ )—ମଗ୍ନ—
**Majjita** Sunken; drowned. [ ଦ୍ର—ଏହି ଶବ୍ଦ 'ନି' ଉପସର୍ଗ ସଙ୍ଗେ ମିଶି ନିମଜ୍ଜିତ ରୂପରେ ସାଧାରଣତଃ ବ୍ୟବହୃତ ହୁଏ । ]

**ମଜ୍ଜିବା**—ଦେ. କ୍ରି ( ସ. ମଜ୍ଜ ଧାତୁ )—ମଜିବା ( ଦେଖ )—Majibā
Majjibā (See) ( ଉ—ପିତାମହ ସବରେ ଯେ ଜନ
ମଜା ମଜ୍ଜଇ, ସବୁର ମନଲୁଣ୍ଠ ଜାଣ ସେ ରଞ୍ଜଇ । କୃଷ୍ଣସିଂହ.
**মজনা** ମହାଭାରତ, ବନ । )

**ମଜ୍ଜି ଯିବା**—ଦେ. କ୍ରି (ସ. ମଜ୍ଜଧାତୁ)—୧ । ମଜ୍ଜିତ ହେବା—1 To
Majji jibā be sunk; to be drowned. ୨ । ଦୃଢ଼-
মজেযাওয়া **মজ জানা** ରୂପେ ନିଯୁକ୍ତ ହେବା—2 To be closely engaged. (ଉ—କେବଳ ହେଲି ମୋ ମଜ୍ଜା । ମଜ୍ଜି ଯିବ ତ ଉଗ୍ର ବଳରେ । ଜଗନ୍ନାଥ. ଜଗୋଷ୍ୟମ୍ଭ. ବ. ଗୀତ । ) ୩ । ଅତି ମୁଗ୍ଧ ବା ଆସକ୍ତ ହେବା—3. To be attached or addicted to.

**ମଝଲ୍**—ପ୍ରାଦେ. (ସମ୍ବଲପୁର) ଣ.—(ସ. ମଧ୍ୟ)—ମଧ୍ୟମ; ଦୁଇ
Majhal ଶ୍ରେଣୀର ମଧ୍ୟ ସ୍ଥାନୀୟ—Medium; of the middle class.

**ମଝଲ(ଲି) ରୂପ**—ପ୍ରାଦେ. (ସମ୍ବଲପୁର) ବ—ହଳଦିଆ ଥଣ୍ଟଥିବା ଶୁକ
Majhal(li)rūpa ଶୁଆ—Yellowish-beaked parrot.

**ମଝ(ଝି)ଲା**—ଦେ. ଣ. (ସ. ମଧ୍ୟ)—୧ । ମଧ୍ୟରେ ସ୍ଥିତ—
Majha(jhi)lā 1. Situated in the middle. ୨ ।
মাঝের, মেজো **মঝোলা, মঝলা** ମଝିଆଁ—2 Intermediate.

**ମଝା**—ଦେ. ବ. ( ସ. ମଧ୍ୟ ପ୍ରା. ମଜ୍ଝ )—୧ । ମଧ୍ୟଭାଗ—
Majha 1. The middle. ୨ । କଟି—2, Waist.
মাঝা (ଉ—ମଝା ବିକ୍ର ଉପରେ କ ଯଉବନକସ୍ତ, ଷ୍ଟେଷେ ଉଠି ବେଳ
**डाँड** କୁମ୍ଭ ଅଛ କ ଉଗ୍ରର. ଶିଶୁଶଙ୍କର—ଉଷା ଅଭିଳାଷ ।)
ପ୍ରାଦେ (ସମ୍ବଲପୁର) ଣ—ମଧ୍ୟରେ ସ୍ଥିତ—
Situated in the middle.

**ମଝା ଖୁଲି**—ପ୍ରାଦେ (ସମ୍ବଲପୁର) ବ—ମଝିଦାଣ୍ଡ; ରାସ୍ତାର ମଧ୍ୟଭାଗ—
Majhā khuli The middle of the road.

**ମଝା ମଝି**—ଦେ. କ୍ରି. ଣ—୧ । ମଧ୍ୟସ୍ଥଳରେ—1. In the
Majhā majhi মাঝা মাঝি **मझा मझि** middle.
(ମଝିଅ ମଝି—ଅନ୍ୟରୂପ) ୨ । ମଧ୍ୟ ଭାବରେ—2. Moderately.
୩ । ମଝି ବାଟରେ—3. Half way.

**ମଝାଲ**—ଦେ. ବ—( ସ. ମଧ୍ୟ )—ମଧ୍ୟସ୍ଥଳ—The middle.
Majhāla **মাঝারি मज्झ** ଣ—ମଧ୍ୟଭାବର—
মাঝারি **मझला** Middling; of moderate size.

**ମଝାଲି**—ପ୍ରାଦେ. (ବାଲେଶ୍ୱର) ବ—ଥୋଡ଼ର ପଲ୍ଲାଣ ଦ୍ୱୟର ମଝିରେ
Majhāli ଥିବା ଦଉଡ଼ି—The string in the middle of the two packs of a pack-saddle.

**ମଝି**—ଦେ. ବ—(ସ. ମଧ୍ୟ, ପ୍ରା. ମଜ୍ଝ)—୧ । ମଧ୍ୟଭାଗ—1. The
Majhi মাঝ **बिच; मज्झ** middle. ୨ । ମଧ୍ୟସ୍ଥଳରେ ଥିବା ବ୍ୟକ୍ତି—2. A person who is in the middle. (ଉ—'ଥଗ, ସୁନା ପାଗ; ମଝି ମର୍ଦ୍ଦଗାଜା, ପଛ ଗୁହପୋଛ' । ଶିଶୁଗୀତ ।) ଣ—୧ । ମଧ୍ୟଭାଗରେ ସ୍ଥିତ—1. Situate in the middle; middle-most. ୨ । ଦୁଇର ମଧ୍ୟରେ ଅବସ୍ଥିତ—
2. Intermediate.

**ମଝିଆ**—ଦେ. ଣ—ମଝିଆଁ (ଦେଖ)—Majhiān (See)
Majhiā ପ୍ରାଦେ.—(ସମ୍ବଲପୁର) ବ—୧ । ମାଝି; ମାଛ ଧରିବା ଓ ନୌକା ଚଳାଇବା ବ୍ୟବସାୟରେ ନିଯୁକ୍ତ ହେଉଥିବା ଜାତିବିଶେଷ—1. A caste of fishermen and boatmen. ୨ । ନୌଚାଳକ—2. Boatman.

**ମଝିଆଁ**—ଦେ. ଣ. ପୁଂ (ସ. ମଧ୍ୟମ, ପ୍ରା. ମଜ୍ଝିଅ)—୧ । ମଧ୍ୟମ—
Majhiān মেজ, মেজো 1. Intermediate.
**बिचला, मझला** ୨ । ଜ୍ୟେଷ୍ଠ ଓ କନିଷ୍ଠର ମଧ୍ୟବର୍ତ୍ତୀ (ସନ୍ତାନ)—
(ମଝିଆଣୀ—ସ୍ତ୍ରୀ) 2. ( child ) Born between the eldest and the youngest. ( ଯଥା—ମଝିଆଁ ପୁଅ ।)

**ମଝିଆଣୀ**—ଦେ. ଣ. ସ୍ତ୍ରୀ—ମଝିଆଁର ସ୍ତ୍ରୀଲିଙ୍ଗ—Feminine of
Majhiāṇi Majhiān. ପ୍ରାଦେ (ସମ୍ବଲପୁର) ବ. ସ୍ତ୍ରୀ—ମଝିଆ
মেজো; **मझली** ଜାତୀୟା ସ୍ତ୍ରୀ—A female of the 'Majhiā' caste of Sambalpur.

**ମଝି ଘର**—ଦେ. ବ—ଦୁଇ ଘରର ମଧ୍ୟରେ ଥିବା ଘର—The
Majhi ghara middle room. [ଦ୍ର—ଏହିପରି ମଝିକୋଠା, মাঝেরঘর; **मझलाघर** ମଝି କୋଠରି, ମଝି ବଖରା, ମଝି ଖଞ୍ଜା, ମଝି ଅଗଣା, ମଝି ଦାଣ୍ଡ ପ୍ରଭୃତି ଶବ୍ଦମାନ ହୁଏ ।]

**ମଝିତନ**—ଦେ. ଣ (ସ. ମଧ୍ୟତନ)—ମଧ୍ୟସ୍ଥ—Middle; situate
Majhitana in the middle.

**ମଝି ଦରିଆ**—ଦେ. ବ—୧ । ସମୁଦ୍ରର ମଧ୍ୟଭାଗ; ସମୁଦ୍ରର ଗଭୀରତମ
Majhi dariā ପ୍ରଦେଶ—1. The deep sea; the mid-
মাঝদরিয়া **बीचदरिया** ocean. ୨ । (ଲକ୍ଷଣାର୍ଥ) ଘୋର ବିପଦ—2. (Figurative) Great danger.

**ମଝି ଦରିଆକୁ ପେ(ଠେ)ଲିଦେବା**—ଦେ. କ୍ରି—(ଲକ୍ଷଣାର୍ଥ)—କୌଣସି
Majhidariāku pe(ṭhe)lidebā ବ୍ୟକ୍ତିକୁ ନିସ୍ସହାୟ ବା କିଂକର୍ତ୍ତବ୍ୟ-
মাঝদরিয়ায় ঠেলে দেওয়া ବିମୂଢ଼ କରି ବିପଦକୁ ପେଲିଦେବା—
**मझधारमें छोड़ना** To drive a person in a helpless or bewildered condition into extreme danger.
ମଝି ନଦୀକୁ ପେଲି ଦେବା } ଅନ୍ୟରୂପ
ମଝିନଦୀରେ ଭସା(ସେ)ଇ ଦେବା }

**ମଝିଦାଣ୍ଡ**—ଦେ. ବ—ଦାଣ୍ଡର ମଧ୍ୟ ଭାଗ—The middle of the
Majhi dāṇḍa road. [ଉ—ମଝି ଦାଣ୍ଡରେ ପଡ଼ି ଯାଉଥିବେ
রাস্তার মাঝ; মাঝ রাস্তা ଗଡ଼ି । କୃଷ୍ଣସିଂହ. ମହାଭାରତ. ବନ ।]
**बीचरास्ता; मझरास्ता**

ମଝି ନଈ—ଦେ. ବି—ନଦୀର ମଧ୍ୟସ୍ଥଳ—The middle of a river.
Majhi nai [ ଉ—ଦଦସ୍ତ ଉଗା, ମଝି ନଈରେ ଦେଲ୍
নদীর মাঝখান; मझधार . (ମଝିଧାର—ଅନ୍ୟରୂପ) ଦଗା । ଉଗ ।]

ମଝିମଝିକା(ଥା)—ଦେ. ବିଣ (ସବୁରର ଶବ୍ଦ)—୧ । ମଧ୍ୟଭାଗ ସ୍ଥିତ—
Majhi majhikā(ā) 1. Situated in the middle;
মাঝামাঝি; मझोला intermediate. ୨ । ଯେ ଦୁଇ ଦପକ୍ଷ ମତ
(ମଝି ମଝିକଥ—ଅନ୍ୟରୂପ) ମଧ୍ୟରୁ କୌଣସି ଗୋଟିଏ ମତକୁ
ଦୃଢ଼ ଭାବେ ନ ଧରେ—2. Not firmly holding
either of the 2 extreme views in a matter. [ଉ—ସଂସାରେ ମୁଁ ଯେଉଁ ଜନ, ସେବା ଦୃଷ୍ଟରେ
ଦୃଢ଼ ମନ । ଏ ବେଳ ସଂସାରୁ ତରନ୍ତି । ମଝି ମଝିକା ନାଶ
ଯାନ୍ତି । ଜଗନ୍ନାଥ. ଭାଗବତ । ଦୃଢ଼େ ତରନ୍ତି, ମୂଢ଼େ
ତରନ୍ତି, ମଝି ମଝିକଥ ବୁଡ଼ ମରନ୍ତି—ଉଗ ।]

ମଝିସିଆଁ—ଦେ. ବିଣ—( ସଂ. ମଧ୍ୟସ୍ୟୂତ ) ଦୁଇଖଣ୍ଡ (ଲୁଗା ଆଦ)ର
Majhisiāṅ ଧାଡ଼ରେ ସିଲାଇ ହୋଇଥିବା—Sewn by
মাঝখানে সেলাইকরা joining the edges of two
बीचसिलाहुआ pieces of cloth. (ଉ—ମୁଣ୍ଡରେ ମଝିସିଆଁ
ଇପଲ୍ଲଥ ଉନ୍ନୀ ବନ୍ଧା । ଫକୀରମୋହନ.ଛମାଣ ଆଠଗୁଣ୍ଠ ।)

ମଞ୍ଚ (ଧାତୁ )—ସଂ.—ଉଚ୍ଚ ହେବା—To be high.
Manch (root) [ମନ୍ଚ (ଧାତୁ) —ଅନ୍ୟରୂପ]

ମଞ୍ଚ—ସଂ. ବି—( ମଞ୍ଚ ଧାତୁ+କର୍ତ୍ତୃଅ; )—୧ । ଖଟ—
Mañcha 1. Bedstead. ୨ । ମଞ୍ଚା; ଭାଡ଼—
(ମଞ୍ଚକ—ଅନ୍ୟରୂପ) 2. A scaffolding; a stage. ୩ । ବେଦୀ;
ମଣ୍ଡପ—3. A platform; a pulpit. ୪ । ଉଚ୍ଚ
ସ୍ଥାନ—4. An elevated place. ଦେ. ବି.
মর্ত্যলোক (ସଂ. ମର୍ତ୍ତ୍ୟ)—ମର୍ତ୍ତ୍ୟଲୋକ; ପୃଥିବୀ—The earth.
मर्त्यलोक [ଉ—ଜଳପାନ ଦେଇ ଯେ କରିଏ ସୁପ୍ରିତାତ ।
ସେ ପୁଣି ଅଛ ଥରେ ନ ଦେଖେ ଆସି ମଞ୍ଚ ।
କୃଷ୍ଣସିଂହ. ମହାଭାରତ. ବନ ।]

ମଞ୍ଚଖଣ୍ଡ—ଦେ. ବି—(ସଂ. ମର୍ତ୍ତ୍ୟଖଣ୍ଡ)—ମର୍ତ୍ତ୍ୟମଣ୍ଡଳ; ପୃଥିବୀ—
Mañcha khaṇḍa The earth. (ଉ—ଅନନ୍ତ ଅଂଶୁ ଏ
মর্ত্যখণ্ড मर्त्य मण्डल ବ୍ରହ୍ମାଣ୍ଡ, ସ୍ୱର୍ଗ ପାତାଳ ମଞ୍ଚଖଣ୍ଡ ।
ଯଶୋବନ୍ତ ପ୍ରେମଭକ୍ତି ବ୍ରହ୍ମଗୀତା ।)

ମଞ୍ଚ ଛଡ଼ା(ଡ଼େ)ଇବା—ଦେ. କ୍ରି—(ଲକ୍ଷଣାର୍ଥ)—ହତ କରିବା; ମାର
Mañcha chhaṛā(ṛe)ibā ପକାଇବା—To kill.
সংসার থেকে বিদায় করা ( ଉ—ଧୃଷ୍ଟଦ୍ୟୁମ୍ନ ସେ ଭାଇକୁଳକୁ
मर्त्य छोडाना ନାଶିବ, ବନ୍ଦୋଳେ ଛଡ଼ାଇବା ପାଇଁ ସ୍ୱଏ ମଞ୍ଚ !
କୃଷ୍ଣସିଂହ. ମହାଭାରତ. କର୍ଣ୍ଣ ।)

ମଞ୍ଚପୁର(ପୁ)—ଦେ. ବି (ସଂ. ମର୍ତ୍ତ୍ୟପୁର )—ମର୍ତ୍ତ୍ୟମଣ୍ଡଳ; ମର୍ତ୍ତ୍ୟପୁର—
Mañchapura(ri) The terrestrial globe; the earth.
ମଞ୍ଚମଣ୍ଡଳ } ଉ—ସକଳ ଭୁବନର ସାର
ମଞ୍ଚଭୁବନ } —ଅନ୍ୟରୂପ ଅଟଇ ସମ୍ପଦ ମଞ୍ଚପୁର
ମଞ୍ଚଲୋକ } ଜଗନ୍ନାଥ. ଭାଗବତ ।)
মর্ত্যমণ্ডল मर्त्यमण्डल

ମଞ୍ଚା—ଦେ. ବି—( ସଂ. ମଞ୍ଚ )—୧ । ଉଚ୍ଚ ଭାଡ଼—1. A high
Mañchā scaffolding. (ଉ—ମଞ୍ଚାକୁ ଚଢ଼ ମାନ୍ଦ ମଲ୍ଲ,ମଟେହିଁ
মাচা, মাচন ଦଇବ ରକ୍ଷିଲ୍ଲ । ଜଗନ୍ନାଥ. ଭାଗବତ) । ୨ । ଫସଲ
मचान ଜଗିବା ପାଇଁ ବିଲରେ କରାଯିବା ଭାଡ଼—
A scaffolding raised in the field to
watch the crops. ୩ । ବନ୍ୟ ଜନ୍ତୁ ଶିକାର କରିବା
ପାଇଁ ବଣରେ ବନ୍ଧା ଯାଇଥିବା ଭାଡ଼—3. A machan;
a high platform raised in the forest for
seating the hunters

ମଞ୍ଚା(ଚ୍ଚ,ଞ୍ଚେ,ଚେ)ଇବା—ଦେ. କ୍ରି—ହିଆଇବା; ଉତ୍ତେଜିତ କରିବା;
Mañchā(chā,ñche,che)ibā লাগান মচাইবা—
To instigate; to incite.

ମଞ୍ଚାଳନ—ଦେ. ବି— (ସଂ. ମର୍ଦ୍ଦନ)—୧ । ହାତାହାତ; ଘଷିବା;ଚିପିବା—
Mañchālana 1. Chafing with the hands.
টেপা दवाना, चापना (ଯଥା—ପାଦ ମଞ୍ଚାଳନ) । ୨ । ମନ୍ଥନ—
মুথান मथना 2. Churning.

ମଞ୍ଚା(ଚ୍ଚା)ଳିବା—ଦେ. କ୍ରି—୧ । (ପାଦ) ହାତାହାତ କରିବା; ଘଷିବା—
Mañchā(chā)libā 1. To chafe or rub with the
টেপা hands; to shampoo. ୨ । ହାତରେ ଚପିବା—
चापना 2. To press with the hands. (ଉ—ବନ୍ଦୀପାଦ
মোহা ମଞ୍ଚାଳ ଭୂଳ । ଭକ୍ତ. ପ୍ରେମସୁଧାନିଧି) । ୩ । ମନ୍ଥିବା—
मुथाना 3. To churn. ୪ । ଦୁଇ ହାତର ପାପୁଲିରେ ମଳିବା—
দলা 4. To crush a thing between the two
मलना palms.

ମଞ୍ଜ (ଧାତୁ )—ସଂ—୧ । ଶବ୍ଦ କରିବା—1.To make a sound.
Mañja (root) ୨ । ମାର୍ଜନ କରିବା; ମାଜିବା—2.To polish;
[ମନ୍ଜ(ଧାତୁ) —ଅନ୍ୟରୂପ] to rub.

ମଞ୍ଜ—ଦେ. ବି (ସଂ. ମଜ୍ଜା)—୧ । କାଠର ମଝିରେ ଥିବା ସାର ଭାଗ—
Mañja 1. The pith of a wood. (ଉ—ବୃକ୍ଷର
মাঁজ, মাজ ଫଳଯୋ ସିନା ମାଞ୍ଚ କରେ ଭଇ, ମାଜ ତାର ତବା
साडिल ସାଧ୍ୟ ଛଣିବ ମଞ୍ଜକୁ । ଚନ୍ଦ୍ରମଣୀ. ବକ୍ରମାଦତ୍ୟ ।)
୨ । କଦଳୀ ଗଛର ଗଣ୍ଡିର ମଧ୍ୟଭାଗ-2. The pith or
core of a plantain tree. ୩ । (ଲକ୍ଷଣାର୍ଥ) କୌଣସି
କଥାର ମର୍ମ; ଗୁପ୍ତ ବିଷୟ—3. (figurative) Secret
matter. ୪ । ମଞ୍ଜ ପତ୍ର ( ଦେଖ )—4. Mañja
patra (See) ପ୍ରାଦେ. (ବିହରୁମି ଓ ଗଡ଼ଜାତ) ବି—
ଛୋଟ ବୃକ୍ଷ ବିଶେଷ—Name of a small tree.
[ଦ୍ର—ଏହା ବିହରୁମି, ସମ୍ବଲପୁର ଓ ଗଡ଼ଜାତ ଜଙ୍ଗଲ-
ମାନଙ୍କରେ ଜନ୍ମେ । ଏହାର ପତ୍ର ତକତକିଆ ଓ ଦେଖ
ଅରୁ ସରୁ । ଏ କାଠର ଗୋଲେଇ ୫ ଫୁଟ ପର୍ଯ୍ୟନ୍ତ
ହୁଏ ।]

ମଞ୍ଜ କାଠ—ଦେ. ବି—କାଷ୍ଠର ମଜ୍ଜା; କାଠ ଭିତରର ସାର ଅଂଶ—
Mañja kātha The strong interior portion or
মাজ কাঠ साडिल काठ core of a timber.

ମଞ୍ଜକାଲା ମାରବା—ଦେ. ବ ( ସ. ମଜ୍ଜା ଓ କାଲ )—କଦଳୀ ଓ
Mañjakilā māribā ଅନ୍ୟାନ୍ୟ ଗଛର ଏକ ପ୍ରକାର ରୋଗ
(ମଞ୍ଜ ମରବା —ଅନ୍ୟରୂପ) (ଏ ରୋଗ ହେଲେ ଗଛର ମଞ୍ଜ ପ୍ରଥମେ
ମାଜ ଶୁଖା ଶୁଖିଯାଏ)—A disease attacking plantain
बीर सड़ना and other trees by which the pith
first withers. (ଉ—ଶସ୍ତେ ଭେଦଗ ନାହିଁ କେହି,
ଘଡରେ ମଞ୍ଜକାଲା ନାହିଁ । ଜଗନ୍ନାଥ. ଭାଗବତ ।)

ମଞ୍ଜନ—ଦେ. ବ (ସ. ମାର୍ଜନ)—ଦାନ୍ତଘଷା ଚୂର୍ଣ୍ଣ—
Mañjana Tooth powder.
মাজন मञ्जन

ମଞ୍ଜ ପତ୍ର—ଦେ. ବ—୧ । କଦଳୀ ଗଛର ମଞ୍ଜରୁ ବାହାରଥିବା ବଡ଼
Mañja patra ପତ୍ର—1. A big new leaf which has
(ମଞ୍ଜ ପତର—ଅନ୍ୟରୂପ) emerged from the pith of a
আঙ্গোট কলাপাত plantain tree. ୨ । କଦଳୀ ଗଛର
बीर पत्ता କୋମଳ ପତ୍ର—2. The tender or new
leaf coming out of a plantain plant.

ମଞ୍ଜ(ଞ୍ଜି)ରା—ଦେ. ବ (ସ. ମଂଜୀର)— ବାଦ୍ୟ ବିଶେଷ; ଝାଞ୍ଜ—
Mañja(ñji)rā Cymbals.
মন্দিরা (ଉ—ମୃଦଙ୍ଗ ମଞ୍ଜିରାକୁ ଗଜବେ ବାଇଲେ।
मजीरा କୃଷ୍ଣସିଂ ବ. ମହାଭାରତ. ସଭା ।)

ମଞ୍ଜରି(ରୀ)— ସ. ବ (ମଞ୍ଜୁ=ମନୋଜ୍ଞତା + ଋ ଧାତୁ=ଗମନ କରବା +
Mañjari(rī) ଇ, ଈ)— ୧ । ଅଙ୍କୁର; ମୁକୁଳ; କଢ଼ି—
1. Blossom; bud. ୨ । ବୃନ୍ତରେ ଲାଗିଥିବା ଉପବୃନ୍ତ
ବା ଝୁମ୍ପା—2. Tufts attached to a stem. ୩ ।
ପତ୍ରାଙ୍କୁର—3. Newly blossomed tender
leaf. (ଯଥା—ତୁଳସୀ ମଞ୍ଜରୀ) ୪ । ଫୁଲର ବା ଶସ୍ୟର
କେଣ୍ଡା—4. A flower-spike; an ear of
corn; a shoot; a sprout. ୫ । ତିଳକବୃକ୍ଷ—
5. Tilaka tree. ଦେ. ବ—ପାଦର ଅଳଙ୍କାର
ବିଶେଷ; ପାଉଁଜି—A tinkling ornament for
the leg. (ଉ—ଅଙ୍ଘ୍ରି ଯୁଗଳେ ମଞ୍ଜରୀ ବୋଲେ,ସେ ପାଦ
କମଳେ ଦେବ ମନ ଭୁଲେ । ପ୍ରାଚୀ. ରହସ୍ୟମଞ୍ଜରୀ ।)

ମଞ୍ଜରିତ—ସ. ବଣ (ମଞ୍ଜରୀ + ସଞ୍ଜାତ ଅର୍ଥରେ ଇତ)—୧ । ମୁକୁଳିତ—
Mañjarita 1. Blossomed; blooming. ୨ । ଅଙ୍କୁରିତ—
2. Sprouting.

ମଞ୍ଜରିବା—ଦେ. (ପଦ୍ୟ) କ୍ରି—କଅଁଳିବା; ଗଜୁରିବା—To sprout.
Mañjaribā মঞ্জরা मंजरना

ମଞ୍ଜା – ସ. ବ. ସ୍ତ୍ରୀ (ମଞ୍ଜ ଧାତୁ + କର୍ତ୍ତୃ. ଅ + ସ୍ତ୍ରୀ. ଆ)—୧ । ଛାଗୀ; ମାଈ
Mañjā ଛେଳି—1. She-goat. ୨ । ମଞ୍ଜରୀ—2. Sprout.
থোড় ଦେ. ବ (ସ. ମଜ୍ଜା)—କଦଳୀଗଛର ମଧ୍ୟସ୍ଥ ସାରାଂଶ—
बीर The pith of plantain plant. [ ଦ୍ର—ଏହା
ତରକାରୀରୂପେ ବ୍ୟବହୃତ ହୁଏ । ]

ମଞ୍ଜା ଅମ୍ବିଳ—ଦେ. ବ —ଥୋଡ଼ ବା କଦଳୀ ମଞ୍ଜା ସହିତ ଖଟା ଦିଆଯାଇ
Mañjā ambila ପ୍ରସ୍ତୁତ କରାଯିବା ଏକପ୍ରକାର ଖଟା ତରକାରୀ
থোড়ের অম্বল ( ଦ୍ର—ମଞ୍ଜାରେ ଖଟା ପ୍ରଭୃତି ଦେଇ ଅନ୍ୟ ବିବିଧ
बीरकीखटाइ ବ୍ୟଞ୍ଜନ ମଧ୍ୟ ପ୍ରସ୍ତୁତ ହୁଏ)—A curry made
from chips of plantain-tree-piths by
mixing it with acid.

ମଞ୍ଜାରି ଦେ. ବ ( ସ. ମାର୍ଜାରୀ )—୧ । ବିରାଡ଼ି—1. Cat.
Mañjāri ( ଉ – ଦୁର୍ଜ୍ଜନ ଖୁପିଲେ ଅଧରେ, ଯେସନେ ମଞ୍ଜାରି
বেরাল মুষা ଧରେ । ଜଗନ୍ନାଥ. ଭାଗବତ । ) ( ଉ—
बिल्ला ଅଲଅଲ ଘର ମଞ୍ଜାରି, ଦୋକ ଖାଇଗଲେ ଛିଞ୍ଚାର ।
পালিটা মাঁদার ଲୋ ।) ୨ । ( ସ. ମନ୍ଦାର ) ପାଲଧୁଆ ଗଛପରି
फरहद ଏକପ୍ରକାର ଗଛ—2. Erythrina Suberosa
( Haines ). [ ଦ୍ର—ଗୁଆଗଛମାନ ଥିଲା ରହିବ
ବୋଲି ଗୁଆ ବାଡ଼ିରେ ଏ ଗଛ ଲଗାଯାଏ । ]

ମଞ୍ଜି (ଞ୍ଜୀ)—( ମଜ୍ଜ ଧାତୁ + କର୍ତ୍ତୃ ଇ; + ଈ )—ମଞ୍ଜରୀ; ଅଙ୍କୁର—
Mañji(ñjī) Sprout; shoot. ଦେ. ବ (ସ. ବୀଜ;
বীচি बीज ଭୁଲ ସ. ମଜ୍ଜା)—୧ । ଫଳମଧ୍ୟସ୍ଥ ବୀଜ—
1. Seed. ୨ । ଆଗାମୀ ବର୍ଷ ପାଇଁ ରଖାଯିବା
ଧାନ ଆଦି ଶସ୍ୟର ବିହନ—2 Paddy and other
seeds kept for sowing next year
୩ । ଫଳର ବା ଗଣ୍ଡିର ଯେଉଁ ଅଂଶ ନୂଆ ଗଛ ଜନ୍ମାଇବା
ପାଇଁ ବ୍ୟବହୃତ ହୁଏ—3. The portion of a
plant or fruit used for raising new plants.
[ଦ୍ର—ଅମ୍ବମଞ୍ଜି = ଅମ୍ବକୋଇଲିର କ୍ଷୁଦ୍ର ଅଂଶମାନ । ଅଳୁମଞ୍ଜି
= ଅଳୁପିଣ୍ଡର ଅଂଶ । ପୋଟଳମଞ୍ଜି = ପୋଟଳ ଗଛର
ଡେଉଁର କ୍ଷୁଦ୍ର ଅଂଶ ।] ୪ । ଅଣ୍ଡକୋଷ—
আঁড়কোটুরলী 4. The testis. ୫ । ମାଛର ଡିମ୍ବ—
डिम्ब अंडा 5. The spawn or ova of fishes.
कील, कीला ୬ । ପାଚିଥିବା ବ୍ରଣ ଭିତରେ ଥିବା ଗୋଟିଏ
ব্রণের চাল କଠିଣ ପୂଜମୟ କୀଳକ—6. A hard wedge-like
pus inside a ripened boil. ୭ । (ଲକ୍ଷଣାର୍ଥ)
କଥାର ଗୁପ୍ତ ମର୍ମ; ରହସ୍ୟ ବା ସନ୍ଧି—7.
(Figurative) The secret of a matter.
୮ । ( ଲକ୍ଷଣାର୍ଥ ) କୌଣସି ସମସ୍ୟା ସାଧନ କରିବାର
ମୂଳ ମନ୍ତ୍ର—8. ( Figurative ) The key to
a problem. [ ଉ—କଥାର ମଞ୍ଜି,
ଭୁଆ ଧାନ ଖାଏ ବୋଲିକୁ ଗଞ୍ଜି—ଲୋ ।]
୯ । ( ଲକ୍ଷଣାର୍ଥ ) କୌଣସି ବିଷୟର ମୂଳ କାରଣ—
9. ( Figurative) The root cause of a
matter. (ଯଥା—କଳିମଞ୍ଜି)

ମଞ୍ଜିଆ—ଦେ. ବଣ—୧ । ଯେଉଁ ଫଳ ଅଧିକ ପକ୍ୱ ହେବାରୁ ତହିଁ
Mañjiā ମଧ୍ୟରେ ମଞ୍ଜିଗାଡ଼ ପାକଳ ହୋଇ ଯାଇ ଥାଏ—
1. Running into seeds ( ଯଥା—

ମଞ୍ଜିଆ ବାଇଗଣ ) । ୨ । ବୀଜଯୁକ୍ତ—2. Seedy; full of seeds. ୩ । ଚିଲିକାରେ ମିଳୁଥିବା ଏକପ୍ରକାର ମାଛ—3. A class of salt water fish found in the Chilka lake.

ମଞ୍ଜିଆ କଦଳୀ—ଦେ. ବି—ଭିତରେ ମଞ୍ଜି ଥିବା ଏକ ପ୍ରକାର କଦଳୀ; ବଣୁଆ କଦଳୀ—A species of plantain which has seeds inside. [ଦ୍ର—ଏହା ଅଖାଦ୍ୟ; ମାତ୍ର କେହି କେହି କଷି ଥିବା ବେଳେ ଏହାକୁ ତର୍କାରି କରନ୍ତି ।]
Mañjiā kadali
ବୀଚେ କଲା
बीजवाला केला
(ମଞ୍ଜି କଦଳୀ—ଅନ୍ୟରୂପ)

ମଞ୍ଜିକା—ସ. ବି. ସ୍ତ୍ରୀ—(ମଞ୍ଜୁ+ଇକ+ଆ)—ବାରାଙ୍ଗନା; ଗଣିକା; ବେଶ୍ୟା—Prostitute. ଦେ. ବି—ସ୍ତର ବା ଧାଡ଼ି—Layer; row. ( ଉ—ଉଷ୍ମ ପରବତ ଘୂଷୁ ଘୂଷୁକା, ତହିଁରେ ବସିଛୁ ଧନ ମଞ୍ଜିକା । ନନ୍ଦଘୋଷ. କର୍ଣ୍ଣଗିରୀ ।)
Mañjikā

ମଞ୍ଜି ଫଳା—ସ. ବି—କଦଳୀ—The plantain
Mañji phalā

ମଞ୍ଜିବା—ପ୍ରାଦେ. (ସନ୍ଧଜାତ) କ୍ରି—(ସ. ମଜ୍ଜ ଧାତୁ)—ଘୋର ଅରଣ୍ୟ ମଧ୍ୟରେ ପଶି ଯିବା—To enter into a dense forest.
Mañjibā

ମଞ୍ଜିମା—ସ. ବି—(ମଞ୍ଜୁ+ଭାବ ଇମନ୍, ୧ମା. ୧ବ)—ମନୋଜ୍ଞତା; ମଞ୍ଜୁଳତା; ସୌନ୍ଦର୍ଯ୍ୟ—Beauty.
Mañjimā

ମଞ୍ଜି ମାଛ—ଦେ. ବି—ଯେଉଁ ମାଛର ପେଟରେ ବହନ ଲାଗି ଥାଏ—A fish with spawns.
Mañji māchha
ডিম ভরা মাছ
अंडामयी मछली

ମଞ୍ଜି ଶୁଖୁଆ—ଦେ. ବି—ଶୁଖା ଯାଇ ଥିବା ମାଛ ମଞ୍ଜି—Dried fish spawn.
Mañji sukhuā
মাছের ডিমের শুকো
शुकडी अंडो

ମଞ୍ଜି(ଞ୍ଜୀ)ଲ—ସ. ବି—(ମଞ୍ଜୁ+ଇଲ, ଈଲ)—ଅଟ୍ଟାଳିକା; ଘର; ମନ୍ଦିର—House; building.
Mañji(ñji)la

ମଞ୍ଜିଷ୍ଠା—ସଂ ବି—(ମଞ୍ଜୁ=ମନୋହର+ସ୍ଥା ଧାତୁ+କର୍ତ୍ତୃ. ଅ; ସ୍ତ୍ରୀ. ଆ) ଅଚ୍ଛୁକାଦି ବର୍ଗର ରକ୍ତବର୍ଣ୍ଣ ଲତାବିଶେଷ—The Indian madder; Rubia Manjistha [ଦ୍ର—ଏହା ହିମାଳୟ ପାର୍ବତ୍ୟ ଅଞ୍ଚଳ ( ବଳେକୃଷ୍ଣ ଦ୍ରବ୍ୟଗୁଣ ) ପ୍ରଦେଶରେ ଜନ୍ମେ । ଏହାର ମୂଳ କପଡ଼ା ତୈଳକୁ ରଞ୍ଜିତ କରିବା ପାଇଁ ବ୍ୟବହୃତ ହୁଏ ।] ଦେ. ବି—ଏକ ପ୍ରକାର ଅନୁରାଗ—A kind of love. [ଦ୍ର—ପ୍ରେମିକ ପ୍ରେମିକାଙ୍କ ମଧ୍ୟରେ ଅନୁରାଗ ଖୁବ ଗାଢ଼ ହେଲେ ତାକୁ ମଞ୍ଜିଷ୍ଠା ବୋଲାଯାଏ, ନୀଳୀ ଓ କୁସୁମ୍ଭୀ ଏହାଠାରୁ କ୍ଷିଣତର ।]
Mañjishthā
ଅନ୍ୟ ସ—ଲୋହିତ ଲତା, ରକ୍ତ[ ]
ଯଷ୍ଟି, ଯୋଜନ ବଲ୍ଲି,
ଜ୍ୱରହନ୍ତ୍ରୀ, ସମଙ୍ଗା;
ଫା. ରନସ୍
ତେ. ମଞ୍ଜିଷ୍ଠି
মঞ্জিষ্ঠ, অরুণা, মঞ্জিষ্ঠা
मजिठ; मिजिथ; मजिठ

ମଞ୍ଜୀର—ସ. ବି—(ମଞ୍ଜ୍ ଧାତୁ=ଶବ୍ଦ କରିବା+କର୍ତ୍ତୃ. ଈର)—ନୂପୁର ଦୁଇ ଗୋଡ଼ର ବଳୟ ମଲ; ବାଜେଣୀ; ପାଞ୍ଜନ୍—A tinkling anklet.
Mañjira

ମଞ୍ଜୁ—ସ. ବି—(ମଜ୍ଜ୍ ଧାତୁ=ମାର୍ଜନ କରିବା+କର୍ତ୍ତୃ. ଉ)—୧ । ସୁନ୍ଦର; ମନୋଜ୍ଞ—1. Lovely; beautiful. ୨ । ମନୋମୋହକର—2. Charming; enchanting. captivating. ୩ । ମଧୁର—3. Sweet.
Mañju

ମଞ୍ଜୁଆତ—ଦେ. ବି—(ସ. ମଞ୍ଜିଷ୍ଠା)—ଏକ ପ୍ରକାର କ୍ଷୁଦ୍ର ବୃକ୍ଷ—A kind of small tree, the leaves of which are crushed and pasted on the hands and legs which become red-coloured; Hena; Lawsonia Alba; the evergreen privet (tree) Rhamnus Alaternus. [ଦ୍ର—ଏ ଗଛ ବୁଦାରେ ବଢ଼େ । ଏଥିର ପତ୍ରକୁ ବାଟି ହାତ ଗୋଡ଼ରେ ବୋଳିଲେ ସେ ସ୍ଥାନମାନ ନାଲି ରଙ୍ଗରେ ରଞ୍ଜିତ ହୁଏ । ଏଥିର ଡାଳରେ ଛୋଟ ଛୋଟ କଣ୍ଟା ଅଛି । ଏ ଗଛକୁ ଲୋକେ ବାଡ଼ରେ ଲଗାନ୍ତି—ଏହା ଦୁଇପ୍ରକାର—୧ । ଧଳା ମଞ୍ଜୁଆତ—1. Lawsonia Alba. ଏଥିର ଫୁଲ ଧଳା ଓ ଫଳା ୨ । ଘାଟ ମଞ୍ଜୁଆତ—2. Alcanna Tinctoria; Lawsonia Inermis (Haines) Henna; Alcanet. ଏଥିର ଫୁଲ ମନ୍ଦାର ଫୁଲ ପରି ଗାଢ଼ ନାଲି ଓ ଫୁଲର ପାଖୁଡ଼ା ଦୋହରା ।]
Mañjuāti
ସ. ନଖରଞ୍ଜକ, ନଖ ରଞ୍ଜନୀ
ତେ. ଗୋରିଣ୍ଟା
ଅ. ହେନା
মেদী; মেহদী
मेहदी
(ମଞ୍ଜୁଆଳ—ଅନ୍ୟରୂପ)

ମଞ୍ଜୁକେଶୀ—ସ. ବଣ. ପୁଂ—(ମଞ୍ଜୁ+କେଶ+ଅସ୍ତି ଅର୍ଥରେ ଇନ୍)—ସୁକେଶଯୁକ୍ତ; ମନୋହର କେଶବିଶିଷ୍ଟ—Having a lovely tress of hair on the head. ସ. ବି—ଶ୍ରୀକୃଷ୍ଣ—Śrikrushna.
Mañju keśi
(ମଞ୍ଜୁ କେଶିନୀ—ସ୍ତ୍ରୀ)

ମଞ୍ଜୁଗମନ—ସ. ବଣ. ପୁଂ—(ବହୁବ୍ରୀହି; ମଞ୍ଜୁ+ଗମନ)—ଯାହାର ଚାଲି ସୁନ୍ଦର—Having a lovely gait. ବି—ହଂସ—The swan.
Mañju gamana
(ମଞ୍ଜୁଗମନା—ସ୍ତ୍ରୀ)

ମଞ୍ଜୁଘୋଷ—ସ. ବି—(କର୍ମଧା; ମଞ୍ଜୁ+ଘୋଷ)—୧ । ମଧୁର ଧ୍ୱନି—1. A sweet sound. ୨ । (ବହୁବ୍ରୀହି) ଜୈନ ଦେବତାବିଶେଷ—2. Name of a Jaina Deity. ୩ । ତାନ୍ତ୍ରିକ ସାଧକଙ୍କର ଉପାସ୍ୟ ଦେବତାବିଶେଷ—3 Name of a tantric Deity. ବଣ. ପୁଂ—( ବହୁବ୍ରୀହି )—ସୁସ୍ୱରବିଶିଷ୍ଟ—Sweet-toned.
Mañju ghosha
(ମଞ୍ଜୁଘୋଷା—ସ୍ତ୍ରୀ)

ମଞ୍ଜୁପାଠକ—ସ. ବଣ. ପୁଂ—ଯେ ମନୋଜ୍ଞ ରୂପେ ବୋଲି ପାରେ; ସୁପାଠକ—One whose recitation is sweet; a good reader. ବି—ଶୁକପକ୍ଷୀ; ଶୁଆ—The parrot.
Mañju pāthaka
(ମଞ୍ଜୁପାଠିକା—ସ୍ତ୍ରୀ)

ମଞ୍ଜୁଭାଷୀ—ସ. ବଣ. ପୁଂ (ମଞ୍ଜୁ+ଭାଷ୍ ଧାତୁ=କହିବା+କର୍ତ୍ତୃ. ଇନ୍ ୧ମା. ୧ବ)—ମଧୁରଭାଷୀ; ସୁଭାଷୀ; ମିଷ୍ଟଭାଷୀ—Of sweet speech.
Mañju bhāshi
(ମଞ୍ଜୁଭାଷିଣୀ—ସ୍ତ୍ରୀ)

ମଞ୍ଜୁ ଭାଷିଣୀ—ସ. ବ ସ୍ତ୍ରୀ—ତ୍ରୟୋଦଶାକ୍ଷର ଯୁକ୍ତ ଛନ୍ଦୋବିଶେଷ—
Mañju bhāshiṇī A Sanscrit metre of 13 syllables.
ସ. ବଣ. ସ୍ତ୍ରୀ—ମଧୁରଭାଷିଣୀ (ସ୍ତ୍ରୀ)—Of sweet speech.

ମଞ୍ଜୁର(ରି)—ବୈଦେ. ବ (ଅ. ମନ୍‌ଜୁର୍‌)—୧ । ଅନୁମୋଦନ; କୌଣସି
Mañjur(ri) ପ୍ରାର୍ଥନାର ଗ୍ରହଣ—1. Sanction; granting
(ନାମଞ୍ଜୁର—ବିପରୀତ) of a request; approval. ୨। ସମ୍ମତି;
ମংজুর(রি) ଅଙ୍ଗୀକାର; ସ୍ୱୀକାର—2. Consent. ବଣ• (ଅ.
मंज़ूरी, ମନ୍‌ଜୂର୍‌)—୧ । ଅନୁମୋଦିତ—1. Granted;
मंज़ुर approved; sanctioned. ୨ । ଅଙ୍ଗୀକୃତ—
2. Consented, agreed to.

ମଞ୍ଜୁର—ଦେ. ବ (ସ. ମଞ୍ଜୁ)—ଏକ ପ୍ରକାର ପକ୍ଷୀ—
Mañjura Name of a bird.
ପ୍ରାଦେ. (କଟକ) ବ—ମୟୂର—Peacock.

ମଞ୍ଜୁର କରିବା—ଦେ. କ୍ରି—ପ୍ରାର୍ଥନା ଗ୍ରହଣ କରିବା—
Mañjura karibā To grant a prayer.
মঞ্জুর করা मंज़ुर करना

ମଞ୍ଜୁଳ—ସ. ବଣ. ପୁଂ ( ମଞ୍ଜୁ+ସ୍ୱାର୍ଥେ ଲ )—୧ । ସୁନ୍ଦର; ସୁଦୃଶ୍ୟ;
Mañjuḷa ମନୋହର—1. Charming; enchanting;
(ମଞ୍ଜୁଳା—ସ୍ତ୍ରୀ) captivating. ୨ । ଉପଯୁକ୍ତ; ସମୀଚୀନ—
2. Proper. ବ—୧ । କୁଞ୍ଜ; ଲତାଗୃହ—
1. Grove; a bower. ୨ । ଶୈବାଳ; ଶିଉଳି—
2. Moss.

ମଞ୍ଜୁଳତା(ତ୍ୱ)—ସ. ବ (ମଞ୍ଜୁଳ+ଭାବ. ତା,ତ୍ୱ)—ସୌନ୍ଦର୍ଯ୍ୟ—
Mañjuḷatā(twa) Loveliness.

ମଞ୍ଜୁଳବତୀ—ଦେ. ବଣ ସ୍ତ୍ରୀ—ମନୋହାରିଣୀ—
Mañjuḷabatī Charming (feminine).
(ଉ—ବଞ୍ଜୁଳ ବନେ ମଞ୍ଜୁଳବତୀ ସୀତା ଏକାଳ ଅବସ୍ଥା ଧର ଯେ । ଉଷ. ବୈଦେହୀଶବିଳାସ ।)

ମଞ୍ଜୁ(ଞ୍ଜୂ)ଷା—ସ.ବ(ମଞ୍ଜ୍‌ ଧାତୁ+କର୍ମ ଉଷ+ଆ)—୧ । ପେଡ଼ି; ପେଡ଼ା;
Mañju(ñjū)shā ପେଟରା—1. A trunk; a casket; a basket with lid. ୨ । ସିନ୍ଦୁକ—2. A chest.
୩ । ମଞ୍ଜିଷ୍ଠା ( ଦେଖ )—3. Mañjisṭhā ( See )
୪ । ପାଷାଣ—4. Stone. ଦେ. ବ—ଗଞ୍ଜାମ ଜିଲ୍ଲାର ଗୋଟିଏ ଓଡ଼ିଆ ଜମିଦାରି;(ମହେନ୍ଦ୍ରପର୍ବତ ଏହି ମଞ୍ଜୁଷାରାଜ୍ୟର ଅନ୍ତର୍ଗତ)—Name of an estate in the Ganjam district.

ମଞ୍ଜୁହାସୀ—ସ. ବଣ. ପୁଂ—ସୁହାସ; ଯାହାର ହସ ମଧୁର—One who
Mañjuhāsī has a charming laugh.
(ମଞ୍ଜୁହାସିନୀ—ସ୍ତ୍ରୀ)

ମଟମଟ୍—ଦେ. (ଧ୍ୱନ୍ୟନୁକରଣ) ଅ ( ସ. ମଡ୍‌ ଧାତୁ=ଭାଙ୍ଗିବା )—
Maṭ-maṭ ୧ । ମଡ଼ମଡ଼; କାଠ ବା ଗଛର ଡାଳ ଭାଙ୍ଗି ଯିବାର
মটমট ଶବ୍ଦ—1. Sound of breaking of hard
मटमट things (e.g. wood, boughs).
୨ । ଦଉଡ଼ିକୁ ଜୋର ଟାଣିଲେ ଛିଣ୍ଡିଯିବା ପୂର୍ବରୁ ଯେଉଁ ଶବ୍ଦ ହୁଏ; କଟ୍‌କଟ୍‌; ଖଟ୍‌ଖଟ୍‌—2. The sound made by a rope before it breaks asunder.
୩ । ଖଟ ଅବର ଗଣ୍ଠି ଫୁଟିବାର ଶବ୍ଦ—3. Creaking sound of the joints of bedsteads and other furnitures. ୪ । ଆଖି ମେଲା କରି ଏକ ଦୃଷ୍ଟିରେ କୌଣସି ବସ୍ତୁକୁ ଚାହିଁବା; ଋଟମଟ—4. Staring with distended eyes; mode of staring at a thing steadily. (ଉ—ବାଘ ଘର କବରେ ଦୁଇ ଓଷ୍ଠ ଚଟି, ଖ୍ରୀମ ଭୂମି ଘୁଏ ଚାହିଁଲେ ମଟ୍‌ମଟ୍‌ । କୃଷ୍ଣସିଂହ. ମହାଭାରତ ଶ୍ରାନ୍ତ ।)

ମଟକ—ଦେ. ବ. (ସ. ପଲକ)—୧ । ଚକ୍ଷୁର ପଲକ; ଆଖି ମିଟିକା—
Maṭaka 1. The wink of the eye; the twink-
लहमा मटक ling of the eye. ୨ । ପଲକପତନମାତ୍ର କାଳ—
2. A twinkle. ୩ । ମିଟିକା (ଦେଖ)—3. Miṭikā (See)

ମଟକା—ଦେ. ବଣ—ପତଳା; ଭଙ୍ଗପ୍ରବଣ—Fragile. ବ. (ସ.
Maṭakā ବଶାଳା)—୧ । ପୋଟଳ ଅନୁରୂପ ଏକ ପ୍ରକାର
মটকা ବନ୍ୟ ଲତା ଫଳ—1. A wild cucurbita-
बनपरवल tious fruit and creeper; Metothria Heterophylla. [ଦ୍ର—ଏହାକୁ ଭାଜି ଖାଇବାକୁ ଖାଆନ୍ତି ଓ ନଅଁଳ ଥିଲା ବେଳେ ଏହା କଞ୍ଚା ମଧ୍ୟ ଖିଆଯାଏ ।] ୨ ।
মটকা (ସ.ମୃଗ+କର୍ତ୍ତନ) ମୋଟ ସୂତାର ତସର ଲୁଗା; ପାଉଷ
मुकटा ମକୁଟା; ମଠା—2. A kind of coarse silk cloth [ଦ୍ର—ପାଟର ଗୋଟି ଲୋକମାନେ ଗୋଟିର ମୁହଁକୁ କାଟ କାଢ଼ାଇ ଗଲେ ସେହି ଗୋଟିକୁ ଯେଉଁ ସୂତା ବାହାରେ
মটকা, बडेरी ତହିଁରେ ମକୁଟା ଓ ମଠା ହୁଏ ।] ୩ । (ସ. ମଟ୍ଟକ)
মট্‌কা, मरकचा ଚାଳ ଘରର ମଥାନ—3. The ridge of a thatched straw roof. ୪ । ଛୁଆଣି ହୋଇଥିବା ଘରର ଚାଳ ଉପରେ ଯେଉଁ ବତା ଚାଳର ଥାଟ ସଙ୍ଗେ ବନ୍ଧା ହୋଇଥାଏ ସେହି ବତା ଲାଗିଥିରେ ଥିବା ଛିଦ୍ରମାନ—4. Holes in the roof a thatched house near the knots of the bamboo laths laid over the thatch.
୫ । ମିଟିକା (ଦେଖ)—5. Miṭikā (See)

ମଟକା(କେ)ଇବା—ଦେ. କ୍ରି—୧ । ଆଖି ମିଟିମିଟି କରିବା—1. To
Maṭakā(Ke)ibā open and shut one's eyes
মটকা repeatedly; to twinkle; to wink.
मटक(का)ना ୨ । ମଟମଟ କରି ଚାହିଁବା—2. To stare.
୩ । ନୟନ ଭଙ୍ଗି କରିବା; ଆଖି ମିଟିକା ମାରିବା—
3. To show signs of amorousness by suggestive winks.

ମଟକା ପାଣି—ଦେ. ବ—ଚାଳର ମଥାନରୁ ଯେଉଁ ବର୍ଷାପାଣି ଘର
Maṭakā pāṇi ଭିତରକୁ ଗଳିପଡ଼େ—Water leaking
মটকার জল through the holes near the knots of
बडेरीकाचूना the roofs of a thatched house. [ଦ୍ର—

ପ୍ରଥମ ଅବସ୍ଥା ବର୍ଷାରେ ମଟକା ପାଣି ପଡ଼େ; ତତ୍ପରେ ସେହି ଲଇଗଣ୍ଡିର ଜଣାମ୍ଭନ ମଟକୁ ବୃଦ୍ଧ ହୋଇଯାଏ ଓ ସେବାଟେ ପାଣି ଗଡ଼େ ନାହିଁ । ]

ମଟନ ଚପ୍—ବୈଦେ. ବ (ଇଂ)—ମେଷ ପଞ୍ଜରର ମାଂସଯୁକ୍ତ ଭୃଷ୍ଟ ବର
Maṭan chap ଖାଇବା ଖାଦ୍ୟ—Mutton chop; a rib
मटनचप of mutton for broiling, with the end of
**मटनचप** the bon eat the smaller part chopped off.
(ଦ୍ର—ଏଣ୍ଟପର ମଟନ୍ କଟ୍‌ଲେଟ୍ ଶବ୍ଦ ମଧ୍ୟ ଭାଷାରେ ଚଳେ)

ମଟନ୍ ଜୁସ୍—ବୈଦେ. ବ (ଇଂ)—ମେଣ୍ଢା ମାଂସର ସୁରୁଆ—
Maṭan jus Mutton-soup.
(ମଟନ୍ ସୁପ୍—ଅନ୍ୟରୂପ) मटनजुस **मटनजूस**

ମଟମଟକା—ଦେ. ବ—ମଟକା ୧ (ଦେଖ)
Maṭa maṭakā Maṭakā 1 ( See ).
[ ମଟମଟା, ମଟମଟେଇ—ଅନ୍ୟରୂପ ]

ମଟମଟେଇ କରି ଚାହିଁବା—ଦେ. କ୍ରି—କୌଣସି ବସ୍ତୁକୁ ଅଣି ମେଲି
Maṭa maṭei kari chāhiǹbā କରି ଏକ ଦୃଷ୍ଟିରେ
[ ମଟ ମଟ କରି ଚାହିଁବା—ଅନ୍ୟରୂପ ] ଅନେକକ୍ଷଣ ଚାହିଁବା—
मटका, कटमटकरे चाओया To stare at a thing.
**घूरना, मटकना**

ମଟର—ଦେ. ବ (ଗୁଳ; ସ ବର୍ତ୍ତୁଳ)—ବର୍ତ୍ତୁଳ ଗାଢ଼ବର୍ଣ୍ଣିଷ୍ଟ ଶିମ୍ବ-
Maṭara ଜାତୀୟ କୃଷିଜାତ ଲତାଫଳବିଶେଷ—The pea;
मटर Pisum Arvense. [ ଦ୍ର—ଆମ ଦେଶରେ ଦୁଇ ପ୍ରକାର
**मटर** ମଟରର କୃଷି ହୁଏ । ୧ । ଦେଶୀ ମଟର—1. Field pea; Pisum Arvense. [ ଦ୍ର—ଏହାର ଛୁଇଁ ଚେପ୍ଟା, ଫୁଲ ବାଇଗଣୀ ରଙ୍ଗର । ଏଥିର କଅଁଳ ଛୁଇଁକୁ ଓ ମଞ୍ଜିକୁ ତରକାରି କରି ଖିଆଯାଏ । ] ୨ । କାବୁଲି ମଟର—2. Pisum Sativium. ୩ । ଅନ୍ୟ ଏକ ପ୍ରକାର ମଟରଜାତୀୟ ଶ୍ୱେତ ବର୍ଣ୍ଣଜାତୀ ଲତା ଅଛି । ଏହାକୁ ଲୋକେ ସୁଗନ୍ଧ ଫୁଲର ସନ୍ତକରେ ଲଗାନ୍ତି । ଏହାର ନାମ ସୁଗନ୍ଧ ମଟର—3. Sweet pea; Lathyrus Odoratos. [ଦ୍ର—ଦେଶୀ ମଟର ଗଛର ଫୁଲ ବାଇଗଣୀ, କାବୁଲୀ ମଟରର ଫୁଲ ଧଳା । ଏ ମଞ୍ଜିକୁ ବର୍ଷା ଓ ଶରତକାଳରେ ଗହମ ଶୁଷ ହୋଇଥିବା ଓ ଖତ ଦିଆଯାଇଥିବା କଅଁରରେ ଧାଡ଼ି ଧାଡ଼ି କରି ଲଗାଯାଏ । ଏ ଲତାକୁ ଭଷାରେ ମଡ଼ାଯାଏ । ଏଥିର ଛୁଇଁ ମଧ୍ୟରେ ଗୋଲ ମଞ୍ଜିମାନ ଥାଏ । ଖୁବ୍ କଅଁଳ ଛୁଇଁକୁ ଓ କଞ୍ଚାମଞ୍ଜିକୁ ତରକାରି ଓ ଭାଜିକରି ଖିଆଯାଏ । ଛୁଇଁ ପାଚିଲେ ମଞ୍ଜିକୁ ଶୁଖାଇ ଲୋକେ ଡାଲି କରନ୍ତି । କୌଣସି କୌଣସି ସ୍ଥାନରେ ଏ ମଞ୍ଜିର ଛତୁଆ କରାଯାଏ । ଦେଶୀମଟରର ସ. ନାମ—କଳାୟ, ମୁଣ୍ଡଚଣକ, ହରେଣୁ, ରେଣୁକ, ସତୀନ, ତ୍ରିପୁଟ, ଅତିବର୍ତ୍ତୁଳ, ଶମନ, ନୀଳକ, କଂଠୀ, ସତୀଲ, ସତୀନକ—ବୈଦ୍ୟକ ମତରେ ଏହା ମଧୁର, ସ୍ୱାଦୁଷ୍ଣ, ଶୀତଳ, ପିତ୍ତ-ନାଶକ, ରୁଚକର, ବାତକାରକ, ପୁଷ୍ଟିଜନକ, ମଳନିଃସାରକ ଓ ରକ୍ତଦୁଷ୍ଟି ନାଶକ—ହ୍ରୁ. ଷ । ] ବୈଦେ. ବ (ଇଂରାଜ
मटर
**मोटर** ମୋଟର୍ )—ମଟରକାର୍ ( ଦେଖ )—Maṭarakār ( See ).

ମଟରକଣ୍ଟିଆ—ପ୍ରାଦେ [ବାଲେଶ୍ୱର] ବ—ସାମୁଦ୍ରିକ ମତ୍ସ୍ୟବିଶେଷ—
Maṭara kaṇṭiā A kind of salt water fish. [ଦ୍ର—ଏହାର ପେଟରେ ମଟର ଭଳି ବଡ଼ ବଡ଼ ଏବଂ ଅଳ୍ପ ମଞ୍ଜିମାନ ଦେଖାଯାଏ । ]

ମଟରକାର୍—ବୈଦେ. ବ ( ଇଂ. ମୋଟର୍+କାର୍ )—ଶୋଧିତ
Maṭarakār କେରୋସିନ୍ ବା ପେଟ୍ରୋଲ୍ ଜଳାଯାଇ ଚଳୁଥିବା
मटरकार **मोटरकार** ପରଚାଳିତ କଳ ଗାଡ଼ି—Motor car.

ମଟର ଚଣା—ପ୍ରାଦେ (ଗଞ୍ଜାମ) ବ (ସ. ବର୍ତ୍ତୁଳ ଚଣକ)—ମଟର (ଦେଖ)—
Maṭara chaṇā Maṭara (See).
[ ବାଟୁଲା ଚଣା—ଅନ୍ୟରୂପ ]

ମଟର ବୋଟ୍—ବୈଦେ.ବ (ଇଂ)—ଶୋଧିତ କେରୋସିନ୍ ବା ପେଟ୍ରୋଲ
Maṭara boṭ ଜଳାଯାଇ ଚଳୁଥିବା ଯନ୍ତ୍ରଚାଳିତ ଡଙ୍ଗା—Motor
मटरबोट **मोटरबोट** boat.

ମଟର ମାଳ—ଦେ. ବ —ମଟର ମଞ୍ଜିପରି କ୍ଷୁଦ୍ର ଗୋଲକଦ୍ୱୟ ଗ୍ରଥିତ ସୁନାର
Moṭara māḷa ମାଳ—Necklace made of small
मटर माला **मटर माला** golden peas strung together.

ମଟର ଲରି—ବୈଦେ. ବ (ଇଂ)—ବହୁଲୋକ ବା ବହୁ ପରିମାଣରେ
Maṭara lari ପଦାର୍ଥ ବୋହିବା ନିମନ୍ତେ ବ୍ୟବହୃତ ବଡ଼ ମଟର
मटरलरी **मोटरलरी** ଗାଡ଼ି—Motor lorry.

ମଟା(ଟୁ)—ଦେ . ବ (ସ. ମୃତ)—ପଶା ବା କଉଡ଼ି ଖେଳରେ ଯେଉଁ
Maṭā(ṭu) ସାରି ବା ଗୋଟି ମାଡ଼ ଖାଇ ଅଡ୍ଡି ପାଲରେ ବସି ନ
मड़ा, मरा ଥାଏ—A dice ball or cowrie which has
**मडा** been superseded by another in the game of dice or cowrie and has not yet been restored to the board.

ମଟାମ—ଦେ. ବ— ୧ । କାନ୍ଥର ଓ କାଠର ସମକୋଣ ନିର୍ଣ୍ଣୟ କରିବା
Maṭāma ନିମନ୍ତେ ରାଜମିସ୍ତ୍ରୀ ଓ ବଢ଼େଇମାନେ ବ୍ୟବହାର କରିବା
माटाम ସମକୋଣୀ ଯନ୍ତ୍ରବିଶେଷ—1. A mason's or
**मटाम** carpenter's square (used in ascertaining
**लेबल** right angles). ୨ । ସମତଳ ନିର୍ଣ୍ଣୟ କରିବା ପାଇଁ
**समतल यन्त्र** ମିସ୍ତ୍ରୀ ଓ ବଢ଼େଇଙ୍କ ବ୍ୟବହୃତ ଯନ୍ତ୍ର ବିଶେଷ—2. A carpenter's or plumber's level. [ଦ୍ର—ରାଜମିସ୍ତ୍ରୀମାନେ କାନ୍ଥ ବା ମୂଳଦୁଆ ସମତଳ ହୋଇଅଛି କି ନାହିଁ ଏହା ଦେଖିବା ପାଇଁ ଯେଉଁ ତ୍ରିକୋଣବିଶିଷ୍ଟ ମଟାମ ଯନ୍ତ୍ର ବ୍ୟବହାର କରନ୍ତି ତାହାକୁ ଓଳମ୍ବ ମଟାମ (Plumb level) କହନ୍ତି ।

ବଢ଼େଇ ଓ ରାଜମିସ୍ତ୍ରୀମାନେ ଭୂମି ଓ ଟେବଲ ଆଦିର ସମତଳ ଠିକ୍ ଥିବାର ପରୀକ୍ଷା କରିବା ପାଇଁ ଯେଉଁ ଜଳୀୟଦ୍ରବ୍ୟ ପୂର୍ଣ୍ଣ ନଳଯୁକ୍ତ ମଟାମ ବ୍ୟବହାର କରନ୍ତି ତାହାକୁ ପାରଦମଟାମ (Spirit level) କହନ୍ତି । ]

ମଟାମସଇ(ହି)—ଦେ. ବଣ—ସମତଳବର୍ତ୍ତୀ; ସମକୋଣବର୍ତ୍ତୀ ବା Matāma sai(hi) ଲମ୍ବ ଭାବରେ ଦଣ୍ଡାୟମାନ—Confirming to the plumb line; exactly horizontal or perpendicular or level.
ମଟାମସଈ
**मटाम सही**

ମଟାଲ—ଦେ. ବଣ (ସ. ମୃତ୍ତିକା)—କର୍ଦ୍ଦମମୟ ବା ଚକଟା (ମାଟି)—Matāla Hard and clayey (soil). (ଦ୍ର— ସେଇଟା ଏକଚକଅ ପଦର ମାଣ ମଟାଲ ଜମି-ଭାର ବଳନ। ଫକୀରମୋହନ. ଗଳ୍ପସ୍ୱଳ୍ପ।) ବି— ୧। ଚକଟା ମାଟି; ବିଶେଷ କର୍ଦ୍ଦମମୟ ଓ କଠିଣ ମାଟି—1. Hard and clayey soil. [ଦ୍ର—ଏହାକୁ ଲୁହାଲିକୁଣିଆ ମାଟି ମଧ୍ୟ କୁହାଯାଏ। ବର୍ଷା ହେଲେ ଏ ମାଟି କର୍ଦ୍ଦମମୟ (ଲକୁଣି ପରି) ହୁଏ ଓ ଶୁଖିଲେ ଲୁହାପରି ଭାରି ଟାଣ ହୋଇ ଖଣ୍ଡ ଖଣ୍ଡ ହୋଇ ଫାଟିଯାଏ। ସାଧାରଣତଃ ତିନି ପ୍ରକାର ମଟାଲ ଜମି ଦେଖାଯାଏ, ଯଥା—୧। କାଳିଆ ବା କାଳିଅସ୍ତ ବା ଦୋରସା ମଟାଲ; ଏହା କାଳି ଓ କାଦୁଅ ମିଶ୍ରିତ ମାଟି—୨। ତେଲିଆ ମଟାଲ—ଏହା ଚକୁଣ କର୍ଦ୍ଦମାକ୍ତ ମାଟି—୩। ଗୁରୁଆ ମଟାଲ ବା ଲୁହା ଲକୁଣିଆ ମଟାଲ; ଯାହା ଶୁଖିଗଲେ ଲୁହା ପରି ଟାଣ ହୁଏ ଓ ଓଦା ହେଲେ ଲକୁଣି ପରି କଅଁଳ ହୋଇଯାଏ।] ୨। ବିଳମ୍ବ—2. Delay. ୩। ମଟାଳିବା—3. Putting off of the doing of a matter.
ଏଁଟେଲ
**चिकट, मटियार**
ଏଁଟେଲ ମାଟି
**चिकट; मटियार मिट्टी**
ଟାଲା
**टालना**

ମଟାଲିଆ—ଦେ. ବଣ—କର୍ଦ୍ଦମମୟ ଓ ଟାଣୁଆ (ମାଟି)—Matālia Hard and clayey (soil).
ଏଁଟେଲ **चिकना, मटियार**

ମଟାଲିବା—ଦେ. କ୍ରି (ସ. ଟଲ ଧାତୁ)—୧। ଅପେକ୍ଷା କରିବା—Matāliba 1. To wait. ୨। ବିଳମ୍ବ କରିବା—2. To delay. ୩। ସମୟକୁ ଟାଳିବା—3. To put off a work from time to time. ୪। ଶାନ୍ତ ହେବା; କମିବା—4. To a bate. (ଯଥା—କଟକରେ ଗ୍ରୀଷ୍ମଦିନେ ଝଡ଼ା ହେଲ ଖୁବ୍ ଶସ୍ତ ମଟାଳେ।)
ସବୁର କରା
**सबुर करना**
ଗଡ଼ନ
**टालना**
ଠାଣ୍ଡା ହଓୟା **टलजाना**

ମଟିଆ—ପ୍ରାଦେ (ସମ୍ବଲପୁର) ବ—ପ୍ରେତ ଯୋନିବିଶେଷ—Matiā A class of ghosts. [ଦ୍ର—ଶିଶୁମାନେ ବହୁତ କାନ୍ଦିବା ଦେଖା ଗଲେ ଓ ତହିଁର କାରଣ ସ୍ୱରୂପ ଦୃଶ୍ୟମାନ କୌଣସି ରୋଗ ଆଦି ନିର୍ଣ୍ଣୀତ ହୋଇ ନ ପାରିଲେ ସମ୍ବଲପୁର ଅଞ୍ଚଳର ଅଧମ ନିବାସୀମାନେ କହନ୍ତି ଯେ ପିଲାକୁ ମଟିଆ ଧରାଇଛି ଓ ପିଲାଠାରୁ ମଟିଆକୁ ଛଡ଼ାଇବା ପାଇଁ ଗୁଣିଆ ଆଣି ଦେଖାନ୍ତି।]

ମଠ୍ (ଧାତୁ)—ସ—ବାସ କରିବା—Math (root) To live in; to reside.

ମଠ—ସ. ବ (ମଠ୍ ଧାତୁ + ଅଧିକରଣ ଅ; ଯେଉଁଠାରେ ଛାତ୍ରମାନେ ବାସ କରନ୍ତି)—୧। ଛାତ୍ରମାନଙ୍କ ଆଶ୍ରମ; ଟୋଲ—1. A residential Sanscrit school. ୨। ବାସସ୍ଥାନ—2. Residence. ୩। ଦେବତାଙ୍କ ପ୍ରତିଷ୍ଠିତ କରିବା ସ୍ଥାପିତ ଓ ଜମି ବାଡ଼ି ଲଗା ଥିବା ଆଶ୍ରମ—3. A religious endowment. [ଦ୍ର—ଏହି ଅବ ସମ୍ପ୍ରଦାୟର ବା ପ୍ରତିଷ୍ଠାତାଙ୍କ ନାମ ଅନୁସାରେ ମଠର ନାମ ହୋଇଥାଏ, ଯଥା—ଗୌଡ଼ୀୟ ମଠ, ସନ୍ନ୍ୟାସୀ ମଠ, ଦଣ୍ଡୀ ମଠ, ଶଙ୍କରାଚାର୍ଯ୍ୟ ମଠ, ରାମାନନ୍ଦୀମଠ, କବୀର ମଠ, ନିରଞ୍ଜନୀ ମଠ, ରାମକୃଷ୍ଣ ମଠ ଇତ୍ୟାଦି। ପୁରୀରେ ଅନେକ ଗୁଡ଼ିଏ ମଠ ଅଛି ଓ ମଠଧାରୀମାନେ ଜଗନ୍ନାଥଙ୍କ ଠାରେ ଲାଗିଥିବା ଅମୃତମଣୋହି ପ୍ରଭୃତି ଭୋଗ କରି ତହିଁର ହାରିଛିର ଆୟରୁ ଜଗନ୍ନାଥଙ୍କ ଭୋଗ, ମଠର ଠାକୁରଙ୍କ ଓ ଅଭ୍ୟାଗତମାନଙ୍କ ସେବା, ଅସ୍ଥ ଶିକ୍ଷାର୍ଥୀମାନଙ୍କର ଭରଣ-ପୋଷଣ ଓ ଲବଣଗ୍ର ଆଦି କରନ୍ତି। ପୁରୀରେ ଏମାରମଠ, ଉତ୍ତରପାର୍ଶ୍ୱ, ଦକ୍ଷିଣପାର୍ଶ୍ୱ, ଓଡ଼ିଆ, ଲାଲୁଭଞ୍ଜ, ବଡ଼ଅଖଡ଼ା, ବଡ଼ଛତା, ଜଗନ୍ନାଥବଲ୍ଲଭ, ଚିମାଲି, ସାନଛତା, ରାମଜୀ, କଟକିଆ, ରାଧାକାନ୍ତମଠ ଆଦି ଅନେକଗୁଡ଼ିଏ ମଠ ପ୍ରଧାନ। ଅଧିକାଂଶ ସ୍ଥଳରେ ମଠର ସମ୍ପତ୍ତି ରହିଥିବା ବ୍ୟକ୍ତିମାନଙ୍କ ଉଦ୍ଦିଷ୍ଟ କାର୍ଯ୍ୟରେ ବ୍ୟୟିତ ହେଉ ନ ଥିବାର ସ୍ଥାନୀୟଲୋକେ ଅଭିଯୋଗ କରନ୍ତି। ମଠର ପ୍ରଧାନ ବାବାଜୀଙ୍କୁ ମହନ୍ତ କହନ୍ତି; ମହନ୍ତମାନେ ସାଧାରଣତଃ ଦାରପରିଗ୍ରହ କରନ୍ତି ନାହିଁ। ଯେଉଁ ମଠର ମହନ୍ତ (ଅନ୍ତତଃ ଦୂରଗତ ବ୍ୟକ୍ତିମାନେ ଦେଖିବା ଭଳି) ଭ୍ରମର ବ୍ରତ ଧାରଣ କରିବାକୁ ବାଧ୍ୟ ତାହାକୁ ନାଗଙ୍ଗିମଠ ବୋଲାଯାଏ। ପୁରୀର ଅଧିକାଂଶ ମଠ ନାଗଙ୍ଗି ମଠ ଅଟେ। ଯେଉଁ ମଠର ମହନ୍ତ ଗୃହସ୍ଥ ଅଟନ୍ତି ତାହାକୁ ଗୃହମଠ ବୋଲାଯାଏ। କଟକ ଜିଲ୍ଲାର ନେମାଳ ମଠ, ଫତେଗଡ଼ ମଠ ଆଦି ଗୃହୀମଠ।] ୪। ସନ୍ନ୍ୟାସୀ ଓ ସନ୍ନ୍ୟାସିନୀମାନଙ୍କ ଆଶ୍ରମ; ବାବାଜୀ ମାତାଜୀଙ୍କ ଆଖଡ଼ା—4. Math; hermitage of anchorites: a monastery. ୫। ମନ୍ଦିର; ଦେଉଳ; ଦେବସ୍ଥାନ—5. Temple ୬। ଗଡ଼ୀ; ରଥ; ଗାଡ଼ି (ପ୍ରକୃତିବାଦ)—6. Cart. ଦେ. ବ (ସ. ମନ୍ଥର; ପ୍ରା. ମନ୍ଥ)—୧। ଡେରି; ବିଳମ୍ବ—1. Delay. (ଦ୍ର—କର ମଠ କରମାଗ ହୋ ବହନ। କୃଷ୍ଣସିଂହ. ମହାଭାରତ. ବନ।) ୨। ବିଳମ୍ବ କରିବା—2. Delaying. ବଣ—ବିଳମ୍ବିତ—Delayed. (ଦ୍ର—ନାବ ସେଇ ନାହିଁକେ ଜଗତ ଉଠ, ପଥିକଙ୍କ ଗମନ ହୁଅଇ ମଠ। ପାନକୃଷ୍ଣ. ଜଗମୋହନ।)
ମଟାମସଈ
ଟୋଲ
ବିଳମ୍ବ; ଦେରି
**देरी**

ମଠ ଅଲଣା—ପ୍ରାଦେ (ଯାଜପୁର) ବଣ—ଈଷତ୍ ଅଲଣା (ତରକାରୀ)—Mathā alanā (curry) Slightly wanting in salt.

ମଠ କରିବା—ଦେ, କ୍ରି—ବିଳମ୍ବ କରିବା—To delay. Matha kariba [ଦ୍ର—ବୋଇଲେ ଶୈଗୋ ଦ୍ରୌପଦୀ ବେଗେ ଉଠ ଉଠ, ବ୍ୟର୍ଥ ଘରେ ବସି
( ମଠେଇବା—ଅନ୍ୟରୂପ )

ଦେରିକରା **मिटयाना** କରୁଛ ଦମ୍ଭା ମଠ—କୃଷ୍ଣସିଂହ ମହାଭାରତ, ସଭା । )

**ମଠଧାରୀ**—ସ. ବି. ପୁଂ ( ମଠ+ଧୃ ଧାତୁ=ଗ୍ରହଣ କରିବା+କର୍ତ୍ତୃ. Mathadhari ଇନ୍ )—୧ । ଯେଉଁ ବୈଷ୍ଣବମାନେ ( ମଠଧାରିଣୀ—ସ୍ତ୍ରୀ ) ମଠରେ ବାସ କରନ୍ତି—1. The ( ମଠଧର—ଅନ୍ୟରୂପ ) inmates of a monastery. ୨ । ମଠର ମହନ୍ତ—2. The Mahanta or head of a Matha; abbot.

**ମଠବାଡ଼ି**—ଦେ. ବି ( ସହଚର ଶବ୍ଦ )—ମଠ ଅର୍ଥ; ମଠ ଓ ମଠର Mathabardi ସମ୍ପତ୍ତି—A Matha and its properties. ମঠবাড়ি **मठबारी**

**ମଠ ବୈଷ୍ଣବ**—ଦେ. ବି. ପୁଂ—ମଠଧାରୀ ବୈଷ୍ଣବ—A monk Matha baishnaba belonging to a Matha. মঠেরবৈষ্ণব **मठवैष्णव** (ମଠ ବୈଷ୍ଣବୀ, ମଠ ବୈଷ୍ଣବାଣୀ—ସ୍ତ୍ରୀ) (ମଠ ବଇଷ[ଷ୍ଣ]ମ, ମଠ ବଇଷ୍ଣବ, ମଠବୈସମ—ଗ୍ରାମ୍ୟରୂପ)

**ମଠ ମଠ ହେବା**—ଦେ. କ୍ରି—୧ । କୌଣସି କାର୍ଯ୍ୟ କରିବାକୁ Matha matha heba ପଶ୍ଚାତ୍ପଦ ହେବା—1. To ( ମଠେଇ ମଠେଇ ହେବା—ଅନ୍ୟରୂପ ) shrink from ଦେରିକରା **मटियाना** doing a work. ୨ । କାମ କରିବାକୁ ଡେରି କରିବା—2. To delay in [ମଠ ମଠ କରିବା—ଅନ୍ୟରୂପ] doing a work.

**ମଠର**—ସ. ବି (ମନ୍ ଧାତୁ=ମାନ୍ୟ କରିବା+କର୍ମ, ଅର ପ୍ରତ୍ୟୟ)—Mathara ପ୍ରାଚୀନ ମୁନିବିଶେଷ—Name of an ancient sage. ଦେ. ବିଣ ( ସ. ମତ୍ତ )—Maddened. ବି (ସ. ମନ୍ଥର)—ବିଳମ୍ବ—Delay.

**ମଠ ସମ୍ପତ୍ତି**—ସ. ବି—ମଠ ତଳେ ଲାଗି ଥିବା ସମ୍ପତ୍ତି—Matha sampatti The property endowed for a Matha.

**ମଠା**—ଦେ. ବି—ଗରଦ; ଏକପ୍ରକାର ମୋଟା ରେଶମ ଲୁଗା; ଟସର; Matha ମଲ୍ଲଟା—Tusser; a kind of coarse silk. মটকা **कोकटा, मुकटा** [ ଦ୍ର—ରେଶମ ବା ପାଟ ଏକ-ପ୍ରକାର ପୋକଙ୍କ ଗୋଟିରୁ ବାହାରେ । ମଠା ଅନ୍ୟପ୍ରକାର ଗୋଟିରୁ ବାହାରେ । ରେଶମ ଗୋଟିମାନଙ୍କୁ ଭଲଭାବେ ପୋକମାନେ କାଟି ବାହାର ଯିବା ପୂର୍ବରୁ ତନ୍ତି ଗୋଟି-ମାନଙ୍କୁ ଗରମ ପାଣିରେ ସିଝାଇ ପୋକମାନଙ୍କୁ ମାରି ପକାଇବାକୁ ହୁଏ । ଗୋଟିର ମୁହଁରେ ଛିଦ୍ର ହେଲେ ଗୋଟି ଚାରିପାଖେ ଥିବା ରେଶମ ସୂତା ଛିଣ୍ଡିଯାଏ; କିନ୍ତୁ ମଠା-ଗୋଟିରେ ଥିବା ପୋକମାନେ ଗୋଟିର ମୁହଁ କାଟି ପ୍ରଜାପତି ହୋଇ ଉଡ଼ିଯିବା ପରେ ସେହି ମୁହଁକଟା ଗୋଟିରୁ ମଠା ସୂତା କଟାଯାଏ । ] ବିଣ—ଯାହା ମଠା ବା **मठोराहुआ** ଚକ୍କଣ ହୋଇଥାଏ—Polished. ପ୍ରାଦେ. (ଗଞ୍ଜାମ) ବି (ସ. ମଂଥିତ)—ଘୋଳ ଦହି; ତକ୍ର ( ତୁଳ. ହି. ମଠା, ବ. মাঠা=ଘୋଳ ଦହି)—Churned curd.

**ମଠା(ଠେ)ଇବା**—ଦେ. କ୍ରି—୧ । ବିଳମ୍ବ କରିବା—1. To delay. Matha(the)iba ୨ । ( ମାଠିବାର ଣିଜନ୍ତ ) ଅନ୍ୟ ଦ୍ୱାରା ଦେରିକରା **देरीकरना, मटियाना** ମାଠିବା କାର୍ଯ୍ୟ କରାଇବା—পালিসকরান **चिकनाकराना, मठोराना** 2. To cause to be polished.

**ମଠାଧିପ**—ସ ବି ( ମଠ+ଅଧିପ )—ମହନ୍ତ—The head of a Mathadhipa Matha; an abbot of a ମଠାଧୀଶ } ମଠାଧ୍ୟକ୍ଷ }—ଅନ୍ୟରୂପ monastery.

**ମଠିଆ**—ପ୍ରାଦେ ( ବାଲେଶ୍ୱର ପ୍ରାନ୍ତ ) ବି—(ତୁଳ. ହି. ମାଠ, ମଟକା, Mathia ମଟ୍ଟକା; ବ. মটকা)—ମାଠିଆ—An earthen water jug.

**ମଠୁଆ**—ଦେ. ବିଣ ପୁଂ—୧ । ଅଳସୁଆ—1. Idle; slow; lazy; Mathua slothful [ଦ୍ର—ଅଳ୍ପ ବୁଦ୍ଧି ମଠୁଆ ଅଳସ আলসে **सुस्त** ସୁଝିବାର—କୃଷ୍ଣସିଂହ ମହାଭାରତ. ଉଦ୍ୟୋଗ ।) ୨ । ଯେ ସବୁ କାମରେ ମଠ କରେ—2. Dilatory; procrastinating. ୩ । ଯେ ମଠରେ ରହେ— **मठवाला** 3. Living in a Matha. ୪ । ମଠସମ୍ବନ୍ଧୀୟ—4. Relating to a Matha.

**ମଠେ**—ଦେ (ପଦ୍ୟ) କ୍ରି ବିଣ—ମଠରେ, ଧୀରେ ଧୀରେ—Slowly Mathe [ ଦ୍ର—ମଠେ ଗଜ ସହି କୁଞ୍ଚରଦ୍ରା କରେ— ধীরে ধীরে **सुस्तीसे** ରାଧାନାଥ. ଚନ୍ଦ୍ରଭାଗା । ]

**ମଡ଼ମଡ଼**—ଦେ (ଧ୍ୱନ୍ୟନୁକରଣ) ଅ—୧ । ଶୁଷ୍କ ବୃକ୍ଷର ଶାଖା ଭାଙ୍ଗିବାର Mardmard ଶବ୍ଦ—1 The rattling sound of the মড়মড় **मडमड, मुरमुर** breaking of the branches of a tree. ୨ । ଟାଣୁଆ ଜିନିଷ ଚୋବାଇବାର ଶବ୍ଦ - 2. The sound of chewing hard substances; crunching sound. [ ଦ୍ର—କାହିଁକି ଗୋଟିଏ ବାତୁଲର ମଡ଼ମଡ଼ କରି ଚୋବାଇ ପକାଇଲେ—ମଧୁସୂଦନ ଲୁଣ୍ଠନବାତରତ ।] [ ଦ୍ର—ମଡ୍ ମଡ୍ ଶବ୍ଦଠାରୁ ମୁଡ୍ମୁଡ୍ ଶବ୍ଦ ଅଳ୍ପ । ]

**ମଡ଼କ**—ଦେ. ବି—(ସ. ମରକ)—ମାଆରୀଗୁ; ମହାମାରୀ; ଯେଉଁ ସଂକ୍ରାମକ Mardaka ରୋଗଦ୍ୱାରା ଏକସମୟରେ ବହୁ ଲୋକ ମରନ୍ତି— মড়ক **मरी, मरकी** A fatal epidemic (e g. pestitence,cholera, plague, smallpox etc) [ଦ୍ର—ଧର୍ମକେତୁ ସ୍ୱାମ ପୁଚ୍ଛ ସଞ୍ଚାଳ ବଦନ; କସିଥେ ଅକାଳେ ଥାଇ ବୃଣଇ ଯେସନ ଦୁର୍ଭିକ୍ଷ ମଡ଼କ ଗ୍ରହ୍ମେ—ରାଧାନାଥ. ଦେଶୀଦ୍ୱାର ।]

**ମଡ଼କା**—ଦେ. ବିଣ—ମସକା; ଭଙ୍ଗପ୍ରବଣ— Mardaka Fragile; brittle. মচ(ট)কা **कुडकीला**

**ମର୍ଦ୍ଦଙ୍ଗ**—ପ୍ରାଦେ. (ଗଞ୍ଜାମ) ବି—ଶସ୍ୟାଦିର ଏକ ପ୍ରକାର ମାପ—A Mardanga measure of corn; a unit of weight [ ଦ୍ର—୧ ମଡ଼ଙ୍ଗ=୮ ଭିଶା=୨୦୦ ପଲ=ପ୍ରାୟ ୧୦ ବାଲେଶ୍ୱରୀ ସେର । ]

ମଡ଼(ଢ଼,ର) ଛୀ—ଦେ. ବଣ. ସ୍ତ୍ରୀ—(ସ. ମୃତବତ୍ସା)—୧ । ଯେଉଁ ସ୍ତ୍ରୀ
Marda(rdi, ra) chhi ମୃତବତ୍ସା ପ୍ରସବ କରେ—1. A
ମଡ଼ଛିଆ, ମଡ଼ଛୀ(ଏ); ମରଛେ woman giving birth to
मृतजनी still born children. ୨ । ଯେଉଁ ସ୍ତ୍ରୀର ସନ୍ତାନମାନେ ଶିଶୁ ଅବସ୍ଥାରେ ମୃତ ହୁଅନ୍ତି—2. A woman whose offsprings do not survive their infancy.
[ଦୃ—ଏତେ ମଡ଼ଛୁ ଅଛୁ କାହିଁ, କେ ବୋଲେ ମୁଣ୍ଡ ତା ନ ଗୁହିଁ । ଜଗନ୍ନାଥ ଭାଗବତ ।]

ମଡ଼(ଢ଼)ଫୁଲି—ଦେ. (ପ୍ରାଚୀନ) ବ—୧ । ରାଜାଙ୍କ ଖାଦ୍ୟ ଓ ଦେବତାଙ୍କ
Marda(rdha)phuli ନୈବେଦ୍ୟ ପ୍ରତି ବ୍ୟବହୃତ)
(ମେଢ଼ ଫୁଲ—ଅନ୍ୟରୂପ) ଭୋଜନାଦର ପକ୍ୱ ସାମଗ୍ରୀ; ଅନ୍ନବ୍ୟଞ୍ଜନାଦି—1. Cooked articles of meal (of a Raja or a Deity). ୨ । (ମାଦଳା ପାଞ୍ଜିରେ ବ୍ୟବହୃତ) ଦେବତା ଓ ରାଜାଙ୍କ ଖାଦ୍ୟ ପାଇଁ ପକ୍ୱାନ୍ନ—2. Boiled rice intended for a Deity or Raja.

ମଡ଼ଫୁଲି ଘର—ଦେ. (ପ୍ରାଚୀନ) ବ—ପାକଶାଳା—
Marda phuli ghara Cook-room; kitchen.

ମଡ଼ ମଡ଼ି—ଦେ. ବ—ଏକ ପ୍ରକାର ବଡ଼ ଗୁଳ୍ମ—A kind of
Marda mardi large shrub; Antidesma Diandrum (Haine). [ଦ୍ର—ଏ ଗୁଳ୍ମ ସାଧାରଣତଃ ପାର୍ବତ୍ୟ ଅଞ୍ଚଳର ଝରଣା ନିକଟରେ ଜନ୍ମେ ।]

ମଡ଼ ମଡ଼ିଆ—ଦେ. ବଣ (ଧ୍ୱନ୍ୟନୁକରଣ)—୧ । ଭଙ୍ଗପ୍ରବଣ—
Marda mardia 1. Fragile. ୨ । ରୁଗ୍ଣ ଓ ଦୁର୍ବଳ—
ମଡ଼ ମଡ଼େ 2. Weak and lean (on ac-
मुर मुरिया count of illness). ୩ । (ପତ୍ର ଆଦି) ଶୁଖିଯିବାରୁ
ମଡ଼ା ଭଙ୍ଗପ୍ରବଣ—3. Dried and become crisp (said
मरमरावन of leaves etc).

ମଡ଼ର କେଶ୍—ବୈଦେ. ବ—(ଇଂ) (କଚେରୀ)—ନରହତ୍ୟା ମକଦମା;
Mardar kes ଖୁଣୀ ମକଦମା—A murder case.
ମଡ଼ର କେସ मडर केस

ମଡ଼ା—ଦେ. ବ—(ସ. ମୃତ; ଫା ମୁର୍ଦା)—୧ । ମୃତ ଦେହ; ଶବ;
Marda ମୁର୍ଦାର—1. Dead body; carcass. [ଦ୍ର—
ମଡ଼ା ସେ ତୁହ୍ମଙ୍କ ଅସୁଧମାନ ଅତି ଦୃଢ଼, ଏ ସକାଶୁ ମଡ଼ା ହୋଇବେ
मुरदा; मुरदार କୁଢ଼ କୁଢ଼ । କୃଷ୍ଣସିଂହ. ମହାଭାରତ. ବନ ।]
[ଦ୍ର—ଯେଉଁ ଶବ ମରିବା ପରେ ସଦ୍ୟ ଶ୍ମଶାନକୁ ନିଆଯାଏ ତାକୁ ସଜ ମଡ଼ା ଓ ଯେ ଉଁଶବ ପରଦିନ ଯାଏ ପଡ଼ି ରହେ
ଧାନ ମାଡ଼ା ତାକୁ ବାସି ମଡ଼ା କହନ୍ତି ।] ୨ । ଧାନ ବେଙ୍ଗଳା—2.
दौनी Treading of paddy sheaves by bullocks.
ମାଡ଼ା ୩ । (ସ. ମର୍ଦ୍ଦନ) ଦଳନ; ମାଡ଼ିବା; ଗୋଡ଼ରେ ମଳିବା—
रौंदना 3. Treading; trampling. ବଣ—୧ । ପଦ-
ମାଡ଼ା ଦଳିତ—1. Trodden; trampled ୨ । ଶବପରି
रौंदाहुआ ଅସ୍ଥିକଙ୍କାଳସାର—2. Reduced to skeleton
ମଡ଼ା (like a corpse). ୩ । ଯେ ମାଡ଼ୁଥାଏ—3. Trea-
मुरदा ding on. ୪ । (ସ. ମର୍ଦ୍ଦିତ) ଲୋକେ ଯାତାୟାତ କରୁଥିବା
चालू (ବାଟ)—4. Beaten (path). ୫ । ପାଣିମାଡ଼ୁଥିବା
पटुआ (ସ୍ଥାନ)—5. Irrigated by water.

ମଡ଼ା ଅମଡ଼ା—ଦେ. ବଣ (ବିପରୀତାର୍ଥ ବୋଧକ ସହଚର ଶବ୍ଦ)—୧
Marda amarda ପାଣି ମାଡ଼ୁଥିବା ଓ ପାଣି ନ ମାଡ଼ୁଥିବା (କ୍ଷେତ)
पटुआ और अपटुआ —1. Irrigated and non-irrigated
चालू और मरा (lands) ୨ । ଲୋକମାନେ ଚାଲୁଥିବା (ବାଟ)
ପଥ ଅପଥ ଓ ବାଟ ଚିହ୍ନ ନ ଥିବା (ସ୍ଥାନ)—2. Beaten and
राहबेराह unbeaten (track). ବ—ପଥ ଓ ଅପଥ—
Beaten and unbeaten paths; 'rough and smooth' (as in 'Over rough and smooth she trips along').

ମଡ଼ା(ଡ଼େ)ଇବା—ଦେ. କ୍ରି (ମାଡ଼ିବା କ୍ରିୟାର ଣିଜନ୍ତ ରୂପ)—
Marda(rde)iba The causative form of Mardiba)
ମାଡ଼ାନ ୧ । ଅନ୍ୟଦ୍ୱାରା ମାଡ଼ିବା କ୍ରିୟା କରାଇବା; ଦଳାଇବା;
मढवाना ମଳାଇବା—1. To cause to be trampled; to cause to be trodden. (ଯଥା—ସେ ବଳଦଙ୍କ ଦ୍ୱାରା ଧାନ ମଡ଼ାଉଛି )—୨ । ଅନ୍ୟଦ୍ୱାରା ଭୂମିରେ (ଜଳ)
ଦେଓୟାନ ବିସ୍ତୃତ କରାଇବା—2. To cause (a land or
सींचवानां, पटवाना place) to be irrigated. (ଯଥା—
ସେ ମୂଲିଅଙ୍କ ଦ୍ୱାରା କ୍ଷେତରେ ପାଣି ମଡ଼ାଉଛି ।)
[ଜଲ]ଦେଓୟା ୩ । ଭୂମିରେ ଜଳ ସେଚନ କରିବା—3. To
सींचना,पटाना irrigate a field. (ଯଥା—ଗ୍ରାମ ପଧାନ ଅଣ୍ଡ
କ୍ଷେତରେ ପାଣି ମଡ଼ାଉଛି) ୪ । ଅନ୍ୟର ଜମିକୁ ଅଧି-
ଅଧିକାରକରା କାର କରିବା—4. To encroach on another's
बढाना boundary or land. (ଯଥା—ସେ ବାଡ଼କୁ
ପରା ମୋ ଜମିରେ ଦାଢେ ମଡ଼ାଇ ଅଛନ୍ତି) ୫ । ଦେହରେ ଲୁଗା
ओढना ବା ଯୋଡ଼ା ପିନ୍ଧିବା—5. To put on a dress on the body. (ଯଥା—ସେ ଉତ୍ତରୀୟ ଯୋଡ଼ା ମଡ଼େଇ କରି କଚେରୀକୁ ବାହାରି ଅଛି )—୬ । କୌଣସି ଦିଗକୁ
बाढ़ान ଗତି କରାଇବା—6. To cause to take a course
ବାଡ଼ାନ towards any direction. (ଯଥା—ନଦୀର ପୂର୍ବ ପାଖରେ ବନ୍ଧୁର ପାଣି ଅଛି, ପଶ୍ଚିମକୁ ମଡ଼େଇ କର ନ
ଚାପାନ ଗଲେ ଲୁଣା ଓଦା ହୋଇଯିବ)—୭ । (ଲକ୍ଷଣାର୍ଥ) କୌଣସି
बढ़ाना ବ୍ୟକ୍ତି ଉପରେ କୌଣସି ଦାୟିତ୍ୱ ପକାଇ ଦେବା ବା ଲଦି ଦେବା—7. (Figurative) To lay a burden or responsibility on another. (ଯଥା—ଜମିଦାର ବାବଦାରଙ୍କ ଦେୟ ଖଜଣା ମୋ ଉପରେ ମଡ଼ାଇ
ପିଛନେଥେକେ ଯୋରାନ ଦେଲେ ) ୮ । ଡଙ୍ଗାର ପଛମଙ୍ଗରେ ଥାଇ
मोडना କାତ ମାରି ଆଗ ମଙ୍ଗକୁ ବୁଲାଇବା—8. To turn or direct the front end of a boat by manipulating the pole at the hind part of it.
ଚାପା ୯ । କୌଣସି ବସ୍ତୁ ଉପରେ ଅନ୍ୟ କୌଣସି ବସ୍ତୁକୁ ଲଦି
दबाना ଦେବା—9. To put or a press thing on

another. (ଯଥା—ବଙ୍କା ବାଉଁଶକୁ ନିଆଁରେ ସେକ ଦେଇ ତା ଉପରେ ଗୋଟାଏ ପଥରକୁ ମଡ଼ାଇ କଟୁବନ୍ଧ କରି ଦେଲେ ତାହା ସିଧା ହୋଇ ଯାଏ)। —୧୦। କୌଣସି ଲଟାକୁ ବୃକ୍ଷ ବା ଗୁଳ୍ମ ବା ଉଞ୍ଚା ଉପରେ ମାଡ଼ିବାର ଉପାୟ କରିବା—10. To cause a creep to creep over trellise. (ଯଥା—ଲାଉ ଗଛକୁ ଖୁଆଲ ପିଣ୍ଡାରେ ମଡ଼ାଇଲେ ଭଲ ଫଳ ହୁଏ )

ପୁକুর ଗାବାନ ୧୧। (ମାଛ ଧରିବା ପାଇଁ ନଈ ବା ପୋଖରୀରେ
ଛାପନା ପୋଲୁଇକୁ) ମାଡ଼ିବା—11. To press (a fishing basket on the ground of a shallow tank or river to catch fish). (ଯଥା—ନଈରେ ମାଛ
ମାଡ଼ାନ ଧରିବାକୁ ଲୋକେ ପୋଲୁଇ ମଡ଼ାଉ ଅଛନ୍ତି) ୧୨। ବଳଦଙ୍କୁ
ਰौंदवाना, दौनीकरना ଯୋଚ ଧାନକୁ ବେଙ୍ଗଳା ପକାଇବା—12. To have the paddy sheaves trodden
ବାଗାନ by tethered bullocks. ୧୩। (ଲକ୍ଷଣାର୍ଥ) କୌଣସି
बहाना କାର୍ଯ୍ୟ କରିବା ପାଇଁ କୌଣସି ବ୍ୟକ୍ତିକୁ ପ୍ରବର୍ତ୍ତାଇବା—13. To induce a person to do a thing. (ଯଥା—ମୁଁ ତାକୁ ଏକାମ କରିବାକୁ ସେତେ ମଡ଼ାଇଲି ସେ ମାଡ଼ିଲା ନାହିଁ ) ୧୪। (ଟେବୁଲରେ କାଗଜ, ଟେବୁଲରେ କନା) ବିଛାଇବା—14. To spread a layer [of
मढना cloth on a table].

ମଡ଼ା କଢ଼ା—ଦେ. ବଣ—ଶବବାହକ; ଯେଉଁ ଲୋକମାନେ ଶବକୁ ଘରୁ
Mar̲d̲ā kar̲d̲hā କାଢ଼ି ଶ୍ମଶାନକୁ ନିଅନ୍ତି କମ୍ବା ଶବ ଶ୍ମଶାନକୁ
কাঁধকাট ନିଆ ଗଲାବେଳେ ଶବ ସଙ୍ଗେ ଯାଆନ୍ତି—(Persons)
मुर्दा लेनेवाला

| | | |
|---|---|---|
| ମଡ଼ାକାନ୍ଧି<br>ମଡ଼ାକାନ୍ଧିଆ<br>ମଡ଼ାଖାଇ<br>ମଡ଼ାସାଙ୍ଗୀ<br>ମଡ଼ାସାଙ୍ଗିଆ | ଅନ୍ୟରୂପ | Carrying the dead body to the cremation ground or accompanying the corpse to the cremation ground in funeral procession |

ମଡ଼ାକଢ଼ା ଭାଇ—ଦେ. ବ—ମୃତ ବ୍ୟକ୍ତିର ଗ୍ରାମବାସୀ ଯେଉଁ କୁଟୁମ୍ବ
Mar̲d̲ākar̲d̲hā bhāi ବା ବନ୍ଧୁମାନେ ଉକ୍ତ ବ୍ୟକ୍ତିର ଶବକୁ

| | | |
|---|---|---|
| ମଡ଼ାକାନ୍ଧିଆ ଭାଇ<br>ମଡ଼ାସାଙ୍ଗୀ ଭାଇ | ଅନ୍ୟରୂପ | ଶ୍ମଶାନକୁ ନିଅନ୍ତି ବା ଶ୍ମଶାନ ଯିବାବେଳେ ଶବର ଅନୁଗମନ |

কাঁধকাট କରନ୍ତି;ଶବବାହକ ବାନ୍ଧବଗଣ—Agnates, neigh-
सागमातभाई bours and relatives who (according to the caste and social grade of the deceased ) carry his deadbody and accompany a person's funeral procession. [ ଦ୍ର—ଏଥିପାଇଁ ଶ୍ଳୋକରେ ଅଛି—'ସ୍ୱଜନ୍ମାତେ ଶ୍ମଶାନେଚ ଯସ୍ତିଷ୍ଠତି ସବାନ୍ଧବଃ' । ]

ମଡ଼ା କାମୁଡ଼ିବା—ଦେ. କ୍ରି—ଅତ୍ୟନ୍ତ ବିରକ୍ତ କରିବା—
Mar̲d̲ā kāmur̲d̲ibā बहुत तङ्ग करना To importune.

ମଡ଼ାଖାଇ—ଦେ. ବ—ମଡ଼ା ମଶାଣି; ଶ୍ମଶାନ—
Mar̲d̲ā khāi Cremation ground.

ମଡ଼ା ଚଣ୍ଡିଆ—ଦେ. ବ. ପୁଂ ( ଗାଳ ) ( ସଂ. ଶ୍ମଶାନଚଣ୍ଡୀ )—
Mar̲d̲ā chaṇḍiā ୧। ଶ୍ମଶାନବାସୀ ବ୍ୟକ୍ତି—1. (a term
(ମଡ଼ା ଚଣ୍ଡୀ—ସ୍ତ୍ରୀ) of abuse) A person living in the
मसानिया cremation ground. ୨। ଶ୍ମଶାନବାସୀ ତନ୍ତ୍ର ସାଧକ ପୁରୁଷ ଓ ସ୍ତ୍ରୀ (ଭୈରବ ଓ ଭୈରବୀ), ଯେଉଁମାନେ ଶ୍ମଶାନରେ ରହନ୍ତି ଓ ଶବ ମାଂସ ଭକ୍ଷଣ କରନ୍ତି; ଅଘୋର ପନ୍ଥା ନେଇଥିବା ଶ୍ମଶାନବାସୀ ପୁରୁଷ ଓ ସ୍ତ୍ରୀ—2. Persons (male or female) who perform esoteric (Tantric) rites and live in the cremation ground and eat the flesh of the dead bodies taken to the cremation ground [ଦ୍ର—ଏମାନେ ଚଣ୍ଡୀଙ୍କର ଉପାସକ ଅଟନ୍ତି ।] ୩। (ସଂ. ମୃତପ) ଯେଉଁ ଲୋକ ଶ୍ମଶାନରେ ଶବର ବସ୍ତ୍ର ଗ୍ରହଣ କରି ତାହା ବିକି ଜୀବିକା ନିର୍ବାହ କରେ—3. A person who lives on the selling of the clothes of dead men left in the cremation ground.

ମଡ଼ା ଜମି—ପ୍ରାଦେ. (ଯାଜପୁର) ବ—୧। ଯେଉଁ ଜମିରେ ପାଣି ମାଡ଼ି
Mar̲d̲ā jami ଥାଏ—1. A field which has been
चालुजमीन irrigated by canal water.
पटीहुइ जमीन ୨। ଯେଉଁ ଜମିରେ ଏକପଦା ରାସ୍ତା ପଡ଼ିଥାଏ—2. The land on which there is a beaten track.

ମଡ଼ାଣ—ଦେ. ବ—ପୂର୍ବର ରକର୍ଡ଼ଅନୁ ଦେଖି ଜମିକୁ ମାପ କରିବା—
Mar̲d̲āṇa Measurement of land with reference
परताल পরতাল to an old field book.

ମଡ଼ା ଭଉଁରିଆ—ଦେ. ବ—ଜମିକୁ ଅନ୍ତ ଥରେ ମାପ କରି ସାବକ
Mar̲d̲ā bhauṅriā ରଉଁରିଆ ସଙ୍ଗେ ମେଳ ବା ଅମେଳ ଥିବା
परताल खतियान ବିଷୟ ଦେଖିବା ଉଦ୍ଦେଶ୍ୟରେ ତିଆର କରା ଯାଇଥିବା ରଉଁରିଆ—Revised feldbook; remeasurement field book.

ମଡ଼ା ପଦା—ପ୍ରାଦେ. (ଯାଜପୁର) ବ—ଶ୍ମଶାନ—Cremation
Mar̲d̲ā padā ground; grave yard.

ମଡ଼ା ପୋଡ଼ା—ଦେ. ବ—ଶବଦାହ—
Mar̲d̲ā por̲d̲ā Cremation of the dead body.
মড়ি পোড়া, মড়ুই পোড়ান ଦେ. ବଣ—ଶବଦାହକ—
मुर्दा जलाना Cremating the dead body.

ମଡ଼ାମଡ଼ି—ଦେ. ବ ଓ ବଣ—ଦଳାଦଳ; ଚକଟାଚକଟି; କୁଢାକୁଢ଼;
Mar̲d̲āmar̲d̲i ପରସ୍ପରକୁ ଦଳିବା ଚକଟିବା (କାର୍ଯ୍ୟ)—
দলাদলি कुचलाकुचली Trampling each other. (ଦ୍ର—ପାଣ୍ଡବମାନେ ଧୃଷ୍ଟଦ୍ୟୁମ୍ନଙ୍କୁ ଛାଡ଼ି ପଳାଇଲେ ସଇନ୍ୟ ହୋଇ ମଡ଼ାମଡ଼ି। କୃଷ୍ଣସିଂହ. ମହାଭାରତ ଦ୍ରୋଣ।)

ମଡ଼ା ମଶାଣୀ—ଦେ. ବ ( ସଂ. ଶ୍ମଶାନ )—ଶ୍ମଶାନ—Cremation
Mar̲d̲ā masāṇi মড়ামশান मरघट; मशान ground.

ମଡ଼ା ମୁର୍ଦ୍ଦାରିଆ—ଦେ. ବଣ—୧ । ଶବପରି ଅତି କୃଶ—1. Weak
Marḍā murddāriā or emaciated like a corpse.
মরাটিয়া ୨ । ଅତି ଜୀର୍ଣ୍ଣ—Too much worn out.
मुरदा ..

ମଡ଼ି—ଦେ. ବି (ପ୍ରାଚୀନ ତାମ୍ରପତ୍ର ସନନ୍ଦ)—ଶ୍ରାଦ୍ଧର ଅନୁଷ୍ଠାନ
Marḍi କରିବା ଲାଗି ରାଜ ଅନୁମତି ପ୍ରାପ୍ତି ନିମନ୍ତେ ଦେୟ
କର (ପ୍ରୋଫେସର ଅର୍ତ୍ତବଲ୍ଲଭ)—A tax payable
to the king for perfomance of Srāddha.

ମଢ଼ିଆ—ଦେ. ବି ଓ ବଣ—ମଢ଼ିଆ (ଦେଖ)—Marḍhiā (See)
Marḍiā ପ୍ରାଦେ (ବସ୍ତର) ବି—ବସ୍ତରର ଅଧିବାସୀ
କନ୍ଧମାନଙ୍କର ଭାଷା—The language spoken by
the Kandhas in Bastar State.

ମଡ଼ି(ଡ଼ୁ, ରି, ରୁ)ଚା—ବୈଦେ. ବି (ଫା. ମୋରଚ୍)—ମୁରୁଚା; ଲୁହା
Marḍi(rḍu; ri; ru)chā ଆଦିରେ ଲାଗିବା କଳଙ୍କି—Rust
মোরচা, মড়িচা (on metals). ବଣ—କଳଙ୍କି ଲାଗିଥିବା
मुर्चा —Rusted; rusty.

ମଡ଼ିଚା ଧରିବା—ଦେ. କି ଓ ବି—ମୁରୁଚା ଧରିବା; ଲୁହା ଆଦିରେ କଳଙ୍କି
Marḍichā dharibā ଲାଗିବା—To be rusted or
মর্চে ধরা (লাগা) rusty; to be covered with
मुर्चा लगना (धरना) (ମଡ଼ିଚା ଲାଗିବା—ଅନ୍ୟରୂପ) rust.

ମଡ଼ୁଆ—ଦେ. ବି—ମଢ଼ୁଆ (ଦେଖ)—Marḍhuā (See) ପ୍ରାଦେ
Marḍuā (ସମ୍ବଲପୁର) ବି—ଛାମୁଣ୍ଡିଆ (ତୁଳ. ହି. ମଡ଼ଇ
=ପର୍ଣ୍ଣଶାଳା)—A temporary shed.

ମଡ୍ଡୁ—ସଂ. ବି (ମସଜ୍ ଧାତୁ=ପବିତ୍ର ହେବା+କର୍ତ୍ତୃ. ଉ)—ଅନେକ
Maddu ବାଦ୍ୟ ବିଶେଷ—A kind of drum.
(ମଡ୍ଡୁକ—ଅନ୍ୟରୂପ)

ମଢ଼—ଦେ. ବି (ସଂ. ମୃତ)—ଶବ—Corpse; caracass. [ଦ୍ର—
Marḍha —ମନୁଷ୍ୟର ଶବକୁ ମଡ଼ା ଓ ପଶୁର ଶବକୁ ମଢ଼
মড়া मुर्दा ବୋଲାଯାଏ ।]

ମଢ଼ିଆ—ଦେ. ବଣ—୧ । ମୁର୍ଦ୍ଦାରିଆ, ଶବପରି ଶୀର୍ଣ୍ଣ—1 Ema-
Marḍhiā ciated or lean like a corpse. ୨ ।
মড়া ଶବବାହକ—2. Carrying the dead body;
मुरदा corpse-bearing. ବି—୧ । (ସଂ. ମଣ୍ଡପ)—
কাঁধকাটি ମଢ଼ୁଆ; ପତ୍ର କୁଡ଼ିଆ—1. A hut made of
কুড়ে leaves and twigs. (ଉ—ମଢ଼ିଆ ତୁଆରେ
मढी; मँडैया ଯେ ଅଛଇ ବେଲ ଗଛ, ତହିଁ ତଳେ ବସିଛନ୍ତି
ଧଗଣ୍ଡକ ବସ୍ତ । ବିଶ୍ୱନାଥ. ଚଉତିସମାଧୁଣ ।) ୨ ।
(ସଂ. ମୁଣ୍ଡାଦ) ଶୂଦ୍ରର ଶବଦାହରେ ସାହାଯ୍ୟକାରୀ ବା
ପୁରୋହିତ କର୍ମକାରୀ ପତିତ ବ୍ରାହ୍ମଣ; ଅଗ୍ରଦାନୀ ବ୍ରାହ୍ମଣ;
মড়িপোড়া,মড়ুইপোড়া পণ্ডাব্রাহ্মণ-2. A fallen Brāhmaṇa;
मुर्दनी a low caste of Brāhmaṇas who officiate
at the funeral ceremony of Sūdras.
୩ । (ବଣିଆ ଶବ) ଛୋଟ ହାତୁଡ଼ି—3. A gold-
मठरना smith's small hammer.

ମଢ଼ିଆ ଅଇଁଠା—ଦେ. ବି—ପତିତ ବ୍ରାହ୍ମଣ ଦ୍ୱାରା ସ୍ପୃଷ୍ଟ—
Marḍhiā ainṭhā Food made unclean by the
(ମଢ଼ିଆ ଶଙ୍କୁଡ଼ି—ଅନ୍ୟରୂପ) touch of a low caste
Brāhmaṇa. [ଦ୍ର—ପୁରୀ ଜିଲ୍ଲାର ରାଜାଙ୍କ ଶାସନ-
ମାନଙ୍କରେ ଗ୍ରାମ ଦେବତା, ଦୁର୍ଗା ଠାକୁରାଣୀ ଆଦିଙ୍କ
ସେବକ ପଣ୍ଡା ପିଠା ଆଦି ଯାହା ଶଙ୍କୁଡ଼ି ଭୋଗ ଲଗାନ୍ତି,
ଉକ୍ତ ଭୋଗର ଅଂଶ ଆଣି ବ୍ରାହ୍ମଣ ଗୃହସ୍ଥଙ୍କ ଘରେ
ପଣ୍ଡା ଦେଇ ଯାଆନ୍ତି । ଉକ୍ତ ପିଠା ଆଦିକୁ 'ମଢ଼ିଆ
ଶଙ୍କୁଡ଼ି' ବୋଲାଯାଏ । ତାହାକୁ ବ୍ରାହ୍ମଣମାନେ ଖାଆନ୍ତି
ନାହିଁ; କିନ୍ତୁ ବ୍ରାହ୍ମଣ ପରିବାରର ସ୍ତ୍ରୀଲୋକମାନେ,
ଅବିରଭୁଆ ବ୍ରାହ୍ମଣ ପିଲା ଓ ଶୂଦ୍ରମାନେ ଖାଆନ୍ତି ।]

ମଢ଼ିଆ କୋଟରା—ପ୍ରାଦେ (ଗଡ଼ଜାତ) ବି—ଅତି କ୍ଷୁଦ୍ରକାୟ କୋଟରା
Marḍhiā koṭarā ହରିଣ—A short-statured species
of deer.

ମଢ଼ିଆ ପଣ୍ଡା—ଦେ. ବି (ସହତର ଶବ)—ନୀଚ ଶ୍ରେଣୀସ୍ଥ ବ୍ରାହ୍ମଣ—
Marḍhiā paṇḍā Brāhmaṇa of an inferior caste.
(ମଢ଼ିଆ ବ୍ରାହ୍ମଣ—ଅନ୍ୟରୂପ) [ଦ୍ର—ମଢ଼ିଆ ପଣ୍ଡାଙ୍କ ଘରେ ଉଚ୍ଚ
ଶ୍ରେଣୀସ୍ଥ ଶାସନୀ ବ୍ରାହ୍ମଣମାନେ ଖାଆନ୍ତି ନାହିଁ କିମ୍ବା ବିବାହ
ସମ୍ବନ୍ଧ କରନ୍ତି ନାହିଁ । ଏମାନେ ଅଶ୍ରୋତ୍ରିୟ ବ୍ରାହ୍ମଣଙ୍କର
ଭିତରୋଛ ଶ୍ରେଣୀ ମଧ୍ୟରୁ ନିକୃଷ୍ଟ ଶ୍ରେଣୀର ଅନ୍ତର୍ଗତ ।
କୃପାସିନ୍ଧୁ—ଇତିହାସ ।]

ମଢ଼ିଆଳ—ଦେ. (ପ୍ରାଚୀନ) ବି—୧ । ରଜକ; ଧୋବା—1. A
Marḍhiāḷa washer man. ୨ । ପାଲଟା ଲୁଗା; ଅନ୍ୟର
ধোপা; धोबी ବ୍ୟବହୃତ ଲୁଗା—2. Cloth already used by
ছাড়া কাপড় another person. ୩ । ମଇଳା ଲୁଗା—3.
छेडाहुआकपड़ा Soiled cloth; cloth soiled by use.
ময়লাকাপড়; मैलाकपडा ୪ । ଧୋବାଘରେ ପଡ଼ି କଚା ହୋଇ
বাসিকাপড়; कलपदियाहुआ कपडा ସଫା ହୋଇଥିବା ରାଜାଙ୍କ
ଲୁଗା ବା ପୋଷାକ—4. Clothes or dress of a
king which have been washed by the
washer-man. (ଉ—ଦେଖିବା ଯେମନ୍ତ ସୁନ୍ଦର ।
ରାଜାର ମଢ଼ିଆଳ । ଜଗନ୍ନାଥ. ଭାଗବତ ।)

ମଢ଼ୁଆ—ଦେ. ବି—ତାଳ ପତ୍ରର ପିଠି ପାଖରେ ଥିବା ଟେମଡ଼ି ଲଇ ପରି
Marḍhuā ଟାଣୁଆ ଶଉଳା—The tenacious and fib-
তাল পাতার শীর বোঁট rous rib running at the back
of a palm leaf. [ଉ—ମଢ଼ୁଆ ଖଣ୍ଡିକ ଗୁଡ଼ା
ହୋଇଅଛି ଲମ୍ବରେ କେତେ ଅଙ୍ଗୁଳ । ଉପେନ୍ଦ୍ର. ସାଆନ୍ତୁଆ
ବାହା ।] ପ୍ରାଦେ (ଯାଜପୁର) ବି—ଖଇ ଆଦି ଭାଜିବା
ପାଇଁ ବ୍ୟବହୃତ ନଡ଼ିଆପତ୍ର ଶଉଳାର ଗୁଚ୍ଛ; ଭଜା ଭଜ
ଶଉଳା—A bunch of the fibrous ribs of
cocoanut leaves used for agitating corn
which is being fried.

**ମଢ଼ୁଅ ଶାଙ୍କୁ(ଙ୍କୋ)ଳି**—ଦେ. ବି—ତାଳପତ୍ରର ଶିରାରେ ନିର୍ମିତ ଏକ-
Maḍhuā śanku(ṅko)ḷi ପ୍ରକାର ଫାଶ ।—
An obsolete kind of punishment inflicted on wicked boys by old pedagogues, consisting of tying the noosed ends of a palm-leaf-rib to the toes of the boy and putting the curved rib-string round his neck, so that his head and legs come nearer together. [ ଦ୍ର—ପୂର୍ବେ ଚଟଶାଳୀମାନଙ୍କରେ ଏ ଦଣ୍ଡ ଦିଆ ଯାଉଥିଲା; ଏଥିରେ ଦଣ୍ଡିତ ବାଳକକୁ ଭୂମିରେ ବସାଇ ତାହାର ଦୁଇ ଗୋଡ଼ର ବୁଢ଼ା ଅଙ୍ଗୁଳିଦ୍ୱୟରେ ମଢ଼ୁଅର ଶେଷରେ ଥିବା ଫାଶଦ୍ୱୟକୁ ଦୃଢ଼ରୂପେ ଆବଦ୍ଧ କରି ମଢ଼ୁଅର ମଝି ଅଂଶକୁ ବାଳକର ମୁଣ୍ଡବାଟେ ଗଳାଇ ବେକରେ ପକାଇଲେ ସେ ବାଳକଟିର ମୁଣ୍ଡ ଓ ଦୁଇ ଗୋଡ଼ ଏକାଠେଇଁ ଲାଗିଯାଇ ବାଳକଟିର ମୁଣ୍ଡ ନଇଁକରି ଦୁଇଁ ପାଦକୁ ଲାଗିଯାଉଥିଲା ଓ ଏଥିରେ ଦଣ୍ଡିତ ବାଳକର ଖୁବ୍ କଷ୍ଟ ହେଉଥିଲା । ବଙ୍ଗଦେଶରେ ଓ ହୁଗଳୀଗିରି ଅଞ୍ଚଳରେ ଗ୍ରାମ୍ୟପାଠଶାଳାମାନଙ୍କରେ ଏ ଦଣ୍ଡ ପ୍ରଚଳିତ ନ ଥିବାର ଜଣାଯାଏ । ]

**ମଣ୍ (ଧାତୁ)**—ସ—ଶବ୍ଦକରିବା—
Maṇ (root) To make a sound.

**ମଣ (ଧାତୁ)**—ପ୍ରାକୃତ—୧ । ବୋଧ କରିବା; ଜାଣିବା—1. To think;
Maṇa (root) to know. ୨ । ବିଶ୍ୱାସ କରିବା—
2. To trow; to believe. ୩ । ଶବ୍ଦ କରିବା—
3. To make a sound.

**ମଣ**—ସ. ବି—( ଅର୍ବାଚୀନ ସଂସ୍କୃତ )—ମହଣ; ୪୦ ସେର—
Maṇa One maund; 40 seers. ଦେ. ବି.—
साय़ेस्ता; **तालिम** ଘୋଡ଼ା ଓ ବଳଦମାନଙ୍କୁ କାମ ଶିଖାଇବା ପାଇଁ ତାଲିମ କରିବା—Training given to horses and bullocks; breaking a horse or young bullock. ବିଣ—ତାଲିମ ହୋଇଥିବା (ପଶୁଆଦି)—Trained (animals) for work. ପ୍ରାଦେ (ସିଂହଭୂମ) ବି—୪୦ ବାଟି ଓଜନ—Weight of forty bāṭis.

**ମଣ କରିବା**—ଦେ. କ୍ରି—ଘୋଡ଼ା ଆଦିଙ୍କୁ ତାଲିମ କରିବା—
Maṇa karibā To train or break an animal.
सायेस्ताकरा **साधना; तालिमकरना**

**ମଣ(ଣି)ଷ**—ଦେ. ବି (ସ. ମନୁଷ୍ୟ)—୧ । ଲୋକ; ମନୁଷ୍ୟ—
Maṇa(ṇi)sha 1. Man; person. ୨ । ଚାକର—
मानुष 2. Servant. ୩ । ମୂଲି; ମୂଲିଆ—3. Cooly;
**मानुख** labourer.

**ମଣହିଁ**—ପ୍ରାଦେ (ଗଡ଼ଜାତ) ବି—ଭୋଜନ—
Maṇahiṅ Meal.

**ମଣ ହେବା**—ଦେ. କ୍ରି (ପଶୁ ଆଦି) କାମ କରିବାପାଇଁ ଶିକ୍ଷିତ ହେବା—
Maṇa hebā To be trained or broken (said of
साय़ेस्ताहओया **तालीमहोना**, beasts of burden.

**ମଣା**—ଦେ. ବି (ସ. ମଣ. ଧାତୁ=ଜାଣିବା)—୧ । ବୋଧ; ଜ୍ଞାନ—
Maṇā 1. Understanding; knowledge. ୨ ।
ମଣାଇବା; ମନୋରଞ୍ଜନ—2. Gratifying; ବିଣ—
ମଣିଆ (ଦେଖ)—Maṇiā (See).

**ମଣା(ଣେ)ଇବା**—ଦେ. କ୍ରି (ସ ମନ. ଧାତୁ; ମଣିବା କ୍ରିୟାର ଣିଜନ୍ତ
Maṇā(ṇe)ibā ରୂପ—The causative form of
मनमानान 'Maṇibā')—୧ । ମନୋରଞ୍ଜନ କରିବା—1. To
**मनाना** gratify. ( ଉ—ତପଣେ କୃଷ୍ଣ ଅଙ୍କ ପାଇ; ଗୋପୀଙ୍କି ମୋକାବିଲା करा କହନ୍ତି ମଣାଇ । ଜଗନ୍ନାଥ. ଭାଗବତ । ) ୨ ।
**मुकाबिला करना; मनाना** ମୁକାବିଲା, କରାଇବା—2. To
राजिकरान settle a matter by confronting or
**मनाना** comparing. ୩ । ରାଜି କରାଇବା—3. To cause
लयान to agree. ୪ । ପ୍ରବର୍ତ୍ତାଇବା—4. To persuade.
**मनाना** ୫ । ଅଧୀନ କରାଇବା—5. To bring under
साय़ेस्ताकरा control. ୬ । (ପଶୁ ପ୍ରଭୃତିଙ୍କୁ) କାର୍ଯ୍ୟକୁଶଳ
**तालिमकरना, फेरना** ହେବା ନିମନ୍ତେ ଶିକ୍ଷା ଦେବା—6. To train (beast of burden). (ଉ—ଦାମଡ଼ା ଘୋଡ଼ାକୁ ମଣାଉଥିଲି ମୁହିଁ, ଉଚିତ ଏବେ ଘେନିଗଲା ବେକେ
बुझान ବୋହି । କୃଷ୍ଣସିଂହ. ମହାଭାରତ ଶାନ୍ତି । ) ୭ । ବୁଝାଇବା—
**बुझाना** 7. To cause to understand.

**ମଣାଣ**—ଦେ. ବି ( ପ୍ରା. ମଣ୍. ଧାତୁ= ଜାଣିବା )—୧ । ମନାଇବା;
Maṇāṇa ରାଜି କରାଇବା-1 Causing to agree. (ଉ—
राजि ସନ୍ନିଧିରେ ଧୀରେ ଜଣାଣ ମଣାଣ ନ କଲି ବହୁ ବଣରେ—
**मनाना** ଅଭିମନ୍ୟୁ. ବିଦଗ୍ଧ ଚିନ୍ତାମଣି । ) ୨ । ମୁକାବିଲା—
मोकाबिला **मुकाबिला** 2. Confronting; checking.

**ମଣି(ଣୀ)**—ସ. ବି (ମଣ୍. ଧାତୁ=ଶବ୍ଦ କରିବା+କର୍ତ୍ତୃ. ଇ)—
Maṇi(ṇī) ୧ । ରତ୍ନ; ବହୁମୂଲ୍ୟ ଦୀପ୍ତିଶାଳୀ ପ୍ରସ୍ତର—1. Precious stone; gem. [ ଦ୍ର—ମଣି ଅନେକ ପ୍ରକାରର ଅଛି । ଯଥା—ହୀରା, ନୀଳା, ମୋତି ବା ମୁକ୍ତା, ମାଣିକ୍ୟ, ପଦ୍ମରାଗ, ସୂର୍ଯ୍ୟକାନ୍ତ, ଚନ୍ଦ୍ରକାନ୍ତ ଇତ୍ୟାଦି । ରତ୍ନ ଶବ୍ଦରେ ଟୀକା ଦେଖ । ] ୨ । ମୁକ୍ତା—2. Pearl. ୩ । ସାପର ମୁଣ୍ଡରେ ଥିବା ଉଜ୍ଜ୍ୱଳ ରତ୍ନ ସଦୃଶ ବସ୍ତୁ—3. A gem found in the head of a serpent. [ ଦ୍ର—ନୂଆ ହୋଇ ଧରା ହୋଇଥିବା ଗୋଖର ସାପର ଫଣା ନିକଟସ୍ଥ ମସ୍ତକାଂଶରୁ କେଳାମାନେ ଘୋଡ଼ଣ ବା ମାଣ୍ଡିଆ ପରି ଦୁଇଟି ଧଳା ବିନ୍ଦୁ ଦେଖାଇ ମଣି ବାହାର କରିବାର ଦେଖା ଯାଇଅଛି, କିନ୍ତୁ ପୁରାଣ ଆଦିରେ ସର୍ପମୁଣ୍ଡରେ ଯେଉଁ ମଣି ଥିବାର କଥିତ ତାହା ଖୁବ୍ ଉଜ୍ଜ୍ୱଳ ଓ ଆଲୋକମୟ ଥିବାର କଥିତ ଓ ତାହା ସର୍ପମୁଣ୍ଡରେ ଥିବାବେଳେ ନିକଟବର୍ତ୍ତୀ ଅଞ୍ଚଳକୁ ତହିଁର ପ୍ରଭାଦ୍ୱାରା ଆଲୋକିତ କରେ ବୋଲି ଲେଖାଅଛି । ସେପରି ଆଲୋକମୟ ମଣି ସଚରାଚର ସର୍ପମାନଙ୍କ ମସ୍ତକରେ ଦେଖାଯାଏ ନାହିଁ । ] ୪ । ଚୂଡ଼ାଗ୍ର—4. The top of the head. ୫ । ଅଜାଗଳ ସ୍ତନ—5. The false nipple hanging down a goat's neck. ୬ ।

ଅକାଳେ ଉଦିତ ଇନ୍ଦ୍ରଧନୁ—6. A rainbow appearing of out time. ୭। ହାତଗଣ୍ଠି;ମଣିବନ୍ଧ—7. The wrist. ୮। ଲିଙ୍ଗାଗ୍ର; ମୁଣ୍ଡାର—8. The top of the penis. ୯। ସ୍ତ୍ରୀ ଯୋନିର ନାସିକାକୃତି ଅଗ୍ରଭାଗ; ସେଣ୍ଟି—9. The clitoris of the female organ. ୧୦। ଅଳଞ୍ଜର; ଜଳପାତ୍ର; ଜାହାଲ—10. A water-jar. ବିଣ—ଶ୍ରେଷ୍ଠ—Best. [ ଦ୍ର—ବସ୍ତ୍ର ସ୍ୱଚ୍ଛମଣି ମଣି,-କଣ୍ଠ ପୁଣି ଅଣି ଅଣି, ଶଙ୍କା ଦୂର ସେହି ଘଣି, ଲଙ୍କା ରାଜନ। ଉଞ୍ଜ. ବୈଦେହୀଶବିଳାସ ) ଦେ. ବ (ସ୍ତ୍ରୀ ଓ ପୁଂ)—୧। ଲୋକଙ୍କୁ ଡାକିବା ନାମ—

ମନି 1. Name given to persons. ୨। ଚନ୍ଦ୍ରମଣି,

ମନି ସୂର୍ଯ୍ୟମଣି ଆଦିଙ୍କ ଡାକ ନାମ—2. A name for calling males and females whose names contain 'Maṇi'.

**ମଣି(ଣୁ)ଆ**—ଦେ॰ ବିଣ—ତାଲିମ କରାଯାଇଥିବା ( ପଶୁ )—
Maṇi(ṇu)ā Trained; broken (said of beasts of (ଅମଣିଆ—ବିପରୀତ) burden).

ସାୟେସ୍ତା **तालिमकियाहुआ, फेराहुआ**

**ମଣିଅଁ**—ପ୍ରାଦେ (ଗଡ଼ଜାତ) ବ—ଏକପ୍ରକାର କ୍ଷୁଦ୍ର ମୃଗ—A kind
Maṇiāṅ of small unspotted deer. [ ଦ୍ର—ଏହା ଉଚ୍ଚରେ ୨। ୨½ ଫୁଟ ହୁଏ; ଦେହର ବର୍ଣ୍ଣ ଲୁଲୁରର ବର୍ଣ୍ଣପରି ଓ ଦେହରେ ଛୋଟି ଛୋଟି ଦାଗ ନ ଥାଏ। ପୁରୁଷ ଜାତିର ଶିଂଘ ଥାଏ। ମାଈର ଶିଙ୍ଘ ନ ଥାଏ। ସମ୍ବରଙ୍କ ଦେହର ବର୍ଣ୍ଣ ମାଟିଆ ନାଲି, କିନ୍ତୁ ମଣିଅଁ ଦେହର ବର୍ଣ୍ଣ ଇଟାର ବର୍ଣ୍ଣ। ଏମାନେ କୁଟୁରିଠାରୁ ବଡ଼ ଓ ହରିଣଠାରୁ ଛୋଟ। ]

**ମଣି ଅଣିବା**—ଦେ. କ୍ରି—୧। ବିଚାରିବା—1. To consider.
**Maṇi ānibā** [ ଦ୍ର—ବୋଲନ୍ତି ତ ଜାଣୁ ରମଣୀମଣିକ ହୁଦେ **ମଣି ଅଣିଲେ** ଏ ସବ। ଉଞ୍ଜ. ବୈଦେହୀଶବିଳାସ। ] ୨।
**जांचकरलेना** କୌଣସି ବସ୍ତୁକୁ ମୁକାବିଲା କରି ଗ୍ରହଣ କରିବା—
2. To take charge of a thing by checking and tasting it.

**ମଣିକ**—ସଂ. ବ (ମଣି+ସ୍ୱାର୍ଥେ. କ)—୧। ଅଳଞ୍ଜର; ଜାହାଲ—
**Maṇika** 1. A water-jar. ୨। ମାଠିଆ (ହି. ଶ)—
2. An earthen pitcher.

**ମଣି କଙ୍କଣ**—ସଂ. ବ—ରତ୍ନଖଚିତବଳୟ—
**Maṇi kaṅkaṇa** A bracelet set with gems.

**ମଣି କର୍ଣ୍ଣିକା**—ସଂ. ବ—(ମଣି+କର୍ଣ୍ଣିକା=କର୍ଣ୍ଣଭୂଷଣ)—୧। ମଣିମୟ
Maṇi karṇṇikā କର୍ଣ୍ଣଭୂଷଣ—1. An earring set with gems. ୨। କାଶୀସ୍ଥ ତୀର୍ଥସ୍ଥାନ ଓ ଗଙ୍ଗା ନଦୀର ଗୋଟିଏ ଘାଟ—2. Name of a sacred place and bathing ghat of the Ganges in Kāsi (Benares) [ ଦ୍ର—ଏହି ସ୍ଥାନରେ ଶିବଙ୍କ ମଣିମୟ କର୍ଣ୍ଣଭୂଷଣ ଖସି ପଡ଼ିଥିବାରୁ ଏହି ନାମକରଣ ହୋଇଅଛି। କାଶୀଖଣ୍ଡରେ ବର୍ଣ୍ଣିତ ହୋଇଅଛି ଯେ ଚନ୍ଦ୍ରମଣି ମହାଦେବ ଏହି ସ୍ଥାନରେ ମୁମୂର୍ଷୁ ସାଧୁପୁରୁଷମାନଙ୍କ କର୍ଣ୍ଣରେ ତାରକ ବ୍ରହ୍ମନାମ ଦେଇ ସେମାନଙ୍କୁ ଉଦ୍ଧାର କରନ୍ତି ବୋଲି ଏହିପରି ନାମକରଣ ହୋଇଅଛି। ଏହି ତୀର୍ଥ ବିଷ୍ଣୁଙ୍କ ସୁଦର୍ଶନ ଚକ୍ରଦ୍ୱାରା ଖୋଳା ହୋଇ ଥିବାରୁ ଚକ୍ର ପୁଷ୍କରିଣୀ ନାମରେ ଖ୍ୟାତ। ଏଠାରେ ମଣିକର୍ଣ୍ଣିକେଶ୍ୱର ଶିବମନ୍ଦିର ଓ ବିଷ୍ଣୁଙ୍କ ପାଦୁକା ଅଛି। ଏହି ମଣିକର୍ଣ୍ଣିକା ଘାଟ ହିନ୍ଦୁମାନଙ୍କର ଗୋଟିଏ ପ୍ରଧାନ ତୀର୍ଥ। ଏଠାରେ ଥିବା ଶ୍ମଶାନର ଅଗ୍ନି ପ୍ରାୟ ଲିଭେ ନାହିଁ; ଏହି ଶ୍ମଶାନରେ ଦାହ ହେବା ନିମନ୍ତେ ୪୦।୫୦ କୋଶ ଦୂରରୁ ଲୋକେ ଶବମାନ ଏଠାକୁ ବହି ଆଣନ୍ତି; ଦିବା ରାତ୍ରି ଶବବାହୀ ଲୋକଙ୍କର ସ୍ରୋତ ଏଠାରେ ଲାଗିଥାଏ। କାଶୀରେ ମୃତ ହୋଇ ଏହି ଘାଟରେ ମୃତ ବ୍ୟକ୍ତିର ଶବଦାହ ହେଲେ ମୁକ୍ତିଲାଭ ହୁଏ, ଏହି ବିଶ୍ୱାସରେ ବହୁଶତ ହିନ୍ଦୁ ମୃତ୍ୟୁର ପ୍ରତୀକ୍ଷାରେ ଏହି ତୀର୍ଥ ନିକଟରେ କାଶୀବାସ କରନ୍ତି। ମୃତ୍ୟୁ ପୂର୍ବରୁ ମଧ୍ୟ ଅନେକ ମୁମୂର୍ଷୁ ବ୍ୟକ୍ତିଙ୍କୁ ଏଠାକୁ ଅଣା ଯାଇଥାଏ। ଏହି ଘାଟକୁ ଯେଉଁ ରାସ୍ତା ଦେଇ ଯିବାକୁ ହୁଏ, ସେହି ରାସ୍ତା ପ୍ରାୟ ଦିବାରାତ୍ର ଶବବାହୀମାନଙ୍କର 'ରାମ ନାମ ସତ୍ୟ ହେ' ଧ୍ୱନିରେ ମୁଖରିତ ହେଉଥାଏ। ଏହି ଶ୍ମଶାନ ଉପର୍ଯ୍ୟୁପରି ତଳ(ମହଲା)ଯୁକ୍ତ ହୋଇ ଏପରି ନିର୍ମିତ ହୋଇ ଅଛି ଯେ, ଗଙ୍ଗା ନଦୀର ଜଳ ବଢ଼ିଲେ କମ୍ବା କମିଲେ ସେହି ଜଳକୁ ଲାଗିଥିବା ମହଲାରେ ଶବଦାହ କରାଯାଏ ଓ ଶବଦାହ ପରେ ଚିତା-ଭସ୍ମକୁ ଗଙ୍ଗାଜଳଦ୍ୱାରା ଧୌତ କରି ସେ ସ୍ଥାନ ପରିଷ୍କୃତ କରାଯାଇ ସେହି ସ୍ଥାନରେ ଅନ୍ୟ ଶବଦାହ କରାଯାଏ। ଏହି ଘାଟରେ ସ୍ନାନ କରି ପିତୃଲୋକଙ୍କୁ ପିଣ୍ଡ ଦେବା ନିମନ୍ତେ ପ୍ରତ୍ୟହ ଲକ୍ଷ ଲକ୍ଷ ଯାତ୍ରୀ ଏଠାରେ ଜୁଣ୍ଡ ହୁଅନ୍ତି। ]

**ମଣି କାଚ**—ସଂ. ବ—୧। ସ୍ଫଟିକ—1. Crystal. ୨। କାଣପୁଙ୍ଖ—
Maṇi kācha 2. The tail of an arrow.

**ମଣି କାଞ୍ଚନ**—ସଂ. ବ—(ଦ୍ୱନ୍ଦ୍ୱ; ମଣି+କାଞ୍ଚନ)—ମଣି ଓ କାଞ୍ଚନ; ମୁକ୍ତା
Maṇi kāñchana ଓ ସ୍ୱର୍ଣ୍ଣ—Gem and gold.

**ମଣିକାଞ୍ଚନ ଯୋଗ**—ସଂ. ବ—ମଣିର ଓ କାଞ୍ଚନର ଏକତ୍ର ସମାବେଶ;
Maṇi kāñchana joga ଦୁଇଟି ଉପଯୁକ୍ତ ବା ଶୋଭନ (ମଣିକାଞ୍ଚନ ସଂଯୋଗ—ଅନ୍ୟରୂପ) ବସ୍ତୁର ମିଳନ; ମଣିର ଓ ସ୍ୱର୍ଣ୍ଣର ଏକତ୍ର ସମାବେଶ ପରି ଅତି ମନୋହର ଓ ଉପଯୁକ୍ତ ସଂଯୋଜନ—The conjuction of two nice things. [ ଦ୍ର—ଓଡ଼ିଆରେ ଏହି ଭାବାତ୍ମକ ଅନ୍ୟ ଗୋଟିଏ ଉପମା ଅଛି—'ହାତୀ ଦାନ୍ତରେ ସୁନା କୁଆଣି ହେବା ନ୍ୟାୟ।']

**ମଣିକାର**—ସଂ. ବ—( ମଣି+କୃ ଧାତୁ+କର୍ତ୍ତୃ. ଅ )—୧। ମଣି-
Maṇi-kāra ପରିଷ୍କାରକ—1. A cleaner of gems. ୨। ଜଉହରି; ମଣିପରୀକ୍ଷକ—2. Examiner of

gems; a lapidiary. ୩ । ମଣିବ୍ୟବସାୟୀ—3. Jeweller. ୪ । ନ୍ୟାୟଚିନ୍ତାମଣି ନାମକ ଗ୍ରନ୍ଥର ରଚୟିତା—4. The author of a logical work 'Nyāya Chintāmaṇi'.

ମଣି କୁଟ୍ଟିମ—ସ.ବ(ମ.ପ.ଲୋ)—ମଣିଦ୍ୱାରା ଅଚ୍ଛାଦିତ ଗୃହର ତଳଦେଶ
Maṇi kuṭṭima —Floor paved with mosaic of stones or gems.

ମଣି କୁଣ୍ଡଳ—ସ. ବ—ମଣିମୟ କର୍ଣ୍ଣାଭରଣ—An ornament for
Maṇi kuṇḍaḷa the ear set with gems.

ମଣିକୂ(କୁ)ଟ—ସ. ବ—ରତ୍ନଗିରି, ପର୍ବତବିଶେଷ—A mythologi-
Maṇi kū(ku)ṭa cal mountain made of gems. [ ଦ୍ର—ପୁରାଣ ମତରେ ଅସାମର କାମରୂପ ନିକଟରେ ଏହା ଅବସ୍ଥିତ । ହି. ଶ ]

ମଣି ଖୁମ୍ବ—ଗ୍ରାଦେ.—(ସାଜପୁର) ବ—ମାଣିଖୁଣ୍ଟ (ଦେଖ)
Maṇi khumba Māṇi khuṇṭa (See)

ମଣି ଗ୍ରୀବ—ସ. ବ—କୁବେରଙ୍କ ପୁତ୍ର—
Maṇi griba Son of Kubera.

ମଣି ଚୂଡ଼—ସ. ବ.—(ବହୁବ୍ରୀହି; ମଣି+ଚୂଡ଼ା)—ଯାହାର ଚୂଡ଼ାରେ
Maṇi chūṛa ବା ମସ୍ତକରେ ମଣି ଥାଏ—Having a dazzling gem on the head. ବ—ମଣିନାଗ ( ଦେଖ )—Maṇināga (See) ଦେ. ବ—ସର୍ପରୂପରେ ଜନ୍ମ ହୋଇଥିବା ଅଭିଶପ୍ତ ଇନ୍ଦ୍ରପୁତ୍ର ସୁଦର୍ଶନ—Sudarsana, the accursed son of Indra who was born as a serpent. [ ଦ୍ର—ସେ ନନ୍ଦଙ୍କୁ ଗିଳିଲାରୁ ଶ୍ରୀକୃଷ୍ଣ ତା ମସ୍ତକରେ ପାଦ ପ୍ରହାର କରି ନନ୍ଦଙ୍କୁ ଉଦ୍ଧାର କରିଥିଲେ ଓ ମଣିଚୂଡ଼କୁ ମୋକ୍ଷଦାନ କରିଥିଲେ ।]

ମଣି ଚୂଳ—ଦେ. ବ (ସ. ମଣି ଚୂଡ଼)—ମଣି ନାଗ ( ଦେଖ )
Maṇi chūḷa Maṇi nāga ( See )
मणि चूड़ मनियार

ମଣି ଜଡ଼ିତ—ସ. ବି. (କର୍ମ୍ମ ତତ୍)—ମଣିମଣ୍ଡିତ; ରତ୍ନଖଚିତ—
Maṇi jaṛita Set with gems.

ମଣିତ—ସ. ବ ( ମଣ୍ ଧାତୁ=ଶବ୍ଦ କରିବା+ଭାବ. ତ )—୧ । ଚୁମ୍ବନ
Maṇita ଧ୍ୱନି—1. The sound of kissing. ୨ । ରତି ରତି କାଳୀନ କୂଜିତ; ରମଣ କାଳରେ ରମଣୀର ଅବ୍ୟକ୍ତ ମଧୁର ଶବ୍ଦବିଶେଷ—2. The sweet and blissful sound emitted by a woman during cohabitation indicating ecstasy or orgasm.

ମଣି ଦ୍ୱୀପ—ସ. ବ (ମଣିମୟ ଦ୍ୱୀପ; ଏହି ଦ୍ୱୀପରେ ପ୍ରଚୁର ମଣି ଥିବାରୁ)-
Maṇi dwipa କ୍ଷୀର ସମୁଦ୍ର ମଧ୍ୟସ୍ଥ ପୌରାଣିକ ଦ୍ୱୀପବିଶେଷ-Name of a fabulous island abounding in gems. [ ଦ୍ର—ଏହା ତ୍ରିପୁରସୁନ୍ଦରୀ ଦେବୀଙ୍କ ନିବାସସ୍ଥାନ ଥିବାର ପୁରାଣରେ ବର୍ଣ୍ଣିତ—ହି. ଶ ]

ମଣି ଧର—ସ. ବ (ମଣି+ଧୃ ଧାତୁ+କର୍ତ୍ତୃ. ଅ)—ସର୍ପ (ହି. ଶ)—
Maṇi dhara Snake.

ମଣି ନାକ—ଗ୍ରା. ବ—ମୈନାକ (ଦେଖ)—Maināka (See)
Maṇi nāka (ଦ୍ର—ପଣ୍ଡା ବାଣୀ ପଡ଼ ମଣି ମଣିନାକ ମଣ୍ଡ, ପ୍ରମାଦ-ଉଦବେ ଦବେ ବୃନ୍ଦ ସେ ଭମନ୍ତ । ଅନନ୍ତଚନ୍ଦ୍ର. ଲକ୍ଷ୍ମୀପ୍ରହ୍ଲାଦ ।)

ମଣି ନାଗ—ସ. ବ. ( ମ. ପ. ଲୋ; ମଣିଧାରୀ ନାଗ )—ଯେଉଁ ନାଗ
Maṇi nāga ସାପର ମୁଣ୍ଡରେ ମଣି ଥାଏ—A cobra having a jewel on his head. [ଦ୍ର—ଗୋଖର, ନାଗ ଆଦି ବିଷଧର ସର୍ପମାନଙ୍କୁ ଖେଳାମାନେ ଧରି ତାଙ୍କ ମୁଣ୍ଡକୁ କ୍ଷୁରରେ ଚିରାଇ ଦେଲେ ଉକ୍ତ ସାପ ମୁଣ୍ଡରୁ ଦୁଇଟି ଲୋହିତ ବର୍ଣ୍ଣର ମଣି ବାହାରିବାର ଦେଖାଯାଏ । ] ଦେ.ବଣ—ରଣପୁରର ପର୍ବତବିଶେଷ—Name of a mountain in 'Raṇapura' State.

ମଣି ନାଗ ଦୁର୍ଗା—ଦେ. ବ ( ସ. ମୈନାକ ଦୁର୍ଗା )—ରଣପୁରର
Maṇi nāga durgā ଅଧିଷ୍ଠାତ୍ରୀ ଦେବୀ—Name of the image of Goddess Durgā in Ranpur state.

ମଣି ନେବା—ଦେ. କ୍ରି ( ସ. ମନ୍ ଧାତୁ )—୧ । କୌଣସି ବିଷୟରେ
Maṇi nebā ସକଳ କଥା ବୁଝି ତାର ଭାର ଗ୍ରହଣ କରିବା—
মোকাবিলা করে ভার লওয়া 1. To take over charge item by item.
बुझ [illegible]
୨ । ଭିତ୍ତିମ ରୂପେ ବୁଝି ଗ୍ରହଣ କରିବା—2. To take a thing after understanding it.

ମଣିନ୍ଦା—ଗ୍ରାଦେ. (ସାଜପୁର) ବ—୧ । ମୁଥଳା ଘାସ—1. A kind
Maṇindā of grass. ୨ । ଏକ ଜାତୀୟ ଛୋଟ ହଳଦିଆ ରଙ୍ଗର କୋଳି—2. A species of yellow-coloured small berry.

ମଣି ପଦ୍ମ—ସ. ବ—ଏକ ବୌଦ୍ଧସନ୍ଥଙ୍କ ନାମ (ହି. ଶ)—
Maṇi padma Name of a Buddhist saint.

ମଣି ପୁର—ସ. ବ—୧ । ଅସାମ ନିକଟବର୍ତ୍ତୀ ପାର୍ବତ୍ୟ ରାଜ୍ୟବିଶେଷ—
Maṇi pura 1. Name of a hilly state near Assam. ୨ । ତନ୍ତ୍ର ଅନୁସାରେ ଶରୀରସ୍ଥ ଛଅଟି ଚକ୍ର ମଧ୍ୟରୁ ନାଭିର ନିମ୍ନରେ ଥିବା ଚକ୍ର—2. Name of one of the six esoteric circles said to exist inside the human body according to the Tantras. [ଦ୍ର—ତନ୍ତ୍ର ମତରେ ଏହା ତେଜୋମୟ, ବିଦ୍ୟୁତ୍ପ୍ରଭ, ନୀଳବର୍ଣ୍ଣ, ଦଶ ଦଳବିଶିଷ୍ଟ ଓ ମହାଦେବଙ୍କ ନିବାସ ସ୍ଥାନ । ଏହି ଦଶ ଦଳରେ ଯଥାକ୍ରମେ ବର୍ଣ୍ଣମାଳାର ଡ ବର୍ଣ୍ଣଠାରୁ ଫ ବର୍ଣ୍ଣ ଅବସ୍ଥିତ—ହି. ଶ]

ମଣି ପୁଷ୍ପକ—ସ. ବ (ନାମ)—ସହଦେବଙ୍କ ଶଙ୍ଖ—The conch
Maṇi pushpaka of Sahadeba.

ମଣି ପୂର—ସ. ବ (ମଣି+ପୂର=ପୂର୍ଣ୍ଣ)—୧ । ନାଭି ପଦ୍ମ—1. The
Maṇi pūra part inside the navel. ୨ । ନାଭିଚକ୍ର; ତନ୍ତ୍ରୋକ୍ତ ଶରୀରସ୍ଥ ଷଟ୍ ଚକ୍ର ମଧ୍ୟରୁ ତୃତୀୟ ଚକ୍ର—2 The third of the six Tantric circles said to exist inside the human body.

**ମଣି ପ୍ରଭ**—ସଂ. ବଣ ( ବହୁବ୍ରୀହି; ମଣି+ପ୍ରଭା )—୧ । ମଣିପରି
Mani prabha ପ୍ରଭାଯୁକ୍ତ—1. Dazzling like a gem.
୨ । ମଣି ଦ୍ୱାରା ଅଳଙ୍କୃତ—2. Dazzling with gems.

**ମଣି ପ୍ରଭା**—ସଂ. ବି. (୬ଷ୍ଠୀ ତତ୍; ମଣି+ପ୍ରଭା)—ରତ୍ନର ଆଭା—
Mani prabhā The lustre of gems.

**ମଣି ବନ୍ଧ**—ସଂ. ବି—୧ । କର ଗ୍ରନ୍ଥି; ହାତର ଗଣ୍ଠି ବା ବନ୍ଧନୀ;
Mani bandha କଳଚି—1. The wrist. ୨ । ନବାକ୍ଷରା
ଝୁପ୍ତ ବୃତ୍ତ ବିଶେଷ—2. Name of a Sanscrit
metre. [ଦ୍ର—ଏଥିର ପ୍ରତି ଚରଣରେ ଭଗଣ, ମଗଣ ଓ
ସଗଣ ଥାଏ—ଛ. ଷ]

**ମଣିବା**—ଦେ. କ୍ରି (ସଂ. ମନ ଧାତୁ)—୧ । ଜାଣିବା—1. To know.
Manibā ୨ । ବୁଝିବା—2. To understand. ୩ । ବୋଧ
(ମଣାଇବା—ଣିଜନ୍ତ ରୂପ) କରିବା—3. To feel. (ଉ—ଜୁଣି
माना, मने करना ମଣିଲଣି ମଧୁ ଝରନ୍ତି । ବକ୍ରସୂର୍ଯ୍ୟ. ସଙ୍ଗୀତ ।)
**सोचना, मनन करना** ୪ । ବିଚାର କରିବା—4. To think;
to regard. (ଉ—ପର ମଣିତ ରମଣୀ ! ଦେଲୁ କରମଣି
ଖାତିରେ । ବକ୍ରସୂର୍ଯ୍ୟ. ସଙ୍ଗୀତ ।) ୫ । ବିଶ୍ୱାସ କରିବା—
मानना 5. To believe. ୬ । ସ୍ୱୀକୃତ ହେବା; ମଙ୍ଗିବା—
**मानना** 6. To agree; to acquiesce. ୭ । ମୁକାବିଲା
मोकाबिला करना କରିବା; ପରୀକ୍ଷା କରିବା—7. To check; to
**जाँचना** compare. ୮ । କୌଣସି ନୂତନ ସ୍ଥାନକୁ ବା ବ୍ୟକ୍ତିକୁ
राजि हओया ବା ଅବସ୍ଥାକୁ ଆଦର ଯିବା ବା ସ୍ୱାଭ ହୋଇଯିବା—
**मानना** 8. To become used or reconciled to a
भाल पाओया new place, position, work or person.
**पसार करना, चाहना** ୯ । ଅନୁମାନ କରିବା—9. To infer.
(ଉ—ବିବାଦ ରତ ତେମନ୍ତ, ସର୍ବୈକ୍ୟ ହୋଇ
ଥିବାତ, ଗମନ କରିବା ପ୍ରାୟେ ମଣେ । ଉଞ୍ଜ. ବୈଦେହୀଶ-
ବିଳାସ ।) ୧୦ । ସୁଖ ପାଇବା; ଭଲ ପାଇବା—10. To
like; to love. (ଉ—କୋଇଲି ଲୋ ! ଘର ମୋର ନ
ମଣନ୍ତି ନାହ । ମାରକଣ୍ଡ କୋଇଲି ।)

**ମଣି ବିଗ୍ରହ**—ସଂ. ବି ( ୬ଷ୍ଠୀ ତତ୍ )—ମଣି ବା ପ୍ରସ୍ତର ନିର୍ମିତ ଦେବ-
Mani bigraha ମୂର୍ତ୍ତି—An image of a Deity made
of gems or stone.

**ମଣି ବୀଜ**—ସଂ. ବି ( ବହୁବ୍ରୀହି; ମଣି+ବୀଜ )—ଡାଳିମ୍—
Mani bīja Pomegranate.

**ମଣି ବେଦୀ**—ସଂ. ବି—ମଣି ଖଚିତ ପୀଠ ବା ବେଦୀ—An altar
Mani bedī set with gems or precious stones.

**ମଣି ଭଦ୍ର**—ସଂ. ବି—୧ । ଯକ୍ଷବିଶେଷ—1. Name of an aerial
Mani bhadra being. ୨ । ବଣିକ୍ ବିଶେଷ—2.
Name of a trader or merchant. ୩ । ଶିବଙ୍କ
ଗଣ ବିଶେଷ—3. Name of a class of Śiba's
attendants.

**ମଣି ଭଦ୍ରା**—ଦେ. ବି ( ନାମ )—ଦଶପଲ୍ଲା ଅନ୍ତର୍ଗତ ମହାନଦୀ ତୀରବର୍ତ୍ତୀ
Mani bhadrā ସୁରମ୍ୟ ପର୍ବତ—Name of a beautiful mountain in Daspalla State.
( ଉ—ମଣିଭଦ୍ରା ଶୈଳେ ମୁହିଁ ଭୂମାଗୀଙ୍କ ସ୍ୱାକାର-ମୂର୍ତ୍ତି
ଅସ୍ୱାଦ । ରାଧାନାଥ. ପାର୍ବତୀ ।) [ ଦ୍ର—ଏ ପର୍ବତ
ମହାନଦୀର ଦକ୍ଷିଣ ତୀରରେ ଅବସ୍ଥିତ ଓ ଏହା ଅତ୍ୟନ୍ତ
ବିଷଧର ସର୍ପସଙ୍କୁଳ । ବେଳମାନେ ଏଠାକୁ ଯାଇ ସାପ
ଧରନ୍ତି । ]

**ମଣି ଭୂ**—ସଂ. ବି ( ମଣି + ଭୂ ଧାତୁ + ଅଧିକରଣ କ୍ୱିପ୍ )—ମଣିର ଖଣି
Mani bhū —A mine of gems.
(ମଣି ଭୂମି —ଅନ୍ୟରୂପ)

**ମଣି ମଙ୍ଗଳ ସୂତ୍ର**—ଦେ.ବି (ବଣିଆ ଶବ୍ଦ)—ସ୍ୱଚ୍ଛ ପରିବାରରେ ବା ସମ୍ଭ୍ରାନ୍ତ
Mani mangala sūtra ପରିବାରରେ ବିବାହ ବେଦୀ ଉପରେ
ହାତଗଣ୍ଠି ପଡ଼ିବା ପରେ କନ୍ୟା ହାତରେ ପିନ୍ଧିବା ଦୁଇଗୋଟି
ଅଳଙ୍କାର--Two ornaments worn in the hand
by a bride of a Raja's or gentleman's
family on the marriage altar after the
ceremony of tying the nuptial knot.

**ମଣି ମଣ୍ଡପ**—ସଂ. ବି (ମଧ୍ୟପଦଲୋପୀ କର୍ମଧାରୟ)—୧ । ରତ୍ନଖଚିତ
Mani mandapa ମଣ୍ଡପ—A pavillion set with of
gems or precious stones. ୨ । ଦେବତା ପୀଠସ୍ଥାନ
ବିଶେଷ—2. A kind of seat for an idol.

**ମଣି ମଣ୍ଡିତ**—ସଂ. ବଣ (୩ୟା ତତ୍ )—ମଣିରେ ବା ରତ୍ନରେ ଖଚିତ—
Mani madita Set with gems.

**ମଣି ମଧ୍ୟ**—ସଂ. ବି—ନବାକ୍ଷରଯୁକ୍ତ ଛନ୍ଦୋବିଶେଷ; ମଣି ବନ୍ଧ ୨ ଦେଖ
Mani madhya —Name of a Sanscrit metre
of nine letters.

**ମଣି ମନ୍ଥ**—ସଂ. ବି (ମଣି + ମନ୍ଥ ଧାତୁ+ ଅଧିକରଣ ଅ)—୧ । ପର୍ବତ-
Mani mantha ବିଶେଷ—1. Name of a mountain.
୨ । ଯଜ୍ଞବିଶେଷ—2. Name of a sacrifice. ୩ ।
(+କର୍ତ୍ତୃ.ଅ) ନୃପବିଶେଷ—3. Name of a king.
୪ । ସୈନ୍ଧବ ଲବଣ—4. Rock salt.

**ମଣି ମୟ**—ସଂ. ବଣ ( ମଣି+ ବିକାରାର୍ଥେ ମୟ )—ମଣି ନିର୍ମିତ ବା ଖଚିତ
Mani maya —Mad e of or set with gems.

**ମଣିମା**—ବୈଦେ. ଅ ( ଅ. ମୁନମା =ମୁନିବ୍ =ପ୍ରଭୁ, ଭୁଲ ସଂ. ମହିମା )
Manimā —୧ । ପ୍ରଭୋ ! ହେ ଦୟାମୟ !—1. ( Interj )
हजुर Oh Lord ! ୨ । ପ୍ରଜା ଅବଦଙ୍କର ରାଜା ଓ ରାଣୀଙ୍କ
**हुजुर, श्रीमान** ପ୍ରତି ସମ୍ବୋଧନ—2. 'Your Highness'; a
(ପ୍ରାଚୀନ ବଙ୍ଗଳା—ମଣିମା) term of address used by
subjects to a Raja. or Ranee ୩ । ଠାକୁରଙ୍କ
ପ୍ରତି ସେବକର ସମ୍ବୋଧନ—3. An address used
to a Deity. ବି—୧ । ରାଜା—1. King. (ଉ—
ଜୀବନ ଥିବାଯାକ ରାଜାଙ୍କୁ ମଣିମା, ବୋଲୁଥାନ୍ତି ମଲେ ନ
ଯାନ୍ତି ତାର ସୀମା । କୃଷ୍ଣସିଂହ. ମହାଭାରତ. ଉଦ୍ୟୋଗ ।)

୨ । ରାଣୀ—2. A queen; a Rāṇī. ( ଯଥା—ପାଟ ମଣିମା, ନୂଆ ମଣିମା, କନ୍ୟା ମଣିମା । )

ମଣି ମାଣିକ—ଦେ. ବି (ସଂସ୍କୃତର ଶବ୍ଦ; ସଂ ମଣି + ମାଣିକ୍ୟ)—ରତ୍ନାଦି—
Maṇi māṇika Gems and jewels.
(ମଣି ମୁକୁତା—ଅନ୍ୟରୂପ) मणि माणिक्य मणि माणिक

ମଣି ମାଣିକ୍ୟ—ସଂ. ବି ( ସଂସ୍କୃତର ଶବ୍ଦ )—ରତ୍ନାଦି—
Maṇi māṇikya Gems and jewels
(ମଣି ମୁକ୍ତା, ମଣି ରତ୍ନ—ଅନ୍ୟରୂପ)

ମଣିମାନ୍—ସଂ. ବିଣ ( ମଣି + ଅସ୍ତ୍ୟର୍ଥରେ ମତ୍; ୧ମା. ୧ବ )—୧ ।
Maṇimān ମଣିଯୁକ୍ତ—1. Jewelled. ୨ । ମଣି-ଭୂଷିତ—2. Adorned with gems. ବି—୧ । କୁବେରଙ୍କ ପାର୍ଶ୍ୱଚର ( ରାକ୍ଷସ )—Name of an attendant of 'Kubera' (a demon). [ ଦ୍ର—ମଣିମାନ ନାମେ ରାକ୍ଷସ ଜଣେ ଥିଲା, ରାକ୍ଷସଙ୍କ ଏ ଗାଳି ଦେଖିଣ ବୋଇଲା—କୃଷ୍ଣସିଂହ ମହାଭାରତ. ବନ । ] [ଦ୍ର—ଏ ଅଗସ୍ତ୍ୟ ମୁନିଙ୍କ ଅଭିଶାପରୁ ଭୀମଙ୍କଦ୍ୱାରା ନିହତ ହୋଇଥିଲା । ] ୨ । ସୂର୍ଯ୍ୟ—2. The sun. ୩ । ଯଜ୍ଞବିଶେଷ—3. Name of a vedic sacrifice. ୪ । ପଶ୍ଚିମସ୍ଥ ଦେଶବିଶେଷ—4. Name of a western country.
(ମଣିମାନ, ମଣିମନ୍ତ—ଦେ. ରୂପ)

ମଣିମାଳା—ସଂ. ବି—୧ । ରତ୍ନମୟ ହାର—1. A necklace of
Maṇimālā gems. ୨ । ଦ୍ୱାଦଶାକ୍ଷର ଛନ୍ଦୋବିଶେଷ-2. Name of a Sanscrit metre of 12 letters. [ଦ୍ର-ଏଥିର ପ୍ରତ୍ୟେକ ଚରଣରେ ଯଥାକ୍ରମେ ତଗଣ, ଯଗଣ, ତଗଣ, ଯଗଣ ଥାଏ—ହି. ଶ । ] ୩ । ଦୀପ୍ତି—3. Lustre. ୪ । ଲକ୍ଷ୍ମୀ—4. Goddess Lakshmī. ୫ । ଦନ୍ତକ୍ଷତ-ବିଶେଷ—5. A kind of mark left by the lover's teeth on the cheeks of the beloved.

ମଣିରତ୍ନ—ସଂ. ବି (ସଂସ୍କୃତର ଶବ୍ଦ)—ବହୁମୂଲ୍ୟ ରତ୍ନାଦି—
Maṇiratna Jewels and gems.

ମଣିରାଗ—ସଂ. ବି—୧ । (ଷଷ୍ଠୀ ତତ୍)—ରତ୍ନର କାନ୍ତି—1. The lustre
Maṇirāga of gems. ୨ । (ବହୁବ୍ରୀହି) ହିଙ୍ଗୁଳ—2. The yellow orpiment.

ମଣିରାମ—ସଂ. ବି (ନାମ)—'ଗ୍ରହଗଣିତ ଚିନ୍ତାମଣି' ନାମକ ଜ୍ୟୋତିଷ
Maṇirāma ଶାସ୍ତ୍ର ରଚୟିତା ଜଣେକ ଗୁଜରାଟୀ ବ୍ରାହ୍ମଣ—The name of a Gujrati Brāhmaṇa, the author of Grahagaṇita Chintāmoni, a treatise on Astronomy.

ମଣିରୋଗ—ସଂ. ବି—ପୁରୁଷେନ୍ଦ୍ରିୟର ରୋଗବିଶେଷ; ଦୁରୁଦୁ—A
Maṇiroga kind of phimosis. [ ଦ୍ର ଏ ରୋଗରେ ଲିଙ୍ଗାଗ୍ରଭାଗର ଚମଡ଼ା ଲିଙ୍ଗର ଗୁପାର ଉପରେ ଲାଗିଯାଏ ଓ ମୂତ୍ରମାର୍ଗ ଚଉଡ଼ା ହୋଇ ସେହି ବାଟେ ମୂତ୍ରର ସବୁ ଧାର ବହେ—ହି. ଶ. । ]

ମଣିଶିଳା—ଦେ. ବି (ସଂ. ମନଃଶିଳା)—ମନଃଶିଳା (ଦେଖ) —
Maṇisilā Manahsilā (See)
मनशिला मैनशील

ମଣିଷ ଭାଙ୍ଗିବା—ଦେ. କ୍ରି—୧ । (ଯାତ୍ରା ଅବା କୌଣସି ବଡ଼ିଷ୍ଠ ମେଳାରୁ)
Maṇisha bhāṅgibā କୌଣସି କାରଣ ବଶତଃ ହଠାତ୍ ଲୋକେ ଚାଲିଯିବା—
भीड़भाङ्गा मेलाटूटना
( ମଣିଷ ଭାଙ୍ଗିଯିବା—ଅନ୍ୟରୂପ ) 1. Sudden dispersal of a crowd.
आदमी कम होना
୨ । କୌଣସି ହାଟରେ ବା ମେଳାରେ ) ଯେତେ ଲୋକ ପୂର୍ବେ ଜମା ହେଉଥିଲେ ସେତେ ଲୋକ ଜମା ନ ହେବା—2. The discontinuance of crowded attendance in a gathering, fair or market.

ମଣିଷ ମାରୁ—ଦେ. ବି. ଓ ବିଣ—୧ । କୌଣସି ବ୍ୟକ୍ତିକୁ ଜୀବନରେ
Maṇisha māru ମାରି ଦେବା; ଖୁଣୀ; ନରହତ୍ୟା—
खूनी खुनी 1. Murder; assassination. ୨ । ଯେ ମନୁଷ୍ୟକୁ ମାରି ଦିଏ; ନରହନ୍ତା—
2. Murderer; assassin.

ମଣି ସର—ସଂ. ବି—୧ । ରତ୍ନମୟ ହାର—1. A necklace of
Maṇi sara gems. ୨ । ମୁକ୍ତାମାଳା—2. A string of pearls.

ମଣିହରା—ଦେ. ବିଣ -ଯେ ମଣି ହରାଇ ଅଛି; ଭୁଜମଣି ( ସର୍ପ )—
Maṇi harā मणीहारा मणिहीन (a serpent) Having lost his jewel.

ମଣିହରାଫଣୀ—ଦେ. ବି—୧ । ଯେଉଁ ସର୍ପର ମଥାର ମାଣିକ୍ୟ ହଜି
Maṇiharāphaṇī ଯାଇଅଛି—1. A serpent which
( ମଣିହରା ନାଗ—ଅନ୍ୟରୂପ ) has lost the jewel of
मणिहाराफणी मनिहीनफनी its head. ୨ । ଭୁଜମଣି ସର୍ପ ପରି ଅସ୍ଥିର ବ୍ୟକ୍ତି—2. A person who has become restless like a serpent whose jewel is lost.

ମଣିହାରୀ —ସ.ବି ପୁଂ—୧। ରତ୍ନଜୀବୀ; ଅଳଙ୍କାରବ୍ୟବସାୟୀ; ମଣିବ୍ୟବସାୟୀ
Maṇihārī 1. A jeweller; a goldsmith.
୨ । ରତ୍ନଚୋର—2. A stealer of gems.

ମଣୀ—ସ. ବି (ମଣି+ଇନ୍; ୧ମା; ୧ବ)—ସର୍ପ (ହି. ଶ.)—
Maṇī Serpent.

ମଣୀବକ—ସ. ବି—ପୁଷ୍ପ; ଫୁଲ (ହି. ଶ) —
Maṇībaka Flower.

ମଣୀହାର—ସ. ବି—ରତ୍ନର ହାର—A necklace of gems or
Maṇihāra pearls.

ମଣୁ(ଣେ,ଣୋ)ଇ(ହି)—ଦେ. ବି—ମୁଣୋହିଁ; ରାଜାମାନଙ୍କର ଭୋଜନ-
Maṇu(ṇe ṇo)i(hi) କ୍ରିୟା—Dinner of kings
मनुई राजभोजन [ ଦ୍ର—କହୁଁ କହୁଁ ସମା ବେଶ ସାରି ବୋଇଲେ ଅବ ମଣୋହି କରି—ଉପ. କୋଟିବ୍ରହ୍ମାଣ୍ଡ-ସୁନ୍ଦରୀ ।]

ମଣ୍ଥ(ଣ୍ଡ) ( ଧାତୁ )—ସ—୧ । ଭୂଷିତ କରିବା—1. To adorn.
Manṭh(ṇḍ) (root) ୨ । ବେଷ୍ଟନ କରିବା—2. To surround.

ମଣ୍ଥକ—ସ. ବି (ମଣ୍ଥ ଧାତୁ+କର୍ମ ଅ+କ)—ମଣ୍ଡାପିଠା—
Manṭhaka A kind of steam-boiled cake.

ମଣ୍ଡ—ସ. ବି (ମନ୍ ଧାତୁ=ଭୂଷିତ କରିବା+କରଣ. ଡ)—୧ । ଭୂଷଣ; Maṇḍa ଅଳଙ୍କାର—1. Ornament, ୨ । (+କର୍ତ୍ତୃ.ଡ) ଭାତର ପେଜ—2. The scum extracted from boiled rice. ୩ । ଫେଣ—3. Foam; froth; ferment. ୪ । ଜାଉ—4. Gruel. ୫ । ଖଳି; ଭାତ ଚୂନା ଅବା ଗୋଳାଅ ହୋଇଥିବା ପିଠୋଉ—5. Paste made from rice etc; dough. ୬ । ତେଲ ଆଦିର କାଣ୍ଟି—6. The dregs of a liquid (e.g. oil). ୭ । ଗୋଧୂମ, ତଣ୍ଡୁଳ, ଅନ୍ନ ଆଦି ପଦାର୍ଥର ଅନ୍ନମୟ ସାର—7. Starch. ୮ । ଏରଣ୍ଡ ବୃକ୍ଷ; ଗବଗଛ—8. The castor seed plant. ୯ । ପିଚ୍ଛ; ମୟୂରପୁଚ୍ଛ—9. The tail of a peacock. ୧୦ । (ବୈଦ୍ୟଶାସ୍ତ୍ର) ତଣ୍ଡୁଳ ବା ଯବ ପ୍ରଭୃତିକୁ ୮ ଗୁଣ ବା ୨୪ ଗୁଣ ଜଳରେ ସିଦ୍ଧ କରି ତାହା ଉତ୍ତମରୂପେ ଚକଟି ଛାଣି ପ୍ରସ୍ତୁତ କରାଯିବା ରୋଗୀର ପଥ୍ୟ—10. A liquid food or gruel made by boiling rice or barley in water and sifting it [ଦ୍ର—(ମତାନ୍ତରରେ) ୧୪ ଗୁଣ ଜଳରେ ତଣ୍ଡୁଳ ସିଦ୍ଧ କରି ସିଠା ପରିତ୍ୟାଗ କରି ଏହି ତରଳ ମଣ୍ଡ ପ୍ରସ୍ତୁତ କରାଯାଏ—ଦ୍ରବ୍ୟଗୁଣ କଳ୍ପଦ୍ରୁମ ।] ୧୧ । (+ଭାବ. ଡ)—ସଜ୍ଜା; ସଜାଇବା; ଅଳଙ୍କରଣ (ହି. ଶ)—11. Decoration. ୧୨ । (+କର୍ତ୍ତୃ.ଡ)ବେଙ୍ଗ (ହି,ଶ)—12. Frog. ଦେ. ବି. ୧ । (ସ. ମଣ୍ଡନ)—ପୁରସ୍କାର—1. Reward. [ ଉ—ଦଣ୍ଡ ବା ମଣ୍ଡ ସେହିଲାଗେ, ତେବେ ତରଣ ତଳେ ଅଟେ—ଭୂପତି. ପ୍ରେମପଞ୍ଚାମୃତ । ] ୨ । ତରଳ ପଦାର୍ଥର ଖଦଡ଼ା ଅଂଶ—2. Lumps found in liquids.

ମଣ୍ଡକ—ସ. ବି (ମଣ୍ଡ+କ )—୧ । ପିଷ୍ଟକବିଶେଷ; ମଣ୍ଡା ପିଠା—
Maṇḍaka 1. A kind of ball-shaped cake. [ ଦ୍ର—ତଣ୍ଡୁଳ ଚୂନାରେ ପାଣି ମିଶାଇ ତାକୁ ସିଦ୍ଧ କରି ଯେଉଁ ଖଳ ପ୍ରସ୍ତୁତ ହୁଏ, ସେ ଖଳ ମଧ୍ୟରେ ମିଷ୍ଟ ପୂର ଦେଇ ବାମ୍ଫରେ ସୁସିଦ୍ଧ କରି ଏହା ପ୍ରସ୍ତୁତ କରାଯାଏ । ] ୨ । ମାଧବୀଲତା (ହି. ଶ.)—2. A kind of hardy flowering creeper. ୩ । ଗୀତର ଅଙ୍ଗବିଶେଷ (ହି. ଶ.)—3. A part of a song.

ମଣ୍ଡ କରିବା—ଦେ. କ୍ରି—ପୁରସ୍କାର ଦେବା; ସମ୍ମାନିତ କରିବା—
Maṇḍa karibā To reward; to honour.
পুরস্কার দেওয়া मखड करना [ ଦ୍ର—ଦୋଷ ହେବା ଲୋକଙ୍କୁ ଦେଉଥିବା ଦଣ୍ଡ, ନିର୍ଦୋଷୀ ଲୋକଙ୍କୁ କରୁଥିବା ମଣ୍ଡ—କୃଷ୍ଣସିଂହ. ମହାଭାରତ. କର୍ଣ୍ଣ ।]

ମଣ୍ଡଣ—ଦେ. ବି (ସ. ମଣ୍ଡନ. ପ୍ରା. ମଣ୍ଡଣ)—ମଣ୍ଡନ (ଦେଖ)
Maṇḍaṇa মণ্ডন मंडन Maṇḍana (See)

ମଣ୍ଡଣ(ଣି)ସୁଆଁସିଆ—ଦେ. ବି—ଯେଉଁ ସେବକ ଯାତ୍ରା ଓ ଉତ୍ସବାଦି
Maṇḍaṇa(ṇi)suāṅsiā ଉପଲକ୍ଷରେ ଦେବତାଙ୍କ ରଥ, ବିମାନ
सजानेवाला सेवक ଆଦିକୁ ସଜ୍ଜିତ କରେ—A servant who bedecks the Deity's car etc. with trappings and fittings.

ମଣ୍ଡଣି—ଦେ. ବି—( ସ. ମଣ୍ଡନ )—୧ । ଅଳଙ୍କାର; ଭୂଷଣ—
Maṇḍaṇi 1. Ornaments; decorations. ୨ ।
অলঙ্কার ଅଳଙ୍କରଣ;ଅଳଙ୍କାରରେ ଭୂଷିତ କରଣ—2. Adorning.
मंडन [ଉ—କୁଣ୍ଡଳ ମଣି ଗଣ୍ଡେ ମଣ୍ଡଣି । କଣ୍ଠରେ ଲମ୍ବିଲେ ସୂର୍ଯ୍ୟ ଉଜ୍ଜ୍ୱଳମଣି—ପ୍ରାଚୀ. ରହସ୍ୟମଞ୍ଜରୀ ।]—୩ । ବିମାନଆଦିର
সাজসজ্জা ସାଜସଜ୍ଜା—3. The equipments of a car;
सजावट trappings. ( ଉ—ମୂଳ ମଣ୍ଡଣ ତାର ଇନ୍ଦ୍ରନୀଳରେ । ରାଧାନାଥ. ମେଘଦୂତ ।)

ମଣ୍ଡଣିଆ—ଦେ. ବି—ବେଶକାରୀ; ଯେଉଁ ସେବକ ବେଶ କରେ—
Maṇḍaṇiā A servant who furnishes Deities
বেশকার सजानेवाला etc with ornaments

ମଣ୍ଡଣି ହେବା—ଦେ. କ୍ରି—ଅଳଙ୍କାରରେ ଭୂଷିତ ହେବା—To be
Maṇḍaṇi hebā bedecked with ornaments.
মণ্ডিতহওয়া सँवारा होना

ମଣ୍ଡନ—ସ. ବି—( ମଣ୍ଡ୍. ଧାତୁ+କରଣ ଅନ ) —୧ । ଅଳଙ୍କାର;
Maṇḍana ଆଭରଣ; ଭୂଷଣ—1. Ornament. ୨ ।
ସାଜସଜ୍ଜା—2. Equipments. ୩ । (+ଭାବ ଅନ)
ପ୍ରସାଧନ—3. Toilette. ୪ । ଅଳଙ୍କରଣ—4. Act of adorning. ୫ । ସଜାଇବା—5. Equipping; furnishing. ବିଣ—ପୁଂ ( +କର୍ତ୍ତୃ. ଅନ ) ୧ । ଅଳଙ୍କାରକ; ପ୍ରସାଧକ—1. Adorning; one who adorns. ୨ । ଗୌରବ ବା ଶୋଭାବୃଦ୍ଧିକର—
(ମଣ୍ଡନା—ସ୍ତ୍ରୀ) 2. Enhancing the glory or grace. [ ଦ୍ର—ଏହି ଅର୍ଥରେ ଅନ୍ୟ ଶବ୍ଦ ସଙ୍ଗେ ଯୁକ୍ତ ହୁଏ ଯଥା—ମହୀମଣ୍ଡନ, କୁଳମଣ୍ଡନ, ଭୂମଣ୍ଡନା ଇତ୍ୟାଦି ] ୩ । ଏକ ଶ୍ରେଣୀର ଅନେକଙ୍କ ମଧ୍ୟରେ ଶ୍ରେଷ୍ଠ—3. Chief amongst many of a class. [ ଉ—ନରେଶ ମଣ୍ଡନ, ଶ୍ରୀହରି ଚନ୍ଦନ, ଜଗଦେବ ସ୍ତବ ଯୋଜନ । କବିସୂର୍ଯ୍ୟ. ଜଗମୋହନ ଛାନ୍ଦ ଗୀତ । ] ଦେ. ବିଣ; ମୁଗ୍ଧ—Pleased; charmed. (ଉ—ଏଣୁ କରଇ ମନ ନେଇକୁ ମଣ୍ଡନ । କୃଷ୍ଣସିଂହ. ମହାଭାରତ. ସଭା ।)

ମଣ୍ଡନ ମିଶ୍ର—ସ. ବି—(ନାମ) ଖ୍ରୀଷ୍ଟୀୟ ନବମ ଶତାବ୍ଦୀର ଶଙ୍କରାଚାର୍ଯ୍ୟଙ୍କର
Maṇḍana miśra ସମସାମୟିକ ଜନୈକ ପ୍ରସିଦ୍ଧ ବୌଦ୍ଧପଣ୍ଡିତ-
Name of a celebrated Buddhist Pandit

of the ninth century A. D. [ ଦ୍ର—ଏହାଙ୍କ ସ୍ତ୍ରୀ ଉଭୟଭାରତୀ-କଳହ ସ୍ୱାମୀ ଓ ଶଙ୍କରାଚାର୍ଯ୍ୟଙ୍କ ମଧ୍ୟରେ ହୋଇଥିବା ତର୍କରେ ମଧ୍ୟସ୍ଥତା କରିଥିଲେ ]

**ମଣ୍ଡନ ଲୀଳା**—ଦେ. ବି—( ବସ୍ତ୍ରୀତତ୍ ) ଦେହର ଅଳଙ୍କାରମାନଙ୍କର Mandana līlā ଶୋଭା—The beauty of body due to ornaments or decorations. (ଉ—ସୁଶ୍ରୀ ସୁଶି ମଣ୍ଡନ ଲୀଳା ଗୁର୍ବେ ଛବେ ସ୍ୱେ। ପ୍ରାଚୀ. ଉଷବାରଥି।)

**ମଣ୍ଡପ**—ସ.ବି—(ମଣ୍ଡ=ଅଳଙ୍କାର, ଭୂଷଣ+ପା. ଧାତୁ=ପାଳନ କରିବା Mandapa +କର୍ତ୍ତୃ. ଅ)— ୧। ମନ୍ଦିର; ଦେବାଳୟ—1. Temple. ୨। ବିଶ୍ରାମ ଗୃହ—2. Rest house. ୩। ଉପରରେ ଛାତ ଥିବା ଚାରି ପାଖରେ ମେଲା ଥିବା ଘର, ଯହିଁରେ ବହୁଲୋକ ଅଶ୍ରୟ ଗ୍ରହଣ କରିପାରନ୍ତି—3. A shed open on all sides; pavilion. ୪। ମଞ୍ଚ; ବେଦୀ—4. An altar; a platform; a pandal. ୫। ଅଳ୍ପକାଳ ରହିବା ନିମନ୍ତେ ନିର୍ମିତ ବାସସ୍ଥାନ—5. Arbour; a temporary pavilion. ୬। ଦେବୋଦ୍ଦେଶରେ ନିର୍ମିତ ଗୃହ—6. A house or raised shed intended for accomodating idols ୭। ଚାନ୍ଦୁଆ;ସାମିଆନା (ହି.ଶ)—7. Awning. ୮। ଛାମୁ ମଣ୍ଡପ; ଛାମୁଣ୍ଡିଆ; ଉତ୍ସବ ବା ସମାରୋହାର୍ଥ ନିର୍ମିତ ଛାମୁଯୁକ୍ତ ଅସ୍ଥାୟୀ ମଣ୍ଡପ (ହି. ଶ)—8. A temporary shed erected for a particular occasion. ୯। ଦେଉଳର ଉପରଭାଗରେ କ୍ରମ-ସୂକ୍ଷ୍ମ ଆବରଣ (ହି. ଶ)—

9. Dome; pyramidal roof of a temple.

**ମଣ୍ଡପିକା**—ସ. ବି (ମଣ୍ଡପ+କ+ଆ)—କ୍ଷୁଦ୍ର ମଣ୍ଡପ (ହି. ଶ)—Mandapikā A small mandapa.

**ମଣ୍ଡ(ଣ୍ଡି) ମଣ୍ଡିଆ**—ଦେ. ବିଣ—ଗଣ୍ଡି ଗଣ୍ଡି; ମଣ୍ଡଯୁକ୍ତ; ଗଦଗୁଆ (ତରଳ Manda( ndi ) mandiā ବସ୍ତୁ)—(liquid) Having ଘଁଇଟେ ଗୁଟଲୀବାଲା sediments or lumps; lumpy.

**ମଣ୍ଡଳ**—ସ. ବି—( ମଣ୍ଡ+ଅଲ୍ଲ ଅର୍ଥରେ ଲ )—୧ । ଗୋଲକ—1. Mandala Sphere; orb. ୨ । ଚକ୍ର—2. Wheel. ୩। ମଣ୍ଡଳୀ; ବୃତ୍ତ—3. Circle. ୪ । ବୃତ୍ତାକାର ଆଲୋକ—4. Halo of light. ୫। ପରିଧି—5. Circumference. ୬ । ବୃତ୍ତାକାର ଚକ୍ର—6. Circular figure or drawing. ୭। ଚନ୍ଦ୍ର ସୂର୍ଯ୍ୟଙ୍କର ପରିଧି; ଚନ୍ଦ୍ର ବା ସୂର୍ଯ୍ୟଙ୍କ ବିମ୍ବ—7. Disc of the sun or the moon. ୮। ଚନ୍ଦ୍ର ବା ସୂର୍ଯ୍ୟଙ୍କ ଚାରି ଦିଗରେ ବେଢ଼ିଥିବା ଉଜ୍ଜ୍ୱଳ ଆଲୋକ ରେଖା—8. A halo of light seen round the sun and the moon. ୯। ପରିବେଶ; ଚନ୍ଦ୍ର ସୂର୍ଯ୍ୟଙ୍କର, ବିଶେଷତଃ ଚନ୍ଦ୍ରଙ୍କର, ଚାରି ପାଖେ ଖଣ୍ଡଦୂରରେ ବେଳେ ବେଳେ ଯେଉଁ ବୃତ୍ତାକାର ରେଖା ଦେଖା ଯାଏ—9. A bright circle sometimes seen at some distance from the sun and specially the moon (in cloudy weather.) ୧୦। ଗ୍ରହ-ମାନଙ୍କର ଗତି ରେଖା—10. Orbit of a planet. ୧୧। ରାଜ୍ୟ—11. Kingdom. ୧୨ । ସ୍ଥାନ; ଦେଶ—12. Country; place. ୧୩। ଦେଶାଂଶ; ପ୍ରଦେଶ; ଦେଶ ଭାଗ—13. Province; tract of country. ୧୪। ଗ୍ରାମ ସମଷ୍ଟି; ଓଗଳ; ପ୍ରଗଣା—14. A collection or group of villages. ୧୫। ମଣ୍ଡଳୀ; ଭୂମିରେ ବା ଅଙ୍କିତ ରେଖାଦ୍ୱାରା ରଚିତ ଆସନବିଶେଷ—15. A seat prepared by drawing circular lines on the ground. ୧୬ । ଧନୁର୍ଦ୍ଧରମାନଙ୍କ ଆସନବିଶେଷ—16. One of the postures assumed by an archer. ୧୭। ଅରି ମିତ୍ରାଦି ଦ୍ୱାଦଶ ପ୍ରକାରର ରାଜା—17. Twelve kinds of kings surrounding a kingdom. ୧୮। ସର୍ପ; ନାଗ—18. Serpent; cobra. ୧୯। କୁକ୍କୁର—19. Dog. ୨୦ । ସମୂହ, ପୁଞ୍ଜ; ବୃନ୍ଦ—20. Cluster; multitude. ୨୧। ନଖାଘାତ; ପ୍ରେମିକ ପ୍ରେମିକାଙ୍କ ଶରୀରର ସ୍ଥାନବିଶେଷରେ ବିଳାସକାଳୀନ ନଖାଘାତ (ପ୍ରକୃତିବାଦ)—21. Semi circular amatory nail scratches. ୨୨। ଦିଙ୍ମଣ୍ଡଳ; ଦିଗବଳୟ (ହି. ଶ)—22. Horizon. ୨୩। ୪୦ ଯୋଜନ ଲମ୍ବ ଓ ୨୦ ଯୋଜନ ଚୌଡ଼ା ଭୂଖଣ୍ଡ (ହି. ଶ)—23. A tract of county 40 Jojanas long and 20 Jojanas broad. ୨୪। ନଖୀ ନାମକ ସୁଗନ୍ଧ ଦ୍ରବ୍ୟ (ହି. ଶ)—24. A kind medicinal scent; shell. ୨୫। ଦେହରେ ଚକାଚକା ଦାଗ ପଡ଼ୁଥିବା କୁଷ୍ଠରୋଗ ବିଶେଷ (ହି. ଶ)—25. A kind of leprosy with round spots. ୨୬। ଗୋଲ ଦାଗ (ହି. ଶ)—26. Circular spot. ୨୭। ଗୋଲାକାର ସୈନ୍ୟବ୍ୟୂହ ବିଶେଷ (ହି. ଶ)—27. A kind of circular battle-array. ଦେ. ବି—୧ । ବଂଶୋପାଧିବିଶେଷ—1. Name of a family title. ୨। ଗ୍ରାମର ପ୍ରଧାନ ବ୍ୟକ୍ତି—2. The headman of a village. ୩। ଦାଳୁଆ ଜାତିର ସଙ୍ଘବିଶେଷ—3. A title of the Sudra (Daluā) caste guild.

**ମଣ୍ଡଳକ**—ସ. ବି (ମଣ୍ଡଳ+ସ୍ୱାର୍ଥେ. କ)—୧। ସୂର୍ଯ୍ୟ ଓ ଚନ୍ଦ୍ରଙ୍କ Mandalaka ମଣ୍ଡଳ—1. The orb of the sun and the moon. ୨। ଦର୍ପଣ—2. Mirror. ୩ । କୁଷ୍ଠ ରୋଗ ବିଶେଷ—3. A kind of leprosy. ୪ । ମଣ୍ଡଳାକାର ବ୍ୟୂହ—4. A kind of circular

battle array. ୬। (ଏହା ମଣ୍ଡଳାକାରରେ ଶୋଇଥିବାରୁ) କୁକୁର—5. Dog.

**ମଣ୍ଡଳ ନୃତ୍ୟ**—ସ. ବ —ଚକ୍ରାକାର ନୃତ୍ୟ—
Mandala nrutya A dance in a ring.

**ମଣ୍ଡଳ ଭାଙ୍ଗିବା**—ଦେ. କ୍ରି—ଭୂମିରେ ମଣ୍ଡଳାକାର ଚିତ୍ର ଲେଖିବା—
Mandala bhāngibā To draw circular figures
মণ্ডল আঁকা **आड़िपन देना** on the ground.

**ମଣ୍ଡଳ ମଧ୍ୟବର୍ତ୍ତୀ**—ସ. ବଣ—ଚକ୍ର ମଧ୍ୟସ୍ଥ—Situate inside a
Mandala madhyabartti circle.

**ମଣ୍ଡଳା**—ଦେ. ବ (ସ. ମଣ୍ଡଳ)—ଭୂମି ଆଦରେ ଅଙ୍କିତ ମଣ୍ଡଳାକାର
Mandalā ରେଖା—Circles drawn on the ground.
মণ্ডলাকার রেখা (ଉ—ପୂଜାଘ ମଣ୍ଡଳା କରି ବାଦ୍ଧିଲ, ମୂଳ କମଳ
**गोलाकार रेखा, मण्डल** ତାର ନାମ ଦେଲ । ପ୍ରାଚୀ. ପଦଚେ ଗୀତା ।)

**ମଣ୍ଡଳାକାର**—ସ. ବଣ (ମଣ୍ଡଳ+ଆକାର)—ଗୋଲାକାର; ଚକ୍ରାକାର—
Mandalākāra Circular; globular.

**ମଣ୍ଡଳାଗ୍ର**—ସ. ବ ( ବହୁବ୍ରୀହି; ମଣ୍ଡଳ+ଅଗ୍ର )—୧ । ଖଡ୍ଗ—
Mandalāgra 1. Sword. ୨ । ସୁଶ୍ରୁତୋକ୍ତ ଅସ୍ତ୍ରବିଶେଷ
(ହି. ଶ)—2. A kind of surgical instrument used in ancient India.

**ମଣ୍ଡଳା ଘର**—ପ୍ରାଦେ. (ସମ୍ବଲପୁର) ବ—ପାଇଖାନା—
Mandalā ghara Latrine.

**ମଣ୍ଡଳା ଘରେ ବିଜେ କରିବା**—ପ୍ରାଦେ. (ସମ୍ବଲପୁର) କ୍ରି. (ରଜାଙ୍କ ପ୍ରତି
Mandalā ghare bije karibā ପ୍ରଯୋଜ୍ୟ)—(ରଜା)
ପାଇଖାନାକୁ ଯିବା ବା ଝାଡ଼ା ଫେରିଯିବା—To ease oneself (said of Rajas).

**ମଣ୍ଡଳାଧିପ**—ସ. ବ (୬ଷ୍ଠୀ ତତ୍; ମଣ୍ଡଳ+ଅଧିପ)—ପ୍ରଦେଶର ଅଧିପତି;
Mandalādhipa ଚତ୍ୱାରିଶତ ବା ଚତ୍ୱାରିଂଶତ୍ ଯୋଜନ ପରମିତ
ଦେଶର ରାଜା—The lord of a province.
(ମଣ୍ଡଳାଧିପତି, ମଣ୍ଡଳାଧୀଶ, ମଣ୍ଡଳେଶ, ମଣ୍ଡଳେଶ୍ୱର—ଅନ୍ୟରୂପ)

**ମଣ୍ଡଳାୟିତ**—ସ. ବଣ (ମଣ୍ଡଳ+ଯ=ମଣ୍ଡଳାୟ ଧାତୁ+କର୍ତ୍ତୃ. ତ )—
Mandalāyita ଚକ୍ରାକୃତ; ବର୍ତ୍ତୁଳ; ଗୋଲାକାର—Round; circular.

**ମଣ୍ଡଳି**—ଦେ. ବ. (ସ. ମଣ୍ଡଳୀ)—୧ । ଖ୍ରୀଷ୍ଟୀୟାନମାନଙ୍କର ଏକ ଧର୍ମ
Mandali ଯାଜକଙ୍କ ଅଧୀନ ଉପାସକଗଣ—1. A colony
মণ্ডলী **मण्डली** or congregation under a person.
୨ । ଜଣେ ଧର୍ମଯାଜକଙ୍କ ଇଲାକା—2. A parish.

**ମଣ୍ଡଳିଆ**—ଦେ. ବଣ—ମଣ୍ଡଳଯୁକ୍ତ; ଗୋଲ—Circular.
Mandalia (ଉ—ଅଖଣ୍ଡ ଚନ୍ଦ୍ର ସୁନ୍ଦର ମୁଖ ମଣ୍ଡଳିଆ ।
গোল **गोला** କବିସୂର୍ଯ୍ୟ. ସଙ୍ଗୀତ ।)

**ମଣ୍ଡଳିନୀ**—ସ. ବ. ସ୍ତ୍ରୀ. (ମଣ୍ଡଳ+ଇନ୍+ଈ; ୧ମା. ୧ବ)—ଦୂବା—
Mandalini The doob grass.

**ମଣ୍ଡଳୀ**—ସ. ବ ( ମଣ୍ଡଳ+ଇନ୍; ୧ମା. ୧ବ )—୧ । ଜନସମୂହ;
Mandali ଗୋଷ୍ଠୀ; ସମାଜ—1. A congregation or crowd of people; a group of people; a society of men. ୨ । ଚକ୍ରାକାରରେ ଉପବିଷ୍ଟ ଜନସମୂହ—2. An assembly of persons seated in a circle. ୩ । ସୂର୍ଯ୍ୟ—3. The sun. ୪ । ସର୍ପ—4. Serpent. ୫ । କୁକୁର—5. Dog. ୬ । ବଣଭୁଆ; ବଣବିରାଡ଼ି—6. Wild cat. ୭ । ବିରାଡ଼ି—7. Cat. ୮ । ଡିମ୍ବିରି ଗଛ—8. The fig tree. ୯ । ବଟ ବୃକ୍ଷ—9. Banyan tree. ୧୦ । ଚକ୍ର—10. Wheel. ୧୧ । ଦୂବା (ହି. ଶ)—11. The Doob grass. ୧୨ । ଗୁଳୁଚି (ହି. ଶ) (ଦେଖ)—12. Guluchi (See) ୧୩ । ସୁଶ୍ରୁତୋକ୍ତ ଆଠ ପ୍ରକାର ସର୍ପ ମଧ୍ୟରୁ ଏକ ଜାତୀୟ ସର୍ପ—13. A kind of snake. [ଦ୍ର—ଏହା ଦେହରେ ଗୋଲାକାର ମଣ୍ଡଳମାନ ଥାଏ ଓ ଏହା ଖୁବ ଧୀର ଥିବାରୁ ଚଞ୍ଚଳ ଚାଲି ପାରେ ନାହିଁ—ହି. ଶ] ବଣ—ଚକ୍ରାକାରରେ ଘୂର୍ଣ୍ଣିତ ମଣ୍ଡଳ ବିଶିଷ୍ଟ—Revolving in a circle; gyrating.

**ମଣ୍ଡଳୀ କରଣ**—ସ. ବ (ମଣ୍ଡଳ+ଅଭୂତ ତଦ୍ଭାବେ ଚ୍ୱି+କରଣ)—
Mandali karana କୁଣ୍ଡଳୀକରଣ; ଗୋଲକରିବା—Coiling; rounding.
(ମଣ୍ଡଳୀକୃତ—ବଣ)

**ମଣ୍ଡ ହାରକ**—ସ. ବ (ମଣ୍ଡ=ଅନ୍ନାଦିର ଫେଣ+ହୃ ଧାତୁ=ନେବା+
Manda hāraka କର୍ତ୍ତୃ. ଅକ; ଯେ ଭାତର ଫେଣରୁ ମଦ ତିଆର କରେ)—୧ । ଶୌଣ୍ଡିକ; ଶୁଣ୍ଡି—1. A maker of wine; a distiller. ୨ । ମଦ୍ୟ ବ୍ୟବସାୟୀ (ହି. ଶ)-2. A dealer in wine.

**ମଣ୍ଡା**—ଦେ. ବ ( ସ. ମଣ୍ଡକ; ମଣ୍ଡକ )—୧ । ପିଷ୍ଟକବିଶେଷ—
Mandā 1. A kind of cake boiled in steam.
মংডা [ଦ୍ର—ଚାଉଳ ଚୂନାକୁ ସିଝାଇ ଖଳି କରିବାକୁ ହୁଏ ।
**मंडा** ତାହାରେ ସେହି ଖଳିକୁ ଗିନା ଆକାର କରି ତା ମଧ୍ୟରେ ପୂର ଦେଇ ମୁହଁ ବୁଜି ଗୋଲ କରି ବାମ୍ଫରେ ସିଝା ଯାଏ । ଏହି ପିଠା ଅତ୍ୟନ୍ତ ସୁଲଘୁପାକ ଅଟେ । ଛେଳି ଛଗରେ କହନ୍ତି—ପିଠା ଉପରେ ମଣ୍ଡା କଟୋଳ, ବାଲ୍ମୁଣ୍ଡା ଉପରେ ପଣ୍ଡା କଟୋଳ ।] ୨ । ପୁଷ୍ପ ସ୍ତବକ—
তোড়া 2. Nosegay. ୩ । ଗୁଚ୍ଛ ସ୍ତବକ—3. Cluster.
**गुलदस्ता** [ଉ—କରେ ଦେଲ ସୁଗନ୍ଧ ମଣ୍ଡା, ଶୁଙ୍ଘନ୍ତେ ଭ୍ରମରମଣି ହୋଇଲେ ମେଣ୍ଡା । ପ୍ରତାପ. ଶିଶିବେଣା ।] ୪ । ମଣ୍ଡିବା;
ভূষিত করা ଭୂଷିତ କରିବା—4. Adorning. ୫ । ମଣ୍ଡା କାଇଁଚ (ଦେଖ)—5. Mandā kāincha (See)
গোল ବଣ—୧ । ଗୋଲାକାର—1. Circular. ୨ । ସଜ୍ଜିତ;
**गोल** ମଣ୍ଡିତ—2 Adorned. (ଉ—ଦେବଙ୍କର ଖଣ୍ଡା-ଘାତରେ ଗଣ୍ଡା ଗଣ୍ଡା, ଛିଡ଼ିଲା ଅସୁରଙ୍କ ମୁଣ୍ଡ ରହେ ମଣ୍ଡା । କୃଷ୍ଣସିଂହ. ମହାଭାରତ ବନ ।) ସ. ବ. (ମଣ୍ଡ+ଆ)—୧ । ସୁରା (ହି. ଶ)—1. Wine; spirituous liquor. ୨ । ଅମଳକୀ (ହି. ଶ)—2. Embelic

myrobalan. ଗ୍ରାଦେ. (ଗଡ଼ଜାତ)—କୌଣସି ଦେଶୀ ମଦ ( ଗୁଡ଼ଲ ବା ମହୁଲ ) ରଖିବାର ମାଟିର ପାତ୍ର ବିଶେଷ—A flat earthen vase for containing liquor. [ଦ୍ର—ଏହା ଶିଅଳମାନେ ତାଡ଼ି ରଖିବା ମଦ ଓସ୍ତା ଭଳ ଖାଲ ମୁହାଁ ଓ ମାଠିଆ ପର ଗୋଲ ନ ହୋଇ ଚେପ୍ଟା ଅଟେ ।]

**ମଣ୍ଡା(ଣ୍ଡେ)ଇବା**—ଦେ. କ୍ରି—(ମଣ୍ଡିବା କ୍ରିୟାର ଣିଜନ୍ତ ରୂପ— The Maṇḍā(ṇḍe)ibā causative form of Maṇḍibā). ୧ । ମଣ୍ଡିତ କରାଇବା—1. To cause to adorn. साजाना (ଉ—ମଣ୍ଡାଇ ସୁନାର ନେତ୍ର ପଙ୍କଜାସ୍ୟେ, ଅପରୂ ମଣ୍ଡନ सजावट कराना, मंडवाना ଚଳଭୁରୁ ଲାସ୍ୟେ । ରାଧାନାଥ. ଚିଲିକା) ୨ । ସୁସଜ୍ଜିତ କରିବା—2. To decorate. ( ଉ—ମଣ୍ଡାଇଲ କବାଷ । ଲକ୍ଷ୍ମୀ ହେଲି ଏ ବେଶ, ଅନେ ଯେବେ ଆବେଶ ମନ ବଳସ୍ତରେ । କବିସୂର୍ଯ୍ୟ ସଙ୍ଗୀତ ।)

**ମଣ୍ଡା କାଇଁଚ**—ଦେ. ବି (ସଂ. ମଣ୍ଡଳ + କୁଞ୍ଚିକା; ସଂ.ନାମ. ରକ୍ତଚନ୍ଦନ)— Maṇḍā kāiñcha ଏକ ପ୍ରକାର ବର୍ତ୍ତୁଳ ନାଲି ଫଳ— A kind of flat red seed used by goldsmiths in weighing; Adenanthera Penonina. [ଦ୍ର—ଏହା ପ୍ରକୃତରେ କାଇଞ୍ଚ ଜାତୀୟ ନୁହେଁ, କାଇଞ୍ଚ ଲତାରେ ଫଳେ, ଏହା ଏକ ପ୍ରକାର ଗଛରେ ଫଳେ । ଏହି ଗଛ ବକୁଳର ବର୍ଗରେ ଅଟେ । ଏହାର ଖାଜ ଗୋଲ ଓ ଚେପ୍ଟା ଓ ଆକାରରେ କାଇଞ୍ଚର ପ୍ରାୟ ଦୁଇ ଗୁଣ । ବଣିଆମାନେ ସୁନା ଆଦି ଓଜନ କରିବାରେ ଏହା ବ୍ୟବହାର କରନ୍ତି । ଏହାର ଓଜନ=୨ କାଇଞ୍ଚ, କେହି କେହି ଏହାକୁ ରକ୍ତ ଚନ୍ଦନ (Teracarpus Santalum) ଓ କେହି କେହି ପତଙ୍ଗ ବା ବକମ (Caesalpina Sapan) ର ଖାଜ ବୋଲି କହନ୍ତି । ]

**ମଣ୍ଡା କୁସୁମ**—ଦେ. ବି—ବଡ଼ କୁସୁମ ଫୁଲ—Safflower of bigger species. [ଦ୍ର—ଏଥିରେ ବଳଦଥା Maṇḍā kusuma ବଡ ଗାଁଦା ଫୁଲ हजारा ରଙ୍ଗର ବହୁତ ପ୍ରସ୍ତ ପାଖୁଡ଼ା ଥାଏ ।]

**ମଣ୍ଡା କୋଲପ**—ଦେ. ବି—ଗୋଲାକାର କୋଲପ— Maṇḍā kolapa ਗੋਲ कुलुप A round padlock. ( ମୁଣ୍ଡା କୋଲପ ଅନ୍ୟ ରୂପ; ନଳୀ କୋଲପ—ବିପରୀତ )

**ମଣ୍ଡା ଗିଲ**—ଦେ. ବି— ଏକଜାତୀୟ ଗିଲ; କଚକଲ ( ଦେଖ )— Maṇḍā gila A kind of Mimosa Scandens. गिला [ ଦ୍ର—ଏହା ସାଧାରଣ ଗିଲଠାରୁ ଅଧିକ ଗୁରୁ ଗୁଣ ବଡ଼ ଓ ଚେପ୍ଟା । ]

**ମଣ୍ଡାଛତୁ**—ଦେ. ବି—ନାଡ଼ି ନ ଥିବା ଓ ଫେଣ୍ଡା ପରି ମୁଣ୍ଡବିଶିଷ୍ଟ ଭୂମିରୁ Maṇḍāchhatu ଉଠିବା ଏକପ୍ରକାର ଛତୁ—A ball- बड़छातू shaped mushroom. [ ଦ୍ର—ଏହା ଶୁଖିଗଲେ କଳା ହୁଏ । ଏହାର ଚୂନା ପାଉଁଶ ପରି । ଏହି ଚୂନାକୁ ଘାଅରେ ପକାଇଲେ ଘାଅ ଶୁଖିଯାଏ । ]

**ମଣ୍ଡା ଟିଙ୍କ**—ଦେ. ବି—ଏକଜାତୀୟ ବଡ଼ ଟିଙ୍କ—A kind of big Maṇḍā ṭiṅka sized tick. [ ଦ୍ର—ଟିଙ୍କ ତଳେ ଶୀକା गोल एँटेली बछीकिलनी ଦେଖ । ]

**ମଣ୍ଡାଣ**—ଗ୍ରାଦେ ( ବାଲେଶ୍ୱର ) ବି—କଚାଣ ଓ ଦୋଓଡ଼ା ପରେ Maṇḍāṇa ବିଲରେ ଯେଉଁ ହଳ କରାଯାଏ—The third ploughing of fields.

**ମଣ୍ଡା ପଡ଼ିଆ**—ଦେ. ବଣ—ଧଡ଼ିରେ ମଣ୍ଡଳ ଆକାର ଚିହ୍ନ ବୁଣାଯାଇ ଥିବା Maṇḍā paṛiyā ( ଲୁଗା )—( cloth ) Bearing circular marks in the border. ( ଉ— କେତ ପିନ୍ଧିଥିଲା ମଣ୍ଡା ପଡ଼ିଆ, କହାଇ କ ଥିବ ଲୋଡ଼ିଆ । ପ୍ରାଚୀ. ଭକ୍ତଶ୍ୟାମସ୍ୱରୀ । )

**ମଣ୍ଡା ରୁଞ୍ଜ**—ଗ୍ରାଦେ ( ବାଲେଶ୍ୱର ) ବି—ମଣ୍ଡା କାଇଁଚ ( ଦେଖ )— Maṇḍā ruñja Maṇḍā kāiñcha (See)

**ମଣ୍ଡା ଶିପ**—ଦେ. ବି—ଗୋଲାକାର ଶିପ—Round oyster shell. Maṇḍā sipa गोल सामुक गोलसीप

**ମଣ୍ଡି**—ଦେ. ବି ( ସଂ. ମଣ୍ଡ )—ପାଣିଆ ଦ୍ରବ୍ୟର ତଳେ ବସିଥିବା Maṇḍi ଖଦଡ଼ା ଅଂଶ—Rough sediment left at तलानी तलछट the bottom of a liquid.

**ମଣ୍ଡିଆ**—ଦେ. ବଣ—ଖଦଡ଼ିଆ ( ତରଳ ଦ୍ରବ୍ୟ )—( a liquid) Maṇḍiā थईचे Having rough particles or (ମଣ୍ଡ ମଣ୍ଡିଆ—ଅନ୍ୟରୂପ) lumps in it.

**ମଣ୍ଡିତ**—ସଂ.ବଣ (ମଣ୍ଡ୍ ଧାତୁ + କର୍ମ.ତ)—୧ । ଭୂଷିତ—1. Adorned. Maṇḍita ୨ । ସଜ୍ଜିତ—2. Equipped. ୩ । ଖଚିତ —3. Studded. ୪ । ବେଷ୍ଟିତ—4. Enveloped; surrounded. ୫ । ଆବୃତ—5. Plated; covered; overlaid with. ବି—ଜନୈକ ବୌଦ୍ଧ ରାଜା —Name of a Buddhist king

**ମଣ୍ଡିବା**—ଦେ. କ୍ରି ( ସଂ. ମଣ୍ଡ୍ ଧାତୁ )—୧ । ଅଳଂକୃତ କରିବା; Maṇḍibā ଭୂଷିତ କରିବା—1. To adorn; to साजाना; मण्डनकरना decorate. ( ଉ—ଚନ୍ଦନ ଫୁଲେ ମଣ୍ଡିଥାଉ मंडना ତାର ଗାତ୍ର । କୃଷ୍ଣସିଂହ. ମହାଭାରତ. ସଭା । ) ୨ । ସଜାଇବା; ସଜ୍ଜିତ କରିବା—2. To equip. ୩ । ଶୋଭା ବଢ଼ାଇବା; ସୌନ୍ଦର୍ଯ୍ୟ ବୃଦ୍ଧିର ଉପାୟ କରିବା— 3. To enhance the beauty or charm of a thing. ( ଉ—ଯଥାକାଳେ ଅଙ୍ଗମଣ୍ଡିଲା ଅଭିନବ ଯୌବନ । ରାଧାନାଥ. ଚନ୍ଦ୍ରଭାଗା । ) ୪ । ଉପରେ ପିନ୍ଧିବା—4. To wear, to put on. ( ଉ— ମ୍ଲେଚ୍ଛମୁଦ୍ରା ତା ଦେଖି ସଜବାନ ବଳେ, ଶୁଭ ମୁହୂର୍ତ୍ତେ ସେ ମଣ୍ଡନ ମଣ୍ଡିଲେ । କୃଷ୍ଣସିଂହ. ମହାଭାରତ. ବନ । )

**ମଣ୍ଡୁଅ**—ଗ୍ରା. ବି ( ସଂ. ମଣ୍ଡପ )—ମଣ୍ଡପ—A raised and shaded Maṇḍua pandal. ( ଉ—ସ୍ଥୂଳ ଅଙ୍ଗୁଷ୍ଠ ମଣ୍ଡୁଅରେ मंडप थାଇ, ଚନ୍ଦ୍ର ସୂର୍ଯ୍ୟ ବେଳ କରଣ ଏହି । ପ୍ରାଚୀ. मंडवा ସବରଚେଗୀତା । )

**ମଣ୍ଡୁଅ**—ପ୍ରାଦେ ( ସମ୍ବଲପୁର ) ବି ( ସଂ. ମଣ୍ଡପ ) ମଣ୍ଡପ—
Manduā A raised pavilion or pandal.

**ମଣ୍ଡୁକ**—ସଂ. ବି (ମଣ୍ଡ୍ ଧାତୁ+କର୍ମ ଉକ) —ଢାଲକୁ ଧରିବାର ସ୍ଥାନ—
**Manduka** The part of a shield where it is held by the hand.

**ମଣ୍ଡୁଲି**—ପ୍ରାଦେ ( ସମ୍ବଲପୁର ) ବି—ମାଛ ଧରିବାର ଯନ୍ତ୍ରବିଶେଷ—
Manduli A contrivance for catching fish.

**ମଣ୍ଡୂକ**—ସଂ. ବି (ମଣ୍ଡ୍ ଧାତୁ+କର୍ତ୍ତୃ. ଊକ )—୧ । ଭେକ; ବେଙ୍ଗ—
Maṇḍūka 1. A frog. ୨ । ମୁନିବିଶେଷ—2. Name
(ମଣ୍ଡୂକୀ—ସ୍ତ୍ରୀ) of a sage. ୩ । (+କରଣ ଊକ) ରତିବନ୍ଧବିଶେଷ—3. A kind of coitus or mode of sexual enjoyment ( Apte ). ୪ । (+କର୍ମ. ଊକ) ପ୍ରାଚୀନକାଳର ଏକ ବାଦ୍ୟ ( ହି. ଶ )—4. A kind of musical instrument used in ancient India. ୫ । ( +ଅଧିକରଣ. ଊକ ) ନୃତ୍ୟବିଶେଷ ( ହି. ଶ )—5. A kind of dance. ୬ । ଏକଜାତୀୟ ଘୋଡ଼ା ( ହି. ଶ )—6. A species of horse.

**ମଣ୍ଡୂକପର୍ଣ୍ଣ**—ସଂ. ବି—ଶ୍ୟୋନାକ; ଫଣଫଣା ( ବଙ୍ଗଳା ଦ୍ରବ୍ୟଗୁଣ )—
Maṇḍūkaparṇṇa Bignonia Indica.

**ମଣ୍ଡୂକପର୍ଣ୍ଣୀ**—ସଂ. ବି—୧ । ହାତୀଶୋଷଥ ଗୁଳ୍ମ; ଧାନ୍ୟାଦିବର୍ଗର ବନ୍ୟ
Maṇḍūkaparṇṇī ଶାକବିଶେଷ; ଥାଲକୁଡ଼ି ଗଛ—
(ମଣ୍ଡୂକପର୍ଣ୍ଣିକା—ଅନ୍ୟରୂପ) 1. Hydrocotyle Asiatica;
ଅନ୍ୟ ସଂ. ନାମ—ମାଣ୍ଡୂକୀ,ବ୍ରାହ୍ମୀ, the Asiatic pennywort
ଦିବ୍ୟା, ମହୌଷଧୀ (Kirtikar). [ ଦ୍ର—
ଥାନକୁଡ଼ି, ଥୁଲକୁଁଡ଼ି ଏହାର ପତ୍ର ବେଙ୍ଗ ପିଠିର ଆକୃତି
ଥୁଲଖୁଡୀ, ମଣ୍ଡୂକପର୍ଣ୍ଣୀ. ବିଶିଷ୍ଟ । ଏହି ପତ୍ରର ବାହ୍ୟ
ଖୁଲଖୁଡୀ ପ୍ରୟୋଗରେ କୁଷ୍ଠ, ଉପଦଂଶ,
ତେ. ମଣ୍ଡୂକବ୍ରହ୍ମୀ ନଳୀ ଘା ଓ ଚର୍ମରୋଗ ଆରୋଗ୍ୟ
ମ. ବ୍ରହ୍ମୀ ହୁଏ । ବୈଦ୍ୟଶାସ୍ତ୍ର ମତରେ ଏହା
ତା. ବଲ୍ଲାରେକେୟ କୁଷ୍ଠ, ପାଣ୍ଡୁ, ମେହ, ରକ୍ତଦୋଷ,
ଗୁ. ଖଡବ୍ରାମୀ କାସ, ବିଷଦୋଷ, ଶୋଥ ଓ ଜ୍ୱର
ଫା. ଜନରବ୍ ନାଶକ । ଏହା ଆୟୁଷ୍କର, ମେଧାଜନକ, ରସାୟନ, ସ୍ୱରବର୍ଦ୍ଧକ ଓ ସ୍ମୃତିପ୍ରଦ । ପରୀକ୍ଷା ଦ୍ୱାରା ଦେଖା ଯାଇଅଛି ଯେ ଏ ପତ୍ରର ରସ ଏକ ତୋଳା ଲେଖାଏଁ ପ୍ରତ୍ୟହ ଖାଇଲେ ଆୟୁର୍ବୃଦ୍ଧି ହୁଏ । ଜଣେ ଚୀନ ଦେଶବାସୀ ଏହା ବ୍ୟବହାର କରି ଶତାଧିକ ବର୍ଷ ବଞ୍ଚିଥିବାର ଦେଖା ଯାଇଅଛି । ] ୨ । ମଞ୍ଜିଷ୍ଠା ( ହି. ଶ. )—2. Indian madder. ୩ । ବ୍ରାହ୍ମୀ ଶାଗ (ହି. ଶ ) (ଦେଖ)—3. Brāhmī (See)

**ମଣ୍ଡୂକପ୍ଲୁତ(ତି)**—ସଂ. ବି—୧ । ଭେକ ଲମ୍ଫ; ବେଙ୍ଗ ଡେଇଁବା ଗତି—
Maṇḍūka pluta(ti) 1. The jumping motion of
(ମଣ୍ଡୂକାନୁବୃତ୍ତି—ଅନ୍ୟରୂପ) a frog. ୨ । ରଚନାର ଶବ୍ଦବିଶେଷ; ଚିତ୍ରରଚନାବିଶେଷ—2. A kind of pictural composition. [ଦ୍ର—ଏ ରଚନାରେ ଏକ ବା ତତୋଽଧିକ ପଦ ମଧ୍ୟରେ ଏକ ବା ଏକାଧିକ ଅକ୍ଷର ବଡ଼ୁବାକୁ ପ୍ରଯୁକ୍ତ ହୋଇଥାଏ । ନିମ୍ନଲିଖିତ ପଦଗୁଡ଼ିକ ମଣ୍ଡୂକପ୍ଲୁତ ରୀତିରେ ଲିଖିତ । ଯଥା—

ନାରକର ହସି ହସି କେ ସଖୀ କହେ ମଧୁରେ
ମଧୁରେ ସ୍ନେହରେ ସୁମନା ମନାଇବା ବିଧିରେ
ଧୀରେ ହେବ ମୋଦ ପୀବର ବର ଲଭଲା କାଳେ
କାଳେ ନ ହେବ ତ ଏ ଭାବ ଭାବକଣ ଭାବରେ ।
ଗୋଲୋକ. ଇନ୍ଦୁରେଖା ।

ମତାନ୍ତରରେ ଉଦାହରଣ—
ମାନଜନ ମନ ମନ ଛନ୍ଦ ଛନ୍ଦ ଧନସ୍ଥାନ
ଛନ୍ଦ ଘନ ମାନ ପ୍ରାଣଧନ ମାନ ମାନ ।
ଗୋଲୋକ. ଇନ୍ଦୁରେଖା ।

ମତାନ୍ତରରେ ଉଦାହରଣ—
ରସେ ବରଷେ ରସେ ଅଳ ରସେ ପରଶେ ରସେ ।
ଗୋଲୋକ. ଇନ୍ଦୁରେଖା ।]

**ମଣ୍ଡୂକପ୍ଲୁତ(ତି)ନ୍ୟାୟ**—ସଂ. ବି—ବେଙ୍ଗ ଯେଉଁପରି ଡେଇଁ ଡେଇଁ
Maṇḍūkapluta(ti)nyāya ଗତି କରେ ସେହିପରି ମଧ୍ୟେ ମଧ୍ୟେ ରହି ରହି କୌଣସି କାର୍ଯ୍ୟ କରିଯିବା—Like the leaping motion of a frog. An analogy applied to a ease where an act is done by leaps and bounds with repeated rests).

**ମଣ୍ଡୂକ ବାଦ୍ୟ**—ସଂ. ବି—ଶିଶୁଙ୍କ କ୍ରୀଡ଼ନକ ଏକପ୍ରକାର ଆନଦ୍ଧ ବାଦ୍ୟ;
Maṇḍūka bādya ବେଙ୍ଗୀବାଇଦ—A kind of small drum for children.

**ମଣ୍ଡୂକ ସରଃ**—ସଂ. ବି (ମ. ପ. ଲୋ)—ମଣ୍ଡୂକପୂର୍ଣ୍ଣ ଜଳାଶୟ—A tank
Maṇḍūka saraḥ abounding in frogs.

**ମଣ୍ଡୂକା**—ସଂ. ବି—ମଞ୍ଜିଷ୍ଠା (ଦେଖ)
Maṇḍūkā Mañjishṭhā (See)

**ମଣ୍ଡୂକାସନ**—ସଂ. ବି—ଯୋଗର ଆସନବିଶେଷ—
Maṇḍūkāsana A posture in joga or spiritual meditation.

**ମଣ୍ଡୂକି**—ଦେ. ବି—ମଣ୍ଡୂକ ( ଦେଖ )—Maṇḍūka (See)
Maṇḍūki (ଉ—କୂର୍ମଲୋକ ମଣ୍ଡୂକିରେ ରହନ୍ତି—ପ୍ରାଚୀ. ପରଚେତୀତା ।)

**ମଣ୍ଡୂକୀ**—ସଂ. ବି. ସ୍ତ୍ରୀ—୧ । ମାଈ ବେଙ୍ଗ; ବେଙ୍ଗୁଲୀ—1. A she-
Maṇḍūkī frog. ୨ । ଭ୍ରଷ୍ଟା ବା ଅସତୀ ସ୍ତ୍ରୀ—2. An unchaste woman (Apte). ୩ । ମଣ୍ଡୂକପର୍ଣ୍ଣୀ ( ଦେଖ )—3. Maṇḍūkaparṇṇī ( See ) ୪ । ଆଦିତ୍ୟଭକ୍ତା (ହି. ଶ.) ( ଦେଖ )—4. Aditya-bhaktā (See)

**ମଣ୍ଡୂର**—ସଂ. ବି (ମଣ୍ଡ୍ ଧାତୁ+କର୍ତ୍ତୃ. ଊର) —୧ । ଲୌହକିଟ୍ଟ; ଲୁହାର
Maṇḍūra କଳଙ୍କି; ଲୌହମଳ—1. The rust of
ଅନ୍ୟ ସଂ. ନାମ-ଶିଙ୍ଘାଣ, iron. ୨ । ଲୁହା ଗୁହ—2. Slag of

ସିଂହାଣ, ସିଂହାନ, iron; dross of iron. [ ଦ୍ର—ସିଂଘାନ, ଶୂଳଘାତନ, ଅନ୍ତତଃ ୬୦ ବର୍ଷର ପୁରାତନ ମଣ୍ଡୂରକୁ କଟ୍ଟ, ଲୌହଚୂର୍ଣ୍ଣ, ବାହାଡ଼ା କାଠର ନିଆଁରେ ପୋଡ଼ି ଗୋମୂତ୍ରରେ ଅୟୋମଳ, ଲୋହଜ, ପକାଇ, ଏହିପରି ୭ ଥର ଶୋଧନ କରି କୃଷ୍ଣଚୂର୍ଣ୍ଣ, ଲୋଷ୍ଟ, ତାକୁ ଚୂର୍ଣ୍ଣ କରି ଔଷଧରେ ବ୍ୟବହାର ଲୌହସିଂହାନ(ଣି)କା କରାଯିବା ଉଚିତ । ]

ମଣ୍ଡେଇବା—ପ୍ରାଦେ (ଜାଜପୁର) କ୍ରି—ପିନ୍ଧାଇବା—
Mandeibā To put on.

ମଣ୍ଡୋଦକ—ସଂ. ବି ( ମ. ପ. ଲୋ; ମଣ୍ଡମିଶ୍ରିତ ଉଦକ )—ପିଠୋଉ
Mandodaka ପାଣି—Water mixed with rice paste.

ମଣ୍ଡୋପ—ଗ୍ରା. ବି—ମଣ୍ଡପ ( ଦେଖ )—Mandapa (See)
Mandopa [ ଦ୍ର—କବି ଦୂରେ ମଣ୍ଡୋପେକ ଦେଖିଲେ (ମଣ୍ଡେଇ,ମୁଣ୍ଡପ, ମୁଣ୍ଡେଇ—ଅନ୍ୟରୂପ) ଯାଇଁ—ପ୍ରାଚୀ. ନଳଚରିତ । ]

ମତ୍—ସ—୧ । (ଅସ୍ମଦ୍ ଶବ୍ଦର ମଦ୍‌ଶବ୍ଦାଂଶର ଏକ ରୂପ, ଅନ୍ୟ ଶବ୍ଦ
Mat ପୂର୍ବେ ଯୁକ୍ତ ହୁଏ । ଯଥା—ମଦବଲମ୍ବନ, ମଦାଳୟ, ମଦାଶ୍ରୟ, ମଦର୍ଜିତ, ମଦଷ୍ଟ, ମଦାଶ୍ରିତ, ମଦୁକ୍ତି; ମଦ୍‌ଗୁଣ, ମଦୈଶ୍ୱର୍ଯ୍ୟ, ମତ୍‌କେଶ, ମତ୍‌ଖଡ୍ଗ, ମଦ୍‌ଗୁଣ, ମଦ୍‌ଧର୍ମ, ମଚ୍ଚିତ୍ତ, ମଚ୍ଛାୟା, ମଜ୍ଜାୟା, ମଜ୍ଜୀବନ, ମତ୍କର୍ତ୍ତିତ, ମତ୍କୃତ, ମଦ୍ଦ୍ୱାରକ, ମତ୍ତଳ, ମତ୍ତୁଲ୍ୟ, ମଦ୍ଥୁତ୍କାର, ମଦ୍ଦେଶ, ମଦ୍ଧନ,ମନ୍ନାଥ,ମତ୍ପ୍ରେରିତ,ମତ୍ଫଳ;ମତ୍ପ୍ରଶଂସିତ,ମତ୍ସନ୍ଦେଶ, ମତ୍ସଦୃଶ )—ମଦଧିକୃତ; ମୋହୋର; ମୋସମ୍ବନ୍ଧୀୟ; ମୋଦ୍ୱାରା—1. Mine; relating to me; by me. ୨ । ( ପ୍ରତ୍ୟୟ )—ଯାହାର ଅଛି, ଏହି ଅର୍ଥରେ ବିଶେଷ୍ୟ ଶବ୍ଦ ପରେ ପ୍ରତ୍ୟୟ ହୁଏ—2. A suffix denoting having or possessing. [ ଦ୍ର—ଏଥିର ପୁଂ. ୧ ବଚନରେ ମାନ୍ ଓ ସ୍ତ୍ରୀଲିଙ୍ଗରେ ମତୀ ହୁଏ । ଓଡ଼ିଆରେ ୧ ବଚନରେ ମଧ୍ୟ 'ମନ୍ତ' ପ୍ରତ୍ୟୟ ହୁଏ । ଯଥା—ସଂ. ବୁଦ୍ଧିମାନ୍, ବୁଦ୍ଧିମତୀ, ଦେଶଜ. ବୁଦ୍ଧିମନ୍ତ । ]

ମତ୍କ—ସଂ. ବିଣ (ଅସ୍ମଦ୍+୬ଷ୍ଠୀ ବିଭକ୍ତିରେ କ)—ମଦୀୟ; ମୋର—
Mat-ka Mine: my (Apte) ବି ( ମଦ୍
( ମତ୍କା—ସ୍ତ୍ରୀ ) ଧାତୁ+କର୍ତ୍ତି. କ )—ଖଟପୋକ—
A bed-bug (Apte)

ମତ୍କାମନା—ସଂ. ବି (ଷଷ୍ଠୀ ତତ୍; ଅସ୍ମଦ୍+କାମନା)—ମୋ ଇଚ୍ଛା—
Mat-kāmanā My wish

ମତ୍କାମୀ—ସଂ. ବିଣ. ପୁଂ ( ଷଷ୍ଠୀ ତତ୍; ଅସ୍ମଦ୍ +କାମିନ୍ )—ମୋତେ
Mat-kāmi ଲାଭ କରିବାକୁ ଇଚ୍ଛୁକ—Desirous of
(ମତ କାମିନୀ—ସ୍ତ୍ରୀ ) getting me. [ ଦ୍ର—
( ମଦ୍‌ଲିପ୍ସୁ, ମତ୍ପିପାସୁ, ମଦଭିଳାଷୀ—ଅନ୍ୟରୂପ ) ଏହିପରି ମତ୍‌ଶବ୍ଦପୂର୍ବକ ଅନେକ ଶବ୍ଦ ନିଷ୍ପନ୍ନ ହୁଏ । ଯଥା—ମତ୍କାର୍ଯ୍ୟ, ମତ୍କୁଟୀର, ମତ୍କୁଳ, ମତ୍କ୍ଲେଶ । ]

ମତ୍କୁଣ—ସ. ବି ( ମଦ୍ ଧାତୁ+କର୍ତ୍ତି. କୁଣ )—୧ । ଖଟ ପୋକ;
Matk-una ଓଡ଼ଶ—1. The bed bug. ୨ । ଉକୁଣୀ—2. Louse. ୩ । ନିର୍ଦନ୍ତ ହସ୍ତୀ; ମାଖୁନା ହାତୀ—3. An elephant without tusks. ୪ । ନାରିକେଳ (ଗଛ ଓ ଫଳ)—4. Cocoanut (tree and fruit). ୫ । ମାଖୁନା ମନୁଷ୍ୟ; ଶ୍ମଶ୍ରୁହୀନ ବ୍ୟକ୍ତି—5. A male without mustaches or beard; a beardless man. ୬ । ଜଙ୍ଘାତ୍ରାଣ; ପଦ ତ୍ରାଣ—6. An armour for the legs or thigh. ୭ । ମହିଷ—7. A buffalo (Apte.)

ମତ୍କୁଣା(ଣୀ)—ସ. ବି—୧ । ଅଜାଗଳସ୍ତନ—1. The nipple-
Mat-kunā(nī) like protuberances below the neck of a goat. ୨ । ଅଜାତଲୋମ ସ୍ତ୍ରୀଚିହ୍ନ; ଅଲୋମକ ଭଗ—2. Female organ which has not yet grown the pubic hairs; the pudendum of a young girl (Apte.)

ମତ୍କୁଣାରି—ସ. ବି—(ମତ୍କୁଣ+ଅରି)—ଇନ୍ଦ୍ରାସନ; ସିଦ୍ଧି; ଘଞ୍ଜା—
Mat-kunāri Indian hemp,

ମତ୍କୃତ—ସ. ବି—(ଷଷ୍ଠୀ ତତ୍; ଅସ୍ମଦ୍+କୃତ)—ମୋଦ୍ୱାରା କୃତ
Mat-kruta ବା ସମ୍ପାଦିତ ବା ରଚିତ—Done by me.

ମତ୍ ପରାୟଣ—ସ. ବିଣ. ପୁଂ—(ଅସ୍ମଦ୍+ପରାୟଣ)—ମୋ ପ୍ରତି
Mat-parāyana ବିଶେଷ ଅନୁରକ୍ତ—Devoted to me,
(ମତ ପରାୟଣା—ସ୍ତ୍ରୀ) (ମତ ପରାୟଣତା—ବି)

ମତ୍ପୁତ୍ର—ସ. ବି—(ଅସ୍ମଦ୍+ପୁତ୍ର)—ମୋ ପୁଅ—
Mat-putra My son. ( ଦ୍ର—ଏହିପରି ମତ୍ପିତା, ମତ୍କନ୍ୟା, ମତ୍ସନ୍ତାନ, ମଦ୍‌ଦୁହିତା ଆଦି ଶବ୍ଦ ନିଷ୍ପନ୍ନ ହୁଏ ।)

ମତ୍ ପ୍ରଣୀତ—ସ. ବିଣ—(ଅସ୍ମଦ୍+ପ୍ରଣୀତ) ମୋ ଦ୍ୱାରା ରଚିତ—
Mat pranita Written or composed by me.
(ମଦ୍‌ରଚିତ, ମଲ୍ଲିଖିତ—ଅନ୍ୟରୂପ)

ମତ୍ସ —ସ. ବି—(ମଦ ଧାତୁ+କର୍ତ୍ତି. ସ)—୧ । ମାଛ—1, Fish
Mat-sa (Apte). ୨ । ମତ୍ସ୍ୟରାଜ—2, A lord of the Matsyas (Apte). ୩ । ମତ୍ସ୍ୟ ଦେଶ—3. The Matsya country. ୪ । ମତ୍ସ୍ୟ ଦେଶବାସୀ—4. An inhabitant of the Matsya country.

ମତ୍ ସକାଶ—ସ. ବି—( ଅସ୍ମଦ୍+ସକାଶ )—ମୋ ନିକଟତା—My
Mat-sakāśa (ମତ୍ସକାଶ—ଅନ୍ୟରୂପ) vicinity.

ମତ୍ ସକାଶାତ୍—ସ. ଅ—( ଅସ୍ମଦ୍+ସକାଶାତ୍ )—ମୋଠାରୁ; ମୋ-
Mat-sakāśāt ନିକଟରୁ—From me.

ମତ୍ ସଙ୍କଳ୍ପ—ସ. ବି—( ଅସ୍ମଦ୍+ସଙ୍କଳ୍ପ )—ମୋର ସଙ୍କଳ୍ପ—My
Mat-sankalpa determination or resolve.
(ମତ୍ସଙ୍କଳ୍ପ—ଅନ୍ୟରୂପ)

ମତ୍ ସଦୃଶ—ସ. ବିଣ ପୁଂ—(ଅସ୍ମଦ୍+ସଦୃଶ)—ମୋ ପରି—
Mat-sadruśa Like me; similar to me.
(ମତ୍ସଦୃଶ—ଅନ୍ୟରୂପ) (ମତ୍ ସାଦୃଶ୍ୟ—ବି) (ମତ୍ସଦୃଶା—ସ୍ତ୍ରୀ)

ମତ୍ସର—ସଂ. ବି—(ମଦ୍ ଧାତୁ=ଦ୍ୱେଷ କରିବା+ଭାବ. ସର)—୧ । Mat-sara ଅସୂୟା; ହିଂସା—1. Spite; malice. ୨ । (ମତ୍ସର—ଅନ୍ୟରୂପ) ଦ୍ୱେଷ—2. Envy. ୩ । ପରଶ୍ରୀକାତରତା—3. Pain at another's weal. ୪ । ରୋଷ; କ୍ରୋଧ—4. Anger. ୫ । ଆତ୍ମଧିକ୍କାର—5. Self reproach. ୬ । ଶତ୍ରୁତା—6. Enmity (Apte). ୭ । ଗର୍ବ—7. Pride (Apte). ୮ । ଲୋଭ; ଅସୂୟା—8. Covetuousness (Apte). ୯ । ( +କରଣ. ସର ) ସୋମ (ଲତା)—9. The soma (Apte). ୧୦ । (+କର୍ତ୍ତୃ. ସର)—ମଶା—10. Gnat (Apte) ବିଣ—୧ । (+କର୍ତ୍ତୃ.ସର)—ପରଶ୍ରୀକାତର—1. Envious. ୨ । କ୍ରୁଦ୍ଧ—2. Angry. ୩ । ଦ୍ୱେଷପୂର୍ଣ୍ଣ—3. Spiteful. ୪ । ଲୋଭୀ—4 Covetuous. ୫ । ପେଟୁ; ଉଦରମ୍ଭରି—5. Greedy; insatiate (Apte) ୬ । ସ୍ୱାର୍ଥାନ୍ଧ—6 Selfish; self interested (Apte) ୭ । କୃପଣ—7 Niggardly.

(ମତ୍ସରୀ—ସ୍ତ୍ରୀ)
(ମତ୍ସରତା—ବି)

ମତ୍ସରା—ସଂ. ବିଣ. ସ୍ତ୍ରୀ—ମତ୍ସରର ସ୍ତ୍ରୀଲିଙ୍ଗ—The feminine of Mat-sara. ସ. ବି—୧ । ମାଛି; ମାଛି—1.A fly. ୨ । ମଶା—2. Gnat.

Mat-sarā
(ମତ୍ସରା—ଅନ୍ୟରୂପ)

ମତ୍ସରୀ—ସଂ. ବିଣ. ପୁଂ ( ମତ୍ସର+ଇନ୍; ୧ମା, ୧ବ )—୧ । ଦ୍ୱେଷକାରୀ—1. Envious; jealous; spiteful. ୨ । ପରଶ୍ରୀକାତର; ଅସୂୟାପରବଶ—2. Unable to bear the weal of another person with equanimity. ୩ । ବୈରଭାବାପନ୍ନ—3. Inimical. ୪ । କୃପଣ—4. Miserly. ୫ । କ୍ରୁଦ୍ଧ—5. Angry. ୬ । ଲୋଭୀ—6. Covetuous; greedy ( Apte ).

Mat-sarī
(ମତ୍ସରୀ—ଅନ୍ୟରୂପ)
(ମତ୍ସରିଣୀ—ସ୍ତ୍ରୀ)

ମତ୍ସ୍ୟ—ସଂ. ବି. ପୁଂ ( ମଦ୍ ଧାତୁ=ମତ୍ତ ହେବା; ଆନନ୍ଦିତ ହେବା+କର୍ତ୍ତୃ. ସ୍ୟ; ଯେ କି ଅଳ୍ପ ପାଣି ପାଇଲେ ମତ୍ତ ହୁଏ )—୧ । ମାଛ; ମୀନ—1. Fish. ୨ । ବିଷ୍ଣୁଙ୍କ ପ୍ରଥମ ଅବତାର—2. The first incarnation of Bishṇu. [ ଦ୍ର—ଏହି ଅବତାରରେ ବିଷ୍ଣୁ ମହାପ୍ରଳୟ ସମୟରେ ଅତଳ ଗମ୍ଭୀର ସମୁଦ୍ର ମଧ୍ୟରେ ବୁଡ଼ି ଯାଇଥିବା 'ବେଦ' ଗ୍ରନ୍ଥକୁ ଉଦ୍ଧାର କରିଥିଲେ । ] ୩ । ପୁରାଣ ବିଶେଷ—3. The name of a Purāṇa. [ ଦ୍ର—ଏଥିରେ ପୃଥିବୀର ସୃଷ୍ଟିତତ୍ତ୍ୱ ଓ ବିଷ୍ଣୁଙ୍କ ମତ୍ସ୍ୟ ଅବତାରର କାର୍ଯ୍ୟମାନ ବର୍ଣ୍ଣିତ ହୋଇଅଛି । ] ୪ । ମୀନରାଶି; ଦ୍ୱାଦଶ ଜ୍ୟୋତିଷୋକ୍ତ ଦ୍ୱାଦଶ ରାଶିର ଶେଷ ରାଶି—4. The Pisces; the last of the 12 signs of the zodiac. ୫ । ସୌର ଚୈତ୍ରମାସ—5. The solar month of Chaitra. ୬ । ମତ୍ସ୍ୟ ଦେଶ (ଦେଖ) 6. Name of a country; Mat-sya desa (See ) ୭ । ବିରାଟ ଦେଶ—7. The Birāṭa country. ୮ । ମତ୍ସ୍ୟଦେଶର ରାଜା—8. The king of the Mat-sya country ( Apte ). ଦେ. ବି—୧ । ଉତ୍କଳ ଦେଶ—1. The country of Utkala. [ ଦ୍ର—ଉତ୍କଳର ବ୍ରାହ୍ମଣମାନଙ୍କ ମାଛ ଖାଇବା ପ୍ରସଙ୍ଗରେ ମହାରାଷ୍ଟ୍ରୀଅ ପଣ୍ଡିତମାନେ କହୁଥାଆନ୍ତି ଯେ ଆମର ଓଡ଼ିଶାଟା ମତ୍ସ୍ୟ ଦେଶ । ] ୨ । ବାଲେଶ୍ୱର ଜିଲ୍ଲାର ପର୍ବତ ବିଶେଷ—2. Name of a mountain in the Balasore district. ( ଦ୍ର—ମତ୍ସ୍ୟଶୈଳ ଦେଖ ତହିଁ ଆଡ଼ମ୍ବରେ ଅଗ୍ରତେ ଠିଆ । ସୁଧାକାଥ. ଭୂଷା । )

Mat-sya
(ମତ୍ସ୍ୟ—ଅନ୍ୟରୂପ)
(ମତ୍ସ୍ୟୀ—ସ୍ତ୍ରୀ)

ମତ୍ସ୍ୟ କରଣ୍ଡ—ସ. ବି—ଖାଲୋଇ; ମାଛ ରଖିବାର ବାଉଁଶିଆ; ଅଇଁଷ ଟୋକେଇ—A wickerwork basket used by fishermen for keeping the fish they catch; a fish-basket.

Mat-sya karaṇḍa
ମତ୍ସ୍ୟ କରଣ୍ଡିକା
ମତ୍ସ୍ୟ ବନ୍ଧ(ନ୍ଧି)ନୀ } ଅନ୍ୟରୂପ
ମତ୍ସ୍ୟାଧାନୀ
ମତ୍ସ୍ୟଧାନୀ

ମତ୍ସ୍ୟ କେଶରୀ—ଦେ. ବି ( ନାମ )—ପ୍ରାଚୀନ ଉତ୍କଳର କେଶରୀ ବଂଶୀୟ ନରପତି ବିଶେଷ—Name of a king of ancient Orissa, of the Kesarī Dynasty. [ ଦ୍ର—ଏ ପୁରୀ ସହର ନିକଟବର୍ତ୍ତୀ ଅଠରନଳା ପୋଲ ନିର୍ମାଣ କରାଇଥିଲେ । ଏ ରାଜା ୧୨୫ ଖ୍ରୀଷ୍ଟାବ୍ଦଠାରୁ ୧୯୫ ପର୍ଯ୍ୟନ୍ତ ରାଜତ୍ୱ କରିଥିଲେ । ]

Mat-sya kesarī

ମତ୍ସ୍ୟଗନ୍ଧ—ସ. ବିଣ ( ବହୁବ୍ରୀହି )—ଯାହା ମାଛପରି ଗନ୍ଧାଉଥାଏ—Having the smell of fish. ସ. ବି ( ୬ଷ୍ଠୀ ତତ୍ )—ମାଛର ଗନ୍ଧ; ଅଇଁଷିଆ ଗନ୍ଧ—Fishy smell.

Mat-sya gandha

ମତ୍ସ୍ୟଗନ୍ଧା—ସ. ବି ସ୍ତ୍ରୀ ( ବହୁବ୍ରୀହି; ମତ୍ସ୍ୟ+ଗନ୍ଧ+ସ୍ତ୍ରୀ. ଆ; ମତ୍ସ୍ୟର ଗନ୍ଧପରି ଗନ୍ଧ ଯାହାର )—୧ । ଧୀବରରାଜକନ୍ୟା; ଯୋଜନଗନ୍ଧା; ବ୍ୟାସଦେବଙ୍କ ଜନନୀ; ସତ୍ୟବତୀ—1. The mother of sage 'Byāsa' and wife of king Sāntwanu, but formerly deflowered by sage Parāsara. [ ଦ୍ର—ସତ୍ୟବତୀ ତଳେ ଟୀକା ଦେଖ । ] ୨ । ଜଳ ପିପ୍ପଳୀ—2. A kind of aquatic pepper. ବିଣ. ସ୍ତ୍ରୀ—ଯାହାର ଦେହ ମାଛପରି ଗନ୍ଧାଉ ଥାଏ; ଅଇଁଷିଆ ଗନ୍ଧଯୁକ୍ତ—Having a fishy smell.

Mat-syagandhā
(ମତ୍ସ୍ୟନାସା—ଅନ୍ୟରୂପ)

ମତ୍ସ୍ୟଘାତ—ସ. ବି—୧ । ( ୬ଷ୍ଠୀ ତତ୍ )—ମାଛ ମାରିବା ବୃତ୍ତି—1.The occupation of a fisherman ୨ । ( ମତ୍ସ୍ୟ+ହନ୍. ଧାତୁ+କର୍ତ୍ତୃ. ଅ )—ମାଛମରା କେଉଟ; ମାଛୁଆ—2. Fisherman (Apte).

Mat syaghāta

ମତ୍ସ୍ୟଜାଳ—ସ. ବି ( ୬ଷ୍ଠୀ ତତ୍ )—ମାଛଙ୍କ ମଣ୍ଡା ବା ଥାଟ—A shoal of fishes.

Mat-sya jāla

ମତ୍ସ୍ୟ ଜାଲ—ସଂ. ବି (ମ. ପ୍ର. ଲୋ)—ମାଛ ଧରିବା ଜାଲ—
Mat-sya jāla — Fishing net.

ମତ୍ସ୍ୟଜୀବ(ବୀ)—ସଂ. ବି. ପୁଂ (ମତ୍ସ୍ୟ+ଜୀବ୍ ଧାତୁ+କର୍ତ୍ତୃ. ଅ; +ଇନ୍, ୧ମା. ୧ବ)—ଯେ ମାଛ ମାରି ଜୀବିକା ନିର୍ବାହ କରେ; ଧୀବର; କେଉଟ—Fisherman. ବିଣ. ପୁଂ—ମାଛ ମାରି ଜୀବିକା ନିର୍ବାହକାରୀ—Subsisting on fishing.
Mat-sya jība(bī)

ମତ୍ସ୍ୟଜୀବା, ମତ୍ସ୍ୟଜୀବନୀ } ସ୍ତ୍ରୀ

ମତ୍ସ୍ୟାଜୀବ, ମତ୍ସ୍ୟୋପଜୀବୀ, ମତ୍ସ୍ୟଘାତୀ } ଅନ୍ୟରୂପ

ମତ୍ସ୍ୟଣ୍ଡିକା—ସଂ. ବି (ମତ୍ସ୍ୟ+ଅଣ୍ଡ+କ+ଆ)—୧ । ମିଶ୍ରୀ—
Mat-syaṇḍikā 1. Crystallised sugar; sugarcandy.
(ମତ୍ସ୍ୟଣ୍ଡୀ—ଅନ୍ୟରୂପ) ୨। ଗୁଡ଼; ନବାତ—2. Coarse or unrefined sugar (Apte). ୩ । ମଠ—3. A monastery. ୪ । ହିମାଳୟ ଜାତ ଏକଜାତୀୟ ବନ୍ୟ ଲତାର ଡାଙ୍ଗରୁ ଉତ୍ପନ୍ନ ମାଛମଞ୍ଜି ପରି ଦାନା ବିଶିଷ୍ଟ ଔଷଧ ଦ୍ରବ୍ୟ—4. A kind of tiny globules coming out of the stems of a Himalayan herb and used in medicine.

ମତ୍ସ୍ୟ ଦେଶ—ସଂ. ବି—୧ । ଆଧୁନିକ ରାଜପୁତାନାର ଜୟପୁର—
Mat-sya deśa 1. Modern Jaipur in the Rajputana states. ୨ । ପ୍ରାଚୀନ ବିରାଟଦେଶ; ଆଧୁନିକ କୁଚବିହାର—2. Modern Coochbehar.
[ଦ୍ର—କେତେକ ଲୋକଙ୍କ ମତ ଅଟେ ଯେ ବର୍ତ୍ତମାନ ଦିନାଜପୁର ଓ ରଙ୍ଗପୁରହିଁ ପ୍ରାଚୀନକାଳର ମତ୍ସ୍ୟ ଦେଶ ଅଟେ; କେତେକ ଲୋକ ଏହାକୁ ପ୍ରାଚୀନ ପାଞ୍ଚାଳ ଦେଶର ଅନ୍ତର୍ଗତ ବୋଲି କହନ୍ତି—ହି. ଶ; କେହି କେହି ପ୍ରାଚୀନ ବିରାଟ ବା ମତ୍ସ୍ୟ ଦେଶକୁ ଉତ୍ତର ବଙ୍ଗରେ ବଗୁଡ଼ାର ନିକଟରେ ଅବସ୍ଥିତ ଥିବାର କହନ୍ତି—ସୁବଲଚନ୍ଦ୍ର ଓ ଜ୍ଞାନେନ୍ଦ୍ରଚନ୍ଦ୍ର; ମନୁସ୍ମୃତିରେ କୁରୁକ୍ଷେତ୍ର ଓ ପାଞ୍ଚାଳ ଦେଶ ସଙ୍ଗେ ମତ୍ସ୍ୟ ଦେଶର ଉଲ୍ଲେଖ ଅଛି । ଏଥିରୁ ଅନୁମିତ ହେଉଥିଲା ଯେ ଏହା ଥାନେଶ୍ୱର ନିକଟବର୍ତ୍ତୀ ଥିଲା । କିନ୍ତୁ ବର୍ତ୍ତମାନ ନିର୍ଣ୍ଣିତ ହୋଇଅଛି ଯେ ଅଲଓ୍ୱାର ଓ ଜୟପୁର ରାଜ୍ୟର ମଧ୍ୟବର୍ତ୍ତୀ ପ୍ରଦେଶ ମହାଭାରତ ସମୟରେ ମତ୍ସ୍ୟଦେଶ ବୋଲାଯାଉଥିଲା। ଉକ୍ତ ଅଞ୍ଚଳର ଅନ୍ତର୍ଗତ ବୈରାଟ ଓ ମାଚଡ଼ୀ ସ୍ଥାନ ଦ୍ୱୟ ଆଜ ପର୍ଯ୍ୟନ୍ତ ପ୍ରାଚୀନ ବିରାଟ ଓ ମତ୍ସ୍ୟ ଦେଶର ସ୍ମୃତି ଜାଗରୁକ କରୁଅଛି । ହି. ଶ. । ମରହଟ୍ଟୀ ପଣ୍ଡିତମାନଙ୍କ ଠାରୁ ଓଡ଼ିଶା ମତ୍ସ୍ୟଦେଶ ଥିବାର ଶୁଣାଯାଏ । କେହି କେହି ବିଶାଖା ପଟ୍ଟଣାର ଜୟପୁରକୁ ମତ୍ସ୍ୟଦେଶ କହନ୍ତି । କିନ୍ତୁ ଏଥିର କିଛି ଶାସ୍ତ୍ରୀୟ ପ୍ରମାଣ ନାହିଁ । ] ଦେ. ବି—ଉତ୍କଳ ଦେଶ—The Utkaḷa country.

ମତ୍ସ୍ୟ ଦ୍ୱାଦଶୀ—ସଂ. ବି—ମାର୍ଗଶିର କୃଷ୍ଣଦ୍ୱାଦଶୀ—
Mat-sya dwādaśī The 12th day of the month of Mārgaśira (Apte).

ମତ୍ସ୍ୟ ଧାନିକା—ସଂ. ବି—ମାଛ ରଖାଯିବା ଟୋକେଇ; ଖାଲେଇ—
Mat-sya dhānikā A basket for depositing fishes after their being caught.
(ମତ୍ସ୍ୟଧାନୀ—ଅନ୍ୟରୂପ)

ମତ୍ସ୍ୟ ପୁରାଣ—ସଂ. ବି—ନାମକ ଏକ ହିନ୍ଦୁ ପୁରାଣ—
Mat-sya purāṇa The name of a Purāṇa or Hindu mythological work.

ମତ୍ସ୍ୟ ବନ୍ଧ—ସଂ. ବି (ମତ୍ସ୍ୟ+ବନ୍ଧଧାତୁ+କର୍ତ୍ତୃ.ଅ)—ମାଛମରା
Mat-sya bandha କେଉଟ—Fisherman (Apte)
(ମତ୍ସ୍ୟବନ୍ଧୀ—ଅନ୍ୟରୂପ)

ମତ୍ସ୍ୟ ବେଧନ—ସଂ. ବି—୧ । ବନସି—1. A fishing angle
Mat-sya bedhana (Apte). ୨ । ପାଣିକୁଆ—2. Cormorant (Apte)

ମତ୍ସ୍ୟବେଧନୀ—ସଂ. ବି—(ମତ୍ସ୍ୟ+ବେଧନ+ଈ)—ବନସୀ—
Mat-syabedhanī Angling rod.
(ମତ୍ସ୍ୟବନ୍ଧନ, ମତ୍ସ୍ୟବେଧନକା—ଅନ୍ୟରୂପ)

ମତ୍ସ୍ୟ ଭୋଜୀ—ସଂ. ବିଣ. ପୁଂ (ମତ୍ସ୍ୟ+ଭୁଜଧାତୁ+କର୍ତ୍ତୃ ଇନ, ୧ମା.
Matsya bhojī ୧ବ)—ଆମିଷଭୋଜୀ; ମତ୍ସ୍ୟାଶୀ; ଯେ ମାଛଖାଏ— Fish-eating.
(ମତ୍ସ୍ୟ ଭୋଜୀନୀ—ସ୍ତ୍ରୀ)

ମତ୍ସ୍ୟରଙ୍କ(ଙ୍ଗ)—ସଂ. ବି—ମାଛରଙ୍କା ଚଢ଼େଇ—The king-
Mat-sya raṅka(ṅga) fisher (bird); halcyon.
(ମତ୍ସ୍ୟରଙ୍ଗକ, ମତ୍ସ୍ୟାଶନ—ଅନ୍ୟରୂପ)

ମତ୍ସ୍ୟ ରାଶି—ସଂ. ବି—ମୀନରାଶି—
Mat-sya rāśi The Pisces sign of the zodiac.

ମତ୍ସ୍ୟରାଜ—ସଂ. ବି—(ଷଷ୍ଠୀତତ୍; ମତ୍ସ୍ୟ+ରାଜନ୍)—୧। ମତ୍ସ୍ୟଦେଶର
Mat-sya rāja ଅଧିପତି; ବିରାଟରାଜ—1. Birāta; the king of the Mat-sya country. ୨ । ରୋହିତ-ମତ୍ସ୍ୟ—2. the Rohita fish. ୩ । ବାଳିଅ ମାଛ—3. The cat fish; the Boal fish. ଦେ. ବି—ଭାକୁଡ଼ ମାଛ—The Katla fish. (ଦ୍ର—ଭାକୁଡ଼ମାଛ ଥାଇ ବୋଇଲା ମୁଁ ମାଛଙ୍କ ମଧ୍ୟରେ ରଜା । ମୋ ମୁଣ୍ଡକୁ ଯୋଉଆ ଖଲେ ଦେଖିବୁ କେଡ଼େ ମଜା । ଭଗ ।)

ମତ୍ସ୍ୟ ଲିସ୍—ପ୍ରାଦେ (ଗଞ୍ଜାମ) ବି (ସଂ. ମତ୍ସ୍ୟ ଓ ଇଂ. ଲିଜ୍)—
Mat-sya lis ମଛୁଆଥ ପଟ୍ଟା—Lease of fishery.

ମତ୍ସ୍ୟ ସଂଘ—ସଂ. ବି—(ଷଷ୍ଠୀତତ୍; ମତ୍ସ୍ୟ+ସଂଘ)—ମାଛଙ୍କ ପଞ୍ଝା ବା
Mat-sya saṃgha ଖେଦା—A shoal of fish.
(ମତ୍ସ୍ୟ ସଂଘାତ—ଅନ୍ୟରୂପ)

ମତ୍ସ୍ୟାକ୍ଷୀ(ଙ୍ଗୀ)—ସଂ. ବି—୧ । ଜଳଜ ଶାକବିଶେଷ; ହିଲମୋଚିକା;
Mat-syākshī(ṅgī) ହିଡ଼ିମିଚ୍ଛ ଶାଗ—1. A kind of aquatic pot-herb; Hincha Ripens. ୨ । ଗଣ୍ଠିଦୂବ—2. Globular-knotted grass. ୩ । ବୃହତୀ; ଭଣ୍ଡାକାଣ୍ଟ—3. Solanum Indicum.

ମତ୍ସ୍ୟାଣ୍ଡ—ସଂ. ବି—(ଷଷ୍ଠୀତତ୍; ମତ୍ସ୍ୟ+ଅଣ୍ଡ)—ମାଛମଞ୍ଜି—
Matsyāṇḍa The ova of fishes; the roe of a fish.
(ମତ୍ସ୍ୟାଣ୍ଡିକା—ଅନ୍ୟରୂପ)

**ମତ୍ସ୍ୟାଦ**—ସଂ.ବିଣ. ସ୍ତ୍ରୀ (ମତ୍ସ୍ୟ + ଅଦ୍ ଧାତୁ + କର୍ତ୍ତୃ ଅ)—ଯେ ମାଛ
Mat-syāda ଖାଏ; ଅମିଷାଶୀ—Subsisting on fishes; (ମତ୍ସ୍ୟାଶୀ, ମତ୍ସ୍ୟାଶନ—ଅନ୍ୟରୂପ) fish-eating. ସଂ. ବି.— (ମତ୍ସ୍ୟାଦା—ସ୍ତ୍ରୀ) ମାଛରଙ୍କା ପକ୍ଷୀ—The kingfisher bird.

**ମତ୍ସ୍ୟାସନ**—ସଂ. ବି—ରୁଦ୍ରଯାମଳୋକ୍ତ ତାନ୍ତ୍ରିକ ଆସନବିଶେଷ—
Matsyāsana Name of a posture during spiritual meditation according to the Tantras.

**ମତ୍ସ୍ୟୀ**—ସଂ. ବି. ସ୍ତ୍ରୀ (ମତ୍ସ୍ୟ + ସ୍ତ୍ରୀ. ଈ)—ମାଈ ମାଛ; ଯେଉଁ ମାଛଙ୍କ
Mat-syī ପେଟରେ ମଞ୍ଜି ଥାଏ—A female fish.

**ମତ୍ସ୍ୟୋଦରୀ**—ସଂ. ବି. ସ୍ତ୍ରୀ (ବହୁବ୍ରୀହି; ମତ୍ସ୍ୟ + ଉଦର + ସ୍ତ୍ରୀ. ଈ)—
Mat-syodarī ମତ୍ସ୍ୟଗନ୍ଧା ୧ (ଦେଖ)—Mat-syagandhā 1 (See) ସଂ. ବି. ପୁଂ (ମତ୍ସ୍ୟ + ଉଦର + ଇନ୍; ୧ମା ୧ବ)— ରାଜା ବିରାଟ—An epithet of King Birāṭa (Apte).

**ମତ୍ସ୍ୟୋଦରୀୟ**—ସଂ. ବି. ପୁଂ (ମତ୍ସ୍ୟୋଦରୀ + ଅପତ୍ୟାର୍ଥେ. ଈୟ)—
Mat-syodarīya ବ୍ୟାସଦେବ—Sage Byāsa (Apte).

**ମତ**—ସଂ. ବି (ମନ୍ ଧାତୁ = ବୋଧ କରିବା; ମନେ କରିବା + କର୍ମ.ତ)—
Mata ୧। ମନର ଭାବ—1. Idea; thought. ୨। ପରାମର୍ଶ; ଉପଦେଶ—2. Advice. ୩। ଉଦ୍ଦେଶ୍ୟ; ଅଭିପ୍ରାୟ; ଆଶୟ—3. Intention; aim. ୪। ବିଶ୍ୱାସ—4. Faith; belief. ୫। ମନ୍ତବ୍ୟ—5. Remark. ୬। ଇଚ୍ଛା—6. Wish; desire. ୭। ଅଭିମତ—7. Opinion; choice. ୮। ଜ୍ଞାନ—8. Knowledge. ୯। ଗୁଗ୍ଗୁଲ; ଅଗୁରୁ—9. Agallochium. ୧୦। ହସ୍ତୀ—10. Elephant. ୧୧। ପ୍ରକାର; ଭାବ—11. Mode; manner. ୧୨। କୌଣସି ବିଷୟରେ ମନରେ ସ୍ଥିରୀକୃତ ଭାବ; ମତବାଦ—12. View; doctrine. ୧୩। ମେଘ—13. Cloud. ୧୪। ଧର୍ମରେ ବିଶ୍ୱାସ—14. Religious belief; creed; tenet. ୧୫। ସମ୍ମତି; ମଞ୍ଜୁର; ଅନୁକୂଳମତ—15. Approbation; commendation; sanction (Apte). [ ଦ୍ର—କେତେକ ଭାରତୀୟ ଅଭିଧାନରେ ଏଶବ୍ଦର ଅର୍ଥ ମଞ୍ଜୁର ବା ସମ୍ମତି (approbation, commendation, sanction) ବୋଲି ଲେଖା ଅଛି, କିନ୍ତୁ ଏହି ଅର୍ଥରେ ଏ ଶବ୍ଦର ବ୍ୟବହାର କୌଣସି ଶାସ୍ତ୍ରରେ ବା ଗ୍ରନ୍ଥରେ ମିଳେ ନାହିଁ ଓ ଏହା ମଧ୍ୟ ସାଧାରଣତଃ ଏହି ଅର୍ଥରେ ବ୍ୟବହୃତ ହୁଏ ନାହିଁ—M. W.] ବିଣ—୧। ସମ୍ମତ—1. Agreed; approved; sanctioned. ୨। ଜ୍ଞାତ—2. Known. ୩। ଯୁକ୍ତିଯୁକ୍ତ—3. Reasonable. ୪। ଅଭିପ୍ରେତ—4. Intended; aimed at. ୫। ବିବେଚିତ—5. Considered; deemed; regarded; looked-upon. ୬। ଚିନ୍ତିତ—6. Thought of. ୭। ଅନୁମିତ—7. Supposed; conjectured; guessed. (Apte). ୮। ଚିନ୍ତାଦ୍ୱାରା ସ୍ଥିରୀକୃତ—8. Thought out (Apte). ୯। ପୂଜିତ; ସମ୍ମାନିତ—9. Respected; worshipped. ୧୦। ଅନୁଭୂତ—10. Perceived (Apte). ୧୧। ଭୁଷିତ; ମନ୍ଦ; କଦର୍ଯ୍ୟ (ହି· ଗ୍ରା)—11. Nasty; filthy; bad. ଗ୍ରା. ବି (ସଂ. ମତ୍ତ)—୧। ମତ୍ତତା—1. Madness.
ମତ୍ତତା मतताई , मस्ती ୨। ଗର୍ବ—2. Pride. ୩। ମାତୁ; ମାତ
ମତ୍ତ; मस्त ଉଠିବା—3. Paroxysm. ବିଣ—୧। ଉନ୍ମତ୍ତ—1.
ମତ; ମତନ Maddened. ୨। ଗର୍ବିତ—2. Arrogant. ଅ.—
काऐला (ଅନ୍ୟ ଶବ୍ଦ ସଙ୍ଗେ ଯୁକ୍ତ ହୁଏ ଯଥା—ଏ ମତ; ସେ ମତ
रकमसे ନାନା ମତ; କେ ମତ।)—୧। ପରି—1. Like. [ଉ—ଅକାଶ ମତ ମହିମା ଯାହାର। ପ୍ରାଚୀ. ଶିଶୁଶଙ୍କର ଭୂଷା· ଅଭିଳାଷ।] ୨। ପ୍ରକାରେ—2. In (such) way.

**ମତ ଉଠିବା**—ଦେ· କ୍ରି—ମାତୁ ଉଠିବା; ମତ୍ତତା ପ୍ରକାଶ ହେବା—
Mata uṭhibā Being in a paroxysm, frenzy or
মাত ওঠা मस्तीउतरना (चढना) madness.

**ମତ କରିବା**—ଦେ. କ୍ରି—୧। ସମ୍ମତ ହେବା—1. To agree.
Mata karibā ୨। ଅଭିମତ ଦେବା—2. To give an
মত করা; मतना opinion.

**ମତ ଖେଞ୍ଚା**—ଦେ· ବିଣ—ବିତଣ୍ଡା ଯୁକ୍ତ କରି ଭିନ୍ନ ମତ ଦେଉଥିବା—
Mata khenchā (ବ୍ୟକ୍ତି)—Wrangling; carping. [ଉ—ମତ ଖେଞ୍ଚା ଜ୍ଞାନକୁ ଯେ ଏକୁ ଏ ଅପ୍ରାପତ—ପ୍ରାଚୀ· ଗୀତ ସ୍ୱରୋଦୟ।]

**ମତ ଗଜ**—ଦେ. ବି—୧। (ସଂ. ମତଙ୍ଗଜ)—ମତଙ୍ଗଜ (ଦେଖ)
Mata gaja মত্ত গজ 1. Matangaja (See) ୨। मत्ता हाथी (ସଂ. ମତ୍ତଗଜ) ମତ୍ତହସ୍ତୀ—2. An elephant in
মত্তহাতী rut.

**ମତଗଜ ଚାଲି**—ଦେ. ବି—ମତ୍ତହାତୀ ପରି ଧୀରେ ଧୀରେ ଚାଲି—Slow
Matagaja chāli walking like that of an ele-
মত্তগজের চাল मतवाला हाथीकी चाल phant in rut.

**ମତଗଜ ସିଂହ**—ଦେ. ବି—ଓଡ଼ିଆ ପାଇକ ଓ ଖଣ୍ଡାଏତଙ୍କ ଉପାଧିବିଶେଷ
Matagaja simha ରାଜୋପାଧିବିଶେଷ—Name of a personal title given by Oriya Rajas to 'Pāikas'.

**ମତଙ୍ଗ**—ସଂ. ବି—(ମଦ୍ ଧାତୁ = ପ୍ରୀତ ହେବା + କର୍ତ୍ତୃ. ଅଙ୍ଗ)—୧।
Matanga ମାତଙ୍ଗ; ହସ୍ତୀ; ହାତୀ—1. Elephant. ୨। (+ କରଣ ଅଙ୍ଗ) ମେଘ—2. Cloud. ୩। ରାଜର୍ଷିବିଶେଷ—3. Name of a saintly king. ୪। ମୁନିବିଶେଷ—4. Name of a sage. [ ଦ୍ର—ଏହାଙ୍କ ଆଶ୍ରମ ଋଷ୍ୟମୂକ ପର୍ବତରେ ଥିଲା। ଏକଦା କପିକୁଳାଧିପ ବାଳି ଦୁନ୍ଦୁଭି ନାମକ ଅସୁରକୁ ବଧ କରି ତାହାର ଶବକୁ ଦୂରକୁ ଫିଙ୍ଗି ଦେବା ସମୟରେ ଉକ୍ତ ଶବରୁ ନିର୍ଗତ ରକ୍ତବିନ୍ଦୁମାନ ଏ ମୁନିଙ୍କ ଦେହରେ ପଡ଼ିବାରୁ ଏ କ୍ରୋଧରେ

ବାଳକୁ ଅଭିଶାପ ଦେଲେ ଯେ, ବାଳ ଋଷ୍ୟମୂକ ପର୍ବତ ଉପରକୁ ଗଲେ ମୃତ୍ୟୁ ଲଭିବ । ବାଳି ଏହି ପର୍ବତକୁ ଯିବାରୁ ସେହି ଶାପଯୋଗୁଁ ତହିଁ ଉପରେ ସ୍ରାମଚନ୍ଦ୍ରଙ୍କ ଦ୍ୱାରା ନିହତ ହେଲା ।(ସୁବଳଚନ୍ଦ୍ର)।ଏ ଶବରୀର ଗୁରୁଥିଲେ । ମହାଭାରତରେ ଅଛି ଯେ ଏକ ନାପିତର ଔରସ୍ୟରୁ ଏ ବ୍ରାହ୍ମଣୀ ଗର୍ଭରେ ଜନ୍ମିଥିଲେ । ହି. ଶ । ] ୫ । ଦାନବବିଶେଷ (ହି. ଶ) 5. Name of a demon. ୬ । ପ୍ରାଚୀନ ତୀର୍ଥବିଶେଷ—(ହି. ଶ.)—6. Name of an ancient place of pilgrimage. ୭ । କାମରୂପ ଦେଶର ଅଗ୍ନିକୋଣସ୍ଥ ପ୍ରାଚୀନ ଦେଶବିଶେଷ—(ହି. ଶବ୍ଦସାଗର)-7. Name of a country to the south-east of Kāmarūpa in Assam.

ମତଙ୍ଗଜ—ସ. ବି—(ମତଙ୍ଗ+ଜନ ଧାତୁ+ଅ)—୧ । ମୁନିବିଶେଷ—
Matangaja 1. Name of a sage. ୨ । ହସ୍ତୀ—2. Elephant.

ମତ ଦେବା—ଦେ.କ୍ରି—୧ । ଅନୁମୋଦନ କରିବା—1.To support;
Mata debā to second. ୨ । ଅଭିମତ ପ୍ରକାଶ କରିବା—
মত দেওয়া **मत देना** 2. To give an opinion. ୩ । ସ୍ୱୀକୃତ ହେବା—3. To agree. ୪ । ଅନୁମତ ଦେବା—4. To give permission. ୫ । ପରାମର୍ଶ ଦେବା—5. To give advice.

ମତଦ୍ୱୈଧ—ସ. ବି—(୬ଷ୍ଠୀ ତତ୍)—୧ । ଦୁଇଜଣଙ୍କ ମଧ୍ୟରେ ମତର
Mata dwaidha ପ୍ରଭେଦ ବା ଅନୈକ୍ୟ—1. Difference of opinion between two persons. ୨ । ଏକ ବିଷୟରେ ଦୁଇଟି ପୃଥକ୍ ମତ—2. Two defferent opinion son a subject.

ମତ ନେବା—ଦେ. କ୍ରି—୧ । ଅନ୍ୟ ବ୍ୟକ୍ତିମାନଙ୍କର ଅଭିପ୍ରାୟ ସଂଗ୍ରହ
Mata nebā କରିବା—1. To take or gather other
মতলওয়া people's opinion. ୨ । ଅନ୍ୟର ଅନୁମତି ଗ୍ରହଣ
**मतलेना** କରିବା—2. To take permission. ୩ । ସମ୍ମତି ଗ୍ରହଣ କରିବା—3. To get consent. ୪ । ଅନ୍ୟର ପରାମର୍ଶ ନେବା—4. To take another's advice.

ମତ ପରିବର୍ତ୍ତନ—ସ. ବି (୬ଷ୍ଠୀ ତତ୍)—ପ୍ରଥମେ ପ୍ରକାଶିତ ବା କଳ୍ପିତ
Mata paribarttana ମତର ଅନ୍ୟଥା ଭାବ—Change of opinion.

ମତ ପୋଷଣ—ସ. ବି (୬ଷ୍ଠୀ ତତ୍)—ମନରେ କୌଣସି ମତ ଧାରଣ
Mata poshaṇa କରିବା—Holding or entertaining an opinion.

ମତ ଫେରା(ରେ)ଇବା—ଦେ. କ୍ରି—ପ୍ରଥମରେ ପ୍ରକାଶିତ ବା କଳ୍ପିତ
Mata pherā(re)ibā ଅଭିପ୍ରାୟକୁ ପରିବର୍ତ୍ତନ କରିବା—To
মতবদলান **मतबदलाना** change one's opinion.
[ମତ ବଦଳା(ଲେ)ଇବା—ଅନ୍ୟରୂପ]

ମତବାଇ(ୟା)—ଦେ. ବିଣ. ପୁଂ (ସ. ମତ୍ତ ଓ ବାତୁଳ)—ଇନ୍ଦ୍ରିୟ ବୃତ୍ତି
Mata bāi(yā) ଚରିତାର୍ଥ ହୋଇ ନ ପାରିବା ଯୋଗୁଁ ପାଗଳ;
(ମତବାଇ—ସ୍ତ୍ରୀ) ମଦନମତ୍ତ—Maddened on account
[ମତବାଉଲା—ଅନ୍ୟରୂପ] of unsatiated sexual hankering.
**कामबाई** **मदनमस्त**

ମତବାଦ—ସ. ବି—୧ । ଅପଣାର ଜୀବନର ଗତି ଚଳିବାର ବା ଅନ୍ୟ
Matabāda ବିଷୟକ ମତ ବା ମୂଳନୀତି—1. The basic principles governing a man's actions or life; tenet governing a person's life or conduct; theory. ୨ । ଅଭିମତ ପ୍ରକାଶ—2. Expression of one's opinion; laying down of one's tenets or doctrines.

ମତବାଦୀ—ସ. ବିଣ. ପୁଂ (ମତ+ବଦ୍. ଧାତୁ+କର୍ତ୍ତୃ. ଇନ୍; ୯ମା.
Matabādi ୧ବ )—ମତ ପ୍ରକାଶକାରୀ—Expressing
(ମତବାଦନୀ—ସ୍ତ୍ରୀ) or propounding an opinion or theory.

ମତ ବିରୁଦ୍ଧ—ସ.ବିଣ (୬ଷ୍ଠୀ ତତ୍)—କୌଣସି ମତର ବିପକ୍ଷ ବା ପ୍ରତିକୂଳ—
Mata birudha Contrary to a particular
(ମତ ବହିର୍ଭୂତ—ଅନ୍ୟରୂପ) opinion or doctrine.

ମତବିରୋଧ—ସ. ବି (୬ଷ୍ଠୀ ତତ୍)-ମତମାନଙ୍କର ଭିନ୍ନତା ବା ଅମେଳ—
Mata birodha Difference or disagreement of opinion.

ମତବିରୋଧୀ —ସ. ବିଣ. ପୁଂ (୬ଷ୍ଠୀ ତତ୍)--ବିପକ୍ଷମତ ପୋଷଣକାରୀ—
Matabirodhī Holding an opposite or adverse opinion.
(ମତବିରୋଧିନୀ—ସ୍ତ୍ରୀ)

ମତଭେଦ—ସ. ବି (୬ଷ୍ଠୀ ତତ୍)—୧ । ଏକାଧିକ ମତର ଅମେଳ—
Matabheda 1. Difference of opinion. ୨ । ଅନ୍ୟମତ—2. A different opinion.

ମତ(ଲା)ଲପ୍(ବ୍)—ବୈଦେ. ବି (ଆ. ମତଲବ୍ )—୧ । ଇଚ୍ଛା—
Mata(tā)lap(b) 1. Wish; desire. ୨ । ଅଭିପ୍ରାୟ;
মতলব ଆଶୟ—2. Intention. ୩ । ଗୁପ୍ତ ଅଭିସନ୍ଧି—
**मतलब** 3 Secret intent; motive. ୪ । ଉଦ୍ଦେଶ୍ୟ—4.Aim;object. ୫ । ତାତ୍ପର୍ଯ୍ୟ--5. Gist. ୬ । ସ୍ୱାର୍ଥପରତା--6. Selfishnesss.

ମତଲପ୍(ବ୍) ବାଜ୍—ବୈଦେ. ବିଣ ( ଆ. ମତ୍ଲବ୍+ଫା. ପ୍ରତ୍ୟୟ
Matalap(b) bāj ବାଜ୍ )—କୁଅଭିସନ୍ଧି ଯୁକ୍ତ—Evil-
মতলববাজ **मतलबबाज** intentioned; designing.

ମତ(ଲା)ଲପି(ବି)—ବୈଦେ. ବିଣ (ଆ. ମତଲବୀ)—୧ । ଯାହାର
Mata(tā)lapi(bi) ଅଭିସନ୍ଧି ଅଛି—1. Having an aim
খেয়ালী armotive in view. ୨ । ସ୍ୱେଚ୍ଛାଚାରୀ; ଖିଅଲୀ—2.
**मतलबी** Acting according to one's whims; wayward; whimsical. ୩ । ଫନ୍ଦୀବାଜ୍; କୁଟବୁଦ୍ଧି ଯୁକ୍ତ; କୌଶଳୀ—3. Strategist; crafty; designing.
[ମତ(ତା)ଲପି(ବି)ଯୁ—ଅନ୍ୟରୂପ] ୪ । ସ୍ୱାର୍ଥପର—4. Selfish.

ମତଲ୍ଲିକା—ସଂ. ବଣ (ମତ+ଅଲ୍ ଧାତୁ=ଭୂଷିତ କରିବା+କର୍ତ୍ତୃ ଅକ+
**Matallika** ଆ)—ପ୍ରଶସ୍ତ; ଉତ୍ତମ—Good; excellent; best of its kind. [ଦ୍ର—ଏହା ବିଶେଷ୍ୟ ପଦର ପରେ ଯୁକ୍ତ ହୁଏ ଯଥା—ଗୋମତଲ୍ଲିକା=ଉତ୍କୃଷ୍ଟ ଗୋ । ]

ମତ ହେବା ଗଜ ହେବା—ଦେ. କ୍ରି (ସଂ. ମତଙ୍ଗଜଗତି)—୧ । ଅଳସ
Mata hebā gaja hebā ବା ଧୀରଭାବରେ କୌଣସି କାର୍ଯ୍ୟ
**सुस्तीसे सजावट करना** କରିବା—1. To do any work lazily or slowly. [ଉ—ମତ ହେବେ ଗଜ ହେବେ, କେବେ ଯାଇ ପୁଅ ବେଢ଼ଣ ଯିବେ—ଢଗ । ]
୨ । ସାଜସଜ୍ଜା ବା ଅଙ୍ଗରାଗ କରିବାରେ ବହୁତ ସମୟ ବ୍ୟୟ କରିବା—2. To spend much time in dressing or equipping oneself.

ମତା—ଦେ. ବି—୧ । ଉନ୍ମତ୍ତ ହେବା ଅବସ୍ଥା—1. State of
Matā being excited; excitement. ୨ । ଅଣ୍ଡିରା
माती ପାରାବିଶେଷ—2. A kind of male
**मस्ती** pigeon. ବଣ ( ତରାଜୁ ଓ ପାଲିଙ୍କି ଅାଦି ) ଏକ ପାଖକୁ ଢଳିବା ଅବସ୍ଥାରେ ଥିବା—The state of a (palanqin or a balance) leaning to one side.

ମତା(ଏ)ଇବା—ଦେ. କ୍ରି—( ମାତିବା କ୍ରିୟାର ଣିଜନ୍ତ ରୂପ—
Matā(te)ibā The causative form of 'Mātibā').
मातान ୧ । ଉନ୍ମତ୍ତ କରାଇବା—1. To madden. ୨ ।
**मतवाना, बहकाना** ପ୍ରବର୍ତ୍ତାଇବା—2. To instigate; to incite; to induce. ୩ । ଆସକ୍ତ କରାଇବା—3 To cause to be attached. (ଉ—ଦୁରିଅଙ୍କୁ ମତାଇଣ କୂଳ କରାଇବ, ଯାହାର ଯେତେକ ଯିବ ଭଣ୍ଡାରୁ ତା ଦେବ । ପ୍ରାଚୀ. ନଳ ଚରିତ ।)

ମତାନୁଯାୟୀ—ଦେ. କ୍ରି. ବଣ ( ସଂ. ମତ+ଅନୁଯାୟିନ୍ )—କୌଣସି
Matānujāyī ମତ ପ୍ରକାରେ—According to an opi-
(ମତାନୁସାରେ—ଅନ୍ୟରୂପ) nion or doctrine. ସଂ.ବଣ. ପୁଂ
(ମତାନୁଯାୟିନୀ—ସ୍ତ୍ରୀ) —ମତାବଲମ୍ବୀ (ଦେଖ)—Matābalambī (See)

ମତାନ୍ତର—ସଂ. ବି (ସଂ. ଅନ୍ୟ +ମତ)—ଅନ୍ୟ ମତ; ଭିନ୍ନ ମତ—
Matāntara Different opinion.

ମତାବଲମ୍ବନ—ସଂ. ବି(୬ଷ୍ଠୀ ତତ୍)—୧ । ଗୋଟିଏ ମତକୁ ଗ୍ରହଣ କରିବା;
Matābalambana ଗୋଟିଏ ମତ ଅନୁସାରେ କାର୍ଯ୍ୟ କରିବା—

ମତାଶ୍ରୟ, ମତାନୁବର୍ତ୍ତନ, ମତାନୁସରଣ } ଅନ୍ୟରୂପ — 1. Acceptance of a particular opinion; following of an opinion or tenet.

୨ । କୌଣସି ବ୍ୟକ୍ତିଙ୍କ ମତ ଅନୁସାରେ କର୍ମ କରଣ—2. Acting according to the opinion of another; subserviency to the wish of another person.

ମତାବଲମ୍ବୀ—ସଂ ବଣ. ପୁଂ—ଯେ ଗୋଟିଏ କୌଣସି ମତ ଅନୁସାରେ
Matābalambī ଚଳେ—Following a particular opinion or tenet.

ମତାନୁବର୍ତ୍ତୀ, ମତାନୁସାରୀ, ମତାଶ୍ରୟୀ } ଅନ୍ୟରୂପ

(ମତାବଲମ୍ବିନୀ, ମତାନୁବର୍ତ୍ତିନୀ, ମତାନୁସାରିଣୀ—ସ୍ତ୍ରୀ)

ମତାମତ—ସଂ. ବି ( ମତ+ଅମତ )—୧ । ମତ ଓ ଅମତ; ସମ୍ମତି ଓ
Matāmata ଅସମ୍ମତି—1. Opinion for and against a thing. ୨ । ଇଚ୍ଛା ବା ଅନିଚ୍ଛା—2. Wish or unwillingness.

ମତାମତି କରିବା—ଦେ. କ୍ରି—ମତାଇବା; ଉତ୍ତେଜିତ କରିବା—
Matāmati karibā To instigate; to incite.
मातामाति करा **बहकाना**

ମତି—ସଂ. ବି ( ମନ୍ ଧାତୁ=ବୋଧ କରିବା+କରଣ. ତି )—
Mati ୧ । ବୋଧ ଶକ୍ତି; ବୁଦ୍ଧି—1. Intelligence; sense; understanding. ୨ । ଜ୍ଞାନ—2. Knowledge; perception; reason. ୩ । ସ୍ମୃତି; ସ୍ମରଣଶକ୍ତି — 3. Memory; remembrance. ୪ । ଅନ୍ତଃକରଣ — 4. Heart. ୫ । ମନ—5. Mind. ୬ । (+ଭାବ. ତି)—ପ୍ରବୃତ୍ତି; ଚିତ୍ତବୃତ୍ତି—6. Propensity; tendency; mental condition; feeling; mentality. ୭ । ଇଚ୍ଛା—7. Wish; inclination; desire. ୮ । ପ୍ରକୃତି—8. Nature. ୯ । ସମ୍ମତି—9. Consent; agreement. ୧୦ । ବିବେଚନା—10. Consideration.

मति; **धीरज** ଦେ. ବି—ଧୈର୍ଯ୍ୟ; ଧୃତି—Patience. (ଉ—
मत ଦୃଢ଼ାଇବେ ଯତ୍ନ ମତିର । କବିସୂର୍ଯ୍ୟ ସଙ୍ଗୀତ ।) ଅ—ମତ
**कापेसा, केपेसे,** (ଦେଖ)—Mata(See) [ଦ୍ର—ଏହି ଶବ୍ଦ ଏହି
**कौपेसी, कीतरह,** ଅର୍ଥରେ ଅନ୍ୟ ଶବ୍ଦ ପରେ ଲାଗେ ।
**कौमाँति** ଯଥା—ଏମତି ସେମତି, କେମତି, କେମନ୍ତ ।]

ମତିଆରି—ଦେ. ବି—ରାଗ ବିଶେଷ—
Matiārī Name of a tune in music.

ମତିକି ଆଣିବା—ଦେ. କ୍ରି—୧ । ମନକୁ ଆଣିବା; ମନରେ ଭାବିବା—
Matiki ānibā 1. To consider; to mind; to
मने आना take into consideration. (ଉ—ତପେ
**मन मे लाना** ମନାଇ ବୃନ୍ଦ ସୁବିକ, ଆଣିଲେ ସେ ଉଚ୍ଛେଦ ପାତକ, କୋଟିବ କବ ଅଣ ମତିକ, ଗଲ ଉଦ୍ବେଗ । ଭଞ୍ଜ. କୋଟିବ୍ରହ୍ମାଣ୍ଡସୁନ୍ଦରୀ । ) ୨ । କଳ୍ପନା କରିବା—2. To image; to guess.

ମତି ଗତି—ଦେ. ବି (ସହଚର ଶବ୍ଦ; ସଂ ମତି+ଗତି)—୧ । ଅନ୍ତରର
Mati gati ଉଦ୍ଦେଶ୍ୟ ଓ ବାହ୍ୟ ପ୍ରଚେଷ୍ଟା ବା କ୍ରିୟାକଳାପ—
मतिगति 1. Intention and outward expressions
**मतिगति** or movements. ୨ । ଅନ୍ତର୍ଭାଗ; ମାନସିକ ଓ ବାହ୍ୟ ଅବସ୍ଥା—2. Inward and outward condition. ୩ । ମନର ଭାବ—3. Mental condition; mentality; attitude.

**ମତି ଗର୍ଭ**—ସଂ. ବଣ. ପୁଂ. ( ବହୁବ୍ରୀହି )—୧ । ବୁଦ୍ଧିମାନ୍ (ବୃ. ଶ)—
Matigarbha 1. Intelligent. ୨ । ଚତୁର (ବୃ. ଶ)—
(ମତିଗର୍ଭା—ସ୍ତ୍ରୀ) 2. Clever. ୩ । ହୁସିଆର (ବୃ. ଶ)—
3. Cautious; prudent.

**ମତିଚ୍ଛନ୍ନ**—ସଂ. ବଣ. ପୁଂ ( ୩ୟା ତତ୍ )—୧ । ଯାହାର ବୁଦ୍ଧି ଲୋପ
Matichchhanna ହୋଇଅଛି—1. Having lost one's
मतिछन्न brain; demented. ୨ । କିଂକର୍ତ୍ତବ୍ୟବିମୂଢ଼—
(ମତିଚ୍ଛନ୍ନା—ସ୍ତ୍ରୀ) 2. Bewildered ଦେ. ବି—ବୁଦ୍ଧିର ବିନାଶ; ବୁଦ୍ଧି
(ମତିଚ୍ଛନ୍ନତା—ବି) ଭ୍ରଂଶ—Derangement of brain; loss of reasoning faculty.

**ମତିଦା**—ସଂ. ବଣ. ସ୍ତ୍ରୀ ( ମତି + ଦା ଧାତୁ + କର୍ତ୍ତୃ. ଅ + ସ୍ତ୍ରୀ. ଆ )—
Matidā ଯାହା ବୁଦ୍ଧି ବୃତ୍ତି ପ୍ରଦାନ କରେ—
(ମତିଦ—ପୁଂ) Endowing one with intelligence.
(ମତିପ୍ରଦା—ଅନ୍ୟରୂପ) ୧ । ଜ୍ୟୋତିଷ୍ମତୀ ଲତା (ବୃ. ଶ)—
1. Cardiospermum Helicacabum (plant)
୨ । ସିମିଳି ଗଛ (ବୃ. ଶ)—2. The silk cotton tree.

**ମତି ପ୍ରକର୍ଷ**—ସଂ. ବି (୬ଷ୍ଠୀ ତତ୍)—ବୁଦ୍ଧିର ପ୍ରକର୍ଷ—
Mati prakarsha Excellence of intellect.

**ମତି ବୁଦ୍ଧି**—ଦେ. ବି ( ଏକାର୍ଥକ ସହଚର ଶବ୍ଦ; ସଂ. ମତି + ବୁଦ୍ଧି )—
Mati buddhi ବୁଦ୍ଧିଶୁଦ୍ଧି—Understanding; intelligence.

**ମତି ବିଭ୍ରଂଶ**—ସଂ. ବି. ( ୬ଷ୍ଠୀ ତତ୍ )—୧ । ବୁଦ୍ଧିଶକ୍ତିର ବିନାଶ—
Mati bibhramśa 1. Loss of intelligence.
ମତି ଭ୍ରଂଶ } ଅନ୍ୟରୂପ ୨ । ସ୍ମୃତିଶକ୍ତିର ଲୋପ—2. Loss
ମତି ଭ୍ରମ of memory. ୩ । ଉନ୍ମାଦ ରୋଗ
ମତି ବିଭ୍ରମ (ବୃ. ଶ)—3. Madness; mania; derangement of brain.

**ମତି ଭ୍ରଷ୍ଟ**—ସଂ. ବ. ପୁଂ (୩ୟା ତତ୍)—ଉନ୍ମତ୍ତ—Mad; deranged in brain; demented.
Mati bhrashṭa
(ମତି ଭ୍ରଷ୍ଟା—ସ୍ତ୍ରୀ) (ମତି ବିଭ୍ରଷ୍ଟ—ଅନ୍ୟରୂପ)

**ମତି ମତେ**—ଦେ (ପଦ୍ୟ) କ୍ରି. ବଣ—( ଅମୁକର ) ଇଚ୍ଛାନୁସାରେ—
Mati mate According to the desire or wish of a person.
ইচ্ছা মতে मन माना

**ମତିମ(ବ)ନ୍ତ**—ଦେ. ବଣ. ପୁଂ (ସଂ ମତିମାନ୍)—ମତିମାନ୍; ବୁଦ୍ଧିମାନ୍—
Matima(ba)nta মতিমন্ত मतिम(व)न्त Intelligent.
(ଉ—ଗୁଣବନ୍ତ ଲୋକେ ଆଦର ଯେ କରନ୍ତି, ମତିମନ୍ତ
ବୋଲନ୍ତି ତାହାଙ୍କୁ ବହୁ—କୃଷ୍ଣସିଂହ. ମହାଭାରତ. ଉଦ୍‌ଯୋଗ । )

**ମତିମାନ୍**—ସଂ. ବଣ. ପୁଂ (ମତି + ମତ୍, ୧ମା. ୧ବ)—୧ । ବୁଦ୍ଧିମାନ୍—
Matimān 1. Intelligent. ୨ । ସୁବିବେଚକ—
(ମତିମତୀ—ସ୍ତ୍ରୀ) 2. Considerate.

**ମତିଷ୍ଠ**—ସଂ. ବଣ ( ମତିମତ୍ + ଇଷ୍ଠ )—ସୁବୁଦ୍ଧିବିଶିଷ୍ଟ—
Matisṭha (ମତିଷ୍ଠା—ସ୍ତ୍ରୀ) Intelligent; keen-witted.

**ମତିସ୍ଥୈର୍ଯ୍ୟ**—ସଂ. ବି ( ୬ଷ୍ଠୀ ତତ୍ )—୧ । ବୁଦ୍ଧିର ସ୍ଥିରତା—
Mati sthairjya 1. Mental equilibrium; calm-
(ମତିସ୍ଥିରତା—ଅନ୍ୟରୂପ) ness of mind. ୨ । ସଙ୍କଳ୍ପର
ଦୃଢ଼ତା ବା ଅଟଳତା—2. Fixity of purpose.

**ମତିହୀନ**—ସଂ. ବଣ. ପୁଂ ( ୩ୟା ତତ୍ )—୧ । ବୁଦ୍ଧିଭ୍ରଷ୍ଟ—1. Mad.
Matihīna ୨ । ନିର୍ବୁଦ୍ଧି; ନିର୍ବୋଧ—2. Foolish.
(ମତିହୀନା—ସ୍ତ୍ରୀ) (ମତିହୀନତା—ବି)

**ମତୁଆ**—ଦେ. ବଣ. ପୁଂ—୧ । ଉନ୍ମତ୍ତ; ପାଗଳ—1. Maddened;
Matuā intoxicated. ୨ । ଯେ ଅନ୍ୟକୁ ମତାଏ—
মাতাল, মোদো 2. Instigating others; inciting others.
मतवाला ये माताय उसकानेवाला
(ମତେଇ, ମତୋଇ—ସ୍ତ୍ରୀ)

**ମତୁଆଳ(ର, ଳା, ଲା)**—ଦେ ବଣ ( ସଂ. ମତ୍ତ )—୧ । ଉନ୍ମତ୍ତ—
Matuāla(rā, ḻā, lā) 1. Maddened. ( ଉ—
(ମତୁଆଲା—ଅନ୍ୟରୂପ) ପତୁଆ ହେବୁ କି? ସେ କାମ ଅମଳ-ମତୁଆଳ
(ମତୁଆଳୀ—ସ୍ତ୍ରୀ) ଯୁବା ଭୁଲେ । କବିସୂର୍ଯ୍ୟ. ସଙ୍ଗୀତ । )
মাতাল; মাতোয়ারা(ল) ୨ । ମଦୋନ୍ମତ୍ତ ( ହସ୍ତୀ )—2.
मतवाला Infuriated; in rut ( elephant ). ୩ ।
ମଦନିଶାରେ ଭୋଳ—3. Intoxicated with
wine. ବି—ମଦୁଆ ଲୋକ—Drunkard.) ଉ—
ଜଣେ ମତୁଆଳ କହୁଥିଲା × × ×
ପଦ୍ମାବମୋହନ. ଛମାଣ. ଆଠଗୁଣ୍ଠ । )

**ମତୁଆଳ(ଳା) ହାତୀ**—ଦେ. ବି—ମତ୍ତ ହସ୍ତୀ—Maddened or
Matuāḻa(ḻā) hāti infuriated elephant.
মাতোয়াল হাতী मतवाला हाती

**ମତୁଆଲି**—ଦେ. ବି (ଫା. ମାତ୍‌ୱଲି; ମତୱଲ୍ଲୀ)—ମୁସଲମାନଙ୍କ ମସଜିଦ୍‌ର
Matuāli ବା ଦେବୋତ୍ତର ସମ୍ପତ୍ତିର ମାନଫତଦାର—
(ମତୋଲି, ମତ୍ୱାଲି—ଅନ୍ୟରୂପ) A trustee of a religious
মাতোয়ালী, মতওয়ালী endowment amongst the
मातवली; मतवली Mahomedans.

**ମତେ**—ଦେ. ଅ ( ଅନ୍ୟ ସର୍ବନାମ ଶବ୍ଦ ସଙ୍ଗେ ଲାଗେ )—ମତ
Mate ( ଦେଖ ) (ଅମୁକ) ପ୍ରକାରେ—Mata ( See )
মতন; মত In (such) a manner [ ଉ—କେତେ ଲୀଳା
तरह ନୃତ୍ୟ କରେ କେତେମତେ । ରାଧାନାଥ-ଚାଯାତ୍ରା । ]
আমাকে मुझे ସର୍ବ ( ଅନାଦରାର୍ଥ )—ଅମୁକୁ—Me; to me.

**ମତ୍କ**—ସଂ. ବଣ—ମତ୍କ ( ଦେଖ )—Mat-ka ( See ) [ ଦ୍ର—
Matka ମତ୍କୁଣ(ଣା, ଣୀ), ମତ୍କୁଣାରି ଇତ୍ୟାଦି ଶବ୍ଦ ପାଇଁ ମତ୍କୁଣ(ଣା, ଣୀ) ଇତ୍ୟାଦି ଦ୍ରଷ୍ଟବ୍ୟ । ]

**ମତ୍ତ**—ସଂ. ବଣ. ପୁଂ ( ମଦ୍ ଧାତୁ = ହୃଷ୍ଟ ହେବା, ଭୋଳହେବା + କର୍ତ୍ତୃ ତ )
Matta —୧ । ଉନ୍ମତ୍ତ; ପ୍ରମତ୍ତ; ପାଗଳ—1. Maddened;
(ମତ୍ତା—ସ୍ତ୍ରୀ) overcome with extreme excitement.
୨ । ମତୁଆଳ; ନିଶାରେ ବିହ୍ୱଳ ବା ଭୋଳ—2. Intoxicated. ୩ । ଅତ୍ୟନ୍ତ ହୃଷ୍ଟ—3. Excited

with delight; overjoyed. ୪ । କ୍ରୋଧାନ୍ଧ; କ୍ରୋଧରେ ଜ୍ଞାନଶୂନ୍ୟ--4. Maddened with anger; blinded with rage. ବ—୧ । କୋକିଳ—1. Cuckoo, ୨ । ବାସୁଳି ହାତୀ; ଉନ୍ମତ୍ତ ବା କ୍ରୋଧାନ୍ଧ ହସ୍ତୀ—2. An elephant maddened with rage. ୩ । ମଦମତ୍ତ ହସ୍ତୀ—3. An elephant in rut. ୪ । ମହିଷ—4. Buffalo. ୫ । ଧୁସ୍ତୁର; ଧାତୁରା--5. The Datura Fastuosa (plant, fruit and flower). ଦେ.ବ—ମତ୍ତତା; ମାତୁ—Madness; paroxysm. ପ୍ରାଦେ ( ବାମଣ୍ଡା ) ବ—ସାମର୍ଥ୍ୟ; ବଳ—Might; strength.

ମାতলামি মস্তী

**ମତ୍ତ ଉଠିବା**—ଦେ. କ୍ର ( ସଂ. ମତ୍ତତା+ଉତ୍ଥାନ )—ମାତୁ ଉଠିବା Matta uthibā ମତ୍ତତା ଜାତ ହେବା—Being maddened; (ମତ୍ତହେବା—ଅନ୍ୟରୂପ) being over-taken with a fit of madness ( due to lust etc );

পাগলামি ওঠা মস্তী উতরনা

**ମତ୍ତ କରୀ**—ସ ବି. ପୁଂ ( କର୍ମଧା; ମତ୍ତ+କରୀ )—ମଦମତ୍ତ ହସ୍ତୀ; Matta kari ମଦସ୍ରାବ ଯୋଗୁଁ ଉନ୍ମତ୍ତ ହସ୍ତୀ; ବାସୁଳିହାତୀ—An elephant maddened with lust; an elephant in his rut.

ମତ୍ତଖାସ, ମତ୍ତକୁଞ୍ଜର, ମତ୍ତଗଜ, ମତ୍ତନାଗ, ମତ୍ତବାରଣ, ମତ୍ତମତଙ୍ଗଜ, ମତ୍ତମାତଙ୍ଗ, ମତ୍ତହସ୍ତୀ } ଅନ୍ୟରୂପ

[ଦ୍ର—ମଦୋନ୍ମତ୍ତ ହସ୍ତୀ ଦେଖିବାକୁ ଅତି ସୁନ୍ଦର ବୋଲି ସୁନ୍ଦର ପୁରୁଷଙ୍କୁ ମତ୍ତ କୁଞ୍ଜର ସଙ୍ଗେ ଉପମା ଦିଆଯାଏ । ମତ୍ତ କୁଞ୍ଜରର ଗତି ମନ୍ଥର ଓ ମନୋହର ଥିବାରୁ ସୁନ୍ଦରୀ ଯୁବତୀମାନଙ୍କର ଚାଲିକୁ ମତ୍ତଗଜ ଚାଲି ସଙ୍ଗେ ତୁଳନା କରାଯାଏ । ]

**ମତ୍ତକାଶି(ସି)ନୀ**—ସ.ବି. ସ୍ତ୍ରୀ (ମତ୍ତ+କାଶ୍‌ଧାତୁ+ଇନ୍+ଈପ୍)—୧ । Mattakāsi(si)nī ଯୌବନମତ୍ତା ବା କାମମତ୍ତା ସ୍ତ୍ରୀ—(ମତ୍ତକାଶୀ—ଅନ୍ୟରୂପ) 1. A woman brimming with youthful restlessness; a buoyant young woman. ୨ । ଉତ୍ତମା ଯୁବତୀ— A very beautiful or graceful young woman.

**ମତ୍ତଗଜଗତି**—ସ. ବି—ବାସୁଳି ହାତୀ ପରି ମନ୍ଥର ଗତି—Mattagajagati Walking resembling that of a mad elephant. ସ. ବଣ—ପୁଂ ଓ ବଣ—(ବହୁବ୍ରୀହି )—ମତ୍ତଗଜ ପରି ମନ୍ଥରଗତିବିଶିଷ୍ଟ—Of majestic gait (like an infuriated elephant).

**ମତ୍ତଗଜ ଗମନା**—ସ. ବଣ. ସ୍ତ୍ରୀ—ମତ୍ତମାତଙ୍ଗ ପରି ମନ୍ଥରଗତିବିଶିଷ୍ଟା Mattagaja gamanā (ସ୍ତ୍ରୀ)—A lady with majes- (ମତ୍ତଗଜଗମନା—ଦେଶଜରୂପ) tic steps like those of a mad elephant.

**ମତ୍ତଗଜ ଚାଲି**—ଦେ. ବି—ମତ୍ତଗଜ ଗତି (ଦେଖ) Mattagaja chāli Mattagaja gati (See)

**ମତ୍ତତା**—ସ. ବି ( ମତ୍ତ+ଭାବ ତା )—୧ । ବୁଦ୍ଧି ବିକାର; କ୍ଷିପ୍ତତା; Mattatā ବାତୁଳତା; ଉନ୍ମାଦ—1. Madness; mania. ୨ । ନିଶା—2. Intoxication.

**ମତ୍ତବାଇ**—ଦେ. ବି—କାମୋନ୍ମତ୍ତତା; କାମୋନ୍ମାଦ—Madness Mattabāi due to unsatiated lust. ବଣ—ମତ୍ତବାୟୀ

কামবাই मदनमस्ती ( ଦେଖ ) Mattabāyā [See]

**ମତ୍ତବାୟୀ**—ଦେ. ବଣ. ପୁଂ—କାମୋନ୍ମତ୍ତ ( ପୁରୁଷ )—(a man) Mattabāyā Maddened with lust.

মাতোয়ার मतवाला, मदनमत्त

(ମତ୍ତବାୟାଣୀ—ସ୍ତ୍ରୀ)

**ମତ୍ତବାରଣ**—ସ. ବି—୧ । ମତ୍ତକରୀ (ଦେଖ)—1. Mattakari Mattabārana (See) ୨ । ଘରର ପିଣ୍ଡା ବା ବାରଣ୍ଡା—2. Veranda; portico. ୩ । ଚନ୍ଦ୍ରାତପ; ପ୍ରାଙ୍ଗଣର ଆବରଣ--3. An a wning over a courtaryd. ୪ । ଆବୃତ ସ୍ଥାନ—4. A covered place. ୫ । ନାଗଦନ୍ତକ; ଘରର କାନ୍ଥରୁ ବାହାରିଥିବା କାଠି—5. A peg driven into the wall of a house.

**ମତ୍ତଭର**—ଦେ.ବଣ—ମତୁଆଲା; ଉନ୍ମତ୍ତ—Excited; maddened. Matta bhara ( ଉ--ଯୌବନଗର୍ବ ଗଜବର, ମଦନମଦେ

মাতোয়ার मस्त ମତ୍ତଭର—ଉପେନ୍ଦ୍ର. ପ୍ରେମପଞ୍ଚାମୃତ ।

**ମତ୍ତ ଭୃଙ୍ଗ**—ସ. ବି (କର୍ମଧା; ମତ୍ତ+ଭୃଙ୍ଗ )—ମଧୁପାନରେ ଉନ୍ମତ୍ତ Matta bhrunga ଭ୍ରମର—A black bee maddened or intoxicated with honey.

**ମତ୍ତ ମୟୂର**—ସ. ବି (କର୍ମଧା; ମତ୍ତ+ମୟୂର)—୧ । ମେଘ ଉଠିବାର Matta mayūra ଦେଖି ଆନନ୍ଦରେ ଉନ୍ମତ୍ତ ମୟୂର—1. A peacock overjoy at seeing the rise of clouds in the sky. ୨ । ପଞ୍ଚଦଶାକ୍ଷର ଛନ୍ଦୋବିଶେଷ—2. A metre consisting of 15 syllables. [ଦ୍ର—ଏଥିର ପ୍ରତ୍ୟେକ ଚରଣରେ ଯଥାକ୍ରମେ ମଗଣ,ତଗଣ, ଯଗଣ, ସଗଣ ଓ ମଗଣ ଥାଏ—ବୃ. ର ।] ୩ । (ବହୁବ୍ରୀହି) ମେଘ—3. Cloud.

**ମତ୍ତା**—ସ. ବଣ. ସ୍ତ୍ରୀ ( ମତ୍ତ+ଆ )—ଅତି ହୃଷ୍ଟା; ବିହ୍ୱଳା—Mattā (female) Maddened or excited with delight, lust or anger. ବି—୧ । ମଦିରା; ମଦ; ସୁରା—1. Wine; intoxicating spirits; ୨ । ଦଶାକ୍ଷର ଛନ୍ଦୋବିଶେଷ—2. A metre of 10 letters. [ଦ୍ର—ଏଥିର ପ୍ରତ୍ୟେକ ଚରଣରେ ଯଥାକ୍ରମେ ମଗଣ, ଭଗଣ, ସଗଣ ଓ ଏକ ଗୁରୁ ବର୍ଣ୍ଣ ଥାଏ ଓ ଏଥିରେ ୪ର୍ଥ ଓ ୬ଷ୍ଠ ଅକ୍ଷରରେ ଯତି ପଡ଼େ—ବୃ.ର ।]ସ. ପ୍ରତ୍ୟୟ (ସ୍ୱଭାବାଚକ ପ୍ରତ୍ୟୟ ଯଥା—ବୁଦ୍ଧିମତ୍ତା, ଶକ୍ତିମତ୍ତା) ଅମୁକ ବସ୍ତୁ ବା ଗୁଣ ଥିବାର ଅବସ୍ଥା; ପଣ; ପଣିଆ—

A suffix added to nouns to indicate the state of having. ଗ୍ରା. ଭଣ—ମନ୍ତ (ଦେଖ)—Matta (See). ( ଭୂ—ଅନେକ ବୟସେ ହୋଇଲା ମନ୍ତା, ବୋଲୁଏ ବୟସେ ଭକତରେ ଚଳନ୍ତା—ଗ୍ରାମ୍ୟ ପ୍ରବଚନ । )

**ମତ୍ତାକୀଡ଼(ଡ଼ା)**—ସଂ. ବି (ମତ୍ତ+ଆକୀଡ଼)—ତ୍ରୟୋବିଂଶାକ୍ଷର ଛନ୍ଦୋବିଶେଷ—A metre of 23 syllables. [ ଦ୍ର—ଏଥିର ପ୍ରତ୍ୟେକ ଚରଣରେ ଯଥାକ୍ରମେ ୨ ମଗଣ, ୧ ତଗଣ, ୪ ନଗଣ ଓ ଅନ୍ତରେ ୧ ଲଘୁ ଓ ୧ ଗୁରୁ ବର୍ଣ୍ଣ ଥାଏ—ବୃ. ର । ]
Mattākrirda(rdā)

**ମତ୍ତାଲମ୍ବ**—ସଂ. ବି ( ମତ୍ତ+ଆଲମ୍ବ )—୧ । ବାରଣ୍ଡା—1. Veranda. ୨ । ଅବୃତସ୍ଥାନ—2. A covered place.
Mattālamba

**ମତ୍ତେଭ**—ସଂ. ବି ( ମତ୍ତ+ଇଭ )—ମତ୍ତହସ୍ତୀ—An elephant maddened with lust.
Mattebha

**ମତ୍ତେଭଗତି**—ସଂ. ବି ଓ ବିଣ ( ପୁଂ ଓ ସ୍ତ୍ରୀ ) ( ବହୁବ୍ରୀହି )—ମତ୍ତଗଜଗତି ( ଦେଖ )—Mattagaja gati ( See ) ( ଭୂ—ମତ୍ତେଭଗତି ବାଳ ସମତେ ମତ୍ତେ ଉଡ଼ିଲ ଅକାଶେ ବସିଥିଲ ସ୍ଵଚ୍ଛେ ଘରେ ଉଡ଼ିଲା କେମନ୍ତେ—ଭକ୍ତ ପ୍ରେମସୁଧାନିଧି । )
Mattebha gati

**ମତ୍ଥା** ( ଇତ୍ୟାଦି )—ଦେ. ବି—ମଥା ଇତ୍ୟାଦି ( ଦେଖ )
Matthā (etc) Mathā etc (See)
माथा मत्था

**ମତ୍ସ(ତ୍ସ୍ୟ)** (ଇତ୍ୟାଦି)—ସଂ. ବି—ମତ୍ସ(ସ୍ୟ) ଇତ୍ୟାଦି (ଦେଖ)
Matsa[tsya] (etc) Matsa(sya) etc [See]

**ମତ୍ସର** (ଇତ୍ୟାଦି)—ସଂ. ବିଣ—ମତ୍ସର ଇତ୍ୟାଦି (ଦେଖ)
Matsara [etc] Mat-sara etc [See]

**ମଥ(ନ୍ଥ)** (ଧାତୁ)—ସଂ. ୧ । ମନ୍ଥନ କରିବା; ଆଲୋଡ଼ନ କରିବା—1. To churn. ୨ । ବିନାଶ କରିବା—2. To destroy. ୩ । ମର୍ଦ୍ଦନ କରିବା—3. To crush. ୪ । ବଧ କରିବା—4. To kill; to slaughter.
Math[nth] [root]

**ମଥଉଟ**—ଦେ. ବି ( ହିନ୍ଦୀ )—ମଥୋଟ ( ଦେଖ )
Mathauta Mathota [See].
(ମଥଟ—ଅନ୍ୟରୂପ)

**ମଥନ**—ସ. ବି—(ମଥ୍ ଧାତୁ+ଭାବ. ଅନ)—୧ । ମନ୍ଥନ; ମନ୍ଥିବା; ଆଲୋଡ଼ନ; ଦଳନ—1. Churning; stirring up. ୨ । କ୍ଲେଶ—2. Hardship. ୩ । ବିନାଶ—3. Destruction. ୪ । ଅତ୍ୟାଚାର—4. Oppression. ୫ । (+କରଣ ଅନ)—ଅସ୍ତ୍ର ବିଶେଷ (ବୃ.ଶ) 5. A sort of weapon of offence. ୬ । (+କର୍ମ ଅନ; ପୂର୍ବେ ଯଜ୍ଞାଗ୍ନି ଉତ୍ପନ୍ନ କରିବା ପାଇଁ ଏହି ବୃକ୍ଷର ୨ ଖଣ୍ଡ କାଠକୁ ମନ୍ଥନ କରି ଯାଉଥିବାରୁ ) ଅଗ୍ନିମନ୍ଥ; ଅଗବଥ ଗଛ—6. Premna Integrifolia (tree.) ୭ । (+ଭାବ.ଅନ)—ଶତ୍ରୁ ଆଦିକୁ ଦଳନ—7. Crushing of a foe etc. ବିଣ—(ଅନ୍ୟ ଶବ୍ଦ ସଙ୍ଗେ ସମାସରେ ବ୍ୟବହୃତ; +କର୍ତ୍ତୃ. ଅନ )—୧ । ମନ୍ଥନକାରୀ—1. Stirring; churning. ( ଯଥା—ମଦନମଥନ, କେଶୀ ମଥନ ଇତ୍ୟାଦି)—୨ । ବିନାଶକାରୀ; ବିନାଶକ—2. Destroying.
Mathana

**ମଥା**—ଦେ. ବି—(ସଂ. ମସ୍ତ, ମସ୍ତକ; ପ୍ରା. ମଥ୍ଥ)—୧ । ମୁଣ୍ଡ—1. Head. [ ଭୂ—ତାଙ୍କୁ ଦେଖି ମଥା ଟେକି ଉଠିଲି । ଚନ୍ଦ୍ରସୂର୍ଯ୍ୟ ସଙ୍ଗୀତ ଚିନ୍ତାମଣି ] ୨ । ମସ୍ତିଷ୍କ—2. Brain. ୩ । କୌଣସି ବସ୍ତୁର ଅଗ୍ରଭାଗ—3. The top of anything. ୪ । ( ମଥ ଧାତୁ ) ମନ୍ଥନ—4. Churning. ସ. ବି—(ମଥ ଧାତୁ+କରଣ. ଅ+ଆ) ଦହି ମନ୍ଥିବା ଖୁଆ (ବୃ. ଶ)—Churning rod.
Mathā माथा मत्था, माथा

**ମଥା** (ଇତ୍ୟାଦି)—ମୁଣ୍ଡ ଇତ୍ୟାଦି (ଦେଖ)
Mathā (etc) Muṇḍa etc (See)

**ମଥା ଘଷା**—ଦେ. ବି—ମୁଣ୍ଡର ବାଳକୁ ଧୋଇବା ନିମନ୍ତେ ମେଥି, ଗନ୍ଧ-ମୂଳି, କେଶାଦେର ଆଦି ଅନେକ ସୁଗନ୍ଧ ଦ୍ରବ୍ୟରେ ପ୍ରସ୍ତୁତ ପିଷ୍ଟ ଲୁଣ୍ଡା; ସର୍ବୌଷଧି ଚୂର୍ଣ୍ଣ—A hair-wash consisting of many sweet-scented ingredients made into paste and used as a shampoo for the hair. [ ଦ୍ର—ଏହାକୁ ବାଟି କେଶରେ ଲଗାଇ ଧୋଇଲେ କେଶ ସୁଗନ୍ଧିତ ହୁଏ । ]
Mathā ghashā माथा घषा माँथका मसाला

**ମଥା ଘୁମ(ର,ରୁ)ଣି**—ପ୍ରାଦେ. (ଉତ୍ତର ବାଲେଶ୍ୱର) ବି—୧ । (ଭୂଇ.ବ. ମାଥା ଘୋରଣୀ)—ମୁଣ୍ଡ ବୁଲା ଜାଲ; ଝେଷା ଜାଲ—1. Circular casting net.
Mathā ghumā(rā,ru)ṇi

ମଥା ଘୁର(ର)
ମଥା ମାର } —ଅନ୍ୟରୂପ
ମୁଣ୍ଡ ଘର

[ଦ୍ର—ଏହାକୁ ବୁଲାଇ ହାତରେ ଧରି ଜଳ ମୁଣ୍ଡ ଉପରେ ଘୂରାଇ ପାଣି ଉପରକୁ ଛାଟି ଦେବାକୁ ହୁଏ । ତେଣୁ ଏପରି ନାମ ହୋଇଅଛି ।] ୨ । ମୁଣ୍ଡ ବୁଲାଇବା (ରୋଗ)—2. Giddiness of the head.

**ମଥା ଛୁ(ଛୋ)ଇଁବା**—ଦେ. କ୍ରି ( ସଂ. ମସ୍ତକ+ସ୍ପୃଶ୍ ଧାତୁ )—ଶପଥ କରିବା; ନିଜର ବା ଅନ୍ୟର (ଗୁରୁଜନଙ୍କର ବା ଅଶ୍ରିତଙ୍କର) ମୁଣ୍ଡରେ ହାତ ଦେଇ ଶପଥ କରିବା—To take a special oath by touching one's own head or the head of one's dear and near ones. [ ଭୂ—କଥାକୁ ଶାସ୍ତ୍ରଙ୍କ ମଥାକୁ ଛୁଅଇଁ ଏପରି ସାହସ ଗୋ । ଚନ୍ଦ୍ରସୂର୍ଯ୍ୟ. ସଙ୍ଗୀତ । ]
Mathā chhu(chho)inbā माथा छोना मत्था(माथ)छूना

ମଥା ଜାଲି—ଦେ. ବ ( ସ. ମସ୍ତକ+ଜାଲ )—ସ୍ତ୍ରୀମାନଙ୍କ ମସ୍ତକରେ Mathā jāli କେଶ ଉପରେ ପିନ୍ଧାଯିବା ଜାଲିକାମର ଅଳଙ୍କାରବିଶେଷ—খোঁপার জাল A filgree ornament or net for the head मत्थाकीजाल of females. (ଉ—କେଞ୍ଚା ମୋତି ମଥା ଜାଲି ମଣ୍ଡିଲେ, ମଣ୍ଡିଲେ ନାହିଁ, ଧଇର୍ଯ୍ୟ ଖଣ୍ଡିଲେ। ଉଞ୍ଜ. ଲାବଣ୍ୟବତୀ । )

ମଥା ଦଇ(ହି)—ଦେ. ବ (ସ. ମସ୍ତକ+ଦଧି)—ତୈଳ; ତେଲ—Mathā dai(hi) তেল চিকনাই (ମଥାଦେଇ—ଅନ୍ୟରୂପ) Oil.

ମଥା ଦେବା—ଦେ. କ୍ରି—୧ । (ଯୁଦ୍ଧାଦିରେ) ଜୀବନ ଉତ୍ସର୍ଗ କରିବା—Mathā debā 1. To sacrifice one's own life. মাথাদেওয়া (ଉ—ଲଢ଼ିବେ ପ୍ରସ୍ତୁତ, ନେବାକୁ ଦେବାକୁ ମଥା शिरदेना କଥାକେ କଥାକେ । ରାଧାନାଥ. ମହାଯାତ୍ରା । ) ୨ । କୌଣସି ବିଷୟରେ ମସ୍ତିଷ୍କ ଚାଳନ କରିବା—2. To apply one's mind to something.

ମଥାନ—ଦେ. ବ (ସ. ମସ୍ତକ)—୧ । ଘରର ଚାଳର ଶୀର୍ଷଭାଗ—Mathāna 1. The topmost strip of the thatch मटका of a house; the top ridge of a thatched house. मठठ (ଉ—ଘନ-ଘାର-ଶିଖ୍ୟ ମଥାନ ଦେଇଣ ଉଠୁଥିଲା ଧୂମସକ । ନନ୍ଦ-ତୁଳୀ କଶୋର, ଭର୍ତ୍ତୃହରୀ । ) ୨ । ଚିତ୍ରକରର ଲେଖନୀ ବା ତୁଳୀ—2. Painter's brush.

ମଥାନ କରିବା—ଦେ. କ୍ରି—ଅଭାବ ପୂରଣ କରିବା; କ୍ଷତିପୂରଣ କରିବା Mathāna karibā —To make up the want or loss. অভাবপূরণ করা [ ଉ—ଷାଠିଏ ଟଙ୍କାର ବଳଦ ମଲା, अभाव पूरन करना ଏକା କାଲି ଗାଈ ମଥାନ କଲା । ନନ୍ଦକିଶୋର ଭର୍ତ୍ତୃହରୀ । ଅର୍ଥାତ୍ କାଲିଗାଈ ଗୋଟିଏ ଅଣ୍ଡିରା ବାଛୁରି ଜନ୍ମ କରିବାଦ୍ୱାରା ମୃତ ବଳଦର କ୍ଷତି ପୂରଣ କଲା । ]

ମଥାନ ଖୁଣ୍ଟ(ଣ୍ଟି)—ପ୍ରାଦେ (ଅଳ) ବ—ଛପରଘେରିଆ ଘରର ଉଚ୍ଚଥିବା ଖୁଣ୍ଟ—Mathāna khunṭa(nṭi) The tallest poles of a thatched house.

ମଥାନ ଗଡ଼ା—ଦେ. ବଣ—(ବର୍ଷା ପାଣି) ଯାହା ଘରର ଚାଳରୁ ଗଡ଼ି ଥାଏ—Mathāna gaṛdā (rain water) Dropping ছাঁচের(জল) ओलतीसेगीराहुआ from the thatch.

ମଥାନଗଡ଼ା ବରଷା—ଦେ. ବ—ଯେଉଁ ବର୍ଷା ଅବସ୍ଥାରେ ଘରର Mathānagaṛdā barashā ଚାଳରୁ ସାମାନ୍ୟ ପାଣି ମାତ୍ର ଗଡ଼ି ছাঁচেরজলপড়াবৃষ্টি ପଡ଼େ—A shower of rain sufficient ओलतीसे जलगीराने वाली वर्षा for making the rain-water trickle down from the eaves.

ମଥାନଗୁଡ଼ି ମାରିବା—ଦେ. କ୍ରି—ଘରର ଚାଳର ତଳ ପାଖରେ ଥିବା Mathānaguṛdi māribā ବାହୁଁଣ ଅଟକୁ ହାତଦ୍ୱାରା ଓ ଗୋଡ଼ ভিতরেরচালধরেধরেযাওয়া ଦ୍ୱାରା ଜାକୁଡ଼ି ଧରି ଧରି ମଥାନର छोलबाती देना ତଳେ ତଳେ ଟିକିଟିକି ବା ଚେମେଣୀ ଚଳିଲାଭଳି ଘର ଗତି କରିବା—To creep along the inner side of a thatch by holding the lower frame with the hands and legs like a lizard or house-bat.

ମଥାନଙ୍ଗଳା—ଦେ. ବଣ. ପୁଂ (ସ. ମସ୍ତକ ଓ ନଗ୍ନ)—ନଗ୍ନମସ୍ତକ; Mathānangaḷā ଯାହାର ଶରୀରର ଅନ୍ୟାନ୍ୟ ଅଂଶରେ

ମଥା ନଙ୍ଗଳ
ମଥା ନଙ୍ଗଳିଆ } ଅନ୍ୟରୂପ ପୋଷାକ ବା ଅଳଙ୍କାର ଥାଏ, କିନ୍ତୁ ମୁଣ୍ଡଟି ଅନାବୃତ ବା ଅନଳଙ୍କୃତ—

[ମଥାନଙ୍ଗଳି—ସ୍ତ୍ରୀ] Having the head uncovered or খালিমাথা unadorned, though the other parts सिरखुल्ला of the body are properly dressed or decorated.

ମଥାନ ମାରିବା—ଦେ. କ୍ରି—ତୁଳି ମାରିବା (ଦେଖ) Mathāna māribā Tuḷi māribā [See]. (ମଥାନ ତୁଳ ମାରିବା—ଅନ୍ୟରୂପ)

ମଥାପାଣି—ପ୍ରାଦେ (ଗଡ଼ଜାତ) ବ, (ସ. ମସ୍ତକ+ପାନୀୟ)—ରାଜାଙ୍କର Mathā pāṇi ମୁଣ୍ଡ ଧୋଇ ଗାଧୋଇବା—The bathing of the whole body (of a Rājā) including the head.

ମଥା ଭଉଁରି ଜାଲ—ଦେ. ବ—(ସ. ମସ୍ତକ+ଭ୍ରମ+ଜାଲ)—ଭଉଁରି Mathā bhauṅri jāla ଜାଲ; କ୍ଷେପଜାଲ—A circular মাথাঘোরানীজাল सिरघुमनीजाल casting net.

ମଥା ଭ୍ରମ—ଦେ. ବ (ସ. ମସ୍ତକ+ଭ୍ରମ)—୧ । ମୁଣ୍ଡ ବୁଲିବା—Mathā bhrama 1. Giddiness of the head. মাথাভ্রম ୨ । ବାତୁଳତା; ମସ୍ତିଷ୍କବିକୃତି—माथाघुमरी, माथाभ्रम 2. Derangement of the brain.

ମଥା ମଣି—ଦେ. ବ (ସ.ମସ୍ତକ ମଣି)—ମାଙ୍ଗଟୀକା; ସ୍ତ୍ରୀ ଲୋକମାନଙ୍କର Mathā maṇi କପାଳର କେଶର ମଧ୍ୟସ୍ଥ ରେଖାର ମୂଳରେ মাথার মণি, টীকা ପିନ୍ଧାଯିବା ଅଳଙ୍କାର—A jewellery worn मांग टीका, मथौरी by females on the forehead at the parting of the hair.

ବଣ (ଲକ୍ଷଣାର୍ଥ)—ଶ୍ରେଷ୍ଠ—(figurative) Best. (ଉ—ବଳକାରେ ମଥାମଣି ଦେଲେ ଭୋଳ, ବଳକାରେ ଏ ପଦ କ ବୋଲି ବୋଲ । ଉଞ୍ଜ. ବୈଦେହୀଶବିଳାସ ।)

ମଥା ଲଗା(ଗେ)ଇବା—ପ୍ରାଦେ. (ଉତ୍ତର) କ୍ରି—ଜମିରେ ପ୍ରଜାଦ୍ୱାରା ଫସଲ Mathā lagā(ge)ibā ହେବାର ବନ୍ଦୋବସ୍ତ କରିବା; ପ୍ରଜା ବିଲି କରିବା—To settle lands with tenants for the purpose of cultivation.

ମଥା ଲାଙ୍ଗୁଡ଼ି—ଦେ. ବ—ମୁଣ୍ଡଠାରୁ ଗୋଡ଼ ପର୍ଯ୍ୟନ୍ତ ବାନ୍ଧି ଦୁଷ୍ଟ Mathā lāṅgurdi ଦୁଷ୍ଟ ବଳଦକୁ ହଳରେ ଯୋତିବା ରୀତି—नंगर कस Yoking of a naughty bullock to the plough after tying its limbs from head to foot.

ମଥିତ—ସ. ବଣ ( ମଥ୍ ଧାତୁ+କର୍ମ. ତ )—୧ । ବିଲୋଡ଼ିତ; Mathita ଅଲୋଡ଼ିତ—1. Churned. ୨ । ଆଲୋଡ଼ିତ—2. Stirred up. ୩ । ବ୍ୟାକୁଳୀକୃତ—3. Agitated. ୪ । କ୍ଲିଷ୍ଟୀକୃତ; ଅତ୍ୟାଚରିତ; କ୍ଲେଶିତ—4. Oppressed;

harassed. ୫ । ବିନଷ୍ଟ; ବିନାଶିତ—5. Destroyed; crushed. ୬ । ହତ—6. Killed; slaughtered. ବି—ଜଳହୀନ ଦଧି—Unwatered curds

**ମଥୀ**—ସଂ. ବି (ମଥ୍ ଧାତୁ+କରଣେ. ଇନ୍; ୧ମା. ୧ବ)—ମନ୍ଥନ ଦଣ୍ଡ—
Mathī Churner; churning rod.
(ମନ୍ଥୀ—ସ୍ତ୍ରୀ) ସଂ. ବିଣ. ପୁଂ (ମଥ ଧାତୁ+କର୍ତ୍ତ୍ରି. ଇନ୍; ୧ମା.୧ବ) ମନ୍ଥନକାରୀ—Churning.

**ମଥୁ(ଥୁ)ରା**—ସଂ.ବି.ସ୍ତ୍ରୀ (ମଥ୍ ଧାତୁ=ବଧ କରିବା+ଅଧିକରଣେ ଉର;ଉର
Mathu(thū)rā +ଆ; କିମ୍ବା ମଧୁ+ଉର+ଆ; ଏହି ସ୍ଥାନରେ ଶତ୍ରୁଘ୍ନ ବାଣାସୁରର ପିତା ମଧୁ ନାମକ ଦୈତ୍ୟକୁ ବଧ କରିଥିବାରୁ ଏହି ନାମ )—ମଧୁଦୈତ୍ୟ ନିର୍ମିତ ଯମୁନାତଟସ୍ଥ ବୃନ୍ଦାବନ ନିକଟସ୍ଥ ନଗର; ମଧୁପୁର; କଂସର ରାଜଧାନୀ—Muttra; name of a district, town and cantonment in the United Provinces of India, 8 miles from Bṛundābana. [ ଦ୍ର—ଏଠାରେ କଂସର ବନ୍ଦୀଶାଳାରେ ଦେବକୀଙ୍କ ଗର୍ଭରୁ କୃଷ୍ଣଙ୍କର ଜନ୍ମ ହୋଇଥିଲା । ପରେ ଏଠାରେ ସେ କଂସକୁ ବଧ କରିଥିଲେ ।

ଆର୍ଯ୍ୟ ଶୂରସେନ ଜାତି ଏଠାରେ ପ୍ରଥମେ ଉପନିବେଶ ସ୍ଥାପନ କରିଥିବାରୁ ଏହାର ନାମ ପ୍ରଥମେ ଶୂରସେନା ଥିଲା। ପରେ ମହାଭାରତ ଯୁଗରୁ ଏହା ମଧୁପୁର ନାମରେ ଅଭିହିତ ହେଲା । ପରେ ଏହା ମଥୁରାନାମରେ ଖ୍ୟାତ ହେଲା । ପାଲି ଗ୍ରନ୍ଥମାନଙ୍କରେ ଏହା ମଧୁରା ନାମରେ ପରିଚିତ । ଅଶୋକଙ୍କ ରାଜତ୍ୱକାଳରେ ତାଙ୍କର ଆର୍ଯ୍ୟ ଉପଗୁପ୍ତ ଏ ନଗରକୁ ବୌଦ୍ଧଧର୍ମର କେନ୍ଦ୍ର କରିଥିଲେ । ଏହା ମଧ୍ୟ ଜୈନମାନଙ୍କର ଗୋଟିଏ ତୀର୍ଥ ଅଟେ । ହିନ୍ଦୁ ପୁରାଣମାନଙ୍କରେ ଏ ଗୋଟିଏ ମୋକ୍ଷଦାୟକ ତୀର୍ଥ ଅଟେ । ମୌର୍ଯ୍ୟ ସାମ୍ରାଜ୍ୟର ପତନ ପରେ ଗ୍ରୀକ୍,ପାରସୀ ଓ ଶକମାନେ ଏନଗର ଅଧିକାର କରିଥିଲେ । ଖ୍ରୀ ୧୦୧୭ ରେ ମହମ୍ମଦ (ମାମୁଦ) ଗଜନୀ ଏ ନଗରକୁ ଆକ୍ରମଣ କରି ଏହାର ଧ୍ୱଂସ କରିଥିଲେ । ବର୍ତ୍ତମାନ ଏହା ଯୁକ୍ତପ୍ରଦେଶର ଗୋଟିଏ ଜିଲ୍ଲା ଏବଂ ନଗର । ଏହା ବୃନ୍ଦାବନଠାରୁ ୮ ମାଇଲ ଦୂରବର୍ତ୍ତୀ; ଯମୁନା ନଦୀର ତଟଉପରେ ଏ ନଗରଟି ଅତ୍ୟନ୍ତ ଶୋଭାମୟ ଦେଖାଯାଏ । ଏଠାରେ ଅନେକ ବୈଷ୍ଣବ ଦେବମନ୍ଦିର ଅଛି । ଏଠାରେ ଇଂରାଜ ଗଭର୍ଣ୍ଣମେଣ୍ଟଙ୍କର ଗୋଟିଏ ସେନାନିବାସ ଅଛି ଏବଂ ଏଠାରେ ଗୋଟିଏ ବଡ଼ ରେଲ ଜଙ୍କ୍‌ସନ ଅଛି । ଏଠାରେ ଯମୁନା ଉପରେ ଗୋଟିଏ ରେଲ ପୋଲ ତିଆରି ହୋଇଅଛି । ଏହି ଅଞ୍ଚଳରେ ଯମୁନାନଦୀରେ ବହୁସଂଖ୍ୟକ ବଡ଼ ବଡ଼ କଇଁଛ ଦେଖା ଯାଆନ୍ତି । ନଦୀତଟସ୍ଥ କୋଠାରେ ବସି ଯମୁନା ନଦୀର ଜଳକୁ ହାତ ବଢ଼ାଇ ପାରେ ।

ଏଠାରେ ଚୌବେ ବ୍ରାହ୍ମଣମାନଙ୍କର ଭୋଜନଶକ୍ତି ଦେଖିଲେ ଆଶ୍ଚର୍ଯ୍ୟାନ୍ୱିତ ହେବାକୁ ହୁଏ । ଜଣେ ଜଣେ ଚୌବେ ୧୦।୧୪ ସେର ଲୁଡୁ, ଡାଲି, ମିଷ୍ଟାନ୍ନାଦି ଭୋଜନ କରିବାର ସଂଗ୍ରାହକ ସ୍ୱଚକ୍ଷୁରେ ଦେଖି ଅଛନ୍ତି । ]

**ମଥୁରା ଘାଟ**—ଦେ. ବି—ବୃନ୍ଦାବନରୁ ମଥୁରାକୁ ଆସିବାପାଇଁ ଗୋପୀ-
Mathurā ghāṭa ମାନଙ୍କର ଯମୁନା ନଦୀକୁ ପାରି ହେବା ଘାଟ
ମথুরার ঘাট —The ferry across the river
**मथुराका घाट** Jamunā for coming to Mathurā. [ ଦ୍ର—ଏଠାରେ ଶ୍ରୀକୃଷ୍ଣ ନାବିକ ବେଶରେ ମଥୁରାକୁ ଦୁଧ-ଦହି ବିକିବାକୁ ଯାଉଥିବା ଗୋପୀମାନଙ୍କୁ ପାରି କରିବାର ଛଳ ନାନାରଙ୍ଗ କରୁଥିଲେ । ]

**ମଥୁରା ଚୌବେ(ବେ)**—ଦେ. ବି ( ସଂ. ମଥୁରା+ଚତୁର୍ବେଦୀ )—
Mathurā chobe(bbe) ମଥୁରା ଅଞ୍ଚଳବାସୀ ବ୍ରାହ୍ମଣମାନଙ୍କ
মথুরার চোবে ଉପାଧି—Title of Brāhmaṇas of
**मथुरिया चौब्बे** Mathurā. [ ଦ୍ର—ଏମାନଙ୍କର ଭୋଜନ ଶକ୍ତି ଅଦ୍ଭୁତଜନକ । ଜଣେ ଜଣେ ଚୌବେ ୧୦।୧୫ସେର ଲୁଡୁ ଓ ମିଷ୍ଟାନ୍ନ ଏକା ବୈଠକରେ ଉଦରସାତ୍ କରିବାର ଦେଖା ଯାଇଅଛି । ]

**ମଥୁରା ଧାମ**—ସଂ. ବି—ମଥୁରା ତୀର୍ଥ; ମଧୁପୁର—The sacred city
Mathurā dhāma of Mathurā.
(ମଥୁରାପୁର, ମଥୁରାପୁରୀ—ଅନ୍ୟରୂପ)

**ମଥୁରାନାଥ ଶୁକ୍ଳ**—ଦ୍ର. ବି (ନାମ)—ମାଳବ ଦେଶର ଅଧିବାସୀ ବ୍ରାହ୍ମଣ-
Mathurānātha śukla ବିଶେଷ—The name of a Brahmana of the country of Mālaba. [ ଦ୍ର—ଏ ଖ୍ରୀ ୧୮ଶ ଶତାବ୍ଦିର ଲୋକ ଥିଲେ । ଏ ପାରସୀ ଭାଷାରେ ଅତ୍ୟନ୍ତ ନିପୁଣ ଥିଲେ । ୧୭୮୫ ଶତାବ୍ଦିରେ ଏ କାଶୀର ରାଜକୀୟ ପାଠଶାଳାର ପୁସ୍ତକାଗାରର ଅଧ୍ୟକ୍ଷ ଥିଲେ । ଏ ଯନ୍ତ୍ରସାର ନାମକ ବୋଧୋପଯୋଗୀ ବସ୍ତୁ ଜ୍ୟୋତିଷଗ୍ରନ୍ଥ ରଚନା କରିଥିଲେ ।]

**ମଥୁରା ପୁରିଆ**—ଦେ. ବିଣ—ମଥୁରାପୁରନିବାସୀ—Resident of
Mathurā puriā মথুরা পুরী **मथुरापुरिया** Mathurā.
ବି—ଉତ୍କଳର ଗୋପାଳମାନଙ୍କ ଜାତିବିଭାଗ—A sub-caste of Oriya cowherds. [ ଦ୍ର—ଏମାନେ ଯଦୁ ବଂଶୀୟ ବା ଯାଦବ ବୋଲି ପରିଚିତ ।]

**ମଥୁରା ମଙ୍ଗଳ**—ଦେ. ବି—କବି ଭକ୍ତଚରଣ ଦାସଙ୍କ କୃତ ଶ୍ରୀକୃଷ୍ଣଙ୍କ
Mathurā maṅgaḷa ମଥୁରାଲୀଳା ବର୍ଣ୍ଣନାତ୍ମକ ଓଡ଼ିଆ ପଦ୍ୟ-
Name of an Oriya classical poem dealing with the doings of Śrikṛushṇa in Mathurā.

**ମଥୁରା ମୋହନ**—ସଂ. ବି—ଶ୍ରୀକୃଷ୍ଣଙ୍କ ନାମାନ୍ତର—A name of
Mathurā mohana Śrikṛushṇa. ଦେ. ବି. ପୁଂ—ଲୋକଙ୍କୁ ଦିଆଯିବା ନାମ—A name given to males.

**ମଥୁରା ଲୀଳା**—ସଂ. ବି—ଶ୍ରୀକୃଷ୍ଣଙ୍କର ମଥୁରା ନଗରରେ କରିଥିବା ଲୀଳା
Mathurā līlā ବା କାର୍ଯ୍ୟକଳାପ—The doings of Śrikṛushṇa in the city of Mathurā (dis-

cribed in the 10th book of the Bhāgabata) [ଦ୍ର—ଏହା ଭାଗବତର ୧୦ମ ସ୍କନ୍ଧରେ ବର୍ଣ୍ଣିତ ହୋଇଅଛି ।]

ମଥୁରି—ଦେ. ବି—(ନାମ)—୧ । ମଥୁରାମୋହନର ଡାକ ନାମ—
Mathuri 1. A name for calling Mathurā mohana. ୨ । ଦ୍ୱାଦଶ ଗୋପାଳଙ୍କ ମଧ୍ୟରୁ ଏକତମ—2. One of the twelve cowherds (the 12 companions of Śrīkṛushṇa.) [ ଦ୍ର—ବାରସୁତ ଶବ୍ଦେ ଟୀକା ଦେଖ ।]

ମଥୁରେଶ—ସ. ବି—( ୬ଷ୍ଠୀ ତତ୍; ମଥୁରା+ଈଶ )—ଶ୍ରୀକୃଷ୍ଣ—
Mathureśa (ମଥୁରେଶ୍ୱର—ଅନ୍ୟରୂପ) Śrīkṛushṇa.

ମଥେଇ—ଗ୍ରାମ୍ୟ. ପ୍ରାଦେ. ( ପୁରୀ ) ବି ( ସ. ମସ୍ତକ+ଦଧି )—ତେଲ;
Mathei ମଥାଦହି—Oil.

ମଥୋ(ଥୌ,ଥା)ଟ—ଦେ. ବି—( ହିନ୍ଦୀ ମଥୌଟ; ସ. ମସ୍ତ=ମସ୍ତକ;
Matho(thau,tha)ṭa ଅନେକ ଲୋକଙ୍କ ଠାରୁ ମୁଣ୍ଡ ପିଛା ଅର୍ଥାତ (ମଥୌଟ—ଅନ୍ୟରୂପ) ପ୍ରତ୍ୟେକ ବ୍ୟକ୍ତିଠାରୁ ଅନୁପାତ ଅନୁସାରେ
মাথট **मथौट** ଅଦାୟ କରାଯିବାରୁ)—୧ । ଅନୁପାତ—
1. Ratio; proportion. ୨ । ଜଣ ପିଛା ହିସାବ ହୋଇ ଅଦାୟ କରାଯିବା ଚନ୍ଦା—2. Subscription raised equally from many persons. per head. ବିଣ—୧ । ଅନୁପାତର—1. Proportionate ୨ । ଜଣ ପିଛା ହିସାବ କରାଯିବା—2. Computed per head; per capita.

ମଥୋଟ ଜମା—ଦେ. ବି—ଅନୁପାତର ଖଜଣା—
Mathoṭa jamā মাথট জমা Proportionate rent.
**मथौट जमा**

ମଥୋଟ ଧରିବା—ଦେ. କି—ଅନୁପାତର ହିସାବ କରିବା—To
Mathoṭa dharibā strike up a ratio or proporমাথট ধরা **मथौट हिसाब करना** tion.

ମଥୋଟ ମୁତାବକ—ବୈଦେ. କି. ବିଣ—(ହିନ୍ଦୀ. ମଥୋଟ ଓ ଅ.
Mathoṭa mutābaka ମୁତାବକ୍ )—୧ । ଅନୁପାତ ଅନୁସାରେ
মাথট মোতাবেক **मथौट मुताबिक** 1. Proportionately ୨ । ଜଣପିଛା ହିସାବ କରାଯାଇ—2. Per capita.

ମଥୋଟ ହିସାବ—ଦେ. ବି—୧ । ଅନୁପାତର ହିସାବ—1. Pro-
Mathoṭa hisāba portionate account. ୨ । ଜଣ
মাথট হেসাব ପିଛା ଧରାଯିବା ହିସାବ—2. An account com-
**मथौट हिसाब** puted per head.

ମଥ୍ୟମାନ—ସ. ବିଣ—( ମଥ୍ ଧାତୁ+କର୍ମ. ଅନ )—ଯାହା ଆଲୋଡ଼ିତ
Mathyamāna ହେଉଅଛି—Being churned.
(ମଥ୍ୟମାନା—ସ୍ତ୍ରୀ)

ମଦ୍ (ଧାତୁ)—ସ.—୧ । ମତ୍ତ ହେବା—1. To be maddened.
Mad (root) ୨ । ନିଶାରେ ଭୋଳ ହେବା—2. To be intoxicated. ୩ । ହୃଷ୍ଟ ହେବା—3. To be delighted. ୪ । ଦ୍ୱେଷ କରିବା—4. To envy.

ମଦ୍‌ଗୁ—ସ. ବି—(ମସ୍ଜ ଧାତୁ=ମଗ୍ନ ହେବା+କର୍ତ୍ତୃ. ଉ, ନିପାତନ)—
Mad-gu ୧ । ଏକ ପ୍ରକାର ଜଳଚର ପକ୍ଷୀ; ପାଣିକୁଆ—
1. A water fowl; small cormorant. [ ଦ୍ର—ଜଳକୁକ୍କୁଟ ମଦ୍‌ଗୁ ବଂଶ ବକ ପ୍ଲବ । କୃଷ୍ଣସିଂହ. ମହାଭାରତ. ବନ ।] ୨ । ଯୁଦ୍ଧଜାହାଜର ଦଳ; ରଣପୋତସମୂହ—2. A fleet of warships; navy.

ମଦ୍‌ଗୁର—ସ. ବି (ମସ୍ଜ୍ ଧାତୁ=ମଗ୍ନ ହେବା+କର୍ତ୍ତୃ. ଉର)—ମାଗୁର
Mad-gura ମାଛ—A kind of scaleless fresh water (ମଦ୍‌ଗୁରକ—ଅନ୍ୟରୂପ) fish; a small sheat fish. [ଦ୍ର—
মাগুর ଏମାନେ ମୁଠିଏ ପର୍ଯ୍ୟନ୍ତ ବଢ଼ନ୍ତି ଓ କୃଷ୍ଣାଭ; ଏହି
**मंगुर** ଜାତୀୟ ଛୋଟ ଓ ଅଳ୍ପପାଣିଆ ମାଛଙ୍କୁ ଜିଆ ବୋଲାଯାଏ । ଏମାନଙ୍କର ଗାଲୁସି ଉଳେ ଦୁଇ ପାଖରେ ଶିଂଘ (କଣ୍ଟା) ଅଛି । ଏ ଶିଂଘ ମନୁଷ୍ୟ ଦେହରେ ବିଦ୍ଧ ହେଲେ ବିଶେଷ ବିଷ ଧରେ ।]

ମଦ୍‌ଗୁରୁ—ସ. ବି (ଅସ୍ମଦ୍+ଗୁରୁ)—ମୋ ଗୁରୁଦେବ—
Mad-guru My teacher or preceptor.

ମଦ୍‌ଗୃହ—ସ. ବି (ଅସ୍ମଦ୍+ଗୃହ)—ମୋ ଘର—My house.
Mad-gṛuha (ମଦ୍‌ଗେହ—ଅନ୍ୟରୂପ)

ମଦ୍‌ରସା—ବୈଦେ. ବି. (ଫା)—ମାଦ୍ରାସା (ଦେଖ)
Mad-rāsā Mādrāsā (See).
(ମଦ୍ରାସା—ଅନ୍ୟରୂପ) মাদ্রাসা **मदरसा**

ମଦ—ସ. ବି (ମଦ୍ ଧାତୁ=ହୃଷ୍ଟ ହେବା+ଭାବ. ଅ)—୧ । ହର୍ଷଜନିତ
Mada ସମ୍ମୋହ—1. Paroxysm of joy; intoxication due to excess of joy. ୨ । ଅତ୍ୟନ୍ତ ହର୍ଷ;ଆନନ୍ଦ—2. Joy; delight. ୩ । ମଦ୍ୟପାନଜନିତ ମନୋବିକାର; ମତ୍ତତା—3. Intoxication due to wine. ୪ । ଉନ୍ମତ୍ତତା; ଉନ୍ମାଦ; ପାଗଳାମି—4. Madness. ୫ । ଅହଙ୍କାର; ଗର୍ବ—5. Pride; arrrogance; conceit. [ ଦ୍ର—ଏହା ଅନ୍ୟ ଶବ୍ଦ ସଙ୍ଗେ ବ୍ୟବହୃତ ହୁଏ ଯଥା—ଧନମଦ,ରୂପମଦ ଇତ୍ୟାଦି ।] ୬ । ( +କରଣ ଅ) ମଦ୍ୟ;ମଦିରା;ସୁରା—6. Wine; spirits. [ଦ୍ର—ବିଭିନ୍ନ ଦେଶରେ ବ୍ୟବହୃତ ମଦର ବିଭିନ୍ନ ନାମ ଅଛି ଯଥା—ଦେଶୀ ମଦ, ବିଲାତି ମଦ, ଫ୍ରେଞ୍ଚ ମଦ ଇତ୍ୟାଦି । ଭିନ୍ନ ଭିନ୍ନ ପଦାର୍ଥରୁ ବା ପ୍ରକ୍ରିୟାରେ ଉତ୍ପନ୍ନ ମଦର ଭିନ୍ନ ଭିନ୍ନ ନାମ ଅଛି । ଯଥା—ଖଜୁରିମଦ, ଅରଖି ମଦ, ଧାନୁଆ ମଦ ( ଗୁଡ଼ିଆ ମଦ ), ହାଣ୍ଡିଆମଦ ଇତ୍ୟାଦି । ଖଜୁରି, ତାଳ, ନଡ଼ିଆ ଆଦି ଗଛରୁ ସଦ୍ୟ ଅମଦାଣି ରସକୁ ସଜମଦ ଓ ତାହା ବାସି ହୋଇଗଲେ ତାକୁ ବାସିମଦ କହନ୍ତି । ୭ । ମୃଗମଦ; କସ୍ତୁରୀ—7. Musk. ୮ । ଶୁକ୍ର; ରେତଃ—8. Semen; virile. ୯ । ମତ୍ତହସ୍ତୀର ଗଣ୍ଡସ୍ଥଳରୁ କ୍ଷରିତ ତୀବ୍ର ଗନ୍ଧଯୁକ୍ତ ରସ—9. A strong-smelling juice flowing from the openings in the temples of a ma.

elephant in rut. ୧୦ । ଉନ୍ମାଦ ରୋଗ (ଚୂ. ପ)—10. Mania. ୧୧ । କାମଦେବ (ଚୂ. ପ)—11. Cupid. ୧୨. ବି—ଅସୁର ବିଶେଷ—Name of a demon.

ମଦ ଅଲସ—ଦେ. ବିଣ (ସଂ. ମଦାଲସ୍ୟ)—ମତ୍ତତା ଯୋଗୁଁ ଆଲସ୍ୟଯୁକ୍ତ—Mada aḷasa Languid on account of intoxication.
ମଦାଲସ୍ (ଉ—ଦୃଷ୍ଟି ତୋ ମଦ-ଅଲସ, ବଦନଚନ୍ଦ୍ର ପ୍ରକାଶ, ଗଣ ତୋର ଜନ ମନୋହର । ପ୍ରାଚୀ. ରସକାଉଏ ।)

ମଦ ଉ(ଓ)ରା—ଦେ. ବି—ଯେଉଁ ଛୁଦ୍ର କଲସରେ ବା ଘଟରେ ଖଜୁରି ତାଳ ଓ ନଡ଼ିଆ ଗଛରୁ ଚୁଇବା ରସ ସଗୃହୀତ ହୁଏ—A jar in which is collected the toddy juice from palm, date-palm and cocoanut trees. [ ବି—ଛୋଟ ଛୋଟ କଲସକୁ ବା ଘଡ଼ୁକୁ ଉଷ ଓ ବଡ଼ ମାଠିଅକୁ ଅଧା ବୋଲାଯାଏ; ଗଛର ଦେହରେ ରସ ସଗ୍ରହାର୍ଥ ଉଷ ଝୁଲନ୍ତ କରାଯାଏ । ଉଷ-ମାନଙ୍କରେ ସଗୃହୀତ ରସକୁ ଅଧାରେ ଢାଳିଯାଏ । ]
Mada u(o)rā
ତାଡ଼ীর ভাঁড়
তাড়ী
লবনী

ମଦକ୍—ଦେ. ବି—ମଦତ୍ (ଦେଖ)
Madak Madat (See).

ମଦ କଟ—ସଂ. ବିଣ ( କସ୍ମା ତତ୍ )—ମଦୋନ୍ମତ୍ତ; ମଦୋଦ୍ଧତ—Mada kaṭa Intoxicated with lust or pride. ବି ୧ । ମଦମତ୍ତ ହସ୍ତୀ—1. An elephant in rut. ୨ । ବୃଷ—2 Bull.

ମଦ କଳ—ସଂ. ବିଣ. ପୁଂ (କସ୍ମା ତତ୍)—୧ । ମତ୍ତତା ଯୋଗୁଁ ଅସ୍ଫୁଟ ଧ୍ୱନିକାରୀ—1. Making inarticulate sound under the effect of intoxication. ୨ । ମତ୍ତ;ଉନ୍ମତ୍ତ—2. Maddened. ବି—ମତ୍ତହସ୍ତୀ—An elephant in rut.
Mada kaḷa

ମଦକଳା—ଦେ. ବିଣ. ସ୍ତ୍ରୀ—ନବଯୌବନା—[ a lady ] In the glory of her youth. [ ଉ—ମଦାମାସ୍ତୁ ଦସ୍ତୁ କଲ୍ଲ । ମଦକଳା ବୀୟ ଗଲ୍ଲ । ଅଭିମନ୍ୟୁ. ବିଦଗ୍ଧ-ଚିନ୍ତାମଣି । ]
Madakaḷā

ମଦ କାଞ୍ଜି—ଦେ. ବି - (ସଂ. ମଦ୍ୟ+କାଞ୍ଜିକା)— ୧ । ପାଣିପିଆ ହୋଇ ଅମ୍ଳ ହୋଇଥିବା ମଦ—1. Fermented wine. ୨ । ସିର୍କା; ମଦର କାଞ୍ଜି—2. Vinegar.
Mada kāñji
সিরকা
सिरका

ମଦ ଖଟି—ଦେ. ବି—ଯେଉଁଠାରେ ମଦୁଆମାନେ ମଦ ଖାଇବାକୁ ଜମା ହୁଅନ୍ତି—Wine-shop; pot house; grog shop.
Mada khaṭi
মদের খটী पासीखाना

ମଦ ଖୋର—ଦେ. ବିଣ (ସଂ.ମଦ୍ୟ+ପା. ଖୋର୍) —ମଦୁଆ—Drunkard.
Mada khor মদ খোর मद् खोर

ମଦ ଗନ୍ଧ—ସଂ. ବି (ଷଷ୍ଠୀ ତତ୍)—୧ । ହସ୍ତୀ ଗଣ୍ଡରୁ ନିଃସୃତ ମଦବାରିର ଉତ୍କଟ ଗନ୍ଧ—1. The strong smell of the juice exuded from the temples of an elephant in rut. ୨ । ( ବହୁବ୍ରୀହି ) ମଦ (ଚୂ. ପ)—2. Wine. ୩ । ଛତିଅନା (ଗଛ) (ଚୂ.ପ) 3. Alistonia Scholaris (tree). ୪. ବି—ମଦ୍ୟରୁ ଉତ୍ପନ୍ନ ଗନ୍ଧ—The peculiar smell of wine (which comes out of the mouth of a drunkard or toddy pot or toddy-shop ).
Mada gandha
মদের গন্ধ
मदकी गंध

ମଦ ଗନ୍ଧା—ସଂ. ବି—୧ । ସୁରା—1. Wine. ୨ । ଅତସୀ (ଚୂ. ପ) - 2. Linseed.
Mada gandhā

ମଦ ଗମନ—ସଂ. ବି (ବହୁବ୍ରୀହି)--ମଇଁଷି (ଚୂ. ପ)—Buffalo.
Mada gamana

ମଦ ଗର୍ବ—ସଂ. ବି—ମତ୍ତତାଜନିତ ଅହଙ୍କାର; ଦାମ୍ଭିକତା—Arrogance due to intoxication or madness or selfconceit.
Mada garba

ମଦ ଗର୍ବିତ--ସଂ.ବିଣ.ପୁଂ--ଗର୍ବ ମତ୍ତ--Intoxicated or arrogant with pride.
Mada garbita (ମଦଗର୍ବିତା—ସ୍ତ୍ରୀ)

ମଦ ଗଳ(ଳା)—ଦେ. ବି (ସଂ. ମଦ କଲ)—ମତ୍ତ ହସ୍ତୀ—An elephant in rut.
Mada gaḷa(ḷā)

ମଦଘ୍ନୀ—ସଂ. ବି. ସ୍ତ୍ରୀ (ମଦ+ହନ୍ ଧାତୁ+କର୍ତ୍ତୃ. ଅ+ସ୍ତ୍ରୀ. ଈ)—ପୁଈଲତା; ପୋଇ ଶାଗ (ଚୂ. ପ)—Basella (pot herb).
Madaghnī
(ମଦ ଶାକ—ଅନ୍ୟରୂପ)

ମଦ ଚ୍ୟୁତ—ସଂ. ବିଣ ( ମଦ+ଚ୍ୟୁ ଧାତୁ+କର୍ତ୍ତୃ. କ୍ତ )—ମଦସ୍ରାବୀ (ଦେଖ)—Mada srābī (See).
Mada chyut

ମଦ ଝୁଙ୍କା—ଦେ ବି—୧ । ମଦନିଶା; ମଦ୍ୟପାନଜନିତ ମତ୍ତତା—1. Intoxication due to wine. ୨ । ମଦ ନିଶା ଯୋଗୁଁ ଟଳ ଟଳ ଚାଲିବା—2. Unsteadiness in walking due to overdrink.
Mada jhuṅka
মদের ঝোঁক
मदका झोंक

ମଦତ(ଦ)—ବୈଦେ. ବି (ପା. ମଦଦ୍)—ସହାୟତା; ସାହାଯ୍ୟ—Help; assistance.
Madat(d)
মদত (দ্) (ଯଥା—ଏ ଘଟଣାରେ ପୁଲିସ୍ ମଦତ୍ ଲୋଡ଼ା ଦରକାର ।)
मदद्

ମଦକ୍ ଦେ. ବି ( ସଂ. ମଦ; ମୋଦକ )—ଗୁଲି; ଚିକ୍କଣ ପତ୍ରକୁ ପୋଡ଼ି ତହିଁ ସଙ୍ଗେ ଅଫିମକୁ ଗୁଣ୍ଡି ପ୍ରସ୍ତୁତ କରାଯିବା ବସ୍ତୁ—A preparation of opium for smoking; bullet of opium. [ବି—ଏହାର ଧୂଆଁ ପାନ କଲେ ଭାରି ନିଶା ହୁଏ । ମଦତ୍ ନିଶାର ଅଭ୍ୟାସ ସହଜରେ ଛାଡ଼ ହୁଏ ନାହିଁ ଓ ଏହା ମନୁଷ୍ୟକୁ ଅଲ୍ପଃସାର ଶୂନ୍ୟ ଓ ଅଲସୁଆ କରି ପକାଏ । ଥରେ ଏଥିର ଚଟକ୍ ଲାଗିଲେ ମଦତ୍ ଖୋର୍ ଆଉ ପଛ ଦିଗର ନ କରି ଏଥିର ମାତ୍ରା ବଢ଼ାଇ ବଢ଼ାଇ ଶେଷକୁ ସର୍ବସ୍ୱାନ୍ତ ହୁଏ । ମଦଖୋରମାନେ ଶୀର୍ଣ୍ଣକାୟ ହୋଇ ଯାଆନ୍ତି ଓ କେତେଜଣ ଏକତ୍ର ବସି ଅସାର କାଳ୍ପନିକ ଗଳ୍ପ ଦ୍ୱାରା ଆପଣା ଆପଣାର ମନୋରଞ୍ଜନ କରନ୍ତି । ଏମାନଙ୍କର ଅଧିକାଂଶ ସମୟ ଆଖି ବୁଜି କାଳ୍ପନିକ ଜଗତରେ ଅତିବାହିତ ହୁଏ । ]
मदक्
मदत (क)

ମଦତ(ଦ୍) କରିବା—ଦେ.କ୍ରି--ସାହାଯ୍ୟ କରିବା—To render help; to render assistance.
Madat(d) karibā
মদত দেওয়া मदद् देना (ମଦତ୍ ଦେବା—ଅନ୍ୟରୂପ)

ମଦତ୍(ଦ୍) କାର—ବୈଦେ. ଵଣ (ଫା. ମଦଦ୍ ଗାର୍ )—ମଦତ୍ କାର; Madat-(d-) kāra ସାହାଯ୍ୟକାରୀ—Helping; rendering assistance.
ମদত্ কার मदद् गार

ମଦତ୍ ଖଟି—ଦେ. ବି—ଗୁଳି ଖଟି (ଦେଖ) Madat khaṭi Guli khaṭi (See)
মদক্ খটী मदक खाना

ମଦତ୍ ଖଟି ଗପ—ଦେ. ବି—ଗୁଳି ଖଟି ଗପ (ଦେଖ) Madat khaṭi gapa Guli khaṭi gapa (See)
মদক্ খটীর গল্প मदक खानाका गप

ମଦତ୍ ଖାଇବା—ଦେ. କ୍ରି—ଅଫିମର ଧୂଆଁ ସେବନ କରିବା— Madat khāibā To smoke opium.
মদক খাওয়া मदक खाना (ମଦତ୍ ପିଇବା—ଅନ୍ୟରୂପ)

ମଦତ୍ ଖୋର୍—ଦେ.ବି ଓ ଵଣ—ମଦତ୍ ନିଶା ଖାଇବାରେ ଅଭ୍ୟସ୍ତ ବ୍ୟକ୍ତି Madat khor —A person addicted to smoking opium; habitual opium smoker.
মদক খোর मदक खोर (ମଦତ୍ ଖୋରୀ—ଅବସ୍ଥାବାଚକ ବିଶେଷ୍ୟ)

ମଦତ୍(ଦ୍)ଗାର୍—ବୈଦେ, ଵଣ (ଫା, ମଦଦ୍ ଗାର୍)— Madat-(d-)gār ସହାୟକ—Helping.
মদত্ কার मददगार ବି—ସହାୟକ ବ୍ୟକ୍ତି—Helper.

ମଦତ୍(ଦ୍)ଗାରୀ—ବୈଦେ, ବି (ଫା, ମଦଦ୍ଗାରୀ)—ସହାୟକତା— Madat(d)gārī The state of being a helper.
মদত্ কারী मदद् गारी

ମଦତ୍ ଛିଟା—ଦେ. ବି—ମଦତ୍ ବସ୍ତୁର ଗୋଟିଏ ମାତ୍ର କ୍ଷୁଦ୍ର ଗୋଲକ; Madat chhiṭā ଯାହା ଥରକେ ଧୂଆଁ ପିଇଲେ ଉଡ଼ିଯାଏ— [ମଦତ୍ ଗୁ(ଗୋ)ଳ(ଳା, ଳି)—ଅନ୍ୟରୂପ) One small ball or pillet of Madak.
মদক গোলা मदककी गोली

ମଦତ୍(ଦ୍)ମାଶ୍—ବୈଦେ, ବି (ଫା, ମଦଦ୍=ସାହାଯ୍ୟ+ଉ=ପାଇଁ+ Madat-(d-)māś ମା-ଅଣ୍=ଖାଇବା ଜିବାକାର୍ଥ ସାହାଯ୍ୟ)— ମୁସଲମାନ୍ ବାଦସାହାମାନଙ୍କ ଅମଳରେ ଧର୍ମଯାଜକ-ମାନଙ୍କ ଭରଣ ପୋଷଣାର୍ଥ ବା ଧର୍ମ କାର୍ଯ୍ୟ ନିମନ୍ତେ ଅଳ୍ପ କରରେ ବା ନିଷ୍କରଭାବେ ଖଞ୍ଜା ହୋଇଥିବା ବୃତ୍ତି— Endowments given by Mahomedan emperors rent-free or on a nominal rent for religious purposes.
মদদ্ মাস मदद माश

ମଦତ୍ ସରପ୍-ବୈଦେ (ସଂ. ମୋଦକ+ ଫା. ସରବ୍)—ଗୁଳି ଓ ମଦ— Madat sarāp Opium bullet and wine.
মদক্সরাপ मदकसराब

ମଦତି(ତ୍ତି) ଗପ—ଦେ. ବି—ମଦତ୍ଖୋର ଲୋକର ସୁଲଭ ଅସାର ବା Madati(tti) gapa କାଳ୍ପନିକ ଗଳ୍ପ—Imaginary talk befitting opium smokers; an opium smoker's sweet waking dreams.
গুলিখোরের গল্প मदकखोरीगप (ମଦତ୍ଖୋରୀ ଗପ—ଅନ୍ୟରୂପ)

ମଦତି(ତ୍ତି)—ଦେ. ଵଣ—୧ । ମଦତ୍ଖୋର; ଗୁଳିଖୋର—1. Addicted to smoking opium. ୨ । ମଦତ-ଖୋର ସୁଲଭ—2. Befitting an opium-smoker. ବି—ମଦତ୍ ଖାଇବାରେ ଅଭ୍ୟସ୍ତ ବ୍ୟକ୍ତି—A habitual smoker of opium
Madatī(ttī)
মদতী मदकची

ମଦନ—ସଂ. ବି (ମଦ୍ ଧାତୁ; ଣିଚ୍. ମଦ ଧାତୁ=ମତ୍ତ କରିବା+କର୍ତ୍ତୃ.ଅନ) Madana —୧ । କାମଦେବ—1. Cupid personified. [ ଦ୍ର—ଏହାଙ୍କର ସ୍ତ୍ରୀ ରତି, ସଖା ବସନ୍ତ ଓ ଅସ୍ତ୍ର ଫୁଲ-ଧନୁଶର ।] ୨ । କନ୍ଦର୍ପ; କାମ—2. Cupid, lust. ୩ । ଆଲିଙ୍ଗନବିଶେଷ—3. A sort of embrace. [ ଦ୍ର—ଏଥିରେ ନାୟକ ଗୋଟିଏ ହାତକୁ ନାୟିକାର ଗଳାରେ ଓ ଅନ୍ୟ ହାତକୁ ନାୟିକାର କଟିଦେଶରେ ରଖି ଆଲିଙ୍ଗନ କରେ—ହି. ଶ ।] ୪ । ବସନ୍ତ-କାଳ—4. The spring season. ୫ । ବ୍ରୀହି—5. Phaseolus (grain). ୬ । ଭ୍ରମର; ଭୃଙ୍ଗ—6 The black bee. ୭ । ମଏଣ (ଦେଖ)—7. Maena (See) ୮ । ଧଳା ଅଙ୍କୁ ଗଛ—8. A kind of tree; Alangium Hexapetalum. ୯ । ଖଇର ଗଛ—9. The catechu tree. ୧୦ । ବଉଳଗଛ—10. The Bakula tree. ୧୧ । ଧାତୁରା; ଦୁଦୁରା—11. The Datura Fastuosa plant. ୧୨ । କାମକ୍ରୀଡ଼ା (ହି. ଶ)—12. Amorous dalliance. ୧୩ । ମହମ (ହି. ଶ)—13. Beeswax. ୧୪ । ସାରୀ; ମଇନା ପକ୍ଷୀ (ହି. ଶ)—14. Hill myna. ୧୫ । (ଜ୍ୟୋତିଷ) ଲଗ୍ନଠାରୁ ସପ୍ତମ ଗୃହ (ହି. ଶ)—15. The 7th house from one's lagna. ୧୬ । ପ୍ରେମ (ହି. ଶ)—16. Love. ୧୭ । ଖଞ୍ଜନ ପକ୍ଷୀ (ହି. ଶ)—17. The wagtail. ୧୮ । ମହା-ଦେବଙ୍କ ୪ ପ୍ରଧାନ ଅବତାର ମଧ୍ୟରୁ ତୃତୀୟ ଅବତାର (ହି. ଶ)—18. The 3rd of the four principal incarnations of Siba. ଵଣ—ମତ୍ତତା-ଜନକ—Causing intoxication or madness. ଦେ.ବି.ପୁଂ—ମଦନମୋହନର ଡାକ ନାମ—Name for calling Madanamohana.

ମଦନ କଣ୍ଟକ—ସଂ. ବି—୧ । କାମାତୁର ବ୍ୟକ୍ତିର ରୋମାଞ୍ଚ; ସାତ୍ତ୍ୱିକ Madana kaṇṭaka ରୋମାଞ୍ଚ—1. Horripilation due to lust. ୨ । ମଏଣ (ଦେଖ)—2. Maena (See)

ମଦନ କଳହ—ସଂ. ବି (ମ ଘ.ଲେ)—ପ୍ରେମିକ ପ୍ରେମିକାଙ୍କ ମଧ୍ୟରେ Madana kalaha ପ୍ରଣୟକରସ୍ତୁକ କଳହ—Love-quarrel.

ମଦନ ଗୃହ—ସଂ. ବି (୬ଷ୍ଠୀ ତତ୍)—୧ । ଭଗ; ଯୋନି (ହି. ଶ)— Madana gruha 1. Female organ. ୨ । ଜନ୍ମ କୁଣ୍ଡଳୀର ୭ମ ଗୃହ—2. The 7th house from one's lagna in the horoscope.
ମଦନ ଭବନ, ମଦନ-ସଦନ, ମଦନାଳୟ } ଅନ୍ୟରୂପ

ମଦନ ଗୋପାଳ—ସଂ. ବି (ମ. ପ. ଲୋ, ମଦନ ପରି ସୁନ୍ଦର ଗୋପାଳ) Madana gopāla —ଶ୍ରୀକୃଷ୍ଣ—Srikrushṇa.

ମଦନ ଚତୁର୍ଦ୍ଦଶୀ—ସଂ. ବି—ଚୈତ୍ର ଶୁକ୍ଳ ଚତୁର୍ଦ୍ଦଶୀ—The 14th
Madana chaturddaśī day of the bright fortnight of the month of Chaitra. [ବି—ଏହା ମଦନ ମହୋତ୍ସବର ଅନ୍ତର୍ଗତ—ହି. ଶ । ]

ମଦନ ଜ୍ୱର—ସଂ. ବି(ମ. ସ. ଲୋ) —କାମାତୁର ବ୍ୟକ୍ତିର ପୀଡ଼ିତାବସ୍ଥା;
Madana jwara କାମଜ୍ୱର—Love-sickness; rise of temperature in a love-sick person.

ମଦନ ତନ୍ତ୍ର—ସଂ. ବି (ମଦନ+ତନ୍ତ୍ର)—ରତିଶାସ୍ତ୍ର—The science
Madana tantra (ମଦନ ଶାସ୍ତ୍ର—ଅନ୍ୟରୂପ) of sexual love.

ମଦନ ତ୍ରୟୋଦଶୀ—ସଂ. ବି—ଚୈତ୍ର ଶୁକ୍ଳ ତ୍ରୟୋଦଶୀ—The 13th
Madana trayodaśī day of the bright fortnight of Chaitra.

ମଦନ ଦଶା—ସଂ. ବି—କାମାତୁର ବ୍ୟକ୍ତିର ଭିନ୍ନ ଭିନ୍ନ ଅବସ୍ଥା—
Madana daśā Different stages of an unsatiated lover's condition.

ମଦନ ଦହ(ମ)ନ—ସଂ. ବି—( ଯେ ମଦନଙ୍କୁ ଭସ୍ମ କରିଥିଲେ )
Madana daha(ma)na ମହାଦେବ—Śiba.

ମଦନ ଦୂତ—ସଂ. ବି ( ୬ଷ୍ଠୀ ତତ୍; ମଦନ+ଦୂତ )—କୋକିଳ—
Madana dūta The cuckoo.

ମଦନ ଦ୍ୱାଦଶୀ—ସଂ. ବି—ଚୈତ୍ର ଶୁକ୍ଳ ଦ୍ୱାଦଶୀ—The twelvth
Madana dwādaśī day of the bright fortinght of the month of Chaitra.

ମଦନ ଧର୍ମ—ସଂ. ବି—ରତିକ୍ରୀଡ଼ା—
Madana dharma Copulation.

ମଦନ ଧର୍ମୋତ୍ସବ—ସଂ. ବି—୧ । ଦୋଳଯାତ୍ରା; ଦୋଳ; ଫାଲ୍ଗୁନ ପୌର୍ଣ୍ଣମୀ
Madana dharmotsaba ଉତ୍ସବ—1. Dolajātrā festi-
(ମଦନୋତ୍ସବ—ଅନ୍ୟରୂପ) val celebrated in honour of God Cupid during the fullmoon of Phālguna.
୨ । ଚୈତ୍ର ପୂର୍ଣ୍ଣିମାରେ ଅନୁଷ୍ଠିତ ଉତ୍ସବ ବିଶେଷ—
2. A festival observed during the full-moon of Chaitra.

ମଦନ ନାଳିକା—ସଂ. ବି—ଅସତୀ ସ୍ତ୍ରୀ—A faithless wife; a
Madana nālikā dissolute woman.

ମଦନ ପକ୍ଷୀ—ସଂ. ବି—ସାରୀ ପକ୍ଷୀ—A kind of bird; the
Madana pakshī hill-myna.

ମଦନ ପାଠକ—ସଂ. ବି ( ମଦନ=ବସନ୍ତ+ପାଠକ )—କୋକିଳ—
Madana pāṭhaka The Indian cuckoo.

ମଦନ ପୀଡ଼ା—ସଂ. ବି—୧ । ମଦନ ବ୍ୟଥା—1. Love-sickness.
Madana pirdā ୨ । କାମବାଧା—2. Exhaustion or
(ମଦନବାଧା—ଅନ୍ୟରୂପ) fatigue due to cohabitation.

ମଦନ ପୁର—ସଂ. ବି—ସ୍ମରପୁର; ଭଗ; ଯୋନି—Female organ.
Madana pura ( ମଦନଗୃହ—ଅନ୍ୟରୂପ )

ମଦନ ପ୍ରିୟ—ସଂ. ବି (୬ଷ୍ଠୀ ତତ୍; ମଦନ+ପ୍ରିୟ)—ବସନ୍ତ; ମଦନସଖା—
Madana priya The spring season.

ମଦନ ଫଳ—ସଂ. ବି—ମଏଣ ( ଦେଖ )
Madana phaḷa Maeṇa ( See )

ମଦନ ବାଇ—ଦେ. ବି—କାମପୀଡ଼ାଜନିତ ବାତୁଳତା—Love mad-
Madana bāi ness. ବିଣ—ମଦନ ବାଉଳା ( ଦେଖ )
Madana bāuḷā ( See )

ମଦନ ବାଉଳା—ଦେ. ବି. ପୁଂ (ସଂ. ମଦନ+ବାତୁଳ)—କାମବିହ୍ୱଳ—
Madana bāuḷā Maddened by love or lust; love-
कामबाई मदनमत्त ( ମଦନ ବାଉଳୀ—ସ୍ତ୍ରୀ ) mad.

ମଦନ ବାଣ—ସଂ. ବି—(୬ଷ୍ଠୀ ତତ୍)—୧ । କାମବଶିଖ—1. The
Madana bāṇa shafts of cupid. ୨ । କାମପ୍ରବୃତ୍ତି—
(ମଦନ ବଶିଖ—ଅନ୍ୟରୂପ) 2. Lust. ୩ । କାମବ୍ୟଥା—
3. The agony felt on account of unsatiated love or lust.

ମଦନ ବିହ୍ୱଳ—ସଂ. ବିଣ. ପୁଂ—କାମୋନ୍ମତ୍ତ—Maddened by
Madana bihwaḷa lust; love-struck.
(ମଦନମତ୍ତ—ଅନ୍ୟରୂପ । ମଦନ ବିହ୍ୱଳା, ମଦନ ମତ୍ତା—ସ୍ତ୍ରୀ)
(ମଦନବିହ୍ୱଳତା, ମଦନମତ୍ତତା—ବି ମଦନଭୋଳ(ଳା)—ଦେଶଜ, ବିଣ)

ମଦନ ବୃକ୍ଷ—ସଂ. ବି—ମଏଣ ( ଦେଖ )
Madana bruksha Maeṇa ( See )

ମଦନ ବ୍ୟଥା—ସଂ. ବି—କାମପୀଡ଼ା; କାମାତୁର ବ୍ୟକ୍ତି ଯେଉଁ ଅସହ୍ୟ
Madana byathā ଯନ୍ତ୍ରଣା ଓ ଅସ୍ୱସ୍ତି ଅନୁଭବ କରେ—
The agony experienced by an unsatiated lover.

ମଦନ ଭଞ୍ଜିକା—ସଂ. ବି—ମଦନ ଚତୁର୍ଦ୍ଦଶୀ ( ଦେଖ )—
Madana bhañjikā Madana chaturddaśī ( See )
(ମଦନ ଭଞ୍ଜ—ଅନ୍ୟରୂପ)

ମଦନ ଭେରୁ—ପ୍ରାଦେ (ସିଂହଭୂମ) ବି—ବାଦ୍ୟଯନ୍ତ୍ରବିଶେଷ—
Madana bheru A kind of drum.

ମଦନ ମନୋହର—ସଂ. ବିଣ—କାମଦେବଙ୍କ ପରି କମନୀୟ ( ରୂପ )—
Madana manohara (form) Charming like God Cupid.

ମଦନ ମନ୍ଦିର—ସଂ. ବି—ପୟୋଧର; ସ୍ତ୍ରୀ ସ୍ତନ—Female breast;
Madana mandira the mammary glands.

ମଦନ ମସ୍ତ—ଦେ. ବିଣ ( ସଂ. ମଦନ+ମତ୍ତ )—୧ । କାମୋନ୍ମତ୍ତ—
Madana masta 1. Maddened by lust. ବି—
कामसत्त मदनमस्त ମଦନ ମସ୍ତକ ( ଦେଖ ) Madana mastaka ( See )

ମଦନମସ୍ତକ—ଦେ ବି—୧ । ଔଷଧରେ ବ୍ୟବହୃତ ଜଙ୍ଗଲି ଓଲ୍ଲୁଅର
Madanamastaka ଶୁଖିଲା ଚକୁଡ଼ା ( ହି. ଶ )—1. Dried
मदनमस्त chips of wild arum. ୨ । ଉଗ୍ର ଗନ୍ଧଯୁକ୍ତ
ଏକପ୍ରକାର ପନସ ଗନ୍ଧଯୁକ୍ତ ଫୁଲ (ହି. ଶ); ଚଣ୍ଡୀଚମ୍ପା—
2. A kind of strong smelling flower.

ମଦନ ମାଦକ—ଦେ. ବି (ସଂ. ମଦନ+ଉନ୍ମାଦ)-୧ । କାମୋନ୍ମତ୍ତତା—
Madana mādaka 1. Madness due to unsatiated
( ମଦନମାତୁ—ଅନ୍ୟରୂପ ) lust. ୨ । କାମକ୍ରୀଡ଼ାରେ ମାତିଥିବା
ବ୍ୟକ୍ତିର—2. Orgasm; hilarity of persons during amorous dalliance.

**ମଦନ ମୋହନ**—ସଂ. ବି ( ମଦନ ପର ମୋହନ = ଅତି ସୁନ୍ଦର, ବା ମଦନଙ୍କୁ ଯେ ମୋହିତ କରୁଅଛନ୍ତି )—
Madana mohana
ଶ୍ରୀକୃଷ୍ଣଙ୍କର ନାମାନ୍ତର—A name of Śrikrushṇa. ବିଣ—ଅତି ସୁନ୍ଦର ରୂପବିଶିଷ୍ଟ—Having a charming appearance. ଦେ. ବି—୧। ପୁରୀ ଜଗନ୍ନାଥଙ୍କର
মদনমোহন ଚଳନ୍ତି ପ୍ରତିମା; ଯେଉଁ ଶ୍ରେଷ୍ଠ ପ୍ରତିମା ଜଗନ୍ନାଥଙ୍କ ପ୍ରତିନିଧି
मदनमोहन ରୂପେ ଚନ୍ଦନ ଯାତ୍ରା ସମୟରେ ନୌକାକୁ ନିଆ ହୁଏ—
1. The movable image representing the Idol Jagannātha which is taken to the boat during the Chandanajātrā festival. ୨। ପୁରୁଷ ଲୋକଙ୍କୁ ଦିଆଯିବା ନାମ—2. Name given to males.

**ମଦନ ରିପୁ**—ସଂ. ବି ( ୬ଷ୍ଠୀ ତତ୍; ମଦନ+ରିପୁ ) -ମହାଦେବ—
Madana ripu (ମଦନ ବୈରୀ,ମଦନାରି—ଅନ୍ୟରୂପ) Śiba.

**ମଦନ ଲତା**—ସଂ. ବି—ମଏଣ ( ଦେଖ )
Madana latā Maena ( See )

**ମଦନ ଲେଖ(ଖା)**—ସଂ. ବି—ପ୍ରେମ ପତ୍ରିକା—Love letter;
Madana lekha (khā) a letter written by a lover to his or her beloved.

**ମଦନ ଶର**—ସଂ. ବି—କାମ ବାଣ; କାମବାଣ—The shafts of
Madana śara (ମଦନସାୟକ—ଅନ୍ୟରୂପ) Cupid.

**ମଦନ ଶରାହତ**—ସଂ. ବିଣ. ପୁଂ (୬ଷ୍ଠୀ ତତ୍ ଓ ତୃତୀୟା ତତ୍; ମଦନ+
Madana śarāhata ଶର+ଆହତ )—କାମ ପୀଡ଼ିତ—
(ମଦନ ଶରାହତା—ସ୍ତ୍ରୀ) Love-struck.

**ମଦନ ଶଲାକା**—ସଂ. ବି. ସ୍ତ୍ରୀ—୧ । ମଇନା ପକ୍ଷୀ—1. The
Madana śalākā hill myna. ୨ । କୋଇଲି
(ମଦନ ସାରିକା—ଅନ୍ୟରୂପ) (ହି.ଶ)—2. A female cuckoo.

**ମଦନ ସୁନ୍ଦର**—ସଂ. ବିଣ—କାମଦେବଙ୍କ ପରି କମନୀୟ ରୂପବିଶିଷ୍ଟ—
Madana sundara Having a charming countenance like that of the God Cupid. ଦେ. ବି. ପୁଂ—ଲୋକଙ୍କୁ ଦିଆଯିବା ନାମ—A name given to males.

**ମଦନ ସୁନ୍ଦର ପାଲା**—ଦେ. ବି—ଧନୀ ସଉଦାଗରର ପୁଅ ମଦନସୁନ୍ଦରର
Madana sundara pālā ଜୀବନରେ ସତ୍ୟପୀର ଠାକୁରଙ୍କ
মদনসুন্দর পালা ମାହାତ୍ମ୍ୟ ପ୍ରମାଣିତ ହୋଇଥିବା ଗଳ୍ପ ବର୍ଣ୍ଣିତ ହୋଇଥିବା ପାଲା—A popular ballad describing the life of a merchant's son named Madana sundara who was favoured by the Deity Satyapira.

**ମଦନା**—ସଂ. ବି. ସ୍ତ୍ରୀ—(ମଦନ+ଆ)—୧ । ସୁରା; ମଦ୍ୟ—1.Wine.
Madanā ୨ । ମୃଗନାଭି; କସ୍ତୁରୀ—2. Musk. ୩ । କାମୁକା ସ୍ତ୍ରୀ—3. A lascivious or lustful woman. ୪ । ମଇନା; ସାରୀ (ହି. ଶ)—4. The hill-myna bird. ଦେ. ବି—୧ । ମାଧବୀ ଜାତୀୟ ପୁଷ୍ପଲତାବିଶେଷ—
1. A kind of flowering creeper. ( ଯଥା—ଚମ୍ପା ନାଗେଶ୍ୱର ମଦନା ମାଧବୀ, ସୁଗନ୍ଧରା ଲବଙ୍ଗଲତା ଗୋ । ପ୍ରାଚୀ. ରହସ୍ୟ ମଞ୍ଜରୀ ।) ୨ । ମଦନର ଅନାଦରାର୍ଥ ଡାକନାମ—
2. A name for calling Madana.

**ମଦନାଙ୍କୁଶ**—ସଂ. ବି ( ୬ଷ୍ଠୀ ତତ୍; ମଦନ+ଅଙ୍କୁଶ )—ପୁରୁଷଚିହ୍ନ;
Madanāṅkuśa ଲିଙ୍ଗ—Penis.

**ମଦନାତୁର**—ସଂ. ବିଣ. ପୁଂ ( ତୃତୀୟା ତତ୍; ମଦନ+ଆତୁର)—ମଦନ-
Madanātura ବିହ୍ୱଳ; କାମାତୁର; କାମାର୍ତ୍ତ; କାମପ୍ରପୀଡ଼ିତ—
(ମଦନାତୁରା—ସ୍ତ୍ରୀ) Love-struck; suffering from the
(ମଦନାତୁରତା—ବି) pangs of unsatiated lust or love.

**ମଦନାନ୍ତକ**—ସଂ. ବି ( ୬ଷ୍ଠୀ ତତ୍; ମଦନ+ଅନ୍ତକ )—ମଦନଦହନ;
Madanāntaka ମହାଦେବ—Śiba.
(ମଦନାରି—ଅନ୍ୟରୂପ)

**ମଦନାନ୍ଧ**—ସଂ. ବିଣ. ପୁଂ ( ତୃତୀୟା ତତ୍; ମଦନ+ଅନ୍ଧ )—ମଦନ-
Madanāndha ବିହ୍ୱଳ; ଅତ୍ୟନ୍ତ କାମପୀଡ଼ା ଯୋଗୁଁ ବାହ୍ୟଜ୍ଞାନଶୂନ୍ୟ—Blinded by love or lust; maddened by lust.

**ମଦନାବତୀ**—ଦେ. ବି—୧ । କାହାଣୀରେ ବର୍ଣ୍ଣିତ ସୁନ୍ଦରୀ ରାଜକନ୍ୟା—
Madanābatī 1. Name of a fair princess
ময়নাবতী described in the folk-tales. ୨ । ନୃସିଂହ ପୁରାଣରେ ବର୍ଣ୍ଣିତ ମୁରାସୁରର ରାଣୀ—2. The name of the queen of the demon 'Mura' described in the Nṛusiṁha Purāṇa.

**ମଦନାବର୍ତ୍ତ**—ସଂ. ବି—ମଦନଗୃହ; ଯୋନି—The female
Madanābartta (ମଦନାଳୟ—ଅନ୍ୟରୂପ) organ.

**ମଦନାବସ୍ଥା**—ସଂ. ବି ( ମ. ପ. ଲୋ)—କାମଦଶା; କାମାତୁର ବ୍ୟକ୍ତିର
Madanābasthā ଭିନ୍ନ ଭିନ୍ନ ଅବସ୍ଥା—The different stages through which lovers pass.

**ମଦନାୟୁଧ**—ସଂ. ବି—୧ । ମଦନବାଣ—1. Shafts of Cupid.
Madanāyudha ୨ । ସ୍ତ୍ରୀ ଚିହ୍ନ; ଯୋନି—2. Female organ.

**ମଦନାର୍ତ୍ତ**—ସଂ. ବିଣ. ପୁଂ ( ତୃତୀୟା ତତ୍; ମଦନ+ଆର୍ତ୍ତ )—
Madanārtta କାମାତୁର; କାମବିହ୍ୱଳ—Restless
(ମଦନାର୍ତ୍ତା—ସ୍ତ୍ରୀ) through Cupid;love-struck.

**ମଦ ନିଶା**—ଦେ. ବି ( ସଂ. ମଦ୍ୟ+ଫା. ନିଶା )—ମଦ୍ୟପାନଜନିତ
Mada niśā ମତ୍ତତା—Intoxication due to wine.
মদের নেশা मदकी निशा

**ମଦନୀ**—ସଂ. ବି. ସ୍ତ୍ରୀ ( ମଦନ+ଈ )—୧ । ସୁରା; ମଦ୍ୟ—1. Wine.
Madanī ୨ । ମୃଗନାଭି; କସ୍ତୁରୀ—2. Musk. ୩ । କାମୁକୀ ସ୍ତ୍ରୀ—3. Lustful woman. ୪ । ମେଥି (ହି. ଶ)—4. Fenugreek ୫ । ଧାଇ ଫୁଲ; ଧାତକୀ ( ହି. ଶ ) ( ଦେଖ )—5. Dhatakī ( See )

ମଦନୀୟ ହେତୁ—ସ. ବ—ଧାତକୀ (ହ୍ରୁ. ଶ) ( ଦେଖ )
Madaniya hetu Dhataki ( See )
(ମଦହେତୁ, ମଦ୍ୟପୁଷ୍ପ, ମଦ୍ୟବାସିନୀ—ଅନ୍ୟରୂପ)

ମଦନୋତ୍ସବ—ସ. ବ—୧ । ବସନ୍ତୋତ୍ସବ; ଦୋଲଯାତ୍ରା; ହୋଲି—
Madanotsaba 1. A festival performed in the
(ମଦନମହୋତ୍ସବ—ଅନ୍ୟରୂପ) spring in honour of
Cupid. ୨ । ଚୈତ୍ର ପୂର୍ଣ୍ଣିମାରେ ଅନୁଷ୍ଠେୟ ଉତ୍ସବ—
2. A festival on the full moon of Chaitra.
[ ଦ୍ର—ପ୍ରାଚୀନକାଳରେ ଏହି ଉତ୍ସବ ଚୈତ୍ର ଶୁକ୍ଳ ଦ୍ୱାଦଶୀଠାରୁ ଆରମ୍ଭ ହୋଇ ଚତୁର୍ଦ୍ଦଶୀ ଦିନ ସମାପ୍ତ ହେଉଥିଲା; ଏଥିରେ ନୃତ୍ୟ, କାମଦେବଙ୍କ ପୂଜା, ଗୀତବାଦ୍ୟ, ରାତ୍ରିଜାଗରଣ ଓ ସ୍ତ୍ରୀପୁରୁଷ ସମ୍ମିଳନ, ହୃଦ୍ୟାନାଦରେ ଆମୋଦ-ପ୍ରମୋଦ ହେଉଥିଲା—ହି· ଶ] ୩ । ସ୍ତ୍ରୀପୁରୁଷଙ୍କର ସଙ୍ଗମ; ରତି; ରମଣ—3. Copulation.

ମଦନୋତ୍ସବା—ସ. ବ. ସ୍ତ୍ରୀ—ସ୍ୱର୍ଗବେଶ୍ୟା; ଅପ୍ସରା—Heavenly
Madanotsabā nymphs; the courtesans of Indra's court ( they are said to possess perpetual youth and charm ).

ମଦ ବାରି—ସ. ବ—ମତ୍ତହସ୍ତୀର ଗଣ୍ଡନିଃସୃତ ସୁଗନ୍ଧି ରସ—A
Mada bāri strong-scented juice exuded from the temples of an elephant in rut.

ମଦ ଭଞ୍ଜିନୀ—ସ. ବ—ଶତମୂଳୀ ( ହୁ. ଶ ) ( ଦେଖ )
Mada bhañjini Asparagus.

ମଦଭର—ଦେ. ବଣ—ମଦମତ୍ତ (ଦେଖ)—Madamatta (See).
Madabhara (ଉ—ବସିଲେ ଲୁଚି ସେ ମଦଭର, ନାଗେଶବର
ମତ୍ତ ଗୋପ୍ୟସ୍ଥାନର, ମଣି ବହୁତ ଦେଖାଇବାର ସମ୍ଭବ ହେଲା ।
मदमत्त ଉଦ୍ଧ. ବୈଦେହୀଶ ବିଳାସ । )

ମଦ ଭାଟି—ଦେ. ବ—ଯେଉଁଠାରେ ମଦ ତିଆରି ହୁଏ—
Mada bhāṭi Distillery; wine-still.
মদের ভাটি मदकी भट्टी

ମଦ ଭୋଳ(ଳା)—ଦେ. ବ ( ସ. ମଦ୍ୟ+ବିହ୍ୱଳ )—ମଦ୍ୟପାନଜନିତ
Madabhola(lā) ବାଉଳତା—Madness or deep
মদের ঘোর मदभोर intoxication resulting from
মদেচুর नशामेंचूर excessive drink. ଣ—ମଦ୍ୟପାନ ଯୋଗୁଁ ବାଉଳ—Maddened by wine.

ମଦମତ୍ତ—ସ. ବଣ, ପୁଂ ( ଷଷ୍ଠୀ ତତ୍; ମଦ+ମତ୍ତ )—୧ । ଗର୍ବମତ୍ତ—
Madamatta 1. Maddened with pride. ୨ । କାମୋ-
(ମଦକ୍ଷିପ୍ତ—ଅନ୍ୟରୂପ) ନ୍ମତ୍ତ; ମଦସ୍ରାବ ଯୋଗୁଁ ଉନ୍ମତ୍ତ (ହସ୍ତୀ)—
( ମଦମତ୍ତା—ସ୍ତ୍ରୀ ) 2. ( elephant ) Excited with lust; in rut.

ମଦ ମୁକୁଳିତାକ୍ଷୀ—ସ. ବଣ. ସ୍ତ୍ରୀ ( କର୍ମ୍ମ ତତ୍ ବା ବହୁବ୍ରୀହି; ମଦ ବା
Mada mukulitākshi ହର୍ଷଦ୍ୱାରା ମୁକୁଳିତ=ଅର୍ଦ୍ଧନିମୀଳିତ ହୋଇଅଛି ଅକ୍ଷି ଯାହାର )—ହର୍ଷ ହେତୁ ଅର୍ଦ୍ଧନିମୀଳିତ-ନୟନା—( a woman ) Having eyes half opened on account of extreme delight.

ମଦ ମୁକ୍ତ—ସ· ବଣ—୧ । ଗର୍ବଶୂନ୍ୟ—1. Free from pride.
Mada mukta ୨ । ମତ୍ତତାଶୂନ୍ୟ—2. Free from madness.

ମଦୟନ୍ତୀ—ସ. ବ. ସ୍ତ୍ରୀ ( ମଦ୍ ଧାତୁ ଣିଚ୍ ମଦି ଧାତୁ+ଅତ୍ [ ଶତୃ ]+
Madayanti ସ୍ତ୍ରୀ. ଈ; ଯେ ହୃଷ୍ଟ କରାଏ )—ବଣମଲ୍ଲିକା; ବଣ-
(ମଦୟନ୍ତିକା—ଅନ୍ୟରୂପ ) ମଲ୍ଲୀ—Wild jasmine.

ମଦୟିତା—ସ. ବଣ. ପୁଂ ( ମଦ୍ ଧାତୁ; ଣିଚ୍ ମଦ ଧାତୁ=ମତ୍ତ କରାଇବା
Madayitā +କର୍ତ୍ତୃ. ତୃ ୧ମା ୧ବ )—ଯେ ଉନ୍ମତ୍ତ କରାଏ—
( ମଦୟିତ୍ରୀ—ସ୍ତ୍ରୀ ) Maddening; intoxicating.

ମଦୟିତ୍ନୁ—ସ. ବଣ ( ମଦ୍ ଧାତୁ ଣିଚ୍ ମଦ ଧାତୁ+କର୍ତ୍ତୃ. ଇତ୍ନୁ )—
Madayitnu ଯେ ଉନ୍ମତ୍ତ କରାଏ—Causing madness; bringing about intoxication; making a person intoxicated. ବ—୧ । ଶୁଣ୍ଡି—1. A wine seller; a wine-distiller. ୨ । କନ୍ଦର୍ପ—2. Cupid; lust. ୩ । ମଦ୍ୟ—3. Wine.

ମଦୟିଲୁ—ସ. ବ ( ମଦ୍ ଧାତୁ ଣିଚ୍+କର୍ତ୍ତୃ. ଇଲୁ )—୧ । କାମଦେବ
Madayilu ( ହୁ. ଶ )—1. God Cupid. ୨ । ମଦ୍ୟ ( ହୁ. ଶ )—2. Wine. ୩ । ମେଘ ( ହୁ. ଶ )—3. Cloud.

ମଦରଙ୍ଗା—ଦେ. ବ—ଏକପ୍ରକାର ଜଳଜ ଶାକ ଲତା—Name of
Madarangā an aquatic creeper; Alter-
ସ ଶାଳଞ୍ଚ, ଶିତସାର, nathera Sessilis. [ ଦ୍ର—
ଲୌହମାରକ, ଲୌହସାରକ ଏହା ଶୀତଳ୍, ତିକ୍ତରସ, ରୁଚିକର,
शाञ्चिशाक, शालिञ्चशाक ଶୀତବୀର୍ଯ୍ୟ, ଅଗ୍ନିବର୍ଦ୍ଧକ, କଫପିତ୍ତ-
शान्तिशाग, शालंच, ନାଶକ, ପିତ୍ତ ବିକୃତିରେ ଔଷଧିରୂପେ
सरहची ବ୍ୟବହୃତ ହୁଏ । ଏହା ମ୍ଳୀହା, କାଶ ଓ କଫନାଶକ । ମଦରଙ୍ଗା ପରି ଏକପ୍ରକାର ନାଲି ପତ୍ରଯୁକ୍ତ ବଦେଶାଗତ ଶାକକୁ ବଙ୍ଗଳ ମଦରଙ୍ଗା କହନ୍ତି । ]

ମଦ ସ୍ରାବ—ସ. ବ ( ୬ଷ୍ଠୀ ତତ୍; ମଦ+ସ୍ରାବ )—ହାତୀର ଗଣ୍ଡରୁ ମଦ-
Mada srāba ବାରିର କ୍ଷରଣ—The dropping or
( ମଦ ପ୍ରସ୍ରୋଗ—ଅନ୍ୟରୂପ ) flowing of the Mada juice from the temples of an elephant in rut.

ମଦ ସ୍ରାବୀ—ସ. ବଣ. ପୁଂ ( ମଦସ୍ରାବ+ଇନ୍; ୧ମା. ୧ବ )—ଯାହାର
Mada srābi ଗଣ୍ଡରୁ ମଦବାରି ଧାରା ବହୁଥାଏ—( An elephant in rut ) From whose temples juice is dropping.

ମଦାଙ୍ଗ—ପ୍ରାଦେ. ( ଗଞ୍ଜାମ ) ବ—୧ । ମଲ୍ଲଙ୍ଗ; ମନାଙ୍ଗ; ଅନ୍ୟ ଗଛ
Madānga ଦେହରେ ଜନ୍ମିବା ଗଛ—1. A parasitic plant growing on the body of an other tree.
୨ । ଲୋକେ ଯିବା ଆସିବା ପାଇଁ କାଠରେ ତିଆରି କରିଥିବା

ଛଡ଼ା ହୋଇଥିବା ବାଟ—2. A pathway left below the ridge of a cultivated field. ୩ । ପୋଲ—3. Bridge.

ମଦାଢ଼୍ୟ—ସଂ. ବଣ.ପୁଂ (ଯସ୍ମା ତତ୍; ମଦ+ଅଢ଼୍ୟ=ପୂର୍ଣ୍ଣ)—୧ । ମଦଯୁକ୍ତ; Madādhya ଅତି ଗର୍ବିତ—1. Arrogant. ୨ । ଅତି (ମଦାଢ଼୍ୟା—ସ୍ତ୍ରୀ) ଉନ୍ମତ୍ତ—2. Mad; intoxicated. ବି— ତାଲଗଛ—Palm tree.

ମଦାତଙ୍କ—ସଂ. ବି (ମଦ=ମଦ୍ୟପାନଜନିତ ଅତଙ୍କ)—ଅତ୍ୟଧିକ ମଦ୍ୟପାନ Madātanka ଜନିତ ଉନ୍ମାଦ ରୋଗବିଶେଷ—A sort of (ମଦତ୍ୟୟ—ଅନ୍ୟରୂପ) delirium due to excessive wine-drinking; delirium [ ଦ୍ର—ଏଥିରେ ରୋଗୀର ମୁଣ୍ଡ ବୁଲାଏ, ଅରୁଚି ହୁଏ, ଶୋଷ ହୁଏ, ହାତ ଗୋଡ଼ କମ୍ପେ; ତନ୍ଦ୍ରା ଓ ଅନିଦ୍ରା ହୁଏ ଓ ସମୟେ ସମୟେ ଜ୍ୱର ଓ ପ୍ରଳାପ ହୁଏ—ଚ୍ଛ. ଶ । ]

ମଦାନ୍ଧ—ସଂ. ବଣ. ପୁଂ ( ଯସ୍ମା ତତ୍; ମଦ+ଅନ୍ଧ )—ମଦ ( ଗର୍ବ, Madāndha ମତ୍ତତା ) ଯୋଗୁଁ ହିତାହିତଜ୍ଞାନଶୂନ୍ୟ— ( ମଦାନ୍ଧା—ସ୍ତ୍ରୀ ) Blinded by pride or intoxication. ( ମଦାନ୍ଧତା, ମଦାନ୍ଧ୍ୟ—ବି )

ମଦାର୍—ବୈଦେ. ବି ( ଅ )—୧ । କୌଣସି ବ୍ୟକ୍ତି ଉପରେ ଅର୍ପିତ Madār କୌଣସି କାର୍ଯ୍ୟର ଭାର—1. Any charge entrus- ଭାର ted to a person. ୨ । ଦାୟିତ୍ୱ—2. Respon- मदार sibility. ୩ । ବିଶ୍ୱାସ—3. Trust; confidence.

ମଦାର୍ ଦେବା—ଦେ. କ୍ରି—୧ । କାର୍ଯ୍ୟର ଭାର ଅର୍ପଣ କରିବା— Madār debā 1. To entrust the charge of a work ভার দেওয়া or matter to a person. ୨ । ନିର୍ଭର ବା मदार देना ବିଶ୍ୱାସ କରିବା—2. To have trust or confi-dence on a person; to put reliance on a person. ୩ । କୌଣସି କାର୍ଯ୍ୟ ପାଇଁ ଅନ୍ୟ ବ୍ୟକ୍ତି ଉପରେ ନିର୍ଭର କରିବା—3. To depend upon another for any matter.

ମଦାର—ସଂ. ବଣ(ମଦ ଧାତୁ=ମତ୍ତ ହେବା+କର୍ତ୍ତୃ.ଆର)—୧ । କାମୁକ— Madāra 1. Lascivious; lustful. ୨ । ଧୂର୍ତ୍ତ; ଶଠ— 2. Fraudulent; deceitful; cheat. ବି— ୧ । ଶଠ ବ୍ୟକ୍ତି—1. A cheat. ୨ । କାମୁକବ୍ୟକ୍ତି— 2. A lustful person. ୩ । ହସ୍ତୀ—3. Elephant. ୪ । ମତ୍ତହସ୍ତୀ—4. An elephant in rut. ୫ । ଶୂକର—5. A hog. ୬ । ବରାହ; ବାରହା— 6. A wild hog; a boar.

ମଦାରିଆ —ବୈଦେ. ବଣ ( ଅ. ମଦାର )—୧ । ଯେଉଁ ଲୋକ ପର Madāriā ଉପରେ ନିର୍ଭର କରେ—1. Putting পরমুখাপেক্ষী reliance or trust on others. ୨ । दारमदार देनेवाला ଯାହାର ଆତ୍ମନିର୍ଭରଶୀଳତା ନାହିଁ— 2. Having no self-reliance. ୩ । ଯେ ଅନ୍ୟ-ବ୍ୟକ୍ତିଠାରେ କାର୍ଯ୍ୟଭାର ଅର୍ପଣ କରେ—3. Entrusting others with any charge. ୪ । ପରମୁଖାପେକ୍ଷୀ— 4. Dependent on others.

ମଦାଲସ—ସ. ବଣ. ପୁଂ— (ମଦ+ଅଲସ+ଅ)—ମଦବିହ୍ୱଳ; ଆବେଗ-Madālasa ବିହ୍ୱଳ—Overcome with passion; (ମଦାଲସା—ସ୍ତ୍ରୀ) maddened with feelings or lust.

ମଦାଲସା—ସ. ବି. ସ୍ତ୍ରୀ (ନାମ)—ଧର୍ମଶୀଳା ତତ୍ତ୍ୱବାଦିନୀ ରାଣୀବିଶେଷ— Madālasā Name of a very learned and pious queen who taught theology and philosophy to her son. [ ଦ୍ର—ଏ ବିଶ୍ୱାବସୁ ଗନ୍ଧର୍ବଙ୍କ କନ୍ୟା ଓ ଚନ୍ଦ୍ରବଂଶୀୟ ପ୍ରତର୍ଦ୍ଦନ ବା ଋତୁଧ୍ୱଜ ରାଜାଙ୍କର ମହିଷୀ ଏବଂ ରାଜା ଅଳର୍କଙ୍କର ମାତା । ଏହାଙ୍କର ଅନ୍ୟ ୩ ପୁତ୍ର ସଂସାରବିରକ୍ତ ଥିଲେ । ଏ ଏହାଙ୍କ ପୁତ୍ରଙ୍କୁ ବ୍ରହ୍ମବିଦ୍ୟା ଶିକ୍ଷା ଦେଇଥିଲେ । ] ଦେ. ବଣ—ମଦାଲସୀ (ଦେଖ)—Madālasi (See).

ମଦାଲସୀ—ଦେ. ବଣ. ସ୍ତ୍ରୀ (ସ. ମଦାଲସା)—୧ । ମଦବିହ୍ୱଳା ସ୍ତ୍ରୀ— Madālasi 1. A woman overwhelmed with passion; a passionate woman. ୨ । କାମୁକୀ ସ୍ତ୍ରୀ—2. A lustful woman; a lascivious and charming lady. ୩ । ଉତ୍କୃଷ୍ଟା ସ୍ତ୍ରୀ—3. A charming and excellent lady. ( ଉ—ମୁଁ ଯେବେ ହେଲି ଦୋଷୀ, ଅବେରେ ମଦାଲସି ! କରକମଳେ ଭୁଷି, ଦଣ୍ଡ ବିଧନା କଲେ । ପ୍ରାଚୀନ, ସଙ୍ଗୀତ ।)

ମଦାଳାପ—ସ. ବି (ମ. ପ. ଲୋ; ମଦ=ହର୍ଷଯୁକ୍ତ+ଆଳାପ)— Madālāpa ମଧୁରଭାଷଣ; ମଧୁରାଳାପ; ହର୍ଷପୂର୍ଣ୍ଣ କଥୋପ-କଥନ—Delightful discourse; sweet conversation.

ମଦାଳାପୀ—ସ. ବଣ. ପୁଂ (ମଦାଳାପ+ଇନ୍; ୧ମା, ୧ବ)— Madālāpi ମଧୁରଭାଷୀ—Of sweet speech. ସ. ବି— (ମଦାଳାପିନୀ—ସ୍ତ୍ରୀ) କୋକିଳ—The Indian cuckoo.

ମଦାହ୍ୱ—ସ. ବି (ମଦ+ଆ+ହ୍ୱେ. ଧାତୁ+କର୍ମ. ଅ)—କସ୍ତୁରୀ— Madāhwa (ଚ୍ଛ. ଶ)—Musk.

ମଦି—ସ. ବି—ମଇ; କର୍ଷିତଭୂମିକୁ ସମତୁଲ କରିବାରେ ବ୍ୟବହୃତ Madi କାଷ୍ଠଶ୍ରେଣୀ ପର ଯନ୍ତ୍ରବିଶେଷ—A clod-crusher. (ମଦିକ, ମଦିକା, ମଶୀ—ଅନ୍ୟରୂପ)

ମଦିନା—ଦେ. ବି (ନାମ)—ଆରବ ଦେଶର ଗୋଟିଏ ନଗର— Madinā Medina, a town in Arabia. [ ଦ୍ର— মদিনা ମୁସଲମାନ ଧର୍ମପ୍ରତିଷ୍ଠାତା ମହମ୍ମଦ ଏଠାରେ ଧର୍ମପ୍ରଚାର କରି मदीना ଏହି ନଗର ଅଧିକାର କରିଥିଲେ । ଏହା ମୁସଲମାନଙ୍କର ଗୋଟିଏ ତୀର୍ଥସ୍ଥାନ । ଏହା ମକ୍କା ନଗରଠାରୁ ୩୨ ମାଇଲ ଦୂରରେ ଉତ୍ତରରେ ଅବସ୍ଥିତ । ]

ମଦିର—ସ. ବି (ମଦ୍. ଧାତୁ=ମତ୍ତ ହେବା+କର୍ତ୍ତୃ. ଇର)—୧ । ମତ୍ତ Madira ଖଞ୍ଜନ ପକ୍ଷୀ—1. The deep-blue wag-tail

(which seems restless like an intoxicated person). ୨ । ରକ୍ତ ଖଦିର—2. Red catechu. ବିଣ. ପୁଂ ( ମଦ. ଧାତୁ=ମତ୍ତ ହେବା + (ମଦିରା—ସ୍ତ୍ରୀ) କରଣ. ଇର)—ମତ୍ତକାରକ—Intoxicating.

**ମଦିରା**—ସଂ. ବିଣ. ସ୍ତ୍ରୀ ( ମଦିର + ଆ )—ମଦିରର ସ୍ତ୍ରୀଲିଙ୍ଗ—
Madirā Feminine of Madira. ସଂ. ବି—୧ । ବାରୁଣୀ ମଦ; ମଦ—1. Wine; a kind of spirituous liquor. [ଦ୍ର—ମଦିରା ପ୍ରଧାନତଃ ୨ ଶ୍ରେଣୀରେ ବିଭକ୍ତ । ୧. ଯାହାକୁ ନିଆଁରେ ବାଷ୍ପ କରାଇ ତହିଁରୁ ଜାତ ରସ ସାହାଯ୍ୟରେ ତାହାର ନିର୍ଯ୍ୟାସ; ଏଥିର ନାମ ଅଭିଷୁତ, ଯଥା—ଅରଣୀ ମଦ । ୨. ଯାହାକୁ ସଢ଼ାଇ ତହିଁରୁ ରସ ବାହାର କରାଯାଏ । ଏଥିର ନାମ ପର୍ଯ୍ୟୁଷିତ; ଯଥା—ତାଡ଼ୀ । ଏ ଦୁଇ ପ୍ରକାର ମଦିରା ଉତ୍ତେଜକ, ଦାହକ, କଷାୟ ଓ ମଧୁର । ବୈଦିକ ଯୁଗରେ ସୋମ ଲତାକୁ ଛେଚି ତହିଁର ରସ ଚୁପୁଡ଼ି ଦେଲେ ତାକୁ ରଖାଗଲା ପରେ ତାହା ସଢ଼ି ଯାଇ ମାଦକ ହେଉଥିଲା । ଯଜୁର୍ବେଦରେ ଯବ ସୁରାର ଉଲ୍ଲେଖ ଅଛି । ବୈଦ୍ୟକରେ ସୁରା, ବାରୁଣୀ, ଶୀଧୁ, ଆସବ, ମାଧ୍ୱୀକ, ଗୌଡ଼ୀ, ପୈଷ୍ଟୀ, ମାଧ୍ୱୀ, ହାଲା, କାଦମ୍ବରୀର ନାମ ମିଳେ । ତନ୍ତ୍ରରେ ମଧ୍ୱୀକ, ପାନସ, ଦ୍ରାକ୍ଷ, ଖର୍ଜୁର, ତାଳ, ଐକ୍ଷବ, ମୈରେୟ, ମାକ୍ଷିକ, ଟାଙ୍କ, ମଧୁକ, ନାରିକେଳଜ, ଅନ୍ନବିକାରୋତ୍ଥ, ଏହି ୧୨ ପ୍ରକାର ମଦିରାର ଉଲ୍ଲେଖ ଅଛି । ଏଥିରୁ ଖର୍ଜୁର ଓ ତାଳ ଶ୍ରେଣୀର ମଦ୍ୟ ପର୍ଯ୍ୟୁଷିତ ଓ ଅନ୍ୟମାନ ଅଭିଷୁତ । ଏହା ଛଡ଼ା ଦ୍ରବ୍ୟଭେଦରୁ ପ୍ରସ୍ତୁତ ଏକ ପ୍ରକାର ମଦିରାକୁ ଅରିଷ୍ଟ କହନ୍ତି । ଧାନ ବା ଚାଉଳର ମଦିରାକୁ ସୁରା, ଯବର ମଦିରାକୁ କୋହଲ, ଗହମର ମଦିରାକୁ ମଧୁଲିକା, ମିଠା ରସର ମଦିରାକୁ ଶୀଧୁ, ଗୁଡ଼ର ମଦିରାକୁ ଗୌଡ଼ୀ, ଦ୍ରାକ୍ଷାର ମଦିରାକୁ ମାଧ୍ୱୀକ କହନ୍ତି । ବୈଦ୍ୟଶାସ୍ତ୍ର ମତରେ ବହୁତ ମଦିରାର ବହୁତ ଗୁଣ ଅଛି ଓ ତହିଁର ପ୍ରୟୋଗ ଘର ଘର ଅବସ୍ଥାରେ ଉପକାରକ ବୋଲି ଲେଖା ଅଛି—ହି. ଶ] ୨ । ରକ୍ତ ଖଦିର—2. Red catechu. ୩ । ଦ୍ୱାବିଂଶତି ଅକ୍ଷର ଯୁକ୍ତ ଛନ୍ଦୋବିଶେଷ—3. Name of a Sanscrit metre with 22 letters. [ଦ୍ର—ଏଥିର ପ୍ରତି ଚରଣରେ ୭ ଭଗଣ ଓ ଅନ୍ତରେ ୧ ଗୁରୁ ବର୍ଣ୍ଣ ଥାଏ—ହି. ଶ]

**ମଦିରାକ୍ଷ**—ସଂ. ବିଣ ପୁଂ (ବହୁବ୍ରୀହି; ମଦିର=ମତ୍ତ ଖଞ୍ଜନ + ଅକ୍ଷି; ଖଞ୍ଜନ ପରି ଯାହାର )—ଖଞ୍ଜନନୟନ, ସୁଲୋଚନ—
Madirāksha
(ମଦିରେକ୍ଷଣ—ଅନ୍ୟରୂପ) (a person) With charming eyes (like those of a wag-tail).
ମଦିରାକ୍ଷୀ, ମଦିରେକ୍ଷଣା } ସ୍ତ୍ରୀ

**ମଦିରା ଗୃହ**—ସଂ. ବି—୧ । ମଦ ଭାଟି; ମଦ ଦୋକାନ—1. A tavern; wine shop; grog-shop. ୨ । ମଦ ଭାଟି—2. A distillery
Madirā gruha
ମଦିରାଳୟ, ମଦିରାଶାଳା } ଅନ୍ୟରୂପ

**ମଦୀୟ**—ସଂ. ବିଣ (ଅସ୍ମଦ୍ + ସମ୍ବନ୍ଧାର୍ଥେ ଈୟ)—୧ । ମଦ୍ ସମ୍ବନ୍ଧୀୟ; ମୋ ସମ୍ବନ୍ଧୀୟ—1. Relating to me. ୨ । ମୋର—2. Mine.
Madiya
(ମଦୀୟା—ସ୍ତ୍ରୀ)

**ମଦୀୟୁନ**—ବୈଦେ. ବିଣ (ପା)—ଦେଣଦାର; ଋଣଗ୍ରସ୍ତ—Indebted; involved in debt.
Madiyūn
देनदार मदीयून

**ମଦୁଆ**—ଦେ. ବିଣ. ପୁଂ—୧ । ମଦ ସମ୍ବନ୍ଧୀୟ—1. Relating to wine. ୨ । ପାନାସକ୍ତ—2. Addicted to drinking; sottish. ବି—୧ । ମଦଖୋର—1. Drunkard; a sot (ଦ୍ର—ଦ୍ରବ୍ୟକୁ ପାଣ୍ଡୁ ଦୁଇ ସେବନ କରି ମଦୁଆ, ପ୍ରାୟେ ଯୁବ ଦାଣ୍ଡେ ଯୁଝିଲେ ହୋଇ ଠିଆ । କୃଷ୍ଣସିଂ. ମହାଭାରତ ଶାନ୍ତି ।) ୨ । ଗାଳି ବିଶେଷ—2. A term of abuse.
Maduā
मतुआ, मद्ये मदका पेसा मतुआ
(ମଦୋଇ—ସ୍ତ୍ରୀ)
मतुआ, मदो, मोदो
मदखोर

**ମଦୁଆ ଗନ୍ଧ**—ଦେ. ବି—୧ । ମଦର ଗନ୍ଧ—1. The smell of wine. ୨ । ମଦ୍ୟ ପରି ଗନ୍ଧ—2. Wine-like smell; a smell resembling that of wine.
Maduā gandha
मतुआ गंध
मदकी गंध

**ମଦୁଡ଼ି**—ଦେ. ବି—ମଲ୍ଲମାନଙ୍କ ଦ୍ୱାରା ଭୂମିକୁ ଆଘାତ—The striking of the ground by athletes. (ଦ୍ର—ଦାଣ୍ଡ ପେଲି ସାଉଣ ମାରିଲେ ମଦୁଡ଼ି, ଭୂମେ ପଟ୍ଟ ପାଟେ ଛେଚିଲେ ମିଠି ହାଡ଼ । କୃଷ୍ଣସିଂ. ମହାଭାରତ ସଭା ।)
Madurḍa

**ମଦୁରା**—ଦେ. ବି (ନାମ) ( ସଂ. ମଧୁରା )—ଦକ୍ଷିଣ ଭାରତର ଗୋଟିଏ ବୃହତ୍ ନଗର—Name of a big town in southern India. [ ଦ୍ର—ଏହା ମାନ୍ଦ୍ରାଜଠାରୁ ୩୪୫ ମାଇଲ୍ ଦୂରରେ ଅବସ୍ଥିତ । ଏହାର ପ୍ରାଚୀନ ନାମ ଦକ୍ଷିଣ ମଥୁରା । ଏହା ପାଣ୍ଡ୍ୟ ରାଜାମାନଙ୍କର ରାଜଧାନୀ ଥିଲା । ଏଠାର ଦେବ ମନ୍ଦିର ଜଗତ୍ ବିଖ୍ୟାତ । ମନ୍ଦିରର ଏକ ଭାଗରେ ମୀନାକ୍ଷୀ ଦେବୀ ଓ ଅନ୍ୟ ଭାଗରେ ସୁନ୍ଦରେଶ୍ୱର ମହାଦେବ ପ୍ରତିଷ୍ଠିତ । ମନ୍ଦିରଟି ନାନା କାରୁକାର୍ଯ୍ୟ ବିମଣ୍ଡିତ —ମଦନମୋହନ. ତୀର୍ଥ ଦର୍ଶନ ।]
Madurā
मदुरा
मदुरा

**ମଦୋତ୍କଟ**—ସଂ. ବିଣ. ପୁଂ—୧ । ମଦୋଦ୍ଧତ; ମଦଗର୍ବିତ; ଗର୍ବୋଦ୍ଧତ—1. Maddened with pride; arrogant. ୨ । ମଦୁଆଲ—2. Intoxicated with drink. ୩ । ମଦସ୍ରାବ ଯୋଗୁଁ ଅଦମ୍ୟ (ହସ୍ତୀ)—3. (elephant) Restive on account of rut.
Madotkaṭa
(ମଦୋତ୍କଟା—ସ୍ତ୍ରୀ)
ବି—ମତ୍ତହସ୍ତୀ—An elephant in rut.

**ମଦୋତ୍କଟା**—ସଂ. ବି. ସ୍ତ୍ରୀ (ମଦୋତ୍କଟ + ସ୍ତ୍ରୀ. ଆ)—ସୁରା; ମଦ୍ୟ—Wine; spirituous liquor.
Madotkaṭā

**ମଦୋଦଗ୍ର**—ସଂ. ବିଣ. ପୁଂ (ତୃତୀୟା ତତ୍; ମଦ + ଉଦଗ୍ର )—୧ । ଗର୍ବୋଦ୍ଧତ; ମଦମତ୍ତ; ମଦଗର୍ବିତ—1. Intoxicated with arrogance. ୨ । ମଦସ୍ରାବ ହୋଇଁ ଅଦମ୍ୟ
Madodagra
ମଦୋଦ୍ଧତ, ମଦୋଦ୍ଧୃତ } ଅନ୍ୟରୂପ

ମଦୋଦଗ୍ରା } ସ୍ତ୍ରୀ (ହସ୍ତୀ)—2. ( elephant ) Excited
ମଦୋଦ୍ଧତା } by being in rut. ୩ । ମତ୍ତତାଯୋଗୁଁ
ମଦୋନ୍ମତ୍ତା } ବାହ୍ୟଜ୍ଞାନଶୂନ୍ୟ—3. Maddened.

ମଦ୍ଗୁର—ସଂ. ବି—ମଦ୍‌ଗୁର (ଦେଖ)
Madgura Mad-gura (See).

ମଦ୍ଧିକ—ସଂ. ବି—ଦ୍ରାକ୍ଷାରୁ ପ୍ରସ୍ତୁତ ମଦ (ହ୍ର. ଶ)—
Maddhika Wine made from grapes.

ମଦ୍ଧିତ—ସଂ. ବି. ( ୬ଷ୍ଠୀତତ୍; ଅସ୍ମଦ୍+ହିତ )—ମୋର ମଙ୍ଗଳ—
Maddhita My welfare.

ମଦ୍ୟ—ସଂ. ବି (ମଦ୍, ଧାତୁ ଣିଚ୍; ମଦ. ଧାତୁ=ମତ୍ତ କରିବା+କର୍ତ୍ତୃ.ଯ)—
Madya ୧ । ମଦ; ମଦିରା; ସୁରା—1. Wine. ୨ । ରାସାୟନିକ ପ୍ରକ୍ରିୟାରେ ପ୍ରସ୍ତୁତ ଆସବ—2. Extract made by chemical process. [ ଦ୍ର—ମଦିରା ତଳେ ଟୀକା ଦେଖ; ମତାନ୍ତରରେ ମଦ୍ୟ ଦ୍ୱାଦଶ ପ୍ରକାର; ଯଥା—୧—ମାଧ୍ୱିକ ବା ମାଧ୍ୱୀ—ମହୁରୁ ପ୍ରସ୍ତୁତ, ୨—ଐକ୍ଷବ—ଆଖୁ ରସରୁ ପ୍ରସ୍ତୁତ, ୩ । ଦ୍ରାକ୍ଷବ—ଅଙ୍ଗୁରରୁ ପ୍ରସ୍ତୁତ, ୪—ତାଲ—ତାଳ ଗଛର ରସରୁ ପ୍ରସ୍ତୁତ, ୫ । ଖାର୍ଜୁର—ଖଜୁରି ଗଛର ରସରୁ ପ୍ରସ୍ତୁତ, ୬ । ପାନସ—ପଣସ ଫଳରୁ ପ୍ରସ୍ତୁତ, ୭ । ମୈରେୟ—ଧାଇଫୁଲ ଓ ଗୁଡ଼ରୁ ପ୍ରସ୍ତୁତ, ୮ । ପାତ୍ତିକ—ଏକପ୍ରକାର ନୀଳବର୍ଣ୍ଣ ମଧୁମକ୍ଷିକା ସଂଗୃହୀତ ମଧୁ, ୯ । ଟାଙ୍କ ବା ଟାଙ୍କ—ସୋମଲତା ରସରୁ ପ୍ରସ୍ତୁତ, ୧୦ । ମଧୂକ ବା ମାଧୂକୀ—ପୁଷ୍ପ ( ମହୁଲ ) ରସରୁ ପ୍ରସ୍ତୁତ, ୧୧ । ନାରିକେଲଜ—ନଡ଼ିଆ ଗଛର ଅପୁଷ୍ଟ ଖୋସାର ଅଗ କାଟିଲେ ତହିଁରୁ ଝରିବା ରସ, ୧୨ । ଅନ୍ନ ବିକାରୋତ୍ଥ—ଚାଉଳ ଆଦିକୁ ସିଝାଇ ବାଖର ଦେଇ ସଢ଼ାଇ ବକଯନ୍ତ୍ରଦ୍ୱାରା ଅରକ ବାହାର କରି ତିଆର କରାଯିବା ମଦ୍ୟ ।

ବୃକ୍ଷ, ପୁଷ୍ପ, ଫଳ ଓ ଶସ୍ୟ ଆଦିର ରସକୁ ସଢ଼ାଇଲେ ସେଥିରୁ ହେବା ପାନୀୟକୁ ମଦ ବୋଲାଯାଏ ଓ ଏହାକୁ ଖାଇଲେ ନିଶା ହୁଏ । ଗଛରେ ଝରୁଥିବା ଖଜୁରି ଆଦିର ସଦ୍ୟ ରସରେ ନିଶା ନ ଥାଏ, କିନ୍ତୁ ତାହା ବାସି ହେଲେ, ଅର୍ଥାତ୍ ଗଛରେ ଝରୁଥିବା ରସରେ ସୂର୍ଯ୍ୟକିରଣ ପଡ଼ିଲେ ସେଥିରେ ନିଶା ହୁଏ । ଆମ ଦେଶରେ ଖଜୁରି ଗଛର ବେକ ପାଖ କନ୍ଦାକୁ କ୍ଷତ କରି ଯେଉଁ ରସ ତାଡ଼ି ବାହାର କରନ୍ତି, ଉତ୍ତରଭାରତରେ ତାଳ ଗଛରୁ ସେହିପରି ତାଡ଼ି ହୁଏ । ମାନ୍ଦ୍ରାଜ ଅଞ୍ଚଳରେ ନଡ଼ିଆ ଗଛର ଅପୁଷ୍ଟ ଖୋସାର ଅଗ କାଟିଲେ ସେଥିରୁ ଯେଉଁ ରସ ବାହାରେ, ସେ ରସରୁ ତାଡ଼ି ହୁଏ । ଇଉରୋପ ଆଦିରେ ଦ୍ରାକ୍ଷା ବା ଅଙ୍ଗୁର ରସକୁ ସଢ଼ାଇ ବକ ଯନ୍ତ୍ରଦ୍ୱାରା ଅରକ କାଢ଼ି ମଦ ପ୍ରସ୍ତୁତ ହୁଏ । ଚାଉଳ, ଯବ ଓ ଗହମ ଆଦିକୁ ସିଝାଇ ତାକୁ ସଢ଼ାଇ ସେଥିରୁ ଅରକ ବାହାର କରି ମଦ ତିଆର କରାଯାଏ । ଗଡ଼ଜାତରେ ମହୁଲ ଫୁଲକୁ ପାଣିରେ ସିଝାଇ ତାକୁ ସଢ଼ାଇ ସେଥିରୁ ମହୁଆ ମଦ ତିଆର କରାଯାଏ ଓ ଚାଉଳକୁ ରାନ୍ଧି ସଢ଼ାଇ ହାଣ୍ଡିଆ ମଦ ପ୍ରସ୍ତୁତ ହୁଏ । ମହୁରୁ ଓ ଆଖୁ ଦୋଳୁଅରୁ ମଧ୍ୟ ମଦ ହୁଏ । ସବୁ ମଦର ପ୍ରଧାନ ଉପାଦାନ ମିଠା ପଦାର୍ଥ ଓ ତାହା ସଢ଼ିଗଲେ ତାଡ଼ି ହୁଏ ଓ ସେଥିରୁ ବାହାରିବା ଅରକରେ ନିଶା ହୁଏ । ରୋଗବିଶେଷରେ ଓ ଧାତୁଦୌର୍ବଲ୍ୟାଦିରେ ଚିକିତ୍ସକମାନେ ରୋଗୀକୁ ସାମାନ୍ୟ ପରିମାଣରେ ମଦ୍ୟ ସେବନ କରିବାକୁ ଉପଦେଶ ଦିଅନ୍ତି ଓ ତଦ୍ୱାରା ଉପକାର ଦର୍ଶେ; କିନ୍ତୁ ଅଭ୍ୟାସପୂର୍ବକ ମଦ୍ୟପାନ ଦ୍ୱାରା ମନୁଷ୍ୟ ନିଶାରେ ହିତାହିତଜ୍ଞାନଶୂନ୍ୟ ହୁଏ ଓ ସର୍ବସ୍ୱ ବିକି ମଦ୍ୟ ଖାଇବାକୁ ଅଗ୍ରସର ହୁଏ ଓ ମଦନିଶାର ଝୋଲରେ ଉନ୍ମତ୍ତ ଓ ଅଜ୍ଞାନ ହୁଏ । ଅତିରିକ୍ତ ମଦ୍ୟପାନରୁ ମଦାତ୍ୟୟ ଆଦି ନାନାବିଧ ରୋଗ ଜନ୍ମି ଶେଷରେ ମୃତ୍ୟୁ ମଧ୍ୟ ଘଟେ ।

ଆମ ଦେଶରେ ପାଶ୍ଚାତ୍ୟ ସଭ୍ୟତାର ବିସ୍ତାର ହେବା ସଙ୍ଗେ ସଙ୍ଗେ ମଦ୍ୟପାନ ବୃଦ୍ଧିଲାଭ କରିଥିବାର ଦେଖାଯାଏ । ପୂର୍ବେ ବୈଦିକ ଯଜ୍ଞରେ ସୋମଲତାକୁ ଛେଚି, ଚିପୁଡ଼ି ଓ ସଢ଼ାଇ ପ୍ରସ୍ତୁତ କରାଯିବା ମଦ୍ୟ ବ୍ୟବହୃତ ହେଉଥିଲା । ତନ୍ତ୍ର ଯୁଗରେ ମଧ୍ୟ ପୂଜାଆଦିରେ ଓ ପଞ୍ଚମକାର ସାଧନାରେ ମଦ୍ୟର ବ୍ୟବହାର ପ୍ରଚଳିତ ହେଲା । ମଦ୍ୟପାନ ପାଶ୍ଚାତ୍ୟ ସଭ୍ୟତା ଯୁଗରେ ଏତେ ପରିମାଣରେ ବୃଦ୍ଧିଲାଭ କରିଥିବାର ଦେଖି କେତେକ ସଭ୍ୟଜାତି ତାହା ବନ୍ଦ କରିବା ପାଇଁ ନାନାପ୍ରକାର ଚେଷ୍ଟା କରୁଥିବାର ଦେଖାଯାଏ ଓ ମାଦକ ନିବାରଣାର୍ଥ ଦଳବଦ୍ଧ ଚେଷ୍ଟା ଲାଗିଅଛି । ମଦ ଆଦି ମାଦକ ଦ୍ରବ୍ୟ ପ୍ରସ୍ତୁତ, ଉତ୍ପନ୍ନ ଓ ବିକ୍ରି ହେବା ସମ୍ବନ୍ଧେ ଇଂରାଜ ସରକାର ଖୁବ୍ କଟକଣା କରିଅଛନ୍ତି । ପରନ୍ତୁ ଭାରତରେ ଏହି ପାଶ୍ଚାତ୍ୟ ସଭ୍ୟତାର ଯୁଗରେ ମଦ୍ୟପାନ ଦୋଷ ପ୍ରାୟ ସବୁ ସମାଜର ଉଚ୍ଚତମ ସ୍ଥାନମାନଙ୍କୁ କଳୁଷିତ କରିବା ଦେଖାଯାଉଅଛି । ]

ମଦ୍ୟପ—ସଂ. ବିଣ. ପୁଂ(ମଦ୍ୟ+ପା ଧାତୁ+କର୍ତ୍ତୃ. ଅ)—ଯେ ମଦ ପିଏ; ମଦୁଆ—
Madyapa Drunkard; habituated to drink.
(ମଦ୍ୟପାୟୀ—ଅନ୍ୟରୂପ) [ମଦ୍ୟପା, ମଦ୍ୟପାୟିନୀ—ସ୍ତ୍ରୀ]

ମଦ୍ୟପାନ—ସଂ. ବି(ଷଷ୍ଠୀ ତତ୍)—ମଦ ପିଇବା—
Madya pāna Drinking of wine.

ମଦ୍ୟପୀ—ଦେ.ବିଣ ଓ ବି (ସଂ ମଦ୍ୟପ)—ମଦୁଆ—Drunkard. (ଉ—
Madyapi ବ୍ରହ୍ମଘାତୀ ମଦ୍ୟପୀ ନ୍ୟାସ ଅପହାରୀ, ମାତୃ ଅଗ୍ନି ଯେ ମାତାଳ ପିତୃତ୍ୟାଗୀ ପାପକାରୀ । କୃଷ୍ଣସିଂହ. ମହାଭାରତ. ଦ୍ରୋଣ ।)
**मतवाला**

ମଦ୍ୟ ବ୍ୟବସାୟୀ—ସଂ. ବି—ଯେ. ମଦର ବାଣିଜ୍ୟ କରେ—
Madya byabasāyi Wine merchant.

ମଦ୍ର—ସଂ. ବି (ମଦ୍ ଧାତୁ=ହୃଷ୍ଟ ହେବା+ଭାବ.ର)—୧। ହର୍ଷ; ଆନନ୍ଦ—
Madra 1.Gay;delight. ୨ । (+କରଣ.ଘ) ଶୁଭ; ମଙ୍ଗଳ—2, Bliss;prosperity. ୩ । ପଞ୍ଜାବର ଅନ୍ତର୍ଗତ ପ୍ରାଚୀନ ଦେଶବିଶେଷ — 3. Name of a province or kingdom in ancient India. [ଦ୍ର—ଏହା ଇରାବତୀ ଓ ଚନ୍ଦ୍ରଭାଗା ନଦୀଦ୍ୱୟର ମଧ୍ୟରେ ଅବସ୍ଥିତ ଥିଲା ।]

ମଦ୍ରକ—ସଂ. ବି (ମଦ୍ର+କ) ମଦ୍ର ଦେଶଜାତ—
Madraka Born or produced in 'Madra' country.

ମଦ୍ରରାଜ—ମଦ୍ରଦେଶର ରାଜା; ଅଶ୍ୱପତି ନାମକ ରାଜା—
Madrarāja A king of Madra country.

ମଦ୍ର ସୁତା—ସଂ. ବି—ମାଦ୍ରୀ; ମଦ୍ରରାଜକନ୍ୟା; ପାଣ୍ଡୁ ରାଜାଙ୍କର ପତ୍ନୀ;
Madra sutā ନକୁଳ ସହଦେବଙ୍କ ମାତା—A wife of king Pāṇḍu; the mother of the two youngest Pāṇḍaba brothers.

ମଦ୍ରାସା—ବୈଦେ. ବି—(ଅ)—ଅରବୀ ଓ ପାରସୀ ଭାଷା ଶିକ୍ଷା ଦିଆ-
Madrāsā ଯିବା ବିଦ୍ୟାଳୟ—A school where Arabic
। মাদ্রাসা मद्रसा or Persian or both are taught.

ମଧୁ—ସ. ବି—(ମନ୍ ଧାତୁ=ବୋଧ କରିବା+କର୍ତ୍ତୃ. ଉ; ନିପାତନ)—୧ ।
Madhu ମହୁ—1. Honey. [ଦ୍ର—ମଧୁମକ୍ଷିକା ନାମକ ପକ୍ଷ-ଯୁକ୍ତ କୀଟଗଣ ପୁଷ୍ପମାନଙ୍କ ମଧ୍ୟରୁ ଏକ ପ୍ରକାର ମିଷ୍ଟରସ ବା ମକରନ୍ଦ ସଂଗ୍ରହ କରି ସଞ୍ଚୟ କରନ୍ତି । ଏହାକୁ ମଧୁ ବୋଲି ଯାଏ । ଏହା ମଧୁର ରସ, ଏବଂ ଏହା ଖାଦ୍ୟରୂପେ ଓ ବିଶେଷତଃ ନାନା ଔଷଧର ଅନୁପାନରୂପେ ବ୍ୟବହୃତ ହୁଏ । କଳିଚୂନ ସଙ୍ଗେ ମଧୁ ମିଶାଇଲେ ଯେଉଁ ପ୍ରଲେପ ହୁଏ ତାହା ଅତିଶୀଘ୍ର କଠିନ ହୋଇ ଯାଏ । ଉକ୍ତ ପ୍ରଲେପ କଠିନ ନ ହେଉଣୁ ବାଗି, ଘାଲୁଅ, ଓ ଗିଲଟ ଉପରେ ବୋଳିଲେ ଉକ୍ତ ବ୍ରଣମାନ ବସିଯାଏ । ବିଷାକ୍ତ କୀଟାଦିଙ୍କ ଦଂଶନ ଜନିତ କ୍ଷତ ସ୍ଥାନରେ ମଧୁ ଲଗାଇଲେ ଜ୍ୱାଳାର ନିବୃତ୍ତି ହୁଏ । ମଧୁରୁ ପ୍ରସ୍ତୁତ ଅସବ ହୋମିଓପାଥିରେ ପ୍ରୟୋଗ କରାଯାଏ (ଇଂ Apis mother tincture). ସମାନ ପରିମାଣରେ ମଧୁ ଓ ଘିଅ ମିଶାଇ ଖାଇଲେ ତାହା ବିଷପରି ଅନିଷ୍ଟ କରେ । ମଧୁସଂଗ୍ରହକାରୀ ମକ୍ଷିକାମାନଙ୍କର ନାମ ଅନୁସାରେ ମଧୁର ଛଅ ଭଳି ନାମ ଅଛି ଓ ବୈଦ୍ୟ-ଶାସ୍ତ୍ରରେ ସେମାନଙ୍କ ଗୁଣ ମଧ୍ୟ ପୃଥକ୍ ଥିବା ଲେଖାଅଛି— ୧ । ମାକ୍ଷିକ—ନୀଳବର୍ଣ୍ଣ ମକ୍ଷିକାଦ୍ୱାରା ସଂଗୃହୀତ; ଏହାର ବର୍ଣ୍ଣ ତୈଳପରି । ୨ । କ୍ଷୌଦ୍ର—ପିଙ୍ଗଳବର୍ଣ୍ଣ ମକ୍ଷିକାଦ୍ୱାରା ସଂଗୃହୀତ; ଏହା କପିଳ ବର୍ଣ୍ଣ । ୩ । ଭ୍ରାମର—ଭ୍ରମରଦ୍ୱାରା ସଞ୍ଚିତ; ଶ୍ୱେତ-ବର୍ଣ୍ଣ । ୪ । ପୌତ୍ତିକ—ବାଘରା ବା ବଡ଼ ମହୁମାଛି ସଂଗୃହୀତ; ଏ ହଳଦିଆ । ୫ । ଛାତ୍ରକ—ଘରୁଡ଼ିଙ୍କଦ୍ୱାରା ସଂଗୃହୀତ । ୬ । ଆର୍ଘ୍ୟ—ହଳଦିଆ ମାଛିଙ୍କଦ୍ୱାରା ସଂଗୃହୀତ । ୭ । ଔଦ୍ଦାଳକ—ଉଇଙ୍କଦ୍ୱାରା ସଂଗୃହୀତ । ୮ । ଦାଳ—ବୃକ୍ଷ କୋରଡ଼ରେ ସଞ୍ଚିତ ଡାଳମହୁ । ପଦ୍ମଫୁଲରୁ ମହୁମାଛିମାନେ ଯେଉଁ ମହୁ ସଂଗ୍ରହ କରନ୍ତି ତାହାକୁ ପଦ୍ମମଧୁ ବୋଲିଯାଏ । ଏହା ନେତ୍ରରୋଗରେ ଉପକାରୀ । ଗାଢ଼ ମହୁକୁ କିଛି ଦିନ ରଖି ଦେଲେ ତାହାର ତଳ ଦେଶରେ ଗୁଡ଼ ବାଲି ପରି ଦାଠିଆ ଜିନିଷ ବସିଯାଏ । ଏହାକୁ ମଧୁଶର୍କରା ବୋଲିଯାଏ । ] ୨ । ଫୁଲ ମଧ୍ୟରେ ଥିବା ମକରନ୍ଦ—2. Nectar or sweet juice found inside flowers. ୩ । ମଦ; ମଦ୍ୟ—3. Wine. ୪ । ସୁମିଷ୍ଟ ରସ; ମଧୁର ରସ; ମିଠା—4. Sweet juice; things of sweet taste; sweets. ୫ । ଜଳ—5. Water. ୬ । ବସନ୍ତ କାଳ—6. The spring season. ୭ । କାମ-ଦେବଙ୍କ ଅନୁଚର—7. The companion of the God Cupid. ୮ । ମଧୁଦ୍ରୁମ; ଅମ୍ବଗଛ—8. Mango tree ୯ । ମହୁଲ ଗଛ—9. Mahwa; Bassia Latifolia (tree). ୧୦ । ଚୈତ୍ରମାସ—10. The lunar month of Chaitra. ୧୧ । ବିଷ୍ଣୁଙ୍କ କର୍ଣ୍ଣମଳରୁ ଜାତ ଦୈତ୍ୟବିଶେଷ—11. Name of a demon said to have sprung from the ear-wax of Bishṇu. [ ଦ୍ର—ଏ ପ୍ରଳୟ ପୟୋଧି ଜଳଶାୟୀ ବିଷ୍ଣୁଙ୍କ ନାଭିରୁ ବାହାରିଥିବା ପଦ୍ମ ମଧ୍ୟସ୍ଥ ବ୍ରହ୍ମାଙ୍କୁ ବଧ କରିବାକୁ ଉଦ୍ୟତ ହେବାରୁ ଏହାକୁ ଓ ଏହାର ଭାଇ କୈଟଭକୁ ବିଷ୍ଣୁ ସଂହାର କରିଥିଲେ । ଏଥିପାଇଁ ବିଷ୍ଣୁଙ୍କ ନାମ ମଧୁସୂଦନ । ଏହାର ମେଦରୁ ମେଦିନୀ ବା ପୃଥିବୀ ଜାତ ହେଲା । ଚଣ୍ଡୀ ବା ଦେବୀମାହାତ୍ମ୍ୟର ପ୍ରଥମ ଅଧ୍ୟାୟରେ ମଧୁକୈଟଭବଧ ବିଷୟ ବର୍ଣ୍ଣିତ ହୋଇ-ଅଛି । ] ୧୨ । ଯଦୁବଂଶୀୟ ଜଣେ ରାଜା—12. Name of a king of the Jadu dynasty. [ଦ୍ର—ଏହାଙ୍କ ନାମ ଅନୁସାରେ ଏହାଙ୍କର ବଂଶଧରମାନେ ମାଧବ ନାମରେ ଖ୍ୟାତ ହୋଇଥିଲେ ।] ୧୩ । ଜଣେ ରାକ୍ଷସରାଜ—13. Name of a demon king. [ଦ୍ର—ଏ ମଥୁରା ନଗରୀକୁ ସ୍ଥାପନ କରିଥିବାରୁ ମଥୁରାର ଏକ ନାମ ମଧୁପୁରୀ । ଏ ରାବଣର ମାଉସୀଙ୍କ ଝିଅ ଭଉଣୀ କୁମ୍ଭୀନସୀକୁ ହରଣ କରିବାରୁ ରାବଣ ମଧୁପୁରକୁ ଆକ୍ରମଣ କରିଥିଲା, କିନ୍ତୁ କୁମ୍ଭୀନସୀର ଅନୁରୋଧରେ ମଧ ଓ ରାବଣଙ୍କ ମଧ୍ୟରେ ସନ୍ଧି ହେଲା । ଏ ରାକ୍ଷସ କଠୋର ତପସ୍ୟାଦ୍ୱାରା ମହାଦେବଙ୍କଠାରୁ ଗୋଟିଏ ଅମୋଘ ଶୂଳ ପ୍ରାପ୍ତ ହୋଇ ତଦ୍ୱାରା ଜଗତ୍ ଜୟ କରିଥିଲା । ଏହାର ପୁତ୍ରର ନାମ ଲବଣ ଓ କନ୍ୟାର ନାମ ମଧୁମତୀ । ସୂର୍ଯ୍ୟ-ବଂଶୀୟ ରାଜା ହର୍ଯ୍ୟଶ୍ୱଙ୍କ ସଙ୍ଗେ ମଧୁମତୀର ବିବାହ ହୋଇ-ଥିଲା । ଏ ରାକ୍ଷସ ସ୍ୱୀୟ ତପସ୍ୟା ଓ ପୁଣ୍ୟବଳରେ ବରୁଣ ଲୋକ ପ୍ରାପ୍ତ ହୋଇଥିବାର ପୁରାଣରେ ଲେଖା ଅଛି । ହ୍ରି.ଶ ।]

ସ. ବିଣ—୧ । ମିଷ୍ଟ; ମିଠା—1. Sweet. ୨ । ସ୍ନିଗ୍ଧ—2. Mild; agreeable. ଦେ. ବି—୧ । ମଧୁବନ; ରାବଣର ଉଦ୍ୟାନ—1. The pleasure-garden of the demon Rābaṇa. (ଭୁ—
ମଧୁ ବେଙ୍ଗାରେ ବୋଲନ୍ତି ହର, ବନେ ମଧୁ ନାଶ କର ।
ମହୁ ଉଦ୍ଧ. ବୈଦେହୀଶବିଳାସ । ) ୨ । ମଧୁସୂଦନର ଡାକ ନାମ—2. Name for calling Madhusūdana. ୩ । ଦ୍ୱାଦଶ ଗୋପାଳ ମଧ୍ୟରୁ ଜଣେ—3. One of the twelve companion-cowherds of Śrīkṛushṇa. [ ଦ୍ର—ବାରଶୃଙ୍ଗ ଦେଲେ ଠିକ୍ ହେବ । ] ୪ । ପୁରୁଷଙ୍କୁ ଦିଆଯିବା ନାମ—4. A name given to males.

ମଧୁ ଅମାବାସ୍ୟା—ସଂ. ବି—ଚୈତ୍ର ଅମାବାସ୍ୟା—The new-moon
Madhu amābāsyā of Chaitra.

ମଧୁ(ଧୂ)କ—ସଂ. ବି ( ମନ୍ ଧାତୁ+କର୍ତ୍ତୃ. ଉକ, ଊକ )—୧ । ମହୁଲ
Madhu(dhū)ka ଗଛ ଓ ଫୁଲ—1. Bassia Latifolia (tree and flower). ୨ । ଯଷ୍ଟି ମଧୁ; ଯାଠି ମହୁ—2. Glycyrhiza Glabra. ୩ । ମହୁଲରୁ ପ୍ରସ୍ତୁତ ମଦ—3. Wine made from Mahula flowers. ( ଉ—ମଧୁକ-ମଦସ୍ୱ ପାନେ ଉଲ୍ଲାସ ସରବେ । ସୁଧାନାଥ. ମହାଯାତ୍ରା ।)

ମଧୁ କଟା—ଦେ. ବିଣ—ଯେ ମହୁ ଫେଣା କାଟି ମହୁ ସଂଗ୍ରହ କରେ—
Madhu kaṭā Collecting honey by cutting the honeycomb after scaring away the bees. (ଉ—ଦେଖୁଅଛ ମଧୁମାଛିଏ ହୋଇ ଗୋଟି, ମଧୁକଟା ଲୋକର ନାଶନ୍ତି ପ୍ରାଣଟି । କୃଷ୍ଣସିଂ. ମହାଭାରତ. ବନ ।)

ମଧୁ କଣ୍ଠ—ସଂ. ବିଣ. ପୁଂ (ବହୁବ୍ରୀହି, ମଧୁ=ମିଷ୍ଟ ଅଟେ କଣ୍ଠ=ସ୍ୱର
Madhu kaṇṭha ଯାହାର )—୧ । ମିଷ୍ଟକଣ୍ଠସ୍ୱରଯୁକ୍ତ—1. Having a sweet tone or voice. ୨ । ମିଷ୍ଟଭାଷୀ—2. Of sweet speech. ଦେ. ବି—କୋକିଳ—The cuckoo.

ମଧୁ କଣ୍ଠ ଭାଷୀ—ଦେ. ବିଣ. ସ୍ତ୍ରୀ ( ସଂ. ମଧୁ କଣ୍ଠ ଭାଷିଣୀ )—କୋକିଳ-
Madhu kaṇṭha bhāshī ସ୍ୱର ପରି କୋମଳ ଓ ସୁମଧୁର ଯାହାର କଣ୍ଠ ସ୍ୱର—(a woman) Having a sweet and melodious voice like that of a cuckoo. (ଉ—ଏହି ଭବସେ ମଧୁର ମଧୁ ମାସେ ମଧୁର ମଧୁକଣ୍ଠ-ଭାଷୀ, ସୁଧାଂଶୁ-ପ୍ରଭା ସୁଧା-ପୁରେ ବସୁଧା-ମଣ୍ଡନା ପୁରେ ଥିଲ ବସି । ଉଞ୍ଜ. କୋଟିବ୍ରହ୍ମାଣ୍ଡସୁନ୍ଦରୀ ।)

ମଧୁ କର—ସଂ. ବି. ପୁଂ (ମଧୁ+କୃ ଧାତୁ+କର୍ତ୍ତୃ. ଅ)—୧ । ଭ୍ରମର—
Madhu kara 1. Black bee. ୨ । [ ଭ୍ରମର ଯେପରି ନାନା ପୁଷ୍ପରୁ ମଧୁ ସଂଗ୍ରହ କରେ, ବାଣିଜ୍ୟତରୀ ସେହିପରି ନାନା ଦେଶରୁ ପଣ୍ୟ ସଂଗ୍ରହ କରେ । ] ବାଣିଜ୍ୟତରୀ—( ମଧୁକରୀ—ସ୍ତ୍ରୀ ) 2. Merchant vessel. ୩ । ବଲ୍ଲଭ; ପ୍ରଣୟୀ—3. Lover. ୪ । କାମୁକ ବ୍ୟକ୍ତି—4. A lustful person. ୫ । ଭୃଙ୍ଗରାଜ ଗଛ—5. Wadelia Calendulacea. ( tree ) ୬ । ନାଗର—6. A gallant. ବି—ଯେ ମଧୁ ସଂଗ୍ରହ କରେ—Gathering honey.

ମଧୁକର ଡମ୍ବର—ସଂ. ବି ( ୬ଷ୍ଠୀ ତତ୍; ମଧୁକର+ଡମ୍ବର )—
Madhukara ḍambara ଭ୍ରମର ପୁଞ୍ଜ—A swarm of black bees.

ମଧୁକ(କୁ, କେ)ରୀ—ଦେ. ବି (ସଂ. ମାଧୁକରୀ; ମଧୁକର ଯେଉଁପରି ନାନା
Madhuka(ku, ke)rī ପୁଷ୍ପରୁ ମଧୁ ସଂଗ୍ରହ କରେ ସେହିପରି ମାଧୁକରୀ ବହୁ ସ୍ଥାନରୁ ଭିକ୍ଷାହାରୀ ଏହା ସଂଗୃହୀତ ହେବାରୁ)—ମାଧୁକରୀ ମାଧୁକରୀ; ଏକାଧିକ ସ୍ଥାନରୁ ସଙ୍ଗୃହୀତ (ରୁଟି ତରକାରି ଅନ୍ନ) ଭିକ୍ଷା ବହୁ ବୃନ୍ଦାବନରେ ଭିକ୍ଷୁକଙ୍କର ସଂଗ୍ରହ କରିବା ଭିକ୍ଷା—Alms (consisting of cooked food) collected from many doors by a beggar at Bṛundābana. (ଉ—ବ୍ରାହ୍ମଣ ବୃତ୍ତିର ତ ଅଣ୍ଟା ଥିଲେ କରି, ମାଗିଲେ ସେ ନଗରେ ଭୁଲି ମଧୁକରୀ । କୃଷ୍ଣସିଂ. ମହାଭାରତ ଅଦି ।)

ମଧୁ କର୍କଟିକା—ସଂ. ବି—ମଧୁର ରସଯୁକ୍ତ ଏକ ପ୍ରକାର ଟଭା; ମିଠା
Madhu karkaṭikā ଟଭା ଲେମ୍ବୁ—A kind of sweet citron.
(ମଧୁ କର୍କଟୀ, ମଧୁର କର୍କଟିକା, ମଧୁର କର୍କଟୀ, ମଧୁର ଫଳା—ଅନ୍ୟରୂପ)

ମଧୁକ ସୁରା—ସଂ. ବି—ମହୁଲରୁ ପ୍ରସ୍ତୁତ ମଦ୍ୟ—Wine made from
Madhuka surā Mahula flowers.

ମଧୁକାର—ସଂ. ବି (ମଧୁ+କୃ ଧାତୁ+କର୍ତ୍ତୃ. ଅ)—ମହୁମାଛି (ହି. ଶ)—
Madhukāra Bee.

ମଧୁ କାଳ—ସଂ. ବି—ବସନ୍ତ ଋତୁ—
Madhu kāla The spring season.

ମଧୁକାଶ୍ରୟ—ସଂ ବି ( ୬ଷ୍ଠୀ ତତ୍; ମଧୁକ+ଆଶ୍ରୟ )—
Madhukāsraya (ମଧୁଜ—ଅନ୍ୟରୂପ) ମହଣ—Bees-wax.

ମଧୁ କିରଣ—ସଂ. ବି (ବହୁବ୍ରୀହି; ମଧୁ=ସ୍ନିଗ୍ଧ ଅଟେ କିରଣ ଯାହାର)—
Madhu kiraṇa ଚନ୍ଦ୍ର—The moon.

ମଧୁ କୁକ୍କୁଟିକା—ସଂ, ବି—ଏକ ପ୍ରକାର ମଧୁର ଟଭା ଲେମ୍ବୁ—
Madhu kukkuṭikā A species of sweet citron.

ମଧୁ କୁଲ୍ୟା—ସଂ. ବି—ମଧୁପୂର୍ଣ୍ଣ ଛୋଟ ନଦୀ—A small river
Madhu kulyā full of honey. [ଦ୍ର—ଏହିପରି ଘୃତ-କୁଲ୍ୟା, ଦଧିକୁଲ୍ୟା, ଦୁଗ୍ଧକୁଲ୍ୟା ଇତ୍ୟାଦି ଦ୍ରୁବ, ପୁରାଣ ଅନୁସାରେ ମଧୁକୁଲ୍ୟା କୁଶଦ୍ୱୀପର ଏକ ନଦୀ ।]

ମଧୁ କୃତ୍—ସଂ. ବି (ମଧୁ+କୃ ଧାତୁ+କର୍ତ୍ତୃ. କ୍ୱିପ୍)—ମଧୁକର; ଭ୍ରମର—
Madhu kṛut The black bee.

ମଧୁ କୈଟଭ—ସଂ. ବି—ବିଷ୍ଣୁଙ୍କ କର୍ଣ୍ଣମଳରୁ ଜାତ ଅସୁରଦ୍ୱୟ—
Madhu kaiṭabha The twin demons said to have spring from the ear-wax of Bishṇu. [ ଦ୍ର—ଏମାନେ ସୃଷ୍ଟିକାର୍ଯ୍ୟାରମ୍ଭ ପୂର୍ବରୁ ବ୍ରହ୍ମାଙ୍କୁ ମାରି ପକାଇବାକୁ ଉଦ୍ୟତ ହେବାରୁ ବିଷ୍ଣୁ ଏମାନଙ୍କୁ ବଧ କରିଥିଲେ ଓ ଏମାନଙ୍କ ମେଦରୁ ମେଦିନୀ ବା ପୃଥିବୀ ଜାତ ହେଲା; ଏଥିର ବିବରଣପାଇଁ ଚଣ୍ଡୀପୁରାଣ ୧ମ ଅଧ୍ୟାୟ ଦ୍ରଷ୍ଟବ୍ୟ ।)

ମଧୁ କୈଟଭ ବିଧ୍ୱଂସୀ—ସଂ. ବି—ବିଷ୍ଣୁ—
Madhu kaiṭabha bidhwaṁsī Bishṇu.
(ମଧୁ କୈଟଭାରି; ମଧୁକୈଟଭଜିତ୍, ମଧୁକୈଟଭହନ୍ତା—ଅନ୍ୟରୂପ)

ମଧୁ କୋଷ—ସଂ. ବି—ମହୁ ଘର; ମହୁ ଫେଣା; ମହୁମାଛିମାନଙ୍କ ବସା-
Madhu kosha Honeycomb; bee-hive.
ମଧୁ କ୍ରମ, ମଧୁ ଜାଲକ, ମଧୁ ପଟଳ—ଅନ୍ୟରୂପ [ଦ୍ର—ମହୁମାଛିମାନେ ଏହା ନିର୍ମାଣ କରି ଏଥିରେ ରହନ୍ତି, ଡିମ୍ବ ରଖନ୍ତି ଓ ମହୁ ସଞ୍ଚୟ କରନ୍ତି । ଏଥିର ଘରଗୁଡିକ ଷଡ୍-

କୋଣ ଓ ପରପାର୍ଶ୍ୱ । ଏ ସମସ୍ତଗୁଡ଼ିକ ଅଠାଳିଆ ବସ୍ତୁରେ ମିଶ୍ରିତ ଓ ଏହାକୁ ଗରମ ଜଳରେ ପକାଇଲେ ଏଥିରୁ ମହଣ ବାହାରେ ।]

ମଧୁ କ୍ରୋଡ଼ା—ସଂ. ବି—ମଧୁ ମସ୍ତକ ( ଦେଖ )
Madhu krordā Madhu mastaka ( See )

ମଧୁ କ୍ଷୀର—ସଂ. ବି (ବହୁବ୍ରୀହି)—ଖଜୁରୀ ଗଛ (ହି. ଶ)—
Madhu kshira Date palm tree.

ମଧୁ ଖର୍ଜ୍ଜୁରିକା—ସଂ. ବି—୧ । ଏକ ପ୍ରକାର ଖଜୁରୀ—1. A kind
Madhu kharjjūrikā of date fruit. ୨ । ମଧୁ କର୍କଟିକା—
(ମଧୁ ଖର୍ଜୁରୀ—ଅନ୍ୟରୂପ) 2. Madhu karkatikā (See)

ମଧୁ ଘୋଷ—ସଂ. ବି ( ବହୁବ୍ରୀହି; ମଧୁପରି ଘୋଷ ଯାହାର ବା ମଧୁକାଳରେ ଯେ ଘୋଷ କରେ )—କୋଇଲି
Madhu ghosha ( ହି. ଶ )—Cuckoo.

ମଧୁ ଚକ୍ର—ସଂ ବି—ମହୁଫେଣା—Bee-hive.
Madhu chakra (ମଧୁଛତ୍ର, ମଧୁପଟଳ, ମଧୁସ୍ଥାନ, ମଧ୍ୱାଧାର—ଅନ୍ୟରୂପ)

ମଧୁ ଚନ୍ଦ୍ରମା—ସଂ. ବି—(ଅଧୁନିକ ବ୍ୟବହାର)—ସ୍ତ୍ରୀ ସ୍ୱାମୀଙ୍କ
Madhu chandramā ବିବାହର ଅବ୍ୟବହିତ ପରେ ଦମ୍ପତିଙ୍କ ନିରବଚ୍ଛିନ୍ନ ଏକତ୍ରାବସ୍ଥାନ କରିବା ଏକ ମାସ ସମୟ—(ବୈଦେଶିକ ଅର୍ଥ)—Honeymoon

ମଧୁଜ—ସଂ. ବିଣ ( ମଧୁ+ଜନ୍ ଧାତୁ+କର୍ତ୍ତୃ. ଅ )—ମଧୁରୁ ଉତ୍ପନ୍ନ—
Madhuja Produced from honey. ବି—ମହଣ—
Wax; beeswax.

ମଧୁଜା—ସଂ. ବି. ସ୍ତ୍ରୀ ( ମଧୁ=ମଧୁ ଦୈତ୍ୟ+ଜନ୍ ଧାତୁ+କର୍ତ୍ତୃ. ଅ; ଏହା
Madhujā ମଧୁନାମକ ଦୈତ୍ୟର ମେଦରୁ ଉତ୍ପନ୍ନ ହୋଇ ଥିବାରୁ )—ପୃଥିବୀ—The earth.

ମଧୁଜିତ୍—ସଂ. ବି (ମଧୁ=ଦୈତ୍ୟ+ଜି ଧାତୁ=ଜିଣିବା+କର୍ତ୍ତୃ. କ୍ୱିପ୍)—
Madhujit ବିଷ୍ଣୁ—Bishnu.
(ମଧୁମଥନ, ମଧୁଦଳନ—ଅନ୍ୟରୂପ)

ମଧୁ ଜୀବ—ସଂ. ବି ( ମଧୁ+ଜୀବ୍ ଧାତୁ+କର୍ତ୍ତୃ. ଅ )—ଭ୍ରମର—
Madhu jiba The black bee.

ମଧୁ ଜୀରକ—ସଂ. ବି—ସଉଫ (ହି. ଶ); ଶତପୁଷ୍ପା—
Madhu jiraka Dill seed.

ମଧୁ ତୃଣ—ସଂ. ବି ( ମଧୁ=ମିଷ୍ଟ+ତୃଣ )—ଅଖୁ—
Madhu truna Sugarcane.

ମଧୁତ୍ରୟ—ସଂ. ବି ( ମଧୁ=ମିଷ୍ଟରସ+ତ୍ରୟ=ତିନିଟି )—ମହୁ, ଘିଅ ଓ
Madhutraya ଚିନିର ସମାହାର—A mixture of honey,
(ମଧୁରତ୍ରୟ—ଅନ୍ୟରୂପ) ghee and sugar.

ମଧୁ ଦୀପ—ସଂ. ବି—କାମଦେବ ( ହି. ଶ )—
Madhu dipa God Cupid.

ମଧୁ ଦୂତ—ସଂ. ବି ( ୬ଷ୍ଠୀ ତତ୍ )—ଅମ୍ବ ଗଛ ( ହି. ଶ )—
Madhu dūta Mango tree.

ମଧୁ ଦ୍ରୁ—ସଂ. ବି—ଭ୍ରମର(ହି.ଶ)—The black bee.
Madhudra (ମଧୁଲେହା—ଅନ୍ୟରୂପ)

ମଧୁ ଦ୍ରୁମ—ସଂ. ବି—୧ । ମହୁଲ ଗଛ—1. Bassia Latifolia.
Madhu druma ୨ । ( ମଧୁମାସରେ ବଉଳିବାରୁ )ଅମ୍ବ ଗଛ—
2. Mango tree.

ମଧୁଦ୍ୱିଟ୍—ସଂ. ବି ( ମଧୁ=ଦୈତ୍ୟ+ଦ୍ୱିଷ୍ ଧାତୁ+କ୍ୱିପ୍, ମଧୁଦ୍ୱିଷ୍ ୧ମା. ୧ବ )—ବିଷ୍ଣୁ; ମଧୁସୂଦନ—Bishnu.
Madhudwit
(ମଧୁରିପୁ; ମଧୁମଥନ—ଅନ୍ୟରୂପ)

ମଧୁ ଧୂଳି—ସଂ. ବି—ଖଣ୍ଡ ଗୁଡ଼—Molasses reduced to powder; pulverised sugar.
Madhu dhūli

ମଧୁ ନାରିକେଳ—ସଂ. ବି—ବାଣ ନଡ଼ିଆ; ଏକପ୍ରକାର ଛୋଟ ଓ ମିଷ୍ଟ
Madhu nārikela ଶସ୍ୟଯୁକ୍ତ ନଡ଼ିଆ—A species of
ଓ. ବାଣନଡ଼ିଆ dwarf cocoanut with sweet
বামন নারিকেল **बामन नरियल** kernel.
ତେ. ଏଵ; ମ. ମୋହାନାରଳ

ମଧୁ ନିଷ୍ପାବ—ସଂ. ବି—ଏକପ୍ରକାର ମିଠା ଶିମ୍ବ—A kind of
Madhu nishpāba (ମୁକୁନ୍ଦଶିମ୍ବୀ—ଅନ୍ୟରୂପ) sweet bean.

ମଧୁପ—ସଂ. ବି. ପୁଂ ( ମଧୁ+ପା ଧାତୁ+କର୍ତ୍ତୃ.ଅ )—ଭ୍ରମର—The
Madhupa black bee. ବିଣ—୧ । ମଧୁପାନକାରୀ—
ମଧୁମାରକ, ମଧୁରସିକ, ମଧୁଲିହ, ମଧୁଲୋଲୁପ, ମଧୁବାମନ } ଅନ୍ୟରୂପ ୨ । ମଦ୍ୟପାୟୀ—2. Drinking wine.
1. Drinking honey.

ମଧୁ ପର୍କ—ସଂ. ବି (ମଧୁ+ପୃଚ୍ ଧାତୁ=ଛୁଇଁବା+ଅଧିକରଣ ଅ)—ମଧୁ,
Madhu parka ଦଧି, ଘୃତ, ଶର୍କରା, ଜଳ (ମତାନ୍ତରରେ ନାରିକେଳଜଳ), ଏହି ପାଞ୍ଚଦ୍ରବ୍ୟ ମିଶ୍ରିତ ଖାଦ୍ୟ ବା ନୈବେଦ୍ୟବିଶେଷ—A cordial or an offering prepared by mixing honey, curds, ghee, sugar and water. [ ଦ୍ର—ଏହା ବୈଦିକଯୁଗରେ ଅତିଥିମାନଙ୍କୁ ଅଭ୍ୟର୍ଥନାରୂପେ ଦିଆଯାଉଥିଲା । ଦଧିସର୍ପିର୍ଜଳଂ କ୍ଷୌଦ୍ରଂ ସିତୈତାଭ୍ୟସ୍ତୁ ପଞ୍ଚଭିଃ । ପ୍ରୋଚ୍ୟତେ ମଧୁପର୍କସ୍ତୁ ।]

ମଧୁ ପର୍ଣ୍ଣୀ—ସଂ. ବି. ସ୍ତ୍ରୀ ( ବୈଦ୍ୟକ )—୧ । ନୀଳୀ ଗୁଳ୍ମ—1.
Madhu parnni Indigo plant. ୨ । ଗୁଡ଼ୁଚୀଲତା—
2. A medicinal creeper. ୩ । ଗମ୍ଭାରୀ—
3. A timber tree; Gmelina Arborea.
୪ । ମହୁର ଟଭା—4. A kind of sweet citron.

ମଧୁ ପାନ—ସଂ.ବି (୬ଷ୍ଠୀ ତତ୍)—୧ । ପୁଷ୍ପରୁ ଭ୍ରମର ମଧୁ ପିଇବା—1.
Madhu pāna Drinking of nectar from flowers by the bee. ୨ । ମଦ୍ୟପାନ—2.
Drinking of wine.

ମଧୁ ପାୟୀ—ସଂ. ବଣ.ପୁଂ (ମଧୁ+ପା ଧାତୁ+କର୍ତ୍ତୃ.ଇନ୍; ୧ମା. ୧ବ)—
Madhu pāyi ୧ । ମଧୁପାନକାରୀ—1. Drinking honey.
(ମଧୁପାୟିନୀ—ସ୍ତ୍ରୀ) ୨ । ମଦ୍ୟପାୟୀ—2. Drinking wine.
ବି—୧ । ଭ୍ରମର—1. Black bee. ୨ । ଏକପ୍ରକାର ପକ୍ଷୀ—2. Sun bird; flower pecker.

ମଧୁ ପାର୍ବଣ—ସଂ. ବି—ବସନ୍ତକାଳୀନ ଦୁର୍ଗୋତ୍ସବ—Durgāpūja
Madhu pārbana held during the spring ( in Chaitra ).

**ମଧୁପୁର**—ସ. ବି—ମଧୁପୁରୀ ( ଦେଖ )—Madhupuri ( See ) Madhupura
ଦେ. ବି—୧ । କଟକ ଜିଲ୍ଲା ଅନ୍ତର୍ଗତ ଗୋଟିଏ କିଲ୍ଲାଜାତ ସମ୍ପତ୍ତି—1. Name of a Killa (permanently settled estate) in Cuttack district. ୨ । ସାନ୍ତାଳ ପ୍ରଗଣାର ଗୋଟିଏ ନଗର—2. Name of a town in the Santal Pergannahs.
मधुपुर
मधुपुर

**ମଧୁପୁରୀ**—ସ. ବି—ମଥୁରା ନଗରୀ—The town of Muttra. Madhupuri [ ଉ—କୃଷ୍ଣଗଲେ ମଧୁପୁରୀ, କେମନ୍ତେ ବଞ୍ଚିବୁ ଗୋପର ନାରୀ,ହେ ଜଳାକର ! କଂସ ତ ଦେଲା ଭଗାଇ, ହେ ଜଳାକର । ଜଳାକର ଚଉତିଶା । ]

**ମଧୁପୁଷ୍ପ**—ସ. ବି—୧ । ମହୁଲ ଗଛ—1. The Mahwa tree. Madhupushpa ୨ । ଅଶୋକ ଗଛ—2. The Asoka tree. ୩ । ବଉଳ ଗଛ 3. The Bakula tree. ୪ । ଶିରୀଷ ଗଛ—4. Albizza sebbek tree

**ମଧୁପୁଷ୍ପା**—ସ. ବି—ଦନ୍ତୀ ଗଛ—1. Baliospermum Montanum. Madhupushpā ୨ । ଧାତକୀ [ଲୁ. ଶ] (ଦେଖ)—2. Dhātaki ( See )

**ମଧୁ ପୂର୍ଣ୍ଣ**—ସ. ବ ( କର୍ମ୍ମ ତତ୍ ) —୧ । ମଧୁମୟ—1. Full of Madhu pūrṇṇa honey. ୨ । ଅତିମିଠା—2. Honeyed; very sweet.

**ମଧୁ ପ୍ରିୟ**—ସ.ବଣ. ପୁଂ(ବହୁବ୍ରୀହି; ମଧୁ ଅଟେ ପ୍ରିୟ ଯାହାର)—୧ । ଯେ Madhu priya ମଧୁ ଖାଇବାକୁ ଭଲ ପାଏ—1. Fond of honey. ୨ । ମଦ୍ୟପ; ମଦ୍ୟପ୍ରିୟ—2. Fond of wine ବି—୧ । ବଳରାମ--1. Elder step-brother of Srikrushna. ୨ । ଭୂଇଁ ଜାମୁ—2. A small (ମଧୁପ୍ରିୟା—ସ୍ତ୍ରୀ) species of black berry.

**ମଧୁ ଫଳ**—ସ. ବି—୧ । ଦ୍ରାକ୍ଷା; କିସମିସ୍—1. Grape ୨ । Madhu phala ବଇଁଚ; ଭଇଁଚ (ଲୁ. ଶ)—2. Flacourtia Romontche ( plant ).

**ମଧୁ ବନ**—ସ.ବି(ମଧୁ=ମିଷ୍ଟ+ବନ୍ ଧାତୁ=ଶବ୍ଦ କରିବା+କର୍ତ୍ତୃ.ଅ)—Madhu bana ୧ । କୋଇଲି—1. The cuckoo. ୨ । ( ମଧୁ=ସ୍ନିଗ୍ଧ+ବନ ) ପ୍ରମୋଦ ଉଦ୍ୟାନ—2. A pleasure garden. ୩ । ବୃନ୍ଦାବନର ଗୋଟିଏ ଉଦ୍ୟାନ—3. Name of a garden in Brundābana. ୪ । ଦଣ୍ଡକାର ଗୋଟିଏ ବନ—4. Name of a part of the ancient forest of Kishkindhyā in South India. ୫ । ଲଙ୍କାର ଗୋଟିଏ ବନ—5. Name of a garden in Lankā. ୬ । ମଥୁରାସ୍ଥ କଂସର ପ୍ରମୋଦ ବନ—6. Name of a pleasure garden of Kamsa in Mathurā. [ ଉ—ଏହାକୁ ଶ୍ରୀକୃଷ୍ଣ ଜୟ କଲେ; ଭକ୍ତ ବନର ରକ୍ଷକ କଂସର ଭୃତ୍ୟ ମନା କରିବାରୁ ତାକୁ ଶ୍ରୀକୃଷ୍ଣ ଓ ବଳରାମ ବାଡ଼ ପଡ଼ାଇଥିଲେ । ] ୭ । ପ୍ରେମିକ ପ୍ରେମିକାଙ୍କ ମିଳନ କୁଞ୍ଜ ( ଲୁ. ଶ )—7. A grove where lovers meet or tryst.
ଦେ. ବି—ଦ୍ୱାରଭଙ୍ଗା ଜିଲ୍ଲାର ଗୋଟିଏ ମହକୁମା ଓ ନଗର—A subdivision and town in the district of Dwārabhangā.
मधुबनी
मधुबनी

**ମଧୁବର୍ଷୀ**—ସ. ବଣ ( ମଧୁ+ବୃଷ୍ ଧାତୁ+କର୍ତ୍ତୃ.ଇନ୍; ୧ମା. ୧ବ )—Madhubarshi ଅମୃତବର୍ଷୀ; ଅତି ମଧୁର—Very sweet; ( ମଧୁବର୍ଷିଣୀ—ସ୍ତ୍ରୀ ) raining nectar.

**ମଧୁ ବଲ୍ଲୀ**—ସ. ବି—ମଧୁ ଯଷ୍ଟି (ଦେଖ) Madhu balli Madhu jashti ( See )

**ମଧୁବହୁଳା(ଳ)**—ସ. ବ ( ବହୁବ୍ରୀହି ) —୧ । ମାଧବୀ ଲତା—1. A Madhubahulā(la) flowering creeper; Hiptage Mādhabilata. ୨ । ଧଳା ଯୂଇ—2 The white flowered Jūi plant.

**ମଧୁବାର**—ସ. ବି—୧ । ମଧୁଚକ୍ର—1. Honey-comb. ୨ । ପୁନଃ Madhubāra ପୁନଃ ମଦ୍ୟପାନ—2. Repeated drinking of wine; bout. ୩ । ମଦ୍ୟ (ଲୁ. ଶ)—3. Wine. ୪ । ମଦ୍ୟପାନ ଦିବସ ( ଲୁ. ଶ )—4. A day for drinking wine. ୫ । ମଦ୍ୟପାନର ରୀତି (ଲୁ.ଶ)—5. Mode of drinking wine.

**ମଧୁ ବୀଜ**—ସ. ବ ( ବହୁବ୍ରୀହି; ମଧୁ=ମିଷ୍ଟ ଅଟେ ବୀଜ ଯାହାର )—Madhu bija ଡାଳିମ୍ବ—Pomegranate.

**ମଧୁ ବୀଜପୂର**—ସ. ବି—ଏକପ୍ରକାର ମିଠା ଟଭା ଲେମ୍ବୁ; ମଧୁକର୍କଟିକା—Madhu bijapūra A kind of sweet citron or lemon.

**ମଧୁବ୍ରତ**—ସ. ବ(ବହୁବ୍ରୀହି; ମଧୁ+ବ୍ରତ) —ମଧୁକର; ଭ୍ରମର—Black Madhubrata bee.[ଉ—ବସେ ପାଶେ ହୋଇ ମଧୁବ୍ରତେ—ଭଞ୍ଜ. ବୈଦେହୀଶବିଳାସ । ]

**ମଧୁ ଭୁବନ**—ସ. ବି—ମଧୁପୁରୀ ( ଦେଖ)—Madhupuri ( See ) Madhu bhubana [ଉ—ଅରେ ବାବୁ ଶ୍ୟାମଘନ ! ଭୁ ଗଲେ ମଧୁଭୁବନ, କାହା ମୁଖ ଅନାଇ ବଞ୍ଚିବି—ଭକ୍ତଚରଣ. ମଥୁରାମଙ୍ଗଳ । ]

**ମଧୁଭୃତ୍**—ସ. ବ ( ମଧୁ+ଭୃ ଧାତୁ+କ୍ୱିପ୍ )—ଭ୍ରମର—Madhubhrut The black bee.

**ମଧୁମକ୍ଷିକା**—ସ. ବ ( ମ. ପ. ଲୋ; ମଧ ସଂଗ୍ରହକାରିଣୀ ମକ୍ଷିକା )—Madhumakshikā ମହୁମାଛି—Bee.

**ମଧୁମଙ୍ଗଳ**—ସ. ବି—ସାନ୍ଦୀପନି ମୁନିଙ୍କର ପୁତ୍ର; ଶ୍ରୀକୃଷ୍ଣଙ୍କର ସଖା—Madhumangala Son of the sage Sandipani.
ଦେ. ବି—କୋଇଲି—The cuckoo.

**ମଧୁମତୀ**—ସ. ବଣ. ସ୍ତ୍ରୀ ( ମଧୁମତ୍+ସ୍ତ୍ରୀ. ଈ )—ମାଧୁର୍ଯ୍ୟମୟୀ—Madhumati Full of sweetness ବି—୧ । ଯୋଗିନୀ-ବିଶେଷ; ଦେବୀବିଶେଷ—1. Name of a Goddess.

[ ଦ୍ର—ତନ୍ତ୍ରସାଧକ ଏହି ଯୋଗିନୀଙ୍କର ସାଧନା କରି ସିଦ୍ଧି ଲାଭ କଲେ, ଦେବ, ଦାନବ, ଗନ୍ଧର୍ବ, ବିଦ୍ୟାଧର, ଯକ୍ଷ ଓ ରାକ୍ଷସ କନ୍ୟା ଓ ନାନାବିଧ ଉପଭୋଗ୍ୟ ବସ୍ତୁ ପ୍ରାପ୍ତ ହୁଅନ୍ତି ।] ୨ । କାଶ୍ମୀରଦେଶୀୟ ନଦୀବିଶେଷ—2. Name of a river in Kāśmira. ୩ । ଛନ୍ଦୋବିଶେଷ—3. Name of a metre. [ ଦ୍ର—ଏଥିର ପ୍ରତ୍ୟେକ ଚରଣରେ ୨ ନଗଣ ଓ ଏକ ଗୁରୁବର୍ଣ୍ଣ ଥାଏ—ହି· ଶ । ] ୪ । ମଧୁଦୈତ୍ୟର କନ୍ୟା ( ହି. ଶ )—4. Name of the daughter of demon Madhu. [ ଦ୍ର—ଏ ଇକ୍ଷ୍ୱାକୁଙ୍କ ପୁତ୍ର ହର୍ଯ୍ୟଶ୍ୱଙ୍କୁ ବିବାହ କରିଥିଲେ ।] ୫ । ପୁରାଣ ମତେ ନର୍ମଦା ନଦୀର ଏକ ଶାଖା (ହି. ଶ)—5. Name of a branch of the Narmadā river. ୬ । ପତଞ୍ଜଳିଙ୍କ ମତରେ ସମାଧିର ଅବସ୍ଥାବିଶେଷ, ଯହିଁରେ ଅଭ୍ୟାସ ଓ ବୈରାଗ୍ୟ ଯୋଗୁଁ ରଜୋଗୁଣର ପୂର୍ଣ୍ଣ ବିନାଶ ଓ ସତ୍ତ୍ୱଗୁଣର ବିକାଶ ହୁଏ (ହି. ଶ)—6. A stage in religious meditation in which the devotee loses all his grosser habits.

ମଧୁମତୀ ସାଧନା(ନ)—ସଂ.ବି—ମଧୁମତୀ ଯୋଗିନୀଙ୍କର ତନ୍ତ୍ରୋକ୍ତ ସାଧନା—Madhumati sādhanā (na) The process for attaining success in the worship of Goddess Madhumati. [ ଦ୍ର—ଏହିପରି ମଧୁମତୀ ସାଧକ= ମଧୁମତୀ ସିଦ୍ଧ, ମଧୁମତୀ ସିଦ୍ଧି ପଦମାନ ସିଦ୍ଧ ହୁଏ । ]

ମଧୁମତ୍ତ—ସଂ. ବିଣ (ଷଷ୍ଠୀ ତତ୍)—୧ । ମଧୁପାନଦ୍ୱାରା ମତ୍ତ—(ଭ୍ରମର) Madhumatta 1. (black bee) Mad after drinking honey from flowers. ୨ । ମଦ୍ୟପାନ ଯୋଗୁ ଉନ୍ମତ୍ତ (ବ୍ୟକ୍ତି)—2. (person) Maddened with wine.

ମଧୁମୟ—ସଂ. ବିଣ—୧ । ମଧୁପୂର୍ଣ୍ଣ—1. Full of honey. ୨ । ଅତି Madhumaya ମଧୁର—2. Very sweet; honeyed.

ମଧୁମଲ୍ଲୀ—ସଂ. ବି—ମାଳତୀ (ହି. ଶ)—Echites caryophylata. Madhumalli ( creeper and flower ).

ମଧୁମସ୍ତକ—ସଂ. ବି—ଏକପ୍ରକାର ପିଠା; ମଇଦାର ପିଠା ମଧ୍ୟରେ Mudhumastaka ମହୁର ପୁର ଦିଆଯାଇ ଘିଅରେ ଛଣା ହୋଇଥିବା ପିଠା—A sort of cake containing honey in the centre.

ମଧୁମାଧବୀ—ସଂ. ବି—୧ । ମଧୁରୁ ପ୍ରସ୍ତୁତ ସୁରା—1. Wine made Madhumādhabi from honey. ୨ । ଭୈରବ ରାଗର ( ମଧୁମାଧ୍ୱୀକ—ଅନ୍ୟରୂପ ) ସହଚରୀ ରାଗିଣୀ ( ହି. ଶ )—2. Name of a secondary musical air.

ମଧୁମାନ୍—ସଂ. ବିଣ. ପୁଂ (ମଧୁ+ଅସ୍ତି ଅର୍ଥରେ ମତୁ; ୧ମା. ୧ବ )—Madhumān ୧ । ମଧୁପୂର୍ଣ୍ଣ—1. Full of honey. ୨ । ଯହିଁରେ ମଧୁ ଅଛି—2. Having honey. ୩ । (ମଧୁମତୀ—ସ୍ତ୍ରୀ) ମାଧୁର୍ଯ୍ୟପୂର୍ଣ୍ଣ—3. Full of sweetness.

ମଧୁମାଳତୀ—ଦେ. ବି (ସଂ. ବାସନ୍ତୀ)—ମୃଦୁଗନ୍ଧଯୁକ୍ତ ଏକପ୍ରକାର ଦୃଢ଼ Madhumālati ପୁଷ୍ପଲତା—A kind of hardy flowering সীতাবাহার; সীতাহার creeper; the rangoon creeper. [ ଦ୍ର—ଏହା ବର୍ଷବ୍ୟାପୀ ବଳିଷ୍ଠ ଲତା । ଏହାର ଫୁଲ ଚଉଦ୍ଦଳ ଓ ଫୁଲର ଡେମ୍ଫ ଲମ୍ବା । ପ୍ରଥମେ ଫୁଟିଲା ବେଳେ ଫୁଲ ଧଳା ରହେ ଓ ୧୨ ଘଣ୍ଟା ପରେ ନାଲିଆ ହୋଇଯାଏ । ଏଥିପାଇଁ ଏକ ସମୟରେ ଲତାରେ ଧଳା ଓ ନାଲି ପାଖୁଡ଼ାଯୁକ୍ତ ଫୁଲ ଫୁଟିଥିବା ଦେଖାଯାଏ । ଏହାର ଫୁଲ ପେନ୍ଥା ପେନ୍ଥା ହୋଇ ଫୁଟେ; ସନ୍ଧ୍ୟା ସମୟରେ ଫୁଟିଲା ବେଳେ ଫୁଲର ପାଖୁଡ଼ା ନାଲି ଥାଏ ଓ ସକାଳକୁ ଧଳା ହୋଇଯାଏ । ସମ୍ଭବତଃ ଜୟଦେବଙ୍କ ଗୀତଗୋବିନ୍ଦର 'ଲବଙ୍ଗଲତା' ଏହି ମଧୁମାଳତୀ ଲତା ଅଟେ; ଡେମ୍ଫଲଗା ଫୁଲ, ଲବଙ୍ଗ ସଙ୍ଗେ ସଙ୍ଗେ ଭୁଲିଯାଏ ।] ସଂ ବି—ହଳଦିଆ ମାଳତୀ ଫୁଲ ଓ ତହିଁର ଲତା—The yellow flowering variety of Echites caryophylata creeper.

ମଧୁମାସ—ସଂ. ବି ( ମଧୁ=ବସନ୍ତ+ମାସ )—ଚୈତ୍ରମାସ—Madhumāsa The month of Chaitra.

ମଧୁମୁର—ସଂ. ବି—ମଧୁଦୈତ୍ୟ ଓ ମୁର ଦୈତ୍ୟ—The demons Madhu mura Madhu and Mura ( killed by Bishnu at different periods.)

ମଧୁମୂଳ—ସଂ. ବି—୧ । ମହୁଆ ଅଳୁ—1. A kind of yam Madhu mūla with sweet bulbous root; Dioscoria Spinosa. [ଦ୍ର—ଏହାର ଲତା ବୃହତ୍ । ଲତାର ମୂଳରେ ଓ ଅଗରେ କଣ୍ଟା ଥାଏ । ଅଳୁ ସ୍ୱତନ୍ତ୍ର ମୂଳରୁ ଏକାଧିକ ଓ ଅସମାନ ହୋଇ ବାହାରେ । ଏହି ଅଳୁର ଓ୍ୱେପ ଉପରେ ଥିବା ଚେରମାନ ମଧ୍ୟ କଣ୍ଟା ପରି ମୁନିଆ ଓ ଖର ଟାଣୁଆ । ଏ ଅଳୁ ବହୁକାଳ ସଢ଼ି ନ ଯାଇ ରହେ ।] ୨ । ନାଲି ଅଳୁ (ହି. ଶ)—2. The red variety of yam.

ମଧ୍ୱାଳୁ
ମଧୁରାଳୁକ } —ଅନ୍ୟରୂପ

ମଧୁମେହ—ସଂ. ବି—ମୂତ୍ର ସହିତ ମଧୁ ବା ଶର୍କରାକ୍ଷରଣ ରୋଗ—Madhu meha Diabetes Mellitus. [ ଦ୍ର—ସବୁପ୍ରକାର (ମଧୁପ୍ରମେହ—ଅନ୍ୟରୂପ) ମେହର ଏହା ବର୍ଦ୍ଧିତ ଅବସ୍ଥା । ଏଥିରେ ରୋଗୀର ପ୍ରସ୍ରାବ ବହୁ ପରମିତ ଓ ଘନ ଓ ମିଷ୍ଟ ହୁଏ । ମେହର ଏ ଅବସ୍ଥା ଅସାଧ୍ୟ ଓ ମାରାତ୍ମକ—(ହି. ଶ) ।]

ମଧୁମେହୀ—ସଂ. ବିଣ. ପୁଂ— ମଧୁମେହ+ଇନ୍; ୧ମା.୧ବ)—ମଧୁମେହ-Madhumehi ଗ୍ରସ୍ତ (ବ୍ୟକ୍ତି)—(a person) Suffering (ମଧୁମେହିନୀ—ସ୍ତ୍ରୀ) from Diabetes Mellitus.

ମଧୁ ଯଷ୍ଟି—ସଂ. ବି—୧ । ଯଷ୍ଟି ମଧୁ—1. A tree with sweet Madhu jashti root; Glycyrhiza Glabra. ୨ । ଆଖୁ—2. Sugarcane.

ମଧୁ ଯାମିନୀ—ସଂ. ବି—୧ । ବସନ୍ତକାଳର ରାତ୍ରି—1. A night Madhu jāmini during the spring. ୨ । ନିର୍ମଳ ବା ଜ୍ୟୋତ୍ସ୍ନାମୟୀ ରାତ୍ରି—2. A clear moon-lit night.

ମଧୁରୁ(ରୁ)ଚ (ଚିଁ)—ଦେ. ବି—ଖଟା ଓ ମିଠା ରଖଯାଇ ରନ୍ଧା ଯାଉ-
Madhur (ru)chi (chiñ) ଥିବା ଏକ ପ୍ରକାର ସୁଖାଦ୍ୟ ତରକାରି-
[ମଧୁର(ରୁ) ଚୁ(ଚୋ)ଇଁ—ଗ୍ରାମ୍ୟରୂପ] A kind of relishing
ମধুর অম্বল curry in which sweet and acid tastes
खटमिट्ठी are very tastefully mixed up.

ମଧୁର—ସଂ. ବି ( ମଧୁ+ଅସ୍ତ୍ୟ ଅର୍ଥରେ ର )—୧ । ମାଧୁର୍ଯ୍ୟ ଗୁଣ—
Madhura 1. Sweetness. ୨ । ମିଷ୍ଟରସ—2.
(ମଧୁରା—ସ୍ତ୍ରୀ) Sweet taste. ୩ । ବିଷ; ହଳାହଳ—
3. Poison; deadly poison. ୪ ।
ଟୀଣ ଧାତୁ—4. Tin (metal). ୫ ।
ଜୀବକ ବୃକ୍ଷ ( ବୈ. ଶ )—5. A rare
medicinal plant. ୬ । ଲାଲ ଅଖୁ (ବୈ. ଶ)—
6. Red variety of sugarcane. ୭ । ଗୁଡ଼
( ବୈ. ଶ ) 7. Molasses. ୮ । ଧାନ—8. Paddy.
୯ । ଲୁହା (ବୈ.ଶ)—9. Iron. ୧୦ । ମହୁଲ (ବୈ.ଶ)—
10.Mahula. [ବି—ବର୍ଷେ ଘନ ଘନ ଘନ କୁସ କଣ
ଯଥା, ବୃଷ୍ଟି ମଧୁର ମଧୁର ମଧୁର ସେ ତଥା । ଉପେ.
ବୈଦେହୀଶବିଳାସ । ] ୧୧ । ମଟର ( ବୈ. ଶ )—
11. Pea. ୧୨ । ଜଙ୍ଗଲି ବରକୋଳି—12. Wild
jujube. ୧୩ । ବାଦାମ ଗଛ ( ବୈ. ଶ )—13.
Almond tree. ୧୪ । କାକୋଲି ( ବୈ. ଶ )
( ଦେଖ )—14. Kākoli ( See ) ବିଣ—୧ ।
ମିଠା; ମିଷ୍ଟରସଯୁକ୍ତ—1. Sweet to the
taste. ୨ । ପ୍ରୀତିକର; ମନୋହର—2. Pleasant;
pleasing. ୩ । ସୌମ୍ୟ; ପ୍ରିୟଦର୍ଶନ— 3. Hand-
some. ୪ । ମନ୍ଦଗାମୀ—4. Slow going.[ବି—
ଦର୍ଶନ,ରସନା,ଘ୍ରାଣ, ସ୍ପର୍ଶ ଓ ଶ୍ରବଣ ଏପରି ସବୁପ୍ରକାର
ଇନ୍ଦ୍ରିୟଦ୍ୱାରା ମାଧୁର୍ଯ୍ୟର ଉପଲବ୍ଧି କରାଯାଇ
ପାରେ ।]
ମଧୁରତା, ମଧୁରତ୍ୱ, ମାଧୁରୀ, ମାଧୁର୍ଯ୍ୟ, ମଧୁରିମା—ବିଶେଷ୍ୟ

ମଧୁର ଗନ୍ଧ—ସଂ. ବି ( କର୍ମଧା; ମଧୁର+ଗନ୍ଧ )—ସ୍ନିଗ୍ଧ ଗନ୍ଧ—
Madhura gandha Mild or sweet taste;
ବିଣ—ସ୍ନିଗ୍ଧ ଗନ୍ଧ ଯୁକ୍ତ—Sweet-scented. [ ବି
—ଏହିପରି ମଧୁର ରୂପ, ମଧୁର ସ୍ପର୍ଶ, ମଧୁର ରସ,ମଧୁର ସ୍ୱାଦ
ଓ ମଧୁରଶବ୍ଦ ଶବ୍ଦମାନ ହୁଏ । ]

ମଧୁର ଗାୟନ—ସଂ. ବି—ସୁଲଳିତ ଗୀତ—
Madhura gāyana Sweet song.

ମଧୁର ଗୁଣ୍ଡା—ପ୍ରାଦେ (ସମ୍ବଲପୁର) ବି. (ନିମ୍ବପିତା ନ କହି ମଧୁର ଶବ୍ଦ
Madhura guṇḍā ପ୍ରୟୋଗ)—ନିମ୍ବପିତା—(euphemism)
Bitter Nim.

ମଧୁର ଚି(ଚୁ)ଙ୍ଗୁଡ଼ି—ଦେ, ବି—ମଧୁର ଜଳ ( ଅର୍ଥାତ୍ ଯାହା ଲୁଣି ପାଣି
Madhura chi(chu)ṅgurḍi ନୁହେଁ) ରେ ଥିବା ଚିଙ୍ଗୁଡ଼ି ମାଛ-
(ଲୁଣି ଚିଙ୍ଗୁଡ଼ି—ବିପରୀତ) Shrimps living in fresh
মিঠেজলের চিঙড়ী water (in contradistinction with
मीठापानीका झींगा those living in salt water).

ମଧୁର ଜ୍ୱର—ସଂ.ବି—ଦେହରେ ସର୍ବଦା ସାମାନ୍ୟ ତାତି ଥିବା ଜର—
Madhura jwara Low constant fever. [ବି—
ଅଧିକ ଘିଅ ଖାଇଲେ ବା ଝାଳ ବୁହା ବନ୍ଦ କଲେ ଏ ଜ୍ୱର
ହୁଏ; ଏଥିରେ ମୁହଁ ନାଲି ପଡ଼େ, ତାଳୁ ଓ ଜିଭ ଶୁଖିଯାଏ,
ନିଦ୍ରା ହୁଏ ନାହିଁ । ଖୁବ୍ ଶୋଷ ଓ ବାନ୍ତି ଦେଖାଏ—ବୈ.ଶ ।]

ମଧୁର ଟଭା—ଦେ. ବି—ଏକପ୍ରକାର ମିଠା ଟଭା—
Madhura ṭabhā A kind of sweet citron.
(ମଧୁର କମଳା—ସ୍ୱସ୍ତ ଉଚ୍ଚରୂପ) মধুর টাবা मधुर टाब

ମଧୁର ଟିଙ୍ଗା—ଦେ.ବି (ଅଶ୍ଳୀଳ)—ବାଳକଙ୍କର ଓ ବୃଦ୍ଧଙ୍କର କ୍ଷଣକାଳସ୍ଥାୟୀ
Madhura ṭingā ଲିଙ୍ଗୋଦ୍ରେକ—Short and feeble
অল্পোত্থান erection of the penis of small boys and of
मन्द उठना very old men.

ମଧୁର ତ(ତୋ)ରଡ଼ା—ଦେ. ବି (ସଂ. ଧାମାର୍ଗବ; ମଧୁର ତଂସା)—
Madhura ta(to)rarḍā ଲଘିପରି ଏକପ୍ରକାର ବନ୍ୟ ଲତା-
ধুন্দুল,পরেরুল ଫଳ—Luffa Aegyptica. [ବି—ଅନ୍ୟ ଏକ
कुँदरू ପ୍ରକାର ଭକ୍ତି ତରଡ଼ାକୁ ପିତା ତରଡ଼ା କହନ୍ତି । ]

ମଧୁରତା(ତ୍ୱ)—ସଂ. ବି—ମିଷ୍ଟତା (ତ୍ୱ)—
Madhuratā (twa) Sweetness.

ମଧୁର ପାଣି—ଦେ. ବି—୧ । ବିଶୁଦ୍ଧ ଜଳ (ଯାହା ଲୁଣି ନୁହେଁ)—
Madhura pāni 1. Fresh water. ୨ । ସୁସ୍ୱାଦୁ ଜଳ;
মিঠে জল ନଦୀ ପୁଷ୍କରିଣୀ ଆଦିର ଜଳ—2. Water having
मीठा पानी a good taste; sweet water. ୩ । (ବ୍ୟଙ୍ଗ୍ୟ)
(ଲୁଣପାଣି—ବିପରୀତ) ମଦ; ନାଲିପାଣି—3. (ironical) Wine.

ମଧୁର ପ୍ରକୃତି—ସଂ. ବି ( କର୍ମଧା )—କୋମଳ ପ୍ରକୃତି—Sweet
Madhura prakṛuti temper or nature.
ସଂ. ବିଣ (ବହୁବ୍ରୀହି)—କୋମଳପ୍ରକୃତିବିଶିଷ୍ଟ—
Of sweet nature or temper.

ମଧୁର ବଚନ—ସଂ. ବି (କର୍ମଧା; ମଧୁର+ବଚନ)—ମିଷ୍ଟ ବାକ୍ୟ—
Madhura bachana Sweet words. ବିଣ.ପୁଂ (ବହୁବ୍ରୀହି)
(ମଧୁର ଭାଷଣ—ଅନ୍ୟରୂପ) ମିଷ୍ଟଭାଷୀ—Sweetspeaking.
[ମଧୁର ବଚନା, ମଧୁର ଭାଷଣା—ସ୍ତ୍ରୀ ]
( ମଧୁର ବଚନୀ—ଦେଶଜ ସ୍ତ୍ରୀଲିଙ୍ଗ )

ମଧୁର ଭକ(ଗ)ତି—ଦେ. ବି ( ସଂ. ମଧୁର ଓ ଭକ୍ତି )—(ବ୍ୟଙ୍ଗ୍ୟ) ମୁହଁ-
Madhura bhaka(ga)ti ଭକତି; ବାହ୍ୟ ଭକ୍ତି—
মৌখিক ভক্তি मुखभक्ति (ironical) Lip-devotion.

ମଧୁର ଭକ(ଗ)ତିଆ—ଦେ. ବିଣ—ଯେ ମୁହଁରେ ଭକ୍ତି ଦେଖାଏ, ଜନ୍ତୁ
Madhura bhaka(ga)tiā ଯାହା ଅନ୍ତରରେ ଭକ୍ତି ନ ଥାଏ—
যে মুখে ভক্তি দেখায় Showing devotion outwardly.
मुख भगतीया

ମଧୁର ଭକ୍ତି—ସଂ. ବି—ପ୍ରେମ ରସ ମିଶ୍ରିତ ଭକ୍ତି—Devotion
Madhura bhakti mixed with love. [ବି—ଶ୍ରୀ
ଚୈତନ୍ୟ ଦେବଙ୍କ ଅମଳରୁ ବୈଷ୍ଣବମାନେ ଏହି ଭକ୍ତି
ଦ୍ୱାରା ଭଗବାନଙ୍କୁ ଆରାଧନା କରିବା ପ୍ରଥମେ କରିଅଛନ୍ତି ।

ଗୋପୀ ଓ ଗୋପ ବାଳକମାନେ ଶ୍ରୀକୃଷ୍ଣଙ୍କୁ ଏହି ଭକ୍ତି ଦ୍ୱାରା ଭଜନା କରୁଥିଲେ ।] ଦେ. ବି—୧ । ବାତ୍ସଲ୍ୟ ଭକ୍ତି (ଦେଖ)—1. Bātsalya bhakti (See). ୨ । ମଧୁର ଭକତି (ଦେଖ)—2. Madhura bhakati (See).

ମଧୁର ଭାଷୀ—ସ. ବଣ. ପୁଂ—ଯେ ମିଷ୍ଟ କଥା କହେ—Sweet in speech; sweet-talking; talking sweetly.
Kadhura bhāshī
(ମଧୁର ଭାଷିଣୀ—ସ୍ତ୍ରୀ)

ମଧୁର ମାଛ—ଦେ. ବି—ଅଲବଣାକ୍ତ ଜଳାଶୟ ଓ ନଦ୍ୟାଦିରେ ଥିବା ମାଛ—Fresh-water-fish.
Madhura māchha
মিঠে জলের মাছ मीठा पानीका मछली

ମଧୁର ମୂରତି—ଗ୍ରା. (ପଦ୍ୟ) ବି. (ସଂ. ମଧୁର ଓ ମୂର୍ତ୍ତି)—ମନୋଜ୍ଞ ରୂପ—A pleasing form.
Madhura mūrati
মধুর মুরতি मधुर मूरत

ମଧୁର ମୂର୍ତ୍ତି—ସ. ବି (କର୍ମଧା: ମଧୁର+ମୂର୍ତ୍ତି)—ମନୋଜ୍ଞ ରୂପ—Pleasing form
Madhura mūrtti
ବଣ. (ବହୁବ୍ରୀହି)—ମନୋଜ୍ଞ ରୂପ ଯୁକ୍ତ—Having a pleasing form.

ମଧୁର ରସ—ସ.ବି—୧ । (କର୍ମଧା) (ଷଡ଼ ରସ ମଧ୍ୟରୁ ଏକତମ) ମିଠା ରସ—1. Sweet taste. ୨ । ପ୍ରେମ ରସ; ବାତ୍ସଲ୍ୟ ରସ—2. The sentiment of love and affection; soft and tender emotions. ୩ । (ବହୁବ୍ରୀହି, ମଧୁ=ମିଠା ଅଟେ ରସ ଯାହାର) ଆଖୁ—3.Sugarcane. ୪ । ତାଳ ଗଛ—4. Palm tree.
Madhura rasa

ମଧୁର ରସା—ସ. ବି—୧ । ଦ୍ରାକ୍ଷା—1. Grape. ୨ । ମୁର୍ବା ମୁରୁଗା ଘାସ—2. A kind of sweet grass. ୩ । ଗମ୍ଭାରୀ—3. A kind of timber tree; Gmelina Arborea. ୪ । ଶତପୁଷ୍ପା (ବୁ.ଶ); ଶଲୁପ—4. Dill seed. ୫ । ପ୍ରାସାରଣୀ ଲତ; (ବୁ. ଶ)—5. Pæderia Fœtida (creeper).
Madhura rasā
(ମଧୁରସା—ଅନ୍ୟରୂପ)

ମଧୁ ରସ—ସ. ବଣ (ବହୁବ୍ରୀହି)—ଯାହାର ରସ ମଧୁର—Having sweet juice.
Madhu rasa
ସ. ବି—ଆଖୁ—Sugarcane.

ମଧୁର ସ୍ୱର—ସ. ବି (କର୍ମଧା)—୧ । ଶ୍ରୁତିମଧୁର ସ୍ୱର—1. Sweet tone. ୨ । (ବହୁବ୍ରୀହି) ଗନ୍ଧର୍ବ ବୁ. ଶ)—2. Heavenly chorister.
Madhura swara
(ମଧୁର ସ୍ୱର—ଅନ୍ୟରୂପ)
ସ. ବଣ. ପୁଂ (ବହୁବ୍ରୀହି)—ମଧୁର ସ୍ୱରବିଶିଷ୍ଟ—Sweet-toned.

ମଧୁର ସ୍ରବା—ସ ବି ପୁଂ—ପିଣ୍ଡ ଖର୍ଜୁର (ବୁ. ଶ)—Arabian dates.
Madhura srabā
(ମଧୁ ଫଳକା, ମଧୁଫଳୀ—ଅନ୍ୟରୂପ)

ମଧୁର ହାସ(ସ୍ୟ)—ସ. ବି (କର୍ମଧା; ମଧୁର+ହାସ; ସ୍ୟ)—ମୃଦୁହାସ୍ୟ—Sweet smile. ବଣ. ପୁଂ—ମୃଦୁହାସ୍ୟକାରୀ—Sweet smiling.
Madhura hāsa(sya)
[ମଧୁର ହାସା(ସ୍ୟା)—ସ୍ତ୍ରୀ]

ମଧୁର ହାସୀ—ସ. ବଣ ପୁଂ—ମୃଦୁହାସ୍ୟକାରୀ—Smiling sweetly.
Madhura hāsī
(ମଧୁରହାସିନୀ—ସ୍ତ୍ରୀ)

ମଧୁରା—ସ. ବଣ. ସ୍ତ୍ରୀ (ମଧୁର+ଆ)—ମନୋହର—Pleasing (female). ବି—୧ । ପାଳଙ୍ଗ ଶାଗ; ମିଠା ପାଳଙ୍ଗ—1. The spinach. ୨ । ଶତପୁଷ୍ପା; ଶଲୁପ—2. An armotic seed;dillseee. ୩ । (ମଧୁ+ରା) ମଥୁରା ପୁରୀ—3. The city of Mathurā (in U. P. of India). ୪ । ମଦୁରା ନଗର—4. Madura in Madras Provincd. ୫ । ମିଠା ଲେମ୍ବୁ (ବୁ.ଶ)-6 Sweet orange. ୬ । ଯଷ୍ଟି ମଧୁ (ବୁ. ଶ)—6. Liquorice root. ୭ । ମେଦା (ବୁ, ଶ)—7. A rare herb. ୮ । କାକୋଲି (ବୁ. ଶ)—8. Kākoḷi (See) ୯ । କଦଳୀ ଗଛ (ବୁ. ଶ)—9. Plantain tree. ୧୦ । ଶିମ୍ବ (ବୁ. ଶ)—10. Bean. ୧୧ । ମସୁର (ବୁ. ଶ)—11. Lentil. ୧୨ । ମିଠା ଖଜୁର (ବୁ. ଶ)—12. Sweet date. ୧୩ । ମହାମେଦା (ବୁ. ଶ)—13. A rare herb.
Madhurā
মিষ্টি मीठा ଦେ. ବି—ମିଷ୍ଟ ରସ ଯୁକ୍ତ; ଗୁଡ଼ଆ—Sweet; sugary.

ମଧୁରାଳୁକ—ସ, ବି—ମଧୁଆ ଆଳୁ—Sweet yam.
Madhurāḷuka

ମଧୁରାମ୍ଳ—ସ ବଣ (ଦ୍ୱନ୍ଦ୍ୱ)—ମିଠା ଓ ଖଟା—Sweet and sour.
Madhurāmḷa

ମଧୁରା ଲାଗିବା—ଦେ. କ୍ରି—ମୁହଁ ଭିତରେ ମିଠା ଆସ୍ୱାଦ ବୋଧ ହେବା-Feeling of a sweet taste in the mouth at some times.
Madhurā lāgibā
মিষ্টি লাগা मीठा लगना
(ମଧୁରା ହେବା—ଅନ୍ୟରୂପ) ଦେ. କ୍ରି—ଖାଇବାକୁ ମିଠା ଲାଗିବା—oT taste sweet.

ମଧୁରାଳାପ—ସଂ. ବି (କର୍ମଧା; ମଧୁର+ଆଳାପ)—ମିଷ୍ଟ ବଚନ—Sweet talk or discourse.
Madhurāḷāpa
(ମଧୁରାଳାପା—ସ୍ତ୍ରୀ) ବଣ. ପୁଂ (ବହୁବ୍ରୀହି)—ମିଷ୍ଟ ଭାଷୀ—Sweet-talking.

ମଧୁରାଳାପା—ସଂ. ବଣ. ସ୍ତ୍ରୀ (ମଧୁରାଳାପ+ଆ)—ମଧୁରାଳାପର.ସ୍ତ୍ରୀ ଲିଙ୍ଗ-Feminine of Madhurāḷāpa.
Madhurāḷāpa
ସଂ. ବି—ମଇନା ପକ୍ଷୀ; ସାରି (ବୁ. ଶବ୍ଦସାଗର)—The hill myna bird'

ମଧୁରାଳାପୀ—ଦେ. ବଣ. ପୁଂ (ମଧୁରାଳାପ+ଇନ୍; ୧ମା ୧ବ)—ମିଷ୍ଟ ଭାଷୀ—Talking sweetly.
Madhurāḷāpi
(ମଧୁରାଳାପିନୀ—ସ୍ତ୍ରୀଲିଙ୍ଗ)

ମଧୁରାଳିକା—ସଂ. ବି—ମହୁରାଳି ମାଛ (ବୁ. ଶ)—A kind of tiny fish.
Madhurāḷikā

ମଧୁରାସ୍ୱାଦ—ସଂ. ବି—୧ । ପାଟିକୁ ମିଠା ଲାଗିବା—1. Sweet taste. ସ.ବଣ (ବହୁବ୍ରୀହି)—ମିଠା; ମିଷ୍ଟ—Sweet to the taste.
Madhurāswāda

ମଧୁରିଆ—ଦେ. ବଣ—ଈଷତ୍ ମଧୁର—
Madhuriā ଅଲ୍ପ ମିଠି Sweetish.
**थोड़ा मीठा, मधुरिया**

ମଧୁରିକା—ସଂ. ବି ( ମଧୁର+ଇ+ଅ )- ପାନମଧୁରୀ—Aniseed;
Madhurikā fennel. ଦେ. ବି—ମୁଖବାଦ୍ୟ ବିଶେଷ; ମହୁରି —A kind of musical instrument; a kind of clarion. ( ଉ—ଡମ୍ବରୁ, କାହାଳି, ମହୁରିକା, ଭୁଗ୍ଗି, ଭେରି, ଢାହାଳ; ନାନା ବାଦ୍ୟମାନରେ ସହାସ୍ତେ ଶୁଭନ୍ତି ମାଳକୁ ମାଳ । ସୁଧାକାଥ. ଦ୍ଵିଗ୍ଧା ।)

ମଧୁ ରିପୁ—ସଂ. ବି. (୬ଷ୍ଠୀ ତତ୍)—ମଧୁସୂଦନ; ବିଷ୍ଣୁ—
Madhu ripu Bishṇu.

ମଧୁରିମା—ସଂ. ବି. (ମଧୁର+ଭାବାର୍ଥେ ଇମନ୍; ୧ମା. ୧ବ)—ମାଧୁର୍ଯ୍ୟ;
Madhurimā ମଧୁରତା—1. Sweetness. ୨ । ସୌନ୍ଦର୍ଯ୍ୟ— 2. Beauty; grace.

ମଧୁରୀ—ଦେ.ବି(ସଂ.ମଧୁରିକା)--ମହୁରୀ ବାଜା--Name of a musical
Madhurī instrument; clarionet. (ଉ—ମର୍ଦ୍ଦଳ ଢୋଲ ଘଣ୍ଟ, ଅସଂଖ୍ୟ ଅନେକ, ଜନନ୍ତି ମଧୁରୀ ମାଧୁରୀ । ଉକ୍ତ. କୋଟବ୍ରହ୍ମାଣ୍ଡସୁନ୍ଦରୀ ।)

ମଧୁରେଣ ସମାପୟେତ୍—ସଂ.ପ୍ରବଚନ -(କୌଣସି କାର୍ଯ୍ୟକୁ) ମଧୁରତା
Madhureṇa samāpayet ଦ୍ଵାରା ସମାପ୍ତ କରିବା ଉଚିତ— To end a thing sweetly; to finish a thing well.

ମଧୁରୋଦକ—ସଂ. ବି (ବହୁବ୍ରୀହି)—ପୁରାଣ ଅନୁସାରେ ସାତ ସମୁଦ୍ରର
Madhurodaka ଅନ୍ତିମ ସମୁଦ୍ର, ଯହିଁର ଜଳ ମିଠା ଓ ଯାହା (ମଧୁରୋଦଧି—ଅନ୍ୟରୂପ) ପୁଷ୍କର ଦ୍ଵୀପକୁ ବେଢ଼ିଛି—The mythological sea of sweet water.

ମଧୁ ଲତା—ଦେ. ବି—ବିଲାତିଫୁଲର ଲତାବିଶେଷ—Name of a
Madhu latā creeper imported from abroad. [ ଦ୍ର—ଏହାକୁ ବଡ଼ଲୋକମାନେ ବଗିଚାରେ ଲଗାନ୍ତି; ଏହାଦ୍ଵାରା ବଗିଚାର ସୌନ୍ଦର୍ଯ୍ୟ ବଢ଼େ । ] ସଂ. ବି —ଏକପ୍ରକାର ଘାସ ( ହି. ଶ )—A kind of grass.

ମଧୁ ଲମ୍ପଟ—ସଂ. ବିଣ (୭ମୀ ତତ୍)—ମଧୁ ଲୋଭୀ—Fond of honey.
Madhu lampaṭa ବି—ଭ୍ରମର—The black bee. [ଉ— ମଧୁଲମ୍ପଟ ପ୍ରାୟେ କପଟ ପୀରତି ପଟଳତ । ଉକ୍ତ. ପ୍ରେମସୁଧାନିଧି ]

ମଧୁଲିକା—ସଂ. ବି—୧ । ମଧୁଲୀ ନାମକ ଗହମରୁ ପ୍ରସ୍ତୁତ ମଦ (ହି.ଶ)
Madhulikā 1. Wine distilled from a kind of wheat ୨ । ରାଇ ସୋରିଷ (ହି. ଶ)—2. Rye ୩ । ଫୁଲର ପରାଗ (ହି. ଶ)—3. The pollen of flowers.

ମଧୁଲିଟ୍—ସଂ. ବି—(ମଧୁ+ଲିହ୍ ଧାତୁ=ଚାଟିବା+କର୍ତ୍ତୃ. କ୍ଵିପ୍;
Madhuliṭ ମଧୁଲିହ୍ ଶବ୍ଦ ୧ମା. ୧ବ)—ମଧୁକର; ଭ୍ରମର— The black bee.

ମଧୁ ଲିହ—ସଂ. ବି—(ମଧୁ+ଲିହ୍ ଧାତୁ=ଚାଟିବା+କର୍ତ୍ତୃ. ଅ)—
Madhu liha ଭ୍ରମର—1. The black bee.

ମଧୁଲୀ -ସଂ. ବି—(ମଧୁ+ଲା ଧାତୁ ଗ୍ରହଣ କରିବା+କର୍ତ୍ତୃ. ଅ+ଈ.
Madhulī ଏକପ୍ରକାର ଗହମ (ହି. ଶ; ଶବ୍ଦପ୍ରକାଶ)— A species of wheat.

ମଧୁ ଲୁବ୍ଧ—ସଂ. ବିଣ· ପୁଂ--(ବ୍ୟୁ ବା ୭ମୀ ତତ୍; ମଧୁ+ଲୁବ୍ଧ)--ମଧୁପାନ
Madhu lubdha କରିବା ପାଇଁ ଲାଳସାଯୁକ୍ତ—Hankering (ମଧୁଲୋଭୀ; ମଧୁଲୋଲୁପ—ଅନ୍ୟରୂପ) after or tempted by (ମଧୁଲୁବ୍ଧା—ସ୍ତ୍ରୀ) honey.

ମଧୁଲେହ(ହୀ) —ସଂ. ବି, ପୁଂ —(ମଧୁ+ଲିହ୍ ଧାତୁ+କର୍ତ୍ତୃ. ଅ; ଇନ୍)-
Madhuleha(hī) ଭ୍ରମର—The black bee.

ମଧୁ ଶୟନ—ସଂ. ବି—ମଧୁ ଶଯ୍ୟା (ଦେଖ)—Madhu śajyā
Madhu śayana (See) [ ଉ—ଏ ଦାଇ ହବାଦେ ବର-ବଧୂଙ୍କର ମଧୁଶୟନ । ସୁଧାକାଥ. ଦ୍ଵିଗ୍ଧା ।]

ମଧୁ ଶଯ୍ୟା —ସଂ. ବି—ମଧୁଶୟନ; ବିବାହର ପ୍ରଥମ ସପ୍ତାହରେ ସ୍ଵାମୀ
Madhu śajyā ସ୍ତ୍ରୀଙ୍କର ଏକତ୍ରଶୟନ--Honeymoon; sleeping together of the bride and bridegroom during the first week of marriage. [ ଦ୍ର—ଏହି ମଧୁଶଯ୍ୟା ପ୍ରଥାରୁ ଜଣାଯାଏ ଯେ ପୂର୍ବେ ବ୍ରାହ୍ମଣାଦି ସମାଜରେ ଯୁବତୀ କନ୍ୟାର ବିବାହ ହେଉଥିଲା, ନଚେତ୍ ବାଳିକା କନ୍ୟା ସଙ୍ଗେ ବରର ଏକତ୍ର ଶଯ୍ୟା-ରଚନା ହାସ୍ୟାସ୍ପଦ ହୋଇ ଥାଆନ୍ତା ।]

ମଧୁ ଶର୍କରା—ସଂ.ବି—୧ । ମହୁରୁ ଜାତ ଗୁଡ଼--1. Sugar deposited
Madhu śarkarā from honey. ୨ । ଶିମ୍ବ (ହି. ଶ)— (ମଧୁଜା—ଅନ୍ୟରୂପ) 2. Bean.

ମଧୁ ଶିଗ୍ରୁ—ସଂ. ବି—ନାଲି ସଜନା—The red species of
Madhu śigru (ମଧୁ ଲିଗ୍ରୁ—ଅନ୍ୟରୂପ) Moringa tree.

ମଧୁ ଶିଷ୍ଟ—ସଂ. ବି (୬ଷ୍ଠୀ ତତ୍)—ମହମ (ହି. ଶ)—
Madhu śishṭha Bees-wax.
(ମହୁଟିଆ, ମଧୁଶେଷ, ମଧୁସଂଭବ, ମଧୁସିକ୍ଥ, ମଧୁସିକ୍ଥକ—ଅନ୍ୟରୂପ)

ମଧୁ ସଂଗ୍ରହ—ସଂ. ବି (୬ଷ୍ଠୀ ତତ୍)—ମଧୁମକ୍ଷିକା ଓ ଭ୍ରମରଦ୍ଵାରା ଫୁଲରୁ
Madhu saṁgraha ମଧୁ ଆହରଣ—The gathering of (ମଧୁଚୟନ—ଅନ୍ୟରୂପ) honey from flowers by bees etc.

ମଧୁସଖ-ସଂ. ବି (ବହୁବ୍ରୀହି; ମଧୁ=ବସନ୍ତକାଳ ଅଟେ ସଖା ଯାହାର)—
Madhu sakha ୧ । କାମ—1. Cupid. ୨ । କୋକିଳ— 2. The cuckoo.

ମଧୁ ସଞ୍ଚୟ —ସଂ. ବି. (୬ଷ୍ଠୀ ତତ୍)—ମଧୁମକ୍ଷିକା ଓ ଭ୍ରମରଦ୍ଵାରା
Madhu sañchaya ମଧୁଚକ୍ରରେ ମଧୁ ସଞ୍ଚିତ ହେବା—The storing of honey in the hive by bees or black bees.

ମଧୁ ସହାୟ—ସଂ. ବି (୬ଷ୍ଠୀ ତତ୍; ମଧୁ+ସହାୟ)—କନ୍ଦର୍ପ; କାମ—
Madhu sahāya Cupid.
(ମଧୁସାରଥି, ମଧୁସୁହୃତ୍, ମଧୁଦେହୁ—ଅନ୍ୟରୂପ)

**ମଧୁସୂଦନ**—ସଂ. ବି. ପୁଂ (ମଧୁ ନାମକ ଅସୁରକୁ ବଧ କରିଥିବାରୁ)— Madhusūdana ୧ । ମଧୁରିପୁ; ବିଷ୍ଣୁ—1. Bishṇu. ୨ । (ମଧୁହନ୍ତା—ଅନ୍ୟରୂପ) ଭ୍ରମର—2. Black bee. (ଉ—ଯୌବନ୍ତ ରଙ୍ଗଦେଶ ଚମ୍ପ କଳିକା ମଧୁସୂଦନର ଭ୍ରମଣେ । ଉପେ. କୋଟିବ୍ରହ୍ମାଣ୍ଡସୁନ୍ଦରୀ । ) ଦେ. ବି (ନାମ)—୧ । ସପ୍ତଦଶ ଶତାବ୍ଦୀର ଓଡ଼ିଆ କବି—1. Name of an Oriya poet of the seventeenth century, A.D [ଦ୍ର—ଏ ରାମାୟଣୋକ୍ତ ନଳଚରିତର ଅନୁକରଣରେ 'ନଳଚରିତ' ନାମକ ପୁସ୍ତକ ଲେଖିଥିଲେ । ] ୨ । ଲୋକଙ୍କୁ ଦିଆଯିବା ନାମ—2. Name given to males.

**ମଧୁସୂଦନ ଦତ୍ତ**—ଦେ. ବି (ନାମ)--ବଙ୍ଗଳାର ପ୍ରସିଦ୍ଧ କବି; ମାଇକେଲ୍ Madhusūdana datta ମଧୁସୂଦନ ଦତ୍ତ—A famous poet of Bengal. [ଦ୍ର—ଏହାଙ୍କ ନାମ ମାଇକେଲ୍ ମଧୁସୂଦନଦତ୍ତ । ବଙ୍ଗଳାରେ ଅମିତ୍ରାକ୍ଷର ଛନ୍ଦରେ ଏ ପ୍ରସିଦ୍ଧ ମେଘନାଦବଧ କାବ୍ୟ ରଚନା କରିଥିଲେ; ଜନ୍ମ ଖ୍ରୀ ୧୮୨୪, ମୃତ୍ୟୁ ଖ୍ରୀ ୧୮୭୩ । ଏ କଲିକତା ହିନ୍ଦୁ କଲେଜରେ ଉଚ୍ଚ ଶିକ୍ଷାଲାଭ କରି ୧୯ ବର୍ଷ ବୟସରେ ଖ୍ରୀଷ୍ଟାନ୍ ଧର୍ମରେ ଦୀକ୍ଷିତ ହୋଇଥିଲେ । ଏ ଇଂରାଜୀ ଛଡ଼ା ଗ୍ରୀକ୍ ଓ ଲାଟିନ୍ ଭାଷାରେ ବ୍ୟୁତ୍ପନ୍ନ ଥିଲେ । ଏ ପ୍ରଥମେ ମାନ୍ଦ୍ରାଜ କଲେଜର ଜଣେ ଇଉରୋପୀୟ ଅଧ୍ୟକ୍ଷଙ୍କ କନ୍ୟାଙ୍କ ପାଣିଗ୍ରହଣ କରିଥିଲେ । ଭାରତଇତିହାସପ୍ରସିଦ୍ଧା ସଂଯୁକ୍ତାଙ୍କ ଉପାଖ୍ୟାନକୁ ଅବଲମ୍ବନ କରି କାପ୍ତିଭା ସ୍ତ୍ରୀ (The Captive Lady) ନାମରେ ଏ ଗୋଟିଏ ଉତ୍କୃଷ୍ଟ ଇଂରାଜୀ କବିତା ଲେଖିଥିଲେ । ପରେ ପ୍ରଥମ ବିବାହବନ୍ଧନ ଛିନ୍ନ କରି ଏ ଆଉ ଜଣେ ଶ୍ୱେତକାୟା ରମଣୀଙ୍କ ପାଣିଗ୍ରହଣ କଲେ । ଏ କେତେକ କାଳ କଲିକତା ପୁଲିସ୍ କୋର୍ଟ୍‌ରେ କିରାଣୀ ଓ ପରେ ଦୋଭାଷୀ କର୍ମ କରିଥିଲେ ଓ ରତ୍ନାବଳୀ ନାଟକର ଇଂରାଜୀ ଅନୁବାଦ କରିଥିଲେ; କିନ୍ତୁ ପରେ ମାତୃଭାଷାର ସେବା କରି ବଙ୍ଗଳାରେ ଗୁଡ଼ିଏ ନାଟକ ଓ କାବ୍ୟ ରଚନା କରି ବଙ୍ଗରେ କବିପ୍ରସିଦ୍ଧି ଲାଭ କଲେ । ସେ ଆଇନ୍ ଶିକ୍ଷା କରିବାକୁ ବିଲାତ ଯାଇ ସେଠାରେ ବହୁ ଆର୍ଥିକ ଦୁଃଖ ଭୋଗ କଲେ ଓ ମହାତ୍ମା ଈଶ୍ୱରଚନ୍ଦ୍ର ବିଦ୍ୟାସାଗରଙ୍କ ଠାରୁ ବିସ୍ତର ଅର୍ଥ ସାହାଯ୍ୟ ଲାଭ କରି ବିଲାତରେ ବାରିଷ୍ଟର ପାଶ କରି ଫ୍ରାନ୍ସ ଓ ଇଂଲଣ୍ଡରେ କିଛି ଦିନ ଅବସ୍ଥାନ କରିବା ପରେ କଲିକତାକୁ ଆସି ବାରିଷ୍ଟରୀ କଲେ; କିନ୍ତୁ ସେ ଅମିତବ୍ୟୟୀ ଥିବାରୁ ଶେଷଜୀବନରେ ବହୁ ଦୁଃଖ ଭୋଗ କଲେ ଓ ରୁଗ୍ଣ ଅବସ୍ଥାରେ ଚିକିତ୍ସାବ୍ୟୟ ଚଳାଇବାର ତାଙ୍କର ସାମର୍ଥ୍ୟ ନ ଥିବାରୁ ଆଲିପୁର ଦାତବ୍ୟ ଚିକିତ୍ସାଳୟକୁ ଯାଇ ସେଠାରେ ଇହଲୋକ ତ୍ୟାଗ କଲେ । ତାଙ୍କର ଅମିତ୍ରାକ୍ଷର ଛନ୍ଦ ଓ ଚତୁର୍ଦ୍ଦଶପଦୀ କବିତା ଓ ବୀରରସପ୍ରଧାନ ରଚନା ତାଙ୍କୁ ବଙ୍ଗଳାର ଶ୍ରେଷ୍ଠ କବିରୂପେ ଚିରସ୍ମରଣୀୟ କରି ରଖିବ । ତାଙ୍କ ମୃତ୍ୟୁର ୧୫ ବର୍ଷ ପରେ ଦେଶବାସୀ ତାଙ୍କ ସ୍ମୃତିପୂଜା କରି ତାଙ୍କ ସମାଧି ଉପରେ ଗୋଟିଏ ମର୍ମରବେଦୀ ନିର୍ମାଣ କଲେ । ସୁବଳଚନ୍ଦ୍ର. ବଙ୍ଗଳା ଅଭିଧାନ । ]

**ମଧୁସୂଦନ ଦାସ**—ଦେ. ବି (ନାମ)--ଉତ୍କଳର ସ୍ୱର୍ଗୀୟ ଦେଶକର୍ମୀ— Madhusūdana dāsa The late Mr. M. S. Das, M. A., B.L., C. I. E. [ଦ୍ର—ଜନ୍ମ ଖ୍ରୀ ୧୮୪୮—ସ୍ୱର୍ଗଲାଭ ଖ୍ରୀ ୧୯୩୪ । ସେ ପ୍ରଥମେ କଟକରେ ଶିକ୍ଷାଲାଭ କରି କଲିକତାକୁ ଯାଇ ଉଚ୍ଚଶିକ୍ଷା ଲାଭ କରି ଏମ୍.ଏ ଓ ବି.ଏଲ ପାସ୍ କରିଥିଲେ । କଲିକତାରେ ସେ ଖ୍ରୀଷ୍ଟଧର୍ମରେ ଦୀକ୍ଷିତ ହୋଇଥିଲେ । ସେ ପ୍ରଥମ ଓଡ଼ିଆ ଏମ୍. ଏ ଓ ଓଡ଼ିଆ ଓକିଲ ଥିଲେ । ସେ ପାସ୍ କରି ସାରି କଲିକତାରେ କିଛିଦିନ ଶିକ୍ଷକତା କରିଥିଲେ । ବଙ୍ଗର ସୁପ୍ରସିଦ୍ଧ ସ୍ୱର୍ଗୀୟ ସର୍ ଆଶୁ-ତୋଷଙ୍କର ବାଲ୍ୟାବସ୍ଥାରେ ମଧୁସୂଦନ କେତେଦିନ ତାଙ୍କର ଗୃହଶିକ୍ଷକ ଥିଲେ ଓ ସର୍ ଆଶୁତୋଷ ମଧୁସୂଦନଙ୍କଠାରୁ ପାଇଥିବା ଶିକ୍ଷାପାଇଁ ଆଜୀବନ କୃତଜ୍ଞତା ସ୍ୱୀକାର କରିଥିଲେ । କଲିକତା ହାଇକୋର୍ଟରେ ସେ କିଛିଦିନ ଓଡ଼ିଆ ଅନୁବାଦକ କର୍ମ କରି ପରେ କଟକରେ ଓକିଲାତି ଆରମ୍ଭ କଲେ । ଖ୍ରୀ ୧୮୮୬—୮୭ ରେ ପୁରୀ ଜଗନ୍ନାଥ ମନ୍ଦିରକୁ ସରକାର ସ୍ୱହସ୍ତରେ ନେବାକୁ ଯେଉଁ ଚେଷ୍ଟା କରିଥିଲେ, ମଧୁସୂଦନ ପୁରୀ ରାଜାଙ୍କ ପକ୍ଷରୁ କଲିକତା ହାଇକୋର୍ଟ ପର୍ଯ୍ୟନ୍ତ ମକଦ୍ଦମା ଲଢ଼ି ମନ୍ଦିରରେ ପୁରୀ ରାଜାଙ୍କ ପୁରୁଷାନୁକ୍ରମିକ ଅଧିକାର ପ୍ରତିଷ୍ଠିତ କରାଇଥିଲେ । ସେ କଟକ କଲେଜରେ ବହୁ ବର୍ଷ ଆଇନ୍‌କ୍ଲାସର ପ୍ରୋଫେସରୀ ଓ କଟକ ଡିଷ୍ଟ୍ରିକ୍ଟ-ବୋର୍ଡ୍‌ର ଭାଇସ୍‌ଚେୟାରମାନ୍ କାର୍ଯ୍ୟ ଦକ୍ଷତାର ସହିତ ସମ୍ପାଦନ କରିଥିଲେ । କଟକ ଓକିଲମାନଙ୍କ ମଧ୍ୟରେ ତାଙ୍କର ଅସାଧାରଣ ପ୍ରତିଭା ଓ ଶକ୍ତିବଳରେ ସେ ଓଡ଼ିଶାରେ ଓ ଗଡ଼ଜାତରେ ଅନନ୍ୟସାଧାରଣ ପ୍ରତିପତ୍ତି ଲାଭ କରି-ଥିଲେ । ବଙ୍ଗର ପ୍ରାଦେଶିକ କାଉନ୍‌ସିଲ୍‌ର ସଭ୍ୟରୂପେ ସେ ଓଡ଼ିଶାର ବହୁ ଉପକାର ସାଧନ କରିଥିଲେ ଓ ବିଲାତକୁ ଯାଇ ଓଡ଼ିଶା ପ୍ରତି ବିଲାତବାସୀଙ୍କର ତଥା ପାର୍ଲିଆମେଣ୍ଟ ମେମ୍ବରମାନଙ୍କର ଓ ଷ୍ଟେଟ୍ ସେକ୍ରେଟାରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ । ମଧୁସୂଦନଙ୍କ ଚେଷ୍ଟାରେ ଓଡ଼ିଶାର ଅସ୍ଥାୟୀ ବନ୍ଦୋବସ୍ତର ମିଆଦ ୧୫ ବର୍ଷ ପରିବର୍ତ୍ତରେ ୩୦ ବର୍ଷ ହୋଇଥିଲା । ଶିକ୍ଷିତ ଓଡ଼ିଆମାନଙ୍କର ଉଚ୍ଚ ରାଜକୀୟ କର୍ମରେ ନିଯୁକ୍ତିର ସୂତ୍ରପାତ ମଧୁସୂଦନଙ୍କ ଉଦ୍ୟମରେ ହୋଇଥିଲା । ୧୯୦୩ ସାଲରେ ଉତ୍କଳ ସମ୍ମିଳନୀର ସୂତ୍ରପାତ କରି ସେ ପ୍ରଥମେ ସମଗ୍ର ଉତ୍କଳବାସୀଙ୍କ ମନରେ ଜାତୀୟଭାବର ଉଦ୍ରେକ କରାଇଥିଲେ; କୃଷି, ବାଣିଜ୍ୟ, ବୟନଶିଳ୍ପ ଓ କାରୁଶିଳ୍ପର ଉନ୍ନତିପାଇଁ ସେ ଅଜସ୍ର ଅର୍ଥବ୍ୟୟ କରିଥିଲେ । ତାଙ୍କ ପ୍ରତିଷ୍ଠିତ ଉତ୍କଳ ଶିଳ୍ପ ଭଣ୍ଡାର [Orissa Art Wares] ଓ ଉତ୍କଳ ଚମଡ଼ା କାରଖାନା ( Utkal Tannery ) ଯୋଗୁଁ ଉତ୍କଳର ଶିଳ୍ପ ପାଶ୍ଚାତ୍ୟ ଜଗତରେ ଆଦୃତ ହୋଇଥିଲା । ଯାଜପୁର ବନ୍ୟାକ୍ଲିଷ୍ଟ

ଅଞ୍ଚଳକୁ ନିଜେ ଯାଇ ସେ ଅଞ୍ଚଳର ଦୁର୍ଦ୍ଦଶା ସରକାରଙ୍କ, ପାର୍ଲିଅମେଣ୍ଟର ମେମ୍ବରଙ୍କ ଓ ବିଲାତର ସାମ୍ବାଦିକମାନଙ୍କ ଦୃଷ୍ଟିକୁ ଆଣିଥିଲେ । ସମସ୍ତ ଉତ୍କଳଭାଷୀ ଅଞ୍ଚଳକୁ ଏକ ଶାସନାଧୀନ କରିବା ଆନ୍ଦୋଳନରେ ମଧୁସୂଦନ ୧୯୦୦ ସାଲରୁ ମଙ୍ଗଧରରୂପେ ରହି ଶେଷରେ ଓଡ଼ିଶା ପ୍ରଦେଶ ଗଢ଼ାଯିବା ଆଦେଶ ୧୯୩୪ ସାଲରେ ତାଙ୍କ ଜୀବନରେ ଶୁଣି ଗଲେ । ତାଙ୍କ ପ୍ରଯତ୍ନରେ The Oriya ନାମକ ଓଡ଼ିଶାର ଇଂରାଜୀ ସମ୍ବାଦପତ୍ର ପ୍ରକାଶିତ ହୋଇଥିଲା । ସେ ଓଜସ୍ୱୀ ବକ୍ତା ଓ ଅଗ୍ନିସ୍ଫୁଲିଙ୍ଗବର୍ଷୀ ଲେଖକ ଥିଲେ । ବିହାର ଓଡ଼ିଶା ସରକାରଙ୍କ ମନ୍ତ୍ରୀତ୍ୱ ଗ୍ରହଣ କରି ବିନା ଦରମାରେ ମନ୍ତ୍ରୀମାନେ କାର୍ଯ୍ୟ କରିବାର ପ୍ରସ୍ତାବ ସେ କରିବାରୁ ସରକାରଙ୍କ ସଙ୍ଗେ ତାଙ୍କ ମତଭେଦ ହେଲା ଓ ସେ ମନ୍ତ୍ରିପଦ ଇସ୍ତଫା ଦେଲେ । ରେଭେନ୍ସା ବାଳିକା ଉଚ୍ଚ ଇଂରାଜୀ ବିଦ୍ୟାଳୟ ମଧୁବାବୁଙ୍କ ପରାମର୍ଶରେ ତାଙ୍କର ପୋଷ୍ୟା କନ୍ୟା ଶ୍ରୀଯୁକ୍ତା ଶୈଳବାଳା ଦାସଙ୍କଦ୍ୱାରା ପ୍ରତିଷ୍ଠିତ ହୋଇଥିଲା । ସେ ଖୁବ୍ ବଦାନ୍ୟ ଥିଲେ ଓ ଶେଷକୁ ଦେବାଳିଆ ହୋଇଥିଲେ । ସେ ଏହି ଭାଷାକୋଷ ସମ୍ପାଦକଙ୍କର ସ୍ନେହୁ ସ୍ୱାମୀୟ ଥିଲେ । ଭାଷାକୋଷର ପ୍ରଥମ ଖଣ୍ଡର ଅବତରଣିକାରେ ଏ ଗ୍ରନ୍ଥ ସଙ୍ଗେ ତାଙ୍କର ସମ୍ପର୍କ ବିବୃତ ହୋଇଅଛି । ]

ମଧୁସୂଦନ ରାଓ—ଦେ. ବି—(ନାମ)—ଉତ୍କଳର ସ୍ୱର୍ଗୀୟ ଭକ୍ତ କବି— Madhu sūdana rāo The late Rai Bahadoor Madhusudan Rao. [ଦ୍ର—) ଜନ୍ମ ଖ୍ରୀ. ୧୮୫୩, ପରଲୋକ ପ୍ରାପ୍ତି ଖ୍ରୀ. ୧୯୧୨ । ଏହାଙ୍କ ମାତୃଭୂମି ପୁରୀ ଜିଲ୍ଲା ଗୋପ ଗ୍ରାମ, ଏ ମରହଟ୍ଟା ଋଷିଙ୍କ ବଂଶରେ ଜନ୍ମଗ୍ରହଣ କରିଥିଲେ । ଏହାଙ୍କ ପିତା ଭାଗୀରଥି ରାଓ ଜଣେ ପୁଲିଶ୍ କର୍ମଚାରୀ ଥିଲେ । ଏ ପୁରୀ ସହରରେ ଏହାଙ୍କ ମାତୁଳାଳୟରେ ଜନ୍ମଗ୍ରହଣ କରିଥିଲେ ଏବଂ ଶୈଶବରେ ମାତୃଶୂନ୍ୟ ହୋଇଥିଲେ । ଏ ପ୍ରଥମେ ଗୋପ ଗ୍ରାମର ଚାଟଶାଳୀରେ, ତତ୍ପରେ ଭୁବନେଶ୍ୱର ସାହାଯ୍ୟପ୍ରାପ୍ତ ମାଇନର ସ୍କୁଲରେ କିଛି ଦିନ ପଢ଼ିବା ପରେ ପୁରୀ ଜିଲ୍ଲାସ୍କୁଲରେ ପଢ଼ିଲେ । ଛାତ୍ରାବସ୍ଥାରେ ତାଙ୍କର ବିଚକ୍ଷଣତା, ଭକ୍ତି, ଅଧ୍ୟୟନରେ ଅଭିନିବେଶ, ନୀତିମୟ ଜୀବନଯାପନ ଦେଖି ଶିକ୍ଷକ, ସ୍କୁଲ୍ ଇନ୍ସପେକ୍ଟର୍ ଓ ତଦାନୀନ୍ତନ ଜିଲ୍ଲା ମାଜିଷ୍ଟ୍ରେଟ୍ ବିମୁଗ୍ଧ ହୋଇଥିଲେ । ସେ ଏଣ୍ଟ୍ରାନ୍ସ ପରୀକ୍ଷା ଦେବାକୁ ପ୍ରସ୍ତୁତ ହେଉଥିବା ସମୟରେ ଓଡ଼ିଶାର ବିଖ୍ୟାତ ନଅଙ୍କ ଦୁର୍ଭିକ୍ଷ (ଖ୍ରୀ. ୧୮୬୬) ପଡ଼ିଲା ଓ ସେଥିରେ ଦୁର୍ଭିକ୍ଷ କ୍ଲିଷ୍ଟ ଅଞ୍ଚଳ ବୁଲି ସେ ସରକାରୀ ସାହାଯ୍ୟ ବିତରଣ କର୍ମରେ ଲାଗିଲେ । ତହିଁର ପର ବର୍ଷ ତାଙ୍କର ସାଂସାରିକ ପୀଡ଼ା ଯୋଗୁଁ ସେ ପରୀକ୍ଷା ଦେଇ ପାରି ନ ଥିଲେ । ତତ୍ ପରବର୍ଷ ୧୬ ବର୍ଷ ବୟସରେ ଏଣ୍ଟ୍ରାନ୍ସ ପାଶ୍ କରି ମଧୁସୂଦନ କଟକ କଲେଜକୁ ଅଧ୍ୟୟନ କରିବାକୁ ଆସିଲେ । କଲେଜର ପ୍ରୋଫେସର୍ ବ୍ରାହ୍ମଧର୍ମାବଲମ୍ବୀ ହରନାଥଭଟ୍ଟାଚାର୍ଯ୍ୟଙ୍କ ସହବାସ, ଧର୍ମଜୀବନ ଓ ଉପଦେଶ ତାହାଙ୍କୁ ଏକେଶ୍ୱରବାଦମୂଳକ ବ୍ରାହ୍ମଧର୍ମ ପ୍ରତି ଆକୃଷ୍ଟ କଲା । ୧୮ ବରଷ ବୟସରେ ସେ କଟକ କଲେଜରୁ ଏଫ୍. ଏ ପାସ୍ କରି ବି. ଏ ପଢ଼ିବା ପାଇଁ କଲିକତା ଯିବାକୁ କାମନା କରିଥିଲେ, କିନ୍ତୁ ତାଙ୍କ ପିତା ତାଙ୍କୁ କଲିକତା ଛାଡ଼ି ଦେବାକୁ ସମ୍ମତ ନ ହେବାରୁ ସେ ପ୍ରଥମେ ପୁରୀ ଜିଲ୍ଲାସ୍କୁଲର ତୃତୀୟ ଶିକ୍ଷକ ପଦ ଗ୍ରହଣ କଲେ । ତତ୍ପରେ ଯାଜପୁର ଓ ବାଲେଶ୍ୱରରେ ଶିକ୍ଷକତା କରି କଟକ କଲେଜିଏଟ୍ ସ୍କୁଲର ତୃତୀୟ ଶିକ୍ଷକ, କଟକ ଜିଲ୍ଲାର ସ୍କୁଲ ସମୂହର ଡେପୁଟି ଇନ୍ସପେକ୍ଟର, କଟକ ଟ୍ରେନିଙ୍ଗ୍ ସ୍କୁଲର ଓ କଲେଜିଏଟ୍ସ୍କୁଲର ହେଡ୍ମାଷ୍ଟର ଓ ଶେଷକୁ ଓଡ଼ିଶା ଶିକ୍ଷାବିଭାଗର ଇନ୍ସପେକ୍ଟର ହୋଇଥିଲେ । ତାଙ୍କର ସ୍ମୃତିଶକ୍ତି ପ୍ରଖର ଥିଲା ଓ ଅବସର ସମୟରେ ସେ ଧର୍ମଶାସ୍ତ୍ର, ସାହିତ୍ୟ ଆଦି ଅଧ୍ୟୟନ କରୁଥିଲେ । ସେ କୌଣସି ବଡ଼ କାବ୍ୟ ରଚନା କରି ନାହାନ୍ତି । ତାଙ୍କ ଗଦ୍ୟ ପ୍ରବନ୍ଧ ମାଳା, ପଦ୍ୟ କବିତାବଳି, ଛନ୍ଦମାଳା, କୁସୁମାଞ୍ଜଳି, ବସନ୍ତ ଗାଥା, କର୍ଣ୍ଣବଧ କାବ୍ୟ, ସଙ୍ଗୀତମାଳା, ଶ୍ଳୋକଶ୍ଳୋକ, ସଂସ୍କୃତ ଉତ୍ତର ରାମଚରିତର ଅନୁବାଦ, ଚତୁର୍ଦ୍ଦଶପଦୀ କବିତା, ବିବିଧ କବିତା ଓ ଶିଶୁପାଠ୍ୟ ବର୍ଣ୍ଣବୋଧ, ତାଙ୍କର ବହୁତୋମୁଖୀ ପ୍ରତିଭାର ପରିଚୟ ପ୍ରଦାନ କରେ । ସେ ବାଲ୍ୟ କାଳରେ ପ୍ରତିଦିନ ଦେବ ଦର୍ଶନ ନ କରି ଜଳ ଗ୍ରହଣ କରୁ ନ ଥିଲେ । ଏଣ୍ଟ୍ରାନ୍ସ ପରୀକ୍ଷା ଦେବା ପୂର୍ବରୁ ପୁରୀଠାରେ ସ୍ୱପ୍ନରେ ଜଣେ ଜଟାଧାରୀ ଆଲୋକମୟ ପୁରୁଷଙ୍କୁ ଦେଖି ତାଙ୍କ ମୁଖରୁ 'ଓଁ' ଉଚ୍ଚାରିତ ହେବାର ଶୁଣି ମଧୁସୂଦନଙ୍କ ହୃଦୟରେ ଆଧ୍ୟାତ୍ମିକ ମହାଭାବ ପ୍ରଥମେ ଜାଗ୍ରତ ହୋଇଥିଲା । ପୁରୀଠାରେ ମଧୁସୂଦନ ପଢ଼ିବା ସମୟରେ କବିବର ରାଧାନାଥ ପୁରୀ ଜିଲ୍ଲାସ୍କୁଲର ଦ୍ୱିତୀୟ ଶିକ୍ଷକ ହୋଇଥିଲେ ଓ ବିଦ୍ୟାଳୟରେ ପଢ଼ାଇବା ଛଡ଼ା ସେ ମଧୁସୂଦନଙ୍କୁ ଘରେ ପଢ଼ାଉଥିଲେ । ରାଧାନାଥଙ୍କ ସହବାସ ଓ ସହଭ୍ରମଣରେ ମଧୁସୂଦନଙ୍କର କବିଜନୋଚିତ ଭାବୁକତାର ବୀଜ ଅଙ୍କୁରିତ ହୋଇଥିଲା । ନବ୍ୟ ଉତ୍କଳ ସାହିତ୍ୟରେ ଓ ଓଡ଼ିଆ ପାଠ୍ୟପୁସ୍ତକରେ ମଧୁସୂଦନଙ୍କୁ ନବଯୁଗର ଓ ମାର୍ଜିତରୁଚିର ପଥପ୍ରଦର୍ଶକ କହିଲେ ଅତ୍ୟୁକ୍ତି ହେବ ନାହିଁ । ତାଙ୍କର ଋଷିପ୍ରାଣେ ଦେବାବତରଣ, ଜୀବନଚିନ୍ତା, ଆକାଶ ପ୍ରତି, ଧ୍ୱନି, ଏ ସୃଷ୍ଟି ଅମୃତମୟ ହେ, ଆଶା, କବିତାମାନଙ୍କ ଆଧ୍ୟାତ୍ମିକ ଭାବୋଚ୍ଛ୍ୱାସ ଉତ୍କଳ ସାହିତ୍ୟରେ ଅତୁଳନୀୟ ଓ ଏପରି ମୌଳିକ ପବିତ୍ର କବିତା ମଧୁସୂଦନଙ୍କ ପୂର୍ବରୁ ଆଧୁନିକ ଓଡ଼ିଆ ସାହିତ୍ୟରେ ଦେଖାଯାଇ ନ ଥିଲା । ତାଙ୍କର ବର୍ଣ୍ଣବୋଧ ଓ ଛନ୍ଦମାଳା ଗତ ୫୦ ବର୍ଷ ହେବ ଉତ୍କଳର ଲକ୍ଷ ଲକ୍ଷ ବାଳକ ବାଳିକାଙ୍କର ଆଦରର ସାମଗ୍ରୀ ହୋଇଅଛି । ତାଙ୍କର ଆଦର୍ଶ ଧର୍ମଜୀବନ, ଆଦର୍ଶ ପାରିବାରିକ ଜୀବନ ଯେଉଁମାନେ ଦେଖିଅଛନ୍ତି ସେମାନେ ମୁଗ୍ଧ ହୋଇଅଛନ୍ତି । ସେ ୩୫ ବର୍ଷ କାଳ ଉତ୍କଳର ବ୍ରାହ୍ମସମାଜର ଆଚାର୍ଯ୍ୟ ଥିଲେ । ରାଧାନାଥ, ଫକୀରମୋହନ, ମ୍ୟାରିମୋହନ ଆଚାର୍ଯ୍ୟ ଓ ପ୍ୟାରିମୋହନ ସେନ, କୃଷ୍ଣନାଥ

କବି, ମିଷ୍ଟର ମଧୁସୂଦନ ଦାସ, ବାମଣ୍ଡାର ରାଜା ସୁଚଳ ଓ ସଚ୍ଚିଦାନନ୍ଦ, ମୟୂରଭଞ୍ଜ ମହାରାଜ ରାମଚନ୍ଦ୍ର, ମହାରାଜା ଚନ୍ଦ୍ରଶେଖର, ନନ୍ଦକିଶୋର ଦାସ, ଗୌରୀଶଙ୍କର, ରାମଶଙ୍କର ଆଦି ଉତ୍କଳର ପୁଣ୍ୟଶ୍ଳୋକ ମହାପୁରୁଷମାନେ ମଧୁସୂଦନଙ୍କ ସମସାମୟିକ ଥିଲେ ଓ ଆଧୁନିକ ସାହିତ୍ୟର ବହୁ ସେବକ ମଧୁସୂଦନଙ୍କ ଶିଷ୍ୟ ଓ ଭକ୍ତ ଥିଲେ । ତାଙ୍କର ପ୍ରତ୍ୟେକ କର୍ମ ସୁନୀତି, ସ୍ନେହ ଓ ଭକ୍ତିଦ୍ୱାରା ଉଦ୍ବୁଦ୍ଧିତ ହୋଇଥିଲା । ଏଥିପାଇଁ ଫକୀରମୋହନ ଗାଇଥିଲେ, 'ଆଦର୍ଶ ମନୁଷ୍ୟ ଯଦି ଦେଖିବାରେ ଇଚ୍ଛାଓ, ଧାଇଁ ଯାଅ ଦେଖିଆସ ଘରେ ମଧୁରାଓ ।' ଉତ୍କଳରେ ଉଚ୍ଚଶିକ୍ଷାର ବିସ୍ତାର ପାଇଁ ଝାହିକ୍ ଭିକ୍ଟୋରିଆ ସ୍କୁଲ୍ ସ୍ଥାପନ କରି ମଧୁସୂଦନ ଉତ୍କଳର ଯେଉଁ ମହୋପକାର କରିଅଛନ୍ତି ତାହା ଉତ୍କଳର ଇତିହାସରେ ସ୍ୱର୍ଣ୍ଣାକ୍ଷରରେ ଲିପିବଦ୍ଧ ହୋଇ ରହିବ । ମଧୁସୂଦନ ଆଜୀବନ ଶୂଳ ରୋଗରେ ବହୁ କଷ୍ଟ ଭୋଗ କରୁଥିଲେ । ସେ ମଧୁରପ୍ରକୃତି, ମିଷ୍ଟଭାଷୀ ଓ ଆଦର୍ଶ ଗୃହସ୍ଥ ଥିଲେ । ଶିକ୍ଷିତ ସମାଜରେ ମଧୁସୂଦନଙ୍କ ସ୍ଥାନ ସର୍ବୋଚ୍ଚ ଥିଲା । ଉତ୍କଳର ଶିକ୍ଷାକ୍ଷେତ୍ରରେ ଓ ସାହିତ୍ୟରେ ତାଙ୍କର ସୁନୀତି ନବ୍ୟ ଉତ୍କଳକୁ ପ୍ରଭାବିତ କରିଅଛି । ଆଧୁନିକ ଯୁଗରେ ବଙ୍ଗୀୟମାନଙ୍କ ମଧ୍ୟରେ ଉତ୍କଳ ସାହିତ୍ୟଭକ୍ତ ଶ୍ରୀଯୁକ୍ତ ବିଜୟଚନ୍ଦ୍ର ମଜୁମଦାର ତାଙ୍କର ଜ୍ୟେଷ୍ଠ ଜାମାତା । ତାଙ୍କ ଜ୍ୟେଷ୍ଠ ପୁଅ ରାୟ ବାହାଦୁର ଜୟନ୍ତ ରାଓ ଜଣେ ଖ୍ୟାତନାମା ଓ ସିଦ୍ଧହସ୍ତ ଡାକ୍ତର ( ସିଭିଲ ସର୍ଜନ୍ ) ରୂପେ କର୍ମ କରି ବର୍ତ୍ତମାନ ଅବସର ଗ୍ରହଣ କରିଅଛନ୍ତି । ତାଙ୍କର ଅନ୍ୟତମ ପୁତ୍ର ଶ୍ରୀମାନ୍ ସୁକାନ୍ତ ରାଓ ଏମ୍. ଏସ୍‌ସି. ଶିକ୍ଷା ବିଭାଗର ଉଚ୍ଚପଦସ୍ଥ ଅଧିକାର କରିଅଛନ୍ତି । ନବଯୁଗର ଉତ୍କଳ ସାହିତ୍ୟ କ୍ଷେତ୍ରରେ ମଧୁସୂଦନଙ୍କୁ ଭକ୍ତକବିଙ୍କ ସଙ୍ଗେ ଓ ରାଧାନାଥଙ୍କ, କାଳିଦାସଙ୍କ ସଙ୍ଗେ ତୁଳନା କରାଯାଇ ପାରେ । ]

ମଧୁସ୍ରବ—ସଂ. ବି—ମହୁଲ ଗଛ—
Madhusraba The Mahula tree.

ମଧୁସ୍ରବା—ସଂ. ବି—୧ । ମୂର୍ବା ( ଦେଖ )—1. Mūrbā ( See )
Madhusrabā [ ଉ—ଅପରାଜିତା ବକୁଳ-ବୃନ୍ଦ ତାରା ଫୁଲିତ ଏ ମଧୁସ୍ରବା ଲୋ । ] ୨ । ପିଣ୍ଡ ଖଜୁରୀ—2. A superior variety of dates.

ମଧୁହା—ସଂ.ବି (ମଧୁ+ହନ୍ ଧାତୁ+କର୍ତ୍ତୃ.କ୍ୱିପ୍)—୧ । ମଧୁରିପୁ; ବିଷ୍ଣୁ—
Madhuhā 1. Bishnu. ୨ । ଭ୍ରମର-2. The black bee.

ମଧୁହାରୀ—ସଂ.ବି—୧ । ମଧୁସୂଦନ; ବିଷ୍ଣୁ—1. Bishnu. [ଉ—
Madhuhārī ବାସରେ ବାସରେ ଋଷି ସଙ୍ଗ ମଧୁହାରୀ ସେ—ଭଞ୍ଜ. ବୈଦେହୀଶବିଳାସ । ] ୨ । ଭ୍ରମର—2. Black bee.

ମଧୂକ—ସଂ. ବି—ମହୁଲ ( ଗଛ ଓ ଫୁଲ ) ( ଦେଖ )
Madhūka Bassia Latifolia (tree and flower.)

ମଧୂକ ସୁରା—ସଂ. ବି—ମହୁଲରୁ ପ୍ରସ୍ତୁତ ମଦ—
Madhūka surā The wine extracted from Mahwa flowers.

ମଧୂଚ୍ଛିଷ୍ଟ—ସଂ. ବି ( ୬ଷ୍ଠୀ ତତ୍; ମଧୁ+ଉଚ୍ଛିଷ୍ଟ )—ମହମ—
Madhūchchhishta Bees-wax.

ମଧୂତ୍ଥ—ସଂ. ବି (ମଧୁ+ଉତ୍+ସ୍ଥା ଧାତୁ+କର୍ତ୍ତୃ.ଅ)—ମହମ—Bees-wax.
Madhūttha ( ମଧୂଚ୍ଛିଷ୍ଟ, ମଧୂକ—ଅନ୍ୟରୂପ )

ମଧୂତ୍ଥ ବର୍ତ୍ତିକା—ସଂ. ବି ( ଆଧୁନିକ ପ୍ରୟୋଗ )—ମହମବତି—
Madhūttha barttikā Wax candle.

ମଧୂତ୍ସବ—ସଂ. ବି—ମଦନୋତ୍ସବ ( ଦେଖ )
Madhūtsaba Madanotsaba ( See )

ମଧୂଳ—ସଂ. ବି—ଜଳମହୁଆ (ହି. ଶ)—Aquatic Mahwa.
Madhūla

ମଧୂଳିକା—ସଂ. ବି—ମଧୂଲୀ ନାମକ ଗୋଧୂମରୁ ପ୍ରସ୍ତୁତ ମଦ୍ୟ—
Madhūlikā 1. Wine distilled from a kind of wheat. ୨ । ଯଷ୍ଟିମଧୁ (ହି.ଶ)—2. Liquorice root. ୩ । ମୂର୍ବା (ହି. ଶ )—3. A kind of fibrous grass. ୪ । ଏକପ୍ରକାର ଛୋଟ ଦାନାବାଲା ଗହମ ( ହି. ଶ )—4. A small variety of wheat. ୫ । ଜଳଜ ମହୁଆ—5. Aquatic Mahwa. ୬ । ଏକପ୍ରକାର ବିଷାକ୍ତ ମାଛି ( ହି. ଶ )—6. A kind of poisonous flea.

ମଧୂଲୀ—ସଂ. ବି—୧ । ମଧ୍ୟପ୍ରଦେଶଜାତ ଏକପ୍ରକାର କ୍ଷୁଦ୍ର ଗୋଧୂମ—
Madhūlī 1. A species of small wheat grown in the Central Provinces of India. ୨ । ଆମ୍ବଗଛ ( ହି. ଶ )—2. The mango tree. ୩ । ଜଳଜ ମଧୁଯଷ୍ଟି ( ହି. ଶ )—3. A species of a aquatic liquorice.

ମଧ୍ୱକ—ସଂ. ବି ( ମଧୁ+ସଂଗ୍ରାହକାର୍ଥେ ଅକ )—ମହୁମାଛି (ହି ଶ)—
Madhwaka Bee.

ମଧ୍ୱରିଷ୍ଟ—ସଂ. ବି ( ମ. ପ. ଲୋ; ମଧୁ+ଅରିଷ୍ଟ )—ମଧୁମିଶ୍ରଣରେ
Madhwarishta ପ୍ରସ୍ତୁତ ଅରିଷ୍ଟବିଶେଷ—A kind of decoction of honey. [ ଦ୍ର—ଏହା ସଂଗ୍ରହଣୀ ରୋଗରେ ଉପକାରୀ—ହି. ଶ । ]

ମଧ୍ୱଳ—ସଂ. ବି ( ମଧୁ+ଅଳଂ )—ବାରମ୍ବାର ଓ ବହୁତ ମଦ୍ୟପାନ
Madhwala ( ହି. ଶ)—Repeated and excessive wine-drinking; drinkingbout.

ମଧ୍ୱାଚାରୀ—ସଂ. ବିଣ ( ଆଧୁନିକ ପ୍ରୟୋଗ; ମଧ୍ୱାଚାର୍ଯ୍ୟ+ଇନ୍; ୧ମା. ୧ବ )—ମଧ୍ୱାଚାର୍ଯ୍ୟଙ୍କ ପ୍ରବର୍ତ୍ତିତ ସମ୍ପ୍ରଦାୟ
Madhwāchārī ( ମାଧ୍ୱ—ଅନ୍ୟରୂପ ) ଭକ୍ତ—( a person ) Belonging to the religious sect started by Madhwāchārjya.

ମଧ୍ୱାଚାର୍ଯ୍ୟ—ସଂ. ବି ( ନାମ )—ଦକ୍ଷିଣ ଭାରତର ମଧ୍ୱାଚାରୀ ବା ମାଧ୍ୱ
Mādhwāchārjya ବୈଷ୍ଣବ ସମ୍ପ୍ରଦାୟର ପ୍ରତିଷ୍ଠାତା—Name

of a religious teacher of South India. [ ଦ୍ର—ଏ ଖ୍ରୀଷ୍ଟ ଦ୍ୱାଦଶ ଶତାବ୍ଦିରେ ଜୀବିତ ଥିଲେ । ଏହାଙ୍କ ମତରେ ଜୀବସ୍ୱରୂପଙ୍କଠାରୁ ଦେବତାମାନଙ୍କର ଓ ଜଗତର ସ୍ୱତନ୍ତ୍ର ହୋଇଅଛି । ଜୀବ ଓ ଈଶ୍ୱରଙ୍କର ପୃଥକ୍ ସତ୍ତା ଏ ସ୍ୱୀକାର କରୁଅଛନ୍ତି । ଏହାଙ୍କ ପ୍ରବର୍ତ୍ତିତ ଦର୍ଶନର ନାମ ପୂର୍ଣ୍ଣପ୍ରଜ୍ଞ ଦର୍ଶନ । ଏ ଅନେକ ବୈଷ୍ଣବଗ୍ରନ୍ଥ ଓ ଗୀତାର ଓ ଅନ୍ୟାନ୍ୟ ଅନେକ ଗ୍ରନ୍ଥର ଭାଷ୍ୟ ପ୍ରଣୟନ କରିଥିଲେ । ଏହାଙ୍କର ନାମ ପ୍ରଥମେ ବାସୁଦେବାଚାର୍ଯ୍ୟ ଥିଲା । କଥିତ ଅଛି ଯେ ଏ ବଦରିକାଶ୍ରମକୁ ଯାଇ ସେଠାରେ ବାସୁଦେବଙ୍କଠାରୁ ୮ଟି ଶାଳଗ୍ରାମ ପାଇଥିଲେ ଓ ଉକ୍ତ ୮ଟି ଶାଳଗ୍ରାମଙ୍କ ପୂଜା ନିମନ୍ତେ ଏ ଭାରତର ୮ ସ୍ଥାନରେ ୮ଟି ମଠ ସ୍ଥାପନ କରିଥିଲେ—ହି. ଶ । ]

ମଧ୍ୱାଧାର—ସଂ. ବି ( ୬ଷ୍ଠୀ ତତ୍; ମଧୁ+ଆଧାର )—ମହୁଫେଣା ( ହି. ଶ)—Bee-hive.
Madhwādhāra

ମଧ୍ୱାବାସ—ସଂ. ବି (୭ଷ୍ଠୀ ତତ୍; ମଧୁ+ଆବାସ)—ଆମ୍ବଗଛ (ହି.ଶ)—The mango tree.
Madhwābāsa

ମଧ୍ୱାଳୁ—ସଂ. ବି—ମହୁଆ ଆଳୁ ( ଦେଖ)—Mahuā ālu ( See )
Madhwālu

ମଧ୍ୱାସବ—ସ. ବି —୧ । ମଧୁରୁ ପ୍ରସ୍ତୁତ ସୁରା—1. Wine made from honey; mead wine. ୨ । ମହୁଲି ମଦ—2 Spirituous liquor made from the blossoms of Mahwa flower ( Bassia Latifolia ).
Madhwāsaba

ମଧ୍ୱାସବନିକ—ସ. ବି—ଶୁଣ୍ଡୀ; ଯେ ସୁରାପ୍ରସ୍ତୁତ କରି ବିକେ (ହି.ଶ)—A distiller and seller of wine.
Madhwāsabanika

ମଧ୍ୱିଜା—ସ. ବି—ମଦ୍ୟ; ମଦ ( ହି. ଶ )—Wine.
Madhwija

ମଧ୍ୟ—ସ. ବି ( ମନ୍ ଧାତୁ+କର୍ମ ଅ; ନିପାତନ; ଅଥବା ମ=ସୌନ୍ଦର୍ଯ୍ୟ +ଧା ଧାତୁ=ଧାରଣ କରିବା+କର୍ତ୍ତୃ ଅ; ନିପାତନ ) —୧ । ଅଣ୍ଟା; କଟିଦେଶ—1. The waist. ୨ । ମଝି; ଦୁଇ ଶେଷ ଭାଗର ମଧ୍ୟସ୍ଥଳ—2. Middle. ୩ । ଭିତର; ଅଭ୍ୟନ୍ତର; ଅନ୍ତର୍ଦେଶ—3. Inside. ୪ । ଅନ୍ତରାଳ—4. Interval; interstice. ୫ । ବିଶ୍ରାମ; ବିରାମ—5. Cessation; rest. ୬ । ତାଳ ବିଶେଷ—6. Name of a musical cadence. ୭ । ସଂଖ୍ୟା ବିଶେଷ; ଏକରେ ୧୬ଟା ଶୂନ୍ୟ ଦେଲେ ହେବା ସଂଖ୍ୟା—7. Ten thousand trillions in number. ୮ । ନୃତ୍ୟ ବିଶେଷ; ଖେମଟା ନାଚ—8. A kind of dance. ୯ । ଗ୍ରହର ଗତି ବିଶେଷ—9. A motion of a planet. ୧୦ । ହାତର ମଝି ଅଙ୍ଗୁଠି—10. Middle finger. ୧୧ । ପଶ୍ଚିମ ଦିଗ—11. The west. ୧୨ । ସୁଶ୍ରୁତ ମତେ ୧୬ ବର୍ଷ ଠାରୁ ୭୦ ବର୍ଷ ବୟସ ହେବା ପର୍ଯ୍ୟନ୍ତ ମନୁଷ୍ୟର ଅବସ୍ଥା ( ହି. ଶ )—12. The state of a person between the ages of 16 and 70 years. ୧୩ । ଭେଦ ( ହି. ଶ )—13. Difference. ବିଣ —୧ । ଅନ୍ତର୍ବର୍ତ୍ତୀ—1. Situate inside. ୨ । ଉପଯୁକ୍ତ; ନ୍ୟାଯ୍ୟ—2. Legitimate; proper; fit. ୩ । ଅଭ୍ୟନ୍ତରସ୍ଥ—3. Inner; internal. ୪ । ମଧ୍ୟମ—4. Middle-most. ୫ । ମଧ୍ୟବର୍ତ୍ତୀ—5. Intermediate ୬ । ଅଧମ; ଅନୁତ୍ତମ—6. Bad; not good. ଦେ. ଅ ( ସଂ. ଅପି )—୧ । ଅପିତ; ପୁନଶ୍ଚ, ଅଧିକ—1 Also; again. ୨ । କିନ୍ତୁ—2. But. ୩ । ଏବଂ—3. And. ( ଉ—ସ୍ୱପ୍ନଚନ୍ଦ୍ର ମଙ୍ଗରାଜ ଜଣେ ମଫସଲର ଜମିଦାର, ମଧ୍ୟ ମହାଜନ । ଫକୀରମୋହନ. ଛମାଣ ଆଠଗୁଣ । )
Madhya
(ମଧ୍ୟା—ସ୍ତ୍ରୀ)
ଓ
ମୀ
କିନ୍ତୁ
ଏବଂ

ମଧ୍ୟକ୍ଷୀଣ—ସଂ. ବିଣ. ପୁଂ ( ବହୁବ୍ରୀହି, ମଧ୍ୟ=କଟି ଅଟେ କ୍ଷୀଣ ଯାହାର )—କ୍ଷୀଣମଧ୍ୟ; ସରୁକଟିଯୁକ୍ତ—Having a slender waist.
Madhyakshiṇa
(ମଧ୍ୟକ୍ଷୀଣା—ସ୍ତ୍ରୀ)

ମଧ୍ୟଗତ—ସଂ. ବିଣ ( ୨ୟା ତତ୍ )—ମଧ୍ୟସ୍ଥିତ—Middle.
Madhyagata

ମଧ୍ୟଗନ୍ଧ ବର୍ଗ—ବି—ଜୀରାଆଦି ୧୬ଟି ଦ୍ରବ୍ୟ ( ଦ୍ରବ୍ୟଗୁଣ ଦ୍ରବ୍ୟଗୁଣ )—16 condiments beginning with cumin seed.
Madhyagandha barga

ମଧ୍ୟତଃ—ସଂ. ଅ—୧ । (ମଧ୍ୟ+ତସ୍) ମଧ୍ୟେ; ମଧ୍ୟରେ—1. In; inside of. ୨ । ମଧ୍ୟରୁ—2. From inside.
Madhyataḥ

ମଧ୍ୟଦେଶ—ସଂ. ବି—୧ । କୌଣସି ବସ୍ତୁର ମଧ୍ୟଭାଗ—1. The central part of a thing. ୨ । କଟିଦେଶ; ଅଣ୍ଟା—2 The waist. ୩ । ଭାରତର ମଧ୍ୟପ୍ରଦେଶ—3. The Central Provinces of India. ୪ । ହିମାଳୟ ଓ ବିନ୍ଧ୍ୟାଚଳର ମଧ୍ୟବର୍ତ୍ତୀ ଦେଶ—4. The country between the Himalayas and the Bindhya range. [ ଦ୍ର—ଏହାର ପୂର୍ବରେ ପ୍ରୟାଗ ଓ ପଶ୍ଚିମରେ କୁରୁକ୍ଷେତ୍ର । ମନୁ ୨।୨୧ ]
Madhyadesa

ମଧ୍ୟଦେହ—ସ. ବି ( ୬ଷ୍ଠୀ ତତ୍; ଦେହ+ମଧ୍ୟ; ପରନିପାତ )—ଉଦର; ପେଟ ( ହି. ଶ )—Belly.
Madhyadeha

ମଧ୍ୟନ୍ଦିନ—ସ. ବି ( ୬ଷ୍ଠୀ ତତ୍; ଦିନ+ମଧ୍ୟଂ; ପୂର୍ବପଦର ପର ନିପାତ )—ମଧ୍ୟାହ୍ନ—Noon.
Madhyandina

ମଧ୍ୟନ୍ଦିନ ରେଖା—ସ. ବି ( ଆଧୁନିକ ଭୂଗୋଳ ପାରିଭାଷିକ )—ଦ୍ରାଘିମା ରେଖା; ଯେଉଁ କଳ୍ପିତ ରେଖା ବିଷୁବରେଖାକୁ ଛେଦି ଲମ୍ବଭାବରେ ଉଭୟ ମେରୁକୁ ସ୍ପର୍ଶ କରୁଅଛି—Longitudinal line.
Madhyandina rekhā

ମଧ୍ୟପଦଲୋପୀ ସମାସ—ସ. ବି —ସମାସଗଠନକାରୀ ପଦମାନଙ୍କ ମଧ୍ୟରୁ ଯେଉଁ ସମାସର ମଧ୍ୟସ୍ଥ ପଦ ଲୋପ ହୋଇ
Madhyapadalop samāsa
(ମଧ୍ୟମପଦଲୋପୀ—ଅନ୍ୟରୂପ)

ଲୁପ୍ତ—A compound in which the midmost word disappears. (ଯଥା—ସ୍ୱର୍ଣ୍ଣନିର୍ମିତ ମୁଦ୍ରା= ସ୍ୱର୍ଣ୍ଣମୁଦ୍ରା । ଏସନ୍ଧିରେ ଏଥିର ସାଙ୍କେତିକ, ମ. ପ. ଲୋ ।)

ମଧ୍ୟ ପାଣ୍ଡବ—ସଂ. ବି (ସ. ବେ)—ଅର୍ଜୁନର ଏକଅର୍ଥ ମୟୂର ଥିବାରୁ Madhya pāndaba ମୟୂର—Peacock. (ଉ—ବନେ ତାଣ୍ଡବ (ମଧ୍ୟମପାଣ୍ଡବ—ଅନ୍ୟରୂପ) ମଧ୍ୟ ପାଣ୍ଡବ ବନ୍ଧପିଞ୍ଛିରେ ମାର୍ଜାର ଭଳ । ଗାନକୃଷ୍ଣ. ଉଷାକଲ୍ଲୋଳ ।) ସଂ. ବି—ଅର୍ଜୁନ—Arjuna.

ମଧ୍ୟ ପାତ୍ର—ଦେ. ବି—ରାଜଦୂତ; ଦୁଇ ରାଜାଙ୍କ ମଧ୍ୟସ୍ଥ ଦୂତ—Madhya pātra Ambassador.

ମଧ୍ୟ ପ୍ରାଚ୍ୟ ଦେଶ—ସ. ବି (ଅଧୁନିକ ପ୍ରୟୋଗ)—ପାରସ୍ୟ, Madhya prāchya desa ଅଫଗାନିସ୍ତାନ ଆଦି ଦେଶ—The middle eastern countries. [ଦ୍ର—ପାଶ୍ଚାତ୍ୟମାନେ ଇଉରୋପ ଦୃଷ୍ଟିରେ ଆରବ, ତୁରସ୍କଆଦିକୁ ନିକଟ ପ୍ରାଚ୍ୟ ଦେଶ, ପାରସ୍ୟ, ଅଫଗାନିସ୍ତାନ ଆଦିକୁ ମଧ୍ୟ ପ୍ରାଚ୍ୟଦେଶ ଓ ଭାରତ, ବ୍ରହ୍ମ, ଚୀନ, ଜାପାନ ଆଦିକୁ ଅନ୍ତ ପ୍ରାଚ୍ୟ ଦେଶ କହନ୍ତି ।]

ମଧ୍ୟବର୍ତ୍ତିତା—ସଂ. ବି (ମଧ୍ୟବର୍ତ୍ତିନ୍+ଭାବ. ତା)—୧ । ମଧ୍ୟରେ Madhyabarttitā ଅବସ୍ଥିତ ହେବା ଅବସ୍ଥା—1. The state of being situated in the middle. ୨ । ମଧ୍ୟସ୍ଥତା; ଭିଲପ୍ଲେଦ—2. Arbitration; umpireship.

ମଧ୍ୟବର୍ତ୍ତୀ—ସଂ. ବିଣ (ମଧ୍ୟ+ବୃତ୍ ଧାତୁ+ଇନ୍; ୧ମା. ୧ବ)—Madhyabartti ୧ । ମଧ୍ୟରେ ଅବସ୍ଥିତ—1. Situated in the middle. ୨ । କେନ୍ଦ୍ରସ୍ଥ—2. Central. ବି. ପୁଂ—ମଧ୍ୟସ୍ଥ; ସାଲିସ—Arbitrator; mediator. umpire.

ମଧ୍ୟ ବିତ୍ତ—ସଂ. ବିଣ. ପୁଂ—ଯେ ଅତି ଧନୀ ନୁହେଁ ବା ଅତି ଗରିବ Madhya-bitta ନୁହେଁ—Neither rich nor poor; of (ମଧ୍ୟବିତ୍ତା—ସ୍ତ୍ରୀ) middling circumstances; belonging to the middle moneyed class.

ମଧ୍ୟ ଭଲି—ଦେ. ବିଣ—ମଧ୍ୟମ ପ୍ରକାରର—Middling; medium. Madhya bhali [ଉ—ମୂର୍ଖ ପଣ୍ଡିତଙ୍କର ହେଉଅଛି ଯୁଦ୍ଧ, (ମଧ୍ୟଭଲିଆ—ଅନ୍ୟରୂପ) ବୁଝିଲେ ମଧ୍ୟଭଳି ଲୋକପାଏ ଦୁଃଖ । মাঝারি রকমের মধ্যোল কୃଷ୍ଣସିଂହ, ମହାଭାରତ. ଶାନ୍ତି ।]

ମଧ୍ୟମ—ସଂ. ବି—୧ । ମଝି ମଝିଆ; ମଧ୍ୟ ଭଳିଆ—1. Middling; Madhyama of medium kind. ୨ । ମଝିଆଁ—মধ্যম 2. Middlemost. ୩ । ଦୁଇଟିର ମଧ୍ୟରେ ସ୍ଥିତ—मध्यम 3. Intermediate; situate between two. ୪ । ଉତ୍ତମ ନୁହେଁ ବା ଅଧମ ନୁହେଁ; ଭଲ ନୁହେଁ ବା ମନ୍ଦ ନୁହେଁ—4. Neither good nor bad. ୫ । ମଝିମଝିଆ; ଚଳନସହ—5. Tolerable; passable. ୬ । ଯାହା ଅତି ବଡ଼ ନୁହେଁ ବା ଅତି ସାନ ନୁହେଁ—6. Neither very big nor very small; of middle stature or size. ବି—୧ । ସଙ୍ଗୀତରେ ସପ୍ତସ୍ୱର ମଧ୍ୟରୁ ଚତୁର୍ଥ ସ୍ୱର 'ମା'—1.The fourth tune in the gamut of Hindu musical notes. [ଦ୍ର—ଏହା ମୟୂରର ସ୍ୱରରୂପେ କଳ୍ପିତ ।] ୨ । ମୃଗ ବିଶେଷ—2. A speciesof deer (of medium size). ୩ । କାବ୍ୟ ନାଟକାଦିର ନାୟକବିଶେଷ—3. A class of heroes or lovers depicted in fiction. [ଦ୍ର—ନାୟିକାର କ୍ରୋଧ ଦେଖି ସେ ଅପଣାର ଅନୁରାଗ ନାୟିକା ନିକଟରେ ପ୍ରକଟିତ କରେ ନାହିଁ ଓ ନାୟିକାର ଚେଷ୍ଟାରୁ ନାୟିକାର ମନୋଭାବ ଠଉରାଇ ପାରେ, ସେ ମଧ୍ୟମନାୟକ ହି. ଶ।] ୪ । ମଧ୍ୟଦେଶ .(ହି. ଶ) (ଦେଖ)—4. Madhya desa (See) ଦେ. ବି—୧ । ପ୍ରାଚୀନ ଜଳଯାନବିଶେଷ—1. A kind of ancient vessel. [ଦ୍ର—ଭୋଜ ରାଜାଙ୍କ 'ଯୁକ୍ତି କଳ୍ପତରୁ' ପୁସ୍ତକରେ ଏହାର ବିଶେଷ ବିବରଣ ଦ୍ରଷ୍ଟବ୍ୟ । ଜଗବନ୍ଧୁ. ପ୍ରାଚୀନ ଉତ୍କଳ ।] ୨ । ମନ୍ଦ କଥା ବା ବିଷୟ—2. Bad words or matter. (ଯଥା—ମୁଁ ତାଙ୍କୁ କେତେ ଉତ୍ତମ ମଧ୍ୟମ ଦେଇ ବିଦାୟ କଲି=ମୁଁ ତାଙ୍କୁ ମାଡ଼ ଗାଳି ଦେଇ ବିଦା କଲି ।) ଦେ. ବିଣ—ମନ୍ଦ—Bad.

ମଧ୍ୟମ କାବ୍ୟ—ସଂ. ବି—ଯେଉଁ କାବ୍ୟରେ ବାଚ୍ୟାର୍ଥ ଅପେକ୍ଷା Madhyama kābya ବ୍ୟଙ୍ଗ୍ୟାର୍ଥର ଚମତ୍କାରିତା ଅଧିକ ନୁହେଁ ବା ବ୍ୟଙ୍ଗ୍ୟାର୍ଥ ବାଚ୍ୟାର୍ଥର ଚମତ୍କାରିତାକୁ ବଳାଏ ନାହିଁ—A literary production in which the suggestive or hidden meaning does not excel or surpass the real meaning.

ମଧ୍ୟମ ଖଣ୍ଡ—ଦେ. ବି—(ବୀଜଗଣିତ ପାରିଭାଷିକ)—ସମୀକରଣର ମଧ୍ୟ Madhyama khanda ପକ୍ଷ—The middle term of an algebraic equation.

ମଧ୍ୟମ ଗ୍ରାମ—ସଂ. ବି—ସଙ୍ଗୀତର ସ୍ୱରଗ୍ରାମର ମଧ୍ୟମ ସ୍ୱର; 'ମା'—Madhyama grāma The middle or the 4th tune of the Hindu gamut.

ମଧ୍ୟ ମଣି—ସଂ. ବି—(ମଧ୍ୟରେ ସ୍ଥାପିତ ମଣି; ମ. ପ. ଲୋ; କର୍ମଧା)—Madhya mani ହାର ଆଦି ଅଳଙ୍କାରର ମଧ୍ୟସ୍ଥଳରେ ସ୍ଥାପିତ ଗ୍ରୀବରତ୍ନ ରତ୍ନ—A central gem; a gem set in the middle of a necklace or other ornament.

ମଧ୍ୟ ମନ୍ଦିର—ଦେ. ବି—(ସ. ମଧ୍ୟ+ମନ୍ଦିର)—ଏକ ଜାତୀୟ ପ୍ରାଚୀନ Madhya mandirā ଅର୍ଣ୍ଣବପୋତ—A kind of ancient sea-going vessel. [ଦ୍ର—ଏ ପୋତର ମଧ୍ୟଭାଗରେ ରାଜାଙ୍କ ବସିବା ନିମିତ୍ତ ମନ୍ଦିର ନିର୍ମିତ ଥିବାରୁ ସମ୍ଭବତଃ ଏହି ନାମ ହୋଇଅଛି । ଏଥିରେ ରାଜାମାନେ ବିଶେଷତଃ

ବର୍ଷାକାଳରେ ଯାତାୟାତ କରୁଥିଲେ । ଜ୍ୟୋତିଷଗ୍ରନ୍ଥ ପ୍ରଣୀତ 'ଯୁକ୍ତିକଳ୍ପତରୁ' ଦ୍ରଷ୍ଟବ୍ୟ । ଜଗତର ପ୍ରାଚୀନତତ୍ତ୍ୱ ।]

ମଧ୍ୟମ ପାଣ୍ଡବ—ସଂ. ବି—ଅର୍ଜୁନ—Arjuna; the 3rd
Madhyama pāṇḍaba Pāṇḍaba brother.

ମଧ୍ୟମ ବୟସ—ସଂ. ବି—ପ୍ରୌଢ଼ ବୟସ; ଅଧା ବୟସ—The middle
Madhyama bayasa age; the meridian of life. [ଦ୍ର—୪୦ ବର୍ଷ ବୟସ । ]

ମଧ୍ୟମ ବୟସ୍କ—ସଂ. ବିଣ. ପୁଂ (ମଧ୍ୟମ+ବୟସ୍+କ)—ଅଧା ବୟସିଆ;
Madyama bayaska ପ୍ରୌଢ଼—Of middle age.
(ମଧ୍ୟମବୟସ୍କା—ସ୍ତ୍ରୀ) (ମଧ୍ୟବୟସ୍କ—ଅନ୍ୟରୂପ)

ମଧ୍ୟମ ଲୋକ—ସଂ. ବି—(ସ୍ୱର୍ଗ ଓ ପାତାଳର ମଧ୍ୟବର୍ତ୍ତୀ ଲୋକ) ପୃଥିବୀ;
Madhyama loka ଭୂମଣ୍ଡଳ; ମର୍ତ୍ତ୍ୟଲୋକ—The earth.
(ମଧ୍ୟଲୋକ—ଅନ୍ୟରୂପ)

ମଧ୍ୟମ ଲୋକପାଳ—ସଂ. ବି—ଭୂପାଳ; ମହୀପତି—A king.
Madhyama lokapāḷa (ମଧ୍ୟଲୋକପାଳ—ଅନ୍ୟରୂପ)

ମଧ୍ୟମ ସାହସ—ସଂ. ବି—ପଞ୍ଚଶତ ପଲ ପରିମାଣ ଅର୍ଥଦଣ୍ଡ (ମନୁ
Madyama sāhasa ୮।୧୩୮)—A fine amounting to 500 Paḷas in weight. [ଦ୍ର—ଏକ ଭାର୍ଷ ବା ୮୦ ରତି ପରିମିତ ତମ୍ବାକୁ ଏକ ପଣ ବା ତାମ୍ରିକ କାର୍ଷାପଣ ବୋଲାଯାଏ (ମନୁ ୮।୧୩୬) । ଅଢ଼େଇଶତ ପଣ ଅର୍ଥଦଣ୍ଡକୁ ପ୍ରଥମସାହସ, ପଞ୍ଚଶତ ପଣକୁ ମଧ୍ୟମସାହସ ଓ ସହସ୍ର ପଣକୁ ଉତ୍ତମ ସାହସ ବୋଲାଯାଏ । (୮।୧୩୮) ।]

ମଧ୍ୟମା—ସଂ. ବିଣ. ସ୍ତ୍ରୀ.—ମଧ୍ୟମ (ଦେଖ)—Madhyama (See).
Madhyamā (ଉ—ଉର୍ଣ୍ଣ ଧବଳ ଦେହ ବସଇ ମଧ୍ୟମା । ପ୍ରାଚୀ; ବ୍ରହ୍ମଜରୂପଣ ଗୀତା ) ସଂ. ବି—୧ । ଦୃଷ୍ଟରଜା ସ୍ତ୍ରୀ ଋତୁମତୀ ହୋଇଥିବା ନବଯୁବତୀ—1. A newly menstruated girl. ୨ । ମଝି ଅଙ୍ଗୁଠି—2. Middle finger. ୩ । ମଧ୍ୟରେ ଫୁଟିଥିବା କଢ଼ି—3. A central blossom.

ମଧ୍ୟମାନ—ସଂ. ବି—ସଙ୍ଗୀତର ତାଳବିଶେଷ—Name of a
Madhya māna musical cadence. [ଦ୍ର—ଏଥିରେ ୮ ତୁଷ୍ଟ ଅଥବା ୪ ସାର୍ଦ୍ଧମାତ୍ରା ଥାଏ ଓ ୩ ଅଘାତ ଓ ୧ ଖାଲି ଥାଏ । ଏଥିର ତବଲାର ବୋଲ୍ଟ—ଧା ଧିନ୍ ତାକ୍ ଧିନ୍; ଧା ଧିନ୍ ତାକ୍ ଧିନ୍, ଧାଗିନ୍ ତାକ୍ ତିନ୍, ତା ଧିନ୍ ତାକ୍ ଧିନ୍ ଧା—ହି. ଶ. ] ଦେ. ବିଣ—
मझारी ମଧ୍ୟଭଳିଆ—Of mediocre size. ( ଉ—ସାର୍ଦ୍ଧ
मझोला ବା ପ୍ରତି ପୁଷ୍କରିଣୀ, ଉଚ୍ଚ ବା ଓଚ୍ଚ ମଧ୍ୟମାନ । ଭୂପତି. ପ୍ରେମପଞ୍ଚାମୃତ । )

ମଧ୍ୟମିକ—ସଂ. ବିଣ ( ମଧ୍ୟମ+ଇକ )—ମଧ୍ୟମ—
Madhyamik (ମଧ୍ୟମିକା—ସ୍ତ୍ରୀ) Middle.

ମଧ୍ୟମିକା—ସଂ. ବି. ସ୍ତ୍ରୀ (ମଧ୍ୟମା+ସ୍ୱାର୍ଥେ. କ)—ମଧ୍ୟମା; ନବଯୁବତୀ
Madhyamikā —A girl arrived at her puberty.

ମଧ୍ୟ ଯମକ—ସଂ. ବି—ଶବ୍ଦାଳଙ୍କାର ବିଶେଷ—A kind of figure
Madhya jamaka of speech. [ଦ୍ର—ବାକ୍ୟ ମଧ୍ୟରେ ଭିନ୍ନାର୍ଥବୋଧକ ଏକ ଶବ୍ଦର ପୁନଃ ପୁନଃ ବ୍ୟବହାରରେ ଏହି ଅଳଂକାର ହୁଏ । ] (ଉ—ରୂଳେ ରାମ ରାମ ରାମ-ରେଣୀ ସେନ ବଳେ । ଉପ. ବୈଦେହୀଶବିଳାସ ।)

ମଧ୍ୟ ରାତ୍ର—ସଂ. ବି (ରାତ୍ରିର ମଧ୍ୟ; ମଧ୍ୟ+ରାତ୍ରି)—ରାତି ଅଧ; ଅଧ ରାତି;
Madhya rātra ନିଶୀଥ—Midnight; the dead of night.

ମଧ୍ୟ ରାତ୍ରି—ଦେ. ବି (ସଂ. ମଧ୍ୟ ରାତ୍ର)—ରାତି ଅଧ—
Madhya rātri Midnight.

ମଧ୍ୟରୁ—ଦେ. ଅ—୧ । ଭିତରରୁ—1 From inside of.
Madhyaru ୨ । (ବହୁଙ୍କ) ଭିତରୁ—2. Out of (many).
मध्ये मद्धे, बीचसे (ମଧ୍ୟୁଁ—ଅନ୍ୟରୂପ)

ମଧ୍ୟରେ—ଦେ. ଅ (ସଂ. ମଧ୍ୟେ)—୧ । ଭିତରେ—1. Inside of;
Madhyare in; within; in the midst of. ୨ । ଦୁଇ
मध्ये, माझे ବସ୍ତୁ ବା ବ୍ୟକ୍ତି ମଧ୍ୟରେ—2. Between two.
मधर्में, बीचमें ୩ । ଅନେକଙ୍କ ଭିତରେ—3. Amongst many; amidst many. ୪ । ଅମୁକ ସମୟରେ—4. Within the time or period of. ୫ । ଅଧିକନ୍ତୁ—5. Moreover. (ଉ—ତାଙ୍କ ତାମ୍ବୁଲ ଯୋଗାନ୍ତି, ମଧ୍ୟରେ ସେବକ ବୋଲନ୍ତି । ଜଗନ୍ନାଥ. ଭାଗବତ ।)

ମଧ୍ୟ ରେଖା—ସଂ. ବି—( ଗଣିତ ଜ୍ୟୋତିଷ ଓ ଭୂଗୋଳ )—ଉତ୍ତର
Madhya rekhā ଧ୍ରୁବ ଓ ଦକ୍ଷିଣ ଧ୍ରୁବ ଭେଦ କରୁଥିବା
(ମଧ୍ୟ ସୂତ୍ର—ଅନ୍ୟରୂପ) କଳ୍ପିତ ରେଖା ( ହି. ଶବ୍ଦସାଗର )—(astrology and geography) An imaginary line passing through the north and south poles.

ମଧ୍ୟରେ ମଧ୍ୟରେ—ଦେ. ଅ—୧ । ମଝିରେ ମଝିରେ; କିଛି ସମୟ ଛାଡ଼ି
Madhyare madhyare ଛାଡ଼ି—1. At intervals.
मावे मावे ୨ । ସମୟେ ସମୟେ—2. At times.
बीच बीचमें

ମଧ୍ୟସ୍ଥ—ସଂ. ବିଣ ( ମଧ୍ୟ+ସ୍ଥା ଧାତୁ+କର୍ତ୍ତୃ. ଅ )—୧ । ମଧ୍ୟବର୍ତ୍ତୀ;
Madhyastha ମଧ୍ୟରେ ଅବସ୍ଥିତ—1. Situated in the
(ମଧ୍ୟସ୍ଥା—ସ୍ତ୍ରୀ) middle. ୨ । ଅନ୍ତରସ୍ଥ—2. Inner. ୩ । କେନ୍ଦ୍ରସ୍ଥ—3. Central. ୪ । ଯେ କୌଣସି ପକ୍ଷରେ ଲିପ୍ତ ନୁହେଁ; ଉଦାସୀନ—4. Not concerned with any of the parties; neutral. ୫ । ଯେ ଆପଣାର ହାନି ନ କରି ଅନ୍ୟର ଉପକାର କରେ (ହି.ଶ)-5. Doing good to others without injuring one's interest. ସଂ. ବି—ଦୁଇ ଜଣଙ୍କ ମଧ୍ୟରେ ବିବାଦ ମୀମାଂସାକାରୀ ବ୍ୟକ୍ତି; ମାଲିସ—Arbitrator; umpire.

ମଧ୍ୟସ୍ଥତା—ସଂ. ବି—୧ । ମଧ୍ୟବର୍ତ୍ତିତା—1. The state of being
Madhyasthatā situated in the middle. ୨ । ଉଦା-

ଲୋକ; ପଞ୍ଚାଏତ —2. Arbitration; mediation.
୩ । ଉଦାସୀନତା—3. Neutrality.

ମଧ୍ୟସ୍ଥତା କରିବା—ଦେ. କ୍ରି —ଭଲଲୋକ କରିବା; କୌଣସି ବିବାଦକୁ
Madhyasthatā karibā ଅପୋଷରେ ମୀମାଂସା କରିବା—
মধ্যস্থতা করা To arbitrate; to decide a matter
মধ্যস্থতা করনা in dispute by arbitration.

ମଧ୍ୟ ସ୍ଥଳ(ଳୀ)—ସଂ.ବି [କର୍ମଧା; ମଧ୍ୟ+ସ୍ଥଳ(ଳୀ)]—୧ । ମଝିଭାଗ—
Madhya sthaḻa(ḻi) 1. The middle part. ୨ । ଦୁଇ
ସୀମାର ବା ଦୁଇ ଖଣ୍ଡର ମଝି—2. Midway.
୩ । କେନ୍ଦ୍ର—3. Centre. ୪ । ଅନ୍ତଃସ୍ଥଳ; ଭିତର—
4. Inside. ୫ । ଅଣ୍ଟା—5. Waist.

ମଧ୍ୟସ୍ଥିତ—ସଂ. ବିଣ (୭ମୀ ତତ୍; ମଧ୍ୟ+ସ୍ଥିତ)—୧ । ମଧ୍ୟସ୍ଥଳରେ ସ୍ଥିତ-
Madhyasthita 1. Situate in the middle.
୨ । ଅଭ୍ୟନ୍ତରସ୍ଥ—2. Inner. ୩ । ଦୁଇ ବସ୍ତୁର ମଧ୍ୟ
ଭାଗରେ ଥିବା—3. Situate between two things.

ମଧ୍ୟା—ସଂ. ବିଣ. ସ୍ତ୍ରୀ ( ମଧ୍ୟ+ସ୍ତ୍ରୀ. ଆ )—ମଧ୍ୟର ସ୍ତ୍ରୀଲିଙ୍ଗ—
Madhyā Feminine of Madhyā. ଦେ. ବି—୧ ।
ନାୟିକାବିଶେଷ—1. A class of heroines.
[ଦ୍ର—ଯେ ଅତି ପ୍ରଗଲ୍ଭା ବା ଅତି ଧୀର ନୁହେଁ ଏବଂ ଯାହାର
ଲଜ୍ଜା ଓ କାମ ସମାନ ଅଟେ ତାକୁ ମଧ୍ୟା ବୋଲାଯାଏ—
ହି. ଶ] ୨ । ଗ୍ରହର ଗତି ବିଶେଷ—2. A particular
motion of a planet. ୩ । ମଧ୍ୟମାଙ୍ଗୁଳି—
3. Middle finger. ୪ । ଚ୍ଛନ୍ଦର ବୃତ୍ତିବିଶେଷ—
4. A metre of 3 letters. [ଦ୍ର—ଏଥିର ପ୍ରତ୍ୟେକ
ଚରଣରେ ୩ଟି ମାତ୍ର ଅକ୍ଷର ଥାଏ—ହି. ଶ]

ମଧ୍ୟାନୁପ୍ରାସ—ସଂ. ବି—ଚିତ୍ର ରଚନା ବିଶେଷ—A kind of
Madhyānuprāsa alliteration.
[ଦ୍ର—ଧାଡ଼ିର ଦୁଇ ମୁଣ୍ଡ ଛଡ଼ା ଅନ୍ୟତ୍ର ଅନୁପ୍ରାସ ଯୁକ୍ତ
ରଚନାକୁ ମଧ୍ୟାନୁପ୍ରାସ ବୋଲାଯାଏ, ଯଥା—ଅବା କବ
ରମଣୀ ମଣି ତୋ ଗୁଣ ଗୁଣି ଗୁଣି ଏ ଭାବ ର ମୋ ଯିବ ।
ଅଭିମନ୍ୟୁ. ବିଦଗ୍ଧ ଚିନ୍ତାମଣି ।]

ମଧ୍ୟାହ୍ନ—ସଂ. ବି (ମଧ୍ୟ+ଅହନ୍; ଅହ୍ନଃ=ଦିନର+ମଧ୍ୟ=ମଧ୍ୟ ଭାଗ;
Madhyāhna ୬ଷ୍ଠୀ ତତ୍; ପୂର୍ବ ପଦର ପରନିପାତ )—
୧ । ଦ୍ୱିପ୍ରହର—1. Midday; noon. ୨ । (ବୈଦିକ
ଗଣନା ମତେ) ଦିନକୁ ୩ ଭାଗ କଲେ ତହିଁ ମଧ୍ୟରୁ ୨ୟ
ଭାଗ; ଦିନ ପ୍ରାୟ ୧୦ଟା ଠାରୁ ୨ଟା ପର୍ଯ୍ୟନ୍ତ କାଳ;
ଦିବସର ଅଷ୍ଟମ ମୁହୂର୍ତ୍ତ—2. The middle portion
of the day divided into 3 divisions.
୩ । ଭୁକ୍ତପକାଳ (ସ୍ମୃତି ମତେ) ଦିବସର ପାଞ୍ଚ ଭାଗରୁ
ତୃତୀୟ ଭାଗ—3. The 3rd division of the day
divided into 5 divisions. [ଦ୍ର—ପୂର୍ବାହ୍ଣ ଓ
ଅପରାହ୍ଣ ଶବ୍ଦମାନଙ୍କରେ 'ହ'ର ପରଃବର୍ତ୍ତିତା ଯୋଗୁ
ଣତ୍ୱବିଧି ଅନୁସାରେ ଶେଷ ବର୍ଣ୍ଣ 'ହ୍ଣ' ହୁଏ, କିନ୍ତୁ ମଧ୍ୟାହ୍ନ,
ସାୟାହ୍ନ ଶବ୍ଦରେ ଶେଷ ବର୍ଣ୍ଣ 'ହ୍ନ' ହେବ, କାରଣ ଏ ଶବ୍ଦ
ଦ୍ୱୟରେ 'ର' ଅକ୍ଷରର ସତ୍ତ୍ୱ ନାହିଁ ।]

ମଧ୍ୟାହ୍ନ କାଳ—ସଂ. ବି (କର୍ମଧା)—ଦିବା ଦ୍ୱିପ୍ରହର; ମଧ୍ୟାହ୍ନ (ଦେଖ)
Madhyāhna kāḻa Noon; Madhyāhna (See)
(ମଧ୍ୟାହ୍ନ ବେଳା, ମଧ୍ୟାହ୍ନ ସମୟ—ଅନ୍ୟରୂପ)

ମଧ୍ୟାହ୍ନ କାଳୀନ—ସଂ. ବିଣ ( ମଧ୍ୟାହ୍ନକାଳ+ଈନ )—୧ । ମଧ୍ୟାହ୍ନ
Madhyāhna kāḻina ସମ୍ବନ୍ଧୀୟ—1. Relating to
noon. ୨ । ମଧ୍ୟାହ୍ନରେ ଘଟିବା—2. Happening at
noon. ୩ । ମଧ୍ୟାହ୍ନରେ କର୍ତ୍ତବ୍ୟ—3. Performable at noon.

ମଧ୍ୟାହ୍ନ ତପନ—ସଂ. ବି (ମ. ପ. ଲୋ; ମଧ୍ୟାହ୍ନ କାଳୀନ ତପନ)—
Madhyāhna tapana ଦ୍ୱିପ୍ରହର କାଳରେ କିରଣ ଦେଉଥିବା
ସୂର୍ଯ୍ୟ—The mid-day sun; the meridian sun.

ମଧ୍ୟାହ୍ନ ଭୋଜନ—ସଂ. ବି (ମ.ପ. ଲୋ)—ଦ୍ୱିପ୍ରହର ସମୟରେ ଖିଆଯିବା
Madhyāhna bhojana ଭୋଜନ—Dinner; mid-day meal.

ମଧ୍ୟାହ୍ନୋତ୍ତର—ସଂ. ବିଣ ( ୬ଷ୍ଠୀ ତତ୍ )—ମଧ୍ୟାହ୍ନର ପରବର୍ତ୍ତୀ—
Madhyahnottara Following the midday.

ମଧ୍ୟେ—ଦେ. ବି—୧ । ମଧ୍ୟରେ ( ଦେଖ )—1. Madhyare
Madhye ( See ) ୨ । ମଇଧେ ( ଦେଖ )—2.
মধ্যে Maidhe ( See ) ୩ । ( ପଦ୍ୟ ) ମଧ୍ୟ; ସୁଦ୍ଧା—
मध्ये 3. Also. [ ଦ୍ର—ଏ ବାହାରେ ସିଂହର ପାଇକଙ୍କୁ
ও ମଧ୍ୟେ, ମାର ପକାଇଲେ ସେ ଯୁଦ୍ଧେ ତହିଁ କ୍ରୋଧେ ।
भी କୃଷ୍ଣସିଂହ. ମହାଭାରତ. କର୍ଣ୍ଣ । ]

ମଧ୍ୟେ ମଧ୍ୟେ—ଦେ. ଅ—ମଝିରେ ମଝିରେ; ସମୟ ସମୟରେ—
Madhye madhye At intervals; at times
মাঝে মাঝে [ ଦ୍ର—ମଧ୍ୟେ ମଧ୍ୟେ ଆସି, ଗ୍ରୀଷ୍ମରେ ଭେଟି,
बीचबीचमे ଦେଉଅଛ ଅନ୍ତର୍ଦ୍ଧାନ । ରାଧାନାଥ—ଉର୍ବଶୀ । ]

ମନ୍ (ଧାତୁ)—ସଂ—୧ । ଚିନ୍ତା କରିବା—1. To think. ୨ ।
Man (root) ବୋଧ କରିବା—2. To feel. ୩ । ବୁଝିବା
—3. To understand. ୪ । ଗର୍ବ କରିବା—
4. To feel proud.

ମନ୍—ପ୍ରାଦେ ( ସମ୍ବଲପୁର ) ବି—ମନ ( ଦେଖ )—Mana (See)
Man ପ୍ରାଦେ ( ସମ୍ବଲପୁର ) ବହୁବଚନ ପ୍ରତ୍ୟୟ—ମାନେ—
A suffix ( meaning plurality ).

ମନ୍‌ଜିଲ୍—ବୈଦେ. ବି ( ଅ)—ସୁନ୍ଦର ପ୍ରାସାଦ—Palace; palatial
Man-jil मन्ज़ील building.

ମନ୍‌ତନ୍—ପ୍ରାଦେ ( ସମ୍ବଲପୁର ) ବି ( ସଂ. ମନସ୍ ଓ ତନୁ; ତୁଳନା
Man-tan କର ହି. ତନ୍‌ମନ୍ )—୧ । ଗାଢ଼ ଅଭିନିବେଶ—
1. Close attention. ୨ । ମନ ଓ ଦେହ—
2. Mind and body.

ମନ୍ତନ୍ ଦେଇ—ପ୍ରାଦେ ( ସମ୍ବଲପୁର ) କ୍ରି. ବଣ ( ଭୁଲ ହୁ. ତନ୍ମନ୍ ସେ )—୧ । ଗାଢ଼ ଅଭିନିବେଶପୂର୍ବକ —1. Very attentively. ୨ । ମନ ଓ ଦେହ-ଲଗାଇ ( କାର୍ଯ୍ୟ କରିବା )—2. (To act) By applying one's mind and body.
Mantan dei

ମନ୍ ସବ(ବା)ଦାର୍—ବୈଦେ. ବି ( ଫା. ମନସବ୍ଦାର୍ )—୧ । ଉଚ୍ଚ ରାଜପଦସ୍ଥ ବ୍ୟକ୍ତି—1. High official. ୨ । ମୋଗଲ ବାଦ୍‌ସାହାଙ୍କ ଉଚ୍ଚ ରାଜକର୍ମଚାରୀଙ୍କୁ ପ୍ରଦତ୍ତ ଉପାଧିବିଶେଷ—2. A title bestowed on public servants by Moghal emperors.
Man-sab-(bā)dār
ମনসবাদার
मनसबदार

ମନ୍‌ସୁବା—ବୈଦେ. ବି ( ଫା· କଠୋର )—୧ । ମସୁଦା; ଅଯୋଜନ; କଳ୍ପିତ ବ୍ୟବସ୍ଥା—1· A plan; scheme; a design. ୨ । ଉଦ୍ଦେଶ୍ୟ—2. Purpose. ୩ । ଯୁକ୍ତି—3. Reasoning.
Man-subā
মনস্থবা
मनसुबा

ମନ୍‌ସୁବାଦାର୍—ବୈଦେ. ବି ( ଫା. ମନସବ୍ଦାର୍ )—୧ । ଉଚ୍ଚପଦସ୍ଥ ରାଜ କର୍ମଚାରୀ—1. A high official. ୨ । ଉଚ୍ଚ ରାଜକର୍ମଚାରୀଙ୍କୁ ମୋଗଲ ବାଦସାହାଙ୍କ ପ୍ରଦତ୍ତ ଉପାଧିବିଶେଷ—2 A title bestowed by Moghal emperors.
Man-subādār
মনস্থবাদার
मनसुबादार

ମନ—ଦେ. ବି (ସଂ. ମନସ୍ ଶବ୍ଦ, ୧ମା. ୧ବ, ମନଃ)—୧ । ଅନ୍ତଃକରଣ; ମନୁଷ୍ୟର ଅନ୍ତରିନ୍ଦ୍ରିୟ—1. Mind; mental sense. ୨ । ଚିତ୍ତବୃତ୍ତି—2· Mental faculty; the mental organ of feeling and perception. [ ଦ୍ର—ଏହା ବେଦାନ୍ତ ମତରେ ସଙ୍କଳ୍ପ ବିକଳ୍ପାତ୍ମକ ଚିତ୍ତବୃତ୍ତି ଓ ନ୍ୟାୟ ଦର୍ଶନ ମତରେ ସବେନ୍ଦ୍ରିୟର ପ୍ରବର୍ତ୍ତକ ଅନ୍ତରିନ୍ଦ୍ରିୟ ଅଟେ । ] ୩ । ମନୁଷ୍ୟର ମନୋଗତ ଭାବ—3. Mental idea of a person; mentality. ୪ । ଅଭିଳାଷ; ଇଚ୍ଛା—4. Wish; desire. [ଦ୍ର—ମନରବି ପାନ ଉତ୍ସବରେ ମନ ନ କରଇ କବ ଭଙ୍ଗ । କବିସୂର୍ଯ୍ୟ. ସଙ୍ଗୀତ । ] ୫ । ପ୍ରବୃତ୍ତି—5. Inclination. ୬ । ମିଜାଜ୍; ମତ—6. Temper. ୭ । ମାନସିକ ପ୍ରକୃତି—7. Temperament.
Mana
মন
मन

ମନ ଅଟାଳିକା—ଦେ. ବି ( ସଂ. ମନଃ+ଅଟ୍ଟାଳିକା )—ଅପ୍ରକୃତ ମନମସ୍ତ ମାନସିକ କଳ୍ପନା—Visionary pleasant project; castles in the air. [ ଦ୍ର—ଗଢ଼ୁଥିଲୁ ବସି ମନ-ଅଟ୍ଟାଳିକା । ରାଧାନାଥ—ଚିଲିକା । ]
Mana aṭṭālikā
আকাশ কুসুম
मनकी कोठा

ମନ ଅବଶୋସ୍—ଦେ. ବି ( ସଂ. ମନ+ଫା. ଅଫ୍‌ସୋସ୍ )—୧ । ମନୋବେଦନା—1. Mental worry. ୨ । ଅନୁତାପ; ପଶ୍ଚାତ୍ତାପ—2. Regret; repentance. ୩ । ବିବେକର ଦଂଶନ 3, Bitings of one's conscience.
Mana abāsos
মনের আফশোষ
मनका अफसोस

ମନ ଅଉଟି ହେବା—ଦେ. ବି (ସଂ. ମନସ୍+ଉଦ୍ବର୍ତ୍ତନ)—ମନ ଅସ୍ଥିର ହେବା—Feeling of uneasiness or mental restlessness.
Mana āuṭi hebā
(ମନ ଘାଣ୍ଟି ହେବା—ଅନ୍ୟରୂପ)
মন অস্থির হওয়া
मन बहलना
(ମନ ଅଉଟଣ—ଅନ୍ୟରୂପ)
[ମନ ଅଉଟ ପା(ଖା)ଉଟ ହେବା—ଅନ୍ୟରୂପ]

ମନ ଇଚ୍ଛା—ଦେ. ବି—( ସଂ. ମନଃ+ଇଚ୍ଛା )—ସ୍ୱେଚ୍ଛା—One's free will; one's unfettered will. କ୍ରି. ବଣ—ମନ ଇଚ୍ଛା ମୁତାବକ (ଦେଖ) Mana-ichhā mutābaka (See)
Mana ichhā
মনিচ্ছা
मनकी इच्छा

ମନ ଇଚ୍ଛା ମୁତାବକ୍—ଦେ. କ୍ରି. ବଣ—ସ୍ୱେଚ୍ଛାନୁସାରେ—According to one's free will, wish or desire.
Mana ichhā mutābak
ইছা মত
मनकी माफिक
(ମନ ଇଚ୍ଛା ମାଫିକ୍[କେ]—ଅନ୍ୟରୂପ)

ମନ ଉଚା(ଚ୍ଛା)ଟନ—ଦେ. ବି—( ସଂ. ମନସ୍+ଉଚ୍ଚାଟନ ) କୌଣସି ବିଷୟ ପ୍ରତି ମନ ଉନ୍ମତ୍ତ ହେବା—Being mad after any matter.
Mana uchchā(chā)ṭana
মন মাতা
मनकी बेचैनी
(ମନ ମାତିବା, ମନ ଉଚ୍(ଚ୍ଛା)ଟ—ଅନ୍ୟରୂପ)

ମନ ଉଡ଼ା(ଡ଼େ)ଇବା—ଦେ. କ୍ରି (ସଂ. ମନସ୍+ଉଡ୍ଡୀନ)—୧ । ଜଣର ମନକୁ କୌଣସି ବିଷୟର ଲାଗିଁ ଅସ୍ଥିରତାଯୁକ୍ତ କରିବା—To be restless after a thing. ୨ । ମନୋଯୋଗକୁ ସ୍ଥିର ନ ରଖିବା—2. Not to concentrate one's attention; to let one's mind wander.
Mana urḍā(ṛḍe)ibā
মনকে অস্থির করা
मन बहकाना

ମନ ଉଡ଼ିବା—ଦେ· ବି—୧ । କୌଣସି ବିଷୟ ପାଇଁ ମନର ଚଞ୍ଚଳତା—1. Being restless over a matter. ୨ । ମନୋଯୋଗର ଅଭାବ—Want of concentration.
Mana urḍibā
মন অস্থির হওয়া
मन बहकना
(ମନ ଅଥୟ ,ମନଅଥିର—ଅନ୍ୟରୂପ)

ମନଃ—ସଂ. ବି—( ମନ୍ ଧାତୁ+କରଣ ଅସ୍; ମନସ୍ ୧ମା. ୧ବ)—ମନ (ଦେଖ) Mana (See)
Manaḥ

ମନଃ କଳ୍ପିତ—ସଂ. ବଣ—( ୭ମୀ ତତ୍ )—କଳ୍ପନାପ୍ରସୂତ—Imaginary.
Manaḥ kalpita

ମନଃ କଷ୍ଟ—ସଂ. ବି—(୬ଷ୍ଠୀ ତତ୍)—୧ । ମନୋଦୁଃଖ; ଦୁଶ୍ଚିନ୍ତା—1. Anxiety. ୨ । ମାନସିକ ବେଦନା—2. Mental anguish.
Manaḥ kashṭa
(ମନଃ ପୀଡ଼ା—ଅନ୍ୟରୂପ)

ମନଃ କ୍ଷେପ—ସଂ. ବି (୬ଷ୍ଠୀ ତତ୍)—ମନର ଅସ୍ଥିରତା; ଉତ୍କଣ୍ଠା (ହୁ.ଗ)-Restlessness of mind; anxiety.
Manaḥ kshepa

ମନଃ ପତି—ସଂ. ବି (୬ଷ୍ଠୀ ତତ୍)—ବିଷ୍ଣୁ (ହୁ. ଗ)—A name of Bishṇu.
Manaḥ pati

ମନଃ ପର୍ଯ୍ୟାପ୍ତି—ସଂ. ବି (୬ଷ୍ଠୀ ତତ୍)—ସଙ୍କଳ୍ପ ଓ ବିକଳ୍ପ ଅନୁଭବ କରିବା ମାନସିକ ଶକ୍ତି (ହୁ. ଗ)—The faculty of mind which enables one to form resolutions and doubts.
Manaḥ parjyāpti

ମନଃ ପୂତ—ସ. ଵଣ—( ଵହୁ ଵ୍ରୀ )—୧ । ମନୋନୀତ—
Manaḥ pūta 1. Approved by one's own mind. ୨ । ଚିତ୍ତତୁଷ୍ଟିକର—2. Pleasing to one's own mind; giving satisfaction ୩ । ଵିଵେକ-ଵିହିତ—3. Conscientious. ୪ । କ୍ରୂର୍ମଭାଵରହିତ-ଶୁଦ୍ଧ—4. Pure in mind. ଦେ. ଵ—(ସ. ମନଃ ପୂତ)—୧ । ଚିତ୍ତ ଶୁଦ୍ଧି—1. Purity of mind. ୨ । ଚିତ୍ତର ପ୍ରସନ୍ନତା—2. Cheerfulness of mind.

ମନଃପୂତ ହେବା—ଦେ. ଵ—ଚିତ୍ତରେ ନିର୍ମଳ ବା ପବିତ୍ର ସୁଖ ବୋଧ ହେବା—Feeling one's self purely satisfied; to be satisfied in one's own conscience.
Manaḥ pūta hebā
ମନଃପূত হওয়া
मनःपूत होना

ମନଃପୂତି—ସ. ଵ (୬ଷ୍ଠୀ ତତ୍)—୧ । ମନର ପବିତ୍ରତା—1. Purity of mind. ୨ । ମନର ପ୍ରସନ୍ନତା—2. Cheerfulness of mind. ୩ । ସନ୍ତୋଷ—3. Contentment; satisfaction. ୪ । ନିର୍ମଳ ବା ପବିତ୍ର ଆନନ୍ଦ—4. Pure or holy joy.
Manaḥ pūti

ମନଃ ପ୍ରସାଦ—ସ. ଵ—(୬ଷ୍ଠୀ ତତ୍)—ମନର ପ୍ରସନ୍ନତା—Cheerfulness of mind.
Manaḥ prasāda

ମନଃ ଶାନ୍ତି—ସ. ଵ—(୬ଷ୍ଠୀ ତତ୍)—ମନର ଶାନ୍ତ ଅବସ୍ଥା—Calmness of mind.
Manaḥ śānti

ମନଃ ଶାସ୍ତ୍ର—ସ. ଵ—(ମ. ପ. ଲୋ) —ମନୋଵିଜ୍ଞାନ—Psychology.
Manaḥ śāstra

ମନଃଶି(ସି)ଲ(ଳା)—ସ. ଵ [ ମନଃ+ଶିଳା=ପଥର, ଏହା ଅତି ମନୋହର]—ମନଃଶିଳ; ଶଣିଲ ଉକ୍ତ ଅନ୍ୟ ସ.ନାମ—ନେପାଳିକା, ନାଗମାତା] ଵର୍ଣ୍ଣ ଧାତୁ ଵିଶେଷ;ଷଣ୍ଡ ଅ-ଘଟିତ ଉପରସ ଵିଶେଷ; ଷଣ୍ଡରସ ଓ ଗନ୍ଧକ ଯୋଗରେ ଉତ୍ପନ୍ନ ଉପରସ ଵିଶେଷ—Red arsenic; realgar. [ଦ୍ର—ଏହାକୁ ଆୟୁର୍ବେଦୋକ୍ତ ଵିଧି ଅନୁସାରେ ଶୋଧନ କରି ଔଷଧରେ ବ୍ୟବହାର କରାଯାଏ । ]
Manahaśi[si]la[lā]
କଲ୍ୟାଣିକା—
মনছাল
मैनशील
ଦେ. ମଣିଶିଳା

ମନଃସଂଯୋଗ—ସ. ଵ (୬ଷ୍ଠୀ ତତ୍)—କୌଣସି ଵିଷୟ ପ୍ରତି ମନୋନିବେଶ; ମନୋଯୋଗ—Close application of mind to any subject.
Manḥsaṁjoga

ମନଃସଂଯୋଗୀ—ସ. ଵଣ ପୁଂ (ମନଃସଂଯୋଗ+ଇନ୍; ୧ମା. ୧ଵ)—ଯେ କୌଣସି ଵିଷୟ ପ୍ରତି ଦୃଢ଼ ଭାବରେ ମନୋଯୋଗ କରେ—Closely applying one's mind to any subject; attentive.
Manaḥ saṁjogi
[ ମନଃସଂଯୋଗିନୀ—ସ୍ତ୍ରୀ ]

ମନକଥା—ଦେ. ଵ—ହୃଦୟଗତ ଭାବ—One's internal thoughts; the wish of one's heart. [ଦ୍ର—ଧନକୁ ଦେଖିଲେ ଅରେ ମନ କଥା କହିବାରେ-ସଙ୍ଗୀତ ।]
Mana kathā
মনেরকথা
मनकीबात

ମନ(ନ)କର—ପ୍ରାଦେ(ଭାଷାଗୁର ଓ ଉତ୍ତରାଞ୍ଚଳ)(ପ୍ରତ୍ୟୟ)—ମାନଙ୍କର—
Mana(n-)kar (added to nouns and pronouns to denote the 6th case plural). Cf.

ମନ କରିବା—ଦେ. କ୍ରି (ସ. ମନଃ+କୃ ଧାତୁ)—୧ । ଚିନ୍ତା କରିବା—1. To think. ୨ । କାମନା କରିବା; ଇଚ୍ଛା କରିବା—2. To wish; to desire. [ଦ୍ର—କେଶର ଭାଳକ ଝିଅ ହେବା ମନ କଲେ । ଉଷ. କୋଠୀବ୍ରହ୍ମାଣ୍ଡପୁରାଣ । ] ୩ । ମନସ୍ଥ କରିବା; କୌଣସି କାର୍ଯ୍ୟ କରିବାକୁ ସଙ୍କଳ୍ପ କରିବା—3. To resolve to do a thing.
Mana karibā
ইচ্ছাকরা
मननकरना, विचारकरना, मनकरना

ମନ କଳପଣା [ନା]—ଗ୍ରା.ଵ୧ । ମନରେ ଅବଶୋଷ କରିବା; ଅପ୍ରସନ୍ନତା—Regret; want of mental spontaneity. ୨ । ଦୁଃଖିତ ହେବା—2. Being sorry for. (ମନ କଳପଣା[ନା] କରିବା-କ୍ରିୟା) ୩ । କୌଣସି ପ୍ରାର୍ଥିତ ବସ୍ତୁକୁ ଦାନ କରିବା ପାଇଁ ମନରେ ସ୍ୱଚ୍ଛତା ନ ରହିବା—3. Want of spontaniety in giving a thing asked for.
Mana kaḷapaṇā[nā]
মনের অস্বচ্ছতা
दिलमें दुःख रहना:
मन कलपना

ମନ କଳିବା—ଦେ. କ୍ରି ( ସ. ମନଃ+କଳନ )—ଅନ୍ୟର ମନର ଭାବକୁ ବୁଝିବା—To fathom another's thoughts. [ମନ କଳନେବା, ମନ ଠାବ୍(ରେ)ଇବା, ମନ କଳନା କରିବା—ଅନ୍ୟରୂପ]
Mana kaḷibā
মন ঠাওরান; মনবুঝা
मनटोना

ମନ କସିବା—ଦେ. କ୍ରି ( ସ. ମନସ୍+ଫା. କସ୍ନା )—କୌଣସି ବ୍ୟକ୍ତିର ହୃଦ୍ଗତ ଭାବ ଜାଣିବା ପାଇଁ ପରୀକ୍ଷା କରିବା—To test one's mind. [ ଦ୍ର—କୌଣସି ବ୍ୟକ୍ତିର ମନ କଳିବା ପାଇଁ ମନ କସାଯାଏ; ମନ କସିବା ପରେ ସେ ଲୋକର ମନ କଳ ହୁଏ । ]
Mana kasibā
মনকসা
मनजांचना

ମନକା ମନ—ଦେ. ଅ—୧ । ମନେ ମନେ—1. Mentally. ୨ । କଳ୍ପନାରେ—2. In imagination. ( ଯଥା—ତାଙ୍କର ମନକାମନ କୋଠା ତୋଳା ହୋଇଯାଏ । )
Manakā mana
মনেমনে
मनमे, मनहीमन

ମନ କାମନା—ଦେ. ଵ ( ସ. ମନସ୍କାମନା )—ମନୋବାଞ୍ଛା; ମନସ୍କାମନା—Heart's desire.
Mana kāmanā
মনের কামনা
मन कामना

ମନ କିଣାକିଣି—ଦେ. ଵ—ଐକାନ୍ତିକ ସ୍ନେହର ପରସ୍ପର ଆଦାନ ପ୍ରଦାନ—Exchange of mutual attachment, love or affection. (ମନ ଵିକାଵିକ—ଅନ୍ୟରୂପ) ଵଣ.—ପରସ୍ପର ପ୍ରତି ଏକାନ୍ତ ଆସକ୍ତ—Fondly attached to each other.
Mana kiṇākiṇi
মন কেনাকিনী
परस्पर विकजाना

ମନ କିଣିନେବା—ଦେ. କ୍ରି (ସ. ମନଃ+କ୍ରୀ ଧାତୁ )—କୌଣସି ବ୍ୟକ୍ତିର ଉପକାର କରିବା ବା ସେ ବ୍ୟକ୍ତିକୁ ସ୍ନେହରେ ବଶୀଭୂତ କରିବା ବା ମୁଗ୍ଧ କରିବା—
Mana kiṇinebā
মনবাঁধা, মনকেনা

**मन खरीदना(कीनना)** To bring a person under
ମନ କାଣ୍ଡିବା } ଅନ୍ୟରୂପ one's control by conferring
ମନ କିଣିବା } benefits on him or by love.

ମନ କମିତ କମିତ ହେବା—ଦେ. ବି—ମନର ବ୍ୟାକୁଳତା—
Mana kimiti kimiti hebā Feeling uneasy.
মন কেমন কেমন করা **मन कैसा कैसा होना**

ମନକୁ—ଦେ. ଅ—୧ । ସ୍ୱେଚ୍ଛା କ୍ରମେ—1. Willingly; of one's
Manaku own accord. ୨ । ଅପେ ଅପେ; ଛବ ଛବ
স্বেচ্ছায় —2. By one's own exertions. ୩ । ପରର
**आपसे आप, अपने मनसे** ବିନା ପରିଶ୍ରମରେ ବା ସାହାଯ୍ୟରେ—
3. Without the help or exertion of another.

ମନକୁ ଆଣିବା—ଦେ. କ୍ରି (ସଂ. ମନଃ+ଅନୟନ)—କୌଣସି ବିଷୟକୁ
Manaku āṇibā ମନ ମଧ୍ୟରେ ଭାବିବା; ବିଚାର କରିବା—To
মনেকরা think over a matter; to consider. (ଉ—
**मनमेलाना** ମୋ କଥାରେ ସେ ନଆଣିଲା ଦରଶନକୁ, କେ ହେବହେ
ବୋଲି ହେବ ଅଛି ମନକୁ । ଉଷ. କୋଟିବ୍ରହ୍ମାଣ୍ଡସୁନ୍ଦରୀ । )

ମନକୁ ଆସିବା—ଦେ.କ୍ରି—୧ । ପସନ୍ଦସହ ହେବା; ମନୋମତ ହେବା—
Manaku āsibā 1. To meet with one's choice or
পছন্দ হওয়া, মনেরমতন হওয়া approval (ଉ—କହୁଥାଅ
**मनको माना; मनमे आना;** ହେ ଯେଉଁ କଥାଟ ତାହାକୁ,
**मनमे जमना, मनमे बैठना** ଅଗୁ ଥାଏଟିକ ତା ତାହାର ମନକୁ?
କୃଷ୍ଣସିଂହ. ମହାଭାରତ. ସଭା । ) ୨ । ଉଚିତ ବା
ଯୁକ୍ତିଯୁକ୍ତ ବୋଲି ପ୍ରତୀତ ହେବା—2. To seem
reasonable or proper.

ମନକୁ ଚାହିଁ—ଦେ. ବିଣ ଓ କ୍ରି. ବିଣ—ମନୋମତ; ମନର ବାଞ୍ଛା
Manaku chāhĩ ଅନୁସାରେ—As one would desire;
মনের মতন; মনের মত suiting one's wishes; as
**मन माफिक,मन मुताबिक** one would like to have it.
(ଉ—ତା ମନକୁ ଚାହିଁ କହନ୍ତି ହସି ହସି । କୃଷ୍ଣସିଂହ.
ମହାଭାରତ. ବନ୍ଦ )

ମନ କୁଣ୍ଢେ ମୋଟ ହେବା—ଦେ. ବି—୧ । (ମନୁଷ୍ୟ) ଗର୍ବସ୍ଫୀତ
Mana kuṇḍhe moṭa hebā ହେବା—1. Being swollen with pride.
মন ফোলা ୨ । ମନ ଆନନ୍ଦରେ ନାଚ
**मनफुलना** ଉଠିବା; ହର୍ଷୋତ୍ଫୁଲ୍ଲ ହେବା—2. Being beside oneself with joy.
(ମନକୁ ଲଗାଇ ଦରିଦ୍ରା କ ପାଇବା, ମନ ଫୁଲିବା—ଅନ୍ୟରୂପ)

ମନକୁ ପତଳା କରିବା—ଦେ. କ୍ରି—ଅଧୀର ହେବା;ଧୈର୍ଯ୍ୟ ଗ୍ଲାନ ହେବା-
Manaku patalā karibā To lose one's patience.
ধৈর্য্য হারান **मनको पतला करना, मन मारना**

ମନକୁ ପାଇବା—ଦେ. କ୍ରି—୧ । ମନର ଅନୁମତ ହେବା; ପସନ୍ଦସହ
Manaku pāibā ହେବା—1. To meet with one's
পছন্দ হওয়া approval. ୨ । ବିଶ୍ୱାସ କରିଯିବା—
**मन माना, मन मानना** 2. To be believed. (ଉ—ଏ
କଥାଟା ସତ, ହେଲେ ମନକୁ ପାଉ ନାହିଁ—ଉଗ ।) ୩ ।
ବିବେଚିତ ହେବା—3. To be considered or thought of.

ମନକୁ ବାଧିବା—ଦେ. କ୍ରି—ମନରେ ବ୍ୟଥା ଜାତ କରିବା—To
Manaku bādhibā cause mental pain or distress.
মনে লাগা **मनको दुखाना**
(ମନକୁ ବାଝିବା—ଅନ୍ୟରୂପ)

ମନକୁ ଲାଗିବା—ଦେ. କ୍ରି—୧ । ଅନୁମୋଦିତ ହେବା—
Manaku lāgibā 1. To be approved.
মনে লাগা ୨ । ମନକୁ ବାଧିବା—2. To give mental
**मनमे जचना** pain; to affect painfully.

ମନକ୍କା(କା)—ବୈଦେ. ବି (ଅ. ମୁନକ୍କା)—ଶୁଖିଲା ଫଳବିଶେଷ;
Manakkā(kā) ସୁପକ୍ୱ ଶୁଷ୍କ ବଡ଼ ଅଙ୍ଗୁର ବା ଦ୍ରାକ୍ଷା ଫଳ—
মুনক্কা **मुनक्का** Dried sweet grape; raisin.

ମନ ଖରାପ—ଦେ. ବି ( ସଂ. ମନ+ଅ. ଖରାପ )—
Mana kharāpa ମନ ବିଗିଡ଼ିବା ୧ ( ଦେଖ )
মন খারাপ Mana bigiṛibā 1 ( See )
**मन खराब**

ମନ ଖେଳା(ଲେ)ଇବା—ଦେ. କ୍ରି—ନିଜର ମନକୁ ନାନା ବିଷୟକ
Mana khelā(le)ibā ଚିନ୍ତାରେ ନିଯୁକ୍ତ କରିବା—To en-
**मनको घुमाना** gage one's mind in diverse thoughts
মন ঘুরান or directions.

ମନ ଖେଳିବା—ଦେ. କ୍ରି—ମନ ନାନା ବିଷୟରେ ଗତି କରିବା ବା
Mana kheḷibā ନାନା ବିଷୟରେ ଚିନ୍ତା କରିବା—
মন ঘুরা **मन घुमना** Wandering of the mind.

ମନ ଖୋଲା—ଦେ. ବିଣ ( ସଂ. ମନସ୍+ଫା. ଖୁଲ୍ଲ )—
Mana kholā ଅକପଟଚିତ୍ତ—Frank.
(ମନ ଖୋଲସା—ଅନ୍ୟରୂପ) মন খোলা **मन खुला**

ମନ ଖୋଲିବା—ଦେ. କ୍ରି ( ସଂ. ମନଃ+ଫା. ଖୁଲନା )—ହୃଦୟଗତ
Mana kholibā ଭାବକୁ ଅନ୍ୟ ଆଗରେ ସରଳ ଭାବରେ ପ୍ରକାଶ
মন খোলা କରିବା—To open one's heart to another;
**मन खोलना** to frankly speak out one's thought to
[ମନ ଫିଟା(ଟେ)ଇବା—ଅନ୍ୟରୂପ] another. (ଉ—ତା
ପରେ ସେ ମନ ଖୋଲି ହନୁକୁ ସୁମ ଲକ୍ଷ୍ମଣଙ୍କର କଥା ଶବର
ପଗୁରଲେ । ମାଲକଣ୍ଠ. ଶିଳକ ସ୍ୱମାପୂଜ ।)

ମନ ଖୋଲି ଯିବା—ଦେ. ବି ( ସଂ. ମନଃ+ଫା· ଖୁଲନା )—
Mana kholi jibā ୧ । ସରଳ ଭାବରେ ମନୋଭାବର ପ୍ରକାଶ;
মন খুলে যাওআ ମନୋଗତ କଥାର ବାହାରେ ପ୍ରକାଶ—
**मन खुलजाना** 1. Speaking out one's mind.
୨ । ମନରେ ଥିବା ସନ୍ଦେହ ବା ଆଶଙ୍କାର ଦୂରୀଭୂତ—
2. Removal of any doubt or fear from the mind.

ମନ ଗଢ଼ା—ଦେ. ବିଣ ( ସଂ. ମନ+ପ୍ରଥିତ )—୧ । କାଳ୍ପନିକ—
Mana gaṛhā 1. Imaginary. ୨ । ଅବାସ୍ତବ—
মন গঢ়া **मन गढा, मन गढत** 2. Not real or actual.

**ମନ ଗଳିବା**—ଦେ. କ୍ରି ( ସଂ. ମନଃ+ଗଳ ଧାତୁ )—ମନୋନିବେଶ
Mana galibā କେବା—Paying attention.
ମନ ପଡ଼ାଲାଗା **मन डूबना, मन गडना**

**ମନ ଗଳେ(ଳା)ଇବା**—ଦେ. କ୍ରି—ଖୁବ୍ ଏକାଗ୍ର ଭାବରେ ମନୋ-
Mana gale(lā)ibā ନିବେଶ କରିବା—To be engaged
মন দেওয়া, মন লাগান in some work very atten-
**मन डुबाना, मन गडाना** tively; to attend to a thing
[ମନ(ନୋ)ଯୋଗ କରିବା, ମନ(ନୋ)ଯୋଗ ଦେବା, ମନ ଲଗା(ଗେ)ଇବା—ଅନ୍ୟରୂପ]

**ମନ ଘର ଧରିବା**—ଦେ. କ—୧ । ଅବସ୍ଥାର ଗାମ୍ଭୀର୍ଯ୍ୟ ଅନୁଭୂତ ହେବା·
Mana ghara dharibā 1. Becoming alive to the
মনে পড়া seriousness of a situation; realisation
**मन ठिकाना लगना** of one's serious situation.
୨ । ବିଶେଷ ଚିନ୍ତିତ ହେବା—2. Being very anxious; a state of great anxiety.

**ମନ ଘେନିବା**—ଦେ. କ୍ରି—୧ । ରାଜି କରାଇବା; ସମ୍ମତ କରାଇବା—
Mana ghenibā 1. To make one agree. ୨ । ପ୍ରସନ୍ନ
[ମନ ଘେନା(ନେ)ଇବା—ଅନ୍ୟରୂପ] କରାଇବା; ଅନ୍ୟର ମନ
মন যোগান ମୁତାବକ କାର୍ଯ୍ୟ କରି ତାକୁ ସନ୍ତୁଷ୍ଟ କରିବା—
**मन राजी कराना** 2. To please a person by acting according to his wishes. (ଉ—ଏହି ରୂପରେ ଧୃତରାଷ୍ଟ୍ରଙ୍କୁ ଶଙ୍କୁନ, କହିବାରେ ଗଲେ ତାଙ୍କର ମନ ଘେନ । କୃଷ୍ଣସିଂ. ମହାଭାରତ ବନ ।)

**ମନ ଚଗଲ(ଳା)**—ଦେ. ବିଣ ( ସଂ. ମନଃ+ଚଞ୍ଚଳ )—
Mana chagala(lā) ଅସ୍ଥିର ଚିତ୍ତ—Fickle-minded.
(ମନ ଚଗଲୀ, ମନ ଚଗଲେଇ—ସ୍ତ୍ରୀ) অস্থির মনা **मन चला**

**ମନ ଚଗଲା(ଳେ)ଇବା**—ଦେ. କ୍ରି—କୌଣସି ବିଷୟ ପ୍ରତି ମନୋ-
Mana chagalā(le)ibā ଯୋଗ ନ ଦେଇ ମନକୁ ଏଣେ
মন টলান ତେଣେ ଖେଳାଇବା; ମନକୁ ବିକ୍ଷିପ୍ତ କରିବା—
**मनको घुमाना, मन चलाना** To cause one's mind to
(ମନ ଚଗଲ କରିବା—ଅନ୍ୟରୂପ) wander away from a matter.

**ମନ ଚଞ୍ଚଳ**—ଦେ. ବି ( ସଂ. ମନ+ଚାଞ୍ଚଲ୍ୟ )—ଚିତ୍ତ ଚାଞ୍ଚଲ୍ୟ; ପ୍ରେମ,
Mana chāñchalya ଚିନ୍ତା ବା ଭୟ ଆଦି ଯୋଗୁଁ ମନର
মন অস্থির ଅସ୍ଥିରତା ବା ଚାଞ୍ଚଲ୍ୟ—Mental restlessness
**मन बेचैन** on account of love, anxiety or fear.
(ମନ ଅଥୟ, ମନ ଅସ୍ଥିର—ଅନ୍ୟରୂପ)

**ମନ ଚଞ୍ଚଳ ହେବା**—ଦେ. କ—ମନର ଅସ୍ଥିରତା—
Mana chañchala hebā Restlessness of mind.
মন অস্থির হওয়া **मनमे बेचैन होना, मन चञ्चल होना**

**ମନ ଚଳିବା**—ଦେ. କ୍ର—କୌଣସି ପ୍ରସ୍ତାବ ସପକ୍ଷରେ ମନ ଇଚ୍ଛୁକ ବା
Mana chalibā ପ୍ରସନ୍ନ ହେବା—Being favourably
মন চলা, মন যাওআ inclined to a certain proposal.
**मन जाना** (ମନ ଯିବା—ଅନ୍ୟରୂପ)

**ମନ ଚାହିଁ(ହି)ବା**—ଦେ. କ୍ରି—ଅନ୍ୟର ମନର ଭାବକୁ ଅନୁସରଣ କରିବା—
Mana chāhiñ(hi)bā To meet one's accord; to
মন যোগান follow to please. (ଉ—ପରର ମନ ଚାହିଁ
**मनचाहना** କହୁଥାଏ କଥା । କୃଷ୍ଣସିଂ. ମହାଭାରତ· ବସଃ ।)
মনচাওয়া ଦେ. ବ କୌଣସି ବିଷୟ ମନରେ ଅକାଙ୍କ୍ଷା କରିବା—
**मन चाहना** Hankering after a thing.

**ମନ ଚୂନା ହୋଇଯିବା**—ଦେ. କ୍ରି. ( ସଂ. ମନସ୍+ଚୂର୍ଣ୍ଣ )—
Mana chūnā hoijibā ମନ ଫାଟି ଯିବା ( ଦେଖ ) Mana phāti jibā ( See )

**ମନ ଚୋର**—ଦେ. ବି (ସଂ. ମନସ୍+ଚୌର)—ଚିତ୍ତ ଚୋର; ପ୍ରିୟତମ
Mana chorā ଲୋକ; ପ୍ରଣୟୀ ବ୍ୟକ୍ତି—Lover; one's be-
মন চোরা loved person. ଦେ. ବିଣ- ମନୋମୋହକର—
**मन चोर** Enchanting; very charming.

**ମନ ଚୋରା(ରେ)ଇବା**—ଦେ. କ୍ରି—ଅନ୍ୟକୁ ପ୍ରେମମୁଗ୍ଧ କରିବା;
Mana chorā(re)ibā ପ୍ରେମ ଦ୍ୱାରା ଅନ୍ୟକୁ ବଶୀଭୂତ କରିବା-
মন চুরি করা To charm a person with love; to
**मन चुराना** steal another's heart.

**ମନ ଛଡ଼ା(ଡ଼େ)ଇବା**—ଦେ. କ୍ରି—ଗୁପ୍ତ ମନ୍ତ୍ରଣା ଦ୍ୱାରା ଜଣକଠାରେ
Mana chhardā(rde)ibā ଅନ୍ୟ ଜଣଙ୍କର ବିରାଗ ଜନ୍ମାଇବା-
মন ভাঙ্গান **मन छोडाना** To estrange a person from another.
[ମନ ଫଟା(ଟେ)ଇବା, ମନ ଭାଙ୍ଗିବା, ମନ ବିଗାଡ଼ି ଦେବା, ମନ ଭଙ୍ଗା(ଙ୍ଗେ)ଇବା, ମନ ବିରସା(ସେ)ଇବା, ମନ ବିରସା(ସେ)ଇବା—ଅନ୍ୟରୂପ]

**ମନ ଛାଡ଼ିଯିବା**—ଦେ. କ—୧ । କୌଣସି ବିଷୟରୁ ମନ ବିରକ୍ତ ହେବା-
Mana chhārdijibā 1 Feeling disgusted with a
মনহটেযাওয়া **मनहटजाना** certain thing. ୨ । କୌଣସି
( ମନ ହଟିଯିବା—ଅନ୍ୟରୂପ ) ବିଷୟରୁ କ୍ଷାନ୍ତ ହେବା—
2. Desisting from a matter.

**ମନଛାଲ**—ଦେ. ବି (ସଂ. ମନଃଶିଳା)—ମନଃଶିଳା—
Mana chhāla মনছাল **मैनसिल** Realgar.

**ମନଜ**—ଗ୍ରା. ବି (ସଂ. ମନୋଜ)—ମନୋଜ; କନ୍ଦର୍ପ—Cupid.
Manaja [ଉ—ମନ ମନଜ ବହିଲ କହନ୍ତି । ଅଭିମନ୍ୟୁ. ବିଦଗ୍ଧଚିନ୍ତାମଣି । ]

**ମନଜଗା**—ଦେ. ବି—ଅନ୍ୟର ମନର ଭାବ ବା ଇଚ୍ଛାର ଅନୁରୂପ
Manajagā କାର୍ଯ୍ୟ କରିବା—Acting with a view
মনরাখা to please another. ଦେ. ବିଣ· ପୁଂ—୧ । ଯେ
**मनमुताविककामकरना, मनरखना** କିମ୍ବା ଯାହା ଅନ୍ୟ ବ୍ୟକ୍ତିର
[ମନରଖା(ଖା)—ଅନ୍ୟରୂପ] ମନୋବାଞ୍ଛା ପୂରଣ କରେ—
মনরাখা 1. Fulfilling another's desire. ୨ । ଖୋସା-
**मनमुताविककामकरनेवाला, मनरखा** ମଦିଆ—2. Flatter-
ମନ ଜଗିଆ, ମନରଖା, ମନରଖିଆ } ଅନ୍ୟରୂପ ing. ୩ । ମନସ୍ତୁଷ୍ଟିକାରକ—
3. Satisfying; pleasing; gratifying.
[ମନ ଜଗେଇ, ମନ ରଖେଇ—ସ୍ତ୍ରୀ]

ମନ ଜଗିବା—ଦେ. କ୍ରି—ଅନ୍ୟର ମନୋଗତ ଭାବକୁ ରକ୍ଷା କରି କାର୍ଯ୍ୟ Mana jagibā କରିବା; ସନ୍ତୁଷ୍ଟ କରିବା—To please a person; to act in such a manner that the person concerned will be pleased or humoured; to humour a person by acts and words.
মনরাখা; মনযোগান
मन रखना
ମନ ଜଗା[ଗେ]ଇବା
ମନ ଯୋଗା(ଗେ)ଇବା
ମନରଖିବା
ମନ ରକ୍ଷା କରିବା
ମନ ରଖିବା
—ଅନ୍ୟରୂପ
[ଉ—ଭୁ କେବଳ ଭକ୍ତବତ୍ସଳ, ଭକ୍ତ ମନ ରଖିବାକୁ ସଦା ବ୍ୟାକୁଳ। ମାଳମଣି ଅସ୍ତ୍ର ନିବେଦନ। ]

ମନ ଜଳିଯିବା—ଦେ. ବି (ସଂ. ମନଃ+ଜଳ. ଧାତୁ)—୧। ଅନ୍ତର୍ଦାହ Mana jalijibā ଉପସ୍ଥିତ ହେବା—1. Heart burning. ୨। ଗୁରୁତର ପଶ୍ଚାତ୍ତାପ—2. Grave repentance. ୩। ଗୁରୁତର ବିରକ୍ତି—3. Grave displeasure.
মন পুড়েযাওয়া
मन जलजाना
ମନ ପୋଡ଼ିଯିବା
ମନ ପୋଡ଼ିବା
ମନ ଜଳିବା
ଅନ୍ୟରୂପ

ମନ ଜାଣିବା—ଦେ. କ୍ରି (ସଂ. ମନସ୍+ଜ୍ଞା. ଧାତୁ)—ପରର ମନୋଗତ Mana jāṇibā ଭାବ ବୁଝି ପାରିବା—To understand another's mind. [ଉ—ଅହେ ସୁଧୀଶ୍ୱର ଭୂମିର ଜାଣି ମନ, ଏଠାକୁ ସ୍ୱଇଚ୍ଛାରେ ଅଇିଲ ବହନ। କୃଷ୍ଣସିଂହ—ମହାଭାରତ ବନ। ] ଦେ. ବି—ସାକ୍ଷାତ୍ ଅନୁଭୂତ—Direct experience.
মন জানা
मन जानना

ମନ ଜ୍ଞାନ—ଦେ. ବି (ତତ୍ପୁରୁଷ; ମନଃ+ଜ୍ଞାନ)—୧। ମନ ଓ କଳ୍ପନା; Mana jñāna ମନ ଓ ବୁଦ୍ଧି—1. Thought and knowledge. ୨। ମନୋଯୋଗ—2. Attention.
(ମନତତ୍ତ୍ୱ—ଅନ୍ୟରୂପ)
মনজ্ঞান
मनज्ञान

ମନଜ୍ଞାନ କରିବା—ଦେ. କ୍ରି—କୌଣସି ବିଷୟ ପ୍ରତି ମନୋଯୋଗ Mana jñāna karibā ଦେବା—To mind or attend to any matter.
মনে লওয়া
मनज्ञान करना

ମନ ଟଳା(ଳେ)ଇବା—ଦେ. କ୍ରି (ସଂ. ମନସ୍+ଟଳ. ଧାତୁ)—Mana ṭalā(le)ibā ୧। ଅନ୍ୟକୁ ସଙ୍କଳ୍ପରୁ ବିଚ୍ୟୁତ କରିବା—1. To cause one to be deflected from his purpose. ୨। ମୁଗ୍ଧ କରିବା—2. To enchant; to enamour.
মনটলান
मनहटाना (टालना)
(ମନ ଟାଳିବା—ଅନ୍ୟରୂପ)

ମନ ଟଳିବା—ଦେ. ବି—୧। ପୂର୍ବ ସଙ୍କଳ୍ପରୁ ମନ ବିଚ୍ୟୁତ ହେବା—Mana ṭaḷibā 1. Being deflected from one's resolve. original. ୨। ମୁଗ୍ଧ ହେବା—2. Being enchanted or enamoured.
মনটলা
मनहटना, मनटलना

ମନ ଟାଣିବା—ଦେ. କ୍ରି (ସଂ. ମନ+ଟଣ. ଧାତୁ)—୧। କୌଣସି Mana ṭāṇibā ବିଷୟ ପ୍ରତି ଅନ୍ୟର ମନକୁ ଆକୃଷ୍ଟ କରିବା—1. To attract another's mind to a certain matter. ୨। ଅନ୍ୟର ପ୍ରେମକୁ ନିଜ ପ୍ରତି ଆକର୍ଷଣ କରିବା—2. To attract another's mind or love to one's self.
মন টানা
मन खींचना

ମନ ଠଉରା(ରେ)ଇବା—ଦେ. କ୍ରି—ଅନ୍ୟର ମନୋଗତ ଭାବ Mana ṭhaurā(re)ibā ଅନୁମାନ କରିବା ବା ବୁଝି ପାରିବା—To guess or understand another's mind.
মন বোঝা
मनटो लेना, मन लेना

ମନ ଡରିବା—ଦେ. ବି—କୌଣସି ବିଷୟ ସମ୍ବନ୍ଧେ ମନରେ ଭୟ ବା Mana ḍaribā ଆଶଙ୍କା ଉପସ୍ଥିତ ହେବା—Having misgivings or apprehension about a matter.
ভয় পাওয়া
मन डरना
[ମନ ଡରା(ରେ)ଇବା—ଅନ୍ୟରୂପ]

ମନ ଡାକିବା—ଦେ. ବି—୧। କୌଣସି ବସ୍ତୁ ବା କାର୍ଯ୍ୟ ପାଇଁ ମନରେ Mana ḍākibā ଆକାଂକ୍ଷା ଜାତ ହେବା—1. Having a yearning or desire for something; wishing for something. ୨। କୌଣସି ବିଷୟ ଘଟିବ ବୋଲି ମନରେ ଆଶା ଜାଗ୍ରତ ହେବା—2. Expectation or anticipation of something.
মনডাকা, মন চাওয়া
मनचाहना
[ଉ—ଅହା ମନ ମୋର ଡାକୁଥିଲା ଯାହା, ସେହି ତା ଘଟିଲା ଫଳେ। ରାଧାନାଥ. ପାର୍ବତୀ। ]

ମନ ତରଳିବା—ଦେ. ବି (ସଂ. ମନଃ+ତରଳ)—ହୃଦୟ ଦୟାର୍ଦ୍ର ହେବା Mana taraḷibā Being melted with pity.
মনগলা
मन पिघलना
[ମନତରଳା(ଳେ)ଇବା—କ୍ରିୟାରୂପ]

ମନତୋଷ—ଦେ. ବି (ସଂ. ମନଃ+ତୋଷ)—ମନସ୍ତୁଷ୍ଟି (ଦେଖ) Manatosha মনতোষ मनतोस Manastushṭi (See)

ମନ ଥଣ୍ଡା(ଣ୍ଡ)—ଦେ. ବି (ସଂ. ମନସ୍+ଫା. ଠଣ୍ଡା)—୧। ଚିତ୍ତର Mana thanḍā(ya) ସ୍ଥିରତା; ମନର ଚାଞ୍ଚଲ୍ୟଶାନ୍ତି—1. Calmness of mind; serenity of mind; pacification of one's mental restlessness. ୨। ସନ୍ତୋଷ—2. Satisfaction; contentment.
মন ঠাণ্ডা
मन ठंडा
(ମଥ ଥିର—ଅନ୍ୟରୂପ)
(ମନ ଅଥିର—ବିପରୀତ)

ମନ ଥଣ୍ଡା କରିବା—ଦେ. କ୍ରି—ଅପଣା ମନକୁ ଶାନ୍ତ କରାଇବା—Mana thanḍā karibā To appease one's mind; to pacify one's mind.
মন বোঝান, মন ঠাণ্ডা করা
मनठण्डा करना
[ମନକୁ ବୁଝା(ଝେ)ଇବା—ଅନ୍ୟରୂପ]

ମନ ଥଣ୍ଡା ହେବା—ଦେ.ବି—ମନରେ ଶାନ୍ତି ବା ସନ୍ତୋଷ ଜାତ ହେବା—Mana thanḍā hebā Having peace or satisfaction of mind.
মন ঠাণ্ডা হওয়া
मन ठंडा होना

ମନ ଦଉଡ଼ିବା—ଦେ. ବି—୧। ମନରେ ପ୍ରବଳ ଇଚ୍ଛା ଜନ୍ମିବା—Mana daurḍibā 1. Intense desire for or hankering after a matter. ୨। ମନର ଗତି—2. Bent of mind; inclination.
মনছুটা
मन दौड़ना
[ମନଦଉଡ଼ା(ଡ଼େ)ଇବା—କ୍ରିୟାରୂପ]

ମନ ଦୁଃ(ଦୁ)ଖ—ଦେ. ବିଶ (ସଂ. ମନୋଦୁଃଖ)—୧। ଚିତ୍ତର Mana duḥ(du)kha ଅବସନ୍ନତା; ବିମର୍ଷତା; ମନୋବେଦନା—1. Mental affliction; grief. ୨। ଅପମାନ, ଅପ୍ରୀତି—2. Displeasure.
মনের দুঃখ
मन दुख

**ମନ ଦୁଃ(ଦୁ)ଖ କରିବା**—ଦେ. କ୍ରି (ସଂ. ମନୋଦୁଃଖ)—୧ । ଦୁଃଖିତ ହେବା—1. To grieve. ୨ । ଅଭିମାନ କରିବା—2. To be inwardly displeased with a person.
Mana duh(du)kha karibā
মন দুঃখ করা
**मन भारी करना**

**ମନ ଦୃଢ଼ କରିବା**—ଦେ. କ୍ରି ( ସଂ. ମନସ୍ + ଦୃଢ଼ )—୧ । ଦୃଢ଼ ସଂକଳ୍ପ କରିବା—1. To form a strong determination or fixed resolve. ୨ । ଅଟଳ ବିଶ୍ୱାସ କରିବା—2. To have a firm faith or belief. [ ଉ—ମନ ଦୃଢ଼ କଲେ ଗଡ଼ୁଆ ଗଙ୍ଗା—ପ୍ରବଚନ । ]
Mana drurdha karibā
মনকে দঢ় করা
**मन दृढ करना**

**ମନ ଦେବା**—ଦେ. କ୍ରି—୧ । ମନ ଗଳେଇବା ( ଦେଖ )—1. Mana galeibā ( See) [ ଉ—ମୋଠାରୁ ଶୁଣ ଭଲ କରି ମନ ଦେଇ । କୃଷ୍ଣସିଂହ. ମହାଭାରତ. ବନ । ] ୨ । ଆଦର କରିବା—2. To like; to have a liking for. [ ଉ—କମ୍ବଳ ଦ୍ରବେ ଦେଇ ମନ, ସୁଧା ଧାରୁ ସୁଧା ଧରୁଥଲେ, ଦେଲୁତ ଅଜାଡ଼ିରେ । କବିସୂର୍ଯ୍ୟ. ସଙ୍ଗୀତ । ] ୩ । କୌଣସି କାର୍ଯ୍ୟରେ ମନୋନିବେଶ କରିବା—3. To closely apply one's mind to any particular object.
Mana debā
মন দেওয়া
**मनदेना**

**ମନ ଧରା**—ଦେ. ବି (ସଂ. ମନଃ + ଧୃ ଧାତୁ )—ଅନ୍ୟର ଇଚ୍ଛା ଅନୁସାରେ କାର୍ଯ୍ୟ କରି ତାର ସନ୍ତୋଷ ଉତ୍ପାଦନ—Pleasing a person by acting according to his desire; humouring a person; captivating. [ ଉ—ତୋତେ ତ ଗୋତର, ପେଣି ଶିଶୁତର, ଯେତେ ରୂପେ ମନ ଧରା । କବିସୂର୍ଯ୍ୟ. ସଙ୍ଗୀତ । ]
Mana dharā
মন যোগান
**मनरखना**

**ମନ ଧରିବା**—ଦେ. କ୍ରି ( ସଂ. ମନଃ + ଧୃ ଧାତୁ )—୧ । କୌଣସି ବ୍ୟକ୍ତିର ଇଚ୍ଛାକୁ ଠଉରାଇବା—1. To read another's mind. ୨ । ମନ ଜଗିବା (ଦେଖ) 2. Mana jagibā ( See ) [ ଉ—ପୂର୍ବେ ଯୁଧିଷ୍ଠିରଙ୍କ ସଭାଲୋକମାନେ, ମନ ଧରଣ କରୁଥାନ୍ତି ଅବଶ୍ୟେ । କୃଷ୍ଣସିଂହ. ମହାଭାରତ. ବିରାଟ । ]
Mana dharibā
মনবুঝা
**मनटोना**

**ମନ ଧାଇଁବା**—ଦେ. ବି—ଲାଳାୟିତ ହେବା; କୌଣସି ବିଷୟ ପ୍ରତି ମନରେ ପ୍ରବଳ ଇଚ୍ଛା ଜନ୍ମିବା—Hankering after a particular thing. [ ଉ—ଦରିଦ୍ର ହାଥିଙ୍କ ଦୂର୍ଯ୍ୟତ, ଦେଖୁଥିଲେ ଦେଖୁଥିବାକୁ ମୋ ମନ, ଧାଇଁଥାଏ ନିତି ନିତି—କବିସୂର୍ଯ୍ୟ. ସଙ୍ଗୀତ ]
Mana dhāiṅbā
মনছুটা
**मन दौडना**

**ମନନ**—ସଂ. ବି ( ମନ ଧାତୁ = ବୋଧ କରିବା; ଜାଣିବା; ମନ କରିବା + ଭାବ. ଅନ )—୧ । ବୁଦ୍ଧି—1. Intelligence. ୨ । ପ୍ରଗାଢ଼ ଚିନ୍ତନ—2. Reflection; contemplation; deliberation. ୩ । କୌଣସି ବିଷୟରେ ଅନବରତ ଅନୁଚିନ୍ତନ—3. Harping upon a subject. ୪ । ଅନୁମାନ—4. Inference. ୫ । ଚିନ୍ତନ—5. Act of thinking. ୬ । ଧାରଣା; ଚିନ୍ତା—6. Thought; mental impression. [ଉ—ବଚନ ମନନ ଯାର ସତ୍ୟ ପୂତ ପୁଣି ସୁସଙ୍ଗତ । ମଧୁସୂଦନ. ସାହିତ୍ୟ ତରଙ୍ଗ । ] ୭ । ବୁଝିବା; ହୃଦୟଙ୍ଗମ କରିବା—7. Understanding. ୮ । ସଂକଳ୍ପ—8. Resolve; determination. ୯ । ଅଭିଳାଷ; ଇଚ୍ଛା—9. Wish; desire. ୧୦ । ନବଧା ଭକ୍ତିର ଦ୍ୱିତୀୟ ସୋପାନ; କୌଣସି ବିଷୟ ଶୁଣିବା ପରେ ମନରେ ତହିଁର ଚିହ୍ନ ବା ଛାପ ଅଙ୍କିତ ହେବାର ସୋପାନ; ଶୁଣା ହେବା ବିଷୟକୁ ବାରମ୍ବାର ବିଚାର କରି ମନରେ ତହିଁର ଦୃଢ଼ ଚିତ୍ର ଅଙ୍କିତ କରିବା ରୂପ ମାନସିକ ପ୍ରକ୍ରିୟା—10. The 2nd step in the processes of devotion in which an impression in left of the matter heard; mental rumination or musing.
Manana

**ମନ ନେବା**—ଦେ. କ୍ରି ( ସଂ. ମନସ୍ + ନୀ ଧାତୁ )—୧ । କୌଣସି ବ୍ୟକ୍ତିକୁ ସନ୍ତୁଷ୍ଟ କରିବା—1. To please a person. ୨ । ମୁଗ୍ଧ କରିବା—2. To enchant; to fascinate. ୩ । ପ୍ରସ୍ତାବିତ କାର୍ଯ୍ୟରେ କୌଣସି ବ୍ୟକ୍ତିର ସହାନୁଭୂତି ଅଛି କି ନାହିଁ, ଏହା ପରୀକ୍ଷାପୂର୍ବକ ସ୍ଥିର କରିବା—3. To ascertain after testing whether one has sympathy for any proposal.
Mana nebā
মন লওয়া
**मन हातमे लेना**
(ମନ ଝୁଲେଇବା, ମନ ଚୋଷିବା—ଅନ୍ୟରୂପ)

**ମନ ପତଳା କରିବା**—ଦେ. କ୍ରି ( ସଂ. ମନସ୍ + ପତଳ )—୧ । ଧୈର୍ଯ୍ୟ ବା ଦମ୍ଭ ହରାଇବା—1. To lose patience or fortitude. ୨ । ଭୀତ ହେବା—2. To fear; to be afraid.
Mana patalā karibā
মন পাতলা করা, মনমরা হওয়া
**मन पतला करना; मन मलिन करना; मन मौला ना**
( ମନ ପାତଳ[ଳା] କରିବା—ଅନ୍ୟରୂପ )
[ମନ ଦମ୍(ଟାଣ)କରିବା—ବିପରୀତ]

**ମନ ପତଳା ହେବା**—ଦେ. ବି—ମନ ଅଧୀର ହେବା—Loss of one's patience or equanimity.
Mana patalā hebā
মন মরা **मन पतला होना**

**ମନ ପବନ**—ଦେ. ବି—୧ । ମନରୂପ ପବନ—1. Wind compared in speed to the mind. ୨ । ପବନ ପରି ଚଞ୍ଚଳ ମନ—2. The mind compared in speed to the wind.
Mana pabana

**ମନପବନ(ନା)**—ଦେ. ବିଣ ( ସଂ. ମନସ୍ + ପବନ )—ଯାହା ପବନ ପରି ଦ୍ରୁତଗତି କରି ଲୋକଙ୍କୁ ଇପ୍ସିତ ସ୍ଥାନରେ ପହଞ୍ଚାଏ—Able to carry a person swiftly to the desired place.
Manapabana(nā)

**ମନପବନ(ନା) ଘୋଡ଼ା**—ଦେ. ବି—କାହାଣୀରେ ବର୍ଣ୍ଣିତ ଘୋଡ଼ା, ଯେଉଁ ଘୋଡ଼ାରେ ଚଢ଼ିବା ଲୋକ ଇପ୍ସିତ ସ୍ଥାନରେ ପବନଗତିରେ ପହଞ୍ଚେ—A fabulous horse which is said to swiftly carry its rider to the desired place.
Manapabana(nā) ghordā
মনপবনের ঘোড়া
**मन पवन घोडा**

ମନପବନ(ନା) ଡଙ୍ଗା (ନାଅ[ହ୍ନା])—ଦେ. ବ—କାହାଣୀରେ ବର୍ଣ୍ଣିତ
Manapabana(nā) ḍaṅgā (nāā[hā]) ନୌକା, ଯାହା
মনপবনের না ଆରୋହୀଙ୍କୁ ଇପ୍ସିତ ସ୍ଥାନରେ ପବନବେଗରେ
**मनपवननाव** (**डोङ्गा**) ବା ଅତିଶୀଘ୍ର ପହଞ୍ଚାଏ—A fabulous boat which is said to swiftly carry its passenger to any desired place.

ମନ ପଶିବା—ଦେ. ବ—କୌଣସି ବିଷୟରେ ବୁଦ୍ଧି ପ୍ରବେଶ କରିବା;
Mana pasibā ମନୋନିବେଶ—Concentration of one's
মনেঢুকা **मन पै[वि]ठना** attention on a particular
(ମନପଶ୍ୟ ହେବା—ଅନ୍ୟରୂପ) matter.

ମନ ପଶ୍ୟ କରିବା–( ସଂ. ମନଃ+ପ୍ରବେଶ )—୧ । କୌଣସି ବିଷୟକୁ
Mana pasya karibā ବା ଉପଦେଶକୁ ଖାତିର କରିବା—
মন ঢুকান 1. To care for a thing or advice. ୨ ।
**मनवैठाना** ମନ ଦେବା;ମନୋଯୋଗ କରିବା—2. To give one's attention to thing. ୩ । ସ୍ମରଣ କରିବା—3. To remember.

ମନ ପାଇବା—ଦେ. କ୍ରି ( ସଂ. ମନଃ+ପ୍ରାପ ଧାତୁ )—୧ । କୌଣସି
Mana pāibā ବ୍ୟକ୍ତିର ହୃଦଗତ ଭାବକୁ ହୃଦୟଙ୍ଗମ କରିବା—
মন পাওয়া **मन पाना** 1. To fathom a person's mind. [ ଉ—ଏତହିଁ ଫଳ-ଏତ ହେବା, ଅରେବ ମନ ନ ପାଇବା—ଭୂପତି ପ୍ରେମପଞ୍ଚାମୃତ । ] ୨ । ଚିତ୍ତ ରଞ୍ଜନ କରିବା—2. To please a person. ଦେ.
আসকারা পাওয়া ବ—୧। କୌଣସି କାର୍ଯ୍ୟରେ ସିଦ୍ଧି ବା ପ୍ରଶଂସା
**मन बढना** ଲାଭ କରିବା ଯୋଗୁଁ ଭବିଷ୍ୟତରେ ସେହିପରି କର୍ମ କରିବା ପାଇଁ ହୃଦୟରେ ସାହସ ବା ଉତ୍ସାହ ଜନ୍ମିବା—1. Being encouraged to do a similar act, having once been praised or rewarded for it. ୨। କୌଣସି କାର୍ଯ୍ୟରେ ମନର ପ୍ରସନ୍ନତା ଜନ୍ମିବା—2. Satisfaction.

ମନ ପୂରିବା—ଦେ. ବ (ସଂ. ମନ+ପୂର୍ଣ୍ଣ)—ମନସ୍କାମନା ସଫଳ ହେବା—
Mana pūribā The fructification or fulfilment
**मनपूरना होना** of one's desire. [ ଉ—ସେ କଥା ଅନ୍ୟଥା ନୋହିବ, ଅବଶ୍ୟ ତୋ ମନ ପୂରିବ—ଜଗନ୍ନାଥ. ଭାଗବତ]

ମନ ପୋଡ଼ିବା—ଦେ. କ୍ରି ( ସଂ. ମନଃ+ପୁଷ୍ ଧାତୁ )—ଅନ୍ୟର ମନକୁ
Mana poṛibā ଦୁଃଖିତ କରିବା—To cause grief to
মন পোড়ান **मनजलाना** another person.
( ମନ ପୋଡ଼ିଦେବା—ଅନ୍ୟରୂପ ) মনপোড়া ଦେ. ବ—୧ ।
**मन जलना** ( ମନ ପୋଡ଼ିଯିବା—ଅନ୍ୟରୂପ ) ମନରେ ଗଭୀର ଦୁଃଖ ବା ବିରକ୍ତି ଜାତ ହେବା—1. Grave displeasure or grief. ୨ । କୌଣସି ବିଷୟ ପ୍ରତି ପୂର୍ବ ଉତ୍ସାହର ଲଘିତ ବା ଅଗ୍ରହର ଲୋପ—2. The abatement of one's zeal for a certain matter.

ମନ ଫଟା—ଦେ. ବ ( ସଂ. ମନଃ+ସ୍ଫୁଟ୍ ଧାତୁ )—୧ । ବନ୍ଧୁଦ୍ୱୟଙ୍କ
Mana phaṭā ମଧ୍ୟରେ ମନୋମାଳିନ୍ୟ ବା ମାନସିକ ଅପ୍ରସନ୍ନତା—
মন ফাটা **मन फटना** 1. Dissension between two friends. ୨ । ମନୋଦୁଃଖ—2. Sorrow; mental pang. ୩ । ଉତ୍ସାହଭଙ୍ଗ—3. Abatement of zeal. [ ଉ—ଅମୃତ ଏହୁ ଦଶା ଦେଖି ମନଫଟା, ନ କର ଯୁଦ୍ଧ କର ଭଥ ହେ ସଖା—କୃଷ୍ଣସିଂହ. ମହାଭାରତ. ବିରାଟ ।]

ମନ ଫଟା(ଟେ)ଇବା—ଦେ. କ୍ରି ( ସଂ. ମନଃ+ସ୍ଫୁଟ୍ ଧାତୁ )—ଦୁଇ
Mana phaṭā(ṭe)ibā ବନ୍ଧୁ ବା ପ୍ରଣୟୀଙ୍କ ମଧ୍ୟରେ ମନୋ-
মন ফাটান (বিগড়ান) ମାଳିନ୍ୟ ଘଟାଇବା—To cause
**मन फटाना** dissension between two friends or
(ମନ ଫାଡ଼ିବା, ମନ ଫଡ଼ା[ଡ଼େ]ଇବା—ଅନ୍ୟରୂପ ) lovers.

ମନ ଫଟାଫଟି—ଦେ. ବ—ଦୁଇ ବନ୍ଧୁ ବା ପ୍ରଣୟୀଙ୍କର ଉଭୟ ପ୍ରତି
Mana phaṭāphaṭi ଉଭୟଙ୍କର ମନର ଅପ୍ରସନ୍ନତା—Mutual
মন কষাকষি ill feeling or misunderstanding between
**दोनोका मन फटजाना** two friends or two lovers.

ମନ ଫା(ଫି)ଟିବା–ଦେ. ବ—୧ । ଦୁଇ ଜଣଙ୍କର ମନୋମାଳିନ୍ୟ
Mana phā(phi)ṭibā ବା ଏକତାର ଲୋପ ଘଟିବା—
মন ফেটে যাওরা, **मन कषाकषि हरा** 1. The cropping
**मन फटना** up of discord or split between two persons. ( ଉ—ରାଜାମାନଙ୍କରେ ଜଣକୁ
ମନଫିଟିଯିବା, } ସେନାପତି, ତଳେ ମନ
ମନ ଫାଟିଯିବା }—ଅନ୍ୟରୂପ ଫିଟିଯିବ ହେ ମହାମତି—
କୃଷ୍ଣସିଂହ. ମହାଭାରତ. ସ୍ତ୍ରୀ ।) ୨ । କୌଣସି ବିଷୟ ପ୍ରତି ବିରାଗ ଜନ୍ମିବା—2. Becoming apathetic or averse to any thing.

ମନ ଫି(ଫ)କା ପଡ଼ିଯିବା—ଦେ. ବ ( ସଂ. ମନଃ+ଅ. ଫକା )—
Mana phi(pha)kā parḍijibā ୧ । ନିରୁତ୍ସାହ ହେବା;
মন মরা **मन फिका पडजाना** ମନ ମରିଯିବା; ଅଗ୍ରହର ଲୋପ—
(ମନ ଫିକା ହେବା—ଅନ୍ୟରୂପ) 1. Becoming discouraged or devoid of zeal. ୨ । ବିରସ ହେବା—
(ମନ ମଉଳିବା—ଅନ୍ୟରୂପ) 2. Being dejected.

ମନ ଫୁଲଣା—ଦେ. ବଣ ( ସଂ. ମନସ୍+ଶ୍ରୀତ )—୧ । ଚିନ୍ତାଶୂନ୍ୟ—
Mana phulaṇā 1. Free from anxiety. ୨ । ଫୁର୍ତ୍ତି-
নিশ্চিন্ত, ফুর্ত্তিবাজ ଚିତ୍ତ; ଫୁର୍ତ୍ତିବାଜ୍—2. Merry. ୩ । ଯେଉଁ
**मनमौजी,फुर्तीला** ଲୋକ ସଂସାରର ଦୁଃଖକୁ ଦୁଃଖ ବୋଲି ମନରେ
( ମନଫୁଲଣିଆ—ଅନ୍ୟରୂପ ) ଘେନେ ନାହିଁ—3. Happy-go-
( ମନଫୁଲଣୀ—ସ୍ତ୍ରୀ ) lucky ( person ). [ ଉ—ମନ ଫୁଲଣିଆ ଗୀତ ଗାଏ, ଅଘୋରା କାଖ ବାପଘର ଯାଏ—ଢଗ । ]

ମନ ଫେରଣ—ଦେ. ବ ( ଖ୍ରୀଷ୍ଟିୟାନ୍ ପାଦ୍ରୀମାନଙ୍କ ସୃଷ୍ଟ ଶବ୍ଦ; ସଂ. ମନଃ
Mana pheraṇa +ପ୍ରତ୍ୟାବର୍ତ୍ତନ )—୧ । ମାନସିକ ଅବସ୍ଥାର
মন ফিরা ବା ମନୋବୃତ୍ତିର ବା ଧାରଣାର ପରିବର୍ତ୍ତନ—
**मन फेरना; मनफेरना** 1. Change of one's mental condition, mentality or outlook. ୨ । ଅନୁତାପ—2. Remorse; repentance.

**ମନ ଫେରା(ରେ)ଇବା**—ଦେ. କ୍ରି—(ସଂ. ମନସ୍+ପ୍ରତ୍ୟାବର୍ତ୍ତନ)—୧। Mana pherā(re)ibā ପ୍ରଥମ ମତ ବା ସଙ୍କଳ୍ପରୁ ପରିବର୍ତ୍ତନ କରିବା—1. To change one's mind or opinion. (ବାଇବ୍‌ଲ ଅନୁବାଦ) ୨। ଅନୁତାପ କରିବା—2. (Bible) To repent.
মন ফিরান मन फेरना

**ମନ ଫେରିଯିବା**—ଦେ. ବି—୧। ମାନସିକ ଅବସ୍ଥାର ବା ଧାରଣାର ପରିବର୍ତ୍ତନ—1. Change of one's mental condition or outlook. ୨। ଦୁଶ୍ଚିନ୍ତାରୁ ବା ବିରସ ପଣରୁ ମନର ବିରତି—2. Diversion of one's mind from distressful thoughts or melancholy.
Mana pheri jibā; মন ফিরে যাওয়া मनफीरजाना (ମନ ପରିବର୍ତ୍ତନ, ମନ ବଦଳିବା—ଅନ୍ୟରୂପ)

**ମନ ବଢ଼ିବା**—ଦେ. ବି—(ସଂ. ମନଃ+ବୃଦ୍ଧି)—୧। ମନ ବଳିବା (ଦେଖ)—1. Mana baḷibā (See)
Mana bardhibā; আসক্তি হওয়া मन बढ़ना
[ଉ—ତାର ଚରଣ ସେବା ଲାଗି ଯୁବା ପ୍ରଭୁଙ୍କ ମନ ବଢ଼ି। ଭାଗବତ।] (ମନ ବଢ଼ି ଯିବା—ଅନ୍ୟରୂପ) ମନ ବଢ଼ି। ଭାଗବତ।]
আসাকার পাওয়া ୨। ଅସକ୍ତିର ଆଧିକ୍ୟ—2. Having excess of attachment; being enamoured.
୩। ମନ ପାଇବା (ବି) (୧) ଦେଖ—3. Mana pāibā (noun) (1) (See)

**ମନ ବଳା(ଳେ)ଇବା**—ଦେ. କ୍ରି—(ସଂ. ମନଃ+ବୃଦ୍ଧି)—କୌଣସି କାର୍ଯ୍ୟ କରିବାକୁ ଦୃଢ଼ସଂକଳ୍ପ କରିବା ବା ଲାଳାୟିତ ହେବା—To be determined or resolved to do a thing; to be bent upon doing a thing.
Mana baḷā(ḷe)ibā; সংকল্প করা मन बढ़ाना
(ଉ—ଡଳାଡଳ ନୟନ ଭଲା ବିଷକୁ ମନ ବଳାଅଛେ। ବଇଦେହୀଶ ବିଳାସ, ଉପେନ୍ଦ୍ରଭଞ୍ଜ) ଲାବଣ୍ୟବତୀ, ସଙ୍ଗୀତ।)

**ମନ ବଳିବା**—ଦେ. ବି—(ସଂ. ମନସ୍+ବୃଦ୍ଧି)—୧। କୌଣସି କାର୍ଯ୍ୟ କରିବା ପାଇଁ ମନରେ ଦୃଢ଼ ପ୍ରତିଜ୍ଞାର ବା ଲାଳସାର ବା ଅସକ୍ତିର ଉଦ୍ରେକ—1. Hankering after or determination to do a thing; being bent on doing a thing.
Mana baḷibā; আসক্তি হওয়া मन बढ़जाना
(ଉ—ପୁଣି ଚଳିବାକୁ ଏବେହେ ପଥ ବଳଇ ମନ। ରାଧାନାଥ. ଚନ୍ଦ୍ରଭାଗା) ୨। କୌଣସି ବ୍ୟକ୍ତି ପ୍ରତି ପ୍ରଣୟାସକ୍ତି ଜନ୍ମିବା—2. Being enamoured of a person.

**ମନ ବହଲା**—ଦେ. ବଣ—୧। ଯେଉଁ ବ୍ୟକ୍ତି ବା କାର୍ଯ୍ୟଦ୍ୱାରା ଖିନ୍ନହୃଦୟ ବ୍ୟକ୍ତିର ମନରେ ପ୍ରସନ୍ନତା ଜନ୍ମେ—1. (any person or act) Diverting the mind of a person from grief or sad thoughts. ୨। ମନ ଭୁଲାଣିଆ (ଦେଖ)—2. Mana bhulāṇiā (See) ଦେ.ବି—ଖିନ୍ନ ହୋଇ ଥିବା ମନର ପ୍ରସନ୍ନତା ଜନ୍ମାଇ—Diversion of one's mind from grief or sad thoughts.
Mana bahaḷā

**ମନ ବହଲା(ଳେ)ଇବା**—ଦେ. କ୍ରି.—୧। ଦୁଶ୍ଚିନ୍ତାରୁ ବା ଶୋକରୁ ଅପଣାର ବା ପରର ମନକୁ ପ୍ରସନ୍ନତା ଅଡ଼କୁ ଅଣିବା—1. To divert one's own or another's mind from grief or sad thought. ୨। ମନ ଭୁଲାଇବା (ଦେଖ)—2. Mana bhulāibā (See)
Mana bahalā(le)ibā; মন ফিরান मन बहलाना (ମନ ବହଲିବା—ବିଶେଷ୍ୟରୂପ)

**ମନ ବାଉଳା**—ଦେ.ବଣ.ପୁଂ—ଶୋକ ବା ପ୍ରମୋଦାଦ ଯୋଗୁଁ ଯାହାର ବୁଦ୍ଧି ବା ସ୍ମୃତିଭ୍ରଂଶ ଘଟିଅଛି—Become mad or forgetful on account of grief or joy.
Mana bāuḷā; ଭୋଳ मन सनकी (ମନ ବାଉଳୀ—ସ୍ତ୍ରୀ)

**ମନ ବାଉଳା(ଳି) ହେବା**—ଦେ. ବି—ପ୍ରେମ ବା ଶୋକାଦିଦ୍ୱାରା ବୁଦ୍ଧି ଘଟିବା—Forgetfulness due to love or grief.
Mana bāuḷā(ḷi) hebā; मन सनकना

**ମନବାଞ୍ଛା**—ଗ୍ରା. ବି (ସଂ. ମନୋବାଞ୍ଛା)—ମନସ୍କାମନା—Hearts wish.
Manabāñchhā; মনবাঞ্ছা मनवाञ्छा

**ମନବିକଳ**—ସଂ. ବି (ମନଃ+ବ୍ୟାକୁଳତା)—ଚିତ୍ତର ବ୍ୟାକୁଳତା; ଶୋକାଧିରତା—Restlessness due to grief; distraction of mind.
Manabikaḷa; মনব্যাকুল मनविकल (ମନବିକଳା—ବଣ)

**ମନ ବିକଦେ(ହେ)ବା**—ଦେ.କ୍ରି (ସଂ.ମନ+ବି+କ୍ରୀ ଧାତୁ)—୧। ଅନ୍ୟ ବ୍ୟକ୍ତିର ସମ୍ପୂର୍ଣ୍ଣ ବଶ ହେବା; ଅନ୍ୟ ବ୍ୟକ୍ତି ଠାରେ ଅପଣାର ମନକୁ ସମର୍ପଣ କରିବା—1 To offer full homage to a person; to sell one's heart to a person. ୨। ଅନ୍ୟଠାରେ ପୂର୍ଣ୍ଣରୂପେ ଆସକ୍ତ ହେବା—2. To be completely attached to or enamowred of a person.
Mana bikide(he)bā; মনসম্পেদেওয়া मनबेचदेना, मनसौंपना (ମନ ସମର୍ପି ଦେବା—ଅନ୍ୟରୂପ)

**ମନ ବିଗାଡ଼ିବା**—ଦେ. ବି (ସଂ. ମନଃ+ବିକାର)—୧। ଅନ୍ୟର ମନରେ ବିରକ୍ତିଭାବ ଜନ୍ମାଇବା—1. To bring about or sow seeds of displeasure in another's mind. ୨। ମନୋମାଳିନ୍ୟ ଘଟାଇବା—2. To bring about mental rupture or discord between 2 persons.
Mana bigārdibā; মনবিগড়ান मनबिगाड़ना [ମନବିଗ(ଗି)ଡ଼ା(ଡ଼େ)ଇବା—ଅନ୍ୟରୂପ] (ମନବିଷା[ଶେ]ଇ ଦେବା—ଅନ୍ୟରୂପ)

**ମନ ବିଗିଡ଼ିବା**—ଦେ. ବି (ସଂ. ମନଃ+ବିକାର)—୧। ମନୋଦୁଃଖ—1. Dejection. ୨। ଅପତ୍ତି; ମନ ଛାଡ଼ିଯିବା; ମନୋମାଳିନ୍ୟ ଘଟିବା—2. Mental difference.
Mana bigirdibā; মনবিগড়া, মনভাঙ্গা मनबिगड़ना, मनमोटाहोना (ମନଭାଙ୍ଗିବା, ମନବିରସିବା—ଅନ୍ୟରୂପ)

**ମନ ବିଡ଼ିବା**—ଦେ. କ୍ରି (ସଂ. ମନ+ବିଡ଼ ଧାତୁ=ଭେଦ କରିବା)—ଅନ୍ୟ ବ୍ୟକ୍ତିର ମନୋଗତ ଭାବକୁ ପରୀକ୍ଷା କରିବା—To test the mental thoughts of a person.
Mana birdibā; মনপরীক্ষাকরা मनजाँचना

**ମନ ବିରସ**—ଦେ. ବି (ସଂ. ମନଃ+ବିରସ)—ଚିତ୍ତର ଅପ୍ରସନ୍ନତା ବା ବିରକ୍ତି—Mental gloom
Mana birasa; মনমরা मनविरस

**ମନ ବୁଝା**—ଦେ. ବଣ ( ସ. ମନଃ+ବୋଧ )—ସାନ୍ତ୍ୱନାପ୍ରଦ—
Mana bujha मनबुझाव Consolatory.

**ମନ ବୁଝିବା**—ଦେ. କ୍ର (ସ. ମନଃ+ବୋଧ)—୧ । ମନବୋଧ ହେବା;
Mana bujhibā ମନରେ ଶାନ୍ତ ହେବା—1. Satisfaction or pacification of mind.
মনবুঝা मनसुमना
(ମନବୁଝିଯିବା—ଅନ୍ୟରୂପ) ୨ । ସାନ୍ତ୍ୱନା ପାଇବା; ଆଶ୍ୱସ୍ତ ହେବା—2. Consolation. ଦେ. କ୍ରି—୧ । ମନ ଜଳିବା
মন পরীক্ষা করা मन जांचना (ଦେଖ)—1. Mana kalibā (See) ୨ । ମନ କଷିବା (ଦେଖ)—2. Mana kasibā (See) ୩ । ମନ ଜଗିବା (ଦେଖ)—Mana jagibā (See)

**ମନ ବୋଧ**—ଦେ. ବ ( ସ. ମନସ୍+ବୋଧ )—୧ । ମନସ୍ତୁଷ୍ଟି—
Mana bodha 1. Satisfaction. ୨ । ଅପଣା ମନକୁ
মনকে বুঝান मनबोधन ବୁଝାଇବା—2. Introspection.
୩ । ନିର୍ଜନରେ ଅପଣାର ମନକୁ ସମ୍ବୋଧନ—3. Soliloqy. (ଯଥା—ମନବୋଧ ଚଉତିଶା) ।

**ମନ ବୋଧିଆ**—ଦେ. ବଣ—୧ । ମନକୁ ସନ୍ତୁଷ୍ଟ କରିବାକୁ ସମ ବା
Mana bodhiā ସମର୍ଥ—1. Capable of satisfying
মনেরমত মনভুলান one's mind; giving satisfaction.
मनबोधन ୨ । ମନଭୁଲାଣିଆ—2. Beguiling.

**ମନ ବ୍ୟାକୁଳ**—ଦେ.ବ (ସ. ମନୋବ୍ୟାକୁଳତା)—୧ । ଚିତ୍ତବ୍ୟାକୁଳତା
Mana byākula 1. Mental perturbation.
মনব্যাকুল मनकीविकलता ୨ । ମନ ଖରାପ—2. Depression of mind; mental gloom.
[ମନବ୍ୟାକୁଳା, ମନବ୍ୟାକୁଳିଆ—ପୁଂ ] ବଣ
ମନବ୍ୟାକୁଳୀ, ମନବ୍ୟାକୁଳେଇ—ସ୍ତ୍ରୀ ]

**ମନ ଭଙ୍ଗା**—ଦେ. ବଣ. ପୁଂ—ଯାହା ବା ଯେ ଦୁଇଜଣଙ୍କ ମଧ୍ୟରେ ମନୋ-
Mana bhangā ମାଳିନ୍ୟ ଘଟାଏ—Bringing about or causing mental estrangement between two persons.
[ମନଭଙ୍ଗାଣିଆ(ଆଁ)—ଅନ୍ୟରୂପ]
ମନଭଙ୍ଗା(ଙ୍ଗେ)ଇ } ସ୍ତ୍ରୀ
ମନଭଙ୍ଗାଣୀ }
মন ভাঙ্গান मन तोडनेवाला

**ମନ ଭଙ୍ଗା(ଙ୍ଗେ)ଇବା**—ଦେ. କ୍ରି—୧ । ଦୁଇଜଣଙ୍କ ମଧ୍ୟରେ ମନୋ-
Mana bhangā(nge)ibā ମାଳିନ୍ୟ ଘଟାଇବା—1. To
মন ভাঙ্গান cause mental rupture between two
मनतोडना persons. ୨ । ବିରକ୍ତ ଭାବ ଜନ୍ମାଇବା—2. To sow seeds of displeasure. ୩ । ବୁଝା-ବୋଲ କରି କୌଣସି ସଂକଳ୍ପିତ କାର୍ଯ୍ୟରୁ ନିବୃତ୍ତ କରିବା—3. To induce a person to desist from a resolve.

**ମନ ଭାଙ୍ଗିଯିବା**—ଦେ. କ୍ର—୧ । ମନ ବିଗିଡ଼ିବା ( ଦେଖ )—1.
Mana bhāngijibā Mana bigirdibā ( See )
মন ভেঙ্গে যাওয়া ୨ । ନିରୁତ୍ସାହିତ ହେବା—2. Being
मन टूट जाना discouraged or deprived of vigour; abatement of eagerness for a thing.
(ମନ ଭୁଶଯିବା, ମନ ଛୁଟିଯିବା, ମନ ହରିବା—ଅନ୍ୟରୂପ)

**ମନ ଭ(ଭା)ବୁକା(ସି)**—ଦେ. ବଣ—୧ । ମନମଉଜୀ; ମନମୁଖୀ; ମନ୍ଦୁଖ
Mana bha(bhā)bukā(si) 1. Arbitrary; self-
একগুঁয়ে। willed. ୨ । ଯେ ସର୍ବଦା ପ୍ରଫୁଲ୍ଲ ଥାଏ—2. One
প্রফুল who is of a cheerful disposition of
मनमौजी mind. ୩ । ସ୍ୱେଚ୍ଛାରେ କୃତ ( କର୍ମ )—3. (act ) Done according to one's free will.

**ମନ ଭୁଲା(ଲେ)ଇବା**—ଦେ. କ୍ରି ( ସ. ମନସ୍+ଭ୍ରମ )—୧ ।
Mana bhulā(le)ibā କୌଣସି ବ୍ୟକ୍ତିର ମନକୁ ତାହାର
মন ভোলান; মন ভুলান ସଂକଳ୍ପରୁ କୌଶଳକ୍ରମେ ଟଳାଇ ଦେବା
मन भूलाना —1. To shrewdly cause a person to deviate from one's resolve. ୨ । ଚିତ୍ତ ମୁଗ୍ଧ କରିବା—2. To enchant a person.

**ମନ ଭୁଲାଣିଆ(ଆଁ)**—ଦେ. ବଣ—୧ । ଯେଉଁ ବ୍ୟକ୍ତି କୌଶଳକ୍ରମେ
Mana bhulāniā(āñ) ଅନ୍ୟର ମନକୁ ସଂକଳ୍ପରୁ ଭ୍ରଷ୍ଟ କରେ
মন ভুলানিআ ବା ଟଳାଏ—1. Shrewdly causing a person to deviate from one's resolve.
୨ । ଯେଉଁ କାର୍ଯ୍ୟଦ୍ୱାରା ମନୁଷ୍ୟର ମନ ମୌଳିକ ସଂକଳ୍ପରୁ ଭ୍ରମରେ ଟଳିଯାଏ—2 ( work ) Which causes a man to deviate from his original resolve unawares. ୩ । ଚିତ୍ତମୁଗ୍ଧକର—3. Fascinating; enchanting.

**ମନ ଭୁଲିବା**—ଦେ. କ—୧ । ମୁଗ୍ଧ ହେବା—1. Being enchant-
Mana bhulibā ed or beguiled. ୨ । ଜାଣତ ଅଜ୍ଞା-
মন ভুলা मन भूलना ତରେ ବା ଅସାବଧାନତାରେ ସଙ୍କଳ୍ପରୁ ଟଳିବା—2. Unconscious deviation from one's resolve.

**ମନ ଭୋଳ ହେବା**—ଦେ କ—ମନ ବାଉଳା ହେବା ( ଦେଖ )—
Mana bhola hebā Mana bāulā hebā ( See )
মন ভোল হওয়া मन भोल होना

**ମନ ଭ୍ରମର ଗୁମ୍ଫାରେ ପଶିବା**—ଦେ.କ—ମନ ଘର ଧରିବା—(ଦେଖ).
Mana bhramara gumphāre pasibā —Mana ghara dharibā ( See )

**ମନ ମଉଜୀ**—ଦେ. ବଣ ପୁଂ. ( ସ. ମନଃ+ଫା. ମୌଜ )—୧ । ଯେ
Mana mauji ସର୍ବଦା ପ୍ରଫୁଲ୍ଲମନା—1. Always merry.
ମନମୌଜୀ(ମୌଜିଆ) } ଅନ୍ୟରୂପ ୨ । ଯଥେଚ୍ଛାଚାରୀ—2. Despotic; arbitrary.
ମନମଉଜିଆ }
একগুঁয়ে मनमौजी
(ମନ ମଉଜୀ, ମନ ମଉଜେଇ—ସ୍ତ୍ରୀ)

**ମନ ମକଚ ହୋଇଯିବା**—ଦେ. କ—୧ । ମନ ମରିଯିବା; ମନରେ
Mana makachi hoijibā କୌଣସି ବିଷୟ ପ୍ରତି ଉତ୍ସାହ ନ
মন মরা রହିବା—1. Becoming disgusted or
मन टूटना apathetic towards a matter. ୨ । ଉପାୟାନ୍ତର-ଅଭାବ ହୋଇ ଚେଷ୍ଟାଶୂନ୍ୟ ହେବା—2. Desisting from exertion, having no other alternative.
ମନ ମକଚ ହେବା } ଅନ୍ୟରୂପ
ମନ ମକଚ ହୋଇ ରହିବା }

ମନ ମଜ୍ଜା(ଜ୍ଜେ)ଇବା—ଦେ. କ୍ରି (ସଂ. ମନସ୍+ମସ୍ଜ୍. ଧାତୁ)—ଅନ୍ୟର Mana majjā(jje)ibā ମନକୁ ମୁଗ୍ଧ କରିବା—To charm or fascinate another's mind.
मन मजाना
मन मनाना(मोहना) [ମନ ମଜା(ଜେ)ଇବା—ଅନ୍ୟରୂପ]

ମନ ମଜ୍ଜି(ଜି)ବା—ଦେ.ବି.ସଂ (ମନସ୍+ମଜ୍ଜନ)—ମୁଗ୍ଧ ହେବା; ପ୍ରେମ- Mana majji(ji)bā ମୁଗ୍ଧ ହେବା—Being fascinated or charmed.
মন মজা मन मोहितहोना
(ମନ ମଜ୍ଜିବା—ଅନ୍ୟରୂପ)

ମନ ମତା (ମତୁଆ)—ଦେ. ବିଣ (ବଂ. ମଦୋନ୍ମତ୍ତ)—୧ । କାମାଗ୍ରସ୍ତ; Mana matā (matuā) ସ୍ୱେଚ୍ଛ; ଯେ ଆପଣା ଇଚ୍ଛାନୁଯାୟୀ କାମ କରେ—1. Despotic; arbitrary. ୨ । ହର୍ଷୋନ୍ମତ୍ତ—2. Mad with joy. ୩ । ମଦୋନ୍ମତ୍ତ—3. Maddened with pride. ୪ । ଯେଉଁ ବ୍ୟକ୍ତି ଅନ୍ୟର ମନକୁ କୌଣସି ବିଷୟ ପ୍ରତି ମତ୍ତ କରାଏ—4. Causing another to become mad after a thing; maddening. ଦେ. ବି (ସଂ.ଉନ୍ମତ୍ତତା)—କୌଣସି ବିଷୟ ପ୍ରତି ଅଳ୍ପକାଳସ୍ଥାୟୀ ଅତ୍ୟନ୍ତ ଲାଳସା—
মন সরিআ
मैमंत, मनमत
( ମନମତୁଆ—ଅନ୍ୟରୂପ )
ମନମତୀ } ସ୍ତ୍ରୀ
ମନମତେଇ
মনের ঝোঁক मनकायूक

ମନ ମତା(ତେ)ଇବା—ଦେ. କ୍ରି (ସଂ. ମନଃ+ମତ୍ତ)—୧ । କୌଣସି Mana matā(te)ibā ବ୍ୟକ୍ତିର ମନକୁ ଉନ୍ମତ୍ତ କରାଇବା—1. To cause a person to become mad after a thing. ୨ । ଉତ୍ତେଜିତ କରିବା—2. To excite a person.
মন মাতান
मन मताना

ମନମଥ—ସ୍ତ୍ରୀ (ପଦ୍ୟ) ବି (ସଂ. ମନ୍ମଥ)—ମନ୍ମଥ; କନ୍ଦର୍ପ; କାମ— Manamatha Cupid.
মনমথ मनमथ

ମନମଥ(ଥି)ନୀ—ଦେ. ବିଣ. ସ୍ତ୍ରୀ (ସଂ. ମନସ୍+ମଥିନୀ)—୧ । ମନରେ Manamatha(thi)ni କ୍ଲେଶଦାୟିନୀ; ମନରେ ପୀଡ଼ାଦାୟିନୀ—1. Causing distress or mental uneasiness. ୨ । ଚଞ୍ଚଳତାଦାୟିନୀ—2. Causing restlessness of mind. (ଉ—ମନମଥ ନାମ ଯାତ, ମନମଥନୀ ଭୁ ଅଟୁ ତାହାର । କବିସୂର୍ଯ୍ୟ. ଛାନ୍ଦ ଗୀତ ।)

ମନମନ—ଦେ. ବି—ମନ୍ମନ (ଦେଖ)—Manmana (See).
Manamana (ଉ—କାମିନୀ ସୁରତ କାଳେ ମନ ମନ ଶବଦ ପରାୟେ ଘଟନ୍ତି । ଗୋପୀକୃଷ୍ଣ. ରସକଲ୍ଲୋଳ । )

ମନମନ କରିବା—ଦେ. କ୍ରି—ମନ ବଳାଇବା; ଇଚ୍ଛା କରିବା— Manamana kariba To wish ; to feel inclined towards; to be bent on a thing. (ଉ— ମାଳକଣ୍ଠ ଘନ ଘନ ନାଦେ କଲ୍ପ ଛନ୍ଦ ଛନ୍ଦ ପୁଣି ବଳେ କଲ୍ ମନ ମନ । ଭକ୍ତ. ପ୍ରେମସୁଧାନିଧି )
মন্‌বসান
मन करना

ମନ ମନା(ନେ)ଇବା—ଦେ. କ୍ରି—(ସଂ. ମନ୍ ଧାତୁ)—୧ । ସନ୍ତୁଷ୍ଟ Mana manā(ne)ibā କରିବା—1. To please. ୨ । ରାଜି କରିବା—2. To cause to consent or agree.
মন পাওয়া
मन मनाना

ମନ ମରଜି—ଦେ. ବି—(ସଂ. ମନଃ+ପା. ମର୍ଜୀ )—ସ୍ୱଇଚ୍ଛା—, Mana maraji One's free will; desire. ଦେ.କ୍ରି.ବିଣ—ଯଥେଚ୍ଛା—At will.
মনের ইছা मन मरजि

ମନ ମରିଯିବା—ଦେ. ବି—(ସଂ. ମନସ୍+ମୃ ଧାତୁ)—ପ୍ରଥମେ ଅନୁରାଗ Mana marijibā ଜନ୍ମିଥିବା ବିଷୟ ପ୍ରତି ଉତ୍ସାହ କମିଯିବା—Abatement of one's enthusiasm for a thing. [ଉ—ତେଲଅ ଖାଲୁ, ମନ ମର ଗଲ୍ପ ସେହି ପଦରୁ । ଛଗ ।]
মন মরা
मन टूटना
(ମନ ମରିବା, ମନ ଛାଡ଼ିଯିବା—ଅନ୍ୟରୂପ)

ମନ ମାଡୁ—ଦେ. ବି—(ସଂ. ମନସ୍+ମତ୍ତତା)—୧ । ମନର ଉନ୍ମାଦ; Mana mātu ମାନସିକ କଣ୍ଡୁ; ମନର ଅନ୍ତରର ପ୍ରଫୁଲ୍ଲତା— 1. Mental itching; buoyancy of spirits. ୨ । ଦୁଷ୍ଟାମୀ; ପରର ଅନିଷ୍ଟ କରି ବା ପରର କଷ୍ଟ ଦେଖି ସୁଖ ଅନୁଭବ କରିବା ପ୍ରବୃତ୍ତି—2. Wickedness; wantonness. ୩ । ଚିତ୍ତ-ଚାଞ୍ଚଲ୍ୟ—3. Mental restlessness. ୪ । ଅସ୍ମ-ଗର୍ବ—4. Self-pride. ୫ । କୌଣସି ବସ୍ତୁ ବା ବିଷୟ ପ୍ରତି ଅତ୍ୟନ୍ତ ଲାଳସା; ହମ ହମ ହେବା— 5. Excessive hankering after something.
মনের কণ্ডু
मनका दोष
ମନ କାଡୁ (ଣ୍ଡୁ) } —ଅନ୍ୟରୂପ
(ମନକା(କି)ଣ୍ଡୁ }

ମନ ମାନିବା—ଦେ. ବି—୧। ମନସ୍ତୁଷ୍ଟି ହେବା—1. Satisfaction; Mana mānibā being satisfied. ୨ । ପସନ୍ଦ ସଙ୍ଗ ହେବା; ମନୋମତ ହେବା— 2. Being according to one's choice or liking. ୩ । ଅନୁଭବଦ୍ୱାରା ଜ୍ଞାନ ଜନ୍ମିବା—3. Wisdom resulting from one's experience.
মন মানা
मन भरना मन मानना

ମନ ମାଫିକ୍(କେ)—ଦେ.ବିଣ. (ସଂ.ମନଃ+ଆ.ମୁଆଫିକ୍)—ମନକୁ ଗୃହିଁ; Mana māphik(ke) ମନୋମତ; ଅଭୀଷ୍ଟ ମୁତାବକ— Suiting one's wishes or taste; as one would like to have.
মনের মতন
मन माफिक
ମନକୁ ଲାଖି
ମନ ଲାଖି } ଅନ୍ୟରୂପ
ମନକୁ ଗୃହିଁ
ମନ ମୁତାବକ
ଦେ. କ୍ରି. ବିଣ—ଆପଣାର ଇଚ୍ଛା ଅନୁସାରେ—According to one's wish or desire.

ମନ ମାରିବା—ଦେ. କ୍ରି (ସଂ. ମନସ୍+ମୃ ଧାତୁ ଣିଚ=ମାର ଧାତୁ )— Mana māriba ୧ । ମନ ଦୁଃଖ କରିବା; ବିରସ ହେବା— 1. To feel sorry; to assume a sorrowful attitude; to be depressed. ୨ । ତୁଚ୍ଛ ଜ୍ଞାନ କରିବା—2. To feel abhorence for; to consider insignificant. ୩ । ବିରତ ହେବା—3. To desist from. (ଉ— ଅମୋଦରୁ ମନ ମାରି ଦେଲୁ । ରାଧାନାଥ. ଇଟାଲୀୟ ଯୁବା ।)
মন মরা হওয়া, মন ভারি করা
मन मारना

ମନ ମିଳା(ମେଳ)—ଦେ. ବି ( ସଂ. ମନସ୍+ମିଳନ )—ଦୁଇ ଜଣଙ୍କ Mana milā(meḷa) ମଧ୍ୟରେ ସଦ୍ଭାବ; ସୌହାର୍ଦ୍ଦ୍ୟ—

মনের মিল Good feelings or intimacy between
मनका मेल ମନ ମିଳବା—ଅନ୍ୟରୂପ) two persons.

ମନ ମିଳାପୀ—ଦେ. ଵଣ ( ସଂ. ମନସ୍+ସଂ. ମିଳନ )—ମନ ମିଳୁଥିବା;
Mana milāpi ଯେଉଁ ବ୍ୟକ୍ତି ସଙ୍ଗେ ଘନିଷ୍ଠତା ଥାଏ; ସୁହୃତ୍-
ঘনিষ্ঠ मन मिलापी Very intimate (friend).
[ଦ୍ରୁ—ମାସେ ଦୁଇମାସରେ ଗୁରୁମାସ ଭ୍ରମାସରେ ଟୋକାଠାରୁ ବୁଢ଼ୀ, ଟୋକାଠାରୁ ବୁଢ଼ାଯାଏ ସାଙ୍ଗ, ମନ ମିଳାପୀ ଲୋକ ଦେଖିଲେ × × × × ପରସ୍ପରକୁ ସାବଧାନ କରଉ ଦଥନ୍ତି । ଫକୀରମୋହନ. ଭ୍ରମଣ ଅଠସ୍ତମ । ]

ମନମୁଖି—ଦେ. ଵଣ. ପୁଂ—୧ । ମନୁଆ; ଅପଣାର ମନର ମରଜି
Mana mukhi ଅନୁସାରେ ଚଳବା (ବ୍ୟକ୍ତି); ସ୍ୱେଚ୍ଛାଚାରୀ—
(ମନମୁଖିଆ—ଅନ୍ୟରୂପ) 1. Self-willed; wayward; arbitrary. ୨ । ଅପଣାର ମନ ଅନୁସାରେ କରଯିବା (କାର୍ଯ୍ୟ)—2. (act) Done
ମନମୁଖୀ, ମନମୁଖେଇ } ଅନ୍ୟରୂପ
একগুয়ে according to one's free will. ଦେ. କ୍ରି. ଵଣ-
মনের মত, মনের মতন मनमाना ଯଥେଚ୍ଛା;ଅପଣାର ଇଚ୍ଛାନୁସାରେ-
According to one's free will; arbitrarily.
[ ଯଥା—ଅମୁକ ଲୋକ ଗୁରୁଜନଙ୍କ କଥା ନ ମାନି ମନମୁଖି ଚଳୁଛି । ]

ମନ ମୁତାବକ— —ଦେ. ଵଣ. ଓ କ୍ରି. ଵଣ—ମନ ମାଫିକ ( ଦେଖ )
Mana mutābaka Mana māphik ( See )

ମନ ମୁନ—ଦେ. ଵ—ସମ୍ପୂର୍ଣ୍ଣ ମନୋଯୋଗ ଓ ଚେଷ୍ଟା—Whole
Mana muna attention; undivided attention and
মনপ্রাণ मनचित thought (ମନପ୍ରାଣ—ଅନ୍ୟରୂପ)

ମନ ମୁରୁଛା—ଦେ. ଵଣ (ସଂ. ମନସ୍+ମୂର୍ଚ୍ଛ୍ ଧାତୁ )—ମନକୁ ବୁଝାଇବା
Mana muruchhā ବା ବଦଳାଇବାପାଇଁ କରାଯିବା (କାର୍ଯ୍ୟ)—
(an act) Which is done to
মন বুঝান मनबुझावे satisfy one's high expectations which have not been fulfilled. ( ଦ୍ରୁ—ଭୁଚ୍ଛାକୁ ଭୁଚ୍ଛା, ଭୁଚ୍ଛା କାଙ୍କି ପାଣି ମନମୁରୁଛା—ଢଗ )

ମନ ମୋଟ(ଟା)—ଦେ.ଵ—୧ । ମନର ଗର୍ବ--1. Pride. ୨ । ଉଲ୍ଲାସ
Mana mota(ṭa) ଅନନ୍ଦ—2 Delight. ୩ । ବେଖାତିର—
বেখাতির, গর্ব घमंड 3. Want of regard or respect; unconcern. ଦେ. ଵଣ.ପୁଂ—ମନମୋଟିଆ (ଦେଖ)
Manamoṭiā (See)

ମନ ମୋଟ ହେବା—ଦେ.ଵ—ଗର୍ବସ୍ଫୀତ ହେବା—Being swollen
Mana mota hebā গর্বহওয়া घमंडी होना with pride.

ମନ ମୋଟିଆ—ଦେ. ଵଣ. ପୁଂ—୧ । ଗର୍ବସ୍ଫୀତ—1. Swollen.
Mana motiā witht pride; arrogant ୨ । ବେଖାତିରଆ-
গর্ব্বিত घमण्डी 2.Regardless;unconcerned. ୩।ସ୍ୱେଚ୍ଛାଚାରୀ-
(ମନମୋଟୀ, ମନମୋଟେଇ—ସ୍ତ୍ରୀ) Arbitrary

ମନ ମୋହନ—ଦେ. ଵଣ. ପୁଂ ( ସଂ. ମନୋମୋହନ )—
Mana mohana ୧ । ମନୋମୁଗ୍ଧକର; ଅତି ରୂପଶାଳୀ—

মনমোহন 1. Charming; fascinating. ( ଦ୍ରୁ—କେଉଁ
मनमोहन ଖଳେ ଜନ କହନ୍ତି ବ ମନମୋହନା । ଛନ୍ତି ମୋହ ନାରେ—
(ମନମୋହନଅଁ[ ଅଁ ]—ଅନ୍ୟରୂପ) କବିସୂର୍ଯ୍ୟ. ସଙ୍ଗୀତ । ) ଦେ.
ମନମୋହନା(ମୀ), ମନମୋହନୀ } ସ୍ତ୍ରୀ ୨. ପୁଂ—ଲୋକଙ୍କୁ ଦଥଯିବା ନାମ—
A name given to males.
[ମନମୋହୋନ(ନା,ନୀ,ଇଆ)—ଗ୍ରାମ୍ୟରୂପ]

ମନ ମୋହନିଆ—ଦେ. ଵଣ—ମନୋମୁଗ୍ଧକର—Delightful
Mana mohaniā fascinating; enchanting;
মনমোহন मनमोहनिया charming.

ମନ ମୋହିବା—ଦେ. କ୍ରି (ସଂ. ମନଃ+ମୁହ୍ ଧାତୁ)—ମନ ରଞ୍ଜିବା
Mana mohibā (ଦେଖ)—Mana rañjibā (See).
মন মোহিতকরা मन मोहना

ମନଯୋଗ—ଦେ. ଵ (ସଂ. ମନୋଯୋଗ)—ମନୋଯୋଗ (ଦେଖ)—
Manajoga Manojoga [See].
মনযোগ मनयोग

ମନଯୋଗ କରିବା(ଦେବା)—ଦେ. କ୍ରି—ମନୋଯୋଗ କରିବା (ଦେଖ)
Manajoga karibā(debā) Manojoga karibā [See].
মনযোগ করা मनयोग करना

ମନ ଯୋଗା(ଗେ)ଇବା—ଦେ. କ୍ରି (ସଂ. ମନସ୍+ଯୁଜ୍ ଧାତୁ )—
Mana jogā[ge]ibā ୧ । କୌଣସି ବ୍ୟକ୍ତିର ମନକୁ ଜାଣି କର୍ମ
মনযোগান କରିବା—1. To act according to a
मनरखना person's wish. ୨ । କୌଣସି ବ୍ୟକ୍ତିର ଇଚ୍ଛା ଅନୁସାରେ କାର୍ଯ୍ୟ କରି ତାକୁ ସନ୍ତୁଷ୍ଟ କରିବା—2. To please another by acting according to his or her wishes.

ମନଯୋଗୀ—ଦେ. ଵଣ (ସଂ. ମନୋଯୋଗୀ)-ମନୋଯୋଗୀ (ଦେଖ)—
Manajogi Manojogi (See).
মনযোগী मनयोगी (ଅମନଯୋଗୀ—ବିପରୀତ)

ମନର କଥା—ଦେ. ଵ—ମନ କଥା (ଦେଖ)
Manara kathā Mana kathā (See).

ମନର କାଳି—ଦେ. ଵ—୧ । ମନୋଦୁଃଖ; ମନୋମାଳିନ୍ୟ—
Manara kāḷi 1. Mental worry. ୨ । ଉତର ପାପ; ମନ
মনের কালি ଦ୍ୱାର ଅଚରତ ପାପ—2. Sinful thoughts.
मनमैल ୩ । ମନରେ ଲାଗିଥିବା ଆଘାତ—3. Hurt
(ମନର ଦାଗ[କାଳିମା, ମଇଳା]—ଅନ୍ୟରୂପ) inflicted on the mind. ୪ । ଅଜ୍ଞାନାନ୍ଧକାର; ମୂର୍ଖତା—4. Mental darkness; ignorance.

ମନ ରକ୍ଷା—ଦେ. ଵ (ସଂ. ମନୋରକ୍ଷା)—ପରର ମନକୁ ଜଗିବା; ମନ
Mana rakshā ଯୋଗାଇବା; ଅନ୍ୟର ଇଚ୍ଛା ଅନୁସାରେ କର୍ମ
মনরক্ষা କରିବା ବା କଥା କହିବା—Speaking or acting
मनरखना to please another.

ମନର ଗତି—ଦେ. ଵ (ସଂ. ମନୋଗତି)—୧ । ମାନସିକ ଅବସ୍ଥା;
Manara gati ମନର ଭାବ—1. Mental state. ୨ ।
মনের দৌড় କଳ୍ପନା—2. Imagination. ୩ । ମନର ଚଞ୍ଚଳତା—

**मनका दौड** 3. Internal thoughts. ୪ । କଳ୍ପନାର ଗତି—
ମନର ଦଉଡ଼ } ଅନ୍ୟରୂପ 4. Flights of imagination.
ମନର ଦୌଡ଼ } ୫ । ମନର ରୁଚି—5. Tastes and likings. ୬ । ମନର ପ୍ରବୃତ୍ତିଗତ ବା ଅଭ୍ୟାସଗତ ଧାରଣା—6. Mentality; bent of mind.

**ମନ ରଗା(ଗେ)ଇବା**—ଦେ. କ୍ରି—କୌଣସି ବ୍ୟକ୍ତିର ମନରେ କ୍ରୋଧ
Mana ragā(ge)ibā ଜନ୍ମାଇବା—To cause anger
मन চটান **मन रंगाना** in another's mind.

**ମନ ରଗିବା**—ଦେ. ବ (ସ. ମନ+ରଞ୍ଜ୍ ଧାତୁ)—ମନରେ ରାଗ
Mana ragibā ଜନ୍ମିବା—Feeling of anger in the
मन চটা **मन रंगाना** mind.
[ ଦ୍ର—ରଗିବା ଓ ରାଗିବାର ପ୍ରୟୋଗ ପୃଥକ୍, ମୋ ମନ ରଗିଛି, ମୁଁ ରାଗିଛି । ]

**ମନର ଗୁଣେ**—ଦେ. କ୍ରି. ବିଣ—ଆପଣାର ମନ ଅନୁସାରେ—
Manara gune According to one's mental state
মনের গুণে or thought. (ଉ—ମନର ଗୁଣେ ଫଳ ଫଳେ—
**मनका गुणसे** ଲୋ । ମନର ମୂଳେ ଏ ଜଗତ,ମନକୁ କେବା ସାମରଥ ।
(ମନର ମୂଳେ—ଅନ୍ୟରୂପ) ଜଗନ୍ନାଥ. ଭାଗବତ । )

**ମନର ଜା(ଜ୍ୱା)ଳା**—ଦେ. ବ [ସ. ମନୋଜ୍ୱାଳା]—୧ । ଅନ୍ତର୍ଦାହ—
Manara jā(jwā)lā 1. Burning of the heart.
মনের জ্বালা ୨ । ଅନୁତାପ—2. Bitings of a guilty
**मनकी ज्वाला** conscience.

**ମନର ଜୋର୍**—ଦେ. ବ (ସ.ମନସ୍+ପା. ଜୋର୍)—୧ । ଦୃଢ ପ୍ରତିଜ୍ଞା—
Manara jor 1. Firm determination. ୨ । ଅଧ୍ୟବ-
মনের জোর ସାୟ—2. Perseverance; tenacity of
**मनका जोर** purpose. ୩ । ମନର ବଳ; ମାନସିକ ଶକ୍ତି—
3. Strength of mind.

**ମନ ରଞ୍ଜା(ଞ୍ଜେ)ଇବା**—ଦେ. କ୍ରି [ ସ. ମନୋରଞ୍ଜନ ]—୧ । ମନୋ-
Mana ranjā(nje)ibā ରଞ୍ଜନ କରିବା—1. To please
मन যোগান a person. ୨ । ଅନ୍ୟର ମନରେ ରାଗ ଜନ୍ମାଇବା-
**मन रंजितकरना** 2. To cause anger in a person; to irritate a person.

**ମନ ରଞ୍ଜିବା**—ଦେ, କ୍ରି—ମୁଗ୍ଧ କରିବା—To enchant; to
Mana ranjibā charm; to please a person.
मन রঞ্জনকরা ଦେ. ବ—ମନ ମୁଗ୍ଧ ହେବା—
**मन रंजितकरना** Being charmed or fascinated.

**ମନ ରଥ**—ଗ୍ରା. ବ—ମନୋରଥ (ଦେଖ)—Manoratha (See)
Mana ratha (ଉ—ଗାଈ ଗୋପୀଙ୍କ ମନରଥ, ଏ ରୂପେ ଦେଲେ ଗୋପୀନାଥ । ଭୂପତି. ପ୍ରେମପଞ୍ଚାମୃତ ।)

**ମନର ଦୃଢ଼ତା**—ଦେ. ବ ( ସ. ମନସ୍+ଦୃଢ଼ତା)—୧ । ଦୃଢ଼ ବିଶ୍ୱାସ;
Manara druḍhatā ଅଟଳ ବିଶ୍ୱାସ—1. Firm belief.
মনের দৃঢ়তা ୨ । ଅଟଳ ସଙ୍କଳ୍ପ—2. Firm determi-
**मनकी दृढ़ता** nation.

**ମନର ଭାବ**—ଦେ. ବ (ସ. ମନୋଗତ ଭାବ)—୧ । ମନୋଗତ ଭାବ—
Manara bhāba 1. Internal thoughts.
মনের ভাব ୨ । ମାନସିକ ଅବସ୍ଥା—2. Mental condition.
**मनका भाव** ୩ । ମନର ଧାରଣା—3. Mentality.

**ମନର ମଳି**—ଦେ. ବ ( ସ. ମନସ୍+ମଳ )—୧ । ମାନସିକ ମଳିନତା
Manara maḷi ବା ପାପ—1. Sinful thoughts.
মনের ময়লা ୨ । କପଟ—2. Insincerity.
**मनका मैला**
(ମନର ମଇଲା(ଳା), ମନର କାଳି, ମନର ଗୁହ—ଅନ୍ୟରୂପ)

**ମନର ମାଇପ**—ଦେ.ବ—୧ । ମନୋମୁଗ୍ଧକାରିଣୀ ଭାର୍ଯ୍ୟା—1. Charm-
Manara māipa ing wife. ୨ । ମନର କଳ୍ପନାନୁରୂପା
মনের মত স্ত্রী ଭାର୍ଯ୍ୟା—2. A wife who tallies with
**मन चाहती स्त्री** one's model or ideal.
୩ । ଆପଣା ଦ୍ୱାରା ମନୋନୀତା ସ୍ତ୍ରୀ—
(ମନର ଭାରିଯା—ଅନ୍ୟରୂପ) 3. A wife selected by a person himself; a wife of one's own choice.
(ଉ—ଅମଙ୍ଗ ମାଇପ ମନ କରୁଛୁ. ମନର ମାଇପ କେଉଁଠି ପାଉଛୁ, ଥୋଇ ମାଇପର ପାଳ, ବେଶ୍ମ ମାଇପର ବନ୍ଧାପତ୍ର ବନ ଗେରସ୍ତ ବସିଛି ଗ୍ରାଭ—ଲୋ ।)

**ମନର ମେଳ**—ଦେ. ବ ( ସ. ମନସ୍+ମିଳନ )—୧ । ସଦ୍ଭାବ—
Manara meḷa 1. Good feelings; good rela-
মনের মিল tions. ୨ । ସୌହାର୍ଦ୍ଦ୍ୟ—2. Intimacy.
**मनका मेल** ୩ । ମତର ଐକ୍ୟ—3, Consensus of opinion.

**ମନର ସାଧ(ଦ)**—ଦେ. ବ ( ସ. ମନସ୍+ସାଧ୍ ଧାତୁ )—ମନରେ
Manara sādha(da) ପୋଷିତ ବାସନା—One's fondly
মনের সাধ **मनका साध** cherished desire.
(ମନ ସାଧ—ଅନ୍ୟରୂପ)

**ମନର ସାଧ ମେଣ୍ଟିବା**—ଦେ· ବ—ମନୋବାଞ୍ଛା ପୂର୍ଣ୍ଣ ହେବା—
Manara sādha menṭibā The fulfilment of one's
মনের সাধ মেটা **मनका साध मेटना** cherished desire.
(ମନର ସାଧ ପୂରିବା—ଅନ୍ୟରୂପ)
[ମନର ସାଧ ମେଣ୍ଟା(ଣ୍ଟେ)ଇବା, ମନର ସାଧ ପୂରା(ରେ)ଇବା—ଅନ୍ୟରୂପ]

**ମନ ରହିବା**—ଦେ. ବ—୧ । ମନ କୌଣସି ବିଷୟ ପ୍ରତି ଆକୃଷ୍ଟ ହୋଇ
Mana rahibā ତହିଁରେ ଅନୁରକ୍ତ ହେବା—1. Being at-
মন বসা **मन रहना** tached to some thing.
୨ । ମନର ଚଞ୍ଚଳତା ବା ସ୍ଥିରତା—2 Mental
calmness ୩ । କୌଣସି କର୍ମରୁ ବା ଇଚ୍ଛାରୁ ମନର ନିବୃତ୍ତି—3. Desistence from an act or desire.

**ମନରୁ ପାଶୋରିବା**—ଦେ. କ୍ରି (ସ. ମନସ୍+ବିସ୍ମରଣ)—୧ । ମନରୁ
Manaru pāsoribā ଭୁଲିଯିବା—1. To forget.
মন থেকে মুছে দেওয়া ୨ । ମନେ ନ ପକାଇବା—2. Not to

**मनसे भुलाना** cherish the memory of something.
(ମନରୁ ପୋଛି ଦେବା, ମନରୁ ଦୂର କରିବା, ମନରୁ ଲ(ଲି)ଭା(ଭେ)ଇବା —ଅନ୍ୟରୂପ)

ମନରୁ ଯିବା—ଦେ. କ୍ରି ( ସଂ. ମନସ୍+ଯା ଧାତୁ )—
Manaru jibā ମନରୁ ବସ୍ତୁ ନ ହେବା; ବିସ୍ମରଣ ହେବା—
মন থেকে যাওয়া **मनसे जाना** To be forgotten.
(ମନୁଁ ଯିବା, ମନରୁ ଲ(ଲି)ଭିବା, ମନରୁ ପାଶୋରିବା—ଅନ୍ୟରୂପ)

ମନରେ କରିବା—ଦେ. କ୍ରି ( ସଂ. ମନସ୍+କୃ ଧାତୁ )—୧ । ସ୍ମରଣ
Manare karibā କରିବା—1. To remember. ୨ ।
মনে করা ଚେତିବା—2. To recollect. ୩ । କଳ୍ପନା
**मनमे लाना** କରିବା—3. To imagine. ୪ । ବିଚାର କରିବା
(ମନେ କରିବା—ଅନ୍ୟରୂପ) —4. To think.

ମନରେ ଥିବା—ଦେ. କ୍ରି ( ସଂ. ମନସ୍+ସ୍ଥା ଧାତୁ )—୧ । ସ୍ମରଣରୁ
Manare thibā ଅନ୍ତର ନ ହେବା—1. Not to be out
মনে থাকা **मनमे रहना** of one's mind. ୨ । ମନୋଯୋଗର
(ମନେ ଥିବା—ଅନ୍ୟରୂପ) ବିଷୟ ହେବା—2. To be the
(ମନରେ ନ ଥିବା—ବିପରୀତ) subject of one's attention.

ମନରେ ଧରିବା—ଦେ. କ୍ରି ( ସଂ. ମନସ୍+ଧୃ ଧାତୁ )—କୌଣସି
Manare dharibā ବିଷୟକୁ ଗାମ୍ଭୀର୍ଯ୍ୟ ସହିତ ଗ୍ରହଣ କରିବା—
মনে ধরা **मनमे धरना** To take a thing seriously.

ମନରେ ଧୋକା ଦେବା—ଦେ. କ୍ରି ( ସଂ. ମନସ୍+ଧୃଷ୍ଟ ଧାତୁ )—
Manare dhokā debā ୧ । ମନରେ ଭୟ ବା ଆଶଙ୍କା ଜାତ
মনে ধোকা দেওয়া କରାଇବା—1. To cause fear or app-
**मनमे धोका देना** rehension. ୨ । ମନରେ ଚିନ୍ତା ଜନ୍ମାଇବା
—2. To cause anxiety.
୩ । ମନରେ ସନ୍ଦେହ ଜନ୍ମାଇବା—3. To cause doubt or suspicion

ମନରେ ପକା(କେ)ଇ ଦେବା—ଦେ. କ୍ରି—ସ୍ମରଣ କରାଇ ଦେବା;
Manare pakā(ke)i debā ଚେତାଇ ଦେବା—To re-
মনে করান **मनमे याद दिलाना** mind.
[ମନେ ପକା(କେ)ଇ ଦେବା—ଅନ୍ୟରୂପ]

ମନରେ ପକା(କେ)ଇବା—ଦେ. କ୍ରି—୧ । ସ୍ମରଣ କରିବା—1. To
Manare pakā(ke)ibā remember. ୨ । ଚେତିବା;
মনে করা **मनमे रखना** ଚେତିବା—2. To recollect.
[ମନେ ପକା(କେ)ଇବା—ଅନ୍ୟରୂପ] ୩ । ମନରେ ପକାଇ
ଦେବା ( ଦେଖ )—3. Manare pakāi debā ( See )

ମନରେ ପଡିବା—ଦେ. କ୍ରି—ସ୍ମରଣରେ ଆସିବା—To be remem-
Manare paṛibā bered; to occur to one's mind.
মনে পড়া **मनमे पडना** (ମନେ ପଡିବା—ଅନ୍ୟରୂପ)

ମନରେ ଭାବିତ ହେବା—ଦେ. କ୍ରି ( ସଂ. ମନସ୍+ଭାବିତ )—
Manare bhābita hebā ୧ । ଚିନ୍ତା କରିବା—1. To
মনে ভাবা, মন দুঃখ করা think. ୨ । ଚିନ୍ତିତ ହେବା; ଉଦ୍ବିଗ୍ନ
**मनमे चिन्तित होना** ହେବା—2. To be anxious for

ମନରେ ଭାବିବା } ଅନ୍ୟରୂପ ୩ । ଦୁଃଖିତ ହେବା—3. To be
ମନରେ ଭାଳିବା } sorry; to grieve.

ମନରେ ମନରେ—ଦେ. କ୍ରି. ବିଣ—୧ । କଳ୍ପନାରେ; ପ୍ରକୃତରେ ନୁହେଁ-
Manare manare 1. In one's imagination. ଯଥା—
মনেমনে ମନେ ମନେ ପିଠେଇ ଖାଇବା । ୨ । ଆପଣାର ମନକୁ;
[ ମନେ ମନେ—ଅନ୍ୟରୂପ ] ଅପ୍ରକାଶ୍ୟରେ; ଗୋପନରେ—
2. To one's self; internally. ୩ । ଆପଣାର କଳନା
ଅନୁସାରେ—3. In one's own estimation.

ମନରେ ରଖିବା—ଦେ. କ୍ରି—ସ୍ମରଣ କରିବା—
Manare rakhibā To remember.
মনে রাখা **याद रखना** (ମନେ ରଖିବା—ଅନ୍ୟରୂପ)

ମନରେ ଲାଖିବା—ଦେ. କ୍ରି ( ସଂ. ମନଃ+ଲଗ୍ନ; ଲଷ )—ସଂବାଦ
Manare lākhibā ସ୍ମରଣରେ ରହିବା—To be cherished
মনে বিংধে যাওয়া in memory; to be remembered
**मनमे बसना** always.

ମନରେ ଲୋଭ ହେବା—ଦେ. ବି—କୌଣସି ପଦାର୍ଥ ପାଇବା ପାଇଁ
Manare lobha hebā ମନରେ ପ୍ରବଳ ଆକାଂକ୍ଷା ଜନ୍ମିବା—
মনে লোভ হওয়া Hankering after a thing; covet-
**मनमे लोभ होना** ing for a thing.

ମନ ଲଗା(ଗେ)ଇବା—ଦେ. କ୍ରି—କୌଣସି ବିଷୟ ପ୍ରତି ମନୋଯୋଗ
Mana lagā(ge)iba ଦେବା—To give or devote one's
মন লাগান **मन देना** attention to a particular matter.

ମନ ଲାଖି—ଦେ. ବିଣ ( ସଂ. ମନଃ+ଲକ୍ଷ୍ୟ )—୧ । ଆପଣା ଇଚ୍ଛାର
Mana lākhi ଅନୁକୂଳ—1. Favourable to one's
মনের মতন desire or wish. ୨ । ମନୋମୁଗ୍ଧକର—
**मनभाई** 2. Charming. ୩ । କଳ୍ପିତ ଆଦର୍ଶର ତୁଲ୍ୟ
—3. Tallying with one's ideal or fancy

ମନ ଲାଗିବା—ଦେ. ବି ( ସଂ. ମନସ୍+ଲଗ୍ ଧାତୁ )—୧ । କୌଣସି
Mana lāgibā ବିଷୟ ପ୍ରତି ମନୋଯୋଗ—1. Close atten-
মনলাগা tion to a matter. ୨ । କୌଣସି ବିଷୟ ପ୍ରତି
**दिलजमना** ମନରେ ଆଗ୍ରହ ଜନ୍ମିବା—2. Being bent upon a thing.

ମନ ଲୋଭା—ଦେ. ବିଣ ( ସଂ.ମନସ୍+ଲୁବ୍ଧ )—ସୁନ୍ଦର; ମନୋହର—
Mana lobhā **मनलोभा** Charming.

ମନ ଲୋଭା(ଭେ)ଇବା—ଦେ. ବି ( ସଂ. ମନସ୍+ଲୁଭ୍ ଧାତୁ )—
Mana lobhā(bhe)ibā କୌଣସି ବିଷୟ ପ୍ରତି ମନ ଲୁବ୍ଧ
মন লুভে যাওয়া; মন হাই পাই করা ବା ଲାଳାୟିତ ହେବା—
**मन लुभाना, मन ललचाना** Hankering after a thing.
(ମନ ହାଇଁପାଇଁ ହେବା, ମନ ଲାଳଚେ[ଚେ]ଇବା—ଅନ୍ୟରୂପ)

ମନ ଶୀଳ(ଳା)—ଦେ. ବି ( ସଂ. ମନଃଶିଳ )—ମନଃଶିଳ ( ଦେଖ )
Mana śīla(lā) Manahśila ( See )
মনছাল **मैनशील**

ମନଶ୍ଚକ୍ଷୁଃ—ସଂ. ବି (ରୂପକ କର୍ମଧାରୟ, ମନୋରୂପ ଚକ୍ଷୁ)—୧ । ଅନ୍ତ-
Manaśchakshuḥ ର୍ଦୃଷ୍ଟି; ନିଜର ମନୋବୃତ୍ତିର କଳନ—

1. Introspection. ୨ । ଭାବନା; ଧ୍ୟାନ—2. Contemplation; meditation. ৩ । କଳ୍ପନା—3. Imagination; fancy; mind's eye.

ମନଶ୍ଚାଞ୍ଚଲ୍ୟ—ସଂ. ବି ( ୬ଷ୍ଠୀ ତତ୍; ମନସ୍+ଚଞ୍ଚଳ୍ୟ )—୧ । ମନର Manaschānchalya ଉଦ୍‌ବେଗ; ଉତ୍କଣ୍ଠା—1. Mental restlessness; worry; anxiety. ୨ । ମନର ଅସ୍ଥିରତା—2. Fickleness of mind.

ମନସବ୍‌ଦାର୍—ବୈଦେ. ବି ( ଅ )—ଭାରତର ମୋଗଲ ବାଦସାହା- Manasab-dār ମାନଙ୍କ ଅମଳରେ ଶତ ସୈନ୍ୟର ନେତା ବା ମনসবদার ସେନାପତିଙ୍କ ଉପାଧି—A title given to a मनसबदार commander of one hundred soldiers under the Moghal emperors of India.

ମନସବାଦାରି—ବୈଦେ. ବି ( ଅ. ମନସବ୍‌ଦାରି )—ମନସବ୍‌ଦାରର Manasabādārī ପଦବୀ—The position of a মনসব্‌দরী मनसबदारी Manasabdār.

ମନ ସରସ—ଦେ. ବି (ସଂ. ମନଃ+ସରସତା)—୧ । ମନର ଉତ୍‌ଫୁଲ୍ଲତା Mana sarasa —1. The state of being in good মন সরস spirits. ୨ । ରସିକ ପ୍ରକୃତି—2. Gallant मनसरस nature. ৩ । ମନର ଉଦାରତା—3. (ମନବରସ—ବିପରୀତ) Magnanimity of mind; (ମନସରସିଆ—ବିଣ) liberality of mind.

ମନସା—ସଂ. ବି. ସ୍ତ୍ରୀ ( ମନସ୍+ଅ+ସ୍ତ୍ରୀ. ଆ )—କଶ୍ୟପଙ୍କ ଔରସରେ Manasā କଦ୍ରୁଙ୍କ ଗର୍ଭରେ ଜାତ କନ୍ୟା—Name of a goddess born of the womb of Kadru and begotten by Kasyapa.[ଦ୍ର—ଏ ଅନନ୍ତ ବା ବାସୁକି ନାଗଙ୍କ ଭଉଣୀ, ଜରତ୍‌କାରୁ ଋଷିଙ୍କ ପତ୍ନୀ ଓ ଆସ୍ତୀକ ମୁନିଙ୍କ ମାତା । ଏ ସର୍ପମାନଙ୍କଠାରୁ ମନୁଷ୍ୟଙ୍କୁ ରକ୍ଷା କରିବା ଦେବୀରୂପେ ପୂଜିତା । ଏହାଙ୍କର ପ୍ରିୟ ବୃକ୍ଷ କଣ୍ଟା ସିଝୁ । ବଙ୍ଗ ଦେଶରେ ଏହାଙ୍କର ପୂଜା ବିଶେଷରୂପେ ପ୍ରଚଳିତ ।]ଦେ.ଅ ( ପ୍ରାଚୀନ ପଦ୍ୟ; ସଂ. ମନସା=ମନଦ୍ୱାରା )—୧ । ମନେ ମନେ; ମନରେ—1. In mind; mentally. ୨ । କଳ୍ପନାଦ୍ୱାରା—2. In imagination. [ ଉ— ମନସା ଭ୍ରମର ଯେସନେ ଦୃଷ୍ଟି ପ୍ରସଙ୍ଗେ । ପ୍ରାଚୀ. ରସ- କାରଧି । ] ପ୍ରାଦେ ( ଉତ୍ତର ବାଲେଶ୍ୱର ) ବି—କଣ୍ଟା ସିଝୁଗଛ—Euphorbiā Niruria; Euphorbia Hirta.

ମନସା ପଞ୍ଚମୀ—ସଂ. ବି—ଶ୍ରାବଣ କୃଷ୍ଣପଞ୍ଚମୀ—The 5th day of Manasā panchamī dark fortnight of Srābana.

ମନସା ପୂଜା—ସଂ. ବି ( ୬ଷ୍ଠୀ ତତ୍ )—୧ । ମନସା ଦେବୀଙ୍କର ପୂଜା; Manasā pūjā ଶ୍ରାବଣ କୃଷ୍ଣପଞ୍ଚମୀରେ ଅନୁଷ୍ଠିତ ମନସାଙ୍କ ଆରାଧନା —1. The worship of Goddess Manasā. ୨ । ଶ୍ରାବଣ କୃଷ୍ଣପଞ୍ଚମୀ—2. The 5th day of the dark fortnight of Srābana.

ମନସା ସିଝୁ(ଜୁ)—ଦେ. ବି—କଣ୍ଟାସିଝୁ; ପଭୁରିଆ ସିଝୁ—Euphorbia Manasā sijhu(ju) मनसा सीज थुहर Niruria.

ମନସିଜ—ସଂ. ବି. ପୁଂ ( ମନସି=ମନରେ+ଜନ୍ ଧାତୁ+କର୍ତ୍ତୃ. ଅ; Manasija ଅଲୁକ୍ ସମାସ )—କନ୍ଦର୍ପ; କାମ; ମଦନ—Cupid. (ମନସିଜସୁ—ଅନ୍ୟରୂପ)

ମନ ସୋ(ସୁ)ରେ(ରା)ଇବା—ଦେ. ବି ( ସଂ. ମନଃ+ସ୍ପୃହା )—୧ । Mana so(su)re(rā)ibā ମନରେ ସ୍ପୃହା ଜାତ ହେବା; মন যাওয়া କୌଣସି କାର୍ଯ୍ୟ ପାଇଁ ମନରେ ଉତ୍ସାହ ଜାତ ହେବା मनका साध होना —1. Having a hankering after or desire for a thing. ୨ । ମନ ଆନନ୍ଦିତ ହେବା —2. Being delighted.

ମନ ସୋ(ସୁ)ରେ(ରୁ)ହା—ଦେ. ବି ( ସଂ. ମନଃ ଓ ସ୍ପୃହା )—୧ । Mana so(su)re(ru)hā ମନର ସ୍ପୃହା ବା ଉତ୍ସାହ—1. মনের সাধ Keen desire. ୨ । ମନର ପ୍ରସନ୍ନତା; ପ୍ରଫୁଲ୍ଲତା मनकासाध —2. Delight; joy.

ମନସ୍କାମ—ସଂ ( ୬ଷ୍ଠୀ ତତ୍; ମନଃ+କାମ )—ମନୋରଥ; ମନୋବାଞ୍ଛା; Manaskāma ମନର ଅଭିଳାଷ—A desire or longing (ମନସ୍କାମନା—ଅନ୍ୟରୂପ) of the heart; heart's wish.

ମନସ୍କାମ ସିଦ୍ଧି—ସଂ. ବି ( ୬ଷ୍ଠୀ ତତ୍; ମନସ୍କାମ+ସିଦ୍ଧି )—ମନୋରଥର Manaskāma siddhi ସାଫଲ୍ୟ—Fulfilment or (ମନସ୍କାମନା ସିଦ୍ଧି—ଅନ୍ୟରୂପ) realisation of one's heart's desires.

ମନସ୍କାର—ସଂ. ବି ( ମନସ୍+କୃ ଧାତୁ+ଅ )—୧ । ମନର ସୁଖ; Manaskāra ସନ୍ତୋଷ—1. Mental happiness, satisfaction. ୨ । ଅନୁଭବ—2. Experience. ৩ । ଅଭିପ୍ରାୟ; ଇଚ୍ଛା—3. Intention; wish.

ମନସ୍ତାପ—ସଂ. ବି [ ୬ଷ୍ଠୀ ତତ୍; ମନଃ+ତାପ ]—୧ । ମନୋଦୁଃଖ— Manastāpa 1. Sorrow. ୨ । ଅନୁତାପ—2. Regret; remorse.

ମନସ୍ତୁଷ୍ଟି—ସଂ. ବି (୬ଷ୍ଠୀ ତତ୍)—ମନର ସନ୍ତୋଷ— Manastushti pleasure; satisfaction.

ମନସ୍ତୁଷ୍ଟିକର—ସଂ. ବିଣ (ମନସ୍+ତୁଷ୍ଟି+କୃ. ଧାତୁ+କର୍ତ୍ତୃ. ଅ]— Manastushtikara ଚିତ୍ତର ସନ୍ତୋଷଜନକ-Satisfactory; pleasing.

ମନସ୍ତୃପ୍ତି—ସଂ. ବି [୬ଷ୍ଠୀ ତତ୍] ମନର ସନ୍ତୋଷ— Manastrupti Contentment or satisfaction.

ମନସ୍ତୃପ୍ତିକର—ସଂ. ବିଣ (ମନଃ+ତୃପ୍ତି+କୃ. ଧାତୁ+କର୍ତ୍ତୃ. ଅ)— Manastruptikara ଚିତ୍ତର ସନ୍ତୋଷବିଧାୟକ—Pleasing to the mind; satisfactory.

ମନସ୍ଥ—ସଂ. ବିଣ. (ସଂ. ମନଃ+ସ୍ଥା ଧାତୁ+କର୍ତ୍ତୃ. ଅ)—୧ । ହୃଦୟସ୍ଥ; Manastha ଅନ୍ତରିକ—1. Of the heart; hearty. मनस्थ मनस्थ ୨ । କଳ୍ପିତ; ଅଭିପ୍ରେତ—2. Intended; desired ଗ୍ରା. ବିଣ—କୃତସଙ୍କଳ୍ପ—Determined; resolved (ମନଃସ୍ଥ—ଅନ୍ୟରୂପ) upon.

ମନସ୍ଥ କରିବା—ଦେ. କ୍ରି—ସଙ୍କଳ୍ପ କରିବା—To resolve or be determined.
Manastha kariba মনস্থ করা
**मनस्थ करना**

ମନ ସ୍ୱଚ୍ଛ—ଦେ. ବି—(ସ. ମନସ୍ ଓ ସ୍ୱଚ୍ଛ)—୧। ମନର ସ୍ୱଚ୍ଛତା ବା ନିର୍ମଳତା; ମନର ଅକାପଟ୍ୟ—1. Frankness.
Mana swachchha
**मनकी स्वच्छता**
(ମନର ସ୍ୱଚ୍ଛ—ଅନ୍ୟରୂପ) ୨। ସ୍ୱେଚ୍ଛା—2. One's free or (ମନ କଳ୍ପନା[ଣା]—ଅପଭ୍ରଂଶ) unfettered wish. [ବ୍ରୁ—ଅନ୍ୟଦ୍ୱାରା ବାଧ୍ୟ ନ ହୋଇ ଯାହା କରିବାକୁ ବା ଦେବାକୁ ହୁଏ, ତାହା ମନସ୍ୱଚ୍ଛରେ କରାଗଲା ବା ଦିଆଗଲା ବୋଲି ବୋଲାଯାଏ। ଯଥା—ମତେ ଜଣେ ଟ ୨୫ଙ୍କା ସାହାଯ୍ୟ ମାଗିବାକୁ ଆସିଲା, ମୁଁ ତାକୁ 'ମନ ସ୍ୱଚ୍ଛ'ରେ ଟ ୧୦ଙ୍କା ଦେଲି; କିନ୍ତୁ ମୋର ବନ୍ଧୁମାନେ ମତେ ବାଧ୍ୟ କରିବାରୁ ମୁଁ ଆଉ ଟ ୫ଙ୍କେ ବାଧ୍ୟ ହୋଇ ଦେଲି। ଏ ଟ ୫ଙ୍କା ଦେଇ ମୋ 'ମନ କଳ୍ପଣା' ହେଲା ବୋଲି କହାଯାଏ।]

ମନ ସ୍ୱଚ୍ଛ ହେବା—ଦେ. ବି—(ସ. ମନଃ+ସ୍ୱଚ୍ଛ)—୧। ଅନ୍ୟଦ୍ୱାରା ବାଧ୍ୟ ନ ହୋଇ ସ୍ୱେଚ୍ଛାକ୍ରମେ କୌଣସି କାର୍ଯ୍ୟ କରିବା ପାଇଁ ବା କିଛି ବସ୍ତୁ ଦେବା ପାଇଁ ମନ ହେବା—1. Being prompted by one's free will to do or give away something. ୨। ମନ ଖୋଲି ଯିବା; ମନର ସରଳତା—2. Frankness.
Mana swachchha heba মন স্বচ্ছ হওয়া
**मन स्वच्छ होना**

ମନସ୍ୱିତା—ସ. ବି—(ମନସ୍ୱିନ୍+ଭାବ. ତା)—୧। ପ୍ରଶସ୍ତ ମନ—1. High mind. ୨। ଚିତ୍ତର ଉଦାରତା—2. Magnanimity or liberality of mind. ୩। ଆଶା (ପ୍ରକୃତିବାଦ)—3. Expectation; hope.
Manaswita

ମନସ୍ୱୀ—ସ. ବିଣ. ପୁଂ—(ମନସ୍+ପ୍ରଶସ୍ତାର୍ଥେ ବିନ୍; ୧ମା. ୧ବ.)—୧। ଯାହାର ମନ ପ୍ରଶସ୍ତ ବା ଉଦାର; ଉଦାରଚେତାଃ; ମହାମନାଃ; ଉଚ୍ଚମନାଃ—1. High-minded; magnanimous; liberal-minded. ୨। ସ୍ଥିରମନାଃ—2. Calm-minded.
Manaswi
(ମନସ୍ୱିନୀ—ସ୍ତ୍ରୀ)

ମନ ହରିବା—ଦେ. କ୍ରି—(ସ. ମନଃ+ହୃ ଧାତୁ)—ମୋହିତ କରିବା—To charm.
Mana hariba মন হরণ করা **मन हरना**
(ମନ ହରଣ—ବି) [ ଭୁ—ତକ୍ଷଣେ ପ୍ରଭୁ ନରହରି, ମାୟାରେ ତାର ମନ ହରି। ଜଗନ୍ନାଥ. ଭାଗବତ।]

ମନ ହାଇଁ ପାଇଁ ହେବା—ଦେ. ବି—କୌଣସି ବିଷୟ ପ୍ରତି ମନରେ ଲାଳସା ଜନ୍ମିବା—Hankering after a thing.
Mana hain pain heba মন হাঁই পাই হওয়া **मन ललचाना**

ମନହାରି—ଦେ. ବି—ମଣିଆରି (ଦେଖ)
Manahari Maniari (See)

ମନ ହିଆଲି—ଦେ. ବିଣ. ଓ କ୍ରି. ବିଣ—(ଗ୍ରାମ୍ୟ)—୧। ମନମୁଖୀ—1. Self-willed.
Mana hiali একগুঁয়ে **मनमौजी**

মনের মত ୨। ମନ ମୁତାବକ—2. According to the dictates of one's mind. [ଭୁ—ତରୁଣ ପଣ୍ଡାର ଚଳଇ ବାଲୀ, କରଇ ସ୍ୱଗଣ ମନ ହିଆଲି। ଗ୍ରାମ୍ୟ. ପ୍ରତାପ—ଶଶିସେଣା।]
**मन माफिक**

ମନ ହେବା—ଦେ. ବି—ମନରେ ଇଚ୍ଛା ଜନ୍ମିବା—The arising of a desire in the mind.
Mana heba মন হওয়া
**मन होना**

ମନା—ଦେ. ବି—(ସ. ମା=ନିଷେଧ; ନ=ନାହିଁ)—୧। ଅସ୍ୱୀକାର—1. Denial. ୨। ନିଷେଧ—2. Prohibition. [ ଭୁ—ଗୁଣଷେତ୍ରେ ଏକାଳେ ବୁଲିବାକୁ ପ୍ରେତ ଲୋକଙ୍କୁ ଅଛଇ ମନା। ରାଧାନାଥ. ଯାଜ୍ଞ।] ଦେ. ବିଣ—(ସଂସ୍କୃତରେ ବହୁବ୍ରୀହି ସମାସରେ ମନସ୍ ଶବ୍ଦ ଅନ୍ୟ ଶବ୍ଦ ସଙ୍ଗେ ଯୁକ୍ତ ହୋଇ ୧ମା. ଏକ ବଚନରେ 'ମନାଃ' ହୁଏ। ଯଥା ଉଚ୍ଚ ମନସ୍; ୧ମା. ୧ବ. ଉଚ୍ଚମନାଃ)—୧। ଯାହାର ମନ ଅଛି (ଯଥା—ଉଦାରମନା)—1. Having a mind. ୨। ନିଷିଦ୍ଧ—2. Denied; prohibited [ ଭୁ—ତୋତେ ହୋଇଛି କୁଞ୍ଜ-ନିଳୟ ଭୁଖର ମନା। ଉପେନ୍ଦ୍ରଭଞ୍ଜ. ସଙ୍ଗୀତ।] ଦେ. ଅ—
Mana মানা **मना**
**मन प्यार** ପୁଂ. ଓ ସ୍ତ୍ରୀଙ୍କ ପ୍ରତି ପ୍ରଯୋଜ୍ୟ)—ପ୍ରିୟ ଓ ପ୍ରିୟାଙ୍କୁ ସମ୍ବୋଧନ (ଏଥିର ଅର୍ଥ—ସେ ମନକୁ ନେଇ ଅଛି)—A term of endearment used in addressing one's beloved. ଦେ. ବି (ପୁଂ ଓ ସ୍ତ୍ରୀ)—୧। ଲୋକଙ୍କୁ ଦିଆଯିବା ନାମ—1. A name given to males and females. ୨। ମନମୋହନ,ମନମୋହିନୀ ଆଦି ନାମ ଧାରୀ ବ୍ୟକ୍ତିଙ୍କୁ ଡାକିବା ନାମ—2. A name for calling males and females whose names begin with Mana.
ମନି, ମନିଆ
ମନୁ, ମନୁଆ }—ଅନ୍ୟରୂପ
(ମନେଇ—ସ୍ତ୍ରୀ)

ମନା(ନେ)ଇବା—ଦେ. କ୍ରି—(ସ. ମନନ; ମାନିବା କ୍ରିୟାର ଣିଜନ୍ତ ରୂପ)—୧। ରାଜି କରିବା—1. To make a person consent or agree to a thing. (ଭୁ—ନବ ପ୍ରମଦା ମଦାଳସୀ ଯୋଷାକୁ ଜଳକେଳରେ ମନାଇବ। ଭଞ୍ଜ. ପ୍ରେମସୁଧାନିଧି।) ୨। ଅନ୍ୟକୁ ସ୍ୱୀକୃତ କରିବା—2. To cause one to admit. ୩। ମନ ରଞ୍ଜିବା, ମନକୁ ମୁଗ୍ଧ କରିବା; ମଙ୍ଗାଇବା—3. To please a person. ୪। (ଦେବତା ଆଦିଙ୍କୁ ପ୍ରସନ୍ନ କରିବା—4. To propitiate. (ଭୁ—ବରଷ ଷଦେ ଉପରେ, ବର ସଶସ୍ୟେ ଶତ ପୁତ୍ରେ ପାଇଛି ଶିବଙ୍କୁ ମନାଇବାରେ। ଉପେନ୍ଦ୍ରଭଞ୍ଜ. ଛାନ୍ଦ ଗୀତ।) ୫। (ସ. ମା ଧାତୁରୁ ମାନ) ମାପିବା—5. To measure (ଭୁ—ଶର ମନାଇ ମୂଲ କର ଦାଳ। ତେମା ପାପଙ୍କୁ ଉଡ଼ାଳ। ଭଞ୍ଜ. ଲାବଣ୍ୟବତୀ।) ୬। କୌଣସି ବସ୍ତୁ (ଯଥା କାଠର ଖିଲ)କୁ ଟଙ୍ଗା ଠିକ୍ କରି ଅନ୍ୟ ବସ୍ତୁରେ
Mana(ne)(in)ba
মনকে রাজিকরা **मनाना**

( କୌଣସି ଛନ୍ଦରେ ) ଖାପ୍ ଖାଇଲା ଭଳି ବସାଇବା—6. To cause a thing to fit into another by modifying it. ୭ । ବଶୀଭୂତ କରିବା (ଯଥା—ଘୋଷ ମନାଇବା)—7. To make one subservient; to bring under control. ୮ । କଥା ମାନିବା ବା ପାଳିବା ଭଳି ଅଧୀନସ୍ଥଙ୍କୁ ଆଣିବା—8. To make a person act according to one's order. ( ଯଥା—ଅବଧାନେ ଛାତ୍ରକୁ ବହୁତ ବେତ ମାଡ଼ ଦେଲେ, ତଥାପି ଛାତ୍ରକୁ ତାଙ୍କ କଥା ମନାଇ ପାରିଲେ ନାହିଁ । ) ୯ । ମାନିବା; ଶୋଭା ପାଇବା; ଶୋଭାଯୁକ୍ତ ଦେଖାଯିବା—9. To look grand or beautiful. ( ଯଥା—ରଙ୍ଗମଞ୍ଚରେ ରାଜାସୁଅଙ୍କୁ ଖୁବ୍ ମନାଇ ଥିଲା ।) ୧୦ । ରୁଚିସମ୍ମତ ହେବା; ରୁଚିକର ହେବା—10. To seem very tasteful. ( ଯଥା—ଆମ ଗମ୍ଭୀରା ସାଥୀଙ୍କୁ ଠିଆ ମୁଣ୍ଡ ବସନ୍ତା ଖୁବ୍ ମନାଉଛି । )

ମନାଏବା—ଗ୍ରାଦେ. ( ଉତ୍ତରିଷା ) କ୍ରି—ମନାଇବା ( ଦେଖ )
Manāebā Manāibā ( See )

ମନାକ୍—ସଂ. ଅ ( ମନ୍ ଧାତୁ=ଜାଣିବା + କର୍ମ. ଅକ୍ )—୧ । ଈଷତ୍; Manāk ଅଳ୍ପ—1. Little; slightly. ୨ । ମନ୍ଦ ମନ୍ଦ; ଅସ୍ତେ ଅସ୍ତେ—2. Slowly. ୩ । କେତେକ ଅଂଶରେ—3. Somewhat.

ମନାକ(କେ)—ଦେ. ଅ ( ସଂ. ମନାକ୍ )—ଥରେ—Once. [ ଉ—Manāk(ke) ତହୁଁ ବହୁଛି ଯାହା ମନା ମନାକେ କେ କରେ ତାହା—ଅଭିମନ୍ୟୁ. ବିଦଗ୍ଧଚିନ୍ତାମଣି । ]

ମନା କରିବା—ଦେ. କ୍ରି (ଅ. ମନା=ନିଷିଦ୍ଧ)—୧ । ବାରଣ କରିବା; Manā karibā ନିଷେଧ କରିବା—1. To prohibit. माना करा मना करना [ ଉ—ରଘୁନାଥ ନନ୍ଦନ ଅନାଉଣିକ ମନା କରୁ ଯେ ଥାଉଁ ହଟ ଗୃହିଲୁ ରେ·କବିସୂର୍ଯ୍ୟ. ଚଶୋଗୋଚମ୍ପୂ ୮ ଗୀତ । ] ୨ । ଅସ୍ୱୀକାର କରିବା—2. To deny. ୩ । ବାଧା ଦେବା—3. To obstruct. [ ଉ—ମନା ନ କର ହୃତ, ଅନାଦର ରହିତ, ଅନାଉଣି କରତ ଚୂନା କରୁ ଦୁରତ —କବିସୂର୍ଯ୍ୟ. ଚଶୋଗୋ ଚମ୍ପୂ-ମ ଗୀତ । ]

ମନାକା—ସଂ. ବି. ସ୍ତ୍ରୀ—ହାତୁଣୀ; ମାଈ ହାତୀ ( ହ୍ର. ଶ )—
Manākā A female elephant.

ମନାକ୍କା—ବୈଦେ. ବି ( ଫା. ମୁନକ୍କା )—ମନକ୍କା; ଶୁଖାଯାଇ ରଖା Manākkā ଯାଇଥିବା ବଡ଼ ପକ୍ୱ ଅଙ୍ଗୁର କୋଳି—Large मुनक्का, मनक्का मुनक्का dried raisin; dried grapes.

ମନାଙ୍ଗ—ଗ୍ରା. ବି—ମଲଙ୍ଗ ( ଦେଖ )
Manānga Malānga ( See )

ମନାତ୍ମଜ—ଦେ. ବି ( ସଂ. ମନଃ+ଆତ୍ମଜ )—ମନସିଜ; କାମ—Manātmaja Cupid. [ ଉ—ମନାତ୍ମଜେ ଜୟବେଭୁ ବନ୍ଧାଇବ କେଉଁ ଧାସୁଁ ହେଲ ତବ ମନା—ଭଞ୍ଜ. ପ୍ରେମସୁଧାନିଧି । ]

ମନାଦ—ବୈଦେ. ବି ( ଅ. ମୁନାଦୀ ) ( କଚରଥ )—ଢୋଲ ପିଟିବ Manādi ଦ୍ୱାରା ଦିଆଯିବା ଘୋଷଣା; ମୁନାଦ ( ଦେଖ )—ଢେଟରା, ଢେଁଡ଼ା म(मु)नादी Proclamation by beat of drums.

ମନାଦ ଦାର୍—ବୈଦେ. ବି (ଅ.ମୁନାଦୀ+ଫା. ପ୍ରତ୍ୟୟ ଦାର୍; କଚରଥ) Manādi dār —ଯେ ସରକାରୀ ଘୋଷଣା କରିବା ପାଇଁ ଢୋଲ ଟେଁଟରାଓୟାଲା ପିଟେ—A drummer who beats the मुनादिदार drum on the occasion of a proclamation.

ମନାଦ ଦିଆଯିବା—ଦେ. ବି ( ଅ. ମୁନାଦୀ )—ଘୋଷଣାବେଳେ ଢୋଲ Manādi diājibā ବଜାଯିବା—The beating of drums ढँढरा पिटा on the occasion of a proclamation. मनादि फि(फे)रना ( ମନାଦ ପିଟାଯି[ହେ]ବା, ମନାଦ ଫେରାଯି[ହେ]ବା, ମନାଦ ଫେରିବା—ଅନ୍ୟରୂପ )

ମନାଦ ଦେବା—ଦେ. କ୍ରି ( ଅ· ମୁନାଦୀ ) ( କଚରଥ )—୧ । ଢୋଲ Manādi debā ପିଟିବାଦ୍ୱାରା ଘୋଷଣା କରିବା; ଢେଣ୍ଡୁରା ढँढरा देना ଦେବା—1. To proclaim by beat of मनादि पीटना drum. ୨ । ଘୋଷଣା ଦେବା ଉପଲକ୍ଷରେ

ମନାଦ ପିଟିବା }
ମନାଦ ଫେରା(ରେ)ଇବା } ପ୍ରଯୋଜକରୂପ ( ମନାଦଦାର ) ଢୋଲ
ମନାଦ ଦିଆଇବା }

ବଜାଇବା—2. To beat the drum ( said of the drumer ) on the occasion of a proclamation.

ମନା(ନୋ)ପଲି—ବୈଦେ. ବି (ଇଂ. ମନୋପଲି)—ଏକଚାଟିଆ ଅଧିକାର Manā(no)pali ଲାଭାର୍ଥ କୌଣସି ବ୍ୟକ୍ତିକୁ ପ୍ରଦତ୍ତ ଏକାଧି- मनोपली मनोपली କାର—Monopoly.

ମନାୟୀ(ୟୀ)—ସଂ. ବି. ସ୍ତ୍ରୀ ( ମନୁ+ସ୍ତ୍ରୀ. ଈ )—ମନୁଙ୍କ ସ୍ତ୍ରୀ—Wife Manābi(yi) (ମନାବୀ, ମନାଯୀ—ଅନ୍ୟରୂପ) of Manu.

ମନାସ—ଦେ. ବି ( ସଂ. ମାନସ )—୧ । ବାଞ୍ଛା—1. Wish; desire. Manāsa ୨ । ଦେବତାଙ୍କ ନିକଟ ମାନସିକ କରିବା—2. Promise मानस or vow made or taken before a deity. मन्नत, मानता, मनौती [ ଉ—ଦକ୍ଷିଣ ପୁରୀ-ଶିରୋଦେଶ ପୂରିଲ ଏରୂପେ, ଅବଲା ଭଳାପେ, ବଳ ବ୍ରତର ମନାସେ— ରାଧାନାଥ. ମହାଯାତ୍ରା । ]

ମନାସ ଚମ୍ପା—ଗ୍ରାଦେ. ( ଗଞ୍ଜାମ; ଜୟପୁର; ବଣାଖାପାଟଣା )—ଚନ Manāsa champā ଚମ୍ପା—Artabotrys Odoratissimus ( flowering crepper ). [ ଉ—ଏହା ଲତା, ଗଛରେ ମାଡ଼େ । ଫୁଲଗୁଣାର ବର୍ଣ୍ଣ ପଚ୍ଚ ସର, ଗଛରେ ଫୁଲ ଫୁଟିଥିଲେ ସୁରଭିରେ ମହକୁଥାଏ । ]

ମନାସ(ସି, ସେ)ଫ୍(ବ୍)—ବୈଦେ. ବିଣ ( ଅ. ମୁନାସିବ୍; କଚରଥ )—Manāsa(si, se)ph(b) ୧ । ପସନ୍ଦ ସହିତ; ମନୋମତ—मुनासिब मुनासिब 1. According to one's choice or pleasure. ୨ । ଉପଯୁକ୍ତ; ସଙ୍ଗତ; ଉଚିତ—2 proper; fit. ୩ । ଯଥାଯୋଗ୍ୟ—3. Suitable.

[ ଯଥା—ମକଦମାର ଅବସ୍ଥା ଦେଖି ମନାସଫ୍ ହୁକୁମ ଦଅଯିବ । ]

**ମନାସା**—ଦେ· ବି—ମନରେ ସ୍ଥିର କରିବା; ମନାସିବା—The act of settling a thing mentally ( without expressing it ); mental statement.
Manāsā
মনেকরা
**मन्नत करना, मनौती** [ ଦ୍ର—ଫୁଲ ମନାସାରେ ପ୍ରଶ୍ନକର୍ତ୍ତା ମନେ ମନେ ଗୋଟିଏ ଫୁଲର ନାମ ସ୍ଥିର କରେ ଓ ସମାଧାନକାରୀ ବ୍ୟକ୍ତି ଗଣନା କରି ଉକ୍ତ ଫୁଲର ନାମଟି କହି ଦିଏ ।]

**ମନାସିବା**—ଦେ. କ୍ରି ( ସଂ. ମନସ୍; ମାନସ )—୧ । ଭାବିବା; ଚିନ୍ତା କରିବା—1. To think. [ ଉ—ଅନାଇତ ମୋ ଚିତ୍ତ, ମନାସୁଛି ଅହିତ, ଜନାର୍ଦ୍ଦନ ପଣ୍ଡିତ, ଜନାବହିତ ହେ—କବିସୂର୍ଯ୍ୟ. ଚଉଶାଚଉତିଶ । ] ୨ । ବାଞ୍ଛା କରିବା—2. To wish for; to desire. [ ଉ—ମନାସନ୍ତି ସିନା ସୁନ୍ଦରୀ ଶିଞ୍ଜିନୀ-କର୍ଷଣ-କର୍କଶ ପାଣି—ରାଧାନାଥ. ପାର୍ବତୀ । ] ୩ । ମନରେ ସ୍ଥିର କରିବା—3. To settle a thing in one's mind. [ଉ—ମନାସନ୍ତି ମହାରୁଦ୍ର ଯାହା ମନେ—ରାଧାନାଥ. ନନ୍ଦିକେଶ୍ୱରୀ । ] ୪ । ମନୋବାଞ୍ଛା ସିଦ୍ଧ ହେଲେ କୌଣସି ଦେବତାଙ୍କୁ ସଙ୍କଳ୍ପିତ ନୈବେଦ୍ୟାଦି ଦେବା ପାଇଁ ଅଙ୍ଗୀକାର କରିବା; ମାନସିକ କରିବା—4. To promise offerings to a Deity in the event of one's wish being fulfilled. ( ଉ—କେତେ ଦେବତାଙ୍କୁ କେତେ ଭୋଗ ମନାସିଲି—ଭଞ୍ଜ. ଲାବଣ୍ୟବତୀ । )
Manāsibā
ভাবা **सोचना**
চাওয়া **चाहना**
স্থিরকরা **स्थिरकरना**
মানতকরা **मन्नत, मानना**

**ମନି**—ଦେ. ଅ—ମନା ( ଦେଖ )
Mani (ମନିଅ—ଅନ୍ୟରୂପ) Manā ( See )

**ମନି ଅ(ଆ)ର୍(ର୍ଡ)ର**—ବୈଦେ. ବି ( ଇଂ. ମନିଅର୍ଡର) —ପୋଷ୍ଟଅଫିସ ଦ୍ୱାରା ଏକସ୍ଥାନରୁ ଅନ୍ୟ ସ୍ଥାନକୁ ଟଙ୍କା ପଠାଇବାର ପଦ୍ଧତି—The system of remitting money to distant places through the Postal Department; money-order.
Mani a(ā)rda(rda)r
মনিঅড়র **मनिआडर**

**ମନିଅର୍ଡର କମିସନ** [ ଫିସ୍, ଫୀ ]—ବୈଦେ. ବି ( ଇଂ. ମନିଅର୍ଡର + କମିସନ; ଫୀ; ଫିସ୍ )—ମନିଅର୍ଡରଦ୍ୱାରା ସ୍ଥାନାନ୍ତରକୁ ଟଙ୍କା ପଠାଇବା ପାଇଁ ପ୍ରେରକ ଡାକ ବିଭାଗକୁ ଯେଉଁ ନିର୍ଦ୍ଧାରିତ ଧନ ଦିଅନ୍ତି—Money-order fee. [ ଦ୍ର—ମନିଅର୍ଡରଦ୍ୱାରା ଦୂରପ୍ରକାରେ ଟଙ୍କା ଦୂର ଦେଶକୁ ପଠାଯାଏ; ସାଧାରଣ ଡାକରେ ଟଙ୍କା ପଠାଇଲେ ଯେତେ ଦିନେ ଡାକ ଚିଠି ପହଞ୍ଚେ ସେତେ ଦିନେ ଉକ୍ତ ଟଙ୍କା ଅଭିପ୍ରେତ ବ୍ୟକ୍ତିଙ୍କଠାରେ ପହଞ୍ଚେ । ଏହାକୁ ପୋଷ୍ଟାଲ୍ ମନିଅର୍ଡର ବୋଲାଯାଏ । ଯେବେ ଅଭିପ୍ରେତ ବ୍ୟକ୍ତି ଶୀଘ୍ର ଟଙ୍କା ପାଇବାକୁ ପ୍ରେରକ ଇଚ୍ଛା କରନ୍ତି ତେବେ ଟେଲିଗ୍ରାମ୍ [ତାରଡାକ] ଦ୍ୱାରା ଟଙ୍କା ପଠାଇଲେ ଅଭିପ୍ରେତ ବ୍ୟକ୍ତି ଟେଲିଗ୍ରାମ୍ ପହଞ୍ଚିବା ସମୟରେ ଉକ୍ତ ଟଙ୍କା ପାଆନ୍ତି । ଏହାକୁ ଟେଲିଗ୍ରାଫିକ୍ ମନିଅର୍ଡର ବୋଲାଯାଏ ।]
Maniardar kamisan [ phis, phi ]
মনিঅড়র কমিসন **मनिआडर कमिसन**

**ମନିଅର୍ଡର୍ କରିବା**—ଦେ. ବି [ଇଂ ମନିଅର୍ଡର୍ ]—ଡାକଦ୍ୱାରା ଏକ ସ୍ଥାନରୁ ଅନ୍ୟ ସ୍ଥାନକୁ ଟଙ୍କା ପଠାଇବା-To remit money by postal money order.
Maniardar karibā
মনিঅড়র করা **मनिआडर करना**

**ମନିଅର୍ଡର୍ କୁପନ୍**—ବୈଦେ. ବି (ଇଂ ମନିଅର୍ଡର୍ କୁପନ୍)—ମନିଅର୍ଡର କରିବାବେଳେ ପ୍ରେରକ ମନିଅର୍ଡର ଫାରମର ଯେଉଁ ଅଂଶରେ ଟଙ୍କା ପାଇବା ବ୍ୟକ୍ତିଙ୍କ ଠାକୁ ଆପଣାର ବକ୍ତବ୍ୟ ଲେଖନ୍ତି—Money order coupon.
Maniardar kupan
মনিঅড়র কুপন **मनिआडर कूपन**

**ମନିଅର୍ଡର୍ ଫାରମ୍**—ବୈଦେ.ବି (ଇଂ ମନିଅର୍ଡର୍ ଫର୍ମ୍ )—ଡାକଘରରୁ ମିଳିବା ଯେଉଁ ଛପା ଫାରମକୁ ପ୍ରେରକ ପୂରଣ କରି ପ୍ରେରିତ ଟଙ୍କା ସହିତ ଡାକଘରେ ଦାଖଲ କରନ୍ତି— [ମନିଅର୍ଡର ଫ(ଫା)ର୍ମ୍—ଅନ୍ୟରୂପ] Money order form.
Maniardar phāram
মনিঅড়র ফারম **मनिआडर फारम**

**ମନିଅର୍ଡର୍ ରସିଦ୍**—ବୈଦେ. ବି (ଇଂ ମନିଅର୍ଡର୍ ରସିଦ୍)—ମନିଅର୍ଡର ଦ୍ୱାରା ପ୍ରେରିତ ଟଙ୍କାର ପ୍ରାପ୍ତିସ୍ୱୀକାରସ୍ୱରୂପ ଯେଉଁ କାଗଜରେ ଟଙ୍କା ପାଇବା ବ୍ୟକ୍ତି ଦସ୍ତଖତ କରନ୍ତି ଓ ଯାହା ପ୍ରେରକଙ୍କ ନିକଟକୁ ଡାକଦ୍ୱାରା ଫେରିଆସେ—Money order receipt or acknowledgement. [ ଦ୍ର—ମନିଅର୍ଡର ଫାରମ ପୂରଣ କରି ଟଙ୍କା ସହିତ ତାହା ଡାକଘରେ ଦାଖଲ କଲେ ଉକ୍ତ ଡାକଘରର ଭାରପ୍ରାପ୍ତ କର୍ମଚାରୀ ପ୍ରେରକଙ୍କୁ ଡାକଘରର ମୋହରସମ୍ବଳିତ ରସିଦ ଦିଅନ୍ତି; ତାକୁ ପୋଷ୍ଟାଲ୍ ଅକ୍‌ନଲେଜ୍‌ମେଣ୍ଟ ବା ରସିଦ୍ ବୋଲାଯାଏ । ତତ୍‌ପରେ ଡାକରେ ପ୍ରେରିତ ଟଙ୍କାକୁ ଅଭିପ୍ରେତ ବ୍ୟକ୍ତି ପାଇଲେ ସେ ଦସ୍ତଖତ କରି ଯେଉଁ ରସିଦ୍ ଦିଅନ୍ତି ତାହା ପ୍ରେରକଙ୍କଠାକୁ ଡାକଦ୍ୱାରା ଆସେ; ତାକୁ ପେୟୀଙ୍କର ରସିଦ୍ ବୋଲାଯାଏ; ପେୟୀଙ୍କ ରସିଦ ମନିଅର୍ଡର ଫାରମରେ ଲାଗିଥାଏ ଓ ଫାରମର ଉକ୍ତ ଅଂଶ ଚିରି ହୋଇ ପ୍ରେରକଙ୍କ ଠାକୁ ଫେରି ଆସେ । ]
Maniardar rasid
মনিঅড়র রসিদ **मनिआडर रसिद**

**ମନିଆର୍**—ଦେ ଓ ବୈଦେ. ବି—ମନିଆର ଜିନିସ (ଦେଖ)
Maniāri Maniāri jinisa (See).

**ମନିଆର ଜାହାଜ**—ବୈଦେ. ବି ( ଇଂ. ମାନ୍-ଓ-ୱାର୍ )—୧ । ଯୁଦ୍ଧ-ଜାହାଜ—1. Man-o-war; battle-ship. ୨ । ଯେଉଁ ଜାହାଜରେ ବିଦେଶରୁ ଖେଳନା ଆଦି ଆସେ—2. Ships carrying toys etc from foreign countries.
Maniāri jāhāja
মনিআরি জাহাজ, মানোআরি জাহাজ
**मनियारी जहाज**

**ମନି[ନୁ]ଆ[ହା]ର ଜିନିସ**—ଦେ. ବି [ ସଂ. ମନୋହର, କମ୍ବା ଇଂ ମାନ୍-ଓ-ୱାର୍=ଯୁଦ୍ଧ ଜାହାଜ] — ବିଦେଶରୁ ବାଣିଜ୍ୟାର୍ଥ ଏ ଦେଶକୁ ଆସୁଥିବା ଖେଳନା, ଛୁଣେଇ ଓ କାଚ ପ୍ରଭୃତିର ଛୋଟ ଓ ସୁନ୍ଦର ଜିନିସମାନ—Toys and other gewgaws
Mani[nu]ā[hā]ri jinisa
মনিয়ারি (মনিহারি) জিনিস
**मनियारी चीज**
ମନିଆ[ହା]ର ଚିଜ
ମନୁଆ[ହା]ର ଚିଜ } ଅନ୍ୟରୂପ—

and fancy things imported from foreign countries. [ଦ୍ର—ପୂର୍ବେ ଜଳଦସ୍ୟୁମାନଙ୍କର ଉପଦ୍ରବ ଯୋଗୁଁ ଇଉରୋପରୁ ସମୁଦ୍ରପଥରେ ପଣ୍ୟବାହୀ ଜାହାଜମାନଙ୍କ ଯିବା ଆସିବା ନିରାପଦ ନ ଥିଲା। ଏଥିପାଇଁ ଉକ୍ତ ଜାହାଜମାନଙ୍କ ସଙ୍ଗେ ଯୁଦ୍ଧ ଜାହାଜ [ମାନ୍ ଓ୍ୱାର୍]ମାନ ଆସୁଥିଲା। କ୍ରମଶଃ ମ୍ୟାନ୍-ଓ୍ୱାର୍ ଶବ୍ଦ ବିଦେଶରୁ ଆସୁଥିବା ଖେଳନା ଆଦିକୁ ବୁଝାଇଲା ବୋଲି ଅନୁମିତ ହୁଏ।]

ମଣିଆରି ଦୋକାନ—ଦେ.ବି (ସଂ. ମନୋହର+ଫା. ଦୁକାନ୍)—ଯେଉଁ Maniāridokāna ଦୋକାନରେ ଖେଳନା ଆଦି ଚକ୍‌ଚକ୍ ବିକ୍ରି ମନିହାରିদোকান मनियारीदुकान ହୁଏ—Toy shop; a shop where imported fancy articles are sold.

ମଣିଚ୍ଛା(ଛ୍ଚା)—ଦେ. ବି (ସଂ. ମନସ୍ ଓ ଇଚ୍ଛା)—ନିଜର ଇଚ୍ଛା; ସ୍ୱେଚ୍ଛା— Manichchhā(chhā) One's free will. ଦେ. କ୍ରି. মনেরইচ্ছা मनईच्छा ବିଣ—୧। ଆପଣାର ଇଚ୍ଛାନୁସାରେ;ଯଥେଚ୍ଛା— 1. As one would have it. ୨। ଆପଣା ସନ୍ତୋଷ ବିଧାନ ହେବା ପ୍ରକାରେ— 2. To the heart's content.

ମଣିତ—ସଂ. ବିଣ ( ମଣ୍ ଧାତୁ+କର୍ମ. ତ )—ଜ୍ଞାତ—Known. Manita ସଂ.ବି (+ଭାବ.ତ)—୧। ଜ୍ଞାନ—1. Knowledge. ୨। କୂଜିତ ବା କଣ୍ଠ ଧ୍ୱନିବିଶେଷ—2. A kind of vocal sound.

ମଣି ବା(ବେ,ବ୍ୟା)ଗ୍—ବୈଦେ. ବି (ଇଂ)—ଟଙ୍କା ରଖିବାର ଥଳି ବା Manibā(be,byā)g ବଟୁଆ—Money bag. মনিব্যা(বে)গ मनिबे(बै)ग

ମଣି ମକଦମା—ବୈଦେ. ବି (ଜନତରଅ, ଇଂ. ମନି+ଫା. ମୁକଦ୍ଦମା)— Mani makadamā ଟଙ୍କା ଦାବି କରାଯାଇ ଥିବା ମକଦମା; মনিস্যুট मनिकेश ଯେଉଁ ମକଦମାରେ ବାଦୀ ପ୍ରତିବାଦୀ ଉପରେ (ମନିକେସ୍—ଅନ୍ୟରୂପ) ଟଙ୍କା ଦାବି କରିଥାଏ—Money suit.

ମଣିଷ—ଗ୍ରା. ବି (ସଂ. ମନୁଷ୍ୟ)—୧। ମଣିଷ; ମନୁଷ୍ୟ—1. Man; Manisha person. ୨। ଲୋକ; ଚାକର—2. Servant. মনিষ্যি मानुस ୩। ସ୍ୱାମୀ—3. Husband. ୪। କଥକ ସ୍ୱୟଂ—4. The speaker himself. [ଦ୍ର—କଥାପ୍ରସଙ୍ଗରେ ଆପଣାକୁ ଲକ୍ଷ୍ୟ କରି ଅନ୍ୟ ପୁରୁଷରେ 'ମଣିଷ, ମଣଷ; ମନୁଷ୍ୟ' ଆଦି ଶବ୍ଦ ବ୍ୟବହାର କରାଯାଏ। ଯଥା—ନଈ କୂଳରେ ଆସି ପହଞ୍ଚ ବଢ଼ି ନଈରେ ଡଙ୍ଗା ନ ମିଳିବାରୁ ମଣିଷ କଇକୂଳେ ଘାରି ହଇରାଣ ହେଲା। ଏହାର ଇଂରାଜି ବ୍ୟବହାର—One is put to much inconvenience]

ମଣିଷ କରିବା—ଦେ. କ୍ରି—୧। ଶିଶୁକୁ ପ୍ରତିପାଳନ କରି ବୟଃସ୍ଥ Manisha karibā କରାଇବା; ଏଡ଼େଟିଏ ଏଡ଼େ କରିବା— মানুষকরা मानुसकरना 1. To bring up a child till he is grown up. ୨। ଶିକ୍ଷା ବା ସାହାଯ୍ୟଦ୍ୱାରା ମୂର୍ଖ ବା ନିର୍ବଳ ବ୍ୟକ୍ତିକୁ ପଣ୍ଡିତ ବା ସମ୍ପନ୍ନ ବା ଧନୀ କରିବା—2.To help a person in becoming learned, rich or respectable.

ମଣିଷ ପଣିଆ(ଆଁ)—ଦେ. ବି—ମନୁଷ୍ୟତା—Manliness. Manisha paniā(ān̐) মানুষপনা मनुसपना, मनुसाई (ମଣିଷପଣ—ଅନ୍ୟରୂପ)

ମଣୀକ—ସଂ. ବି—ଅଞ୍ଜନ (ହ. ଶ)— Mankia Collyrium.

ମଣୀଷା—ସଂ. ବି (ମନସ୍+ଈଷା=ଲାଙ୍ଗଳଦଣ୍ଡ; ଈଷ ଲଙ୍ଗଳକୁ ଚଳାଇବା Manishā ପରି ଯାହା ମନୁଷ୍ୟର ମନକୁ ଗୃଳିତ କରାଏ)—୧। ବୁଦ୍ଧି; ପ୍ରଜ୍ଞା—1. Intellect; understanding;intellectual powers. [ଉ—ପଢ଼ିଅଛୁ ବଳାଅ ଏଥିରେ ମଣୀଷା— କୃଷ୍ଣସିଂହ ମହାଭାରତ. ସଭା।] ୨। ମନୋରଥ— 2. Desire; wish. [ଉ—ଯିବାକୁ କେଉଁରୂପେ ବଳନ୍ତ ମଣୀଷା—କୃଷ୍ଣସିଂହ ମହାଭାରତ. ବନ]। ୩। (ବୈଦିକ) ସ୍ତୁତି; ପ୍ରଶଂସା ( ହ. ଶ )—3.(Vedic) Eulogy; praise. ଦେ. ବିଣ [ସଂ. ମଣୀଷା=ଇଚ୍ଛା]—୧। ଯେ କାମନା କରେ;କାମନାକାରୀ—1. Desirous;wishing. ୨। ଇଚ୍ଛା ଅନୁସାରେ ଭିନ୍ନ ଭିନ୍ନ ରୂପ ଧାରଣକାରୀ— 2. Assuming different shapes at will. [ଉ—ବାର ନୋହିଲୁ ପ୍ରଚୁର ନଶାମସୃ ମଣୀଷା ସେ ନିଶାଚର—ଉପେ. ବୈଦେହୀଶବିଳାସ।]

ମଣୀଷିତ—ସଂ. ବିଣ [ ମନସ୍+ଈଷ୍ ଧାତୁ+କର୍ମ ତ, ବା ମଣୀଷା+ Manishita ସଞ୍ଜାତାର୍ଥେ ଇତ ]—ବାଞ୍ଛିତ; ଅଭୀଷ୍ଟ— Wished for; desired.

ମଣୀଷିତା—ସଂ. ବି (ମଣୀଷିନ୍+ତା)—ବୁଦ୍ଧିମତ୍ତା— Manishitā Intelligence.

ମଣୀଷୀ—ସଂ. ବିଣ. ପୁଂ—(ମଣୀଷା+ଇନ୍; ୧ମା. ୧ବ)—୧। ପ୍ରଜ୍ଞା- Manishi ବାନ୍; ବୁଦ୍ଧିମାନ୍—1. Intelligent; talented. ୨। ଜ୍ଞାନୀ—2 Wise; learned. ସଂ. ବି— (ମଣୀଷିଣୀ—ସ୍ତ୍ରୀ) ପଣ୍ଡିତ; ଜ୍ଞାନୀ ବ୍ୟକ୍ତି—Learned man.

ମଣି ସୁଟ୍—ବୈଦେ.ବି—(ଇଂ) (ଜନତରଅ)—ଟଙ୍କା ଦାବି କରାଯାଇଥିବା Mani sut ମକଦମା; ଯେଉଁ ମକଦମାରେ ବାଦୀ ପ୍ରତିବାଦୀ ଠାରୁ মনিস্যুট ନଗଦ ଧନ ପାଇବା ପାଇଁ ଦାବି କରିଥାଏ— मनिसुट (ଟାଇଟ୍ଲସୁଟ୍—ବିପରୀତ) Money-suit.

ମନୁ—ସଂ. ବି. ପୁଂ (ମନ୍ ଧାତୁ=ଜାଣିବା+କର୍ତ୍ତୃ. ଉ)—୧। ବ୍ରହ୍ମାଙ୍କର Manu ମାନସ ପୁତ୍ରଗଣ; ମନୁଷ୍ୟ ଜାତିର ଆଦି ପୁରୁଷଗଣ)—1. (ମନାବୀ, ମନାୟୀ—ସ୍ତ୍ରୀ) The sons of Brahmā born from his desires and the progenitors of mankind. [ଦ୍ର—ସେମାନଙ୍କର ନାମ ଯଥା—ସ୍ୱାୟଂଭୁବ, ସ୍ୱାରୋଚିଷ, ଉତ୍ତମ, ତାମସ, ରୈବତ, ଚାକ୍ଷୁଷ, ବୈବସ୍ୱତ, ସାବର୍ଣ୍ଣି, ଦକ୍ଷ ସାବର୍ଣ୍ଣି, ବ୍ରହ୍ମସାବର୍ଣ୍ଣି, ଧର୍ମ ସାବର୍ଣ୍ଣି, ରୁଦ୍ରସାବର୍ଣ୍ଣି, ଦେବସାବର୍ଣ୍ଣି ଓ ଇନ୍ଦ୍ରସାବର୍ଣ୍ଣି। ସୃଷ୍ଟିର ପ୍ରତ୍ୟେକ କଳ୍ପରେ ଏହି ୧୪ ଗୋଟି ମନୁ ବ୍ରହ୍ମାଙ୍କ ମନରୁ ଜାତ ହୁଅନ୍ତି ଓ ଯଥାକ୍ରମରେ ସୃଷ୍ଟି କର୍ମରେ ଲାଗନ୍ତି ଓ ସୃଷ୍ଟିରେ ଅଧିକାରୀ

ହୁଅନ୍ତି । ପୃଥିବୀର ବର୍ତ୍ତମାନ ମନ୍ୱନ୍ତରରେ ବୈବସ୍ୱତ ମନୁଙ୍କର ଅଧିକାର ।] ୨ । ବୈବସ୍ୱତ ମନୁ; ସୂର୍ଯ୍ୟଙ୍କ ପୁତ୍ର—2. The Baibaswata Manu, a son of the Sun-god. [ଦ୍ର—ସୂର୍ଯ୍ୟଙ୍କର ୧୦ଟି ପୁତ୍ରଙ୍କ ମଧ୍ୟରୁ ଇକ୍ଷ୍ୱାକୁ ଜ୍ୟେଷ୍ଠ । ହିନ୍ଦୁ ଶାସ୍ତ୍ର ମତରେ ଏହି ମନୁହିଁ ଆଦି ମାନବ । ] ୩ । ହିନ୍ଦୁ ସ୍ମୃତିଶାସ୍ତ୍ରପ୍ରଣେତା ମୁନି ବିଶେଷ, ମନୁସଂହିତା ବା ମାନବଧର୍ମଶାସ୍ତ୍ରର ସଙ୍କଳୟିତା ମୁନି—3. The name of a sage who compiled a Hindu code of Law and Usuage, which still goes by his name. [ଦ୍ର—କେହି କେହି ଏହାଙ୍କୁହିଁ ବୈବସ୍ୱତ ମନୁ ବୋଲି କହନ୍ତି ।] ୪ । (+କର୍ମ. ଭି) ୭୧ ମହାଯୁଗ ବା ୨୮୪ ଯୁଗ (କାଳ)—4. A unit of time comprising 71×4320000 years of man (ଉ—କେଉଁ ମନୁରେ କେଉଁ ଯୁଗେ, କ ଲୀଳା କଲେ ପ୍ରଭୁ ଭଙ୍ଗେ । ପ୍ରାଚୀ. ପୂର୍ଣ୍ଣତମ ଚନ୍ଦ୍ରୋଦୟ ।) ୫ । (+କର୍ତ୍ତୃ.ଭି) ବିଷ୍ଣୁ (ହି. ଶ)—5. Bishnu. ୬ । (+କରଣ. ଭି) ଅନ୍ତଃକରଣ; ମନ (ହି. ଶ)—6. The heart; mind. ୭ । (+କର୍ମ.ଭି) ମନ୍ତ୍ର (ହି. ଶ)—7. Vedic incantation or formula. ୮ । (+କର୍ତ୍ତୃ. ଭି) ଅଗ୍ନି (ହି. ଶ)—8. Fire. ୯ । ବ୍ରହ୍ମା (ହି. ଶ)—9. Brahmā. ୧୦ । ଚଉଦ ସଂଖ୍ୟା ( ହି. ଶ )—10 The number fourteen. ୧୧ । ( ସ୍ତ୍ରୀ ) ମନୁଙ୍କ ସ୍ତ୍ରୀ; ମନାୟୀ ( ହି. ଶ )—11. The wife of Manu. ୧୨ । ପୃକ୍କା; ପଡଙ୍ଗ ଶାଗ —12. A kind of pot herb; Trigonella Corniculata. ଦେ. ବି ( ସଂ. ମନ୍ୟୁ )—

मनामनि ୧ । ଶାପ—1. Curse. ୨ । ଅପଡ଼; ମନୋମାଳିନ୍ୟ—2. Ill-feeling; bad blood. ୩ । मनान्तर

ରାଗ; କ୍ରୋଧ—3. Anger. [ ଉ—ଏଥିରେ ବାଛି ଶଣ୍ଢ଼ା ଧରଥିଲେ ଧନୁ, ଧାଇଁଲେ ପାର୍ଥଠାରୁ ଧରି ହୁଦେ ମନୁ । କୃଷ୍ଣସିଂହ. ମହାଭାରତ. ଦ୍ରୋଣ । ] ୪ । ପୁଂ (ସଂ. ଅଭିମନ୍ୟୁ ) ଅଭିମନ୍ୟୁ ନାମକ ବ୍ୟକ୍ତିର ଡାକନାମ —4. Name for calling Abhimanyu. ୫ । ( ଓଡ଼ିଆ ମନ ଶବ୍ଦର ୫ମୀ ବିଭକ୍ତି ଏକ ବଚନ ) ମନରୁ; ମନୁଁ—5. From one's mind.

ମନୁଆ(ଆଁ)—ଦେ. ବିଣ. ପୁଂ—୧ । କାମଚ୍ଛନ୍ଦ; ସ୍ୱୈର; ଯାହା ଇଚ୍ଛା
Manuā(ān) ତାହା କରିବା ବ୍ୟକ୍ତି—1. Self-willed;
जीदवाज; मनसिरिया wilful. [ ଉ—ସେ ଲୋକ ଯୁଦ୍ଧରେ
दिलवाला, मनमाना ମନୁଆ ହୋଇଥିବ । କୃଷ୍ଣସିଂହ. ମହାଭାରତ.
ମନେଇ } ଅନ୍ୟରୂପ ସଭା । ] ୨ । ଏକବାଗିଆ—2. Way-
ମନୋ(ନ୍ମୋ)ଇ } ward. ୩ । ଖିଆଲୀ—3. Whimsical. ୪ । ଦୃଢ଼ଚିତ୍ତ—4. Of firm determination; resolute. ୫ । ନିପୁଣ; ଧୁରନ୍ଧର—5. Skilful. [ ଉ—ଶଲ୍ୟ ଯୁଦ୍ଧରେ ତ ଅଟନ୍ତି ମନୁଆଟି—କୃଷ୍ଣସିଂହ. ମହାଭାରତ. ବନ । ] ୬ । ବୀର—6. Heroic. (ଉ—ସେତେବେଳେ ଯୋଦ୍ଧା । ଉହିଁଥିଲେଟି ଉଡୁଆ, ଉଠିଲେ ଭୁଷୁ ହେଲେ ତା ଦେଖି ମନୁଆ । କୃଷ୍ଣସିଂହ. ମହାଭାରତ. ବନ । ) ୭ । ସାହସୀ—7. Brave; bold. ( ଉ—ମନୁଆଁ ଏ ଉଡୁଆ ପସୁପ୍ରେ ରହିବେ । କୃଷ୍ଣସିଂହ. ମହାଭାରତ. ବନ । ) ଗ୍ରା. ବି (ସଂ. ମନସ୍;

मनुआँ ଉକ୍ତର ମନକୁ ସମ୍ବୋଧନ )—ମନ—Mind. ( ଉ—ଆରେ ମନୁଆ ଭାଇ ! ଶସ୍ତ୍ରର ଭେଦ ତୁ ଜାଣିଲୁ ନାହିଁ—ଶସ୍ତ୍ରଭେଦଭଜନ । )

ମନୁଖ—ପ୍ରାଦେ ( ଉତ୍ତରିଆ ) ବି ( ଭୁଲ. ହିନ୍ଦିରେ ଷ ସ୍ଥାନରେ ଖ
Manukh ଉଚ୍ଚାରଣ )—ମନୁଷ୍ୟ—Man.

ମନୁଜ—ସଂ. ବି. ପୁଂ ( ମନୁ+ଜନ୍ ଧାତୁ+କର୍ତ୍ତୃ. ଅ; ମନୁଙ୍କଠାରୁ
Manuja [ମନୁଜା(ଜୀ)—ସ୍ତ୍ରୀ] ଜାତ )—ମନୁଷ୍ୟ; ମାନବ—Man

ମନୁଜ କୁଳ —ସଂ. ବି (୬ଷ୍ଠୀ ତତ୍)—ମାନବଜାତି—
Manuja kula Mankind.
(ମନୁଜ ସମାଜ, ମନୁଜ ବୃନ୍ଦ, ମନୁଜ ଗଣ—ଅନ୍ୟରୂପ)

ମନୁଜ ପୁଙ୍ଗବ—ସଂ ବି (ଉପମିତ ବା ୭ମୀ ତତ୍; ମନୁଜ=ମନୁଷ୍ୟ+
Manuja pungaba ପୁଙ୍ଗବ=ବୃଷଭ)—ମାନବ ଶ୍ରେଷ୍ଠ—An
[ମନୁଜ ଶ୍ରେଷ୍ଠ, ମନୁଜ ବ୍ୟାଘ୍ର, ମନୁଜ ସିଂହ-ଅନ୍ୟରୂପ] excellent man.

ମନୁଜେନ୍ଦ୍ର—ସଂ. ବି (୬ଷ୍ଠୀ ବା ୭ମୀ ତତ୍)—ନୃପତି; ରାଜା;ନରେନ୍ଦ୍ର—
Manujendra [ମନୁଜାଧିପ—ଅନ୍ୟରୂପ] A king.

ମନୁଜ୍ୟେଷ୍ଠ—ସଂ. ବି—୧ । ଖଡ୍ଗ; ତରୁଆରି (ହି. ଶ)—
Manujyeshṭha 1. Sword. ୨ । ଲାଠି; ଯଷ୍ଟି (ହି.ଶ)—2. A stick; cudgel.

ମନୁ ଯୁଗ—ସଂ. ବି (୬ଷ୍ଠୀ ତତ୍ ବା ମ. ପ. ଲୋ)—ମନ୍ୱନ୍ତର (ଦେଖ)
Manu juga Manwantara (See.)

ମନୁସ୍—ପ୍ରାଦେ (ସମ୍ବଲପୁର) ବି, [ସଂ. ମନୁଷ୍ୟ, ଭୁଲ. ବଂ. ମାନୁଷ; ହି.
Manus ମନୁଷ୍]—ମନୁଷ୍ୟ—Man.

ମନୁଶ୍ ମରା—ପ୍ରାଦେ (ସମ୍ବଲପୁର) ବିଣ ଓ ବି—ନରହନ୍ତା—
Manus marā Killer or murderer of men.

ମନୁଶ—ପ୍ରାଦେ (ଯାଜପୁର) ବି (ଭୁଲ. ହି. ମନୁଷ୍ )—ମନୁଷ୍ୟ—
Manusa Man.

ମନୁଶ୍ରେଷ୍ଠ—ସଂ. ବି—ବିଷ୍ଣୁ (ହି. ଶ)—
Manu sreshṭha Bishṇu.

ମନୁଷ୍ୟ—ସଂ. ବି. ପୁଂ ( ମନୁ+ଜାତାର୍ଥେ. ଷ୍ୟ )—୧ । ମାନବ;
Manushya ଲୋକ-1. Man. ୨ । ବ୍ୟକ୍ତି—2. Person.
(ମନୁଷୀ—ସ୍ତ୍ରୀ) [ଦ୍ର—ହିନ୍ଦୁ ଶାସ୍ତ୍ରମାନଙ୍କରେ ସବୁ ପ୍ରାଣୀଙ୍କ ସହିତ
ମନୁଷ୍ୟ ଶବ୍ଦର ଅନ୍ୟ ସଂ. ନାମ— } ଏକ ସମୟରେ ମନୁଷ୍ୟର ଉତ୍ପତ୍ତି
ମାନୁଷ, ମନୁଜ, ମାନବ, ନର } ହୋଇଥିବା କଥିତ ଅଛି । କିନ୍ତୁ
ଦ୍ୱିପଦ— ଆଧୁନିକ ପ୍ରାଣିବିଜ୍ଞାନର ବିବର୍ତ୍ତନ
ବାଦମତରେ ପ୍ରଥମେ ମେରୁଦଣ୍ଡହୀନ ପ୍ରାଣୀ, ସେମାନଙ୍କ ବିବର୍ତ୍ତନରୁ ମେରୁଦଣ୍ଡୀ ଅଣ୍ଡଜ, ସେମାନଙ୍କ ବିବର୍ତ୍ତନରୁ

ଜରାୟୁଜ ଓ ସର୍ବ ଜରାୟୁଜମାନଙ୍କ ପକ୍ଷରେ ମାଙ୍କଡ଼ ବା ବନ ମନୁଷ୍ୟ ଓ ସେମାନଙ୍କ ବଂଶଧର ଜନ୍ତୁ ମନୁଷ୍ୟର ଜ୍ଞାତି ହୋଇ ଅଛି । ନରଶାସ୍ତ୍ରାଲୋଚନକାରୀମାନେ ପୃଥ୍ବୀର ମନୁଷ୍ୟଙ୍କୁ ପ୍ରଧାନ ପାଞ୍ଚ ଶ୍ରେଣୀରେ ବିଭକ୍ତ କରିଅଛନ୍ତି; ଯଥା— ୧ । କକେଶୀୟ (ଇଉରୋପ ଓ ଭାରତବାସୀ ଆର୍ଯ୍ୟ), Caucasian, ୨ । ମଙ୍ଗୋଲୀୟ (ଚୀନ, ଜାପାନ ଅଧିବାସୀ), Mangolian, ୩ । ଇଥିଓପୀୟ ବା ନିଗ୍ରୋ (ଅଫ୍ରିକାବାସୀ), Etheopean, ୪ । ପଲିନେସୀୟ (ପ୍ରଶାନ୍ତ ମହାସାଗର ଦ୍ୱୀପବାସୀ), Polinasian, ୫ । ଆଦିମ (ଆମେରିକା ଆଦିମନିବାସୀ), Red Indian. ଏହି ବିଭିନ୍ନ ଶ୍ରେଣୀଭୁକ୍ତ ବ୍ୟକ୍ତିମାନଙ୍କର ଦେହର ବର୍ଣ୍ଣ, କେଶର ବର୍ଣ୍ଣ, ମୁଖ, ଓଷ୍ଠ, କର୍ଣ୍ଣାଦିର ଗଠନରେ ପାର୍ଥକ୍ୟ ଲକ୍ଷିତ ହୁଏ—ହି. ଶ ।]

ମନୁଷ୍ୟ କଣ୍ଠ—ସଂ. ବି (ଷଷ୍ଠୀ ତତ୍)—ମାନବର ଗଳା; ମନୁଷ୍ୟର କଣ୍ଠ ସ୍ୱର—Human voice.
Manushya kaṇṭha

ମନୁଷ୍ୟକାର—ସଂ. ଅ—ପୁରୁଷକାର; ଉଦ୍ୟୋଗ; ପ୍ରଯତ୍ନ (ହି. ଶ)—
Manushya kāra Exertion.

ମନୁଷ୍ୟ କୃତ—ସଂ. ବିଣ (ତୃତୀୟା ତତ୍)—୧ । ମାନବ ରଚିତ—
Manushya kṛuta 1. Done by man. ୨ । କୃତ୍ରିମ—
(ଦୈବକୃତ—ବିପରୀତ) 2. Artificial.

ମନୁଷ୍ୟ ଖାଦକ—ସଂ. ବିଣ. ପୁଂ—ଯେ ମନୁଷ୍ୟ ମାଂସ ଖାଏ—
Manushya khādaka Cannibal; man-eating.
(ମନୁଜାଦ, ମନୁଷ୍ୟାଶୀ—ଅନ୍ୟରୂପ)

ମନୁଷ୍ୟ ଚରିତ—ସଂ. ବି (ଷଷ୍ଠୀ ତତ୍)—୧ । ମନୁଷ୍ୟ ଜାତିର ପ୍ରକୃତି
Manushya charitra ବା ସ୍ୱଭାବ—1. Human nature.
ମନୁଷ୍ୟ ପ୍ରକୃତି } ଅନ୍ୟରୂପ ୨ । ବ୍ୟକ୍ତିବିଶେଷର ସ୍ୱଭାବ—
ମନୁଷ୍ୟ ସ୍ୱଭାବ } 2. A man's peculiar nature. (ଉ—ମନୁଷ୍ୟ ପ୍ରକୃତି ମଲେ ଭୁଟେ, ଛତ୍ରର ପ୍ରକୃତି ପଙ୍କରେ ଲୋଟେ—ଢଗ ।)

ମନୁଷ୍ୟ ଜନ୍ମ—ସଂ. ବି (ଷଷ୍ଠୀ ତତ୍)—ମାନବ ଜନ୍ମ; ମନୁଷ୍ୟରୂପରେ
Manushya janma ସଂସାରରେ ଜନ୍ମ ହେବା—The state
(ମନୁଷ୍ୟ ଯୋନି—ଅନ୍ୟରୂପ) of being born in this world as a man.
[ଦ୍ର—ଏହିପରି ମନୁଷ୍ୟ ଦେହ, ମନୁଷ୍ୟ ଶରୀର, ମନୁଷ୍ୟ ସମାଜ ଆଦି ପଦ ହୁଏ ।]

ମନୁଷ୍ୟତା(ତ୍ୱ)—ସଂ. ବି—୧ । ଦୟା, ପରଦୁଃଖ କାତରତା ଓ ସ୍ନେହାଦି
Manushyatā(twa) ମନୁଷ୍ୟୋଚିତ ଧର୍ମ—1. Humanity.
(ଅମନୁଷ୍ୟତା—ବିପରୀତ) ୨ । ମନୁଷ୍ୟପଣିଆ; ପୌରୁଷ; ସାହସିକତା—2. Manliness; courage.
୩ । ଶିଷ୍ଟତା—3. Civility. ୪ । ପୁରୁଷତ୍ୱ; ସ୍ତ୍ରୀ-ସଙ୍ଗମସାମର୍ଥ୍ୟ—4. Virility; potency.

ମନୁଷ୍ୟତା ବିବର୍ଜିତ—ସଂ. ବିଣ (ତୃତୀୟା ତତ୍)—୧ । ଅମାନୁଷ;
Manushyatā bibarjita ନିଷ୍ଠୁର—1. Inhuman; cruel; devoid of humanity.
ମନୁଷ୍ୟତା ବିହୀନ }
ମନୁଷ୍ୟତା ହୀନ } ଅନ୍ୟରୂପ
ମନୁଷ୍ୟତା ବର୍ଜିତ }
୨ । ସାହସହୀନ; କାପୁରୁଷ—2 Unmanly; cowardly. ୩ । ପୁରୁଷତ୍ୱହୀନ; ସ୍ତ୍ରୀ-ସଙ୍ଗମଶକ୍ତିରହିତ—3. Impotent.

ମନୁଷ୍ୟ ଧର୍ମା—ସଂ. ବିଣ (ମନୁଷ୍ୟ+ଧର୍ମନ୍; ୧ମା. ବହୁ)—ମନୁଷ୍ୟ ପରି
Manushya dharmā ଆଚରଣକାରୀ—Acting like a man; having the qualities of a man.
ସଂ. ବି—କୁବେର—The God of wealth.

ମନୁଷ୍ୟ ପଣ—ଦେ. ବି—ମନୁଷ୍ୟତା ( ଦେଖ )
Manushya paṇa Manushyatā ( See )
मानुष्यपना (ଉ—ମନୁଷ୍ୟ ପଣରୁ ହୋଇଛନ୍ତି ଭ୍ରଷ୍ଟ । ରାଧାନାଥ.
मनुष्यता [ମନୁଷ୍ୟ ପଣିଅ(ଆଁ)—ଅନ୍ୟରୂପ] ଦରବାର ।)

ମନୁଷ୍ୟ ଯଜ୍ଞ—ସଂ. ବି—ନୃଯଜ୍ଞ; ଅତିଥି ସତ୍କାର—Hospitality.
Manushya jajñya

ମନୁଷ୍ୟ ରଥ—ସଂ. ବି (ମ. ପ. ଲୋ)—ମନୁଷ୍ୟବାହ୍ୟ ରଥ ଯାନ—
Manushya ratha A vehicle drawn by men.

ମନୁଷ୍ୟ ରାଶି—ସଂ. ବି (ଜ୍ୟୋତିଷ; ମ. ପ. ଲୋ; ମନୁଷ୍ୟରୂପ କଳ୍ପିତ
Manushya rāśi ରାଶି)—କନ୍ୟା ରାଶି (ହି. ଶବ୍ଦସାଗର)—
The Virgo sign of the zodiac.

ମନୁଷ୍ୟ ଲୋକ—ସଂ. ବି (ଷଷ୍ଠୀ ତତ୍)—ମର୍ତ୍ତ୍ୟ ଲୋକ; ଭୂଲୋକ—
Manushya loka The earth (inhabited by human beings).

ମନୁଷ୍ୟୋଚିତ—ସଂ. ବିଣ (ଷଷ୍ଠୀ ତତ୍)—ମନୁଷ୍ୟର କର୍ତ୍ତବ୍ୟ; ମନୁଷ୍ୟ
Manushyochita ଯାହା କରିବା ଉଚିତ—Becoming or
(ମନୁଷ୍ୟସ୍ୱଲର—ଅନ୍ୟରୂପ) befitting a man.

ମନୁ ସଂହିତା—ସଂ. ବି (ମ. ପ. ଲୋ; ମନୁ ସଙ୍କଳିତ ସଂହିତା)—
Manu saṃhitā ମନୁ ପ୍ରଣୀତ ସ୍ମୃତି ଶାସ୍ତ୍ର;ମାନବ ଧର୍ମ ଶାସ୍ତ୍ର—
ମନୁ ଧର୍ମ ଶାସ୍ତ୍ର }
ମନୁ ଶାସ୍ତ୍ର } ଅନ୍ୟରୂପ The code of Manu; the laws of Manu.
ମନୁ ସ୍ମୃତି }
[ଦ୍ର—ଏ ଗ୍ରନ୍ଥ ୧୪ ମନୁଙ୍କ ମଧ୍ୟରୁ ପ୍ରଥମ ସ୍ୱାୟଂଭୁବ ମନୁଙ୍କ ସଙ୍କଳିତ ବୋଲି ଅନୁମିତ ହୋଇ ଥିଲେ ମଧ୍ୟ ପଣ୍ଡିତମାନଙ୍କ ମତରେ ଏହା ଭୃଗୁଙ୍କ ରଚିତ । ମନୁ ଓ ପରାଶରଙ୍କ ମଧ୍ୟରେ ମନୁ ପ୍ରାଚୀନ ଓ ପରାଶର ପରବର୍ତ୍ତୀ; ମନୁସଂହିତାରେ ସତ୍ୟଯୁଗର ଧର୍ମ ଏବଂ ପରାଶରରେ କଳିଯୁଗର ଧର୍ମ ବ୍ୟକ୍ତ ହୋଇଅଛି । ମନୁରେ ୧୨ଟି ଅଧ୍ୟାୟରେ ଅଢ଼େଇ ହଜାରରୁ ଅଧିକ ଶ୍ଲୋକ ଅଛି ।]

ମନୁହର(ରି)—ଗ୍ରା. ବି ଓ ବିଣ—ମନୋହର ( ଦେଖ )
Manuhara(ri) मनोहारी मनियार Manohara ( See )

ମନେ—ପ୍ରାଦେ. (ସମ୍ବଲପୁର) ଅ ( ବହୁ ବଚନସୂଚକ ପ୍ରତ୍ୟୟ) ମାନେ-
Mane Suffix of plurality.
ମନେ मनमे ଦେ. ବି—ମନରେ—In the mind.

ମନେଇ ହେବା—ଦେ. କି—ସାକ୍ଷୀ ହେବା; ଜାମିନ ହେବା—
Manei hebā To stand surety.
জামিন হওয়া जमानत होना

ମନେ କରିବା—ଦେ. କ୍ରି—୧ । ସ୍ମରଣ କରିବା—1. To remember. Mane kariba मने करना (ଉ—ସେ ଅମୃତ୍କୁ ମନେ କରନ୍ତି କାଁ?—ମଧୁସୂଦନ. ଉତ୍କଳ ବ୍ରମଚରିତ । ) ୨ । ଚେତିବା—मनन करना, याद करना 2. To recollect. ୩ । ଚିନ୍ତା ख़याल करना କରିବା; ଭାବିବା—3 To think. ୪ । କଳ୍ପନା सोचना କରିବା—4. To imagine. (ଉ—ଅର୍ଜୁନଙ୍କ ବାରତା ସେଠାରେ ପାଇଲେ, ମଲ୍ଲ ଦୁର୍ଯ୍ୟୋଧନ ବୋଲି ସେ ମନେ କଲେ । କୃଷ୍ଣସିଂହ. ମହାଭାରତ. ବନ ।)

ମନେ ଥିବା—ଦେ. କ୍ରି—ପାଶୋରି ନ ଯିବା; ସ୍ମରଣ ରହିବା—To Mane thiba मने थाका मनमे रहना be remembered; not to be forgotten.

ମନେ ଧରିବା—ଦେ. କ୍ରି ( ସଂ. ମନସ୍+ଧୃ ଧାତୁ )—୧ । ମନରେ Mane dhariba मने धरा मनमे धरना ରଖିବା; ସ୍ମରଣ ରଖିବା—1. To remember. [ ଉ—ସୁକର୍ମ ବଚନାକୁ ଅତରେ, ତତ୍ତ୍ୱଜ୍ଞାନକୁ ମନେ ଧରେ । ପଣ୍ଡିତ ବୋଲିବା ତାହାରେ, ସେ ଶୁକ ଏ ଯୋଗବଶରେ—ଜଗନ୍ନାଥ. ଭାଗବତ । ] ୨ । କୌଣସି ବିଷୟକୁ ଗୁରୁତର ଭାବେ ଗ୍ରହଣ କରିବା—2. To take a thing seriously.

ମନେ ପକା(କେ)ଇବା—ଦେ. କ୍ରି—୧ । ସୁମରିବା; ସ୍ମରଣ କରିବା; ସ୍ମରଣ କରିବା—1.To remember; Mane paka(ke)iba मने करा मनमे ख़याल करना to cherish in memory. [ଉ—ପକାଉଥିବ ମନେ ଯାଉଅଛ ମୂର୍ତ୍ତି—କୃଷ୍ଣସିଂହ. ମହାଭାରତ. ସଭା ।] ୨ । ଅନ୍ୟ ବ୍ୟକ୍ତିଙ୍କୁ ଚେତାଇ ଦେବା—2. To (ମନେ ପକାଇଦେବା—୨ ଅର୍ଥ ଅନ୍ୟରୂପ) remind a person.

ମନେ ପଡ଼ିବା—ଦେ. କ୍ରି—ସ୍ମୃତ ହେବା; ସ୍ମରଣ ହେବା—To occur Mane pardiba मने पड़ा मनमे आना to one's mind or recollection. [ ଉ—ମନାଉଛି ତୋତେ, ମନେ ପଡ଼ୁଥିବ, ମୋର ଏତିକ ମାଗୁଣି—ଭଞ୍ଜ. ପ୍ରେମସୁଧାନିଧି । ]

ମନେମନ—ଦେ. କ୍ରି. ବିଣ—ମନେ ମନେ ( ଦେଖ )—Mane Manemana मने मने मनमन mane ( See ) [ ଉ—ଥୋକାଏ ତୁଳସୀ ଭଜନ, ଜପ କରନ୍ତି ମନେମନ—ପ୍ରାଚୀ ବର୍ଣ୍ଣଣମାହାତ୍ମ୍ୟ । ]

ମନେ ମନେ—ଦେ. କ୍ରି. ବିଣ—୧ । ଆପଣାର ମନରେ—1. In Mane mane मने मने मनहीमन one's own mind. [ ଉ—କଳିଙ୍ଗ ଉଦ୍ଧତ ଅଗ୍ନି ବର୍ଷୁଁ ମନେ ମନେ—ରାଧାନାଥ. ମହାଯାତ୍ରା । ] ୨ । ଅନ୍ତରରେ—2. Mentally. ୩ । ଅପ୍ରକାଶ୍ୟରେ; ଗୋପନରେ—3. Secretly. ୪ । ଆପଣାର କଳ୍ପନାରେ—4. In one's imagination. (ଯଥା—ସେ ମନେ ମନେ ମିଠେଇ ଖାଉଛି ।) ୫ । ଆପଣାର ବିଚାରରେ—5. According to one's own estimation. ( ଯଥା—ସେ ମନେ ମନେ ଭାରି ସିଆଣିଆଟାଏ । ) ୬ । ମୁହଁରେ କିଛି ପ୍ରକାଶ ନ କରି—6. Without speaking out any thing.

ମନେ ମନେ ମିଠା(ଠେ)ଇ ଖାଇବା—ଦେ. କ୍ରି (ବ୍ୟଙ୍ଗ୍ୟ)—ଭବିଷ୍ୟତ Mane mane mitha(the)i khaiba मने मने लाडु खाओया मनकालडु खाना, मनमोदक खाना ସମ୍ବନ୍ଧେ କଳ୍ପିତ ଚିନ୍ତା ବିଷୟ ଭାବି. ଅଳୀକ ଉପଭୋଗ କରିବା—To feel joy at some imaginary picture of the future.

ମନେ ରଖିବା—ଦେ. କ୍ରି—୧ । ସ୍ମରଣ ରଖିବା; ଭୁଲି ନ ଯିବା—Mane rakhiba मने राखा मनमे रखना 1. To bear in mind; to remember. ୨ । ସ୍ମରଣରେ ରଖିବା—2. To recollect. ୩ । ପ୍ରକାଶ ନ କରିବା; ଗୁପ୍ତ ରଖିବା—3. To keep a thing to one's self; not to divulge a thing.

ମନେ ହୁଏ—ଦେ. ଅ (ବାକ୍ୟାଂଶ ଅବ୍ୟୟରୂପେ ବ୍ୟବହୃତ )—ମୋତେ Mane hue मने हय शायद, मालुम होताहै ଜଣାଯାଏ ଯେ; ବୋଧହୁଏ; ସମ୍ଭବତଃ—Meseems; perhaps; probably

ମନେ ହେବା—ଦେ. କ୍ରି—୧ । ବୋଧ ହେବା—1. To seem Mane heba ( to me ). मने हओया ख़याल होना ୨ । ସ୍ମୃତ ହେବା—2. To be remembered; to be recalled to memory.

ମନୋଗତ—ସଂ. ବିଣ ( ୨ୟା ତତ୍; ମନସ୍+ଗତ=ପ୍ରାପ୍ତ )—ମାନସିକ; Manogata ଯାହା ମନରେ ଉଦିତ ହୁଏ—Mental.

ମନୋଗତ ଭାବ—ସଂ. ବି ( କର୍ମଧା )—ଅନ୍ତରର ଇଚ୍ଛା; ଯେଉଁ ଭାବ Manogata bhaba ମନସ୍ୟ ମନରେ ଉଦିତ ହୁଏ—Heart's wish or desire; mental thought not yet expressed or ventilated.

ମନୋଗତି—ସଂ. ବି (୬ଷ୍ଠୀ ତତ୍; ମନସ୍+ଗତି)—କଳ୍ପନାର କ୍ରୀଡ଼ା—Manogati Flights of imagination; the play of fancy.

ମନୋଗମ୍ୟ—ସଂ. ବିଣ ( ୩ୟା ତତ୍; ମନସ୍+ଗମ୍ୟ )—ଯାହା ମନରେ Manogamya କଳ୍ପିତ ହୋଇପାରେ; ଚିନ୍ତନୀୟ—Conceivable; thinkable.

ମନୋଜ—ସଂ. ବିଣ ( ମନସ୍+ଜନ୍ ଧାତୁ+କର୍ତ୍ତୃ. ଅ )—୧ । ଯାହା Manoja ମନରେ ଉଦିତ ହୁଏ—1. Occuring to one's mind. ୨ । ଆପଣା ମନରୁ ଯାହା ଜନ୍ମେ—2. Born of one's own mind. ସଂ. ବି—କାମ; ମଦନ; ମାନସିଜ—Cupid.

ମନୋଜଗତ୍(ତ)—ସଂ. ବି ( ମନଃ+ଜଗତ୍; ଅନ୍ତଃକରଣ ରୂପ ଜଗତ୍; Manojagat(ta) ରୂପକ ସମାସ)—ମନୁଷ୍ୟର ଅନ୍ତରରେ ବା କଳ୍ପନା ରାଜ୍ୟରେ ଅଙ୍କିତ ବ୍ରହ୍ମାଣ୍ଡ—The microcosm; the sum total of a man's imagination and thoughts.

ମନୋଜନ୍ମା—ସଂ. ବି (ମନସ୍+ଜନ୍ମନ୍; ବହୁବ୍ରୀହି)—ମନୋଜ; କାମ—Manojanma Cupid.

ମନୋଜବ—ସଂ. ବିଣ ( ମନସ୍+ଜବ=ବେଗ )—୧ । ( ମନର Manojaba ବେଗ ପରି ବେଗ ଯାହାର; ବହୁବ୍ରୀହି ) ମନପରି ଶୀଘ୍ରଗାମୀ—1. Swift like the mind; quick

as thought. ୨ । ( ୬ଷ୍ଠୀ ତତ୍ ) ମନର ଗତ— 2. The movements of the mind; flights of imagination; the wings of fancy. ୩ । ମନର ଅବେଗ—3. Restlessness of mind. ସଂ. ବ, ପୁଂ—ବଷ୍ଣୁ—A name of Bishṇu.

ମନୋଜବା—ସଂ. ବ, ସ୍ତ୍ରୀ—ଅଗ୍ନି ଜହ୍ୱାନାମ୍ନୀ ଦେଶ ବଶେଷ—
Manojabā Name of a Goddess.

ମନୋଜାତ—ସଂ. ବଣ (୭ମୀ ବା ୭ମୀତତ୍; ମନସ୍+ଜାତ)—ମନରେ
Manojāta ଉଦତ ହୋଇଥିବା; ମାନସିକ—Occuring to one's own mind; mental.

ମନୋଜ୍ଞ—ସଂ. ବ (ମନସ୍+ଜ୍ଞା. ଧାତୁ+କର୍ମ. ଅ)—ମନୋହର;
Manojña ମନୋମୁଗ୍ଧକର; ଅତ ସୁନ୍ଦର—Charming;
(ମନୋଜ୍ଞା—ସ୍ତ୍ରୀ) beautiful; enchanting. ଦେ. ବଣ— ୧ । ମନଗଢ଼ା; କଳ୍ପନାପ୍ରସୂତ; କାଳ୍ପନକ— 1. Imaginary; born of one's imagination. ୨ । ମନୁଆ—2. Wilful.

ମନୋଜ୍ଞତା(ତ୍ୱ)—ସଂ. ବ. (ମନୋଜ୍ଞ+ ଭାବ. ତା; ତ୍ୱ)—ସୌନ୍ଦର୍ଯ୍ୟ—
Manojñatā(twa) Beauty.

ମନୋଜ୍ଞା—ସଂ. ବଣ. ସ୍ତ୍ରୀ (ମନୋଜ୍ଞ+ଆ)—ମନୋଜ୍ଞର ସ୍ତ୍ରୀଲିଙ୍ଗ—
Manojñā Feminine of Manojña. ସଂ. ବ—୧ । କଳା-ଜୀର—1. Black cumin seed. ୨ । ଜାଇତ୍ରୀ (ତୁ. ଶ)—2. Mace (spice). ୩ । ମଦ୍ୟ (ତୁ.ଶ)— 3. Wine.

ମନୋଦଣ୍ଡ—ସଂ. ବ (୬ଷ୍ଠୀ ତତ୍; ମନସ୍+ଦଣ୍ଡ)—ମନୋବୃତ୍ତିମାନଙ୍କର
Manodaṇḍa ନରୋଧ—Self-control.
(ମନୋନଗ୍ରହ—ଅନ୍ୟରୂପ)

ମନୋଦତ୍ତ—ସଂ. ବଣ ( ୬ଷ୍ଠୀ ତତ୍; ମନସ୍+ଦତ୍ତ )—ଦଅଯିବାପାଇଁ
Manodatta ମନରେ ସଂକଳ୍ପିତ—( a thing ) Which
(ମନୋଦତ୍ତା—ସ୍ତ୍ରୀ) has been resolved to be given away.

ମନୋଦତ୍ତା କନ୍ୟା—ସଂ. ବଣ. ସ୍ତ୍ରୀ—ଯେଉଁ କନ୍ୟାକୁ କୌଣସି ବର
Manodattā kanyā ସହତ ବବାହ ଦେବାପାଇଁ କନ୍ୟାପିତା ମନେ ମନେ ସଙ୍କଳ୍ପ କରଥାଆନ୍ତ—A daughter who has been bestowed on a bridegroom-elect by a mental resolution of her father or other guardian.

ମନୋଦୁଃଖ—ସଂ. ବ (୬ଷ୍ଠୀ ତତ୍; ମନସ୍+ଦୁଃଖ )—ମାନସିକ
Manoduḥkha ବେଦନା ବା ଅସୁସ୍ଥତା—Mental affliction.

ମନୋଦୁଷ୍ଟ—ସଂ. ବଣ. ପୁଂ—ଯାହାର ମନ ଦୂଷିତ ବା କଳୁଷିତ—
Manodushṭa (ମନୋଦୁଷ୍ଟା—ସ୍ତ୍ରୀ) Of sinful mind.

ମନୋଦୃଷ୍ଟି—ସଂ. ବ (୬ଷ୍ଠୀ ତତ୍; ମନସ୍+ଦୃଷ୍ଟି)—ମନୋନେତ୍ର;
Manodṛushṭi ମନଶ୍ଚକ୍ଷୁ; କୌଣସି ବଷୟକୁ କଳ୍ପନାନେତ୍ରରେ ଦେଖିବା—Mental vision.

ମନୋଦେବତା—ସଂ. ବ (୬ଷ୍ଠୀ ତତ୍ ବା ରୂପକ)—ଅନ୍ତଃସ୍ୱର; ବବେକ
Manodebatā (ତୁ. ଶ)—Conscience.

ମନୋଦ୍‌ବେଗ—ସଂ. ବ ( ୬ଷ୍ଠୀ ତତ୍; .ମନସ୍+ଉଦ୍‌ବେଗ )—ଚତ୍ତର
Manodbega ଚାଞ୍ଚଲ୍ୟ—Mental anxiety or restlessness

ମନୋନୟନ—ସଂ. ବ ( ମନସ୍+ନୟନ; ୬ଷ୍ଠୀ ତତ୍ )—୧ ।
Manonayana ଅନୁମୋଦନ—1. Approval. ୨ । ପସନ୍ଦ କର ନେବା; ବାଛନେବା—2. Nomination; selection; choice. ୩ । ନର୍ବାଚନ—3. Election. ୪ । ମନୋନେତ୍ର (ଦେଖ)—4. Manonetra ( See )

ମନୋନବେଶ—ସଂ. ବ ( ୬ଷ୍ଠୀ ତତ୍; ମନସ୍+ନବେଶ )—ମନୋ-
Manonibesa ଯୋଗ; ଅଭନବେଶ—Attention; concentration of mind on a particular matter.

ମନୋନୀତ—ସଂ. ବଣ ( ମନସ୍+ନୀତ; ୬ଷ୍ଠୀ ତତ୍ )—୧ । ନର୍ବାଚତ--
Manonita 1. Selected; chosen; elected. ୨ ।
(ମନୋନୀତା—ସ୍ତ୍ରୀ) ଅନୁମୋଦତ—2. Approved

ମନୋନେତ୍ର—ସଂ. ବ ( ରୂପକ ସମାସ; ମନସ୍+ନେତ୍ର )—ମନଶ୍ଚକ୍ଷୁ,
Manonetra କଳ୍ପନା ଚକ୍ଷୁ—The mind's eye; mental vision.

ମନୋପଲି—ବୈଦେ. ବ ( ଇଂ )—ବାଣିଜ୍ୟ କରବା ପାଇଁ ରାଜାଙ୍କ-
Manopali ଠାରୁ କୌଣସି ବ୍ୟକ୍ତିକୁ ମିଳବା ଏକଚେଟିଆ ଅଧିକାର;
मनोपली କୌଣସି ପଣ୍ୟଦ୍ରବ୍ୟର କ୍ରୟବକ୍ରୟ ସମ୍ବନ୍ଧେ ଏକାଧିକାର—
मनोपली Monopoly.

ମନୋବାଞ୍ଛା—ସଂ. ବ ( ୬ଷ୍ଠୀ ତତ୍; ମନସ୍+ବାଞ୍ଛା )—ଇଷ୍ଟିତ; ଅନ୍ତରର
Manobāñchhā ଇଚ୍ଛା—Heart's desire; wish.
(ମନୋବାସନା—ଅନ୍ୟରୂପ) (ମନୋବାଞ୍ଛିତ —ବଣ)

ମନୋବାଞ୍ଛା ପୂରଣ—ସଂ. ବ ( ୬ଷ୍ଠୀ ତତ୍; ମନୋବାଞ୍ଛା+ପୂରଣ )—
Manobāñchhā pūraṇa ମନରେ ଭତରେ ଥିବା ବାସନାର
ମନୋବାଞ୍ଛା ପୂର୍ତ୍ତି } ଅନ୍ୟରୂପ ସିଦ୍ଧି—Fulfilment of one's
ମନୋବାଞ୍ଛା ସିଦ୍ଧି } desire; attainment of one's wished-for object; realisation of one's wish.

ମନୋବକାର—ସଂ. ବ ( ୬ଷ୍ଠୀ ତତ୍; ମନସ୍+ବକାର )—୧ । ମନ-
Manobikāra ବଗଡ଼ା; ଚତ୍ତର ଅସ୍ୱାଭାବକ ଅବସ୍ଥା—
(ମନୋବକୃତ —ଅନ୍ୟରୂପ) 1. Unnatural state of mind. ୨ । ଚତ୍ତ ଚାଞ୍ଚଲ୍ୟ—2. Mental anxiety; perturbation of mind; revulsion of feeling. ୩ । ଚତ୍ତର ଦୁର୍ବଳତା—3. Mental weakness; weakness of mind. ୪ । ଚତ୍ତରେ କୌଣସି ସୁଖଜ ବା ଦୁଃଖଜ ଭାବ ବା ବୃତ୍ତିର ଉପସ୍ଥିତ ହେବା ଅବସ୍ଥା ( ତୁ. ଶ )—4. Emotion. [ ଦ୍ର— ସୁଖ, ଦ୍ୱେଷ, କ୍ରୋଧ, ଦୟା ଆଦ ଚତ୍ତବୃତ୍ତି ମନୋବକାର

ଅଟେ । ସାଧାରଣତଃ ମନୋବିକାର ଜାତ ହେବା ସଙ୍ଗେ ସଙ୍ଗେ କେତେକ ଶାରୀରିକ ବିକାର ( ଯଥା—ରୋମାଞ୍ଚ, ସ୍ୱେଦ, କମ୍ପ, ଅଶ୍ରୁ, ହୃଦୟର ସ୍ପନ୍ଦନ ) ଲକ୍ଷିତ ହୁଏ । )

ମନୋବିଚ୍ଛେଦ—ସଂ. ବି ( ୬ଷ୍ଠୀ ତତ୍, ମନସ୍+ବିଚ୍ଛେଦ )—ମନାନ୍ତର Manobichchheda —Ill-feeling; estrangement.

ମନୋବିଜ୍ଞାନ—ସଂ. ବି ( ଅଧୁନିକ ବ୍ୟବହାର, ମ. ପ. ଲୋ. ମନ-Manobijnāna ସମ୍ବନ୍ଧୀୟ ବିଜ୍ଞାନ )—ଯେଉଁ ବିଜ୍ଞାନଶାସ୍ତ୍ରଦ୍ୱାରା ମନୋବୃତ୍ତିମାନଙ୍କ ସମ୍ବନ୍ଧେ ଜ୍ଞାନ ଜନ୍ମେ—Psychology.

ମନୋବିବାଦ—ସଂ. ବି ( ୬ଷ୍ଠୀ ତତ୍; ମନସ୍+ବିବାଦ )—ମନୋ-Manobibāda ମାଳିନ୍ୟ; ଦୁଇଜଣଙ୍କର ମନର ଅମେଳ; ମନାନ୍ତର —Disagreement; ill-felling; bad blood; estrangement; difference of opinion between two persons.

ମନୋବୃତ୍ତି—ସଂ. ବି ( ୬ଷ୍ଠୀ ତତ୍; ମନସ୍+ବୃତ୍ତି )—୧ । ଚିନ୍ତା—Manobrutti 1. Thought. ୨ । ସ୍ମରଣ, ମନନ, ଅନୁଧ୍ୟାନାଦି ମାନସିକ ବୃତ୍ତି ବା ମନର କାର୍ଯ୍ୟମାନ—2. The operations of the mind, such as memory, thinking, attention etc. ଗ୍ରାଦେ. ( ଗଞ୍ଜାମ ) ବି—ସମ୍ପତ୍ତିରେ ଅଧିକାର ବା ସ୍ୱତ୍ୱ ନ ଥିବା ବ୍ୟକ୍ତିର ଭରଣପୋଷଣାର୍ଥ ନିର୍ଦ୍ଧାରିତ ଦେୟ—A grant for the maintenance of a person who has no title to a property.

ମନୋବେଗ—ସଂ. ବି ( ୬ଷ୍ଠୀ ତତ୍, ମନସ୍+ବେଗ )—୧ । ମନର Manobega ବେଗ ବା ଚଞ୍ଚଳତା—1. Velocity of the thought. ୨ । ମନ ପରି ଚଞ୍ଚଳ ଗତି—2. Swiftness like that of the mind. ୩ । ମନୋଦ୍ୱେଗ; ଚିତ୍ତଚାଞ୍ଚଲ୍ୟ—3. Mental anxiety. ୪ । ମନୋବିକାର ( ଦେଖ )—4. Manobikāra ( See )

ମନୋବେଦନା—ସଂ. ବି ( ୬ଷ୍ଠୀ ତତ୍, ମନସ୍+ବେଦନା )—୧ । Manobedanā ମାନସିକ ଯାତନା—1. Mental affliction; (ମନୋବ୍ୟଥା—ଅନ୍ୟରୂପ) mental agony. ୨ । ଅନ୍ତରର ଦୁଃଖ; ମନୋଦୁଃଖ—2. Sadness of the heart; melancholy.

ମନୋଭଙ୍ଗ—ଦେ. ବି ( ୬ଷ୍ଠୀ ତତ୍, ମନସ୍+ଭଙ୍ଗ )—୧ । ମନୋ Manobhanga ଦୁଃଖ—1. Dejection ୨ । ଆଶାର ଭଙ୍ଗ —2. Disappointment.

ମନୋଭବ—ସଂ. ବି ( ମନସ୍+ଭୂ ଧାତୁ+କର୍ତ୍ତୃ. ଅ )—ମନସିଜ, Manobhaba କାମ; କନ୍ଦର୍ପ—Cupid. ସଂ. ବିଣ—ମନରୁ ଜାତ—Born of the mind.

ମନୋଭାବ—ସଂ. ବି ( ୬ଷ୍ଠୀ ତତ୍, ମନସ୍+ଭାବ)—ମନୋଗତ ଭାବ; Manobhāba ଅନ୍ତରର ଇଚ୍ଛା—Intention; what is uppermost in one's thoughts or mind.

ମନୋଭିଲଷିତ - ସଂ. ବିଣ ( ୭ମୀ ତତ୍, ମନସ୍+ଅଭିଲଷିତ )—Manobhilashita ମନୋଭୀଷ୍ଟ; ଇପ୍ସିତ—Wished-for; desired. ସଂ. ବି—ମନୋଭିଲାଷ ( ଦେଖ )—Manobhilāsha ( See )

ମନୋଭିଲାଷ—ସଂ. ବି ( ୬ଷ୍ଠୀ ତତ୍, ମନସ୍+ଅଭିଲାଷ )—Manobhilāsha ମନସ୍କାମନା—Heart's desire.

ମନୋଭୀଷ୍ଟ—ସଂ. ବିଣ ( ୭ମୀ ତତ୍, ମନସ୍+ଅଭୀଷ୍ଟ )—ଇପ୍ସିତ—Manobhīshta Wished-for; desired; longed for. ସଂ. ବି ( ୬ଷ୍ଠୀ ତତ୍ )—ମନୋବାଞ୍ଛା; ମନସ୍କାମନା; ମନୋରଥ—One's cherished desire; longing of the heart.

ମନୋଭୀଷ୍ଟ ଫଳ—ସଂ. ବି (କର୍ମଧା, ମନୋଭୀଷ୍ଟ+ଫଳ)—ଯେଉଁ ଫଳ Manobhīshta phala ପାଇବାକୁ ମନୁଷ୍ୟ ବାଞ୍ଛା କରିଥାଏ—The fruits of one's desires.

ମନୋଭୀଷ୍ଟ ଫଳପ୍ରଦ—ସଂ. ବିଣ (ମନୋଭୀଷ୍ଟ ଫଳ+ପ୍ର+ଦା. ଧାତୁ+Manobhīshta phalaprada କର୍ତ୍ତୃ. ଅ)—ଯେ ମନୋବାଞ୍ଛା [ମନୋଭୀଷ୍ଟଫଳପ୍ରଦା—ସ୍ତ୍ରୀ] ଅନୁସାରେ ଫଳ ଦେଇପାରେ—Capable of granting one's desires.

ମନୋଭୀଷ୍ଟଫଳ ପ୍ରାପ୍ତି—ସଂ. ବି (୬ଷ୍ଠୀ ତତ୍; ମନୋଭୀଷ୍ଟ ଫଳ+Manobhīshta phala prāpti ପ୍ରାପ୍ତି )—ମନୋବାଞ୍ଛାର ପୂରଣ; ମନରେ ଥାଇଥିବା ଫଳ ପାଇବା—The fulfilment or attainment of one's desires; the realisation of one's desires.

ମନୋଭୀଷ୍ଟ ଫଳଲାଭ } ଅନ୍ୟରୂପ
ମନୋଭୀଷ୍ଟ ସିଦ୍ଧି }

ମନୋଭୂ—ସଂ. ବି ( ମନସ୍+ଭୂ. ଧାତୁ+କର୍ତ୍ତୃ. କ୍ୱିପ୍ )—ମନସିଜ; Manobhū ମନୋଭବ; ମଦନ; କାମ—Cupid. [ମନୋମଥନ, ମନୋଯୋନି—ଅନ୍ୟରୂପ]

ମନୋମତ—ସଂ. ବିଣ ( ମନସ୍+ମତ)—ଇଚ୍ଛାନୁରୂପ; ବାଞ୍ଛାନୁରୂପ—Manomata To one's liking; agreeable to one's mind; suiting one's fancy.

ମନୋମଦ—ସଂ. ବି (୬ଷ୍ଠୀ ତତ୍, ମନସ୍+ମଦ)—ମନର ଅହଙ୍କାର—Manomada Pride felt in one's mind.

ମନୋମୟ—ସଂ. ବିଣ (ମନସ୍+ମୟ)—ମାନସିକ—Manomaya Mental.

ମନୋମୟ କୋଷ—ସଂ. ବି—(ବେଦାନ୍ତଦର୍ଶନ) ମନୁଷ୍ୟର ଆତ୍ମାର Manomaya kosha ଆବରଣରୂପେ ଆତ୍ମାକୁ ବେଢ଼ି ରହିଥିବା ୫ ଗୋଟି କୋଷ ବା ଖୋଳ ମଧ୍ୟରୁ ୨ୟ କୋଷ—The 2nd of the 5 sheaths said to envelop the soul of man (in Bedānta philosophy).

ମନୋମାଳିନ୍ୟ—ସଂ. ବି (୬ଷ୍ଠୀ ତତ୍; ମନସ୍+ମାଳିନ୍ୟ)—୨ ଜଣଙ୍କ Manomālinya ମଧ୍ୟରେ ଅନ୍ତରର ଅମେଳ; ମନାନ୍ତର—Ill-feeling; disagreement; bad blood; estrangement.

**ମନୋମୁଗ୍ଧକର**—ସଂ. ବିଣ (ମନସ୍+ମୁଗ୍ଧ+କୃ. ଧାତୁ+କର୍ତ୍ତୃ.ଅ)—
Manomugdhakara ଯେ ବାଁ ଯାହା ମନକୁ ମୋହିତ କରେ-
[ମନୋମୁଗ୍ଧକରୀ—ସ୍ତ୍ରୀ] Enchanting; captivating; en-
(ମନୋମୁଗ୍ଧକାରୀ—ଅନ୍ୟରୂପ) thralling the mind.

**ମନୋମୋହନ**—ସଂ. ବିଣ (୬ଷ୍ଠୀ ତତ୍; ମନସ୍+ମୋହନ)—
Manomohana ମନୋହର; ମନୋମୁଗ୍ଧକର; ଅଭାବ ରମଣୀୟ—
[ମନୋହରଣ—ଅନ୍ୟରୂପ] Enchanting; fascinating.
(ମନୋମୋହିନୀ—ସ୍ତ୍ରୀ) [ଯଥା—ତପ ଫଳେ ସେହୁ ହୋଇଛି ଏ ବିଶ୍ୱମୋହନ-ମନମୋହିନୀ । ରାଧାନାଥ, ଯଯାତି ।]

**ମନୋଯାୟୀ**—ସଂ. ବିଣ. ପୁଂ (ମନସ୍+ଯା. ଧାତୁ+କର୍ତ୍ତୃ. ଇନ୍; ୧ମା. ୧ବ)—ମନ ପରି ବେଗଶାଳୀ—As swift as
Manojāyi
[ମନୋଯାୟିନୀ—ସ୍ତ୍ରୀ] thought.

**ମନୋଯୋଗ**—ସଂ. ବ (୬ଷ୍ଠୀ ତତ୍, ମନସ୍+ଯୋଗ)—ମନଃସଂଯୋଗ;
Manojoga କୌଣସି ବିଷୟ ପ୍ରତି ମନ ଦେବା; ଅଭିନିବେଶ—
[ଅମନୋଯୋଗ—ବିପରୀତ] Attention; concentration of one's mind to a particular matter.
(ମନୋଭିବେଶ, ମନୋଭିନିବେଶ—ଅନ୍ୟରୂପ)

**ମନୋଯୋଗ ଆକର୍ଷଣ କରିବା**—ଦେ. କ୍ରି (ସଂ. ମନୋଯୋଗ+
Manojoga ākarshaṇa karibā ଆକର୍ଷଣ+କୃ. ଧାତୁ)—
मनोयोग आकर्षण करा କୌଣସି ବିଷୟ ପ୍ରତି କୌଣସି ବ୍ୟକ୍ତିର
मनोयोग आकर्षण करना ଦୃଷ୍ଟିକୁ ଆକର୍ଷଣ କରିବା—To draw a person's attention to any matter.

**ମନୋଯୋଗ କରିବା**—ଦେ. କ୍ରି (ସଂ. ମନୋଯୋଗ+କୃ ଧାତୁ)—
Manojoga karibā କୌଣସି ବିଷୟ ପ୍ରତି ମନ ଦେବା; ମନ
मनोयोग देओया मनोयोगदेना ଲଗାଇବା—To closely
(ମନୋଯୋଗ ଦେବା—ଅନ୍ୟରୂପ) attend to a thing.

**ମନୋଯୋଗୀ**—ସଂ. ବିଣ. ପୁଂ (ମନୋଯୋଗ+ଇନ୍, ୧ମା. ୧ବ)—
Manojogi କୌଣସି ବିଷୟ ପ୍ରତି ଅଭିନିବେଶକାରୀ—
(ମନୋଯୋଗିନୀ—ସ୍ତ୍ରୀ) Attentive.
(ଅମନୋଯୋଗୀ—ବିପରୀତ)

**ମନୋରଞ୍ଜକ**—ସଂ. ବିଣ. ପୁଂ (ମନସ୍+ରନ୍ଜ. ଧାତୁ+କର୍ତ୍ତୃ. ଅକ)—
Manorañjaka ୧ । ଚିତ୍ତର ତୁଷ୍ଟିବିଧାୟକ—1. Pleasing;
(ମନୋରଞ୍ଜିକା—ସ୍ତ୍ରୀ) amusing. ୨ । ଚିତ୍ତର ମୁଗ୍ଧତା ସମ୍ପାଦକ—2. Enchanting.

**ମନୋରଞ୍ଜନ**—ସଂ. ବି—୧ । ଚିତ୍ତର ସନ୍ତୋଷ ସାଧନ—1. Grati-
Manorañjana fication of mind; entertainment; diversion. ୨ । ଚିତ୍ତର ମୁଗ୍ଧତା ସମ୍ପାଦନ—
2. Enchantment. ଦେ. ବିଣ—ମନୋରଞ୍ଜକ; ଆନନ୍ଦ-
ଦାୟକ—Gratifying; entertaining; charming; enchanting.

**ମନୋରଞ୍ଜୀ**—ସ. ବିଣ. ପୁଂ (ମନସ୍+ରନ୍ଜ ଧାତୁ+ଇନ୍; ୧ମା. ୧ବ)-
Manorañji ମନୋରଞ୍ଜକ; ମନୋମୋହନ—Gratifying.
(ମନୋରଞ୍ଜିନୀ—ସ୍ତ୍ରୀ)

**ମନୋରଥ**—ସ. ବ (ମନସ୍+ରଥ; ୬ଷ୍ଠୀ ତତ୍)—୧ । ମନର ବାଞ୍ଛା
Manoratha ବା ଅଭିଳାଷ; ମନସ୍କାମନା—1. Desire.
୨ । ଅଭିଳଷିତ ବସ୍ତୁ—2. The desired object.

**ମନୋରଥ ଗତି**—ସ. ବ (ମ. ପ. ଲୋ; ମନୋରଥାନୁରୂପ ଗତି)—
Manorath gati ୧ । ଯଥେଚ୍ଛା ଗମନ ଶକ୍ତି—1. The power of moving according to one's free will; freedom of movement. ୨ । (୬ଷ୍ଠୀ ତତ୍)
ମନର ଅଭିଳାଷର ଗତି—2. The movement of one's desires; ambition.
ସ. ବିଣ (ବହୁବ୍ରୀହି)—ମନ ପରି ଦ୍ରୁତଗାମୀ—
As swift as thought.

**ମନୋରଥ ଦ୍ୱାଦଶୀ**—ସ. ବ—ଚୈତ୍ର ଶୁକ୍ଳ ଦ୍ୱାଦଶୀ ଓ ସେ ଦିନ
Manoratha dwādaśi ଅନୁଷ୍ଠେୟ ବ୍ରତ—The 12th day of the bright fortnight of Chaitra and a religious fast observed that day.

**ମନୋରଥ ଦ୍ୱିତୀୟା**—ସ. ବ—ଆଷାଢ଼ ଶୁକ୍ଳ ଦ୍ୱିତୀୟା; ଜଗନ୍ନାଥ ମହା-
Manoratha dwitiyā ପ୍ରଭୁଙ୍କର ରଥ ଯାତ୍ରା ବା ଗୁଣ୍ଡିଚ୍ଚ
ଯାତ—The 2nd day of the bright fortnight of Āshāṛha; the day of the Puri car-festival.

**ମନୋରଥ ସିଦ୍ଧି**—ସ. ବ—ମନୋବାଞ୍ଛାର ସାଫଲ୍ୟ—The fulfil-
Manoratha siddhi ment or realisation of one's desires.

**ମନୋରମ**—ସ. ବିଣ (ମନସ୍+ରମ୍ ଧାତୁ ଣିଚ୍, ରମି ଧାତୁ=ଆନନ୍ଦିତ
Manorama କରିବା+କର୍ତ୍ତୃ. ଅ)—ମନୋଜ୍ଞ; ମନୋହର;
(ମନୋରମ୍ୟ—ଅନ୍ୟରୂପ) ମନୋମୁଗ୍ଧକର; ସୁନ୍ଦର—Pleasing; charming; beautiful ଦେ. ବ (ପ୍ରାଚୀନ ପଦ୍ୟ)—
ସୌନ୍ଦର୍ଯ୍ୟ; ଶୋଭା—Beauty. [ଯଥା—କର୍ଣ୍ଣିକାରୁ ନୋହିଲା ତହିଁର ମନୋରମ । ଉପେ. ବୈଦେହୀଶ ବିଳାସ ।]

**ମନୋରମା**—ସ. ବିଣ. ସ୍ତ୍ରୀ—ମନୋରମର ସ୍ତ୍ରୀଲିଙ୍ଗ—Feminine of
Manoramā Manorama. ସ. ବିଣ. ସ୍ତ୍ରୀ—୧ । କାର୍ତ୍ତ-
ବୀର୍ଯ୍ୟାର୍ଜୁନଙ୍କର ଧର୍ମପରାୟଣା ପତିବ୍ରତା ମହିଷୀ—
1. Name of the pious wife of king Kārttabirjyārjuna. [ଯଥା—ପରଶୁରାମଙ୍କ ସଙ୍ଗେ ଯୁଦ୍ଧ ନ କରିବାକୁ ଏ ଏହାଙ୍କ ସ୍ୱାମୀଙ୍କୁ ବିଶେଷ ଅନୁରୋଧ କରିଥିଲେ; କିନ୍ତୁ ଏହା କ୍ଷତ୍ରିୟୋଚିତ କାର୍ଯ୍ୟ ହେବ ନାହିଁ ବୋଲି ସ୍ୱାମୀ କହିବାରୁ ପତିଙ୍କର ପରାଜୟ ଓ ମୃତ୍ୟୁ ଅବଶ୍ୟମ୍ଭାବୀ ବୋଲି ବୁଝିପାରି ଏ ସ୍ୱାମୀଙ୍କ ନିଧନ ପୂର୍ବରୁ ଯୋଗାବଲମ୍ବନପୂର୍ବକ ତନୁ ତ୍ୟାଗ କରିଥିଲେ ।] ୨ । ପ୍ରଜାପତି ରୁଚିଙ୍କର ସ୍ତ୍ରୀ ଓ ରୌଚ୍ୟ ମନୁଙ୍କର ମାତା—2. Name of the wife of 'Ruchi' one of the progenitors of mankind. [ଯଥା—ବରୁଣ ପୁତ୍ର ପୁଷ୍କରଙ୍କ ଔରସରେ ପ୍ରମ୍ଳୋଚା ନାମ୍ନୀ ଅପ୍ସରା ଗର୍ଭରୁ ଏହାଙ୍କର ଜନ୍ମ ।]

ଙ । ବୌଦ୍ଧମାନଙ୍କର ଉପାସ୍ୟ ଦେବତାବିଶେଷ—3. Name of a Buddhist Goddess. ୪ । ଦଶାକ୍ଷର ଛନ୍ଦୋବିଶେଷ—4. Name of a metre of 10 letter. [ଦ୍ର—ଏଥିର ପ୍ରଥମ, ଦ୍ୱିତୀୟ, ତୃତୀୟ, ସପ୍ତମ ଓ ନବମ ବର୍ଣ୍ଣ ଲଘୁ ଓ ଅନ୍ୟ ସମସ୍ତ ବର୍ଣ୍ଣ ଗୁରୁ—ଛ. ଶବ୍ଦସାଗର ।] ୫ । ଗୋରୋଚନା—5. A yellow pigment obtained from the body of dead cows. ଦେ. ବି. ସ୍ତ୍ରୀ—ସ୍ତ୍ରୀଲୋକଙ୍କୁ ଦିଆଯିବା ନାମ—A name given to females.

ମନୋରମ୍ୟ—ଦେ. ବିଣ ( ସ. ମନୋରମ )—ରମଣୀୟ; ମନୋ- Manoramya ମୁଗ୍ଧକର; ମନୋହର—Beautiful; charming. ( ମନୋରମ୍ୟା—ସ୍ତ୍ରୀ )

ମନୋରାଜ୍ୟ—ସ. ବି (ରୂପକ କର୍ମଧା; ମନସ୍+ରାଜ୍ୟ)—ଅଲଙ୍କାରଣରୂପ Manorājya ରାଜ୍ୟ; ରାଜ୍ୟ ସଙ୍ଗେ ତୁଳନା କରାଯିବା ମନ; ହୃଦୟରାଜ୍ୟ—The mind or heart (compared to a kingdom).

ମନୋଲୁବ୍ଧକ—ସ. ବିଣ ( ମନସ+ଲୁବ୍ଧ+କ )—ଯାହା ଦ୍ୱାରା ମନରେ Manolubdhaka ଲୋଭ ଜାତ ହୁଏ; ମନର ଲୋଭଜନକ; ମନଲୋଭା / ମନୋଲୋଭା } ଦେଶଜରୂପ ମନୋହର—That which causes a hankering after it; fascinating. ( ମନୋଲୁବ୍ଧିକା—ସ୍ତ୍ରୀ )

ମନୋହର—ସ.ବିଣ (ମନସ୍+ହୃ ଧାତୁ=ହରଣ କରିବା+କର୍ତ୍ତୃ.ଅ)—Manohara କମନୀୟ; ଚିତ୍ତାକର୍ଷକ; ସୁନ୍ଦର—Enchanting; (ମନୋହରତା[ତ୍ୱ]—ବିଶେଷ୍ୟ) charming; lovely; beautiful; graceful; fascinating; ( ମନୋହରା—ସ୍ତ୍ରୀ ) captivating. ଦେ. ବି—୧ । ଲିଆକୁ ଚୂନା କରି ଗୁଡ଼ରେ ପାଗ କରି ଦିଆରି କରାଯିବା ମୁଆଁ—1. Balls made of powdered fried paddy seasoned with molasses. [ ଦ୍ର—ଶାଶୁଘରକୁ ଯିବାବେଳେ ବୋହୂମାନଙ୍କରେ ଏହାକୁ ଝିଅଙ୍କ ସଙ୍ଗରେ ପଠାଯାଏ । ] ମନୋହରା ଲଡ୍ଡୁ, ଲାଡ଼ୁ ୨ । ଏକପ୍ରକାର ମିଠାଇ—2. A kind of sweetmeat.

ମନୋହରଣ—ସ. ବି ( ୬ଷ୍ଠୀ ତତ୍;ମନସ୍+ହରଣ)—୧ । ଚିତ୍ତାକର୍ଷଣ; Manoharaṇa ମନକୁ ମୁଗ୍ଧ କରିବା—1. Fascinating the mind; attracting a person's mind or heart. ୨। ମନରେ ଅନୁରାଗ ଉତ୍ପାଦନ—2. Sowing the seeds of love or attachment in the mind of a person.

ମନୋ(ନୁ)ହର ଫାସିଆର ପାଲା—ଦେ.ବି—ସତ୍ୟପୀର ବା ସତ୍ୟନାରାୟଣ Mano(nu)hara phāsiārā pālā ପାଲାର ଗୋଟିଏ ଗଳ୍ପ—One of the stories of the Satyapira Deity. [ଦ୍ର—ଏହି ଗଳ୍ପରେ ବର୍ଣ୍ଣିତ ହୋଇଅଛି ଯେ ମନୋହର ଫାସିଆର୍ ନାମକ ଜଣେ ଜଳାଇଲ ସତ୍ୟନାରାୟଣଙ୍କର ଜଣେ ବିଦେଶାଗତ ଭକ୍ତକୁ କୌଶଳକ୍ରମେ ଅପଣାର ଘରକୁ ଡାକିଆଣି ତାଙ୍କର ଅର୍ଥ ନେବାର ଉଦ୍ଦେଶ୍ୟରେ ପ୍ରଶଂସା ମୁଗ୍ଧ କରାଇ ପଥିକକୁ ମାରି ପକାଇବାକୁ ବସିଥିଲା; କିନ୍ତୁ ସତ୍ୟପୀର ପ୍ରଭୁଙ୍କ ଦୟାରୁ ଭକ୍ତ ତାହାଠାରୁ ଝିଅ ରଙ୍ଗଲତା ଭକ୍ତ ବିଦେଶାଗତ ବ୍ୟକ୍ତିର ରୂପରେ ମୁଗ୍ଧା ହୋଇ ତାହାଠାରେ ପ୍ରବଳ ପ୍ରଣୟରେ ଆସକ୍ତା ହୋଇ ତାକୁ ସ୍ୱୀୟ ପିତାର ଚକ୍ରାନ୍ତରୁ ରକ୍ଷା କଲା । ]

ମନୋହରା—ସ. ବି. ସ୍ତ୍ରୀ ( ମନୋହର+ସ୍ତ୍ରୀ. ଆ )—୧ । ଯୁଥିକା; Manoharā ଯୁଇଫୁଲ—1. A kind of small jasmine. ୨ । ଜାତିପୁଷ୍ପ; ଜାଇଫୁଲ—2. Another kind of jasmine. ୩ । ସୁବର୍ଣ୍ଣ—3. Gold.

ମନୋହରି—ଦେଦେ. ବି—ମଣିଅରି (ଦେଖ)—Maniāri ( See ) Manohari ପ୍ରାଦେ. ( ବାଲେଶ୍ୱର ) ବି—ସାମୁଦ୍ରିକ କ୍ଷୁଦ୍ର ମତ୍ସ୍ୟ- ମନିହାରୀ ବିଶେଷ—A kind of small seafish. [ ଦ୍ର—मनिहारी ଏହା ଦେଖିବାକୁ କେରଣ୍ଡି ମାଛ ପରି । ]

ମନୋହର୍ତ୍ତା—ସ. ବିଣ. ପୁଂ ( ମନସ୍+ହର୍ତ୍ତୃ, ୧ମା. ୧ବ )—ଚିତ୍ତା- Manohartta (ମନୋହର୍ତ୍ତ୍ରୀ—ସ୍ତ୍ରୀ) କର୍ଷକ—Fascinating.

ମନୋହାରିତା(ତ୍ୱ)—ସ. ବି (ମନୋହାରିନ୍+ତା, ତ୍ୱ)—ସୌନ୍ଦର୍ଯ୍ୟ—Manohārita(twa) Loveliness; charm.

ମନୋହାରୀ—ସ. ବିଣ. ପୁଂ ( ମନସ୍+ହୃ ଧାତୁ+କର୍ତ୍ତୃ. ଇନ୍, ୧ମା. Manohāri ୧ବ.)—ଚିତ୍ତାକର୍ଷକ—Fascinating; attractive. ମନୋହାରଣୀ / ମନୋହାରିଣୀ } ସ୍ତ୍ରୀ ଦେ. ବି (ସ ମନୋହାରିନ)—୧ । (ପୁଂ) ପ୍ରେମିକ—1. (a female's) Lover. ( ମନୋହାରୀ—ଅନ୍ୟରୂପ ) [ ଉ—ନବନୀତ ଚୋର ସ୍ୱଧବା ମନୋହାରୀ—କୃଷ୍ଣସିଂହ. ମହାଭାରତ, ଆଦି । ] ୨ । (ସ୍ତ୍ରୀ; ସ, ମନୋହାରିଣୀ) ପତ୍ନୀ; ଭାର୍ଯ୍ୟା—2. Wife. ( ଉ—ଉଦେଗ ମନେ ଧରି ଜଳ-ମନୋହାରୀ, ସେଠାରୁ ଗଲେ ସୋଦରଙ୍କୁ ବାହାରି—କୃଷ୍ଣସିଂହ. ମହାଭାରତ. ଆଦି ।)

ମନୋହ୍ୱା—ସ. ବି (ମନସ୍+ହ୍ୱେ. ଧାତୁ+କର୍ମ. ଅ+ଆ)—ମନଃଶିଳା Manohwā (ହି. ଶ)—Red arsenic.

ମନ୍ତ—ଦେ. ବିଣ. ପ୍ରତ୍ୟୟ ପୁଂ. (ସ. ମତ୍ ପ୍ରତ୍ୟୟର ଅପଭ୍ରଂଶ; ଯଥା—Manta ଗୁଣମନ୍ତ, ଧନମନ୍ତ, ବୁଦ୍ଧିମନ୍ତ) ଯାହାର ଅଛି—मन्त / मन्त A suffix which is a variation of the Sanskrit suffix 'Mat'. ଦେ. ଅ. ପ୍ରତ୍ୟୟ—(ମନ୍ତୀ—ସ୍ତ୍ରୀ) (ସର୍ବନାମ ସଙ୍ଗେ ଯୁକ୍ତ; ଯଥା—ଏମନ୍ତ, କେମନ୍ତ, ତେମନ୍ତ ) ପରି; ପ୍ରକାରେ—(An affix added to pronouns meaning) Like; in (such) a manner.

ମନ୍ତବ୍ୟ—ସ.ବିଣ (ମନ୍.ଧାତୁ+କର୍ମ ତବ୍ୟ)—୧ । ମନନୀୟ;କଳ୍ପନୀୟ—Mantabya 1. Conceivable. ୨ । ଚିନ୍ତନୀୟ; ଚିନ୍ତନୀୟ—2. Thinkable. ୩ । ବିବେଚନା ଯୋଗ୍ୟ—3. Fit to be considered. ୪ । ମାନନୀୟ (ହି. ଶ)—मन्तव्य 4. Respectable. ଦେ. ବି—୧ । ଅଭିମତ—मन्तव्य 1. Remark. ୨ । ପ୍ରକାଶିତ ଅଭିପ୍ରାୟ—2. Expressed intention. ୩ । ମତ—3. Opinion.

ମନ୍ତବ୍ୟ କ(କା)ଲମ୍—ଦେ. ବି (ମନ୍ତବ୍ୟ+ଇଂ. କଲମ୍; କଡ଼ରଥ)—
Mantabya ka(kā)lam କାଗଜର ବା ଫାରମର ଯେଉଁ
মন্তব্য কলম ଅଲେଖା ସ୍ତମ୍ଭ ମନ୍ତବ୍ୟ ଲେଖାଯିବା ପାଇଁ ଛଡ଼ାଯାଇ
मन्तव्य कलम ଥାଏ—A column of space left or
[ମନ୍ତବ୍ୟ ସମ୍ବ(ର)—ଅନ୍ୟରୂପ] intended for the endorsement of remarks or opinions; the remarks-column of a form or statement.

ମନ୍ତବ୍ୟ ଦେବା—ଦେ. କ୍ରି—ଅଭିମତ ପ୍ରକାଶ କରିବା—
Mantabya debā To give an opinion.
মন্তব্য দেওয়া मन्तव्य देना

ମନ୍ତବ୍ୟ ପ୍ରକାଶ—ଦେ. ବି (ଅଧିକଳ)—ଅପଣାର ଅଭିପ୍ରାୟର ବ୍ୟକ୍ତି-
Mantabya prakāś କରଣ—Passing of a remark.
মন্তব্য প্রকাশ मन्तव्यप्रकाश

ମନ୍ତବ୍ୟ ଲିପି—ଦେ. ବି—ଅଭିମତ ପ୍ରକାଶକ ଲେଖା—A writing
Mantabya lipi embodying a person's opinion.
মন্তব্য লিপি मन्तव्य लेख (ମନ୍ତବ୍ୟଲେଖ—ଅନ୍ୟରୂପ)

ମନ୍ତବ୍ୟ ସ୍ତମ୍ଭ—ସଂ. ବି—(ଅଧିକଳ ପ୍ରୟୋଗ)—ମନ୍ତବ୍ୟ କଲମ୍ (ଦେଖ)
Mantabya stambha Mantabya kalam (See)

ମନ୍ତର—ଗ୍ରା. (ପଦ୍ୟ)ବି -(ସଂ.ମନ୍ତ୍ର)—ମନ୍ତ୍ର(ଦେଖ)—Mantra (See)
Mantara মন্তর मन्तर [ ଦ୍ର—ମନ୍ତର ଦେଇ ଅନ୍ତର
ତଡ଼ ପୁଂସ । ଭକ୍ତ. କୋଟ୍ଟଚନ୍ଦ୍ରଜ୍ଞାଣ ସୁନ୍ଦର ।]

ମନ୍ତର କରିବା—ଦେ. କ୍ରି—(ସଂ. ମନ୍ତ୍ର+କୃ ଧାତୁ)—ମନ୍ତ୍ର କରିବା
Mantara karibā (ଦେଖ)—Mantra karibā (See)
মন্তর করা टोना मन्तर करना

ମନ୍ତର ଘି(ଘେ)ନିବା—ଗ୍ରା. କ୍ରି—(ସଂ. ମନ୍ତ୍ର+ଗ୍ରହଣ)—ମନ୍ତ୍ର ଗ୍ରହଣ
Mantara ghi (ghe)nibā କରିବା (ଦେଖ)—Mantra
মন্ত্র লওয়া मन्तर लेना grahaṇa karibā (See)
(ମନ୍ତର ନେବା—ଅନ୍ୟରୂପ)

ମନ୍ତର ଦେବା—ଗ୍ରା. କ୍ରି—(ସଂ. ମନ୍ତ୍ର+ଦା ଧାତୁ)—ମନ୍ତ୍ର ଦେବ
Mantara debā (ଦେଖ)—Mantra debā (See)
মন্ত্র দেওয়া मन्तर देना

ମନ୍ତର ଯନ୍ତର—ଗ୍ରା. ବି—(ସଂ. ମନ୍ତ୍ର+ଯନ୍ତ୍ର)—ମନ୍ତ୍ର ଯନ୍ତ୍ର (ଦେଖ)
Mantara jantara Mantra jantra (See)
যন্ত্র মন্ত্র मन्तर यन्तर

ମନ୍ତା—ସଂ. ବଣ.ପୁଂ (ମନ୍ ଧାତୁ+କର୍ତ୍ତୃ ତୃ;ଏମା.୧ବ)—୧ । ମନନକାରୀ;
Mantā ଅନୁଚନ୍ତନକାରୀ—1. Contemplating. ୨ ।
(ମନ୍ତ୍ରୀ—ସ୍ତ୍ରୀ) ମନ୍ତ୍ରଣାଦାତା; ମନ୍ତ୍ରୀ—2. Councillor; counsellor; advisor;

ମନ୍ତା(ନ୍ଥା)ରୀ(ର୍ଡ଼ୀ)—ଦେ. ବି—ମନ୍ଥରା (ଦେଖ)
Mantā(nthā)rī(rḍī) Mantharī (See)

ମନ୍ତି(ନ୍ତେ)—ଦେ. ଅ. ପ୍ରତ୍ୟୟ ( ସର୍ବନାମ ସଙ୍ଗେ ଲାଗେ ଯଥା—
Manti [nte] ଏମନ୍ତି, ଏମନ୍ତେ; ସେମନ୍ତି, ସେମନ୍ତେ; କେମନ୍ତି,
মত, মতন କେମନ୍ତେ; ଯେମନ୍ତି, ଯେମନ୍ତେ)—ପ୍ରକାରେ—
सा Like.

ମନ୍ତିକା—ଦେ. ବିଣ ଓ ଅ—ପ୍ରକାରର—Of ( any ) kind. [ଦ୍ର—
Mantikā ସର୍ବନାମ ସଙ୍ଗେ ଯୁକ୍ତ । ଯଥା—ଏମନ୍ତିକା = ଏ
মতন सा ପ୍ରକାରର ।] ( ଯଥା—ମତେ ଏମନ୍ତିକା କଥା
(ମନ୍ତିକଅ—ଅନ୍ୟରୂପ) ଅଲେ କାହିଁ । )

ମନ୍ତିରୀ—ଗ୍ରା. ବି ( ସଂ. ମନ୍ତ୍ରୀ )—ମନ୍ତ୍ରୀ ( ଦେଖ )
Mantirī মন্ত্রী मन्तरी Mantrī ( See )

ମନ୍ତୁ—ସଂ. ବି ( ମନ୍ ଧାତୁ+କର୍ତ୍ତୃ. ତୁ )—୧ । ମନୁଷ୍ୟ—1. Man.
Mantu ୨ । ରାଜା—2. King. ୩ । ପ୍ରଜାପତି—
3. The primordial progenitor of mankind. ୪ । ( +ଭାବ. ତୁ ) ଈର୍ଷା—4. Envy; spite; rancour. ୫ । କୋପ—5. Anger.
୬ । ( +କର୍ମ. ତୁ ) ଅପରାଧ—6. Fault; crime.

ମନ୍ତୁରା—ଦେ. ବି ( ସଂ. ମନ୍ତ୍ରଣ )—ଅଭିମନ୍ତ୍ରଣ—Act of consecra-
Manturā itng a thing by reciting mystic
পড়া पढ़ना incantations. ଦେ. ବିଣ—ଅଭିମନ୍ତ୍ରିତ—
পড়া पढ़ाहुआ Consecrated by the recital of mystic incantation.

ମନ୍ତୁରା(ରେ)ଇବା—ଦେ. କ୍ରି ( ସଂ. ମନ୍ତ୍ରଣ )—ଅଭିମନ୍ତ୍ରଣ କରିବା;
Manturā(re)ibā ମନ୍ତ୍ର ପଢ଼ି କୌଣସି ଦ୍ରବ୍ୟକୁ ଫୁଙ୍କିବା—
মন্ত্রিতকরা; মন্ত্রান To consecrate a thing by
मन्तराना uttering mystic formulas over it.
(ମନ୍ତୁରିବା—ଅନ୍ୟରୂପ) [ଦ୍ର—ମନ୍ତ୍ରପାଠ କରି ଧୂଳି, ଲୁଣ ଓ ଜଳ-
ଆଦିକୁ ମନ୍ତୁରାଇବାକୁ ହୁଏ । ଏପରି କରିବାଦ୍ୱାରା ଉକ୍ତ
ଦ୍ରବ୍ୟମାନଙ୍କରେ ଆଶ୍ଚର୍ଯ୍ୟଜନକ ବା ଅସାଧାରଣ ଶକ୍ତି ପ୍ରବେଶ
କରିଥାଏ ବୋଲି ବିଶ୍ୱାସ । ]

ମନ୍ତ୍ର୍ (ଧାତୁ)—ସ—୧ । ମନ୍ତ୍ରଣା କରିବା—1. To consult; to
Mantr (root) take counsel; ୨ । ପରାମର୍ଶ ଦେବା
—2. To counsel; to give advice. ୩ ।
ବିଚାର କରିବା—3. To deliberate; to ponder.
୪ । ମନ୍ତ୍ର ଉଚ୍ଚାରଣ ବା ପ୍ରୟୋଗ ପୂର୍ବକ କୌଣସି
ବସ୍ତୁକୁ ବା ସ୍ଥାନକୁ ପବିତ୍ରୀକୃତ ବା ପ୍ରଭାବଶାଳୀ କରିବା
—4. To consecrate (a thing or place) by chanting or applying esoteric formulas; to enchant with spells or charms.
୫ । କହିବା; ଉଚ୍ଚାରଣ କରିବା—5. To speak; to mutter ( Apte ).

ମନ୍ତ୍ର—ସଂ. ବି ( ମନ୍ତ୍ର୍ ଧାତୁ+କର୍ମ. ଅ )—୧ । ବୈଦିକ ଉପାସନାରେ
Mantra ବ୍ୟବହୃତ ଦେବତାବିଶେଷଙ୍କର ଉପଯୁକ୍ତ ବାକ୍ୟ
ବା ପଦ—1. A sacred mystic text; mystic syllable or words used in the vedic worship of different Deities; incantation; mystic formula. [ ଦ୍ର—ଯାହାଦ୍ୱାରା ବନ୍ଧନ
ଲାଭ ହୁଏ ଓ ସଂସାର ସାଗରକୁ ମନୁଷ୍ୟ ଉଦ୍ଧାର ପାଏ
ତାହାକୁ ମନ୍ତ୍ର ବୋଲାଯାଏ । ମନ୍ତ୍ରଦ୍ୱାରା ମନନ ଓ

ତ୍ରାଣ ଲାଭ ହୁଏ । ହିନ୍ଦୁଶାସ୍ତ୍ରରେ ପ୍ରତ୍ୟେକ ଦେବତାଙ୍କ ଉପାସନା ପାଇଁ ଓ ଫଳ ଦାନାର୍ଥପାଇଁ ଭିନ୍ନ ଭିନ୍ନ ମନ୍ତ୍ର ନିର୍ଦ୍ଦିଷ୍ଟ ଅଛି; ନିରୁକ୍ତ ଅନୁସାରେ ବୈଦିକ ମନ୍ତ୍ରକୁ ୩ ଶ୍ରେଣୀରେ ବିଭକ୍ତ କରାଯାଇ ଅଛି । ଯେଉଁ ମନ୍ତ୍ରରେ ଦେବତାଙ୍କୁ ପରୋକ୍ଷଜ୍ଞାନ କରି ତାଙ୍କ ପ୍ରତି 'ସେ' ଶବ୍ଦ ପ୍ରୟୋଗ କରାଯାଏ ତାହାକୁ ପରୋକ୍ଷକୃତ, ଯହିଁରେ ଦେବତାଙ୍କୁ ପ୍ରତ୍ୟକ୍ଷ ଜ୍ଞାନ କରି ତାଙ୍କ ପ୍ରତି 'ତୁମ୍ଭେ' ଶବ୍ଦ ପ୍ରୟୋଗ କରାଯାଏ ତାହାକୁ ପ୍ରତ୍ୟକ୍ଷକୃତ; ଯହିଁରେ ନିଜଠାରେ ଦେବତାଙ୍କର ଆରୋପ କରାଯାଇ ଅଙ୍ଗନ୍ୟାସ ଓ ମୁଦ୍ରାଦିଦ୍ୱାରା ସ୍ତୁତି କରାଯାଏ ତାହାକୁ ଆଧ୍ୟାତ୍ମିକ ମନ୍ତ୍ର ବୋଲାଯାଏ । ମନ୍ତ୍ରର ବିଷୟ ପ୍ରାୟଶଃ ସ୍ତୁତି, ଆଶୀର୍ବାଦ, ଶପଥ, ଅଭିଶାପ, ପରିଦେବନା, ନିନ୍ଦା, ନିଜର ମଙ୍ଗଳକାମନା, ଶତ୍ରୁର ଅନିଷ୍ଟ କାମନା ଆଦି । ମୀମାଂସା ଅନୁସାରେ ବେଦର ଯେଉଁ ବାକ୍ୟଦ୍ୱାରା କୌଣସି କର୍ମ କରିବାକୁ ପ୍ରେରଣା ବା ଉତ୍ସାହ ମିଳେ ତାହାକୁ ମନ୍ତ୍ର ବୋଲା-ଯାଏ । ମୀମାଂସାକାର ମନ୍ତ୍ରମାନଙ୍କୁ ଦେବତା ବୋଲି ମାନି ଅଛନ୍ତି ଓ ମନ୍ତ୍ର ଛଡ଼ା ଅନ୍ୟ ଦେବତା ନାହାନ୍ତି ବୋଲି କହି-ଅଛନ୍ତି । ବୈଦିକ ଗଦ୍ୟ ମନ୍ତ୍ରକୁ ଯଜୁଃ ଓ ପଦ୍ୟ ମନ୍ତ୍ରକୁ ଋକ୍ ଓ ଯେଉଁ ମନ୍ତ୍ର ଗୀତ ହୁଏ ତାକୁ ସାମନ୍ କହନ୍ତି । ତନ୍ତ୍ର ଅନୁସାରେ ଭିନ୍ନ ଭିନ୍ନ ଦେବତାଙ୍କ ପ୍ରସନ୍ନତା ଓ ଭିନ୍ନ ଭିନ୍ନ କାମନାର ସିଦ୍ଧି ପାଇଁ ଭିନ୍ନ ଭିନ୍ନ ମନ୍ତ୍ରର ପ୍ରୟୋଗ କରାଯାଏ; ବେଦର ଯେଉଁ ଅଂଶରେ ମନ୍ତ୍ରମାନ ସଂଗୃହୀତ ହୋଇଅଛି, ତାକୁ ସଂହିତା ବୋଲାଯାଏ । ଅଧିକାଂଶ ମନ୍ତ୍ରରେ ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁ ଯୁକ୍ତ ଏକ ବା ତତୋଧିକ ଅକ୍ଷର ଥାଏ; ତାକୁ ଉକ୍ତ ମନ୍ତ୍ରର ବା ମନ୍ତ୍ରୋଦ୍ଦିଷ୍ଟ ଦେବତା-ଙ୍କର ବୀଜମନ୍ତ୍ର ବା ବୀଜ ବୋଲାଯାଏ । ସାଧାରଣତଃ ମନ୍ତ୍ରମାନ ଉଚ୍ଚାରଣ କରିବା ପୂର୍ବରୁ 'ଓଁ' ବୋଲାଯାଏ; ଯଥା—ଓଁ ନମଃ ଶିବାୟ । ]

୨ । ମନ୍ତ୍ରଣା; ଗୁପ୍ତବିଚାର; ପରାମର୍ଶ—2. Secret consultation; counsel; deliberation. ୩ । ସନ୍ଧିବିଗ୍ରହାଦି ବିଷୟକ ରାଜନୀତିକ ଗୁପ୍ତବିଚାର—3. Political consultation; policy; secret consultation regarding the administration of a state. ୪ । ବଶୀକରଣ, ସ୍ତମ୍ଭନ, ମୋହନ, ଉଚ୍ଚାଟନାଦି ଅଲୌକିକ କାମରେ ପ୍ରଯୁଜ୍ୟ ତନ୍ତ୍ରୋକ୍ତ ଭିନ୍ନ ଭିନ୍ନ ପଦମାନ—4. Spells or charms applied for the purpose of bringing persons under one's control, hypnotising or influencing the action of other people; a charm; a spell. ୫ । ରହସ୍ୟ; ଗୁପ୍ତକଥା—5. A secret. ୬ । କୌଣସି ଦେବତାଙ୍କ ଆରାଧନା ପାଇଁ ଶାସ୍ତ୍ରନିର୍ଦ୍ଦିଷ୍ଟ ବିଶିଷ୍ଟ ପଦମାନ (ଯଥା—ନାରାୟଣ ମନ୍ତ୍ର, ଦୁର୍ଗାମନ୍ତ୍ର)—6. A formula specified for a particular Deity. ୭ । ବେଦର ଯେଉଁ ଅଂଶରେ ମନ୍ତ୍ରମାନ ସଂଗୃହୀତ ହୋଇ ଅଛି; ସଂହିତା—7. The portion of the Bedas containing the Mantras or formulas for prayers to different Deities. ୮ । ଗୁପ୍ତ ବିଚାରଦ୍ୱାରା ସିଦ୍ଧ ଉପାୟ—8. Secret plan (Apte). ୯ । କୌଣସି କର୍ମର ମୂଳନୀତି—9. Policy (Apte). ୧୦ । ରାଜନୀତିକୁଶଳତା—10. Statesmanship (Apte). ୧୧ । ନିଜର ଇଷ୍ଟ ଦେବତାଙ୍କ ଉପାସନା ମନ୍ତ୍ର; ଯାହା ଗୁରୁଙ୍କଠାରୁ ଦୀକ୍ଷାରୂପେ ଗ୍ରହଣ କରାଯାଏ—11. Sacred formula for praying to one's particular titular Deity, which the spiritual preceptor whispers into the ears of devotee at the initiation of the latter. ୧୨ । ଭିନ୍ନ ଭିନ୍ନ ବୈଦିକ ଉପଚାର ପାଇଁ ଉଚ୍ଚାରିତ ମନ୍ତ୍ର (ଯଥା—ଧୂପମନ୍ତ୍ର, ଦୀପମନ୍ତ୍ର, ଅର୍ଘ୍ୟମନ୍ତ୍ର, ବନ୍ଦନମନ୍ତ୍ର, ସ୍ନାନ ମନ୍ତ୍ର)—12. Different formulas set for different vedic rituals. ଦେ. ବି—୧ । ( ଅମୁକ ହିଂସ୍ର ଜୀବର) ଆକ୍ରମଣ ବା ଦଂଶନାଦିରୁ ରକ୍ଷା ପାଇବା ପାଇଁ ପ୍ରଯୁକ୍ତ ପଦ ( ଯଥା—ସାପମନ୍ତ୍ର, ବିଛାମନ୍ତ୍ର )—1. Set formula used as a charm against the attack or biting of snakes, scorpions, tigers and other animals. [ ଦ୍ର—ଭିନ୍ନ ଭିନ୍ନ ଉଦ୍ଦେଶ୍ୟରେ ନିଯୋଜିତ ମନ୍ତ୍ରମାନଙ୍କ ପୂର୍ବରେ ତତ୍ତତ୍ ବିଷୟର ସୂଚକ ଶବ୍ଦମାନ ପ୍ରୟୋଗ କରାଯାଏ; ଯଥା—ଲୁଣମନ୍ତ୍ର, ଗାରୁଡ଼ ମନ୍ତ୍ର, ଡାହାଣୀ ଛଡ଼ା ମନ୍ତ୍ର, ଦନ୍ତାଝଡ଼ା ମନ୍ତ୍ର, ସର୍ପବନ୍ଧନ ମନ୍ତ୍ର, ବିଷଝଡ଼ା ମନ୍ତ୍ର, ତନ୍ତ୍ରମନ୍ତ୍ର । ]

ମନ୍ତ୍ର କରିବା—ଦେ. କ୍ରି (ସ. ମନ୍ତ୍ର + କୃ. ଧାତୁ)—୧ । ମନ୍ତ୍ର ପ୍ରୟୋଗ Mantra kariba କରିବା—1. To apply spells or मंत्रकरना charm. ୨ । ମନ୍ତ୍ର ପ୍ରୟୋଗଦ୍ୱାରା ଅଭିଭୂତ କରିବା—यन्तरमन्तरकरना To enchant by means of charm.

ମନ୍ତ୍ରକାର—ସ. ବି (ମନ୍ତ୍ର + କୃ. ଧାତୁ + କର୍ତ୍ତୃ. ଅ)—ମନ୍ତ୍ରର ରଚକ—Mantrakāra The composer of a Mantra.

ମନ୍ତ୍ର କୁଶଳ—ସ. ବିଣ. ପୁଂ (୭ମୀ ତତ୍)—ମନ୍ତ୍ରଣାପଟୁ; ପରାମର୍ଶ ଦାନରେ Mantra kusala ଦକ୍ଷ—Adept in giving advice. (ମନ୍ତ୍ରକୁଶଳା—ସ୍ତ୍ରୀ) [ମନ୍ତ୍ରକୁଶଳତା—ବି]

ମନ୍ତ୍ରକୃତ୍—ସ. ବିଣ (ମନ୍ତ୍ର + କୃ. ଧାତୁ + କର୍ତ୍ତୃ. କ୍ୱିପ୍)—ମନ୍ତ୍ରର Mantrakrut ରଚୟିତା—The composer of a Mantra. ସ. ବିଣ—୧ । ପରାମର୍ଶକାରୀ (ହୁ. ଶ)—1. Consulting. ୨ । ପରାମର୍ଶଦାତା (ହୁ. ଶ)—2. Advising; advisory. ୩ । ଦୌତ୍ୟକାରୀ (ହୁ. ଶ)—3. Acting as a messenger.

ମନ୍ତ୍ର ଗୁପ୍ତି—ସ. ବି (୬ଷ୍ଠୀ ତତ୍; ମନ୍ତ୍ର + ଗୁପ୍ତି)—ମନ୍ତ୍ରଣାକୁ ପ୍ରକାଶ ନ Mantra gupti କରି ମନେ ମନେ ରଖିବା—Keeping of a counsel to one's self.

ମନ୍ତ୍ର ଗୁରୁ—ସଂ. ବି (ମ. ପ. ଲୋ, ମନ୍ତ୍ରଦାତା ଗୁରୁ)—ଦୀକ୍ଷାଗୁରୁ—
Mantra guru Spiritual preceptor.

ମନ୍ତ୍ର ଗୂଢ଼—ସଂ. ବି (ବହୁବ୍ରୀହି)—ଗୁପ୍ତଚର; ଗୁଇନ୍ଦା—
Mantra gūrḍha A spy.

ମନ୍ତ୍ର ଗୃହ—ସଂ. ବି (ମ. ପ. ଲୋ)—ମନ୍ତ୍ରଣାଗାର—
Mantra gṛuha A cabinet; a counsel chamber.
(ମନ୍ତ୍ର ଭବନ, ମନ୍ତ୍ର ପ୍ରକୋଷ୍ଠ, ମନ୍ତ୍ରଣାଗାର—ଅନ୍ୟରୂପ)

ମନ୍ତ୍ର ଗ୍ରହଣ—ସଂ. ବି (୬ଷ୍ଠୀ ତତ୍)—ଗୁରୁଙ୍କଠାରୁ ଶିଷ୍ୟର ବା ଶିଷ୍ୟାର
Mantra grahaṇa ଇଷ୍ଟମନ୍ତ୍ର ନେବା କର୍ମ; ଗୁରୁଙ୍କଠାରୁ ଦୀକ୍ଷା ଗ୍ରହଣ—The acceptance of or the initiation into a mystic formula from or by one's spiritual preceptor.

ମନ୍ତ୍ର ଗ୍ରହଣ କରିବା—ଦେ. କ୍ରି—ଗୁରୁଙ୍କଠାରୁ ଇଷ୍ଟ ମନ୍ତ୍ରର ଦୀକ୍ଷା ପାଇବା—
Mantra grahaṇa karibā To be initiated into a
মন্ত্র গ্রহণ করনা mystic formula by the spiritual
मन्तर ग्रहण करना preceptor.

ମନ୍ତ୍ର ଚୈତନ୍ୟ—ସଂ. ବି—(୬ଷ୍ଠୀ ତତ୍)—ଜପ ହେଉଥିବା ମନ୍ତ୍ରରେ
Mantra chaitanya ନିର୍ଦ୍ଦିଷ୍ଟ କ୍ରିୟାମାନଙ୍କ ଦ୍ୱାରା ପ୍ରବେଶିତ ଜୀବନୀ ଶକ୍ତି—Infusion of life or vitality or potency into a Mantra
[ ଦ୍ର—କୌଣସି ମନ୍ତ୍ରରେ ଚୈତନ୍ୟର ଅନୁପ୍ରବେଶ ନ କରାଇ ତାହା ଜପ କଲେ ତହିଁରେ ଅପେକ୍ଷିତ ଫଳ ଲାଭ ହୁଏ ନାହିଁ । ମନ୍ତ୍ର ମଧ୍ୟରେ ଚୈତନ୍ୟ ବା ଜୀବନୀଶକ୍ତି ପ୍ରବେଶ କରାଇବା ପାଇଁ କେତେକ ଅନୁଷ୍ଠାନ (ଯଥା—ପୂଜା, ଧ୍ୟାନ, ସ୍ତୋତ୍ର ପାଠ ଓ ନ୍ୟାସ ଆଦି) କରିବାର ବିଧି ଅଛି; ତାହା ହେଲେ 'ମନ୍ତ୍ର ଚୈତନ୍ୟ' ହୁଏ ଓ ପରେ ଉକ୍ତ ମନ୍ତ୍ର ଜପଦ୍ୱାରା ଫଳ ଲାଭ ହୁଏ ।]

ମନ୍ତ୍ର ଜ(ଜା)ପ—ସଂ. ବି—(୬ଷ୍ଠୀ ତତ୍)—କୌଣସି ମନ୍ତ୍ରର ବାରଂବାର
Mantra ja(jā)pa ମାନସିକ ସ୍ମରଣ ବା ଅନ୍ୟଦ୍ୱାରା ଶୁଣା ନ ଯିବା ପ୍ରକାରେ ଉଚ୍ଚାରଣ—Repeated inaudible recitation or muttering of a mystic formula.

ମନ୍ତ୍ର ଜପିବା—ଦେ. କ୍ରି—(ସଂ. ମନ୍ତ୍ର+ଜପ ଧାତୁ)—୧ । କୌଣସି
Mantra japibā ମନ୍ତ୍ରକୁ ବାରମ୍ବାର ସ୍ମରଣ କରିବା—1. To
মন্ত্র জপা मन्तर जपना repeatedly mutter a mystic formula mentally. [ଦ୍ର—ଜପ କରିଯିବା ମନ୍ତ୍ରର ସଂଖ୍ୟା ଗଣନା କରିବା ପାଇଁ ନାନା ପ୍ରକାରର ମାଳା ବା ଅଙ୍ଗୁଳିର ପର୍ବଦ୍ୱାରା ଗଣନା ବ୍ୟବହୃତ ହୁଏ ।] ୨ । (ଲକ୍ଷଣାର୍ଥ) କୌଣସି ବିଷୟକୁ ବାରଂବାର ଅନୁଧ୍ୟାନ କରିବା—2. (figurative) To constantly or repeatedly ponder over a particular matter.

ମନ୍ତ୍ର ଜଳ—ସଂ. ବି—(ମ. ପ. ଲୋ)—ମନ୍ତ୍ରଦ୍ୱାରା ପ୍ରଭାବିତ ବା ଅଭିମନ୍ତ୍ରିତ
Mantra jala ଜଳ—Water consecrated by Mantra.

ମନ୍ତ୍ର ଜିହ୍ୱ—ସଂ. ବି—(ମନ୍ତ୍ର ଅଟେ ଜିହ୍ୱା ଯାହାଙ୍କର; ବହୁବ୍ରୀହି)—ଅଗ୍ନି—
Mantra jihwa Fire.

ମନ୍ତ୍ରଜ୍ଞ—ସଂ. ବିଣ, ପୁଂ—୧ । ମନ୍ତ୍ରବିଦ୍; ଯେ ମନ୍ତ୍ର ଜାଣେ—1. Ver-
Mantrajña sed in mystic formulas. ୨ । ମନ୍ତ୍ରଣା
(ମନ୍ତ୍ରଜ୍ଞା—ସ୍ତ୍ରୀ) କୁଶଳ—2. Adept or expert in giving counsel. ୩ । ଯେ ଅନ୍ୟ ବ୍ୟକ୍ତିର ମନ୍ତ୍ରଣା ବିଷୟରୁ ଜାଣେ—3. Knowing the secret counsels of other people. ସଂ. ବି—୧ । ମନ୍ତ୍ରୀ—1. A counsellor; a councillor. ୨ । ଦୀକ୍ଷାଗୁରୁ—2. Spiritual preceptor. ୩ । ଗୁପ୍ତଚର—3. A spy.

ମନ୍ତ୍ରଣ—ସଂ. ବି—(ମନ୍ତ୍ର ଧାତୁ+ଭାବ. ଅନ;)—୧ । ପରାମର୍ଶ; ସଲ୍ଲା;
Mantraṇa କୌଣସି ବିଷୟରେ ଏକାଧିକ ବ୍ୟକ୍ତିଙ୍କ ମିଳିତ ବିଚାର-
(ମନ୍ତ୍ରଣୀୟ—ବିଣ) 1. Consultation; counsel; deliberation. ୨ । ପରାମର୍ଶ ଦେବା—2. Advising; counselling. ଦେ. ବି—ଅଭିମନ୍ତ୍ରଣ; ମନ୍ତୁରିବା—Consecration of a thing by uttering specific formulas

ମନ୍ତ୍ରଣ କରିବା—ଦେ. କ୍ରି—(ସଂ. ମନ୍ତ୍ରଣ+କୃ ଧାତୁ)—ମନ୍ତୁରାଇବା
Mantraṇa karibā (ଦେଖ)—Manturāibā (See)

ମନ୍ତ୍ରଣା—ସଂ. ବି—(ମନ୍ତ୍ର ଧାତୁ+ଭାବ. ଅନ+ଆ)—୧ । ମନ୍ତ୍ରଣ
Mantraṇā (ଦେଖ)—1. Mantraṇa (See) ୨ । ଏକାଧିକ ବ୍ୟକ୍ତିଙ୍କ ମଧ୍ୟରେ ଗୁପ୍ତ ପରାମର୍ଶ—2. Secret consultation conspiracy.

ମନ୍ତ୍ରଣା କରିବା—ଦେ. କ୍ରି—(ସଂ. ମନ୍ତ୍ରଣା+କୃ ଧାତୁ)-(ଏକାଧିକ ଲୋକ)
Mantraṇā karibā ଆପଣା ମଧ୍ୟରେ ) ଗୁପ୍ତ ପରାମର୍ଶ
মন্ত্রণা করা କରିବା—To hold a secret consultation;
मन्त्रणा करना to conspire.

ମନ୍ତ୍ରଣା ଦେବା—ଦେ. କ୍ରି—(ସଂ. ମନ୍ତ୍ରଣା+ଦା ଧାତୁ)—ଗୁପ୍ତରେ
Mantraṇā debā ପରାମର୍ଶ ଦେବା—To instigate,
মন্ত্রণা দেওয়া मन्त्रणा देना to tender secret advice.
(ମନ୍ତ୍ରଣା ନେବା—ବିପରୀତ)

ମନ୍ତ୍ରଣା ସଭା—ସଂ. ବି—(ମ. ପ. ଲୋ)—ଯେଉଁ ସଭାରେ ଗୁପ୍ତ ପରାମର୍ଶ
Mantraṇā sabhā କରାଯାଏ—Privy council; a secret sitting for consultation.

ମନ୍ତ୍ର ତନ୍ତ୍ର—ଦେ. ବି—(ସହଚର) ( ସଂ. ମନ୍ତ୍ର+ତନ୍ତ୍ର )—ମନ୍ତ୍ର ଓ
Mantra tantra ତାନ୍ତ୍ରିକ ବିଧିଦ୍ୱାରା ଦେବାରାଧନା—Mystic
তন্ত্র মন্ত্র मन्तर तन्तर charms and worship.

ମନ୍ତ୍ର ଦାତା—ସଂ. ବି. ପୁ—(୬ଷ୍ଠୀ ତତ୍)—୧ । ଦୀକ୍ଷାଗୁରୁ; ଯେ ଇଷ୍ଟ
Mantra dātā ମନ୍ତ୍ର ଦିଅନ୍ତି—1. One's spiritual
(ମନ୍ତ୍ରଦ—ଅନ୍ୟରୂପ) preceptor. ୨ । ପରାମର୍ଶଦାତା—
(ମନ୍ତ୍ରଦାତ୍ରୀ, ମନ୍ତ୍ରଦା—ସ୍ତ୍ରୀ) 2. Advisor.

ମନ୍ତ୍ର ଦାନ—ସଂ. ବି—(୬ଷ୍ଠୀ ତତ୍)—ମନ୍ତ୍ର ପ୍ରଦାନ (ଦେଖ)
Mantra dāna Mantra Pradāna (See)

ମନ୍ତ୍ର ଦେବା—ଦେ. କ୍ରି ( ସଂ. ମନ୍ତ୍ର+ଦା ଧାତୁ )—୧ । ମନ୍ତ୍ର ପ୍ରଦାନ
Mantra debā କରିବା (ଦେଖ)—1. Mantra pradāna
ମନ୍ତ୍ର ଦେଓୟା karibā ( See ). ୨ । ମନ୍ତ୍ରେଇବା—2. To
मन्त्र देना instigate; to insite. ୩ । ଅନ୍ୟକୁ ଗୁପ୍ତ
ଉପଦେଶ ଦେବା—3. To give advice in secret.

ମନ୍ତ୍ର ଦୀଧିତି—ସଂ. ବି. (ବହୁବ୍ରୀହି; ମନ୍ତ୍ର=ଦେବାହ୍ୱାନ ଉପାସନାର ଉପ-
Mantra dīdhiti ଯୋଗୀ ବାକ୍ୟ+ଦୀଧିତି=ଆଲୋକ)—
ଅଗ୍ନି; ବହ୍ନି—Fire.

ମନ୍ତ୍ର ଦ୍ରଷ୍ଟା—ସଂ. ବିଣ. ପୁଂ—୧ । କୌଣସି ବୈଦିକ ମନ୍ତ୍ରକୁ ପ୍ରଥମେ
Mantra drashṭā ପ୍ରକାଶ ବା ଉଚ୍ଚାରଣ କରିଥିବା (ଋଷି)—
(ମନ୍ତ୍ରଦର୍ଶୀ—ଅନ୍ୟରୂପ) 1. (the sage) Who was the
ମନ୍ତ୍ର ଦ୍ରଷ୍ଟ୍ରୀ } ଅନ୍ୟରୂପ first to pronounce or proc-
ମନ୍ତ୍ର ଦର୍ଶିନୀ } laim any vedic Mantra.
[ଦ୍ର—ହିନ୍ଦୁମାନଙ୍କ ବିଶ୍ୱାସ ଯେ ମନ୍ତ୍ରମାନ ଅବହମାନ କାଳରୁ ଅଛି, ଯେଉଁ ଋଷିଙ୍କୁ ତାହା ପ୍ରଥମେ ସ୍ଫୁରିଲା, ସେ ଋଷି ମନ୍ତ୍ରକୁ ଦେଖି ପାଇଲେ ଓ ବୋଲିଲେ ଓ ଏଥିପାଇଁ ଋଷିମାନଙ୍କୁ ମନ୍ତ୍ରଦ୍ରଷ୍ଟା ବୋଲାଯାଏ । ] ୨ । ବେଦଜ୍ଞ—
2. Versed in the Bedas.

ମନ୍ତ୍ର ଧୂଳି—ଦେ. ବି (ସଂ. ମନ୍ତ୍ରିତ+ଧୂଳି)—ଯେଉଁ ଧୂଳି ମନ୍ତ୍ରସିଦ୍ଧ ହୋଇଥାଏ;
Mantra dhūli ଅଭିମନ୍ତ୍ରିତ ଧୂଳି—Dust which has
ମନ୍ତ୍ରିତ ଧୂଲି been made potent for a certain pur-
मन्त्रित धूली, मन्तराई हुई धूली pose by spell.
(ଉ—ଘୋର କ୍ରୋଧ ସର୍ପଙ୍କୁ ଦଳିବା ଉଚ୍ଚାରେ, ପକାଇଲେ ମନ୍ତ୍ର ଧୂଳିର ମନ୍ତ୍ରୀ ଖରେ । କୃଷ୍ଣସିଂହ. ମହାଭାରତ. ବନ ।)
[ଦ୍ର—ମନ୍ତ୍ର ଧୂଳି ସର୍ପ ଓ ବ୍ୟାଘ୍ରାଦିଙ୍କ ଉପରକୁ ଫିଙ୍ଗିଲେ ସର୍ପାଦି ଆକ୍ରମଣ କରି ପାରନ୍ତି ନାହିଁ ଓ ଜଡ଼ବତ୍ ସ୍ଥିର ହୁଅନ୍ତି । ଚୋରମାନେ ନିଦ୍ରିତ ଗୃହସ୍ଥାଦିଙ୍କ ଉପରେ ମନ୍ତ୍ର ଧୂଳି ପକାଇଲେ ସେମାନେ ଗାଢ଼ ନିଦ୍ରାରେ ଅଭିଭୂତ ହୁଅନ୍ତି, ଓ ଏହି ସୁଯୋଗରେ ଚୋରମାନେ ଘରୁ ସର୍ବସ୍ୱ ଲୁଟି ନିଅନ୍ତି ।]

ମନ୍ତ୍ର ନେବା—ଦେ. କ୍ରି—ମନ୍ତ୍ର ଗ୍ରହଣ କରିବା ( ଦେଖ )
Mantra nebā Mantra grahaṇa karibā (See)
ମନ୍ତ୍ର ଲଓୟା मन्त्र लेना

ମନ୍ତ୍ର ପୁରଶ୍ଚରଣ—ସଂ. ବି. ( ୬ଷ୍ଠୀ ତତ୍ )—ଅଭୀଷ୍ଟ ସିଦ୍ଧି ନିମନ୍ତେ ବିଧି
Mantra puraścharaṇa ପୂର୍ବକ ମନ୍ତ୍ର ଜପ—The reci-
tation of a mystic formula in the man-
ner enjoined in the text.

ମନ୍ତ୍ର ପୂତ—ସଂ. ବିଣ (୩ୟା ତତ୍)—ମନ୍ତ୍ର ଦ୍ୱାରା ପବିତ୍ରୀକୃତ—
Mantra pūta Consecrated by means of
Mantras.

ମନ୍ତ୍ର ପ୍ରଦାନ—ସଂ. ବି ( ୬ଷ୍ଠୀ ତତ )—ଗୁରୁଙ୍କର ଶିଷ୍ୟକୁ ଇଷ୍ଟ ମନ୍ତ୍ର
Mantra pradāna ଦେବା—The initiation of a dis-
ciple into a particular mystic formula
by a spiritual preceptor.

ମନ୍ତ୍ର ପ୍ରଦାନ କରିବା—ଦେ. କ୍ରି ( ସଂ. ମନ୍ତ୍ର ପ୍ରଦାନ)—୧ । ଗୁରୁଙ୍କର
Mantra pradāna karibā ଶିଷ୍ୟକୁ ଇଷ୍ଟମନ୍ତ୍ରର ଦୀକ୍ଷା ଦେବା
ମନ୍ତ୍ର ପ୍ରଦାନ କରା —1. To initiate a disciple.
मन्त्र प्रदान करना ୨ । ମନ୍ତ୍ରଣା ଦେବା; ପରାମର୍ଶ ଦେବା—
2. To instigate.

ମନ୍ତ୍ର ପ୍ରୟୋଗ—ସଂ. ବି. ( ୬ଷ୍ଠୀ ତତ୍ )—କୌଣସି ବିଶେଷ ଉଦ୍ଦେଶ୍ୟ-
Mantra prayoga ସିଦ୍ଧ୍ୟର୍ଥ ମନ୍ତ୍ରର ବ୍ୟବହାର—
(ମନ୍ତ୍ର ଯୋଗ—ଅନ୍ୟରୂପ) The application or exercise
of a mystic formula for a certain end.

ମନ୍ତ୍ର ଫୁଙ୍କା—ଦେ. ବି ( ସଂ. ମନ୍ତ୍ର+ଫୁତ୍କାର )—୧ । ଶିଷ୍ୟର କର୍ଣ୍ଣ
Mantra phuṅkā ନିକଟରେ ଗୁରୁଙ୍କର ଅନୁଚ୍ଚସ୍ୱରରେ ମନ୍ତ୍ରର
ମନ୍ତ୍ର ଫୁଙ୍କା ଉଚ୍ଚାରଣ—1. The low mutterance of a
मन्तर फुकना Mantra near the ear of a disciple.
୨ । ଗୋପନରେ ମନ୍ତ୍ରଣା ଦାନ—2. Whispering
evil counsel into another's ears.
୩ । ଦୀକ୍ଷାଗୁରୁ—3. One's spiritual preceptor.
ଦେ. ବିଣ—୧ । ଯେ ଶିଷ୍ୟକୁ ଗୁରୁମନ୍ତ୍ର ଦିଅନ୍ତି—
1. Whispering secred formulas into the
disciple's ears. ୨ । ମନ୍ତ୍ରଣା ଦାତା—2. Giving
secret councels.

ମନ୍ତ୍ର ଫୁଙ୍କିବା—ଦେ. କ୍ରି ( ସଂ. ମନ୍ତ୍ର+ଫୁତ୍କାର )—୧ । ମନ୍ତ୍ର ପ୍ରଦାନ
Mantra phuṅkibā କରିବା ( ଦେଖ )—1. Mantra
ମନ୍ତ୍ର ଫୁଙ୍କା pradāna karibā ( See ) ୨ । କାନରେ
मन्त्र फूकना ଗୋପନରେ କୁମନ୍ତ୍ରଣା ଦେବା—2. To whisper
evil counsel into one's ears.

ମନ୍ତ୍ର ବାଦୀ—ସଂ. ବି ଓ ବିଣ. ପୁଂ (ମନ୍ତ୍ର+ବଦ ଧାତୁ+କର୍ତ୍ତୃ. ଇନ୍; ୧ମା
Mantra bādi ୧ବ)—ମନ୍ତ୍ରଜ୍ଞ (ହ. ଣ)—1. An adept
(ମନ୍ତ୍ର ବାଦିନୀ—ସ୍ତ୍ରୀ) in the Mantras. ୨ । ଯେ ମନ୍ତ୍ର
ଉଚ୍ଚାରଣ କରେ—2. A person who utters or
pronounces a Mantra.

ମନ୍ତ୍ର ବିଦ୍—ସଂ. ବି ଓ ବିଣ (ମନ୍ତ୍ର+ବିଦ୍ ଧାତୁ+କ୍ୱିପ୍)—
Mantrabid ମନ୍ତ୍ରଜ୍ଞ (ଦେଖ)—Mantrajña (See)

ମନ୍ତ୍ର ବିଦ୍ୟା—ସଂ. ବି (ମ. ପ. ଲୋ; ମନ୍ତ୍ରମୂଳକ ବିଦ୍ୟା )—ଯେଉଁ ବିଦ୍ୟା
Mantra bidyā ସାହାଯ୍ୟରେ ମନ୍ତ୍ରାଦିର ପ୍ରୟୋଗ ଶିକ୍ଷା କରାଯାଏ;
(ମନ୍ତ୍ର ଶାସ୍ତ୍ର—ଅନ୍ୟରୂପ) ତନ୍ତ୍ର—The Tantras; the
science of application of the different
Mantras.

ମନ୍ତ୍ର ବୀଜ—ସଂ. ବି. ( ୬ଷ୍ଠୀ ତତ୍ )—କୌଣସି ମନ୍ତ୍ରର ବୀଜ ବା ମୂଳ-
Mantra bija ପିଣ୍ଡ ରୂପେ କଳ୍ପିତ ନିର୍ଦ୍ଦିଷ୍ଟ ଏକ ବା ତତୋଧିକ
ଅକ୍ଷର—One or more letters used as the
primal seed or keystone to a Mantra.

ମନ୍ତ୍ର ମୁଗ୍ଧ—ସଂ. ବିଣ. ପୁଂ (୩ୟା ତତ୍)—ମନ୍ତ୍ରର ପ୍ରଭାବରେ ବଶୀଭୂତ—
Mantra mugdha Enchanted with incantations;
charmed by means of Mantras;
spell-bound.

ମନ୍ତ୍ର ମୂଳ—ସଂ. ବି (ବହୁବ୍ରୀହି; ମନ୍ତ୍ର ଅଟେ ମୂଳ ଯାହାର)—୧ । ମନ୍ତ୍ର
Mantra mūla ଓ ମନ୍ତ୍ର ସିଦ୍ଧ୍ୟର୍ଥ ବ୍ୟବହୃତ ରେଖା ଚକ୍ରାଦି—
1. Mystic charms and symbols and drawings accompanying them. ୨ । ମନ୍ତ୍ରର ଉପାସନା—2. Mystic exercise. ୩. ବି—ତାନ୍ତ୍ରିକ ଅଭିଚାର; ଗୁଣିଗାରଡ଼ି—Charms employed against others.

ମନ୍ତ୍ରଯାନ—ସଂ. ବି—ବୌଦ୍ଧ ଧର୍ମର ଶାଖାବିଶେଷ—A branch of
Mantrajāna the Buddhist faith. [ ଦ୍ର—ମହାଯାନ ଚଳେ ଶୀଖା ଦେଶ; ବୌଦ୍ଧ ଧର୍ମର ଏହି ଶାଖାର ପ୍ରଚାର ତିବତ, ନେପାଳ, ଭୂଟାନ ଆଦି ଦେଶରେ ହୋଇଅଛି । ଏ ଶାଖାର ଅନେକ ତନ୍ତ୍ର ଗ୍ରନ୍ଥ ଅଛି, ତଦନୁସାରେ ତାନ୍ତ୍ରିକ ଉପାସନା କରାଯାଏ । ଏହି ମତର ପ୍ରଧାନ ଆଚାର୍ଯ୍ୟ ସିଦ୍ଧ ନାଗାର୍ଜୁନ । ଏହାକୁ ବଜ୍ରଯାନ ମଧ୍ୟ ବୋଲାଯାଏ । ]

ମନ୍ତ୍ରରାଜ—ସଂ. ବି (ଅଳୁକ; ଷଷ୍ଠୀତତ୍ପୁରୁଷ)—ମନ୍ତ୍ରମାନଙ୍କ ମଧ୍ୟରେ ଶ୍ରେଷ୍ଠ
Mantrarāja ମନ୍ତ୍ର; ଓଁ ଶ୍ରୀଂ କ୍ଲୀଂ ହ୍ରୀଂ ଗୋପୀଜନବଲ୍ଲଭାୟ ନମଃ; ଓଁ କ୍ଲୀଂ କ୍ଲୀଂ ଶ୍ରୀଂ—The chief amongst the Mantras. [ ଉ—ଯଶୋବନ୍ତ ସିଂହ—ପ୍ରେମଭକ୍ତି ବ୍ରହ୍ମଗୀତା । ଦିବାକର ଦାସ—ଜଗନ୍ନାଥ ଚରିତାମୃତ ଦ୍ରଷ୍ଟବ୍ୟ । ]

ମନ୍ତ୍ର ସଂସ୍କାର—ସଂ. ବି ( ୬ଷ୍ଠୀ ତତ୍ )—୧ । ବିବାହରୂପ ସଂସ୍କାର ( ହି.
Mantra saṁskāra ଶ )—1. The sacrament of marriage. ୨ । ମନ୍ତ୍ର ଗ୍ରହଣ କରିବା ପୂର୍ବରୁ ମନ୍ତ୍ରକୁ ଫଳପ୍ରଦ କରିବା ପାଇଁ ଆଚରିତ ଦଶୋଟି କ୍ରିୟାବିଶେଷ—2. Some rituals enjoined in the Tantras for making the Mantras potential. [ ଦ୍ର—ଏହା ଦଶ ପ୍ରକାରର ଯଥା—୧. ଜନନ—ମାତୃକା ଯନ୍ତ୍ରଦ୍ୱାରା ମନ୍ତ୍ରର ଉଦ୍ଧାର, ୨. ଜୀବନ—ମନ୍ତ୍ରର ପ୍ରତ୍ୟେକ ବର୍ଣ୍ଣକୁ ପ୍ରଣବଦ୍ୱାରା ସମ୍ପୁଟିତ କରି ଶତବାର ଲେଖାଏ ସମ୍ପୁଟିତ ବର୍ଣ୍ଣକୁ ଜପିବା, ୩. ତାଡ଼ନ—ମନ୍ତ୍ରର ପ୍ରତ୍ୟେକ ବର୍ଣ୍ଣ ପୃଥକ୍ କରି ଲେଖି ବାୟୁବୀଜ ପାଠ କରି ନାଲି କରବୀ ଫୁଲରେ ପ୍ରତ୍ୟେକ ବର୍ଣ୍ଣକୁ ଶହେ ଥର ଆଘାତ କରିବା, ୪. ବୋଧନ—ମନ୍ତ୍ରର ପ୍ରତ୍ୟେକ ବର୍ଣ୍ଣକୁ 'ରଂ' ବୀଜ ଉଚ୍ଚାରଣ କରି ନାଲି କରବୀ ଫୁଲରେ ଆଘାତ କରିବା, ୫. ଅଭିଷେକ—ମନ୍ତ୍ରର ପ୍ରତ୍ୟେକ ବର୍ଣ୍ଣକୁ 'ବଂ' ବୀଜ ଉଚ୍ଚାରଣ ପୂର୍ବକ ଶହେଥର ଅଭିଷେଚନ କରିବା, ୬. ବିମଳୀକରଣ—ସୁଷୁମ୍ନା ( ବାମ ଦକ୍ଷିଣର ମଧ୍ୟବର୍ତ୍ତୀ ନାଡ଼ୀ )ରେ ମନୋଯୋଗପୂର୍ବକ ମନ୍ତ୍ରର ଚିନ୍ତା କରି ପ୍ରତ୍ୟେକ ବର୍ଣ୍ଣ ଉପରେ ଅଶ୍ୱତ୍ଥପତ୍ରଦ୍ୱାରା ଜଳସେଚନ, ୭. ଆପ୍ୟାୟନ—ଜ୍ୟୋତିର୍ମନ୍ତ୍ର ଉଚ୍ଚାରଣ କରି ସ୍ୱର୍ଣ୍ଣୋଦକ ଜଳ ବା କୁଶୋଦକ ବା ପୁଷ୍ପୋଦକ ମନ୍ତ୍ରର ବର୍ଣ୍ଣମାନଙ୍କ ଉପରେ ସେଚନ, ୮. ତର୍ପଣ—ଜ୍ୟୋତିର୍ମନ୍ତ୍ର ଉଚ୍ଚାରଣପୂର୍ବକ ମନ୍ତ୍ରର ପ୍ରତ୍ୟେକ ବର୍ଣ୍ଣ ଉଦ୍ଦେଶ୍ୟରେ ଜଳାଞ୍ଜଳି ପ୍ରଦାନ, ୯. ଦୀପନ—ଜ୍ୟୋତିର୍ମନ୍ତ୍ରଦ୍ୱାରା ମନ୍ତ୍ରର ଦୀପ୍ତି ସାଧନ, ୧୦. ଗୋପନ—ମନ୍ତ୍ରକୁ ଅନ୍ୟକୁ ପ୍ରକାଶ ନ କରିବା ଓ ଔଷଧର ବାହାରକୁ ମନ୍ତ୍ରକୁ ବାହାର ନ କରିବା—ହି. ଶ । ]

ମନ୍ତ୍ର ସଂହିତା—ସଂ. ବି—ମନ୍ତ୍ରମାନ ବେଦର ଯେଉଁ ଅଂଶରେ ସଂଗୃହୀତ
Mantra saṁhitā ହୋଇଅଛି—That part of the Bedas which contain the Mantras.

ମନ୍ତ୍ର ସାଧନ—ସଂ. ବି ( ୬ଷ୍ଠୀ ତତ୍ )—ମନ୍ତ୍ରରେ ସିଦ୍ଧିଲାଭ କରିବା ପାଇଁ
Mantra sādhana ଉପଯୁକ୍ତ ପ୍ରଣାଳୀର ଅବଲମ୍ବନ—The taking of proper steps for attaining perfection or success in a Mantra.

ମନ୍ତ୍ର ସାଧିବା—ଦେ. କ୍ରି ( ସଂ. ମନ୍ତ୍ର+ସାଧନ )—ମନ୍ତ୍ର ସାଧନ କରିବା—
Mantra sādhibā To follow or adopt proper
मंत्र साधन करना steps to attain perfection in a
मन्त्र साधना mystic formula.

ମନ୍ତ୍ର ସିଦ୍ଧ—ସଂ. ବିଣ. ପୁଂ—୧ । ( ବହୁବ୍ରୀହି ) ମନ୍ତ୍ରର ସାଧନାଦ୍ୱାରା ସିଦ୍ଧି
Mantra siddha ପ୍ରାପ୍ତ ବା ସଫଳକାମ (ବ୍ୟକ୍ତି)—1. Accom-
(ମନ୍ତ୍ରସିଦ୍ଧା—ସ୍ତ୍ରୀ) plished in Mantras; having attained perfection in Mantras. ୨ । (୩ୟା ତତ୍) ମନ୍ତ୍ରଦ୍ୱାରା ଅମୋଘୀକୃତ—2. Made effectual with the help of Mantras; consecrated.

ମନ୍ତ୍ର ସିଦ୍ଧି—ସଂ. ବି ( ୭ମୀ ତତ୍ )—କୌଣସି ମନ୍ତ୍ରର ସାଧନରେ ସଫଳ-
Mantra siddhi କାମତ୍—Attainment of perfection in any incantation.

ମନ୍ତ୍ର ସୂତ୍ର—ସଂ. ବି (ମ. ପ. ଲୋ.)—ଅଭିମନ୍ତ୍ରିତ ବା ମନ୍ତ୍ରପୂତ ସୂତା, ଯାହାକୁ
Mantra sūtra ଅଙ୍ଗରେ ଧାରଣ କରିବାକୁ ହୁଏ; କବଚ—A string consecrated by Mantras and worn on a part of the body for a particular purpose.

ମନ୍ତ୍ରିକା—ଦେ. ବି—ମନ୍ତ୍ର ( ଦେଖ )—Mantra ( See ) [ ଉ—
Mantrikā ଓଁକାରୁ ଅକ୍ଷର ମାଳିକା, ପ୍ରକଟ ଗାୟତ୍ରୀ ମନ୍ତ୍ରିକା—ଭୂପତି. ପ୍ରେମପଞ୍ଚାମୃତ । ]

ମନ୍ତ୍ରିତ—ସଂ. ବି ( ମନ୍ତ୍ର ଧାତୁ+କର୍ମ. ତ )—୧ । ମନ୍ତ୍ରଦ୍ୱାରା ସଂସ୍କୃତ;
Mantrita ଅଭିମନ୍ତ୍ରିତ—1. Consecrated by means of incantations. ୨ । ମନ୍ତ୍ରଣାଦ୍ୱାରା ନିର୍ଦ୍ଧାରିତ—2. Deliberated upon; settled after consultation.

ମନ୍ତ୍ରିତ୍ୱ(ତା)—ସଂ. ବି ( ମନ୍ତ୍ରିନ୍+ତ୍ୱ; ତା )—୧ । ପରାମର୍ଶଦାତୃତ୍ୱ—
Mantritwa(tā) 1. The position of an adviser. ୨ । ମନ୍ତ୍ରୀ ବା ସଚିବର ପଦ; ମନ୍ତ୍ରିପଣ—2. Ministry; the position of a minister.

ମନ୍ତ୍ରିବର—ସଂ. ( ମନ୍ତ୍ରିନ୍+ବର=ଶ୍ରେଷ୍ଠ )—ପ୍ରଧାନ ମନ୍ତ୍ରୀ—Prime
Mantribara minister; premier.
( ମନ୍ତ୍ରିପଣ—ଅଶୁଦ୍ଧରୂପ )

ମନ୍ତ୍ରିବା—ଦେ. କ୍ରି ( ସଂ. ମନ୍ତ୍ର ଧାତୁ )—ଅଭିମନ୍ତ୍ରଣ କରିବା—
Mantribā To consecrate a thing by muttering
मन्त्रपूत करना mystic incantations over it. [ ଉ—

**मन्त्राना, मन्तराना** ସେ ଅମୃତ ଅଛନ୍ତି ଦେଖି ମନ୍ତ୍ରବର, ସେ କୁପ
( ମନ୍ତ୍ରା[ଣ୍ଡ୍ରେ]ଇବା—ଅନ୍ୟରୂପ ) ପ୍ରିୟ ପାଇଁ ମନ୍ତ୍ରିଲେ ସତ୍ୱର—
ବ୍ରଜସିଂହ ମହାଭାରତ. ସଭା । ]

**ମନ୍ତ୍ରୀ**—ସଂ. ବଣ. ପୁଂ(ମନ୍ତ୍ର ଧାତୁ+କର୍ତ୍ତୃ. ଇନ୍; ୧ମା. ୧ବ.)—ମନ୍ତ୍ରଣାଦାତା—
Mantri Counsellor; advisor. ସଂ. ବ—ସଚିବ; ଯେଉଁ
ପ୍ରଧାନ ରାଜକର୍ମଚାରୀଙ୍କ ପରାମର୍ଶରେ ରାଜ୍ୟ ଶାସିତ ହୁଏ—
A minister. ଦେ. ବ—୧ । ଗଞ୍ଜପା ଖେଳର ଏକାଦଶ
ସଂଖ୍ୟାସୂଚକ ଘୋଡ଼ାର ବା ହାତୀର ଚିତ୍ର—1. A picture
representing 11 in the Ganjapā game.
୨ । ସତରଞ୍ଚି ଖେଳରେ ରାଜାଙ୍କ ତଳ ଖାର—2. The
queen piece in the game of chess.

**ମନ୍ଥ[ଥ୍]**(ଧାତୁ)—ସ—୧ । ବିଲୋଡ଼ନ କରିବା; ମନ୍ଥିବା; ମୋହିବା—
Manth [th] (root) 1. To churn; to agitate;
to stir up. ୨ । ମନ୍ଥିବାଦ୍ୱାରା ( ଲହୁଣୀ ) ବାହାର
କରିବା—2. To produce ( e.g. butter ) by
churning ( Apte ). ୩ । ଦଳିବା; ଚକଟିବା;
ଅତ୍ୟାଚାର କରିବା; ବଡ଼ଦଣ୍ଡ କରିବା—3. To crush;
to oppress; to distress sorely ( Apte ).
୪ । ଅଘାତ କରିବା; ଅନିଷ୍ଟ କରିବା—4. To hurt;
to injure (Apte). ୫ । ବିନାଶ କରିବା; ବଧ
କରିବା—5. To crush down; to kill; to
annihilate ( Apte ). ୬ । ଛିନ୍ନ କରିବା—
6. To tear off; to dislocate (Apte).

**ମନ୍ଥ**—ସ. ବ ( ମନ୍ଥ୍ ଧାତୁ+ଅ )—୧ । ( +କରଣ ଅ ) ମନ୍ଥନଦଣ୍ଡ;
Mantha ଦହିଖଣ୍ଡ—1. The churning rod; a
churner. ୨ । ( +ଭାବ. ଅ ) ବିଲୋଡ଼ନ—
2. Churning. ୩ । (+କର୍ତ୍ତୃ. ଅ) ନେତ୍ରରୋଗ ବିଶେଷ
—3. A disease of the eye. ୪ । ( +କରଣ.
ଅ ) ଚଟୁ—4. A wooden spoon or ladle.
୫ । ( +କର୍ମ. ଅ ) ନେତ୍ରମଳ; ଲେଞ୍ଜେରା—5.
Rheum of the eye. ୬ । (+ଭାବ. ଅ ) ବିନାଶ;
ବଧ—6. Destroying; killing. ୭ । ( +
କର୍ମ. ଅ ) ଜଳ ମିଶ୍ରିତ ଘିଅାକ୍ତ ଛତୁଆ—7. Flour
mixed with ghee and water. ୮ । ( +
କର୍ତ୍ତୃ. ଅ ) ସୂର୍ଯ୍ୟ—8. The sun. ୯ । ସୂର୍ଯ୍ୟକିରଣ
—9. Sun's ray (Apte). ୧୦ । (+କର୍ମ. ଅ)
ଘର୍ଷଣଦ୍ୱାରା ଅଗ୍ନି ଉତ୍ପାଦକ ଯନ୍ତ୍ର; ଅରଣି—10. An
instrument for kindling fire by attrition
(Apte). ୧୧ । ଏକପ୍ରକାର ମୃଗ—11. A kind of
antelope ( Apte ).

**ମନ୍ଥଗିରି**—ସ. ବ ( ମ. ପ. ଲୋ, ମନ୍ଥରୂପେ ବ୍ୟବହୃତ ଗିରି )—ମନ୍ଦର
Mantha giri ପର୍ବତ—The mythological mountain
ମନ୍ଥପର୍ବତ, ମନ୍ଥଶୈଳ } ଅନ୍ୟରୂପ which was used as a
ମନ୍ଥାଚଳ, ମନ୍ଥାଦ୍ରି } churner for the ocean
by the gods and the demons.

**ମନ୍ଥଗୁଣ**—ସ. ବ ( ମ. ପ. ଲୋ; ଦମ୍ଭା ୬ଷ୍ଠୀ ତତ୍ ) —ଦହି ମନ୍ଥନରେ
Mantha guna ଲାଗିଥିବା ଦଉଡ଼ି; ଖଅ ଦଉଡ଼ି—Churning
cord ( Apte ).

**ମନ୍ଥଜ**—ସ. ବ ( ମନ୍ଥ+ଜନ୍ ଧାତୁ+କର୍ତ୍ତୃ. ଅ)—ନବନୀତ; ଲହୁଣୀ—
Manthaja Butter.

**ମନ୍ଥଡ଼**—ଦେ. ବ ( ସ. ମନ୍ଥର )—୧ । ଅନ୍ତର୍ବିବାଦ; ପାରିବାରିକ
Mantharda କଳହ—1. Internal dissension in a
ବାଧା; ଗୋଳମାଳ family. ୨ । ବାଧା; ପ୍ରତିବନ୍ଧକ—2.
**बखेडा, गोलमाल** Obstacle; impedement. ଦେ. ବଣ
(ମନ୍ଥଡ଼ା[ଡ଼ୀ]—ସ୍ତ୍ରୀ) ପୁଂ—୧ । ଯେ ପରିବାର ମଧ୍ୟରେ କଳି ଲଗାଏ;
**मन्थर** ଘରଭାଙ୍ଗିଲା—1. Bringing about or
fomenting dissension between two
persons in a family. ୨ । କଳିହୁଡ଼ା—2.
Quarrelsome.

**ମନ୍ଥଡ଼ ପୂର(ରେ)ଇବା**—ଦେ. କ୍ରି—୧ । ଅନ୍ୟମାନଙ୍କ ମଧ୍ୟରେ ବିବାଦ
Mantharda pūra(re)ibā ଲଗାଇବା—1. To foment
गोलमाल लागान a quarrel. ୨ । ବାଧା ଉପସ୍ଥାପିତ
**बखेडा लगाना** କରିବା—2. To set up an obstacle.
[ମନ୍ଥଡ଼ ଲଗା(ଗେ)ଇବା—ଅନ୍ୟରୂପ]

**ମନ୍ଥଡ଼ା(ଡ଼ୀ)**—ଦେ. ବ. ସ୍ତ୍ରୀ ( ସ. ମନ୍ଥରା=କୈକେୟୀଙ୍କ ଦାସୀ )—
Manthardā(rdi) ୧ । ମନ୍ଥଡ଼ର ସ୍ତ୍ରୀଲିଙ୍ଗ—1. Feminine
मन्थरा of Mantharda. ୨ । ମନ୍ଥରା ( ଦେଖ )—
**मन्थरा** 2. Mantharā ( See)

**ମନ୍ଥନ**—ସ. ବ—(ମନ୍ଥ୍ ଧାତୁ+ଭାବ. ଅନ)—୧ । ଅଲୋଡ଼ନ;
Manthana ମୋହିବା—1. Churning. ୨ । (+କରଣ.
ଅନ)—ମନ୍ଥନ ଦଣ୍ଡ—2. Churning stick. ୩ ।
(+ଭାବ. ଅନ) ବିନାଶ—3. Destruction. ୪ ।
ଦୁଇ ବସ୍ତୁର ଘର୍ଷଣରେ ଅଗ୍ନି ଉତ୍ପାଦନ—4. Kindling
fire by attrition (Apte). ୫ । ଚକଟିବା
ଦଳିବା—5. Shampooing; crushing. ଦେ.ବ—
(ସ. ମୈଥୁନ) ମୈଥୁନ—Copulation.

**ମନ୍ଥନ ଘଟୀ**—ସ ବ—(ମ. ପ. ଲୋ)—ମୋହିବା ପାତ୍ର; ଯେଉଁ ପାତ୍ରରେ
Manthana ghați ଦହି ଅବ ମୁନ୍ଦା ଯାଏ—Churning
(ମନ୍ଥନ ଭାଣ୍ଡ—ଅନ୍ୟରୂପ) vessel.

**ମନ୍ଥନ ଦଣ୍ଡ**—ସ. ବ—(ମ. ପ.ଲୋ; ମନ୍ଥନାର୍ଥ ବ୍ୟବହୃତ ଦଣ୍ଡ)—ଦହି-
Manthana danda ଖଅ—Churning rod.
(ମନ୍ଥ ଦଣ୍ଡ, ମନ୍ଥ ଦଣ୍ଡକ, ମନ୍ଥନ ଦଣ୍ଡକ—ଅନ୍ୟରୂପ)

**ମନ୍ଥନ ରଜ୍ଜୁ**—ସ. ବ—(ମ. ପ. ଲୋ)—ଯେଉଁ ଦଉଡ଼ିଦ୍ୱାରା ଦହି
Manthana rajju ଖଅକୁ ଘୂରାଇ ଦିଆ ଯାଏ; ଦହି ମୁନ୍ଦା
ଘଟେଣୀ; ଖଅ ଦଉଡ଼ି—Churning string or
rope.

**ମନ୍ଥନୀ**—ସ. ବ—(ମନ୍ଥନ+ଈ)—ଦହି ମୋହିବା ହାଣ୍ଡି—A pot in
Manthani which curd is churned; churning
vessel.

**ମନ୍ଥର**—ସଂ. ବିଣ—(ମନ୍ଥ ଧାତୁ+କର୍ମ. ଅର)—୧ । ମନ୍ଦଗାମୀ; ମୃଦୁଗାମୀ—1. Going or moving very slowly; slow-paced. ୨ । ଅଳସ; ଦୀର୍ଘସୂତ୍ରୀ; ଚିର କ୍ରିୟ—2. Slow; tardy; lazy. ୩ । ପୃଥୁଳ; ସ୍ଥୂଳ—3. Fat; corpulent. ୪ । ବକ୍ର; ନତ—4. Bent; curved. ୫ । ନୀଚ—5. Low. ୬ । ନିର୍ବୋଧ—6. Stupid; foolish; silly (Apte). ୭ । ନୀଚ ସ୍ୱର ବିଶିଷ୍ଟ—7. Having a low tone (Apte). ୭ । ବଡ଼; ପ୍ରଶସ୍ତ—7. Big; large; wide (Apte.) ୮ । (ଅପ୍ରଚଳିତ) ସୂଚକ—8. Indicating; showing. ସଂ. ବି—୧ । (+କରଣ ଅର) ମନ୍ଥନ ଦଣ୍ଡ—1. Churning rod. ୨ । (+କର୍ମ. ଅର)—କୋଷ; ସଞ୍ଚିତ ଧନ—2. Store; treasure. ୩ । (+କରଣ. ଅର) ବାଧା; ପ୍ରତିବନ୍ଧକ—3. Obstacle. ୪ । (+କର୍ତ୍ତୃ. ଅର) ଧୀରେ ଧୀରେ ଗତି କରୁଥିବା ଯୋଦ୍ଧା—4. A soldier moving slowly. ୫ । (+କର୍ମ. ଅର) ମୁଣ୍ଡର କେଶ—5. The hair of the head (Apte). ୬ । (+କର୍ତ୍ତୃ. ଅର) ରାଗ; କ୍ରୋଧ—6. Wrath; anger (Apte). ୭ । (+କର୍ମ. ଅର) ସଦ୍ୟ ନବନୀତ—7. Fresh butter (Apte). ୮ । ଦୁର୍ଗ—8. Stronghold (Apte). ୯ । ଫଳ—9. Fruit (Apte). ୧୦ । (+କର୍ତ୍ତୃ. ଅର)—ଗୁପ୍ତଚର—10. Spy; informer (Apte). ୧୧ । ବୈଶାଖ ମାସ—11. The month of Baiśākha (Apte). ୧୨ । (+କରଣ. ଅର)—ମନ୍ଦର ପର୍ବତ—12. The Mandara Mountain. ୧୩ । କୁସୁମ୍ଭ ଫୁଲ—13. Safflower (Apte). ଦେ. ବି—ବିଳମ୍ବ—Delay. [ ଉ—ରଥୀମାନେ ରଥ ଚାଳନ କରୁ କରୁ, ସାରଥିଙ୍କ ବୋଇଲେ ମନ୍ଥର କେତେ କରୁ । କୃଷ୍ଣସିଂହ. ମହାଭାରତ ବିରାଟ ।]

Manthara

(ମନ୍ଥରା—ସ୍ତ୍ରୀ)

**ମନ୍ଥର ଗତି**—ସଂ. ବି (କର୍ମଧା)—ଧୀର ଗତି—Slow pace; slow motion. ସଂ. ବିଣ. ପୁଂ ଓ ସ୍ତ୍ରୀ—(ବହୁବ୍ରୀହି) ମନ୍ଦଗାମୀ—Slow-paced; moving slowly.

Manthara gati

**ମନ୍ଥର ଗମନ**—ସଂ. ବିଣ. ପୁଂ—ମନ୍ଥରଗତିବିଶିଷ୍ଟ—Moving slowly. ବି—ଧୀର ଗତି—Slow motion.

Manthara gamana

[ମନ୍ଥର ଗମନା—ସ୍ତ୍ରୀ]

**ମନ୍ଥର ଗମନି**—ଦେ. ବିଣ. ସ୍ତ୍ରୀ [ସଂ. ମନ୍ଥର ଗମନା]—ଧୀରଗାମିନୀ—(woman) Moving very slowly.

Manthara gamani

**ମନ୍ଥରଗାମୀ**—ସଂ. ବିଣ. ପୁଂ (ମନ୍ଥର+ଗମ୍. ଧାତୁ+କର୍ତ୍ତୃ. ଇନ୍; ୧ମା. ୧ବ)—ଯେ ଧୀରେ ଧୀରେ ଚାଲେ—Walking with slow steps.

Mantharagāmi

[ମନ୍ଥରଗାମିନୀ—ସ୍ତ୍ରୀ]

**ମନ୍ଥର ବିବେକ**—ସଂ ବିଣ. ପୁଂ (ବହୁବ୍ରୀହି; ମନ୍ଥର+ବିବେକ)—୧ । ବିଚାର ଶକ୍ତିରେ ଧୀର—1. Slow in judgment (Apte). ୨ । ବିଚାର ଶକ୍ତି ହୀନ—2. Void of discrimination (Apte).

Manthara bibeka

(ମନ୍ଥର ବିବେକା—ସ୍ତ୍ରୀ)

**ମନ୍ଥରା**—ସଂ. ବି. ସ୍ତ୍ରୀ (ମନ୍ଥର+ଆ)—୧ । ମନ୍ଥନ ଦଣ୍ଡ—1. Churning stick. ୨ । କୈକେୟୀଙ୍କର କୁବ୍ଜା ଦାସୀ—2. Name of a hunch-backed maid of queen Kaikeyī. [ଦ୍ର—ଏହାର ମନ୍ତ୍ରଣାଦ୍ୱାରା ଚାଳିତା ହୋଇ ରାମଚନ୍ଦ୍ରଙ୍କ ଯୌବରାଜ୍ୟାଭିଷେକର ପ୍ରାକ୍‌କାଳରେ କୈକେୟୀ ଦଶରଥଙ୍କ ପୂର୍ବପ୍ରତିଶ୍ରୁତ ବରଦ୍ୱୟର ପୂରଣାର୍ଥ ରାମଚନ୍ଦ୍ରଙ୍କର ବନବାସ ଓ ସ୍ୱୀୟ ପୁତ୍ର ଭରତଙ୍କର ରାଜ୍ୟାଭିଷେକ ପ୍ରାର୍ଥନା କରିଥିଲେ । ] ଦେ. ବି—ପ୍ରାଚୀନ ଜଳଯାନ ବିଶେଷ—A kind of ancient boat or vessel. (ଜଗବନ୍ଧୁ. ପ୍ରାଚୀନ ଉତ୍କଳ) ।

Mantharā

**ମନ୍ଥରି**—ଦେ. ବି. ସ୍ତ୍ରୀ (ସଂ. ମନ୍ଥରା)—ମନ୍ଥରା (ଦେଖ)—Mantharā (See). [ଉ—ବାଳଗା ଯେ ମନ୍ଥରା; କେତେ ଶାରୀମ ସନ୍ତତ କରୁ । ଉଞ୍ଜ. ବୈଦେହୀଶବିଳାସ । ]

Manthari

**ମନ୍ଥରୁ**—ସଂ. ବି (ମନ୍ଥ. ଧାତୁ+କର୍ମ. ଅରୁ)—ଚାମର ଚାଳନଦ୍ୱାରା ପ୍ରବାହିତ ବାୟୁ—The wind produced by the waving of a Chāmara (Apte).

Mantharu

**ମନ୍ଥା**—ଦେ. ବି (ସଂ. ମନ୍ଥନ)—ମନ୍ଥନ; ମନ୍ଥିବା; ମୋହିବା—Churning. ଦେ. ବିଣ—୧ । ମଥିତ—मथा मथहना 1. Churned. ୨ । ମନ୍ଥନକାରୀ—2. Churning.

Manthā

**ମନ୍ଥା[ନ୍ଥେ]ଇବା**—ଦେ. କ୍ରି—ମନ୍ଥିବା କ୍ରିୟାର ଣିଜନ୍ତ ରୂପ—Causative of Manthibā. मथान **मथाना, महाना** [ଉ—ମନରେ ମନ୍ଥାଇ ସାଗର—ଭୂପତି. ପ୍ରେମପଞ୍ଚାମୃତ । ]

Manthā(nthe)ibā

**ମନ୍ଥା ଚକଟା(ଟ)**—ଦେ. ବି (ଏକାର୍ଥକ ସହଚର)-ଦଳାଦଳ; ଦଳାଚକଟା; ବିଶେଷ ଭାବରେ ଆଲୋଡ଼ନ--Excessive churning. [ ଲକ୍ଷଣାର୍ଥ ]—साँटाचकटा କୌଣସି ବିଷୟର ବିଶେଷରୂପେ ଆଲୋଚନା; ଘଣ୍ଟାଚକଟା **मन्थनउन्थन** A great deal of agitation.

Manthā chakaṭā(ṭa)

[ମନ୍ଥ ଚକଟ—ଅନ୍ୟରୂପ]

[ମନ୍ଥାମନ୍ଥି—ଅନ୍ୟରୂପ]

**ମନ୍ଥାନ**—ସଂ. ବି (ମନ୍ଥ ଧାତୁ+କରଣ, ଅନ)—ଦହିଖିଆ; ମନ୍ଥନ ଦଣ୍ଡ—Churning stick.

Manthāna

**ମନ୍ଥାନ ଷଷ୍ଠୀ**—ଭାଦ୍ର ଶୁକ୍ଳ ଷଷ୍ଠୀ—The 6th day of the bright fortnight of Bhādra.

Manthāna shashṭhi

**ମନ୍ଥାନି**—ସଂ. ବି (ମନ୍ଥ. ଧାତୁ+ଅଧିକରଣ. ଅନ+ଇ)—ଦଧିଭାଣ୍ଡ; ମନ୍ଥନପାତ୍ର—Churning pot.

Manthāni

**ମନ୍ଥିବା**—ଦେ. କ୍ରି (ସଂ. ମନ୍ଥ. ଧାତୁ)—୧ । ଗୋଳାଇବା; ବିଲୋଡ଼ନ କରିବା—1. To churn. [ ଉ—ଦେଖି मथा ଦମୟନ୍ତୀଙ୍କ ହୃଦ ଦେଲା ମନ୍ଥି । କୃଷ୍ଣସିଂହ, ମହାଭାରତ ବନ ।]

Manthibā

**ମଥना, महना** ୨ । ଦଳିବା—2 To crush. [ ଉ—ଚମାଚୂର କରିବି ବ୍ୟର୍ଥେ ମୋ ଦର୍ପ ମନ୍ଥିଲା । ଉପେ. ବୈଦେହୀଶ-ବିଳାସ । ]

**ମନ୍ଥିବା ଚକଟିବା**—ଦେ. କ୍ରି (ସଂଯୁକ୍ତ)—୧ । ଦଳିବା ଓ ଚକଟିବା—Manthibā chakaṭibā 1. To crush. ୨ । ଅତ୍ୟାଚାର ଅାଁଟାଚକଟା **महीमही करना** କରିବା; ଧ୍ୱଂସ କରିବା; ସର୍ବନାଶ [ ଚକଟିବା ମନ୍ଥିବା—ଅନ୍ୟରୂପ ] କରିବା—2. To commit depredation.

**ମନ୍ଥୀ**—ସ. ବିଣ. ପୁଂ [ ମନ୍ଥ୍ ଧାତୁ + କର୍ତ୍ତୃ. ଇନ୍, ୧ମା. ୧ବ ]—Manthī ମନ୍ଥନକାରୀ—Churning. ସଂ. ବି—ବୀର୍ଯ୍ୟ—[ମନ୍ଥିନୀ—ସ୍ତ୍ରୀ] Semen virile (Apte).

**ମନ୍ଦ୍** [ଧାତୁ]—ସଂ—୧ । ଜଡ଼ୀଭୂତ ହେବା—1. To become Mand (root) slow; to languish; to become slack. ୨ । ପ୍ରୀତ ହେବା; ଆନନ୍ଦିତ ହେବା—2. To be pleased; to be glad. ୩ । ନିଦ୍ରା ଯିବା—3. To sleep. ୪ । ଧୀରେ ଗତି କରିବା; ବିଳମ୍ବ କରି ଚାଲିବା—4. To move slowly; to loiter; to tarry ( Apte ) ୫ । ପ୍ରଶଂସା କରିବା—5. To praise [Apte]. ୬ । ସାତିଶୟ ଦୀପ୍ତିମନ୍ତ ହେବା—6. To shine ( Apte ). ୭ । ପ୍ରଶଂସିତ ବା ପ୍ରସିଦ୍ଧ ହେବା—7. To be praised or celebrated [Apte].

**ମନ୍ଦ**—ସଂ. ବିଣ (ମନ୍ଦ୍ ଧାତୁ + କର୍ତ୍ତୃ. ଅ)—୧ । ମୃଦୁ; ଧୀର—1. Slow. Manda soft; gentle; tardy. ୨ । ନିର୍ବୋଧ; ଜଡ଼; [ମନ୍ଦା—ସ୍ତ୍ରୀ] ମୂର୍ଖ—2. Dull; stupid; foolish. ୩ । ଅଳସ—[ ମନ୍ଦତା(ଭା)—ବିଶେଷ୍ୟ ] 3. Lazy; idle. ୪ । ଅଣୀଘ୍ର; ବିଳମ୍ବିତ—4. Tardy. ୫ । ସୁକୁମାର; ଅତି ପତଳା ବା ସରୁ—5. Delicate. ୬ । ଅସୁସ୍ଥ—6. Sick. ୭ । ବାମ; ପ୍ରତିକୂଳ—7. Unfavourable. ୮ । ଖରାପ; ମ୍ଳାନ—8. Bad; evil. ୯ । ଅଧମ; ନୀଚ—9. Low; mean. ୧୦ । ମତ୍ତ—10. Intoxicated. ୧୧ । ଅପକାରୀ; ଅନିଷ୍ଟକାରୀ—11. Injurious; mischievous; detrimental. ୧୨ । ଦୁଷ୍ଟ; ଖଳ—12. Wicked; vile. ୧୩ । ସାମାନ୍ୟ; କ୍ଷୁଦ୍ର; ଅଳ୍ପ—13. Little; slight. ୧୪ । ସଙ୍କୁଚିତ—14. Contracted. ୧୫ । ଅପକୃଷ୍ଟ—15. Inferior. ୧୬ । ଅପଟୁ—16. Incapable; unskilful. ୧୭ । ଅତୀକ୍ଷ୍ଣ; ଦନ୍ତୁରା—17. Blunt. ୧୮ । କଟୁ—18. Harsh; bitter. ୧୯ । ଅଶ୍ଳୀଳ—19. Coarse; indecent. ୨୦ । ଉଦାସୀନ—20. Indifferent; apathetic (Apte). ୨୧ । ମ୍ଳାନ—21. Faded [Apte]. ୨୨ । ଅନୁଚ୍ଚ; ଗମ୍ଭୀର ( ଶବ୍ଦ )—22. Low; deep (sound). ୨୩ । ଦୁର୍ବଳ; କ୍ଷୀଣ (ଜଠରାଗ୍ନି)—23. Weak; defective ( digestion ). ୨୪ । ପାନାସକ୍ତ—24. Addicted to drink (Apte). ୨୫ । ହତଭାଗ୍ୟ—25. Unlucky (Apte). ୨୬ । ଦୁଃଖଗ୍ରସ୍ତ; ଅସୁଖୀ—26. Unhappy [Apte]. ୨୭ । ଶିଥିଳ (ଧନୁ)—27. Slackened ( bow ). ( Apte ). ୨୮ । ସ୍ୱଚ୍ଛନ୍ଦ—28. Independent [Apte]. ସଂ. ବି—୧ । ମୂର୍ଖ ବ୍ୟକ୍ତି—1. Stupid person. ୨ । ଶନିଗ୍ରହ—2. The planet Saturn. [ଉ—ଭୁଲାଯାକ କର ମନ୍ଦ, ଭୁଲାବେ ଅଷ୍ଟମେ ମନ୍ଦ । ଉପେ. କୋଟିବ୍ରହ୍ମାଣ୍ଡ ସୁନ୍ଦରୀ । ] ୩ । କାକ—3. Crow. [ ଉ—ଦକ୍ଷିଣେ ଭୁଲାସୁନ୍ଦ ଗମେ ମନ୍ଦପନ୍ତି । ଉପେ. କୋଟିବ୍ରହ୍ମାଣ୍ଡ ସୁନ୍ଦରୀ । ] ୪ । ଯମ—4. God of death. ୫ । ପ୍ରଳୟ—5. The dissolution of the world. ୬ । ଗଜ ବିଶେଷ—6. A kind of elephant (Apte). ଦେ. ବି—ଅପକାର; ଅନିଷ୍ଟ—Mischief; detriment.

**ମନ୍ଦ ଅଲଣା**—ଦେ. ବି (ସଂ.ମନ୍ଦ = ଈଷତ୍ + ଅଲବଣ.)-ଅଳ୍ପ ଅଲଣା—Manda alaṇā Slighty wanting in salt (curry). अल्पआलना **मध[न्द]नोन**

**ମନ୍ଦଉଦରୀ**—ଦେ. ବିଣ. ସ୍ତ୍ରୀ—କୃଶୋଦରୀ (ସ୍ତ୍ରୀ)—Manda udarī Slender-waisted [woman]. [ଉ—କେଉଁ ସୁନ୍ଦରୀ, ମନ୍ଦଉଦରୀ, ପ୍ରୀତ ଅଧର, ସେହ—ଉପେ. ପ୍ରେମସୁଧାନିଧି । ]

**ମନ୍ଦ କଥା**—ଦେ. ବି ( ସ. ମନ୍ଦ + କଥା )—୧ । କଟୁ କଥା—Manda kathā 1. Harsh words. ୨ । ଅଶ୍ଳୀଳ କଥା—**मन्द कथा** 2. Coarse or indecent words. ୩ । ମନ୍ଦ **बुरी बात** ବିଷୟ—3. A bad thing.

**ମନ୍ଦ କରିବା**—ଦେ. କ୍ରି—ଅପକାର କରିବା; ଅନିଷ୍ଟ କରିବା—Manda karibā To injure; to commit mischief. मन्दकरना **मन्द् करना**

**ମନ୍ଦ କର୍ଣ୍ଣ**—ସ. ବିଣ. ପୁଂ (ବହୁବ୍ରୀହି)—ବଧିରକାଳ; ଈଷତ୍ ବଧିର—Manda karṇṇa Slightly deaf (Apte). ସ. ବି. ପୁଂ-(ମନ୍ଦ କର୍ଣ୍ଣୀ - ସ୍ତ୍ରୀ) ଜନୈକ ଋଷି—A sage. (ଉ—ବନୌକାଏ ନାମ ତା ମନ୍ଦକର୍ଣ୍ଣି, ବିରଚଇ ତପସ୍ୟା ବସି ବନ । ଉପେ. ବୈଦେହୀଶବିଳାସ । ) [ ଦ୍ର—ଏ ଋଷି ବନରେ ତପସ୍ୟା-ଚରଣ କରିବା ସମୟରେ ତାଙ୍କର ତପସ୍ୟାସିଦ୍ଧି ହେଲେ ଋଷି ଇନ୍ଦ୍ରଙ୍କ ଇନ୍ଦ୍ରପଦ ପାଇବାର ଆଶଙ୍କା କରି ଇନ୍ଦ୍ରଦେବ ପାଞ୍ଚ ଜଣ ସ୍ୱର୍ଗବେଶ୍ୟାଙ୍କୁ ଉକ୍ତ ଋଷିଙ୍କର ତପୋଭଙ୍ଗ ପାଇଁ ପଠାଇଲେ । ଏମାନେ ଆସିବାରୁ ଋଷି କାମମୋହିତ ହେଲେ । ଇତି ମଧ୍ୟରେ ବ୍ରହ୍ମା ସ୍ୱର୍ଗଶିଳ୍ପୀ ବିଶ୍ୱକର୍ମାଙ୍କ ଦ୍ୱାରା 'ପଞ୍ଚାସର' ବା 'ପଞ୍ଚାପ୍ସର' ନାମକ ପୁଷ୍କରିଣୀର ଜଳ ଉପରେ ଗୋଟିଏ ମନୋହର ପୁର ନିର୍ମାଣ କରାଇଥିଲେ । ଉକ୍ତ ପୁରରେ ସେ ବେଶ୍ୟାମାନେ ନୃତ୍ୟ ଗୀତାଦିରେ ମନ୍ଦ-କର୍ଣ୍ଣିଙ୍କୁ ସର୍ବଦା ବଶୀଭୂତ ରଖିଥିବାର ରାମାୟଣରେ ବର୍ଣ୍ଣିତ ଅଛି । ରା. ଅ ]

ମନ୍ଦ କର୍ମ—ସ. ବି (କର୍ମଧା)—ମନ୍ଦ ଭାଗ୍ୟ ( ଦେଖ )
Manda karma Manda bhāgya ( See )
ଦେ. ବି—ମନ୍ଦ କାର୍ଯ୍ୟ—Evil act.

ମନ୍ଦ କାମ—ଦେ. ବି—ଖରାପ କାର୍ଯ୍ୟ—Wicked or evil act.
Manda kāma मन्द काज बुरा काम
(ମନ୍ଦ କାର୍ଯ୍ୟ—ସଂସ୍କୃତ ରୂପ)

ମନ୍ଦଗ—ସ. ବିଣ. ପୁଂ—ଧୀରଗମନଶୀଳ—Moving slowly.
Mandaga ସ. ବି—୧ । ଧୀରଗାମୀ ଯୋଦ୍ଧା—1. A soldier
ମନ୍ଦଗା } ସ୍ତ୍ରୀ marching slowly. ୨ । ଶନି ଗ୍ରହ—
ମନ୍ଦଗାମିନୀ } 2. Saturn (Apte).
(ମନ୍ଦଗାମୀ—ଅନ୍ୟରୂପ)

ମନ୍ଦ ଗତି—ସ. ବି (କର୍ମଧା; ମନ୍ଦ+ଗତି)—ଧୀର ଗତି—
Manda gati Slow motion; slow progress.
ସ. ବିଣ (ବହୁବ୍ରୀହି)—ଧୀରଗମନଶୀଳ—
Slow-going; moving by degrees

ମନ୍ଦ ଗ୍ରହ—ସ. ବି ( କର୍ମଧା )—୧ । ଶନି ଗ୍ରହ—1. Planet
Manda graha Saturn. ୨ । ଅମଙ୍ଗଳକାରକ ଗ୍ରହ—
2. Unpropitious or malicious planet.

ମନ୍ଦ ଘଟଣା—ସ. ବି—୧ । ଅମଙ୍ଗଳ ଘଟଣା—1. The befalling
Manda ghaṭanā of evil; inauspicious event.
[ମନ୍ଦ ଘଟଣ(ଣା)—ଦେ.ରୂପ] ୨ । ଦୁର୍ଘଟଣା—2. Mishap

ମନ୍ଦ ଚରିତ୍ର—ସ. ବି ( କର୍ମଧା )—ଖରାପ ଆଚରଣ—Wicked or
Manda charitra bad conduct. ସ. ବିଣ. ପୁଂ
(ମନ୍ଦ ଚରିତ୍ରା—ସ୍ତ୍ରୀ) (ବହୁବ୍ରୀହି)—ଖରାପ ଆଚରଣ ଥିବା;
ଦୁଶ୍ଚରିତ୍ର—Immoral; depraved.

ମନ୍ଦ ଚାହିଁ(ହି)ବା—ଦେ କ୍ରି—କୌଣସି ବ୍ୟକ୍ତିର ଅନିଷ୍ଟ କାମନା
Manda chāhiñ(hi)bā କରିବା—To think evil of a
मन्द चाओया person; to wish evil to a person
बुराइ चाहना (ମନ୍ଦ ଚାହିଁବା—ଅନ୍ୟରୂପ)

ମନ୍ଦ ଚେତାଃ—ସ. ବିଣ (ବହୁବ୍ରୀହି; ମନ୍ଦ+ଚେତସ୍; ୧ମା. ୧ବ)—
Manda chetāḥ ୧ । ନିର୍ବୋଧ—1. Dull-witted; silly (Apte). ୨ । ଅନ୍ୟମନସ୍କ; ଅମନୋଯୋଗୀ—
2. Absent-minded (Apte). ୩ । ମୂର୍ଚ୍ଛା ଯାଉଥିବା
—3. Fainting away. (Apte).

ମନ୍ଦ ଛାୟ—ସ. ବିଣ ( ବହୁବ୍ରୀହି; ମନ୍ଦ+ଛାୟା )—୧ । ଅନୁଜ୍ଜ୍ୱଳ—
Manda chhāyā 1. Lustreless (Apte). ୨ । ଅସ୍ପଷ୍ଟ
ମନ୍ଦଚ୍ଛାୟ } ଅନ୍ୟରୂପ ଦେଖା ଯାଉଥିବା—2. Dim; faint
ମନ୍ଦଦ୍ୟୁତି } (Apte).

ମନ୍ଦ ଜଳବାୟୁ—ଦେ. ବି—ଅସ୍ୱାସ୍ଥ୍ୟକର ଅବ୍ ହାଓଆ—
Manda jaḷabāyu Bad or unhealthy climate.
मन्द आब हाओया मन्द आबहवा

ମନ୍ଦ ଜଳ ବୃଷ୍ଟି—ସ. ବି—ମନ୍ଦ ବୃଷ୍ଟି ( ଦେଖ )
Manda jaḷa bruṣhṭi Manda bruṣhṭi (See)
(ବହୁ ଜଳ ବୃଷ୍ଟି—ବିପରୀତ)

ମନ୍ଦ ଜାଳ—ଦେ. ବି ( ସ. ମନ୍ଦ+ଜ୍ୱଲ୍ ଧାତୁ )—୧ । ନିଆଁକୁ ଧୁକୁଧୁକୁ
Manda jāḷa ଜଳାଇବା ପାଇଁ ଚୁଲିରେ ଦିଆଯିବା ସାମାନ୍ୟ
ପରିମାଣରେ ଜାଳେଣି କାଠ—1. A little of fuel
added to a fire to make it burn slowly.
୨ । ନିଆଁର ସାମାନ୍ୟ ତାପ—2. Slow heat of fire;
heat of a slow fire.

ମନ୍ଦାଟ—ସ. ବି—ମନ୍ଦାର ଫୁଲର ଗଛ—
Mandaṭa The coral tree (Apte).

ମନ୍ଦ ତନୟ—ଦେ. ବି—୧ । ମନ୍ଦ ଲୋକର ପୁତ୍ର—1. The son of
Manda tanaya a bad man. ୨ । କୋଇଲ; କୋଇଲି—
2. The cuckoo.
(କୁ—କୋଇଲି ମନ୍ଦ ତନୟ ଯେ, ଉପେନ୍ଦ୍ରର ମନ୍ଦତନୟ
ର ତର ପରମ୍ପରା ଆମୋଦୟ । ଉଞ୍ଜ. ବୈଦେହୀଶବିଳାସ)

ମନ୍ଦ ଦଶା—ସଂ. ବି (କର୍ମଧା)—୧ । ଜୀବନରେ ଅମଙ୍ଗଳର ଘଟଣା
Manda daśā ଘଟିବାର ଅବସ୍ଥା—1. Bad period of
one's life ୨ । ଗ୍ରହମାନଙ୍କର ଅମଙ୍ଗଳର ଅବସ୍ଥାନ-
ଜନିତ ଜୀବନର ମନ୍ଦ ଅବସ୍ଥା—2. Adversity due to
unpropitious position of planets. ୩ । ମନ୍ଦ
ଭାଗ୍ୟ—3. Misfortune.

ମନ୍ଦଧୀ—ସଂ. ବିଣ (ବହୁବ୍ରୀହି)—ନିର୍ବୋଧ—
Mandadhī Dull-witted; silly (Apte).
(ମନ୍ଦବୁଦ୍ଧି, ମନ୍ଦପ୍ରଜ୍ଞ, ମନ୍ଦମେଧା—ଅନ୍ୟରୂପ)

ମନ୍ଦନ—ସଂ. ବି ( ମନ୍ଦ୍ ଧାତୁ=ପ୍ରୀତ ହେବା+କରଣ. ଅନ )—
Mandana ପ୍ରଶଂସା; ସ୍ତୁତି—Praise; eulogy (Apte).

ମନ୍ଦ ପଦ—ସଂ. ବି. (କର୍ମଧା)—ଧୀର ପଦକ୍ଷେପ—Slow steps.
Manda pada ସଂ. ବିଣ. ପୁଂ—ମନ୍ଦଗାମୀ—Slow-paced.
(ମନ୍ଦ ପଦା—ସ୍ତ୍ରୀ)

ମନ୍ଦ ପବନ—ସ. ବି—ମୃଦୁ ପବନ; ଧୀର ବାୟୁ; ଅଳ୍ପେ ଅଳ୍ପେ ବହୁଥିବା
Manda pabana ପବନ—Breeze.

ମନ୍ଦ ପ୍ରକୃତି—ସ. ବି (କର୍ମଧା)—କୁସ୍ୱଭାବ—Bad nature; evil
Manda prakṛuti propensity. ସ. ବିଣ—(ବହୁବ୍ରୀହି)-
କୁସ୍ୱଭାବଯୁକ୍ତ—Evil-natured.

ମନ୍ଦ ପ୍ରକୃତିକ—ସ. ବିଣ. ପୁଂ—୧ । କୁସ୍ୱଭାବାପନ୍ନ—1. Evil-
Manda prakṛutika natured. ୨ । ନୀଚପ୍ରକୃତିକ—
(ମନ୍ଦ ପ୍ରକୃତିକା—ସ୍ତ୍ରୀ) 2. Mean; ignoble

ମନ୍ଦ ଫଳ—ସ. ବି—(କର୍ମଧା)—୧ । ଅସନ୍ତୋଷଜନକ ଫଳ—
Manda phaḷa 1. Unsatisfactory result. ୨ ।
କୁଫଳ; ଅଶୁଭ ପରିଣାମ—2. Bad result. ୩ ।
(ଜ୍ୟୋ ଶା) ଶନି ଗ୍ରହର ଅଶୁଭ ଫଳ—3. Evil due
to the planet Saturn. ୪ । ଜ୍ୟୋତିଷ ଶାସ୍ତ୍ରୋକ୍ତ
ଗଣିତ ସଂସ୍କାର—4. The anomatistic equation
of a planet (Apte).

ମନ୍ଦବସ୍ତ୍ର—ସଂ. ବି—(କର୍ମଧା)—ମୋଟା ଲୁଗା—
Manda bastra Coarse cloth.

ମନ୍ଦ ବିଭବ—ସଂ. ବିଣ. ପୁଂ—(ବହୁବ୍ରୀହି)—ଗରିବ—Poor; impoverished (Apte).
Manda bibhaba ( ମନ୍ଦ ବିଭବା—ସ୍ତ୍ରୀ )

ମନ୍ଦ ବୁଦ୍ଧି—ସଂ. ବି—(କର୍ମଧା)—୧ । ସ୍ଥୂଳ ବା ଜଡ ବୁଦ୍ଧି—1. Stupidity; dullness. ୨ । ଦୁର୍ବୁଦ୍ଧି—2. Wicked inclination. ସଂ. ବିଣ (ବହୁବ୍ରୀହି) ୧ । ମାନ୍ଦା ବୁଦ୍ଧିଆ; ଜଡବୋଧ—1. Foolish; stupid; dull. ୨ । ଦୁଷ୍ଟବୁଦ୍ଧି; ଦୁର୍ବିବଶିଷ୍ଟ—2. Wanton; wicked.
Manda buddhi

ମନ୍ଦ ବୃଷ୍ଟି—ସଂ. ବି (କର୍ମଧା)—୧ । ସାମାନ୍ୟ ବା ଅଳ୍ପ ବୃଷ୍ଟି—Slight or little rain-fall. ୨ । ଝିପି ଝିପି ବର୍ଷା—2. Light shower.
Manda brushti

ମନ୍ଦ ଭାଗ(ଗ୍ୟ)—ସଂ. ବି (କର୍ମଧା)—ଦୁରଦୃଷ୍ଟ—
Manda bhāga(gya) Ill luck; misfortune.
(ମନ୍ଦଭାଗା[ଗ୍ୟା]—ସ୍ତ୍ରୀ) ସଂ. ବିଣ. ପୁଂ—ହତଭାଗ୍ୟ—Unfortunate; unlucky.

ମନ୍ଦଭାଗୀ—ଦେ. ବିଣ. ପୁଂ—(ମନ୍ଦ+ଭାଗ+ଇନ୍; ୧ମା. ୧ବ)—ହତଭାଗ୍ୟ—Unfortunate (Apte).
Manda bhāgi
(ମନ୍ଦଭାଗିନୀ—ସ୍ତ୍ରୀ) [ଦ୍ର—ଏ ଶବ୍ଦର ସ୍ତ୍ରୀଲିଙ୍ଗ ମନ୍ଦଭାଗିନୀ ସଂସ୍କୃତ ବ୍ୟାକରଣସିଦ୍ଧ ପଦ ନୁହେଁ ବୋଲି ସୁବଳଚନ୍ଦ୍ର କହନ୍ତି, କିନ୍ତୁ ଭାଗ ଶବ୍ଦର ଗୋଟିଏ ଅର୍ଥ ଭାଗ୍ୟ ଥିବାରୁ ଓ ଏ ଶବ୍ଦ ସଂସ୍କୃତ ଥିବାରୁ ଆପ୍ଟେ କହନ୍ତି ।] ଦେ. ବିଣ. ସ୍ତ୍ରୀ—(ସଂ. ମନ୍ଦଭାଗିନୀ) ଦୁର୍ଭାଗ୍ୟବତୀ; ହତଭାଗ୍ୟା (ସ୍ତ୍ରୀ)—Unfortunate (woman). [ଉ—ପୁଣି ବୋଲେ ମନ୍ଦ ଭାଗୀ ମୁହିଁ ସେ ଏକା । ଶିଶୁଶଙ୍କର ଉଷାଅଭିଳାଷ ।]

ମନ୍ଦ ଭାଷଣ—ସଂ. ବି—(କର୍ମଧା)—ଧୀର ଭାଷଣ—
Manda bhāshaṇa Slow speech.

ମନ୍ଦ ଭାଷୀ—ସଂ. ବିଣ. ପୁଂ—(ମନ୍ଦ+ଭାଷ୍ ଧାତୁ+କର୍ତ୍ତୃ. ଇନ୍, ୧ମା. ୧ବ.)—ଯେ ଧୀରେ ଧୀରେ କଥା କହେ—Of slow speech
Manda bhāshi
(ମନ୍ଦଭାଷିଣୀ—ସ୍ତ୍ରୀ)

ମନ୍ଦ ମତି—ସଂ. ବି. ଓ ବିଣ—ମନ୍ଦବୁଦ୍ଧି (ଦେଖ)
Manda mati Manda buddhi (See)

ମନ୍ଦ ମଧୁର—ସଂ. ବିଣ (ଦ୍ୱନ୍ଦ୍ୱ)—ମୃଦୁ ଓ ମଧୁର—Sweet and gentle; slight and sweet.
Manda madhura

ମନ୍ଦ ମଧୁର ହାସ(ସ୍ୟ)—ସଂ. ବି (କର୍ମଧା)—ମୃଦୁ ଓ ମଧୁର ହସ—Sweet simper; a sweet and gentle smile.
Manda madhura hāsa(sya)
(ମନ୍ଦ ମଧୁର ହାସା[ସ୍ୟା]—ସ୍ତ୍ରୀ) ସଂ. ବିଣ. ପୁଂ (ବହୁବ୍ରୀହି)—ଯେ ଅଳ୍ପ ଓ ମଧୁର ହସ ହସେ—Having a sweet simper; smiling sweetly.

ମନ୍ଦ ମଧୁର ହାସୀ—ଦେ.ବିଣ.ପୁଂଓ ସ୍ତ୍ରୀ—ମୃଦୁ ଓ ମଧୁର ଭାବରେ ହସୁଥିବା—Smiling or simpering sweetly
Manda madhura hāsi
(ମନ୍ଦ ମଧୁରହାସିନୀ—ସ୍ତ୍ରୀ)

ମନ୍ଦ ମନ୍ଦ—ଦେ. କ୍ରି. ବିଣ (ସଂ. ମନ୍ଦଂ ମନ୍ଦଂ)—୧ । ଧୀରେ ଧୀରେ; ହାଲୁକେ ହାଲୁକେ—1. Slowly. ୨ । ଈଷତ୍—2. Slightly. [ଉ—ତାମ୍ବୂଳ ରାଗି ଦ୍ୟନ୍ତି ବଦନ, ସ୍ମିତ ହସନ୍ତି ମନ୍ଦ ମନ୍ଦ । ଭୂପତି. ପ୍ରେମପଞ୍ଚାମୃତ ।]
Manda manda

ମନ୍ଦର—ସଂ. ବି (ମନ୍ଦ୍ ଧାତୁ+କରଣ. ଅର)—୧ । ପୌରାଣିକ ପର୍ବତ ବିଶେଷ—1. Name of a mythological mountain. [ଦ୍ର—ଦେବତା ଓ ଅସୁରମାନେ ସମୁଦ୍ର ମନ୍ଥନ କରିବା ସମୟରେ ଏହି ପର୍ବତକୁ ମନ୍ଥନଦଣ୍ଡରୂପେ ବ୍ୟବହାର କରିଥିଲେ ଓ ମନ୍ଥନର ଫଳରେ ଅମୃତ, ହଳାହଳ, ଚନ୍ଦ୍ର, ଲକ୍ଷ୍ମୀ, ଉଚ୍ଚୈଃଶ୍ରବା ଅଶ୍ୱ ଆଦି ବାହାରିଥିଲେ ।] ୨ । ମୁକୁର; ଦର୍ପଣ—2. Mirror; looking glass. ୩ । ସ୍ତନ ଓ ନାଭି ମଧ୍ୟସ୍ଥ ଅଂଶ—3. The part between the breast and the navel ୪ । ମନ୍ଦାର (ଦେଖ)—4. Mandāra (See) ୫ । ଆଠସରିଆ ବା ଷୋଳସରିଆ ମୁକ୍ତାହାର—5. A necklace of pearl of 8 or 16 strings (Apte). ୬ । ସ୍ୱର୍ଗ—6. Heaven (Apte). ୭ । ବୃହତ୍ସଂହିତା ଅନୁସାରେ କୋଡ଼ିଏ ପ୍ରକାର ପ୍ରାସାଦ ମଧ୍ୟରୁ ଏକତମ—7. One of 20 kinds of buildings according to Hindu architecture. [ଦ୍ର—ଏ ପ୍ରାସାଦ ଷଟ୍କୋଣ, ଏଥିର ବିସ୍ତାର ତିରିଶ ହାତ ଓ ଏଥିରେ ଦଶ ଭୂମିକା ଥାଏ—ହି. ଶ ।] ସଂ. ବିଣ—୧ । ବହୁଳ—1. Excessive; numerous. ୨ । ମନ୍ଦ; ଅଳସ—2. Lazy; tardy. ୩ । ଧୀର—3. Slow. ଦେ. ବି—୧ । ଗୋବର୍ଦ୍ଧନ ଗିରି—1. A mountain called Gobarddhana. ୨ । ମୁଙ୍ଗେର ନିକଟରେ ଥିବା ଏକ ପାହାଡ଼—2. Name of a hill near Monghyr. [ଦ୍ର—ଏ ପର୍ବତରେ ଅନେକ ହିନ୍ଦୁ, ଜୈନ ଓ ବୌଦ୍ଧ ମନ୍ଦିର ଅଛି ଓ ସୀତାକୁଣ୍ଡ ନାମକ ଉଷ୍ଣ ପ୍ରସ୍ରବଣ ଅଛି—ହି. ଶ ।] ୩ । (ପୁଂ) ଲୋକଙ୍କ ଡାକିବା ନାମ—3. A name given to males
Mandara

ମନ୍ଦର ଦନ୍ତ—ସଂ. ବିଣ. ପୁଂ—ଦାନ୍ତୁରି—Having very big. front teeth.
Mandara danta (ମନ୍ଦର ଦନ୍ତା—ସ୍ତ୍ରୀ)

ମନ୍ଦର ଦାନ୍ତିଆ—ଦେ. ବିଣ ( ସଂ. ମନ୍ଦର ଦନ୍ତ )—ଦନ୍ତୁର; ଦାନ୍ତୁରି—Having prominent teeth.
Mandara dāntiā ଦେନ୍ତୋ ଦାଁତୁଲା ( ମନ୍ଦର ଦନ୍ତା—ଅପଭ୍ରଂଶ )
( ମନ୍ଦର ଦାନ୍ତୋ[ନ୍ତେ]ଇ, ମନ୍ଦର ଦାନ୍ତୀ—ସ୍ତ୍ରୀ )

ମନ୍ଦର ଧର—ସଂ. ବି. ପୁଂ—(ମନ୍ଦର+ଧୃ ଧାତୁ+କର୍ତ୍ତୃ. ଅ; ଯେ ମନ୍ଦର ପର୍ବତକୁ ମନ୍ଥନବେଳେ ଟେକି ଧରିଥିଲେ)
Mandara dhara

ବସ୍ତୁ—A name of Bishnu. ଦେ. ବି. ପୁ—ଲୋକଙ୍କୁ ଦିଅ ଯିବା ନାମ—A name given to males.

**ମନ୍ଦରବାସିନୀ**—ସ. ବି. ସ୍ତ୍ରୀ ( ମନ୍ଦର+ବାସ+ଇନ୍+ସ୍ତ୍ରୀ. ଈ )—Mandar bāsini ଦୁର୍ଗା—Durgā ( Apte ). ( ମନ୍ଦରବାସା—ଅନ୍ୟରୂପ )

**ମନ୍ଦରସ୍**—ପ୍ରାଦେ. ( ବସ୍ତୁର ) ବି (ଭୁଲନାହର ମରନ୍ଦ)—ମଧୁ—Mandaras Honey.

**ମନ୍ଦ ସମୀରଣ**—ସ. ବି ( କର୍ମଧା )—ମୃଦୁ ବାୟୁ—Breeze; a Manda samirana light wind. ( ମନ୍ଦ ପବନ, ମନ୍ଦ ବାୟୁ, ମନ୍ଦ ବାତ—ଅନ୍ୟରୂପ )

**ମନ୍ଦସାନ(ନୁ)**—ସ. ବି—୧ । ଅଗ୍ନିଙ୍କର ଏକ ନାମ—1. A name of Mandasāna(nu) fire (Apte) ୨ । ଜୀବନ—2. Life ( Apte ). ୩ । ନିଦ୍ରା—3. Sleep ( Apte ).

**ମନ୍ଦ ସୁତ**—ସ. ବି ( ମନ୍ଦ=ବାତ+ସୁତ; ଏହାର ଡମ୍ବ ଲୁଅ ଫୁଟାଇ Manda suta ଥିବାରୁ )—କୋକିଳ—The cuckoo. [ଯି—( ମନ୍ଦସୁସ୍ଥ—ଅନ୍ୟରୂପ ) ବହି ଚନ୍ଦ୍ର ଚନ୍ଦ୍ର ଚନ୍ଦ୍ର ଶୀତଳକୁ ବାତ, ଚନ୍ଦେ ମନ୍ଦ ମନ୍ଦ ମନ୍ଦ ସୁତ କରେ ରୁତ—ଉପ. ବୈଦେହୀଶ-ବିଳାସ । ]

**ମନ୍ଦ ସ୍ମିତ**—ସ. ବି ( କର୍ମଧା )—ମୃଦୁହାସ୍ୟ—Smile. ସ. ବିଣ—Manda smita ମୃଦୁହାସ୍ୟକାରୀ—Smiling sweetly. ( ମନ୍ଦସ୍ମିତା—ସ୍ତ୍ରୀ )

**ମନ୍ଦ ହ(ହା)ସ**—ଦେ. ବି (ସ.ମନ୍ଦ+ହାସ )—ଈଷଦ୍ହାସ୍ୟ—A smile. Mandaha(sā)sa [ଯି—କୃଷ୍ଣ ଅର୍ଜୁନଙ୍କୁ ବହୁତ ପ୍ରଶଂସା । मन्दहाँसि मन्दहाँसी ହେଲେ ବଚନରେ କରିଣ ମନ୍ଦହସା—କୃଷ୍ଣସିଂହ. ମହାଭାରତ. ଦ୍ରୋଣ । ]

**ମନ୍ଦହାସ(ସ୍ୟ)**—ସ. ବି ( କର୍ମଧା )—ଈଷଦ୍ହାସ୍ୟ; ମୃଦୁତ ହସା—Mandahāsa(sya) ( ଅଟ୍ଟହାସ—ବିପରୀତ ) A smile; (ମନ୍ଦହାସା[ସ୍ୟା]—ସ୍ତ୍ରୀ) simper. ସ. ବିଣ. ପୁଂ—ଫେନ୍ଦୁମୁଖ—Smiling.

**ମନ୍ଦହାସୀ**—ଦେ. ବିଣ. ସ୍ତ୍ରୀ ( ସ. ମନ୍ଦହାସା )—ଅଳ୍ପ ଅଳ୍ପ ହସୁଥିବା Mandahāsi ( ସ୍ତ୍ରୀ )—Smiling ( woman ). ( ମନ୍ଦହାସିନୀ—ଅନ୍ୟରୂପ )

**ମନ୍ଦ ହିଲ୍ଲୋଳ**—ସ. ବି ( କର୍ମଧା )—୧ । ମୃଦୁତରଙ୍ଗ—1. Light Manda hillolā waves. ୨ । ମୃଦୁ କମ୍ପନ—2. Slight vibration.

**ମନ୍ଦା**—ସଂ. ବି (ମନ୍ଦ+ଅ)—୧ । ଗ୍ରହର ଗତିପଥର ଯେଉଁ ଅଂଶ Mandā କୋଣେଇ ହୋଇଥାଏ—1. The apsis of a planet's course. ୨ । ସଂକ୍ରାନ୍ତିବିଶେଷ—2 The name of a solar conjunction. [ ଦ୍ର—ଉତ୍ତର ଫାଲ୍ଗୁନୀ, ଉତ୍ତରାଷାଢ଼ା, ଉତ୍ତରଭାଦ୍ରପଦ ବା ରୋହିଣୀ ନକ୍ଷତ୍ରଯୁକ୍ତ ସଂକ୍ରାନ୍ତିକୁ ମନ୍ଦା ବୋଲଯାଏ । ଏ ସଂକ୍ରାନ୍ତିର ସଂକ୍ରମଣକାଳରୁ ୩ ଦଣ୍ଡ ପୁଣ୍ୟକାଳ—ଜ୍ୟୋ. ଶ ] ୩ । ଲତା କରଞ୍ଜ ( ଜ୍ୟୋ. ଶ. )—3. Latā karañja

ମାଦା, মঁদা, থালা ( See ). ଦେ. ବି ( ସଂ ବନ୍ଧ ) ୧ । ଗଛରେ থালা ପାଣି ଦେବା କମନ୍ତେ ମୂଳର ଚାରି ପାଖରେ ଛୁଡ଼ ଦିଅଯାଇ କରୁଯାଇଥିବା ମଣ୍ଡା; ଅଳବାଳ—1. A basin or hollow made round the foot of a tree for watering and where the water can be retained for some time. [ ଦ୍ର—ତରୁ ତଳେ ଅର୍ଦ୍ଧ-ମନ୍ଦାର ପ୍ରାଙ୍ଗଣେ ବସିଲ୍ଲ ଯାଇ ବନ୍ଦନ—ସୁଧାନାଥ. ପାବନି ।] ୨ । ଲାଉ, କଖାରୁ, କକୁଡ଼ି, କାକୁଡ଼ି ମାদা ଆଦର ମଞ୍ଜି ପୋତିବା ପାଇଁ ଭୂମିରେ ଖୋଳା ଯାଇଥିବା दर ଗୋଲ ଅଗଭୀର ଗାତ—2. Circular shallow patches dug in the ground by turning up the soil for planting the seeds of cucumber, pumpkin etc; a seedbed. ଚାକତী ୩ । ଦେହରେ ବା ଲୁଗା ଆଦିରେ ଦେଖା ଖଣ୍ଡ चतमा ଖଣ୍ଡ ଗୋଲାକାର ଦାଗ—3. Circular patches appearing on the body or on clothes. माछेर ঝাঁক ୪ । ( ସ. ବୃନ୍ଦ ) ମାଛ ଛୁଆଁଳ ବା ଛୋଟ ভেঁড়া ମାଛମାନେ ଏକତ୍ର ପାଣିରେ ପହଁରୁଥିବା ଗୋଲାକାର ଦଳ; ପଲ୍ଲ—4. A circular shoal of small fry swimming on the water. ୫ । ( ସ. एकटु, किछू[जल] ମନ୍ଦ=ଅଳ୍ପ ) ମୁନ୍ଦା; ଜଳୀୟ ପଦାର୍ଥର ଅଳ୍ପ थोड़ासा ପରିମାଣ—5. A small quantity of liquid. झाँक ୬ । କୀଟାଦିଙ୍କ ସମୂହ; ପୁଞ୍ଜ—6. Multitude; swarm झुंड of insects. [ ଯଥା—ପିମ୍ପୁଡ଼ି ମନ୍ଦା, ଚେଲୁଣୀ-ପୋକ ମନ୍ଦା । ] ୭ । ଏକତ୍ର ଭାବରେ ଏକାଠି ଜନ୍ମିଥିବା ଗୁଳ୍ମସମୂହ—7. A group of young plants. ( ଯଥା—ଶାଗ ମନ୍ଦା । )

**ମନ୍ଦା(ନ୍ଦି)ଏ**—ଦେ. ବିଣ ଓ ବି—ମୁନ୍ଦାଏ; ମୁନ୍ଦେ; ମୁନ୍ଦିଏ; ଅଳ୍ପ ପରିମିତ Mandā(ndi)e ( ଜଳାଦି )—A little quantity of एकटु थोड़ासा ( liquid ). [ ଯି—ମନ୍ଦାଏ ତୋରାଣି ପିଇଲେ ଦେହ ଶାନ୍ତ । ନାଶିବ ଶୋଷରେ ମୁଁ ହେଲଣି ଅଥୟ । କୃଷ୍ଣସିଂହ. ମହାଭାରତ. ବନ୍ୟ । ] [ ଦ୍ର—'ମନ୍ଦାଏ' ପାଣି ଅପେକ୍ଷା 'ମନ୍ଦିଏ' ପାଣି ପରିମାଣରେ ଅଳ୍ପ । ]

**ମନ୍ଦାକ**—ଦେ. ବିଣ—ମନ୍ଦାଏ ମାତ୍ର—A little quantity only Mandāka of ( a liquid ). [ ଦ୍ର—'ମନ୍ଦାକ' ଅପେକ୍ଷା एकटु थोड़ासा 'ମନ୍ଦକ' ପରିମାଣରେ ଅଳ୍ପ । ] ସ. ବି ( ମନ୍ଦ ଧାତୁ=ପ୍ରୀତ ହେବା+କରଣ. ଅକ )—୧ । ପ୍ରଶଂସା—1. Praise ( Apte ) ୨ । ସ୍ରୋତଃ—2. Current; stream.

**ମନ୍ଦାକିନୀ**—ସ. ବି ( ମନ୍ଦାକ=ସ୍ରୋତଃ+ଅସ୍ତି ଅର୍ଥରେ ଇନ୍+ସ୍ତ୍ରୀ. Mandākini ଈ )—୧ । ସ୍ୱର୍ଗଗଙ୍ଗା—1. The fabulous

river flowing in the heaven. ୨ । ଗଙ୍ଗାନଦୀ—2. The river Ganges ( Apte ). ୩ । ଦ୍ୱାଦଶାକ୍ଷର ଛନ୍ଦୋବିଶେଷ—3. Name of a metre with 12 letters. [ ଦ୍ର—ଏଥିର ପ୍ରତ୍ୟେକ ଚରଣରେ ଯଥାକ୍ରମେ ୨ ନଗଣ ଓ ୨ ରଗଣ ଥାଏ—ହି. ଶ । ] ୪ । ଆକାଶ ଗଙ୍ଗା ( ହି. ଶ )—4. The milky way. ୫ । କୁମାଳପୁରୁ ବାହାରି ଉତ୍ତର କାଶୀ ବାଟେ ବହି ଭାଗୀରଥୀ ନଦୀରେ ମିଳିଥିବା ଏକ ଛୋଟ ନଦୀ—5. Name of a small tributary of the Ganges. ୬ । ଚିତ୍ରକୂଟ ନିକଟ ଦେଇ ବହୁଥିବା ଏକ ନଦୀ ( ମହାଭାରତ; ହି. ଶ ) ( ଏହାର ଅନ୍ୟ ନାମ ପୟସ୍ୱିନୀ )—6. Name of a small river flowing by Chitrakūṭa. ୭ । ଦ୍ୱାରକା ପାଖ ଦେଇ ବହୁଥିବା ଏକ ନଦୀ ( ହରିବଂଶ; ହି. ଶ )—7. Name of a river flowing by Dwārakā.

ମନ୍ଦାକ୍ରାନ୍ତା—ସଂ. ବି ( ମନ୍ଦ+ଆକ୍ରାନ୍ତ+ଆ )—ସପ୍ତଦଶାକ୍ଷର ଛନ୍ଦୋ-
Mandākrānta ବିଶେଷ—A metre in Sanskrit consisting of 17 syllables. [ ଦ୍ର—ଏଥିରେ ୧ମ, ୪ର୍ଥ, ୧୦ମ, ୧୧ଶ, ୧୩ଶ, ୧୪ଶ, ୧୬ଶ ଓ ୧୭ଶ ବର୍ଣ୍ଣମାନ ଗୁରୁ ଏବଂ ଅନ୍ୟ ବର୍ଣ୍ଣମାନ ଲଘୁ; ଏଥିର ପ୍ରତ୍ୟେକ ଚରଣରେ ଯଥାକ୍ରମେ ମଗଣ, ଭଗଣ, ନଗଣ, ଦୁଇଟି ତଗଣ ଓ ଅନ୍ତ୍ୟ ୨ ବର୍ଣ୍ଣ ଗୁରୁ ( ହି. ଶ ) । କାଳିଦାସଙ୍କ ମେଘଦୂତ ମନ୍ଦାକ୍ରାନ୍ତା ଛନ୍ଦରେ ରଚିତ । ]

ମନ୍ଦାକ୍ଷ—ସଂ. ବି (ବହୁବ୍ରୀହି; ମନ୍ଦ=ସଙ୍କୁଚିତ ହୁଏ ଅକ୍ଷି=ଆଖି ଯାହା
Mandāksha ଯୋଗୁଁ; ମନ୍ଦ+ଅକ୍ଷି+ଅ)—୧ । ଲଜ୍ଜା; ତ୍ରପା—1. Modesty; shyness; shame; bashfulness. ୨ । (କର୍ମଧା; ମନ୍ଦ+ଅକ୍ଷି)—ସଙ୍କୁଚିତ ନେତ୍ର—2. Contracted eyes. [ଉ—ମନ୍ଦାକ୍ଷରେ କାହା ମୁଖ ଗୃହିବୁ ନାହିଁ, ଧୀଅନରେ ତା ପଶ୍ଚ ଅବା ରସିବୁ କାହିଁ—ଅଭିମନ୍ୟୁ. ବିଦଗ୍ଧଚିନ୍ତାମଣି । ] ସଂ. ବିଣ. ପୁଂ—
[ମନ୍ଦାକ୍ଷା—ସ୍ତ୍ରୀ] (ବହୁବ୍ରୀହି; ମନ୍ଦ ଅଟେ ଅକ୍ଷି ଯାହାର)—୧।ଯାହାର
(ମନ୍ଦାକ୍ଷୀ—ଦେ. ସ୍ତ୍ରୀଲିଙ୍ଗ) ନେତ୍ର ସଙ୍କୁଚିତ—1. Having contracted eyes. ୨ । ଯାହା ଆଖି ଛୋଟ—2. Small-eyed. ୩ । ଟେରା—3. Squint-eyed. ୪ । ଯାହାର ଦୃଷ୍ଟି ଶକ୍ତି କମ୍—4. Weak-eyed (Apte).

ମନ୍ଦା ଖେଳା(ଳେ)ଇବା—ଦେ. କ୍ରି—(ଶେଉଳ ଆଦି ମାଆ-ମାଛମାନେ
Mandā khelā(le)ibā ନିକଟବର୍ତ୍ତୀ ସ୍ଥାନରେ ଗଭୀର ପାଣି
[ମନ୍ଦା ଖେଳିବା—ଅନ୍ୟରୂପ] ଭିତରେ ବୁଡ଼ି ରହିବା ଓ ପାଣି ଉପରେ
ঝাঁকখেলান ଯାଆଁଳମାନେ ମନ୍ଦା ବାନ୍ଧି ଖେଳୁଥିବାର ଦେଖାଯିବାରୁ)
छबराखेलाना ନିଜର ଯାଆଁଳମାନଙ୍କୁ ଜଳ ଉପରେ ପଙ୍କ୍ତି ହୋଇ ଖେଳିବା ବେଳେ ପାଣିଭିତରେ ସେମାନଙ୍କୁ ଜଗିବା—To watch one's own fry swimming on the surface of water in circular shoals (said of the mother-fish). ୨ । ( ଲକ୍ଷଣାର୍ଥ ) ଗୁଡ଼ିଏ ସନ୍ତାନସନ୍ତତି ଜନ୍ମ କରିବା—2. (figurative) To give birth to or bring forth a bevy of children.

ମନ୍ଦା ଗଡ଼ିଶ(ଶା)—ପ୍ରାଦେ [ ବାଲେଶ୍ୱର ] ବି—ଯେଉଁ ଗଡ଼ିଶା ବା
Mandāgarḍiśa(śā) ଶେଉଳ ନିଜର ଛୋଟ ଛୋଟ ପହଣା ବା ଯାଆଁଳମାନଙ୍କ ସଙ୍ଗେ ସଙ୍ଗେ ଥାଇ ଜଗିଥାଏ—The mother Garḍiśā or Śeuḷa fish which watches her own fry swimming nearby. [ଦ୍ର—ଶତ୍ରୁର ଆକ୍ରମଣରୁ ନିଜର ଯାଆଁଳମାନଙ୍କୁ ରକ୍ଷା କରିବା ଲାଗି ଏ ଗଡ଼ିଶମାନେ ଏପରି ଜଗି ରହିଥାନ୍ତି ।]

ମନ୍ଦାଗ୍ନି—ସଂ. ବି (ମନ୍ଦ=କ୍ଷୀଣ+ଅଗ୍ନି=ଜଠରାଗ୍ନି)—କ୍ଷୁଧାମାନ୍ଦ୍ୟ; ଜୀର୍ଣ୍ଣ
Mandāgni ଶକ୍ତିର ଅଳ୍ପତା—Dullness of appetite;
[ମନ୍ଦାନଳ—ଅନ୍ୟରୂପ] slowness of digestion; apepsy; dyspepsia. ସଂ. ବିଣ (ବହୁବ୍ରୀହି)—ଯାହାର ଜୀର୍ଣ୍ଣଶକ୍ତି କ୍ଷୀଣ ଅଟେ—Having a weak digestion; dyspeptic. ଦେ.ବି—ଅଳ୍ପ ଅଳ୍ପ ଜାଳ ଦିଆଯିବାରୁ ଧିକ୍ ଧିକ୍ ହୋଇ ଜଳୁଥିବା ନିଆଁ—A slow fire.

ମନ୍ଦାତ୍ମ—ସଂ. ବିଣ (ମନ୍ଦ+ଆତ୍ମନ୍)—୧ । ନିର୍ବୋଧ—
Mandātma 1. Silly [Apte]. ୨ । ମୂର୍ଖ; ଅଜ୍ଞ—2. Ignorant [Apte].

ମନ୍ଦାଦର—ସଂ. ବିଣ. ପୁଂ (ବହୁବ୍ରୀହି; ମନ୍ଦ+ଆଦର)—୧ । ଯାହାର
Mandādara କୌଣସି ବ୍ୟକ୍ତି ବା ବିଷୟ ପ୍ରତି ଆଦର ନ
(ମନ୍ଦାଦରା—ସ୍ତ୍ରୀ) ଥାଏ—1. Having little respect for; caring little for [Apte]. ୨ । ଯେ କୌଣସି କାର୍ଯ୍ୟ ପ୍ରତି ହେଳା କରେ—2. Neglectful [Apte].

ମନ୍ଦାନିଳ—ସଂ. ବି (କର୍ମଧା)—ଧୀରେ ଧୀରେ ବହୁଥିବା ବାୟୁ—
Mandānila Breeze; gentle wind.

ମନ୍ଦା ମନ୍ଦା—ଦେ.କ୍ରି.ବିଣ-(ଛୋଟ ମାଛ ଓ ପିମ୍ପୁଡ଼ି ଆଦି) ପଙ୍କ୍ତି ପଙ୍କ୍ତି ହୋଇ—
Mandā mandā In shoals (said of small fishes,
ঝাঁকঝাঁক झुंडकेझुंड ants etc); in swarms.

ମନ୍ଦା ଯାଦୁ—ଦେ. ବି—ଦେହରେ ମନ୍ଦା ମନ୍ଦା ହୋଇ ଭିନ୍ନ ଭିନ୍ନ ସ୍ଥାନରେ
Mandā jādu ଯେଉଁ ଯାଦୁ ଦେଖାଯାଏ—Ringworm
চাকতিদাদ appearing in circular patches on
चकत्तादाद different parts of the body.

ମନ୍ଦାର—ପ୍ରାଦେ (ସିଂହଭୂମ) ବି—ନେଉଆ; ଆତ—
Mandār Custard apple.

ମନ୍ଦାର—ସଂ. ବି (ମନ୍ଦ୍. ଧାତୁ=ପ୍ରୀତ ହେବା+କରଣ. ଅର)—
Mandāra ୧ । ସ୍ୱର୍ଗୀୟ ଦେବତରୁ ବିଶେଷ; ପୁରାଣୋକ୍ତ ସ୍ୱର୍ଗର
মাদার, জবা; জুভা, ওরু ୫ ଗୋଟି ବୃକ୍ଷରୁ ଏକତମ—1. One
जासून, जासुवंड of the 5 celestial trees men-
ତା. ଶପ୍ପାଥପ୍ ପୂ tioned in the Purāṇas. [ଦ୍ର—
ତେ. ଜବାପୁଷ୍ପମୁ, ମଣମା ଅନ୍ୟ ୪ଟି ତରୁ ଯଥା-ପାରିଜାତ,ସନ୍ତାନ,

କଳ୍ପବୃକ୍ଷ ଓ ହରିଚନ୍ଦନ । ] ୨ । ଜବାଫୁଲ ଓ ଗଛ— 2. The china rose (tree and flower) Hibiscu Rosa Sinensis; the coral tree. [ ଦ୍ର—ଏ ଗଛ ଉଚ୍ଚତାରେ ୫।୬ ହାତ ହୁଏ । ଏ ଗଛରେ ଫଳ ବା ମଞ୍ଜି ଧରିବା ଦେଖା ଯାଏ ନାହିଁ । ମନ୍ଦାର ଫୁଲର ମଝିରୁ ଗୋଟିଏ ସ୍ତମ୍ଭ ବାହାରି ବାହାର ଥାଏ । ପାଖୁଡ଼ା ଭେଦରେ ମନ୍ଦାରର ପ୍ରକାର ମାନ ଯଥା—ଏକପ୍ରସ୍ଥିଆ, ଦୋପ୍ରସ୍ଥିଆ । ପୁଣି ବର୍ଣ୍ଣ ଭେଦରେ ଧଳା, ହଳଦିଆ, ନାଲି ଓ ଫିକା ରଙ୍ଗର ମନ୍ଦାର-ମାନ ଅଛି । ଏକପ୍ରକାର ଏକପ୍ରସ୍ଥିଆ ନାଲି ମନ୍ଦାରର ଗର୍ଭ କାଣ୍ଡର ଅଗରେ ପାଞ୍ଚ ଗୋଟି ଶାଖା ବାହାରେ ଓ ଏ ଫୁଲର ପାଖୁଡ଼ା ୫ଟି । ଏହାକୁ ପଞ୍ଚମୁଖୀ ମନ୍ଦାର କହନ୍ତି । ଏକ ପ୍ରକାର ମନ୍ଦାର ଘନ ସନ୍ନିବିଷ୍ଟ ପାଖୁଡ଼ାଯୁକ୍ତ ଓ ଏକ ପ୍ରକାର ମନ୍ଦାର ଫୁଲ ୫ଟି ବଡ଼ ଓ ପାଖୁଡ଼ାବିଶିଷ୍ଟ ଦେଖାଯାଏ, ତାକୁ ମଧ୍ୟ ପଞ୍ଚମୁଖୀ ମନ୍ଦାର ବୋଲାଯାଏ । ସାଧାରଣତଃ ଦେବୀ ପୂଜାରେ ଓ ସୂର୍ଯ୍ୟ ଗ୍ରହଙ୍କ ପୂଜାରେ ମନ୍ଦାର ଫୁଲ ଲାଗେ ।] ୩ । ଅର୍କ ବା ଅକନ୍ଦ ଗଛ— 3. The mudar plant; Calotropis Gigantea. ୪ । ପାରିଭଦ୍ର; ପାଲଧୁଅ ଗଛ ଓ ଫୁଲ— 4. The Indian coral flower and the tree; Erithrina Indica. ୫ । ତୀର୍ଥବିଶେଷ—5. Name of a sacred place of pilgrimage. [ଦ୍ର— ଏହା ବନ୍ଧ୍ୟ ପର୍ବତର ପାର୍ଶ୍ୱରେ—(ହି. ଶ) ।] ୬ । (ମନ୍ଦ ଧାତୁ+କର୍ତ୍ତି. ଅର; ଯେ ପରର ଅନିଷ୍ଟରେ ପ୍ରୀତ ହୁଏ)—ଧୂର୍ତ୍ତ ବ୍ୟକ୍ତି; ଶଠ—6. A wicked person; a cheat. ୭ । ମଙ୍ଗଳ ଗ୍ରହ—7. The planet Mars. ( ଉ—ମନ୍ଦାର ଚଳନେ ଘନ ରସ ବୃଷ୍ଟି ହେବାର ସୂଚକ ନୁହିଁ । ଅଭିମନ୍ୟୁ. ବିଦଗ୍ଧଚିନ୍ତାମଣି । ) ପ୍ରାଦେ. (ସିଂହଭୂମି) ବି—ଆତ ଫଳ—Custard apple.

**ମନ୍ଦା ଶେଉଳ**—ପ୍ରାଦେ. (ବାଲେଶ୍ୱର) ବି—ମନ୍ଦା ଗଡ଼ିଶ (ଦେଖ)—
Mandā seuḷa Mandā gaṛdisa (See)

**ମନ୍ଦାସା**—ଗଞ୍ଜାମ ଜିଲ୍ଲାର ଗୋଟିଏ ବଡ଼ ଜମିଦାରୀ ମହାଲର
Mandāsā ଇଂରାଜି ନାମ—Mandassa, the name of an Estate in district Ganjam.

**ମନ୍ଦାସ୍ୟ**—ସଂ. ବି—(ବହୁବ୍ରୀହି ମନ୍ଦ+ଆସ୍ୟ=ମୁଖ)—୧ । ଲଜ୍ଜା; ଲଜ୍ଜା-
Mandāsya 1. Shame; bashfulness. ୨ । (କର୍ମଧା) ସଙ୍କୁଚିତ ମୁଖ—2. Contracted face.

**ମନ୍ଦିଏ**—ଦେ. ବି ଓ ବିଣ—ମନ୍ଦଏ; ଅଳ୍ପ ପରିମିତ (ତରଳ ପଦାର୍ଥ)—
Mandie A little quantity (of liquid). (ଉ—ସେ ଘୋଡ଼ାଟିଆ ପାଣି ମନ୍ଦିଏ ପିଇଲେ, ମନ୍ଦିଏ ମସ୍ତକ ଉପରେ ଢାଳିଦେଲେ । କୃଷ୍ଣସିଂହ. ମହାଭାରତ ଅନୁଶାସନ ।)

**ମନ୍ଦିକ**—ଦେ. ବିଣ. ଓ ବି—ମନ୍ଦିଏ ମାତ୍ର (ଜଳ)—
Mandika A little quantity only (of water).

**ମନ୍ଦିର**—ସଂ. ବି—(ମନ୍ଦ୍ ଧାତୁ=ନିଦ୍ରା ଯିବା+ଅଧିକରଣ ଇର; ଯେଉଁ-
Mandira ଠାରେ ଲୋକେ ନିଦ୍ରା ଯାଆନ୍ତି ।)—୧ । ଗୃହ; ଭବନ ଆବାସ; ବାସ ଗୃହ—1. Residence; house; dwelling; abode. ୨ । ପୁର—2 Premises. ୩ । ଦେଉଳ; ଦେବ ଗୃହ—3. A temple; a pagoda. ୪ । ନଗର—4. Town. ୫ । ଦେବାରାଧନ ସ୍ଥାନ; ଉପାସନା ଗୃହ—5. A place of worship; church. ୬ । ସମୁଦ୍ର—6. The ocean; the sea. ୭ । ଜାନୁର ବା ଆଣ୍ଠୁର ପଶ୍ଚାଦ୍ଭାଗ—7. The back of the knee. ୮ । ଜଙ୍ଘର ପଛ—8. Ham. ୯ । ଶିବିର; ସେନାନିବାସ (ହି. ଶ)—9. Camp (Apte).

**ମନ୍ଦିର କମି(ମେ)ଟି**—ଦେ. ବି.—(ସଂ. ମନ୍ଦିର+ଇଂ କମିଟି)—
Mandira kami(me)ṭi କୌଣସି ଦେବତାଙ୍କ ପାଇଁ ଲାଗି ଥିବା ଜମିର ଆୟରୁ ଦେବ ମନ୍ଦିରର ସେବା ଆଦି ପରିଚାଳନାର୍ଥ ୧୮୬୩ ସାଲର ୨୦ ଆଇନ ଅନୁସାରେ ଜିଲ୍ଲାର ଜଜଙ୍କ ଦ୍ୱାରା ନିଯୁକ୍ତ ସମିତି—Endowment committee appointed for managing the endowment attached to a temple in pursuance of Act XX of 1863. [ ଦ୍ର—ମାନ୍ଦ୍ରାଜରେ ଏପରି କମିଟିମାନଙ୍କୁ 'ଦେବସ୍ଥାନମ୍ କମିଟି' ବୋଲାଯାଏ । କେତେକ ସାଧାରଣ ମନ୍ଦିରର ପରିଚାଳନାର୍ଥ ସରକାର ଗୋଟିଏ ଆଇନ୍ କରିଅଛନ୍ତି । ସେହି ଆଇନ୍‌ଦ୍ୱାରା ହିନ୍ଦୁଙ୍କ ମନ୍ଦିର ଓ ମୁସଲମାନଙ୍କ ମସ୍‌ଜିଦ୍ ପାଇଁ ଲାଗିଥିବା ସମ୍ପତ୍ତିର ଆୟରୁ ନିର୍ଦ୍ଧାରିତ ସେବା ପୂଜା ଓ ସଦାବ୍ରତ ଚଳାଇବା ପାଇଁ ଜଜ୍‌ସାହେବ ୩ ରୁ ଅଧିକ ଓ ୬ରୁ କମ୍ ମେମ୍ବର ସମ୍ବଳିତ କମିଟି ମନୋନୀତ କରନ୍ତି । ଓଡ଼ିଶାରେ ପୁରୀ ସହରର ଜଗନ୍ନାଥ ବଲ୍ଲଭ ମଠ, ପୁରୀ ଜିଲ୍ଲାର ସତ୍ୟବାଦୀ, ବାଣପୁର ଓ ଭୁବନେଶ୍ୱର, କଟକ ଜିଲ୍ଲାର ଝଙ୍କଡ଼, କେନ୍ଦ୍ରାପଡ଼ା ବଳଦେବ ଜିଉ ଆଦି ମନ୍ଦିରର ମନ୍ଦିରକମେଟି ଓ କଟକର କଦମ୍‌ରସୁଲର ପରିଚାଳନାର୍ଥ କମିଟି ଅଛନ୍ତି । କମିଟିର ମେମ୍ବରମାନେ ଆଜୀବନ ମେମ୍ବର ପଦରେ ନିଯୁକ୍ତ ହେଉଥିବାରୁ ଓ ସେମାନଙ୍କ କାର୍ଯ୍ୟକୁ ତନ୍ନତନ୍ନ ପରୀକ୍ଷା କରିବା ପାଇଁ କେବଳ ମକଦମାରେ ଜଜ୍‌ସାହେବଙ୍କର ଅଧିକାର ନ ଥିବାରୁ ଓ ଓଡ଼ିଶାର ହିନ୍ଦୁ ସାଧାରଣଙ୍କର ସାଧାରଣ କାର୍ଯ୍ୟ ସମ୍ବନ୍ଧେ ତୀବ୍ର ଦୃଷ୍ଟି ଓ ଠାଣୁଆ ଜନମତ (Public spirit or public opinion) ର ଅଭାବରୁ ଅଧିକାଂଶ କମେଟିଙ୍କର କାର୍ଯ୍ୟକଳାପ ଓ ପରିଚାଳନ ଅନିନ୍ଦ୍ୟ ନୁହେଁ ।]

**ମନ୍ଦିର ଚୂଡ଼ା**—ସ. ବି—(ଷଷ୍ଠୀ ତତ୍)—ଦେଉଳର ଅଗ—
Mandira chūṛā The spire of a temple.

**ମନ୍ଦିର ପଶୁ**—ସ. ବି ( ମ. ପ. ଲୋ; ମନ୍ଦିର ବିହାରୀ ପଶୁ )—ବିରାଡ଼ି—
Mandira pasu A cat (Apte).

ମନ୍ଦିରା—ସଂ. ବି (ମନ୍ଦ ଧାତୁ+କରଣ ଇର+ଅ)—୧ । କାଂସ୍ୟନିର୍ମିତ
Mandirā କ୍ଷୁଦ୍ର ଝାଞ୍ଜ; ଗିନି (ହି. ଶ)—1. Small cymbals of bell metal. (ଉ—ଗ ଅକ୍ଷର ହୋଇଛି
मन्दिरा
मञ्जिरा, मजीरा ମନ୍ଦିରା ସେ ଗିନି, ସ୍ୱର ଶବଦ ବାଜୁଅଛି ହଁଣିହଁଣି
ପ୍ରାଚୀ. ବ୍ରହ୍ମନିରୂପଣ ଗୀତା ।) ୨ । (ମନ୍ଦ ଧାତୁ+ଅଧି
କରଣ. ଇର+ଅ)—ଘୋଡ଼ାଶାଳ; ଅଶ୍ୱଶାଳା (ହି. ଶ)—
2. Stable (Apte).

ମନ୍ଦୀକୃତ—ସଂ. ବଣ (ମନ୍ଦ+ଅଭୂତଭାବେ ଚ୍ୱି+କୃତ)—ପୂର୍ବେ ମନ୍ଦ
Mandīkruta ନ ଥିବା, କିନ୍ତୁ ବର୍ତ୍ତମାନ ମନ୍ଦ କରି ଯାଇଥିବା-
(ମନ୍ଦୀକରଣ—ବି) Rendered slow; weakened, diminished; relaxed, slackened.

ମନ୍ଦୀଭୂତ—ସଂ. ବଣ ( ମନ୍ଦ+ଅଭୂତ ତଦ୍ଭାବେ ଚ୍ୱି+ଭୂତ )—
Mandībhūta ୧ । ଜଡ଼ୀଭୂତ—1. Grown inert.
(ମନ୍ଦୀଭାବ—ବି) ୨ । ଅଧୁନା କ୍ଷୀଣ ହୋଇଥିବା—2. Recently emaciated; become weak. ୩ । କମି
ଯାଇଥିବା—3. Become less, diminished.
୪ । ସମ୍ପୂର୍ଣ୍ଣ ଶିଥିଳ ହୋଇଥିବା—4. Become slack; diminished.

ମନ୍ଦୁରା—ସଂ. ବି (ମନ୍ଦ୍ ଧାତୁ=ନିଦ୍ରା ଯିବା+ଅଧିକରଣ ଉର+ଆ;
Mandurā ଯହିଁରେ ଅଶ୍ୱ ନିଦ୍ରା ଯାଏ)—୧ । ଅସ୍ତାବଲ;
ଅଶ୍ୱଶାଳା—1. A stable. ୨ । ଶଯ୍ୟା—
2. A bed (Apte). ୩ । (ଯାହା ଉପରେ ଲୋକେ
ଶୁଅନ୍ତି) ଦେଁସ; ମୁନ୍ଦୁସ; ତୃଣ ନିର୍ମିତ ଆସନ—3 A mat; a mat of reeds. [ ଦ୍ର—ନଳ, କେରୁଆଁ, କାଣ୍ଡ-
କାଣ୍ଡିଆ ବା ସନ୍ତରା ଆଦି ତୃଣର ଡାଙ୍ଗକୁ ଚାଣି ବା
ସରୁ ଚୋଇ କରି ବୁଣି ଏହା ତିଆର କରାଯାଏ । ମନ୍ଦୁରା
ଶବ୍ଦ ସଂସ୍କୃତ, ଏହାର ଅନ୍ୟ ସଂସ୍କୃତ ନାମ ମନ୍ଦୋଦରୀ । ]

ମନ୍ଦୁରା କାନି—ଦେ. ବି ( ସଂ. ମନ୍ଦୁରା+ବର୍ତ୍ତିକା )—ମୁନ୍ଦୁସ କାନି; ଦେଁସ
Mandurā kāni କାନି; ଛିଣ୍ଡା ହୋଇଥିବା ଦେଁସର ଶେଷ ଅଂଶ-
माहुर कानि The end of a spread mat.
चटाइका कात

ମନ୍ଦୁରା ଗୁଡ଼ି—ଦେ. ବି—ଅଂଶତଃ ଗୁଡ଼ିଆ ହୋଇଥିବା ଦେଁସର
Mandurā gurḍi ଗୁଡ଼ିଆ ଅଂଶ—The roller-like
गुटान माहुर part of a partially rolled up mat
चटाईकी गुडी, मोडि हुई चटाई

ମନ୍ଦୁରିକ—ସଂ. ବି. ପୁଂ (ମନ୍ଦୁରା+ଇକ)—ଘୋଡ଼ା ସଇସ (ହି. ଶ)—
Mandurika Syce; a groom.

ମନ୍ଦେ—ଦେ. ବଣ—ମନ୍ଦାଏ ( ଦେଖ )
Mande ଏକଟୁ थोडा Mandāe ( See )
मन्द मन्द मन्द् मन्द् ଦେ. (ପଦ୍ୟ) କ୍ରି.ବଣ (ସଂ.ମନ୍ଦଂମନ୍ଦଂ)—
ଧୀରେ ଧୀରେ—Slowly.

ମନ୍ଦେଣ—ଗ୍ରା. କ୍ରି. ବଣ (ପ୍ରାଚୀନ ପଦ୍ୟ)—ମନ୍ଦେ ( ଦେଖ )
Mandeṇa Mande ( See )

(ଉ—ଶୁଣି ଗୋବନ୍ଦ ମନସିଜ ମନ୍ଦେଣ ବୋଇଲେ ସଜନ ।
ପ୍ରାଚୀ. ରସକାରିଧି ।)

ମନ୍ଦେ ମନ୍ଦେ—ଦେ. କ୍ରି. ବଣ ( ସଂ. ମନ୍ଦଂ ମନ୍ଦଂ )—
Mande mande ଧୀରେ ଧୀରେ—Slowly.
मन्द मन्द (ଉ—ବେନି ପାଶରେ ମନ୍ଦେ ମନ୍ଦେ ଚାଳନା କ
मन्द् मन्द् କହୁଛ ବଚନରେ । ସାନକୃଷ୍ଣ ଜଗମୋହନ ।)

ମନ୍ଦେହ—ସଂ. ବି (ମନ୍ଦ ଅଟେ ଈହା=ଚେଷ୍ଟା ଯାହାଙ୍କର, ବହୁବ୍ରୀହି;
Mandeha ମନ୍ଦ+ଈହା)—ରାକ୍ଷସଗଣ ବିଶେଷ (ଏମାନଙ୍କର
ସଂଖ୍ୟା ସାଢ଼େ ତିନ କୋଟି)—A class of demons, 35 millions in number.

ମନ୍ଦେହା—ସଂ. ବି (କର୍ମଧା, ମନ୍ଦ+ଈହା)—ମନ୍ଦ ଚେଷ୍ଟା—
Mandehā Evil endeavour.

ମନ୍ଦୋଚ୍ଚ—ସଂ. ବି ( ଗଣିତ ଜ୍ୟୋତିଷ )—ଗ୍ରହମାନଙ୍କ ଗତିରେ କକ୍ଷକ୍ରମ
Mandochha କକ୍ଷାଂଶ—(astrology) The lower apsis of a planet (Apte).

ମନ୍ଦୋତ୍ସାହ—ସଂ. ବଣ. ପୁଂ (ବହୁବ୍ରୀହି; ମନ୍ଦ+ଉତ୍ସାହ)—ନିରୁତ୍ସାହ—
Mandotsāha Discouraged; one whose zeal
(ମନ୍ଦୋତ୍ସାହା—ସ୍ତ୍ରୀ) has abated; dispirited (Apte).
(ମନ୍ଦୌତ୍ସୁକ୍ୟ—ଅନ୍ୟରୂପ)

ମନ୍ଦୋଦରୀ—ସଂ. ବଣ. ସ୍ତ୍ରୀ (ମନ୍ଦ=କୃଶ ଅଟେ ଉଦର ଯାହାର;
Mandodarī ବହୁବ୍ରୀହି; ମନ୍ଦ+ଉଦର+ସ୍ତ୍ରୀ. ଈ)—କୃଶୋଦରୀ
—(a woman) Having a thin or slender belly. [ଦ୍ର—ମନ୍ଦୋଦର ସୁନ୍ଦରୀ ସ୍ତ୍ରୀମାନଙ୍କର ସୁଲକ୍ଷଣ
ରୂପେ ଗଣ୍ୟ ।] ସଂ. ବି.ସ୍ତ୍ରୀ—୧ । ମୟଦାନବର ଔରସରେ
ହେମା ନାମ୍ନୀ ଅପ୍ସରା ଗର୍ଭଜାତା କନ୍ୟା ଓ ରାବଣର
ପ୍ରଧାନ ମହିଷୀ—1. The chief queen of Rābaṇa and daughter of Maya dānaba. [ ଦ୍ର—ଏ
ମେଘନାଦ (ଇନ୍ଦ୍ରଜିତ) ଓ ଅକ୍ଷୟକୁମାର ଆଦିଙ୍କ ମାତା ।
ରାବଣର ମୃତ୍ୟୁ ପରେ ରାମଚନ୍ଦ୍ରଙ୍କ ଅନୁରୋଧରେ ଏ ବିଭୀଷଣଙ୍କୁ
ବିବାହ କରିଥିଲେ । ଅହଲ୍ୟା, ଦ୍ରୌପଦୀ, କୁନ୍ତୀ ଓ ତାରାଙ୍କ
ସଙ୍ଗେ ଏ ଜଣେ ସତୀ ବା କନ୍ୟା ବୋଲି ଲେଖା ଅଛି ।
ପ୍ରତିଦିନ ସକାଳେ ପଞ୍ଚସତୀ ବା ପଞ୍ଚକନ୍ୟାଙ୍କ ନାମ ସ୍ମରଣ
କଲେ ମହାପାତକ ନାଶ ହୁଏ ।] ୨ । ମୁନ୍ଦୁସ; ଦେଁସ—
2. A reed mat.

ମନ୍ଦୋଷ୍ଣ—ସଂ. ବଣ (ମନ୍ଦ+ଉଷ୍ଣ)—କବୋଷ୍ଣ; ସାମାନ୍ୟ ଉଷ୍ଣ—
Mandoshṇa Tepid; luke-warm.

ମନ୍ଦ୍ର—ସଂ. ବଣ (ମନ୍ଦ୍ ଧାତୁ=ପ୍ରୀତ ହେବା+କରଣ. ର)—
Mandra ୧ । ଗମ୍ଭୀର ଧ୍ୱନି—1. Grave (sound); deep
୨ । ଘଡ଼ଘଡ଼ ଧ୍ୱନିଯୁକ୍ତ (ଶବ୍ଦ)—2. Rumbling (sound). ୩ । ନିମ୍ନ (ଶବ୍ଦ)—3. Low sound
(Apte). ୪ । (+କର୍ମ. ର) ପ୍ରଶଂସନୀୟ—
4. Praiseworthy (Apte). ୫ । ମନୋହର;
ସୁନ୍ଦର ( ହି. ଶ )—5. Pleasant; pleasing.

୬ । ପ୍ରସନ୍ନ; ହୃଷ୍ଟ (ହୃ. ଶ)—6. Delighted; joyful. ସଂ. ବି—୧ । ଗମ୍ଭୀର ଧ୍ୱନି—1. A deep or grave sound. (ଯଥା—ମେଘର ଧ୍ୱନି ।) ୨ । ଧ୍ୱନି; ଶବ୍ଦ—2. Sound; tone. ୩ । ନିମ୍ନ ଧ୍ୱନି—3. Low sound (Apte). ୪ । ( +କରଣ. ଋ ) ଅନବଦ୍ଧ ବାଦ୍ୟଯନ୍ତ୍ରବିଶେଷ; ମୃଦଙ୍ଗ ( ହୃ. ଶ )—4. A sort of drum ( Apte ). ୫ । ସଙ୍ଗୀତର ସ୍ୱରବିଶେଷ; ଉଦାତ୍ତ ସ୍ୱର ( ହୃ. ଶ )—5. Low tune in music. ୬ । ଏକଜାତୀୟ ହାତୀ ( ହୃ. ଶ )—6. A kind of elephant [ Apte ].

ମନ୍ନାଥ—ସ ବି. ପୁଂ ( ଅସ୍ମଦ୍+ନାଥ; ୬ଷ୍ଠୀ ତତ୍ )—ମୋହର ସ୍ୱାମୀ Mannātha ବା ପ୍ରଭୁ—My master; my lord. [ଉ—ମନ୍ନାଥ ବିଶ୍ୱନାଥ ସକଳ ଗୁଣ ଧାମ—ତୁଳସୀ. ରାମ ରାମାୟଣ । ]

ମନ୍ୱନ୍ତର—ସ. ବି (ମନୁ+ଅନ୍ତର; ଏକ ମନୁଙ୍କର ଅନ୍ତର ହୁଏ ଯହିଁରେ; Manwantara ବହୁବ୍ରୀହି)—୧ । ୩୦ କୋଟି ୬୭ ଲକ୍ଷ ୨୦ ହଜାର ବର୍ଷ ବ୍ୟାପୀ କାଳ; ଦେବତାମାନଙ୍କର ୭୧ଟି ଯୁଗ—1. The period of the reign of one of the 14 Manus. [ ଦ୍ର—ପ୍ରଜାପତିଙ୍କର ୧୪ଟି ମାନସ ପୁତ୍ର ବା ମନୁଙ୍କ ମଧ୍ୟରୁ ପ୍ରତ୍ୟେକେ ଦେବତାମାନଙ୍କର ୭୧ ଯୁଗ ବା ଚତୁର୍ଯୁଗର ୭୧ ଚତୁର୍ଯୁଗ ବ୍ୟାପୀ କାଳ ରାଜତ୍ୱ କରନ୍ତି । ଏହା ବ୍ରହ୍ମାଙ୍କର ଏକ ଦିବସର ୧୪ ଭାଗରୁ ଏକ ଭାଗ ( ହୃ. ଶ ) । ମତାନ୍ତରରେ ଏହା ୪୩ ଲକ୍ଷ ୨୦ ହଜାର ମାନୁଷ ବର୍ଷର କାଳ ଅଟେ ( Apte ). ୧୪ଟି ମନ୍ୱନ୍ତର ହେଲେ ବ୍ରହ୍ମାଙ୍କ ଗୋଟିଏ ଦିବସ ହୁଏ । ଏକ ମନୁଙ୍କର ରାଜତ୍ୱର ଶେଷ ହେଲେ ପ୍ରଳୟ ଉପସ୍ଥିତ ହୁଏ । ବର୍ତ୍ତମାନ ୭ମ ମନୁ ବା ବୈବସ୍ୱତ ମନୁଙ୍କର ରାଜତ୍ୱ କାଳର ଅଷ୍ଟାବିଂଶ ଯୁଗର ୧ମ ଭାଗ ଭୋଗ ହେଉଅଛି ।] ୨ । ପୁରାଣର ଦଶ ଲକ୍ଷଣ ମଧ୍ୟରୁ ଏକତମ—2. One of the ten characteristics of a Purāṇa. ଦେ. ବି—ମନ୍ୱନ୍ତର ( ଦେଖ )—Manwantarā ( See )

ମନ୍ୱନ୍ତରା—ଦେ. ବି—(ସ. ମନ୍ୱନ୍ତର) ( ଲକ୍ଷଣାର୍ଥ )—ଖଣ୍ଡପ୍ରଳୟ (ଜଳ-Manwantarā ପ୍ଳାବନ ଓ ଦୁର୍ଭିକ୍ଷାଦି)—A partial deluge मन्वन्तर[रा] (consisting of flood and famine). [ ଦ୍ର—मन्वन्तर ବଙ୍ଗଦେଶରେ ସନ ୧୧୭୬ ସାଲରେ ଯେଉଁ ବନ୍ୟା ଓ ଦୁର୍ଭିକ୍ଷ ପଡ଼ିଥିଲା ତାକୁ ବଙ୍ଗଦେଶରେ 'ଛୟାତ୍ତରରେ ମନନ୍ତର ବା ମନ୍ୱନ୍ତରା କହନ୍ତି । ]. ସ. ବି—ପ୍ରାଚୀନ କାଳରେ ଆଷାଢ଼ ଶୁକ୍ଳଦଶମୀ, ଶ୍ରାବଣ କୃଷ୍ଣଅଷ୍ଟମୀ ଓ ଭାଦ୍ର ଶୁକ୍ଳତୃତୀୟାରେ ଅନୁଷ୍ଠିତ ଉତ୍ସବବିଶେଷ (ହୃ. ଶ)—A festival observed in ancient times on particular days of the months of Āshārdha, Srābaṇa and Bhādra.

ମନ୍ୱନ୍ତ—ଗ୍ରା. ବି—ମନ୍ୱନ୍ତର ( ଦେଖ )—Manwantara (See) Manwantra [ ଉ—ଅନେକ ସ୍ଥାନ ଶାସ୍ତ୍ର କହିଲେ, ସ୍ୱାୟମ୍ଭୁ ମନ୍ୱନ୍ତ ପାଳିଲେ—ଜଗନ୍ନାଥ. ଭାଗବତ । ]

ମନ୍ମଥ—ସ. ବି ( ମନସ୍+ମଥ ଧାତୁ=ମନ୍ଥନ କରିବା+କର୍ତ୍ତୃ. ଅ; ଯାହା Manmatha ମନକୁ ମନ୍ଥି ପକାଏ )—୧ । ମଦନ; ମନସିଜ; କନ୍ଦର୍ପ; କାମଦେବ—1. The Deity Cupid. ୨ । ପ୍ରେମ; ପ୍ରୀତି; ପ୍ରଣୟ—2. Love. ୩ । ଇନ୍ଦ୍ରିୟଭୋଗ-ଲିପ୍ସା; କାମଚିନ୍ତା—3. Lust; amorous passion. ୪ । କପିତ୍ଥ; କଇଥ ( ହୃ. ଶ )—4. Wood apple [ Apte ]. ଦେ. ବି—ପୁରୁଷଙ୍କୁ ଦିଆଯିବା ନାମ—A name given to males.

ମନ୍ମଥ ପ୍ରିୟା—ସ. ବି (୬ଷ୍ଠୀ ତତ୍)—କାମଦେବଙ୍କର ପତ୍ନୀ; ରତିଦେବୀ—Manmatha priyā The wife of God Cupid.

ମନ୍ମଥ ଲେଖ—ସ. ବି ( ମ. ପ. ଲୋ )—ପ୍ରଣୟ ପତ୍ରିକା ( ହୃ. ଶ )—Manmatha lekha Love-letter ( Apte ).

ମନ୍ମଥାନନ୍ଦ—ସ. ବି ( ମନ୍ମଥ+ଆନନ୍ଦ )—ଏକପ୍ରକାର ଉତ୍କୃଷ୍ଟ ଆମ୍ବ—Manmathānanda A kind of mango [ Apte ].

ମନ୍ମଥାଳୟ—ସ. ବି (ମନ୍ମଥ+ଆଳୟ)—୧ । ଆମ୍ବଗଛ ( ହୃ. ଶ )—Manmathālaya 1. The mango tree ( Apte ). ୨ । ପ୍ରେମୀ ଓ ପ୍ରେମିକାଙ୍କ ମିଳନ ସ୍ଥଳ; ବିହାର ସ୍ଥଳ ( ହୃ. ଶ )—2. A trysting place; a meeting place of lovers.

ମନ୍ମଥୀ—ସ. ବିଣ. ପୁଂ ( ମନ୍ମଥ+ଇନ୍; ୧ମା. ୧ବ )—କାମୁକ; କାମୀ Manmathī (ହୃ. ଶ)—Amorous; enamoured (Apte). ( ମନ୍ମଥିନୀ—ସ୍ତ୍ରୀ )

ମନ୍ମନ—ସ. ବି ( ମନ୍ ଧାତୁ=ପ୍ରକାଶ କରିବା+କର୍ତ୍ତୃ. ମନ )—Manmana ୧ । ଗଦ୍ଗଦ ବା ଅସ୍ପଷ୍ଟ ଶବ୍ଦ—1. Tremulous or choked voice. ୨ । ଦମ୍ପତିଙ୍କ ମନ ଜଳ୍ପିତ—2. Confidential whisperings between husband and wife (Apte). ୩ । କାମଦେବ—3. The God of love (Apte).

ମନ୍ମନା(ନାଃ)—ସ. ବିଣ. ପୁଂ (ବହୁବ୍ରୀହି; ଅସ୍ମଦ୍+ମନସ୍; ୧ମା. ୧ବ)—Manmanā[nāḥ] ମୋ ଠାରେ ମନକୁ ଯେ ସମର୍ପଣ କରିଅଛି—One who has dedicated his mind to me

ମନ୍ମୋହନ—ଗ୍ରା. ବି. ପୁଂ ( ସ. ମନୋମୋହନ ) -ଲୋକଙ୍କୁ ଦିଆ Manmohana ଯିବା ନାମ—A name given to males. मनमोहन ଦେ. ବିଣ. ପୁଂ—ମନୋମୋହନ; ମନୋମୋହନକାରୀ—मनमोहन Charming; enchanting. ( ମନ୍ମୋହନୀ; ମନ୍ମୋହନୀ, ମନ୍ମୋହେନୀ—ସ୍ତ୍ରୀ )

ମନ୍ୟ—ସ. ବିଣ. ପୁଂ—(ମନ ଧାତୁ+କର୍ତ୍ତୃ. ଯ; ଅନ୍ୟ ବିଶେଷଣ ଶବ୍ଦ Manya ପରେ ସମାସରେ ଲାଗେ, ଯଥା ପଣ୍ଡିତମନ୍ୟ; ସୁଭଗଂ (ମନ୍ୟା—ସ୍ତ୍ରୀ) ମନ୍ୟା)—୧ । ଯେ ଆପଣାକୁ (ଅମୁକ) ବୋଲି ବିଶ୍ୱରେ 1. Thinking oneself to be. ୨ । ଯେ ଆପଣାକୁ (ଅମୁକ) ପରି ଦେଖାଇ ହୁଏ—2. Appearing as.

ମନ୍ୟା—ସ. ବ—(ମନ୍ ଧାତୁ=ବୋଧ କରିବା+କର୍ମ. ଯ+ସ୍ତ୍ରୀ. ଆ)—
Manyā ୧ । ବେକ ଶିର; ଗ୍ରୀବାର ପଶ୍ଚାଦ୍ଭାଗସ୍ଥ ଶିର; ବେକ (ମନ୍ୟକା—ଅନ୍ୟରୂପ) ଶିର—1. The muscles on the back of the neck. ୨ । ବେକମୂଳ—2. The nape of the neck. ୩ । (+ଜ୍ଞାନ. ଯ+ଆ)—ଜ୍ଞାନ—3. Knowledge.

ମନ୍ୟାସ୍ତମ୍ଭ—ସ. ବ—(ଆୟୁର୍ବେଦ)—ରୋଗବିଶେଷ, ଯହିଁରେ ବେକର Manyā stambha ଶିର ଅବଶ ହୋଇଯାଏ—A disease; paralysis of the muscles on the back of the neck.

ମନ୍ୟୁ—ସ. ବ.—(ମନ୍ ଧାତୁ+କର୍ମ. ଯୁ)—୧ । ଦୈନ୍ୟ; ଦୀନତା—
Manyu 1. Distress; wretched condition. ୨ । କ୍ଲେଶ—2. Vexatio . ୩ । ଶୋକ—3. Grief; sorrow. ୪ । ଘୃଣା—4. Hatred. ୫ । ଅହଙ୍କାର—5. Pride; arrogance. ୬ । କ୍ରୋଧ—6 Anger; rage; wrath;passio n. ୭ । ଘୋଡ଼ା ଆଦିଙ୍କର ତେଜ ପଣ—7. Spirit; mettle; courage (as of a horse) [Apte] ୮ । ଉତ୍ସାହ—8. Ardour; zeal [Apte] ୯ । ସ୍ତୋତ୍ର—Hymn. ୧୦ । (+କରଣ. ଯୁ) ଯଜ୍ଞ—10. A vedic sacrifice or offering. ୧୧ । (+କର୍ତ୍ତୃ. ଯୁ) କ୍ଷତ୍ରିୟବିଶେଷ—11. A class of Kshatriyas. ୧୨ । ଶିବ (ବ୍ରୁ. ଅ)—12. An epithet of Śiba (Apte). ୧୩ । ଅଗ୍ନି (ବ୍ରୁ. ଅ)—13. An epithet of Agni or fire.

ମନ୍ୟୁ ଦେବ—ସ. ବ—(ରୂପକ)—ଦେବରୂପେ କଳ୍ପିତ କ୍ରୋଧ (ବ୍ରୁ.
Manyu deba ଅ.)—Anger personified; the personification of wrath.

ମନ୍ୟୁମାନ୍—ସ. ବି.ପୁଂ—(ମନ୍ୟୁ+ମତ୍; ୧ମା. ୧ବ)—୧ । କ୍ରୋଧୀ;
Manyumān କ୍ରୋଧକ ସ୍ୱଭାବ—1. Angry; wrathful (ମନ୍ୟୁମତୀ—ସ୍ତ୍ରୀ) (Apte) ୨ । ଶୋକାକୁଳ—2. Distressed; afflicted (Apte) ୩ । ତେଜସ୍ୱୀ—3 Energetic; vehement(Apte).

ମନ୍ସୁବା—ବୈଦେ. ବ. (ଫା)—ମନ୍‌ସୁବା (ଦେଖ)
Mansubā Man-subā (See)

ମଫ[ଫ,ଫ,ପ,]ସଲ—ବୈଦେ. ବ (ଅ. ମୁଫସ୍‌ସଲ)—୧ । ଗ୍ରାମ; ନଗରର
Map-(ph,pha,pa)sala ବହିଃସ୍ଥ ଦେଶାଂଶ; ସଦରଠାରୁ ଦୂରରେ [ମଫ(ଫ)ସ୍ୱଲ—ଅନ୍ୟରୂପ] ଥିବା ଅଞ୍ଚଳ; ଗ୍ରାମ୍ୟ ପ୍ରଦେଶ—
মফস্বল 1. Village; countryside; mofussil; interior
मुफस्सल, देहात of a district. ୨ । ଇଲାକା ବା ଅପ୍ରକାଶ୍ୟ
[ସଦର—ବିପରୀତ] ଅଞ୍ଚଳ—2. A solitary or out of
(ସଦର—ବିପରୀତ) the way place. ୩ । ଲୁଗାର ବା ଲୁଗାର ଯେଉଁ ଅଂଶ ସାଧାରଣଙ୍କ ଦୃଷ୍ଟିରେ ନ ପଡ଼େ—3. The inside or inner surface of a cloth or garment. ୪ । ଜମିଦାରୀର ଅନ୍ତର୍ଗତ ଗ୍ରାମମାନ—4. The villages constituting a zamindary or estate.

ମଫ[ଫ]ସଲ ଗସ୍ତ—ବୈଦେ. ବ (ଉଚରଅ) (ଅ. ମୁଫସ୍‌ସଲ୍ ଗସ୍ତ)—
Mapa(pha)sala gasta ରାଜକର୍ମଚାରୀଙ୍କର ସଦରରୁ ବାହାର
মফস্বলগস্ত ଗ୍ରାମମାନଙ୍କରେ ଭ୍ରମଣ—A tour undertaken
मुफस्सलगश्त by public servants to the countryside or in the interior.

ମଫ(ଫ)ସଲ ଜମା—ବୈଦେ. ବ (ଉଚରଅ) (ଅ. ମୁଫସ୍‌ସଲ୍+ଜମା)—
Mapa(pha)sala jamā ଜମିଦାରୀର ପ୍ରଜାମାନଙ୍କଠାରୁ
মফস্বলজমা ଜମିଦାର ଯେଉଁ ଖଜଣା ଅଦାୟ କରନ୍ତି—The
मुफस्सलजमा rent realised by a landlord from
(ସଦରଜମା—ବିପରୀତ) the tenants. [ ଦ୍ର—ଜମିଦାର ପ୍ରଜାଙ୍କଠାରୁ ମଫସଲ ଜମା ଅଦାୟ କରି ତହିଁରୁ ଆପଣା ନିର୍ଦ୍ଧାରିତ ପାରଶ୍ରମିକ ବା ମାଲିକାନା କାଟି ରଖି ବାକି ଟଙ୍କା 'ସଦରଜମା' ବା ରାଜସ୍ୱରୂପେ ସରକାରଙ୍କଠାରେ ଦାଖଲ କରନ୍ତି ।

ମଫ(ଫ)ସଲ ମୁଆସା—ବୈଦେ,ବ (ଅ)(ଉଚରଅ)—ଜମିଦାରୀର ପ୍ରଜାଙ୍କ
Mapa(pha)sala mu ଠାରୁ ମଫସଲରୁ ଖଜଣା ଆଦାୟ
মফস্বলমোকাবিলা କରୁଥିବା କର୍ମଚାରୀର କାଗଜପତ୍ରରେ
मुफस्सलमुकाबिला ଲେଖା ଥିବା ଅଙ୍କର ପ୍ରକୃତ ପ୍ରକୃତ ଅଟେ କି [ମଫ(ଫ)ସଲ ମୁକାବିଲା—ଅନ୍ୟରୂପ] ନାହିଁ, ତାହା ମଫସଲରେ ଅର୍ଥାତ୍ ସରଜମିନରେ ପ୍ରଜାମାନଙ୍କଠାରୁ ପାଇଥିବା ଓ ପ୍ରମାଣ ନେଇ ଜାଞ୍ଚ କରିବା—The act of checking the correctness of a collecting officer's accounts by investigations made locally in the mofussil.

ମଫ(ଫ)ସଲ ସରବରାକାର—ବୈଦେ. ବ [ ପ୍ରାଚୀନ ] ( ଅ )—
Mapa(pha)sala sarabarākāra ମୁସଲମାନ ରାଜତ୍ୱରେ ପ୍ରଜାଙ୍କଠାରୁ ରାଜସ୍ୱ ଅଦାୟ କରି ସଦରରେ ସରକାରଙ୍କଠାରେ ତାହା ଦାଖଲ କରିବା କର୍ମଚାରୀ—The Sarabarākārwhose duty was to collect rents from the tenants and pay the same to the Government during theMahamedan rule.

ମଫ(ଫ)ସଲ ହାକମ—ବୈଦେ. ବ (ଅ. ମୁଫସ୍‌ସଲ୍+ହାକମ୍)—ଗ୍ରାମ୍ୟ
Mapa(pha)sala hākima କର୍ମଚାରୀ—Officers in
মফস্বলের হাকিম मुफस्सलका हाकिम charge of the interior.

ମଫ(ଫ)ସଲି—ବୈ. ବିଣ—୧ । ମଫସଲ ସମ୍ବନ୍ଧୀୟ; ଗ୍ରାମ୍ୟ—
Mapa(pha)sali 1. Rural; relating to the country
মফস্বলে,গাঁওলী side or village. ୨ । ମଫସଲବାସୀ;
गँवार;देहाती ଦେହାତୀ—2. Resident of the country-
[ମଫ(ଫ)ସଲିଆ—ଅନ୍ୟରୂପ] side; rustic. ୩ । ମଫସଲରେ
(ସହରିଆ,ସଦରିଆ—ବିପରୀତ) ଉପଲବ୍ଧ—3. Obtaining in the countryside. ବୈ. ବ—ମଫସଲବାସୀ ଲୋକ

ଅର୍ଥାତ୍ ଯେଉଁମାନେ ସହରର ଲୋକଙ୍କ ପରି ଚତୁର ନୁହନ୍ତି—Country-folk; village folk, (who are generally not so clever as townspeople; a rustic.

ମପା—ଦେ. ବି (ସଂ. ମା. ଧାତୁ)—ମାପିବା; ମାପ କରିବା—Act of
Mapā measuring; measurement. ଦେ. ବି—ମାପ
मापा नापना मापा नपाहुआ ହୋଇଥିବା—Measured.

ମପା(ପେ)ଇବା—ଦେ କ୍ରି—(ସଂ. ମା ଧାତୁ ଣିଜନ୍ତ ମାପି ଧାତୁ)—ମାପିବା
Mapā (pe)ibā କ୍ରିୟାର ଣିଜନ୍ତ ରୂପ—Causative of
मापान नपवाना Māpibā

ମପା କାଠି—ଦେ. ବି—ମାପକାଠି (ଦେଖ)—Māpakāṭhi (See)
Mapā kāṭhi माप काठी नापकाठी

ମପା ମପି—ଦେ. ବି (ସଂ. ମାପନ)—ଅନେକ ପଦାର୍ଥ ବା ଅନେକବାର
Mapā mapi ମାପିବା କ୍ରିୟା—The act of measuring
मापा मापि many things; the act of measuring
नापा नापी and remeasuring.

ମବଲକ୍[ଗ୍]—ବୈଦେ. ବି (ଅ. ମବଲ୍ଲଗ) (କଟକଅ)—୧ । ନଗଦ
Mab-lak(g) ଟଙ୍କା; ରୋକଡ଼—1. Ready money;
मबलग hard cash. ୨ । ମୋଟ ଟଙ୍କା; ସବୁସୁଦ୍ଧା ଏତେ ଟଙ୍କା—
नकद, मबल्लग 2. Sum total of cash. ବୈଦେ. ବିଣ—
(ଅ)—୧ । ନଗଦ—1. In cash; ready (money). ୨ । ସବୁସୁଦ୍ଧା; ମୋଟ—2. Total; in all. ବୈଦେ. କ୍ରି. ବିଣ (ଅ)—୧ । ହାତେ ହାତେ; ନଗଦାନଗଦ; ଦସ୍ତବଦସ୍ତ—1. In cash; in ready money; in hard cash. ୨ । ଅକ୍ଷରରେ (ଅଙ୍କକୁ ଲେଖିବା) 2. (writing the figures) In letters.

ମବଲକ୍(ଗ୍) ବନ୍ଦି—ବୈଦେ. ବି (ଫା) (କଟକଅ)—ଅକ୍ଷର ବା ଶବ୍ଦ
Mabalak(g)-bandi ଦ୍ୱାରା ମୋଟ ଏତେ ଟଙ୍କା ବୋଲି ଲେଖିବା—Writing the total amount of money in words.

ମବେଷି—ପ୍ରାଦେ (ବାମଣ୍ଡା)(ସଂ. ଗୋମେଷ)—ଗୋମେଷାଦି ପଶୁ—
Mabeshi Cattle.

ମମ୍—ପ୍ରାଦେ (ସିଂହଭୂମ) ବି. (ଭୁଲ. ବ ଓ ହି. ମୋମ୍)—ମହମ—
Mam Wax

ମମ୍‌ଜାମା—ବୈଦେ. ବିଣ (ଫା. ମୋମ୍‌ଜାମା)—ମହମଦ୍ୱାରା ଲିପ୍ତ—
Mam-jāmā On which a layer of wax has been
मोमजामा laid. ଦେ. ବି—ମହମଜାମା; ଯେଉଁ ଲୁଗାରେ ମହମର
मोमजामा ପ୍ରଲେପ ଦିଆଯାଇଥିବାରୁ ସେହି ଲୁଗା ପାଣିରେ ଓଦା ହୁଏ ନାହିଁ ଓ ଯାହା ଉପରେ ପଡ଼ିବା ପାଣି ଲୁଗାରେ ନ ଭେଦି ଗଡ଼ିପଡ଼େ—Oil cloth; wax cloth; mackintosh cloth.

ମ(ମୁ)ମତାଜ୍ ମହଲ—ବୈଦେ. ବି (ଅ. ମୁମତାଜ୍ ମହଲ୍)—୧ । ତାଜ
Ma(mu)m-tāj mahal ମହଲ (ଦେଖ)—1. Tājamahala
ममताजमहल (See. ୨ । ସାହାଜାହାନଙ୍କ ମହିଷୀଙ୍କ ନାମ—
मुमताजमहल 2. Name of the Moghul Emperor Sahajehan's queen.

ମମ—ଦେ. ଅ (ସର୍ବ) (ସଂ. ଅସ୍ମଦ୍ ଶବ୍ଦର ୬ଷ୍ଠୀ ୧ବଚନ)—ମୋହର—
Mama My; mine. (ଯଥା—ବଦର୍ଭ ରାଜ୍ୟର ରାଜକୁଳ ପ୍ରସୂତା,
मम ମମ ପ୍ରାଣ ପରିତ୍ୟେଣ ଏ ନଳ କାନ୍ତା । ପ୍ରାଚୀ. ଉଦୟମଞ୍ଜରୀ )
मम [ଦ୍ର—ଆମ ଦେଶରେ ବୋଲାଯାଉଥିବା ବଙ୍ଗଳା ସଙ୍ଗୀତର ପଦରେ ଏ ଶବ୍ଦର ବହୁଳ ବ୍ୟବହାର ଦେଖାଯାଏ, ଯଥା—
"ମମ ପ୍ରାଣନାଥ ଗୌରାଙ୍ଗ ହେ ! ମୋରେ କୃପା କରହେ !
ରସରାଜ ଚନ୍ଦ୍ରଗୌର ।"]

ମମକାର—ସଂ. ବି (ମମ=ମୋହର+କୃ. ଧାତୁ+ଭାବ. ଅ)—୧ । ଏ
Mamakāra ଧନ ଜନ ମୋର ବୋଲି ମନରେ ବିଚାର କରିବା; ମୋର ପୁତ୍ର, ମୋର କଳତ୍ର, ମୋର ଧନ, ମୋର ଘର ଇତ୍ୟାକାର ଜ୍ଞାନ; ମମତା—Fondness or personal attachment for one's wordly possessions and family. ୨ । (+କର୍ମ. ଅ) ନିଜର ଅର୍ଜିତ ସମ୍ପତ୍ତି (ହି. ଶ)— 2. One's self-acquired property.

ମମତ—ଦେ. ବିଣ (ପ୍ରାଚୀନ) (ସଂ. ମମତାଯୁକ୍ତ)—ଅନୁରକ୍ତ—
Mamata Attached; fond. (ଯଥା—ମାର ଏର ବାକ୍ୟରେ ଯେ ହୋଇବେ ମମତ । ପ୍ରାଚୀ. ଶ୍ରୀଗୁରୁଭକ୍ତିଗୀତା । ]

ମମତା(ତ୍ୱ)—ସଂ. ବି [ମମ+ଭାବେ. ତା, ତ୍ୱ]—୧ । ସ୍ୱାଭିମାନ; ମମକାର;
Mamatā(twa) ଏ ପଦାର୍ଥ ମୋର, ଏ ଧନ ମୋର, ଏ ପୁଅ ଭାର୍ଯ୍ୟା ମୋର, ଏବମ୍ଭୂତ ଭାବ—1. Fondness or attachment for wordly possessions and family. ୨ । ଏ ସଂସାର ପ୍ରତି ମିଥ୍ୟାଜ୍ଞାନ; ମୋହ—2. Delusion as regards wordly matters, ୩ । ଅହଂଭାବ; ଅହଙ୍କାର; ଦର୍ପ—3. Pride; egotism. ୪ । ସହାନୁଭୂତି—4. Sympathy. ୫ । ସ୍ନେହ—5. Attachment; affectionate regard; love. [ଯଥା—ଜାଣି ମମତ୍ୱ, ଅଙ୍କୁ ଯେମନ୍ତ, ମୁଁ ସନ୍ମତ, କରେ ।ଭଞ୍ଜ. ପ୍ରେମସୁଧାନିଧି ।]

ମମତା ଯୁକ୍ତ—ସଂ. ବିଣ. ପୁଂ (ଶବ୍ଦ ତତ୍)—୧ । ସ୍ନେହଶୀଳ—
Mamatā jukta 1. Affectionate. ୨ । ସ୍ନେହାସକ୍ତ—
(ମମତାଯୁକ୍ତା—ସ୍ତ୍ରୀ) 2. Fondly attached. ୩ । ବୈଷୟିକ ଅଭିମାନ ଯୁକ୍ତ—3, Having a personal feeling for one's temporal belongings. ୪ । ସହାନୁଭୂତି ଯୁକ୍ତ—4. Full of sympathy. ୫ । ଅସ୍ପୃହ
5. Selfish.

ମମତା ଶୂନ୍ୟ—ସଂ. ବିଣ. ପୁଂ (ଶବ୍ଦ ତତ୍)—୧ । ନିର୍ମମ—
Mamatā śūnya 1. Devoid of sympathy: un-
(ମମତା ଶୂନ୍ୟା—ସ୍ତ୍ରୀ) sympathetic. ୨ । କ୍ରୂର—
ମମତା ବର୍ଜିତ } 2. Cruel. ୩ । ସ୍ନେହବର୍ଜିତ—
ମମତା ବିହୀନ } ଅନ୍ୟରୂପ 3. Having no fondness
ମମତା ହୀନ } or affection.
୪ । ବୈରାଗ୍ୟଯୁକ୍ତ—4. Unattached; apathetic.

ମମା— ଦେ. ବି ( ସଂ. ମାତୃ ସ୍ତନ ) —ପୟୋଧର; ସ୍ତ୍ରୀ ସ୍ତନ—Female
Mamā breast; the breast of woman.
माई, मेना (ଉ—ମମା ଗଲଣି ବମା ଖାଉ, ଚକ୍ଷୁନ ପଡୁଛି ଟାକର
स्तुविब, छाति ହୋଇ—ଉଗ ।)

ମମାଦିଲ୍ଲ—ବୈଦେ. ବଣ ( ଅ; ମୋଗଲ ବାଦସାହାଙ୍କ ଅମଳରେ
Mamādilā ଜମିଦାରୀ ପ୍ରଚଳିତ ଶବ୍ଦ )—ଅଲଗା ହୁଦା; ସ୍ୱତନ୍ତ୍ର—
আলাহিদা ममादिला Separate (ଯଥା—ତହସିଲ
अलग ମମାଦିଲ୍ଲ ମୌଜେ କମାପୁର=କମାପୁର ମହାଲର ସ୍ୱତନ୍ତ୍ର
ଅସୁଲ ଭୁକ୍ତ ଜମିଦାରୀ ।)

ମମୀ(ସ୍ତ୍ରୀ)—ବୈଦେ.ବି (ଇଂ ମମ୍ମୀ; ଅ. ମୁମାୟିନ୍; ଫା.ମୋମ୍=ମହମ)—
Mamī(mmī) ମହମ ସହିତ ବିବିଧ ମସଲା ଦିଆଯାଇ ପ୍ରାଚୀନ
মম্মী ମିଶର ଦେଶୀୟ ପ୍ରଥା ଅନୁସାରେ ବହୁକାଳ ଅବିକୃତ
मम्मी, मोमियाई ଅବସ୍ଥାରେ ସଂରକ୍ଷିତ ହୋଇଥିବା ଶବଦେହ ବା
ମୁର୍ଦାର—A preserved dead body of Egypt; mummy; dead body preserved for a very long time with the help of wax and other spices. [ଦ୍ର—ଏପରି ସୁରକ୍ଷିତ ଶବଦେହମାନ ମିଶର ଦେଶର ପୁରାତନ କବରମାନଙ୍କରୁ ବର୍ତ୍ତମାନ ସମୟରେ ଖୋଳା ହୋଇ ବାହାର କରା ଯାଉଅଛି । ବହୁ ସହସ୍ର ବର୍ଷ ପୂର୍ବର ଶବମାନ ଆଜି ପର୍ଯ୍ୟନ୍ତ ଅବିକୃତ ଥିବା ଦେଖିଲେ ଆଶ୍ଚର୍ଯ୍ୟାନ୍ୱିତ ହେବାକୁ ହୁଏ ।]

ମୟ୍ (ଧାତୁ)—ସଂ—ଗମନ କରିବା; ଗତି କରିବା—
Ma-y (root) To walk; to move; to go.

ମୟ—ସଂ. ବି. ପୁଂ ( ମୟ୍ ଧାତୁ=ଗତି କରିବା+କର୍ତ୍ତୃ. ଅ )—
Maya ୧ । ରାବଣର ସ୍ତ୍ରୀ ମନ୍ଦୋଦରୀଙ୍କର ପିତା; ଇନ୍ଦ୍ରପ୍ରସ୍ଥରେ ରାଜା ଯୁଧିଷ୍ଠିରଙ୍କର ଅପୂର୍ବ ସଭା ନିର୍ମାଣକାରୀ ଦାନବ ଶିଳ୍ପୀ—1 Name of a demon architect. [ଦ୍ର—ଦେବଶିଳ୍ପୀ ବିଶ୍ୱକର୍ମାଙ୍କୁ ଏ ଯୁଦ୍ଧରେ ପରାସ୍ତ କରିଥିଲେ । ଏ ଅସୁରମାନଙ୍କ 'ତ୍ରିପୁର' ନିର୍ମାଣ କରିଥିଲେ । ଏହାଙ୍କର ଦୁଇ ପୁତ୍ର ମାୟାବୀ ଓ ଦୁନ୍ଦୁଭି ଏବଂ କନ୍ୟା ମନ୍ଦୋଦରୀ । ବାଲ୍ମୀକିଙ୍କ ରାମାୟଣରେ ମୟ ଦିତିଙ୍କ ପୁତ୍ର ଥିବାର ଲେଖା ଅଛି ।] ୨ । ଅଶ୍ୱତର—2. A mule. ୩ । ଓଷ୍ଟ୍ର; ଓଟ—3. A camel ୪ । ଅଶ୍ୱ (ହି. ଶ)—4. A horse (Apte). ୫ । (+କରଣ. ଅ) ସୁଖ (ହି. ଶ)—5. Pleasure; happiness. ସଂ. ବଣ. ପୁଂ—ନିମ୍ନ ଲିଖିତ ଅର୍ଥରେ ବିଶେଷ୍ୟ ସଙ୍ଗେ ଯୁକ୍ତ ହେବା ପ୍ରତ୍ୟୟ—A suffix added to nouns in the following
(ମୟୀ—ସ୍ତ୍ରୀ) senses. ସଂ. ତ—୧ । (ପୂର୍ଣ୍ଣତା ବୋଧକ) ଅମୁକରେ ପୂର୍ଣ୍ଣ—1. Full of. (ଯଥା—ମୟାମୟ ସଂସାର, କଣ୍ଟକମୟ ବନ ।) ୨। (ବ୍ୟାପ୍ତ୍ୟର୍ଥେ) ଅମୁକ ଦ୍ୱାରା ବ୍ୟାପ୍ତ—2. Pervaded or spread over by. (ଯଥା—ଜଳମୟ ଦେଶ, ବାଲୁକାମୟ ସ୍ଥାନ ।) ୩ । (ବିକାରାର୍ଥେ) ଅମୁକରେ ନିର୍ମିତ ବା ଜଡ଼ିତ—3. Made of or set with. (ଯଥା—ସ୍ୱର୍ଣ୍ଣମୟ ଘଟ, ରତ୍ନମୟ ଅଙ୍ଗୁରୀୟକ, ମୃଣ୍ମୟ ପାତ୍ର ।) ୪ । (ପ୍ରାଚୁର୍ଯ୍ୟାର୍ଥେ) ଯହିଁରେ ଅମୁକ ବସ୍ତୁ ବହୁ ପରିମାଣରେ ଅଛି; ଅମୁକ ବହୁଳ—4. Abounding in. (ଯଥା—କଙ୍କର ମୟ ସ୍ଥାନ, ଜନମୟ ଦେଶ ।) ୫ । (ସ୍ୱରୂପାର୍ଥେ) ଅମୁକ ରୂପେ କଳ୍ପିତ ବା ବ୍ୟବହୃତ—5. In which such a thing has been utilised as. (ଯଥା—ଗଜମୟ ସେତୁ ।) ୬ । ଯାହାଠାରେ ଅମୁକ ଗୁଣ ବହୁ ପରିମାଣରେ ଅଛି—6. Possessing a quality in great degree. (ଯଥା—ମାୟାମୟ ସଂସାର, ଦୟାମୟ ପ୍ରଭୁ, ପ୍ରେମମୟ ହୃଦୟ ।) ୭ । (ପୁରୀଷାର୍ଥେ) ଅମୁକର ବିଷ୍ଠା—7. The dung of. (ଯଥା—ଗୋମୟ=ଗୋବର, ଗୋବିଷ୍ଠା ।) ଦେ. ବି—୧ । ମଏ ( ଦେଖ )
मय मय 1. Mae ( See ) ୨ । ଦକ୍ଷିଣ ଅମେରିକାର ମେକ୍ସିକୋ ଦେଶର ବହୁ ପ୍ରାଚୀନ କାଳର ଖ୍ୟାତ ସଭ୍ୟ ଅଧିବାସିଗଣ—2. Maya, the generic name of the ancient inhabitants of Mexico in South America. ୩ । ଦକ୍ଷିଣ ଅମେରିକାର ବହୁ ପ୍ରାଚୀନ ଅଧିବାସିଗଣଙ୍କ ସଭ୍ୟତା; ମାୟା ସଭ୍ୟତା—3. Māyā, the high civilization of the ancient people of Mexico. [ଦ୍ର—ବର୍ତ୍ତମାନ ଭୂଗର୍ଭରୁ ବାହାରୁଥିବା ପ୍ରାସାଦ ଓ ଦ୍ରବ୍ୟମାନ ଦେଖି ପୁରାତତ୍ତ୍ୱବିଦ୍ ପଣ୍ଡିତମାନେ ସ୍ଥିର କରିଅଛନ୍ତି ଯେ ଆଜିକୁ ୪।୫ ହଜାର ବର୍ଷ ପୂର୍ବେ 'ମୟ'ମାନେ ସଭ୍ୟତାର ଅତ୍ୟୁଚ୍ଚ ସୋପାନରେ ଆରୋହଣ କରିଥିଲେ ଓ ଉକ୍ତ ସଭ୍ୟତା ସଙ୍ଗେ ଭାରତର ପ୍ରାଚୀନ ଆର୍ଯ୍ୟ ସଭ୍ୟତାର ବହୁତ ମେଳ ଥିବାର ଦେଖା ଯାଉଅଛି । ମାୟା ସଭ୍ୟତା ତଳେ ଟୀକା ଦେଖ ।]

ମୟ କାଳ—ଦେ. ବି—ମଏ କାଳ ( ଦେଖ )
Maya kāḷa Mae kāḷa ( See )
[ମୟ ଦିନ, ମୟ ଋ(ରୁ, ରି)—ଅନ୍ୟରୂପ] ऋतुकाल

ମୟଦାନ୍—ବୈଦେ. ବି ( ଫା. ମୈଦାନ୍ )—୧ । ମଇଦାନ ( ଦେଖ )
Mayadān 1. Maidāna ( See ) ୨ । (ସଂ. ପ୍ରମୋଦ
বাগান ଉଦ୍ୟାନ) ପ୍ରମୋଦ ଉଦ୍ୟାନ; ଆଧୁନିକ ପାର୍କ—
रमना 2. Pleasure garden; park.
(ଉ—ଢୋଗାଲୀ ନଗରରେ ପୁଷ୍କରିଣୀ ଓ ମୟଦାନ ବା ଆଧୁନିକ ପାର୍କ ସ୍ଥାନେ ସ୍ଥାନେ ତିଆରି କରା ଯାଇଥିଲା । କୃପାସିନ୍ଧୁ, ଉତ୍କଳ ଇତିହାସ ।)

ମୟ ଦାନବ—ସଂ. ବି—ମୟ ୧ (ଦେଖ)—Maya 1 (See)
Maya dānaba (ମୟ ଦୈତ୍ୟ—ଅନ୍ୟରୂପ)

ମୟନା (ଇତ୍ୟାଦି)—ଦେ. ବି—ମଇନା ଇତ୍ୟାଦି (ଦେଖ)
Mayana (etc) Mayanā etc. (See)

ମୟୂର (ଇତ୍ୟାଦି)—ଗ୍ରା. ବି—(ସଂ. ମୟୂର) —ମୟୂର ଇତ୍ୟାଦି (ଦେଖ)
Mayara (etc) Mayūra etc. (See)

ମୟ(ୟୂ)ର ଜଟା—ଦେ. ବ—ଈଶର ଜଟା (ଦେଖ)
Maya(yū)ra jaṭā Isarajaṭā (See)

ମୟରା—ଦେ. ବ. ପୁଂ—(ସଂ. ମୋଦକକାର)—ମଇରା (ଦେଖ)
Mayarā (ମୟୂରାଣୀ—ସ୍ତ୍ରୀ) Mairā (See)

ମୟଲା (ଇତ୍ୟାଦି)—ଦେ. ବ. ଓ ବଣ—ମଇଲା ଇତ୍ୟାଦି (ଦେଖ)
Mayalā (etc) Mailā etc (See)

ମୟା—ସ. ଭ. (ମୟ+ଅ)—ଚିକିତ୍ସା (ହ୍ରି. ଶ)—Medical treat-
Mayā ment. ଗ୍ରାଦେ. (ସମ୍ବଲପୁର) ବ.—(ଫା. ମେଓା)—
୧ । ପିଜୁଳି—1. Guava. ୨ । ଆତ; ମେଉଆ—
2. Custard apple.

ମୟାଣ—ଗ୍ରା (ପ୍ରାଚୀନ) ବ—(ସ.ମଦନ)—ମଦନ; କାମଦେବ—God
Mayāṇa Cupid. [ଦ୍ର—ବସନ୍ତ ସହିତ ବିଜୟେ କଲେ କି
ପ୍ରତାପେ ଦେବ ମୟାଣ । ଶିଶୁଶଙ୍କର ଉଷା ଅଭିଳାଷ ।]

ମୟାନ୍—ଦେ. ବ—(ସ. ମଥନୋତ୍ଥ=ଘିଅ; ବା ସ. ମର୍ଦ୍ଦନ; ବା ସ.
Mayān ମଦନ=ମହଣ)—ଜଟର, କମ୍ପି, ରୁଟି ଓ ଲୁଚି ଆଦି
मयान मोयन ତିଆର କରିବା ପାଇଁ ଅଟାରେ ବା ମଇଦାରେ ପାଣି
ମିଶାଇ ଦଳିବା ପୂର୍ବରୁ ଶୁଖିଲା ଅଟାରେ ବା ମଇଦାରେ
ଦିଆ ଯିବା ଘିଅ; ଉକ୍ତ ଘିଅ—The leaven of
ghee mixed with flour before it is knead-
ed into dough for making bread etc.
[ଦ୍ର—ମଇଦା ଅଟାରେ ମୟାନ୍ ଦିଅ ଗଲେ ତହିଁରେ
ପ୍ରସ୍ତୁତ ପୁରୀ, ଲୁଚି ଓ କଚିଡ ଆଦି ଖରା ମସକା ଓ ମୁଚୁ-
ମୁଚିଆ ହୁଏ ।]

ମୟାନଦାର—ଦେ. ବ—ଯେଉଁ ଲୁଚି ଆଦିର ଖଳ ତିଆରି ଦେବା ପୂର୍ବରୁ
Mayān-dār ଅଟାରେ ଉକ୍ତର ଘିଅ ଦିଆ ଯାଇଥାଏ—
मयानदार मोयनदार (bread or other cake) In
which ghee had been added to the flour
before kneading.

ମୟୀ—ସ. ବଣ. ପ୍ରତ୍ୟୟ ସ୍ତ୍ରୀ. ( ମୟ+ଈ )—ମୟର ସ୍ତ୍ରୀଲିଙ୍ଗ—
Mayī Feminine of Maya. ସ. ଭ. ସ୍ତ୍ରୀ—୧ । ମାଈ
ଓଟ—1. A female camel. ୨ । ଘୋଡ଼ୀ—୧ ।
2. A mare.

ମୟୁ—ସ. ବ—୧ । (ମି ଧାତୁ=କ୍ଷେପଣ କରିବା+କର୍ତ୍ତୃ. ଉ)—
Mayu କିନ୍ନର; କିଂପୁରୁଷ—1. A class of semi-divine
singers. ୨ । (ମୟ ଧାତୁ = ଗମନ କରିବା+କର୍ତ୍ତୃ.
ଉ)—୨ । ମୃଗ—2. Deer; antelope (Apte).
୩ । ଅଶ୍ୱ—3. Horse. ୪ । ଅଶ୍ୱତର—4. Mule.
୫ । ଉଷ୍ଟ୍ର—5. Camel.

ମୟୁ(ୟୂ)ଷ୍ଠ—ସ. ବ—ବନମୁଗ—A kind of wild grain.
Mayū (ya)shṭha [ମୟୁ(ୟୂ)ଷ୍ଟକ—ଅନ୍ୟରୂପ]

ମୟୂକ—ସ. ବ—(ମୟ ଧାତୁ+କର୍ତ୍ତୃ. ଊକ)—ମୟୂର (ହ୍ରି. ଶ)—
Mayūka Peacock.

ମୟୂଖ—ସ. ବ—( ମା ଧାତୁ = ମାପିବା+କର୍ମ ଊଖ )—୧ । କିରଣ;
Mayūkha ରଶ୍ମି—1. Ray; streak of light. ୨ ।
ଦୀପ୍ତି—2. Lustre; brilliance. ୩ । ଆଲୋକ;
ଜ୍ୟୋତିଃ—3. Light. ୪ । ସୌନ୍ଦର୍ଯ୍ୟ; ଶୋଭା—
4. Beauty. ୫ । ଅଗ୍ନିଶିଖା—5. A flame
(Apte). ୬ । (+କରଣ ଊଖ)—ସୂର୍ଯ୍ୟଘଡ଼ିର
କଣ୍ଟା—6. The pin of a sun-dial (Apte).
୭ । ପର୍ବତ (ହ୍ରି. ଶ)—7. Mountain. ୮ ।
ଖିଲକ; ଖିଲ—8. Peg; stake; pin.

ମୟୂଖ ମାଳା—ସ. ବ—(୬ଷ୍ଠୀ ତତ୍)—କିରଣମାଳା—
Mayūkha māḷā Rays of the sun.

ମୟୂଖମାଳୀ—ସ. ବ—(ମୟୂଖମାଳା+ଅସ୍ତି ଅର୍ଥରେ ଇନ୍ ୧ମା.୧ବ)—
Mayūkha māḷi କିରଣମାଳୀ; ସୂର୍ଯ୍ୟ—The sun.

ମୟୂଖୀ—ସ. ବ—(ମୟୂଖ+ଇନ୍; ୧ମା. ୧ବ)—ପ୍ରାଚୀନ ଭାରତର
Mayūkhī ଯୁଦ୍ଧାସ୍ତ୍ର ବିଶେଷ ( ହ୍ର ଶବ୍ଦସାଗର )—
1. A weapon of offence and defence
of ancient India; a cudgel about 5 ft.
long, to the top of which was atta-
ched a bunch of tinkling bells. [ଦ୍ର—
ଏହା ପୁରୁଷର ଉଚ୍ଚତା ପ୍ରମାଣ ଦୀର୍ଘ ଯଷ୍ଟିବିଶେଷ;
ଏହାର ଅଗ୍ରରେ କିଙ୍କିଣୀ ଗୁଚ୍ଛ ଲାଗି ଥାଏ । ଏହା ଚ୍ୟୁମୁଗ୍ଧା
କାଠ ଭଳି ଓ ଏଥିରେ ମୂଠା ଲାଗି ଥାଏ । ଏହାର କାର୍ଯ୍ୟ
୫ ପ୍ରକାର :—ଅଘାତ, ପ୍ରତିଘାତ, ବିଘାତ, ପରମୋଚନ
ଓ ଅଭିଦ୍ରବଣ ।] ସ. ବଣ. ପୁଂ—ଉଜ୍ଜ୍ୱଳ; ଜ୍ୟୋତିର୍ମୟ
Radiant; brilliant.

ମୟୁ(ଜୁ)ର—ଗ୍ରାଦେ. (ଗଡ଼ଜାତ) ବ—ମୟୂର (ଦେଖ)—
Maju(ju)ra (ମୟୁରୀ—ସ୍ତ୍ରୀ) Mayūra (See)

ମୟୂର—ସଂ. ବ. ପୁଂ—(ମି ଧାତୁ=କ୍ଷେପଣ କରିବା+କର୍ତ୍ତୃ. ଊର)—
Mayūra ୧ । କର୍ଷିକ ବର୍ଗର ବୃହତ୍ ପକ୍ଷୀବିଶେଷ—1. The
ଅନ୍ୟ ସଂ, ନାମ—କେକୀ, pea fowl; Pava Cristatus;
ଶିଖୀ, ଶିଖଣ୍ଡୀ (male- peacock; female-
(ମୟୂରୀ—ସ୍ତ୍ରୀ) peahen.] [ ଦ୍ର—ଏମାନଙ୍କର ଲାଞ୍ଜର ବଡ଼
ପକ୍ଷମାନ ଓ କଣ୍ଠର ଛଦ ପରମାନ ନାନା ବର୍ଣ୍ଣରେ ଚିତ୍ରିତ ।
ଅଣ୍ଡିରା ମୟୂରଙ୍କର ଲାଞ୍ଜ ଖୁବ୍ ବଡ଼; ମାଈମାନଙ୍କର ଛୋଟ ।
ଏଥିପାଇଁ ଅଣ୍ଡିରା ମୟୂରକୁ ଲକ୍ଷ୍ମୀମୟୂର ଓ ମାଈକୁ ଲକ୍ଷ୍ମୀ-
ମୟୂର ବୋଲି ଯାଏ । ମେଘ ଉଠାଇଲେ ଅଣ୍ଡିରାମାନେ
ଲାଞ୍ଜକୁ ପଙ୍ଖ ଅଢ଼େ ପଙ୍ଖା ପରି ଠିଆ କରି ନାଚନ୍ତି ଓ
ବୋବାନ୍ତି । ଏମାନଙ୍କର ରାବ 'କେଓଁ' 'କେଓଁ' (ସଂ.—
କେକା) । ଏମାନେ ସାପକୁ ମାରି ଖାଆନ୍ତି ।] ୨ । ପୁଷ୍ପ-
ବିଶେଷ—2. A kind of flower (Apte) ୩ ।
ସୂର୍ଯ୍ୟ ଶତକ ନାମକ ଗ୍ରନ୍ଥର ରଚୟିତା କବିବିଶେଷ—
3. Name of a Sanscrit author. ୪ । ସମୟ
ମାପ କରିବା ପାଇଁ ବ୍ୟବହୃତ ଯନ୍ତ୍ର ବିଶେଷ—4. A
kind of instrument for measuring time.
ଦେ. ବ—ବାଦ୍ୟଯନ୍ତ୍ର ବିଶେଷ—A kind of musi-
cal instrument. ( ଦ୍ର —ଶଙ୍ଖ ବୀଣା ଖଞ୍ଜଣୀ ଝଞ୍ଜା-

ଉଚ୍ଚ ମୟୂର, ଏମାନ ବହନ୍ତି ଭୁମ୍ଭେ ଶେଷ୍ଣ ଗୋପ ବେଦ ।
ପ୍ରାଚୀ. ଶ୍ରୀଗୁରୁଭକ୍ତି ଗୀତା । )

**ମୟୂରକ**—ସଂ. ବି ( ମୟୂର + କ )—୧ । ମୟୂର—1. Peacock.
Mayūraka ୨ । ମୟୂରଶିଖା; ମୟୂରର ମୁଣ୍ଡ ଉପରେ ଥିବା ପକ୍ଷର ଚୂଡ଼ା—2. The cockscomb on the head of a peacock. ୩ । ଅପାମାର୍ଗ—3. Achyranthus Aspera (plant). ୪ । ତୁତିଆ—4. Copper sulphate.

**ମୟୂର କଣ୍ଠିଆ**—ଦେ. ବିଣ ( ସଂ. ମୟୂର + କଣ୍ଠ )—ମୟୂରର କଣ୍ଠପରି
Mayūra kaṇṭhiā ରଙ୍ଗର ( ନାଲି ଓ ସବୁଜ ) ବର୍ଣ୍ଣ ବିଶିଷ୍ଟ
ମୟୂର କଣ୍ଠୀ ( ବସ୍ତ୍ର )—( a cloth ) Coloured like
मयूर कण्ठी the neck of a peafowl. ( ଉ—ଭୂଷା
(ମୟୂର କଣ୍ଠୀ—ଅନ୍ୟରୂପ) ଉଜ୍ଜ୍ୱଳାଂଶୁକେ ରଞ୍ଜିତ ଶ୍ୟାମଳ ଭୂଧରଗଣ, ପିଞ୍ଛଛନ୍ନ ଅବା ହସ୍ତେ ମୟୂରକଣ୍ଠୀ ବସନ । ରାଧାନାଥ. ଉଷା । ) ଦେ. ବି—ଏକପ୍ରକାର ଲୁଗା; ଧୂପଛାୟା ଲୁଗା—A kind of cloth ( with red woof and green warp threads ). [ ଦ୍ର—ଏହାର ଟାଣୀ ସୂତା ନାଲି ଓ ଭରଣୀ ସୂତା ସବୁଜ । ]

**ମୟୂରଗତି**—ସଂ. ବି ( ବହୁବ୍ରୀହି )—୨୪ ଅକ୍ଷରର ବୃତ୍ତବିଶେଷ—
Mayūragati A Sanscrit metre of 24 syllables.
[ ଦ୍ର—ଏଥିର ପ୍ରତ୍ୟେକ ଚରଣରେ ଯଥାକ୍ରମେ ୫ ଯଗଣ, ମଗଣ, ଯଗଣ ଓ ଭଗଣ ଥାଏ—ହ. ଶ । ]

**ମୟୂର ଗିରିଆ**—ଦେ. ବି ( ସଂ. ମୟୂର ଗ୍ରୀବକ )—ତୁତ୍ତ; ତୁତିଆ;
Mayūra giriā ମଇଳା ଗିରିଆ—Sulphate of copper.
तूतिया; तूँते तुत्थ; तुतिया ମ, ମୋରଚୁତ

**ମୟୂର ଗୁଣା**—ଦେ. ବି (ବଣିଆ ଶବ୍ଦ)—ସ୍ତ୍ରୀମାନଙ୍କର ଡାହାଣ ନାକ-
Mayūra guṇā ପୁଡ଼ାରେ ପିନ୍ଧାଯିବା ଗୁଣା; ଯେଉଁ ଗୁଣା
(ମୟୂର ବସାଗୁଣା—ଅନ୍ୟରୂପ) ବସ୍ତାରିତ ପୁଚ୍ଛ ମୟୂରର ଅନୁକୃତି
ମୟୂରବେସର ପରି ନିର୍ମିତ ହୋଇଥାଏ—A nose ornament
मयूवाला नकवेसर representing a dancing peacock.

**ମୟୂର ଗ୍ରୀବକ**—ସଂ. ବି (ମୟୂରଗ୍ରୀବା + ତୁଲ୍ୟାର୍ଥେ କ)—ମଇଳାଗିରିଆ;
Mayūra gribaka ତୁତିଆ—Blue vitriol.

**ମୟୂର ଚଟକ**—ସଂ. ବି—ଗୃହପାଳିତ କୁକ୍କୁଟ—
Mayūra chaṭaka The domestic cock.

**ମୟୂର ଚନ୍ଦ୍ରକ**—ସଂ. ବି ( ୬ଷ୍ଠୀ ତତ୍ )—ମୟୂର ଚନ୍ଦ୍ରିକା (ଦେଖ)
Mayūra chandraka Mayūra chandrikā (See)

**ମୟୂର ଚନ୍ଦ୍ରିକା**—ଦେ. ବି ( ସଂ. ମୟୂର ଚନ୍ଦ୍ରକ )—୧ । ମୟୂରର
Mayūra chandrikā ଲାଞ୍ଜରେ ଥିବା ଚନ୍ଦ୍ରାକୃତି ବିଚିତ୍ର ବର୍ଣ୍ଣବିଶିଷ୍ଟ ଚିହ୍ନ—1. Rainbow-coloured rings or eyes on the tail-feather of a peacock. ୨ । ଚନ୍ଦ୍ରକ ବିଶିଷ୍ଟ ମୟୂର ପକ୍ଷ—2. Tail-feather of a peacock having rings or eyes on it.

୩ । ପଶ୍ଚିମଦିଗରେ ଦେଖାଯିବା ଇନ୍ଦ୍ରଧନୁ—3. A rain bow appearing in the west.

**ମୟୂର ଚୂଡ଼ା**—ସଂ. ବି ( ୬ଷ୍ଠୀ ତତ୍ )—୧ । ମୟୂରର ମୁଣ୍ଡ ଉପରେ
Mayūra chūrdā ଠିଆହୋଇ ରହିଥିବା ଅବସ୍ଥିତ ପକ୍ଷଗୁଚ୍ଛ—1. The tuft of feathers standing on the head of a peafowl. ୨ । ( ସଂ. ମୟୂର ଶିଖା) ଏକ ପ୍ରକାର ପୁଷ୍ପ ଗାଛ; ଈଶର ଜଟା ଫୁଲ; ମୟୂର ଶିଖା ୨ (ଦେଖ) 2. Colosia Cristata (plant) and flower.

**ମୟୂର ଚୂଳ**—ସଂ. ବି—ମୟୂର ଚୂଡ଼ା ( ଦେଖ )—Mayūra
Mayūra chūla ମୟୂରେର ଚୂଡ଼ା chūrdā ( See )
मयूरशिखा (ମୟୂରଜଟା—ଦେଶଜରୂପ)

**ମୟୂର ଚୂଳିଆ**—ଦେ. ବିଣ ( ସଂ. ମୟୂର ଚୂଳଧାରୀ )—ଯେ ମୟୂର
Mayūra chūliā ଚୂଳ ମୁଣ୍ଡରେ ପିନ୍ଧିଥାଏ—Decorated
ମୟୂର ଚୂଡ଼ା ଧାରୀ with a bunch of peacock's tail-
मयू शिखावाला feather on the head. ଦେ. ବି—
୧ । ଈଶର ଜଟା ( ଦେଖ )—1. Īsara jaṭā ( See ) ୨ । ଶ୍ରୀକୃଷ୍ଣ—2. An epithet of Śrikṛushṇa.

**ମୟୂର ଝାଲି**—ପ୍ରାଦେ ( ବାମଣ୍ଡା ) ବି—ମୟୂରଚନ୍ଦ୍ରିକାଯୁକ୍ତ ପକ୍ଷ—
Mayūra jhāli Peacock-feather having many coloured rings on it.

**ମୟୂର ଝୁଲ**—ପ୍ରାଦେ (ଗଡ଼ଜାତ) ବି—କୋଲ, ଗୁଣ୍ଡୁଲ ଓ ପାଟୁଆମାନେ
Mayūra jhula ମୁଣ୍ଡରେ ଟୋପି ଉପରେ ପିନ୍ଧିବା ମୟୂର ପକ୍ଷରେ ବୁଣା ହୋଇଥିବା ପେନ୍ଥା—A tuft of peacock-feathers worn on the cap by certain dance-loving wild tribes. [ ଦ୍ର—ଏମାନଙ୍କ ଟୋପି ଉପରେ ଗୁଡ଼ାଏ ଚନ୍ଦ୍ରିକାବିଶିଷ୍ଟ ମୟୂର ପକ୍ଷ ଠିଆ କାଗରେ ଖୋସା ଯାଇଥାଏ ।]

**ମୟୂରଡିମ୍ବିଆ**—ପ୍ରାଦେ [ଗଡ଼ଜାତ] ବି. (ସଂ. ମୟୂର + ଡିମ୍ବ; ଏହାର
Mayūra dimbiā ଆକାର ମୟୂରର ଡିମ୍ବପରି ହେବାରୁ)—
ଏକ ପ୍ରକାର ବଡ଼ ମୁଣ୍ଡବାଲା ଛତୁ—A kind of mushroom with a big ball at the top.

**ମୟୂରଧ୍ୱଜ**—ସଂ. ବି (ମୟୂର + ଧ୍ୱଜ ବହୁବ୍ରୀହି)—ମୟୂରଭଞ୍ଜର ପୂର୍ବତନ
Mayūra dhwaja ରାଜବଂଶର ଉପାଧି—The title of the ancient kings of Mayūrbhanj.
[ଦ୍ର—ମୟୂରଧ୍ୱଜ ରାଜବଂଶର ଗଙ୍ଗ ଭଞ୍ଜନ କରି ସିଂହାସନ ଅଧିକାର କରିଥିବାରୁ ବର୍ତ୍ତମାନ ରାଜବଂଶର ନାମ 'ମୟୂରଭଞ୍ଜ' ହୋଇଅଛି । ]

**ମୟୂର ପଙ୍ଖା**—ଦେ. ବି—ମୟୂର ପୁଚ୍ଛ ନିର୍ମିତ ବିଞ୍ଚଣା—
Mayūra paṅkhā A fan made of peacock's tail-
ମୟୂରପାଖା मयूरपंखा feathers.

**ମୟୂରପଦକ**—ସଂ. ବି (ମୟୂର ପଦ + ସାଦୃଶ୍ୟାର୍ଥେ. କ)—ଶୃଙ୍ଗାର
Mayūra padaka ସମୟରେ ସ୍ତ୍ରୀ ପୁରୁଷଙ୍କର ଅନ୍ୟୋନ୍ୟାଙ୍ଗ ସମ୍ବରଣେ ପ୍ରଦତ୍ତ ନଖାଘାତର ଚିହ୍ନ—The marks

made with the nails on the body of a man or woman during amorous intercourse.

**ମୟୂର ପୁଚ୍ଛ**—ସଂ. ବି (୬ଷ୍ଠୀ ତତ୍)—ମୟୂରର ଲାଞ୍ଜ—
Mayūra puchchha Peacock's tail.

**ମୟୂରଭଞ୍ଜ**—ଦେ. ବି (ନାମ)—ଓଡ଼ିଆ ରାଜ୍ୟମାନଙ୍କ ମଧ୍ୟରେ ନେତୃ-
Mayūrabhañja ସ୍ଥାନୀୟ ରାଜ୍ୟ—Name of a leading
ময়ূরভঞ্জ Oriya state in the Eastern States Agency.
मोरभंज [ଦ୍ର—ଓଡ଼ିଆ ଗଡ଼ଜାତମାନଙ୍କ ମଧ୍ୟରେ ଏହା ପ୍ରାଚୀନତମ ଓ ପ୍ରଧାନ ରାଜ୍ୟ। ଦୁଇ ହଜାର ବର୍ଷ ତଳେ ରାଜପୁତାନାର ଜୟପୁର ରାଜବଂଶର ଜଣେ ରାଜପୁରୁଷ ଏହି ରାଜ୍ୟ ସ୍ଥାପନ କରି ରାଜତ୍ୱ କରୁଥିଲେ। ପ୍ରଥମେ ଏହାର ନାମ ହରିହର ପୁର ଥିଲା। 'ମୟୂର' ରାଜବଂଶର ସଙ୍କେତ ଥିବାରୁ ଓ ରାଜାମାନେ ଭଞ୍ଜବଂଶୀୟ ଥିବାରୁ ରାଜ୍ୟପରେ ମୟୂରଭଞ୍ଜ ନାମରେ ପରିଚିତ ହେଲା। ଗଙ୍ଗପତି ରାଜାଙ୍କ ରାଜତ୍ୱରେ ନୀଳଗିରି, ସିଂହଭୂମ, ବରାହଭୂମି, ପଥରଗଡ଼, ନରସିଂହପୁର, ସାରଣ୍ଡା, କେନ୍ଦୁଝର ଅର୍ଦ୍ଧ ଓ ସିଂହଭୂମି ଓ ମାନଭୂମିର ଅଞ୍ଚଳମାନ ଏହି ରାଜ୍ୟର ଅନ୍ତର୍ଗତ ଥିଲା। କାଳକ୍ରମେ ଏ ସବୁ ରାଜ୍ୟ ମୟୂରଭଞ୍ଜରୁ ବିଚ୍ଛିନ୍ନ ହୋଇଅଛି।

କୃପାସିନ୍ଧୁ. ଇତିହାସ।

ଏ ରାଜ୍ୟର ଅଧିପତିମାନଙ୍କର ମହାରାଜ ଉପାଧି ବଂଶାନୁଗତ ଅଟେ। ଏ ରାଜ୍ୟର ମହାରାଜମାନେ ବଂଶାନୁକ୍ରମେ ଉତ୍କଳରେ ବହୁ କୀର୍ତ୍ତି ସ୍ଥାପନ କରିଅଛନ୍ତି। ସ୍ୱର୍ଗୀୟ ମହାରାଜା କୃଷ୍ଣଚନ୍ଦ୍ର କଟକ ରେଭେନ୍ସା କଲେଜର ପ୍ରତିଷ୍ଠାକଳ୍ପେ ବହୁ ସହସ୍ର ମୁଦ୍ରା ଦାନ କରିଥିଲେ। ତାଙ୍କ ପୁତ୍ର ସ୍ୱର୍ଗୀୟ ମହାରାଜା ଶ୍ରୀରାମଚନ୍ଦ୍ର ଉତ୍କଳର ଆଦର୍ଶ ଶାସକ ନରପତି ଓ ସାହିତ୍ୟାନୁରାଗୀ, ମହା ପଣ୍ଡିତ, ଦାତା ଓ ଉଦାରମନା ଥିଲେ। ତାଙ୍କର ପ୍ରଥମ ପୁତ୍ର ସ୍ୱର୍ଗୀୟ ମହାରାଜ ପୂର୍ଣ୍ଣଚନ୍ଦ୍ର ପିତୃଦେବଙ୍କ ପଦ ଅନୁସରଣ କରୁଥିଲେ। ସେ ନିଃସନ୍ତାନ ଅବସ୍ଥାରେ ମୃତ ହେବାରୁ ତାଙ୍କର କନିଷ୍ଠ ମହାରାଜ ପ୍ରତାପଚନ୍ଦ୍ର ବର୍ତ୍ତମାନ ମହାରାଜ ଅଛନ୍ତି। ପ୍ରତାପଚନ୍ଦ୍ର ପିତୃ ମହୋଦୟଙ୍କ ପରି ଆଦର୍ଶ ନରପତି ଓ ଦାତା ଅଛନ୍ତି। ତାଙ୍କର ବଶିଷ୍ଠ ସହାୟତା ଲାଭ କରି ଥିବାରୁ ଶ୍ରୀଭଞ୍ଜଙ୍କ ମହାରାଜଙ୍କ ସୂଚନାକ୍ରମେ ପୂର୍ଣ୍ଣଚନ୍ଦ୍ରଙ୍କ ନାମ ଏ ଭାଷାକୋଷର ନାମ ପୂର୍ବେ ଯୁକ୍ତ ହୋଇଅଛି। ଓଡ଼ିଆ ଗଡ଼ଜାତମାନଙ୍କ ମଧ୍ୟରେ ଉଚ୍ଚ ଆଦର୍ଶ ଅନୁସାରେ ବଂଶାନୁକ୍ରମେ ଶାସିତ ମୟୂରଭଞ୍ଜ ରାଜ୍ୟର ବୈଶିଷ୍ଟ୍ୟ ଭାରତ ବିଶ୍ରୁତ।]

**ମୟୂର ରଥ**—ସଂ. ବି—(ବହୁବ୍ରୀହି)—କାର୍ତ୍ତିକେୟ—
Mayūra ratha A name of Kārttikeya.
(ମୟୂରକେତୁ, ମୟୂର ବାହାନ, ମୟୂରେଶ—ଅନ୍ୟରୂପ)

**ମୟୂର ଲାଞ୍ଜ**—ଦେ. ବି—୧। ମୟୂରପୁଚ୍ଛ—1. Peacock's tail.
ময়ূরের লেজ मयुर पुच्छ ୨। ପଶ୍ଚିମ ଦିଗରେ ମେଘରେ ସମୟେ ସମୟେ ଦେଖାଯିବା ମୟୂରପୁଚ୍ଛାକୃତି
(ମୟୂର ଲାଞ୍ଜ—ଅନ୍ୟରୂପ)
ଚିହ୍ନ: ରେଖା (ଇନ୍ଦ୍ରଧନୁ ପରି)—2. A kind of rainbow in the shape of a peacock's tail.

**ମୟୂର ଶିଖା**—ସଂ. ବି—୧। (୬ଷ୍ଠୀ ତତ୍)—ମୟୂର ଚୂଡ଼ା; ମୟୂରର
Mayūra śikhā ମୁଣ୍ଡ ଉପରେ ବାହାର ଥିବା କ୍ଷୁଦ୍ର ପକ୍ଷଗୁଚ୍ଛ—
মোরগ ফুল The tuft of featheer on the head of a
मोरशिखा, लाल मुरगा peacock. ୨। (ବହୁବ୍ରୀହି) ପୁଷ୍ପ-
ଅନ୍ୟ ସଂ. ନାମ—ସହସ୍ରାହି, ଶାକ ବିଶେଷ—Cockscomb
ମଧୁଚ୍ଛଦା, ପ୍ରିୟତମ, (plant); Celosia Crestata.
ବର୍ହିଚୂଡ଼ା, ଶିଖିନୀ, [ଦ୍ର—ଏହି ଗୁଳ୍ମ ନାଲି ଗଡ଼ା ବା
ଶିଖାଳୁ, ସୁଶିଖ, ଶିଖାବଳା, ଢେଙ୍ଗା ହୋଇଲା ଶାଗ ପରି ଦେଖା-
କେତ ଶିଖ ଯାଏ। ଏଥିର ନାଲି ପୁଷ୍ପମଞ୍ଜରୀ ଚେପଟା
ଫା. ଅସ୍ତାନେ; ଅସ୍ଲନ୍ ହୋଇ କୁକୁଡ଼ାର ବା ମୟୂରର ଚୂଳ
ମ. ମୟୂର ଶିଖା ପରି ଦେଖାଯାଏ। ଏଥିର ଫୁଲ
ଗୁ. ମୋର ଶିଖା ଶ୍ୱେତ, ନାଲି ଓ ପୀତଦଳ। ଏକ
ତେ. ମୟୂର ଶିଖିପୁନେ ଜାତୀୟ ଗଛର ମଞ୍ଜରୀ ଓ ଫୁଲ ନାଲି, ଅନ୍ୟ ଏକ ଜାତିର ଧଳା। ବୈଦ୍ୟଶାସ୍ତ୍ର ମତରେ ଏହା ଲଘୁ, ମଧୁର ରସ ଓ ପିତ୍ତ, କଫ, ଅତିସାର, ମୂତ୍ରକୃଚ୍ଛ୍ର ଓ ବାଲଗ୍ରହ ନାଶକ। ବୈଦ୍ୟକ ଗ୍ରନ୍ଥରେ ଏହା ଗୁଡ଼ୂଚ୍ୟାଦି ବର୍ଗର ଅନ୍ତର୍ଗତ। (ଦ୍ରବ୍ୟଗୁଣ; ଯୋଗେଶ୍ଚନ୍ଦ୍ର)]

**ମୟୂର ସିଂହାସନ**—ସଂ. ବି—(ଅଧୁନିକ; ମୟୂର ଚିହ୍ନିତ ସିଂହାସନ ମ. ପ.
Mayūra siṁhāsana ଲୋ. କର୍ମଧା)—ମୋଗଲ୍ ବାଦଶାହା
ময়ূর সিংহাসন ଜାହାଙ୍ଗୀରଙ୍କର ଦିଲ୍ଲିରେ ନିର୍ମିତ ମୟୂରାକୃତି ରତ୍ନ
मोर सिंहासन ସିଂହାସନ—A throne in the shape of a peacock built by the Moghal Emperor Jehangir at Delhi.

**ମୟୂଲ ଗିରିଆ**—ପ୍ରାଦେ. (ଗଞ୍ଜାମ) ବି—ତୁତିଆ (ଦେଖ)
Mayūla giriā Tutiā (See)

**ମର୍**—ଦେ ଅ—୧। (ବିରକ୍ତିସୂଚକ ଅବ୍ୟୟ) ମଲ!—1. (An
Mar interjection denoting disapproval) Fie!
মর ୨। (ଗାଳି ବା ଶାପ) ତୁ ମର୍; ତୁ ମୃତ ହୋ; ତତେ ମରଣ
मर ଘଟୁ—2. (Interjection used as a curse, meaning) May death overtake you! ପ୍ରାଦେ—(ସମ୍ବଲପୁର ଓ ବାଲେଶ୍ୱର) ସଂ. ମୋର—Mine.

**ମର୍‌ଗେଜ୍**—ବୈଦେ. ବି (ଇଂ. ମର୍ଟ୍‌ଗେଜ୍) (ଜଚରିଆ)—ଭୂସମ୍ପତ୍ତି
Mar-gej ବନ୍ଧକ ଦେଇ ଟଙ୍କା ନେବା କାରବାର; ବନ୍ଧକ—
মর্গেজ् बन्धक,गीरवी Mortgage.

**ମର୍ଚି**—ପ୍ରାଦେ (ସିଂହଭୂମ) ବି (ଭୁଲ ହି. ମିରଚୀ)—ଲଙ୍କାମରିଚ—
Mar-chi Red-pepper.

**ମର୍ଡ଼ା**—ପ୍ରାଦେ (ସମ୍ବଲପୁର) ବି ଓ ବିଣ (ଭୁଲ. ହି. ମୁର୍ଦା)-ମୁର୍ଦାର—
Mar-ṛdā Dead body; corpse.

**ମର୍ଡ଼ା ଘର**—ପ୍ରାଦେ (ସମ୍ବଲପୁର) ବି—ମୁର୍ଦାର ଶାଳା; ଶବ ବ୍ୟବଚ୍ଛେଦ
Mar-ṛdā ghar ଗୃହ—Morgue.

**ମର୍‌ଢେଲ୍**—ପ୍ରାଦେ (ସମ୍ବଲପୁର) କ୍ରି. ବିଣ—ମରଣାନ୍ତକ ଭାବରେ;
Mar-tel ମରିଯିବା ଭଳି—Mortally. (ଯଥା—ମାଷ୍ଟର୍ ପିଲାକେ ମର୍‌ଢେଲ୍ ପିଟିଦେଇ ଛନ୍।) (ଭୁଲ. ଇଂ. ମର୍ଟାଲ)

ମରୁଦବା—ପ୍ରାଦେ (ସମ୍ବଲପୁର, ସ. ମର୍ଦ୍ଦନ) କ୍ରି—ଚକଟିବା; ମର୍ଦ୍ଦିବା—
Mar-dibā To press; to bruise.

ମରନେ—ପ୍ରାଦେ (ସମ୍ବଲପୁର) ଅ—ମୋ ପାଖରେ; ମୋଠାରେ;ମୋ ସହ—
Mar-ne Near me; with me.

ମରବା—ପ୍ରାଦେ (ସମ୍ବଲପୁର) କ୍ରି—ମରିବା—
Mar-bā To die.

ମରବା ତକ୍—ପ୍ରାଦେ (ସମ୍ବଲପୁର) କ୍ରି. ବିଣ—ମରିବା ପର୍ଯ୍ୟନ୍ତ; ଆମରଣ;
Mar-bā tak ଆଜୀବନ—Till one's death; throughout one's life.

ମର୍ ବାହାଞ୍ଚୋ—ଦେ. ଅ (ଉତ୍ତର ବ୍ୟବହୃତ)—ଘୃଣାବ୍ୟଞ୍ଜକ
Mar bāhāncho ଅବ୍ୟୟ—(Interjection) Fie! (denoting disapproval).
ମରଭାଞ୍ଚୋଂ मरबाहनचोद्
(ମର୍ ବାହାଣ୍ଚୋତ୍[ଦ୍]—ଅନ୍ୟରୂପ)

ମରହା—ପ୍ରାଦେ (ସମ୍ବଲପୁର) ବି—ମଡ଼ା - Corpse. ପ୍ରାଦେ—
Mar-hā (ସମ୍ବଲପୁର) ବିଣ—ମୃତ—Dead.

ମର—ସ. ବି (ମୃତ. ଧାତୁ=ମରିବା+ଭାବ. ଅ)—୧। ମରଣ; ମୃତ୍ୟୁ—
Mara 1. Death. ୨। (+ଅଧିକରଣ. ଅ) ପୃଥିବୀ; ଜଗତ—
2. The earth; the world. ସ. ବିଣ (+ (ଅମର—ବିପରୀତ) କର୍ତ୍ତୃ. ଅ)—୧। ମରଣଶୀଳ; ମରଣାଧୀନ—
1 Subject to death; mortal. ୨। ବିନାଶଶୀଳ—2. Subject to decay. ପ୍ରାଦେ (ବାଲେଶ୍ୱର)
[ମ'ର—ଅନ୍ୟରୂପ] ସର୍ବନାମ—ମୋର—Mine.

ମରକ—ସ. ବି (ମୃ. ଧାତୁ+କରଣ ଅକ; ଯହିଁରେ ଲୋକ ମରନ୍ତି)—
Maraka ୧। ମାରୀଭୟ; ମାରୀ; ମଡ଼କ—1. Pestilence; plague; murrain. ୨। ଦେଶବ୍ୟାପକ ବ୍ୟାଧି—
2. An epidemic.

ମରକଟ—ଗ୍ରା. (ପଦ୍ୟ) ବି. ପୁଂ (ସ. ମର୍କଟ)—୧। ମର୍କଟ; ମାଙ୍କଡ଼—
Marakaṭa 1. Monkey. ୨। [ଲକ୍ଷଣାର୍ଥ] ମାଙ୍କଡ଼ପରି
[ମରକଟୀ—ସ୍ତ୍ରୀ] ଅସୁନ୍ଦର ଲୋକ—2. (figurative) An
मर्कट मरकट ugly looking person (like an ape).

ମରକଟା—ଦେ. ବିଣ. ପୁଂ [ସ. ମର୍କଟ]—ମାଙ୍କଡ଼ଆ; ମାଙ୍କଡ଼ ପରି
Marakaṭā କ୍ଷୀଣଦେହହସ୍ତ—Having the body and
মু(মো)রকোটে limbs shrivelled or lean like those
मरकटिया of an ape; emaciated.
[ମରକଟୀ, ମରକଟେଇ—ସ୍ତ୍ରୀ]

ମରକଟି ହେବା—ଦେ. କ୍ରି (ସଂ. ମର୍କଟ; ମାଙ୍କଡ଼ ପରି ଦେଖାଯିବା)—
Marakaṭi hebā ଚର୍ମମର୍କଟ ହେବା; ଚିଡ଼ି କରି ମାଙ୍କଡ଼ ପରି
[ମରକଟେଇ ହେବା—ଅନ୍ୟରୂପ] ଖିଙ୍କାରି ହେବା—To fret
রেগেমেগে দাস্তদেখান and grin in rage like a monkey.
मर्कटीहोना; खीजना (ଯଥା—ସେ ମରକଟି ହେଉଅଛି)

ମରକତ—ସ. ବି [ମରକ=ମାରୀଭୟ+ତୃ. ଧାତୁ=ପାର ହେବା+
Marakata କରଣ. ଅ; ଏହା ଧାରଣ କଲେ ମାରୀଭୟରୁ ମନୁଷ୍ୟ
[ମରକତ୍ତ—ଅନ୍ୟରୂପ] ରକ୍ଷା ପାଏ ବୋଲି ବିଶ୍ୱାସ ଥିବାରୁ]—ସବୁଜ
ବା ହରିଦ୍ବର୍ଣ୍ଣ ମଣିବିଶେଷ; ପନ୍ନା—Emerald. [ଦ୍ର—
ଯେଉଁ ମରକତକେଶରୀ କେଶରୀ ରଘୁ-ସୁତ ଶାସ୍ତ୍ରକୁ ପଢ଼ାଇବ।
ଭକ୍ତ. ଚୈ ମଧୁଧାରା।] [ଦ୍ର—ତୁଳନା କର, ଗ୍ରୀ ସ୍ମିରାଗ୍—
maragda (ମରଗଦ), ଲାଟିନ୍—Smaragdus
(ସ୍ମରାଗଦୁସ୍), ଫ୍ରେଞ୍ଚ—Emerande (ଏମେରାଣ୍ଡେ)। ଗ୍ରୀକ୍
ଜ୍ୟୋତିଷୀଙ୍କ ମତରେ ଏ ରତ୍ନ ବୁଧ ଗ୍ରହଙ୍କର ପ୍ରିୟ
ରତ୍ନ।] ଦେ. ବି—ମରକତ କେଶରୀ (ଦେଖ)—
Marakata kesari (See). (ଦ୍ର—ପୂର୍ବଶ୍ଳୋକ
ମରକତ ମଣିପଦ୍ମ। ସୁଧାନାଥ· ବଳଦାର।)

ମରକତ କେଶରୀ—ଦେ. ବି—କେଶରୀବଂଶର ନୃପବିଶେଷ—A king
Marakata kesarī of Kesarī dynasty of Orissa.
[ଦ୍ର-ଏ ଖ୍ରୀଷ୍ଟାବ୍ଦ ୧୦୯୪ରୁ ୧୧୪୧ ପର୍ଯ୍ୟନ୍ତ ରାଜତ୍ୱ କରଥିଲେ;
ବାରାଣସୀ କଟକ (ଅଧୁନାତ କଟକ ଓ କଟକର ଉପକଣ୍ଠସ୍ଥ
ଗ୍ରାମ ବଡ଼ାଜାଳି) ର ରକ୍ଷା ନିମନ୍ତେ କାଠଯୋଡ଼ି ଓ ମହାନଦୀ
କୂଳରେ ପଥରବନ୍ଧ କରାଇଥିଲେ। କୃପାସିନ୍ଧୁ, ଇତିହାସ।]

ମରକୁମେ—ବୈଦେ. ଅ (କତରଥୀ) (ଆ. ମରକୁମ୍=ଲିଖିତ)—(ଦଲିଲ
Markume ଆଦିରେ ବ୍ୟବହୃତ) ଅମୁକ ତାରିଖରେ ଲିଖିତ—
মরকুমে (used in deeds) Dated; written on such
मरक़ूमे a date.

ମରଜା(ଜ,ଜେ,)ଦା [ଇତ୍ୟାଦି]—ଗ୍ରାମ୍ୟ. ବି (ସ. ମର୍ଯ୍ୟାଦା)—ମର୍ଯ୍ୟାଦ
Marajā(ja,je)dā [etc] ଇତ୍ୟାଦି [ଦେଖ]—Marjyādā
মরজাদা मरजादा[द्] etc [See].

ମରଜି—ବୈଦେ. ବି. (ଆ. ମର୍ଜୀ)—୧। ଖୁସି; ଇଚ୍ଛା—1. Wish;
Maraji will; pleasure. ୨। ସମ୍ମତି—2. Consent.
(ମର୍ଜି—ଅନ୍ୟରୂପ) ୩। ଉଦ୍ଦେଶ୍ୟ; ଅଭିପ୍ରାୟ—3. Intention.
মর্জি ୪। ମନ; ହୃଦୟ; ହୃଦ୍‌ଗତ ଭାବ—4. Mind; heart.
मर्जी [ଦ୍ର—ତୋ ଯେଉଁ ଉମାଳ ଘମାମ ମୋ ମରଜି କର୍ଷିଲାରେ—
କବିସୂର୍ଯ୍ୟ. ଭଗୋଗ୍ୱାରମ୍ଭ, ୯ ଗୀତ।]

ମରଜି ଜଗା(ଗେ)ଇବା—ଦେ. କ୍ରି (ଆ. ମର୍ଜୀ+ସ. ଜାଗୃ. ଧାତୁ)—ମନ
Maraji jagā(ge)ibā ଜଗାଇବା; ପ୍ରସନ୍ନ କରାଇବା; କୌଣସି
मनयोगान ବ୍ୟକ୍ତିର ଇଚ୍ଛା ଅନୁକୂଳରେ କାର୍ଯ୍ୟ କରିବା—To
ମରଜି ଜଗିବା, ମରଜି ରଖିବା, ମରଜା[ଜେ]ଇବା } ଅନ୍ୟରୂପ please a person; to act according to the wish of a person.

ମରଜି ପାଇବା—ଦେ. କ୍ରି (ଆ. ମର୍ଜୀ+ସ. ପ୍ରାପ. ଧାତୁ)—କୌଣସି
Maraji pāibā ବ୍ୟକ୍ତିର ଅନ୍ତରର ଇଚ୍ଛା ବୁଝିବାକୁ ସମର୍ଥ ହେବା-
মনপাওয়া To know the wishes of a person; to
मर्जीपाना fathom a person's mind.

ମରଜି ମିଳିବା—ଦେ. ବି—ଜଣକର ଅନ୍ତରର ଇଚ୍ଛା ଜଣା ପଡ଼ିବା—
Maraji milibā A person's mind or intention
মন জানা পড়া being known or fathomed.
मर्जी मिलना

ମରଠା(ଠ୍ଠା, ଟ୍ଠା) (ଇତ୍ୟାଦି)—ଦେ. ବି ଓ ବିଣ (ସ. ମହାରାଷ୍ଟ୍ର)—
Maraṭhā(ṭṭhā, ṭṭā) (etc) ମରହଟା ଇତ୍ୟାଦି (ଦେଖ)
মারাঠা मरहट्टा Marahaṭā etc. (See)

ମରଠୀ(ଠ୍ଠୀ,ଟ୍ଟୀ) (ଇତ୍ୟାଦି)—ଦେ. ବିଣ—ମରହଟ୍ଟୀ ଇତ୍ୟାଦି ( ଦେଖ )
Marathi(tthi,tti) (etc) Marahati etc. (See)
मराठी ବି—ମହାରାଷ୍ଟ୍ରବାସୀ—Inhabitant of a
मरहट्टिया Mahārāshtra.

ମରଡ଼—ଦେ. ବି. ( ସ. ମରକ )—ମଡ଼କ; ମହାମାରୀ—
Mararda Pestilence; plague.
मड़क मरगी(की)

ମରଡ଼ା—ଦେ. ବି—ଚିଲିକାରେ ମିଳୁଥିବା ଏକ ପ୍ରକାର କଙ୍କଡ଼ା—
Mararda A kind of crab found in the Chilka.
(ମରଡ଼ିଆ—ଅନ୍ୟରୂପ) ଦେ. ବିଣ. ପୁଂ (ସ. ମୃତ ପ୍ରାୟ)—
(ମରଡ଼ି—ସ୍ତ୍ରୀ) ମହାମାରୀ ପ୍ରପୀଡ଼ିତ ରୋଗୀ ପରି କ୍ଷୀଣଦେହ-
मड़ा ବିଶିଷ୍ଟ—Emaciated like a person attacked
मरगिया with pestilence.

ମରଡ଼ି—ଦେ. ବି ( ସ. ମରକ )—୧ । ମରୁଡ଼ି; ମହାମାରୀ—
Marardi 1. Pestilence; plague. ୨ । ସାଂକ୍ରାମକ
मड़क ସଂକ୍ରାମକ ରୋଗ—2. Mortal epidemic
मरगी ୩ । ବୃଷ୍ଟି ଅଭାବରୁ ଶସ୍ୟ ନାଶ—3. The wither-
सूखा रौंदी ing of crops due to want of rain.
आकाल मृत्यु ୪ । ଅକାଳ ମରଣ—4. Untimely
अकाल मरण, मरत death; early death.

ମରଣ—ସ. ବି (ମୃ ଧାତୁ=ମରିବା+ଭାବ, ଅନ)—୧ । ପ୍ରାଣ ତ୍ୟାଗ;
Marana ମୃତ୍ୟୁ; ମରିବା; ଅସ୍ମାର ଦେହ ତ୍ୟାଗ—
(ଜୀବନ—ବିପରୀତ) 1. Dying; death. ୨ । ବିନାଶ—
मरा 2. Destruction. ୩ । ମହୁରା; ବତ୍ସନାଭ ନାମକ ବିଷ;
मरा हुआ କାଠ ବିଷ; ମିଠା ବିଷ—3. Aconite. ଗ୍ରା. ବିଣ—
ମଲା; ମୃତ—Dead. (ଉ—ମରଣଗଚ୍ଛ ଚଳିବ ସୃଷ୍ଟ ବସନଚ
ସ୍ଖଳନ । ଅଭିମନ୍ୟୁ. ବିଦଗ୍ଧ ଚନ୍ତାମଣି ।)

ମରଣ କାମନା—ସ. ବି ( ୪ର୍ଥୀ ତତ୍ ବା ୬ଷ୍ଠୀ ତତ୍ )—
Marana kāmanā ମରିବାର ଇଚ୍ଛା; ମରିବା ପାଇଁ ଇଚ୍ଛା—
The wish to die

ମରଣ କାମୀ—ସ. ବିଣ. ପୁଂ—ମରିବାକୁ ଇଚ୍ଛୁକ—Wishing
Marana kāmi (ମରଣକାମିନୀ—ସ୍ତ୍ରୀ) death.

ମରଣ କାଳ—ସ. ବି. ( ୬ଷ୍ଠୀ ତତ୍ )—ମୃତ୍ୟୁ ଘଟିବା ସମୟ—
Marana kāla The time of death.
[ଉ—ପ୍ରାଣୀର ଭଲ ମନ୍ଦ ବାଣୀ, ମରଣ କାଳେ ତାହା
ଜାଣି । ଜଗନ୍ନାଥ. ଗୁଣ୍ଡିଚା ।]

ମରଣ ଦଶା—ସ. ବି (୬ଷ୍ଠୀ ତତ୍)—ମରିବା ପରି ଅବସ୍ଥା; ମରଣାପନ୍ନ
Marana dasā ଅବସ୍ଥା—Verge of death; grip of
death; dying condition.

ମରଣ ଦୁଃଖ—ସ. ବି (୬ଷ୍ଠୀ ତତ୍)—ମୃତ୍ୟୁ ସମୟରେ ଅନୁଭୂତ କଷ୍ଟ—
Marana duhkha The pangs of death.
(ମରଣ ଯାତନା, ମରଣ କ୍ଲେଶ, ମରଣ କଷ୍ଟ—ଅନ୍ୟରୂପ)

ମରଣ ଧର୍ମ—ସ. ବି—ମରଣ ରୂପ ଧର୍ମ; ମରିବା ରୂପ ଜୀବର ଧର୍ମ—
Marana dharma The incident of death
common to all animals.

ମରଣ ଧର୍ମଶୀଳ—ସ. ବିଣ ପୁଂ ( ବହୁବ୍ରୀହି; ମରଣଧର୍ମ+ଶୀଳ )—
Marana dharmasila ୧ । ମର୍ତ୍ତ୍ୟ; ମରଣଶୀଳ—1. Mortal;
ମରଣ ଧର୍ମୀ } ଅନ୍ୟରୂପ subject to death. ୨ । ନଶ୍ୱର—
ମରଣ ଧର୍ମା } 2. Subject to decay.
(ମରଣ ଧର୍ମଶୀଳା—ସ୍ତ୍ରୀ)

ମରଣ ପାଞ୍ଚିବା—ଦେ. କ୍ରି—ମରଣ କାମନା କରିବା; ଅପେ ବା ଅନ୍ୟ
Marana pānchiba ବ୍ୟକ୍ତି ମରୁ ବୋଲି ଇଚ୍ଛା କରିବା—
मृत्यु कामना करा To wish death (to one's self
मरण बाँछना or to another).

ମରଣ ସନ୍ତୋଷ - ଦେ. ବି (ବ୍ୟଙ୍ଗ୍ୟ)—ଅତ୍ୟନ୍ତ ଅସନ୍ତୋଷ—
Marana santosha Utter dissatisfaction.
अति असन्तोष मरण सन्तोष

ମରଣାନ୍ତ—ସଂ. ବିଣ ( ବହୁବ୍ରୀହି; ମରଣ ଅଟେ ଅନ୍ତ ଯାହାର )—
Maranānta ଯେଉଁ ରୋଗର ବା ଯୁଦ୍ଧାଦିର ଫଳରେ ମୃତ୍ୟୁ
(ମରଣାନ୍ତକ—ଅନ୍ୟରୂପ) ଘଟେ; ଯାହାର ଶେଷ ଫଳ ମୃତ୍ୟୁ ଅଟେ-
मरणान्त Fatal (disease); mortal; (a thing) end-
मरणान्त ing in or leading to death.
ଦେ. କ୍ରି. ବିଣ—ମରିବା ପର୍ଯ୍ୟନ୍ତ; ଆମରଣ—
Till death.

ମରଣାପନ୍ନ—ସଂ. ବିଣ. ପୁଂ (୨ୟା ତତ୍ ପୁରୁଷ; ମରଣକୁ ଆପନ୍ନ=
Maranāpanna ପ୍ରାପ୍ତ )—୧ । ମୃତପ୍ରାୟ—1. Nearing
(ମରଣାପନ୍ନା—ସ୍ତ୍ରୀ) death; almost dead. ୨ । ମୁମୂର୍ଷୁ—
2. Dying.

ମରଣାପନ୍ନ ଅବସ୍ଥା—ସଂ. ବି (କର୍ମଧା)—ମୁମୂର୍ଷୁ ଅବସ୍ଥା—Dying
Maranāpanna abasthā condition; mortal con-
dition.

ମରଣାଶୌଚ—ସଂ. ବି. ( ମ. ପ. ଲୋ; ମରଣ ଜନିତ ଅଶୌଚ )—
Maranā sauchā ମୃତ୍ତିକଥା; ମୃତକାଶୌଚ; କୌଣସି ବ୍ୟକ୍ତିର
ମୃତ୍ୟୁ ଯୋଗୁଁ ତାହାର ଜ୍ଞାତିମାନଙ୍କର ନିର୍ଦ୍ଦିଷ୍ଟକାଳ ପର୍ଯ୍ୟନ୍ତ
ଅଙ୍ଗାଶୁଦ୍ଧି—Impurity observed by kindreds
on the death of a person.

ମରଣେଚ୍ଛୁ—ସଂ. ବିଣ ( ୭ମୀ ତତ୍; ମରଣ+ଇଚ୍ଛୁ )—ମରିବାକୁ
Maranechchhu ଇଚ୍ଛୁକ—Wishing to die.
(ମରଣେଚ୍ଛୁକ—ଅନ୍ୟରୂପ)

ମରଣୋଦ୍ୟତ—ସଂ. ବିଣ. ପୁଂ (୭ମୀ ତତ୍)—୧ । ମରଣ ପାଇଁ ପ୍ରସ୍ତୁତ;
Maranodyata ମରିବାକୁ ଯାଉଥିବା—1. Going to die;
ମରଣୋଦ୍ୟତା } ସ୍ତ୍ରୀ prepared to die.
ମରଣୋନ୍ମୁଖୀ } ୨ । ମୁମୂର୍ଷୁ—2 Dying.
(ମରଣୋନ୍ମୁଖ—ଅନ୍ୟରୂପ)

ମରତ—ସଂ. ବି ( ମୃ ଧାତୁ+ଭାବ ଅତ )—ମରଣ; ମୃତ୍ୟୁ—Death.
Marata ଗ୍ରା. ବି ( ସଂ. ମର୍ତ୍ତ୍ୟ ) (ପଦ୍ୟ)—ମର୍ତ୍ତ୍ୟପୁର; ମର୍ତ୍ତ୍ୟ-
मरत मरत ଲୋକ; ପୃଥିବୀ—The earth; the world.
बार (ଉ—ମୋ ଯୋଗ ମରତେ କେତେ ମହାପ୍ରାଣୀ ଡେଙ୍ଗଲେ
मरतबा ପ୍ରାଣ । ରାଧାନାଥ. ଜଜା ।) ଦେଦେ. ବି (ଅ.ମର୍ତବା)
ଥର; ବେଳା—Time.

| ୧ | ଇ | ଉ | ଋ,ଋ | ଌ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | କ୍ଷ | ଜ୍ଞ | ଶ,ଷ | ଙ୍କ | ଇୟ | ଉଅ | ଈ |
|---|---|---|---|---|---|---|---|---|---|---|---|---|---|---|
| ୨ | ଈ | ଊ | ଋୁ | ଌୁ | ଐ | ଅକାରାନ୍ତ ବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ | ଖ୍ୟ | ଘ | ସ | ଗଁ୍ୟ | ଇଅ | ୬ | ଢ଼ |

ମରତ ଭୁବନ—ଗ୍ରା. (ପଦ୍ୟ) ବି—( ସଂ. ମର୍ତ୍ତ୍ୟଭୁବନ )—ଭୂମଣ୍ଡଳ; Marata bhubana ପୃଥିବୀ—The globe; the world; मरत भुवन मरत मण्डल मरत मंडल the earth. (ମରତ ମଣ୍ଡଳ—ଅନ୍ୟରୂପ)

ମରତ୍ୟ—ଗ୍ରା (ପଦ୍ୟ) ବି—(ସଂ. ମର୍ତ୍ତ୍ୟ)—ମର୍ତ୍ତ୍ୟ—The world. Maratya [ଉ—ଜଳେ ଥଳେ ଏବଂ ମରତ୍ୟେ ଦେବତା। मरत मरतव ମଧୁସୂଦନ ଲୁଡ଼ିରାମଚରିତ ।]

ମରଦ—ବୈଦେ. ବି. ପୁଂ—(ଅ. ମର୍ଦ୍ଦ; ଭୁଲ. ସଂ. ମର୍ତ୍ତ୍ୟ)—୧ । ମର୍ଦ୍ଦ Marada ମନୁଷ୍ୟ; ପୁରୁଷ—1. Man. [ଯଥା—ପୁଅ(ଝି)-मर्द ହେବା ମରଦ ।] ୨ । ଅଣ୍ଡିରା—2. Male. ୩ । ସ୍ୱାମୀ; मर्द, मरद ଗେରସ୍ତ—3. Husband. ବୈ. ବିଣ—ସାହସୀ—ମର୍ଦ୍ଦ ମର୍ଦ୍ଦ }—ଅନ୍ୟରୂପ Brave; manly.

ମରଦଗାଜୀ—ଗ୍ରା. ବି—ମର୍ଦ୍ଦଗାଜି (ଦେଖ) Maradagāji Marddagāji (See)

ମରଦନ—ଗ୍ରା. ବି (ସଂ. ମର୍ଦ୍ଦନ)—ମର୍ଦ୍ଦନ (ଦେଖ)—Marddana Maradana (See) [ଉ—ପୀନ ପୟୋଧର ମରଦନେ ଜର୍ଜ୍ଜରା । मर्दन ରସବାରିଧି ।] ପ୍ରାଚୀ. ପ୍ରାଦେ. (ଗଡ଼ଜାତ) ବି—ରାଜାଙ୍କର मरदन ତେଲ ଲଗାଇବା କର୍ମ—The rubbing of oil on the body of a Rājā.

ମରଦନ ବଢ଼ିବା—ପ୍ରାଦେ. (ଗଡ଼ଜାତ) ବି—ରାଜାଙ୍କର ସ୍ନାନ ପୂର୍ବରୁ Maradana bardhibā ଦେହରେ ତେଲ ଘଷିବା କାର୍ଯ୍ୟର ଶେଷ ହେବା—The completion of the act of rubbing oil on the body of a Rājā before bath.

ମରଦ ନାମା—ଦେ. ବି—(ଫା. ମର୍ଦ୍ଦ+ସଂ. ନାମ)—ପୁରୁଷ ନାମବାଚକ Marada nāmā ବ୍ୟକ୍ତି; ପୁରୁଷ ଜାତୀୟ ବ୍ୟକ୍ତି—Male पुरुष मानुष person. [ଯଥା—ସେ ଘରେ ମରଦନାମା କେହି मरदनामा ନାହିଁ । ]

ମରଦନିଆ(ଆଁ)—ଦେ. ବିଣ—(ସଂ. ମର୍ଦ୍ଦନକାରୀ)—ଯେ ମର୍ଦ୍ଦନ କରେ; Maradaniā(ān) ଯେ ପ୍ରଭୁଙ୍କ ଅଙ୍ଗ ଘଷେ—Rubbing the ये गाटेपे body of the master. [ଉ—ସାମନ୍ତ ଭୂଧର-मरदनिआ ଜାତ ପୟୋଧର ମରଦନିଆ ଶୁଚର । କବିସୂର୍ଯ୍ୟ. ଚଉପଦୀ ଚନ୍ଦ୍ରୋ–ଯ ଗୀତ ।]

ମରଦ ପଣ—ଦେ. ବି—(ଫା. ମର୍ଦାନା)—୧ । ପୌରୁଷ; ବୀରତ୍ୱ; ସାହସ-Marada pana 1. Manliness; bravery; manly मर्दानी; मर्दानगी courage. ୨ । ପୁଂସ୍ତ୍ୱ; ଅଣ୍ଡିରପଣିଆ—मरदानि मरदानगी 2. Potency; virility. [ମରଦପଣିଆ (ଆଁ)—ଅନ୍ୟରୂପ]

ମରଦ ପିଲା—ଦେ. ବି—(ହି. ମରଦ୍‌କା ବଚ୍ଚା)—୧ । ସାହସୀ ବ୍ୟକ୍ତି; Marada pilā ବୀର୍ଯ୍ୟବାନ୍ ବ୍ୟକ୍ତି—1. A manly person; मरदबाचा मर्दकाबच्चा a son of man. [ଦ୍ର—ଅର୍ଥାତ୍ ଯେ (ମରଦ ପୁଅ; ମରଦ ବଚ୍ଚା—ଅନ୍ୟରୂପ) ସ୍ତ୍ରୀରୂ ଜନ୍ମେ, ଯେ ମନୁଷ୍ୟପଦବାଚ୍ୟ ବ୍ୟକ୍ତିର ପୁତ୍ର, ଅମନୁଷ୍ୟ ବା ସ୍ତ୍ରୀରୂର ପୁତ୍ର ନୁହେଁ ।] ୨ । ମନୁଷ୍ୟ—2. A man.

ମରଦ ମାଇକିନିଆ—ଗ୍ରା. ବି—(ବିପରୀତ ଲିଙ୍ଗ ସହଚର)—୧ । ପୁରୁଷ Marada māikiniā ଓ ସ୍ତ୍ରୀ—1. Male and female. पुरुष ও স্ত্রী ୨ । ସ୍ୱାମୀ ଓ ସ୍ତ୍ରୀ—2. Husband and wife. मरदमादी

ମରଦରାଜ—ଗ୍ରା. ବି—ମର୍ଦ୍ଦରାଜ (ଦେଖ) Maradarāja Marddarāja (See)

ମରଦଳ—ଗ୍ରା. (ପଦ୍ୟ) ବି—(ସଂ. ମର୍ଦ୍ଦଳ)—ମର୍ଦ୍ଦଳ (ଦେଖ) Maradaḷa Marddaḷa (See) [ ଉ—ବାଜନ୍ତି ରସନା मादल ବାଦ୍ୟ ମରଦଳ ମଧ୍ୟେ କୃଷ୍ଣଗୀତ ଦେଇ । ଭକ୍ତ ବୈଦେହୀଶ मरदल ବିଳାସ ।]

ମରଦାଣୀ—ଦେ· ବି—(ଫା, ମରଦ୍‌ର ଓଡ଼ିଆ ସ୍ତ୍ରୀଲିଙ୍ଗ)—୧ । ସାହସିକା Maradāṇi ନାରୀ—1. A brave woman. ୨ । ଅଣ୍ଡିରା-मरदानी मरदानो ଚଣ୍ଡୀ—2. An amazon.

ମରଦାନା(ନି)—ବୈଦେ. ବିଣ—(ଫା.)—୧ । ପୁରୁଷ ସମ୍ବନ୍ଧୀୟ—Maradānā(ni) 1. Relating to males. ୨ । मरदाना ପୁରୁଷୋଚିତ—2. Befitting a male. (ଯଥା—मरदाना(नी) ମରଦାନା ବେଶ ।) ୩ । ବୀରୋଚିତ—3. Rela-मरदानगी ting to a hero; heroic. ବୈଦେ. ବି—(ଫା. ମରଦାନଗୀ)—ମରଦପଣ (ଦେଖ) Maradapaṇa (See)

ମରଦିଆ—ଦେ. ବିଣ—(ସଂ. ମର୍ଦ୍ଦନକାରୀ)—ମରଦନିଆ; ପ୍ରଭୁଙ୍କ ଅଙ୍ଗ-Maradiā ମର୍ଦ୍ଦନକାରୀ (ଭୃତ୍ୟ)—(a servant) Who ये टेपे मरदनिआ rubs his master's limbs.

ମରଦିବା—ଦେ. (ପଦ୍ୟ) କି—(ସଂ. ମୃଦ୍ ଧାତୁ)—୧ । ଘଷିବା Maradibā ମର୍ଦ୍ଦନ କରିବା—1. To rub. ୨ । ମଳିବା—मरदनकरा, मरदा मरदन करना, मरदना 2. To crush. (ମର୍ଦ୍ଦିବା—ଅନ୍ୟରୂପ) [ଉ—ଗଜ ଫୁଲ ପାଦେ ମରଦିଲେ ମଦେ ଲଭ ବିନା ଅସ୍ତାଚଳ ରେ ବନ୍ଧୁଅ । ସଙ୍ଗୀତ ।] ୩ । ଉତ୍ପୀଡ଼ନ କରିବା; କଷ୍ଟ ଦେବା—3. To oppress. [ଉ—ସୁର ମରଦଇ ତା ବଚନ ପାଇ ବଳମ ଶର ପଠାଣ । କବିସୂର୍ଯ୍ୟ. ସଙ୍ଗୀତ ।]

ମରନ୍ଦ—ସଂ. ବି—(ମର=ମୃତ୍ୟୁ+ଦୋ ଧାତୁ=ଛେଦନ କରିବା+ Maranda କର୍ତ୍ତୃ. ଅ—ଯାହା ଭ୍ରମରମାନଙ୍କ ମୃତ୍ୟୁକୁ ଖଣ୍ଡନ କରେ) (ମରନ୍ଦକ—ଅନ୍ୟରୂପ) ମକରନ୍ଦ; ପୁଷ୍ପ ମଧୁ—The honey from flowers. [ ଉ—ମରନ୍ଦ ସେବେ ଚମର ଲୋକେ ଭ୍ରମିଲେ ଭଣି ମାରେ । କବିସୂର୍ଯ୍ୟ. ଚଉପଦୀଚନ୍ଦ୍ର ସ. ଗୀତ ।]

ସାଧାରଣ ଲୋକେ ଅପର ପୃଷ୍ଠାରେ ସୂଚିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତାହାଁର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାଈ' ନ ମିଳିଲେ 'ଗାଇ' ଖୋଜିବେ; ବୃଷ ନ ମିଳିଲେ 'ବୃଷ' ଦେଖିବେ। 'ରଥ' ନ ପାଇଲେ 'ରଥ' ଦେଖିବେ; ଅଙ୍ଗା ନ ପାଇଲେ 'ଅଙ୍ଗା' ଦେଖିବେ; 'ଅଲବତ' ନ ପାଇଲେ 'ଅଲ୍‌ବତ୍‌' ଦେଖିବେ।

**ମରବୁଦ**—ଦେ. ବି ଓ ବିଣ—(ସଂ. ଅର୍ବୁଦ)—୧୦ କୋଟି (ସଂଖ୍ୟା)—
Marabuda One hundred million.
(ମରଭୁତ—ଅନ୍ୟରୂପ)

**ମରମ**—ଦେ. ବି. ପଦ୍ୟ (ସଂ. ମର୍ମ)—୧ । ଶରୀରର ମର୍ମ ସ୍ଥାନ ବା ସନ୍ଧି;
Marama ଶରୀରର ଜୀବସ୍ଥାନ ( ଅର୍ଥାତ ଯେଉଁ ସ୍ଥାନରେ
মরম ସାମାନ୍ୟ ଆଘାତ ଲାଗିଲେ ମୃତ୍ୟୁ ଘଟେ]—1. A vital
मरम part of the body; a vital organ of the body.
[ଉ—ମରମରେ ପଶି ଦରମସ୍ତ କଲେ ସରସ ହରଷ କୋହ୍ନ । କବିସୂର୍ଯ୍ୟ. ସଙ୍ଗୀତ ।] ୨ । ହୃଦୟ; ଅନ୍ତର—2. Heart; the quick. [ଉ—ପ୍ରେମ ଗୀତ ବାଜେ ବାମା ମରମେ । ନନ୍ଦକିଶୋର. କର୍ଣ୍ଣହରଣୀ।] ୩ । ମନୁଷ୍ୟର ଆନ୍ତରିକ ଉଦ୍ଦେଶ୍ୟ; ମର୍ମ କଥା; ଅନ୍ତରର କଥା—3. One's internal desire. ୪ । ଅପ୍ରକାଶ୍ୟ ବିଷୟ; ଗୁପ୍ତକଥା; ରହସ୍ୟ—4. A secret; a mystery. (ଉ—ସବୁ କହିବ ମରମ କଥା କହିବ ନାହିଁ-ଢଗ) ୫ । ବୀଜ; ଭେଦ; କୌଣସି ସମସ୍ୟା ସାଧନର ଗୁପ୍ତମନ୍ତ୍ର; ଗୂଢ଼ ରହସ୍ୟ—5. The key to a problem. ୬ । ଗୁପ୍ତ ଉଦ୍ଦେଶ୍ୟ—6. Hidden purpose. ୭ । କୌଣସି କଥାର ଗୁପ୍ତ ଅର୍ଥ—7. The secret meaning of a passage or expression. ୮ । ତାତ୍ପର୍ଯ୍ୟ—8. Gist; drift; purport. ୯ । ଉପସ୍ଥ—9. Male or female organ. ଦେ. ବିଣ—୧ । ଆନ୍ତରିକ—1. Internal. ୨ । ଗୁପ୍ତ; ଗୋପନୀୟ—2. Secret.
ବୈଦେ. ବି (ଇଂ. ମୋରମ୍)—ପକ୍କା ସଡ଼କରେ ବିଛା ଯିବା ସାନ ସାନ ପଥରଗୋଡି; ଚୂନା ଚୂନା ପଥରଗୋଡି—Bits of metal spread on the surface of metalled roads; morum. [ଦ୍ର—ପ୍ରଥମରେ ମାଟି ଉପରେ ଚିମା ପଥର ବିଛାଯାଇ ତା ଉପରେ ଗୋଡ଼ି ବିଛାଯାଏ ଓ ତା ଉପରେ 'ମରମ' ବିଛାଯାଇ ତାକୁ ଧୁର୍ମୁଷରେ ପିଟି କରି ବା ରୋଡ୍ ରୋଲର୍‌ର ସାହାଯ୍ୟରେ ସଡ଼କକୁ ଘନ ଓ ଦୃଢ଼ କରାଯାଏ ।]
মোরম
रोड़ी

**ମରମ କଥା**—ଦେ. ବି (ସଂ. ମର୍ମ କଥା)—୧ । କୌଣସି ବ୍ୟକ୍ତିର ଗୁପ୍ତ
Marama kathā କଥା—1. The secrets of a
মরমেরকথা person. ୨ । ହୃଦୟର ଭାବ ପ୍ରକାଶକ ବାକ୍ୟ;
मरमकीबात ମନର କଥା—2. Words expressing one's desire of the heart. ୩ । ଯେଉଁ କଥା କହିଲେ ଲୋକର ହୃଦୟରେ କଷ୍ଟ ହୁଏ; ମର୍ମଭେଦୀ ବାକ୍ୟ—3. Words which hurt a person to the quick.

**ମରମ କହିବା**—ଦେ. କ୍ରି—କୌଣସି ବ୍ୟକ୍ତିର ଗୁପ୍ତ କଥା ପ୍ରକାଶ
Marama kahibā କରିବା—To speak out the
মরমেরকথা বলা मरमकीबात बोलना secrets of a person.

**ମରମକୁ କାଟିବା**—ଦେ. କ୍ରି—(କୌଣସି ବିଷୟ) କୌଣସି ବ୍ୟକ୍ତିର
Maramaku kāṭibā ହୃଦୟରେ ବ୍ୟଥା ଜନ୍ମାଇବା; ହୃଦୟରେ
মরমে লাগা(বাজা) ବେଦନା ଦେବା—To cut a person
मरमे चोटदेना to the quick; to wound a person's sensitiveness (said of words or acts.)

ମରମକୁ ବାଧି (ଧେ)ବା, ମରମକୁ ଲାଗିବା
ମରମକୁ(ରେ) ବାଜିବା, ମରମରେ ଚୋଟ ଦେବ
ମରମରେ ପଶିବା, ମରମରେ ଗଳିଯିବା } —ଅନ୍ୟରୂପ
ମରମରେ ପଡ଼ିବା, ମରମକୁ(ରେ) ଭେଦିବା
ମରମ ଛୁଣ୍ଡାଇବା, ମରମ ହାଣିବା

**ମରମକୁ ଧରିବା**—ଦେ. କ୍ରି—(ସଂ. ମର୍ମ+ଧୃ ଧାତୁ)—୧ । ଅନ୍ତରରେ
Maramaku dharibā ଅନୁଭୂତ ହେବା—To touch a
মরমে লাগা मरमसे लगना person's heart. ୨ । କୌଣସି ବ୍ୟକ୍ତିର ଭାବ ସଙ୍ଗେ ମେଳ ଖାଇବା—2. To tally with a person's internal wish (said of words or ideas.)
ମରମକୁ ପାଇବା
ମରମକୁ ଭେଦିବା } —ଅନ୍ୟରୂପ

**ମରମକୁ ବଧା(ଧେ)ଇବା**—ଦେ. କ୍ରି—(ସଂ. ମର୍ମ+ବ୍ୟଧ ଧାତୁ)—
Maramaku badha(dhe)ibā କୌଣସି ବ୍ୟକ୍ତିର ହୃଦୟରେ
মরমকে লাগান ଆଘାତ ଦେବା; ମର୍ମବ୍ୟଥା ଦେବା—To
আঁতে ঘা দেওয়া cut a person to the quick; to
मरमको लगाना wound a person's sensibility or sensitiveness.

**ମରମ କୁହା**—ଦେ. ବିଣ. ପୁଂ—(ସଂ. ମର୍ମ କଥକ)-ଯେ ଅନ୍ୟ ବ୍ୟକ୍ତିର
Marama kuhā ମର୍ମ କଥା କହି ତା ମନରେ ମର୍ମବେଦନା
মর্মঘাতী ଜାତ କରାଏ; ମର୍ମଘାତୀ—Wounding the feelings
मरम कहनेवाला of others by speaking out their secrets.
(ମରମକୋହ୍ନି—ସ୍ତ୍ରୀ)

**ମରମ ଘାତୀ**—ଦେ. ବିଣ—(ସଂ. ମର୍ମଘାତୀ) ହୃଦୟରେ ବେଦନା
Marama ghātī ଦେବା (ବ୍ୟକ୍ତି ବା ବିଷୟ)—Causing pain
মর্মঘাতী मरमघाती to the heart; heartrending.
( ମରମଘାତକା, ମରମ ଘାତକା—ଗ୍ରାମ୍ୟରୂପ ) [ ଉ—ଯେତୁ ମରମଘାତୀ କଥାକୁ କରଇ, ବୁଝିଲେଟି ପାପିଙ୍କ ଅଗ୍ରଣୀଟି ସେହି । କୃଷ୍ଣସିଂହ. ମହାଭାରତ ସଭା ।]

**ମରମ ଛିଣ୍ଡା**—ଦେ. ବିଣ—ମରମ ବାଧକା (ଦେଖ)
Marama chhindā Marama bādhakā (See)

**ମରମ ଜାଗା**—ଦେ. ବି—(ସଂ. ମର୍ମ+ପା. ଜଗହ୍)—୧ । ଶରୀରର
Marama jāgā ଜୀବସ୍ଥାନ—1. The vital or
মরম যায়গা मरम जगह sensitive part of the body.
ମରମ ଥାନ
ମରମ ଥଳ } —ଅନ୍ୟରୂପ ୨ । ଅଣ୍ଡକୋଷ, ଲିଙ୍ଗ ଓ ଯୋନି ଆଦି ଗୁପ୍ତ ସ୍ଥାନ—2. The privities; the private parts of the body.
ମରମ ଥଳି

**ମରମତ(ି)**—ଗ୍ରାମ୍ୟ. ବୈଦେ. ବି—ମରାମତ (ଦେଖ)
Maramat(ti) Marāmat (See)

**ମରମ ତୁଟ(ଟା)**—ଦେ. ବିଣ ପୁଂ—(ସ. ମର୍ମ+ତୁଟ୍ ଧାତୁ) ମରମ ବାଧକ। Maramatuṭ (ṭā) (ଦେଖ)—Marama bādhakā
ମର୍ମଘାତୀ **मरम तोड़नेवाला** [ମରମ ତୁଟୀ(ତୁଟେଇ)—ସ୍ତ୍ରୀ] (See)

**ମରମ ପାଇବା**—ଦେ. ବି—(ସ. ମର୍ମ+ପ୍ରାପ୍ ଧାତୁ)—୧ । କୌଣସି Marama pāibā ବ୍ୟକ୍ତିର ଅନ୍ତରର ଇଚ୍ଛା ବା ମନର ଭାବ ବୁଝିବାକୁ
ମর্ম পাওয়া ସମ ହେବା—1. To be able to fathom a **मरम पाना** person's intention. ୨ । କୌଣସି ବିଷୟର ବା ସମସ୍ୟାର ରହସ୍ୟ ଭେଦ କରିବା—2. To know the key or secret of a matter.

**ମରମ ବାଧ(ଧି)କା**—ଦେ. ବିଣ. ପୁଂ—(ସ. ମର୍ମ ବାଧକ)—ମର୍ମଘାତୀ
Marama bādha(dhi)kā (ବାକ୍ୟ, ବ୍ୟକ୍ତି); ଅତି ମନୋକଷ୍ଟ ଦାୟକ—Wounding a person's sensibility;
[ମରମବାଧ(ଧି)କା—ସ୍ତ୍ରୀ] (ମରମଦଣା—ଅନ୍ୟରୂପ) cutting to the quick.

**ମରମ ବେଦନା**—ଦେ. ବି—(ସ. ମର୍ମ ବେଦନା)—ମର୍ମ ବେଦନା
Marama bedanā (ଦେଖ)—Marma bedanā (See)
মর্মবেদনা **मरम बेदना** (ମରମ ବାଧା—ଅନ୍ୟରୂପ)

**ମରମ ଭିତର**—ଦେ. ବି—ହୃଦୟର ଭିତର; ଅନ୍ତରର ଭାବ—
Marama bhitara The inmost recesses of the
মরমের ভিতর heart; the quick; the heart; one's
**मरम भितर** most internal or mental sense.
[ଉ—କଥା କହୁଥାଏ ଧରମକୁ, ଗୃହ ସାଉଥାଏ ଉରମକୁ, ମରମ ଭିତରେ ଯାହା ହୋଇଥାଏ ସାକ୍ଷିଦେଉଥାଏ ଧରମକୁ । ଋଗ ।]

**ମରମ ଭେଦ**—ଦେ. ବି—( ସ. ମର୍ମଭେଦ)—୧ । ମର୍ମଭେଦ (ଦେଖ)
Marama bheda মর্মভেদ 1. Marma bheda (See)
**मरमभेद** ୨ । ଗୁପ୍ତ ରହସ୍ୟ—2. Secret. ୩ । ଅନ୍ୟର ଗୁପ୍ତ ରହସ୍ୟ ଜାଣିବା—3. Prying into the secrets of another.

**ମରମ ଭେଦୀ**—ଦେ. ବିଣ—(ସ. ମର୍ମଭେଦୀ)—ମର୍ମଭେଦୀ; ଯେଉଁ
Marama bhedī କଥା ବା ଯାହା ମର୍ମକୁ ବ୍ୟଥା ଦିଏ; ମର୍ମ-
মরম ভেদ ବେଦନାଉତ୍ପାଦକ—Producing acute mental
**मरमको दुखानेवाली** anguish; cutting to the quick; heart rending.

**ମରମର**—ବୈଦେ. ବି—(ଲାଟିନ୍ ମର୍ମର; ଗ୍ରୀକ୍ ମର୍ମର୍ସ୍, ଫ୍ରେଞ୍ଚ୍ ମର୍ବ୍ରେ,
Maramara ଇଂ. ମାର୍ବଲ୍)—୧ । ମର୍ମର; ଶ୍ୱେତମର୍ମର ପଥର—
মরমর **मरमर** 1. Marble. ଦେ. ଅ—( ଧ୍ୱନ୍ୟନୁକରଣ ) (ସ. ମର୍ମର; ତୁଳ, ଇଂ. ମର୍ମର୍)—୨ । ଧୀର ପବନ ଯୋଗୁଁ ଗଛ ପତ୍ର ଅାଦିର ମର୍ମର ଧ୍ୱନି—2. The murmuring or rustling sound of leaves of trees wafted or shakn by breeze. [ଉ—ମରମର ପତ୍ର ପତ ତରୁ ପକ୍ଷଗଣ କଳକଳଘୋର.କର୍ଣ୍ଣରଣି.।] [ଦ୍ର-'ମଡ଼ ମଡ଼' ଅପେକ୍ଷା ଅଳ୍ପତର ଧ୍ୱନିକୁ ମର ମର ବୋଲି ଯାଏ ।] ଦେ. ବିଣ—(ସ. ମର; ମୁମୂର୍ଷୁ)—୧ । ମୁମୂର୍ଷୁ; ମରଣୋନ୍ମୁଖ—
मरमर 1. Dying; about to die; on the verge of
**मरजीया(वा)** death. ୨ । ଅର୍ଦ୍ଧମୃତ—2. Half-dead;

**ମରମରିବା**—ଦେ. (ପଦ୍ୟ) କ୍ରି—ମର୍ମର ଧ୍ୱନି କରିବା—To produce
Mara maribā a murmuring or rustling sound.
मरमरा (ଉ—ଡାଳ ବନେ ଯହିଁ ମରମରେ ଶିଖ୍ ବାୟୁ ପ୍ରକମ୍ପ ।
**मरमराना** ସୁଧାକାର. ଉଷା ।)

**ମରମରେ ଚୋଟ ଦେବା**—ଦେ. କ୍ରି—କୌଣସି ବ୍ୟକ୍ତିର ମର୍ମ ବେଦନା
Maramare choṭa debā ଜାତ କରିବା—To wound a person's feeling; to cut a person to the quick.
ମରମରେ ଚୋଟ ଲଗା(ଗେ)ଇବା
ମରମରେ ଚୋଟ ମାରିବା
ମରମରେ ଚୋଟ(ଟେ) ହାଣିବା } ଅନ୍ୟରୂପ
ମରମ ହାଣିବା
মরমে চোট দেওয়া **मरममे चोट देना**

**ମରମରେ ଚୋଟ ଲାଗିବା**—ଦେ. ବି—କୌଣସି ବ୍ୟକ୍ତିର ମର୍ମ ବେଦନା
Maramare choṭa lāgibā ଜାତ ହେବା; ହୃଦୟରେ ଅଘାତ
মরমে চোট লাগা ଲାଗିବା—The feeling of a person
**मरममे चोट लगना** being wounded; being cut to the quick.

**ମରମ ସନ୍ଧି**—ଦେ. ବ (ସ. ମର୍ମ ସନ୍ଧି)—୧ । ମର୍ମ ସନ୍ଧି; ଶରୀରର ଜୀବ-
Marama sandhi ସ୍ଥାନ—1. Most vital or sensi-
মর্ম সন্ধি tive organ or part of the body.
**मरम सन्धि** ୨ । କୌଣସି ବିଷୟର ଗୁପ୍ତ ରହସ୍ୟ—2. The secret of a matter. (ଉ—ମରମ ସନ୍ଧି, ଲୁଅ ଧାନ ଖାଏ ବୋଡ଼ୁକୁ ବାନ୍ଧ—ଋଗ ।)

**ମରମାନ୍ତ**—ଦେ. ବିଣ ( ସ. ମର୍ମାନ୍ତିକ )—ମର୍ମାନ୍ତିକ; ମର୍ମଭେଦୀ; ମର୍ମ
Maramānta ବ୍ୟଥା ଉତ୍ପାଦକ—Piercing one's heart.
মর্মান্তিক **मरमांत** (ମରମାନ୍ତିକ—ଅନ୍ୟରୂପ) heart rending.

**ମରମେ ମରମେ**—ଦେ. କ୍ରି. ବିଣ—୧ । ଅପଣାର ହୃଦୟ ଭିତରେ;
Marame marame ହୃଦୟ ବା ମର୍ମ ସ୍ଥଳକୁ ଭେଦ କରିବା
মরমে মরমে ପ୍ରକାରେ—1. In a manner penetrating
**मरमे मरमे** the inmost recesses of one's heart.
୨ । ମରମେ ମରମେ; ଅତି ଗୁପ୍ତ ଭାବରେ—2. Very secretly; mysteriously. ୩ । ଶିରେ ଶିରେ; ଶିର ପ୍ରଶିରରେ; ଦେହର ସମସ୍ତ ଅଂଶରେ—3. Throughout the whole body or system.

**ମରମେ ମରମେ ମରିବା**—ଦେ. କ୍ରି—୧ । ମର୍ମାନ୍ତିକ ଦୁଃଖରେ ବା
Marame marame maribā ଲଜ୍ଜାରେ ମ୍ରିୟମାଣ ହେବା—
ମରମେ ମରମେ ଜଳିବା
ମରମେ ମରମେ ସଢ଼ିବା
ମରମେ ମରମେ ପୋଡ଼ି ହେବା } ଅନ୍ୟରୂପ
ମରମେ ମରିବା
1. To be overcome with shame or sorrow, which can not be
মরমে মরমে মরা expressed to a third person.
**मरम मरमसे मरजाना** ୨ । ହୃଦୟର ବେଦନା ବାହାରେ ପ୍ରକାଶ କରିବାକୁ ଅସମର୍ଥ ହୋଇ ହୃଦୟରେ ଦୁଃସହ ଜ୍ୱାଳା ଅନୁଭବ କରିବା—2. To suffer great mental pain

on account of not being able to give out one's grief to others.

**ମରଯା(ଯେ)ଦା** (ଇତ୍ୟାଦି)—ଗ୍ରାମ୍ୟ ବ (ସ.ମର୍ଯ୍ୟାଦା)—ମର୍ଯ୍ୟାଦା ଇତ୍ୟାଦି Marajā(je)dā (etc) ( ଦେଖ ) Marjyādā etc ( See ) मरयादा **मरजादा**

**ମରଷଣ**—ଗ୍ରା. (ପଦ୍ୟ) ବ—୧ । ମର୍ଷଣ ( ଦେଖ ) Marashaṇa मरषण 1. Marashaṇa ( See ) **मरषण** ୨ । ପୀଡ଼ନ—2. Oppression; paining.

**ମରସିଆ**—ବୈଦେ. ବି. (ଆ. ମରସିଅ)—କୌଣସି ମୃତ ବ୍ୟକ୍ତିର ଗୁଣ Marasiā ଓ କୀର୍ତ୍ତି ଗାନ ଉଦ୍ଦେଶ୍ୟରେ ରଚିତ ଶୋକ-शोकसंगीत **मरसिया** ସଙ୍ଗୀତ—Dirge; a funeral song. [ଦ୍ର—ଉର୍ଦ୍ଦୁ ଭାଷାରେ ଏହା ଅନେକ ସ୍ଥଳରେ ରଚିତ ହୁଏ; ଏହା ଶୁଣିବା ବ୍ୟକ୍ତିର ହୃଦୟରେ ଶୋକ ଉଦ୍ପାଦନ କରେ । ମୁସଲମାନ୍‌ମାନଙ୍କର ମହରମ ସମୟରେ ଏ ଶ୍ରେଣୀର ସଙ୍ଗୀତମାନ ବହୁଶଃ ବୋଲାଯାଏ—ହ୍ରୁ. ଷ]

**ମରସୁମ୍(ମୀ)**—ବୈଦେ. ବି ( ଫା. ମୋସମ୍=ଋତୁ )—୧ । ମୌସୁମୀ; Marasum(mī) ମର୍ସୁମ୍; ଋତୁ—1. Weather; season. मसूम ୨ । ସୁଯୋଗ—2. Suitable opportunity. **मोसम** ବୈଦେ. ବିଣ—ଋତୁକାଳୀନ—Happening in a particular weather or season; seasonable; monsoonic. (ଯଥା—ମରସୁମୀ ବାୟୁ, ମରସୁମୀ ବୃଷ୍ଟି ।)

**ମରହଟ୍ଟ(ଟ୍ଟ)**—ଦେ. ବି ( ସ. ମହାରାଷ୍ଟ୍ର )—୧ । ମହାରାଷ୍ଟ୍ର ଜାତି—Marahaṭā(ṭṭā) 1. The Marhatta race (an मराठी, मरठा, मारहाट्टा Aryan tribe of India). **मरहट्टा(टा, ठा)** [ ଦ୍ର—ଏ ମହାରାଷ୍ଟ୍ର ଅଞ୍ଚଳବାସୀ ଜାତି । ଶିବାଜି (ମର୍ଠା—ଅନ୍ୟରୂପ) ଏମାନଙ୍କର ପ୍ରଧାନ ନେତା ଥିଲେ । ମୋଗଲ-ମାନଙ୍କ ସମୟରେ ଏମାନେ ଓଡ଼ିଶାରେ ରାଜ୍ୟ ବିସ୍ତାର କରି ଥିଲେ ଓ ୧୮୦୩ ପୂର୍ବରୁ ଅର୍ଥାତ୍ ଇଂରାଜମାନେ ଓଡ଼ିଶା ଅଧିକାର କରିବା ପୂର୍ବରୁ ଓଡ଼ିଶା ଏମାନଙ୍କ ଅଧିକାରରେ (ମରହଟ୍ଟଅଣୀ—ସ୍ତ୍ରୀ) ଥିଲା ।] ୨ । (ପୁଂ) ମହାରାଷ୍ଟ୍ର ଜାତୀୟ ପୁରୁଷ-2.A male belonging to the Marhatta nation. ଦେ. ବିଣ—୧ । ମହାରାଷ୍ଟ୍ର ଜାତୀୟ—1. Belonging to the Marhatta nation. ୨ । ମହାରାଷ୍ଟ୍ର ଦେଶୀୟ. 2. Belonging to the Marhatta country.

**ମରହଟ୍ଟା ଅମଲ**—ଦେ ବି ( ସ. ମହାରାଷ୍ଟ୍ର+ଫା. ଅମଲ୍ )—Marahaṭā amala ୧ । ଉତ୍କଳରେ ଇଂରେଜ ରାଜାଙ୍କ माराठा आमल ଅଧିକାର (୧୮୦୩ ସାଲ) ର ପୂର୍ବ ସମୟ (ଯେଉଁ **मरहट्टा अमल** ସମୟରେ ମରହଟ୍ଟାମାନେ ଉତ୍କଳରେ ଅଧିପତି ଥିଲେ)—1. The period of the rule of the Marhattas in Orissa. [ଦ୍ର—ଖ୍ରୀ ୧୭୫୨ ରେ ରଘୁଜୀ ଭୋଁସଲ ଅଲ୍ଲବର୍ଦ୍ଦିଖାଁଙ୍କଠାରୁ ଓଡ଼ିଶା ଜୟ କଲେ ଓ ୧୮୦୩ରେ ଦେଓଗାଁ ସନ୍ଧି ଦ୍ୱାରା ଭୋଁସଲ ରାଜା ଓଡ଼ିଶାକୁ ଇଂରାଜଙ୍କ ହସ୍ତରେ ଅର୍ପଣ କଲେ ।] ୨ । ପୂର୍ବକାଳ—2.Ancient times.

**ମରହଟ୍ଟା(ଟ୍ଟା) ଯୁଦ୍ଧ**—ଦେ. ବି—ଇଂରାଜମାନଙ୍କ ସଙ୍ଗେ ଶିବାଜିଙ୍କ ପରବର୍ତ୍ତୀ Marahaṭṭā(ṭṭā) juddha ମହାରାଷ୍ଟ୍ରୀୟ ରାଜାମାନଙ୍କ ଯୁଦ୍ଧ—मारठा युद्ध, मारहटा युद्ध The Marhatta Wars; wars **मरहट्टा लडाइ** between the English and the (ମରହଟ୍ଟା ସମର—ଅନ୍ୟରୂପ) Marhattas in India. [ଦ୍ର—ଇଂରାଜଙ୍କ ସଙ୍ଗେ ମରହଟ୍ଟାମାନଙ୍କର ତିନି ଥର ଯୁଦ୍ଧ ହୋଇଥିଲା । ପ୍ରତି ଥର ମରହଟ୍ଟାମାନେ ପରାସ୍ତ ହୋଇ ଇଂରାଜଙ୍କ ସଙ୍ଗେ ସନ୍ଧି ସ୍ଥାପନ କରିଥିଲେ । ପ୍ରଥମବାର ମରହଟ୍ଟା ଯୁଦ୍ଧ ୱାରେନ୍‌ହେଷ୍ଟିଂସ୍‌ଙ୍କ ସମୟରେ ଖ୍ରୀ ୧୭୭୯ ଠାରୁ ୧୭୮୧ ମଧ୍ୟରେ ହୋଇଥିଲା; ପ୍ରଥମେ ଇଂରାଜ ସେନା ପରାସ୍ତ ହୋଇଥିଲେ, କିନ୍ତୁ ଶେଷରେ ଇଂରାଜମାନେ ଜୟୀ ହେଲେ ଓ ସାଲବାଇ ଠାରେ ମରହଟ୍ଟା ଓ ଇଂରାଜଙ୍କ ମଧ୍ୟରେ ସନ୍ଧି ହେଲା । ୨ୟ ମରହଟ୍ଟା ଯୁଦ୍ଧ ଖ୍ରୀ. ୧୮୦୩ରେ ହୋଇଥିଲା; ଏଥିରେ ଇଂରାଜମାନେ ଜୟୀ ହେଲେ ଓ ମରହଟ୍ଟାମାନେ ଇଂରାଜମାନଙ୍କ ସଙ୍ଗେ ଦେଓଗାଁ ଠାରେ ସନ୍ଧି କଲେ । ଖ୍ରୀ୧୮୧୭ରେ ୩ୟ ମରହଟ୍ଟା ଯୁଦ୍ଧ ହୋଇଥିଲା ଏଥିରେ ମରହଟ୍ଟାମାନେ ପରାସ୍ତ ହେଲେ ଓ ପୁନାରେ ସ୍ୱାକ୍ଷରିତ ସନ୍ଧି ଫଳରେ ପେଶବାଙ୍କ ରାଜ୍ୟ ଇଂରାଜଙ୍କ ଶାସନାଧୀନ ହେଲା । ଏ ୩ଟି ମରହଟ୍ଟା ଯୁଦ୍ଧର ଫଳରେ ଶିବାଜୀଙ୍କ ପରେ ପ୍ରତିଷ୍ଠିତ ପୁନାର ପେଶବା, ଗୋଆଲିଅରର ସିନ୍ଧିଆ, ଇନ୍ଦୋରର ହୋଲକାର, ନାଗପୁରର ଭୋଁସ୍ଲା ରାଜାମାନେ ଇଂରାଜ ସରକାରଙ୍କ ଅଧୀନତା ସ୍ୱୀକାର କଲେ ଓ ଅନେକଗୁଡ଼ିଏ ମରହଟ୍ଟା ରାଜ୍ୟ ଇଂରାଜଙ୍କ ଶାସ୍ ହସ୍ତଗତ ହେଲା ।]

**ମରହଟ୍ଟୀ(ଟ୍ଟୀ)**—ଦେ. ବିଣ (ସ.ମହାରାଷ୍ଟ୍ରୀ, ପ୍ରା. ମରଠୀ)—୧ । ମହାରାଷ୍ଟ୍ର Marahaṭi(ṭṭi) ସମ୍ବନ୍ଧୀୟ—1. Relating to the माराठि, माराठे, सेकेलर Marhatta race or **मरहट्टी; मरहट्टीया, मरहठी** country. ୨ । ମରହଟ୍ଟା (ମରହଟ୍ଟିଅ—ଅନ୍ୟରୂପ) ଅମଳର—2. Pertaining to the period of the Marhatta rule in India. ୩ । ପୁରୁଣାକାଳିଆ (ଲୋକ ଓ ରୀତି)—3. Of ancient times. ୪ । ରକ୍ଷଣଶୀଳ (ବ୍ୟକ୍ତି)—4. Conservative (person). (ଯଥା—ମରହଟ୍ଟୀ ବୁଢ଼ା ।) ୫ । ଯେଉଁ କଥା ବର୍ତ୍ତମାନ ଚଳୁ ନାହିଁ—5. Exploded; obsolete; archaic. (ଉ—ମାତ୍ର ଆଜିକାଲି ସେପରି ମରହଟ୍ଟୀ ବର୍ଣ୍ଣନା ଚଳବ ନାହିଁ । ଫକୀର ମୋହନ. ଛମାଣ ଆଠଗୁଣ ।) ୬ । ପୁରାତନ କାରିଗରଙ୍କ ଦ୍ୱାରା କରାଯାଇଥିବା (କୋଠା ଆଦି କାମ)—6. (Structures) Made by ancient architects. [ଦ୍ର—ପୂର୍ବକାଳରେ ଯେଉଁ କୋଠା, ପଥର କାମ ଓ ଇଟା କାମମାନ କରା ଯାଇଥିଲା (ଯଥା—କଟକରେ ମହାକଳା ଓ କାଠଯୋଡ଼ିର ପଥରବନ୍ଧ, କଟକ ଷ୍ଟେସନର ପୂର୍ବରେ ଥିବା ମରହଟ୍ଟା ସୈନ୍ୟମାନଙ୍କର ଅସ୍ତାବଲ୍, କଟକ ସହରରେ ଥିବା ପୁରୁଣା ପଥର କୋଠାମାନ ଓ ଭୁବନେଶ୍ୱର

ଅଦର ଦେଉଳମାନ ) ସେମାନ ଅନେକ ସ୍ଥଳରେ ଅଦ୍ୟ ପର୍ଯ୍ୟନ୍ତ ଅକ୍ଷୁଣ୍ଣ ରହିଅଛି; କିନ୍ତୁ ଆଧୁନିକ ବା ଇଂରେଜ ଅମଳର ବଡ଼ ବଡ଼ କୋଠାମାନ (ଯଥା—କଟକର କମିଶନରଙ୍କ କଚେରି ଓ ନୂଆ ଅଦାଲତ କଚେରି ଅଦ୍ୟ) ଭିଆରି ହେବାର ୬ । ୪ ବର୍ଷ ମଧ୍ୟରେ ଫାଟିବା ବା ଦରଜଗମ ହେବା ଦେଖା ଯାଉଅଛି । ଏଥିପାଇଁ ଲୋକଙ୍କର ବିଶ୍ୱାସ ଯେ ପୂର୍ବକାଳର କାରିଗରମାନଙ୍କ ହାତର କାମମାନ ଆଧୁନିକ କାରିଗରଙ୍କ କାମ ଅପେକ୍ଷା ବେଶୀ ଦୃଢ଼ ଓ ସ୍ଥାୟୀ । ]

ମରହଟ୍ଟୀ ଜୋତା—ଦେ. ବି—ଏକପ୍ରକାର ଚଟି ଯୋତା—A kind
Marahaṭi jotā of slippers with a slender
माराठीचटि, नागराजूता tongue at the toe. [ ଦ୍ର—ଏଥିର
**काबुली जुता** ଅଗରେ ଗୋଟିଏ ଚୂଳୀ ବା ଚିରଙ୍ଗା ଲମ୍ବ ହୋଇ ବାହାରିଥାଏ । ଏ ପ୍ରକାର ଯୋତା ଆମ ଦେଶରେ ମରହଟ୍ଟା ଅମଳରେ ଚଳୁଥିଲା । ବର୍ତ୍ତମାନ ପର୍ଯ୍ୟନ୍ତ ମଧ୍ୟ ମଫସଲରେ ପୁରୁଣା- କାଳିଆ ଲୋକେ ଏ ଜୋତା ବ୍ୟବହାର କରନ୍ତି । ]

ମରହଟ୍ଟୀ ପାଲି(ନି)କି(ଙ୍କି)—ଦେ. ବି—ପୁରୁଣାକାଳିଆ କୁମ୍ଭୀମୁଖ ଓ
Marahaṭi pāli[ni]ki[ṅki] ଶ୍ରୀବାକାର ଦଣ୍ଡଯୁକ୍ତ ପାଲିକି
नालकी, दोला, डूली ବା ଦୋଳା—Palanquins used in
**नालकी** old times. [ ଦ୍ର—ଏ ପାଲିକିମାନଙ୍କ ଉପରେ ଓଟର ମୁହଁ ଓ ବେଙ୍ଗ ଆକାରର ବଙ୍କୁରଟଙ୍କର ଲମ୍ବା ବାଉଁଶ ବା ବରଓହଳକୁ ଦଣ୍ଡା ରୂପେ ଲଗା ଯାଇଥାଏ । ବର୍ତ୍ତମାନ ପର୍ଯ୍ୟନ୍ତ ବରକନ୍ୟାଙ୍କ ବିବାହଯାତ୍ରାରେ ସେହି ପାଲିକି ବ୍ୟବହୃତ ହେଉଅଛି ଓ କେତେକ ସ୍ଥଳରେ ଦେବପ୍ରତିମାମାନ ସେହି ପାଲିକିରେ ଶୋଭାଯାତ୍ରା କରି ଯାଆନ୍ତି । ଅନ୍ୟତ୍ର ସେଭଳି ପାଲିକିର ବ୍ୟବହାର ହେଉ ନାହିଁ । ]

ମରହଟ୍ଟୀ ବୁଢ଼ା—ଦେ. ବି—ରକ୍ଷଣଶୀଳ ବୃଦ୍ଧ ବ୍ୟକ୍ତି—A conser-
Marahaṭi burḍhā vative oldman; a votary of
सेकेले बुड़ो old and archaic customs.
**मरहटीया बुड्डा** (ମରହଟ୍ଟିଆ ବୁଢ଼ା—ଅନ୍. ରୂପ)

ମରହଟ୍ଟୀ ଭାଷା—ଦେ. ବି— ବୋମ୍ବାଇ, ବେରାର ଓ ମଧ୍ୟ-
Marahaṭi bhāshā ଭାରତରେ କଥିତ ଆର୍ଯ୍ୟ ଭାଷାବିଶେଷ—
माराठी भाषा An Indo Aryan language spoken in
**मरहटटी भाषा** Bombay, Berar and Central India. [ଦ୍ର—ଓଡ଼ିଆ, ବଙ୍ଗଳା, ହିନ୍ଦି ଆଦି ପରି ଏହା ସଂସ୍କୃତ ଭାଷାସମ୍ଭୂତ ପ୍ରାକୃତ ଅଟେ; ଏହା ଦେବନାଗର ଅକ୍ଷରରେ ଲେଖାଯାଏ । ]

ମରହୁମ୍—ବିଦେ. ବିଣ (ଜଡ଼ରିଆ) ( ଫା )—ସ୍ୱର୍ଗୀୟ; ମୃତ—
Marahum मरहुम **मरहुम** Late; deceased.

ମର—ଦେ. ବି (ସଂ. ମୃ. ଧାତୁରୁ ମରଣ)—୧ । ମରିବା; ମୃତ୍ୟୁ; ମରଣ—
Marā 1. Dying; death. ୨ । ମଡ଼ା; ଶବ—2. Corpse
मरा ୩ । (ଅନ୍ୟ ଶବ୍ଦ ସଙ୍ଗେ ପ୍ରଯୁକ୍ତ ହେଲେ ଯଥା—ବାଣମରା;
**मरना** ଚଢ଼େଇମରା; ବନ୍ଧୁକମରା; ଛୁରୁଣୀମରା )—ମାରିବା—
ମଡ଼ା 3. Killing; discharging. [ଦ୍ର—ମାରିବାର ଭାବ ରୂପ
**मडा** ଅର୍ଥ ଦେଖ । ] ଦେ. ବିଣ—୧ । (ଅନ୍ୟ ଶବ୍ଦ ସଙ୍ଗେ ଯୁକ୍ତ
मारा ହେଲେ ଯଥା—ଚଢ଼େଇମରା ଲୋକ ) ଯେ
**मारा** ମାରେ—1. Killing; destroying. ୨ । ମୃତ;
(ମରେଇ—ସ୍ତ୍ରୀ) ମରିଥିବା; ମଲା—2. Dead. ୩ । ଯେ ମରାଏ;
मारा ଯେ ଅନ୍ୟଦ୍ୱାରା ହତ୍ୟା କରାଏ—3. Causing the
**मारनेवाला; मारा** death of others. ( ଯଥା—କହିଁମରା ଭାତୁକ ।) [ଦ୍ର—ମରା ଶବ୍ଦ ନାନା ଅର୍ଥରେ ନାନା ଶବ୍ଦ ସଙ୍ଗେ ବ୍ୟବହୃତ ହୁଏ ଯଥା—ଦରମରା, ଖରମରା, ଛୁରୁଣୀ ମରା, ଜୀବନମରା, ବହିଁଶମରା, ପିଅମରା, ଧୂଳମରା, ବନ୍ଧୁକ ମରା, ବାଣମରା । ]

ମରା(ରେ)ଇ—ଦେ. ବି. ( ସ. ମଗର=ଖଳା )—ପାଳର ମୋଡ଼ା ବା
Marā(re)i ଦଉଡ଼ି କୁଣ୍ଡଳାକାର ହୋଇ ଗୁଡ଼ାଅ ହୋଇ ଥିବା ଓ
मराई ଭିତରେ ଅଧିକ ସ୍ତୂପ,ଯହିଁ ଭିତରେ ବହୁ ପରିମିତ ଧାନ ବହୁକାଳ
**बखारी** ସଞ୍ଚିତ ହୋଇ ରହେ—A hollow stack made of and covered with crushed straw in which a large quantity of paddy is stored for a long time. ଦେ. ବିଣ. ସ୍ତ୍ରୀ—(ଅଶ୍ଳୀଳ; ଗାଳିରେ ବ୍ୟବହୃତ)—ଅସଚ୍ଚରିତ୍ରା (ସ୍ତ୍ରୀ)—Depraved (woman).

ମରା(ରେ)ଇବା—ଦେ. କ୍ରି:—(ସ. ମୃ ଧାତୁ ଣିଜନ୍ତ ମାର ଧାତୁ)—
Marā(re)ibā ୧ । ମାରିବା କ୍ରିୟାର ଣିଜନ୍ତ ରୂପ—(ମାରିବା
मारान କ୍ରିୟାର ଭାବ ରୂପ ଅର୍ଥ ଦେଖ)—1. Causative of
**मराना, मरवाना** Māribā ( See ). [ ଦ୍ର—ଶ୍ରୀକୃଷ୍ଣଙ୍କ ନାହି ଶ୍ରୀମାର୍ଜୁନ ବଳ, ସକାଶୁଁ ମରାଇଲେ ମଗଧ ଶିଶୁପାଳ । କୃଷ୍ଣସିଂହ. ମହାଭାରତ. ଆଦି ।] ୨ । ମରିବା କ୍ରିୟାର ଣିଜନ୍ତରୂପ—2. Causative of the verb Maribā (See). ୩ । (ଗ୍ରାମ୍ୟ ଅଶ୍ଳୀଳ; ଗାଳିରେ ବ୍ୟବହୃତ) (ସ୍ତ୍ରୀ ପକ୍ଷରେ) ପୁରୁଷର କାମବୃତ୍ତି ଚରିତାର୍ଥ କରାଇବା—3. To let oneself be cohabited by another (said of a female). ୪ । (ଗ୍ରାମ୍ୟ, ଅଶ୍ଳୀଳ; ଗାଳିରେ ବ୍ୟବହୃତ) (ପୁରୁଷ ପକ୍ଷରେ) ଗୁହ୍ୟଦ୍ୱାର ଦ୍ୱାରା ଅନ୍ୟ ପୁରୁଷର କାମବୃତ୍ତି ଚରିତାର୍ଥ କରାଇବା—3. To let another commit unnatural sexuality on oneself (said of a male).

ମରାଖାଇ—ଦେ. ବି—୧ । ମଡ଼ାଖାଇ; ଶ୍ମଶାନ—1. Cremation
Marākhāi ground. ୨ । ମୁର୍ଦ୍ଦାରଖାନା—2. Morgue.
मशान **मरघट** (ମରାମଖାଣି—ଅନ୍ୟରୂପ)

ମରାଚଣ୍ଡିଆ—ଦେ. ବି—ମଡ଼ାଚଣ୍ଡିଆ (ଦେଖ)
Marāchandiā Mardā chandiā (See).

ମରାଜି—ଦେ. ବି—ଲୁଗା ଅଞ୍ଚଳ ଅଗରେ ବା ମୁହଁଣ୍ଡାରେ ଲଗାଯିବା ଝମ୍ପି;
Marāji ଝାଲର—Ta ssels attached to the end of
झालर **झब्बा;झालर** cloths.

ମରାଟ - ଦେ.(ପ୍ରାଚୀନ) ବି—୧ । ମୁରାଟ (ଦେଖ)—1. Murāṭa Marāṭa (See). ୨ । (ପ୍ରା. ମରଟ୍ଟ) ରାଜୋପକରଣ ବିଶେଷ—2. One of the paraphernalia of royalty.

ମରାଟ କାଢ଼ିବା—ଦେ. ବି—ମୁରାଟ କାଢ଼ିବା (ଦେଖ) Marāṭa kārḍhibā Murāṭa kārḍhibā (See). [ମରାଟବା, ମରାଟଦେଖା(ଖେ)ଇବା—ଅନ୍ୟରୂପ]

ମରାଟି(ଠି)—ଗ୍ରା; ବିଣ—ମରହଟୀ (ଦେଖ) Marāṭi(ṭhi) Marahaṭī (See).

ମରାତ(ତି)ବ୍—ବୈଦେ. ବି (ଅ. ମରତବ୍) (ବହୁବଚନ) -୧ । ପଦବୀ; Marāta(ti)b ପଦ—1. Position. ୨ । କ୍ରମୋନ୍ନତିର ମরাত(তি)ব ପର୍ଯ୍ୟାୟ ଅବସ୍ଥା—2. Successive condition or मरातिब stage. ୩ । ଧ୍ୱଜା; ପତାକା—3. Flag.

ମରା(ଡ଼ା) ଦେଉଳ—ଦେ. ବି—ସମାଧି—Tomb. Marā(ṛdā) deuḷa (ଯଥା—ମରା ଦେଉଳ ଉପରେ ଚଢ଼ାଇ, সমাধি समाधि ବାଳେ ନାଗରୀ ଝି ଝି ଧାଇ ଧାଇ । ବ୍ରଜନାଥ. ସମରତରଙ୍ଗ ।)

ମରା ପିଲା—ଦେ. ବି—ମଲା ପିଲା; ଗର୍ଭରୁ ମୃତ ହୋଇଥିବା ସନ୍ତାନ— Marā pilā A still-born child. মরা ছেলে मराहुआ बच्चा

ମରାମତ(ତି)—ବୈଦେ. ବି ( ଅ. ମରମ୍ମତ୍ )— Marāmat(ti) ଜୀର୍ଣ୍ଣ ସଂସ୍କାର—Repairs. ଦେ. ବିଣ— মেরামত मरम्मत ଯାହାର ଜୀର୍ଣ୍ଣସଂସ୍କାର କରି ଯାଇଅଛି— [ବେମରାମତ(ତି)—ବିପରୀତ] Repaired.

ମରାମତି କରିବା—ଦେ. କ୍ରି (ଅ. ମରମ୍ମତ) - ଜୀର୍ଣ୍ଣସଂସ୍କାର କରିବା— Marāmat karibā To repair something; to মেরামত করা मरम्मत करना mend.

ମରାମର—ସଂ. ବି ( ମର+ଅମର; ଦ୍ୱନ୍ଦ୍ୱ )—ମନୁଷ୍ୟ ଓ ଦେବତା— Marāmara Man and God; the mortals and the immortals. ସଂ. ବିଣ—ମରଣଶୀଳ ଓ ଅମର— Mortal and immortal.

ମରାମରା—ଦେ. ବିଣ—ଅର୍ଦ୍ଧମୃତ—Half killed. Marāmarā (ଯଥା—କଠାରୁ ମରାମରା ହୋଇ ପଡ଼ି ରହିଲା । আধ মরা अध मरा, मरजिया ଗାଳ୍ପିକ ଦାସ. ପିଲାଙ୍କ ରାମାୟଣ)

ମରାମରି—ଦେ. ବି (ସଂ. ମୃତ ଧାତୁ ଣିଚ ମାର ଧାତୁ)—୧ । ଅନ୍ୟୋନ୍ୟ Marāmari ମାଡ଼ ବାଧ ଦେବା; ପରସ୍ପରକୁ—1. Mutual মারামারি beating or striking; affray; brawl. मारामारि (ଯଥା—ପରସ୍ପର ମରାମରାଟ ସେ ହୋଇଲେ । କୃଷ୍ଣସିଂହ. ମହାଭାରତ ଅଦି ।) ୨ । ମାରପିଟ; ବିଶେଷ ପ୍ରହାର— 2. Copious beating. ୩ । ଫିଙ୍ଗାଫିଙ୍ଗି; ଫୋପଡ଼ା-ଫୋପଡ଼ି; ଅନ୍ୟୋନ୍ୟ ଫୋପାଡ଼ିବା କର୍ମ—3. The act of throwing things at each other or one another. (ଯଥା—ପରସ୍ପରେ ହାତ ପିଟିବା କଲେ ଧରି, ହୋଇଲେ ସେ ଚକନ ବାର ମରାମର । କୃଷ୍ଣସିଂହ. ମହାଭାରତ ଅଦି ।) ଦେ. ବିଣ—ଅନ୍ୟୋନ୍ୟ ମାରପିଟ କରୁଥିବା—Beating each other.

ମରା ମଶାଣି—ଦେ. ବି (ସଂ. ମୃତ+ଶ୍ମଶାନ)—ଶ୍ମଶାନ— Marā masāṇi Cremation ground. মশান मरघट, मसान

ମରା ଯି(ହେ)ବା—ଦେ. କ୍ରି—[ମାରିବା କ୍ରିୟାର କର୍ମବାଚ୍ୟରେ ରୂପ— Marā ji(he)bā Passive voice of the verb মারা যাওয়া Maribā (see)]—ମାରିତ ବା ହତ ହେବା— मारा जाना To be killed or beaten. [ଦ୍ର—ମାରିବାର ଭିନ୍ନ ଭିନ୍ନ ଅର୍ଥ ଦେଖ ।]

ମରାର—ସଂ. ବି—ଖଳା (ହି. ଣ)—Threshing floor; Marāra garnering yard.

ମରାଳ—ସଂ. ବି. ପୁଂ (ମୃ ଧାତୁ=ମରିବା+କର୍ତ୍ତୃ. ଅଲ)—୧ । ରାଜ-Marāḷa ହଂସ; ଅରକ୍ତ ଚଞ୍ଚୁ ଓ ଚରଣ ବିଶିଷ୍ଟ ଶ୍ୱେତ ହଂସ — (ମରାଳୀ—ସ୍ତ୍ରୀ) 1. Swan; gander. ୨ । ପାତିହଂସ— ଭୂତ ହଂସ; କାରଣ୍ଡବ—2. Drake (duck). ୩ । ଅଶ୍ୱ— 3. Horse. ୪ । ମେଘ—4. Cloud. ୫ । କଜ୍ଜଳ— 5. Collyrium. ୬ । ଡାଳିମ୍ବ ଗଛମାନଙ୍କ କୁଞ୍ଜ— 6. A grove of pomegranate trees. ୭ । ଠକ- 7. A rogue; a cheat (Apte). ୮ । ହାତୀ (ହି.ଣ) —8. Elephant. ସଂ. ବିଣ—୧ । ମସୃଣ; ଚିକ୍କଣ— 1. Smooth. ୨ । କୋମଳ—2. Soft; tender (Apte). ୩ । ତେଲିଆ; ଚିକଣା—3. Oily; greasy (Apte).

ମରାଳ ଗତି—ସଂ. ବି (୬ଷ୍ଠୀ ତତ୍)—ମରାଳର ଗତି ପରି ଗତି; ହଂସ ପରି Marāḷa gati ଧୀର ଗତି—Slow steps like that of a swan. ସଂ. ବିଣ. ସ୍ତ୍ରୀ (ବହୁବ୍ରୀହି)—ମରାଳ ଗମନା (ଦେଖ )—Marāḷa gamana ( See )

ମରାଳ ଗମନା—ସଂ. ବି. ସ୍ତ୍ରୀ (ବହୁବ୍ରୀହି)—ରାଜହଂସ ପରି ଧୀର ମନୋହର Marāḷa gamanā ଗତିବିଶିଷ୍ଟା (ନାରୀ)—( a woman ) (ମରାଳ ଗାମିନୀ—ସ୍ତ୍ରୀ) Walking with measured and slow steps like the swan. [ ଦ୍ର—ଧୀରଗତିବିଶିଷ୍ଟ ପୁରୁଷମାନଙ୍କର ଗତିକୁ ମରାଳର ଗତି ସଙ୍ଗେ କବିମାନେ ତୁଳନା କରିବାର ଦେଖା ଶୁଣା ନାହିଁ ବୋଲି ଏହି ଶବ୍ଦର ପୁଂଲିଙ୍ଗ ଅବାର ଏଠାରେ ଦିଆ ଗଲା ନାହିଁ ।]

ମରାଳ ଗମନୀ—ଦେ. (ପଦ୍ୟ) ବିଣ. ସ୍ତ୍ରୀ (ସଂ. ମରାଳ ଗମନା)— Marāḷa gamanī ମରାଳ ଗମନା ( ଦେଖ )—Marāḷa মরাল গমনী मराल गति gamanā ( See )

ମରାଳ ନିନ୍ଦିତ—ସଂ. ବିଣ (ମରାଳ ନିନ୍ଦିତ ହୁଏ ଯାହା ଦ୍ୱାରା)—ମରାଳ-Marāḷa nindita ଠାରୁ ସୁନ୍ଦର ବା ମନୋହର—More (ମରାଳ ଲାଞ୍ଛିତ—ଅନ୍ୟରୂପ) lovely than the swan. ( ଯଥା—ସୁନ୍ଦରୀ ମରାଳନିନ୍ଦିତ ଗତିରେ ଅଗ୍ରସର ହେଲା ।)

**ମରାଳ ପନ୍ତି** - ଦେ. ବ (ସ. ମରାଳ ପଂକ୍ତି)—ହଂସମାନଙ୍କର ଧାଡ଼ି—
Marāla panti A row of swans (walking or
ମরাল পংক্তি **मरालकी पाँती** swimming together).

**ମରା ହଣା(କଟା)**—ଦେ. ବ—୧। ଲୋକଙ୍କୁ ମାରିବା ଓ ହାଣିବା କ୍ରିୟା;
Marā haṇā(kaṭā) ମାର ହାଣ; ହାଣ କାଟ—1. Killing
মারা কাটা and cutting of men. ୨। ଭୀଷଣ ଯୁଦ୍ଧ—
**मार काट** 2. Fierce battle. ୩। ଜମିକୁ କୋଡ଼ି ଓ
ଗଇଁତି ଦ୍ୱାରା ଖୋଳା ଖୋଳ କରି ସମତୁଲ କରିବା;
ଜମିରେ କୋଡ଼ି ମାରିବା ଓ ଗାଇଁରେ ହାଣିବା—
3. Act of levelling the ground by means
of spade and pickaxe etc.

**ମରି**—ଦେ. ଅ. ( ବଙ୍ଗଳାରୁ ଅନୁକୃତ )—୧। ମୋ ଜୀବନ ସାର୍ଥକ
Mari ହେଲା !; ଅହା ! କେଡ଼େ ସୁନ୍ଦର !—1. (interjection)
(ମରିମରି, ମରିଟି—ଅନ୍ୟରୂପ) Aha ! How grand !
মরি মরি [ଦ୍ର—ଏହାର ଅର୍ଥ ଏହିପରି, ଏ ଦୃଶ୍ୟ ଦେଖି ବା ଏ
**अहहा, अहा,** କଥା ଶୁଣି ମୁଁ ଏତେ ଦୂର ଆନନ୍ଦିତ ହୋଇ ଯାଉଛି
**हम मरजाएँ** ଯେ ମୁଁ ଇଚ୍ଛା କରୁଛି ଏହାହିଁ ଦେଖୁଁ ଦେଖୁଁ
ଆନନ୍ଦରେ ବୁଡ଼ିଥିବା ଅବସ୍ଥାରେ ମୁଁ ସୁଖରେ ମରି ଯାଆନ୍ତି]
୨। ଅହା !; ହାୟ !—2 (interjection) Alas !;
What a pity !

**ମରିଆ**—ଦେ. ବ—ବସ୍ତର ଗଡ଼ଜାତ ଅଧିବାସୀ କନ୍ଧମାନଙ୍କର ଭାଷା—
Mariā The language spoken by the Kandhas
in the Bastar state. ପ୍ରାଦେ · (ଗଡ଼ଜାତ) ବ—
ଏକ ପ୍ରକାର ନିକୃଷ୍ଟ ଖାଦ୍ୟ—A sort of inferior
food.

**ମରିଆ(ୟ)ମ୍**—ଦେ. ବ (ବାଇବଲ)—ଯୀଶୁଖ୍ରୀଷ୍ଟଙ୍କ ମାତା; କୁମାରୀ ମେରୀ—
Mariā(ya)m মেরী **मरीयम** Virgin Mary.

**ମରି(ରୀ)ଚ**—ସ. ବ [ ମୃ. ଧାତୁ+ଅପାଦାନ. ଇ(ଈ)ଚ ]—ଗୋଲ
Mari(ri)cha ମରିଚ—Black pepper (berry);Piper
ସ. ଧର୍ମପତ୍ତନ, ବୃତ୍ତଫଳ, ବଲ୍ଲୀଜ, Nigrum (creeper). [ଦ୍ର—
ବେଲ୍ଲଜ, କୃଷ୍ଣ, ଊଷଣ— ଏହା ତାମ୍ବୁଳାଦ ବର୍ଗର ଲତା
মরিচ; কালমরিচ, গোলমরিচ ବିଶେଷ। ଏହାର ଫଳ ଛୋଟ
**कालीमिरचा, मिर्चा, गोलमरिच** ଛୋଟ ଓ ଗୋଲ। ଫଳ ଶୁଖିଗଲେ
**कालामरिच, कालीमिरची** କଳା କଳା ଓ ବନ୍ଧୁର
ଫା. ପିଲ୍ପିଲ୍ ସୀହା, ପିଲ୍‌ପିଲ୍ ଦେଖାଯାଏ। ଏହା ଭାରି କଟୁ
ଗର୍ଦ୍ଦା, ପିଲ୍‌ପିଲେ ଅସ୍ୱଦ୍, ବା ରାଗ। ତରକାରୀରେ ଓ
ଫଲ୍‌ଫୀଲେ ଗିର୍ଦ୍। ଔଷଧରେ ଏହା ବ୍ୟବହୃତ ହୁଏ
ଆ. ଫିଲ୍‌ଫିଲ୍ ଅସ୍‌ୱଦ୍, ଫିଲ୍‌ଫିଲେ ଏ ଲତା ଦକ୍ଷିଣ ଭାରତରେ
ଅଖ୍‌ଦ୍। ( ଯଥା—ତ୍ରିବାଙ୍କୁଡ଼, ମାଲବାର
ମ. ମିରି, ମରେଠ ଉପକୂଳରେ) ବନ୍ୟ କୃଷିରେ
ଗୁ. ମରୀ, ତୀଖା। ଜନ୍ମେ। ଅନ୍ୟାନ୍ୟ ଅଞ୍ଚଳରେ କୃଷି
ତେ. ମିରିୟାଲୁ, ମିରିୟା, ମରିସ୍ୱକ ଦ୍ୱାରା ଏହା ଉତ୍ପାଦିତ କରାଯାଏ।
ତା. ମିଲଗୁ, ମିଲଗୁ ଅଣ୍ଡିରୁ ଓ ମାଇନଗଛ ପୃଥକ୍। ଏହି
ମରିଚକୁ ଲଙ୍କାମରିଚ ଠାରୁ ପୃଥକ୍ ଦେଖାଇବାପାଇଁ
ଏହାକୁ ଗୋଲମରିଚ ବୋଲାଯାଏ। ବୈଦ୍ୟଶାସ୍ତ୍ର
ଅନୁସାରେ ଏହା କଟୁ, ଉଷ୍ଣ, ଅଗ୍ନିଦୀପକ, କଫ, ଓ ବାୟୁ
ନାଶକ, ରୂକ୍ଷ, ପିତ୍ତକର ଓ ଲଘୁ। ଏହା ଶ୍ୱାସ, ଶୂଳ ଓ
କୃମି ବିନାଶକ ଓ ଶ୍ଳେଷ୍ମ ନିଃସାରକ।]

**ମରିଚ ଗୁଣ୍ଡ(ଣ୍ଡା)**—ଦେ. ବ (ସ. ମରିଚ+ ଗୁଣ୍ଡକ)—ଚୂର୍ଣ୍ଣ ଯାଇଥିବା
Maricha gunda(ndā) ମରିଚ—Powdered black-
মরিচেরগুঁড়ো **मिरचीकाचूरन** pepper.

**ମରିଚ(ଚି) ପାଣି**—ଦେ. ବ—୧। ମରିଚବଟା ମିଶିତ ଜଳ, କମ୍ବା ମରିଚ
Maricha(chi) pāṇi ସିଦ୍ଧ ହୋଇଥିବା ଜଳ—1. Water
গোলমরিচের ঝোল mixed with powdered black-
**गोलमिर्चका झोल** pepper or boiled with pepper.
୨। ମରିଚ ମସଲା ମିଶିତ ଜଳ ଦ୍ୱାରା ପ୍ରସ୍ତୁତ ତରକାରୀର
ଝୋଳ—2. Soup prepared with pasted
black pepper. ପ୍ରାଦେ· (ପୁରୀ, ସ୍ୱହାଙ୍ଗ ଶାସନ)
ବ. (ଅବ୍ୟ ପଦଲୋପୀ ଓଡ଼ିଆ ସମାସ ? ପତ୍ର+ ମରିଚ+
ପାଣି)—ଭାଙ୍ଗପାଣି; ପତ୍ରସଙ୍ଗେ ମରିଚ ବଟା ହୋଇ ପ୍ରସ୍ତୁତ
କରାଯିବା ପାନୀୟ—Bhang; a drink made by
mixing water in a paste of black pepper
**मरीचका काढा** and Indian hemp-leaves.

**ମରିଚ(ଚି) ଲ(ନ)ଡ଼ୁ( ଡ୍ଡୁ )**—ଦେ. ବ—ମୁଗଆଦି ଶସ୍ୟଚୂନା ଘିଅରେ
Maricha(chi) la(na)ṛḍu(ḍḍu) ଭଜା ହୋଇ ସେଥିରେ
মগজলাড়ু ଚିନି ଓ ମରିଚଗୁଣ୍ଡା ମିଶାଯାଇ ବନାଯାଇଥିବା ଲଡ଼ୁ—
**मगघलड्डु** A sweetmeat ball seasoned with black
pepper powder.

**ମରିଚପତ୍ରକ**—ସ. ବ (ମରିଚ+ପତ୍ର+କ)—ଏକପ୍ରକାର ଶାଳଗଛ—
Maricha patraka A kind of Shoria Robusta
ଅନ୍ୟ ସ. ନାମ—ସର୍ଜ୍ଜକ, (tree). [ ଦ୍ର—ବୈଦ୍ୟକମତରେ
**अजकर्ण—** ଏହା କଫ, ପାଣ୍ଡୁ, କର୍ଣ୍ଣରୋଗ,
ঝাংজীশাল ପ୍ରମେହ, କୁଷ୍ଠ, ଜ୍ୱର ଓ ବ୍ରଣନାଶକ-
ଦ୍ରବ୍ୟଗୁଣ। ]

**ମରିଚ ମସଲା**—ଦେ. ବ (ସ. ମରିଚ+ଫା. ମସାଲା)—ଭାଙ୍ଗ ତିଆରି
Maricha masalā କରିବା ପାଇଁ ବ୍ୟବହୃତ ମରିଚ ଆଦି
মরিচমসলা ମସଲା—Black pepper and other spices
**मरिच मसाला** required to be mixed with ganja-
leaves in preparing Bhang. [ଦ୍ର—କେତେକ
ମରିଚମସଲାର ନାମ—ମରିଚ, ଲବଙ୍ଗ, ଅଳାଇଚ, ଗୁଜୁରାତି,
ଜାଇଫଳ, ନାଗେଶ୍ୱର କେଶର, ପୋସ୍ତଦାନା, ଚନ୍ଦନ-
ଗୁଣ୍ଡା, ଜାଇଫୀ। ]

**ମରି(ଡ଼ି)ଚା**—ବୈଦେ. ବ (ଫା. ମୋରଚା)—ଅବ୍ୟବହୃତ ଲୁହା ଉପରେ
Mari(ṛdi)chā ଜାତ ହେବା କଳଙ୍କି; ମୁର୍ଚ୍ଚା; କଳଙ୍କି—
মরিচা, মরচে **मुरचा** Rust (on iron).

**ମରିଚାଇ**—ଦେ. ବ. ସ୍ତ୍ରୀ—ଠାକୁରାଣୀ ବିଶେଷ—
Marichāi The name of a popular Goddess.

ମରିଚ୍ ଧରା—ଦେ. ଭଣ ଫା. ମୋରଚ୍+ଧୃ ଧାତୁ—କଲଙ୍କ ଲାଗି
Marichā dharā ଯାଇଥିବା (ଲୌହ)—Rusted (iron).
मरिचा धरा मुरचालगाहुआ [ମରଚ୍ଧରା—ଅନ୍ୟରୂପ]

ମରିଚ୍ ଧରିବା—ଦେ. କ୍ରି—( ଲୁହା ) କଲଙ୍କିଯୁକ୍ତ ହେବା—To
Marichā dharibā rust (said of iron). ଦେ. ବି—
मरिचाधरा କଲଙ୍କି ଜାତ ହେବା—Rusting (of iron).
मुरचालगना
(ମରଚ୍ ପଡ଼ିବା, ମରଚ୍ ମାରିବା, ମରଚ୍ ଲାଗିବା—ଅନ୍ୟରୂପ)

ମରିଜ(ଜା, ଜେ)ଦା (ଇତ୍ୟାଦ)—ଗ୍ରା. ବି—ମର୍ଯ୍ୟାଦା ଇତ୍ୟାଦ (ଦେଖ)
Marija(jā, je)dā (etc) Marjyādā etc (See).
मरजाद। मरजादा

ମରି ପଡ଼ି କୌଣସି କାର୍ଯ୍ୟ କରିବା—ଦେ. କ୍ରି—ନାନା ଶାରୀରିକ କଷ୍ଟ
Mari paṛdi kaunasi kārjya karibā ଓ ପରିଶ୍ରମ ସହ୍ୟ
मरेपड़ेकाय करा କରି କୌଣସି କାର୍ଯ୍ୟ ସାଧନ କରିବା; ପ୍ରାଣ-
मरपडकेकामकरना ପଣେ କାମ କରିବା—To perform a work at the stake of one's life or at a great physical sacrifice and labour.

ମରିବା—ଦେ କ୍ରି (ସଂ ମୃ.. ଧାତୁ; ଅକର୍ମକ)—୧ । ମୃତ ହେବା; (ଜୀବ)
Maribā ପ୍ରାଣତ୍ୟାଗ କରିବା—1. To die; (said of
मरा living beings). ୨ । ଅଦୃଶ୍ୟ ହେବା; ଲୁପ୍ତ ହେବା—
मरना 2. To disappear; to cease. ( ଯଥା—ଉଅଁଶରୁ ପାଣି ମଲାଣି ) ୩ । ବିନଷ୍ଟ ହେବା; ଧ୍ୱଂସପ୍ରାପ୍ତ ହେବା—3. To perish; to be destroyed or ruined. [ଯଥା—ମଲମ ଲଗାଇବାରୁ ମୋ ଦେହରୁ ଘାଟୁ ମଲା] ୪ । ଶୁଷ୍କ ହେବା; ଶୁଖିଯିବା—4. To dry
[ମରିଯି(ହେ)ବା—କର୍ମବାଚ୍ୟରୂପ] up. (ଯଥା—ଧାନକିଆରୀ
(ମରାଇବା—ଣିଜନ୍ତରୂପ) ଖରାରେ ମରିଗଲାଣି) ୫ । ବିଶେଷ କଷ୍ଟ ବା ଦୁଃଖ ଭୋଗ କରିବା; ହଇରାଣ ହେବା—5. To suffer terribly. [ ଉ—ମାଳଏ ମରନ୍ତି ଉରମାନାଦେଇ । ସ୍ୱାଧାନାଥ. ଦରବାର] ୬ । କୌଣସି ଦଳର ଜଣେ ଖେଳାଳି ବିପକ୍ଷ ଦଳର ଖେଳାଳିଦ୍ୱାରା ପରାସ୍ତ ହୋଇ କ୍ରୀଡ଼ାରୁ ଅନ୍ତରିତ ହେବା—6. To be out (said of a player in a game). [ଦ୍ର—(କ୍ରିକେଟ୍, ବୁଡ଼ିଅଣୀ ଓ ଡୁଡୁ ଖେଳରେ) କୌଣସି ଖେଳାଳି ପରାସ୍ତ ହେଲେ କ୍ରୀଡ଼ା ଭୂମିରୁ ଅନ୍ତରିତ ହୁଏ ।] ୭ । (ପଶା, କଉଡ଼ି, ସତରଞ୍ଜି ବା ବାଘ-ବକରୀ ଖେଳରେ ଏକ ଖେଳାଳିର ସାରି) ବିପକ୍ଷ ଦଳର ସାରି ଦ୍ୱାରା ମାଡ଼ ଖାଇବା—
7. To be discarded or overtaken by an adversary's set or piece in a game ( said of one player's set or piece in a game of dice, chess or cowrie being over taken or overpowered by another player's piece ). [ ଦ—ସତରଞ୍ଜି ଖେଳରେ ହାତୀ, ଘୋଡ଼ା ଓ ପାଇକ ଅଦ ମରନ୍ତି । ] ୮ । ଜୀବନୀଶକ୍ତି-ଶୂନ୍ୟ ହେବା—8. To lose vitality. ( ଯଥା—ଜାଡୁ ଯୋଗୁଁ ଗଛ ମରିଯାଏ । ) ୯ । ଅତି ଲଜ୍ଜିତ ହେବା—9. To be greatly humiliated [ ଉ—ମୋତେ ମାରନ୍ତି ମୁଁ ମଲିଣି, ଘାଏ ଲଗେଇ ଦେଖି ସିଠି, ଲାଜ ବେଶର ଭାବ ପାଇଲଣି—ଛଗ । ] ୧୦ । ସଂଲଗ୍ନ କରାଯିବା; ମରାଯିବା—10. To be attached or struck ( ଯଥା—ଏ ଚଠି ଲଫାପା ଉପରେ ଯାଞ୍ଚ ପଇସିଆ ଟିକଟ ମରିଛି । ) ୧୧ । ଝାଉଁଳିବା; (ବୃକ୍ଷାଦି) ବର୍ଦ୍ଧନଶକ୍ତିଶୂନ୍ୟ ହେବା—11. To wither ( said of plants ). [ ଉ—ଅମ୍ଭ ଗଛରେ ପାଣି ଦଉଁ ଦଉଁ ଶିମ୍ବ ଗଛ ମଲା—ଛଗ । ] ୧୨ । ଜ୍ୟୋତିଃଶୂନ୍ୟ ହେବା—12. To lose lustre. ( ଯଥା—ଚକ୍ଷୁ ମରିବା । ) ୧୩ । ଜଳୀୟାଂଶ ଶୁଷ୍କ ହେବାଦ୍ୱାରା ନିର୍ଜଳ ବସ୍ତୁରେ ପରିଣତ ହେବା—13. To turn into a thing void of water by evaporation or heat ( ଯଥା—ଲହୁଣୀରୁ ଘିଅ ମଲେ, ନାହୁଆ ଘରୁ ନାହୁଆ ଘିଅ ମରେ । ) ୧୪ । ( ମନରୁ କ୍ରୋଧ ଆଦ ) ଉପଶାନ୍ତ ହେବା—14. To be assuaged. ( ଯଥା—ଏବେ ଯାଇ ତାଙ୍କର ମୋ ଉପରୁ ରାଗ ମରି ନାହିଁ । ) [ ଉ—ମରିବା କ୍ରିୟାର ଅସମାପିକା ରୂପ ସଙ୍ଗେ ଯିବା କ୍ରିୟାର ସମାପିକା ରୂପ ଯୁକ୍ତ ହୁଏ, ମରି ଯିବା । ]

ମରିଯାଏଁ ଟି—ଦେ. ଅ ( ବାକ୍ୟ, ଅବ୍ୟୟରୂପେ ବ୍ୟବହୃତ )—୧ । ମରି
Marijāeñ ṭi ( ଦେଖ )—1. Mari ( See ). ୨ । (ସ୍ୱଶ
हाममरजाएँ ପଡ଼ାଇ କୌଣସି ବ୍ୟକ୍ତିଙ୍କୁ ଅନୁରୋଧ କରିବାରେ
(ମରେଁଟି—ଅନ୍ୟରୂପ) ବ୍ୟବହୃତ ) ମୋ ରାଣଟି !—2. ( used in
मरि, मईरी making a request by invoking one's own name )—( I request you ) On my life !
[ ଦ୍ର—ଏଥିର ତାତ୍ପର୍ଯ୍ୟ ଏହି ଯେ, ଯେବେ ମୋ ଜୀବନ ପ୍ରତି ତୁମର ମାୟା ଥାଏ, ତେବେ ମୋ ଅନୁରୋଧ ରକ୍ଷା କର; ରକ୍ଷା ନ କଲେ ମୁଁ ମରିଯାଏଁଟି । ]

ମରି ଶୋଇବା—ଦେ. କ୍ରି—ପ୍ରାଣ ତ୍ୟାଗ କଲା ପରେ ଭୂଇଁରେ ଲମ୍ବ
Mari śoibā ହୋଇ ପଡ଼ି ରହିବା—To lay dead on the
मरे शोओया मर पडना ground.

ମରି ହଜି ଯିବା—ଦେ. ବି—(ଗ୍ରାମର ବା ବଂଶର କେହି କେହି ମରିଯିବା
Mari haji jibā ଓ କେହି କେହି ନିରୁଦ୍ଦେଶ ହେବାଦ୍ୱାରା)
मरे हेजे याओया କୌଣସି ଗ୍ରାମର ବା ପରିବାରର ଲୋପ ସାଧନ
मर हर जाना ହେବା—The disappearance or extinction of a family or a village,(some of its members having died, the rest gone away to unknown places).

ମରୀଚି—ସଂ. ବି ( ମୃ ଧାତୁ=ନାଶ କରିବା+ଅପାଦାନ ବା କର୍ତ୍ତୃ. ଇଚ୍,
Marichi ଯାହା ଅନ୍ଧକାର ନାଶ କରେ)—୧ । କିରଣ; ରଶ୍ମି—
1. Ray of light. ୨ । ଜ୍ୟୋତିଃ—2. Lustre;

radiance. [୩ । ସପ୍ତର୍ଷିମାନଙ୍କ ମଧ୍ୟରୁ ଜଣେ—3. Name of one of the seven primeval sages. [ ଦ୍ର—ଏ ବ୍ରହ୍ମାଙ୍କ ମାନସ ପୁତ୍ର । ଏ ପ୍ରଜା ସୃଷ୍ଟି କରିବା ପାଇଁ ବ୍ରହ୍ମାଙ୍କ ଦ୍ୱାରା ପ୍ରଜାପତି ରୂପରେ ନିଯୁକ୍ତ ହୋଇ କର୍ଦ୍ଦମ ଋଷିଙ୍କ କନ୍ୟା କଳା ( ମତାନ୍ତରରେ ସମ୍ଭୂତା )ଙ୍କୁ ବିବାହ କରିଥିଲେ ଓ ଏହାଙ୍କ ଔରସରେ କଶ୍ୟପ ମୁନି ଜନ୍ମିଥିଲେ ।] ୪ । ଭୃଗୁ ମୁନିଙ୍କର ଏକ ପୁତ୍ର—4. Name of a son of sage Bhṛugu. ୫ । ଦନୁଙ୍କର ଏକ ପୁତ୍ର—5. Name of a son of Danu. ୬ । ପ୍ରାଚୀନ ପରିମାଣବିଶେଷ; ୬ ତ୍ରସରେଣୁ (ହ୍ରି. ଷ)—6. A standard of weight used in ancient times.

ମରୀଚିକା—ସଂ. ବି ( ମରୀଚି—କିରଣ+ସ୍ୱାର୍ଥେ. କ+ସ୍ତ୍ରୀ ଅ )—
Marīchikā ୧ । ମୃଗତୃଷ୍ଣା (ଦେଖ)—1. Mṛugatṛushṇā (See ) ୨ । କିରଣ—2. Ray.

ମରୀଚି ଜଳ(ତୋୟ)—ସଂ. ବି—ମୃଗତୃଷ୍ଣା (ହ୍ରି. ଷ.)—
Marīchi jaḷa(toya) Mirage.

ମରୀଚି ନନ୍ଦନ—ସଂ. ବି ( ୬ଷ୍ଠୀ ତତ୍ )—କଶ୍ୟପ ଋଷି—
Marīchi nandana Sage Kaśyapa.

ମରୀଚି ମାଳୀ—ସଂ. ବିଣ. ପୁଂ ( ମରୀଚି+ମାଳା+ଇନ୍; ୧ମା. ୧ବ )—
Marīchi māḷī ରଶ୍ମିଯୁକ୍ତ; କିରଣମାଳାବିଶିଷ୍ଟ—Having
(ମରୀଚି ମାଳିନୀ—ସ୍ତ୍ରୀ) rays; radiant. ସଂ. ବି—
(ମରୀଚି ଗର୍ଭ—ଅନ୍ୟରୂପ) ସୂର୍ଯ୍ୟ; ଅଂଶୁମାଳୀ—The sun.

ମରୁ—ସଂ. ବି ( ମୃ. ଧାତୁ+ଅଧିକରଣ. ଉ; ଯେଉଁ ସ୍ଥାନରେ ଲୋକେ
Maru ମରିଯାଆନ୍ତି )—୧ । ଜଳଶୂନ୍ୟ, ଉଦ୍ଭିଦଶୂନ୍ୟ ଓ ପ୍ରାଣିଶୂନ୍ୟ ଏବଂ କଙ୍କର ଓ ବାଲୁକାମୟ ବିସ୍ତୃତ ପ୍ରାନ୍ତର—1. Desert. ୨ । ପର୍ବତ (ପ୍ରକୃତିବାଦ)—2. Mountain. ୩ । ନିର୍ଜଳ ପର୍ବତ (ହ୍ରି. ଷ)—3. A waterless mountain. ୪ । ମାରବାଡ଼ ଦେଶ -4. Marwar; the desert country to the south-east of the Punjab. ୫ । ସୂର୍ଯ୍ୟବଂଶୀୟ ଭାବୀ ରାଜାବିଶେଷ—5. Name of a future king of the Solar dynasty whose advent has been foretold in mythology. ୬ । ମରୁଆ ଗୁଳ୍ମ ( ହ୍ରି. ଷ ) ( ଦେଖ )—6. Maruā plant ( See ) ୭ । ନରକାସୁରର ସହଚରବିଶେଷ—7. A friend of demon Narakāsura. ସଂ. ବିଣ—ଅନୁର୍ବର—Unfruitful; barren; sterile ( place )

ମରୁଆ—ଦେ. ବି ( ସଂ. ମରୁବକ )—୧ । ତୁଳସୀାଦି ବର୍ଗର ସୁଗନ୍ଧି
Maruā ପତ୍ରବିଶିଷ୍ଟ ଶାକବିଶେଷ—1. Ocymum Caryophylatum (a plant having sweet-smelling leaves ); Origanum Marjorana ( Kirtikar ); Ruta Graveolens; Rue. [ ଦ୍ର—ଦ୍ରୀ ଗରେ ମାଳତୀ ପତ୍ରୀ ମରୁଆ ସେବତୀ—ଜନକଶୋର. କର୍ଣ୍ଣହରଣୀ ] [ ଦ୍ର—କେହି କେହି ଏହାକୁ ଗନ୍ଧତୁଳସୀ କହନ୍ତି । ଏହା ଶ୍ୱେତ ଓ କୃଷ୍ଣଭେଦରେ ଦୁଇ ପ୍ରକାର; ଏହା ଅଗ୍ନିବର୍ଦ୍ଧକ, ସୁଗନ୍ଧ, ହୃଦୟଗ୍ରାହୀ, ରୁଚିକର ଓ ବୃଶ୍ଚିକାଦିର ବିଷ, କଫ, ବାୟୁ, କୁଷ୍ଠ ଓ କ୍ରିମିନାଶକ । ] ୨ । ଏକପ୍ରକାର ସୁଗନ୍ଧ, ସରୁ ଓ ଲମ୍ବ ପତ୍ରବିଶିଷ୍ଟ ଜଳଜ ଶାକ—2. The sweet Marjoram. ୩ । ଏକପ୍ରକାର କୋକଲି ମାଛ—3. A kind of small sea-fish. [ ଦ୍ର—କୋକଲି ୪ ପ୍ରକାର ଯଥା—୧. ଗୁଲ୍ଲି ବା ଗୁଲ୍ଲିଆ କୋକଲି, ୨. ଗୁଡ଼ି କୋକଲି, ୩. କାଉ କୋକଲି, ୪. ମରୁଆ କୋକଲି । ମରୁଆ କୋକଲି ଅନ୍ୟ ତିନିପ୍ରକାର କୋକଲିଠାରୁ ଆକାରରେ ବଡ଼ ଓ ଅଧିକ ରୁଚିକର । ] ୪ । ସ୍ତ୍ରୀଲୋକମାନଙ୍କୁ ଦିଆଯିବା ନାମ—4. A name given to women.

ସଂ. ମରୁତ୍, ମରୁବକ, ମରୁତ୍ତକ, ମରୁ, ଖରପତ୍ର, ଫଣିଜ୍ଜକ, ପ୍ରସ୍ଥପୁଷ୍ପ, ସମୀରଣ, କୁଳସୌରଭ, ଫଣୀ, ଗନ୍ଧପତ୍ର
मरुआ, गेंदरेत मरुआ
ତେ. ମରବକମୁ, ରୁଦ୍ରଜାଡ଼
ମ. ସବଜା ମରବା
ଗୁ. ମରବୋ
ଫା. ମର୍ଜଂଗୁସ୍
ଅ. ମର୍ଜଂଜୁସ୍

ମରୁଆ ଦଅ(ୟ)ଣା—ଦେ. ବି (ସହଚର, ସଂ. ମରୁବକ+ଦମନକ)—
Maruā da-a(ya)ṇā ମରୁଆ ଓ ଦୟଣା ଗୁଳ୍ମଦ୍ୱୟ-Two plants
मरुआ दोना मरुआ दोना with sweet-smelling leaves.

ମରୁକ—ସଂ. ବି—୧ । ମୟୂର (ହ୍ରି. ଷ) —1. Peacock. ୨ । ଏକ
Maruka ପ୍ରକାର ମୃଗ (ହ୍ରି. ଷ)—2. A kind of deer.

ମରୁ କାନ୍ତାର—ସଂ. ବି—ବାଲୁକାମୟ ବିସ୍ତୀର୍ଣ୍ଣ ପଡ଼ିଆ—A sandy
Maru kāntāra (ମରୁପ୍ରାନ୍ତର—ଅନ୍ୟରୂପ) desert.

ମରୁଜ—ସଂ. ବି—ନଖୀ ନାମକ ସୁଗନ୍ଧି ଦ୍ରବ୍ୟ (ହ୍ରି. ଷ)
Maruja Shell (scent).

ମରୁଜାତା—ସଂ. ବି—କପିକଚ୍ଛୁ; ବାଇଡଙ୍କ (ହ୍ରି. ଷ)—
Marujātā Cowhage.

ମରୁଣ୍ଟା—ସଂ. ବି. ସ୍ତ୍ରୀ—ଉଚ୍ଚକପାଳୀ ସ୍ତ୍ରୀ (ହ୍ରି. ଷ)—A woman
Maruṭā with a prominent or builging forehead.

ମରୁଡ଼ି—ଦେ. ବି—(ସଂ. ମୃ ଧାତୁ)—୧ । ମରଡ଼ି; ଅକାଳ ମୃତ୍ୟୁ—
Maruḍi मारी, मड़क 1. Death before proper
मरगी age. ୨ । ବହୁ ସଂଖ୍ୟାରେ ମୃତ୍ୟୁ—2. Death in large numbers. [ ଦ୍ର—ଏ ସକାଶରୁ ହାତୀ ଘୋଡ଼ାଙ୍କ ମରୁଡ଼ି, ପଡ଼ିଥିଲା ରଥିଏ ଦେଲେ ଶର ଛଡ଼ି । କୃଷ୍ଣସିଂ. ମହାଭାରତ ଭୀଷ୍ମ ।] ୩ । ମଡ଼କ; ମହାମାରୀ; ମାରାତ୍ମକ ବ୍ୟାପକ ରୋଗ—3. Pestilence; mortal epidemic. ୪ । ଜଳାଭାବରୁ ଶସ୍ୟ ନାଶ—4
सुखा Withering of crops due to drought.
सौदी ୫ । ଦୁର୍ଭିକ୍ଷ—5. Famine. ୬ । ସଂକ୍ରାମକ ରୋଗ ପ୍ରଭାବରୁ ବହୁ ଲୋକଙ୍କର ମରଣ—6. Mortality due
मरगी, मरी to some epidemic disease.

**ମରୁଡ଼ିଆ**—ଦେ.ବଣ—୧ । ଦୁର୍ଭିକ୍ଷ ପ୍ରପୀଡ଼ିତ—1. Famine-stricken. ୨ । ମହାମାରୀ ପ୍ରପୀଡ଼ିତ—2. Stricken with pestilence. ୩ । ଅତି ଜୀର୍ଣ୍ଣଶୀର୍ଣ୍ଣ—3. Emaciated. ୪ । ଅସ୍ଥି କଙ୍କାଳାବଶିଷ୍ଟ—4. Reduced to skeleton. ୫ । (ଗାଳରେ ବ୍ୟବହୃତ) ନଅଙ୍କିଆ (ଦେଖ) 5.—Na-ankiā (See) ୬ । ଜଳାଭାବରୁ ଯେଉଁ ଦେଶର ଶସ୍ୟ ନଷ୍ଟ ହୋଇଅଛି—6. (a country) In which the principal crop has failed on account of drought.
Marurdiā
ମଡ଼ା

**ମରୁଡ଼ିଆ ମେଘ**—ଦେ.ବି—(ଯେଉଁ ମେଘ ମରୁଡ଼ି ହେବାର ସୂଚନା କରେ) ଅବର୍ଷକ ମେଘ—Unraining cloud.
Marurdiā megha
অবর্ষুক মেঘ; যে মেঘে জলহয়না देखावटि मेह

**ମରୁତ(ତ୍)**—ସଂ ବି—(ମୃ ଧାତୁ+ଅପାଦାନ.ଉତ୍, ଉତ; ଯାହା ଅଭାବରେ ଜୀବମାନେ ମରିଯିବେ ।)—୧ । ଦେବତା—1 Deity; an immortal. ୨ । ବାୟୁ; ପବନ; ପଞ୍ଚ ମହାଭୂତମଧ୍ୟରୁ ଏକତମ—2. The air (one of the 5 elements of the creation). ୩ । ବାୟୁ ବା ପବନ ଦେବତା—3. The air personified as a Deity; the Wind god. [ପୁ—କଶ୍ୟପଙ୍କ ସ୍ତ୍ରୀ ଦିତିଙ୍କ ପୁତ୍ରମାନେ ଦେବତାମାନଙ୍କଦ୍ୱାରା ନିହତ ହେବାରୁ ସେ ପତିଙ୍କ ନିକଟରେ ଗୋଟିଏ ଅଜେୟ ପୁତ୍ର ପ୍ରାର୍ଥନା କରିଥିଲେ । ସେହି ଫଳରେ ଦିତି ବାୟୁଙ୍କୁ ଗର୍ଭରେ ଧାରଣ କରିଥିବା ଅବସ୍ଥାରେ ଦିତିଙ୍କ ସପତ୍ନୀ ପୁତ୍ର ଇନ୍ଦ୍ର ଗର୍ଭସ୍ଥ ଭ୍ରୂଣଙ୍କୁ ବଜ୍ରଦ୍ୱାରା ୪୯ ଖଣ୍ଡ କରି କାଟି ପକାଇଲେ; ଏବଂ କଶ୍ୟପଙ୍କ ବର ପ୍ରଭାବରୁ ଏ ସବୁଙ୍କ ରୂପ ଧାରଣ କରି ୪୯ ଖଣ୍ଡ ୪୯ ବାୟୁ ନାମରେ ଖ୍ୟାତ ହେଲେ । ] ୪ । ବାୟୁ କୋଣ; ଉତ୍ତର ପଶ୍ଚିମ କୋଣ—4. The north west point of the compass. ୫ । ପ୍ରାଣ (ହ. ଶ)—5. Life. ୬ । ପ୍ରାଣ ବାୟୁ—6. The breath of life; the vital air inside the body. ୭ । ସୁନା (ହ. ଶ)—7. Gold. ୮ । ସୌନ୍ଦର୍ଯ୍ୟ (ହ. ଶ)—8. Beauty; grace. ୯ । ମରୁଆ (ହ. ଶ) (ଦେଖ)—9. Maruā (See) ୧୦ । ଗ୍ରନ୍ଥିପର୍ଣ୍ଣ (ହ. ଶ)—10. Granthi parnna (See)
Marut(ta)

**ମରୁତ କ୍ରିୟା**—(୬ଷ୍ଠୀ ତତ୍; ମରୁତ୍=ବାୟୁ+କ୍ରିୟା)—ବାତ କର୍ମ; ଅଧୋବାୟୁ ତ୍ୟାଗ—Cracking wind; passing of wind through the anus.
Marut kriyā

**ମରୁତ୍ କୋଣ**—ସଂ. ବି—ବାୟୁ କୋଣ; ଉତ୍ତର ପଶ୍ଚିମ କୋଣ—The north west quarter of the globe.
Marut koṇa

**ମରୁତ୍ ପତି**—ସଂ. ବି—(୬ଷ୍ଠୀ ତତ୍)—୧ । ନାରାୟଣ; ବିଷ୍ଣୁ—1. Bishṇu. ୨ । ଇନ୍ଦ୍ର (ହ. ଶ)—2. Indra.
Marut pati

**ମରୁତ୍ ପଥ**—ସଂ. ବି—(୬ଷ୍ଠୀ ତତ୍)—୧ । ଆକାଶ ପଥ; ଶୂନ୍ୟମାର୍ଗ; ବାୟୁ ମାର୍ଗ—The aerial route. ୨ । ଆକାଶ—2. The sky; the space.
Marut patha
(ମରୁଦ୍ବର୍ତ୍ମ—ଅନ୍ୟରୂପ)

**ମରୁତ୍‌ପାଳ**—ସଂ. ବି—ଇନ୍ଦ୍ର—Indra.
Marut pāla

**ମରୁତ୍ ପୁତ୍ର**—ସଂ. ବି—(୬ଷ୍ଠୀ ତତ୍)—୧ । ବୀର ହନୁମାନ୍—1. The great monkey-warrior of the Rāmāyaṇa. ୨ । (ବାୟୁଙ୍କ ପୁତ୍ର) ଭୀମ—2. The 2nd Pandaba brother; Bhima.
Marut putra
(ମରୁତ ସୁତ—ଅନ୍ୟରୂପ)

**ମରୁତ୍ ଫଳ**—ସଂ. ବି (ମ. ପ.ଙ୍କୋ)—କରକା; ଭୁଅପଥର—Hail-stone.
Marut phala

**ମରୁତ୍ ସଖ**—ସଂ. ବି—(ମରୁତ+ସଖି+ଅ; ବହୁବ୍ରୀହି; ମରୁତ ଅଟେ ସଖା ଯାହାର)—୧ । ଅଗ୍ନି—1. Fire. ୨ । ଇନ୍ଦ୍ର—2. Indra. ୩ । ଧଳାଚିତା ଗଛ—3. The leadwort plant.
Marut sakha
(ମରୁତ୍ ସହାୟ—ଅନ୍ୟରୂପ)

**ମରୁତ ଛନ୍ଦ**—ଦେ. ବି—ପ୍ରାଣାୟାମ (ଦେଖ)—Prāṇāyāma (See) (ପ୍ର—ତପ ଜପର ଅର୍ଦ୍ଧେ ସତ୍ୟ, ଅର୍ଦ୍ଧେ ମରୁତ ଛନ୍ଦ ଦେଇ, ଥୋକେ ଦୃଷ୍ଟି ଦେଇ କପାଳେ, ରହିଲେ ସମାଧି କାଳରେ । ପ୍ରାଚୀ. ନିର୍ଗୁଣମାହାତ୍ମ୍ୟ ।)
Maruta chhanda

**ମରୁତ୍ତ**—ସଂ. ବି (ମରୁତ୍+ଚନ୍ ଧାତୁ+କର୍ତ୍ତୃ.ଅ)—୧ । ଯଜ୍ଞଶୀଳ ଚନ୍ଦ୍ରବଂଶୀୟ ଜଣେ ରାଜା—1. Name of a king of the Lunar dynasty. [ପୁ—ଏ ବହୁବାର ଯଜ୍ଞ କରିଥିଲେ ଓ ଯଜ୍ଞରେ ସ୍ୱର୍ଣ୍ଣ ପାତ୍ରମାନ ବ୍ୟବହାର କରିଥିଲେ । ଏହାଙ୍କର ସାତରାଣୀ ଓ ୧୮ ପୁତ୍ର ଥିଲେ । ଏ କରନ୍ଧମଙ୍କ ( ମତାନ୍ତରରେ ଅବୀକ୍ଷିତଙ୍କ ) ପୁତ୍ର ଥିଲେ ( ହ. ଶ ) । ] ୨ । ବାୟୁ; ପବନ—2. The wind.
Marutta

**ମରୁତ୍ୱାନ୍**—ସଂ. ବି ( ମରୁତ୍+ବତ୍; ୧ମା. ୧ବ )—୧ । ଇନ୍ଦ୍ର—1. Indra. ୨ । ବୀର ହନୁମାନ୍—2. The great Hanumān. ୩ । ସମୁଦ୍ର—3. The ocean. ୪ । ମେଘ—4. The clouds. ୫ । ମହାଭାରତୋକ୍ତ ଦେବତାଙ୍କ ଗଣ ବିଶେଷ—5. A class of mythological Deities.
Marutwān

**ମରୁଦାନ୍ଦୋଳ**—ସଂ. ବି ( ୬ଷ୍ଠୀ ତତ୍, ମରୁତ୍+ଆନ୍ଦୋଳ )—ଭାତି ( ହ. ଶ )—Bellows.
Marudāndola
(ମରୁଦାନ୍ଦୋଳକ—ଅନ୍ୟରୂପ)

**ମରୁଦିଷ୍ଟ**—ସଂ. ବି ( ମରୁତ୍+ଇଷ୍ଟ )—ଗୁଗ୍ଗୁଳ ( ହ. ଶ )—Bdellium.
Marudishṭa

**ମରୁଦେଶ**—ସଂ. ବି—୧ । ମରୁମୟ ପ୍ରଦେଶ—1. A tract of desert; a desert country. ୨ । ରାଜପୁତନା ଅନ୍ତର୍ଗତ ମରୁମୟ ମାରବାଡ଼୍ ପ୍ରଦେଶ—2. The country of Marwar in Rajputana.
Marudeśa

ମରୁ ଦ୍ୱାର—ସ. ବ—୧ । ଧୂଆଁ—1. Smoke. ୨ । ଅଗ୍ନି ( ହ. Maru dwāra ଶ )—2. Fire.

ମରୁଦ୍ୱିପ—ସ. ବ ( ୬ଷ୍ଠୀ ତତ୍; ମରୁ=ଜଳାଦି ଶୂନ୍ୟ ଦେଶ+ଦ୍ୱୀପ Maru dwipa =ଦ୍ୱୀପ )—ଓଷ୍ଟ୍ର; ଓଟ—The camel. [ଦ୍ର—ତୁଳନା କର, ଇଂରାଜୀରେ ଓଟର ଏକ ନାମ ମରୁଭୂମିର ଜାହାଜ—The ship of the desert.]

ମରୁଦ୍ୱୀପ—ସ. ବ—ମରୁଭୂମି ମଧ୍ୟସ୍ଥ ଉର୍ବର ଭୂଖଣ୍ଡ—Oasis; a Maru dwīpa bit of fertile land in a desert.

ମରୁଦ୍ରଥ—ସ. ବ ( ମରୁତ୍=ଦେବତା+ରଥ; ୬ଷ୍ଠୀ ତତ୍ )—Marudratha ୧ । ଦେବରଥ—1. The aerial car of gods. ୨ । ବ୍ୟୋମଯାନ—2. Balloon; aeroplane ୩ । ( ବହୁବ୍ରୀହି ) ଅଶ୍ୱ—3. Horse.

ମରୁପ୍ରଦେଶ—ସ. ବ—୧ । ମରୁଭୂମି—1. Desert. ୨ । Maru pradeśa ମରୁମୟ ଦେଶ—2 A desert country. (ମରୁଟନ୍ୱା, ମରୁସ୍ଥଳ—ଅନ୍ୟରୂପ)

ମରୁପ୍ରିୟ—ସ. ବ ( ମରୁଅଟେ ପ୍ରିୟ ଯାହାର; ବହୁବ୍ରୀହି )—ଉଷ୍ଟ୍ର; Marupriya ଓଟ—The camel.

ମରୁବକ—ସ. ବ ( ମରୁ=ବାଲୁକାମୟ ସ୍ଥାନ+ବା ଧାତୁ=ଗମନ Marubaka କରିବା, ଜନ୍ମିବା+କର୍ତ୍ତୃ. ଅ=ମରୁବ+ସ୍ୱାର୍ଥେ.କ ଯାହା ବାଲୁକାମୟ ସ୍ଥାନରେ ଜନ୍ମେ ବା ଗମନ କରେ ) —୧ । ବ୍ୟାଘ୍ର—1. The tiger. ୨ । ରାହୁ—2. The Dragon's head; the ascending node, the earth's shadow which causes lunar eclipse. ୩ । ପିଣ୍ଡ ଖର୍ଜୁର—3. The Arabian date palm. ୪ । ଜମ୍ବୀର ଲେମ୍ବୁ (ଫଳ ଓ ଗଛ)—4. The citrus (tree and fruit). ୫ । ମଏଣା (ଦେଖ)—5. Maena ( See ) ୬ । ମରୁଆ ( ଦେଖ )—6. Marua ( See )

ମରୁଧର—ସଂ. ବ—ମାରବାଡ଼ ଦେଶ ( ହ. ଶ )—Marwar; Marudhara the desert country in Central India.

ମରୁଭୂମି—ସଂ. ବ—୧ । ମରୁ; ଜଳଶୂନ୍ୟ, ଉଦ୍ଭିଦରହିତ ନିର୍ଜଳ Maru bhūmi ପ୍ରଦେଶ—1. Desert. ୧ । ମାରବାଡ଼ ଦେଶ—2. The desert country in Central India to the south east of the Panjab

ମରୁକ—ସଂ. ବ—୧ । ମୟୂର ( ହ ଶ )—1. Peacock. ୨ । Marūka ଏକପ୍ରକାର ମୃଗ—2. A kind of deer.

ମରୁଦ୍ୟାନ—ସଂ. ବ ( ମ. ପ. ଲୋ; ମରୁ+ଉଦ୍ୟାନ )—Marūdyāna ମରୁଦ୍ୱୀପ—Oasis.

ମରୁର(ଲ)—ସଂ. ବ—ମୂର୍ଗା ( ଘାସ ) ( ହ. ଶ )—Marūra(la) A kind of fibrous grass.

ମରେ(ଲେ)ଇ—ଦେ. ବ (ସଂ. ମରୁର=ଶାଳା)—୧ । ଘରରେ ଧାନ Mare(le)i ରଖିବା ପାଇଁ ପାଳରେ ତିଆରି ଗଦା; ଧାନ ମେଢ—मराई, हामार 1. A hallow rick of crushed straw (ମରେଇ—ଅନ୍ୟରୂପ) for storing paddy. [ ଦ୍ର— ଧାଡ଼ ଧାଡ଼ ହୋଇ ଧାନ ମରେଇ ବସି ଥିବ । ଫଗାରମୋହନ. ଛମାଣ. ଅଠଗୁଣ୍ଠ । ] ୨ । ଧାନ ରଖିବା ପାଇଁ ୪।୫ ହାତ ଉଚ୍ଚ ବାଉଁଶ ଡୋଲି—2. A big bamboo basket (about 6 feet high) to store grains. ୩ । ମରେଇ କଣ୍ଟା (ଦେଖ)—3. Marei kaṇṭā (See) ୪ । ମରେଇ ପୋକ (ଦେଖ)—4. Marei poka (See)

ମରେଇ କଣ୍ଟା—ପ୍ରାଦେ. (ଗଡ଼ଜାତ)—ବ—ଔଷଧରେ ବ୍ୟବହୃତ Marei kaṇṭā ହେବା ଏକ ପ୍ରକାର କଣ୍ଟା ଗୁଳ୍ମ—Zanthoxylum Ledrunga (Haines )

ମରେଇ ପୋକ—ଦେ.ବ—କ୍ରିମିଜାତୀୟ ଏକପ୍ରକାର ସାମୁଦ୍ରିକ ପୋକ—Marei poka A kind of sea-worm. [ ଦ୍ର—ଏମାନେ ଡଙ୍ଗାର ପାଣିରେ ବୁଡ଼ିଥିବା ଅଂଶର କାଠକୁ କାଟି ନଷ୍ଟ କରନ୍ତି । ]

ମରେ(ରା)ଈ—ଗ୍ରା.ବଣ. ସ୍ତ୍ରୀ (ଅଶ୍ଳୀଳ ଗାଳିବିଶେଷ)—୧ । ନଷ୍ଟ ଚରିତ୍ରା; Mare(rā)ī ବ୍ୟଭିଚାରିଣୀ (ସ୍ତ୍ରୀ)—1. Adulterous (woman). मारानी ୨ । କାମୁକା (ସ୍ତ୍ରୀ)—2.Licentious (woman); lust-मरानी ful; libidinous. ଦେ. ବ—ମରାଇ ( ଦେଖ )—Marāi ( See )

ମରେ ନ ମରେ—ଦେ. ବଣ—ମୁମୂର୍ଷୁ—About to die; Mare na mare मर मर मरजीवा moribund.

ମରୋଲି—ସ. ବ—ମକରଜାତୀୟ ବୃହତ୍ ସାମୁଦ୍ରିକ ଜନ୍ତୁବିଶେଷ ( ହ. Maroli ଶ. )—A kind of big shark or sword-fish.

ମର୍କ(ଧାତୁ)—ସ.—୧ । ଗମନ କରିବା—1. To walk. ୨ । ଗତି Mark (root) କରିବା—2. To move.

ମର୍କ—ପ୍ରାଦେ. (ସମ୍ବଲପୁର, ଗଡ଼ଜାତ, ଗଞ୍ଜାମ)—ବ—(ସ. ମରକ; ଭୁଲ Mark ରୂ. ମରଗୀ=ସଂକ୍ରାମକ ଓ ମାରାତ୍ମକ ରୋଗ)—ଝାଡ଼ାବାନ୍ତି ରୋଗ-Cholera. ସ. ବ—(ମର୍କ ଧାତୁ+କର୍ତ୍ତୃ. ଅ)—୧ । ବାୟୁ (ହ. ଶ)—1. Air. ୨ । ମାଙ୍କଡ଼ (ହ. ଶ)—2. Monkey. ୩ । ଦେହ (ହ. ଶ)—3. Body. ୪ । ଶୁକ୍ରାଚାର୍ଯ୍ୟଙ୍କ ଏକ ପୁତ୍ରର ନାମ (ହ. ଶ)—4. Name of a son of Śukrāchārjyā.

ମର୍କକ—ସ. ବ—(ମର୍କ+କ)—୧ । ମାକଡ଼ସା (ହ. ଶ)—1. Markaka Spider. ୨ । ହାଡ଼ଗିଲା ପକ୍ଷୀ—2.Adjutant bird; Leptoptilus Dubius.

ମର୍କଖିଆ—ପ୍ରାଦେ. ( ସମ୍ବଲପୁର, ଗଡ଼ଜାତ )—ବଣ—( ସ୍ତ୍ରୀମାନଙ୍କର Marka khiā ପୁରୁଷଙ୍କୁ ଦିଆଯିବା ଗାଳି ବିଶେଷ); ଝାଡ଼ାବାନ୍ତିଖିଆ—(A term of abuse used to males indicating a curse that the person abused will be) A victim to cholera.

ମର୍କଟ—ସ. ବ—(ମର୍କ ଧାତୁ+କର୍ତ୍ତୃ ଅଟ)—୧ । ବାନର—Markaṭa 1. Monkey. ୨ । ଗୋଷ୍ପାଙ୍କଡ଼—2 Ape. (ମର୍କଟୀ—ସ୍ତ୍ରୀ) ୩ । ମାକଡ଼ସା; ବୁଢ଼ିଆଣି; ଊର୍ଣ୍ଣନାଭ—3. Spider.

(ଜୁ—ବଳ୍ମୀକମୂଳେ ଶୁଣି ଭ୍ରମଣ ମର୍କଟ ଜାଲରେ ମର୍କଟ ଜାଲ, ବନ୍ଧନ କର ଅଧନ ବସୁରବା ଉଲୁବା ଏ ବେଳେକାଳ। ଉଣ. ବେଦୋଲୁପରଭାଷ।) ୪। ହାଡ଼ଗିଲା ପକ୍ଷୀ— 4. The adjutant bird, Leptoptilus Dubius. ୫। ବିଷ ବିଶେଷ—5. A kind of poison.

ମର୍କଟକ—ସଂ. ବି. (ମର୍କଟ+ସ୍ୱାର୍ଥେ. କ)—ମାକଡ଼ସା; ବୁଢ଼ିଆଣି— Markaṭaka Spider. ୨। ଘାସ ବିଶେଷ (ହୁ. ଶ)— 2. A kind of grass. ୩। ମତ୍ସ୍ୟ ବିଶେଷ— 3. A kind of fish. ୪। ଦୈତ୍ୟ ବିଶେଷ— 4. Name of a demon. ୫। ମାକଡ଼ (ହୁ. ଶ)— (ମର୍କଟକା—ଅନ୍ୟରୂପ) 5. Monkey.

ମର୍କଟ କେଶରୀ—ଦେ. ବି—ମରକତ କେଶରୀ (ଦେଖ) Mârkaṭa kesarī Marakata kesari (See)

ମର୍କଟ ତିନ୍ଦୁକ—ସ. ବି—ମାକଡ଼ କେନ୍ଦୁ (ଗଛ)— Markaṭa tinduka A kind of Diospyros Embryopteris (tree).

ମର୍କଟ ବଦନ—ସ. ବିଣ. ପୁଂ—(ବହୁବ୍ରୀହି)—ମାକଡ଼ମୁହାଁ; ବାନର- Marakaṭa badana ମୁହାଁ—Having the face like (ମର୍କଟାସ୍ୟ—ଅନ୍ୟରୂପ) that of an ape; having an ugly [ମର୍କଟ ବଦନା, ମର୍କଟାସ୍ୟା—ସ୍ତ୍ରୀ] face.

ମର୍କଟ ବଦନୀ—ଦେ. (ପଦ୍ୟ) ବିଣ. ସ୍ତ୍ରୀ—(ସ, ମର୍କଟ ବଦନା)—ବାନର Markaṭa badanī ମୁହାଁ—(a woman) Having an ugly face like that of an ape.

ମର୍କଟ ବାସ—ସ. ବି—(୬ଷ୍ଠୀ ତତ୍; ମର୍କଟ=ମାକଡ଼ସା+ବାସ=ବାସ Markaṭa bāsa ସ୍ଥାନ)—ବୁଢ଼ିଆଣି ଜାଲ—Spider's web; cobweb.

ମର୍କଟ ରାଜ—ସ. ବି—(୬ଷ୍ଠୀ ତତ୍ ବା ୭ମୀ ତତ୍)—୧। ମର୍କଟମାନଙ୍କ Markaṭa rāja ରାଜା—1. A king of monkeys. ୨। ସୁଗ୍ରୀବ—2. Sugrība. ୩। ବାଳି—3. Bāli. ୪। ହନୁମାନ—4. Hanumān.

ମର୍କଟ ଶୀର୍ଷ—ସ. ବି—ହିଙ୍ଗୁଳ (ହୁ. ଶ)— Markaṭa śirsha Vermilion.

ମର୍କଟିଆ—ଦେ. ବି—ମରକଟିଆ (ଦେଖ) Markaṭiā Marakaṭiā (See).

ମର୍କଟି ହେବା—ଦେ. କ୍ରି—ଦାନ୍ତ କର ମାକଡ଼ ପରି ଖେଙ୍କାରହେବା— Markaṭi heba To grin and fret like an ape. রেগে দাঁত খিঁচান दाँतकीचकीचाना

ମର୍କଟୀ—ସ. ବି. ସ୍ତ୍ରୀ—(ମର୍କଟ+ଈ)—୧। ମାଈମାକଡ଼—1. A Markaṭī female monkey. ୨। ମାଈ ମାକଡ଼ସା— 2. A female spider. ୩। ବାଇଡଙ୍କ (ହୁ. ଶ)— 3. Cowhage. ୪। ଅପାମାର୍ଗ (ହୁ. ଶ) (ଦେଖ)— 4. Apāmārga (See). ୫। ଅଜାମୋଦା (ହୁ. ଶ) (ଦେଖ)—5. Ajāmodā (See). ୬। ଏକ ପ୍ରକାର କରଞ୍ଜ (ହୁ. ଶ)—6. A kind of Karañja tree. ଦେ. ବି. ସ୍ତ୍ରୀ—ଅସୁନ୍ଦରୀ ଓ କୃଶା ସ୍ତ୍ରୀ—A thin and ugly-looking woman.

ମର୍କଟେନ୍ଦୁ—ସ. ବି—କୋଚିଲା (ହୁ. ଶ) Markaṭendu Nux Vomica.

ମର୍କତ—ଦେ. ବି (ସ ମରକତ)—ମରକତ (ଦେଖ)— Markata मर्कत मरकत Marakata (See). (ଜୁ—ମୁକୁତା ମର୍କତ ହେମ–ବିରଚିତ ଜମ ସ୍ୱେ । ପ୍ରାଚୀ. ଉଦ୍ଧବମହୋତ୍ସବ।)

ମର୍କର—ସ. ବି—ଭୃଙ୍ଗରାଜ (ଦେଖ) (ହୁ. ଶ) Markara Bhṛungarāja (See).

ମର୍କରା—ସ.ବି.ସ୍ତ୍ରୀ (ମର୍କ. ଧାତୁ+କର୍ମ. ଅର+ଆ)—୧। ଦରୀ; ଗୁହା— Markarā 1. Cave. ୨। ଭାଣ୍ଡ; ପାତ୍ର—2. Receptacle. ୩। ବନ୍ଧ୍ୟା ସ୍ତ୍ରୀ—3. A barren woman. ୪। ସୁଡ଼ଙ୍ଗ (ହୁ. ଶ)—4. A subterranean passage.

ମର୍ଗେଜ—ବୈଦେ. ବି (ଇଂ. ମର୍ଟ୍ଗେଜ୍; ମର୍ଗେଜ୍‌ରୂପେ ଉଚ୍ଚାରିତ)— Margej (କଚେରୀ)—ସମ୍ପତ୍ତି ବନ୍ଧକ—Mortgage. মর্গেজ, মর্গিজ मर्गेज, बन्धक (ମର୍ଟ୍ଗେଜ୍—ଅନ୍ୟରୂପ)

ମର୍ଚ୍ଛା—ବୈଦେ. ବି—ମରଚ୍ଚ (ଦେଖ) Marchhā Marichā (See).

ମର୍ଡ୍ଡା—ଦେ. ବି—ଦୁକାଳିଆ ବଡ଼ ପାଦଦ୍ୟ ଗୁଳ୍ମ ବିଶେଷ— Marrdā Bridelia Montana (plant).

ମର୍ତ୍ତ—ସ. ବି (ମୃ. ଧାତୁ ମରିବା+କର୍ମ. ତ; ଯେଉଁଠାରେ ଜୀବମାନେ Martta ମରନ୍ତି)—୧। ଭୂଲୋକ; ପୃଥିବୀ—1. The earth; the world. ୨। (+କର୍ତ୍ତୃ ତ)ମାନବ; ମନୁଷ୍ୟ—2. Man. ୩। ମାନବ ଜାତି—3. The mankind. ଦେ. ବିଣ—୧। ନଶ୍ୱର; ମରଣଶୀଳ—1 Mortal; subject to decay. ୨। ଅନିତ୍ୟ—2. Temporal. ବୈଦେ. ବି ବାର (ଫା. ମର୍ତ୍ତବା)—ଥର; ବାର—Time. (ଯଥା— मरतबा ମୁଁ ତତେ ଏ କଥା ୩ ମର୍ତ୍ତ କହିଲିଣି ।)

ମର୍ତ୍ତ(ର୍ତ୍ତ୍ୟ) ଧର୍ମ—ସ. ବି (ମର୍ତ୍ତ୍ୟ+ଧର୍ମ)—୧। ମାନବ ଜୀବନର ସହଜ Martta(rttya) dharma ଗୁଣ—1. One of the attributes of man. ୨। ମରଣଶୀଳତା; ନଶ୍ୱରତା— 2. Mortality (Apte).

ମର୍ତ୍ତ(ର୍ତ୍ତ୍ୟ) ଧର୍ମା—ସ. ବିଣ (ମର୍ତ୍ତ+ଧର୍ମନ୍, ୧ମା. ୧ବ)— Martta[rttya] dharmā ୧। ମରଣଶୀଳ—1. Mortal. ୨। ଅନିତ୍ୟ—2. Temporal. ୩। ମନୁଷ୍ୟ ଧର୍ମୀ— 3. Having the attributes of the mortal man.

ମର୍ତ୍ତବ୍ୟ—ସ. ବିଣ (ମୃ. ଧାତୁ+ଯୋଗ୍ୟାର୍ଥେ. ତବ୍ୟ)—୧। ମରଣଶୀଳ— Marttabya 1. Liable to death. ୨। ମରିବା ଯୋଗ୍ୟ— [ମର୍ତ୍ତବ୍ୟା—ସ୍ତ୍ରୀ] 2. Deserving death. ସ. ବି (+ଭାବ. ତବ୍ୟ)—ମରଣ; ମୃତ୍ୟୁ—Death.

ମର୍ତ୍ତ୍ୟ ଭାବ—ସଂ. ବି ( ୬ଷ୍ଠୀ ତତ୍ )—୧ । ମନୁଷ୍ୟ ପ୍ରକୃତି—
Martta bhāba 1. Human nature (Apte).
୨ । ମନୁଷ୍ୟ ପଣ—2. Humanity; manliness.

ମର୍ତ୍ତ[ର୍ତ୍ତ୍ୟ] ଭୁବନ—ସଂ. ବି (ମ ପ. ଲୋ: କର୍ମ୍ମ ୬ଷ୍ଠୀ ତତ୍)—ପୃଥିବୀ—
Martta(rttya) bhubana The earth (Apte).
[ମର୍ତ୍ତ(ର୍ତ୍ତ୍ୟ) ଲୋକ—ଅନ୍ୟରୂପ]

ମର୍ତ୍ତମହିତ—ସଂ ବି (ତୃତ୍ୟା ତତ୍; ମର୍ତ୍ତ + ମହିତ=ପୂଜିତ) - ଦେବ —
Martta mahita A god; a deity.

ମର୍ତ୍ତ(ର୍ତ୍ତ୍ୟ) ମୁଖ —ସଂ. ବି. ପୁଂ (ବହୁବ୍ରୀହି, ଏମାନଙ୍କର ମନୁଷ୍ୟପରି ମୁଖ
Martta(rttya) mukha ଓ ପଶୁପରି ଦେହ ଥିବାରୁ )—
କିନ୍ନର—A class of heavenly choristers with a human face and beastly body; satyr.

ମର୍ତ୍ତୁକାମ—ସଂ. ବିଣ. ପୁଂ [ସଂ. ମର୍ତ୍ତୁଂ=ମରିବାକୁ + କାମ]—ମରିବାକୁ
Marttukāma ଅଭିଳାଷୀ—Wishing to die.
(ମର୍ତ୍ତୁକାମା - ସ୍ତ୍ରୀ)

ମର୍ତ୍ତ୍ୟ—ସଂ. ବି (ମୃ ଧାତୁ + କର୍ତ୍ତୃ. ତ + ଯ)—୧ । ମର୍ତ୍ତ୍ତ ( ଦେଖ ) -
Marttya 1. Martta ( See ). ୨ । ଶରୀର; ଦେହ —
ମର୍ତ୍ତମାନ କଳା 2. Body (Apte). ୩ । ଅମୃତ ପାଣି କଦଳୀ;
अमृतबान् ଏକ ପ୍ରକାର ସ୍ଥୂଳ ଓ ସୁସ୍ୱାଦୁ କଦଳୀ—3. A kind of excellent ripe banana; martaban banana·
[ ଦ୍ର—ଏହି କଦଳୀ ପାଚିଲେ ହଳଦିଆ ହୁଏ ଓ ଏହା ଚମ୍ପା କଦଳୀଠାରୁ ବଡ଼ ।] ସଂ. ବିଣ—ମର୍ତ୍ତ (ଦେଖ) – Martta ( See).

ମର୍ତ୍ତ୍ୟ କଦଳୀ—ସଂ. ବି—ମର୍ତ୍ତ୍ୟ ୩ ( ଦେଖ )—
Marttya kadaḷi Marttya 3 ( See )

ମର୍ତ୍ତ୍ୟ ଲୀଳା—ସଂ. ବି ( ୬ଷ୍ଠୀ ତତ୍ ବା ୭ମୀ ତତ୍ )—ମାନବ ଲୀଳା;
Marttya līḷā ସଂସାରରେ ଜନ୍ମ ଲାଭ କରି ମୃତ୍ୟୁ ପର୍ଯ୍ୟନ୍ତ ବିଶ୍ୱବ'
ରୂପ ଖେଳ—Worldly events of a man's life, birth and life till death.

ମର୍ତ୍ତ୍ୟ ଲୀଳା ସମ୍ବରଣ—ସଂ. ବି (୬ଷ୍ଠୀ ତତ୍)—ମୃତ୍ୟୁ—
Marttya līḷā sambaraṇa Death.

ମର୍ତ୍ତ୍ୟ ଲୋକ—ସଂ. ବି—୧ । ଭୂଲୋକ; ପୃଥିବୀ - 1. The earth.
Marttya loka ୨ । ସମସ୍ତ ମାନବ ଜାତି—2. The mankind; humanity.
(ମର୍ତ୍ତ୍ୟ ଜଗତ୍—ଅନ୍ୟରୂପ)

ମର୍ଦ୍ଦ—ସଂ. ବି ( ମୃଦ୍ ଧାତୁ=ମଳିବା + ଭାବ. ଅ )—୧ । ପେଷିବା;
Mardda ପିଷ୍ଟ କରଣ; ପେଷଣ; ଦଳିବା; ପେଷିବା; ଦଳନ;
मला मर्दना ମଳିବା—1. Trampling; thrashing; crushing; bruising, ୨ । ଚୂରିବା—
2. Grinding; pounding ୩ । ସମ୍ବାହନ;
ଘଷିବା—3. Robbing; shampooing. ୪ ।
ଚିପିବା; ଚପିବା—4. Sqeezing; pressing.
मर्द मर्द् ବୈଦେ. ବି. ଓ ବିଣ ପୁଂ (ଫା. ମର୍ଦ୍ଦ; ତୁଳ. ସଂ. ମର୍ତ୍ତ)—
ମରଦ ଇତ୍ୟାଦି ( ଦେଖ )—Marada etc. (See)
[ମାଈ, ମାଈ, ମାଈକିନିଅ(ଅଁ) —ସ୍ତ୍ରୀ] (ମର୍ଦ୍ଦ—ଅନ୍ୟରୂପ)

ମର୍ଦ୍ଦକ—ସଂ.ବିଣ. ପୁଂ (ମୃଦ୍ ଧାତୁ + କର୍ତ୍ତୃ. ଅକ) —୧ । ଦଳନକାରୀ—
Marddaka 1. Crushing. ୨ । ତେଲ ଆଦି ଯେ ଅନ୍ୟର
(ମର୍ଦ୍ଦିକା, ମର୍ଦ୍ଦିକା—ସ୍ତ୍ରୀ) ଦେହରେ ମର୍ଦ୍ଦନ କରେ—2. Anointing; shampooing.
(ମର୍ଦ୍ଦୀ—ଅନ୍ୟରୂପ)

ମର୍ଦ୍ଦଗାଜି—ଦେ. ବି ପୁଂ-୧ । କ୍ଷତ୍ରିୟମାନଙ୍କର ରାଜଦତ୍ତ ଉପାଧିବିଶେଷ—
Marddagāji 1. A title bestowed by kings on a
मर्द मर्द distinguished warrior. ୨ । ନାମ ବିଶେଷ—
2. A name given to males. ଦେ. ବିଣ-ବାହାଦୁର;
ବୀର—Heroic; valiant. (ଉ—ଆସ, ସୁନା ପାଗ ଝିଅ, ମର୍ଦ୍ଦଗାଜି! ପଢ଼, ଗୁହ ଘୋଡ଼ ! ଶିଶୁରଞ୍ଜନ ଗୀତ ।)

ମର୍ଦ୍ଦଗାଜି ପାଲା—ଦେ. ବି—ସତ୍ୟନାରାୟଣ ପାଲାରେ ବର୍ଣ୍ଣିତ ଗୋଟିଏ
Marddagāji pālā ରାଜପୁତ୍ରର ଗଳ୍ପ—One of the ballads sung in the Satyanārāyaṇa Pālā, describing the story of a prince.
[ ଦ୍ର—ଏହା ଦୁଇଟି ଯଥା—୧. ମର୍ଦ୍ଦଗାଜି ଜନ୍ମ ପାଲା
୨. ମର୍ଦ୍ଦଗାଜି ବିଭା ପାଲା ।]

ମର୍ଦ୍ଦନ—ସଂ. ବି (ମୃଦ୍ ଧାତୁ+ଭାବ. ଅନ)—ମର୍ଦ୍ଦ ( ଦେଖ )
Marddana Mardda ( See )
ପ୍ରାଦେ. (ଗଡ଼ଜାତ) ବି—ତେଲ ମର୍ଦ୍ଦନ; ସ୍ନାନ ପୂର୍ବରୁ ତୈଳାଭ୍ୟଙ୍ଗ—Anointing oil on the body before bath. (ଉ—ବଞ୍ଚା ନୋହିଲା ମର୍ଦ୍ଦନ ମାଜଣା, ବେଳେ ଗଲାତ ନ ଯାଇ ଏ ଜଣା । ଉପେ. ଲାବଣ୍ୟବତୀ ।)

ମର୍ଦ୍ଦ(ର୍ଦ୍ଦ)ନ ରାଇ(ୟ,ଏ)—ଦେ.ବି—ଭଣ୍ଡାରୀମାନଙ୍କ ରାଜପ୍ରଦତ୍ତ ଉପାଧି-
Mardda(rda)na rāi(ya,e) ବିଶେଷ—A title conferred on barbers by the Chiefs of Orissa.
ମର୍ଦ୍ଦନିଆଁ / ମର୍ଦ୍ଦନ ସିଂହ } ଅନ୍ୟରୂପ

ମର୍ଦ୍ଦ(ର୍ଦ୍ଦ)ନିଆ(ଆଁ)—ଦେ ବିଣ ଓ ବି—ମରଦନିଆ ( ଦେଖ )
Mardda(rda)niā(āṅ) Maradaniā ( See )

ମର୍ଦ୍ଦ(ର୍ଦ୍ଦ)ରାଜ—ଦେ. ବି—ଉତ୍କଳର କ୍ଷତ୍ରିୟ ଓ ରାଜାମାନଙ୍କର ବଂଶଗତ
Mardda(rda)rāja ଉପାଧି ବିଶେଷ—One of the family-titles of some kings and Kshatriyas of Orissa. [ଦ୍ର—କେତେକ ରାଜ ବଂଶର ଉପାଧି —
ହିନ୍ଦୋଳ—ମର୍ଦ୍ଦରାଜ ଜଗଦେବ
ଖଣ୍ଡପଡ଼ା—ମର୍ଦ୍ଦରାଜ ଭ୍ରମରବର
ନୀଳଗିରି—ମର୍ଦ୍ଦରାଜ ହରିଚନ୍ଦନ
ଖଲ୍ଲିକୋଟ—ମର୍ଦ୍ଦରାଜ ଦେବ ।]

ମର୍ଦ୍ଦଳ—ସଂ. ବି (ମର୍ଦ୍ଦ=ମର୍ଦ୍ଦନ + ଲା ଧାତୁ—ଗ୍ରହଣ କରିବା + କର୍ତ୍ତୃ.
Marddaḷa ଅ)—ମାଦଳ; ଆନଦ୍ଧ ବାଦ୍ୟଯନ୍ତ୍ର ବିଶେଷ; ମୃଦଙ୍ଗ;
ପଖୋଜ—A drum covered over with skin and struck at both ends.
[ଦ୍ର—ଦୁଇ ହାତ ଦ୍ୱାରା ଏହାର ଦୁଇ ପାଖରେ ଆଘାତ କରାଯାଏ ।]

ମର୍ଦ୍ଦା(ର୍ଦ୍ଦା)—ବୈଦେ.ବିଣ ପୁଂ (ଫା.ମର୍ଦ୍ଦ)—ଇତର ଜୀବ ଜାତିର ପୁରୁଷ
Marddā(rdā) ଜୀବ—Male (of an animal).
मर्दा, मद्दा मर्द (ମାଈ—ସ୍ତ୍ରୀ)

ମର୍ଦ୍ଦିତ—ସ. ବି. ( ମୃଦ୍ ଧାତୁ ଣିଚ ମର୍ଦ୍ଦି ଧାତୁ+କର୍ମ. ତ )—
Marddita ୧ । ପିଷ୍ଟ—1. Pounded; bruised. ୨ । ଦଳିତ —2. Crushed; trampled. ୩ । ଚୂର୍ଣ୍ଣିତ— 3. Powdered.

ମର୍ଦ୍ଦି(ର୍ଦି)ବା—ଦେ. କ୍ରି (ସ. ମୃଦ ଧାତୁ)—ଦଳିବା—To crush.
Marddi(rdi)bā (ଉ – ଦୁର୍ମଦ ରଣ ଉଠେ ଯାଇ, ଯାଦେ
ମର୍ଦନ କରା **मर्दन करना, मरदना** ମର୍ଦ୍ଦିଲ ବୃକ୍ଷାସୁର । ଜଗନ୍ନାଥ. ଭାଗବତ ।)

ମର୍ଫିଆ—ବୈଦେ ବି (ଇଂ. ମର୍ଫିଆ)—ରାସାୟନିକ ପ୍ରକ୍ରିୟାରେ ଅଫିମରୁ
Marphiā ପ୍ରସ୍ତୁତ ଧଳା ଗୁଣ୍ଡା ଓ ଔଷଧ—Morphia.
ମରଫିଆ **मर्फिया** [ଦ୍ର—ଏହା ଔଷଧ, ବେଦନାହାରକ ଓ ମାଦକ ରୂପେ ବ୍ୟବହୃତ ହୁଏ ।]

ମର୍ବୁ(ର୍ଭୁ)ଦ—ଦେ. ବି ଓ ବିଣ (ସ. ଅର୍ବୁଦ)—୧୦ କୋଟି ସଂଖ୍ୟା—
Marbu(rbhu)da 100 millions. ଦେ. ବି—ଗଞ୍ଜପା ବା
(ମର୍ବୁତ—ଅନ୍ୟରୂପ) ଦସ୍ତ ଖେଳର କ୍ରମ ବିଶେଷ—A step in
ମର୍ବଦ the game of country cards.

ମର୍ମ (ର୍ମ୍ମ)—ସ. ବି (ମୃ ଧାତୁ=ମରିବା+ଅପାଦାନ ମନ୍; ୧ମା. ୧ବ;
Marma(rmmā) ପ୍ରା. ମର୍ମ୍ମ)—୧ । ପ୍ରାଣ ସ୍ଥାନ; ଶରୀରର ଅତି ସୁକୁମାର ସନ୍ଧି ସ୍ଥାନ; ଜୀବ ସ୍ଥାନ; ଶରୀରର ଯେଉଁଠାରେ ଆଘାତ ଲାଗିଲେ ପ୍ରାଣ ଛାଡ଼ିଯାଏ-1. A vulnerable part of the body; most vital parts of the body. ୨ । ଶିରା, ସ୍ନାୟୁ, ସନ୍ଧି,ଅସ୍ଥି ଓ ମାଂସାଦିର ଏକତ୍ର ମିଳନ ସ୍ଥାନ-2. The points in the body where veins, muscles, joints, bones and flesh meet. [ଦ୍ର—ଏହି ମର୍ମ୍ମ ସ୍ଥାନମାନଙ୍କରେ ଜୀବର ପ୍ରାଣ ଶକ୍ତି ଭାବରେ ଅବସ୍ଥିତ କରେ । ଏଠାରେ ଆଘାତ ଲାଗିଲେ ମର୍ମାନ୍ତିକ କଷ୍ଟ ହୁଏ । ଦେହ ମଧ୍ୟରେ ୧୦୭ ଟି ମର୍ମ୍ମ ଅଛି ଯଥା—ମାଂସରେ ୧୧, ଅସ୍ଥିରେ ୮ଟି, ସନ୍ଧିରେ ୨୦, ସ୍ନାୟୁରେ ୨୭ ଓ ଶିରାରେ ୪୧ । ଏଥି ମଧ୍ୟରୁ ପାଦଦ୍ୱୟରେ ୨୨, ହସ୍ତ ଦ୍ୱୟରେ ୨୨, ବକ୍ଷରେ ଓ ଉଦରରେ ୧୨, ପୃଷ୍ଠରେ ୧୪, ଏବଂ ଗ୍ରୀବାରେ ଓ ତହିଁର ଊର୍ଦ୍ଧ୍ୱରେ ୩୭ଟି । ମର୍ମ୍ମ ୫ ପ୍ରକାରର ଯଥା—
୧. ସଦ୍ୟ ପ୍ରାଣହର—ଏଥିରେ ଆଘାତ ଲାଗିଲେ ତତ୍କ୍ଷଣାତ୍ ମୃତ୍ୟୁ ଘଟେ, ଏଥିର ସଂଖ୍ୟା ୧୯ । ୨. କାଳାନ୍ତର ପ୍ରାଣହର—ଏଥିରେ ଆଘାତ ହେଲେ କିଛି ଦିନ ପରେ ମୃତ୍ୟୁ ଘଟେ, ଏଥିର ସଂଖ୍ୟା ୩୩ । ୩. ବୈକଲ୍ୟକର—ଏଥିରେ ଆଘାତ ଲାଗିଲେ ଅଙ୍ଗ ବିକଳ ହୁଏ,ଏଥିର ସଂଖ୍ୟା ୪୪ । ୪. ପୀଡ଼ାକର—ଏଥିରେ ଆଘାତ ଲାଗିଲେ ଗୁରୁତର ପୀଡ଼ା ହୁଏ, ଏଥିର ସଂଖ୍ୟା ୮ । ୫. ବିଶଲ୍ୟଘ୍ନ—ଏଥିରେ ଶଲ୍ୟାଦି ବିଦ୍ଧ ହେଲେ ତାହା ଉତ୍ପାଟନ ମାତ୍ରକେ ମୃତ୍ୟୁ ଘଟେ, ଏଥିର ସଂଖ୍ୟା ୩—ଭୂ. ଶ । ] ୩ । ଅନ୍ତରଙ୍ଗ ଅନ୍ତରର ଭାବ; ହୃଦୟ—3.The heart; the corner of recess of the heart. ୪ । ଗୁପ୍ତ କଥା; ରହସ୍ୟ; ଗୂଢ଼ କଥା—4. Secret; key to a matter ୫ । ସାରାଂଶ; ତତ୍ତ୍ୱ—5. Essence; truth of a matter. ୬ । ଅଭିପ୍ରାୟ; ତାତ୍ପର୍ଯ୍ୟ—6. Gist; drift. ଦେ. ବି. ଓ ବିଣ—ମରମ ( ଦେଖ )—
ମରମ Marama ( See ) [ଉ—ସବୁର ସଙ୍ଗେ ମର୍ମେ ମିଶି,
**मरम** ଖୋଜଇ ସବୁ ଘରେ ପଶି—ଭୂପତି. ପ୍ରେମପଞ୍ଚାମୃତ ।—ମର୍ମି ସେ ଜନ୍ମା କବ ହୋଇ—ଯଶୋବନ୍ତ.ପ୍ରେମଭକ୍ତି ବ୍ରହ୍ମଗୀତା ।] ୭ । ପାରିବାରିକ ବା ବ୍ୟକ୍ତିଗତ କଳଙ୍କ—7. Scandal; family-secret.

ମର୍ମ କଥା—ସ. ବି—ମରମ କଥା ( ଦେଖ )
Marma kathā Marama kathā ( See )

ମର୍ମ କାତରତା—ସ. ବି ( ଲକ୍ଷଣାର୍ଥ )—ଅନ୍ତରର ବ୍ୟାକୁଳତା—
Marma kātaratā ( figurative ) The bleeding of a person's heart.

ମର୍ମକୀଲ—ସ. ବି—ସ୍ୱାମୀ—
Marmakīla Husband ( Apte ).

ମର୍ମ ଗ୍ରହଣ—ସ. ବି (୬ଷ୍ଠୀ ତତ୍)—ତାତ୍ପର୍ଯ୍ୟାବଧାରଣ; ରହସ୍ୟବୋଧ—
Marma grahaṇa Understanding the sense or secret of a matter.

ମର୍ମଗ୍ରାହୀ—ସ. ବିଣ. ପୁଂ ( ମର୍ମ+ଗ୍ରାହିନ୍; ୧ମା. ୧ବ )—ଯେ କଥାର
Marmagrāhī ତାତ୍ପର୍ଯ୍ୟ ଗ୍ରହଣ କରେ—Grasping the
( ମର୍ମଗ୍ରାହିଣୀ—ସ୍ତ୍ରୀ ) purport of a thing; able to
[ମର୍ମଗ୍ରାହିତା(ତ୍ୱ)—ବି] understand the gist of a matter.

ମର୍ମଘାତ—ସ. ବି(୭ମୀ ତତ୍)—୧ । ପ୍ରାଣଘାତ; ହତ୍ୟା—1.Murder.
Marmaghāta ୨ । ହୃଦୟରେ ଦୁଃଖ ଦେବା—2. Afflicting
ମର୍ମଘାତନ, ମର୍ମଚ୍ଛେଦନ, ମର୍ମପ୍ରହାର, ମର୍ମଭେଦନ } ଅନ୍ୟରୂପ one's mind. ୩ । ମର୍ମସ୍ଥଳରେ ଆଘାତ ବା ଚୋଟ—3. Striking or a blow at a vital part.

ମର୍ମଘାତୀ—ସ. ବିଣ. ପୁଂ ( ମର୍ମ+ହନ୍ ଧାତୁ+କର୍ତ୍ତୃ. ଇନ୍; ୧ମା. ୧ବ )—୧ । ମର୍ମଚ୍ଛେଦୀ; ହୃଦୟରେ ବ୍ୟଥାଦାୟକ—1. Cutting to the quick. ୨ । ପ୍ରାଣଘାତୀ—2. Mortal.
Marmaghātī
ମର୍ମଘାତିନୀ, ମର୍ମ ଚ୍ଛେଦିନୀ, ମର୍ମ ଚ୍ଛେଦନୀ } ସ୍ତ୍ରୀ
( ମର୍ମଘାତକ, ମର୍ମଚ୍ଛେଦକ, ମର୍ମଚ୍ଛେଦୀ, ମର୍ମପ୍ରହାରକ— ଅନ୍ୟରୂପ ) [ମର୍ମଘାତି(ତ୍ୱ, ତେ)ବା—ଗ୍ରାମ୍ୟରୂପ]

ମର୍ମଜ୍ଞ—ସ. ବିଣ. ପୁଂ (ମର୍ମ+ଜ୍ଞା ଧାତୁ=କର୍ତ୍ତୃ. ଅ)—୧ । ରହସ୍ୟଜ୍ଞ;
Marmajña ତତ୍ତ୍ୱଜ୍ଞ—1. Knowing the secret. ୨ ।
ମର୍ମଜ୍ଞ, ମର୍ମବେତ୍ତା } ଅନ୍ୟରୂପ ତାତ୍ପର୍ଯ୍ୟଗ୍ରାହୀ—2. Discerning the hidden meaning. ସ. ବି. ପୁଂ—
(ମର୍ମଜ୍ଞା, ମର୍ମଜ୍ଞା, ମର୍ମବେଦନା—ସ୍ତ୍ରୀ) A learned man.

ମର୍ମଚର—ସ. ବି ( ମର୍ମ+ଚର ଧାତୁ+କର୍ତ୍ତୃ. ଅ )—ହୃଦୟ—
Marmachara The heart ( Apte).

ମର୍ମଭୁଦ—ସ. ବିଣ ( ଉପପଦ ତତ୍ପୁରୁଷ; ମର୍ମ+ଭୁଦ୍ ଧାତୁ=ପୀଡ଼ା
Marmatuda ଦେବା+କର୍ତ୍ତୃ. ଅ )—ହୃଦୟବିଦାରକ—
( ମର୍ମଭୁଦା—ସ୍ତ୍ରୀ ) Heart-rending.

ମର୍ମନ୍ତୁଦ—ଦେ. ବଣ ( ଅରୁନ୍ତୁଦ ଓ ଧନଞ୍ଜୟ ଅଦ ଶେକେକ ଶବ୍ଦ
Marmantuda ଅନୁକରଣରେ ଅଧୁନାକ ଲେଖକମାନଙ୍କଦ୍ୱାରା
ମର୍ମନ୍ତୁଦ ବ୍ୟବହୃତ, କିନ୍ତୁ ଏହା ବ୍ୟାକରଣ ଶୁଦ୍ଧ ନୁହେଁ )—ମର୍ମତୁଦ
(ମର୍ମନ୍ତୁଦା—ସ୍ତ୍ରୀ) ( ଦେଖ )—Marmatuda ( See )

ମର୍ମ ପୀଡ଼କ—ସ. ବଣ. ପୁଂ (ମର୍ମ+ପୀଡ଼କ)—ଯାହା ମର୍ମରେ ବା ହୃଦ-
Marma pirdaka ୟରେ ବେଦନା ଦିଏ—Heart-rending.
( ମର୍ମପୀଡ଼ାଦାୟକ, ମର୍ମପୀଡ଼ାଦାୟୀ—ଅନ୍ୟରୂପ )
[ ମର୍ମପୀଡ଼କା, ମର୍ମପୀଡ଼ାଦାୟିକା(ନୀ)—ସ୍ତ୍ରୀ ]

ମର୍ମପୀଡ଼ା—ସ. ବ—ମର୍ମବେଦନା—
Marmapirda Mental agony.

ମର୍ମ ପୀଡ଼ିତ—ସ. ବଣ. ପୁଂ ( ୭ମୀ ତତ୍ )—ମର୍ମାହତ ( ଦେଖ )
Marma pirdita Marmāhata ( See )
( ମର୍ମପୀଡ଼ିତା—ସ୍ତ୍ରୀ )

ମର୍ମ ବଚନ—ସ. ବ ( ମ. ପ. ଲୋ; ମର୍ମଭେଦୀ ବାକ୍ୟ )—୧ । ମର୍ମ-
Marma bachana ଭେଦୀ ବାକ୍ୟ; ଯେଉଁ ବାକ୍ୟଦ୍ୱାରା ମନୁଷ୍ୟର
(ମର୍ମବାକ୍ୟ—ଅନ୍ୟରୂପ) ମନରେ ଅତ୍ୟନ୍ତ କଷ୍ଟ ହୁଏ—1. Heart-
rending words. ୨ । ଗୁପ୍ତ କଥା; ରହସ୍ୟ—
2. Secret.

ମର୍ମବିଦ୍—ସ. ବଣ. ପୁଂ ( ମର୍ମ+ବିଦ୍ ଧାତୁ+କର୍ତ୍ତୃ. କ୍ୱିପ୍ )—ମର୍ମଜ୍ଞ
Marmabid ( ଦେଖ )—Marmajna ( See )

ମର୍ମବିଦ୍ଧ—ସ. ବଣ ପୁଂ (୭ମୀ ତତ୍)—ମର୍ମାହତ (ଦେଖ)—Marmā
Marmabiddha (ମର୍ମବିଦ୍ଧା—ସ୍ତ୍ରୀ) hata ( See )

ମର୍ମ ବେଦନା—ସ. ବ ( ୬ଷ୍ଠୀ ତତ୍; ମର୍ମ+ବେଦନା )—ଆନ୍ତରିକ
Marma bedanā କ୍ଳେଶ—Mental agony.
( ମର୍ମବ୍ୟଥା, ମର୍ମଯନ୍ତ୍ରଣା—ଅନ୍ୟରୂପ )

ମର୍ମବେଦୀ—ସ. ବଣ. ପୁଂ—ମର୍ମଜ୍ଞ (ଦେଖ)—Marmajna (See)
Marmabedi ( ମର୍ମବେଦିନୀ—ସ୍ତ୍ରୀ )

ମର୍ମଭେଦ—ସ. ବ—୧ । ଗୁପ୍ତ ରହସ୍ୟର ଅବଧାରଣ—1. Penetra-
Marmabheda tion into a secret. ୨ । ଦୁଃଖରେ
( ମର୍ମବିଦାରଣ—ଅନ୍ୟରୂପ ) ଛାତି ଫାଟିଯିବା; ହୃଦୟ ବେଦନା—
2. The breaking or bursting of the
heart. ୩ । ଶର ଆଦି ମର୍ମ ସ୍ଥଳରେ ଫୁଟିବା—
3. The piercing of a vital part of the
body by a weapon.

ମର୍ମଭେଦୀ—ସ. ବଣ. ପୁଂ (ମର୍ମ+ଭିଦ୍ ଧାତୁ+କର୍ତ୍ତୃ. ଇନ୍; ୧ମା.୧ବ)
Marmabhedi ୧ । ମର୍ମରେ ବ୍ୟଥାଦାୟକ—1. Cutting
( ମର୍ମଭିଦ୍—ଅନ୍ୟରୂପ ) one to the quick; heart-
( ମର୍ମଭେଦିନୀ—ସ୍ତ୍ରୀ ) rending; breaking one's heart.
୨ । ଜୀବସ୍ଥାନକୁ ଭେଦକାରୀ—2. Piercing a
vital part of the body.

ମର୍ମର—ସ. ବ( ମୃ. ଧାତୁ+କର୍ତ୍ତୃ. ଅର; 'ମ' ଆଗମ )—୧ । ପତ୍ରାଦିର
Marmara ବାୟୁ ହିଲ୍ଲୋଳାଦିଜନିତ ଅବ୍ୟକ୍ତ ଧ୍ୱନି—1. The
rustling or crackling sound of leaves.
ଶଷ୍କମର୍ମର, মার্বেল when trodden or wafted by breeze
संगमर्मर ବୈଦେ. ବ (ଇଂ. ମାର୍ବଲ୍)—ମାର୍ବଲ୍ ପଥର; ଶଙ୍ଖମର୍ମର
ପଥର—Marble. [ବୃ—ଭାରତର ଜୟପୁର ଓ
ରାଜପୁତନାର ମର୍ମର ପ୍ରସ୍ତର ପ୍ରସିଦ୍ଧ । ଧଳା, କଳା ଓ
ହଳଦିଆ ଓ ଚିତ୍ରିତା ଆଦି ନାନାରଙ୍ଗର ମର୍ମର ପଥର ଅଛି ।
ଆଗ୍ରାର ତାଜମହଲ ମର୍ମର ପଥରରେ ନିର୍ମିତ । ଆଗ୍ରାରେ ଏହି
ପଥରର ବାସନ ମିଳେ । ଇଟାଲିରେ ଉତ୍କୃଷ୍ଟ ମର୍ମର
ମିଳେ । ]ସଂ. ବଣ—ମର୍ମର ଶବ୍ଦକାରକ—Making
মর্মর সাগর a rustling sound. ବୈଦେ. ବ ( ନାମ )—
मर्मर सागर ଏହି ନାମର ସାଗର—The Sea of Marmora;
an inland sea to the southwest of the
Black Sea. [ ବୃ—ଏହି ସାଗର ଇଉରୋପୀୟ ତୁରସ୍କ
ଓ ଏସିଆଟିକ ତୁରସ୍କ ମଧ୍ୟରେ ଅବସ୍ଥିତ । ଏହି ବାଟେ
କୃଷ୍ଣସାଗର ( Black Sea )ରୁ ଭୂମଧ୍ୟସାଗରକୁ ଯିବା
ଆସିବା କରାଯାଏ; ଏହା କୃଷ୍ଣସାଗରର ଦକ୍ଷିଣ ପଶ୍ଚିମରେ ଅବସ୍ଥିତ;
ଏହାର ଉତ୍ତର ପୂର୍ବ କୋଣରେ ଇଉରୋପୀୟ ତୁରସ୍କର
ରାଜଧାନୀ କନଷ୍ଟାଣ୍ଟିନୋପଲ୍ ଅବସ୍ଥିତ । ] ଦେ. ବଣ—
মরমর मरतेदम, मरताहुआ ମୁମୂର୍ଷୁ—Dying.

ମର୍ମରିବା—ଦେ. (ପଦ୍ୟ) କ୍ରି—(ସ. ମର୍ମର)—ମର୍ମର ଧ୍ୱନି କରିବା—
Marmaribā मर्मरा मरमराना To rustle. [ଉ—
ସୌରଭ ବହି, ତରୁ ପତ୍ରେ ମର୍ମରି । ଶ୍ରୀଧନାଥ. ମେଘଦୂତ ।]

ମର୍ମରୀ—ସ. ବ—(ମର୍ମର+ଈ)—୧ । ଏକ ପ୍ରକାର ଦେବଦାରୁ—
Marmari A kind of pine tree (Apte). ୨ । ହଳଦୀ—
2. Turmeric (Apte).

ମର୍ମରୀକ—ସ. ବ (ମର୍ମର+ଈକ)—୧ । ଗରିବ ଲୋକ—1. A
Marmarika poor man; a pauper ( Apte ).
(ମର୍ମରୀକା—ସ୍ତ୍ରୀ) ୨ । ଖଳ ବ୍ୟକ୍ତି—2. A wicked man.
(Apte).

ମର୍ମ ସ୍ଥଳ—ସ. ବ—୧ । ଦେହର ସାଂଘାତିକ ସନ୍ଧିସ୍ଥଳ—1. A
Marma sthala vital or most sensitive
(ମର୍ମସ୍ଥାନ—ଅନ୍ୟରୂପ) part of the body. ୨ । ହୃଦୟ;
ଅନ୍ତର—2. The heart; the inmost recess
of the heart. ଦେ. ବ—ଗୁପ୍ତସ୍ଥାନ—Secret
place. [ଉ—ଯେ ନଣ ତହିଁ ଲଭା ବନ, ସୁରତ
ପ୍ରେମ ମର୍ମ ସ୍ଥାନ । ଜଗନ୍ନାଥ. ଗୁଣ୍ଡିଚା ।]

ମର୍ମସ୍ପର୍ଶୀ—ସ. ବଣ (ମର୍ମ+ସ୍ପୃଶ ଧାତୁ+କର୍ତ୍ତୃ. ଇନ୍; ୧ମା. ୧ବ)—
Marma sparsi —୧ । ମର୍ମଭେଦୀ—1. Heart-rend-
(ମର୍ମସ୍ପର୍ଶ; ମର୍ମସ୍ପୃକ୍—ଅନ୍ୟରୂପ) ing. ୨ । ହୃଦୟରେ ଦୟାର
(ମର୍ମସ୍ପର୍ଶିନୀ, ମର୍ମସ୍ପୃଶା—ସ୍ତ୍ରୀ) ଉଦ୍ରେକକାରୀ—2. Pathetic;
touching the heart.

ମର୍ମାଘାତ—ସ. ବ—(୭ମୀ ତତ୍)—୧ । ମର୍ମସ୍ଥଳରେ ଆଘାତ—
Marmāghāta 1. A blow on a vital part of
the body. ୨ । ହୃଦୟରେ ଜନିତ ବେଦନା—2. A
wound in the heart.

ମର୍ମାନ୍ତ(ନ୍ତି)କ—ସଂ. ବିଣ ( ମର୍ମ+ଅନ୍ତକ; ଅନ୍ତକ=ଅନ୍ତଭେଦୀ;
Marmānta (nti)ka ୬ଷ୍ଠୀ ତତ୍)—ମର୍ମଭେଦୀ; ହୃଦୟବିଦାରକ
(ମର୍ମାନ୍ତଗ—ଅନ୍ୟରୂପ) Heart-rending; stinging to the quick.

ମର୍ମାନ୍ତ(ନ୍ତି)କ ବେଦନା—ସଂ. ବି—(କର୍ମଧା)—ହୃଦୟବିଦାରକ କଷ୍ଟ—
Marmānta(nti)ka bedanā A sorrow that
(ମର୍ମାନ୍ତିକ ବ୍ୟଥା—ଅନ୍ୟରୂପ) rends the heart.

ମର୍ମାନ୍ୱେଷଣ—ସଂ. ବି—(୬ଷ୍ଠୀ ତତ୍; ମର୍ମ+ଅନ୍ୱେଷଣ )—୧।
Marmānweshaṇa ଦେହର ମର୍ମ ସ୍ଥାନମାନ ଖୋଜିବା—
(ମର୍ମାନୁସନ୍ଧାନ—ଅନ୍ୟରୂପ) 1. Probing the vital parts.
(ମର୍ମାନ୍ୱେଷୀ, ମର୍ମାନୁସନ୍ଧାୟୀ—ବି. ପୁଂ) ୨। ମନୁଷ୍ୟର ଦୁର୍ବଳତାର ଓ ଗୁପ୍ତ ବିଷୟର ଅନୁସନ୍ଧାନ—2. Seeking the weak or vulnerable points of a person.

ମର୍ମାବଧାରଣ—ସଂ. ବି (୬ଷ୍ଠୀତତ୍)—ସ୍ୱରୂପାର୍ଥ ନିର୍ଣ୍ଣୟ— Ascertain-
Marmābadhāraṇa ment of the real meaning or mysteries of a matter.

ମର୍ମାବରଣ—ସଂ. ବି—(୬ଷ୍ଠୀ ତତ୍; ମର୍ମ+ଆବରଣ) ସାଞ୍ଜୁ—
Marmābaraṇa A coat of mail; armour (Apte).
(ମର୍ମତ୍ର, ମର୍ମତ୍ରାଣ—ଅନ୍ୟରୂପ)

ମର୍ମାର୍ଥ—ସଂ. ବି—୧। ତାତ୍ପର୍ଯ୍ୟାର୍ଥ—1. Gist; hidden meaning;
Marmārtha the long and short of a matter.
୨। ପ୍ରକୃତ ତତ୍ତ୍ୱ; ସ୍ୱରୂପାର୍ଥ—2. The real meaning of a matter.

ମର୍ମାହତ—ସଂ. ବିଣ. ପୁଂ—(୭ମୀ ତତ୍)—୧। ମର୍ମରେ ଆଘାତପ୍ରାପ୍ତ—
Marmāhata 1. Mortally wounded; wounded at
(ମର୍ମାହତା—ସ୍ତ୍ରୀ) a vulnerable part. ୨। ଅନ୍ତରରେ ବେଦନାପ୍ରାପ୍ତ—2. Cut to the quick.

ମର୍ମିକ—ସଂ. ବିଣ. ପୁଂ—(ମର୍ମ+ଜ୍ଞାନାର୍ଥେ ଇକ;)—୧। ମର୍ମଜ୍ଞ (ଦେଖ)
Marmika 1. Marmajña (See) ୨। ଗୂଢ଼ଜ୍ଞାନବାଦୀ
(ମର୍ମୀ—ଅନ୍ୟରୂପ) —2. Mystic.
(ମର୍ମିକା, ମର୍ମିଣୀ—ସ୍ତ୍ରୀ)

ମର୍ମୋଦ୍‌ଘାଟନ—ସଂ. ବି—(୬ଷ୍ଠୀ ତତ୍; ମର୍ମ+ଉଦ୍‌ଘାଟନ)—୧।
Marmodghāṭana ରହସ୍ୟଭେଦ—1. Diving into
(ମର୍ମୋଦ୍ଭେଦ—ଅନ୍ୟରୂପ) secrets of a matter. ୨। ସ୍ୱରୂପାର୍ଥ ପ୍ରକାଶ—2. The divulging of the inner meaning of a matter.

ମର୍ଯା(ର୍ଯ୍ୟା)—ସଂ. ବି—ସୀମା—
Marjā(jyā) Limit; boundary (Apte)

ମର୍ଯ୍ୟାଦା—ସଂ. ବି—(ମର+ଅ+ଦା ଧାତୁ=ଦେବା+ଅ କର୍ମ+ସ୍ତ୍ରୀ. ଆ
Marjyādā ପ; ମ ସ୍ଥାନରେ ନିପାତନ ସିଦ୍ଧ )—୧। ଗୌରବ; ସମ୍ଭ୍ରମ; ସମ୍ମାନ—1. Respect; regard; honour. [ଉ—ମର୍ଯ୍ୟାଦା ଛାଡ଼ିଲେ ପୁରୁଷ ନାଶଏ। କୃଷ୍ଣସିଂହ. ମହାଭାରତ ସଭା।] ୨। ସୁନାମ—2. Reputation. ୩। ସଦାଚାର; ସତ୍‌ପଥରେ ସ୍ଥିତି—3. Good conduct; propriety of conduct. ୪। ନିୟମ—4. Rule. ୫। ( ମର୍ଯ୍ୟ=ସୀମା+ଦା ଧାତୁ+କର୍ମ. ଅ)—ସୀମା—5. Boundary; limit; border. ୬। ତଟ; କୂଳ—6. Shore. ୭। ଶେଷ; ସମାପ୍ତି—7. End; termination ( Apte ). ୮। ଚିହ୍ନ; ନିର୍ଦ୍ଦିଷ୍ଟ ଚିହ୍ନ—8. Mark; landmark (Apte]. ୯। ନିର୍ଦ୍ଧାରିତ ବା ଅପରିବର୍ତ୍ତନୀୟ ରୀତି—9. Fixed law; established rule (Apte). ୧୦। ନୈତିକ ନିୟମ—10. Moral law (Apte). ୧୧। ଚୁକ୍ତି-11 Contract; covenant.

ମର୍ଯ୍ୟାଦା ଦେ. ବି—୧। ନୈମନ୍ତ୍ରଣ, ବେହାର; ବିବାହାଦି
विदाई ଉପଲକ୍ଷରେ ନିମନ୍ତ୍ରିତ ବ୍ୟକ୍ତିମାନଙ୍କୁ ଦିଆଯିବା ଉପଢୌକନ—1. Presents given to guests invited on ceremonial occasion. ୨। ନିମନ୍ତ୍ରିତ ବନ୍ଧୁଙ୍କୁ ସମ୍ମାନସ୍ୱରୂପ ଦିଆଯିବା ଲୁଗା—2. Cloth presented to invited guests.

ମର୍ଯ୍ୟାଦାକର—ସଂ. ବିଣ ( ମର୍ଯ୍ୟାଦା+କୃ. ଧାତୁ+କର୍ତ୍ତୃ. ଅ)—ସମ୍ମାନ-
Marjyādākara ଜନକ—Honourable.
( ମର୍ଯ୍ୟାଦାଜନକ—ଅନ୍ୟରୂପ )

ମର୍ଯ୍ୟାଦା କରିବା—ଦେ. କ୍ରି—୧। ସମ୍ମାନ ଦେଖାଇବା—1. To
Marjyādā karibā respect. ୨। ( ନିମନ୍ତ୍ରିତ ବନ୍ଧୁଙ୍କୁ ) ଉପଢୌକନ ଓ ସଦ୍‌ବ୍ୟବହାର ସମ୍ମାନିତ କରିବା—2. To honour a guest with proper attention and presents.
मर्य्यादा करा मर्य्यादा करना

ମର୍ଯ୍ୟାଦାକୁ ପୋଡ଼ି ଖାଇବା—ଦେ, କ୍ରି—କୁଳ ମର୍ଯ୍ୟାଦା ବା ସଦାଚାରକୁ
Marjyādāku poṛi khāibā ସମ୍ପୂର୍ଣ୍ଣରୂପେ ପାସୋରିବା—
मर्य्यादा पुड़िये खाओया To forget etiquette or famliy custom entirely.

ମର୍ଯ୍ୟାଦାଗିରି—ସ. ବି ( ମ. ପ. ଲୋ. )—କୌଣସି ଦେଶର ସୀମାରେ
Marjyādāgiri ଅବସ୍ଥିତ ପର୍ବତ—A mountain standing
(ମର୍ଯ୍ୟାଦାଚଳ, ମର୍ଯ୍ୟାଦା ପର୍ବତ—ଅନ୍ୟରୂପ) on the frontier.

ମର୍ଯ୍ୟାଦାବନ୍ତ—ଦେ. ବିଣ—ମର୍ଯ୍ୟାଦାବାନ୍ (ଦେଖ)—
Marjyādābanta Marjyādābān (See).
मर्य्यादामन्त मर्य्यादावन्त

ମର୍ଯ୍ୟାଦାବାନ୍—ସ ବିଣ ପୁଂ—୧। ସମ୍ଭ୍ରାନ୍ତ—1. Respectable.
Marjyādābān ୨। ସମ୍ମାନିତ—2. Honoured. ୩। ଯେ ସଦାଚାର ଅନୁସାରେ କାର୍ଯ୍ୟ କରେ—3. Respectful; acting according to approved custom.

ମର୍ଯ୍ୟାଦା ବିହୀନ—ସ. ବିଣ (୬ଷ୍ଠୀ ତତ୍)—୧। ଅସମ୍ମାନିତ—
Marjyādā bihina 1. Unhonoured; not treated
ମର୍ଯ୍ୟାଦାରହିତ, ମର୍ଯ୍ୟାଦାହୀନ } ଅନ୍ୟରୂପ with due respect. ୨।ଅସମ୍ମାନ ଦେଖାଇବା (ବ୍ୟକ୍ତି); ସମ୍ମାନରହିତ—2. Disrespectful. ୩। ସମ୍ଭ୍ରମହୀନ—3. Shorn of regard; disregarding.

ମର୍ଯ୍ୟାଦା ଲଂଘନ—ସଂ. ବି ( ୬ଷ୍ଠୀ ତତ୍ )—ସଦାଚାରର ସୀମା Marjyādā lamghana ଅତିକ୍ରମ—Overstepping the limits of propriety or etiquette.
ମର୍ଯ୍ୟାଦାତିକ୍ରମ (କ୍ରମଣ), ମର୍ଯ୍ୟାଦା ବ୍ୟତିକ୍ରମ } ଅନ୍ୟରୂପ

ମର୍ଯ୍ୟାଦା ଲଂଘିବା—ଦେ. କ୍ରି—ସଦାଚାରର ସୀମାକୁ ଅତିକ୍ରମ କରିବା—Marjyādā lamghibā To overstep the boundary মর্যাদালংঘন করা मर्यादालांघना or limits of etiquette. (ମର୍ଯ୍ୟାଦା ଅତିକ୍ରମ କରିବା—ଅନ୍ୟରୂପ)

ମର୍ଯ୍ୟାଦାଶାଳୀ—ସଂ. ବିଣ. ପୁଂ (ମର୍ଯ୍ୟାଦା+ଶାଳିନ୍)—ସମ୍ମାନ୍ୟ—Marjyādāsāli Respectable. [ମର୍ଯ୍ୟାଦାଶାଳିନୀ—ସ୍ତ୍ରୀ]

ମର୍ଯ୍ୟାଦାଶୀଳ—ସଂ. ବିଣ. ପୁଂ (ବହୁବ୍ରୀହି)—ମର୍ଯ୍ୟାଦାବାନ୍ (ଦେଖ) Marjyādāsila Marjyādābān (See). (ମର୍ଯ୍ୟାଦାଶୀଳା—ସ୍ତ୍ରୀ) (ମର୍ଯ୍ୟାଦାଶୀଳତା—ବିଶେଷ୍ୟ)

ମର୍ଶ—ସଂ. ବି (ମୃଶ୍. ଧାତୁ=ପରାମର୍ଶ କରିବା+ଭାବ. ଅ)—୧ । ମନ୍ତ୍ରଣା; Marsa ପରାମର୍ଶ—1. Consultation; deliberation. (ମର୍ଶନ—ଅନ୍ୟରୂପ) ୨ । ଉପଦେଶ—2. Advice ୩ । ନାସ; ଯେଉଁ ବସ୍ତୁ ଶୁଂଘିଲେ ଛିଙ୍କ ହୁଏ-3. A sternutatory (Apte). ୪ । ଘର୍ଷଣ; ଘଷିବା—4. Rubbing (Apte). ୫ । ଦେହରୁ ମଳ ଛଡ଼ାଇବା—5. Rubbing off dirt from the body. (Apte).

ମର୍ଷଣ—ସଂ. ବି (ମୃଷ୍. ଧାତୁ=କ୍ଷମା କରିବା+ଭାବ. ଅନ)—୧ । କ୍ଷମା Marshana କରିବା—1. Forgiveness. ୨ । ସହିବା; (ମର୍ଷ—ଅନ୍ୟରୂପ) ସହନ—2. Fortitude, forbearance; endurance. ୩ । ନାଶନ—3. Destruction; ruination. ୪ । ଧୈର୍ଯ୍ୟ—4. Patience.

ମର୍ଷଣୀୟ—ସଂ. ବିଣ (ମୃଷ. ଧାତୁ+କର୍ମ. ଅନୀୟ)—କ୍ଷମ୍ୟ; କ୍ଷମାପାଇବା Marshaniya ଯୋଗ୍ୟ—Forgivable; excusable.

ମର୍ଷିତ—ସଂ. ବିଣ (ମୃଷ୍. ଧାତୁ+କର୍ମ. ତ)—୧ । ଯାହାକୁ କ୍ଷମା ଦିଆ Marshita ଯାଇଥାଏ—1. Excused; forgiven. ୨ । ଯାହା ସହା ଯାଇଥାଏ—2. Endured. ୩ । (+କର୍ତ୍ତୃ. ତ) କ୍ଷମାଶୀଳ—3. Forgiving. ସଂ. ବି (+ଭାବ. ତ) ୧ । କ୍ଷମା—1. Forgiveness. ୨ । ଧୈର୍ଯ୍ୟ—2. Patience.

ମର୍ଷିତବାନ୍—ସଂ. ବିଣ. ପୁଂ (ମୃଷ. ଧାତୁ+କର୍ତ୍ତୃ. ତବତ୍;ପ୍ର.ମା. ୧ବ.)—Marshitabān ୧ । କ୍ଷମା-ଶୀଳ—1. Forgiving. ୨ । ସହିଷ୍ଣୁ—(ମର୍ଷିତବତୀ—ସ୍ତ୍ରୀ) 2. Forbearing. ୩ । ଯେ କ୍ଷମା କରିଅଛି—3. One who has forgiven.

ମର୍ସୁମ୍—ବୈଦେ. ବି (ଫା. ମୌସିମ୍; ଏହାର ଇଂରାଜି ଆକାର Marsum ମନ୍‌ସୁନ୍, monsoon) ୧ । ଋତୁ; ଉପଯୁକ୍ତ मरसूम ସମୟ—1. Season. ୨ । ସୁଯୋଗ—2. Opportunity. मौसिम

ମର୍ସୁମୀ—ବୈଦେ. ବିଣ (ଫା. ମୌସୁମୀ)—ମୌସୁମୀ; ଋତୁ ଅନୁସାରେ Marsumi ଘଟିବା ( ବର୍ଷା ଓ ବାୟୁ )—Occurring in मरसूमी proper season; seasonable ( wind and मौसुमी rain). ବି—ମରସୁମୀ ବାୟୁ—Monsoon.

ମଲ୍(ଲ) [ଧାତୁ]—ଧାରଣ କରିବା— Mal(l) (root) To hold.

ମଲ୍‌କିବା—ପ୍ରାଦେ (ସମ୍ବଲପୁର) କ୍ରି.—(ଗୋଡ଼ ଆଦି) Mal-kibā ମକଚ ହୋଇଯିବା; ମୋଚ ହୋଇଯିବା—To be sprained; to be wrenched.

ମଲ୍ ମଲ୍—ଦେ. ବି (ସଂ. ମଲ ମଲ୍ଲକ=କୌପୀନ [ହ୍ରି. ଶ]—୧ । ଅତି Mal mal ସୂକ୍ଷ୍ମ ସୂତାର ଲୁଗା—1. Muslin; mull. [ ଦ୍ର— मलमल ପୂର୍ବେ ଢାକା ଓ ଚାନ୍ଦପୁର ଆଦି ସ୍ଥାନର ତନ୍ତୀମାନେ ଅତି मलमल ସୂକ୍ଷ୍ମ ବସ୍ତ୍ର ପ୍ରସ୍ତୁତ କରୁଥିଲେ । ବର୍ତ୍ତମାନ ବିଲାତି ମଲ୍‌ମଲର ପ୍ରାଦୁର୍ଭାବ ସଙ୍ଗେ ସଙ୍ଗେ ଆମ ଦେଶର ସୂକ୍ଷ୍ମ ବସ୍ତ୍ର ଲୁପ୍ତପ୍ରାୟ ହୋଇଅଛି । ପୂର୍ବେ ଇଷ୍ଟଇଣ୍ଡିଆ କମ୍ପାନି ବଣିକଦଳ ଆମ ଦେଶରୁ ଲକ୍ଷ ଲକ୍ଷ ଟଙ୍କାର ମଲ୍ ମଲ୍ ବିଲାତକୁ ନେଉଥିଲେ । ମସ୍‌ଲିନ୍ ଶବ୍ଦରୁ ମସଲିପଟ୍ଟମ ନଗରର ନାମକରଣ ହୋଇଥିଲା । ମଲମଲର ଇଂରାଜି ଶବ୍ଦ ମସ୍‌ଲିନ୍ ଆସିରିଆ ଭୂଖଣ୍ଡର 'ମୋସୁଲ' ନାମକ ନଗରରୁ ଉତ୍ପନ୍ନ ହୋଇଅଛି; କାରଣ ୟୁରୋପର ଅଧିବାସୀ ପୂର୍ବରୁ ଇଉରୋପୀୟ ବଣିକମାନେ ମୋସୁଲ୍ ନଗରରେ ଏ ସୂକ୍ଷ୍ମ ବସ୍ତ୍ର ପ୍ରସ୍ତୁତ ହେଉଥିବାର ବିଶ୍ୱାସ କରୁଥିଲେ । ] ୨ । ମର୍ମର (ଦେଖ)—2. Marmara (See). (ଯୁ—କେତେ ଘର ମଲମଲ ପଥରରେ ତିଆରି ହୋଇଥାଏ । ମାଳକଣ୍ଠ ଦାସ. ପିଲାଙ୍କ ଭ୍ରମବୃତ୍ତ ।) ଦେ. ବିଣ—ଅତି ସୂକ୍ଷ୍ମ(ବସ୍ତ୍ର)—Of very fine texture; very fine (cloth)

ମଳ—ସଂ. ବି [ମଲ୍. ଧାତୁ—(ଶରୀରରେ ଧାରଣ କରିବା+କର୍ମ. ଅ)—୧ । Mala ଶରୀରରୁ ବାହାରିବା ବିଷ୍ଠା, ମୂତ୍ର, ସିଂଘାଣି ଆଦି ମଇଳା—1. Excretions or secretions from the body of animals; sordes of the body. [ଦ୍ର—ଶରୀରରୁ ନାନାପ୍ରକାରରେ ନାନାବାଟେ ମଳ ବହିର୍ଗତ ହୁଏ ଯଥା—

| ଅଙ୍ଗର ନାମ | ସଂସ୍କୃତ ଶବ୍ଦ | ଦେଶଜ ଶବ୍ଦ |
|---|---|---|
| ସର୍ବାଙ୍ଗରୁ | ସ୍ୱେଦ | ଝାଳ |
| ପେଟରୁ ଗୁହ୍ୟବାଟେ | ବିଷ୍ଠା | ଗୁହ |
| ପେଟରୁ ମୂତ୍ରଦ୍ୱାର ବାଟେ | ମୂତ୍ର | ମୂତ |
| ନାକବାଟେ | ଶ୍ଳେଷ୍ମା | ସିଂଘାଣି |
| କାନବାଟେ | କର୍ଣ୍ଣମଳ | କାନଗୁଡ |
| ଆଖି ବାଟେ | ଚକ୍ଷୁର୍ମଳ | ଲେଦେଇ |
| ପାଟିବାଟେ | ଲାଳ | ଖଙ୍କାର,ଛେପ,ନାଳ |
| ଜିଭ ଓ ଦାନ୍ତର ମଳ | ଜିହ୍ୱା ବା ଦନ୍ତମଳ | ଛିଆଣ |
| ଲିଙ୍ଗ ମଧ୍ୟରେ ଜାତ | ଲିଙ୍ଗମଳ | ଶେଝା |

ସ୍ତ୍ରୀ ଯୋନିରୁ ମାସାନ୍ତରରେ ନିର୍ଗତ ଋତୁସ୍ରାବ ମଧ୍ୟ ମଳ ଅଟେ । ମନୁସଂହିତାରେ ମଳ ୧୨ ପ୍ରକାର ବୋଲାଯାଇ ଅଛି, ଯଥା—ବସା, ଶୁକ୍ର, ରକ୍ତ, ମଜ୍ଜା, ମୂତ୍ର, ବିଷ୍ଠା, କର୍ଣ୍ଣମଳ, ନାସାମଳ, ଶ୍ଳେଷ୍ମା ବା କଫ, ଅଶ୍ରୁ, ଚକ୍ଷୁର୍ମଳ ବା ଲେଦେଇ,

ଓ ଝାଳ ( ମନୁ ୫।୧୩୫ ); ଦେହରୁ ବହିର୍ଗତ ମଳ ଅପବିତ୍ର ( ମନୁ ୫।୧୩୨ )। ଦେହରୁ ଉକ୍ତ ୧୨ ପ୍ରକାର ମଳ ବହିର୍ଗତ ହେବା ଅଙ୍ଗ ଓ ଇନ୍ଦ୍ରିୟମାନଙ୍କୁ ଜଳ ଓ ମୃତ୍ତିକାଦ୍ୱାରା ଶୁଦ୍ଧ କରିବ ( ମନୁ ୧।୧୩୪ )। ଦେହସ୍ଥ ରସରୁ ନିର୍ଗତ ଶ୍ଳେଷ୍ମା,ରକ୍ତରୁ ପିତ୍ତ, ମାଂସରୁ କାଣ୍ଡ ଓ କର୍ଣ୍ଣମଳ, ଚର୍ବିରୁ ସ୍ୱେଦ, ଅସ୍ଥିରୁ ନଖ ଓ କେଶରୁ ଓ ମସ୍ତିଷ୍କରୁ ନିର୍ଗତ ଲେଦେସ୍‌କୁ ମଳ ବୋଲାଯାଏ ( M. W. )

ଘନ, ତରଳ ଓ ବାୟବୀୟ ଆକାରରେ ମଳ ତିନି ପ୍ରକାର ହୁଏ। ଯଥା--ଘନ ବିଷ୍ଠା, ତରଳ ଯଥା-ମୂତ୍ର, ବାୟବୀୟ ଯଥା-ଅଧୋବାୟୁ; ହାଇଛି। ଯାହାସବୁ ଏ ଉପାୟରେ ବାହାର ନ ଯାଏ ତାହା ବଥ, ବାଘି, ବିସ୍ଫୋଟକ, କାଛୁ, ବସନ୍ତ, ହାଡ଼ଫୁଟୀ ଆଦି ଦ୍ୱାରା ପୁଷ ଓ ପାଣି ରୂପେ ଦେହରୁ ବାହାରେ।] ୨। ଶରୀରସ୍ଥ ପ୍ରକୃତି ଦୋଷ; ଶରୀରସ୍ଥ ବାତ, ପିତ୍ତ ଓ କଫ—2. The 3 humours of the system (rheum, phlegm, bile). ୩। ଲୁହା ଆଦିର କଳଙ୍କି; ମରଚି—3. Rust. ୪। ତରଳ ପଦାର୍ଥର ତଳେ ଯାହା ବସିଯାଏ—4. Dregs of a liquid. ୫। ତୈଳାଦିର କାଣ୍ଡି ବା ସିଠା—5. Sediment. ୬। ତରଳ ପଦାର୍ଥର ଉପରେ ଯାହା ଭାସି ଉଠେ; ଫେଣ—6. Scum or froth of a liquid. ୭। ଦେହରେ ଓ ବସ୍ତ୍ର ଆଦିରେ ବସିଥିବା ମଳ ବା ମଇଳା—7. Dirt; filth. ୮। ( ଲକ୍ଷଣାର୍ଥ ) ପାପ—8. (figurative) Sin. ୯। ହୃଦୟର ଅସରଳତା—9. Want of frankness. ୧୦। ହୃଦୟର ସନ୍ଦେହ-10. Doubt. ୧୧। ବିଷ୍ଠା—11. Faecus; dung. [ଦ୍ର—ଶରୀରର ସବୁ ପ୍ରକାର ମଇଳାକୁ ମଳ ବୋଲି ଗଲେହେଁ ବିଷ୍ଠା ପ୍ରତି ଏହା ସାଧାରଣତଃ ବ୍ୟବହୃତ ହୋଇଥାଏ।] ୧୨। କଳଙ୍କ—12. Stain. ୧୩। କର୍ପୂର—13. Camphor. ୧୪। ସମୁଦ୍ର-ଫେଣ—14. Cuttle-fish bone. ୧୫। କଷା ଯାଇଥିବା ଚମଡ଼ା—15. Tanned leather. ୧୬। ଚମଡ଼ାର ପୋଷାକ—16. A leather garment. ୧୭। ତରଳ ଧାତୁରୁ ବାହାରିବା ମଇଳା—17. Dross; scoria; slag. ୧୮। ଦୋଷ (ହ୍ରି. ଷ)—18. Fault; defect; blemish. ସଂ.ବିଣ.୧। କୃପଣ-1. Miserly. ୨। ମଳଯୁକ୍ତ—2. Dirty; filthy.

**ମଲ**—ଦେ. ବି. (ସ଼. ବଳୟ; ଏହା ବଙ୍ଗ ଦେଶରେ ପ୍ରଚଳିତ ଅଳଙ୍କାର; Mala ବର୍ଗୀସ୍ତ୍ରୀମାନଙ୍କଠାରୁ ଏହା ଆମ ଦେଶରେ ଓ ଭାଷାରେ ପ୍ରବେଶ मल कड़ा କରିଅଛି )—୧। ଗୋଡ଼ର ଚକ୍ରାକୃତି ବଳା; ପାଦ ବଳୟ—1. Circular anklet. [ଦ୍ର—ଏହା ପାଦ-ଗଣ୍ଠି ତଳେ ପିନ୍ଧାଯାଏ। ଏହା ସାଧାରଣତଃ ଗୋଲ। ଚେପଟା ବା ଗୋଲ ବଳୟକୁ ମୋଡ଼ି କରି ମଧ୍ୟ ଏକ ପ୍ରକାର ମଲ କରାଯାଏ, ଏହାକୁ ବାଙ୍କ ମଲ କହନ୍ତି।] ୨। ମଲ୍ଲ (ଦେଖ)—2. Malla (See) ୩। ଗୁଡ଼ିଆ ଓ ଗଉଡ଼ଙ୍କ ଉପାଧି ବିଶେଷ—3. A family title of some confectioners and milkmen. ୪। ମାରବାଡ଼ିମାନଙ୍କ ଉପାଧି ବିଶେଷ—4. A family title amongst the Marwaris.

**ମଲ କଡ଼(ଢ଼ି)**—ଦେ. ବି. (ସ଼. ମଲ୍ଲୀ ଓ କଳୀ)—କାନର ଉପର ପାଖରେ Mala kardi(rdhi) ପିନ୍ଧାଯିବା ଦୁଇଟି ମଞ୍ଜି କଢ଼ି ଆକୃତିର ଗୋଲକ मल्लि कलि ସଂଯୁକ୍ତ କାଠି—A kind of gold ornament worn on the upper part of the ear (resembling dumb bells). [ଦ୍ର—ଏହାର ଦୁଇଟି କଢ଼ିକୁ ଦୁଗାଳ କରି ଏକ ପଟର କାଠିକୁ ଅନ୍ୟ ପଟର ଛିଦ୍ରରେ ଗଳାଇ ଦୁଇଅଡ଼ୁ ଦୁଇଟି କଢ଼ିକୁ ସଂଲଗ୍ନ କରାଯାଇ ପିନ୍ଧାଯାଏ।]

**ମଲ(ଳୁ)କୁ(ଖୁ)ଟି**—ଦେ. ବି ( ସ଼. ମଳ+ଖଣ୍ଡ )—ମଳଯୁକ୍ତ ଦେହକୁ Mala(lu)ku(khu)ṭi ବା ହଳଦିଲଗା ଦେହକୁ ହାତରେ मयला, मलि ଘଷି ଦେଲେ ଯେଉଁ ମଳ ବଳବଳ ହୋଇ ଦେହରୁ ଖସି मैल, मरोडी ପଡ଼େ—Particles or tiny rolls of dirt coming out of a dirty or turmeric-anointed body when rubbed with the palm or fingers.

**ମଳଘ୍ନ**—ସଂ. ବିଣ (ମଳ+ହନ୍ ଧାତୁ+କର୍ତ୍ତୃ. ଅ)—୧। ମଳ ନାଶକ; Malaghna ଯାହା ମଳ ଦୂର କରେ—1. Removing dirt. ୨। ମଳ ପରିଷ୍କାରକ—2. Cleaning the dirt. ସଂ. ବି—୧। ଶାଲ୍ମଳୀ କନ୍ଦ; ଶିମିଳି ମୂଷଳ—1. The root of the silk cotton tree ୨। ଏକ ପ୍ରକାର ଲତା କାଞ୍ଚନ (ହ୍ରି.ଷ)—2. A kind of creeping Kanchana plant

**ମଲ(ଲ)ଙ୍ଗ**—ଦେ. ବି—ଲୁଣ ମାରିବାର ସ୍ଥାନ—A place where Mala(la)ṅga salt is manufactured.

**ମଲ(ଲ)ଙ୍ଗୀ**—ଦେ. ବି—୧। ଏକ ପ୍ରକାର ଦେଶୀ ଡଙ୍ଗା—Mala(la)ṅgi 1. A kind of country boat. [ଦ୍ର—ଏହା ଲମ୍ବରେ ପଟୁଆ ଅପେକ୍ଷା ସାନ ଓ ଉଚ୍ଚତାରେ ପଟୁଆ ଅପେକ୍ଷା ବେଶି। ଏଥିର ପଛ ମଙ୍ଗ ଅଗ ମଙ୍ଗଠାରୁ ଅଧିକ ଉଚ୍ଚ। ଏହି ପ୍ରକାର ଡଙ୍ଗା ଭୁଜଙ୍ଗ ଓ କୃଷ୍ଣଙ୍କକଛାର ଚଳଦହରେ ବ୍ୟବହୃତ ହୁଏ।] ୨। ସମୁଦ୍ର ପାଣିରୁ ଲୁଣ ମାରିବା ମୂଲିଆ—2. Labourers employed in manufacturing salt from sea-water. ସ଼. ବି—ମହୁରାଡ଼ି ମାଛ (ଦ୍ରବ୍ୟଗୁଣ) ( ଦେଖ ) Mahurārdi māchha ( See )

**ମଳଜ**—ସଂ. ବିଣ. (ମଳ+ଜନ୍ ଧାତୁ+କର୍ତ୍ତୃ. ଅ)—ମଳରୁ ବା ମଇଳାରୁ Malaja ଜାତ—Produced from dirt. ସଂ. ବି—ପୂଯ (ହ୍ରି. ଷ)—Pus.

**ମଲଟ**—ଦେ ଓ ବୈଦେ. ବି—ମଲାଟ ( ଦେଖ ) Malaṭa Malāṭa ( See )

ମଳତା—ଗ୍ରା. ବି—ମଳ; ଦାଗ—
Malatā Dirt; stain.

ମଳ ତ୍ୟାଗ—ସଂ. ବି (୬ଷ୍ଠୀ ତତ୍)—ଝାଡ଼ା ଫେରିବା; ବହିର୍ତ୍ୟାଗ—
Mala tyāga Discharge of faeces; evacuation of the bowels.
(ମଳୋତ୍ସର୍ଗ, ମଳ ପରିତ୍ୟାଗ, ମଳ ବିସର୍ଜନ, ମଳ ବିସର୍ଗ, ମଳ ଶୁଦ୍ଧି—ଅନ୍ୟରୂପ)

ମଳ ଦୂଷିତ—ସଂ. ବିଣ (୩ୟା ତତ୍)—୧। ମଳଦ୍ୱାରା ଅପବିତ୍ର ବା
Mala dūshita ନଷ୍ଟ—1. Spoiled or defiled with
(ମଳଦୂଷ୍ଟ—ଅନ୍ୟରୂପ) dirt; soiled. ୨। ମଇଳା—
2. Dirty; filthy.

ମଳ ଦ୍ୱାର—ସଂ. ବି (୬ଷ୍ଠୀ ତତ୍)—୧। ଗୁହ୍ୟଦ୍ୱାର—1. The
Mala dwāra anus. ୨। ଶରୀରର ଯେଉଁ ଇନ୍ଦ୍ରିୟ-ଦ୍ୱାର
ବାଟେ ଦେହର ମଳ ବାହାରେ—2. The organs
through which excretions from the body
come out. [ ଯଥା—ଚକ୍ଷୁ, କର୍ଣ୍ଣ, ମୁଖ, ନାସିକା,
ଗୁହ୍ୟ, ଲିଙ୍ଗ। ]

ମଳଦ୍ରାବୀ—ସଂ. ବି (ମଳ+ଦ୍ରୁ ଧାତୁ+ଇନ୍; ୧ମା. ୧ବ. ଏହା ମଳକୁ
Maladrābi ଦ୍ରବୀଭୂତ ବା ତରଳ କରାଏ)—ଜୟପାଳ—
Croton seed.

ମଳଧାତ୍ରୀ—ସଂ. ବି. ସ୍ତ୍ରୀ (ମ. ପ. ଲୋ)—ଶିଶୁର ମଳମୂତ୍ରାଦି ସଫା
Maladhātri କରିବା ପାଇଁ ନିଯୁକ୍ତା ଧାତ୍ରୀ (ହି. ଶ)—
A nurse who in engaged to cleanse the
nightsoil and urine of an infant.

ମଳନ—ସଂ. ବି (ମଲ୍ ଧାତୁ+ଭାବ ଅନ)—୧। ବିଲେପନ; ଲିପିବା—
Malana 1. Anointing; besemearing. ୨। ମର୍ଦ୍ଦନ;
ମଳିବା—2. Rubbing; shampooing; pressing. ୩। (+କର୍ତ୍ତୃ. ଅନ) ବସ୍ତ୍ରାବାସ; ଖଇଞ୍ଚି—
3. Tent. ଦେ. ବି—ମଅଳନ (ଦେଖ)—
Ma-alana (See)

ମଳ ନିଃସରଣ—ସଂ. ବି (୬ଷ୍ଠୀ ତତ୍)—ମଳୋତ୍ସର୍ଗ; ମଳତ୍ୟାଗ—
Mala nihsarana Discharge of faeces.

ମଳପୂ—ସଂ. ବି—କାକୋଦୁମ୍ବରିକା; ଡିମ୍ବିରି ଗଛ—
Malapū The opposite-leaved fig-tree.

ମଳପୃଷ୍ଠ—ସଂ.ବି—ପୁସ୍ତକର ବାହାରର ପୃଷ୍ଠା (ଯାହା ମଇଳା ହେବ ବୋଲି
Malaprushtha ଅଲେଖା ରଖା ଯାଇଥାଏ)—The outer
page of a book (left unwritten because liable
to be dirtied) (M. W).

ମଳବତୀ—ସଂ. ବିଣ. ସ୍ତ୍ରୀ (ମଳବତ୍+ଈ)—ମଳବାନ୍‌ର ସ୍ତ୍ରୀଲିଙ୍ଗ—
Malabati Feminine of Malabān. ସ ବି. ସ୍ତ୍ରୀ—
ଋତୁମତୀ ସ୍ତ୍ରୀ—A menstruous woman (M. W).

ମଳବଦ୍ଧ—ସଂ. ବିଣ ପୁଂ (ବହୁବ୍ରୀହି, ମଳ+ବଦ୍ଧ)—ଯାହାର କୋଷ୍ଠବଦ୍ଧ
Malabaddha ହୋଇଥାଏ—Costive; suffering from
constipation. ଦେ. ବି—କୋଷ୍ଠବଦ୍ଧ; ପରିଷ୍କାର
ଝାଡ଼ା ନ ହେବା; ମଳକାଠିନ୍ୟ—Costiveness;
(ମଳବଦ୍ଧା—ସ୍ତ୍ରୀ) constipation.

ମଳବଦ୍ଧତା—ସଂ. ବି—କୋଷ୍ଠ ଶୁଦ୍ଧି ନ ହେବା; ଝାଡ଼ା ବନ୍ଦ—
Malabaddhatā Constipation; costiveness.

ମଳବା—ଦେ. ବି (ସଂ. ମଳ)—ଭଙ୍ଗା କୋଠା ଅବା ବାହାରିବା
Malabā ଇଟା ଓ ଚୂନ ଆଦିର କ୍ଷୁଦ୍ର ଖଣ୍ଡମାନ—Broken
ଆରବି bits of brick and lime from a dila-
मलबा(मा) pidated or dismantled building; debris;
rubbish.

ମଳବାନ୍—ସଂ. ବିଣ. ପୁଂ (ମଳ+ବତ୍, ୧ମା. ୧ବ)—ମଇଳା; ମଳପୂର୍ଣ୍ଣ;
Malabān (ମଳବତୀ—ସ୍ତ୍ରୀ) ମଳପୂର୍ଣ୍ଣ—Dirty; filthy
(M.W.)

ମଲ(ଲ)ବାର—ସଂ.ବି (ସଂ. ମଳୟ)—ଦକ୍ଷିଣ ଭାରତର ପଶ୍ଚିମ ଉପକୂଳରେ
Mala(la)bāra ତ୍ରିବାଙ୍କୁଡ଼ ରାଜ୍ୟ ଉତ୍ତରସ୍ଥ ପ୍ରଦେଶବିଶେଷ—
মালবার The Malabar country in S. India; the
मालबार Mopla country (M. W). [ ଦ୍ର—ଏଠାରେ
ମୋପ୍ଲାମାନଙ୍କର ବାସ। ଏହାର ପ୍ରଧାନ ନଗର କାଲିକଟ;
କାଲିକଟ ଜାମୋରିନ୍ ନାମକ ମୁସଲମାନ୍ ରାଜାଙ୍କଦ୍ୱାରା
ଶାସିତ। ]

ମଲବାର ଉପକୂଳ—ଦେ. ବି—ଦକ୍ଷିଣ ଭାରତର ପଶ୍ଚିମ ଉପକୂଳ—
Malabāra upkūla The Mālabar coast of West
মালবার উপকূল मालबार उपकुल India.

ମଳବେଗ—ସଂ. ବି—୧। (୬ଷ୍ଠୀ ତତ୍) ଝାଡ଼ା ଲାଗିବା ଦେବା—
Mala bega 1. Being called by nature; the tendency to pass stools. ୨। (ବହୁବ୍ରୀହି) ଅତିସାର
(ହି. ଶ)—2. Dysentery; diarrhoea
(M.W).

ମଳ ଭାଣ୍ଡ—ସଂ.ବି ୧। (୬ଷ୍ଠୀ ତତ୍)—ଶରୀର ମଧ୍ୟରେ ଥିବା ମଳାଧାର—
Mala bhānda 1. Intestines; bowels.
(ମଳାଶୟ—ଅନ୍ୟରୂପ) ୨। (ମ. ପ. ଲୋ) ମଳପୂର୍ଣ୍ଣ ଭାଣ୍ଡ—
2. A pot full of faeces.

ମଳଭୁକ୍(ଜ)—ସଂ. ବିଣ (ମଳ+ଭୁଜ୍ ଧାତୁ+କର୍ତ୍ତୃ. କ୍ୱିପ୍; +ଅ)—
Malabhuk(ja) ମଳଖାଦକ; ବିଷ୍ଠାଖାଦକ; ଗୁହଖିଆ—
Subsisting on dung. ସଂ. ବି—କାକ—
The crow.

ମଳଭେଦନୀ—ସଂ. ବିଣ. ସ୍ତ୍ରୀ (ମଳଭେଦନ+ଈ)—ମଳଭେଦୀର
Malabhedini ସ୍ତ୍ରୀଲିଙ୍ଗ—Feminine of Malabhedi.
ସଂ. ବି—କଟୁକୀ—Black hellebore.

ମଳ ଭେଦୀ—ସଂ. ବିଣ (ମଳ+ଭିଦ୍ ଧାତୁ+କର୍ତ୍ତୃ. ଇନ୍)—ଯାହା
Mala bhedi କଠିନ ମଳକୁ ତରଳ କରାଏ—Cathartic.
(ମଳ ଭେଦନୀ—ସ୍ତ୍ରୀ)

ମଲମ—ବୈଦେ. ବି (ଫା. ମରହମ୍, ମଲହମ୍)—ଔଷଧରୂପେ ପ୍ରଯୁକ୍ତ
Malam ଲେପ; ପ୍ରଲେପ—Plaster; ointment.
মলম मलहम, मरहम

**ମଳମଳ**—ଦେ ବଣ ( ସଂ. ମଳ; ନିଦ ଓ ଆଖି ଶବ୍ଦ ସଙ୍ଗେ ବ୍ୟବହୃତ, Malamala ଯଥା—ନିଦ ମଳମଳ, ଆଖି ମଳମଳ)—ନିଦ୍ରା ଯୋଗୁଁ **আঁখ ঝলপলাতে** ବାରଂବାର ଝୋଡ଼ାଇ ହୋଇ ପଡ଼ୁଥିବା ବା ମନ୍ଦନିଦ୍ରା ଛାଡ଼ି ନ ଥିବା ଚକ୍ଷୁ ବା ଚକ୍ଷୁଯୁକ୍ତ (ବ୍ୟକ୍ତି)—Repeatedly drooping (eyes) ( on account of the effect of sleep); still under the influence of sleep; ( eyes or person ) which has not yet shaken off the state of slumber (said of a person or the eyes of a person awakened from a deep slumber.

**ମଳମଳା(ଳି)**—ଦେ. ବି—ଜଳ ସ୍ରୋତର ଆବର୍ତ୍ତ ବା ଘୂର୍ଣ୍ଣି; ଜଳାବର୍ତ୍ତ; Malamalā(li) ଜଳଭ୍ରମି—Eddy; whirlpool of a জলের পাক strong current of water; mael- **चक्कर, भँवर, घुमरी** strom. [ ଦ୍ର—ଛୋଟ ଆବର୍ତ୍ତକୁ ଘୂର୍ଣ୍ଣି ଓ ବଡ଼ ଏବଂ ବିପଦଜନକ ଆବର୍ତ୍ତକୁ ମଳମଳି ବୋଲାଯାଏ । ]

**ମଳ ମଲ୍ଲକ**—ସଂ. ବି—କୌପୀନ ( ହ୍ର. ଶ. ) ( ଦେଖ ) Mala mallaka Kaupina (See)

**ମଳମାସ୍**—ପ୍ରାଦେ ( ସମ୍ବଲପୁର ) ବି—ମଳମାସ ( ଦେଖ ) Malamās Malamāsa ( See )

**ମଳମାସ**—ସଂ. ବି—ଅମାବାସ୍ୟାଦ୍ୱୟ ଯୁକ୍ତ ଓ ରବି ସଂକ୍ରାନ୍ତିବର୍ଜିତ ଚାନ୍ଦ୍ରମାନ ମାସ; ଅଧିମାସ; ମାସବୃଦ୍ଧି—A leap-month of the Hindu almanac; an intercalary lunar month; a lunar month intercalated or added to the ordinary lunar months in order to compensate the deficit between the solar and the lunar months. [ ଦ୍ର—ସୌରମାନ ବର୍ଷ ୩୬୫ ଦିନ ୬ ଘଣ୍ଟା ଓ ଚାନ୍ଦ୍ରମାନ ବର୍ଷ ପ୍ରାୟ ୩୫୪ ଦିନ। ଏଣୁ ସୌରମାନ ବର୍ଷ ଅପେକ୍ଷା ଚାନ୍ଦ୍ରମାନ ବର୍ଷ ୧୧ ଦିନ ୬ ଘଣ୍ଟା କମ୍ । ସୌରମାନ ବର୍ଷ ସଙ୍ଗେ ଚାନ୍ଦ୍ରମାନ ବର୍ଷର ମେଳ ରଖି ଏହି ଅଳ୍ପତାକୁ ପୂରଣ କରିବାପାଇଁ ଚାନ୍ଦ୍ରମାନ ମାସ ଗଣନାରେ ଅଢ଼େଇ ବର୍ଷ ଅନ୍ତରରେ ଗୋଟିଏ ଅଧିକା ମାସ ଗଣାଯାଏ ଓ ସେହି ମାସଟି ଯେଉଁ ଚାନ୍ଦ୍ରମାନ ମାସ ମଧ୍ୟରେ ପଡ଼େ ସେହି ଚାନ୍ଦ୍ରମାନ ମାସର ନାମରେ ଡକାହୁଏ ଯଥା, 'କାର୍ତ୍ତିକମଳ', 'ବୈଶାଖମଳ' ଇତ୍ୟାଦି ।

ପ୍ରଥମେ ଅସଲ ଚାନ୍ଦ୍ରମାନ ମାସର ପ୍ରଥମ ପ୍ରତିପଦଠାରୁ ଅମାବାସ୍ୟା ପର୍ଯ୍ୟନ୍ତ କୃଷ୍ଣପକ୍ଷକୁ ଅସଲ ଚାନ୍ଦ୍ରମାନ ମାସର କୃଷ୍ଣପକ୍ଷ ବୋଲି ଗଣାଯାଏ; ଅମାବାସ୍ୟାଠାରୁ ଆଗାମୀ ଅମାବାସ୍ୟା ପର୍ଯ୍ୟନ୍ତ ମଳମାସ ଗଣାଯାଏ; ପୁଣି ସେହି ଅମାବାସ୍ୟାର ପରଦିନ ପ୍ରତିପଦଠାରୁ ଅସଲ ଚାନ୍ଦ୍ରମାନ ମାସର ବାକି ଥିବା ଶୁକ୍ଳପକ୍ଷ ଗଣିତ କରାଯାଏ । ଏଥିରୁ ଦେଖାଯିବ ଯେ ମଳମାସଟି ଅସଲ ଚାନ୍ଦ୍ରମାନ ମାସର କୃଷ୍ଣପକ୍ଷ ଓ ଶୁକ୍ଳପକ୍ଷଦ୍ୱାରା ସମ୍ପୁଟୀକୃତ ହୁଏ । ମଳମାସରେ ଦୈବ ଓ ପୈତ୍ରାଦି କାର୍ଯ୍ୟ ନିଷିଦ୍ଧ । ସାଧାରଣ ମାସରେ ପ୍ରଥମେ କୃଷ୍ଣପକ୍ଷ ଓ ପରେ ଶୁକ୍ଳପକ୍ଷ ପଡ଼େ କିନ୍ତୁ ଚାନ୍ଦ୍ରମାନ ମଳ; ମାସରେ ପ୍ରଥମେ ଶୁକ୍ଳପକ୍ଷ ଓ ପରେ କୃଷ୍ଣପକ୍ଷ ପଡ଼େ । ଏ ମାସକୁ 'ମଳମାସ', 'ଚାନ୍ଦ୍ରମଳମାସ' ବା 'ଚାନ୍ଦ୍ରମାନ ମଳ' ବା 'ଅଧିମାସ' ବୋଲିଯାଏ । ଏହି ମଳମାସରେ ପ୍ରାତଃସ୍ନାନ, ହବିଷ୍ୟ ଓ ବହୁଜପାଦି ବ୍ରତ କର୍ତ୍ତବ୍ୟ ।

ହିନ୍ଦୁ ଗଣନାରେ ମଳମାସର ବ୍ୟବହାର ଥିବାରୁ ପର୍ବ ଓ ଉତ୍ସବମାନ ଋତୁ ଅନୁସାରେ ପଡ଼େ; କିନ୍ତୁ ମୁସଲମାନମାନେ ଚାନ୍ଦ୍ରମାସ ଅନୁସାରେ ମାସ ଗଣୁଥିବାରୁ ଓ ସେମାନଙ୍କର ମଳମାସଦ୍ୱାରା ଚାନ୍ଦ୍ର ଓ ସୌର ମାସର ସମତା ରକ୍ଷା କରାଯାଉ ନ ଥିବାରୁ ତାଙ୍କର ପର୍ବ ଓ ଉତ୍ସବମାନ (ଯଥା—ଇଦ, ମହରମ ) ସବୁ ଋତୁରେ ପଡ଼ିଯାଏ ।

ଆଚାର୍ଯ୍ୟ ଯୋଗେଶଚନ୍ଦ୍ର ରାୟ ତାଙ୍କର 'ଆମାଦେର ଜ୍ୟୋତିଷୀ' ଗ୍ରନ୍ଥରେ ମଳମାସ ସମ୍ବନ୍ଧରେ ଅନେକ ଜ୍ଞାତବ୍ୟ ବିଷୟ ଲେଖି ଅଛନ୍ତି ।

ଏକଚାନ୍ଦ୍ରମାନ ବର୍ଷ=୩୫୪ ଦିନ=୧୨ ଟି ଚାନ୍ଦ୍ରମାନ ମାସ ।

ଏକସୌରମାନ ବର୍ଷ=୩୬୬ ଦିନ=୧୨ ସୌରମାନ ମାସ ।

ଅତଏବ ୧ ସୌର ବର୍ଷ=୧ ଚାନ୍ଦ୍ରମାନ ବର୍ଷ+୧୨ ଦିନ ।

ପ୍ରତି ବର୍ଷର ଏହି ୧୨ ଦିନର ପାର୍ଥକ୍ୟକୁ ପୂରଣ କରିବାପାଇଁ ୨½ ବର୍ଷ ପରେ ଥରେ ଅଧିମାସ ସୃଷ୍ଟି କରାଯାଇଅଛି । ଅର୍ଥାତ୍ ୩୦ ଚାନ୍ଦ୍ରମାସ ପରେ ଗୋଟିଏ ମଳମାସ ପଡ଼େ ।

୧ ସୌର ବର୍ଷ=୩୬୬ ଦିନ ।

∴ ୫ ସୌର ବର୍ଷ=୧୮୩୦ ଦିନ ।

୧ ଚାନ୍ଦ୍ରମାନ ମାସ=୨୯·୫୩୬ ଦିନ ।

∴ ୧ ଚାନ୍ଦ୍ରମାନ ବର୍ଷ=୩୫୪·୧୯୨ ଦିନ ।

ଅତଏବ ୫ ଚାନ୍ଦ୍ରମାନ ବର୍ଷ=୧୭୭୦·୯୬୦ ଦିନ ।

ଅତଏବ ୫ ବର୍ଷରେ ସୌରମାନ ବର୍ଷ ଓ ଚାନ୍ଦ୍ରମାନ ବର୍ଷ ମଧ୍ୟରେ ଦିନର ଭଗ୍ନାଂଶ ବାଦ୍ ଦେଇ ହିସାବ (କଲେ ୧୮୩୦ ଦିନ—୧୭୭୦ ଦିନ=୬୦ ଦିନ ବା) ୨ ଚାନ୍ଦ୍ରମାସ ପ୍ରଭେଦ ପଡ଼େ । ତେଣୁ ଚାନ୍ଦ୍ରମାନ ଅଢ଼େଇ ବର୍ଷ ଅନ୍ତରରେ ଗୋଟିଏ ଚାନ୍ଦ୍ର ମଳମାସ ମିଶାଇ ଦେଲେ ସୌର ବର୍ଷ ଓ ଚାନ୍ଦ୍ର ବର୍ଷମଧ୍ୟରେ ସମତା ରକ୍ଷା ହୁଏ । ମଳମାସର ବିଷୟ ମୋଟାମୋଟି ନିମ୍ନଲିଖିତମତେ ପ୍ରକାଶ କରାଯାଇ ପାରେ । ଦିନ ଓ ରାତିକୁ ସୌରଗଣନା ଅନୁସାରେ ୬୦ ଦଣ୍ଡ ଧରାଯାଏ । କିନ୍ତୁ ପ୍ରତ୍ୟେକ ଚାନ୍ଦ୍ର ତିଥିର ମାନ ୫୮ ଦଣ୍ଡ । ଅତଏବ ପ୍ରତି ସୌରଦିନଠାରୁ ଚାନ୍ଦ୍ରତିଥି ୨ ଦଣ୍ଡ କମି ଅଛି ଓ ସୌର ୧ ମାସରେ ଚାନ୍ଦ୍ର ୩୧ ଟି ତିଥି ହୁଏ । ଅର୍ଥାତ୍ ପ୍ରତି ସୌରମାସରେ ଗୋଟିଏ ଚାନ୍ଦ୍ର ଦିନ ବଢ଼ିତି ହୁଏ । ଅତଏବ ୧୨ ସୌରମାସ=୧୨ ଟି ଚାନ୍ଦ୍ର ମାସ+୧୨ ଦିନ । ଅତଏବ ପ୍ରତି ୨½ ବର୍ଷରେ ଚାନ୍ଦ୍ର ଗଣନା କରାଯିବା ମାସ-

ମାନଙ୍କରେ ଅଧିକା ୧ ମାସ ଯୋଗ କଲେ ସୌର ଓ ଚାନ୍ଦ୍ରଗଣନା ମଧ୍ୟରେ ସମତା ରକ୍ଷା ହୁଏ । ଏହି ଅଧିକା ମାସକୁ ମଳମାସ ବୋଲାଯାଏ । ଏହି ମଳମାସରେ ସଂକ୍ରାନ୍ତି ପଡ଼େ ନାହିଁ । ଥରେ ମଳମାସ ପଡ଼ିବାର ୨୯ ବର୍ଷ ପରେ ଆଉ ଏକ ମଳମାସ ପଡ଼େ । ମଳମାସରେ ବିବାହାଦି ଶୁଭକୃତ୍ୟ ନିଷିଦ୍ଧ । ସଂକ୍ରାନ୍ତି ବର୍ଜିତମାସ ୩ ପ୍ରକାର ଅଟେ;—ଅନଂସ୍ପୃଷ୍ଟ, କ୍ଷୟ ଓ ମଳମାସ । ମଳମାସ ଫାଲ୍ଗୁନଠାରୁ ମାର୍ଗଶିର ଏହି ୧୦ ମାସରେ ପଡ଼େ । କ୍ଷୟମାସ କେବେକେବେ ମଳମାସ ହୁଏ ନାହିଁ ଓ ମାସରେ କ୍ୱଚିତ୍ ମଳମାସ ପଡ଼େ (ହି. ସ) ଏଥିର ବିସ୍ତାରିତ ବିବରଣ ପାଇଁ କୌଣସି ଜ୍ୟୋତିଷ ଗ୍ରନ୍ଥ ଦ୍ରଷ୍ଟବ୍ୟ । ]

ମଳମାସ କୃତ୍ୟ—ସଂ. ବି (୬ଷ୍ଠୀ ତତ୍)—ମଳମାସରେ କର୍ତ୍ତବ୍ୟ
Malamāsa krutya ପ୍ରାତଃସ୍ନାନ, ହବିଷ୍ୟ ଓ ବହୁଜଳପାନ ବ୍ରତ
(ମଳମାସ ବ୍ରତ—ଅନ୍ୟରୂପ) —Religious austerities or penance observed during an intercalary month.

ମଳମାସ ମାହାତ୍ମ୍ୟ—ସ. ବି (୬ଷ୍ଠୀ ତତ୍ ପୁରୁଷ)—ମଳମାସରେ କୃତ
Malamāsa māhātmya ବ୍ରତାଦିର ଫଳ—The results expected from the observance of prescribed religious austerities during an intercalary month.

ମଳମୂତ୍ର ପରିତ୍ୟାଗ—ସ. ବି (ଦ୍ୱନ୍ଦ୍ୱ ଓ ୬ଷ୍ଠୀ ତତ୍)—ଝାଡ଼ା ଫେରିବା
Malamūtra parityāga ଓ ପ୍ରସ୍ରାବ କରିବା—Evacua-
(ମଳମୂତ୍ରୋତ୍ସର୍ଗ, ମଳମୂତ୍ର ତ୍ୟାଗ—ଅନ୍ୟରୂପ) tion of fœces and urine.

ମଳମୂତ୍ର ରୋଧ—ସ. ବି (ଦ୍ୱନ୍ଦ୍ୱ ଓ ୬ଷ୍ଠୀ ତତ୍)—ରୋଗ ବିଶେଷ;
Malamūtra rodha ଯେଉଁ ରୋଗରେ ରୋଗୀର ମଳର ଓ ମୂତ୍ରର
(ମଳମୂତ୍ର ରୋଧନ—ଅନ୍ୟରୂପ) ଉତ୍ସର୍ଗ ବନ୍ଦ ହୋଇଯାଏ—Strangury; obstruction of the bowels and the kidney

ମଳମ୍ବା(ମ୍ମା)—ବୈଦେ. ବିଣ (ଅ. ମଲମ୍ବା)—ତମ୍ବା ଉପରେ ସୁନାର
Malambā(mmā) ଗିଲ୍ଟି କରାଯିବା—Of copper gilt
मलम्बा with a layer of gold; having a layer of
मलम्मा gold on copper plate. ବୈଦେ. ବି—ତମ୍ବା ଉପରେ ସୁନା ଗିଲ୍ଟି ହୋଇଥିବା ଜରି; ଝୁଟାଜରି—Gilt lace. (ଉ—ମଲମ୍ବା-ଅମ୍ବରେ, ଦେଖ ଏ ଭୁମ୍ବର, ସୁବର୍ଣ୍ଣ ଭ୍ରମ କେବଳ । ରାଧାନାଥ. ଯଯାତି । )

ମଳୟ—ସ. ବି (ମଲ୍ ଧାତୁ=ଧାରଣ କରିବା+କର୍ତ୍ତୃ. ଅୟ; ଯାହା
Malaya ଚନ୍ଦନ ବୃକ୍ଷକୁ ଧାରଣ କରେ, ସ. ମାଳ=ଜଙ୍ଗଲ; ଦ୍ରାବିଡ଼. ମଲୈ=ପର୍ବତ)—୧ । ମହୀଶୂର ରାଜ୍ୟର ଦକ୍ଷିଣ ଓ ତ୍ରିବାଙ୍କୁଡ଼ ରାଜ୍ୟର ପୂର୍ବସୀମାରେ ଅବସ୍ଥିତ ପଶ୍ଚିମଘାଟ ପର୍ବତର ଅଂଶ; ଚନ୍ଦନାଦ୍ରି—1. A range of mountains running along the west or Malabar coast of India; the Malaya range of hills. [ ଦ୍ର—ଦ୍ରାବିଡ଼ 'ମଲୈ' ଶବ୍ଦ (=ପର୍ବତ)ରୁ ଦାକ୍ଷିଣାତ୍ୟ ପର୍ବତମାଳାର ନାମ ମଳୟ ପର୍ବତ ହୋଇଅଛି । ଏହି ପର୍ବତ ଅର୍ଥବାଚୀ ମଳୟ ଶବ୍ଦ ଅନୁସାରେ ଦକ୍ଷିଣ ଦିଗରୁ ବହୁଥିବା ପବନକୁ ମଳୟ ପବନ କହନ୍ତି । ପଶ୍ଚିମଘାଟ ପର୍ବତର ଯେଉଁ ଦକ୍ଷିଣ ଅଂଶ ମହୀଶୂର ରାଜ୍ୟର ଦକ୍ଷିଣରୁ ତ୍ରିବାଙ୍କୁଡ଼ ରାଜ୍ୟର ପୂର୍ବ ସୀମା ପର୍ଯ୍ୟନ୍ତ ବ୍ୟାପି ରହିଅଛି ତାହାହିଁ ପ୍ରାଚୀନ ଭାରତର ମଳୟ ପର୍ବତ ବୋଲି ଅଧିକାର ଭୂଗୋଳବିତ୍‌ମାନଙ୍କ ମତ; ଏହି ପର୍ବତ-ଶ୍ରେଣୀର ଉତ୍ତର ଅଂଶକୁ ନୀଲଗିରି ପର୍ବତ ଓ ଦକ୍ଷିଣ ଅଂଶକୁ Cardamom ବା ଅଳାଇଚ ପର୍ବତ ବୋଲାଯାଏ । ନୀଲଗିରି ପର୍ବତ ଉପରେ ମାନ୍ଦ୍ରାଜ ସରକାରଙ୍କ ଗ୍ରୀଷ୍ମ ନିବାସ ଉତ୍ତକାମଣ୍ଡ ବା ଉଦକମଣ୍ଡଳ (Ooty) ଅବସ୍ଥିତ, ଏହି ମଳୟ ପର୍ବତରେ ଚନ୍ଦନ ବୃକ୍ଷର ବଣ ଅଛି । ] ୨ । ମଳୟ ପବନ; ଅଗ୍ନିପ୍ରଦ ଦକ୍ଷିଣ ପବନ; ବସନ୍ତପବନ—2. The south breeze blowing in spring (in India). ୩ । ଭାରତର ଦକ୍ଷିଣ ପଶ୍ଚିମ ସମୁଦ୍ରକୂଳସ୍ଥ ଦେଶାଂଶ (ତ୍ରିବାଙ୍କୁଡର ଉତ୍ତର ପଶ୍ଚିମ ଓ ବମ୍ବେର ଦକ୍ଷିଣ)—3. The Malabar coast; the Malabar country. ୪ । ଆରାମ; ଉପବନ—4. A pleasure garden. ୫ । ଦ୍ୱୀପ ବିଶେଷ—5. Name of an island. ୬ । ନନ୍ଦନକାନନ—6. The pleasure-garden or park of Indra.

ମଳୟ ଉପକୂଳ—ଦେ. ବି—ଭାରତର ପଶ୍ଚିମ ଉପକୂଳ (ବମ୍ବେର ଦକ୍ଷିଣ
Malaya upakūla ଓ ତ୍ରିବାଙ୍କୁଡ଼ର ପଶ୍ଚିମ ଓ ଉତ୍ତର); ମାଲବାର ଉପକୂଳ—The Malabar coast of India.

ମଳୟ ଗିରି—ସ. ବି—ଚନ୍ଦନାଦ୍ରି; (ମଳୟ ଦେଖ)—The
Malaya giri Western Ghats range of mountains running along the Malabar coast of India.
ମଳୟ ପର୍ବତ, ମଳୟାଚଳ, ମଳୟାଦ୍ରି } ଅନ୍ୟରୂପ
ଦେ ବି—ପାଲଲହଡ଼ା ରାଜ୍ୟର ଗୋଟିଏ ପର୍ବତ—A mountain of Pālalaharḍa state. [ ଦ୍ର—ଏହାର ଉଚ୍ଚତା ୩୮୯୫ ଫୁଟ । ]

ମଳୟ ଚନ୍ଦନ—ସ. ବି (୬ଷ୍ଠୀ ତତ୍)—ଅଗୁରୁ ଚନ୍ଦନ; ମଳୟଗିରିର
Malaya chandana ଜାତ ଉତ୍କୃଷ୍ଟ ଚନ୍ଦନ—Excellent sandal wood growing in the Western Ghat mountains.

ମଳୟଜ—ସ. ବି (ମଳୟ+ଜନ୍ ଧାତୁ=ଜାତ ହେବା+କର୍ତ୍ତୃ. ଅ)
Malayaja —ମଳୟ ପର୍ବତ ଜାତ—Growing in the Western Ghats. ସ. ବି—୧ । ଚନ୍ଦନ କାଠ—1. Sandal wood. ୨ । ଗୋରା ଚନ୍ଦନ—2. Sandal paste. ୩ । ରାହୁ—3. The Dragon's head; the ascending node.

**ମଳୟଜ ପଙ୍କ**—ସଂ. ବି (୬ଷ୍ଠୀ ତତ୍)—ଶୋଷ୍ଠ ଚନ୍ଦନ—;
Malayaja panka  Sandal paste.

**ମଳୟଜ ଶୀତଳ**—ସଂ. ବିଣ (ଉପମାନ କର୍ମଧାରୟ)—ଶୋଷ୍ଠ ଚନ୍ଦନ ପରି
Malayaja śitala  ଥଣ୍ଡା—Cool and refreshing
(ମଳୟଜ ଶୀତଳା—ସ୍ତ୍ରୀ)  like sandal paste.

**ମଳୟ ପବନ**—ସଂ. ବି (୬ଷ୍ଠୀ ତତ୍)—ବସନ୍ତ ପବନ; ଦକ୍ଷିଣ ପବନ
Malaya pabana —The sweet south breeze blowing in the spring.
ମଳୟ ବାତ
ମଳୟ ବାୟୁ
ମଳୟ ମରୁତ(ତ)
ମଳୟ ମାରୁତ (ଅନ୍ୟରୂପ)
ମଳୟ ସମୀର
ମଳୟ ସମୀରଣ
ମଳୟାନିଳ
[ଦ୍ର—ବସନ୍ତକାଳରେ ପ୍ରବାହମାନ ଦକ୍ଷିଣବାୟୁ ସ୍ନିଗ୍ଧ ଦକ୍ଷିଣ ପବନରେ ସୁବାସ ଅନୁଭୂତ ହୁଏ । ଏଥିପାଇଁ ପ୍ରାଚୀନ ଲୋକେ ଅନୁମାନ କରୁଥିଲେ ଯେ ମଳୟ ପର୍ବତରେ ଥିବା ଚନ୍ଦନ ଗଛରେ ଏ ପବନ ଲାଗି ବହି ଆସି ଥିବାରୁ ସେହି ଚନ୍ଦନ ଗଛର ସୁବାସ ଏ ପବନ ସେନି ଆସେ । ]

**ମଳୟ ବାସୀ**—ସଂ. ( ମଳୟ+ବସ୍ ଧାତୁ+କର୍ତ୍ତୃ. ଇନ୍; ୧ମା. ୧ବ )
Malaya bāsi —ମଳୟ ପର୍ବତରେ ବା ମଳୟ ଦେଶରେ ବାସ କରୁଥିବା—Living in the Malabar country or hills. ସଂ. ବି—ଦକ୍ଷିଣାପବନ—The south breeze.

**ମଲଲା**—ପ୍ରାଦେ (ସମ୍ବଲପୁର, ଗଡ଼ଜାତ) ବି—କରଣ୍ଡି ଆଳୁ ( ଦେଖ )
Malalā  Karāndi ālu ( See )

**ମଳ ରୋଧ**—ସଂ. ବି (୬ଷ୍ଠୀ ତତ୍)—୧ । ମଳବଦ୍ଧତା—
Mala rodha  1. Constipation of the bowels.
(ମଳ ରୋଧନ—ଅନ୍ୟରୂପ) ୨ । ମଳ ବେଗକୁ ବଳପୂର୍ବକ ଧାରଣ କରିବା—2. Retention the fæcus inspite of a call of nature.

**ମଳ ରୋଧକ**—ସଂ. ବିଣ (୬ଷ୍ଠୀ ତତ୍) ଯାହା କୋଷ୍ଠବଦ୍ଧତା କରାଏ—
Mala rodhaka  Causing constipation.
(ମଳ ରୋଧୀ—ଅନ୍ୟରୂପ)  (ମଳ ରୋଧିକା, ମଳ ରୋଧିନୀ—ସ୍ତ୍ରୀ)

**ମଳ ଶୁଦ୍ଧି**—ସଂ. ବି. (୬ଷ୍ଠୀ ତତ୍)—ସଫା ହୋଇ ଝାଡ଼ା ହେବା—
Mala śuddhi  Evacuation of the bowels; a
(ମଳ ବନ୍ଧତା —ବିପରୀତ) free movement of the bowels.

**ମଳା**—ସଂ. ବି ( ମଳ+ଅ )—୧ । ବିଛାର ଲାଞ୍ଜର ଅଗ୍ରଭାଗ;
Malā କଙ୍କଡ଼ା ବିଛାର ନାହୁଡ଼—1. The tip of a scorpion's tail (M. W.) ୨ । ଏକ ପ୍ରକାର କଂସା ବା ପିତ୍ତଳ—2 A kind of brass or bell-metal (M. W.) ୩ । ଵିକଙ୍କତ; ଭଇଞ୍ଚ—3. Flacourtia Cataphracta (M. W.)
ଦେ. ବି ( ସଂ. ମଣ୍ଡଳ )—୧ । ବୃତ୍ତାକାର ରେଖା—
मण्डल 1. Circle. ୨ । ଗୋଲାକାର ଚକ୍ର—2. Circular
मण्डली spot or patch. ୩ । ଗଛ ମୂଳରେ ପାଣି ଦେବା
माँदा ନିମନ୍ତେ ହୋଇଥିବା ଆଳବାଳ; ମଡା—3. A basin
थलियाना, मांदा dug at the foot of a tree for watering it. ୪ । ଅଗାଣ୍ଡିଆ ପାତ୍ର ଆଦି ରଖିବା ପାଇଁ ମାଟିରେ ଗୋଲା ହେବା ଅଗଭୀର ଗଭୀର ଗାତ—
मोडा 4. Circular groove made on the ground to place round-bottomed pots. ୫ । ଅଗାଣ୍ଡିଆ ହାଣ୍ଡି ମାଠିଆ ଆଦି ଭୂମିରେ ଅଟଳ କରି ରଖିବା ପାଇଁ ପ୍ରସ୍ତୁତ ପାଳ ଆଦି ନିର୍ମିତ ଶୂନ୍ୟଗର୍ଭ ବଳୟ; ମୋଡ଼ା—
चिमला 5. Circular rings of straw on which
वीडा round-bottomed pots are kept stable on even ground. ୬ । ବୋହିଅମାନେ ମୁଣ୍ଡରେ ବୋଝ ରଖିବା ପାଇଁ ତିଆରି କରିଥିବା ଚମ୍ବୁଲା ବା ମୁଠୁଲା—6. Circular cushions put over the head to carry loads thereon. ୭ । ସାପ, ତେଲୁଣୀପୋକ ଆଦିଙ୍କର ଗୋଲିବାର ଭୁଣ୍ଡଳୀ—7. Coil (of serpents etc). ୮ । ଉଇ, ପିମ୍ପୁଡ଼ି ଆଦିଙ୍କ ଗୋଲାକାର ମଡା—7. A circular swarm of white ants and other insects.
मला ୯ । ମଳିବା (ଦେଖ)—9. Malibā ( See ) ୧୦ ।
मलना (ଲକ୍ଷଣାର୍ଥ) ଅନୁସରଣ ପୂର୍ବକ ତୋଷାମଦ କରିବା—10 (figurative) Act of dancing attendance; flattering a person for favours.
ଦେ. ବିଣ—୧ । ଯେ ମଳେ ବା ମଳିବା କ୍ରିୟା କରେ—
मला 1. Engaged in twisting and twirling.
मलने वाला ୨ । ତୋଷାମଦିଆ—2. Flattering; given to
(ମଳେଇ—ସ୍ତ୍ରୀ)  flattery.

**ମଲା**—ଦେ. ବିଣ (ସଂ.ମୃତ)—୧ । ମୃତ—1. Dead. (ଉ—ମଲା ଲୋକ
Malā  ଜାଳି ଅଟଳ ସେହିପରି । କୃଷ୍ଣସିଂହ. ମହାଭାରତ ବନ ।)
मरा(ड़ा) ୨ । ମୁମୂର୍ଷୁ; ମୃତପ୍ରାୟ—2. Dying; moribund.
मरा(डा) (ଉ—ମଲାଠେଇଁ ଚନ୍ଦନ ପାଟ୍ଟୀ ପାଟ୍ଟୀ । ଚଗ ।) ୩ । ମରଣାପନ୍ନ ବ୍ୟକ୍ତି ପରି କ୍ଷୀଣ—3. Emaciated like a dying person. ୪ । ଶୁଷ୍କ (ବୃକ୍ଷ)—4. Withered (tree). ୫ । ନିଷ୍ପ୍ରଭ; ପ୍ରଭାହୀନ—5. Lustreless. (ଯଥା—ମଲାଚନ୍ଦ୍ର ।) ଦେ.ବି—୧ । ମୁମୂର୍ଷୁ ଅବସ୍ଥା—1. Dying condition. ୨ । ଅତି ଦୁଃଖମୟ ଅବସ୍ଥା; ଅତି ଗରିବ ଅବସ୍ଥା—2. Very impoverished condition. (ଉ—ଏତେ ମଲାଠେଇଁ ଧରିଲ ବି ଚଳଣି କିଆ ।—ଚଗ ।)
मलो ଦେ. ଅ ( ବିରକ୍ତି ଓ ଅବମାନନା ପ୍ରଦର୍ଶକ ସୂଚକ
मर ଅବ୍ୟୟ)—ଛିଅ !; ଛି !; ଛିଅ ଲୋ !—(interjection denoting displeasure or disregard) Fie ! (ଉ—ମଲା ଯା । ଛଡା ଟଙ୍କା ପଇଲା ବେଣ୍ଡି ।
(ମଲାଯା, ମଲାମୋର, ମଲାମିଁ—ଅନ୍ୟରୂପ) ଫକୀରମୋହନ. ଗଳ୍ପସ୍ୱଳ୍ପ ।)

**ମଲା(ଲେ)ଇ**—ଦେ. ବି—ମରେଇ ( ଦେଖ )
Malā(le)i  Marei ( See )

ବ ଓ ବଣ—ମଲେଇ (ଦେଖ)—Malei (See)

ମଲା(ଲେ)ଇ—ବୈଦେ.ବ (ଫା. ବାଲାଇ=ଦୁଧର ସର)—ଘନ ଅଉଟା Malā(le)i ଦୁଧ; ସରୁଦୁଧ—Thickened milk; मालाई मलाई condensed milk.

ମଲା(ଲା,ଲେ)ଇ ବରଫ—ବୈଦେ. ବ (ଫା. ବାଲାଇ+ବର୍ଫ୍)—ଯେଉଁ Malā(lā,le)i barapha ସରୁଦୁଧକୁ ଟିଣ ଖୋଳରେ ପୂରାଇ ବରଫ मालाई बरफ ମଧ୍ୟରେ ରଖି ଘନ କରାଯାଇ ଥାଏ; କୁଲ୍ଫି ବରଫ मलाई बर्फ —Condensed milk frozened into ice

ମଲା(ଲେ)ଇବା—ଦେ. କ୍ରି—ମଲବା କ୍ରିୟାର ଣିଜନ୍ତ ରୂପ—Malā[le]ibā Causative of Malibā. मलान (ଦ୍ର—ପୁଣ୍ଡରୀକ ବର ଯୁଗେ ଉନ୍ନବର ଯୁଗଳୀ ଲଗାଇବାକୁ, मलवाना ମର୍ଦ୍ଦିବା ଲକ୍ଷନ ତା ପିଣ୍ଡେ କନକ ମଣ୍ଡଣ ମଲାଇବାକୁ । କବିସୂର୍ଯ୍ୟ. ସଙ୍ଗୀତ ।)

ମଲାକର୍ଷୀ—ସ. ବି. ପୁଂ (ମଲ+ଆ+କୃଷ୍ ଧାତୁ+କର୍ତ୍ତୃ. ଣିନ୍; Malākarshī ୧ମା. ୧ବ)—ମେହେନ୍ତର; ହାଡ଼ୀ—A (ମଲାପକର୍ଷୀ—ଅନ୍ୟରୂପ) sweeper; a remover of (ମଲାକର୍ଷିଣୀ—ସ୍ତ୍ରୀ) night soil; scavenger.

ମଲାକା—ସ. ବି—୧ । ସଂବାଦବାହିକା; ଦୂତୀ—1. A female Malākā messenger (M. W.). ୨ । ସଖୀ—2. A confidante (M. W). ୩ । କାମୁକୀ ସ୍ତ୍ରୀ—3. An amorous woman (M. W). ୪ । ମାଈ ହାତୀ; ହାଥଣୀ—4. A female elephant (M. W.).

ମଲା କେଚେଣ୍ଡି—ପ୍ରାଦେ. ( ବାଲେଶ୍ୱର ) ବ ( ବଂ. ନାମ ବେଲ୍ଡ)—Malā kechendi ତେଲୁଣୀ ପୋକ ( ଦେଖ ) Teluni poka ( See )

ମଲା ଗଲା—ଦେ. ବଣ (ସହଚର)—ମୃତ ଓ ଦେଶତ୍ୟାଗୀ ବ୍ୟକ୍ତିଗଣ—Malā galā Persons dead and those who have मराहाजा मरा हुवा left the country.

ମଲା ଗି(ଗ୍ୟା)ହାଲିପ(ପୋ,ପୁଅ) !—ଗ୍ରା. ଅ (ଅଶିଷ୍ଟ) (A term of Malā gi(gyā)hālipa(po,pa) ! vulgar disregard, (ମଲଗ୍ୟାହୃପ—ଅନ୍ୟରୂପ) ତେଣାଲିସ୍ ସୂଚକ ଅବ୍ୟୟ) ମଲା (ଦେଖ)—Malā (See).

ମଲା(ନା)ଙ୍ଗ—ଦେ. ବ (ସ. ବନ୍ଦା)—ଅନ୍ୟ ବୃକ୍ଷୋପଜୀବୀ ବୃକ୍ଷ; ନର୍ମୂଲୀ Malā(nā)nga ଗଛ; ପରବୃକ୍ଷଜୀବୀ ବୃକ୍ଷ; ପରାଙ୍ଗପୁଷ୍ଟ ଉଦ୍ଭିଦ—Orchid; epiphyte; a parasitic shrub growing on the trunk of other trees; Loranthus.
ସ. ବଲା, ବୃକ୍ଷାଦନୀ ବୃକ୍ଷରୁହା, ପରପୁଷ୍ଟା, ପରାଶ୍ରୟ, ବନ୍ଦା—
परगाछा; बाँदु, मन्दा; मान्दा
बन्दा, बान्दड़ा, परगाछा
बला, बन्दा, बान्दा
ତେ. ବଦନକା, ବନ୍ଦା
ମ. ବନ୍ଦାଗୁଲ
ଗଞ୍ଜାମ. ମଦାଙ୍ଗ
[ ଦ୍ର—ଏହା ଆମ୍ବ, ଅଶ୍ୱତ୍ଥ, ସାହାଡ଼ା, ଜାମୁ, କୋଚିଲା ଆଦି ଗଛର ଶାଖା ଉପରେ ଉଠେ । ଏହାର ପତ୍ର ସବୁଜ ବର୍ଣ୍ଣ ଓ ମୋଟ; ଏହାର ଫୁଲ ଆରକ୍ତ, କେଶର ଆଠଟି । ଏହାର ଫଳ ପାଚିଲେ ନାଲି ହୁଏ । ଛଅଟି ଅଥଠା ଉଦରେ ମଞ୍ଜି ଥାଏ ଅନେକ ଔଷଧ ଓ ଗୁଣିଗାରଡ଼ିରେ ଏହା ଲାଗେ । ]

ମଲାଙ୍ଗି ଡଙ୍ଗା—ଦେ. ବ—ଏକ ଢାଞ୍ଚାର ନୌକା—A kind of Malāngi dangā boat. [ ଦ୍ର—ଏଥିରେ ଆଗେ ଧାନ ଗ୍ରହଳ ଆଦି ଯାତାୟତ କରୁଥିଲା । ଭଗବାନ୍. ପ୍ରାଚୀନ ଉତ୍କଳ । ]

ମଲା ଚମ—ଦେ. ବ—(ସଂ. ମୃତ ଚର୍ମ)—୧ । ଦେହର ବାହାର Malā chama ଅଂଶରୁ ବାହାରିବା ଶୁଖିଲା ଚମଡ଼ାର ସ୍ତର—मरामास 1. Dry skin or scale peeling off from the मुरदाचमडा, मराचमडा body; scurf. ୨ । ମୁଣ୍ଡର ରୂଶି—2. Dandruff.

ମଲା ଜହ୍ନ—ଦେ. ବ—୧ । ଦିବସରେ ଆକାଶରେ ଦେଖାଯିବା ପ୍ରଭାMalā jahna ହୀନ ଚନ୍ଦ୍ର—1. Lustreless moon seen in the sky in the day time. ୨ । କୃଷ୍ଣପକ୍ଷ୍ୟାଠାରୁ ୭ମୀ ବା ୮ମୀ ପର୍ଯ୍ୟନ୍ତ ରାତ୍ରରେ ଚନ୍ଦ୍ରମଣ୍ଡଳର ଯେଉଁ ଅଂଶ କୃଷ୍ଣ ଦେଖା ଯାଉଥାଏ—2. The part of the moon's orb which looks lustreless during the night when the moon is below its 8th digit.

ମଲାଟ—ଦେ ବ (ସ. ମଲପୃଷ୍ଠ=ପୁସ୍ତକର ଉପର ପୃଷ୍ଠା)—୧ । ତାଳ-Malāta ପତ୍ର ପୋଥି ଉପରେ ଦିଆଯିବା ପଟା; ପୋଥିପଟା—मलाट 1. Wooden boards put on a palm-leaf मलाट manuscript to keep it undamaged. ୨ । କାଗଜ ବହି ଉପରେ ଦିଆ ଯିବା ପଟା ବା ମୋଟ କାଗଜର ଆବରଣ; ପିଠିକା—2. The card board binding or cover of a book; the stiff outer page of a book. ବୈଦେ. ବ—୧ । (ଇ. ମାଲେଟ୍=ଖୁଣ୍ଟମାନଙ୍କୁ ଭୂମିରେ ବାଡ଼େଇ ଭର ବସାଇବାରେ ବ୍ୟବହୃତ କାଠର ବଡ଼ ହାତୁଡ଼ି; ହାତୁଡ଼ିଦ୍ୱାରା ଏ ଖୁଣ୍ଟିମାନ ପୋତା ଯିବାରୁ) ମଇଲାଟ; ନଦୀବନ୍ଧକୁ ବଢ଼ିପାଣି ଅତଡ଼ ନ ଖାଇବା ପାଇଁ ବନ୍ଧମୂଳରେ ପୋତାଯିବା କାଠର ବା ବାଉଁଶର ଖୁଣ୍ଟି ମାନ—1. Wooden or bamboo pegs or posts driven deep at the foot of embankments to save them from erosion ୨ । (ଇ.ମାଲେଟ୍) ଖୁଣ୍ଟି ଆଦିକୁ ଭୂମିରେ ବାଡ଼େଇ ପୋତିବା ପାଇଁ ବ୍ୟବହୃତ କାଠର ବଡ଼ ହାତୁଡ଼ା; ପିଟଣା—Big wooden mallet. ୩ । (ଛାପାଖାନାରେ ବ୍ୟବହୃତ ଶବ୍ଦ, ଇଂ. ମାଲେଟ) ଛାପା ହେବା, ପୂର୍ବରୁ ସୀସାର ଟାଇପମାନଙ୍କୁ ଫାର୍ମରେ ବସାଇ ସମତୁଲ କରିବା ପାଇଁ ବ୍ୟବହୃତ କାଠର ହାତୁଡ଼ା; ପିଟଣା—3. Printer's mallet.

ମଲା(ଲ)ଟ(ଟି) ବାଡ଼ି—ଦେ. ବ (ଇଂ. ମାଲେଟ୍=କାଠର ବଡ଼ Malā(la)ta(ti) ହାତୁଡ଼ା )—ନଦୀବନ୍ଧର ମାଟିକୁ ନଦୀଜଳର ଆକ୍ରମଣରୁ ରକ୍ଷା କରିବା ନିମନ୍ତେ ହାତୁଡ଼ାଦ୍ୱାରା ଦୃଢ଼ଭୂତେ

ବାନ୍ଧ ଯାଇ ଯୋଗା ଯିବା ଭାଠ ବା ବାଉଁଶ ଖୁଣ୍ଟିର ବାଡ଼—A fence of bamboo or wooden posts driven deep at the foot of an embankment to save it form erosion.

ମଲୁଣି—ପ୍ରାଦେ (ଯାଜପୁର) ଅ—ମଲ୍ଲ (ଦେଖ)
Malūni Mala (See).

ମଲପଣା—ପ୍ରାଦେ (ଗଞ୍ଜାମ) ବି. (ସଂ ମୃତ+ପ୍ରପାନକ)—୪ର୍ଥ, ୭ମ ଓ
Mala panā ୧୧ମ ଦିନରେ ମୃତ ବ୍ୟକ୍ତିର ଅନ୍ତ୍ୟେଷ୍ଟିକ୍ରିୟା ଉପଲକ୍ଷରେ ମୃତ୍ୟୁର ୪ର୍ଥ, ୭ମ ଓ ୧୧ମ ଦିନ ସମବେତ କୁଟୁମ୍ବ, ବନ୍ଧୁ ଓ ବ୍ରାହ୍ମଣମାନଙ୍କୁ ଖାଇବାକୁ ଦିଆଯିବା ଶୀତଳ ବା ଜଳଖିଆ ସାମଗ୍ରୀ--Tiffin or light refreshments served to friends,relatives and Brāhmaṇas during the obsequies.

ମଲା ପ[ସ]ରି—ଦେ. ବଣ—୧ । ମୃତବତ୍—1. Like one dead.
Mala pa[sa]ri [ଉ—ଖାଉଁଲେ ସେ ନୃପର ଭାଗ ମଲାପରି ।
মরার মতন କୃଷ୍ଣସିଂହ. ମହାଭାରତ. ଅନୁ । ] ୨ । ମୁମୂର୍ଷୁ—2.
मरासा Dying. [ଉ—ମଲୁ ନାହିଁ ତ ମଲାପରି ହେଲୁ ନାହିଁ । ଭଗ ]

ମଲାପସାରକ—ସଂ.ବଣ (ମଲ+ଅପ+ସୃ. ଧାତୁ+କର୍ତ୍ତୃ. ଅକ)—ଯାହା
Malāpasāraka ମଲ (ମଇଳା, ପାପ ପ୍ରଭୃତି) ଦୂର କରେ—
(ମଲାପହ, ମଲାପସାରୀ—ଅନ୍ୟରୂପ) Removing impurities
[ମଲାପସାରିକା, ମଲାପହା—ସ୍ତ୍ରୀ] or sin or stains.

ମଲାବରୋଧ—ସଂ. ବି (୬ଷ୍ଠୀ ତତ୍)—ମଲରୋଧ (ଦେଖ)
Malābarodha Malarodha (See).

ମଲାବରୋଧକ—ସଂ. ବଣ—ମଲ ରୋଧକ ( ଦେଖ )
Malābarodhaka Mala rodhaka ( See )
(ମଲାବରୋଧୀ—ଅନ୍ୟରୂପ) (ମଲାବରୋଧିକା—ସ୍ତ୍ରୀ)

ମଲା ବାନ୍ଧି ଶୋଇବା—ଦେ. କ୍ରି (ସଂ. ମଣ୍ଡଳ)—କୁଣ୍ଡଳପରି ଦେହକୁ
Malā bandhi soibā ଚକା କରି ଶୋଇବା (ଯଥା—ସାପ,
কুণ্ডলীপাকিয়ে শোয়া ଚେନ୍ଦୁଣୀ ଯୋକ)—To lie coiled
चक्करदेकरसोना up (said of a snake etc).

ମଲା ମ(ମୁ)ର(ରୁ)କୁଟିଆ-ଦେ. ବଣ (ସଂ. ମୃତ+ମର୍କଟ)—ମୁରୁକୁଟିଆ
Malā ma(mu)r(ru)kuṭiā ( ଦେଖ )—Murukuṭiā
রোগা, মড়ারআকার दुबलापतला [See].

ମଲା ମର(ରୁ)ଡ଼ି—ଦେ. ବି (ସଦୃଶ)—ଅନାବୃଷ୍ଟିଜନିତ ଶସ୍ୟହାନି—
Malā mara(ru)ṛdi Failure of crops due to drought.
শুকো (ଉ—×××ଥିବ ମଲା ମରୁଡ଼ିରେ ଭୁଲିଥ ବାବଦକୁ ବହୁ
सौदी ଖର୍ଚ୍ଚ××ଫଗୀରମୋହନ. ଛମାଣ ଆଠଗୁଣ୍ଠ । )

ମଲା ମର(ରୁ)ଡ଼ିଆ—ଦେ. ବଣ—୧ । ମୁରୁକୁଟିଆ (ଦେଖ)
Malā mara(ru)ṛdiā 1. Murukuṭiā ( See )
মরারমতন ୨ । ଦୁର୍ଭିକ୍ଷ ପ୍ରପୀଡ଼ିତ—2. Famine-stricken.
सौदीया ୩ । ଖାଇବା ପାଇଁ ନ ପାଇ ଶୀର୍ଣ୍ଣ; ଅନାହାରକ୍ଲିଷ୍ଟ—
3. Hunger-stricken; famished.

ମଲାମଲା—ଦେ. ବଣ—୧ । (ସଂ. ମଣ୍ଡଳ) ଚକ୍ରାକାର ବହୁଚକ୍ର ସମନ୍ୱିତ
Malāmalā —1. In circles; in patches. ୨ । (ସଂ.
চাকাচাকা ମଳିନ ) ମେଘାଚ୍ଛନ୍ନ—2. Cloudy; overclouded.
चकेत्ता चकेत्ता [ ଉ—ଦନକୁ ମଲାମଲା ସୁନ୍ଦର ଲଗିଲା, ନାଥ
ବୋଲେ ପୂଜା ଦେ । ସୁନ୍ଦର ଗୁଡ଼ ଫଲା—ଗଳାବରନ । ]
ଦେ.ବି—ମନ୍ଦା ମନ୍ଦା;ଚକା ଚକା ଦାଗମାନ—Circular-patches. [ ଯଥା—ତା ଦେହସାର ଯାକୁ ମଲା ମଲା
ମାଡ଼ ଗଲାଣି । ] ଦେ. କ୍ରି. ବଣ—ଚକ୍କା ଚକା ଦାଗ
ମାଡ଼ିବା ପ୍ରକାରେ—In circular patches.

ମଲାମଲି—ଦେ. ବି ( ସଂ. ଦଳନ, ମର୍ଦ୍ଦନ )—୧ । ବହୁବାର ମଳିବା
Malāmali କ୍ରିୟା; ଦଳାଦଳ;ଘଷାଘଷି—1. Act of trampl-
दलामला ing; crushing or rubbing. ୨ । ବହୁଅଧିକ
मलामली ତୋଷାମଦ—2. Much flattering.

ମଲା ମାଇଲା କାଳ—ଦେ. ବି - ଅତି ସଙ୍କଟମୟ ସମୟ; ଯେଉଁ ସମୟରେ
Malā māilā kāla ଲୋକେ ବ୍ୟାଧି ଓ ଉପବାସରୁ ମରୁଥାଆନ୍ତି—
আকাল A time of great distress; a time of high
अकाल mortality ( due to famine, pestilence contagionse disease war).

ମଲା ମୁର୍ଦ୍ଦାରିଆ—ଦେ. ବଣ—ମୁର୍ଦ୍ଦାର ପରି ଅତି କ୍ଷୀଣ—
Malā murddāriā Emaciated and lean like
মরকুটে मरासा a corps..

ମଲାୟନ—ସଂ. ବି ( ୬ଷ୍ଠୀ ତତ୍, ମଲ+ଅୟନ )—ପେଟ ମଧ୍ୟରୁ
Malāyana ଗୁହ୍ୟଦ୍ୱାରକୁ ମଲ ଆସିବାର ବାଟ—
The rectum ( M. W ).

ମଲାର—ଦେ. ବି ( ସଂ. ମହ୍ଲାର )—ମହ୍ଲାର ( ଦେଖ )
Malāra Mallāra ( See )

ମଲାଶାଶୁ—ଦେ. ବି. ସ୍ତ୍ରୀ ( ସଂ. ମାତୁଳ ଓ ଶ୍ୱଶ୍ରୂ )—ମାଇଁଶାଶୁ; ଅପଣା
Malāsāsu ସ୍ୱାମୀଙ୍କର ବା ସ୍ତ୍ରୀଙ୍କର ମାଇଁ—The maternal
মামাশাশুড়ী, মাসশাশুড়ী मामीसास uncle's wife of one's husband or wife.

ମଲାଶୁର—ଦେ. ବି. ପୁଂ (ସଂ ମାତୁଳ+ଶ୍ୱଶୁର)—ଅପଣା ସ୍ୱାମୀଙ୍କର ବା
Malāsura ସ୍ତ୍ରୀଙ୍କର ମାମୁ—The maternal uncle of
মামাশশুর मामाससुर one's husband or wife.
( ମଲାଶଶୁର—ଅନ୍ୟରୂପ )

ମଲା ସାପ—ଦେ. ବି—୧ । ମୃତ ସର୍ପ—1. A dead snake. ୨ ।
Malā sāpa ( ଲକ୍ଷଣାର୍ଥ ) ଅକର୍ମଣ୍ୟ ଲୋକ—2. ( figura-
মরা সাপ मरा साप tive ) One who is not useful in any way.

ମଲା ସାପ ବେକରେ ପକା( କେ )ଇବା—ଦେ. କ୍ରି ( ଲକ୍ଷଣାର୍ଥ )—
Malā sāpa bekare pakā(ke)ibā କୌଣସି ବ୍ୟକ୍ତିକୁ
মরাসাপ গলায় ফেলা ଅପମାନ ଦେବା—( figurative )
मरा साप गलामे डालना To insult a person.

ମଲା ସାପ ବେକରେ ବାନ୍ଧିବା—ଦେ. କ୍ରି—୧ । ଅକର୍ମଣ୍ୟ ବ୍ୟକ୍ତିର
Malā sāpa bekare bāndhibā ଭରଣ ପୋଷଣ ଭାର ଗ୍ରହଣ

মরা সাপ গলায় বাঁধা **मडा साप गलामे बाँधना** କରିବା—
ମଲ୍ଲା ସାପ ବେକରେ ଗୁଡ଼ା(ଡ଼େ)ଇବା } ଅନ୍ୟରୂପ
ମଲ୍ଲା ସାପ ବେକରେ ଲଦିବା } To undertake the maintenance of a lazy person. ୨ । ଅନ୍ୟ ବ୍ୟକ୍ତିଠାରେ ଅକର୍ମଣ୍ୟ ବ୍ୟକ୍ତିର ଭରଣ ପୋଷଣର ଭାର ଅର୍ପଣ କରିବା—2. To lay upon another the burden of maintaining a useless person. ୩ । ଝିଅର ବାଳୁତ ଝିଅ ବା ଓ ପୁଅର ବନ୍ଧ୍ୟା ବା ଅପୁତ୍ରୀ ବିଧବା ବୋହୂର ଭରଣ ପୋଷଣ ଭାର ବାଧ୍ୟ ହୋଇ ଗ୍ରହଣ କରିବା—3. To be burdened with the duty of maintaining one's child-widow-daughter or issueless daughter-in-law.

ମଳି—ଦେ. ବି ( ସଂ. ମଳ )—୧ । ଗାତ୍ର ମଳ; ଦେହ ଉପରେ
Mali ଜମିଥିବା ମଇଳାର ସ୍ତର—1 A layer of dirt on the
মলি, মলা body. [ଉ—ଜଳେ ସ୍ନାନ କଲେ ଦେହୁ ମଳି ଛାଡ଼ିଯାଏ—
**मल** ପ୍ରାଚୀ.ଶ୍ରୀଗୁରୁଭକ୍ତିଗୀତା ।] ୨ । ମଇଳା—2. Filth. ଦେ. ବିଣ (ସଂ. ମଳିନ)—ମଳିନ; ମଳଯୁକ୍ତ—Dirty; filthy.

ମଲ୍ଲି—ଦେ. ବି ( ସଂ. ମଲ୍ଲୀ )—୧ । ମଲ୍ଲୀଫୁଲ—1. Jasminum
Mali Samback (Kirtikar); jasmine. ୨ । ମଲ୍ଲୀନାମ୍ନୀ
বেল্, মল্লিকা ফুল ସ୍ତ୍ରୀର ଡାକନାମ—2. Name for calling
**चम्पा; मुग्रा; बेला** a woman named Malli. ଦେ. ଅ—
(ମଲ୍ଲ ମଲ୍ଲ—ଅନ୍ୟରୂପ) ( ମରିବା କ୍ରିୟାର ପ୍ରଥମ ପୁରୁଷ ଏକବଚନ
মলু মলুম **मरगये** ଭୂତକାଳର ଆକାର; ଅବ୍ୟୟରୂପେ ବ୍ୟବହୃତ)—
୧ । (ପ୍ରାଚୀନ କବିମାନଙ୍କ) ବର୍ଣ୍ଣିତ କାମକ୍ରୀଡ଼ା କାଳରେ ଯୁବତୀର ମୁଖରୁ ବାରଂବାର ନିଃସୃତ ବାକ୍ୟ—1. An expression said to repeatedly issue from the mouth of a young woman during coition. (ଉ—ହାଁ ହାଁ ହୁଁ ହୁଁ ନା ନା ମଲି ଭଣି ଭଣାକୁ କସ ଭୁଲାଇବ । ଉକ୍ତ. ପ୍ରେମସୁଧାନିଧି ।) ୨ । ପୀଡ଼ା ସୂଚକ ଅର୍ଥ ଅଛି—2. (interjection) Oh ! I am dying. ପ୍ରାଦେ. (ସମ୍ବଲପୁର) ବି (ଳ ସ୍ଥାନରେ ଲ ଉଚ୍ଚାରଣ)—ମଳ; ମଇଳା—Dirt.

ମଳିଆ(ହା)—ଦେ. ବିଣ (ସଂ. ମଳିନ)—ମଳଯୁକ୍ତ; ମଇଳା—
Maliā(hā) Dirty; filthy.
ময়লা (ଉ—ମେଇଛ ପ୍ରାଏକ ଦିଶେ ହୃଦୟ ମଳିଆ । ପ୍ରାଚୀ
**मैला** ବୃନ୍ଦାବନରୂପଣ ଗୀତା ।)

ମଲିଆ—ଦେ. ବି—୧ । ଭୁବନେଶ୍ୱର ନିକଟସ୍ଥ କପିଳେଶ୍ୱର ମହା-
Maliā ଦେବଙ୍କ ମାଳ ସେବକ—1. The flower sup-
জলা plying Sebakas of the Siba at Kapi-
**दलदल** leswara (near Bhubaneswara). ୨ । ପାଣିର ସୋଡ଼୍ଗ—2. A marsh; a long strip of water; a long fen. ପ୍ରାଦେ. (ସମ୍ବଲପୁର) ବିଣ. ପୁଂ—ପିଙ୍ଗଳ ଚକ୍ଷୁ ଓ ତାମ୍ର ବର୍ଣ୍ଣ କେଶ ବିଶିଷ୍ଟ ( ବ୍ୟକ୍ତି )—
A person with brown eyes and reddish hair.

ମଳିକ—ଦେ. ବି ( ସଂ. ମଦଣ୍ଡକ, ମଦଣ୍ଡିକ=ଅନ୍ତଃପୁର ରକ୍ଷକ )—
Malika ୧ । ଚଉକିଦାର ବା କଣ୍ଡରାମାନଙ୍କ ବଂଶୋପାଧି—
**मल्लिक** 1. The family title of Kandarās ( a low caste of hereditary watchm (ଉ—ଧୋବା ମଳିକ; ସଙ୍ଖାଳ କରନ୍ତି ନୂଆ କଳିକ । ଉଗ ।) ୨ । (ଅ.
**मालिक; मलिक** ମଳିକ=ରାଜା—M.W) ଗ୍ରାମର ଅଧିକାରୀ;ଗ୍ରାମର ମୁଖ୍ୟ ବ୍ୟକ୍ତି—2. The headman of a village. ୩ । ଶୂଦ୍ରମାନଙ୍କର ଉପାଧି ବିଶେଷ—3. A family-title of Sūdras.

ମଲ୍ଲି(ଲ୍ଲି) କଡ଼ି(ଢ଼ି)—ଦେ. ବି ( ସଂ. ମଲ୍ଲୀ ବା ମଲ୍ଲିକା ଓ କଳି )—
Mali(lli) kardhi(rdhi) ୧ । ମଲ୍ଲୀଫୁଲ କଢ଼ି ପରି ଗୋଲ-
[ମଲ୍ଲିକାକଢ଼ି(ଢ଼ି)—ଅନ୍ୟରୂପ] ଗୋଲକଥିବା ରୁପାର ବା ସୁନାର
মল্লিকাকুঁড়ী ଗୋଲକ ମାଳରୂପେ ଗୁନ୍ଥା ହୋଇଥିବା ଅଳଙ୍କାର (ଏହା
**बेलाकीकुँठी** ସ୍ତ୍ରୀଲୋକମାନଙ୍କ ଜୁଡ଼ାରେ ଗୁନ୍ଥା ଯାଏ )—
1. A string of gold or silver balls resembling Jasmine-buds and used as a tape ( tied round the
বেলারকলী chignon). ୨ । ମଲ୍ଲୀଫୁଲର କଳି—2. Jasmine-
**बेलेकीकली** bud. ୩ । ଚଳ କାନର ଅଳଙ୍କାର ବିଶେଷ—
3. An ornament for the lower part of the ear. (ଉ—କେ ବୋଲେ ଏ ଚନ୍ଦ୍ରମଲ୍ଲୀକଢ଼ି କୋଟେ, ଘୋଇଛି ଚନ୍ଦ୍ର କର୍ଣ୍ଣପାଲୀ ସେଥେ ସ୍ନେହେ । କୃଷ୍ଣସିଂହ. ମହାଭାରତ. ବନ ।)

ମଳି(ଲି)ଙ୍ଗ(ଙ୍ଗି)—ଦେ. ବି—ଏକ ପ୍ରକାର ସରୁଆ ଡଙ୍ଗା—
Mali(li)ṅga(ṅgi) A kind of narrow country
বালাম **ठकठकिग्रानाव; मलहनी** boat or canoe.

ମଳି ଚମ—ଦେ. ବି (ସଂ. ମଳ+ଚର୍ମ—ମନୁଷ୍ୟର ଦେହର ଉପରେ
Mali chama ଥିବା ଖୁବ୍ ପତଳା ଚମ (ଯାହା ଉପରେ ଦେହର
মরামাস ମଳ ବସିଯାଏ )—The epidermis; cuticle;
**पोस्तीन; उपरकीखाल** scarf skin; the thin outer layer of skin. [ଦ୍ର—ମନୁଷ୍ୟ ଦେହର ଅସଲ ଚମଡ଼ା ଉପରେ ଏକ ପରସ୍ତ ଖୁବ୍ ପତଳା 'ମଳିଚମ' ଅଛି । ସେ ମଳିଚମ ଉଠିଗଲେ କଷ୍ଟ ବୋଧ ହୁଏ ନାହିଁ । ଏହି ମଳିଚମ କ୍ରମଶଃ ଦେହରୁ କାଉ ଭଳି ଛାଡ଼ିଥାଏ ଓ ନୂଆ ଚମ ବଢ଼ିଥାଏ । ]

ମଳି ଛଡ଼ା(ଡ଼େ)ଇବା—ଦେ. କ୍ରି—ଦେହରୁ ବା ବସ୍ତୁରୁ ମଳ ସଫା
Mali chhardā(rde)ibā କରିବା—To cleanse or
মলাতোলা remove dirt from the body or from
**मैलछुडाना** anything.

ମଳି ଛାଡ଼ିବା—ଦେ. ବି—କୌଣସି ବସ୍ତୁ ଉପରେ ଜମିଥିବା ମଳ
Mali chhārdibā ପରିଷ୍କାର ହେବା—The cleansing
ময়লাছাড়া or removal of dirt from a thing
**मैलछूटना** ଦେ. କ୍ରି—ନିଜ ଦେହର ମଳ ତ୍ୟାଗ କରିବା—To part with the dirt of one's body. [ ଦ୍ର—

ଅତି କୃପଣ ଲୋକକୁ ଲକ୍ଷ୍ୟ କରି ଲୋକେ କହନ୍ତି, ସେ ଏତେ କାଙ୍ଗି ଯେ, ତା ଦେହରୁ ଟିକେ ମଳ ଛାଡ଼ିବ ନାହିଁ । ]

**ମଳି(ଳ)ଛିଆ**—ଦେ. ବିଣ. ପୁଂ (ସଂ. ମ୍ଳେଚ୍ଛ)—୧ । ଅତିଶୟ ମଳଯୁକ୍ତ; ମଇଳା—1. Dirty; filthy. ୨ । ଯେଉଁ ବ୍ୟକ୍ତିର ଦେହ ଓ ବସ୍ତ୍ରାଦି ମଳଯୁକ୍ତ—2. (a person) With dirty body and clothes. ୩ । ଅତି କୃପଣ—3. Very niggardly. ୪ । ଅପରିଷ୍କୃତ (ବସ୍ତ୍ର)—4. Soiled or unclean (cloth).
Mali(la)chhiā
मरुला
मलेछा
ମଳି(ଳ)ଛେଇ } ସ୍ତ୍ରୀ
ମଳି(ଳ)ଛୀ

**ମଳିଣ**—ଗ୍ରା. ବିଣ (ସଂ. ମଳିନ)—ମଳିନ (ଦେଖ)
Malina मलिन मलिन Malina [See].

**ମଲିଦା**—ବୈଦେ. ବି (ଫା. ମଲୀଦହ୍; ମୂଳ. ସଂ. ମର୍ଦ୍ଦିତ ଓ ମଳିତ)—କାଶ୍ମୀର ଦେଶ ନିର୍ମିତ ମେଷ ଲୋମର ବସ୍ତ୍ର ବିଶେଷ—Felt. [ଦ୍ର—ଏ ଲୁଗା ବୁଣାଯିବା ପରେ ଏହାକୁ ଦଳିମଳି ଘନ ଓ କୋମଳ କରାଯାଏ—ହି, ଶ । ]
Malidā
मलीदा
मलीदा

**ମଳି ଧୂଳି**—ଦେ. ବି (ସଂ. ମଳ ଓ ଧୂଳି)—୧ । ଧୂଳିମଳି; ମଳ ଓ ଧୂଳି—1. Dirt and dust. ୨ । ମଇଳା—2. Filth; dirt. ୩ । (ଲକ୍ଷଣାର୍ଥ) ଅଳ୍ପ ମାତ୍ର ସନ୍ଦେହ—3. The slightest doubt; any particle of doubt. (ଯଥା—ତା କଥାରେ ମଳି ଧୂଳି ନାହିଁ । )
Mali dhūli
धूलामला
मैलऔरधूली; मैलापन

**ମଳିନ**—ସଂ. ବିଣ ( ମଳ+ଅସ୍ତି ଅର୍ଥରେ ଇନ )—୧ । ମଳଯୁକ୍ତ; ମଇଳା; ମଳିଆ—1. Filthy; dirty; foul. ୨ । ବିବର୍ଣ୍ଣ; ମ୍ଳାନ; ତେଜୋହୀନ; ଫିକା—2. Pale; yan. ( ଯଥା—କେଶମକେଶ ଅଭାବର, ମଳିନ ମୁଖ ନିକର, ଯେସି ପଦ୍ମଲର ପତ୍ର ବଣି । ଉପେ. ବୈଦେହୀଶବିଳାସ ।) ୩ । ଦୂଷିତ; କଳଙ୍କିତ—3. Stained; corrupted; spoiled. ୪ । ପାପଯୁକ୍ତ; ପାପୀ—4. Sinful; sinning. ୫ । କୃଷ୍ଣବର୍ଣ୍ଣବିଶିଷ୍ଟ—5. Black. ୬ । ନିତ୍ୟ ନୈମିତ୍ତିକ କ୍ରିୟାତ୍ୟାଗୀ—6. One who has forsaken the performance of the prescribed daily rites. ସଂ. ବି—୧ । କଳଙ୍କ-1. Stain. ୨ । ପାପ—2. Sin. ୩ । ପାଶୁପତ; ଏକ ଶ୍ରେଣୀର ସାଧୁ, ଯେଉଁମାନେ ମଳିଆ ଲୁଗା ପିନ୍ଧନ୍ତି—3. A class of anchorites who wear dirty cloth. ୪ । ଘୋଳ ଦହି(ହି. ଶ)-4. Churned sour milk. ୫ । କୃଷ୍ଣାଗୁରୁ (ହି. ଶ)—5. Black agallochium. ୬ । ତାଜା ଗାଈଦୁଧ (ହି. ଶ)—6. Fresh cow's milk. ୭ । ହଂସ (ହି. ଶ)—7. Swan. ୮ । ବେଣ୍ଟ (ହି. ଶ)—8. Handle of a weapon. ୯ । ଦୋଷ (ହି. ଶ)—9. Defect; blemish. ୧୦ । ରତ୍ନର ଫିକା ପଣ ଓ ଧୂମ୍ର ବର୍ଣ୍ଣ ହେବା ଦୋଷ (ହି. ଶ)—10. Paleness and smokiness of gems. ଦେ. ବି—ମ୍ଳାନ ଭାବ; ମଳିନତା—Paleness. (ଯଥା—ଚନ୍ଦ୍ର ପ୍ରାପ୍ତ ହୋଇ ଭୂମି କାରଣ୍ଡ ବିଶ୍ୟାତ ତୋଷ କରେ ସର୍ବ ମନ, ପଦ୍ମିନୀ ପ୍ରକାଶ ପରି ସ୍ୱମାର ମଳିନ । ଉପେ. ପ୍ରେମସୁଧାନିଧି ।)
Malina
(ମଳିନା—ସ୍ତ୍ରୀ)

**ମଳିନତା(ତ୍ୱ)**—ସଂ. ବି (ମଳିନ+ତା, ତ୍ୱ)—ମାଳିନ୍ୟ; ମ୍ଳାନତା—Filthiness; paleness.
Malinatā(twa)

**ମଳିନ ବଦନ**—ସଂ. ବି. ( କର୍ମଧା )—୧ । ମ୍ଳାନ ମୁଖ—1. Pale face; sad face. ୨ । କୃଷ୍ଣ ମୁଖ—2. Black face. ୩ । ମଳ ଯୁକ୍ତ ମୁଖ—3. Unclean or filthy face. ୪ । (ବହୁବ୍ରୀହି)ବାନର; ଘୋଡ଼ାମୁହାଁ ବାନର—4. The black-faced monkey. ୫ । ପ୍ରେତ—5. Goblin; ghost. ୬ । ଅଗ୍ନି—6. Fire. ୭ । ବଳଦର ଲାଙ୍ଗୁଡ଼—7. The tail of a bullock. ସଂ. ବିଣ. ପୁଂ ( ବହୁବ୍ରୀହି )—୧ । ମ୍ଳାନମୁଖଯୁକ୍ତ—1. Pale-faced. ୨ । କୃଷ୍ଣ ମୁଖ ଯୁକ୍ତ—2. Black-faced. ୩ । ଯାହାର ମୁଖ ମଳଯୁକ୍ତ—3. Having a dirty face. ୪ । କ୍ରୂର; ଖଳ (ହି. ଶ)—4. Wicked; wanton.
Malina badana
(ମଳିନ ମୁଖ—ଅନ୍ୟରୂପ)
ମଳିନ ବଦନା } ସ୍ତ୍ରୀ
ମଳିନ ମୁଖୀ

**ମଳିନ ବସନ**—ସଂ. ବି ( କର୍ମଧା )—ମଳିଆ ଲୁଗା—Dirty cloth.
Malina basana
(ମଳିନ ବସନା—ସ୍ତ୍ରୀ) ସଂ. ବିଣ ପୁଂ(ବହୁବ୍ରୀହି)—ମଳିନ ବସ୍ତ୍ରଧାରୀ—Wearing soiled cloth.

**ମଳିନ ବାସଃ**—ସଂ. ବି (କର୍ମଧା; ମଳିନ+ବାସସ୍)—ମଇଳା ଲୁଗା—Soiled cloth.
Malina bāsaḥ

**ମଳିନ ବାସାଃ**—ସଂ. ବିଣ. ପୁ° (ବହୁବ୍ରୀହି: ମଳିନ+ବାସସ୍; ୧ମା. ୧ବ)—ମଳିନ ବସ୍ତ୍ରଧାରୀ—Wearing a soiled cloth.
Malina bāsāḥ

**ମଳିନା**—ସଂ. ବିଣ. ସ୍ତ୍ରୀ (ମଳିନ+ଆ)—ମଳିନର ସ୍ତ୍ରୀ ଲିଙ୍ଗ—Feminine of Malina.
Malinā
ସଂ. ବି. ସ୍ତ୍ରୀ—୧ । ରଜସ୍ୱଳା ସ୍ତ୍ରୀ (ହି. ଶ)—1. Menstruated woman. ୨ । ନାଲି ଖଣ୍ଡ; ଗୁଡ଼ (ହି·ଶ)—2. Red sugar. ୩ । ଭେଙ୍ଗି ବାଇଗଣ (ହି· ଶ)—3. Solanum Nigrum.

**ମଳିନାମ୍ବୁ**—ସଂ· ବି. (କର୍ମଧା)—ମସୀ; କାଳି—Ink.
Malināmbu

**ମଳିନିମା**—ସଂ. ବି (ମଳିନ+ଭାବାର୍ଥେ. ଇମନ୍; ୧ମା. ୧ବ)—ମଳିନତା (ଦେଖ)—Malinatā (See)
Malinimā

**ମଳିନୀ**—ସଂ. ବି. ସ୍ତ୍ରୀ (ମଳ+ଇନ୍+ସ୍ତ୍ରୀ. ଈ)—ରଜସ୍ୱଳା ସ୍ତ୍ରୀ—A woman in her menses.
Malinī
(ମଳିଷ୍ଠା, ମଳୀମସୀ—ଅନ୍ୟରୂପ)

**ମଲ୍(ଲ୍ଲି) ଫୁଲ**—ଦେ. ବି—୧ । ମଲ୍ଲୀ ନାମକ ଗଛର ଫୁଲ—1. Flower of Jasmine. ୨ । (ବଣିଆ ଶବ୍ଦ) ମୁଣ୍ଡର ଜୁଡ଼ାରେ ପିନ୍ଧା ଯିବା ମଲ୍ଲି ଫୁଲ ଆକାରର ସୁନାର ବା
Mali(lli) phula
बेल फूल

बेला फुल ରୁପାର ଫୁଲ ବା ଅଳଙ୍କାର—2. Gold or silver ornaments resembling Malli flowers worn on the chignon.

ମଳିବା—ଦେ. କ୍ରି ( ସଂ. ମର୍ଦ୍ ବା ମୃଦ୍ ଧାତୁ; ପ୍ରା. ମଦ୍ଦ )—
Ma̱libā ୧ । ଚକଟିବା; ଦଳିବା; ମର୍ଦ୍ଦିବା—1. To thresh;
मला to crush. ୨ । ଘଷିବା—2. To rub. (ଉ—
रौंदना, मलना କମ୍ବୁ କଣ୍ଠୀ ବାହୁ ଭୁଜ କଣ୍ଠେ କହେ କରେ ନେତ୍ରଯୁଗ ମଳି । ରାଧାନାଥ ପାର୍ବତୀ ।) ୩ । ଚିପିବା—3, To press. ୪ । ମାଜିବା—4. To scour. (ଯଥା—ବାସନ ମଳିବା ।) ୫ । ଲୁଗାରେ ବା ହାତରେ ଲୋତକ ଯୁକ୍ତ ବା ନିଦ୍ରାଜଡ଼ିତ ଅକ୍ଷିକୁ ଦଳିବା—5 To wipe or rub off the tears or sleepiness from (the eyes).

ମଳିବା ମଚକିବା—ଦେ. କ୍ରି ( ଏକାର୍ଥ ସହଚର )—ମଳାମଳ କରିବା;
Ma̱libā machakibā ଉତ୍ତମରୂପେ ଦଳିବା—To crush.
(ମଳିବା ଚକଟିବା, ମଳିବା ମକଚିବା, ମଳିବା ଦଳିବା, ମଳିବା ମକ୍ଚିବା
दलामला मलना मसकना —ଅନ୍ୟରୂପ)

ମଳି ମୁଣ୍ଡ—ଦେ. ବି. ( ସଂ. ମଳିନ+ମୁଣ୍ଡ )—୧ । ମଳଯୁକ୍ତ ମସ୍ତକ;
Ma̱li muṇḍa ମଳମଯ଼ ମସ୍ତକ—1 Filthy head. ୨ । ମଳ-
मयला माथा ଯୁକ୍ତ କେଶ ଥିବା ମୁଣ୍ଡ—2. A head with
मैला शिर dirty hair. ୩ । (ଲକ୍ଷଣାର୍ଥ) ଅତି ଗରିବ ବ୍ୟକ୍ତି—3. (figurative) Indigent person.

ମଳି ମୁଣ୍ଡା—ଦେ. ବିଣ ପୁଂ—୧ । ଅପରିଷ୍କୃତଦେହ ( ବ୍ୟକ୍ତି )—
Ma̱li muṇḍā 1. Unclean (person); nasty or
(ମଳି ମୁଣ୍ଡିଆ—ଅନ୍ୟରୂପ) filthy. ୨ । ଅପରିଷ୍କୃତ କେଶ (ବ୍ୟକ୍ତି)
(ମଳି ମୁଣ୍ଡୀ—ସ୍ତ୍ରୀ) —2. (a person) With uncleansed
गरीब or filthy hair. ୩ । ଅତି କୃପଣ—3. Very
दुखिया miserly. ୪ । ଅତି ଗରିବ—4. Indigent.

ମଳିମ୍ଳୁଚ—ସଂ. ବି (ମଳିନ୍+ମ୍ଳୁଚ୍ ଧାତୁ=ଗମନ କରିବା+କର୍ତ୍ତୃ. ଅ)
Ma̱li mlucha ୧ । ମଳମାସ—1. Intercalary month
୨ । ଅଗ୍ନି—2. Fire. ୩ । ବାୟୁ—3. Air. ୪ । ଚୋର—4. Thief. ୫ । ପଞ୍ଚ ଯଜ୍ଞକାରୀ ଗୃହସ୍ଥ (ହ. ଶ)— 5. A householder who regularly performs the daily offerings enjoined in the sastras.

ମଳିଷ୍ଠ—ସଂ ବିଣ (ମଳ+ଇଷ୍ଠ ପ୍ରାଚୁର୍ଯ୍ୟାର୍ଥେ)—୧ । ଅତି ମଳଯୁକ୍ତ—
Ma̱lishṭha 1. Very filthy. ୨ । ଅତି ମଳିନ—
(ମଳିଷ୍ଠା—ସ୍ତ୍ରୀ) (ମଳିଷ୍ଠୀ—ସ୍ତ୍ରୀ) 2. Very pale.

ମଳୀ—ସଂ. ବିଣ. ପୁଂ—(ମଳ+ଇନ୍; ୧ମା. ୧ବ)—୧ । ମଳଯୁକ୍ତ—
Ma̱lī 1. Full of impurities; filthy; dirty.
(ମଳିନୀ—ସ୍ତ୍ରୀ) ୨ । କୃଷ୍ଣବର୍ଣ୍ଣ ବିଶିଷ୍ଟ—2. Black.

ମଳୀମସ—ସଂ. ବିଣ (ମଳ+ଯୁକ୍ତାର୍ଥେ ଈମସ;ନିପାତନ)—୧ । ମଳିନ—
Ma̱līmasa 1. Pale. ୨ । ମଳ ଦୂଷିତ—2. Filthy; dirty; befouled. ସଂ. ବି—୧ । ଲୌହ—1. Iron. ୨ । ମଳମାସ—2. Intercalary month. ୩ । ପାପ (ହ. ଶ)—3. Sin.

ମଳୀୟାନ—ସଂ. ବିଣ. ପୁଂ—(ମଳ+ପ୍ରାଚୁର୍ଯ୍ୟାର୍ଥେ ଈୟସ; ୧ମା. ୧ବ.)-
Ma̱līyān ୧ । ଅତି ବିବର୍ଣ୍ଣ—1. Very pale. ୨ । ଅତି
(ମଳୀୟସୀ—ସ୍ତ୍ରୀ) ମଳିଆ—2. Very filthy.

ମଳୁ—ଦେ. ବି—(ସଂ. ମଳ=ବାତ, ପିତ୍ତ ଓ କଫ)—୧ । ପୀଡ଼ାଗ୍ରସ୍ତ
Ma̱lu ରୋଗୀ मरीज ବ୍ୟକ୍ତି; ରୋଗୀ—1. A sick person. [ଉ—ମଳୁ ପଥ୍ୟ ଔଷଧ ନ ଖାଇଲେ ପ୍ରାୟେ, ଅମୃତ ବଚନକୁ ନ ସେବିଲେ ସ୍ୱୟେ । କୃଷ୍ଣସିଂହ.ମହାଭାରତ ଦ୍ରୋଣ ।] ୨ । ବୈଦ୍ୟଙ୍କ ଚିକିତ୍ସାଧୀନ ବ୍ୟକ୍ତି—2. A patient. [ଉ—ମଳୁ ଲୋଡ଼ୁଥିଲେ ପଇଡ଼ପାଣି, ବଇଦ ବୋଇଲେ ପି ଛୋଡ଼ାଣି । ଢଗ ।]

ମଳୁଆଣି—ପ୍ରାଦେ. (ଯାଜପୁର) ଅ—ମଳ (ଦେଖ)
Ma̱luāṇi Malā (See)

ମଳୁକ—ସଂ. ବି—(ମଳ+କୁତ୍ସିତାର୍ଥେ ଉକ)—୧ । ଉଦର; ପେଟ
Ma̱luka (ହ. ଶ)—1. Belly. ୨ । ଏକପ୍ରକାର ପଶୁ—2. A kind of beast.

ମଳୁକୁ(ଖୁ)ଟି—ଦେ. ବି—ମଳକୁଟି (ଦେଖ)
Ma̱luku(khu)ṭi Ma̱lakuṭi (See)

ମଳୁଷ—ଦେ. ବି—(ତୁଳନା କର ସଂ. ମଞ୍ଜୁ=ନୈବେଦ୍ୟର ଅବ-
Ma̱lukha ଶିଷ୍ଟାଂଶ)—୧ । ଖୁଦ ବଛା ହୋଇଥିବା ମୋଟ
गोटा चाल ଚାଉଳ—1. Whole rice from amongst
बढ़िया चावल which rice particles or broken rice have been sifted or picked out. ୨ । ଅଟାକୁ ଚାଲୁଣିରେ ଚାଲିବା ପରେ ଯେଉଁ ଚୂର୍ଣ୍ଣ ଚାଲୁଣିରେ ରହି ଯାଏ; ଚୋକଡ଼—2. Refuse of flour left after being sifted in a sieve; bran. ୩ । କୁଟା ଧାନକୁ ଚାଲୁଣିରେ ଚାଳି କୁଲାରେ ପାଛୁଡ଼ିବା ପରେ ଯେଉଁ ଗୋଟା ଚାଉଳ ଓ ତାହା ସଙ୍ଗେ ମିଶି ଗୋଟାଏ ଗୋଟାଏ ଧାନ ରହି ଯାଏ—The whole rice mixed with unhusked grains of paddy left in the winnowing fan after the fine rice is separated from them. [ଉ—ଅରୁଆ ଚାଉଳରେ ମିଶି ଥିବା ଧାନମାନଙ୍କୁ ବାଛି ଦେଲେ ଯେଉଁ ଗୋଟା ଚାଉଳମାନ ରହେ ତାହାକୁ ଅକ୍ଷତ କହନ୍ତି] ୪ । ମଣ୍ଡାପିଠା ପ୍ରଭୃତି ପାଇଁ କୁଟା ଯିବା ବତୁରା ଚାଉଳର ଚୂନାକୁ କୁଲାରେ ପାଛୁଡ଼ିଲେ ଯେଉଁ ଗଦଡ଼ ଅଂଶ ବାକି ରହି ଯାଏ, (ଏହାକୁ ଚୂନା ମଳୁଷ ମଧ୍ୟ କହନ୍ତି ।)—4. The unpowdered particles of rice which remain after winnowing the powder of moistened rice pounded for preparing Maṇḍā cake

ମଳୁଖ ମାଳ(ଳି)—ଦେ. ବି—ମଳୁଖ ଗୁଡ଼ିକୁ ସୂତାରେ ଫାସଦ୍ୱାରା
Malukha māla(li)—ଗୁନ୍ଥି ହୋଇଥିବା ମାଳ ବା ହାର—
ଗোটা চালের মালা Garland made by stringing together grains of whole rice in nooses.
[ଦ୍ର—ଏହା ଦେବପ୍ରତିମାଙ୍କୁ ଲାଗି କରାଯାଏ । ]

ମଳୁ(ଲୁ)ଳ—ଗ୍ରାଦେ.—(ଗଡ଼ଜାତ) ବି—ବସ୍ତ୍ର ବିଶେଷ—
Malu(lu)la A kind of cloth.

ମଳେଇ—ଦେ.ବି—୧ । ଗାଈର ବାଛୁରି ମରି ଗଲେ ତାକୁ ଲୁଣ ଚଟାଇ
Malei ବା ଅନ୍ୟ ଗାଈର ବାଛୁରି ଲଗାଇ ତା ଠାରୁ ଦୁଧ ଦୁହିଁବା—
1. The act of milking a cow (whose calf is dead) by making it lick salt or by engaging another calf. ୨ । ମଳେଇ ଗାଈ ( ଦେଖ )—2. Malei gāi ( See ) ୩ । ମରେଇ (ଦେଖ)—3. Marei (See). ଗ୍ରାଦେ (ଗଡ଼ଜାତ) ବି—ଗୋରୁ ମଇଁଷିଙ୍କ ଗୋବର ଓ ମୂତକୁ ବିଲରେ ସାରରୂପେ ସଞ୍ଚାଇବା ଉଦ୍ଦେଶ୍ୟରେ ଗୋରୁ ବା ମଇଁଷି ପଲକୁ ନେଇ କ୍ଷେତ୍ରସ୍ୱାମୀଙ୍କ ବିଲରେ ରାତିରେ ଗଉଡ଼ ପକାଇବା—The system of confining or stalling a herd of cattle or buffaloes in a field for the night so that their dung and urine left in the field will act as manure.
[ ଦ୍ର—ଏଥିପାଇଁ କ୍ଷେତ୍ରସ୍ୱାମୀ ଗଉଡ଼ଙ୍କୁ କିଛି ଅର୍ଥ ଦିଅନ୍ତି ।] ଗ୍ରାଦେ. (ଗଡ଼ଜାତ) ବି ଓ ବିଣ—ତଇଲା (ଦେଖ)
—Tailā (See)

ମଳେଇ—ବୈଦେ. ବି—(ଫା. ବାଲାଇ)—ସରକ; ସଘନୀକୃତ ଦୁଧସର—
Malei রাবড়ী, মালাই Milk made thick over fire; thickened cream.
मलाइ, मलाइ

ମଳେଇ ଗାଈ—ଦେ. ବି—ଯେଉଁ ଗାଈର ବାଛୁରି ମରି ଯିବାରୁ ତାକୁ
Malei gāi ଲୁଣ ଚଟିବାକୁ ଦେଇ ଅଥବା ତା ଠାରେ ଅନ୍ୟ
बिना बाछड़ेवाली गाय ଗାଈର ବାଛୁରି ଲଗାଇ ତାଠାରୁ ଦୁଧ ଦୁହାଁଯାଏ—A cow milched by making her lick salt when her calf is dead or by employing another cow's calf to suck, to induce her to give milk.

ମଳେଇବା—ଦେ. କି ( ସଂ. ମୃଦ ଧାତୁ=ମର୍ଦ୍ଦନ; ସଂ. ଦଲ. ଧାତୁ;
Maleibā ଦଳନ )—୧ । ମଳିବା କ୍ରିୟାର ଣିଜନ୍ତରୂପ—
मलान दलान 1. Causative of Malibā. ୨ । ମୃତବତ୍ସା
मलवाना ଗାଈକୁ ଲୁଣ ପ୍ରଭୃତି ଚଟିବାକୁ ଦେଇ ବା ଅନ୍ୟ ବାଛୁରି ଲଗାଇ ତା ଠାରୁ ଦୁଧ ଦୁହିଁବା—2. To milk a cow whose calf is dead, by giving her a lump of salt to lick or by engaging another calf to suck.

ମଲ୍ଲ ( ଧାତୁ )—ସ—୧ । ଧାରଣ କରିବା—1. To hold. ୨ ।
Mall (root) ପିନ୍ଧିବା—2. To wear; to put on.

ମଲ୍ଲ—ସଂ. ବି ( ମଲ୍ଲ ଧାତୁ+କର୍ତ୍ତୃ. ଅ )—୧ । ବାହୁଯୋଦ୍ଧା; ମାଲ;
Malla ପହଲୱାନ୍; ଯେ ମୁଷ୍ଟି ବା କସରତ୍ କରେ—1. A wrestler; an athlete; a boxer. ୨ । କପୋଳ; ଗଣ୍ଡସ୍ଥଳ; ଗାଲ—2. Cheek; the cheek and temple ( Apte ). ୩ । ମାଳା—3. Wreath; necklace; garland. ୪ । ପାନପାତ୍ର—4. A drinking vessel; cup (Apte). ୫ । ମଲ୍ଲଭୂ; ମାଲବାର ଦେଶ—5. The Mālabāra country. ୬ । ବର୍ଣ୍ଣସଙ୍କର ଜାତିବିଶେଷ—6 Name of a mixed caste born of an outcaste Kshatriya by a Kshatriya woman. [ ଦ୍ର—ମଲ୍ଲ ନାମକ ପ୍ରାଚୀନ ଜାତିର ନାମ ଓ ସେମାନଙ୍କ ଦେଶର ଓ ରାଜାଙ୍କର ନାମ ମହାଭାରତରେ ଉଲ୍ଲେଖ ଅଛି । ମନୁସଂହିତାରେ (୧୦।୨୨)ରେ ମଲ୍ଲ ଜାତି ବ୍ରାତ୍ୟ ବା ସଂସ୍କାରଚ୍ୟୁତ କ୍ଷତ୍ରିୟ ଥିବାର ଉଲ୍ଲେଖ ଅଛି । ପରେ ମଲ୍ଲ ଜାତି ବୌଦ୍ଧଧର୍ମ ଗ୍ରହଣ କରିଥିବା ବିଷୟ ତ୍ରିପିଟକରେ ମିଳେ । ଏମାନେ ଦ୍ୱନ୍ଦ୍ୱ ଯୁଦ୍ଧରେ ଖୁବ୍ ନିପୁଣ ଥିଲେ । ଏଥିପାଇଁ ଦ୍ୱନ୍ଦ୍ୱ ଯୁଦ୍ଧକୁ ମଲ୍ଲଯୁଦ୍ଧ କୁହା-ଯାଏ । ମଲ୍ଲମାନେ ଶସ୍ତ୍ରବୃତ୍ତି, ଦ୍ୟୂତାସକ୍ତି, ପାନାସକ୍ତି ଓ ରଜୋଗୁଣ ପ୍ରଧାନ ଥିବା ମନୁ ସ୍ମୃତି ( ୧୨।୪୫ )ରେ ଉଲ୍ଲେଖ ଅଛି । ମୂଲତାନ ( ମଲ୍ଲସ୍ଥାନ ), ମଲବାର, ମାଲବ ଆଦି ସ୍ଥାନର ନାମରୁ ସେଠାରେ ମଲ୍ଲମାନେ ପୂର୍ବେ ବାସ କରୁଥିବା ଅନୁମିତ ହୁଏ । ବ୍ରହ୍ମବୈବର୍ତ୍ତ ପୁରାଣରେ ମଲ୍ଲ ଜାତିକୁ ଲେଟପିତା ଓ ତୀବରୀମାତା ଓ ପରାଶର ସ୍ମୃତିରେ ଲୁବ୍ଧକାର ପିତା ଓ ତୈଲକାରୀ ମାତାଠାରୁ ଉତ୍ପନ୍ନ ବର୍ଣ୍ଣସଙ୍କର ଜାତି ବୋଲି ଯାଇଅଛି । ] ୭ । ନୈବେଦ୍ୟର ଅବ-ଶିଷ୍ଟାଂଶ—7. The remnant of an oblation (Apte). ୮ । ମତ୍ସ୍ୟବିଶେଷ ( ହ୍ଵ. ଶ )—8 A kind of fish. ୯ । ଭାରତବର୍ଷ ଅନ୍ତର୍ଗତ ପ୍ରାଚୀନ ଦେଶ (ହ୍ଵ. ଶ)—9. Name of an ancient country. ୧୦ । ଦୀପ ( ହ୍ଵ. ଶ )—10. Lamp. ସଂ. ବିଣ—୧ । ବଳିଷ୍ଠ—1. Strong; robust. ୨ । ଉତ୍ତମ; ଉତ୍କୃଷ୍ଟ—2. Good; excellent. ଦେ. ବି ( ସଂ.
मल काढा ବଳୟ )—୧ । ମଲ ( ଦେଖ )—1. Mala (See) ୨ । ଚନ୍ଦ୍ରାବଳୀଙ୍କ ସ୍ୱାମୀ ଗୋବର୍ଦ୍ଧନ ମଲ୍ଲ—2. Gobarddhana Malla, the husband of Chandrābali. [ ଉ—ଚଳଲେ ବଦନ ମିଳଲେ ଯାଇଁ ମଲ୍ଲ ନଗର—ଅଭିମନ୍ୟୁ ବିଦଗ୍ଧଚିନ୍ତାମଣି । ]

ମଲ୍ଲକ—ସଂ. ବି ( ମଲ୍ଲ+ସ୍ୱାର୍ଥେ. କ )—୧ । ଦୀପ ( ହ୍ଵ. ଶ )—
Mallaka 1. A lamp vessel ( Apte ). ୨ । ଦୀପରୁଖା; ଦୀପବୃକ୍ଷ ( ହ୍ଵ. ଶ )—2. A lampstand (Apte). ୩ । ନଡ଼ିଆ ସଢ଼େଇରେ ନିର୍ମିତ ପାତ୍ର ( ହ୍ଵ. ଶ )—3. A cup made out of cocoanut shell ( Apte ). ୪ । ଦାନ୍ତ ( ହ୍ଵ. ଶ )—4. Tooth.

୫ । ପାତ୍ର; ବାସନ ( ହି. ଶ )—5. Cup; utensil. ୬ । ଢକାର ସମ୍ପୁଟ ( ହି. ଶ )—6. The lid of a box or case. ୭ । ଏକପ୍ରକାର ମଲ୍ଲିଫୁଲ—7. A kind of jasmine.

ମଲ୍ଲ କ୍ରୀଡ଼ା—ସଂ. ବି—(୬ଷ୍ଠୀ ତତ୍)—୧ । ମଲ୍ଲମାନଙ୍କର କୁସ୍ତି ଖେଳ—Malla krirdā 1. Athletic feats. ୨ । ମଲ୍ଲଯୁଦ୍ଧ—2. Wrestling; boxing.

ମଲ୍ଲଜ—ସଂ. ବି (ମଲ୍ଲ=ମାଲବାର ଦେଶ+ଜନ୍ ଧାତୁ+କର୍ତ୍ତୃ. ଅ)—Mallaja କଳା ମରିଚ; ଗୋଲ ମରିଚ ( ହି. ଶବ୍ଦସାଗର )—Black pepper.

ମଲ୍ଲ ନାଗ—ସଂ. ବି (ମଲ୍ଲ=ବଳଶ୍ରୁ+ନାଗ=ହାତୀ) —୧ । ଐରାବତ; Malla nāga ଇନ୍ଦ୍ରଙ୍କ ହସ୍ତୀ—1. The elephant of Indra. ୨ । କାମସୂତ୍ର ରଚୟିତା ବାତ୍ସ୍ୟାୟନ ମୁନି—2. A name of sage Bātsyāyana ୩ । ରଣହସ୍ତୀ—3. An elephant used in war. ୪ । ପତ୍ରବାହକ—4. Letter-carrier.

ମଲ୍ଲ ବିଦ୍ୟା—ଦେ. ବି—କୁସ୍ତି ବିଦ୍ୟା; କସରତ—Malla bidyā The art of wrestling; gymnastics

ମଲ୍ଲଭୂ—ସଂ. ବି. ( ୬ଷ୍ଠୀ ତତ୍)—୧ । ରଣଭୂମି—1. Battlefield. Malla bhū (Apte). ୨ । ମଲ୍ଲମାନଙ୍କର କ୍ରୀଡ଼ାସ୍ଥଳ ବା (ମଲ୍ଲ ଭୂମି—ଅନ୍ୟରୂପ) ଅଖଡ଼ା; ବ୍ୟାୟାମଶାଳା (ହି. ଶ)—2. A place where athletes exercise wrestling; gymnasium. ୩ । ମଲ୍ଲକ୍ରୀଡ଼ାର ରଙ୍ଗଭୂମି—3. An arena for wrestling; wrestling ground. ୪ । ମାଲବାର (ଦେଖ)—4. Mālabāra (See) ୫ । ମାଲଭୂମ୍; ବଙ୍ଗର ବାଙ୍କୁଡ଼ା ଜିଲ୍ଲାର ଅନ୍ତର୍ଗତ ବିଷ୍ଣୁପୁର ଅଞ୍ଚଳ—5. A tract of country (modern Bishnupur in the district Bankurā).

ମଲ୍ଲ ଯୁଦ୍ଧ—ସଂ. ବି. (୬ଷ୍ଠୀ ତତ୍)—ଦୁଇ ଜଣ ମାଲଙ୍କ ମଧ୍ୟରେ ଲଢ଼ା-Malla juddha ଲଢ଼ି; ବାହୁ ଯୁଦ୍ଧ—A wrestling match; a boxing contest. (ଯଥା—ଏ ବାହାରେ ତ ମଲ୍ଲ ଯୁଦ୍ଧ ମୁଁ ଜାଣଇଁ, କରଇବ ପର ଦେଖ ମୋ ବାହୁ ଦୁଇ । କୃଷ୍ଣସିଂହ, ମହାଭାରତ. ବିରାଟ ।)

ମଲ୍ଲ ଯୋଦ୍ଧା—ସଂ. ବି—ଯେଉଁ ମଲ୍ଲ ଅନ୍ୟ ମଲ୍ଲ ସଙ୍ଗେ ଯୁଦ୍ଧ କରେ—Malla joddhā A wrestler; a boxer; a pugilist.

ମଲ୍ଲଶାଳା—ସଂ. ବି. (୬ଷ୍ଠୀ ତତ୍)—ମଲ୍ଲଭୂମି; ଅଖଡ଼ା (ହି. ଶ)—Mallaśālā Gymnasium.

ମଲ୍ଲା—ସଂ. ବି ସ୍ତ୍ରୀ ( ମଲ୍ଲ+ଆ )—୧ । ସ୍ତ୍ରୀ; ନାରୀ—1. A Mallā woman (Apte). ୨ । ମଲ୍ଲୀ ଫୁଲ ବିଶେଷ—2. The Arabian Jasmine (Apte). ୩ । ଦେହରେ ସୁବାସ ଚନ୍ଦନ ଓ ଲେପ ଆଦି ବୋଳିବା—3. Decorating the person with cosmetics or coloured unguents (Apte). ୪ । ଲତା ବିଶେଷ; ପତ୍ରବଲ୍ଲୀ (ହି. ଶ)—4. A kind of leafy creeper.

ମଲ୍ଲା, ମଲ୍ଲା ମଲ୍ଲାହ ବୈଦେ. ବି (ଅ. ମଲ୍ଲାହ୍=ନାବିକ)—ମଲ୍ଲା; ନୌକାବାହକ ଜାତିବିଶେଷ; ନାବିକ; ମାଝୀ—A caste of boatmen or sailors. [ ଦ୍ର—ଓଡ଼ିଶାରେ କୈବର୍ତ୍ତମାନେ ମାଛ ମାରନ୍ତି; କିନ୍ତୁ ମଲ୍ଲାମାନେ ମାଛ ମାରନ୍ତି ନାହିଁ । ମଲ୍ଲାମାନେ କେବଳ ନୌକା ବୁହାନ୍ତି । କେଉଟୁଣୀମାନେ ପିତଳ ଖଡ଼ୁ ପିନ୍ଧନ୍ତି ଓ ଗୁଣାବସଣୀ ଆଦି ପିନ୍ଧନ୍ତି ନାହିଁ । ମଲ୍ଲା-ସ୍ତ୍ରୀମାନେ ପିତଳ ଖଡ଼ୁ ପିନ୍ଧନ୍ତି ନାହିଁ ଓ ନାକରେ ଗୁଣାବସଣୀ ପିନ୍ଧନ୍ତି । ମଲ୍ଲାମାନଙ୍କର ଗୋତ୍ର ଭରଦ୍ୱାଜ ଓ ନାଗସ । ମନୁସଂହିତା ୧୦ମ ଅଧ୍ୟାୟରେ ସଙ୍କର ଜାତିମାନଙ୍କ ମଧ୍ୟରେ ମଲ୍ଲ ନାମକ ଯେଉଁ ଜାତିର ଉଲ୍ଲେଖ ଅଛି ସେ ବ୍ରାତ୍ୟ କ୍ଷତ୍ରିୟଙ୍କଠାରୁ ଉତ୍ପନ୍ନ ବୋଲି ଲେଖାଅଛି ( ୧୦।୨୨ ), । ମଲ୍ଲାମାନେ ସମ୍ଭବତଃ ଉକ୍ତ 'ମଲ୍ଲ'ଙ୍କ ବଂଶଧର ହୁଅନ୍ତି । ପଶ୍ଚାତ୍ତରେ ନୌକା ଚାଳନ ମଲ୍ଲର କର୍ମ ଥିବାରୁ 'ମଲ୍ଲ' ଶବ୍ଦରୁ ଏହି ମଲ୍ଲା ଶବ୍ଦର ଉତ୍ପତ୍ତି ହେବାର ସମ୍ଭବ । ମନୁ ୧୦।୩୪ ଅନୁସାରେ ନିଷାଦ (ମତ୍ସ୍ୟଜୀବୀ ) ପୁରୁଷ କର୍ତ୍ତୃକ ଅୟୋଗବୀ (କାଷ୍ଠ ଛେଦକ ଓ ତକ୍ଷକ) ସ୍ତ୍ରୀ ଗର୍ଭରୁ ନୌକର୍ମଜୀବୀ ମାର୍ଗବ ଓ ଦାସ ଜାତି ବା କୈବର୍ତ୍ତ ଜାତି ଉତ୍ପନ୍ନ (ମନୁ ୧୦।୪୮); କିନ୍ତୁ ମଲ୍ଲାମାନେ ମାଛ ନ ମାରିବା ଯୋଗୁଁ ସେମାନେ ମତ୍ସ୍ୟଜୀବୀ ପିତା ଔରସ ବୋଲି ବୋଲାଯାଇ ପାରୁ ନାହିଁ । କେଉଟଙ୍କ ସନ୍ତକ ଜାଲ ବୁଣା କାଠି ବା ସଡ଼ଙ୍ଗ; କିନ୍ତୁ ମଲ୍ଲାଙ୍କ ସନ୍ତକ ଡଙ୍ଗାର ମଙ୍ଗଧରୀ । ସମାଜରେ ମଲ୍ଲାମାନଙ୍କ ଆସନ କେଉଟମାନଙ୍କ ଅପେକ୍ଷା ଉଚ୍ଚ ଥିବାର ଦେଖାଯାଏ ଓ ମଧ୍ୟ ଶ୍ରେଣୀର ବ୍ରାହ୍ମଣମାନେ ମଲ୍ଲାଙ୍କର ପୁରୋହିତ ଓ ମନ୍ତ୍ରଗୁରୁ ଥିବାର ଦେଖାଯାଏ; କିନ୍ତୁ କେଉଟଙ୍କ ମନ୍ତ୍ରଗୁରୁ କେଉଟ ଜାତୀୟ ବୈଷ୍ଣବ ଓ ପୁରୋହିତ ମଢ଼ିଆ ପଣ୍ଡା ଶ୍ରେଣୀର ବ୍ରାହ୍ମଣ ଅଟନ୍ତି । ଜଗନ୍ନାଥ, ଲିଙ୍ଗରାଜ ଓ ସାକ୍ଷୀଗୋପାଳ ଆଦିଙ୍କ ଚନ୍ଦନ ଯାତ୍ରାରେ ସନନ୍ଦଦ୍ୱାରା ଚାପ ବୁହାଇବା ଅଧିକାର ମଲ୍ଲାମାନଙ୍କର ଅଛି; କିନ୍ତୁ କେଉଟମାନଙ୍କର ଏପରି ସନନ୍ଦ ନାହିଁ । ଜଗନ୍ନାଥଙ୍କ ମନ୍ଦିରର ବାଇଶି ପାହାଚରେ ଯେଉଁ ପାହାଚଟି (ଷଷ୍ଠ ବା ୫ର୍ଥ) ମାକଡ଼ା ପଥରରେ ତିଆରି ସେ ପାହାଚରେ ମଲ୍ଲାମାନଙ୍କର ମୌଳିକ ଅଧିକାର ଥିବାର ଦେଖାଯାଏ । ପୁରୀ ଗୁଣ୍ଡିଚା ଘର ପାଖେ 'ମଲ୍ଲେଇମଠ' ନାମରେ ଗୋଟିଏ ମଠ ଏମାନଙ୍କର ଅଛି ଓ ସେଥିରେ ଥିବା ମଲ୍ଲା ଜାତିର ବୈଷ୍ଣବଙ୍କ ପାଇଁ ପୂର୍ବେ ଜଗନ୍ନାଥ ମନ୍ଦିରରୁ ଅବଢ଼ା ଖଞ୍ଜାଥିଲା ବୋଲି ବୃଦ୍ଧମାନେ କହନ୍ତି । ]

ମଲ୍ଲାର—ସଂ. ବି ( ମଲ୍ଲ+ଋ ଧାତୁ=ଗମନ କରିବା+କର୍ତ୍ତୃ ଅ;+ Mallāra ଈ)—ସଙ୍ଗୀତର ରାଗ ବିଶେଷ—A musical-air. [ଦ୍ର—କେହି କେହି ସଙ୍ଗୀତାଚାର୍ଯ୍ୟ ଏହାକୁ ସଙ୍ଗୀତର ପ୍ରଧାନ ୬ ରାଗ ମଧ୍ୟରୁ ଗୋଟିଏ ଓ କେହି କେହି ଏହାକୁ

ହିନ୍ଦୋଳ ବା ମେଘ ବା ବସନ୍ତରାଗର ରାଗିଣୀ ବୋଲି କହି ଅଛନ୍ତି । ଏହା ବର୍ଷା ଋତୁରେ ରାତିର ୨ୟ ପ୍ରହରରେ ଗେୟ । ବେଲାବଳୀ, ପୂରବୀ, କାନଡ଼ୀ, ମାଧବୀ, କୋଡ଼ା, କୋଦରିକାଙ୍କୁ ଏଥିର ରାଗିଣୀ ବୋଲି କେହି କେହି କହିଅଛନ୍ତି । କେହି କେହି ଏହାକୁ ମେଘ ରାଗର ପୁତ୍ର ବୋଲି କହିଅଛନ୍ତି; (ହି.ଶ) । ରାଗ ଶବ୍ଦେ ଟୀକା ଦେଖ ।]

ଦେ. ବି—ଦେଶ ବିଶେଷ—The name of a country (in ancient India). ( ଯଥା—ମଲ୍ଲାରେ ମଲ୍ଲରସମ ଦେଖିଲେ ସୁନ୍ଦରୀ । ଉପେ. ପ୍ରେମସୁଧାନିଧି । )

ମଲ୍ଲାରୀ——ସଂ. ବି—( ମଲ୍ଲାର+ଈ )—୧ । ମଲ୍ଲାର ରାଗ—1. Mallārī Name of an air in music. ୨ । ବସନ୍ତ ରାଗର ଓ ମତାନ୍ତରରେ ମେଘ ରାଗର ରାଗିଣୀ ବିଶେଷ (ହି ଶ 2. Name of a secondary musical air.

ମଲ୍ଲି(ଲ୍ଲୀ)—ସଂ. ବି—(ମଲ୍ଲ ଧାତୁ=ଧାରଣ କରିବା+କର୍ମ. ଇ, ଈ)—Malli(llī) ମଲ୍ଲିକା (ଦେଖ)—Mallikā (See)

ଦେ. ବି. ସ୍ତ୍ରୀ—ସ୍ତ୍ରୀଲୋକଙ୍କ ନାମ—A name given to females.

ମଲ୍ଲିକ—ସଂ. ବି—( ମଲ୍ଲି+ସ୍ୱାର୍ଥେ କ )—୧ । ଧୂସର ବା କୃଷ୍ଣ ଚରଣ Mallika ଓ ଚଞ୍ଚୁଯୁକ୍ତ ହଂସ ବିଶେଷ—1. A grey swan (ମଲ୍ଲିକା—ସ୍ତ୍ରୀ) with brown or black legs and bill. ୨ । ମାଘ ମାସ (ହି.ଶ) 2. The month of Māgha.

ବୈଦେ.ବି.—(ଫା. ମଲିକ୍=ଭୃତ୍ୟ,କ୍ରୀତଦାସ,ଫା. ମଲିକ=ବାଦସାହା; ସ.ମଲକ=ରାଜା)—୧ । ମୁସଲମାନ୍ ବାଦସାହାଙ୍କ ପ୍ରଦତ୍ତ ସମ୍ମାନସୂଚକ ଉପାଧି ବିଶେଷ—1. A title bestowed by Mahomedan emperors. ୨ । ବଙ୍ଗଦେଶର ବଂଶୋପାଧି ବିଶେଷ—2. A family title in Bengal. ୩ । ଶାସନ ଓ ସମାଜ ବିଷୟ ବୁଝିବା ପାଇଁ ଉକ୍ତ ଉକ୍ତ ଗ୍ରାମରୁ ବା ସମାଜରୁ ପ୍ରଜାଙ୍କଦ୍ୱାରା ନିର୍ବାଚିତ ପଞ୍ଚାୟତ ସଭାର ମେମ୍ବର; ଗାଁର ମୁରବି—3. The member or the headman of a society or of a village.

ମଲ୍ଲିକା—ସଂ ବି—(ମଲ୍ଲି+ସ୍ୱାର୍ଥେ. କ+ସ୍ତ୍ରୀ. ଆ)—୧ । ଏକ ପ୍ରକାର Mallikā ମଲ୍ଲି ଫୁଲ; ଏକ ପାଖୁଡ଼ିଆ ମଲ୍ଲିଫୁଲ—1. A species of single-petalled jasmine; Jasminum Sambac; Arabian Jasmine. [ଦ୍ର—ଏହା

ସଂ. ମଲ୍ଲି, ମଲ୍ଲିକା, ମଲ୍ଲୀ, ମଦୟନ୍ତୀ, ବେଲ୍ଲୀ, ଶୀତଭୀରୁ, ଭୂପଦୀ, ମୋଦନୀ
ପ୍ରା. ଡୋଲର
ତେ. ମଲ୍ଲେଚେଟ୍ଟୁ
ମ. ରାନ ମୋଗରା
ବେଲ,বেলা,বেলী
ମୋତିୟାବେଲା, ଘୁଘୁୟମୋତିୟା

ଉଦ୍ୟାନପାଳିତ ଲଟାଳିଆ ଗୁଳ୍ମ । ୨ ହାତ ଉଚ୍ଚତାକୁ ବଢ଼ିବା ପର୍ଯ୍ୟନ୍ତ ଏଗୁଲ୍ମ ସିଧା ଠିଆ ହୋଇ ବଢ଼େ; ଦୁଇ ହାତରୁ ବେଶି ଉଚ୍ଚ ହେଲେ ଶୋଇ ପଡ଼ି ଭୂମିରେ ଲଟାଏ । ଏହାର ଫୁଲ ଧଳା ଓ ସୁଗନ୍ଧ । ଫୁଲର ପାଖୁଡ଼ାଭେଦରେ ଏକ ପରସ୍ତିଆ (ସଂ. ଏକ ଦଳ), ଦୋପରସ୍ତିଆ, (ସଂ. ବହୁ ଦଳ) ଓ ବହୁ ପରସ୍ତିଆ (ସଂ. ଶତଦଳ ମଲ୍ଲିକା, ବ. ମୋତିୟା ବେଲ, ଓଡ଼ିଆ ମୁଗୁରା ମଲ୍ଲି) ମଲ୍ଲିଫୁଲ ବୋଲା ଯାଏ । ଏକ ପରସ୍ତିଆ ବା ଦୋପରସ୍ତିଆ ମଲ୍ଲୀ ଫୁଲ ବଡ଼ ଓ ସାନ ଭେଦରେ ୨ ପ୍ରକାର । ଏହାର କଢ଼ମାନ ଗୋଲ ବଡ଼ ମୋତି ଭଳି ଦେଖାଯାଏ । ଏ ଫୁଲର ଡେମ୍ଫ ନଳାକାର ଓ ଉକ୍ତ ନଳରେ ସୂତା ଗଳାଇ ମାଳା କରାଯାଏ । ବଣରେ ଫୁଟିବା ଏହି ଜାତୀୟ ଫୁଲର ପାଖୁଡ଼ା ଛୋଟ ଓ ପତଳା ଓ ସରୁନଳିଆ । ସାଧାରଣତଃ ଉଦ୍ୟାନପାଳିତ ବହୁଦଳକୁ ମଲ୍ଲିକା ବୋଲା ଯାଏ । ଫୁଲ ପୁଷ୍ଟି ପରିପକ୍ୱତା ଲାଭ କରିବା ପରେ ବୃନ୍ତ ଉପରେ କଳା ବଟିକା ପରି ଦୁଇ ଫଳ ଧରେ । ବୈଦ୍ୟକ ମତରେ ଏହା ଉଷ୍ଣବୀର୍ଯ୍ୟ, ଲଘୁ, ଶୁକ୍ରବର୍ଦ୍ଧକ, ଓ ତିକ୍ତକଟୁରସ; ଏହା ବାୟୁ, ପିତ୍ତ, ମୁଖରୋଗ, ନେତ୍ର ରୋଗ, କୁଷ୍ଠ, ଅରୁଚି, ବିଷ ଓ ବ୍ରଣନାଶକ । ଫୁଲକୁ ଡାଳରୁ ଛିଣ୍ଡାଇ ଦେଲେ ନଳାକାର ଡେମ୍ଫର ମୁଣ୍ଡରୁ ଗୋଟିଏ ଖିଲ ବାହାରିଯାଏ । ଉକ୍ତ ନଳାକାର ଡେମ୍ଫକୁ ଶୋଷିଲେ ତା ମଧ୍ୟରୁ ଅଳ୍ପ ଟିକିଏ ମଧୁର ରସ ପାଟି ଭିତରକୁ ଯାଏ । ଏ ନଳାକାର ଡେମ୍ଫ ବାଟେ ସୂତା ଗଳାଇ ମାଳା ଗୁନ୍ଥିବା ସୁବିଧାଜନକ ଥିବାରୁ ଲୋକେ ଏ ଫୁଲକୁ ମାଳା କରି ପିନ୍ଧିବାକୁ ଭଲ ପାଆନ୍ତି । ଏ ଫୁଲକୁ ପିଇବା ପାଣିରେ ପକାଇଲେ ପାଣି ବାସେ । ମଲ୍ଲୀ ଫୁଲରୁ ମଧ୍ୟ ଅତର ଓ ଏସେନ୍ସ୍ ଓ ଫୁଲୁର ତେଲ ତିଆରି ହୁଏ । ]

୨ । ମୃତ୍ପାତ୍ର ବିଶେଷ—2. A kind of earthen pot. ୩ । ମତ୍ସ୍ୟ ବିଶେଷ—3. A kind of fish.

ଦେ. ବି—ସ୍ତ୍ରୀଲୋକଙ୍କ ନାମ—A name given to females.

ମଲ୍ଲିକାକ୍ଷ—ସଂ. ବି (ମଲ୍ଲିକା+ଅକ୍ଷି, ବହୁବ୍ରୀହି)—୧ । ଧୂସର ଚରଣ ଓ Mallikāksha ଚଞ୍ଚୁବିଶିଷ୍ଟ ହଂସ ବିଶେଷ—1. A swan with brown legs and beak ୨ । ଧୂସର ବର୍ଣ୍ଣ ହଂସ—2. Grey swan. ୩ । ଶ୍ୱେତ ରେଖାବିଶିଷ୍ଟ ନୟନଦ୍ୱୟଯୁକ୍ତ ଅଶ୍ୱ—3. A horse having white streaks on its eyes. ସଂ. ବିଣ. ପୁଂ—(ମଲ୍ଲିକାକ୍ଷୀ—ସ୍ତ୍ରୀ) ଯାହାର ଆଖି ଧଳା—White eyed.

ମଲ୍ଲିକାଖ୍ୟ—ସଂ. ବି (ମଲ୍ଲିକ+ଆଖ୍ୟା=ନାମ; ବହୁବ୍ରୀହି)—ଲଲ୍ହାର Mallikākhya ଚଞ୍ଚୁ ଓ ଚରଣବିଶିଷ୍ଟ ଧୂସର ବର୍ଣ୍ଣ ହଂସ—A grey swan.

ମଲ୍ଲିକାଖ୍ୟା—ସଂ. ବି. ସ୍ତ୍ରୀ (ମଲ୍ଲିକାଖ୍ୟ+ଆ)—ଏକପ୍ରକାର ଯୂଥିଫୁଲ—Mallikākhyā A kind of tiny jasmine.

ମଲ୍ଲିକା ପୁଷ୍ପ—ଦେ. ବିଣ (ବହୁବ୍ରୀହି)—ଗିରିମଲ୍ଲିକା; କୁଟଜ; ପିତାMallikā pushpa କୋରୁଆ ଗୁଳ୍ମ ଓ ଫୁଲ (ଦ୍ରବ୍ୟଗୁଣ)—Wrightea Antidysenterica ( plant and flower).

ମଲ୍ଲିକାର୍ଜ୍ଜୁନ—ସ. ବ—ଶ୍ରୀଶୈଳରେ ପ୍ରତିଷ୍ଠିତ ଶିବଲିଙ୍ଗ—
Mallikārjjuna Name of the phallic image of Śiba in Śrīśaila.

ମଲ୍ଲିଗନ୍ଧି—ସ. ବ (ମଲ୍ଲି+ଗନ୍ଧ+ଇ)—ଅଗୁରୁ ଚନ୍ଦନ—
Malligandhi An excellent species of sandal; eagle wood.

ମଲ୍ଲି ତେଲ—ଦେ. ବ—ମଲ୍ଲି ଫୁଲଦ୍ୱାରା ସୁବାସିତ ସୁଗ୍ଧି ତେଲ—
Malli tela Sesamum oil scented with Jasmine.
বেলতেল बेलाकातेल

ମଲ୍ଲିନାଥ—ସ. ବ. ନାମ—୧। ବିଖ୍ୟାତ ସଂସ୍କୃତ ପଣ୍ଡିତ ଓ ଟୀକାକାର—
Mallinātha 1. Name of the famous Sanscrit commentator of Kālidāsa and other poets. [ଦ୍ର—ଏ କାଳିଦାସ, ମାଘ, ଭାରବି ଓ ଶ୍ରୀହର୍ଷଙ୍କ ପ୍ରଣୀତ କାବ୍ୟମାନଙ୍କର ସହଜବୋଧ୍ୟ ଟୀକା ରଚନା କରି ସାଧାରଣଙ୍କୁ କାବ୍ୟମାନଙ୍କ ରସାସ୍ୱାଦନର ସୁବିଧା କରିଦେଇ ଚିରସ୍ମରଣୀୟ ହୋଇଅଛନ୍ତି । ଓରଙ୍ଗଲର କାକତୀୟ ବଂଶୀୟ ରାଜାମାନଙ୍କ ଆଶ୍ରୟରେ ରହି ଏ ଏହି ଟୀକାମାନ ରଚନା କରିଥିଲେ (ସୁବଳଚନ୍ଦ୍ର) । ୨ । ଜୈନମାନଙ୍କର ଊନବିଂଶ ତୀର୍ଥଂକର—2. Name of a Jaina saint.

ମଲ୍ଲିନାଥୀ ଟୀକା—ସ. ବ—ମଲ୍ଲିନାଥଙ୍କ କୃତ କାବ୍ୟମାନଙ୍କର ଟୀକା—
Mallinātha ṭikā The commentaries of Mallinātha on Kālidāsa's and other poets' works.

ମଲ୍ଲୁ—ସ. ବ (ମଲ୍ଲ୍ ଧାତୁ+କର୍ତ୍ତୃ. ଉ)—୧। ଭଲ୍ଲୁକ; ଭାଲୁ—
Mallu 1. The bear. ୨ । ମାକଡ଼ (ହ୍ରୁ. ଶ)—2. The monkey.

ମଲ୍ଲୂର—ସ. ବ—ଲୁହାର କଳଙ୍କି; ମଣ୍ଡୂର—
Mallura The rust of iron (Apte).

ମଲ୍ହ—ସ. ବ—ଗୋସ୍ତନ—
Malha The udder of the cow (Apte).

ମଲ୍ହାର—ସ. ବ—ସଙ୍ଗୀତର ରାଗ ବିଶେଷ—Name of an air
Malhāra in music. ପ୍ରାଦେ (ଢେଙ୍କାନାଳ) ବ—ଅନାର୍ଯ୍ୟଜାତି ବିଶେଷ; ବନ୍ୟ ଯାଯାବର ଜାତି ବିଶେଷ—A non Aryan tribe found in the Dhenkānāla State.

ମୱାଜିବ୍—ବୈଦେ. ବ (ଅ. ବଚରଅ)—ମାମୁଲ; ମାମୁଲ; ନିର୍ଦ୍ଦିଷ୍ଟ
Mawājib ସମୟରେ ନିର୍ଦ୍ଦିଷ୍ଟ ମାତ୍ରାରେ ବ୍ୟକ୍ତିବିଶେଷଙ୍କୁ ମିଳିବା
मवाजिब ପଦାର୍ଥ; ଦକ୍ଷା ବସ୍ତୁ—A thing which is fixed
मामुली to be given to a person at stated times in a fixed quantity; customary gift.

ମଶ୍ (ଧାତୁ)—ସ—୧। ଶବ୍ଦ କରିବା—1. To make a sound.
Maś (root) ୨। କ୍ରୁଦ୍ଧ ହେବା—2. To be angry.
୩। ଗୁଣୁଗୁଣୁ ଶବ୍ଦ କରିବା—3. To buzz; to hum.

ମଶ୍(କୁ)ଗୁଲ୍—ବୈଦେ. ବିଣ (ଫା. ମଶ୍‌ଗୁଲ)—୧। ଖୁସ୍‌ଗୁଲ; ଅତ୍ୟନ୍ତ;
Maś-ku(gu)l ବଡ଼—1. Very; much; great. ୨। କାର୍ଯ୍ୟରେ ଅତି ବ୍ୟସ୍ତ; କାର୍ଯ୍ୟରେ ଅଭିଭୂତ—Absorbed in work.
মশগুল मशगुल

ମଶଜିଦ୍(ତ)—ବୈଦେ. ବ (ଅ. ମସ୍‌ଜିଦ)—ମୁସଲମାନଙ୍କ ପ୍ରାର୍ଥନା ମନ୍ଦିର;
Maś-jid(t) মসজীদ मसजीद ମସଜିଦ—A mosque.

ମଶମଶ—ଦେ. ଅ (ଧ୍ୱନ୍ୟନୁକରଣ)—୧। ଶୁଖିଲା ପତ୍ର ଉପରେ
Maś-maś ଚାଲିଲେ ଯେଉଁ ଶବ୍ଦ ଶୁଭେ—1. Rustling
মশমশ sound; the sound made by treading
मचमच on dry leaves. ୨। ଡାଳ ପତ୍ର ଭାଙ୍ଗିବାର ଲଘୁ ଶବ୍ଦ—2. Soft sound of breaking branches. ୩। ମଚମଚ; ଜୋତା ମାଡ଼ି ଚାଲିବାର ଶବ୍ଦ—3. The sound of squeaking produced by walking briskly with tight shoes on. ୪। କାକୁଡ଼ି, ମୂଳା ଆଦି ଚୋବାଇବାର ଶବ୍ଦ—4. Mumbling sound produced by chewing cucumber, radish etc. [ଦ୍ର—ମଶ୍‌ମଶ୍‌ଠାରୁ ରଶ୍‌ରଶ୍ ଉଚ୍ଚତର ଓ ମଶମଶ ଠାରୁ ମୁଶ୍‌ମୁଶ୍ କୋମଳତର ।]

ମଶମଶ୍ ଚାଲି—ଦେ. ବ—ଦ୍ରୁତଗମନ—Walking by produ-
Maś-maś chāli cing sound; rustling brisk wal-
মশমশ করে চলা king. [ଦ୍ର—୧ମ୍ବା ରଶ୍‌ରଶ୍‌ଠାରୁ ଧୀରତର ।]
मचमच चाल

ମଶମଶିଆ—ଦେ. ବିଣ (ସ. ମଶ୍ ଧାତୁ=ଶବ୍ଦ କରିବା)—୧। ମସକା,
Maś-maśiā ଭଙ୍ଗପ୍ରବଣ; ଭଙ୍ଗୁର (ଡାଳ)—1. Fran-
মসকা, মুড়মুড়া gible; fragile. ୨। ଯାହା ସହଜରେ ଚୋବାଇ
मुरमुर, खस्ता ହୁଏ; ମୁଡ଼ୁମୁଡ଼ିଆ—2. Crumbly; crisp.

ମଶ—ସ. ବ (ମଶ୍ ଧାତୁ=ଶବ୍ଦ କରିବା+କର୍ତ୍ତୃ. ଅ)—୧। ମଶା
Maśa (ହ୍ରୁ. ଶ.)—1. Mosquito. ୨। (+ଭାବେ. ଅ) କ୍ରୋଧ (ହ୍ରୁ. ଶ.)—2. Anger. ୩। (+କର୍ମ. ଅ) ଗୁଣୁଗୁଣୁ ଶବ୍ଦ—3. Hum; humming (Apte).

ମଶକ—ସ. ବ (ମଶ୍ ଧାତୁ=ଶବ୍ଦ କରିବା+କର୍ତ୍ତୃ. ଅକ; ଲାଟିନ୍
Maśaka Musca (ମକ୍ଷା); ଇଂ. Mosquito (ମସ୍କିଟୋ); ଅ. ଓ ଫା. ମଶକ୍)—୧। ମଶା—1. Gnat; mosquito. ୨। ଚର୍ମରୋଗବିଶେଷ; ଆଞ୍ଚୁଡ଼ି—2. A kind of skin-disease; wart. ୩। (ଭୂତ. ଫା. ଏହି ଅର୍ଥରେ ମଶକ୍) ଜଳ ବହନ କରିବା ପାଇଁ ଚର୍ମମୟ ପାତ୍ର (ଶବ୍ଦ. କଳ୍ପଦ୍ରୁମ); ଭସ୍ତ୍ରୀ—3. A big leathern bag for carrying water. ୪। ଶାକଦ୍ୱୀପସ୍ଥ କ୍ଷତ୍ରିୟ ଅଧ୍ୟୁଷିତ ଦେଶବିଶେଷ (ହ୍ରୁ. ଶ)—4. Name of an ancient country inhabited by Kshatriyas. ୫। କଳ୍ପସୂତ୍ର ରଚୟିତା ଗାର୍ଗ୍ୟ ଗୋତ୍ରଜ ମୁନିବିଶେଷ (ହ୍ରୁ. ଶ.)—5. Name of a sage; the author of Kalpasūtra. ୬। ତେଲାଦି ରଖିବାର ବଡ଼ ଚର୍ମପାତ୍ର—6. Leathern oil can or cask.

ମଶକା—ଦେ. ବଣ ( ସ. ମଶ. ଧାତୁ—ଶବ୍ଦ କରିବା )—ଭଙ୍ଗପ୍ରବଣ
Maśakā ( ଗଛର ଡାଳ ); ଯାହା ଅଳ୍ପ ବଳ ପ୍ରୟୋଗରେ ଭାଙ୍ଗି
ମসকা मुरमुर ଯାଏ—Frangible ( tree or branch ).

ମଶକୁଟି(ଟୀ)—ସ. ବ—ମଶା ତଡ଼ିବାକୁ ବ୍ୟବହୃତ ଚାମର—
Maśakuṭi(ṭī) A whisk for scaring away mos-
(ମଶବାରଣ—ଅନ୍ୟରୂପ) quitoes from the body (Apte).

ମଶଣିଆ—ଦେ. ବ—ତମ୍ବାଳୁ ( ଦେଖ )—
Maśaṇiā Tambālu ( See )

ମଶନଦ୍—ବୈଦେ. ବ ( ଅ )—୧ । ସିଂହାସନ—1. Throne.
Maśanad ୨ । ବଡ଼ ତକିଆ; ଗାଦି ତକିଆ—2. A big
মসনদ मसनद bolster for leaning on while sitting.

ମଶଲା—ବୈଦେ. ବ ( ଅ. ମଶାଲା, ଫା. ମସ୍ଲା )—୧ । ମସଲା;
Maśalā ବ୍ୟଞ୍ଜନକୁ ସରସ, ସୁଗନ୍ଧ ଓ ରୁଚିକର କରିବାର ଉପ-
মসলা, মসালা କରଣ—1. Condiments; spices. ୨ । ଖିଲିପାନ,
मसाला ତେଲ ଓ ମୁଖକୁ ସୁବାସିତ କରିବାର ଉପକରଣ—
( ମଶ୍ଲା—ଅନ୍ୟରୂପ ) 2. Spices used to add scent to betel, oil and the mouth ୩ । ଔଷଧରେ ବ୍ୟବହୃତ ଚଳ ଚଳ ଉପକରଣ—3. Ingredients used in the preparation of medicine;drugs. ୪ । ପକ୍କା ଓ କୋଠା ଆଦିର ଗାନ୍ଥିଣି କରିବା ପାଇଁ ବ୍ୟବହୃତ ଚୂନ, ବାଲି ଓ ସୁରୁକି ଆଦି ମିଶ୍ରିତ ଉପକରଣ—4. Mixture of sand and lime etc used in raising pucca structures or masonry.
ପ୍ରାଦେ (ଗଞ୍ଜାମ) ବ—ତମାଖୁ ବା ଧୂଆଁପତ୍ରର ଗୁଣ୍ଡା ସହିତ ଧନିଆ ଓ ପାନମହୁରି ଆଦି ମିଶାଯାଇ ପାନ ସଙ୍ଗେ ଖିଆଯିବା ଗୁଣ୍ଡି—Tobacco powder mixed with spices and taken with betel.

ମଶଲା ମଶଲି—ଦେ. ବ ( ସହଚର )—ନାନାପ୍ରକାରର ମଶଲା—
Maśalā maśali Various kinds of spices or
মশলা মশলি मसाला उसाला condiments,

ମଶଲିବା—ବୈଦେ. କ୍ରି ( ସ. ମୃଦ ଧାତୁ; ମର୍ଦ୍ଦନ )—(କାନ) ମୋଡ଼ିବା;
Maśalibā ହାତରେ ରଗଡ଼ିବା ବା ଦଳିବା—To twist
মলা with the hands (one's ears as a
मसलना punishment); to wrench.

ମଶହରୀ—ସ ବି. ସ୍ତ୍ରୀ ( ମଶ=ମଶା+ହୃ ଧାତୁ+କର୍ତ୍ତୃ ଇ+ସ୍ତ୍ରୀ.
Maśaharī ଈ )—ମଶାରି; ମଶାଙ୍କ ଦାଉରୁ ରକ୍ଷା ପାଇବା
(ମଶକହରୀ—ଅନ୍ୟରୂପ) ପାଇଁ ବ୍ୟବହୃତ ଜାଲିକନା ନିର୍ମିତ ଚାରିଆଡ଼ ଘେରା ଘରୁଆ—Mosquito curtain.
( ଉ—ଦନେ ସୁରଭେ ମଣ୍ଡିତ ମଶହରୀ, ଜାଣି ନୋହିଲା କତ୍ତି ତମସ ହରି । ଭଞ୍ଜ. ପ୍ରେମସୁଧାନିଧି । )

ମଶା—ଦେ. ବ ( ସ.ମଶ, ମଶକ )—୧ । ଦ୍ୱିପକ୍ଷୀ ଷଟ୍‌ପଦୀ କୀଟବିଶେଷ
Maśā —1 Gnat; mosquito; culex.
মশা [ ବି—ଏମାନେ ମନୁଷ୍ୟ ଓ ପଶୁଆଦି ଜୀବଙ୍କ ରକ୍ତଶୋଷଣ
मशान କରନ୍ତି ଓ ଗୁଣୁ ଗୁଣୁ ଶବ୍ଦ କରନ୍ତି । ଏମାନଙ୍କର ମୁହଁରେ ଥିବା ନାହୁଡ଼ି ଅତି ସୂକ୍ଷ୍ମ ଓ ଏହି ନାହୁଡ଼ିକୁ ଜୀବମାନଙ୍କ ଲୋମକୂପରେ ଗଳାଇ ଦେଇ ସେମାନଙ୍କ ରକ୍ତ ଶୋଷନ୍ତି । ଏମାନେ ମଇଳାପାଣିରେ ଜନ୍ମନ୍ତି । ପ୍ରଥମେ ମସ୍ତକଯୁକ୍ତ କୃମି ପରି ପୋକ ( wrigglers ) ହୋଇ ପାଣିରେ ସାଲୁ-ସାଲୁ ହୁଅନ୍ତି ଓ ପରେ ପକ୍ଷ ଲାଗି ଉଡ଼ନ୍ତି । ନାନାପ୍ରକାରର ମଶା ଅଛନ୍ତି । ମଶାମାନେ ରାତିରେ ବାହାରି ଜୀବଙ୍କୁ କାମୁଡ଼ନ୍ତି । ଏମାନଙ୍କ କାମୁଡ଼ାରେ କ୍ଷତସ୍ଥାନ ଫୁଲିଯାଇ ବେଳେ ବେଳେ ବିଶେଷ ଯନ୍ତ୍ରଣା ହୁଏ । ଏକପ୍ରକାର ମଶା ( Anophyle ) ଙ୍କ ନାହୁଡ଼ିରେ ଥିବା ବିଷ ମନୁଷ୍ୟ ଦେହରେ ପ୍ରବେଶ କରି ମାଲେରିଆ, ଅମବାତ ଓ ବାତ-ଜ୍ୱରର ବୀଜ ମନୁଷ୍ୟଠାରେ ପ୍ରବେଶ କରାଏ । ଶୀତପ୍ରଧାନ ଦେଶରେ ଏମାନେ କମ୍ ଜନ୍ମନ୍ତି । ଧୂଆଁ ଦେଲେ ଏମାନେ ଧୂଆଁର ତୀବ୍ରତା ଯୋଗୁଁ ପଳାଇ ଯାଆନ୍ତି; ପୁଣି ଧୂଆଁ କମିଗଲେ ଏମାନେ ଆସନ୍ତି । ନଡ଼ିଆଗଛର ଛିପ ବା ଖୋସାର ଧୂଆଁ ଅନ୍ୟ ଧୂଆଁ ଅପେକ୍ଷା ମଶାଙ୍କୁ ବେଶି ପରିମାଣରେ ନିବାରଣ କରେ । ମଶା କାମୁଡ଼ାରୁ ରକ୍ଷା ପାଇବା ନିମନ୍ତେ ଲୋକେ ଜାଲିଯୁକ୍ତ ମଶାରି ବ୍ୟବହାର କରନ୍ତି । ମଶାମାନେ କାନପାଖରେ ଗୁଣୁ ଗୁଣୁ ଶବ୍ଦ କରିବାରୁ ଓ ମନୁଷ୍ୟଙ୍କୁ କାମୁଡ଼ିବାରୁ ଲୋକେ ଖଳ ଓ କାନଭୁହା ( ଚୁଗୁଲିଆ ) ବ୍ୟକ୍ତିଙ୍କୁ ମଶା ସଙ୍ଗେ ତୁଳନା କରନ୍ତି । ] ୨ । ମଶାପରି ଅତି କ୍ଷୁଦ୍ର ଜୀବ—2. Any small animal compared to a mosquito. ୩ । ମଶାପରି ଅତି କ୍ଷୁଦ୍ର ଓ ହାଲୁକା ପଦାର୍ଥ—3. Any tiny light thing compared to a mosquito.

ମଶା କାମୁଡ଼ା—ଦେ.ବି—ମଶକ ଦଂଶନ—The biting of mos-
Maśā kamurḍā মশারকামড় मच्छर का काटना quitoes.

ମଶାଖିଆ—ଦେ. ବି—୧ । ମଶାମରା ( ଦେଖ )—1. Maśāmarā
Maśākhiā ( See ) ୨ । ମଶକ ଦଂଶନ—2. The
মশার কামড় bite of mosquito. ୩ । ମଶକଦଂଶନ
মশার কামড়ের দাগ ଜନିତ କ୍ଷତ—3. The wound made by the bite of the mosquito.
ଦେ. ବି—ମଶକଦଂଶନ ଜନିତ—Caused by the biting of mosquitoes.

ମଶାଣ(ଣି)—ଦେ. ବ ( ସ. ଶ୍ମଶାନ )—୧ । ମୁର୍ଦ୍ଦାରଖାନା—1.
Maśāṇa(ṇi) cemetery. ୨ । ଶ୍ମଶାନ; ଶବଦାହସ୍ଥାନ—
ସ. ନାମ—ଶ୍ମଶାନ, ପିତୃବନ, 2. Crematory. ( ଉ—
ଶତାନକ, ରୁଦ୍ରାକ୍ରୀଡ଼, ଦାହସର, ଦକ୍ଷିଣ ମଶାଣ ରାଜପୁରେ
ଅନ୍ତଶଯ୍ୟା, ପିତୃକାନନ, ପିତୃଭୂମି, କଲେ ଲୋକେ ଉତ୍ସବ ।
ପ୍ରେତଭୂମି, ପରେତଭୂମି মশান मसान,मरघट ରାଧାନାଥ. ଉଷା )

ମଶାଣ(ଣି) ଚଣ୍ଡିଆ—ଦେ. ବ—ମଡ଼ାଚଣ୍ଡିଆ ( ଦେଖ )
Maśāṇa(ṇi) chaṇḍiā Marḍāchaṇḍiā ( See )

ମଶାଣ(ଣି) ଚଣ୍ଡୀ—ଦେ. ବ ( ସ. ଶ୍ମଶାନ ଚଣ୍ଡୀ )—ଶ୍ମଶାନ
Maśāṇa(ṇi) chaṇḍī ଚଣ୍ଡୀ; ଶ୍ମଶାନ ବାସିନୀ ଠାକୁରାଣୀ

ମଶାଣଚଣ୍ଡୀ ବିଶେଷ—Name of a Goddess presiding on a cremation ground.
মশাণচণ্ডী मशानोचण्डी, मशानी

**ମଶାଣ(ଣି) ପଦା**—ଦେ. ବି—ଶ୍ମଶାନ ଭୂମି—Cremation ground; cemetery ground. [ଦ୍ର—ପୂର୍ବେ ରାଜଦଣ୍ଡିତ ବ୍ୟକ୍ତିଙ୍କୁ ମଶାଣିରେ ନେଇ ଶୂଳି ଦେଉଥିଲେ ।]
Masāṇa (ṇi) padā মশাণ मरघट, मशान
(ମଶାଣ[ଣି] ଭୂଇଁ—ଅନ୍ୟରୂପ)

**ମଶାଣିଆ**—ଦେ. ବି—(ବୈଦ୍ୟକ) ତମ୍ବାଲୁ (ଦେଖ)—Tambālu (See) [ଦ୍ର—ଏହାର ଛାଲ ବାଟି ଲେପନ କଲେ ଶୋଥ, ବ୍ରଣ, ବଳା ବା ବାଗି ବସିଯାଏ ଏବଂ ସଦ୍ୟୋବ୍ରଣ ଦୁଷ୍ଟବ୍ରଣର ଦାହ ଓ ବେଦନା ନିବାରିତ ହୁଏ । ଦ୍ରବ୍ୟଗୁଣ କଳ୍ପଦ୍ରୁମ ।] ଦେ. ବିଣ. ପୁଂ—୧ । ଗାଳିବିଶେଷ (ଅର୍ଥ, ତୁ ମଶାଣିକୁ ଯା)—1. A term of abuse or curse. ୨ । ଯେ ସର୍ବଦା ଶ୍ମଶାନରେ ରହେ; ଶ୍ମଶାନବାସୀ (ପ୍ରେତ)—2. Living in the cremation ground; like a goblin frequenting the cremation ground.
Masāṇiā (ମଶାଣି ଶୁଆ—ଅନ୍ୟରୂପ)

**ମଶା ମରା**—ଦେ. ବି—୧ । ମଶାଙ୍କୁ ଘଉଡ଼ାଇବା ନିମନ୍ତେ ଧୂଆଁ ଦେବା ପାଇଁ ବ୍ୟବହୃତ ଅଟା ବା କଅଁ ବଳୁଆ—1. A plaited length of straw used for fumigation in order to drive away mosquitoes. ୨ । ମଶକନିବାରକ ଧୂପ ବା ଔଷଧ ବିଶେଷ—2. Any incense for driving away mosquitoes.
Masā marā मच्छर भगाने वाला

**ମଶାର**—ପ୍ରାଦେ. (ବାମଣ୍ଡା) ବି—ବଢ଼ି ଥିବା ନଦୀରେ ଭାତ ଫୁଟିଲା ପରି ଫୁଟୁଥିବା ପାଣି—The state of water of a swollen river resembling boiling water.
Masāra

**ମଶାରି**—ଦେ. ବି (ସ. ମଶହରୀ ବା ମଶ+ଅରି)—୧ । ମଶୁରି; ଜାଲିଆ ଲୁଗାରେ ତିଆରି ଚନ୍ଦ୍ରାତପ ବିଶେଷ—1. Mosquito curtain. ୨ । ମଶାରି ଦଉଡ଼ା (ଦେଖ) 2. Masāri daurdā (See) ୩ । ମଶାରି ଖୁଣ୍ଟ ୨ (ଦେଖ)—3. Masāri khunṭa 2 (See)
Masāri মশারী मशहरी

**ମଶାରି ଉଠା(ଠେ)ଇବା**—ଦେ. କ୍ରି—ବିଛଣାର ଚାରି ପାଖକୁ ଅବନତ କରିଥିବା ମଶାରିକୁ ଟେକିଦେବା—To lift up the sides of a mosquito curtain.
Masāri uṭhā(ṭhe)ibā মশারি তোলা मशहरी उठाना
(ମଶାରି ଟେକିବା—ଅନ୍ୟରୂପ)

**ମଶାରି କଣ୍ଟା**—ଦେ. ବି—ମଶାରିର ଦଉଡ଼ାକୁ ବାନ୍ଧି ମଶାରି ଟାଙ୍ଗିବା ପାଇଁ କାନ୍ଥରେ ମରା ଯାଇଥିବା ଲୁହା କଣ୍ଟା—Iron nails driven into walls for hanging mosquito curtain.
Masāri kanṭā মশারি কাঁটা मशहरीका काँटा

**ମଶାରି ଖଟା(ଟେ)ଇବା**—ଦେ. କ୍ରି—ବିଛଣା ଉପରେ ଚାନ୍ଦୁଆ ପରି ମଶାରିକୁ ଦଉଡ଼ିଦ୍ୱାରା ଲଟକାଇବା—To hang or ring up a mosquito curtain; to tuck the curtain.
Masāri khaṭā(ṭe)ibā মশারি খাটান, মশারি টাঙ্গা मशहरी टांगना
[ମଶାରି ଟଙ୍ଗା(ଙ୍ଗେ)ଇବା, ମଶାରି ଟାଙ୍ଗି(ଣି)ବା—ଅନ୍ୟରୂପ]

**ମଶାରି ଖୁଣ୍ଟ(ଣ୍ଟି)**—ଦେ. ବି—୧ । ଖଟପଲଙ୍କର ଚାରି କୋଣରେ ଥିବା ଯେଉଁ ଖୁଣ୍ଟମାନଙ୍କରେ ମଶାରିର କୋଣମାନ ବନ୍ଧାଯାଏ—1. Posts set at the corners of a bed-stead to hang the corners of a curtain. ୨ । ନାଆର ଛାଇର ଗୋଟିଏ ପାଖକୁ ଟେକି ଦେଇ ତା ତଳେ ଠେସଦେବା ପାଇଁ ଦେଉ ଥାଉ ଛୋଟ ବାଉଁଶର ବା କାଠର ଠିଆ ବା ଖୁଣ୍ଟି—2. A small peg or post used to support one side of the thatch over a country boat.
Masāri khunṭa(nṭi) মশারি খুঁটি मशहरी खूंटी

**ମଶାରି ଛାତ**—ଦେ. ବି—ମଶାରିର ଉପର ଅଂଶରେ ଥିବା ଚାନ୍ଦୁଆ—The cloth roof of a mosquito curtain.
Masāri chhāta মশারির ছাদ मशहरीकी छत

**ମଶାରି ଦଉଡ଼ା(ଡ଼ି, ରା, ରି)**—ଦେ. ବି—୧ । ମଶାରି ଟାଙ୍ଗିବା ପାଇଁ ମଶାରିର ଚାରି କୋଣରେ ଲାଗିଥିବା ସରୁ ଦଉଡ଼ି—1. Slender strings attached to the corners of the roof of a mosquito-curtain by means of which it is hung up by tying the strings to the pegs in the wall. ୨ । ଡଙ୍ଗାର ମଶାରି ଖୁଣ୍ଟି ହଜି ନ ଯିବ ବୋଲି ତହିଁରେ ଯେଉଁ ସୂତ, ସରୁଳ ବା ଦଉଡ଼ି ଲାଗି ଡଙ୍ଗାର ପଟା ସଙ୍ଗେ ବନ୍ଧା ଯାଇଥାଏ—2. A string attached to the thatch-supporting pegs of a country boat and which is tied to the edge of a boat so that they will not be mislaid or lost when not in use.
Masāri daurdā(rdi, rā, ri) মশারীর দড়ী मशहरीकी डोरी
[ମଶାରି ଡୋର(ରି)—ଅନ୍ୟରୂପ]

**ମଶାରି ପକା(କେ)ଇବା**—ଦେ. କ୍ରି—୧ । ମଶାରି ଖଟାଇବା—1. To tuck the curtain. ୨ । ମଶାରିର ଚାରି ପାଖର ପରଦାମାନଙ୍କୁ ବିଛଣାର ଦାଉ ସଙ୍ଗେ ସଲଗ୍ନ କରିବା—2. To let down the sides of a curtain.
Masāri pakā(ke)ibā মশারি ফেলা, মশারি নামান मशहरी गिराना

**ମଶାରି ବାଡ଼(ଡ଼ା)**—ଦେ. ବି—ମଶାରିର ଚାରି ପାଖେ ତଳକୁ ଓହଳି ଥିବା କନା ବା ପରଦା—The sides or hangings of a mosquito curtain.
Masāri bārda(rdā) মশারি বাড় मशहरी परदा

**ମଶାଲ**—ବୈଦେ. ବି—(ଅ. ମସ୍‌ଅଲ୍)—ସ୍ଥୂଳ ବର୍ତ୍ତିକା; ବଳିତା; ଆଲୋକ ଦେଖାଇବା ପାଇଁ ବ୍ୟବହୃତ ଲମ୍ବା ଗୁଡ଼ିଆ କାଠି ଯହିଁରେ ତେଲ ଦିଆଯାଇ ନିଆଁ ଲଗାଯାଏ—Torch; flambeau. [ ଉ—ତରଣୀରେ ଜାଳ ଦେଲେଣି ମଶାଲ । ରାଧାନାଥ. ଚିଲିକା ।] [ ଦ୍ର—ମଶାଲଦ୍ୱାରା ଚାରିଆଡ଼ ଆଲୋକିତ ହୁଏ କିନ୍ତୁ ତହିଁର ଠିକ୍ ତଳ ପ୍ରଦେଶରେ
Masāla মশাল मशाल

ମଶାଲର ଅଲୁଅ ପଡ଼ ପାରେ ନାହିଁ । ନ୍ୟାୟ ବସ୍ତୁରତ ବା ସ୍ୱଜା ଅବଦଙ୍କ ଦ୍ୱାରେ ଅନ୍ୟାୟ ସ୍ଥଳେ ବା ବଦ୍ୱାନ୍ ଲୋକର ପରିବାରସ୍ଥ ବ୍ୟକ୍ତି ମୂର୍ଖ ହେଲେ 'ମଶାଲ ତଳେ ଅନ୍ଧାର ନ୍ୟାୟ' ପ୍ରବଚନ ବୋଲାଯାଏ ।]

ମଶାଲ କନା—ଦେ. ବି—ଲତା କନା; କାଠିରେ ଗୁଡ଼ାଇ ମଶାଲ ତିଆର Maśāla kanā କରିବା ପାଇଁ ବ୍ୟବହୃତ ଚିରା କନା—মশাল কানী Rags used for being tied round a मशालका चिथडा stick to be used as a torch.

ମଶାଲ ଗୁଲି—ଦେ. ବି—ଜଳୁଥିବା ମଶାଲରୁ ଝଡ଼ିବା ଜଳନ୍ତା ବସ୍ତ୍ର Maśāla gula ଖଣ୍ଡମାନ—Particles of burning मशाल किचिनगारी rags detached from a burning torch.

ମଶାଲ(ଲ୍)ଚି—ବୈଦେ. ବି— (ଫା.)—୧ । ବଳୁଡ଼ିଆ; ମଶାଲ ଧରିବା Maśāla(l-)chi ବ୍ୟକ୍ତି—1. Torch bearer. ୨ । (ଭାରତ-মশালচী ବର୍ଷରେ) ସାହେବମାନଙ୍କ କୋଠିରେ ଆଲୁଅ ଆଦି मशालची ଲଗାଇବା ଚାକର—2. A servant who lights lamps in a European's bungalow (in India). ୩ । ମଶାଲଦାନି (ଦେଖ)— 3. Maśāladāni (See)

ମଶାଲଦାନି—ବୈଦେ. ବି—( ଫା. ମଶ୍ଅଲ୍‌ଦାନ୍ )—ମଶାଲରେ ତେଲ Maśāla dāni ଦିବା ତେଲ ଯେଉଁ ସରୁ ମୁହାଁ ଭାଣ୍ଡରେ ଥାଏ ଓ মশালদানী ମଶାଲର ସହିତରୁ ଟୋପା ଟୋପା କରି ତେଲ ମଶାଲରେ मशालदानी ଢାଳେ—A narrow-necked or spouted receptacle used for dropping oil on a torch.

ମଶାଲ ଦେଖା(ଖେ)ଇବା—ଦେ. କ୍ରି—ମଶାଲର ଆଲୋକଦ୍ୱାରା ବାଟ Maśāla dekhā(khe)ibā ଦେଖାଇବା—To hold up মশাল দেখান a torch to a person; to show the way मशाल दिखाना by means of a torch.

ମଶାଲ ଧରା—ଦେ. ବିଣ—ମଶାଲ ଧରିବା ବ୍ୟକ୍ତି; ବଳୁଡ଼ିଆ— Maśāla dharā মশাল ধরা Torch bearer. मशाल पकडने वाला (ମଶାଲଧାରୀ—ଅନ୍ୟରୂପ)

ମଶାଲ ଧରିବା—ଦେ. କ୍ରି—ଜଳୁଥିବା ମଶାଲକୁ ବେଣ୍ଟଦ୍ୱାରା ଟେକ Maśāla dharibā ଧରିବା—To bear a lighted মশাল ধরা मशाल धरना torch.

ମଶାଲ ନାଳୁଆ—ଦେ. ବି—ନଳାକୃତ ଯେଉଁ ସୂକ୍ଷ୍ମ ଲୌହପାତ୍ରରୁ Maśala nāluā ମଶାଲରେ ତେଲ ଢଳା ଯାଏ—A spout-মশালদান ed can for pouring oil on a lighted मशालकी नली torch.

ମଶାଲ ଲଗା(ଗେ)ଇବା—ଦେ. କ୍ରି—ମଶାଲରେ ଅଗ୍ନିଯୋଗ କରିବା; ମଶାଲକୁ ଜଳାଇବା— Maśāla lagā(ge)ibā মশাল লাগান मशाल बारना To light a torch.

ମଶାଲିଆ—ଦେ. ବି—ମଶାଲ ଧରିବା ବ୍ୟକ୍ତି; ବଳୁଡ଼ିଆ—Torch-Maśāliā মশালচী मशालची bearer.

ମଷି(ଶୀ,ଷି,ଷୀ,ସି,ସୀ)—ସ. ବି—(ମସ୍ ଧାତୁ=ଓଜନ କରିବା+କର୍ତ୍ତୃ. Maśi(śī,shi, shī;si, sī) ଇ;ଈ)—୧ । ଲେଖିବାର କାଳି— 1. Writing ink. ୨ । ବାତ୍ତିକଳା; ଦୀପକଳା; ଅଙ୍ଗାର କଳା ଆଦି ନାନା ପ୍ରକାର କଳା—2. Carbon from charcoal; lampblack etc; soot. ୩ । ଶେଫାଳିକା ବୃକ୍ଷ— 3. The stem of Śephālikā flower.

ମଶିଆ—ଦେ. ବିଣ. (ସ. ମଷି) —ମଳିଆ; ମଳଯୁକ୍ତ; ମଇଳା—Dirty; Maśiā begrimed; filthy; soiled. ଦେ. ବି—ଅଳୁ ময়লা ମୂଖ; ଅଳୁବାଡସ୍ତ; ଅଳୁର ଗଛ; ବାଢ଼ଲ୍ଲା; ଦେଶୀଅଳୁର मैला ଲତାର ଗଣ୍ଠିରେ ଫଳୁଥିବା ଗୋଲାକାର ଅଳୁ—Potato-like tubers coming out at the joints of the yam creeper.

ମଶିଆରି—ପ୍ରାଦେ (ସମ୍ବଲ) ବି—ମଏଣ (ଦେଖ) Maśiāri Maeṇa (See).

ମଶି(ଶୀ,ଷି,ଷୀ,ସି,ସୀ)କୂପିକା—ସ. ବି (ମଷି+କୂପିକା=କୁମ୍ଭ)— Maśi(śī,shi,,shī,si,sī)kūpikā ଦୁଆତଗଣ୍ଡି;ଦୁଆତ କୁମ୍ଭି— [ମଷି(ଶୀ,ଷି,ଷୀ,ସି,ସୀ)କୂପୀ—ଅନ୍ୟରୂପ] Inkpot; inkstand.

ମଶିଗୁଣ୍ଡ(ଣ୍ଡା)—ଦେ. ବି—୧ । ସୂକ୍ଷ୍ମ ଚୂର୍ଣ୍ଣ—1. Minute powder. Maśigunda(ndā) ୨ । ଯେଉଁ ଚୂନାରେ ପାଣି ପକାଇଲେ গুঁড়োকালী କାଳି ତିଆରି ହୁଏ—2. Ink-powder. ୩ଅଙ୍ଗାର स्याहीका चूरन ଚୂନା; କଳା ମୁରୁଜ—3. Powdered (ମଷିଚୂର୍ଣ୍ଣ—ସ. ରୂପ) charcoal.

ମଶି(ଶୀ) ଚହ୍ନିତ—ସ. ବିଣ (ଷଷ୍ଠୀ ତତ୍)—କାଳିର ଦାଗଯୁକ୍ତ— Maśi(śi) chihnita Marked with ink. [ମଷି(ଷୀ)ଚହ୍ନିତ, ମସି(ସୀ) ଚହ୍ନିତ—ଅନ୍ୟରୂପ]

ମଶି[ଶୀ]ଜୀବୀ—ସ. ବିଣ. ପୁଂ [ମଷି+ଜୀବ୍ ଧାତୁ+ କର୍ତ୍ତୃ. ଇନ୍; ୧ମା. Maśi(śi)jibi ୧ବ)—ଯେ ଲେଖାଲେଖି କରି ଜୀବିକା ନିର୍ବାହ ମଷି[ଷୀ]ଜୀବୀ } ମସି[ସୀ]ଜୀବୀ } ଅନ୍ୟରୂପ କରେ—Living on the earnings of his writing; following clerkship as a profession. ସ.ବି-- ୧ । ଲେଖକ; ମୋହରିର—1. A writer by profession; a scribe by profession. ୨ । [ମଷି(ଷୀ)ଜୀବନୀ—ସ୍ତ୍ରୀ] କିରାଣି—2. Clerk.

ମଶିଣ[ଣି]—ଗ୍ରା. ବିଣ—ମସୃଣ— Maśiṇa(ṇi) Smooth.

ମଶିଣା—ଦେ. ବି (ସ. ମସୃଣ)—(ମେଦିନୀପୁର ଅଞ୍ଚଳରେ ପ୍ରଚଳିତ)— Maśiṇā ଚଟେଇ; ସପ; ସୂକ୍ଷ୍ମ ବେତ୍ର ବା ସୁନ୍ଦରଦ୍ୱିଷ୍ଟ ତୃଣ মাদুর ବୋଇଥିବା ତୃଣର ଅସ୍ତରଣ ବା ପଟି—A fine rush चटाई mat; a fine matting of reed.

ମଷି[ସୁ]ଣା(ଣେ)ଇବା—ଦେ. କ୍ରି (ସ. ମସୃଣ)—( ହଳଦୀକୁ ) ମସୃଣ Maśi(śu)ṇā(ṇe)ibā ଭାବରେ ବାଟିବା—To make চিক্কনকরে বাটা (turmeric) into a smooth or fine महीनपीसना paste. [ପ୍ର—ପ୍ରଥମେ ହଳଦୀକୁ ଖଣ୍ଡି ଖଣ୍ଡି ଅ

କର ଛେଚ ଖଦଡ଼ କର ବାଟିବାକୁ ଏକେଇବା ବୋଲାଯାଏ । ପରେ ତାହାକୁ ଚକ୍କଣ କର ବାଟିବାକୁ ମଶୁଣାଇବା ବୋଲାଯାଏ । ]

ମଶି[ଶୀ] ଧାନ[ନୀ]-ସଂ. ବି (ମସି+ଧାନ=ପାତ୍ର)-ଦୁଆତ; କାଳିଘଡ଼ି—
Maśi(śī)dhāna(nī) Inkpot.
[ମସି(ସୀ)ଧାନ(ନୀ), ମଷି(ଷୀ)ଧାନ(ନୀ), ମଶି(ଶୀ,ଷି,ଷୀ,ସି,ସୀ)ମଣି—ଅବ୍ୟବୃତ୍ତ]

ମଶିନା—ଦେ. ବି—ମଶୁଣିଆ (ଦେଖ)
Maśinā Maśuniā [See].

ମଶିନିନ୍ଦିତ—ସଂ. ବିଣ —ମଶିଲାଞ୍ଛିତ (ଦେଖ)
Maśinindita Maśilāñchhita [See].

ମଶିପଣ୍ୟ—ସଂ. ବିଣ ଓ ବି (ମଶି ଅଟେ ପଣ୍ୟ ଯାହାର; ବହୁବ୍ରୀହି)—
Maśipaṇya ମଶିଜୀବୀ (ଦେଖ)—Maśijibi [See].
(ମଶିପଣ୍ୟା—ସ୍ତ୍ରୀ)

ମଶିପଥ—ସଂ. ବି (ଷଷ୍ଠୀ ତତ୍)—କଲମ—
Maśipatha Pen [Apte].

ମଶିପ୍ରସୂ—ସଂ. ବି—୧ । ମସୀଧାର; ଦୁଆତ—1. Ink-pot.
Maśi prasū ୨ । ଲେଖନୀ; କଲମ—2. Pen. ୩ । ପେନ୍ସିଲ୍—3. Pencil. ୪ । (ଆଧୁନିକ) ଫାଉଣ୍ଟେନ୍ ପେନ୍—4. Stylo pen; (modern) fountain pen.

ମଶି ବର୍ଣ୍ଣ—ସ. ବିଣ ( ବହୁବ୍ରୀହି )—ସ୍ୟାହି ପରି କାଳିଆ—
Maśi barṇṇa Black as ink; inky.

ମଶି ବିନ୍ଦୁ—ସ. ବି ( ଷଷ୍ଠୀ ତତ୍ )—ଶିଶୁମାନଙ୍କୁ କୁଦୃଷ୍ଟିର କୁଫଳରୁ
Maśi bindu ରକ୍ଷା କରିବା ପାଇଁ ସେମାନଙ୍କ ମୁଣ୍ଡରେ ଯେଉଁ କଜ୍ଜଳ ଟୋପି ଦିଆଯାଏ ( ପୃ. ସ )—Circlets or points of collyrium put on the forehead of infants to counteract the effect of evil eyes on them.

ମଶି ମଣି—ସ. ବି—୧ । ଲେଖନୀ; କଲମ—1. Pen. ୨ । ପେନ୍ସିଲ୍—
Maśimaṇi 2. Pencil.

ମଶିମୟ—ସ. ବିଣ—କାଳିମୟ; କାଳି ବୋଳା ହୋଇଥିବା—Stained
Maśimaya with ink; smeared with ink.

ମଶି ଲାଞ୍ଛିତ—ସ. ବି—୧ । (ବହୁବ୍ରୀହି; ମଶି ହୋଇଅଛି ଲାଞ୍ଛିତ ଯାହା
Maśi lāñchhita ଦ୍ୱାରା) କାଳି ଅପେକ୍ଷା ଅଧିକତର କୃଷ୍ଣବର୍ଣ୍ଣ;ଘୋର କଳା—1. Blacker than ink; very black; deep black. ୨ । ( ଷଷ୍ଠୀ ତତ୍ ) କାଳିରେ ଦାଗ ଦିଆ ଯାଇଥିବା—2. Marked with ink.

ମଶିଲିପ୍ତ—ସ. ବିଣ ( ଷଷ୍ଠୀ ତତ୍ )—କାଳି ବୋଳା ହୋଇଥିବା—
Maśilipta Smeared with ink.

ମଶୁ—ପ୍ରାଦେ ( ଗଡ଼ଜାତ ) ବି—ଏକପ୍ରକାର ଅରଣ୍ୟ ଗଛ—
Maśu A kind of wild tree.
[ ଦ୍ର—ଏଥିର ଡାଳ ଖୁବ୍ ଟାଣ, ଏଥିର କାଠ ହାଲ ବାଲୁ ପରି ଦିଶେ, ଏଥିରେ ବାଡ଼ି ହୁଏ । ]

ମଶୁଣ—ଦେ. ବିଣ ( ସ. ମସୃଣ )—ମସୃଣ—Smooth.
Maśuṇa ମସৃণ চিক্কনা

ମଶୁଣା—ଦେ. ବିଣ ( ସ. ମସୃଣୀକୃତ )—୧ । ମଶୁଣ ( ଦେଖ )—
Maśuṇā 1. Maśuṇa (See) ୨ । ମସୃଣୀକୃତ ( ହଳଦୀ ଚିକ୍କଣ ବାଟା ଲେପ ); ଚକ୍କଣ ( ହଳଦୀ ବଟା )—2. Smooth महीनपिशी हुई (turmeric paste). ଦେ. ବି—ମଶୁଣାଇବା ( ଦେଖ )—Maśuṇāibā ( See )

ମଶୁଣା(ଣେ)ଇବା—ଦେ. ବି ( ମସୃଣ )—( ହଳଦୀକୁ ) ଖୁବ୍ ଚକ୍କଣ
Maśuṇā(ṇe)ibā କରି ବାଟିବା—Pestling turmeric চিক্কন করে বাটা महीन पीसना into a smooth paste.

ମଶୁଣି—ଦେ. ବି (ସ. ମସୃଣ)—୧ । ମଶିଣା (ଦେଖ)—1. Maśiṇā
Maśuṇi ( See ) ୨ । ବାଛୁରୀ ବାନ୍ଧିବାର ଛନ ଦଉଡ଼ି—মাছুর चटाइ ডোর জাল 2. A small string for tying calves. [ ଦ୍ର—ପାଣ୍ଡୋର କଠାଉ ମଶୁଣି, ଅଣ ଭୁ ଦୁଧର ଦୁହୁଣୀ—ଜଗନ୍ନାଥ, ଭାଗବତ । ]

ମଶୁଣିଆ—ଦେ. ବି—ଗଡ଼ଜାତର ବନ୍ୟ ବୃକ୍ଷବିଶେଷ—
Maśuniā Ehretia Laevis tree ( Haines ),

ମଶୁଣି ଶିଳ—ଦେ. ବି ( ସ. ମସୃଣ+ଶିଳା )—ଯେଉଁ ଶିଳରେ ପ୍ରଥମେ
Maśuṇi śiḷa ବଟା ଯାଇଥିବା ପଦାର୍ଥକୁ ଚକଣ କରି ବଟାଯାଏ—চিক্কন বাটা শিল A pestling stone-slab on which तेजशिल roughly pestled articles are turned into fine paste.

ମଶୁନ—ସ. ବି ( ମଶ ଧାତୁ, ଶବ୍ଦ କରିବା+କର୍ତ୍ତୃ, ଉନ )—କୁକୁର—
Maśuna Dog.

ମଶୁର—ବୈଦେ. ବିଣ ( ଫା. ମଶହୁର )—୧ । ଖୁବ୍; ଅତ୍ୟନ୍ତ—
Maśur 1. Very; much. ୨ । ପ୍ରସିଦ୍ଧ; ବଦନାମ—পাঁড় 2. Notable; notorious. [ ଦ୍ର—ଏବଂ ସେ मशहूर ଜଣେ ମଶୁର ବଦ୍‌ମାସ୍ ଏବଂ ଜାଲିମବାଜ୍ ଥିବା ଜାଣିତ—ଫକୀରମୋହନ- ଛଅମାଣ ଆଠଗୁଣ୍ଠ । ]

ମଶୁରି—ଦେ. ବି (ସ. ମଶହରୀ)—ମଶାରି—Mosquito curtain.
Maśuri মশারি मसहरी

ମଷକ୍‌ଦାନା—ବୈଦେ. ବି ( ଫା. ମୁଷକ୍‌ଦାନା; ତୁଳ. ସ. ମୁଷ୍କ; ଅ.
Mashak-dānā ମିସକ୍‌ଦାନା )—କଳା କସ୍ତୁରୀ—Black কস্তুরী, মসকদানা मशकदाना musk.

ମଷ (ଧାତୁ)—ସ—୧ । ଆଘାତ କରିବା—1. To hurt; to
Mash(root) injure ( Apte ). ୨ । ହତ୍ୟା କରିବା; ବିନାଶ ଘଟାଇବା—2. To kill; to destroy ( Apte ).

ମଷା—ଦେ. ବି ( ସ. ମାଷ ବା ମାସ )—ପରିମାଣ ବିଶେଷ; ୮ ରତି
Mashā মশা মাশা ଓଜନ—A unit of weight.

ମଷାଏ—ଦେ. ବି ଓ ବିଣ ( ସ. ମାଷ )—ଏକ ମଷା ପରିମାଣ—
Mashāe One Mashā in weight.

ମଷ୍ଟିବା—ପ୍ରାଦେ. ( ସିଂହଭୂମି ) କ୍ରି ( ତୁଳ. ଏହି ଅର୍ଥରେ ବ. ମଷ୍ଟା;
Mashṭibā ସଂ ମୃଷ୍ଟ )—ଚକଟିବା ( ଦେଖ )—Chakaṭibā ( See )

ମସ୍ (ଧାତୁ)—ସ—୧ । ପରିମାଣ କରିବା; ମାପିବା—1. To
Mas (root) measure. ୨ । ତୌଳ କରିବା—2. To weigh, ୩ । ଆକାର ବଦଳାଇବା—3. To change form.

ମସ୍‌କ୍—ବୈଦେ. ବ ( ଅ )—ଅଭ୍ୟାସ—Habit.
Mas-k मश्क मसक

ମସ୍‌କରା—ବୈଦେ. ବ ( ଅ. ମସ୍ ଖରାଃ=ପରିହାସ ପ୍ରିୟ; ମସ୍‌ଖରା= ଥଟ୍ଟା )—୧ । ଥଟ୍ଟା; ପରିହାସ—1. Jesting, joking. ୨ । ବ୍ୟଙ୍ଗ୍ୟ—2. Irony; satire; buffoonery. ବୈଦେ. ବଣ ( ଅ. ମସ୍‌ଖରାହ୍=ଥଟ୍ଟୋଳି )—୧ । ଥଟ୍ଟୋଳି; ପରିହାସକାରୀ—1. Jesting; jestive. ୨ । ବ୍ୟଙ୍ଗକାରୀ—2. Ironical; sarcastic. ( ଯଥା—ଗାଁର ମସ୍କରା ଜନଙ୍କ ଲୋକମାନେ ସେମାନଙ୍କୁ ଦେଖି ଡର ମେଲନ୍ତି । (ମସ୍କରା—ଅନ୍ୟରୂପ) ଫକୀରମୋହନ ଛମାଣ ଆଠଗୁଣ୍ଠ । )
Maskarā मस्करा; ঠাট্টা मसखरी ঠাটাবাজ मसखरा

ମସ୍‌କରା କରିବା—ଦେ. କ୍ରି—ଥଟ୍ଟା କରିବା—To cut jokes; to jest. (ମସ୍କରା ମାରିବା, ମସ୍କରା ଲଗାଇବା—ଅନ୍ୟରୂପ)
Mas-karā karibā ঠাট্টাকরা, मस्कराकरा मसखरी करना

ମସ୍‌କରିଆ—ଦେ. ବଣ. ପୁଂ—ଥଟ୍ଟୋଳି—Jesting; jocular. [ ଯଥା—ଗୋପୀ ବାବୁ ଜଣେ ମସ୍କରିଆ ଭଳଆ ଲୋକ —ଫକୀରମୋହନ. ଗଳ୍ପସ୍ୱଳ୍ପ]
Mas-kariā রসিক, ঠাট্টাবাজ मसखरिया, मसखरा
( ମସକରବାଜ୍, ମସକରବାଜ, ମସ୍କରିଆ—ଅନ୍ୟରୂପ )
( ମସକରୀ, ମସକରେଇ, ମସ୍କରେଇ—ସ୍ତ୍ରୀ )

ମସକ—ଦେ. ବଣ ( ସ. ମସ୍ ଧାତୁ=ଆକାର ବଦଳାଇବା )—ମସ-ମସିଆ; ମୁସୁମୁସୁ—( a crisp edible thing ) Prodicing a very low rustling noise when chewed, on account of there being no water in it. [ ଯଥା—ଦହଡ଼ ମସକ ଚୁଡ଼ା ଭଜା । ]
Masaka মুচমুচে मुडमुडिया

ମସକା—ଦେ. ବ—ଭଙ୍ଗପ୍ରବଣ ( ଡାଳ )—Fragile.
Masakā फुसफुसा टौन टुमाक पलका

ମସଣ୍ଡ—ପ୍ରାଦେ.—(ସମ୍ବଲପୁର)—ବଣ—(ମୂଳ. ବ. ଏହି ଅର୍ଥରେ ମସ୍ତ)—ମସ୍ତ; ଅତ୍ୟନ୍ତ ବଡ଼—Very large. ପ୍ରାଦେ. ପ୍ରାଦେ. (ସମ୍ବଲପୁର) ବଣର ବଣ—ଅତ୍ୟନ୍ତ—Very much.
Masat

ମସଣି—ପ୍ରଦେ. (ବସ୍ତର) ବ—ମସିଣା—Mat.
Masani

ମସଲା—ପ୍ରାଦେ. (ବଲେଶ୍ୱର)—ବ—(ବ. ଖୁଦ୍)—୧ । ମାଛ ଧରିବା ଖୁଦ ଭଳିଆ କରିବା ନିମନ୍ତେ ମିଶ୍ରିତ ମସଲା ବଶେଷ-- (ମାଛ ମସଲା—ଅନ୍ୟରୂପ) 1. A mixture used as bait ୨ । ମାଛ ଧରିବା ପାଇଁ ବ୍ୟବହୃତ ଖୁଦ୍—2. Bait for fishes. ୩ । ମଶଲା (ଇତ୍ୟାଦି) (ଦେଖ) 3. Masalā etc (See)
Masalā

ମସଲା ପାଣି—ଦେ. ବ—ତରକାରୀରେ ବଅଯିବ ପାଇଁ ବଟା ହୋଇ ଥିବା ମସଲା ପର୍ବ—A paste of condiments mixed with water for being used in curry.
Masalā pāni মসলার জল मसालाका पानी

ମସ(ଛ)ଲିପଟ୍ଟମ—ଦେ. ବ. (ନାମ)—ପ୍ରାଚୀନ କଳିଙ୍ଗର ବନ୍ଦରବିଶେଷ
Masa(chha)li patama A seaport of ancient Kalinga.
মসলি পটম मसलिपटाम

ମସା—ଦେ. ବ—(ସ. ମାଷ) ସ୍ୱର୍ଣ୍ଣାଦିର ପରିମାଣ ବିଶେଷ ୧/୧୬ ଭରି—A standard weight of gold. [ଯଥା—୧ ଭରି=୧୦ ମସା, ୧ ମସା=୮ ରତି; ୧ ରତି=୪ ଧାନ । ]
Masā মাষা मासा

ମସାଲି—ପ୍ରାଦେ. (ବାଲେଶ୍ୱର) ବ—ନଈ ମୁହଁରୁ ଧରାଯିବା ଏକ ପ୍ରକାର ଲୁଣି ମାଛ—A species of sea fish, caught at the muoths of sea-going rivers.
Masāli

ମସି(ସୀ) (ଇତ୍ୟାଦି)—ସ. ବ—ମଷି ଇତ୍ୟାଦି (ଦେଖ)—
Masi(si) (etc) Maši etc (See)

ମସିକ—ସ. ବ—ସାପଗାତ—A serpent's hole (Apte.)
Masik a

ମସି ଗୁଣ୍ଡା—ଦେ. ବଣ—ଖଣ୍ଡ ଖଣ୍ଡ; ଛଡ ଛଡ—Bits; scraps. [ ଯଥା—ରଗଡ ଅଙ୍ଗେ ସଡଲେ ହେବ ମସି ଗୁଣ୍ଡା । ପ୍ରାଚୀ. ବ୍ରହ୍ମନିରୂପଣ ଗୀତା । ]
Masi guṇdā চুনো चुर चूर

ମସିଣା—ପ୍ରାଦେ. ( ଜୟପୁର ) ବ—ବନ୍ୟବୃକ୍ଷବିଶେଷ—A tree found in the forest. [ ଯଥା—ଏ ଗଛର (ମସାଣିଆ—ଅନ୍ୟରୂପ) ଛେଲକୁ ବାଟିଲେ ଗ୍ରାର ଅଠାଳିଆ ହୁଏ । ଏହି ବଟାକୁ କୁମ୍ଭ କରି ବୋଳିଲେ ବଥ ବାଗି ଅଦ ବସିଯାଏ । ]
Masiṇā

ମସିହ—ବୈଦେ. ବ—(ଅ. ମସୀହ୍) ଯିଶୁଖ୍ରୀଷ୍ଟ—Jesus Christ.
Masiha মসীহ मसीह

ମସିହା(ଅ)—ବୈଦେ. ବ—(ଅ. ମସୀହ; ଖ୍ରୀଷ୍ଟିୟାନଙ୍କ ଧର୍ମର ପ୍ରବର୍ତ୍ତକ ଈଶା); ଇଂ. ମେସ୍ସାୟା=ଯୀଶୁଖ୍ରୀଷ୍ଟ; ଅ. ମସୀହୀ ଖ୍ରୀଷ୍ଟ ସମ୍ବନ୍ଧୀୟ)—ଖ୍ରୀଷ୍ଟାବ୍ଦ; ଇଂରାଜୀ ସନ—A year of the Christian calendar [ ଯଥା—ବଂଶବଦାବଳୀରେ ଲେଖା ଯାଏ—ସନ ୧୩୩୨ ସାଲ ମାହେ ଜାନୁଆରୀ ୧୯୨୫ ମସିହା, ଅର୍ଥାତ୍ ଓଡ଼ିଶା ପ୍ରଚଳିତ ୧୩୩୨ ସାଲ ଓ ଖ୍ରୀଷ୍ଟାବ୍ଦ ୧୯୨୫ ସାଲ । ] ବୈଦେ. ବଣ—ଖ୍ରୀଷ୍ଟ ସମ୍ବନ୍ଧୀୟ; ଖ୍ରୀଷ୍ଟୀୟ (ବର୍ଷ)—Christian (year.)
Masihā(ā) মসিহা ईसवी. मसीहा

ମସୀନା—ସ. ବ.—(ମସ୍ ଧାତୁ=ପରିମାଣ କରିବା+କର୍ମ. ଈନ+ଆ ଅତସୀ (ଦେଖ)—Atasi (See)
Masinā

ମସୀନା ତୈଳ—ସ. ବ—୧ । ଆୟୁର୍ବେଦ ପ୍ରକ୍ରିୟାରେ ପ୍ରସ୍ତୁତ ତୈଳ-- 1. Medicinal oil prepared from linseed. [ ଯଥା—ଏହା ଅଗ୍ନି ଗୁଣ ବହୁଳ, ସ୍ନିଗ୍ଧ, ଉଷ୍ଣବୀର୍ଯ୍ୟ, କଫ ଓ ପିତ୍ତବର୍ଦ୍ଧକ, କଟୁ ବିପାକ, ଚକ୍ଷୁର ଅହିତକର, ବଳଜନକ, ମଳବର୍ଦ୍ଧକ, ମଧୁର ରସ, ଧାତୁର ପାକଦୋଷନାଶକ ଓ ଗୁରୁ । ବସ୍ତିକ୍ରିୟାରେ, ପାନ, ଅଭ୍ୟଙ୍ଗ, ନସ୍ୟ, କର୍ଣ୍ଣପୂରଣ, ଓ ଅନୁପାନରେ ବାୟୁ ଶାନ୍ତି
Masina taila

ଭଣିତ୍ର ଏବା କାର୍ଯ୍ୟବାର୍ଯ୍ୟ—ଦ୍ରବ୍ୟଗୁଣ ।] ୨ ।:ନସ୍ନନସ୍ୱ ତେଲ (ଦେଖ)—2. Linseed oil (See).

ମସୁ(ସୋ,ସୌ)ଦା(ଧା)—ବୈଦେ. ବି. (ଅ. ମୁସବଦା) (ଚଳନ୍ତି)—୧ । Masu(so, sau)dā(dhā) मसूदा मसौदा ପ୍ରସ୍ତାବ—1. Proposal. ୨ । ପରାମର୍ଶ—2 Consultation. ୩ । କୌଣସି ଲେଖାର ଚଠା—3. Draft of a deed. ୪ । ଯୁକ୍ତି—4. Reasoning; argument. ୫ । ଉପାୟ—5. Plan; resource.

ମସୁ (ସୋ,ସୌ)ଦା କାଢ଼ିବା (ବାନ୍ଧିବା)—ଦେ. କ୍ରି—କୌଣସି କାର୍ଯ୍ୟ Masu(so, sau)dā kārḍhibā (bāndhibā) ସାଧନାର୍ଥ मसूदा बाहिर करा ଉପାୟ ଉଦ୍ଭାବନ କରିବା—To find out मसौदा गांठना(बांधना) the means for fulfilment of an object.

ମସୁ(ସୋ, ସୌ)ଦା ବାଜ—ବୈଦେ. ବିଣ. (ଅ. ମୁସବଦା+ଫା. Masu(so, sau)dā bāj ପ୍ରତ୍ୟୟ ବାଜ) (ଚଳନ୍ତି)—मसूदा बाज ୧ । ଉପାୟ ଉଦ୍ଭାବନ କରିବାରେ ସମର୍ଥ—मसौदे बाज 1. Resourceful. ୨ । ଚତୁର—2. Cunning.

ମସୁବିଦା(ଧା)—ବୈଦେ. ବି (ଅ. ମସବଦା) (ଚଳନ୍ତି)—Masubidā(dhā) ଚଠା; ଖସଡ଼ା—A draft. मसुविदा मसविदा

ମସୁର—ପ୍ରାଦେ. (ମେଦିନୀପୁର) ବି—ମଶାରି—Masur Mosquito curtain.

ମସୁର ଦନ୍ତା—ଦେ. ବି—ଏକ ପ୍ରକାର ବନ୍ୟ ଗୁଳ୍ମ—Linocora Masur dantā Intermedia (Haines).

ମସୁ(ସୂ)ର—ସ. ବି ( ମସ୍ ଧାତୁ=ମାପିବା+କର୍ମ. ଉର; ଉର )—Masu(sū)ra ମୁଗ ବର ଜାତୀୟ ଲଡ଼ାଜାତ ଶସ୍ୟ—ଅ.ଂ୍ୟ ସ. ନାମ—ମାଙ୍ଗଲ୍ୟକ, Cicerles; Lentil; Lens ଗ୍ରାହୁକାଷ୍ଠକ, ମସୁରକ,ପୃଥୁବୀଜକ, Esculenta. [ଦ୍ରି—ଏହା ଶିମ୍ବାବ ଗ୍ଲଭ, କଲ୍ୟାଣବୀଜ, ବର୍ଗର କୃଷି ଜାତ ଶସ୍ୟ; ଏଥିର ଡାଲି ମସୁରକା, ମଙ୍ଗଲ୍ୟା ତେଫ୍ଟୁ ଓ ଉତ୍ତରର ଶସ୍ୟ ଅଟଇ । मसूर ଡାଲିରେ ଦୁଇଟି ମଞ୍ଜି । ଏହା मसुर(री) ଡାଲି ଗୋଲାପି ବର୍ଣ୍ଣ ଓ ପୁଷ୍ଟିକର । ମ. ଡାଳ, ମସୁରା ବୈଦ୍ୟକ ମତରେ ଏହା ମଧୁର, ତେ. ଚର ସନମଲୁ, ମିସିରପପ୍ପୁ ଶୀତଳ, ସଙ୍ଗ୍ରାହକ, କଫ ଓ ପିତ୍ତ ତା. ମିସୁର, ପୁରପୁର ନାଶକ ଓ ଜ୍ୱର ନାଶକ ।] ଫା. ବୁନୋସୁର୍ଖ ଅ. ଅଦସ ଓଡ଼ିଆ. ମସୁରି

ମସୁ(ସୂ)ରକ—ସ. ବି ( ମସୁର+କ )—୧ । ମସୁର ( ଦେଖ ) Masu(sū)raka 1. Masura ( See ) ୨ । ତକିଆ—2. A pillow (Apte).

ମସୁ(ସୂ)ର ବିଦଳା—ସ. ବି—କୃଷ୍ଣ ତିହୁଡ଼ି ( ଦେଖ ) Masu(sū)ra bidaḷā The black variety of Tihurdi (See)

ମସୁ(ସୂ)ରା—ସ. ବି—୧ । ମସୁର ଶସ୍ୟ—1. Lentil. ୨ । ବେଶ୍ୟା—Masu(sū)rā 2. A prostitute. ୩ । ମସୁରବଟାରେ ତିଆରି ବଡ଼ି (ହି.ଶ)—3. Small balls of pestled lentil dried and kept for curry.

ମସୁ(ସୋ,ସୌ)ରି—ଦେ. ବି (ନାମ)—ହିମାଳୟ ଅଞ୍ଚଳର ଏକ ସ୍ୱାସ୍ଥ୍ୟକର Masu(so, sau)ri ସ୍ଥାନର ନାମ—A sanitarium मसोरी मसोरी of that name in the Himalayas.

ମସୁରିଆ—ଦେ. ବିଣ (ସ. ମସୁର)—ମସୁର ଅନୁରୂପ ଭଙ୍ଗିଷ୍ଟ—Shaped. Masuriā like a Masura (lentil).

ମସୁରେ ଦେ. ବି—ମସୁରଗଣ ପରି ଅନୁରୂପଭଙ୍ଗିଷ୍ଟ ବସନ୍ତ ରୋଗ—मसुरिआ A kind of small pox, the pimples of which resemble grains of Masura (lentil).

ମସୁ(ସୂ)ରି—ସ.ବି. (ମସୁର+ଈ)—୧ । ବେଶ୍ୟା—1. Prostitute. Masu(sū)ri ୨ । ଭ୍ରଷ୍ଟା ସ୍ତ୍ରୀ—2. An adulteress. ୩ । ଛୋଟା-[ମସୁ(ସୂ)ରିକା—ଅନ୍ୟରୂପ] ବସନ୍ତ ରୋଗ—3. Small pox. ୪ । ମସୁର ପରି କ୍ଷୁଦ୍ର ପୀଡ଼କା ଯୁକ୍ତ ବସନ୍ତ—4. Small-pox with small postules. ୫ । କୁଟ୍ଟିନୀ—5. A procuress ୬ । ଜନ୍ତୁ ନିସୃତ୍ (ଦ୍ରବ୍ୟଗୁଣ)—6. Ipomoea Turpethum.

ମସୃଣ—ସ. ବିଣ. ( ମସ୍ ଧାତୁ=ପରିମାଣ କରିବା+କର୍ମ ଉଣ )—୧ । Masṛuṇa ସ୍ନିଗ୍ଧ;ତେଲିଆ—1. Oily; unctuous. ୨। ଚିକ୍-(ମସୃଣା-ସ୍ତ୍ରୀ) ଚକଥ 2. Glistening. ୩ । ଚିକ୍କଣ—3. Smooth. [ମସୃଣତା(ତ୍ୱ)—ବି] ୪ । କୋମଳ—4. Soft; velvety. ୫ । କର୍ଣ୍ଣମଧୁର—5. Sweet (to hear); bland. (ଉ—ସ୍ତ୍ରୋକ ଉତ୍ତ ମସୃଣ ଯେ ଝିଲିକା ବସେ । ଉତ୍ତ. କୋଟବ୍ରହ୍ମାଣ୍ଡସୁନ୍ଦରୀ । ) ୬ । ମନୋହର—6. Lovely; charming.

ମସୃଣା—ସ. ବିଣ. ସ୍ତ୍ରୀ—ମସୃଣର ସ୍ତ୍ରୀଲିଙ୍ଗ—Masṛuṇā Feminine of Masṛuṇa. ସ. ବି—ମସିନା; ଅତସି; ପେଶି—Linseed.

ମସ୍କ (ଧାତୁ)—ସ—ଗତି କରିବା—Mask (root) To go; to move.

ମସ୍କର—ସ. ବି (ମସ୍କ ଧାତୁ+କର୍ତ୍ତୃ. ଅର୍)-୧ । ବାଉଁଶ-1. Bamboo. Maskara ୨ । ବଂଶ ଯଷ୍ଟି—2. Bamboo stick. ୩ । (+ଭାବ.ଅର) ଗମନ—3.Going;motion (Apte); ୪ । (+କରଣ ଅର). ଜ୍ଞାନ—4. Knowledge (Apte).

ମସ୍କରୀ—ସ. ବି ପୁଂ (ମସ୍କର+ଇନ୍;୧ମା.୧ବ)—୧। ଭିକ୍ଷୁ;ଚତୁର୍ଥାଶ୍ରମୀ—Maskari 1. A man (Hindu) who has taken to the 4th stage of life ( begging alms ) (probably from their using bamboo sticks at that stage on account of old age) ୨ । ଚନ୍ଦ୍ର—2. The moon

ମସ୍କଲା—ଦେ. ବି (ବଣିଆ ପଦ)—ଅଳଙ୍କାରକୁ ଚିକ୍କଣ କରିବାପାଇଁ ଏକ Maskalā ପ୍ରକାର ଲୁହାର ହତିଆର—A kind of iron implement for polishing ornaments.

**ମସ୍କା**—ଦେ. ବ—ମସକା (ଦେଖ)
Maska Masakā (See).

**ମସ୍କାମସ୍କି**—ଗ୍ରାଦେ (ସମ୍ବଲପୁର) କ୍ର—[ଦୁଇ ଜଣ] ଧସ୍ତାଧସ୍ତି—
Maskāmaski Seizing each other (said of two persons).

**ମସ୍ଜ୍ (ଧାତୁ)**—ସ—୧ । ପାଣିରେ ବୁଡ଼ିବା—1 To sink in
Mas-j (root) water. ୨ । ମୁଣ୍ଡ ବୁଡ଼ାଇ ଗାଧୋଇବା—2. To take a plunge. ୩ । ପାଣିରେ ବୁଡ଼ିମରିବା—3. To be drowned.

**ମସ୍ତ**—ସ. ବ (ମସ୍. ଧାତୁ=ପରିମାଣ କରିବା+କର୍ତ୍ତ. ତ)--ମୁଣ୍ଡ-Head.
Masta ଦେ. ବଣ (ସଂ. ମସ୍ତକ)—୧ । ବିଶାଳ; ପ୍ରକାଣ୍ଡ—
मस्त 1. Gigantic. ୨ । ଅତି ବୃହତ୍; ମହତ୍—2. Very
बहुत बडा large or great; very big. ବୈଦେ. ବଣ. ପୁଂ (ମସ୍ତା—ସ୍ତ୍ରୀ) (ଅ. ମସ୍ତ; ମୂଳ. ସଂ. ମତ୍ତ)—୧ । ଉନ୍ମତ୍ତ; ମତ୍ତ;
मत्त ନିଶାରେ ଚୂର—1. Intoxicated; excited; mad-
मस्त dened. ୨ । କାମୋନ୍ମତ୍ତ—2. Maddened with lust; excited by amour. ୩ । ଗର୍ବୋନ୍ମତ୍ତ—3. Swollen with pride. ବୈଦେ· ବ·-ମତ୍ତତା—Excitement; madness; intoxication. ଦେ. କ୍ରି. ବଣ—ଅତ୍ୟନ୍ତ—Very.

**ମସ୍ତକ**—ସ. ବ (ମସ୍ ଧାତୁ+କର୍ତ୍ତ. ତ+କ)—୧ । ମୁଣ୍ଡ—1. Head.
Mastaka ୨ । ଖପୁରି—2. Skull [Apte]. ୩ । ଅଗ୍ରଭାଗ; ଶିରୋଦେଶ—3. Top; summit; peak. ୪ । ତାଳ, ନଡ଼ିଆ, ଖଜୁରି ଆଦି ଗଛର ଅଗରେ ଥିବ ଶାଖାଗୁଚ୍ଛ—4. The tuft of branches on the top of palm, cocoanut and date trees.

**ମସ୍ତକଚ୍ଛେଦନ**—ସଂ. ବ (୬ଷ୍ଠୀ ତତ୍; ମସ୍ତକ+ଛେଦନ; ସନ୍ଧିଦ୍ୱାରା ଚ୍ଛ)
Mastaka chchhedana ~ମୁଣ୍ଡକାଟ—Decapitation; cutting off of the head.

**ମସ୍ତକ ମୁଣ୍ଡନ**—ସଂ. ବ (୬ଷ୍ଠୀ ତତ୍)—ମୁଣ୍ଡ ଲଣ୍ଡା ହୋଇ କ୍ଷୌର
Mastaka mundana ହେବା—Shaving of the head.

**ମସ୍ତକମୂଲକ**—ସଂ. ବ (୬ଷ୍ଠୀ ତତ୍)—ବେକ—
Mastaka mūlaka Neck (Apte).
( ମସ୍ତ ମୂଳକ—ଅନ୍ୟରୂପ )

**ମସ୍ତକ ସ୍ନେହ**—ସଂ. ବ (୬ଷ୍ଠୀ ତତ୍)—ମସ୍ତିଷ୍କ—
Mastaka sneha The brain (Apte).

**ମସ୍ତକି(ଗି)**—ବୈଦେ. ବ [ ଅ. ମସ୍ତକୀ(ଗୀ) ]—ଭୂମଧ୍ୟସାଗର
Mastaki(gi) ଉପକୂଳବର୍ତ୍ତୀ ପ୍ରଦେଶରେ ଜନ୍ମିବା ଅମ୍ବୁଦ ବର୍ଗର
मस्तकी କ୍ଷୁଦ୍ର ବୃକ୍ଷରେ ( Pistacia Lentiscus ) ରୁ ଉତ୍ପନ୍ନ
मस्तगी ଝୁଣା ତୁଲ୍ୟ ପଦାର୍ଥ—Mastic. [ଦ୍ର—ଏହା ବାର୍ଣ୍ଣିସ୍‌ରେ (ରୁମି ମସ୍ତକ—ଅନ୍ୟରୂପ) ଓ ଔଷଧରେ ଲାଗେ । ଦନ୍ତ ରୋଗରେ ମଧ୍ୟ ଏହା ଉପକାରୀ । କେହି କେହି ଏହା ଅଭ୍ୟାସ କରି ଚୋବାନ୍ତି । ମସ୍ତକୀ ତୁଲ୍ୟ କାବୁଲ ଦେଶରୁ ଅଣାତ ପଦାର୍ଥକୁ କାବୁଲୀ ମସ୍ତକୀ Pistacia Mutica କହନ୍ତି । ]

**ମସ୍ତକେ ଧରିବା**—ଦେ· କ୍ରି—ମାନିବା; ଶିରୋଧାର୍ଯ୍ୟ କରିବା—
Mastake dharibā To obey; to bow down to (one's
माथायमओया order) (ଦ୍ର—କଣ୍ଠେ ଚନ୍ଦ୍ରବେଶ ବେଶ ଗୁରୁଆଜ୍ଞା
मस्तकपर लेना ମସ୍ତକେ ଧରି । ଗ୍ରୀଧାନାଥ. ଚିତ୍ରା । )

**ମସ୍ତ ଦାରୁ**—ସଂ. ବ—ଦେବଦାରୁ—
Masta dāru Pine (tree); Pinus Deodara.

**ମସ୍ତ ବଡ଼**—ଦେ. ବଣ—ଅତି ବୃହତ—Very big; very very
Masta barda big. (ଦ୍ର—ସେଠାରୁ ଦଶରଥ ମନ୍ତ୍ରୀମାନଙ୍କଦ୍ୱାରା
মস্তবড় ଘୋଡ଼ାଏ ମସ୍ତବଡ଼ ସଭ୍ୟ ଡକାଇଲେ । ଗୋଲକଣ୍ଠ. ଶ୍ରୀଙ୍କ
बहुत बडा ରାମାୟଣ । )

**ମସ୍ତ ବଡ଼ ଲୋକ**—ଦେ. ବ—ଧନାଢ଼୍ୟ; ଖୁବ୍ ଧନୀ—
Masta barda loka A millionaire
মস্তবড় লোক बहुतबडाआदमी

**ମସ୍ତର**—ଦେ. ବ—ପ୍ରକାର—Pattern; model. (ଯଥା—ମୋତେ
Mastara রকম, নমুনা तरह;नमुना ଏ ମସ୍ତରର ଲୁଗା ଦିଅ ।)

**ମସ୍ତରାମ୍**—ଦେ. ବ—୧ । ପାଗଳପରି କାମ କରିବା ବ୍ୟକ୍ତି—
Mastarām 1, Madcap. ୨ । ବାଉଳା—2. Mad man;
পাগল मस्तराम lunatic. ୩ । ପୁରୁଷଙ୍କ ନାମ—3. A name given to males.
[ ଦ୍ର—କଟକ ସହରରେ ମସ୍ତରାମ୍ ନାମକ ଜଣେ ସାଧୁ ମହନ୍ତଙ୍କ ନାମ ଅନୁସାରେ ଡକା ଯାଉଥିବା ଗୋଟିଏ ମଠ ଅଛି । ]

**ମସ୍ତ ଲୋକ**—ଦେ. ବ—୧ । ବଡ଼ ଲୋକ; ଧନୀ ଲୋକ—1. Rich
Masta loka man. ୨ । ପ୍ରଖ୍ୟାତ ଲୋକ—2. A cele-
মস্তলোক brated person. ୩ । ମହାପୁରୁଷ—3. A great
बडाआदमी man; a genius.

**ମସ୍ତ ହାତୀ**—ଦେ. ବ ( ଫା. ମସ୍ତ+ସ· ହସ୍ତୀ; ପ୍ରା. ହାତ୍ଥୀ )—୧ ।
Masta hāti ମତ୍ତହସ୍ତୀ; ମଦମତ୍ତ ହସ୍ତୀ—1. An elephant
मत्त हाथी in rut; an elephant infuriated through
मस्त हाथी lust. ୨ । ବଡ଼ ହାତୀ—2. A big elephant.

**ମସ୍ତ ହେବା**—ଦେ. କ୍ରି ( ଫ. ମତ୍ତ; ଅ. ମସ୍ତ )—ଚଳଚଳ ଆଚରଣଦ୍ୱାରା
Masta hebā ମତ୍ତତା ପ୍ରକାଶ କରିବା; ମାତିବା—To show
मत्त हओया excitement by conduct; to act like a
मस्त होना mad person.

**ମସ୍ତା**—ଦେ. ବ—ଉନ୍ମତ୍ତ—Maddened; excited.
Mastā मत्त मस्त ( ମସ୍ତାନ—ଅନ୍ୟରୂପ )
( ମସ୍ତୀ, ମସ୍ତାନୀ—ସ୍ତ୍ରୀ )

**ମସ୍ତାନ**—ବୈଦେ. ବଣ. ଓ ବ ପୁଂ. (ଅ. ମସ୍ତାନହ୍=ଉନ୍ମତ୍ତ ପ୍ରାୟ)—
Mastān ଈଶ୍ୱରଭକ୍ତିବିହ୍ୱଳ(ବ୍ୟକ୍ତି)—Mad in devotion to
मस्तान मस्ताना God.( ମସ୍ତାନୀ—ସ୍ତ୍ରୀ )

**ମସ୍ତାନି**—ବୈଦେ. ବ ( ଫା. ମସ୍ତାନୀ )—ମତ୍ତତା—Madness.
Mastāni मत्तता मस्तानी

ମସ୍ତି— ସ. ବି (ମସ. ଧାତୁ+ଭାବ. ତି) — ୧ । ମାପିବା—1. Measuring.
Masti ୨ । ଓଜନ କରିବା—2. Weighing. ବୈଦେ.
ମତ୍ତତା मस्ती ବି. ( ଫା. ମସ୍ତୀ )—ମତ୍ତତା—Madness.

ମସ୍ତିକ—ସ. ବି ( ମସ୍ତ+ଇକ )—ମସ୍ତକ; ମୁଣ୍ଡ—The head
Mastika ( Apte ). ଗ୍ରା. ବି—ମସ୍ତିଷ୍କ ( ଦେଖ )—
Mastishka ( See )

ମସ୍ତିଷ୍କ— ସ. ବି ( ମସ୍ ଧାତୁ=ମାପିବା+ଭାବ. ତି=ମସ୍ତି କର୍ମ୍ମ ମସ୍ତ
Mastishka ଧାତୁ=ଗମନ କରିବା+କରଣ ଅ. ନିପାତନ)—
( ମସ୍ତୁଲୁଙ୍ଗ—ଅନ୍ୟରୂପ ) ୧ । ମଗଜ; ମୁଣ୍ଡ ଭିତରେ ଥିବା ଲହୁଣି
ପରି ବସ୍ତୁ; ମଜ୍ଜା—1. Brain. ୨ । ବୁଦ୍ଧି—2 Intelligence. ୩ । ମସ୍ତିଷ୍କ ଉପରେ କ୍ରିୟା କରିବା କୌଣସି
ଔଷଧ—3. Any medicine acting upon the brain (Apte).

ମସ୍ତିଷ୍କ ଖରଚ କରିବା—ଦେ. କ୍ରି—କୌଣସି କାର୍ଯ୍ୟରେ ବୁଦ୍ଧିବୃତ୍ତିକୁ
Mastishka kharacha karibā ଶୃଙ୍ଖଳିତ କରି ଚଳାଇବା—
মাথা খরচ করা To apply one's brain to a matter.
मस्तिष्क खरच करना (ମସ୍ତିଷ୍କ ଲଗା [ଗେ]ଇବା—ଅନ୍ୟରୂପ)

ମସ୍ତିଷ୍କହୀନ—ସ. ବଣ. ପୁଂ—ନିର୍ବୁଦ୍ଧି—Unintelligent; dunce.
Mastishkahina (ମସ୍ତିଷ୍କହୀନା—ସ୍ତ୍ରୀ)

ମସ୍ତୁ—ସ. ବି ( ମସ୍ ଧାତୁ=ଆକାର ବଦଳାଇବା+କର୍ମ. ତୁ; କର୍ମ୍ମ
Mastu ମସ ଧାତୁ=ଅଚ୍ଛାଦିତ କରିବା+କର୍ତ୍ତୃ. ତୁ )—୧ । ଜଳଯୁକ୍ତ ଦଧି; ଘୋଳ ଦହି—1. Churned curd mixed
with water. ୨ । ଛେନାପାଣି ( ହି. ସ. )—
2. Whey. ୩ । ବସାଦହିର ମଣ୍ଡ ( ଦ୍ରବ୍ୟଗୁଣ )—
3. The sediment or dregs of curd. [ଦ୍ର—
দ রমাত ବସାଦହିର ଉପରେ ପଡ଼ିଥିବା ଘନ ସ୍ତରକୁ ସର ଓ ମଣ୍ଡକୁ
ମସ୍ତୁ ବୋଲାଯାଏ । ଏହା କ୍ଲମହର, ବଲ୍ୟ, ଲଘୁ, ଅଭିଲାଷଜନକ, ଦେହସ୍ଥ ସ୍ରୋତଃସମୂହର ଶୋଧନକାରକ,
ଅଚ୍ଛାଦକର, କଫଘ୍ନ, ପିପାସାନାଶକ, ବାତାପହାରକ,
ଅବୃଷ୍ୟ ଓ ତୃପ୍ତିଜନକ । ଏହା ଶୀଘ୍ର ସଞ୍ଚିତ ମଳକୁ
ବହିରେଚନ କରେ—ଦ୍ରବ୍ୟଗୁଣ । ]

ମସ୍ନଦ୍ - ବୈଦେ. ବି (ଅ ମସ୍ନଦ୍=ଗାଦି ତକିଆ)—୧ । ସିଂହାସନ
Masnad —1. Throne. ୨ । ଆଉଜି ବସିବା ପାଇଁ
মসনদ ବ୍ୟବହୃତ ତକିଆ; ଗାଦି ତକିଆ—2. A big pillow
मसनद् for leaning on while sitting.

ମସ୍ୟାଧାର—ସ ବି ( ମସୀ ଦେ. )—ଦୁଆତ—
Masyādhāra Ink-pot.

ମହ୍ (ଧାତୁ)—ସଂ—୧ । ପୂଜା କରିବା; ମାନ୍ୟ କରିବା—1. To
Mah (root) worship; to honour; to revere.
୨ । ଅଚ୍ଛାଦିତ କରିବା—2. To gladden; to
delight. ୩ । ବଢ଼ାଇବା—3. To increase;
to aggrandise.

ମହ—ସଂ. ବି ( ମହ୍ ଧାତୁ+କରଣ ଅ )—୧ । ଯଜ୍ଞ—1.
Maha Vedic sacrifice or oblation. ୨ । ତେଜଃ
—2. Lusture; radiance. ୩ । ଉତ୍ସବ—
3. Festival; festive occasion. ୪ । ସପ୍ତ
ଭୁବନ ମଧ୍ୟରୁ ଚତୁର୍ଥ ଭୁବନ—4. The 4th of the
7 worlds of the Hindus [ଦ୍ର—ଏହା
ପୃଥିବୀଠାରୁ ଉପରେ ଅବସ୍ଥିତ ୪ର୍ଥ ସ୍ୱର୍ଗ । ] ୫ ।
ମହିଷ —5. A buffalo ( Apte ). ସଂ. ବଣ—
ପୂଜ୍ୟ; ପୂଜନୀୟ—Worshippable; adorable.
ସଂ. ପୁଂ. ପ୍ରତ୍ୟୟ ( ପିତୃ ଓ ମାତୃ ଶବ୍ଦ ସଙ୍ଗେ ତାହାଙ୍କର
(ମହୀ—ସ୍ତ୍ରୀ) ପିତା ଅର୍ଥରେ ମହ ଓ ମାତା ଅର୍ଥରେ ମହୀ ପ୍ରତ୍ୟୟ
ହୁଏ; ଯଥା—ପିତାମହ, ମାତାମହ; ପିତାମହୀ, ମାତାମହୀ )
—A suffix added to the words Pitā and
Mātā. ଦେ. ବଣ ( ସଂ ମହତ୍ )—ମହତ; ମହା—
मह Great; much. ଦେ. କ୍ରି. ବଣ—ଅତ୍ୟନ୍ତ—
Very; much [ ଉ—ମହ ଉତ୍ସବ । ଛିଟକ ଫଳକ
ଅଛିତ ସତ । ଉଷ. ପ୍ରେମସୁଧାନିଧି । ]

ମହ(ହା)ଋଷି—ଗ୍ରା, ବି ( ସଂ. ମହର୍ଷି )—ମହର୍ଷି—A great sage.
Maha(hā)rushi মহর্ষি महरिषि

ମହଃ—ସଂ. ବି ( ମହ୍ ଧାତୁ+କରଣ ଅସ୍; ମହସ୍ ଶବ୍ଦ )—୧ । ଯଜ୍ଞ
Mahah —1. Vedic oblation. ୨ । ଉତ୍ସବ—
2. Festival. ୩ । ତେଜଃ—3. Radiance.

ମହଙ୍ଗୀ—ପ୍ରାଦେ ( ଜାଜପୁର ) ବି—ଦୁର୍ଭିକ୍ଷ—
Mahangi Famine.

ମହକ—ସ. ବି (ମହ. ଧାତୁ+କର୍ମ. ଅ+କ)—୧ । ମହତ୍‌ବ୍ୟକ୍ତି;
Mahaka ମହାପୁରୁଷ—1. A great man; an eminent
man. ୨ । ବିଷ୍ଣୁ—2 Bishnu. ୩ । କଚ୍ଛପ—
3. Tortoise. ଦେ. ବି (ସ. ମହକ୍କ)—୧ । ସୌରଭ;
সুবাস ସୁଗନ୍ଧ—1. Sweet smell; sweet scent. ୨ ।
महक ଦୂରବ୍ୟାପୀ ସୁଗନ୍ଧ—2. A diffused or widespread fragrance. ଦେ ବଣ—ସୁଗନ୍ଧଯୁକ୍ତ—
Sweet smelling. [ ଉ—ଚମ୍ପକ ଗଛରେ ମହକ—
ଉଠ । ]

ମହକ ଉଠିବା—ଦେ. ବି—ବାସ ଉଡ଼ିବା—
Mahaka uthibā The diffusion of sweet smell.
সুবাসওঠা महकउठना (ମହକ ହେବା—ଅନ୍ୟରୂପ)

ମହକ ଦେବା - ଦେ. କ୍ରି (ସ. ମହକ୍କ—(କୌଣସି ଦ୍ରବ୍ୟ ନିଜର)
Mahaka debā ସୁଗନ୍ଧ ବିସ୍ତାରିତ କରିବା; ବାସିବା—To
সুবাস করা spread its sweet smell; to emit its
महक देना fragrance.

ମହକ ଫଳ—ଦେ. ବି—ସୁଗନ୍ଧଯୁକ୍ତ ଫଳ—
Mahaka phala A fruit with sweet smell.
সুবাসিতফল महकिलाफल

ମହକ ଫୁଲ—ଦେ. ବି—ସୁଗନ୍ଧଯୁକ୍ତ ଫୁଲ—
Mahaka phula A sweet-scented flower.
সুবাসিতফুল महकीलाफुल

**ମହକ ବାସ**—ଦେ. ବି ( ଏକାର୍ଥକ ଶବ୍ଦଦ୍ୱୟ )—ସୁରଭିତ ଗନ୍ଧ; Mahaka bāsa ଚତୁର୍ଦ୍ଦିଗରେ ବ୍ୟାପ୍ତ ସୁବାସ; ଦିଗନ୍ତପ୍ରସାରିତ ସୁବାସ—A scent which is diffused to some distance.
सुवास सुवास; गमक; महक

**ମହକା(କେ)ଇବା**—ଦେ. କ୍ରି (ମହକିବା କ୍ରିୟାର ଣିଜନ୍ତରୂପ--Causative of Mahakibā)—୧ । ସୁବାସରେ ମୁଗ୍ଧ କରିବା—1. To charm by sweet smell. [ଉ—ହେମ ବର୍ଣ୍ଣ ସୁବାସିତ ତନୁକୁ ଚର୍ଚ୍ଚିତ, ମହକାଇ ଦେଉଥିଲା ଦର୍ଶକର ଚିତ୍ତ । ନନ୍ଦକିଶୋର. ନିର୍ଝରିଣୀ । ] ୨ । ବାସିବା—2. To smit fragrance.
Mahakā(ke)ibā
सुवासे मोहित करा
महकाना
[ମହକା(କେ)ଇଦେବା—ଅନ୍ୟରୂପ]

**ମହକି ଉଠିବା**—ଦେ. କ୍ରି—ଖୁବ୍ ସୁଗନ୍ଧଦ୍ୱାରା ସୁରଭିତ ହେବା—To be filled with sweet smell. [ମହକି ପଡ଼ିବା, ମହକି ଯିବା—ଅନ୍ୟରୂପ] (ଉ—ଫୁଟିଥିବା ବାସନାରେ ଘରଅଗଣା ମହକି ଉଠୁଛି । ଗୋଲକଣ୍ଠ ଦାଶ. ପିଲାଙ୍କ ରାମାୟଣ । ]
Mahaki uṭhibā
सुरभित हओया
महक उठना

**ମହକିବା**—ଦେ. କ୍ରି (ସଂ. ମହକ୍କ)—ବାସିବା; ବାସନା କରିବା; ବହୁଦୂରକୁ ନିଜର ସୁବାସ ପ୍ରସାରିତ କରିବା—To smell very sweetly to a distance to emit its fragrance.
Mahakibā
सुगन्ध देओया
महकना
(ସମ୍ବଲପୁର—ବସୋବସୋ)

**ମହ(ହୁ,ହୋ)କିଲ**—ବୈଦେ. ବି. (ଫା. ମୁଅକ୍କିଲ୍)—ମକ୍କେଲ; ମୁକ୍ତାର ଓକିଲଙ୍କୁ ମକଦ୍ଦମାପାଇଁ ନିଯୁକ୍ତ କରିବା ପକ୍ଷ—Client of a legal practitioner.
Maha(hu,ho)kila
मक्केल मवाक्किल

**ମହକୁପ୍(ବ୍)**—ବୈଦେ. ବିଣ (ଫା. ମୌକୁଫ୍)—ମକୁବ୍ (ଦେଖ) Makub (See).
Mahakup(b)

**ମହକୁମା**—ବୈଦେ. ବି (ଅ. ମହ୍‌କମା)—୧ । ହାକିମଙ୍କର ଅଧିଷ୍ଠିତ ସ୍ଥାନ; ଇଜ୍‌ଲାସ୍; ବିଚାରାସନ—1. A seat of justice; a seat of a public servant. (ଯଥା—କଲେକ୍ଟରୀ ମହକୁମା; ଜଜ୍ ମହକୁମା ।) ୨ । ବିଚାରାଳୟ—2. Court of justice; a tribunal. ୩ । ଇଂରେଜଶାସିତ ଜିଲ୍ଲାର ବିଭାଗ; ସବ୍‌ଡିଭିଜନ୍—3. A sub-division. [ ଦ୍ର—ଇଂରେଜ ଶାସନାଧୀନ ଗୋଟିଏ ଜିଲ୍ଲା କେତେଗୁଡ଼ିଏ ମହକୁମାରେ ବିଭକ୍ତ । ] ୪ । ସବ୍‌ଡିଭିଜନର ରାଜଧାନୀ; ଯେଉଁଠାରେ ଜଣେ ମାଜିଷ୍ଟ୍ରେଟ୍ ବା ମୁନ୍‌ସଫଙ୍କ କଚେରି ଥାଏ—4. Sub-divisional head quarters. ୫ । ହାକିମଙ୍କର ଇଲାକା ବା ଅଧିକାରଭୁକ୍ତ ଅଞ୍ଚଳ—5. The jurisdiction of a court or public officer. ୬ । ସରକାରଙ୍କ ଭିନ୍ନ ଭିନ୍ନ ଶାସନ ବିଭାଗ—6. A department of the Government.
Mahakumā
महकुमा
महकमा

**ମହକୁମା ହାକିମ**—ବୈଦେ. ବି. (ଫା) ( ଫା. ମହକମା+ହାକିମ୍ ) ( କଚେରିଆ )—୧ । ସବ୍‌ଡିଭିଜନର ମାଜିଷ୍ଟ୍ରେଟ୍—1 Sub-divisional magistrate. ୨ । ମୁନ୍‌ସଫ—2. Munsif. ୩ । କୌଣସି ସରକାରୀ ବିଭାଗର ସର୍ବୋଚ୍ଚ କର୍ମଚାରୀ—3. Departmental head.
Mahakumā hākima
মহকুমার হাকিম
महकमाका हाकिम

**ମହକୁମେ ସଦର**—ବୈଦେ. ବିଣ (ଫା) (କଚେରିଆ)—ଜିଲ୍ଲାର ସଦର ମହକୁମାର ଅନ୍ତର୍ଗତ—Within the jurisdiction of the Sadar Sub-division. [ଦ—ଏହିପରି ମହକୁମେ କେନ୍ଦ୍ରାପଡ଼ା, ମହକୁମେ ଯାଜପୁର । ସବ୍‌ଡିଭିଜନ୍‌ମାନଙ୍କ ନାମ ପୂର୍ବେ ଏ ପଦ ବ୍ୟବହୃତ ହୁଏ ।]
Mahakume sadar
মহকুমে সদর
महकमे सद्र

**ମହକ୍କ**—ସଂ. ବି ( ମହ ଧାତୁ=ଆନନ୍ଦିତ କରିବା+କର୍ତ୍ତୃ. ଅକ୍କ )—ବହୁଦୂର ପ୍ରସାରିତ ସୁଗନ୍ଧ—Wi-despread fragrance (Apte).
Mahakka

**ମହଙ୍ଗା**—ଦେ. ବିଣ. ( ସଂ. ମହାର୍ଘ )—ମହର୍ଘ; ମହାର୍ଘ—Dear in price.
Mahangā
মাগ্‌গী
मह'गा, महँगा
(ସସ୍ତା—ବିପରୀତ)
ଦେ. ବି— ୧ । ଦ୍ରବ୍ୟର ସାଧାରଣ ମୂଲ୍ୟ ଅପେକ୍ଷା ଅଧିକ ମୂଲ୍ୟ; ଚଢ଼ା ମୂଲ୍ୟ—1. High price of an article ୨ । ବଜାରରେ ପଣ୍ୟ ଦ୍ରବ୍ୟମାନଙ୍କର ମୂଲ୍ୟ ବଢ଼ିଯିବା ଅବସ୍ଥା—2. Rise in the price of commodities. ୩ । (ସଂ. ମହାଙ୍ଗ) ଏକ ପ୍ରକାର କୋଳି; ମହେଙ୍ଗା କୋଳି—3. A kind of edible berry with sour taste. [ଦ୍ର—ଏ କୋଳି ପାଚିଲେ ଖଟା ହୁଏ । ଏହାକୁ ଛଅଣରେ ପକାଇ ଅମ୍ବିଳ କରନ୍ତି ।]

**ମହଙ୍ଗିଆ**—ଦେ. ବିଣ. ପୁଂ—ମହରଗିଆ; ଯେଉଁ ଦୋକାନୀ ବଜାରର ଦର ଅପେକ୍ଷା ମହର୍ଘରେ ଜିନିଷ ବିକେ—(a shopkeeper) Selling things more dearly than the market rate.
Mahangiā
যে চড়া দামে বিক্রি করে
महङ्गिया

**ମହଜର ନାମା**—ବୈଦେ. ପ୍ରାଦେ. (ଗଞ୍ଜାମ, ଜୟପୁର) ବି (ଅ. ମହଜର=ନର ହତ୍ୟା+ଫା. ନାମାହ୍=ଲେଖ; ଯେଉଁ ଲେଖାରେ ହତ୍ୟା ଅପରାଧ ବିଷୟ ବା ପ୍ରମାଣ ଲେଖାଯାଏ)—ଦରଖାସ୍ତ—Petition.
Mahjar nāmā
महजर नामा

**ମହଜରା**—ଦେ. ବି—କରଣ ସମାଜର ବିବାହରେ ବର ଯାତ୍ରୀମାନେ ଆସି କନ୍ୟାଙ୍କ ଘରେ ପହଞ୍ଚିବା ପରେ ଉଭୟ ଦଳଙ୍କ ମଧ୍ୟରେ ନିଜ ନିଜର ମାନ, ଅଭିଜାତ୍ୟ ଆଦି ବିଷୟରେ ଯେଉଁ (ଅପ୍ରୀତିକର) ବାଦ୍‌ବିତଣ୍ଡା ଓ ବାଦ୍ୟୁଦ୍ଧ ହୁଏ—A hot discussion ( generally unpleasant) which takes place between the bride-groom's and the bride's party after the arrival of the bride-groom's party during the marriage, in the Karaṇa society. (ଉ—ଚରଣ ଧରୁଛ ପାଇଁ କ ସାଥିଙ୍କେ କେତେ ମଜହରା କଲେ, ମାଳା ଓ ଚନ୍ଦନ ଧରି ଉଭା ହେଲେ ନ ନଅନ୍ତି ତାହା ବଲେ । ଉକାଉ. ସାଆନ୍ତିଅ ବାହା ।)
Mahajarā

**ମହଜିଦ୍(ଦି, ଦ୍, ଦି)**—ବୈଦେ, ବି ( ଅ. ମସଜିଦ୍ )—ମୁସଲମାନ୍-
Mahajit(ti, d, di) ମାନଙ୍କର ପ୍ରାର୍ଥନା ମନ୍ଦିର—
মসজিদ **महजिद्** Mosque.

**ମହ(ଜୁ)ଜୁଦ୍(ଦ୍)**—ବୈଦେ. ବିଣ (ଫା. ମୌଜୁଦ୍)—୧ । ବର୍ତ୍ତମାନ;
Maha(hu)jut(d) ଉପସ୍ଥିତ; ବିଦ୍ୟମାନ—1. Existing. ୨ ।
মজুদ(ত্) ପ୍ରସ୍ତୁତ—2. Ready. ୩ । ସଞ୍ଚିତ—3. Stored;
**मौजूद** funded. ବୈଦେ. ବି. (ଆ· ମହଜିଦ୍)—ମହଜିତ୍
(ଦେଖ)—Mahajit ( See )

**ମହଡ଼ା**—ପ୍ରାଦେ. ( ଗଡ଼ଜାତ ) ବି—ବନ୍ୟ ଗୁଳ୍ମ ବିଶେଷ—
Mahardā Dodonaea Viscosa (plant) (Haines).
[ଦ୍ର—ଏ ଗୁଳ୍ମ ପ୍ରାୟ ୧୦ ଫୁଟ ଉଚ୍ଚ ହୁଏ ।]

**ମହଣ**—ଦେ. ବି ( ସଂ. ମଧୂନ; ମଦନ )—୧ । ମହୁ ଯିଠା; ମଧୂଚ୍ଛିଷ୍ଟ-
Mahana 1. Beeswax. [ ଦ୍ର—ମହୁ-
ସଂ. ମଧୂନ, ମଦନ, ମଦନକ, ମାଛିଙ୍କ ଫେଣାରେ ମହୁ ସଞ୍ଚିତ ହୋଇ-
ମଧୂଚ୍ଛିଷ୍ଟ, ମଧୂଶେଷ, ସିକ୍ଥକ, ଥିବା କୋଷମାନଙ୍କ କାନ୍ଥ ଏକପ୍ରକାର
ମଧୂଧାତ୍, ମଧୂତ୍ଥିତ ଅଠାଳିଆ ବସ୍ତୁରେ ନିର୍ମିତ । ସେହି
মোম ଅଠାଳିଆ ବସ୍ତୁକୁ ପାଣିରେ ସିଝାଇଲେ
**मोम** ମହଣ ବାହାରେ । ବୈଦ୍ୟଶାସ୍ତ୍ର
ତେ. ମୈନମ ମତରେ ଏହା କୋମଳ, ସ୍ନିଗ୍ଧ,
ତା ମଝୁକୁ ଭୂତାପସାରକ, ବ୍ରଣଶୋଧକ ଓ ଭଗ୍ନ-
ମ. ମେଣ ସନ୍ଧାଯୁକ୍ତ । ଏହା ବାୟୁ, କୁଷ୍ଠ, ବିସର୍ପ
ଗୁ. ମିଣ ଓ ରକ୍ତଦୋଷ ନାଶକ । ଏହା ଅନେକ
ଫା. ମୋମେଜର୍ଦ କାର୍ଯ୍ୟରେ ଲାଗେ । ସ୍ତ୍ରୀଲୋକମାନେ
କେଶ କୁଣ୍ଡାଇ ତା ଉପରେ ମହଣ ବୋଳନ୍ତି । ମହଣରେ
ବତି ଓ ପିତୁଳା ତିଆରି ହୁଏ । ] ୨ । ( ସଂ. ମାନ;
মণ **मन** ଅ. ମନ୍ ) ୪୦ ସେର ଓଜନ ପରିମାଣ—2. A weight
of 40 seers; maund. [ ଦ୍ର—ଏହାର ସାଙ୍କେତିକ
'ମ' ସଂଖ୍ୟାର ପୂର୍ବେ ଲେଖାଯାଏ, ମ ୪=୪ ମହଣ;
ବାଲେଶ୍ୱର ଓ କଟକୀ ସେରର ତାରତମ୍ୟ ଅନୁସାରେ
ମହଣ ଓଜନର ତାରତମ୍ୟ ହୋଇଥାଏ । ୧ ମହଣ=୪୦
ସେର=୮ ପଶୁରି । ଟନ୍=ବାଲେଶ୍ୱରୀ ୨୭ ମହଣ । ]
ময়না কাঁটা **मइन फल** ୩ । ( ସଂ. ମଦନ )—ମଏଣ ( ଦେଖ )
মানকচু 3. Maena ( See ) ୪ । (ସଂ. ମାଣକ) ମାଣସାରୁ—
**मानकचु, मानकन्द** 4. Alocasia Indica; a kind of
সায়েস্তা taro. ୫ । ବଳଦ ଓ ଘୋଡ଼ା ଆଦିଙ୍କୁ ତାଲିମ କରିବା
**साधना** ପ୍ରକ୍ରିୟା; ମଣ—5. The process or act of train-
ing bullocks, horses etc. ୬ । ( ସଂ. ମଥନ)
ময়ান ଫେଣୀ ବା ଖଜା ନାମକ ପକ୍ୱ ପରସ୍ତର ଭିଅପିଠା ତିଆରି
**मोयन** କରିବା ପାଇଁ ବ୍ୟବହୃତ ଘୃତମିଶ୍ରିତ ତରଳ ଅଟାର
ଲେପ—6. A leaven consisting of a liquid
dough of pasted rice mixed with ghee,
smeared inside the folds of the rolls before
they are fried in ghee or oil. [ ଦ୍ର—ଅଟା
ବା ମଇଦାକୁ ଚକଟି, ବେଲି ତହିଁ ଉପରେ ମହଣର ଲେପ
ଦେଇ ଗୁଡ଼ାଇ ନେବାକୁ ହୁଏ ଓ ଗୁଡ଼ିଆ ହୋଇଥିବା
ଚକଟକୁ ପୁଣି ବେଲି, ଖଣ୍ଡ ଖଣ୍ଡ କରି କାଟି ଘିଅରେ
ଛଣାଯାଏ । ମହଣ ଯୋଗୁ ଖଜାର ସ୍ତରମାନ ପୃଥକ୍ ପୃଥକ୍
সায়েস্তা ହୋଇ ରହେ । ] ଦେ. ବିଣ—୧ । ମଣ ହୋଇଥିବା
**साधाहुआ** —1. Trained or broken to work ( ani-
mal ). ୨ । ମହଣରେ ପ୍ରସ୍ତୁତ—2. Waxen.

**ମହଣ କଣ୍ଟା**—ଦେ. ବି (ସଂ. ମଦନ ଓ କଣ୍ଟକ)—ମଏଣ (ଦେଖ)
Mahana kanṭā Maena ( See )

**ମହଣ କନା**—ଦେ. ବି—ମମ୍‌ଜାମା (ଦେଖ)—Mam-jāmā (See)
Mahana kanā মোমজামা, মোমঢালা **मोम जामा**

**ମହଣ କରିବା**—ଦେ. କ୍ରି—ପଶୁ ଆଦିଙ୍କୁ କାମ କରିବା ପାଇଁ ତାଲିମ
Mahana karibā କରିବା; ମଣ କରିବା—To train
সায়েস্তা করা **साधना** or break a horse or
bullock.

**ମହଣକା(କୁ) ମହଣ**—ଦେ. କ୍ରି. ବିଣ ଓ ବିଣ—ମହଣ ମହଣ ପରିମିତ;
Mahanakā(ku) mahana ମହଣ ମହଣ କରି; ବହୁ ପରି-
মণকে মণ ମାଣରେ—In maunds; by maunds; in
**मनका मन** large quantities. ( ଯଥା—ରଜାଙ୍କ ମଙ୍ଗଳ-
କୃତ୍ୟରେ ସିଠେଇ ମହଣକା ମହଣ ସୁଆଳୁଆକ ବଣ୍ଟା
ହେଲା । )

**ମହଣ(ଣି)କିଆ**—ଦେ. ବିଣ—ଏକ ମହଣ ଓଜନଯୁକ୍ତ—
Mahana(ni)kiā Weighing one maund.
এক মণ **एक मना**

**ମହଣ ଛତା**—ଦେ. ବି—କନା ଛତା; ବିଲାତି ଛତା; ଯେଉଁ ଛତାରେ
Mahana chhatā ମହଣ କନା ପଡ଼ିଥାଏ ବସ୍ତ୍ର ନିର୍ମିତ ଛତା—
মোম জামার ছাতা An umbrella covered with wax
**छाता** cloth.

**ମହଣ ତେଲ**—ଦେ. ବି—ମହଣ ସଙ୍ଗେ ଅନ୍ୟ ମସଲା ମିଶାଇ ପ୍ରସ୍ତୁତ କରା
Mahana tela ଯାଇଥିବା ତେଲ ( ଏହା ବାତ, ବଥା ଓ
মোমের তেল ଔଷଧରୂପେ ବ୍ୟବହୃତ ହୁଏ )—Medicated oil
**मोमका तेल** prepared from certain ingredients
mixed with wax.

**ମହଣ ପତର**—ଦେ. ବି ( ସଂ. ମାଣକ+ପତ୍ର )—ମାଣସାରୁ ଗଛର
Mahana patara ବଡ଼ ପତ୍ର—The big leaves of the
মানকচুর পাতা Mānasāru plant. [ ଦ୍ର—ମେଘ ବରଷଇ
**मानकंदका पत्ता** ଟପର ଟପର, ମୋ ବାଡ଼ିଅଡ଼େ କଏ ରେ । ବାଡ଼ି-
( ମହଣ ପତ୍ର—ଅନ୍ୟରୂପ ) ଅଡ଼େ ଅଛି ମହଣ ପତର ମୁଣ୍ଡରେ
ଗୋଟାଏ ଦେବ ରେ—ଶିଶୁରଞ୍ଜନ ଗୀତ । ]

**ମହଣ ପାତିଆ**—ଦେ. ବି ( ସଂ. ମଦନ+ସଂ. ପତ୍ର )—ମହଣ ସୁନ୍ଥା
Mahana pātiā ( ଦେଖ )—Mahana sunthā ( See )

**ମହଣ ପିତୁଳା(ଳି)**—ଦେ. ବି ( ସଂ. ମଦନ+ସଂ. ପୁତ୍ତଳୀ )—ମହଣ
Mahana pitulā(li) ନିର୍ମିତ ପ୍ରତିମା—Doll or idol
মোমের পুতুল **मोमकी पुतलि** made of wax.

**ମହଣ ବତି(ତ୍ତି)**—ବେଁଦେ. ବ (ଫା ମୋମ୍‌ବତ୍ତୀ; ସ. ମସୃଣ + ବର୍ତ୍ତୀ) —
Mahaṇa bati(tti) ଆଲୁଅରୂପେ ବ୍ୟବହୃତ ମହଣରେ ନିର୍ମିତ
মোমবাতী **मोमबत्ती** ବତୀ—Wax candle.

**ମହଣବତି ଝାଡ଼**—ଦେ. ବ—ଯେଉଁ ଶାଖାଯୁକ୍ତ କାଚ ପ୍ରଦୀପରେ ମହଣ
Mahaṇabati jhārḍa ବତୀ ଜଳେ—Chandelier;
মোমবাতির ঝাড় **मोमबत्तीका झाड** candelabrum.

**ମହଣବତି ସେଜ**—ଦେ. ବ—ଯେଉଁ ଲଣ୍ଠନରେ ମହଣବତୀ ଜଳେ—
Mahaṇabati seja A candle lamp; a candlestick
মোমবাতির সেজ protected by a glass chimney.
**मोमबत्ती बैठकी** (ମହଣବତି ବୈଠକ —ଅନ୍ୟରୂପ)

**ମହଣ ବ(ଶ)ଳିତା**—ଦେ. ବ—ଆଲୁଅ ଘର ଜଳାଇବା ପାଇଁ ମହଣ
Mahaṇa ba(śa)litā ବୋଳା ଯାଇଥିବା ମୋଟ ବଳିତା;
মোমের বাতী **मोमकी बत्ती** ବଳୁବଳ—A thick wick saturated with wax and used as a light.

**ମହଣ ମେଥି ଗୁଣ୍ଡା**—ଦେ. ବ ( ସହଚର )—ସ୍ତ୍ରୀଲୋକମାନେ କେଶ
Mahaṇa methi guṇḍā ସାଉଁଳିବା ପାଇଁ ଲଗାଇବା ମହଣ
মোম আর মেথির গুঁড়ো ଓ କେଶକୁ ସୁବାସିତ କରିବା ପାଇଁ ତହିଁ ଉପରେ ଛିଞ୍ଚିବା ମେଥି ଗୁଣ୍ଡା—Wax ointment, used in keeping the hair smooth and powdered fenugreek (2 of the chief ingredients of the hair dressing of ladies in old times.) [ ଦ୍ର—ପୂର୍ବକାଳରେ ସ୍ତ୍ରୀମାନଙ୍କ ଅଙ୍ଗରାଗ ନିମନ୍ତେ ସ୍ନୋ, ପାଉଡର୍, ସୁବାସ ନିମନ୍ତେ ଏସେନ୍‌ସ୍, ଅତର ଓ ବାସନା ତେଲ ଆଦିର ବ୍ୟବହାର ନ ଥିଲା । ସେ କାଳରେ ଅଙ୍ଗରାଗ ପାଇଁ ହଳଦୀ ଓ କେଶ ସଜ୍ଜା ପାଇଁ ମହଣ ଓ ସୁବାସ ନିମନ୍ତେ ଚୂଆ, ଚନ୍ଦନ ଓ ମେଥିଗୁଣ୍ଡା ବ୍ୟବହୃତ ହେଉଥିଲା । ମେଥିକୁ ଭାଜି, ଚୂର କରି ସେହି ଗୁଣ୍ଡାକୁ ମହଣ ଲଗାଯାଇ ସାଉଁଳା ହୋଇ ଥିବା କେଶ ଉପରେ ଛିଞ୍ଚା ଯାଉଥିଲା । ଏବେ ମଧ୍ୟ ଗାଉଁଲୋକମାନେ ମହଣ ଓ ମେଥିଗୁଣ୍ଡା ବ୍ୟବହାର କରନ୍ତି । ]

**ମହଣ ରାନ୍ଧିବା**—ଦେ. କ୍ରି—ପରିଷ୍କୃତ ମହଣ ବାହାର କରିବା ପାଇଁ
Mahaṇa rāndhibā ମହଣକୁ ପାଣିରେ ଗରମ କରିବା—
মোম ফুটান, মোম গালা To boil wax in water for
**मोम बरकाना (राँधना)** cleansing it. [ ଦ୍ର—ମହୁଚାକରୁ ସଂଗୃହୀତ ମହଣକୁ ପାଣିରେ ଫୁଟାଇଲେ ମହଣଯାକ ତରଳି ଯାଇ ଚର୍ବୀ ପରି ପାଣି ଉପରକୁ ଭାସି ଉଠେ ଓ ତହିଁରେ ଥିବା ମଇଳାଯାକ ପୃଥକ୍ ହୋଇଯାଏ । ]

**ମହଣ ସରୁ**—ଦେ. ବ—ମାଣସାରୁ (ଦେଖ )—Māṇasāru (See)
Mahaṇa sāru **मानकचू मानकच्चु**

**ମହଣ ସିନ୍ଦୂର**—ଦେ. ବ (ସହଚର)—ସ୍ତ୍ରୀଲୋକମାନେ କେଶ ସାଉଁଳିବା
Mahaṇa sindūra ପାଇଁ ବ୍ୟବହାର କରିବା ମହଣ ଓ
মোম আর সিন্দুর କପାଳରେ ବା ସୁନ୍ଥାରେ ଲଗାଇବା ପାଇଁ ବ୍ୟବହୃତ
**मोम और सिंदूर** ସିନ୍ଦୂର—Wax and vermilion (two of the ingredients of a woman's toilette).

**ମହଣ ସୁନ୍ଥା**—ଦେ. ବ ( ସ. ମସୃଣ + ସୀମନ୍ତ )—ସ୍ତ୍ରୀଲୋକମାନେ
Mahaṇa sunthā କେଶକୁ କୁଣ୍ଡାଇ ଜୁଡ଼ା ବାନ୍ଧିବା ପରେ ସାମନା
মোমের পাতা ଅଡ଼ର ଦ୍ୱିଧାକୃତ କେଶ ( ସୁନ୍ଥା)କୁ ମହଣ ଲଗାଇ
**मोम पट्टी** ଚକ୍କଣ କରିବା ଅବସ୍ଥା—Plaits of the parted hair on the front of a woman's head made smooth with the application of wax
[ ଦ୍ର—ଅଳ୍ପକାଳରୁ ଶିକ୍ଷିତ ଓ ସଭ୍ୟସମାଜର ସ୍ତ୍ରୀମାନେ ମହଣ ପରିବର୍ତ୍ତରେ ପମେଟମ୍ ବ୍ୟବହାର କରିବା ଦେଖାଯାଏ । ]

**ମହଣ ସୁନ୍ଥା ପକା(କେ)ଇବା**—ଦେ. କ୍ରି—ମୁଣ୍ଡର ଅଗପାଖର ବାଳକୁ
Mahaṇa sunthā pakā(ke)ibā ଦୁଇଫାଳ କରି କୁଣ୍ଡାଇ
ମହଣ ପାଉଁଶ ପକା(କେ)ଇବା } ଅନ୍ୟରୂପ ସୁନ୍ଥା କରି ତହିଁ ଉପରେ
ମହଣ ସୁନ୍ଥା ପାରିବା } ମହଣ ଲଗାଇ ତାକୁ
মোমের পাতা পাড়া ଚକ୍କଣ କରି ନାନାଭଙ୍ଗୀରେ ସଜ୍ଜିତ କରିବା।
**मोमपाटी बनाना (बैठाना)** —To dress the hair into various designs or plaits and smooth the plaits with wax.

**ମହଣା(ଣେ)ଇବା**—ଦେ. ଚ ( ମହଣ ଖାଇଲେ ଯେଉଁପରି ବିତୃଷ୍ଣା
Mahaṇā(ṇe)ibā ପାଟିରେ ଜନ୍ମେ ସେହିପରି ହେବାକୁ )—
ମହଣା(ଣେ)ଇ ଉଠିବା } ଅନ୍ୟରୂପ ଅଶେଷ ପରିମାଣରେ ମିଠା ବା
ମହଣା(ଣେ)ଇ ହେବା } ସ୍ନିଗ୍ଧ ପଦାର୍ଥ ଖାଇବା ପରେ
মুখ মেরে যাওয়া ଯେଉଁ ବିତୃଷ୍ଣା ଓ ଅରୁଚି ଜନ୍ମେ—A
**जी उमटना** feeling of revulsion or averseness which overtakes a person when he eats sweet or oily food to excess; feeling of revulsion against eating. [ ଦ୍ର—ଏ ଶବ୍ଦ ପାଟି ମହଣାଇବା, ଦନ୍ତ ମହଣାଇବା ଆକାରରେ ବ୍ୟବହୃତ ହୁଏ । ]

**ମହଣିଆ**—ଦେ. ବଣ ( ଅନ୍ୟ ଶବ୍ଦ ସଙ୍ଗେ ଯୁକ୍ତ ହୁଏ; ଯଥା—ଦୁଇ
Mahaṇiā ମହଣିଆ ବସ୍ତା )—୧ । ଏତେ ମହଣ ଓଜନର—
মন ওজনের 1. Weighing so many maunds.
**मनिया; मना** ୨ । ଏତେ ମହଣ ସମ୍ଭାଇବା ଭଳି—2. Of the capacity of so many maunds.

**ମହଣିବା**—ଦେ. କ୍ରି ( ସ. ମସୃଣ )—ମହଣରେ ମୂର୍ତ୍ତି ତିଆରି କରିବା
Mahaṇibā —To mould or make images
মোমের মূর্ত্তিকরা **मोमकी मूर्त्तिबनाना** with wax.

**ମହଣି ହେବା**—ଦେ. କ୍ରି—ମହଣାଇବା ( ଦେଖ )
Mahaṇi hebā Mahaṇāibā ( See )
(ମହଣିବା—ଅନ୍ୟରୂପ)

**ମହତ୍**—ସ. ବଣ. (ମୂଳଶବ୍ଦ) ( ମହ୍ ଧାତୁ=ପୂଜା କରିବା + କର୍ମ. ଅତ୍ )—୧ । ଅତ୍ୟଧିକ—1. Excessive;
Mahat
(ମହାନ୍—ପୁଂ) intense. [ ( ଯଥା—ମହାଦ୍ଦୁଃଖ, ମହତୀ
(ମହତୀ—ସ୍ତ୍ରୀ) ଇଚ୍ଛା । ) ୨ । ପ୍ରଧାନ—2. Chief. ୩ । ଶ୍ରେଷ୍ଠ—3. Excellent. ୪ । ଢେର୍; ଅନେକ; ବହୁ—4. Much; many. ୫ । ବଡ଼; ବୃହତ୍—5. Great; big; large; huge. ୬ । ପ୍ରବଳ;

M. Patnaik, Pleader
Sutahat

ବଳଶାଳୀ—6. Strong; powerful. ( ଯଥା—ମହାବୀର । ) ୭ । ସତ୍ ସ୍ୱଭାବଯୁକ୍ତ; ଉଦାର—7. Noble. ( ଯଥା—ମହାମନାଃ; ମହାଜନ । ) ୮ । ଅତି ଉତ୍କୃଷ୍ଟ—8. Very good. ( ଯଥା—ମହତ୍ କାର୍ଯ୍ୟ । ) ୯ । ଦୀର୍ଘ—9. Long. ( ଯଥା—ମହାବାହୁ । ) ୧୦ । ଉଚ୍ଚ; ସତ୍; ପ୍ରସିଦ୍ଧ—10. High. ( ଯଥା—ମହଦ୍‌କୁଳ । ) ୧୧ । ଗମ୍ଭୀର—11. Gross; thick; dense. ( ଯଥା—ମହାନ୍‌ଅନ୍ଧକାର ।) ୧୨ । ପ୍ରୟୋଜନୀୟ—12. Important. ( ଯଥା—ମହତ୍ତ୍ୱାର୍ଥ । ) ୧୩ । ଉଚ୍ଚୈଃସ୍ୱର ବିଶିଷ୍ଟ—13, Loud. ( ଯଥା—ମହାନ୍ ଘୋଷ । ) [ ଦ୍ର—ଏହାର ପୁଂଲିଙ୍ଗରେ ମହାନ୍ ଓ ସ୍ତ୍ରୀଲିଙ୍ଗରେ ମହତୀ ହୁଏ । ସାଧାରଣତଃ ଅନ୍ୟ ଶବ୍ଦ ପୂର୍ବେ ଯୁକ୍ତ ହୋଇ ବହୁବ୍ରୀହି ଓ କର୍ମ ଧାରୟ ସମାସରେ 'ମହତ୍' ଶବ୍ଦ 'ମହା' ରୂପ ଧାରଣ କରେ ଓ ତତ୍ପୁରୁଷ ସମାସରେ 'ମହତ୍' ଆକାରର ପରିବର୍ତ୍ତନ ଘଟେ ନାହିଁ । କିନ୍ତୁ ଏହି ନିୟମର ଅଳ୍ପ କେତେକ ସ୍ଥଳରେ ବ୍ୟତିକ୍ରମ ଦେଖାଯାଏ । ଏହି ଶବ୍ଦର ଅନ୍ୟ ଶବ୍ଦ ପୂର୍ବେ ବ୍ୟବହାର ବିଷୟରେ ବିଶେଷତ୍ୱ ଅଛି । ସାଧାରଣତଃ ଏ ଶବ୍ଦର ଅର୍ଥ ଶ୍ରେଷ୍ଠ, ଉଦାର, ଉତ୍କୃଷ୍ଟ; ଓ ଏହା ଅନ୍ୟ ଶବ୍ଦ ପୂର୍ବେ ବ୍ୟବହୃତ ହେଲେ ପରବର୍ତ୍ତୀ ଶବ୍ଦର ପ୍ରାଧାନ୍ୟାର୍ଥ ପ୍ରକାଶ କରେ । କିନ୍ତୁ 'ଶଙ୍ଖେ ତୈଳେ ତଥା ମାଂସେ ବୈଦ୍ୟେ ଜ୍ୟୋତିଷକେ ଦ୍ୱିଜେ, ଯାତ୍ରାୟାଂ ପଥି ନିଦ୍ରାୟାଂ ମହଚ୍ଛବ୍ଦୋ ନ ଦୀୟତେ' ଏହି ବଚନରୁ ଶଙ୍ଖ, ତୈଳ, ମାଂସ, ବୈଦ୍ୟ, ଜ୍ୟୋତିଷିକ, ଦ୍ୱିଜ, ଯାତ୍ରା, ପଥ, ନିଦ୍ରା, ଏହି ୯ଟି ଶବ୍ଦ ପୂର୍ବେ ମହତ୍ ଶବ୍ଦର ପ୍ରୟୋଗ କରାଯାଏ ନାହିଁ ବୋଲି ପ୍ରାଚୀନ ଶାସ୍ତ୍ରକାରମାନେ କହିଅଛନ୍ତି; କିନ୍ତୁ ସଂସ୍କୃତ ଅଭିଧାନ ଓ ଗ୍ରନ୍ଥମାନଙ୍କରେ ମହା ଶଙ୍ଖ (ନରକରୋଟୀ),ମହାମାଂସ (ନରମାଂସ) ମହାବ୍ରାହ୍ମଣ ( ଘୃଣ୍ୟ ବ୍ରାହ୍ମଣ ), ମହାଯାତ୍ରା ( ମୃତ୍ୟୁ ଉଦ୍ଦେଶ୍ୟରେ ତୀର୍ଥ ଯାତ୍ରା ), ମହାପଥ (ମୃତ୍ୟୁ), ମହାନିଦ୍ରା (ମୃତ୍ୟୁ) ଶବ୍ଦମାନ ମିଳେ ।] ସଂ. ବି—୧ । ରାଜ୍ୟ—1. Kingdom; dominion. ୨ । ( ସାଂଖ୍ୟ ) ମହତ୍ତତ୍ତ୍ୱ; ବୁଦ୍ଧି—2. ( Saṁkhya philosopy ) The intellect as distinguished from the mind. ୩ । ଜଳ ( ଦ୍ୱି. ଶ )—3. Water. ୪ । ତତ୍ତ୍ୱଜ୍ଞାନ—4, Spiritual knowledge (Apte). ୫ । ମଠର ଅଧ୍ୟକ୍ଷ; ମହନ୍ତ—5. The abbot of a monastery ( Apte ). ୬ । ମହତ୍ତ୍ୱ—6. Greatness ( Apte ). ୭ । ବହୁ ସଂଖ୍ୟକତା—7. Numerousness ( Apte ). ୮ । ଅନନ୍ତତା—8. Infiniteness ( Apte ). ୯ । ଶିବ—9. Siba ( Apte ). ୧୦ । ଉଷ୍ଟ୍ର—10. Camel ( Apte ).

**ମହତ୍‌କ୍ଷେତ୍ର**—ସଂ. ବିଣ (ବହୁବ୍ରୀହି)—ଯାହା ବିସ୍ତୃତ ଅଞ୍ଚଳ ବା ସ୍ଥାନ ଅଧିକାର କରିଥାଏ—Occupying a wide territory ( Apte ).
Mahat-kshetra

**ମହତ୍ ସେବା**—ସଂ. ବି ( ୬ଷ୍ଠୀ ତତ୍; ମହତ୍+ସେବା )—ମହାପୁରୁଷଙ୍କର ବା ବଡ଼ଲୋକଙ୍କ ସେବା—Service of the great ( Apte ).
Mahat-sebā

**ମହତ୍ ସ୍ଥାନ**—ସଂ. ବି ( କର୍ମଧା )—୧ । ଉଚ୍ଚସ୍ଥାନ—1. A high or lofty place ( Apte ). ୨ । ଉଚ୍ଚପଦ—2. A high position (Apte).
Mahat-sthana

**ମହତ**—ଦେ. ବି ( ସଂ ମହତ୍ତ୍ୱ )—୧ । ସମ୍ମାନ; ମର୍ଯ୍ୟାଦା—1. Respect; honour. ୨ । ଇଜ୍ଜତ୍—2. Prestige. ୩ । ସତୀତ୍ୱ—3. Chastity. ୪ । କୁଳମର୍ଯ୍ୟାଦା—4. Family prestige (ଅମହତ—ବିପରୀତ) ଦେ. ବିଣ ଓ ବିଣର. ବିଣ (ସଂ. ମହତ୍)—୧ । ମହତ୍ ( ଦେଖ )—1. Mahat ( See ). ୨ । ଅତ୍ୟନ୍ତ—2. Much. [ ଉ—ଦୁର୍ଯ୍ୟୋଧନ ନାଶ୍ରେକେ ଭୀମସେନ ଧ୍ୱଜ, କାଠକ୍ତେ ଦଶିଲ ମହତ ଆଶ୍ଚର୍ଯ୍ୟ । କୃଷ୍ଣସିଂହ. ମହାଭାରତ. ଶଲ୍ୟ ।]
Mahata
মহত
महत
মহা
महत

**ମହତ କଥା**—ଦେ. ବି ( ସଂ. ମହତ୍+କଥା )—୧ । ଉଦାରତାପୂର୍ଣ୍ଣ ବାକ୍ୟ—1. Magnanimous words. ୨ । ଉଦାରତାପୂର୍ଣ୍ଣ କାର୍ଯ୍ୟ—2. Magnanimous or noble act. ୩ । ମହଦାଚରଣ—3. Noble conduct. [ ଉ—ମହତଲୋକର ମହତ କଥା । ତଗ । ]
Mahata kathā
মড়ন কথা
महत कथा

**ମହତ ଜଗା(ଗେ)ଇବା**—ଦେ. କ୍ରି—ହେଉଁ ପର ନିଜର ସମ୍ମାନର ବା ମର୍ଯ୍ୟାଦାର ହାନି ନ ହୁଏ ତତ୍ପ୍ରତି ସାବଧାନ ହେବା—To be careful about or to preserve one's own respect or prestige.
Mahata jagā(ge)ibā
(ମହତ ଜଗିବା—ଅନ୍ୟରୂପ)
মানরাখা
महत रक्षा करना

**ମହତ ଦାଣ୍ଡରେ ପଡ଼ି ହାଟରେ ଗଡ଼ଗଡ଼ା(ଡ଼େ)ଇବା**—ଦେ. ବି—ସାଧାରଣଙ୍କ ଭିତରେ କୌଣସି ବ୍ୟକ୍ତିର ସମ୍ମାନହାନିର ରଟନା ହେବା—The loss of one's prestige or honour being published in public; the publication of one's dishonour.
Mahata dāṇḍare paṛi hāṭare gaṛagaṛā(ṛe)ibā
মান হাটের মাঝে পড়া
महत चला जाना
(ମହତ ଦାଣ୍ଡରେ ପଡ଼ିବା—ଅନ୍ୟରୂପ)

**ମହତ ନେବା**—ଦେ. କ୍ରି—୧ । ଅନ୍ୟ ବ୍ୟକ୍ତିକୁ ବେଇଜ୍ଜତ୍ କରିବା—1, To disgrace or dishonour a person; to rob a person of his or her honour. ୨ । କୁଳସ୍ତ୍ରୀର ସତୀତ୍ୱ ନାଶ କରିବା—2. To deflower a lady; to dishonour a lady by committing rape on her.
Mahata nebā
ইজ্জত লওয়া
इज्जत उतारना

**ମହତ ପଣ**—ଦେ. ବ ( ସ. ମହତ୍ତ୍ୱ )—୧ । ମହନ୍ତବ୍ୟକ୍ତିଙ୍କ ଆଚରଣ—
Mahata paṇa 1. Conduct becoming a great
[ମହତ ପଣିଆ(ଅଁ)—ଅନ୍ୟରୂପ] man. ୨ । ମହତ୍ତ୍ୱ; ଉଦାରତା
मानमर्य्यादा —2. Nobility; magnanimity; greatness of mind.
महताई [ ଉ—ଧର୍ମ ଏବଂ ବିନା ମହତ ପଣିଆ, ଅଭୁ ବଡ଼ ପଣ ଅଛେଇ କହଅ । ରାଧାନାଥ—ଦରବାର । ]

**ମହତ ପଦାରେ ପଡ଼ିବା**—ଦେ. ବ—ମର୍ଯ୍ୟାଦାର ହାନି ହେବା; ସମ୍ମାନ
Mahata padāre paṛibā ବା ମର୍ଯ୍ୟାଦା ନଷ୍ଟ ହେବା—
मान हाटे पड़ा Loss of prestige or honour.
महत्व गीरजाना (ଉ—ରକ୍ମଣୀ ପାଟକ ଯାନ ଗଲା, ଯାନ ଚହୁଲା ମୋ ମହତ ଗଲା—ଜଗ ।)
(ମହତ ଦାଣ୍ଡରେ ପଡ଼ିବା, ମହତ ଯିବା, ମହତ ସରିବା—ଅନ୍ୟରୂପ)

**ମହତ ମର୍ଯ୍ୟା(ର୍ଯ୍ୟା)ଦା**—ଦେ. ବ ( ସତ୍ତରର; ମହତ୍ତ୍ୱ ଓ ମର୍ଯ୍ୟାଦା )—
Mahata marjyā(jā)dā ୧ । ମାନମହତ୍ତ୍ୱ; ସମ୍ମାନ—
मान मर्यादा 1. Respect; prestige. ୨ । ଭଦ୍ର ସମା.
महत्व मर्यादा ଲୌକିକ ବ୍ୟବହାର; ଆଦବ—2. Etiquette.
[ମହତ୍ତ୍ୱ ମର୍ଯ୍ୟା(ଜ)ଦା—ଅନ୍ୟରୂପ] ୩ । ଭଦ୍ରତା—3. Nobility; nobleness; gentlemanliness.
୪ । ବେଭାର ବଅବେର—4. Exchange of social presents.

**ମହତ ଲୋକ**—ଦେ. ବ—୧ । ମହାନ୍ ବ୍ୟକ୍ତି; ଉଦାରମନାଃ ବ୍ୟକ୍ତି—
Mahata loka 1. A magnanimous person.
ମହତ ବେ(ବ୍ୟ)କ୍ତି } ଗ୍ରାମ୍ୟରୂପ
ମହତ ବେକେଉ } (ଉ—ଘେରର କହିବ, ମହତ ଲୋକର ବାବୁଡ଼େ ପଡ଼ିବ—ଜଗ)
महान आदमी ୨ । ମହା ପୁରୁଷ—2. A great man; a noble person. ୩ । ସାଧୁ ବ୍ୟକ୍ତି—3. A saintly person.
মহত ব্যক্তি

**ମହତ ସମ୍ଭାଳିବା**—ଦେ. କ୍ରି—ଆପଣାର ବା ପରର ସମ୍ମାନ ରକ୍ଷା
Mahata sambhāḷibā କରିବା—To save the pres-
मान रक्षा करा tige or honour of one's self or
मान रखना (ମହତରଖିବା—ଅନ୍ୟରୂପ) of another.
[ଅଲୋ ସଖି ! ଆପଣା ମହତ ଆପେ ରଖି—ଜଗ ।]

**ମହତ ସରା**—ଦେ. ବଣ—୧ । ମର୍ଯ୍ୟାଦା ହାନିକର; ଯେଉଁ କାର୍ଯ୍ୟ ଦ୍ୱାରା
Mahata sarā ସମ୍ମାନ ନଷ୍ଟ ହୁଏ—1. Disgraceful; de-
(ମହତ ସରେଇ—ସ୍ତ୍ରୀ) rogatory to one's prestige or
मान हानि करा honour. ୨ । ଯେଉଁ ବ୍ୟକ୍ତି ପରର ମର୍ଯ୍ୟାଦା
बेइज्जती ହାନି କରେ—2. One who puts another to disgrace or dishonour. ୩ । ଯେଉଁ ବ୍ୟକ୍ତି ଆପଣାର କାର୍ଯ୍ୟ କଳାପ ଦ୍ୱାରା ନିଜର ସମ୍ମାନକୁ ହରାଏ—3. Bringing dishonour or disgrace on one's self by one's own conduct or action.

**ମହତ ସାରିବା**—ଦେ. କ୍ରି—୧ । ଆପଣାର ମହତ୍ତ୍ୱ ନିଜେ ହାନି କରିବା—
Mahata sāribā 1. To disgrace one's self by
अपमान करा one's own acts. ୨ । ମହତ ନେବା (ଦେଖ)
इज्जत तारना 2. Mahata nebā ( See ) (ଉ—ଗାଳି
इज्जत लेना ଦେଥାଇ ମହତ ସାରି ଦେଇ । ଜନସୂର୍ଯ୍ୟ. ସଙ୍ଗୀତ ।)
इज्जत लेना ୩ । ସ୍ତ୍ରୀର ସତୀତ୍ୱ ନାଶ କର—3. To deflower a woman to rape.

**ମହତ ସୈନ୍ୟ**—ଦେ. ବ (ସ. ମହତ୍+ସୈନ୍ୟ)—ବହୁସଂଖ୍ୟକ ସୈନ୍ୟ-
Mahata sainya A number of soldiers.
बड़ी सेना (ଉ—ତାଙ୍କ ସଙ୍ଗେ ମହତ ସୈନ୍ୟ ଗୋଡ଼ାଇଲେ । କୃଷ୍ଣସିଂହ. ମହାଭାରତ ସଭା ।)

**ମହତ ହ(ସ)ରା(ରେ)ଇବା**—ଦେ. କ୍ରି—ମନ୍ଦ ବା ଅନୁଚିତ କାର୍ଯ୍ୟ ଦ୍ୱାରା
Mahata ha(sa)rā(re)ibā ଆପଣାର ମର୍ଯ୍ୟାଦା ହାନିର
मान हारान କାରଣ ହେବା—To bring disgrace upon
इज्जत खोना one's self by one's own conduct; to allow one's self to be dishonoured by another. (ଉ—ବୁଦ୍ଧି ହରେଇଲି ଛାର ବୃଦ୍ଧି ସେବକ ପାଇଁ ମହତ ସରେଇଲି—ଜଗ ।)

**ମହତ ହାନି**—ଦେ. ବ. ( ସ. ମହତ୍ତ୍ୱ ହାନି )—ମାନହାନି; ମର୍ଯ୍ୟାଦା
Mahata hāni ଲୋପ—Loss of prestige or honour
मर्यादा हानि बेइज्जती

**ମହତ ହୁର(ରୁ)ମତ୍**—ଦେ. ବ (ସତ୍ତରର; ସ. ମହତ୍ତ୍ୱ ଓ ଫା. ହୁରମତ୍).
Mahata hur-(ru)mat ମାନସମ୍ଭ୍ରମ—Prestige; res-
मान संभ्रम मान मर्यादा pect; honour.

**ମହତାପ(ବ)**—ବିଦେ. ବ (ଫା. ମହତାବ୍=ଚନ୍ଦ୍ର କିରଣ; ଜ୍ୟୋତ୍ସ୍ନା ।,
Mahatap(b) ଜ୍ୟୋ)—୧ । ତଳ ଉଜ୍ଜ୍ୱଳ ବାଣ—1. A
মহাতার fire-work which emits a dazzling
महताब(बी) light. [ଦ୍ର—ଆଲୋକର ରଙ୍ଗ ଅନୁସାରେ
[ମହତା—ଅନ୍ୟରୂପ] ମହତାପର ନାମ ହୁଏ, ଯଥା—ଲାଲ ବା ନାଲି ମହତାପ୍, ଧଳା ବା ଧଳା ମହତାପ୍, ନେଳ ମହତାପ୍ ସବୁଜ ବା ହସ ମହତାପ୍ ଇତ୍ୟାଦି ।] ୨ । ପଶ୍ଚିମ ସତ୍ରିୟମାନଙ୍କ ବଂଶଗତ ଉପାଧିବିଶେଷ—2. A family-title of Kshatriyas of the N. W. India.
୩ । ମହତା ପାନ ( ଦେଖ )—3. Mahatā pāna ( See )

**ମହତା ପାନ**—ଦେ. ବ. (ସ. ମହତ୍ ଓ ପର୍ଣ୍ଣ)—ବଡ଼ ପାନ; ଉତ୍ତୁପାନ-
Mahatā pāna Big betel leaves.
খুব বড় পান बड़ा पान

**ମହତାବ୍ ଚନ୍ଦ୍**—ଦେ. ବ (ନାମ)—ବର୍ତ୍ତମାନର ସ୍ୱର୍ଗୀୟ ମହାରାଜା—
Mahatāb chand The late adoptive father of the present Maharajadhiraj of Burdwan.
[ଦ୍ର—ଜନ୍ମ ଖ୍ରୀ. ୧୮୩୨ ମୃତ୍ୟୁ ଖ୍ରୀ. ୧୮୦୧ । ଏହାଙ୍କ ସହାୟତାରେ ମହାଭାରତର ବଙ୍ଗାନୁବାଦ ପ୍ରକାଶିତ ହୋଇଥିଲା । ଏ ଓଡ଼ିଶାର ଭୁକଙ୍ଗ ରାଜ୍ୟକୁ ସ୍ୱଳ୍ପ ମୂଲ୍ୟରେ କଲିକତାରେ ନିଲାମ ଡାକ କିଣିଥିଲେ । ଏ ଗଭର୍ଣ୍ଣମେଣ୍ଟଙ୍କ ଦ୍ୱାରା ବିଶେଷ ସମ୍ମାନିତ ହୋଇଥିଲେ । ବର୍ତ୍ତମାନ ମହାରାଜାଧିରାଜ ବିଜୟଚନ୍ଦ୍ରଙ୍କର ଏ ପୋଷ୍ୟ ପିତା ।]

ମହତା ଶିବ୍—ଦେ. ବି—ମୁସଲମାନ ରାଜତ୍ୱରେ ପ୍ରଦେଶରେ ପ୍ରଧାନ କର୍ମ-
Mahatā sib ଚାରୀଙ୍କ ଉପାଧିବିଶେଷ—A title of the superintendent of a province during the Mahomedan rule. (ଉ—ଶେଖ ସୁଲେମାନ୍ କଟକରେ ମହତାଶିବ ହେଲେ । ଜଗବନ୍ଧୁ. ପ୍ରାଚୀନ. ଉତ୍କଳ ।)

ମହତିଆ—ଦେ. ବିଣ (ସଂ. ମହତ୍ତ୍ୱଯୁକ୍ତ)—ମହତ୍ତ୍ୱଯୁକ୍ତ—
Mahatiā Honourable; noble.
ইজ্জতদার इज्जतदार

ମହତୀ—ସଂ. ବିଣ. ସ୍ତ୍ରୀ ( ମହତ୍+ଈ )—ମହତ୍ ଶବ୍ଦର ସ୍ତ୍ରୀଲିଙ୍ଗ—
Mahatī Feminine of Mahat, ସଂ. ବି. ସ୍ତ୍ରୀ—୧ । ନାରଦ ଋଷିଙ୍କ ବୀଣାର ନାମ—1. The name of Nārada's lute or harp. (ଉ—ଧାତା ସନ୍ତୁଷ୍ଟ ମହତୀ ନାଦେ ହତ କଲେ ସେ ସଂଶୟ । ଭଞ୍ଜ. କୋଟିବ୍ରହ୍ମାଣ୍ଡସୁନ୍ଦରୀ ।) ୨ । ବୃହତୀ; କଣ୍ଟାକାରି (ଜୁ. ଶ)—2. Solanum Indicum. ୩ । ବାଇଗଣ—3. Eggplant (Apte). ୪ । ମହତ୍ତ୍ୱ (ଜୁ. ଶ)—4. Greatness; importance (Apte).

ମହତୀ ଦ୍ୱାଦଶୀ—ସଂ. ବି—ଶ୍ରବଣାନକ୍ଷତ୍ରଯୁକ୍ତ ଭାଦ୍ର ଶୁକ୍ଳଦ୍ୱାଦଶୀ
Mahatī dwādaśī (ଜୁ. ଶ)—The 12th day of the bright fortnight of Bhādra if it falls on the Śrabaṇā asterism.

ମହତୀ ଦେବତା—ସଂ. ବି—ପୂଜ୍ୟତମା ବା ଶ୍ରେଷ୍ଠା ଦେବତା—The
Mahatī debatā supreme Deity or Goddess; a great Divinity.

ମହତେ(ତ୍ତେ)ଇ ଯିବା—ଦେ. କ୍ରି (ସଂ. ମହତ୍ତ୍ୱ+ହି+ ଯା ଧାତୁ)—
Mahate(tte)i jibā ମହତ୍ତ୍ୱର ଲୋପ—The loss of one's prestige.
[ମହତେ(ତ୍ତେ)ଇ ସରିବା—ଅନ୍ୟରୂପ]

ମହତ୍କଥ—ସଂ. ବିଣ. ପୁଂ (ବହୁବ୍ରୀହି; ମହତୀ+କଥା)—୧ । ମଧୁର
Mahatkatha ବାକ୍ୟଦ୍ୱାରା ପରର ମନୋରଞ୍ଜନକାରୀ; ଚାଟୁକାରୀ ( ଜୁ. ଶ )—1. Flattering; captivating men's minds by oily words. ୨ । (ଦେଶୀତତ୍)
(ମହତ୍କଥା—ସ୍ତ୍ରୀ) ବଡ଼ଲୋକ ବା ମହାପୁରୁଷମାନଙ୍କଦ୍ୱାରା କଥିତ—
2. Talked of or mentioned by the great (Apte).

ମହତ୍ତ—ଗ୍ରା. ବି (ସଂ. ମହତ୍ତ୍ୱ)—ମହତ୍ତ୍ୱ (ଦେଖ)
Mahatta Mahatwa (See).

ମହତ୍ତତ୍ତ୍ୱ—ସଂ. ବି (କର୍ମଧା)—୧ । ସାଂଖ୍ୟଦର୍ଶନୋକ୍ତ ସୃଷ୍ଟିର ଚତୁର୍ବିଂଶତି
Mahattattwa ତତ୍ତ୍ୱାନ୍ତର୍ଗତ ଦ୍ୱିତୀୟ ବା ବୁଦ୍ଧିସ୍ୱରୂପ ତତ୍ତ୍ୱ—1. (Sāṁkhya philosophy) The 2nd of the 24 primary principles in the creation, which consists of the intelligence. ୨ । ଜୀବାତ୍ମା (ଜୁ. ଶ)—2. The animal Soul.

ମହତ୍ତମ—ସଂ. ବିଣ (ମହତ୍+ଅତିଶୟାର୍ଥେ. ତମ)—ଅନେକଙ୍କ ମଧ୍ୟରେ
Mahattama ବଡ଼; ଅତିମହତ୍—Greatest; highest;
(ମହତ୍ତମା—ସ୍ତ୍ରୀ) noblest.

ମହତ୍ତର—ସଂ. ବିଣ (ମହତ୍+ଅତିଶୟାର୍ଥେ. ତର)—ଦୁଇର ମଧ୍ୟରେ
Mahattara ବଡ଼ ଅପେକ୍ଷାକୃତ; ମହତ୍; ଉତ୍କୃଷ୍ଟତର—Greater;
(ମହତ୍ତରା—ସ୍ତ୍ରୀ) nobler; higher. ସଂ ବି—୧ । ଶୂଦ୍ର (ଜୁ. ଶ)—1. A Śūdra. ୨ । ଗ୍ରାମର ବୟୋଜ୍ୟେଷ୍ଠ ବ୍ୟକ୍ତି—2. The oldest man of a village (Apte). ୩ । ଗ୍ରାମର ମୁଖ୍ୟବ୍ୟକ୍ତି ବା ନେତା—3. The head of a village (Apte). ୪ । ରାଜସଭାର ସଦସ୍ୟ—4. A courtier (Apte). ୫ । ରାଜ-ଶୟନାଗାରରକ୍ଷକ; ରାଜାଙ୍କ ପାରିବାରିକ ବିଷୟର ଭାରପ୍ରାପ୍ତ କର୍ମଚାରୀ—5. Chamberlain; a palace superintendent (Apte) ୬ । ଦଳର ସର୍ବମାନ୍ୟ ବା ପ୍ରଧାନ ବ୍ୟକ୍ତି—6. The most respectable or chief person; the principal (Apte).

ମହତ୍ତରକ—ସଂ. ବି. ପୁଂ (ମହତ୍ତର+ସ୍ୱାର୍ଥେ. କ)—ମହତ୍ତର ୪।୫
Mahattaraka (ଦେଖ)—Mahattara 4, 5 ( See ) (Apte).

ମହତ୍ତରିକା—ସଂ. ବି (ମହତ୍ତର+କ+ଆ) -ବର୍ଣ୍ଣସଙ୍କର ଜାତିବିଶେଷ—
Mahattarikā Name of a hybrid or mixed caste amongst the Hindus.

ମହତ୍ତା—ସଂ. ବି (ମହତ୍+ତା)—ମହତ୍ଭାବ; ମହାନୁଭବତା—
Mahattā Magnanimity; greatness.

ମହତ୍ତ୍ୱ—ସଂ. ବି (ମହତ୍+ତ୍ୱ)—୧ । ମହାନୁଭବତା; ଉଦାରତା;
Mahattwa ଔଦାର୍ଯ୍ୟ—1 Nobility; magnanimity. ୨ । ପ୍ରକର୍ଷ; ଶ୍ରେଷ୍ଠତ୍ୱ—2. Excellence; superiority ୩ । ବୃହତ୍ତ୍ୱ—3. Largeness; magnitude; great extent. ୪ । ପ୍ରାଧାନ୍ୟ; ଆଧିକ୍ୟ—4. Greatness; predominance ୫ । ମର୍ଯ୍ୟାଦା; ସମ୍ମାନ; ସମ୍ଭ୍ରମ—5. Respect; noblity; honour. ୬ । ତୀବ୍ରତା; ପ୍ରଖରତା--6. Intensity; violence (Apte). ୭ । ଉଚ୍ଚତା—7. Height; elevation (Apte). ୮ । ଉଚ୍ଚପଦ-8. Exalted position (Apte). ୯ । ଜରୁରୀ; ଆବଶ୍ୟକତା; ଗୁରୁତା—9. Importance (Apte); urgency. ୧୦ । ଗୌରବ; ଐଶ୍ୱର୍ଯ୍ୟ—10. Majesty (Apte), ଦେ. ବି—୧ । ମହତ୍ତତ୍ତ୍ୱ (ଦେଖ)—1. Mahattattwa (See). [ ଉ—ମହତ୍ତ୍ୱ ଅହଂକାର ଜାତ, ତା ତହିଁ ପଞ୍ଚ.ତନମାତ୍ର । ପ୍ରାଚୀ. ପୂର୍ଣ୍ଣତମ ଚନ୍ଦ୍ରୋଦୟ । ] ୨ । ସମ୍ଭ୍ରାନ୍ତପଣିଆ; ଉଚ୍ଚବଂଶୀୟତା; କୁଲୀନତା—2. Respectability. ୩ । ବଂଶ ମର୍ଯ୍ୟାଦା; ଉଚ୍ଚ କୁଳରେ ଜନ୍ମି ଥିବା ଓ ବଡ଼ ବାନ୍ଧଥିବା ଜନିତ ମର୍ଯ୍ୟାଦା—3. Prestige or social position due to noble blood and high and respectable connection; high familystatus. [ ଦ୍ର—ବର-କନ୍ୟା ପ୍ରସଙ୍ଗରେ ବର ବଂଶ ଓ କନ୍ୟାର ବଂଶ ମଧ୍ୟରେ 'ମହତ୍ତ୍ୱ' କଷାକଷି ହୁଏ ଓ ବରର ବଂଶ ଉଚ୍ଚତର ବା

ଦଳଙ୍କର ବଂଶ ଉଚ୍ଚତର, ଏହା ସ୍ଥିର କରିବାର ବ୍ରାହ୍ମଣଙ୍କ ମଧ୍ୟରେ ଦେଖାଯିବା ଏକପ୍ରକାର ସ୍ୱୀକୃତ କୁଳ ।] ୪ । ଉଚ୍ଚକୁଳ ସଙ୍ଗେ ବିବାହ ସମ୍ପର୍କ ସ୍ଥାପନ—4. Establshment of connection with a high family by marriage.

ମହତ୍ତ୍ୱ କଷିବା—ଦେ. କ୍ରି—ଦୁଇ ଜଣଙ୍କର ମାନ୍ୟତାର ତୁଳନା କରିବା—Mahattwa kashibā To compare the respectability of two persons.
ମାନ কষাকষি করা
फरक तोडना
[ଦ୍ର—ବିବାହ ପ୍ରସଙ୍ଗରେ ଭଲ ବର କନ୍ୟାଙ୍କ (ମହତ୍ତ୍ୱ ତୁଳନା—ଅନ୍ୟରୂପ) ବଂଶ ଦ୍ୱୟ ମଧ୍ୟରେ ମହତ୍ତ୍ୱ କଷା ଯାଏ ।] [ମହତ୍ତ୍ୱ କଷା(ତୁଳା)ଯିବା—କର୍ମବାଚ୍ୟ ରୂପ]

ମହତ୍ତ୍ୱ ମର୍ଯ୍ୟାଦା—ଦେ. ବି (ସହିତର)—୧ । ସଦାଚାର—1. Approved conduct. ୨ । ମର୍ଯ୍ୟାଦା—2. Respect. ୩ । ସମ୍ମାନ ପ୍ରଦର୍ଶନ—3. Showing respect to a person. ୪ । ବନ୍ଧୁମାନଙ୍କର ମଧ୍ୟରେ ସମୁଚିତ ଦେଖାରକ ଅଦାନ ପ୍ରଦାନ—4. Exchange of proper social presents amongst relations.
Mahattwa marjyādā
মান মর্যাদা
मान मर्यादा

ମହତ୍ତ୍ୱ ସ(ହ)ର(ରେ)ଇବା—ଦେ. କ୍ରି—ଆପଣାର ମହତ୍ତ୍ୱ ବା ମର୍ଯ୍ୟାଦାର ନାଶ ଘଟାଇବା—To bring one's self to dishonour; to lose one's honour.
Mahattwa sa(ha)rā(re)ibā
অপমান পাওয়া
इज्जत खोना(गमाना)

ମହତ୍ତ୍ୱ ସାରିବା—ଦେ. କ୍ରି—ମହତ ସାରିବା ( ଦେଖ )
Mahattwa sāribā Mahata sāribā ( See )

ମହତ୍ୱ (ଇତ୍ୟାଦି)—ଦେ. ବି (ସଂ. ମହତ୍ତ୍ୱ)—ମହତ୍ତ୍ୱ ଇତ୍ୟାଦି (ଦେଖ)
Mahatwa (etc) Mahattwa etc. ( See )

ମହତ୍ରା(ତ୍ତ୍ରା)ଣ—ଦେ. ବଣ ( ସଂ. ମହତ୍ ଓ ତ୍ରାଣ ) (ବିଚାରଅ)—ବଡ଼ ଲୋକଙ୍କ ଭରଣ ପୋଷଣ ପାଇଁ ଲଙ୍ଘା ଯାଇଥିବା (ଜମି)—( land ) Assigned rent free for the maintenance of noble families. ଦେ. ବି—ମହତ୍ତ୍ରାଣ ଜାଗିର ( ଦେଖ )
Mahatrā(ttrā)ṇa
মহত্রাণ
Mahattrāṇa jāgiri ( See )

ମହତ୍ତ୍ରାଣ ଜାଗିର(ରି)—ଦେ. ବି—ବ୍ରାହ୍ମଣେତର ଶ୍ରେଷ୍ଠ, ସଦ୍‌ବଂଶୀୟ ବା ବଡ଼ ପରିବାରଙ୍କ ଭରଣ ପୋଷଣାର୍ଥ ରାଜାଙ୍କ ଦ୍ୱାରା ଲଙ୍ଘା କରର ଛାଡ଼ି ବା ଜମି—Land assigned rent free by the king for the maintenance of noble families or families of gentlemen. (besides Brāhmaṇas).
Mahattrāṇa jāgiri(r)
মহত্রাণ জায়গীর
मददमास जागीर

ମହଦ୍‌ବ୍ୟକ୍ତି—ସଂ. ବି ( କର୍ମଧା; ମହତ୍+ବ୍ୟକ୍ତି; ସନ୍ଧି ଯୋଗୁଁ ତ ସ୍ଥାନରେ ଦ )—ମହାନୁଭବ ବ୍ୟକ୍ତି; ଉଦାର ବ୍ୟକ୍ତି—A magnanimous person.
Mahad-byakti
(ମହଦ୍ ପୁରୁଷ-ଅନ୍ୟରୂପ)

ମହଦାବାସ—ସଂ. ବି. ( କର୍ମଧା; ମହତ୍+ଆବାସ )—ବଡ଼ ଘର—A specious or large building; mansion (Apte.)
Mahadābāsa
(ମହଦାଲୟ—ଅନ୍ୟରୂପ)

ମହଦାଶୟ—ସଂ. ବି (କର୍ମଧା; ମହତ୍+ଆଶୟ)—୧ । ସତ୍ ଅଭିଳାଷ; ସଦିଚ୍ଛା—1. Noble wish; noble intention. ୨ । ଉଚ୍ଚାକାଙ୍କ୍ଷା—2. Noble ambition. ୩ । ଉଦାର ହୃଦୟ—3. Magnanimous heart.
Mahadāśaya
(ମହଦାଶୟା—ସ୍ତ୍ରୀ) ସଂ.ବଣ. ପୁଂ (ବହୁବ୍ରୀହି)—ସଦାଶୟ; ଉଦାରଚେତାଃ—Noble-minded; magnanimous.

ମହଦାଶା—ସଂ.ବି (କର୍ମଧା, ମହତୀ+ଆଶା)—ମହତୀ ଆଶା; ଉଚ୍ଚ ଆଶା—High hope; ambition (Apte).
Mahadāśā

ମହଦାଶ୍ଚର୍ଯ୍ୟ—ସଂ. ବଣ (ମହତ୍+ଆଶ୍ଚର୍ଯ୍ୟ)—ଅତ୍ୟନ୍ତ ବିସ୍ମୟଜନକ—Very wonderful (Apte).
Mahadāścharjya

ମହଦାଶ୍ରୟ—ସଂ. ବି. (୬ଷ୍ଠୀ ତତ୍; ମହତ୍+ଆଶ୍ରୟ)—ମହତ୍ ବ୍ୟକ୍ତିଙ୍କର ଅନୁଗତ୍ୟ—Shelter under a great man; dependence on or seeking protection with the great.
Mahadāśraya
(ମହଦାଶ୍ରୟା—ସ୍ତ୍ରୀ) ଦେ. ବଣ. ପୁଂ(ବହୁବ୍ରୀହି)—ମହଦାଶ୍ରିତ (ଦେଖ) Mahadāśrita ( See )

ମହଦାଶ୍ରିତ—ସଂ. ବଣ. ପୁଂ—ଯେ ମହତ୍ ବ୍ୟକ୍ତିଙ୍କର ଆଶ୍ରୟ ଗ୍ରହଣ କରିଥାଏ; ମହଦ୍‌ବ୍ୟକ୍ତିଙ୍କଠାରେ ଶରଣାଗତ—One who has taken shelter under or seeks protection with a high personage.
Mahadāśrita
(ମହଦାଶ୍ରିତା—ଅନ୍ୟରୂପ)

ମହଦେଶ୍ୱର—ସଂ. ବି—ମହୀଶୂରରେ ଜାତ ଏକ ଜାତୀୟ ହୃଷ୍ଟପୁଷ୍ଟ ଓ ବଳବାନ୍ ବଳଦ (ହି. ଘଡସାଗର)—A species of strong and stout bullocks found in Mysore.
Mahadeśwara

ମହଦ୍‌ଗୁଣ—ସଂ. ବଣ. ପୁଂ ( ବହୁବ୍ରୀହି; ମହତ୍+ଗୁଣ)—ମହାପୁରୁଷମାନଙ୍କ ଗୁଣ ବିଶିଷ୍ଟ (ବ୍ୟକ୍ତି)—Having the qualities of the great (Apte).
Mahadguṇa
(ମହଦ୍‌ଗୁଣା—ସ୍ତ୍ରୀ)

ମହନ୍ ଦାର୍—ଦେ. ବଣ—ମଅନ୍ ଦାର (ଦେଖ)
Mahan dār Ma-an dāra ( See )

ମହନ—ଗ୍ରା. ବି (ସଂ. ମୋହନ)—୧ । ଅସଲ ଦେଉଳକୁ ଲାଗିଥିବା କ୍ଷୁଦ୍ରତର ଦେଉଳ; ଜଗମୋହନ—1. A smaller temple attached to the main temple. ( ଯଥା—ପୁରୀର ଲକ୍ଷ୍ମୀ ଠାକୁରାଣୀଙ୍କ ମହନ । ) ୨ । ରାଧାମୋହନ ଓ କୃଷ୍ଣମୋହନ ଆଦି ବ୍ୟକ୍ତିଙ୍କର ଡାକ ନାମ—2. A name for calling people whose names end with the word 'Mohana.' ଦେ. ବଣ. ପୁଂ (ସଂ. ମୋହନ)—
Mahana
জগমোহন
जगमोहन
মোহন
मोहन
মোহন
मोहनिया
(ମହନୀ—ସ୍ତ୍ରୀ) ମହନିଆ ( ଦେଖ )—Mahaniā ( See )
(ମହନା, ମହନିଆ—ଅନାଦରାର୍ଥକରୂପ) (ମହନ—ଅଦରାର୍ଥକ ରୂପ)

ମହନଭୋଗ—ଦେ. ବି ( ସଂ. ମୋହନଭୋଗ )—ହାଲୁଆ; ଘିଅରେ ଭରଜା ହୋଇଥିବା ସୁଜି ସଙ୍ଗେ ପାଣି; ଦୁଧ, ଚିନି ଓ ମସଲା ମିଶାଇ ପ୍ରସ୍ତୁତ ଖାଦ୍ୟ—Halwa; a paste ( food ) made from coarse flour; halwa.
Mahanabhoga
মোহনভোগ
मोहनभोग, हलवा

**ମହନମାଳ(ଳା)**—ଗ୍ରା. ବି ( ବର୍ଣ୍ଣିଅ ଶବ୍ଦ )—ମଉନମାଳ ( ଦେଖ )—
Mahanamāḷa(ḷā) Maunamāḷa ( See )

**ମହନିଅ(ଆଁ)**—ଗ୍ରା. ବିଣ. ପୁଂ (ସଂ. ମୋହନ)-ମୁଗ୍ଧକାରୀ—Enchan-
Mahaniā(āñ) ting; enslaving; fascinating. ଗ୍ରା. ବି.
মোহনিয়া ପୁଂ—ମନମୋହନ ଆଦି ବ୍ୟକ୍ତିଙ୍କ ଅନାଦରାର୍ଥ ଡାକ
**मोहनिया** —A name for calling Manamohan
(ମହନେଇ—ସ୍ତ୍ରୀ) in slight.

**ମହନି ଲଗା(ଗେ)ଇବା**—ଗ୍ରା. କ୍ରି—୧ । ମନ୍ତ୍ର ସମ୍ବାଦ ବା ତାନ୍ତ୍ରିକ
Mahani lagā(ge)ibā ପ୍ରୟୋଗଦ୍ୱାରା ( କୌଣସି ବ୍ୟକ୍ତିକୁ )
( ମହନି କରିବା—ଅନ୍ୟରୂପ ) ବିମୋହିତ କରିବା—1. To
মন্ত্রমুগ্ধকরা; মন্ত্রলাগান enchant or fascinate a
**मोहनी लगाना (डालना)** person by means of
(ମହନି ଲଗିବା—ବିଶେଷ୍ୟରୂପ) charms. ୨ । କୌଣସି
ବ୍ୟକ୍ତିକୁ ମୁଗ୍ଧ କରିବା—2. To enchant a
person; to fascinate a person.

**ମହନୀ**—ଗ୍ରା. ବି ( ସଂ. ମୋହିନୀ )—୧ । କୌଣସି ବ୍ୟକ୍ତିକୁ ମୋହନ
Mahanī ବା ବଶୀକରଣ କରିବା ଉପାୟ—1. Power of
মোহিনীশক্তি enchanting others; a charm ୨ ।
**मोहनी** ଅନ୍ୟ ଲୋକର ମନକୁ ମୋହିବାର ଶକ୍ତି—2.
The charm or power possessed by a
person to fascinate others; enchantment.
୩ । କୌଣସି ବ୍ୟକ୍ତିକୁ ମୋହିତ କରିବାର ଗୁଣ ବା
ଗୁପ୍ତ ରହସ୍ୟ—3. The secret of fascinating
a person. ୪ । (ସ୍ତ୍ରୀ) ମନୋମୋହିନୀ ଓ ମୋହିନୀ-
ଆଦି ନାମଧାରିଣୀ ସ୍ତ୍ରୀଙ୍କର ଡାକ ନାମ—4. A name
for calling women whose names end
with the word Mohinī. ୫ । ( ପୁଂ )
ମନମୋହନ, ରାଧାମୋହନ ଆଦିଙ୍କ ଆଦରାର୍ଥକ ଡାକ ନାମ
—5. A name for calling males whose
names end with Mohana, in fondness.
ଦେ. ବିଣ. ସ୍ତ୍ରୀ—ମୋହିନୀ; ମୁଗ୍ଧକାରିଣୀ—Fascina-
মোহিনী **मोहनी** ting; enchanting

**ମହନୀ କନ୍ୟା**—ଗ୍ରା. ବି. ସ୍ତ୍ରୀ—ମୋହିନୀ କନ୍ୟା ( ଦେଖ )—
Mahanī kanyā Mohinī kanyā ( See )
মোহিনী কন্যা **मोहनी कन्या**

**ମହନୀୟ**—ସଂ. ବିଣ. ପୁଂ ( ମହ୍ ଧାତୁ + କର୍ମ ଅନୀୟ )—୧ । ପୂଜନୀୟ
Mahanīya —1. Worthy of homage; illustrious.
(ମହନୀୟା—ସ୍ତ୍ରୀ) ୨ । ମହତ୍—2. Noble; glorious.

**ମହନ୍ତ**—ସଂ. ବି. ପୁଂ—ମଠାଧୀଶ; ମଠର ମାଲିକ ତତ୍ତ୍ୱାବଧାରକ—The
Mahanta trustee or superior of a religious
endowment or monastery; the head of a
religious trust or institution ( Apte ).
ଦେ. ବି ( ସଂ. ମହତ୍ ଶବ୍ଦର ବହୁବଚନ ମହାନ୍ତଃ )—୧ ।
মহ(হা)ন্ত, মোহ(হা)ন্ত ସଙ୍କୀର୍ତ୍ତନ ମଣ୍ଡଳୀର ବା ଅଖଡ଼ାର
**महंत** କର୍ତ୍ତୃତ୍ୱଧାରୀ ପରିଚାଳକ ବ୍ୟକ୍ତି—1. The head
of a religious choir formed for chanting
Samkīrttana with the help of drums
and cymbals. ୨ । ଗଉଡ଼ ଆଦି ଜାତିଆ ଜାତି-
ମାନଙ୍କର ସାମାଜିକ ଅନୁଶାସନ ଓ ନିୟମ ଚଳାଇବା
ମୋଖ ବ୍ୟକ୍ତି—2. The head of a caste-guild.
୩ । ( ସଂ. ମହାପାତ୍ର )—ହାତୀର ମାହୁନ୍ତ ବା ଚାଳକ;
মাহুত ହାତୀଅଳ—3. The driver of an elephant.
**महावत** ୪ । ମହାପୁରୁଷ—4. A great man. ୫ ।
ସାଧୁବ୍ୟକ୍ତି—5. A saintly person. ୬ । ବୈରାଗୀ
ବା ବୈଷ୍ଣବମାନଙ୍କ ଦଳର ବା ଅଖଡ଼ାର ନେତା—
6. The head or leader of a particular
order of anchorites.

**ମହନ୍ତ ମହାରାଜ**—ଦେ. ବି ( ସଂ. ମହନ୍ତ + ମହାରାଜ )—ମଠାଧୀଶଙ୍କର
Mahanta mahārāja ମାନ୍ୟସୂଚକ ସମ୍ବୋଧନ—A res-
মহন্ত মহারাজ pectful appellation of the head
**महन्त महाराज** of a religious trust.

**ମହନ୍ତା(ନ୍ତେ)ଇ**—ଦେ. ବିଣ—ମଠର ମହନ୍ତ ସମ୍ବନ୍ଧୀୟ—Relating
Mahantā(nte)i to the head of a religious
**महन्ताई** trust. ଦେ. ବି—ମହନ୍ତପଣ—The posi-
মহন্তগিরি tion or power or rights of the head of a
**महन्ती, महन्ताई** religious institution.

**ମହନ୍ତା(ନ୍ତେ)ଇ ଶାଢ଼ୀ**—ଦେ. ବି—ମଠର ମହନ୍ତଙ୍କ ଦେହାନ୍ତ ଘଟିଲେ
Mahantā(nte)i śāṛhī ନୂତନ ମହନ୍ତ ଗାଦିନସୀନ୍ ହେବା
[ମହନ୍ତାଇ ପଗୁ(ଗୋ)ଡ଼ା—ଅନ୍ୟରୂପ) ସମୟରେ ସର୍ବସାଧାରଣ ବା ଉକ୍ତ
মহন্তের পদ ମଠର ମହନ୍ତଙ୍କବାଟକ ସାଧୁଗଣ ଉକ୍ତ ବ୍ୟକ୍ତିଙ୍କୁ
**महन्ताई पगड़ो** ମହନ୍ତ ପଦରେ ପ୍ରତିଷ୍ଠିତ ଓ ତାଙ୍କୁ ମହନ୍ତରୂପେ
ସ୍ୱୀକାର କରିବାର ନିଦର୍ଶନ ସ୍ୱରୂପ ନୂଆ ମହନ୍ତଙ୍କ ମୁଣ୍ଡରେ
ବନ୍ଧାଯିବା ଶାଢ଼ୀ ବା ପାଗ—A cloth or turban
tied round the head of a new Mahanta
on the occasion of his succession to and
public installation in the spiritual seat
of the endowment.

**ମହନ୍ତିଆ**—ଦେ. ବିଣ—୧ । ମହନ୍ତ ସମ୍ବନ୍ଧୀୟ—1. Relating to
Mahantiā মহন্ত সম্বন্ধীয় **महन्तीया** a Mahanta.
୨ । ମହନ୍ତଙ୍କ ଯୋଗ୍ୟ—2. Befitting to a
Mahanta

**ମହନ୍ତିଆଣୀ**—ଦେ. ବି. ସ୍ତ୍ରୀ—୧ । ମଠର ସ୍ତ୍ରୀ ମାଲିକ ତତ୍ତ୍ୱାବଧାରକ—1. The
Mahantiāṇī female head of a religious trust.
স্ত্রীমহন্ত ୨ । ଗୃହୀ ମହନ୍ତଙ୍କ ସ୍ତ୍ରୀ—2. The wife of a house-
**महन्तनी** keeping Mahanta.

**ମହଫିଲ୍**—ବୈଦେ. ବି ( ଅ )—୧ । ସଭା; ବହୁଲୋକଙ୍କ ସମ୍ମେଳନ—
Mahaphil 1. Assembly. ୨ । ନୃତ୍ୟଗୀତାଦିର ସଭା
মাফিল **महफील** —2. A dancing or music
party.

**ମହମ**—ଦେ. ବ ( ସ. ମସୃନ; ମଦନ; ଫା. ମୋମ୍ )—ମହଣ;
Mahama মোম **मोम** ମହୁ ଶିଠା—Beeswax.

**ମହମ ଜାମା**—ବୈଦେ. ବ ଓ ବଣ ( ଫା. ମୋମ୍ ଜାମା )—ମମ୍ ଜାମା
Mahama jāmā (ଦେଖ)—Mam jāmā (See)
মোম জামা **मोम जामा**

**ମହମଦ୍**—ବୈଦେ. ବ ( ନାମ )—ମହମ୍ମଦ ( ଦେଖ )
Mahamad Mahammad (See)

**ମହମ(ଣ) ପିତୁଳା(ଳୀ)**—ଦେ. ବ ( ସ. ମସୃନ+ପୁତ୍ତଳକା )—
Mahama(ṇa) pituḷā(ḷī) ୧ । ମହମରେ ନିର୍ମିତ ମୂର୍ତ୍ତି—
মোমের পুতুল 1. A figure made of wax. ୨ । ( ଲକ୍ଷ-
**मोमकी मरीयम** ଣାର୍ଥ ) ଅତି ସୁକୁମାରୀ ସ୍ତ୍ରୀ—2. (figurative)
A very delicate and soft-bodied woman.

**ମହମ ବତି**—ଦେ. ବ ( ସ. ମସୃନ+ବର୍ତ୍ତୀ )—୧ । ମହଣ ବଳିତା
Mahama bati (ଦେଖ)—1. Mahaṇa baḷitā (See)
মোমবাতী **मोमबत्ती** ୨ । ମହଣବତି—2. Wax candle.
[ ଦ୍ର—ଅଗେ ଅମ ଦେଶରେ ମହଣବତୀ ମହଣରେ ହେଉଥିଲା । ଏବେ ଚର୍ବୀ (Tallow)ରେ ଓ କୋଇଲା ବା କେରୋସିନ୍ ଖଣିରୁ ବାହାରିବା ଏକପ୍ରକାର ସ୍ନିଗ୍ଧ ପଦାର୍ଥ (Paraffin) ଆଦି ଦ୍ୱାରା ବତି ପ୍ରସ୍ତୁତ ହେଉଅଛି । ]

**ମହମହ**—ଦେ. ଅ ( ସ. ମହତ୍ )—ଉତ୍କଟ ବାସନାଯୁକ୍ତ; ମହକ ବାସନା
Mahamaha ଯୁକ୍ତ; ସୌରଭଯୁକ୍ତ; ବହୁଦୂର ବିସ୍ତାରିତ ସୁଗନ୍ଧ
মহমহ **महमह** ଯୁକ୍ତ—Having a sweet smell which is diffused over a wide area. [ ଉ—ହେଙ୍ଗୁ ହୋଇ କଣ୍ଠରେ ପଶିବ, ମହମହ ହୋଇ ବାସିବ —ଛଗ । ]

**ମହମହ ବାସିବା**—ଦେ. କ୍ର ( ସ. ମହତ୍ )—( କୌଣସି ଦ୍ରବ୍ୟ )
Mahamaha bāsibā ଖୁବ୍ ବାସିବା; ସୁବାସଦ୍ୱାରା ପୂରିଅଛି
মহমহ গন্ধ করা ସୁଗନ୍ଧିତ କରିବା—To diffuse or emit
**महमहाना** its sweet smell.

**ମହମୁଦ୍ ଗଜନି**—ବୈଦେ. ବ (ନାମ) (ଗଜନୀ ଦେଶର ମହମୁଦ ନାମକ
Mahamud gajani ବ୍ୟକ୍ତି)—ଖ୍ରୀଷ୍ଟୀୟ ଏକାଦଶ ଶତାବ୍ଦୀରେ
মামুদ গজনী **महमूद गजनवी** ଉତ୍ତର ଭାରତ ଆକ୍ରମଣକାରୀ
( ମାମୁଦ୍ ଗଜନୀ—ଅନ୍ୟରୂପ ) ମୁସଲମାନ୍ ରାଜା—Mahamud of Ghazni. [ ଦ୍ର—ଏ ଅଫଗାନିସ୍ତାନ ଦେଶର ଗଜନୀ ରାଜ୍ୟର ସୁଲତାନ୍ ଭାରତ ଆକ୍ରମଣକାରୀ ସୁବକ୍ତିଗିନଙ୍କ ପୁତ୍ର । ଜନ୍ମ ଖ୍ରୀ. ୯୭୧, ମୃତ୍ୟୁ ଖ୍ରୀ. ୧୦୩୦ । ସୁବକ୍ତିଗିନଙ୍କ ମୃତ୍ୟୁ ପରେ ଏ ୯୮୭ ଖ୍ରୀଷ୍ଟାବ୍ଦରେ ଗଜନୀର ସୁଲତାନ୍ ହେଲେ ଓ ଖ୍ରୀ. ୧୦୦୧ ରେ ଲାହୋରର ରାଜା ଜୟପାଳଙ୍କ ବିରୁଦ୍ଧରେ ଯୁଦ୍ଧଯାତ୍ରା କଲେ ଓ ତାଙ୍କୁ ପରାସ୍ତ କଲେ । ଜୟପାଳ ପରାସ୍ତ ହୋଇ ଆତ୍ମହତ୍ୟା କଲେ । ଖ୍ରୀ.୧୦୦୫।୬ରେ ଏ ମୁଲତାନ ଆକ୍ରମଣ କଲେ । ଖ୍ରୀ.୧୦୦୯ ରେ ଏ ହିନ୍ଦୁମାନଙ୍କ ସମ୍ମିଳିତ ସେନାକୁ ପେଶାବରଠାରେ ପରାସ୍ତ କରି ଅନେକ ହିନ୍ଦୁ ମନ୍ଦିର ଲୁଣ୍ଠନ କଲେ; ଖ୍ରୀ ୧୦୧୧ରେ ଥାନେଶ୍ୱର ମନ୍ଦିର ଲୁଣ୍ଠନ କଲେ; ଖ୍ରୀ.୧୦୧୮।୧୯ରେ ମଥୁରା ଲୁଣ୍ଠନ କଲେ ଓ ଖ୍ରୀ.୧୦୧୯।୨୫ରେ କାନ୍ୟକୁବ୍ଜ ଓ କାଲିଞ୍ଜର ରାଜ୍ୟ ଅଧିକାର କଲେ; ୧୦୨୪ରେ ଗୁଜରାଟର ପ୍ରସିଦ୍ଧ 'ଶିବମନ୍ଦିର ସୋମନାଥକୁ ଲୁଣ୍ଠନ କରି ଲୁଣ୍ଠିତ ଦ୍ରବ୍ୟମାନ ନିଜ ଦେଶକୁ ବୋହି ନେଲେ ଏବଂ ସୋମନାଥଙ୍କ ମୂର୍ତ୍ତିକୁ ଭାଙ୍ଗି ତହିଁର ଖଣ୍ଡେ ପଥର ଗଜନୀର ମସଜିଦ୍‌ରେ ଗୋଡ଼ଘଷା (ପାଠିପୋଛ) ପଥର ରୂପେ ପକାଇଲେ । ଭାରତ ଲୁଣ୍ଠନ ଏହାଙ୍କର ମୁଖ୍ୟ ଉଦ୍ଦେଶ୍ୟ ଥିଲା ଓ ଭାରତରେ ରାଜ୍ୟ ସ୍ଥାପନ ଏହାଙ୍କର ଗୌଣ ଉଦ୍ଦେଶ୍ୟ ଥିଲା । ଏ ଖ୍ରୀ. ୧୦୩୦ରେ ମୃତ ହେଲେ । ଏହାଙ୍କ ବଂଶଧରମାନେ ଉତ୍ତର ପଶ୍ଚିମ ଭାରତରେ ପ୍ରାୟ ୧୫୦ ବର୍ଷ ରାଜତ୍ୱ କଲା ପରେ ଖ୍ରୀ. ୧୧୮୮ରେ ମହମ୍ମଦ ଘୋରୀଙ୍କଦ୍ୱାରା ବିତାଡ଼ିତ ହେଲେ—ପ୍ରୋଥେରୋ ସାହେବଙ୍କ ଇଂରାଜୀ ପ୍ରାଥମିକ ଭାରତ ଇତିହାସ । ]

**ମହମ୍ମଦ୍**—ବୈଦେ. ବ ( ନାମ ) ( ଅ. ମୁହମ୍ମଦ୍ )—ମୁସଲମାନ୍ ଧର୍ମ-
Mahammad ପ୍ରବର୍ତ୍ତକ ଈଶ୍ୱର ପ୍ରେରିତ ଦୂତ ବା ମହା-
মহম্মদ **मुहम्मद, मुहम्मद** ପୁରୁଷଙ୍କ ନାମ—Mahomed; the Apostle of God who first introduced Mahomedanism. [ ଦ୍ର—ମହାପୁରୁଷ ବା ହଜରତ୍ ମହମ୍ମଦ ଆରବର ମକ୍କା ନଗରରେ ଖ୍ରୀ. ୫୭୦ରେ କୋରେଶ୍ ବଂଶରେ ଜନ୍ମଗ୍ରହଣ କରିଥିଲେ । ଏହାଙ୍କର ପିତାଙ୍କର ନାମ ଅବଦୁଲ୍ଲା ଓ ମାତାଙ୍କ ନାମ ବିବି ଅମିନା । ହାଲିମା ବିବି ଏହାଙ୍କର ପାଳିତା ମା । ମହମ୍ମଦଙ୍କର ୮ ଗୋଟି ସ୍ତ୍ରୀଙ୍କ ମଧ୍ୟରେ ଖୋଦିଜା ( ଖାଦିଜା (ପ୍ରଥମା ଓ ଅଯେସା ସିଦିକା ସବୁଠାରୁ ବେଶି ସୁନ୍ଦରୀ ଓ ଗୁଣବତୀ ଥିଲେ । ଖାଦିଜାଙ୍କ ଗର୍ଭଜାତ ପୁତ୍ରଙ୍କ ନାମ ଅବୁତଯୁବ୍ ଓ ଅବୁ-ତାହେର୍ ଓ ଝିଅ ଫାତମା ଜୋହୋରା । ଏହି କନ୍ୟା ମହମ୍ମଦଙ୍କ ଖୁଡ଼ୁତା ପୁଅ ଭାଇ ଅଲିଙ୍କୁ ବିବାହ କରିଥିଲେ ଏବଂ ଅତ୍ୟନ୍ତ ରୂପବତୀ, ଗୁଣବତୀ ଏବଂ ଧାର୍ମିକା ଥିଲେ । ମହମ୍ମଦଙ୍କର ପିତୃବ୍ୟଙ୍କ ନାମ ଅବୁତାଲିବ୍ ଓ ପିତାମହଙ୍କ ନାମ ଅବ୍‌ଦୁଲ ମୋତଲିବ୍ । ଅଳ୍ପ ବୟସରେ ଏହାଙ୍କର ପିତୃ-ବିୟୋଗ ଘଟିବାରୁ ଏ ଜଣେ ଧନୀ ବଣିକଙ୍କ ପଣ୍ୟବାହୀ ଉଷ୍ଟ୍ରଚାଳକରୂପେ ୨୫ ବର୍ଷ ବୟସ ପର୍ଯ୍ୟନ୍ତ ବହୁ ଦୁଃଖରେ କାଳାତିପାତ କରିଥିଲେ । ତତ୍ପରେ ଖାଦିଜାନାମ୍ନୀ ଜଣେ ଧନବତୀ ବିଧବାଙ୍କ ପାଣିଗ୍ରହଣ କରିବାରୁ ସୁଖରେ ରହିଲେ । ଏହାଙ୍କର ବାଲ୍ୟକାଳରେ ବିଦ୍ୟା ଶିକ୍ଷାଲାଭ ହୋଇ ନ ଥିଲେହେଁ ଏ ସ୍ୱଭାବତଃ ଚିନ୍ତାଶୀଳ ଥିଲେ । ଆରବ ଦେଶ-ବାସୀଙ୍କର ପୌତ୍ତଳିକତା ଓ ତଜ୍ଜନିତ ମତଭେଦ ଓ ବିବାଦ ଦେଖି ଏ ବ୍ୟଥିତ ହୋଇଥିଲେ । ଗୋଟିଏ ଗିରିଗୁହାକୁ ଯାଇ ଧ୍ୟାନମଗ୍ନ ହୋଇ ତପସ୍ୟା କରିବା ସମୟରେ ଈଶ୍ୱର ଗେବ୍ରିଏଲ୍ ନାମକ ସ୍ୱର୍ଗଦୂତଦ୍ୱାରା ଏହାଙ୍କୁ ଈଶ୍ୱରଙ୍କର ଆଜ୍ଞାମାନ ( ଏକେଶ୍ୱରବାଦ ଆଦି ) ଶୁଣାଇଥିଲେ ଓ ସେହି ସେହି ଆଜ୍ଞାମାନ ମହମ୍ମଦ୍ 'କୋରାନ୍'ରୂପେ ପ୍ରଚାର କଲେ । ଏକେଶ୍ୱରବାଦ ଧର୍ମର ପ୍ରଚାର ମହମ୍ମଦଙ୍କର ୪୦ ବର୍ଷ

ବୟସରେ ଆରବ୍ଧ ହେଲା । ପ୍ରଥମେ ଏହାଙ୍କର ପତ୍ନୀ ଓ ଆଉ ଦୁଇଜଣ ମାତ୍ର ବ୍ୟକ୍ତି ଏହି ମତ ଗ୍ରହଣ କଲେ । କ୍ରମେ କ୍ରମେ ଏହାଙ୍କର ଶିଷ୍ୟସଂଖ୍ୟା ବଢ଼ିଲା । କିନ୍ତୁ ମକ୍କାବାସୀମାନେ ଏହାଙ୍କ ପ୍ରଚାରିତ ଧର୍ମର ବିରୋଧୀ ହୋଇ ଏହାଙ୍କ ଉପରେ ନାନାପ୍ରକାର ଉତ୍ପୀଡ଼ନ ଆରମ୍ଭ କଲେ । ଶେଷରେ ମହମ୍ମଦ୍ ମଦିନା ନଗରକୁ ଗଲେ ଓ ଏହାଙ୍କର କେତେକ ଶିଷ୍ୟ ଅସ୍ତ୍ରିକାର ଆଉସିନାଅଲୁ ଗଲେ । ମହମ୍ମଦଙ୍କୁ ଆତ୍ମରକ୍ଷା କରିବା ପାଇଁ ଅସ୍ତ୍ରଧାରଣ କରିବାକୁ ହୋଇଥିଲା । କ୍ରମଶଃ ଏହାଙ୍କ ଶିଷ୍ୟସଂଖ୍ୟା ବଢ଼ିଲା ଓ ଶିଷ୍ୟମାନେ ଆରବଦେଶ ତମାମ୍ ଏହି ଧର୍ମ ପ୍ରଚାର କଲେ । କ୍ରମେ କ୍ରମେ ମହମ୍ମଦ୍ ସେନାନାୟକ ହୋଇ ଅନେକ ସ୍ଥାନ ଓ ନଗର ଅଧିକାର କଲେ । ଏହାଙ୍କୁ ୬୨ ବର୍ଷ ବୟସ ହୋଇଥିବା ସମୟରେ ଅର୍ଥାତ୍ ୬୩୨ ଖ୍ରୀଷ୍ଟାବ୍ଦରେ ଏହାଙ୍କର ଦେହାନ୍ତର ହୋଇଥିଲା । ଏହାଙ୍କ ପ୍ରବର୍ତ୍ତିତ ଧର୍ମ 'ଇସ୍‌ଲାମ୍' ଓ ଏହି ଧର୍ମାବଲମ୍ବୀମାନେ 'ମୁସଲମାନ୍' ନାମରେ ଖ୍ୟାତ । ମୁସଲମାନ୍ ଶବ୍ଦର ଅର୍ଥ 'ଭକ୍ତିପୂର୍ଣ୍ଣ, ଭକ୍ତ' । ଏମାନଙ୍କ ଧର୍ମଶାସ୍ତ୍ର କୋରାନ୍ । ଏ ଧର୍ମର ପ୍ରଧାନ ମତ ଏହି କି 'ଈଶ୍ୱର' ବା 'ଅଲ୍ଲା'ଙ୍କ ଛଡ଼ା ଅନ୍ୟ କେହି ଏ ଜଗତର ପ୍ରଭୁ ନୁହନ୍ତି ଓ ମହମ୍ମଦ ଈଶ୍ୱରାନୁଗୃହୀତ ପ୍ରଚାରକ । ଯେଉଁମାନେ ଏହି ଏକେଶ୍ୱର ବା ଅଲ୍ଲାଙ୍କର ଉପାସନା ନ କରନ୍ତି ସେମାନେ ବିଧର୍ମୀ ବା 'କାଫର୍' ଓ କାଫର୍‌ମାନଙ୍କ ସଙ୍ଗରେ ଧର୍ମଯୁଦ୍ଧ (ଯିହାଦ୍)ରେ ପ୍ରାଣନାଶ ହେଲେ ଅନନ୍ତସ୍ୱର୍ଗ ଲାଭ ହୁଏ । ମୁସଲମାନ୍‌ମାନେ ୪ଟିରୁ ଅଧିକ ସ୍ତ୍ରୀ ବିବାହ କରିବେ ନାହିଁ ଓ ମଦ୍ୟ ଏବଂ ଶୂକର ମାଂସ ଖାଇବା ଏମାନଙ୍କ ପକ୍ଷରେ ନିଷିଦ୍ଧ । ମୁସଲମାନ୍‌ମାନେ ଜାତିଭେଦ ସ୍ୱୀକାର କରନ୍ତି ନାହିଁ ।

ମହମ୍ମଦ ମଦିନାକୁ ଯିବା ସମୟ (ଖ୍ରୀ. ୬୨୨)ରୁ ମୁସଲମାନମାନଙ୍କର 'ହିଯିରୀ' ସନର ଗଣନା ଆରମ୍ଭ ହେଲା । ମକ୍କାରୁ ମଦିନାକୁ ଯିବା ପରେ ବିଧର୍ମୀମାନେ ତାଙ୍କୁ ମଦିନାରେ ମଧ୍ୟ ଶାନ୍ତିରେ ରଖାଇ ଦେଲେ ନାହିଁ । ସେଠାରେ ବିଧର୍ମୀମାନଙ୍କ ସଙ୍ଗେ ଯେଉଁ ଯୁଦ୍ଧ ହୋଇଥିଲା ସେହି ଯୁଦ୍ଧରେ ଏହାଙ୍କ ଦଳ ପରାସ୍ତ ହୋଇଥିଲେ । ମହମ୍ମଦଙ୍କ ପୂର୍ବେ ମକ୍କା ନଗରର ଯେଉଁ ଦେଉଳରେ ପ୍ରତିମା ପୂଜା କରାଯାଉଥିଲା ମହମ୍ମଦ୍ ତାହାକୁହିଁ ଏକେଶ୍ୱର ଉପାସନାର ମନ୍ଦିରରେ ପରିଣତ କଲେ । ବର୍ତ୍ତମାନ ମକ୍କାନଗରୀର ଏହି ମନ୍ଦିର ବା 'କବ୍ବା' ମୁସଲମାନ୍‌ମାନଙ୍କର ପ୍ରଧାନ ତୀର୍ଥ ଏବଂ ଏଠାକୁ ଲକ୍ଷ ଲକ୍ଷ ମୁସଲମାନ ଯାତ୍ରୀ 'ହଜ୍' କରିବାକୁ (ଅର୍ଥାତ୍ ଈଶ୍ୱରଙ୍କ ନାମରେ ଉତ୍ସର୍ଗ କରି ପୂଜା କରିବାକୁ) ଯାଆନ୍ତି । ଯେଉଁମାନେ ମକ୍କାକୁ ଯାଇ 'ହଜ୍' କରନ୍ତି ସେମାନଙ୍କୁ 'ହାଜୀ' କହନ୍ତି । ମୁସଲମାନ୍ ପୂଜିତ 'ଅଲ୍ଲା'ଙ୍କର ପ୍ରାର୍ଥନାରୂପେ ଅଲ୍ଲୋପନିଷଦ୍ ନାମରେ ଗୋଟିଏ ସୂକ୍ତ ଅଥର୍ବ ବେଦରେ ଲେଖାଅଛି (ଅଲ୍ଲୋପନିଷଦ୍ ଦେଖ) ଓ ତହିଁରେ ମହମ୍ମଦଙ୍କ ନାମୋଲ୍ଲେଖ ଅଛି । ବର୍ତ୍ତମାନ ପୃଥିବୀର ପ୍ରାୟ $\frac{1}{5}$ ଲୋକ ମୁସଲମାନ୍‌ଧର୍ମାବଲମ୍ବୀ ।

ମୁସଲମାନ୍‌ମାନଙ୍କର ପ୍ରଧାନ କର୍ତ୍ତବ୍ୟ କର୍ମ—୧. ପାଞ୍ଚ ଥର ଦୈନିକ ପ୍ରାର୍ଥନା ବା ନମାଜ ପାଠ, ୨. ଭିକ୍ଷା ଦେବା, ୩. ରମଜାନ୍ ମାସର ଉପବାସ ଓ ୪. ମକ୍କାକୁ ତୀର୍ଥଯାତ୍ରା । ମୁସଲମାନ୍‌ମାନେ ମହମ୍ମଦଙ୍କୁ ପୟଗମ୍ବର (ଦୂତ) ବା ହଜରତ୍ ମହମ୍ମଦ ବୋଲି କହନ୍ତି । ମୁସଲମାନ୍‌ମାନେ ସାଧାରଣତଃ ୨ ଶ୍ରେଣୀରେ ବିଭକ୍ତ ଯଥା—ସୀହା ଓ ସୁନ୍ନୀ ।

ବର୍ତ୍ତମାନ ମୁସଲମାନ୍ ଧର୍ମାବଲମ୍ବୀମାନଙ୍କ ମଧ୍ୟରେ ଅହମ୍ମଦୀୟ (ଅ. ଅହେମ୍ମଦୀ) ନାମକ ନୂଆ ଶାଖା ପ୍ରବର୍ତ୍ତିତ ହୋଇଛି ।

ଏହି ଅହମ୍ମଦୀୟ ଦଳର ପ୍ରତିଷ୍ଠାତା ହଜରତ୍ ମୀର୍ଜା ଗୋଲାମ୍ ଅହେମ୍ମଦ୍ ପଞ୍ଜାବ ପ୍ରଦେଶର ଗୁରୁଦାସପୁର ଜିଲ୍ଲା ଅନ୍ତର୍ଗତ କାଦୀୟାନ୍ ନାମକ ସ୍ଥାନର ଅଧିବାସୀ ଥିଲେ ଓ ଊନବିଂଶ ଶତାବ୍ଦୀର ମଧ୍ୟଭାଗରେ ଅହମ୍ମଦୀୟ ବା କାଦୀୟାନ୍ ମତ ପ୍ରଚାର କଲେ । ମୁସଲମାନ୍ ଧର୍ମ ମଧ୍ୟରେ ଯେଉଁ କେତେଗୁଡ଼ିଏ ମନ୍ଦ ପ୍ରଥା ଇତି ମଧ୍ୟରେ ପ୍ରବେଶ କରିଥିଲା ତାହା ହଜରତ୍ ଅହେମ୍ମଦ୍ ସଂସ୍କାର କଲେ । ଏହାଙ୍କର ଉପାଧି ମେହେଦୀ ଅର୍ଥାତ୍ ମହମ୍ମଦଙ୍କର ଈଶ୍ୱରପ୍ରେରିତ ଶିଷ୍ୟ । ଏହି ମତାବଲମ୍ବୀମାନଙ୍କୁ ସାଧାରଣତଃ ଅହେମ୍ମଦୀ ବୋଲାଯାଏ ଓ ଅନ୍ୟ ମତାବଲମ୍ବୀ ମୁସଲମାନ୍‌ମାନେ ଏମାନଙ୍କୁ ବ୍ୟଙ୍ଗୋକ୍ତିରେ କାଦିଆନୀ (କାଦିୟାନ୍ ସ୍ଥଳରେ) ସମ୍ପ୍ରଦାୟ ବୋଲି କହନ୍ତି ।] ୨. ମୁସଲମାନମାନଙ୍କର ବଂଶୋପାଧି ବିଶେଷ—2. A family title of Mahomedans.

**ମହମ୍ମଦ୍ ଘୋ(ଗୋ)ରୀ**—ବୈଦେ. ବି (ନାମ)—ଭାରତରେ ପ୍ରଥମ Mahammad gho(go)rī ମୁସଲମାନ ରାଜ୍ୟର ପ୍ରତିଷ୍ଠାତା—
মহম্মদ ঘোরী Name of the founder of the Mahomedan dynasty of kings in India (12th
**महम्मद् घोरी** century A.D.). [ଦ୍ର—ଏ ପ୍ରଥମେ ୧୧୭୬ ଖ୍ରୀଷ୍ଟାବ୍ଦରେ ଭାରତରେ ପ୍ରବେଶ କରିଥିଲେ କିନ୍ତୁ ପରେ ଦିଲ୍ଲୀର ରାଜା ପୃଥ୍ୱୀରାଜ ଓ କାନ୍ୟକୁବ୍ଜର ରାଜା ଜୟଚନ୍ଦ୍ରଙ୍କ ମଧ୍ୟରେ ମନୋମାଳିନ୍ୟ ଘଟିବାରୁ ଜୟଚନ୍ଦ୍ରଙ୍କ ନିମନ୍ତ୍ରଣକ୍ରମେ ଏ ଅବଶେଷରେ ପୃଥ୍ୱୀରାଜଙ୍କୁ ଥାନେଶ୍ୱର ଯୁଦ୍ଧରେ ପରାସ୍ତ କରି ନିହତ କଲେ । ତତ୍ପରେ କାନ୍ୟକୁବ୍ଜ ଆକ୍ରମଣ କରି ଜୟଚନ୍ଦ୍ରଙ୍କୁ ନିହତ କଲେ । ମହମ୍ମଦ ଘୋରୀଙ୍କ ଦ୍ୱାରା ଖ୍ରୀ: ଏକାଦଶ ଶତାବ୍ଦିରେ ଭାରତରେ ମୁସଲମାନ ରାଜ୍ୟର ସୂତ୍ରପାତ ହୋଇଥିଲେହେଁ ଖ୍ରୀ: ୧୧୮୮ ରେ ଏହାଙ୍କ ବଡ଼ ଭାଇ ଓ ଏ ମହମୁଦ ଗଜନୀଙ୍କ ବଂଶଧର ଗିୟାସୁଦ୍ଦିନଙ୍କୁ ବିତାଡ଼ିତ କରି ଭାରତରେ ମୁସଲମାନ ରାଜ୍ୟର ସ୍ଥାୟୀ ଭିତ୍ତି ସ୍ଥାପନ କଲେ । ଏହାଙ୍କ ବଡ଼ ଭାଇ ଗିୟାସୁଦ୍ଦିନଙ୍କ ମୃତ୍ୟୁ ପରେ ଏ ଖ୍ରୀ ୧୨୦୨ ରେ ଆଫଗାନିସ୍ଥାନର ଘୋର୍ ରାଜ୍ୟର ରାଜା ହେଲେ; କିନ୍ତୁ ଖ୍ରୀ: ୧୨୦୬ ରେ ପଞ୍ଜାବରେ ଏକ ଯୁଦ୍ଧ ଅଭିଯାନରେ ହତ ହେଲେ ।]

**ମହମ୍ମଦ୍ ତୋଗଲକ୍**—ବୈଦେ. ବି (ନାମ)—ଭାରତର ତୋଗଲକ Mahammad Togalak ବଂଶୀୟ ମୁସଲମାନ ରାଜା—

Mahomed Tughlak; a Mahomedan king of N. India of the 14th century. [ଦ୍ର—ଏ ଖିଲଜୀ ବଂଶୀୟ ରାଜାଙ୍କର ପଞ୍ଜାବ ପ୍ରଦେଶରେ ଶାସନକର୍ତ୍ତା ଓ ଟୋଗଲକ ରାଜବଂଶର ଆଦି ପୁରୁଷ ଗିୟାସ୍ ଉଦ୍ଦିନ୍ ଟୋଗଲକଙ୍କ ପୁତ୍ର । ଏ ଖ୍ରୀ: ୧୩୨୫ରେ ରେ ସିଂହାସନ ଆରୋହଣ କରି ଖ୍ରୀ:୧୩୫୧ ପର୍ଯ୍ୟନ୍ତ ରାଜତ୍ୱ କରିଥିଲେ । ଏ ବିଦ୍ୱାନ୍, କର୍ମଠ ଓ ବହୁଗମ୍ଭୀର ଥିଲେ । ଏ ଦିଲ୍ଲୀରୁ ରାଜଧାନୀ ଉଠାଇ ନେଇ ୧୬ ମାଇଲ ଦୂରବର୍ତ୍ତୀ ଟୋଗଲକାବାଦ୍ ଓ ପରେ ୮୦୦ ମାଇଲ ଦୂରବର୍ତ୍ତୀ ଦେଓଗିରିକୁ ରାଜଧାନୀ କଲେ । ଏହାଙ୍କ ଅମଳରେ ପଠାଣ ସାମ୍ରାଜ୍ୟର ଉତ୍ତର ଉତ୍ତର ପ୍ରଦେଶ ବିଦ୍ରୋହୀ ହେଲେ ଓ ଏ ଖ୍ରୀ: ୧୩୫୧ରେ ସିନ୍ଧୁ ପ୍ରଦେଶରେ ଅସୁବିଧା କଲେ । ଏହାଙ୍କ ଅମଳରେ ଦାକ୍ଷିଣାତ୍ୟରେ ବାହାମନୀ ରାଜ୍ୟ ସ୍ୱାଧୀନ ମୁସଲମାନ୍ ରାଜ୍ୟରୂପେ ପ୍ରତିଷ୍ଠିତ ହେଲା । ଷ୍ଟୁଆର୍ଟ ସାହେବଙ୍କ ଇତିହାସ ।]

**ମହମ୍ମଦ୍ ବିନ୍ କାସୀମ୍**—ବୈଦେ. ବି. (ନାମ)—ଭାରତର ପ୍ରଥମ ମୁସଲମାନ ଆକ୍ରମଣକାରୀ—
Mahammad bin kāsim
Mahomed Bin Kasim, the 1st Mahomedan invader of India in the 8th century A. D. [ ଦ୍ର—ଏ ଖ୍ରୀ: ୭୧୧ ରେ ଭାରତ ଆକ୍ରମଣ କରି ସିନ୍ଧୁର ରାଜା ଦାହିରଙ୍କୁ ପରାସ୍ତ କରି ଅଲୋର ଓ ବ୍ରହ୍ମଣାବାଦ୍ ନଗରମାନ ଲୁଣ୍ଠନ କରି ସିନ୍ଧୁ ଅଧିକାର କଲେ । ଏହାଙ୍କ ବଂଶଧରମାନେ ସୌମିର ନାମକ କ୍ଷତ୍ରିୟମାନଙ୍କ ଦ୍ୱାରା ଖ୍ରୀ: ୭୫୦ ରେ ଭାରତରୁ ବିତାଡ଼ିତ ହେଲେ । ଷ୍ଟୁଆର୍ଟ ସାହେବଙ୍କ ଇତିହାସ ।]

**ମହମ୍ମଦ୍ ମହ(ମୋ)ସୀନ୍**—ବୈଦେ. ବି. (ନାମ) (ଫା. ମୁହମ୍ମଦ ମହସୀନ୍)—
Mahammad mah-(mo)sin ବଙ୍ଗଦେଶର ହୁଗୁଳି ନିବାସୀ ଧର୍ମପରାୟଣ ଓ ଦାନଶୀଳ ମୁସଲମାନ୍—A pious and bounteous Mahomeddan of Hugly in Bengal.
মহম্মদ মোসীন
**मुहम्मद महसीन**
[ ଦ୍ର—ଏହାଙ୍କର ଜନ୍ମ ୧୭୩୨ ଖ୍ରୀଷ୍ଟାବ୍ଦରେ ହୋଇଥିଲା । ଏ ପ୍ରାୟ ୯ ଲକ୍ଷ ଟଙ୍କା ଦାନ କରି ସରକାରଙ୍କ ଜିମାରେ ଗୋଟିଏ ମୂଳପାଣ୍ଠି ସୃଷ୍ଟି କରି ଯାଇଅଛନ୍ତି । ଏହି ପାଣ୍ଠିର ସୁଧରୁ ଶତ ଶତ ଗରିବ ମୁସଲମାନ ଛାତ୍ରଙ୍କୁ ବୃତ୍ତିଦାନ କରା ଯାଉଅଛି ।]

**ମହମ୍ମଦୀୟ**—ଦେ. ବିଣ (ଫା. ମହମ୍ମଦ+ସଂ. ପ୍ରତ୍ୟୟ ଈୟ) —ମହମ୍ମଦଙ୍କ ସମ୍ବନ୍ଧୀୟ; ମୁସଲମାନ ଧର୍ମ ସମ୍ବନ୍ଧୀୟ—
Mahammadiya
Mahomedan.
মহম্মদীয়
**मुहम्मदी**

**ମହମ୍ମଦୀୟ ଧର୍ମ ଶାସ୍ତ୍ର**—ଦେ. ବି—ମୁସଲମାନମାନଙ୍କର ଧର୍ମଶାସ୍ତ୍ର; କୋରାନ୍; ମହମ୍ମଦଙ୍କ ମୁଖନିଃସୃତ ବାକ୍ୟସମ୍ବଳିତ ଗ୍ରନ୍ଥ—The Koran (Mahomedan Scripture).
Mahammadiya dharma śāstra
মহম্মদীয় ধর্ম শাস্ত্র
**मुहम्मदी धर्म शास्त्र**

**ମହମାନ**—ଦେ. ବି—ବାଲେଶ୍ୱରର ଗୋଟିଏ ପର୍ବତର ନାମ—
Mahamāna A large hill in Balasore.

**ମହର୍**—ସଂ. ବି ( ମହ୍ ଧାତୁ+ପୂଜା କରିବା—କର୍ମ. ଅର )—୧ । ମହର୍ଲୋକ ( ଦେଖ )—1. Maharloka ( See )
Mahar
୨ । ( +କରଣ. ଅର ) ବ୍ୟାହୃତିବିଶେଷ—2. A kind of Byāhṛuti ( Apte ). ବୈଦେ. ବି ( ଫା. ଦେନମେହେର ମହର୍ )—ଦେନ୍ ମେହେର୍ ( ଦେଖ )—Den meher ( See )
**महर**

**ମହର**—ସଂ. ବି ( ମହ୍ ଧାତୁ+କର୍ମ. ଅର )—ମହର୍ଲୋକ ( ଦେଖ )
Mahara Maharloka ( See ) ଗ୍ରାଦେ. ( ଗଡ଼ଜାତ )
ବି—ଶଗଡ଼ର ଅକ୍ଷର ଆଗପାଖ ଦଣ୍ଡାରେ ପଛପାଖ ଅପେକ୍ଷା ବେଶି ବୋଝ ଲଦା ହେବା ଅବସ୍ଥା; ଦବର—The state of a cart when the front part is loaded more heavily than the back part, and so there is no equilibrium.

**ମହରଗ**—ଦେ. ବିଣ ( ସଂ. ମହାର୍ଘ )—୧ । ମହଙ୍ଗା; ଦୁର୍ମୂଲ୍ୟ—
Maharaga 1 Dear in price. ୨ । ଯେଉଁ ସମୟରେ
মাগ্‌গী, মাগ্‌গী, মাঙ্গা ଖାଦ୍ୟ ଦ୍ରବ୍ୟାଦି ଦୁର୍ମୂଲ୍ୟ ହୁଏ—2. (a
**महँगा** time) Of high prices. ଦେ. ବି—୧ । ପଣ୍ୟଦ୍ରବ୍ୟର (ମହର୍ଘ—ଅନ୍ୟରୂପ) ଦୁର୍ମୂଲ୍ୟତା—1. Dearness of price; a rise in price of commodities. ୨ । ଦୁର୍ଭିକ୍ଷ; ଯେଉଁ ସମୟରେ ଖାଦ୍ୟ ଦ୍ରବ୍ୟାଦି ମହାର୍ଘ ହୁଏ—2. A time of high prices; famine; scarcity.

**ମହରଗ କାଳ**—ଦେ. ବି—ଯେଉଁ ସମୟରେ ପଣ୍ୟ ଦ୍ରବ୍ୟାଦି ମହାର୍ଘ୍ୟ
Maharaga kāḷa ହୁଏ—A time of high prices.
মাগ্‌গী, আকাল **अकाल, महँगा काल, महंगी**

**ମହରଗ ପକା(କେ)ଇବା**—ଦେ. କ୍ରି—ଦେଶରେ ଦ୍ରବ୍ୟାଦିର ଦୁର୍ମୂଲ୍ୟତା
Maharaga pakā(ke)ibā ଜାତ କରାଇବା—To bring about a rise in the prices of articles in a country. [ ଯଥା—ପୂର୍ବରେ
দাম চড়ান
**महँगा बनाना**
ଆଗେ ବିଲାତିଆ ଚଙ୍ଗ ଭ ପଇସାକୁ ପୁଞ୍ଜାଏ ଲେଖାଏଁ ମିଳୁଥିଲା, ଏବେ ବିଦେଶୀ ପଣ ପଣ ହୋଇ ଆସି ମହରଗ ପକାଇ ଦେଲେଣି । ]

**ମହରଗ ପଡ଼ିବା**—ଦେ. ବି—ଦେଶରେ ମହାର୍ଘକାଳ ଉପସ୍ଥିତ ହେବା—
Maharaga paṛdibā A state of the rise of the price of staple food in a country; being affected by scarcity.
আকাল পড়া
**अकाल पड़ना**

**ମହରଗିଆ**—ଦେ. ବିଣ—୧ । ଯେଉଁ ଦୋକାନୀ ବା ପଣ୍ୟବିକ୍ରେତା ପଣ୍ୟଦ୍ରବ୍ୟମାନଙ୍କ ପାଇଁ ବାଜାରଦର ଅପେକ୍ଷା ବେଶୀ ଭାଉ
Maharagiā
যে চড়া দামে বেচে থাকে—1. (a trader or shop-keeper)
**महरगिआ, महँगिया** Who charges higher price than the market rate; high-charging.
ମହରଗୀ
ମହରଗିଆଣୀ } ସ୍ତ୍ରୀ ୨ । ଦୁର୍ଭିକ୍ଷପୀଡ଼ିତ—
ମହରଗେଇ
2. Famine-stricken.

**ମହରଡ଼ା**—ଦେ. ବି—୧ । ଏକପ୍ରକାର ବଡ଼ ଶିମ୍ବଜାତୀୟ ଲତାଫଳ—
Mahararḍā 1. A kind of big bean; the sword-

মাখন শিম, রাঙ্গামাখন bean; Canavalia Ensifermis; **কবন্তুআ সীম, সেমা** the large cutlass kidney bean. [ ଦ୍ର—ଏହାର ଫଳ ଲମ୍ବରେ ୩।୪ଶଣ୍ଡେ ଓ ଓସାରରେ ୩ ଅଙ୍ଗୁଳ ପର୍ଯ୍ୟନ୍ତ ହୁଏ ଓ ତରବାର ପରି ଆକୃତିବଶିଷ୍ଟ । ଏହାର ମଞ୍ଜି ନାଲି, ଚେପଟା ଓ ବଡ଼ ବଡ଼ । ଏହାକୁ ତରକାରି କରି ଖାଆନ୍ତି । ଏ ଜୁଇଁର ଆବରଣକୁ ସିଝାଇଲେ কাংশিম, কালাশিম ଲବଣୀ ପରି ହୁଏ । ] ୨ । ବାହାଡ଼ା ଶିମ୍—2. Canavalia Virosa. [ ଦ୍ର—ଏହାର ମଞ୍ଜି ବିଷାକ୍ତ । ]

ମହରତ—ଦେ. ବି—ଦୋକାନର ବନ୍ଧା ଗ୍ରାହକମାନେ ନବବର୍ଷାରମ୍ଭ Maharata ଦିନ ଦୋକାନକୁ ଆସି ବର୍ଷର ପ୍ରଥମ କାରବାର ଆନୁକୂଲ କରିବା; ବହୁନି—The first transaction of a regular constituent with a trader on the new year's day.

ମହରମ—ବିଦେ. ବି. ( ଆ. ମହର୍ରମ୍, ମୁହର୍ରମ୍ )—୧ । ମୁସଲମାନଙ୍କର Maharama ଶୋକପ୍ରକାଶକ,ପ୍ରଧାନ ଯାତ୍ରା—1. The chief মহরম festival of the Mahomedans; the **महरम, मुहर्रम** Mohorrum. ୨ । ମୁସଲମାନୀ ଚାନ୍ଦ୍ର ମାସ; ମୁସଲମାନ୍‌ମାନଙ୍କର ହିଜରି ବର୍ଷର ପ୍ରଥମ ମାସ—2. The 1st month of the Mahomedan year. [ଦ୍ର—ମୁସଲମାନ୍‌ମାନେ ମହରମ୍ ମାସର ୭ମ ଦିବସଠାରୁ ୧୦ମ ଦିନ ପର୍ଯ୍ୟନ୍ତ ୩ ଦିନ ପାଳିବା ଯାତ୍ରାର ନାମ ମହରମ୍ । ଏହା କୋରାନରେ ନାହିଁ । ମହମ୍ମଦଙ୍କ ମୃତ୍ୟୁର ୩୪ ବର୍ଷ ପରେ ତାଙ୍କ କନ୍ୟା ଫାତମା ଜୋହୋରାଙ୍କ ବଡ଼ ପୁଅ ଇମାମ୍ ହସନ୍ ଖଲିଫା (ଧର୍ମଗୁରୁ)ପଦରେ ବସିବାର ଛଅ ମାସ ପରେ ଦାମିସ୍କର ଶାସନକର୍ତ୍ତା 'ମାଉଆ' ଖଲିଫା ହେବାକୁ ଚାହିଁବାରୁ ବୃଥା ରକ୍ତପାତର ଆଶଙ୍କା ଦୂର କରିବା ପାଇଁ ହସନ୍ ତାଙ୍କୁ ଉକ୍ତ ଅଧିକାର ବା 'ଖିଲାଫତ୍' ଛାଡ଼ି ଦେଲେ । ତଥାପି ମାଉଆଙ୍କ ପୁଅ ଦୁଷ୍ଟ ଏଜିଦ୍ ହସନଙ୍କୁ ବିଷ ଖୁଆଇ ମାରିଦେଲା । ଏଥିରେ ମଧ୍ୟ ସନ୍ତୁଷ୍ଟ ନ ହୋଇ ମାଉଆର ସାନ ପୁଅ ହସନଙ୍କ ଭାଇ ହୋସେନଙ୍କୁ ଓ ତାଙ୍କର ୭୨ ଜଣ ସଙ୍ଗୀଙ୍କୁ ବିଶ୍ୱାସରେ 'କୁଫା' ନାମକ ସ୍ଥାନକୁ ଡକାଇ ନେଇ ସେଠାରେ ତାଙ୍କୁ ଜଳହାର ଦେଇ ନିଷ୍ଠୁରଭାବରେ 'କତଲ୍' ( ହତ୍ୟା ) କଲା । ଏହି ଦୁର୍ଘଟଣା ମହରମ୍ ମାସରେ ହୋଇଥିବାରୁ ମୁସଲମାନ୍‌ମାନେ ଏହାର ସ୍ମରଣାର୍ଥ ମହରମ୍ ପାଳନ୍ତି । ଏ ସମୟରେ ପ୍ରତ୍ୟେକ ମୁସଲମାନ ଶୋକ, ଦାନ ଓ ଉପୋଷୀ ଲୋକଙ୍କୁ ପାନ ଭୋଜନ ଦେବା ବିଧାନ ପାଳଥାନ୍ତି । ମୁସଲମାନ୍‌ମାନେ ବାହାର କରିବା ତାଜିଆ ଓ ତତ୍‌ସଙ୍କ୍ରାନ୍ତ ଖେଳ ତାମସା ଧର୍ମବିରୁଦ୍ଧ । କିନ୍ତୁ କାଳକ୍ରମେ ଏ ଶୋକ-ପ୍ରକାଶକ ଯାତ୍ରା ଉତ୍ସବ ଓ ରଙ୍ଗରେ ପରିଣତ ହୋଇଅଛି । କଥିତ ଅଛି ଯେ ତୈମୁରଲଙ୍ଗ୍ ଭାରତବର୍ଷରେ ତାଙ୍କ ସୈନ୍ୟଙ୍କ ପାଳିତ ( ଖ୍ରୀ• ୧୩୯୮ ) ମହରମ୍ ଉପଲକ୍ଷରେ ତାଜିଆ ନିର୍ମାଣ କରି ତାଜିଆ ସହିତ ଶୋଭାଯାତ୍ରା କରିବା ପ୍ରଥମ ଆରମ୍ଭ କରିଥିଲେ ଓ ସେହି ସମୟରୁ ଏହା କ୍ରମଶଃ ସମଗ୍ର ଭାରତର ମୁସଲମାନଙ୍କ ମଧ୍ୟରେ ଚଳି ଆସୁଅଛି । ଯେଉଁ ଯୁଦ୍ଧର ସ୍ମରଣାର୍ଥ ମହରମ୍ ପାଳିତ ହୁଏ ତାହା ମୁସଲମାନୀ ମହରମ୍ ମାସର ୭ମ ଦିନ ଆରମ୍ଭ ହୋଇ ୯ମ ଦିନ ଶେଷ ହେଲା ଓ ହୋସେନ୍ ୧୦ମ ଦିନ ଆବବର କରବଲା ନାମକ ରଣକ୍ଷେତ୍ରରେ ନିହତ ହେଲେ । ମହରମରେ ଶୋକ-ପ୍ରକାଶର ଚିହ୍ନରୂପେ ମୁସଲମାନମାନେ ସାବଜା ରଙ୍ଗର ପୋଷାକ ପିନ୍ଧନ୍ତି । ଶୋଭାଯାତ୍ରା ସହ ସେମାନେ ଯେଉଁ 'ତାଜିଆ' ବାହାର କରନ୍ତି ତାହା ହୋସେନଙ୍କ କଫନ୍ ବା ଶବରଥର ପ୍ରତିକୃତି ଅଟେ ।

ମୁସଲମାନ୍‌ମାନେ ଏହି ରଣଯାତ୍ରାର ସ୍ମରଣ ଚିହ୍ନସ୍ୱରୂପ ହୋସେନଙ୍କ ପାପୁଲିର ପ୍ରତିରୂପ ପିତଳର 'ପାଞ୍ଜା' ବା କରତଳ ପରି ଗୋଟିଏ ରୂପକୁ କାଗଜ ଓ ଜରିରେ ନିର୍ମିତ ନିମାନରେ ରଖି ତହିଁ ସଙ୍ଗେ ଅସ୍ତ୍ରଶସ୍ତ୍ର ସଜ୍ଜିତ ହୋଇ ଯୁଦ୍ଧଯାତ୍ରା କରନ୍ତି । ମହରମ୍ ମାସର—

୬ଷ୍ଠ ଦିନ—ଆଉଲିଆ ମାହାତମ୍—ପାଞ୍ଜାକୁ ତାଜିଆରେ ସ୍ଥାପନ କରି ଫାତିଆ (ପୂଜା) କରନ୍ତି ।

୭ମ ଦିନ—ଦୋପହରିଆ ମାହାତମ—ଫାତିମାଙ୍କ ପୁତ୍ର-ଶୋକ ସମାଚାର ସ୍ମାରକ ସ୍ୱରୂପ ଦିନ ଦ୍ୱିପ୍ରହର ବେଳେ ଫାତିଆ କରନ୍ତି ।

୮ମ ଦିନ—ଘୁମ୍‌ଘୁମ୍ ବା ବିଶ୍ରାମ—ଏ ଦିନ ଶତ୍ରୁ ଭୟରେ ଜଙ୍ଗଲ ମଧ୍ୟରେ ଗୋଟିଏ କୂଅ ଭିତରେ ହୋସେନ୍ ପଶି ରହିଥିବାରୁ ସେ ଦିନ କିଛି ଯାତ୍ରା କରାଯାଏ ନାହିଁ ।

୯ମ ଦିନ—କତଲ୍—ଏ ଦିନ ମୁସଲମାନଙ୍କ ବିଭିନ୍ନ ଦଳମାନ ରାତିକୁ ତାଜିଆ ବାହାର କରି ନିଜ ନିଜ ଆଖଡ଼ାରେ ଅସ୍ତ୍ର ଶସ୍ତ୍ରସଞ୍ଚାଳ ନ କରନ୍ତି । ଏହି ଦିନ ଯୁଦ୍ଧରେ ହୋସେନ୍ ଓ ତାଙ୍କ ପକ୍ଷମାନେ ନିହତ ହୋଇଥିଲେ ।

୧୦ମ ଦିନ—ଅଲ୍‌ବିଦା—ଏ ଦିନ ସକାଳେ ତାଜିଆକୁ ନେଇ ନଗର ଯାତ୍ରା କରି ଫେରି ବିଶ୍ରାମ କରନ୍ତି ଓ ପୁଣି ରାତିକୁ ତାଜିଆକୁ ନେଇ ନଦୀଆଦିରେ ( କରବଲା ନାମକ ଯୁଦ୍ଧକ୍ଷେତ୍ର କଳ୍ପନା କରି ତହିଁରେ ) ତାଜିଆକୁ ବିସର୍ଜନ କରନ୍ତି । ]

ମହର(ରୁ)ଷି—ଗ୍ରା. ବି ( ପଦ୍ୟ )—ମହର୍ଷି ( ଦେଖ )—Maharshi. Mahara(ru)shi ( See). [ଉ—ନାରଦ ମହରଷି ଆଦରକୁ ପାଇ, କହିଲେ କଥା ଯୁଧିଷ୍ଠିରଙ୍କୁ ଅନାଇ । କୃଷ୍ଣସିଂହ **महर्षि** মহাঋষি ମହାଭାରତ. ବନ । ]

ମହରି—ପ୍ରାଦେ (ସମ୍ବଲପୁର) ବି (ସଂ. ମଧୁରୀ)—ପେଁକାଳି; ମହୁରି—Mahari A small clarion. মহুরি, সানাই **पिपही; सहनाई**

ମହରେଲ୍—ପ୍ରାଦେ (ସମ୍ବଲପୁର) ବି (ସଂ. ମଧୁଶୃଙ୍ଗକା; ସଂ. ମୁରଲ)—Maharel ମହୁରାଣ୍ଡି ମାଛ—Aspidoparia Marar (a small kind of fish ).

ମହର୍ଗ (ଇତ୍ୟାଦ)—ବେ. ବ—ମହରର୍ଗ ଇତ୍ୟାଦ ( ଦେଖ )
Maharga (etc) Maharaga etc ( See )

ମହର୍ଲୋକ—ସ. ବ (ମହଃ+ଲୋକ)—ସପ୍ତଲୋକ ବା ସପ୍ତସ୍ୱର୍ଗମଧ୍ୟରୁ ୪ର୍ଥ
Maharloka ଲୋକ—The 4th of the 7 heavens of the Hindus (calculated from the earth).

ମହର୍ଷଭ—ସ. ବ (ମହା+ଋଷଭ+ଅ)—ଡାଇରଙ୍କ ( ହ୍ରୁ. ଷ )—
Maharshabhi Cowhage.

ମହର୍ଷି—ସ. ବ ( ମହାନ୍+ଋଷି; କର୍ମଧା; ମହତ୍ ଶବ୍ଦରୁ ମହା+
Maharshi ଋଷି )—୧ । ଶାସ୍ତ୍ରକଥିତ ସାତ ପ୍ରକାର ଋଷି ( ଦେବର୍ଷି, ମହର୍ଷ, ବ୍ରହ୍ମର୍ଷି, ଶ୍ରୁତର୍ଷି, ରାଜର୍ଷି, କାଣ୍ଡର୍ଷି, ପରମର୍ଷି )ଙ୍କ ମଧ୍ୟରୁ ଏକତମ—1. One of the 7 classes of saints mentioned in the Śāstras. ୨ । ଶ୍ରେଷ୍ଠ ଋଷି; ପ୍ରଧାନ ମୁନି—2. An eminent sage. ୩ । ପ୍ରଜାପତି; ବ୍ରହ୍ମାଙ୍କଠାରୁ ଜାତ ୧୦ ପ୍ରଜାପତି ( ମନୁ. ୧।୩୪ )—3. The ten patriarchs of mankind procreated by Brahmā. ( ଦ୍ର—ଏମାନଙ୍କ ନାମ ଭୃଗୁ, ମରୀଚି, ଅତ୍ରି, ଅଙ୍ଗିରାଃ, ପୁଲହ, କ୍ରତୁ, ମନୁ, ଦକ୍ଷ, ବଶିଷ୍ଠ, ପୁଲସ୍ତ୍ୟ । ) ୪ । ମରୀଚି ଅଙ୍ଗିରା ପ୍ରଭୃତି ବ୍ରହ୍ମାଙ୍କର ୭ ଜଣ ମାନସପୁତ୍ର ( ମରୀଚି, ଅତ୍ରି, ଅଙ୍ଗିରା, ପୁଲସ୍ତ୍ୟ, ପୁଲହ, କ୍ରତୁ, ବଶିଷ୍ଠ )—4. The seven primordial sages born of Brahmā's mind. ୫ । ଭୈରବ ରାଗର ପୁତ୍ର, ରାଗବିଶେଷ ( ହ୍ରୁ. ଶ )—5. Name of a secondary musical air.

ମହର୍ଷି ଦେବେନ୍ଦ୍ରନାଥ ଠାକୁର—ଦେ. ବ ( ନାମ )—ବଙ୍ଗର ଠାକୁର
Maharshi debendranātha ṭhākura ଜମିଦାର ବଂଶର ଜଣେ ମହାପଣ୍ଡିତ, ସାଧକ ଓ ପ୍ରଧାନ ଧାର୍ମିକ ବ୍ୟକ୍ତି—Name of a saintly personage and a member of the Tagore zamindar family of Bengal. [ ଦ୍ର—ଜନ୍ମ ୧୮୧୭ ଓ ମୃତ୍ୟୁ ୧୯୦୫ ଖ୍ରୀଷ୍ଟାବ୍ଦ । ଏ ଦ୍ୱାରକାନାଥ ଠାକୁରଙ୍କ ଜ୍ୟେଷ୍ଠପୁତ୍ର । ଏ ଏକେଶ୍ୱରବାଦୀ ଥିଲେ ଓ ପ୍ରତିମାପୂଜାର ବିରୋଧୀ ଥିଲେ ଏବଂ ଏକେଶ୍ୱର ବ୍ରହ୍ମ ପ୍ରତିପାଦକ ତତ୍ତ୍ୱ ପ୍ରବର୍ତ୍ତନାର୍ଥ ତତ୍ତ୍ୱବୋଧିନୀ ନାମରେ ଏକ ମାସିକ ପତ୍ରିକା ଚଳାଉଥିଲେ । ଏ କବିବର ରବୀନ୍ଦ୍ରନାଥଙ୍କର ପିତା । ଏ ୧୮୪୩ ସାଲରେ ବ୍ରାହ୍ମଧର୍ମରେ ଦୀକ୍ଷିତ ହୋଇଥିଲେ ଓ ଆଦି ବ୍ରାହ୍ମସମାଜର ନେତୃସ୍ଥାନୀୟ ଥିଲେ । ]

ମହଲ୍—ବୈଦେ. ପ୍ରାଦେ ( ସମ୍ବଲପୁର ) ବ ( ଭୁଲ. ହି. ମହଲ୍, ଅ.
Mahal ମହଲ୍ )—୧ । ପକ୍କାଘର; କୋଠା—1. Build-
(ମହଲ୍‌ଘର—ଅନ୍ୟରୂପ) ing. ୨ । ରାଜଯୋଗ୍ୟ ପ୍ରାସାଦ—2. Palatial building; mansion.

ମହଳ—ଗ୍ରା. ବଣ (ସ. ମଳିନ)—ମଳିନ; ମଳଯୁକ୍ତ—Dirty; soiled.
Mahaḷa ବ ( ସ. ମଳ )—ମଳ; ମଳି—Dirt. ମହଳ

ମଇଳା ଲୁଗା—Dirty cloth [ ଦ୍ର—ଶାଇବ ମହଳ,
ମୈଲା ପିନ୍ଧିବ ମହଳ, ଦାଣ୍ଡସର ଖଣ୍ଡ ଅଛୁଅ କର, ଅଧେ ଅଧଣା ଅଧେ ପର, ତେବେ ଯାଇଁ ଏ ରାଇଜରେ କରବ ଘର—ଢଗ । ]

ମହଲ—ବୈଦେ. ବ (ଅ)—୧ । ଆଳୟ; ଅଗାର; ବାସସ୍ଥାନ; ପୁର—
Mahala 1. House; residence. ୨ । ପ୍ରକୋଷ୍ଠ;
ମହଲ କୋଠରି; କାମରା—2. Room; compartments
महल hall. ୩ । ଗୃହ ବା ବାସସ୍ଥାନର ଅଂଶ—3. A part or division of a house; apartment. ୪ । ପ୍ରାସାଦ; ସୁଦୋଚ୍ଚତ ଅଟ୍ଟାଳିକା—4. Palatial building; mansion. ୫ । ରାଜବାଟୀ—5. Royal palace. ୬ । ଅନ୍ତଃପୁର—6. The zenana of a palace. ଦେ. ବ—୧ । ବନ୍ୟବୃକ୍ଷ ବିଶେଷ—1. A wild tree.
(ମହଲ—ଅନ୍ୟରୂପ) ୨ । ଗୋଷ୍ଠୀ; ମେଳ; ସମାଜ—2. Society.
ମହଲ ( ଦ୍ର—ସାଙ୍ଗ ମହଲରେ କଅଁଭୁଣ୍ଡୀ କଥା ସ୍ପଷ୍ଟ ହେଲା ।
महल ଭୁଲୁଜାଉମାଖୀ. କଅଁଭୁଣ୍ଡୀ । )

ମହଳଣ(ନ)—ଗ୍ରା. ବଣ (ସ. ମଳିନ )—୧ । ମଳିନ—1. Pale.
Mahaḷaṇa(na) ୨ । ମଉଳି ଯାଇଥିବା (ବୃକ୍ଷ)—2.
ମଳିନ मलिन Withered (plant).

ମହଳଣ(ନ) ପଡ଼ିବା—ଦେ. କ୍ରି—୧ । ମଉଳିଯିବା; ମଳିନ ହେବା—
Mahaḷaṇa(na) paṛibā 1. To become pale; to
ମଲିନ হওয়া wane. ୨ । ଝାଉଁଳିବା—2. To wither.
मलिन होना (ମହଳିବା—ଅନ୍ୟରୂପ)

ମହଲତ—ବୈଦେ. ବ ( ଅ. ମୁ[ମୋ]ହ୍ଲତ୍ ) ( ଚଳିତ )—୧ ।
Mahalat ମକଦ୍ଦମାରେ ପକ୍ଷମାନଙ୍କୁ ହାକିମଙ୍କଦ୍ୱାରା ଦିଆଯିବା
মহলত ଅବକାଶ ବା ସମୟ—1. Time allowed to
मु(मो)हलत parties in a case. ୨ । ମକଦ୍ଦମାର ଶୁଣାଣିର ଅନ୍ୟ ତାରିଖକୁ ଘୁଞ୍ଚିବା—2. Adjournment of the hearing of a case. ( ଦ୍ର—କି ଦେବେ ମାଗିଲେ ମହଲତ ମାସେ । ରାଧାନାଥ. ଦରବାର । )

ମହଲତ୍ କରା(ରେ)ଇବା—ଦେ. କ୍ରି—ଚଳିତ; ଅ. ମୁହ୍ଲତ୍)—
Mahalat karā(re)ibā ମକଦ୍ଦମାର ଶୁଣାଣି ତାରିଖ ଘୁଞ୍ଚି
মহলত করান ଯିବାର ହୁକୁମ ମିଳିବାର ବନ୍ଦୋବସ୍ତ ବା ଉଦ୍‌ଯୋଗ
मुहलत करना କରିବା—To arrange for time being granted for the hearing of a case; to take steps for the adjournment of a case.

ମହଲତ କରିବା—ଦେ. କ୍ରି—(ଅ. ମୁହ୍ଲତ୍) (ଚଳିତ)—୧ । ମହ-
Mahalata karibā ଲତ କରାଇବା (ଦେଖ)—1. Maha-
মহলত করা मुहलत करना lata karāibā (See)
୨ । (ହାକିମ ନିଜେ) ମକଦ୍ଦମାର ପକ୍ଷଙ୍କୁ ସମୟ ଦେଇ ମକଦ୍ଦମାର ଅନ୍ୟ ତାରିଖ କରିବା—2. (the court) To fix another date for a case.

ମହଲତ ଚାହିଁ(ହିଁ)ବା—ଦେ. କ୍ରି. (ଚଳିତ) (ଅ. ମୁହ୍ଲତ୍)—ମହଲତ
Mahalata chāhĩ(hi)bā ପାଇଁ ହାକିମଙ୍କ ନିକଟ ପ୍ରାର୍ଥନା

ମହଲତ ଚାଓୟା ଲଇବା—To ask of the court for time.
मुहल्लत मांगना (ମହଲତ ମାଗିବା—ଅନ୍ୟରୂପ)

**ମହଲତ ଦରଖାସ୍ତ(ସ)**—ବୈଦେ. ବି (ଅ. ମୁହ୍ଲତ୍; କଚେରୀ)—
Mahalata darakhāsta (sa) ସମୟ ନେବା ପାଇଁ ହାକିମଙ୍କ
মহলত দরখাস্ত ନିକଟରେ ପକ୍ଷଙ୍କର ଆବେଦନପତ୍ର—A peti-
मुहलत दरखास्त tion for time filed by a party to a case; a petition for adjournment.

**ମହଲତ ଦେବା**—ଦେ. କ୍ରି—(ଅ. ମୁହ୍ଲତ) (କଚେରୀ)—(ହାକିମ)
Mahalata debā ମକଦ୍ଦମାର ଶୁଣାଣି ପାଇଁ ପକ୍ଷଙ୍କୁ ପ୍ରାର୍ଥିତ ସମୟ
মহলত দেওয়া ଦେବା—(a court) To grant or allow
मुहल्लत देना time to parties in a case; to grant an adjournment.

**ମହଲତ ନେବା**—ଦେ. କ୍ରି (ଅ. ମୁହ୍ଲତ୍; କଚେରୀ)—(ମକଦ୍ଦମାର
Mahalata nebā ପକ୍ଷ) ହାକିମଙ୍କଠାରୁ ନିର୍ଦ୍ଦିଷ୍ଟ କାଳ
মহলত লওয়া ପାଇଁ ସମୟ ନେବା—(a party in a case)
मुहल्लत लेना To take time from the court.

**ମହ(ହା)ଲଦାର**—ବୈଦେ. ବି (ଅ. ମାହାଲ୍‌ଦାର)—ଜମିଦାର—
Maha(hā)ladār माहालदार A zamindar.

**ମହଲ ମେଲେଛ(ଛା)**—ଦେ. ବଣ. ପୁଂ (ଦ. ମଇଳ ଓ ମ୍ଲେଚ୍ଛ)—
Mahala melechha(chhā) ଅତି ଅପରିଷ୍କାର ଶରୀର ଓ
ময়লা মেলেছ ବସ୍ତ୍ରଧାରୀ (ବ୍ୟକ୍ତି)—(a person) With
मैला मलेछ dirty body and clothes.
(ମହଲ ମେଲେଛୁଆ—ଅନ୍ୟରୂପ) [ ମହଲ ମେଲେଛୀ,
(ମହଲ ମେଲେଛେଇ, ମଇଳ ମେଲେଛୁଆଣୀ, ମହଲ ମେଲେଚ୍ଛୀ—ସ୍ତ୍ରୀ)

**ମହଲ୍ଲ(ଲ୍ଲା)**—ବୈଦେ. ବି (ଅ. ମହଲ୍)—୧ । ତଳବିଶିଷ୍ଟ କୋଠା—
Mahalā(llā) 1. A storeyed building. ୨ । କୋଠାର
তালা,মহল্লা ତଳ ବା ସ୍ତର; ମାଳାନ୍—2. Storey of a
महला(ल), मंजील building. ଦେ. ବଣ (ସଂଖ୍ୟାବାଚକ ଶବ୍ଦ
ସଙ୍ଗେ ଯୁକ୍ତ ଯଥା—ଏକ ମହଲ୍ଲ କୋଠା, ଦୋମହଲ୍ଲ
କୋଠା ଇତ୍ୟାଦି) (ଏବେ) ତଳଯୁକ୍ତ—Having
(so many) storeys; storied. ବୈଦେ. ବି—
মহল্লা (ଫା. ମହଲ୍ଲା; ମୁହଲ୍ଲା)—୧ । ନଗରର ଭିନ୍ନ ଭିନ୍ନ ଅଂଶ
मुहल्ला ବା ବସ୍ତି ବା ପଲ୍ଲୀ—1. Different parts or
quarters of a town. [ ଦ୍ର—କଟକର ଭିନ୍ନ ଭିନ୍ନ
ମହଲ୍ଲାକୁ ଗଳି, ସମ୍ବଲପୁରରେ ପଡ଼ା, ପୁରୀରେ ସାହି ଓ
ବାଲେଶ୍ୱରରେ ଗଞ୍ଜ କହନ୍ତି । ] ୨ । ମୁସଲମାନ ଗ୍ରାମର
ଅଂଶ ବା ପଡ଼ା—2. A particular part of a
মাল্লা Mahomedan village. ୩ । (ଫା. ମଲ୍ଲାହ୍) ମଲ୍ଲୀ;
मल्लाह ମଲ୍ଲା; ଏକ ପ୍ରକାର ନୌକାବାହୀ ଜାତି—
3. Title of a class of boatmen.

**ମହଲ୍ଲ(ଲ୍ଲା)ଦାର**—ବୈଦେ. ବି (ଫା)—ସହରର କୌଣସି ମହଲ୍ଲାର
Mahalā(llā)dār ବା ବଜାରର ତତ୍ତ୍ୱାବଧାୟକ—The head-
মহল্লাদার man of a particular quarter of a town.
महल्लादार

**ମହଲିଆ**—ଦେ. ବଣ (ଦ. ମଇଳ)—୧ । ମଇଳଯୁକ୍ତ, ମଇଳା, ମଅଳିଆ;
Mahaliā ମଳିନ—1. Dirty; filthy.
ময়লা मैला ୨ । ବିବର୍ଣ୍ଣ—2. Pale.

**ମହସିଲ୍‌ଦାର**—ବୈଦେ (ଫା)—୧ । (କଚେରୀ) (ଫା. ମୁହସ୍ସିଲ୍)—
Mahasil-dār ଅର୍ଥଦଣ୍ଡରେ ଦଣ୍ଡିତ ବ୍ୟକ୍ତିଠାରୁ ଜୋରିମାନା
मुहसिल ଆଦାୟ କରିବାପାଇଁ ଭାରପ୍ରାପ୍ତ କର୍ମଚାରୀ—1 An
officer deputed to realise fines imposed by a public officer. ୨ । ତହସିଲଦାର—
2. Rent-collecting officer.

**ମହ(ହୁ)ଶୁ(ଶ)ମ୍[ନ୍]**—ବୈଦେ. ବି (ଇଂ. ମୋସନ୍) (କଚେରୀ)—
Maha(hu)śu(śa)m(n) ୧ । ମହୁସନ୍; ହାଇକୋର୍ଟ ଅଧିରେ
মোশন ନିମ୍ନ ଅଦାଲତଙ୍କ ଆଦେଶ ବଦଳିବାରେ ଅପିଲ୍ ପଏଣ୍ଟ
मोशन ସମ୍ବନ୍ଧରେ ଦାଏର୍ କରାଯିବା ଅପିଲ୍—1. Motion filed for revision of a lower court's judgment by the High Court; an appeal on a point of law. ୨ । ମହୁସୁମ୍ (ଦେଖ)—2. Mausum (See).

**ମହ[ହୁ]ଶୁ(ଶି)ମି**—ବୈଦେ. ବି ଓ ବଣ (ଅ. ମୌସୀମ୍=ଋତୁ, ମୌସୀମୀ
Maha(hu)śu(śi)mi =ଋତୁକାଳୀନ)—ମହୁସୁମି (ଦେଖ)—
মরসুমী मौसमी,मौसु(सि)मी Mausumi (See).

**ମହସ୍**—ସ. ବି (ମହ୍ ଧାତୁ+ଅସ୍)—୧ । (+ଭର୍ମ. ଅସ୍) ତେଜଃ—
Mahas 1. Brilliance. ୨ । (+ଅଧିକରଣ, ଅସ୍) ଉତ୍ସବ—
2. Festival. ୩ । (+କରଣ, ଅସ୍) ଯଜ୍ଞ—
3. A vedic sacrifice.

**ମହସ**—ସ ବି (ମହ୍ ଧାତୁ+କରଣ ଅସ)—୧ । ଜ୍ଞାନ—1. Know-
Mahasa ledge. ୨ । ପ୍ରକାର—2. Kind. ୩ । ପ୍ରଭେଦ—
3. Difference.

**ମହ(ହୁ)ସୁପ[ଫ]**—ଦେ. ବଣ. ପୁଂ (କଚେରୀ)—ମୌସୁପ (ଦେଖ)
Maha(hu)sup(ph) [ମହୁସୁଫିଆ—ସ୍ତ୍ରୀ] Mausup (See).

**ମହ(ହୁ)ସୁମ[ମି]**—ଦେ.ବି (ଅ.ମୌସୀମ୍=ଋତୁ)—୧ । ଶସ୍ୟୋତ୍ପତ୍ତି—
Maha(hu)sum(mi) 1. The production of grains.
୨ । କୃଷିର କୌଣସି କର୍ମ କରିବାର ଉପଯୁକ୍ତ ଋତୁ—
2. The proper season for a particular agricultural operation.

**ମହସୁଲ୍**—ବୈଦେ. ବି (ଫା. ମୌସିମ୍)—୧ । ପ୍ରକାର; ରକମ—
Mahasul 1. Kind; variety. ୨ । ଋତୁ—2. Season.
রকম ଦେ. ବି—ମହସୁମ୍ ( ଦେଖ )
रकम Mahasum ( See )

**ମହା**—ଦେ. ବଣ (ମହ୍ ଧାତୁ+କରଣ. ଅ; ମହତ ଶବ୍ଦର ଗୋଟିଏ
Mahā ରୂପ)—୧ । ଶ୍ରେଷ୍ଠ; ଉତ୍କୃଷ୍ଟ—1. Excellent.
୨ । ପ୍ରଧାନ—2. Chief. ୩ । ଅତ୍ୟନ୍ତ; ବିଶେଷ;
ବେଳାଏ—3. Too much; much; excessive.
୪ । ବଡ଼—4. Big; large. ଦ. କ୍ରିଣ ବଣ—
ଅତ୍ୟନ୍ତ—Very; much; very much. [ ଦ୍ର—
ମହତ୍ ଶବ୍ଦ ତଳେ ଟୀକା ଦେଖ ।]

**ମହା ଅକଡ଼(ଳ)**—ଦେ. ବି—ଅତ୍ୟନ୍ତ ଅସୁବିଧା – Great inconvenience or awkwardness.
Mahā akarḍa(ḷa)
ମহা বিপদ ଦେ. ଉ଼—ଅତ୍ୟନ୍ତ ଅସୁବିଧାଜନକ—Very inconvenient. [ଦ୍ର—ଏହିପରି ଅନେକଗୁଡ଼ିଏ
**মহা অসুবিধা**
[ମହା ଅଖଡ଼(ଡ଼)—ଅନ୍ୟରୂପ] ଦେଶୀୟ ଶବ୍ଦ ସଙ୍ଗେ ସନ୍ଧି ନ ହୋଇ ମହା ଶବ୍ଦ ଭାଷାରେ ବ୍ୟବହୃତ ହୁଏ ।]

**ମହା ଅକଡ଼ି(ଳି)ଆ**—ଦେ. ବିଣ—୧ । ଭାରି ଅଖଡ଼ିଆ; ଅତ୍ୟନ୍ତ ଅସୁବିଧା ଯୁକ୍ତ (କାର୍ଯ୍ୟ)—1. Very inconvenient or awkward. ୨ । ଅତି
Mahā akarḍi(ḷi)ā
মহা বিপদের **মহা উত্তুঙ্গ**
[ମହା ଅଖଡ଼ି(ଢ଼ି)ଆ—ଅନ୍ୟରୂପ] ଅଖାଡ଼ୁଆ (ବ୍ୟକ୍ତି)—2. Rash (person).

**ମହା ଅଖାଡ଼ୁ**—ଦେ. ବିଣ—୧ । ଭାରି ଅବୁଝାମଣା (ଲୋକ)—1 Very unreasonable (person).
Mahā akhārḍu
(ମହା ଅଖାଡ଼ୁଆ—ଅନ୍ୟରୂପ) ୨ । ଦୁଃଶାସ୍ୟ ( ବ୍ୟକ୍ତି )—2. Unmanageable or ungovernable (person). ୩ । ଅବିବେକ—3. Rash.
বড় অবুঝ
**মহা বেকুফ**

**ମହା ଅସାଧ**—ଦେ. ବିଣ—୧ । ଅତ୍ୟନ୍ତ ଅସାଧ୍ୟ—1. Very impracticable; very unmanageable. ୨ । ଅତ୍ୟନ୍ତ ଅଗମ୍ୟ—2. Very unapproachable. ୩ । ମହା ଅଖାଡ଼ୁ (ଦେଖ) 3. Mahā akhārḍu ( See )
Mahā asādhya
ভারী অসাধ্য
**মহা অসাধ্য**

**ମହା ଆନନ୍ଦ**—ଦେ. ବି (ସଂ. ମହାନନ୍ଦ)—ବିଶେଷ ଆନନ୍ଦ—Great delight.
Mahā ānanda
মহা আনন্দ ଦେ. ବିଣ (ସଂ. ମହାନନ୍ଦ)—ବିଶେଷ ଆନନ୍ଦିତ—Greatly delighted; overjoyed.
**মহা আনন্দ**
[ଦ୍ର—ଏହିପରି ମହାପ୍ରେମ, ମହା ଖୁସି ଓ ମହାସୁଖ ଆଦିର ପ୍ରୟୋଗ ହୁଏ ।]

**ମହା ଋଷି**—ଦେ. ବି (ସଂ. ମହର୍ଷି)—ମହର୍ଷି; ଶ୍ରେଷ୍ଠ ଋଷି; ମହାମୁନି—A great sage.
Mahā rushi
মহা ঋষি (ଲୋ—ଋଷିଙ୍କ ଘରକୁ ମହା ଋଷି ଗଲେ, ଖାସି ଘରକୁ ଶିଖ କାଢ଼ିଲେ—ଢଗ ।)
**মহা ঋষি**

**ମହା କଚ୍ଛ**—ସଂ. ବି (ବହୁବ୍ରୀହି; ମହତ୍ ଅଟେ କଚ୍ଛ=ତୀର ଯାହାର)—୧ । ପର୍ବତ—1. Mountain. ୨ । ସମୁଦ୍ର—2. Ocean. ୩ । ବରୁଣ—3. The God of ocean.
Mahā kachchha

**ମହା କନ୍ଦ**—ସଂ. ବି (କର୍ମଧା)—ରସୁଣ—Garlic (Apte).
Mahā kanda

**ମହା କପିତ୍ଥ**—ସଂ. ବି—୧ । ବିଲ୍ୱ ଗଛ—1 The Marmalus tree (Apte). ୨ । ନାଲି ରସୁଣ—1. Red garlic (Apte).
Mahā kapittha

**ମହା କବି**—ସଂ. ବି—୧ । ମହାକାବ୍ୟର ପ୍ରଣେତା—1. An epic poet. ୨ । ଉଚ୍ଚ ଶ୍ରେଣୀର କବି—2. A great or high class poet. [ଦ୍ର—ମହା କବି ବ୍ୟାସ, ବାଲ୍ମୀକି, କାଳିଦାସ, ଉପେନ୍ଦ୍ରଭଞ୍ଜ, ସେକ୍ସପିଅର୍, ଡାନ୍ଟେ, ଗେଟେ, ହୋମର୍, ରବୀନ୍ଦ୍ରନାଥ ପ୍ରଭୃତି ।]
Mahā kabi

**ମହା କବି ପ୍ରୟୋଗ**—ସଂ. ବି. (ଷଷ୍ଠୀ ତତ୍)—ମହା କବିମାନେ ସେମାନଙ୍କର ରଚନାରେ ବ୍ୟବହାର କରିଥିବା ବ୍ୟାକରଣବିରୁଦ୍ଧ ବା ଭାଷାର ରୀତି ବିରୁଦ୍ଧ ପ୍ରୟୋଗ; ଶିଷ୍ଟ ପ୍ରୟୋଗ—Ungrammatical or unidiomatic use of words or sentencess appearing in the writings of great poets; archaic use of words found in the work of great poets. [ଦ୍ର—ଢଗ ଅଛି ଯେ 'କବି ଭୁଣ୍ଡ ମେଣ୍ଢା ମୁଣ୍ଡ' ଅର୍ଥାତ୍ ମେଣ୍ଢା ମୁଣ୍ଡ ଯେପରି କୌଣସି ବାଧା ମାନେ ନାହିଁ, କବି ଭୁଣ୍ଡ ମଧ୍ୟ ସେହିପରି ବ୍ୟାକରଣର ନିୟମକୁ ସବୁ ବେଳେ ମାନେ ନାହିଁ । ସବୁ ଦେଶର ସବୁ ମହାକବିମାନଙ୍କ ରଚନାରେ ଅନେକ ସ୍ଥଳରେ ବ୍ୟାକରଣବିରୁଦ୍ଧ ଓ ରୀତି ବିରୁଦ୍ଧ ପ୍ରୟୋଗମାନ ଦେଖାଯାଏ; ସେମାନ ବ୍ୟାକରଣବିରୁଦ୍ଧ ହେଲେ ମଧ୍ୟ ମହାକବିଙ୍କ ପ୍ରୟୋଗ ଥିବାରୁ ଅଶୁଦ୍ଧ ବୋଲି ବୋଲାଯାଏ ନାହିଁ । ବିଶ୍ୱାସ ଶବ୍ଦ ବିଶେଷ୍ୟ, ମାତ୍ର ମହାକବି ଜଗନ୍ନାଥ ଦାସ ଭାଗବତରେ 'ସେ ମୋର ହୋଇବ ବିଶ୍ୱାସ' ଏ ସ୍ଥଳରେ ଏଶବ୍ଦକୁ ବିଶେଷଣ ରୂପେ ବ୍ୟବହାର କରିଅଛନ୍ତି । ସୁତରାଂ ଏହାକୁ ମହାକବି ପ୍ରୟୋଗ ବୋଲାଯିବ ।]
Mahā kabi prayoga

**ମହା କମ୍ବୁ**—ସଂ. ବିଣ—ନଗ୍ନ—Stark naked (Apte).
Mahā kambu ସଂ. ବି—ଶିବ—Śiba (Apte).

**ମହା କର**—ସଂ. ବିଣ. ପୁଂ ( ବହୁବ୍ରୀହି)—୧ । ଯାହାର ହାତ ବଡ଼—1. Large-handed. ୨ । ଯାହାର ରାଜସ୍ୱ ଅଧିକ—2. Having a large revenue (Apte). ସଂ. ବି—ଏକ ବୋଧିସତ୍ତ୍ୱ—Name of a Buddhist saint.
Mahā kara
(ମହାକରା—ସ୍ତ୍ରୀ)

**ମହା କରଞ୍ଜ**—ସଂ. ବି—ଏକ ପ୍ରକାର କରଞ୍ଜ ( ଦେଖ ) A kind of Karañja ( See )
Mahā karañja
[ଦ୍ର—ଏଥିର ଫଳ ସାଧାରଣ କରଞ୍ଜ ଫଳ ଅପେକ୍ଷା ବଡ଼ । ବୈଦ୍ୟଶାସ୍ତ୍ର ମତରେ ଏହାର ମୂଳର ଛାଲ୍ ଗ୍ରହଣୀୟ । ଏହା ଗୁଳ୍ମ, ଉଷ୍ଣ, କଟୁ ଓ ବିଷ, କୁଷ୍ଠ, କଣ୍ଡୁ, ବ୍ରଣ ଓ ଚର୍ମ ରୋଗ ନାଶକ—(ହି. ଶ) । ଏହାର ଅନ୍ୟ ସଂ. ନାମ ହସ୍ତିଚାରିଣୀ, ବିଷଘ୍ନୀ, କାଳଘ୍ନୀ, ଷଡ଼୍ଗ୍ରନ୍ଥା, ରସାୟନୀ, ସୁମନାଃ, ମଦହସ୍ତିନୀ, ହସ୍ତି କରଞ୍ଜକ, କାକ ଭାଣ୍ଡୀ, ମଧୁମତୀ ।]

**ମହା କର୍ମା**—ସଂ. ବିଣ. ( ବହୁବ୍ରୀହି; ମହତ୍+କର୍ମନ୍ )—ମହତ୍ କର୍ମ ସାଧନକାରୀ—Doing great works.
Mahā karmā
ସଂ. ବି—ଶିବ—Śiba (Apte).

**ମହାକର୍ଷଣ**—ସଂ. ବି ( ଅଧିକାର ବିଜ୍ଞାନ ପରିଭାଷା; ମହତ୍+ଆକର୍ଷଣ)—୧ । ଅତି ପ୍ରବଳ ଭାବରେ ଆକର୍ଷଣ—1. Strong attraction. ୨ । ଯେଉଁ ପ୍ରକୃତ ଶକ୍ତିଦ୍ୱାରା ପ୍ରତ୍ୟେକ ବସ୍ତୁ ଅନ୍ୟ ବସ୍ତୁକୁ ଯଥାଶକ୍ତି ଆପଣା ନିକଟକୁ ଆକର୍ଷଣ କରେ; ମାଧ୍ୟାକର୍ଷଣ—2. Force of gravitation.
Mahākarshaṇa

ମହାକଲରବ—ସଂ. ବି ( କର୍ମଧା)—ଭୟାନକ ଗୋଳମାଳ; ହୋହା—
Mahākaḷaraba Much ado; uproar.

ମହାକଷ୍ଟ—ସଂ. ବି ( କର୍ମଧା )—ଅତି ଦୁଃଖ—Great difficulty;
Mahākashṭa much hardship. ସଂ. ବିଣ (ବହୁବ୍ରୀହି)
—ଅତି ଦୁଃଖୀ—Very miserable.

ମହା କଷ୍ଟୀ—ଦେ. ବିଣ (ସଂ. ମହାକଷ୍ଟ)—ବିଶେଷରୂପେ ଦୁଃଖୀ; ଯେ
Mahākashṭī ଅତ୍ୟନ୍ତ ଦୁଃଖଭୋଗ କରୁଥାଏ—Suffering
great hardship; very miserable.

ମହାକାବ୍ୟ—ସଂ. ବି (କର୍ମଧା; ମହତ୍+କାବ୍ୟ )—ପୁରାଣାନ୍ତର୍ଗତ ପ୍ରସିଦ୍ଧ
Mahākābya ବୃତ୍ତାନ୍ତ ବା ଦେବତା, ଉଚ୍ଚବଂଶୀୟ ବ୍ୟକ୍ତି, ମହାପୁରୁଷ ବା ରାଜାଆଦିଙ୍କ ଚରିତ ବା ବଂଶାନୁଚରିତ ଆଦି ଯେଉଁ କାବ୍ୟରେ ବର୍ଣ୍ଣିତ ହୋଇଥାଏ—A great epic. [ ଦ୍ର—ଏଥିରେ ମୂଳ ଆଖ୍ୟାନକୁ ଅବଲମ୍ବନ କରି ପ୍ରାକୃତିକ ଦୃଶ୍ୟ, ଋତୁ, ଯୁଦ୍ଧ, ଜନ୍ମ, ମୃତ୍ୟୁ, ବିବାହ, ବିରହ, ମିଳନ, ଧର୍ମାଦି ଚତୁର୍ବର୍ଗ, ପ୍ରେମ ଓ ଆଶୀର୍ବାଦ ବର୍ଣ୍ଣିତ ହୋଇଥାଏ । ମହାକାବ୍ୟରେ ଆଠରୁ ଅଧିକ ସର୍ଗ ଥାଏ ଏବଂ ସର୍ଗମାନ ଏକ ବା ବିବିଧ ଛନ୍ଦରେ ରଚିତ ହୋଇଥାଏ । ମଙ୍ଗଳାଚରଣରେ ଇଷ୍ଟଦେବତାଙ୍କ ସ୍ତୁତି ବା ସାଧାରଣଙ୍କ ମଙ୍ଗଳ କାମନା କରି କାବ୍ୟାରମ୍ଭ କରାଯାଏ । ପ୍ରତ୍ୟେକ ସର୍ଗର ଶେଷ କେତେକ ପଂକ୍ତି ସର୍ଗର ଅନ୍ୟ ଶ୍ଳୋକମାନଙ୍କ ଅପେକ୍ଷା ଭିନ୍ନ ଛନ୍ଦରେ ରଚିତ ହୋଇଥାଏ । ସର୍ଗରେ ବର୍ଣ୍ଣିତ ପ୍ରଧାନତମ ବିଷୟ ଅନୁସାରେ ସର୍ଗର ନାମକରଣ ହୁଏ ଏବଂ ବର୍ଣ୍ଣନୀୟ ବିଷୟ ବା ନାୟକ ନାୟିକାଙ୍କ ନାମ ଅନୁସାରେ ମହାକାବ୍ୟର ନାମକରଣ ହୁଏ । ମହାକାବ୍ୟରେ ବୀର, କରୁଣ, ଶୃଙ୍ଗାର ଓ ଶାନ୍ତ ଏହି ଚାରୋଟି ରସରୁ କୌଣସି ଗୋଟିଏ ରସର ପ୍ରାଧାନ୍ୟ ଥାଏ । ହାସ୍ୟ, ରୌଦ୍ର ଓ ଭୟାନକାଦି ରସମାନ ଅପ୍ରଧାନ ଭାବରେ ବିଦ୍ୟମାନ ଥାଏ । ସଂସ୍କୃତ ରାମାୟଣ, ମହାଭାରତ, ରଘୁବଂଶ, କୁମାରସମ୍ଭବ, ଭଟ୍ଟି, କିରାତାର୍ଜୁନୀୟ, ଇଂରାଜୀ ପାରାଡାଇସ୍‌ଲଷ୍ଟ, ମିଲ୍‌ଟନ୍ ଇଲିଅଡ୍, ଓଡ଼ିଆ ବୈଦେହୀଶବିଳାସ, ଚିନ୍ତାମଣି, ରସକଲ୍ଲୋଳ ଓ ବଙ୍ଗଳା ମେଘନାଦବଧ ଇତ୍ୟାଦି ମହାକାବ୍ୟ ଅଟେ । ]

ମହାକାୟ—ସଂ. ବିଣ, ପୁଂ ( ମହାନ୍+କାୟ=ଶରୀର ଯାହାର;
Mahākāya ବହୁବ୍ରୀହି )—ପ୍ରକାଣ୍ଡ ବା ବୃହତ୍ ଶରୀର ବିଶିଷ୍ଟ
(ମହାକାୟା—ସ୍ତ୍ରୀ) —Gigantic; big-bodied; bulky.
ସଂ. ବି ( ବହୁବ୍ରୀହି )—୧ । ଅତିକାୟ; ବଡ଼ ହାତୀ—
1. A big elephant. ୨ । ନନ୍ଦି; ଶିବଙ୍କର ଦ୍ୱାରପାଳ
—2. One of the door-keepers of Śiba. ୩ । ଶିବ—3. Śiba ( Apte ). ୪ । ବିଷ୍ଣୁ—
4. Bishṇu ( Apte ).

ମହାକାର୍ତ୍ତିକ—ଦେ. ବି—ମହାପୁଣ୍ୟମୟ କାର୍ତ୍ତିକମାସ—The month
Mahākārttika of Kārttika which is a
মহাকার্ত্তিক period of great sancttiy.—ଢ଼ି ]

মহাকার্ত্তিক [ଲୁଣ ଘିନ୍ନ ଖାଇବି, ଅଦା ଘିନ୍ନ ଖାଇବି, ଏତେ ବଡ଼ ମହାକାର୍ତ୍ତିକ ଅଭୁ କାହୁଁ ପାଇବି ?—ଢଗ ।] [ଦ୍ର—ଏହିପରି ମହାବୈଶାଖ ଓ ମହାମାଘ ଶବ୍ଦମାନଙ୍କର ପ୍ରୟୋଗ ହୁଏ । ]

ମହାକାର୍ତ୍ତିକୀ—ସଂ. ବି—୧ । କାର୍ତ୍ତିକ ପୂର୍ଣ୍ଣିମାର ରାତ୍ରି—1. The night
Mahākarttikī of the full moon of the month
of Kārttika ( Apte ). ୨ । ଯେଉଁ କାର୍ତ୍ତିକ-ପୂର୍ଣ୍ଣିମାରେ ରୋହିଣୀ ନକ୍ଷତ୍ର ପଡ଼େ ( ହି. ଶ )—2. The night of the full moon of Kārttika in which the 4th asterism falls.

ମହାକାଳ—ସଂ, ବି. ପୁଂ (ମହାନ୍+କାଳ)—୧ । ରୁଦ୍ର; ସୃଷ୍ଟିର ଅନ୍ତକର ଶିବ—1 Śiba in his character of the Destroyer of the universe. ୨ । ଉଜ୍ଜୟିନୀସ୍ଥ ପ୍ରସିଦ୍ଧ ଶିବ ଲିଙ୍ଗ—2. Name of the phallic image of Śiba in Ujjain. [ ଦ୍ର—ମେଘଦୂତର ୩୦-୩୮ ଶ୍ଳୋକମାନଙ୍କରେ କବି କାଳିଦାସ ଉଜ୍ଜୟିନୀର ଓ ସେଠାରେ ପ୍ରତିଷ୍ଠିତ ମହାକାଳ ଲିଙ୍ଗଙ୍କର ବର୍ଣ୍ଣନା, ମନ୍ଦିର ଓ ପୂଜା ବିଷୟ ମନୋହର ରୂପରେ ବର୍ଣ୍ଣି ଅଛନ୍ତି । ] ୩ । ଅନନ୍ତକାଳ ( ଦେବତାରୂପେ କଳ୍ପିତ )—3. The Eternity ( personified ). ୪ । ମହାଦୁର୍ଭିକ୍ଷ; ଦେଶବ୍ୟାପୀ ଦୁର୍ଭିକ୍ଷ—4. A very great famine. ୫ । ଭୈରବ ବିଶେଷ—5. Name of a Bhairaba. ୬ । ପ୍ରମଥଗଣ ବିଶେଷ—6. Name of a class of attendants of Śiba. ୭ । କୁଷ୍ମାଣ୍ଡାଦି ବର୍ଗର ଗାଛ ଜାତୀୟ ଲତା ବିଶେଷ ଓ ତହିଁର ଫଳ ( ଷଡ କଳ୍ପଦ୍ରୁମ )—7. Encumis Madraspatams; Trichosanthes Palmata; Colocynth; Citriullus Colocynthas. [ ଦ୍ର—ଏଥିର ପତ୍ର ପାଞ୍ଚଅଙ୍ଗୁଳିଆ, ପତ୍ରର ତଳ ପାଖ ରୋମଯୁକ୍ତ, ଫୁଲ ପୀତବର୍ଣ୍ଣ; ଫଳଗୁଡ଼ିକ ଦେଖିବାକୁ ଛୋଟ ବେଲ ପରି ଗୋଲ ଓ ପାଚିଲେ ଖୁବ୍ ନାଲି, କିନ୍ତୁ ଫଳ ଭିତରେ ଗୋବର ପରି କୃଷ୍ଣବର୍ଣ୍ଣ ବିଷାକ୍ତ ରସ ଥାଏ । ଏହି ଲତାକୁ ଓଡ଼ିଆରେ ପାଞ୍ଚକେଣ୍ଡ଼ୁ-ମେଲିଆ କହନ୍ତି । ଫଳ କ୍ଷୁଦ୍ର ଓ ବୃହତ୍ ଭେଦରେ ଏହା ଦୁଇପ୍ରକାର । ବୈଦ୍ୟଶାସ୍ତ୍ର ମତରେ ଏହା ତିକ୍ତରସ, କଟୁବିପାକ, ସାରକ, ଲଘୁ ଓ ଉଷ୍ଣବୀର୍ଯ୍ୟ । ଏହା କାମଳା, ପିତ୍ତ, କଫ, ପ୍ଳୀହା, ଉଦର ରୋଗ, ଶ୍ୱାସ, କାସ, କୁଷ୍ଠ, ଗୁଳ୍ମ,

(ମହାକାଳୀ—ସ୍ତ୍ରୀ)
ସଂ. ଇନ୍ଦ୍ରାବରୁଣୀ, ସାର୍ବଭୌମୀ, ମହାକାଳ, ଚିତ୍ରା, ଗବାକ୍ଷୀ, ଗବାଦନୀ, ବାରୁଣୀ, ଅମରା, ବିଶାଳା, ଶ୍ୱେତପୁଷ୍ପା, ମୃଗାକ୍ଷୀ, ମୃଗେର୍ବାରୁ, ମୃଗାଦନୀ; ମହାଫଳା, ଚିତ୍ରଫଳା, ଐନ୍ଦ୍ରୀୟ ।
মাকাল, রাখালশশা
লালইন্দ্রায়ণ; ইন্দ্রায়ন
ମ. କୌଣ୍ଡଲ, ଇନ୍ଦ୍ରବଣ
ତେ. ଅଡ଼ବିଗୁଡ଼ୁପଣ୍ଡୁ, ଏତିପୁଚ୍ଚା
ଗୁ. ଇନ୍ଦ୍ରବାରୁଣୀୟୁଁ, ଗାବଯୁଣ୍ଡୁ
ଫା. ଖୁର୍ଯ୍ୟଜାତଲ୍‌ଖ
ଆ. ହଂଜଲ
ଗଞ୍ଜାମ. ମେଦେହକାଳ, ମାହାକାଳ

କ୍ଷତି, ବ୍ରଣ, ପ୍ରମେହ, ମୂଢ଼ଗର୍ଭ, ଆମଦୋଷ, ଗଳଗଣ୍ଡ ଓ ବିଷନାଶକ ( ଦ୍ରବ୍ୟଗୁଣ ) ।

ଏହାର ଫଳ ବାହାରେ ଦେଖିବାକୁ ଅତି ସୁନ୍ଦର ଓ ନାଲି, କିନ୍ତୁ ଫଳଭିତରେ ଗୋବର ଭଳି ବସାକୁ ଥାଏ ଥିବାରୁ, ମୁଖରେ ମଧୁରଭାଷୀ କିନ୍ତୁ ଅନ୍ତରରେ କପଟତା ପୂର୍ଣ୍ଣ ବ୍ୟକ୍ତିଙ୍କୁ ଲୋକେ ମହାକାଳ ଫଳ ସଙ୍ଗେ ତୁଳନା କରନ୍ତି ।]
୮ । ଶିବଙ୍କର ଏକ ପୁତ୍ର—8. Name of a son of Śiba. [ ଦ୍ର—ବାମନ ପୁରାଣରେ ଲେଖାଅଛି ଯେ ଏକଦା ଦେବତାମାନେ ଶିବଙ୍କ ବୀର୍ଯ୍ୟକୁ ଧାରଣ କରିବାକୁ ଅଗ୍ନିଙ୍କୁ କହିବାରୁ ଅଗ୍ନି ତାହା ଧାରଣ କରିବା ସମୟରେ ସେଥିରୁ ଦୁଇଟୋପା ଛିଟିକି ପଡ଼ିଲା । ତହିଁରୁ ମହାକାଳ ଓ ଭୃଙ୍ଗୀ ନାମକ ଦୁଇ ପୁତ୍ର ଉତ୍ପନ୍ନ ହେଲେ । ଥରେ ଶିବଙ୍କ ସଙ୍ଗେ ବିହାର କରି ପାର୍ବତୀ ବିହାରସ୍ଥଳରୁ ବାହାରି ଆସୁଥିବା ସମୟରେ ଏ ଦୁଇ ପୁତ୍ର ତାଙ୍କୁ ଦେଖିଲେ । ଏଥିରେ ପାର୍ବତୀ କ୍ରୁଦ୍ଧା ହୋଇ ସେ ଦୁହିଙ୍କୁ ଅଭିଶାପ ଦେଲେ ଓ ତହିଁ ଫଳରେ ମହାକାଳ ବେତାଳ ଓ ଭୃଙ୍ଗୀ ଭୈରବ ରୂପ ଧାରଣ କଲେ —ହି. ଶ] ଦେ. ବି—ହିନ୍ଦୁମାନଙ୍କର ତୀର୍ଥ ବିଶେଷ--Name of a place of Hindu pilgrimage. [ ଦ୍ର—ମହାକାଳ କୋଟି ତୀର୍ଥ ବହିଅଛନ୍ତି, ତହିଁରେ ସ୍ନାନ କଲେ ନୁଅଇ ମୁକତି । କୃଷ୍ଣସିଂହ. ମହାଭାରତ. ବନ । ]

**ମହାକାଳୀ**—ସ. ବି. ସ୍ତ୍ରୀ ( ମହାକାଳ+ସ୍ତ୍ରୀ. ଈ )—ରୁଦ୍ରାଣୀ; ଶିବପତ୍ନୀ; କାଳୀ; ଶ୍ୟାମା; ପାର୍ବତୀଙ୍କ ରୂପ ବିଶେଷ—
Mahākāḷi
An incarnation of Goddess Kāḷi in her ferocious and naked form. [ ଦ୍ର—ଏହାଙ୍କର ପଞ୍ଚମୁଖ ଓ ଅଷ୍ଟଭୁଜ ଥିବାର ପୁରାଣରେ ବର୍ଣ୍ଣିତ—ହି. ଶ ]

**ମହାକାଳୀ ପୂଜା**—ଦେ. ବି—କାର୍ତ୍ତିକ ଅମାବାସ୍ୟା ଅର୍ଦ୍ଧ ରାତ୍ରିରେ କରାଯିବା ମହାକାଳୀଙ୍କର ପୂଜନ—Worship of
Mahākāḷi pūjā
the Goddess Mahākāḷi or Śyāmā at midnight of Kārttika new-moon.

**ମହାକାଶ**—ସ. ବି—୧ । ମହାଶୂନ୍ୟ; ଅନନ୍ତ ଆକାଶ—1. The
Mahākāśa
infinite space. ୨ । ଏକ ପର୍ବତର ନାମ ( ହି. ଶ )—2. Name of a mountain.

**ମହାକୁ(ଖୁ, କୁଁ)ଡ଼**—ଦେ. ବି ( ସ. ମହାକୁଳ )—୧ । ଗଉଡ଼; ଗୋପାଳ—1. A cowherd.
Mahāku(khu, ṅku)ṛda
[ ଉ—ତୁ ଅଟୁ ଯଶୋଦା କୁମର, ନନ୍ଦ ମହାଖୁଡ଼ ଝିଅର । ଜଗନ୍ନାଥ. ଭାଗବତ । ] ୨ । ଗଉଡ଼ଙ୍କର ବଂଶୋପାଧି ବିଶେଷ—2. A family-title of cowherds. ୩ । ଗାଈମାନଙ୍କର ସଂଖ୍ୟା ବିଶେଷ—3. A fixed number of cattle. [ ଦ୍ର—୧୦୦୦ ଗାଈ= ୧ ଗୋଗୋଷ୍ଠ, ୧୦୦୦ ଗୋଷ୍ଠ=୧ ପଲ୍ଲି, ୧୦୦ ପଲ୍ଲି =୧ ଲଉଡ଼, ୧୦୦ ଲଉଡ଼=୧ ମହାକୁଡ଼, ୧୦୦ ମହାକୁଡ଼=୧ ମହାଶୋଳ, ୧୨ ମହାଶୋଳ=୧ ଗୋଧନ ।—ସାରଳା, ମହାଭାରତ]

**ମହାକୁମାର**—ସ. ବି—ଯୁବରାଜ; ରାଜାଙ୍କର ଜ୍ୟେଷ୍ଠପୁତ୍ର ( ହି. ଶ )—
Mahākumāra
The eldest son of a reigning king ( Apte ).

**ମହାକୁଳ**—ସ. ବି ( ମହତ୍+କୁଳ=ବଂଶ; କର୍ମଧା )—୧ । ପ୍ରସିଦ୍ଧ ବଂଶ—1. A celebrated race. ୨ । ସତ୍-
Mahākuḷa
କୁଳ; ଉଚ୍ଚକୁଳ—2. A high family; a noble family. ସ. ବିଣ ପୁଂ (ବହୁବ୍ରୀହି )—ସତ୍‌କୁଳଜାତ—Of noble birth. ଦେ. ବି—ମହାକୁଡ଼ ( ଦେଖ )—
(ମହାକୁଳା—ସ୍ତ୍ରୀ)
Mahākuṛda ( See )

**ମହାକୁଷ୍ଠ**—ସ. ବି ( କର୍ମଧା )—ଗଳତକୁଷ୍ଠ ( ହି. ଶ )—
Mahākushṭha
Leprosy with ulcers.

**ମହାକେତୁ**—ସ. ବି—ଶିବ ( ହି. ଶ )—
Mahāketu
Śiba.

(ମହାକୋଷ, ମହାଗୀତ, ମହାକାନ୍ତ, ମହାଗୂର୍ଣ୍ଣ, ମହାନାସ—ଅନ୍ୟରୂପ)

**ମହାକୋଶା(ଷା)ତକୀ**—ସ. ବି—ତରଡ଼ା ( ଦେଖ )
Mahākośā(shā)taki
Tararḍā ( See )
(ଅନ୍ୟ ସ. ନାମ—ହସ୍ତିଘୋଷା, ମହାଫଳା, ଧାମାର୍ଗବ, ଘୋଷକ, ହସ୍ତିପର୍ଣ୍ଣୀ) धुन्दल, परोल, तरुई ननुआँ(या), घीआ तरोइ

**ମହାକ୍ରତୁ**—ସ. ବି ( କର୍ମଧା )—ବୃହତ୍ ଯଜ୍ଞ ( ଯଥା, ରାଜସୂୟ, ଅଶ୍ୱ-
Mahākratu
ମେଧ )—A great vedic sacrifice.

**ମହାକ୍ରୋଧ**—ସ. ବି—୧ । ( କର୍ମଧା ) ଉତ୍କଟ ରାଗ—1. Great
Mahākrodha
anger; fierce rage. ୨ । (ବହୁବ୍ରୀହି) ଶିବ ( ହି. ଶ )—2. Śiba. ଦେ. ବିଣ ପୁଂ—ଅତ୍ୟନ୍ତ
(ମହାକ୍ରୋଧା—ସ୍ତ୍ରୀ)
କ୍ରୁଦ୍ଧ—Enraged.

**ମହାକ୍ରୋଧୀ**—ସ. ବିଣ. ପୁଂ ( ମହାକ୍ରୋଧ+ଇନ୍; ୧ମା. ୧ବ )—
Mahākrodhi
ଅତ୍ୟନ୍ତ କ୍ରୁଦ୍ଧ ପ୍ରକୃତିକ; ଅତି କୋପନ—
(ମହାକ୍ରୋଧିନୀ—ସ୍ତ୍ରୀ)
Very angry; very passionate.

**ମହାକ୍ଷ**—ସ. ବି ( ବହୁବ୍ରୀହି; ମହତ୍+ଅକ୍ଷି )—୧ । ଶିବ ( ହି. ଶ )—
Mahāksha
1. Śiba. ୨ । ବିଷ୍ଣୁ (ହି. ଶ)—2. Bishṇu.
( ମହାଗର୍ଭ—ଅନ୍ୟରୂପ )

**ମହାକ୍ଷ(କ୍ଷେ)ତ୍ରି**—ଦେ. ବିଣ ଓ ବି—ମହାକ୍ଷତ୍ରିୟ ( ଦେଖ )—Mahā-
Mahāksha(kshe)tri
kshatriya ( See ) [ ଉ—ତୁମ୍ଭେ ମହାକ୍ଷେତ୍ରି କେହୁ କାହାକୁହିଁ ନୋହିଲେ ବଡ଼ ସାନ-- ବିଷ୍ଣୁନାଥ. ବିଚିତ୍ର ରାମାୟଣ । ]

**ମହାକ୍ଷତ୍ରିୟ**—ଦେ. ବିଣ ପୁଂ—ପ୍ରବଳ ପରାକ୍ରମୀ—Mighty. ଦେ. ବି--
Mahākshatriya
୧ । ମହାବୀର; ମହାଯୋଦ୍ଧା—1. A great warrior. [ ଉ—ମହାକ୍ଷତ୍ରିୟ ସେ ଯେଣୁ, ପଛକୁ ହଟିବା, ଅବା ପଳାୟନେ କେବେ ନ ବଳାଏ ମତି ରାଧାନାଥ. ମହାଯାତ୍ରା ।] ୨ । ମହାବଳୀ—2. Mighty person. ୩ । ମହାପୁରୁଷ—3. A genius; a great man ୪ । ମହାବଳ ବାଘ—4. A man-eater (tiger); the royal Bengal tiger.

**ମହାକ୍ଷୀର**—ସ. ବି ( ବହୁବ୍ରୀହି; ମହତ୍+କ୍ଷୀର )—ଇକ୍ଷୁ (ହି. ଶ)—
Mahākshira
Sugarcane ( Apte ).

ମହାଖଲା—ଦେ. ବଣ—୧ । ସୁବିସ୍ତୃତ—1. Wide, extensive;
Mahākhaḷā spacious. ୨ । ମହତ୍; ବୃହତ୍—2. Great; big. ଦେ. ବି—ସୁବିସ୍ତୃତ ସ୍ଥାନ—An extensive place; a spacious place.

ମହାଖୁସି(ସ୍)—ଦେ. ବି ( ସଂ. ମହତ୍ + ପା. ଖୁସୀ )—ମହାଆନନ୍ଦ—
Mahākhusi(s) Delight; utter joy. ଦେ ବଣ (ସଂ· ବଡ଼ଖୁସୀ **महाखुसी** ମହତ୍+ପା. ଖୁସ୍ )—ଅତି ଆନନ୍ଦିତ—Much delighted.

ମହାଗଜ—ସଂ. ବି ( ମହାନ୍+ଗଜ)—ଦିଗ୍ଗଜ—The elephants
Mahāgaja said to guard the quarters of the globe.

ମହାଗଦ—ସଂ. ବି ( କର୍ମଧା )—୧ । ଜ୍ୱର ( ହି. ଶ )—1. Fever.
Mahāgada ୨ । କଠିନ ରୋଗ; ଦୁରାରୋଗ୍ୟ ରୋଗ (ହି.ଶ)—2. A serious disease. ୩ । ଶୁଣ୍ଠି, ପିପ୍ପଳି, ଗୋଲମରିଚ ଆଦିରେ ପ୍ରସ୍ତୁତ ଔଷଧବିଶେଷ—3. A kind of medicine prepared with dry ginger, long pepper and black pepper.

ମହାଗନ୍ଧ—ସଂ. ବଣ (ବହୁବ୍ରୀହି; ମହତ୍+ଗନ୍ଧ)—ଖୁବ୍ ସୁଗନ୍ଧଯୁକ୍ତ—
Mahāgandha Exceedingly fragrant. ସଂ. ବି—୧ । କୁଟଜ (ହି. ଶ)—1. Wrightea Dysenterica. ୨ । ଜଳ ବେତସ—2. Water ratan. ୩ । ଚନ୍ଦନ—3. Sandal.

ମହାଗନ୍ଧା—ସଂ, ବଣ. ସ୍ତ୍ରୀ ( ମହାଗନ୍ଧ+ଆ )—ମହାଗନ୍ଧର ସ୍ତ୍ରୀଲିଙ୍ଗ—
Mahāgandhā Feminine of Mahāgandha. ସଂ. ବି. ସ୍ତ୍ରୀ—୧ । ଚାମୁଣ୍ଡା—1. A name of Chāmuṇḍā. ୨ । ନାଗବଳା ( ହି. ଶ ) ( ଦେଖ ) 2. Nāgabaḷā ( See ) ୩ । କିଆ ( ହି. ଶ )—3. Pandanus odoratissimus ( plant ).

ମହାଗବ—ସଂ. ବି ( ମହତ୍+ଗୋ )—ଗବୟ; ଗୟଳ; ଗଳକମ୍ବଳଶୂନ୍ୟ
Mahāgaba ଗୋସଦୃଶ ବନ୍ୟ ଜନ୍ତୁ—A species of wild ox; Bos Frontalis.

ମହାଗିରି—ସଂ. ବି—୧ । ( କର୍ମଧା ) ବଡ଼ ପର୍ବତ—1. A big or
Mahāgiri lofty mountain. ୨ । (ନାମ) କୁବେରଙ୍କର ୮ ପୁତ୍ର ମଧ୍ୟରୁ ଏକ—2. Name of one of the 8 sons of Kubera. [ଦ୍ର—ଏ ପିତାଙ୍କ ଶିବପୂଜନ ପାଇଁ ଅଣୁଥିବା ଫୁଲରୁ ଶୁଙ୍ଘିବାରୁ କୁବେରଙ୍କ ଶାପରେ ବଂଶର ଭାଇରୂପେ ଜନ୍ମିଥିଲେ ଓ କୃଷ୍ଣଙ୍କଦ୍ୱାରା ନିହତ ହେଲେ—ହି. ଶ । ]

ମହାଗୁରୁ—ସଂ. ବି ( ମହାନ୍+ଗୁରୁ; କର୍ମଧା )—ଶ୍ରେଷ୍ଠ ଗୁରୁଜନ—
Mahāguru One's most venerable elder. [ଦ୍ର—ପୁରୁଷର ମହାଗୁରୁ—ପିତା, ମାତା ଓ ଅଗ୍ରଜ। ଅବିବାହିତା କନ୍ୟାର ମହାଗୁରୁ—ପିତା ଓ ମାତା । ବିବାହିତା କନ୍ୟାର ମହାଗୁରୁ—ସ୍ୱାମୀ । ]

ମହାଗୋଧୂମ—ସଂ· ବି—ବଡ଼ ଗହମ—
Mahā godhūma A big species of wheat.

ମହାଗୌରୀ—ସଂ. ବି—୧ । ଦୁର୍ଗା—1. Durgā. ୨ । ବିନ୍ଧ୍ୟାଚଳରୁ
Mahāgaurī ବାହାରିଥିବା ପୁରାଣୋକ୍ତ ନଦୀବିଶେଷ—2. Name of a mythological river issuing from the Bindhya hills.

ମହାଗ୍ୟାତା—ଗ୍ରା. ବଣ ( ସଂ. ମହାନ୍+ଜ୍ଞାତା )—ମହାଜ୍ଞାନୀ—
Mahāgyāntā Very wise. [ ଉ—ଶୁଣ ହୋ ପୁତ ମହାଗ୍ୟାତା । ପୁଛିଲୁ ଯେବଣ ବାର୍ତ୍ତା—ପ୍ରାଚୀ. କର୍ଣ୍ଣ ମାହାତ୍ମ୍ୟ । ]

ମହାଗ୍ରନ୍ଥ—ସଂ. ବି—ଶ୍ରେଷ୍ଠ ଓ ବଡ଼ ଗ୍ରନ୍ଥ—
Mahāgrantha A big and excellent book.

ମହାଗ୍ରନ୍ଥିକ—ସଂ. ବି—ଯେଉଁ ଔଷଧ ସେବନରେ ରୋଗ ନିଶ୍ଚିତରୂପେ
Mahāgranthika ଉପଶମ ହୁଏ ଓ ବଢ଼େ ନାହିଁ (ହି. ଶ)—A medicine which prevents the aggravation of a disease.

ମହାଗ୍ରହ—ସଂ. ବି ( କର୍ମଧା )—୧ । ପ୍ରଧାନ ଗ୍ରହ—1. A chief
Mahāgraha planet. ୨ । ରାହୁ ( ହି. ଶ )—2. The ascending node.

ମହାଗ୍ରୀବ—ସଂ. ବଣ, ପୁଂ ( ମହତୀ ଅଟେ ଗ୍ରୀବା ଯାହାର; ବହୁବ୍ରୀହି;
Mahāgrība ମହତୀ+ଗ୍ରୀବା )—ବୃହତ ଗ୍ରୀବାବିଶିଷ୍ଟ; ବିଶାଳ ଗ୍ରୀବାଯୁକ୍ତ—Having a big neck. ସଂ. ବି—୧ । ଉଷ୍ଟ୍ର; ଓଟ—1. The camel. ୨ । ଶିବ ( ହି. ଶ )—2. Śiba. ୩ । ଶିବଙ୍କ ଅନୁଚରବିଶେଷ—3. An attendant of Śiba.
(ମହାଗ୍ରୀବକ—ଅନ୍ୟରୂପ) (ମହାଗ୍ରୀବା—ସ୍ତ୍ରୀ)

ମହାଘୂର୍ଣ୍ଣା—ସଂ. ବି. ସ୍ତ୍ରୀ ( ମହା+ଘୂର୍ଣ୍ଣ ଧାତୁ+କର୍ତ୍ତୃ. ଅ+ଆ )—ସୁରା;
Mahāghūrṇṇa ମଦିରା—Wine.

ମହାଘୃତ—ସଂ. ବି ( ବୈଦ୍ୟକ )—୧୧୧ ବର୍ଷ ସଞ୍ଚିତ ପୁରୁଣା ଘିଅ—
Mahāghṛuta Ghee, 111 years old [ ଦ୍ର—କଫ ରୋଗରେ ଏହା ଖାଇବେ ମାଲିଶ କରାଯାଏ; ଏହା କଫନାଶକ, ବଳକାରକ ଓ ମେଧାଜନକ—ହି. ଶ । ]

ମହାଘୋର—ସଂ. ବଣ—ଅତି ଭୟାନକ—
Mahāghora Very awful.

ମହାଘୋଷ—ସଂ. ବି—୧ । ( କର୍ମଧା ) ଉଚ୍ଚ ଶବ୍ଦ—1. Loud voice
Mahāghosha or sound; report. ୨ । ( ବହୁବ୍ରୀହି ) ହାଟ; ବଜାର ( ହି. ଶ )—2. Market.

ମହାଙ୍କାଳ—ଗ୍ରା. ବି—ମହାକାଳ ( ଦେଖ )
Mahāṅkāḷa Mahākāḷa ( See )

ମହାଙ୍ଗ—ସଂ. ବଣ ପୁଂ ( ବହୁବ୍ରୀହି )—ବିପୁଳାବୟବବିଶିଷ୍ଟ—Big-
Mahāṅga bodied; gigantic. ସଂ. ବି—ଉଷ୍ଟ୍ର; ଓଟ—The camel.
(ମହାଙ୍ଗୀ—ସ୍ତ୍ରୀ)

ମହାଚଞ୍ଚୁ—ସଂ. ବି—ଏକପ୍ରକାର ବନ୍ୟ ଶାକ—A kind of wild
Mahāchañchu pot herb. [ ଦ୍ର—ଏହା କଟୁ-ସ—ସୁଲଭଗୁଣ, ସୁଗନ୍ଧ, ଉଷ୍ଣ, କଷାୟରସ, ମଳଶୋଧକ ଓ ଗୁଲ୍ମ-ଶୂଳଘ୍ନୀ, ବ୍ୟଗନ୍ଧା ନାଶକ । ଏହା ଔଷଧରେ ଲାଗେ । ]
বড় চেঁচকো **चेंच**

ମହାଚକ୍ରୀ—ସ. ବି. ପୁଂ ( ମହତ+ଚକ୍ର+ଇନ୍; ୧ମା. ୧ବ )—
Mahāchakri ୧ । ଷଡ଼ଯନ୍ତ୍ରରେ ପ୍ରଗଲ୍ଭ ବ୍ୟକ୍ତି—1. A conspirator; a plotter. ୨ । ବିଷ୍ଣୁ—2. Bishnu. ସ. ବିଣ. ପୁଂ—ଷଡ଼ଯନ୍ତ୍ରକାରୀ—Conspirant; plotting.

ମହାଚଣ୍ଡ—ସ. ବିଣ—ପ୍ରଚଣ୍ଡ—Very violent; ferocious.
Mahāchanda ସ. ବି—୧ । ଯମଦୂତ—1. The messengers or minions of the God of death. ୨ । ଶିବାନୁଚରବିଶେଷ—2. Name of an attendant of Śiba.

ମହାଚ୍ଛାୟ—ସ. ବିଣ ( ମହତୀ ଛାୟା ଯାହାର, ବହୁବ୍ରୀହି )—ବହୁଳ
Mahāchchhāya ଛାୟାଯୁକ୍ତ—Shady; having a big shade. ସ. ବି. ବଟବୃକ୍ଷ—Banyan tree.

ମହାଜନ—ସ. ବିଣ (ମହାନ୍+ଜନ; କର୍ମଧା )—୧ । ଧାର୍ମିକ—
Mahājana 1. God-fearing; righteous; pious. ୨ । ବେଦରେ ଶ୍ରଦ୍ଧାବାନ୍—2. Having faith in the Bedas; the faithful. ୩ । ଯଶସ୍ୱୀ—3. Famous. ୪ । ଭକ୍ତିମାନ୍—4. Devout. ୫ । ସାଧୁ—5. Honest; saintly. ସ. ବି—୧ । ମହାପୁରୁଷ—1. Great man. ୨ । ସାଧୁପୁରୁଷ 2. Saintly person. ୩ । ମୁଖିଆ ବା ଶ୍ରେଷ୍ଠ ବ୍ୟକ୍ତି—3. A chief or leading person. ୪ । ଋଷି; ମୁନି—4. Sage; saint. ୫ । ବହୁବ୍ୟକ୍ତି—5. A great many persons. [ଦ୍ର—'ମହାଜନୋ ଯେନ ଗତଃ ସ ପନ୍ଥା' ବାକ୍ୟର ଅର୍ଥ ମହାଭାରତର ପ୍ରଧାନ ଟୀକାକାର ନୀଳକଣ୍ଠ 'ବହୁଜନ ଯେଉଁ ପଥ ଅନୁସରଣ କରି ଅଛନ୍ତି ତାହାହିଁ ପ୍ରକୃତ ପନ୍ଥା ଅଟେ' ବୋଲି ଲେଖିଛନ୍ତି ।] ୬ । ଉତ୍ତମର୍ଣ୍ଣ; ଋଣଦାତା—6. A
মহাজন महाजन creditor. ୭ । ଶ୍ରେଷ୍ଠୀ; ବଣିକ; ସାଧବ; ସାଧୁ; ସାହୁକାର—7. Trader; merchant. [ଦ୍ର—ଓଡ଼ିଆରେ ଶ୍ରେଷ୍ଠ ବ୍ୟବସାୟୀଙ୍କୁ ବେପାରୀ ଓ ବଡ଼ ବ୍ୟବସାୟୀଙ୍କୁ ମହାଜନ ବୋଲାଯାଏ ।] ୮ । ଧନୀ ବ୍ୟକ୍ତି (ହି. ଷ)—8. A rich man. ପ୍ରାଦେ. (ପୁରୀ) ବ୍ରାହ୍ମଣଶାସନବାସୀ କୁଳୀନ ବ୍ରାହ୍ମଣ ପରିବାରମାନଙ୍କ କର୍ତ୍ତା—The head of each family of high caste Brahman families in a Brāhmana Śāsana village. [ଦ୍ର—ପୁରୀ ଜିଲ୍ଲାର ବ୍ରାହ୍ମଣ ଶାସନମାନଙ୍କର କୋଠ ଭୂମି, ଦେବତା, ଢ଼ଙ୍କୁଣୀ, ଅନାବାଦ ଇତ୍ୟାଦିରେ ମହାଜନମାନଙ୍କର ଭଜମାନ ଅଧିକାର ଅଛି । ସେମାନେ ଉକ୍ତ ଗ୍ରାମର ଗ୍ରାମ୍ୟ ମଣ୍ଡଳୀ (village community)ର ସଭ୍ୟ ଅଟନ୍ତି । ଏହି ଶ୍ରେଣୀର ବ୍ରାହ୍ମଣମାନଙ୍କ ଛଡ଼ା ଅନ୍ୟ ବ୍ୟକ୍ତି (ଯଥା କୌଣସି ଶୁଦ୍ର, ପଣ୍ଡା, ସାରୁଆ ବା ମାସ୍ତାନ) ସେ ଗ୍ରାମରେ ବାସ କଲେ ବା ଅନ୍ୟ ଗ୍ରାମର ଅଧିବାସୀ ବ୍ୟକ୍ତି ସେ ଗ୍ରାମରେ ଜମି ଓ ଘର ଦ୍ୱାର କଲେ ସେ ଗ୍ରାମର ମହାଜନ ବୋଲି ଅଭିହିତ ହୋଇ ପାରନ୍ତି ନାହିଁ ।]

ମହାଜନ ଖାତକ—ଦେ. ବି ( ସହଚର )—ଉତ୍ତମର୍ଣ୍ଣ ଓ ଅଧମର୍ଣ୍ଣ—
Mahājana khātaka Creditor and debtor.
মহাজনখাতক महाजनखातुका

ମହାଜନ(ନି) ମର୍ଯ୍ୟାଦା—ପ୍ରାଦେ ( ପୁରୀ ) ବି—ବିବାହ ବ୍ରତ ଆଦି
Mahājana(ni) marjyādā ଉପଲକ୍ଷରେ କୌଣସି ବ୍ରାହ୍ମଣ ଶାସନର ମହାଜନମଣ୍ଡଳୀଙ୍କୁ ପ୍ରଦତ୍ତ ସମ୍ମାନସୂଚକ ଉପହାର—Any present given to the village community of a Brāhmana village ( collectively ) by a person on the occasion of some family ceremony.

ମହାଜନ ସଭା—ପ୍ରାଦେ (ବୋମ୍ବାଇ) ବି—ଅପୋଷରେ ବିବାଦ ମେଣ୍ଟାଇବା
Mahājana sabhā ପାଇଁ ପ୍ରତିଷ୍ଠିତ ବୋମ୍ବାଇରେ ପଞ୍ଚାୟତ ସଭା—
महाजन सभा Name of an association formed in Bombay for amicable settlement of disputes. ଦେ. ବି—୧ । ଉତ୍ତମର୍ଣ୍ଣମାନଙ୍କର ସଭା—1. A meeting of creditors. ପ୍ରାଦେ (ପୁରୀ) ବି—ଶାସନର ବ୍ରାହ୍ମଣମାନଙ୍କର ସଭା—An assemblage of the Brāhmanas of a Śāsana village in the Puri district.

ମହାଜନାନ୍—ପ୍ରାଦେ (ପୁରୀ) ବି (ବହୁବଚନ)—( ସ. ମହାଜନ+ଅ·
Mahājanān ବହୁବଚନ ଜ୍ଞାପକ ପ୍ରତ୍ୟୟ ଅନ୍ )—ଗ୍ରାମବାସୀ
महाजनान मହାଜନମାନେ—The village Mahājanas of a Brāhmana village.

ମହାଜନାନ୍ କୋଠ—ପ୍ରାଦେ ( ପୁରୀ ) ବି—(ଓଡ଼ିଶାର ସେଟେଲମେଣ୍ଟ
Mahājanān kotha ଉପଲକ୍ଷରେ ପ୍ରଚଳିତ ବା ବ୍ୟବହୃତ
गैरमजुरि आम् ଶବ୍ଦ )—ଗ୍ରାମବାସୀ ବ୍ରାହ୍ମଣମାନଙ୍କର ସାଧାରଣ ବା ଭଜମାନ ସମ୍ପତ୍ତି—The common property of the village community of a Brāhmana village, which is jointly held by all the Brāhmana-villagers.

ମହାଜନି—ଦେ. ବିଣ—ମହାଜନ ସମ୍ବନ୍ଧୀୟ—Relating to trade
Mahājani or business. ( ଯଥା—ମହାଜନି ଜାହାଜ,
মহাজনী ମହାଜନି କାରବାର ଓ ମହାଜନି ଖାତା । ) ଦେ. ବି—
महाजनी ୧ । କାରବାର; ବେପାର; ବାଣିଜ୍ୟ—1. Trade; commerce. [ଦ୍ର—ବେଶି କାରବାରକୁ ମହାଜନି ଓ ସାମାନ୍ୟ କାରବାରକୁ ବେପାର ବୋଲାଯାଏ ।] ୨ । ଟଙ୍କା ବା ଧାନକୁ ସୁଧରେ ଲଗାଇବା—2. Usury; investment of money or paddy on loan. ୩ । ମାରବାଡ଼ୀମାନଙ୍କ ଖାତା ଲେଖାରେ ପ୍ରଚଳିତ ଏକପ୍ରକାର ବିକୃତ ଦେବନାଗର ଲିପି, ଯହିଁରେ ମାତ୍ରା ଆଦି ଲେଖାଯାଏ ନାହିଁ—3. A kind of script used by the

Marwaris in writing their accounts in which no dipthong or spelt letters are used. ପ୍ରାଦେ (ପୁରୀ) ବି—ବ୍ରାହ୍ମଣଗ୍ରାମର 'ମହାଜନ'ରୂପ ସ୍ୱତ୍ୱ ଓ ଅଧିକାର—The status and privileges of being a member of the village community of a Brāhmaṇa village. ପ୍ରାଦେ (ଗଞ୍ଜାମ) ବି. ( ଫା॰ ମହଜର୍ ନାମା )—କର୍ତ୍ତୃପକ୍ଷଙ୍କୁ ଦିଆଯିବା ବହୁଲୋକଙ୍କ ସ୍ୱାକ୍ଷରଯୁକ୍ତ ଆବେଦନ ପତ୍ର—A representation made to the authorities under the signature of numerous persons.

ମହାଜନିଆ—ଦେ. ବିଣ—ମହାଜନ ସମ୍ବନ୍ଧୀୟ—Relating to Mahājaniā trade or commerce. ( ଭି—ମହାଜନିଆ মহাজনী· महाजनी ·ଭଙ୍ଗା)

ମହାଜବ—ସଂ. ବିଣ. ପୁଂ (ବହୁବ୍ରୀହି; ମହତ୍ ଜବ=ଗତି ଯାହାର)—Mahājaba ବେଗଗାମୀ—Swift. [ ଉ—ମହାଜବ ପୃଷ୍ଠ୍ୟ ( ମହାଜବା—ସ୍ତ୍ରୀ ) ପୃଷ୍ଠେ ଅସେ ଅସ୍ଥିରଭେ । ଉଧାନାଥ—ମହାଯାତ୍ରା । ]

ମହାଜମ୍ବୀର—ସଂ. ବି—ବଡ଼ ଜମ୍ବୀର; ଝଡ଼ି ଲେମ୍ବୁ—Mahājambira A large species of citron.

ମହାଜମ୍ବୁ(ମ୍ବୂ)—ସଂ. ବି—୧ । ବଡ଼ ଜାମୁ କୋଳି ଓ ବୃକ୍ଷ—1. Big Mahājambu(mbū) black-berry· ୨ । ଗୋଲାପଜାମୁ ଅନ୍ୟ ସଂ. ନାମ—ରାଜଜମ୍ବୁ, ମହାଫଳା] ( ଦ୍ରବ୍ୟଗୁଣ )—2. Rose ଫଳେନ୍ଦ୍ରା, ନନ୍ଦା, ସ୍ୱରଭିପତ୍ରା । apple.
বড়জাম্ বडाजामुन (ମ॰ ମହାସ୍ୱାଦୁ ଜମ୍ବୁ , ତେ. ଗାରନେରଡ଼ୀ—ଚେଟ୍ଟୁ । )

ମହାଜୟା—ସଂ. ବି. (ମହତ୍ +ଜୟ+ଆ)—ଦୁର୍ଗା (ହ. ଶ)
Mahājayā Durgā.

ମହା(ହା)ଜର—ପ୍ରାଦେ (ଜୟପୁର) ବୈଦେ. ବି (ଜଉଜଥ) (ଆ. Mahā(ha)jara ମହଜର୍=ହଜୀ+ଫା. ନାମାହ୍)—ଦରଖାସ୍ତ; [ମହା(ହ)ଜର୍ ନାମା—ଅନ୍ୟରୂପ] ବହୁଲୋକଙ୍କ ସ୍ୱାକ୍ଷରିତ ଆବେଦନ ପତ୍ର—Petition; application signed by many persons. ( ଫା. ମହଜର୍‌ନାମା ଶବ୍ଦର ଅର୍ଥ ଯେଉଁ ଲେଖାରେ ବା ପତ୍ରରେ କୌଣସି ନିରପେକ୍ଷ ବା ବିଚାରକାରୀ ବ୍ୟକ୍ତିର ପ୍ରମାଣ ଲିପିବଦ୍ଧ ହୋଇଥାଏ ।

ମହାଜରି—ପ୍ରାଦେ. (ଜୟପୁର, ଗଞ୍ଜାମ) ବି ( ଫା. ମହଜର୍‌ନାମା )—Mahājari ଗ୍ରାମର ପ୍ରତ୍ୟେକ ଲୋକଙ୍କ ଦ୍ୱାରା ସ୍ୱାକ୍ଷରିତ ଆବେଦନ ପତ୍ର—A petition signed by all the villagers of a village.

ମହା ଜଳ—ସଂ. ବି (ବହୁବ୍ରୀହି)—ସମୁଦ୍ର (ହ. ଶ)—
Mahā jala The sea.

ମହା ଜାଲ(ଲି)—ପ୍ରାଦେ. (ଗଡ଼ଜାତ) ବି—ମାଟି ଉପରେ ବହୁ ଆଡ଼କୁ Mahā jāla(li) ଚେର ମାଡ଼ି ଉଠିଥିବା ଲତା—A creeper which spreads out it roots under the ground in all directions.

ମହା ଜାଲି—ସଂ. ବି—ଡାଙ୍କଡ଼; ଡକୋଟକା (ଦ୍ରବ୍ୟଗୁଣ)—
Mahā jāli A kind of cucurbitacious fruit and its creeper.

ମହା ଜ୍ଞାନୀ—ସଂ. ବିଣ. ପୁଂ (ମହତ୍+ଜ୍ଞାନ+ଇନ୍; ୧ମା. ୧ବ)—Mahā jñānī ଅତ୍ୟନ୍ତ ଜ୍ଞାନବାନ୍—Very wise. ସଂ. ବିଣ ପୁଂ—୧ । ଅତ୍ୟନ୍ତ ଜ୍ଞାନବାନ୍ ବ୍ୟକ୍ତି—1. A very wise person; a seer. ୨ । ଶିବ ( ହ. ଶ )—2. Śiba.

ମହା ଜ୍ୱାଳ—ସଂ. ବି ( ବହୁବ୍ରୀହି; ମହତୀ+ଜ୍ୱାଲା )—୧ । ଯଜ୍ଞାଗ୍ନି; Mahā jwāla ହୋମାଗ୍ନି (ହ. ଶ)—1. The fire kindled for a fire-sacrifice. ୨ । ଏକ ନରକର ନାମ (ହ. ଶ)—2. Name of a part of hell. [ଦ୍ର—ପୁତ୍ରବଧୂ ବା କନ୍ୟା ସଙ୍ଗେ ସହବାସ କରିବା ପାପୀଙ୍କୁ ଏ ନରକରେ ଦଣ୍ଡ ଦିଆଯାଏ—ହ. ଶ] ୩ । ମହାଦେବ; ଶିବ (ହ. ଶ)—3. Śiba.

ମହା ଜୈଷ୍ଠୀ—ସଂ. ବି (ମହତ୍+ଜୈଷ୍ଠ+ଈ)—ଜ୍ୟୋତିଷୋକ୍ତ ଶୁଭ Mahā jaishṭhī ଯୋଗ ବିଶେଷ—Name of an auspicious time according to Hindu astrology. [ଦ୍ର—ରବିବାର ଦିନ ଜୈଷ୍ଠ ମାସର ପୂର୍ଣ୍ଣିମା ହେଲେ, ଜୈଷ୍ଠ ମାସରେ ଗୁରୁବାର ବା ସୋମବାର ଦିନ ଜ୍ୟେଷ୍ଠା ନକ୍ଷତ୍ର ପଡ଼ିଲେ କିମ୍ବା ଜୈଷ୍ଠ ମାସର ରବିବାର ଦିନ ରୋହିଣୀ ନକ୍ଷତ୍ର ପଡ଼ିଲେ ଏ ଯୋଗ ପଡ଼େ (ହ.ଶ.) । କିନ୍ତୁ ମଦନମୋହନଙ୍କ ତୀର୍ଥ ଦର୍ଶନରେ ଲେଖାଅଛି ଯେ ଜ୍ୟେଷ୍ଠ ମାସର ପୂର୍ଣ୍ଣିମା ଗୁରୁବାର ଦିନ ହେଲେ ଚନ୍ଦ୍ର ଓ ବୃହସ୍ପତି ଜ୍ୟେଷ୍ଠା ନକ୍ଷତ୍ରରେ ରହିଲେ ଏହି ଶୁଭଯୋଗ ପଡ଼େ ।]

ମହା ଜ୍ୟୋତିଷିକ—ସଂ. ବି. ପୁଂ—ଅଜ୍ଞ ଜ୍ୟୋତିଷବିଦ୍ୟାବ୍ୟବସାୟୀ; Mahā jyotishika ଜ୍ୟୋତିଷ ବିଦ୍ୟାରେ ମୂର୍ଖ—A quack astronomer or astrologer; an ignorant astrologer. [ଦ୍ର—ସଂସ୍କୃତ ବ୍ୟାକରଣର ନିୟମ ଅନୁସାରେ ଅନ୍ୟ କେତେକ ଶବ୍ଦ ଓ ଜ୍ୟୋତିଷିକ ଶବ୍ଦ ପୂର୍ବରେ 'ମହତ୍' ଶବ୍ଦ ଯୋଗ କରାଯାଏ ନାହିଁ, କିନ୍ତୁ ଦେଖାଯାଏ ଯେ ପ୍ରାମାଣିକ କାବ୍ୟକାର ଓ ଗ୍ରନ୍ଥକାରମାନେ ଉକ୍ତ ଶବ୍ଦ ପୂର୍ବରେ 'ମହତ୍' ଶବ୍ଦ ଯୋଗ କରି 'ମହତ୍' ଶବ୍ଦକୁ ନିକୃଷ୍ଟ ବା ନିନ୍ଦିତ ବା ମୃତ୍ୟୁ ସମ୍ବନ୍ଧୀୟ ଅର୍ଥରେ ବ୍ୟବହାର କରିଅଛନ୍ତି ।]

ମହା ଜ୍ୟୋତିଷ୍ମତୀ—ସଂ. ବି—ଫଟଫଟକା ( ଦେଖ )
Mahā jyotishmatī Phaṭaphaṭakā ( See )

ମହାଢ୍ୟ—ସଂ.ବିଣ. ପୁଂ(ମହତ୍+ଆଢ୍ୟ)—ମହା ଧନୀ—
Mahāḍhya Very rich; affluent.
ସଂ. ବି—କଦମ୍ବ (ଦେଖ)—Kadamba (See)
(ମହାଢ୍ୟା—ସ୍ତ୍ରୀ) (ମହାଢ୍ୟତା—ବିଶେଷ୍ୟ)

ମହା ତପାଃ—ସଂ. ବିଣ (ମହତ୍+ତପସ୍=ତପସ୍ୟା ଯାହାର; ମହା-Mahā tapāḥ ତପସ୍ ୧ମା. ୧ବ)—ଘୋର ତପସ୍ୟାସାଧନ କାରୀ—

(ମହାତପା—ଦେଶଜରୂପ) Practising great religious austerities.

**ମହା ତପ୍ତ କୃଚ୍ଛ୍ର**—ସଂ. ବି—୪ ଦିନ ବ୍ୟାପୀ ବ୍ରତ ବା ଏକ ପ୍ରକାର ପ୍ରାୟଶ୍ଚିତ୍ତ—A kind of penance or religious vow.
Mahā tapta kṛuchchhra
[ଦ୍ର—ଏଥିରେ ୩ ଦିନ କେବଳ ଗରମ ଦୁଧ, ଗରମ ଘିଅ ବା ଗରମ ପାଣି ପିଇବାକୁ ହୁଏ ଓ ୪ର୍ଥ ଦିନ ଉପବାସ ରହିବାକୁ ହୁଏ—ହି ଶ]

**ମହାତମ(ମ୍ୟ)**—ଗ୍ରା. ବି. (ସଂ. ମାହାତ୍ମ୍ୟ)—୧ । ମାହାତ୍ମ୍ୟ; ମହିମା—1. Greatness. (ଉ—ସେ ନର-ପତିଙ୍କର ଥିଲା ଯେବା କର୍ମ, ମହାତମ୍ୟ ତ୍ୟାଗ ଶ୍ରଦ୍ଧା ପରାକ୍ରମ । କୃଷ୍ଣସିଂହ. ମହାଭାରତ ଆଦି ।) ୨ । ଗୌରବ—2. Glory.
Mahātama(mya)
महात्तम
माहातम
[ମାହାତମ(ମ୍ୟ)—ଅନ୍ୟରୂପ]

ବୈଦେ. ବି. (ଅ. ମାତମ୍)—ମୃତ ବ୍ୟକ୍ତି ପାଇଁ ଆତ୍ମୀୟମାନଙ୍କ ଶୋକ—Lamentation by the relatives of a deceased person.
मातम
**मातम**
(ଯଥା—ମହରମରେ ମୁସଲମାନ୍‌ମାନଙ୍କର ହସନହସେନ ମହାତମ୍ ।)

**ମହାତମା**—ଗ୍ରା. ବି. ପୁଂ—ମହାତ୍ମା ( ଦେଖ )
Mahātamā महातमा **महातमा** Mahātmā (See)
ମହାତମାଣୀ } ସ୍ତ୍ରୀ
ମହାତମୀ }
(ଉ—ସେ ପୁଣ୍ୟମୟୂ ମହାତମା, ତାହାଙ୍କ ସେହି ସେ ଉପମା । ଭୂପତି. ପ୍ରେମପଞ୍ଚାମୃତ ।)

**ମହା ତମ୍ବି**—ଦେ. ବି—୧ । କୌଣସି ବ୍ୟକ୍ତି ସଙ୍ଗେ କୌଣସି କଥା ପାଇଁ ବିଶେଷ ଯୁକ୍ତିନ ସହିତ ଚାପ—1. Pressing demand. ୨ । ବିଶେଷ ଧମକାଣ—2. Much threatening.
Mahā tambi
भारी तंबी
**महातंबी, तम्बी**

**ମହାତରେ**—ଦେ. କ୍ରି. ବିଣ (ସଂ. ମହତ୍ତର)—ଅପେକ୍ଷାକୃତ ବେଶି ବା ଅଧିକ—Comparatively better or larger or greater. (ଉ—ମହାତରେ କହତ, ବାଜୁଅଛି ଲଳତ, କ କେ କୁଳବଧୂମାନ ହେଏ ଦଳତ । ଅଭିମନ୍ୟୁ ସାମନ୍ତ ଚନ୍ଦ୍ରମଣି ।)
Mahātare
महत्तर

**ମହା ତଳ**—ସଂ. ବି—ହିନ୍ଦୁ ପୁରାଣ ମତରେ ସପ୍ତ ପାତାଳାନ୍ତର୍ଗତ ୫ମ ପାତାଳ—The 5th of the seven nether worlds according to the Hindu mythologies.
Mahā taḻa

**ମହା ତାପ**—ସଂ. ବି(କର୍ମଧା)—୧ । ଅତିଶୟ ତାପ—1. Great heat. ୨ । ଗଭୀର ଅନୁତାପ—2. Sore repentance. ୩ । ଅତିଶୟ ଜ୍ୱାଳା; ଅତ୍ୟନ୍ତ ଜଳା ପୋଡ଼ା—3. Great burning sensation.
Mahā tāpa

**ମହା ତାରା**—ସଂ. ବି. ସ୍ତ୍ରୀ—ତନ୍ତ୍ରୋକ୍ତ ତାରିଣୀ ଦେବୀ—Name of a Tantric Goddess.
Mahā tārā

**ମହାତିକ**—ଗ୍ରାମ୍ୟ. ବିଣ ( ସଂ. ମହାନ୍ ଓ ଅତତାୟୀ)—ମହାଅତତାୟୀ; ପରର ଅତିଶୟ ଅନିଷ୍ଟକାରୀ—Very harmful; very injurious. [ଉ—ଅପେ ମହାଯୋଗୀ ହୁଏ ଅପେ ମହାତିକ । ଗ୍ରାଚୀ. ବ୍ରହ୍ମକରୁଣଗୀତା ]
Mahātika

**ମହାତିକ୍ତ**—ସଂ. ବିଣ—ଅତ୍ୟନ୍ତ ପିତା; ଅତି ତିକ୍ତାସ୍ୱାଦ ଥିବା—Very bitter ( in taste ). ସଂ. ବି—୧ । ମହାଲ ଗଛ—1. Melia Azadarachta ( tree ). ୨ । ନିମ୍ବ ଗଛ—2. Neem tree. ୩ । ଚିରେଇତା—3. Agathitis Chirayata. ୪ । ଯବତିକ୍ତା ( ଦ୍ରବ୍ୟଗୁଣ )—4. A species of Chirayata.
Mahā tikta

**ମହାତେଜସ୍ୱୀ**—ସଂ. ବିଣ. ପୁଂ—୧ । ଅତୀବ ତେଜସ୍ୱୀ—1. Very radiant. ୨ । ଅତ୍ୟନ୍ତ ପ୍ରଭାବଶାଳୀ—2. Mighty.
Mahā tejaswī
(ମହାତେଜସ୍ୱିନୀ—ସ୍ତ୍ରୀ)

**ମହାତେଜାଃ**—ସଂ. ବିଣ, ପୁଂ ( ମହତ୍+ତେଜସ୍; ୧ମା. ୧ବ. ବହୁବ୍ରୀହି )—୧ । ମହାତେଜସ୍ୱୀ—1. Very radiant. ୨ । ମହାବୀର୍ଯ୍ୟଶାଳୀ; ଅତ୍ୟନ୍ତ ପ୍ରଭାବଶାଳୀ—2. Heroic; mighty. ସଂ. ବି—୧ । ଅଗ୍ନି—1. Fire. ୨ । ପାରଦ—2. Mercury. ୩ । ( ହି. ଶ )—3. Śiba.
Mahātejāḥ

**ମହାତୈଳ**—ସଂ. ବି ( ମହତ+ତୈଳ )—ମନୁଷ୍ୟଦେହରୁ ନିର୍ଗତ ଚର୍ବି—Fat got from human body.
Mahātaiḻa
[ ଦ୍ର—ତୈଳ ଶବ୍ଦ ପୂର୍ବେ ମହତ୍‌ଶବ୍ଦର ବ୍ୟବହାର ନିଷିଦ୍ଧ ଥିଲେହେଁ ଏପରି ବ୍ୟବହାର ସଂସ୍କୃତ ଗ୍ରନ୍ଥକାରମାନେ କରି ଅଛନ୍ତି । ]

**ମହାତ୍ମା**—ସଂ. ବିଣ. ପୁଂ ଓ ସ୍ତ୍ରୀ ( ମହତ୍+ଆତ୍ମନ୍; ୧ମା. ୧ବ. ବହୁବ୍ରୀହି )—୧ । ମହୋନ୍ନତ; ଉଦାରସ୍ୱଭାବାପନ୍ନ; ମହାନୁଭବ; ମହାମନାଃ—1. Noble; high-minded, magnanimous. ୨ । ବଦାନ୍ୟ—2. Liberal. ସଂ. ବି—୧ । ମହାପୁରୁଷ—1. A great man; a genius. ୨ । ମହାନ୍ ସାଧୁ; ମହର୍ଷି ( ହି. ଶ )—2. A great sage. ୩ । ପରମାତ୍ମା ( ହି. ଶ )—3. The Divine Soul pervading the universe. ୪ । ପିତୃମାନଙ୍କ ଗଣ ବିଶେଷ ( ହି. ଶ ) 4. A class of the manes. ୫ । ମହତ୍ତତ୍ତ୍ୱ (ହି.ଶ) ( ଦେଖ )—5. Mahattatwa ( See ) ୬ । ଶିବ ( ହି. ଶ )—6. Śiba.
Mahātmā

**ମହାତ୍ମା ଗାନ୍ଧି**—ଦେ. ବି—ଭାରତର ଆଧୁନିକଯୁଗର ଜଗତ୍ ପରିଚିତ ମହାପୁରୁଷ; ମୋହନ ଦାସ କରମଚାନ୍ଦ ଗାନ୍ଧୀ—Mahātmā Gāndhi, the greatest modern regenerator of India.
Mahātmā gandhi
महात्मा गान्धी
**महात्मा गान्धी**
[ ଦ୍ର—ଗାନ୍ଧି ମହାତ୍ମା ଶବ୍ଦରେ ଏ ଗ୍ରନ୍ଥର ୨ୟ ଖଣ୍ଡ ୨୧୯୮ ପୃଷ୍ଠାର ଦ୍ୱିତୀୟ ସ୍ତମ୍ଭରେ 'ମୋହନଲାଲ କରମ ଚାନ୍ଦ ଗାନ୍ଧି' ବୋଲି ଲେଖାଅଛି । ତାହା 'ମୋହନ ଦାସ କରମ ଚାନ୍ଦ ଗାନ୍ଧୀ' ପଢ଼ିବାକୁ ହେବ । ]

**ମହାତ୍ମାଣୀ**—ଗ୍ରା. ବି. ସ୍ତ୍ରୀ—ଉଦାରସ୍ୱଭାବା ସ୍ତ୍ରୀ—A noble woman.
Mahātmāṇī

ମହାଦଂଷ୍ଟ୍ରା—ସ. ବ (ବହୁବ୍ରୀହି; ମହତ୍ + ଦଂଷ୍ଟ୍ରାନ୍)—ବଡ଼ଦାନ୍ତବିଶିଷ୍ଟ—
Mahādamshtrā Having big teeth or tusks.

ମହାଦନ୍ତ—ସ. ବି—୧ । ( କର୍ମଧା )—ହାତୀଦାନ୍ତ ( ହି. ଶ )—
Mahādanta 1. Tusk; ivory. ୨ । ( ବହୁବ୍ରୀହି ) ମହାଦେବ ( ହି. ଶ. )—2. Siba.

ମହାଦଶା—ସ. ବି—୧ । ମହା ବିପଦ୍—1. Great or critical
Mahādasā danger. ୨ । ( ଜ୍ୟୋତିଷ ) ମନୁଷ୍ୟର ଜାତକର ରାଶି ଅନୁସାରେ ଭୋଗ ହେଉଥିବା ପ୍ରଧାନ ଗ୍ରହର ଫଳୋତ୍ପାଦକ ଅବସ୍ଥା—2. (astrology) The condition of a man due to the position of the ruling planet in his zodiac sign of nativity at a period of his life.

ମହାଦାନ—ସଂ ବ ( ମହତ୍ + ଦାନ; କର୍ମଧାରୟ )—୧ । ବଡ଼ ବା
Mahādān ବହୁମୂଲ୍ୟ ବସ୍ତୁର ଦାନ—1. A big or large or very valuable gift. [ ଦ୍ର—ତୁଲାପୁରୁଷଦାନ, ଲକ୍ଷଧେନୁଦାନ, ସ୍ୱର୍ଣ୍ଣର ଗବାଦିପଶୁମୂର୍ତ୍ତି ଦାନ, ଭୂମି ବା ପୃଥିବୀ ଦାନ, ହସ୍ତୀ, ରଥ ଓ କନ୍ୟା ଆଦି ବହୁମୂଲ୍ୟ ବସ୍ତୁର ଦାନ ପୁରାଣାନୁସାରେ ମହାଦାନରୂପେ ଗଣ୍ୟ । ] ୨ । ଗ୍ରହଣ ଆଦି ସମୟରେ ଡୋମ ଚମାର ଆଦି ନିମ୍ନ ଶ୍ରେଣୀର ଲୋକଙ୍କୁ ଦିଆଯିବା ଦାନ (ହି. ଶ)—2. Gifts made to very low caste people on the occasion of eclipse and such other extraordinary events.

ମହାଦାରୁ—ସ. ବି—ଦେବଦାରୁ—The Deodar tree; the
Mahādāru Himalayan cedar.

ମହାଦୀପ—ଦେ. ବି—ଶିବରାତ୍ରି ଦିନ ରାତିରେ ମହାଦେବଙ୍କ ମନ୍ଦିରର ଚୂଡ଼ାକୁ
Mahādipa ନିଆଯାଇ ସେଠାରେ ଲଗାଯିବା ପ୍ରଦୀପ—Lamp
महादीप carried to and put over the top of a
महादीप Siba's temple on the night of Sibarātri.

ମହାଦୀପ ଉଠିବା—ଦେ. କ୍ରି—ଶିବରାତ୍ରି ଦିନ ରାତିରେ ଶିବମନ୍ଦିରର
Mahādipa uṭhibā ଶିଖରକୁ ପ୍ରଦୀପ ନିଆଯିବା—The act
महादीप उठा of lifting of a lamp to the top of
महादीप उठना a Siba temple on the night of Sibarātri.

ମହାଦେଈ—ଦେ. ବି. ସ୍ତ୍ରୀ (ସ. ମହାଦେବୀ)—୧ । ରାଣୀ; ରାଜ
Mahādei ପତ୍ନୀ—1. A queen; a ranee. [ ଦ୍ର—ସେ
महादेवी ଦଶରଥଙ୍କ ଜ୍ୟେଷ୍ଠ ମହାଦେଈ । କୃଷ୍ଣସିଂହ. ମହାଭାରତ.
महादेवी ବନ । ] ୨ । ରାଣୀମାନଙ୍କ ନାମ ପରେ ଲେଖାଯିବା ଉପାଧି—2. A title added to the names of Ranees.

ମହାଦେବ—ସ. ବି—(ମହାନ୍ + ଦେବ; କର୍ମଧାରୟ, କିଂବା ମହତ୍—
Mahādeba ବଡ଼ଦେବତାଙ୍କର + ଦେବ; ୬ଷ୍ଠୀ ତତ୍)—
୧ । ଶିବ; ମହେଶ—1. Lord Siba. [ ଦ୍ର—ଏ ରୁଦ୍ରମାନଙ୍କ ଶ୍ରେଷ୍ଠ ଦେବତାଙ୍କସୃଷ୍ଟ
ମହାକାଳ, ମହାନେତ୍ର, ମହାନଟ୍ୟ } ଅନ୍ୟରୂପ ମଧ୍ୟରୁ ଅନ୍ୟତମ ଓ ପରମେଶ୍ୱରଙ୍କ ସ୍ୱଭାବଶକ୍ତି । ପୁରାଣରେ ବର୍ଣ୍ଣିତ ଅଛି ଯେ, ପ୍ରଥମେ ଏ ମହାପୁରୁଷଙ୍କ-(ପରମେଶ୍ୱରଙ୍କ) ଦ୍ୱାରା ସୃଷ୍ଟ ହୋଇ ତପସ୍ୟାରେ ପ୍ରବୃତ୍ତ ହେଲେ ଏବଂ ଯୋଗୀବେଶ ଧାରଣ କଲେ । ଏହାଙ୍କର ପରିଧାନ ବ୍ୟାଘ୍ରଚର୍ମ; ସର୍ପ ଏହାଙ୍କର କଟିବନ୍ଧ ଓ ଉତ୍ତରୀୟ; ଦେହ ଭସ୍ମବୋଳା; ମୁଣ୍ଡରେ ଜଟା ଓ ଜଟାରେ ଗଙ୍ଗା ପ୍ରବହମାନା । ଏହାଙ୍କର ତିନିଗୋଟି ଆଖି; ସେଥିପାଇଁ ତାଙ୍କର ଅନ୍ୟ ନାମ ତ୍ରିଲୋଚନ; କପାଳରେ ଅର୍ଦ୍ଧେନ୍ଦୁ ତିଲକରୂପେ ବିଦ୍ୟମାନ; ପାଞ୍ଚଗୋଟି ମୁଖ; ସେଥିପାଇଁ ତାଙ୍କର ନାମ ପଞ୍ଚାନନ । ନନ୍ଦୀ ଏହାଙ୍କର ପ୍ରଧାନ ପାର୍ଶ୍ୱଚର । ଶ୍ମଶାନରେ ଏହାଙ୍କର ବିଚରଣ, ପ୍ରମଥଗଣ ବା ଭୂତପ୍ରେତ ଏହାଙ୍କର ସହଚର । ବୃଷଭ ଏହାଙ୍କର ବାହନ; ଏ ଅଗ୍ନିମୁନିଙ୍କର ଶିଷ୍ୟ । ସବୁପ୍ରକାର ଅସ୍ତ୍ରଶସ୍ତ୍ରରେ ଏ ସୁପଣ୍ଡିତ । ତ୍ରିଶୂଳ ଏହାଙ୍କର ପ୍ରଧାନ ଅସ୍ତ୍ର । ଏହାଙ୍କ ଧନୁର ନାମ ପିନାକ । ଯୁଦ୍ଧ ସମୟରେ ଏହା ଧନୁରୂପେ ଓ ଅନ୍ୟ ସମୟରେ ଏହା ବାଦ୍ୟରୂପେ ବ୍ୟବହୃତ ହୁଏ । ଡମରୁ ଏହାଙ୍କର ବାଦ୍ୟ । ଏହାଙ୍କର ତାଣ୍ଡବନୃତ୍ୟ ଅତି ଭୟଙ୍କର । ଏ ତ୍ରିପୁରାସୁରକୁ ବଧ କରିଥିଲେ । ସେଥିପାଇଁ ଏହାଙ୍କର ନାମ ତ୍ରିପୁରାରି । ବିଷ୍ଣୁଙ୍କ ସାହାଯ୍ୟରେ ଏ ଜଳନ୍ଧର ନାମକ ଅସୁରକୁ ବଧ କରିଥିଲେ । ଏ ଯୁଦ୍ଧରେ ଅଜେୟ; କିନ୍ତୁ ଥରେ ବିଷ୍ଣୁଙ୍କ ସହିତ ସଂଗ୍ରାମରେ ପରାଜିତ ହୋଇଥିଲେ । ଏହାଙ୍କ ବାସ କୈଳାସଶିଖର ।

ଅସୁର ଓ ଦେବତାମାନଙ୍କ ଦ୍ୱାରା ସମୁଦ୍ରମନ୍ଥନ ସମୟରେ ସର୍ବଶେଷରେ ଏ ଉପସ୍ଥିତ ହୋଇ ପୁନର୍ବାର ସମୁଦ୍ରକୁ ମନ୍ଥିବା ପାଇଁ ଆଦେଶ କରିବାରୁ ଦ୍ୱିତୀୟବାର ସମୁଦ୍ର ମନ୍ଥନରୁ ହଳାହଳ (ବିଷ) ବାହାରିଲା । ତାହାକୁ ସେ ପାନ କରି ବିଷଜ୍ୱାଳାରେ ଅସ୍ଥିର ହେଲେ ଏବଂ ତାଙ୍କର କଣ୍ଠ ନୀଳବର୍ଣ୍ଣ ଧାରଣ କଲା । ଏଥିପାଇଁ ଏହାଙ୍କର ଅନ୍ୟ ନାମ ନୀଳକଣ୍ଠ । ଏ ତପସ୍ୟାଦ୍ୱାରା ଅତି ଶୀଘ୍ର ତୁଷ୍ଟ ହୁଅନ୍ତି ବୋଲି ଏହାଙ୍କର ନାମ ଆଶୁତୋଷ । ପରଶୁରାମ ଏହାଙ୍କଠାରୁ ଅସ୍ତ୍ରବିଦ୍ୟା ଶିକ୍ଷା କରିଥିଲେ । ଦ୍ରୋଣାଚାର୍ଯ୍ୟ ଏହାଙ୍କଠାରୁ କେତେକ ଅସ୍ତ୍ର ଲାଭ କରିଥିଲେ । ଅର୍ଜୁନଙ୍କ ତପସ୍ୟାରେ ଏ ସନ୍ତୁଷ୍ଟ ହୋଇ କିରାତବେଶରେ ତାହାଙ୍କୁ ଦର୍ଶନ ଦେଇ ପ୍ରଥମେ ତାଙ୍କ ସଙ୍ଗେ ଯୁଦ୍ଧ କରିଥିଲେ ଏବଂ ଶେଷରେ ପ୍ରସନ୍ନ ହୋଇ ତାହାଙ୍କୁ ପାଶୁପତ ଅସ୍ତ୍ର ପ୍ରଦାନ କରିଥିଲେ ।

ମହାଦେବ ପ୍ରଥମେ ଦକ୍ଷକନ୍ୟା ସତୀଙ୍କୁ ବିବାହ କରିଥିଲେ । ଥରେ ଦକ୍ଷମୁନିଙ୍କ ଯଜ୍ଞରେ ଏ ଶ୍ୱଶୁରଙ୍କ ଯଥୋଚିତ ଅଭିବାଦନ ନ କରିବାରୁ ଦକ୍ଷ କୁପିତ ହୋଇ ତାଙ୍କୁ ଏବଂ ନିଜ କନ୍ୟା ସତୀଙ୍କୁ ଯଜ୍ଞକୁ ନିମନ୍ତ୍ରଣ କଲେ ନାହିଁ । ନିମନ୍ତ୍ରିତ ନ ହୋଇ ମଧ୍ୟ ସତୀ ଯଜ୍ଞ ସମୟରେ ପିତୃଗୃହକୁ ଗଲେ । ସେଠାରେ ଦକ୍ଷ ସ୍ୱୀୟ କନ୍ୟା ସତୀଙ୍କ

ଆଗରେ ମହାଦେବଙ୍କ ନିନ୍ଦା କରିବାରୁ ସେ ପତିନିନ୍ଦା ସହି ନ ପାରି ସେହି ଯଜ୍ଞକୁଣ୍ଡରେ ଝାସ ଦେଲେ । ମହାଦେବ ଏ ସମ୍ବାଦ ପାଇ ଯଜ୍ଞସ୍ଥଳରେ ଉପସ୍ଥିତ ହେଲେ । ତାଙ୍କ ଜଟାରୁ ବୀରଭଦ୍ର ନାମକ ବୀର ପୁରୁଷ ଜାତ ହୋଇ ଦକ୍ଷଙ୍କ ଯଜ୍ଞକୁ ନାଶ କଲେ ଓ ଦକ୍ଷଙ୍କ ମୁଣ୍ଡ ଛେଦନ କଲେ । ପରେ ମହାଦେବ ଦକ୍ଷଙ୍କୁ ଜୀବନ ଦେଲେ । ତତ୍ପରେ ସତୀଙ୍କର ମୃତ ଦେହକୁ କାନ୍ଧରେ ପକାଇ ଶିବ ପତ୍ନୀଶୋକରେ ଉନ୍ମତ୍ତ ହୋଇ ବ୍ରହ୍ମାଣ୍ଡ ଭ୍ରମଣ କଲେ । ଏହା ଦେଖି ବିଷ୍ଣୁ ସ୍ୱୀୟ ଚକ୍ର ଦ୍ୱାରା ମହାଦେବଙ୍କ ସ୍କନ୍ଧସ୍ଥିତ ସତୀ-ଶବକୁ ଖଣ୍ଡ ଖଣ୍ଡ କରି ପକାଇଲେ । ସତୀଙ୍କ ଦେହର ଅଂଶ ପୃଥିବୀର ନାନା ସ୍ଥାନରେ ଛିନ୍ନଭିନ୍ନ ହୋଇ ପଡ଼ିଲା । ସେ ସ୍ଥାନମାନ ପୀଠ ଓ ଉପପୀଠ ହେଲା (ପୀଠ ଦେଖ) । ତତ୍ପରେ ମହାଦେବ କୈଳାସରେ ଯୋଗମଗ୍ନ ହେଲେ । ଏଣେ ସତୀ ହିମାଳୟଙ୍କ କନ୍ୟା ରୂପେ ପାର୍ବତୀ ନାମରେ ଜନ୍ମ ଗ୍ରହଣ କଲେ ଓ ମହାଦେବଙ୍କୁ ପତି ରୂପେ ପାଇବାକୁ ଦୃଢ଼ ସଙ୍କଳ୍ପ କରି କଠୋର ତପସ୍ୟାଚରଣପୂର୍ବକ ଯୋଗନିରତ ମହାଦେବଙ୍କ ସେବାରେ ନିଜକୁ ନିଯୁକ୍ତ କଲେ, ସେତେବେଳେ ତାରକ ନାମଧାରୀ ଏକ ଅସୁରଦଳପତି ସ୍ୱର୍ଗରାଜ୍ୟ ପ୍ରତି ବାରମ୍ବାର ଅଭିଯାନ ଚଳାଇ ଦେବତାମାନଙ୍କ ଉପରେ ନାନା ଅନ୍ୟାୟ ଅତ୍ୟାଚାର କରୁଥିଲା । ତାକୁ ବଧ କରି ଅସୁରମାନଙ୍କୁ ପରାଜିତ କରିବା ପାଇଁ ଦେବସେନାମାନଙ୍କର ଅଗ୍ରଣୀ ରୂପେ ଯେଉଁ ଭଳି ଯୋଦ୍ଧା ଆବଶ୍ୟକ, ତାହାଙ୍କୁ ପାଇବାକୁ ଦେବତାମାନେ ଚିନ୍ତିତ ହେଲେ ଏବଂ ଶେଷରେ ସ୍ଥିର କଲେ ଯେ, ମହାଦେବଙ୍କ ଔରସରେ ପାର୍ବତୀଙ୍କ ଗର୍ଭରୁ ଯେଉଁ ପୁତ୍ର ଜାତ ହେବେ, ସେହି ଏକା ଦେବସେନାନୀରୂପେ ଏ କାର୍ଯ୍ୟରେ ସମର୍ଥ ହେବେ । ସେଥିପାଇଁ ସେମାନେ ମହାଦେବଙ୍କ ତପସ୍ୟା ଭଙ୍ଗାଇ ତାଙ୍କୁ ପାର୍ବତୀଙ୍କଠାରେ ଆସକ୍ତ କରାଇବା ପାଇଁ ମଦନ ବା କାମଦେବଙ୍କୁ ନିଯୁକ୍ତ କଲେ । ମଦନ ମହାଦେବଙ୍କ ପ୍ରତି ତାଙ୍କର ପଞ୍ଚବାଣ ପ୍ରୟୋଗ କରନ୍ତେ ପାର୍ବତୀଙ୍କୁ ଦେଖି ମହାଦେବ କ୍ଷଣକ ପାଇଁ ବିଚଳିତ ହୋଇ ଉଠିଲେ ସତ୍ୟ, କିନ୍ତୁ ପର ମୁହୂର୍ତ୍ତରେ ଚିତ୍ତକୁ ସଂଯତ କଲେ ଓ ତାଙ୍କ ମନରେ ଚଞ୍ଚଳତା ଏ ସୃଷ୍ଟି ମଦନଙ୍କ କାର୍ଯ୍ୟ ବୋଲି ଜାଣି ପାରିଲେ ଏବଂ କୋପାନ୍ୱିତ ହୋଇ ମଦନ ପ୍ରତି କୋପଦୃଷ୍ଟି ନିକ୍ଷେପ କଲେ । ସେତେବେଳେ ତାଙ୍କ ତୃତୀୟ ନେତ୍ରରୁ ଅଗ୍ନି ନିର୍ଗତ ହୋଇ ମୁହୂର୍ତ୍ତକ ଭିତରେ ମଦନଙ୍କୁ ଭସ୍ମ କରିଦେଲା । ଏଥିପାଇଁ ମହାଦେବଙ୍କର ଅନ୍ୟ ଏକ ନାମ ସ୍ମରହର । ପାର୍ବତୀ ଏହିରୂପେ ବିଫଳମନୋରଥା ହୋଇ ଅତି କଷ୍ଟସାଧ୍ୟ କଠୋର ତପଶ୍ଚରଣରେ ପ୍ରବୃତ୍ତ ହେଲେ । ଶେଷରେ ମହାଦେବ ତାଙ୍କ ତପସ୍ୟାରେ ପରିତୁଷ୍ଟ ହୋଇ ତାଙ୍କୁ ବିବାହ କଲେ ଏବଂ ନିଜର ଅର୍ଦ୍ଧାଙ୍ଗରୂପେ ତାହାଙ୍କୁ ସର୍ବଦା ଦେହରେ ଧାରଣ କଲେ । ଏହି ବିବାହରେ ପାର୍ବତୀଙ୍କଠାରୁ ଗଣେଶ ଓ କାର୍ତ୍ତିକେୟ ଜନ୍ମଗ୍ରହଣ କଲେ । ହିମାଳୟଙ୍କ ଜ୍ୟେଷ୍ଠା କନ୍ୟା ଗଙ୍ଗା ମଧ୍ୟ ମହାଦେବଙ୍କୁ ପତି-ରୂପେ ବରଣ କରିଥିଲେ । ମହାଦେବଙ୍କର ଆଠ ଗୋଟି ମୂର୍ତ୍ତି, ଯଥା—ସର୍ବ ବା କ୍ଷିତିମୂର୍ତ୍ତି, ଭବ ବା ଜଳମୂର୍ତ୍ତି, ଉଗ୍ର ବା ବାୟୁମୂର୍ତ୍ତି, ଭୀମ ବା ଆକାଶମୂର୍ତ୍ତି, ଈଶାନ ବା ସୂର୍ଯ୍ୟ-ମୂର୍ତ୍ତି, ମହାଦେବ ବା ଚନ୍ଦ୍ରମୂର୍ତ୍ତି, ପଶୁପତି ବା ଯଜମାନ-ମୂର୍ତ୍ତି । ସାଧାରଣ ଲୋକଙ୍କ ବିଶ୍ୱାସ ଯେ ମହାଦେବ ସର୍ବଦା ଗଞ୍ଜାଇ ନିଶାରେ ଭୋଳ ଥାଆନ୍ତି, ଏଥିପାଇଁ ତାଙ୍କର ବେଶିକି ନାମ ଭୋଳାନାଥ ।

ମହାଦେବଙ୍କୁ ଶକ୍ତିସହିତ ଲିଙ୍ଗମୂର୍ତ୍ତିରେ ପୂଜା କରାଯାଏ । ଗୋଟିଏ ସ୍ତ୍ରୀଯୋନି ଆକାରର ଶକ୍ତିର କେନ୍ଦ୍ର-ସ୍ଥିତ ବିବରରେ ପୁରୁଷଲିଙ୍ଗ ଆକାରର ପ୍ରସ୍ତର ବା ମଣିମୟ ବା ଧାତୁମୟ ବା ମୃତ୍ତିକାମୟ ବସ୍ତୁ ସଂଯୁକ୍ତ ହୋଇ ତାହା ଶିବରୂପେ ପୂଜିତ ହୁଅନ୍ତି । ନାନା ପ୍ରକାର ଶିବ ଲିଙ୍ଗ ଦେଖା ଯାଆନ୍ତି । ଯଥା—ସ୍ୱୟଂଭୂ, ଜ୍ୟୋତିର୍ଲିଙ୍ଗ, ପାର୍ଥିବ ଲିଙ୍ଗ, ବାଣଲିଙ୍ଗ ଇତ୍ୟାଦି । ପାର୍ବତୀଙ୍କୁ ଦୁର୍ଗା, କାଳୀ, ଚଣ୍ଡୀ, ଶ୍ୟାମା, ଜଗଦ୍ଧାତ୍ରୀ, ଅନ୍ନପୂର୍ଣ୍ଣା, ଦଶମହାବିଦ୍ୟା ଆଦି ନାନା ରୂପରେ ପୂଜା କରାଯାଏ । କେତେକ ଶିବଲିଙ୍ଗ ଶକ୍ତି-ଗହ୍ୱରରେ ଅନ୍ତର୍ନିହିତ ଥାଆନ୍ତି ।

ଯେଉଁମାନେ ମହାଦେବଙ୍କର ଭକ୍ତ ସେମାନଙ୍କୁ ଶୈବ ବୋଲାଯାଏ । ମହାଦେବଙ୍କ ମୁଖରୁ ତନ୍ତ୍ର ଶାସ୍ତ୍ର ବାହାରିଅଛି । ତନ୍ତ୍ର ଶାସ୍ତ୍ରରେ ଶକ୍ତି ପୂଜାହିଁ ପ୍ରଧାନ ଅଙ୍ଗ । ଯେଉଁମାନେ ତାନ୍ତ୍ରିକ ମତରେ ଶକ୍ତି ଉପାସନା କରନ୍ତି, ସେମାନଙ୍କୁ ଶାକ୍ତ ବୋଲାଯାଏ ।]

**ମହାଦେବ ଦାସ**—ଦେ. ବି—ଜଣେ ଓଡ଼ିଆ ପୁରାଣ ଲେଖକ—
Mahādeba dāsa A writer of some Purāṇas in Oriya. [ଦ୍ର—ଏ ଜାତିରେ ଶୂଦ୍ର; ପିତାଙ୍କ ନାମ ଲକ୍ଷ୍ମଣ ଦାସ । ଏ ସପ୍ତଦଶ ଶତାବ୍ଦୀର କବି । (ବିନାୟକ. ଉତ୍କଳ ସାହିତ୍ୟ ଇତିହାସ)

'ପଦ୍ମପୁରାଣ, ମାର୍କଣ୍ଡ ପୁରାଣ, କାର୍ତ୍ତିକ ମାହାତ୍ମ୍ୟ' ଆଦି ସାତ ଖଣ୍ଡି ପୁସ୍ତକ ଏହାଙ୍କ ଦ୍ୱାରା ରଚିତ । ଭାରତୀ. ଉତ୍କଳ ସାହିତ୍ୟ ଇତିହାସ ।]

**ମହାଦେବୀ**—ସଂ. ବି— ୧ । ଦୁର୍ଗା (ହି. ଶ)—1. Durgā, ୨। ରାଜାଙ୍କ
Mahādebi ପ୍ରଧାନ ପତ୍ନୀ ବା ପଟ୍ଟମହିଷୀଙ୍କ ଉପାଧି—
2. Title of a Raja's principal Rānee.

**ମହା ଦେଶ**—ସ. ବି (ଭୂଗୋଳ)—ବହୁଦେଶର ସମଷ୍ଟି; ଯେଉଁ ବିସ୍ତୀର୍ଣ୍ଣ
Mahā desa ଭୂଖଣ୍ଡରେ ଅନେକ ଦେଶ ଥାଏ—Continent.
(ଯଥା—ଏସିଆ, ଇଉରୋପ, ଆଫ୍ରିକା, ଆମେରିକା ।)

**ମହା ଦ୍ୱିଜ**—ସ. ବି—ମହା ବ୍ରାହ୍ମଣ ( ଦେଖ )
Mahā dwija Mahā brāhmaṇa ( See )

**ମହା ଦ୍ୱୀପ**—ସ. ବି (କର୍ମଧା)—ମହାସାଗରବେଷ୍ଟିତ ସୁବିସ୍ତୀର୍ଣ୍ଣ ଦ୍ୱୀପ—
Mahā dwipa An island continent.
[ ଦ୍ର—ପ୍ରାଚୀନ ହିନ୍ଦୁମାନଙ୍କ ମତରେ ପୃଥିବୀ ୭ଗୋଟି ମହାସାଗର ବେଷ୍ଟିତ ୭ଗୋଟି ମହାଦ୍ୱୀପରେ ବିଭକ୍ତ ଥିଲା; ଯଥା—ଜମ୍ବୁ ( ଭାରତବର୍ଷ ), ପ୍ଲକ୍ଷ, ଶାଲ୍ମଳ, କୁଶ, କ୍ରୌଞ୍ଚ, ଶାକ ଓ ପୁଷ୍କର ।

ଅଧୁନାତନ ପଣ୍ଡିତମାନଙ୍କ ମତରେ ପୃଥିବୀ ୬ଟ ମହାଦ୍ୱୀପରେ ବିଭକ୍ତ ଯଥା—ଏସିଆ, ୟୁରୋପ ଓ ଅଫ୍ରିକା ମିଶି ପ୍ରାଚୀନ ମହାଦ୍ୱୀପ ଏବଂ ଉତ୍ତର ଅମେରିକା ଓ ଦକ୍ଷିଣ ଅମେରିକା ମିଶି ନୂତନ ମହାଦ୍ୱୀପ । ଅଷ୍ଟ୍ରେଲିଆ ମଧ୍ୟ ଗୋଟିଏ ମହାଦ୍ୱୀପ ଅଟେ । ]

ମହା ଦ୍ୟୁତି—ସଂ. ବିଣ ( ବହୁବ୍ରୀହି; ମହତ୍‌+ଦ୍ୟୁତି=ତେଜଃ )—
Mahā dyuti ବିଶେଷ ତେଜୋମୟ—Dazzling; very brilliant or shining. ସଂ. ବି ( କର୍ମଧାରୟ )—ସମୁଜ୍ଜ୍ୱଳ ଜ୍ୟୋତିଃ—Bright light.

ମହା ଦ୍ରୁମ—ସଂ. ବି ( କର୍ମଧା )—୧ । ଖୁବ୍ ବଡ଼ ଗଛ—1. Very
Mahā druma big tree. ୨ । ବଟ ଗଛ—2. Banyan tree. ୩ । ଅଶ୍ୱତ୍ଥ ଗଛ—3. The religious or sacred fig tree. ୪ । ତାଳ ଗଛ ( ହି. ଶ )—4. The palm tree. ୫ । ମହୁଆ ଗଛ ( ହି. ଶ )—5. Bassia Latifolia ( tree ). ୬ । ଏକ ପୌରାଣିକ ବର୍ଷ ବା ଦେଶ—6. Name of a mythological country.

ମହାଦ୍ରୋଣୀ(ଣା)—ସଂ.ବି—ଦ୍ରୋଣପୁଷ୍ପ; ଏକପ୍ରକାର ଗୁଳ୍ମ ବଡ଼ଗଛ (ଗୁପ୍ତ)
Mahādronī(nā) —Leucas Cepholotes (plant).
বড় ঘলঘসে বড় গথস

ମହାଧନ—ସଂ. ବି ( କର୍ମଧା )—୧ । ସବୁ ଧନ ମଧ୍ୟରେ ଶ୍ରେଷ୍ଠ; ଶ୍ରେଷ୍ଠ
Mahādhana ଧନ—1. Prominent property. ୨ । ସ୍ୱର୍ଣ୍ଣ—2. Gold. ୩ । (ବହୁବ୍ରୀହି) କୃଷି କାର୍ଯ୍ୟ—3. Agriculture. ୪ । ସୁଗନ୍ଧ ଧୂପ—4. Incense. ୫ । ବହୁମୂଲ୍ୟ ବସ୍ତୁ—5. Very precious thing ( ଉ—ଧନଦୈର୍ଯ୍ୟ, ଯେଉଁମାନେ ଶାନ୍ତି ଜାଣ, ଅଟ୍ଟ ସେହି ମହାଧନ, ସେ ମହାସ୍ୱର୍ଗ-ଭବନ । ମଧୁସୂଦନ । ) ସଂ. ବିଣ ( କର୍ମଧା )—୧ । ଧନାଢ୍ୟ; ଧନୀ—1. Rich; affluent; opulent. ୨ । ବହୁମୂଲ୍ୟ—2. Very valuable; precious.

ମହା ଧନୀ—ଦେ. ବିଣ( ସଂ. ମହାଧନ )—ଖୁବ୍ ଧନଶାଳୀ ( ଲୋକ )—
Mahā dhanī Very rich ( man ).

ମହା ଧାତୁ—ସଂ. ବି ( କର୍ମଧା )—ସ୍ୱର୍ଣ୍ଣ—
Mahā dhātu Gold.

ମହା ଧ୍ୱନିକ—ସଂ. ବି. ପୁଂ ( ମହତ୍ ଶବ୍ଦ ଜାତ ମହା+ଅଧ୍ୱନ୍+ଇକ )
Mahād hwanika —ଯେଉଁ ବ୍ୟକ୍ତି ପୁଣ୍ୟ ଅର୍ଜନାର୍ଥ ହିମାଳୟକୁ ଯାଇ ସେଠାରେ ମୃତ ହୋଇଅଛନ୍ତି—A person who undertook a pilgrimage to the Himalayas and died there.

ମହାନ୍—ସଂ. ବିଣ. ପୁଂ ( ମହତ୍ ଶବ୍ଦର ପ୍ରଥମା ୧ମା. ୧ବ )—
Mahān ମହତ୍ ( ଦେଖ )—Mahat ( See ).
( ମହତୀ—ସ୍ତ୍ରୀ )

ମହା ନଗର(ରୀ)—ସଂ. ବି ( କର୍ମଧା )—୧ । ରାଜଧାନୀ; ପ୍ରଧାନ ନଗର
Mahā nagara(rī) 1. Capital. ୨ । ଶିଳ୍ପ ଓ ବାଣିଜ୍ୟାଦିର ପ୍ରଧାନ ସ୍ଥାନ ବା କେନ୍ଦ୍ର—2. A big city.

ମହାନଟ—ସଂ. ବି. ପୁଂ ( କର୍ମଧା )—ଶିବ; ମହାଦେବ— Siba.
Mahānata [ ଦ୍ର—ଏହାଙ୍କର ତାଣ୍ଡବ ନୃତ୍ୟ ଶ୍ରେଷ୍ଠ ନୃତ୍ୟ । ]

ମହାନଈ—ଦେ ବି—ମହାନଦୀ ( ଦେଖ )—
Mahānaī Mahānadī ( See )

ମହାନଗ୍ନ—ସଂ. ବି—୧ । ପ୍ରଣୟୀ; ପ୍ରେମିକ ( ହି. ଶ )—1. A
Mahānagna lover. ୨ । ଉପପତି; ଜାର ( ହି. ଶ )—2. Paramour. ୩ । ପ୍ରାଚୀନ ଭାରତର ଉଚ୍ଚପଦସ୍ଥ ରାଜକର୍ମଚାରିବିଶେଷ ( ହି. ଶ )—3. Title of a high government official in ancient India.

ମହାନ(ଲ)ଦା (ଦା, ଦି)—ପ୍ରାଦେ (କଟକ ସହର; ଇତର ପ୍ରୟୋଗ)—
Mahāna(la)dā(ddā, ddi) ମହାନଦୀ ( ଦେଖ )—Mahānadī ( See ) [ ଦ୍ର—କଟକ ସହରବାସୀ ଇତର ଲୋକେ 'ମହାନଦୀ'କୁ ଏହି ନାମରେ ଡାକନ୍ତି । ]

ମହାନଦୀ—ସଂ. ବି ( ମହତୀ+ନଦୀ; କର୍ମଧା )—୧ । ବଡ଼ ନଦୀ;
Mahānadī ପ୍ରକାଣ୍ଡ ନଦୀ; ପର୍ବତରୁ ବାହାରି ସମୁଦ୍ରରେ ପଡ଼ୁଥିବା ନଦୀ—1. A great river. ଦେ. ବି (ନାମ)—୧ । ମଧ୍ୟପ୍ରଦେଶରୁ ବାହାରି ଓଡ଼ିଶା ବାଟେ ପ୍ରବାହିତ ହୋଇ ବଙ୍ଗୋପସାଗରରେ ପଡ଼ୁଥିବା ନଦୀ—1. The Mahānadī river which passes through Orissa. [ ଦ୍ର—ମହାନଦୀ ମଧ୍ୟପ୍ରଦେଶସ୍ଥ ବସ୍ତର ରାଜ୍ୟରୁ ବାହାରି ଛତିଶଗଡ଼ ବିଭାଗର ରାୟପୁର ଜିଲ୍ଲା, ଓଡ଼ିଶାର ସମ୍ବଲପୁର ଜିଲ୍ଲା ଓ ସୋନପୁର, ବୌଦ୍ଧ, ଦଶପଲ୍ଲା, ଆଠମଲ୍ଲିକ, ନରସିଂହପୁର, ବଡ଼ମ୍ବା, ଆଠଗଡ଼ ଆଦି ଗଡ଼ଜାତ ରାଜ୍ୟ ବାଟେ କଟକ ଜିଲ୍ଲାରେ ପ୍ରବେଶ କରି କଟକ ଜିଲ୍ଲାର ଫଲ୍ସପଏଣ୍ଟ ଠାରେ ବଙ୍ଗୋପସାଗରରେ ପଡ଼ିଅଛି । ଏଥିର ଗୋଟିଏ ଶାଖା କାଠଯୋଡ଼ୀରୁ ଯୋଡ଼ିଏ ଶାଖା ବାହାରି ପୁରୀଜିଲ୍ଲାରେ ଚିଲିକାରେ ଓ ସମୁଦ୍ରରେ ପଡ଼ିଅଛନ୍ତି । ପୂର୍ବେ ମହାନଦୀର ନାମ ଚିତ୍ରୋତ୍ପଳା ଥିବାର କଥିତ । ହସଦୁ, ତେଲ, କମାଇ, ଇବ, ମେହେରଣୀ, ଶାଳୁଙ୍କି, ବାଘନଦୀ, ଶିବନାଥ ଆଦି ମହାନଦୀର ଉପନଦୀ । କାଠଯୋଡ଼ୀ, ଚିତ୍ରୋତ୍ପଳା, ବିରୂପା, ଲୁଣୀ ଓ ପାଇକା ଆଦି ମହାନଦୀର ଶାଖାନଦୀ । ଏହି ନଦୀକୂଳରେ ସୋନପୁର, ସମ୍ବଲପୁର, ବୌଦ୍ଧ, ବାଙ୍କି ଓ କଟକ ନଗରମାନ ଅବସ୍ଥିତ । ପୁରୀଜିଲ୍ଲାର ସମସ୍ତ ନଦୀ ଏହି ମହାନଦୀର ଶାଖା କାଠଯୋଡ଼ୀରୁ ବାହାରି ଅଛି । ] ୨ । ଗଞ୍ଜାମ ଜିଲ୍ଲାର ଅସିକା ନିକଟରେ ପ୍ରବାହିତ ହେଉଥିବା ଏକ ନଦୀ—2. The name of a river flowing by Aska in the Ganjam district.

**ମହାନନ୍ଦ**—ସଂ. ବି. (କର୍ମଧା)—୧ । ଅତ୍ୟନ୍ତ ହର୍ଷ—1. Great joy.
Mahānanda ୨ । ମୋକ୍ଷ; ମୁକ୍ତି—2. Beatiwtude. ୩ । ୧୦ ଅଙ୍ଗୁଳ ଲମ୍ବ ବଂଶୀ (ହ୍ର. ଣ)—3. A flute. 10 digits long.' ୪ । (ନାମ) ମଗଧର ନନ୍ଦବଂଶୀୟ ଶେଷ ନୃପତି—4. The last king of the Nand[a] dynasty of Magadha ( Bihar ).
[ ଦ୍ର—ଏହାଙ୍କର ଅନ୍ୟ ନାମ ମହାପଦ୍ମନନ୍ଦ । ଏ ଖ୍ରୀଷ୍ଟପୂର୍ବ ୪ର୍ଥ ଶତାବ୍ଦୀରେ ରାଜତ୍ୱ କରିଥିଲେ । ମୁରା ନାମ୍ନୀ ଶୂଦ୍ରା ଦାସୀ ଗର୍ଭରେ ଏହାଙ୍କ ଔରସ କୁମାର ଚନ୍ଦ୍ରଗୁପ୍ତ ନାମ ଧାରଣ କରି ରାଜା ହେଲେ । ମହାନନ୍ଦ ରାଜା ଏହାଙ୍କର ଶକଟାର ନାମକ ମନ୍ତ୍ରୀଙ୍କୁ ବିନାଦୋଷରେ ଅପମାନିତ କରିବାରୁ ଶକଟାର ତାଙ୍କ ସାଧିବା ଉଦ୍ଦେଶ୍ୟରେ ପଣ୍ଡିତ ଚାଣକ୍ୟଙ୍କ ରାଜସଭାରେ ଉପସ୍ଥିତ କରାଇଲେ ଏବଂ ରାଜାଙ୍କଦ୍ୱାରା କୌଶଳରେ ଚାଣକ୍ୟଙ୍କୁ ଅପମାନିତ କରାଇବାରୁ ଚାଣକ୍ୟ କୁମାର ଚନ୍ଦ୍ରଗୁପ୍ତଙ୍କ ହସ୍ତଗତ କରି ମହାନନ୍ଦଙ୍କ ବଂଶର ବିନାଶ ସାଧନ କଲେ ଓ ଚନ୍ଦ୍ରଗୁପ୍ତଙ୍କୁ ଖ୍ରୀ: ପୂର୍ବ ୩୨୧ ଅବ୍ଦରେ ମଗଧର ରାଜସିଂହାସନରେ ବସାଇଲେ । ଚନ୍ଦ୍ରଗୁପ୍ତ ପ୍ରତାପୀ ରାଜା ଥିଲେ ଓ ଏହାଙ୍କ ଭୟରେ ମହାବୀର ସିକନ୍ଦର ମଗଧ ଆକ୍ରମଣ ନ କରି ପଞ୍ଜାବରୁ ସ୍ୱଦେଶକୁ ଲେଉଟି ଗଲେ ।]
(ମହାନନ୍ଦା—ସ୍ତ୍ରୀ) (ହ୍ର. ଣ)—ସଂ. ବିଣ. ପୁଂ—ଅତ୍ୟନ୍ତ ଆନନ୍ଦିତ—Overjoyed. ଦେ. ବି. ପୁଂ—ପୁରୁଷଙ୍କ ନାମ—A name given to males

**ମହାନନ୍ଦା**—ସଂ. ବି. ସ୍ତ୍ରୀ—୧ । ନଦୀବିଶେଷ—1. Name of a
Mahānandā river. [ଦ୍ର-ଏହା ହିମାଳୟରୁ ଦାର୍ଜିଲିଙ୍ଗ ନିକଟରୁ ବାହାରି ବଙ୍ଗଦେଶ ବାଟେ ପ୍ରବାହିତ ହୋଇଅଛି—ହ୍ର. ଣ] ୨ । ମାଘ ମାସ ଶୁକ୍ଳ ନବମୀ—2. The ninth day of the bright fortnight of Magha. ୩ । ସୁରା; ମଦ୍ୟ—3. Wine. ସଂ. ବିଣ. ସ୍ତ୍ରୀ—ମହାନନ୍ଦର ସ୍ତ୍ରୀ ଲିଙ୍ଗ—Feminine of Mahā. nanda-

**ମହା ନବମୀ**—ସଂ. ବି. ସ୍ତ୍ରୀ—(କର୍ମଧା; ମହତୀ+ନବମୀ)—ଆଶ୍ୱିନ ଶୁକ୍ଳ
Mahā nabamī ନବମୀ; ଦଶହରାର ପୂର୍ବ ଦିନ—The 9th day of the bright fortnight of Aświna.

**ମହା ନରକ**—ସଂ· ବି—ନରକର ୨୧ ଗୋଟି ଅତ୍ୟନ୍ତ ଯନ୍ତ୍ରଣାଦାୟକ
Mahā naraka ସ୍ଥାନ—Name of 21 particular parts of the hell of the Hindus.

**ମହାନସ**—ସଂ. ବି (ମହତ୍+ଅନସ=ଅନ୍ନ+ସ୍ୱାର୍ଥେ. ଅ; ବହୁବ୍ରୀହି)—
Mahānasa ୧ । ରନ୍ଧନଗୃହ, ପାକଶାଳା—1. Cooking room; kitchen. ୨ । ଭାରୀ ଗାଡ଼ି—2. A heavy carriage. ୩ । ରନ୍ଧନପାତ୍ର—3. Cooking utensil.

**ମହା ନା(ଲା)ଏ(ୟ)କ**—ଦେ.ବି(ସଂ. ମହାନ୍+ନାୟକ) ଖଣ୍ଡାଏତ (ଦେଖ)
Mahā nā(lā)e(ya)ka Khanḍāeta ( See )
[ଦ୍ର—ଏମାନେ ପୂର୍ବେ ସନ୍ଦାର ଥିଲେ । ବର୍ତ୍ତମାନ ଏହା ଜାତୀୟ ଉପାଧିରେ ପରିଣତ ହୋଇଅଛି ।]

**ମହା ନାଗ**—ସଂ. ବି—ବାସୁକି; ଅନନ୍ତ ନାଗ—The great ser-
Mahā nāga pent of the Hindus mythologies.

**ମହା ନାଟକ**—ସଂ. ବି—୧ । ନାଟକ ଲକ୍ଷଣ ଯୁକ୍ତ ୧୦ ଅଙ୍କ ବିଶିଷ୍ଟ
Mahā nāṭaka ନାଟକ—1. A drama in 10 acts. ୨ । ହନୁମାନଙ୍କ ପ୍ରଣୀତ ରାମଚରିତବର୍ଣ୍ଣନାତ୍ମକ ସଂସ୍କୃତ ନାଟକ ବିଶେଷ—2. A Sanskrit drama said to have been composed by an author named Hanumān.

**ମହା ନାଦ**—ସଂ. ବି. (କର୍ମଧା)—୧ । ଘୋର ନାଦ; ଅତି ଉଚ୍ଚ ଶବ୍ଦ;
Mahā nāda ଗର୍ଜନ—1. A roar; a very loud sound. ୨ । (ବହୁବ୍ରୀହି) ବର୍ଷଣୋନ୍ମୁଖ ମେଘ—2. 'Cloud which is about to burst into rain. ୩ । ଶଙ୍ଖ 3. Conch shell. ୪ । ହସ୍ତୀ—4. Elephant. ୫ । ସିଂହ—5. Lion. ୬ । ଉଷ୍ଟ୍ର—6. Camel. ୭ । ବଡ଼ ଢୋଲ—7. A big drum. ୮ । ଶିବ (ହ୍ର. ଣ)—8. Śiba. ସଂ. ବିଣ. (ବହୁବ୍ରୀହି)—ଗମ୍ଭୀର ନାଦକାରୀ—Making a loud noise; roaring.

**ମହା ନିଦ୍ରା**—ସଂ· ବି. ( କର୍ମଧା )—ଚିର ନିଦ୍ରା; ମୃତ୍ୟୁ—Death;
Mahā nidrā 'sleep that knows no waking'.
[ଦ୍ର—ସଂସ୍କୃତ ବ୍ୟାକରଣରେ ନିଦ୍ରା ଆଦି ଶବ୍ଦ ପୂର୍ବେ ମହା ଶବ୍ଦ ପ୍ରୟୋଜିତ କରାଯାଏ ନାହିଁ ବୋଲି ଲେଖାଅଛି; କିନ୍ତୁ କବି ଓ ଗ୍ରନ୍ଥକାରମାନେ ଏହି ଅର୍ଥରେ ମହାନିଦ୍ରାର ପ୍ରୟୋଗ ବହୁଶଃ କରିଅଛନ୍ତି ।]

**ମହାନିଦ୍ରା ଗତ**—ସଂ. ବିଣ. ପୁଂ—ମୃତ—Dead.
Mahānidrā gata (ମହାନିଦ୍ରାଗତା—ସ୍ତ୍ରୀ)

**ମହା ନିମ୍ବ**—ସଂ ବି—୧ । ଏକ ପ୍ରକାର ବଡ଼ ଲିମ୍ବ ଗଛ; ଘୋଡ଼ା ନିମ୍ବ—
Mahā nimba 1. The Persian lilac; Melia Azadirachta; Melia Sempervirens.

| | |
|---|---|
| ସଂ—ମହାତିକ୍ତ; ଗିରି ନିମ୍ବ, | [ଦ୍ର—ଏହାର ପତ୍ର |
| ଦ୍ରେକା, ରମ୍ୟକ, କେଶମୁଷ୍ଟିକ, | ନିମ୍ବପତ୍ର ପରି କିନ୍ତୁ ବଡ଼; ଗଛ ମଧ୍ୟ |
| କେଶ ମୁଷ୍ଟି, ନିମ୍ବକ, ଅକ୍ଷୀବ, କାର୍ମୁକ | ନିମ୍ବ ଗଛ ପରି, କିନ୍ତୁ ଡେଙ୍ଗା ଓ |
| ବନନିମ, ঘোড়ানিম, মহানিম | ଉଚ୍ଚ । ଏହାର କାଠ ନାଲିଆ, ଓ |
| बकाइ( य )न, महानीम | ହାଲୁକା: ଏ କାଠରେ ସବାରି, ସିନ୍ଦୁକ |
| ମ—ଢୌଁକ୍ଷୁ ନିମ୍ବାଙ୍ଗ ଝାଡ଼ | ଆଦି ହୁଏ । ଏହା ଗମ୍ଭାରୀଜାତୀୟ |
| ବକାଣୀ ନିମ୍ବ, କନ୍ଟି ନିମ୍ବ | କାଠ । ଫଳ ଗମ୍ଭାରୀ ଫଳ ପରି । |
| ତେ-ତୁରକ ବେପ, କଣ୍ଡବେପ, | ତେଲ ଓ ପତ୍ର ଔଷଧରେ ବ୍ୟବହୃତ |
| ତା. ମାଲ୍ଲଇବେମ୍ବୁବେପ୍ୟମ | ହୁଏ । ବୈଦ୍ୟକମତରେ ଏହା |
| ଗୁ. ବକାନ୍ୟ | ଶୀତବୀର୍ଯ୍ୟ, ରୁକ୍ଷ, ତିକ୍ତକଷାୟ ଓ |
| ଫା. ଆଜାଦ ଦରଖ୍ତ | ଧାରକ; ଏହା କଫ, ପିତ୍ତ, ଭ୍ରମ, ବମି |
| ଆ. ବାନ | |

କୁଷ୍ଠ, ହୃଲ୍ଲାସ, ରକ୍ତଦୋଷ, ପ୍ରମେହ, ଶ୍ୱାସ, ଗୁଲ୍ମ, ଅର୍ଶଃ ଓ ମୂଷିକବିଷର ବିନାଶକ ]

ବନ ନିମ୍ବ ୨ । ମହାଲ ଗଛ—2. Ailanthus Excelsa (tree).
महारुख [ ଦ୍ର—ଏହାର ପତ୍ର ନିମ୍ବ ପତ୍ର ପରି, ଦୀର୍ଘ ୫।୬ ଅଙ୍ଗୁଳି ଓ—ଗଙ୍ଗାସୁଲିବେଠୁ ଲମ୍ବ । ଗୋଟିଏ ଗୋଟିଏ ଡେମ୍ଫ ୨ ହାତ ଅ. ହରୁଲ ଲମ୍ବ । ଡେମ୍ଫରେ ପତ୍ର ଧାଡ଼ି ଧାଡ଼ି ହୋଇ ବିପରୀତ ପାଶରେ ଧରେ । ଏ ଗଛ ପାହାଡ଼ରେ ଓ ନଈ ଅରଡ଼ାରେ ଜନ୍ମେ । ଗଛ ୪୦।୫୦ ହାତ ଉଚ୍ଚ ହୁଏ । କାଠ ହାଲୁକା, ଢଲା ଓ ନରମ । ଏହା ଜାଳ ଛଡ଼ା ଅନ୍ୟ କାମରେ ଲାଗେ ନାହିଁ ।] ୩ । ମହାନିମ୍ବ (ଦେଖ)—3. Mahānimba (See).

ମହାନିର୍ବାଣ—ସଂ. ବି—ଆତ୍ମାର ସମ୍ପୂର୍ଣ୍ଣ ନିର୍ବାଣ ବା ମୁକ୍ତି—Total
Mahānirbāṇa extinction of the soul; final absorption of the human soul in the Supreme Soul. [ ଦ୍ର—ବୌଦ୍ଧମାନେ ଏହାକୁ ପରିନିର୍ବାଣ କହନ୍ତି ।]

ମହାନିର୍ବାଣ ତନ୍ତ୍ର—ସଂ. ବି—ତାନ୍ତ୍ରିକ ଗ୍ରନ୍ଥ ବିଶେଷ—Name of a
Mahānirbāṇa tantra Tantric work. [ ଦ୍ର—ଏଥିରେ ତନ୍ତ୍ର ସାଧନାର ପ୍ରଣାଳୀ ଓ ଶରୀରସ୍ଥ ଷଟ୍‌ଚକ୍ରର ବିବରଣ ଅତି ବର୍ଣ୍ଣିତ ହୋଇଅଛି । ]

ମହାନୀଚ—ସଂ. ବି—ଧୋବା ( ହି. ଶ )—
Mahānicha Washerman.

ମହାନିଶା—ସଂ. ବି ( କର୍ମଧା )—୧ । ନିଶୀଥ; ଅର୍ଦ୍ଧରାତ୍ରି; ରଜନୀର
Mahāniśā ମଧ୍ୟ ଭାଗ—1. Midnight; the dead of night. ୨ । ରଜନୀର ମଧ୍ୟ ପ୍ରହରଦ୍ୱୟ—2. The middle portion of the night ( from 9 p. m. to 3 a.m ). ୩ । କଳ୍ପାନ୍ତ ବା ପ୍ରଳୟ ରାତ୍ରି—3. The night of the great dissolution of the universe.

ମହାନୀଳ—ସଂ. ବି—୧ । ସିଂହଳ ଦ୍ୱୀପଜାତ ନୀଳକାନ୍ତମଣି—
Mahānīla 1. A sapphire found in Ceylon. ୨ । ନାଗ ବିଶେଷ—2. Name of a serpent. ୩ । ଭୃଙ୍ଗରାଜ ପକ୍ଷୀ ( ହି. ଶ )—3. The black drongo bird ) ୪ । ମେରୁ ପର୍ବତ ପାର୍ଶ୍ୱସ୍ଥ ପୌରାଣିକ ପର୍ବତ—4. Name of a mythological mountain.

ମହାନୁପ୍ରାଣତା—ସଂ. ବି ( ମହା + ଅନୁ ପ୍ରାଣ + ତା )—ମହାନୁଭବତା
Mahānu prāṇatā ( ଦେଖ )—Mahānu bhabatā ( See )

ମହାନୁଭ(ଭା)ବ—ସଂ. ବି [ କର୍ମଧା; ମହତ୍ + ଅନୁଭ(ଭା)ବ=ପ୍ରଭାବ;
Mahānubha(bhā)ba ମହିମା ]—ଅତ୍ୟନ୍ତ ପ୍ରଭାବ ବା ପ୍ରତାପ—Great power. ସଂ, ବିଣ. ପୁଂ ( ବହୁବ୍ରୀହି )—୧ । ମହାମହିମ; ମହାପ୍ରଭାବଶାଳୀ—1. Mighty; high-spirited. ୨ । ଉଦାରପ୍ରକୃତିକ; ମହାଶୟ, ମହାମନାଃ; ସଦାଶୟ—2. Noble-minded; magnanimous; very liberal-minded.

ମହାନୁଭ(ଭା)ବତା(ତ୍ୱ)—ସଂ. ବି—ଉଦାରତା—Magnanimity;
Mahānubha(bhā)batā(twa) nobility of mind.

ମହା ନେମି—ସଂ. ବି. (ବହୁବ୍ରୀହି)—କାଉ (ହି. ଶ)—
Mahā nemi Crow.

ମହାନ୍ତ—ଦେ. ବି—ମହନ୍ତ (ଦେଖ)—Mahanta (See). (ହି—
Mahānta ସନ୍ତ ବୈଷ୍ଣବେଣ ସେ ମହାନ୍ତ ଏକ ଜାଣ—
মোহ(হা)ন্ত महंथ ପ୍ରାଚୀ. ବିହଙ୍ଗମଙ୍ଗଳ । )

ମହାନ୍ତି—ଦେ. ବି. ପୁଂ (ସଂ. ମହତ୍ ଶବ୍ଦଜ)—୧ । ଉତ୍କଳର କରଣ
Mahānti ଜାତି; ମାହାନ୍ତି—1. The Karaṇa caste of
माइति Utkal. [ ଦ୍ର—'ମହାନ୍ତି' ଶବ୍ଦ ପୈତୃକ୍ୟତତ୍ତ୍ୱାମୃତରେ
( ମହାନ୍ତିଆଣୀ—ସ୍ତ୍ରୀ ) ବଙ୍ଗଳାରେ 'ମାଇତି'ରୂପେ ବ୍ୟବହୃତ ହୋଇଅଛି ।] ୨ । ଶୂଦ୍ର ଓ ମାସ୍ତାନ ବ୍ରାହ୍ମଣଙ୍କର ବଂଶୋପାଧି ବିଶେଷ—2. A family title of Śūdras and Māstānas. [ ଦ୍ର—ବଙ୍ଗର କାୟସ୍ଥ ଓ ବିହାରର ଲାଲା-ମାନଙ୍କ ପରି ଉତ୍କଳରେ ମହାନ୍ତି ବା କରଣମାନଙ୍କର ସ୍ଥାନ । ଓଡ଼ିଶାରେ କରଣମାନଙ୍କ ଆସନ ବ୍ରାହ୍ମଣ ଓ ରାଜନ୍ୟବର୍ଗଙ୍କର ଅବ୍ୟବହିତ ନିମ୍ନରେ । ବ୍ରାହ୍ମଣ, ରାଜନ୍ୟ ଓ ବୈଶ୍ୟମାନଙ୍କ ସମାଜପରି ଏମାନଙ୍କ ସମାଜରେ ମଧ୍ୟ ବିଧବା-ବିବାହ ବା ଚୁଡ଼ାଚ୍ୟୁ ପ୍ରଥା ନାହିଁ । ଶୂଦ୍ରବଂଶୀୟା ସ୍ତ୍ରୀମାନଙ୍କ ଉପାଧି ଦାସୀ; ରାଜନ୍ୟ ଓ କରଣ ସ୍ତ୍ରୀମାନଙ୍କ ଉପାଧି ଦେଈ ଓ ବ୍ରାହ୍ମଣୀ-ମାନଙ୍କ ଉପାଧି ଦେବୀ । ଉତ୍କଳରେ ଏମାନଙ୍କର ଆସନ ଓ ପ୍ରତିପତ୍ତି ଉଚ୍ଚ ଅଟେ । ଲେଖକବୃତ୍ତି ଓ ରାଜକର୍ମରେ ଏମାନେ ବିଶେଷଃ ନିଯୁକ୍ତ । ଉତ୍କଳରେ ଇଂରାଜୀ ଶିକ୍ଷା ପ୍ରବେଶ କରିବାବେଳେ ଏମାନେ ସେହି ଶିକ୍ଷା ପ୍ରତି ଆଗ୍ରହ ଦେଖାଇଥିଲେ । ଅନ୍ୟ ସମାଜମାନଙ୍କ ତୁଳନାରେ କରଣ ସମାଜରେ ଉଚ୍ଚ ଶିକ୍ଷିତଙ୍କ ସଂଖ୍ୟା ଅଧିକ । ଦେଶର ସାମାଜିକ, ରାଜନୀତିକ, ଶିକ୍ଷା ସମ୍ବନ୍ଧୀୟ ଓ ଅନ୍ୟାନ୍ୟ ଦେଶହିତକର ଆନ୍ଦୋଳନରେ ଏ ସମାଜର ଅନେକ ବ୍ୟକ୍ତି ଅଗ୍ରଣୀ ଅଟନ୍ତି । ଉତ୍କଳର କରଣମାନେ କ୍ଷତ୍ରିୟ ଥିବା ବିଷୟ ଏ ପ୍ରଦେଶର ଉଚ୍ଚତମ ବିଚାରାଳୟରେ ସ୍ଥିର ସିଦ୍ଧାନ୍ତ ହୋଇଅଛି ।]

ମହାନ୍ତିଆ(ୟା)—ଦେ. ବିଣ—ମହାନ୍ତିସମ୍ବନ୍ଧୀୟ—
Mahāntiā(yā) Relating to Mahānti.

ମହାପସାଦ—ଗ୍ରା. ବି (ସଂ. ମହାପ୍ରସାଦ)—ମହାପ୍ରସାଦ (ଦେଖ)
Mahāp-sāda Mahāprasāda (See).
মহাপ্রসাদ, পেসাদ महापरसाद्

ମହାପଣ୍ଡିତ—ସଂ. ବିଣ ଓ ବି ପୁଂ—ଗମ୍ଭୀର ପାଣ୍ଡିତ୍ୟଯୁକ୍ତ; ଅଗାଧ ବିଦ୍ୟାଯୁକ୍ତ
Mahāpaṇḍita (ବ୍ୟକ୍ତି)—Of deep learning; highly learned (man).
(ମହାପଣ୍ଡିତା—ସ୍ତ୍ରୀ)

ମହାପଞ୍ଚମୂଳ—ସଂ. ବି—ବୃହତ୍ ପଞ୍ଚମୂଳ (ଦେଖ)
Mahā panchamula Bṛuhat panchamūla (See)

ମହାପଞ୍ଚବିଷ—ସଂ. ବି—ଶୃଙ୍ଗୀ, କାଳକୂଟ, ମୁସ୍ତକ, ବତ୍ସନାଭ ଓ ଶଙ୍ଖକର୍ଣ୍ଣୀ ନାମକ ୫ଟି ଉଗ୍ର ବିଷ—
Mahāpanchabisha Five deadly poisons.

ମହାପଥ—ସଂ. ବି—୧ । ମହା ପ୍ରସ୍ଥାନର ମାର୍ଗ; ହିମାଳୟର ଉତ୍ତରସ୍ଥ ଯେଉଁ ପଥରେ ପଞ୍ଚପାଣ୍ଡବ ସ୍ୱର୍ଗକୁ ଯାଇଥିଲେ—
Mahāpatha 1. The road taken by the Pāndaba brothers when they left the earth and wended thir way to heaven. ୨ । ମୃତ୍ୟୁ—2. Death. [ ଦ୍ର—ମହତ୍ ଶବ୍ଦ ସଙ୍ଗେ ପଥିନ୍ ଶବ୍ଦ ଯୁକ୍ତ ହେବା କଥିତ ଥିଲେହେଁ ଏହି ଅର୍ଥରେ ବହୁ ଗ୍ରନ୍ଥକାର ଏହା ବ୍ୟବହାର କରିଥିବାର ଦେଖାଯାଏ । ] ୩ । ରାଜମାର୍ଗ; ଖୁବ୍ ଲମ୍ବ ଓ ଚଉଡ଼ା ରାସ୍ତା—3. Highway; a long and broad road. ୪ । ହିମାଳୟସ୍ଥ ତୀର୍ଥ ବିଶେଷ ( ହି. ଶ )—4. A place of pilgrimage on the Himalayas. ୫ । ସୁଷୁମ୍ନା ନାଡ଼ୀ (ହି.ଶ)—5. The midmost of the three principal arteries of the human body. ୬ । ଶିବ (ହି.ଶ)—6. Siba. ୭ । ସ୍ୱର୍ଗକୁ ଯିବାର ମାର୍ଗ—7. The way to heaven (Apte). ୮ । କେଦାର ପର୍ବତକୁ ତୀର୍ଥ ଯାତ୍ରା—8 The long pilgrimage to mount Kedāra (Apte).

ମହାପଦ୍ମ—ସଂ. ବି—୧ । କୁବେରଙ୍କ ନିଧିବିଶେଷ; ପଦ୍ମନିଧି—1. Name
Mahāpadma of one of the great gems of the God of riches. ୨ । ( ନାମ ) ମହାନନ୍ଦ ୪ (ଦେଖ)—2. Mahānanda 4 (See) ୩ । ନାଗ ବିଶେଷ—3. Name of a serpent. ୪ । ଶ୍ୱେତ ପଦ୍ମ—4. The white lotus. ୫ । ଦଶ ସହସ୍ର କୋଟି ସଂଖ୍ୟା—5. One hundred thousand millions. [ ଦ୍ର—ମତାନ୍ତରରେ ଲକ୍ଷକୋଟି, ଅନ୍ୟ ମତରେ ଶତଲକ୍ଷ କୋଟି ଏବଂ ଆଉ କେତେକଙ୍କ ମତରେ ଶତକୋଟି ପରିମିତ ସଂଖ୍ୟା ଏହି ନାମରେ କଥିତ ହୁଏ । ]

ମହାପଦ୍ମନନ୍ଦ—ଦେ. ବି—ମହାନନ୍ଦ ୪ ( ଦେଖ )
Mahāpadma nanda Mahānanda 4 ( See )

ମହାପଶୁ—ଦେ. ବି—ବଳି କରିବା ଉଦ୍ଦିଷ୍ଟ ମହିଷ; ମହିଷ ବଳି—
Mahāpasu A buffalo sacrificed to a Goddess. [ ଉ—ଅତ୍ୟନ୍ତ ପୁତ୍ରକାମୀ ହୋଇ । ଦେବୀଙ୍କି ମହାପଶୁ ସହି—ଜଗନ୍ନାଥ. ଭାଗବତ । ]

ମହା ପାତକ—ସଂ. ବି ( କର୍ମଧା )—ଘୋର ପାତକ; ମହାପାପ—
Mahā pātaka A great sin; a heinous sin. [ ଦ୍ର—ଶାସ୍ତ୍ର ମତରେ ୫ ଗୋଟି କର୍ମ ମହାପାତକ ଅଟେ । ବ୍ରହ୍ମହତ୍ୟା, ସୁରାପାନ, ଗୁରୁପତ୍ନୀ ଗମନ, ସୁବର୍ଣ୍ଣ ଚୋରି ଏବଂ ଏହି ୪ କର୍ମ କରୁଥିବା ଲୋକଙ୍କ ସହିତ ସଂସର୍ଗ—ମନୁ. ୧୧।୫୫ ଓ ୯।୨୩୫ । ]

ମହା ପାତକା—ଦେ. ବିଣ. ପୁଂ ( ସଂ. ମହାପାତକୀ )—ମହାପାତକୀ
Mahā pātakā ( ଦେଖ )—Mahāpātakī ( See )
महापातकी ( ମହାପାତକୀ—ସ୍ତ୍ରୀ ). (ମହାପାତେକୀ—ଗ୍ରାମ୍ୟରୂପ)

ମହା ପାତକୀ—ସଂ. ବିଣ. ପୁଂ ( ମହାପାତକ+ଇନ୍; ୧ମା. ୧ବ )—
Mahā pātakī ୧ । ମହାପାପୀ; ଯେ ମହାପାତକ କରେ—( ମହାପାତକିନୀ—ସ୍ତ୍ରୀ ) 1. Committing the 5 great sins; a great sinner. ୨ । ପତିତ ( ବ୍ୟକ୍ତି )—2. Outcasted.

ମହାପାତ୍ର—ସଂ. ବି (ମହତ୍+ପାତ୍ର=ଆଧାର; ସ୍ଥାନ)—୧ । ମହାମାତ୍ୟ-
Mahāpātra ପ୍ରଧାନ ମନ୍ତ୍ରୀ—1. Prime minister. ୨ । ନଦୀ ଅବର ଉଭୟ ତୀରର ମଧ୍ୟସ୍ଥାନ—2. The place midway between the two shores of a river. ୩ । ମହାବ୍ରାହ୍ମଣ (ଦେଖ)(ହି.ଶ)—3. Mahā-brāhmana ( See ). ଦେ. ବି—୧ । ରାଜଦତ୍ତ ସମ୍ମାନସୂଚକ ଉପାଧି ବିଶେଷ—1. A title bestowed by kings. ୨ । ସେନାପତି—2. A commander; a general. ୩ । ଶଗ୍ରାଏକ ବା ମହାଲାଏକମାନଙ୍କ ଉପାଧିବିଶେଷ—3. Family-title of Mahālāekas. ୪ । ଉତ୍କଳୀୟ ବ୍ରାହ୍ମଣଙ୍କ ଉପାଧି ବିଶେଷ—4. A family title of Brahmanas. ୫ । ଶୂଦ୍ରଙ୍କ ଉପାଧିବିଶେଷ—5. A family title of Śūdras. ୬ । ମାଳି ସେବକଙ୍କ ଉପାଧିବିଶେଷ—6. A family title of flower gardeners. [ ଉ—ବଦ୍ଧା ଦୃପତଯ୍ ଶ୍ଲେଷ ଯେଷାଂ ଯୋଗ୍ୟବୃଦ୍ଧର୍ଶନାତ୍, ବମୁତ୍ଥାସ୍ତାଦୃଶା ଶ୍ରୀ ମହାପାତ୍ରା ଛିଦାହୁରାଃ, କେଚନ୍ମହାପାତ୍ର ସଙ୍ଘଂ ରାଜଗୃହ୍ୟଂ ପ୍ରଚକ୍ଷତେ, ଦାନଗ୍ରାହକ ମପ୍ୟନ୍ୟେ, ମହାପାତ୍ରଂ ପ୍ରଚକ୍ଷତେ—'ବ୍ରହ୍ମସରସ୍ୱତୀ ପ୍ରତ୍ନୋତ୍ତର—ଉତ୍କଳ ବ୍ରାହ୍ମଣକୁଳସଙ୍ଘ'—ରୁଦ୍ରନାରାୟଣ ଷଡ଼ଙ୍ଗୀ । ]

ମହାପାପ—ସଂ. ବି—ମହାପାତକ ( ଦେଖ )
Mahāpāpa Mahāpātaka ( See )

ମହାପାପୀ—ସଂ. ବିଣ. ପୁଂ—ମହାପାତକୀ ( ଦେଖ )—Mahāpātakī
Mahāpāpī ( See ) ସଂ, ବି—ଗୁରୁତର ପାପ ( ମହାପାପା—ଅନ୍ୟରୂପ ) କର୍ମକାରୀ ବ୍ୟକ୍ତି—A great sinner. ( ମହାପାପିନୀ—ସ୍ତ୍ରୀ )

ମହାପାର୍ଶ୍ୱ—ଦେ. ବି ( ମହାପାର୍ଶ୍ୱ )—ରାମାୟଣ ବର୍ଣ୍ଣିତ ରାବଣର ପୁତ୍ର-
Mahāpāruswa ବିଶେଷ—A son of Rābana described in the Rāmāyana. [ ଉ—ବହୁଧେ ମହାପାର୍ଶ୍ୱ ପାର୍ଶ୍ୱରେ ନ ବସନ୍ତି ଭୟ ବହି ସେ—ଉପ. ବୈଦେହୀଶ ବିଳାସ । ]

ମହା ପାରେବତ—ସଂ. ବି—ଏକପ୍ରକାର ବଡ଼ ପିଜୁଳି—
Mahā parebat A large species of guava.

ମହା ପାସକ—ସଂ. ବି—ବୌଦ୍ଧ ଭିକ୍ଷୁ; ଶ୍ରମଣ—
Mahā pāsaka A Buddhist monk.

ମହା ପିଣ୍ଡିତକ—ସ. ବ—ମଦଣ ( ଦେଖ )
Mahā pinditaka Maena ( See )

ମହାପି(ଫି)ସ(ସି)—ବୈଦେ.ବ ( ଅ. ମୁହାଫିଜ୍ )—ମହାଫିଜ୍ (ଇତ୍ୟାଦି)
Mahāpi(phi)s(si) (ଦେଖ)—Mahāphij (etc) ( See )

ମହାପୁଣ୍ୟ—ସ. ବ ( କର୍ମଧା )—ବିଶେଷ ପୁଣ୍ୟ—Great piety;
Mahāpunya a high order of piety or religious excellence.

ମହାପୁରାଣ—ସ. ବ—ମହର୍ଷି ବେଦବ୍ୟାସ ରଚିତ ଅଷ୍ଟାଦଶ ପୁରାଣ—
Mahāpurāna The eighteen Purānas composed by the great sage Bedabyāsa. [ ଦ୍ର—ପୁରାଣ ଦେଖ । ]

ମହାପୁରୁ—ଗ୍ରାମ୍ୟ. ବ—ମହାପ୍ରଭୁ ( ଦେଖ )
Mahāpuru Mahāprabhu ( See )

ମହାପୁରୁଷ—ସଂ. ବ—୧ । ପରମପୁରୁଷ; ପରମେଶ୍ୱର; ନାରାୟଣ;
Mahāpurusha ଭଗବାନ—1. God; Bishnu. ୨ । ( ମହାପୁଂସ—ଅନ୍ୟରୂପ ) ଦେବତା—2. Deity. ୩ । ଦୈବଶକ୍ତିସମ୍ପନ୍ନ ବ୍ୟକ୍ତି—3. A person endowed with divine gifts. ୪ । ମହାତ୍ମା; ସାଧୁବ୍ୟକ୍ତି—4. A saint. ୫ । ପ୍ରଧାନ ବ୍ୟକ୍ତି; ଅସାଧାରଣ ପ୍ରତିଭାଶାଳୀ ବ୍ୟକ୍ତି—5. A great man; a genius.

ମହାପୁରୁଷ ଲକ୍ଷଣ—ସଂ. ବ—୧ । ସାଧୁବ୍ୟକ୍ତିଙ୍କର ବଶିଷ୍ଟ ଲକ୍ଷଣ
Mahāpurusha lakshana ( ଯଥା—ଦୟା, କ୍ଷମା, ଅହିଂସା, ସତ୍ୟ, ଧୈର୍ଯ୍ୟ, ସରଳତା ଓ ଉଦାରତା ଇତ୍ୟାଦି )—1. The attributes or characteristics of a great man. ୨ । ଜ୍ୟୋତିଷାଦି ଶାସ୍ତ୍ରରେ ବର୍ଣ୍ଣିତ ମହାପୁରୁଷଙ୍କଠାରେ ଲକ୍ଷିତ କେତେକ ବାହ୍ୟ ବା ଶାରୀରିକ ଚିହ୍ନ—2. External signs of a great man as described in the śāstras. [ ଦ୍ର—ଯଥା; ଆଜାନୁଲମ୍ବିତ ଭୁଜ, ଆକର୍ଣ୍ଣବିସ୍ତୃତ ନୟନ, ତ୍ରିବଳୀ ମଣ୍ଡିତ କପାଳ, ପ୍ରଶସ୍ତ ହୃଦେଶ ଇତ୍ୟାଦି ୩୨ଟି ଲକ୍ଷଣ । ]

ମହା ପୂଜା—ଦେ. ବ- ଶାରଦୀୟ ଦୁର୍ଗାପୂଜା—The worship of
Mahā pūjā Durgā held in autumn.

ମହାପ୍ରପଞ୍ଚ—ସଂ. ବ ( କର୍ମଧା )—ବ୍ରହ୍ମାଣ୍ଡ—The great uni-
Mahāprapancha verse; the macrocosm. ଦେ. ବ—ଅତ୍ୟନ୍ତ ଭୟାନକ ଘଟଣା—A frightful event. ଦେ. ବଣ—ଅତ୍ୟନ୍ତ ଦୁଷ୍ଟ ( ବ୍ୟକ୍ତି )—Very wicked (person).

ମହାପ୍ରଭୁ—ସଂ. ବ ( କର୍ମଧା )—୧ । ପରମେଶ୍ୱର—1. God; the
Mahāprabhu Supreme Being. ୨ । ମହେଶ୍ୱର; ଶିବ;
ମହାପ୍ରଭୁ ମହାପ୍ରଭୁ ମହାଦେବ—2. Śiba. ୩ । ଦେବତା—3. Deity. ୪ । ବିଷ୍ଣୁ ( ବୁ. ଷ )—4. Bishnu. ୫ । ଦେବରାଜ; ଇନ୍ଦ୍ର—5. Indra. ୬ । ସନ୍ନ୍ୟାସୀ ବା ସାଧୁ ( ବୁ. ଷ )—6. An anchorite. ଦେ. ବ—୧ । ଋଷି; ମୁନି—1. Sage. ୨ । ବ୍ରାହ୍ମଣ; ଗୋସାଇଁ—2. A Brāhmana. ୩ । ଶ୍ରୀ ଚୈତନ୍ୟଦେବ—3. Sri Chaitanya. ୪ । ରାଜା—4. A king. ଦେ. ଅ(ସଂ. ମହାପ୍ରଭୋ)—(ସମ୍ବୋଧନ) ବୈଷ୍ଣବ, ଦେବତା, ବ୍ରାହ୍ମଣ ଓ ରାଜାଙ୍କ ପ୍ରତି ସମ୍ମାନସୂଚକ ସମ୍ବୋଧନ—A term of respectful address used towards a Baishnaba, a Deity, a Brāhmana and a king.

ମହାପ୍ରଭୋ—ସଂ. ବ ( ସଂ. ମହାପ୍ରଭୁର ସମ୍ବୋଧନରୂପ )—ହେ
Mahāprabho ମହାପ୍ରଭୁ !—Oh ! Lord !.

ମହାପ୍ରୟାଣ—ସଂ. ବ—ମହାପ୍ରସ୍ଥାନ ( ଦେଖ )
Mahāprayāna Mahāprasthāna ( See )

ମହାପ୍ରଳୟ—ସଂ. ବ—ବ୍ରହ୍ମାଙ୍କର ଓ ବ୍ରହ୍ମାଣ୍ଡର ନାଶକାଳ; ଏକଜଣ
Mahāpralaya ବ୍ରହ୍ମାଙ୍କର ଆୟୁଷ୍କାଳର ଅବସାନ—A universal cataclysm, the great extinction of the universe. [ ଦ୍ର—ଶାସ୍ତ୍ର ମତେ ଏହା ୪୩୨ କୋଟି ବର୍ଷରେ ଥରେ ଘଟେ । ] ଦେ. ବ—୧ । ତୁମୁଳ କାଣ୍ଡ—
ତୁମୁଳକାଣ୍ଡ 1. A frightful catastrophe. ୨ । ମହାବିପଦ—2. A great calamity.

ମହାପ୍ରସାଦ—ସ. ବ (କର୍ମଧା)—୧ । ଅତି ପ୍ରସନ୍ନତା; ଖୁବ୍ ଅନୁଗ୍ରହ—
Mahā prasāda 1. Much favour; grace; a great favour. ୨ । ଦେବତାଙ୍କୁ ନିବେଦିତ ଦ୍ରବ୍ୟ; ନୈବେଦ୍ୟ—2. An offering when it has been offered to a Deity. ୩ । ବିଷ୍ଣୁଙ୍କ ପାଦୋଦକ, ନିର୍ମାଲ୍ୟ ଓ ନୈବେଦ୍ୟ—3. The water with which the feet of an idol is washed, the flower taken off from an idol and the food offered to a Deity. ୪ । ପୁରୀ ଜଗନ୍ନାଥଦେବଙ୍କୁ ନିବେଦିତ ଖାଦ୍ୟ ବା ପ୍ରସାଦ; ଆଭଡ଼ା—4. Food offered to the Deity Jagannātha at Puri. ଦେ. ବ—ଭୁବନେଶ୍ୱରର ଲିଙ୍ଗରାଜଦେବଙ୍କୁ ଅର୍ପିତ ଖାଦ୍ୟ—Food offered to the Deity Lingarāja of Bhubaneśwara. [ଦ୍ର—ଦେବତାଙ୍କୁ ଭୋଗ ଦିଆଯିବା ନିମନ୍ତେ ଅଭିପ୍ରେତ ବସ୍ତୁକୁ ଅମୁନିଆ କୁହାଯାଏ। ତାହା ଭୋଗ ଲାଗି ସାରିଲେ 'ମହାପ୍ରସାଦ' ହୁଏ । ଭାରତ ବର୍ଷରେ କେବଳ ପୁରୀ ଜଗନ୍ନାଥଙ୍କ ଅନ୍ନ ଭୋଗକୁ ଲୋକେ ମହାପ୍ରସାଦରୂପେ ଛୁଆଁ ଅଛୁଆଁ ଓ ଶଙ୍କା ଓ ଅଇଁଠା ବାରଣ ନ ରଖି ଖାଇ ଥାଆନ୍ତି । ଶାସ୍ତ୍ର ଅନୁସାରେ ଶିବଙ୍କ ନିବେଦିତ ଅନ୍ନ ସାଧାରଣ ହିନ୍ଦୁମାନଙ୍କର ଖାଇବା ଉଚିତ ନୁହେଁ । କିନ୍ତୁ ଅନୁଗତ ଦେବ, ଭୁବନେଶ୍ୱରର ଲିଙ୍ଗରାଜ ମହାପ୍ରଭୁଙ୍କ ଠାରେ ନିବେଦିତ ଅନ୍ନଭୋଗକୁ ସ୍ଥାନୀୟ ଲୋକେ ପୁରୀ ଜଗନ୍ନାଥଙ୍କ ମହାପ୍ରସାଦ ପରି ବ୍ୟବହାର କରୁଅଛନ୍ତି; କିନ୍ତୁ ଏହା ସର୍ବବାଦିସମ୍ମତ ନୁହେ । କେହି କେହି କହନ୍ତି ଯେ ଭୁବନେଶ୍ୱରର ଲିଙ୍ଗରାଜ ମହାପ୍ରଭୁ 'ସ୍ୱୟଂଭୂ ଲିଙ୍ଗ' ଥିବାରୁ ଏହାଙ୍କର ପ୍ରସାଦ ('ଶିବ ନିର୍ମାଲ୍ୟ' ହେଲେହେଁ)

ସମସ୍ତଙ୍କର ସେବନୀୟ । ଅଉ କେହି କେହି କହନ୍ତି ଯେ, ଏହା ଜଗନ୍ନାଥଙ୍କୁ ଭୋଗ ଲାଗିବା ପରେ ବିଷ୍ଣୁଙ୍କ ନାମରେ ଅର୍ପଣ କରାଯାଏ; ଏଥିପାଇଁ ଏହା ମହାପ୍ରସାଦ ଅଟେ । କେହି କେହି କହନ୍ତି, ଭୁବନେଶ୍ୱରର ଲିଙ୍ଗରାଜ ହରିହର ମୂର୍ତ୍ତି, ଏଥିପାଇଁ ତାଙ୍କ ଠାରେ ନିବେଦିତ ଦ୍ରବ୍ୟ ଶିବ ନିର୍ମାଲ୍ୟ ନ ହୋଇ ମହାପ୍ରସାଦ ଅଟେ । ଫଳତଃ ଭୁବନେଶ୍ୱରର ଲିଙ୍ଗରାଜଙ୍କ ଅନ୍ନ ଭୋଗ ଭାରତର ଅନ୍ୟ ଶିବଙ୍କ ଠାରେ ଦେଖାଯାଏ ନାହିଁ । ରାମେଶ୍ୱରର ରାମନାଥ, ଦେଓଘରର ବାବା ବୈଦ୍ୟନାଥ, ଓ କାଶୀର ବିଶ୍ୱନାଥ ଆଦି ଶିବଙ୍କ ବିଗ୍ରହ ଉପରେ ନୈବେଦ୍ୟମାନ ଢଳାଯାଏ । ପୁରୀରେ ଯେଉଁ ମହାସୁଆରମାନେ ଅନ୍ନ ବ୍ୟଞ୍ଜନାଦି ମହାପ୍ରସାଦ ରାନ୍ଧନ୍ତି, ସେମାନେ ଉଚ୍ଚ ଶ୍ରେଣୀର ବ୍ରାହ୍ମଣ ନୁହନ୍ତି । ସମାଜରେ ଉଚ୍ଚ ଶ୍ରେଣୀର ବ୍ରାହ୍ମଣମାନେ ନିମ୍ନ ସୁଆର ଶ୍ରେଣୀର ବ୍ରାହ୍ମଣମାନଙ୍କଦ୍ୱାରା ପାକ ହୋଇ ଥିବା ଅନ୍ନ ବ୍ୟଞ୍ଜନାଦି ଅନ୍ୟତ୍ର ଭକ୍ଷଣ ଖାଆନ୍ତି ନାହିଁ; କିନ୍ତୁ ବଡ଼ ଦେଉଳରେ ସେହିମାନେ ରାନ୍ଧିଥିବା ଅନ୍ନ ବ୍ୟଞ୍ଜନାଦି ଭୋଗ ହୋଇ ସାରିବା ପରେ କୁଳୀନ ବ୍ରାହ୍ମଣ ଓ ବୈଷ୍ଣବମାନେ ବିନା ଆପତ୍ତିରେ ଗ୍ରହଣ କରନ୍ତି । ଶୂଦ୍ର ଓ ଚଣ୍ଡାଳ ଛୁଇଁଲେ ମଧ୍ୟ ସେ ମହାପ୍ରସାଦକୁ ବ୍ରାହ୍ମଣମାନେ ଭକ୍ଷଣ କରିବା ଶାସ୍ତ୍ରସିଦ୍ଧ । ଭିନ୍ନ ଭିନ୍ନ ପ୍ରଣାଳୀରେ ପ୍ରସ୍ତୁତ ଅନ୍ନ ଓ ମିଷ୍ଟାନ୍ନ ମହାପ୍ରସାଦର ଭିନ୍ନ ଭିନ୍ନ ନାମ ଅଛି । (ଯଥା— ଚିପଟ, ଖେଚୁଡ଼ି, କାନିକା, ସରପୁଳି, କାନ୍ତି, ଛେନା, ମାଣ୍ଡୁଅ, ଡାଲିଅ, ଖୁରୁମା, ଗଜା, କାନ୍ତି ଇତ୍ୟାଦି । ଜଗନ୍ନାଥ ମନ୍ଦିରରେ ଯେଉଁ ବ୍ୟଞ୍ଜନମାନ ହୁଏ ସେଥିରେ ବିଲାତି ଆଳୁ, ଲାଉ, ସଜନାଛୁଇଁ, ପିଆଜ, ଆଦି କେବେ ପଡ଼ିବା ନିଷେଧ ନାହିଁ ।

ପରସ୍ପର ପାକରେ ବିଅଦେଇ ହୋଇ ଯେଉଁ ବନ୍ଧୁତା ସ୍ଥାପିତ ହୁଏ ତାହା ପବିତ୍ର ଓ ଅଚ୍ଛେଦ୍ୟ; ଲୋକେ ମହାପ୍ରସାଦ ବିଅଦେଇ ହୋଇ ଧର୍ମ ବାପ, ଧର୍ମ ପୁଅ, ଧର୍ମ ଭାଇ, ଧର୍ମ ଭଉଣୀ, ଧର୍ମ ମାଆ, ସଙ୍ଗାତ,ମଇତ୍ରଆଦି ଧର୍ମ ସମ୍ପର୍କ ପରସ୍ପରରେ ବସାନ୍ତି । ବିବାହ ପ୍ରସଙ୍ଗରେ ବରପକ୍ଷ ଓ କନ୍ୟାପକ୍ଷଙ୍କ ମଧ୍ୟରେ ନିର୍ବନ୍ଧ ବା ନିବାନ୍ଧ ମହାପ୍ରସାଦକୁ ସାକ୍ଷୀ ରଖି କରାଯାଏ; ଏହାକୁ ମହାପ୍ରସାଦ ନିର୍ବନ୍ଧ କହନ୍ତି । ଲୋକେ ମହାପ୍ରସାଦକୁ ସ୍ପର୍ଶ କରି ହଲପ କରନ୍ତି ଓ ମହାପ୍ରସାଦକୁ ଛୁଇଁ 'ସତ୍ୟ' ବା 'ପ୍ରତିଜ୍ଞା' କରନ୍ତି । 'ମହାପ୍ରସାଦ' ମୂଳକ ବନ୍ଧୁତା, ନିର୍ବନ୍ଧ ଓ ସତ୍ୟକୁ ଯେ ଲଙ୍ଘନ କରେ ସେ ପାପଭାଗୀ ହୁଏ । 'ମହାପ୍ରସାଦ' ଲଙ୍ଘନ କରି ଓ ତହିଁର ଦୋହାଇଦେଇ ଅକାର୍ଯ୍ୟ ସାଧନ କରିବା ଘଟଣା-ପ୍ରତି ବ୍ୟଙ୍ଗ କରି ଲୋକେ କହି ଥାଆନ୍ତି 'ମହାନସ ମହାପ୍ରସାଦ' ଏହାକୁ ବିଶ୍ୱାସ ନାହିଁ । ]

ମହାପ୍ରସାଦ ଉଠା(ଠେ)ଇବା—ଦେ. କ୍ରି —୧ । ମହାପ୍ରସାଦକୁ ସାକ୍ଷୀ
Mahāprasāda uṭhā(ṭhe)ibā ରଖି କୌଣସି ଅଙ୍ଗୀକାର
महाप्रसाद उठाना करିବା—1. To make a solemn
गङ्गाजल उठाना promise by touching the
पाकादेखा Mahāprasāda. ୨ । ମହାପ୍ରସାଦ
सिद्धान्त करना, मंगनी करना ନିର୍ବନ୍ଧଦ୍ୱାରା ବର କନ୍ୟାଙ୍କର
ବିବାହ ସ୍ଥିର କରିବା—2. To perform the ceremony of formal betrothal after exchange of Mahāprasāda between the guardians of the bride and bridegroom. ୩ । ମହାପ୍ରସାଦ ଛୁଇଁ ଶପଥ ବା ହଲପ କରିବା—3. To take a solemn oath by touching Mahāprasāda. ୪ । ମହାପ୍ରସାଦକୁ ସାକ୍ଷୀ ରଖି ପରସ୍ପର ମଧ୍ୟରେ ବନ୍ଧୁତା ସ୍ଥାପନ କରିବା—4. To set up a god-relationship between each other by exchange or mutual feeding of Mahāprasāda.

ମହାପ୍ରସାଦ କଣିକା—ସ. ବି (ଷଷ୍ଠୀ ତତ୍)—କଣିକା ମାତ୍ର ମହାପ୍ରସାଦ
Mahāprasāda kaṇikā —A small particle of Mahāprasāda.

ମହାପ୍ରସାଦ ଛୁ(ଛୋ)ଇଁବା—ଦେ. କ୍ରି ( ସ. ମହାପ୍ରସାଦ+ସ୍ପୃଶ୍ ଧାତୁ )
Mahāprasāda chhu(chho)iñbā —୧ । ମହାପ୍ରସାଦକୁ
महाप्रसाद छोआँ(धरा) ସ୍ପର୍ଶ କରି ହଲପ କରିବା—1 To
गङ्गाजल छूना testify to a matter by
(ମହାପ୍ରସାଦ ଧରିବା—ଅନ୍ୟରୂପ) touching the Mahāprasāda. ୨ । ମହାପ୍ରସାଦକୁ ଧରି ସତ୍ୟ ବା ଅଙ୍ଗୀକାର କରିବା—2. To make a solemn promise by touching the Mahāprasāda.

ମହାପ୍ରସାଦ ଟେକିବା—ଦେ. କ୍ରି —କନ୍ୟାପକ୍ଷର କର୍ତ୍ତା "ମୋ କନ୍ୟାକୁ
Mahāprasāda ṭekibā ମନୋନୀତ ବରଙ୍କ ସଙ୍ଗେ ବିବାହ
(ମହାପ୍ରସାଦ ଟେକିଦେବା—ଅନ୍ୟରୂପ) ଦେବି" ଏହି ବାକ୍ୟ ବୋଲି
पाकादेखा ବରପକ୍ଷୀୟ କର୍ତ୍ତାଙ୍କ ହାତକୁ 'ମହାପ୍ରସାଦ' ଟେକି
सिद्धान्तकरना ଦେବା—( a bride's guardian ) To hand over Mahāprasāda to the bridegroom's party as a formal and solemn token of betrothal. [ ଦ୍ର—ଏ କର୍ମକୁ ମହାପ୍ରସାଦ ନିର୍ବନ୍ଧ ବୋଲାଯାଏ । ଯେଉଁ କନ୍ୟା ସମ୍ବନ୍ଧେ ମହାପ୍ରସାଦ ନିର୍ବନ୍ଧ ହୋଇଥାଏ ତାକୁ 'ବାଗ୍‌ଦତ୍ତା' କନ୍ୟା ବୋଲାଯାଏ । ]

ମହାପ୍ରସାଦ ତୋରା(ଡ଼ା)ଣି—ଦେ. ବି—ଦହି, ଅଦାଛେଚା, ଲଙ୍କାମରିଚ
Mahāprasāda torā(ṛā)ṇi ପ୍ରଭୃତି ମିଶାଯାଇ ପ୍ରସ୍ତୁତ
महाप्रसाद आमानी ହୋଇଥିବା ଅନ୍ନ ମହାପ୍ରସାଦ ମିଶ୍ରିତ
ରୁଚିକର ପାନୀୟ—A palatable drink made of curd, ginger, red pepper etc. mixed with the rice water of Mahāprasāda. [ ଦ୍ର—ଏଥିରେ ଅଳ୍ପ ପରିମାଣରେ ଜଗନ୍ନାଥଙ୍କର ଅନ୍ନ ମହାପ୍ରସାଦ ଦିଆ ହେଉଥିବାରୁ ଏପରି ନାମ ହୋଇଅଛି । ]

**ମହା ପ୍ରସାଦ ଦେବା**—ଦେ. କ୍ରି—କୌଣସି ବ୍ୟକ୍ତିଙ୍କ ହାତରେ ବା ପାଟରେ ମହାପ୍ରସାଦ ଅର୍ପଣ କରି ବନ୍ଧୁତା ସ୍ଥାପନ କରିବା—To set up a god-relationship with a person by handing over or putting in his mouth Mahāprasāda.
Mahā prasāda debā
মহা প্রসাদ পাতান

**ମହା ପ୍ରସାଦ ଦ୍ରୋହୀ**—ସଂ. ବଣ (ଅଯୁକ୍ତିକ ପ୍ରୟୋଗ)—ଯେଉଁ ବ୍ୟକ୍ତି ମହାପ୍ରସାଦ ଲଙ୍ଘନ କରେ—One who breaks a promise made, relationship started or betrothal performed through the medium of Mahāprasāda.
Mahā prasāda drohī
মহা প্রসাদ দ্রোহী
गङ्गा जल उठाकर तोनेड वाला
(ମହାପ୍ରସାଦ ଦ୍ରୋହିଣୀ—ସ୍ତ୍ରୀ)
[ମହାପ୍ରସାଦ ଦୋବେ(ରି,ସ୍ରୋ)ହା—ଦେଶଜରୂପ]

**ମହା ପ୍ରସାଦ ନିବନ୍ଧ**—ଦେ. ବି—ବରକର୍ତ୍ତା ଓ କନ୍ୟାକର୍ତ୍ତାଙ୍କ ମଧ୍ୟରେ ମହାପ୍ରସାଦ ଦିଆଦେଇ ହୋଇ ବିବାହ ସମ୍ବନ୍ଧେ ଯେଉଁ ସ୍ଥିର ନିବାବ ବା ବାଗଦାନ କରାଯାଏ—The ceremony of formal betrothal solemnized by the exchange of Mahāprasāda between the bride's and bridegroom's guardians
Mahā prasāda nirbandha
পাকা দেখা
सिद्धान्त, मंगनी

**ମହା ପ୍ରସାଦ ବନ୍ଧୁ**—ଦେ. ବି—ଧର୍ମବନ୍ଧୁ; ପ୍ରୀତିବନ୍ଧୁ; ପରସ୍ପର ମଧ୍ୟରେ ମହାପ୍ରସାଦ ଦିଆଦେଇ ହୋଇ ବା ଧର୍ମଦେବତାଙ୍କୁ ସାକ୍ଷୀ ରଖି ଯେଉଁମାନଙ୍କ ମଧ୍ୟରେ ବନ୍ଧୁତା ସ୍ଥାପିତ ହୋଇଥାଏ—God-relations; persons between whom a solemn relationship has been set up by the exchange of Mahāprasāda. [ଦ୍ର—ସାଧାରଣତଃ ଦେଖାଯାଏ ଯେ ଲୋକେ ମହାପ୍ରସାଦ ଦିଆଦେଇ ହୋଇ ପିତା-ପୁତ୍ର, ଭ୍ରାତା-ଭଗ୍ନୀ, ମାତା-ପୁତ୍ର, ପିତା-କନ୍ୟା, ମାତା-କନ୍ୟା, ଭାଇ-ଭାଇ ଆଦି ସମ୍ବନ୍ଧ ବସାନ୍ତି । ଏ ସମ୍ବନ୍ଧ ବେଳେବେଳେ ରକ୍ତ ସମ୍ବନ୍ଧ ଓ ବିବାହ ସମ୍ବନ୍ଧଠାରୁ ଘନିଷ୍ଠତର ହେବା ଦେଖାଯାଏ । ବେଳେ ବେଳେ ମଧ୍ୟ ଲୋକେ ଏହି ସମ୍ବନ୍ଧର ଅପବ୍ୟବହାର କରନ୍ତି । ଯେଉଁମାନେ ମହାପ୍ରସାଦ ଦିଆଦେଇ ହୋଇ ବନ୍ଧୁ ହୋଇଥାନ୍ତି ସେମାନେ ପରସ୍ପରକୁ 'ସଙ୍ଗାତ', 'ଅବଢ଼ା', 'ପଦ୍ମଫୁଲ ଭୋଗ', 'ସରସ୍ୱତୀ' ଓ 'ମହାପ୍ରସାଦ' ଆଦି ନାମରେ ଡକାଡକି କରନ୍ତି । ଏହି ଧର୍ମବନ୍ଧୁତା ଉତ୍ତର ଭାରତ ଅଞ୍ଚଳରେ ବେଶି ଚଳେ ନାହିଁ, କେବଳ ଦୁଇ ଜଣ ବ୍ୟକ୍ତି ଗଙ୍ଗା ଜଳ ଦିଆଦେଇ ହୋଇ ଧର୍ମ ବନ୍ଧୁତା ବାନ୍ଧନ୍ତି । ]
Mahā prasāda bandhu
মহা প্রসাদ বন্ধু, ধর্ম বন্ধু
धर्म बन्धु

**ମହାପ୍ରସାଦ ବନ୍ଧୁତା**—ଦେ. ବି—ପ୍ରୀତି ବନ୍ଧୁତା; ମହାପ୍ରସାଦ ଦିଆଦେଇ ହୋଇ ସ୍ଥାପିତ ବନ୍ଧୁତା—God-relationship set up by the exchange of Mahāprasāda.
Mahāprasāda bandhutā
মহা প্রসাদ বন্ধুতা, ধর্ম বন্ধুতা
धर्म बन्धुता
(ମହାପ୍ରସାଦ ସମ୍ପର୍କ, ମହାପ୍ରସାଦ ସମ୍ବନ୍ଧ—ଅନ୍ୟରୂପ)

**ମହାପ୍ରସାଦ ଲଙ୍ଘନ କରିବା**—ଦେ. କ୍ରି—ମହାପ୍ରସାଦ ଦ୍ରୋହ କରିବା; ମହାପ୍ରସାଦ ଦିଆ ଦେଇ ହୋଇ ସ୍ଥାପିତ ବନ୍ଧୁତା ବା ନିବନ୍ଧ ବା ସତ୍ୟକୁ ପାଳନ ନ କରିବା—To act against one's solemn promise or solemnized betrothal or god-relationship.
Mahāprasāda laṅghana kariba
(ମହାପ୍ରସାଦ ଲଙ୍ଘିବା—ଅନ୍ୟରୂପ)
মহা প্রসাদ লংঘন করা, ধর্ম লংঘন করা
सत्य भंग करना

**ମହାପ୍ରସାଦ ସେବା**—ଦେ. ବି—୧ । ମହାପ୍ରସାଦ ଭୋଜନ—1. Partaking of Mahāprasāda. ୨ । ପ୍ରତିଦିନ ସନ୍ଧ୍ୟା ବନ୍ଦନାଦି ପରେ ମହାପ୍ରସାଦର କଣିକା ମାତ୍ର ସେବନ—2. Partaking of a particle of Mahāprasāda after one's daily prayers. ୩ । ବିବାହାଦି ଉତ୍ସବରେ ନିମନ୍ତ୍ରିତ ବ୍ୟକ୍ତିମାନଙ୍କର ନାମମାତ୍ର ମହାପ୍ରସାଦ ସହ ଜଳଖିଆ ଆଦି ଭୋଜନ—3. Partaking of refreshments by the invited guests on festive occasions. [ଦ୍ର—ଭକ୍ତିର ଦୃଷ୍ଟିରେ 'ମହାପ୍ରସାଦ' ଅତ୍ୟନ୍ତ ପବିତ୍ର । ତେଣୁ ତାହା ପ୍ରତି 'ଖାଇବା' ଶବ୍ଦ ବ୍ୟବହୃତ ନ ହୋଇ 'ସେବା କରିବା' ବ୍ୟବହୃତ ହୁଏ । ବିବାହାଦି ଉତ୍ସବରେ ଆମନ୍ତ୍ରିତ ବ୍ୟକ୍ତିମାନଙ୍କୁ ମିଷ୍ଟାନ୍ନାଦି ଭୋଜନ ଦିଆଯିବା ଆରମ୍ଭରେ ଭୋଜନ ପତ୍ରରେ ପ୍ରଥମେ ନାମମାତ୍ର ମହାପ୍ରସାଦ ପରିବେଷଣ କରାଯିବା ପରେ ଅନ୍ୟାନ୍ୟ ମିଷ୍ଟାନ୍ନ ଲଗାଯାଏ; ଏଥିପାଇଁ ଏପରି ମିଷ୍ଟାନ୍ନ ଭୋଜନକୁ ମଧ୍ୟ 'ମହାପ୍ରସାଦ ସେବା' ବୋଲାଯାଏ ।]
Mahāprasāda Sebā
মহা প্রসাদ সেবা
प्रसाद् सेवा

**ମହା ପ୍ରସ୍ଥାନ**—ସଂ. ବି (କର୍ମଧା; ମହତ୍ ଶବ୍ଦ ତଳେ ଟୀକା ଦେଖ)—୧ । ମହାଯାତ୍ରା; ମରିବା ନିମନ୍ତେ ତୀର୍ଥ ଆଦିର ଉଦ୍ଦେଶ୍ୟରେ ଜୀବନର ଶେଷ ଯାତ୍ରା—1. The final starting for a place of pilgrimage with a view to meet one's death there. ୨ । ମୃତ୍ୟୁ—2. Death. ୩ । ମରଣ ପଥ—3. The road leading to death. ୪ । ପାଣ୍ଡବମାନଙ୍କର ସ୍ୱଦେହରେ ସ୍ୱର୍ଗକୁ ଯିବା ପାଇଁ ହିମାଳୟର ଉଚ୍ଚ ଦେଶକୁ ଯାତ୍ରା—4. The journey of the Pāṇḍaba-brothers to the Himalayan region to bodily go to heaven. ୫ । ପାଣ୍ଡବମାନଙ୍କର ମହାପ୍ରସ୍ଥାନ ବର୍ଣ୍ଣିତ ହୋଇଥିବା ମହାଭାରତର ପର୍ବ ବିଶେଷ—5. The title of one of the 18 sections or books of the great Sanscrit epic Mahābhārata describing the final journey of the Pāṇḍaba-brothers towards heaven.
Mahā prasthāna

**ମହା ପ୍ରଭୁ**—ଗ୍ରା. ବି (ସଂ. ମହାପ୍ରଭୁ)—ମହା ପ୍ରଭୁ (ଦେଖ)
Mahā prabhu মহা প্রভু Mahā prabhu (See)
(ମହାପ୍ରୁ, ମହାପ୍ରେଭୁ—ଅନ୍ୟରୂପ)

ମହା ପ୍ରାଣ—ସଂ.ପୁ.(ମହତ୍ + ପ୍ରାଣ = ପ୍ରାଣ ବାୟୁ ଯାହାର; ବହୁବ୍ରୀହି)—
Mahā prāṇa ୧ । (ବ୍ୟାକରଣ) ବର୍ଗର ୨ୟ ଓ ୪ର୍ଥ ବର୍ଣ୍ଣମାନ (ଖ, ଘ, ଛ, ଝ, ଠ, ଢ, ଥ, ଧ, ଫ, ଭ) ଓ ଶ, ଷ, ସ, ଓ ହ—1. The 2nd and 4th letters of the 5 Bargas of the consonants and the sibiliants of S and H; the aspirates among the consonants. [ ଦ୍ର—ଯେଉଁ ବର୍ଣ୍ଣମାନଙ୍କର ଉଚ୍ଚାରଣରେ ବେଶି ନିଶ୍ୱାସ ଦରକାର ହୁଏ ତାକୁ ମହାପ୍ରାଣ ବର୍ଣ୍ଣ ବୋଲାଯାଏ । ] ୨ । ଉପର୍ଯ୍ୟୁକ୍ତ ବର୍ଣ୍ଣମାନଙ୍କ ଉଚ୍ଚାରଣରେ ବ୍ୟବହୃତ ଶ୍ୱାସ—2. The hard breathing or aspirate sound made in the pronunciation of the aspirates (Apte). ୩ । ଡାମରକୁଅ—3. The crow; rook. ବିଣ. ପୁଂ—୧ । ଅତି ଉଦାର ହୃଦୟଯୁକ୍ତ (ବ୍ୟକ୍ତି)—1. High-minded. ୨ । (ବ୍ୟାକରଣ) ଯେଉଁ ବର୍ଣ୍ଣମାନଙ୍କ ଉଚ୍ଚାରଣ ପାଇଁ ବେଶି ଶ୍ୱାସ ଦରକାର ହୁଏ—2. (grammar) (letters) Requiring hard breathing or aspirate sound.

ମହାପ୍ରାଣୀ—ସଂ. ପୁ. ( ମହତ୍+ପ୍ରାଣୀନ୍; କର୍ମଧା )—ଉଚ୍ଚଶ୍ରେଣୀର ଜୀବ
Mahāprāṇi (ଯଥା—ମନୁଷ୍ୟ)—An animal of a high order

ମହାଫଳ—ସଂ. ବିଣ (ମହତ୍+ଫଳ ଯାହାର; ବହୁବ୍ରୀହି) ୧ । ବୃହତ୍
Mahāphaḷa ଫଳବିଶିଷ୍ଟ—1. Bearing large fruits.
(ମହାଫଳା—ସ୍ତ୍ରୀ) ୨ । ଯେଉଁ କାର୍ଯ୍ୟଦ୍ୱାରା ମହତ୍ଫଳ ପ୍ରାପ୍ତି ହୁଏ—2. Resulting in the achievement of great results. ୩ । ବହୁ ଫଳ ପ୍ରସବକାରୀ—3. Bearing much fruit (Apte). ୪ । ଯହିଁରୁ ବହୁ ପୁରସ୍କାର ଲାଭ ହୁଏ—4. Bringing much reward. ପୁ—୧ । ବେଲବୃକ୍ଷ ଓ ଫଳ—1. The Marmelus (tree and fruit). ୨ । (କର୍ମଧା) ବୃହତ୍ ଫଳ—2 Great result; big fruit. ୩ । ଅଧିକ ପୁରସ୍କାର—3. Great reward.

ମହାଫଳା—ସଂ. ସ୍ତ୍ରୀ ( ମହାଫଳ + ଆ )—୧ । ଇନ୍ଦ୍ରବାରୁଣୀ; ପାଣି-
Mahāphaḷā କୋଡ଼ମେଇ ଲତା; ମହାକାଳ ଲତା ( ମହାକାଳ ଦେଖ )—1. Colocynth (creeper). ୨ । ତିତା ଲାଉ—2. The bitter gourd (Apte). ୩ । ଏକପ୍ରକାର ବର୍ଚ୍ଛା—3. A kind of spear (Apte). ସଂ. ବିଣ. ସ୍ତ୍ରୀ ( ବହୁବ୍ରୀହି )—ମହାଫଳର ସ୍ତ୍ରୀଲିଙ୍ଗ—Feminine of Mahāphaḷa.

ମହାଫିଜ(ସ୍, ସି)—ବୈଦେ. ପୁ ( ଅ. ମୁହାଫିଜ୍; କଚେରୀ )—
Mahāphij(s, si) ୧ । ଅଫିସର କାଗଜ ପତ୍ରର ରକ୍ଷକ କର୍ମଚାରୀ
মহাফি(ফে)জ, মোহাফেজ ଭୃତ୍ୟ—1. Record-keeper of an
मुहाफीज office. ୨ । ନାବାଳଗର ଅଭିଭାବକ—2. The guardian of a minor. [ ଦ୍ର—ଏହି ମହାଫିଜ୍ ଶବ୍ଦଯୁକ୍ତ ମାଲ ମହାଫିଜ୍, ଖୁଦ୍ରା ମହାଫିଜ୍, ଗ୍ରାଜ ମହାଫିଜ୍, ସାର୍ଟିଫିକେଟ୍ ପ୍ରାପ୍ତ ମହାଫିଜ୍, ସମ୍ପତ୍ତି ମହାଫିଜ୍, ଶସ୍ତ୍ରର ମହାଫିଜ୍ ଓ ମକଦ୍ଦମା ମହାଫିଜ୍ ଅଦ କଚେରୀ ଶବ୍ଦମାନ ଭାଷାରେ ବ୍ୟବହୃତ ହୁଏ । ]

ମହାଫିଜ(ସ୍, ସି)ଖାନା—ବୈଦେ. ପୁ (ଅ. ମୁହାଫିଜଖାନା; କଚେରୀ)—
Mahāphij(s, si)khānā ଯେଉଁ ସ୍ଥାନରେ କାଗଜପତ୍ର ରକ୍ଷିତ
মোহাফেজখানা मुहाफीजखाना ହୋଇଥାଏ—Record-room. [ ଦ୍ର—ଦେୱାନି ଅଦାଲତ କଚେରୀରେ, କଲେକ୍ଟରୀ କଚେରୀରେ ଓ ଫଉଜଦାରୀ କଚେରୀ ଅନ୍ଦରେ ସେହି ସେହି ଇଲାକା ସମ୍ପର୍କୀୟ କାଗଜପତ୍ର ଯେଉଁ ଯେଉଁ ସ୍ଥାନରେ ରଖାଯାଏ ସେହି ସେହି ଇଲାକାର ନାମରେ ଉକ୍ତ ମହାଫିଜଖାନାର ନାମ ଦିଆ ହୁଏ; ଯଥା—ଅଦାଲତ ମହାଫିଜଖାନା, କଲେକ୍ଟରୀ ମହାଫିଜଖାନା, ଫଉଜଦାରୀ ମହାଫିଜଖାନା । ]

ମହା ବଂଶ—ସଂ. ପୁ ( କର୍ମଧା )—୧ । ମହତ୍କୁଳ; ଉଚ୍ଚବଂଶ; ପ୍ରସିଦ୍ଧ
Mahā baṁsa ବଂଶ—1. Noble family; a celebrated race. ୨ । ସଂସ୍କୃତଗ୍ରନ୍ଥବିଶେଷ—2. Title of a Sanskrit work. ସଂ. ବିଣ. ପୁଂ ( ବହୁବ୍ରୀହି )—
(ମହାବଂଶା—ସ୍ତ୍ରୀ) ଉଚ୍ଚକୁଳସମ୍ଭୂତ—Born of a high or noble family.

ମହାବନ—ସଂ. ପୁ. ( କର୍ମଧା )—୧ । ଅଗମ୍ୟ ବନସ୍ତ; ନିବିଡ଼
Mahābana ଅରଣ୍ୟ; ଘୋର ଜଙ୍ଗଲ; ଯେଉଁ ଜଙ୍ଗଲ ବଡ଼ ବଡ଼ ଗଛ ଲତାଆଦିରେ ପୂର୍ଣ୍ଣ—1. A dense or deep forest. ୨ । ବୃନ୍ଦାବନସ୍ଥ ୮୪ ବନ ମଧ୍ୟରୁ ଏକତମ—2. Name of one of the 84 forests of Bṛundābana (mentioned in the Bhāgabata).

ମହା ବରାହ—ସଂ. ପୁ—୧ । ବିଷ୍ଣୁଙ୍କର ତୃତୀୟ ବା ବରାହ ଅବତାର—
Mahā barāha 1. The 3rd incarnation of Bishṇu as the Great Boar. ୨ । ବିଷ୍ଣୁଙ୍କ ସହସ୍ରନାମୋକ୍ତ ଏକ ନାମ—2. A name of Bishṇu. ଦେ. ପୁ—ବରାହନାଥ ( ଦେଖ ) 3. Barāhanātha ( See )

ମହାବଳ—ସଂ. ବିଣ. ପୁଂ ( ମହତ୍+ବଳ; ବହୁବ୍ରୀହି )—ପ୍ରବଳ;
Mahābaḷa ଅତ୍ୟଧିକ ବଳଶାଳୀ—Mighty; very
(ମହାବଳୀ—ସ୍ତ୍ରୀ) powerful; very strong. ସଂ. ପୁ—୧ । ବୁଦ୍ଧଦେବ—1. The Buddha. ୨ । ପବନ, ବାୟୁ—2. The air; the wind. ୩ ।
মহাবলবাঘ ସୀସା ଧାତୁ—3 Lead (metal). ୪ । ତୋଫାନ—
গোবাঘা 4. Tempest; storm (Apte). ଦେ. ପୁ—୧ ।
ବଡ଼ାବାଘୁଆ ବଡ଼ ବାଘ—1. A very big tiger. ୨ । ପଟାଦାରିଆ ମଣିଷଖିଆ ବାଘ—2. The Bengal man-eating tiger; the Royal Bengal tiger. (ଉ—କଲିଯାଇରେ ଦେଖାଏ ମହାବଳ—ନ୍ୟାୟ; ମହାବଳଙ୍କୁ ଗୋହତ୍ୟା ପାପ—ଉଗ । )

**ମହାବଳା**—ସ. ବ ( ମହାବଳ + ଆ )—୧ । ଶ୍ୱେତ ବାଡ଼ି ଅଁଳା — **Mahābalā** 1. Sida Rhomboidea. ୨ । ବଜ୍ରମୂଳି ( ଦେଖ )—2. Bajramūli ( See ) ( ଡବେକ୍ଷ୍ମ ଦ୍ରବ୍ୟଗୁଣ )

**ମହାବଳୀ**—ସ. ବଣ. ପୁଂ ( ମହାନ୍ + ବଳନ୍; ୧ମା. ୧ବ )—ଅତ୍ୟନ୍ତ **Mahābali** ବଳଶାଳୀ; ପ୍ରବଳ ପରାକ୍ରମଶାଳୀ—Very mighty or powerful. ସ. ବ. ପୁଂ—୧ । ମହାବୀର; ମହାଯୋଦ୍ଧା—1. A great warrior; a hero. ୨ । ଦେବତାରୂପେ ପୂଜିତ ହନୁମାନ୍ ମୂର୍ତ୍ତି—2. Hanumān who is worshipped as a Deity and is represented to be a warrior of great valour.

**ମହାବାକ୍ୟ**—ସ. ବ ( କର୍ମଧା )—୧ । ବଡ଼ ବାକ୍ୟ—1. A big **Mahā bākya** sentence; a collection of words. ୨ । ମହତ୍ ବା ମୂଲ୍ୟବାନ୍ ବାକ୍ୟ—2. A great or valuable saying. ୩ । ମହାଜନମାନଙ୍କ ବାଣୀ; ଆପ୍ତବାକ୍ୟ–3.The saying of great men. ୪। ପ୍ରବଚନ—4. Proverb; wise saws. ୫ । ବ୍ରହ୍ମ ପ୍ରତିପାଦକ ବାକ୍ୟ; ଓଁ ତତ୍ ସତ୍; ସର୍ବଂ ଖଲ୍ୱିଦଂ ବ୍ରହ୍ମ—5. A great formula establishing the existence of the Supreme Being.

**ମହାବାୟୁ**—ସ. ବ ( କର୍ମଧା )—୧ । ତୋଫାନ—1. Hurricane; **Mahābāyu** storm. ୨ । ପ୍ରାଣବାୟୁ—2. The (ମହାବାତ—ଅନ୍ୟରୂପ) vital airs of the body. ୩ । ପଞ୍ଚ ମହାଭୂତର ଏକତମ; ମରୁତ୍—3. The air as one of the elements of the creation. ( Apte ).

**ମହାବା(ବ, ବି)ର**—ବୈଦେ. ବ ( ଫା. ମୁହାବ(ବି)ର )—୧ । **Mahābā(ba, bi)rā** ଅଭ୍ୟାସ—1. Habit. ୨ । ଭାଷାର अभ्यास; बूली ବଶିଷ୍ଟାର୍ଥବୋଧକ ବାକ୍ୟ ବା ପ୍ରୟୋଗ; ବୋଲି **मुहावि(व)रा;** —2. Idiom. [ ଦ୍ର—ଇଂରାଜୀର Idiom **रोजमरा, बोलचाल** ଓ ପାରସୀ 'ମୁହାବରା' ଅର୍ଥବୋଧକ ପ୍ରତିଶବ୍ଦ ଓଡ଼ିଆରେ ନ ଥିବାରୁ ଏ ଶବ୍ଦର ବ୍ୟବହାର ପ୍ରଚଳିତ ହେଉଅଛି । ଲକ୍ଷଣା ବା ବ୍ୟଞ୍ଜନାଦ୍ୱାରା ସିଦ୍ଧ ବାକ୍ୟ ବା ପ୍ରୟୋଗ, ଯାହା କୌଣସି ଏକ ଭାଷାରେ ବା ଏକ ଭାଷାରେ ପ୍ରଚଳିତ ହୁଏ ଓ ଯହିଁର ଅର୍ଥ ପ୍ରତ୍ୟକ୍ଷ (ଅଭିଧେୟ) ଅର୍ଥରୁ ପୃଥକ୍ ଅଟେ,ତାହା 'ମୁହାବରା' । କୌଣସି ଭାଷାରେ ପ୍ରଚଳିତ ଅସାଧାରଣ ଶବ୍ଦଯୋଜନା ଅଥବା ପ୍ରୟୋଗକୁ ଆରବୀରେ ଓ ଫାରସୀରେ 'ମୁହାବରା' ବୋଲାଯାଏ । ଯଥା— 'ମାଡ଼ଖାଇବା' । ଏଠାରେ ଖାଇବା ଶବ୍ଦ ସାଧାରଣ ଅର୍ଥରେ ବ୍ୟବହୃତ ହୋଇ ନାହିଁ; ଏହା ଲାକ୍ଷଣିକ ଅର୍ଥରେ ବ୍ୟବହୃତ ହୋଇଅଛି; କାରଣ ମାଡ଼ 'ଖାଇବାର ଦ୍ରବ୍ୟ' ନୁହେଁ; କିନ୍ତୁ ଓଡ଼ିଆଭାଷାରେ ମାଡ଼ ଖାଇବାର ଅର୍ଥ 'ଅନ୍ୟ ବ୍ୟକ୍ତିଠାରୁ ମାଡ଼ ବା ପ୍ରହାର ସହିବା' ଅଟେ । ଏହିପରି ଓଡ଼ିଆ ଭାଷାରେ 'ଚକ୍ରଣ କଥା', 'ଘର କରିବା' 'ରସ ନିକଳିଯିବା' ପ୍ରଭୃତିର ପ୍ରୟୋଗ ଅଛି । ଏହି ସବୁ ମହାବାରାକୁ ଅନ୍ୟ ଭାଷାରେ ଅକ୍ଷରଶଃ ଅନୁବାଦ କଲେ, ଉକ୍ତ ଭାଷାନ୍ତରିତ ଅନୁବାଦ ସେହି ଭାଷାରେ ହାସ୍ୟାସ୍ପଦ ହୁଏ । ]

**ମହାବାରୁ(ରେ)ଣୀ**—ଗ୍ରା. ବ ( ସ. ମହାବାରୁଣୀ )—ମହାବାରୁଣୀ **Mahābāri(re)ṇi** ( ଦେଖ )—Mahābāruṇi ( See ) **महावारुनी महावारुनी**

**ମହା ବାରୁଣୀ**—ସ. ବ (ମହତୀ + ବାରୁଣୀ)—(ଜ୍ୟୋତିଷ) ଚୈତ୍ର କୃଷ୍ଣ **Mahā bāruṇi** ପକ୍ଷ ତ୍ରୟୋଦଶୀ ଦିନ ଶନିବାର ଓ ଶତଭିଷା (ମହା ମହାବାରୁଣୀ—ଅନ୍ୟରୂପ) ନକ୍ଷତ୍ର ପଡ଼ିଲେ ସେହି ମହାପୁଣ୍ୟମୟ ଯୋଗ ଘଟେ—A very auspicious conjunction which happens if the asterism Śatabhishā falls on a Saturday on the 13th day of the dark fortnight of the month of Chaitra. [ ଦ୍ର—ଏ ଯୋଗରେ ଗଙ୍ଗାରେ ସ୍ନାନ କଲେ କୋଟି ଅଶ୍ୱମେଧ ଯାଗ କରିବାର ଫଳ ଲାଭ ହୁଏ । ବାରୁଣୀ ତଳେ ଟୀକା ଦେଖ ।]

**ମହାବାହୁ**—ସ. ବଣ (ବହୁବ୍ରୀହି)—୧ । ବିଶାଳ ଭୁଜବିଶିଷ୍ଟ; ଦୀର୍ଘବାହୁ- **Mahābāhu** ବିଶିଷ୍ଟ—1. Having long arms. ୨ । ଅତି ଶକ୍ତିଶାଳୀ—2 Very powerful. ସ. ବ (ଅପଣାର ବାହୁଦ୍ୱାରା ତ୍ରିଭୁବନକୁ ଧାରଣ କରିଥିବାରୁ)—ଶ୍ରୀକୃଷ୍ଣ; ନାରାୟଣ; ଭଗବାନ; ବିଷ୍ଣୁ—God; Bishṇu.

**ମହାବିକ୍ରମ**—ସ. ବ (କର୍ମଧା)—ପ୍ରବଳ ପରାକ୍ରମ—Might. ସ. ବଣ. **Mahābikrama** ପୁଂ—ପ୍ରବଳ ପରାକ୍ରମଶାଳୀ—Mighty. (ମହାବିକ୍ରମା—ସ୍ତ୍ରୀ)

**ମହା ବିକ୍ରମଶାଳୀ**—ସ ବଣ. ପୁଂ—ଅତିଶୟ ପରାକ୍ରମଶାଳୀ— **Mahā bikramaśāli** Very mighty. (ମହାବିକ୍ରମଶାଳିନୀ—ସ୍ତ୍ରୀ)

**ମହାବିଦ୍ୟା**—ସ. ବ—ଦଶମହାବିଦ୍ୟା; ଦୁର୍ଗା ବା ଶଙ୍କରଙ୍କ ଦଶମୂର୍ତ୍ତି **Mahābidyā** ୧୦ଗୋଟି ମୂର୍ତ୍ତି—The ten incarnations of Durgā worshipped according to the Tantric rites. [ ଦ୍ର—ଦଶମହାବିଦ୍ୟା—କାଳୀ, ତାରା, ଷୋଡ଼ଶୀ, ଭୁବନେଶ୍ୱରୀ, ଭୈରବୀ, ଛିନ୍ନମସ୍ତା, ଧୂମାବତୀ, ବଗଳା, ମାତଙ୍ଗୀ ଓ କମଳା । ]

**ମହାବିନାୟକ**—ଦେ. ବ—ଉତ୍କଳର ପ୍ରଧାନ ପଞ୍ଚତୀର୍ଥ ମଧ୍ୟରୁ ଗୋଟିଏ **Mahā bināyaka** ତୀର୍ଥ—The name of one of the five main holy places of Utkal. [ ଦ୍ର—ମହାବିନାୟକ କଟକ ଜିଲ୍ଲାଅନ୍ତର୍ଗତ ଦର୍ପଣ କିଲ୍ଲା ମଧ୍ୟରେ ବରୁଣାବନ୍ତ ବା ବରୁଣିଆ ପାହାଡ଼ର କଟିଦେଶରେ ଅବସ୍ଥିତ । ] ( ଦ୍ର—ବିନାୟକ ବା ଗଣନାଥ ଏଠାର ଅଧିଷ୍ଠାତ୍ରୀ ଦେବତା । ମଦନମୋହନ. ତୀର୍ଥଦର୍ଶନ । )

ମହାବିଣା
ମହାବିଣାକ } ଗ୍ରାମ୍ୟରୂପ
ମହାବିଣାଏକ

ସ. ବ—ଗଣପତି; ଗଣେଶ—The Deity Gaṇeśa.

**ମହାବିପଦ୍(ତ୍ତି)**—ସଂ. ବି (କର୍ମଧା)—ଘୋର ବିପତ୍ତି—
Mahābipad(tti) A great calamity.
(ମହାବିପଦ—ଦେଶଜରୂପ)

**ମହାବିପ୍ଳବ**—ସଂ. ବି (କର୍ମଧା)—ଘୋର ଗୋଳମାଳ—
Mahābiplaba Great confusion; much ado.

**ମହାବିଳ**—ସଂ. ବି (କର୍ମଧା)—୧ । ବୃହତ୍ ଓ ଗଭୀର ଗର୍ତ୍ତ—1. A
Mahābila great and deep hole; abyss. ୨ । ଆକାଶ; ବାୟୁମଣ୍ଡଳ—2. The sky; the atmosphere. ୩ । ଅନ୍ତଃକରଣ; ମନ—3. Mind; the heart. ୪ । ଜଳଘଟ—4. A water-jar; pitcher (Apte)

**ମହାବିଷ**—ସଂ. ବି ( ବହୁବ୍ରୀହି )—ଦୋମୁହିଁଆ ସାପ—A serpent
Mahābisha having two mouths (Apte)

**ମହାବିଷୁବ**—ସଂ. ବି (ମହତ୍+ବିଷୁବ=ମେଷ ସଂକ୍ରାନ୍ତି)—ପଣାସଂକ୍ରାନ୍ତି;
Mahābishuba ବୈଶାଖ ସଂକ୍ରାନ୍ତି; ରବିଙ୍କର ମେଷରାଶିରୁ ( ମହାବିଷୁବ ସଂକ୍ରାନ୍ତି—ଅନ୍ୟରୂପ ) ସଂକ୍ରମଣ—The sun's entry into the sign of Aries; the vernal equinox. [ ଦ୍ର—ଏହି ଦିବସଠାରୁ ସୌରମାନ ବର୍ଷର ପ୍ରଥମ ଗଣନା ଆରମ୍ଭ ହୁଏ; ଏହା ସୌର ବୈଶାଖର ପ୍ରଥମ ଦିବସ ଓ ଏହିଠାରୁ ନୂତନ ସଂବାଦ ଗଣନାର ଆରମ୍ଭ । ]

**ମହାବିଷୁବ ଚକ୍ର**—ସଂ. ବି—(ଜ୍ୟୋତିଷ) ଅଙ୍ଗ ବିଶେଷରେ ୨୭ନକ୍ଷତ୍ର
Mahābishuba chakra ଚିହ୍ନିତ ନରମୂର୍ତ୍ତି ଜ୍ୟୋତିଷଚକ୍ର ବା ସଂକ୍ରାନ୍ତି ପୁରୁଷ—A figure of man drawn according to astrological calculations, showing the different asterisms on the different limbs of its body (according to which persons born in those asterisms undergo bliss or woe during the impending month).

**ମହାବୀଚି**—ସଂ. ବି (ବହୁବ୍ରୀହି; ମହାରୌରବ ତଳେ ଟୀକା ଦେଖ)—
Mahābichi ନରକବିଶେଷ—Name of a part of the hell

**ମହାବୀର**—ସଂ. ବିଣ (ମହାନ୍+ବୀର; କର୍ମଧାରୟ)—ଅତିଶୟ ବଳବାନ୍—
Mahābira Mighty; very valiant; heroic. ସଂ. ବି—୧ । ପ୍ରଧାନ ବା ପ୍ରସିଦ୍ଧ ଯୋଦ୍ଧା—1. A mighty or distinguished warrior; a great warrior or hero. ୨ । ହନୁମାନ୍—2. The mighty monkey-hero. ୩ । ଦେବତାରୂପେ ପୂଜିତ ହନୁମାନ୍ ମୂର୍ତ୍ତି—3. The image of Hanumān worshipped as a Deity. ୪ । ଗରୁଡ଼—4. Garurda, the king of birds. ୫ । ଲକ୍ଷ୍ମଣ—5. Rāma's younger brother. ୬ । ସିଂହ—6. Lion ୭ । ଯଜ୍ଞୀୟ କଟାହ; ଯଜ୍ଞପାତ୍ର—7. A sacrificial pot or vessel. ୮ । ଯଜ୍ଞାଗ୍ନି—8. The sacrificial fire. ୯ । ବଜ୍ର—9. Thunderbolt. ୧୦ । ଶ୍ୱେତାଶ୍ୱ—10. A white horse. ୧୧ । ଜୈନ ତୀର୍ଥଙ୍କର ବିଶେଷ 11. Name of a Jaina saint. ୧୨ । ଜୈନ ଧର୍ମର ପ୍ରବର୍ତ୍ତକ ବିଶେଷ—12. Name of a preacher of Jainism. [ ଦ୍ର—ଏ କ୍ଷତ୍ରିୟ ଥିଲେ । ଏହାଙ୍କ ଜନ୍ମ ପାଟଣା ନିକଟ ବୈଶାଳୀ (ଖ୍ରୀ. ୫୯୯ ।] ୧୩ । କୋକିଳ—13. The cuckoo (Apte). ୧୪ । ଏକ ପ୍ରକାର ବାଜ ପକ୍ଷୀ—14. A kind of hawk ( Apte ). ୧୫ । ଅର୍ଜୁନ—15. An epithet of Arjuna. [ ଦ୍ର—ମହାବୀର ଶବ୍ଦ ସ୍ଥାନବିଶେଷରେ ଖ୍ରୀଷ୍ଟ, କର୍ଣ୍ଣ, ସିକନ୍ଦର ଆଦି ବଳଶାଳୀ ବ୍ୟକ୍ତିଙ୍କ ପ୍ରତି ପ୍ରୟୋଗ କରାଯାଏ । ]

**ମହାବୀର୍ଯ୍ୟ**—ସଂ. ବି—ଗୁହ୍ୟ ଓ ଲିଙ୍ଗମୂଳ ମଧ୍ୟସ୍ଥ ଶରୀରାଂଶ—The
Mahābirjya perineum; the lower part of the body between the genital organ and the rectum ( Apte ). ସଂ. ବିଣ. ପୁଂ—ମହାବିକ୍ରମ (ମହାବୀର୍ଯ୍ୟା—ସ୍ତ୍ରୀ) ( ଦେଖ )—Mahābikrama ( See

**ମହାବୀର ଚରିତ**—ସଂ. ବି—ମହାକବି ଭବଭୂତିଙ୍କ ପ୍ରଣୀତ ସଂସ୍କୃତ
Mahābira charita ନାଟକବିଶେଷ; ରାମଚରିତ ନାଟକ—The title of a Sanskrit drama by poet Bhababhūti. [ ଦ୍ର—ମହାକବି ଭବଭୂତିଙ୍କ ପ୍ରଣୀତ 'ଉତ୍ତର ରାମଚରିତ'ରେ ରାମାୟଣର ଉତ୍ତରାକାଣ୍ଡର ବିଷୟ ନାଟକାକାରରେ ବର୍ଣ୍ଣିତ ହୋଇଅଛି, କିନ୍ତୁ 'ମହାବୀର ଚରିତ'ରେ ରାମଙ୍କର ବିବାହଠାରୁ ବନବାସ, ସୀତାହରଣ, ଲଙ୍କାଯୁଦ୍ଧ, ରାବଣ ବଧ ଓ ଅଯୋଧ୍ୟା ପ୍ରତ୍ୟାଗମନ ଯାଏ ସମସ୍ତ ବିବରଣ ନାଟକାକାରରେ ଲିପିବଦ୍ଧ ହୋଇଅଛି । ମୂଳ ରାମାୟଣରେ ପ୍ରଦତ୍ତ ବିବରଣରୁ ଏ ସମସ୍ତ ବିବରଣରେ ଅନେକ ପାର୍ଥକ୍ୟ ପରିଲକ୍ଷିତ ହୁଏ ।]

**ମହାବୀର ସାଧନ(ନା)**—ସଂ. ବି—ତନ୍ତ୍ର ଶାସ୍ତ୍ରୋକ୍ତ ସାଧନା ବିଶେଷ—
Mahābira sādhana(nā) A Tantric rite practised for bringing the mighty 'Mahābira' under one's control. [ ଦ୍ର—ଏହି ସାଧନାର ସିଦ୍ଧି ଲାଭ କଲେ ସାଧକ 'ମହାବୀର'ଙ୍କ ଦ୍ୱାରା ଅସାଧ୍ୟ କାର୍ଯ୍ୟମାନ ସାଧନ କରାଇ ପାରନ୍ତି ।]

**ମହାବୀର ସି(ସେ)କନ୍ଦର**—ଦେ. ବି—ପ୍ରବଳ ପରାକ୍ରମୀ ଗ୍ରୀସ୍‌ଦେଶୀୟ
Mahābira si(se)kandara ବୀର ଅଲେକ୍‌ଜାଣ୍ଡର—
মহাবীর সেকন্দর Alexandar the Great. [ ଦ୍ର—ଏହିପରି ମହାବୀର ନେପୋଲିୟନ୍, ମହାବୀର
**महावीर सिकन्दर** ୱାସିଙ୍ଗ୍‌ଟନ୍ ଆଦି ହୁଏ । ]

**ମହାବୀରା**—ସଂ. ବି—କ୍ଷୀର କାଙ୍କୋଳି (ଦେଖ)—Kshira kānkoli
Mahābirā (See) ଦେ. ବିଣ ଓ ବି. (ପ୍ରାଚୀନ ପଦ୍ୟ)—ବଳବନ୍ତ; ବଳିଷ୍ଠ; ଯୋଦ୍ଧା—A great warrior.

(ଦ୍ର—ସପ୍ତେ କାଣ୍ଡ ବଦ୍ଧ ସାତ୍ୟକ ମହାବାର୍ (ବଳେ ଅଶ୍ୱତ୍ଥାମାଙ୍କ ଦେହ୍ଲିବ ବ ଚଣ୍ଡ । କୃଷ୍ଣଚିତ୍ର ମହାଭାରତ. ଖ୍ରୀ ।) ବୈଦେ. ବ—ମହାବାର୍ (ଦେଖ ) Mahābārā ( See )

ମହାବୀରିଆ—ଦେ. ବଣ—ମହାବୀର ଦେବତା ସମ୍ବନ୍ଧୀୟ—
Mahābiria Relating to Mahābira.
महावीरिया (ଯଥା—ମହାବୀରିଆ ମଠ ।)

ମହାବୀର୍ଯ୍ୟ—ସ. ବଣ. ପୁଂ (ବହୁବ୍ରୀହି)—ଖୁବ୍ ବଳଶାଳୀ—
Mahābirjya Very powerful; mighty.
(ମହାବୀର୍ଯ୍ୟା—ସ୍ତ୍ରୀ) ସ. ବ—ପରଂବ୍ରହ୍ମ; ପରମେଶ୍ୱର—
The Supreme Soul; God.

ମହାବୀର୍ଯ୍ୟା—ସ. ବଣ. ସ୍ତ୍ରୀ (ମହାବୀର୍ଯ୍ୟ+ଆ)—ମହାବୀର୍ଯ୍ୟର ସ୍ତ୍ରୀଲିଙ୍ଗ—
Mahābirjyā Feminine of Mahābirjya.
ସ. ବ. ସ୍ତ୍ରୀ—୧ । ବଣ୍ୟ କାର୍ପାସ ଗୁଳ୍ମ—1. The wild cotton shrub (Apte) ୨ । ସୂର୍ଯ୍ୟ ପତ୍ନୀ ସଂଜ୍ଞା—2. A name of Samjnā, a wife of the Sun-god (Apte).

ମହା ବୁଦ୍ଧ—ସ. ବ—ବୁଦ୍ଧଦେବ—
Mahā buddha The great Buddha.

ମହା ବେଗ—ସ. ବ (କର୍ମଧାରୟ)—୧ । ଅତ୍ୟନ୍ତ ବେଗ—1. Great
Mahā bega velocity. ୨ । (ବହୁବ୍ରୀହି) ଶିବ—2. Siba. ୩ । ଗରୁଡ଼—3. Garurda (Apte). ୪ । ପାଳି ମାଙ୍କଡ଼—4. An ape (Apte). ସ. ବଣ. ପୁଂ—ଅତିଶୟ ବେଗ ଯୁକ୍ତ—Having a great velocity or speed.
(ମହାବେଗା—ସ୍ତ୍ରୀ)

ମହା ବେଦୀ ମହୋତ୍ସବ—ସ. ବ—ଶ୍ରୀ ଜଗନ୍ନାଥଙ୍କର ଗୁଣ୍ଡିଚା ଯାତ୍ରା
Maha bedi mahotsaba ଉତ୍ସବ (ମଦନମୋହନ, ତୀର୍ଥ ଦର୍ଶନ)—The Gundichā festival of the idol Jagannātha of Puri.

ମହା ବେଲ—ସ. ବ. (ବହୁବ୍ରୀହି; ମହତ୍+ବେଳା)—ତରଙ୍ଗମୟ—
Maha bela Billowy (Apte).

ମହା ବୈଦ୍ୟ—ସ. ବ. ପୁଂ (କର୍ମଧା)—ନିକୃଷ୍ଟ ଚିକିତ୍ସକ—A
Mahā baidya quack doctor. [ଦ୍ର—ମହତ୍ ଶଳେ ଟୀକା ଦେଖ; ବୈଦ୍ୟ ଶବ୍ଦ ପୂର୍ବେ ମହତ୍ ଶବ୍ଦର ପ୍ରୟୋଗ ନିଷିଦ୍ଧ; ତଥାପି ସଂସ୍କୃତ ଲେଖକମାନଙ୍କ ଦ୍ୱାରା ନିକୃଷ୍ଟ ବୈଦ୍ୟ ଅର୍ଥରେ ଏ ଶବ୍ଦର ପ୍ରୟୋଗ ଦେଖାଯାଏ ।]

ମହା ବୈର—ସ. ବ (ମହତ୍+ବୈର; କର୍ମଧା)—ଭୟାନକ ଶତ୍ରୁତା;
Mahā baira ଘୋର ଶତ୍ରୁତା—A great enmity.

ମହା ବୈରୀ—ସ. ବ. ପୁଂ (ମହାନ୍+ବୈରୀ; କର୍ମଧା)—ଘୋର ଶତ୍ରୁ—
Mahā bairi An implacable enemy.
(ମହା ବୈରଣୀ—ସ୍ତ୍ରୀ)

ମହା ବୋଧି—ସ. ବ. (ମହାନ୍+ବୋଧି=ଜ୍ଞାନ)—୧ । ବୁଦ୍ଧଦେବ-
Mahā bodhi 1. The great Buddha. ୨ । ବୌଦ୍ଧ ଭିକ୍ଷୁ—2. A Buddhist monk. ୩ । 'ବୁଦ୍ଧ' ବା ଜ୍ଞାନୀଙ୍କର ବୋଧ ଶକ୍ତି—3. The great intelligence of a Buddha or wise man.

ମହା ବୋଧି ଦ୍ରୁମ—ସ. ବ—ବୋଧିତରୁ ୨ଦେଖ; ଗୟା ନିକଟସ୍ଥ ବୁଦ୍ଧ-
Mahā bodhi druma ଗୟା' ନାମକ ସ୍ଥାନରେ ଥିବା ପୁରାତନ ଅଶ୍ୱତ୍ଥ ବୃକ୍ଷ—An old Pippala (religious fig) tree under which the great Buddha practised meditation and attained wisdom. [ଦ୍ର—ପ୍ରସିଦ୍ଧି ଅଛି ଯେ ବୁଦ୍ଧଦେବ ଏହି ଗଛ ମୂଳରେ ତପସ୍ୟା କରି ଦିବ୍ୟ ଜ୍ଞାନ ଲାଭ କରିଥିଲେ ।]

ମହାବୋଧି ସତ୍ତ୍ୱ—ସ. ବ—ବୁଦ୍ଧ ଦେବ—
Mahābodhi satwa The great Buddha.

ମହା ବ୍ୟସ୍ତ—ସ. ବଣ (ମହତ୍+ବ୍ୟସ୍ତ; କର୍ମଧା)—୧ । ଅତି ଦୁଃଖିତ—
Mahā byasta 1. Very sorry. ୨ । ଅତି ଚିନ୍ତିତ—
महाव्यस्त 2. Very anxious. ୩ । ଅତି କାର୍ଯ୍ୟ ବ୍ୟସ୍ତ—
महा व्यस्त 3. Very busy.

ମହା ବ୍ୟାଧି—ସ. ବ—(ମହତ୍+ବ୍ୟାଧି; କର୍ମଧା)—୧ । ଦୁରାରୋଗ୍ୟ
Mahābyādhi ପୀଡ଼ା—1. Incurable disease. ୨ । କୁଷ୍ଠରୋଗ—2. Leprosy. ୩ । ଏକ ପ୍ରକାର କୃଷ୍ଣବର୍ଣ୍ଣ କୁଷ୍ଠ ରୋଗ—. A very bad kind of leprosy; black leprosy (Apte).

ମହା ବ୍ୟାହୃତି—ସ. ବ—(କର୍ମଧା)—ଗାୟତ୍ରୀ ମନ୍ତ୍ରାଦ୍ୟରେ 'ଓଁ ଭୂଃ,
Mahā byāhruti ଓଁ ଭୁବଃ, ଓଁ ସ୍ୱଃ' ଏହି ୩ ଗୋଟି ମନ୍ତ୍ରବାକ୍ୟ—The 3 great esoteric or spiritual expressions used at the beginning of the Gāyatri mantra.

ମହା ବ୍ରଣ—ସ. ବ (କର୍ମଧା)—୧ । ଦୁଷ୍ଟ ବ୍ରଣ; ନାଳୀ ଘାଆ –
Mahā brana 1. Fistula; a dull boil. ୨ । ଦୁରାରୋଗ୍ୟ ବ୍ରଣ—2. Incurable sore or ulcer sinus

ମହା ବ୍ରତ—ସ. ବ—(କର୍ମଧା)—୧ । ଜୀବନର ପ୍ରଧାନ ଉଦ୍ଦେଶ୍ୟ
Mahā brata ସାଧନାର୍ଥ ଅବଲମ୍ବିତ ବ୍ରତ—1. One's life's mission; one's fundamental duty. ୨ । ଦ୍ୱାଦଶ ବାର୍ଷିକ ବ୍ରତ—2. A series of austerities performed during a period of 12 years. ୩ । ଯଜ୍ଞବିଶେଷ—3. Name of a Bedic sacrifice. ସ. ବଣ. ପୁଂ (ବହୁବ୍ରୀହି) ବ୍ରତପାଳନ ବିଷୟରେ ଦୃଢ଼
(ମହାବ୍ରତା—ସ୍ତ୍ରୀ) ସଂକଳ୍ପ—Rigid in the observance of vows.

ମହା ବ୍ରାହ୍ମଣ ସ. ବ.—(କର୍ମଧା; ବ୍ରାହ୍ମଣ ଶବ୍ଦ ପୂର୍ବେ ମହତ୍ ଶବ୍ଦ
Mahā brāhmana ନିକୃଷ୍ଟାର୍ଥ ବୋଧକ; ମହତ୍ ଶବ୍ଦ ତଳେ ଟୀକା ଦେଖ)—୧ । ନିକୃଷ୍ଟ ବ୍ରାହ୍ମଣ—1. A low or inferior Brāhmana. ୨ । ପତିତ ବ୍ରାହ୍ମଣ—2. A fallen Brāhmana. ୩ । ମଡ଼ିଆ ବ୍ରାହ୍ମଣ; ଶୂଦ୍ରମାନଙ୍କ ଅନ୍ତ୍ୟେଷ୍ଟି କ୍ରିୟାରେ ପୌରୋହିତ୍ୟ

କରବା ବ୍ରାହ୍ମଣ; ଅଗ୍ରଦାନୀ ବ୍ରାହ୍ମଣ—3 A Brāhmaṇa who officiates at the funeral of Śudras. ୪ । ଶ୍ରେଷ୍ଠ ବା ବିଦ୍ୱାନ୍ ବ୍ରାହ୍ମଣ—4. A great or learned Brāhmaṇa.

**ମହା ଭୟ**—ସଂ. ବି—(କର୍ମଧା)—ଅତ୍ୟନ୍ତ ଭୟ—
Mahā bhaya A great fright; terror.

**ମହା ଭୟଙ୍କର**—ସଂ ବିଣ.—(କର୍ମଧା)—ଅତ୍ୟନ୍ତ ଭୀଷଣ—
Mahā bhayaṅkara Terrible; very frightful.
(ମହା ଭୟଙ୍କରୀ—ସ୍ତ୍ରୀ)

**ମହାଭରୀ**—ସଂ. ବି.—ଏକ ପ୍ରକାର ବଚ; ଘୋଡ଼ାବଚ—
Mahābharī Curcuma Zedoaria; Curcuma
মহাভরি বচ, নরকচুর; কুলিঞ্জন Zerumbet (plant root);
महाबरि बच;नरकचुर Zengiber Zerumbet (Kirtikar);
ସଂ. ସ୍ଥୂଳଗ୍ରନ୍ଥି, ସୁଗନ୍ଧା Alpina Galanga; Zedoar
(ମହାଭରୀ ବଚ୍—ଅନ୍ୟରୂପ) (root). ଦ୍ର—ଏହି ବଚ ଦୁଇ ପ୍ରକାର । ଏକ ପ୍ରକାର ସୁଗନ୍ଧ ଓ ଅନ୍ୟ ପ୍ରକାର ଛତ୍ରଗନ୍ଧ । ଏହା ହରଦ୍ରାଦି ବର୍ଗର ବୃକ୍ଷବିଶେଷର ମୂଳ; ଚଟ୍ଟଗ୍ରାମ ଓ ପୂର୍ବ ହିମାଳୟରେ ଜନ୍ମେ । ଏହା କଫନାଶକ, ସ୍ୱରକାରକ, ରୁଚିକର ଓ ହୃଦୟ, କଣ୍ଠ ଓ ମୁଖ ଶୋଧକ । ମହାଭରୀ ବଚ ସ୍ଥୂଳଗ୍ରନ୍ଥି ବିଶିଷ୍ଟ ଓ ସୁଗନ୍ଧ ବଚ ।]

**ମହାଭରୀ ବଚ**—ଦେ. ବି—(ସଂ. ମହାଭରୀ ବଚ୍)—ମହାଭରୀ (ଦେଖ)
Mahābharī bacha Mahābharī (See)

**ମହାଭାଗ**—ସଂ. ବିଣ. ପୁଂ—( ମହତ୍+ଭାଗ=ଭାଗ୍ୟ ଯାହାର;
Mahābhāga ବହୁବ୍ରୀହି)—୧ । ଅତିଶୟ ସୌଭାଗ୍ୟଶାଳୀ—
(ମହାଭାଗୀ—ଅନ୍ୟରୂପ) 1. Very fortunate or pros-
(ମହାଭାଗା, ମହାଭାଗ୍ୟେ—ସ୍ତ୍ରୀ) perous. ୨ । ଦୟା ଦାକ୍ଷିଣ୍ୟାଦି
(ମହାଭାଗତା (ଭା) ବି) ଗୁଣଯୁକ୍ତ—2. Endowed with noble qualities. ୩ । ମହାଶୟ; ଉଦାରଚେତା; ମହତ୍ମା—3. Noble; magnanimous; great (person). [ଉ—ଅଶ୍ୱମେଧକୁମାରଙ୍କୁ ଚାହିଁ ସୋମ ଭାଗ; ଦେଲେ ଋଷିକୁଳମଣି ମହାଭାଗ । କୃଷ୍ଣସିଂହ. ମହାଭାରତ ଅରଣ୍ୟ ।]

**ମହାଭାଗବତ**—ସଂ. ବି. ପୁଂ (କର୍ମଧା)—୧ । ପରମ ବୈଷ୍ଣବ; ବିଷ୍ଣୁଙ୍କର
Mahābhāgabata ଶ୍ରେଷ୍ଠ ଭକ୍ତ—1. A great devotee of Bishṇu. ୨ । ଭାଗବତ ପୁରାଣ—2. The Bhāgabata Purāṇa ୩ । ବେଦୋକ୍ତ ପ୍ରସିଦ୍ଧ ମହାଭକ୍ତ (ଯଥା, ମନୁ, ସନକାଦି ସପ୍ତ ଋଷି, ନାରଦ, ଜନକ, କପିଳ, ବ୍ରହ୍ମା, ବଳି, ଭୀଷ୍ମ, ପ୍ରହ୍ଲାଦ, ଶୁକଦେବ, ଧର୍ମରାଜ ଓ ଶିବ—ଭା. ଶ)—3. Name of some great devotees of Bishṇu.

**ମହାଭାଗ୍ୟ**—ସଂ. ବି (କର୍ମଧା)—ଅତ୍ୟନ୍ତ ସୌଭାଗ୍ୟ—Much pros-
Mahābhāgya perity or good fortune. ସଂ. ବିଣ.
(ମହାଭାଗ୍ୟା—ସ୍ତ୍ରୀ) ପୁଂ—ଅତିଶୟ ସୌଭାଗ୍ୟଶାଳୀ—Very prosperous.

**ମହାଭାର**—ସଂ. ବି—(କର୍ମଧା)—୧ । ଗୁରୁ ଭାର—1. A great
Mahābhāra weight. ୨ । ଗୁରୁ ଦାୟିତ୍ୱ—2. A great responsibility.

**ମହାଭାରତ**—ସଂ. ବି. (କର୍ମଧା; ମହତ+ଭାରତ=ଭରତ ବଂଶ; ଏଥିରେ
Mahābhārata ଭରତ ରାଜବଂଶର ବର୍ଣ୍ଣନା ଥିବାରୁ)—ମହର୍ଷି ବ୍ୟାସଦେବ କୃତ ଅଷ୍ଟାଦଶ ପର୍ବ ଯୁକ୍ତ ଭାରତୀ ସଂସ୍କୃତ ପଦ୍ୟ ଗ୍ରନ୍ଥ ବା ମହାକାବ୍ୟ—The great Indian epic,—the Mahābhārata. [ଦ୍ର—ଏଥିରେ ୧୮ଟି ପର୍ବ ଅଛି ଯଥା—ଆଦି, ସଭା, ବନ, ବିରାଟ, ଉଦ୍ୟୋଗ, ଭୀଷ୍ମ, ଦ୍ରୋଣ, କର୍ଣ୍ଣ, ଶଲ୍ୟ, ସୌପ୍ତିକ, ନାରୀ, ଶାନ୍ତି, ଅନୁଶାସନ, ଅଶ୍ୱମେଧ, ଆଶ୍ରମବାସ, ମୁଷଳ, ମହାପ୍ରସ୍ଥାନ ଓ ସ୍ୱର୍ଗାରୋହଣ । ଏପରି ବିସ୍ତୃତ ଗ୍ରନ୍ଥ ପୃଥିବୀରେ ନାହିଁ । ଏଥିରେ ପ୍ରାୟ ଏକଲକ୍ଷ ଶ୍ଲୋକ ଓ ପ୍ରତି ଶ୍ଲୋକରେ ଚାରି ଚରଣ ବା ଦୁଇ ଧାଡ଼ି ଅଛି । ସୁତରାଂ ଏହାର ଧାଡ଼ି ସଂଖ୍ୟା ଅନ୍ୟୂନ ୨ ଲକ୍ଷ ହେବ । ମହାଭାରତର ମୂଳ ଘଟନା କୁରୁ ପାଣ୍ଡବଙ୍କର ଯୁଦ୍ଧାଦି ବର୍ଣ୍ଣନା । ପାଣ୍ଡବମାନଙ୍କର ସ୍ୱର୍ଗାରୋହଣ ବର୍ଣ୍ଣନା ଏହାର ଶେଷ ପର୍ବ । କିନ୍ତୁ ଏଥିରେ ପ୍ରସଙ୍ଗକ୍ରମେ ବେଦର ଚତୁର୍ଦ୍ଦ ତତ୍ତ୍ୱ-ଉପନିଷଦର ବ୍ୟାଖ୍ୟା, ଇତିହାସ, ପୁରାଣ, ବର୍ତ୍ତମାନ, ଭୂତ ଓ ଭବିଷ୍ୟତ କାଳତ୍ରୟ ନିରୂପଣ, ଜନ୍ମ, ମୃତ୍ୟୁ, ଜରା, ବ୍ୟାଧି ଆଦିର ବିବରଣ, ବିବିଧ ଧର୍ମ ଓ ବର୍ଣ୍ଣ ଓ ଆଶ୍ରମର ଲକ୍ଷଣ, ବର୍ଣ୍ଣମାନଙ୍କର ଆଚାର, ବ୍ରତ, ତପସ୍ୟା, ବ୍ରହ୍ମଚର୍ଯ୍ୟ, ପୃଥିବୀ, ଚନ୍ଦ୍ର, ସୂର୍ଯ୍ୟ, ଗ୍ରହ, ନକ୍ଷତ୍ର, ଯୁଗଚତୁଷ୍ଟୟ, ଅଧ୍ୟାତ୍ମ ନିରୂପଣ, ନ୍ୟାୟ, ଦର୍ଶନ, ଶିକ୍ଷା, ଚିକିତ୍ସା, ତୀର୍ଥ, ଦେଶ, ନଦୀ, ପର୍ବତ, ବନ, ସମୁଦ୍ର, ସ୍ୱର୍ଗ, ମର୍ତ୍ତ୍ୟ, ପାତାଳ, ରାଜନୀତି, ଧର୍ମନୀତି, ସମାଜନୀତି, ଶିଳ୍ପ, କୃଷି, ବାଣିଜ୍ୟ, ଲୋକବ୍ୟବହାର, ଦୁର୍ଗ, ସେନାଚାଳନ, ବ୍ୟୂହ ରଚନା ଆଦି ଲୋକଯାତ୍ରା ବିଧାନମାନ ବର୍ଣ୍ଣିତ ହୋଇଅଛି । ପରବ୍ରହ୍ମତତ୍ତ୍ୱ ପ୍ରତିପାଦନ ଏହାର ଅନ୍ୟତର ବର୍ଣ୍ଣନୀୟ ବିଷୟ । ଏହି ମହାଭାରତ ପଞ୍ଚମ ବେଦ ନାମରେ କଥିତ । ରଣକ୍ଷେତ୍ରରେ ଅର୍ଜୁନଙ୍କ ସାରଥି ରୂପରେ ଶ୍ରୀକୃଷ୍ଣ ଉପସ୍ଥିତ ହୋଇ ଉପଦେଶ ଛଳରେ ଆଧ୍ୟାତ୍ମିକ ଜଗତ୍ର ତତ୍ତ୍ୱ ବା ଯୋଗର ଯେଉଁ ଉପଦେଶତତ୍ତ୍ୱ ଦେଇଅଛନ୍ତି ତାହା 'ଭଗବଦ୍‌ଗୀତା' ନାମରେ ପୃଥିବୀରେ ପ୍ରସିଦ୍ଧ । ଧର୍ମ, ଅର୍ଥ, କାମ, ମୋକ୍ଷ, ଏହି ଚତୁର୍ବର୍ଗ ମହାଭାରତରେ ପ୍ରତିପାଦିତ ହୋଇଅଛି । ଏଥିପାଇଁ ଲୋକେ କହନ୍ତି 'ଯାହା ମହାଭାରତରେ ନାହିଁ ତାହା ଭାରତ(ବର୍ଷ)ରେ ନାହିଁ' ।

ଭାରତବର୍ଷରେ ଚନ୍ଦ୍ରବଂଶୀୟ ରାଜା ହସ୍ତିନାପୁରରେ ରାଜତ୍ୱ କରୁଥିଲେ । ଶାନ୍ତନୁ ନାମକ ଏହି ବଂଶର ପରମ-ଧାର୍ମିକ ରାଜା ପ୍ରଥମେ 'ଗଙ୍ଗା'ଙ୍କୁ ବିବାହ କରିଥିଲେ ଓ ଗଙ୍ଗାଙ୍କ ଗର୍ଭରୁ ଭୀଷ୍ମ ନାମକ କୁମାର ଜନ୍ମ ହେଲେ । ପରେ ଶାନ୍ତନୁ ଧୀବରରାଜକନ୍ୟା ସତ୍ୟବତୀଙ୍କୁ ବିବାହ କରିବାକୁ ଇଚ୍ଛାକଲେ; କିନ୍ତୁ ଶାନ୍ତନୁଙ୍କର ପୁତ୍ର ଭୀଷ୍ମ ଶାନ୍ତନୁଙ୍କ ଅନ୍ତେ

ରାଜା ହେବେ ଓ ସତ୍ୟବତୀଙ୍କର ପୁତ୍ର ରାଜା ହୋଇ ପାରବେ ନାହିଁ, ଏହି ଆଶଙ୍କାରେ ଧୀବରରାଜ ସ୍ୱୀୟ କନ୍ୟାଙ୍କୁ ଶାନ୍ତନୁଙ୍କୁ ଦେବାକୁ ଅସ୍ୱୀକାର କଲେ । ଭୀଷ୍ମ ଏହା ଜାଣିପାରି ନିଜେ ଭାବୀ ରାଜପଦରୁ ଦାବୀ ତ୍ୟାଗ କଲେ ଓ ରାଜପଦ ପାଇଁ ଭବିଷ୍ୟତରେ ଦାବୀଦାର ହେବାକୁ ତାଙ୍କର କେହି ବଂଶଧର ଜନ୍ମିବେ ନାହିଁ ବୋଲି ସେ ନିଜେ ଚିରକୁମାର ବ୍ରତ ଅବଲମ୍ବନ କରିବାକୁ ଦୃଢ଼ପ୍ରତିଜ୍ଞା କଲେ । ଏହି ଅଟଳ ପ୍ରତିଜ୍ଞା ସେ ପାଳନ କଲେ । ସତ୍ୟବତୀଙ୍କ ଗର୍ଭରୁ ଚିତ୍ରାଙ୍ଗଦ ଓ ବିଚିତ୍ରବୀର୍ଯ୍ୟ ନାମକ ଦୁଇକୁମାର ଜାତ ହେଲେ । ଚିତ୍ରାଙ୍ଗଦ ଅଳ୍ପ ବୟସରେ ମଲେ । ବିଚିତ୍ରବୀର୍ଯ୍ୟ ପିତାଙ୍କର ସିଂହାସନରେ ବସିଲେ । ସେ ଦୁଇ ସ୍ତ୍ରୀ ବିବାହ କରିଥିଲେ, କିନ୍ତୁ ନିଃସନ୍ତାନ ଅବସ୍ଥାରେ ମୃତ ହେବାରୁ ଏହାଙ୍କ ଅନ୍ତେ ଏହାଙ୍କ ସ୍ତ୍ରୀଙ୍କ ଗର୍ଭରେ ଶାସ୍ତ୍ରବିଧି (ନିୟୋଗ) ଅନୁସାରେ ବ୍ୟାସଦେବଙ୍କ ଔରସରେ ଧୃତରାଷ୍ଟ୍ର ଓ ପାଣ୍ଡୁ ନାମକ କ୍ଷେତ୍ରଜ ପୁତ୍ରଦ୍ୱୟ ଜନ୍ମ ହେଲେ । ଧୃତରାଷ୍ଟ୍ର ଜ୍ୟେଷ୍ଠ, କିନ୍ତୁ ଜନ୍ମାନ୍ଧ ଥିବାରୁ କନିଷ୍ଠ ଭାଇ ପାଣ୍ଡୁ ରାଜା ହେଲେ । ପାଣ୍ଡୁଙ୍କର ଦୁଇ ସ୍ତ୍ରୀ କୁନ୍ତୀ ଓ ମାଦ୍ରୀ । କୁନ୍ତୀଙ୍କ ଗର୍ଭରେ ଯୁଧିଷ୍ଠିର, ଭୀମ ଓ ଅର୍ଜୁନ ଏବଂ ମାଦ୍ରୀଙ୍କ ଗର୍ଭରେ ନକୁଳ ଓ ସହଦେବ ଜନ୍ମ ହେଲେ । ଏହିମାନେହିଁ ପଞ୍ଚ ପାଣ୍ଡବ । ଏତଦ୍‌ଭିନ୍ନ ଅବିବାହିତା ଅବସ୍ଥାରେ କୁନ୍ତୀଙ୍କଠାରୁ ସୂର୍ଯ୍ୟଙ୍କ ଔରସରେ କାନୀନ କୁମାର 'କର୍ଣ୍ଣ' ଜନ୍ମିଥିଲେ । ଧୃତରାଷ୍ଟ୍ର ଗାନ୍ଧାରୀଙ୍କୁ ବିବାହ କରିଥିଲେ ଓ ଗାନ୍ଧାରୀଙ୍କ ଗର୍ଭରୁ ଦୁର୍ଯ୍ୟୋଧନ ଓ ଦୁଃଶାସନ ଆଦି ଶତ ପୁତ୍ର ଜନ୍ମ ହେଲେ । ଏହିମାନେହିଁ କୌରବ । ପାଣ୍ଡବମାନଙ୍କ ବାଲ୍ୟକାଳରେ ପିତୃବିୟୋଗ ଘଟିଥିଲା ଓ ସେମାନଙ୍କୁ ଧୃତରାଷ୍ଟ୍ର ପୁତ୍ରନିର୍ବିଶେଷରେ ପାଳନ କରିଥିଲେ । ପାଣ୍ଡବମାନଙ୍କ ମଧ୍ୟରେ ଯୁଧିଷ୍ଠିର ଧାର୍ମିକ, ଭୀମ ଶାରୀରିକବଳଶାଳୀ ଓ ଅର୍ଜୁନ ରଣବିଦ୍ୟାନିପୁଣ ଥିଲେ । ଦୁର୍ଯ୍ୟୋଧନ ହିଂସାପରାୟଣ ଥିଲେ । ଧୃତରାଷ୍ଟ୍ର ଯୁଧିଷ୍ଠିରଙ୍କୁ ରାଜପଦରେ ଅଭିଷିକ୍ତ କରିବାକୁ ଇଚ୍ଛା କରିଥିଲେ; କିନ୍ତୁ ଏ ପ୍ରସ୍ତାବରେ ଦୁର୍ଯ୍ୟୋଧନ ଅସନ୍ତୁଷ୍ଟ ହୋଇ ଆପଣାର ମାମୁ ଶକୁନି ଓ ମନ୍ତ୍ରୀ କର୍ଣ୍ଣିକ ପରାମର୍ଶରେ ପାଣ୍ଡବମାନଙ୍କ ବିନାଶସାଧନାର୍ଥ ନାନା ଉପାୟ ଅବଲମ୍ବନ କରି ଅକୃତକାର୍ଯ୍ୟ ହେଲେ । ଦୁର୍ଯ୍ୟୋଧନ କୌଶଳକ୍ରମେ ପାଣ୍ଡବମାନଙ୍କୁ ବାରଣାବତ ନଗରକୁ ପ୍ରେରଣ କରିଥିଲେ । ସେଠାରେ ପାଣ୍ଡବମାନଙ୍କୁ ପୋଡ଼ିକରି ମାରିପକାଇବା ପାଇଁ ଗୋଟିଏ ଜତୁଗୃହ ତାଙ୍କ ଆଦେଶରେ ପୂର୍ବରୁ ନିର୍ମିତ ହୋଇଥିଲା । ପାଣ୍ଡବମାନେ ପୂର୍ବରୁ ବିଶ୍ୱସ୍ତସୂତ୍ରରେ ତାହା ଜାଣିପାରି ଗୃହଦାହ ପୂର୍ବରୁ ସେଠାରୁ ପଳାୟନପୂର୍ବକ ପ୍ରାଣରକ୍ଷା କଲେ ଏବଂ ନାନା ଦେଶ ଭ୍ରମଣକରି ଶେଷରେ ଛଦ୍ମବେଶରେ ପାଞ୍ଚାଳ ରାଜ୍ୟରେ ଉପସ୍ଥିତ ହେଲେ । ସେଠାରେ ଦ୍ରୁପଦ ରାଜକନ୍ୟା ଦ୍ରୌପଦୀଙ୍କ ସ୍ୱୟମ୍ବର ସଭାରେ ନିର୍ଦ୍ଦିଷ୍ଟ ଲକ୍ଷ୍ୟକୁ ଉପସ୍ଥିତ କୌଣସି ରାଜା ଭେଦ କରି ପାରିଲେ ନାହିଁ; ଦୁର୍ଯ୍ୟୋଧନ ମଧ୍ୟ ଲକ୍ଷ୍ୟ-ଭେଦରେ ଅକୃତକାର୍ଯ୍ୟ ହେଲେ । ଶେଷରେ ଛଦ୍ମବେଶ-ଧାରୀ ଅର୍ଜୁନ ସେହି ଲକ୍ଷ୍ୟକୁ ଭେଦ କରି ଦ୍ରୌପଦୀଙ୍କୁ ପ୍ରାପ୍ତ ହେଲେ ଓ ମାତାଙ୍କ ଆଦେଶରେ ପାଞ୍ଚ ଭାଇଯାକ ଦ୍ରୌପଦୀଙ୍କୁ ବିବାହ କଲେ । ତତ୍ପରେ ଧୃତରାଷ୍ଟ୍ର ରାଜ୍ୟକୁ ଦୁଇ ଭାଗ କରି ଦୁର୍ଯ୍ୟୋଧନଙ୍କୁ ହସ୍ତିନାରେ ଓ ଯୁଧିଷ୍ଠିରଙ୍କ ଇନ୍ଦ୍ରପ୍ରସ୍ଥରେ ରାଜତ୍ୱ ପ୍ରଦାନ କଲେ ।

ଅନନ୍ତର ଦୁର୍ଯ୍ୟୋଧନ ଶକୁନିଙ୍କ ପରାମର୍ଶରେ ଏକ କପଟ ପାଶକ୍ରୀଡ଼ା (ପଶା ଖେଳ)କୁ ଯୁଧିଷ୍ଠିରଙ୍କୁ ଆହ୍ୱାନ କଲେ । ଏହି କପଟ ପାଶକ୍ରୀଡ଼ାରେ ଯୁଧିଷ୍ଠିର ଧନ, ରାଜ୍ୟ, ଭ୍ରାତୃଗଣ ଓ ଶେଷରେ ପତ୍ନୀଙ୍କୁ ପଣ ରଖି ଶେଷରେ ତାହା ସମସ୍ତ ହରାଇ ବସିଲେ । ପଣରେ ଦ୍ରୌପଦୀଙ୍କୁ ଲାଭ କରି ତାଙ୍କୁ ଦୁର୍ଯ୍ୟୋଧନ ଅନ୍ତଃପୁରରୁ ଟାଣିଆଣି ସଭା ମଧ୍ୟରେ ବିବସ୍ତ୍ରା କଲେ; କିନ୍ତୁ ଶ୍ରୀକୃଷ୍ଣଙ୍କ ଦୟାରୁ ଦ୍ରୌପଦୀଙ୍କ ମାନ ରକ୍ଷା ହେଲା । ଶେଷରେ ଉକ୍ତ କ୍ରୀଡ଼ାର ପଣ ଅନୁସାରେ ପାଣ୍ଡବମାନେ ଦ୍ରୌପଦୀଙ୍କ ସହିତ ୧୨ ବର୍ଷ ବନବାସ ଓ ୧ ବର୍ଷ ଅଜ୍ଞାତବାସ କଲେ । ଏହି ୧୩ ବର୍ଷ ଶେଷରେ ପାଣ୍ଡବମାନେ ଯେତେବେଳେ ଆପଣା ରାଜ୍ୟକୁ ଆସି ଦୁର୍ଯ୍ୟୋଧନଙ୍କୁ ନିଜର ରାଜ୍ୟ ଫେରାଇ ଦେବାକୁ କହିଲେ, ସେତେବେଳେ ଦୁର୍ଯ୍ୟୋଧନ କହିଲେ ଯେ, ବିନା ଯୁଦ୍ଧରେ ସେ ସେମାନଙ୍କୁ ସୂଚ୍ୟଗ୍ର ପରିମିତ ସ୍ଥାନ ଦେବେ ନାହିଁ । ତେଣୁ ପାଣ୍ଡବମାନେ ବାଧ୍ୟ ହୋଇ ଯୁଦ୍ଧ ଘୋଷଣା କଲେ । ଏହି ଯୁଦ୍ଧରେ ଭାରତର ବିଭିନ୍ନ ପ୍ରଦେଶର ରାଜାମାନେ ଏ ପକ୍ଷ ଅଥବା ସେ ପକ୍ଷ ଅବଲମ୍ବନ କଲେ । ଏହି ଯୁଦ୍ଧ କୁରୁକ୍ଷେତ୍ର ନାମକ ରଣଭୂମିରେ ୧୮ଦିନ ବ୍ୟାପି ଲାଗିଥିଲା । ଉଭୟ ପକ୍ଷର ମୋଟ ସୈନ୍ୟସଂଖ୍ୟା ଅଷ୍ଟାଦଶ ଅକ୍ଷୌହିଣୀ ଥିଲା । ୧୦୯୩୫୦ ପଦାତି, ୬୫୬୧୦ ଅଶ୍ୱ, ୨୧୮୭୦ ଗଜ ଓ ୨୧୮୭୦ ରଥବିଶିଷ୍ଟ ସେନାଦଳର ନାମ ଅକ୍ଷୌହିଣୀ । ଏହି ସଂଖ୍ୟାରୁ ମହାଭାରତ ଯୁଦ୍ଧର ସର୍ବମୋଟ ସୈନ୍ୟସଂଖ୍ୟା କେତେ ବିଶାଳ ଓ ଅପରିମିତ ଥିଲା, ତାହା ସହଜେ କଳନା କରି ହେବ । ଏହି ଯୁଦ୍ଧରେ ଦୁର୍ଯ୍ୟୋଧନଙ୍କ ପକ୍ଷର ସେନାପତି ଭୀଷ୍ମ, ଦ୍ରୋଣ, କର୍ଣ୍ଣ ଓ ଶଲ୍ୟ ପ୍ରଭୃତି ମହାରଥୀମାନେ ପରାଜିତ ଓ ନିହତ ହେଲେ । ଶ୍ରୀକୃଷ୍ଣ ଭ୍ରାତୃବିବାଦମୂଳକ ଏ ଯୁଦ୍ଧରେ ଅସ୍ତ୍ରଧାରଣ କରିବେ ନାହିଁ ବୋଲି ସତ୍ୟ କରିଥିଲେ; କିନ୍ତୁ ଅର୍ଜୁନଙ୍କ ସାରଥିରୂପେ ଏବଂ ପରାମର୍ଶଦାତାରୂପେ ପାଣ୍ଡବମାନଙ୍କର ସହାୟତା କରିଥିଲେ । ଅବଶେଷରେ ଭୀମ ଗଦାଦ୍ୱାରା ଦୁର୍ଯ୍ୟୋଧନଙ୍କୁ ନିହତ କଲେ । ଏହି ଯୁଦ୍ଧର ଅବସାନରେ ଯୁଦ୍ଧକ୍ଷେତ୍ରରେ ସମବେତ ସମସ୍ତ ବୀର ନିହତ ହେଲେ ଓ କେବଳ ପାଣ୍ଡବଙ୍କ ପକ୍ଷରୁ ୭ଜଣ ଓ କୌରବଙ୍କ ପକ୍ଷରୁ ୩ଜଣ ମାତ୍ର ବୀର ଜୀବିତ ରହିଲେ । କିନ୍ତୁ କୌରବ ପକ୍ଷୀୟ ଜୀବିତ ବୀରମାନଙ୍କ ମଧ୍ୟରୁ କେହି ସିଂହାସନ ଅଧିକାର କରିବାର ଯୋଗ୍ୟ ନ ଥିବାରୁ ପାଣ୍ଡବମାନେ ରାଜ୍ୟ ପାଇଲେ । ତତ୍ପରେ ଧୃତରାଷ୍ଟ୍ର ତାଙ୍କ ସ୍ତ୍ରୀ ଗାନ୍ଧାରୀ ଓ ଭ୍ରାତୃବଧୂ କୁନ୍ତୀଙ୍କ ସହିତ ତପସ୍ୟାର୍ଥେ ବନକୁ ଗଲେ ।

ଅନ୍ତକାଳ ପରେ ଦାବାନଳରେ ପୋଡ଼ି ହୋଇ ମଲେ । ଯୁଧିଷ୍ଠିର ଜ୍ଞାତିବଧ ପାପରୁ ନିସ୍ତାର ପାଇବାପାଇଁ ଅଶ୍ୱମେଧ ଯଜ୍ଞ କଲେ; ତତ୍ପରେ ଅର୍ଜୁନଙ୍କ ପୌତ୍ର ପରୀକ୍ଷିତଙ୍କୁ ରାଜ୍ୟଭାର ଦେଇ ଆପଣାର ଭ୍ରାତାଭାଇ ଓ ଦ୍ରୌପଦୀଙ୍କ ସହିତ ସଶରୀର ସ୍ୱର୍ଗକୁ ଯିବାପାଇଁ ହିମାଳୟାଭିମୁଖେ 'ମହାପ୍ରସ୍ଥାନ' କଲେ । ତାଙ୍କ ସଙ୍ଗେ ସଙ୍ଗେ ଗୋଟିଏ କୁକୁର ଅନୁସରଣ କରୁଥିଲା । ବାଟରେ କ୍ରମଶଃ ତାଙ୍କ ଭାଇମାନେ ଓ ଦ୍ରୌପଦୀ ଜଣଙ୍କ ପରେ ଜଣେ ଦେହ ତ୍ୟାଗ କଲେ । ଶେଷକୁ ଯୁଧିଷ୍ଠିର ଓ କୁକୁରଟି ରହିଗଲେ । ସେ କୁକୁର ସ୍ୱୟଂ ଧର୍ମଦେବତା । ଅନନ୍ତର ଇନ୍ଦ୍ରଙ୍କ ପ୍ରେରିତ ରଥରେ ସେମାନେ ସ୍ୱର୍ଗକୁ ଗମନ କଲେ । ଏହି ବିଷୟମାନ ମହାଭାରତରେ ଏକ ଚତୁର୍ଥାଂଶରେ ବର୍ଣ୍ଣିତ ହୋଇଅଛି । ବାକି ତିନି ଅଂଶରେ ଧର୍ମ, ସମାଜ, ରାଜନୀତି ଆଦି ନାନା ବିଷୟ ବର୍ଣ୍ଣିତ ହୋଇଅଛି । ମହାଭାରତରେ ଗାନ୍ଧାର, ସିନ୍ଧୁ, ହସ୍ତିନା, ପଞ୍ଚାଳ, ବାରାଣସୀ, ମଗଧ, ଅଙ୍ଗ, ମତ୍ସ୍ୟ, ଚେଦି, ଦ୍ୱାରକା, ବିଦର୍ଭ, ପ୍ରାଗ୍‌ଜ୍ୟୋତିଷ ଓ କଳିଙ୍ଗ ଆଦିର ପରାକ୍ରାନ୍ତ ରାଜାମାନଙ୍କ ଯୋଗ ଦେଇଥିବା ବର୍ଣ୍ଣନା ଅଛି । ସେ ସମୟରେ ଅନାର୍ଯ୍ୟ ଜାତିମାନେ ସମ୍ପୂର୍ଣ୍ଣ ବଳିତ ହୋଇ ନ ଥିଲେ ଓ ବକାସୁର, ମୟଦାନବାଦି ଅସୁରମାନେ ମଧ୍ୟ ସେ ସମୟରେ କ୍ଷମତାଶାଳୀ ଥିଲେ । ମହାଭାରତର ଘଟନା ଅନ୍ତତଃ ଚାରିହଜାର ବର୍ଷପୂର୍ବେ ଘଟିଥିବାର ଅଧୁନିକ ପଣ୍ଡିତମାନେ ଅନୁମାନ କରନ୍ତି । ସଂସ୍କୃତ ମହାଭାରତ ବେଦବ୍ୟାସଙ୍କ ରଚିତ । ଓଡ଼ିଶାର ଶୂଦ୍ରମୁନି ସାରଳାଦାସ ମହାଭାରତକୁ ଓଡ଼ିଆ ପଦ୍ୟରେ ଲେଖିଅଛନ୍ତି; କିନ୍ତୁ ସେଥିରେ ମୂଳଗ୍ରନ୍ଥର ଅନେକ ବିଷୟ ଛାଡ଼ିଯାଇ ଅଛନ୍ତି । ଗଞ୍ଜାମ ଧରାକୋଟ ରାଜାଙ୍କର ପୂର୍ବପୁରୁଷ ରାଜା କୃଷ୍ଣସିଂହ ସମସ୍ତ ସଂସ୍କୃତ ମହାଭାରତକୁ ଓଡ଼ିଆ ପଦ୍ୟରେ ଅନୁବାଦ କରି ଓଡ଼ିଆ ସାହିତ୍ୟରେ ଅକ୍ଷୟକୀର୍ତ୍ତି ରଖି ଯାଇ ଅଛନ୍ତି ।

ମହାଭାରତ-ଅନୁକ୍ରମଣିକାଧ୍ୟାୟ (Index chapter) ରେ ସୂଚିତ ଅଧ୍ୟାୟ ଓ ଶ୍ଲୋକମାନଙ୍କ ସଂଖ୍ୟାକୁ ମୋଟ କଲେ ମହାଭାରତରେ ୧୯୨୩ ଟି ଅଧ୍ୟାୟ ଓ ୧୦୪୮୩୬ ଶ୍ଲୋକ ଥିବାର ଜଣାଯାଏ କିନ୍ତୁ ବର୍ତ୍ତମାନ ମିଳୁଥିବା ମହାଭାରତର ଅଧ୍ୟାୟ ଓ ଶ୍ଲୋକ ଗଣନା କଲେ ୨୧୦୨ଟି ଅଧ୍ୟାୟ ଓ ୯୬୨୨୬ଟି ଶ୍ଲୋକ ଥିବାର ଦେଖାଯାଏ ଓ ତହିଁ ମଧ୍ୟରୁ ଅନେକ ଶ୍ଲୋକ ପ୍ରକ୍ଷିପ୍ତ ଓ ସେମାନ ପରବର୍ତ୍ତୀ ଲେଖକମାନଙ୍କ ଦ୍ୱାରା ଯୋଡ଼ା ହୋଇଥିବା ପଣ୍ଡିତମାନେ ସିଦ୍ଧାନ୍ତ କରନ୍ତି । ] ଦେ. ବି— ୧ । ମହାଭାରତ ପରି ପ୍ରକାଣ୍ଡ ଗ୍ରନ୍ଥ—1. A big and voluminous work. (ଯଥା— ସମୁଦାୟ ଘଟଣା ଲେଖି ବସିଲେ ଗୋଟିଏ ମହାଭାରତ ହେବ ।) ୨ । ମହାଭାରତ ଯୁଦ୍ଧପରି ଭୟଙ୍କର କଳହ ବା ବିବାଦ—2. A big quarrel.

মহাভারত
মহাভারত

**ମହାଭାରତ ପର୍ବ**—ସଂ. ବି—ମହାଭାରତ ଗ୍ରନ୍ଥର ୧୮ଟି ଭାଗ ବା ଖଣ୍ଡ—The 18 volumes or parts of the Mahābhārata.
Mahābhārata parba
মহাভারত পর্ব্ব
মহাভারত পর্ব

ସଂ. ବି— ମହାଭାରତ ବର୍ଣ୍ଣିତ କୁରୁ ପାଣ୍ଡବ ବିବାଦ ଓ ଯୁଦ୍ଧ ପରି ବହୁଦିନ ବ୍ୟାପୀ ବା ଭୟଙ୍କର କାଣ୍ଡ—A long drawn or big matter compared to the dispute and the war between the Pāṇḍabas and Kaurabas.
(ମହାଭାରତ ପର୍ବ— ଗ୍ରାମ୍ୟ ରୂପ)

**ମହାଭାରତ ଯୁଦ୍ଧ**—ସଂ. ବି—୧୮ଦିନ ବ୍ୟାପୀ କୁରୁ ପାଣ୍ଡବଙ୍କ ମଧ୍ୟରେ କୁରୁକ୍ଷେତ୍ର ଯୁଦ୍ଧ— The great war of Kurukshetra between the Kuarabas and Pāṇḍabas which lasted for 18 days. ଦେ. ବି. ମହାଭାରତ ଯୁଦ୍ଧ ପରି ବହୁଦିନ ବ୍ୟାପୀ ଓ ଅସଂଖ୍ୟ ପକ୍ଷମାନଙ୍କ ମଧ୍ୟରେ ଯୁଦ୍ଧ ବା ବିବାଦ—Long drawn dispute or fight in which many persons take part.
Mahābhārata juddha
(ମହାଭାରତ ଲଢ଼େଇ ଦେ. ରୂପ)
[ମହା ଭାରତ(ଥ) ଯୁଦ୍ଧ (ଯୁଦ୍ଧ)—ଗ୍ରାମ୍ୟରୂପ]

**ମହାଭାରତୀୟ**—ସଂ. ବିଣ.—(ମହାଭାରତ+ଈୟ)—୧ । ମହାଭାରତ ସମ୍ବନ୍ଧୀୟ—1. Relating to the Mahābhārata. ୨ । ମହାଭାରତରେ ବର୍ଣ୍ଣିତ—2. Described in the Mahābhārata.
Mahābhāratiya

**ମହାଭାରଥ**—ଗ୍ରା. ବି (ସଂ. ,ମହାଭାରତ)—ମହାଭାରତ (ଦେଖ)—Mahābhārata (See)
Mahābhāratha

**ମହାଭାର**—ଦେ ବି—(ସଂ. ମହତ୍+ଭାର) —୧ । ଗୁରୁ ଭାର ବା ଦାୟିତ୍ୱ—1. A heavy responsibility. ୨ । ମହାବାର (ଦେଖ) 2. Mahābārā (See)
Mahābhārā
মহাভার মহাভারা

**ମହାଭାଷ୍ୟ**—ସଂ. ବି—ପାଣିନିଙ୍କର ସଂସ୍କୃତ ବ୍ୟାକରଣ ସୂତ୍ର ଉପରେ ପତଞ୍ଜଳିକୃତ ଟୀକା; ଫଣି ଭାଷ୍ୟ—The title of a celebrated commentary by Patañjali on the Sanscrit grammatical aphorisms of Panini.
Mahābhāshya

**ମହାଭୀତ**—ସଂ. ବିଣ. ପୁଂ—ଅତ୍ୟନ୍ତ ଭୟ ପ୍ରାପ୍ତ—Much frightened. ସଂ. ବି—ଲଜ୍ଜାଳୁ ଲତା; ଲାଜକୋଳି ଲତା (ଦ୍ରୁ. ଶ)—Mimosa Pudica (creeper).
Mahā bhita
(ମହାଭୀତା—ସ୍ତ୍ରୀ)

**ମହାଭୀମ**—ସଂ. ବି—୧ । ଶିବାନୁଚର ଭୃଙ୍ଗୀ--1. One of the attendants of Siba. ୨ । ମହାରାଜ ଶାନ୍ତନୁ—2. King Śāntanu, the ancestor of the Pāṇḍabas. ସଂ. ବିଣ ପୁଂ—ଅତି ଭୟଙ୍କର—Very ferocious or frightful.
Mahā bhima
(ମହାଭୀମା —ସ୍ତ୍ରୀ)

**ମହାଭୀରୁ**—ସଂ. ବିଣ—ଅତ୍ୟନ୍ତ ଭୟଶୀଳ—Very timid. ସଂ. ବି— ୧ । ଗଞ୍ଜୁଡ଼ୁଣୀ ପୋକ (ଦ୍ରୁ. ଶ)—1. The black myriapod (insect). ୨ । ତେଲୁଣୀ ପୋକ
Mahā bhiru

—2. Galley worm. [ଦ୍ର—ସାମାନ୍ୟ ମାତ୍ର ଆଘାତ ପାଇଲେ ଏ କୁଣ୍ଡଳାକାର ଧାରଣ କରେ ।]

ମହାଭୁଜ—ସଂ. ବି ଓ ବିଣ—ମହାବାହୁ ( ଦେଖ )
Mahābhuja Mahābāhu ( See )

ମହାଭୂତ—ସଂ. ବି (କର୍ମଧା)—୧ । ସୃଷ୍ଟିର ୫ଗୋଟି ପ୍ରଧାନ ଉପାଦାନ
Mahābhūta (କ୍ଷିତି, ଅପ୍, ତେଜଃ, ମରୁତ୍, ବ୍ୟୋମ)—
1. The 5 primordial elements of nature (viz, the earth, water, light, air and ether). ୨ । ବିଶେଷତଃ ଶିବ—2. Siba. ୩ । ଶ୍ରେଷ୍ଠ ଜୀବ—3. An animal of a higher order; a noble creature. ୪ । ପରମେଶ୍ୱର—4. God.

ମହାଭୈରବ—ସଂ. ବି—ଶିବଙ୍କ ରୂପ ମହାଦେବ—An incarna-
Mahābhairaba tion of Siba. [ଦ୍ର—ବୈଶାଖ ପଞ୍ଚମୀ ଦିନ କୃଷକମାନଙ୍କ ବାଡ଼ି କାନ୍ଥରେ ବା ବାଡ଼ି କବାଟରେ ମହାଭୈରବଙ୍କ ରୂପ ଅଙ୍କିତ ହୋଇ ପୂଜା କରାଯାଏ ।]

ମହାଭୈରବ(ବୀ) ବଚ—ଦେ. ବି ( ସଂ. ମହାଭରୀ ବଚ )—ମହାଭରୀ
Mahābhairaba(bi) bacha (ଦେଖ)—Mahābharī (See).
ମହାଭରୀବଚ महाबरीबच

ମହାଭୈରବୀ—ସଂ. ବି—ତାନ୍ତ୍ରିକମାନଙ୍କଦ୍ୱାରା ପୂଜିତା ଦେବୀ ବା ଦେବୀ
Mahābhairabī ବିଶେଷ—Name of a Goddess worshipped by the Tantra-worshippers.

ମହାଭୋଇ—ଦେ. ବି—୧ । ଗଉଡ଼ମାନଙ୍କ ଉପାଧିବିଶେଷ—1. A
Mahābhoi family title of cowherds ୨ । ଗୋରୁମାନଙ୍କର ସଂଖ୍ୟା ବିଶେଷ; ୧୦୦ ମହାଭୁଡ଼ ଗାଈ—2. A fixed number of cattle. [ଦ୍ର—ମହାଭୁଡ଼ ଶବ୍ଦ ଟୀକା ଦେଖ ।]

ମହାଭୋଗ—ସଂ. ବି—୧ । (ବହୁବ୍ରୀହି) ସର୍ପ (ହି. ଶ)—1. Serpent.
Mahābhoga ୨ । (କର୍ମଧା) ଅତ୍ୟନ୍ତ ଭୋଗ—2. Great enjoyment.

ମହାଭୋଗୀ—ସଂ. ବି (ମହତ୍+ଭୋଗିନ୍; ୧ମା. ୧ବ)—ବଡ଼ ଫଣାଧର
Mahābhogī ସର୍ପ (ହି. ଶ)—A serpent with a large hood.

ମହାଭୋଳ(ଳା)—ଦେ. ବିଣ—୧ । ଅତ୍ୟନ୍ତ ବିହ୍ୱଳ—1. Much
Mahābhola(la) bewildered. ୨ । ଯେ ସବୁ କଥା ଭୁଲି
ମହାଭୋଲା भोलाभाला ଯାଏ—2. Very forgetful.

ମହାଭ୍ରମ—ସଂ. ବି (କର୍ମଧା)—ଅତ୍ୟନ୍ତ ଭୁଲ୍—A great mistake;
Mahābhrama a serious error.

ମହାମଙ୍ଗଳା—ଦେ. ବି ( ସଂ. ମହତୀ+ମଙ୍ଗଳା )—ପୁରୀଜିଲ୍ଲାର
Mahāmangalā କାକଟପୁରରେ ଥିବା ପ୍ରସିଦ୍ଧ ଠାକୁରାଣୀ—A famous idol (Goddess) at Kākatapur in the district of Puri. [ ଉ—ଭକ୍ତ କ-ଳବିଟ କାକଟପୁର ମହାମଙ୍ଗଳା । ରାଧାନାଥ. ଚନ୍ଦ୍ରଭାଗା ।] [ଦ୍ର—ଏ ମଙ୍ଗଳଦ୍ୱୀପରୁ ଆସିଥିବାରୁ ଜନଶ୍ରୁତି ଅଛି ଓ ଏଥିଯୋଗୁଁ ଏ ନାମ ହୋଇଅଛି । ବୋଧହୁଏ, ସେ କାଳରେ ସିଂହଳ ଦ୍ୱୀପକୁ ଲୋକେ ମଙ୍ଗଳାଦ୍ୱୀପ କହୁଥିଲେ । ]

ମହାମଣି—ସଂ. ବି—୧ । ମହାରତ୍ନ (ଦେଖ)—1. Mahāratna
Mahāmani (See). ୨ । ଶିବ—2. Siba (Apte).

ମହାମଣ୍ଡଳ—ସଂ. ବି—ମହାସଭା; ବୃହତ୍‌ସଭା—A very big
Mahāmandala assembly or society. [ ଯଥା—ଧର୍ମ ମହାମଣ୍ଡଳ (ଅର୍ଥାତ୍ ଧର୍ମରକ୍ଷା ଓ ଉନ୍ନତି ଓ ପ୍ରଚାର ଉଦ୍ଦେଶ୍ୟରେ ଗଠିତ ମହାସଭା । ]

ମହାମତି—ସଂ. ବିଣ (ବହୁବ୍ରୀହି)—୧ । ଅତି ବୁଦ୍ଧିମାନ୍—1. Very
Mahāmati intelligent ୨ । ଉଦାରଚେତା—2. Noble-minded; magnanimous. ସଂ. ବି—୧ । ଗଣେଶ (ହି. ଶ)—1. A name of Ganesa. ୨ । ଯକ୍ଷବିଶେଷ (ହି. ଶ)—2. Name of a Jaksha. ୩ । ବୌଦ୍ଧଋଷି ବିଶେଷ (ହି. ଶ)—3. Name of a Buddhist sage. ୪ । ବୃହସ୍ପତି—4. A name of Bruhaspati (Apte).

ମହାମଦ—ସଂ. ବି (କର୍ମଧା)—୧ । ଅତ୍ୟନ୍ତ ହର୍ଷ—1. Great joy
Mahāmada ୨ । ପ୍ରମତ୍ତତା—2. Madness; ecstacy. ୩ । (ବହୁବ୍ରୀହି) ମତ୍ତହସ୍ତୀ—3. An elephant in
(ମହାମଦା—ସ୍ତ୍ରୀ) rut. ସଂ. ବିଣ. ପୁଂ—ପ୍ରମତ୍ତ—Maddened infuriated.

ମହାମନା—ଦେ. ବି (ସଂ. ମହାମନାଃ)—ମହାମନାଃ (ଦେଖ)
Mahāmanā Mahāmanāh (See).
ମହାମନା महामना

ମହା ମନାଃ—ସଂ. ବିଣ ( ମହତ୍+ମନସ୍ ସାହାର; ୧ମା. ୧ବ )—
Mahā manāh ପୁଂ ୧ । ମହାମତି; ଉଦାରଚେତାଃ; ମନସ୍ୱୀ—
(ମହାମନସ୍—ଅନ୍ୟରୂପ) 1. Noble-minded; magnanimous. ୨ । ଗର୍ବିତ—2. Proud; haughty (Apte).

ମହା ମନ୍ତ୍ର—ସଂ. ବି. ( କର୍ମଧା )—୧ । ପ୍ରଧାନ ବା ଶକ୍ତିଶାଳୀ ମନ୍ତ୍ର—
Mahā mantra 1. A very efficacious charm or formula. ୨ । ଇଷ୍ଟ ମନ୍ତ୍ର; ଗୁରୁ ମନ୍ତ୍ର—2. The formula to which a person is initiated by his spiritual preceptor.

ମହା ମନ୍ତ୍ରୀ—ସଂ. ବି ( ମହତ୍+ମନ୍ତ୍ରିନ୍; ୧ମା. ୧ବ )—ରାଜ୍ୟର ପ୍ରଧାନ
Mahā mantrī ମନ୍ତ୍ରୀ—Prime minister.
(ମହାମାତ୍ୟ—ଅନ୍ୟରୂପ)

ମହା ମଲ୍ଲ—ସଂ. ବିଣ ( କର୍ମଧାରୟ; ମହାନ୍+ମଲ୍ଲ=ଯୋଦ୍ଧା )—
Mahā malla ବଳବାନ୍ ଯୋଦ୍ଧା; ମହାବଳ ବୀର—A great hero. (ଉ—ବ ବୁଝ କର ତୁମ୍ଭେ ଜାତି ଶ୍ରେଷ୍ଠ ହେଲ, କହନ୍ତି ମୋତେ ହେ ସମର ମହାମଲ୍ଲ । କୃଷ୍ଣସିଂହ. ମହାଭାରତ ଅନୁଶାସନ ।)

ମହା ମହ—ଦେ. ବିଣ ( ସଂ. ମହତ୍+ମହସ୍=ତେଜ )—ମହାମହିମ
Mahā maha (ଦେଖ)—Mahāmahima (See) (ଉ—ମହାମହ ପଣ୍ଡିତ ଏମନ୍ତେ, ଗଣି ମାତ୍ର ଗଣେଶ କେମନ୍ତେ । ଭଞ୍ଜ.

ଜୋଷ୍ଠ କୃଷ୍ଣାଣ୍ଡ ସୁନଦୀ ।) ସଂ. ବି—ମହୋତ୍ସବ (ହ୍ରି. ଶ)—
A great festival.

**ମହା ମହା ବାରୁଣୀ**—ସଂ. ବି—ମହା ବାରୁଣୀ ( ଦେଖ )
Mahā mahā bāruṇi Mahā bāruṇi ( See )

**ମହା ମହାରଥୀ**—ଦେ. ବି—ଅତ୍ୟନ୍ତ ବଳଶାଳୀ ଯୋଦ୍ଧାମାନେ—
Mahā mahārathī Many a great hero.
মহা মহারথী (ଯଥା—ଏ ଢାମରେ ମହା ମହା ରଥୀମାନେ ହଷ୍ଟ
महा महारथी ଗଲେଣି ।)

**ମହା ମହା ରୂପକ**—ଦେ. ବି—କାବ୍ୟାଳଙ୍କାର ବିଶେଷ—A figure
Mahā mahā rūpaka of speech. [ଦ୍ରୁ—ଯେତେବେଳେ
ଗୋଟିଏ ବସ୍ତୁକୁ ଅନେକ ଗୁରୁଏ ବସ୍ତୁ ସଙ୍ଗେ ତୁଳନା କରି
ଯାଏ ସେତେବେଳେ ମହା ମହା ରୂପକ ହୁଏ ।
ଉଦାହରଣ—ଘନ ରସଦାନୀ ପ୍ରେମ ସାଗରୀ ନାରୀ
କଳାନିଧି ଶୁଚିପଦ ବର୍ଦ୍ଧନେ ଶର୍ବରୀ
ପରମାନନ୍ଦ ସୁଖକୁ ଦେବାରେତ ଶିରୀ
କଞ୍ଜ ନେତ୍ର ସ୍ରୋତକୁ ସତତ ଗଉରୀ ।
ଅଭିମନ୍ୟୁ. ବିଦଗ୍ଧ ଚିନ୍ତାମଣି ।]

**ମହା ମହିମ**—ସଂ. ବିଣ. ପୁଂ (ବହୁବ୍ରୀହି; ମହତ୍+ମହିମନ୍; ୧ମା.୧ବ)—
Mahā mahima ବିଶେଷ ମହିମାଯୁକ୍ତ—Majestic; very
(ମହା ମହିମା—ସ୍ତ୍ରୀ) noble or glorious.

**ମହା ମହିମା**—ସଂ. ବି. ( କର୍ମଧା )—ବିଶେଷ ମହିମା—Great
Mahā mahimā majesty. ସଂ. ବିଣ. ସ୍ତ୍ରୀ—ମହାମହିମର
ସ୍ତ୍ରୀ ଲିଙ୍ଗ—Feminine of Mahāmahima.

**ମହା ମହିମାନ୍ୱିତ**—ସଂ. ବିଣ ( ମହାମହିମା + ଅନ୍ୱିତ; ଷଷ୍ଠୀ ତତ୍ )—
Mahā mahimānwita ଅତି ଗୌରବାନ୍ୱିତ—Very
(ମହା ମହିମାନ୍ୱିତା—ସ୍ତ୍ରୀ) majestic or noble.

**ମହା ମହିମାର୍ଣ୍ଣବ**—ସଂ. ବିଣ. ପୁଂ—ବିଶେଷ ଗୌରବାନ୍ୱିତ—
Mahā mahimārṇṇaba Very glorious.

**ମହା ମହେଶ**—ସଂ. ବି. ପୁଂ—୧ । ପରମେଶ୍ୱର—1. The Great
Mahā mahesa God. ୨ । ଶିବ—2. Siba.
(ମହା ମହେଶ୍ୱର—ଅନ୍ୟରୂପ)

**ମହା ମହୋପାଧ୍ୟାୟ**—ସଂ. ବି. ପୁଂ—ମହା ପଣ୍ଡିତ ବା ଆଚାର୍ଯ୍ୟ—A
Mahā mahopādhyāya great Pandit. ଦେ. ବି—
মহা মহোপাধ্যায় ଭାରତ ଗଭର୍ଣ୍ଣମେଣ୍ଟଙ୍କ ପ୍ରଦତ୍ତ ପ୍ରସିଦ୍ଧ ପଣ୍ଡିତ-
महा महोपाध्याय ଙ୍କର ସମ୍ମାନସୂଚକ ଉପାଧିବିଶେଷ—
A title bestowed on eminent Pandits
by the Indian Government.

**ମହାମାଈ**—ଦେ. ବି. (ସଂ. ମହତୀ ମାତା)—୧ । ଦେବତା; ଠାକୁରାଣୀ—
Mahāmāi 1. A Goddess. ୨ । (ସଂ. ମହାମାୟା)—
মহামায়ী ମହାମାୟା ବା ଦୁର୍ଗା ବା କାଳୀ—2. Goddess
महामाई Durgā or Kāli. ୩ । ମହତୀ ମାତା—
3. The Great mother. (ଉ—ମହାଜନ ମହାମାଈ,
ଉତ୍କଳ ମାତାଙ୍କ ପ୍ରଧାନ ଧମନୀ ସମୁଦ୍ରେ ମିଶୁଛି ଯାଇ ।
ଉପାସ୍ତ. ଗୀତ ଲହରୀ ।)

**ମହା ମାଂସ**—ସଂ. ବି (ମହତ୍ ତଳେ ଟୀକା ଦେଖ; ମହତ୍ ଶବ୍ଦ ମାଂସ
Mahā māmsa ଶବ୍ଦ ସଙ୍ଗେ ବ୍ୟବହୃତ ହେବା ନିଷିଦ୍ଧ ଥିଲେହେଁ
ତନ୍ତ୍ରକାରମାନେ ଏହା ପ୍ରୟୋଗ କରିଥିବାର ଦେଖାଯାଏ)-
୧ । ନର ମାଂସ—1. Human flesh.
୨ । ଗୋ ମାଂସ (ହ୍ରି. ଶ)—2. Beef.

**ମହା ମାତ୍ର**—ସଂ. ବିଣ. ପୁଂ ( ମହତ୍+ମାତ୍ରା=ହସ୍ତ୍ୟଶ୍ୱାଦି ବା ଧନ
Mahā mātra ଯାହାର ଅଛି; ବହୁବ୍ରୀହି)—୧ । ରାଜ୍ୟର କର୍ତ୍ତା
(ମହାମାତ୍ରୀ—ସ୍ତ୍ରୀ) —1. The head of a kingdom.
୨ । ଧନୀ ସେନାପତି—2. A rich general. ୩ ।
ଶ୍ରେଷ୍ଠ ବ୍ୟକ୍ତି—3. An eminent person. ୪ ।
ଆଚାର୍ଯ୍ୟ—4. A preceptor. ୫ । ସଚିବ—
5. Minister. ୬ । ଧନୀ ବ୍ୟକ୍ତି—6. A rich person. ୭ । ହସ୍ତିପକ; ହାତୀର ମାହୁନ୍ତ; ହସ୍ତି ରକ୍ଷକ—
7. The driver or keeper of an elephant.
୮ । ମହାମନ୍ତ୍ରୀ ( ହ୍ରି. ଶ )—8. Prime minister
(Apte). ୯ । ହାତୀମାନଙ୍କ ତତ୍ତ୍ୱ ନେବା କର୍ମଚାରୀ (ହ୍ରି.
ଶ)—9. The supervisor of elephants.
ସଂ. ବିଣ—୧ । ପ୍ରଧାନ (ହ୍ରି. ଶ)—1. Principal;
chief. ୨ । ସମୃଦ୍ଧ (ହ୍ରି. ଶ)—2. Affluent. ୩ ।
ଧନୀ (ହ୍ରି. ଶ)—3. Rich. ୪ । ବହୁ ପରମିତ; ଖୁବ ବଡ଼
—4. Very great or large.

**ମହା ମାନ**—ସଂ. ବି. (କର୍ମଧା)—ବିଶେଷ ସମ୍ମାନ—
Mahā māna Great respect.

**ମହା ମାନୀ**—ସଂ. ବିଣ. ପୁଂ (ମହାମାନ୍+ଇନ୍; ୧ମା. ୧ବ)—ଅତ୍ୟନ୍ତ
Mahā mānī ସମ୍ମାନିତ—Highly respected. ଦେ. ବିଣ
(ମହା ମାନିନୀ—ସ୍ତ୍ରୀ) ଅତି ଅଭିମାନୀ—Prone to take offence on slight causes.
মহাঅভিমানী

**ମହା ମାୟ**—ସଂ. ବିଣ. ପୁଂ—ଅତ୍ୟନ୍ତ ମାୟାବୀ—Very illusive.
Mahā māya ସଂ. ବି. ପୁଂ—ମହାଦେବ—Siba (Apte).

**ମହାମାୟା**—ସଂ. ବି—(ମହତୀ+ମାୟା)—୧ । (କର୍ମଧା) ଜଗତରେ
Mahā māyā ବ୍ୟାପି ଥିବା ଅବିଦ୍ୟା ବା ମାୟା—1. The
delusion which envelops the creation.
୨ । ( ସ୍ତ୍ରୀ ) ( ବହୁବ୍ରୀହି ) ଦୁର୍ଗା—2. Goddess
Durgā. ୩ । (ସ୍ତ୍ରୀ) ( ବହୁବ୍ରୀହି ) ଲକ୍ଷ୍ମୀ; କମଳା—
3. The Goddess of wealth. ୪ । ( ସ୍ତ୍ରୀ )
ଗଙ୍ଗାନଦୀ (ହ୍ରି. ଶ)—4. The Ganges. ୫ । ( ସ୍ତ୍ରୀ )
ଆର୍ଯ୍ୟାଛନ୍ଦର ୧୦ ପ୍ରକାର ମଧ୍ୟରେ ଏକ—5. One of
the modifications of the Sanscrit Ārjyā
metre. ୬ । (ପୁଂ) ବିଷ୍ଣୁ (ହ୍ରି. ଶ)—6. Bishṇu.
୭ । (ପୁଂ) ଶିବ (ହ୍ରି. ଶ)—7. Siba. ୮ । ( ପୁଂ )
ବିଦ୍ୟାଧରବିଶେଷ ( ହ୍ରି. ଶ )—8. Name of a
heavenly being. ଦେ. ବି ( ନାମ )—୧ । ବୁଦ୍ଧ-
ଦେବଙ୍କ ମାତା; ମାୟାଦେବୀ—1. Name of the
mother of the Buddha. ୨ । ଗ୍ରାମଦେବତା-

ବିଶେଷ—2. Name of a popular village Goddess. [ ଦ୍ର—ପୁରୀ ଜିଲ୍ଲା ସାକ୍ଷିଗୋପାଳ ଷ୍ଟେସନ ନିକଟରେ ମହାମାୟା ନାମରେ ଏକ ଦେବୀ ଅଛନ୍ତି । ] ସ. ବିଣ. ସ୍ତ୍ରୀ—ମହାମାୟୀର ସ୍ତ୍ରୀଲିଙ୍ଗ—Feminine of Mahāmāyā.

ମହାମାରୀ—ସ. ବି ( କର୍ମଧା; ମହାନ୍+ମାରୀ=ମଡ଼କ ଓ ଦୁର୍ଗାଙ୍କର Mahāmāri ଶକ୍ତିବିଶେଷ )—୧ । ମହାକାଳୀ ( ଦେଖ )—1. Mahākāḷi ( See ) ୨ । କୌଣସି ଅଞ୍ଚଳରେ ବ୍ୟାପିଥିବା ମଡ଼କ—2. A great pestilence or plague. [ ଦ୍ର—ଯଥା; ଓଲାଉଠା, ବସନ୍ତ, ପ୍ଲେଗ ଇତ୍ୟାଦି । ]

ମହାମାଷ—ସ. ବି—ବରଗୁଡ଼ି ( ଦେଖ ) Mahāmāsha Baragurḍi ( See )

ମହାମାଷ ତୈଳ—ସ. ବି—ଆମବାତ ଓ ବିକା ରୋଗ ନିବାରକ Mahāmāsha taila ଆୟୁର୍ବେଦୋକ୍ତ ତୈଳବିଶେଷ—A medicinal oil used in acute rheumatism and aching.

ମହାମୀନ—ସ. ବି ( ମହାନ୍+ମୀନ; କର୍ମଧା )—ବଡ଼ ମାଛ—A big Mahāmīna fish. [ ଉ—ବହୁଳ କୁମ୍ଭୀର ମହାମୀନମାନ ଗାଢ କରନ୍ତି କି ରଙ୍ଗେ ସେ—ଉଦ୍ଧ. ବୈଦେହୀଶବିଳାସ । ]

ମହାମୁଖ—ସ. ବି—୧ । ( ବହୁବ୍ରୀହି ) କୁମ୍ଭୀର ( ହ. ଶ )—Mahāmukha 1. Alligator. ୨ । ମହାଦେବ (ହ. ଶ)—2. Mahādeba. ୩ । ( କର୍ମଧା ) ନଦୀର ମୁହାଣ ( ହ. ଶ )—3. The mouth of a river.

ମହାମୁଣ୍ଡୀ—ସ. ବି ( ବୈଦ୍ୟକ )—ଭୁଇଁକଦମ୍ବ ( ଦେଖ ) Mahāmuṇḍi Bhuiṅkadamba ( See )

ମହାମୁଦ୍ରା—ସ. ବି ( କର୍ମଧା )—ତନ୍ତ୍ରୋକ୍ତ ଅଙ୍ଗୁଳ୍ୟାଦି ରଚିତ ମୁଦ୍ରା-Mahāmudrā ବିଶେଷ—A pose of the fingers used during Tantric rites.

ମହାମୁନି—ସ. ବି (କର୍ମଧା)—୧ । ମୁନିଶ୍ରେଷ୍ଠ; ମହର୍ଷି; ଅଗସ୍ତ୍ୟ ପ୍ରଭୃତି—Mahāmuni 1. A great sage. ୨ । ବୁଦ୍ଧଦେବ—2. The Buddha. ୩ । କୃପାଚାର୍ଯ୍ୟ—3. Preceptor Krupa. ୪ । କାଳ—4. Time personified. ୫ । ବ୍ୟାସ—5. Sage Byāsa. ୬ । ତୁମ୍ବୁରୁବୃକ୍ଷ—6. Xanthoxylum Alatum (tree). ୭ । ଔଷଧ ବିଶେଷ ( ପ୍ରକୃତିବାଦ )—7. A kind of medicine. ୮ । ଅଗସ୍ତ୍ୟ ଋଷି ( ହ. ଶ )—8. Sage Agastya.

ମହାମୂଳ—ସ. ବି ( କର୍ମଧା ବା ବହୁବ୍ରୀହି )—୧ । ପିଆଜ ( ହ. ଶ )—Mahāmūḷa 1. Onion. ୨ । ମୂଳା—2. Radish (Apte).

ମହାମୂଲ୍ୟ—ସ. ବିଣ ( ବହୁବ୍ରୀହି )—ଅତି ମୂଲ୍ୟବାନ୍; ମହାର୍ଘ—Mahāmūlya Very valuable; costly; precious. ସ. ବି—ପଦ୍ମରାଗମଣି—Ruby ( Apte ).

ମହାମୃଗ—ସ. ବି ( କର୍ମଧା )—୧ । ଶରଭ—1. A kind of Mahāmṛuga fabulous deer. ୨ । ହସ୍ତୀ—2. Elephant. ୩ । ବୃହତ୍ ଜୀବ—3. A big animal ( Apte ).

ମହା ମୃତ୍ୟୁଞ୍ଜୟ—ସ. ବି—ଶିବ—Mahā mṛutyuñjaya Śiba.

ମହା ମୃତ୍ୟୁଞ୍ଜୟ ମନ୍ତ୍ର—ସ. ବି—ମହାଦେବଙ୍କ ମନ୍ତ୍ରବିଶେଷ—Name Mahā mṛutyuñjaya mantra of a mystic formula for propitiating God Śiba. [ ଦ୍ର—ଏହି ମନ୍ତ୍ର ଜପ କଲେ ଅକାଳ ମୃତ୍ୟୁ, ଅସଦ୍ ମୃତ୍ୟୁ ଓ ଗୁରୁତର ରୋଗ କବଳରୁ ରକ୍ଷା ମିଳେ । ]

ମହାମେଦ—ସ.ବି—୧ । ମହାମେଦା (ହରେକୃଷ୍ଣ. ଦ୍ରବ୍ୟଗୁଣ) (ଦେଖ)—Mahāmeda 1. Mahāmedā (See)— ୨ । ମନ୍ଦାର ଗଛ—2. The coral tree (Apte).

ମହାମେଦା—ସ. ବି—ଔଷଧବିଶେଷ; ଏକପ୍ରକାର ଲତାର ମୂଳ (ଏହାର Mahāmedā ଆକାର ଧଳା ଅଦା ପରି )—A kind of medicinal root. ସ. ପୁରମେଦା, ଦେବଗନ୍ଧା, ଦେବେଷ୍ଟା, ଦିବ୍ୟା, ସୋମା, ଦେବତାମଣି, ଦେବମଣି, ତ୍ରିଦନ୍ତୀ; ବସୁଚ୍ଛିଦ୍ରା ତେ. ମହାମେଦୟୁବଡ଼ଚେଟ୍ଟୁ; ବ. মহামেদা ହି. महामेदा [ ଦ୍ର—ଏହା ମୋରଙ୍ଗ ଦେଶରେ ଜନ୍ମିବା କଥିତ । ଏହା ବର୍ତ୍ତମାନ ସହଜରେ ମିଳୁ ନ ଥିବାରୁ ଏଥିର ପରିବର୍ତ୍ତରେ ଅନନ୍ତମୂଳ ବା ଚେମିଡ଼ ନାଇ ମୂଳ ବ୍ୟବହାର କରିବାକୁ ବୈଦ୍ୟଶାସ୍ତ୍ରରେ ଉପଦେଶ ଅଛି । ଏହା ସ୍ୱାଦୁ, ଶୁକ୍ରଜନକ, ସ୍ତନ୍ୟବର୍ଦ୍ଧକ, କଫକାରକ, ପୁଷ୍ଟିକର, ଶୀତଳ ଓ ରକ୍ତପିତ୍ତ ଓ ବାତଜ୍ୱର ବିନାଶକ—ଦ୍ରବ୍ୟଗୁଣ । ]

ମହାମେରୁ—ଦେ, ବିଣ—୧ । ମେରୁ ପର୍ବତ ପରି ବଡ଼ ଓ ଦୃଢ଼—Mahāmeru 1. Gigantic and strong. ( ଉ—ବୋଲନ୍ତି ମୋତେ ବିଶ୍ୱଗୁରୁ । ଯାର ମହିମା ମହାମେରୁ—ଜଗନ୍ନାଥ. ଭାଗବତ । ) ୨ । ଅତିବଡ଼—2. Very big. ( ଉ—ଗଛ ମହାମେରୁ ଯେତେ ସରୁ, ତା ଫଳଟି ବାଙ୍କିଆ ମେରୁ—ନାଆଁ କହ । ଉତ୍ତର=କଇଁଆଗଛ । ) ଦେ. ବି—୧ । ପର୍ବତବିଶେଷ—1. Name of a mountain. ( ଉ—ଉତ୍ତର ଦିଗରେ ଦିଶୁଅଛି ଯେଉଁ ଗିରି । ମହାମେରୁ ନାମଟି ଅଟଇ ତାହାର—କୃଷ୍ଣସିଂହ. ମହାଭାରତ. ବନ । ) ୨ । ଏକପ୍ରକାର ଜଙ୍ଗଲି ବଡ଼ ଗଛ—2. A kind of wild big tree.

ଖୁବ ବড় মহামেরু

ମହାମୋହ—ସ. ବି—୧ । ସଂସାରର ବିଷୟବାସନାରୂପ ଅଜ୍ଞାନ—Mahāmoha 1. The great infatuation of mind towards worldly objects. ୨ । ମହାମାୟା—2. Great delusion. ୩ । ମୈଥୁନାଦି ସୁଖଭୋଗେଚ୍ଛାରୂପ ଅନ୍ତଃକରଣବୃତ୍ତିବିଶେଷ—3 Amour; lust.

ମହାମୋହା—ସ. ବି (ମହା+ମୋହ+ଆ)—ଦୁର୍ଗା—Mahāmohā A name of Durgā.

ମହାମ୍ଳ—ସ. ବି (ମହତ୍+ଅମ୍ଳ)—ତେନ୍ତୁଳି—Mahāmla Tamarind.

**ମହାଯଜ୍ଞ**—ସଂ. ବି (ମହତ୍ +ଯଜ୍ଞ, କର୍ମଧାରୟ)—୧ । ପ୍ରଧାନ ଯଜ୍ଞ—
Mahājajña 1. A great Vedic oblation. ୨ । ହିନ୍ଦୁ ଗୃହସ୍ଥର କର୍ତ୍ତବ୍ୟ ୫ ଗୋଟି ନିତ୍ୟ କାର୍ଯ୍ୟ—2. The five great sacrifices enjoined on a Hindu householder. [ ଦ୍ର—ଏହି ପାଞ୍ଚ ଗୋଟି ମହାଯଜ୍ଞ ଅଟେ । ଯଥା—
୧ । ଋଷିଯଜ୍ଞ—ବେଦାଧ୍ୟୟନ ।
୨ । ଦୈବଯଜ୍ଞ—ଅଗ୍ନିହୋତ୍ର ହୋମାଦି ।
୩ । ପିତୃଯଜ୍ଞ—ତର୍ପଣ ।
୪ । ନୃଯଜ୍ଞ—ଅତିଥିସେବା ।
୫ । ଭୂତଯଜ୍ଞ—ଜୀବଗଣଙ୍କୁ ଖାଦ୍ୟଦାନ ବା ବୈଶ୍ୱଦେବ । ]
୩ । (ବହୁବ୍ରୀହି)—ବିଷ୍ଣୁ—3. Bishṇu.

**ମହାଯମକ**—ସଂ. ବି—କାବ୍ୟାଦିରେ ବ୍ୟବହୃତ ଶବ୍ଦାଲଙ୍କାରବିଶେଷ—
Mahājamaka A figure of speech. [ଦ୍ର—ଯେଉଁ ଯମକରେ ଶ୍ଳୋକର ବା ପଦର ପ୍ରତ୍ୟେକ ଧାଡ଼ିର ଅକ୍ଷର ମାନଙ୍କରେ ବହୁବାର ସମାନତା ଥାଏ, କିନ୍ତୁ ଅର୍ଥ ପୃଥକ୍, ତାକୁ ମହାଯମକ ବୋଲିଯାଏ । ଯଥା—ତପର ତପନରେଖ ତ ପର ତପକ, ତପର ତପନ ଭୂଳ. ତ ପର ତପନ—ଭଞ୍ଜ: ପ୍ରେମମଞ୍ଜରୀ । ସଂସ୍କୃତ କବିରାଜ ମାଘକାବ୍ୟର ୧୯ଶ ସର୍ଗ ୫୨ ଶ୍ଳୋକରେ ୪ ଧାଡ଼ିରେ ଅକ୍ଷରମାନ ଏକ, କିନ୍ତୁ ପ୍ରତ୍ୟେକ ଧାଡ଼ିର ଅର୍ଥ ଭିନ୍ନ ଅଟେ ।]

**ମହାଯଶ**—ଦେ. ବି (ସଂ. ମହତ୍ ଓ ଯଶସ୍; କର୍ମଧା)—ଖୁବ୍ କୀର୍ତ୍ତି—
Mahājaśa महायश महायश A great fame.
(ମହାଯଶାଃ—ସଂସ୍କୃତ ରୂପ)

**ମହାଯଶାଃ**—ସଂ. ବିଣ ( ମହା+ଯଶସ୍; ୧ମା, ୧ବ; ବହୁବ୍ରୀହି )—
Mahājaśāḥ ଅତ୍ୟନ୍ତ ଯଶସ୍ୱୀ—Much renowned, very famous.

**ମହାଯାତ୍ରା**—ସଂ. ବି—୧ । ମହାପ୍ରସ୍ଥାନ ( ଦେଖ )—Mahā
Mahājātrā prasthāna (See). ( ମହତ୍ ତଳେ ଟୀକା ଦେଖ) ୨ । ଶୀଘ୍ର ମୃତ୍ୟୁ ଲଭିବାପାଇଁ କାଶୀ ଯାତ୍ରା—2. A pilgrimage to Benares to die there (Apte). ଦେ. ବି—ପାଣ୍ଡବମାନଙ୍କର ମହାପ୍ରସ୍ଥାନ-ବର୍ଣ୍ଣନାମୂଳକ କବିବର ରାଧାନାଥଙ୍କର ଅସମ୍ପୂର୍ଣ୍ଣ ଓଡ଼ିଆ କାବ୍ୟବିଶେଷ—An incomplete poem in Oriya by Rādhānātha.

**ମହାଯାନ**—ସଂ. ବି—ବୌଦ୍ଧସଂପ୍ରଦାୟବିଶେଷ—A sect of later
Mahājāna Buddhists. [ ଦ୍ର—ବୁଦ୍ଧଦେବଙ୍କ ମହାନିର୍ବାଣ ପରେ ତାଙ୍କ ଶିଷ୍ୟୋପଶିଷ୍ୟମାନଙ୍କ ମତଭେଦରୁ ବୌଦ୍ଧଧର୍ମର ନାନା ଶାଖା, ଉପଶାଖା ଏବଂ ବହୁତ ମତବାଦ ଉଦ୍ଭୂତ ହୋଇଥିଲା । ମହାଯାନ ମତବାଦ ତନ୍ମଧ୍ୟରୁ ଏକତମ । ଯେଉଁ ବୌଦ୍ଧମାନେ ସେ ମତବାଦକୁ ଗ୍ରହଣ କଲେ, ସେମାନେ ମହାଯାନସଂପ୍ରଦାୟ ନାମରେ ଅଭିହିତ । ବର୍ତ୍ତମାନ ଭାରତ, ନେପାଳ, ଚୀନ ଓ ଯାପାନ ପ୍ରଭୃତିରେ ଏହି ମହାଯାନ ବୌଦ୍ଧଧର୍ମର ପ୍ରଚଳନ ଦେଖାଯାଏ । ହିନ୍ଦୁ ଧର୍ମ ଓ ବୌଦ୍ଧଧର୍ମ ଉଭୟ ମଧ୍ୟରେ ଗୋଟାଏ ସମନ୍ୱୟ ସାଧନ କରିବା ପାଇଁ ପ୍ରଥମେ ଏହି ମତବାଦର ସୂତ୍ରପାତ ହୋଇଥିଲା । ମହାଯାନ ବୌଦ୍ଧମାନେ ଉଭୟ ଧର୍ମସମନ୍ୱୟ ରକ୍ଷା କରି ଚଳୁଥିଲେ । ଶିବଙ୍କର ଶକ୍ତି ପରି ବୁଦ୍ଧଦେବଙ୍କର କେତେଗୁଡ଼ିଏ ଶକ୍ତି ବା ଦେବୀ ଏ ମତବାଦରେ କଳ୍ପିତ ହୋଇଥିଲେ । ଏହି ମତବାଦରେ ହିନ୍ଦୁ ତନ୍ତ୍ର ଓ ଯୋଗ-ସାଧନ ମତର ଅଧିକାଂଶ ପରିଦୃଷ୍ଟ ହୁଏ । ଉତ୍କଳର 'ଶୂନ୍ୟବାଦୀ' ଓ 'ଶରୀରଭେଦ' ଯୋଗସାଧକମାନେ ଏହି ସଂପ୍ରଦାୟର ଅନ୍ତର୍ଭୁକ୍ତ ବୋଲି କେତେକ ପଣ୍ଡିତ ମତପ୍ରକାଶ କରନ୍ତି । ଜଗନ୍ନାଥଙ୍କୁ ଲୋକେ ବୌଦ୍ଧାବତାର ବୋଲି ଯେ କହନ୍ତି, ତାହା ଏହି ସଂପ୍ରଦାୟର ପ୍ରଭାବକଳିତ ଫଳ ବୋଲି କେତେକ ପଣ୍ଡିତ ଅନୁମାନ କରନ୍ତି ।]

**ମହାଯୁଗ**—ସଂ. ବି—ଚାରିଯୁଗର ସମଷ୍ଟି—A unit of 4320,000
Mahājuga years. [ଦ୍ର—ସତ୍ୟ, ତ୍ରେତା, ଦ୍ୱାପର ଓ କଳି ଏହି ଚାରି ଯୁଗର ସମଷ୍ଟି ବା ୪୩ ଲକ୍ଷ ୨୦ ହଜାର ବର୍ଷ ମହାଯୁଗ ନାମରେ ଅଭିହିତ । ଏହା ଦେବତାମାନଙ୍କ ଗଣନାରେ ଗୋଟିଏ ଯୁଗ ଅଟେ ।]

**ମହାଯୁଦ୍ଧ**—ସଂ. ବି (କର୍ମଧାରୟ; ମହତ୍+ଯୁଦ୍ଧ)—ତୁମୁଳ ସଂଗ୍ରାମ—
Mahājuddha A great or fierce war.

**ମହାଯୋଗ**—ସଂ. ବି (ମହାନ୍+ଯୋଗ; କର୍ମଧା)—୧ । ପ୍ରଧାନ ଯୋଗ
Mahājoga ବା ସୁସମୟ—1. A great or favourable conjunction or opportune moment. ୨ । କଠୋର ତପସ୍ୟା—2. Great austerities or concentration practised by a devotee.

**ମହାଯୋଗୀ**—ସଂ. ବିଣ (ମହାନ୍+ଯୋଗୀ; କର୍ମଧା)—ତପୋନିରତ;
Mahājogī ମହାତପାଃ—Practising great austerities. ସଂ. ବି—୧ । ମହାଦେବ; ଶିବ—1. Śiba. ୨ । ବିଷ୍ଣୁ—2. Bishṇu (Apte). ୩ । କୁକ୍କୁଟ—3. A cock (Apte).

**ମହାଯୋଗେଶ୍ୱର**—ସଂ. ବି. ପୁଂ—୧ । ଭଗବାନ୍; ହରି; ବିଷ୍ଣୁ
Mahājogeśwara ( ଭଗବଦ୍‌ଗୀତା )—1. Hari; Bishṇu. ୨ । ମହାଋଷି ଓ ଯୋଗୀରୂପେ ବିଖ୍ୟାତ କତିପୟ ଋଷି—2. Some great sages. (ଏମାନଙ୍କ ନାମ—ପିତାମହ, ପୁଲସ୍ତ୍ୟ, ବଶିଷ୍ଠ, ପୁଲହ, ଅଙ୍ଗିରା, କ୍ରତୁ, କଶ୍ୟପ—ହି. ଶ । )

**ମହାଯୋଗେଶ୍ୱରୀ**—ସଂ. ବି. ସ୍ତ୍ରୀ—୧ । ଦୁର୍ଗା—1. Durgā. ୨ ।
Mahājogeśwarī ନାଗଦମନୀ ( ହି. ଶ )—2. Indian wormwood.

**ମହାରଜତ**—ସଂ. ବି—(ମହତ୍+ରଜତ; କର୍ମଧା)—୧ । ସ୍ୱର୍ଣ୍ଣ—
Mahārajata 1. Gold. ୨ । ଧୁସ୍ତୁର—2. Thorn-apple (Apte).

ମହାରଜନ—ସଂ. ବି—୧ । ସ୍ୱର୍ଣ୍ଣ—1. Gold. ୨ । କୁସୁମ ଫୁଲ—
Mahārajana 2. Safflower (Apte).

ମହାରଜା—ଗ୍ରା. ବି (ସଂ. ମହାରାଜନ୍ ଶବ୍ଦ)—ମହାରାଜ; ସମ୍ରାଟ—
Mahārajā An emperor. ଗ୍ରା. ଅ—ରାଜାଙ୍କ ପ୍ରତି
মহারাজা ପାର୍ଶ୍ୱଚରମାନଙ୍କ ସଂବୋଧନ—A term used in
महाराज addressing a Raja by his attendants.
(ମହାରାଁ—ଅନ୍ୟରୂପ)

ମହାରଣ—ସଂ. ବି (କର୍ମଧାରୟ; ମହତ୍ + ରଣ)—ମହାଯୁଦ୍ଧ (ଦେଖ)—
Mahārana Mahājuddha (See).

ମହାରଣା—ଦେ. ବି—ପଥୁରିଆ, ବଢ଼େଇ, କମାର ଓ ଚିତ୍ରକରଙ୍କ
Mahāranā ବଂଶୋପାଧି ବିଶେଷ—A family title of stone masons, carpenters and painters
[ଦ୍ର—ଯେଉଁ ବଢ଼େଇ କରିଥିବା କାମଯାକ ଶୀଘ୍ର ଦୁର୍ବଳ-ଯାଏ ତାହାକୁ ବ୍ୟଙ୍ଗରେ ଦୁର୍ବଳ ମହାରଣା କହନ୍ତି ।]

ମହାରଣ୍ୟ—ସଂ. ବି (କର୍ମଧା; ମହତ୍ + ଅରଣ୍ୟ)—ବଡ଼ ଅରଣ୍ୟ;
Mahāranya ଘୋର ଅରଣ୍ୟ; ଅଗଣାଣ୍ଡି ବନସ୍ତ; ଅରଣ୍ୟାନୀ—A dense forest.

ମହାରତ୍ନ—ସଂ. ବି (କର୍ମଧା; ମହତ୍ + ରତ୍ନ)—୧ । ଶ୍ରେଷ୍ଠ ମଣି—
Mahāratna 1. Chief gem. ୨ । ନବରତ୍ନ—2. Nine kinds of excellent gems. [ଦ୍ର—ହୀରା, ନୀଳା, ମୋତି, ମାଣିକ୍ୟ, ପଦ୍ମରାଗ, ଗୋମେଦ, ପୁଷ୍ପରାଗ, ପ୍ରବାଳ ଓ ବୈଦୁର୍ଯ୍ୟ । କେହି କେହି କହନ୍ତି—ମଣି, ବଜ୍ରକ, ବଇଷ୍ଣୀ, ପରାଗାୟିକ ଓ ଗୁହନାୟିକା—ଏହି ୫ଟି ମହାରତ୍ନ—ପ୍ରକୃତିବାଦ ।]

ମହାରଥ—ସଂ. ବି (ମହତ୍ ଅଟେ ରଥ ଯାହାର; ବହୁବ୍ରୀହି)—
Mahāratha ୧ । ଅସାଧାରଣ ଯୁଦ୍ଧକୁଶଳ ବ୍ୟକ୍ତି—1. A great warrior or hero. [ଦ୍ର—ଭିନ୍ନ ଭିନ୍ନ ଗ୍ରନ୍ଥରେ ମହାରଥର ଭିନ୍ନ ଭିନ୍ନ ସଂଜ୍ଞା ଦିଆଯାଇଅଛି, ଯଥା—(କ) ଯେଉଁ ଯୋଦ୍ଧା ଏକାକୀ ଦଶହଜାର ଧନୁର୍ଦ୍ଧାରୀଙ୍କ ସଙ୍ଗେ ଯୁଦ୍ଧ କରିବାକୁ କ୍ଷମ, (ଖ) ଯେଉଁ ଯୋଦ୍ଧା ଆପଣାକୁ, ସାରଥିକୁ ଓ ରଥର ଅଶ୍ୱମାନଙ୍କୁ ଶତ୍ରୁର ଆକ୍ରମଣରୁ ରକ୍ଷାକରି ଯୁଦ୍ଧ କରେ, (ଗ) ଯୁଦ୍ଧବିଦ୍ୟାରେ ସୁନିପୁଣ ଯେଉଁ ବୀର ଏକମାତ୍ର ରଥରେ ଆରୋହଣ କରି ଶତ୍ରୁର ସମ୍ମୁଖୀନ ହୁଅନ୍ତି, (ଘ) ଅସ୍ତ୍ର ଶସ୍ତ୍ର-ବିଦ୍ୟା ଓ ଶାସ୍ତ୍ର ବିଦ୍ୟାରେ ପାରଗମ ଯୋଦ୍ଧା ।] ୨ । (କର୍ମଧା) ବଡ଼ ରଥ—2. A great chariot. ୩ । ମନୋରଥ—3. Desire; longing (Apte.)

ମହାରଥା—ଦେ. ବି. (ଦେଶ୍ୟ) (ସଂ. ମହାରଥ)—୧ । ମହାରଥ (ଦେଖ)
Mahārathā 1. Mahāratha (See) (ଦ୍ର—ଜାଣିଛୁ ଟିକ ଯୁଧିଷ୍ଠିର ମହାରଥା-କୃଷ୍ଣସିଂହ ମହାଭାରତ ।)
ମହାରଥୀ } ଅନ୍ୟରୂପ ୨ । ମହାରଥୀ ( ଦେଖ )
ମହାରଥିଆ } 2. Mahārathī ( See )
মহারথী

ମହାରଥୀ—ଦେ. ବି—କ୍ଷତ୍ରିୟଙ୍କ ବଂଶୋପାଧି ବିଶେଷ—
Mahārathī A family title of Kshatriyas.
(ମହାର୍ଥୀ—ଗ୍ରାମ୍ୟରୂପ)

ମହାରବ—ସଂ. ବି (କର୍ମଧାରୟ)—ଘୋର ଶବ୍ଦ—
Mahāraba A great noise; a loud noise.

ମହାରୟ—ସଂ. ବିଣ (ବହୁବ୍ରୀହି; ମହାନ୍ + ରୟ)—ଅତି ବେଗଶାଳୀ—
Mahāraya Very swift. ସଂ. ବି (କର୍ମଧା)—ଦ୍ରୁତ ବେଗ—Great velocity.

ମହାରସ—ସଂ. ବିଣ. ( ବହୁବ୍ରୀହି )—ଅତିଶୟ ରସମୟ ବା ସୁସ୍ୱାଦୁ ବା
Mahārasa ରୁଚିକର—Very savoury ( Apte).
ସଂ. ବି—୧ । ପାରଦ—1. Mercury. ୨ । ଖର୍ଜୁର—2. Date (tree or fruit). ୩ । ଆଖୁ—3. Sugar-cane (Apte). ୪ । ମୂଲ୍ୟବାନ୍ ଖନିଜ ଦ୍ରବ୍ୟ—4. A precious mineral (Apte). ୫ । ବୈଦ୍ୟଶାସ୍ତ୍ର ମତରେ ହିଙ୍ଗୁଳ, ପାରଦ, ବୈକ୍ରାନ୍ତ, କାନ୍ତଲୌହ, ଅଭ୍ରକ, ମାକ୍ଷିକ, ବିମଳ, ଶସ୍ୟ (କଶେରୁ) ଏହି ଆଠଟି ବସ୍ତୁ—5 Name of 8 substances mentioned in the Ayurbeda (Apte). ୬ । କାଞ୍ଜି; ତୋରାଣି—6. Sour rice water (Apte).

ମହା ରହସ୍ୟ—ସଂ. ବି. (କର୍ମଧା)—ଅତି ଗୁପ୍ତ ବିଷୟ—
Mahā rahasya Very secret matter.

ମହା ରାଗ—ଦେ. ବି—ଅତ୍ୟନ୍ତ କ୍ରୋଧ—Rage.
Mahā rāga ଦେ. ବିଣ—କ୍ରୁଦ୍ଧ—Angry.
বড় রাগ महारंज

ମହା ରାଗୀ—ଦେ. ବିଣ. ପୁଂ—ଅତ୍ୟନ୍ତ କ୍ରୋଧୀ—
Mahā rāgī Of a very angry temper.
(ମହାରାଗୁଆ—ଅନ୍ୟରୂପ) (ମହାରଗେଈ—ସ୍ତ୍ରୀ)
বড় রাগী महारागी

ମହାରାଜ—ଦେ. ଅ. (ସମ୍ବୋଧନ)—(ରାଜା, ମହନ୍ତ, ବାବାଜୀ, ସମ୍ମାନାସ୍ପଦ ବ୍ୟକ୍ତି ଓ ବ୍ରାହ୍ମଣଙ୍କ ପ୍ରତି ପ୍ରଯୁକ୍ତ ଉକ୍ତି)—
Mahārāja ମହିମା ! ମହାପ୍ରଭୁ !—(a term used in addressing a king, a Mahant, a Brahman, a respectable person etc) Your Majesty ! Your Highness !

ମହାରାଜ—ସଂ. ବି. ପୁଂ ( କର୍ମ ମହାନ୍ + ରାଜନ୍ )—୧ । ରାଜଶ୍ରେଷ୍ଠ;
Mahārāja ସମ୍ରାଟ୍; ରାଜେନ୍ଦ୍ର—1. Emperor. ୨ । ପୂର୍ବ
(ମହାରାଣୀ—ସ୍ତ୍ରୀ) ଜିନ ବିଶେଷ—2. Name of a saint who
(ମହାରାଜ୍ଞୀ କ୍ୱଚିତ୍) came before the Buddha. ୩ । ନଖ
3. Finger nail. ୪ । ପ୍ରଧାନ କ୍ଷତ୍ରିୟ—4. An eminent Kshatriya. ସଂ. ଅ (ରାଜା ବା ମାନ୍ୟ ବ୍ୟକ୍ତିମାନଙ୍କୁ ସମ୍ବୋଧନ) ହଜୁର ! ମହିମା !—Your Highness ! your Majesty ! your Honour ! (Apte).

ମହାରାଜକୁମାର—ସଂ. ବି—ସମ୍ରାଟଙ୍କ ପୁତ୍ର—
Mahārājakumāra A prince of an emperor.
মহারাজকুমার ଦେ. ବି—ଗଭର୍ଣ୍ଣମେଣ୍ଟଙ୍କଠାରୁ ମହାରାଜା ଉପାଧି
महाराजकुमार ପ୍ରାପ୍ତ ମହାରାଜାଙ୍କର କୁମାରଙ୍କ ଉପାଧି—
Title of the son of a titled Maharaja.

ମହାରାଜଗାନ୍—ଦେ. ବି ( ମହାରାଜ + ଫା. ପ୍ରତ୍ୟୟ ଗାନ୍ )— Mahārājagān ମହାରାଜାମାନେ; ମହାରାଜଗଣ— All the great kings; the Maharajas.

ମହାରାଜ ପନ୍ଥୀ—ଦେ. ବି—ଦକ୍ଷିଣ ଭାରତର ବୈଷ୍ଣବ ସମ୍ପ୍ରଦାୟବିଶେଷ- Mahārāja panthī Name of a Baishnaba sect in southern India.

ମହାରାଜା—ଦେ. ବି. ପୁଂ (ସଂ. ମହାରାଜ)—୧ । ସମ୍ରାଟ— Mahārājā 1. Emperor ୨ । ରାଜେନ୍ଦ୍ର; ଶ୍ରେଷ୍ଠ ରାଜା— (ମହାରାଣୀ—ସ୍ତ୍ରୀ) 2. A great or eminent Rājā. ୩ । ମହାରାଜା ଭାରତ ଗଭର୍ଣ୍ଣମେଣ୍ଟଙ୍କ ପ୍ରଦତ୍ତ ଉପାଧିବିଶେଷ— **महाराजा** 3. A title bestowed by the Indian Government. ଦେ. ଅ—ମହାରାଜ ( ଦେଖ ) Mahārāja ( See ) [ଦ୍ର—'ମହାରାଜ' ଶବ୍ଦ ସ୍ଥଳରେ 'ମହାରାଜା' ଶବ୍ଦର ପ୍ରୟୋଗ ସଂସ୍କୃତ ବ୍ୟାକରଣ ଦୃଷ୍ଟିରେ ଅଶୁଦ୍ଧ ।]

ମହାରାଜାଧିରାଜ—ସଂ. ବି. (ମହାରାଜ+ଅଧିରାଜ=ପ୍ରଧାନ ରାଜା)— Mahārājādhirāja ରାଜେନ୍ଦ୍ର; ରାଜଚକ୍ରବର୍ତ୍ତୀ; ସାର୍ବଭୌମ— महाराजाधिराज An emperor; a lord over many **महाराजाधिराज** kings ଦେ. ବି—ଭାରତ ଗଭର୍ଣ୍ଣମେଣ୍ଟଙ୍କ ପ୍ରଦତ୍ତ ଉପାଧିବିଶେଷ—A title bestowed by the Indian Government.

ମହାରାଜା ବାହାଦୁ(ଦ୍ଦ)ର—ଦେ. ବି (ସଂ. ମହାରାଜ+ଫା.ବାହାଦୁର)- Mahārājā bāhādu(dda)r ଭାରତ ସରକାରଙ୍କ ପ୍ରଦତ୍ତ महाराजा बाहादुर ଉପାଧିବିଶେଷ—A title conferred **महाराजा बाहादुर** by the Indian Government.

ମହାରାଜା ସାହେ(ହା)ବ—ଦେ. ବି—ମହାରାଜାଙ୍କ ପ୍ରତି ପ୍ରଯୁକ୍ତ ଉକ୍ତି - Mahārājā sāhe(hā)b A term used in respect महाराजा साहेब of persons who have got **महाराजा साहे(हे)ब** the title of Mahārāja.

ମହାରାଜିକ—ସଂ. ବି. ( ମହାରାଜ+ସ୍ୱାର୍ଥେ. ଇକ )—୧ । ୨୨୦ ବା Mahārājika ୨୩୬ ସଂଖ୍ୟକ ଗଣଦେବତା ବିଶେଷ— 1. A class or group of Deities, 220 or 236 in number. ୨ । ବିଷ୍ଣୁ—2. Bishnu (Apte).

ମହାରାଜ୍ଞୀ—ଦେ. ବି. ସ୍ତ୍ରୀ ( ସଂ. ମହାରାଜ୍ଞୀ )—୧ । ସମ୍ରାଜ୍ଞୀ— Mahārājñi 1. Empress. ୨ । ମହାରାଜଙ୍କ ମହିଷୀ— महाराज्ञी 2. The queen of Mahārājā. ସଂ. ବି. ସ୍ତ୍ରୀ— **महाराणी** (କର୍ମଧା; ମହତ୍ + ରାଜ୍ଞୀ)—ବହୁଗୁଣ ବିଭୂଷିତା ମହାମନାଃ ରାଜ୍ଞୀ—A magnanimous and noble queen. [ଦ୍ର—ମହାରାଜ ଶବ୍ଦର ସ୍ତ୍ରୀଲିଙ୍ଗରେ ଅର୍ଥାତ୍ ମହାରାଜଙ୍କ ସ୍ତ୍ରୀ ଅର୍ଥରେ ମହାରାଜ୍ଞୀ ଶବ୍ଦର ପ୍ରୟୋଗ ସଂସ୍କୃତ ବ୍ୟାକରଣ ନିୟମ ଅନୁସାରେ ଅଶୁଦ୍ଧ, କିନ୍ତୁ ଯଦି କୌଣସି ରାଣୀଙ୍କ ଗୁଣର ଜ୍ଞାପନାର୍ଥ ରାଜ୍ଞୀ ଶବ୍ଦ ପୂର୍ବରେ ମହତ୍ ଶବ୍ଦ ଲଗାଯାଏ (ଅର୍ଥାତ୍ ମହାମନାଃ ରାଣୀ ଅର୍ଥରେ) ତେବେ 'ମହାରାଜ୍ଞୀ' ଶବ୍ଦର ପ୍ରୟୋଗ ସଂସ୍କୃତ ବ୍ୟାକରଣ ନିୟମ ସଙ୍ଗତ । ]

ମହାରାଣା—ଦେଦେ. ବି. (ହି)·-ରାଜପୁତାନାର ରାଜବଂଶର ଉପାଧି Mahārāṇā ବିଶେଷ—A family title of certain Rājput chiefs of N. W. India.

ମହାରାଣୀ—ଦେ. ବି. ସ୍ତ୍ରୀ (ସଂ. ମହାରାଜ୍ଞୀ; ସଂ. ମହତ୍+ରାଜ୍ଞୀ)— Mahārāṇī ମହାରାଜ୍ଞୀ (ଦେଖ)—Mahārājñī (See) महारानी **महारानी**

ମହାରାତ୍ର(ତ୍ରି)—ସଂ. ବି—(ମହତ୍+ରାତ୍ରି; କର୍ମଧା)—୧ । ଅର୍ଦ୍ଧରାତ୍ରର Mahārātra(tri) ପରବର୍ତ୍ତୀ ମୁହୂର୍ତ୍ତଦ୍ୱୟ—1. 2 moments just after midnight. ୨ । କାଳରାତ୍ରି—2. A fearful night. ୩ । ମହା ପ୍ରଳୟର ରାତ୍ରି— 3. The utter darkness following the great cataclysm. ୪ । ଅର୍ଦ୍ଧରାତ୍ର—4. Midnight (Apte). ୫ । ମହାଷ୍ଟମୀର ରାତ୍ରୀ—5. The night of the 8th day of the bright fortnight of Āswina (Apte).

ମହାରାୟ(ଏ)—ଦେ. (ପଦ୍ୟ) ବି.—(ସଂ. ମହାରାଜ)—୧ । ମହାରାଜ Mahārāya(e) महाराय 1. Mahārāja (See) ୨ । କ୍ଷତ୍ରିୟମାନଙ୍କ ବଂଶୋପାଧି ବିଶେଷ—2. A family title of Kshatriyas.

ମହାରାଷ୍ଟ୍ର—ସଂ. ବି—(କର୍ମଧା; ମହତ୍+ରାଷ୍ଟ୍ର=ରାଜ୍ୟ)—୧ । ମରହଟ୍ଟା Mahārāshtra ଦେଶ—1. The Marhatta country ( a province in western India ) [ଦ୍ର— ମହାରାଷ୍ଟ୍ର ଦେଶ ଭାରତର ପଶ୍ଚିମାଂଶରେ ଅବସ୍ଥିତ । ଏହାର ଉତ୍ତର ସୀମାରେ ଗୁଜରାଟ ଓ ସାତପୁରା ପର୍ବତ, ପଶ୍ଚିମରେ ଆରବ ସାଗର, ଦକ୍ଷିଣରେ କର୍ଣ୍ଣାଟ ଓ ପୂର୍ବରେ ଗଣ୍ଡୱାନା ଓ ତୈଲଙ୍ଗ ଦେଶ । ଏହାର ଲୋକ ସଂଖ୍ୟା ୩ କୋଟି । ଏହା ପ୍ରାଚୀନ କାଳରେ ଦଣ୍ଡକାରଣ୍ୟ ନାମରେ ପରିଚିତ ଥିଲା ।] ୨ । ମହାରାଷ୍ଟ୍ର ଦେଶବାସୀ ବ୍ୟକ୍ତି—2. The people of Mahārāshtra (Apte)

ମହାରାଷ୍ଟ୍ରୀ—ସଂ. ବି—(ମହାରାଷ୍ଟ୍ର+ଈ)—୧ । ମରହଟ୍ଟୀ ଭାଷା— Mahārāshtri 1. The Marhattee language. ୨ । ମରହଟ୍ଟା ଦେଶର ଅଧିବାସୀ—2. An inhabitant of the Marhatta country; a Marhatta. ୩ । ଏକପ୍ରକାର ଶାକ; ଜଳ ପିପ୍ପଲୀ; ମହାରୁଣ୍ଠା; ଜଳାଶିରା ବା ଜାଳଶିରା ଶାଗ—3. A kind of pot-herb.

ମହାରାଷ୍ଟ୍ରୀୟ—ସଂ. ଗୁଣ—(ମହାରାଷ୍ଟ୍ର+ସମ୍ବନ୍ଧାର୍ଥେ ଈୟ)—ମହାରାଷ୍ଟ୍ର Mahārāshtriya ସମ୍ବନ୍ଧୀୟ; ମରହଟ୍ଟୀ—Relating to the Marhatta country.

ମହା ରିଷ୍ଟ—ସଂ. ବି—ପାର୍ବତ୍ୟ ନିମ୍ବ ବୃକ୍ଷ—A kind of Nimba Mahārishta tree growing on mountains (Apte).

ମହାରୁଣ୍ଠା—ଦେ. ବି—(ସଂ. ମହାରାଷ୍ଟ୍ରୀ, ଅନ୍ୟ ସଂ. ନାମ କଣ୍ଟ)— Mahā runthā ଜଳଶିରା; ଏକ ପ୍ରକାର ଶାକ; ଜଳ ପିପ୍ପଳୀ—

କାঁচড়া, কানসিড়ে A kind of pot-herb; Commelyna সরহঁচী Bengalensis. [ ଯଥା—ଏହା ପାରଦ ଦୋଷ ଭାରୀ କୃପଣ ଜାଣକ ।] ଦେ. ବିଣ. ପୁଂ—ଅତି କୃପଣ— मंहा कंजूस Very miserly or niggardly. (ମହାକୃଣ୍ଡୀ, ମହାରୁଣ୍ଡେଇ—ସ୍ତ୍ରୀ)

ମହାରୁଣ୍ଠୀ—ପ୍ରାଦେ. (ସମ୍ବଲପୁର) ବି—ହଳଦିଆ ଫଳଯୁକ୍ତ ପୋକସୁଙ୍ଘା Mahā runthi ଗୁଳ୍ମ ପରି ଏକ ଜାତୀୟ ଗୁଳ୍ମ—Blumia Flava (Haines). [ଦ୍ର—ଏହାର ଫଳ ଟିକିଲିଙ୍ଗ ପରି । ଫଳକୁ ପାଣିରେ ପକାଇଲେ ଭୁଣ୍ଡ ଝିମିଝିମି ହୋଇ ଯାଏ ।]

ମହାରୁଦ୍ର—ସଂ. ବି—ମହାଦେବ; ଶିବ— Mahā rudra Siba.

ମହାରୂପକ—ସଂ. ବି—୧ । କାବ୍ୟରେ ବ୍ୟବହୃତ ଅର୍ଥାଲଙ୍କାର ବିଶେଷ- Mahā rūpaka A figure of speech used in epics [ଦ୍ର—ଯେଉଁଠାରେ ଏକ ବସ୍ତୁର ବର୍ଣ୍ଣନାରେ ଏକାଧିକ ରୂପକାଲଙ୍କାରର ବ୍ୟବହାର ହୋଇଥାଏ, ତାହାକୁ ମହାରୂପକ ବୋଲାଯାଏ । ଯଥା—

ଦେହ-ପଞ୍ଜରୀ ପକ୍ଷୀ ସାରୀ ଜୀବାତୁ ସେ
ମନ ମୀନ ପ୍ରେମବନ ବଡ଼ିଶୀ ଅଭିଷେ ।
କାମ ତାପ କୃପା ଗଙ୍ଗା କୂଳେ ଶିବ ଅଛୁ
ରସ ରତ୍ନ ମନକୋଷ ନିଧାନୀ ମଣିଛୁ ।

—ଅଭିମନ୍ୟୁ. ବିଦଗ୍ଧ ଚିନ୍ତାମଣି ।] ୨ । ସଂସ୍କୃତ ନାଟ୍ୟ ଗ୍ରନ୍ଥ- ବିଶେଷ—2. Name of a Sanscrit drama.

ମହାରୋଗ—ସଂ. ବି—(ମହତ୍+ରୋଗ; କର୍ମଧା)—ଉନ୍ମାଦ, କୁଷ୍ଠ, Mahāroga ରାଜଯକ୍ଷ୍ମା ଆଦି ଅସାଧ୍ୟ ବା ସାଙ୍ଘାତିକ ରୋଗ— A dangerous illness; incurable disease; (eg. leprosy, insanity, and pthisis).

ମହା ରୋଗୀ—ସଂ. ବିଣ. ପୁଂ—(ମହାରୋଗ+ଅସ୍ତି ଅର୍ଥରେ ଇନ୍)— Mahā rogi ମହା ରୋଗ ଦ୍ୱାରା ଆକ୍ରାନ୍ତ—Suffering from an incurable disease.

ମହାରୋମା—ସଂ. ବି.—(ମହାରୋମନ୍ ଶବ୍ଦ ୧ମା. ୧ବ.)—ଶିବ— Mahā romā Siba. ସଂ. ବିଣ—ଅତି ଲୋମଯୁକ୍ତ— Shaggy; hairy.

ମହା ରୋଷ—ସଂ. ବି—(କର୍ମଧା, ମହାନ୍+ରୋଷ)—ବିଶେଷ କ୍ରୋଧ- Mahā rosha A great rage or anger.

ମହା ରୌଦ୍ର—ସଂ. ବିଣ. ପୁଂ—ଅତି ଭୟଙ୍କର—Very dreadful. Mahā raudra (ମହା ରୌଦ୍ରା—ସ୍ତ୍ରୀ)

ମହା ରୌରବ—ସଂ. ବି—(ମହତ୍+ରୁରୁ+ଜାତାର୍ଥେ. ଅ) ନରକ- Mahārauraba ବିଶେଷ; ମହାପାପୀମାନଙ୍କର ଯନ୍ତ୍ରଣା ଭୋଗ କରିବାର ସ୍ଥାନ; ନରକର ଅଂଶବିଶେଷ—A part of the hell where sinners undergo great tormentings. [ଦ୍ର—ମନୁ ୪।୮୮ ଠାରୁ ୯୦ରେ ୨୧ଟି ନରକର ବର୍ଣ୍ଣନା ଅଛି, ଯଥା—ତାମିସ୍ର, ଅନ୍ଧତାମିସ୍ର, ମହାରୌରବ, ରୌରବ, କାଳସୂତ୍ର, ମହାନରକ, ସଞ୍ଜୀବନ, ମହାବୀଚି, ତପନ, ସମ୍ପ୍ରତାପନ, ସଂଘାତ, ସକାକୋଲ କୁଡ୍ମଳ, ପୂତିମୃତ୍ତିକ, ଲୋହଶଙ୍କୁ, ଋଜୀଷ, ପନ୍ଥାନ, ଶାଲ୍ମଳୀ, ନଦୀ, ଅସିପତ୍ର ବନ, ଲୋହଦାରକ । ଯେଉଁ ଲୋଭୀ ଶାସ୍ତ୍ର- ମାର୍ଗପରିତ୍ୟାଗୀ ବ୍ରାହ୍ମଣ ରାଜାଠାରୁ ଦାନ ନିଏ ସେ କ୍ରମାନୁସାରେ ଏହି ୨୧ ନରକରେ ପତିତ ହୁଏ—ମନୁ ୪ । ୮୭ ।]

ମହାର୍ଘ—ସଂ. ବି (ମହତ୍+ଅର୍ଘ=ମୂଲ୍ୟ ଯାହାର; ବହୁବ୍ରୀହି)— Mahārgha ୧ । ଦାମିକା; ଅତି ମୂଲ୍ୟବାନ୍—1. Precious; costly. ୨ । ମହର୍ଗ; ଦୁର୍ମୂଲ୍ୟ—2. Dear (in price). [ଦ୍ର—ଏହାର ଅପଭ୍ରଂଶ ମହର୍ଗ, ମହରଗ ।]

ମହାର୍ଘ୍ୟ—ସଂ. ବିଣ (ମହତ+ଅର୍ଘ+ଯ)—ବହୁମୂଲ୍ୟ— Mahārghya Precious; very valuable.

ମହାର୍ଣ୍ଣବ—ସଂ. ବି (ମହାନ୍+ଅର୍ଣ୍ଣବ; କର୍ମଧା)—୧ । ମହାସାଗର— Mahārnnaba 1. Ocean. ୨ । ମହାଦେବ—2. Siba (Apte).

ମହାର୍ଚ୍ଚିଃ—ସଂ. ବିଣ (ବହୁବ୍ରୀହି; ମହତ୍+ଅର୍ଚ୍ଚିଷ୍)—ଅତ୍ୟୁଚ୍ଚ ଶିଖାଯୁକ୍ତ— Mahārchchiḥ Flaming high.

ମହାର୍ଥ—ସଂ. ବିଣ (ବହୁବ୍ରୀହି; ମହତ୍+ଅର୍ଥ)—୧ । ଧନୀ—1. Rich, Mahārtha ୨ । ମହତ୍—2. Great; noble. ୩ । ଗୁରୁ ଦରକାରୀ; ଜରୁରୀ—3. Important; weighty. ୪ । ଅର୍ଥପୂର୍ଣ୍ଣ—4. Significant.

ମହାର୍ଦ (ଇତ୍ୟାଦି)—ଗ୍ରା. ବି (ସଂ. ମହାପ୍ରସାଦ)—ମହାପ୍ରସାଦ ଇତ୍ୟାଦି Mahārda (ଦେଖ)—Mahāprasāda etc (See). মহাপ্রসাদ महाप्रसाद्

ମହାର୍ଦ୍ରକ—ସଂ. ବି—ବନ୍ୟ ଅଦା; ବଣ ଅଦା— Mahārdraka মহাদা, বনঅদা Wild ginger.

ମହାର୍ବୁଦ—ସଂ. ବି—ଶତ କୋଟି ସଂଖ୍ୟା; ଏକ ବୃନ୍ଦ— Mahārbuda 1000 millions or one billion (in number.)

ମହାର୍ହ—ସଂ. ବିଣ. (ମହା+ଅର୍ହ=ମୂଲ୍ୟ ଯାହାର; ବହୁବ୍ରୀହି)— Mahārha ୧ । ମହାର୍ଘ; ବହୁ ମୂଲ୍ୟ—1. Precious; costly. ୨ । ଅମୂଲ୍ୟ—2. Invaluable. ସଂ. ବି—ଶ୍ୱେତ ଚନ୍ଦନ—The white sandal wood.

ମହାଲ—ବୈଦେ. ବି (ଫା.)—ମାହାଲ (ଦେଖ) Mahāla Māhāla (See)

ମହା ଲକ୍ଷ୍ମୀ—ସଂ. ବି. ସ୍ତ୍ରୀ—୧ । ନାରାୟଣୀ; ଧନଦା ଦେବୀ; ଶ୍ରୀ— Mahā lakshmi 1. The Goddess of wealth. ୨ । ବିଭବ; ସଂପତ୍ତି—2. Riches; prosperity. ୩ । ଦୁର୍ଗାପୂଜାରେ ଦୁର୍ଗାରୂପେ କଳ୍ପିତା ଓ ପୂଜିତା ବାଳିକା—3 A girl worshipped as Durgā during the Durgā Pūjā (Apte).

ମହାଲକ୍ଷ୍ମୀ ଓଷା(ଷା)—ଦେ. ବି—ମାର୍ଗଶିର ମାସର ପ୍ରତି ଗୁରୁବାର Mahālakshmi oshā(shā) ଦିନ ଲକ୍ଷ୍ମୀ ପୂଜନ ରୂପ ଉତ୍ସବ; महालक्ष्मी व्रत ମାଣବସା ବା ଗୁରୁବାର ଓଷା—A festival.

(ମହାଲକ୍ଷ୍ମୀ ବ୍ରତ—ସଂ. ବୃଷ) of worshipping the Goddess of wealth on all the Thursdays of the month of Margasira.

ମହାଲକ୍ଷ୍ମୀ ପୂଜା—ସଂ. ବ—କୁମାରୋତ୍ସବ; କୁମାର ପୂର୍ଣ୍ଣିମା; ଅଶ୍ୱିନ Mahālakshmī pūjā ପୂର୍ଣ୍ଣିମା; କୋଜାଗର ପୂର୍ଣ୍ଣିମା—The full moon of the month of Āswina.

ମହାଲକ୍ଷ୍ମୀ ବୁଡ଼—ଦେ. ବ (ଶୂଦ୍ର ଭାଷା)—ଠାକୁରାଣୀ ଗାଧୁଆ; ରଜ Mahālakshmī burda ସଂକ୍ରାନ୍ତିର ତୃତୀୟ ଦିବସ—The third day of Raja Sankrānti on which the Goddess of wealth is bathed. [ ଦ୍ର—ଏ ଦିନ ବଡ଼ ସକାଳୁ ସ୍ତ୍ରୀଲୋକମାନେ ଅଗଣାରେ ଗୋଟିଏ ସ୍ଥାନ ଲିପା ପୋଛା କରି ଓ ମୁରୁଜ ଦେଇ ସେଠାରେ ମହାଲକ୍ଷ୍ମୀଙ୍କ କଳ୍ପନା କରି ଗୋଟିଏ ସୁଆ, ଲଙ୍ଗଳ ଲୁହା ଓ ଗୋଟିଏ ସୁନାର ଅଳଙ୍କାର ବସାଇ ତାହାଙ୍କୁ ପୂଜା କରନ୍ତି ।]

ମହାଲଜ୍ଜା—ସଂ. ବ—ଅତ୍ୟନ୍ତ ଲଜ୍ଜା—Great shame. Mahālajjā (ମହାଲଜ୍ଜିତ[ତା]—ବଣ)

ମହାଲଦ୍ଦା(ଦୀ)—ପ୍ରାଦେ (କଟକ ସହର) ବ—(କଟକ ସହରର ଇତର Mahāldda(dī) ଲୋକଙ୍କ ଭାଷା; 'ନ' ସ୍ଥାନରେ 'ଲ' ପ୍ରୟୋଗ,- मह‍ानदी ମହାନଦୀ (ଦେଖ)—Mahānadī (See). [ ଦ୍ର— महाजद्दी ଅତି ଖରା ପାହାନ୍ତବେଳକୁ କେମିତି ମହାଲଦ୍ଦା ପାର ନ ହେଲେ ଅଉ ଗତି ନାହିଁ । ପ୍ରବାଦ. କଟକଭାଷ୍ୟ । ]

ମହାଲୟ—ସଂ. ବ—୧ । ବୃହତ୍ ଘର—1. A big house. ୨ । Mahālaya ତୀର୍ଥ—2. A holy place. ୩ । ପରମାତ୍ମା—3. The Divine Essence in the creation. ୪ । ଅଶ୍ୱିନ କୃଷ୍ଣପକ୍ଷ; ଅପରପକ୍ଷ; ପିତୃପକ୍ଷ—4. The dark fortnight of the month of Āswina. [ଦ୍ର—ଏହି ପକ୍ଷରେ ପିତୃଲୋକଙ୍କୁ ତର୍ପଣ କରାଯାଏ ।]

ମହାଲୟା—ସଂ. ବି. ସ୍ତ୍ରୀ—ଅଶ୍ୱିନ ମାସର ଅମାବାସ୍ୟା—The new Mahālayā moon of the month of Āswina. [ଦ୍ର—ଏହାର ଅପଭ୍ରଂଶ ମହଲା ଓ ମହୁଲା ।]

ମହାଲୟା ଶ୍ରାଦ୍ଧ—ସଂ. ବ—ଯେଉଁ ଶ୍ରାଦ୍ଧରେ ପିତାଙ୍କର ମୃତ୍ୟୁ ହୋଇଥାଏ Mahālayā śrāddha ଅଶ୍ୱିନ ମାସର ପିତୃପକ୍ଷରେ ସେହି ତିଥିରେ କିମ୍ବା ଅଶ୍ୱିନ ମାସର ଅମାବାସ୍ୟା ଦିନ କରୁଯିବା ପିତୃଶ୍ରାଦ୍ଧ; ମହଲା ଶ୍ରାଦ୍ଧ—Offering of rice-cakes to one's ancestors on the new moon of Āswina.

ମହାଲଏ(ୟ)କ—ଦେ. ବ—ମହାନାୟକ (ଦେଖ)-Mahānāyaka Mahālae(ya)ka (See). ଦେ. ବଣ—ଅତି ଯୋଗ୍ୟ ବ୍ୟକ୍ତି—महालायक Very able (person).

ମହାଲିଆ—ଦେ. ବଣ ( ଭୁଲନାକର ଅସାମୀ, ମାଙ୍ଗନା=ମାଗଣା )—Mahālia ୧ । ଅନାବଶ୍ୟକ—1. Unnecessary. ୨ । मागना ନିଷ୍ଫଳ—2. Fruitless; vain. ୩ । ମାଗଣା—3.Got फोकटिया; मांगना gratis; gratuitous ଦେ. ବି (ସ. ମହାଲୟା )—ମହାଲୟା ( ଦେଖ )—Mahālayā (See). ଦେ. କ୍ରି. ବଣ—୧ । ବୃଥାରେ—1. In फोकट, माङ्गना vain. ୨ । ଅକାରଣରେ—2. Unnecessarily. ୩ । ମାଗଣାରେ—3. Gratis; for nothing.

ମହାଲିଆ ଖିଆ - ଦେ. ବଣ ଓ ବ.—ପରାନ୍ନଭୋଗୀ—A toady; Mahālia khiā depending on others for one's मगनाखेको meals; feeding at another's expense. फोकटखिया, माङ्गनाखिहा

ମହାଲିଆ ଭୋଜନ—ଦେ. ବ—ପରର ବ୍ୟୟରେ ଭୋଜନ—Mahālia bhojana Eating one's meals at मागनाभोजन मांगनाभोजन another's expense.

ମହାଲିଆ ମ(ମୁ)କୁନ୍ଦଦେବ—ଦେ. ବ—ଜନୈକ ପ୍ରାଚୀନ ପୁରୀ ରାଜାଙ୍କର Mahālia ma(mu)kunda deba ଉପାଧି ବିଶେଷ—A title लालबबुआ of a Rajā of Puri. ଦେ. ବ (ଲକ୍ଷଣାର୍ଥ) ଉପାଧି ଅନୁସାରେ କାର୍ଯ୍ୟ ନ କରିବା ବ୍ୟକ୍ତି—A person who does not act according or befitting to the title he bears.

ମହାଲିଆ ଶ୍ରାଦ୍ଧ -ଦେ. ବ (ସଂ. ମହାଲୟା ଶ୍ରାଦ୍ଧ)—ମହାଲୟା ଶ୍ରାଦ୍ଧ Mahālia śrāddha (ଦେଖ)—Mahālayā śrāddha (See).

ମହାଲିମ୍ବ—ଦେ. ବ (ସ. ମହାନିମ୍ବ) - ବଡ଼ ବଡ଼ ପତ୍ରଯୁକ୍ତ ନିମ୍ବବର୍ଗର Mahālimba ତରୁ—The toon or Indian mahoटुनि(न),लड़,टुन्ना gany tree; Cedrely Toona. महानिम; टुना ମ. ତଏଭାଉ, ଭୁନୁକ; ତା. ତୁନ୍ନମାରମ୍, ମାଲି, ତୁନ୍ମାରମ୍, ତୁଣ୍ଡିଲ; ତେ. ନାନ୍ଦି ।)

ମହାଶକ୍ତି - ସ. ବ (କର୍ମଧା)—୧ । ପ୍ରବଳ ପରାକ୍ରମ ବା କ୍ଷମତା—Mahāśakti 1. Great strength or energy. ୨ । ଆଦ୍ୟାଶକ୍ତି; ଦୁର୍ଗା; ଭଗବତୀ—2. The Primary Energy which created the universe. ୩ । (ପୁଂ) (ବହୁବ୍ରୀହି)—ଦେବସେନାପତି କାର୍ତ୍ତିକେୟ—3. The commander of the gods; Kārttikeya. ୪ । ଶିବ—4. Śiba. ସ. ବଣ—ପ୍ରବଳ ପରାକ୍ରମଶାଳୀ—Mighty; of great energy

ମହାଶଙ୍ଖ—ସ. ବ (ମହତ୍ ଶବ୍ଦ ଉଲେ ଟୀକା ଦେଖ; ଶଙ୍ଖ ଶବ୍ଦ ପୂର୍ବେ Mahāśankha ମହତ୍ ଶବ୍ଦ ପ୍ରୟୋଗ ହେବିବ ଥିଲେହେଁ ଗ୍ରନ୍ଥକାରମାନେ ଏହା ବ୍ୟବହାର କରିଅଛନ୍ତି)—୧ । ବଡ଼ଶଙ୍ଖ—1. A big conch. ୨ । ଭୀମଙ୍କ ଶଙ୍ଖ—2. The conch which Bhīma used to blow. ୩ । କୁବେରଙ୍କ ନିଧି ବିଶେଷ; ଶଙ୍ଖ ନିଧି—3. Name of a precious gem of Kubera. ୪ । ସଂଖ୍ୟା ବିଶେଷ; ୧୦ ଶଙ୍ଖ ସଂଖ୍ୟା; ୧୦ ଲକ୍ଷ କୋଟି ସଂଖ୍ୟା—4. A thousand billions. ୫ । ଅସ୍ତ୍ର ବିଶେଷ—5. Name of a weapon. ୬ । ନରକପାଳାସ୍ଥି—

6. Human skull. ୭ । ଲଲାଟାସ୍ଥି—7. The bone of the forheead. ୮ । କର୍ଣ୍ଣ ଓ ଚକ୍ଷୁର ମଧ୍ୟବର୍ତ୍ତୀ ହାଡ଼—8. The malar bone; the cheek bone. ୯ । ତନ୍ତ୍ର ମତେ ଖଣ୍ଡ଼ଖଣ୍ଡରଗ୍ରଥିତ ନରକପାଳାସ୍ଥି ନିର୍ମିତ ମାଲ୍ୟ ବିଶେଷ—9. A garland of skulls used by devotees during Tantric rites.

ମହା ଶତାବରୀ—ସଂ. ବି—ଏକ ପ୍ରକାର ବଡ଼ ଛତୁଆର ଲତା—
Mahā śatābari A kind of Asparagus Recemosa (thorny creeper).

ମହାଶନି—ସଂ. ବି—୧ । ( ମହା+ଅଶନି )—ଭୟଙ୍କର ବଜ୍ର—
Mahāśani 1. A great thunder. ୨ । ରାମାୟଣୋକ୍ତ ଦୈତ୍ୟବିଶେଷ —2. A Rākshasa described in the Rāmāyaṇa. (ଦ୍ର—ବାଳ ସ୍ତବ ମୁଷ୍ଟି ମହାଶନି ହନୁ ସାନୁ ଚୂର । ଉପେ. ବୈଦେହୀଶବିଳାସ ।)

ମହା ଶମ୍ଭୁ—ସଂ. ବି—ପ୍ରସିଦ୍ଧ ଶିବ ଲିଙ୍ଗ—A celebrated idol
Mahā śambhu representing Śiba.

ମହାଶୟ—ସଂ. ବିଣ. ପୁଂ ( ମହତ୍+ଆଶୟ ଯାହାର; ବହୁବ୍ରୀହି )—
Mahāśaya ମହାମନାଃ; ମହାନୁଭବ; ଉଦାରହୃଦୟ—
মহাশয় High-minded; noble-minded; magnanimous.
(ମହାଶୟା—ସ୍ତ୍ରୀ) ସଂ. ବି—ସମୁଦ୍ର—Ocean. ଦେ. ବି—୧ । ଭଦ୍ର ବ୍ୟକ୍ତି; ସମ୍ଭ୍ରାନ୍ତ ଲୋକ—1. A gentleman; a respectable person. ୨ । ବଙ୍ଗ ଦେଶର ପ୍ରାଚୀନ ରାଜତନ୍ତ୍ର ସମ୍ମାନସୂଚକ ଦତ୍ତୋପାଧି—2. A family-title given by the kings of ancient Bengal. ୩ । ଓଡ଼ିଶାରେ ଉପନିବେଶ ସ୍ଥାପନ କରିଥିବା ସମ୍ଭ୍ରାନ୍ତ ବଙ୍ଗୀୟ ଜମିଦାର ବଂଶର ଉପାଧି ବିଶେଷ—3. A family title of certain Bengal Zamindars of Orissa. [ଦ୍ର—ବାଲେଶ୍ୱର ଜିଲ୍ଲାର ଜାହ୍ନପୁର,ଲକ୍ଷ୍ମଣନାଥ, ଦେହୁଡ଼ିଦା ଓ କଟକ ଜିଲ୍ଲାର କଲନ୍ ନଗର ଓ ରାମେଶ୍ୱରପୁର (ସାଳେପୁର)ର ପ୍ରାଚୀନ ବଙ୍ଗୀୟ ଜମିଦାର ବଂଶର ଏହି ଉପାଧି ।] ୪ । ଗୁରୁଜନ ଓ ସମ୍ମାନନୀୟ ବ୍ୟକ୍ତିଙ୍କୁ ସମ୍ବୋଧନ—4 A term used in addressing one's teacher, elders and respectable persons. (ଯଥା—ଗୁରୁ ମହାଶୟ, ପଣ୍ଡିତ ମହାଶୟ ।) [ଦ୍ର—ମାନ୍ୟାସ୍ପଦ ବ୍ୟକ୍ତି ବା ଭଦ୍ର ଲୋକଙ୍କ ନାମ ଶେଷରେ ଏ ପଦ ମଧ୍ୟ ଯୋଗ କରାଯାଏ, ଯଥା—ଶ୍ରୀ ପଣ୍ଡିତ ରାମଚନ୍ଦ୍ର ମିଶ୍ର ମହାଶୟ ସମୀପେଷୁ ।]

ମହାଶୟ(ୟୀ) କାରଖାନା—ଦେ. ବି—ବହୁତ ଆଡ଼ମ୍ବର—Much
Mahāśaya(yi) kārakhānā ado; grand style.
মহাশয়ী কারখানা [ଦ୍ର—ପୂର୍ବକାଳର ମହାଶୟ ଉପାଧିଧାରୀ ବଙ୍ଗୀୟ
নবাবী কারখানা ଜମିଦାରମାନଙ୍କର ଆଡ଼ମ୍ବର ସବୁ ଠାରୁ ଏ ଶବ୍ଦ ପ୍ରଚଳିତ ହୋଇଅଛି । ଫଳତଃ ଏହି ମହାଶୟୀ ଆଡ଼ମ୍ବର ଓ ବ୍ୟୟ ଯୋଗୁଁ ପୂର୍ବକାଳର 'ମହାଶୟ' ବଙ୍ଗୀୟ ଜମିଦାରମାନଙ୍କ ମଧ୍ୟରୁ ଅଧିକାଂଶଙ୍କର ଅବସ୍ଥା ବର୍ତ୍ତମାନ ଶୋଚ୍ୟ ହେବାର ଦେଖା ଯାଉଅଛି ।]

ମହା ଶଯ୍ୟା—ସଂ. ବି. (କର୍ମଧା)—ରାଜ ଯୋଗ୍ୟ ଶଯ୍ୟା; ବହୁ ମୂଲ୍ୟ
Mahā śajyā ଶଯ୍ୟା—A very costly bed.

ମହା ଶରୀର—ସଂ. ବି. (କର୍ମଧା)—ବୃହତ୍ ଦେହ—Big body.
Mahā śarira ସଂ. ବିଣ. ପୁଂ (ବହୁବ୍ରୀହି)—ବୃହତ୍କାୟ—Big-bodied; gigantic.
(ମହାଶରୀରା—ସ୍ତ୍ରୀ)

ମହାଶଲ୍କ—ସଂ. ବିଣ ( ବହୁବ୍ରୀହି )—ବୃହତ୍ ଶଲ୍କ ବା କାତିବିଶିଷ୍ଟ—
Mahāśalka Having big scales. ସଂ. ବି—୧ । ଚିଙ୍ଗୁଡ଼ି ମାଛ—1. Shrimp. ୨ । ସମୁଦ୍ରଜାତ ଚିଙ୍ଗୁଡ଼ି—2. Prawn; sea shrimp (Apte). [ ଦ୍ର—ମନୁ. ୩।୨୭୨ ରେ ଅଛି ଯେ ମହାଶଲ୍କ ପିତୃଲୋକଙ୍କୁ ଶ୍ରାଦ୍ଧରେ ଅର୍ପଣ କଲେ ପିତୃଗଣଙ୍କର ଅନନ୍ତକାଳ ତୃପ୍ତି ହୁଏ । ]

ମହାଶାଲି—ସଂ. ବି—ମୋଟା ବା ବଗଡ଼ା ଶାରଦ ଧାନ—
Mahāśāli Coarse winter paddy.

ମହାଶୁକ୍ଳ—ସଂ.ବିଣ—ଅତି ଶୁଭ୍ର—Very white; milken white.
Mahāśukla ( ମହାଶୁକ୍ଳା—ସ୍ତ୍ରୀ )

ମହାଶୁକ୍ଳା—ସଂ. ବି. ସ୍ତ୍ରୀ—ସରସ୍ୱତୀ—The Goddess of lear-
Mahāśuklā ning. ସଂ. ବିଣ. ସ୍ତ୍ରୀ—ମହାଶୁକ୍ଳର ସ୍ତ୍ରୀଲିଙ୍ଗ—Feminine of Mahāśukla.

ମହାଶୂଦ୍ର—ସଂ. ବି. ପୁଂ—୧ । ଅହୀର; ଗୋପ; ଗଉଡ଼—1. A cow
Mahāśūdra herd. ୨ । ଉଚ୍ଚପଦ ଅଧିକାରୀ ଶୂଦ୍ର—2. A Sūdra of a high position (Apte). ୩ । ଉଚ୍ଚଶ୍ରେଣୀର ଭୃତ୍ୟ—3. An upper servant (Apte).

ମହାଶୂନ୍ୟ—ସଂ. ବି—ଅନନ୍ତଆକାଶ—The limitless sky; the
Mahāśūnya great void ସଂ. ବିଣ—ସମ୍ପୂର୍ଣ୍ଣରୂପେ ଶୂନ୍ୟ—Quite empty.

ମହାଶୂର—ସଂ. ବିଣ—ଅତ୍ୟନ୍ତ ବଳବାନ୍—
Mahāśūra Very strong or mighty.

ମହାଶ୍ୱେତା—ସଂ. ବି. ସ୍ତ୍ରୀ—୧ । ସରସ୍ୱତୀ—1. The Goddess of
Mahāśwetā learning. ୨ । ଦୁର୍ଗା—2. Goddess Durgā. ୩ । ଶ୍ୱେତ ଅପରାଜିତା ଫୁଲ—3. The white clitoris flower. ୪ । ଭୂଇଁକଖାରୁ; ଭୂଇଁକୁମ୍ଭଣ୍ଡ—4. Ipomoeia Digitata ୫ । ପ୍ରାଚୀନ ଭାରତର ନଗରବିଶେଷ—5. Name of a town of ancient India. ୬ । ସଂସ୍କୃତ କାଦମ୍ବରୀ ଉପନ୍ୟାସର ଉପନାୟିକା—6. Name of a secondary heroine in the Sanscrit novel Kādambarī. ୭ । ଧଳା ଚିନି—7. White sugar (Apte)

ମହାଶ୍ମଶାନ—ସଂ. ବି—୧ । ଯେଉଁଠାରେ ସର୍ବଦା ଶବଦାହ ହୁଏ—
Mahāśmaśāna 1. A great cremation ground where cremation is going on for the most part of the day. [ ଯଥା—କାଶୀସ୍ଥେଳର ମଣିକର୍ଣ୍ଣିକା ଘାଟର ଶ୍ମଶାନ । ] ୨ । କାଶୀ; ବାରାଣସୀ—2. Benares.

ମହାଶ୍ରାବଣୀ—ସଂ. ବି—ଭୂଇଁକଦମ୍ବ ( ଦେଖ )
Mahāśrābanī Bhūiṅkadamba (See).

ମହାଷ୍ଟମୀ—ସଂ. ବି—ଆଶ୍ୱିନ ଶୁକ୍ଳ ଅଷ୍ଟମୀ—
Mahāshṭamī The 8th day of bright lunar fortnight of Āświna.

ମହାସତୀ—ସଂ. ବି—ଅତ୍ୟନ୍ତ ସ୍ୱାମୀପରାୟଣା ସ୍ତ୍ରୀ—
Mahāsatī A very chaste and devoted wife.

ମହାସତ୍ତ୍ୱ—ସଂ. ବିଣ. ପୁଂ—୧ । ମହା ବଳଶାଳୀ—1. Mighty.
Mahāsatwa ୨ । ମହାମନାଃ—2. Magnanimous;
( ମହାସତ୍ତ୍ୱା—ସ୍ତ୍ରୀ ) noble. ୩ । ଧର୍ମପରାୟଣ—3. Righteous ( Apte ). ସଂ. ବି—୧ । ବୃହତ୍କାୟ ଜୀବ—1. A gigantic animal. ୨ । କୁବେର—2. Kubera ( Apte ). ୩ । ଶାକ୍ୟମୁନି—3. The Buddha.

ମହାସଫର—ସଂ. ବି—ଜେଲ ବୋଇଣ୍ଡି ମାଛ; ସେରଣା ମାଛ—
Mahāsaphara বড়পুঁটি, Barbus Sarana fish.
সরলপুঁটি, সরণাপুঁটি बडापोठा; बडीपोठी

ମହାସମଙ୍ଗା—ସଂ. ବି—ଏକପ୍ରକାର ବାଡ଼ିଅଁଲାଜାତୀୟ ଔଷଧିଗୁଳ୍ମ—
Mahāsamaṅgā Name of a medicinal plant.

ମହାସମୁଦ୍ର—ସଂ. ବି—ମହାର୍ଣ୍ଣବ; ଯେଉଁ ସୁବିସ୍ତୀର୍ଣ୍ଣ ଜଳରାଶି ପୃଥିବୀର
Mahāsamudra ସ୍ଥଳଭାଗକୁ ବେଷ୍ଟନ କରିଅଛି—The great
ମହାସାଗର } ଅନ୍ୟରୂପ ocean. [ ଦ୍ର—ପୃଥିବୀ ବେଷ୍ଟନକାରୀ
ମହାସିନ୍ଧୁ } ମହାସମୁଦ୍ର ଗୋଟିଏ । କିନ୍ତୁ ସୁବିଧା ପାଇଁ ଭୂଗୋଳରେ ମହାସମୁଦ୍ରର କ୍ଷୁଦ୍ର ଅଂଶକୁ ସାଗର ( ଯଥା—ଲୋହିତ ସାଗର, ଭୂମଧ୍ୟ ସାଗର ) ଓ ବୃହତ୍ ଅଂଶକୁ ମହାସାଗର ( ଯଥା—ପ୍ରଶାନ୍ତ ମହାସାଗର, ଭାରତ ମହାସାଗର, ଆଟଲାଣ୍ଟିକ ମହାସାଗର, ଉତ୍ତର ମହାସାଗର, ଦକ୍ଷିଣ ମହାସାଗର ) ବୋଲାଯାଏ । ]

ମହା ସର୍ବ ଯମକ—ସଂ. ବି—ଶବ୍ଦାଳଙ୍କାରବିଶେଷ—A figure of
Mahā sarba jamaka speech. [ ଦ୍ର—ଏଥିରେ ପ୍ରତ୍ୟେକ ଚରଣର ପ୍ରତ୍ୟେକ ଅକ୍ଷର ସଙ୍ଗେ ଅନ୍ୟ ଚରଣର ପ୍ରତ୍ୟେକ ଅକ୍ଷର ସମାନ ଅଟେ; କିନ୍ତୁ ଚରଣମାନଙ୍କର ଅର୍ଥ ପୃଥକ୍ ।]

ମହା ସାନ୍ତପନ—ସଂ. ବି. ( ମହତ୍+ସାନ୍ତପନ=ବ୍ରତବିଶେଷ )—
Mahā sāntapana ଛଅ ଦିବସ ସାଧ୍ୟ ବ୍ରତ ବା ପ୍ରାୟଶ୍ଚିତ୍ତ ବିଶେଷ—An expiation which takes 6 days to be completed.

ମହା ସୁଆର—ଦେ. ବି ( ସଂ. ମହାନ୍ ଓ ସୂପକାର )—ଦେବତାଙ୍କ ଓ
Mahā suāra ରାଜାଙ୍କ ଅନ୍ନାଦ ପାକ କରିବା ବ୍ରାହ୍ମଣ ସୂପକାର—
প্রধান সূপকার A cook who cooks for a king or
देवरसोया a Deity.

ମହାସୁଲ୍—ଦେ. ବି ( ଫା. ମହସୁଲ୍ )—୧ । ମାସୁଲ; ରାଜାଜ୍ଞାରେ
Mahāsul ଆଦାୟ କରାଯିବା ଶୁଳ୍କ—1. A cess or custom
মাশুল or duty realised under the authority of
महसुल Government. ୨ । ଡାକ ମାହାସୁଲ—2. Postage.
(ମାସୁଲ୍—ଅନ୍ୟରୂପ)

ମହା ସୁଖ—ସଂ. ବି (କର୍ମଧା)—୧ । ଅତ୍ୟନ୍ତ ଆନନ୍ଦ; ମହା ଆନନ୍ଦ—
Mahā sukha 1. Great pleasure or happiness; supreme felicity or bliss. ୨ । (ବହୁବ୍ରୀହି) ରତି; ମୈଥୁନ—2. Copulation. ୩ । ବୁଦ୍ଧଦେବ ପ୍ରାପ୍ତ ବ୍ୟକ୍ତି—3. A Buddha (Apte).

ମହା ସିଂହ—ସଂ. ବି—୧ । ପାର୍ବତୀ ବା ଦୁର୍ଗାଙ୍କର ବାହନ ସିଂହ—
Mahā simgha 1. The lion that carries the Goddess Durgā on its back. ୨ । ଶରଭ—2. A fabulous animal. ଦେ. ବି—ପଞ୍ଜାବର ରାଜା ରଣଜିତ୍ ସିଂହଙ୍କ ପିତା—Name of the father of Ranjeet Singh, the famous Sikh king of the Punjāb.

ମହାସେନ—ସଂ. ବି. (ମହତ୍+ସେନା+ଅ; ମହତୀ ସେନା ଯାହାର;
Mahāsena ବହୁବ୍ରୀହି)—୧ । ଦେବସେନାପତି କାର୍ତ୍ତିକେୟ—1. Kārttikeya, the commandar of the Gods. ୨ । ମହାଦେବ; ଶିବ—2. Śiba.

ମହା ସେନା—ସଂ. ବି. (କର୍ମଧା)—ବୃହତ୍ ସେନା—
Mahā senā A large army.

ମହା ସ୍କନ୍ଧ—ସଂ. ବି. (ବହୁବ୍ରୀହି)—ଉଷ୍ଟ୍ର; ଓଟ—
Mahā skandha Camel (Apte).

ମହା ସ୍ନାନ—ସଂ. ବି—ଦେବତାଙ୍କ ଉପରେ କୌଣସି କାରଣରୁ ଅଶୁଦ୍ଧ
Mahā snāna ହେଲେ ତାହାଙ୍କର ଅନୁଷ୍ଠିତ ସ୍ନାନ—Bath given to a Deity when it becomes impure for some reason or other.

ମହା ସ୍ନା(ସ୍ରା)ହାନ—ଗ୍ରା. ବି. (ସଂ. ମହାସ୍ନାନ)—ମହାସ୍ନାନ (ଦେଖ)
Mahā snā(srā)hāna Mahā snāna ( See )
মহাস্নান महास्नान

ମହା ସ୍ୱନ—ସଂ. ବିଣ (ବହୁବ୍ରୀହି)—ମହା ଧ୍ୱନି ବିଶିଷ୍ଟ—
Mahā swana Having a great sound.
ସଂ. ବି—ରଣ ବାଦ୍ୟ—War drum.

ମହା ହାସ—ସଂ. ବି—ଉଚ୍ଚ ହାସ୍ୟ—Loud or boisterous
Mahā hāsa laughter (Apte).

ମହି(ହୀ)—ସଂ. ବି. ସ୍ତ୍ରୀ ( ମହ ଧାତୁ+କର୍ମ ଇ; ଈ )—୧ । ପୃଥିବୀ;
Mahi(hī) ଧରଣୀ—1. The earth. ୨ । ଭୂମି—2. The
দখল, সাজ, সাজা ground. ୩ । ଗୋ; ଗାଈ—3. Cow.
मही, ज़ोरन ୪ । ମହତ୍ତ୍ୱ—4. Greatness. ୫ । ବୁଦ୍ଧି—5. Intellect. ଦେ. ବି. ( ସଂ. ମଥ୍ୟ-ମନ୍ଥନ=ଜାତର)—୧ । ଦଧିକୁ, ଦୁଧକୁ ବସାଦହି କରିବା ପାଇଁ

ଯେଉଁଥିରେ ପକାଯିବା ଖଟା ଦହି—1. Curd ferment; rennet used to co-agulate milk; sour whey used in curdling milk; Bulgarian milk. ୨ । ମଇ ( ଦେଖ )—2. Mai ( See )

मै हिंगा ୩ । (ଅବଜ୍ଞାର୍ଥକ) ମହେଶ୍ୱରଙ୍କ ଡାକ ନାମ—3. Name for calling Maheśwar. ଗ୍ରାଦେ. (ଉଭାଳାଣ୍ଡି) ବି—

माहा ଦଧି—Curd. ଗ୍ରାଦେ. (ସମ୍ବଲପୁର ଓ ବୌଦ୍ଧ) ବି—ଘୋଳ ଦହି—Whey; churned buttermilk.

ମହୁଆ—ଦେ. ବିଣ—ଖଟା ଓ ଉତ୍କଟ ଗନ୍ଧ (ଭୂଧର ଗନ୍ଧ); ପଗ୍ଧ (ଗନ୍ଧ)—Mahiā Foetid (smell); putrid (smell). ଦେ. ବି—ଟକଗଂଧ; ଟୋକୋ (ଅନାଦରାର୍ଥକ) ମହେଶ୍ୱରଙ୍କ ଡାକ ନାମ—

फोकराहन Name for calling Maheśwara.

ମହିଁମ—ଦେ. ବି—ମାହାତ୍ମ୍ୟ—Nobility; glory. ( ଉ—Mahiñma ବାସ୍ତୁ କେଶ ଲକ୍ଷେଣ, ଯୁଚ ଉଚ୍ଚି ମହିମ, ମହିଁମ ଇଚ୍ଛି ଣ ଦକ୍ଷିଣ । ଉଦ୍ଧ. ବୈଦେହୀଶବିଳାସ ।)

ମହିଁମାଇ—ଦେ. ବିଣ (ପ୍ରାଚୀନ ପଦ୍ୟ)—ମହିମାଯୁକ୍ତ ବ୍ରହ୍ମ—The Mahiñmāi Supreme Being. (ଉ—ଅଥବା ସେ ସ୍ଥଳ ଉକ୍ତ କର୍ତ୍ତି ଉକେ ଯାଇ, ଏଥି ଅବା ବଳେ ଜାଗରନ୍ତି ମହିଁମାଇ । ପ୍ରାଚୀ. ବ୍ରହ୍ମବିରୂପଣ ଗୀତା ।)

ମହିକା—ସ. ବି (ମହ୍ ଧାତୁ+ଅକ+ଆ)—୧ । ତୁଷାର; ହିମ—Mahikā 1 Frost. ୨ । କୁହୁଡ଼ି—2 Mist.

ମହିଖୁଣ୍ଟ—ଗ୍ରାଦେ (ବାଲେଶ୍ୱର) ବି(ସ. ମେଧି)—ଖଳୁଳି ବା ବେଙ୍ଗଳା Mahikhunṭa ପକାଇବାବେଳେ ଯେଉଁ ଖୁଣ୍ଟ ଦେହରେ ବଳଦ (ମହିଖୁମ୍—ଅନ୍ୟରୂପ) ବାନ୍ଧି ଯାହାର ଚାରିଆଡ଼େ ବଳଦମାନେ ଘେରନ୍ତି; मेसुखुं—The central post around which bullocks revolve, while treading paddy-sheaves.

ମହିତ—ସ. ବିଣ (ମହ୍ ଧାତୁ+କର୍ମି. ତ)—୧ । ପୂଜିତ—1. Wor-Mahita shipped. ୨ । ସମ୍ମାନିତ—2. Respected; honoured. ସ. ବି—ଶିବଙ୍କ ତ୍ରିଶୂଳ—The trident of Siba.

ମହି(ହୀ)ତଳ—ସ. ବି (୬ଷ୍ଠୀ ତତ୍)—୧ । ଭୂତଳ; ଭୂପୃଷ୍ଠ—1. The Mahi(hi)taḷa face of the earth. ୨ । ଭୂଇଁ—2. The ground.

ମହି ଦେବା—ଦେ. କ୍ରି—୧ । ଦହି ବସାଇବା ପାଇଁ ଦୁଧରେ ଖଟାଦହି Mahi debā ଯୋଗ କରିବା—1 To put curd-

साजदेओया ferment into milk. ୨ । ମଇ ଦେବା (ଦେଖ)—

जोरन(मही)देना Mai debā (See),

मैदेओया हिंगादेना

ମହି(ହୀ)ଧର—ସ. ବି (ମହୀ+ଧୃ ଧାତୁ=ଧାରଣ କରିବା+କର୍ତ୍ତୃ ଅ)—Mahi(hi)dhara ଭୂଧର; ପର୍ବତ—Mountain. [ମହି(ହୀ)ଧ୍ର—ଅନ୍ୟରୂପ];

ମହିନା—ବୈଦେ. ବି (ଫା· ମାହିନା=ମାସ; ଦରମାହା=ମାସିକ Mahinā ବେତନ)—ମାସିକ ଦରମା ବା ବେତନ—

माईना महीना Monthly pay or salary.

ମହିନ୍ଧକ—ସ. ବି—୧ । ମୂଷା—Rat (Apte) ୨ । ନେଉଳ—Mahindhaka 2. Ichneumon (Apte). ୩ । କାଉଡ଼ିରେ ବୋଝ ବୋହିବା ପାଇଁ ଲାଗିଥିବା ଦଉଡ଼ି; ଶିକା—3. The string suspended from a pole used for carrying loads (Apte).

ମହି ପକା(କେ)ଇବା—ଦେ. କ୍ରି—ମହି ଦେବା (୧) (ଦେଖ) Mahi pakā(ke)ibā Mahi debā (1) (See).

ମହିପଦ୍ମ—ଦେ. ବି (ସ. ମହାପଦ୍ମ)—ଏକପ୍ରକାର ନାଗସାପ—Mahipadma A species of cobra.

ମହି(ହୀ)ଭୃତ—ସ.ବି (ମହୀ+ଭୃ ଧାତୁ=ଧାରଣ କରିବା+କର୍ତ୍ତୃ.କ୍ୱିପ୍)—Mahi(hi) bhṛut ୧ । ପର୍ବତ-1. Mountain. ୨।ରାଜା—2 King,

ମହି(ହୀ)ପତି—ସ. ବି (୬ଷ୍ଠୀ ତତ୍)—ରାଜା—King. Mahi(hi)pati (ମହିଭୁକ୍, ମହି[ହୀ]ପାଳ, ମହି[ହୀ]ଭର୍ତ୍ତ୍ତା—ଅନ୍ୟରୂପ)

ମହି(ହୀ)ପୁତ୍ର—ସ. ବି (୬ଷ୍ଠୀ ତତ୍)—ମଙ୍ଗଳଗ୍ରହ—Mahi(hi) putra The planet Mars.

ମହି(ହୀ)ପ୍ରାଚୀ(ତ)ର—ସ. ବି (୬ଷ୍ଠୀ ତତ୍)—ସମୁଦ୍ର—Mahi(hi) prāchi(ba)ra The ocean.

ମହିମ—ଦେ. ବି—ଜୟ—Victory ( ଉ—ମହିମହିଲା ବଡ଼ିତ Mahima ଉଳକ, ମହିମା ମହିମ କରେ ନୈବେଦ୍ୟ । ଉଦ୍ଧ. କୋଟିବ୍ରହ୍ମାଣ୍ଡ ସୁନ୍ଦରୀ । )

ମହିମ କୀର୍ତ୍ତନ—ସ. ବି (ମହିମନ୍+କୀର୍ତ୍ତନ)—ମାହାତ୍ମ୍ୟ କଥନ—Mahima kirttana Singing one's glory.

ମହିମଣ୍ଡନ—ସଂ. ବିଣ· ପୁଂ—ପୃଥିବୀର ଅଳଙ୍କାରସ୍ୱରୂପ; ଅତି ସୁନ୍ଦର—Mahi maṇḍana Who is an ornament or (ମହିମଣ୍ଡନା—ସ୍ତ୍ରୀ) decoration to the earth; very graceful,

ମହି(ହୀ)ମଣ୍ଡଳ—ସ. ବି—ଭୂମଣ୍ଡଳ; ସମସ୍ତ ପୃଥିବୀ—Mahi(hi) maṇḍaḷa The globe; the whole world.

ମହିମ ବ୍ୟଞ୍ଜକ—ସ ବିଣ (ମହିମନ୍+ବ୍ୟଞ୍ଜକ)—ଗୌରବସୂଚକ—Mahima byañjaka Indicating glory. [ ଦ୍ର—ମହିମାବ୍ୟଞ୍ଜକ - ବ୍ୟାକରଣ ଅନୁସାରେ ଭ୍ରମଯୁକ୍ତ ପ୍ରୟୋଗ । ]

ମହିମମୟ—ସ. ବିଣ (ମହିମନ୍+ମୟ)—ଗୌରବମୟ—Mahimamaya Glorious; majestic. (ମହିମମୟୀ – ସ୍ତ୍ରୀ)

ମହିମା—ସ. ବି (ମହତ୍+ଇମନ୍; ମହିମନ୍ ଶବ୍ଦ; ୧ମା. ୧ବ)—Mahimā ୧ । ଉତ୍କର୍ଷ—1. Excellence. ୨ । ମହତ୍ତ୍ୱ—2. Glory; greatness. ୩ । ଗୌରବ—3. Majesy; dignity. ୪ । ମାହାତ୍ମ୍ୟ—4. Magnitude. ୫ । ଐଶ୍ୱର୍ଯ୍ୟ—5. Grandeour. ୬।ଶକ୍ତି—6. Energy; power. ୭ । ଉଚ୍ଚପଦବୀ—7. High exalted position. ୮ । ମହାଦେବଙ୍କ ଅଷ୍ଟ ବିଭୂତି ମଧ୍ୟରୁ ଏକତମ—8. One of the 8 divine

peculiarities of Siba. [ ପ୍ର—ଏହି ଶକ୍ତିର ସାହାଯ୍ୟରେ ମହାଦେବ ସ୍ୱେଚ୍ଛାକ୍ରମେ ଆକାର ଧାରଣ କରନ୍ତି ।] ଦେ. ବି—୧ । ମହତ୍ତ୍ୱର ଚରମ ସୀମା—1. The acme of greatness or glory [ପ୍ର—ସେହି ତଦ୍ରୂପ ମହିମା ସାହାଯ୍ୟରେ ଜଗତରେ ସମୁଦାୟ ବସ୍ତୁ ପ୍ରକାଶିତ ହୋଇଅଛି । ମହିମା ତତ୍ତ୍ୱସ୍ୱରୂପ ଅଟନ୍ତି । ସିଦ୍ଧ ଯୋଗୀମାନେ ଚରମ ଅବସ୍ଥା ପ୍ରାପ୍ତ ହେଲେ ସ୍ୱଗୁଣୈଶ୍ୱର୍ଯ୍ୟର ମହିମାକୁ ପ୍ରାପ୍ତ ହୁଅନ୍ତି ।] ୨ । ମହାନ୍ ପୁରୁଷ; ସମସ୍ତଙ୍କର ପ୍ରଭୁ—2. The universal God. ୩ । ମହିମାଧର୍ମ (ଦେଖ)—3. Mahimādharma (See). [ପ୍ର—ଏ ଅନ୍ତଃକରଣର ପ୍ରବର୍ତ୍ତକ ଜ୍ଞାନଜ୍ୟୋତିଃ ସ୍ୱରୂପ ଅନନ୍ତ ଈଶ୍ୱର ଅଟନ୍ତି । ସକଳ ଇନ୍ଦ୍ରିୟ ତାହାଙ୍କ ସାହାଯ୍ୟରେ ପ୍ରକାଶିତ, କିନ୍ତୁ ସେ ସକଳ ଇନ୍ଦ୍ରିୟବର୍ଜିତ ପ୍ରଭୁ ଅଟନ୍ତି ।

ଏହି ଅର୍ଥର ବିଶିଷ୍ଟ ବିବରଣ ପାଇଁ ବିଶ୍ୱନାଥବାବାଙ୍କ ମହିମାଧର୍ମ ପ୍ରତିପାଦକ ଗ୍ରନ୍ଥ ଦ୍ରଷ୍ଟବ୍ୟ ।]

**ମହିମା ଗାଇ଼ନ**—ଦେ. ବି. ( ସ ମହିମକୀର୍ତ୍ତନ; ଏହିଶବ୍ଦ ସଂସ୍କୃତବ୍ୟାକରଣ Mahimā kirttana ଅନୁସାରେ ଅଶୁଦ୍ଧ)—ମାହାତ୍ମ୍ୟକଥନ—महिमाकीर्त्तन महिमाकीर्त्तन Singing the praise of one's greatness.

**ମହିମା ଗାଦି**—ଦେ. ବି—ଢେଙ୍କାନାଳ ଅନ୍ତର୍ଗତ ଜୋରନ୍ଦା ଗ୍ରାମରେ Mahimā gādi ଅବସ୍ଥିତ ମହିମାଧର୍ମର ପୀଠ—A seat of महिमागादी Mahimā dharma, at Jorandā in the State of Dhenkānāl. [ ପ୍ର—ଏହା ଅନନ୍ତ କ୍ଷେତ୍ର ମହିମାଗାଦି ନାମରେ ପ୍ରସିଦ୍ଧ । ସତ୍ୟ-ମହିମାଧର୍ମୀମାନଙ୍କର ଉକ୍ତ ସ୍ଥାନ ଗୁରୁପୀଠ ଅଟେ । ଯେହେତୁ ପ୍ରଭୁବିଶ୍ୱଗୁରୁ ମହିମା ଗୋସାଇଁ ସେହିଠାରେ ଇହଲୀଳା ସମ୍ବରଣ କରିଥିଲେ । ସେହି ଦିନଠାରୁ ମହିମା ଗାଦିର ନାମ ପ୍ରସିଦ୍ଧି ଲାଭ କରିଅଛି । ବର୍ତ୍ତମାନ ଉକ୍ତ ଗାଦିର ମାହାତ୍ମ୍ୟ ଚତୁର୍ଦ୍ଦିଗ ବ୍ୟାପିବାରୁ ଅନେକ ମହିମା ଧର୍ମାବଲମ୍ବୀ ସେହି ଗାଦିକୁ ପ୍ରଭୁଙ୍କ ପୀଠ ବିଶ୍ୱାସ କରି ନାନା ପ୍ରକାର ଭେଟି ଦିଅନ୍ତି । ଉକ୍ତ ଦ୍ରବ୍ୟମାନ ସେଠାରେ ମହିମା ଲୀଳା (ଦୃଢାବୃତ୍ତ, ବାଲ୍ୟଲୀଳା, ଈଶ୍ୱରାବ ଈଶ୍ୱରଙ୍କ ଭଜନ, ଅଭ୍ୟାଗତ ବ୍ୟକ୍ତିଙ୍କ ସତ୍କାର)ରେ ବ୍ୟୟ କରା-ଯାଏ । ଅଥିମଧ୍ୟ ଏହି ଧନ ଅଟ୍ଟାଳିକା, କୂପ, ଚଟାଗାଦି ନିର୍ମାଣରେ ଜଗତ୍ଜନହିତରେ ବ୍ୟୟିତ ହୁଏ । ସତ୍ୟ ସନାତନ ମହିମା ଧର୍ମର ଅବଧୂତାଶ୍ରମୀ 'ପର' ଓ 'ଅପର' ସନ୍ନ୍ୟାସୀ-ମାନେ ସେହିଠାରେ ଗୁରୁପଦେଶ ଦ୍ୱାରା କୌପୀନ ଓ ଭୂମିପଟ୍ଟ ଗ୍ରହଣ ପୂର୍ବକ ସନ୍ନ୍ୟାସ ପନ୍ଥାରେ ଦୀକ୍ଷିତ ହୁଅନ୍ତି । ମହିମା ଗାଦିର ତତ୍ତ୍ୱାବଧାରକ କେବଳ 'ପର ସନ୍ନ୍ୟାସୀ' ବଲ୍କଳଧାରୀ ବାବାମାନେ ଅଟନ୍ତି । ସେହି ସାଧୁମାନେ ସେହି ଗାଦିକୁ ଉଦ୍ଦିଷ୍ଟ କୌଣସି ଦ୍ରବ୍ୟ ଗ୍ରହଣ ନ କରି ଭିକ୍ଷା ଦ୍ୱାରା କାଳାତିପାତ କରନ୍ତି । ସେମାନଙ୍କ ଆଦେଶମତେ ସାଧୁ ଭକ୍ତଗଣ ପୀଠର ପରିଚାଳନ ଓ ପୂର୍ବୋକ୍ତ ସତ୍କାର୍ଯ୍ୟମାନ ସମାଧାନ କରନ୍ତି । ପ୍ରତି ମାସ ଶୁକ୍ଳ ଚତୁର୍ଦ୍ଦଶୀରେ ବିଶେଷ ଭାବେ ପୂର୍ବୋକ୍ତ ସତ୍କାର୍ଯ୍ୟମାନ (ଦୃଢାବୃତ୍ତ, ବାଲ୍ୟଲୀଳା, ଭଜନ) ଅନୁଷ୍ଠିତ ହୁଏ । ତନ୍ମଧ୍ୟରେ ମାଘ ଶୁକ୍ଳ ଚତୁର୍ଦ୍ଦଶୀ ସର୍ବଶ୍ରେଷ୍ଠ ଭାବେ ବିବେଚିତ । ଏହି ହେତୁରୁ ଉକ୍ତ ଚତୁର୍ଦ୍ଦଶୀରେ ଦେଶ ବିଦେଶରୁ ଧର୍ମପ୍ରସଙ୍ଗାର୍ଥ ଯାଉଥିବା ସିଦ୍ଧ ସାଧୁଗଣ, ଗୃହସ୍ଥ ଭକ୍ତବୃନ୍ଦ ଓ ସାଧାରଣ ଯାତ୍ରିଗଣ ସମବେତ ହୋଇ ମହିମା ଲୀଳା ବିନୋଦରେ ପ୍ରମୋଦିତ ହୁଅନ୍ତି । ସେଠାରେ ବିଷୟୀଲୋକଙ୍କ ବ୍ୟକ୍ତିମାନଙ୍କର ଅଧିକାର ନ ଥିବା ହେତୁ ମହିମା ଗାଦିର ମାହାତ୍ମ୍ୟ ସନ୍ନ୍ୟାସୀମାନଙ୍କ ଦ୍ୱାରା ବିଶେଷ ପ୍ରକଟିତ ହେଉଅଛି । ଅଥିମଧ୍ୟ, ସନ୍ନ୍ୟାସୀମାନଙ୍କ ସହିତ କାମିନୀମାନଙ୍କର ବାସ ଓ ସ୍ପର୍ଶ ନିଷିଦ୍ଧ ଥିବା ହେତୁ ଗାଦି ପୀଠ ସ୍ଥାନ ପରମ ଦୃଷ୍ଟିରେ ବିଶେଷ ରହିଅଛି । ଗାଦିର ବିସ୍ତାର ନିମିତ୍ତ ଢେଙ୍କାନାଳର ରାଜା ସାହେବ ଉକ୍ତ ଭୂମି ଉପରେ କୌଣସି କର ଧାର୍ଯ୍ୟ ନ କରି ଅବଶ୍ୟକମତେ ଜମିମାନ ମହିମା ଗୋସେଇଁଙ୍କ ନାମରେ ସନ୍ନ୍ୟାସୀମାନଙ୍କ ମାରଫତରେ ଖଞ୍ଜା କରୁଅଛନ୍ତି । ଉକ୍ତ ଭୂମିରେ କୌଣସି ପ୍ରକାର କୃଷି ଆଦି ଫସଲ କର୍ମ କରାଯାଏ ନାହିଁ । ଯେହେତୁ ପୂର୍ବରୁ ତାହା ମହିମା ଗୋସାଇଁଙ୍କ ଆଜ୍ଞାରେ ନିଷିଦ୍ଧ ରହିଅଛି । କେବଳ ସେହି ପ୍ରଭୁଙ୍କ ମହିମାରେ ଭକ୍ତମାନଙ୍କର ମନସ୍କାମନା ପୂର୍ଣ୍ଣ ହେଲେ ସେମାନେ ଯାହା ଅର୍ଥ ଦାନ କରନ୍ତି ବା ଧର୍ମନିଷ୍ଠ ଭକ୍ତଗଣ ସ୍ୱେଚ୍ଛାକ୍ରମେ ସଦ୍ଭାବରେ ଯାହା ଅର୍ଥ ଦାନ କରନ୍ତି ତାହାଦ୍ୱାରା ମହିମା ଗାଦିର ଯାବତୀୟ କାର୍ଯ୍ୟ ନିର୍ବାହ କରା-ଯାଏ । ଏକ ବର୍ଷରୁ ଅଧିକକାଳ ନିମିତ୍ତ ବ୍ୟୟୋପଯୋଗୀ ଅର୍ଥ ସଞ୍ଚିତ ରଖାଯାଏ ନାହିଁ । ଅତିରିକ୍ତ ଦେଖି ବ୍ୟୟ କରା-ଯାଏ । ବିଶ୍ୱନାଥ ବାବା]

**ମହିମା ଗୋସା(ସେ)ଇଁ**—ଦେ. ବି—ମହିମା ଧର୍ମର ପ୍ରତିଷ୍ଠାତା ମହା-Mahimā gosā(se)iṅ ପୁରୁଷ—The founder of the Mahima dharma. [ପ୍ର—ସେ ସ୍ୱୟଂ ଈଶ୍ୱର ପୁରୁଷ ଅଟନ୍ତି । ଭାରତ ଭୂମିରେ ଧର୍ମର ଗ୍ଳାନି ଉପସ୍ଥିତ ହେବାରୁ ସିଦ୍ଧ ସାଧୁ ଭକ୍ତବୃନ୍ଦଙ୍କ ବିନମ୍ରୀୟ ଜଗଦ୍ଗୁରୁ ମହିମା ଗୋସାଇଁ ସ୍ୱଶକ୍ତି ବଳରେ ଅଯୋନିସମ୍ଭୂତ ହୋଇ ପ୍ରଭୁ ଗୁରୁ ସ୍ୱରୂପେ ଅବତୀର୍ଣ୍ଣ ହୋଇ ବାୟୁ ଆହାର କରି ହିମାଳୟର କୈଳାସ ପର୍ବତ ଶିଖରରେ ବହୁ ସମୟର ଅସ୍ମ-ଯୋଗ ସମାଧିରେ କାଳାତିପାତ କରି ଗୁପ୍ତଭାବେ ନାନା ଦେଶ ବିଦେଶ ଭ୍ରମଣପୂର୍ବକ ସତ୍ୟ ସନାତନ ମହିମା ଧର୍ମ ସ୍ଥାପନାର୍ଥେ ଉତ୍କଳ ପ୍ରଦେଶକୁ ବିରାଜମାନ ହେଲେ । ସେ ସର୍ବ ପ୍ରଥମେ ଖ୍ରୀଷ୍ଟାବ୍ଦ ୧୨ ଅଙ୍କରେ ପୁରୀଠାରେ ଲୋକଙ୍କ ନୟନଗୋଚର ହେଲେ । ସେ ସମୟରେ ସେ ଟୁଙ୍ଗିରେ ଶୟନ ଓ ଉପବେଶନ କରୁଥିଲେ; ସାଧାରଣ ଜନସମାଜରେ ବିଶେଷ ବାକ୍ୟାଳାପ କରୁ ନ ଥିଲେ; ଶରୀର ତାମ୍ର ବର୍ଣ୍ଣ ଓ ତେଜୋମୟ ଥିଲା । କଟିରେ ଗୈରିକ ବସ୍ତ୍ରର କୌପୀନ, ମସ୍ତକରେ କଟାର ଭିଡ ଥିଲା । ସେ ସମୟରେ ତାହାଙ୍କୁ

ଧୂଳିଆ ଗୋସାଇଁ ବୋଲି ଲୋକେ କହୁଥିଲେ । ଗୋସାଇ ସେ ସମୟରେ ବାରବର୍ଷ ପର୍ଯ୍ୟନ୍ତ କେବଳ ଜଳପାନ କରି ପୁରୀ, ଖଣ୍ଡଗିରି, ଧଉଳଗିରି ପ୍ରଭୃତିର ଗୁମ୍ଫାମାନଙ୍କରେ ସମାଧି ଯୋଗ ଅବଲମ୍ବନ ପୂର୍ବକ କାଳାତିପାତ କରୁଥିଲେ । ଏ ହେତୁରୁ ତାଙ୍କୁ ଲୋକେ ନୀରହାରୀ ଗୋସାଇଁ ମଧ୍ୟ କହୁଥିଲେ । ଉକ୍ତ ଦ୍ୱାଦଶ ବର୍ଷ ମଧ୍ୟରେ ମହିମା ଗୋସାଇଁ ପୁରୀ ପଣ୍ଡିତ ମଣ୍ଡଳୀଙ୍କ ଧର୍ମ ସଭାରେ ବ୍ରହ୍ମାତ୍ମଜ୍ଞାନ ଲାଭ କରିଥିଲେ ଓ ତନ୍ମଧ୍ୟରେ ଜ୍ଞାନଭକ୍ତିଯୋଗର ବିଦ୍ୱାନ ମହାମାୟାଙ୍କ ଦର୍ପ ବିନାଶ ପୂର୍ବକ ତାହାଙ୍କୁ ସ୍ୱଶକ୍ତିର ତେଜ ପ୍ରତ୍ୟକ୍ଷ କରାଇଥିଲେ ଓ ଖଣ୍ଡଗିରି ସମୀପରେ ହାଲଦିପିତୁ ନାମକ ଏକ ବୃଦ୍ଧାବିଜ ବାବାଙ୍କର ଗର୍ବ ଖଣ୍ଡନ କରି ତାହାଙ୍କୁ ସଦ୍‌ଜ୍ଞାନ ପ୍ରଦାନ କରିଥିଲେ । ତହିଁଉତ୍ତାରୁ ସେ ୧୨୬୪ ଅବ୍ଦରେ ଢେଙ୍କାନାଳ କପିଳାସଗିରିକୁ ପ୍ରସ୍ଥାନ କଲେ । ସେଠାରେ ଗୈରିକ କୌପୀନ ଓ ଜଟାଭାର ପରିତ୍ୟାଗ କରି କୁମ୍ଭି ବୃକ୍ଷର ବଲ୍କଳ ବାନା କୌପୀନ ଗ୍ରହଣ ପୂର୍ବକ ଗିରିଶିଖରର ଦକ୍ଷିଣଭାଗସ୍ଥିତ ଏକ ଚକାକାର ପ୍ରସ୍ତରୋପରି ଅନନ୍ତ ଶଯ୍ୟାରେ ପୂର୍ବାଭିମୁଖ ହୋଇ ପଦ୍ମାସନରେ ଉପବେଶନ ପୂର୍ବକ ଅବିଚଳିତ ଭାବେ ଏକତିଂଶତି ଦିବସ ଅତିବାହିତ କଲେ । ଅନନ୍ତ ସପ୍ତଫଣୀ ଛତ୍ର ସ୍ୱାମୀଙ୍କ ଶୀର୍ଷ ଦେଶକୁ ଆବୃତ କରି ରହୁଥାଏ । ଏହାପରେ କେତେ ଦିନ ଉତ୍ତାରୁ ସଦାନନ୍ଦ ନାମକ ଶବର ସେଠାରେ ଉପସ୍ଥିତ ହୋଇ ଏହା ଦେଖି ଭୟ ମିଶ୍ରିତ ଭକ୍ତିପୂର୍ବକ ସାଷ୍ଟାଙ୍ଗ ତାଙ୍କୁ ପ୍ରଣାମ କଲା । ସ୍ୱାମୀ ଅନନ୍ତ ଶଯ୍ୟା ପରିହାର କରି ସଦାନନ୍ଦ ସମୀପକୁ ବିରାଜମାନ ହୋଇ ତାହାକୁ ଅଭୟବାଣୀ କହି ସ୍ୱାମୀଙ୍କର ଦ୍ୱାଦଶ ବର୍ଷ ଫଳାହାର ନିମିତ୍ତ ଫଳମୂଳ ଓ ଧୂନି ନିମିତ୍ତ କାଷ୍ଠ ଯୋଗାଇବାକୁ ଆଦେଶ ଦେଲେ । ସଦାନନ୍ଦ ପ୍ରଭୃତ ସ୍ୱାମୀଙ୍କର ଆଜ୍ଞାରେ ଅଙ୍ଗୀକୃତ ହୋଇ ଫଳମୂଳାଦି ଯୋଗାଇବାରେ ଲାଗିଲା । ଅନନ୍ତଶାୟୀ ବିଭୁ ଚକା ପ୍ରସ୍ତର ସମୀପସ୍ଥ ଏକ ଗୁମ୍ଫାରେ ଅବସ୍ଥାନ କଲେ । ଇତିମଧ୍ୟରେ ସିଦ୍ଧ ଗୋବିନ୍ଦ ବାବା ସେଠାରେ ଉପସ୍ଥିତ ହୋଇ ମହିମା ସ୍ୱାମୀଙ୍କ ଚରଣରେ ଶରଣ ନେଇ ସର୍ବ ପ୍ରଥମେ ସ୍ୱାମୀଙ୍କଠାରୁ ଅଲେଖ ବ୍ରହ୍ମ ମହାମନ୍ତ୍ର ଉପଦେଶ ଗ୍ରହଣ କରି ସତ୍ୟ ସନାତନ ମହିମା ଧର୍ମରେ ଦୀକ୍ଷିତ ହେଲେ । ତାହାର କେତେକ ଦିନ ପରେ ଅନାଦି ସିଦ୍ଧଗୁରୁ ମହିମା ଗୋସାଇଁ ତାହାଙ୍କୁ ଡୋର ଓ କୁମ୍ଭି ବଲ୍କଳ ବାନା ପ୍ରଦାନ କରି ଆଦ୍ୟରେ ଅବଧୂତ ସିଦ୍ଧାଶ୍ରମୀ ପରମହଂସ ସନ୍ନ୍ୟାସୀ କରାଇ ଦେଶ ବିଦେଶରେ ସତ୍ୟଧର୍ମ ପ୍ରଚାରାର୍ଥେ ପ୍ରେରଣ କଲେ । ଫଳାହାର ପରିଶେଷରେ ସ୍ୱାମୀଙ୍କର ଅଦ୍ଭୁତ କ୍ରିୟା ଢେଙ୍କାନାଳ ରାଜା ଙ୍ଭାଗୀରଥୀ ଭ୍ରମରବର ବାହାଦୁର ଅବଗତ ହୋଇ ସ୍ୱାମୀଙ୍କୁ ଜଗତ୍‌ସ୍ୱାମୀ ବୋଲି ମାନି ତାହାଙ୍କଠାରୁ ଶିଷ୍ୟତ୍ୱ ଗ୍ରହଣ କଲେ । ସ୍ୱାମୀ ତାହାଙ୍କୁ ସଦୁପଦେଶ ପ୍ରଦାନ ପୂର୍ବକ ଦ୍ୱାଦଶ ବର୍ଷ ଗୋଦୁଗ୍ଧ ଯୋଗାଇବା ନିମିତ୍ତ ଆଜ୍ଞା ଦେଲେ । ରାଜା ବାହାଦୁର ଜଗତ୍‌ସ୍ୱାମୀଙ୍କ ଆଜ୍ଞା ଶିରୋଧାର୍ଯ୍ୟ କରି କ୍ଷୀର ଯୋଗାଇବାକୁ ସମ୍ମତ ହୋଇ ସ୍ୱାମୀଙ୍କ ଆଜ୍ଞା ଅନୁସାରେ ପର୍ବତର ସାନୁଦେଶରେ ଏକ ନୂତନ ଆଶ୍ରମ ନିର୍ମାଣ କରାଇ ସେହିଠାରେ ନିତ୍ୟ ବ୍ରାହ୍ମ ମୁହୂର୍ତ୍ତ ସମୟରେ ଗୋପାଳମାନଙ୍କ ଦ୍ୱାରା କ୍ଷୀର ଯୋଗାଇବାରେ ଲାଗିଲେ । ସ୍ୱାମୀ ସେହି ନୂତନ ଆଶ୍ରମରେ ବିରାଜିତ ହୋଇ ଦ୍ୱାଦଶ ବର୍ଷ ପର୍ଯ୍ୟନ୍ତ କେବଳ କ୍ଷୀର ଗ୍ରହଣ କଲେ । ଏହିରୂପେ ଚତୁର୍ବିଂଶ ବର୍ଷ କପିଳାସଗିରିରେ ଆତ୍ମଯୋଗ ସମାଧି ଅବଲମ୍ବନ କଲେ । ଇତିମଧ୍ୟରେ ପ୍ରଭୁ ସ୍ୱାମୀ ଦିନେ ନିଶାର୍ଦ୍ଧ ସମୟରେ ଆକାଶ ମାର୍ଗରେ ଗମନ କରି ବୌଦ୍ଧ ରାଜ୍ୟର ବଣସିଂହାଠାରୁ ଗୋବିନ୍ଦ ବାବାଙ୍କୁ ଗହଣରେ ବେଡ଼ାଖୋଲ ଅନ୍ତର୍ଗତ ଗ୍ରାମଡିହା ମୌଜାବାସୀ ଭୀମଭୋଇ ଦ୍ୱାରେ ଅଦ୍ଭୁତ ଭାବେ ବିରାଜମାନ ହୋଇ ଭୀମଙ୍କୁ ଚକ୍ଷୁଦାନ କରି ସତ୍ୟମହିମା ଧର୍ମର ଉପଦେଶ ପ୍ରଦାନ କଲେ । ଭୀମଭୋଇ ଜ୍ଞାନଚକ୍ଷୁ ପ୍ରାପ୍ତ ହେବାରୁ ବହିର୍ଦୃଷ୍ଟି ଶକ୍ତିର ଲୋପ ନିମିତ୍ତ ଗୁରୁଙ୍କୁ ପ୍ରାର୍ଥନା କଲେ । ଜଗତ୍ ସ୍ୱାମୀ ଗୁରୁ ତଥାସ୍ତୁ କହି ଭୀମଙ୍କୁ କବିତାରଚନାଶକ୍ତି ପ୍ରଦାନ କରି ଗୋବିନ୍ଦ ବାବାଙ୍କୁ ବୌଦ୍ଧ ରାଜ୍ୟକୁ ବିଦାୟ ଦେଇ ପୂର୍ବବତ୍ ଅନ୍ତର୍ଦ୍ଧାନ ହୋଇ କପିଳାସଗିରିକୁ ବିରାଜମାନ ହେଲେ । କ୍ଷୀରାହାର ଶେଷରେ ଢେଙ୍କାନାଳର ରାଜା ବାହାଦୁରଙ୍କର ମନୋରଥ ପୂରଣ ନିମିତ୍ତ ରାଜଦୁର୍ଗକୁ ବିରାଜମାନ ହୋଇ ରାଜବଂଶରକ୍ଷାର୍ଥେ ମଙ୍ଗଳ ବାଞ୍ଛା କରି ତହିଁର ସୁବ୍ୟବସ୍ଥା କଲେ ।

ସ୍ୱାମୀଙ୍କର ଅନ୍ନଭିକ୍ଷା ନିମିତ୍ତ ଜଗନ୍ମାତା ପୃଥ୍ୱୀ ଦେବୀ ଅଦ୍ଭୁତ ମାନବୀରୂପ ଧାରଣ କରି, ଉକ୍ତ ଗିରିର ଚକା ପ୍ରସ୍ତର ସମୀପରେ ଭକ୍ତି ସହକାରେ ଦଣ୍ଡ ପ୍ରଣାମ ପୂର୍ବକ ଜଗତ୍‌ପ୍ରାଣୀଙ୍କ ରକ୍ଷାର୍ଥେ ପ୍ରାର୍ଥନା କଲେ । ସ୍ୱାମୀ ତାହାଙ୍କ ପ୍ରାର୍ଥନା ଗ୍ରହଣ କରି ଜଗତର ମଙ୍ଗଳ ସାଧନାର୍ଥେ ୧୨୭୯ ଅବ୍ଦରେ କପିଳାସ ତ୍ୟାଗ କରି ଉକ୍ତ ରାଜ୍ୟସ୍ଥ କାଶୀପୁର ମୁକାମରେ ବୈଷ୍ଣବ ଗଙ୍ଗାଧର ସାହୁଙ୍କୁ ସତ୍ୟମହିମା ଧର୍ମରେ ଦୀକ୍ଷିତ କରାଇ ସେହିଠାରେ ପ୍ରଥମେ ରାଜଦାଣ୍ଡରେ ନୂତନ ମୃତ୍ତିକା ପାତ୍ରରେ ଗଙ୍ଗାଧରଙ୍କ ଗୃହରେ ପାକ ହୋଇଥିବା ଅନ୍ନଭିକ୍ଷା ଗ୍ରହଣ କଲେ । ଏଥି ଉତ୍ତାରୁ କେତେକ ଦିନ ପରେ ଉକ୍ତ ଭୀମସେନଙ୍କ ଦ୍ୱାରେ ଭିକ୍ଷା ଗ୍ରହଣ ପୂର୍ବକ ବୌଦ୍ଧରାଜ୍ୟକୁ ଗମନ କଲେ । ସ୍ୱାମୀ ଗୋବିନ୍ଦ ବାବାଙ୍କୁ ସଙ୍ଗରେ ଘେନି ବୌଦ୍ଧ, ସୋନପୁର, ସମ୍ବଲପୁର ପ୍ରଭୃତି ଦେଶରେ ଧର୍ମ ପ୍ରଚାରାର୍ଥ ଭ୍ରମଣ କରିବାରେ ଲାଗିଲେ । ଇତିମଧ୍ୟରେ ବୌଦ୍ଧର ରାଜାବାହାଦୂର ଗୋବିନ୍ଦ ବାବାଙ୍କଠାରୁ ମହିମା ଗୋସାଇଁଙ୍କର ଆଶ୍ଚର୍ଯ୍ୟ ଲୀଳା ଅବଗତ ହୋଇ ମହିମାଧର୍ମ ସତ୍‌ପଥ ଅବଲମ୍ବନ କରି ଥାଆନ୍ତି । ପରେ ସେହି ରାଜ୍ୟରେ ସ୍ୱାମୀଙ୍କ ଗହଣରେ ଗୋବିନ୍ଦ ବାବା ବହୁ ମୃତ ଶବକୁ ଜୀବଦାନ, ନଦୀର ବନ୍ୟାଜଳ ଉପରେ ଗମନ, ରୂପର ପରିବର୍ତ୍ତନ ପ୍ରଭୃତି ଅଲୌକିକ ଘଟନା ଘଟାଇବାରୁ ସେ ଅଞ୍ଚଳରେ ତାଙ୍କର ବିଶେଷ ମହିମା ପ୍ରକଟିତ ହେଲା ଓ ସେ ଦେଶର କେତେକ ବ୍ୟକ୍ତି ସତ୍ୟମହିମା ଧର୍ମରେ ଦୀକ୍ଷିତ

ହେଲେ । ତହିଁପରେ ସ୍ୱାମୀ ଢେଙ୍କାନାଳରେ ବିଜେମାନ ହୋଇ ସତ୍ୟ ଧର୍ମ ପ୍ରଚାରାର୍ଥେ ସ୍ଥାନେ ସ୍ଥାନେ ଆଶ୍ରମ ନିର୍ମାଣ କରାଇଲେ । ଉକ୍ତ ଆଶ୍ରମମାନଙ୍କରେ ଜଗତ୍‌ସ୍ୱାମୀ ଅବଧୂତ ଭାବେ ଏକ ଏକ ଦିବସ ଅତିବାହିତ କରି ତତ୍ତତ୍ ଅଞ୍ଚଳରେ ବିଶେଷଭାବେ ଧର୍ମ ପ୍ରଚାର କରିବାରେ ଲାଗିଲେ । ଅବଧୂତାର ପ୍ରାରମ୍ଭ ଦିବସଠାରୁ ଏକ ଏକ ଗ୍ରାମରେ ଏକ ଏକ ଦିବସ ଅତିବାହିତ କରି ପ୍ରାତଃକାଳରୁ ଭିକ୍ଷା ଗ୍ରହଣ କରି ଅନ୍ୟ ସ୍ଥାନକୁ ପ୍ରସ୍ଥାନ କରନ୍ତି । ଏକ ସମୟରେ ବ୍ରାହ୍ମଣୀ ନଦୀରେ ବିଶେଷ ବନ୍ୟାବସ୍ଥ ହେବାରୁ ଜଗତ୍ ସ୍ୱାମୀ ଆଶ୍ଚର୍ଯ୍ୟଭାବେ ବନ୍ୟାବସ୍ଥ ଦୂରୀଭୂତ କରି ପ୍ରାଣୀମାନଙ୍କୁ ରକ୍ଷା କରିଥିଲେ । ସ୍ୱାମୀ ଡାଳଯୋଡ଼ା, ଅଠଗଡ଼ ପ୍ରଭୃତିରେ ଭ୍ରମଣ କରି ୧୮୭୦ ଅବ୍ଦରେ ଅଠଗଡ଼ ଖୁଣ୍ଟୁଣି ମୁକାମରେ ବିଶେଷ ଭାବେ ଏକ ମହିମାଲୀଳା (ବାଲ୍ୟଲୀଳା ପ୍ରଭୃତି) କରାଇଲେ, ଅଧିକ ମଧ୍ୟ ସେଠାରେ ଏକ ଧୂନି ମନ୍ଦିର ଭକ୍ତମାନଙ୍କ ଦ୍ୱାରା ପ୍ରସ୍ତୁତ କରାଇ ଗୋବିନ୍ଦ ବାବାଙ୍କ ଦ୍ୱାରା ଧୂନିରେ ଘୃତ ଚନ୍ଦନାଦି ଅର୍ପିତ ପ୍ରଦାନ କରାଇଲେ । ସେ ସମୟରେ ଉକ୍ତ ସ୍ଥାନୀୟ ଜଙ୍ଗଲୀ ହସ୍ତୀମାନେ ମଧ୍ୟ ସ୍ୱାମୀଙ୍କ ଆଜ୍ଞା ପାଳନ କରୁଥିଲେ । ଏହି ମହିମା ଲୀଳା ଦିବସଠାରୁ ଜଗତ୍-ସ୍ୱାମୀଙ୍କର ଐଶ୍ୱରିକ ମହିମା ଦେଶରେ ବିଶେଷଭାବେ ପ୍ରକଟିତ ହେଲା । ତହିଁ ଉତ୍ତାରୁ ସ୍ୱାମୀ ଖୋରଧା ଅଞ୍ଚଳରେ ବିଜେମାନ ହୋଇ ପଟିଆ ଅନ୍ତର୍ଗତ ଡମଣା ମୁକାମରେ ପଟିଆ ରାଜାଙ୍କ ସାହାଯ୍ୟରେ ଭକ୍ତମାନଙ୍କ ଦ୍ୱାରା ଏକ ଧୂନି ମନ୍ଦିର ପ୍ରସ୍ତୁତ କରାଇଲେ; ଉକ୍ତ ମନ୍ଦିରରେ ୧୮୭୧ ଅବ୍ଦ ଫାଲ୍‌ଗୁନ ଶୁକ୍ଳ ଚତୁର୍ଦ୍ଦଶୀ ଦିବସ ଗୋବିନ୍ଦ ବାବାଙ୍କ ଦ୍ୱାରା ଧୂନିରେ ଘୃତାହୁତି ଓ ବାଲ୍ୟଲୀଳା କରାଇଲେ । ସେହିଠାରେ ସିଦ୍ଧ ଗୋବିନ୍ଦ ବାବା ସ୍ୱାମୀଙ୍କ ଆଜ୍ଞାନୁସାରେ ନୃସିଂହ ବାବା ପ୍ରଭୃତି ସପ୍ତ ମୂର୍ତ୍ତି ସାଧୁଙ୍କୁ ବଲ୍କଳ ବାନା ପ୍ରଦାନ କରି ଅବଧୂତ ସିଦ୍ଧାଶ୍ରମଭୁକ୍ତ କରାଇଲେ । ଏହାପରେ ମହିମାସ୍ୱାମୀ ଏକସମୟରେ ପାଦପଦ୍ମ ମୁଦ୍ରିଅଶ୍ରିତ ଏକ ଗୁହା-ମଧ୍ୟରେ ଏକବିଂଶତି ଦିବସ ପର୍ଯ୍ୟନ୍ତ ଅସ୍ପୃଯୋଗାସନରେ ସମାଧିସ୍ଥ ହେଲେ । ଗୁହାର ବହିର୍ଭାଗରେ ସିଦ୍ଧ ଗୋବିନ୍ଦ ବାବା ଓ ନୃସିଂହ ବାବା ଉକ୍ତ ଦିବସ ପର୍ଯ୍ୟନ୍ତ ଅପଣା-ମଧ୍ୟରେ ପାଳି କରି ଜଗି ରହିଥିଲେ । ଅଧିକ ମଧ୍ୟ ସ୍ୱାମୀ ସେଠାରେ ଯୋଗନିଦ୍ରା ପରିହାର କରି ଅନନ୍ତଶଯ୍ୟାରେ ଉପବେଶନ କରିଥିଲେ । ଏହିପରି ଡାଳଯୋଡ଼ା ଅନ୍ତର୍ଗତ ଶିଶୁପାଙ୍କଣା ଆଶ୍ରମରେ ସପ୍ତଦିନ ସ୍ୱାମୀ ଯୋଗନିଦ୍ରା ଯାଇଥିଲେ; ତତ୍‌ପରେ ଅଙ୍କାଳିଆ, ଦାରୁଠେଙ୍ଗ ପ୍ରଭୃତି ଗ୍ରାମମାନଙ୍କରେ ଧୂନିଘର କରାଇ ଘୃତ ଚନ୍ଦନାଦି ଅର୍ପିତ ପ୍ରଦାନ କରାଇଲେ । ଉକ୍ତ ଦାରୁଠେଙ୍ଗଠାରେ ଭୂମିକୁ ତ୍ୟାଗ କରି ପ୍ରବୃଦ୍ଧସ୍ୱରୂପ ଶୂନ୍ୟରେ କିଛି କାଳ ଉଭା ହୋଇଥିଲେ । ଭୁବନେଶ୍ୱର ସମୀପବର୍ତ୍ତୀ ବରଗଡ଼ ଗ୍ରାମ ବିଦ୍ୟାଳୟରେ ଧୂନି ସ୍ଥାପନ ପୂର୍ବକ ଘୃତାହୁତି ପ୍ରଦାନ କରି ଉକ୍ତ ଧୂନି ଶିଖା ମଧ୍ୟରେ ପଦ୍ମାସନରେ ସୂକ୍ଷ୍ମରୂପେ ଯବ ପ୍ରମାଣ ଆକାରରେ ଉପବେଶନ କଲେ; ସେଠାରେ କୁଷ୍ଠରୋଗୀ ଓ ବସୁନ୍ତକାକ୍ରାନ୍ତ ବ୍ୟକ୍ତିଙ୍କୁ ରୋଗରୁ ମୁକ୍ତ କରି, ମୃତ ଗୋରୁକୁ ଜୀବଦାନ କରି ସେ ଅଞ୍ଚଳରେ ସତ୍ୟ ମହିମାଧର୍ମ ପ୍ରଚାର କରିବାକୁ ଲାଗିଲେ ପୁନଶ୍ଚ ଏକ ସମୟରେ ସର୍ବାନ୍ତର୍ଯ୍ୟାମୀ ଗୁରୁ ଡମଣା ଗ୍ରାମ ଆଶ୍ରମରେ ବିଜେମାନ ହୋଇ ଏକ ଗଣ୍ଡକ ଓ ତତ୍‌ପୁତ୍ରକୁ ବ୍ୟାଘ୍ରାକ୍ରମଣ ଭୟରୁ ରକ୍ଷା କରିବାପୂର୍ବରୁ ତତ୍‌ସମ୍ବନ୍ଧେ ଭବିଷ୍ୟତ୍ ବାକ୍ୟ ପ୍ରକାଶ କରିଥିଲେ । ଅଧିକ ମଧ୍ୟ ଏକସ୍ଥାନରେ ବନ୍ଧ୍ୟା ଗାଭୀଠାରୁ ଦୁଗ୍ଧ ଦୋହନ କରାଇ ତାହାର ବନ୍ଧ୍ୟା ଦୋଷ ନିବାରଣ କଲେ । ଏହା ପରେ ଜଗତ୍‌ସ୍ୱାମୀ ଢେଙ୍କାନାଳରେ ବିଜେମାନ ହୋଇ କାଶୀପୁର ଗ୍ରାମ ଆଶ୍ରମରେ ଭକ୍ତମାନଙ୍କ ସମ୍ମୁଖରେ ଅଦଭୁତ ସ୍ୱରୂପ ପ୍ରକାଶ କରି, ଅନ୍ୟ ଏକ ଗ୍ରାମରେ ଏକ ବ୍ୟକ୍ତିଙ୍କୁ ମୃତ ଶଯ୍ୟାରୁ ବଞ୍ଚାଇ ଦୀର୍ଘାୟୁ କରାଇଲେ ।

ସ୍ୱାମୀ ଡାଳଯୋଡ଼ା ଅଗ୍ରାହାଟଠାରେ ଗ୍ରାମବାସୀମାନଙ୍କୁ ଦର୍ଶନ ଦେଇ ହଠାତ୍ ଅନ୍ତର୍ଦ୍ଧାନ ହୋଇ ଅଠଗଡ଼ରେ ବିଜେମାନ ହେଲେ । ସେ ଅଞ୍ଚଳରେ ଏକ ଗୋପାଳ ପୁତ୍ରକୁ ବ୍ୟାଘ୍ର ମୁଖରୁ ରକ୍ଷା କରି ଅନ୍ୟ ଏକ ଦରିଦ୍ର ଅନ୍ଧ ବ୍ୟକ୍ତିକୁ ଚକ୍ଷୁ ଦେଲେ, ତତ୍ପରେ ବାଙ୍କି ପ୍ରଭୃତି ଅଞ୍ଚଳରେ ସତ୍ୟ ମହିମାଧର୍ମ ପ୍ରଚାର କରି ଅଁଶୁପା ହ୍ରଦ ସମୀପରେ ବୃହଦାକାରେ ମହିମା ପୂଜା, ବାଲ୍ୟଲୀଳା ପ୍ରଭୃତି କରାଇ ୧୮୭୮ ଅବ୍ଦରେ ଉକ୍ତ ହ୍ରଦର ଉତ୍ତର ଏବଂ ମାଳବେହାରପୁର ଗ୍ରାମରେ ଦକ୍ଷିଣ ଦିଗରେ ଅତି ବିଚିତ୍ର ବୃହଦାକାର ଧୂନି ମନ୍ଦିର ନିର୍ମାଣ କରାଇ ସେଠାରେ ନୃସିଂହ ବାବାଙ୍କ ଦ୍ୱାରା ଧୂନି ସ୍ଥାପନ ପୂର୍ବକ ନିତ୍ୟ ତ୍ରିସନ୍ଧ୍ୟାରେ ଶତ ଶତ ମହଣ ଘୃତ ଚନ୍ଦନାଦି ଅର୍ପିତ ପ୍ରଦାନ କରାଇଲେ ଏବଂ ସେହିଠାରେ ଚତୁର୍ଦ୍ଦିଗରୁ ସହସ୍ର ସହସ୍ର ବ୍ୟକ୍ତି ଉପସ୍ଥିତ ହୋଇ ସତ୍ୟ ମହିମାଧର୍ମର ଉପଦେଶ ଗ୍ରହଣପୂର୍ବକ ଅଲେଖ ବ୍ରହ୍ମ, ନାମ ସ୍ମରଣ ଭଜନରେ ରତ ହେଲେ । ତାହା ପରେ ସେହିଠାରେ ଗୁରୁ ମହିମା ଗୋସାଇଁଙ୍କ ଆଜ୍ଞାନୁସାରେ ନୃସିଂହ ବାବାଙ୍କ ଠାରୁ ଚୌରାଶୀ ମୂର୍ତ୍ତି ପର୍ଯ୍ୟନ୍ତ ସାଧୁ ବଲ୍କଳ ବାନା ଗ୍ରହଣ କରି ଅବଧୂତ ସିଦ୍ଧାଶ୍ରମ ପନ୍ଥାରେ ଭୁକ୍ତ ହେଲେ ।

ଏକ ସମୟରେ ଅଠଗଡ଼ ମଧ୍ୟରେ ମହିମା ସ୍ୱାମୀଙ୍କ ଆଦେଶାନୁସାରେ ରୋଗୀମାନେ ବସୁନ୍ତକା ରୋଗରୁ ମୁକ୍ତ ହେଲେ । ଅନ୍ୟ ଏକ ସମୟରେ କ୍ଷଣ କାଳ ମଧ୍ୟରେ ସ୍ୱାମୀଙ୍କ ଆଜ୍ଞାରେ ଜଳବୃଷ୍ଟି ହୋଇଥିଲା । ମାଳବେହାରପୁର ଧୂନି ମନ୍ଦିରର ଧୂନିର ପ୍ରଜ୍ୱଳିତ ଶିଖା ମଧ୍ୟରେ ପ୍ରଭୁ ସ୍ୱାମୀ ଦିବ୍ୟ ଜ୍ୟୋତିଃ ସ୍ୱରୂପରେ ନୃସିଂହ ବାବାଙ୍କୁ ଦର୍ଶନ ଦେଇଥିଲେ । ଢେଙ୍କାନାଳ ଅନ୍ତର୍ଗତ ଏକ ଗ୍ରାମରେ ମୃତ ଶିଶୁକୁ ଜୀବଦାନ ଓ ଅପୁତ୍ରିକକୁ ପୁତ୍ର ଦାନ କରି ବିଶେଷଭାବେ ଖେଳା ଲୀଳା ବିସ୍ତାର-ପୂର୍ବକ ସତ୍ୟ ଧର୍ମ ପ୍ରଚାର କରିବାରେ ଲାଗିଲେ ।

ସ୍ୱାମୀ ବେଦୋକ୍ତ ପଣ୍ଡିତଙ୍କୁ ସଦ୍‌ଯୁକ୍ତି ବଳରେ ଓ ଅନ୍ୟ ଜ୍ଞାନଲମ୍ବୀ ସିଦ୍ଧାନ୍ତ ସନ୍ନ୍ୟାସୀମାନଙ୍କ ଐଶ୍ୱରିକ ଯୋଗ-

ବଳରେ ପରାସ୍ତ କରି ସ୍ୱାମୀ ସତ୍ୟ ମହିମା ଧର୍ମରେ ଦୀକ୍ଷିତ କରାଇ ଅବଧୂତ ସନ୍ନ୍ୟାସୀ କରାଇଲେ ।

ସ୍ୱାମୀ ୧୮୬୨ ଅବ୍ଦରେ ଢେଙ୍କାନାଳ ବାହୁଲପୁର ମୁକାମରେ ଏକ ମହିମା ଲୀଳା (ବାଲ୍ୟଲୀଳା ପ୍ରଭୃତି) ବିଶେଷଭାବେ କରାଇଲେ । ତହିଁରେ ଢେଙ୍କାନାଳର ରାଜା ବାହାଦୁର ମଧ୍ୟ ଭକ୍ତିପୂର୍ବକ ସାହାଯ୍ୟ ପ୍ରଦାନ କରିଥିଲେ । ଉକ୍ତ ସମୟରେ କଟକ ମୋଗଲବନ୍ଦି ଅଞ୍ଚଳରେ ପ୍ରକାଶ୍ୟଭାବେ ଧର୍ମପ୍ରଚାର ଆରମ୍ଭ ହେଲା । ତତ୍ପରେ ଏକ ପାଦ୍ରୀସାହେବ ଡାଳିଯୋଡ଼ା ଅନ୍ତର୍ଗତ ମଙ୍ଗଳଶାଳଣ୍ଡା ଗ୍ରାମରେ ସ୍ୱାମୀଙ୍କ ସହିତ ସତ୍ୟ ମହିମା ଧର୍ମ ବିଷୟ ଚର୍ଚ୍ଚା କରି ଜଗତ୍ ସ୍ୱାମୀଙ୍କୁ ଧନ୍ୟବାଦ ଦେଇ ବିନମ୍ରଭାବେ ପ୍ରଣାମ କରି ବିଦାୟ ଗ୍ରହଣ କଲେ ।

ତତ୍ପରେ ଢେଙ୍କାନାଳ, ହିନ୍ଦୋଳ, ଅନୁଗୋଳ ପ୍ରଭୃତି ସ୍ଥାନେ ସ୍ଥାନେ ଧର୍ମାଶ୍ରମମାନ ଭକ୍ତମାନଙ୍କ ଦ୍ୱାରା ନିର୍ମାଣ କରାଇ ନିଷ୍କାମ ଖେଳା ଲୀଳା ବିସ୍ତାରପୂର୍ବକ ସହସ୍ର ସହସ୍ର ବ୍ୟକ୍ତିଙ୍କୁ ବ୍ରହ୍ମ-ମହାମନ୍ତ୍ର ଉପଦେଶଦ୍ୱାରା ସତ୍ୟ ମହିମାଧର୍ମରେ ଦୀକ୍ଷିତ କରାଇଥିଲେ । ଏହି ଧର୍ମାଶ୍ରମ ସ୍ଥାନମାନଙ୍କ ମଧ୍ୟରେ ହିନ୍ଦୋଳର ବ୍ରହ୍ମପୁର, ଅନୁଗୋଳର ଅଙ୍ଗାରବନ୍ଧ, ଢେଙ୍କାନାଳ ଅନ୍ତର୍ଗତ କଠି, ଜକା ଓ ଜୋରନ୍ଦା ଆଶ୍ରମ ପ୍ରସିଦ୍ଧ ଅଟେ ।

ସ୍ୱାମୀ ଏହି ସ୍ଥାନମାନଙ୍କରେ ଧୂନି ସ୍ଥାପନ ସମୟରେ ବିଶେଷ ଖେଳାଲୀଳା ବିସ୍ତାର କରି ଅତ୍ୟାଶ୍ଚର୍ଯ୍ୟଜନକ ଐଶ୍ୱରିକଶକ୍ତି ପ୍ରଦର୍ଶନ କରିଥିଲେ । ଦେଶ ମଧ୍ୟରେ ସେ ସମୟରେ କେତେକ ବ୍ରାହ୍ମଣ, ରାଜା ଓ ପ୍ରଜା ସତ୍ୟ ମହିମାଧର୍ମର ନିନ୍ଦା ରଟନା ଓ ସନ୍ନ୍ୟାସୀ ଓ ଭକ୍ତମାନଙ୍କର ଅନିଷ୍ଟାଚରଣ କରି ପାପଭାଗୀ ହୋଇ ଅପଯଶ ଅର୍ଜନ କଲେ । ତନ୍ମଧ୍ୟରେ ଧାର୍ମିକ ବ୍ୟକ୍ତିଗଣ ସତ୍ୟ ମହିମାଧର୍ମର ଯଶଃ ଏବଂ ସ୍ୱାମୀଙ୍କର ମାହାତ୍ମ୍ୟ ଗାନ କରି ଧନ୍ୟ ହୋଇଥିଲେ ।

ଏତନ୍ମଧ୍ୟରେ ୧୮୭୯ ଅବ୍ଦରେ ମାଳବେହାରପୁର ଧୂନି ମଣ୍ଡପରେ ବଜ୍ରାଘାତ ହେବାରୁ ଜଗତ୍ସ୍ୱାମୀଙ୍କର ଆଜ୍ଞାନୁସାରେ ସେ ଧୂନି ମଣ୍ଡପ ଭସ୍ମୀଭୂତ ହୋଇଗଲା । ତାହା ପରେ ବିଶେଷଭାବେ ଗଡ଼ଜାତମାନଙ୍କରେ ମହିମାଲୀଳା ପ୍ରକଟିତ କରାଇ ସ୍ୱାମୀ ସାଧୁ ସନ୍ନ୍ୟାସୀଙ୍କଦ୍ୱାରା ସତ୍ୟମହିମାଧର୍ମର ନିୟମାବଳୀ ପ୍ରଚାର କରାଇଥିଲେ । ଦିନକୁ ଦିନ ଜଗତ୍-ସ୍ୱାମୀଙ୍କର ଐଶ୍ୱରିକ ପ୍ରଭା ଓଡ଼ିଶା ମଧ୍ୟରେ ବିଶେଷଭାବେ ବ୍ୟାପିଗଲା । ପୂର୍ବପୁରୁଷମାନଙ୍କର କଥିତ ଜଗତର ଅମଙ୍ଗଳ-ସୂଚକ ଭବିଷ୍ୟତ୍ ବାକ୍ୟମାନ ଖଣ୍ଡନ କରି ସେ ଜଗତମଙ୍ଗଳ ସାଧନାର୍ଥେ ସଦୁପଦେଶ ପ୍ରଚାର କଲେ । ଏପରି ଅଲୌକିକ ବିଷୟ ଘଟିଲା ଯେ, ସ୍ୱର୍ଗରୁ ଦେବତାମାନେ ଆସି ସ୍ୱାମୀଙ୍କ ସେବାରେ ନିଯୁକ୍ତ ହେଲେ । ଆହୁ ମଧ୍ୟ ପ୍ରଭୁଙ୍କ ମହିମାରେ ସିଦ୍ଧ ଭକ୍ତବୃନ୍ଦଙ୍କର ମାହାତ୍ମ୍ୟ ବିଶେଷରୂପେ ପ୍ରକଟିତ ହେଲା ।

ଢେଙ୍କାନାଳ ଜକା ଆଶ୍ରମଠାରେ ବାଞ୍ଛାନିଧି ବାବାଙ୍କ ଦ୍ୱାରା ସ୍ୱାମୀ ଅପର ସନ୍ନ୍ୟାସୀ ପନ୍ଥାର ସୃଷ୍ଟି କରାଇଲେ । ଜଗତ୍ସ୍ୱାମୀଙ୍କ ଆଦେଶମତେ ସିଦ୍ଧ ବାଞ୍ଛାନିଧି ବାବା ଖଞ୍ଜଣିଧାରୀଙ୍କ ପର୍ଯ୍ୟନ୍ତ ଅପର ବୈରାଗୀ ତ୍ୟାଗୀମାନଙ୍କୁ ଅପର ସନ୍ନ୍ୟାସ ଯୋଗର ଉପଦେଶ ପ୍ରଦାନ କରି ଡୋର ଓ ଗୈରିକ ବସ୍ତ୍ରର କୌପୀନ ଗ୍ରହଣ ନିମିତ୍ତ ଆଦେଶ ଦେଲେ । ତ୍ୟାଗୀମାନେ ସ୍ୱାମୀଙ୍କ ଆଜ୍ଞାନୁସାରେ କୌପୀନ ଗ୍ରହଣ କରି 'ଦାସ' ଉପାଧି ଲାଭପୂର୍ବକ ସିଦ୍ଧ ଗୁରୁଜନଙ୍କ ଆଦେଶ ପାଳନରେ ନିଯୁକ୍ତ ରହିଲେ ।

ଯେତେ ସ୍ଥାନରେ ପ୍ରଭୁଙ୍କ ମହିମା ଗୋସାଇଁଙ୍କର ମହିମାଲୀଳା ପ୍ରଭୃତି ଶୁଭକାର୍ଯ୍ୟ ଅନୁଷ୍ଠିତ ହୁଏ, ତାହା ଶୁକ୍ଳପକ୍ଷ ଚତୁର୍ଦ୍ଦଶୀରେ କରାଯାଏ । ବାଲ୍ୟଲୀଳା, ଧୂତାନ୍ତର, ଅଲେଖ ପରଂବ୍ରହ୍ମଙ୍କର ନାମସ୍ମରଣ, ଭଜନ, ଗାୟନ ଇତ୍ୟାଦି ନିଷ୍କାମ ମହିମାଲୀଳାର ଅଙ୍ଗ ଅଟେ ।

ମହିମା ସ୍ୱାମୀଙ୍କର ମହିମାଲୀଳା ଶ୍ରବଣ କରି ଇଂରେଜ ଗଭର୍ଣ୍ଣମେଣ୍ଟ ସ୍ୱାମୀଙ୍କୁ ଧରି ନେବା ନିମିତ୍ତ ଯତ୍ନବାନ ହୋଇ, କୌଣସି ପ୍ରକାରେ ସ୍ୱାମୀଙ୍କୁ ଧରି ପାରିଲେ ନାହିଁ । ଜଗଦ୍ଗୁରୁ ମହିମାଗୋସାଇଁ ମହିମା ଗାଦିର ଭବିଷ୍ୟତ ବ୍ୟବସ୍ଥାର ବିଷୟ ସିଦ୍ଧସାଧୁ ଭକ୍ତମାନଙ୍କୁ ଓ ରାଜାବାହାଦୁରଙ୍କୁ ଶ୍ରବଣ କରାଇ ୧୮୭୬ ଅବ୍ଦ ଫାଲ୍‌ଗୁନ ମାସ ଶୁକ୍ଳପକ୍ଷ ଦଶମୀ ସୋମବାର ଦିନ ଢେଙ୍କାନାଳ ଜୋରନ୍ଦା ଆଶ୍ରମରେ ବିରାଜମାନ ହେଲେ । ସେଠାରେ ସିଦ୍ଧସାଧୁ ଭକ୍ତମାନଙ୍କୁ ବହୁ ସଦୁପଦେଶ ପ୍ରଦାନ କରି, ଅପରାହ୍ଣ ପାଞ୍ଚଘଣ୍ଟା ବାଇଶି ମିନିଟ୍ ସମୟରେ ପଦ୍ମାସନରେ ଉପବିଷ୍ଟ ହୋଇ ଚିରସମାଧି ଅବଲମ୍ବନ କଲେ । ଚତ୍ପରେ ସିଦ୍ଧସାଧୁ ଭକ୍ତଗଣ ଶୂନ୍ୟ ଦୈବବାଣୀ ଶ୍ରବଣ କରି ସ୍ୱାମୀଙ୍କ କଳେବରକୁ ଭୂମଧ୍ୟରେ ସମାଧି ଭାବରେ ନ୍ୟସ୍ତ କଲେ । ବର୍ତ୍ତମାନ ଉକ୍ତ ସ୍ଥାନ ମହିମାଗାଦି ଅନନ୍ତ କ୍ଷେତ୍ରନାମରେ ପ୍ରସିଦ୍ଧ ହୋଇଅଛି । ମହିମାଗୋସାଇଁଙ୍କ ପ୍ରସଙ୍ଗ 'ସତ୍ୟମହିମା ଧର୍ମ ଇତିହାସ' ଗ୍ରନ୍ଥରେ ଉତ୍ତମରୂପେ ବ୍ୟାଖ୍ୟା କରାଯାଇଅଛି ।

ଲେଖକ—ଅବଧୂତ-ବିଶ୍ୱନାଥ ବାବା ।]

**ମହିମାଧର୍ମ**—ଦେ. ବି.—ଅଲେଖ ଧର୍ମ—A religious faith in Orissa, the followers of which worship the Great Formless God. Mahimādharma

[ ଦ୍ର—ଏହାର ପୂର୍ଣ୍ଣନାମ ସତ୍ୟ ସନାତନ ମହିମାଧର୍ମ ଅଟେ । ଉକ୍ତ ଧର୍ମ ପ୍ରବର୍ତ୍ତକ ଜଗଦ୍ଗୁରୁ ମହିମା ଗୋସାଇଁ ଅଟନ୍ତି । ମହିମାଧର୍ମୀମାନେ ଏକ ଅଲେଖ ନିର୍ଗୁଣ ପରଂ-ବ୍ରହ୍ମଙ୍କର ଉପାସନା କରନ୍ତି ଓ ନିତ୍ୟ ପ୍ରାତଃ ସାୟଂ ବ୍ରାହ୍ମ ମୁହୂର୍ତ୍ତକାଳେ ଶୁଚି ହୋଇ କାୟମନୋବାକ୍ୟରେ ପ୍ରଭୁ ପରମାତ୍ମାଙ୍କଠାରେ ଶରଣ ପ୍ରାପ୍ତ ହୁଅନ୍ତି । ପ୍ରାତଃ ବ୍ରାହ୍ମ-ମୁହୂର୍ତ୍ତରେ ପୂର୍ବାଭିମୁଖ ହୋଇ ଏକାଗ୍ରମନରେ ଶୂନ୍ୟରେ ଦୃଷ୍ଟି ସ୍ଥାପନ ପୂର୍ବକ ଛନ୍ଦବନ୍ଧ ନିୟମାନୁସାରେ ମୁକ୍ତ ସୁନିର୍ମଳ ସ୍ଥାନରେ ସପ୍ତବାର ବିଭୁ ପରଂବ୍ରହ୍ମଙ୍କୁ ସାଷ୍ଟାଙ୍ଗ ପ୍ରଣାମ କରନ୍ତି । ତଦ୍ରୂପ ସୂର୍ଯ୍ୟାସ୍ତ ହେଲେ ପଶ୍ଚିମାଭିମୁଖ ହୋଇ ପ୍ରଭୁ ପରମାତ୍ମାଙ୍କୁ ପଞ୍ଚବାର ଦଣ୍ଡ ପ୍ରଣାମ ପୂର୍ବକ ଶରଣ ପ୍ରାପ୍ତ

ହୁଅନ୍ତି; ବାହ୍ୟରେ ମଣ୍ଡ ପ୍ରଭୁଙ୍କ ସ୍ତୁତି ଜଣାଣ ସହକାରେ ଅଲେଖ ବ୍ରହ୍ମ ନାମ ଗାୟନ କରନ୍ତି; ମାନସିକ ସ୍ମରଣ ଅର୍ଥାତ୍ ମନ ମଧ୍ୟରେ ବ୍ରହ୍ମ ମହାମନ୍ତ୍ର ସ୍ମରଣ ପୂର୍ବକ ଅଜପା ସୁର୍ଯ୍ୟ ଭଜନରେ ନିବିଷ୍ଟ ରହନ୍ତି । ଏକ ପରଂବ୍ରହ୍ମଙ୍କ ଆରାଧ୍ୟ ବ୍ୟତୀତ ଯେତେ ପ୍ରକାର ସାକାର ଦେବଦେବୀଙ୍କ ଆରାଧନା ରହିଅଛି ଓ ବ୍ରହ୍ମ ମହାମନ୍ତ୍ର ବ୍ୟତୀତ ଅନ୍ୟାନ୍ୟ ମନ୍ତ୍ର ତନ୍ତ୍ର ସାଧନ ଭଜନାଦି ସାଧାରଣ ଭାବେ ଯାହା ପ୍ରଚଳିତ ହୋଇଅଛି, ସେ ସମସ୍ତ ମହିମା ଧର୍ମରେ ନିଷିଦ୍ଧ ।

ମହିମାଧର୍ମୀମାନେ କୃଷ୍ଣଙ୍କ ଅବତାରମାନଙ୍କ ଆରାଧନା ଓ ତାହାଙ୍କ ନାମ ସ୍ମରଣ, ଏପରିକି ବଳିଷ୍ଠାଦି ଋଷିପ୍ରାୟଙ୍କ ବଖାଣର ଅସ୍ତିତ୍ୱ ସ୍ୱୀକାର କରନ୍ତି ନାହିଁ । ପୁନଶ୍ଚ ସେମାନେ ଭୂତ ପ୍ରେତାଦିଙ୍କ ପୂଜା, କାମ୍ୟ କର୍ମ, ଶ୍ରାଦ୍ଧ ପିଣ୍ଡଦାନ, ତୀର୍ଥାଟନ, ସାଧାରଣ ବ୍ରତୋପବାସର ନିୟମପାଳନ ତ୍ୟାଗ କରିଥାଆନ୍ତି; ଦେବଦେବୀ ଉଦ୍ଦେଶ୍ୟରେ ଅର୍ପିତ ଦ୍ରବ୍ୟ ଗ୍ରହଣ ବା ସ୍ପର୍ଶ କରନ୍ତି ନାହିଁ । କୃଷ୍ଣ ପ୍ରଭୃତିଙ୍କର ଆରାଧନା ଓ ତୁଳସୀ ପ୍ରଭୃତି ପ୍ରସାଦ ସ୍ପର୍ଶ ବା ସେବା ନ କରି ଅଦ୍ୱିତୀୟ ପରମେଶ୍ୱରଙ୍କ ଆଶ୍ରୟରେ ଥାଆନ୍ତି । ମହିମାଧର୍ମୀମାନେ ନିମ୍ନଲିଖିତ ନିତ୍ୟକର୍ମମାନ ଅବଲମ୍ବନ କରିଥାଆନ୍ତି :—

ଶରୀର ଶୋଧନାର୍ଥେ କଷ୍ଟସହ ଗୋମୟ ଅଙ୍ଗରେ ମାର୍ଜନ; ମୃତ୍ତିକାଦିଦ୍ୱାରା ଦନ୍ତଧାବନପୂର୍ବକ ଜଳରେ ସ୍ନାନ କରି ତତ୍ପରେ ଉକ୍ତ ଗୋମୟ, ଗୋମୂତ୍ର ଜଳ ଓ ରେଣୁ ମିଶାଇ ପାନ କରନ୍ତି । ତତ୍ପରେ ଶୁଦ୍ଧ ଗୈରିକ ବସ୍ତ୍ରପରିଧାନପୂର୍ବକ ବ୍ରହ୍ମରେ ଶରଣାପନ୍ନ ହୁଅନ୍ତି ।

ଏମାନେ ଦିବସରେ ସୂର୍ଯ୍ୟନାଡ଼ୀ (ଦକ୍ଷିଣନାସା)ରେ ଶ୍ୱାସ ବହୁଥିବା ସମୟରେ ଭୋଜନ ପାନ କରନ୍ତି; କୁଭୋଜନ ଅର୍ଥାତ୍ ରାଜସିକ ତାମସିକ ପ୍ରଭୃତି ଦ୍ରବ୍ୟ ଗ୍ରହଣ କରନ୍ତି ନାହିଁ । ସୂର୍ଯ୍ୟାସ୍ତଠାରୁ ପ୍ରାତଃକାଳ ପର୍ଯ୍ୟନ୍ତ ସର୍ବରେ ଚତୁର୍ବିଧ (ଚର୍ବ୍ୟ, ଚୋଷ୍ୟ, ଲେହ୍ୟ, ପେୟବସ୍ତୁ ଗ୍ରହଣ) ଆହାର କରନ୍ତି ନାହିଁ । ତଦ୍ରୂପ ଜୀବହିଂସା, ବେଶ୍ୟା, ପରଦାର, ମଦ୍ୟପାନ, ଜୁଆଖେଳ, ନୃତ୍ୟ, ଅସତ୍‌ଶାସ୍ତ୍ର ଓ କୁସଙ୍ଗ ବର୍ଜନୀୟ । ସତ୍ୟ, ଶାନ୍ତି, ଦୟା, କ୍ଷମା, ସରଳତା, ଅକୁଟିଳତା, ସତ୍‌ଶାସ୍ତ୍ର ଅଧ୍ୟୟନ, ବ୍ରହ୍ମନିଷ୍ଠସିଦ୍ଧସାଧୁଜନଙ୍କ ସଂସର୍ଗ ସର୍ବଦା ସେମାନଙ୍କର ସେବନୀୟ ।

ବାଲ୍ୟ, ଯୌବନ ପ୍ରଭୃତି ଅବସ୍ଥାରେ ସ୍ତ୍ରୀ ବା ପୁରୁଷ, ବ୍ରାହ୍ମଣଠାରୁ ଅନ୍ତ୍ୟଜ ଜାତି ପର୍ଯ୍ୟନ୍ତ ସମସ୍ତେ ଉକ୍ତ ଧର୍ମ ଗ୍ରହଣ କରିପାରନ୍ତି ।

ଏହି ଧର୍ମରେ ଦୁଇଟି ପନ୍ଥା ଅଛି । ଯଥା—ଗୃହସ୍ଥ ଓ ଅବଧୂତାଶ୍ରମ । ଉକ୍ତ ନିୟମ ସମସ୍ତ ଉଭୟ ପନ୍ଥାରେ ପାଳନୀୟ । ଗୃହସ୍ଥଗଣ ଯେ ସମସ୍ତ ଶୁଭ ସତ୍‌କର୍ମର ଅନୁଷ୍ଠାନ କରନ୍ତି, ତାହା ପ୍ରଥମେ ପରଂବ୍ରହ୍ମଙ୍କୁ ସ୍ମରଣ ପୂର୍ବକ କର୍ମ କରିବାରେ ନିଯୁକ୍ତ ହୁଅନ୍ତି । କଦାପି କାମ୍ୟ, ନିଷିଦ୍ଧ କର୍ମର ଅନୁଷ୍ଠାନ କରନ୍ତି ନାହିଁ । ପ୍ରକୃତ ଭକ୍ତ ଓ ତତ୍ପତ୍ନୀ ଉଭୟେ ସତ୍ୟ ଧର୍ମରେ ଦୀକ୍ଷିତ ହେଲା ପରେ ସ୍ତ୍ରୀ ଅସ୍ପୃଶ୍ୟା ହେଲେ ଅସ୍ପୃଶ୍ୟତା ଦୋଷ ସମ୍ବନ୍ଧନ ପାଳନ କରି ପୁତ୍ରଜନ୍ମାର୍ଥେ ସ୍ତ୍ରୀ ସଂସର୍ଗ କରନ୍ତି । ଅନ୍ୟ ଦିନରେ ସଙ୍ଗମ ବର୍ଜନୀୟ ।

ସାଧୁ ସନ୍ନ୍ୟାସୀ ଅତିଥିମାନଙ୍କୁ ଅନ୍ନ ବସ୍ତ୍ରାଦିଦ୍ୱାରା ସତ୍କାର କରି ଭକ୍ତି ସ୍ତୁତିଜନଙ୍କ ସେବାରେ ନିଯୁକ୍ତ ରହନ୍ତି । ତଦ୍ରୂପ ବାଲ୍ୟଲୀଳା ( ନାନାପ୍ରକାର ସୁମିଷ୍ଟ ସୁଖାଦ୍ୟ ଦ୍ରବ୍ୟମାନ ନୂତନ ମୃତ୍ତିକା ଭାଣ୍ଡରେ ପୂରଣ କରି ପରଂବ୍ରହ୍ମଙ୍କୁ ଅର୍ପଣ ପୂର୍ବକ ଆବାଳବୃଦ୍ଧ ସମସ୍ତଙ୍କୁ ବ୍ରହ୍ମ ମହାପ୍ରସାଦ ବିତରଣ ) କରି ଘୃତ ଦୀପାବଳୀମାନ ଜାଳି ପ୍ରତି ଶୁକ୍ଳ ଚତୁର୍ଦ୍ଦଶୀରେ ବା ଅନ୍ୟାନ୍ୟ ସମୟରେ ତାହାର ଅନୁଷ୍ଠାନ ପୂର୍ବକ ଆଶ୍ରମମାନଙ୍କରେ ନାମ ଭଜନ ଗାୟନରେ ରାତ୍ରି ଅତିବାହିତ କରନ୍ତି ।

ଉକ୍ତ ସତ୍କାର ସୂତକାଦି ଅଶୌଚ ମଧ୍ୟରେ ନିଷେଧ । ଉକ୍ତ ଅଶୌଚବହିର୍ଭୂତ ନିୟମମାନ ପାଳନ କରି ଗୁରୁଆଜ୍ଞା ଅନୁସାରେ ପବିତ୍ର ଗୋମୟଦ୍ୱାରା ଶୌଚ ହୁଅନ୍ତି । ଗୃହମଧ୍ୟରେ ବା ଶରୀରରେ କୌଣସି ପ୍ରକାର ବିଘ୍ନଜାତ ହେଲେ ପ୍ରଭୁଙ୍କଠାରେ ସାଧୁ ଭକ୍ତଗଣ—ଶରଣ ପ୍ରାପ୍ତ ହୋଇ ଉକ୍ତ ବିଘ୍ନଦୂରୀକରଣ କର୍ମର ଅନୁଷ୍ଠାନ କରନ୍ତି ।

ଅବଧୂତ ସନ୍ନ୍ୟାସାଶ୍ରମ ଗ୍ରହଣ କରିବା ନିମିତ୍ତ ବାଲ୍ୟଯୌବନାଦି ଅବସ୍ଥା ଓ ବ୍ରାହ୍ମଣାଦି ଜାତିଭେଦ ନାହିଁ । କେବଳ ପୂର୍ବସଂସ୍କାରାନୁସାରେ ଯାହାର ହୃଦୟରେ ବିବେକ ବୈରାଗ୍ୟ ଜାତ ହୁଏ, ସେ ସିଦ୍ଧ ଗୁରୁଙ୍କର ଅନୁସରଣ କରି ବିଧିମତେ ଗୃହତ୍ୟାଗ ପୂର୍ବକ ମହିମା ଗାଦି ଗୁରୁପୀଠସ୍ଥାନରେ ସିଦ୍ଧଗୁରୁଙ୍କ ଆଜ୍ଞାନୁସାରେ ସମସ୍ତ ଚିହ୍ନ ପରିତ୍ୟାଗ କରି ମସ୍ତକମୁଣ୍ଡନ ପୂର୍ବକ ଡୋରକୈରିକ ବସ୍ତ୍ର କୌପୀନ ଧାରଣ କରି ଅପର ସନ୍ନ୍ୟାସାଶ୍ରମଭୁକ୍ତ ହୁଅନ୍ତି । ଅପର ସନ୍ନ୍ୟାସୀମାନେ ସେ ସମୟରେ କେବଳ ଦାସୋପାଧି ଲାଭ କରିଥାନ୍ତି । ତତ୍ପରେ ସିଦ୍ଧ ଗୁରୁଜନଙ୍କ ଆଦେଶରେ ନିଯୁକ୍ତ ରହି ବୈରାଗ୍ୟାଦି ସାଧନ ଚତୁଷ୍ଟୟ ସମ୍ପନ୍ନ ହେଲେ, ସେ ସମୟରେ ବ୍ରହ୍ମଭାବନାଦ୍ୱାରା ପରଂବ୍ରହ୍ମ ସହ ଆତ୍ମାର ଐକ୍ୟ ସଂସ୍ଥାପନସହ ଆତ୍ମାକୁ ତତ୍ତ୍ୱମସିରୂପେ ଅବଗତ ହୋଇ ପରମାତ୍ମାରେ ପରମପ୍ରୀତି ସ୍ଥାପନ ପୂର୍ବକ ପରମାନନ୍ଦ ଲାଭ କରନ୍ତି । ଆଉ ମଧ୍ୟ ଅଜପା ସୁର୍ଯ୍ୟରେ ସୋଽହଂଭାବ ଅବଲମ୍ବନ ପୂର୍ବକ ଗୁଣଯୁକ୍ତ ବୟସରେ ଯାହାର ତୀବ୍ର ବୈରାଗ୍ୟ ଜନ୍ମିଥାଏ, ସେହି ବ୍ରହ୍ମଶରଣାପନ୍ନ ବ୍ୟକ୍ତି ଅବଧୂତ ସିଦ୍ଧାଶ୍ରମ ପରସନ୍ନ୍ୟାସୀ ପନ୍ଥାରେ ଭୁକ୍ତ ହେବାର ଉପଯୋଗୀ ହୁଅନ୍ତି । ଅବଧୂତ ସିଦ୍ଧଗୁରୁ ତାହାଙ୍କୁ ମହାବାକ୍ୟ ପ୍ରଭୃତିର ତତ୍ତ୍ୱ ତତ୍ତ୍ୱମସିରୂପେ ଉପଦେଶ ପ୍ରଦାନ କରି ଅବଧୂତ ପରସନ୍ନ୍ୟାସ ପନ୍ଥାରେ ଭୁକ୍ତ କରନ୍ତି ।

ଅବଧୂତ ସିଦ୍ଧଗୁରୁ ମହିମାଗୋସାଇଁଙ୍କର ଆଜ୍ଞାନୁସାରେ ତାଙ୍କୁ ଅବଧୂତ ବଲ୍କଲବାନା ପ୍ରଦାନ କରନ୍ତି । ବୈରାଗ୍ୟସମ୍ପନ୍ନ ବ୍ୟକ୍ତି ତାହାର ଓ ଅପର ସନ୍ନ୍ୟାସୀର ଚିହ୍ନ

ତ୍ୟାଗ କରି ଦିଗମ୍ବର ହୋଇ ଗୁରୁପୀଠ ସ୍ଥାନରେ ବ୍ରାହ୍ମ ମୁହୂର୍ତ୍ତ ସମୟରେ ବଲ୍କଳ ବାନା ଅଲେଖପରଂବ୍ରହ୍ମଙ୍କୁ ଅର୍ପଣପୂର୍ବକ କୌପୀନ ପରିଧାନ କରି, ଅସ୍ଥା ସହିତ ବ୍ରହ୍ମର ଅଭେଦଭାବ ଅବଲମ୍ବନପୂର୍ବକ ବ୍ରହ୍ମ ଦର୍ଶନ କରନ୍ତି । ତତ୍ପରେ ସିଦ୍ଧଗୁରୁ ତାହାଙ୍କୁ 'ବାବା' ଉପାଧି ପ୍ରଦାନ କରି ତାଙ୍କ ସଙ୍ଗେ ଏକତ୍ର ଉପବେଶନ ଓ ଭୋଜନ ପାନ କରନ୍ତି । ଅପର ସନ୍ନ୍ୟାସପନ୍ଥୀ ଓ ଗୃହସ୍ଥପନ୍ଥୀ ତଦ୍ରୂପ ନିଜ ପନ୍ଥାରେ ଏକନ୍ତ୍ର ଶରଣମାନ୍ୟ ହୁଅନ୍ତି । ଉକ୍ତ ଅବଧୂତ ସନ୍ନ୍ୟାସୀମାନେ କାମିନୀ ସଙ୍ଗ ବା ସ୍ପର୍ଶ କରନ୍ତି ନାହିଁ; ସ୍ତ୍ରୀମାନଙ୍କୁ 'ମା' ଶବ୍ଦରେ ସମ୍ବୋଧନ କରନ୍ତି ଓ ସେମାନଙ୍କ ବାସସ୍ଥାନରେ ବାସ କରନ୍ତି ନାହିଁ ।

ସେମାନେ ଏକ ସ୍ଥାନରେ ମଠ କରି ରହନ୍ତି ନାହିଁ । ଏକ ଗ୍ରାମରେ ଏକ ଦିବସ ମାତ୍ର ରହି ଯଦୃଚ୍ଛା ବା ଅଯାଚ୍ଞା-ଭାବେ ଏକ ଗୃହରୁ ପ୍ରାପ୍ତ ଏକବକ୍ତ୍ର ପକ୍ୱାନ୍ନ ବ୍ୟଞ୍ଜନାଦି ସହ ଧର୍ମଶାସ୍ତ୍ରରେ ବା ଗ୍ରାମାନ୍ତରର ସୁନିର୍ମଳ ସ୍ଥାନରେ ନୂତନ ମୃତ୍ତିକା ପାତ୍ରରେ ବା ଉମ୍ଭିଦ ପାତ୍ରରେ ଅଳ୍ପ କିମ୍ବା ବା ଭଲ ମନ୍ଦ ନ ଭାବି ବ୍ରହ୍ମ ସ୍ମରଣପୂର୍ବକ ଅନନ୍ୟ ମନରେ ଭୋଜନ କରନ୍ତି; ପର ଦିବସ ନିମିତ୍ତ ଭିକ୍ଷା ଦ୍ରବ୍ୟ ସଞ୍ଚିତ ରଖନ୍ତି ନାହିଁ; ଅଥବା ଭିକ୍ଷା ଦ୍ରବ୍ୟ ନେଇ ଏକ ସ୍ଥାନରୁ ସ୍ଥାନାନ୍ତରକୁ ପ୍ରସ୍ଥାନ କରନ୍ତି ନାହିଁ । ସ୍ୱୟଂ ଭିକ୍ଷା ଦ୍ରବ୍ୟ ରନ୍ଧନ କରିବା ଉକ୍ତ ଆଶ୍ରମ ବିଧାନରେ ନିଷିଦ୍ଧ । ସେମାନେ ଯାହା ଦ୍ୱାରେ ଭିକ୍ଷା କରନ୍ତି, ତାହାର ମଙ୍ଗଳ ନିମିତ୍ତ ପ୍ରଭୁଙ୍କଠାରେ ପ୍ରାର୍ଥନା କରନ୍ତି । ଅବଧୂତ ସନ୍ନ୍ୟାସୀମାନେ କାମିନୀକାଞ୍ଚନ-ଶୂନ୍ୟ ଗୃହରେ ବା ବୃକ୍ଷମୂଳରେ ଅବସ୍ଥାନ କରନ୍ତି; ସାୟଂ-କାଳରେ ଧୂନିସ୍ଥାପନପୂର୍ବକ ବ୍ରହ୍ମଶରଣ ଭଜନ କରି ଆଗନ୍ତୁକ ବ୍ୟକ୍ତିମାନଙ୍କୁ ସଦୁପଦେଶ ପ୍ରଦାନପୂର୍ବକ ବିଳାସ ଆସନ ତ୍ୟାଗପୂର୍ବକ ଭୂପୃଷ୍ଠରେ ଶୟନ ଓ ଉପବେଶନ କରନ୍ତି । ପର ଦିନ ପ୍ରାତଃକାଳରୁ ଦର୍ଶନ ଭଜନ ଶେଷ କରି ଗ୍ରାମରେ ଭିକ୍ଷାଗ୍ରହଣପୂର୍ବକ ଗ୍ରାମର ମଙ୍ଗଳ ବାଞ୍ଛା କରି ଅନ୍ୟ ସ୍ଥାନକୁ ପ୍ରସ୍ଥାନ କରନ୍ତି । ଭିକ୍ଷା ଅପ୍ରାପ୍ତ ହେଲେ ଗ୍ରାମାନ୍ତର ଜଳାଶୟରେ ଜଳପାନ କରି ଗ୍ରାମର ମଙ୍ଗଳବାଞ୍ଛା କରିବା ସେମାନଙ୍କ ସ୍ୱାଭାବିକ ଧର୍ମନୀତି ଅଟେ ।

ସେମାନେ ଏକ ଗ୍ରାମରେ ଏକ ଦିନରୁ ଅଧିକ ନ ରହି ସତ୍ୟମହିମାଧର୍ମ ପ୍ରଚାରାର୍ଥ ଭିନ୍ନ ଭିନ୍ନ ଗ୍ରାମରେ ବିଚରଣ କରନ୍ତି । ଯଦି କେହି ତାହାଙ୍କୁ ଅର୍ଥ ପ୍ରଦାନ କରନ୍ତି, ତାହା ଉପଯୁକ୍ତ ପ୍ରକାରେ ବ୍ୟୟ କରନ୍ତି ।

ସେମାନେ ଉପବୀତ ଓ ମାଳା ପ୍ରଭୃତି ଧାରଣ ନ କରି ଦଣ୍ଡକୌପୀନ ଓ ତାଳପତ୍ର ପଙ୍ଖା ଅତପତ୍ରରୂପେ ଧାରଣ କରି ଥାଆନ୍ତି । ସେମାନେ ତାମ୍ବୁଳ ଭକ୍ଷଣ କରନ୍ତି ନାହିଁ; ଯାନ ବାହାନାଦି ଅପେକ୍ଷା ନ କରି ସ୍ୱପଦରେ ଗମନ କରନ୍ତି; ତୀର୍ଥ, ବ୍ରତ, ଯଜ୍ଞାଦି ମେଳା, ମହୋତ୍ସବ ସ୍ଥାନକୁ ଗମନ କରନ୍ତି ନାହିଁ; ଜଗତ ମଙ୍ଗଳାର୍ଥେ ସର୍ବଦା ପ୍ରଭୁଙ୍କୁ ଜଣାଇ ଲୋକ-ମାନଙ୍କୁ ବ୍ରହ୍ମଜ୍ଞାନ ଭକ୍ତିଯୋଗର ଉପଦେଶ ପ୍ରଦାନ କରନ୍ତି । ଅସ୍ପୃଶ୍ୟ, ନୃପ, ନାପିତ, ରଜକ, ଗଣକ, ଗଣିକା, ଭୋଗମାଳୀ, ଭଣ୍ଡ, ବୈଦ୍ୟ, ଭିକ୍ଷାଜୀବୀ ଓ ଗୁପ୍ତି ବୈଷ୍ଣବ ପ୍ରଭୃତି ନୈବେଦ୍ୟାହାରୀ ବ୍ୟକ୍ତିଙ୍କ ଗୃହରେ ସତ୍ୟମହିମାଧର୍ମର ସାଧୁ ସନ୍ନ୍ୟାସୀ ବା ଗୃହସ୍ଥ ଭକ୍ତଗଣ ଭୋଜନ କରନ୍ତି ନାହିଁ; ତଦ୍ରୂପ ଶ୍ରାଦ୍ଧାନ୍ନ ଓ ବନ୍ଧୁମେଳ ଅନ୍ନ ଭୋଜନ କରନ୍ତି ନାହିଁ; ଉକ୍ତ ଦେବନୈବେଦ୍ୟାହାରୀ ବ୍ୟକ୍ତି ସତ୍ୟମହିମାଧର୍ମରେ ଦୀକ୍ଷିତ ହେଲେ ତାଙ୍କ ପ୍ରତି ଘୃଣା ପରିହାର କରନ୍ତି; ଯେ କେହି ସାଧୁ ସନ୍ନ୍ୟାସୀ ଦେହ ତ୍ୟାଗ କଲେ, ଉକ୍ତ ଘଟକୁ ଭୂମି ମଧ୍ୟରେ ସମାଧି କରିଦିଅନ୍ତି । ଏକ ଅଲେଖ ପରଂବ୍ରହ୍ମଙ୍କୁ ଉପାସନା କରିଯାଏ ବୋଲି ଏହି ସତ୍ୟମହିମାଧର୍ମକୁ ମଧ୍ୟ ଅଲେଖଧର୍ମ ବୋଲି କୁହାଯାଏ । ଉକ୍ତ ଅବଧୂତ ପର ସନ୍ନ୍ୟାସୀମାନେ କୁମ୍ଭୀ ବୃକ୍ଷର ବଲ୍କଳ ଧାରଣ କରୁଥିବା ହେତୁ, କେହି କେହି ସାଧାରଣ ବ୍ୟକ୍ତି ଏମାନଙ୍କୁ କୁମ୍ଭିପଟିଆ ବୋଲି କହନ୍ତି ।

ବର୍ତ୍ତମାନ ସତ୍ୟ ମହିମାଧର୍ମ ଉତ୍କଳ, ବଙ୍ଗ, ବିହାର ପ୍ରଭୃତି ଦେଶରେ ଓ ଦକ୍ଷିଣାଞ୍ଚଳ ହାଇଦ୍ରାବାଦ, କୃଷ୍ଣା, ଇଲୁରୁ ଓ ଗୋଦାବରୀ ପ୍ରଭୃତି ସ୍ଥାନରେ ଓ ପଶ୍ଚିମାଞ୍ଚଳ ସୁଦୂର ଇନ୍ଦୋର ରାଜ୍ୟ ପର୍ଯ୍ୟନ୍ତ ବ୍ୟାପି ଅଛି । ସତ୍ୟମହିମାଧର୍ମ ତତ୍ତ୍ୱର ତାତ୍ପର୍ଯ୍ୟ ବୁଝିବାକୁ ହେଲେ ମହିମାଧର୍ମ ପ୍ରତିପାଦକ ଗ୍ରନ୍ଥ ଦେଖନ୍ତୁ—ଲେଖକ. ବ୍ରହ୍ମଅବଧୂତ ଶ୍ରୀ ବିଶ୍ୱନାଥ ବାବା । ]

**ମହିମାଧର୍ମୀ**—ଦେ. ବିଣ—ମହିମାଧର୍ମ ଅବଲମ୍ବନକାରୀ ( ବ୍ୟକ୍ତି )—
Mahimādharmī ( person ) Following the creed of the Mahimādharma.

**ମହିମା ବ୍ୟଞ୍ଜକ**—ଦେ. ବିଣ (ସଂ. ମହିମାବ୍ୟଞ୍ଜକ) —ମାହାତ୍ମ୍ୟଜ୍ଞାପକ—
Mahimā byañjaka महिमा व्यञ्जक Indicating glory.

**ମହିମାର୍ଣ୍ଣବ**—ସଂ ବିଣ—ସମୁଦ୍ର ପରି ଅପରିମେୟ ଗୌରବବିଶିଷ୍ଟ—
Mahimārṇṇaba Having illimitable glory; very glorious.

**ମହିମିତା**—ଦେ. ବିଣ—ମହିମାଯୁକ୍ତା—Endowed with glory
Mahimitā or excellence. [ ଉ—ଏ ଉତ୍କଳ ମହୀ କୁହେ ମହିମିତା ସ୍ୱଭାବ ସମ୍ପଦେ—ଚନ୍ଦ୍ରାମଣି. ବିକ୍ରମାଦିତ୍ୟ ]

**ମହିମ୍ନ**—ଦେ. ବି. ( ମହିମନ୍ ଶବ୍ଦର ୬ଷ୍ଠୀ ବିଭକ୍ତି ଏକବଚନ ମହିମ୍ନଃ
Mahimna ଶବ୍ଦ; ଶିବଙ୍କର ଏ ସ୍ତୋତ୍ରର ଆଦ୍ୟରେ 'ମହିମ୍ନଃ
महिम्न महिम्न ପାରନ୍ତେ' ଥିବାରୁ )—ଶିବଙ୍କର ପ୍ରସିଦ୍ଧ ସ୍ତୋତ୍ର-( ମହିମ୍ନସ୍ତବ, ମହିମ୍ନସ୍ତୋତ୍ର—ଅନ୍ୟରୂପ ) ବିଶେଷ—Name of a celebrated hymn to Śiba.

**ମହିର୍(ରି)ଗିରିଆ**—ଦେ. ବି— ମଇରିଗିରିଆ ( ଦେଖ )
Mahir(ri)giriā Mairigiriā ( See )

**ମହିର**—ସଂ. ବି. ( ମହ ଧାତୁ+କର୍ମି. ଇର )—୧ । ସୂର୍ଯ୍ୟ—
Mahira 1. The Sun ( Apte ). ୨ । ଅର୍କଗଛ—
2. Calotropis Gigantea ( tree ).

**ମହି(ଇ)ରା**—ଦେ. ବି. ( ସଂ. ମୋଦକକାର )—ଗୁଡ଼ିଆ—
Mahi(i)rā मयरा हलवाइ, मोदी Confectioner.

ମହିରଣ—ଦେ. ବି. (ଗ୍ରାମ୍ୟ ପଦ୍ୟ) ( ସଂ. ମହି + ରାଜନ୍ )—ରାଜା—
Mahirāṇa ମহিরাজ महिराणा King.

ମହି(ଇ)ରି ପରି ଗଡ଼ିବା—ଦେ. କ୍ରି—ଅତି ବେଦନା ଯୋଗୁଁ ଭୂଇଁରେ
Mahi(i)ri pari gaṛibā ଲୋଟିବା—To wallow or
মাটিতে গড়াগড়ি দেওয়া roll on the ground in great
भूमिमे छटपटाना agony.

ମଇଁଷି ଭଳି ଗଡ଼ିବା, ମହିଷ ପରି
ଲୋଟିବା, ମହିଷ ଭଳି ଲୋଟିବା } ଅନ୍ୟରୂପ

ମହି(ହେ)ଳା—ସଂ. ବି. ସ୍ତ୍ରୀ ( ମହ୍ ଧାତୁ + କର୍ମ. ଇଳ + ଆ )—୧ ।
Mahi(he)ḷā ନାରୀ—1. Woman. ୨ । ରାଣୀ—
2. A queen. ୩ । ମଦମତ୍ତା ସ୍ତ୍ରୀ—3. A woman excited with lust; an amorous or intoxicated woman (Apte). ୪ । ଗନ୍ଧଦ୍ରବ୍ୟ ବିଶେଷ; ରେଣୁକା ( ହି. ଶ. )—4. A kind of scented herb. ୫ । ପ୍ରିୟଙ୍ଗୁଲତା—5. Ichno-
মহিলা carpus Frutescens ( creeper ). ଦେ. ବି—
महिला ଭଦ୍ରବଂଶୀୟା ସ୍ତ୍ରୀ—A lady.

ମହିଶୂର୍—ଦେ. ବି. ( ସଂ. ମହୀଶୂର )—ଦକ୍ଷିଣ ଭାରତର ସ୍ୱାଧୀନ ରାଜ୍ୟ
Mahisūr —The state of Mysore in S. India.
মহিশূর, মৈশূর मैसूर

ମହିଷ—ସଂ. ବି. ପୁଂ ( ମହ୍ ଧାତୁ + କରଣ ବା କର୍ମ ଟିଷ )—୧
Mahisha ମଇଁଷି—1. Buffalo. [ ଦ୍ର—ଏ ଯମଙ୍କର
(ମହିଷୀ—ସ୍ତ୍ରୀ) ବାହନ ଅଟେ । ] ୨ । ମହିଷାସୁର; ଅସୁର ବିଶେଷ ( ଏହାଙ୍କୁ ଦୁର୍ଗା ବଧ କରିଥିଲେ )—2. Name of a demon killed by Durgā ୩ । କ୍ଷତ୍ରିୟ ପିତା ଓ ବୈଶ୍ୟ ମାତାଠାରୁ ଜାତ ବର୍ଣ୍ଣସଙ୍କର ଜାତି ବିଶେଷ ( ହି. ଶ. )—3. Name of a mixed caste amongst the Hindus.

ମହିଷ(ଷୀ) କନ୍ଦ—ସଂ. ବି (ଏହାର ବାହାର ମଇଁଷି ପରି ଗାଢ଼ ଓ ଲୋମ-
Mahisha(shī) kanda ଯୁକ୍ତ ଥିବାରୁ )—ଧଳା ଦେଶୀଆଳୁ—
ସଂ. ଶୁଭ୍ରାଳୁ, ଶୁକ୍ଳକନ୍ଦ White yam.

ମହିଷ(ଷି) ଟିପା—ଦେ. ବି—ଦୁଷ୍ଟ ମଇଁଷି ବେକରେ ବନ୍ଧା ହୋଇଥିବା
Mahisha(shi) ṭipā କାଠର ଘଣ୍ଟି—A wooden bell
(ମହିଷ ଟିପେଇ—ଅନ୍ୟରୂପ) hung from the neck of a
गलघण्ट भैंसकाघण्टि vicious buffalo.

ମହିଷଧ୍ୱଜ—ସଂ. ବି. ପୁଂ ( ବହୁବ୍ରୀହି )—ଶମନ; ଯମ—
Mahisha dhwaja The God of death.
(ମହିଷ ବହନ, ମହିଷ ବାହନ—ଅନ୍ୟରୂପ)

ମହିଷ ପଟା—ଦେ. ବି—ବାଲେଶ୍ୱରର ଗୋଟିଏ ପର୍ବତର ନାମ—
Mahisha paṭā Name of a mountain in Balasore. [ ଭି—ମେଦେନୀପୁର-ବନ୍ଧ ଅବାଧେ ଭେଦନ୍ତି ମହିଷ ପଟା । ରାଧାନାଥ. ଉଷା । ]

ମହିଷପାଳ—ସଂ. ବି. ପୁଂ—ମଇଁଷି ଜଗିବା ବ୍ୟକ୍ତି—A person
Mahishapāla who tends buffaloes.
(ମହିଷପାଳକ—ଅନ୍ୟରୂପ)

ମହିଷ ବଳି—ସଂ. ବି—ଶାରଦୀୟ ଦୁର୍ଗାପୂଜା ସମୟରେ ଦୁର୍ଗାଙ୍କ ଆଗରେ
Mahisha bali କଟାଯିବା ମଇଁଷି ବୋଦା—A buffalo killed as a victim before Durgā.

ମହିଷ ବଲ୍ଲୀ—ସଂ. ବି—ସୋମଲତା ପରି ଏକପ୍ରକାର ଲତା—A kind
Mahishaballī of medicinal creeper.
[ ଦ୍ର—ଏହା ଔଷଧରେ ବ୍ୟବହୃତ ହୁଏ । ]

ମହିଷ ମତ୍ସ୍ୟ—ସଂ. ବି—କୃଷ୍ଣବର୍ଣ୍ଣ ଶଲ୍କଯୁକ୍ତ ରୋହିମାଛ ଶ୍ରେଣୀର ବଡ଼
Mahisha matsya ମାଛ; କଳାବାଇଁସି ମାଛ—A kind
কালবস্থ; কালবাস of big fresh water fish with scales ( of blackish colour ); Labeo Calbasu. [ ଦ୍ର—ଏମାନେ ମଧୁର ପାଣିରେ ରହନ୍ତି । ମୁହଁ ପାଖରେ ୨ଟା ବଡ଼ ଓ ୨ଟା ସାନ ଲଙ୍ଗ ଥାଏ । ]

ମହିଷ ମର୍ଦ୍ଦିନୀ—ସଂ. ବି. ସ୍ତ୍ରୀ ( ମହିଷ + ମର୍ଦ୍ଦିନ୍ + ସ୍ତ୍ରୀ. ଈ )—ମହିଷାସୁର
Mahisha marddinī ବିନାଶିନୀ ଦେବୀ; ଦଶଭୁଜା ଦୁର୍ଗା—
Durgā who killed the demon Mahishāsura. [ ଦ୍ର —ଶରତ୍‌କାଳରେ ଦୁର୍ଗାଙ୍କୁ ଏହି ରୂପରେ ପୂଜା କରାଯାଏ; ମହିଷାସୁରବଧ ବିଷୟ ଚଣ୍ଡୀ ପୁରାଣର ୨ୟ ଓ ୩ୟ ଅଧ୍ୟାୟରେ ବର୍ଣ୍ଣିତ ହୋଇଅଛି । ]

ମହିଷ ଘାତିନୀ
ମହିଷଘ୍ନୀ
ମହିଷ ମଥନୀ } ଅନ୍ୟରୂପ
ମହିଷ ମର୍ଦ୍ଦନୀ
ମହିଷ ସୂଦନୀ

ମହିଷାର୍ଦ୍ଦନ—ସଂ. ବି—କାର୍ତ୍ତିକେୟ ( ହି. ଶ )—
Mahishārddana A name of Kārttikeya.

ମହିଷାଳ—ଗ୍ରା. ବି ( ସଂ. ମହିଷପାଳ )—ମହିଷପାଳ ( ଦେଖ )—
Mahishāḷa Mahisha pāḷa ( See ) [ ଭି—
(ମହିଷିଆଳ—ଅନ୍ୟରୂପ) ମହାକଷ୍ଟ-ପଠାବାସୀ ମହିଷାଳ । ରାଧାନାଥ. ଚନ୍ଦ୍ରଭାଗା । ]

ମହିଷାସୁର—ସଂ. ବି. ପୁଂ—୧ । ଦୈତ୍ୟ ବିଶେଷ—1. Name of a
Mahishāsura demon. [ ଦ—ଏ ଶିବଙ୍କର ବରପୁତ୍ର
(ମହିଷେଶ—ଅନ୍ୟରୂପ) ରମ୍ଭାସୁର ନାମକ ଅସୁର ଶିବଙ୍କ ତପସ୍ୟାରେ ସନ୍ତୁଷ୍ଟ କରି ଏହି ପୁତ୍ରଲାଭ କରିଥିଲା । ଏ ଅତ୍ୟନ୍ତ ଦୁର୍ଦ୍ଦାନ୍ତ ହୋଇ ଉଠିବାରୁ ଦେବତାମାନଙ୍କ ଅନୁରୋଧରେ ହରିହରଙ୍କ ତେଜସମ୍ଭୂତା ଭଗବତୀ ବା ଦୁର୍ଗା ଏହାକୁ ବଧ କରିଥିଲେ । (ଚଣ୍ଡୀ ପୁରାଣ ୨ୟ ଓ ୩ୟ ଅଧ୍ୟାୟ) ଏହାର ପ୍ରତିରୂପ ବର୍ତ୍ତମାନ ପର୍ଯ୍ୟନ୍ତ ଦୁର୍ଗାଙ୍କ ନିକଟରେ ଦୁର୍ଗାପୂଜା ସମୟରେ ମହିଷ ବଳି ଦିଆଯାଏ । ] ୨ । ସ୍କନ୍ଦଙ୍କଦ୍ୱାରା ନିହତ ଦୈତ୍ୟ—2. A demon killed by Skanda. [ଭି—ଭୂମ୍ଭ ବନା ମହିଷଙ୍କୁ ଅନ ଲୋକ ଦେଖାଇ ନ ପାରଇ ଯମଙ୍କର ଲୋକ । କୃଷ୍ଣସିଂହ. ମହାଭାରତ. ବନ । ]

ମହିଷାସୁର ମର୍ଦ୍ଦିନୀ—ସଂ. ବି. ସ୍ତ୍ରୀ—ମହିଷ ମର୍ଦ୍ଦିନୀ ( ଦେଖ )
Mahishāsura marddinī Mahisha marddinī (See)

ମହିଷୀ—ସଂ. ବି. ସ୍ତ୍ରୀ ( ମହିଷ + ଈ )—୧ । ସ୍ତ୍ରୀ ମହିଷ; ମାଈ ମଇଁଷି—
Mahishī 1. A she-buffalo. [ ଭି—ବିଶାଳ ସ୍ନେହ-ଜାଲ, ଜୀବନ ପିବାର ମୂଳ, ହେଲା ଅସୁର ରୂପ ମହିଷୀ ଯେ ।

ଉଷ. ବୈଦେହୀଶବିଳାସ । ] ୨ । କୃତାଭିଷେକା ରାଣୀ—2. The chief queen of a king; the queen consort. ୩ । ବ୍ୟଭିଚାରିଣୀ ସ୍ତ୍ରୀ—3 An adulteress. ୪ । ବ୍ୟଭିଚାରିଣୀ ସ୍ତ୍ରୀର ଉପାର୍ଜିତ ଧନ—4. Money earned by a woman by adultry. ୫ । ସୈରିନ୍ଧ୍ରୀ—5. A lady's maid (Apte). ୬ । ନିଜର ସ୍ତ୍ରୀର ବ୍ୟଭିଚାର ଲବ୍ଧ ଧନ—6. Money earned by the prostitution of one's wife (Apte). ୭ । ରାଣୀ—7. A queen in general (Apte).

ମହିଷ୍ଠ—ସ. ବଣ. ପୁଂ—(ମହତ୍ + ଅତିଶୟାର୍ଥେ ଇଷ୍ଠ)—ଅତିଶୟ ମହତ୍ ବା ବଡ଼—Very great; noblest.
Mahishtha
(ମହିଷ୍ଠା—ସ୍ତ୍ରୀ)

ମହୀଆଳୀ(ଳ)—ଦେ. (ପଦ୍ୟ) ବି—ଭୂମି; ପୃଥିବୀ—Earth.
Mahīālī(la) [ଉ—ସେ ପୁତ୍ର ପାଣ୍ଡବହିଁ ସେନ ତ ପାଞ୍ଚାଳୀ, ମଣ୍ଡିଲେ ନବ ଇନ୍ଦ୍ରପ୍ରସ୍ଥ ମହୀଅଳ । କୃଷ୍ଣସିଂହ. ମହାଭାରତ ଆଦି ।]

ମହୀ ଇନ୍ଦ୍ର—ଦେ. ବି. (ପଦ୍ୟ) (ସ. ମହୀନ୍ଦ୍ର)—ରାଜା—King. [ଉ—
Mahī indra ମାନ୍ଧାତା ନାମେ ମହୀ ଇନ୍ଦ, ତାର ଭ୍ରମର ମୁକୁନ୍ଦ । ଜଗନ୍ନାଥ. ଭାଗବତ ।]
मही॑न्द्र महीन्द्र

ମହୀ(ହି)କ୍ଷିତ୍—ସ. ବି (ମହୀ+କ୍ଷି ଧାତୁ—ପ୍ରଭୁତ୍ୱ କରିବା+କର୍ତ୍ତୃ. କ୍ୱିପ୍)—
Mahī(hi)kshit ଭୂପତି; ରାଜା—King. [ଉ—ମାତା
(ମହୀକ୍ଷିତ—ଦେଶଜରୂପ) ଧର୍ମ ପୁତ୍ରା ସ୍ୱରୂପା ମହୀକ୍ଷିତ । ତା ପରେ ପୁତ୍ର ରୂପେ ପିତା ହୁଏ ଜାତ । କୃଷ୍ଣସିଂହ. ମହାଭାରତ. ଆଦି ।]

ମହୀ(ହି)ଗତ—ସ. ବଣ—୧ । ପୃଥିବୀରେ ପତିତ—1. Fallen to
Mahī(hi)gata the ground. ୨ । ଭୂପୃଷ୍ଠରେ ଲଗ୍ନ—2. Attached to the ground. ୩ । ଭୂମିରେ ଶାୟିତ—3. Lying on the ground. [ଉ—ହୁଦେ ହେବା ସଙ୍ଗାତ, ମୁ ହେବି ମହୀଗତ ମହେନ୍ଦ୍ରବନରେ । କବିସୂର୍ଯ୍ୟ. ସଙ୍ଗୀତ ।]

ମହୀ(ହି)ଜ—ସ. ବଣ—(ମହୀ + ଜନ୍ ଧାତୁ+କର୍ତ୍ତୃ.ଅ)—ଭୂମିରୁ ଜାତ
Mahī(hi)ja ବା ଉତ୍ପନ୍ନ—Produced or born from
(ମହୀଜା—ସ୍ତ୍ରୀ) the earth. ସ. ବି—୧ । ମଙ୍ଗଳଗ୍ରହ—1. The planet Mars. ୨ । ନରକାସୁର—2. Name of a demon. ୩ । ଆର୍ଦ୍ରକ; ଅଦା—(ହି. ଶ)—3. Ginger.

ମହୀ(ହି)ଦେବ—ସ. ବି—ବ୍ରାହ୍ମଣ— Brāhmana. [ଉ—ଶୁଣି
Mahī(hi)deba ମହୀଦେବ ହସ୍ତରେ ପଡ଼ିବା ବହୁ ପୁଲକିତ ଗାତ୍ରକୁ । ଉଷ. ଲାବଣ୍ୟବତୀ ।]

ମହୀଧର—ସ. ବି—(ମହୀ+ଧୃ ଧାତୁ+କର୍ତ୍ତୃ. ଅ)—୧ । ପର୍ବତ—
Mahīdhara 1. Mountain. ୨ । ଶେଷ ନାଗ; ବାସୁକି-
(ମହୀଧ୍ର; ମହୀଧ୍ରକ—ଅନ୍ୟରୂପ) 2. The great mythological serpent, holding up the universe on his hood.

ମହୀନ୍ଦ୍ର—ସ. ବି—( ମହୀ+ଇନ୍ଦ୍ର )—୧ । ମହୀପ (ଦେଖ)—1.
Mahīndra Mahīpa (See) ୨ । ରାମାୟଣ ବର୍ଣ୍ଣିତ ମର୍କଟ ଯୂଥପତି ବିଶେଷ—2. A monkey-chief described in the Rāmāyana [ଉ—ବକାଣି ମହୀନ୍ଦ୍ର ଶିଖି ମହୀନ୍ଦ୍ରେ ଚପଳ । ଉଷ. ବୈଦେହୀଶବିଳାସ ।]

ମହୀନ୍ଦ୍ର ବାହାଦୁର—ଦେ. ବି—ଓଡ଼ିଶା ଗଡ଼ଜାତ ଢେଙ୍କାନାଳ ରାଜ-
Mahīndra bāhādur ବଂଶର ଉପାଧି—A family title of the Ruling Chief of Dhenkānāl State. [ଉ—ତ୍ରିଲୋଚନ ନାମେ ଖ୍ୟାତ ଯେ; ରାଜ ମହୀନ୍ଦ୍ର ବାହାଦୁର ହସାର ମଧ୍ୟେ ବିଦିତ ଯେ । ବ୍ରଜନାଥ. ସମର ତରଙ୍ଗ । ] [ ଦ୍ର—ଏ ଉପାଧି ପୁରୀର ଗଜପତି ମହାରାଜା ଢେଙ୍କାନାଳର ରାଜା ତ୍ରିଲୋଚନ (୧୭୬୪—୧୭୯୮)ଙ୍କୁ ତାଙ୍କର ଶୌର୍ଯ୍ୟ ଓ ଗୁଣରେ ମୁଗ୍ଧ ହୋଇ ଦେଇଥିଲେ । ସେହି କାଳରୁ ଢେଙ୍କାନାଳର ରାଜାମାନେ ବଂଶାନୁକ୍ରମେ ଏ ଉପାଧିରେ ଭୂଷିତ ହୋଇ ଆସୁଅଛନ୍ତି ।]

ମହୀ(ହି)ପ—ସ. ବି—( ମହୀ + ପା ଧାତୁ+କର୍ତ୍ତୃ. ଅ)—ନୃପତି; ଭୂପତି;
Mahī(hi)pa ରାଜା—King.
[ମହୀ(ହି)ପତି, ମହୀ(ହି)ପାଳ—ଅନ୍ୟରୂପ]

ମହୀ(ହି)ପ୍ରାଚୀର—ସ. ବି—ସମୁଦ୍ର—The sea.
Mahī(hi) prāchīra

ମହୀ(ହି)ମଣ୍ଡନ—ସ. ବଣ. ପୁଂ—ଯେଉଁ ବ୍ୟକ୍ତି ଆପଣାର ଅଙ୍ଗଶୋଭା
Mahī (hi) mandana ଦ୍ୱାରା ପୃଥିବୀକୁ ବା ଭୂପୃଷ୍ଠକୁ ମଣ୍ଡିତ ବା
(ମହୀମଣ୍ଡନା—ସ୍ତ୍ରୀ) ଶୋଭିତ କରେ—One who adorns the earth place with his beauty

ମହୀମହିଳା—ସ. ବି—ପୃଥିବୀର ଯାବତୀୟ ସ୍ତ୍ରୀ—All the women
Mahīma(hi)lā of the world. [ଉ—ମହୀମହିଳା ବଦନ ତିଳକ, ମହିମା ମହିମ କରେ ତ୍ରୈଲୋକ୍ୟ—ଉଷ. କୋଟିବ୍ରହ୍ମାଣ୍ଡସୁନ୍ଦରୀ । ]

ମହୀୟାନ୍—ସ. ବଣ. ପୁଂ (ମହତ୍+ଅତିଶୟାର୍ଥେ ଈୟସ୍; ୧ମା ୧ବ)—
Mahīyān ଅତି ମହତ୍—Very great or noble.
( ମହୀୟସୀ—ସ୍ତ୍ରୀ )

ମହୀୟମାନ—ସ.ବଣ. ପୁଂ (ମହ୍ ଧାତୁରୁ ମହୀୟ ନାମ ଧାତୁ+କର୍ତ୍ତୃ.
Mahījyamāna ଆନ )—୧ । ପୂଜ୍ୟ—1. Fit to be worshipped. ୨ । ପୂଜ୍ୟମାନ—2. Being worshipped
(ମହୀୟମାନା—ସ୍ତ୍ରୀ)

ମହୀ(ହି)ରାବଣ—ଦେ. ବି—ଅସୁରବିଶେଷ—Name of a demon.
Mahī(hi)rābana [ ଦ୍ର—ଏ ପାତାଳରେ ବାସ କରୁଥିଲା ।
महिरावण ଲକ୍ଷ୍ମଣ ଇନ୍ଦ୍ରଜିତଙ୍କୁ ମାରିବା ପରେ ଏ ରାମ ଲକ୍ଷ୍ମଣଙ୍କ ଚୋରାଇ ନେଇ ପାତାଳରେ ରଖିଲା । ପରେ ହନୁମାନ୍ ପାତାଳକୁ ଯାଇ ଏହାକୁ ବଧ କରି ରାମ ଓ ଲକ୍ଷ୍ମଣଙ୍କୁ ଉଦ୍ଧାର କଲା । ଏ ଚରିତ ବାଲ୍ମୀକି ରାମାୟଣରେ ବା କୌଣସି ସଂସ୍କୃତ ପୁରାଣରେ ନାହିଁ ।

ବଳରାମ ଦାସଙ୍କ ରାମାୟଣ ମତରେ ଏ ଇନ୍ଦ୍ରଜିତର ପୁଅ (ଯଥା;—ଇନ୍ଦ୍ରଜିତ ସୁତ ମହୀରାବଣ ବୀର, ପାତାଳ

ଭୂବନେ ଅଟେ ସେ ବଣ୍ଡଧର ) । ଭକ୍ତ ବୈବେସ୍ତୁପବଜାସ ମତରେ ଏ ସ୍ତବଣର ପୁତ୍ର ଯଥା; ( ଉ—ବଂଗ୍ଳ ମହୀସ୍ତବଗ ନାମର, ବାଣ୍ଟେ ମହୁମ ବସ୍ତୁ ଉପର ।) ବୃଦ୍ଧ ଖଦଖାରବରେ ଏହାଙ୍କୁ ସ୍ତବଣର ପୁତ୍ର ବୋଲ ଯାଉଅଛୁ । ]

ମହୀ(ହି)ରୁହ—ସ. ବ (ମହୀ+ରୁହ୍ ଧାତୁ+କର୍ତ୍ତୃ.ଅ )—ବୃକ୍ଷ; ଗଛ—
Mahī(hi)ruha Tree.

ମହୀ(ହି)ଲତା—ସ. ବ ( ମହୀ+ଲତା; ରୂପକ )—ଜଅ; କେଞ୍ଚୁଆ—
Mahī(hi)latā Earthworm.

ମହୀଶ—ସ. ବ ( ୬ଷ୍ଠୀ ତତ୍; ମହୀ+ଈଶ)—ଭୂପତି; ରାଜା—
Mahīśa King.

ମହୀଶୂର—ସ. ବ—ମହୀଶୂର୍ ( ଦେଖ )
Mahīśūra Mahiśūr ( See )

ମହୀସାଇଁ—ଦେ. ବ. ( ସ. ମହୀସ୍ୱାମୀ )—ରାଜା; ମହୀପତି—King.
Mahīsāiṅ [ ଉ—ତପସ୍ୟା କଲେ ଲୋକ ହୁଏ ମହୀସାଇଁ—
মহীপতি महीसाइँ କୃଷ୍ଣସିଂହ. ମହାଭାରତ. ବନ । ]

ମହୀ(ହି)ସୁତ—ସ. ବ. ପୁଂ (୬ଷ୍ଠୀ ତତ୍ )—୧ । ମଙ୍ଗଳଗ୍ରହ—1. The
Mahī(hi)suta planet Mars. ୨ । ନରକାସୁର—
2. Name of a demon.

ମହୀ(ହି)ସୁତା—ସ. ବ. ସ୍ତ୍ରୀ—(ଏ ପୃଥିବୀପୃଷ୍ଠରୁ ମିଳିଥିବାରୁ)—ସୀତା-
Mahī(hi)sutā ( ମହୀଜା—ଅନ୍ୟରୂପ ) A name of
Sitā

ମହୁ—ଦେ. ବ ( ସ. ମଧୁ; ପ୍ରା. ମହୁ )—୧ । ମଧୁ—1 Honey.
Mahu [ ଉ—ମଧୁ ଶବ୍ଦେ ଟୀକା ଦେଖ । ] ୨ । ପୁଷ୍ପର ମଧୁ;
মউ, মৌ ମକରନ୍ଦ—2. The sweet juice found inside
मधु, शहद the flowers. ୩ । ମହୁମାଛି—3. Bee.
ସ. ମଧୁ

ମହୁଆ—ଦେ. ବଣ—ମହୁପରି ମିଠା—Sweet like honey.
Mahuā महुया महुआ ବ—୧ । ମହୁଲ—1. Bassia
Latifolia. ୨ । ଗୋରୁଙ୍କର ଏକପ୍ରକାର ଚର୍ମରୋଗ—
2. A kind of skin disease of cattle.
[ ଦ୍ର—ଏ ରୋଗ ସାଧାରଣତଃ ଗୋରୁ ବା ମଇଁଷି ବାଛୁରୀଙ୍କ ଦେହରେ ମଲା ମଲା ହୋଇ ଦେଖାଯାଏ । ]

ମହୁଆ ଆଳୁ—ଦେ. ବ ( ସ. ମଧ୍ୱାଳୁ )—ମଧୁମୂଳ ( ଦେଖ )—
Mahuā ālu মউআলু Madhumūla ( See )
मिठाआलू ( ମହୁଅଳୁ—ଅନ୍ୟରୂପ )

ମହୁଆ ମଦ—ଦେ. ବ—ମହୁଲ ମଦ ( ଦେଖ )
Mahuā mada Mahula mada ( See )

ମହୁଆ ମାରିବା—ଦେ. ବ—( ବାଛୁରୀ ଦେହରେ ) ମହୁଆ ରୋଗ
Mahuā māribā ପ୍ରକାଶ ପାଇବା—Appearance of
Mahuā disease ( in the body of calves ).

ମହୁକ—ଦେ. ବ. ( ସଂ ମଧୁକ )—ଏକପ୍ରକାର ମିଠା ଶିମ୍ବ—
Mohuka A kind of sweet bean.
( ମହୁକାଙ୍କ - ଅନ୍ୟରୂପ )

ମହୁକା—ଦେ. ବ ( ସ. ମଧୁକ )—୧ । ଗୁଳ୍ମ ବିଶେଷ—1. A kind
Mahukā of shrub. ୨ । ମହୁକ (ଦେଖ)—2. Mahuka
( See ) ୩ । ମଉକା ( ଦେଖ )—3. Maukā
অতি মধুর ( See ) ବଣ—ମହୁପରି ଅତ୍ୟନ୍ତ ମିଷ୍ଟ ସ୍ୱାଦବିଶିଷ୍ଟ—
बहुत मिठा Excessively sweet like honey. ଗ୍ରାଦେ.
( ବାଲେଶ୍ୱର ) ବ—ଶିମ୍ବଜାତୀୟ ବଡ଼ ଓ ମାଂସଳ ଫଳ—
A kind of big fleshy fruit of the bean
variety. [ ଦ୍ର—ଏହା ପରିବାରୂପେ ବ୍ୟବହୃତ ହୁଏ ]

ମହୁକା ଫଳ—ଦେ. ବ—ମହରଡ଼ା (ଦେଖ)
Mahukā phaḷa Mahararḍā (See)

ମହୁକିଆ—ଦେ. ବଣ.—ମହୁକା (ଦେଖ)।
Mahukiā Mahukā (See)

ମହୁଖଣ୍ଡ(ଣ୍ଡା)—ଦେ. ବ—ମଧୁମକ୍ଷିକାସଞ୍ଚିତ ଏକ ପ୍ରକାର କଠିନ ମଧୁ—
Mahu khaṇḍa(ṇḍā) A kind of congealed honey.
মধুখণ্ড मधुखंड [ଦ୍ର—ଏହା ଗଡ଼ଜାତରେ ମିଳେ ।]

ମହୁ ଘର—ଦେ. ବ—(ସ. ମଧୁଚକ୍ର)—ମହୁମାଛିଙ୍କ ଦ୍ୱାରା ପ୍ରସ୍ତୁତ
Mahu gharā ଜଳାକାର ବସା—Bee hive; honey-
মৌচাক मधुछत्ता comb. [ଉ—ବ୍ରାହ୍ମଣଙ୍କ ଭୁଲରେ ଗଜ
ମହୁ ଚଡ଼ା, ମହୁଚକ } —ଅନ୍ୟରୂପ ମାଡ଼ିଲେ, ମହୁଫେଣାଟି
ମହୁ ଫେଣା, ମହୁବସା } ଦେଖିଲେ ଜଙ୍ଗଲରେ ।
କୃଷ୍ଣସିଂହ. ମହାଭାରତ. ଉଦ୍‌ଯୋଗ ।]

ମହୁଛ(ସ)ଞ୍ଚା—ଦେ. ବଣ—(ସ. ମଧୁସଞ୍ଚୟୀ)—୧ । ମଧୁମକ୍ଷିକା ପରି ଯେ
Mahu chha(sa)nchā ଧନ ସଞ୍ଚୟ କରେ—1. Given to
[ମହୁଛ(ସ)ଞ୍ଚି—ସ୍ତ୍ରୀ] hoarding wealth like bees
অতি সংচয় मधूसचयी ୨ । କୃପଣ—2. Very miserly.
ଦେ.ବ—ମହୁମାଛି ପରି ଅଳ୍ପ ଅଳ୍ପ ପରିମାଣରେ ସଞ୍ଚୟ କରି
କରି ବହୁ ଧନ ସଞ୍ଚୟ—Hoarding of money by
saving little by little.

ମହୁଛତା(ତ୍ତା)—ଦେ. ବ—(ସ. ମଧୁ+ଛତ୍ର)—ମହୁ ଫେଣା—
Mahu chhatā(ttā) মৌচাক Bee hive.

ମହୁରଡ଼—ଦେ. ବ—ମଉରଡ଼ (ଦେଖ)
Mahurḍa Maurḍa (See)
[ଉ—ଖାଲରେଇ ସହି ମାଗଣ ମହୁରଡ଼, ଚେଙ୍କିଛୁ ଅମ୍ବରେ ଟେକି ସୁଣ୍ଢି ତଡ଼ । ସୁଧାନାଥ. କାଳକେଶ୍ୱରୀ ।]

ମହୁତରଡ଼ା—ଦେ. ବ—ଏକ ଜାତୀୟ ମିଷ୍ଟ ତରଡ଼ା ଫଳ; ମଧୁତରଡ଼ା
Mahu tarardā A kind of sweet cucurbitacious
মধুর তরুই fruit. ବଣ—ଅତ୍ୟନ୍ତ ମିଷ୍ଟ—Very sweet.

ମହୁ ଛାଟ—ଦେ. ବ.—(ସ. ମଧୁଚକ୍ର)—ମହୁଘର (ଦେଖ)
Mahu tāṭa Mahu gharā (See)

ମହୁବାଙ୍କେ(ଙ୍କୋ)ଇ—ଦେ. ବ—ଏକ ପ୍ରକାର ସରୁ ଧାନ—
Mahu bāṇke(ṇko)i A species of fine paddy.

ମହୁ ମାଛି—ଦେ. ବ- (ସ. ମଧୁମକ୍ଷିକା)—ମଧୁ ସଂଗ୍ରହ କରି ସଞ୍ଚୟ
Mahu māchhi କରିବା ପକ୍ଷଯୁକ୍ତ କୀଟବିଶେଷ—The bee;
apis; the honey bee. [ଦ୍ର—ସାଧାରଣତ ଛଅ

ମୌମাছি ତାହାର ମହୁ ଓ ମହୁମାଛି ଦେଖାଯାଆନ୍ତି । ଯଥା :—
**মধুমক্খী** ୧ । ବାଘସ୍ତ୍ର—(Apis Dorsata) (ସ. ଭ୍ରାମର ମଧୁ ବା ଅର୍ଘ୍ୟମଧୁ) ।
ଏମାନେ ଦେଖିବାକୁ ଉର୍ଦ୍ଧ ଇଞ୍ଚର, ପ୍ରାୟ ଏକଇଞ୍ଚ ଲମ୍ବ । ଏମାନଙ୍କର ନାହୁଡ଼ ଅଛି । ଏମାନଙ୍କର ଫେଣାକୁ ଭାଙ୍ଗିଲେ ଏମାନେ ମନୁଷ୍ୟଙ୍କୁ ବେଢ଼ିଯାଇ
**बडी मधुमक्खी** ଅତ୍ୟନ୍ତ ଭଲବଲ କରି ନାହୁଡ଼ରେ ମାରନ୍ତି ଓ ଏମାନଙ୍କ ନାହୁଡ଼ ଆଘାତରେ ମନୁଷ୍ୟର ଦେହ ଗଡ଼ିପଡ଼ି ଫୁଲିଯାଏ; ଦଂଶିତ ସ୍ଥାନରେ ଗୋଟିଏ ଲେଖାଏଁ ନାହୁଡ଼ ପଶି ଯାଇଥାଏ । ଏମାନଙ୍କ ଫେଣା ଛ୍ଲମୁଣିପରି ତଳକୁ ଛଡ଼ି ୨ । ୩ ଫୁଟ ବ୍ୟାସ ବିଶିଷ୍ଟ ହୁଏ । ଏମାନେ ଉଚ୍ଚବୃକ୍ଷର ଶାଖାରେ, କୋଠାର କଡ଼ରେ, ଗଛର କୋରଡ଼ରେ, ପର୍ବତ-ଗୁହାର ପ୍ରାନ୍ତରେ, ଦେଉଳର ଖଡ଼ରେ ଫେଣା ବାନ୍ଧନ୍ତି, ଏମାନଙ୍କ ମହୁ ନାଲି ଓ ଗାଢ଼ ।
**धीली मधुमक्खी** ୨ । ବେଙ୍ଗଲା ମହୁ—(Apis Mellifica) (ସ. ଭ୍ରାମର ମଧୁ)—
ଏମାନେ ଦେଖିବାକୁ ହଳଦିଆ ଓ ବାଘସ୍ତ୍ର ମହୁମାଛିପରି ବଡ଼ ଓ ନାହୁଡ଼ଯୁକ୍ତ । ଏମାନଙ୍କ ମହୁ ହଳଦିଆ । ଏମାନେ ମଧ୍ୟ ଉଚ୍ଚବୃକ୍ଷର ଶାଖା ଅଗରେ ଫେଣା ବାନ୍ଧନ୍ତି । ହୋମିଓପାଥିର ବସନ୍ତାଳା ନାଶକ ଔଷଧ (Apis Mel) ଏହି ମହୁମାଛିଙ୍କ ମହୁରୁ ପ୍ରସ୍ତୁତ ହୁଏ ।
সাতপুরিয়া ୩ । ସାତଫେଣିଆ ମହୁ (Apis Indica)—ଏମାନେ
**सातछत्तिया मधुमक्खी** ବାଘସ୍ତ୍ରଙ୍କଠାରୁ ଛୋଟ ଓ ଏମାନଙ୍କର ନାହୁଡ଼ ଅଛି, କିନ୍ତୁ ଏମାନଙ୍କ ଦଂଶନ ବାଘସ୍ତ୍ରଙ୍କ ଦଂଶନପରି କଷ୍ଟପ୍ରଦ ନୁହେଁ । ଏମାନେ ଏକତ୍ର ବହୁଧାଡ଼ି (ଦଳ) ଯୁକ୍ତ ଚକ ପ୍ରସ୍ତୁତ କରନ୍ତି । ଏମାନେ ବୃକ୍ଷ କୋଠରରେ ଓ ଗୁହା ମଧ୍ୟରେ ଫେଣା ବାନ୍ଧନ୍ତି । ଏମାନଙ୍କ ଫେଣାଗୁଡ଼ିକ ବାଘସ୍ତ୍ରଙ୍କ ଫେଣା ଅପେକ୍ଷା ଛୋଟ । ଏମାନଙ୍କ ମହୁ ପାଣ୍ଡୁର ଓ ପତଳା ।
୪ । ବଣୁଣି ମହୁ—
ଏମାନେ ବଣୁଣା ବା ପଖାପରି ଛୋଟ (ଏକଫୁଟ ବ୍ୟାସରୁ ବେଶୀ ନୁହେଁ ) ଫେଣା ବାନ୍ଧନ୍ତି । ଏମାନେ ସାଧାରଣ ମାଛିପରି ଛୋଟ, ନାହୁଡ଼ ନାହିଁ । ଏମାନଙ୍କ ମହୁ ମଳିନବର୍ଣ୍ଣ ଓ ପତଳା ।
୫ । ତାଳମହୁ—(ସ. ତାଳକ ମଧୁ) । ଏମାନେ ସାଧାରଣ ମାଛିଙ୍କଠାରୁ ଛୋଟ; ଗଛର ଛୋଟ ଡାଳ ଖୁଣ୍ଟପାଖେ ଛୋଟ ଫେଣା ବାନ୍ଧନ୍ତି । ଏମାନଙ୍କର ନାହୁଡ଼ ନାହିଁ । ମହୁ ଈଷତ୍ ନାଲି ଓ ପତଳା ।
ছোট মৌমাছি ୬ । କଣ(ଭୁ)ଟ ମହୁ—(Apis Florea)—
**छोटी मधुमक्खी** ଏମାନେ ମାଛିଙ୍କଠାରୁ ଅତି କ୍ଷୁଦ୍ର । ଏମାନେ କାନ୍ଥର କଣା ମଧ୍ୟରେ ଅତି ପତଳା ଓ ଛୋଟ ଫେଣା କରନ୍ତି । ଏମାନଙ୍କର ନାହୁଡ଼ ନାହିଁ । ଏମାନଙ୍କ ମଧୁ ଅଳ୍ପ ଓ ଅତ୍ୟନ୍ତ ତରଳ ଓ ଧଳା ।

ଅଧୁନିକ ପ୍ରାଣିତତ୍ତ୍ୱବିଦ୍ ପଣ୍ଡିତମାନେ ଗବେଷଣା ପୂର୍ବକ ସ୍ଥିର କରିଅଛନ୍ତି ଯେ ଗୋଟିଏ ମହୁମାଛିଫେଣାରେ ଗୋଟିଏ ମାଛି ରାଣୀ (Queen bee) ଥାଏ । ସେହି ରାଣୀ ସବୁ ଅଣ୍ଡା ପ୍ରସବ କରେ । ଫେଣାରେ ଗୁଡ଼ିଏ ଅକର୍ମଣ୍ୟ ଅଣ୍ଡିରା ମାଛି (Drone) ଥାଆନ୍ତି । ସେମାନେ କିଛି କାମ କରନ୍ତି ନାହିଁ । ବାଞ୍ଝ ମାଈମାଛିମାନେହିଁ ମହୁ ସଂଗ୍ରହ କରି ଫେଣା ତିଆରି କରି ସେଥିରେ ମଧୁ ଓ କେଶର ସଞ୍ଚୟ କରନ୍ତି । ଫେଣାର କୋଠରିମାନ ସମଷଡ଼ଭୁଜ, କେତେକ କୋଠରିରେ ମହୁମାଛିଙ୍କ ଡିମ୍ବମାନ ରହେ; କେତେକରେ ତରଳ ମହୁ ପୂର୍ଣ୍ଣ ହୋଇଥାଏ; କେତେକରେ କ୍ଷୁଦ୍ର ମାଛିମାନଙ୍କ ଖାଇବାପାଇଁ ହଳଦିଆ କେଶର ବା ପୁଷ୍ପପରାଗ ସଞ୍ଚିତ ହୋଇଥାଏ । ମହୁଫେଣାର କୋଠରିମାନଙ୍କ କାନ୍ଥମାନ ଏକପ୍ରକାର ଅଠାଳିଆ ପଦାର୍ଥରେ ଗଢ଼ା ହୋଇଥାଏ । ସେହି ଅଠାଳିଆ ପଦାର୍ଥକୁ ମହଣ କହନ୍ତି । ମହୁମାଛିମାନେ ବହୁଦୂରରୁ ଫୁଲରୁ ମଧୁ ଓ କେଶର ସଂଗ୍ରହ କରି ଫେଣାକୁ ଆଣନ୍ତି । ଆଜିକାଲି ଲୋକେ ମହୁମାଛିଙ୍କୁ ଅଣି ପୋଷି ମହୁ ଅମଦାନି କରୁଅଛନ୍ତି । ରାଣୀମାଛିକୁ ବାନ୍ଧି ରଖିଲେ ଅନ୍ୟମାଛିମାନେ ସେହି ସ୍ଥାନକୁ ଉଡ଼ି ଆସି ଫେଣା ବାନ୍ଧନ୍ତି । ]
୨ । ଏକ ପ୍ରକାର ନାଲି ସରୁଧାନ—2. A kind of fine red-coloured pady.

**ମହୁ ମାରିବା**—ଦେ. କ୍ରି—ମହୁମାଛିମାନଙ୍କୁ ଫେଣାରୁ ତଡ଼ାଇଦେଇ ମହୁ ସଂଗ୍ରହ କରିବା।
Mahu māribā
মধু সংগ্রহ করা
**मधु निकालना, मधु चुआना**
ସେମାନଙ୍କରେ ସଞ୍ଚିତ ମଧୁକୁ ସଂଗ୍ରହ କରିବା—To gather honey from bee hives by scaring away the bees. [ ଦ୍ର—ଲୋକେ ସାଧାରଣରେ ଧୂଆଁ ଅଗ୍ନି ପ୍ରୟୋଗ କରି ମହୁଫେଣାରୁ ମହୁମାଛିମାନଙ୍କୁ ଘୁଞ୍ଚାଇ ଦିଅନ୍ତି ଓ ଉକ୍ତ ଫେଣାକୁ ଭାଙ୍ଗି ଆଣି ତହିଁରେ ଥିବା ମହୁଘରମାନଙ୍କରୁ ମହୁ ନିଗାଡ଼ି ନିଅନ୍ତି ଓ ମହୁଘରର କାନ୍ଥରେ ଥିବା ବସ୍ତୁରୁ ମହଣ କରନ୍ତି । ]

**ମହୁର**—ଦେ. ବି (ସ. ମଧୁର)—କଦଳୀ, ବାଇଗଣ, ଅଳୁ, ସାରୁ ଆଦି ନାନାପ୍ରକାରର ପରିବା ସିଝି ରନ୍ଧା ହୋଇଥିବା ଘାଣ୍ଟିଆ ତରକାରୀ—A hodgepodge or curry prepared by cooking many sorts of vegetables. [ ଉ—ସହୁ ବରଣ ମାଂସ କଦଳୀ ମହୁର । ଦଧିଲେ ଦ୍ୱିଜେ କରି ଦଧିଲ ଅହାର—
Mahura
ঘণ্ট
**सबनेजा, सतंजा**
କୃଷ୍ଣସିଂହ. ମହାଭାରତ. ସଭା । ] [ ଦ୍ର—ଯେଉଁ ମହୁରରେ ଅମିଷ ( ମତ୍ସ୍ୟ ବା ମାଂସ ) ମିଶା ଯାଇଥାଏ ତାହାକୁ ଅମିଷ( ଅଇଁଷ )ମହୁର କହନ୍ତି ଓ ଯହିଁରେ ଅମିଷ ଦିଆ ହୋଇ ନ ଥାଏ ତାହାକୁ ନିରାମିଷ (ନିରେଇଁଷ) ମହୁର କହନ୍ତି ।
ଯେଉଁ ମହୁରରେ ପଡ଼ିଥିବା ମାଛରୁ କଣ୍ଟାସାଙ୍ଗ ବାହାର ଛଡ଼ା ହୋଇ ତଡ଼ାଯାଇ କେବଳ କୋମଳ ଅଂଶଯାକ ମିଶାଯାଇ ଥାଏ ତାହାକୁ ଛଡ଼ା ମହୁର କୁହାଯାଏ । ]

ମହୁର ବେଶର—ଦେ. ବି ( ସହଚର ଶବ୍ଦ )—ମହୁର ( ନାନାପ୍ରକାର Mahura besara ପରିବା ସଙ୍ଗେ ମାଛ ମିଶ୍ରି ରନ୍ଧା ଯାଇଥିବା ঘণ্ট চড়চড়ী ତରକାରି ) ଓ ବେଶର (ମାଛରେ ବେଶର ଓ ସାମାନ୍ୟ तरकारी କେତେକ ପରିବା ମିଶାଯାଇ ରନ୍ଧା ଯାଇଥିବା ତରକାରି)—Curry made of vegetables mixed with fish and curry made of fish seasoned with pasted rye.

ମହୁରି—ଦେ. ବି—ଅତିବିଷା (ଦେଖ)—Atibishā ( See ) Mahurā আতিষ, মিঠাবিষ **महुरा**

ମହୁରାଡ଼ି(ଲି)—ଦେ. ବି (ସ. ମଦ୍ଗୁରିକା)—ଏକପ୍ରକାର ଛୋଟ ମାଛ—Mahurāṛi(li) A kind of small fresh water fish; মরুলা **डेरवा, कंजली** Aspidoparia Marar.

ମହୁରି ରୁପା—ଦେ. ବି ( ସ. ମୃତ+ରୌପ୍ୟ )—କଳାରୁପା; ଯେଉଁ Mahurā rūpā ରୁପାରେ ଦସ୍ତାର ବେଶି ଭାଗ ମିଶିଥିବାରୁ মরারূপা **कालारूपा** ତାହା ବ୍ୟବହାର କଲେ କଳା ହୋଇଯାଏ ଓ **टलहाचांदी** ଯୋଡ଼ିଲେ ମଧ୍ୟ କଳା ହୋଇଯାଏ—Mixed silver; silver mixed with zinc; impure silver which turns black after use.

ମହୁରିଆ—ଦେ. ବି (ସ. ମଧୁର)—୧ । ଯେଉଁ ଲୋକ ମହୁରି ବଜାଏ—Mahuriā 1. One who blows the clorion; a সানাইদার bugler. ୨ । ପାଣଙ୍କ ପରି ନୀଚ ଜାତିବିଶେଷ—**पीपहिवाला** 2. A low caste of pipers. [ ଦ୍ର—ଏମାନେ କେବଳ ମହୁରି ବଜାନ୍ତି; ଢୋଲ ବଜାନ୍ତି ନାହିଁ । ]

ମହୁରି—ଦେ. ବି ( ସ. ମଧୁର; ଏହା ମଧୁର ଶବ୍ଦ କରୁଥିବାରୁ )—Mahuri ୧ । ମୁହଁରେ ଫୁଙ୍କି ବଜାଇବା ଉପଯୋଗୀ ସ୍ୱରଯନ୍ତ୍ର সানাই ଏକପ୍ରକାର ଭୁରା; ଶେର୍ଣ୍ଣାଇ—1. A kind of **पीपही** clarionet; clorion; a bugle. [ ଦ୍ର—ତେଲିଙ୍ଗୀ ବାଜାରେ ଦୁଇ ପ୍ରକାର ମହୁରି ବାଜେ, ଯଥା—୧. ଗୀତ ମହୁରି ( ବ. ଗାନ୍ ସାନାଇ )—ଏହା ଗୀତର ସ୍ୱର ଅନୁସାରେ ଫୁଙ୍କାଯାଏ । ୨.ସ୍ୱର ମହୁରି(ବ.ପୌଁ ସାନାଇ)—ଏହା କେବଳ ଗୋଟିଏ ସ୍ୱରରେ ଅବିରତ ବାଜୁଥାଏ । ] ୨ । ( ସ. ମଧୁରିକା ) ପାନମହୁରି—2. Fennel. ୩ । ପାଣି ବୋହିଯିବାର ନାଳ—3. A drain.

ମହୁଲ୍—ପ୍ରାଦେ. (ସମ୍ବଲପୁର) ବି—ମହୁଲ ( ଦେଖ ) Mahul Mahula ( See )

ମହୁଲ୍ କୁଞ୍ଚି—ଦେ. ବି—ମହୁଲ ଫୁଲର ସଙ୍କୁଚିତ କଢ଼—The Mahul kuñchi contracted bud of the Mahuā **महुएका कुचियाना** ( ମହୁଲ କୁଞ୍ଚି—ଅନ୍ୟରୂପ ) flower.

ମହୁଲ—ଦେ. ବି ( ସ. ମଧୁକ; ପ୍ରା. ମହୁଅ )—ବକୁଳାଦି ବର୍ଗର Mahula ଅରଣ୍ୟ ତରୁ—Mahua; Bassia ସ. ମହାଦ୍ରୁମ, ମାଧବ, ମଧୁଗ, Latifolia. [ ଦ୍ର—ଏହା ବକୁଳାଦି ବାନପ୍ରସ୍ଥ, ଗୁଡ଼ପୁଷ୍ପ, ମଧୁକ, ବର୍ଗର ଅରଣ୍ୟ ତରୁ । ଏଥିର ଗୁଡ଼ପୁଷ୍ପ, ମଧୁକ, ମଧୁଷ୍ଠିଲ, ପତ୍ର ୩।୨ ଅଙ୍ଗୁଳ ଚଉଡ଼ା ଓ ମଧୁସ୍ରବା, ମଧୁପୁଷ୍ପ, ରୋଧ୍ରପୁଷ୍ପ, ୫।୫ଗ୍ରେ ପର୍ଯ୍ୟନ୍ତ ଲମ୍ବ ଓ ଏଥିର মহুল, মহুয়া, মৌল ଦୁଇ ମୁଣ୍ଡ ଗୋଲିଆ । କେବଳ ପଞ୍ଜାବ **महुआ, महुया** ଛଡ଼ା ଭାରତରେ ଅନ୍ୟାନ୍ୟ ଏହାର ଗଛ ତେ, ଇପ୍ପା, ଇଲୁପିପ୍ପା ବନ୍ୟ ଓ ପାହାଡ଼ିଆ ସ୍ଥାନରେ ଜନ୍ମେ । ତା. କଟଇଲିପୁ ଏ ଗଛ ୩୦।୪୦ ହାତ ଉଚ୍ଚ ହୁଏ ଓ ବୋମ୍ବାଇ-ମଦକୁମ ଡାଳମାନ ଛଡ଼ା ପରି ଗଛର ଚାରି-ଗୁ. ମହୁଡ଼ୋ ପାଖେ ବିସ୍ତୃତ ହୁଏ । ଗଛ ୨୦।୨୫ ମ. ମୋହାର୍ ବର୍ଷରେ ଫୁଲ ଫଳ ଧରେ ଓ ଶହେ ଫା. ଦରାଂ ବର୍ଷ ପର୍ଯ୍ୟନ୍ତ ଗୋଟିଏ ଗଛ ଫୁଲ ଓ ଫଳ ଧରେ । ଏ ଗଛର ପତ୍ର ଫାଲ୍ଗୁନ ଓ ଚୈତ୍ରରେ ଝଡ଼ିପଡ଼େ । ପତ୍ର ଝଡ଼ିବା ପରେ ଡାଳମାନଙ୍କ ଅଗରେ କଢ଼ ଧରେ । ଏ କଢ଼ମାନ ଖୋଲି ଯାଇ ବସନ୍ତକାଳରେ ରାତିରେ ଜର ପରି ବସ୍ତୁ ଥିବା ଫିକା ନାଲି ବା ଈଷତ୍ ରଙ୍ଗର ଫୁଲ ଫୁଟେ । ଏ ଗଛରୁ ଫୁଲ ୧୦।୧୨ ଦିନ ପର୍ଯ୍ୟନ୍ତ ଝଡ଼େ । ଏ ଫୁଲରେ ଶତକଡ଼ା ୬୦ ଅଂଶ ମିଠା ଥାଏ । ଏ ଫଳକୁ ବନ୍ୟ ଓ ଗୃହପାଳିତ ପଶୁ, ପକ୍ଷୀ ଓ ମନୁଷ୍ୟମାନେ ଖୁବ୍ ଆଦର ସହକାରେ ଖାଆନ୍ତି । ଏ ଫୁଲ ବହୁତ ଦିନ ଅବିକୃତ ଅବସ୍ଥାରେ ରହେ । ଲୋକେ ଏହାକୁ ବାଟି କରି ଭୁଜା ବା ଅଟା ମିଶାଇ ପିଠା କରନ୍ତି; ମହୁଲକୁ ରାନ୍ଧି କରି ମଧ୍ୟ ଖାଆନ୍ତି ଏବଂ ଏଥିରୁ ଗଡ଼ଜାତର ଲୋକେ ଏକପ୍ରକାର ମଦ ତିଆରି କରନ୍ତି । ଏ ମଦର ସଂସ୍କୃତ ନାମ ମାଧ୍ୱୀ ଓ ଦେଶୀ ନାମ ମହୁଲି । ଭାଲୁମାନେ ଏହି ଫୁଲ ଖାଇବାକୁ ଖୁବ୍ ଭଲ ପାଆନ୍ତି । ମହୁଲର ଫଳ ପୋଲଲ ପରି ଓ ଉହିଁ ଭିତରେ ଗୋଟିଏ ମଞ୍ଜି ଥାଏ । ମହୁଲର ମଞ୍ଜିରୁ ଏକପ୍ରକାର ତେଲ ବାହାରେ, ଏହା ଦେଖିବାକୁ ଘିଅ ପରି ( Mahua butter ) । ଏ ତେଲକୁ ମହାଜନମାନେ ଘିଅରେ ମିଶାନ୍ତି । ଏହାର କାଠ ଶକ୍ତ ବର୍ତ୍ତି, କିନ୍ତୁ ମାଟି ଏ କାଠକୁ ଶୀଘ୍ର ଖାଇ ଯାଏ । ବୈଦ୍ୟକ ମତରେ ମହୁଲ ଫୁଲ ମଧୁର, ଶୀତଳ, ଧାତୁବର୍ଦ୍ଧକ, ଦାହ, ପିତ୍ତ ଓ ବାତ ନାଶକ, ହୃଦ୍ୟ । ମହୁଲ ଫଳ ଶୀତଳ, ଶୁକ୍ରଜନକ, ଧାତୁ ଓ ବଳବର୍ଦ୍ଧକ ଓ ବାତ, ପିତ୍ତ, ତୃଷା, ଦାହ, ଶ୍ୱାସ,କ୍ଷୟ ଆଦି ପ୍ରଶମକ । ଏଥିର ଛାଲ ରକ୍ତପିତ୍ତନାଶକ ଓ ବ୍ରଣ ଶୋଧକ । ଏଥିର ତେଲ କଫପିତ୍ତ ଓ ଦାହନାଶକ ଓ ଭୂତବାଧା ନିବାରକ । ଆଉ ଏକପ୍ରକାର ମହୁଆ ଗଛ ପାଣିରେ ଉଠେ । ତହିଁର ସ. ନାମ; ଧୂମକଳ । ]

ମହୁଲ ଗୁଡ଼—ଦେ. ବି—ମହୁଲ ଫୁଲକୁ କୁଟି ତାକୁ ପାଣିରେ ସିଝାଇ Mahula gurḍa ସେହି ସିଝା ପାଣିକୁ ନିଆଁରେ ବସାଇଲେ মহুযার গুড় ତହିଁରୁ ଯେଉଁ ଗୁଡ଼ ପ୍ରସ୍ତୁତ ହୁଏ—The molas-**महुआ गुड** ses prepared for Mahwa by boiling and drying up the solution of the pasted flowers.

ମହୁଲ ଗୁଣ୍ଡି—ପ୍ରାଦେ. (ସମ୍ବଲପୁର) ବି—ଗୁଣ୍ଡି ଖିଆ ( ଦେଖ ) Mahula gundi Gundi khiā ( See )

ମହୁଲ ଫାଶ(ଶୁ)—ପ୍ରାଦେ. (ଗଡ଼ଜାତ) ବି—ମହୁଲରୁ ମଦ ବାହାରିବା Mahula phāsa(su) ପରେ ରହୁଥିବା ସିଠା—The thick dreg left after distilling Mahwa liquor. [ଦ୍ର—ଏ ସିଠା ଖତ ରୂପେ ବ୍ୟବହୃତ ହୁଏ ।]

ମହୁଲ ମଦ—ଦେ. ବି (ସଂ. ମଧୁକ ମଦ୍ୟ; ସଂ. ମାଧ୍ୱୀ)—ମହୁଲ ଫୁଲକୁ Mahula mada ପାଣିରେ ସଢ଼ାଇ ତାହାକୁ ସିଝାଇ ସେଥିରୁ (ମହୁଲି—ଅନ୍ୟରୂପ) ଅର୍କ ରୂପେ ବାହାର କରାଯିବା ମଦ— মহুয়া মদ Wine destilled from Mahwa महुआ मद, ठर्रा flowers.

ମହୁଲ ଶୀତ—ପ୍ରାଦେ. (ଗଡ଼ଜାତ) ବି—ଫାଲ୍ଗୁନ ଓ ଚୈତ୍ର ମାସର Mahula sita ଶେଷରାତ୍ରିରେ ଅନୁଭୂତ ସାମାନ୍ୟ ବା ଅଳ୍ପ (ମହୁଲ ଜାଡ଼—ଅନ୍ୟରୂପ) ଶୀତ—The mild cold felt during the latter part of the nights of the months of Falguna and Chaitra.

ମହୁଲି—ଦେ. ବି—ପକ୍ଷିବିଶେଷ— Mahulā A kind of bird.

ମହୁଷଧ(ଧୀ, ଦ, ଦୀ)—ଗ୍ରା. ବି. ( ସଂ. ମହୌଷଧ )—୧ । ମହୌଷଧ; Mahushadha(dhi, da, di) ଔଷଧ—1. Medicine. ୨ । ଜଡ଼ି ବୁଟି—2. Herb.

ମହୁ ସିଠା—ଦେ. ବି. ( ସଂ. ମଧୂଚ୍ଛିଷ୍ଟ; ମଧୂଚ୍ଛିଷ୍ଟ )—ମହଣ— Mahu-sithā মোম मोम Beeswax.

ମହେଚ୍ଛ—ସଂ. ବିଣ. ପୁଂ (ବହୁବ୍ରୀହି; ମହତ୍‌+ଇଚ୍ଛା)— Mahechchha ଉଦାରସ୍ୱଭାବ; ମହାମନା; ମହାଶୟ— (ମହେଚ୍ଛା—ସ୍ତ୍ରୀ) Magnanimous; noble-minded.

ମହେଞ୍ଜୋଦାରୁ—ଦେ. ବି. (ନାମ)—ପଞ୍ଜାବର ସ୍ଥାନ ବିଶେଷ— Mahenjodāru Name of a place in the Punjab. মহেঞ্জো দারো [ଦ୍ର—ଏଠାରେ ୫ ହଜାର ବର୍ଷ ତଳର ଭାରତ मोहेनजो दारो ସଭ୍ୟତାର ନିଦର୍ଶନ ଭୂଗର୍ଭରୁ ମିଳିଅଛି ।]

ମହେନ୍ଦ୍ର—ଦେ. ବି. (ମହାନ୍‌+ଇନ୍ଦ୍ର; କର୍ମଧାରୟ)—୧ । ଦେବରାଜ; Mahendra ଇନ୍ଦ୍ର—1. Indra; the king of Gods. ୨ । ବିଷ୍ଣୁ—2. Bishnu. ୩ । ଓଡ଼ିଶାର ଦକ୍ଷିଣରେ ଗଞ୍ଜାମ ଜିଲ୍ଲାରେ ଥିବା ପର୍ବତଶ୍ରେଣୀ—3. Name of a range of mountains in Ganjām (South of Orissa). [ଦ୍ର—ଗୋଦାବରୀ ନିକଟସ୍ଥ ପୂର୍ବଘାଟ ପର୍ବତମାଳାକୁ ଏବଂ ଗଞ୍ଜାମ ନିକଟସ୍ଥ ପାହାଡ଼କୁ ବର୍ତ୍ତମାନ ମହେନ୍ଦ୍ର ବୋଲିଯାଏ । କଳିଙ୍ଗର ପ୍ରାଚୀନ ଉତ୍ତର ।

ଏ ପର୍ବତଶ୍ରେଣୀ ଗଞ୍ଜାମର ଛତ୍ରପୁର ସବଡିଭିଜନରୁ ଗଞ୍ଜବାରା ପର୍ଯ୍ୟନ୍ତ ବିସ୍ତୃତ ଓ ଐତିହାସିକ ଉତ୍ତରରେ ଏ ସର୍ବୋଚ୍ଚ ପର୍ବତ । ଏହାର ଉଚ୍ଚତା ସମୁଦ୍ରପୃଷ୍ଠରୁ ପ୍ରାୟ ... ଏକ ମାଇଲ ।

କଥିତ ଅଛି ଏହିଠାରେ ପରଶୁରାମ ତପସ୍ୟା କରିଥିଲେ ଏବଂ ପାଣ୍ଡବମାନେ ବନବାସ ସମୟରେ ରହିଥିଲେ । ଏହି ପର୍ବତରେ ଅନେକ ସୁନ୍ଦର ପକ୍ଷୀ ଦେଖାଯାଆନ୍ତି । ଏହା ମଞ୍ଜୁଷା ନାମକ ଜମିଦାରୀ ରାଜ୍ୟର ଅନ୍ତର୍ଗତ; ଏହା ପୌରାଣିକ ସପ୍ତକୁଳାଚଳରୁ ଏକତମ ।] ୪ । ଅଶୋକଙ୍କର ପୁତ୍ରମାନଙ୍କ ମଧ୍ୟରୁ ଜଣେ—4. Name of a son of Asoka. [ଦ୍ର—ଏ ବୌଦ୍ଧ ଧର୍ମ ପ୍ରଚାର କରିବା ନିମନ୍ତେ ତାଙ୍କ ଭଗିନୀ ସଂଘମିତ୍ରାଙ୍କ ସହିତ ସିଂହଳକୁ ଯାଇଥିଲେ ।] ଦେ. ବି ପୁଂ. ଲୋକଙ୍କୁ ଦିଆଯିବା ନାମ—A name given to males.

ମହେନ୍ଦ୍ର କଦଳୀ—ସଂ. ବି—ଏକ ପ୍ରକାର ବନ୍ୟ କଦଳୀ—A kind Mahendra kadali of plantain growing wild.

ମହେନ୍ଦ୍ର ଗିରି—ସଂ. ବି—ମହେନ୍ଦ୍ର ୩ ( ଦେଖ ) Mahendra giri Mahendra 3 ( See )

ମହେନ୍ଦ୍ର ଚାପ—ସଂ. ବି (ଷଷ୍ଠୀ ତତ୍)—ଇନ୍ଦ୍ର ଧନୁ— Mahendra chāpa Rainbow.

ମହେନ୍ଦ୍ର ନଗରୀ—ସଂ. ବି—ଇନ୍ଦ୍ରଙ୍କ ନଗରୀ; ଅମରାବତୀ—The mytho- Mahendra nagari logical city of Indra in heaven. (ମହେନ୍ଦ୍ରପୁରୀ—ଅନ୍ୟରୂପ)

ମହେନ୍ଦ୍ର ବାରୁଣୀ—ସଂ. ବି—ବଡ଼ ମହାକାଳ ଲତା ଓ ଫଳ— Mahendra bāruni A kind of big Mahākāla creeper and its fruit; Trichosanthes Palmata. [ ଦ୍ର—ମହାକାଳ ତଳେ ଟୀକା ଦ୍ରଷ୍ଟବ୍ୟ । ]

ମହେନ୍ଦ୍ରଲାଲ୍ ସରକାର—ଦେ. ବି ( ନାମ )—କଲିକତାର ପ୍ରଧାନ Mahendralāl sarakāra ଦେଶହିତୈଷୀ ସ୍ୱର୍ଗୀୟ ଡାକ୍ତର ଓ ବିଜ୍ଞାନାଚାର୍ଯ୍ୟ—Name of a famous doctor and scientist of Calcutta. [ଦ୍ର—ଏ ଖ୍ରୀ ୧୮୩୩ ସାଲରେ ଜାତ ହୋଇଥିଲେ ଓ ୧୯୦୪ ରେ ପ୍ରାଣତ୍ୟାଗ କରିଥିଲେ । ଏହାଙ୍କର ପୂର୍ଣ୍ଣନାମ ଡାକ୍ତର ମହେନ୍ଦ୍ରଲାଲ ସରକାର । ଏ ପାଶ୍ଚାତ୍ୟ ଚିକିତ୍ସା ବିଦ୍ୟାଧ୍ୟୟନ କରି ସର୍ବୋଚ୍ଚ ଏମ୍. ଡି ( M. D ) ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇ ବ୍ରିଟିସ ମେଡିକାଲ୍ ଅସୋସିଏସନ୍ ନାମକ ବିଲାତ ଚିକିତ୍ସାସଭାର ଭାରତୀୟ ଶାଖା ( The Indian branch of the British Medical Association ) ର ସମ୍ପାଦକ ଓ ସହକାରୀ ସଭାପତି ଥିଲେ । ଏ ପ୍ରଥମେ ହୋମିଓପାଥିକ୍ ଚିକିତ୍ସାର ବିରୋଧୀ ଥିଲେ, କିନ୍ତୁ ପରେ ମତପରିବର୍ତ୍ତନ କରି ସ୍ୱୟଂ ଭାରତ ବିଖ୍ୟାତ ହୋମିଓପାଥିକ୍ ଚିକିତ୍ସକ ହୋଇଥିଲେ ଓ ଏହି ଚିକିତ୍ସାର ପୋଷକ Calcutta Journal of Medicine ନାମକ ପତ୍ରିକା ମୃତ୍ୟୁପର୍ଯ୍ୟନ୍ତ ୧୬ ବର୍ଷ ସମ୍ପାଦନ କରିଥିଲେ । ବଙ୍ଗର ଗଭର୍ଣ୍ଣର ସର ରିଚ୍‌ଡ଼ ଟେମ୍ପଲଙ୍କ ପୃଷ୍ଠପୋଷକତାରେ ଏ Indian Association for the cultivation of Science ନାମକ ଗୋଟିଏ ଶିକ୍ଷାଗାର ସ୍ଥାପନ କରିଥିଲେ । ଏ କିଛିକାଳ କଲିକତାର ସେରିଫ୍ ଓ ବ୍ୟବସ୍ଥାପକ ସଭାର ସଦସ୍ୟ ଥିଲେ । ଏ ସି. ଆଇ. ଇ ଓ ଡି. ଏଲ. ଉପାଧି ଲାଭ କରିଥିଲେ । ଏହାଙ୍କର ପୁତ୍ର ଡାକ୍ତର ଅମୃତଲାଲ ସରକାର ପିତାଙ୍କ

ଅନୁସରଣ କରି ପିତୃପରମ୍ପରାଗତ ପଦବୀର ସମ୍ମାନ ଚଳାଉ ଅଛନ୍ତି । ସ୍ୱବଳଚନ୍ଦ୍ର—ବାଗାଲ୍ପ ଅଧାନ । ]

ମହେନ୍ଦ୍ର ସୂରି—ସଂ. ବି (ନାମ)—ଫିରୋଜ୍ ଶାହା ତୋଗଲକଙ୍କ Mahendra sūri ସଭାର ପ୍ରଧାନ ପଣ୍ଡିତ—Name of a famous court Pandit of Phiroje Saha Toghlak. [ ଦ୍ର—ଏ ଖ୍ରୀ ୧୪ଶ ଶତାବ୍ଦୀର ଲୋକଥିଲେ ଓ ପାରସୀଭାଷାରେ ଯନ୍ତ୍ରରାଜ ନାମକ ଗ୍ରନ୍ଥ ଲେଖି ଥିଲେ । ]

ମହେନ୍ଦ୍ରାଣୀ—ସଂ. ବି. ସ୍ତ୍ରୀ—ଇନ୍ଦ୍ରପତ୍ନୀ; ଶଚୀ— Mahendrāṇi The queen of Indra.

ମହେଳା—ସଂ. ବି (ମହ=ଉତ୍ସବ+ଇଲ=ପୃଥ୍ୱୀ)— Mahelā ମହିଳା (ଦେଖ)—Mahilā (See) (ମହେଳକା—ଅନ୍ୟରୂପ)

ମହେଶ—ସଂ. ବି (ମହା+ଈଶ)—ଶିବ; ମହାଦେବ—Śiba. Mahesa ଦେ. ବି. ପୁଂ—ଲୋକଙ୍କ ନାମ—A name given (ମହେଶାନ, ମହେଶ୍ୱର—ଅନ୍ୟରୂପ) to males. (ମହେଶୀ, ମହେଶ୍ୱରୀ—ସ୍ତ୍ରୀ)

ମହେଶ ବନ୍ଧୁ—ସଂ. ବି. ପୁଂ—୧ । ବିଲ୍ୱବୃକ୍ଷ—1. The Bel tree Mahesa bandhu (Apte). ୨ । ବଳଦ (ହି. ଶ)— 2. Bull.

ମହେଶୀ—ସଂ. ବି. ସ୍ତ୍ରୀ (ମହେଶ, +ସ୍ତ୍ରୀ ଈ)—୧ । Mahesi ପାର୍ବତୀ; ମହେଶ୍ୱର ପତ୍ନୀ—1. Pārbati. ୨ । (ମହେଶ୍ୱରୀ, ମହେଶାନୀ—ଅନ୍ୟରୂପ) କଂସା—2. Bell metal.

ମହେଷ୍ୱାସ—ସଂ. ବି (ମହାନ୍+ଇଷ୍ୱାସ=ଧନୁ)—୧ । (କର୍ମଧା) Maheshwāsa ବୃହତ୍ ଧନୁ—1. A big bow. ୨ । (ବହୁବ୍ରୀହି) ମହା ଧନୁର୍ଦ୍ଧର—2. A great archer. (ଉ—ହେ କୃଷ୍ଣ ଏହାଙ୍କ ପର କେ ମହେଷ୍ୱାସ । କୃଷ୍ଣସିଂହ, ମହାଭାରତ ସଭା । )

ମହୋକ୍ଷ—ସଂ. ବି (କର୍ମଧା ମହାନ୍+ଉକ୍ଷନ୍=ବୃଷ)—ପୁଙ୍ଗବ; Mahoksha ବଡ଼ ଷଣ୍ଢ—A big bull

ମହୈଳା—ସଂ. ବି (ମହତ+ଏଲା)—ବଡ଼ ଅଳେଇଚ— Mahailā Cardamom.

ମହୋଛ(ଚ୍ଛ)ବ—ଦେ. ବି (ସଂ. ମହୋତ୍ସବ; ପ୍ରା. ମହୋଚ୍ଛବ)— Mahochha(chchha)ba ମଉଚ୍ଛବ (ଦେଖ)— (ମହୋଚ୍ଛା—ଅନ୍ୟରୂପ) Mauchhaba (See)

ମହୋତ୍ପଳ—ସଂ. ବି (କର୍ମଧା)—୧ । ନୀଳପଦ୍ମ; ନୀଳକଇଁ— Mahotpala 1. The blue waterlily (Apte). ୨ । ସାରସ ପକ୍ଷୀ—2. The Sārasa bird (Apte).

ମହୋତ୍ସବ—ସଂ. ବି (କର୍ମଧା; ମହାନ୍+ଉତ୍ସବ)—୧ । ଅତ୍ୟନ୍ତ Mahot-saba ଆନନ୍ଦଜନକ ବ୍ୟାପାର—1. Festivity; festival. ୨ । (ବହୁବ୍ରୀହି) କାମଦେବ—2. Cupid (Apte). ଦେ. ବି—ବୈଷ୍ଣବମାନଙ୍କର ଭୋଜି; ମଉଚ୍ଛବ—A feast of the Baishṇabas.

ମହୋତ୍ସାହ—ସଂ. ବି (କର୍ମଧା; ମହାନ୍+ଉତ୍ସାହ)—୧ । Mahot-sāha ଅତିଶୟ ଉତ୍ସାହ—1. Great exertion; vast encouragement. ୨ । ଅଧ୍ୟବସାୟ— 2. Perseverance. ବିଣ (ବହୁବ୍ରୀହି) ଅତ୍ୟନ୍ତ (ମହୋତ୍ସାହା—ସ୍ତ୍ରୀ) ଉତ୍ସାହୀ; ବିଶେଷ ଉଦ୍ୟମଶୀଳ—Making great exertions.

ମହୋଦଧି—ସଂ. ବି (ମହାନ୍+ଉଦଧି)—୧ । (କର୍ମଧା) ସାଗର; Mahodadhi ସମୁଦ୍ର—1. The sea. ୨ । ମହାସାଗର— 2. Ocean. ୩ । ଇନ୍ଦ୍ର—3. Indra (Apte).

ମହୋଦୟ—ସଂ. ବିଣ. ପୁଂ (ବହୁବ୍ରୀହି; ମହାନ୍ ହୋଇଅଛି ଉଦୟ= Mahodaya ଉନ୍ନତି ଯାହାର)—୧ । ଅତି ଉନ୍ନତ; ଅତି (ମହୋଦୟା—ସ୍ତ୍ରୀ) ସମୃଦ୍ଧ—1. Great; very prosperous. ୨ । ମହାନୁଭବ—2. Noble. ୩ । ଅତି ଭାଗ୍ୟବାନ୍—3. Very lucky. ବି—୧ । ମହାଶୟ ବ୍ୟକ୍ତି—1. A great man. ୨ । ପୂଜ୍ୟ ବ୍ୟକ୍ତି—2. A respectable person. ୩ । ସ୍ୱାମୀ; ପ୍ରଭୁ—3. Lord; master. [ ଦ୍ର—ମାନ୍ୟ ବ୍ୟକ୍ତି-ମାନଙ୍କ ନାମ ପରେ ପଶ୍ଚାତରେ ଏ ଶବ୍ଦ ଯୁକ୍ତ ହୁଏ । ଯଥା—ଶ୍ରୀଯୁକ୍ତ ଜଗନ୍ନାଥ ରଥ ଜ୍ୟୋତିଷରତ୍ନ ମହୋଦୟ ସମୀପେଷୁ । ] ୪ । କାନ୍ୟକୁବ୍ଜ ଦେଶ—4. Kannouj. ୫ । (କର୍ମଧା) ମୁକ୍ତି; ମୋକ୍ଷ—5. Salvation; beatitude; final emancipation of the soul. ୬ । କର୍ତ୍ତୃତ୍ୱ—6. Mastery. ୭ । ସମୃଦ୍ଧି; ବଡ଼ତି —7. Greatness; prosperity; great elevation. ୮ । ସୌଭାଗ୍ୟ—8. Good luck (Apte). ୯ । ମଧୁମିଶ୍ରିତ ଦଧି—9. Sour milk mixed with honey (Apte).

ମହୋଦର—ସଂ. ବିଣ. ପୁଂ (ବହୁବ୍ରୀହି; ମହାନ୍+ଉଦର)—ଯାହାର Mahodara ପେଟ ବଡ଼—Having a big belly; big-bellied. ସଂ. ବି—୧ । (କର୍ମଧା)—ବଡ଼ ବା ସ୍ଥୂଳ ପେଟ—1. A big belly. ୨ । (ବହୁବ୍ରୀହି) ଜଳୋଦରୀ ରୋଗ—2. Dropsy (Apte). ଦେ. ବି—ଲଙ୍କାର ରାକ୍ଷସବିଶେଷ—Name of a demon of Lankā. (ଉ—ବଡ଼ ଦରଦାଣ୍ଡ ମହୋଦର, ବାମେ ଟେକ ପାରଇ ମନର । ଉପେ. ବୈଦେହୀଶ-ବିଳାସ । )

ମହୋଦରୀ—ସଂ. ବି. ସ୍ତ୍ରୀ (ମହାନ୍+ଉଦର+ସ୍ତ୍ରୀ ଈ; ବହୁବ୍ରୀହି) Mahodari (ସମସ୍ତ ବ୍ରହ୍ମାଣ୍ଡ ଏହାଙ୍କ ଗର୍ଭରେ ଥିବାରୁ)— ଭଗବତୀ; ଦୁର୍ଗା—1. Goddess Durgā. ୨ । ମହାଶତାବରୀ—2. A kind of asparagus.

ମହୋଦ୍ୟମ—ସଂ. ବି (କର୍ମଧା; ମହାନ୍+ଉଦ୍ୟମ)—ବିଶେଷ ଉଦ୍ୟମ Mahodyama —Great exertion. ବିଣ. ପୁଂ (ମହୋଦ୍ୟୋଗ—ଅନ୍ୟରୂପ) (ବହୁବ୍ରୀହି)—ବିଶେଷ ଉଦ୍ୟମଶୀଳ —Very energetic; persevering; exerting. (ମହୋଦ୍ୟମା, ମହୋଦ୍ୟୋଗା—ସ୍ତ୍ରୀ)

| ୧ | ଈ | ଊ | ଋ,ୠ | ଌ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | କ୍ଷ | ଜ | ଶ,ଷ | ଜ୍ଞ | ଇସ୍ଥ | ଉଅ | ଧ୍ୱ |
|---|---|---|---|---|---|---|---|---|---|---|---|---|---|---|
| ୨ | ଈ | ଊ | ଋ | ଌ | ଐ | ଅକାରାନ୍ତ ବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ | କ୍ଷ୍ୟ | ଯ | ସ | ଜ୍ଞ୍ୟ | ଇଅ | ଷ | ଦ୍ମ |

ମହୋନ୍ନତ—ସଂ. ବଣ. ପୁଂ—ଅତ୍ୟନ୍ତ ଉନ୍ନତ—Much exalted
Mahonnata or lofty; very high; very noble.
(ମହୋନ୍ନତା—ସ୍ତ୍ରୀ)

ମହୋନ୍ନତି—ସଂ. ବ (କର୍ମଧା; ମହତ୍+ଉନ୍ନତି)—ବିଶେଷ ସମୃଦ୍ଧି—
Mahonnati Great improvement; a great rise.

ମହୋପକାର—ସଂ. ବ (କର୍ମଧା, ମହାନ୍+ଉପକାର)—ବିଶେଷ
Mahopakāra ଉପକାର ବା ହିତ—Great benefit or obligation.

ମହୋପକାରୀ—ସଂ. ବଣ. ପୁଂ (ମହାନ୍+ଉପକାରୀ)—ବିଶେଷ
Mahopakāri ହିତକର—Much beneficial; much
(ମହୋପକାରିଣୀ—ସ୍ତ୍ରୀ) benefitting; rendering great services to a person.

ମହୋପାଧ୍ୟାୟ—ସଂ. ବ. ପୁଂ (ମହାନ୍+ଉପାଧ୍ୟାୟ)—ବିଦ୍ୱାନ୍ ଗୁରୁ—
Mahopādhyāya A learned teacher.

ମହୋରଗ—ସଂ. ବ (ମହାନ୍+ଉରଗ=ସର୍ପ)—୧ । ବୃହତ୍ ସର୍ପ;
Mahoraga ଅଜଗର—1. A big serpent; the Python. ୨ । ତଗର ବୃକ୍ଷର ମୂଳ—2. The root of Tagara tree.

ମହୋରସ୍କ—ସଂ. ବଣ. ପୁଂ (ମହତ୍+ଉରସ୍+କ)—ଯାହାର ଛାତି
Mahoraska ଚଉଡ଼ା—Broad-breasted; broad-
(ମହୋରସ୍କା—ସ୍ତ୍ରୀ) chested. ସଂ. ବ—ଶିବ—Siba.

ମହୋଲ୍କା—ସଂ. ବ (କର୍ମଧା; ମହତୀ+ଉଲ୍କା)—୧ । ବୃହତ୍ ଉଲ୍କା—
Mahoḷkā 1. A big shooting star; a great meteor. ୨ । ବଡ଼ ମଶାଲ—2. A great fire-brand.

ମହୋଲ୍ଲାସ—ସଂ. ବ (କର୍ମଧା; ମହାନ୍+ଉଲ୍ଲାସ)—ଅତ୍ୟନ୍ତ ଆନନ୍ଦ—
Mahollāsa Great delight; joy

ମହୌଜାଃ—ସଂ. ବଣ (ବହୁବ୍ରୀହି; ମହତ୍+ଓଜସ୍ ଯାହାର;
Mahaujāḥ ମହୌଜସ୍; ୧ମା. ୧ବ)—ମହାଶକ୍ତିଶାଳୀ—Very powerful; mighty. ସଂ. ବ-ମହାବୀର—A great hero(Apte).

ମହୌଷଧ—ସଂ. ବ (କର୍ମଧା; ମହାନ୍+ଔଷଧ)—୧ । ଉତ୍କୃଷ୍ଟ
Mahaushadha ଔଷଧ—1. A very efficacious medicine; a sovereign remedy; a panacea. ୨ । ଶୁଣ୍ଠି, ପିପ୍ପଳୀ ଓ ରସୁଣ—2. Dried ginger, long pepper and garlic. ୩ । ବତ୍ସନାଭ; ମହୁରା—3. Aconite. ୪ । ରସୁଣ—4. Garlic.

ମହୌଷଧି(ଧୀ)—ସଂ. ବ (କର୍ମଧା; ମହାନ୍+ଓଷଧି, ଧୀ)—୧ । ରାତ୍ରି
Mahaushadhi(dhi) କାଳରେ ପ୍ରଦୀପ୍ତ ତୃଣଲତାଦି—1. Creepers and plants emitting light in the night. ୨ । ଦୁବ—2. The dooba grass. ୩ । ବ୍ରାହ୍ମୀ; ଶ୍ୱେତକଣ୍ଟାକାରୀ; ହୁଳମୋଚକା; କଟୁକୀ—3. Name of different herbarious plants. ୪ । ଅତିବିଷା; ମହୁରା—4. Aconite.

ମହ୍ଲା—ଦେ. ବ—ମଲ୍ଲା (ଦେଖ)
Mahlā Mallā (See).

ମହ୍ଲାର୍ଡ—ଦେ. ବ—ମହ୍ଲାର ଜାତି (ଦେଖ)
Mahlārḍa Mahlāra (See).

ମହ୍ଲାର—ଦେ. ବ—ମଲ୍ଲାର (ଦେଖ)—Mallāra (See).
Mahlāra ଜାତି (କେନ୍ଦୁଝର ଓ ଢେଙ୍କାନାଳ) ବ—
ମଲ୍‌ହାର ଜଙ୍ଗଲ ଜାତି ବିଶେଷ—A race of wild peopl.
मलार dealing with honey and such other forest-produce. [ଦ୍ର—ଏମାନେ ମହୁ ଓ ଅନ୍ୟାନ୍ୟ ବନଜାତ ଦ୍ରବ୍ୟ ସଂଗ୍ରହ ଓ ବିକ୍ରୟ କରନ୍ତି ଓ ଗଛମୂଳରେ ବାସ କରନ୍ତି । ]

ମା (ଧାତୁ)—ସଂ—୧ । ପରିମାଣ କରିବା; ମାପିବା—1. To
Mā (root) measure. ୨ । ପାଳନ କରିବା—2. To bring up; to maintain. ୩ । ସମ୍ଭାଇବା—3. To be contained in. ୪ । ନିର୍ମାଣ କରିବା; ପ୍ରସ୍ତୁତ କରିବା—4. To prepare; to make; to builde ୫ । ବାଣ୍ଟିବା—5. To apportion; to mete out. ୬ । ଦେଖାଇବା—6. To show; to display. ୭ । ଶବ୍ଦ କରିବା—7. To roar; to sound (Apte).

ମା—ସଂ. ବ. ସ୍ତ୍ରୀ (ମା, ଧାତୁ+କର୍ତ୍ତୃ. କ୍ୱିପ୍; ତୁଳ (ସଂ) ଅମ୍ବା, ମାତୃ,
Mā ମା; (ହିଂ) ମାମା; (ଇ) ମାଈର; (ହି) ଅମା, ମାଇ; (ବେ) ଅମ୍ମା; (ଅ) ଅମ; (ଫା) ମାଦାର୍;—୧ । ମାତା; ଜନନୀ—1. Mother. [ଦ୍ର—ପୁରୀ ଓ କଟକ ଜିଲ୍ଲାର କେତେକ ସ୍ଥାନର ବ୍ରାହ୍ମଣମାନେ ମାତାଙ୍କୁ 'ବୋଉ' ଓ ପିତାମହୀଙ୍କୁ 'ମା' ବୋଲି ସମ୍ବୋଧନ କରନ୍ତି ।

କୌଣସି ବ୍ୟକ୍ତିର ମାତାଙ୍କୁ ସେହି ବ୍ୟକ୍ତିର ନାମ ସହିତ 'ମା' ଶବ୍ଦ ଯୋଗ କରି ଡକାଯାଏ । ଯଥା—ହରିଅ ମା, ରମା ମା । ] ୨ । ଲକ୍ଷ୍ମୀ; କମଳା—2. The Goddess of wealth. ୩ । (+କରଣ କ୍ୱିପ୍)ଶ୍ରୀ; ସୌନ୍ଦର୍ଯ୍ୟ—3. Beauty. ୪ । (+ଭାବ. କ୍ୱିପ୍) ପରିମାଣ—4. Measure. ୫ । (+କରଣ. କ୍ୱିପ୍) ଜ୍ଞାନ—5. Knowledge. ୬ । କାନ୍ତି—6. Lustre. ଅ—ନିଷେଧ, ବାରଣ ଓ ନିଷେଧାର୍ଥକ ଅବ୍ୟୟ—No. ଦେ. ବ—

ମା (ସଂ. ମଧ୍ୟମ)—୧ । ସଙ୍ଗୀତର ସପ୍ତ ସ୍ୱରର ଚତୁର୍ଥ ସ୍ୱର—
मा 1. The 4th scale in the Hindu music.

ସାଧାରଣ ଲୋକେ ଅପର ପୃଷ୍ଠାରେ ସୂଚିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା—'ଗାଈ' ନ ମିଳିଲେ 'ଗାଇ' ଖୋଜିବେ; 'କୂଅ' ନ ମିଳିଲେ 'କୁଅ' ଖୋଜିବେ; 'ବନ୍ଧୁ' ନ ମିଳିଲେ 'ବନ୍ଧୁ' ଦେଖିବେ; 'ଅଙ୍କୋ' ନ ପାଇଲେ 'ଅଙ୍କ' ଦେଖିବେ; 'ଅଲ୍‌ବତ' ନ ପାଇଲେ 'ଅଲ୍‌ବତ୍' ଦେଖିବେ ।

୨ । ମାଅ ( ଦେଖ )—2. Mā-ā ( See ) ଅ—୧ । ଭୟ, ବିସ୍ମୟ ଓ ଅଭୂତପୂର୍ବତାସୂଚକ ଅବ୍ୟୟ; ହେ ମା !—
ওমা 1. Interjection used in giving vent to
माँ, ओमा fear wonder or bewilderment; Oh my Mother ! ୨ । (ସାଙ୍କେତିକ, ଦଲିଲ) ମାରଫତେ—2. Through; per; by the hands of. (ଯଥା—। ମା । ଅମୁକ=ଅମୁକ ଲୋକ ମାରଫତେ । ) ୩ । (ଜମିର ମାପ ପରିମାଣ) 'ମାଣ'ର ସାଙ୍କେତିକ—3. An abbreviation for 'Māṇa' of land. (ଯଥା—ମା ୧୫। ୦=ପନ୍ଦର ମାଣ ଜମି ।); ଗ୍ରା. ପ୍ରତ୍ୟୟ (କ୍ରିୟା ସହିତ ବ୍ୟବହୃତ)—'ବା' ସ୍ଥାନରେ ଲାଗେ—Used with a verb in the place of the ending 'bā' in the future tense. (ଉ—ଅନ ଦେବା ତାହା ଜଣେ ଅଶି-ମା ଅର୍ଜୁନ । ସାରଳା. ମହାଭାରତ ।) ପ୍ରାଦେ. (ସମ୍ଭ୍ରାନ୍ତ) ଅ—(ସ୍ତ୍ରୀମାନଙ୍କ ଦ୍ୱାରା ବ୍ୟବହୃତ) ଗୋ; ହେ; ଅହେ—Oh ! (ଉ—ମୋହନ ଯାଉ ଚରା ପଡିଲା ମା । ଗୋପାଳକୃଷ୍ଣ ସଙ୍ଗୀତ ।)

ମା ଅଂ(ଆଂ)ଶିଆ—ଦେ. ବିଣ. ପୁଂ (ସଂ. ମାତୃ ଓ ଅଂଶୀୟ)—ଯେଉଁ
Mā am(ām)siā ଶିଶୁର ଚେହେରା ବର୍ଣ୍ଣକେଶ ମାତାଙ୍କ ଚେହେରା (ମାଅ ଅଂଶିଆ—ଅନ୍ୟରୂପ) ଆଦି ସଙ୍ଗେ ବେଶି ମେଳ ଥିବା ଦେଖା-(ବାପ ଅଂଶିଆ—ବିପରୀତ) ଯାଏ—(a child) Resembling
মা মুখো its mother in appearance (as regards
माइ मुहाँ the face, colour of the skin, density
(ମା ଅଂଶୀ, ମାଅ ଅଂଶୀ—ସ୍ତ୍ରୀ) of the hair etc.)

ମାଆ—ଦେ. ବି. ( ସଂ. ମା, ମାତୃ )—୧ । ଠାକୁରାଣୀ ଦେବୀ—;
Mā-ā 1. A Goddess. (ଯଥା—ମାଅ କମଳା, ମା କାଳୀ ।)
মা ୨ । ମାତା; ଜନନୀ—2. Mother. ୩ । ଗୁରୁ ପତ୍ନୀ
माँ ଆଦି ପୂଜ୍ୟା ସ୍ତ୍ରୀ—3. The wife of one's elders.
[ଦ୍ର—ଗୁରୁ ପତ୍ନୀ, ପିତୃବ୍ୟ ପତ୍ନୀ, ଜ୍ୟେଷ୍ଠଭ୍ରାତୃଜାୟା, ମାତୁଳାନୀ, ମାତୃସ୍ୱସା, ପିତୃସ୍ୱସା, ଶାଶୁ, ବଡ଼ ଭଉଣୀ ଇତ୍ୟାଦି 'ମା' ଅଟନ୍ତି ।] ଦେ. ଅ—୧ । ଆପଣାଠାରୁ ବୟସରେ ବଡ଼ ଓ ମାତୃସ୍ଥାନୀୟା ସ୍ତ୍ରୀମାନଙ୍କ ପ୍ରତି ସମ୍ବୋଧନ—1. A term used in addressing females much older than one's self. ୨ । କନ୍ୟା ଓ ଆପଣାଠାରୁ ବୟସରେ ଶ୍ରେଷ୍ଠ ଓ କନ୍ୟାସ୍ଥାନୀୟା ବାଳିକାମାନଙ୍କ ପ୍ରତି ବାତ୍ସଲ୍ୟ ସୂଚକ ସମ୍ବୋଧନ—2. A term of endearment used towards one's daughter and younger girls. (ଉ—କୁହେଁ ପିତା ଯୋଗ୍ୟ କେବେ ତୋ ପର ଦେଖାଇ, ମୁହିଁ ପିତା ଅଭାଜନ, ମାତ ତୁ ମାଅଲୋ ! ଦୟା, କ୍ଷମା, ସ୍ନେହ, ପ୍ରୀତି, ଭକ୍ତି ପ୍ରଭୃତି । ଚିନ୍ତାମଣି ବିଜୟମାଧୁରୀ)

ମାଆଁ(ଏଁ)ସ—ଗ୍ରା. ବି—ମାଂସ ( ଦେଖ )—Māmsa ( See )
Mā-āṅ(eṅ)sa (ଉ—ବୋଲନ୍ତି ସଙ୍ଗରେ ! ବ୍ୟଞ୍ଜନ କର ଅନ
মাংস मांस ମାଏଁସ । ବିଶ୍ୱନାଥ. ବିଚିତ୍ର ରାମାୟଣ ।)

ମାଆ ଗୋସା(ସେ)ଇଁ—ଦେ. ବି. ସ୍ତ୍ରୀ—କଥାପ୍ରସଙ୍ଗରେ ଓ ପତ୍ର
Mā-ā gosā(se)iṅ ଆଦିରେ ମାତାଙ୍କ ପ୍ରତି ପ୍ରଯୁକ୍ତ ସମ୍ମାନସୂଚକ
মা গোসাই ବାକ୍ୟ—A term of respectful address
मा गोसाइँ to one's mother; in the course of conversation or in a letter

ମାଆ ଛୁ(ଛେ)ଉଣ୍ଡ(ଣ୍ଡା)—ଦେ. ବିଣ—ବାଲ୍ୟକାଳରୁ ମାତୃହୀନ—
Mā-ā chhi(chhe)uṇḍa(ṇḍā) Motherless from
মাতৃহীন दुगड़ा, दुगर childhood.
( ମାଅ ଛୁ[ଛେ]ଉଣ୍ଡିଆ—ଅନ୍ୟରୂପ )
( ମାଅ ଛୁ[ଛେ]ଉଣ୍ଡୀ, ମାଅ ଛୁ[ଛେ]ଉଣ୍ଡେଇ—ସ୍ତ୍ରୀ )

ମାଆ ଝିଅ—ଦେ. ବି. ( ଅପେକ୍ଷିତ ଦ୍ୱନ୍ଦ୍ୱର ପଦ; ମାତା + ଦୁହିତା )—
Mā-ā jhia ମାତା ଓ କନ୍ୟା—Mother and daughter.
মা মেয়ে मा बेटी [ ଉ—ମାଅ ଝିଅ ଦୁହେଁ ଦେଉଳକୁ ଗଲେ, ସେଠା ଶୁଣ ଯେ ମନାସିଲେ—ଗଳ୍ପ । ]

ମାଆ ଠାକୁରାଣୀ—ଦେ. ବି. ସ୍ତ୍ରୀ—୧ । ( ଲକ୍ଷ୍ମୀ, ଭଗବତୀ ଓ ଗ୍ରାମ
Mā-ā ṭhākurāṇī ଦେବତା ଆଦି ) ଦେବୀଙ୍କ ପ୍ରତି ସମ୍ବୋଧନ-
মা ঠাকুরান ଉକ୍ତି—1. Address to a Goddess.
माताजी; मया ୨ । ବସନ୍ତ ରୋଗର ଅଧିଷ୍ଠାତ୍ରୀ ଦେବୀ; ଶୀତଳା—
(ମାଅ ଠାକୁରାଣ—ଅନ୍ୟରୂପ) 2. The Goddess said to preside over small pox. (ଯଥା—ତାଙ୍କ ଗାଁରେ ମାଅ ଠାକୁରାଣୀ ବିଜେ କରିଛନ୍ତି ।) ୩ । ମାଅ ଗୋସାଇଁ ( ଦେଖ )—3. Mā-ā gosāiṅ ( See )

ମାଆ ପୁଅ—ଦେ. ବି ( ଅପେକ୍ଷିତ ଦ୍ୱନ୍ଦ୍ୱର ପଦ )—ମାତା ଓ ପୁତ୍ର—
Māā pua মাএ ছেলে मा बेटा Mother and son.
( ମାଏ ପୁଏ—ବହୁବଚନ )

ମାଆ ପେଟ—ଦେ. ବି—ମାତୃଗର୍ଭ—Mother's womb.
Mā-ā peṭa মাএর পেট माका पेट

ମାଆ ବାପ—ଦେ. ବି ( ଦ୍ୱନ୍ଦ୍ୱର ପଦ )—୧ । ମାତା ଓ ପିତା—
Mā-ā bāpa 1. Mother and father. ୨ । ରକ୍ଷକ;
মা বাপ माँ बाप ପୃଷ୍ଠପୋଷକ—2. Patron; helper.
( ଯଥା—ହଜୁର ଗରିବ ଲୋକଙ୍କର ମାଅ ବାପ । )

ମାଆ ଭଉଣୀ—ଦେ. ବି. (ଦ୍ୱନ୍ଦ୍ୱର ପଦ)—କାହାରି ମାତା ଓ ଭଗ୍ନୀ—
Mā-ā bhauṇī One's mother and sister.
মা বোন माँ बहीन

ମାଆ ଭଉଣୀ ଜୋରୁ ବେଟୀ କରିବା—ଦେ. କ୍ରି—କାହାରି ମାତା,
Mā-ā bhauṇī joru beṭī karibā ଭଗ୍ନୀ, ସ୍ତ୍ରୀ ଓ କନ୍ୟାଙ୍କ
মা বোন জোরু বেটীকরা ନାମ ଧରି ଗାଳି ଦେବା—To call names
मतरियो बहिनियो करना, by using the names of one's

**मइया बहिनिया करना** mother, sister, wife and daughter.

**ମାଅ ଭାରିଜା**—ଦେ. ବି ( ସ୍ୱତନ୍ତ୍ର ପଦ )—ଅପଣାର ମାତା ଓ ସ୍ତ୍ରୀ—
Mā-ā bhārijā মা স্ত্রী One's mother and wife.
**माँ जोरु** ( ମାଅ ମାଇପ—ଗ୍ରାମ୍ୟରୂପ )

**ମାଅ ମାଅରେ**—ଦେ. ଅ. (ଶିଶୁ ବଚନ)—ମାତାଙ୍କୁ ପୁତ୍ରର ସମ୍ବୋଧନ;
Mā-ā mā-āre ହେ ମାଆ ! —Oh mother !. ( ଉ—ମାଅ
ও মা **माँ मरि** ମାଅରେ ! ପାଠପଢ଼ା ବଡ଼ ଦୁଃଖ, ହାତ ଗୋଡ଼
ଦୁଇ ଲାଗଇରେ, ପଣ୍ଡାଙ୍କୁ ବଡ଼ ସୁଖ—ଶିଶୁ ଗୀତ । )

**ମାଅ ମାଉସୀ**—ଦେ. ବି ( ସ୍ୱତନ୍ତ୍ର ପଦ; ମାତା+ମାତୃସ୍ୱସା )—
Mā-ā mausi ୧ । ମାତା ଓ ମାତୃସ୍ୱସା—1. One's mother
মা মাসী **माँ मौसी** and mother's sister. ୨ । ଅପଣାର
ମାତୃସ୍ଥାନୀୟ ସ୍ତ୍ରୀଗୁରୁଜନ—2. Elderly females who are to be looked upon as one's mother.

**ମାଅ ମାଟି**—ପ୍ରାଦେ. ( ସମ୍ବଲପୁର ) ବି ( ସ୍. ମାତୃ ଓ ମୃତ୍ତିକା )—
Mā-ā māṭi ଜନ୍ମଭୂମି—Mother-country; one's brith-place.

**ମାଅରାଣୀ**—ଦେ. ଅ—କାନ୍ଦୁଣ ବେଳେ କାନ୍ଦିବା ଝିଅର ମାଅଙ୍କ ପ୍ରତି ଓ
Mā-ārāṇi ମାଅଙ୍କର ଝିଅ ପ୍ରତି ସମ୍ବୋଧନ—A term used
মারাণী **माँरानी** by a weeping girl to her mother and vice versa. ଗ୍ରା. ବି—ମହାରାଣୀ ( ଦେଖ ) Mahārāṇi ( See )

**ମାଅ(ହା)ଲକ୍ଷ୍ମୀ**—ଦେ ବି ( ସ୍. ମହାଲକ୍ଷ୍ମୀ )—ମହାଲକ୍ଷ୍ମୀ ( ଦେଖ )—
Mā-a(hā)lakshmi Mahālakshmi (See) ଦେ. ଅ—
মা লক্ষী **माँ लक्ष्मी** ଅପଣାର କନ୍ୟା, ବଧୂ ଓ ଭ୍ରାତୃବଧୂଙ୍କୁ ସ୍ନେହ-
ମାଅ(ହା)ଲକ୍ଷ୍ମୀ(ଣ୍ଡୀ) } ଗ୍ରାମ୍ୟରୂପ ସମ୍ବୋଧନ—A term of
ମାଅ(ହା)ଲକ୍ଷ୍ମି } endearment used to one's daughter, daughter-in-law and younger brother's wife.

**ମାଅଲୋ**—ଦେ. ଅ (ଭୟ ଓ ଦୁଃଖରେ ବ୍ୟବହୃତ ଅର୍ତ୍ତନାଦ )—ଅଲୋ
Mā ālo ମାଅଲୋ—Interjection used in agony,
ওমা, মাগো **मारे** fear or wonder; Oh my mother I am dying.
(ମାଅଲୋ ବାପଲୋ, ମାଅଲୋ ମରଗଲି, ମାଅଲୋ ମଲି—ଅନ୍ୟରୂପ)

**ମାଅଲୋ ବାପଲୋ ହେବା (କରିବା)**—ଦେ. କ୍ରି—ଅତି ବଡ଼ଡରେ
Mā-ālo bāpalo hebā (karibā) ଅର୍ତ୍ତସ୍ୱର କରିବା—
মারে বাপরে করা To wail very piteously.
**माँ बाप करना**

**ମାଅ ସାଅନ୍ତାଣୀ**—ଦେ. ବି—୧ । ଗୃହକର୍ତ୍ତ୍ରୀଙ୍କ ପ୍ରତି ଭୃତ୍ୟାଦିଙ୍କର
Mā-ā sā-āntāṇi ସମ୍ମାନଜନକ ଉକ୍ତି—1. A term used
মা ঠাকরান for and in addressing the lady of
**माताजी, महतारी** the house. ୨ । କନ୍ୟା ପ୍ରତି ମାତାଙ୍କର ସ୍ନେହ ଉକ୍ତି—2. A term of endearment used to one's daughter. [ ଉ—ମାଅ ସାଅନ୍ତାଣୀ ରାଣୀ ! କେଉଁଠାରେ ପଡ଼ିମାଅଛ ସରେ, ଘଉଡ଼ି ବୋଲୁଚେ ପାଣି—ଗୀତ । ] ୩ । ଦେବୀଙ୍କୁ ସମ୍ବୋଧନ—3. Address to a Goddess.

**ମାଇ ( ଇତ୍ୟାଦି )**—ମାଇ ଇତ୍ୟାଦି ( ଦେଖ
Māi ( etc ) Māi etc ( See )

**ମାଇଆ**—ଦେ. ବଣ. ପୁଂ—୧ । ସ୍ତ୍ରୀ ପ୍ରକୃତିବିଶିଷ୍ଟ ( ପୁରୁଷ );
Māiā ମାଇଗୁ—1. ( a male ) Having the characteristics of a female; womanish; feminine.
মেয়েলি
**मेहरा; मौगा; मौगियाहा** [ ଉ—ଏମାନେ ସ୍ତ୍ରୀମାନଙ୍କ ପରି ଭୀରୁ, ଲଜ୍ଜାଶୀଳ ଓ କୋମଳସ୍ୱଭାବ ଅଟନ୍ତି ।] ୨ । ସ୍ତ୍ରୀଜନୋଚିତ—
2. Becoming or befitting a woman, womanly. ୩ । ସ୍ତ୍ରୈଣ; ସ୍ତ୍ରୀମାନଙ୍କ ପ୍ରତି ଅତିରିକ୍ତ-ଭାବରେ ଆସକ୍ତ—3. Addicted to females; effeminate; voluptuous. ୪ । ସ୍ତ୍ରୀବଶୀଭୂତ—
4. Hen-pecked; led by the nose by a
মেয়েরা woman. ଗ୍ରା ବି—୧ । ସ୍ତ୍ରୀଲୋକମାନେ—1. Females.
୨ । ( ପଦ୍ୟ ) ମାୟା—2. Deception; illusion; delusion.

**ମାଇକି**—ପ୍ରାଦେ. ( ସମ୍ବଲପୁର; ଅଠମଲ୍ଲିକ ) ଅ. (ହି. ମାଁକା କସମ୍)—
Māiki ମୋ ମାଅଙ୍କ ରାଣ—I swear by the name of my mother. ( ଯଥା—ମାଇକି ମତେ=ମତେ ମୋ ମାଅଙ୍କ ରାଣ ଅଛି ।)

**ମାଇକିନା**—ଦେ. ବି. ସ୍ତ୍ରୀ ( ସ୍. ମାତୃ ଓ କନ୍ୟା; ଲକ୍ଷ୍ମୀ ମାତୃଗ୍ରାମ=
Māikinā ମାତୃଗ୍ରାମ; ପାଲି—ମାତୁଗାମ; ପ୍ରା. ମଉଗାଅଁ ସ୍.
[ମାଇକିନିଅ(ଅଁ)—ଅନ୍ୟରୂପ] ମାଚୁକା; ସ୍. ମେଳକା=ସ୍ତ୍ରୀ;
(ଅଶ୍ଳୀଳ—ଉପଯୋଗ) ମହିଳା—ହି. ଶ )—୧ । ନାରୀ; ସ୍ତ୍ରୀଲୋକ
মেয়ে; মাগা; মাগী মাইয়া —1. Woman. ୨ । ପତ୍ନୀ; ସ୍ତ୍ରୀ
**मउगी; मौगी; मेहरिया** —2. Wife. ୩ । ସ୍ତ୍ରୀ ଜାତି—
3. Womankind. [ ଉ—ସାଧାରଣତଃ 'ମାଇକିନିଆ' ପଦର ବ୍ୟବହାର ଇତର ବା ଶିଷ୍ଟାଚାରବିରୁଦ୍ଧ; ଇତରବୃତ୍ତି, ଦୁଷ୍ଟା ସ୍ତ୍ରୀମାନଙ୍କ ପ୍ରତି ଓ ଗାଳିରେ ଏ ପଦ ବ୍ୟବହୃତ ହୁଏ । ସଧବାମାନଙ୍କୁ ଅହିଅ ମାଇକିନିଅ ଓ ବିଧବାମାନଙ୍କୁ ରାଣ୍ଡ ମାଇକିନିଅ କୁହାଯାଏ । ]

**ମାଇକିନିଅ(ଅଁ) ଝିଅ**—ଦେ. ବି. ସ୍ତ୍ରୀ—୧ । ମାଇପି ଲୋକ; ସ୍ତ୍ରୀ
Māikiniā(ān) jhia ନାରୀ ବ୍ୟକ୍ତି—1. A female;
(ଅଶ୍ଳୀଳ ଉପ—ଉପଯୋଗ) a woman. ୨ । ସ୍ତ୍ରୀ ଶିଶୁ—
মেয়েছেলে 2. Female child. ୩ । ବାଳିକା—
**बच्ची; मउगी; लुगाई** 3. Girl.

**ମାଇକିନିଅ ପିଲା**—ଦେ. ବି—୧ । ବାଳିକା ଶିଶୁ—1. A female;
Māikiniā pilā child; a female infant.
(ଅଶ୍ଳୀଳ ପିଲା - ଉପଯୋଗ) ୨ । ବାଳିକା—2. A girl.
মেয়েছেলে **बच्ची**

**ମାଇକିନିଆ ଲୋକ**—ଦେ. ବି. ସ୍ତ୍ରୀ—ସ୍ତ୍ରୀ ବ୍ୟକ୍ତି; ନାରୀ—
Māikinia loka A woman; a female folk.
মেয়েমানুষ **ओरत आदमी.**

**ମାଇକେଲ୍ ମଧୁସୂଦନ ଦତ୍ତ**—ଦେ. ବି ( ନାମ )—ମଧୁସୂଦନ ଦତ୍ତ
Māikel madhusūdana dutta (ଦେଖ—Madhusūdana dutta ( See )

**ମାଇଗାଣ୍ଡିଆ**—ଦେ. ବିଣ. ପୁଂ ( ଅଶ୍ଳୀଳ )—୧ । ମାଇଆ ( ଦେଖ )
Māigāndiā —1. Māiā ( See ). ୨ । ନାମର୍ଦ୍ଦ;
মাইআমুখা মাইআমুখো ସ୍ତ୍ରୀଲୋକ ପରି ସ୍ୱଭାବ—2 Timid
**नामर्द** like a woman; effeminate. ୩ । ପୁଂସ୍ତ୍ୱହୀନ; ଅଣ୍ଡପୁରୁଷ—3. Impotent (male)

**ମାଇଗାତ**—ଦେ. ବି—ଶାତଗାତ ( ଦେଖ )—
Māigāta Sātagāti ( See )

**ମାଇଗୁଲିଆ**—ଦେ. ବିଣ. ପୁଂ—୧ । ମାଇପି ବୋଲକର; ଯେ ମାଇପର କଥାରେ ଚଳେ; ସ୍ତ୍ରୀବଶ; ସ୍ତ୍ରୀଜିତ—1. Led by
Māiguliā
মাইআমুখা the nose by one's wife; hen-pecked
**मौगियाहा** ୨ । ମାଇପ—2. Having the characteristics and habits of a female.

**ମାଇଚ୍ଛ(ଛ୍ଛା)**—ଦେ. ବିଣ. ପୁଂ—୧ । ସ୍ତ୍ରୀ ସ୍ୱଭାବଯୁକ୍ତ ( ପୁରୁଷ )—
Māichā(chhā) 1. ( a man ) With female
[ମାଇଚ(ଛ୍ଛ)ଆ—ଅନ୍ୟରୂପ] nature. ୨ । ଯେ ସର୍ବଦା ସ୍ତ୍ରୀ-
(ଅଣ୍ଡସ୍ୱତଣ୍ତ୍ରୀ—ବଚସ୍ପତ୍ର) ମହଲରେ ରହିବାକୁ ଭଲପାଏ—
মাইআমুখা, মেয়েমুখো 2. Effeminate; clinging to
**मेहरा, मौगियाहा** the apron strings of women.
୩ । ମାଇଆ ( ଦେଖ )—3. Māiā ( See )

**ମାଇ(ଏ)ଝି**—ପ୍ରାଦେ. ( ସମ୍ବଲପୁର ଓ ସଉରାଜ୍ୟ ) ବି—୧ । ମାଇପି
Māi(e)jhi ଲୋକ; ସ୍ତ୍ରୀ ବ୍ୟକ୍ତି—1. A woman; a female folk. ୨ । ସ୍ତ୍ରୀ ଜାତି—2. The female-kind. ୩ । ବାଳିକା—3. A girl

**ମାଇତି**—ପ୍ରାଦେ ( ମେଦନୀପୁର ) ବି—୧ । ମାହିଷ୍ୟ ଓ କୈବର୍ତ୍ତଙ୍କ
Māiti ବଂଶୋପାଧି ବିଶେଷ—1. A family title of
মাইতি Māhishya and fishermen in Midnapur.
[ ଦ୍ର—କୈବର୍ତ୍ତ୍ୟ ଚରିତାମୃତରେ 'ମହାନ୍ତି' ଅର୍ଥାତ୍ କରଣ ଜାତି ଅର୍ଥରେ 'ମାଇତି' ଶବ୍ଦ ବ୍ୟବହୃତ ହୋଇଅଛି । ]

**ମାଇନ୍**—ବୈଦେ. ବି ( ଇଂ )—ଖଣି—A mine. [ ଦ୍ର—ଏହି
Māin ଇଂରାଜୀ ଶବ୍ଦ ସଙ୍ଗେ ଯୋଗିଥିବା ସମ୍ପର୍କୀୟ ଅନେକ-ଗୁଡ଼ିଏ ବୈଦେଶିକ ଶବ୍ଦ ଭାଷାରେ ଚଳିଲାଣି । ମାଇନ୍-ଫେଲ୍ଡ, ମାଇନ୍ ଇନ୍ସପେକ୍ଟର୍ । ]

**ମାଇନ**—ଦେ. ବି ( ସଂ. ମାନ୍ୟ )—୧ । ସ୍ତ୍ରୀମାନଙ୍କର ପୁରୁଷଙ୍କ ଆଗରେ
Māina ବା ସର୍ବସାଧାରଣରେ ବା ଗୁରୁଜନଙ୍କ ପ୍ରତି ସମ୍ମାନ
সামনে না বেরুন ଦେଖାଇବା ଉଦ୍ଦେଶ୍ୟରେ ସେମାନଙ୍କ ସାମନାକୁ ନ
**शरम, परदा, मा** ଆସିବା; ସଙ୍କୋଚ; ମାନନା—1. Modesty shown by females in the public or in the society of males and before their elders; observance of purda by females.
୨ । ମାନ୍ୟ; ମର୍ଯ୍ୟାଦା—2. Respect. ୩ । ସଦାଚାର-ନିୟମ—3. Rules of etiquette. ୪ । ଗୁରୁଜନଙ୍କ ପ୍ରତି ବାଳକମାନଙ୍କର ପ୍ରଦର୍ଶିତ ସମ୍ଭ୍ରମ—4. Respect shown to elders by youngsters.

**ମାଇନ କରିବା**—ଦେ. କ୍ରି—୧ । ସମାଜୋଚିତ ମର୍ଯ୍ୟାଦା ଅନୁସାରେ
Māina karibā ଚଳିବା; ଗୁରୁଜନଙ୍କୁ ସମ୍ମାନ ଦେଖାଇବା—
সামনে না বেরুন 1. To show proper respect and
**शरम करना, परदा करना;** modesty to one's elders or
**संकोच करना; मान करना** to outsiders. ୨ । (ବଧୂମାନେ) ସମାଜୋଚିତ ବିଧି ଅନୁସାରେ ଗୁରୁଜନଙ୍କୁ ଓ ଅପରିଚିତ ବ୍ୟକ୍ତିମାନଙ୍କୁ ଦେଖା ନ ଦେବା ବା ସେମାନଙ୍କ ସଙ୍ଗେ କଥା ନ କହିବା—2. Not to appear before and talk to one's elders and to outsiders according to the etiquette observed in society ( said of young daughters-in-law etc ). [ ଦ୍ର—ଅମ୍ଭମାନଙ୍କ ସମାଜରେ ମାଇନ କରିବା ପ୍ରଥା ପୂର୍ବେ ଖୁବ୍ ଚଳିଥିଲା । ନବାଗତ ବଧୂ ଶାଶୁ, ନଣନ୍ଦ ଓ ଅନ୍ୟ ବର୍ଷିୟସୀମାନଙ୍କ ସହିତ ପାଟି ଫିଟାଇ କଥାବାର୍ତ୍ତା ନ କରି ହୁଁ ହୁଁ ଶବ୍ଦ କରି ଓ ହାତରେ ଠାରି ମନର ଭାବ ପ୍ରକାଶ କରୁଥିଲେ; ସ୍ୱାମୀଙ୍କ ସଙ୍ଗେ ଦିବସରେ ବା ପ୍ରକାଶ୍ୟରେ ଦେଖା ବା କଥାଭାଷା କରୁ ନ ଥିଲେ; ଶ୍ୱଶୁର, ଅଧିକ ବୟସ୍କ ଦିଅର ଓ ବାହାରର ଲୋକଙ୍କ ଦେଖା ଦେଉ ନ ଥିଲେ; ସବୁବେଳେ ଓଢ଼ଣା ପକାଉଥିଲେ । ସ୍ତ୍ରୀମାନେ ଅପଣା ଦେଢ଼ଶୁର, ମଉଳାଶୁର, ଗ୍ରାମ-ସମ୍ପର୍କୀୟ ସ୍ୱାମୀଙ୍କୁ ଦେଖା ଦେଉ ନ ଥିଲେ କିମ୍ବା ସେମାନଙ୍କ ସଙ୍ଗେ କଥା କହୁ ନ ଥିଲେ । ସ୍ତ୍ରୀମାନେ; ବିଶେଷତଃ ବଧୂମାନେ ଘରରୁ ବାହାରୁ ନ ଥିଲେ; ବାହାରର ପୁରୁଷମାନଙ୍କୁ ଦେଖା ଦେଉ ନ ଥିଲେ କିମ୍ବା ସେମାନଙ୍କ ସଙ୍ଗେ କଥାଭାଷା କରୁ ନ ଥିଲେ; ଏ ସବୁ ମାଇନ ପ୍ରଥା ପାଶ୍ଚାତ୍ୟ ଶିକ୍ଷା ଓ ସଭ୍ୟତା ପ୍ରଭାବରୁ ସମାଜରୁ କମି ଗଲାଣି । ]

**ମାଇନକାରିଆ**—ଦେ. ବିଣ. ପୁଂ ( ସଂ. ମାନ+କାରୀ )—ଯେ
Māinakāriā ଗୁରୁଜନଆଦିଙ୍କୁ ସାମାଜିକ ଶିଷ୍ଟାଚାରସମ୍ମତ
(ମାଇନକା[ରୋ]ଇ—ସ୍ତ୍ରୀ) ସମ୍ମାନ ଦେଖାଏ—( a male )
(ମାଇନକାରୀ—ପୁଂ ଓ ସ୍ତ୍ରୀରୂପ) Showing due respect
**समीहकारी** and modesty to his elders
**शिष्ट; नम्र; मानकरनेवाला**

**ମାଇନ ମର୍ଯ୍ୟାଦା**—ଗ୍ରା. ବି—ମାନ୍ୟ ମର୍ଯ୍ୟାଦା ( ଦେଖ )—
Māina marjyādā Mānya marjyādā ( See )
(ମାଇନମହତ—ଅନ୍ୟରୂପ) मानमर्यादा **मानमर्यादा**

**ମାଇନର୍**—ବୈଦେ. ବି. ( ଇଂ )—୧ । ନାବାଳକ ପିଲା—1. A
Māinar minor boy or girl. ୨ । ଗବର୍ଣ୍ଣମେଣ୍ଟଙ୍କ
মাইনর ପ୍ରବର୍ତ୍ତିତ ପ୍ରାଥମିକ ଶିକ୍ଷାର ପରବର୍ତ୍ତୀମାନ; ମଧ୍ୟ—
**माइनर** ଇଂରାଜୀ—2. Middle English or Minor

standard of secondary education approved by the Education Department of the Government. [ ଦ୍ର—ଉକ୍ତ ପ୍ରାଇମେରୀ ପରୀକ୍ଷାରେ ପାଶ୍ କରି ଯେଉଁମାନେ କେବଳ 'ମାତୃଭାଷା'ରେ ଉଚ୍ଚତର ଶିକ୍ଷା ପାଆନ୍ତି ସେମାନେ ଭର୍ଣ୍ଣାକୁଲାର ( Vernacular ) ଓ ଯେଉଁମାନେ ତହିଁ ସଙ୍ଗେ ଇଂରାଜୀ ଶିକ୍ଷା କରନ୍ତି ସେମାନେ ମାଇନର ( Minor or Middle English ) ପଢ଼ନ୍ତି । ]

ମାଇନର୍ ସ୍କୁଲ—ବୈଦେ. ବି ( ଇଂ )—ଯେଉଁ ବିଦ୍ୟାଳୟରେ Māinar skula 'ମାଇନର୍' ମାନ ପର୍ଯ୍ୟନ୍ତ ବିଦ୍ୟାଶିକ୍ଷା ମାଇନର ସ୍କୁଲ ଦିଆଯାଏ; 'ମଧ୍ୟ-ଇଂରାଜୀ' ବା 'ମିଡ୍ଲ୍ ଇଂଲିଶ୍' **माइनर स्कूल** ବିଦ୍ୟାଳୟ—Middle English or Minor School. [ ଦ୍ର—ଏହିପରି 'ମାଇନର୍' ଶବ୍ଦ ସଙ୍ଗେ ବୃତ୍ତି, ପରୀକ୍ଷା, ପାଶ୍, ଫେଲ୍, କ୍ଲାସ୍, ଷ୍ଟାଣ୍ଡାର୍ଡ୍, ସାର୍ଟିଫିକେଟ୍ ଆଦି ଶବ୍ଦ ଯୋଗ କରିଯାଇ ଔପଚାରିକ ଭାଷାରେ ଶବ୍ଦମାନ ବ୍ୟବହାର କରାଯାଏ । ]

ମାଇ(ଏ)ନା—ବୈଦେ. ବି—୧ । ( ଫା. ମାଅଏନାହ୍ )—ପୁଙ୍ଖାନୁପୁଙ୍ଖରୂପେ Māi(e)nā ପରୀକ୍ଷା କରିବା—1. Thorough examination. ମାୟନା [ ଦ୍ର—ପ୍ରଥମ ଚନରେ ତୁଇଲଣ ଚୌକିଦାର ଭମସ୍ତବ **माइना** କ୍ଲାସ୍ ମାଇନା ସବାଶେ ଉଠବ ଗୃଜଣ ବଅଣରୁ । ପରୀକ୍ଷାମୋହନ. ଉମାଣ ଅଟେଗୁଣ୍ଡ ।] [ ଦ୍ର—ଏହି ଶବ୍ଦ ଅନ୍ୟ ଶବ୍ଦ ପରେ ମଧ୍ୟ ବ୍ୟବହୃତ ହୁଏ; ଯଥା—ତାଲୁକମାଇନା; କ୍ଲାସ୍ ମାଇନା; ସରଜମିନ ମାଇନା । ] ୨ । ମାଇନା ( ଫା· ମହୀନା )—ମାସିକ ଦରମା—2. Monthly **महीना** salary.

ମାଇନା କରିବା—ଦେ. କ—କୌଣସି ବିଷୟ ପୁଙ୍ଖାନୁପୁଙ୍ଖରୂପେ ପରୀକ୍ଷା Māinā karibā କରିବା—To investigate; to test ମାୟନା କରା **माइना करना** or examine a matter thoroughly.

ମାଇପ—ଗ୍ରା. ବି ( ସ. ମାତୃ; ମାତୃକା; ପ୍ରା. ମାଇଅ )—୧ । ସ୍ତ୍ରୀ; Māipa ଭାର୍ଯ୍ୟା—1. Wife. [ ତାଙ୍କମାନଙ୍କର ତ ମାଗ ମାଇପଙ୍କୁ ଅମ୍ଭେ, ଯେବେ ଶ୍ଳେଷ ଦେଲୁଁ ତା ଜାଣିଅଛ **जोरू, बहू मेहरी** ତୁମ୍ଭେ । ବୃନ୍ଦାବି ଦ. ମହାଭାରତ ସଭା ।

[ ଦ୍ର—ମାଇପ ଅଗରେ ପାଇକ ପଣ ଦେଖାଇବା ନ୍ୟାୟ—ଭୀରୁ ବ୍ୟକ୍ତି ଅପଣା ସ୍ତ୍ରୀ ଅଗରେ ମୁହଁରେ ସାହସ ପ୍ରକାଶ କରିବା ବନ୍ଧୁ କାର୍ଯ୍ୟକ୍ଷେତ୍ରରେ ଭୀରୁତା ଦେଖାଇବା (ମିତିର—ଅନ୍ୟରୂପ) ଘଟଣାରେ ଏ ଉକ୍ତ ବୋଲାଯାଏ ।

ଏହି ଶବ୍ଦ ଅନ୍ୟ ଶବ୍ଦମାନଙ୍କ ପରେ ମଧ୍ୟ ଲାଗେ; ଯଥା—ଅମଙ୍ଗ ମାଇପ, କନ୍ୟା ମାଇପ, ଚୋରା ମାଇପ, ଥୋଇ ବା ଥୋଇଲା ମାଇପ, ବୁଢ଼ିଆ ମାଇପ, ଘୋଇଲା ମାଇପ, ବାଞ୍ଝ ମାଇପ, ବୁଢ଼ୀ ମାଇପ, ମନର ମାଇପ, ରଖେଇ ମାଇପ ଇତ୍ୟାଦି ।

ମାଇପ ଶବ୍ଦ ପୂର୍ବରେ ଯୁକ୍ତ ହେଲେ ବିଶେଷଣ ପ୍ରୟୋଗ ନିମ୍ନଲିଖିତ ରୂପରେ ଦେଖାଯାଏ । ଯଥା—'ଅମଙ୍ଗ ମାଇପ ମନ କରୁଛି, ମନର ମାଇପ ଖୋଜ ପାଉଛି, ଥୋଇ ମାଇପର ପାଳ, ତହିଁ ମାଇପ.କନାପଲା ହିନ, ଘେରସୁ ବସିଛୁ ଭଲ' । ମାଇପ ଶବ୍ଦ ଭାର୍ଯ୍ୟା ଅର୍ଥରେ ଓ ମାଇପୀ ବା ମାଇପେ ଶବ୍ଦ ସାଧାରଣ ସ୍ତ୍ରୀ ବା ସ୍ତ୍ରୀ ଜାତି ଅର୍ଥରେ ବ୍ୟବହୃତ ହୁଏ । ]

ମାଇପ(ପୀ) କଥା—ଗ୍ରା. ବି—୧ । ସ୍ତ୍ରୀର ଉପଦେଶ—1. Wife's Māipa(pī) kathā advice. [ ଦ୍ର—ମାଇପୀ କଥା, [ମାଇପ(ପି)ବୁଦ୍ଧା—ଅନ୍ୟରୂପ] ପାଣ ବାଇବା, ସ୍ତ୍ରୀ କ ଶୁଣିବ ମେয়েলী কথা ତାକେ । ଉସ । ] ୨ । ସ୍ତ୍ରୀର ଅନୁରୋଧ— **औरतकी बात** 2. Wife's request. ୩ । ସ୍ତ୍ରୀ ଉପଯୋଗୀ କଥା ବା କର୍ମ ବା ବିଷୟ—3. Words or acts or art befitting a female.

ମାଇପ କରିବା—ଗ୍ରା. କି ( ଅଶ୍ଳୀଳ )—ପରସ୍ତ୍ରୀର ବା ଯେ ନିଜର Māipa karibā ସ୍ତ୍ରୀ ନୁହେଁ ତାହାର ସହବାସ କରିବା— রাখা To cohabit a woman who is not **रखेली बनाना** one's wife.

ମାଇପ କାନିଧରା—ଗ୍ରା. ବିଣ. ପୁଂ—୧ । ସ୍ତ୍ରୈଣ; ଯେ ସର୍ବଦା ଅପଣା Māipa kānidharā ସ୍ତ୍ରୀର ସାହଚର୍ଯ୍ୟ ପାଇବା ପାଇଁ ଉତ୍କଣ୍ଠିତ আঁচল ধরা —1. Addicted to the company of **मौगियाहा** one's wife; clinging to the apron strings of one's wife; effeminate; voluptuous. ୨ । ଅତି ଭୀରୁ—2. Very cowardly.

(ମାଇପ କାନ୍ଥଧରା—ଅନ୍ୟରୂପ) ୩ । ସ୍ତ୍ରୀବଶ୍ୟ ସ୍ତ୍ରୈଣ-3. Hen-pecked.

ମାଇପ(ପୀ) ଚଟା—ଗ୍ରା. ବିଣ. ପୁଂ—୧ । ଯେ ସ୍ତ୍ରୀର ମନରକ୍ଷା କରିବାକୁ Māipa(pi) chatā ସ୍ତ୍ରୀକୁ ସର୍ବଦା ତୋଷାମଦ କରେ— [ମାଇପ(ପୀ)ଚଟୁଆ—ଅନ୍ୟରୂପ] 1. A person given to স্ত্রৈণ flattering his wife to gain her favour. **मौगियाहा** ୨ । ସ୍ତ୍ରୀ ପ୍ରତି ଅତ୍ୟନ୍ତ ଅସକ୍ତ—2. Excessively attached to one's wife; hen-pecked.

ମାଇପ(ପୀ) ବୁଦ୍ଧି—ଗ୍ରା. ବି—୧ । ଅପଣାର ସ୍ତ୍ରୀର ପରାମର୍ଶ—1. The Maipa(pi) buddhi advice of one's wife. ୨ । মেয়ে মানুষের বুদ্ধি ସ୍ତ୍ରୀ ଜାତିର ବୁଦ୍ଧି—2. Womanly **औरतकी बुद्धि** intellect.

ମାଇପ(ପୀ) ବୁଦ୍ଧି(ଧି)ଆ—ଗ୍ରା. ବିଣ. ପୁଂ—ସ୍ତ୍ରୀ ବୁଦ୍ଧି ଦ୍ୱାରା ପରିଚାଳିତ; Māipa(pi) buddhi(dhi)ā ନିର୍ବୋଧ—Hen-pecked; স্ত্রীবুদ্ধিতে চালিত **मौगियाहा**

ମାଇପ(ପୀ) ବୋଲ—ଗ୍ରା. ବି—ସ୍ତ୍ରୀର ଆଦେଶ—The order or Māipa(pi) bola স্ত্রীর কথা wish of one's wife. **औरतकी आज्ञा**

ମାଇପ(ପୀ) ବୋଲକରା—ଗ୍ରା. ବିଣ. ପୁଂ—ସ୍ତ୍ରୀର ଆଦେଶ ପ୍ରତିପାଳକ-Māipa(pi) bolakarā ଦାସ—Hen-pecked; ruled স্ত্রীর কথায় চলা by one's wife; acting in obedience **मौगियाहा** to the order or wishes of one's wife. ( ମାଇପ[ପୀ] ବୋଲକରାଇଆ—ଅନ୍ୟରୂପ )

ମାଇପ(ପୀ) ରଣ୍ଡା—ଗ୍ରା. ବଣ. ଓ ବ. ପୁଂ—୧ । ମୃତଦାର— Māipa(pi) randā 1. Widower. ୨ । (ଗ.ଲ) ଯେଉଁ ମগ্ রাঁড়িআ ପୁରୁଷ ବଶ ଥାଇଁ ଥାଇଁ ତାର ଭାର୍ଯ୍ୟା ବିଧବା ପରି रँडुआ, रँडा ଅସହାୟା ହୋଇ ରହେ—2. A person (ମାଇପ[ପୀ] ରଣ୍ଡି[ଣ୍ଡୁ]ଅ--ଅନ୍ୟରୂପ) whose wife's condition is as helpless as that of a widow.

ମାଇପ(ପୀ) ସୁହା(ହ)ଗ—ଗ୍ରା ବ-୧ । ନିଜର ସ୍ତ୍ରୀ ପ୍ରତି ଅଯଥା ବା ଅତ୍ୟଧିକ Māipa(pi) suhā(ā)ga ଆଦର—1. Undue or exces- স্ত্রীর সোহাগ sive fondness for or doting on one's स्त्रीको प्यार करना wife. ୨ । ନିଜର ସ୍ୱାମୀ ପ୍ରତି ଅତ୍ୟଧିକ ଆଦର—2. Excessive fondness for one's husband.

ମାଇପ(ପୀ) ସୁହା(ହ)ଗିଆ—ଗ୍ରା. ବଣ. ପୁଂ—୧ । ଯେ ଅପଣା Māipa(pi) suhā(hā)giā ସ୍ତ୍ରୀ ପ୍ରତି ଅତ୍ୟଧିକ ଆଦର স্ত্রী সোহাগী ଦେଖାଏ—1. Doting on or showing स्त्रीको बहुत प्यार करने वाला excessive fondness for one's wife. ୨ । ଯାହାକୁ ନିଜର ସ୍ତ୍ରୀ ଅତ୍ୟଧିକ ଆଦର ଦେଖାଏ—2. Excessively fondled by one's (ମାଇପ ସୁହା[ହ]ଗୀ —ଅନ୍ୟରୂପ) own wife.

ମାଇପ ହେବା—ଗ୍ରା. କି ( ଅଶ୍ଳୀଳ )—(କୌଣସି ସ୍ତ୍ରୀ) ପରପୁରୁଷଦ୍ୱାରା Māipa hebā ରକ୍ଷିତା ହେବା—( a female ) To be স্ত্রী হওয়া रखेली होना in the keeping of a person as his mistress.

ମାଇପୀ—ଗ୍ରା. ବ. ସ୍ତ୍ରୀ—ସ୍ତ୍ରୀଲୋକ; ନାରୀ—Woman. [ ଯଥା— Māipi মাগী ମାଇପୀଙ୍କ ପ୍ରିୟଣୀ ତାର ଘରେ ଅଛି । ଫୁଟାଇଲେ औरत; मेहरी (ପ୍ରିୟପ—ବଣସ୍ଥଳ) ବୁଢ଼ିର ମୋର ଛାଡ଼ିଅଛି— মেয়েলী କୃଷ୍ଣସିଂହ, ମହାଭାରତ ଉଦ୍‌ଯୋଗ । ] ବଣ—୧ । ସ୍ତ୍ରୀ मौगियाहा ସୁଲଭ; ସ୍ତ୍ରୀଜନୋଚିତ—1. Befitting a female ୨ । ସ୍ତ୍ରୀଜାତୀୟ—2. Female.

ମାଇପୀ କଥା—ଗ୍ରା. ବ—୧ । ସ୍ତ୍ରୀଲୋକଙ୍କ ମଧ୍ୟରେ କଥାଭାଷା— Māipi kathā 1. Conversation amongst females. মেয়েলী কথা ୨ । ସ୍ତ୍ରୀଲୋକମାନଙ୍କ ମଧ୍ୟରେ ଚର୍ଚ୍ଚା ହେବାର औरतोंकी बात; मौगियाहा बात ଯୋଗ୍ୟ ବିଷୟ— 2. Minor matter which is fit for discussion amongst females. ୩ । ( ଲକ୍ଷଣାର୍ଥ ) ଅନାବଶ୍ୟକ କଥା ବା ଲମ୍ବ ଚୋଡ଼ାକ କଥା—3. (figurative ) Useless talk. ୪ । ସ୍ତ୍ରୀଜନୋଚିତ ବାକ୍ୟ ବା ବିଷୟ—4. Any speech or matter befitting a female. ୫ । ଭାର୍ଯ୍ୟାର ଆଦେଶ—5. One's wife's order.

ମାଇପୀ କାଳ—ଦେ॰ ବ॰-ଯେଉଁ ସମୟରେ ସ୍ତ୍ରୀଲୋକଙ୍କ ମତ ପ୍ରବଳ Māipi kāla ହୁଏ—An age when the voice of মেয়েদের যুগ women predominates; the age औरतोंकी जमाना; मौगियाहा जमाना when the women ( ମାଇପୀ ଯୁଗ—ଅନ୍ୟରୂପ ) reign supreme.

ମାଇପୀ(ପେ) ଗାଧୁଆବେଳ(ଳା)—ଗ୍ରା. ବ—ସକାଳ ଓଳର ପ୍ରଥମ ପ୍ରହର Māipi(pe) gādhuā bela(lā) ବେଳ—The first quarter মেয়েদের নাইবার সময় of the day when the women औरतोंके नहानेका वक्त (the matrons) take their bath.

ମାଇପୀ ଜାତି—ଗ୍ରା. ବ—ନାରୀଜାତି—Womankind; the Māipi jāti women; women as a class. নারীজাতি स्त्रीजाति

ମାଇପୀ ଡାହାଣୀ—ଗ୍ରା. ବଣ. ପୁଂ—୧ । ଯେଉଁ ବ୍ୟକ୍ତି ସ୍ତ୍ରୀଲୋକଙ୍କୁ Māipi dāhāṇā ଦେଖିବାକୁ ଲାଳାୟିତ ହୁଏ—1. Hankerস্ত্রীসঙ্গলোভী ing after the company or society औरतलोभी; छिनरा or sight of females, voluptuous ୨ । ଯେଉଁ ବ୍ୟକ୍ତି ପରସ୍ତ୍ରୀ ଉପରେ କୁଦୃଷ୍ଟି ପକାଏ— 2. Casting sinister or lustful eyes on other people's wives.

ମାଇପୀ ବିଚାର—ଦେ, ବ—ବେଳେବେଳେ ସ୍ତ୍ରୀଲୋକ ଏକତ୍ର ହୋଇ Māipi bichāra ପରସ୍ପର ସମ୍ବନ୍ଧେ କରିବା ବିଚାର—Gossips মেয়েলী বিচার amongst females when they meet. औरतोंका विचार together.

ମାଇପୀ ବୁଝାମ(ଣ)ଣା—ଗ୍ରା. ବ—ସ୍ତ୍ରୀଲୋକମାନଙ୍କର ଅବୁଝାମଣା Māipi bujhāma(ba)ṇā କଥା—Judgment or মেয়েলী বিচার औरतोंका न्याय decision given by women ( which is not just or correct ).

ମାଇପୀ ଲୋକ—ଗ୍ରା. ବ—ସ୍ତ୍ରୀ ବ୍ୟକ୍ତି—A woman, a female. Māipi loka মেয়ে মানুষ, औरत

ମାଇପୀ ସଭା—ଗ୍ରା. ବ—ସ୍ତ୍ରୀଲୋକମାନଙ୍କର ଏକତ୍ର ବୈଠକ— Māipi sabhā A gathering of females. মেয়েদের সভা औरतोंकी सभा

ମାଇପେ—ଗ୍ରା. ବ. (ବହୁବଚନ)—୧ । ସ୍ତ୍ରୀଲୋକମାନେ—1.Women. Māipe ୨ । ସ୍ତ୍ରୀଜାତି—2. Women generally; womanমেয়েরা औरतें kind. ୩ । ଭାର୍ଯ୍ୟାମାନେ—3. Wives.

ମାଇପୋ—ପ୍ରାଦେ. ( ସମ୍ବଲପୁର ) ବ. ସ୍ତ୍ରୀ—ମାଇଝି ( ଦେଖ ) Māipo Mā-ijhi (See)

ମାଇମୁହାଁ—ଦେ. ବ. ପୁଂ—୧ । ସ୍ତ୍ରୀଲୋକ ପରି ସୌମ୍ୟମୁଖବିଶିଷ୍ଟ— Māimuhāñ 1 (male) Having a womanly face. মেয়েমুখো; মেয়েমুখো ୨ । କ୍ଳୀବ; ମାଇଚ୍ଛ—2. Effeminate. मौगमुहाँ ୩ । ସ୍ତ୍ରୀଙ୍କ ପରି ଭୀରୁ—3. Timid like a woman. ୪ । ସ୍ତ୍ରୀଙ୍କ ପରି ଲଜ୍ଜାଳୁ; ଲାଜକୁଳା; ଲଜ୍ଜାଶୀଳ— 4. Modest; coy (like a woman); bashful.

ମାଇଲ(ଲି)—ବୈଦେ. ବ.(ଇଂ. ମାଇଲ)—ଦୂରତାର ଇଂରାଜ ପରିମାଣ, Māil(li) ଏକ କୋଶର ପ୍ରାୟ ଅର୍ଦ୍ଧେ ଦୂରତ୍ୱ—One mile. মাইল, मील ସ୍ତ୍ର. ମୈଲି, ମଇଲ (measure of distance

ମାଇଲ(ଲି)ଖୁଣ୍ଟ(ଣ୍ଟି)—ଦେ. ବି—ସଡ଼କରେ ମାଇଲ ସଂଖ୍ୟା ଲେଖା ହୋଇ-
Māil(li)khunṭa(nṭi) ଥିବା ଦୂରତ୍ୱଜ୍ଞାପକ ପଥର ଖୁଣ୍ଟ—
মাইল খুঁটি माइल खुँटि Mile stone. [ଦ୍ର—ଏହା ସଡ଼କ
ପାଖରେ ପ୍ରତି ମାଇଲ ଶେଷରେ ପୋତା ହୋଇଥାଏ ଓ
ଏଥିରେ ଭିନ୍ନ ଭିନ୍ନ ଦିଗରେ ଥିବା ସ୍ଥାନମାନ ଏହି ଖୁଣ୍ଟଠାରୁ
କେତେ ଦୂରରେ ଅବସ୍ଥିତ ତାହା ଲେଖାଥାଏ ।]

ମାଇଲା—ଦେ. ବିଣ—୧ । ମାରିଥିବା (ବ୍ୟକ୍ତି)—1(one) Who has
Māilā beaten. ୨ । ମାରୁଥିବା—2. Beating. ଦେ.
হাতভোলা କ୍ରି—ମାରିବା ଧାତୁର ଅତୀତକାଳ (ଅକାଦବାର୍ଥକ;
मारने वाला ତୃତୀୟ ପୁରୁଷ, ଏକ ବଚନ; 'ସେ' କର୍ତ୍ତା ସଙ୍ଗେ ବ୍ୟବ-
মারল ହୃତ ମାଇଲାର ବିକଳ୍ପ ରୂପ—A form of '(he)'
मारा beat. [ଦ୍ର—ଅଶ୍ଳୀଳ ଭଳେ ଟୀକା ଦେଖ ।]

ମାଈ—ଦେ. ବିଣ. ସ୍ତ୍ରୀ (ସ. ମାତୃ; ପ୍ରା. ମାଇ)—ସ୍ତ୍ରୀ ଜାତୀୟ (ଜୀବ)—
Māī Female. (ଢ଼—ଧୂବେଶ୍ବ ବୋଇଲେ ମୋ ବଳଥିବ
माদী ମାଈ, ହେଲେ କ ହେ ସଞ୍ଜୟ କହ ତା ବତାଇ । କୃଷ୍ଣସିଂହ
मादी, माद्दा ମହାଭାରତ. ଦ୍ରୋଣ ।) ବି—୧ । ସ୍ତ୍ରୀ ଜାତୀୟ ପ୍ରାଣୀ-
1. The female of an animal. ୨ । (ବ୍ୟଙ୍ଗ)
ସ୍ତ୍ରୀ; ନାରୀ—2. Woman. (ଢ଼—ଢାଲୀ ମାଈ ! ତୁକ
ବୋଲଲେ କ ଦୋଷ ହୋଇ ?—ଲୋ) ୩ । ମଥା ଭିତରି ସ
ଜାଲର ଏକ ଖଣ୍ଡ (ଯେଉଁ ଖଣ୍ଡର ପାଦରୁ ସୂତା ବାହାର
କରାଯାଇ ଜାଲରେ ନୂଆ ଖଣ୍ଡ ବୁଣା ହୁଏ-3. A separately woven quadrangle of a casting net, which is attached to another new strip by means of a thread.

ପ୍ରାଦେ. (ସମ୍ବଲପୁର) ବି—ସ୍ତ୍ରୀ ଲୋକ—A woman,
(ଯଥା—ଗଉଡ଼ୁଣୀ ମାଈ ।) [ଦ୍ର—କୌଣସି ପୁଲ୍ଲିଙ୍ଗବାଚକ
ଶବ୍ଦ ପୂର୍ବରେ ମାଈ ଶବ୍ଦ ଲଗିଲେ ସେହି ଶବ୍ଦର ପୁଂଲିଙ୍ଗ
ରୂପ ନ ବଦଳି ମଧ୍ୟ ସ୍ତ୍ରୀଜାତୀୟ ପ୍ରାଣୀକୁ ବୁଝାଏ ଯଥା—
ମାଈ ଘୋଡ଼ା, ମାଈ ବାଘ, ମାଈ ମଇଁଷି, ମାଈ ବାବୁଲି;
ମାଈ ମିରଗ, ମାଈ ହଂସ ଇତ୍ୟାଦି ।]

ମାଈ ଅଣ୍ଡିରା—ଦେ. ବି ଓ ବିଣ (ବିପରୀତ ଲିଙ୍ଗ ସହଚର ଶବ୍ଦ; ସ.
Māī aṇḍirā ମାତୃ+ଅଣ୍ଡୀର)—ସ୍ତ୍ରୀଜାତୀୟ ଓ ପୁରୁଷଜାତୀୟ
मादी मद्दा ଜୀବ—A female and a male animal;
मादी मर्द female and male.

ମାଈଁ—ଦେ. ବି. ସ୍ତ୍ରୀ (ସ. ମାତୁଲାନୀ)—ମାମୁଙ୍କର ସ୍ତ୍ରୀ—
Māīṅ Maternal uncle's wife.
(ମାମୁଁ[ମୁ]—ପୁଂ) मामी मामी

ମାଈଁ ଆଈ—ଦେ. ବି. ସ୍ତ୍ରୀ ( ସ. ମାତୁଲାନୀ+ଆର୍ଯ୍ୟା )—୧ । ଅପଣା
Māīṅ āī ପିତାଙ୍କର ବା ମାତାଙ୍କର ମାଈଁ—1. The wife of
বাবার মামী one's father's or mother's maternal
माई, बुढ़ी मामी uncle. ୨ । (ଦ୍ୱନ୍ଦ୍ୱାର୍ଥକ ସହଚର ଶବ୍ଦ) ମାଈଁ ଓ
(ମାମୁ ଅଜା—ପୁଂ) ଆଈ—2. Maternal aunt and mother's mother.

ମାଈଁ ଭଣଜା—ଦେ. ବି(ଅପେକ୍ଷିକ ସହଚର ଶବ୍ଦ)-ମାଈଁ ଓ ଭାଗିନେୟ—
Māīṅ bhaṇajā One's maternal uncle's wife and
মামা ভাগনে one's self (both being related to
मामा भागिना each other as aunt and nephew).

ମାଈ କାକର—ଦେ. ବି—ମାଘ, ଫାଲ୍ଗୁନ (ବସନ୍ତ କାଳ)ର ରାତ୍ରାନ୍ତରେ
Māī kākara ପଡ଼ିବା କାକର—The dew that falls
বসন্তের শিশির in the last part of the nights of
थोड़ा ओस, बसन्ती ओस the months of Māgha and Phaguṇa (spring).

ମାଈ ଗଛ—ଦେ. ବି—ଯେଉଁ ଗଛରେ ଫଳ ଧରେ—A fruit-
Māī gachha bearing tree. [ଦ୍ର—କେତେକ ଜାତିର
ফলন্ত গাছ ଗଛ ଓ ଲତାରେ କେବଳ ଫୁଲ ଧରେ, କିନ୍ତୁ ଫଳ
फलदार पेड ଧରେ ନାହିଁ ଓ କେତେକ ଗଛରେ ଫୁଲ ଧରି ଫଳ
ଧରେ । ସେଥିପାଇଁ ଗଛକୁ ମାଈ ଗଛ ବୋଲାଯାଏ ।]

ମାଈ ଗିହା—ପ୍ରାଦେ. (ବାଲେଶ୍ୱର) ଗ୍ରା. (ଅଶ୍ଳୀଳ) ବିଣ (ଭୁଲ ହି. ଏହି
Māī gihā ଅର୍ଥରେ ମୌସ୍ଚୋଦା)—ମାଇଚା ( ଦେଖ )
Māichā ( See )

ମାଈ ଗୋବର—ଦେ. ବି—ଗାଈର ଗୋବର—The dung of
Māī gobara a cow, as distinguished from that
গাঈর গোবর of a bull or bullock. [ଦ୍ର—ମାଈ
गाइका गोबर ଗୋବର ବଳଦ ଗୋବର ଅପେକ୍ଷା ଉତ୍କୃଷ୍ଟ ।]

ମାଈ ଛୁଆ—ଦେ. ବି—ଜୀବମାନଙ୍କର ସ୍ତ୍ରୀ ଶିଶୁ—Female off-
Māī chhuā springs of animals.
(ମାଈ ପିଲା—ଅନ୍ୟରୂପ) মাদী বাচ্চা मादी बच्चा

ମାଈ ଦୁଧ—ଦେ. ବି. ( ସ. ମାତୃ+ଦୁଗ୍ଧ )—୧ । ସ୍ତ୍ରୀସନ୍ତାନ ଜନ୍ମ
Māī dudha କରିଥିବା ମାତାର ଦୁଗ୍ଧ—1. The milk of a
মাই দুধ mother when she has given birth to
माय दूध, जनाना का दूध a female child. [ଦ୍ର—ଶିଶୁମାନଙ୍କ
ଔଷଧ ଦେବା ପାଇଁ କେତେକ ଔଷଧକୁ ମାଈ ଦୁଧ ସଙ୍ଗେ
ଗୋଳି କରି ଦେବାକୁ ହୁଏ । କେତେକ ନେତ୍ର ରୋଗରେ
ମଧ୍ୟ ମାଈ ଦୁଧ ପକାଇବାକୁ ହୁଏ ।] ୨ । ସ୍ତ୍ରୀ ସ୍ତନରୁ
ଦୁହିବା ଦୁଧ—2. Milk from a woman's breast.

ମାଈ ନୁହେଁ କି ଗାଈ ନୁହେଁ—ଦେ. ବିଣ—ଅତ୍ୟନ୍ତ ନିଷ୍କପଟ; ନିରୀହ;
Māī nuheṅ ki gāī nuheṅ ଯେ ସହଜରେ ସବୁ କଥାରେ
সাদাসিদে ମଙ୍କିଯାଏ—Very innocent; pliable.
भोलामाला, मातम न पुरुष, बलगोविन्द [ଢ଼—ତୁଚ୍ଛାଟା ମାଈ
ନୁହେଁ କି ଗାଈ ନୁହେଁ । ଭୁକ୍ତଲାକୁମାରୀ. ଜଗନ୍ଧାତ୍ରୀ । ]

ମାଈ ଫାଶ—ପ୍ରାଦେ ( ବାଲେଶ୍ୱର ) ବି—ଜାଲ ବୁଣିବାରେ ବ୍ୟବହୃତ
Māī phāsa ଫାଶ ବିଶେଷ—A kind of noose used
in weaving nets. [ ଦ୍ର—ଏହି ଫାଶ ସାହାଯ୍ୟରେ
ଜାଲର କୌଣସି ଖଣ୍ଡର ଫାଶ ସଂଖ୍ୟା ଇଚ୍ଛାନୁସାରେ ଅଧିକା
କରି ହୋଇପାରେ ।]

ମାଈ ଫୁଲ—ଦେ. ବି—ବୃକ୍ଷଲତାଦିର ଯେଉଁ ଫୁଲରେ ଫଳ ଧରେ—
Māī phula Flowers which bring forth fruits.

(ଅଣ୍ଡିରୀ ଫୁଲ—ବିପରୀତ) [ ଦ୍ର—କଖାରୁ, ଲାଉ, କାକୁଡ଼, ଜହ୍ନି,
ସ୍ତ୍ରୀପୁଷ୍ପ କାକୁଡ଼ି ପ୍ରଭୃତି ଗଛରେ ଦୁଇ ପ୍ରକାର ଫୁଲ ଧରେ ।
स्त्रीपुष्प ଏକପ୍ରକାର ଅଣ୍ଡିରୀ ବା ଖାଲି ଫୁଲ ଓ ଅନ୍ୟଟି ଫଳ ସହିତ
ସଲଗ୍ନ ଫୁଲ ବା ମାଈ ଫୁଲ । ପ୍ରଥମ ପ୍ରକାର ଫୁଲ ଫୁଟି ଅଳ୍ପ
ସମୟ ପରେ ଝଡ଼ିପଡ଼େ । ]

ମାଈ ବାଛୁରୀ—ଦେ. ବି. ( ସ. ମାତୃ+ବତ୍ସା )—ସ୍ତ୍ରୀ ବତ୍ସା—
Māi bāchhuri A female calf.
মাঈবাছুর बाछी; बाछड़ी

ମାଈ ମାଛ—ଦେ. ବି—ଚିଙ୍ଗୁଡ଼ି ଛଡ଼ା ଅନ୍ୟ କ୍ଷୁଦ୍ର ମାଛ—
Māi māchha Small fishes except shrimps.
ছোটমাছ गीधनी

ମାଈ ରୁଅ—ଦେ. ବି—ଖଲଘରର ଯେଉଁ ରୁଅର ଉପର ମୁଣ୍ଡରେ
Māi rua ଅନ୍ୟ ରୁଅ ଗଳିଥାଏ—A rafter to the upper end of which is thrust the lower end of the upper rafter in a thatched house.

ମାଉଁସ—ଦେ. ବି ( ସ. ମାଂସ; ପ୍ରା. ମାଅଁସ )—ମାଂସ ୧ ଓ ୨
Māuṅsa ( ଦେଖ )—Māmsa 1 and 2 ( See )
মাস; মাঁস [ ଉ—ଏହିରୂପେ ବହୁତ ଥର ସେ ମାଉଁସ ।
मांस, मास କୃଷ୍ଣସିଂହ. ମହାଭାରତ ବନ । ] [ ଉ—ଡିମ୍ବ
ଭକ୍ଷଣ କି ମାଉଁସରେ ଲେଖା ?—ଉଦ୍ଭ । ]

ମାଉଁସ ତରକାରୀ—ଦେ. ବି—ଜୀବର ମାଂସରେ ପ୍ରସ୍ତୁତ ତରକାରୀ—
Māuṅsa tarkāri Meat curry.
(ମାଉଁସ ଭକ୍ଷଣ—ଅନ୍ୟରୂପ) মাঁসের তরকারী मांसकीतरकारी

ମାଉଁସ ଲାଗିବା—ଦେ. ବି—ଶରୀରଦେହର ମାଂସ ବୃଦ୍ଧି ଯୋଗୁଁ ସ୍ଥୂଳତା
Māuṅsa lāgibā ଲାଭ; ମେଦୋବୃଦ୍ଧି—Adding flesh;
মাংসলাগা मांसलगना, मांसबढ़ना becoming corpulent

ମାଉଁସିଆ—ଦେ. ବିଣ. ( ସ. ମାଂସଲ )—୧ । ମାଂସଳ—1. Fleshy
Māuṅsiā ୨ । ଥାଲୁଲ; ମୋଟା; ସ୍ଥୂଳକାୟ—2. Corpulent
মাংসল; মোটা माँसवाला; मोटा fat; plump.

ମାଉଗ—ପ୍ରାଦେ. (ମେଦିନୀପୁର) ବି (ବ. মাগী)—
Māuga ସ୍ତ୍ରୀ; ଭାର୍ଯ୍ୟା; ପତ୍ନୀ—Wife.

ମାଉନ୍ଦା—ଦେ. ବିଣ. ( ସ. ମନ୍ଦ )—୧ । ମାନ୍ଦା—1. Slow.
Māundā ୨ । ଅଳସ—2 Idle; lazy. ୩ । ନିରୁଦ୍ୟମ—
মান্দা 3. Having no exertion. [ଉ—ଏବେ ସେ
मन्दा କାଳ ଅସି ପ୍ରାପତ ହୋଇଛୁ, ମାଉନ୍ଦା ଠାଏ ରଣ୍ଡା ତହିଁ
ଲୁଣ୍ଠି ବସି । କୃଷ୍ଣସିଂହ. ମହାଭାରତ ସ୍ୱର୍ଗ ।]

ମାଉଲ—ପ୍ରାଦେ. (ବାଲେଶ୍ୱର) ବି—ଖାଟାଶ ପଶୁ—
Māula The civet cat.

ମାଉଲୀ—ପ୍ରାଦେ. ( ସମ୍ବଲପୁର ) ବି. ସ୍ତ୍ରୀ—ପ୍ରେତଯୋନିବିଶେଷ—
Māuli A class of ghosts.

ମାଉସ(ସା)ଦ—ପ୍ରାଦେ. ( ବାଲେଶ୍ୱର ) ବି—ମହାପ୍ରସାଦ (ଦେଖ )
Māusa(sā)da Mahāprasāda ( See )

ମାଉସ(ସା)ଦ ତୋରାଣି—ପ୍ରାଦେ. (ବାଲେଶ୍ୱର) ବି—ମହାପ୍ରସାଦ
Māusa(sā)da torāṇi ତୋରାଣି (ଦେଖ)—Mahāprasāda torāṇi ( See )

ମାଉସୀ—ଦେ. ବି. ସ୍ତ୍ରୀ (ସ. ମାତୃଷ୍ୱସୃ ଶବ୍ଦଜ ମାତୃଷ୍ୱସା; ପ୍ରା. ମାଉସିଆ)
Māusi ୧ । ମାଆଙ୍କ ଭଉଣୀ—1. Mother's sister.
মাসী, মাসী মা मावसी, [ ଉ—ମାଆଙ୍କ ପରି ମାଉସୀ ମଧ୍ୟ
मावसी; मौसी; मासी ପୁତ୍ରୀ ଓ ଝିଅମାନଙ୍କୁ ସ୍ନେହ କରନ୍ତି ।
( ମାଉସୀ ମା—ଅନ୍ୟରୂପ ) ଅନେକ ସମୟରେ ମାତୃହୀନ ସନ୍ତାନ-
ସନ୍ତତିଙ୍କୁ ମାଉସୀ ପିଲାଦିନୁ ବଢ଼ାଇ ମନୁଷ୍ୟ କରିବାର
ଦେଖାଯାଏ । ତେଣୁ ପ୍ରବାଦ ଅଛି—'ମାଆ ନଥିଲେ ମାଉସୀ
ଯାଇ ନ ଥିଲେ ମଉଁସି, 'ଏ ଘର ମାଉସୀ ସେ ଘର
ପିଉସୀ;—ଇତି । ବଙ୍ଗଳାରେ—ବଳେର ସଙ୍ଗେ ମାସୀ;
କନେର ସଙ୍ଗେ ପିସୀ;) ଯେଉଁ ସ୍ତ୍ରୀ ସଙ୍ଗେ ବରକୁଳର
ଓ କନ୍ୟାକୁଳର ସମ୍ପର୍କ ଥାଏ ସେ ଉଭୟ କୁଳର କଥା
ଜାଣନ୍ତି । ସେହିପରି ଯେଉଁ ବ୍ୟକ୍ତି ବିପକ୍ଷ ଓ ପ୍ରତିଦ୍ୱନ୍ଦ୍ୱୀ,
ଉଭୟ ପକ୍ଷ ସହିତ ଘନିଷ୍ଠତା ରଖିଥାଆନ୍ତି ତାଙ୍କ ପ୍ରତି
ଏ ଉକ୍ତି ବୋଲାଯାଏ । ] ୨ । ସଙ୍ଗାତଙ୍କର ବା ଆପଣାର
ମିତ୍ରଙ୍କ ମାତା—2. The mother of one's friend.
୩ । ମାତୃସ୍ଥାନୀୟା ଓ ଆପଣାଠାରୁ ବୟୋଜ୍ୟେଷ୍ଠାମାନଙ୍କ
ପ୍ରତି ପ୍ରଯୁକ୍ତ ଉକ୍ତି—3. A term used in addressing elderly females and those who stand in the relation of a mother to the speaker.

ମାଉସୀ ନାନୀ—ଦେ. ବି. ସ୍ତ୍ରୀ—୧ । ମାତାଙ୍କର ଭଗିନୀ—1. The
Māusi nāni sister of one's mother. ୨ । ଜେଜିମାଙ୍କ
ঠাকুরমা ଭଗିନୀ—2. The sister of one's grand-
बुढ़ीदादी mother.

ମାଉସୀ ପୁଅ ଭାଇ—ଦେ. ବି. ପୁଂ. ( ସ. ମାତୃଷ୍ୱସ୍ରେୟ ଭ୍ରାତା )—
Māusi pua bhāi ଆପଣାର ମାଉସୀଙ୍କଠାରୁ ଜାତ ହୋଇଥିବା
মাসতুতো ভাই ପୁତ୍ର ( ସେ ସମ୍ପର୍କରେ ଭାଇ ହୋଇଥିବାରୁ )—
मौसेरा भाइ One's causin, being the son of one's
(ମାଉସୀ ଝିଅ ଭଉଣୀ—ବିପରୀତ) mother's sister.

ମାଉସୀ ମା—ଦେ. ବି. ସ୍ତ୍ରୀ—୧ । ପିତାଙ୍କ ମାଉସୀ—1. The mother's
Māusi mā sister of one's father. ୨ । ମାଉସୀ;
ঠাকুর মা ମାଆଙ୍କ ଭଉଣୀ—2. Mother's sister. ( ଦ୍ର—
मौसी; बुढ़ीदादी ଜଗନ୍ନାଥଙ୍କ ମାଉସୀ ମା—ଏହା ବଡ଼ଦାଣ୍ଡର
ଦକ୍ଷିଣପାଖରେ ଥିବା ଗୋଟିଏ ଠାକୁରାଣୀଙ୍କ ଲୋକପ୍ରଚଳିତ
ନାମ । ଜଗନ୍ନାଥ ରଥଯାତ୍ରା ସମୟରେ ବଡ଼ଦାଣ୍ଡରେ
ଯିବାବେଳେ ଏହିଠାରେ ରଥ ଅଟକା ଯାଇ ଜଗନ୍ନାଥଙ୍କୁ
ପୋଡ଼ପିଠା ଭୋଗ ଲଗାଯାଏ । ] ପ୍ରାଦେ. (ସମ୍ବଲପୁର)
ଧାତ୍ରୀ; ଉପମାତା—One's foster-mother.

ମାଉସୀ ଶାଶୁ—ଦେ. ବି. ସ୍ତ୍ରୀ—ଅପଣାର ସ୍ୱାମୀଙ୍କର ବା ସ୍ତ୍ରୀଙ୍କର ମାଉସୀ—
Māusi śāśu The sister of one's mother-in-law.
মাসশাস, মাশাশ मउसीसास; मौसेरा सास
( ମଉସା ଶଶୁର; ମଉସାଶୁର—ପୁଂ )

ମାଏ—ଦେ. ବି—୧ । ( ବହୁବଚନ ) ମାଆମାନେ—1. Mothers.
Māe ୨ । ( ଏକବଚନ; ସମ୍ମାନାର୍ଥେ ବହୁବଚନ ରୂପ ) ମାଆ—
মা माँ 2. Mother. [ ଦ୍ର—ଛାଟ ଧର ମାଏ ବହୁତ ଗଙ୍କେ—
ଭକ୍ତଚରଣ. ମଥୁରାମଙ୍ଗଳ । ] ୩ । ( ସମ୍ବୋଧନ ) ହେ
ମାତଃ—3. O Mother! ବିଦେ. ଅ. (ଫା. ମୟ)—
মায় मय ମଏ; ସହିତ; ଏକତ୍ରରେ—Together; in all.

ମାଏଁସ—ଗ୍ରା. ବି ( ସଂ. ମାଂସ )—ମାଂସ ( ଦେଖ )
Māeṅsa Māṁsa ( See )

ମାଏକିରେ—ପ୍ରାଦେ. (ସମ୍ବଲପୁର) ଅ. ( ଭୁଲ. ବ. ମାଇରି; ମାଇକିରେ;
Māekire ହି. ମାଯ୍‌କିରିୟା )—( ଶପଥ ) ମୋ ମାଆଙ୍କ ରାଣ—
( an oath ) In the name of my mother.

ମାଏନ୍ ମନସା—ପ୍ରାଦେ. ( ସମ୍ବଲପୁର ) ବିଣ—ବହୁବିଧ; ଅନେକ-
Māen manasā ପ୍ରକାର—Various; of many kinds.

ମାଏପୋ—ପ୍ରାଦେ. ( ସମ୍ବଲପୁର ) ବି—ମାଇପ; ସ୍ତ୍ରୀ—
Māepo Wife.

ମାଂସ—ସଂ. ବି (ମନ୍ ଧାତୁ=ବୋଧ କରିବା+କର୍ମ. ସ)—୧ । ଶରୀରସ୍ଥ
Māṁsa କୋମଳାଂଶବିଶେଷ; ପିଶିତ—1. Flesh. [ ଦ୍ର—
ମାଂସ ଶରୀରସ୍ଥ ସପ୍ତ ଧାତୁ ମଧ୍ୟରେ ଏକ; ଏହା ତନ୍ତୁଣ
ବା ସ୍ନିଗ୍ଧ, କୋମଳ, ସ୍ଥିତିସ୍ଥାପକ ଓ ରକ୍ତବର୍ଣ୍ଣ ଅଟେ ।
ଏହା ଶରୀରର ରକ୍ତ, ହାଡ଼, ଚମଡ଼ା, ନାଡ଼ୀ, ଶିରା ଓ
ଚର୍ବିଆଠାରୁ ପୃଥକ୍ ବସ୍ତୁ ଅଟେ । ମାଂସର ପିଣ୍ଡମାନ ପରସ୍ପର
ସହିତ ସୂତ୍ରମାନଙ୍କଦ୍ୱାରା ବଦ୍ଧ ଥାଏ । ଏ ସୂତ୍ରମାନଙ୍କୁ
ମାଂସପେଶୀ କୁହାଯାଏ । ଶରୀରର ସବୁ ଅଂଶରେ ଅଳ୍ପ
ବେଶୀ ମାଂସ ଥାଏ । ମାଂସ କୋମଳ ହେବାରୁ ତାକୁ
ସହଜରେ ଛୁରିରେ କଟାଯାଇ ପାରେ । ମାଂସପେଶୀକୁ
ଇଚ୍ଛାନୁସାରେ ସଙ୍କୁଚିତ ପ୍ରସାରିତ କରାଯାଇ ପାରେ ।
ସୁଶ୍ରୁତ ମତରେ ଶରୀରସ୍ଥ ମାଂସପେଶୀର ସଂଖ୍ୟା ୫୦୦; ନବ୍ୟ
ଆଧୁନିକ ବିଜ୍ଞାନ ମତରେ ଏଥିର ସଂଖ୍ୟା ୫୧୯ ଅଟେ ।
ବୈଦ୍ୟକ ମତରେ ଏହା ରକ୍ତରୁ ଉତ୍ପନ୍ନ ଗୋଟିଏ ଧାତୁ
ଅଟେ । ଭାବପ୍ରକାଶ ମତରେ ରକ୍ତ ଶରୀରର ତାପ ବା
ଅଗ୍ନି ଦ୍ୱାରା ପରିପାକ ହେଲେ ତାହା ବାୟୁର ସଂଯୋଗରେ
ଘନୀଭୂତ ହୋଇ ମାଂସ ହୁଏ । ମାଂସର ଅନ୍ୟ ସଂସ୍କୃତ ନାମ
ଆମିଷ, ପିଶିତ, ପାଲଲ, କ୍ରବ୍ୟ, ପଳ, ଅସୃକ୍‌କର—ହି. ଶ । ]
୨ । ଖାଦ୍ୟାର୍ଥେ ବ୍ୟବହୃତ ମୃତ ବା ହତ ଜୀବର ମାଂସ—
2. Meat ( used as food ). [ ଦ୍ର—
ବୈଦ୍ୟକ ମତରେ ସବୁପ୍ରକାରର ମାଂସ ବାୟୁନାଶକ,
ଉପଚୟକାରକ, ବୃଂହଣ, ବଳବର୍ଦ୍ଧକ, ପୁଷ୍ଟିକାରକ, ଗୁରୁ,
ହୃଦୟଗ୍ରାହୀ ଓ ମଧୁର ରସ ଅଟେ । ବୈଦ୍ୟଶାସ୍ତ୍ର ମତରେ
ଖାଦ୍ୟ ମାଂସକୁ ଜାଙ୍ଗଲ ଓ ଅନୂପ ଭେଦରେ ୨ ଶ୍ରେଣୀରେ
ବିଭକ୍ତ କରାଯାଇଅଛି । ଜାଙ୍ଗଲ ମାଂସ ୮ ପ୍ରକାର; ଯଥା—
ଜଙ୍ଘାଳ, ବିଲସ୍ଥ, ଗୁହାଶୟ, ପର୍ଣ୍ଣମୃଗ, ବିଷ୍କିର, ପ୍ରତୁଦ,
ପ୍ରସହ ଓ ଗ୍ରାମ୍ୟ । ଅନୂପ ମାଂସ—କୁଳେଚର, ପ୍ଳବ,
କୋଶସ୍ଥ, ପାଦୀ ଓ ମତ୍ସ୍ୟ ଏହି ୫ ପ୍ରକାର । ପକ୍ଷୀମାନଙ୍କର
ପୁରୁଷଜାତିର ମାଂସ ଓ ପଶୁମାନଙ୍କର ସ୍ତ୍ରୀଜାତିର ମାଂସ
ସୁଖାଦ୍ୟ—ହି. ଶ. । ] ୩ । କାଳ—3. Time
(Apte). ୪ । କୀଟ—4. Insect; worm (Apte).
୫ । ଫଳର କୋମଳାଂଶ—5. The fleshy part of
a fruit ( Apte ).

ମାଂସକନ୍ଦୀ—ସଂ. ବି ( ୬ଷ୍ଠୀ ତତ୍ )—ମାଂସର ଫୁଲା ରୋଗ—
Māṁsakandī The swelling of the flesh.

ମାଂସକାରୀ—ସଂ. ବି (ମାଂସ+କୃ ଧାତୁ+କର୍ତ୍ତୃ. ଇନ୍; ୧ମା. ୧ବ.)—
Māṁsakārī ରକ୍ତ—Blood.

ମାଂସ ଖଣ୍ଡ—ସଂ. ବି. ( ୬ଷ୍ଠୀ ତତ୍; ମାଂସ+ଖଣ୍ଡ )—ଖଣ୍ଡେ ମାଂସ;
Māṁsa khaṇḍa ଫଡ଼ାଏ ମାଂସ—A bit of flesh; a
piece of meat; a lump of flesh.

ମାଂସ ଗ୍ରନ୍ଥି—ସଂ. ବି ( ୬ଷ୍ଠୀ ତତ୍ )—ଗିଲଟି; ପିଳୁଳୀ—
Māṁsa granthi A gland.

ମାଂସଜ—ସଂ. ବି ( ମାଂସ+ଜନ ଧାତୁ+କର୍ତ୍ତୃ. ଅ )—ଚର୍ବି—
Māṁsaja Fat; adeps (Apte).
( ମାଂସତେଜଃ—ଅନ୍ୟରୂପ )

ମାଂସତାନ—ସଂ. ବି—ଗଳାର ମାଂସବୃଦ୍ଧି ରୋଗ—
Māṁsatāna Polypus of the throat.

ମାଂସଦ୍ରାବୀ—ସଂ. ବି. (୬ଷ୍ଠୀ ତତ୍, ଏହା ମାଂସକୁ ଶୀଘ୍ର ସିଝାଇ ଦିଏ)—
Māṁsadrābi ଅମ୍ଳବେତସ; ଖଟାପାଳଙ୍ଗ ( ହି. ଶ )—
( ମାଂସାଦ୍ର—ଅନ୍ୟରୂପ ) A kind of sorrel (Apte).

ମାଂସ ନିର୍ଯାସ—ସଂ. ବି ( ୬ଷ୍ଠୀ ତତ୍ )—ଦେହର କେଶ; ଲୋମ—
Māṁsa nirjāsa The hair of the body (Apte).

ମାଂସପ—ସଂ. ବି ( ମାଂସ+ପା ଧାତୁ+କର୍ତ୍ତୃ. ଅ )—ପିଶାଚ—
Māṁsapa Piśācha; goblin.

ମାଂସ ପଚନ—ସଂ. ବି ( ବହୁବ୍ରୀହି )—ମାଂସ ପାକ କରିବା ପାତ୍ର—
Māṁsa pachana A vessel for cooking meat
( Apte ).

ମାଂସ ପାକ—ସଂ. ବି—ଲିଙ୍ଗର ମାଂସ ଫାଟି ଯାଇ ପୀଡ଼ା ଦେବା ରୋଗ-
Māṁsa pāka ବିଶେଷ ( ହି. ଶ )—A disease causing
the bursting of the flesh of the penis.

ମାଂସ ପିଟକ—ସଂ. ବି—୧ । ମାଂସପୂର୍ଣ୍ଣ ଟୋକେଇ—1. A basket of
Māṁsa piṭaka meat. ୨ । ବହୁପରିମିତ ମାଂସ—
2. A large quantity of flesh.

ମାଂସ ପିଣ୍ଡ—ସଂ. ବି. (୬ଷ୍ଠୀ ତତ୍)—୧ । ଦେହ; ଶରୀର—1. Body.
Māṁsa piṇḍa ୨ । ମାଂସଖଣ୍ଡ—2. A lump of flesh.

ମାଂସ ପିତ୍ତ—ସଂ. ବି(୬ଷ୍ଠୀ ତତ୍ )—ଅସ୍ଥି—
Māṁsa pitta Bone ( Apte ).

ମାଂସ ପେଶୀ—ସଂ. ବି (୬ଷ୍ଠୀ ତତ୍)—ଶରୀରର ମାଂସପିଣ୍ଡମାନଙ୍କୁ ପରସ୍ପର
Māmsa pesī ବାନ୍ଧିବା ମାଂସର ସୂତା—Muscle. [ ଦ୍ର—
ଆଧୁନିକ ଦେହତତ୍ତ୍ୱବିତ୍ ମତରେ ମାନବ ଦେହରେ ସର୍ବ-
ସମେତ ୫୧୯ ମାଂସପେଶୀ ଅଛି । ତହିଁମଧ୍ୟରୁ ହସ୍ତ ଦ୍ୱୟରେ
୨୦୦, କୋଷ୍ଠଦେଶରେ ୬୬; ଗ୍ରୀବା ଓ ତାହାର ଊର୍ଦ୍ଧ୍ୱରେ
ଅର୍ଥାତ୍ ମସ୍ତକରେ ୮୪ଗୋଟି । ଶିରା, ସ୍ନାୟୁ, ଅସ୍ଥି, ପର୍ବ ଓ
ସନ୍ଧିସମୂହ ମାଂସପେଶୀଦ୍ୱାରା ଆବୃତ ହେବାରୁ ବଳବାନ୍ ଓ
କାର୍ଯ୍ୟକ୍ଷମ ହୁଏ । ]

ମାଂସ ଫଳା—ସଂ. ବି. (ଏହାର ଭିତର ମାଂସ ପରି କୋମଳ ଥିବାରୁ)—
Māmsa phaḷa ତରଭୁଜ ( ହି. ଶ. )—Melon.

ମାଂସଫଳା—ସଂ. ବି—ଭେଣ୍ଡି ( ହି. ଶ. )—
Māmsaphḷā Lady's finger.

ମାଂସ ବାରୁଣୀ—ସଂ. ବି—(ମ. ପ. କୋ)—ହରିଣ ଆଦି ମାଂସରୁ ପ୍ରସ୍ତୁତ
Māmsa bāruṇī ଏକପ୍ରକାର ମଦ୍ୟ ( ହି. ଶ. )—A kind
of wine prepared from meat.

ମାଂସ ବିକ୍ରୟୀ—ସଂ. ବିଣ. ଓ ବି. ପୁଂ. ( ୬ଷ୍ଠୀ ତତ୍ )—୧ । ଯେ ମାଂସ
Māmsa bikrayī ବିକ୍ରୟ କରେ; କଂସେଇ—1. Meat-
seller; butcher. ୨ । ଧନ ଲୋଭରେ ନିଜର
କନ୍ୟା ବିକ୍ରୟକାରୀ ବ୍ୟକ୍ତି (ହି. ଶ.)—2. One who
sells his daughter to a bridegroom for
money.

ମାଂସ ବୃଦ୍ଧି—ସଂ. ବି. (୬ଷ୍ଠୀ ତତ୍)—୧ । ଦେହସ୍ଥ ମାଂସର ବୃଦ୍ଧି—
Māmsa bṛuddhi ( ଯଥା—ଗୋଦର; ଅର୍ବୁଦ; ଗଳଗଣ୍ଡ )—
1, Increase of the flesh in the body.
୨ । ଘାଆରେ ବା କ୍ଷତରେ ଛତୁ ପରି ମାଂସ ବଢ଼ିଯିବା—
2, Proud flesh; a fungus-like growth of
flesh in a wound. ୩ । ଅଣ୍ଡକୋଷର ମାଂସବୃଦ୍ଧି—
3. Scrotal tumour.

ମାଂସଭୁକ୍—ସଂ. ବିଣ. (ମାଂସ+ଭୁଜ୍ ଧାତୁ+କର୍ତ୍ତୃ. କ୍ୱିପ୍; ୧ମା. ୧ବ)
Māmsabhuk ମାଂସଖାଦକ; ଯେଉଁ ଜୀବ ମାଂସ ଭକ୍ଷଣ କରେ
(ମାଂସ ଭୋଜୀ—ଅନ୍ୟରୂପ) ମାଂସାଦ, ମାଂସାଶୀ—Carnivo-
rous; flesh-eating; meat-eating,
(ମାଂସଭକ୍ଷ; ମାଂସ ଭକ୍ଷକ, ମାଂସ ଭକ୍ଷୀ —ଅନ୍ୟରୂପ)
ମାଂସ ଭକ୍ଷା, ମାଂସ ଭକ୍ଷିକା }—ସ୍ତ୍ରୀ
ମାଂସ ଭୋଜିନୀ, ମାଂସ ଭକ୍ଷିଣୀ }

ମାଂସ ମଣ୍ଡ—ସଂ. ବି—ମାଂସର ଝୋଳ ବା ସୋରୁଆ—
Māmsa maṇḍa Meat soup.

ମାଂସ ରସ—ସଂ ବି—(ବୈଦ୍ୟକ)—୧ । ବୈଦ୍ୟ ଶାସ୍ତ୍ର ଉପଦେଶମତେ
Māmsa rasa ପାକ କରାଯାଇ ମାଂସରୁ ପ୍ରସ୍ତୁତ ଏକ ପ୍ରକାର ରସ—
1. A kind of medicinal soup of
meat. [ ଦ୍ର—କୌଣସି ଔଷଧ ମିଶାଇ ମାଂସରସ
ପ୍ରସ୍ତୁତ କରିବାକୁ ହେଲେ, ଏକ ଭାଗ କ୍ୱାଥ ଦ୍ରବ୍ୟ, ଦୁଇଭାଗ
ମାଂସ ଏକତ୍ର ସମୁଦାୟର ଚତୁର୍ଗୁଣ ଜଳରେ ପାକ କରି
ଚତୁର୍ଥାଂଶକୁ ଏକ ଭାଗ ଜଳ ଅବଶିଷ୍ଟ ରଖି ଛାଣିବ । ପରେ
ଏଥିରେ ଘିଅ ଓ ଲବଣ ସଂଯୋଗ କରି ସମ୍ଭାର କରିବ ।
ଦ୍ରବ୍ୟଗୁଣ କଳ୍ପଦ୍ରୁମ ।] ୨ । ସୋରୁଆ; ମାଂସ ସିଦ୍ଧ
କରି ଯାଇଥିବା ଝୋଳ—2, Meat soup. ୩ ।
(ଆଧୁନିକ) ଦେହର ପୁଷ୍ଟି ନିମନ୍ତେ ବ୍ୟବହୃତ କଞ୍ଚା ମାଂସ
ଚୂପୁଡ଼ା ହୋଇ ତହିଁରୁ ବାହାରିବା ରସ—3. Meat
juice; liquid pressed out of raw meat.

ମାଂସ ରୋହିଣୀ—ସଂ. —ଏକ ପ୍ରକାର ଜଙ୍ଗଲୀ ଲତାଣିଆ ଗୁଳ୍ମ—
Māmsa rohiṇī The Redwood tree; Soymida
ଅନ୍ୟ ସଂ. ନାମ—ଅତିରୁହା, Febrifuga. [ଦ୍ର—ଏହାର
ବୃତ୍ତା, ଚର୍ମକଷା(ଶା), କସା, ପ୍ରତ୍ୟେକ ଡାଳର ଅଗରେ ଶୀର୍ଷ-
ପ୍ରହାରବଲ୍ଲୀ, ବିକଶା, ବୀରବତୀ, କୋଳ ଗଛର ପତ୍ରପରି ୨।୮ଟି ପତ୍ର
ଅଗ୍ନିରୁହା, ଚର୍ମକସା, କଷାମାଂସୀ, ଲାଗି ଥାଏ । ବୈଦ୍ୟକ ମତରେ ଏହା
ମହାମାଂସୀ, ମାଂସରୋ(ରୁ)ହା; ସାରକ, ବୃଷ୍ୟ, ତ୍ରିଦୋଷଘ୍ନ, ଶୀତ-
ରସାଯୁକ୍ତା, ସୁଲୋମା, ଲୋମକର୍ଣ୍ଣୀ, ବୀର୍ଯ୍ୟ, କଷାୟ ରସ, ରୁଚିଜନକ,
ରୋହିଣୀ; ଚନ୍ଦ୍ରବଲ୍ଲଭା କ୍ରିମିନାଶକ ଓ କଣ୍ଠ ବିଶୋଧକ
[ମାଂସରୁ(ରୋ)ହା—ଅନ୍ୟରୂପ) (ଦ୍ରବ୍ୟଗୁଣ) ଓ ବ୍ରଣର ହିତକର
ଗୁ. ରୋହଣ୍ୟ (ହି. ଶ) ।
ମ. ରୋହିଣୀ ଚାମରକଷା रोहणी

ମାଂସଳ—ସଂ. ବିଣ. ପୁଂ—(ମାଂସ+ଅସ୍ତି ଅର୍ଥରେ ଲ)—୧ । ମାଂସ-
Māmsaḷa ବହିଷ୍ଠ; ମାଉଁସିଆ—1, Fleshy. ୨ । ସ୍ଥୂଳକାୟ,
(ମାଂସଳା—ସ୍ତ୍ରୀ) ପୁଷ୍ଟ; ମୋଟା—2. Corpulent; fat.
[ମାଂସଳତା(ତ୍ୱ)—ବିଶେଷ୍ୟ]

ମାଂସଳଫଳା—ସଂ. ବି ( ବହୁବ୍ରୀହି )—୧ । ତରଭୁଜ ( ହି. ଶ. )—
Māmsaḷaphaḷā 1. Melon. ୨ । ଭେଣ୍ଡି ( ହି. ଶ. )—
2. Lady's finger.

ମାଂସ ସମୁଦ୍ଭବା—ସଂ.ବି (ବହୁବ୍ରୀହି; ମାଂସ+ସମୁଦ୍ଭବ+ଆ)—ଚର୍ବି—
Māmsa samudbhabā (ହି. ଶ )—Fat.
[ ମାଂସସ୍ନେହ—ଅନ୍ୟରୂପ ]

ମାଂସ ସାର—ସଂ. ବି ( ୬ଷ୍ଠୀ ତତ୍ )—ଶରୀରର ଅନ୍ତର୍ଗତ ମେଦ ନାମକ
Māmsa sāra ଧାତୁ ( ହି. ଶ )—Marrow. ସଂ. ବିଣ
(ମାଂସସାରା—ସ୍ତ୍ରୀ) ପୁଂ ( ବହୁବ୍ରୀହି )—ହୃଷ୍ଟପୁଷ୍ଟ—Corpulent.

ମାଂସହାସା—ସଂ. ବି ( ମାଂସ+ହାସ+ଆ )—ଚମଡ଼ା ( ହି. ଶ )—
Māmsahāsā Skin.

ମାଂସାଦ—ସଂ. ବିଣ. ପୁଂ (ମାଂସ+ଅଦ୍ ଧାତୁ=ଖାଇବା+କର୍ତ୍ତୃ. ଅ)—
Māmsāda ମାଂସଭୋଜୀ—Carnivorous; flesh-eating;
ମାଂସାଶନ } ଅନ୍ୟରୂପ meat-eating. ସଂ. ବି—ରାକ୍ଷସ—
ମାଂସାଶୀ } A demon; a cannibal.
[ ମାଂସାଦା, ମାଂସାଶିନୀ—ସ୍ତ୍ରୀ ]

ମାଂସାଷ୍ଟକ—ସଂ. ବି. ସ୍ତ୍ରୀ—ମାଘମାସର କୃଷ୍ଣାଷ୍ଟମୀରେ କର୍ତ୍ତବ୍ୟ ମାଂସଯୁକ୍ତ
Māmsāshṭaka ଶ୍ରାଦ୍ଧବିଶେଷ—An offering of meat
to the manes on the 8th day of the dark
fortnight of Māgha.

ମାଂସାହାର—ସଂ. ବି ( ୬ଷ୍ଠୀ ତତ୍ )—ମାଂସ ଭୋଜନ—Eating of
Māmsāhāra meat. ସଂ. ବିଣ. ପୁଂ (ବହୁବ୍ରୀହି)—ମାଂସାହାରୀ
( ଦେଖ )—Māmsāhārī ( See )

ମାଂସାହାରୀ—ସ. ବିଣ. ପୁଂ ( ମାଂସାହାର+ଇନ୍; ୧ମା. ୧ବ )—
Māṁsāhārī ମାଂସାଦ; ମାଂସଭୋଜୀ—Carnivorous;
(ମାଂସାହାରିଣୀ—ସ୍ତ୍ରୀ) meat-eating.

ମାଂସିକ—ସ. ବି ( ମାଂସ+ଜୀବକାର୍ଥେ. ଇକ )—ଶୌଣ୍ଡିକ; ମାଂସୋପ-
Māṁsika ଜୀବୀ; ମାଂସବିକ୍ରୟୀ; କଂସାଇ—
A butcher; a meat-seller.

ମାଂସିକା—ସ. ବି—ଜଟାମାଂସୀ ( ଦ୍ର. ଶ )—
Māṁsikā Spikenard.

ମାଂସୀ—ସ. ବି—ଜଟାମାଂସୀ—1. Spikenard. ୨ । କାକୋଲୀ—
Māṁsī [ ଦ୍ର. ଶ ] ( ଦେଖ )—2. Kākolī ( See ).
୩ । ମାଂସରୋହିଣୀ [ ଦ୍ର. ଶ ] ( ଦେଖ )—3. The
Redwood tree. ୪ । ଚନ୍ଦନ ତେଲ [ ଦ୍ର. ଶ ]—
4. Sandal oil. ୫ । ଅଲାଇଚ [ ଦ୍ର. ଶ ]—
5. Cardamom.

ମାଂସୌଦନ—ସ. ବି ( ମ. ପ. ଲୋ; ମାଂସ+ଓଦନ; ମାଂସ ସହିତ
Māṁsaudana ପକ୍ୱ ଅନ୍ନ )—ପଲାଉ—Pilau; rice
boiled with meat and spices.

ମାଁମାଁ—ପ୍ରାଦେ ( ଗଞ୍ଜାମ ) ବି—ମାତା; ମା; ଜନନୀ—
Māṅmāṅ Mother.

ମାକ୍(ଙ୍କ)ଡ଼ି—ପ୍ରାଦେ. (ବାଲେଶ୍ୱର) ବି. ( ସ. ମକରକୁଣ୍ଡଳ; ଭୁକ. ବି.
Māk-(ṅk-)ṛḍi ମାକଡ଼ୀ)—କର୍ଣ୍ଣାଳଙ୍କାରବିଶେଷ—Name of
( ମାକଡ଼ି—ଅନ୍ୟରୂପ ) a kind of earring.

ମାକ(ଙ୍କ)ଡ଼—ଦେ. ବି. ପୁଂ. ( ସ. ମର୍କଟ; ପ୍ରା. ମକଡ଼ )—ବାନର—
Māka(ṅka)ṛda Monkey. [ ଦ୍ର—ଏମ ଦେଶରେ
ବନ୍ଦର वन्दर, माकड़ ସାଧାରଣତଃ ଦୁଇପ୍ରକାର ମାକଡ଼ ଦେଖା
ମାକ[ଙ୍କ]ଡ଼ୀ } ସ୍ତ୍ରୀ ଯାଆନ୍ତି । 'ହନୁମାକଡ଼' ଓ 'ପାଳିମାକଡ଼' ।
ମାକ[ଙ୍କ]ଡ଼ୀ ହନୁମାକଡ଼ଙ୍କ ମୁହଁ ଓ ହାତ ପାପୁଲି ଓ
ତଳପା କଳା, ଲାଞ୍ଜ ବଡ଼ । ଏମାନେ ପାଳିମାକଡ଼ ଅପେକ୍ଷା
ଆକାରରେ ବଡ଼ । ପାଳିମାକଡ଼ର ମୁହଁ ନାଲିଆ ଓ ଲାଞ୍ଜ
ଛୋଟ । ପୁରୀ, ମଥୁରା, ବୃନ୍ଦାବନ ଆଦି ତୀର୍ଥ ସ୍ଥାନରେ
ପାଳିମାକଡ଼ମାନେ ଘରେ ପଶି ଲୁଗାପଟା, ଖାଦ୍ୟ ପଦାର୍ଥ ଓ
ଛୋଟ ବାସନ ଆଦି ନେଇ ଯାଆନ୍ତି । ମଫସଲରେ ହନୁ-
ମାକଡ଼ମାନେ ଫସଲ ନଷ୍ଟ କରନ୍ତି, ଏମନ୍ତ କି, କଢ଼ିଆ
ଗଛରେ ଚଢ଼ି କଞ୍ଚା କଢ଼ିଆର କଢ଼ା ଛଡ଼ାଇ ଖାଇ ଯାଆନ୍ତି ।
ଏବେ ସହରରେ ମଧ୍ୟ ମାକଡ଼ଙ୍କ ଉପଦ୍ରବ ବେଶୀ ହେଲାଣି ।
ଏମାନେ ଅନେକ ଗଛର କଅଁଳ ପତ୍ର ଓ କଷା ଫଳକୁ
ଗଛରୁ ଛିଣ୍ଡାଇ ପଥରରେ ଘଷି ତା ମଧ୍ୟରୁ ରସ ଖାଉଥିବାର
ଦେଖାଯାଇଅଛି । ବୋମ୍ୱାଇ ପ୍ରଦେଶରେ ଆଉ ଏକପ୍ରକାର
ମାକଡ଼ ଅଛନ୍ତି ( ଲାଲବାନର ) । ଏମାନଙ୍କର ଦେହ ସରୁ,
ଲାଞ୍ଜ ଉପରେ ଗୋଟିଏ ବାଳ ଓ ମୁହଁ ଚାରିପାଖେ ବାଳ ଥାଏ ।
ଯାବା, ବୋର୍ଣ୍ଣିଓ, ଆଫ୍ରିକା, ଆମେରିକା ଆଦି ପ୍ରଦେଶରେ
ନାନାପ୍ରକାର ମାକଡ଼ ଅଛନ୍ତି । ଏକପ୍ରକାର ମାକଡ଼ଙ୍କର
ଲାଞ୍ଜ ଖୁବ୍ ଲମ୍ବ ଓ ଏମାନେ ଲାଞ୍ଜକୁ ଗଛର ଡାଳରେ
ଗୁଡ଼ାଇ ଦେଇ ତଳକୁ ଝୁଲିପଡ଼ି ଏକ ଗଛରୁ ଅନ୍ୟ ଗଛକୁ
ଡେଇଁଥାନ୍ତି । ଏକପ୍ରକାର ମାକଡ଼ଙ୍କୁ 'ବନମନୁଷ୍ୟ' ବୋଲାଯାଏ ।
ଏମାନେ ମଧ୍ୟ ନାନା ଶ୍ରେଣୀରେ ବିଭକ୍ତ । ଏମାନଙ୍କର
ଲାଞ୍ଜ ନାହିଁ । ଏମାନେ ଜଙ୍ଗଲରେ ଡାଳ ପତ୍ରରେ ଘର
ତିଆରି କରି ରହନ୍ତି ।

ରାମାୟଣରେ ରାମଚନ୍ଦ୍ର କପିରାଜ ସୁଗ୍ରୀବଙ୍କ ସହାୟ-
ତାରେ ବାନରସୈନ୍ୟଙ୍କଦ୍ୱାରା ସମୁଦ୍ରରେ ସେତୁବନ୍ଧ ନିର୍ମାଣ
କରାଇ ଲଙ୍କା ଆକ୍ରମଣପୂର୍ବକ ରାବଣଙ୍କୁ ବିନାଶ କରିବା
ବର୍ଣ୍ଣିତ ହୋଇଅଛି । ରାମଚନ୍ଦ୍ରଙ୍କର ବନବାସ ସମୟରେ
ଗୋଟିଏ ମର୍କଟବୀର ( ହନୁମାନ ) ସୀତାଙ୍କୁ ଠାବ କରି
ଅସାଧ୍ୟ ସାଧନ କରି ରାମଚନ୍ଦ୍ରଙ୍କର ବହୁ ଉପକାର କରିଥିଲେ
ଓ ସେ ରାମଚନ୍ଦ୍ରଙ୍କର ପ୍ରଧାନ ଭକ୍ତ । ଏଥିପାଇଁ ମାକଡ଼ମାନେ
ଅତି ଅତ୍ୟାଚାର କଲେ ମଧ୍ୟ ହିନ୍ଦୁମାନେ ସେମାନଙ୍କୁ
ହନୁମାନର ବଂଶଧର ଭାବି ବଧ କରନ୍ତି ନାହିଁ । ମାକଡ଼ମାନେ
ଦଳ ବାନ୍ଧି ରହନ୍ତି ଓ ଗୋଟିଏ ବଳିଷ୍ଠ ଅଣ୍ଡିରା ମାକଡ଼
ସ୍ତ୍ରୀଦଳ ମଧ୍ୟରେ ସର୍ଦ୍ଦାର ( ଗୋଧ )ରୂପେ ଥାଏ ।
ଦଳ ମଧ୍ୟରେ ଅଣ୍ଡିରା ପିଲା ଜନ୍ମ ହେଲେ ଗୋଧ
ସେମାନଙ୍କୁ ମାରିପକାଏ । ତେଣୁ ଅଣ୍ଡିରା ପିଲାମାନେ
ପଳାଇ ଯାଇ ଜୀବନ ରକ୍ଷା କରନ୍ତି ସେମାନେ ଏକତ୍ର ଦଳ
ବାନ୍ଧି ରହନ୍ତି; ସେମାନଙ୍କୁ 'ପାଳଭାଇଆ ଗୋଧ' କହନ୍ତି ।
ଏମାନେ ଭାରି ଦୁର୍ଦ୍ଦାନ୍ତ ହୁଅନ୍ତି ଓ ସମୟ ସମୟରେ ସ୍ତ୍ରୀଦଳର
ଦଳପତି ସଙ୍ଗେ ଯୁଦ୍ଧ କରନ୍ତି ଓ ବୃଦ୍ଧ ଦଳରୁ କେତେକ
ସ୍ତ୍ରୀଙ୍କୁ ନେଇ ନିଜେ ଗୋଟିଏ ଗୋଟିଏ ଦଳପତି ହୁଅନ୍ତି ।
ହନୁଙ୍କ ଶିଶୁମାନେ ମାଆର ପେଟତଳକୁ ମୁଠାଇ ଧରି ଝୁଲି
ରହନ୍ତି ଓ ପାଳିଙ୍କ ଶିଶୁମାନେ ମାଆର ପିଠିରେ ଲାଖି ହୁଅନ୍ତି ।
ପାଳିମାନେ ଅତ୍ୟନ୍ତ ଅନୁକରଣପ୍ରିୟ । ଲୋକେ ପାଳିଙ୍କୁ
ପୋଷି ନାନାପ୍ରକାର ଖେଳ କୌତୁକ ଦେଖାଇ ରୋଜଗାର
କରନ୍ତି । ପାଶ୍ଚାତ୍ୟ ପଣ୍ଡିତମାନଙ୍କ ମତରେ ମାକଡ଼ମାନେ
ମନୁଷ୍ୟମାନଙ୍କର ପୂର୍ବପୁରୁଷ ଥିଲେ । ସାହେବମାନେ ଭିନ୍ନ
ଭିନ୍ନ ଦେଶର ମାକଡ଼ମାନଙ୍କ ବିଷୟ ଗବେଷଣା କରି ମାକଡ଼-
ମାନଙ୍କ ମଧ୍ୟରେ ପ୍ରଚଳିତ ପରସ୍ପର ଭାବ ଆଦାନ ପ୍ରଦାନର
ଭାଷା ସ୍ଥିର କରିଅଛନ୍ତି ।

ନିମ୍ନରେ କେତେଗୋଟିଏ ମାକଡ଼ଙ୍କର ନାମ, ବିବରଣ
ବାସସ୍ଥାନ ୱେବ୍‌ଷ୍ଟର ଇଂରାଜୀ ଡିକ୍‌ସିନାରୀ ( Webster's
Dictonary )ରୁ ସଂଗୃହୀତ ହୋଇଅଛି ।

୧ । Ape ( ଏପ୍ ) ପାଳି ମାକଡ଼ । [ No 20
Rhesus ( ନ ୨୦ ରେସସ୍ ) ଦେଖ । ] ୨ ।
Barbary ape ( ବାର୍ବେରୀ ଏପ୍ ) ଏମାନେ ଉତ୍ତର
ଆଫ୍ରିକାରେ ଓ ଦକ୍ଷିଣ ଇଉରୋପରେ ବାସ କରନ୍ତି ।
ଏମାନଙ୍କର ଲାଞ୍ଜ ନାହିଁ; ଜିବ୍ରାଲ୍‌ଟରରେ ଥାଆନ୍ତି ।
ଇଉରୋପରେ ଏହି ମାକଡ଼ଙ୍କ ଛଡ଼ା ଅନ୍ୟ ମାକଡ଼

କାହାନ୍ତି । ( Macacus Innuus.) ୩ । Baboon ( ବାବୁନ୍ ) ଅଫ୍ରିକାରେ ବାସ କରନ୍ତି । ଏମାନେ ଦେଖିବାକୁ ପାଢ଼ଙ୍କ ପରି, କିନ୍ତୁ ଏମାନଙ୍କର ମୁହଁ କୁକୁର ମୁହଁ ଭଳି; (Cinocephalus Porcarius.) ୪ । Capuchin ( କାପୁଚିନ୍ )—ଦେଖିବାକୁ ହନୁ ପରି Cebus Capucinus [ No. 23 Sapajou ( ନ ୨୩ ସାପାଜୌ ) ଦେଖ ] ୫ । Coaita ( କୋଆଇଟା )—ଦକ୍ଷିଣ ଭାରତୀୟ ଦ୍ୱୀପପୁଞ୍ଜରେ ବାସ କରନ୍ତି । ଏମାନଙ୍କ ଲାଞ୍ଜ ଓ ହାତଗୋଡ଼ ଲମ୍ବ । ଏମାନେ ହନୁ ମାକଡ଼ ଜାତୀୟ ଅଟନ୍ତି; ( Atelus Paniscus.) ୬ । Drill ( ଡ୍ରିଲ୍ )—ପାଢ଼ମାକଡ଼ ପରି । ୭ । Cimpānzee ( ସିମ୍ପାଞ୍ଜି )—ଅଫ୍ରିକାରେ ବାସ କରନ୍ତି। ଏମାନଙ୍କୁ ବନ ମନୁଷ୍ୟ କୁହାଯାଏ । ଏମାନଙ୍କର ଲାଞ୍ଜ ନାହିଁ; ଉଚ୍ଚରେ ୩।୪ ଫୁଟ ପର୍ଯ୍ୟନ୍ତ ହୁଅନ୍ତି । ଏମାନଙ୍କର ଦେହର ମନୁଷ୍ୟର ଦେହ ସଙ୍ଗେ ବହୁପରିମାଣରେ ସାଦୃଶ୍ୟ ଅଛି; [ Ānthropithecus Troglodites ] ୮ । Entellus ( ଏଣ୍ଟେଲସ୍ ), Honuman ( ହନୁମାନ୍ ) ବା Hongoor [ହଙ୍ଗୁର ]—ଭାରତରେ ବାସ କରନ୍ତି । ଏମାନଙ୍କର ଲାଞ୍ଜ ବଡ଼ । ଏମାନଙ୍କୁ ହନୁମାକଡ଼ କୁହାଯାଏ । [ Semnopithecus Entellus.] ୯ । Gibbon ( ଗିବନ୍ )—ଦକ୍ଷିଣ ଆସିଆ ଓ ଭାରତୀୟ ଦ୍ୱୀପପୁଞ୍ଜରେ ବାସ କରନ୍ତି । ଏମାନେ ଏକପ୍ରକାର ବନ ମନୁଷ୍ୟ । ଏମାନଙ୍କର ଲାଞ୍ଜ ନାହିଁ । ହାତ ଖୁବ୍ ଦୀର୍ଘ । [ Genus Hylobates ] ୧୦ । Gorilla ( ଗରିଲା )—ପଶ୍ଚିମ ଅଫ୍ରିକାରେ ବାସ କରନ୍ତି । ଏମାନେ ଏକପ୍ରକାର ବନ ମନୁଷ୍ୟ । ମନୁଷ୍ୟଠାରୁ ଦୀର୍ଘତର; ଅତ୍ୟନ୍ତ ଉଗ୍ରପ୍ରକୃତି, ସୁଦୃଢ଼ ଓ ଖୁବ୍ ବଳବାନ୍ । [ Ānthropythecus; Troglodite ]. ୧୧ । Howler ( ହାଉଲର୍ )—ଦକ୍ଷିଣ ଅମେରିକାରେ ବାସ କରନ୍ତି । ଏମାନଙ୍କର ଲାଞ୍ଜ ବଡ଼; ମୁହଁରେ ଦାଢ଼ି ଅଛି । ଏମାନେ ଭାରି ଗର୍ଜନ କରନ୍ତି । [Genus, Mycetes ] ୧୨ । Indris ( ଇଣ୍ଡ୍ରିସ୍ )—ମାଡାଗାସ୍କାର ଦ୍ୱୀପରେ ବାସ କରନ୍ତି । ଏମାନେ ଲୋମଶ ଓ ଲେମୁର୍ ଜାତୀୟ ଅଟନ୍ତି । ୧୩ । Kaha (କାହା) ବା Kāhāu (କାହାଉ) —ବୋର୍ଣ୍ଣିଓ ଦ୍ୱୀପରେ ବାସ କରନ୍ତି । ଏମାନଙ୍କର ଦାଢ଼ି ଅଛି; ନାକ ଦୀର୍ଘ; ବର୍ଣ୍ଣ ସଫା ହଳଦିଆ ଓ ଧଳା । [ Semnopithecus Nāsālis]. ୧୪ । Kukāng ( କୁକାଙ୍ଗ୍ ), Lemur ( ଲେମୁର ), Gālāgo ( ଗାଲାଗୋ )—ମାଡାଗାସ୍କାର ଓ ଭାରତୀୟ ଦ୍ୱୀପପୁଞ୍ଜରେ ବାସ କରନ୍ତି; ମାକଡ଼ଙ୍କଠାରୁ ଛୋଟ; ଲାଞ୍ଜସାକ କେଶପୂର୍ଣ୍ଣ । ଏମାନଙ୍କ ମୁହଁ ଗୋଲିଆ, ଦେହସାକ ପଟା ପଟା ଦାଗ । ଏମାନେ ମାଂସାଶୀ ଓ ରାତ୍ରିଚର ଅଟନ୍ତି । ୧୫ । Māndril ( ମାଣ୍ଡ୍ରିଲ୍ )—ପଶ୍ଚିମ ଅଫ୍ରିକାରେ ବାସ କରନ୍ତି । ଏମାନଙ୍କର ଲାଞ୍ଜ ନାହିଁ; ମୁହଁ ଅତି ବଡ଼; ଗୋଟିଏ ଥୋମଣି ଅଛି । ଏମାନେ ଚାରିଗୋଡ଼ରେ ଚାଲନ୍ତି । ୧୬ । Lori ( ଲୋରି ) ବା Loris (ଲୋରିସ୍)— ସିଂହଳ ବା ଲଙ୍କା ଦ୍ୱୀପରେ ବାସ କରନ୍ତି । ଏମାନଙ୍କର ଲାଞ୍ଜ ନାହିଁ, ମୁହଁର ଥୋମଣି ଗୋଲିଆ । ଏମାନେ ଏକଫୁଟ ଉଚ୍ଚ ହୁଅନ୍ତି । [ Genus Stenops ]. ୧୭ । Orāng ( ଓରାଙ୍ଗ ), Orāng outāng ( ଓରାଙ୍ଗ୍ ଅଉଟାଙ୍ଗ୍ ) Orāng utān ( ଓରାଙ୍ଗ ଉଟାନ )— ବୋର୍ଣ୍ଣିଓ ଓ ସୁମାତ୍ରା ଦ୍ୱୀପପୁଞ୍ଜରେ ବାସ କରନ୍ତି । ଏମାନେ ଏକପ୍ରକାର ବନ ମନୁଷ୍ୟ; ଅବିକଳ ମନୁଷ୍ୟ ପରି ଏମାନଙ୍କର ବର୍ଣ୍ଣ ଅରୁଣ ପାଣ୍ଡୁର । ଏମାନେ ଠିଆ ହେଲେ ହାତ ଭୂଇଁରେ ଲାଗେ [ Simiā Sātyrus]. ୧୮ । Ouākāri ( ଓଆକାରି )—ଦକ୍ଷିଣ ଅମେରିକାରେ ବାସ କରନ୍ତି । ଏମାନଙ୍କର ଲାଞ୍ଜ ଛୋଟ । ଏମାନେ ଦେଖିବାକୁ ପାଢ଼ଙ୍କ ପରି । ଏମାନଙ୍କ ପିଠିର ଲୋମ ବଡ଼ । [ Brāchyrus Ouākāri ]. ୧୯ । Potto [ ପୋଟୋ ], Kukājou [ କୁକାଜୌ ], Bushdog [ ବୁଶ୍‌ଡଗ୍ ]—ପଶ୍ଚିମ ଅଫ୍ରିକାରେ ବାସ କରନ୍ତି । ଏମାନଙ୍କର ହାତ ଗୋଡ଼ର ପାପୁଲି ବଡ଼ ଓ ଅଙ୍ଗୁଠି ବଡ଼ । ଏମାନେ ରାତ୍ରିଚର । ୨୦ । Rhesus [ ରେସସ୍ ] Ape [ ଏପ୍ ]—ଦକ୍ଷିଣ ଭାରତବର୍ଷରେ ବାସ କରନ୍ତି । ଏମାନେ ଏକପ୍ରକାର ପାଢ଼ ମାକଡ଼ । ଏମାନଙ୍କର ଲାଞ୍ଜ ଅଛି । ଭାରତର ପାଢ଼ ମାକଡ଼ ମଧ୍ୟ ଏହି ଜାତୀୟ ଅଟନ୍ତି । [ Genus Simiadae]. ୨୧ । Pluto monkey. ( ପ୍ଲୁଟୋ ମଙ୍କି )—ଅଫ୍ରିକାରେ ବାସ କରନ୍ତି । ଏମାନଙ୍କର ଦେହ ଓ ମୁହଁତମାମ୍ ଅତ୍ୟନ୍ତ ଲୋମଶ । ଏମାନଙ୍କର ଗାଲମୁଣ୍ଡି ଅଛି । [ Cercopythecus Pluto ] । ୨୨ । Sāki [ ସାକି ]—ଦକ୍ଷିଣ ଅମେରିକାରେ ବାସ କରନ୍ତି । ଏମାନଙ୍କର ଦେହ, ମୁହଁ ଓ ଲାଞ୍ଜ ଲୋମଶ । ଏମାନଙ୍କ ଦେହ କୃଷ୍ଣବର୍ଣ୍ଣ, ମୁହଁ ଧଳା, ଏମାନେ ହାତ ଅଞ୍ଜୁଳା କରି ପାଣି ପିଅନ୍ତି । [ Genus, Pithecia ] ୨୩ । Sāpājou [ ସାପାଜୌ ], Sājou [ ସାଜଉ ], Sāi [ ସାଇ ], Cāpuchin [ କାପୁଚିନ୍ ]—ଦକ୍ଷିଣ ଅମେରିକାରେ ବାସ କରନ୍ତି । ଏମାନଙ୍କ ଲାଞ୍ଜ ଓ ହାତଗୋଡ଼ ଲମ୍ବା । ଏମାନଙ୍କ ଦେହ ସରୁ । [ Genus-Cebds ] ୨୪ । Spider monkey ( ସ୍ପାଇଡର ମଙ୍କି )—ଦକ୍ଷିଣ ଅମେରିକାରେ ବାସ କରନ୍ତି । ଏମାନଙ୍କ ଦେହ ଖୁବ୍ ସରୁ । ଏମାନଙ୍କ ଲାଞ୍ଜ ଓ ହାତଗୋଡ଼ ଖୁବ୍ ଲମ୍ବା ଓ ସରୁ । ଏମାନେ ଲାଙ୍ଗୁଡ଼କୁ ଡାଳରେ ଗୁଡ଼ାଇ ଝୁଲି ପଡ଼ି ଅନ୍ୟ ଡାଳକୁ ଯାଆନ୍ତି । [ Genus Atelus ] ୨୫ । Squirrel monkey ସ୍କୁଇରେଲ୍

ମଙ୍କି )—ଦକ୍ଷିଣଅମେରିକାରେ ବାସ କରନ୍ତି । ଏମାନେ ବହୁତ ପତ୍ର, କିନ୍ତୁ ଅକାରରେ ଛୋଟ । [ Callithrix Sceuria ] ୧୬ । Vervet ( ଭର୍‌ଭେଟ୍ )—ଦକ୍ଷିଣ-ଅଫ୍ରିକାରେ ବାସ କରନ୍ତି, ଏମାନେ ଶାଗୁଆ ପତ୍ର, କିନ୍ତୁ ଦାଢ଼ି ଅଛି । [ Cercopythecus Pygerythrus ] ୧୭ । Wanderoo ( ୱାଣ୍ଡରୁ )—ବର୍ମା ଓ ମାଲବାର ଉପକୂଳରେ ବାସ କରନ୍ତି । ଏମାନେ ସର୍ବକାୟ, ଲୋମଶ ଓ ଏମାନଙ୍କ ଲାଞ୍ଜ ଅଗରେ ଗୋଛାଏ ବାଳ ଅଛି । ଏମାନଙ୍କ ମୁହଁ ଚାରିପାଖେ ଦାଢ଼ି ବେଢ଼ିଥାଏ; ଦେହ କୃଷ୍ଣବର୍ଣ୍ଣ । ଏମାନଙ୍କୁ ମାଲବାନର କହନ୍ତି । [Macacus Silenus] ୧୮ । Yuen ( ଇଉଏନ୍ )— ଶ୍ୟାମ ଓ ଦକ୍ଷିଣ ଚୀନ୍‌ରେ ବାସ କରନ୍ତି । ଏମାନଙ୍କ ଲାଞ୍ଜ ଓ ଦେହ ଲୋମଶ, ହାତ ଗୋଡ଼ ଲମ୍ବା । ଏମାନେ ପାଞ୍ଚ ଜାତୀୟ ଅଟନ୍ତି ।

ମାକଡ଼ ହାତରେ ଶାଳଗ୍ରାମ, ହଲେଇ ହଲେଇ ନେଲା ପ୍ରାଣ । ନ୍ୟାୟ--ମାକଡ଼ ଶାଳଗ୍ରାମଙ୍କର ଦେବତ୍ୱ ନ ବୁଝି ତାଙ୍କୁ ଅନାଦର କଲାପରି, କୌଣସି ଲୋକ କୌଣସି ପୂଜ୍ୟ ବା ମୂଲ୍ୟବାନ ଜିନିଷର ଅସଦ୍‌ବ୍ୟବହାର କଲେ ଏହି ନ୍ୟାୟ କୁହାଯାଏ । ]

ମାକଡ଼ କେନ୍ଦୁ—ଦେ. ବି. ( ସଂ. ତିନ୍ଦୁକ )—ଏକପ୍ରକାର କେନ୍ଦୁ ଗଛ
Mākarḏa kendu —Diospyrus Embreyopteris;
গাব; আবলুস ebony [ ଦ୍ର—ଏହି ଗଛର ମଞ୍ଜିରୁ ଅବଲୁସ୍
आबनूस; माकरकेन्दि କାଠ ହୁଏ । ଏହା ଅତ୍ୟନ୍ତ କୃଷ୍ଣବର୍ଣ୍ଣ । ]
ଅ. ଅବଳସ—ଭ—ହୁନ

ମାକଡ଼ଚିତି—ଦେ. ବି—ଉଚ୍ଚସ୍ଥାନରୁ ବକ୍ଷ ଲାଗି ପାଣି ଉପରକୁ ଡେଇଁ
Mākarḏachiti ପାଣିରେ ଚିତ୍ ହୋଇ ପଡ଼ିବା—
ডীগবাজী अलङ्घित Somersault on water.

ମାକଡ଼ଚିତି ମାରିବା—ଦେ. କ୍ରି—ଉଚ୍ଚସ୍ଥାନରୁ ଡେଇଁ ପାଣି ଉପରେ
Mākarḏachiti māribā ଲେଉଟି ପଡ଼ି ଚିତ ହୋଇଯିବା—
ডীগবাজী খাওয়া To turn a somersault over
अलंगचीत फानना (कुदना) water.

ମାକଡ଼ ଫାଶ—ପ୍ରାଦେ ( ସମ୍ବଲପୁର ) ବି—ବାଘୁଆ ଫାଶ—
Mākarḏa phāsa Reef knot.

ମାକଡ଼ ବସା—ଦେ. ବି—ଛୋଟ ପାଣ୍ଡୁର କଙ୍କଡ଼ା ବିଛା—Small
Mākarḏa basā brown scorpion; whip scorpion.
ছোট কাঁকড়া বিছে [ ଦ୍ର—ଏମାନେ ମାକଡ଼ସା ଶ୍ରେଣୀର
छोटा ककर बिछा ଅନ୍ତର୍ଗତ । ]

ମାକଡ଼ ମୁହାଁ—ଦେ. ବିଣ. ପୁଂ ( ସଂ. ମର୍କଟ+ମୁଖ )—ମର୍କଟବଦନ;
Mākarḏa muhāṅ ଅସୁନ୍ଦରମୁହାଁ—Ape-faced.
(ମାକଡ଼[ଡ଼ୀ]ମୁହାଁ—ସ୍ତ୍ରୀ) বাঁদর মুখো बंदर मुहाँ

ମାକ(ଙ୍କ)ଡ଼ସା—ଦେ. ବି ( ସଂ. ମର୍କଟ; ମର୍କଟକ )—ବୁଢ଼ିଆଣି;
Māka(ṅka)rḏasā ଊର୍ଣ୍ଣନାଭ; ଅଷ୍ଟପଦ କୀଟବିଶେଷ—
মাকড়; মাকড়সা Spider; Arachnid, genus-Araneae.
मकड़ा [ ଦ୍ର—ଏମାନେ ଘରରେ, ପାଣିରେ, ଗଛରେ, ଘାସରେ, ବୁଦାରେ, ଏପରି ନାନା ସ୍ଥାନରେ ରହନ୍ତି । ମାକଡ଼ସା ନାନା ଜାତୀୟ ଓ ନାନା ଶ୍ରେଣୀର ଅଛନ୍ତି । ବାହାର ପଦମାନ ଲମ୍ବ । ଏମାନଙ୍କର ଆଖି ୬ ଠାରୁ ୮ ଯୋଡ଼ା ପର୍ଯ୍ୟନ୍ତ ଥାଏ । ଏମାନଙ୍କ ଶରୀରରୁ ସୂକ୍ଷ୍ମ ସୂତା ବାହାରେ । ସେହି ସୂତାରେ ସେମାନେ ସୂକ୍ଷ୍ମ ଜାଲ ତିଆରି କରି ଜାଲକୁ ଶୂନ୍ୟରେ ଝୁଲାଇ ରଖି ଥାଆନ୍ତି ଓ ମାଛିଆଦି ପୋକମାନେ ଏହି ଜାଲରେ ପଡ଼ିଲେ ବନ୍ଦ ହୋଇ ରହି ଯାଆନ୍ତି ଓ ଏମାନେ ସେହି ମାଛିଆଦିଙ୍କୁ ଧରି ଖାଆନ୍ତି । ସ୍ଥଳବିଶେଷରେ ଏମାନେ ଯେଉଁ ଜାଲ ତିଆରି ଥାଆନ୍ତି ସେଥିରେ ଧୂଆଁର କଳାଳଡ଼ି ଲାଗି ତାହା 'ଝୋଲ' ହୁଏ । ସ୍ତ୍ରୀ ମାକଡ଼ସା ଅଧିକ ଅକାରର ତୂଳପାଳଥିବା ଧଳା ଖୋସା ମଧ୍ୟରେ ଡିମ୍ବ ପାଡ଼େ । କୌଣସି କୌଣସି ମାକଡ଼ସାଙ୍କ ମୂତ ବିଷାକ୍ତ । ଏହି ମୂତ ମନୁଷ୍ୟ ଦେହରେ ଲାଗିଲେ ଉପ୍‌ସାନକ ଘାଅ ହୋଇଯାଏ ଓ ତାହା ସହଜରେ ଭଲ ହୁଏ ନାହିଁ ।

ଇଂରାଜରେ ଘରେ ରହିବା ମାକଡ଼ସା ( Home spider ), ଘାସ ପତ୍ରଅରେ ଥିବା ( Grass spider ) ପାଣିରେ ରହିବା ( Water spider ); ଡିଆଁ ମାକଡ଼ସା ( Jumping spider ); ଏବଂ ରେଶମ କମ୍ବଳିଆ ମାକଡ଼ସା ( Silk spider ) ଆଦିଙ୍କର ଭିନ୍ନ ଭିନ୍ନ ନାମ ଅଛି ।

କଙ୍କଡ଼ାବିଛା ମଧ୍ୟ ଏହି ମାକଡ଼ସା ଶ୍ରେଣୀର; ଟିକମାନେ ମଧ୍ୟ ଏହି ଶ୍ରେଣୀର ( ଅଷ୍ଟପଦ ); ସଂସ୍କୃତ ସୁଶ୍ରୁତ ଶାସ୍ତ୍ରରେ ୧୬ ପ୍ରକାର ମାକଡ଼ସା ବା ଷୋଡ଼ଶ ଲୂତାଙ୍କର ନାମ ଓ ବିଶେଷତ୍ୱ ଓ ଗୁଣ ବର୍ଣ୍ଣିତ ହୋଇଅଛି । ]

ମାକଡ଼ସା ଜାଲ—ଦେ. ବି ( ସଂ. ମର୍କଟ+ଜାଲ )—ବୁଢ଼ିଆଣୀ ଜାଲ
Mākarḏasā jāla —Spider's net; cobweb.
মাকড়সার জাল मकड़ाका जाल

ମାକ(କେ, ଙ୍କ, ଙ୍କେ)ଡ଼ା ପଥର—ଦେ. ବି ( ସଂ. ମର୍କଶ=କର୍କଶ )
Māka(ke, ṅka, ṅke)rḏā pathara —ଏକପ୍ରକାର
মাকড়াপাথর ନାଲିଆ ଛିଦ୍ରବହୁଳ ପଥର—Laterite stone.
उमडखाबड पत्थर [ ଦ୍ର—ଏହା ନାଲି ଓ କଳା ମିଶା ଓ ଏହା ମଧ୍ୟରେ ବହୁତ ଛିଦ୍ର ଥାଏ । ଏହି ପଥରକୁ କାଟିବା ପରେ ଏହା ଟାଣ ହୁଏ । ଓଡ଼ିଶାର ଓ ଗଡ଼ଜାତର ଅଧିକାଂଶ ପାହାଡ଼ରେ ଓ ଟାଙ୍ଗର ଭୂମିରେ ଏହି ପଥର ମିଳେ ।

ଏହି ଜାତୀୟ ଅନ୍ୟ ଏକପ୍ରକାର ପଥରକୁ ମୃଗେଇ ମାକଡ଼ା କହନ୍ତି । ଏହା ମଧ୍ୟସ୍ଥ ଗୋଡ଼ ବା କଙ୍କରମାନ ମୃଗ ଅକାର ବିଶିଷ୍ଟ । ଏହା ମଧ୍ୟରେ ଛିଦ୍ର, କ୍ଷୁଦ୍ର, ଛିଦ୍ର ଥାଏ । ତେଣୁ ଏହା ସାଧାରଣ ମାକଡ଼ା ପଥର ଅପେକ୍ଷା ଟାଣୁଆ । ]

ମକା(କି, କେ, ଙ୍କ, ଙ୍କି)ଡ଼ି—ଦେ. ବି—୧ । ( ସଂ. ମକର କୁଣ୍ଡଳ )
Māka(ki, ke, ṅka, ṅki)rḏi ପୁରାଣ ମକରମୁଖ କୁଣ୍ଡଳ
মাকড়ি कुंडल ବା ଅର୍ଦ୍ଧଚନ୍ଦ୍ରାକୃତ କର୍ଣ୍ଣବଳୟ—1. A kind of ear-ring ( crescent-shaped ). [ ଦ୍ର—ଏହା ବଙ୍ଗଦେଶରୁ ଆସି ଆମ ଦେଶରେ ପ୍ରଚଳିତ ହୋଇ ଅଛି । ] ୨ । ପାଣି ବୁହା ଡେଙ୍ଗାର ବା ଯନ୍ତ୍ରର ଦୁଇ-ଟୁଣ୍ଡ ଉପରେ ଯେଉଁ ଅଡ଼ଧାରଣା ପଡ଼ିଥାଏ ସେହିଅଡ଼

ଧାରଣାରେ ଲଗିଥିବା ଛିଦ୍ରଯୁକ୍ତ କାଠ, ( ଯେଉଁ କାଠରେ ବାହୁଲ ବାଉଁଶ ବନ୍ଧାଯାଏ )—2. A long piece of wood having a hole through which the cross-beam of a water-lifting contrivance passes and over which is tied the crane-bamboo. ୩ । ଖଡ଼ମା (ଦେଖ) 3. Khardamā ( See ).

ମାକ( ଙ୍କ, ଙ୍କ, କି, ଙ୍କି, କୁ, ଙ୍କୁ, କେ, ଙ୍କେ )ଡ଼ିଆ—ଦେ. ବଣ. ପୁଂ—୧ । Māka(ṅka, ki, ṅki, ku, ṅku; ke; ṅke)rdiā ବାନର) ମାକ[ଡ଼, ଡ଼ୁ, କେ]ଡ଼ୀ } ସ୍ତ୍ରୀ ମର୍କଟ ପରି ଅସୁନ୍ଦର ଓ କ୍ଷୀଣକାୟ— ମାଙ୍କ[କି, କୁ, କେ]ଡ଼ୀ } 1. Haggard; ( a person ) बान्दरा बांदरा having an ugly face and a lean body like those of a monkey. ୨ । ରୋଗ ଆଦି କୌଣସି କାରଣରୁ ବକୁଚ ହୋଇଥିବା ( ଫଳ )—2. ( fruit ) Deformed owing to some मदारी disease. ଦେ. ବି—୧ । ଯେ ମାକଡ଼ ନଚାଇ ପେଟ ପୋଷେ—1. A person who earns his living by making a tame ape dance. ୨ । ଯେଉଁ ଅନାର୍ଯ୍ୟ ଲୋକେ ମାକଡ଼ ମାରନ୍ତି ଓ ମାକଡ଼ ମାଉଁସ ଖାଆନ୍ତି—2. A class of aboriginal tribes who kill monkeys and eat their meat.

ମାକ(କି, କୁ, କେ)ଡ଼ି ଦୁଧୀ—ଦେ. ବଣ. ସ୍ତ୍ରୀ—କ୍ଷୀଣସ୍ତନା ( ନାରୀ ); Māka(ki; ku; ke)rdi dudhi ଯେମନ୍ତଦୁଧୀ; ମର୍କଟସ୍ତନୀ— मर्कटस्तनी ( a woman ) With monkey-like or मर्कटस्तनी; बनरथुची suppressed breasts.

ମାକନ୍ଦ—ସ. ବି ( ମା=ଲକ୍ଷ୍ମୀ; ସୌନ୍ଦର୍ଯ୍ୟ+କନ୍ଦ=ମୂଳ )—୧ । ଅମ୍ବ Mākanda ବୃକ୍ଷ; ଅମ୍ବଗଛ—1. Mango tree. ୨ । ଅମ୍ବ ଫଳ—2. Mango fruit. ୩ । ଚନ୍ଦନ ବୃକ୍ଷ— 3. Sandal wood tree.

ମାକନ୍ଦୀ—ସ. ବି ( ମାକନ୍ଦ+ଈ )—୧ । ପୀତ ଚନ୍ଦନ—1. Yellow Mākandi sandal wood. ୨ । ଅମଳକୀ, ଅଁଳା— 2. Embelic Myrobalan. ୩ । ଗଙ୍ଗାକୂଳରେ ଅବସ୍ଥିତ ମହାଭାରତୋକ୍ତ ପ୍ରାଚୀନ ନଗରୀବିଶେଷ— 3. Name of an ancient city on the Ganges mentioned in the Mahābhārata.

ମାକର—ପ୍ରାଦେ. ( ସମ୍ବଲପୁର ) ବି—ମାକଡ଼— Makar Monkey.

ମାକର—ସ. ବଣ ( ମକର+ଅ )—ମକର ସମ୍ବନ୍ଧୀୟ—Relating Mākara ( ମାକରୀ—ସ୍ତ୍ରୀ ) to Makara.

ମାକରନ୍ଦ—ସ. ବଣ ( ମକରନ୍ଦ+ଅ )—ମକରନ୍ଦ ସମ୍ବନ୍ଧୀୟ— Mākaranda Relating to Makaranda. ( ମାକରନ୍ଦୀ—ସ୍ତ୍ରୀ )

ମାକରୀ—ସ. ବି—ମାଘ ଶୁକ୍ଳ ସପ୍ତମୀ ( ପୁଣ୍ୟତିଥି )—The 7th Mākari day of the bright fortnight of the month of Māgha.

ମାକଲା—ସ. ବି. ପୁଂ—ଅଳ୍ପାବୟବ ହ୍ରସ୍ୱଦେହ ହସ୍ତୀ; ଦନ୍ତହୀନ ପୁରୁଷହସ୍ତୀ Mākalā ହସ୍ତୀ; ମାକୁନାହାତୀ—A dwarfish male elephant without tusks.

ମାକଲି—ସ. ବି—୧ । ମାତଳି; ଇନ୍ଦ୍ର ସାରଥି—1. The chari- Mākali oteer of India. ୨ । ଚନ୍ଦ୍ର—2. The moon.

ମାକି(କେ)ଣ୍ଡି—ଦେ. ବି ( ଭୁଲ. ଇଂ. ମାକ୍କେରେଲ୍ )—ଏକପ୍ରକାର Māki(ke)ndi ଛୋଟ ପତଳା ମାଛ—Chotoessus খয়রা खैरा Mauminna; a kind of thin and ଚାନ୍ଦୁରେ—ସ୍ୱଳ୍ପ small scaly fresh-water fish ( 3 inches long like dollar fish). [ ଦ୍ର—ଏମାନେ ୬|୭ ଅଙ୍ଗୁଳରୁ ବେଶୀ ବଢ଼ନ୍ତି ନାହିଁ । ଏମାନଙ୍କର ପିଠିର ବର୍ଣ୍ଣ ଧୂସର ଓ ପେଟ ଧଳା । ଏମାନଙ୍କ ଗଢ଼ଣ ଫଲିଗି ମାଛ ପରି ପତଳା । ଏମାନେ ମଧୁର ପାଣିରେ ଥାଆନ୍ତି । ]

ମାକୁ—ଦେ. ବି ( ସ. ମକ୍ଷିକା=ଅଗ୍ରେ )—ତନ୍ତରେ ଲୁଗା ବୁଣିବା Māku ପାଇଁ ବ୍ୟବହୃତ ଯନ୍ତ୍ରବିଶେଷ—Weaver's shuttle. ସ. ତନ୍ତ୍ରିକ, ବେମ, ତୁରୀ [ ଦ୍ର—ଏହା ପ୍ରାୟ ଏକଫୁଟ ଲମ୍ବ मकु କାଠ । ଏହାର ଦୁଇ ମୁଣ୍ଡ ମୁନିଆ ଓ ଉପର घोटे, नारी, ढरकी ପଟ୍ଟା ଓ ଉଭୟ ପଟ୍ଟା ମଧ୍ୟରେ ଘର ଥାଏ; ମ ଧୋଟେ ସେହି ଘର ମଧ୍ୟରେ ଭରଣୀ ସୂତା ଗୁଡ଼ା ହୋଇଥିବା କଣ୍ଡା ଲଗା ହୁଏ ଓ ସେ କଣ୍ଡାରୁ ସୂତାଖିଅ ଏହି ମାକୁର ଗୋଟିଏ ଛିଦ୍ରବାଟେ ବାହାରକୁ ବାହାର ଥାଏ । ] ୨ । ମାଖୁ (ଦେଖ)—2. Mākhu ( See )

ମାକୁ(ଖୁ)ଣ୍ଡା(ଣ୍ଢା)—ଗ୍ରା. ବି—ମାଖୁନା ( ଦେଖ ) Māku(khu)ndā(ndhā) Mākhunā ( See )

ମାକେରି(ଡ଼ି)—ଦେ. ବି—ଖଳପଟର ଗୁଜ ଓ ପେଣ୍ଡୀ ମଧ୍ୟରେ ଲଗିଥିବା Mākeri(rdi) କାଠଖଣ୍ଡ—A piece of wood placed between the wall-plate and the hanging pin of a thatched house. [ ଦ୍ର—ଅମାକେର ଅପାଟେର ବହୁଳଛି ଘରେ—ଗ୍ରାତ . ବ୍ରହ୍ମନିରୂପଣଗୀତା । ]

ମାକ୍ଷି(କ୍ଷୀ)କ—ସ. ବି (ମକ୍ଷିକା+ଅ)—୧ । ମଧୁ; ମହୁ—1. Honey. Mākshi(kshi)ka ୨ । ତାରମାକ୍ଷିକ ଓ ସ୍ୱର୍ଣ୍ଣମାକ୍ଷିକ ନାମକ ଉପଧାତୁ—2. Iron pyrites. ୩ । ବାଘର ମହୁ- ମାଛିଙ୍କ ସଞ୍ଚିତ ମଧୁ—3. Honey gathered by big ( ମାକ୍ଷି[କ୍ଷୀ]କା—ସ୍ତ୍ରୀ ) bees. ସ. ବଣ—୧ । ମକ୍ଷିକା ସମ୍ବନ୍ଧୀୟ— 1. Relating to fleas. ୨ । ମଧୁମକ୍ଷିକା ସମ୍ବନ୍ଧୀୟ— 2. Relating to bees.

ମାକ୍ଷିକଜ—ସ. ବି ( ମାକ୍ଷିକ+ଜନ ଧାତୁ+କର୍ତ୍ତୃ. ଅ )—ମହଣ— Mākshikaja Bees wax.

ମାକ୍ଷିକ ଶର୍କରା—ସ. ବି—୧ । ମହୁରୁ ତିଆରି ଚିନି—1. Sugar made Mākshika sarkarā from honey. ୨ । ମିଶ୍ରି— 2. Candied sugar ( Apte ).

ମାକ୍ଷିକାଶ୍ରୟ—ସ. ବି—ମହୁ ଫେଣା— Mākshikāsraya Beehive.

ମାକ୍ଷିବା—ଦେ. କ୍ରି. (ସଂ. ମ୍ରକ୍ଷଣ)—ମାଖିବା ( ଦେଖ )
Mākshibā Mākhibā ( See )
মাখা लगाना

ମାକ୍ସମୁଲର—ବୈଦେ. ବି. (ନାମ) ପ୍ରଧାନ ସଂସ୍କୃତଜ୍ଞ ଅନୁସନ୍ଧାୟୀ ପୃଥିବୀ
Māksmullar ବିଖ୍ୟାତ ଜର୍ମାନ ପଣ୍ଡିତ—Dr. Fredrich
মাক্সমুলার Maxmuller; the editor of the Rug-beda
माक्समुलार in 4 volumes. [ଦ୍ର - ଏ ମହାପୁରୁଷ ଖ୍ରୀ ୧୮୨୩ରେ ଜନ୍ମଗ୍ରହଣ କରିଥିଲେ ଓ ୨୦ ବର୍ଷ ବୟସରେ ଜର୍ମାନୀର ଲୀପ୍‌ଜୀଗ୍ ବିଶ୍ୱବିଦ୍ୟାଳୟରୁ ଦର୍ଶନାଚାର୍ଯ୍ୟ ( Doctor of philosophy) ଉପାଧି ଲାଭ କରିଥିଲେ। ତତ୍ପରେ ବର୍ଲିନ୍ ଓ ପାରିସ ନଗରୀର ସଂସ୍କୃତଭାଷା ପଣ୍ଡିତମାନଙ୍କଠାରୁ ସଂସ୍କୃତ ଶିକ୍ଷା କରି ୨୩ ବର୍ଷ ବୟସରେ ଇଂଲଣ୍ଡର ଅକ୍ସଫୋର୍ଡ ନଗରକୁ ଆସି ସେଠାରେ ସ୍ଥାୟୀଭାବେ ବାସ କଲେ। ଇଷ୍ଟ ଇଣ୍ଡିଆ କୋମ୍ପାନୀଙ୍କ ଉପଦେଶକ୍ରମେ ଏ ସାୟଣାଚାର୍ଯ୍ୟଙ୍କ ଭାଷ୍ୟସହ ଋଗ୍‌ବେଦକୁ ପ୍ରକାଶ କରିଥିଲେ। ୧୮୬୮ ଠାରୁ ଏ ଅକ୍ସଫୋର୍ଡ ବିଶ୍ୱବିଦ୍ୟାଳୟରେ ଭାଷାତତ୍ତ୍ୱର ଅଧ୍ୟାପକ ନିଯୁକ୍ତ ହେଲେ। ଖ୍ରୀ ୧୯୦୦ ରେ ଅକ୍ସଫୋର୍ଡଠାରେ ୭୭ ବର୍ଷ ବୟସରେ ଏହାଙ୍କ ଦେହତ୍ୟାଗ ଘଟିଲା। ସଂସ୍କୃତରେ ଏହାଙ୍କର ଅସାଧାରଣ ଗଭୀର ପାଣ୍ଡିତ୍ୟ ଥିଲା। ଭାରତବର୍ଷ ପ୍ରତି ଓ ଭାରତୀୟମାନଙ୍କ ପ୍ରତି ଏହାଙ୍କର ଗଭୀର ଅନୁରାଗ ଥିଲା। ଏ ଇଂରାଜୀ ଭାଷାରେ ହିନ୍ଦୁ ଧର୍ମ, ସଂସ୍କୃତ ସାହିତ୍ୟ ଓ ଭାଷାତତ୍ତ୍ୱ ସମ୍ବନ୍ଧେ ବହୁ ଗ୍ରନ୍ଥ ରଚନା କରିଥିଲେ। ଯଥା—The History of Ancient Sanscrit literature, The origin and growth of Religion, Sacred books of the East. The science of Languages, India-what it can teach us, Chips from a German workshop, Auld Lang Syne, Ramkrishna-His life and sayings. ଏ ଇଂରାଜୀ ଜାତୀୟ ସଙ୍ଗୀତ (National Anthem) କୁ ସଂସ୍କୃତ ପଦ୍ୟରେ ଅନୁବାଦ କରିଥିଲେ (ସୁବଳଚନ୍ଦ୍ର, ବାଙ୍ଗଲା ଅଭିଧାନ)]

ମାଖ—ସଂ. ବିଣ. ( ମଖ + ଅ )—ଯଜ୍ଞ ସମ୍ବନ୍ଧୀୟ—
Mākha (ମାଖୀ—ସ୍ତ୍ରୀ) Sacrificial.

ମାଖ(ଖୁ)—ପ୍ରାଦେ. (ଗଡ଼ଜାତ) ବି—କଉଡ଼ି ଖେଳରେ କଉଡ଼ି ମୁହଁ
Mākha(khu) ମାଡ଼ି ପଡ଼ିବା—The state of a cowrie falling on the ground with its ventral side down ( in the game of cowries).
ବିଣ—ଭୂଇଁରେ ଢାଳିଲା ବା ମୁହଁମାଡ଼ି ପଡ଼ିଥିବା (କଉଡ଼ି)-
(cowrie) Falling from the hand of the player with its ventral side down.

ମାଖନ—ଦେ. ବି. ( ସଂ. ମନ୍ଥନ )—ମଖନ ( ଦେଖ )
Mākhana Makhana ( See )
মাখন ପ୍ରାଦେ. (ଗଡ଼ଜାତ ଓ ସମ୍ବଲପୁର)—ବୋଇତ କଖାରୁ—
मक्खन ପା. ମସକାଦ୍ Sweet pumpkin.

ମାଖ(ଖୁ)ନା—ଦେ. ବିଂ. ପୁଂ (ସଂ. ମତ୍କୁଣ)—ଶ୍ମଶ୍ରୁହୀନ (ପୁରୁଷ)—
Mākha(khu)nā ( a male ) Having no musta-
মাকনা, মাকুন্দা(ন্দ)মুখ ches or beard on the chins or
মাকুন্দ hair on the breast. ବି—୧। ମୁହଁରେ ଓ ଛାତିରେ
मखना ବାଳ ନ ଥିବା ପୁରୁଷ—1. A beardless person
ମ. ମୁକଣା having no hair on the breast also. (ଉ—ମାଖୁନାକୁ ଦଶ ଭୂଠରେ ଛଡ଼ ନାହିଁ—ତଗ।) ୨। (ସଂ.
মাখনা ମାକଲା) ଅଜାତଦନ୍ତ ବାଙ୍ଗୁରି ହାତୀ—2. A dwarfish
मखुनी हाथी male elephant without tusks. ୩।
(ସଂ. ମଖାନ୍ନ) ତାଳମାଖନା ନାମକ ଜଳଜଲତାଫଳ; କଣ୍ଟା ପଦ୍ମ—3. Euryeli Ferox.
ସଂ. ନାମ—ମଖାନ୍ନ, ପଦ୍ମବୀଜାଭ, [ଦ୍ର—ବୈଦ୍ୟକ ମତରେ ଏହା
ପାନୀୟ ଫଳ ପଦ୍ମବୀଜ ସଦୃଶ ଗୁଣବିଶିଷ୍ଟ; ଏହା
মাখনা ପୋଖରୀମାନଙ୍କରେ ଜନ୍ମେ; ଏଥିର
माखना, तालमखाना ଦେହରେ କଣ୍ଟା ଅଛି; ପତ୍ର ପ୍ରାୟ
ମ. ମଖାଣେ ଗୋଲ; ପାଣିରେ ଏଥିର ଫୁଲ
ଗୁ. ମଖାନା ଅଂଶତଃ ବୁଡ଼ିଥାଏ। ଏଥିର ମଞ୍ଜି ପଦ୍ମ ମଞ୍ଜି ପରି ଓ କଳା। ମଞ୍ଜିକୁ ଭାଜିଲେ ତାହା ଖଇ ପରି ଫୁଟେ ଓ ଖାଇବାକୁ ଖଇ ପରି ସ୍ୱାଦୁ।]

ମାଖ(ଖେ)ରା—ଦେ. ବିଣ. ପୁଂ ଓ ସ୍ତ୍ରୀ—(ସଂ. ରୁକ୍ଷ)—୧। ରୁକ୍ଷ;
Makha(khe)rā ଯାହା ତୈଳଲିପ୍ତ ନୁହେ—1. Not oiled.
[ମାଖ(ଖେ)ରୀ—ସ୍ତ୍ରୀ] ( ଯଥା—ମାଖରାବାଳ, ମାଖରା ମୁଣ୍ଡ। )
রুক্ষ(ক্ষু),রুখা(খু) ୨। ଅସ୍ନିଗ୍ଧ; ଅମସୃଣ—2. Not glossy.
रूखा; माखरा ୩। ଶୁଷ୍କିଲା—3. Dry. ୪। (ଲକ୍ଷଣାର୍ଥ)
କପର୍ଦ୍ଦକଶୂନ୍ୟ—4. ( figurative ) Penniless.

ମାଖରା ମୁଣ୍ଡା—ଦେ. ବିଣ. ପୁଂ—ଯାହାର ମୁଣ୍ଡରେ ବା ମୁଣ୍ଡର କେଶରେ
Mākharā muṇḍā ତେଲ ଲାଗି ନ ଥାଏ; ରୁକ୍ଷକେଶ—
রুক্ষ মাথা Not having one's head or hair oiled.
(ମାଖରାମୁଣ୍ଡୀ; ମାଖରା ମୁଣ୍ଡେଇ—ସ୍ତ୍ରୀ) (ମାଖରା ମୁଣ୍ଡିଆ—ଅନ୍ୟରୂପ)

ମାଖିବା—ଦେ. କ୍ରି—(ସଂ. ମ୍ରକ୍ଷ ଧାତୁ)—ଦେହରେ ତେଲ ଆଦି ବୋଳିବା;
Mākhibā ଲେପିବା—To smear the body with oil,
মাখা मालिश करना; मलना; लगाना to anoint.
(ଉ—ଦୂଶରେ ସେ କଳା ପାଡ଼ିଣ ଦେଇ ମାଖି, ଗୁହିଁବେ ରଙ୍ଗ କରି ତରଟ ଦ ଅଖି। କୃଷ୍ଣସିଂ. ମହାଭାରତ କର୍ଣ୍ଣ।)

ମାଖିମୁଖି ହେବା— ଦେ. କ୍ରି—(ସଂ. ମ୍ରକ୍ଷ ଧାତୁ)—ଦେହରେ ଉତ୍ତମ
Mākhimukhi hebā ରୂପେ ତେଲ ବୋଳ ହେବା—
(ମାଖିବା ମୁଖିବା—ଅନ୍ୟରୂପ) To smear one's body
মেখে মুখে হওয়া; মলিস করা well with oil.
पचाकर (तेल)लगाना; मलमल कर लगाना

ମାଖି ହେବା—ଦେ. କ୍ରି.—(ସଂ. ମ୍ରକ୍ଷିତ)—ଅପଣା ଦେହରେ ତେଲ
Mākhi hebā ବୋଳ ହେବା—To smear one's own
মেখে হওয়া; মাখা मालिश करना; मलाना body with oil.

ମାଖୁଲୁ—ଗ୍ରାଦେ. (ଗଞ୍ଜାମ ଓ ଗଡ଼ଜାତ) ବି.—କଉଡ଼ି ଖେଳରେ
Mākhulu ସବୁଯାକ କଉଡ଼ି ମାଛ ବା ମୁଣ୍ଡି ମାଡ଼ି ହୋଇ ପଡ଼ିବା-
The throw in the game of cowries resulting in all the cowries falling on the ground with their ventral sides down.

ମା(ମାଁ)ଗୁଣି—ଗ୍ରାଦେ. (ସମ୍ବଲପୁର) ବି.—(ତୁଳ. ହି. ମଂଗନୀ)—
Mā(māṅ)gni (ଶୂଦ୍ର ମାନଙ୍କର) ବରପକ୍ଷ ଲୋକଙ୍କ କନ୍ୟା ଘରଠାରେ ବରକର୍ତ୍ତା ଓ କନ୍ୟାକର୍ତ୍ତାର ବିବାହ ପାଇଁ ମହାପ୍ରସାଦ ଜଡ଼ିତ ସ୍ୱୀକାର - The ceremony of formal betrothal amongst the Sudras(in Sambal-pur) when the bridegroom elect's party goes to the bride elect's house and both parties make solemen promise for the coming marriage.

ମାଗ—ଦେ. ବି.—(ସଂ. ମାର୍ଗଣ)—୧ । ମାଗିବା କର୍ମ—1. The act
Māga of begging or asking for a thing. ୨ । (ପୁଂ. ଓ ସ୍ତ୍ରୀ)—ମାଗୁଣି ନାମକ ପୁରୁଷ ଓ ମାଗୁଣୀ ନାମ୍ନୀ ସ୍ତ୍ରୀକୁ ଡାକିବା ଆଦରାର୍ଥକ ନାମ—2. A name for calling a male or a female named Māguṇi in fondness.

ମାଗ(ଙ୍ଗ)ଣ—ଦେ. ବି—( ସଂ. ମାର୍ଗଣ )—୧ । ମାଗିବା—
Māga(ṅga)ṇa 1. Begging. ୨ । ରାଜା ବା ଜମିଦାର
ମାଗନ, ମାଙ୍ଗণ ପ୍ରଜାଙ୍କ ଠାରୁ ନିଜର ଆବଶ୍ୟକ ବା ପାରିବାରିକ
**मॉंगना; मगनी; मांगन** ଉତ୍ସବାଦି ଉପଲକ୍ଷରେ ( ପ୍ରଜାର ଦେୟ ଖଜଣା ଛଡ଼ା) ଧନ ସାହାଯ୍ୟ ମାଗିବା—2. Requisi-tion made to the tenants by a king or zamindar for contribution for some special personal necessity or ceremony of his (paid over and above the rent). [ଦ୍ର—ରାଜା ଓ ଜମିଦାରମାନେ ପରିବାରର ବିବାହ ବ୍ରତ ଆଦି ଉପଲକ୍ଷରେ ବା ଆପଣାର ଦେଣା ଆଦି ସୁଝିବାକୁ ପ୍ରଜାଙ୍କ ଠାରୁ ମାଗଣ କରନ୍ତି ।]
୩ । ଜମିଦାରଙ୍କୁ ବା ରାଜାଙ୍କୁ ପ୍ରଜା ବିଶିଷ୍ଟ ଘଟନା ଉପଲକ୍ଷରେ ଅର୍ଥ ସାହାଯ୍ୟଦାନ—3. Voluntary contribution or help made to the zamindar or the king by his rayats or subjects for some private necessity of the former. ୪ । ତାସଖେଳର ଗୋଟିଏ ପ୍ରକାର—4. A kind of card-play. [ ଦ୍ର—ଏହି ଖେଳରେ ଦୁଇ ଜଣ କିମ୍ବା ଚାରିଜଣ ଖେଳନ୍ତି । ପ୍ରଥମ ବାଜି ଖେଳ ହେଲା ପରେ ଯାହାର ( ଯେଉଁ ପକ୍ଷର ) ଯେତେ ମୁଠା ତାସ୍ ହୁଏ ତାହା ଗଣାଯାଏ ଏବଂ କେଉଁ ଖେଳାଳିର ବା କେଉଁ ପକ୍ଷ ଅନ୍ୟ କେଉଁ ପକ୍ଷ ଅପେକ୍ଷା କେତେ ଖଣ୍ଡ ତାସ୍ ବେଶୀ ପାଇଅଛି ତାହା ଗଣାଯାଏ; ଦ୍ୱିତୀୟ ଥର ବେଶି ତାସ୍ ପାଇଥିବା ଖେଳାଳୀ କମି ତାସ୍ ପାଇଥିବା ଖେଳାଳିଙ୍କଠାରୁ ନିଜ ଇଚ୍ଛାନୁସାରେ ଆପଣାର ପ୍ରାପ୍ୟ ସଂଖ୍ୟକ ତାସ୍ ମାଗି ନିଅନ୍ତି ଓ ତହିଁ ପରିବର୍ତ୍ତେ ନିଜେ ପାଇଥିବା ତାସ ମୁଠାରୁ ସେତିକି ସଂଖ୍ୟକ କମି ମୂଲ୍ୟର ତାସ୍ ତାଙ୍କୁ ଦିଅନ୍ତି ଓ ପୂର୍ବ ବାଜି ହାରିଥିବା ଖେଳାଳି ନିଜ ଭାଗ୍ୟକୁ ଆଦରି ତାଙ୍କ ହାତକୁ ଆସିବା ତାସରେ ଖେଳନ୍ତି ।

ମାଗଣ କରିବା—ଦେ. କ୍ରି—(ଜମିଦାର) ପ୍ରଜାଙ୍କଠାରୁ ଆପଣାର
Māgaṇa karibā ବିଶିଷ୍ଟ ଆବଶ୍ୟକ ବ୍ୟୟ ନିର୍ବାହାର୍ଥ
মাঙ্গন করা ଅର୍ଥ ସାହାଯ୍ୟ ମାଗିବା—To ask for contri-
**मगनी करना** butions from royats for zamindar's private necessity.

ମାଗଣା—ଦେ. ବିଣ(ସଂ. ମାର୍ଗଣ)—ଯାଚଞ୍ଚାଦ୍ୱାରା; ଅର୍ଥାତ୍ ବିନା ମୂଲ୍ୟରେ
Māgaṇā ପ୍ରାପ୍ତ; ମାହାଳିଆ; ଫୋକଟ; ବିନା ଅର୍ଥରେ ପ୍ରାପ୍ତ—
মাগনা **मगना** (anything) Got gratis; gratuitous. କ୍ରି. ବିଣ—ମୂଲ୍ୟ ନ ଦେଇ; ବିନା ମୂଲ୍ୟରେ—Gratis. [ଦ୍ର—ମାଗଣାକୁ ମହର୍ଗ—ଛଗ ବା ନ୍ୟାୟ । ଯେଉଁ ପଦାର୍ଥ ବିନା ମୂଲ୍ୟରେ ମିଳେ, ତାହା ମହର୍ଗ ହେଲା ବୋଲି ବିଶ୍ୱାସ କରିବା ଲୋକ ପ୍ରତି ଏହି ଛଗ ବୋଲାଯାଏ ।]

ମାଗଣା କଥା—ଦେ. ବି.- ୧ । ମୂଲ୍ୟହୀନ ବାକ୍ୟ—1. Valueless
Māgaṇā kathā words. ୨ । ଅପ୍ରାର୍ଥିତପୂର୍ବ ଉପଦେଶ;
মাগনা কথা ଅଯାଚିତ ଉପଦେଶ—2. Gratuitous advice;
**मगनी बात** advice given without being asked for it. ୩ । ଯେଉଁ ଉପଦେଶ ପାଇ ଉପଦେଶଗ୍ରାହୀଙ୍କୁ କିଛି ଅର୍ଥ ଦେବାକୁ ପଡ଼େ ନାହିଁ—3. Advice for getting which one has not to pay any-thing.

ମାଗଣା ଖିଆ—ଦେ. ବିଣ. ଓ ବି.—ପରାନ୍ନଭୋଜୀ; ଯେଉଁ ଲୋକ ପରର
Māgaṇākhiā ଉପରେ ପଡ଼ି ଭୋଜନ ମାରେ—A hanger
মাগন কু(তু)ড়ে **मगनी खानेवाला** on; a toady; a parasite ବି. ପରାନ୍ନ ଭୋଜନ—Living on
(ମାଗଣା ଭୋଜନ—ଅନ୍ୟ ବି. ରୂପ) the charity of another.

ମାଗଣା ପରିଶ୍ରମ—ଦେ. ବି—୧ । ଯେଉଁ ପରିଶ୍ରମ ପାଇଁ ପାରିଶ୍ରମିକ
Māgaṇā pariśrama ମିଳେ ନାହିଁ; ବେଠି—Labour
মাগনা পরিশ্রম without remuneration; forced
**मंगनी मिहनत** labour. ୨ । ନିଷ୍ଫଳ ପରିଶ୍ରମ; ବୃଥା ପରିଶ୍ରମ—2. Vain or fruitless labour.
ମାଗଣାମି(ମେ)ହନ୍ତ, ମାଗଣାମି(ମେ)ହନତ—ଅନ୍ୟରୂପ

ମାଗଣା ମାଲ—ଦେ. ବି—ଯେଉଁ ଦ୍ରବ୍ୟ ପାଇଁ ଦ୍ରବ୍ୟଗ୍ରାହୀଙ୍କୁ ଧନ
Māgaṇā māla ଦେବାକୁ ପଡ଼େ ନାହିଁ—A thing for
মাগনা মাল which one has not to pay any price.
**मंगनी माल** (ମାଗଣାଚିଜ, ମାଗଣା ଦରବ—ଅନ୍ୟରୂପ)

ମାଗଣାହାରି—ଦେ. ବିଣ ଓ ବି (ପୁଂ ଓ ସ୍ତ୍ରୀ) ( ସଂ. ମାର୍ଗଣ )—୧ ।
Māgaṇāhāri ମାଗତା (ଦେଖ)—1. Māgatā (See).
୨ । ମାଗଣାଖିଆ (ଦେଖ)—2. Māgaṇākhiā (See)

**ମାଗତା(ନ୍ତା)** ଦେ. ବଣ—(ସଂ. ମୃଗଧାତୁ; ମାର୍ଗ)-ଯେ ମାଗେ; ଯାଚକ—
Māgatā(ntā) Begging. ବି. ଭିକ୍ଷୁକ—Beggar.
মাগা; मंगनीया (ଉ—ଜାତ ମନ୍ତ୍ରକୁ ବେଦ ନାହିଁ, ଜାତମାଗତା
(ନ୍ତା) କୁ ବଅନ୍ତା ନାହିଁ—ଲୋ)—ପ୍ରାଦେ (ଗଞ୍ଜାମ) ବି
ପୁଂ—ଅପତ୍ୟିଅଣି ବାଳକକୁ ଡାକିବା ନାମ—A name given to a boy, who has lost his immediate elder brother or sister before he was born.

**ମାଗଧ**—ସଂ. ବଣ—(ମଗଧ+ଜାତାର୍ଥେ ଅ)—୧ । ମଗଧ ବା ଦକ୍ଷିଣ
Māgadha ବିହାର ଦେଶସମ୍ଭୂତ—1. Produced in the
(ମାଗଧୀ—ସ୍ତ୍ରୀ) country of Magadha or South
Bihār. ୨ । ଗୁଜରାଟୀ (ପ୍ରକୃତିବାଦ)—2. Belonging to Gujarat. ସଂ. ବି—୧ । ବନ୍ଦୀ; ରାଜାଙ୍କ ସ୍ତୁତିପାଠକ—1. A panegyrist; a bard; a herald. ୨ । ବୈଶ୍ୟ ଔରସରେ କ୍ଷତ୍ରିୟା ଗର୍ଭରେ ଜାତ ଜାତି ବିଶେଷ; ଭାଟ ଜାତି—2. A hybrid caste ( born of Baiśya father and Kshatriya mother)—[ଦ୍ର—ବୈଶ୍ୟ ପିତା ଓ କ୍ଷତ୍ରିୟା ମାତା ଗର୍ଭରୁ ପ୍ରତିଲୋମ ଜାତ ସନ୍ତାନଙ୍କୁ ମାଗଧ ବୋଲାଯାଏ—ମନୁ ୧୦।୧୭ ॥ ଭାଟପଣ ଓ ସ୍ତୁତିପାଠ ଦ୍ୱାରା ଏମାନେ ଜୀବିକା ନିର୍ବାହ କରୁଥିଲେ—ଅପ୍ତେ )—୩ । ମଗଧର ରାଜା—3. A king of the Magadhas (Apte). ୪ । ମଗଧଦେଶବାସୀ ବ୍ୟକ୍ତି—4. An inhabitant of the Magadha country. ଦେ. ବି—୧ । ଉତ୍କଳର ସମତଳ ପ୍ରଦେଶ—1. Name of the tract of level country of Orissa. [ଉ—ମାଗଧ ଅନୂପେ ସୀମାସ୍ତମ୍ଭରୂପେ ଥିବ ଯେ ଦେଶେ । ବିରଞ୍ଚି ନାରାୟଣଙ୍କର ଭୃଙ୍ଗ ମନ୍ଦିର । ରାଧାନାଥ. ଉଷା ।) [ଦ୍ର—ପ୍ରାକୃତିକ ଓଡ଼ିଶା (ଉତ୍କଳ)କୁ ଜାଙ୍ଗଲ (ପାହାଡ଼ିଆ ଅଞ୍ଚଳ), ମାଗଧ (ସମତଳ ଅଞ୍ଚଳ) ଓ ଅନୂପ (ଜଳ ମାଳ ଅଞ୍ଚଳ) ଭେଦରେ ତିନି ଭାଗରେ ବିଭକ୍ତ କରାଯାଏ)—୨ । ଦେଶ ବିଶେଷ—2. Name of a country. [ଉ—ମାଗଧେ ମାଗଧେ ନାରୀ କହିଁ ପୁଚ୍ଛିଲେ । ଉପେନ୍ଦ୍ର ପ୍ରେମସୁଧାନିଧି ।]

**ମାଗଧା**—ସଂ. ବି. ସ୍ତ୍ରୀ (ମାଗଧ+ଆ)—୧ । ମଗଧ ରାଜପୁତ୍ରୀ—1. A
Māgadhā princess of the Magadhas. (Apte).
(ମାଗଧିକା—ଅନ୍ୟରୂପ) ୨ । ପିପ୍ପଳୀ—2. Long pepper (Apte).

**ମାଗଧୀ**—ସଂ. ବି—ସ୍ତ୍ରୀ. (ମାଗଧ+ସ୍ତ୍ରୀ. ଈ)—୧ । ମଗଧ ଦେଶର ଭାଷା;
Māgadhī ପାଲି ପ୍ରାକୃତ ଭାଷା—1. The Pali language.
[ଦ୍ର—ଏ ଭାଷାରେ ବୌଦ୍ଧଗ୍ରନ୍ଥମାନ ଲେଖା ହୋଇଅଛି, ଏହା ୬ଟି ପ୍ରଧାନ ପ୍ରାକୃତ ଭାଷାର ଏକତମ ।]—୨ । ମଗଧରାଜକନ୍ୟା—2. A princess of the Magadhas. ୩ । ମଗଧଦେଶୀୟା ଗଣିକା—3. A prostitute hailing from Magadha country. ୪ । ଶ୍ରେଷ୍ଠ ଅଳାଇଚ; ଗୁଜୁରାତ—4. The small cardamum; Elettoria Cardamomum; ୫ । ଯୂଥିକା; ଯଉଫୁଲ—5. Jasminum Auriculatum. ୬ । ପିପ୍ପଳୀ—6. Long pepper (Apte). ୭ । ଧଳା ଜୀର—7. White cumin (Apte). ୮ । ଚିନି—8. Refined sugar (Apte), ୯ । କ୍ଷତ୍ରିୟା ମାତା ଓ ବୈଶ୍ୟ ପିତାଙ୍କ ଔରସ କନ୍ୟା—9. The daughter of a Baiśya father and Kshatriya mother (Apte). ୧୦ । ଗୁଆଣି—10. Anise (Apte), ୧୧ । ଶୋଣନଦୀ—A name of the Sone river (Apte).

**ମାଗଧୀ ପ୍ରାକୃତ**—ସଂ. ବି—ମଗଧ (ଅଧୁନାତ ଦକ୍ଷିଣ ବିହାର) ଅଞ୍ଚଳରେ
Māgadhī prākṛuta ପୂର୍ବେ ପ୍ରଚଳିତ ପ୍ରାକୃତ ଭାଷା; ପାଲି ଭାଷା—The old Prākṛuta dialect of the country now known as South Bihar; the Pali language.

**ମାଗ ଯାଚ**—ଦେ. ବି (ଏକାର୍ଥକ ସହଚର ଶବ୍ଦ; ସଂ. ମାର୍ଗଣ ଓ ଯାଚ୍ଞା)·
Māga jācha ମାଗିବା; ମଗାମଗି—Begging and
মাগাযাচা मांगयांच asking.

**ମାଗା**—ଦେ. ବି. ପୁଂ—ମାଗୁଣି ନାମକ ବ୍ୟକ୍ତିର ଅନାଦରାର୍ଥକ ଡାକନାମ-
Māgā A name for calling Maguṇi in familiarity.

**ମାଗି ଓଳିକି ଯାଚି କଲ୍ୟାଣ**—ଦେ. ବି—ଜଣକୁ ସମ୍ମାନ ଦେଖାଇବା
Māgi oḷiki jāchi kalyāṇa ସକାଶେ ଅନ୍ୟକୁ ଅନୁରୋଧ
যেচেমানকেঁদেপেম କରିବା ବା ଅଯାଚିତଭାବରେ (ବିନା ନମସ୍କାରରେ ) ଅନ୍ୟକୁ ଆଶୀର୍ବାଦ କରିବାରୂପ କର୍ମ—Begging respect from another or blessing another when the latter does not ask for it or pay respects to the blesser. [ଦ୍ର—କୌଣସି ଲୋକ ସମ୍ମାନ ପାଇବା ପାଇଁ ଲାଳାୟିତ ହେଲେ ଓ ତାକୁ ନମସ୍କାର ନ କରିବା ବ୍ୟକ୍ତିକୁ ଅଯାଚିତ ଭାବରେ ଆଶୀର୍ବାଦ କଲେ ତା ପ୍ରତି ଏ ବାକ୍ୟ ପ୍ରୟୋଗ କରାଯାଏ । ]

**ମାଗି ଆଣିବା**—ଦେ. କ୍ରି—କୌଣସି ଦ୍ରବ୍ୟ ନିଜର ବ୍ୟବହାରାର୍ଥ ଅନ୍ୟ-
Māgi āṇibā ଠାରୁ ଆଣିବା—To bring a thing
চেয়েআনা माँगकरलाना from another for use.
(ଉ—ମାଗି ଆଣିଲା ଢଅଣ ଶୋଭୁନାଏ—ଲୋ ।)

**ମାଗି ଖାଇବା**—ଦେ. କ୍ରି—ଭିକ୍ଷାବୃ ଦ୍ୱାରା ଉଦର ପୂରଣ କରିବା—
Māgi khāibā To live on food begged of others.
(ଭିକି ଖାଇବା—ବିପରୀତ) (ଉ—ଯେ ମାଗି ଖାଏ, ସେ ଲାଗି ଖାଏ
মেগেখাওয়া माँगकरखाना खाना [ଦ୍ର—ଯେ ଘରର ଓ ଯାହା ଘରେ ଧାନ ଚାଉଳ ଅଭାବ ନ ଥାଏ ସେ ଭିକ ମାଗି ଆଣି ତାହା ରାନ୍ଧିକରି ଖାଏ, କିନ୍ତୁ ଯେ ଏପରି ଗରିବ ଯେ ସେ ଭିକ

ମାଗି ଆଣିଲେ ପୁଣି ଘରାଲବ୍ଧ ଭକ୍ଷ୍ୟ ଦାଦରୁ ସ୍ୱଳ୍ପ ଖାଇବା ପାଇଁ ଚାଉଳ ସ୍ଥାନ ବା ପାକପାତ୍ର ଆଦି ନ ଥାଏ ସେ ଘର ଘରୁ ପକ୍ୱାନ୍ନ 'ମାଗିଖାଏ'। ଅତଏବ ସାଧାରଣ ଭିକ୍ଷୁକ ଅପେକ୍ଷା ମାଗିଖିଆର ଅବସ୍ଥା ଅଧିକ ହୀନ।]

ମାଗିଖାଇଯିବା—ଦେ. କ୍ରି—ଦରିଦ୍ରତା ଓ ଗୃହଶୂନ୍ୟତାର ଶେଷ ସୀମାରେ Māgikhāijibā ଉପନୀତ ହୋଇ ଘର ଘରୁ ଦ୍ୱାରେ ଦ୍ୱାରେ ଭିକ୍ଷା କରି ପଥେଥেবসা; পথে ভিখারী হওয়া ପେଟ ପୋଷିବା—To be ঝিলट जाना reduced to beggary; to be reduced to the extremes of poverty and homelessness; to beg one's morsel of cooked food of others. ( ଯଥା—ସେ ଆଗେ ବଡ଼ଲୋକ ଥିଲେ, ଏବେ ତାଙ୍କ ଘରବାଡ଼ି ଅସ୍ତ ହେବାରୁ ତାଙ୍କ ପିଲାଏ ମାଗିଖାଇ ଗଲେଣି। )

ମାଗିଖିଆ—ଦେ. ବିଣ. ପୁଂ—୧। ଯେ ଭିକ୍ଷାକରି ପେଟ ପୋଷେ—Māgikhiā 1. Living by begging. ୨। ଯେ ଘର ( ମାଗିଖାଇ—ସ୍ତ୍ରୀ ) ଘରୁ ଭିକ୍ଷାଲବ୍ଧ ଅନ୍ନାଦି ଆଣି ଖାଏ—মাগনকু(শু)ড়ে भिखमगा 2. Subsisting on cooked food begged of others. ୩। (ଗାଳି) ଅତି ଗରିବ 3. (Abuse)—Very poor.

ମାଗି ପଠା(ଠେ)ଇବା—ଦେ. କ୍ରି—କୌଣସି ପଦାର୍ଥକୁ ଦୂରବର୍ତ୍ତୀ ସ୍ଥାନରୁ Māgi pathā(the)ibā ଅନ୍ୟ ବ୍ୟକ୍ତିଙ୍କଠାରୁ ମାଗି ଆଣିବାକୁ চেয়েপাঠান मांगपठाना ଲୋକ ପଠାଇବା—To send for a
ମଗାଇପଠା(ଠେ)ଇବା } ଅନ୍ୟରୂପ thing. ( ଉ—ବୋଲ ହେଲା
ମାଗି ପଠିଆଇବା } ଯାଇନାହିଁ ଭୂଷ୍ୱ, ବେଳେବେଳେ ମାଗି ପଠିଆଇ—ଉପ. ବୈଦେହୀଶବିଳାସ। )

ମାଗିବା—ଦେ. କ୍ରି (ସଂ. ମାର୍ଗ ଧାତୁ, ତୁଳ. ପ୍ରା. ମାଗ୍ଗ)—୧। କୌଣସି Māgibā ବସ୍ତୁ କୌଣସି ବ୍ୟକ୍ତିଠାରୁ ପ୍ରାର୍ଥନା କରିବା ବା ଭିକ୍ଷା মাগা माँगना मांगना କରିବା; ଯାଚଞ୍ଚା କରିବା—[ମଗା(ଗେ)ଇବା—ଣିଜନ୍ତରୂପ] 1. To beg for a thing; to pray to get a thing. [ ଉ—ରଘୁପତି ଲଙ୍କା ତା ଶୁଣିଣ କହିଲେ, ଯେ ଲଙ୍କା ଅଛି ତାହା ମାଗର ଭାଷିଲେ। କୃଷ୍ଣସିଂହ. ମହାଭାରତ. ବନ।] ୨। ବିନୟ ସହକାରେ ଅନୁରୋଧ କରିବା—2. To request humbly; to entreat. [ ଉ—ସବୁ ସଙ୍ଗାଳି, ହାତ ଧରି ମୁଁ ମାଗୁଛି ଏତେ। ଅଭିମନ୍ୟୁ. ବିଦଗ୍ଧ-ଚିନ୍ତାମଣି।] ୩। କୌଣସି ବ୍ୟକ୍ତି ନିକଟରେ କୌଣସି ବିଷୟରେ ଅନୁମତି ପାଇଁ ପ୍ରାର୍ଥନା କରିବା—3. To ask for permission of a person. [ ଉ—ବଡ଼ଛୁ ନଳଙ୍କୁ ଅନୁଜ୍ଞା ମାଗି କରି। କୃଷ୍ଣସିଂହ. ମହାଭାରତ. ବନ।] ୪। ଭିକ୍ଷା କରିବା—4. To beg alms. ୫। କୌଣସି ସଂଖ୍ୟାକୁ ଅନ୍ୟ ସଂଖ୍ୟାରେ ଗୁଣନ କରିବା—5. To multiply a number by another number. [ ଉ—ଗଣିତଜ୍ଞ ମାଗିବାଦ୍ୱାରା ଗୋଟିଏ ସଂଖ୍ୟାର ଅନ୍ୟସଂଖ୍ୟା ସଙ୍ଗେ ଗୁଣଫଳ ସ୍ଥିର ହୋଇଯାଏ। ]

ମାଗିବା ଯାଚିବା—ଦେ. କ୍ରି ( ଏକାର୍ଥକ ଯୁଗ୍ମଶବ୍ଦ )—ମାଗିବା; Māgibā jāchibā ଭିକ୍ଷା କରିବା; ପ୍ରାର୍ଥନା କରିବା—চেয়েচিন্তে করা माँगना चाँचना To ask or beg for a thing.

ମାଗି ଯାଚି ଆଣିବା—ଦେ. କ୍ରି ( ସଂ. ମାର୍ଗଣ ଓ ଯାଚଞ୍ଚା )—କୌଣସି Māgi jāchi āṇibā ଦ୍ରବ୍ୟକୁ ଦ୍ରବ୍ୟସ୍ୱାମୀଙ୍କ ଅନୁମତିରେ চেয়ে চিন্তে আনা ଗ୍ରହଣ କରିବା—To bring a thing मांगचांग करलाना from the owner by begging.

ମାଗୀ—ଦେ. ବି ପୁଂ ଓ ସ୍ତ୍ରୀ—ମାଗୁଣି ନାମକ ବ୍ୟକ୍ତିର ଆଦରସୂଚକ Māgī ଡାକ ନାମ—A name for calling Māguṇi (ମାଗୁ—ଅନ୍ୟରୂପ) in fondness.

ମାଗୁଣି—ଦେ. ବି ( ସଂ. ମାର୍ଗଣ )—୧। ମାଗଣ ( ଦେଖ )—Māguṇi 1. Māgaṇa ( See ) ୨। ମାଗିବା—মাঙ্গন 2. Begging. ୩। ପ୍ରାର୍ଥନା—3. Request; मंगनी prayer. [ ଉ—ମନେ ପଡ଼ିବ ପୁଣି ମୋର ମାଗୁଣି। मंगतु ସ୍ୱଧାନାଥ. ମେଘଦୂତ।] ୪। ( ପୁଂ ଓ ସ୍ତ୍ରୀ ) (ମାଗ, ମାଗୀ, ମାଗୁ—ଆଦରାର୍ଥକ) ଅପତ୍ତ୍ୟଘ୍ନୀ ପୁରୁଷ ଓ ସ୍ତ୍ରୀଶିଶୁଙ୍କ
ମାଗା, ମାଗୁଆ } ଅନାଦରାର୍ଥକରୂପ ଦଆଯିବା ନାମ—4. A name
ମାଗୁଣିଆ } given to infants whose elders have predeceased them.

ମାଗୁଣିଆ(ଆଁ)—ଦେ, ବିଣ—ମାଗନ୍ତା; ଯେ ମାଗେ; ପ୍ରାର୍ଥନାକାରୀ—Māguṇiā(ā̃) Begging. ବି—ମାଗୁଣି ନାମକ ପୁରୁଷର ভীকমাগা ଅନାଦରାର୍ଥକ ଡାକନାମ—Name for calling मंगनीया, मं(मां)गन Māguṇi in familiarity. (ମାଗୁଆ—ଅନ୍ୟରୂପ)

ମାଗୁଣି ଚରଣ—ଦେ. ବି. ପୁଂ—ଅପତ୍ତ୍ୟଘ୍ନୀଙ୍କ ଦଆଯିବା ନାମ—Māguṇi charaṇa A name given to Aparttiāṇi boys.

ମାଗୁଣି ପଟ୍ଟନାୟକ—ଦେ. ବି ( ନାମ )—'ରାମଚନ୍ଦ୍ର ବିହାର' ନାମକ Māguṇi pattanāyaka ଗ୍ରନ୍ଥର ରଚୟିତା ( ଡାକଣୀ, ଉ. ସା. ଇତିହାସ )—Name of an Oriya poet; the author of Rāmachandra Bihāra.

ମାଗୁର—ଦେ. ବି ( ସଂ. ମଦ୍ଗୁର )—ମଧୁର ଜଳରେ ବାସ କରୁଥିବା Māgura ଏକପ୍ରକାର କାତି ନ ଥିବା ମାଛ—A kind of মাগুর scaleless fresh water fish with मगोर; मङ्गुर, मङ्गुरी, मगुरी spines on the side of the head ( like the sheat fish of Europe in formation); Clarius Magur. [ଉ—ଏମାନେ ମଧୁର ପାଣିରେ ପଙ୍କ ଭିତରେ ଥାଆନ୍ତି। ଏମାନଙ୍କ ବର୍ଣ୍ଣ ଧୂସର୍ କଳା। ଏ ମାଛ ଲମ୍ବରେ ଏକହାତ ପର୍ଯ୍ୟନ୍ତ ବଢ଼ନ୍ତି; ମୁଣ୍ଡ ଚେପ୍ଟା, ମୁହଁର ଦୁଇ ପାଖରେ ୮ ଗୋଟା କଣ ଥାଏ; ଗାଲରି ପାଖରେ ଦୁଇଟା ମୁନିଆଁ କଣ୍ଟା ବାହାରି ଥାଏ। ଏମାନେ ଏହି କଣ୍ଟାରେ ମନୁଷ୍ୟଙ୍କୁ ଫୋଡ଼ି ଦେଲେ ବଡ଼ ଯନ୍ତ୍ରଣା ହୁଏ। ଏହି ଯନ୍ତ୍ରଣା ସ୍ଥାନରେ ମଧୁର ପ୍ରଲେପ

ଦେଲେ ଯନ୍ତ୍ରଣାର ଉପଶମ ହୁଏ । ଏମାନଙ୍କୁ ଧରିଲେ ଏମାନେ କିଁ କିଁ ଶବ୍ଦ କରନ୍ତି । ମାଗୁର ମାଛର ଝୋଳ ରୋଗୀର ପଥ୍ୟ ଓ ବିଶେଷ ବଳଦାୟକ ବୋଲି କହନ୍ତି । ] [ ଉ—ମାଗୁର ମାଛର ଝୋଳ୍, ବେଶ୍‌ ! ଭଲ ଭଲ ବୋଲ୍—ଲଗ । ]

ମାଗୁର ନିଶା—ଦେ. ବିଣ. ସଂ—ଯେଉଁ ପୁରୁଷର ମୁହଁରେ ମାଗୁରର ନିଶ
Māgura nisā ପରି ସାମାନ୍ୟ ଗୋଟି କେତେ କେଶ ଉଠିଥାଏ;
ମାଗୁର ନିଶୁଆ } ଅନ୍ୟରୂପ
ମାଗୁରମୁଛିଆ(ମୁଛୁଆ)
ମାଇଚ୍ଚା—A person who has got a few brown hairs only over his upper lip.
চিংগড়ি গুংগো
मंगुर मोछा
[ ଉ—ଭୁଷୁ ଭୁଷୁଅ, ମାଗୁର ନିଶା, ଛୁଅରେ ନ ଥାଏ ବାଳ । ଏ ଲୋକଙ୍କୁ ପରକେ ନ ଯିବ, ଥିବାଯାଏ ଜନ୍ମ କାଳ । ଲଗ ।—ଲୋକମାନଙ୍କର ବିଶ୍ୱାସ ଯେ ମାଗୁରନିଶୁଆ ବ୍ୟକ୍ତିମାନେ ଅବିଶ୍ୱାସୀ ଅଟନ୍ତି । ]

ମାଗୁର ମୁହାଁ—ଦେ. ବିଣ—ମାଗୁର ପରି ଯେଉଁମାନଙ୍କ ମୁହଁ ଚେପ୍ଟା;
Māgura muhāñ ଚେପ୍ଟା ମୁହାଁ—Having the face
(ମାଗୁର ମୁହାଁ—ସ୍ତ୍ରୀ) flat like of the Māgura fish.
মাগুর মুখো मंगुर मुहाँ

ମାଗୁର ମେ(ମି)ଞ୍ଚି(ଚି)—ଦେ. ବି—ଏକପ୍ରକାର ସରୁ ଓ ଲମ୍ବା ଧାନ—
Māgura me(mi)ñchi(chi) A kind of fine paddy.

ମାଗୁରିଆ—ଦେ. ବିଣ. ( ଭୂଲ. ଏହି ଅର୍ଥରେ ଗୁରୁଡ଼ିଆ )—ଛୋଟ ଓ
Māguriā ହୃଷ୍ଟପୁଷ୍ଟ ( ବ୍ୟକ୍ତି )—Small and stout
মোটাসোটা खोखना, मोटासोटा ( person ).
(ମାଗୁରା—ଅନ୍ୟରୂପ)

ମା ଗୋସା(ସେ)ଇଁ—ଦେ. ବି ସ୍ତ୍ରୀ—ମାତାଙ୍କ ପ୍ରତି ବ୍ୟବହୃତ ସମ୍ମାନସୂଚକ
Mā gosā(se)iñ ବାକ୍ୟ—A word used in respect
মা গোসাই मतारी; महतारी toward's one's mother.

ମାଘ—ସଂ. ବି ( ମଘା + ଅ + ଈ = ମାଘୀ = ମଘା ନକ୍ଷତ୍ରଯୁକ୍ତା ପୂର୍ଣ୍ଣିମା;
Māgha ମାଘୀ + ତଦ୍‌ଯୁକ୍ତ କାଳାର୍ଥେ. ଅ )—୧ । ମଘା ନକ୍ଷତ୍ର ଯୁକ୍ତ ପୌର୍ଣ୍ଣମାସୀବିଶିଷ୍ଟ ଚାନ୍ଦ୍ରମାସ—1. The lunar month of Māgha ( corresponding to January—February ). [ ଦ୍ର—ଏହା ସୌର ମକରମାସ ସଙ୍ଗେ ସମାନ । ଏହା ଶୀତଋତୁର ଶେଷମାସ । ଏହି ମାସ ହିନ୍ଦୁମାନଙ୍କର ଗୋଟିଏ ଧର୍ମମାସ । ଏହି ମାସରେ ପ୍ରାତଃସ୍ନାନ ଓ ହବିଷ୍ୟାନ୍ନ କର୍ତ୍ତବ୍ୟ । ମାଘମାସ ସମ୍ବନ୍ଧରେ ଅନେକଗୁଡ଼ିଏ ଲଗ ପ୍ରଚଳିତ ଅଛି । ଯଥା—୧ । ମାଘ, ଶୀତ ହୁଏ ବାଘ । ମାଘ, ଶୀତର ବଡ଼ ସୁଅ—ମାଘମାସରେ ଶୀତର ପ୍ରାବଲ୍ୟ ହେବା ହେତୁରୁ ଏହି ଲଗ କୁହାଯାଏ । ୨ । ଏକାମାଘରେ ଶୀତ ଯାଏ ନାହିଁ—ପ୍ରତିବର୍ଷ ମାଘମାସ ଆସେ ଓ ଶୀତର ପ୍ରାବଲ୍ୟ ହୁଏ । ଯେଉଁ କଥା ପୁଣି ଘଟିବ ତହିଁପ୍ରତି ଲକ୍ଷ୍ୟ କରି ଏହି ଲଗର ଉପମା ଦିଆଯାଏ । ୩ । ମାଘେ ଶୀତ, ମେଘେ ଶୀତ, ଯେବେ ବାତ ତେବେ ଶୀତ—ଶୀତ କେଉଁ କେଉଁ ସମୟରେ ଅନୁଭୂତ ହୁଏ, ଏପ୍ରଶ୍ନର ଉତ୍ତରରେ ଏହା ଗୋଟିଏ ବେଢାଲୋକ୍ତି ଲଗ । ୪ । ମାଘେ ମୂଳା, ଗୋରୁ ମାଂସ ମୂଳା ମୂଳା—ମାଘମାସରେ ମୂଳା ଖାଇବା ଶାସ୍ତ୍ରରେ ନିଷିଦ୍ଧ ଥିବାରୁ ମାଘମାସରେ ମୂଳା ଖାଇଲେ ଗୋମାଂସ ଭକ୍ଷଣର ପାପ ହୁଏ, ଏହି ଅର୍ଥରେ ଏ ଲଗ ପ୍ରଚଳିତ ହୁଏ ।]

୨ । 'ଶିଶୁପାଳ ବଧ' ସଂସ୍କୃତ କାବ୍ୟର ରଚୟିତା—
2. Name of the poet of a Sanscrit poem 'Śisupāla badha.' [ଦ୍ର—ଏ ଖ୍ରୀଷ୍ଟୀୟ ୯ମ ବା ୧୦ମ ଶତାବ୍ଦୀରେ ଗୁଜରାଟ ପ୍ରଦେଶରେ ଜନ୍ମ ଗ୍ରହଣ କରିଥିଲେ । ଏହାଙ୍କ ପିତାଙ୍କ ନାମ ଦତ୍ତକ, ଏହାଙ୍କ ପିତାମହ ସୁପ୍ରଭ ଦେବ ଶ୍ରୀ ଧର୍ମନାଭ ନାମକ ରାଜାଙ୍କର ମନ୍ତ୍ରୀ ଥିଲେ । ଏହାଙ୍କ କାବ୍ୟରୁ ଏହାଙ୍କର ପ୍ରଗାଢ଼ କବିତ୍ୱ, ରାଜନୀତିର ଓ ଦାର୍ଶନିକ ଜ୍ଞାନର ପରିଚୟ ମିଳେ । ଶ୍ରୀକୃଷ୍ଣଙ୍କ ଦ୍ୱାରା ଶିଶୁପାଳର ବଧ ଏ କାବ୍ୟର ପ୍ରତିପାଦ୍ୟ ବିଷୟ ଅଟେ । ଗୋଟିଏ ସଂସ୍କୃତ ଶ୍ଳୋକଅଛି-ଉପମା, କାଳିଦାସସ୍ୟ, ଭାରବେ ରର୍ଥ ଗୌରବଂ, ଦଣ୍ଡିନଃ ପଦଲାଳିତ୍ୟଂ, ମାଘେ ସନ୍ତି ତ୍ରୟୋ-ଗୁଣାଃ । ମାଘଙ୍କ କାବ୍ୟରେ ଉପମା, ଅର୍ଥ ଗୌରବ ଓ ପଦ ଲାଳିତ୍ୟର ସମାବେଶ ଦେଖାଯାଏ—ସୁବଳଚନ୍ଦ୍ର ଓ ଆପ୍ଟେ ।]

ମାଘ ପଞ୍ଚମୀ—ସଂ. ବି—ମାଘ ଶୁକ୍ଳ ପଞ୍ଚମୀ; ସରସ୍ୱତୀ ପୂଜା; ଶ୍ରୀପଞ୍ଚମୀ;
Māgha pañchamī ବସନ୍ତ ପଞ୍ଚମୀ—The 5th day of the bright fortnight of 'Māgha.'

ମାଘବତ(ନ)—ସଂ. ବିଣ. (ମଘବତ୍; ମଘବନ୍+ସମ୍ବନ୍ଧାର୍ଥେ ଅ)—
Māghabata(na) ଇନ୍ଦ୍ର ସମ୍ବନ୍ଧୀୟ—Relating to Indra
[ମାଘବତୀ(ନୀ)—ସ୍ତ୍ରୀ] (ଯଥା—ମାଘବତ ଚାପ=ଇନ୍ଦ୍ରଧନୁ ।)

ମାଘବତୀ(ନୀ)—ସଂ.ବି.ସ୍ତ୍ରୀ (ମାଘବତ[ନ]+ଈ)—ମାଘବତର ସ୍ତ୍ରୀ ଲିଙ୍ଗ-
Māghabatī(nī) Feminine of Māghabata.
ସଂ. ବି. ସ୍ତ୍ରୀ—ପୂର୍ବଦିଗ—The east (Apte).

ମାଘ ବ୍ରତ—ସଂ. ବି—ମାଘ ମାସରେ ହିନ୍ଦୁମାନଙ୍କର କରଣୀୟ ପ୍ରାତଃସ୍ନାନ,
Māgha brata ହବିଷ୍ୟ ଓ ଜପ ଆଦି ବ୍ରତ—Austerities observed by pious Hindus during Māgha.

ମାଘ ସପ୍ତମୀ—ସଂ. ବି—ମାଘ ଶୁକ୍ଳ ସପ୍ତମୀ—The 7th day of
Māgha saptamī the bright fortnight of Māgha. [ଦ୍ର—ଏ ଦିନ ପୁଣ୍ୟ ଲାଭାର୍ଥ ସମୁଦ୍ର କୂଳବର୍ତ୍ତୀ ଚନ୍ଦ୍ରଭାଗା ତୀର୍ଥରେ ଅରୁଣୋଦୟ ସମୟରେ ସ୍ନାନ କଲେ ଓ ସୂର୍ଯ୍ୟୋଦୟ ଦର୍ଶନ କଲେ ମହାପୁଣ୍ୟ ହୁଏ । ଏ ଦିନ ଲିଙ୍ଗରାଜ ମହାପ୍ରଭୁଙ୍କର ଯାତ୍ରା ହୁଏ ।]

ମାଘ ସ୍ନାନ—ସଂ. ବି—୧ । ମାଘ ମାସରେ ଶାସ୍ତ୍ର-ବିହିତ ପ୍ରାତଃସ୍ନାନ—
Māgha snāna 1. Early morning bath prescribed by the Hindu Śāstras during the lunar month of Māgha.
ମାଘ ଗାଆ(ଧା)ଣ } ଗ୍ରାମ୍ୟରୂପ
ମାଘ ଗାଧୁ(ଧା)ଣ
୨ । ପ୍ରୟାଗଠାରେ ତ୍ରିବେଣୀରେ କରାଯିବା ସ୍ନାନ—2. Auspicious bath at Allahbad taken in the month of Māgha.

ମାଘ ହବିଷ୍ୟ—ସଂ. ବି—ମାଘମାସରେ ଭୋଜ୍ୟ ଏକଭକ୍ତ ହବିଷ୍ୟାନ୍ନ;
Māgha habishya (ଏଥିରେ ବଳରେ ଥରେ ମାଛ ଅଣୁଆ ଓ
[ମାଘ ହବିଷ(ଷ୍ୟ)—ଦେଶଜରୂପ] ନିରାମିଷ ଭୋଜନ କରାଯାଏ)—
ମାଘହବିସୀ Moderate, meatless and regulated meal prescribed for the month of Māgha.

ମାଘୀ—ସଂ. ବି. (ମଘା+ଅ+ଈ)—ମଘା ନକ୍ଷତ୍ରଯୁକ୍ତ ପୌର୍ଣ୍ଣମାସୀ—
Māghī The full moon of the month of Māgha
ମାঘী ବି. ଣ—ମାଘ ମାସରେ ଜାତ ବା ଅମଳ କରାଯିବା—
माघी Produced or harvested in the month of Māgha.

ମାଘୀ ଖସା—ଦେ. ବି—ମାଘ ମାସରେ ଅମଳ କରାଯିବା ଖଳ ବା ରାଶି—
Māghī khasā Sesamum seeds harvested in the
মাঘী তিল माघी तील month of Māgha.
(ମାଘୀ ଖଳ, ମାଘୀ ରାଶି—ଅନ୍ୟରୂପ)

ମାଘୀ ପୂର୍ଣ୍ଣିମା—ସଂ. ବି—ଅଗ୍ନ୍ୟୁତ୍ସବ ପୂର୍ଣ୍ଣିମା; ମାଘ ମାସର ପୌର୍ଣ୍ଣମାସୀ;
Māghī pūrṇnimā ଅଭୟବ୍ରତ ବା ଅଗିଜଳା ପୂର୍ଣ୍ଣମୀ—
ମାଘ ପୁନେଇଁ ⎫ The full moon of the
ମାଘ ପୁନିଅଁ ⎬ ଗ୍ରାମ୍ୟରୂପ month of Māgha.
ମାଘ ପୁର୍ଣ୍ଣିମା ⎪ [ଦ୍ର—ଏ ଦିନ ସନ୍ଧ୍ୟାରେ ଗ୍ରାମମୁଣ୍ଡରେ
ମାଘ ପୁର୍ନି(ନ)ମୀ ⎭ କୁଟା ଆଦି ଜମା କରି ତହିଁରେ ନିଆଁ ଲଗାଇ ଓ
ଅଗ୍ନିଦେବଙ୍କୁ ପୂଜା କରି ଅଗ୍ନ୍ୟୁତ୍ସବ କରାଯାଏ; ଅଭୟବ୍ରତ ଦେଖ ।]

ମାଘୀ ଲଇ—ଦେ. ବି. (ବୈଦ୍ୟକ)—ଲତା ବିଶେଷ—Name of a
Māghī lai creeper. [ଦ୍ର—ଏହାର ଡଙ୍କ ବଡ଼ ଓ ବହୁଦୂର
ପର୍ଯ୍ୟନ୍ତ ପ୍ରତାନମାନ ବିସ୍ତାର କରେ । ଏ ଲତାର ପତ୍ରର
ପୃଷ୍ଠଭାଗ ଶୁକ୍ଳବର୍ଣ୍ଣ ମଖମଲି ପରି ଦେଖାଯାଏ । ଏହି
ପତ୍ରରେ ଜଡ଼ା ତେଲ ଲଗାଇ ଅଳ୍ପ ଉଷ୍ମ କରି ବ୍ରଣ ଉପରେ
ପକାଇଲେ ବ୍ରଣ ପାଚି ଫାଟି ଯାଏ । ଏହି ପତ୍ରର ପ୍ରଲେପ
ନାନାବିଧ ଚର୍ମରୋଗନାଶକ । (ଦ୍ରବ୍ୟଗୁଣ. କଳ୍ପଦ୍ରୁମ)]

ମାଘୁଆଣି—ଦେ. ବିଣ—ମାଘ ମାସରେ ହେବା (ବର୍ଷା, ଫଳ ଇତ୍ୟାଦି)-
Māghuāṇi মাঘের माघकी (rain, fruits etc) Produced in Māgha.

ମାଘ୍ୟ—ସଂ. ବି—(ମାଘ+ଯ; ଏ ଫୁଲ ମାଘ ମାସରେ ବା ଶୀତ
Māghya କାଳରେ ଫୁଟେ)—କୁନ୍ଦ ଫୁଲ—A kind of mild-scented white flower; Jasminum Pubescens. ସଂ. ବିଣ—ମାଘ ମାସରେ ଜାତ—Produced during Māgha.

ମାଙ୍କି—ପ୍ରାଦେ. (ସିଂହଭୂମ) ବି—ମାଣକି (ଦେଖ)
Mānki Māṇ-ki (See)

ମାଙ୍କ୍ଷ (ଧାତୁ)—ଇଚ୍ଛା କରିବା—
Mānksh (root) To wish or desire (Apte).

ମାଙ୍ଗଟି—ଦେ. ବି. (ସଂ. ମାନ)—ଅଭିମାନ କରି କଥା ନ କହିବା—
Māng-ṭi Silence due to sullenness or
মুখফুলান मुस फुलाना displeasure.

ମାଙ୍ଗଟି କରିବା—ଦେ. କ୍ରି—ଅଭିମାନ କରି କଥା ନ କହିବା—
Māngati karibā To be sullenly silent.
মুখ ফুলান मुसफुलाना

ମାଙ୍ଗ ସରସରି—ବୈଦେ. ବି—(ଅ)—ମୁସଲମାନୀ ଅଳଙ୍କାର ବିଶେଷ;
Māng sarāsari ମୁସଲମାନ ସ୍ତ୍ରୀଲୋକମାନେ କପାଳର ମଝିରେ
ପିନ୍ଧିବା ଅଳଙ୍କା ମାଙ୍ଗଟୀକା; ମଥାମଣି—An ornament worn by Muhamadān ladies on their forehead, along the middle line of the parted hair.

ମାଙ୍ଗ—ଦେ. ବି—(ସଂ. ମାଗ)—ସୀମନ୍ତ; ସିନ୍ଥା; ମୁଣ୍ଡର ଲମ୍ବ ବାଳକୁ
Mānga କପାଳର ଦୁଇ ପାଖକୁ କୁଣ୍ଡାଇବାରେ ଦେଖାଯାଏ
সীতে; সিথী ମସ୍ତକର ସମ୍ମୁଖସ୍ଥ ବିନ୍ୟସ୍ତ କେଶର ମଧ୍ୟରେଖା—
मांग The middle line which parts the front hair of the head by combing; the parting line of the front hair of the head. [ଦ୍ର—
ସ୍ତ୍ରୀଲୋକଙ୍କ ସମ୍ମୁଖ କେଶର ମଧ୍ୟରେଖାକୁ ମାଙ୍ଗ ଓ ଲମ୍ବ
ମନୁଷ୍ୟଙ୍କ ମଧ୍ୟରେଖାକୁ ଟେଷ ( ବ. ଟେଢ଼ୀ; ଟେଷ )
କହନ୍ତି ।]

ମାଙ୍ଗଟ—ଦେ. ବି—ମାଙ୍ଗଟି (ଦେଖ)
Māngaṭa Māng-ti (See)

ମାଙ୍ଗଟିଆ—ଦେ. ବିଣ—ଅଭିମାନୀ—Prone to be sullen or
Mangatiā অভিমানী to take offence at little
अभिमानी (ମାଙ୍ଗଟୀ; ମାଙ୍ଗଟେଇ—ସ୍ତ୍ରୀ) things.

ମାଙ୍ଗଟିକା—ଦେ. ବି—( ସଂ. ନାମ ଲମ୍ବିତିକା )—ସ୍ତ୍ରୀଲୋକମାନେ
Māngatikā ମାଙ୍ଗରେ କପାଳ ଉପରେ ପିନ୍ଧିବା ଅଳଙ୍କାର
সীথীপাটী, সিথীফুল ବିଶେଷ; ଲଲାଟିକା; ମଥାମଣି—
माङ्गटीका; माङ्गफुल An ornament worn by females
(ମାଙ୍ଗ ଫୁଲ, ମାଙ୍ଗ ମଣି—ଅନ୍ୟରୂପ) at the parting of the hair over the forehead.

ମାଙ୍ଗ ପକା (କେ)ଇବା—ଦେ. କ୍ରି—ମୁଣ୍ଡର କପାଳ ଉପରର କେଶକୁ
Mānga pakā(ke)ibā ପାନିଅଖ୍ୟାଦ୍ୱାରା ଦୁଇ ଫାଳ କରି କୁଣ୍ଡାଇ
সীথীপাড়া, সীথীকাটা ସାଢ଼ିଲ କରି ମହମ ଆଦି ଦେଇ ସଜ୍ଜିତ
मांगफाडना; सोतकाडना କରିବା—To arrange the
(ମାଙ୍ଗ ପାଡ଼ି(ର)ବା, ମାଙ୍ଗ କୁଣ୍ଡିବା—ଅନ୍ୟରୂପ] front hair of the head into plaits (by means of comb and wax.)

ମାଙ୍ଗ ଭଙ୍ଗୀ—ଦେ. ବି—ସୀମନ୍ତରଚନା; ସ୍ତ୍ରୀମାନଙ୍କ ମଥା ଉପରର ଲମ୍ବ
Mānga bhangī କେଶକୁ ଦ୍ୱିଭାଗ କରି ପାନିଅଖ୍ୟାଦ୍ୱାରା ସାଢ଼ିଲ
সীথীর ভঙ্গী କରାଯିବା ବିନ୍ୟାସ—The arrangement of the hair on the front of the head
(ମାଙ୍ଗଭଙ୍ଗ—ଅନ୍ୟରୂପ) into plaits by means of comb and wax. [ ଦ୍ର—ହେମାଙ୍ଗୀର ମାଙ୍ଗଭଙ୍ଗେ ମଥାମଣି ଉଦିତଇ ଉଦ୍ୟ ପ୍ରଭା—ରାଧାନାଥ. ସଯାତି ।]

ମାଙ୍ଗଳିକ—ସଂ. ବିଣ ( ମଙ୍ଗଳ+ସ୍ୱାର୍ଥେ. ଇକ )—୧ । ମାଙ୍ଗଲ୍ୟ; Māngalika ମଙ୍ଗଳଜନକ; ଶୁଭକର—1. Auspicious; propitious. ୨ । ହିତକର—2. Beneficial. ୩ । ଶୁଭଫଳର ଲାଭ ଅଥବା ବା ପାଇବାରେ ଉତ୍ସବର ଆରମ୍ଭରେ ଅନୁଷ୍ଠିତ ( କାର୍ଯ୍ୟ )—3. ( acts ) Performed in connection with family celebrations or to secure weal; propitiatory. ୪ । ସୌଭାଗ୍ୟବାନ୍—4. Fortunate ( Apte ). ବି—୧ । ଶୁଭ; ମଙ୍ଗଳ—1. Weal; auspices; prosperity. ୨ । ମଙ୍ଗଳାଚରଣ—2. Acts performed at the beginning to bring or invoke prosperity. ୩ । ମାଙ୍ଗଲ୍ୟ ଦ୍ରବ୍ୟ—3. Articles used in connection of invoking prosperity. [ ଦ୍ର—ଦୂବ, ଧାନଚୋପ ପତ୍ର, ଚନ୍ଦନ, ଅକ୍ଷତ, ଶୁକ୍ଳଧାନ୍ୟ, ଚନ୍ଦନ, ଫୁଲ, ଦର୍ପଣ ପତାକା, ନବବସ୍ତ୍ର ଆଦିକୁ ମାଙ୍ଗଳିକ ଦ୍ରବ୍ୟ କୁହାଯାଏ । ] ୪ । ନାଟକର ଯେଉଁ ନଟ ମଙ୍ଗଳ ଗୀତ ପାଠ କରେ ( ହି. ଶ )—4. The player who recites the invocatory song in a dramatic performance.

ମାଙ୍ଗଳିକ ଉତ୍ସବ—ସଂ. ବି—ବିବାହ, ବ୍ରତ, ଯଜ୍ଞ, ହୋମ ଆଦି ଶୁଭକର Māngalika utsaba କାର୍ଯ୍ୟ—Ceremonial; ceremonial rite; festival.

ମାଙ୍ଗଳିକ କାର୍ଯ୍ୟ [କର୍ମ], ମାଙ୍ଗଳିକ ଅନୁଷ୍ଠାନ, ମାଙ୍ଗଲ୍ୟ ଉତ୍ସବ, ମାଙ୍ଗଲ୍ୟ ଅନୁଷ୍ଠାନ, ମାଙ୍ଗଲ୍ୟ କାର୍ଯ୍ୟ (କର୍ମ) } ଅନ୍ୟରୂପ

ମାଙ୍ଗଳିକ ଦ୍ରବ୍ୟ—ସଂ. ବି—ମାଙ୍ଗଳିକ ଉତ୍ସବରେ ବ୍ୟବହୃତ ଦ୍ରବ୍ୟାଦି—Māngalika drabya Articles used in ceremonials ( ମାଙ୍ଗଲ୍ୟ ଦ୍ରବ୍ୟ—ଅନ୍ୟରୂପ ) which are intended to bring prosperity or blessing. [ ଦ୍ର—ପୂର୍ଣ୍ଣକୁମ୍ଭ ସ୍ଥାପନ, କଦଳୀଗଛ ରୋପଣ, ଦ୍ୱାରରେ ପତାକା ତୋରଣାଦି ସ୍ଥାପନ, ଗଣେଶ ପୂଜା, ସ୍ୱସ୍ତିବାଚନରେ ବ୍ୟବହୃତ ଦୂବ, ଧାନଚୋପପତ୍ର, ଅକ୍ଷତ, ଚନ୍ଦନ, ନାରିକେଳ, ଦର୍ପଣ, ଉପବୀତ, ନବବସ୍ତ୍ର ଆଦିକୁ ମାଙ୍ଗଳିକ ଦ୍ରବ୍ୟ କୁହାଯାଏ । ]

ମାଙ୍ଗଲ୍ୟ—ସଂ. ବିଣ ( ମଙ୍ଗଳ+ସ୍ୱାର୍ଥେ. ଯ )—୧ । ମଙ୍ଗଳସୂଚକ; Māngalya ଶୁଭକର; କଲ୍ୟାଣକର—1. Propitious; auspicious. ୨ । ହିତକର—2. Beneficial. ବି—୧ । କଲ୍ୟାଣ; ଶୁଭ; ମଙ୍ଗଳ—1. Weal; welfare; bliss. ୨ । ସୌଭାଗ୍ୟ—2. Prosperity.

ମାଙ୍ଗାନିଜ୍—ବୈଦେ. ବି ( ଇଂ )—ଲୌହ ପରି ଧାତୁଦ୍ରବ୍ୟବିଶେଷ—Mānganij Manganese. [ ଦ୍ର—ଏହା ଧାତୁ ଅଟେ । ମ୍ୟା(ମେ)ଙ୍ଗାନୀଜ ଏହାର ବର୍ଣ୍ଣ ଧୂସରଶୁଭ୍ର ଜଳା । ଏହା ଅତ୍ୟନ୍ତ ଶକ୍ତ ମैंगानीज ଅଟେ ଓ ସହଜରେ ତରଳେ ନାହିଁ; କିନ୍ତୁ ସହଜରେ ପାଉଁଶ ହୋଇଯାଏ । ଏହା ଇସ୍ପାତକୁ ଶକ୍ତ କରିବାରେ ଓ କାଚ ରଙ୍ଗର କରିବାରେ ବ୍ୟବହୃତ ହୁଏ । ]

ମାଙ୍ଗୋଷ୍ଟିନ୍—ବୈଦେ. ବି ( ଇଂ )—ଫଳବିଶେଷ—Mango-Māngoshtin steen. [ ଦ୍ର—ଏହାର ପାଚିଲା ଫଳ ସୁସ୍ୱାଦୁ ମାঙ্গোষ্টিন ଅଟେ । ଏହାର ଚୋପା ମୋଟା ଓ ନାଲି ଓ मैंगोस्टीन ଏଥିର ଶସ ଧଳା ଅଟେ । ]

ମା(ମ୍ୟା, ମେ)ଚ୍—ବୈଦେ. ବି ( ଇଂ. ମାଚ୍ )—୧ । ଫୁଟବଲ୍, Mā(myā, me)ch କ୍ରିକେଟ୍ ଆଦି ଖେଳରେ ଏକାଧିକ ଦଳଙ୍କ ম্যাচ मैच ପ୍ରତିଯୋଗିତା—1. Match ( in the game of cricket, football etc ). ୨ । ଦିଆସିଲିଇ—2. Matches.

ମା(ମ୍ୟା, ମେ)ଚ୍ ବକ୍ସ—ବୈଦେ. ବି ( ଇଂ )—ଦିଆସିଲିଇ ପେଡି—Mā(myā, me)ch baks Match box. ম্যাচবাক্স मैच बकस

ମାଚିକା—ସଂ. ବି—୧ । ମାଛି ( ହି. ଶ )—1. Flea. ୨ । ଅମ୍ବଡ଼ା Māchikā ଗଛ ( ହି. ଶ )—2. Hogplum tree.

ମା(ମ୍ୟା, ମେ)ଚି(ଚେ)ସ୍—ବୈଦେ. ବି(ଇଂ. ମାଚେସ୍=ଦିଆସିଲିଇମାନ)—Mā(myā, me)chi(che)s ୧ । ଦିଆସିଲିଇ—1. Match-box. ୨ । ଦିଆସିଲିଇ କାଠି—2. Matches.

ମାଚିସ୍‌ଖାଡ଼ି—ବୈଦେ. ( ଇଂ ) ପ୍ରାଦେ. ( ସମ୍ବଲପୁର ) ବି—ଦିଆସିଲି Māchis-khārdi କାଠି—Matches; matchstick. ( ମା[ମ୍ୟା]ଚି[ଚେ]ସ୍ କାଠି—ଅନ୍ୟରୂପ ]

ମାଛ—ଦେ. ବି. ( ସଂ. ମତ୍ସ୍ୟ; ପ୍ରା. ମଚ୍ଛ; ପାଲି. ମାଛ )—ମୀନ; Māchha ମତ୍ସ୍ୟ; ଖାଦ୍ୟରୂପେ ବ୍ୟବହୃତ ଜଳଜନ୍ତୁବିଶେଷ—মাছ Fish. [ ଦ୍ର—ମାଛମାନେ ବାସସ୍ଥାନ ଭେଦରେ मछली, माछ ଓ କାତି ଥିବା ନ ଥିବା ଭେଦରେ ନାନାପ୍ରକାର । ସମୁଦ୍ରରେ ଥିବା ମାଛମାନଙ୍କୁ ସାମୁଦ୍ରିକ ବା 'ଲୁଣିମାଛ' ଓ ନଦୀ ପୁଷ୍କରିଣୀ ଆଦି ମିଷ୍ଟ ଜଳରେ ଥିବା ମାଛମାନଙ୍କୁ 'ମଧୁର ମାଛ' ବୋଲାଯାଏ । ଶଳ୍କଯୁକ୍ତ ମାଛମାନଙ୍କୁ କାତି ମାଛ ଏବଂ ଅଶଳ୍କ ମାଛମାନଙ୍କୁ ଅକାତିଆ ମାଛ ବୋଲାଯାଏ । ପାଶ୍ଚାତ୍ୟମାନେ ଅନେକ ପ୍ରକାରର ସାମୁଦ୍ରିକ ଓ ମିଷ୍ଟ-ଜଳବାସୀ ମାଛମାନଙ୍କର ଶ୍ରେଣୀବିଭାଗ କରି ନାମ ଦେଇଅଛନ୍ତି, କିନ୍ତୁ ଅମ୍ଭମାନଙ୍କ ଭାଷାରେ ନାମ ବେଶୀ ନାହିଁ ।

କେତେକ ଲୁଣି ମାଛଙ୍କର ନାମ ଯଥା—ଲୁଣି ଚଙ୍ଗୁଡ଼ି, କଣ୍ଟିଆ(ମା)ଚିଆ ଚଙ୍ଗୁଡ଼ି, ଶଙ୍ଗା, ଇଲିଶି, ଭାହାଙ୍ଗିଶି, ଭେକଟା, ସାହାଳ, ଖଙ୍ଗିଶି, କବସ, ଗାଇଖୁନ୍ଦ, ଟେକାଖୁନ୍ଦ, ଭୋକଲ, ଖଇଙ୍କୁଡ଼ି, ଖଣ୍ଡାମଗର, ମୁଣ୍ଡାମଗର, ଭମୀ, ଗୋଲକଡ଼ିମା, ଫିରକି, ବାହାଲ, ଗୋଲ୍ଡିଆ ଇତ୍ୟାଦି ।

କେତେକ ମଧୁର ମାଛଙ୍କର ନାମ ଯଥା—ଚିଙ୍ଗୁଡ଼ି, ଚଇଳ, ବୋଇସ୍ତା, ସିଉବାଳୀ, କଳାବାଙ୍ଗିଶି, ବାଲିଆ ସେଉଳ, ଖଳଙ୍ଗ, ପଚି, ଶାଳ, ଅଡ଼ି, ଖଡ଼ିଶା, ପୋହଳା, ଏଣ୍ଡୁଳା, ଛେଲିକେଣ୍ଡି, କଉ, ରଜା, ମାଗୁର, ଶିଙ୍ଗି,

ବାହୁଁଶପତ୍ରିଆ, ହାଣ୍ଡିଭଙ୍ଗା, ବୋଡ଼ୁ, ଗଣିଅବୋଡ଼ୁ, ବାଲିଗରଡ଼ା, କ୍ରିମିଖାଡ଼ୀ, କମି, ଚ(ଚ୍ରୁ)ଙ୍ଗୁଡ, ବାଇଖାଲି, ଗିଙ୍ଗିଝାଲି, ବୋଦର୍ଶା, ଲାଲୁଅଧିଙ୍ଗି, ଖେଉଣା, ବୋଚଅ ବମୀ, ଦଣ୍ଡକସି, ମନ୍ଦୁଗୁଡ଼(ଲ), କେଷ୍ଟିଣ୍ଟି ଇତ୍ୟାଦି ।

ଯେଉଁ ମାଛମାନେ ପଙ୍କଯୁକ୍ତ ପାଣିରେ ରହନ୍ତି ସେମାନଙ୍କୁ ପଙ୍କୁଆ ମାଛ ବୋଲିଯାଏ । ଯଥା—କଇ, ଗଡ଼ିଶା, ସେଉଲ, ରଡା, ମାଗୁର, ବୋଡ଼ୀ, ଶାଲ, ବମୀ ଇତ୍ୟାଦି ।

ଅତି ଶ୍ରେଷ୍ଠ ମାଛମାନଙ୍କୁ ମୀନ ମାଛ ବା ଚ଼ନା ମାଛ କୁହାଯାଏ । ଯଥା—ଦଣ୍ଡିକସି, ମହୁରାଳି, କେସ୍ତଣ୍ଡି, ପୋଇଚଙ୍ଗୁଡ, ବାଇଖାଲି, କ୍ରିମିଖାଡ଼ୀ ଇତ୍ୟାଦି ।

ଚଙ୍ଗୁଡ ଛଡ଼ା ଅନ୍ୟ ଶ୍ରେଷ୍ଠ ମାଛମାନଙ୍କୁ ମାଇ ମାଛ କୁହାଯାଏ । ବଦ୍ଧପୂର୍ଣ୍ଣ ଜଳାଶୟରେ (ଅର୍ଥାତ୍ ଯେଉଁ ପୋଖରୀ ଅବର ପାଣିରେ ପବନ ବାଜେ ନାହିଁ) ଥିବା ମାଛମାନଙ୍କୁ ବନ୍ଧୁଆ ମାଛ କହନ୍ତି । ଏମାନଙ୍କର ସ୍ୱାଦ ଭଲ ନୁହେଁ । ମାଛ ପରି ଦେଖାଯାଉଥିବା ଅଥଚ ଅଖାଦ୍ୟ ମାଛଙ୍କୁ ଅମଛ ବୋଲିଯାଏ ।

ବର୍ଷାଦିନରେ ନଦୀ ପୋଖରୀରୁ ଛୁଟି ଅସି ଜଳପୂର୍ଣ୍ଣ ଧାନ୍ୟ କ୍ଷେତ୍ରରେ ଯେଉଁ ଶ୍ରେଷ୍ଠ ମାଛମାନେ ରହନ୍ତି ଓ ଶରତ୍‌କାଳରେ ସ୍ୱଳ୍ପଅଡ଼ୁ ପାଣି ଶୁଖିଗଲେ ବଲରେ ରହିଯାଇ ଖ୍ରେତ୍ରୁଅମାସର ଖରାର ଉତ୍ତାପରେ ବଲରେ ମରିଯାଆନ୍ତି ତାଙ୍କୁ କଣମଛ ବୋଲିଯାଏ । ଖରାଦିନରେ ଜଳାଶୟର ଜଳ ଗରମ ହୋଇଗଲେ କମ୍ପା ଜଳ ବଷାଇ ହେଲେ ମାଛମାନେ ମରି ଯାଇ ପାଣି ଉପରେ ଭାସିବାକୁ 'ମାଛ ବହିଇବା' ବୋଲିଥାଏ । ଏହି କାରଣରୁ ବଡ଼-ମାଛମାନେ ପାଣି ଉପରୁ ଭାସି ଉଠି ଦରମରି ହୋଇ ଚିତ ହୋଇ ପଡ଼ିଲେ 'ମାଛକୁ ଲହୁଆ ମାରିଲା' ବୋଲି କହନ୍ତି ।

ବଡ଼ ବଡ଼ ମାଛଙ୍କ ଅନ୍ତ୍ରକୁ ନିଆଁରେ ଗରମ କରି ତହିଁରୁ ମାଛ ଚର୍ବି ବା ମାଛ ତେଲ ବାହାର କରାଯାଏ । ସେ ତେଲ ସାପରେ ଜଳେ, ଔଷଧରେ ଲାଗେ । କମି ମାଛର ଚର୍ବିରୁ ମହମବତୀ ତିଆରି ହୁଏ । କଡ୍ ନାମକ ମାଛର ଅନ୍ତ୍ରରୁ ଶ୍ୱାସ, କାଶ, ଦୁର୍ବଳତାର ନିବାରକ ତେଲ ତିଆରି ହୁଏ ।

ମାଛମାନେ ଅଣ୍ଡଜ । ସେମାନଙ୍କ ପେଟ ମଧ୍ୟରେ ଅଣ୍ଡା ବା ମଞ୍ଜି ମାନ ଦୁଇଟି ନୋଳା ବା ନଳାକୃତି ହୋଇ ରହିଥାଏ । ବର୍ଷାର ପ୍ରାରମ୍ଭରେ ବର୍ଷାଜନିତ ଜଳସ୍ରୋତରେ ଗର୍ଭିଣୀ ମାଛମାନେ ସ୍ରୋତ ବିରୁଦ୍ଧରେ ଖଡ଼୍‌ଚୋରୁରେ ଗତି କରିବା ସମୟରେ ସେ ଡିମ୍ବଗୁଡ଼ିକ ତାଙ୍କ ପେଟରୁ ବାହାରି ପଡ଼େ ଓ ସେହି ଡିମ୍ବଗୁଡ଼ିକ ଅଣ୍ଡିରାମାଛଙ୍କ ବୀର୍ଯ୍ୟ ସଙ୍ଗେ ମିଶି ତହିଁରୁ କେତେ ସମୟ ପରେ ମାଛ ଛୁଆ ବାହାରନ୍ତି । ଏ ମାଛ ଛୁଆମାନଙ୍କୁ ଜାଆଁଳ ବୋଲିଯାଏ । ନଇବଢ଼ିରେ ଭାସି ଅସୁଥିବା ଫେଣରେ ମାଛ ଜାଆଁଳମାନେ ଅଶ୍ରୟ ନେଇ ଥାଆନ୍ତି । ଲୋକେ ସେହି ଫେଣମାନ ସଂଗ୍ରହ କରି ସେଥିରୁ ଜାଆଁଳ ଧରି ପୋଖରୀରେ ଛାଡ଼ି ଜାଆଁଳମାନଙ୍କୁ ଖାଉନ୍ତି ଓ କାଳକ୍ରମେ ସେହି ଜାଆଁଳମାନେ ବଢ଼ି ବଡ଼ ମାଛ ହୁଅନ୍ତି । ମାଛଥିବା ଜଳାଶୟମାନଙ୍କୁ ଅନ୍ୟସ୍ଥାନରୁ ଜଳ-ସ୍ରୋତଦ୍ୱାରା ଜଳ ଅସିଲେ ମାଛମାନେ ସେହି ଜଳାଶୟରୁ ସ୍ରୋତର ବିପରୀତ ଦିଗରେ ଗତିକରନ୍ତି ବା ଉଠନ୍ତି, ତାହାକୁ ଉଠାମାଛ କହନ୍ତି । ଜାଆଁଳ ବା ଶ୍ରେଷ୍ଠ ମାଛର ଦଳକୁ 'ମଦା' କହନ୍ତି ଓ ବଡ଼ ମାଛର ଦଳକୁ 'ସାହାଣ' ବୋଲିଯାଏ । ନାନା ବର୍ଣ୍ଣର, ନାନା ଅକାରର ଓ ନାନା ଶ୍ରେଣୀର ସାମୁଦ୍ରିକ ମାଛ ଅଛନ୍ତି ।

ଚ(ଚ୍ରୁ)ଙ୍ଗୁଡ଼ିମାନଙ୍କୁ ଲୋକେ ମାଛ ବୋଲି କହନ୍ତି ଓ ଖାଆନ୍ତି, କିନ୍ତୁ ପ୍ରକୃତରେ ଏମାନେ ମାଛ ଶ୍ରେଣୀର ନୁହନ୍ତି; ଏକପ୍ରକାର ଜଳଜ ପୋକ । ଚଙ୍ଗୁଡ଼ିମାଛଙ୍କ ମଞ୍ଜି ସେମାନଙ୍କ ପେଟ ମଧ୍ୟରେ ନ ଥାଏ; ତାହା ସେମାନଙ୍କ ପେଟତଳେ ଶ୍ରେଷ୍ଠ ଗୋଡ଼ମାନଙ୍କ ସନ୍ଧିରେ ଲାଗି ରହିଥାଏ । ଯେଉଁ ମାଛଙ୍କ ଦେହରେ ବେଶି କଣ୍ଟା ଥାଏ ସେମାନଙ୍କୁ 'କଣ୍ଟାମାଛ' ଓ ଯାହାଙ୍କ ଦେହରେ କଣ୍ଟା ଅଳ୍ପଥାଏ ସେମାନଙ୍କୁ ଅକଣ୍ଟା ମାଛ କହନ୍ତି । ଯେଉଁ ମାଛଙ୍କ ଦେହରେ କାତି ଥାଏ ତାଙ୍କୁ କାତିଆ ମାଛ ବୋଲିଯାଏ ଓ କାତି ନ ଥିବା ମାଛଙ୍କୁ ଅକାତିଆ ମାଛ ବୋଲିଯାଏ । ସମୁଦ୍ରରୁ ଓ ଜଳାଶୟରୁ ଖାଦ୍ୟ ନିମିତ୍ତ ମାଛ ଧରିବା ପାଇଁ ମନୁଷ୍ୟ ନାନାପ୍ରକାରର ଯନ୍ତ୍ର ଓ ଅସ୍ତ୍ର ବ୍ୟବହାର କରେ । ଯଥା—ଟେଣ୍ଟା, ବନସି, ନାନାପ୍ରକାର ଜାଲ, ପୋଲୁହ, ଜାଲ ପୋଲୁହ, ଖେପିଜାଲ, ଗଇଣ୍ଠ, ବଳା, ମୁଗୁରା ଇତ୍ୟାଦି ।

ମାଛ ଓ ମାଛ ମଞ୍ଜିଦ୍ୱାରା ଲୋକେ ନାନାପ୍ରକାରର ଖାଦ୍ୟ ଓ ବ୍ୟଞ୍ଜନାଦି ପ୍ରସ୍ତୁତ କରନ୍ତି । ଯଥା—ପଲଉ, ଭଅଣ, ମନ୍ଥୁର, ବେଶର, ଅମିଳ, ଭଜା, ବରା, ପୋଡ଼ା, ସିଝୋଲା, କାଲିଆ ଇତ୍ୟାଦି ।

ମାଛ ଓ ମାଛ ମଞ୍ଜିକୁ ଶୁଖାଇ ତହିଁରେ ଲୁଣ ଦେଇ ପରେ ଖାଦ୍ୟରୂପେ ବ୍ୟବହାର କରିବାପାଇଁ ତାହା ସାଇତି ରଖାଯାଏ; ତାକୁ ଶୁଖୁଆ ବୋଲିଯାଏ । ଯଥା—ମଞ୍ଜି ଶୁଖୁଆ; କୋକଲି ଶୁଖୁଆ; ବଡ଼ ଶୁଖୁଆ; ଇଲିସି ଶୁଖୁଆ; ଚଙ୍ଗୁଡ଼ି ଶୁଖୁଆ; ପିତା ଶୁଖୁଆ ଇତ୍ୟାଦି ।

ହିନ୍ଦୁମାନଙ୍କ ମଧ୍ୟରେ କେତେକ ପ୍ରଦେଶର ବ୍ରାହ୍ମଣଙ୍କ ଛଡ଼ା (ଯଥା—ମାରୱାଡ଼ୀ ବ୍ରାହ୍ମଣ, କମା ବ୍ରାହ୍ମଣ) ଭାରତରେ ଓ ଅନ୍ୟଦେଶରେ ଅଧିକାଂଶ ଲୋକେ ମାଛକୁ ଖାଦ୍ୟରୂପେ ବ୍ୟବହାର କରନ୍ତି । ହିନ୍ଦୁମାନଙ୍କର ଉପବାସ, ଏକାଦଶୀଆଦିରେ ମତ୍ସ୍ୟଭୋଜନ ନିଷିଦ୍ଧ । ଉଚ୍ଚ ଜାତୀୟ ହିନ୍ଦୁ ବିଧବାମାନଙ୍କ ପକ୍ଷରେ ମଧ୍ୟ ମତ୍ସ୍ୟଭୋଜନ ନିଷିଦ୍ଧ ।

ଚଙ୍ଗୁଡ ଛଡ଼ା ପ୍ରାୟ ସବୁ ମାଛଙ୍କ ଦେହ ଭିତରେ ମନୁଷ୍ୟର ମେରୁଦଣ୍ଡ ଭଳି ମଝିରେ ଗୋଟିଏ ଲମ୍ବ ଶାଖାଯୁକ୍ତ

କଣ୍ଟା ଥାଏ । ମଧୁର ମାଛ ମଧ୍ୟରେ ବାଲଅ, ଶାଲ ଓ ଚଇଲ ମାଛ ୩।୪ ହାତ ବଢ଼ିବାର ଦେଖାଯାଆନ୍ତି ।

ସାମୁଦ୍ର ମାଛଙ୍କ ମଧ୍ୟରେ ହଙ୍ଗୀ ସବୁଠାରୁ ବଡ଼ ଓ ଏହା ୫୦ହାତ ପର୍ଯ୍ୟନ୍ତ ଲମ୍ବ ଓ ସାର୍ଦ୍ଧେକାଶ ହେବାର ଦେଖାଯାଏ । ଜାହାଜରେ ଲୋକେ ଯାଇ ବଡ଼ ବଡ଼ ବେଖାଦ୍ୱାର ଏମାନଙ୍କୁ ମାରନ୍ତି । ଗୋଟିଏ ଗୋଟିଏ ହଙ୍ଗୀମାଛ ଦେହରୁ ଶହ ଶହ ମହଣ ଚର୍ବି ବାହାରେ ଓ ଏ ଚର୍ବିରେ ମହଣବତୀ ହୁଏ ।

କୋଚଅ, ଚୋଡ଼, ଗଣ୍ଡିଅ ଚୋଡ଼, ସାପ ପରି ଦେଖାଗଲେ ମଧ୍ୟ ମାଛଜାତୀୟ ଅଟନ୍ତି ।

ମାଛମାନଙ୍କ ଦେହରେ ଭିନ୍ନ ଭିନ୍ନ ଅଂଶ—ଲଖ—( ବ. ଶୁଂଗ, ହି. ସୁଂଗ )—ମାଛମାନଙ୍କ ମୁହଁରେ ଥିବା ସରୁ କେଶ—Feelers. ମୁଣ୍ଡ—(ବ. ମୁଡ଼; ହି. ମଡ୍ଡା) —ମାଛର ମସ୍ତକ—Head. ଗାଲ ବା ଗାଲଶି—( ବ. କାନାଶି, ଗାଲସି; ହି. ଗଲଫଡ଼ )—ମାଛ ମୁଣ୍ଡର ଦୁଇକଡ଼ରେ ଥିବା ଅସ୍ଥିଫଳକ—Cheek bone. ଚାର —( ବ. ଅଁଶ, ହି. ଛିଲକା )—ଶଲ୍କ—Scale. ଲାଞ୍ଜ—( ବ. ଲେଜା, ନେଜା; ହି. ପୁଛ )—ଲାଙ୍ଗୁଡ଼—Tail. ପକ୍ଷୀ—( ବ. ପାଖନା, ଡାନା; ହି. ଡେନା )—ଡେଣା—Fin. ଅନ୍ତ—( ବ. ଅଁଭ; ହି. ଅତଡ଼ୀ )—ମାଛର ଗର୍ଭସ୍ଥ ନାଡ଼ ଅନ୍ତ—Entrails. ଫୁଠା ବା ଫୁଠୀ—( ବ. ଫୁସ୍‌ଫୁସ୍, ପଟକା; ହି. ଫୁସଫୁସ )—ଫୁସ୍‌ଫୁସ୍—Lungs. ପିତ୍ତ—( ବ. ପିତ୍ତ )—ପିତ୍ତ—Bile. ଫୁଲ—( ବ. ଫୁଲକା; ହି. ଫୁଲ )—ମାଛ ମୁଣ୍ଡର ଦୁଇ ପାଖରେ ଗାଲସି ତଳେ ଥିବା ଲାଲ୍ଲର ବସ୍ତୁ; ଫୁଲ—The red gills inside the cheek of fishes. କଣ୍ଟା—( ବ. କାଁଟା; ହି. କାଁଟା )—ମାଛର ହାଡ଼—Fish bone. ଟିଙ୍ଗ—( ବ. ଶିଂଗ; ହି. ଶିଂଗ )—କେତେକ ମାଛଙ୍କ ବେକ ପାଖରେ ଥିବା ଦାନ୍ତୁଆ ଓ ଚୂନ୍ଥଅ କଣ୍ଟା—Spines or prickles or spikes on the sides of the head of some fishes. ଓଠ—( ବ. ଥୁତ୍ନି; ହି. ଥୁଥନ )—ଓଷ୍ଠ—The chin.] ୨ । ମାଛ ପରି ଦେଖା ଯାଉଥିବା ସୁନାର ବା ରୁପାର ଅଳଙ୍କାର—2. An ornament of the shape of a fish.

**ମାଛ ଆଖି**—ଦେ. ବି—୧ । ମତ୍ସ୍ୟର ଚକ୍ଷୁ—1. The eye of a
Māchha ākhi fish. ୨ । ଏହା ମାଛ ଆଖି ପରି ଗୋଲ ଓ
ମାଛେର ଚୋଖ ଉମ୍ୱା ଦେଖାଯିବାରୁ ) ପାଦରେ କଣ୍ଟା ଗଡ଼ ବହୁଦିନ
କୁଟକୀ, ମଛଲିକୀ ଆଁଖ ରହିଗଲେ ଯେଉଁ ଚକାକାର ଘାଅ ହୁଏ—
କୋଥାଁଡି 2. Circular patches or sores appearing on the sole due to its being pricked by thorn which is not extracted from it.

**ମାଛ ଅଖିଆ**—ଦେ. ବି—୧ । ତଳପାଦରେ ଏକପ୍ରକାର ରୋଗ—
Māchha ākhiā 1. A disease; circular sores
କୁଟକୀ appearing on the sole of the foot. [ ଦ୍ର—
କୋଥାଁଡି ଏଥିରେ ତଳପାଦରେ ମାଛ ଆଖି ପରି ଗୋଲ ଗୋଲ ଘାଅ ହୋଇଯାଏ ଓ ତାହା ଦରଜ ହେବାରୁ ମନୁଷ୍ୟ ଗୋଡ଼ ମାଡ଼ି କରି ଚାଲି ପାରେ ନାହିଁ । ] ୨ । ମାଛ ଆଖି ୨ ( ଦେଖ )—2. Māchha ākhi 2 ( See ).

**ମାଛ କଣ୍ଟା**—ଦେ. ବି—୧ । ମାଛ ମଧ୍ୟରେ ଥିବା ଅସ୍ଥି—1. Fish-
Māchha kanṭā bone. ୨ । ଏକପ୍ରକାର ସରୁ ଧାନ—
ମାଛେର କାଁଟା 2. A kind of fine paddy. ୩ ।
ମାଛ୍ଲୀକା କାଁଟା ମାଛର ଶାଖାଯୁକ୍ତ କଣ୍ଟା ପରି ଏକପ୍ରକାର ସିଲେଇ—3. A kind of sewing in the shape of fish-bone.

**ମାଛ କର**—ଦେ. ବି ( ସଂ. ମତ୍ସ୍ୟ ଓ କର )—ନଈ ପୋଖରୀରୁ ମାଛ
Māchha kara ମାରିବା ପାଇଁ ଜମିଦାରଙ୍କୁ ଦିଆଯିବା ଖଜଣା—
ମାଛ କର ମାଛ କର Fishery rent.

**ମାଛ ଗାର**—ପ୍ରାଦେ. ( ବସ୍ତର ) ବି—ମାଛ ମଞ୍ଜି—
Māchha gāra Fish roe.

**ମାଛ ଗାରକ**—ଦେ. ବି—ଓଜନରେ ବିଶାଏ ମାଛ—One Bisā of
Māchha gāraka ( ମାଛ ଗାଦେ—ଅନ୍ୟରୂପ ) fish

**ମାଛ ଜାଆଁଳ**—ଦେ. ବି—ବଡ଼ ମାଛଙ୍କର ଶିଶୁ—The fry of
Māchha jā-ā̃la fishes.
ମାଛେର ଚାରା ମାଛ(ମଛଲୀ)କା ରାଜୀ

**ମାଛ ଡିମ୍ବ**—ଦେ. ବି—ମାଛର ପେଟ ମଧ୍ୟରେ ଥିବା ଅଣ୍ଡାକାର ପଦାର୍ଥ—
Māchha ḍimba ମାଛେର ଡିମ୍ବ Fish-roe; seed fish.
ମାଛ୍କା ଅଣ୍ଡା [ ଦ୍ର—ମାଈ ମାଛମାନେ ଜଳସ୍ରୋତର ବିପରୀତରେ
ମାଛ ବିହନ } ଅନ୍ୟରୂପ ଉଠିଲାବେଳେ ସ୍ୱଭାବତଃ ଜଳରେ ଅଣ୍ଡେ
ମାଛ ମଞ୍ଜି } ଅଣ୍ଡେ ଛାଡ଼ନ୍ତି । ସେହି ସମୟରେ ପୁଂମତ୍ସ୍ୟ ମଧ୍ୟ ଶୁକ୍ର ତ୍ୟାଗ କରେ । ଏହି ଉଭୟ ମିଳିତ ହୋଇ ଦୁଇଦିନ ପରେ ଛୁଆରେ ପରିଣତ ହୁଏ—ବଇଜ୍ଞ. ପ୍ରଜ୍ଞାବଳୀ ।

ଅତଏବ ମାଈ ମାଛଙ୍କ ପେଟରେ ଯେଉଁ ଅଣ୍ଡାକାର ପଦାର୍ଥ ଦେଖାଯାଏ ତାହା କେବଳ ରଜଃ ଅଟେ ଓ ବାହାରେ ଅଣ୍ଡିରା ମାଛର ଶୁକ୍ର ସଂଯୋଗ ନ ହେଲେ ତହିଁରୁ ଛୁଆ ଜାତ ହୋଇ ପାରେ ନାହିଁ । ]

**ମାଛ ତରକାରି**—ଦେ. ବି—ମତ୍ସ୍ୟରେ ପ୍ରସ୍ତୁତ ବ୍ୟଞ୍ଜନ—Fish curry.
Māchha tarakāri [ ଦ୍ର—ଏହିପରି ମାଛ ଅମ୍ବିଳ, ମାଛ
ମାଛେର ତରକାରି ଠୁଲୁଠୁଲା, ମାଛ ଝୋଳ, ମାଛ ପଲଉ, ମାଛ
ମଛଲୀକୀ ତରକାରୀ ପୋଡ଼ା, ମାଛ ବେସର, ମାଛ ଭଜା, ମାଛ
(ମାଛ ତିଅଣ-ଅନ୍ୟରୂପ) ବଡ଼ା, ମାଛ ମହୁର, ମାଛ ସନ୍ତୁଳା ଆଦି ହୁଏ । ]

**ମାଛ ଧ(ମା)ରିବା**—ଦେ. କି—ଜଳାଶୟରୁ ଜାଲ ଆଦିଦ୍ୱାରା ମାଛ
Māchha dha(mā)ribā ସଂଗ୍ରହ କରିବା—To catch fishes
ମାଛ ଧରା (ମାରା) ମଛଲୀ ପକଡ଼ନା (ମାରନା) with nets etc.

**ମାଛ ପେଟ**—ଦେ. ବି—ପେଟ ମାଛ; ମାଛର ପିଠିର ବିପରୀତ ବଗର
Māchha peṭa ମାଂସଖଣ୍ଡ—The belly protion of a

মাছের পেট मछलीका पेट fish; the ventral part of a fish.

ମାଛ ଭାତ—ଦେ. ବି. ( ସହଚର ଶବ୍ଦ; ସଂ. ମତ୍ସ୍ୟ+ଭକ୍ତ )—ଭାତ ଓ
Māchha bhāta ତା ସଙ୍ଗେ ଖାଇବାକୁ ରନ୍ଧାଯିବା ମାଛ ତରକାରି
মাছ ভাত माछ भात ଓ ଭଳା ଅନ୍ନ—Food consisting of cooked rice and fish.
[ଦ୍ର—କୁଟୁମ୍ବରେ କେହି ମୃତ ହେଲେ ମୃତାଶୌଚର ଶେଷ ପର୍ଯ୍ୟନ୍ତ କୁଟୁମ୍ବ ଲୋକେ ମାଛ ମାଂସ ଖାଆନ୍ତି ନାହିଁ। ଅଶୌଚର ଶେଷ ହେବା ପର ଦିନ (ଦ୍ୱାଦଶ ଦିନ) କୁଟୁମ୍ବମାନେ ମାଛ ଭାତ ଖାଆନ୍ତି।]

ମାଛ ମଣ୍ଡା—ଦେ. ବି—ଛୋଟ ମାଛମାନଙ୍କର ଦଳ—
Māchha maṇḍā A shoal of fry.
ছোট মাছের ঝাঁক मछलिका झुंड(थर)

ମାଛ ମ(ଧ)ରା—ଦେ. ବି—୧। ଖାଦ୍ୟପାଇଁ ଜାଲଆଦିଦ୍ୱାରା ମାଛ ଧରିବା—
Māchha ma(dha)rā 1. Catching of fishes for
मछलि मारना food ୨। ମାଛୁଆ; କେଉଟ—
মাছ ধ(মা)রা Fisherman.

ମାଛ ମାଂସ—ଦେ. ବି—(ସହଚର ଶବ୍ଦ; ସଂ. ମତ୍ସ୍ୟ+ମାଂସ)—ଖାଦ୍ୟାର୍ଥ
Māchha māṁsa ବ୍ୟବହୃତ ମତ୍ସ୍ୟ ଓ ମାଂସ—Fish and
মাছ মাংস माछ मांस meat; animal food.
(ମାଛ ମାଂ(ଇଁ,ଏଁ)ସ—ଗ୍ରାମ୍ୟରୂପ)

ମାଛ ମାରିହେବା—ଦେ. ବି—ମାଛ ଜଳର ଉପରିଭାଗକୁ ଉଠି ଜଳକୁ
Māchha mārihebā ସଶବ୍ଦରେ ଆଲୋଡ଼ିତ କରିବା—
মাছ উলটান माछ उलटना The flapping of fishes on
(ମାଛ ଲେଉଟିବା—ଅନ୍ୟରୂପ) the surface of water.

ମାଛ ମୁଣ୍ଡା—ଦେ. ବି—କଟା ହୋଇଥିବା ମାଛର ବଡ଼ ଖଣ୍ଡ—
Māchha muṇḍā A big lump cut off from a
মাছের মুড়া माछका मुंडा big fish.

ମାଛ ମୁଦି—ଦେ. ବି—(ବର୍ଣ୍ଣିତ ଶବ୍ଦ)—ମାଛର ଚିତ୍ର ଅଙ୍କିତ ହୋଇଥିବା
Māchha mudi ମୁଦି—A finger-ring with the figure or form of a fish embossed on it.
[ଦ୍ର—ରଜାମାନଙ୍କ ବିବାହ ବେଳେ ବର ତରଫରୁ ଏହିପରି ମୁଦି କନ୍ୟା ଘରକୁ ପଠାଯାଏ।]

ମାଛରଙ୍କା—ଦେ. ବି—(ସଂ. ମତ୍ସ୍ୟରଙ୍କ: ମତ୍ସ୍ୟରଙ୍ଗ)—୧। ଖଙ୍କେଇ
Māchha raṇkā ଚଢ଼େଇ; ଖାଖାଶ୍ରୀ ପକ୍ଷିବିଶେଷ—
মাছ রাঙা राम चिरया 1. Kingfisher; Alcedo Ispida. [ଦ୍ର—ଏମାନେ ମତ୍ସ୍ୟଭୋଜୀ ଛୋଟ ପକ୍ଷୀ, ଏମାନଙ୍କ ମୁଣ୍ଡ ଓ ପିଠି ନେଳିଆ, ଥଣ୍ଟ ଖାଇଁ ଓ ଚେପ୍ଟା; ଲାଞ୍ଜ ଛୋଟ; ଲମ୍ବରେ ୭॥ ଅଙ୍ଗୁଳ ପର୍ଯ୍ୟନ୍ତ ହୁଅନ୍ତି।
ଏମାନେ ପାଣି କୂଳରେ ଥିବା ଗଛ ଉପରେ ବସି ଥାଆନ୍ତି ଓ ପାଣିର ଊର୍ଦ୍ଧ୍ୱରେ କେତେକ ଉଚ୍ଚରେ ପକ୍ଷର ଚେଷ୍ଟାଦ୍ୱାରା ଏକ ସ୍ଥାନରେ ସ୍ଥିରଭାବରେ ଉଡ଼ି କରି ରହି ପାରନ୍ତି। ପାଣି ଭିତରେ ମାଛକୁ ଦେଖିଲାକ୍ଷଣି ହଠାତ୍ ଏକ ଲକ୍ଷ୍ୟରେ ପାଣି ଭିତରକୁ ତୀରବେଗରେ ପଶି ପଡ଼ି ମାଛକୁ ଧରି ଉପରକୁ ଉଠାଇ ନେଇ ଗିଳି ଦିଅନ୍ତି। ଏମାନେ ଛୋଟ ଛୋଟ ମାଛ ଧରନ୍ତି।] ୨। ଖଙ୍କେଇ ଜାତୀୟ ଏକପ୍ରକାର ପକ୍ଷୀ—2. Another kind of kingfisher; Halcyon Smyrnensis. [ଦ୍ର—ଏମାନେ ଖଙ୍କେଇ ଚଢ଼େଇଙ୍କଠାରୁ ବଡ଼। ଏମାନଙ୍କର ମୁଣ୍ଡ ଓ ପିଠି କଳା, ପେଟ ଧଳା, ଥଣ୍ଟ ଲାଲଥିଆ। ଏମାନେ ଏକ-ଗୁଣ୍ଡ ପର୍ଯ୍ୟନ୍ତ ଲମ୍ବା ହୁଅନ୍ତି; କେଁ କେଁ ଶବ୍ଦ କରନ୍ତି। ଏମାନେ ମଧ୍ୟ ପାଣିରେ ହଠାତ୍ ପଡ଼ି ଛୋଟ ମାଛ ଧରି ଆଣି ଶୁଖିଲାରେ ବସି ଖାଆନ୍ତି। ଏମାନେ ନଦୀକୂଳରେ ବେଶି ପରିମାଣରେ ଦେଖା ଯାଆନ୍ତି।] ୩। ଗଙ୍ଗାଚିଲାଜାତୀୟ ଅନ୍ୟ ଏକପ୍ରକାର ପକ୍ଷୀ—3. Another kind of kingfisher; Ceryle Varia; cormorant. [ଦ୍ର—ଏମାନଙ୍କର ବର୍ଣ୍ଣ ପାଉଁଶିଆ; ୧୫।୧୬ ଅଙ୍ଗୁଳି ପର୍ଯ୍ୟନ୍ତ ଲମ୍ବ ହୁଅନ୍ତି; ଏମାନେ ସମୁଦ୍ର ଓ ନଦୀକୂଳରେ ବେଶି ଦେଖା ଯାଆନ୍ତି ଓ ରାତିରେ ଶବ୍ଦ କରନ୍ତି।]
ବିଣ. ପୁଂ—ମାଛରଙ୍କା ପରି ଯେଉଁ ଲୋକର ପ୍ରତିଦିନ ମାଛ ଖାଇବାକୁ ଭାରି ଲାଳସା ବା ପ୍ରବୃତ୍ତି ଥାଏ; ମାଛ ଖାଇବା ପାଇଁ ଲାଳୁଣା ଲୋକ—(a person) Having a hankering after taking fish every day.

ମାଛ ରଙ୍କ(ଙ୍କୁ)ଣା—ଦେ. ବିଣ. ପୁଂ—ମାଛରଙ୍କା (ଦେଖ)
Māchha raṅka(ṅku)ṇā Māchharaṅkā (See)
[ମାଛରଙ୍କ(ଙ୍କୁ)ଣୀ—ସ୍ତ୍ରୀ)]

ମାଛ ସାହାଣ—ଦେ. ବି—ବଡ଼ ମାଛର ଦଳ—A shoal of big
Māchha sāhāṇa মাছের ঝাঁক मछलिका झुंड fishes.

ମାଛ ହାଟ—ଦେ. ବି—(ସଂ. ମତ୍ସ୍ୟହଟ୍ଟ)—ଯେଉଁ ହାଟରେ ମାଛ ବିକି
Māchha hāṭa মাছের হাট ହୁଏ—Fish market. [ଦ୍ର—
माछका हाट ମାଛ ହାଟରେ ବିଶେଷ ଗୋଳମାଳ ଲାଗେ ଓ କେଉଟୁଣୀମାନେ ଅତ୍ୟନ୍ତ କଡ଼ା କଥା ବ୍ୟବହାର କରନ୍ତି। ଏଥିପାଇଁ କୌଣସିଠାରେ ବିଶେଷ ଗୋଳମାଳ ବା କଳିକଜିଆ ହେଲେ 'ସେଠାରେ ମାଛ ହାଟ ବସିଛି' ବୋଲି ଲୋକେ କହନ୍ତି।]

ମାଛି—ଦେ. ବି—(ସଂ: ମକ୍ଷିକା, ମାଚିକା; ପ୍ରା. ମଚ୍ଛିଅ—୧। ଦ୍ୱିପକ୍ଷଯୁକ୍ତ
Māchhi ଷଟ୍‌ପଦ କୀଟ; ମକ୍ଷିକା—1. House fly; a
মাছি मक्खी माछी common fly; flea; Nuscidae Diptera; Musca Domestica. [ଦ୍ର—ମାଛିମାନେ ଷଟ୍‌ପଦୀ ଓ ଦୁଇଟି ପକ୍ଷଯୁକ୍ତ ଅଟନ୍ତି। ନାନାପ୍ରକାର ମାଛି ଅଛନ୍ତି। ଏମାନେ ଖାଦ୍ୟଦ୍ରବ୍ୟରେ, ପଶୁ ଜନ୍ତୁରେ ଓ ଜୀବ ଦେହର ଘାଆଦିରେ ବସନ୍ତି। ଏମାନଙ୍କଦ୍ୱାରା ଦୂଷିତ କୀଟାଣୁମାନେ ଏକ ସ୍ଥାନରୁ ଅନ୍ୟ ସ୍ଥାନକୁ ନୀତ ହୁଅନ୍ତି।
ସାଧାରଣତଃ ମାଛିକୁ ଲୋକେ ଖୁବ୍ ଶାନ୍ତ ଓ ନିରୀହ ବୋଲି ମନେ କରନ୍ତି। ଏଥିପାଇଁ ଯେଉଁ ଲୋକ ଶାନ୍ତ ଓ ନିରୀହ ତାକୁ 'ସେ ମାଛିଟିଏ' ବା 'ସେ ମାଛିକୁ ମଁ ବୋଲି କହେ ନାହିଁ' ବୋଲି କହନ୍ତି। ମାଛିମାନଙ୍କର ପ୍ରକାର ଯଥା—କୁକୁର ମାଛି, ମହୁମାଛି, ଶଣଶଣିଆ ମାଛି, ନେଳି-

ମାଛି । 'ମାଛି ପଶିଲେ ନାକଖଣ୍ଡ ହେଉଛି' ଦେ. ବାକ୍ୟ— ସେଠାରେ ଭାରି କଡ଼ା ପହରା ବସା ହୋଇଛି; ଯେଉଁ ସ୍ଥାନରେ (ଯଥା, ରାଜାଙ୍କ ଅନ୍ତଃପୁର, ରାଜ ଧନାଗାର) ଏପରି କଠୋର ନିୟମ ଓ ପହରାବାଲା ଥାଆନ୍ତି ଯେ ଅନ୍ୟ ଜୀବ ସେଠାକୁ ଯିବା ଦୂରେ ଥାଉ, ମାଛି ପରି ଜୀବ ଗଲେ ତାକୁ ପ୍ରହରୀମାନେ ଖଣ୍ଡ ଖଣ୍ଡ କରି କାଟି ପକାଇବେ, ସେହି ସ୍ଥାନ ପ୍ରତି ଏ ବାକ୍ୟ ପ୍ରୟୋଗ ହୁଏ । ] ୨ । ବନ୍ଧୁକ ନଳର ଅଗ୍ରଭାଗର ଊର୍ଦ୍ଧ୍ୱାଂଶରେ ଥିବା ମାଛି ଆକାରର କ୍ଷୁଦ୍ର ଲୁହାର ଗୁଳି—2. The fly of a gun; a fly-like small ball of iron attached to the upper end of the muzzle of the barrel of a gun to help the gunner to fix his sight. [ ଦ୍ର—ବନ୍ଧୁକ ମାରିବା ବ୍ୟକ୍ତି ଏହାକୁ ଦୃଷ୍ଟି ରଖି ଲକ୍ଷ୍ୟ ପ୍ରତି ନଳର ଠିକ୍ କରେ । ] ୩ । ( କଣିଆ ଶବ୍ଦ ) ମାଛି ପରି ଦିଶୁଥିବା ନାକରେ ପିନ୍ଧାଯିବା ଅତି କ୍ଷୁଦ୍ର ସୁନାର ଅଳଙ୍କାରବିଶେଷ—3. Name of a gold ornament in the shape of a fly, worn by females on the nostrils. ୪ । ଲୁଗାର ମୁଣ୍ଡରେ ସୂତାରେ ବୁଣା ହୋଇଥିବା ମାଛି ଆକାରର ଚିହ୍ନ—4. Marks ( resembling a fly ) woven at the ends of clothes.

**ମାଛି ଅନ୍ଧାର**—ଦେ. ବି—(ଏ ସମୟରେ ଆଖିକୁ ମାଛି ଦେଖା ନ ଯିବାରୁ) ମୁହଁସଞ୍ଜ; ଝୁମଲିଆ ଅନ୍ଧାର—Dusk.
Māchhi andhāra
মুখআঁধার माछि अंधार

**ମାଛିଆ**—ଦେ. ବି—ମାଛି ୨ ( ଦେଖ ) Māchhi 2 ( See) ବିଣ—ମାଛୁଆ; ମତ୍ସ୍ୟଜୀବୀ—Fisherman.
Māchhiā মেছো मछुआ

**ମାଛି ଆଖିଆ**—ଗ୍ରାଦେ. ( କଟକ ) ବି—ମାଛ ଆଖି ୨ ( ଦେଖ ) Māchha ākhi 2 ( See )
Māchhi ākhiā

**ମାଛିଆ ପାତକ**—ଦେ. ବି ( ସଂ. ମକ୍ଷିକା+ପାତକ )—ମନୁଷ୍ୟର ଘାଆରେ ପୋକ ପଡ଼ିବାଜନିତ ପାପ; ଘାଆରେ ପୋକ ପଡ଼ିବା ଯୋଗୁ ଅପବିତ୍ରତା—Impurity due to one's sore having been infested with maggots. [ ଦ୍ର—ସଢ଼ା ଘାଆ ଉପରେ ମାଛି ବସିବା ଯୋଗୁଁ ତହିଁରେ କୀଟ ଦେଖାଗଲେ ହିନ୍ଦୁ ଲୋକ ଶାସ୍ତ୍ରାନୁସାରେ ପାତକୀ ବା ଅପବିତ୍ର ହୁଏ ଓ ପ୍ରାୟଶ୍ଚିତ୍ତ ନ କଲେ ସେ ଉକ୍ତ ପାତକରୁ ମୁକ୍ତ ହୁଏ ନାହିଁ ।]
Māchhiā pātaka
ঘায়ে পোকা পড়িলে যে পাতক হয়

**ମାଛି କଣ୍ଠି**—ଦେ. ବି ( କଣିଆ ଶବ୍ଦ )—ମାଛି ପରି ଦେଖା ଯାଉଥିବା ତିନିକୋଣିଆ ଚେପ୍ଟା ରୁପାର ବା ସୁନାର କଣ୍ଠି—Three-cornered flat silver or gold beads ( worn in strings ) resembling flies in shape.
Māchhi kanthi

**ମାଛି ଖସି ପଡ଼ିବା**—ଦେ. ବି—କୌଣସି ବ୍ୟକ୍ତିର ବା ପଶୁର ଦେହ ହୃଷ୍ଟପୁଷ୍ଟ ହୋଇଥିବା ଯୋଗୁ ଅତି ଚିକ୍କଣ ଦେଖାଯିବା ଅବସ୍ଥା—The condition of the body being smooth and shining on account of plumpness-as if a fly can not sit tight on it.
Māchhi khasi pardibā
মাছি বসলে পিছলে যাওযা
आब फिसलना

**ମାଛି ଚି(ଟି)ପା**—ଦେ. ବିଣ. ( ଘିଅରେ ମାଛି ପଡ଼ିଯାଇଥିଲେ ଯେଉଁ ଲୋକ ମାଛିକୁ ଚିପି କରି ମାଛିରେ ଥିବା ଘିଅକୁ ବାହାର କରେ )—୧ । ମକ୍ଷିଚୁଷ୍; ଅତି କୃପଣ—1. Very niggardly; parsimonious. ୨ । ଅତି ଲୋଭୀ—2. Very avaricious.
Māchhi chi(ṭi)pā
মাছিটেপা, মাছি মারা
मक्खिचूस
( ମାଛି ଚୋପା—ଅନ୍ୟରୂପ )

**ମାଛି ପରି ଜୀବ**—ଦେ. ବି—ମାଛି ଭଳି କ୍ଷୁଦ୍ର ବା ନଗଣ୍ୟ ଜୀବ ବା ବ୍ୟକ୍ତି—A very insignificant being (compared to a fly.
Māchhi parā jiba
मक्खीसा जीव

**ମାଛି ବସା(ସେ)ଇ ନ ଦେବା**—ଦେ. କ୍ରି—ଶରୀର ବା ଖାଦ୍ୟ ଉପରେ ମାଛି ନ ବସିବା ପାଇଁ ଯତ୍ନ କରିବା—To scare away flies from the body or food. [ ଉ—ତାକୁ ଖାଇବ କି ମାଛି ହୁରୁଡ଼େଇବ ?—ଋଗ । ]
Māchhi basā(se)i na debā
मक्खी नहीं बैठने देना মাছি না বসিতে দেওয়া
[ ମାଛି ହୁରୁଡ଼ା(ଡ଼େ)ଇବା—ଅନ୍ୟରୂପ ]

**ମାଛି ବସିବା**—ଦେ. କ୍ରି—୧ । ଖାଦ୍ୟ ଦ୍ରବ୍ୟ ଉପରେ ମାଛି ବସିବା—1. ( Flies ) To infect a food. ୨ । ଘାଆ ଉପରେ ମାଛି ବସିବାଦ୍ୱାରା ତହିଁରେ ଅଂଶେଇ ବା କ୍ଷୁଦ୍ର କୀଟ ଜାତ ହେବା—2. The appearance of maggots on a sore.
Māchhi basibā
মাছি বসা मक्खी बैठना

**ମାଛି ବେଢ଼ିବା**—ଦେ. ବି—ଖାଦ୍ୟ ଦ୍ରବ୍ୟ, ପଚା ଘାଆ ବା ପଚା ଜିନିଷ ଉପରେ ବହୁ ସଂଖ୍ୟାରେ ମାଛି ବସିବା ଓ ଭଣ ଭଣ ଶବ୍ଦ କରିବା—Swarm of flies infesting a rotten article or sore or unclean food.
Māchhi berdhibā
মাছি ভনভন করা
मक्खीका भनभनाना
( ମାଛି ଭଣ ଭଣ ହେବା—ଅନ୍ୟରୂପ )

**ମାଛି ମଣିବା**—ଦେ. କ୍ରି—( କୌଣସି ବ୍ୟକ୍ତିକୁ ) ଅତି ହେୟ ବୋଲି ବିଚାର କରିବା; ନ ଗଣିବା; ଖାତିର ନ କରିବା—To care a fig for a person; not to count one as a man. [ ଉ—ମନୁଷ୍ୟକୁ ଯେହୁ ମଣୁଥିଲା ମାଛି—ରାଧାନାଥ ଚିଲିକା । ]
Māchhi manibā
মাছি মনে করা
मक्खी समजना

**ମାଛି ମରା ରାଇଟର**—ବୈଦେ. ବି ( ବ୍ୟଙ୍ଗ ) ( ଓ. ମାଛିମରା ଓ ଇଂ. ରାଇଟର )—୧ । ଯେଉଁ ଲେଖକ ଅତି କ୍ଷୁଦ୍ର ଅକ୍ଷର ଲେଖି ପାରେ—1. A writer who can write very small letters ୨ । ଯେଉଁ ବ୍ୟକ୍ତିର ଲେଖା ଅତି କଦର୍ଯ୍ୟ ଓ ମସୀଲିପ୍ତ—
Māchhi marā raiṭar
মাছি মারা কেরানী
मक्खीमरा लिखने वाला
( ମାଛି ମରା କରଣି[ଣ]—ଅନ୍ୟରୂପ )

2. A slovenly writer. ୩ । ଯେଉଁ ଲେଖକ ଉଚିତ ଶବ୍ଦର ପ୍ରୟୋଗ ନ କରି କେବଳ ଅନ୍ୟର ଲେଖାକୁ ନକଲ କରଥାଏ—3. A senseless and slavish copyist.

ମାଛି ମରିଯିବା—ଦେ. କ୍ରି—କୌଣସି ସ୍ଥାନ ଜନଶୂନ୍ୟ ହେବା—
Māchhi marijibā A place becoming lonely or
মাছিটিও নাই devoid of all living creatures.
मक्खी मरजाना

ମାଛି ଲାଗିବା—ଦେ. କ୍ରି.—ଗୋମେଷାଦିଙ୍କ ଦେହକୁ ଆକ୍ରମଣ କରିବା
Māchhi lāgibā ଯଥା—ମାଛି ତାଙ୍କ ଦେହରେ ଲଗ୍ନ ହେବା—
গায়ে মাছি লাগা (Gadflies) Infesting the body
मक्खी लगना of cattle.

ମାଛି ଲାଗିବା(ଲା)ପରି ହେବା—ଦେ. କ୍ରି—(ଗୋରୁ ଗାଈଙ୍କ ଦେହରେ
Māchhi lāgibā(lā)pari hebā ମାଛି ଲାଗିଲେ ସେମାନେ
ମାଛି ଲଗିବା ଭଳି ହେବା } ଅନ୍ୟରୂପ ଯେଉଁ ପରି ଅସ୍ଥିର ହୁଅନ୍ତି
ମାଛି ଲାଗିଲାପରି ହେବା } ସେହିପରି,ଅସ୍ଥିର ହେବା—
মাছি লাগলে যেমন হয় তেমন হওয়া To be restless
मक्खी लगनेका पसा होना (like cattle pestered with gadflies).

ମାଛୁଆ—ଦେ. ବି. ପୁଂ—କେଉଟ; ମତ୍ସ୍ୟଜୀବୀ—Fishmonger;
Māchhuā fisherman. ବିଣ—୧ । ମାଛ ପରି ଗନ୍ଧ
(ମାଛୁଣି—ସ୍ତ୍ରୀ) ବିଶିଷ୍ଟ; ଅଇଁଷିଆ ଗନ୍ଧ ବିଶିଷ୍ଟ—1. Hav-
মাছুয়া, মেছো ing a fishy smell.
मछुआ(वा) ୨ । ମତ୍ସ୍ୟପ୍ରିୟ—2. Fond of fish. ୩ । ମତ୍ସ୍ୟ-
ଜୀବୀ—3. Subsisting on fish. (ଯଥା—ମାଛୁଆ କମ୍ପୀର ।)

ମାଛୁଆ କମାର—ଗ୍ରାଦେ. ବି. ( ବାଙ୍କି ଓ ସନ୍ନିକଟ )—ଏକ ଜାତୀୟ
Māchhuā kamāra କେଉଟ—A caste of fisher-
men of Banki and of the adjoining Oriya States.

ମାଛୁଆ ଡ(ଡୁ)ଙ୍ଗି—ଦେ. ବି-କ୍ଷୁଦ୍ର ଡଙ୍ଗା; ଯେଉଁ ଛୋଟ ଡଙ୍ଗା ସାହାଯ୍ୟରେ
Māchhuā ḍa(ḍu)ṅgi କେଉଟମାନେ ମାଛ ଧରନ୍ତି—
মোছে ডোংগা A slender canoe-like boat; dinghi.
मछुआडोंगी, मछवा used by fishermen.

ମାଛୁଆ ପତ(ତି, ତୁ)ରିଆ—ଗ୍ରାଦେ. (ପୁରୀ) ବି—ଗୃହସ୍ଥର ବିବାହ ଆଦି
Māchhuā pata(ti, tu)riā ଉତ୍ସବ ଉପଲକ୍ଷରେ ମାଛ ଓ
କଦଳୀ ପତ୍ର ଯୋଗାଇବା ଛୋଟ ଜାତି (ଯଥା—ବାଉରି, କଣ୍ଡରା)—Low caste people who supply fish and plantain leaves on marriage and other feasts of a household.

ମାଜଣା—ଦେ. ବି. (ସଂ. ମାର୍ଜନା)—୧ । ମାର୍ଜନା—1. Polishing.
Mājaṇā ୨ । ଦେହ ମାଜିବା; ସ୍ନାନ—2. Scouring of
মার্জনা the body at bath. (ଉ—ଶୁଦ୍ଧଙ୍କ ମାଜଣା
मार्जना କରାଇ, ଦଧି ଲବଣୀ ଅଙ୍ଗ ଦେଇ । ଜଗନ୍ନାଥ. ଭାଗବତ ।) ୩ । ଦେବତାଙ୍କ ଓ ରାଜାଙ୍କ ସ୍ନାନବିଧି—3. The ceremony of the bathing of idols and kings. (ଉ—ନଅଙ୍କ ମାଜଣା ବୋଲି ମୋତେ ଜଣା । କବିସୂର୍ଯ୍ୟ. ସଙ୍ଗୀତ ।) ୪ । ରାଜ୍ୟାଭିଷେକ—4. Coronation. ୫ । ସେଚନ—5. Sprinkling. (ଉ—ଘଟରେ ଘେନି ଜଳ ଜଣା, ମୁକୁଟ କରନ୍ତି ମାଜଣା । ଜଗନ୍ନାଥ. ଭାଗବତ ।)

ମାଜଣା ନୀତି—ଦେ. ବି—ରାଜାଙ୍କର ସ୍ନାନ ଓ ଅଙ୍ଗମାର୍ଜନା—The
Mājaṇā niti act of a king or a Deity being
(ମାଜଣା ବିଧି—ଅନ୍ୟରୂପ) given a bath. (ଉ—କ୍ରମଶରେ
রাজস্নান, দেবস্নান ମାଜଣା ବିଧି କରି ଶେଷ । ପାନକୃଷ୍ଣ. ଉଷ-
राजस्नान, देवस्नान କଲ୍ଲୋଳ ।)

ମାଜଣା ସରିବା—ଦେ. କ୍ରି—ରାଜାଙ୍କର ଓ ଦେବତାଙ୍କର ସ୍ନାନବିଧିର
Mājaṇā sarḏhibā ସମାପ୍ତି—Completion of the
স্নান শেষ হওয়া bath of a Deity or a king.
स्नान निपट जाना

ମାଜନ୍—ଦେ. ବି (ସଂ. ମାର୍ଜନ, ମଞ୍ଜନ)—ଦାନ୍ତ ଘଷିବା ଚୂନା—
Mājan Tooth powder
মাজন, মাংজন मंजन

ମାଜା(ଝା)—ଗ୍ରାଦେ. (ବାଲେଶ୍ୱର) ବି. (ଭୁଲ. ବି. ମାଂଜା)—
Mājā(jhā) ମାଞ୍ଜା ( ଦେଖ )—Mānjā ( See )

ମାଜରା—ବୈଦେ. ବି. (ଫା) (ଉତ୍ତରଅ)—୧ । ଘଟଣା; ଅଳ୍ପ—
Mājarā 1. Occurrence. ୨ । ମକଦମାର ହାଲ;
অকু माजरा ବୃତ୍ତାନ୍ତ—2. The circumstances of a case.

ମାଜରା ଜାଗା—ବୈଦେ. ବି. (ଉତ୍ତରଅ) (ଫା. ମାଜରା ଜଗହ)—
Mājarā jāgā ଘଟଣା ସ୍ଥଳ—Place of occurrence.
অকুস্থান माजरा जगह

ମାଜି(ଝି)—ଦେ. ବି. (ସଂ. ମଧ୍ୟ; ସେ ନୌକାର ମଧ୍ୟରେ ରହି ଅନ୍ୟମାନ
Māji(jhi) ଚଳାଏ ବା ମଙ୍ଗଧରି ଚଳାଏ)—୧ । ନାବିକ; ନୌକା-
মাঝি माँझि ବାହକ; ନାଉରି—2. Boatman. ୨ । ନୌକାର କର୍ଣ୍ଣଧାର; ମଙ୍ଗଧରା—2. Helmsman. ୩ । ସାମାନ୍ୟ ରାଜକର୍ମଚାରୀ ବା ପିଅଦାଙ୍କ ଉପାଧିବିଶେଷ—3. Title of petty officials or peons. [ ଉ—ଜଦେଶୀ ଘର ଅଗଣାରେ ଶୋଇବ କଣରେ ମାଝି ସ୍ୱରୂପ ବେଦେଶୀ ପାଗ୍ରାମୂଳରେ ଗାଇରେ ହାତ ଦେଇ ମୁହଁପୋତି ବସିଛି । ଫକୀରମୋହନ. ଗଳ୍ପ ସ୍ୱଳ୍ପ ।] ୪ । କେଉଟମାନଙ୍କ ବଂଶୋ-ପାଧି—4. Family-title of fishermen or boatmen. ୫ । ସାମନ୍ତ ରାଜାଙ୍କ ଉପାଧିବିଶେଷ—5. A Title of petty landlords. ୬ । ମହାଲାୟକ ବା ଦଗରାମାନଙ୍କ ବଂଶୋପାଧି ବିଶେଷ—6. A family-title of certain Dagarās and Mahālāyakas.

ମା(ମେ, ମ୍ୟା)ଜିକ —ବୈଦେ. ବି—(ଇଂ)—କୁହୁକ; ଭେଲକବାଜୀ; Mā(me,myā)jik ଭେଲ୍କି ବିଦ୍ୟା—Magic. ম্যাজিক **मैजिक**

ମା(ମେ, ମ୍ୟା)ଜିକ୍ ଲଣ୍ଠ(ଣ୍ଠ)ନ୍(ଣ୍)—ବୈଦେ. ବି—(ଇଂ)—ଯେଉଁ Mā(me, myā)jik lanṭa(ṇṭha)n(ṇ) ଲଣ୍ଠନ୍ ସାହାଯ୍ୟରେ ম্যাজিক লণ্ঠন ବସ୍ତ୍ରଖଣ୍ଡ ଉପରେ ଛାୟାଚିତ୍ର ପ୍ରତିଫଳିତ କରାଯାଇ **मैजिक लालटेन** ସମବେତ ବ୍ୟକ୍ତିମାନଙ୍କ ଚିତ୍ତରଞ୍ଜନ କରାଯାଏ—Magic lantern.

ମାଜିବା—ଦେ. କ୍ରି—[ସଂ. ମୃଜ୍ ଧାତୁ; ସଂ. ମଞ୍ଜ ଧାତୁ] ୧। ମାର୍ଜନା Mājibā କରିବା; ଘଷି ପରିଷ୍କାର କରିବା—1. To scour; to মাজা, মাঁজা **माँजना** cleanse by rubbing. [ଦ୍ର—ଧୂଳ [ମଜା(ଜେ)ଇବା---ପ୍ରଯୋଜକ ରୂପ] ଧୋଇ କଳଙ୍କ ଦୂର କାମକ, ଧୋଇ ଚନ୍ଦ୍ରା ସମାନ ମାଜ । କବିସୂର୍ଯ୍ୟ କଣୋଶ୍ୱରଚମ୍ପୂ ୪ ଗୀତ ।] ୨। ଘଷି କରି ପାଲିସ୍ ବା ଉଜ୍ଜ୍ୱଳ କରିବା—2. To polish. [ଯଥା—ବାସନ ମାଜିବା ।] ୩। (ଗୋଡ଼) ଘଷିବା—3. To rub, to massage. [ଦ୍ର—ପଦ୍ମରୂପ ମୋଦକ, ନଳକର ତାହାର, ଚରଣ ମାଜିବାର, ସୁଶୀଳାରେ । କବିସୂର୍ଯ୍ୟ. ସଙ୍ଗୀତ ।] ୪। ପ୍ରସାଧନାର୍ଥ ନଖକୁ ନଖରୁଣୀରେ କାଟି ଛାଣ୍ଟି ସଫା କରିବା—4. To pair and polish the finger-nails. [ଦ୍ର—କେତେବେଳେ କେଶ ସାଜିବ, କେତେବେଳେ କରନ୍ଖ- ମାନଙ୍କୁ ମାଜିବ । ଭକ୍ତ. ପ୍ରେମସୁଧାନିଧି ।] ୫। (କୌଣସି ବିଷୟ ଉଦ୍ଭମରୂପେ ଆଲୋଚନା ବା ଆନ୍ଦୋଳନ କରିବା— 5. To agitate (about a matter). (ଦ୍ର— ସୂତା ମାଜିଲେ ସରୁ, କଥା ମାଜିଲେ ମୋଟ—ଢଗ ।) ୬। ଅଠା ବା ମଣ୍ଡଦ୍ୱାରା ଟାଣି ସୂତାକୁ ଘଷିବା— 6. To rub the warp thread with gum. ୭। ଅଠା ଓ କାଚ ଗୁଣ୍ଡି ଲଗାଇ ଗୁଡ଼ିର ସୂତାକୁ ଟାଣ କରିବା—7. To strengthen the string of a kite by applying gum and powdered glass. ୮। ବୁଣିଲ ବା ସରୁ ଦଉଡ଼ିକୁ ବଳ ସାର ତାକୁ କଡା ଅବ ଦ୍ୱାରା ଘଷି ଚକ୍କଣ କରିବା— 9. To rub or polish a string after it is woven.

ମାଜିବା ଘଷିବା—ଦେ. କ୍ରି—(ଏକାର୍ଥକ ସହଚର)—ମାର୍ଜନ କରିବା Mājibā ghashibā ଓ ଘର୍ଷଣ କରିବା—To scour; to মাজা ঘষা **माँजना घषना** cleanse; to rub and polish.

ମାଜି ମୁଜି—ଦେ. କ୍ରି. ବିଣ—ଉଦ୍ଭମରୂପେ ମାଜି କରି (ସଫା କରିବା)-- Māji muji মেজেমুজে **माँजउँज कर** Scouring much. [ଯଥା—ସେ ବାସନକୁ ମାଜିମୁଜି ଚକ୍ ଚକ୍ କରି ଦେଲଣି ।]

ମା(ମେ,ମ୍ୟା)ଜିଷ୍ଟ୍ରେଟ୍—ବୈଦେ. ବି. (ଇଂ)—ଫୌଜଦାରୀ ମକଦମାର Mā(me,myā)jishtreṭ ବିଚାରକ ହାକମ—Magistrate. ম্যাজিস্ট্রেট **मैजेस्ट्रेट, माजिस्टेट** [ମା(ମେ)ଜି(ଜେ)ଷ୍ଟର—ଅନ୍ୟରୂପ]

[ଦ୍ର—ଭିନ୍ନ ଭିନ୍ନ କାର୍ଯ୍ୟ ଅନୁସାରେ ଭିନ୍ନ ଭିନ୍ନ ଶ୍ରେଣୀର ମାଜିଷ୍ଟ୍ରେଟ୍ ଅଛନ୍ତି ଯଥା—ଡିଷ୍ଟ୍ରିକ୍ଟ୍ ମାଜିଷ୍ଟ୍ରେଟ୍, ସବ୍‌ଡିଭିଜନାଲ୍ ମାଜିଷ୍ଟ୍ରେଟ୍, ଡେପୁଟି ମାଜିଷ୍ଟ୍ରେଟ୍, ସବ୍‌ଡେପୁଟି ମାଜିଷ୍ଟ୍ରେଟ୍, ସବ୍ ମାଜିଷ୍ଟ୍ରେଟ୍, ଅସିଷ୍ଟାଣ୍ଟ ମାଜିଷ୍ଟ୍ରେଟ୍, ଅନରେରି ମାଜିଷ୍ଟ୍ରେଟ୍, ପ୍ରେସିଡେନ୍ସି ମାଜିଷ୍ଟ୍ରେଟ୍, ପଲେଟିକ୍ ମାଜିଷ୍ଟ୍ରେଟ୍, ପୋଲିସ୍ ମାଜିଷ୍ଟ୍ରେଟ୍ । ମାଜିଷ୍ଟ୍ରେସୀ=ମାଜିଷ୍ଟ୍ରେଟଙ୍କ ଅଫିସ ।]

ମାଜୁ—ପ୍ରାଦେ. (ମେଦିନୀପୁର) ବି—(ତୁଳ. ବ. মাঝু)—ମଧ୍ୟସ୍ଥଳ;ମଝି- Māju Middle.

ମାଜୁଫଳ—ଦେ. ବି (ସଂ. ମଜ୍ଜଫଳ ବା ମାୟାଫଳ; ସଂ. ଅନ୍ୟନାମ Mājuphaḷa ଛିଦ୍ରରେଖା; ତୁଳ. ଫା. ମାଜୁ)—୧। ପାଶ୍ଚାତ୍ୟ মাজুফল ଦେଶର ଓକ୍ ନାମକ ଗଛର ଗଣ୍ଠି ମଧ୍ୟରୁ ଯୋକମାନେ **माजूफल; माईफल**, ଖାଇଥିବା ଏକପ୍ରକାର ଅଣ୍ଡାକାର କୋଷ— **सागरगोटा; मायाफल** 1. Gall nuts; oak galls. [ଦ୍ର—ଏହା ଦେଖିବାକୁ ଗୁଆଫଳ ପରି, କିନ୍ତୁ ପ୍ରକୃତରେ ଏହା ଫଳ ନୁହେ । ଏହା ଯୋକଙ୍କ ମୁଖନିଃସୃତ ଅଠା । ଏହା କେଶର କୃଷ୍ଣତା ସମ୍ପାଦକ ଓ ଶିଥିଳ ଅଙ୍ଗର ସଙ୍କୋଚ- କାରକ ଔଷଧରୂପେ ବ୍ୟବହୃତ ହୁଏ । ଏହା କଷାୟ ଜିନ୍ତୁ ରସ । ଏଥିରୁ ମଧ୍ୟ ଲେଖିବା କାଳି ପ୍ରସ୍ତୁତ ହୁଏ । ଏଥିରୁ ଗାଲୋଟାନିକ୍ ଏସିଡ୍ (Gallotanic acid) ନାମକ ଅମ୍ଳରସ ରସାୟନିକ ପ୍ରକ୍ରିୟାରେ ବାହାର କରାଯାଏ । ଏହାର ବର୍ଣ୍ଣ ନେଳୀ; ମନ୍ଥାଫଳ ଦେଖ ।] ୨। ରିଠା (ଦେଖ)—2. Rithā (See)

ମାଜୁମ୍—ବୈଦେ. ବି (ଅ. ମାଜୁନ୍)—ଗଞ୍ଜେଇ ଚିନି ସଙ୍ଗେ ଚଳ Mājum ମିଶାଇ ତିଆର କରାଯିବା ମାଦକ ମିଷ୍ଟାନ୍ନ— মাজুম; ভাংগের বরফী An intoxicating sweetmeat **माजन** prepared from ganjā mixed with sugar. [ଦ୍ର—ତହିଁ କାହାକୁ ଖୁଆଇ ମାଜୁମ୍, ଭୁଲ କାଢ଼ିନେ ଯାଉଅଛି ଧାମ । ବ୍ରଜନାଥ. ସମରତରଙ୍ଗ ।]

ମାଜୁ(ଦୁ)ଲ—ବୈଦେ. ବି (ଫା. ମାଜୁଲ୍=କର୍ମଚ୍ୟୁତ)—କର୍ମଚ୍ୟୁତି— Māju(du)l Dismissal from service. ବିଣ— বরখাস্ত କର୍ମଚ୍ୟୁତ—Dismissed from service. **बरखस्ती** বরখাস্ত **बरखास्त**

ମା(ମେ ମ୍ୟା)ଜେଣ୍ଡ(ଣ୍ଟା)ର—ବୈଦେ. ବି (ଇଂ. ମାଜେଣ୍ଟା)— Mā(me,myā)jenda(nta)r ଅଲକାତରାରୁ ରସାୟନିକ মাজেন্টা; মাজেণ্টার ପ୍ରକ୍ରିୟାରେ ଉତ୍ପାଦିତ କୃତ୍ରିମ ଲାଲ ରଙ୍ଗର ଚୂର୍ଣ୍ଣ— **मैजेण्डर** Magenta; fuchsine. [ଦ୍ର—ଏହାକୁ ପାଣିରେ ଗୋଳାଇଲେ ନାଲି ବା ନେଳି ବା ବାଇଗଣୀ ଅବ ବର୍ଣ୍ଣର କାଳି ତିଆର ହୁଏ ।]

ମାଝ—ଦେ. ବି (ସଂ. ମଧ୍ୟ; ତୁଳ ପ୍ରା. ମଜ୍ଝ)—୧। ମଧ୍ୟସ୍ଥଳ— Mājha 1. The middle. [ଦ୍ର—ଚନ୍ଦ୍ରବଂଶ ନଳ মাঝ ଭଣମାଝ । ଭକ୍ତ. ବୈଦେହୀଶବିଳାସ ।] ୨। **माँझ** ଅଭ୍ୟନ୍ତର; ଅନ୍ତଃସ୍ଥଳ; ଭିତର—2. Inside. ୩। মাজা କଟି; ଅଣ୍ଟା—3. The waist.

ମା ଝିଅ—ଦେ. ବ. ସ୍ତ୍ରୀ ( ଦ୍ୱନ୍ଦ୍ୱ ସମାସ )—ମାତା ଓ କନ୍ୟା—
Mā jhia मा"ओ"मेये मा‌बेटी Mother and daughter.
(ମାଝିଅ—ଗ୍ରାମ୍ୟରୂପ) (ମାଅ ଝି[ଝୁ]ଅ—ଅନ୍ୟରୂପ)

ମାଝିଆରି କଣ୍ଟା—ପ୍ରାଦେ. ( ବାଲେଶ୍ୱର ) ବି ( ବ. ମାଛ୍ଧରା କାଁଟା )
Mājhiāri kanṭā —ମାଛ ଧରିବା ପାଇଁ ବ୍ୟବହୃତ ମଧ୍ୟମ ଆକାରର ବଡ଼ିଶି କଣ୍ଟା—A fishing hook of medium size.

ମାଞ୍ଚି—ଦେ. ବି ( ସଂ. ମଞ୍ଚ; ଭୂଲ, ଦ୍ରା. ମାଞ୍ଚି—ଚଉକି )—ଚଉକି—
Mānchi Chair. ପ୍ରାଦେ ( ପୁରୀ ଓ ଗଞ୍ଜାମ; ତେଲୁଗୁ-
चौकी ମାଞ୍ଚି ) ବିଣ—ଉତ୍କୃଷ୍ଟ; ଉତ୍ତମ—Very good;
मंमा; मंचिया excellent.

ମାଞ୍ଚିଆ—ଦେ. ବି—ମାଞ୍ଚି ( ଦେଖ )—Mānchi ( See )
Mānchiā (ମାଞ୍ଚିଆ—ଅନ୍ୟରୂପ)

ମା(ମେ,ମ୍ୟା)ଞ୍ଚେଷ୍ଟର୍—ବୈଦେ. ବି (ନାମ)—(ଇଂ) କଳକୁଗା ପ୍ରସ୍ତୁତ ହେଉଥିବା ଇଂଲଣ୍ଡର ଲଙ୍କାଶାୟରର
Mā(me,myā)ncheshṭar
मांचेष्टार मैं‌चेष्टर କାଉଣ୍ଟିର ଗୋଟିଏ ନଗର—Manchester.

ମାଞ୍ଜା—ଦେ. ବି ( ସଂ. ମାର୍ଜନ, ମଞ୍ଜନ )—ଗୁଡ଼ିର ସୂତାକୁ ମାଡ଼ ସହି
Mānjā ଶକ୍ତ କରିବା ପାଇଁ କାଚଗୁଣ୍ଡା ବା ବାଲିଅଦି ମିଶାଇ
मांझा ତିଆରି କରାଯିବା ଅଠା—Gum mixed with
माँमा powdered glass and used in scouring the strings of paper kites. [ ଦ୍ର—ଗୁଡ଼ିର ସୂତାର ଦେହରେ ପ୍ରଥମେ ଅଠା ବା ଅଠାଳିଆ ମଣ୍ଡ ବୋଳି ଦିଆଯାଏ । ସେହି ଅଠା ଶୁଖିଯିବା ପୂର୍ବରୁ ତା ଦେହରେ କର୍କଶଗୁଣ ସମ୍ପନ୍ନ କୌଣସି ପଦାର୍ଥର ( ଯଥା—କାଚର ବା ଖଦଡ଼ା ବାଲିର ) ଚୂନା ଲଗାଇ ଦିଆଯାଏ । ପରେ ସୂତା ଦେହରୁ ଅଧିକା ଚୂନା ଛଡ଼ାଇବା ପାଇଁ ଏବଂ ସୂତାକୁ ମସୃଣ କରିବାପାଇଁ କନାଅଦିରେ ତାକୁ ଘଷାଯାଏ । ମାଞ୍ଜା ତିଆରି କରିବା ସମୟରେ ମଇଦା, ଅଠା, ଭାତର ବା ଚୂଡ଼ାର ମଣ୍ଡ,ଅଣ୍ଡାର ଲାଳ, ହରିଡ଼ା, ଦିମ୍ବୁଆଁ ପତ୍ରର ରସ, ସିଜୁକ୍ଷୀର, ଶିରସ ଅଠା ପ୍ରଭୃତି ବ୍ୟବହୃତ ହୁଏ । ପୁଣି ସୂତାକୁ କର୍କଶ ଗୁଣସମ୍ପନ୍ନ କରିବାନିମନ୍ତେ ତା ଦେହରେ ଖୁବ୍ ପତଳା କାଚଗୁଣ୍ଡା, ଚନାବାସନ ଗୁଣ୍ଡା କମ୍ପା ପଥ ସରୁ ଓ ଖଦଡ଼ିଆ ବାଲି ବୋଳାଯାଏ । ସର୍ବଶେଷରେ ଶିପ ବୋତାମ, ଛୁଞ୍ଚି, କନା ବା କଡ଼ା କମ୍ପା କେବଳ ମାତ୍ର ନଖ ସାହାଯ୍ୟରେ ସୂତା ଦେହରୁ ଅଧିକା ଗୁଣ୍ଡଚକ ପୋଛି ଦିଆଯାଏ । ପରେ ସୂତା ଶୁଖିଗଲେ ତାକୁ ସାବଧାନତା ସହିତ ଟେରକିରେ ଗୁଡ଼ାଇ ରଖାଯାଏ । ଏହି ମାଞ୍ଜାଦିଆ ସୂତା ବା ମାଞ୍ଜା ସୂତା ଅନ୍ୟ ସୂତାକୁ କାଟି ଦେଇ ପାରେ । ପ୍ରତିଦ୍ୱନ୍ଦ୍ୱୀ ଗୁଡ଼ି-ଉଡ଼ାଳମାନେ ପରସ୍ପରର ସୂତାକୁ କାଟିବାକୁ ଚେଷ୍ଟା କରନ୍ତି । ଏ ସୂତାରେ ଲଗିଥିବା କାଚଗୁଣ୍ଡିର ଦାନ୍ତ ଅନ୍ୟ ସୂତାକୁ କାଟିଦିଏ । ଏକ ଗୁଡ଼ିର ସୂତାଦ୍ୱାରା ଅନ୍ୟ ଗୁଡ଼ିର ସୂତାକୁ କାଟିବାକୁ 'ପେଞ୍ଚ' କହନ୍ତି । ପେଞ୍ଚର ଫଳାଫଳ ମାଞ୍ଜାର ଉତ୍କୃଷ୍ଟତା ଉପରେ ଅନେକ ପରିମାଣରେ ନିର୍ଭର କରେ ।] ୨ । ବାଲି ବା କାଚର ଗୁଣ୍ଡ ମିଶିତ ଅଠା ବୋଳାଯାଇଥିବା ଗୁଡ଼ିର ସୂତା—The string of paper-kite which has been hardened with gum mixed with powdered glass. [ ଦ୍ର—ମାଞ୍ଜା ଅନେକ ପ୍ରକାର ହୁଏ । ଯଥା—

(୧) ଖଦଡ଼ା ମାଞ୍ଜା—ସୂତା ଦେହରେ ମାଞ୍ଜାର ମସଲା ସମାନଭାବରେ ଲାଗି ନ ଥାଏ ।

(୨) ଗୋଲ ମାଞ୍ଜା—ସୂତା ଦେହରେ ମସଲା ଲଗାଇ ଦେବା ପରେ ତାକୁ କୌଣସି ଗୋଟିଏ ଛୋଟ ଗୋଲ ଗର୍ତ୍ତ ଭିତରେ ଟାଣିବା ଦ୍ୱାରା ସୂତା ଉପରେ ସବୁଆଡ଼େ ସମାନ ହୋଇ ଓ ଗୋଲ ହୋଇ ମସଲା ଲାଗିଯାଏ ।

ଶିପ ବୋତାମର ଛିଦ୍ର ଭିତର ଦେଇ ସୂତାକୁ ଚଳାଇ ଯେଉଁ ସୂତା ତିଆରି ହୁଏ ତାକୁ 'ବୋତାମ ମାଞ୍ଜା' କୁହାଯାଏ ।

(୩) ଟଣା ମାଞ୍ଜା—ପେଞ୍ଚ ମାରିବା ସମୟରେ ସୂତାକୁ ଟାଣି ବିପକ୍ଷ ପକ୍ଷର ଗୁଡ଼ିକୁ କାଟିବା ପାଇଁ ଯେଉଁ ମାଞ୍ଜା ଉପଯୋଗୀ ।

(୪) ନଖ ମାଞ୍ଜା—ଖୁବ୍ ପତଳାଭାବରେ ମସଲା ଦିଆଯାଇଥିବା ଓ ନଖଦ୍ୱାରା ମଜା ଯାଇଥିବା ଏକପ୍ରକାର ମାଞ୍ଜା ।

(୫) ବାଲି ମାଞ୍ଜା—ବାଲି ସାହାଯ୍ୟରେ ତିଆରି ମାଞ୍ଜା । ଏହା ନିକୃଷ୍ଟ ।]

ମାଞ୍ଜା କରିବା—ଦେ. କ୍ରି—ମାଞ୍ଜା ଲଗାଇ ସୂତାକୁ ତିଆରି କରିବା—
Mānjā karibā To prepare string for flying
मांझा करा माँजा करना paper-kite by applying
[ମାଞ୍ଜା ଘଷିବା, ମାଞ୍ଜା ଦେବା—ଅନ୍ୟରୂପ) gum and sharp-edged powder.

ମାଞ୍ଜିଷ୍ଠ—ସଂ. ବିଣ—(ମଞ୍ଜିଷ୍ଠା=ରକ୍ତବର୍ଣ୍ଣ ଲତା+ରକ୍ତାର୍ଥେ. ଅ)—
Mānjishṭha ରକ୍ତବର୍ଣ୍ଣ—Red. ସଂ. ବି.—ରକ୍ତବର୍ଣ୍ଣ ପ୍ରସ୍ରାବ ହେବା ଏକ ପ୍ରକାର ପ୍ରମେହ—A kind of gonorrohea in which the urine becomes red.

ମାଞ୍ଜୁ—ପ୍ରାଦେ. (କଳାହାଣ୍ଡି) ବି—(ସଂ. ମାର୍ଜାର)—ବିଲେଇ; ବିରାଡ଼ି—
Mānju Cat.

ମାଟ୍ ଖେଡ଼ା—ପ୍ରାଦେ. (ବସ୍ତର) ବି—ଖଡ଼ା ଶାଗ—
Māṭa-kherdā Amaranthus Frumentaceus.

ମାଟଣି—ପ୍ରାଦେ. (ସମ୍ବଲପୁର)—ବି—ମାଠିଣି (ଦେଖ)
Māṭaṇi Māthiṇi (See)

ମାଟ ପକା—ପ୍ରାଦେ. (କିନ୍ଦୁଭୂମି) ବି (ହି. ଭୂମରନ)—ବାହାଘର; ବ୍ରତଘରର ଦୁଇ ଦିନ ପୂର୍ବରୁ ହେବା ଉତ୍ସବ—
Māṭa pakā The festivity performed two days before a marriage or thread ceremony.

M. Patnaik, Pleader.
Sutabat, Cuttack-1.

**ମାଠାପଲମ୍**—ବୈଦେ. ବି. (ଇଂ. ମାଡାପୋଲାମ୍)—ବିଦେଶୀ ବା ଦେଶୀ **Māṭhā palam** କଳ ବୁଣା ମୋଟା ଥାନ ଲୁଗା—Madapollam; long piece of coarse mill-made cloth. (ମାଟିଆ ପଲମ—ଅନ୍ୟରୂପ) মাটাপালাম, মাঠাফালাম **बिलती थान** [ଦ୍ର—ମାନ୍ଦ୍ରାଜର ମାଦ୍‌ପୋଲମ୍ ନାମକ ସ୍ଥାନରେ ଏ ଜାତୀୟ ଲୁଗା ପ୍ରଥମେ ପ୍ରସ୍ତୁତ ହେଉଥିବାରୁ ଏହି ନାମ।]

**ମାଟି**—ଦେ. ବି. (ସଂ. ମୃତ୍ତିକା; ତୁଳ. ପ୍ରା. ମଟ୍ଟୀ)—୧। ମୃତ୍ତିକା—**Māṭi** 1. Soil. ମାটি **मिट्टी, माटी** [ଦ୍ର—ସାଧାରଣତଃ ମାଟି ବାଲିଆ, ଗୋଡ଼ିଆ, ମଟାଳ, ଅଠାଳିଆ ବା ଚିକଟା, ଲୁଣି ଓ ପଙ୍କ ଏହି ଛଅ ଶ୍ରେଣୀରେ ବିଭକ୍ତ; ବାଲି ଓ ମାଟି ମିଶା ମାଟିକୁ ଦୋରସା ମାଟି ବୋଲାଯାଏ।

ସାଧାରଣ ଗୃହ ଜମିକୁ ଜଳ ଜମି ଓ ନଈକୂଳିଆ ଜମିକୁ ପାଳଜମି ବୋଲାଯାଏ। ଘର ଓ ସହରବାଡ଼ ଜମିକୁ ଉଚ୍ଚ ଜମି ଓ ଗ୍ରାମ ନିକଟସ୍ଥ ଉର୍ବର ଜମିକୁ କଳା ଜମି ବୋଲାଯାଏ। ପଙ୍କ ପଡ଼ିଥିବା ଜମିକୁ ପଙ୍କଜମି ବୋଲାଯାଏ। ଯେଉଁ ମାଟିରେ ମୃତ୍ତିକାର ଭାଗ ବେଶି ତାକୁ 'ମଟାଳ' ବୋଲାଯାଏ। ଏଥିର ଉପର ଶୁଖିଗଲେ ମଧ୍ୟ ଭିତର ଓଦା ଥାଏ। ଏହା କୃଷି ପକ୍ଷରେ ଉପଯୋଗୀ। ମଟାଳ ଜମିର ଅନେକଗୁଡ଼ିଏ ଶ୍ରେଣୀ ବିଭାଗ ଅଛି। ଯଥା—ବାଲିଆ ମଟାଳ, ଗୋଡ଼ିଆ ମଟାଳ, ଦୁଧିଆ ମଟାଳ, ତେଲିଆ ମଟାଳ, ଶୁଧ ମଟାଳ, ଖୁରୁଳିଆ ମଟାଳ, ପାଣ୍ଡୁରିଆ ମଟାଳ, ବାଘୁଆ ମଟାଳ, କମ୍ବୁରିଆ ମଟାଳ, ତେଲବାଲିଆ ମଟାଳ, ଧଉଳିଆ ମଟାଳ, ନାଲିଆ ମଟାଳ, ହଳଦିଆ ମଟାଳ, ଲୁଣି ମଟାଳ, ହାଡ଼ୁଆ ମଟାଳ, ଖଲି ବା ଖଡ଼ି ମଟାଳ, ଚିକଟା ମଟାଳ, କଳା ମଟାଳ, ନ(ଲୁ)ଣିଆ ମଟାଳ।

ଏହି ଶ୍ରେଣୀବିଭାଗ ମାଡକ୍ସ ସାହେବଙ୍କ ଓଡ଼ିଶା ସେଟଲମେଣ୍ଟ୍ ରିପୋର୍ଟରୁ ଗୃହୀତ ହୋଇଅଛି।

ଏକପ୍ରକାର ମାଟିକୁ ପାଣି ଦେଇ ହାତରେ ଘଷିଲେ ତହିଁରୁ ବାହାରିବା ଗୋରା ଚନ୍ଦନ ପରି ଧଳା ଲେପକୁ ଲୋକେ ତିଳକରୂପେ ଦେହରେ ଲଗାନ୍ତି, ତାକୁ ତିଳକମାଟି କହନ୍ତି। ଗଙ୍ଗାନଦୀର ପଙ୍କକୁ ବଳ କରି ଶୁଖାଇ ରଖାଯାଏ ଓ ଯେଉଁ ଠାରେ ଗଙ୍ଗାନଦୀ ପାଖରେ ନ ଥାଏ ସେଠାରେ ଏ ମାଟିକୁ ପାଣି ଦେଇ ହାତରେ ଘଷି ତହିଁରୁ ବାହାରିବା ଲେପକୁ ଲୋକେ ତିଳକରୂପେ ଦେହରେ ଲଗାନ୍ତି; ତାକୁ, ଗଙ୍ଗା ମାଟି ବା ଗଙ୍ଗା ମୃତ୍ତିକା ବୋଲାଯାଏ। ନାଲି ହଳଦିଆ ଓ ଧଳା ରଙ୍ଗର ମାଟିକୁ ପାଣିରେ ଗୋଳି ଲୋକେ କାନ୍ଥରେ କାନ୍ଥ ଲିପନ୍ତି; ତାକୁ ବନମାଟି ବୋଲାଯାଏ। କ୍ଷାରଯୁକ୍ତ ମୃତ୍ତିକାକୁ ସାଜିମାଟି ବୋଲାଯାଏ। ଏକପ୍ରକାର ମାଟି ଖୁବ୍ ଚିକ୍କଣ ଓ ଧଳା, ଏହାକୁ ଚନାମାଟି ବୋଲାଯାଏ। ମାଟିକୁ ଚିକଟ ପୋଡ଼ି ହାଣ୍ଡି, ମାଠିଆ, ନାନା ପାତ୍ର, ଇଟା, ଟାଇଲ୍, ଖପରଲି ତିଆରି ହୁଏ। ମାଟିକୁ ଚିକଟ ସେଥିରେ କାନ୍ଥ ତିଆରି ଓ କାଦୁଅ କରି ଇଟାରେ ବା ପଥରରେ ଗାନ୍ଥିନି କରାଯାଏ। ମାଟିକୁ ବଳ ବାଟୁଳି କରାଯାଏ।] ୨। ଭୂତଳ—2. The surface of the earth. ୩। ଭୂମି—3. Ground. ୪। ଧୂଳି—4. Dust. ୫। (ମୃତ୍ତିକାମୟ) ଶରୀର—5. The material body. ୬। ଭଙ୍ଗି ବା ନଷ୍ଟ ହୋଇଥିବା ବସ୍ତୁ—6. Soiled or damaged article. ବିଣ—୧। ପଣ୍ଡ; ବୃଥା; ନିଷ୍ଫଳ—1. Vain; fruitless; abortive, (ଯଥା—ମୋ ପରିଶ୍ରମ ମାଟି ହେଲା।) ୨। ଅଳସ୍ୟଯୁକ୍ତ—2. Lazy. (ଯଥା—ତା ଦେହ ମାଟି ପରି ଲାଗୁଛି।) ୩। ଅଯୋଗ୍ୟ—3. Unfit. (ଯଥା—ପିଲାଟି ଅସତ୍ ସଂସର୍ଗରେ ପଡ଼ି ମାଟି ହୋଇ ଗଲାଣି।) ୪। ନିର୍ବୋଧ—4. Dunce. ୫। ଭଙ୍ଗି ବା ନଷ୍ଟ—5. Soiled or damaged (article). (ଯଥା—ମୁଁ ଗୋଟିଏ ବସ୍ତାରେ ଲଙ୍କାମରିଚ ରଖିଥିଲି, ବର୍ଷକ ବାଦ୍ ବସ୍ତା ଫିଟାଇଲା ବେଳକୁ ସେଗୁଡ଼ିକ ମାଟି ହୋଇ ଗଲାଣି।)

**ମାଟିଆ**—ଦେ. ବିଣ (ସଂ. ମାର୍ତ୍ତିକ)—୧। ମୃତ୍ତିକାମିଶ୍ରିତ—1. Mixed with earth. ୨। ମୃତ୍ତିକାସମ୍ବନ୍ଧୀୟ—2. Relating to the soil. ୩। ମାଟି ପରି ସ୍ୱାଦଯୁକ୍ତ—3. Having a soily taste or flavour. ୪। ମାଟି ପରି ପାଣ୍ଡୁର ରଙ୍ଗଯୁକ୍ତ—4. Having the colour of soil. **Māṭiā** মাটিয়া, মেটে **मटिया, मटमैला** ବି—୧। ପୁରୀ ଜିଲ୍ଲା ବ୍ରାହ୍ମଣଙ୍କର ବଂଶ ପଦବୀବିଶେଷ—1. Family distinction of some Brāhmaṇas of Puri district. (ଯଥା—ଦେପୁର ମାଟିଆ ମିଶ୍ରେ।) ୨। ତାନ୍ତ୍ରିକ ଅଭିଚାରଦ୍ୱାରା ପେଷା ଯିବା ଅପଦେବତା—2. Evil spirits made to possess people by means of charms. ପ୍ରାଦେ. (ଜୟପୁର) ବି—୧। କୃଷିଜୀବୀ ଓଡ଼ିଆ ଜାତିବିଶେଷ—1. A class of Oriya agriculturists. ୨। ଏକପ୍ରକାର ଲମ୍ବ ଓ ବଡ଼ ଜହ୍ନି—2. A species of big kitchen vegetable; Luffa Acutangula.

**ମାଟିଆ କେଳା**—ଦେ. ବି—ଏକପ୍ରକାର ଦକ୍ଷିଣିଆ କେଳା—A sect of wandering tribes of gipsies who roam about doing earth-work and digging earth for wages. **Māṭiā kelā** **मुसहर; खानाबदोस; कंजर** বেদে

**ମାଟିଆ ଚିଲ**—ଦେ. ବି (ସଂ. ମାର୍ତ୍ତିକ+ଚିଲ୍ଲ)—ମାଟିଆ ରଙ୍ଗର ଏକପ୍ରକାର ଚିଲ—The brown kite; Marsh harrier; Circus Aeruginosus. **Māṭiā chila** মাঠচিল, মাটিআচিল মেটেচিল, গোদাচিল **मटियाचील** [ଦ୍ର—ଏମାନେ ଏକ ହାତ ପର୍ଯ୍ୟନ୍ତ ଲମ୍ବ; ଏମାନଙ୍କର ବର୍ଣ୍ଣ ଗେରୁ; ଏମାନେ ଚଲାଜାତୀୟ।] (ମାଟିଚିଲ—ଅନ୍ୟରୂପ)

**ମାଟିଅଟୁ**—ଦେ. ବି—ବାଉଁଶ ଉପରେ ମାଟି ଲେଖା ଯାଇ କରାଯାଇଥିବା ଘରର ଉପର ଛାତ—Inner roof of a house **Māṭi aṭu**

ମাটকোঠা made of mud plastered over bamboo
**पाटन** framework.

ମାଟିଆ ତେଲ—ଦେ. ବି.—ଭୂଗର୍ଭରୁ ପ୍ରାପ୍ତ ଏକପ୍ରକାର ମଇଳା କିରୋସିନ୍
Māṭiā tela ତେଲ—A sort of crude kerosine oil;
মেটেতেল mineral oil; rock oil; crude petroleum.
**मटिया तेल** [ ଦ୍ର—ଦେହ ଅବ ଦରକ ହେଲେ ଏହି ତେଲ ମାଲିସ୍ କରାଯାଏ । ]

ମାଟିଆ ପେଷଣ କରିବା—ଦେ. କ୍ରି—ବୀର ପେଷିବା ( ଦେଖ )
Māṭiā peshaṇa kariba Bira peshibā ( See )
ভূত লগান **जादु हाँकना** ( ମାଟିଆ ପେଷିବା—ଅନ୍ୟରୂପ )

ମାଟିଆ ଫ(ଫୁ)ରୋ(ରୁ)ସ୍—ଦେ. ବି—( ଏମାନଙ୍କ ବର୍ଣ୍ଣ ମାଟି ପରି
Māṭiā pha(phu)ro(ru)s ପାଣ୍ଡୁର ଥିବାରୁ ) ସାହେବ ଓ
মেটেফিরুস **दोगला अंग्रेज** ଦେଶୀ ଲୋକଙ୍କଠାରୁ ଉତ୍ପନ୍ନ ମିଶ୍ରିତ ଜାତି; କଳା ଫିରିଙ୍ଗି—Brown-skinned half-caste Eurasian.

ମାଟିଆ ବୁରୁଜ—ଦେ. ବି—ଗଡ଼ର କାନ୍ଥରେ ମାଟିରେ ତିଆରି ସ୍ତୂପ—
Māṭiā buruja Earthen revetment along the
মেটেবুরুজ **मटियाबुरुज** walls of a fort. [ ଦ୍ର—
କଲିକତା ଉପକଣ୍ଠରେ ଅଯୋଧ୍ୟାର ପେନ୍‌ସନ୍‌ପ୍ରାପ୍ତ ପ୍ରାଚୀନ ନବାବ ବଂଶର ବାସସ୍ଥାନ ଅଞ୍ଚଳକୁ ଅବଧି ମାଟିଆ ବୁରୁଜ କୁହାଯାଏ । ]

ମାଟିଆ ମଙ୍ଗ(ଙ୍ଗୁ)ଲା—ଦେ. ବିଣ. ପୁଂ—ଧନସମ୍ପନ୍ନ ହେଲେ ମଧ୍ୟ
Māṭiā manga(ṅgu)lā ଯେଉଁ ବ୍ୟକ୍ତି ମୋଟା ଓ ମଇଳା
(ମାଟିଆ ମଙ୍ଗୁଲୀ—ସ୍ତ୍ରୀ) ଲୁଗା ପିନ୍ଧେ, ମୋଟ ଖାଏ ଓ କୃପଣତା
মলেছ ଦେଖାଏ—Dressing oneself with coarse
**तेलियाह** dirty clothes, eating coarse meal and showing niggardliness, though rich.

ମାଟିଆ ମିଶ୍ର—ପ୍ରାଦେ. (ପୁରୀ) ବି—ପୁରୀ ଜିଲ୍ଲାବାସୀ ଏକ ଶ୍ରେଣୀର ମିଶ୍ର
Māṭiā misra ଉପାଧିଧାରୀ ବ୍ରାହ୍ମଣ—A distinguishing title of some family of Brahmans of Puri district.

ମାଟିଆ ବର୍ଣ୍ଣ—ଦେ. ବି—ମାଟି ପରି ପାଣ୍ଡୁର ବର୍ଣ୍ଣ; ଖାକି—
Māṭiā barṇṇa Khaki; brown colour.
(ମାଟିଆ ରଙ୍ଗ—ଅନ୍ୟରୂପ) মেটে রং **मटमैला रंग**

ମାଟି ଉଠା(ଠେ)ଇବା—ଦେ. କ୍ରି—୧ । ଖାତ ଭିତରୁ ମାଟି ବାହାର
Māṭi uṭhā(ṭhe)ibā କରି ବାହାରକୁ ଆଣିବା—1. To
মাটী উঠান bring out earth from a pit. ୨ ।
**मिट्टी उठाना, डीह उजाडना** (ଲକ୍ଷଣାର୍ଥ) ଲୋକର ସର୍ବନାଶ ଘଟାଇବା—2. (figurative) To bring about ruin of a person. ୩ । (ମୁସଲମାନମାନଙ୍କ ମଧ୍ୟରେ ପ୍ରଚଳିତ) ପଶ୍ଚିମ ମୁଖ ହୋଇ ହାତରେ ଟିକେ ମୃତ୍ତିକା ଧରି ଶପଥ କରିବା—3. (in the case of the Mahomedans) To take an oath by holding some earth and turning towards the west.

ମାଟି କରିବା—ଦେ. କ୍ରି. (ଲକ୍ଷଣାର୍ଥ)—୧ । କୌଣସି ଉତ୍କୃଷ୍ଟ ବସ୍ତୁକୁ
Māṭi karibā ନଷ୍ଟ କରିବା—1 ( figurative ) To
মাটি করা spoil a good thing. ୨ । ପରିଶ୍ରମକୁ ପଣ୍ଡ ବା
**मिट्टी करना** ବୃଥା ବା ବ୍ୟର୍ଥ କରି ଦେବା—2. To make one's labours or efforts abortive. ୩ । କୌଣସି ବ୍ୟକ୍ତିକୁ ଅଳସୁଆ କରାଇବା—3. To cause a person to become lazy. ୪ । କୌଣସି ବସ୍ତୁକୁ ଅକର୍ମା ବା ଗଳି କରି ଦେବା—4. To render a good thing useless.

ମାଟି କଳା—ପ୍ରାଦେ. (ପୁରୀ) ବି—ତୁମ୍ବ ବାଣର ବାରୁଦ ଉପରେ ଦିଆ
Māṭi kaḷa ଥିବା ମାଟିର ସ୍ତର—The layer of clay put on the gunpowder of a Tumba' firework.

ମାଟି କାମ—ଦେ. ବି—ଅନ୍ୟ ସ୍ଥାନରୁ ମାଟି ଖୋଳି ଆଣି ସଡ଼କ
Māṭi kāma ଉପରେ ପକାଇବା ବା ଘରର ମୂଳଦୁଆରେ ପକାଇବା
মাটির কায **मिट्टीका काम** ମାଟି—Earthwork.

ମାଟି କାମୁ(ମୋ)ଡ଼ିବା—ଦେ. କ୍ରି—୧ । ବାଧା, ଗୁସ୍ତ୍ରା ବା ବେତମାଡ଼
Māṭi kāmu(mo)ṛibā ଆଦି ପ୍ରହାରରେ ଜର୍ଜରିତ ହୋଇ
মাটি কামড়া ଭୂମିରେ ମୁହଁ ଲଗାଇ କରି ପଡ଼ିବା—1. To lie
**दाँतसे मिट्टी पकडना** with the face touching the
[ମାଟି କାମୁଡ଼ି ପଡ଼ିବା(ରହିବା)—ଅନ୍ୟରୂପ] ground as the result of hard blows. ୨ । (ଲକ୍ଷଣାର୍ଥ) କୌଣସି ସ୍ଥାନକୁ ବା ଅଞ୍ଚଳକୁ ନ ଛାଡ଼ି ନାନା କଷ୍ଟ ଓ ଦୁଃଖ ଭୋଗ କରି ମଧ୍ୟ ସେହିଠାରେ ଦୃଢ଼ ଦୃଢ଼ କରି ରହିବା—2. (figurative) To stick to a place permanently or for a long time, in spite of various troubles for it. (ଯଥା—ଗାଁଆଁର ସମସ୍ତେ ଏ ସ୍ଥାନ ଛାଡ଼ି ଚାଲିଗଲେ ମଧ୍ୟ ମୁଁ ଏଠାରେ ଦଶ ବର୍ଷ ହେଲା ମାଟି କାମୁଡ଼ି ପଡ଼ିଛି ।) ୩ । ମୃତ ହେବା (ମୃତ ବ୍ୟକ୍ତିର ମୁହଁ ଭୂଇଁରେ ଲାଗି ଥିବାରୁ)—3. To die. (ଦ୍ର—ଅସିଥିଲେ ଦମ୍ଭେ ଓଷ୍ଠ କାମୋଡ଼ଣ, ପଡ଼ିଲେ ମାଟି କାମୋଡ଼ି
[ମାଟି କାମୁଡ଼ା(ଡ଼େ)ଇବା—ଣିଜନ୍ତ ରୂପ] ସ୍ୱୟାନାଥ. ପାବଂଗ ।)

ମାଟି କିଣିବା—ଦେ. କ୍ରି—କୌଣସି ସ୍ଥାନରେ ମରି ସେହି ସ୍ଥାନର
Māṭi kiṇibā ମୃତ୍ତିକାରେ ଦେହକୁ ମିଶାଇବା ପାଇଁ ସେଠାକୁ
মাটি কেনা ପୂର୍ବରୁ ଟାଣି ହୋଇଯିବା—To be fated to
**(इसको यहाँकी)मिट्टी लिखा होना** die at a certain place and to consign one's body to the soil thereof.

ମାଟି କୋଠା—ଦେ. ବି—ମାଟିରେ ନିର୍ମିତ ଛାତଯୁକ୍ତ କୋଠା—
Māṭi koṭhā A building made of earthen roof
মাট(টি)কোঠা [ଦ୍ର—ଯେଉଁ ଦ୍ୱିତଳ ଗୃହର ତଳ ମହଲାର ଛାତ
**मिट्टीका कोठा** ମାଟିରେ ଅବୃତ ଓ ଉପର ମହଲାର ଛାତ ଛପର ହୋଇଥାଏ ତାକୁ ମାଟି କୋଠା କହନ୍ତି । ଅର୍ଥାତ୍ ଘରର ଛାତ ମଧ୍ୟ ମାଟିର ତିଆରି; କିନ୍ତୁ ସେ ଛାତରେ ମନୁଷ୍ୟ ଚଳାଚଳ

ହୁଅନ୍ତି ନାହିଁ; ବରଂ ମାଟିକୋଠାର ତଳ-ମହଲର ମାଟିଘର ଉପରେ ଲୋକେ ଶୁଅନ୍ତି ଉଠା ବସା କରନ୍ତି ।]

ମାଟି ଖାଇବା କ୍ରି—ଦେ. ବ—୧।(ଶିଶୁମାନେ) ମୃତ୍ତିକା ଭକ୍ଷଣ କରିବା—
Māṭi khāibā 1. (infants) To eat particles of
ମাটি খাওয়া earth. ୨ । (ଗର୍ଭିଣୀମାନେ) ଦୋହଦସୂଚକ ସ୍ପୃହା ଯୋଗୁଁ ମାଟି ଖାଇବା—2. ( pregnant women ) To chew particles of earth during pregnancy. ୩ । ମୃତ୍ୟୁ ପରେ ଶବ ରୂପେ ମାଟିରେ ପୋତା ହିବା—3. To be buried. [ଦ୍ର—ମୁସଲମାନମାନେ ଶବକୁ ପୋତିସାରି କବର ନିକଟରେ ବସି ରୁଟି ଖାଆନ୍ତି
**मिट्टी खाना** ଓ କହନ୍ତି—ତୁମ୍ ଖାଓ ମିଟ୍ଟି, ହାମ୍ ଖାବେଁ ରୋଟି, ଅର୍ଥାତ ତୁମେ ଖାଅ ମାଟି ଅମ୍ଭେମାନେ ଖାଉଁ ରୋଟି ।]
**गाडाजाना, मिट्टी लेना** ୪ । କୁସ୍ତି ଖେଳରେ ଭୂତଳଶାୟୀ ହେବା—4. To fall on the ground in a duel. ୫ । (ଲକ୍ଷଣାର୍ଥ) କୁକର୍ମ କରିବା କଥାକୁ ସ୍ୱୀକାର କରିବା—5. To admit that one has done an improper or vile act.

ମାଟି ଖୋଳିବା—ଦେ. କ୍ରି—ମାଟିରେ ଗର୍ତ୍ତ ଖନନ କରିବା—
Māṭi khoḷibā To dig the earth.
মাটিখোঁড়া(কাটা) **मिट्टिखोदना, मिट्टिकाटना**
(ମାଟିକାଟିବା—ଅନ୍ୟରୂପ)

ମାଟିଗଣ୍ଠି—ପ୍ରାଦେ (ପୁରୀ) ବ—ସଢ଼ବାଣ ବା ତୁମ୍ବ ବାଣରେ ବାରୁଦ
Māṭiganṭhi ଭର୍ତ୍ତିବା ପୂର୍ବରୁ ଚଟଣା ମାଟି ଖୁନ୍ଦାହୋଇ ଯେଉଁ
মাটিরস্তর ଟାଣୁଆ ପଟଳ କରାଯାଏ—The hard layer of sticky clay below the gunpowder of a Tumba or Ghardi firework.

ମାଟି ଗାନ୍ଥ(ନ୍ଥି)ନି—ଦେ. ବ—ଇଟାକୁ ମାଟି ବା କାଦୁଅଦ୍ୱାରା ସ୍ତର ସ୍ତର
Māṭi gāntha(nthi)ni କରି ବସାଇ କାନ୍ଥ ତିଆରି କରିବା
মা টীর গাঁথুনি କାମ—Laying of bricks with mud; mud-and-brick masonry.

ମାଟି ଗୋବର—ଦେ. ବ—ଘର ଆଦି ଲିପିବାପାଇଁ ବ୍ୟବହୃତ ମୃତ୍ତିକା ଓ
Māṭi gobara ଗୋମୟ—Earth and cowdung mixed
গোবরমাটি **मिट्टिगोबर** with water and used for smearing over earthen walls and floors.

ମାଟି ଗୋବର କନା—ଦେ. ବ—ଯେଉଁ କନାରେ ମାଟି ଗୋବର ପାଣି
Māṭi gobara kanā ଘରର କାନ୍ଥ ଆଦିରେ ଲିପାଯାଏ—
ন্যাতা, নাতা **नूँड** A rag used in besmearing the walls and floors with cowdung and water.

ମାଟି ଗୋବର ପାଣି——ଦେ. ବ—ମାଟି ଘରର କାନ୍ଥ ଓ ତଳ ଆଦି
Māṭi gobara pāṇi ଲିପିବା ପାଇଁ ମାଟି ଓ ଗୋବରଗୋଳିଆ
গোবর মাটি জল **मटिगोबरपानी** ଜଳ—Water mixed with earth and cowdung and used for smearing over earthen walls and floors.

ମାଟି ଗୋବର ହାଣ୍ଡି—ଦେ. ବ—ହିନ୍ଦୁ ପରିବାରର ସ୍ତ୍ରୀମାନେ ସକାଳୁ
Māṭi gobara hāṇḍi ମାଟି ଗୋବର ପାଣିରେ ଘର, ପିଣ୍ଡା
নাতারহাড়ি **गोबरौड** ଓ ଅଗଣା ଆଦି ଲିପିବାପାଇଁ ଯେଉଁ ପାତ୍ରରେ ମାଟି ଗୋବର ପାଣି ଓ ମାଟି ଗୋବର କନା ରଖନ୍ତି—A pot containing watered mixture of earth and cowdung for daily washing of the earthen walls and floors and courtyards.

ମାଟି ଘର—ଦେ. ବ—ମାଟିରେ କାନ୍ଥ, ମେଝିଆ ଓ ମୂଳଦୁଆ ଆଦି ତିଆରି
Māṭi ghara ହୋଇଥିବା ଖଡ଼ ଘର—Mud house; mud-
মাটিঘর **मिटिकाघर** walled and mud-floored thatched house

ମାଟିଘରା—ଦେ. ବ—କୁମ୍ଭାରିଆ ପୋକ ବା ମାଟି ଘରୁଡ଼ (ଭ୍ରମର)ମାନେ
Māṭigharā ତିଆରି କରିଥିବା ମାଟିର ଘର—The bulbons earthen nests made by mud-wasps.

ମାଟି ଘୋଡ଼ା—ଦେ. ବ—ଗ୍ରାମଦେବତାଙ୍କୁ ଭେଟି ଦିଆଯିବା ମାଟିର
Māṭighoṛā ଘୋଡ଼ାମୂର୍ତ୍ତି—Earthen horses present-
মাটিরঘোড়া **मिटिकाघोडा** ed to a village Goddess.

ମାଟି ଘେ(ଘି)ନିବା—ଦେ. କ୍ରି—୧ । (ହିନ୍ଦୁଙ୍କ ପକ୍ଷରେ) ମଳତ୍ୟାଗ ପରେ
Māṭi ghi(ghe)nibā ଗୁହ୍ୟଦ୍ୱାରରେ, ହାତରେ ଓ ଗୋଡ଼ରେ
মটিলাগনা **मिट्टिलेना** ମାଟି ବୋଳି ଜଳଦ୍ୱାରା ମଳକୁ ପରିଷ୍କାର କରିବା—1. (said of the Hindus) To smear earth on the anus, palms and feet and wash the body with water after passing stools [ଦ୍ର—ହିନ୍ଦୁମାନଙ୍କର ଶାସ୍ତ୍ରରେ ଝାଡ଼ା ଫେରିବା ଓ ପରିସ୍ରା କରିବା ପରେ ଗୁହ୍ୟ, ଲିଙ୍ଗ, କରତଳ ଓ ପଦତଳରେ ମାଟି ବୋଳି ପରେ ତାହା ଜଳ ଦ୍ୱାରା ଉତ୍ତମରୂପେ ପରିଷ୍କୃତ କରିବା ବିଧି ଅଛି । ବରଂ ସାଧାରଣତଃ ହିନ୍ଦୁମାନେ ମଳୋତ୍ସର୍ଗ କରିବା ପରେ ମାଟି ଘେନିବାର ଦେଖାଯାଏ । ରଜସ୍ୱଳା ସ୍ତ୍ରୀମାନେ ଗୁଣ୍ଡସ୍ନାନ ସମୟରେ ସର୍ବାଙ୍ଗରେ ମାଟି ଲେପିବାର ଦେଖାଯାଏ । ଫଳତଃ ଦେହରେ ମାଟି ବୋଳିହୋଇ ପରେ ପାଣିରେ ଧୋଇଲେ ଦେହ ଶୁଦ୍ଧ ପରିଷ୍କୃତ ଓ ମଳଶୂନ୍ୟ ହୁଏ ।]
୨ । (ମୁସଲମାନ୍‌ପକ୍ଷରେ) ମଳ ଓ ମୂତ୍ର ତ୍ୟାଗ ପରେ ଗୁହ୍ୟଦ୍ୱାର ବା ଲିଙ୍ଗକୁ ମଳ ବା ମୂତ୍ର ଶୂନ୍ୟ କରିବା ପାଇଁ ମାଟିର ଖଣ୍ଡ ଲିଙ୍ଗ ଅଗରେ ପ୍ରୟୋଗ କରିବା—2. ( said of the Mahomedans ) To apply a bit of earth to the anus or the mouth of the urinary organ to cleanse it after a call of nature. [ଦ୍ର—ହିନ୍ଦୁମାନେ ସ୍ନାନ କରିବା ପୂର୍ବରୁ ମନ୍ତ୍ରପାଠପୂର୍ବକ ଦେହରେ ମୃତ୍ତିକା ଲେପନ କରନ୍ତି ଓ ମଳତ୍ୟାଗ ପରେ ଗୁହ୍ୟଦ୍ୱାରରେ ଓ ବସ୍ତ୍ର ପଦାର୍ଥରେ ମୃତ୍ତିକା ଲେପନ କରି

ଜଳରେ ଧୁଅନ୍ତି । ହିନ୍ଦୁ ସ୍ତ୍ରୀମାନେ ବୃଷୋତ୍ସର୍ଗ ଦିନ ଅଙ୍ଗରେ ମୃତ୍ତିକା ଲେପନ କରନ୍ତି । ଏହାକୁ ମାଟି ଗେଣ୍ଡିବା ବୋଲାଯାଏ । ହିନ୍ଦୁମାନେ ପ୍ରସ୍ରାବ କରି ସାରି ଲିଙ୍ଗରେ ଜଳ ଦେଉନ୍ତି, କିନ୍ତୁ ମୁସଲମାନ୍‌ମାନେ ଜଳ ନ ଦେଇ ଶୁଖିଲା ମାଟି ଢେଲା ଦ୍ୱାରା ଲିଙ୍ଗାଗ୍ରରେ ଲାଗିଥିବା ମୂତ୍ରକୁ ଶୁଖିଦିଅନ୍ତି । ]

**ମାଟିଚଟା**—ଦେ. ବ—ଏକପ୍ରକାର ପକ୍ଷୀ—A kind of bird. Maṭichaṭa (ଦ୍ର—ସାଗୁଣା ମାଟିଚଟା ବାଉଁଠହେଉଛି ଜଳ—ପୀତାମ୍ବର. ନନ୍ଦିବ୍ରତପୂର୍ଣ୍ଣ ।)

**ମାଟି ଛଟା**—ଦେ. ବ—କାନ୍ଥ, ବାଡ଼ଆଦିରେ ବଣ୍ଡା ବଣ୍ଡା କାଦୁଅ Māṭi chhaṭā ଲଗାଇବା କର୍ମ—Act of daubing mud କାଦାଛାଟା on walls. ଦେ. ବଣ—ଯେଉଁ କାନ୍ଥରେ ବା ମିଟ୍ଟୀସାଟନା ବାଡ଼ରେ ମାଟି ଛଟା ହୋଇଥାଏ—( a wall ) କାଦାଛାଟା ମିଟ୍ଟୀଲେବା ହුଆ Daubed with mud.

**ମାଟି ଛାଟିବା**—ଦେ. କ୍ରି—କାନ୍ଥଆଦିରେ କାଦୁଅକୁ ଫୋପାଡ଼ି ଲଗାଇବା Māṭi chhāṭibā —To daub a wall with mud. କାଦାଛାଟା ମିଟ୍ଟୀ ସାଟନା (ଲେଵନା)

**ମାଟି ତେଲ**—ପ୍ରଦେ ( ବସ୍ତୁର ) ବ ( ଭୂଜ. ହିନ୍ଦୀ. ମଟ୍ଟୀ ତେଲ= Māṭi tela କେରୋସିନ୍ ତେଲ )—କେରୋସିନ ତେଲ—Kerosine oil.

**ମାଟି ଦବକିବା**—ଦେ. ବ—୧ । ମାଟିର ତଳେ ପାଣିଥିବା ଯୋଗୁଁ Māṭi dabakibā ମାଟି ନରମ ହେବା ବା ଚାପ ପାଇଲେ ମାଟି ଦଳଦଳ(ଲେ)ଇବା } ଅନ୍ୟରୂପ ତଳକୁ ବସିଯିବା ଓ ଚାପ ଛାଡ଼ି ମାଟି ଦଲ୍ ଦଲ୍ ହେବା } ଦେଲେ ଉଠିଯିବା—1. ମାଟି দল দল করা ( the earth ) Becoming elastic ମିଟ୍ଟୀ ପଲ ପଲ କରନା or soft ( owing to presence of water below ). ୨ । ଉପରେ ଅତ୍ୟନ୍ତ ଭାର ରଖାଯିବା ଯୋଗୁଁ ଭୂମି ତଳକୁ ଦବିଯିବା—2. The sinking of the surface of land on account of heavy weight put on it.

**ମାଟି ଦବିବା**—ଦେ. ବ—୧ । କୂଅ ମୃତ୍ତିକାରେ ଜଳ ପଡ଼ିବାରୁ ତାହା Māṭi dabibā ତଳକୁ ଖସିଯିବା—1. ( the earth ) মাটি বসে(দবে) যাওয়া Settling down or setting. ମିଟ୍ଟୀ ଦବନା ୨ । ମାଟି ଦବକିବା ( ଦେଖ )—2. Māṭi (ମାଟି ଦବିଯିବା—ଅନ୍ୟରୂପ) dabakibā ( See )

**ମାଟି ଦେବା**—ଦେ. କ୍ରି—୧ । ମୁର୍ଦାରକୁ ପୋତିବା; କବର ଦେବା—Māṭi debā 1. To bury a dead body; to inter. মাটিদেওয়া ୨ । (ଏକ ଯୋଦ୍ଧା ବା ପହଲୱାନ୍ ଅପର ଜଣଙ୍କୁ) ମିଟ୍ଟୀଦେନା ଯୁଦ୍ଧାର୍ଥ ଆହ୍ୱାନସୂଚକ ସ୍ୱରୂପ ମାଟି ପଠାଇଦେବା—2. To challenge an adversary to a duel by sendig to him a bit of earth.

**ମାଟି ଧରିବା**—ଦେ. କ୍ରି—୧ । କୁସ୍ତି ଇତ୍ୟାଦିରେ ( ମଲ୍ଲ ) ଭୂମିକୁ Māṭi dharibā ଜାବୁଡ଼ି କରି ଧରିବା—1. To hold মাটিধরা fast to the earth (said of an athlete).

**ମିଟ୍ଟୀ ପକଡ଼ନା** ୨ । ( ଗୁଳିବିଦ୍ଧ କୁମ୍ଭୀରର ଭାବ ) ବନ୍ଧୁକର ଗୁଳିରେ ଆହତ ହୋଇ ଜଳାଶୟର ତଳଦେଶକୁ ଯିବା—2. ( said of alligators wounded by a bullet ) To sink to the bottom.

**ମାଟି ଧୂଳି**—ଦେ. ବ (ସମାହାର; ସ. ମୃତ୍ତିକା+ଧୂଳି )—ମୃତ୍ତିକା ଓ ଧୂଳି Māṭi dhuḷi —Earth and dust.

**ମାଟି ଧୂଳି ସାପ**—ପ୍ରାଦେ ( ଦକ୍ଷିଣ ) ବ—ମାଟିବରିଡ଼ି ସାପ (ଦେଖ) Māṭi dhuḷi sāpa Māṭibirārḍi sāpa ( See )

**ମାଟି ନେବା**—ଦେ. କ୍ରି—୧ । କୌଣସି ସ୍ଥାନରେ ମୃତ ହେବା—Māṭi nebā 1. To die at a place. ୨ । ମାଟି ଘିନିବା মাটিনেওয়া ମିଟ୍ଟୀଲେନା ( ଦେଖ )—2. Māṭi ghinibā ( See )

**ମାଟି ପରି ଲାଗିବା**—ଦେ. ବ—ଅଳସ୍ୟ ବୋଧ ହେବା—Feeling Māṭi pari lāgibā of laziness or indisposition to (ମାଟିପରି ହେବା—ଅନ୍ୟରୂପ) মাটিমাটি করা work. ମିଟ୍ଟୀସା ମାଲୁମ ହୋନା

**ମାଟି ବଂଶ ନାୟ(ହା)କ**—ଦେ. ବ—ଓଡ଼ଶାର ନାୟକ ( ଗଣକ ) Māṭi baṁśa nāya(hā)ka ଶ୍ରେଣୀର ଏକଶାଖା; ସିଦ୍ଧ ବଂଶ (ମାଟିବଂଶ ଅବଧାନ—ଅନ୍ୟରୂପ) ଅବଧାନ—A class of astrologers of Orissa. [ ଦ୍ର—ଓଡ଼ିଶାର ନାୟକମାନେ ୨ ଶ୍ରେଣୀର,—ସିଦ୍ଧବଂଶ ବା ମାଟିବଂଶ ନାୟକ ଓ ଖଡ଼ୁ ବଂଶ ନାୟକ । ଖଡ଼ୁ ବଂଶ ନାୟକମାନେ ଗଣକବୃତ୍ତି କରନ୍ତି । ମାଟିବଂଶ ନାୟକମାନେ ପାଠଶାଳାରେ ଶିକ୍ଷକତା କରୁଥିଲେ । ]

**ମାଟିପୁରା**—ପ୍ରାଦେ ( ମେଦିନୀପୁର ) ବ—ମାଟିବରିଡ଼ି ସାପ ( ଦେଖ ) Māṭipurā Māṭibirārḍi sāpa ( See )

**ମାଟିବଂଶ କରଣ**—ଦେ. ବ—ବୈଶ୍ୟ କରଣ ( ଦେଖ ) Māṭibaṁśa karaṇa Baiśya karaṇa ( See )

**ମାଟି ବସିବା**—ଦେ. ବ—୧ । ବର୍ଷାଦ୍ୱାରା ମାଟି ଆର୍ଦ୍ର ହୋଇ ତଳକୁ Māṭi basibā ଦବ ହୋଇଯିବା—1. The settling মাটিবসা of earth after the rains. ୨ । ମିଟ୍ଟୀ ବୈଠନା ମାଟି ଦବିବା (ଦେଖ)—Māṭi dabibā ( See ) (ମାଟି ବସିଯିବା—ଅନ୍ୟରୂପ)

**ମାଟିବରିଡ଼ି ସାପ**—ଦେ. ବ—ମାଟିଆ ରଙ୍ଗର ନିର୍ବିଷ ସାପ—A kind Māṭibirārḍi sāpa of non-poisonous snake; ମାଟିବରିଡ଼ିଆ ସାପ } Tropidonotus Stolatus. ମଟିମାର୍ଜାର ସପ } ଅନ୍ୟରୂପ [ ଦ୍ର—କୋମଳ କରି ଗାଇଲେ ମାଟିମାର୍ଜାର ଫଣୀ } ପଦ୍ମତୋଳା ଗୀତ, କରେ ମାଟି- মেটেলি সাপ ମାର୍ଜାର ଫଣୀ ଫଣା ଉଦ୍ଧତ ? ପାନକୁସ୍ତ. ମଟମୈଲା ସାଁପ ଉପକଲ୍ଲୋଳ । ] [ ଦ୍ର—ଏମାନଙ୍କର ବର୍ଣ୍ଣ ଧୂସର ସାବଳା ଓ ମାଟିର ବର୍ଣ୍ଣ ; ଦେହରେ ଧୂସର ଚିତ୍ର ଦାଗ ଥାଏ; ପେଟତଳ ଧଳା । ଏମାନେ ବେଙ୍ଗ, ମାଛ ପୋକ ପ୍ରଭୃତି ଖାଆନ୍ତି । ଏମାନେ ଉମ୍ଭ ପରବର୍ତ୍ତୀରେ ଛୁଆ ଜନ୍ମ କରନ୍ତି—ଯୋଗେଶଚନ୍ଦ୍ର; ଏମାନେ ନିର୍ବିଷ । ]

ମାଟି ବୋଲିବା—ଦେ. କ୍ରି—କାନ୍ଥରେ ବା ଘରର ତଳରେ ପାଣିଆ
Māṭi bolibā ମାଟିର ପ୍ରଲେପ ଦେବା—To lay a thin
ମାଟି ଲ(ଲେ)ପିବା } ଅନ୍ୟରୂପ layer of mud on a
ମାଟି ଲେପିବା floor or wall; to bes-
মাটি লেপা mear with mud. [ଦ୍ର—ମାଟି ବୋଳିବାରେ
मिट्टीलेपना ମାଟି ଲେପିବା ଅପେକ୍ଷା ମାଟିର ସ୍ତର ମୋଟ ବା
ଘନ ହୁଏ ।]

ମାଟି ଭଅଁର—ଦେ. ବି. ( ସଂ. ମୃତ୍ତିକା ଭ୍ରମର)—କୁମ୍ଭାର ପୋକ;
Māṭi bha-añra କାଦୁଅରେ ବସା ବାନ୍ଧିବା ଏକ ପ୍ରକାର
[ମାଟି ବ(ଭ)ରୁଡ଼—ଅନ୍ୟରୂପ] ଭଅଁର—Mud wasp.
কুমরে পোকা कुम्हाइन कीड़ा

ମାଟି ଭରିବା—ଦେ. କ୍ରି—କୌଣସି ଗର୍ତ୍ତରେ ବା ଖାଲରେ ମାଟି ପୂର୍ଣ୍ଣ
Māṭi bhariba କରିବା—To fill up a pit with
(ମାଟି ଭରେ[ଗ୍ର]ଃ କରିବା—ଅନ୍ୟରୂପ) earth.
মাটিভরা मिट्टी भरना

ମାଟି ଭାଉ—ଦେ.ବି—ଅତି ସୁଲଭ ମୂଲ୍ୟ—Very cheap price.
Māṭi bhāu ( ଯଥା—ଅଜିକାଲି ବଜାରରେ ମାଛ ମାଟିଭାଉରେ
( ମାଟି ଦର, ମାଟି ମୂଲ୍ୟ, ମାଟି ଦାମ—ଅନ୍ୟରୂପ ) ବିକା ହେଉ-
মাটির দর मिट्टीका भाव ଅଛି । ]

ମାଟି ମାଟି ଲାଗିବା—ଦେ. ବି—ଅବସନ୍ନତା ବୋଧ ହେବା; ଅଳସ୍ୟ
Māṭi māṭi lāgibā ବୋଧ ହେବା—A feeling of
মাটি মাটি করা langour or laziness.
(ପ୍ରୟୋଗ—ମୋ ଦେ(ହ)ହ ମାଟି ମାଟି ଲାଗୁଛି ।)

ମାଟିରେ ପୋକ ହେବା—ଦେ. କ୍ରି—ଗୃହବାସରେ ବିଶେଷ ପରିଶ୍ରମ
Māṭire poka hebā କରିବା; ଖୁବ୍ ଗଭୀର ଚାଷ କରିବା—
মাটিরপোকা হওয়া To plough deeply; to labour
मिट्टीका कीड़ा बनना very hard in agriculture.

ମାଟିରେ ମିଶିବା—ଦେ. କ୍ରି—୧ । (ମନୁଷ୍ୟ) ମୃତ ହେବା; ଦେହ
Māṭire misibā ତ୍ୟାଗ କରିବା—1. To die. ୨ ।
মাটিতে মেশা (କୋଠା, ଘର ଆଦି) ଭାଙ୍ଗି ଯାଇ ଭୂମିସାତ୍ ହେବା—
मिट्टीमे मिलजाना; मट्टीयामेट होना 2. To fall down to
[ ମାଟିରେ ମିଶା(ଶେ)ଇବା—ଣିଜନ୍ତରୂପ ] the ground;
to be razed to the ground. ୩ । (କୌଣସି ବସ୍ତୁ)
ସଢ଼ି ପଚି ମୃତ୍ତିକାରେ ମିଶିଯିବା—3. (any organic
matter) To become turned into the soil.

ମାଟି ଶୁଙ୍ଘିଲେ ଶୋଇବା—ଦେ. କ୍ରି—ବିଛଣାରେ ଶୋଇବା ମାତ୍ରକେ
Māṭi śunghile śoibā ଗାଢ଼ ନିଦରେ ଅଚେତ ହେବା—
বিছানা ধরলেই ঘুমন To have sound or deed
बिछौना पर जानेसेही सोजाना sleep as soon as one
lies down.

ମାଟି ହାତୀ—ଦେ. ବି—ଗ୍ରାମଦେବତାଙ୍କୁ ଭେଟି ଦିଆଯିବା ମାଟିରେ
Māṭi hātī ତିଆରି ହାତୀମୂର୍ତ୍ତି—Earthen elephants
মাটির হাতী offered to the village-Goddess.
मिट्टीका हाथी [ ଦ୍ର—ଏହିପରି ମାଟିଘୋଡ଼ା ହୁଏ]

ମାଟି ହେବା—ଦେ. କ୍ରି—୧ । ପଣ୍ଡ ହେବା; ବ୍ୟର୍ଥ ହେବା—
Māṭi hebā 1. To miscarry; to turn into noth-
মাটি হওয়া मिट्टी होना ing; to be frustrated.
୨ । ସମ୍ପୂର୍ଣ୍ଣରୂପେ ନଷ୍ଟ ହେବା—2. To be comple-
tely spoiled.

ମାଟୁ—ଦେ. ବି—ଅଟ୍ଟ; ମାଟି ଘରର ଛାଳ ତଳରେ ମାଟି ଛାଟ ହୋଇ
Māṭu ତିଆରି କରା ଯାଇଥିବା ଛାତ—The inner roof of
মাট কোঠা पाटन a thatched house, which is
daubbed with mud. ପ୍ରାଦେ. (ଗଡ଼ଜାତ) ଶିକାରୀ
ଲୁଚି କରି ବନ୍ୟଜନ୍ତୁଙ୍କୁ ଜଗିବା ପାଇଁ ମାଟି ତଳରେ ଯେଉଁ
ଗର୍ତ୍ତ ଖୋଳା ହୋଇଥାଏ, ଏବଂ ଯାହା ଉପରେ ଡାଳପତ୍ର
ଆଦି ଘୋଡ଼ା ଯାଇଥାଏ—A hole below the
ground where the hunter lies in am-
bush for hunting.

ମାଟୁ(ଣ୍ଟୁ)ବେଣ୍ଟ—ପ୍ରାଦେ. ( ଗଡ଼ଜାତ ) ବି—ଏକପ୍ରକାର ଶିକାର
Māṭu(ṇṭu)beṇṭa କରିବା ପ୍ରଣାଳୀ—A device for hunt-
গর্তহইতে শিকার ing in which the hunter lies in
ambush in a concealed hole under
ground and shoots animals when they
come near it. [ ଦ୍ର—ଏଥିରେ ଶିକାରୀ ଭୂମିତଳେ
ଗାତଖୋଳି ସେ ଗାତ ମୁହଁରେ ଡାଳ ପତ୍ର ଆଦି ଘୋଡ଼ାଇ
ତହିଁ ମଧ୍ୟରେ ଲୁଚି କରି ଜଗି ବସିଥାଏ । ନିକଟକୁ ବନ୍ୟ
ଜନ୍ତୁ ଆସିଲେ ସେହି ଗାତ ମଧ୍ୟରୁ ଶିକାରୀ ବନ୍ୟଜନ୍ତୁକୁ
ଲକ୍ଷ୍ୟ କରି ବନ୍ଧୁକ ବା ଶର ମାରେ । ]

ମାଟେ(ଣ୍ଟେ)ଇବା—ଦେ. କ୍ରି ( ସଂ. ମନ୍ଥର )—୧ । ମଠ କରିବା;
Māṭe(ṇṭe)ibā ବିଳମ୍ବ କରିବା—1. To delay. ୨ ।
দেরীকরা କୌଣସି କାର୍ଯ୍ୟ ଧୀରେ ଧୀରେ କରିବା—2. To
देरि करना do a work slowly. ୩ । ସ୍ଥଗିତ ହେବା—
মাঠকরা 3. To be in abeyance; to stop. ୪ ।
धीमा होना ( କୌଣସି କାର୍ଯ୍ୟ ) ଧୀରଗତିବିଶିଷ୍ଟ ହେବା—
वाटजोहना 4. (a work ) To proceed very slowly.
মাটিলেপা ୫ । କୌଣସି ସ୍ଥାନରେ ଅପେକ୍ଷା କରିବା—
मिट्टी लेवना 5. To wait or loiter at a place.
୬ । ମାଟିର ପ୍ରଲେପ ଦେବା—6. To besmear or
daub clay on something.

ମା(ମେ,ମ୍ୟା)ଟ୍ରିକ୍—ବୈଦେ. ବି (ଇଂ. 'ମାଟ୍ରିକୁଲେସନ୍'ର ସଂକ୍ଷିପ୍ତ
Mā(me,myā)ṭrik ଆକାର)—୧ । ମାଟ୍ରିକୁଲେସନ୍ (ଦେଖ)—
ম্যাট্রিক 1. Māṭrikulesan ( See ) ୨ । ମାଟ୍ରିକୁଲେଟ୍
मैट्रिक ( ଦେଖ )—2. Māṭrikulet ( See )

ମା(ମେ, ମ୍ୟା)ଟ୍ରିକୁ(କ୍ୟୁ)ଲେଟ୍—ବୈଦେ. ବିଣ ( ଇଂ ) —ପ୍ରବେଶିକା
Mā(me,myā)ṭriku(kyu)leṭ ପରୀକ୍ଷାରେ ପାସ କରିଥିବା (ଛାତ୍ର)
ম্যাট্রিকুলেট —Matriculate. ବି—ପ୍ରବେଶିକା ପରୀକ୍ଷାରେ
मैट्रिकुलेट ପାସ କରିଥିବା ବ୍ୟକ୍ତି—A matriculate.

ମା(ମେ,ମ୍ୟା)ଟ୍ରିକୁ(କ୍ୟୁ)ଲେସନ୍ – ବୈଦେ. ବି (ଇଂ)—ବିଶ୍ୱବିଦ୍ୟାଳୟର Mā(me,myā)ṭriku(kyu)lesan ପ୍ରବେଶିକା ପରୀକ୍ଷା—The ম্যাট্রিকুলেসন matriculation or University मैट्रिकुलेसन Entrance Examination.

ମା(ମେ,ମ୍ୟା)ଟ୍ରିକୁ(କ୍ୟୁ)ଲେସନ୍ କ୍ଲାସ୍—ବୈଦେ.ବି (ଇଂ)--ହାଇସ୍କୁଲର Mā(me,myā)ṭriku(kyu)lesan klās ଏଣ୍ଟ୍ରାନ୍ସ ବା ଶେଷ ଶ୍ରେଣୀ ম্যাট্রিকুলেসন ক্লাস —The matriculation class of मैट्रिकुलेसन क्लास a High English school.

ମାଠ—ସ. ବି—ରାସ୍ତା—A road ( Apte ). ଦେ. ବି—୧ । Māṭha ହଣା ସୂତାରେ ପ୍ରସ୍ତୁତ ବେଶୀ ଓସାରେ ଭୁଣା ମୋଟା ଦଲାଇ ଡୁଇପରସ୍ତିଆ ଶୀତ ଚଦର—1. A double two-strip- सलिगा ped sheet made of cotton thread hand-woven. [ ଦ୍ର—୧ ବା ୧୩ ହାତ ଓସାରର ମୋଟ ପଟ ଦୁଇଟିକୁ ଲମ୍ବ ବାଗରେ ସିଲାଇ କରି ସିଲାଇ ହୋଇଥିବା ୧୨ ହାତ ଲମ୍ବ ହୋଇଥିବା ଚଦରର ଲମ୍ବକୁ ୨ଥର ବଳି ଭାଙ୍ଗି ସେଥିଁ ୬ ହାତଆ ଦୋହୋଇ ଦୋପଟା ଚଦର ହୁଏ ତାକୁ ମାଠ ବୋଲାଯାଏ । ଏହାକୁ ମଫସଲରେ ସାଧାରଣ ମଧ୍ୟବିତ୍ତ ଲୋକେ ଶୀତବସ୍ତ୍ରରୂପେ ବ୍ୟବହାର କରନ୍ତି ।] ୨ । (ସ. ମନ୍ଥଧାତୁ; ସ. ମୃଜ ଧାତୁରୁ ମୃଷ୍ଟ)--ଚକ୍ଚକ ବା ପାଲିସ୍ ମাঠন କରିବାର ହତିଆର—2. An instrument for मठेरा polishing articles. [ ଦ୍ର—ଯୌଗିକର ମାଠେ ମଠା ହୋଇ ଅଙ୍ଗ-ଯଷ୍ଟି କଲା ପଲ୍ଲବତା । ରାଧାନାଥ. ଯଯାତି ।] ୩ । ନୀଚ ଜାତିର ସ୍ତ୍ରୀଲୋକମାନେ ମଣିବନ୍ଧରେ ପିନ୍ଧିବା ପିତ୍ତଳର ପାଲିସ୍ ହୋଇଥିବା ଖଡୁ—Polished bangles worn on the wrist by females of low castes. ବିଣ (ସ. ମୃଷ୍ଟ)— মাঠা ଚକ୍ଚକ ବା ପାଲିସ୍ କରାଯାଇ ଥିବା (ଅଳଙ୍କାର ଆଦି) मठोर कियाहुआ —Polished ( ornaments etc ). ପ୍ରାଦେ. ( ଉତ୍ତର ବାଲେଶ୍ୱର ) ବି ( ଭୂଇ ବ. ମାଠ )— ଛଡ଼ିଆ ଜମି—Waste land; meadow.

ମାଠ ଗୁଣା—ଦେ. ବି—ଏକପ୍ରକାର ପାଲିସ୍ କରାଯାଇ ଥିବା ଗୁଣା ବା Māṭha guṇā ନାକପୁଡ଼ାର ଅଳଙ୍କାର ବିଶେଷ—A polished বেসর flower ( ornament ) for the nostril मठोराहुआ बेसर [ ଦ୍ର—ନାସିକାରେ ମଠଗୁଣା, କରେ କଙ୍କଣ କଣା—ଭକ୍ତ. ଲବଙ୍ଗଲତା । ]

ମାଠଣ(ଣି)—ଦେ. ବି ( ସ. ମନ୍ଥନ; ସ. ମୃଜ ଧାତୁରୁ ମୃଷ୍ଟ )—୧ । Māṭhaṇa(ṇi) ଅଳଙ୍କାରଆଦିକୁ ବାରମ୍ବାର ଘଷିବାଦ୍ୱାରା ଉତ୍ପନ୍ନ মাঠন ପାଲିସ୍ ବା ଚକ୍ଚକ—1. Polish of ornaments चिकनाहट and other things produced by constant rubbing. ୨ । ପାଲିସ୍ କରିବା କର୍ମ—2. The act of polishing.

ମାଠଣ(ଣି) କରିବା—ଦେ. କ୍ରି. ( ସ. ମୃଷ୍ଟ )—କୌଣସି ପଦାର୍ଥକୁ Māṭhaṇa(ṇi )kariba ବାରମ୍ବାର ଘଷି ପାଲିସ୍ କରିବା— মাঠন করা मठोरना To polish ornaments and other things.

ମାଠେଇବା—ପ୍ରାଦେ. ( ସମ୍ବଲପୁର ) କ୍ରି—ମାଠଣ କରିବା ( ଦେଖ ) Māṭhaneibā Māṭhana karibā ( See )

ମାଠତିସ୍—ଦେ. ବି ( ଭୂଇ. ଇଂ. ମାଚେଟ୍ matchet; ଓଡ଼ିଆ Māṭhatis ଛୁରି )—ବଢ଼େଇମାନଙ୍କ ସରୁ ବାଟାଳି— নিহানি रुखानी Carpenter's slender chisel.

ମାଠ ପଥର—ଦେ. ବି ( ସ. ମୃଜ୍ ଧାତୁରୁ ମୃଷ୍ଟ+ପ୍ରସ୍ତର )—ସୁନା Māṭha pathara ରୁପାର ଅଳଙ୍କାରକୁ ଚକ୍ଚକିଆ କରିବା ପାଇଁ ବଣିଆଙ୍କ ବ୍ୟବହୃତ ଏକପ୍ରକାର ଚିକଣ ପଥର— Goldsmith's polishing stone. [ମାଠ(ଠି,ଠେ)ଣି ପଥର—ଅନ୍ୟରୂପ]

ମାଠର—ସ. ବି ( ମଠ୍ ଧାତୁ=ବାସ କରିବା+କର୍ତ୍ତୃ. ଅର )— Māṭhara ୧ । ସୂର୍ଯ୍ୟଙ୍କର ପାରିପାର୍ଶ୍ୱିକ ଗ୍ରହବିଶେଷ—1. Name of a minor planet near or attendant on the sun ( Apte ). ୨ । ବ୍ୟାସଦେବ—2. The sage Byāsa. ୩ । ଶୌଣ୍ଡିକ; ଶୁଣ୍ଡି—3. Wine-vender. ୪ । ବ୍ରାହ୍ମଣ—4. Brāhmaṇa. ଦେ. ବି—ପ୍ରାଚୀନ ଉତ୍କଳର ରାଜବଂଶବିଶେଷ—A dynasty of ancient kings of Orissa.

ମାଠ ରନ୍ଦା—ଦେ. ବି—କାଠକୁ ଚକ୍ଚକ କରିବା ପାଇଁ ବ୍ୟବହୃତ Māṭha randā ଛୋଟ ରନ୍ଦା—Carpenter's small মাঠারাঁ(রেঁ)দা मठौरा polishing plane.

ମାଠା—ଦେ. ବି ( ସ. ମନ୍ଥ୍ ଧାତୁ; ସ. ମଥନୋତ୍ଥ; ଭୂଇ. ବ. ମାଠା = Māṭhā ଘୋଳଦହି; ଲହୁଣୀ )—ନବନୀତ; ଲହୁଣୀ (ନକେ)— মাঠা मक्खन Butter.

ମାଠି—ଦେ. ବି—୧ । ( ସ. ମୃଷ୍ଟବଳୟ ) ଏକପ୍ରକାର ପାଲିସ୍ କରା- Māṭhi ଯାଇଥିବା ରୁପାର ବା କଂସାର ମୋଟ ଖଡୁ ବା ବଳୟ पालिसदार कंगन, मठिया ବଳୟ—1. A kind of polished wristlet of silver or bell metal. मठरना ୨ । ବଣିଆଙ୍କର ଖଦ୍ ସାନ ହାତୁଡ଼ି—2. Goldsmith's tiny hammer.

ମାଠିଆ—ଦେ. ବି ( ସ. ମୃଦ୍ଭାଣ୍ଡ )—ମାଟିର କୁମ୍ଭ; କଳସ—An Māṭhiā earthen pitcher; a narrow-necked ঘড়া, কলসী, মেটে কলসী earthen jar. [ଦ୍ର—ଦେଖିବୁ ଦେହ ঘড়া, मटका, मट, माट ଭୁଜା ମାଠିଆ କୁମ୍ଭର—କୃଷ୍ଣସିଂହ. ମହା. ଭାରତ । ] [ ଦ୍ର—ମାଠିଆ ଓ ହାଣ୍ଡି ପ୍ରଭୃତିର ଗୋଲାକାର ତଳଭାଗକୁ ଗାଣ୍ଡି ଓ ମେଲା ବା ଉପରର ପାଖକୁ ମୁହଁ କହନ୍ତି; ବଡ଼ ଘଟକୁ ମାଠିଆ ଓ ଛୋଟ ଘଟକୁ ଘଡ଼ି କହନ୍ତି ।] ପ୍ରାଦେ. ( ସିଂହଭୂମ ) ବି—ଛୋଟ ଓ ବଡ଼ ମାଟିର ଘଟ—Small or big earthen jar. [ ଦ୍ର—ଛୋଟ ମାଟି ଘଡ଼ାକୁ ମଧ୍ୟ ସିଂହଭୂମରେ ମାଠିଆ କହନ୍ତି । ]

ମାଠି(ଠେ)ଣି—ଦେ. ବି—୧ । ମାଠଣ ( ଦେଖ )—1. Māṭhaṇa
Māṭhi(ṭhe)ṇi ( See ). ୨ । ପଲସ୍ତରା ହୋଇଥିବା ଚୂନ
ମାଠନ चिकनाहट; पलस्तर ଉପରେ କରଣୀ ଘଷି କରାଯିବା
ପାଲିସ୍—2. Polish made on a plaster by repeated rubbings with the mason's trowel. ୩ । କାନ୍ଥ ବା ଚଟାଣ ଉପରେ ଚୂନ ବା ସିମେଣ୍ଟର ପଲସ୍ତରା—3. Plastering of a wall or floor with lime or cement.

ମାଠି(ଠେ)ଣି ଚୂନ—ଦେ. ବି—ଲୁଗାରେ ଛଣା ହୋଇ ତାନ୍ତ ଅବଲୁ
Māṭhi(ṭhe)ṇi chūna ମାଠେଣି କରିବା ନିମନ୍ତେ ବ୍ୟବହୃତ
ମାଠନ ଚୁନ पलस्तरका चूना ଚୂନ—Sifted lime-paste used in polishing floors and walls. [ ଦ୍ର—ପୂର୍ବେ ସାଧାରଣରେ ସିମେଣ୍ଟର ବ୍ୟବହାର ଚଳୁ ନ ଥିବା କାଳରେ ପଥରଚୂନକୁ ବାଷ୍ପ ତାକୁ କନାରେ ଛାଣି ସେହି ସୂକ୍ଷ୍ମ ଲେପଦ୍ୱାରା ମାଠିଣି କରାଯାଉଥିଲା । ]

ମାଠିବା—ଦେ. କ୍ରି ( ସଂ. ମୃଜ ଧାତୁରୁ ଉତ୍ପନ୍ନ ମୃଷ୍ଟ; ତୁଳ. ପ୍ରା. ମଟ୍ଠ )—
Māṭhibā ୧ । କୌଣସି ବସ୍ତୁକୁ ଘଷି କରି ମସୃଣ କରିବା—
ମାଠা मठोरना 1. To polish a thing by repeated
(ମାଠେଇବା—ଅନ୍ୟରୂପ) rubbing [ ଦ୍ର—କୋଠାର ତଳରେ ବା
[ମଠା(ଟେ)ଇବା—ଣିଜନ୍ତରୂପ] କାନ୍ଥରେ ଚୂନ ପଲସ୍ତରା କରି ତାକୁ କରଣୀର ପଛଅଡ଼େ ନ ମାଠିଲେ ତାହା ମସୃଣ ହୁଏ ନାହିଁ । ହାଣ୍ଡି ମାଠିଥିବୁ କୁମ୍ଭାର ଗଢ଼ି ସାରିବା ପରେ ତାକୁ ମାଠେ । ଖଡ଼ୁରମାନେ କଂସା ଓ ଭରଣ ଖଡ଼ୁକୁ ମାଠି ଚକ୍କଣ କରନ୍ତି । କଣ୍ଠିଆମାନେ ଅଳଙ୍କାରକୁ ମାଠପଥରଦ୍ୱାରା ମାଠି କରି ଚକ୍କଣ କରନ୍ତି । ] ୨ । ( ଦେହରେ ତେଲାଦି ) ଚକ୍କଣ କରି ବୋଳିବା; ମାଖିବା—2. To anoint ( oil
ମାଖା लेपना etc ).

ମାଠି ହେବା —ଦେ. କ୍ରି—ନିଜ ଦେହରେ ତେଲ, ହଳଦ ଆଦି ଉତ୍ତମ
Māṭhi hebā ରୂପେ ବୋଳି ହେବା—To anoint ( oil
(ମାଠିମୁଠି ହେବା—ଅନ୍ୟରୂପ) etc ) on one's body. (ଉ—
ହଳଦ ତେଲ ବୁଲି ଲୋହିବ ମାଠି ଅଙ୍ଗେ—ପୀତାମ୍ବର.
ମାଖା ନୃସିଂହପୁରାଣ ।)

ମାଠୀ—ସଂ. ବି—ସାଞ୍ଜୁ—
Māṭhī An armour; mail ( Apte ).

ମାଠୁଆ—ଦେ. ବିଣ. ପୁଂ ( ସଂ. ମନ୍ଥର )—୧ । ମଠୁଆ; ଯେ ଅତ୍ୟନ୍ତ
Māṭhuā ବିଳମ୍ବରେ କୌଣସି କାର୍ଯ୍ୟ କରେ—1. One who
ଆଲସେ takes much time to finish a work; lazy
मट्ठर; मंदा tardy, ୨ । ଯେ ବିଳମ୍ବରେ, କିନ୍ତୁ ନିଠାଉ କରି
(ମାଠେ[ଠୋ]ଇ—ସ୍ତ୍ରୀ) କୌଣସି କାର୍ଯ୍ୟ କରେ—2. One who does any work thoroughly but slowly. ୩ । (ସମୃଷ୍ଟ) ଯେ ଆପଣା ଦେହରେ ଚକ୍କଣ କରି ତେଲ ହଳଦୀ ଲଗାଇ ହୁଏ—3. One who takes care to smear his body thoroughly with oil and turmeric.

ମାଠୁଣି—ଦେ. ବି. ( ବିଶିଷ୍ଟ ଶବ୍ଦ )—ଛୋଟ ହାତୁଡ଼ି—Small
Māṭhuni ছোট হাতড়ী हथौड़ी, मठरना hammer.

ମାଠୁଲି—ପ୍ରାଦେ. ( ସମ୍ବଲପୁର ) ବି—କୁମ୍ଭ; ମାଠିଆ—
Māṭhul Pitcher.

ମାଡ଼ପିଟ୍—ଦେ. ବି. ( ସଙ୍କର ଶବ୍ଦ )—ମାର୍‌ପିଟ୍ ( ଦେଖ )
Mār̤-piṭ মারপিট मरपीट Mār-piṭ ( See )

ମାଡ଼ବାର—ଦେ. ବି. ( ସଂ. ମରୁରୁ ମାରବ=ମରୁ ଦେଶ )—ରାଜ-
Mār̤bār ପୁତାନାର ଉତ୍ତର ପଶ୍ଚିମାଂଶ ମରୁ ଦେଶ; ମାରବାଡ଼
ମାଡ଼ୁଆର }ଅନ୍ୟରୂପ ଦେଶ; ଜୟପୁର, ବିକାନୀର, ମେବାର
ମାର ବାଡ଼ ଯୋଧପୁର ଆଦି ରାଜ୍ୟ; ମାରୁଆଡ଼
ମାରୁଅଡ(ର) ରାଜ—The states of Joy-
ମାড়োয়ার pur, Bikaneer, Jodhpur, Mewar in
मारवाड़ Rajputana (N. W. India).
[ ଦ୍ର—ଏ ଅଞ୍ଚଳ ମାରବାଡ଼ୀମାନଙ୍କର ବାସସ୍ଥାନ । ବାହାବଲପୁର, ଜସଲମିର, ଯୋଧପୁର, ବିକାନୀର ଆଦି ଅଞ୍ଚଳ ମରୁମୟ ଅଟେ । ]

ମାଡ଼ବାରି—ଦେ. ବି—୧ । ମାରବାଡ଼ି; ମାରବାଡ଼ ଦେଶବାସୀ; ରାଜ-
Mār̤-bāri ପୁତନା ରାଜ୍ୟର ଜୟପୁର ଅଞ୍ଚଳବାସୀ—1. An
মারুআরি, মাড়োয়ারি inhabitant of Marwar in
मारवाड़ी Rajputna. ୨ । (ଲକ୍ଷଣାର୍ଥ) ବ୍ୟବସାୟ ବୁଝିଥିବା
( ମାଡ଼ୁଅର, ମାରବାଡ଼ି, ମାରୁଆଡ଼ି—ଅନ୍ୟରୂପ ) ବ୍ୟକ୍ତି—2. (figurative) A person with business instincts.

ମାଡ଼—ସଂ. ବି—୧ । ବନ୍ୟବୃକ୍ଷ ବିଶେଷ-1. A species of wild
Mār̤a tree. (Apte) ୨ । ପରିମାଣ; ଓଜନ—2. Weight;
মারমারি मार measure. ଦେ. ବି—(ସଂ. ମୃଦ୍ ଧାତୁ=ମର୍ଦ୍ଦନ; ମୃ ଧାତୁ ଣିଚ ମାର ଧାତୁ)—୧ । ପ୍ରହାର; ପିଟା; ଛେଚା; ତାଡ଼ନ; ବାଡ଼ଅ—1. Beating; assault. [ ଦ୍ର—ହାତ, ଗୋଡ଼ ଆଦି ଅଙ୍ଗଦ୍ୱାରା ବିଭିନ୍ନ ପ୍ରହାରର ଭିନ୍ନ ଭିନ୍ନ ନାମ ଅଛି ଯଥା, ମୁଣ୍ଡଦ୍ୱାରା ମାଡ଼—ମୁଣ୍ଡିଆ; ପାଦଦ୍ୱାରା—ଢାମୁଡ଼ା; ହାତଦ୍ୱାରା ମାଡ଼—ବିଧା, ଚାପୁଡ଼ା (ଚାପୁଡ଼ା), ମୁଣି, ମୁଥ, ଗୁନ୍ଦା, ଲେଡ଼ା, କହୁଣିଆ, ହାଗୁଡ଼ା, ଚଣ୍ଡିଆ, ଗଦକା, ଗଳଥା, ଧକ୍କା, ଠେଲା, ଖେଳା, ଝିଙ୍କା, ଲେଉଡ଼ା, ବାହୁଟା, ଖାପ୍ପୋଳ ବା ବଠା ପକାଇବା, ଚଟା, କୁଣ୍ଢାଅ, ଘୋଷରା, ଓଟରା, ବଗୁଡ଼ିବା, ତଳେ ପକାଇବା, ପାଣି ଛଟା, ପାଣି ଭିଡ଼ା, ଅଙ୍ଗୁଠିଦ୍ୱାରା—ଟିପି ଚପା, ନାକମୋଡ଼ା, କାନ ମୋଡ଼ା, ଥୋପି, ଠେଙ୍ଗା, ଚ(ଚ)ମୁଟା, ଠଣା, ପୁଞ୍ଚିଆ, ଅଙ୍ଗୁଠି ଗେଣ୍ଡା, ମୁଣ୍ଡ ଟଣା, ଚୁଟି ଝିଙ୍କା, ଥୋଡ ଟଣା, ଗାଲ ଚୋଡ଼ା; ଅଙ୍ଗୁଳେଇବା; ନଖଦ୍ୱାରା—ଚିମୁଡ଼ା; ଗୋଡ଼ଦ୍ୱାରା—ଗୋଇଠା, ଆଣ୍ଠୁଆ, ଗୋଇ, ଠକଟା, ଦଳାମଳା, ଗୋଡ଼ଦ୍ୱାରା ପେଷ । ଅନ୍ୟ-ବସ୍ତୁଦ୍ୱାରା ମାଡ଼—ଜୋତା, ଖଡ଼ମ ବା ଢଉଁରମାଡ଼, ବେତ, କାଣ୍ଡିଳ ବେତ, ବାଡ଼ି, କୋରଡ଼ା, ଠେଙ୍ଗା, ଠେଙ୍ଗଣୀ,

ଯଷ୍ଟି, ପାଷାଣ, ଡଙ୍କ, ଗୋଡା, ଲୁନା, ଢେଲା, ଭୁଷା, ଗୋବା, ପିଠା; ଚେଙ୍କା ଓ ବୋଲିଅ ଫୋପାଡ଼ିବା, ବାଡ଼ିକ ଖଡ଼ା; କଟୁର ଲୁଗୁଡ଼ି ଅଦର ବେଣ୍ଟ, ଲୁଗୁଡ଼ି ଅଦର ପଖା, ଲୁଲ୍ ବାଡ଼ି, ବନ୍ଧୁକ, ଧନୁ, କାଣ୍ଡ, ଗଦା, ମୁଦ୍ଗର, ଖଣ୍ଡା, କଟୁର, ଲୁଗୁଡ଼ି, ଟାଙ୍ଗିଆ ଅଦ ଅସ୍ତ୍ର ଶସ୍ତ୍ରଦ୍ୱାରା ମାଡ଼; ତାହାକୁ ଲଦାରେ ଚଢ଼ୁ, ଚଅଁ ଦେବା ବା ଛାଡ଼ିବା। ମୁଷ୍ଟ୍ୟାଘାତ ଶସ୍ତ୍ରଦ୍ୱାରା ହାଣିବା, ଫୋଡ଼ିବା, କେଞ୍ଚିବା; ପଶୁଅଦଙ୍କ ଶିଙ୍ଗଦ୍ୱାରା ବିନ୍ଧିବା; ଗୋଡ଼ଦ୍ୱାରା—ନାତ, ଲାଞ୍ଜର ନାତ। ପକ୍ଷୀଅଦଙ୍କ ଥଣ୍ଟ ଓ ପକ୍ଷଦ୍ୱାରା ଅଘାତ। ଏହିପରି ନାନା ପ୍ରକାରରେ ନାନା ରୂପରେ ମାଡ଼ ଦିଆଯାଏ। ସ୍ୱତନ୍ତ୍ର ଶ୍ଲୋକାନୁକରଣରେ ରଚିତ ନିମ୍ନଲିଖିତ ଓ ହାସ୍ୟୋଦ୍ଦୀପକ ଓଡ଼ିଆ ଶ୍ଲୋକରୁ କେତେଗୁଡ଼ିଏ ମାଡ଼ର ନାମ ଜଣା ପଡ଼େ :—

କେଶାକର୍ଷଣ, ହାତୁଡ଼ା, ଗଡ଼ସଡ଼ା, ଯୁଫୋଡ଼ି, ଚଟା, ଚଡ଼, ଲେଡ଼ା, ନାକମୋଡ଼ା, କହୁଣି, କୋରଡ଼ା, ପାଶୋଇ, ଠେଙ୍ଗା ବିଡ଼ି। ଝିଙ୍କା, ବାହୁଛଟା, ସମର୍ଥ ଗୋଇଠା, ଠେଙ୍ଗା, ମୁଣ୍ଡୀ, ଠେଙ୍ଗି ବା; ଖାଙ୍କୋଳ, ଚଉକାଣ୍ଡି, ଖୁରୁକ, ଉଢ଼, କେଶପ୍ରହାର ସ୍ତୁତଃ। ମାଡ଼ଙ୍କୁ ମହାଦେବ ଭଜନ୍ତୁ। ଇତ। ଏହାର ଅର୍ଥ ଏହି ଯେ—ଅତି ସମତାଶାଳୀ ଲୋକ ମଧ୍ୟ ପ୍ରହାରକୁ ଭୟ କରନ୍ତି।] ୨। ଅଘାତ—2. Stroke. [ଉ—ପଥର ମାଡ଼େ ଯେ ଦେଖିଲି ଯମପୁରୀ। କୃଷ୍ଣସିଂହ. ମହାଭାରତ. ବନ] ୩। ମାରଣ; ହତ୍ୟା—3. Slaughter. ୪। କୌଣସି କାର୍ଯ୍ୟର ଦଶା ବା ଚୋଟ—4. A paroxysm; a fit; a heat.

ମାଡ଼ ଖାଇବା—ଦେ. କ୍ରି—୧। ଅନ୍ୟ ଦ୍ୱାରା ପ୍ରହୃତ ହେବା—1. To
Mārda khāibā be beaten or assaulted.
(ମାଡ଼ ପାଇବା—ଅନ୍ୟରୂପ) (ଉ—ଲୁହା ଲଗି ଅଗ୍ନି ଦେବତା
মার খাওয়া ଖାଇଲେ—ଇତ)। ୨। ଅହତ ହେବା—
मार खाना 2. To be wounded or struck. ୩। (ଜାହାଜଅ ଗାଡ଼ି) ଜୋରରେ ବାଜିବା; ଧକ୍କା ଖାଇବା—3. To collide. (ଉ—ଚେର ଚେର ଜାହାଜ ମାଡ଼ ଖାଇଛନ୍ତି। ଫକୀରମୋହନ. ଗଳ୍ପସ୍ୱଳ୍ପ।)

ମାଡ଼ ଖାଇଯିବା—ଦେ. କ୍ରି—୧। ପ୍ରହୃତ ହୋଇ ମୃତ ହେବା; ହତ
Mārda khāijibā ହେବା—1. To be killed. ୨।
মার খেয়ে যাওয়া ସମ୍ପୂର୍ଣ୍ଣ ରୂପେ ବିନଷ୍ଟ ହେବା—2. To be
मार खाजाना destroyed or annihilated. (ଯଥା—ଏ ଜନ୍ମ ବଢ଼ିରେ ମୋ ବଳର ଚଳଶୁଳ ବଦାଡ଼ ମାଡ଼ ଖାଇଗଲା।) ୩। ପ୍ରହୃତ ହୋଇ ପଳାଇଯିବା—3. To flee away after being beaten. ୪। ପ୍ରହାର ପାଇବା—4. To be beaten.

ମାଡ଼ ଖିଆ—ଦେ. ବିଣ. ପୁଂ—ମାଡ଼ଖିଆ (ବ୍ୟକ୍ତି)—One who is
Mārda khiā beaten constantly. ବି—ମାଡ଼ ଖାଇବା
(ମାଡ଼ ଖାଇ—ସ୍ତ୍ରୀ) କର୍ମ—The act of being beaten.
মার খেগো, মার খাওয়া (ଉ—ମୋ ମାଡ଼ଖିଆ ଦେଖି ଦୁଃଖେ
मारखिया ଭୁକ ହେଲେ। କୃଷ୍ଣସିଂହ. ମହାଭାରତ ବନ୍ଦୀ।)
মার খাওয়া मारखाना

ମାଡ଼ ଖୁଆଇବା—ଦେ. କ୍ରି (ମାଡ଼ ଖାଇବାର ପ୍ରୟୋଜକ ରୂପ)—
Mārda khuāibā କୌଣସି ବ୍ୟକ୍ତିକୁ ପ୍ରହାର ଦେବା ପାଇଁ
ମାଡ଼ ଖାଇବା } ଅନ୍ୟରୂପ ଯେ ହାକିମର ଅଧିକାର ବା ପ୍ରଭୁତ୍ୱ
ମାଡ଼ ମରା(ରେ)ଇବା } ଅଛି, ସେହି ବ୍ୟକ୍ତି ନିକଟରେ ଉକ୍ତ
মার খাওয়ান ପ୍ରଭୁଙ୍କ, ଶିକ୍ଷକଙ୍କ ବା ହାକିମଙ୍କ ଅଗରେ ଫେରାଦ
मार खिलाना ହୋଇ ପ୍ରଭୁ ଅଦଙ୍କ ଦ୍ୱାରା ଉକ୍ତ ବ୍ୟକ୍ତିକୁ ପ୍ରହୃତ କରାଇବା—To cause a person to be beaten by his master or by a person in authority by complaining against him.

ମାଡ଼ ଚୁଲିଆ—ଦେ. ବି—କ୍ଷୁଦ୍ର ବନ୍ୟବୃକ୍ଷ ବିଶେଷ—A species of
Mārda chuliā small tree whose flowers are yellowish white (Haines). [ଦ୍ର—ଏହାର ଫୁଲ ଚଳଚଳ ପିଙ୍ଗ ଧଳା।]

ମାଡ଼ନ—ଦେ. ବି (ସଂ. ମର୍ଦ୍ଦନ; ମାରଣ)—୧। ମାଡ଼ିବା; ଚିପିବା—
Mārdana 1. Pressing. ୨। ମାରଣ—2. Killing;
মারণ मारना slaughter. ୩। (ସଂ. ମାରଣ) ମାଡ଼ିକରି ମାର ପକାଇବା ଯୁଦ୍ଧାସ୍ତ୍ର—3. A weapon of war by which a person is crushed to death.
(ଉ—ଅକାଳ ମହାକାଳ ଜିହ୍ୱାଳ ବଜ୍ରବାଣ, ଦ୍ରୁଭାଣ ଦ୍ରୁଭାଣ ପିଙ୍ଗି ଚାଲଣ ମାଡ଼ଣ। ପୀତାମ୍ବର. ନୃସିଂହପୁରାଣ।)

ମାଡ଼ ଦ(ଦେ)ବା—ଦେ. କ୍ରି—ପ୍ରହାର କରିବା—
Mārda da(de)bā To deal blows; to beat.
মার দেওয়া मार देना, मारना
[ମାଡ଼ କଢ଼ା(ଢ଼େ)ଇବା, ମାଡ଼ ମାରିବା, ମାଡ଼ ବସା(ସେ)ଇବା, ମାଡ଼ ଲଦିବା, ମାଡ଼ ଲଗା(ଗେ)ଇବା—ଅନ୍ୟରୂପ]

ମାଡ଼ ପିଟିଆ—ଦେ. ବିଣ—ମାଡ଼ୁଆ (ଦେଖ)
Mārda pithiā Mārduā ( See )
কীলকুটো, মারখেগো मारुया

ମାଡ଼ ବସିବା—ଦେ. ବି—(କୌଣସି ବ୍ୟକ୍ତି ଉପରେ) ପ୍ରହାର ବୃଷ୍ଟି
Mārda basibā ହେବା—Being beaten or given
মারবসা मार बैठना blows; being struck.
[ମାଡ଼ ବାଜିବା, ମାଡ଼ ପଡ଼ିବା, ମାଡ଼ ଲଗା(ବା)ହେବା—ଅନ୍ୟରୂପ]

ମାଡ଼ ବୃଷ୍ଟି—ଦେ. ବି—ଅତ୍ୟଧିକ ଉପର୍ଯ୍ୟୁପରି ବୃଷ୍ଟି ପରି ପ୍ରହାର—
Mārda brushti Dealing of blows, one over the
মার বৃষ্টি मार बृष्टि other like a torrent of rain.

ମାଡ଼ ମରାମରି—ଦେ. ବି—ଅନ୍ୟୋନ୍ୟରେ ପ୍ରହାର—
Mārda marāmari Mutual beating.
মারামারি मारामारि

ମାଡ଼ ମୁଲା(ଲେ)ଇବା—ଦେ. କ୍ରି—ମାଡ଼ ଖାଇବାର ଯୋଗ୍ୟ କାର୍ଯ୍ୟ
Mārda mulā(le)ibā କରିବା—To do something to
কীল কৌনা मार मोलाना deserve a beating.
(ମାଡ଼ କଣିବା, ମାଡ଼କୁ ନିମନ୍ତ୍ରଣ କରିବା—ଅନ୍ୟରୂପ)

ମାଡ଼ରେ କୁଅଝୁଅ ଉଡ଼ିଯିବା—ଦେ. ବ—ମାଡ଼ ବୃଷ୍ଟି ହେବା—
Mārdre kuāchhuā urdijibā Dealing of repeated blows
[ମାଡ଼ରେ ଧୂର୍ତ(ଧୂଁ)ଆ ଉଡ଼ିଯିବା—ଅନ୍ୟରୂପ] like torrents; a shower of blows.
ମାରের বৃষ্টি হওয়া, কীল বৃষ্টি, নিঘাত মার
मारमे धुर्धुआ उडजाना
[ ଦୃ—ଏହାର ତାତ୍ପର୍ଯ୍ୟ ଏହି ଯେ ଏପରି ଭୟଙ୍କର ପ୍ରହାର ଯେ ଦେହର ଉପରେ ଲାଗି ହୋଇ କୁଅ ବସାରେ ଥିବା କୁଅଝୁଅମାନେ ବସାରୁ ଉଡ଼ି ପଳାଇବେ ।]

ମାଡ଼—ସ. ବ—ରାଜପ୍ରାସାଦ—A palace (Apte). ଦେ. ବ.
Mārdi (ସ. ମାଢ଼ୀ=ଦନ୍ତବେଷ୍ଟ)—୧ । ମାଢ଼ୀ; ଦନ୍ତବେଷ୍ଟ;
মাড়ী मसूढ़ा ଦାନ୍ତର ମୂଳ—1. The gum. ୬ । (ସ. ମୃଦ୍ ଧାତୁ)
ନମ୍ବା କାଠ ଥୋଇ ରଖିବା ପାଇଁ ପ୍ରଥମେ ଭୂଇଁ ଉପରେ ଅଡ଼ବାଗରେ ଯେଉଁ ଛୋଟ କାଠ ଖଣ୍ଡ ରଖାଯାଏ—2. Wedges or cross-pieces put on the ground over which are laid long timbers etc. ୩ । ଶ୍ମଶାନରେ ଶବଦାହ କରିବାପାଇଁ ପ୍ରଥମେ ଯେଉଁ କାଠର ବଡ଼ ଗଡ଼ ଦୁଇଟା ରଖାଯାଇ ତା ଉପରେ ସରୁଆ କାଠ ସଜାଯାଏ—3. Two big trunks laid on the ground over which smaller logs are put crosswise for cremation. ୪ । ମୁର୍ଦ୍ଦାଙ୍କୁ ଚିତା ଉପରେ ମୁହଁ ମଡ଼ାଇ ଶୁଆଇ ଦେବା ପରେ କାଳେ ଅଗ୍ନି ଲାଗିବା ପରେ ତାହାର ମୁଣ୍ଡ ଉପରଅଡ଼କୁ ଟେକି ହୋଇ ଉଠିଯିବ, ଏହି ଆଶଙ୍କାରେ ତାହାର ବେକ ଉପରେ କାଠର ଯେଉଁ ବଡ଼ ଗଡ଼ଟାଏ ମଡ଼ାଇ ଦିଆଯାଏ; ବେକମାଡ଼କାଠ—4. A big log of wood put over the neck of a corpse when it is laid on the funeral pyre with the face towards the ground. ୫ । ପଥର ଆଦି କୌଣସି ଗୁରୁ ଭାର ପଦାର୍ଥକୁ ଭୂମିରେ ଗଡ଼ାଇ ନେବାକୁ ହେଲେ ଭୂମି ଉପରେ ଯେଉଁ ଲମ୍ବ କାଠ ବା ବାଉଁଶ ପକାଯାଏ ଓ ଯାହା ଉପରେ ଭାରି ଭାର ଜିନିଷକୁ ସହଜରେ ଗଡ଼ାଇ ନିଆଯାଇ ପାରେ—5. A long lever or rod which is put on the ground over which a very heavy stone is rolled.
तरहन
साहन
ଜମିୟେ ଦେ. କ୍ରି. ବଣ—ଅବୋର; ଅଧିକାର କରି—
जमाकर Occupying. (ଦୃ—ବର୍ଷରେ ସବୁ ମାଡ଼ ହେବେ ଧର ହରି କୃଷ୍ଣସିଂହ. ମହାଭାରତ ଅଦି ।)

ମାଡ଼ିଆ—ପ୍ରାଦେ. ( ବସ୍ତର ) ବ—କୃଷକ ଜାତିବିଶେଷ—Name of
Mārdiā a peasant class in Bastar.

ମାଡ଼ି ଆସିବା—ଦେ. କ୍ରି—୧ । ପ୍ରବଳ ବେଗରେ ଅଗ୍ରସର ହେବା—
Mārdi āsibā 1. To advance swiftly and violently.
বেড়ে আসা, ঝেঁকে আসা, হেনে আসা
जोरसे आना (ଦୃ—ପ୍ରବଳ ବେଗରେ; ଘୋର ବୃଷ୍ଟିକାଳ, ଅସିଲ ସମାରେ ମାଡ଼ି । ଜଗନ୍ନାଥ. ଭାଗବତ ) [ପ୍ରୟୋଗ—ନଈବଢ଼ି ମାଡ଼ି ଆସୁଛି; ଘର ପୋଡ଼ାର ନିଆଁ ମାଡ଼ି ଆସୁଛି, ବର୍ଷା ମାଡ଼ି ଆସୁଛି, ଶତ୍ରୁ ସୈନ୍ୟ ମାଡ଼ି ଆସୁଛନ୍ତି ।] ୨ । ବ୍ୟାପ୍ତ ହୋଇଯିବା—2. To overspread; to be diffused. (ଦୃ—ଧୂପାଦାରେ ଦୂରେ ପର୍ବତର ଶିର, ମାଡ଼ି ଅସୁଅଛି ଜଳଘୂଳି ଶିର । ରାଧାନାଥ. ଚନ୍ଦ୍ରଭାଗା ।) ୩ । ବହୁଣ। ଅଥବା ବା କୌଣସି ସ୍ଥାନରେ କ୍ଷଣମାତ୍ର
মেড়ে আসা ପାଦ ଦେଇ ସେଠାରୁ ଶୀଘ୍ର ଅସିବା—3. To come
माडकर आना away from a place or a bed shortly after stepping on it. (ଯଥା--ବେମାରିମାନେ ସବୁ ସବୁ ଶଯ୍ୟା ଗ୍ରହଣ ହୋଇ ଯିବାରୁ ବଇଦ୍ୟ ମାତ୍ର ମଧୁଶଯ୍ୟା ମାଡ଼ି ଅସିଲେ )

ମାଡ଼ କାଠ—ଦେ. ବ—ମାଡ଼ ୬।୩।୪ ( ଦେଖ )—Mārdi 2.3 4.
Mārdi kātha साहन ( See)

ମାଡ଼ ଦେବା—ଦେ. କ୍ରି ( ସ. ମୃଦ ଧାତୁ )—୧ । କୌଣସି ବସ୍ତୁକୁ ବା
Mārdi debā ବ୍ୟକ୍ତିକୁ ଭୂମିତଳକୁ ବା ପାଣି ଭିତରକୁ
চাপান ଦୃଶିଦେବା—1. To press a person or
घुषाना thing down to the ground or into
নীচুকরা the water. ୨ । ( ମୁଣ୍ଡକୁ ) ତଳକୁ ପୋତିବା—
मारना 2. To droop down one's head. ୩ ।
জোরে ঢুকান ବଳପୂର୍ବକ ପୂରାଇବା: ଭର୍ତ୍ତି କରି ଦେବା; ଗୁଞ୍ଜିବା
माडदेना —3. To thrust forcibly; to ram.
[ ଦୃ—ସେ କଣ୍ଠ ବୃଷିକ ଅକ୍ଷିରେ ମାଡ଼ ଦେଲା । କୃଷ୍ଣସିଂହ. ମହାଭାରତ. ବନ । ] ୪ । କୌଣସି ଦ୍ରବ୍ୟକୁ
লুকান, লুকানা ଅନ୍ୟ ବଡ଼ ଦ୍ରବ୍ୟ ମଧ୍ୟରେ ପୁରାଇ ଲୁଚାଇବା—
लुकाना 4. To conceal a thing by putting it inside a bigger thing. [ ଦୃ—ବୈଦେହୀ ଯେ ବେଦକୁ ହରିଲେ, ନେଇ ସମୁଦ୍ରେ ମାଡ଼ ଦେଲେ । ଜଗନ୍ନାଥ. ଭାଗବତ । ]

ମାଡ଼ ପକା(କେ)ଇବା—ଦେ. କ୍ରି—ଅଜଣାରେ ବା ଅଜ୍ଞାତରେ କୌଣସି
Mārdi pakā(ke)ibā ବସ୍ତୁ ଉପରେ ପାଦ ପକାଇ ଦେବା—
মাড়া To tread upon a thing unwares.
माडदेना ( ଯଥା—ମୁଁ ବାଟରେ ଯାଉଁ ଯାଉଁ ଲଣ୍ଡାଏ ଗୋବର ମାଡ଼ି ପକାଇଲି । )

ମାଡ଼ ପଡ଼ିବା—ଦେ. କ୍ରି—୧ । ଉପରୁ କେହି ତଳକୁ ଅପଣାକୁ ଚପିବା
Mārdi pardibā ପରି ଜଣାଯିବା--1. To feel the
চেপেপড়া sensation of being pressed down
जब्द मालुमहोना; गीरपडना from above. [ ଦୃ—ତାହା ଦେଖି ଅମୃତ ଶ୍ଲାନ ଗଲା ବୃଦ୍ଧି, ସତେକି ବଜ୍ର ମହାଗିରି ମୁଣ୍ଡେ ମାଡ଼ି । କୃଷ୍ଣସିଂହ. ମହାଭାରତ. ଅଦି । ] ୨ ।
খারাপলাগা ଅସ୍ୱଚ୍ଛନ୍ଦ ବୋଧ ହେବା; ବାଧିବା—2. To
बुरालगना produce an uneasy or awkward sensation in one's mind. ( ଯଥା—ସାଥିରୁ

ମୋର ଉଲେ ଠିଆ ହେଲେ, ମୁଁ ମସିଣା ଉପରେ ବସିଲି; ଏ କଥାଟା ମନେ ଭାରି ମାଡ଼ି ପଡ଼ୁଛି ।) ୩ । ଘଡ଼ା ବା ଜମା
जमा हुआ ହେବା—3 To gather; to conglomerate.
जमाहोना [ ଉ—ଉଷେ ସୁଣ୍ଡ଼ି ସ୍ୱାଡ, ଗ୍ରାମ୍ୟେ ଲୋକ ବହୁତ, ଦେଖୁଁ ଦେଖୁଁ ମାଡ଼ି ପଡ଼ିଲେ ॥ ସାନକୃଷ୍ଣ. ଉସକଣ୍ଠୋଳ । ]
चाप। ୪ । ଉପରେ ଲଦ ହୋଇ ଚାପିଦେବା—4. To press
गीरपडना down (a person or thing) from above [ ଉ—ପର୍ବତ ନ ପଡ଼ୁଲା ମାଡ଼ି, ଭୂଗ ପଡ଼ୁଲା ତାଙ୍କୁ ଗଡ଼ି । ଭୂପତ. ପ୍ରେମପଞ୍ଚାମୃତ ।]

**ମାଡ଼ି ବସିବା**—ଦେ. କ୍ରି—୧ । ହଠାତ୍ ଆସି କୌଣସି ବ୍ୟକ୍ତିଙ୍କୁ ବା
**Mar̤di basiba** ଜନ୍ତୁକୁ ଆକ୍ରମଣ କରି ତାକୁ ତଳେ ପକାଇ
चेपेबसा ତା ଉପରେ ଚଢ଼ି ବସିବା—1. To grapple;
मारबैठना to suddenly pounce upon and lay ones-self on the body of another; to overpower a person. ( ଯଥା—ବାଘଟା ଅସି ସେ
ढाका ଚାକୁରର ମାଡ଼ି ବସିଲା ।) ୨ । ଘୋଟି ଯିବା—
ढाँपना; ढकदेना 2. To over-cloud; to envelop; to enshroud. ( ଯଥା—ଏ ଫଟୋଗ୍ରାଫ୍‌ରେ ବାବୁଙ୍କ ମୁହଁ ଉପରେ କଳାଗ୍ଲାଇଟାଏ ମାଡ଼ି ବସିଛି ।) ୩ ।
हडपलेना ଯବରଦସ୍ତି କୌଣସି ସ୍ଥାନକୁ ବା ସମ୍ପତ୍ତିକୁ ଅଧିକାର କରିବା-3. To take forcible possession of a thing
पचालेना or place. ୪ । ପରର ପ୍ରାପ୍ୟକୁ ନ ଦେଇ ଅନ୍ୟାୟ ପୂର୍ବକ ରଖିବା—4. To illegally retain another's dues. ୫ । କୌଣସି ସ୍ଥାନ ଅଧିକାରରେ ରହିବା—5. To keep up one's hold or possession over an area. ୬ । ବଳାତ୍କାରରେ
बालात्कार करा ସ୍ତ୍ରୀକୁ ସଙ୍ଗମ କରିବା—6. To commit rape
बलजोरी करना on or outrage a woman.

**ମାଡ଼ିବା**—ଦେ. କ୍ରି ( ସଂ. ମୃଦ୍ ଧାତୁ=ମର୍ଦ୍ଦନ କରିବା; ଭୂଳ ପ୍ରା. ମଡ୍ଡ )
**Mar̤diba** —୧ । ( ସକର୍ମକ ) ଉପରୁ ତଳକୁ ଚାପିବା—(ମଡ଼ାଇବା—ପ୍ରଯୋଜକରୂପ) 1. To press down from
माड़ा, चापा above. [ ଉ—ଦୁଃଶାସନଙ୍କୁ ମୋ ମାଡ଼ି
चापना ବସି ବଳେ, ପିଇଲି ରକ୍ତ ସୁମ ଚଢ଼ି ବସନ୍ତୁଲେ ।
माड़ा, मला କୃଷ୍ଣସିଂହ. ମହାଭାରତ. ଅଦ । ] ୨ । ମର୍ଦ୍ଦନ
दलना କରିବା; ଦଳିବା; ମଳିବା—2. To crush; to
माड़ा bruise. ୩ । ଗୋଡ଼ରେ ଦଳିବା; ଗୋଡ଼ରେ
माडना ଚକଟିବା; ପାଦଦ୍ୱାରା ମର୍ଦ୍ଦନ ବା ଦଳନ କରିବା—3. To crush with the feet; to tread upon. [ ଉ—ପଦ୍ମ ବଦନା, ଗଜମୃଗୁତା, ହବେକ ନ କରଣ ମାଡ଼ି ତା, ବମିଲେ ହୈନ୍ୟ ଯେ । ଉଞ. ଲାବଣ୍ୟବତୀ । ] ୪ । ଆକ୍ରମଣାର୍ଥ ଅଗ୍ରସର ହେବା; ଅଗକୁ ଗତି କରିବା—
बाढ़ 4; To advance; to set upon; to attack.
चढाइ करना; धावा करना [ ଉ—ଏ ସବାଶୁଁ କୁଭୁଏ କରି ସିଂହରଡ଼ି, ଅସ୍ତ୍ରଜନ୍ତୁ ଅମୂଉ ଉପରକୁ ମାଡ଼ି । କୃଷ୍ଣସିଂହ. ମହାଭାରତ. ଦ୍ରୋଣ । ] ୫ । ( ଲତା ) ଲମ୍ବାଇବା—
लतान 5. To creep ( said of creepers ). [ ଉ—
लनडना ଉଡ୍ଡ଼ିରେ ଲତା ମଧ୍ୟ ବଡ଼ୁଚ ମାଡ଼ିଲା । କୃଷ୍ଣସିଂ.
अधिकार करा ମହାଭାରତ. ବନ ।] ୬ । ଆପଣାର ସୀମାକୁ ଲଙ୍ଘନ
दबालेना କରି ଅନ୍ୟ ବ୍ୟକ୍ତିର ସୀମାକୁ ଅଧିକାର ବା ପ୍ରବେଶ କରିବା-6. To overtop one's own boundary and set foot on another's ground; to encroach upon. ( ଯଥା—ତୋ ବାଡ଼ ମୋ ଜମିକୁ ୪ ହାତ ମାଡ଼ିଅଛି ।) ୭ । ପାଦ
पा देओया ପକାଇବା; ଚାଲିବା; ଗୋଡ଼ ଦେବା; ପ୍ରବେଶ
माडना କରିବା—7. To set foot on; to pace; to walk; to enter. [ ଉ—ଏହି ସତୀ ମାଡ଼ିବ ଭୂମେ ସ୍ୱର୍ଗପୁରୀ । କୃଷ୍ଣସିଂ. ମହାଭାରତ. ବନ । ] ୮ । ଗ୍ରାସ
ग्रासकरा କରିବା; ବଦାକ ଘୋଡ଼ାଇ ପକାଇବା; ଘୋଟିବା—8.
ढाँकना; निगलना To overcloud; to completely envelop; to enshroud. ( ଯଥା—ଏଥରକ ଚନ୍ଦ୍ରଗ୍ରହଣ ବେଳେ ରାହୁ ଚନ୍ଦ୍ରଙ୍କର ବାରଭାଗ ମାଡ଼ିବ ।) ୯ । (ବୃକ୍ଷର ଡାଳ ବା ଚେର ବା ଜଳ ଆଦି) କୌଣସି
घेरा ସ୍ଥାନରେ ବିସ୍ତୃତ ହେବା—9. To spread about
फैल जाना (said of a tree or root or water); to spread over an area. (ଉ—ବରଷା ବଯାବେ ବଢ଼େ ସ୍ରୋତସ୍ୱତୀ, ମାଡ଼ଇ ସ୍ରୋତ ପ୍ରସର । ନନ୍ଦକିଶୋର. ଭର୍ଜ୍ଜରଣୀ ।) ୧୦ । (ଘାଉ ବା ଦଉଦ ବା ରୋଗ) ଦେହ-ତମାମ ବିସ୍ତୃତ ହେବା; ବ୍ୟାପିବା—10. To spread
घिरा over the body (said of ringworm etc.
फैलना to pervade. (ଉ—ଡ ଦଉଦ ବାବୁ ମୁଁ ଏ ଅଣ୍ଟାଘାଉକୁ, ଅଣ୍ଟାଘାଉ ମାଡ଼ିଗଲା ପେଟ ତଳକୁ । ଗ୍ରାମ୍ୟ ଗୀତ ।) ୧୧ । (ଘୋଷସ୍ତ, ପରିସ୍ତ, ଭୟ, ଲାଜ, ଡର ଆଦିର ବେଗ) ମନୁଷ୍ୟଙ୍କୁ ଅଭିଭୂତ କରିବା; ଅଭିଭୂତ ହେବା—
पाओया 11. To attack or overtake a person
आना (said of a strong tendency to laugh, to make water, to ease one's self, to fear, to feel modest). (ଯଥା—ମତେ ମୂତ ମାଡ଼ିଲାଣି, ହଗ ମାଡ଼ିଲାଣି, ମଜା କଥା ଶୁଣି ମତେ ହସ ମାଡ଼ୁଛି; ଭୂତର କାହାଣି ଶୁଣି ମତେ ଡର ମାଡ଼ିଲାଣି, ବାଖ୍ୟାଲୋକଙ୍କୁ ମୁହଁ ଦେଖାଇବାକୁ ମତେ ଲାଜ ମାଡ଼ୁଛି; ନିଦ ମାଡ଼ିଲାଣି ।)(ଉ—କୃଷ୍ଣବର୍ଣ୍ଣ ଶେଷେ ନ ମାଡ଼ଇ ନିଦ । ଅଭିମନ୍ୟୁ. ବିଦଗ୍ଧଚିନ୍ତାମଣି
୧୨ । ବସ୍ତ୍ରାଦିକୁ ଏକ ସ୍ଥାନରେ ଉପର୍ଯ୍ୟୁପରି ଗଦା କରିବା
गादा करा —12. To heap up clothes etc. promis-
उपर उपर रखना, ग्राल करना cuously or indiscriminately at a place. (ଯଥା—ତୋ ଲୁଗା ଗୁଡ଼ାକ ଭଲ ହଳ ହେଲା ଘର କଣରେ ମାଡ଼ି ଦେବାରୁ ଗ୍ରାଇ ଘୃଟି ଗଲେ ।) ୧୩ । ଜୋରେପୂର୍ବକ ଚାପିବା—13. To
चापा। press tightly. (ଯଥା—ଏ କଲମକୁ ମାଡ଼ିକରି ନ

ଲେଖିଲେ ଢାଗଜରେ ଅକ୍ଷର ଭଲ ରୂପେ ଦେଖାଯିବ ନାହିଁ ।) ୧୪ । ଛିଦ୍ର ଅବର ମୁଖ ବନ୍ଦ କରିବା ପାଇଁ ସେ ଛିଦ୍ରରେ ଶିଠା, କନାଖଣ୍ଡ, ଠେପି ଆଦି ଭସ୍ତୁ ଭଳ ଭରିବା— 14. To thrust (a stopper) into; to push (a cork or gag) to a hole to stop it. (ଯଥା—ଦଣା ଗାଲରେ ପୁଲାଏ ମଳୁ ଶିଠା ମାଡ଼ି ଦେଲେ କାମ ଚଳିଯିବ ।) ୧୫ । (ଲକ୍ଷଣାର୍ଥ) କୌଣସି ପ୍ରସ୍ତାବକୁ ବା ଭାବକୁ ଗ୍ରହଣ କରିବା—15. (figurative) To accept a proposal; to appreciate an idea. (ଯଥା—ମୁଁ ତାଙ୍କୁ ଭାଲୁଣି ପଢ଼ିବାକୁ ଯେତେ ବୁଝାଇଲି, ସେ ମୋ କଥାକୁ ଅବେ ମାଡ଼ିଲେ ନାହିଁ ।) ୧୬ । ମୁହଁକୁ ଭୂମି ଅଭିମୁଖ କର କରିବା—16. To hang down (one's head. (ଯଥା—ସେ ମୁହଁଟାକୁ ତଳକୁ ମାଡ଼ିଛି ।) ୧୭ । (ଚାଲିବା ପାଇଁ) ପାଦରେ (ଜୋତା ବା ଖଡ଼ାଉ) ସଂଯୁକ୍ତ କରିବା—17. To put on shoes or sandals while walking. ୧୮ । ଜୋର୍ ପୂର୍ବକ ପୂରାଇବା—18. To thrust with force. ୧୯ । ସ୍ପର୍ଶ କରିବା; ସୀମା ମଧ୍ୟକୁ ଯିବା—19. To touch; to enter into the precincts or vicinity of. (ଯଥା—ଆଉକୁ ବରଷେ ହେବ ସେ ଆମ ଦୁଆର ମାଡ଼ୁ ନାହାନ୍ତି; ସେ ମୋ ଛାଇ ମାଡ଼ ନାହିଁ, ମୁଁ ସେ ଅରୁନ୍ଧମଣା ରାଜ୍ୟର ଡ଼ିଶୀମାକୁ ମାଡ଼ିବ ନାହିଁ ବୋଲି ସଙ୍କଳ୍ପ କରିଛି ।) ୨୦ । ବୁଝିବା; ହୃଦୟଙ୍ଗମ କରିବା—20. To understand; to comprehend. (ଯଥା—ଯେତେ ବୁଝାଇଲେ ସୁକୁମାରମତ ବାଳକମାନେ ବୀଜଗଣିତ ସମସ୍ୟାମାନ ମାଡ଼ୁ ନାହାନ୍ତି ।) ୨୧ । ଅଗ୍ରସର ହେବା—21. To progress; to advance. ୨୨ । ଦେହରେ ଦୃଢ଼ଭାବେ ଚାପି ଦେବା—22. To poke or push something strongly an another. (ଯଥା—ଦୁଷ୍ଟ ପିଲାଟା ମୋ ଦେହରେ କଥାଁ ଖଣ୍ଡାଏ ମାଡ଼ିବାକୁ ବଢ଼ୁଛି ।) ୨୩ । ମାଡ଼ି ଦେବା (ଦେଖ)—23. Mārdi debā (See) ପ୍ରାଦେ. (ଉତ୍ତର ବାଲେଶ୍ୱର) କ୍ରି—ଲାଗିବା; ବୋଧ ହେବା —To seem; to appear. (ଯଥା—ମତେ ତା କଥା ଭଲ ମାଡ଼ୁଛି ।)

ଚାପନା | ଲାଗାନ | ঘুসানা | গুনা | অভনা | নীচু করা, | পুতা | মাড়না | পরা | पहनना | ঢুকান | घुसेड देना | মাড়া | पाँव देना

**ମାଡ଼ିବା ଦଳିବା**—ଦେ. କ୍ରି (ସକର୍ମ) (ସ. ମୃଦ ଧାତୁ ଓ ଦଳ ଧାତୁ.) Mārdibā dalibā ୧ । ଗୋଡ଼ରେ ଚକଟିବା—1. To (ମାଡ଼ିବା ମକଚିବା—ଅନ୍ୟରୂପ) trample with the feet. ମାଡ଼ା, চটকা ୨ । ଗୋଡ଼ ଦ୍ୱାରା ମଳାମଳ କରି ନଷ୍ଟ କରିବା— माड़ना पीसना 2. To spoil a thing by trampling (ମାଡ଼ି ଦଳଦେବା—ଅନ୍ୟରୂପ) upon it.

**ମାଡ଼ି ମକଚି ହୋଇ ରହିବା**—ଦେ. କ୍ରି—(ଲକ୍ଷଣାର୍ଥ) ବହୁ କଷ୍ଟର Mārdi makachi hoi rahibā ଚେଷ୍ଟା ପରେ ଭଗ୍ୟାସ୍ତ୍ରର (ମା[ମୋ]ଡ଼ି ମୁ[ମା]ଡ଼ି ହୋଇ ରହିବା—ଅନ୍ୟରୂପ) କ ଦେଖି ଶେଷକୁ চুপচাপ থাকা ଚୁପ ହୋଇ ରହିବା; କର୍ମ ଅବର ରହିବା— मोडमाड होकर रहना (figurative) To keep quiet and be reconciled to one's lot after a good deal of fruitless efforts.

**ମାଡ଼ି ମଖାସା**—ପ୍ରାଦେ. (ଗଞ୍ଜାମ) ବି—ଜାଗିର— Mārdi makhāsā Service grant.

**ମାଡ଼ି ମାଡ଼ି ଚାଲିବା**—ଦେ. କ୍ରି—୧ । ଧୀରେ ଧୀରେ ଅଗ୍ରସର ହେବା- Mārdi mārdi chalibā 1. To advance slowly. (ମାଡ଼ି ମାଡ଼ି ଯିବା—ଅନ୍ୟରୂପ) ୨ । ଅଗ୍ରସର ହେବା—2. To ধীরে ধীরে চলা, পা গুনে চলা advadce. (ଉ—ଜଳି ଥିବା धीरे धीरे चलना ଯୁଦ୍ଧେ ଭୂମିରେ ଥାନ୍ତି ପଡ଼ି, ଏତ ରଡ଼ିରଡ଼େ ପଳାଉଥିଲୁ ମାଡ଼ି ମାଡ଼ି । ପୀତାମ୍ବର. ନୃସିଂହପୁରାଣ ।)

**ମାଡ଼ି ମାଲ**—ଦେ. ବି—ଚାବୁକ; କୋରଡ଼ା—Whip. (ଉ—ଏବା Mārdi māla ଶୁଣି କୃଷ୍ଣ ଅର୍ଜୁନ ଶୁଭଳ, ଘୋଡ଼ାଙ୍କର ଉପରେ কোড়া ପିଟିଲେ ମାଡ଼ିମାଲ । କୃଷ୍ଣସିଂହ. ମହାଭାରତ. ଭୀଷ୍ମ ।) कोडा

**ମାଡ଼ି ମୁଡ଼ି ପୂରା(ରେ)ଇବା**—ଦେ. କ୍ରି.—କୌଣସି ଅଧାରରେ Mārdi murdi pūrā(re)ibā ବେଶି ପରିମାଣର ଜିନିଷ (ମାଡ଼ିମୁଡ଼ି ଭର୍ତ୍ତି କରିବା—ଅନ୍ୟରୂପ) ଜୋରପୂର୍ବକ ଭର୍ତ୍ତି କରିବା মেড়ে মুড়ে ঢোকানা To fill up a receptacle by pres- माड मुड कर घुसाना sing or squeezing things into it.

**ମାଡ଼ି ଯିବା**—ଦେ. କ୍ରି—୧ । ବିସ୍ତାରିତ ହେବା—1. To spread. Mārdi jibā ୨ । ବୃଦ୍ଧି ପାଇବା—2. (number of chil- বেড়ে যাওয়া बढना dren) To be on the increase. [ଉ—ଭାଇ ! ସେ ବଡ଼ମନା ଦେବେ ପୁତ୍ର କନ୍ୟା; ମାଡ଼ିଗଲେ ବଢ଼ି ପର କେ କରେ ମନା । ଉପାସ୍. ଗୀତଲହରୀ ।] ୩ । ଚାଲିଯିବା—3. To walk. (ଯଥା—ଏଇ ବାଟେ ମାଡ଼ି ଯା ହୋ ।) ୪ । ବ୍ୟାପି ଯିବା—4. To over- spread; to be diffused.

**ମାଡ଼ି ରହିବା**—ଦେ. କ୍ରି—୧ । ଆଚ୍ଛାଦିତ କରି ରହିବା; ଅବରଣ Mārdi rahibā କରିବା; ଘୋଡ଼ାଇବା—1. To envelop; অধিকার করে থাকা to overcloud. ୨ । ସ୍ଥାୟୀ ଭାବରେ माड़ करके रहना ଅଧିକାର କରିବା—2. To possess; to accupy permanently. [ଉ—ଘୋଷପୁରକୁ ଭାର ବହ, ଏ ନଗରୀଁ ମାଡ଼ି ରହ । ଭୂପତି. ପ୍ରେମ ପଞ୍ଚାମୃତ ।] ୩ । ସ୍ଥାନ ଅଧିକାର କରିବା—3. To occupy a space. [ଉ—ନବଦ୍ୱାର ମାଡ଼ି ରହିଛି ତାର ଥାଟ । ସାରଳା ମହାଭାରତ ।]

ମାଡୁ—ଦେ. ବି—(ସଂ. ମଣ୍ଡ)—କଞ୍ଚା ଅମ୍ବକୁ ଚିର ଅଚାର ବା ଅଡ଼ଙ୍ଗା Mārdu କରିବା ପାଇଁ ତହିଁ ମଧ୍ୟରେ ଭରେଇ କରିବା ମସଲାଗୁଣ୍ଡ। আচারের মসলা (ନରେ)—Condiment-powder put अचारकी मसाला inside split mangoes to prepare pickle.

ମାଡୁଆ—ଦେ. ବିଶ. ପୁଂ—୧ । ଯେ ପରଠାରୁ ମାଡ଼ ଖାଇବାରେ Mārduā ଅଭ୍ୟସ୍ତ—1. Habituated to be beaten মারখেগো मारखा by others. ୨ । ପ୍ରହାର ଖାଇବାର ମାଡ଼େଇ } — ସ୍ତ୍ରୀ ମାଡ଼ୋଇ ଯୋଗ୍ୟ—2. Deserving to be thrashed. [ଯଥା—ସେ ଗୋଟାଏ ଭୁକ୍ତ ମାଡୁଆ ।] ବି—୧ । ଅନ୍ୟଠାରୁ ମାଡ଼ ଖାଇଥିବା ବ୍ୟକ୍ତି—1. One who has been beaten by another. ୨ । ମାଡ଼ ମାରିବା ବ୍ୟକ୍ତି—2. A person who beats another. [ଦ୍ର—ମାଡୁଆ ନ ଥାଇ ସୁହାଉଥ । ଇଶ ।]

ମାଡୁ ମାଡୁ—ଦେ. ( ଧ୍ୱନ୍ୟନୁକରଣ ) ଅ—(ତୁଳନାକର ସଂ. ମଡ଼- Mārdu mārdu ମଡ଼ାୟିତ ଯାହାକୁ ମଡ଼ମଡ଼ କରି ଚୋବାଇ ମড়মড়, কড়মড় করে খাওয়া যায় থাকে)—ଟାଣ ଜିନିଷ ବା କଞ୍ଚାଫଳକୁ मड मड ଚୋବାଇବାର ଶବ୍ଦ; ଖଡୁ ଖଡୁ; ମଡ଼ ମଡ଼— Rattling sound caused by chewing a hard or thing raw fruit.

ମାଡ଼େ—ଦେ. ବି—ମାଡ଼ର ଏକ ବର୍ଷା—A shower of beating Mārde বেদম মার मार or thrashing. [ ଯଥା— ତତେ ମୁ ମାଡ଼େ ଦେଇଛି ଯେ, ତୋର ଜନ୍ମକେତେ ଯାଏ ମନେ ଥିବ ।] ପ୍ରାଦେ. (କଟକର ବାଲେଶ୍ୱର) (ମାଡ୍ଡେ—ଅନ୍ୟରୂପ) ଅ—ବୋଧ ହୁଏ—Perhaps.

ମାଡ୍ଡୁକ—ସଂ. ବି. ପୁଂ—ଢୋଲିଆ; ଢୋଲ ବଜାଇବା ବ୍ୟକ୍ତି—A Madduka (ମାଡ୍ଡୁକ—ଅନ୍ୟରୂପ) drummer (Apte).

ମା(ମେ,ମ୍ୟା)ଡ୍ରାସ—ବୈଦେ. (ପ୍ରାଦେ) (ଇଂରାଜୀ) ବି—(ଇଂ. ନାମ)— Mā(me,myā)drās ମାନ୍ଦ୍ରାଜ (ପ୍ରଦେଶ ଓ ନଗର)— মাদ্রাজ मद्रास Madras. (town and rovinec).

ମା(ମେ,ମ୍ୟା)ଡ୍ରାସ୍ ମେଇଲ—ବୈଦେ. (ପ୍ରାଦେ) (ଇଂରାଜୀ) ବି—(ଇଂ)— Mā(me,myā)drās mel କଲିକତା ଅବା ସ୍ଥାନରୁ ମାନ୍ଦ୍ରାଜ মাদ্রাজ মেল ନଗରକୁ ଓ ମାନ୍ଦ୍ରାଜରୁ ସେସବୁ ସ୍ଥାନକୁ ଯାଉଥିବା ଗାଡ଼ି। मद्रास मेल ଡାକ-ରେଲଗାଡ଼ି—The Madras mail train.

ମାଢ଼—ଦେ. ବି—(ସଂ. ମାଢ଼=ପରିମାଣ; ଓଜନ)—୧ । ୧୦ ରତି Mārdha ଓଜନର ସୁନା ବା ଓଜନ ହେବା ଅନ୍ୟ ଦ୍ରବ୍ୟ— 1. A small weight of gold or any other article. ୨ । ଓଜନ ବିଶେଷ; ଦଶ ରତି ବା ଅଧ- ତୋଳା—2. A standard weight; half a tola. [ଦ୍ର—ସୁନା ରୁପା ଓ ବାସନ ଅବା ଓଜନ କରିବାରେ ମାଢ଼ ଶବ୍ଦ ବ୍ୟବହୃତ ହୁଏ:—
୪ ଧାନ=୧ ରତି (ସଂ. ରକ୍ତିକ=ଗାଈଞ୍ଚ)
୪ ରତି=୧ ରତି (ସଂ ରତିକ)
୨ ରତି=୧ ମସା (ସଂ. ମାଷକ)
୫ ମସା=୧ ମାଢ଼
୨ ମାଢ଼=୧ ତୋଳା (ସଂ. ତୋଲକ)
୪ ବା ୨ ତୋଳା=୧ ପଲ
୧୮ ବା ୨୦ ପଲ=୧ ସେର
ଅତଏବ ୧ ମାଢ଼=ଅଧ ତୋଳା ବା ଅଧ ଭରି ।
ଏ ମାଢ଼ ଶବ୍ଦର ବ୍ୟବହାର ମାଦଳା ପାଞ୍ଜିରେ ବହୁବାର ହୋଇଅଛି ।] [ଦ୍ର—ସୁବର୍ଣ୍ଣ ଦଶଲକ୍ଷ ମାଢ଼—ଚାର୍ଚ୍ଚିତା- ଲକ୍ଷ୍ମୀ ।] ଦେ. ବିଣ—(ପା. ମୋହର=ସ୍ୱର୍ଣ୍ଣମୁଦ୍ରା।)— ବହୁ ପରିମିତ (ମୁଦ୍ରା।)—3. A large amount of money. [ଯଥା—ତା ଉପରେ ମୋର ମାଢ଼େ ଟଙ୍କା ଅଛି ।]

ମାଢ଼ି—ସଂ. ବି ( ମଢ଼୍ ଧାତୁ=ପୂଜା କରିବା+କରଣ ଇ )—୧ । Mārdhi ପତ୍ରର ଶିରା—1. The ridge on the back of a leaf; the tissue of a leaf. ୨ । ଦାରିଦ୍ର୍ୟ; ଦୈନ୍ୟ—2, Poverty. ୩ । ଦାନ୍ତ ମୂଳ—3. The gum of teeth. ୪ । ଦାନ୍ତମୂଳକୁ ଆବରଣ କରିଥିବା ମାଂସର ଗୁଡ଼—4. The ridge of flesh covering the roots of the teeth. ୫ । ପତ୍ରର ଅପୂର୍ଣ୍ଣ ଅବସ୍ଥା; କଢ଼ି ବା ମେଲା ହେବା ପୂର୍ବରୁ ପତ୍ରର ଦଶା—5; The young leaf before it opens (Apte). ୬ । ଯାଆଁଳା ଦାନ୍ତ—6. A double tooth (Apte). ୭ । (+ଖ୍ରୀ. ଭ) ସମ୍ମାନ ଦେଖାଇବା; ପୂଜନ—7. Honouring (Apte). ୮ । କ୍ରୋଧ—8. Anger; passion ( Apte ). ୯ । ମନୋଦୁଃଖ; ବିମର୍ଷତା—9. Sadness; dejection (Apte). ୧୦ । ବସ୍ତ୍ରର ଧଡ଼ି—10. The border or hem of a garment (Apte).
बरेका कुत्ता ଦେ. ବି—୧ । କଇଁ ଫୁଲ ଅବର ପାଲକୋଷ— 1. The calyx of some flowers, as water lily, lotus. ( ଯଥା—କଇଁ ମାଢ଼ି; ପଦ୍ମ ମାଢ଼ି । ) ୨ । ମାଢ଼ି (ଦେଖ)—2. Mārdi (See)

ମାଢ଼ିଆ—ଦେ. ବି—(ସଂ. ମାଢ଼ି) —ମାଢ଼ି ୪ (ଦେଖ) Mārdhiā মাড়ি मसूड़ा Mārdhi 4 (See)

ମାଢ଼ିବା—ଦେ. କ୍ରି—ମାଡ଼ିବା; ଏକ ଦ୍ରବ୍ୟ ଉପରେ ଅନ୍ୟ ଦ୍ରବ୍ୟକୁ Mārdhibā ସଂଲଗ୍ନ କରିବା—To put or press a thing মাড়ান चपाना upon another

ମାଢ଼େ—ଦେ କ୍ରି. ବିଣ—୧ । ଅତି ସାମାନ୍ୟ ମାତ୍ର; ଅଳ୍ପ ପରିମାଣରେ Mārdhe একটু कुछ 1. A little; a bit. [ ଦ୍ର—ସେ ବୃକ୍ଷଶାଖା ଯେଉଁଅଡ଼େ, ଭୁମିରୁ ନ ଛାଡନ୍ତି ମାଢ଼େ । ପ୍ରାଚୀ. ବୃକ୍ଷରୂପଣ ଗୀତ । ] ୨ । ଅନେକ; ପ୍ରଚୁର— 3. Much. ( ଯଥା—ସେ ବହୁବର୍ଷ ଠାରୁ ମାଢ଼େ ଧାଉଛି ।) ଦେ. ବିଣ.—୧ । ଏକ ମାଢ଼ ପରିମିତ— 1. Weighing half a tolā. ୨ । ବହୁ ପରିମିତ

2. Much; large in quantity. ଦେ. ବ— ସାମାନ୍ୟ ପରମିତ ବସ୍ତୁ—A very little quantity.

ମାଢ଼ୋର—ଦେ. ବ—ଗଣିତ ସମସ୍ୟା ସାଧନ କରିବାର ସାଙ୍କ ସୂତ୍ର ବା
Mardhori ହସ୍ତ ପ୍ରଣାଳୀ—A set formula or key for solving arithmetical problems.

ମାଣ(ନ)କି—ପ୍ରାଦେ. ( ସିଂହଭୂମି ) ବ—କୋହ୍ଲମାନଙ୍କର ଅନେକ-
Māṇ(n)ki ଗୁଡ଼ିଏ ମୁଣ୍ଡା ବା ଗ୍ରାମସର୍ଦ୍ଦାରଙ୍କ ଉପରେ ପ୍ରଧାନ
মানকী ସର୍ଦ୍ଦାର—The head Sarddāra of the Kohla tribes.

ମାଣ—ଦେ. ବ ( ସ. ମା. ଧାତୁରୁ ଉତ୍ପନ୍ନ 'ମାନ' )—୧ । ପଚିଶ ଗୁଣ୍ଠ
Māṇa ପରିମିତ ଜମି—1. A measure of land consis-
আড়াই বিঘা ting of 25 Gunṭhas. [ ଦ—୧ ବାଟି= ୨୦ ମାଣ, ୧ ମାଣ=୨୫ ଗୁଣ୍ଠ, ୧ ଗୁଣ୍ଠ=୧୬ ବିଶ୍ୱା । ଦୀର୍ଘ ୨୦ ପଦକା ଓ ପ୍ରସ୍ଥ ୨୦ ପଦକା ହେଲେ ଏକମାଣ ଜମି ହୁଏ, କିନ୍ତୁ ପଦକାର ଲମ୍ବର ତାରତମ୍ୟ ଅନୁସାରେ ମାଣର ପରିମାଣର ତାରତମ୍ୟ ହୁଏ ।

୨୪ ଦସ୍ତିଆ ମାଣ=ଏକ ଏକର=ପ୍ରାୟ ୨୧ ବିଘା; ବଣି ଦସ୍ତିଆ, ଚଉଦ ଦସ୍ତିଆ ଓ ବାର ଦସ୍ତିଆ ମାଣ ଅଛି । ବାର ଦସ୍ତି ପଦକାର ଏକ ମାଣ=⅔ ଏକର । ଚଉଦ ଦସ୍ତି ପଦକାର ଲମ୍ବ=୭ ହାତ ୧ କାଣି=୭ ହାତ ୨୨ ଅଙ୍ଗୁଳ । ମାଣର ସାଙ୍କେତିକ 'ମା'; ଯଥା—ଏକମାଣ
মানা ଜମି=ମା୲୦ । ] ୨ । ଏକ ଗଉଣୀର ୧୨ ଭାଗର ଏକ ଭାଗ; ଶସ୍ୟର ପରିମାଣ—2. A measure of grain one 12th of a Gauṇi. [ଦ୍ର—ଏକ ବରଣ =କୋଡ଼ିଏ ଗଉଣୀ; ଏକ ଗଉଣୀ=ବାର ମାଣ । ଗଉଣୀର ତାରତମ୍ୟ ଅନୁସାରେ ମାଣର ତାରତମ୍ୟ ହୋଇଥାଏ । କଟକୀ ଗୁର ସେରଅ ଗଉଣୀର ମାଣ=⅚ ସେର । ଛଅ ସେରଅ ଗଉଣୀର ମାଣ ½ ସେର । ଚାର ସେରଅ ଗଉଣୀର ମାଣ=⅓ ସେର । ] ୩ । ମାଣେ ପରିମିତ ଶସ୍ୟାଦି ମପାଯିବା ପାତ୍ର—3. A pot for measuring one Māṇa of grain. [ ଯ—ଗୋପୀ ବୋଲନ୍ତି କୃଷ୍ଣ ଶୁଣ । ଘର ଭିତରୁ ମାଣ ଆଣ—ଜଗନ୍ନାଥ. ଭାଗବତ । ] ୪ । କେଉଟମାନଙ୍କ ଚୂଡ଼ାକୁଟା ଢିଙ୍କିମୁଣ୍ଡାରେ ଥିବା ଗର୍ତ୍ତ ବା ଉଖୁଣ୍ଡ—4. The hole or receptacle for holding the paddy to be flattened by the Dhiṅki by Keutas who pound
মানকচু paddy into Churdā. ୫ । ( ସ. ମାନକ )
মানকচু ମାଣସାରୁ ( ବରେକୃଷ୍ଣ. ଦ୍ରବ୍ୟଗୁଣ )—5. Arum Indicum. ପ୍ରାଦେ. ( ସରୁଦ୍ଧାର ) ବ—୧ । ଶସ୍ୟାଦିର ମାପବିଶେଷ; ୪୨ ଟଙ୍କା ଓଜନର ପରିମାଣ; ଅଧସେର— 1. Half a seer. ୨ । ୧ ବିଶ୍ୱା; ୧୨୦ ବା ୧୫୦ ତୋଳା—2. One Biswā 120 or 150 Tolās.

ମାଣ ଓ(ବ)ସା—ଦେ. ବ -ମାର୍ଗଶିର ବା ମାଘ ମାସ ଗୁରୁବାର ଦିନ ଲକ୍ଷ୍ମୀ
Māṇa-o(ba)sā ରୂପେ କଳ୍ପିତ ଧାନପୂର୍ଣ୍ଣ ମାଣକୁ ସାଯାଇ କରାଯିବା
লক্ষীপূজা ଲକ୍ଷ୍ମୀପୂଜା-A religious rite observed in honour of Goddess Lakshmī represented by a māṇa or corn-measuring pot on Thursdays in the month of Mārgasira or Māgha. [ ଦ୍ର—କେଉଁ ଅଞ୍ଚଳରେ ମାର୍ଗଶିର ମାସରେ; କେଉଁ ଅଞ୍ଚଳରେ ମାଘ ବା ଶ୍ରାବଣ ମାସରେ ଏ ବ୍ରତ କରାଯାଏ । ]

ମାଣ ଓ(ବ)ସା ଗୁରୁବାର—ଦେ. ବ—ମାର୍ଗଶିର ବା (କେଉଁ ଅଞ୍ଚଳରେ)
Māṇa o(ba)sā gurubāra ମାଘ ବା ଶ୍ରାବଣ ମାସର ଗୁରୁବାର ମାନ—The thursdays of the month of Mārgasira ( or at some places ) Māgha or Srābaṇa when Lakshmī is worshipped ). [ଦ୍ର—ଏ ଦିନ ଗୃହର ଶୁକ୍ଳ ଧାନ୍ୟ-ପୂର୍ଣ୍ଣ ମାଣକୁ ଘରେଇରେ ସ୍ଥାପିତ କରି ତାକୁ ଲକ୍ଷ୍ମୀରୂପେ କଳ୍ପନା କରି ପୂଜା କରାଯାଏ । ]

ମାଣକ—ସ. ବ ( ମା. ଧାତୁ+କର୍ମ. ଅନ+କ )—ମାଣସାରୁ ( ଦେଖ)
Māṇaka (ମାଣକନ୍ଦ—ଅନ୍ୟରୂପ) Māṇasāru ( See )

ମାଣକନ୍ଦା—ଦେ. ବ. ( ସ. ମାଣକ+କନ୍ଦ )—ମାଣସାରୁ ( ଦେଖ )
Māṇakandā Māṇasāru ( See )
মানকচু मानकच्चु

ମାଣ ଗଉଣୀ—ଦେ. ବ. ( ଯୌଗିକ ପଦ )—ଶସ୍ୟ ମାପିବାର ପାତ୍ରଦ୍ୱୟ;
Māṇa gauṇī ଶସ୍ୟ ମାପିବାର ପରିମାଣଦ୍ୱୟ;—ମାଣ (କ୍ଷୁଦ୍ର)
(ମାଣ ଗୌଣୀ—ଅନ୍ୟରୂପ) ଓ ଗଉଣୀ ( ବଡ଼ )— A smaller and a bigger measure of corn

ମାଣ ଗାଣ୍ଡି—ଦେ. ବ—ଧାନ ମାପିବାର ପାତ୍ର 'ମାଣ'ର ପିଠିପାଖ—
Māṇa gāṇdi The back or downside face of a
मानका पेंद Māṇa pot.

ମାଣ ଗାଣ୍ଡିରେ ଧାନ ମାପିବା—ଦେ. କ୍ରି—( ଅଶୁଭ ) ( ମୃତାହ କ୍ରିୟା
Māṇa gāṇdire dhāna māpibā ସମୟରେ ଦଶାହଠାରୁ
मानका पेंदमें धान मापना ଫେରି ଅସି କ୍ରିୟା ଧରିଥିବା ବ୍ୟକ୍ତି ) ମାଣର ପିଠିପାଖ ଧରି ତା ଉପରେ ଗଣ୍ଡାଏ ଗଣ୍ଡାଏ କରି ଧାନ ରଖି ମାପିବା—To measure grain by the back or buttom side up of a Māṇa pot on 10th day of a funeral ceremony, after returning from the funeral ghat. [ଦ୍ର—ଅନ୍ୟ ସମୟରେ ମାଣ ଗଣ୍ଡିରେ ଧାନ ମାପିବା ଅମଙ୍ଗଳସୂଚକ । ]

ମାଣ ଗୁଣ୍ଠବିଶ୍ୱା—ଦେ. ବ. ( ଯୌଗିକ ପଦ )—ଜମି ମାପିବାର ମାଣ,
Māṇa guntha biswā ଗୁଣ୍ଠ ଓ ବିଶ୍ୱା—Measure of
বিঘা কাঠা বিশ্বা land by Māṇa, Gunṭha and
मान बिघा घुरकट्ठा Biswā. [ ଦ୍ର—ମାଣ ଓ ଗୁଣ୍ଠ ଅଙ୍କରେ ଲେଖାଯାଏ ଓ ବିଶ୍ୱା ପଣରେ ଲେଖାଯାଏ; ମାଣ ଓ ଗୁଣ୍ଠ ମଧ୍ୟରେ ଗୋଟିଏ ଗାର ପଡ଼େ; ଯଥା—୫ ମାଣ ୬ ଗୁଣ୍ଠ ୭ ବିଶ୍ୱା=ମା ୫।୬।୷ । ]

ମାଣ ପୂରିବା—ଦେ. କ୍ରି ( ଲକ୍ଷଣାର୍ଥ )—ଆୟୁ ଶେଷ ହୋଇଯିବା—
Māṇa pūribā One's life coming to an end; the
ଅନ୍ନଜଳ ଶେଷ ହେବା full measure or span of a life.
ମାନ ପୂରনা [ ଦ୍ର—ମାଣ ପୂରିଲା ଉତ୍ତରେ ଦ୍ରଷ୍ଟା !—ଶିଶୁବୋଧ ।]

ମାଣବ—ସ. ବି. ପୁଂ (ମନୁ=ମନୁଷ୍ୟ+ଷ୍ଣ୍ଅ୍ । ଅପତ୍ୟାର୍ଥେ. ଅ;+ସ୍ୱାର୍ଥେ. କ)—
Māṇaba ୧ । ଶ୍ରେଷ୍ଠ ମନୁଷ୍ୟ; ଗେଲ୍ହା ଲୋକ;—1. A mani-
( ମାଣବକ—ଅନ୍ୟରୂପ ) kin. ୨ । ( ଅବଜ୍ଞାର୍ଥକ ) ବାଳକ;
( ମାଣବିକା—ସ୍ତ୍ରୀ) ଅର୍ଭକ ଟୋକା— 2. (contemptuous ) A boy; a youngster; a lad.
୩ । କୁତ୍ସିତ ଲୋକ—3. An ugly man. ୪ । ବ୍ରାହ୍ମଣ ବାଳକ—4. A Brāhmaṇa boy. ୫ । ଷୋଡ଼ଶ ବର୍ଷୀୟ ବାଳକ—5. A boy of 16 years of age. ୬ । ଅଷ୍ଟାକ୍ଷର ଛନ୍ଦୋବିଶେଷ—6. Name of a metre of 8 syllables.
୭ । ବିଂଶତିସୂତ୍ରିକ ହାର; କୋଡ଼ିଏସରିଆ ହାର—7. A 20-stringed necklace. ୮ । ୧୬ ସରିଆ ହାର—8. A 16-stringed necklace. ୯ । ଅର୍ଦ୍ଧୋଚ୍ଚାରିତ ମନ୍ତ୍ର—9. Half-uttered hymn. [ଦ୍ର—(୭ ଓ ୮) ଅର୍ଥ ସେ ପ୍ରମାଣ ମାଣବକ ମୁକ୍ତାହାର ଦେଖ 'ମାଣବକ' ।] ୧୦ । ମନୁଷ୍ୟ (ହି. ଶ.)—10. Man ୧୧ । ନିର୍ବୋଧ ବ୍ୟକ୍ତି—11. A silly fellow (Apte.) ୧୨ । ଧର୍ମ ବିଷୟ ଶିକ୍ଷା କରୁଥିବା ଛାତ୍ର- 12. A scholar; a religious student ( Apte )

ମାଣ ବସା(ସେ)ଇବା—ଦେ. କ୍ରି—ମାର୍ଗଶିର ବା ମାଘ ମାସ ଗୁରୁବାର
Māṇa basā(se)ibā ଦିନ ମାଣରେ ଧଳା ଧାନ ଭର୍ତ୍ତି କରି ବସ୍ତ୍ରାଦିରେ ବିଭୂଷିତ କରି ତାକୁ ମହାଲକ୍ଷ୍ମୀ ରୂପେ ପୂଜା କରିବା—To worship a measuring pot filled with white paddy on every thursday of the month of 'Mārgaśira' or Māgha.

ମାଣ ବସା ଗୁରୁବାର-ଦେ. ବି-ମାର୍ଗଶିର ବା ମାଘମାସର ପ୍ରତି ଗୁରୁବାର
Māṇa basā gurubāra — The thursdays of the
(ମାଣ ବସା ଓଷା—ଅନ୍ୟରୂପ) month of Mārgaśira or Māgha. [ଦ୍ର—ମାର୍ଗଶିର ବା ମାଘ ମାସର ଗୁରୁବାର ଦିନ ହିନ୍ଦୁ ଗୃହସ୍ଥ ଘରେ ଗୋଟିଏ ଧାନମପା ମାଣରେ ଧଳା ଧାନ ପୂରାଇ ତାକୁ ବସ୍ତ୍ରାଦ୍ୱାରା ବିଭୂଷିତ କରି ତାହାକୁ ମହାଲକ୍ଷ୍ମୀ କଳ୍ପନା କରି ଲକ୍ଷ୍ମୀ ପୂଜା କରନ୍ତି ଓ ମାଘ ମାସର ଗୋଟିଏ ଗୁରୁବାରରେ ଏ ବ୍ରତ ଉଦ୍‌ଯାପନ କରନ୍ତି । ]

ମାଣବୀନ—ସ. ବିଣ (ମାଣବ+ଈନ)—ଟୋକାଳିଆ; ଶିଶୁଜନୋଚିତ—
Māṇabīna Boyish; childish (Apte).

ମାଣବ୍ୟ—ସ. ବି ( ମାଣବ+ଯ )—୧ । ଶିଶୁଙ୍କ ବାଳକ—1. A
Māṇabya number or company of boys.
୨ । ବାଲ୍ୟକାଳ—2. Boyhood. ୩ । ଶୈଶବ—
3 Childhood

ମାଣ ସାରୁ—ଦେ. ବି. (ସ. ମାଣକ)—ମହଣସାରୁ; ସାରୁ ଜାତୀୟ ଏକ
Māṇa sāru ପ୍ରକାର କନ୍ଦ—Arum Indicum; Aloca-
ସ. ନାମ—ମାଣକ, ମାଣକନ୍ଦ, cia Indica.
ମହାପତ୍ର [ଦ୍ର—ଏହାର ମୂଳ ଶିଳପୁଆ ପରି
ମାନ କচু ଲମ୍ବ ଓ ବଡ଼ ଓ ଏହାର ପତ୍ର ସାରୁ
ମান কন্দ্ ପତ୍ର ପରି, କିନ୍ତୁ ୩ ଫୁଟ ପରିଧି
ମ. ମାଣ କନ୍ଦ ବିଶିଷ୍ଟ । ଏହାର କନ୍ଦ ଭକ୍ଷ୍ୟ ।
ଶଙ୍ଖସାରୁ ମଧ୍ୟ ଏହି ଜାତୀୟ ଭୂମିଜାତ କନ୍ଦ । ବୈଦ୍ୟକ ମତରେ ଏହା ଶୋଥ ହାରକ, ଶୀତଗୁଣ୍ୟ, ଲଘୁ ଏବଂ ଏହା ପିତ୍ତ ଓ ରକ୍ତଦୋଷ ଓ ଉଦରସ୍ଥ ରୋଗ ନାଶକ ।]

ମାଣି—ଦେ. ବି. (ସ. ମାନ)—ଅଭିମାନ (କନ୍ଦ) —
Māṇi Hauteur; sullenness due to displeasure
মান অমিমান

ମାଣିଆ(ଆଁ)—ଦେ. ବିଣ. (ଅତ୍ୟ ସଙ୍ଖ୍ୟାବାଚକ ଶବ୍ଦ ସଙ୍ଗେ ପ୍ରଯୁକ୍ତ ହୁଏ;
Māṇiā(ā̃) ଯଥା—ଚାରମାଣିଆ ଖେତ; ଛଅ ମାଣିଆ ବାଡ଼ି)—
মানিআঁ ଏତେ ମାଣ ପରିମିତ—Measuring so many Māṇas.

ମାଣିଆ ବନ୍ଧି(ନ୍ଧି)ଦେ.ବି.-ଓଡ଼ିଆ ଗଡ଼ଜାତର ବଡ଼ମ୍ବା ରାଜ୍ୟର ମାଣିଆବନ୍ଧ
Māṇiā bandi(ndhi) ନାମକ ଗ୍ରାମର ତନ୍ତୀମାନଙ୍କ ଦ୍ୱାରା ବୁଣା ହେବା ରେଶମଧଡ଼ିଆ ଧଳା ସୂତା ଲୁଗା ଓ ଶାଢ଼ୀ—A kind of cloth hand-woven by weavers of a village 'Māṇiābāndha in the Oriya State of Bardambā.
[ଦ୍ର—ପୂର୍ବେ ଏମାନେ ଖୁବ୍ ସରୁ ଓ ମସୃଣ ଲୁଗା ବୁଣୁଥିଲେ; ଏମନ୍ତ କି, ୧୦ ହାତ ଲମ୍ବର ଲୁଗା ଓ ୨ ହାତ ଲମ୍ବର ଗୁଦର ଏକାଠି ଗୁଡ଼ା ହୋଇ ଗୋଟିଏ ବାଉଁଶ ନଳ ମଧ୍ୟରେ ରହି ପାରୁଥିଲା । ବର୍ତ୍ତମାନ ଉତ୍ସାହ ଓ ଆଦର ଅଭାବରୁ ଏ ଲୁଗାର ଉତ୍କୃଷ୍ଟତା କମିଯାଇ ଅଛି । ମାଣିଆବନ୍ଧରେ ଧୋତି, ଶାଢ଼ୀ ଓ ଦୋପଟା ଗୁଦରମାନ ବୁଣାଯାଏ । ଏ ଲୁଗାମାନଙ୍କରେ ଏକ ଫୁଲିଆ ଓ ଏକାଧିକ ଫୁଲିଆ ଚଉଡ଼ା ରେଶମୀ ଧଡ଼ି ଥାଏ । ]

ମାଣିଆ ବନ୍ଧି(ନ୍ଧି) ଯଥା—ଦେ. ବି—ମାଣିଆବନ୍ଧରେ ପ୍ରସ୍ତୁତ ସରୁ
Māṇiā bandi(ndhi) jathā ଧୋତି ଗୁଦର (ଏକଠି ଲାଗିଥିବା)—A pair of clothes (lower and upper pieces) woven in one length in 'Māṇiābandha.'

ମାଣିଆ ବନ୍ଧି(ନ୍ଧି) ଶାଢ଼ୀ— ଦେ. ବି — ଚଉଡ଼ା ରଙ୍ଗୀନ୍ ଧଡ଼ି ଥିବା
Māṇiā bandi(ndhi) ମାଣିଆବନ୍ଧରେ ବୁଣା ସୂତା ଶାଢ଼ୀ—
Cotton Sārdhis woven in Māṇiābandha

ମାଣିକ(କି)ଚାନ୍ଦି—ଦେ. ବି—୧ । ବଙ୍ଗ ଓ ଉତ୍କଳ ଦେଶରେ ଲଗା
Māṇik(ki)chāndi ଯାଉଥିବା ଗୁଆ ଗଛରୁ ଉତ୍ପନ୍ନ ନିକୃଷ୍ଟ ଓ
চান্দী(সুপুরী) ଶ୍ରେଷ୍ଠ ଗୁଆ—1. The areca nut (grown
मानिक चंदी in this country); Indian Camomyle:
ছোটকচু Chrysanthemum Indicum. ୨ । ଏକ

छोटा साग — ପ୍ରକାର ଶ୍ରେଷ୍ଠ ସାରୁ—2. A kind of edible arum. ୩। ଏକ ପ୍ରକାର ହଳଦିଆ ଓ ନାଲି ମିଶା ପାଖୁଡ଼ା ଯୁକ୍ତ ସାନ ଗେଣ୍ଡୁ ଫୁଲ—3. French marigold.
वृन्दावनी(गेंदा)
गुलदावदी

**ମାଣିକ୍(କି) ମକଦଲ**—ପ୍ରାଦେ (ଗଡ଼ଜାତ) ବି—ମାଣିକ୍ ଚାନ୍ଦି ୩ (ଦେଖ)
Māṇik(ki) makadala — Māṇik chāndi 3 (See)

**ମାଣିକ**—ଦେ. ବି. (ସଂ. ମାଣିକ୍ୟ)—୧। ମାଣିକ୍ୟ; ପଦ୍ମରାଗ ମଣି; ରକ୍ତ ବର୍ଣ୍ଣର ମଣିବିଶେଷ—1. Ruby. (ଭି—ପ୍ରଭାତ ଦେଖାଇଲା ହୀରା, ନାଳା, ମାଣିକ—ଭଞ୍ଜ· ଲାବଣ୍ୟବତୀ।) [ଦ୍ର—ବାଣ୍ଡ ହାତରେ ମାଣିକ ପଡ଼ିବା ନ୍ୟାୟ—ବାଣ୍ଡମାନେ ମାଣିକ୍ୟର ମୂଲ୍ୟ ବୁଝି ନ ପାରି ତାକୁ ଅନାଦର କଲା ପରି, କୌଣସି ଗୁଣୀ ଲୋକ ଗୁଣହୀନ ଲୋକଙ୍କ ଦେଶରେ ପଡ଼ିଲେ ଅନାଦୃତ ହେବା ସ୍ଥଳରେ ଏ କଥାଟିର ଉପମା ଦିଆଯାଏ।] ୨। (ସ୍ତ୍ରୀ) ମାଣିକ୍ୟ ନାମ ସ୍ତ୍ରୀର ଡାକ ନାମ—2. A name for calling a female named Māṇikya.
Māṇika
मानिक
मानिक, लाल

**ମାଣିକ ଚୂନା(ରା)**—ଦେ. ବି (ସଂ. ମାଣିକ୍ୟ ଚୂର୍ଣ୍ଣ)—ଅଳଙ୍କାରକୁ ପାଲିସ ଓ ଚକଚକିଆ କରିବା ପାଇଁ ବଣିଆଙ୍କ ବ୍ୟବହୃତ ମାଣିକ୍ୟର ଚୂର୍ଣ୍ଣ—Powdered ruby used by goldsmiths for polishing ornaments.
Māṇika chūnā(rā)
मानिकचूर
मानिकरेत

**ମାଣିକ (କି)ଜୋଡ଼(ଡ଼ା)**—ଦେ. ବି (ପୁଂ ଓ ପୁଂ. ସ୍ତ୍ରୀ) (ସଂ. ମାଣିକ୍ୟ+ଯୁଗ୍ମ)—୧। (ବ୍ୟଙ୍ଗ୍ୟ) ପରସ୍ପରଙ୍କ ପ୍ରିୟ ସଙ୍ଗିଦ୍ୱୟ—1. A pair of bosom friends. ୨। ପ୍ରେମିକାପ୍ରେମିକଦ୍ୱୟ—2. A couple of lovers.
Māṇika (ki)jorda(rdā)
(ମାଣିକ ଜୋଡ଼ୀ—ସ୍ତ୍ରୀ)
মাণিক জোড়
मानिक जोर(ड)

**ମାଣିକା**—ଦେ. ବି (ସଂ. ମା ଧାତୁଜ ମାନ)—୧। ତେଲ, ଘିଅ ଓ ଶସ୍ୟାଦି ମାପିବାର ପିତଳ ମାଣ—1. A measuring pot of brass for measuring oil, ghee and grains. ୨। ମାଣିକୀ ଗଉଡ଼ୁଣୀ (ଦେଖ)—2. Māṇikī gaurḍuṇī (See)
ସଂ. ବି—୧। ମଦ୍ୟ (ଦ୍ରବ୍ୟଗୁଣ)—1. Wine. ୨। ଆଠପଲ ଓଜନ ପରମାଣ ବିଶେଷ—2. A particular weight (equal to eight Paḷas) (Apte)
Māṇikā
पितलको मान

**ମାଣିକୀ**—ଦେ. ବି. ସ୍ତ୍ରୀ—ମାଣିକ୍ୟ ନାମ୍ନୀ ସ୍ତ୍ରୀର ଡାକ ନାମ—A name for calling a woman named Māṇikya.
Māṇikī
[ଭି—ଜଳଜଳୀ ମାଣିକୀ ! ଜଳ ଜଳ କରି ଅନେକ ଥାଏ ନଈବଢ଼ି ପାଣିକି—ରାଗ।]

**ମାଣିକୀ ଗଉଡ଼ୁଣୀ**—ଦେ. ବି—ଉତ୍କଳର ଇତିହାସପ୍ରସିଦ୍ଧା ଗୋଟିଏ ଗଉଡ଼ୁଣୀ—A milkmaid famous in the history of Orissa. [ଦ୍ର—କଥିତ ଅଛି ଯେ ଉତ୍କଳର ରାଜା ପୁରୁଷୋତ୍ତମଦେବ ଯେତେବେଳେ କାଞ୍ଚିରାଜାଙ୍କ କୃତ ଅପମାନନାର ପ୍ରତିଶୋଧ ନେବା ପାଇଁ କାଞ୍ଚିରାଜ୍ୟକୁ ଆକ୍ରମଣ କରିବାକୁ ବିଜୟ ଅଭିଯାନ କରୁଥିଲେ, ତାଙ୍କ ଆଗେ ଆଗେ ଖଣ୍ଡଧର ଛଡ଼ାରେ ଜଗନ୍ନାଥ ଓ ବଳଭଦ୍ର ଠାକୁର ଯଥାକ୍ରମେ କଳା ଘୋଡ଼ା ଓ ଧଳା ଘୋଡ଼ା ଚଢ଼ି ଯାଉଥାଆନ୍ତି; ବାଟରେ ମାଣିକୀ ଗଉଡ଼ୁଣୀ ଦହି ବିକୁଥିଲା; ଏ ଦୁଇ ଜଣ ଅଶ୍ୱାରୋହୀ ତା ଠାରୁ ଦହି ଖାଇଲେ, ମାଣିକୀ ତାଙ୍କୁ ଦହିର ମୂଲ୍ୟ ମାଗିବାରୁ ସେମାନଙ୍କଠାରେ ଅର୍ଥ ନ ଥିବାରୁ କହି ଜଗନ୍ନାଥେ ମାଣିକୀକୁ ତାଙ୍କ ହାତରେ ଥିବା ନାମାଙ୍କିତ ମୁଦି (ଯାହା କି ବଡ଼ ଦେଉଳରେ ଜଗନ୍ନାଥଙ୍କ ପ୍ରତିମାଙ୍କଠାରେ ଲାଗି ହୋଇ ଥାଏ ତାହା) ଦେଲେ ଓ କହିଲେ ଯେ, କିଛିକ୍ଷଣପରେ ଏ ବାଟେ ଯେଉଁ ରାଜା ସୈନ୍ୟ ସହିତ ଆସିବେ, ତାଙ୍କୁ ଏ ମୁଦି ଦେଲେ ସେ ମାଣିକୀକୁ ଦହିର ଦାମ ଦେବେ। ଏହା କହି ଅଶ୍ୱାରୋହୀ ଦୁହେଁ ଅଗଭର ହେଲେ। ମାଣିକୀ ସେହିଠାରେ ଅପେକ୍ଷା କଲା। କିଛିକ୍ଷଣ ପରେ ରାଜା ପୁରୁଷୋତ୍ତମଦେବ ଦଳବଳ ସହ ସେହିଠାରେ ପହଞ୍ଚିବାରୁ ମାଣିକୀ ସେହି ମୁଦି ଦେଖାଇ ରାଜାଙ୍କୁ ଦହିର ଦାମ ମାଗନ୍ତେ, ରାଜା ସେ ମୁଦି ଜଗନ୍ନାଥଦେବଙ୍କର ଥିବାର ଦେଖି ଅତି ବିସ୍ମିତ ହୋଇ ପଚାରିବାରୁ ମାଣିକୀ ସେ ଦୁଇ ଜଣ ଅଶ୍ୱାରୋହୀ (ରାଉତ)ଙ୍କର ରୂପଆଦି (ବଡ଼ ଜଣକ ଗୋରା ଓ ସାନ ଜଣକ କଳା ଥିବା) ବର୍ଣ୍ଣନା କଲା। ଏଥିରେ ରାଜା କୃତକୃତ୍ୟ ହୋଇ ଜାଣିଲେ ଯେ ଜଗନ୍ନାଥ ଓ ବଳଦେବ ସ୍ୱୟଂ ଅଶ୍ୱାରୋହୀ ଯୋଦ୍ଧା ବେଶରେ ତାଙ୍କ ଆଗେ ଆଗେ କାଞ୍ଚି ବିଜୟ ଉଦ୍ଦେଶ୍ୟରେ ଯାଉଅଛନ୍ତି। ମାଣିକୀକୁ ରାଜା ବହୁତ ପୁରସ୍କାର ଦେଲେ ଓ ସେଠାରେ 'ମାଣିକୀ ପାଟଣା' ନାମରେ ଗୋଟିଏ ଗ୍ରାମ ବସାଇଲେ। ରାଜା ଏହି ଶକୁନଦ୍ୱାରା ଉତ୍ସାହିତ ହୋଇ ଯୁଦ୍ଧ କରି କାଞ୍ଚିରାଜାଙ୍କୁ ପରାସ୍ତ କରି ତାଙ୍କ କନ୍ୟା ପଦ୍ମାବତୀଙ୍କୁ ଆଣିଲେ।]
Māṇikī gaurḍuṇī

**ମାଣିକୀ ପ(ପା)ଟଣା**—ଦେ. ବି (ନାମ)—ପୁରୀ ଜିଲ୍ଲାର ଦକ୍ଷିଣରେ ଚିଲିକାକୂଳବର୍ତ୍ତୀ ଗୋଟିଏ ଗ୍ରାମ—Name of a village in the south of the Puri district on the shore of the Chilka Lake, [ଦ୍ର—ମାଣିକୀ ଗଉଡ଼ୁଣୀର ନାମରେ ଏ ଗ୍ରାମ ପୁରୀ ରାଜା ପୁରୁଷୋତ୍ତମ ଦେବଙ୍କ ଦ୍ୱାରା ସ୍ଥାପିତ ହୋଇଥିଲା। ଏଠାରେ ଉତ୍କୃଷ୍ଟ ଓ ଘନ ଦହି ମିଳେ; ସେ ଦହି ବାଉଁଶ ପାତ୍ରରେ ବସାଯାଏ।]
Māṇikī pa(pā)ṭaṇā

**ମାଣିକ୍ୟ**—ସଂ. ବି—୧। (ମଣି—ରତ୍ନ+କୈ ଧାତୁ—ଦୀପ୍ତି ପାଇବା+କର୍ତ୍ତୃ.ଯ)—ପଦ୍ମରାଗ ମଣି; ରକ୍ତବର୍ଣ୍ଣ ରତ୍ନବିଶେଷ; ଚୁନ୍ନୀ—1. Ruby; Rubinus. [ଦ୍ର—ଏହା ଖଣିରୁ ବାହାରେ। ବ୍ରହ୍ମଦେଶ, ଶ୍ୟାମ, ଲଙ୍କା, ମଧ୍ୟଅସିଆ, ୟୁରୋପ, ଅଷ୍ଟ୍ରେଲିଆରେ ମାଣିକ୍ୟର ଖଣି ଅଛି। ରାସାୟନିକ ବିଶ୍ଳେଷଣଦ୍ୱାରା ଦେଖାଯାଇ ଅଛି ଯେ ଏଥିରେ ଆଲୁମିନିୟମ୍, ମାଗ୍ନେସିୟମ୍ ଓ ଅକ୍ସିଜେନ୍ ଅଛି। ଗାଢ଼ନାଲି, ଫିକ୍କାନାଲି
Māṇikya
ଅନ୍ୟ ସଂ. ନାମ—ପଦ୍ମରାଗ, ଶୋଣରତ୍ନ, ତରୁଣ, ଲୋହିତକ, ଶୃଙ୍ଗାର, ରବିରତ୍ନକ, ଲୋହିତ, କୁରୁବିନ୍ଦ, ସୌଗନ୍ଧିକ
मानिक, चूनी

ମାଣିକ; ଲାଲ ବା ଗୋଲାପୀ, ନାରଙ୍ଗୀ ଓ ବାଇଗଣୀ,
ମ. ମାଣିକ ଏପରି ନାନା ବର୍ଣ୍ଣର ମାଣିକ୍ୟ ଅଛି ।
ଗୁ. ମାଣ୍ୟକ, ଚୁନୀ ମାଣିକ୍ୟକୁ ଘୋଡ଼ାଗା ସଙ୍ଗେ ଅଧିକ ତାପରେ
ତେ. ମାଣିକ୍ୟ ତରଳାଇଲେ ଏହା କାଚ ପରି ତରଳ ଯାଏ
ପା. ଲାଲବଦଖସାନୀ ଓ ଏଥିର ବର୍ଣ୍ଣ ଉଡ଼ିଯାଏ । ସେହି
ଅ. ଲାଲ ମାଣିକ୍ୟ ଗାଢ଼ନାଲ ଓ ସେହି ମାଣିକ୍ୟକୁ
ଅନ୍ୟ ମାଣିକ୍ୟରେ ଘଷିଲେ ଦାଗ ପଡ଼େ ନାହିଁ ତାହା ଉତ୍କୃଷ୍ଟ ବୋଲି ବିବେଚିତ ହୁଏ । ପଦ୍ମଫୁଲ ବର୍ଣ୍ଣର ମାଣିକ୍ୟକୁ ପଦ୍ମରାଗ, ଗାଢ଼ରକ୍ତ ବା ଈଷତ୍ ନୀଳବର୍ଣ୍ଣର ମାଣିକ୍ୟକୁ ସୌଗନ୍ଧିକ, ପଳାଶଫୁଲ ପରି ଜୋଫା ନାଲି-ରଙ୍ଗର ମାଣିକ୍ୟକୁ କୁରୁବିନ୍ଦ ଓ ନୀଳରକ୍ତ ମିଶ୍ରିତ ବର୍ଣ୍ଣର ମାଣିକ୍ୟକୁ ନୀଳଗନ୍ଧିକ ବୋଲାଯାଏ । ବୈଦ୍ୟକମତରେ ମାଣିକ୍ୟ ମଧୁର, ସ୍ନିଗ୍ଧ ଓ ବାତପିତ୍ତନାଶକ । ଏଥିର ଚୂର୍ଣ୍ଣରେ ଅଳଙ୍କାର ଅଦି ଘଷାଯାଇ ପାଲିସ୍ କରାଯାଏ । ହ୍ବ. ଗ. ] ( ଯଥା—କଣ୍ଠ ତଳେ ଝୀଟା ଦେଶ । ) ୨ । ଏକପ୍ରକାର ଉତ୍କୃଷ୍ଟ କଦଳୀ ( ଦ୍ରବ୍ୟଗୁଣ )—2. A species of excellent plantain. ୩ । ଆଠ ପଲର ଏକ ମାନ—3. A standard of weight of 8 Palas.

ମାଣିକ୍ୟ(କ୍) ଖମ୍ବ—ଦେ. ବି (ସଂ. ମାଣିକ୍ୟ ସ୍ତମ୍ଭ)—ବାଲେଶ୍ବର ନଗରର
Mānikya(k) khamba ବହୁ ଜନାକୀର୍ଣ୍ଣ ଅଂଶ ବିଶେଷ—
A populous quarter of the Balasore town. [ ହ୍ବ—ଅଦ୍ୟାପି ମାଣିକ୍ୟ-ଖମ୍ବ ନାମ ଲେଖେ ଯେଣୁ ପ୍ରଥିତ । ସ୍ବାଧାନାଥ. ଚୁଶା । ] [ ଦ୍ର—କଥିତ ଅଛି ଯେ ବାଣାସୁର ସ୍ଵଜା ଏଠାରେ ଗୋଟିଏ ମାଣିକ୍ୟର ସ୍ତମ୍ଭ ସ୍ଥାପନ କରିଥିଲେ । ଏହି ଅଞ୍ଚଳରେ ବାଲେଶ୍ବର ସ୍ବଜବଂଶର ଦୁର୍ଗଚିହ୍ନ ଅଛି ।]

ମାଣିକ୍ୟ ଦେବ—ଦେ. ବି—(ନାମ)—ସଂସ୍କୃତରେ 'ଶୁଦ୍ଧି ଗ୍ରନ୍ଥ' ପ୍ରଣେତା
Mānikya deba (ଉତ୍କଳର ପ୍ରାଚୀନ କବିକ)—The author of a Sanscrit work on purificatory rites.

ମାଣିକ୍ୟା—ସଂ. ବି.—୧ । କ୍ଷୁଦ୍ର ଟିକ୍‌ଟିକି—1. A small house-
Mānikyā lizard (Apte). ୨ । ଜହ୍ନେଇ ଜେଠିକ (?)—2. A small house-lizard with a shining scaly skin and red tail.

ମାଣିକ୍ୟାଦି ବର୍ଗ—ବି.—ସମସ୍ତ ପ୍ରକାରର ରତ୍ନ—All sorts of
Mānikyādi barga gems. [ ଦ୍ର—ମାଣିକ୍ୟ, ମୁକ୍ତା, ସ୍ଫଟିକ, ପ୍ରବାଳ, ଇନ୍ଦ୍ରନୀଳ, ଗୋମେଦ, ବଜ୍ର, ପୁଷ୍ପରାଗ, ପୁଷ୍ପରାଗ, ସୂର୍ଯ୍ୟକାନ୍ତ, ଚନ୍ଦ୍ରକାନ୍ତ, ହୀରକ, ଇନ୍ଦ୍ରନୀଳ, ସ୍ବଜାବର୍ତ୍ତ, ମରକତ, ବୈଦୂର୍ଯ୍ୟ ପ୍ରଭୃତି ବୈଦ୍ୟଶାସ୍ତ୍ରରେ ମାଣିକ୍ୟାଦି ବର୍ଗର ଅନ୍ତର୍ଗତ ।]

ମାଣିଖୁଣ୍ଟ(ଣ୍ଟି)—ଦେ. ବି—ପେଷଣା ଚକିର ତଳ ପଥରର କେନ୍ଦ୍ରରେ
Mānikhunṭa (nṭi) ପୋତା ଯାଇଥିବା କାଠର କୀଳକ—
ଚାକୀରଖୁଁଟ; ଗୁଜୀ କୀଲ A peg driven into the centre
(ମାଣିକାଠି—ଅନ୍ୟରୂପ) of the lower mill-stone and round which the upper stone revolves. [ଦ୍ର—ପେଷଣା ଚକିର ଉପର ପଥରର କେନ୍ଦ୍ରରେ ଥିବା ବଡ଼ ଛିଦ୍ର ମଧ୍ୟରେ ଗଣ୍ଡିଏ କ୍ଷେତ୍ର ଛିଦ୍ରଯୁକ୍ତ କାଠ ଥାଏ ତାକୁ ଟିହାଣ, ଟିହାଣି ବା ଟିହାଣିଆ ବୋଲାଯାଏ । ଏହି 'ଟିହାଣିଆର' ଛିଦ୍ରରେ ମାଣିଖୁଣ୍ଟି ପଶେ । ଏହି ମାଣିଖୁଣ୍ଟିକ କେନ୍ଦ୍ର କରି ଉପର ପଥର ଚକ ବୁଲେ ।]

ମାଣି ଚକି—ଦେ. ବି.—ଚକିର ଟିହାଣିଆ; ଚକିର ଉପର ପଥର ମଝିରେ
Māni chaki କଣା ମଧ୍ୟରେ ଛିଦ୍ରଯୁକ୍ତ ଯେଉଁ କାଠଖଣ୍ଡ ଲଗା-
ହଥନ ଯାଇ ଥାଏ ଓ ଯାହାର ଛିଦ୍ରରେ ମାଣିଖୁଣ୍ଟି ପ୍ରବେଶ କରିବାରୁ ଚକ ଘୂରେ—A circular bit of wood (with a hole in the middle) which revolves round the peg of the lower mill-stone.

ମାଣି ବନ୍ଧ—ସଂ. ବି.—(ସଂ. ମଣିବନ୍ଧ=ପର୍ବତ ବିଶେଷ+ଉଦ୍ଭବାର୍ଥେ. ଅ)
Māni bandha ସୈନ୍ଧବ ଲବଣ—Rock salt; chloride
(ମାଣିମନ୍ଥ—ଅନ୍ୟରୂପ) of sodium.

ମାଣି ହଂସ(ସା)—ଦେ. ବଣ. ପୁଂ—ଯେ ଅତି ଅଦରରେ ଓ ଗେହ୍ଲାରେ
Māni haṁsa(sā) ପିଲାଦିନୁ ବଢ଼ି ଥାଏ ଓ ଯେ ଅତି
আলালের ঘরের দুলাল ସୁକୁମାରଅ—( A boy or girl)
ଲାଡ଼ୁ Tenderly and affectionately brought up from childhood. [ଉ—ଏଡ଼େ ମାଣିହଂସୀ ଅଟଇ
(ମାଣିହଂସୀ—ସ୍ତ୍ରୀ) ଭାଇ—ପ୍ରାଚୀ. ପରତେ ଗୀତା ।]

ମାଣେ ଗେଲ—ପ୍ରାଦେ. (ଗଡ଼ଜାତ). ବି—ଖୁବ୍ ବେଶି ଅନନ୍ଦ—
Māne gela Great joy.

ମାଣ୍ଟୁ—ଦେ. ବି—୧ । ମାଟୁ (ଦେଖ)—1. Māṭu (See)
Mānṭu মাঠ কোঠা पथार মাঠ मैदान
୨ । (ବଙ୍ଗଳା 'ମାଠ' ଶବ୍ଦରୁ ଅନୁକୃତ, ଯଥା—କଲକତା-ଗଡ଼ମାଣ୍ଟୁ) ବିସ୍ତୀର୍ଣ୍ଣ ପଡ଼ିଆ—A big field.

ମାଣ୍ଡବୀ—ସଂ. ବି. ସ୍ତ୍ରୀ—ଶ୍ରୀରାମାନୁଜ ଭରତଙ୍କର ସ୍ତ୍ରୀ—The wife of
Māndabi Bharata, younger brother of Rāmachandra. [ ଦ୍ର—ଏ ଜନକ ସ୍ବଜାଙ୍କ ଭାଇ କୁଶଧ୍ବଜଙ୍କର କନ୍ୟା ଥିଲେ । ଭରତଙ୍କ ଔରସରେ ଏହାଙ୍କର ତକ୍ଷ ଓ ପୁଷ୍କଳ ନାମରେ ଦୁଇଟି ପୁତ୍ର ଜନ୍ମ ହୋଇଥିଲେ ।]

ମାଣ୍ଡବ୍ୟ—ସଂ. ବି. ପୁଂ ( ନାମ )—ଋଷିବିଶେଷ—Name of a
Māndabya sage. [ ଦ୍ର—ଏ ତପସ୍ୟାରେ ସିଦ୍ଧ ହୋଇଥିଲେ । ଏକଦା ଏ ସମାଧିମଗ୍ନ ଥିବା ଅବସ୍ଥାରେ କେତେଗୁଡ଼ିଏ ଚୋର ଅସି ଏହାଙ୍କ ଆଶ୍ରମରେ ଲୁଚିଲେ । ଚୋରଙ୍କୁ ଧରିବା ପାଇଁ ପଛରେ ଗୋଡ଼ାଉଥିବା ସ୍ବଜଦୂତମାନେ ଅସି ଚୋରମାନଙ୍କ ସଙ୍ଗେ ଏହାଙ୍କୁ ମଧ୍ୟ ସ୍ବଜଦ୍ବାରକୁ ଚୋର ବୋଲି ଧରିକି ନେଇଗଲେ । ଏ ତୂଷ୍ଣୀମ୍ଭୂତ ଧ୍ୟାନମଗ୍ନ ଥାଆନ୍ତି । ବିଚାରରେ ଏହାଙ୍କୁ ଚୋରଙ୍କ ସଙ୍ଗରେ ଶୂଳୀ ଦଣ୍ଡ ଅଦେଶ ହେଲା । ସ୍ବଜପୁରୁଷମାନେ ନେଇ ଏହାଙ୍କୁ ଶୂଳୀରେ ବସାଇ ଦେଲେ; କିନ୍ତୁ ଏ ସମାଧିସ୍ଥ ଥିବାରୁ ତାହାଙ୍କର ମୃତ୍ୟୁ ହେଲା ନାହିଁ ଓ ଶୂଳୀ ଉପରେ ତଦବସ୍ଥ ହୋଇ ବସି ରହିଲେ । ଉକ୍ତ୍ୟବସରରେ ସ୍ବଜ-

ପୁରୁଷମାନେ ଏହାଙ୍କୁ ନିର୍ଦ୍ଦୋଷ ତପସ୍ୱୀ ବୋଲି ବୁଝି ପାରି ଏହାଙ୍କୁ ଶୂଳୀରୁ ଉଠାଇ ଦେଲେ । ତତ୍ପରେ ଏ ତ ଜନ୍ମରେ ଶୂଳୀ ଦଣ୍ଡ ଭୋଗ କଲେ ଏହା ଜାଣିବା ପାଇଁ ଋଷି ଧର୍ମରାଜଙ୍କୁ ପଚାରିବାରୁ ଧର୍ମରାଜ କହିଲେ ଯେ ଏ ଶୈଶବ କାଳରେ କ୍ରୀଡ଼ାଚ୍ଛଳରେ ଗୋଟିଏ ପତଙ୍ଗର ଗୁହ୍ୟଦେଶରେ ଗୋଟିଏ କଣ୍ଟା ଫୋଡ଼ି ଦେଇଥିଲେ ବୋଲି ତହିଁର ଦଣ୍ଡ ସ୍ୱରୂପ ଏହାଙ୍କୁ ଶୂଳବେଧ ଯନ୍ତ୍ରଣା ଭୋଗ କରିବାକୁ ପଡ଼ିଲା ।]

**ମାଣ୍ଡ ମାଣ୍ଡ**—ପ୍ରାଦେ ( ବାଲେଶ୍ୱର ) ବିଣ—ଅନିଚ୍ଛୁକ; ପଶ୍ଚାତ୍ପଦ—
**Māṇḍa māṇḍa** Unwilling; hesitating. [ ପ୍ର—ସେ ମାଣ୍ଡ ମାଣ୍ଡ ହୋଇ ଶେଷ ଦମ୍ଭ କରି କଚେରିରେ ପଶିଲା—ସମ୍ବାଦ ପତ୍ରିକା । ]

**ମାଣ୍ଡଳିକ**—ସଂ. ବିଣ ( ମଣ୍ଡଳ+ଇକ )—୧ । ମଣ୍ଡଳ ସମ୍ବନ୍ଧୀୟ—
**Māṇḍaḷika** 1. Relating to Maṇḍaḷa ( See ) ୨ । ପ୍ରାଦେଶିକ—2. Provincial. ସଂ. ବି. ପୁଂ—(ମାଣ୍ଡଳିକା—ସ୍ତ୍ରୀ) ପ୍ରାଦେଶିକ ଶାସନକର୍ତ୍ତା—The ruler of a Province ( Apte ).

**ମାଣ୍ଡି**—ଦେ. ବି ( ସଂ. ମୁଣ୍ଡ; ମୁଣ୍ଡତଳେ ଦିଆ ଯିବାରୁ )—୧ । ତକିଆ, ମୁଣ୍ଡଲା—1. Pillow, bolster. [ ପ୍ର—ଜାଗି ଦେଖୁଥିଲା କରି-ମାଣ୍ଡି ମାତ୍ର ଲୁଣ୍ଠିଛି ଭ୍ରାନ୍ତ ପୁଣେ । ରାଧାନାଥ. ଯଯାତି । ] ୨ । ବୋହିଆମାନଙ୍କର ମୁଣ୍ଡରେ ଓ ସବାରି ବେହେରାମାନଙ୍କର କାନ୍ଧରେ ପକାଇବା କନାର ମୁଣ୍ଡଲା; ଚମ୍ବଲା—2. Cushions of rags placed over the head by porters and on the shoulders by palki-bearers
**Māṇḍi**
বালিস
**तकिया**
চিমলা
**बीडा**
ଦେ· ବିଣ ( ପୁଂ ଓ ସ୍ତ୍ରୀ )—ହୃଷ୍ଟପୁଷ୍ଟ ଓ ଗେଡ଼ା ( ଶିଶୁ )—Small in stature and robust ( child ) ପ୍ରାଦେ ( ଗଡ଼ଜାତ ) ବି—୧ । ଛୁଆଣି କରିବା ଚାଳଘରର ଗଲ—1. A belt of thatching of a thatched house. ୨ । ( କୋଲ୍ଲ ଓ ଅନାର୍ଯ୍ୟ ଭାଷା; ତୁଳ. ସଂ. ମଣ୍ଡ )—ଭାତ—2. Boiled rice.

**ମାଣ୍ଡିଆ**—ଦେ. ବି ( ସଂ. ମଣ୍ଡ )—୧ । ଡିପ ଜମିରେ ଶରତ୍କାଳରେ ଜନ୍ମିବା ଏକପ୍ରକାର କଦନ୍ନ ବା ନିକୃଷ୍ଟ ଖାଦ୍ୟ ଶସ୍ୟ—1. A kind of small round grain grown in autumn; Elesine Coracana. [ ପ୍ର—ଏହାର ଗଛ ଧାନ ଗଛ ପରି, ଡାଳ ପତ୍ର ଖେଟ ଓ ଚଉଡ଼ା ଓ ଏଥିର ଡାଙ୍ଗ ମୋଟା । ଏ ଗଛର ଅଗରେ କାଙ୍କରି ପରି କେଣ୍ଡା ବାହାରେ ଓ କେଣ୍ଡା ମଧ୍ୟରୁ ସୋରିଷଠାରୁ ବଡ଼ ନାଲି ଶସ୍ୟ ବାହାରେ । ଏହା କାଙ୍କରି ଜାତୀୟ କଦନ୍ନବିଶେଷ । ଏହା ଭାରତର ଅନେକ ସ୍ଥାନରେ କୃଷିଦ୍ୱାରା ଓ ବନ୍ୟ ଅବସ୍ଥାରେ ଉତ୍ପନ୍ନ ହୁଏ । ଏ ଫସଲ ପାଇଁ ବେଶି ପାଣି ଲୋଡ଼ା ହୁଏ ନାହିଁ ଓ ଏହା ଡିପ ଜମିରେ ଓ ପର୍ବତର ଗାଲୁ ଦେଶରେ ଉତ୍ପାଦିତ କରାଯାଏ । ଅଧିକ ବର୍ଷା ହେଲେ ଏ ଫସଲର କ୍ଷତି ହୁଏ । ଏ ଗଛରେ ଶସ୍ୟ ପାଚିଗଲେ ମଧ୍ୟ ଖାଇ ପାରି ଏହା ତଳରେ ଝଡ଼ି ପଡ଼େ ନାହିଁ । ଗରିବ ଲୋକେ ଓ ବିଶେଷତଃ ଦୁର୍ଭିକ୍ଷ ସମୟରେ ଲୋକେ ଏଥିର ଚୂନାରେ ଜାଉ ( ଅମ୍ବିଳ ) ଓ ଚକୁଳିପିଠା କରି ଖାଆନ୍ତି ଓ ଚାଉଳ ସଙ୍ଗେ ମିଶାଇ ସିଦ୍ଧ କରି ଖାଆନ୍ତି । ଏଥିରୁ ଏକପ୍ରକାର ମଦ୍ୟ ମଧ୍ୟ ତିଆରି ହୁଏ । ବୈଦ୍ୟକମତରେ ଏହା କଷାୟିଆ, ତୃପ୍ତିଜନକ, ବଳବର୍ଦ୍ଧକ, ତ୍ରିଦୋଷନାଶକ ଓ ରକ୍ତଦୋଷ ଦୂରକାରକ ( ହ୍ଵ. ଶ ) । ବଡ଼ଲୋକମାନେ ଦେହକୁ ଓ ମସ୍ତିଷ୍କକୁ ଥଣ୍ଡା ରଖିବା ପାଇଁ ସକାଳୁ ଏହାର ବାସି ଜାଉ ଖାଆନ୍ତି । ଦାକ୍ଷିଣାତ୍ୟ ଅଞ୍ଚଳରେ ଏହାର ଆଦର ବେଶି । ମାଣ୍ଡିଆର ଭିନ୍ନ ଭିନ୍ନ ପ୍ରକାର, ଯଥା—(କ) ଗାଈ-ଚେରିଆ—ଗାଈ ଚେରପରି ଏକ ଥୋପାରେ ଗୁଡ଼ିଏ କେଣ୍ଡା ଥାଏ । (ଖ) କଲେଇ—ଏଥିର ଶିଷ୍ୟ ଗେଣ୍ଡା ଓ ଲମ୍ବା । (ଗ) ବୁଢ଼ା—ବଡ଼, ଭାଦ୍ରମାସରେ ବୁଣାଯାଏ, ମାଘରେ କଟାଯାଏ । (ଘ) ମାକଡ଼ ମୁଠିଆ—ଶସ୍ୟର ଥୋପା ପାଚିଗଲେ ମୁଠାପରି ସଙ୍କୁଚିତ ହୋଇଯାଏ । (ଙ) ଲଘୁ ବା ଥୋଲି ମାଣ୍ଡିଆ—ଗଛ ଛୋଟ ଓ ଖାସୁଆ; ଶସ୍ୟ ଖେଟ; ଭାଦ୍ରମାସରେ କଟାଯାଏ । ] ୨ । ମାଣ୍ଡିଆ କଙ୍କଡ଼ା ( ଦେଖ )—2. Māṇḍiā kaṅkaṟḍā ( See ) ବିଣ—ମାଣ୍ଡୁଆ ( ଦେଖ )—Māṇḍuā ( See ) ପ୍ରାଦେ ( ବାଲେଶ୍ୱର ) ବି—ପିତଳର ବଡ଼ କୁଣ୍ଡ—A big brass tub.
**Māṇḍiā**
ସଂ. ମଣ୍ଡ, ରାଗି, ଲାଞ୍ଛନ, ଲାଞ୍ଛନୀ, ଗୁଚ୍ଛକଣିଶ, କଟକ, ସ୍ଥୂଳକଙ୍ଗୁ, ବୃନ୍ତ, ସ୍ଥୂଳପ୍ରିୟଙ୍ଗୁ, ରାଜିକା, ବହୁଚର କଣିଶ
মড়ুআ
**मायड्डुआ, माहुआ, मक्का, रेटका**
ତେ. ରାଗୀ

**ମାଣ୍ଡି(ଣ୍ଡୁ)ଆ କଙ୍କଡ଼ା**—ଦେ. ବି—୧ । ବଡ଼ କଳା କଙ୍କଡ଼ା—1. Big black crabs. ୨ । ସମୁଦ୍ରରେ ମିଳିବା ବଡ଼ କଙ୍କଡ଼ା—2. Big sea-crabs. [ ପ୍ର—ଏହା ଜଳାଶୟର ତଳେ ବା କୂଳର ଭୂମିରେ ଗାତ କରି ରହେ; ଖାଇବାକୁ ସୁସ୍ୱାଦୁ । ଏହାକୁ ଗାଡ଼ି(ଡୁ)ଆ କଙ୍କଡ଼ା ମଧ୍ୟ କହନ୍ତି । ]
**Māṇḍi(ṇḍu)ā kaṅkaṟḍā**
বড় কাঁকড়া
**बडा केंकडा**

**ମାଣ୍ଡିକିଳା**—ପ୍ରାଦେ ( ଗଞ୍ଜାମ ) ବି—ମାଣ୍ଡୁକିଳା ( ଦେଖ )
**Māṇḍikiḷā** Māṇḍukiḷā [ See ]

**ମାଣ୍ଡି କୋଳଥ**—ଦେ. ବି ( ସହରର ଶବ୍ଦ ସଂ. ମଣ୍ଡ+କୁଳତ୍ଥ )—
**Māṇḍi koḷatha** ୧ । ମାଣ୍ଡିଆ ଓ କୋଳଥ—1. Māṇḍiā and horse-gram. [ ପ୍ର—ଏ ଦୁଇ ଶସ୍ୟ ଡିପ ଓ ନିକୃଷ୍ଟ ଜମିରେ ହୁଏ । ଏଥିପାଇଁ ମାଣ୍ଡିଆ ଓ କୋଳଥ ଜନ୍ମିବା ଉପଯୁକ୍ତ ଜମିକୁ ମାଣ୍ଡିକୋଳଥ ଜମି ବୋଲାଯାଏ । ] ୨ । ମାଣ୍ଡିଆ ଓ କୋଳଥ ଫସଲ ହେବା ଉପଯୋଗୀ ନିକୃଷ୍ଟ ଜମି—2. Inferior soil; soil fit for growing Māṇḍiā and horse-gram.
মাড়ুআ কুলথি
**मांडुआ कुलथि**

**ମାଣ୍ଡିବା**—ପ୍ରାଦେ ( ବାଲେଶ୍ୱର ) କ୍ରି—ମାଡ଼ିବା—
**Māṇḍibā** To tread upon.

**ମାଣ୍ଡୁ**—ଦେ. ବ (ଭୁଲ. ସ. ମଣ୍ଡଳ; ଦେବତାବିଶେଷଙ୍କୁ ଆବାହନ କରିବା Māṇḍu ପାଇଁ ଭୂମିରେ ଅଙ୍କିତ ଚକ୍ର ବିଶେଷ—A particular mystical diagram used in invoking a Divinity. (Apte)—୧। ଧର୍ମମାଣ୍ଡୁ; ଅଭିଯୁକ୍ତ ବ୍ୟକ୍ତିଙ୍କୁ ପରୀକ୍ଷା କରିବା ପାଇଁ ପୂର୍ବକାଳରେ ବ୍ୟବହୃତ ଅଗ୍ନି ଆଦିଦ୍ୱାରା ପରୀକ୍ଷା; ଧର୍ମ ପରୀକ୍ଷା; ଧର୍ମମାଣ୍ଡୁ—1. Ordeal [ of fire, hot iron, etc ) through which an accused person had to pass, before he was declared innocent. [ ଦ୍ର—ଅଭିଯୁକ୍ତ ବ୍ୟକ୍ତି ନିଜ ହାତରେ ତାତିଲା ଲୁହା ଧରିଲେ, କିମ୍ବା ନିଆଁ ଉପରେ ଚାଲିଗଲେ, କିମ୍ବା ବିଷଧର ସର୍ପ ଥିବା ମାଠିଆ ମଧ୍ୟରେ ହାତ ପୂରାଇ ଦେଲେ, କିମ୍ବା ଫୁଟିଲା ତେଲରେ ହାତ ବୁଡ଼ାଇ ଦେଲେ ଯେବେ ଉକ୍ତ ବ୍ୟକ୍ତି ଆହତ ହୋଇ ନ ଥିଲା, ତେବେ ସେ ନିର୍ଦ୍ଦୋଷ ବୋଲି ପ୍ରତିପାଦିତ ହେଉଥିଲା। ଅଭିଯୁକ୍ତ ବ୍ୟକ୍ତିର ଅଗ୍ନି ଦ୍ୱାରା ପରୀକ୍ଷାକୁ ଅଗ୍ନିମାଣ୍ଡୁ, ଉତ୍ତପ୍ତ ତୈଳଦ୍ୱାରା ପରୀକ୍ଷାକୁ ତୈଳମାଣ୍ଡୁ, ତପ୍ତଲୌହଦ୍ୱାରା ପରୀକ୍ଷାକୁ ଲୌହମାଣ୍ଡୁ, ଉତ୍ତପ୍ତ ଜଳଦ୍ୱାରା ପରୀକ୍ଷାକୁ ଜଳମାଣ୍ଡୁ, ସର୍ପଦ୍ୱାରା ପରୀକ୍ଷାକୁ ସର୍ପମାଣ୍ଡୁ ବୋଲି ଯାଉଥିଲା। ]

ମାଣ୍ଡୁ Māṇḍu ପରୀକ୍ଷା ଧର୍ମ ପରୀକ୍ଷା

୨। ତେଲୁଗ୍ୱ; ଶଗଡ଼ର ଦୁଇ ଦଣ୍ଡା ତଳେ ଅଖ ଉପରେ ଅଖର ଆଡ଼ବାଗରେ ବସା ଯାଇଥିବା ଦୁଇଖଣ୍ଡ ଲମ୍ବା କାଠ—2. Two long bits of wood put crosswise on the axle and over which the beams of a cart are securely set by means of wooden pins. [ଦ୍ର—ତେଲୁଗ୍ୱ କାଠରେ ଘାଟ କରାଯାଇ ଏହା ଅଖ ଉପରେ ଆଡ଼ବାଗରେ ଦୃଢ଼ଭାବରେ ବସାଯାଏ ଓ ଏହି କାଠ ଦୁଇଖଣ୍ଡି ଉପରେ ଶଗଡ଼ର ଦୁଇ ଦଣ୍ଡାକୁ ରଖି ମାଣ୍ଡୁଖିଲାଦ୍ୱାରା ଆବଦ୍ଧ କରାଯାଏ। ] ୩। ( ସ. ମଣ୍ଡ ) ମାଣ୍ଡ (ଦେଖ)—3. Mārdu (See) ଗ୍ରାଦେ. ( ସମ୍ବଲପୁର ଓ ଗଡ଼ଜାତ )—କଞ୍ଚା ତାଳ—Green or raw palm fruit. ଗ୍ରାଦେ. (ବାଲେଶ୍ୱର ) ବ—ଏକଜାତୀୟ ଧାନ—A species of paddy

**ମାଣ୍ଡୁଅ**—ଦେ. ବ ( ସ. ମଣ୍ଡକ )—ପିଠା ଓ ଛେନା ମିଶା ଛେନାରେ Māṇḍua ପ୍ରସ୍ତୁତ ଏକପ୍ରକାର ପିଠା—A cake made of cheese. ଗ୍ରାଦେ. (ସମ୍ବଲପୁର, ଗଡ଼ଜାତ ଓ ବାଲେଶ୍ୱର )ବ—ମାଣ୍ଡୁ (ଦେଖ) Māṇḍu (See). ଗ୍ରାଦେ. ( ଖୋର୍ଦ୍ଧା ) ବ—ନାନମାନ ( ଦେଖ )—Nānamāna ( See )

ମଣ୍ଡା ମାଁଡା ମ. ମାଂଡେ

**ମାଣ୍ଡୁଆ**—ଦେ. ବଣ. ପୁଂ ( ସ. ମନ୍ଦ )—୧। ଜଡ଼ବୁଦ୍ଧି; ମୋଟାMāṇḍuā ବୁଦ୍ଧିଆ—1. Dllw; foolish; of slow understanding. ୨। ମୋଟ; ବଦଳିଆ—2. Coarse.

ବୋକା ମନ୍ଦା

ମାଣ୍ଡେର } ସ୍ତ୍ରୀ ୩। ମୋଟା; ସ୍ଥୂଳକାୟ—3. Corpulent; fat. ମାଣ୍ଡୋର }

ମୋଟା ବ—ମାଣ୍ଡୁଅ ( ଦେଖ )—Māṇḍua ( See )

**ମାଣ୍ଡୁଖିଲା**—ଦେ. ବ—ତେଲୁଗ୍ୱ ଖିଲ; ଶଗଡ଼ ଦଣ୍ଡାସହିତ ମାଣ୍ଡୁକୁ ସଲଗ୍ନ Māṇḍukilā କରିବା ନିମନ୍ତେ ବ୍ୟବହୃତ ଖିଲା—Pegs which keep together the beams and the Māṇḍu-pieces of a cart.

**ମାଣ୍ଡୁ ଦେବା**—ଦେ. କ୍ରି—କୌଣସି ବ୍ୟକ୍ତିକୁ ମାଣ୍ଡୁ ପ୍ରଣାଳୀଦ୍ୱାରା ଶପଥ Māṇḍu debā କରାଇବା—To administer an ordea. to a person

ହলফ দেওয়া हलफ देना

**ମାଣ୍ଡୁ ଧରିବା**—ଦେ. କ୍ରି—ମାଣ୍ଡୁଦ୍ୱାରା ଶପଥ କରିବା—To swear Māṇḍu dharibā by means of an ordeal.

ହলফ করা हलफ करना

**ମାଣ୍ଡୁକୀ**—ସ. ବ—ଥାଲକୁଡ଼ି ( ଗୁଳ୍ମ )—Māṇḍukī Indian pennywort ( plant )

**ମାତ**—ଦେ. ବ ( ସ. ମତ୍ତତା )—୧। ମାତି; ମତ୍ତତା—1. Intoxication; excitement. ୨। ଜିଗର; ଜିଦ୍—2. Zid. Māt

ମତ୍ତତା मस्ती ମାତ୍ मात

ବିଦେ. ବ. ( ଅ )—ପରାଜୟ—Defeat. [ ଯଥା—ସତରଞ୍ଜି ଖେଳରେ ବାଜିମାତ୍। ] ( ଭୁଲ. ସ. ମାଥ=ବିନାଶ )

**ମାତ ଉଠିବା**—ଦେ. ବ—୧। ମାତି ଉଠିବା; କୌଣସି କାର୍ଯ୍ୟ ନିମନ୍ତେ Māt uṭhibā ମତ୍ତତା ଜନ୍ମିବା—1. The state of being mad after a thing. ୨। କୌଣସି ବିଷୟରେ ଜିଦ୍ ଲାଗିବା—2. Zid in a matter; importunacy.

ମତ୍ତତା ଉଠା मस्ती चढ़ना

**ମାତିବା**—ଗ୍ରାଦେ. ( ସମ୍ବଲପୁର ) କ୍ରି ( ସ. ମତ୍ତ )—ନିଶାରେ ଭୋଳ Mat-bā ହେବା—To be intoxicated.

**ମାତ୍ସର**—ସ. ବଣ. ପୁଂ (ମତ୍ସର+ଅ)—ପରର ଉନ୍ନତିରେ ଦୁଃଖିତ—Māt-sara (ମାତ୍ସରକ—ଅନ୍ୟରୂପ) Envious; jealous. ( ମାତ୍ସରୀ, ମାତ୍ସରିକା—ସ୍ତ୍ରୀ )

**ମାତ୍ସର୍ଯ୍ୟ**—ସ. ବ ( ମତ୍ସର+ଭାବ. ଯ )—ପରର ଉନ୍ନତିରେ Māt-sarjya ଦୁଃଖିତ ହେବା ମନୋଭାବ; ପରଶ୍ରୀକାତରତା—( ମାତ୍ସର୍ଯ୍ୟ—ଅନ୍ୟରୂପ ) Envy at another's weal.

**ମାତ୍ସି(ସ୍ୟି)କ**—ସ. ବ ପୁଂ (ମତ୍ସ, ମତ୍ସ୍ୟ+ଜୀବକାର୍ଥେ. ଇକ)—ମାଛମାରି Māt-si(syi)ka ବ୍ୟବସାୟୀ; ଜାଲିକ; ଧୀବର—A fisherman ( Apte ).

**ମାତ**—ଗ୍ରା. ବ—୧। ମାତ୍ ( ଦେଖ )—1. Māt ( See ). Māta ୨। ମାତୁ ( ଦେଖ )—2. Mātu ( See ) ୩। (ସ. ମାତୃ) ମାତା—3. Mother. ୪। (ସମ୍ବୋଧନ. ମାତଃ) ହେ ମାତଃ—4. ( interjection ) Oh mother. [ଦ୍ର—ବନ୍ଦୁ ବୋଇଲେ ଯେ ଭୁମଙ୍କୁ ମାତ ମୁହିଁ—କୃଷ୍ଣସିଂହ. ମହାଭାରତ. ବନ। ]

मात मा

**ମାତଃ**—ସ. ଅ ( ସମ୍ବୋଧନ; ମାତୃ ଶବ୍ଦର ସମ୍ବୋଧନ )—ହେ ମାତଃ; Mātaḥ ହେ ମାଆ!—Oh! Mother.

ମାତଙ୍ଗ—ସଂ. ବି. ପୁଂ ( ମତଙ୍ଗ+ସ୍ୱାର୍ଥେ. ଅ )—୧ । ହସ୍ତୀ—
Mātaṅga I. Elephant. [ ଦ୍ର—ଏ ଶବ୍ଦ ଶ୍ରେଷ୍ଠଭାବାତ୍ମକ ( ମାତଙ୍ଗୀ—ସ୍ତ୍ରୀ ) ଶବ୍ଦରୂପେ ଅନ୍ୟ ଶ୍ରେଣୀବାଚକ ଶବ୍ଦ ପରେ ଯୁକ୍ତ ହୁଏ; ଯଥା—ବଳାହକ ମାତଙ୍ଗ ( Apte ). ] ୨ । ଚଣ୍ଡାଳ; ଶ୍ୱପଚ—2. A pariah; a sweeper; a person belonging to the untouchable class. ୩ । କିରାତ; ପାହାଡ଼ିଆ ଲୋକ—3. A hunter; a mountaineer (Apte). ୪ । ଅଶ୍ୱତ୍ଥବୃକ୍ଷ—4. The Religious Indian fig tree. ୫ । ସ୍ୱର୍ଗୀୟ ମେଘ ( ହି. ଶ )— . A kind of cloud. ୬ । ନାଗ ବିଶେଷ [ହି.ଶ.]—6. A kind of a mythological serpent. ୭ । ଋଷିବିଶେଷ—7. Name of sage. [ ଦ୍ର—ଏ ଋଷି ଋଷ୍ୟମୂକ ପର୍ବତରେ ତପସ୍ୟା କରୁଥିଲେ । ବାଲୀ ଦୁନ୍ଦୁଭି ରାକ୍ଷସକୁ ମାରି ଫିଙ୍ଗି ଦେଲାବେଳେ ତା ଦେହର ରକ୍ତ ଋଷିଙ୍କ ଉପରେ ପଡ଼ିବାରୁ ସେ ବାଲୀକୁ କ୍ରୋଧରେ ଅଭିଶାପ ଦେଲେ; ତୁ ଏହି ପର୍ବତକୁ ଆସିଲେ ତୋ ଶିର ଫାଟିଯିବ । ବାଲୀ ତା ଭାଇ ସୁଗ୍ରୀବକୁ ମାରି ତଡ଼ି ଦେବାରୁ ସୁଗ୍ରୀବ ଏହି ପର୍ବତକୁ ନିରାପଦ ସ୍ଥାନ ଜାଣି ତହିଁରେ ବାସ କରୁଥିଲା । ସେହିଠାରେ ସେ ରାମଚନ୍ଦ୍ରଙ୍କ ସହିତ ସାକ୍ଷାତ୍ କରି ମିତ୍ରତା ସ୍ଥାପନ କରିଥିଲା । ଏ ଋଷି ଶବରୀର ଗୁରୁ ଓ ମାତଙ୍ଗୀ ଦେବୀଙ୍କ ଉପାସକ ଓ ମୌନବ୍ରତୀ ଥିଲେ । ଏଥିପାଇଁ ଏହାଙ୍କ ଅଧ୍ୟୁଷିତ ପର୍ବତର ନାମ ଋଷ୍ୟମୂକ ହୋଇଥିଲା—ହି. ଶବ୍ଦସାଗର । ]

ମାତଙ୍ଗ ନକ୍ର—ସଂ.ବି—୧ । ଜଳହସ୍ତୀ—1. Walrus; sea-elephant
Mātaṅga nakra ( M. W ). ୨ । ହାତି ପରି ବଡ଼ କୁମ୍ଭୀର—2. An alligator as large as an elephant ( Apte ).

ମାତଙ୍ଗୀ—ସଂ. ବି. ସ୍ତ୍ରୀ—୧ । ହସ୍ତିନୀ; ହାତୁଣୀ—1. She-elephant.
Mātaṅgī ୨ । ତନ୍ତ୍ରୋକ୍ତ ଦଶ ମହାବିଦ୍ୟା ମଧ୍ୟରୁ ଏକ ଦେବୀ—2. One of the 10 Goddesses mentioned in the Tantras. ୩ । ଚଣ୍ଡାଳୁଣୀ—3. Sweeper woman. [ ଉ—ବୋଇଲ ! ବ୍ରହ୍ମକନ୍ୟାକୁ ମାତଙ୍ଗୀ । ଉପେ. ବୈଦେହୀଶବିଳାସ । ] ୪ । କଶ୍ୟପଙ୍କ ଏକ କନ୍ୟା—[ଦ୍ର-ଏହାଙ୍କଠାରୁ ହସ୍ତୀମାନେ ଉତ୍ପନ୍ନ ହୋଇଥିଲେ (ହି. ଶ]—4. Name of a daughter of Sage Kaśyapa.

ମାତ (ତୁ,ଥ) ଟ—ଦେ. ବି.—ମଥୋଟ (ଦେଖ)—Mathoṭ (See)
Māta(tu, tha)ṭ মথোট मथोट; जमाद
(ମ[ମା]ଥୋଟ, ମଥଟ, ମଥୌଟ—ଅନ୍ୟରୂପ).

ମାତପ, (ବ, ବ୍ବ)ର—ବୈଦେ. ବି—( ଅ ମୋତବର=ବିଶ୍ୱାସଯୋଗ୍ୟ; ବିଶ୍ୱସନୀୟ )—୧ । ମୁରବି—1.
Mata pa(ba, bba)r
মাতবর मातबर Guardian; patron. ୨ । ଗ୍ରାମର କର୍ତ୍ତା—2. Headman of a village. ୩ । ଗ୍ରାମର ପ୍ରଧାନ ବ୍ୟକ୍ତି—3. Prominent man of a village. ୪ । ବଡ଼ଲୋକ; ଧନୀବ୍ୟକ୍ତି—4. Rich person; moneyed man. [ ଉ—ମଫସଲର ଜଣେ ମାତବର ଜମିଦାର ମଣିଷମାନଙ୍କୁ ମାମଲାରେ ଲଲାଣ ହୋଇ ଆସିଅଛି । ଫକୀରମୋହନ ଛମାଣ ଆଠଗୁଣ୍ଠ ।] ୫ । ମହାପୁରୁଷ—5. Great man. ୬ । ପ୍ରତିଭୂ; ଯାମିନ୍—6. Security; surety. ୭ । ବିଶ୍ୱାସ—7. Trust; reliance. ୮ । ବ୍ୟାବସାୟିକ ଖାତିର—8. Credit in business. ବିଣ—୧ । ସମ୍ଭ୍ରାନ୍ତ; ମାନ୍ୟ—1. Respectable. ୨ । ଯୋଗ୍ୟ—2. Worthy. ୩ । ବିଶ୍ୱାସଯୋଗ୍ୟ; ବିଶ୍ୱସନୀୟ—3. Trustworthy; reliable. ୪ । ବୃହତ୍; ପ୍ରଧାନ; ମହତ୍—4. Great; big. ୫ । ଧନୀ—5. Rich. [ଉ—ମାତବର ବ୍ୟକ୍ତିମାନେ ଇତର ବ୍ୟକ୍ତିଠାରୁ ବେଶି ଆଦର ପାନ୍ତି । ରାଧାନାଥ. ବିବେକୀ ।] ୬ । ଯାହାର ବ୍ୟବସାୟ କ୍ଷେତ୍ରରେ ଖାତିର ଅଛି—6. Having credit in business circles.

ମାତପ(ବ,ବ୍ବ)ରି—ବୈଦେ. ବି—(ଅ. ମାତ୍‌ବରୀ)—୧ । ଯାମିନ୍; ପ୍ରତି
Māta pa(ba, bba)ri ଭୂତା—1. Security. ୨ ।
মাতব্বরি ବ୍ୟବସାୟ କ୍ଷେତ୍ରରେ ଖାତିର—2. Credit in busi-
मातबरी ness. ୩ । ବିଶ୍ୱାସ—3. Trust. ୪ । ବିଶ୍ୱସନୀୟତା—4. Trustworthiness.

ମାତମ୍—ବୈଦେ. ବି—(ଅ.)—ମୃତ୍ୟୁଜନିତ ଶୋକ—Lamen-
Matam মাতম मातम tation for a dead person.
(ମାଅ[ହା]ତମ୍—ଅନ୍ୟରୂପ)

ମାତର—ଗ୍ରା. (ପଦ୍ୟ) ଅ—(ସଂ ମାତ୍ରଂ)—୧ । କିନ୍ତୁ; ମାତ୍ର—
Mātara মাত্র लेकीन, सिर्फ 1. But. ୨ । କେବଳ;
(ମାତରକ,ମାତ୍ରକ—ଅନ୍ୟରୂପ) ମାତ୍ର—2. Only. [ ଉ—ବୋଲୁ ସ୍ୱମ ପ୍ରତ୍ୟୁତ୍ତର, ରହିଲା ବୃଷ ମାତର ହେଲା ପଳାଶ ହତ ସମୟେ ସେ । ଉପେ. ବୈଦେହୀଶବିଳାସ ।]

ମାତରଙ୍ଗ—ପ୍ରାଦେ. ( ଗଞ୍ଜାମ ) ବି—(ସଂ. ମାତୁଲଙ୍ଗ)—ନାରଙ୍ଗ—
Mātaraṅga A kind of orange; the sweet orange.

ମାତରା—ଗ୍ରା. ବି—୧ । (ସଂ. ମାତ୍ରା)—ମାତ୍ରା (ଦେଖ)
Mātarā গুটলা फुड़िया Matrā (See)
୨ । ଅଲୁବାତରା (ଦେଖ)—2. Alubātarā (See)

ମାତରି ପୁରୁଷ—ସଂ.ବି. ପୁଂ(ସଂ ମାତର+ପୁରୁଷ)—ଯେଉଁ ବ୍ୟକ୍ତି ଆପଣା
Mātari purusha ଘରେ କେବଳ ମାଆ ଓ ସ୍ତ୍ରୀ ଆଦିଙ୍କ ପାଖେ ସାହସ ବୀରତାର ଅହଂକାର କରେ, କିନ୍ତୁ ବାହାରେ କିଛି କରିପାରେ ନାହିଁ; ଘରଶୂର (ହି.ଶ)—A person who brags of his valour before the womenfolk of his house, but does nothing valorous outside; a cowardly boaster; a paltroon (Apte).

**ମାତରିଶ୍ୱା**—ସଂ. ବି (ମାତରି=ଅକାଶରେ+ଶ୍ୱି ଧାତୁ=ବୃଦ୍ଧିପାଇବା+ Mātariswā କର୍ତ୍ତୃ. ଅନ୍ ମାତରିଶ୍ୱନ୍ ଶବ୍ଦ; ୧ମା. ୧ବ)—୧ । ବାୟୁ; ପବନ—1. Wind; air. ୨ । ଏକପ୍ରକାର ଅଗ୍ନି—2. A kind of fire.

**ମାତଲମି**—ଦେ. ବି. ( ବଙ୍ଗଳାରୁ ଅନୁକୃତ )—୧ । ମଦ ନିଶାରେ Mātalāmi ଛନ୍ନଛଡ଼ା; ମାତୁ—1. Intoxication. ୨ । ମাতলামি ମଦ୍ୟୋନ୍ମତ୍ତ ବ୍ୟକ୍ତିର ଆଚରଣ; ମତୁଆପଣ— मस्ती, मतताई 2. The conduct of an intoxicated person. ୩ । ଉନ୍ମତ୍ତତା—3. Madness.

**ମାତଲି**—ସଂ. ବି. ପୁଂ (ନାମ)—ଇନ୍ଦ୍ରଙ୍କ ସାରଥି—The name of Mātali the charioteer of Indra. ଦେ. (ପ୍ରାଚୀନ) ବି—(ବିଶ୍ୱାସ) ଘାତକତା—Breach (of faith) the killing (of faith). (ଉ—ଗୋ ବ୍ରହ୍ମହତ୍ୟା ଯେ ମାତୁ ହରଣ ବଶ୍ୱଟ, ସୁରପାନ ଆବ ହତ୍ୟା ବିଶ୍ୱାସ-ମାତଲି । ପ୍ରାଚୀ. ଗୁରୁଭକ୍ତି ଗୀତା ।)

**ମାତହତ୍**—ବୈଦେ. ବି (ଅ. ତତହ୍ଥ)—ଅଧୀନ କର୍ମଚାରୀ— Mātahat মাতহত मातहत A subordinate. (ମାତହତୀ—ଅବସ୍ଥାବାଚକ ବିଶେଷ୍ୟ)

**ମାତା**—ସଂ. ବି. ସ୍ତ୍ରୀ (ମାତୃ ଶବ୍ଦ; ୧ମା. ୧ବ)—୧ । ଜନନୀ; ମାଆ; Mātā ଜନ୍ମଦାତ୍ରୀ; ଗର୍ଭଧାରିଣୀ—1. Mother. ୨ । ମାତୃ- (ପିତା—ପୁଂ) ସ୍ଥାନୀୟା ସ୍ତ୍ରୀ—2. A female who is as adorable as one's own mother. [ଦ୍ର—ଶାସ୍ତ୍ର ଅନୁସାରେ ଜନନୀ, ସ୍ତନ୍ୟଦାତ୍ରୀ, ଗୁରୁପତ୍ନୀ, ପିତୃରମଣୀ, ସ୍ନେହଦାତ୍ରୀ, ଶ୍ୱଶ୍ରୂ, ପିତାମହୀ, ମାତାମହୀ, ମାତୁଳାନୀ, ମାତୃଷ୍ୱସା, ପିତୃଷ୍ୱସା, ପିତୃବ୍ୟାଣୀ, ଜ୍ୟେଷ୍ଠସହୋଦରା, ଭ୍ରାତୃଭାର୍ଯ୍ୟା ପୁତ୍ରବଧୂ ଓ କନ୍ୟା ଏ ଷୋଡ଼ଶ ମାତା ଅଛନ୍ତି; ମତାନ୍ତରରେ ଗର୍ଭଧାରିଣୀ, ଧାତ୍ରୀ, ଗୁରୁପତ୍ନୀ, ବ୍ରାହ୍ମଣୀ, ରାଜପତ୍ନୀ, ପୃଥିବୀ ଓ ଗାଈ ଏ ସପ୍ତ ମାତା ଅଛନ୍ତି ।] ୩ । ଶ୍ରୀ; ଲକ୍ଷ୍ମୀ; କମଳା— 3. The Goddess of wealth. ୪ । ସୃଷ୍ଟିର ଅଠ ଗୋଟି ଶକ୍ତି ବା ଦେବତା—4. The 8 forms of the Creative Energy. [ ଦ୍ର—ଶାସ୍ତ୍ର ଅନୁସାରେ ବ୍ରାହ୍ମୀ, ମାହେଶ୍ୱରୀ, ଐନ୍ଦ୍ରୀ, ବାରାହୀ, ବୈଷ୍ଣବୀ, କୌମାରୀ, ଚାମୁଣ୍ଡା ଓ ଚର୍ଚ୍ଚିକା ଏହି ଅଷ୍ଟ ଶକ୍ତି ଅଛନ୍ତି ।] ୫ । ଜୀବ— 5. Animal life. ୬ । ଗମନ—6. Going. ୭ । ଆକାଶ—7. The sky; ether. ବିଣ. ପୁଂ. (ମା ଧାତୁ+କର୍ତ୍ତୃ. ତୃ; ୧ମା. ୧ବ)—ପରିମାଣକର୍ତ୍ତା— (ମାତ୍ରୀ—ସ୍ତ୍ରୀ) Measuring. ଦେ. ବି. ସ୍ତ୍ରୀ—୧ । ଦେବୀ; ଠାକୁରାଣୀ—1. Goddess. ୨ । ମାତାଜୀ; ସଂସାର- (ବାବାଜୀ—ପୁଂ) ତ୍ୟାଗିନୀ ସ୍ତ୍ରୀ—2. A female recluse; a nun. ୩ । ମେଣ୍ଢାମାନଙ୍କର ଏକ ପ୍ରକାର ରୋଗ— 3. Variola; a disease of lambs. ପ୍ରାଦେ. (ସମ୍ବଲପୁର ଓ ଗଡ଼ଜାତ)—ବସନ୍ତ ରୋଗ—Small-pox. ଭୁଲ. ଦ୍ର. ଏହି ଅର୍ଥରେ ଏହି ଶବ୍ଦ)

**ମାତାଜୀ**—ଦେ. ବି. ସ୍ତ୍ରୀ—ସଂସାରତ୍ୟାଗିନୀ ସ୍ତ୍ରୀ; ସ୍ତ୍ରୀ ସାଧୁ—A female Mātāji মাতাজী माई राम recluse; a nun. (ବାବାଜୀ—ବିପରୀତ)

**ମାତା ଟିପା**—ପ୍ରାଦେ. (ସମ୍ବଲପୁର) ବି—୧ । ବସନ୍ତ ଟୀକା— Mātā ṭipā 1. Vaccination. ୨ । ବସନ୍ତ ଟୀକା ଦେବା ବ୍ୟକ୍ତି; ଟୀକାଦିଅ—2. Vaccinator.

**ମାତା ଟିପାଇ ହେବା**—ପ୍ରାଦେ. (ସମ୍ବଲପୁର) କ୍ରି—ବସନ୍ତ ପାଇଁ ଟୀକା Mātā ṭipāi hebā ନେବା—To be vaccinated or inoculated for smallpox.

**ମାତା ଠାକୁରାଣୀ**—ଦେ. ବି—(ମାତାଙ୍କ ପ୍ରତି ସମ୍ମାନସୂଚକ ଶବ୍ଦ) Mātā ṭhākurāṇi ଦେବତାତୁଲ୍ୟା ମାତା; ମାତୃ ଦେବୀ— মাতা ঠাকুরাণী (A word used in respect for mother), माताजी One's revered mother (ଯଥା—ମାତା ଠାକୁରାଣୀଙ୍କୁ ଗୋପାଳର ନମସ୍କାର ।)

**ମାତା ପିତା**—ଦେ. ବି. ( ଦ୍ୱନ୍ଦ୍ୱ; ସ. ମାତା+ପିତା=ମାତାପିତୃ Mātā pitā ଶବ୍ଦର ଦ୍ୱିବଚନରେ ମାତାପିତରୌ; ମାତର- ପିତରୌ)—One's parents; mother and father.

**ମାତା ପିତୃ ହୀନ**—ସ. ବିଣ. ପୁଂ (ଦ୍ୱନ୍ଦ୍ୱ ଓ ତତ୍ପୁରୁଷ ତତ୍; ମାତୃ ଓ ପିତୃ Mātā pitṛu hina =ମାତାପିତୃ ଶବ୍ଦ+ହୀନ )—ଯେଉଁ (ମାତା ପିତୃ ହୀନା—ସ୍ତ୍ରୀ) ଶିଶୁର ପିତା ମାତା ମରି ଅଛନ୍ତି; ଅନାଥ ମାତୃ ପିତୃ ହୀନ } ଦେଶଜ ଅଶୁଦ୍ଧ } (ଶିଶୁ)—Orphaned; (a ମାତା ପିତାହୀନ } ରୂପ } child) destitute of both parents. [ଦ୍ର—'ମାତୃ ପିତୃହୀନ' ଓ 'ମାତା ପିତାହୀନ' ଶବ୍ଦ ସମୂହ ବ୍ୟାକରଣ ଅନୁସାରେ ଅଶୁଦ୍ଧ । 'ପିତୃ ମାତୃହୀନ' ଶବ୍ଦ ମଧ୍ୟ ଅଶୁଦ୍ଧ । କାରଣ ବ୍ୟାକରଣ ନିୟମ ଅନୁସାରେ ଅଧିକ ସ୍ୱର ବିଶିଷ୍ଟ ନ ହେଲେ ଦ୍ୱନ୍ଦ୍ୱ ସମାସରେ ସ୍ତ୍ରୀଲିଙ୍ଗ ଶବ୍ଦହିଁ ପୂର୍ବରେ ବସେ ଓ ସମଗୋତ୍ର ସୂଚକ ଋକାରାନ୍ତ ଶବ୍ଦ ପରେ ରହିଲେ ପୂର୍ବବର୍ତ୍ତୀ ଋକାରାନ୍ତ ଶବ୍ଦ ଆକାରାନ୍ତ ହୁଏ ।]

**ମାତାମହ**—ସ. ବି. ପୁଂ ( ମାତୃ+ଡାମହ୍ ପିତା ଅର୍ଥରେ, ଆମହ )— Mātā maha ମାତାଙ୍କର ପିତା; ଅଜା—Maternal grand- (ମାତାମହୀ—ସ୍ତ୍ରୀ) দাদা মশায় नाना father.

**ମାତାଲ୍**—ଦେ. ବିଣ, (ସ. ମତ୍ତ)—ମତୁଆଲ; ନିଶା ଯୋଗୁଁ ମତ୍ତ— Mātāl Intoxicated with drugs. মাতাল, মাতোয়াল मतवाला ( ମାତୁଆଲ—ଅନ୍ୟରୂପ )

**ମାତି**—ସ. ବି. ( ମା ଧାତୁ+ଭାବ. ତି )—୧ । ପରିମାଣ— Māti 1. Measure (Apte). ୨ । (+କରଣ. ତି)— ଚିନ୍ତା; ଭାବ—2. Thought; conception (Apte) ୩ । ପ୍ରକୃତ ବା ଯଥାର୍ଥ ଜ୍ଞାନ—3. Accurate know-ledge (Apte).

**ମାତ ଉଠିବା**—ଦେ. କ୍ରି—( ସ. ମତ୍ତ+ଉତ୍+ସ୍ଥା ଧାତୁ )—୧ । Māti uṭhibā ହଠାତ୍ ଉନ୍ମତ୍ତତା ପ୍ରକାଶ କରିବା—1. To become excited at once. ୨ । ( ଦଦ୍ରୁ ଓ ଖସ ରୋଗ ) ଖୁବ୍ କଣ୍ଡୁଯୁକ୍ତ ହେବା—2. (Said of ringworm and scabies) To become very itching or painful. ୩ । ଉନ୍ମାଦକ ଗୁଣ ପ୍ରାପ୍ତ ହେବା—3. To attain the power of intoxicating. [ଯଥା—ତାଡ଼ିରେ ଖସ ଲାଗିଲେ ତାହା ମାତ ଉଠେ ।]
ମେତେଉଠା
मस्त होना; मातना

**ମାତିବା**—ଦେ. କ୍ରି—(ସ. ମଦ୍ ଧାତୁ=ମତ୍ତ ହେବା)—୧ । ମତ୍ତହେବା; Mātibā ମାତା मातना ଉନ୍ମତ୍ତ ହେବା; ଉନ୍ମାଦଗ୍ରସ୍ତ ହେବା— [ମତା(ତେ)ଇବା—ଅନ୍ୟରୂପ] 1. To be maddened. ୨ । ଉନ୍ମତ୍ତତା ପ୍ରକାଶ କରିବା—2. To act madly. ୩ । ଅସ୍ୱଚ୍ଛନ୍ଦ ବା ବାହ୍ୟଜ୍ଞାନଶୂନ୍ୟ ହୋଇ କୌଣସି ବିଷୟରେ ଲିପ୍ତ ହେବା ବା ଆସକ୍ତ ହେବା—3. To be mad after a thing; to be infatuated with a matter. [ ଉ—ଇଚ୍ଛଣ ଅଶେଷ କରୁଛ । ମାତିଲ ଯେସନେ ମତ୍ତହସ୍ତୀ—ଜଗନ୍ନାଥ. ଭାଗବତ । ] ୪ । ଉତ୍ତେଜିତ ହେବା—4. To be excited; to become restive. ୫ । ବିଶେଷ ଉତ୍ସାହ ସହିତ କୌଣସି କାର୍ଯ୍ୟରେ ଲାଗିବା; ମନପ୍ରାଣ ଲଗାଇ କୌଣସି କାର୍ଯ୍ୟ କରିବା—5. To throw one's self, body and soul, into a work. ୬ । କାମରେ ବା ନିଶାରେ ଉନ୍ମତ୍ତପ୍ରାୟ ହେବା; ପ୍ରେମରେ ଉନ୍ମତ୍ତ ହେବା—6. To be excited with lust or intoxicating drugs; to be intoxicated. [ଉ—ମାତି ତାଣ୍ଡବ ରଚିଲେ ଦେବଦାସୀଏ ସାବଧାନେ । କବିସୂର୍ଯ୍ୟ. କଳୋପୂତଚନ୍ଦ୍ରାନନ୍ଦ-ଚମ୍ପୂ 'ସ' ଗୀତ ।] ୭ । କୁପିତ ହେବା—7. To be infuriated. ୮ । ( ଶିଶୁ ) ଅବୁଝା ହୋଇ କାନ୍ଦିବା—8. To cry persistently (said of children and infants). ୯ । (ଘାଆ) କୁପିତ ହେବା; ଦାଢ଼ କରିବା—9. To become virulent; to assume a malignant condition (said of a sore). ୧୦ । କୁଣ୍ଡେଇ ହେବା; ଗଲୁ କରିବା—10. To be itching. ୧୧ । (ବାଘ, ଚୋର ଆଦି) ପ୍ରାଦୁର୍ଭୂତ ହେବା; ପ୍ରବଳ ହେବା—11. To predominate; to infest ( said of robbers and wild animals in a particular localitiy ). ୧୨ । ( ବୃକ୍ଷ ଲତାଦି ) ବର୍ଦ୍ଧିତ ହେବା; ବିଶେଷ ପରିମାଣରେ ବ୍ୟାପିବା—12. To increase; to spread. [ଉ—ଛୁଇଲେ ଲାଗୁ । ମେଘ ବରଷିଲେ କେତେ ଭୁ ମାତୁ—ଭଣ ।] ୧୩ ।(କୌଣସି ବୃକ୍ଷ ବା ଲତା) ବଳିଷ୍ଠ ହୋଇ ବଢ଼ିଯିବା—13. To grow very luxuriantly. [ ଉ—ଖାଦ୍ୟ ଗଛ, ମୂଳ ଗଛ ଆଦି ମାତିଗଲେ ତାହାର ପତ୍ର ଆଦି ଖୁବ୍ ବଢ଼େ, ଫଳ ଫୁଲ ବେଶି ଫଳେ ନାହିଁ । ] ୧୪ । [ବିଶ୍ଚ ପଦାର୍ଥ ( ଯଥା—ଚଉରବନ୍ଧା ) ଓ ରସ ( ତାଡ଼ି )] ବହୁକାଳ ରଖାଯିବା ପରେ ଫେଣଯୁକ୍ତ ହୋଇ ଫୁଲିଯିବା—14. To ferment; to become frothy and bloated by fermentation; to swell in volume. ୧୫ । ( ଖଜୁରି ରସ ବା ତାଡ଼ି ) ବାସି ହେବାଦ୍ୱାରା ମାଦକତାଶକ୍ତି ପ୍ରାପ୍ତ ହେବା—15. To become intoxicant by fermentation. ୧୬ । (ପ୍ରଜା ଆଦି) ରାଜଶକ୍ତି ବିରୁଦ୍ଧରେ ବିଦ୍ରୋହୀ ହେବା—16. To revolt.
ମେଡେଉଠା
मस्त होना; मातना
जिद करना
फोफनाना
खुजलाना
लहलहाना
खमीरहोना

**ମାତିଯିବା**—ଦେ. କ୍ରି—୧ । ଉନ୍ମତ୍ତତାସହିତ କୌଣସି କାର୍ଯ୍ୟରେ Mātijibā ଲାଗିଯିବା—1. To be mad in the pursuit of a thing. ୨ । ଅଧ୍ୟବସାୟ ସହିତ କୌଣସି କାର୍ଯ୍ୟରେ ଲାଗିବା—2. To pursue a work with zeal; to persevere.
ମେତେ ଯାଓୟା
मत्तहोना

**ମାତୁ**—ଦେ. ବି ( ସ. ମତ୍ତତା )—୧ । ମତ୍ତତା—1. Madness. Mātu ୨ । କାମୋନ୍ମାଦ—2. Madness or excitement due to lust. ୩ । ଅତ୍ୟଧିକ ଗଲୁ; କଣ୍ଡୁ—3. Violent or excessive itching. ୪ । କୌଣସି ବିଷୟରେ ଜିଦ ବା ଜଗର—4. Infatuation; zid; intense longing, insisting on a matter. ୫ । କୌଣସି କାର୍ଯ୍ୟ ପାଇଁ ଉତ୍ସାହ ବା ବ୍ୟଗ୍ରତା—5. Zeal; zest; ardour. [ ଉ—ବନ ସାବରେ ମାତୁ ଥାଏ ତୋଷବହୁ—କୃଷ୍ଣସିଂହ. ମହାଭାରତ. ବନ । ]
মত্ততা मस्ती
চুলকু(কা)নি
चूल, लत

**ମାତୁଆ**—ଦେ. ବିଣ. ପୁଂ ( ସ. ମତ୍ତ )—୧ । ଯେ ମାତେ— Mātuā 1. Acting madly or with eagerness. ୨ । ଉନ୍ମତ୍ତ—2. Maddened; intoxicated. ୩ । ( ଶିଶୁ ) ଅବୁଝା; ଅଳିଅ; ଯେଉଁ ଶିଶୁ କୌଣସି ଜିନିଷ ପାଇବା ପାଇଁ ମାତେ ବା କାନ୍ଦେ, ଓ ଯେତେ ବୁଝାଇଲେ ବୁଝେ ନାହିଁ—3. Unreasonable; fretful; given to much crying and unreasonable zid. ( ଯଥା—ମାତୁଆ ପିଲା । )
মাতুয়ারা
मतवाला, मस्त
ମାତେଇ } ସ୍ତ୍ରୀ
ମାତୋଇ }
জেদবাজ जिद्दी

**ମାତୁଆର(ଳା, ଲ)**—ଦେ. ବିଣ ( ସ. ମତ୍ତ )—୧ । ଉନ୍ମତ୍ତ— Mātuāra(lā, la) 1. Maddened. ୨ । ଉତ୍ତେଜିତ—2. Excited. ୩ । ନିଶାରେ ଚୁର—3. Intoxicated; inebriated.
মাতোয়ারা, মাতোয়ালা
मतवाला

**ମାତୁ ଉଠିବା**—ଦେ. ବି( ସ. ମତ୍ତତା)—୧ । ଉନ୍ମତ୍ତତା ଜାତ ହେବା—Mātu uṭhibā 1. Having a fit excitement or intoxication. ୨ । ଗାଣ୍ଡୁ ଉଠିବା—2. Having a fit of itching sensation. ( ମାତୁ ମରବା—ବିପରୀତ )
মত্ততা উঠা
मस्ती आना

ମାତୁ କରିବା—ଦେ. କ୍ରି ( ସଂ ମତ୍ତ )—୧ । ( ଦ୍ରଣ ବା ଖସ ଅଦ ) ପ୍ରକୁପିତ ହୋଇ ଅଶେଷ କଷ୍ଟ ଦେବା; Mātu karibā ব্যতিব্যস্ত করা फोफजाना ଭରିପିଟିବା—1. To give much agony by becoming malignant (said of sores, boils and itches). ୨ । (ଗାତୁ, କୁଣ୍ଡିଆ ଅଦ ) ଖୁଣ୍ଟେଇ ହେବା; ଖଜ କରିବା—2. To produce intensive itching sensation. ( ଯଥା—ମୋ ଦୋଉଡ଼ାକୁ ଖଇଚ ଖୁବ ମାତୁ କରୁଛି । ).

ମାତୁଣି—ଦେ. ବି ( ସ. ମତ୍ତତା )—୧ । ମାତ ଯାଇ ଆକ୍ରମଣ କରିବା; Mātuṇi মাতন मत्तापन ଉତ୍ତେଜନାଜନିତ ଆକ୍ରମଣ—1. Attacking another with excitement ୨ । ମାତିବା ଅବସ୍ଥା—2. Excited state; inebriety.

ମାତୁ ମରିବା—ଦେ. କ୍ରି—୧ । କଣ୍ଡୁ ଯୁକ୍ତର ଉପଶମ ହେବା—1. The Mātu māribā মাতামাতি কমা, চুলকুনি বন্দ হওয়া खाज मरना, दौड़ टूटना satiation or subsidence of itching. ୨ । କୌଣସି ବିଷୟ ପ୍ରତି ଜନ୍ମିଥିବା ଉତ୍ସାହ ବା ଝୁଙ୍କ କମିଯିବା—2. The cooling of zeal; the subsidence of one's zeal or ardour.

ମାତୁ ମାରିବା—ଦେ. କ୍ରି· ୧ । କୌଣସି ବ୍ୟକ୍ତିର କଣ୍ଡୁ ଉପଶମ କରିବା— Mātu māribā চুলকুনি বন্দ করা खाज मारना 1. To satiate another's itching; to soothe one's itching ( by the application of proper remedies). ୨ । କୌଣସି ବ୍ୟକ୍ତିର କୌଣସି ବିଷୟ ପ୍ରତି ଜନ୍ମିଥିବା ଉତ୍ସାହର ବା ଝୁଙ୍କର ଉପଶମ କରାଇବା—2. To cool one's zeal for a matter.

ମାତୁରା—ଦେ. ବିଣ· ପୁଂ—୧ । ମାତୁଆ ( ଦେଖ )—1. Mātuā Māturā মাতোয়ারা लहलहा(ह) (ମାତୁରୀ—ସ୍ତ୍ରୀ) ( See ) ୨ । ଯେଉଁ ଗଛ ବା ଲତା ଅତି ବଢ଼ିଥିବା ହୋଇ ଫଳେ—2. ( trees and plants ) Growing up very luxuriantly ( but producing less fruits ). ୩ । ହଠାତ୍ ସମୃଦ୍ଧିସମ୍ପନ୍ନ—3. Suddenly become prosperous.

ମାତୁରା ଗଛ—ଦେ. ବି—ଯେଉଁ ଗଛ ବଢ଼ିବା ହୋଇ ବଢ଼ିଯାଏ— Māturā gachha लहलहा पौधा A plant growing up very luxuriantly. [ ଦ୍ର—ଏପରି ଗଛରେ ବେଶି ଫଳ ଧରେ ନାହିଁ । ]

ମାତୁରା ମାଟି—ଦେ. ବି—ଯେଉଁ ମାଟିରେ ବେଶି ପରିମାଣରେ ରସ ବା ସାର ଥିବାରୁ ସେଥିରେ ଜନ୍ମିବା ଗଛ ବା ଫସଲମାନ ବଢ଼ିବା ହୋଇ ବଢ଼ିଯାଏ ଓ ଫଳ କମ୍ ହୁଏ—An excessively rich soil. Māturā māṭi অত্যন্ত উর্বর মাটি बौकार मिट्टी

ମାତୁଳ—ସ. ବି. ପୁଂ ( ମାତୃ+ଭ୍ରାତୃ ଅର୍ଥେ. ଡୁଲ )—୧ । ମାତାର ଭ୍ରାତା; ମାମୁ—1. Maternel uncle. [ ଦ୍ର— ଏଥିର ଅପଭ୍ରଂଶ ମଉଳା । ମାଆଙ୍କ ଭଉଣୀକୁ ମାତୃଷ୍ୱସା ( ବା ମାଉସୀ ) ବୋଲଯାଏ । ] Mātuḷā ମାତୁଳୀ } ମାତୁଳାନୀ } ସ୍ତ୍ରୀ ମାତୁଳୀ ୨ । ଧାତୁରା ଗଛ—2. The Datura plant ( Apte ). ୩ । ସର୍ପବିଶେଷ; ବୋଡ଼ାସାପ ?—3. A kind of snake (Apte); viper. ୪ । ଏକପ୍ରକାର ଧାନ୍ୟ—4. A kind of rice (Apte).

ମାତୁଳକ—ସ. ବି ( ମାତୁଳ+ସ୍ୱାର୍ଥେ· କ )—୧ । ମାତୁଳ ୧,୨ (ଦେଖ) Mātuḷaka 1. Mātuḷa 1, 2 (See)

ମାତୁଳଙ୍ଗ—ଦେ. ବି—ମାତୁଲୁଙ୍ଗ ୨ ( ଦେଖ ) Mātuḷanga Mātulunga 2 ( See )

ମାତୁଳ ପୁତ୍ର—ସ. ବି. ପୁଂ (ଷଷ୍ଠୀ ତତ୍)—ମାମୁ ପୁଅ ଭାଇ; ମଉଳା ପୁଅ— Mātuḷa putra Maternal uncle's son. (ମାତୁଳ ପୁତ୍ରୀ, ମାତୁଳେୟୀ—ସ୍ତ୍ରୀ) (ମାତୁଳେୟ—ଅନ୍ୟରୂପ)

ମାତୁଳ ପୁତ୍ରକ—ସ. ବି—୧ । ମାମୁ ପୁଅ ଭାଇ—1. One's maternal uncle's son, ୨ । ଧୁତୁରା ଫଳ; ଧାତୁରା ଫଳ—2. The fruit of the Dhaturā plant (a very narcotic and fatal poison ). Mātuḷa putraka

ମାତୁଳ ବ୍ୟବହାର—ସ. ବି—ମଉଳା ଭେଟିର—Customary Mātuḷa byabahāra presents given to a person by his maternal uncle on festive occasions in response to the formal invitation which is sent to him.

ମାତୁଳାନୀ—ସ. ବି· ସ୍ତ୍ରୀ ( ମାତୁଳ+ସ୍ତ୍ରୀ. ଅନ ବା ଈ; ଅନ୍. ଆଗମ )— Mātuḷāni ୧ । ମାଈ—1. Maternal uncle's wife. ୨ । ଭଙ୍ଗ; ଗଞ୍ଜ; ସିଦ୍ଧି; ବିଜୟା ( ହ. ଶ. )— 2. Cannabis Indica ( plant and leaves ).

ମାତୁଳାଳୟ—ସ. ବି ( ଷଷ୍ଠୀ ତତ୍; ମାତୁଳ+ଆଳୟ )—ମାମୁଘର— Mātuḷālaya The house of one's maternal uncle. ( ମାତୁଳାଶ୍ରମ—ଅନ୍ୟରୂପ )

ମାତୁଳାହି—ସ. ବି (ମାତୁଳ+ଅହି)—୧ । ବୋଡ଼ାସାପ—1. Viper Mātuḷāhi (snake). ୨ । ଅଜଗର ସାପ—2. Boa constictor. [ ଦ୍ର—ବରୁଆ ଗଛ ଜନ ମାତୁଳାହି ପ୍ରଭାବ ଗରଳ ସି ଦେଉଅଛୁ ଫ୍ଲବ ସେ—ଉପ. ବୈଦେହୀଶବିଳାସ । ]

ମାତୁଳି—ସ. ବି. ପୁଂ—ମାତଳି ( ଦେଖ ) Mātuḷi Mātaḷi ( See )

ମାତୁଲି(ଲୁ)ଙ୍ଗ(ଙ୍ଗା)—ସ. ବି.—(ମା=ଲକ୍ଷ୍ମୀ+ତୁଲା=ଲକ୍ଷଣ+ଗମ ଧାତୁ+କର୍ତ୍ତୃ. ଅ; ଯାହା ଓଜନ ହୋଇ ବଡ଼ ହୁଏ ନାହିଁ)—୧ । ଲେମ୍ବୁ—1. Lemon. ୨ । ଟଭା ଲେମ୍ବୁ; ବାଡ଼ପୁର—2. Citron; Citrus Medica; variety-Typica. [ ଦ୍ର—ଏହାର ରସ ଔଷଧାଦିରେ ବ୍ୟବହୃତ ହୁଏ; ଏହା ଅମ୍ଳ ମଧୁର ରସ, ଅଗ୍ନିଦୀପକ, ଲଘୁ, ହୃଦ୍ୟଗ୍ରାହୀ ଓ କଣ୍ଠ, ଜିହ୍ୱା ଓ ହୃଦୟଶୋଧକ; ଏହା ରକ୍ତ ପିତ୍ତ, ଶ୍ୱାସ,

Māluli(lu)ṅga(ṅgā) ସ. ନାମ—ବୀଜପୂର, ଫଳପୂର ଫଳ ପୂରକ, ଅମ୍ଳକେଶର, ଶୈଳଙ୍ଗ,ଜମ୍ଭୀ(ମ୍ଭୀ); ମ୍ଭୀର, ରୁଚକ, ବୀଜପୂର ଫଳ । ମ ମାତୁଲଙ୍ଗ, ମତୁଲୁଙ୍ଗ ଫା. ତୁରଞ୍ଜ ତେ. ମାଦୋଫଲମୁଚେଟ୍ଟୁ ବାଦାବାସ୍ତ୍ରା ଅ. ଉତ୍ରଂଜ

ଗୁ. ଗାଡ଼ୋଗୁଲ୍‌ଂରୁ ଟାବା, ছোলঙ্গ, हंसनेबु बिजौरा, कुटला (ମାତୁଲୁଙ୍ଗକ—ଅନ୍ୟରୂପ) କାସ, ଅରୁଚି ଓ ପିପାସାନାଶକ ।] ୩ । ଡାଳିମ୍ବ—3. Pomegranate.

ମାତୃ—ସଂ. ବି. ସ୍ତ୍ରୀ—(ମା. ଧାତୁ=ପୂଜା କରିବା+କର୍ମ. ତୃ; ମାତୃ
Mātṛu ଶବ୍ଦର ୧ମା. ୧ ବଚନରେ ମାତା ହୁଏ । ସଂସ୍କୃତରେ ଅନ୍ୟ ଶବ୍ଦ ସଙ୍ଗେ ସମାସ ହେଲେ ମାତୃ ଆକାର ରହେ; ତନ୍ତୁ ଓଡ଼ିଆରେ ମାତୃ ଶବ୍ଦ ସ୍ୱତନ୍ତ୍ର ମାତା ଅର୍ଥରେ ବ୍ୟବହୃତ ହୁଏ । )—୧ । ଜନ୍ମଦାତ୍ରୀ; ମାତା—1. Mother. ୨ । ମାତୃସ୍ଥାନୀୟା ସ୍ତ୍ରୀ; ମାତାବତ୍ ପୂଜ୍ୟା ସ୍ତ୍ରୀ—2. A woman who is considered as adorable as one's mother. ( ମାତା ତଲେ ନୋହି ଦେଖ ।) ୩ । ଗାଈ—3. A cow (Apte). ୪ । ଲକ୍ଷ୍ମୀ—4. Lakshmi (Apte). ୫ । ଦୁର୍ଗା—5. Durgā (Apte). ୬ । ଆକାଶ—6. The sky (Apte). ୭ । ପୃଥିବୀ—7. The earth (Apte). ୮ । ସପ୍ତମାତୃକା—8. The seven Divine Mothers. [ଦ୍ର—ଏମାନଙ୍କ ନାମ—ବ୍ରାହ୍ମୀ, ମାହେଶ୍ୱରୀ, ଐନ୍ଦ୍ରୀ, ବାରାହୀ, ବୈଷ୍ଣବୀ, କୌମାରୀ, ଚାମୁଣ୍ଡା ।] ୯ । ଅଷ୍ଟମାତୃକା—9. The eight Divine mothers. [ଦ୍ର—ଏମାନେ ଉପର୍ଯ୍ୟୁକ୍ତ ସପ୍ତ ମାତୃକା ଓ ଚର୍ଚ୍ଚିକା—(Apte)]. ୧୦ । ଷୋଡ଼ଶମାତୃକା—9, The 16 Divine Mothers. [ ଦ୍ର—ଏମାନଙ୍କ ନାମ—ଗୌରୀ, ପଦ୍ମା, ଶଚୀ, ମେଧା, ସାବିତ୍ରୀ, ବିଜୟା, ଜୟା, ଦେବସେନା, ସ୍ୱଧା, ସ୍ୱାହା, ଶାନ୍ତି, ପୁଷ୍ଟି, ଧୃତି, ତୁଷ୍ଟି, କୁଳଦେବତା, ଆତ୍ମଦେବତା—(Apte) ୧୧ । ( ବୈଦ୍ୟକ ) ଆଖୁକର୍ଣ୍ଣୀ; ଇନ୍ଦ୍ରବାରୁଣୀ, ଜଟାମାଂସୀ ଆଦି ଗୁଳ୍ମଗଣ—11. A generic name of some medicinal plants (Apte). ୧୨ । ପିତୃଲୋକଙ୍କ ମଧ୍ୟରେ ସ୍ତ୍ରୀଜାତୀୟ ୮ ଶ୍ରେଣୀ—12. Name of 8 clasess of female ancestors (Apte). ସ. ବିଣ. ପୁଂ. (ମା ଧାତୁ=ପରିମାଣ କରିବା; କର୍ତ୍ତୃ. ତୃ; ମାତୃ ଶବ୍ଦ ଏଥିର ପୁଂଲିଙ୍ଗ ମାତା; ସ୍ତ୍ରୀ-ମାତ୍ରୀ)—ପରିମାଣକାରୀ—Measuring.

ମାତୃ ଅଂଶ—ଦେ. ବି.—(ସ. ମାତୃ+ଅଂଶ)—ଶିଶୁ ଧାରଣ କରିଥିବା
Mātṛu aṁśa ଆପଣା ମାତାଙ୍କ ଚେହେରା ଓ ଗୁଣ—
মাতৃঅংশ Qualities and appearance etc of the
महतारीका अंश mother ( inherited by a child. )
(ପିତୃଅଂଶ—ବିପରୀତ) (ଯଥା—ଏ ପିଲାଟି ମାତୃ ଅଂଶରେ ଜନ୍ମ ହୋଇଅଛି ।)

ମାତୃଅଂଶିଆ—ଦେ. ବିଣ ପୁଂ—(ସ. ମାତୃ+ଅଂଶୀ)—ମାଆ ଅଂଶିଆ;
Mātṛu aṁśiā ମାତାଙ୍କ ଗୁଣ ଓ ଚେହେରା ଧରି ଜନ୍ମ ହୋଇ
মামুখো मौमुहाँ ଥିବା (ପିଲା)—( Child ) Inheriting
(ମାତୃ ଅଂଶେଇ—ସ୍ତ୍ରୀ) the qualities and appearance
(ମାତୃଅଂଶୀ—ଅନ୍ୟରୂପ; ପୁଂ ଓ ସ୍ତ୍ରୀ) of its mother.

ମାତୃକ—ସ. ବିଣ—(ମାତୃ+ସମ୍ବନ୍ଧାର୍ଥେ. କ; ଅନ୍ୟ ଶବ୍ଦ ସଙ୍ଗେ
Mātṛuka ସମାସ ହୋଇ ଯୁକ୍ତ ହୁଏ)—୧ । ମାତୃ ସମ୍ବନ୍ଧୀୟ
(ମାତୃକା—ସ୍ତ୍ରୀ) 1. Relating to mother; motherly. [ ଯଥା—ଜୀବନ୍ମାତୃକ=ଯାହାଙ୍କର ମାତା ଜୀବିତା ଅଛନ୍ତି । ]
୨ । ମାତୃ ବା ପାଳକରୂପେ ପରିଣତ—2. Acting or bringing up a child like its own mother ( ଯଥା—ନଦୀ ମାତୃକ ଦେଶ=ନଦୀଜଳଦ୍ୱାରା ଯେଉଁ ଦେଶରେ ଶସ୍ୟ ଜାତ ହୁଏ ।) ୩ । ମାତାଙ୍କଠାରୁ ଉତ୍ତରାଧିକାରୀରୂପେ ପ୍ରାପ୍ତ ( ସମ୍ପତ୍ତି )—3. Property inherited from one's mother; maternal.
(ମାତୃକା—ସ୍ତ୍ରୀ) ସ. ବି. ପୁଂ—ମାମୁ—Maternal uncle.

ମାତୃକଚ୍ଛିଦ୍—ସ. ବି. ପୁଂ. (ମାତୃକା+ଛିଦ୍ ଧାତୁ+କର୍ତ୍ତୃ. କ୍ୱିପ୍; ଯେ
Matṛukachchhid ମାତାଙ୍କୁ ବଧ କରିଥିଲେ )—ପରଶୁରାମ —(matricide) Paraśurāma.

ମାତୃକଳ୍ପା—ସ. ବି. ସ୍ତ୍ରୀ—ମାତାଙ୍କ ପରି ପୂଜ୍ୟା—Standing in the
Mātṛukalpā position of a mother to a person.

ମାତୃକା—ସ. ବି. ସ୍ତ୍ରୀ (ମାତୃ+ସ୍ୱାର୍ଥେ. କ+ସ୍ତ୍ରୀ. ଆ)—୧ । ମାତା—
Mātṛukā 1. Mother. ୨ । ମାତାମହୀ—2. Materna. grand-mother. ୩ । ଧାତ୍ରୀ; ଧାଈମା—3. Foster-mother; one's nurse. ୪ । ଉପମାତା; ସାବତ ମା ( ଗ୍ରା. ଶ )—4. Step-mother. ୫ । ବର୍ଣ୍ଣମାଳା—5. The alphabets. ୬ । ବର୍ଣ୍ଣମାଳାର ସ୍ୱରବର୍ଣ୍ଣମାନଙ୍କର ୧୨ ଗୋଟି ମାତ୍ରା ( ଆକାର, ଇକାର, ଈକାର, ଉକାର, ଊକାର, ଋକାର, ୠକାର, ଌ କାର, ଏକାର, ଐକାର, ଓକାର, ଔକାର ), ବାରଖଡ଼ି—6. The 12 signs or marks of vowels when added to consonants. ୭ । ମାତୃ ୮ ( ଦେଖ )—7. Matṛu 8 ( See ) ୮ । ମାତୃ ୯ ( ଦେଖ )—8. Matṛu 9 ( See ) ୯ । ମାତୃ ୧୦ ( ଦେଖ )—9. Matṛu 10 ( See ) ୧୦ । ଦେବୀ —10. Divine Mother ( Apte ). ୧୧ । ମୂଳକାରଣ; ଆଦିକାରଣ—11. Source; origin ( Apte )

ମାତୃକାକୁଣ୍ଡ—ସ. ବି—ଶିଶୁମାନଙ୍କ ଗୁହ୍ୟଦ୍ୱାରରେ ହେବା ବ୍ରଣ ( ଗ୍ରା.
Mātṛukākuṇḍa ଶ ) A boil in the anus of children.

ମାତୃକୁଳ—ସ. ବି ( ୬ଷ୍ଠୀ ତତ୍; ମାତୃ+କୁଳ )—ମାତାଙ୍କର ଜନ୍ମବଂଶ
Mātṛukuḷa —The family in which one's
(ପିତୃକୁଳ—ବିପରୀତ) mother was born.

ମାତୃଗଣ—ସ. ବି. ସ୍ତ୍ରୀ—ଦେବାଂଶ ରୂପଧାରିଣୀ ଦୁର୍ଗାଙ୍କର ଗଣ ଗଣ ୮
Mātṛugaṇa ଗୋଟି ରୂପ; ଅଷ୍ଟଶକ୍ତି; ସୃଷ୍ଟିରେ ସୃଷ୍ଟି ଜନ୍ମ, ପାଳନ ଓ ବିନାଶକାରିଣୀ ୮ ଗୋଟି ଦେବୀ—Eight Deities representing the forces controlling the creation. [ ଦ୍ର—ଅଷ୍ଟଶକ୍ତି ଯଥା—ବ୍ରାହ୍ମୀ, ମାହେଶ୍ୱରୀ, ଐନ୍ଦ୍ରୀ, ବାରାହୀ, ବୈଷ୍ଣବୀ, କୌମାରୀ, ଚାମୁଣ୍ଡା ବା କୌବେରୀ, ଚର୍ଚ୍ଚିକା; ମତାନ୍ତରରେ 'ଚର୍ଚ୍ଚିକା' ସ୍ଥଳରେ 'ଐନ୍ଦ୍ରୀ'।

ମାର୍କଣ୍ଡେୟ ପୁରାଣାନ୍ତର୍ଗତ ବ୍ରହ୍ମବୈବର୍ତ୍ତ ପୁରାଣରେ ଦେବୀ-ଭାଗବତରେ ୧୧ ଟି ମାତୃଗଣଙ୍କ ନାମ ଓ ବର୍ଣ୍ଣନା ଅଛି। ଯଥା—୧। ପ୍ରେତସ୍ଥା—ଚାମୁଣ୍ଡା; ୨। ମହିଷାସନା—ବାରାହୀ; ୩। ଗଜସମାରୂଢ଼ା—ଐନ୍ଦ୍ରୀ; ୪। ଗରୁଡ଼ାସନା—ବୈଷ୍ଣବୀ; ୫। ମହାପାର୍ଶ୍ୱା—ନାରସିଂହୀ; ୬। ମହାବଳା—ଶିବଦୂତୀ; ୭। ଶିଖିବାହନା—କୌମାରୀ, ୮। ବୃଷାରୂଢ଼ା—ମାହେଶ୍ୱରୀ, ୯। ପଦ୍ମାସନା—ଲକ୍ଷ୍ମୀ; ୧୦। ହଂସସମାରୂଢ଼ା—ବ୍ରାହ୍ମୀ; ୧୧। ବୃଷବାହନା—ଈଶ୍ୱରୀ।]

ମାତୃଗନ୍ଧିନୀ—ସ. ବି. ସ୍ତ୍ରୀ ( ମାତୃ+ଗନ୍ଧ+ଇନ୍+ଈ )—୧। ସାବତ
Mātṛugandhinī ମା—1. Step-mother. ୨। ପିତାଙ୍କ ଉପପତ୍ନୀ—2. Father's concubine.

ମାତୃଗର୍ଭ—ସ. ବି ( ୬ଷ୍ଠୀ ତତ୍; ମାତୃ+ଗର୍ଭ )—ମାତାଙ୍କର ପେଟ—
Mātṛugarbha Mother's womb.

ମାତୃଗାମୀ—ସ. ବି ଓ ବିଣ. ପୁଂ ( ମାତ+ଗମ ଧାତୁ+କର୍ତ୍ତ. ଇନ୍;
Mātṛugāmi ୧ମା ୧ବ )—ମାତାଙ୍କ ସହ ସହବାସକାରୀ—One who has committed incest with his mother (Apte).

ମାତୃଗ୍ରାମ—ସ. ବି ( ମାତୃ+ଗ୍ରାମ=ସମୂହ; ଜାତ )—ସ୍ତ୍ରୀ ଜାତି;
Mātṛugrāma ମାଇପେ—The female sex; the womankind ( Apte ).

ମାତୃଘାତୀ—ସ. ବି. (ମାତୃ+ହନ୍ ଧାତୁ+କର୍ତ୍ତ. ଇନ୍; ମାତୃଘାତିନ୍;
Mātṛughāti ୧ମା. ୧ବ)—ମାତୃହତ୍ୟାକାରୀ—Matricide;
(ମାତୃଘାତିନୀ—ସ୍ତ୍ରୀ) murderer of one's own mother.

ମାତଘାତୁକ } ଅନ୍ୟରୂପ ବି. ପୁଂ—ପରଶୁରାମ—The great
ମାତୃଘାତକ } Brahmaṇa warrior Parasurāma. [ଦ୍ର—ଏ ପିତାଦେଶରେ ଅପଣା ମାତା ରେଣୁକାଙ୍କୁ ବଧ କରିଥିଲେ।]

ମାତୃଘ୍ନ—ସ. ବି. ପୁଂ ( ମାତୃ+ହନ୍ ଧାତୁ+କର୍ତ୍ତ. ଅ )—ମାତୃଘାତୀ
Mātṛughna (ଦେଖ)—Mātṛughāti ( See )
(ମାତୃଘ୍ନୀ—ସ୍ତ୍ରୀ)

ମାତୃ ତୀର୍ଥ—ସ. ବି. (ବହୁବ୍ରୀହି; ଯେଉଁ ତୀର୍ଥରେ ମାତାଙ୍କୁ ଜଳ ତର୍ପଣ
Mātṛu tīrtha କରଯାଏ)—କାଣି ଅଙ୍ଗୁଠିର ତଳରେ ଥିବା ଥିବା କରତଳାଂଶ (ଜ୍ୟୋ. ଶ)—The part of the palm below the little finger.

ମାତୃତ୍ୱ—ସ. ବି (ମାତ+ଭାବ. ତ୍ୱ)—ସନ୍ତାନ ପ୍ରସବ କରିବାର ଅବସ୍ଥା—
Mātṛutwa Parenthood.

ମାତୃଦାୟ—ସ. ବି—ମାତୃ ବିୟୋଗଜନିତ ଦାୟିତ୍ୱ; ମୃତ ମାତାଙ୍କ ଶୁଦ୍ଧି-
Mātṛudāya ଶ୍ରାଦ୍ଧ କରିବାର ଅବଶ୍ୟକର୍ତ୍ତବ୍ୟ ଦାୟିତ୍ୱ—The heavy and unavoidable necessity which befalls on a person on the death of one's mother (i.e. the due performance of her funeral and obsequial rites).

ମାତୃଦାୟ ଗ୍ରସ୍ତ—ସ. ବିଣ. ପୁଂ (୭ମୀ ଓ ୬ଷ୍ଠୀ ତତ୍ )—ମାତାଙ୍କର
Mātṛudāya grasta ମୃତ୍ୟୁ ହେତୁ ଯାହା ଉପରେ ଅବଶ୍ୟ
(ମାତୃଦାୟ ଗ୍ରସ୍ତା—ସ୍ତ୍ରୀ) କରିବ୍ୟ ମାତୃଶ୍ରାଦ୍ଧ କାର୍ଯ୍ୟ ନିର୍ବାହ କରିବାର ଦାୟିତ୍ୱ ପଡ଼ିଥାଏ—Burdened with the unavoidable responsibility of an obsequial offering to his mother on her death.

ମାତୃ ଦିବସ—ସ. ବି. ( ୬ଷ୍ଠୀ ତତ୍ )—ସାମ୍ବତ୍ସରିକ ମାତୃଶ୍ରାଦ୍ଧ—
Mātṛu dibasa Sraddha performed on the an-
(ମାତୃ ଦିବସା—ଦେଶଜରୂପ) niversary of the death of one's mother.

ମାତୃ ଦେବ—ସ. ବିଣ. ପୁଂ (ବହୁବ୍ରୀହି; ମାତୃ+ଦେବ)—ଯେ ମାତାଙ୍କ
Mātṛu deba ଦେବତା ତୁଲ୍ୟ ପୂଜା କରେ— Adoring one's mother like one's God (Apte).

ମାତୃ ଦ୍ରୋହ—ସ. ବି. ( ୬ଷ୍ଠୀ ତତ୍ )—ମାତାଙ୍କର ବିରୁଦ୍ଧାଚରଣ—
Mātṛu droha Offending one's mother; revolt against one's mother.

ମାତୃ ଦ୍ରୋହୀ—ସ ବିଣ ପୁଂ (୬ଷ୍ଠୀ ତତ୍)—ଯେ ଅପଣା ମାତାଙ୍କ ପ୍ରତି
Mātṛu drohī ଶତ୍ରୁ ଆଚରଣ କରେ—Offending one's
(ମାତୃଦ୍ରୋହିଣୀ—ସ୍ତ୍ରୀ ) own mother; acting against the wishes or welfare of one's own
(ମାତୃଦ୍ରୋହିତା—ବି) mother.

ମାତୃ ନନ୍ଦନ—ସ. ବି. (୬ଷ୍ଠୀ ତତ୍)—କାର୍ତ୍ତିକେୟ—
Mātṛu nandana Kārttikeya.

ମାତୃ ପିତୃ—ଦେ. ବି. (ସ, ମାତୃ+ପିତୃ=ମାତାପିତାରୌ; ମାତର
Mātṛu pitṛu ପିତରୌ; ପିତରୌ)—ମାତା ଓ ପିତା—
मा बाप **माँ बाप** Mother and father.
[ଦ୍ର—ଏହା ସଂସ୍କୃତ ବ୍ୟାକରଣ ଅନୁସାରେ ଅସିଦ୍ଧ। ମାତାପିତୃ ସ୍ଥାନ ଚଳେ ନୋହି ଦେଖ।]

ମାତୃ ପିତୃ ଉଖାଳିବା—ଦେ. କ୍ରି—କୌଣସି ବ୍ୟକ୍ତିର ପିତା ଓ ମାତାଙ୍କ
Mātṛu pitṛu ujhāḷibā ପ୍ରତି ଅଶ୍ଳୀଳ ପଦ ପ୍ରୟୋଗ ପୂର୍ବକ
ମାତୃପିତୃ ନ ରଖିବା } ଗୋଧିବା ବା ତିରସ୍କାର କରିବା—
ମାଇପିତୃ ଲଗାଇ ଗାଳିଦେବା } To abuse a person by
मा बाप तुले गाल देओआ calling names to his par-
**माता पिता उकटना, मतरिया बहिनिया करना** ents.

ମାତୃ ପୂଜନ—ସ. ବି. ( ୬ଷ୍ଠୀ ତତ୍; ମାତୃ+ପୂଜନ )—୧। ବିବାହ
Mātṛu pūjana ଅବସର ପୂର୍ବରୁ ପିଷ୍ଟକ ଦ୍ୱାରା ମାତୃକାମାନଙ୍କ
(ମାତୃ ପୂଜା—ଅନ୍ୟରୂପ) ପୂଜା—1. Worship of the Divine Mothers by the offering of cakes during the marriage ritual. ୨। ଜନନ-

ମାତାଙ୍କର ସେବା—2. Worshipping one's mother. ୩। (ଅଧୁନିକ) ଦେଶମାତା ବା ଜନ୍ମଭୂମିର ପୂଜା—3. Worship or honouring of one's motherland. ୪। (ଅଧୁନିକ) ନିଜ ଜନ୍ମଭୂମିର ବା ଜନ୍ମଭୂମିବାସୀମାନଙ୍କର ସେବା—4. Serving one's countrymen.

ମାତୃପୂଜା ମଣ୍ଡପ—ସଂ. ବି (ଅଧୁନିକ ବ୍ୟବହାର)—୧। ଯେଉଁ ମଣ୍ଡପରେ Mātṛupūjā maṇḍapa ବା ବେଦୀରେ ମାତୃପୂଜାର ଅନୁଷ୍ଠାନ ଅନୁଷ୍ଠିତ ହୁଏ—1. An altar where a person performs the rites of worshipping the Divine mother, (i. e, one's motherland). ୨। ଦେଶର ଲୋକମାନଙ୍କର ଦେଶର ଭଲପାଇଁ ଅନୁଷ୍ଠାନର ବା ସଭାର ମଣ୍ଡପ; ଦେଶବାସୀଙ୍କର ସମ୍ମେଳନମଣ୍ଡପ—2. A pandal where the people of a nation gather for discussing the good of the motherland.

ମାତୃବତ୍—ସଂ. ଅ (ମାତୃ+ତୁଲ୍ୟାର୍ଥେ ବତ୍)—ମାତାଙ୍କପରି; ମାତାଙ୍କ Mātṛubat ତୁଲ୍ୟ—Like one's mother. ( ଯଥା—ପର ସ୍ତ୍ରୀକୁ ମାତୃବତ୍ ଜ୍ଞାନ କରିବ। ମାତୃଭୂମି ଓ ମାତୃଭାଷା ମାତୃବତ୍ ଆଦରଣୀୟ।)

ମାତୃବତ୍ସଳ—ସଂ. ବି—କାର୍ତ୍ତିକେୟ—
Mātṛubatsaḷa An epithet of Kārttiikeya.
(ମାତୃବତ୍ସଳା—ସ୍ତ୍ରୀ) ସଂ. ବିଣ. ପୁଂ—(୭ମୀ ତତ୍)—ମାତାଙ୍କ ପ୍ରତି
(ମାତୃବତ୍ସଳତା—ବି) ସ୍ନେହୀ—Mother-loving (M.W.)

ମାତୃବନ୍ଧୁ—ସଂ. ବି (୬ଷ୍ଠୀ ତତ୍, ମାତୃ+ବନ୍ଧୁ)—ଅପଣା ମାତାଙ୍କର ମାମୁ-Mātṛubandhu ପୁଅ ଭାଇ, ମାଉସୀପୁଅ ଓ ପିଉସୀପୁଅ ଭାଇ—One's distant maternal uncles, being related to one's mother through her paternal and maternal aunts, the causins of one's mother. [ ଦ୍ର—ଏଥିର ସ୍ମୃତି-ବାକ୍ୟ—ମାତୁଃ ପିତୁଃ ସ୍ୱସୁଃ ପୁତ୍ରା, ମାତୁର୍ମାତୁଃ ସ୍ୱସୁଃସୁତାଃ, ମାତୁର୍ମାତୁଲପୁତ୍ରାଶ୍ଚ ବିଜ୍ଞେୟା ମାତୃ ବନ୍ଧବଃ ।]

ମାତୃବାନ୍ଧବ—ସଂ. ବି (୬ଷ୍ଠୀ ତତ୍; ମାତୃ+ବାନ୍ଧବ)—ଅପଣା ମାତାଙ୍କର Mātṛubāndhaba ମାତା, ପିତା, ଭାଇ, ଭ୍ରାତୃଷ୍ପୁତ୍ର ଓ ପିତୃ-ସହୋଦର ଭ୍ରାତା (ଅର୍ଥାତ୍, ଅପଣାର ଅଈ, ଅଜା, ମାମୁ, ମଉଳାପୁଅ ଭାଇ ଓ ଅଜାଙ୍କ ଭାଇ)—One's maternal relations (e.g.maternal grandfather, maternal grand-mother, maternal uncle, maternal causin, maternal grand-father's brother). [ ଦ୍ର—ହିନ୍ଦୁ ସ୍ମୃତିର ବିଧାନ ଅନୁସାରେ ମୃତବ୍ୟକ୍ତିର ନିକଟତର ଜ୍ଞାତି ବା ପିତୃବନ୍ଧୁ ନ ଥିଲେ ମାତୃବନ୍ଧୁ ଓ ମାତୃବାନ୍ଧବମାନେ ତାଙ୍କ ସମ୍ପତ୍ତିର ଅଧିକାରୀ ହୁଅନ୍ତି ।]

ମାତୃବିଚ୍ଛେଦ—ସଂ. ବି (୬ଷ୍ଠୀ ତତ୍)—୧। ମାତୃବିୟୋଗ—
Mātṛu bichchheda 1. Death of one's mother ୨। ମାତାଙ୍କଠାରୁ ପୃଥକ୍ ହେବା—
2. Separation from one's mother.

ମାତୃବିଯୋ(ୟୋ)ଗ—ସଂ. ବି (୬ଷ୍ଠୀ ତତ୍)—ମାତାଙ୍କର ମୃତ୍ୟୁ—
Mātṛu bijo(yo)ga Mother's death; bereavement due to the death of one's mother.

ମାତୃଭକ୍ତ—ସଂ. ବିଣ. ପୁଂ ( ୭ମୀ ତତ୍; ମାତୃ+ଭକ୍ତ )—ଅପଣାର Mātṛubhakta ମାତାଙ୍କ ପ୍ରତି ଭକ୍ତିଯୁକ୍ତ—Devoted to (ମାତୃଭକ୍ତା—ସ୍ତ୍ରୀ) the service of one's own mother.

ମାତୃଭକ୍ତି—ସଂ. ବି—ମାତାଙ୍କ ପ୍ରତି ଶ୍ରଦ୍ଧା—Devotion to or Mātṛubhakti regard for one's own mother.

ମାତୃଭାବ—ସଂ. ବି (୬ଷ୍ଠୀ ତତ୍)—ସନ୍ତାନ ପ୍ରତି ମାତାଙ୍କର ମନର ଭାବ Mātṛubhāba ବା ସ୍ନେହ—Mother's feelings; the feelings of a mother to her child.

ମାତୃଭାଷା—ସଂ. ବି (ମ. ପ. ଲୋ)—(ମାତୃକୋଳରେ ଥିବା ସମୟରେ Mātṛubhāshā ମାଅଙ୍କ ମୁହଁରୁ ମନୁଷ୍ୟ ଯେଉଁ ଭାଷା ଶୁଣେ) ଅପଣାର ଜାତୀୟ ଭାଷା; ଅପଣାର ଘରୋଇ ଭାଷା—One's mother tongue; a vernacular which a man uses at home since child-hood.

ମାତୃଭୂମି—ସଂ. ବି—ନିଜର ଜନ୍ମଭୂମି—One's motherland.
Mātṛubhūmi [ଦ୍ର—ପିତୃଭୂମି=ଗ୍ରାମପୁର; ଶ୍ମଶାନ । ମାତୃଭୂମି =ସ୍ୱଦେଶ । ତୁଲ. ଇଂ Fatherland (ଫାଦରଲ୍ୟାଣ୍ଡ); Motherland (ମଦରଲ୍ୟାଣ୍ଡ) । ]

ମାତୃ ମଣ୍ଡଳ—ସଂ. ବି—୧। ଦୁଇ ଚୋଖ ଭ୍ରୂୟୁଗ ମଧ୍ୟସ୍ଥାନ—1.The Mātṛu maṇḍaḷa middle of the two eyes; the bridge of the nose. ୨। ମାତୃକାଗଣଙ୍କର ସମୂହ—2. The collection of the Divine Mothers (Apte).

ଦେ. ବି—୧। ଅରୁନ୍ଧତୀ, ଧ୍ରୁବ ଓ କୃତ୍ତିକା ଏହି ତିନି-ଗୋଟି ନକ୍ଷତ୍ରମଣ୍ଡଳ—1.The circle formed by the three asterisms—Arundhatī, Dhṛuba, and Kṛuttikā. (ଦ୍ର—ଅରୁନ୍ଧତୀ ଯେଉଁ ତାରା ଅବର ସେ ଧ୍ରୁବ, କୃତ୍ତିକାକୁ ସେ ମାତୃମଣ୍ଡଳ ବୋଲି ସଙ୍ଗ—ଗ୍ରାଚୀ. ଶିବସ୍ୱରୋଦୟ ।) ୨। ଚକ୍ଷୁର୍ମଧ୍ୟସ୍ଥ ତାରକା—2. The pupil of the eye. (ଦ୍ର—ଅକ୍ଷି ମଧ୍ୟେ ତାରକା ସେ ସେ ମାତୃମଣ୍ଡଳ - ଗ୍ରାଚୀ. ଶିବସ୍ୱରୋଦୟ । )

ମାତୃମୁଖ—ସଂ. ବିଣ. ପୁଂ—୧। ନିର୍ବୋଧ—1. Foolish; dull; Mātṛumukha stupid. ୨। ଅଜ୍ଞ; ମୂର୍ଖ—2. Dunce; (ମାତୃଶାସିତ—ଅନ୍ୟରୂପ) illiterate. ୩। ସ୍ତ୍ରୀବୁଦ୍ଧିପରଚାଳିତ—3. Governed by the advice of females. ସଂ. ବି. ପୁଂ—୧। ନିର୍ବୋଧ ବ୍ୟକ୍ତି—1. A foolish person; a simpleton (Apte) ୨। ମୂର୍ଖ ବ୍ୟକ୍ତି—2. A dunce (Apte).

ମାତୃମୁଖା—ଦେ. ବଣ. ପୁଂ—ମା ଅଂଶିଆ (ପିଲା); ଅପଣା ପିତାଙ୍କ
Mātṛumukhā ଚେହେରା ଅପେକ୍ଷା ମାତାଙ୍କ ଚେହେରା ସଙ୍ଗେ
(ମାତୃମୁଖୀ—ସ୍ତ୍ରୀ) ବେଶି ମେଳ ଖାଉଥିବା (ଶିଶୁ)—(a child)
ମାମୁଖୋ ମୈମुहा Bearing resemblance to the outlines of its mother's face; whose facial outlines resemble those of its mother.

ମାତୃରିଷ୍ଟି(ଷ୍ଟ)—ସ. ବ (୬ଷ୍ଠୀ ତତ୍; ମାତୃ+ରିଷ୍ଟି—ହନ୍ତୁ ଜ୍ୟୋତିଷ
Mātṛurishṭi(shṭa) (ଫଳଜ୍ୟୋତିଷ) ମତରେ ଜାତ ଶିଶୁର ମାତାଙ୍କର ଅନିଷ୍ଟକାରକ ଯୋଗ ବା ଶିଶୁର ଜାତକରେ ଶିଶୁର ଜନନୀଙ୍କ ମୃତ୍ୟୁକାରକ ଗ୍ରହମାନଙ୍କ ସ୍ଥିତିବିଶେଷ—A particular conjunction of planets at the nativity of a child, which results in the death of its mother. [ଦ୍ର—୧ । ଜନ୍ମିତ ଶିଶୁର ଜନ୍ମଲଗ୍ନର ୪ର୍ଥ ସ୍ଥାନରେ ବଳବାନ ପାପଗ୍ରହ ଥିଲେ ଏବଂ ଏହି ପାପଗ୍ରହର କେନ୍ଦ୍ର (ଅର୍ଥାତ ୪ର୍ଥ, ୭ମ ବା ୧୦ମ ସ୍ଥାନରେ ପାପଗ୍ରହ ଥିଲେ, ଅଥବା ଶିଶୁର ଜନ୍ମ ଲଗ୍ନର ୪ର୍ଥ, ୭ମ, ୧୦ମ, ୫ମ ବା ୯ମ ସ୍ଥାନରେ ପାପଗ୍ରହ ରହିଲେ ଏବଂ ପାପଗ୍ରହଯୁକ୍ତ ଚନ୍ଦ୍ରର ୪ର୍ଥ ସ୍ଥାନରେ ପାପଗ୍ରହ ରହିଲେ ଓ ୫ଟି ପାପଗ୍ରହ ବର୍ତ୍ତିକ ଦୃଷ୍ଟି ଚନ୍ଦ୍ରଙ୍କର ୬ଷ୍ଠ ସ୍ଥାନରେ ପାପଗ୍ରହ ରହିଲେ 'ମାତୃରିଷ୍ଟ' ଯୋଗ ଘଟେ । ଏହି ଯୋଗରେ ଜାତ ଶିଶୁର ମାତାଙ୍କର ଶୀଘ୍ର ମୃତ୍ୟୁ ଘଟେ ।]

ମାତୃଶ୍ରାଦ୍ଧ—ସ. ବ—ମୃତ ମାତାଙ୍କ ଉଦ୍ଦେଶ୍ୟରେ ପିଣ୍ଡଦାନ ଓ ଧନାଦ
Mātṛuśrāddha ଦାନରୂପ କର୍ମ—A Śrāddha or offering of oblations made to the spirit of one's departed mother (on the 11th day of her death and on the anniversary of her death) [ଦ୍ର—ଏହା ମାତାଙ୍କ ମୃତ୍ୟୁର ଏକାଦଶ ଦିନ ଓ ପ୍ରତି ବର୍ଷ ମାତାଙ୍କ ମୃତ୍ୟୁଦିବସର ଉପଲକ୍ଷରେ ଅନୁଷ୍ଠିତ ହୁଏ ।]

ମାତୃଷ୍ୱ(ସ୍ୱ)ସା—ସ. ବ. ସ୍ତ୍ରୀ ( ମାତୃ+ସ୍ୱସୃ, ୬ମା ୧ବ )—ମାଉସୀ;
Mātṛushwa(swa)sā ମାତାଙ୍କ ଭଉଣୀ—Mother's sister; one's maternal aunt

ମାତୃଷ୍ୱ(ସ୍ୱ)ସେ(ସ୍ରୀ,ସ୍ରେ)ୟ—ସ, ତ. ପୁଂ (ମାତୃଷ୍ୱସୃ ଅପତ୍ୟାର୍ଥେ ଏୟ;
Mātṛushwa(swa)se(sri, sre)ya ଢକ୍ )—ମାଉସୀପୁଅ
ମାତୃଷ୍ୱସେୟୀ
ମାତୃଷ୍ୱସ୍ରୀୟୀ } ଭଉଣୀର ଲିଙ୍ଗ
ମାତୃଷ୍ୱସ୍ରେୟୀ
ଭାଇ—One's maternal causin (male).

ମାତୃସପତ୍ନୀ—ସ. ବ (୬ଷ୍ଠୀ ତତ୍, ମାତୃ+ସପତ୍ନୀ)—ସାବତ ମାଆ—
Mātṛusapatni Stepmother.

ମାତୃ ସମ୍ବତ୍ସର—ସ. ବ—ମାତାଙ୍କର ମୃତ୍ୟୁଦିବସଠାରୁ ଏକ ବରଷ କାଳ
Mātṛu sambatsara —A period of one year
(ପିତୃ ସମ୍ବତ୍ସର—ବିପରୀତ) from the death of one's mother.

ମାତୃ ସେବକ—ସ. ବଣ. ପୁଂ—ଯେ ମାତାଙ୍କର ସେବା କରେ—
Mātṛu sebaka Devoted to the service of
(ମାତୃସେବିକା—ସ୍ତ୍ରୀ) (ମାତସେବାରତ—ଅନ୍ୟରୂପ) one's mother.

ମାତୃସେବା—ସ. ବ. ( ୬ଷ୍ଠୀ ତତ୍; ମାତୃ+ସେବା )—ମାତାଙ୍କର
Mātṛusebā ଅନୁସେବା—Filial service; service rendered to one's mother.

ମାତୃସେବା ବ୍ରତ—ସ. ବ ( ରୂପକ; ମାତୃସେବା+ବ୍ରତ )—ମାତାଙ୍କ
Mātṛusebā brata ସେବାରୂପ ବ୍ରତ; ବ୍ରତରୂପେ ପାଳିତ ମାତୃସେବା—Service of one's mother as a religious duty.

ମାତୃସ୍ତନ—ସ. ବ ( ୬ଷ୍ଠୀ ତତ୍ )—ମାତାଙ୍କର ସ୍ତନ; ମାଆ ଥନ—
Mātṛustana Mother's breast.

ମାତୃସ୍ତନ୍ୟ—ସ. ବ ( ୬ଷ୍ଠୀ ତତ୍; ମାତୃ+ସ୍ତନ୍ୟ )—ମାତାଙ୍କ ସ୍ତନରୁ
Mātṛustanya ଜାତ ଦୁଗ୍ଧ; ମାଆ ଦୁଧ—Milk from the mother's breast; mother's milk.

ମାତୃସ୍ଥାନୀୟା—ସ. ବଣ. ସ୍ତ୍ରୀ—ମାତୃକଳ୍ପା; ମାତାଙ୍କ ପରି ପୂଜ୍ୟା—
Mātṛusthāniyā ( women ) In the position of one's mother. [ ଦ୍ର—ମାତାତଳେ କୋଡ଼ି ଦେଖ । ]

ମାତୃସ୍ନେହ—ସ. ବ—ମାତାଙ୍କର ଅପତ୍ୟସ୍ନେହ—Mother's affec-
Mātṛusneha tion or fondness for her child.

ମାତୃହତ୍ୟା—ସ. ବ—ଅପଣାର ମାଆଙ୍କୁ ମାର ପକାଇବା—Killing
Mātṛuhatyā of one's mother; matricide.
(ମାତୃବଧ—ଅନ୍ୟରୂପ)

ମାତୃହନ୍ତା—ସ. ବଣ. ପୁଂ—ଯେ ଅପଣାର ମାତାଙ୍କୁ ବଧ କରେ—
Mātṛuhantā Murdering one's mother;
(ମାତୃହନ୍ତ୍ରୀ—ସ୍ତ୍ରୀ) matricide.

ମାତୃହରଣ—ସ. ବ—ଗୁରୁପତ୍ନୀଅଦ ଅଗମ୍ୟଗମନରୂପ ମହାପାପ—
Mātṛuharaṇa The heinous sin of outraging the modesty of women who stand in the relationship of a mother to a person.

ମାତୃହୀନ—ସ.ବଣ.ପୁଂ—୧ । ଯାହାର ଜନନୀ ମରି ଅଛନ୍ତି; ମାଲେଉଣ୍ଡ—
Mātṛuhina 1. Motherless; orphaned by the
(ମାତୃହୀନା—ସ୍ତ୍ରୀ) mother's death. ୨ । ଯେଉଁ ଘରେ (ବା ପରିବାରରେ ) ମାତା ନ ଥାନ୍ତି—2. ( a house or family ) Which has lost its mother.

ମାତ୍ର—ସ. ବ ( ମା ଧାତୁ=ପରିମାଣ କରିବା+କରଣ ତ୍ର )—୧ ।
Mātra ସୀମା; ପର୍ଯ୍ୟନ୍ତ—1. Boundary; limit. ୨ । ( +କର୍ମ. ତ୍ର ) ସମୁଦାୟ—2. Whole. ୩ । ( +ଭାବ. ତ୍ର ) ଅବଧାରଣ—3. Ascertaining. ୪ । ମାପ; ପରିମାଣ—4. A measure of length, breadth, height, size, space, distance or number. ବଣ. (ମାତ୍ରା+ଅ; ଅନ୍ୟ ଶବ୍ଦ ସଙ୍ଗେ

ବ୍ୟବହୃତ ଯଥା—ତନ୍ମାତ୍ର; ବର୍ତ୍ତ୍ମାତ୍ର )—୧ । ପରିମିତ—1. In quantity. ୨ । ପ୍ରକାରେ—2. In quality. ୩ । ଶ୍ରେଣୀର ସମସ୍ତ ବସ୍ତୁ ବିଶିଷ୍ଟ—3 Comprising of all the members of a class. [ ଯଥା—ପ୍ରସ୍ଥର ପରିମାଣ ଅର୍ଥରେ—ଅଙ୍ଗୁଳିମାତ୍ର ସ୍ଥାନ, ଦୂରତ୍ୱର ପରିମାଣ ଅର୍ଥରେ—କ୍ରୋଶମାତ୍ର ପଥ, ସମୟର ପରିମାଣ ଅର୍ଥରେ—କ୍ଷଣମାତ୍ର ବିଶ୍ରାମ, ସଂଖ୍ୟା ପରିମାଣ ଅର୍ଥରେ—ଏକମାତ୍ର, ଶ୍ରେଣୀର ସମସ୍ତ ବସ୍ତୁ ଅର୍ଥରେ—ପ୍ରାଣିମାତ୍ର ଜଗତ୍, 'କେବଳ' ଅର୍ଥରେ—ଏ କାର୍ଯ୍ୟରେ ମୁଁ ନିମିତ୍ତମାତ୍ର ଅଟେ । ] ଅ—୧ । କେବଳ—1. Only; merely. ୨ । ମାତ୍ରକେ; ଯେଣି—2. As soon as; no sooner than; just as. ଦେ.ଅ—
मात्र ୧ । ପକ୍ଷାନ୍ତରରେ—1. On the other hand.
मगर ୨ । କିନ୍ତୁ—2. But. [ ଉ—ମୁଁ ତାଙ୍କୁ * ବର୍ଷ ଅନୁସରଣ କଲି; ମାତ୍ର ତାଙ୍କୁ କିଛି ଫଳ ପାଇଲି ନାହିଁ । ]

ମାତ୍ରକ—ଦେ. ବିଣ ( ସଂ. ବର୍ତ୍ତ୍ମାତ୍ର )—ତମାତ୍ରକ; ଅତି ସାମାନ୍ୟ—Mātraka Very insignificant. [ ଯଥା—ପିମ୍ପୁଡ଼ି ମାତ୍ରକ ଜୀବର ମଧ୍ୟ ସ୍ୱତ୍ୱ ଅଛି । ] ଅ—ମାତ୍ର (ଦେଖ) Mātra (See)
मात्रक
किस तरह

ମାତ୍ରକେ—ଦେ. ଅ—(ଅନ୍ୟ ଶବ୍ଦ ସଙ୍ଗେ ବ୍ୟବହୃତ; ମନୁଷ୍ୟ ମାତ୍ରକେ; Mātrake ଭ୍ରମ ପ୍ରମାଦ କରନ୍ତି)—୧ । ଶ୍ରେଣୀର ସମସ୍ତ; ସକଳ- मात्रे; मात्रेई केसात 1. All of class. ୨ । ଯେଣି; ତତ୍କ୍ଷଣାତ୍; ପର ମୁହୂର୍ତ୍ତରେ-
ମାତ୍ରେ, ମାତ୍ରେକଇଁ (ହିଁ) }—ଅନ୍ୟରୂପ 2. Immediately after; instantly; in the next moment; no sooner than; as soon as. (ଯଥା—ଏ ପତ୍ର ପାଠ ମାତ୍ରକେ ବସିଲ୍ଲ ଠାରୁ ଉଠି ଅସିବ)—୩ । କେବଳ—3. Only. [ଯଥା—ମାତ୍ର ମାତ୍ରକେ ଶ୍ଳୋକ-ପାଳି । ଭୂପତି. ପ୍ରେମ ପଞ୍ଚାମୃତ ।]

ମାତ୍ରା—ସଂ. ବି.—(ମା ଧାତୁ+କର୍ମ. ତ୍ର+ସ୍ତ୍ରୀ. ଆ)—୧ । ପରିମାଣ—Mātrā 1. Quantity; measure. ୨ । ଅକ୍ଷରାବୟବ; ଅକ୍ଷରର ଅଂଶ; ଅସଲ ଅକ୍ଷର ସଙ୍ଗେ ଯେଉଁ ଅଂଶ ଯୋଗ କରାଯାଏ; ଅକ୍ଷରର ଫୁଟା—2. Minor signs added to a letter; strokes added to a letter. ୩ । ଏକ ବ୍ୟଞ୍ଜନବର୍ଣ୍ଣ ଅନ୍ୟ ବ୍ୟଞ୍ଜନ ବର୍ଣ୍ଣ ସଙ୍ଗେ ଯୁକ୍ତ ହେଲେ ଯେଉଁ ଯୁକ୍ତାକ୍ଷରଜ୍ଞାପକ ରୂପ ଧାରଣ କରେ; ଫଳା—3. The sign representing a consonant when added to another consonant to make a dipthong. [ ଉ—ତ ବର୍ଣ୍ଣର ମାତ୍ରା ୍ତ (କ୍ତ), ଥ ର ମାତ୍ରା, (କ୍ଥ), ନ ର ମାତ୍ରା ୍ନ (କ୍ନ), ମ ର ମାତ୍ରା ୍ମ (କ୍ମ), ବ ର ମାତ୍ରା ୍ୱ (କ୍ୱ), ଯ ର ମାତ୍ରା ୍ୟ (କ୍ୟ), ର ର ମାତ୍ରା ୍ର (କ୍ର), ର ର ମାତ୍ରା ର୍ (ର୍କ), ଲ ର ମାତ୍ରା ୍ଲ (କ୍ଲ) ।]

୪ । (ବ୍ୟାକରଣ) ହ୍ରସ୍ୱ ସ୍ୱରର ଉଚ୍ଚାରଣକାଳ—4. (grammar) The time taken to utter a short vowel; a prosodial or syllabic instant. [ଉ—ହ୍ରସ୍ୱ ସ୍ୱରର ଏକ ମାତ୍ରା ଓ ଦୀର୍ଘ ସ୍ୱରର ଦୁଇ ମାତ୍ରା ।] ୫ । (ସଙ୍ଗୀତ) ପ୍ରତ୍ୟେକ ସ୍ୱରର ଅବସ୍ଥାନକାଳ; ହସ୍ତର ଏକବାର ପତନ ଓ ଉତ୍ଥାନର କାଳ—5. (music) The time-measure in music; time taken to raise the hand and to let it down once; beat; duration of each tone. [ଉ—ଏହା ଦ୍ରୁତ ଓ ବିଳମ୍ବିତ ଭେଦରେ ଦୁଇ ପ୍ରକାର ।] ୬ । ଥରେ ଔଷଧ ସେବନ କରିବାର ପରିମାଣ; ଔଷଧର ଡୋଜ—6. Dose of a medicine prescribed; quantity of a medicine taken at a time. ୭ । ମୁହୂର୍ତ୍ତ; କ୍ଷଣ—7. Moment. ୮ । ଅଂଶ—8. Portion. ୯ । କର୍ଣ୍ଣାଳଙ୍କାର; କର୍ଣ୍ଣଭୂଷଣ—9. An ornament for the ear; an earring. ୧୦ । ଇନ୍ଦ୍ରିୟ—10. Organ of sense or action. ୧୧ । ସନ୍ନ୍ୟାସୀଙ୍କର ପରିଚ୍ଛଦ—11. Dress of an ascetic. ୧୨ । ଅବିଚ୍ଛେଦ—12. Continuity. ୧୩ । ଅବିଚ୍ଛେଦ ଇନ୍ଦ୍ରିୟବୃତ୍ତି—13. Uninterrupted sensual enjoyment. ୧୪ । ଧନ; ସମ୍ପତ୍ତି—14. Property; wealth. [ଉ—ଏହି ଶବ୍ଦ ଅନ୍ୟ ଶବ୍ଦ ଶେଷରେ ଯୁକ୍ତ ହୋଇ ସମାସ ହେଲେ 'ମାତ୍ର' ଆକାର ଧାରଣ କରେ । ଯଥା—ଅଙ୍ଗମାତ୍ର, ଅଳ୍ପମାତ୍ର ।] ୧୫ । ପରିମାଣ ବା ମାପର ଉଦାହରଣମାନ; କଟକଣା ବା ନିର୍ଦ୍ଧାରିତମାନର ପାତ୍ର—15. A standard of measure; standard rule (Apte). ୧୬ । ଯଥାର୍ଥ ମାପ—16. The correct measure (Apte). ୧୭ । କଣିକା; କ୍ଷୁଦ୍ରାଂଶ—17. Particle; a little quantity (Apte). ୧୮ । ଅଂଶ—18 Part; portion (Apte). ୧୯ । ମହାଭୂତ—19. An elenent (Apte). ୨୦ । ଜଡ଼ ଜଗତ୍—20. Matter; the material world (Apte). ୨୧ । ଇନ୍ଦ୍ରିୟ ବୃତ୍ତି—21. Function of the organs (Apte). ୨୨ । ଅଳଙ୍କାର—22. Ornament; jewel (Apte). ୨୩ । ଦେବନାଗର ଅକ୍ଷରର ଊର୍ଦ୍ଧ୍ୱାଂଶ—23. The upper part of the Debanāgara characters (Apte.)
ଦେ. ବି.—(ଏହା ଅକ୍ଷରର ମାତ୍ରା ପରି ଅଳ୍ପ ଲତାର ଗୁଳି ଥିବାରୁ—ଅନୁବାଦତ୍ୱ; ଦେଶୀ ଆଳୁର ଲତାର ଗଣ୍ଠିରେ ଗୋଲ ସାରୁ ପରି ଯେଉଁ କ୍ଷୁଦ୍ର କ୍ଷୁଦ୍ର ଗୋଲ କନ୍ଦ ଫଳେ—Small balls shooting out from the joints of the yam-creeper, [ ଉ—ଫଳତା

ଏଗୁଡ଼ିକ ଅଳ୍ପ ଲତାର ବାଯୁଗସ୍ଥ ଚେର ବା ଓହଳ। ଏଗୁଡ଼ିକ ଭୂମିରେ ପୋତିଲେ ବା ଭୂମିରେ ଲାଗି ଗଲେ ଅଳ୍ପ ପରି ଭୂମି ଉପରକୁ ଗଜ ପତ୍ର ବଢ଼ି ଯାଏ । ଗୋବର ଗୋଡ଼ରେ ବେଳେ ବେଳେ ଯେଉଁ ଅଙ୍କୁରଗୁଡ଼ିକ ବାହାରେ ସେଗୁଡ଼ିକ ଦେଖିବାକୁ ଅଳ୍ପ 'ମାତର' ପରି ଥିବାରୁ ଲୋକେ କହନ୍ତି 'ଗୋବର ଗୋଡ଼ରେ ଅଳ୍ପମାତର' । ]

ମାତ୍ରାଗତ—ଦେ. ଵଣ ( ୨ୟା ତତ୍ )—ମାତ୍ରା ସମ୍ବନ୍ଧୀୟ; ପରିମାଣ ସମ୍ବନ୍ଧୀୟ—Relating to quantity; quantitative.
Mātrāgata
[ମାତ୍ରାଘଟିତ—ଅନ୍ୟରୂପ]

ମାତ୍ରାଛନ୍ଦଃ—ସଂ. ବି—ପଦ୍ୟରେ ସ୍ୱରର ଉଚ୍ଚାରଣକାଳପରିମିତ ଛନ୍ଦଃ; ଗୁରୁଲଘୁ ମାତ୍ରା ଅନୁସାରେ ରଚିତ ପଦ୍ୟ—Poetical metre modulated according to the long and short measures of the letters or syllables comprising it.
Mātrāchchhandaḥ
[ମାତ୍ରାବୃତ୍ତ—ଅନ୍ୟରୂପ]

ମାତ୍ରାଦୋଷ—ଦେ. ବି—୧ । ବ୍ୟକ୍ତିବିଶେଷଙ୍କର ଇନ୍ଦ୍ରିୟ ସୁଖଭୋଗଜନିତ ବ୍ୟସନ—1. Personal defects of a person consisting of sensual enjoyment. ୨ । ମଦ୍ୟପାନରୂପ ଦୋଷ—2. Defect of drunkenness in a person. ୩ । ମୁଦ୍ରାଦୋଷ; କଥା କହିବା ସମୟରେ ହାତ ହଲାଇବା, କିମ୍ବା କୌଣସି ଶବ୍ଦକୁ ବୋଲି ବ୍ୟବହାର କରିବା ରୂପ ଦୁରଭ୍ୟାସ—3. A bad personal habit with some people while talking, of using redundant expressions.
Mātrādosha
मात्रादोष
मुद्रादोष

ମାତ୍ରାଧିକ୍ୟ—ସଂ. ବି ( ୬ଷ୍ଠୀ ତତ୍ )—୧ । ପରିମାଣର ଅଧିକ୍ୟ—1. Excess of quantity. ୨ । ଔଷଧର ନିୟମିତ ପରିମାଣରୁ ଅଧିକ୍ୟ—2. Overdose.
Mātrādhikya

ମାତ୍ରାପାନ—ସଂ. ବି—ପରିମିତ ପାନ; ଅଳ୍ପ ଅଳ୍ପ ପରିମାଣରେ ପିଇବା—Drinking in small doses; dram-drinking.
Mātrāpāna

ମାତ୍ରା ବସ୍ତି—ସଂ. ବି—ଗୁହ୍ୟ ଦ୍ୱାର ବାଟେ ମଳ କୁଣ୍ଡରେ ଦିଆଯିବା ପିଚକାରୀ—An oily clyster (Apte); washing the intestines with oil.
Mātrā basti

ମାତ୍ରା ଭସ୍ତ୍ରା—ସଂ. ବି—ଟଙ୍କାର ଥଳି—A money bag (Apte).
Mātrā bhastrā

ମାତ୍ରାସଙ୍ଗ—ସଂ. ବି (୬ଷ୍ଠୀ ତତ୍ )—ସାଂସାରିକ ସମ୍ପତ୍ତି ପାଇଁ ମମତା (ମନୁ ୬।୭୬)—Attachment to or regard for household possessions or property (Apte).
Mātrāsanga

ମାତ୍ରା ସମକ ଛନ୍ଦଃ—ସଂ. ବି—ଗୁରୁ ଲଘୁ ମାତ୍ରାଯୁକ୍ତ ଛନ୍ଦୋବିଶେଷ—A particular musical tune consisting of long and short syllables. [ଟି—ଏହି ଛନ୍ଦର ୪ ଗୋଟି ପାଦ; ପ୍ରତି ପାଦରେ ୧୬ଟି ବର୍ଣ୍ଣ ଥାଏ । ପ୍ରତି ପାଦର ଶେଷରେ ଗୋଟିଏ ଗୁରୁ ବର୍ଣ୍ଣ ଥାଏ ଏବଂ ନବମ ଲଘୁ ବର୍ଣ୍ଣ ହୁଏ । ଏହି ଛନ୍ଦର ଅନେକ ପ୍ରକାର ଅଛି । ଯଥା—ବାନବାସିକା (୯ମ ଓ ୧୨ଶ ଲଘୁ ଓ ୧୫ଶ ଓ ୧୬ଶ ଗୁରୁ); ଚିତ୍ରା (୫ମ, ୮ମ ଓ ୯ମ ଲଘୁ ଓ ୧୫ଶ ଓ ୧୬ଶ ଗୁରୁ), ଉପଚିତ୍ରା (୫ମ, ୮ମ ଲଘୁ ଓ ୯ମ, ୧୦ମ, ୧୫ଶ, ୧୬ଶ ଗୁରୁ); ବିଶ୍ଲୋକ (୫ମ, ୮ମ ଓ ୧୨ଶ ଲଘୁ ଓ ୧୫ ଓ ୧୬ଶ ଗୁରୁ) ପାଦାକୁଳକ (ପ୍ରତି ପାଦରେ ୧୬ଟି ବର୍ଣ୍ଣ ଛଡ଼ା ଏଥିର ବର୍ଣ୍ଣ ବିନ୍ୟାସରେ ଅନ୍ୟ ନିୟମ ନାହିଁ । ଉକ୍ତସ୍ୱଗୁର୍ଯ୍ୟଙ୍କ ରଚିତ ମୋହ ମୁଦ୍ଗରର ମାତ୍ରା ସମକଛନ୍ଦ ଅଟେ—Apte]
Mātrā samaka chhandaḥ

ମାତ୍ରା ସ୍ପର୍ଶ—ସଂ. ବି—୧ । ରୂପରସାଦି ବାହାରର ବିଷୟ ସଙ୍ଗେ ଇନ୍ଦ୍ରିୟର ଯୋଗ—1. The contact of the sense organs with external objects; sense perception of external objects. ୨ । ଜଡ଼ଭୂତ ସଙ୍ଗେ ସମ୍ପର୍କ—2. Contact with the material elements (Apte).
Mātrāsparśa

ମାତ୍ସର (ଇତ୍ୟାଦି)—ସଂ. ଵଣ. ପୁଂ—ମାତ୍‌ସର ଇତ୍ୟାଦି ( ଦେଖ )
Mātsara (etc) Māt-sara etc. ( See )

ମାତ୍ସି(ତ୍ସ୍ୟି)କ—ସଂ. ବି. ପୁଂ—ମାତ୍‌ସି(ସ୍ୟି)କ ( ଦେଖ )
Mātsi(tsyi)ka Māt-si(syi)ka ( See )

ମାଥ—ସଂ. ବି. (ମଥ୍ ଧାତୁ—ମନ୍ଥନ କରିବା; ବଧ କରିବା+ଭାବ.ଅ)—୧ । ମନ୍ଥନ; ବିଲୋଡ଼ନ—1. Churning; stirring. ୨ । ବଧ—2. Slaughter. ୩ । ବ୍ୟଥା—3. Agony. ୪ । (+କର୍ମ. ଅ) ପଥ; ମାର୍ଗ—4. Road; path. ଦେ. ବି. (ସଂ. ମସ୍ତ)—ମସ୍ତକ; ମୁଣ୍ଡ; ମଥା—Head. [ଉ—ସେହି ଗାଣ୍ଡିବ ସେହି ପାର୍ଥ, ସେହି ଗାଣ୍ଡିବ ଏବେ ମାଥ !—ଜଗ; ଉପର୍ଯ୍ୟୁକ୍ତ ଛଗର ଅର୍ଥ ଏହି ଯେ ପୂର୍ବେ ପାର୍ଥ ଅର୍ଥାତ୍ ଅର୍ଜୁନ ଯେଉଁ ଗାଣ୍ଡିବ ଧନୁକୁ ଅନାୟାସରେ ଉଠାଇ ପାରୁଥିଲେ ଏବେ ତାଙ୍କଠାରୁ ବସ୍ତୁଶକ୍ତି ଅନ୍ତର୍ହିତ ହେବାରୁ ଅର୍ଜୁନ ସେହି ଗାଣ୍ଡିବକୁ ବହୁ କଷ୍ଟରେ ମୁଣ୍ଡରେ ବୋହି କରି ନେଉଅଛନ୍ତି ।]
Mātha
माथा माथ

ମାଥୁର—ସଂ. ଵଣ ( ମଥୁରା+ଅ )—୧ । ମଥୁରା ସମ୍ବନ୍ଧୀୟ—1. Relating to Muthurā (name of a town). ୨ । ମଥୁରାବାସୀ—2. Residing in Mathurā. ୩ । ମଥୁରାରେ ଜାତ—3. Produced in Mathurā.
Māthura
(ମାଥୁରା—ସ୍ତ୍ରୀ)

ମାଥୁରୀ—ଦେ. ବି. (ସଂ. ମାଥୁରୀ ଭାଷା)—ବ୍ରଜ ଭାଷା ( ଦେଖ )
Māthurī Braja bhāshā ( See )
ସଂ. ଵଣ. ସ୍ତ୍ରୀ (ମାଥୁର+ଈ)—ମାଥୁରର ସ୍ତ୍ରୀ ଲିଙ୍ଗ—Feminine of Māthura.

ମାଥେ ଘେନିବା—ଦେ. କ୍ରି—(ଅଦେଶ) ପାଳନ କରିବା; ଶିରୋଧାର୍ଯ୍ୟ କରିବା—To carry out; to obey
Māthe ghenibā

মাথায় ধরা (বা তোলা) (an order or behest)·
**मत्था चढना, माथे लेना** (ଉ—ଯେ ବସ୍ତୁ ଅଜ୍ଞା ଯେଉଁ ମାଥେ, ବ୍ରହ୍ମାଣ୍ଡ ସୃଜନ୍ତି ଯେମନ୍ତେ । ଜଗନ୍ନାଥ. ଭାଗବତ ।)

ମାଦ୍(ଦୁ)କୁରୀ—ଦେ. ବି. (ସଂ. ମାଧୁକରୀ)—ମାଧୁକରୀ ( ଦେଖ )
Mād-(du)kuri Mādhukari ( See )
মাধুকরী **माधुकरी**

ମାଦ—ସଂ. ବି (ମଦ ଧାତୁ=ମତ୍ତହେବା+ଭାବ. ଅ)—୧ । ମତ୍ତତା—
Māda 1. Madness. ୨ । ଅହଙ୍କାର—2. Pride.
୩ । ହର୍ଷ; ଅହ୍ଲାଦ—3. Joy; delight.

ମାଦକ—ସଂ. ବିଣ (ମଦ ଧାତୁ ଣିଚ ମାଦ ଧାତୁ+ଅକ)—୧ । ମତ୍ତତା
Mādaka ଜନକ; ଯାହା ନିଶା କରାଏ—1. Intoxicating.
(ମାଦକା—ସ୍ତ୍ରୀ) ୨ । ଯାହା ଉନ୍ମତ୍ତତା ଜନ୍ମାଏ—2. Madening.
୩ । ଯାହା ହର୍ଷ ବା ଆନନ୍ଦ ଜନ୍ମାଏ—3. Gladdening.
ବି.—୧ । ନିଶା ଉତ୍ପାଦକ ଦ୍ରବ୍ୟ—1. Intoxicant; an intoxicating drug. ୨ । ଡାହୁକ ପକ୍ଷୀ—2. A gallinule (Apte). ଦେ. ବି—୧ । ମାଦୁ ନିଶା; ମତ୍ତତା—1. Intoxication. ୨ । ମଜା; ମଉଜ—2. Pleasure; amusement; cheer; good cheer.

ମାଦକ ଉଠିବା—ଦେ. କ୍ରି.—୧ । ଉପର୍ଯ୍ୟୁପରି ମାଦକସେବନଦ୍ୱାରା
Mādaka uṭhibā ଘୋର ନିଶା ଜନ୍ମିବା—1. Deepen-
(ମାଦକ ଜମିବା—ଅନ୍ୟରୂପ) ing of intoxication on
নেশা উঠা account of repeated doses of intoxi-
**मस्तीउठना** cants being taken. ୨ ।
ମାଲୁ ବା ମଉଜ ସମାହୃତ ହୋଇଆସିବା—2. The rising of good cheer.

ମାଦକତା—ସଂ. ବି ( ସଂ. ମାଦକ+ଭାବାର୍ଥେ. ତା )—୧ । ନିଶା—
Mādakatā 1. Intoxication. ୨ । ନିଶା ଜନ୍ମାଇବାର କ୍ଷମତା—2. The power or property of producing intoxication.

ମାଦକ ଦ୍ରବ୍ୟ—ସଂ. ବି (କର୍ମଧା)—ଯେଉଁ ଦ୍ରବ୍ୟ ସେବନ କଲେ ନିଶା
Mādaka drabya ହୁଏ—Intoxicating drug.

ମାଦକ ସେବନ—ସଂ. ବି (ଷଷ୍ଠୀ ତତ୍)—ନିଶା ଖାଇବା—
Mādaka sebana The taking of intoxicants.
(ମାଦକ ସେବା—ଅନ୍ୟରୂପ)

ମାଦକସେବୀ—ସଂ. ବିଣ. ପୁଂ—ନିଶାଖୋର୍—
Mādakasebi Habituated to taking intoxicants.
(ମାଦକସେବନୀ—ସ୍ତ୍ରୀ)

ମାଦକୀ—ସଂ. ବିଣ. ପୁଂ—ମାଦକସେବୀ; ନିଶାଖୋର୍; ମାତାଲ—
Mādaki Habituated to taking intoxicants.
(ମାଦକିନୀ—ସ୍ତ୍ରୀ) [ଉ—ବଞ୍ଚାନ କୋହେ ମାଦକୀ ଚେତା ଅଛୁତ । ଲକ୍ଷ୍ମୀ. ବୈଦେହୀଶବିଳାସ ।]

ମାଦନ—ସଂ. ବିଣ. ପୁଂ (ସଂ. ମଦ. ଧାତୁ. ଣିଚ୍=ମାଦ. ଧାତୁ+କର୍ତ୍ତୃ.
Mādana ଅନ)—ମତ୍ତତା ଉତ୍ପାଦକ—Intoxicating. ସଂ.
(ମାଦନୀ—ସ୍ତ୍ରୀ)) ପୁଂବି—୧ । କାମଦେବ—1. Cupid. ୨ । ଧାତୁରା—2. The thorn apple (Apte). ୩ । ଲବଙ୍ଗ—3. Cloves (Apte). ୪ । ( +ଭାବ. ଅନ ) ହର୍ଷ—4. Exhilaration (Apte). ୫ । ନିଶା—5. Intoxication (Apte).

ମାଦନୀୟ—ସଂ. ବି (ମଦ. ଧାତୁ· ଣିଚ୍=ମାଦ. ଧାତୁ+କର୍ମ .ଅନୀୟ)—
Mādaniya ୧ । ନିଶା ଉତ୍ପାଦକ ପାନୀୟ—1. An intoxicating drink (Apte). ୨ । ଭାଙ୍ଗପାଣି; ସିଦ୍ଧି—2. An intoxicating drink made with the leaves of Cannabis Indica.

ମାଦ(ଦୁ)ର ଚ୍ଚୋ( ଚୁ )ତ୍,ଦ୍(ଦା)—ବୈଦେ. ବିଣ. ପୁଂ (ଗାଳି; ଫା.
Māda(du)r cho(chu)t(d.dā) ମାଦର୍‌ଚ୍ଚୋଦ୍; ତୁଳନା ଇଂ.
মাদরচুদ; মাতৃচোদ মଦର୍, ଲାଟିନ୍ ମେଟର, ସଂ. ମାତୃ=ମାତା)-
**मादरचोद** ମାତୃଗାମୀ; ମାତୃହରଣକାରୀ—(a term of vile abuse) Committing incest with one's own mother.

ମାଦଳ—ଦେ. ବି (ସଂ ମର୍ଦ୍ଦଳ)—୧ । ପଖାଉଜ; କାଠର ଦୁଇ
Mādala ମୁହଁରେ ଚମଡ଼ା ଛାଉଣି ଏକହାତ ବା ଦେଢ଼ହାତ ଲମ୍ବ
মাদল বାଦ୍ୟ—1. A small woooden drum. [ ଦ୍ର—
**मानर,मांदर** ଏହା ମୃଦଙ୍ଗଠାରୁ ଆକାରରେ ଛୋଟ ଓ ସରୁର
গণ্ডি; মাদলা ଗଣ୍ଡିପରି ସମତୁଲ । ଏହା ଦୁଇ ହାତର ବଜଚଳଦ୍ୱାରା
**घड** ବଜାଯାଏ । ମୃଦଙ୍ଗ ମାଟିରେ ତିଆରି, ଏହା କାଠରେ ତିଆରି । ] ୨ । କୌଣସି ଜୀବର ମୁଣ୍ଡ ଓ ହାତ ଗୋଡ଼ ବିଣା ହୋଇଥିବା ଶରୀରାଂଶ—2. The headless and limbless trunk of an animal. [ ଦ୍ର—ଏହି ଶବ୍ଦ ଅନ୍ୟ ଶବ୍ଦ ପରେ ମଧ୍ୟ ଯୁକ୍ତ ହୁଏ ଯଥା—ଗଣ୍ଡ ମାଦଳ; ଘେଣ୍ଟେଇ ମାଦଳ । ]

ମାଦଳା—ଦେ. ବି—ଶ୍ରୀ ଜଗନ୍ନାଥ ମହାପ୍ରଭୁଙ୍କ ମନ୍ଦିରରେ ରକ୍ଷିତ ତାଳପତ୍ର
Mādalā ପଞ୍ଜିକା—Palm-leaf archives maintained in the temple of Jagannāth at Puri.[ଦ୍ର—ଏଥିରେ ଜଗନ୍ନାଥ ମନ୍ଦିରର ଇତିହାସ, ପୁରୀ ରାଜବଂଶର ଇତିହାସ, ଜଗନ୍ନାଥଙ୍କର ପୂଜା ଓ ପର୍ବବିଧି ଆଦିର ବିବରଣ ପ୍ରାଚୀନକାଳରୁ ଲିପିବଦ୍ଧ ହୋଇ ଆସୁଅଛି । ଏଥିରେ ଲେଖାଥିବା ଅନେକ ବିଷୟ କାଳ୍ପନିକ ଥିବାର ଦେଖାଯାଏ ।

ଏହାର ଅକ୍ଷତ ତାଳପତ୍ର ପାଞ୍ଜିମାନଙ୍କ ଦ୍ୱାରା ବନ୍ଧା ମର୍ଦ୍ଦଳପରି ଥିବାରୁ ଏହାର ଏପରି ନାମ ହୋଇଅଛି—ଜଗବନ୍ଧୁ. ପ୍ରାଚୀନ ଉତ୍କଳ ।]

ମାଦ(ଦେ)ଲୀ—ଦେ. ବି—୧ । ମାଦଳିଆ (ଦେଖ)—1. Mādaliā
Māda(de)li (See) ୨ । କେଉଟ ଜାତିର ବଂଶୋପାଧି—2.The family title of fisherman. [ ଦ୍ର—ପୁରୀ ଜିଲ୍ଲାର ସାକ୍ଷୀଗୋପାଳରେ ଏହି ଉପାଧିଧାରୀ କେତେକ ଘରବାର ଅଛନ୍ତି । ] ୩ । ମାଦୁଳି ( ଦେଖ )—Māduli ( See )

ମାଦ(ଦେ)ଲିଆ—ଦେ. ବ—୧ । ଯେ ମର୍ଦ୍ଦଳ ବଜାଏ—1. One Māda(de)lia who plays on the 'Mādala'. ୨ । ଯେ মাদল বজায়; মাদলওয়ালা ନର୍ତ୍ତକୀ ବେଶ୍ୟା ସଙ୍ଗେ ଯେ ମାଦଳ मृदंगीया ବଜାଏ; ବାଣ୍ଡର ବଜୁଆ—2. A player of drum with a dancing girl. [ ଯୁ—ବାଣ୍ଡର ମାଦେଳିଆ ସାଙ୍ଗୀ ; ଠଗ ।] ୩ । ବଜୁଆ ଜାତିର ବଂଶୋପାଧି—3. Family title of a caste of professional musicians in the party of dancing girls.

ମାଦା(ଧା)—ଦେ. ବଣ—(ସଂ. ମନ୍ଦ)—୧ । ଅଳସୁଆ—1. Lazy. Mādā (dhā) ୨ । ଜଡ଼ବୁଦ୍ଧି—2. Dull-headed; dunce मादा मंदा(द) ୩ । ଯେ ସମସ୍ତ କାର୍ଯ୍ୟ ଧୀରେ ଧୀରେ କରେ—3. Slow.

ମାଦନୀ—ସଂ. ବ—(ମଦ୍ ଧାତୁ ଣିଚ୍=ମାଦ ଧାତୁ+କର୍ତ୍ତୃ. ଅନ+ସ୍ତ୍ରୀ.ଈ) Madini ୧ । ଭଙ୍ଗ; ସିଦ୍ଧି; ପତ୍ର (ଦ୍ରବ୍ୟଗୁଣ)—1. The leaves of Cannabis Indica. ୨ । ମାଦନୀୟ (ଦେଖ)—2. Mādaniya (See)

ମାଦୀ—ବୈଦେ. ବଣ. ସ୍ତ୍ରୀ—(ଫା. ମାଦା)—ମାଈ; ସ୍ତ୍ରୀ ଜାତୀୟ (ଜୀବ)—Mādi Female (animal). ( ଯଥା—ମାଦୀ ପାସ=ମାଈ मादी मादी,मदा ପାସ; ନର ପାସ=ଅଣ୍ଡିରି ପାସ ।] ବି.—(ମର୍ଦ୍ଦ—ପୁଂ) ୧ । ମାଈ ଜୀବ—1. A female animal. ୨ । (ନର—ବିପରୀତ ଲିଙ୍ଗବାଚକ) (ପୁଂ) ସ୍ତ୍ରୀସ୍ୱଭାବଯୁକ୍ତ ବା ଭୀରୁ ପୁରୁଷ—2. A coward.

ମାଦୁ—ଦେ. ବ—୧ । ଶୋଥ ବ୍ରଣ; ବ୍ରଣ ଶୋଥ—1. An abscess. Mādu फोड़ा फोड़ा ୨ । ବାଳମୁଣ୍ଡଆ; ବଥ—2. A boil.

ମାଦୁ(ଦି)ଆନ୍ (ଣୀ)—ବୈଦେ. ବ—(ଫା. ମାଦିଆନ)—ମାଈ ଘୋଡ଼ା, Mādu(di)ān(ni) (ମାଦାନ୍—ଅନ୍ୟରୂପ) ଘୋଡ଼ୀ—A mare. मादियान, मादोयान घोड़ी

ମାଦୁର—ଦେ. ବ.—(ସଂ. ମନ୍ଦୁରା)—୧ । ମୁନ୍ଦୁରା—1. Mat. ୨ । Mādura मादुर चटिया ଘୋଡ଼ାଶାଳ—2. Stable.

ମାଦୁଲ୍—ବୈଦେ. ବ.—(ଫା )—ବରଖାସ୍ତ; କାର୍ଯ୍ୟ ରହିତ୍ୟ—Mādul बरखास्त बरखास्त Dismissal from service ବଣ—ବରଖାସ୍ତ ହୋଇଥିବା—Dismissed from service.

ମାଦୁଲ କରିବା—ଦେ. କ୍ରି—କୌଣସି ବ୍ୟକ୍ତିକୁ କର୍ମଚ୍ୟୁତ କରିବା—Mādul kariba To dismiss a person from service. बरखास्त करा बरखास्त करना

ମାଦୁଲ୍ ହେବା—ଦେ. କ୍ରି—କର୍ମଚ୍ୟୁତ ହେବା; କାର୍ଯ୍ୟରୁ ରହିତ ହେବା-Mādul heba To be dismissed from service. बरखास्त हओया बरखास्त होना

ମାଦୁଳି(ଲି)—ଦେ. ବ.—(ସଂ. ମର୍ଦ୍ଦଳ; ଏହା ମର୍ଦ୍ଦଳାକୃତି ଥିବାରୁ) Māduli(li) ତେଣ୍ଡୁଳିଆ—A charm or amulet of मादुली यंत्र metal (shaped like two faced drum) tied with a string and worn on the neck or arms.

ମାଦୃକ୍(କ୍ଷ, ଶ)—ସଂ. ବଣ. ପୁଂ—(ଅସ୍ମଦ୍‌ର ମଦ୍+ଦୃଶ୍ ଧାତୁ+କର୍ତ୍ତୃ. Mādṛuk (ksha, śa) କ୍ୱିପ୍; ମାଦୃଶୀ ସ୍ତ୍ରୀ. ୧ବ; ମଦ୍+ଦୃଶ୍ [ମାଦୃକ୍ଷା, ମାଦୃଶୀ, ମାଦୃଶୀ—ସ୍ତ୍ରୀ) ଧାତୁ+କର୍ତ୍ତୃ. ସ; ମଦ୍+ଦୃଶ୍ ଧାତୁ+କର୍ତ୍ତୃ. ଅ; ମୋ ପରି ଦେଖା ଯାଉଥିବା)—ମତ୍-ସଦୃଶ; ମୋ ଭଳିଆ—Like me; like myself, resembling me.

ମାଦ୍ରବତୀ—ସଂ. ବ. ସ୍ତ୍ରୀ—୧ । ରାଜା ପରୀକ୍ଷିତଙ୍କ ସ୍ତ୍ରୀ (ହୁ ଷ.)—Mādrabati 1. Name of the queen of Rājā Parikhita. ୨ । ମାଦ୍ରୀ; ପାଣ୍ଡୁଙ୍କର ଦ୍ୱିତୀୟା ସ୍ତ୍ରୀ—2. The second wife of king Pāndu.

ମାଦ୍ରାଜ୍(ସ)—ଦେ. ବ—ମାନ୍ଦ୍ରାଜ୍ (ଦେଖ) Mādrāj(s) Māndrāj (See).

ମାଦ୍ରାସା—ବୈଦେ. ବ—(ଅ. ମଦାରସ; ଫା. ମଦ୍ରସା)—ମୁସଲମାନଙ୍କ Mādrāsā ଉଚ୍ଚଶିକ୍ଷାର୍ଥ ବିଦ୍ୟାଳୟ; ପାରସୀ ଓ ଆରବୀ ଭାଷାର माद्रासा मदरसा ଉଚ୍ଚ ପାଠଶାଳା—A school for secondary education in Arabic or Persian. [ଦ୍ର—ପ୍ରାଥମିକ ଆରବୀ ବା ପାରସୀ ଶିକ୍ଷାର ପାଠଶାଳାକୁ ମକ୍ତବ୍ କହନ୍ତି ।]

ମାଦ୍ରୀ—ସଂ. ବ. ସ୍ତ୍ରୀ—୧ । ( ମଦ୍ର=ମଦ୍ରଦେଶର ରାଜା+ଅପତ୍ୟାର୍ଥେ Mādri ଅ+ସ୍ତ୍ରୀ. ଈ )—ପାଣ୍ଡୁଙ୍କର ଦ୍ୱିତୀୟା ସ୍ତ୍ରୀ; ନକୁଳ-ସହଦେବଙ୍କ ମାତା—1. Name of the 2nd wife of king Pāndu. [ ଦ୍ର—ଅଶ୍ୱିନୀକୁମାରଦ୍ୱୟଙ୍କ ଔରସରେ ଏହାଙ୍କ ଗର୍ଭରୁ ନକୁଳ ଓ ସହଦେବ ଜନ୍ମଗ୍ରହଣ କରିଥିଲେ । ପାଣ୍ଡୁ ରାଜା ଏହାଙ୍କ ସ୍ପର୍ଶବାସ କରିବା ସମୟରେ ଅଗ୍ନି ବା କର୍ମିନ୍ଦମ ଋଷିଙ୍କ ଅଭିଶାପରୁ ପାଣ୍ଡୁଙ୍କଠାରେ ଘୋଟିଏ 'ଅକାଳ କାଣ୍ଡ' ବାଜିବାରୁ ପାଣ୍ଡୁ ପ୍ରାଣତ୍ୟାଗ କଲେ । ପାଣ୍ଡୁ ରାଜାଙ୍କ ମୃତ୍ୟୁହେବାରୁ ମାଦ୍ରୀ ପୁତ୍ରଦ୍ୱୟଙ୍କୁ ସପତ୍ନୀ କୁନ୍ତୀଙ୍କ ହସ୍ତରେ ଅର୍ପଣ କରି ସ୍ୱାମୀଙ୍କ ଚିତାନଳରେ ଦେହତ୍ୟାଗ କଲେ । ଅକାଳକାଣ୍ଡ ଭଳେ ଟୀକା ଦେଖ । ] ୨ । ଅତିବିଷା; ମହୁରା ( ହୁ. ଷ )—2. Aconite.

ମାଦ୍ରେୟ—ସଂ. ବ. ପୁଂ ( ମାଦ୍ରୀ+ଅପତ୍ୟାର୍ଥେ. ଏୟ )—ମାଦ୍ରୀଙ୍କ ଗର୍ଭ-Mādreya ଜାତ ପାଣ୍ଡୁଙ୍କର ପୁତ୍ରଦ୍ୱୟ; ନକୁଳ ଓ ସହଦେବ—

ମାଦ୍ରୀସୁତ }
ମାଦ୍ରୀନନ୍ଦନ } ଅନ୍ୟରୂପ The 4th and 5th Pāndaba brothers.
ମାଦ୍ରସୁତ (ହୁ. ଷ) }

ମାଧବ—ସଂ. ବ—୧ । ( ଲକ୍ଷ୍ମୀ ପତି; ମା=ଲକ୍ଷ୍ମୀ+ଧବ=ସ୍ୱାମୀ )—Mādhaba ବିଷ୍ଣୁ; ଶ୍ରୀକୃଷ୍ଣ, ନାରାୟଣ—1. Bishnu; Nārāyana; Śrikrushna. ୨ । ( ମଧୁ=ବସନ୍ତ କାଳ+ଅ )—ବସନ୍ତକାଳ—2. The spring. ୩ । ବୈଶାଖ ମାସ—3. The month of Baisākha. ୪ । ( ମଧୁ=ମହୁ+ଅ ) ମଧୁକ ବୃକ୍ଷ; ମହୁଲ ଗଛ—4. The mahua tree. ୫ । କାମଦେବଙ୍କ ସହଚର ବସନ୍ତ—5. The spring personified; the boon companion of Cupid. ୬ । ଇନ୍ଦ୍ର—

6. Indra ( Apte ). ୭ । ଯାଦବଗଣ—7. Name of the Jādabas ( See ). ୮ । ମାଧବାଚାର୍ଯ୍ୟ ( ଦେଖ )—8. Mādhabāchārjya (See) ୯ । ୨୪ ଅକ୍ଷରର ବର୍ଣ୍ଣବୃତ୍ତ ବିଶେଷ ( ହ. ଶ )—9. Name of a metre. ୧୦ । ଭୈରବରାଗର ୮ ପୁତ୍ର ମଧ୍ୟରୁ ଏକ ( ହ. ଶ )—10. One of the secondary tunes of Hindu music. ୧୧ । ମଲ୍ଲାର, ବଙ୍ଗାଳ ଓ ନଟନାରାୟଣ ରାଗତ୍ରୟର ମିଶ୍ରିତ ରାଗିଣୀ ( ହ. ଶ )—11. Name of a mixed tune. ବଣ ( ମଧୁ+ଅ )—୧ । ମଧୁସମ୍ବନ୍ଧୀୟ—1. Relating to madhu. ୨ । ମଧୁ ପରି ମଧୁର—2. Sweet like honey. ୩ । ବସନ୍ତକାଳୀନ—3, Vernal. ଦେ. ବି. ପୁଂ—ଲୋକଙ୍କୁ ଦିଆଯିବା ନାମ—A name given to males.

ମାଧବୀ, ମାଧବିକା } ସ୍ତ୍ରୀ

(ମାଧବାନନ୍ଦ—ଅନ୍ୟନାମ)

**ମାଧବକ**—ସଂ. ବି ( ମାଧବ+କ )—ମହୂଲରୁ ପ୍ରସ୍ତୁତ ମଦ ( ହ. ଶ ) Mādhabaka —Wine made from Mahwa flowers.

**ମାଧବ କର**—ଦେ. ବି ( ନାମ )—'ମାଧବକର ନିଦାନ' ନାମକ Mādhaba kara ବୈଦ୍ୟଶାସ୍ତ୍ରର ପ୍ରଣେତା—The author of 'Mādhaba kara Nidāna', a treatise on Hindu medical science. [ ଦ୍ର—ଏ ୪୦୦ ବର୍ଷ ପୂର୍ବେ ଏହି ବୈଦ୍ୟଶାସ୍ତ୍ର ପ୍ରଣୟନ କରିଥିଲେ । ଜଗବନ୍ଧୁ. ପ୍ରାଚୀନ. ଉତ୍କଳ । ]

**ମାଧବ ଧାରା**—ଦେ. ବି ( ନାମ )—ବିଶାଖାପାଟଣା ଜିଲ୍ଲାର ଗୋଟିଏ Mādhaba dhārā ପ୍ରଧାନ ସ୍ଥାନ—Name of a famous place in the Vizag district. [ ଦ୍ର—ଏହା ବିଶାଖା ପାଟଣା ଜିଲ୍ଲାର ସୀମାଚଳ ପର୍ବତର ପୂର୍ବାଂଶରେ ଅବସ୍ଥିତ । ଏଠାରେ ଗୋଟିଏ ଛୋଟ ମହାଦେବ ମନ୍ଦିର ଅଛି ଏବଂ ସାତଗୋଟି ଝର ପ୍ରବାହିତ ହେଉଅଛି । ]

**ମାଧବ ବଲ୍ଲୀ**—ସଂ. ବି—ମାଧବୀ ଲତା—The creeper Mādhabi Mādhaba balli ( Apte ).

**ମାଧବ ରାଓ**—ଦେ. ବି ( ନାମ )—ରାଜା ସର୍ ଟାଞ୍ଜୋର୍ ମାଧବ ରାଓ—Mādhaba rāo Raja Sir, T. Mādhaba Rao, an eminent Marhatta Brāhmaṇa (1821—1891)

ମାଧ ରାଓ, ମାଧୋରାଓ } ଅନ୍ୟରୂପ

[ ଦ୍ର—ଏ ମହାରାଷ୍ଟ୍ରୀୟ ବ୍ରାହ୍ମଣ ବଂଶରେ ଜନ୍ମଗ୍ରହଣ କରିଥିଲେ । ଏ ଖ୍ରୀ ୧୮୨୮ ରେ ଜନ୍ମଗ୍ରହଣ କରି ୧୮୯୧ ରେ ପ୍ରାଣତ୍ୟାଗ କରିଥିଲେ । ଏ ଯଥାକ୍ରମେ ତ୍ରିବାଙ୍କୁଡ଼ ମହାରାଜାଙ୍କର ଶିକ୍ଷକ, ଦେୱାନ ଓ ଇନ୍ଦୋର ମହାରାଜାଙ୍କ ଦେୱାନ ଓ ବରୋଦା ରାଜାଙ୍କର ଦେୱାନ ହୋଇଥିଲେ ଓ ଇଂରାଜ ଗଭର୍ଣ୍ଣମେଣ୍ଟଙ୍କଠାରୁ ରାଜା ଓ ସର୍ ଉପାଧି ପାଇଥିଲେ ।]

**ମାଧବ ଶ୍ରୀ**—ସଂ. ବି—ପ୍ରକୃତିର ବସନ୍ତକାଳୀନ ସୌନ୍ଦର୍ଯ୍ୟ—Vernal Mādhaba śri beauty of nature (Apte).

**ମାଧବାଚାର୍ଯ୍ୟ**—ଦେ. ବି ( ନାମ )—ଖ୍ରୀଷ୍ଟୀୟ ୧୫ଶ ଶତାବ୍ଦୀର Mādhabāchārjya ମଧ୍ୟଭାଗର ବିଖ୍ୟାତ ପଣ୍ଡିତ, ସଂସ୍କୃତ ଗ୍ରନ୍ଥକାର ଏବଂ ବେଦର ଟୀକାକାର—A Sanscrit scholar, author, religious reformer, and minister of South India of the 15th century A. D. [ଦ୍ର—ଏ ବିଜୟନଗରର ରାଜାମାନଙ୍କର ପ୍ରଧାନ ମନ୍ତ୍ରୀ ଓ ସେନାପତି ଥିଲେ । ଏ ବହୁ ଚେଷ୍ଟା କରି ଭାରତର ଅନେକ ସ୍ଥାନରେ ବୈଦିକ ଧର୍ମର ପୁନଃ ପ୍ରତିଷ୍ଠା କରିଥିଲେ ଓ ଗୋଟିଏ ବୈଷ୍ଣବ ସମ୍ପ୍ରଦାୟ ପ୍ରତିଷ୍ଠା କରିଥିଲେ । ଏହାଙ୍କ ସମ୍ପ୍ରଦାୟ ପ୍ରଚଳିତ ବୈଷ୍ଣବ ଧର୍ମ ବର୍ତ୍ତମାନ ବଙ୍ଗ, ଉତ୍କଳ ଓ ଦାକ୍ଷିଣାତ୍ୟରେ ଚଳୁଅଛି । ଏହାଙ୍କ ପିତାଙ୍କ ନାମ ମାୟଣ; ଏ ଏହାଙ୍କ ଭାଇ ସାୟନାଚାର୍ଯ୍ୟଙ୍କ ସହିତ ଋଗ୍‌ବେଦର ପ୍ରସିଦ୍ଧ ଟୀକା ସଙ୍କଳନ କରିଥିଲେ (Apte).]

**ମାଧବାନନ୍ଦ ନ୍ୟାୟବାଚସ୍ପତି**—ଦେ. ବି ( ନାମ )—ଉତ୍କଳୀୟ Mādhabānanda nyāyabāchaspati ନୈୟାୟିକ ସ୍ୱର୍ଗୀୟ ପଣ୍ଡିତ—The name of a great logician of Utkal. [ଦ୍ର—ଏ କେନ୍ଦୁଝର ପଶିପୁର ଗ୍ରାମବାସୀ । ଏ ରାଜା ଧୂନଞ୍ଜୟ ଭଞ୍ଜଙ୍କ ସଭାପଣ୍ଡିତ ଥିଲେ; ବଗଳା ମନ୍ତ୍ରର ବଶିଷ୍ଠ ସାଧକ ଥିଲେ । ଏ ୫୦ ବର୍ଷ ଦେଶବିଦେଶରେ ବୁଲି ବହୁ ବିଦ୍ୟା ଲାଭ କରିଥିଲେ । ଏ ମୈଥିଳୀ, ବଙ୍ଗଳା, ମହାରାଷ୍ଟ୍ରୀ ଓ ହିନ୍ଦୀ ଭାଷାରେ ପଣ୍ଡିତ ଓ ବକ୍ତା ଥିଲେ । ଶ୍ରୀଯୁକ୍ତ କେଶବ ମିଶ୍ର ତାଙ୍କ ବୈତରଣୀ ପୁସ୍ତକରେ ଏହାଙ୍କ ବିଷୟ ବର୍ଣ୍ଣନା କରିଅଛନ୍ତି ।]

**ମାଧବିକା**—ସଂ. ବି. ସ୍ତ୍ରୀ ( ମଧୁ+ଅ=ମାଧବ+କ+ସ୍ତ୍ରୀ. ଆ )—Mādhabikā ମାଧବୀ ୧ ( ଦେଖ )—Mādhabi 1 (See)

**ମାଧବୀ**—ସଂ. ବି. ସ୍ତ୍ରୀ ( ମଧୁ+ଅ+ସ୍ତ୍ରୀ. ଈ )—୧ । ପ୍ରସିଦ୍ଧ ପୁଷ୍ପଲତା—Mādhabi 1. A flowering creeper; the spring creeper; Hiptage Madablata; Jasminum Arborescens; Clustered Hiptage; ( Kirtikar ). [ ଦ୍ର—ଏହାର ପତ୍ର ଗଣ୍ଡିରୁ ଦୁଇଟି ଲେଖାଏଁ ଡାଳ ବାହାରେ । ଏହାର ଫୁଲ ଧଳା ଓ ବଳଦଥ । ଫୁଲର ଗନ୍ଧ ଅତି ମୃଦୁ ମଧୁର । ଫୁଲର ତିନୋଟି ପକ୍ଷ ଥାଏ ।

ଅନ୍ୟ ସ. ନାମ—ବାସନ୍ତୀ, ଅତିମୁକ୍ତା, ବସୁକ୍ତା, ଚନ୍ଦ୍ରବଲ୍ଲୀ, ନବମଲ୍ଲିକା, କାମୁକ, ସୁଗନ୍ଧା, ପୁଣ୍ଡ୍ରକ, ମଣ୍ଡକ, ଭ୍ରମରୋତ୍ସବ

ମାଧବ লতা, বড় কুন্দ

হাদি, মধমালতি,

মুক্তা, বড কুন্দ, মাধবী

ମ. ମଧୁମାଲତି, ପୀତବେଲ

ତେ. ବାଦ୍‌ଲ୍ୟାମ୍ବାଲ, ପୋଲୁବାଦଲ, ମାଧବତୋଗେ,

ପୁଷ୍ପଲଗୁରବଳ

ଗୁ. ମାଧବୀଲତା, ରକ୍ତପିତ୍ତି

ଏହାର ମୂଳ, ତେଲ ଓ ପତ୍ର ଔଷଧରେ ଲାଗେ ( କାର୍ତ୍ତିକାର ), ବୈଦ୍ୟଶାସ୍ତ୍ର ମତରେ ଏହା ତିକ୍ତ ମଧୁର, କଷାୟ ରସ, ଲଘୁ, ଶୀତବୀର୍ଯ୍ୟ, ତ୍ରିଦୋଷନାଶକ,

ମଦଗନ୍ଧ, ଦାହ ଓ ବ୍ରଣନାଶକ—ଦ୍ରବ୍ୟଗୁଣ । ] ୨ । ତୁଳସୀ—2. The holy Basil plant. ୩ । ଦୁର୍ଗା—3. Durgā. ୪ । ଲକ୍ଷ୍ମୀ—4. Lakshmī. [ଦ୍ର—ମାଧବୀତ ଗୃହିଁ ମାଧବୀ ବୋଲନ୍ତେ ଏହି ମଧୁପୁର ଲୋକେ—ଉଞ୍ଜ. କୋଟବ୍ରହ୍ମାଣ୍ଡସୁନ୍ଦରୀ । ] ୫ । ମଧୁଜାତ ମଦ୍ୟ—5. Wine made from honey. ୬ । ମଧୁଶର୍କରା—6. Sugar made from honey. ୭ । ମହାବ୍ୟାଧି କୁଷ୍ଠରୋଗ—7. Leprosy. ୮ । ଓଡ଼ିବ ଜାତିର ରାଗିଣୀବିଶେଷ—8. Name of a musical air. ୯ । କୁଟ୍ଟଣୀ ( ହୁ. ଷ )—9. Aprocuress; bawd (Apte). ୧୦ । ମିଶ୍ରି—10. Candied sugar (Apte). ୧୧ । ଗୋଧନରେ ଧନବତ୍ତା—11. Affluencein cattle ( Apte ). ଦେ. ବି—ସ୍ତ୍ରୀମାନଙ୍କୁ ଦିଆଯିବା ନାମ—Name given to females.

ମାଧବୀ କୁଞ୍ଜ—ସ. ବି—ମାଧବୀ ଲତାଚ୍ଛାଦିତ କୁଞ୍ଜ—A grove travers-
Mādhabī kuñja ed by Mādhabī creeper.

ମାଧବୀ ଦେଈ—ଦେ. ବି. ସ୍ତ୍ରୀ ( ନାମ )—ଶ୍ରୀ ଚୈତନ୍ୟ ଦେବଙ୍କର
Mādhabī dei ପ୍ରଧାନ ଭକ୍ତ ସ୍ତ୍ରୀଜାତୀୟ କରଣ ସ୍ତ୍ରୀ—Name of a Karaṇa widow who was a devotee of Srī Chaitanya at Purī. [ ଦ୍ର—ଶ୍ରୀଚୈତନ୍ୟ ଦେବ ପୁରୀରେ ଥିବା ସମୟରେ ଏହାଙ୍କର ଭକ୍ତିଭାବ ମୁଗ୍ଧ ହୋଇଥିଲେ । ଏ ପ୍ରତାପରୁଦ୍ର ଦେବଙ୍କର ମନ୍ଦିର କର୍ମଚାରୀ ଶିଖୀ ମହାନ୍ତିଙ୍କର ଭଗିନୀ ଥିଲେ; ଶ୍ରୀ ଚୈତନ୍ୟ ସ୍ତ୍ରୀମାନଙ୍କ ପ୍ରତି ବିମୁଖ ଥିଲେ, ତଥାପି ଏହାଙ୍କର ପ୍ରଗାଢ଼ ଭକ୍ତିରେ ମୁଗ୍ଧ ହୋଇ ଏହାଙ୍କୁ ଭକ୍ତ-ରୂପେ ଗଣନା କରୁଥିଲେ ଓ ଭକ୍ତ ତାଲିକାରେ ଏହାଙ୍କ ଜଣେ ବୋଲି ଗଣୁଥିଲେ । ]

ମାଧବୀ ମଣ୍ଡପ—ସ. ବି—ମାଧବୀ ଲତାଚ୍ଛାଦିତ ମଣ୍ଡପ—A shade
Mādhabī maṇḍapa made of overhaning Mādhabī creeper. [ ଦ୍ର—ମାଧବୀ ମଣ୍ଡପେ ହନେ ଭ୍ରମର ବରଷେ—ଗୋବିନ୍ଦ. ଲଦ୍ଧରେଖା । ]

ମାଧବୀୟ—ସ. ବିଣ ( ମାଧବ+ଈୟ )—ମାଧବସମ୍ବନ୍ଧୀୟ—
Mādhabīya Relating to Mābhaba

ମାଧା—ଗ୍ରା. ବି. ପୁଂ. ( ଅନାଦରାର୍ଥକ )—ମାଧବର ଡାକ ନାମ—
Mādhā A name for calling Mādhaba. ଦେ. ବିଣ ( ମାଧୁଆ—ଅନ୍ୟରୂପ ) ପୁଂ. ( ସ. ମେଧାହୀନ; ମନ୍ଦ )—୧ ( ମାଧୁ—ଅଦରାର୍ଥକ ) ନିର୍ବୋଧ, ବୁଦ୍ଧିହୀନ, ନିର୍ବୁଦ୍ଧିଆ—
(ମାଧୀ, ମାଧେଇ—ସ୍ତ୍ରୀ) 1. Stupid; unintelligent. ୨ । ଅଳସୁଆ—2. Lazy; idle ୩ । ( ଫା. ମାଦା= ମାଈ ) ଭୀରୁ—3. Timid; coward.

ମାଧିଆ ଖଡ଼ା—ପ୍ରାଦେ. ( ଗଡ଼ଜାତ ) ବି—ଖଡ଼ାଜାତୀୟ ଏକପ୍ରକାର
Mādhiā kharḍā ବନ୍ୟଗୁଳ୍ମ—A species of wild plant. [ ଦ୍ର—ଏହା ଅମିଳା ଲାଗେ । ଲୋକେ ଏହାକୁ ଅମ୍ବିଳ କରି ଖାଆନ୍ତି । ]

ମାଧୁ—ଦେ. ବି ( ବଣିଆ ପଦ )—୧ । ଦସ୍ତା—1. Zinc. ୨ ।
Mādhu ( ଅଦରାର୍ଥକ ) ମାଧବ ନାମକ ବ୍ୟକ୍ତିର ଡାକ ନାମ—2. Name calling for Mādhaba.

ମାଧୁକର—ସ. ବି. (ମଧୁକର+ଅ)—ଭ୍ରମର ସମ୍ବନ୍ଧୀୟ—
Mādhukara Relating to the black bee.
(ମାଧୁକରୀ—ସ୍ତ୍ରୀ)

ମାଧୁକରୀ—ସ. ବି. (ମଧୁକର+ଅ+ଈ; ଅର୍ଥାତ୍ ମଧୁକର ଅନେକ
Mādhukarī ସ୍ଥାନରୁ ମଧୁ ସଂଗ୍ରହ କରିବା ପରି ଭିକ୍ଷା ବୃତ୍ତି)—୧ । ପଞ୍ଚଗୃହରୁ ପ୍ରାପ୍ତ ଭିକ୍ଷା—1. Alms obtained from 5 places (Apte). [ଦ୍ର—ବୈଷ୍ଣବ ଓ ଭକ୍ତ-ମାନେ ବୃନ୍ଦାବନ ତୀର୍ଥରେ ୫ ଜଣ ଗୃହସ୍ଥଙ୍କ ଘରକୁ ଯାଇ ସେଠାରୁ ଯାହା ଭିକ୍ଷା ପାଆନ୍ତି ତାହା ଭୋଜନ କରିବାର ବିଧି ଚୈତନ୍ୟ ଦେବଙ୍କ ଅମଳରୁ ଚଳି ଆସୁଅଛି ।] ୨ । ବହୁ ଗୃହରୁ ଭିକ୍ଷା କରି ଅନ୍ନ ସଂଗ୍ରହ କରିବା—2. Collecting alms by begging from door to door.

ମାଧୁକୀ—ସ. ବି. (ମଧୁକ+ଈ)—ମହୁଲ ଫୁଲର ମଦ; ମାଧ୍ୱୀକ—
Mādhukī The wine from Mahuā.

ମାଧୁପର୍କିକ—ସ. ବିଣ. (ମଧୁପର୍କ+ଇକ)—ସମ୍ମାନ ପ୍ରଦର୍ଶନ ପୂର୍ବକ
Mādhuparkika ଅତିଥିଙ୍କୁ ଅର୍ପିତ—Offered to a
(ମାଧୁପର୍କିକୀ—ସ୍ତ୍ରୀ) guest as a token of respect (Apte).

ମାଧୁର—ସ. ବିଣ. (ମଧୁର+ଅ)—ମଧୁ ରସଜାତ; ପୁଷ୍ପରସୋତ୍ପନ୍ନ—
Mādhura Produced from the honey of flowers. ସ. ବି (ମଧୁ=ପୁଷ୍ପ ରସ+ସ. ଧାତୁ=ଦାନ କରିବା+ କର୍ତ୍ତୃ.ଅ)—ମଲ୍ଲିକା ପୁଷ୍ପ—Jasmine flower. [ଦ୍ର—ମଲ୍ଲୀ ଫୁଲର ଭେଣ୍ଟର ତଳୁ ଖିଲ ବାହାର କରି ଶୋଷି ନେଲେ ଟିକିଏ 'ମହୁ' ବାହାରେ ।]

ମାଧୁରୀ—ସ. ବି. (ମଧୁର+ଅ+ଈ)—୧ । ମିଷ୍ଟତା; ମଧୁରତା; ମାଧୁର୍ଯ୍ୟ
Mādhurī 1. Sweetness; savoury taste. ୨। ହୃଦୟ-ହାରିତା—2, Attractiveness; charm. ୩ । ଲାବଣ୍ୟ; ସୌନ୍ଦର୍ଯ୍ୟ; ଶୋଭା—3. Beauty; delicate or soft beauty. ୪ । ଉତ୍କୃଷ୍ଟତା—4. Excellence. ୫ । ମୃଦୁତା; ଧୀରତା—5. Calmness; mildness. ୬ । ମାଧ୍ୱୀ; ମହୁଲ ମଦ—6. The wine destilled from Mahua flowers. ୭ । ମଧୁରୁ ପ୍ରସ୍ତୁତ ମଦ୍ୟ—7. Mead (Apte). ୮ । ସୁରା--8. Spirituousliquor (Apte). ଦେ. ବି—୧ । ଶକ୍ତତା; କଠିନତା—1. Hardness. (ଦ୍ର—ବୋଲେ ଏକ କଥା ଅଛି ଅନ୍ତର, ବହି [ଅଣ୍ଟ ସପ୍ତଗାଳ ମାଧୁରୀ । ଉଞ୍ଜ. ବୈଦେହୀଶବିଳାସ ।) ୨ । ମହୁରୀ—2. Clarion. (ଦ୍ର—ସୁର ଶଙ୍ଖ ଶଙ୍ଖ ବାଜେ ଅସଂଖ୍ୟ ମାଧୁରୀ । ଘଣ୍ଟ ପଟହ କଂସାଳ ତାଳ ତୁରୀ ଭେରୀ । ଉଞ୍ଜ. ଲାବଣ୍ୟବତୀ ।)

**ମାଧୁରୀ ନଳ**—ଦେ. ବି—ସ୍ତନ—Female breast.
Mādhuri naḷa (ଦ୍ର—ବେକ ତିଳେଇ ତହିଁ ପରେ ମାଧୁରୀ ନଳ ରଖିଲ ପ୍ରାୟେ ଜଳେ। ଭକ୍ତ. କୋଟିବ୍ରହ୍ମାଣ୍ଡସୁନ୍ଦରୀ।)

**ମାଧୁରୀ ମୟ**—ସଂ. ବିଣ—ମାଧୁର୍ଯ୍ୟ ପୂର୍ଣ୍ଣ; ମଧୁରତାପୂର୍ଣ୍ଣ—
Mādhuri maya Full of sweetness

**ମାଧୁର୍ଯ୍ୟ(ର୍ଯ୍ୟ)**—ସଂ. ବି. ( ମଧୁର+ଯ )—୧। ମଧୁରତା; ମାଧୁରୀ—
Mādhurjya(rja) 1. Sweetness. ୨। ଲାବଣ୍ୟ; ରୂପର ଅଳଙ୍କାରତା—2. Loveliness; attractive. beauty. ୩। ଦୟା; ଦାକ୍ଷିଣ୍ୟ—3. Kindness; amiability. ୪। କାବ୍ୟର ଗୁଣ ବିଶେଷ; କାବ୍ୟର ଯେଉଁ ଗୁଣ ଥିଲେ ଶ୍ରବଣ ମାତ୍ରକେ ତତ୍ତ୍ୱ ଅର୍ଥ, ଭାବମୟ ଓ ଦ୍ରବୀଭୂତ ହୁଏ—4. Elegance of style in literature, which melts the hearts of the hearers, [ଦ୍ର—ଏହା ଅଦ୍ଭୁତ, କରୁଣ, ବିପ୍ରଲମ୍ଭ ଓ ଶାନ୍ତ ରସରେ ଅପେକ୍ଷାକୃତ ଅଧିକ ଅନୁଭୂତ ହୁଏ। ମାଧୁର୍ଯ୍ୟ-ବ୍ୟଞ୍ଜକ ବର୍ଣ୍ଣ, ଯଥା—ଟ ବର୍ଗ ବ୍ୟତୀତ ଯେ କୌଣସି ବର୍ଗରେ ପଞ୍ଚମ ବର୍ଣ୍ଣ ଯେବେ ସେହି ବର୍ଗର ପ୍ରଥମ, ଦ୍ୱିତୀୟ, ତୃତୀୟ ବା ଚତୁର୍ଥ ବର୍ଣ୍ଣ ସଙ୍ଗେ ସଂଯୁକ୍ତ ହୁଏ ଏବଂ ଣ ଓ ର ଯେବେ ଅସଂଯୁକ୍ତ ହୁଏ ଏବଂ ରଚନା ଯେବେ ସମାସବର୍ଜିତ ବା ଅଳ୍ପ ସମାସଯୁକ୍ତ ହୁଏ, ତାହାହେଲେ ସେହି ସବୁ ବର୍ଣ୍ଣ ବା ରଚନା ରସବିଶେଷରେ ମାଧୁର୍ଯ୍ୟ ବ୍ୟକ୍ତ କରେ।

ଯଥା—ବନ ଦେଖାଙ୍କର ଅପସାର ଲୀଳା
ଚଳୁଥାଇ ଅବିରତେ,
ଚନ୍ଦ୍ରାଲୋକେ ଯାର ଅଭ୍ର ତାରକିତ
ବିଶାଳ ଶୁଭ୍ର ସୈକତେ।
ତରୁ ବ୍ରତତୀର ପ୍ରେମେ ବନ୍ଧାବନ୍ଧି,
ଛନ୍ଦାଛନ୍ଦି ଘେନାଘେନି;
ଯୋଗୁଁ କୁଞ୍ଜ ପୁଞ୍ଜେ ଅନ୍ଧାରର ଯାର
ଠାବେ ଠାବେ ନୀଳ ବେଣୀ।
ରାଧାନାଥ. ଚିଲିକା।]

**ମାଧୁର୍ଯ୍ୟରସଯୁକ୍ତ ଭକ୍ତି**—ସଂ. ବି—(ବଙ୍ଗୀୟ ଅଧୁନାତନ ବୈଷ୍ଣବ ଶାସ୍ତ୍ର)—
Mādhurjya rasajukta bhakti ଶ୍ରୀକୃଷ୍ଣଙ୍କୁ ଗୋପୀମାନେ ଓ ସଖାମାନେ ଯେଉଁ ରସଦ୍ୱାରା ଭକ୍ତି କରୁଥିଲେ; ସ୍ନେହ-ରସମୟ ଭକ୍ତି—Devotion mixed with sweet affection.

**ମାଧୁକ**—ସଂ. ବିଣ ( ମଧୁକ+ଅ )—ମଧୁରଭାଷୀ—
Mādhuka Sweet speaking (Apte).

**ମାଧେ(ଧୋ)ଇ**—ଦେ. ବି—୧। ମାଧବ ବା ଶ୍ରୀକୃଷ୍ଣଙ୍କୁ ସ୍ନେହସମ୍ବୋଧନ—
Mādhe(dho)i 1. A term of endearment used to
ମାଧୋ(ଧା)ଈ Srikrushna. ୨। ଚୈତନ୍ୟ ଦେବଙ୍କ ସମସାମୟିକ
ମାଧୋ ନଦିଆନିବାସୀ ବ୍ୟକ୍ତିର ନାମ—2. Name of one of the two wicked brothers of Nadiā who were changed from their ways of sin to devotion by Chaitanya Deb and Nityānanda. [ ଦ୍ର— ଏ ଜଗାଇ ବା ଜଗେଇଙ୍କ ଭାଇ ଥିଲେ। ଏ ଦୁଇ ଭାଇ ଘୋର ପାଷଣ୍ଡ, ପାପୀ, ମଦ୍ୟପାୟୀ ଏବଂ ଅତ୍ୟାଚାରୀ ଥିଲେ; ନଗର ବ୍ୟକ୍ତିଙ୍କୁ ଓ ବିଶେଷତଃ ବୈଷ୍ଣବମାନଙ୍କୁ ଦେଖିଲେ ସେମାନଙ୍କ ଉପରେ ନାନା ଅତ୍ୟାଚାର କରୁଥିଲେ। ଥରେ ସାଧୁ ହରିଦାସ ଓ ନିତ୍ୟାନନ୍ଦ ମହାପ୍ରଭୁ ସଂକୀର୍ତ୍ତନ କରି ନଗରଭ୍ରମଣରୁ ଫେରିବା ସମୟରେ ଏ ଦୁଇ ଭାଇଙ୍କ ହାତରେ ପଡିଲେ ଓ ମାଧୋଇ ନିତ୍ୟାନନ୍ଦଙ୍କ ଉପରକୁ ଗୋଟାଏ ଭଙ୍ଗା ମାଠିଆର ଖପର ଫୋପାଡିବାରୁ ତାହା ତାଙ୍କ ମୁଣ୍ଡରେ ବାଜି, ମୁଣ୍ଡ ଫାଟି ଝର ଝର ରକ୍ତ ବୋହିଲା; ତନ୍ତ୍ର ଜଗାଇ ତାଙ୍କୁ ନିବାରଣ କଲା। ଶ୍ରୀଚୈତନ୍ୟ ଏହା ଶୁଣିପାରି ସଦଳ ସେଠାକୁ ଆସି ସଂକୀର୍ତ୍ତନ ଆରମ୍ଭ କଲେ ଓ ସଂକୀର୍ତ୍ତନ ପ୍ରଭାବରେ ଏ ଦୁଇ ଭାଇଙ୍କ ହୃଦୟ ଦ୍ରବୀଭୂତ ହେଲା ଓ ଦୁଇ ଭାଇ ମହାଭକ୍ତ ଓ ପରମ ସାଧୁ ବୈଷ୍ଣବ ହେଲେ।] ୩। ମାଧବର ଡାକ ନାମ—3. A name for calling Madhaba.

**ମାଧୋଜୀ ହରି**—ଦେ. ବି (ନାମ)—ସାବାଜୀ ଭୌଁସ୍ଲାଙ୍କ ଦ୍ୱାରା ନାଗ-
Mādhoji hari ପୁରରୁ ଓଡିଶାକୁ ପ୍ରେରିତ ମରହଟ୍ଟା ସୁବାଦାର—Name of a Marhattā Governor of Orissa. [ ଦ୍ର—ଏ ଏହାଙ୍କ ପୂର୍ବତନ ସୁବାଦାର ବାବାଜୀଙ୍କୁ ବନ୍ଦୀ କରି ସୁବାଦାର ହୋଇଥିଲେ। ]

**ମାଧ୍ୱ**—ସଂ. ବିଣ (ମଧୁ+ଅ)—୧। ମଧୁରୁ ପ୍ରସ୍ତୁତ—1. Made from
Mādhwa honey. ୨। ମଧୁର—2. Sweet (Apte). ସଂ.ବି—୧। ମଧୁରୁ ପ୍ରସ୍ତୁତ ମଦ—1. Mead; metheglin; liquor made from honey. ୨। ମହୁଲରୁ ପ୍ରସ୍ତୁତ ମଦ (ହି. ଶ)–2. Liquor made form Mahwa flowers. ୩। ମଧୁର କଣ୍ଟକ; ମହୁରଙ୍ଗ ମାଛ (ହି.ଶ)—3. Aspidoparia Marar ( fish ). ଦେ. ବି—
ମାଧ୍ୱ ୧। ମାଧବାଚାର୍ଯ୍ୟ (ଦେଖ)—1. Mādhabāchar-
ମାଧ୍ୱ jya (See). ୨। ମାଧବାଚାର୍ଯ୍ୟଙ୍କ ପ୍ରବର୍ତ୍ତିତ ବୈଷ୍ଣବ ସମ୍ପ୍ରଦାୟ—2. A sect of Baishṇabas.

**ମାଧ୍ୱକ**—ସଂ. ବି—(ମାଧ୍ୱ+ସ୍ୱାର୍ଥେ. କ)—୧। ମଧୁରୁ ପ୍ରସ୍ତୁତ ମଦ୍ୟ—
Mādhwaka 1. Mead. ୨। ମହୁଲରୁ ପ୍ରସ୍ତୁତ ମଦ—2. Wine made from Mahwa flowers.

**ମାଧ୍ୱିକ**—ସଂ. ବି. ପୁଂ (ମଧୁ+ଇକ)—ମଧୁସଂଗ୍ରହକାରୀ ବ୍ୟକ୍ତି—
Mādhwika A person who collects honey (Apte). (ମାଧ୍ୱିକୀ—ସ୍ତ୍ରୀ)

**ମାଧ୍ୱୀ**—ସଂ. ବିଣ ( ମାଧ୍ୱ+ଈ )—ମାଧ୍ୱର ସ୍ତ୍ରୀଲିଙ୍ଗ—Feminine of
Mādhwi Mādhwa. ସଂ. ବି—୧। ମଧୁରୁ ପ୍ରସ୍ତୁତ ମଦ୍ୟ—1. Mead. ୨। ମହୁଲରୁ ପ୍ରସ୍ତୁତ ମଦ—2. Liquor made from Mahwa flowers. ୩। ମାଧବୀ ଲତା—3. The Mādhabi creeper (Apte). ୪। ସୁରା (ହି. ଶ)—4. Spirituous liquor. ୫। ମଧୁର କଣ୍ଟକ; ମହୁରଙ୍ଗ ମାଛ—5. Aspidoparia Marar (fish). ୬। ପୌରାଣିକ ନଦୀବିଶେଷ (ହି.ଶ)-6. Name of a mythological river.

ମାଧ୍ୱୀକ—ସଂ. ବି (ମାଧ୍ୱୀ+କ)—୧ । ମଧୁରୁ ପ୍ରସ୍ତୁତ ମଦ—1. Mead.
Mādhwika ୨ । ମହୁଆ ମଦ—2. Liquor made from Mahwa flowers. ୩ । ମଧୁ; ମକରନ୍ଦ (ହି. ଶ)—3. Honey. ୪ । ଦ୍ରାକ୍ଷାରୁ ପ୍ରସ୍ତୁତ ମଦ୍ୟ—4. Wine made from grapes. ୫ । ଦ୍ରାକ୍ଷା—5. A grape (Apte). ୬ । ଶିମ୍ବ (ହି. ଶ)—6. Bean.

ମାଧ୍ୱୀକା—ସ. ବି ( ମାଧ୍ୱୀକ+ଆ )—ଶିମ୍ବ ( ହି. ଶ )—
Mādhwikā Bean.

ମାଧ୍ୱୀମଧୁରା—ସ. ବି—ମିଠାଖଜୁରୀ ( ହି. ଶ )—
Mādhwīmadhurā Sweet date.

ମାଧ୍ୟ—ସଂ ବିଣ ( ମଧ୍ୟ+ଅ )—ମଧ୍ୟସ୍ଥ; କେନ୍ଦ୍ରସ୍ଥ—
Mādhya Middle; central ( Apte ).

ମାଧ୍ୟନ୍ଦିନ—ସ. ବି ( ମଧ୍ୟନ୍ଦିନ+ଅ )—୧ । ମଧ୍ୟାହ୍ନ—1. Noon
Mādhyandina day. ୨ । ବାଜସନେୟୀମାନଙ୍କର ଏକ ଶ୍ରେଣୀ—2. Name of a branch of the Bājasaneyis. ସ. ବିଣ—ମଧ୍ୟସ୍ଥ; କେନ୍ଦ୍ରସ୍ଥ—Middle; central ( Apte ).

ମାଧ୍ୟନ୍ଦିନୀ—ସ. ବି—ଶୁକ୍ଳ ଯଜୁର୍ବେଦୀୟ ଶାଖାବିଶେଷ—Name of a
Mādhyandini branch of white Jajurbeda. [ ଦ୍ର—ବାଜସନେୟୀମାନଙ୍କର ମାଧ୍ୟନ୍ଦିନ ଶ୍ରେଣୀ ଏହି ଶାଖାଧ୍ୟାୟୀ ଅଟନ୍ତି । ]

ମାଧ୍ୟମ—ସ. ବିଣ ( ମଧ୍ୟମ+ସ୍ୱାର୍ଥେ. ଅ )—୧ । ମଧ୍ୟମ; ମଧ୍ୟରେ
Mādhyama ସ୍ଥିତ—1. Middle. ୨ । କେନ୍ଦ୍ରିକ—
(ମାଧ୍ୟମିକ — ଅନ୍ୟରୂପ) 2. Middlemost; central.
( ମାଧ୍ୟମୀ, ମାଧ୍ୟମିକା—ସ୍ତ୍ରୀ )

ମାଧ୍ୟମିକ—ସ. ବି ( ମଧ୍ୟମ+ଇକ )—ବୌଦ୍ଧମାନଙ୍କ ସମ୍ପ୍ରଦାୟ-
Mādhyamika ବିଶେଷ—Name of a sect of
(ମାଧ୍ୟମିକା—ସ୍ତ୍ରୀ) the Buddhists. ସ. ବିଣ—ମାଧ୍ୟମ (ଦେଖ)
Mādhyama ( See ) ଦେ. ବିଣ—ଉଚ୍ଚ ଶିକ୍ଷା ଓ ପ୍ରାଥମିକ ଶିକ୍ଷାର ମଧ୍ୟବର୍ତ୍ତୀ (ଶିକ୍ଷାର ମାନ)—Intermediate (standard in education ).

ମାଧ୍ୟସ୍ଥ—ସ.ବିଣ. ପୁଂ (ମଧ୍ୟସ୍ଥ+ଅ)—୧ । ଅପକ୍ଷପାତ—1. Impar-
Mādhyastha tial. ୨ । ନିରୁତ୍ସୁକ—2. Indifferent.
(ମାଧ୍ୟସ୍ଥା— ସ୍ତ୍ରୀ) ୩ । ମଧ୍ୟସ୍ଥ—3. Neutral.

ମାଧ୍ୟସ୍ଥ୍ୟ— ସ. ବି ( ମଧ୍ୟସ୍ଥ+ଯ )— ୧ । ମଧ୍ୟସ୍ଥତା—1. Media-
Mādhyasthyá tion; arbitration. ୨ । ଔଦାସିନ୍ୟ—2, Apathy. ୩ । ମଧ୍ୟବର୍ତ୍ତିତା; ଦୁଇ ଜଣଙ୍କ ମଧ୍ୟରେ ସ୍ଥିତି—3. Intermediate position; position between two things or persons.

ମାଧ୍ୟାକର୍ଷଣ—ସ. ବି ( ଅଧୁନିକ ବିଜ୍ଞାନ ପରିଭାଷା; ମଧ୍ୟ+ଅକର୍ଷଣ+
Mādhyākarshaṇa ଅ )—ପୃଥିବୀର ଯେଉଁ ଅକର୍ଷଣଶକ୍ତି ପ୍ରଭାବରୁ ବସ୍ତୁ ସକଳ ପୃଥିବୀର କେନ୍ଦ୍ର ଅଭିମୁଖେ ଟାଣି ହୋଇ ଭୂମିରେ ପତିତ ହୁଏ ( ଏହି ଶକ୍ତି ପୃଥିବୀର କେନ୍ଦ୍ରରୁ ବା ମଧ୍ୟସ୍ଥ ବିନ୍ଦୁରୁ କାର୍ଯ୍ୟକାରୀ ହେବାରୁ ବୈଜ୍ଞାନିକମାନେ ଏହାକୁ ଏହି ନାମ ଦେଇଅଛନ୍ତି )—Gravitation. [ ଦ୍ର—ପୃଥିବୀର ଏହି ମାଧ୍ୟାକର୍ଷଣ ଶକ୍ତି ଥିବା ବିଷୟ ଭାରତୀୟ ପ୍ରସିଦ୍ଧ ଜ୍ୟୋତିଷୀ ଭାସ୍କରାଚାର୍ଯ୍ୟ ୧୨୦୦ ସମ୍ବତ(ଖ୍ରୀ. ୧୧୪୪)ରେ ସୂଚନା କରିଥିଲେ । ତାଙ୍କ ସିଦ୍ଧାନ୍ତ ଶିରୋମଣି ଗ୍ରନ୍ଥରେ ସେ ଲେଖିଅଛନ୍ତି ଯେ ପୃଥିବୀ ଗୁରୁ ପଦାର୍ଥକୁ ଅପଣା ଅଭିମୁଖେ ଆକର୍ଷଣ କରେ ଓ ଏହି ଆକର୍ଷଣ ଶକ୍ତି ବଳରେ ଗୁରୁ ପଦାର୍ଥ ପୃଥିବୀ ପୃଷ୍ଠରୁ ଖସିପଡ଼େ । ଇଂରେଜୀପରେ ନିଉଟନ୍ ୧୬୮୭ ଖ୍ରୀଷ୍ଟାବ୍ଦରେ ପୃଥିବୀର ଏହି ଶକ୍ତି ଥିବାର ଅବିଷ୍କାର କଲେ । ]

ମାଧ୍ୟାକର୍ଷଣ ହେତୁକ ସ୍ଥିତିଗତି—ସ. ବି ( ବିଜ୍ଞାନ ପରିଭାଷା )—
Mādhyākarshaṇa hetuka sthitigati ଉଦ୍ଭିଦର ଚେର-ମୂଳର ଭୂଗର୍ଭକୁ ଭେଦ କରି କେନ୍ଦ୍ରଅଭିମୁଖେ ଗତି କରିବାର ଗୁଣ—Geotropism.

ମାଧ୍ୟାହ୍ନିକ—ସ. ବିଣ ( ମଧ୍ୟାହ୍ନ+ଇକ )—ମଧ୍ୟାହ୍ନକାଳୀନ—
Mādhyāhnika Pertaining to the time of noon.
( ମାଧ୍ୟାହ୍ନିକା—ସ୍ତ୍ରୀ )

ମାନ୍ ( ଧାତୁ )—ସ—ପୂଜା କରିବା—
Mān ( root ) To adore; to worship.

ମାନ୍—ଦେ. ବିଣ. ପୁଂ ( ସ. ମତ୍ ପ୍ରତ୍ୟୟର ୧ମା. ୧ବ )—ଯାହାର
Mān ଅଛି—Having; possessing. (ଯଥା—ବୁଦ୍ଧିମାନ୍)
(ମତୀ-ସ୍ତ୍ରୀ) ବୈଦେ. ବି ( ଅ. ମାନେ )—୧ । ମାନେ; ଅର୍ଥ—
ମାନେ ମାନେ 1. Meaning; object; significance. ୨ । ଶବ୍ଦାର୍ଥ—2. Meaning of words. ପ୍ରାଦେ ( ସମ୍ବଲପୁର ) ବି—( ଣ ସ୍ଥାନରେ ନ ଓ ଶେଷ ବର୍ଣ୍ଣର ହଲନ୍ତ ଉଚ୍ଚାରଣ ) ମାଣ; ଶସ୍ୟ ମାପିବା ମାଣ; ପାହିଲ—A small standard pot for measuring rains. ପ୍ରାଦେ. ( କଳାହାଣ୍ଡି ) ବି—ମରଦ; ପୁରୁଷ ଲୋକ—Male person.

ମାନ—ସ. ବି—୧ । ( ମା. ଧାତୁ=ମାପ କରିବା+ଭାବ. ଅନ )—
Māna ତୁଳିବା; ଓଜନ କରିବା—1. Weighing; ୨ । ମାପିବା; ମାପ—2. Measuring; measurement. [ ଦ୍ର—ଚାନ୍ଦ୍ରମାନ, ସୌରମାନ ଓ ନାକ୍ଷତ୍ରମାନ ଶବ୍ଦର ଅର୍ଥ—ଯାହା ଚନ୍ଦ୍ର ସମ୍ବନ୍ଧୀୟ, ସୂର୍ଯ୍ୟ ସମ୍ବନ୍ଧୀୟ ଓ ନକ୍ଷତ୍ର ସମ୍ବନ୍ଧୀୟ ମାପଦ୍ୱାରା ସ୍ଥିର କରାଯାଏ । ] ୩ । ( ମା. ଧାତୁ+କରଣ. ଅନ ) ପରିମାଣ ସାଧନ; ଯେଉଁ ପାତ୍ର, ଯନ୍ତ୍ର ବା ଆଦର୍ଶଦ୍ୱାରା ଓଜନ ବା ପରିମାଣ ବା ଦୈର୍ଘ୍ୟ ଆଦି ସ୍ଥିର କରାଯାଏ—3. Standard of weight or measure; measuring instrument; a measure or weight. [ ଦ୍ର—ଭିନ୍ନ ଭିନ୍ନ ବସ୍ତୁର ପରିମାଣ ଭିନ୍ନ ଭିନ୍ନ ପ୍ରକାରରେ ଓ ଭିନ୍ନ ଭିନ୍ନ ଯନ୍ତ୍ରଦ୍ୱାରା ସ୍ଥିର କରାଯାଏ । ଯଥା—ଜମିକୁ--ପଦକା, ଶିକୁଳି, ଫିତା ଓ ହାତଦ୍ୱାରା; ଲୁଗା ଆଦିକୁ—ହାତ ଓ ଗଜ କାଠିଦ୍ୱାରା; ତରଳ ପଦାର୍ଥକୁ—ପାତ୍ରଦ୍ୱାରା ଓ ସେର ବଟକୁ ଓଜନଦ୍ୱାରା; ଘନ ପଦାର୍ଥକୁ—ପାତ୍ରଦ୍ୱାରା ଓ ଓଜନଦ୍ୱାରା, ଶସ୍ୟାଦିକୁ—ପାତ୍ରଦ୍ୱାରା ଓ ସେର ବଟକୁରେ

ଉଚ୍ଚାରଣଦ୍ୱାରା ମାପ କରାଯାଏ । ] ୪ । ଆଦର୍ଶ—4. Standard. ୫ । ( ସଙ୍ଗୀତ ) ତାଳର ବିରାମ ସ୍ଥାନ; ତାଳର ବିଶ୍ରାମ—5. The stop in musical measure. [ ଦ୍ର—ଏହା ସମ, ବିଷମ, ଅତୀତ ଓ ଅନାଗତ ଭେଦରେ ଚାରି ପ୍ରକାର । ] ୬ । ( ମା ଧାତୁ + କର୍ମ. ଅନ ) ପରିମାଣ—6. Quantity. ୭ । ( ମାନ୍ ଧାତୁ=ପୂଜା କରିବା+ଭାବ. ଅ ) ସମ୍ମାନ; ପୂଜା—7. Worship; respect. ୮ । ମର୍ଯ୍ୟାଦା; ମାନ—8. Honour; dignity. ୯ । ( ମାନ୍ ଧାତୁ+କରଣ. ଅ ) ଗୌରବ—9. Prestige. ୧୦ । ସୁନାମ—10. Reputation; credit. ୧୧ । ପଦମର୍ଯ୍ୟାଦା—11. Rank. ୧୨ । ( ମାନ୍ ଧାତୁ+ଭାବ. ଅ )—କ୍ରୋଧ—12. Anger. ୧୩ । ଗର୍ବ; ଅହଙ୍କାର; ମୋଠାରୁ ବଳ କେହି ନାହିଁ, ମନରେ ଏ ପ୍ରକାର ଭାବ—13. Pride; hauteur; arrogance; self-sufficiency; haughtiness. ୧୪ । ଅଭିମାନ—14. Sensitiveness; taking offence; sulks; wounded sense of honour. ୧୫ । ( ମନ୍ ଧାତୁ+କରଣ. ଅ ) ପ୍ରଣୟୀର ଅପରାଧ ଦର୍ଶନରେ ପ୍ରଣୟିନୀର ଗମ୍ଭୀର କୋପ ବା ଅସନ୍ତୋଷ; ରୁଷା—15. Anger or displeasure or reserve excited by the feeling of a wife or beloved woman being wronged or wounded on account of actual or supposed infidelity or neglect of her husband or lover; anger excited in the heart of a jealous woman. [ ଦ୍ର—ଆପଣାର ପ୍ରିୟ ବ୍ୟକ୍ତି ( ପ୍ରେମିକ, ପ୍ରେମିକା, ସ୍ତ୍ରୀ, ସ୍ୱାମୀ )ଙ୍କର କୌଣସି ଅପରାଧ ଦର୍ଶନରେ ମନରେ ଯେଉଁ ବିକାର ଜନ୍ମେ ତାକୁ ସାହିତ୍ୟରେ 'ମାନ' କୁହାଯାଏ । ଅଧିକତଃ ସ୍ତ୍ରୀମାନେ ପୁରୁଷଙ୍କଠାରେ ମାନ କରନ୍ତି । ନିଜର ପ୍ରେମିକଙ୍କୁ ବା ସ୍ୱାମୀଙ୍କୁ ଅନ୍ୟ ସ୍ତ୍ରୀଠାରେ ଆସକ୍ତ ଥିବାର ଦେଖିଲେ ବା ପ୍ରମାଣ ପାଇଲେ ବା ସନ୍ଦେହ କଲେ, ଆପଣାର ଅଭିଳଷିତ ବା ଫରମାସୀ ବସ୍ତୁ ନ ପାଇଲେ, ଆପଣା ଇଚ୍ଛା ଅନୁସାରେ କୌଣସି କାର୍ଯ୍ୟ କରା ନ ହେଲେ ବା ଆପଣା ପ୍ରତି ଅନାଦର ଦେଖିଲେ ସ୍ତ୍ରୀମାନେ ମାନ କରନ୍ତି ବା ରୁଷନ୍ତି । ସ୍ତ୍ରୀଲୋକମାନଙ୍କର ମାନ ଅଧିକାଂଶ ସମୟରେ, ମୌନ, ମୁଖଭଙ୍ଗୀ ଓ କୃତ୍ରିମ ବ୍ୟଙ୍ଗ ଓ ଉଦାସୀନତାଦ୍ୱାରା ସୂଚିତ ହୁଏ । ଏହି ମାନ ତିନିପ୍ରକାର ଯଥା—ଲଘୁ, ମଧ୍ୟମ ଓ ଗୁରୁ ।

ଲଘୁମାନ କଳ୍ପିତ କୌତୁକାଦିଦ୍ୱାରା ସହଜରେ; ମଧ୍ୟମ ମାନ ଶପଥାଦିଦ୍ୱାରା କଷ୍ଟରେ ଓ ଗୁରୁମାନ ଚରଣଧାରଣ ଓ କ୍ଷମାପ୍ରାର୍ଥନାଦିଦ୍ୱାରା ଅତି କଷ୍ଟରେ ଉପଶମିତ ହୁଏ । ] ୧୬ । ( ଅଧୁନିକ ପ୍ରୟୋଗ ) ବିଦ୍ୟାଳୟରେ ଛାତ୍ରଙ୍କ ପାଠ—ଜ୍ଞାନ ଅନୁସାରେ ଉଚ୍ଚ ଉଚ୍ଚ ଉଚ୍ଚ ଶ୍ରେଣୀ ବିଭାଗ—16. Standard or class in a school. ୧୭ । ଆତ୍ମପ୍ରତ୍ୟୟ—17. Self-confidence ( Apte ). ୧୮ । ସାମ୍ୟ; ସମାନତା—18. Equality; resemblance ( Apte ). ୧୯ । ପ୍ରମାଣ—19. Proof ( Apte ). ୨୦ । ପ୍ରାମାଣିକତା—20. Authority; means of proof or demonstration ( Apte ). ୨୧ । ମତ—21. Opinion ( Apte ). ୨୨ । ପରିମାଣ; ଆକାର—22. Dimension ( Apte ). ୨୩ । ପୌରାଣିକ ପୁଷ୍କର ଦ୍ୱୀପର ପର୍ବତବିଶେଷ (ହି. ଶ )—23. Name of a mythological mountain. ୨୪ । ସାମର୍ଥ୍ୟ; ଶକ୍ତି ( ହି. ଶ )—24. Power; ability; strength. ୨୫ । ଉତ୍ତର ଦିଗର ଦେଶବିଶେଷ ( ହି. ଶ )—25. Name of a northern country. ୨୬ । ଗ୍ରହ ( ହି. ଶ )—26. Planet. ୨୭ । ମନ୍ତ୍ର ( ହି. ଶ )—27. Mystic formula.

**ମାନ** ଦେ. ବି—୧ । ଅପମାନ—1. Insult. ( ଦ୍ର—
**अपमान** କଳିଷ୍ଟ ଶ୍ରେଷ୍ଠ ଗରିଷ୍ଠ ମାନ ଯେବେ ଛିଣ୍ଡିବ ପାରିବ । ଭଞ୍ଜ, ବୈଦେହୀଶବିଳାସ । ) ୨ । ମାନଗୋବିନ୍ଦର ଡାକ ନାମ—2. Name for calling Mānagobinda. ଦେ.ବଣ—ମାନ୍ (ଦେଖ)—Mān (See).

**ସ୍ତ୍ରୀ** ଦେ. (ପ୍ରତ୍ୟୟ) (ବହୁବଚନାନ୍ତ ପ୍ରୟୋଗ, ଅଚେତନ ବସ୍ତୁ
**सब; लोक** ଓ ନିକୃଷ୍ଟ ଜୀବଙ୍କ ପ୍ରତି; ଭୁଲ. ପ୍ରା. ମାଗଧ=ବନ୍ଦ; ପ୍ରାଚ୍ୟ ହିନ୍ଦୀ=ବନ୍; ପ୍ରା. ଅସାମୀ; ମାନ୍-ଇଂ. ମେନ୍ସ)—ସମୂହ; ଗଣ—Many (a plural suffix). [ ଦ୍ର—ମନୁଷ୍ୟଙ୍କ ବହୁବଚନରେ ମନୁଷ୍ୟମାନେ, ବସ୍ତୁର ବହୁବଚନରେ ବସ୍ତୁମାନ ।]

**ମାନ ଅପ(ଭି)ମାନ**—ଦେ. ବି ( ସହଚର ଶବ୍ଦ )—ସମ୍ମାନ ଓ ଅପମାନ
Māna apa(bhi)māna —Respect and disrespect;
**मानअपमान मानअपमान** honour and dishonour.

**ମାନକ**—ସ. ବି—ମାଣସାରୁ ( ଦେଖ )—
Mānska Mānasāru ( See ).

**ମାନ କରିବା**—ଦେ. କ୍ରି—୧ । ଅପମାନ କରିବା—1. To take
Māna karibā offence; to be gravely or sullenly
**मानकरना** displeased with a person; to sulk. [ ଦ୍ର—
**मान करना** ସ୍ନେହକୁ ମାନବର ଅପଥରେ ଖାଇବା ନ୍ୟାୟ ।) ୨ । (ନାୟିକା) ନାୟକ ପ୍ରତି କୋପ କରିବା—2. (a lady) To be sullen by being jealous towards a lover.

**ମାନ କଳହ**—ସ ବି ( ମ. ପ. ଲେ; ମାନ+କଳହ )—ଅଭିମାନ-
Māna kalaha ଜନିତ ନାୟକ ନାୟିକା ମଧ୍ୟରେ କଳହ;
(मानकलह—प्रणयकलह) ରୁଷାରୁଷି—Love-quarrels.

ମାନଗଣ୍ଠି—ଦେ. ବ (ସ. ମାନ+ଗ୍ରନ୍ଥି, ରୂପକ)—ସ୍ତ୍ରୀର ଗୁରୁ ଅଭି-
Mānaganthi ମାନରୂପ ଦୁରପନେୟ ଗ୍ରନ୍ଥି—A woman's sullenness, when it is very hard to be overcome. [ ଉ—କର କରୁଣା ବୋଲି, ଯେତେ ସ୍ତୁତି ରଚିଲି, ତେବେ ତା ମାନଗଣ୍ଠି ନ ଫିଟିଲା ରେ । ସଙ୍ଗୀତ । ]

ମାନଗୃହ—ସ. ବ. ( ମ. ଷ. ଲୋ )—କୋପଘରକ; ରୁଷିବା ଲୋକ
Mānagṛuha ଯେଉଁ ଘରେ ଏକୁଟିଆ ବସିରହେ—A room to which a person withdraws when in sulks.

ମାନଗୋବିନ୍ଦ—ସ. ବ—ଦୁର୍ଯ୍ୟୋଧନଙ୍କର ଗୋଟିଏ ନାମ—A name
Mānagobinda of Durjyodhana. ଦେ. ବି. ପୁଂ—ପୁରୁଷ ଲୋକଙ୍କୁ ଦିଆଯିବା ନାମ—A name given to males.

ମାନଗ୍ରନ୍ଥି—ସ ବ—ସମ୍ମାନର ବା ଗର୍ବର ହାନି—
Mānagranthi Injury to honour or pride (Apte).

ମାନଘ୍ନ—ଦେ ବଣ.ପୁଂ—ଅଭିମାନନାଶକ--Dispelling conjugal
Mānaghna sulks or discontent growing in the mind of a friend due to wounded desires or expectations. [ ଉ—ବନ୍ଧୁ ନାହିଁ ବହୁମାନ ଅନୁମାନ ମାନଘ୍ନ ହେବ ସାଗରେ । ଉଷ. ବୈଦେହୀଶବିଳାସ । ] ସ. ବଣ—ସମ୍ମାନ ବିନାଶକ—
(ମାନଘ୍ନୀ—ସ୍ତ୍ରୀ) Destructive of self-respect.

ମାନଚିତ୍ର—ସ. ବ. (ଅଧୁନିକ ବ୍ୟବହାର)—ଦେଶ ଅଦିର ଅକାର ଓ
Mānachitra ଭୌଗୋଳିକ ବିଷୟ ଅଦି ପ୍ରଦର୍ଶକ ନକ୍ସା—A map.

ମାନ ଛାଡ଼ିବା—ଦେ. କ୍ରି—ମନରୁ ଅଭିମାନ ଭାବ ହରିବା—To
Māna chhāṛdibā free one's (a woman's) own
মান ত্যাগ করা mind from sullen jealousy; to give
मान छोडना up the feeling of displeasure entertained by a woman against her lover or husband. (ମାନ ତେଜିବା, ମାନ ତେଜ୍ୟା କରିବା, ମାନ ବାହି ଦେବା—ଅନ୍ୟରୂପ)

ମାନଜ—ସ. ବଣ—ମାନରୁ ଉତ୍ପନ୍ନ—Resulting from Māna.
Mānaja ସ. ବ—କ୍ରୋଧ (ହ. ଷ)—Anger.

ମାନ ଜଗିବା—ଦେ. କ୍ରି—ଆପଣାର ମହତ୍ତ୍ୱ ବା ସୁନାମ ନଷ୍ଟ ନ ହେବା
Māna jagibā ପ୍ରତି ସତର୍କ ହେବା—To be on watch
মান রেখে চলা to save one's prestige, honour or
मान रखना reputation; to guard one's prestige honour or reputation.

ମାନତ(ନ୍ତ)—ଦେ. ବ. (ସ. ମନସ୍ଥ)—୧ । ଦେବାନୁଗ୍ରହଲାଭାର୍ଥ ମନେ
Mānat(nta) ମନେ ସଙ୍କଳ୍ପ; ମାନସିକ; ମନାସ—1. Mental
মানত, মানান resolution or vow taken to perform
मन्नत, मानता certain acts to please or show gratitude to a Deity. ୨ । (ଭୁଲ. ଫା. ଜମାନତ)
ضامن ଜାମିନ—2. Security; surety. ବଣ. (ସ. ମାନିତ)
जमानत —୧ । ମାନ୍ୟ ପାଇବାର ଉପଯୁକ୍ତ; ସମ୍ମାନନୀୟ—
मान्य 1. Deserving respect. ୨ । ଅନ୍ୟପାଇଁ ଜାମିନ
जमानत ହୋଇଥିବା—2. One who has stood security for another.

ମାନତ କରିବା—ଦେ. କ୍ରି—ମାନସିକ କରିବା; ଫଳସିଦ୍ଧି କାମନା କରି
Mānat karibā ଦେବତାଙ୍କୁ କୌଣସି ବିଷୟ ଯାଚିବା—
মানত করা मन्नत मानना To make a vow to deity.

ମାନତ ମଣ(ଣି, ଣି)ଷ—ଗ୍ରା. ବ—ମାନନା ବା ସମ୍ମାନର ଉପଯୁକ୍ତ
Mānat maṇa(ṇi, ṇi)sha ବ୍ୟକ୍ତି—A person deser-
(ମାନତ୍ ଲୋକ—ଅନ୍ୟରୂପ) ving to be shown respect
माननीय लोक by one; a person standing in the
मानय आदमी relation of an elder to a person. (ଯଥା—ଗୁରୁଜନମାନେ ଆପଣାର ମାନତ୍ ଲୋକ; ଭାଇ-ବୋହୂର ଦେଢ଼ଶୁର ମାନତ୍ ମଣଷ ଅଟନ୍ତି ।)

ମାନଦ—ସ. ବଣ. ପୁଂ—୧ । ଯେ ସମ୍ମାନ ଦାନ କରି ପାରେ—
Mānada 1. Giver of honour; bestowing
(ମାନଦା—ସ୍ତ୍ରୀ) honour, ୨ । ମାନରକ୍ଷକ—2. Saving the prestige of another. ୩ । ସମ୍ମାନପ୍ରଦର୍ଶକ—3. Showing respect (Apte). ୪ । ଗର୍ବୀ—4. Proud (Apte). ୫ । ଗର୍ବବିନାଶକ—5. Destroying pride (Apte). ବ—୧ । ବିଷ୍ଣୁଙ୍କ ନାମ—1. A name of a Bishṇu. ୨ । 'ଅ' ଅକ୍ଷରର ଗୁପ୍ତ ନାମ—2. A mystical name for the letter 'ଅ'.

ମାନ ଦଣ୍ଡ—ସ. ବ. ( ମ. ଷ. ଲୋ )—୧ । ମାପିବା ଦଣ୍ଡ; ପଇକା—
Māna daṇda 1. A measuring rod. ୨ । ତୁଲା ଦଣ୍ଡ—2. The beam of a balance.

ମାନ ଦେବା—ଦେ. କ୍ରି—ମାନ୍ୟ ପାଇବାର ଉପଯୁକ୍ତ ବ୍ୟକ୍ତିଙ୍କୁ ସମ୍ମାନ
Māna debā ଦେଖାଇବା—To show respect to
মান দেখান मान देना a deserving person.

ମାନ ଧନ—ସ. ବଣ. ( ବହୁବ୍ରୀହି )—୧ । ଅତ୍ୟନ୍ତ ସମ୍ମାନିତ—
Māna dhana 1. Rich in honour (Apte). ୨ । ଅତି ଅଭିମାନୀ—2. Very prone to take offence.

ମାନ ଧାତା—ଗ୍ରା. ବ (ଘଟ୍ୟ)—୧ । ମାନ୍ଧାତା ( ଦେଖ )—1. Mān-
Māna dhātā dhātā ( See ) (ଉ—ଏ ଅଙ୍ଗେ ଯଥାଶ
মান্ধাতা ଦୁହିତା, ଉତ୍ପନ୍ନ କଲେ ମାନଧାତା । ଜଗନ୍ନାଥ. ଭାଗବତ ।)
मान धाता ୨ । ଶକ୍ତିସୂଚକ ବଂଶୋପାଧି ବିଶେଷ—2. A family-title of Kshatriyas.

ମାନ ଧାନ୍ଦକା—ସ. ବ—କାକୁଡ଼ି (ହ. ଷ)—
Māna dhānikā Cucumber (Apte).

**ମାନନ**—ସଂ. ବି (ମାନ୍ ଧାତୁ—ପୂଜା କରିବା+ଭାବ. ଅନ)—୧ । ମାନ୍ୟ
Mānana କରିବା; ସମ୍ମାନ ପ୍ରଦର୍ଶନ—1. Showing of respect.
(ମାନଣା—ଗ୍ରାମ୍ୟ ରୂପ) ୨ । ଅର୍ଚ୍ଚନ; ପୂଜାକରଣ—2. Act of worshipping; paying of homage. ୩ । ଆଦର କରଣ—3. Showing of regard to a person.

**ମାନନା**—ସଂ. ବି—ମାନନ (ଦେଖ)—Mānana ( See ) ଦେ. ବି
Mānanā —ଚୂଲି ପାଇଁ ଭୂମିରେ ଗାତ କରି ମାଟିର କୁଣ୍ଡ ବା ହାଣ୍ଡି ପୋତି ତାହା ଉପରେ ବହଳଆ କରି ମାଟି ଲେସିବା—Plastering a thick layer of mud over an earthen pot or tub which is sunk in the ground for preparing an oven.

**ମାନନା କରିବା**—ଦେ. କ୍ରି—ଗୁରୁଜନ ଆଦିଙ୍କୁ ସମ୍ମାନ ଦେଖାଇବା—
Mānanā kariba To show proper respect to one's elders.
মান্য করা **मान करना**

**ମାନ ନାଶ**—ସଂ. ବି ( ୬ଷ୍ଠୀ ତତ୍; ମାନ+ନାଶ )—ସମ୍ମାନର ନାଶ;
Māna nāśa ଅପମାନ—Insult; loss of prestige; humiliation; indignity.
(ମାନ ନାଶନ, ମାନ ଭଙ୍ଗ, ମାନ ଖଣ୍ଡ—ଅନ୍ୟରୂପ)

**ମାନନୀୟ**—ସଂ. ବିଣ. ପୁଂ. (ମାନ୍ ଧାତୁ+କର୍ମ ଅନୀୟ)—୧ । ପୂଜନୀୟ;
Mānaniya ପୂଜାର୍ହ—1. Deserving respect; adorable.
(ମାନନୀୟା—ସ୍ତ୍ରୀ) ୨ । ମାନ୍ୟ—2. Respectable; venerable; honourable.

**ମାନ ପତ୍ର**—ସଂ. ବି ( ଆଧୁନିକ )—ଯେଉଁ ପତ୍ରଦ୍ୱାରା କୌଣସି ବ୍ୟକ୍ତିଙ୍କ
Māna patra ଠାରେ ସମ୍ମାନ ଅର୍ପିତ ହୁଏ—Certificate of honour.
[ ମାନଲିପି, ମାନ ଲେଖ—ଅନ୍ୟରୂପ ]

**ମାନ ପାଇବା**—ଦେ. କ୍ରି—ଅପରଠାରୁ ଯଥୋଚିତ ସମ୍ମାନ ଅନ୍ୟଠାରୁ
Māna pāibā ପ୍ରାପ୍ତ ହେବା—To receive one's due share of respect.
মান পাওয়া **मान पाना**

**ମାନ ପାତ୍ର**—ସଂ. ବି—୧ । ଘଡ଼ି; ସମୟ ଜାଣିବା ପାଇଁ ବାଲି କିମ୍ବା ପାଣି
Māna pātra ଭର୍ତ୍ତି ହେବା ନିମନ୍ତେ ନିର୍ମିତ ପାତ୍ର—Sand-glass or water-glass used for measuring time. [ଉ—ବୁଡ଼ାଇ ମାନପାତ୍ର ବର ବଳେ, ବୁଡ଼ିଲେ ଶୁଭ ଅଶୁଭ ବେଳେ । ଉଞ୍ଜ. ବୈଦେହୀଶ ବିଳାସ ।] ୨ । ମାପିବା ପାତ୍ର—2. A pot for measuring things.

**ମାନବ**—ସଂ. ବି. ପୁଂ—(ମନୁ=ବ୍ରହ୍ମାଙ୍କ ପୁତ୍ର+ଅପତ୍ୟାର୍ଥେ. ଅ)—
Mānaba ୧ । ନର; ମନୁଷ୍ୟ—1. Man. ୨ । ବାଳକ;
(ମାନବୀ—ସ୍ତ୍ରୀ) ଟୋକା—2. A lad; a boy (Apte). ୩ । ଅର୍ଥଦଣ୍ଡ ବିଶେଷ—3. A particular fine (Apte).
ବିଣ.— (ମନୁ+ଅ)—୧ । ମନୁଙ୍କ ସମ୍ବନ୍ଧୀୟ—1. Relating to Manu. ୨ । ମନୁଙ୍କଦ୍ୱାରା ସଙ୍କଳିତ (ସଂହିତା)—2. Compiled by the great lawgiver Manu. ୩ । ମନୁଙ୍କଠାରୁ ଜାତ—3. Descended from Manu. ୪ । ମନୁଷ୍ୟ ସମ୍ବନ୍ଧୀୟ—4. Human (Apte).

**ମାନବକ**—ସଂ. ବି—(ମାନବ+ହ୍ରସ୍ୱାର୍ଥେ. କ)—ବାଳକ—
Mānabaka Boy; manikin.

**ମାନବ ଜାତି**—ସଂ. ବି—ମନୁଷ୍ୟ ଜାତି; ପୃଥିବୀର ମନୁଷ୍ୟଗଣ—
Mānaba jāti The men (as a class); mankind.

**ମାନବ ଦେବ**—ସଂ. ବି. ପୁଂ—(୭ମୀ ତତ୍)—ରାଜା—A king; a lord of men.
Mānaba deba
(ମାନବ ପତି, ମାନବେନ୍ଦ୍ର—ଅନ୍ୟରୂପ)

**ମାନବ ଧର୍ମ**—ସଂ. ବି—(୬ଷ୍ଠୀ ତତ୍; ମାନବ+ଧର୍ମ )—ମନୁଷ୍ୟର
Mānaba dharma ସ୍ୱାଭାବିକ ଗୁଣ—The attributes of human beings.

**ମାନବ ଧର୍ମଶାସ୍ତ୍ର**—ସଂ. ବି—(କର୍ମଧା)—ମନୁଙ୍କର ରଚିତ ସଂହିତା—
Mānaba dharmaśāstra The great Hindu code of Manu.

**ମାନବ ପ୍ରକୃତି**—ସଂ. ବି—(କର୍ମଧା)—ମନୁଷ୍ୟର ହୃଦୟଗତ ବା ସହଜ
Mānaba prakr̥ti ପ୍ରକୃତି—Human nature.

**ମାନବ ମଣ୍ଡଳୀ**—ସଂ. ବି—(୬ଷ୍ଠୀ ତତ୍)—ମାନବସମୂହ; ମାନବଜାତି—
Mānaba mandali Mankind.

**ମାନବର୍ଜ୍ଜିତ**—ସଂ. ବିଣ (୩ୟା ତତ୍)—୧ । ସମ୍ମାନ ରହିତ; ଅପ୍ରତିଷ୍ଠିତ—
Māna barjjita 1. Devoid of honour. ୨ । ଅବମାନିତ—2. Humiliated. ୩ । ଅପବାଦକାରୀ—3. Slanderous; libellous.

**ମାନବ ରାକ୍ଷସ**—ସଂ. ବି—ନରରୂପଧାରୀ ରାକ୍ଷସ; ରାକ୍ଷସପ୍ରକୃତିର
Mānaba rākshasa ମନୁଷ୍ୟ—A demon or fiend in the form of a man; fiendish person.
[ ମାନବାସୁର, ମାନବ ପିଶାଚ—ଅନ୍ୟରୂପ ]

**ମାନବଲୀଳା**—ସଂ. ବି (୬ଷ୍ଠୀ ତତ୍)-ନରଲୀଳା; ମନୁଷ୍ୟର ଜୀବନ କାଳର କାର୍ଯ୍ୟ
Mānabalilā କଳାପ—The actions performed by a man while living.

**ମାନବଲୀଳା ସମ୍ବରଣ**—ସଂ. ବି(୬ଷ୍ଠୀତତ୍)—ମରଣ; ମୃତ୍ୟୁ—
Mānabalilā sambarana Death; dying.

**ମାନବ ଶାସ୍ତ୍ର**—ସଂ. ବି—୧ । (ଆଧୁନିକ) ଯେଉଁ ଶାସ୍ତ୍ରରେ ମାନବଜାତିର
Mānaba śāstra ଉତ୍ପତ୍ତି, ବିକାଶ, ଭିନ୍ନ ଭିନ୍ନ ଅଞ୍ଚଳକୁ ଗମନ, ମନୁଷ୍ୟ ମାନଙ୍କ ଶ୍ରେଣୀବିଭାଗ, ଜୀବଜଗତରେ ମନୁଷ୍ୟର ସ୍ଥାନ, ମନୁଷ୍ୟ ସମାଜରେ ସଭ୍ୟତାର କ୍ରମ ବିସ୍ତାର ଆଦି ଆଲୋଚିତ ହୋଇଥାଏ—1. Anthropology; ethnology. ୨ । ମନୁସଂହିତା—2. The codes of Manu.
ମାନବ ବିଜ୍ଞାନ } ଅନ୍ୟରୂପ
ମାନବ ବିଦ୍ୟା }

**ମାନବ ସମାଜ**—ସଂ. ବି(୬ଷ୍ଠୀ ତତ୍)—ବହୁ ମନୁଷ୍ୟଙ୍କଦ୍ୱାରା ଗଠିତ ଦଳ—
Mānaba samāja Human society; humanity.

**ମାନବ ହୃଦୟ**—ସଂ. ବି—(୬ଷ୍ଠୀ ତତ୍)—ମନୁଷ୍ୟର ମନ—Human
Mānaba hrudaya mind; the heart of man.

ମାନବା—ଗ୍ରା ବି—(ସଂ. ମାନବ ଶବ୍ଦର ବହୁବଚନ ମାନବାଃ)—
Mānabā ୧ । ମନୁଷ୍ୟମାନେ-1. Men. ୨ । ମନୁଷ୍ୟ ଜାତି—
মানবেরা 2. Mankind. ୩ । ପ୍ରଜାଙ୍କର ପ୍ରଜାବର୍ଗ—
मानवों 3. The subjects of a king. ପ୍ରାଚେ (କବି ଭାଷା)
କି—ମାନିବା—To obey.

ମାନବାନ—ସଂ. ବିଶ. ପୁଂ (ମାନ+ବତ୍; ୧ମା. ୧ବ)—୧ । ଗର୍ବିତ—
Mānabān (ମାନବତୀ—ସ୍ତ୍ରୀ) 1. Proud; haughty.
୨ । ଯେ ଅଭିମାନ କରିଅଛି—2. Sullen; scowling.

ମାନବୀ—ସ. ବି. ସ୍ତ୍ରୀ ( ମାନବ+ ଈ )—୧ । ନାରୀ; ସ୍ତ୍ରୀ—
Mānabī 1. Woman. ୨ । ସ୍ୱୟମ୍ଭୁବ ମନୁଙ୍କ କନ୍ୟା—
2. The daughter of Swayambhuba Manu.

ମାନବୀୟ—ସଂ. ବିଣ—୧ । (ମନୁ+ଈୟ) ମନୁ ସମ୍ବନ୍ଧୀୟ—
Mānabīya 1. Relating to Manu. ୨ । (ମାନବ+ଈୟ)
ମାନବ ସମ୍ବନ୍ଧୀୟ—2. Human; manly. ୩ । ମନୁଙ୍କ
ବଂଶୋଦ୍ଭବ-3 Descended from Manu (Apte).
ସଂ. ବି—ଅର୍ଥଦଣ୍ଡ ବିଶେଷ—A particular fine
(Apte).

ମାନବେନ୍ଦ୍ର(ଶ)—ସଂ. ବି (୬ଷ୍ଠୀ ତତ୍)—ରାଜା—
Mānabendra(śa) A king.

ମାନବୋଚିତ—ସଂ. ବିଣ (୬ଷ୍ଠୀ ତତ୍)—ମନୁଷ୍ୟର ଉପଯୁକ୍ତ—
Mānabochita Befitting a man; fit for a human
(ମାନବସୁଲଭ—ଅନ୍ୟରୂପ) being.

ମାନବ୍ୟ—ସଂ. ବି (ମାନବ +ଯ)—୧ । ବାଳକ ବା ଯୁବକ ସମୂହ—
Mānabya 1. A number of boys or youths.
୨ । ମାନବମଣ୍ଡଳୀ-2. Mankind. ୩ । ଶୈଶବାବସ୍ଥା—
3. Childhood; boyhood. ୪ । (ମାନ +ବ୍ୟ)—
ମାନମନ୍ଦିର—4. Observatory.

ମାନଭଙ୍ଗ—ସଂ. ବି (୬ଷ୍ଠୀ ତତ୍)—୧ । ସମ୍ମାନର ନାଶ; ମାନହାନି—
Mānabhanga 1. Indignity. ୨ । ଅପମାନ—
2. Insult. ୩ । ଅଭିମାନ ଦୂର ହେବା—3. Conciliation.

ମାନଭଞ୍ଜନ—ସଂ. ବି (୬ଷ୍ଠୀ ତତ୍)—ଅଭିମାନର ଭଞ୍ଜନ—The
Mānabhañjana breaking of a woman's love-reserve
(ମାନ ମୋଚନ—ଅନ୍ୟରୂପ) or sulkiness; conciliation
between lovers after a love-qurrel. [ ଦ୍ର—
ସାହିତ୍ୟ ଗ୍ରନ୍ଥ ଅନୁସାରେ ମାନଭଞ୍ଜନ କରିବାର
ପ୍ରକ୍ରିୟା ୬ଟି ନିର୍ଦ୍ଦିଷ୍ଟ ହୋଇଅଛି:—( ୧ ) ସାମ,
(୨) ଦାନ, (୩) ଭେଦ, (୪) ପ୍ରଣତି, (୫) ଉପେକ୍ଷା ଓ
(୬) ପ୍ରସଙ୍ଗ ବିଧ୍ୱଂସ—ହି. ଶ ।]

ମାନ ଭାଙ୍ଗିବା—ଦେ. କ୍ରି-କୌଣସି ବ୍ୟକ୍ତିର ଅଭିମାନକୁ ନିରସନ ବା ଦୂର
Mānā bhāngibā କରିବା—To remove or conciliate
মানভাঙা मानमनाना; मानतोड़ना a person's sullenness
or reserve.

ମାନଭାବ—ସ. ବି—ଥଟ୍ଟା; ଖେଳ ( ହି. ଶ )—
Mānabhāba Jesting.

ମାନ ମନ୍ଦିର—ସ. ବି—୧ । ଗ୍ରହ ନକ୍ଷତ୍ରାଦି ପର୍ଯ୍ୟବେକ୍ଷଣ କରିବାର ଗୃହ;
Māna mandira ବେଧଶାଳା—1. Observatory.
[ ଦ୍ର—ଏଠାରେ ବଡ଼ ବଡ଼ ବୈଜ୍ଞାନିକ ଯନ୍ତ୍ର ଅଛି
ଯାହାସାହାଯ୍ୟରେ ଗ୍ରହ ନକ୍ଷତ୍ରାଦିଙ୍କ ଆକାର, ଦୂରତ୍ୱ ଓ ଗତି
ଆଦି ନିରୂପିତ ହୁଏ ।
ଅକବରଙ୍କଠାରୁ ଜୟପୁର ରାଜ୍ୟ ପାଇବା ପୂର୍ବରୁ
ଅକବରଙ୍କ ହିନ୍ଦୁ ସେନାପତି ରାଜା ମାନସିଂହ ଓଡ଼ିଶାରୁ
ଫେରି ଯାଇ କୋଣାର୍କ ମନ୍ଦିର ଅନୁକରଣରେ କାଶୀର
ବିଖ୍ୟାତ ମାନମନ୍ଦିରକୁ ନିର୍ମାଣ କରାଇଥିଲେ । ] ୨ । ମାନ
ଗୃହ (ଦେଖ)( ହି. ଶ)—2. Māna gruha (See.

ମାନ ମର୍ଯ୍ୟାଦା—ସ. ବି ( ଏକାର୍ଥକ ସହଚର )—ସମ୍ମାନ—Honour;
Māna marjyādā (ମାନ ମହତ—ଦେଶଜରୂପ) dignity.
( ମାନ ମହତ୍ତ୍ୱ, ମାନ ସମ୍ଭ୍ରମ—ଅନ୍ୟରୂପ )

ମାନ ମହାନ୍—ସ. ବିଣ. ପୁଂ—ଅତ୍ୟନ୍ତ ଗର୍ବୀ—Greatly proud
Māna mahān (ମାନମହତୀ—ସ୍ତ୍ରୀ) ( Apte )
( ମାନଭୃତ୍, ମାନପର—ଅନ୍ୟରୂପ )

ମାନ ମାନସେ—ଦେ. କ୍ରି ବିଣ—ଗର୍ବସହକାରେ—Proudly
Māna mānase [ ଦ୍ର—କିମାନ ଅହେତୁ ମାନ ମାନସେ ଅସି
गर्व सहकारे घमंडसे —ଭଞ୍ଜ. ବୈଦେହୀଶବିଳାସ । ]

ମାନ ମାନ୍ୟତା—ସ. ବି—ଇଜ୍ଜତ;ପ୍ରତିଷ୍ଠା ( ହି. ଶ )—
Māna mānyatā Prestige.

ମାନ ମାରିବା—ଦେ. କ୍ରି—କୌଣସି ବ୍ୟକ୍ତି ପ୍ରତି ଅଭିମାନ ପ୍ରକାଶ
Māna māribā କରିବା—To maintain or show
অভিমান করা मान मारना reserve or sullenness ( on
account of wounded feelings) towards
a person.

ମାନ ମିଳିବା—ଦେ. କ୍ରି—୧ । କୌଣସି ବ୍ୟକ୍ତିର ପ୍ରାପ୍ୟ ସମ୍ମାନ ଲାଭ
Māna milibā ପ୍ରାପ୍ତ ହେବା—Receiving one's due
মান রক্ষা হওয়া मान मिलना share of respect. ୨ । ମାନ
ରକ୍ଷା ହେବା—2. The retrieval of one's
prestige.

ମାନ ଯୋଗ—ସ. ବି (୬ଷ୍ଠୀ ତତ୍)—ମାପିବାର ବା ତଉଲିବାର ଯଥାର୍ଥ
Māna joga ପ୍ରଣାଳୀ—The correct mode of measuring or weighing ( Apte ).

ମାନ ରକ୍ଷା—ସ. ବି ( ୬ଷ୍ଠୀ ତତ୍ )—କୌଣସି ବ୍ୟକ୍ତିର ଇଜ୍ଜତ ବା
Māna rakshā ସମ୍ମାନର ଅକ୍ଷୁଣ୍ଣତା—The preservation
of a person's prestige or honour.

ମାନ ରଖିବା—ଦେ. କ୍ରି—କୌଣସି ବ୍ୟକ୍ତିର ସମ୍ମାନକୁ ଅକ୍ଷୁଣ୍ଣ ରଖିବା
Māna rakhibā —To maintain or save a person's
মান রাখা मान रखना honour or prestige.

ମାନ ରନ୍ଧ୍ରା—ସ. ବି (ମାନ=ପରିମାଣ, ତତ୍ସମ୍ବନ୍ଧେ ରନ୍ଧ୍ର=ନିରୂପକ)—
Māna randhrā ପ୍ରାଚୀନ ହିନ୍ଦୁମାନଙ୍କର ସମୟ ନିରୂପକ ଯନ୍ତ୍ର

ବିଶେଷ; ତାମ୍ରୀ; ଜଳଯନ୍ତ୍ର—A contrivance for measuring time used by ancient Hindus, consisting of a copper cup with a hole at the bottom; a kind of clepsydra. [ ଦ୍ର—ତଳରେ ସୂକ୍ଷ୍ମ ଛିଦ୍ର ଥିବା ଏହା ଗୋଟିଏ ତାମ୍ରପାତ୍ର । ଏଥିରେ ପାଣି ଭର୍ତ୍ତି କରି ରଖାଯାଉଥିଲା ଓ କ୍ରମେ କ୍ରମେ ପାଣି ନିଗିଡ଼ିବାଦ୍ୱାରା ପାତ୍ରରେ ଥିବା ଅବଶିଷ୍ଟ ଜଳରୁ ସମୟ ନିରୂପଣ କରାଯାଉଥିଲା । ]

**ମାନସ**—ସଂ. ବି ( ମନସ୍+ଅ )—୧ । ମନ; ଚିତ୍ତ—1. Mind.
Mānasa ୨ । କଳ୍ପନା—2. Idea; imagination; fancy. ୩ । ଇଚ୍ଛା; ଅଭିଳାଷ—3. Wish; desire; intention. ୪ । ମନର ତାପ; ମାନସିକ ଦୁଃଖକ୍ଳେଶ—4. Mental suffering. ୫ । ମାନସସରୋବର (ଦେଖ) 5. Mānasarobara (See) ୬ । ( ହିନ୍ଦୁ ଆଇନ୍ ) ମୌନ ସମ୍ମତି—6. (law) Tacit or implied consent ( Apte ). ୭ । ଏକପ୍ରକାର ଲୁଣ—7. A kind of salt ( Apte). ୮ । ବିଷ୍ଣୁଙ୍କର ପ୍ରତିମା-ବିଶେଷ—8. An image of Bishṇu ( Apte ). ୯ । କାମଦେବ ( ହି. ଶ )—9. Cupid. ୧୦ । ସଙ୍କଳ୍ପ-ବିକଳ୍ପ ( ହି. ଶ )—10. Determination and hesitation. ୧୧ । ( ନାମ ) ଏକ ନାଗର ନାମ ( ହି. ଶ )—11. Name of a mythological serpent. ୧୨ । ( ନାମ ) ଶାଳ୍ମଳୀ ଦ୍ୱୀପର ଏକ ବର୍ଷ ବା ଦେଶ(ହି. ଶ)—12. Name of a country in the mythological Śālmalī island. ୧୩ । ( ନାମ ) ପୁଷ୍କର ଦ୍ୱୀପର ଏକ ପର୍ବତ ( ହି. ଶ )—13. Name of a mythological mountain. ୧୪ । ମାନବ; ମନୁଷ୍ୟ (ହି. ଶ)—14. Man. ବିଣ—୧ । ମନଃ ସମ୍ବନ୍ଧୀୟ; ମାନସିକ—1. Mental. ୨ । ମନ-ଗଢ଼ା; ମନୋକଳ୍ପିତ—2. Imaginary; ideal; born of one's imagination. ୩ । ଆଧ୍ୟାତ୍ମିକ—3. Spiritual. ୪ । କଳ୍ପନୀୟ—4. Conceivable (Apte). ୫ । ମନରୁ ଜାତ; ଇଚ୍ଛାମାତ୍ରେଜାତ-5. Produced from the mind; sprung at will (Apte). ୬ । ସୂଚନା—6. Implied; tacit (Apte). ୭ । ମାନସସରୋବରରେ ବାସ କରୁଥିବା—7. Dwelling in the Mānasarobara lake.

**ମାନସ କରିବା**—ଦେ. କ୍ରି—୧ । ଇଚ୍ଛା କରିବା—1. To wish; to
Mānasa karibā desire. ୨ । ସଙ୍କଳ୍ପ କରିବା—2. To
मानस करना मनमें करना resolve.

**ମାନସଚାରୀ**—ସଂ. ବିଣ. ପୁଂ ( ମାନସ+ଚର ଧାତୁ+କର୍ତ୍ତୃ. ଇନ୍; ୧ମା. ୧ବ )—ଯେ ( ଯେଉଁ ହଂସ ) ମାନସହ୍ରଦରେ
Mānasachārī
( ମାନସବିହାରୀ—ଅନ୍ୟରୂପ ) ବିଚରଣ କରନ୍ତି—( swans ) ( ମାନସଚାରିଣୀ—ସ୍ତ୍ରୀ ) Frequenting the Mānasarobara lake. ସଂ. ବି—ରାଜହଂସ—Swan (Apte).

**ମାନସ ଜନ୍ମା**—ସଂ. ବିଣ ( ମାନସ+ଜନ୍ମନ୍; ୧ମା. ୧ବ; ବହୁବ୍ରୀହି )—
Mānasa janmā ୧ । ମନରୁ ଜାତ—1. Born of the mind. ୨ । ମାନସସରୋବରରେ ଜାତ—2. Produced in the Mānasa lake. ବି—୧ । କାମ; ମଦନ—1. Cupid. ୨ । ରାଜହଂସ—2. A swan ( Apte ).

**ମାନସ ଜପ**—ସଂ. ବି ( କର୍ମଧା )—ମନେ ମନେ ଦେବତାଙ୍କର ନାମ
Mānasa japa ଜପିବା—Taking the name of a Deity mentally.

**ମାନସତପଃ**—ସଂ. ବି—ମନଃପ୍ରସାଦ, ସୌମ୍ୟତ୍ୱ, ମୌନ, ଆତ୍ମବିନିଗ୍ରହ
Mānasatapaḥ ଓ ଭାବସଂଶୁଦ୍ଧି—Favourable disposition or tranquility of mind, sweet-nature, silence, selfcontrol and purity of thought [ ଦ୍ର—ଭଗବଦ୍‌ଗୀତା ୧୭ଶ ଅଧ୍ୟାୟରେ ତପଃକୁ ୩ ଶ୍ରେଣୀରେ ବିଭକ୍ତ କରାଯାଇଅଛି । ଯଥା— ୧ । ଶାରୀର ତପଃ—ଦେବଦ୍ୱିଜଗୁରୁପ୍ରାଜ୍ଞପୂଜନ, ଶୌଚ, ଆର୍ଜ୍ଜବ ବା ସରଳତା, ବ୍ରହ୍ମଚର୍ଯ୍ୟ, ଅହିଂସା— ୨ । ବାଙ୍ମୟ ତପଃ—ଅନୁଦ୍ୱେଗକର ବାକ୍ୟ, ସତ୍ୟ, ପ୍ରିୟ ଓ ହିତବାକ୍ୟ, ସ୍ୱାଧ୍ୟାୟାଭ୍ୟାସନ ବା ବେଦାଭ୍ୟାସ ଓ—୩ । ମାନସତପଃ—ମନଃପ୍ରସାଦ, ସୌମ୍ୟତ୍ୱ, ମୌନ, ଆତ୍ମବିନିଗ୍ରହ ଓ ଭାବସଂଶୁଦ୍ଧି । ୧୪।୧୫।୧୬ ଶ୍ଳୋକ । ]

**ମାନସ ତୀର୍ଥ**—ସଂ. ବି—ହିଂସାକ୍ରୋଧାଦିବର୍ଜ୍ଜିତ ମନ; ରିପୁବର୍ଜିତ ମନ—
Mānasa tīrtha A mind free from envy, anger and evil positions.

**ମାନସ ନ ପାଇବା**—ଦେ. ବି – ମନ ନ ହେବା; ଇଚ୍ଛା ନ ହେବା—
Mānasa na pāibā Want of a desire or liking for.
मन ना यावा [ ଦ୍ର—ଅର୍ଜୁନଙ୍କୁ ନ ଦେଖି ଏ ବନରେ ବାସ,
मन नहीं भरना କରିବାକୁ ମୋହର ନ ପାଏ ମାନସ । କୃଷ୍ଣସିଂହ ମହାଭାରତ. ବନ । ]

**ମାନସ ନେତ୍ର**—ସଂ. ବି ( ରୂପକ; ମାନସ+ନେତ୍ର )—ମନଶ୍ଚକ୍ଷୁ—
Mānasa netra The mind's eye.
( ମାନସ ଲୋଚନ; ମାନସ ଚକ୍ଷୁ—ଅନ୍ୟରୂପ)

**ମାନସ ପଟ**—ସଂ ବି ( ରୂପକ; ମାନସ+ପଟ )—ଚିତ୍ତପଟ; ଚିତ୍ତରୂପକ
Mānasa paṭa ପଟ—The canvas of the mind.

**ମାନସ ପୁତ୍ର**—ସଂ. ବି. ପୁଂ—( ଦେବତାଙ୍କର ) ମନ ମଧ୍ୟରୁ ଜାତ
Mānasa putra କରାଯିବା ପୁତ୍ର—A son begotten
(ମାନସ ପୁତ୍ରୀ—ସ୍ତ୍ରୀ) of the mind ( of a Deity ); a son sprung at will. [ ଦ୍ର—ବୈବସ୍ୱତାଦି ମନୁ ଓ ସନକ, ସନନ୍ଦନାଦି ଋଷିମାନେ ବ୍ରହ୍ମାଙ୍କ ମାନସ ପୁତ୍ର ଅଟନ୍ତି; ଅର୍ଥାତ୍ ବ୍ରହ୍ମା ମନରେ ଭାବିଲେ ଯେ ଏମାନେ ଉତ୍ପନ୍ନହୁଅନ୍ତୁ ଓ ଏମାନେ ଜନ୍ମିଲେ । ]

**ମାନସ ପୂଜା**—ସଂ. ବି ( ମାନସୀ+ପୂଜା; କର୍ମଧା )—ମନଃକଳ୍ପିତ
Mānasa pūjā ଉପକରଣଦ୍ୱାରା ପୂଜା; ବାହ୍ୟ ଉପକରଣ-
ମାନଙ୍କର ବିନା ସାହାଯ୍ୟରେ ମନେ ମନେ ପୂଜା )—
Mental worship; worship of a Deity by means of abstract contemplation.

**ମାନସ ବଳା(ଳେ)ଇବା**—ଦେ. କ୍ରି—ମନ ବଳାଇବା; କୌଣସି
Mānasa ba̱lā(ḻe)ibā . କାର୍ଯ୍ୟପ୍ରତି ଅଗ୍ରହାନ୍ୱିତ ହେବା—
মন বাঢ়ান; মন দৌড়ান To be bent on doing a
मनबढाना; मनदौडाना thing; to hanker after a thing.

**ମାନସ ବଳିବା**—ଦେ. ବି—କୌଣସି ବିଷୟ ପ୍ରତି ବିଶେଷ ଅଗ୍ରହ ଜନ୍ମିବା
Mānasa ba̱libā —The state of having an
মন দৌড়া मन बढना intensive desire for a thing.

**ମାନସ ବିଜ୍ଞାନ**—ସଂ. ବି ( ମ. ପ. ଲୋ)—ମନୋବିଜ୍ଞାନ; ମନର କାର୍ଯ୍ୟ,
Mānasa bijñāna ମନର ଗତି ଆଦି ଯେଉଁ ବିଦ୍ୟାରେ
ମାନସ ବିଦ୍ୟା } ଅନ୍ୟରୂପ ଆଲୋଚିତ ହୁଏ— Psychology.
ମାନସ ଶାସ୍ତ୍ର }

**ମାନସ ବ୍ରତ**—ସଂ. ବି—ଲୋଭରାହିତ୍ୟ, ଅହିଂସା, ସତ୍ୟ, ଦାନ,
Mānasa brata ଅକ୍ରୋଧ, ବ୍ରହ୍ମଚର୍ଯ୍ୟାଦି ବ୍ରତ ( ହି. ଶ )
—Mental piety; (e, g. uncovetuousness; truthfulness, abstinence or continence, absence of revenge ) or hurting others, freedom from anger etc.

**ମାନସ ମନ୍ଦିର**—ସଂ. ବି ( ରୂପକ; ମାନସ+ମନ୍ଦିର )—ମନୋମନ୍ଦିର;
Mānasa mandira ମନୋରୂପ ଗୃହ—The mind compared to a temple or a house.

**ମାନସର**—ଦେ. ବି ( ସଂ. ମାନସ ସରଃ )—ମାନ ସରୋବର ( ଦେଖ )
Mānasara Māna sarobara ( See ) ( ଯୁ—
মান সরোবর ବିହରିବା ମାନସର ମଧ୍ୟେ ହଂସକୁ ସୁଜନ, ଅନ
मानसर ପକ୍ଷୀରେ କି ସେ ବାଞ୍ଛିତ । ଉପେ. ବୈଦେହୀଶ-
ବିଳାସ । )

**ମାନସ ରାଜ୍ୟ**—ସଂ. ବି ( ରୂପକ; ମାନସ+ରାଜ୍ୟ )—ମନୋରାଜ୍ୟ
Mānasa rājya —The kingdom of mind.

**ମାନ ସରୋବର**—ଦେ ବି ( ସଂ. ମାନସ ସରୋବର )—ମାନସ ନାମକ
Māna sarobara ହିମାଳୟର ଉତ୍ତରଦେଶସ୍ଥ ହ୍ରଦଦ୍ୱୟ—
(ମାନସସରୋବର—ସଂ. ରୂପ) Name of a couple of lakes
মানস সরোবর to the north of the Himalayas; the
मान सरोवर Manasarobara lakes. [ ଦ୍ର—ଏହା
ପ୍ରକୃତରେ ଦୁଇଟି ହ୍ରଦ, ଗୋଟିଏ ହ୍ରଦ ଅନ୍ୟ ହ୍ରଦର ପଶ୍ଚିମରେ ଅବସ୍ଥିତ । ପୂର୍ବପାର୍ଶ୍ୱସ୍ଥ ହ୍ରଦଟି ବଡ଼ ଓ ପଶ୍ଚିମପାର୍ଶ୍ୱସ୍ଥ ହ୍ରଦଟି ସାନ । କେହି କେହି ପଶ୍ଚିମ ହ୍ରଦକୁ ରାବଣହ୍ରଦ ଓ ପୂର୍ବ ହ୍ରଦକୁ ମାନସରୋବର କହନ୍ତି । ଏରୂପ ହ୍ରଦ ଓ ଆଉ ଗୋଟିଏ ହ୍ରଦ ହିମାଳୟର ଉତ୍ତରରେ ତିବ୍ବତ ଦେଶରେ ଅବସ୍ଥିତ । ଏ ହ୍ରଦର ଉତ୍ତର ପଶ୍ଚିମରେ ଥିବା କୈଳାସ ଶୃଙ୍ଗର ଉଚ୍ଚତା ୨୧୯୦୦ ଫୁଟ୍ । ଏଥିର ପୂର୍ବ ହ୍ରଦରୁ ପୂର୍ବ ଅଭିମୁଖରେ ବ୍ରହ୍ମପୁତ୍ର ଓ ପଶ୍ଚିମ ହ୍ରଦରୁ ପଶ୍ଚିମ ଅଭିମୁଖରେ ଶତଦ୍ରୁ ଓ ସିନ୍ଧୁନଦୀ ବାହାରି ଅଛନ୍ତି ।

ହିନ୍ଦୁ ପୁରାଣମତେ ଏହାକୁ କୈଳାସ ପର୍ବତରେ ବ୍ରହ୍ମା ଖୋଳିଥିଲେ । ଏହାର ଉତ୍ତରରେ କୈଳାସ ଓ ଦକ୍ଷିଣରେ ହିମାଳୟ ପର୍ବତ । ରାମାୟଣରେ ଲେଖାଅଛି ଯେ କୈଳାସ-ଶିଖରରେ ବ୍ରହ୍ମାଙ୍କ ମନ ଅନୁସାରେ ଏ ହ୍ରଦ ନିର୍ମିତ ହୋଇଥିଲା । ଏଥିପାଇଁ ଏହାର ନାମ ମାନସ ସରୋବର ହୋଇଅଛି ।

ଏହିଠାରୁ ଶୀତକାଳରେ ରାଜହଂସମାନେ ଭାରତକୁ ଉଡ଼ି ଆସନ୍ତି ବୋଲି କବି ପ୍ରସିଦ୍ଧି ଅଛି । ପୁଣି ଶୀତ ଗଲେ ଏଠାକୁ ଫେରି ଯାଆନ୍ତି ।

ଏହା ହିନ୍ଦୁମାନଙ୍କର ପୀଠବିଶେଷ । ସତୀଙ୍କ ଶବର ଦକ୍ଷିଣ ହସ୍ତ ଏହିଠାରେ ପଡ଼ିଥିଲା । ଏହି ପୀଠର ଭୈରବ ଅମର ଓ ଭୈରବୀ ଦାକ୍ଷାୟଣୀ । କୈଳାସ ପର୍ବତର ମୂଳ-ଦେଶସ୍ଥ ଦାରଚନ ମଠଠାରୁ ମାନସରୋବର ତୁଇଦିନର ପଥ । ମଝିରେ ରାବଣ ହ୍ରଦ ( ଯାହା ମାନ ସରୋବରର ପଶ୍ଚିମରେ ଅବସ୍ଥିତ, ତାକୁ ) ଅତିକ୍ରମ କରିବାକୁ ପଡ଼େ । ରାସ୍ତା ଭେଡ଼ ପରି ଉଚ ନୀଚ । ଚାରିଆଡ଼େ ପର୍ବତମାଳା ବେଷ୍ଟିତ, ମଧ୍ୟରେ ନୀଳବର୍ଣ୍ଣ ଜଳରାଶି ପବନବେଗରେ ଆନ୍ଦୋଳିତ । ଏହି ଜଳ ମଧ୍ୟରେ ଅସଂଖ୍ୟ ଚକ୍ରବାକ, ଚକ୍ରବାକୀ ଓ ବହୁ ସଂଖ୍ୟକ ରାଜହଂସ କ୍ରୀଡ଼ା କରନ୍ତି । ଏମାନେ କର୍ପୂର ପରି ଶୁଭ୍ର । ମାନସରୋବରର ଚାରି-ପାଖରେ ୧୦।୧୨ ମାଇଲ୍ ଛଡ଼ାରେ ୮ଗୋଟି ମଠ ଅଛି । ମାନସରୋବରର ପରିଧି ପ୍ରାୟ ୮୦ ମାଇଲ୍ । ଏହି ମଠମାନଙ୍କ ମଧ୍ୟରେ ଜୁଗୁମ୍ପା ମଠ ସର୍ବ ପ୍ରଧାନ । ଏହି ପ୍ରଧାନ ମଠରେ ହର ପାର୍ବତୀ ମୂର୍ତ୍ତି ପ୍ରତିଷ୍ଠିତ । ମଠର ଗୁପ୍ତ ଗୁହା ମଧ୍ୟରେ ରାଶି ରାଶି ହସ୍ତଲିଖିତ ପୋଥି ଗୋପନରେ ସୁରକ୍ଷିତ ହୋଇଅଛି । ଏହା ଗୁପ୍ତ ଗୁହାହିଁ ପୀଠସ୍ଥଳ । ମାନ-ସରୋବରର ଜଳ ଅତ୍ୟନ୍ତ ସ୍ୱଚ୍ଛ ଓ ତଳର ପଥରମାନ ଉପରକୁ ସ୍ପଷ୍ଟ ଦେଖାଯାଏ । ଜୁଗୁମ୍ପା ମଠର ସକଳ ବାବାଜୀ ଜପଯୋଗୀ; କେବଳ ପ୍ରଧାନ ଲାମା ପ୍ରାଣାୟାମ ଯୋଗୀ । ଏମାନେ ମହାଶଙ୍ଖମାଳା, କେହି କେହି ରୁଦ୍ରାକ୍ଷମାଳାରେ ଜପ କରନ୍ତି । ସ୍ୱାମୀ. ରାମାନନ୍ଦ । ]

**ମାନସ ସନ୍ନ୍ୟାସୀ**—ସଂ. ବି. ପୁଂ—ଯେଉଁ ବ୍ୟକ୍ତିଙ୍କର ମନରେ ବୈରାଗ୍ୟ
Mānasa sannyāsi ଉଦୟ ହେବାରୁ ସେ ଗୃହସ୍ଥାଶ୍ରମ ତ୍ୟାଗ
(ମାନସ ସନ୍ନ୍ୟାସୀ—ଅନ୍ୟରୂପ) କରି ବନରେ ରହି ତପସ୍ୟା କରନ୍ତି ।
(ହି. ଶ)—A person who renounces his home and goes to the forest and does penance there, [ଦ୍ର—ଏ ସନ୍ନ୍ୟାସୀମାନେ ସନ୍ନ୍ୟାସୀମାନଙ୍କର ବେଶ (ଗେରୁଆ ଲୁଗା ଆଦି) ପିନ୍ଧନ୍ତି ନାହିଁ—
ହି. ଶ]

**ମାନସ ସରୋବର**—ସଂ. ବି—ମାନ ସରୋବର ( ଦେଖ )
Mānasa sarobara  Mānasa sarobara (See)
(ମାନସ ହ୍ରଦ—ଅନ୍ୟରୂପ)

**ମାନସ ସିଦ୍ଧି**—ସଂ. ବି. (୬ଷ୍ଠୀ ତତ୍)—ଅଭିଳାଷର ପୂରଣ—
Mānasa siddhi  Fulfilment of one's desire.

**ମାନସ ହଂସ**—ସଂ. ବି. (ମ. ପ. ଲୋ)—୧ । ମାନସସରୋବରବିହାରୀ ରାଜହଂସ—1. A swan frequenting the Mānasa lake.
Mānasa haṁsa
୨ । ଏକ ବର୍ଣ୍ଣବୃତ୍ତ—2. Name of a Sanscrit metre. [ଦ୍ର—ଏଥିର ପ୍ରତ୍ୟେକ ଚରଣରେ 'ସ ଜ ଜ ଭ ର' ଥାଏ—ବୃ. ର]

**ମାନସାଙ୍କ**—ସଂ. ବି. (ଅଧ୍ୟକ୍ତ)—ଗଣିତର ଯେଉଁ ପ୍ରଶ୍ନ ଲେଖାଲେଖି ନ କରି ମନେ ମନେ ସମାଧାନ କରି ମୁଖରେ ତହିଁର ଉତ୍ତର ଦେବାକୁ ହୁଏ, ଭୁଣ୍ଡ ଅଙ୍କ—Mental arithmetic.
Mānasāṅka
मानसाङ्क
**मौखिक**

**ମାନସାଳୟ**—ସଂ. ବି. (ବହୁବ୍ରୀହି; ମାନସ + ଆଳୟ)—ରାଜହଂସ—
Mānasālaya  Swan.

**ମାନସିଂହ**—ଦେ. ବି—୧ । ମୋଗଲ ସମ୍ରାଟ ଅକବରଙ୍କ ଅଧୀନ ରାଜପୁତ ସେନାପତି—1. Name of a Rajput general under Akbar. [ଦ୍ର—ଏହାଙ୍କର ପିଉସୀଙ୍କୁ ଅକବର ବିବାହ କରିଥିଲେ ଓ ଏହାଙ୍କ ଭଉଣୀଙ୍କୁ ଜାହାଙ୍ଗୀର ବିବାହ କରିଥିଲେ; ଅକବର ଏହାଙ୍କୁ ଜୟପୁର ରାଜ୍ୟର ରାଜା କରିଥିଲେ । ] ୨ । କ୍ଷତ୍ରିୟଙ୍କ ବଂଶୋପାଧି ବିଶେଷ—2. Name of a family-title of Kshatriyas.
Mānasiṁha
मानसिंह
**मानसिंह**

**ମାନସିକ**—ସଂ.ବଣ. (ମାନସ + ଇକ)—୧ । ମନଃ ସମ୍ବନ୍ଧୀୟ; ଅନ୍ତରର; ମନୋଗତ—1. Mental. ୨ । କାଳ୍ପନିକ—2. Imaginary. ଦେ. ବି—୧ । ଦେବଦେବୀଙ୍କ ସମୀପରେ କୌଣସି ଅଭୀଷ୍ଟ ସାଧନାର୍ଥ ଭୋଗ ଆଦି ଯାଚିବା କାର୍ଯ୍ୟ; ମାନତ—1. Vow taken before a Deity to perform certain acts in case one's particular desire is fulfilled. ୨ । କଳ୍ପନା—2. Imagination. (ଭ୍ର—ମାନସିରେ ତାର ମୁଖ ଦେଖୁଅଛୁ ଭୁଞ୍ଜିଲ କୋପଭରେଣ । ପ୍ରାଚୀ. ଉପ-ବାଉଧି ।] ୩ । ବିଷ୍ଣୁ (ହ୍ରି. ଶ)—3. A name of Bishnu.
Mānasika
मानसिक
**मन्नत, मान मनौति**

**ମାନସିକ କରିବା**—ଦେ. କ୍ରି—ମାନତ୍ କରିବା ( ଦେଖ )
Mānasika kariba  Mānat karibā ( See )
मानसिक करा **मन्नत करना**

**ମାନସୀ**—ସଂ. ବଣ. ସ୍ତ୍ରୀ ( ମାନସ + ଈ; ମାନସର ସ୍ତ୍ରୀଲିଙ୍ଗ—Feminine of Mānasa )—ମାନସ ସମ୍ବନ୍ଧୀୟା—Mental. ବି—୧ । ବିଦ୍ୟାଧରୀ ବିଶେଷ—1. Name of a female demigod. ୨ । ମାନସ ପୂଜା (ହ୍ରି.ଶ) (ଦେଖ)—2. Mānasa pūjā (See)
Mānasī

**ମାନସୀ କନ୍ୟା**—ସଂ. ବି. ସ୍ତ୍ରୀ—ମନରୁ ଜାତ କନ୍ୟା; ମନରେ କନ୍ୟା ଜାତ ହେଉ ବୋଲି କଳ୍ପନା କରିବା ମାତ୍ରେ ଯେଉଁ କନ୍ୟା ଜାତ ହୁଏ—A daughter begotten of the mind; a daughter sprung at one's will.
Mānasī kanyā
(ମାନସୀ ପୁତ୍ରୀ—ଅନ୍ୟରୂପ)

**ମାନସୀ କାର୍ଯ୍ୟ**—ଦେ. ବି. (ସଂ. ମାନସିକ + କାର୍ଯ୍ୟ)—ମନରେ ସଙ୍କଳ୍ପିତ କର୍ମ—An act resolved to be done.
Mānasī kārjya

**ମାନସୀ ମୂର୍ତ୍ତି**—ସଂ. ବି—ମନଃକଳ୍ପିତ ରୂପ—An image formed in the mind; imaginary form.
Mānasī mūrtti

**ମାନସୂତ୍ର**—ସଂ. ବି—୧ । ସ୍ୱର୍ଣ୍ଣାଦି ନିର୍ମିତ କଟିସୂତ୍ର; ଅଣ୍ଟା ସୂତା; କଟିଚକ୍ର—1. A waist chain of any valuable metal. ୨ । ମାପ କରିବାର ସୁତୁଲି—2. A measuring string or rope.
Mānasūtra

**ମାନସୋତ୍କ**—ସଂ. ବଣ. ପୁଂ (ମାନସ + ଉତ୍କ)—ମାନସସରୋବରକୁ ଯିବା ପାଇଁ ଅଗ୍ରହାନ୍ୱିତ (ହଂସ)—( a swan ) Eager to proceed to the Mānasarobara lake.
Mānasotka
(ମାନସୋତ୍କା—ସ୍ତ୍ରୀଲିଙ୍ଗ)

**ମାନସୌକାଃ**—ସଂ. ବି. (ବହୁବ୍ରୀହି; ମାନସ = ମାନସ ସରୋବର ଅଟେ ଓକସ୍ = ଗୃହ ଯାହାର )—ରାଜହଂସ—Swan. ବି—ମାନସବାସୀ—Living in Mānasa (lake or mind).
Mānasaukāḥ

**ମାନ ହଂସ**—ସଂ. ବି—ମାନସ ହଂସ ୨ ( ଦେଖ )
Māna haṁsa  Mānasa haṁsa 2 ( See )

**ମାନ ହରା(ରେ)ଇବା**—ଦେ. କ୍ରି—ଆପଣାର ସମ୍ମାନ ନଷ୍ଟ ହେବା ଭଳି କାର୍ଯ୍ୟ କରିବା—To lose one's prestige; to act to the detriment of one's honour.
Māna harā(re)ibā
মান হারান, মান খুয়ান
**मान खोना**

**ମାନ ହାନି**—ସଂ. ବି. ( ୬ଷ୍ଠୀ ତତ୍ )—୧ । ସମ୍ମାନର ହାନି; ମାନର ନାଶ; ଅପମାନ—1. Loss of one's prestige or respect; insult. ୨ । ଅପବାଦ ଦ୍ୱାରା ପରର ମର୍ଯ୍ୟାଦା ନାଶ—2. Libel; defamation.
Māna hāni

**ମାନହାନି କର**—ସଂ. ବି ( ଷଷ୍ଠୀ ତତ୍ )—ମର୍ଯ୍ୟାଦାର ଅପକାରକ—Defamatory; libellous.
Mānahāni kara
(ମାନହାନିଜନକ—ଅନ୍ୟରୂପ)

**ମାନହାନି ମକଦ(ଦ୍ଦ)ମା**—ଦେ· ବି ( ଚତୁର୍ଥୀ )—ଆପଣାର ମାନହାନି ଘଟାଇବା ବ୍ୟକ୍ତିର ବିରୁଦ୍ଧରେ ମକଦମା; ଉକ୍ତଦାବୀ ମକଦମା—Libel suit; suit for damages for defamation.
Mānahāni makada(dda)mā
মানহানি মোকদমা
**मानहानि मुकदमा**
[ ମାନହାନି ମାମଲା—ଅନ୍ୟରୂପ ]

**ମାନହାନିର କ୍ଷତିପୂରଣ**—ଦେ. ବି ( ଚତୁର୍ଥୀ )—ଆପଣାର ମାନନାଶ ହୋଇଥିବାରୁ ତହିଁ ନିମନ୍ତେ ମାନନାଶକାରୀ ବ୍ୟକ୍ତିଠାରୁ ଦାବୀ କରାଯିବା ଅର୍ଥ—Compensation or damage
Mānahānira kshatipūraṇa
মানহানির ক্ষতিপূরণ
**मानहानिका क्षतिपूरण**

[ ମାନହାନିର ଶେଷା(ଷ)ସ୍ତ—ଅନ୍ୟରୂପ ] for one's loss of honour.

**ମାନହୀନ**—ସଂ. ବିଣ. ପୁଂ—୧ । ମର୍ଯ୍ୟାଦାହୀନ; ସମ୍ମାନଶୂନ୍ୟ—
Mānahīna 1. Destitute of respect or prestige
( ମାନଶୂନ୍ୟ—ଅନ୍ୟରୂପ ) or honour. ୨ । ଗର୍ବଶୂନ୍ୟ—
( ମାନହୀନା—ସ୍ତ୍ରୀ ) 2. Free from pride.

**ମାନା(ନ୍ନା)**—ବୈଦେ. ବି ( ଇଂ. ମାନ୍ନା )—ଦେବଦତ୍ତ ବୃକ୍ଷରୁ ସ୍ରବିତ
Mānā(nnā) ମିଷ୍ଟ ନିର୍ଯ୍ୟାସବିଶେଷ—Manna. [ ଦ୍ର—ଏହା
मान्ना **माना** ଦେଖିବାକୁ ଦାନାଦାର ଓ ସ୍ୱଚ୍ଛ ଏବଂ ପ୍ରଧାନ ଭଷା-
ଯୁନରୂପେ ଆୟୁର୍ବେଦର ଚିକିତ୍ସାରେ ବ୍ୟବହୃତ ହୁଏ ।
(ଯଥା—ବଣସ୍ପତିକ । )]

**ମାନାମାନ**—ଦେ. ବି ( ସଂ. ମାନ+ଅପମାନ )—ମାନ ଓ ଅପମାନ—
Mānāmāna Honour and dishonour; respect
मानामान **मानपमान** and insult.
( ମାନ ଅପମାନ—ଅନ୍ୟରୂପ; ମାନାପମାନ—ସଂ. ରୂପ ) .

**ମାନି**—ଦେ. ବି—ପ୍ରତିଭୂ; ଜାମିନ—Security; surety ବିଣ—
Māni ୧ । ଅନ୍ୟ ନିମନ୍ତେ ଜାମିନ୍ ହୋଇଥିବା—1. Stand-
ज़ामिन ing surety for another. ୨ । ସ୍ୱେଚ୍ଛାପ୍ରଣୋଦିତ—
**जमानत; मानी** 2. Voluntary.

**ମାନିଆ(ଆଁ)**—ଦେ. ବିଣ. ପୁଂ—୧ । (ସଂ. ମାନୀ) ଅଭିମାନୀ—
Māniā(ā̃) 1. Prone to take offence at small
(ମନେ[ନୋ]ଇ—ସ୍ତ୍ରୀ) things. ୨ । ଯେ ଗୁରୁଜନ ଆଦିକୁ
अभिमानी, मानी ସମ୍ମାନ ଦେଖାଏ—2. Showing respect
**अभिमानी** to elders. [ଦ୍ର—ଅମାନିଆଁ ପୁଅ ବଣରେ ପଶେ,
मान्यकारी ମାନିଆଁ ପୁଅ କୋଳରେ ବସେ । ଢଗ । ] ୩ । (ପ୍ରା.
**मानन करनेवाला** ଓ ସ୍ତ୍ରୀ; ସଂ. ମାନ୍ୟ) ମାନ୍ୟ; ମାନସମ୍ଭ୍ରମ
मान्य (ବ୍ୟକ୍ତି)—3. Respectable. ୪ । ଭକ୍ତ; ଯେ ସ୍ୱଜନ
**मान्य** ଆଦିଙ୍କ ବଶବର୍ତ୍ତୀ ହୋଇ ଚଳେ—4. Loyal; devoted.
[ଦ୍ର—ନୃପତିହୁରେ ଅମ୍ଭେ କରୁଁ ସବୁ କାର୍ଯ୍ୟ, ପ୍ରଜାମାନିଆ
ହୋଇ ରହିବୁଁ ଅମ୍ଭ ରାଜ୍ୟ । ପୀତାମ୍ବର. ନୃସିଂହପୁରାଣ । ]
ଦେ. ବି—୧ । ଏକ ପ୍ରକାର ଫୁଲ ଗଭା—1. A kind
of nosegay. [ଦ୍ର—ଦଳମାନ ବରଗର ସେବତୀ;
ଗୁନ୍ଥିଅଛୁ ମାନିଆ ଦେ ଯୁବତୀ । ଉପେ. ଲାବଣ୍ୟବତୀ । ]
୨ । ବାଉଁଶ ଟୋକାଇ—2. Bamboo basket.
କି. ବିଣ—୧ । (ନିର୍ଦ୍ଦିଷ୍ଟ ସମୟ) ପାଇଁ; ସକାଶେ—
जन्ये; जन्य 1. For (a fixed line). (ଯଥା—ତୁମେ ଏଠାର
**मुताबिक, वास्ते** ମାନିଆଁ ଦଣ୍ଡ ଅଣିବ ) ୨ । (ନିର୍ଦ୍ଦିଷ୍ଟ ସଂଖ୍ୟକ
ବ୍ୟକ୍ତିଙ୍କ ପାଇଁ) ଯଥେଷ୍ଟ ହେବା ପ୍ରକାରେ—2. In a
manner or quantity sufficient for (a
number of persons). [ ଦ୍ର—ମହାଲକ୍ଷ୍ମୀ ଏ ସଖୀଙ୍କୁ
ଭିଡି ଭୁଇ ଜଣ ମାନିଆ ଗୁଣ୍ଡିଲ ମାଣକ ଠିକ୍ କଷରେ
ମାପି ଦେଇଯାନ୍ତି । ଫକୀରମୋହନ. ଗଳ୍ପସ୍ୱଳ୍ପ । ]

**ମାନି କରିବା**—ଦେ. କ୍ରି—ଆପଣାପାଇଁ ଅନ୍ୟ ବ୍ୟକ୍ତିଙ୍କୁ ଜାମିନ୍ଭୁକ୍ତ
Māni karibā ଠିଆ କରାଇବା—To produce a person
जामिन देना 'as surety for one's own actions.
**मानी करना**

**ମାନିକା**—ସଂ. ବି (ମାନ୍ ଧାତୁ+କର୍ମ. ଣିକ+ଆ)—୧ । ମଦ୍ୟ
Mānikā (ବୃ. ଶ)—1. Wine. ୨ । ୮ ପଲ ବା ୬୦
ତୋଳାର ଏକ ମାନ (ବୃ. ଶ)—2. A standard of
weight equal to 8 palas.

**ମାନିତ**—ସଂ. ବିଣ (ମାନ୍ ଧାତୁ+ଣିଚ୍. କର୍ମ. କ୍ତ)—୧ । ପୂଜିତ—
Mānita 1. Worshipped. ୨ । ସମ୍ମାନିତ—2. Ho-
(ମାନିତା—ସ୍ତ୍ରୀ) noured; respected. ୩ । ସମ୍ମାନଯୋଗ୍ୟ—
3. Respectable; esteemable. [ ଦ୍ର—ମାନିତ
ତ୍ରିଗୁଣଙ୍କୁ ଦଣ୍ଡ ଦଲେ ଯଦି, ସେ ଦୋଷ ଯମ୍ଭ ଯାଇ
ହୋଇଲେ ତୀର୍ଥବାସୀ । ପୀତାମ୍ବର. ନୃସିଂହ ପୁରାଣ ।]ଦେ.
मानित ବିଣ—୧ । (ବିଚାରାର୍ଥ) ମକଦ୍ଦମାର କୌଣସି ପକ୍ଷଦ୍ୱାରା
**मानाहुआ** ସ୍ୱୀକୃତ ବା ଉଭୟରରେ ଉପସ୍ଥିତ ହେବାପାଇଁ ଉଦ୍ଦିଷ୍ଟ
ସାକ୍ଷୀ ବା ମଧ୍ୟସ୍ଥ—1. ( witness or umpire )
Cited by a party. ( ଯଥା—ଉଭୟ ପକ୍ଷଙ୍କ ମାନିତ
मानी ପଞ୍ଚାଏତ) ୨ । ଅଭିମାନଯୁକ୍ତ; ଅଭିମାନୀ—2. Prone
**अभिमानी, घमंडी** to take offence. [ଦ୍ର—×× ଦୁର୍ଜନମିତ;
ରଙ୍କମାନିତ; ସତୀ ଗୋ । ମନ ଏ । ଛନ୍ଦ । ]

**ମାନିତବ୍ୟ**—ସଂ. ବିଣ. ପୁଂ—(ମାନ୍ ଧାତୁ+କର୍ମ. ତବ୍ୟ)—ପୂଜିତବ୍ୟ
Mānitabya ମାନ୍ୟ—Venerable; adorable.
( ମାନିତବ୍ୟା—ସ୍ତ୍ରୀ )

**ମାନିତା**—ସଂ. ବିଣ. ସ୍ତ୍ରୀ (ମାନିତ+ଆ)—ମାନିତର ସ୍ତ୍ରୀଲିଙ୍ଗ—
Mānitā Feminine of Mānita. ସଂ. ବି ( ମାନିନ+
ଭାବ. ତା)—୧ । ସମ୍ମାନ; ଗୌରବ (ବୃ. ଶ)—
1. Respect; prestige. ୨ । ଅହଙ୍କାର; ଗର୍ବ
(ବୃ ଶ)—2. Pride.

**ମାନିନୀ**—ସଂ. ବିଣ. ସ୍ତ୍ରୀ (ମାନିନ୍+ସ୍ତ୍ରୀ. ଈ)—୧ । ଅଭିମାନବତୀ—
Mānini 1. Haughty or reserved (woman)
(ମାନୀ—ପୁଂ) ୨ । ସ୍ୱାମୀ ବା ପ୍ରେମିକଙ୍କ ପ୍ରତି ଅଭିମାନବତୀ—
2. (a lady) Reserved or sullenly indig-
nant towards her lover or husband;
sullenly displeased with hear sweetheart.
ବି—୧ । ପ୍ରିୟଙ୍ଗୁଲତା—1. Aglaia Roxburghiana.
୨ । ଅଷ୍ଟାଦଶାକ୍ଷର ନାମକ ଛନ୍ଦୋବିଶେଷ—2. Name
of a Sanscrit metre.

**ମାନି ନେବା**—ଦେ. କ୍ରି—ଯୁକ୍ତି ପ୍ରସଙ୍ଗରେ ସ୍ୱୀକାର କରିବା—
Māni nebā To admit for the sake of argument.
मेने लेओया **मान लेना**

**ମାନିବା**—ଦେ. କ୍ରି ( ସଂ. ମାନ୍ ଧାତୁ )—୧ । ମାନ୍ୟ କରିବା; ସମ୍ମାନ
Mānibā କରିବା; ସମ୍ମାନ ଦୃଷ୍ଟିରେ ଦେଖିବା—1. To show
माना **मानना** respect; to honour; to do homage;

[ ମନା(ନେ)ଇବା— ପ୍ରଯୋଜକରୂପ ] to esteem; to treat with due regard. [ ଉ—ମାନିଲେ ଦେବତା, ନ ମାନିଲେ ପଥର—ଢଗ । ] ୨ । ଆଦେଶ ପାଳନ କରିବା—2. To obey; to comply with an order. [ ଉ—ଧାଇ ଦମୟନ୍ତୀଙ୍କ କଥାକୁ ମାନିଲା—କୃଷ୍ଣସିଂହ. ମହାଭାରତ. ବନ । ] ୩ । ସଂକଳ୍ପ କରିବା; ଦେବତାଙ୍କ ଉଦ୍ଦେଶ୍ୟରେ କୌଣସି ପଦାର୍ଥ ଯାଚିବା; ମାନସିକ କରିବା; ମାନତ କରିବା; ଅଙ୍ଗୀକାର କରିବା—3. To make a vow or mental offering to a Deity; to promise a votive offering to a Deity. (ଯଥା—ମୁଁ ସତ୍ୟନାରାୟଣଙ୍କୁ ଷୋଳ ପାଳି ମାନିଛି । ) ୪ । (ଅକର୍ମକ) ଶୋଭା ପାଇବା; ସୁନ୍ଦର ଦେଖା

सुन्दर दीखना ଯିବା—4. To look graceful. [ ଉ—ଭଲ ମାନୁଛି ବେଶ, ସୁଧାମୟୂଖମୁଖ—କବିସୂର୍ଯ୍ୟ. କଳୋର. ଚନ୍ଦ୍ରାନନ୍ଦକମ୍ପୂ. ଉ ଗୀତ । ] ୫ । (ସକର୍ମକ) ଗ୍ରାହ୍ୟ କରିବା; ଆଦର କରିବା—5. To care for. [ ଉ—ବୃଷ୍ଟି ବାରଣ ଛତ୍ର ନ ପକାଉ, ନ ମାନେ ନବ ମାସ କଷାୟିତ—

मानना କବିସୂର୍ଯ୍ୟ. କବିତା । ] ୬ । ଅନ୍ୟର ଅନୁରୋଧକୁ ବା ଉପଦେଶକୁ ଗ୍ରହଣ କରିବା—6. To accept another's advice or request. [ ଉ—ଅରେ ଭଣ୍ଡା ଘର ମାନ୍ ରେ, ଯହିଁ ପାଣି ତହିଁ ଧାନ୍ ରେ—କୃଷିବଚନ । ] ୭ । ( ସକର୍ମକ ) ( ଆପଣାର ଦୋଷ ବା ଭ୍ରମ ବା ଅପରାଧ) ସ୍ୱୀକାର କରିବା—7. To admit (one's guilt or fault). ୮ । ସାକ୍ଷୀ ବା ମଧ୍ୟସ୍ଥରୂପେ କୌଣସି ବ୍ୟକ୍ତିକୁ ସ୍ୱୀକାର କରିବା ବା ଉଲ୍ଲେଖ କରିବା—8. To name or cite a person as witness or arbitrator. ( ଯଥା—ଏ ମକଦମାରେ ମୁଁ ଗ୍ରାମର

আনান ଜଣ ଭଦ୍ରଲୋକ ସାକ୍ଷୀ ମାନିବି । ) ୯ । ( ଅକର୍ମକ )

मानना ରୂପକୁ ଶୋଭା ପାଇବା; ସାଜିବା; ଦେଶକାଳ ପାତ୍ରକୁ ଦୃଷ୍ଟିରେ ଉପଯୁକ୍ତ ଦେଖାଯିବା—9. To befit; to fit in; to suit. [ ଉ—ନଥ ଭୁଲେ ନାହିଁ, ବାଦେ କର ହଁ, ଭୁଲ୍ଲ କ ଝୁଲ୍ଲ କ ମାନୁଥାଏ—କବିସୂର୍ଯ୍ୟ. କବିତା । ] ୧୦ । ( ଅକର୍ମକ ) ( ମନ ) ରାଜି ହେବା; ବୁଝିବା—10. ( the mind ) To agree; to acknowledge. ୧୧ । ଅଧୀନରେ ରହିବା; ଅଧିକାରାଧୀନ ହେବା—11. To be under control. [ ଉ—ହାତୀ ଘୋଡ଼ା ଜୀବ ଥାଉ ମାହୁନ୍ତଙ୍କୁ ଠୁଳେ କ ଡରନ୍ତି ସେହୁ? ମନ ମାନୁଅଛି ବୋଲି ରହୁଅଛି ଅଙ୍କୁଶ ଖିଲ୍ଲ ସହୁ—ଶିଶୁ ଗୀତ । ] ୧୨ । ବୋଧ କରିବା; ମନେ କରିବା—12. To think. ( ଯଥା—ମୁଁ ପର ତା କଥାକୁ ହିତ୍ ମାନିଲଣି । ) ୧୩ । କୌଣସି ବିଷୟକୁ କର୍ଣ୍ଣପାତ କରିବା ବା ଭ୍ରୂକ୍ଷେପ କରିବା; ଆଦର କରିବା—13. To mind or regard a thing or person.

୧୪ । ( ନାମ ଅବଲମ୍ବ ) ସମ୍ମାନ କରି କାର୍ଯ୍ୟ କରିବା—14. To act by respecting or honouring a person's name when invoked. ( ଯଥା—ନଈ ବଢ଼ି କ ବାପଙ୍କ ନାମ ମାନିବ ?—ଢଗ । ) ୧୫ । ଦକ୍ଷ, କ୍ଷମତାବାନ୍, ଯୋଗ୍ୟ, ପୂଜ୍ୟ ବା ଶ୍ରେଷ୍ଠ ବୋଲି ସ୍ୱୀକାର କରିବା; ଗଣନା କରିବା—15. To admit a person as an excellent person; to count. ( ଯଥା—ରାଜା ମହାରାଜାଙ୍କ ଘରରେ ମୁଁ କେବଳ ଜଣକୁ ଅଭିମାନଶୂନ୍ୟ ବୋଲି ମାନେ । ) ୧୬ । କଳ୍ପନା କରିବା—16. To imagine. ( ଯଥା—ଏ ବଡ଼ିକ ଘରର ଜଣେ କର୍ମଚାରୀ ଅଛନ୍ତି ବୋଲି ମାନିବାକୁ ହେବ । ) ୧୭ । ସ୍ୱୀକୃତ ହେବା—17. To agree. ( ଯଥା—ମହାରାଜ ସାହେବ ମୋ ପ୍ରସ୍ତାବ ଅନୁସାରେ ଖଜଣା ଦେବାକୁ ମାନିଲେ । ) ୧୮ । ଅଙ୍ଗୀକାର କରିବା—18. To promise. ୧୯ । ଲକ୍ଷ୍ୟ କରିବା—19. To notice. [ ଉ—ମାନ ନ ଥିଲେ କପଟ ହେଲା ପ୍ରାପତ—ଉଦ୍ଧ. ପ୍ରେମସୁଧାନିଧି । ]

ମାନି ବୃତ୍ତ(ତ୍ତି)—ଦେ. ବି—୧ । ଦେଚ୍ଛାପ୍ରଣୋଦିତ କର୍ମ—1. Voluntary act. ୨ । ଯେଉଁ ବ୍ୟବସାୟରେ ମମ ମାନା ବୃତ୍ତି ବା ଜୀବିକାରେ ଉଭୟ ପକ୍ଷଙ୍କ ରାଜିହୋଇ କାରବାର ଚଳେ—2. A profession which depends upon the free will of both the parties. [ଦ୍ର—ଜଗନ୍ନାଥଙ୍କ 'ପଣ୍ଡା' ବୃତ୍ତି ମାନି ବୃତ୍ତି ଅଟେ । ଏହାର ଅର୍ଥ ଏହି ଯେ, ଯାତ୍ରୀର ମନ ଯେଉଁ ପଣ୍ଡାଠାରେ ମାନେ ସେ ତାକୁ ପଣ୍ଡା ବୋଲି ସ୍ୱୀକାର କରେ । ]

Mani brutta(tti)

मानीवृत्ति

ମାନି ଯିବା—ଦେ. କ୍ରି—୧ । ଦୋଷ ଆଦି ସମ୍ପୂର୍ଣ୍ଣରୂପେ ସ୍ୱୀକାର କରିବା—1. To admit one's guilt; to confess unconditionally. ୨ । ସମ୍ପୂର୍ଣ୍ଣରୂପେ ଅଧିକାରାଧୀନ ହେବା; ପୋଷ ମାନିବା—2. To come fully under a person's control; to be fully domesticated.

Māni jibā

মেনে যাওয়া

मान जाना

ମାନି ହେବା—ଦେ. କ୍ରି—କୌଣସି ବ୍ୟକ୍ତି ପାଇଁ ଜାମିନ୍ ହେବା—To stand surety for another.

Māni hebā

জামিন হওয়া जमानत होना

ମାନୀ—ସଂ. ବିଣ. ପୁଂ. (ମାନ+ଇନ୍, ୧ମା. ୧ବ.)—୧ । ଅଭିମାନୀ—1. Prone to take offence; excessively sensitive; sulky; of a very sensitive temperament. ୨ । ଅହଙ୍କାରୀ—2. Proud; arrogant; conceited; self-sufficient. ୩ । ମାନ୍ୟ; ମାନନୀୟ—3. Honourable; esteemable. ୪ । ସମ୍ମାନିତ—4. Honoured. ୫ । ମନସ୍ୱୀ; ଉଦାରମନାଃ—5. Magnanimous; noble-minded.

Māni

(ମାନିନୀ—ସ୍ତ୍ରୀ)

ମାନୁଷ—ସ. ବି. ପୁଂ ( ମନୁ+ଅପତ୍ୟାର୍ଥେ. ଅ; ନିପାତନ )—ମାନବ; Mānusha ମନୁଷ୍ୟ; ନର—Man. ବିଣ—୧ । (ମନୁଷ (ମାନୁଷୀ—ସ୍ତ୍ରୀ) +ଅ )—ମନୁଷ୍ୟସମ୍ବନ୍ଧୀୟ—1. Human. (ମାନୁଷତା—ବି) ୨ । ମନୁଷ୍ୟକୃତ—2. Man-made. ୩ । ଦୟାଳୁ—3. Humane; kind ( Apte ).

ମାନୁଷ ଲୋକ—ସ. ବି—ମର୍ତ୍ତ୍ୟଲୋକ; ପୃଥିବୀ—The earth; the Mānusha loka terrestrial world. [ ଯଥା—ଏ ମାନୁଷ ଲୋକେ ଚେତେ ଋଷି ଥିଲେ, ଏ ମହାଭାରତ ପୁରାଣ ଶୁଣିତ ଥିଲେ । କୃଷ୍ଣସିଂହ. ମହାଭାରତ. ଅବ । ]

ମାନୁଷିକ—ସ. ବିଣ ( ମାନୁଷ + ଇକ )—ମାନବସମ୍ବନ୍ଧୀୟ—Mānushika Human. (ଅମାନୁଷିକ—ବିପରୀତ) (ମାନୁଷୀୟ—ଅନ୍ୟରୂପ)

ମାନୁଷ୍ୟ—ସ. ବି ( ମାନୁଷ+ଯ )—୧ । ମନୁଷ୍ୟତା—1. Manliness. Mānushya ୨ । ମାନବଧର୍ମ—2. Human attributes. ୩ । ମାନବ ଦେହ—3. The human body. ସ. ବିଣ—ମନୁଷ୍ୟ ସମ୍ବନ୍ଧୀୟ ( ଦ୍ର. ଶ )—Human.

ମାନୁଷ୍ୟକ—ସ. ବି ( ମନୁଷ୍ୟ+ସମୂହାର୍ଥେ. କ )—ମନୁଷ୍ୟସମୂହ—Mānushyaka A number of men. ସ. ବିଣ. ( ମାନୁଷ୍ୟ+କ )—ମନୁଷ୍ୟ ସମ୍ବନ୍ଧୀୟ ( ଦ୍ର. ଶ )—Human.

ମାନେ—ବୈଦେ. ବି ( ଅ. ମାନେ; ମାନା )—୧ । ଅର୍ଥ—1. Māne Meaning. ୨ । ତାତ୍ପର୍ଯ୍ୟ—2. Purport. ମାନେ ୩ । ଶବ୍ଦାର୍ଥ—3. Meaning of words. ଦେ. मानें ( ବହୁବଚନାନ୍ତ ପ୍ରତ୍ୟୟ )—ଗଣ; ସମୂହ [ ଦ୍ର—ମନୁଷ୍ୟ ବା সব, लोक ଦେବତାଆଦି ପରେ 'ମାନେ' ଓ ଅନ୍ୟ ଜନ୍ତୁ ଏବଂ ଅଚେତନ ପଦାର୍ଥ ପରେ 'ମାନ' ପ୍ରତ୍ୟୟ ହୁଏ । ]—( a suffix denoting the plural number, used after words denoting higher beings, e. g. man, Deity etc)—A number of.

ମାନେଇ—ଦେ. ବିଣ. ସ୍ତ୍ରୀ ( ସ. ମାନିନୀ )—ମାନିନୀ; ଅଭିମାନିନୀ—Mānei মানিনী अभिमानवाली Sulky; sensitive. [ମାନଅ(ଅଁ)—ପୁଂ]

ମା(ମେ, ମ୍ୟା)ନେଜ୍ କରିବା—ଦେ. କ୍ରି ( ଇଂ. ମାନେଜ୍ )—Mā(me, myā)nej kariba କୌଣସି କର୍ମ ବା ସମ୍ପତ୍ତି ଆଦି ম্যানেজ করা मैनेज करना ଚଳାଇବା—To manage.

ମା(ମେ, ମ୍ୟା)ନେଜ୍ ମେଣ୍ଟ—ବୈଦେ. ବି ( ଇଂ. ମାନେଜ୍‌ମେଣ୍ଟ )—Mā(me, myā)nej-ment କୌଣସି କର୍ମର ବା ବିଷୟର ম্যানেজমেন্ট ନିର୍ବାହ ହେବା ବିଷୟରେ ତତ୍ତ୍ୱ ନେବା କର୍ମ— मैनेजमेंट Management

ମା(ମେ, ମ୍ୟା)ନେଜର—ବୈଦେ. ବି ( ଇଂ. ମାନେଜର )—କର୍ମ-Mā(me, myā)nejar ନିର୍ବାହକ, ନିର୍ବାହକାରୀ—Manager. ম্যানেজর, মেনেজার मैनेजर

ମା(ମେ, ମ୍ୟା)ନେଜରି—ଦେ. ବି ( ଇଂ. ମାନେଜର+ଦେଶଜ Mā(me, myā)nejari ପ୍ରତ୍ୟୟ ଇ )—୧ । ମାନେଜରର କର୍ମ মেনেজারী —1. The act of a manager. ୨ । मैनेजरी ମନେଜରର ପଦବୀ ବା ଏକତ୍ର—2. Managership.

ମା(ମେ, ମ୍ୟା)ନେଜିଙ୍ଗ୍ କମି(ମେ)ଟି—ବୈଦେ. ବି ( ଇଂ )—କାର୍ଯ୍ୟ-Mā(me; myā)nejing kami(me)ti ନିର୍ବାହକ ସମିତି—ম্যানেজিঙ্গ কমিটি Managing committee. मैनेजिङ्ग कमीटी

ମାନେ ବହି—ବୈଦେ ବି ( ଅ. ମାନେ+ବହି )—ଅର୍ଥପୁସ୍ତକ—Māne bahi Meaning book; key. মানেবই माने पुस्तक

ମାନେ ମାନେ—ଦେ. କ୍ରି. ବିଣ—ସମ୍ମାନ ବଜାୟ ଥାଉଁ ଥାଉଁ; ଅପମାନ Māne māne ଭୋଗକୁ ଅପେକ୍ଷା ନକରି—Without running মানে মানে the risk of being dishonoured. ( ଯଥା, मानकेसाथ —ଏ ଟୋକାଙ୍କ ହାତରୁ ମୁଁ ମାନେ ମାନେ ଖସି ଆସି ରକ୍ଷା ପାଇଛି ।)

ମାନୋ(ନୁ)ଆ(ହା)ର—ବୈଦେ. ବି ( ଇଂ. ମାନ୍-ଓ-ୱାର୍ )—ରଣତରୀ; Māno(nu)ā(hā)r ଯୁଦ୍ଧଜାହାଜ—Man-o'war; war-মানোয়ারী लड़ाकू जहाज vessel; battle ship.

ମନୋଆ(ହା)ରୀ—ଦେ. ବିଣ—୧ । ରଣତରୀ ସମ୍ବନ୍ଧୀୟ—1. Māno ā(hā)ri Relating to man o'war. ୨ । মানোয়ারী ବିଦେଶରୁ ଏ ଦେଶକୁ ଜାହାଜରେ ଆସି ବିକ୍ରି ହେଉଥିବା- মানোহারি ଥିବା (ଖେଳନା, ପୁତୁଳିଆଦି) ମନୋହର (ଜିନିଷ) - मनियारी Fancy things ( e. g. toys, dolls ) imported by ships from foreign countries.

ମାନୋଜ୍ଞକ—ସ. ବି ( ମନୋଜ୍ଞ+ଅ+କ )—ମନୋଜ୍ଞତା; କମନୀୟତା Mānojñaka —Beauty; loveliness (Apte).

ମାନ୍ତ(ନ୍ତେ)ରା—ଦେ. ବି—ମାତ୍ରା ( ଦେଖ )—Mātrā ( See ) Mānta(nte)rā (ମାତ୍ରା—ଅନ୍ୟରୂପ)

ମାନ୍ତ୍ରିକ—ସ. ବିଣ. ଓ ପୁଂ ( ମନ୍ତ୍ର+ଇକ )—୧ । ମନ୍ତ୍ରଜ୍ଞ—1. Māntrika Versed in 'Mantras' or sacred formulae. ୨ । ମନ୍ତ୍ରସିଦ୍ଧ—2. One who has attained success in mastering 'mantras'. ୩ । ମନ୍ତ୍ରରଚୟିତା—3. Composer of 'mantras'. ୪ । ଗୁଣିଆ—4. A conjurer; a sorcerer.

ମାନ୍ଥ ( ଧାତୁ )—ସ—୧ । ଆଘାତ କରିବା—1. To hurt ( Apte ), Mānth (root) ୨ । ଅନିଷ୍ଟ କରିବା—2. To injure (Apte).

ମାନ୍ଥର୍ଯ୍ୟ—ସ. ବି ( ମନ୍ଥର+ଷ୍ୟ. ଯ )—୧ । ମନ୍ଥରତା; ଗତିର-Mantharjya ଧୀରତା—1. Slowness. ୨ । ଦୁର୍ବଳତା —2, Weakness (Apte).

ମାଣ୍ଡଲ୍—ପ୍ରାଦେ (ସମ୍ବଲପୁର) ବି. (ସ. ମର୍ଦ୍ଦଳ)—ମାଦଳ (ଦେଖ) Māndal Mādala (See)

-ଦେ. ବଣ. (ସଂ. ମନ୍ଦ)—୧ ଅଳସୁଆ—
Māndā 1. Lazy; idle. ୨ । ମନ୍ଦ; ଧୀର—2. Slow.
(ମାନ୍ଦୀ—ସ୍ତ୍ରୀ) ୩ । ହ୍ରାସଯୁକ୍ତ—3. Lessened; diminished.
मान्दा मं(मां)द्दा ୪ । ରୋଗଯୁକ୍ତ ହେବାରୁ ଅଳସ—4. Lazy (on account of illness). ୫ । ଅଳ୍ପ—5. Little. ୬ । ପଣ୍ୟଦ୍ରବ୍ୟାଦିର ଦର କମିବା ଯୋଗୁଁ କ୍ରୟବିକ୍ରୟ କମିଥିବା (ବଜାର)—6. (market) Which has become dull owing to fall in prices. ୭ । କୌଣସି ପଣ୍ୟଦ୍ରବ୍ୟ ପ୍ରତି ଗ୍ରାହକଙ୍କ ଆଗ୍ରହ ନ ଥିବାରୁ କମି ଯାଇଥିବା କାରବାର—7. (business in a certain article) Which has become dull on account of want of demand.

ମାନ୍ଦ୍ୟ ବି. (ସଂ. ମାନ୍ଦ୍ୟ)—୧ । ମାନ୍ଦ୍ୟ; ମନ୍ଦତା—1. Slowness. ୨ । ହ୍ରାସ—2. Dwindling; lessening; diminution. ୩ । ଆଳସ୍ୟ—3. Laziness.
मान्द्य मांद्गी

ମାନ୍ଦା ପଡ଼ିବା—ଦେ. କି—୧ । ଆଳସ୍ୟ ଦ୍ୱାରା ଆକ୍ରାନ୍ତ ହେବା—
Māndā pardibā 1. To be overtaken with laziness. ୨ । କମିଯିବା; ହ୍ରାସ ହେବା—2. To deteriorate; to become slow; to dwindle; to be diminished; to wane.
(ମାନ୍ଦା ହେବା—ଅନ୍ୟରୂପ)
मान्दा पड़ा
मंदा पडना

ମାନ୍ଦା ବୁଦ୍ଧି—ଦେ. ବି (ସଂ. ମନ୍ଦ ବୁଦ୍ଧି)—ସ୍ଥୂଳବୁଦ୍ଧି; ମୋଟା ବୁଦ୍ଧି;
Māndā buddhi ଜଡ଼ ବୁଦ୍ଧି—Slowness of intellect; dullness. ବଣ—ମାନ୍ଦା ବୁଦ୍ଧିଆ (ଦେଖ) Māndā buddhiā (See)
मान्दा बुद्धि
मन्दा बुद्धि

ମାନ୍ଦା ବୁଦ୍ଧିଆ—ଦେ. ବଣ. (ସଂ. ମନ୍ଦ ବୁଦ୍ଧି)—ଜଡ଼ା; ମୋଟାବୁଦ୍ଧିଆ;
Māndā buddhiā ସ୍ଥୂଳବୁଦ୍ଧି ବିଶିଷ୍ଟ—Slow in understanding; dull.
द्धि मन्दा बुधिया

ମାନ୍ଦାର—ଦେ. ବି—ବୃକ୍ଷ ବିଶେଷ; ଲକୁଚ; ଜେଉଟ—A kind of
Māndāra tree (Apte); The monkey-jack; Artocarpus Lacoocha (tree and fruit) (Apte).
ଅନ୍ୟ ସ. ନାମ—ଲକୁଚ, ଡହୁ
लकुच, लुकाठ, लखोट
(ମାନ୍ଦାରକ—ଅନ୍ୟରୂପ)

ମାନ୍ଦାର୍ଯ୍ୟ—ସ. ବଣ—ଖାତସ୍ପୃହ; ବିଷୟରୁ ବିରତବୃତ୍ତ—(a person)
Māndārjya Who has dissociated himself from mundane affairs.

ମାନ୍ଦ୍ୟ—ସ. ବି. (ମନ୍ଦ+ଯ)—୧ । ଅଳ୍ପତା—1. Littleness. ୨ ।
Mandya ନ୍ୟୂନତା—2. Lessening; diminution. (ଯଥା—ଅଗ୍ନିମାନ୍ଦ୍ୟ; କ୍ଷୁଧାମାନ୍ଦ୍ୟ ଇତ୍ୟାଦି ।) ୩ । ହାନି—3. Loss. ୪ । ଜଡ଼ତା; ଆଳସ୍ୟ—4. Laziness; sluggishness. ୫ । ପୀଡ଼ା; ରୋଗ—5 Illness; sickness.

ମାନ୍ଦ୍ରାଜ—ଦେ. ବି (ସ. ମଦ୍ରରାଜ୍ୟ)—ଭାରତର ଦକ୍ଷିଣାଂଶ (ଦାକ୍ଷିଣାତ୍ୟ)
Māndrāja ର ପୂର୍ବ ଭାଗରେ ଥିବା ସମୁଦ୍ରର ଉପକୂଳସ୍ଥ ପ୍ରଦେଶ ଓ ନଗର—Name of a province and capital in the east coast of South India; Madras. [ଦ୍ର—ମହାଭାରତରେ ଦୁଇଟି 'ମଦ୍ର' ଦେଶର ଉଲ୍ଲେଖ ଅଛି । ଗୋଟିଏ ଶଲ୍ୟ ରାଜାଙ୍କର, ପଞ୍ଜାବ ଅନ୍ତର୍ଗତ ଇରାବତୀ ଓ ଚନ୍ଦ୍ରଭାଗା ନଦୀର ମଧ୍ୟବର୍ତ୍ତୀ ଦେଶ; ଓ ଅନ୍ୟଟି ଭାରତର ଦକ୍ଷିଣାଂଶରେ ଥିବା ଅଧୁନାତନ ମାନ୍ଦ୍ରାଜ ଅଞ୍ଚଳ ।
माद्राज
मद्रास

ଏହାହିଁ ଭାରତରେ ଇଂରାଜମାନଙ୍କର ପ୍ରଥମ ଅଧିକୃତ ସ୍ଥାନ । ଏହି ପ୍ରଦେଶର ସ୍ୱତନ୍ତ୍ର ଗଭର୍ଣ୍ଣର, ବିଶ୍ୱବିଦ୍ୟାଳୟ, ହାଇକୋର୍ଟ୍ ଓ ଶାସନବିଭାଗ ଅଛି । ଏହି ପ୍ରଦେଶର ରାଜଧାନୀ ସମୁଦ୍ରକୂଳରେ ଅବସ୍ଥିତ । ସହରଟି ନଡ଼ିଆ ଗଛର ବଗିଚାମାନଙ୍କ ମଧ୍ୟରେ ଅବସ୍ଥିତ ସୁରମ୍ୟ ଅଟ୍ଟାଳିକାମାନଙ୍କଯୋଗୁଁ ଅତି ରମଣୀୟ ଦେଖାଯାଏ । ସମୁଦ୍ରରୁ 'କାନାଲ'ମାନ କଟା ହୋଇ ଏ ସହର ମଧ୍ୟରେ ଚାଲି ପରିଚନା ହୋଇଅଛି ।

ଏହି ପ୍ରଦେଶର ଉତ୍ତରାଂଶରେ 'ତେଲଙ୍ଗା' ଓ ଦକ୍ଷିଣାଂଶରେ 'ତାମିଲ' ଜାତିଙ୍କର ବାସ । ମାନ୍ଦ୍ରାଜର ଉତ୍ତରାଂଶରେ ଥିବା 'ଗଞ୍ଜାମ' ଓ 'ବିଶାଖାପଟଣା' ଜିଲ୍ଲାରେ ଓଡ଼ିଆ ଜାତି ଅଛନ୍ତି ଓ ଏ ଦୁଇଟି ଉତ୍କଳଭାଷୀ ଜିଲ୍ଲାକୁ ଓଡ଼ିଶାରେ ମିଶାଇ ଏକ ଶାସନାଧୀନ କରିବା ପାଇଁ ଉତ୍କଳୀୟମାନେ ବହୁକାଳରୁ ଚେଷ୍ଟା କରୁଥିଲେ । ବର୍ତ୍ତମାନ ବ୍ରିଟିଶ୍ ସରକାର ଓ ପାର୍ଲିଅମେଣ୍ଟ୍ ବହୁ ଅନୁସନ୍ଧାନ ଓ ଆଲୋଚନା ପରେ ଗଞ୍ଜାମ ଓ ଵିଶାଖା ପଟଣାର ଅଧିକାଂଶ ଓଡ଼ିଆଭାଷୀ ଅଞ୍ଚଳକୁ ଓଡ଼ିଶା ସଙ୍ଗେ ମିଶାଇ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ହେବା ଘୋଷଣା କରୁଅଛନ୍ତି ଓ ଖ୍ରୀ ୧୯୩୬ ସାଲ ଅପ୍ରେଲ ମାସରୁ ଏହି ନୂତନ ଓଡ଼ିଶା ପ୍ରଦେଶ ସ୍ୱତନ୍ତ୍ର ପ୍ରଦେଶ ରୂପେ ଚଳିବାର ସ୍ଥିର କରୁଅଛନ୍ତି ।

ଇଉରୋପୀୟ ସଭ୍ୟତା ପ୍ରଥମେ ମାନ୍ଦ୍ରାଜରେ ପ୍ରବେଶ କରିଥିଲା ଓ ଇଂରାଜମାନେ ମାନ୍ଦ୍ରାଜ ଆଡ଼ରୁ ଅଗ୍ରସର ହୋଇ ଚଳିତା ସୁବାଣ ବାଟେ ଓଡ଼ିଶାକୁ ଅଧିକାର କରିଥିଲେ । ଇଉରୋପୀୟମାନଙ୍କ ଔରସରୁ ଭାରତୀୟା ସ୍ତ୍ରୀଙ୍କ ଗର୍ଭରେ ଜାତ ହୋଇଥିବା କଳା ଫିରଙ୍ଗୀ ବା ଆଙ୍ଗ୍ଲୋ-ଇଣ୍ଡିଆନ୍ (Anglo Indian) ଜାତିଙ୍କ ବଂଶଧର ଏହି ପ୍ରଦେଶରେ ଅଧିକ ଅଛନ୍ତି ଓ ଏମାନଙ୍କୁ ମାନ୍ଦ୍ରାଜୀ ସାହେବ ବା କଳା ସାହେବ ବୋଲାଯାଏ ।]

ମାନ୍ଦ୍ରାଜ ହତା—ଦେ. ବି—ଇଂରାଜ ଶାସିତ ମାନ୍ଦ୍ରାଜ ପ୍ରଦେଶ—
Māndrāja hatā The province or Presidency of Madras.
माद्राज प्रदेश मद्रास प्रान्त

ମାନ୍ଦ୍ରାଜି—ଦେ. ବଣ—୧ । ମାନ୍ଦ୍ରାଜ ସମ୍ବନ୍ଧୀୟ—1. Relating to
Māndrāji Madras. ୨ । ମାନ୍ଦ୍ରାଜ ଦେଶୀୟ ବା ଦେଶଜାତ—2. Produced or residing in or belonging to Madras.
(ମାନ୍ଦ୍ରାଜିଆ—ଅନ୍ୟରୂପ)
माद्राजी
मद्रासी ବି—୧ । ମାନ୍ଦ୍ରାଜ ସାହେବ (ଦେଖ)—1. Māndrāji

sāheba (See) ୨ । ମାନ୍ଦ୍ରାଜ ପ୍ରଦେଶବାସୀ ବ୍ୟକ୍ତି—2. A resident of Madras.

ମାନ୍ଦ୍ରାଜ ସାହେ(ହା,ହି)ବ—ଦେ. ବି—କଳା ଫିରଙ୍ଗୀ; ପୂର୍ବକାଳରେ Māndrāji sāhe(hā, hi)ba ମାନ୍ଦ୍ରାଜ ଉପକୂଳକୁ ଆସିଥିବା মন্দ্রাজি সাহেব ଇଉରୋପୀୟମାନଙ୍କ ଔରସରେ ଭାରତୀୟା ସ୍ତ୍ରୀମାନଙ୍କ ଗର୍ଭରୁ ଜାତ ସନ୍ତାନ ଓ ସେମାନଙ୍କ ବଂଶଧର—Anglo Indians of Madras (of a darker complexion than other Anglo Indians of India). [ଦ୍ର—ଏମାନେ ଅନ୍ୟ ଦୋମିଶା ଫିରଙ୍ଗି ମାନଙ୍କଠାରୁ ବର୍ଣ୍ଣରେ ବେଶି କଳା ।]

ମାନ୍ଧାତା—ସଂ. ବି—(ମାଂ=ମତେ+ଧେ ଧାତୁ=(ଦୁଗ୍ଧ) ପାନ କରିବା Māndhātā +କର୍ତ୍ତୃ. ତୃ; ମାନ୍ଧାତୃ ଶବ୍ଦ; ୧ମା. ୧ବ.)—ଜଣେ ସୂର୍ଯ୍ୟବଂଶୀୟ ସମ୍ରାଟ—Name of an ancient emperor of the solar dynasty. [ଦ୍ର—କଥିତ ଅଛି ଯେ ରାଜା ଯୁବନାଶ୍ୱ ଅପତ୍ୟହୀନ ହେବାରୁ ଋଷିମାନଙ୍କଦ୍ୱାରା ପୁତ୍ରେଷ୍ଟି ଯଜ୍ଞ କରାଇଲେ । ଗୋଟିଏ ଘଡ଼ରେ ଗର୍ଭଧାରଣାର୍ଥ ଅଭିମନ୍ତ୍ରିତ ଜଳ ଯଜ୍ଞବେଦୀରେ ରଖି ଯାଜ୍ଞିକମାନେ ଶୋଇ ପଡ଼ିଲେ । ଏହି ସମୟରେ ଯୁବନାଶ୍ୱଙ୍କୁ ଖୁବ୍ ଶୋଷ କରିବାରୁ ସେ ଅଜାଣତରେ ଯଜ୍ଞବେଦୀରେ ଥିବା ସେହି ଅଭିମନ୍ତ୍ରିତ ଜଳକୁ ପିଇ ଦେଲେ ଓ ଫଳତଃ ଯୁବନାଶ୍ୱ ଗର୍ଭଧାରଣ କଲେ । ଯୁବନାଶ୍ୱ ରାଜାଙ୍କର ଗର୍ଭର ଦକ୍ଷିଣ ପାର୍ଶ୍ୱରୁ ମାନ୍ଧାତା ଜନ୍ମ ହେଲେ । ସେହି ସମୟରେ ମୁନି-ମାନେ ଇନ୍ଦ୍ରଙ୍କୁ ପଚାରିଲେ ;-ଏ ବାଳକ କଅଣ ପାନ କରି ବଞ୍ଚିବ ? ଇନ୍ଦ୍ର କହିଲେ 'ମାଂ ଧାସ୍ୟତି', ଅର୍ଥାତ୍ ସେ ମୋଠାରୁ ସ୍ତନ୍ୟ ପାନ କରିବ, ଅର୍ଥାତ୍ ମୋ ଅଙ୍ଗୁଠିକୁ ଚୁଚୁମି ସେଥିରୁ ବାହାରିବା ଦୁଗ୍ଧବତ୍ ରସ ପାନ କରିବ । ଏଥିପାଇଁ ଏହାଙ୍କ ନାମ ମାନ୍ଧାତା ହେଲା । ଏ ଖୁବ୍ ପ୍ରତାପୀ ଚକ୍ରବର୍ତ୍ତୀ ରାଜା ଥିଲେ । ଏହାଙ୍କ ରାଜଧାନୀ ଅଯୋଧ୍ୟାରେ ଥିଲା । ଶଶବିନ୍ଦୁଙ୍କ କନ୍ୟା ବିନ୍ଦୁମତୀଙ୍କୁ ଏ ବିବାହ କରିଥିଲେ । ଏହାଙ୍କ ୩ ପୁତ୍ରଙ୍କ ନାମ ମୁଚୁକୁନ୍ଦ, ପୁରୁକୁତ୍ସ ଓ ଅମ୍ବରୀଷ । ଏହାଙ୍କର ୫୦ କନ୍ୟା ହୋଇଥିଲେ । ମାନ୍ଧାତା ଦିଗ୍‌ବିଜୟପୂର୍ବକ ସୁମେରୁ ପର୍ବତରେ ରାବଣକୁ ଭେଟିଲେ । ଯୁଦ୍ଧରେ ଦୁହେଁ ସମବଳ ହେବାରୁ ଦୁହେଁ ସଖ୍ୟସୂତ୍ରରେ ଅବଦ୍ଧ ହେଲେ । ଏ ସସାଗରା ପୃଥିବୀକୁ ଜୟ କରି ସ୍ୱର୍ଗଜୟକାମନାରେ ଅମରାବତୀରେ ଉପସ୍ଥିତ ହେବାରୁ ଇନ୍ଦ୍ର ଏହାଙ୍କୁ ମଧୁତନୟ ଲବଣ ସଙ୍ଗେ ଯୁଦ୍ଧ କରିବାକୁ ପଠାଇଲେ ଓ ଲବଣକ୍ଷିପ୍ତ ଶୂଳରେ ଏ ନିହତ ହେଲେ ।]

ମାନ୍ଧାତା ଅମଳ—ଦେ. ବି—ବହୁ ପୂର୍ବକାଳ; ଅତି ପ୍ରାଚୀନକାଳ—Māndhātā amaḷa Very ancient times; days মান্ধাতার আমল मांधाताके समय long gone-by. [ଦ୍ର—ଅଲ୍ପଦିନ ପୂର୍ବର ପୁରୁଣା ସମୟକୁ 'ମରହଟ୍ଟା (ହଟ୍ଟି) ଅମଳ' ଓ ବହୁ ପ୍ରାଚୀନ ସମୟକୁ 'ମାନ୍ଧାତା ଅମଳ' ବୋଲାଯାଇ ଥାଏ ।]

ମାନ୍ମଥ—ସଂ. ବିଣ.—( ମନ୍ମଥ+ଅ )—କାମ ସମ୍ବନ୍ଧୀୟ—Relating Mānmatha to cupid or carnal love. ( ମାନ୍ମଥୀ—ସ୍ତ୍ରୀ )

ମାନ୍ୟ—ସଂ. ବିଣ.ପୁଂ—୧ । (ମାନ୍ ଧାତୁ=ପୂଜା କରିବା+କର୍ମ. ଯ)—Mānya ପୂଜନୀୟ; ମାନନୀୟ; ଆଦରଣୀୟ—1. Respectable; (ମାନ୍ୟା—ସ୍ତ୍ରୀ) honourable. ୨ । (ମନ୍ ଧାତୁ ଣିଚ୍, ମାନ ଧାତୁ+କର୍ମ. ଯ )—ପ୍ରାର୍ଥନୀୟ (ବି. ଶ)—2 Fit to be prayed to, or prayed for. ସଂ. ବି—୧ । ବିଷ୍ଣୁ (ବି. ଶ.)—1. Bishṇu. ୨ । ଶିବ (ବି.ଶ.)-2. Śiba. ୩ । ମିତ୍ରାବରୁଣ (ବି. ଶ) (ଦେଖ)—Mitrābaruṇa (See). ଦେ. ବି.—୧ । ସମ୍ମାନ; ମର୍ଯ୍ୟାଦା—1. Respect; honour; homage. [ଉ—ବେଗେ ରାଜା ଅଣ ବୋଲନ୍ତି ନେଇ ମୁନି ବଶିଷ୍ଠରେ କରି ନୃପ ମାନ୍ୟ ଘେନ । ଉପେ. ବୈଦେହୀଶବିଳାସ ।] ୨ । ସମ୍ମାନସୂଚକ ଉପଢୌକନ; ଭେଟି; ସଲାମୀ—2. Present offered as a sign of homage. [ ଦ୍ର—ତେହୁ ଗରବ ନାହିଁ ଦେଇ ନ ପାରିଲେ ପଞ୍ଚ-ଗୋସାଇଁ କହୁ ମାନ୍ୟ ନେଇ ତାହାକୁ ଉଠାଇ ନଅନ୍ତି ଫକୀରମୋହନ. ଛମାଣ ଅଠଗୁଣ୍ଠ ।]

ମାନ୍ୟ କରିବା—ଦେ. କ୍ରି—୧ । ମାନିବା; ସମ୍ମାନ ଦେଖାଇବା—Mānya karibā 1. To show respect; to treat মান্য করা with regard; to honour; to pay homage. मानय करना ୨ । ନମସ୍କାର କରିବା—2. To make obeisance.

ମାନ୍ୟ ଗଣ୍ୟ—ସଂ. ବିଣ. (ସହଚର ଶବ୍ଦ)—ଗଣ୍ୟ ଓ ମାନ୍ୟ; ସମାଜରେ Mānya gaṇya ମାନନୀୟ ଓ ଗଣନୀୟ (ବ୍ୟକ୍ତି); ସମ୍ଭ୍ରାନ୍ତ—Respectable and respected; (a person) of light and leading; (a man) of position and respectability.

ମାନ୍ୟ ଧର୍ମ—ଦେ. ବି ( ସହଚର ଶବ୍ଦ )—୧ । ଗୁରୁଜନ ଆଦିଙ୍କ Mānya dharma ପ୍ରଦର୍ଶିତ ସମ୍ଭ୍ରମ; ସମ୍ମାନ—1. Respect মান্য shown to one's elders; homage. ୨ । ନମସ୍କାର-मान 2. Obeisance. (ଉ—ଶାଶୁଙ୍କଠାରେ ଭକ୍ତି କରି ମାନ୍ୟ ଧର୍ମ, କରୁଥାଏଁ ମୁହିଁ ସମସ୍ତ ଗୃହ କର୍ମ । କୃଷ୍ଣସିଂହ. ମହାଭାରତ. ବନ ।)

ମାନ୍ୟନ୍ତ—ଦେ. ବି (ପ୍ରାଚୀନ ଗ୍ରନ୍ଥରେ ବ୍ୟବହାର)—୧ । ସମ୍ମାନନା—Mānyanta 1. Showing respect; tendering of homage. ୨ । ନମସ୍କାର—2. Obeisance. ( ଉ—ସମସ୍ତ ଋଷି ପୁରୋହିତ ଆଇଲେ ସମ୍ମୁଖ ହୋଇ ହାକର ସେ; ରାମ ମାନ୍ୟନ୍ତ କଲେ; ବସିବାକୁ ଦିବ୍ୟାସନ ଦେଲେ—ବିଶ୍ୱନାଥ. ବିଚିତ୍ରରାମାୟଣ । )

ମାନ୍ୟପାତ୍ର—ସଂ. ବି (କର୍ମଧା)—ସମ୍ମାନ ପାଇବାର ଉପଯୁକ୍ତ ବ୍ୟକ୍ତି—Mānya pātra A person deserving respect or homage; a person to whom homage is due.

**ମାନ୍ୟବର**—ସ. ବିଣ. ପୁଂ (ମାନ୍ୟମାନଙ୍କ ମଧ୍ୟରେ ବର—ଶ୍ରେଷ୍ଠ)—
Mānyabara ମାନ୍ୟବ୍ୟକ୍ତିମାନଙ୍କ ମଧ୍ୟରେ ଶ୍ରେଷ୍ଠ; ମହାମାନ୍ୟ-
(ମାନ୍ୟବରା—ସ୍ତ୍ରୀ) Revered; very respectable; very honourable. [ଦ୍ର—ମାନ୍ୟବରଙ୍କଠାରୁ ଅଧିକ ଉଚ୍ଚତର ବ୍ୟକ୍ତିଙ୍କୁ ମହାମାନ୍ୟବର କୁହାଯାଏ ।]
ଦେ. ବି—ବଡ଼ଲାଟ, ହାଇକୋର୍ଟ ଜଜ୍, ବଡ଼ଲାଟଙ୍କ ସଭାର ସଦସ୍ୟଅଦିଙ୍କ ନାମ ପୂର୍ବରେ ଲଗିବା ବିଶେଷଣାର୍ଥ ଉପାଧି—The title of 'Honourable' or 'the Hon'ble' used before the name of Governers High Court Judges and members of the Imperial Council etc.

**ମାନ୍ୟବରେଷୁ**—ସ ବିଣ (ମାନ୍ୟବର ଶବ୍ଦର ୭ମୀ ବିଭକ୍ତି ବହୁବଚନ;
Mānyabareshu ମାନ୍ୟାର୍ଥେ ବହୁବଚନ ପ୍ରୟୋଗ)-ଯେଉଁ ମାନନୀୟ ବ୍ୟକ୍ତିଙ୍କ ବା ସ୍ନେହାସ୍ପଦ ବ୍ୟକ୍ତିଙ୍କ ନିକଟକୁ ପତ୍ର ଲେଖା ଯାଉଥାଏ ତାଙ୍କ ନାମ ଲେଖି ନାମ ଶେଷରେ ଏହି ଶବ୍ଦ ଓ ସମ୍ମାନାର୍ଥକ ବା ସ୍ନେହସୂଚକ ଅନ୍ୟ ଶବ୍ଦମାନ ୭ମୀ ବିଭକ୍ତି ବହୁବଚନରେ ପତ୍ରର ଶିରୋନାମାରେ ବ୍ୟବହାର କରାଯାଏ) ଅମୁକ ମାନ୍ୟବରଙ୍କଠାରେ (ଏହି ନିବେଦନ )—A term added to the name of a person, and written on the heading of a letter, meaning; "unto the very honourable" (ଉ—ଶ୍ରୀଯୁକ୍ତ ଶ୍ରୀ ରାମଚନ୍ଦ୍ର ରଥ ମହୋଦୟ ମାନ୍ୟବରେଷୁ)
[—ସମ୍ମାନାର୍ଥକ ଅନ୍ୟ ଶବ୍ଦମାନଙ୍କର ୭ମୀ ବିଭକ୍ତି ବହୁବଚନ ଅକାର ମଧ୍ୟ ଏହିସ୍ଥଳରେ ବ୍ୟବହୃତ ହୁଏ; ଯଥା ସମ୍ମାନାସ୍ପଦେଷୁ, ମହନୀୟ ଚରିତେଷୁ, ଉଦାର ହୃଦୟେଷୁ, ଅଗ୍ରଜ ପ୍ରତିମେଷୁ, ପୂଜନୀୟେଷୁ, ସ୍ନେହାସ୍ପଦେଷୁ, ଶ୍ରଦ୍ଧାସ୍ପଦେଷୁ; ପିତୃକଳ୍ପେଷୁ ।]
[ମାନ୍ୟବରାସୁ—ସ୍ତ୍ରୀମାନଙ୍କ ପ୍ରତି ବ୍ୟବହାର]

**ମାନ୍ୟବାନ୍**—ସ. ବିଣ. ପୁଂ—(ମାନ୍ୟ+ବତ୍; ୧ମା. ୧ବ)—୧ ।
Mānyabān ସମ୍ମାନିତ—1. Honoured. ୨ । ମାନନୀୟ-
(ମାନ୍ୟବତୀ—ସ୍ତ୍ରୀ) 2. Honourable.

**ମାନ୍ୟ ମର୍ଯ୍ୟା(ର୍ଯା)ଦା**—ଦେ. ବି—(ସହଚର ଶବ୍ଦ)—ସମ୍ମାନ; ମାନ-
Mānya marjyā(rja)dā ମହତ୍ତ୍ୱ—Respect; honour.
(ମାନ୍ୟ ମହତ୍ତ୍ୱ[ତ],ମାନ୍ୟ ସଭ୍ରମ--ଅନ୍ୟରୂପ ମାନମର्यादा **मानमरजादा**

**ମାନ୍ୟମାନ୍**—ଦେ. ବିଣ—(ସ. ମାନ୍ୟବାନ୍)—ମାନ୍ୟବାନ୍ (ଦେଖ)
Mānyamān मान्यमान Mānyabān (See)
[ମାନ୍ୟମ(ବ)ନ୍ତ—ଅନ୍ୟରୂପ]

**ମାନ୍ୟମାନ**—ଦେ ବି—(ଏକାର୍ଥକ ସହଚର ଶବ୍ଦ)—ମାନମର୍ଯ୍ୟାଦା—
Mānyamāna मानमर्य्यादा Honour; dignity.
**मानमर्य्यादा** ଗ୍ରା. ବିଣ—(ସ. ମାନ୍ୟବାନ୍)—ମାନ୍ୟବାନ୍ (ଦେଖ)
Mānyabān (See).

**ମାନ୍ୟରକ୍ଷା**—ଦେ. ବି—କୌଣସି ବ୍ୟକ୍ତିଙ୍କର ସମ୍ମାନକୁ ଅକ୍ଷୁଣ୍ଣ ରଖିବା--
Mānya rakshā Maintaining or upholding a
मानरक्षा **मानरच्छा** person's respect or dignity.

**ମାନ୍ୟ ସୂଚକ**—ଦେ. ବି—(ସ. ମାନ+ସୂଚକ)—ଯଦ୍ଦ୍ୱାରା କୌଣସି
Mānya sūchaka ବ୍ୟକ୍ତିଙ୍କର ସମ୍ମାନ ସୂଚିତ ହୁଏ—Indi-
(ମାନ୍ୟାର୍ଥକ—ଅନ୍ୟରୂପ) cating respect; respectful.
मान्यसूचक **मानसूचक** (ଯଥା—ମହାତ୍ମା ଶବ୍ଦ ଗୋଟିଏ ମାନ୍ୟ-ସୂଚକ ଉପାଧି ଅଟେ ।]

**ମାନ୍ୟସ୍ଥାନ**—ସ. ବି.—୧ । ଆଦର ବା ସମ୍ମାନର କାରଣ; ଯେଉଁ
Mānyasthāna କାରଣ ବା ଗୁଣ ବିଦ୍ୟମାନ ଥିବାରୁ ବ୍ୟକ୍ତି-
ବିଶେଷ ମାନ୍ୟ ହୁଅନ୍ତି—1. Things or possession for which a person is respected. [ଦ୍ର—ମନୁ ୫ଟି ବିଷୟକୁ ମାନ୍ୟସ୍ଥାନ ନିର୍ଦ୍ଦେଶ କରିଅଛନ୍ତି; ଯଥା—ବିତ୍ତ, ବନ୍ଧୁ, ବୟସ, କର୍ମ ଓ ବିଦ୍ୟା; ଅର୍ଥାତ୍ ଏହି ସବୁ ଥିବା ବ୍ୟକ୍ତିଙ୍କୁ ଲୋକେ ସମ୍ମାନ ଦେଖାନ୍ତି । ହି. ଶ]

**ମାନ୍ୟ ସ୍ଥାନୀୟ**—ସ. ବିଣ. ପୁଂ—ମାନନୀୟ (ଦେଖ)—Mānaniya
Mānya sthāniya (ମାନ୍ୟସ୍ଥାନୀୟା—ସ୍ତ୍ରୀ) (See)

**ମାନ୍ୟସ୍ଥାପନ**—ଦେ. ବି—୧ । କୌଣସି ବ୍ୟକ୍ତିଙ୍କର ସମ୍ମାନ ରକ୍ଷା
Mānya sthāpana କରିବା—1. Maintenance or upholding of the respect due to a person.
୨ । ସମ୍ମାନ ଦେଖାଇବା—2. Showing of respect to a person.

**ମାନ୍ୟ ସ୍ୱରୂପ**—ଦେ. କ୍ରି. ବିଣ—ସମ୍ମାନ ପ୍ରଦର୍ଶନର ଚିହ୍ନ ବା ନିଦର୍ଶନ
Mānya swarūpa ସ୍ୱରୂପ—As a token of respect.
मान्यस्वरूप **मानसे**

**ମାନ୍ୟାର୍ହ**—ସ. ବିଣ. ପୁଂ—(ସ. ମାନାର୍ହ)-ସମ୍ମାନିତ ହେବାର ଯୋଗ୍ୟ;
Mānyārha ମାନନୀୟ—Deserving respect; honour-
(ମାନ୍ୟାର୍ହା—ସ୍ତ୍ରୀ) मान्यार्ह **मानार्ह; मानकेयोग्य** able.
(ମାନ୍ୟାର୍ହତା—ବିଶେଷ୍ୟ)

**ମାନ୍ୟାସ୍ପଦ**—ଦେ. ବିଣ. ପୁଂ—(ସଂ ମାନାସ୍ପଦ)—ମାନନୀୟ; ସମ୍ମାନିତ
Mānyāspada ହେବାର ଉପଯୁକ୍ତ—Respectable;
(ମାନ୍ୟାସ୍ପଦା—ସ୍ତ୍ରୀ) मान्यास्पद **मानास्पद** deserving honour.

**ମା(ମେ,ମ୍ୟା)ପ୍**—ବୈଦେ. ବି—୧ । (ଇଂ)—ମାନଚିତ୍ର; ଭୂଭାଗର
Mā(me,myā)p ନକ୍ସା—1. Map. ୨ । (ଫା. ମୁଆଫ୍)—
म्याप, माफ **मेंप, माफ** ମାଫ୍ (ଦେଖ)—2. Maph (See).

**ମାପ ଚୁପ**—ଦେ. ବି—(ନିରର୍ଥକ ସହଚର ଶବ୍ଦ)—ମାପବାକିଆ—
Māp-chup Measurement. [ଉ—ଯ ସରୁଦା କେବ
मापजोख (प) **मापतप, नापतप** ,ଭସ ମୁଁ କଣିଲି ତସି
(ମାପ ଜୋଖ—ଅନ୍ୟରୂପ) ମାପଚେ ବେଳେ ହୋଇଗଲ ମୁଁ କଣା । ଉକାଷ. ଗୀତଲହରୀ । ]

**ମାପ ସାଦ (ଇତ୍ୟାଦି)**—ଗ୍ରା. ବି (ସ. ମହାପ୍ରସାଦ)—ମହାପ୍ରସାଦ
Māp-sāda (etc) (ଇତ୍ୟାଦି)—(ଦେଖ)—Mahāprasāda etc (See).

**ମାପ**—ସଂ. ବି—(ମା. ଧାତୁ ଣିଜନ୍ତ=ମାପି. ଧାତୁ+ଭାବ ଅ)—ବସ୍ତୁର
**Māpa** ପରିମାଣ ସ୍ଥିରୀକରଣ; ମାପିବା କ୍ରିୟା—Act of
মাপ measuring; measurement.—କୌଣସି ବସ୍ତୁର
मा(ना)प ସ୍ଥିରୀକୃତ ପରିମାଣ—Measure of a thing. [ଦ୍ର—
ନାନାଦେଶରେ ଓ ଭିନ୍ନ ଭିନ୍ନ ବସ୍ତୁର ମାପିବା ପ୍ରଣାଳୀ ପୃଥକ୍ ପୃଥକ୍ ଅଟେ ।

୧ । ଲୁଗା ଆଦିକୁ ଓ ଦୂରତ୍ୱକୁ ଦେଶୀୟ ରୀତିରେ ହାତ, ଗୃଷଣ୍ଡ ଓ ଅଙ୍ଗୁଳଦ୍ୱାରା ମାପ କରାଯାଏ—୮ ଯବ=୧ ଅଙ୍ଗୁଳ; (ସଂସ୍କୃତ ତନ୍ତ୍ରରେ ୮ ଯବ=୧ ଜ୍ୟେଷ୍ଠ ଅଙ୍ଗୁଳ; ୭ ଯବ=୧ ମଧ୍ୟମା ଅଙ୍ଗୁଳ; ୬ ଯବ=୧ କନିଷ୍ଠ ଅଙ୍ଗୁଳ; ଯବଧାନକୁ ଚଉଡ଼ାବାଗରେ ରଖିଦେଲେ ୧ ଯବ ହୁଏ) ୪ ଅଙ୍ଗୁଳ=୧ ଚଉକ=୧ ମୁଠା (୧ ମୁଷ୍ଟି); ୩ ମୁଠା =୧୨ ଅଙ୍ଗୁଳ=୧ ଗୃଷଣ୍ଡ (ସଂ ବିତସ୍ତି ଓ ବ. ବିଘତ); ୨୦ ଅଙ୍ଗୁଳ=୧ ମୁଠଣୀ (ସଂ. ଅରତ୍ନି ଓ ବ. ମୁଠକୀ); ୨ ଗୃଷଣ୍ଡ=୨୪ ଅଙ୍ଗୁଳ=୧ ହାତ (ସଂ. ହସ୍ତ ଓ ବ. ହାତ); ୪ ହାତ=୧ ବେଁ (ସଂ. ବ୍ୟାମ ଓ ବ. ବାଓଁ) ୮ ହଜାର ହାତ=୧ କୋଶ=୨ ମାଇଲ୍; ୪ କୋଶ =୧ ଯୋଜନ; ବର୍ଗଫଳ ପାଇଁ ଭୂମି ମାପିବା ସକାଶେ ଓଡ଼ିଶାରେ ଭିନ୍ନ ଭିନ୍ନ ଦୈର୍ଘ୍ୟର ପଦିକା ବ୍ୟବହୃତ ହୁଏ । ଯଥା—ତେର ଦସ୍ତି, ଦଶ ଦସ୍ତି; ଚଉଦ ଦସ୍ତି ଓ ବାର ଦସ୍ତି । ବଙ୍ଗଦେଶର ପଦିକା ବା କାଠା=୪ ହାତ । ୧ ଦସ୍ତି=କହୁଣିଠାରୁ କାଣି ଅଙ୍ଗୁଠିର ଅଗ ପର୍ଯ୍ୟନ୍ତ ୨୨ ଅଙ୍ଗୁଳ; ଏହି ଦସ୍ତି ଅନୁସାରେ ପଦିକାମାନ କରାଯାଏ ।

୨ । ଦୂରତ୍ୱ ଓ ଲୁଗା ଆଦିକୁ ଇଂରେଜୀୟ ରୀତିରେ ଇଞ୍ଚ, ଫୁଟ୍, ଗଜ ଆଦି ଦ୍ୱାରା ମାପ କରାଯାଏ । ଚଉଡ଼ା ବାଗରେ ୮ ଯବ ବା ଲମ୍ବ ବାଗରେ ୩ ଯବ=୧ ଇଞ୍ଚ, ୧୨ ଇଞ୍ଚ=୧ ଫୁଟ୍, ୩ ଫୁଟ୍=୧ ଗଜ, ୨୨୦ ଗଜ=୧ ଫର୍ଲଙ୍ଗ, ୪୪୦ ଗଜ=୧ କ୍ୱାର୍ଟର୍, ୮ ଫର୍ଲଙ୍ଗ=୪ କ୍ୱାର୍ଟର୍=୧ ମାଇଲ୍, ୨ ମାଇଲ୍=୧ କୋଶ । କ୍ଷେତ୍ରର ବର୍ଗଫଳ ବାହାର କରିବା ପାଇଁ ଭୂମି ମାପ ଆମ ଦେଶରେ ପଦିକାରେ ହୁଏ । ଇଂରେଜୀୟ ରୀତି ଅନୁସାରେ ଚେନ୍ ବା ଜରିବ୍ ବା ଲୁହା ଶିକୁଳିଦ୍ୱାରା ଭୂମି ମାପ କରାଯାଏ । ୧ ଚେନ୍=୬୬ ଫୁଟ=୧୦୦ ଲିଙ୍କ୍)

୩ । ଦରଜୀମାନଙ୍କ ଲୁଗା ମାପ—୩ ଅଙ୍ଗୁଳ=୧ ଗିରି, ୪ ଗିରି=୧ ପାଅ, ୧୬ ଗିରି=୧ ଗଜ ।

୪ । ଶସ୍ୟ ଆଦିକୁ ମାଣ, ଗଉଣୀ ଆଦି ପାତ୍ରଦ୍ୱାରା ମାପ କରାଯାଏ । ୧୨ ମାଣ=୧ ଗୌଣୀ, ୨୦ ଗଉଣୀ=୧ ପଉଟୀ, ୪ ପଉଟୀ=୧ ଭରଣ ।

ଭିନ୍ନ ଭିନ୍ନ ଅଞ୍ଚଳରେ କଟକୀ ୨ ସେର ୩ ସେର, ୩୲ ସେର, ୪ ସେର, ୪୲ ସେର, ୫ ସେର; ୬ ସେର ଓ ୮ ସେରର ପରିମିତ ଗଉଣୀମାନ ବ୍ୟବହୃତ ହୁଏ ।

ଗଞ୍ଜାମରେ ଶସ୍ୟାଦି ମାପର ପରିମାଣ—୨ ସୋଲି =୧ ବୋଡ଼ି, ୨ ବୋଡ଼ି=୧ ଅଡ଼ା (୨୪ ତୋଲା ଓଜନ ୪ ଅଡ଼ା=୧ ଗୌଣୀ, ୪ ଗୌଣୀ=୧ ନଉଟ, ୨୦ ନୌଟ=୧ ଭରଣ, ୩ ଭରଣ=୧ ଖଗଡ଼ି; ୭ ଭରଣ=୧ ଗଡ଼ିଶ ।

ସମ୍ବଲପୁରରେ ଓ ଗଞ୍ଜାମରେ ଶସ୍ୟାଦି ମାପିବାରେ ବ୍ୟବହୃତ ତାମ୍ବି ମାପ, ଯଥା—୧ ଭୁତି ତାମ୍ବି=୧୦୫ ତୋଲା ଓଜନ; (ଏଥିରେ ମୂଲିଆଙ୍କୁ ମୂଲ ଦିଆଯାଏ) । ୨ । କଠା ତାମ୍ବି=୯୦ ତୋଲା ଓଜନ (ଗୁଡ଼ିଲ ଆଦି ଶସ୍ୟ ମାପିବାରେ ବ୍ୟବହୃତ) । ୩ । ସେର ତାମ୍ବି=୮୦ ତୋଲା ଓଜନ (ଘିଅ ତେଲ ଆଦି ମପାଯାଏ) । ୪ । କରଜା ତାମ୍ବି=୧୨୦ ତୋଲା ଓଜନ (ଧାନ କରଜ ଦେବା ନେବା ବେଳେ ବ୍ୟବହୃତ ହୁଏ) ଶସ୍ୟ ଆଦିର ପରିମାଣ ତଉଲ ଦ୍ୱାରା ମଧ୍ୟ ସ୍ଥିର କରାଯାଏ । ଏହାକୁ 'ତଉଲବ' କହନ୍ତି ।

୫ । ତରଳପଦାର୍ଥକୁ ଛଟାଙ୍କି, ପାଅ, ସେର ଆଦି ପରିମିତ ପାତ୍ରଦ୍ୱାରା ମଧ୍ୟ ମାପ କରାଯାଏ । ପ୍ରାୟ ୬ ଟଙ୍କା ଓଜନର ବସ୍ତୁ=୧ ଛଟାଙ୍କି, ୪ ଛଟାଙ୍କି=୧ ପାଅ, ୨ ପାଅ=୧ ଅଧସେର, ୨ ଅଧସେର=୧ ସେର, ୨୲ ସେର =ଅଢ଼େଇଅ, ୫ ସେର=୧, ପଶୁରି ୮ ପଶୁରି= ୧ ମହଣ ।

କଟକୀ ୧ ସେରର ଓଜନ=୧୦୫ ତୋଲା (ଟଙ୍କା)
ବାଲେଶ୍ୱରୀ ୧ ସେରର ଓଜନ=୮୦ ଟଙ୍କା ।
ପାଟ ଆଦି ୧ ସେରର ଓଜନ=୧୬ ଟଙ୍କା ।

୬ । ଜଳର ଗଭୀରତା ଲଗୀ ବା ସୁତୁଲି ଦ୍ୱାରା ମାପ କରାଯାଏ ।

ଭିନ୍ନ ଭିନ୍ନ ସ୍ଥାନରେ ଓ ଅଞ୍ଚଳରେ ଭିନ୍ନ ଭିନ୍ନ ପ୍ରକାରର ମାପ ଅଛି । 'ମାପ' ଅବା ବା ଦୈର୍ଘ୍ୟଦ୍ୱାରା ସ୍ଥିର କରାଯାଏ । ଓଜନ ଦ୍ରବ୍ୟକୁ ତଉଲବାଦ୍ୱାରା ସ୍ଥିର କରାଯାଏ ।]

**ମାପକ**—ସଂ. ବିଣ. (ମା. ଧାତୁ ଣିଚ୍=ମାପି ଧାତୁ+କର୍ତ୍ତୃ. ଅକ)—
**Māpaka** ୧ । ମାପୁଣୀ; ଯେ ମାପେ—1. Measuring.
(ମାପିକା—ସ୍ତ୍ରୀ) ୨ । ଯେଉଁ ବସ୍ତୁ ବା ସାଧନ ସାହାଯ୍ୟରେ କୌଣସି ପଦାର୍ଥ ମାପ କରାଯାଏ—
2. Used for measuring a thing.

**ମାପ କରିବା**—ଦେ. କ୍ରି—ମାପିବା (ଦେଖ)—Māpibā (See)
**Māpa karibā** মাপকরা; मा(ना)प करना

**ମାପ କାଠି**—ଦେ. ବି—ପରିମାଣ କରିବା ବା ମାପିବା ପାଇଁ ବ୍ୟବହୃତ
**Māpa kāṭhi** ଦଣ୍ଡ ବା ଯଷ୍ଟି—Measuring rod.
মাপকাঠি; मा(ना)पकाठी

**ମାପତ୍ୟ**—ସଂ.—ବି—କାମ ଦେବ—The God of love (Apte)
**Māpatya**

**ମାପନ**—ସଂ. ବି—୧ । (ମା. ଧାତୁଣିଚ୍=ମାପି ଧାତୁ+କରଣ ଅନ)—
**Māpana** ତୁଳା ଦଣ୍ଡ—1. Balance; a pair of scales.
୨ । (+ଭାବ ଅନ)—ମାପିବା କର୍ମ—Measuring,

**ମାପନୀୟ**—ସଂ. ବିଣ—(ମା ଧାତୁଣିଚ ମାପି ଧାତୁ+କର୍ମ ଅନୀୟ)—
**Māpanīya** ମାପିବାର ଯୋଗ୍ୟ—Measurable.

ମାପିଖିଆ—ପ୍ରାଦେ (କଟକ) ବି—ଯେଉଁ ମାଣରେ ପ୍ରତିଦିନ ଗୃହର
Māpikhiā ମପାଯାଇ ଖାଇବା ପାଇଁ ଖର୍ଚ୍ଚ କରା ହୁଏ—The
(ମାପିଖିଆ ମାଣ—ଅନ୍ୟରୂପ) measuring pot by which the daily consumption of rice is measured.

ମାପିବା—ଦେ. କ୍ରି—(ସଂ. ମା ଧାତୁ ଣିଚ୍ ମାପି ଧାତୁ)—କୌଣସି ବସ୍ତୁର
Māpibā ପରିମାଣ ନିର୍ଣ୍ଣୟ କରିବା—To measure (the
মাপা, **मा(ना)पना** capacity or length and breadth etc). [ଦ୍ର—ମୋହର ଏହୁ ପାଦ ତିନ, ମାପିଣ ବଥ ଭୂ ମେଦିନୀ । ଜଗନ୍ନାଥ. ଭାଗବତ ] [ଦ୍ର—ହାତେ ମାପି ଗୃଣେଣ୍ଡେ ଗୃଲିବା—ଢଗ—ଏହାର ଅର୍ଥ, ଉତ୍ତମ ରୂପେ ବୁଝି ବିଚାରି କୌଣସି କାମ କରିବା; କୌଣସି ବିଷୟ ବା କାର୍ଯ୍ୟ କରିବା ପୂର୍ବରୁ ଆଗ ପଛ ଭାବି କାର୍ଯ୍ୟ କରିବା । ଯେପରି ବାଟ ଚାଲିବାବେଳେ ଅଗରୁ ଏକହାତ ମାପିଲେ ଅଗର ଏକହାତ ସ୍ଥାନର ଅବସ୍ଥା ଜଣାପଡ଼େ, ତାହା ଜଣାଯାଏ; ଏହା ସ୍ଥିର କରି ସାରି ତହିଁ ମଧ୍ୟରୁ ଏକଗୃଣେଣ୍ଡ ସ୍ଥାନରେ ଗୋଡ଼ ପକାଇଲେ ଆଉ ଉପୁର କୌଣସି ଆଶଙ୍କା ନ ଥାଏ; ସେହିପରି କୌଣସି କାର୍ଯ୍ୟରେ ହସ୍ତକ୍ଷେପ କରିବା ପୂର୍ବରୁ ତାହାକୁ ଉତ୍ତମରୂପେ ପରୀକ୍ଷା କରି ଦେଲେ ବିପଦର ଆଶଙ୍କା ନ ଥାଏ ।]

ମାପିବା ଚୁପିବା - ଦେ. କ୍ରି—(ନିରର୍ଥକ ସହଚର ଶବ୍ଦ)—ଉତ୍ତମରୂପେ
Māpibā chupibā ପରିମାଣ କରିବା—To measure a
মাপা জোখা,**नापनातपना मापना उपन** thing thoroughly.

ମା ପୁଅ—ଦେ. ବି—ମାତା ଓ ପୁତ୍ର—Mother and son, [ଦ୍ର—
Mā pua মাছেলে **मावेटा** ଏହିପରି ମା ଝିଅ ଶବ୍ଦ ମଧ୍ୟ ହୁଏ)—
(ମାଅପୁଅ—ଅନ୍ୟରୂପ)

ମାପୁଣି—ଦେ. ବି. (ସଂ. ମା ଧାତୁ ଣିଚ ମାପି ଧାତୁ)—୧ । ପରିମାପକ;
Māpuṇi ଶସ୍ୟ ଆଦିକୁ ମାପ କରିବା ଲୋକ—1.Measurer.
মাপানি; ୨ । ମାପିବା କ୍ରିୟା—2. Act of measur-
**मापदार, हटवे मापनेवाला** ing. ୩ । ଶସ୍ୟାଦି ମାପିବା ବ୍ୟକ୍ତିକୁ ଦିଆଯିବା ପାରିଶ୍ରମିକ—3. Remuneration paid to a measurer of grains.

ମାପୁଣି କରଣି—ଦେ. ବି—କରଜ ଦିଆଯିବା ଶସ୍ୟାଦିକୁ ମାପିବା ବ୍ୟକ୍ତିର
Māpuṇi karaṇi ଓ ତାହା ଖାତାରେ ଲେଖିବା ବ୍ୟକ୍ତିର
মাপার ও লেখারতহুরী, মাপানিতহুর ପାରିଶ୍ରମିକ ସ୍ୱରୂପ ଦିଆ-
**हटवेका और मुनीमका मिहनताना** ଯିବା ଧାନ—Paddy paid as remuneration to the measuring servant and the clerk of the creditor. [ଦ୍ର—ଧାନ ମହାଜନଙ୍କଠାରୁ ଯେଉଁ ଖାତକମାନେ ଧାନ କରଜ ନିଅନ୍ତି ସେମାନେ ଧାନ ନେବା ସମୟରେ ଓ ଧାନକୁ ସୁଧ ମୂଳ ସୁଝିବା ସମୟରେ ମହାଜନଙ୍କ ପକ୍ଷରୁ ଜଣେ ମାପୁଣି ସେ ଧାନକୁ ମାପ କରେ ଓ ଜଣେ କରଣ ବା ଗୁମାସ୍ତା ଉକ୍ତ ଧାନର ପରିମାଣ ଖାତାରେ ଲେଖି ରଖେ । ଏହି ଦୁଇ ଜଣ ବ୍ୟକ୍ତିଙ୍କପାଇଁ ମହାଜନମାନେ ଖାତକମାନଙ୍କଠାରୁ ଆପଣାର ପ୍ରାପ୍ୟ ଧାନର ମୂଳ ଓ ସୁଧ ଉପରେ 'ମାପୁଣି କରଣି' ନାମରେ କରଣକେ ଗଉଣିଏ ଦୁଇ ଗଉଣି ଧାନ ଅଦାୟ କରି ନିଅନ୍ତି ଓ ଖାତକ ଅନନ୍ୟୋପାୟ ହୋଇ ତାହା ଦେବାକୁ ବାଧ୍ୟ ହୁଏ । ]

ମାଫ୍—ବୈଦେ. ବିଣ ( ଅ. ମୁଅଫ୍=କ୍ଷମିତ )—୧ । ଯାହା କ୍ଷମା
Māph ଦିଆଯାଇଅଛି; କ୍ଷମିତ—1. Forgiven; excused.
মাফ **माफी** ୨ । ରହିତ; ସ୍ଥଗିତ (କର୍ମ)—2. Suspended; kept in abeyance. ବି.( ଅ. ମାଫୀ, ମୁଆଫୀ )—୧ । ( ଦୋଷର ) ମାର୍ଜନା; କ୍ଷମା—1. Pardon; forgiving. ୨ । ( ଖଜଣା ଆଦି ଦାୟିତ୍ୱରୁ ) ଛାଡ଼; ମୁକ୍ତି; ଅବ୍ୟାହତି—2. Remission; exemption from payment. ୩ । ( ଅବଶ୍ୟ ଦଣ୍ଡ ଆଦିର ) ରହିତକରଣ—3. Suspension; keeping in abeyance ( of punishment etc ).

ମାଫ୍ କରିବା—ଦେ. କ୍ରି—କ୍ଷମା ଦେବା—To pardon; to
Māph karibā মাফ করা(দেওয়া) **माफ करना** excuse.
( ମାଫ୍ ଦେବା—ଅନ୍ୟରୂପ )

ମାଫ୍ ଗୃହିବା—ଦେ. କ୍ରି—କ୍ଷମା ପ୍ରାର୍ଥନା କରିବା—To solicit
Māph chāhibā মাফ চাওয়া pardon.
**माफी चाहना (माँगना)** (ମାଫ୍ ମାଗିବା—ଅନ୍ୟରୂପ)

ମାଫ୍ ପାଇବା—ଦେ. କ୍ରି—ଦୋଷମୁକ୍ତ ହୋଇ କ୍ଷମା ପାଇବା—To be
Māph pāibā মাফ পাওয়া pardoned or excused.
**माफी पाना**

ମାଫି—ବୈଦେ. ବିଣ ( ଅ. ମୁଅଫୀ: ମାଫୀ=ନିଷ୍କର )—୧ । ନିଷ୍କର
Māphi ( ବୃତ୍ତି )—1. Rentfree (holding). ୨ । ଲାଖେରାଜ
মাফী (ବୃତ୍ତି)—2 Revenue-free ( land ). ୩ । ମାଫ୍
**माफी** ଇତ୍ୟାଦି (ଦେଖ)—3. Māph etc (See) ବି—୧ । ନିଷ୍କର ବୃତ୍ତି—1. Rent-free holding. ୨ । ( ଅ. ମାଫୀ ) ମାଫ୍ ( ଦେଖ )—2. Māph ( See ) ୩ । ମାଫ୍ ଇତ୍ୟାଦି ( ଦେଖ )—3. Māph etc ( See )

ମାଫିକ୍(କେ)—ବୈଦେ. ଅ ( ଅ. ମୁଅଫିକ୍ )—ଅନୁରୂପ; ମୁତାବକ
Māphik(ke) ଅନୁସାରେ—According to; agreeing
মাফিক **माफिक** with. [ ଉ—ଇଚ୍ଛା ମାଫିକେ ତୋ ବଇଣ ବନାଇ ଦିଅଇବ ହୋଇ ଛୁଡ଼ା ରେ—କବିସୂର୍ଯ୍ୟ. ସଙ୍ଗୀତ]

ମାଫି ଖରିଦା—ବୈଦେ. ବି (ଫା)—ଏକପ୍ରକାର ନିଷ୍କର ମଧ୍ୟସତ୍ୱ (ଭୂମି)
Māphi kharidā —A class of rent-free tenures.
মাফি **माफी**

ମାଫିଦାର୍—ବୈଦେ. ବି (ଫା)—୧ । ନିଷ୍କର ବୃତ୍ତି ଭୋଗ କରୁଥିବା ବ୍ୟକ୍ତି
Māphidār —1. A person holding a rent-free
**माफिदार** tenure. ୨ । ଲାଖେରାଜଦାର୍—2. A person
**माफिदार** holding a revenue-free land.

ମାଫି ବୃତ୍ତି—ଦେ. ବ—ଯେଉଁ ଜମିର ଖଜଣା ବା ରାଜସ୍ୱ ମାଫ୍ ହୋଇ
Māphi brutti মাফিবৃত্তি ଅଛି—Rent-free tenure.
माफी ( ମାଫି ବୃତ୍ତି—ଅନ୍ୟରୂପ )

ମା ବାପ(ପା)—ଦେ. ବ ( ସନ୍ଧିତର ଶବ୍ଦ )—୧ । ମାତା ଓ ପିତା—
Mā bāpa(pā) 1. Mother and father. ୨ । କୌଣସି
মা বাপ मा बाप ରକ୍ଷକ ବା ଅଭିଭାବକ—2. Any protector
(ମାଅ ବାପ[ପା]—ଅନ୍ୟରୂପ) or patron. ୩ । ନିୟାମକ—
3. Ragulator. (ଯଥା—ଅଜକାଲି ଓଡ଼ିଆ ସାହିତ୍ୟର କେହି ମା ବାପ ଥିଲା ଭଳି ଜାଣ ପଡୁନାହିଁ ।)

ମା ଭଉ(ଇ, ଏ)ଣୀ—ଦେ. ବ ( ସନ୍ଧିତର ଶବ୍ଦ )—ମାତା ଓ ଭଗିନୀ—
Mā bhau(i, e)ṇī মা বোন मा बहीन Mother and sister.
( ମାଅ ଭଉ[ଇ, ଏ]ଣୀ—ଅନ୍ୟରୂପ )

ମା ଭଉଣୀ ଜୋରୁ(ରି) ବେଟି—ଦେ. ବ. ( ସନ୍ଧିତର ଶବ୍ଦ; ସଂ. ମାତୃ,
Mā bhauṇī joru(ri) beṭi ଭଗିନୀ, ପା. ଜୋରୁ, ବେଟୀ)—
মা বোন মাগি বেটী ମାତା, ଭଗ୍ନୀ, ସ୍ତ୍ରୀ ଓ କନ୍ୟା—One's
मा बहीन जोरु बेटी mother, sister, wife and daughter (all the female members of a
(ମା ଭଉଣୀ ବୋହୂ, ବେଟି—ଅନ୍ୟରୂପ) person's family.)

ମା ଭଉଣୀ ଜୋରୁ(ରି) ବେଟି କରିବା—( ସଂ. ମାତା; ଭଗିନୀ; ପା.
Mā bhauṇī joru(ri) beṭi kariba ଜୋରୁ; ବେଟୀ)—
মা বোন তুলে গালাগালি দেওয়া କୌଣସି ବ୍ୟକ୍ତିର ମା, ଭଗିନୀ,
मतरीया बहिनीया करना ସ୍ତ୍ରୀ ଓ କନ୍ୟାଙ୍କ ପ୍ରତି ଅଶ୍ଳୀଳ ଭାଷା ପ୍ରୟୋଗପୂର୍ବକ ଗାଳିଗୁଲଜ କରିବା—To abuse a person filthily by taking the names of his mother, sister, wife and daughter.
ମା ଭଉଣୀ ଜୋରୁ[ରି] ବେଟି କରି ଗାଳି ଦେବା }
ମା ଭଉଣୀ ଜୋରୁ[ରି] ବେଟି ନେବା } ଅନ୍ୟରୂପ

ମା ଭାରିଯା—ଦେ. ବ ( ସନ୍ଧିତର ଶବ୍ଦ )—ମାତା ଓ ସ୍ତ୍ରୀ—Mother
Mā bhārijā মা ও মাগী मा और जोरु and wife.

ମାଭୈଃ—ସଂ. (ବାକ୍ୟ) (ଅବ୍ୟୟରୂପେ ବ୍ୟବହୃତ)—'ତୁମ୍ଭେ ଭୟ କର
Mābhaiḥ ନାହିଁ' ଏହିପରି ଆଶ୍ୱାସବାଣୀ—( literally; Dont
মাভৈঃ मामैः fear ) An assurance given by a person to another not to fear-Dont you fear.

ମାମ୍‌ଦି—ପ୍ରାଦେ. ( ବାଲେଶ୍ୱର ) ବ. ( ମୂଳ. ଏହି ଅର୍ଥରେ ବ.
Mām-di ମାମ୍‌ଦୋ; ପା. ମହମ୍ମଦ୍ )—ପଠାଣ ଭୂତ—The spirit or ghost of a Mahomedan dead man.

ମାମ୍‌ବାପା—ଗ୍ରା. ଭା. ପୁଂ. ( କରଣସମାଜରେ ବ୍ୟବହୃତ ଶବ୍ଦ )—
Mām-bāpā ମାମୁଁ ବାପା (ଦେଖ)—Māmuṅ bāpā (See)
( ମାମ୍‌ମା—ସ୍ତ୍ରୀ )

ମାମ—ସଂ. ବ. ପୁଂ ( ମମ+ଅ )—ମାତୁଳ; ମାମୁଁ—Mother's
Māma brother. ଭଣ—ମାମକ ( ଦେଖ )—Māmaka
( ମାମୀ—ସ୍ତ୍ରୀ ) ( See )

ମାମକ—ସଂ. ବିଣ. ପୁଂ ( ମମ+କ+ଅ )—୧ । ମଦୀୟ; ମତ୍ସମ୍ବନ୍ଧୀୟ—
Māmaka 1. Relating to me. ୨ । ମୋର—
( ମାମକୀ—ସ୍ତ୍ରୀ ) 2. Mine. ୩ । ମମତାଯୁକ୍ତ—3. Having attachment for. ୪ । ସ୍ୱାର୍ଥପର—4. Selfish. ୫ । କୃପଣ—5. Miserly. ସଂ. ବ. ପୁଂ—୧ । କୃପଣ ବ୍ୟକ୍ତି—1. A miser (Apte). ୨ । ମାମୁଁ; ମାତୁଳ—2. Maternal uncle (Apte ).

ମାମକୀନ—ସଂ. ବିଣ. ପୁଂ ( ମମକ+ଈନ )—ମତ୍ସମ୍ବନ୍ଧୀୟ—
Māmakīna (ମାମକୀନା—ସ୍ତ୍ରୀ) Relating to myself.

ମାମଥ୍—ବୈଦେ. ବ (ଇଂ. ମାମ୍ମଥ୍)—ହସ୍ତୀର ଅନୁରୂପ ବିଶିଷ୍ଟ ପ୍ରାଚୀନ
Māmath ଜନ୍ତୁ ବିଶେଷ—Mammoth (an extinct
মামথ species of wooly elephants). [ ଦ୍ର—ଏହାର
मैमथ ଦେହସାର ଲମ୍ବ ଲୋମରେ ଆବୃତ ଥିଲା ଓ ଦନ୍ତଦ୍ୱୟ ଅଧିକ ଲମ୍ବା ଓ ଦନ୍ତାଗ୍ର ଉପରକୁ ବାଙ୍କେଇ ହୋଇ ଉଠିଥିଲା; ଏହା ହାତୀ ଠାରୁ ଖୁବ୍ ବଡ଼ ଥିଲା । ଏ ଜୀବ ବର୍ତ୍ତମାନ ପୃଥିବୀରୁ ଲୁପ୍ତ ହୋଇଅଛି ଓ ଏହାର କଙ୍କାଳ ଭୂଗର୍ଭରୁ ସ୍ଥାନେ ସ୍ଥାନେ ମିଳୁଅଛି ।]

ମାମଲତ(ତି)—ବୈଦେ. ବ ( ଅ. ମୁଅମିଲତ୍ )—୧ । ମାମଲା
Māmalat(ti) ( ଦେଖ )—1. Māmalā (See). ୨—
(ମାମଲ୍ତି—ଅନ୍ୟରୂପ) ବୈଷୟିକ କାର୍ଯ୍ୟସମୂହ—2. Worldly
মামলত affairs or matters. ୩ । ବ୍ୟବହାର; ବ୍ୟବସାୟ—
मामलत 3. Business. ୪ । ବ୍ୟାବହାରିକ କଥୋପକଥନ—4. Negotiation; business talk.

ମାମଲତକାର—ବୈଦେ. ବ(ପା. ମୁଅମିଲତ୍‌କାର୍)—ଯେଉଁ ବ୍ୟକ୍ତି ଗୃହର
Māmalat-kār ବୈଷୟିକ କାର୍ଯ୍ୟମାନ ବୁଝେ—A person
মামলতকার who manages or looks after the busi-
मामलतकार ness of a family (e. g.litigation, trad), management of propertye.
(ମାମଲତକାରୀ—ଭାବବାଚକ ବିଶେଷ୍ୟ)

ମାମଲତଦାର—ବୈଦେ. ବ—୧ । (ପା. ମୁଅମିଲତ୍‌ଦାର୍)-ଯେ ଅନ୍ୟ
Māmalat-dār ବ୍ୟକ୍ତିମାନଙ୍କ ମକଦମା ଆଦି ବୁଝିବାପାଇଁ ସରକାରଙ୍କ
মামলতদার ପକ୍ଷରୁ ନିଯୁକ୍ତ ହୁଏ—1. A public servant
मामलतदार engaged to decide matters arising between parties. ୨ । ( ବମ୍ବାଇ ପ୍ରଦେଶର) ଗ୍ରାମ୍ୟ ବିଚାରପତି କର୍ମଚାରୀ—2. (In the Bombay presidency) Village-court; a village magistrate in Bombay.

ମାମଲା—ବୈଦେ. ବ (ଅ. ମୁଅମିଲା)—୧ । ବ୍ୟାପାର—1. Affair.
Māmalā business. ୨ । କେସ୍; ମକଦ୍ଦମା—2. Liti-
মামলা gation; case; law suit. ( ଯଥା—ଫଉଜଦାରି
मामला ମାମଲା, ଦେୱାନି ମାମଲା, ଚଉର୍ଯ୍ୟ ମାମଲା, ସେସନସ୍ ମାମଲା, ଖୁଣୀ ମାମଲା, ସଙ୍ଗିନ୍ ମାମଲା ଇତ୍ୟାଦି ।)

ମାମଲା ଦାଏ(ୟ)ର—ବୈଦେ. ବ (କଚେରୀ) ( ପା. ମୁଅମିଲା +
Māmalā dāe(ya)r ଦାୟର୍)—କୋର୍ଟରେ ଅଭିଯୋଗ ବା ଦରଖାସ୍ତ

ମଲা দাএর    ଦାଖଲ କରିବାଦ୍ୱାରା ମକଦ୍ଦମାର ଆରମ୍ଭ—
**मामलादायर**    Institution of a case.

ମାମଲା ଫଇ(ଏ)ସଲ୍—ବୈଦେ. କ୍ରିୟାର୍ଥ (ଫା. ମୁଆମିଲା+ ଫୈସଲ୍)—
Māmalā phai(e)sal   ମକଦ୍ଦମାର ନିଷ୍ପତ୍ତି—Decision or
মামলাফয়েসল **मामलाफैसला**    disposal of a case.

ମାମଲା ବାଜ୍—ବୈଦେ. ବଣ (ଫା. ମୁଆମିଲାବାଜ୍)—ମକଦ୍ଦମା
Māmalā bāj   କରିବାରେ ପଟୁ; ବିବାଦପଟୁ—Litigious.
মামলাবাজ **मामलाबाज**    (ମାମଲାଖୋର—ଦେ. ରୂପ)

ମାମଲା ମକଦ(ଦ୍ଦ)ମା—ବୈଦେ. ବ (ଫା. ମୁଆମିଲା +ମୁକଦ୍ଦମା )—
Māmalā makada(dda)mā (ଏକାର୍ଥକ ସହଚର)—ମକଦ୍ଦମା
মামলামোকদ্দমা ମାମଲା; ମାଲିମକଦ୍ଦମା; ମାଲିମାମଲା; ନାନାପ୍ରକାରର
**मामलामुकद्दमा**    ମକଦ୍ଦମା—Litigation.

ମାମା—ଦେ. ବ. ସ୍ତ୍ରୀ (ସଂ. ମାତା, ମା; ଫା. ମାମା)—ସଭ୍ୟ ପରିବାରରେ
Māmā   ବ୍ୟବହୃତ ଓ ଶିଶୁଭାଷା)—ମାତା—Mother. [ଉ—
মা    ମାମାରେ ! ପାଠପଢ଼ା ବଡ଼ ଦୁଃଖ, ହାତ ଗୋଡ଼ ଦୁଇ ଲାଗଇ
**मामा**    ରେ ! ପଶ୍ଚାତ୍ତେ ବଡ଼ ସୁଖ । ଶିଶୁବଚନ । ] ପ୍ରାଦେ.
(ବାଲେଶ୍ୱର) ବ. ପୁଂ. (ଭୁଲ. ବ. ମାମା; ହି ମାମା)—
ମାମୁ—Maternal uncle.

ମାମୀ—ସଂ. ବ. ସ୍ତ୍ରୀ (ମାମ+ଈ)—ମାଈଁ; ମାଉଳାଣୀ—Maternal
Māmī   uncle's wife. [ଦ୍ର—ବଙ୍ଗଳାରେ ମାଈଁଙ୍କୁ ମଧ୍ୟ ମାମୀ
(ମାମିକା—ଅନ୍ୟରୂପ)    କହନ୍ତି । ]

ମାମୁଁ(ମୁ)—ଦେ. ବ. ସ୍ତ୍ରୀ. (ସଂ. ମାମ, ମାମକ)—ମାଉଳ—Maternal
Māmuṅ(mu)   uncle. (ଉ—ତା ଶୁଣି ନକୁଳ ସେଠାରୁ
(ମାଈଁ—ସ୍ତ୍ରୀ)   ବାହାରିଲେ, ମଗଧ ଦେଶେ ମାମୁଁ ସଙ୍ଗତେ ଦେଖା-
মামা   ହେଲେ । କୃଷ୍ଣସିଂହ. ମହାଭାରତ. ସଭା ) [ଦ୍ର—ମାମୁଁ ଭଣଜା
**मामु**   ସମ୍ପର୍କ ପ୍ରଗାଢ଼ ସ୍ନେହଯୁକ୍ତ ଓ ମଧୁରଭାପୂର୍ଣ୍ଣ ସମ୍ପର୍କ ଅଟେ ।
ମାମୁଁ ଭଣଜା ପ୍ରତି ପ୍ରଗାଢ଼ ବାତ୍ସଲ୍ୟଭାବ ଦେଖାଉଥିବାରୁ
ସ୍ନେହସୂଚକ ସମ୍ବୋଧନରେ ବାଘକୁ ଓ ଜହ୍ନକୁ ଶିଶୁର ମାମୁ
ରୂପେ କଳ୍ପନା କରାଯାଏ, (ଯଥା—ବାଘମାମୁ, ଜହ୍ନମାମୁଁ) ।
ମଦ୍ୟପ ଶ୍ରେଣୀ ଲୋକମାନେ ଶୁଣ୍ଡିକୁ ଓ ଶିଅଳକୁ ମାମୁ
ସମ୍ବୋଧନ କରନ୍ତି ।

ମାମୁ ପଦ ସମ୍ପର୍କରେ କେତେଗୁଡ଼ିଏ ଢଗ ଓ ପ୍ରବଚନ;—
ଯଥା—୧ । ମାମୁଘରେ ପଡର ଖଣ୍ଡିକ ବଖଣ୍ଡି କରିବା,
ଅର୍ଥାତ୍—କୌଣସି ପରିଶ୍ରମ ନ କରି ମାଉଳାଳୟରେ
ଆଦର ଓ ଯତ୍ନ ସହିତ ପ୍ରତିପାଳିତ ହେବା ।]

নেই মামাথেকে   ୨ । ନାହିଁ ମାମୁଁ ଠାରୁଁ କଣା ମାମୁ ଭଲ—
কাণামামু ভাল   ଅର୍ଥାତ୍—ଆଦୌ ମାମୁଁ ନ ଥିବାଠାରୁ, କଣା
**नहिमामासे**   ହେଉ, ଛୋଟା ହେଉ, ଅଯୋଗ୍ୟ ହେଉ,
**कनाहा मामा अच्छा**   ଗୋଟିଏ ମାମୁଁ ଥିଲେ ତାହାଙ୍କଠାରୁ ଭଣଜା
କେତେକ ପରିମାଣରେ ଆଦର ଓ ଯତ୍ନ ଲାଭକରେ ।
ଏଥିର ସମଭାବାପନ୍ନ ଇଂରାଜୀ ପ୍ରବଚନ—Half a
loaf is better than no loaf.

মামামামী দুইপ্রাণী   ୩ । ମାମୁଁ ମାଈଁ ହ ପରାଣୀ—ଶତ୍ରୁଳୋକଙ୍କ
**द्रोही प्रानी**   ଦମ୍ପତିଙ୍କ ପ୍ରତି ଏ ବାକ୍ୟ ବ୍ୟବହୃତ ହୁଏ ।
ଅର୍ଥାତ୍—ଭଲ୍ଲ ପରିବାରରେ ମାମୁଁ ( ସ୍ୱାମୀ ) ଓ ମାଈଁ
( ସ୍ତ୍ରୀ ), ଏ ଦୁଇଜଣଙ୍କ ଛଡ଼ା ଅନ୍ୟ କେହି ନାହାନ୍ତି ।

୪ । ମାମୁଁ ବେକ ଧରି କାନ୍ଦିବା ଓ ମାଈଁ ବେକ ଧରି
କାନ୍ଦିବା । ଅର୍ଥାତ୍—ଯେଉଁ ବ୍ୟକ୍ତି ଉଭୟ ପକ୍ଷଙ୍କ ସଙ୍ଗେ
ମିଳିତା କରି ଉଭୟପକ୍ଷଙ୍କଠାରୁ ସାହାଯ୍ୟ କାମନା କରେ ବା
ଉଭୟପକ୍ଷଙ୍କ ନିକଟରେ ସମବେଦନା ପ୍ରକାଶ କରେ ।

୫ । ମାମୁଙ୍କର ବାଟେ, ତ ମାଈଁଙ୍କର ବାଟେ । ଅର୍ଥାତ୍
—ଯେଉଁ ପରିବାରରେ ସ୍ୱାମୀ ଓ ସ୍ତ୍ରୀଙ୍କ ମଧ୍ୟରେ ମତଭେଦ
ଘଟିଥାଏ । ]

ମାମୁଁ(ମୁ)ଅଜା—ଦେ. ବ. ପୁଂ ( ସଂ. ମାମ+ଆର୍ଯ୍ୟ )—୧ । ଅପଣାର
Māmuṅ(mu)ajā   ପିତାଙ୍କ ମାମୁଁ—1. One's father's
(ମାଈଁ ଆଈ—ସ୍ତ୍ରୀ)   maternal uncle. ୨ । ଅପଣାର
বাবারমামা   ମାଆଙ୍କର ମାମୁଁ—2. One's mother's
**बाबाकामामा; नाना**   maternal uncle.

ମାମୁଁ(ମୁ)ଘର—ଦେ. ବ—୧ । ମାଉଳାଳୟ—1. One's
Māmuṅ(mu)ghara   maternal uncle's house.
মামারবাড়ি   ୨ । (ଲକ୍ଷଣାର୍ଥ) ଜେଲ୍ଖାନା—2. (figurative)
**ममाना; ममहारा,**   Jail. ୩ । ମଦଭାଟି; ଶୌଣ୍ଡିକାଳୟ—
**ममियैरा; ममियाऊर**   3. Tavern.

ମାମୁଁ(ମୁ) ଘରକୁ ଯିବା—ଦେ.କ୍ରି—୧ । ( ମଦ୍ୟପାୟୀ ଲୋକଙ୍କ
Māmuṅ(mu) gharaku jibā   ବ୍ୟବହୃତ )—ମଦ ବା ତାଡ଼ି
মামারবাড়ি যাওয়া   ପିଇବାକୁ ଭାଟିକୁ ଯିବା—1. To go to
**ममहारा जना**   the tavern to drink. ୨ ।
( ଲକ୍ଷଣାର୍ଥ ) ଜେଲ୍ଖାନାକୁ ଯିବା—2. (figurative)
To go to jail. ୩ । ମାଉଳାଳୟକୁ ଯିବା—3.
To go to one's maternal uncle's house.

ମାମୁଁ(ମୁ)ଘର ପାଣି—ଗ୍ରା. କ୍ରି. ( ମଦ୍ୟପାୟୀ ଲୋକଙ୍କ ବ୍ୟବହୃତ )—
Māmuṅ(mu)ghara pāṇi   ମଦ ବା ତାଡ଼ି—Wine or
লালপানি **आकासपानी**   toddy.

ମାମୁଁ(ମୁ)ଝି(ଝୁ)ଅ ଭଉଣୀ—ଦେ. ବ. ସ୍ତ୍ରୀ—ଅପଣାର ମାମୁଁଙ୍କ ଝିଅ
Māmuṅ(mu)jhi(jhu)a bhauṇī   ଥିବାରୁ ଅପଣାର ଭଗିନୀ—
মামাতো বোন   One's causin, being the maternal
**ममेरी बहीन**   uncle's daughter.

ମାମୁଦ୍—ବୈଦେ. ବ ( ନାମ ) ( ଫ —ଭାରତ ଆକ୍ରମଣକାରୀ ଗଜନୀ
Māmud   ବଂଶୀୟ ମୁସଲମାନ୍ ରାଜା—Name of a
মামুদ   Mahomedan king of Gaznee who
**महमुद**   invaded India 17 times. [ଦ୍ର
(ମାମୁଦ୍ ଗଜନୀ—ଅନ୍ୟରୂପ) — ଭାରତରେ ପ୍ରଚୁର ଧନ ଥିବାରୁ
ସେ ୧୭ ଥର ଭାରତ ଆକ୍ରମଣ କରିଥିଲେ ଓ ଶେଷଥର
ଗୁଜରାଟର ସୋମନାଥ ମନ୍ଦିର ଆକ୍ରମଣ କରି ମୂର୍ତ୍ତି ଭାଙ୍ଗି
ବହୁ ଧନରତ୍ନ ଲୁଣ୍ଠନ କରି ନେଇଯାଇଥିଲେ; ମହମୁଦ୍
ଗଜନୀ ଦେଖ । ]

ମାମୁଁ(ମୁ)ପୁଅ ଭାଇ—ଦେ. ବି. (ସ. ମାମ+ପୁତ୍ର+ଭ୍ରାତା)—
Māmuñ(mu)pua bhāi ଅପଣାର ମାମୁଙ୍କ ପୁଅ ଥିବ୍ରୁ ମାମାତো ভাই ନିଜର ଭାଇ- One's causin, being ममेराभाइ the son of the maternal uncle.

ମାମୁଁ ବାପା—ଦେ. ବି (ଭଉଣୀ ସମାଜ ବ୍ୟବହୃତ)—ମାମୁଙ୍କର ପିତା; Māmuñ bāpā ମାଆଙ୍କର ବାପା—Maternal grand- দাদামহাশয় मामाकाबाबा; नाना father; mother's father.

ମାମୁଁ(ମୁ) ଭଣଜା(ଞ୍ଜା)—ଦେ. ବି (ଅପେକ୍ଷିକ ସମ୍ବନ୍ଧର ଗଣ)—ମାମୁଁ Māmuñ(mu) bhaṇajā(ñjā) ଓ ଭଣଜା—Maternal মামা ভাগনা मामा भांजा uncle and sister's son.

ମାମୁଁ(ମୁ) ଭଣଜା(ଞ୍ଜା) କଦଳୀ—ଦେ. ବି—ଏକଜାତୀୟ କଦଳୀ— Māmuñ(mu) bhaṇajā(ñjā) kadaḷi A species of plantain. [ଦ୍ର—ଏହି କଦଳୀଗଛର ମୂଳାଂଶରେ କେତେକ ଫେଣାର କଦଳୀ ବଡ଼ ବଡ଼ ହୁଏ। ମଝିର କେତେକ ଅଂଶରେ କଦଳୀ ନ ଥାଏ। ଆଗର ଅଗଅଡ଼କୁ ଥିବା ତଳ ଫେଣାମାନଙ୍କରେ ଲଗାଇଛି ହୋଇ କେତେଗୁଡ଼ାଏ ଛୋଟ ଛୋଟ କଦଳୀ ଥାଏ।]

ମାମୁଁ(ମୁ) ଭଣଜା(ଞ୍ଜା) ପାହାଡ଼—ସ. ବିଣ—ଚିଲିକାକୂଳରେ ମୁକ୍ତକଣ୍ଠା Māmuñ mu) bhaṇajā(ñjā pāhārda ବାଲୁଗାଁର ନିକଟରେ ଥିବା ଗୋଟିଏ ବଡ଼ ଓ ତତ୍ସନ୍ନିହିତ ଗୋଟିଏ ସାନ ପାହାଡ଼ର ସ୍ଥାନୀୟ ନାମ—Local name of a big and a small hill situated near the Chilka Lake. [ଭୁ—ଭୂସମ୍ପନ ପିଲାଭୂଷ ଭଳେବର, ସିଂହେଶ୍ୱରଙ୍କର ସାମଲ ଭୂଧର। ସ୍ୱଧାନାଥ. ଚିଲିକା।] [ଦ୍ର—ଏଥିର ବଡ଼ ପାହାଡ଼ରେ ସିଦ୍ଧେଶ୍ୱର ନାମକ ଶିବଙ୍କ ମନ୍ଦିର ଅଛି।]

ମାମୁର(ରି, ଲ୍, ଲି)—ବୈଦେ. ବି (ଅ. ମାମୁଲ୍—୧। ଖଦ; ୨। Māmur(ri, l, li) ନିରୂପିତ ସମସ୍ତ ବ୍ୟବଧାନ ଅନ୍ତେ ଯେଉଁ मामुल ଧନ କୌଣସି ବ୍ୟକ୍ତିଙ୍କୁ ବା କାର୍ଯ୍ୟପାଇଁ ଦଅଯିବାର मामुल ବ୍ୟବସ୍ଥା ହୋଇଥାଏ)—୧। ପୂର୍ବରୁ ଛିର୍ଦ୍ଧିଷ୍ଟ ବା ନିର୍ଦ୍ଧାରିତ ହୋଇଥିବା ବିଷୟ—1. A matter already settled. ୨। ନିରୂପିତ ବା ନିର୍ଦ୍ଧାରିତ କାର୍ଯ୍ୟକ୍ରମ—2. Routine. ୩। ପ୍ରଚଳନ; ଚଳନ—3. Currency; use. ୪। ଅଭ୍ୟସ୍ତ କାର୍ଯ୍ୟ—4. Customary or habitual act. ୫। ନିୟମ—5. Rule. ୬। ଦସ୍ତୁର; ଚିରପ୍ରଚଳିତ ପ୍ରଥା—6. Custom or usage. ୭। ଅଭ୍ୟାସ—7. Habit. ୮। ନିର୍ଦ୍ଧାରିତ ସମୟରେ ପ୍ରାପ୍ୟ ବା ଦେୟ ନିର୍ଦ୍ଧାରିତ ଅର୍ଥ—8. A fixed payment; the payment of a particular amount at a particular period. ବିଣ (ଅ. ମାମୁଲ— মামুলী निर्द्धारित) ୧ ପୂର୍ବରୁ ସ୍ଥିରୀକୃତ—1. Fixed; long मामुली settled; previously arranged. ୨। ପ୍ରଚଳିତ—2. Usual; current. ୩। ନିରୂପିତ—3. Regular. ୪। ସାଧାରଣ—4. Ordinary. ୫। ଚିରସ୍ଥାୟୀରୂପେ ନିର୍ଦ୍ଧାରିତ—5. Fixed permanently. ୬। ଚିର ପ୍ରଚଳିତ—6. Customary; habitual.

ମାମୁରି(ଲି) କଥା—ଦେ. ବି—୧। ଚିରସ୍ଥାୟୀ ବିଷୟ—1. A custo- Māmuri(li) kathā mary act. ୨। ପୂର୍ବରୁ ନିର୍ଦ୍ଧାରିତ মামুলি কথা ବା ସ୍ଥିରୀକୃତ କଥା—2. A thing long sett- मामुली बात led.

ମାମୁରି(ଲି) କାମ(ର୍ଯ୍ୟ)—ଦେ.ବି—୧। ଯେଉଁ କାର୍ଯ୍ୟର କ୍ରମ ବହୁକାଳରୁ Māmuri(li) kāma(rjya) ନିର୍ଦ୍ଧାରିତ ହୋଇ ଚଳି ଆସୁଅଛି— মামুলী কায 1. Routine work; customary actss मामुली काम acts of a routine nature. ୨। ସାଧାରଣ କାରିଗରି; ଯେଉଁ ବସ୍ତୁରେ କିଛି ଅସାଧାରଣ କାରିଗରି ନ ଥାଏ—2. A thing having no peculiar workmanship.

ମାମୁରି(ଲି) ଖରଚ—ବୈଦେ. ବି (ଅ. ମାମୁଲୀ+ଖର୍ଚ୍ଚ)—୧। ସାଧାରଣ Māmuri(li) kharacha ବ୍ୟୟ—1. Ordinary ex- মামুলি খরচ penses. ୨। ଚିର ପ୍ରଚଳିତ ବ୍ୟୟ— खर्चा मामूली 2. Usual or customary expenses.

ମାମୁରି ଖୁରୁଡ଼—ପ୍ରାଦେ. (ପୁରୀ) ବି—ଛୋଟ ନଡ଼ିଆଶିଷ୍ଟ ଖୁରୁଡ଼— Māmuri khururda Dried kernal of a small species of cocoanut.

ମାମୁରି(ଲି) ଜମା—ବୈଦେ. ବି (ଅ) (କଟକଅ)—ଖଜଣା ଛଡ଼ା ଯେଉଁ Māmuri(li) jamā ଜମା ପ୍ରଜାଠାରୁ ଚିରପ୍ରଚଳିତ ପ୍ରଥା মামুলি জমা ଅନୁସାରେ ଅଦାୟ ହୋଇ ଆସୁଅଛି— मामुलीजमा Customary receipts from tenants over and above the rent.

ମାମୁଲ—ପ୍ରାଦେ. (ବସ୍ତର) ବିଣ—ଅବାନ୍ତର ବିଷୟ—Insignificant; Māmula trite. ପ୍ରାଦେ. (ଜୟପୁର) ବିଣ—ସାଧାରଣ—Ordinary. ବି—ପରମ୍ପରା—Tradition.

ମାମେର—ପ୍ରାଦେ. (ସମ୍ବଲପୁର) ବି—ଏକ ପ୍ରକାର ବନ୍ୟ ଖାଦ୍ୟ ଶାଗ— Māmer A kind of wild herb used as cooked salad. [ଦ୍ର—'ମାମର୍ଶ' ନାମକ ଗୋଟିଏ ବନ୍ୟ ବୃକ୍ଷର କାଠ ଖୁବ୍ ଦୃଢ଼ ଓ ଚିକ୍କଣ; ଏଥିର କାଠରେ ବାସ୍ଣିସ୍ ଦେଲେ ଖୁବ୍ ଚକଚକିଆ ହୁଏ; ଏଥିର କାଠରେ ମେଜ, ଚଉକି, ଅଲମାରି ଆଦି ତିଆରି ହୁଏ। ଏଥିର ଗଛ ଔଷଧରେ ଲାଗେ। ସର୍ପ ଦଂଶନରେ ଏଥିର ମୂଳ ବ୍ୟବହୃତ ହୁଏ। ବି. ଗଙ୍ଗାଧର; ମାମେର ଏହି ଗଛ ହେବ କି?]

ମାୟ—ବୈଦେ. ଅ (ଅ. ସ. ମଧ୍ୟ)—ସଙ୍ଗେ; ସହିତ; ମିଶାଇ କରି; Māy ଏକତ୍ର—With; together with; along माय মৈ, माय with; together. (ଯଥା—ମେମ୍ବରଙ୍କ ଦରମା ମାୟ ଗସ୍ତ ଖର୍ଚ୍ଚ ମାସକୁ ଟ ୧୦୦୮ ଦିଆଯିବ।)

ମାୟ—ସ. ବି. ପୁଂ (ମା ଧାତୁ+କର୍ତ୍ତୃ. ଯ)—୧। ଅସୁର—1. Demon. Māya ୨। ଐନ୍ଦ୍ରଜାଲିକ—2. Magician; a mime; a

(ମାୟା—ସ୍ତ୍ରୀ) conjurer. ସଂ. ବିଣ—କୁହୁକ ବିଦ୍ୟାରେ ଶକ୍ତିଯୁକ୍ତ—Possessing magical powers (Apte).

**ମାୟା**—ସଂ. ବି. (ମା ଧାତୁ=ପରିମାଣ କରିବା+କରଣ, ଯ+ଅ; ଯାହା ଦ୍ୱାରା ଏହି ବିଶ୍ୱ ପରିମିତ ହୋଇଅଛି)—୧।(ବେଦାନ୍ତ) ଅବିଦ୍ୟା; ବିସଦୃଶ ପ୍ରତୀତି ସାଧନ; ଯେଉଁ ଗୁଣ ଦ୍ୱାରା ପ୍ରକୃତ ବିଷୟ ଅନ୍ୟରୂପେ ଦେଖାଯାଏ; ମିଥ୍ୟା ଜ୍ଞାନ; ଭ୍ରାନ୍ତି; ମୋହ; ଅବିଦ୍ୟା—1. Unreality; illusion; delusion; idealism. [ ଦ୍ର—ବେଦାନ୍ତ ଦର୍ଶନ ମତରେ ଏହି ଜଗତ୍ ଅବାସ୍ତବ ଓ ଅସତ୍ୟ ଅଟେ ଓ ପରମେଶ୍ୱର ବାସ୍ତବ ଓ ସତ୍ୟ ଅଟନ୍ତି । ଯେଉଁ ମିଥ୍ୟା ପ୍ରତୀତି ଯୋଗୁଁ ଜଗତକୁ ବାସ୍ତବ ଓ ସତ୍ୟ ବୋଲି ମନୁଷ୍ୟ ଭ୍ରମ କରେ ତାହାର ନାମ ମାୟା ।
Māyā

ଈଶ୍ୱର ଆପଣାର ମାୟା ବା ଅବିଦ୍ୟା ରୂପ ଶକ୍ତି ଦ୍ୱାରା ଏ ପୃଥିବୀକୁ ସୃଷ୍ଟି କରିଅଛନ୍ତି; ଏଥିପାଇଁ ଶକ୍ତି ବା ଦୁର୍ଗାଙ୍କ ମହାମାୟା ଆଖ୍ୟା ଦିଆ ଯାଇଅଛି ।] ୨ । କୁହୁକ; ଇନ୍ଦ୍ରଜାଲ—2. Magic; jugglery; sorcery. ୩ । ଆସକ୍ତି; ମମତା; ସ୍ନେହ—3. Attachment; affection; love. ୪ । ଛଳ; ଶଠତା; କପଟତା—4. Deceit; hypocricy. ୫ । ଆଖିରେ ଦେଖାଯିବା ଅବାସ୍ତବ ମୂର୍ତ୍ତି (ଯଥା—ଭୂତ)—5. An illusory image; phantom (Apte). ୬ । ରାଜନୀତିକ କୌଶଳ—6. A political trick; diplomatic feat (Apte). ୭ । ଗୟା ନଗରର ଏକ ନାମ—7. A name of the city of Gaya (Apte). ୮ । ଦୁଷ୍ଟତା ଖଳତା—8. Wickedness (Apte). ୯ । ଶୈବ ମତ ଅନୁସାରେ ମନୁଷ୍ୟଙ୍କୁ ଘେରିବା ୪ଟି ସାଂସାରିକ ପାଶ ମଧ୍ୟରୁ ଗୋଟିଏ—9. One of the four worldly snares which beset mankind (according to the Saibas) (Apte). ୧୦ । ପୁରୁଷଠାରୁ ଭିନ୍ନ ପ୍ରକୃତି—10. The Nature, as distinct from God. [ଦ୍ର—ଈଶ୍ୱରଙ୍କର ଯେଉଁ କଳ୍ପିତ ଶକ୍ତି ଈଶ୍ୱରଙ୍କ ଆଜ୍ଞାରେ ଏ ବିଶ୍ୱକୁ ପରିଚାଳିତ କରୁଅଛି ତାହା ପ୍ରକୃତି ବା ମାୟା । ଏହା ଈଶ୍ୱରଙ୍କଠାରୁ ପୃଥକ୍ ଥିବା କଳ୍ପିତ ଏବଂ ଏହାହିଁ ସୃଷ୍ଟିର ମୁଖ୍ୟ କାରଣ ଅଟେ ।] (ଉ—କାଳ ମାୟାର ପରେ ରହି, ପର ଆପଣା ଭେଦ ନାହିଁ ? ଜଗନ୍ନାଥ ଭାଗବତ ।) ୧୧ । ଛଦ୍ମବେଶ—11. A mask. ୧୨ । କରୁଣା; କୃପା—12. Kindness; pity; compassion. ୧୩ । ସଂସାର ପ୍ରତି ଆସକ୍ତି—13. Wordly attachment. ୧୪ । ମହାମାୟା; ଦୁର୍ଗା—14. Goddesss Durg ୧୫ । ନାରୀ; ସ୍ତ୍ରୀ—15. Woman. ୧୬ । କମଳା; ଲକ୍ଷ୍ମୀ—16. The Goddess of beauty and wealth. ୧୭ । ମାୟାଦେବୀ; ବୁଦ୍ଧ ଦେବଙ୍କ ମାତା—17. The name of the mother of Buddha Deba. ୧୮ । ଧନ; ସମ୍ପତ୍ତି (ହି. ଶ)—18. Wealth; riches, property. ୧୯ । ଇନ୍ଦ୍ରବଜ୍ରା ଓ ଉପେନ୍ଦ୍ରବଜ୍ରା ନାମକ ବର୍ଣ୍ଣବୃତ୍ତଦ୍ୱୟଙ୍କ ମିଶ୍ରଣରେ ରଚିତ ବର୍ଣ୍ଣବୃତ୍ତବିଶେଷ ( ହି. ଶ. )—19. Name of a mixed metre. ୨୦ । ( ମୟ+ଅପତ୍ୟାର୍ଥେ. ଅ+ସ୍ତ୍ରୀ, ଆ ) ମୟଦାନବର କନ୍ୟା; ରାବଣଙ୍କ ସ୍ତ୍ରୀ ଏବଂ ଖର, ଦୂଷଣ, ତ୍ରିଶିର ଓ ସୂର୍ପଣଖାଙ୍କ ମାତା ( ହି. ଶ )—20. A demoness; daughter of Maya demon. ୨୧ । ମର୍ତ୍ତ୍ୟରେ ଦେବତାଙ୍କ ଲୀଳା ( ହି. ଶ )—21. The sportive exhibitions of the Gods on the earth. ୨୨ । ଆଦରଣୀୟା ସ୍ତ୍ରୀ ( ହି ଶ )—22. A beloved or respected woman. ୨୩ । ବୁଦ୍ଧି; ଅକଲ ( ହି. ଶ )—23. Intelligence. ୨୪ । କାଳ୍ପନିକ ମୂର୍ତ୍ତି—24. Phantom; an illusory image ( Apte ).

ମାୟା
माया
ଦେ. ବି—୧ । (ଅଧୁନା ଭୂଗର୍ଭରୁ ଆବିଷ୍କୃତ ନାନା ପ୍ରାଚୀନ ବସ୍ତୁରୁ ସ୍ଥିରୀକୃତ ) ଦକ୍ଷିଣ ଆମେରିକାର ପ୍ରାଚୀନ ସଭ୍ୟତା; ମୟ ସଭ୍ୟତା—1. Māyā; the civilisation of ancient South America. [ ଦ୍ର—ଅନ୍ତତଃ ୬୫୦୦ ବର୍ଷ ପୂର୍ବରୁ ୫୦୦୦ ବର୍ଷ ପୂର୍ବ ପର୍ଯ୍ୟନ୍ତ ଏ ସଭ୍ୟତା ଦକ୍ଷିଣ ଆମେରିକାରେ ପ୍ରଚଳିତ ଥିଲା । ଏହି ସଭ୍ୟତାର ଧ୍ୱଂସାବଶେଷ ବର୍ତ୍ତମାନ ମେକ୍ସିକୋରେ ମିଳୁଅଛି । ଭାରତବର୍ଷ ନିକଟସ୍ଥ ଯାଭା ଓ ବାଲି ଦ୍ୱୀପରେ ଉପନିବେଶ କରିଥିବା କଳିଙ୍ଗବାସୀ ( ପ୍ରାଚୀନ ଓଡ଼ିଆ ) ହିନ୍ଦୁମାନେ ଯାଇ ଏଠାରେ ସଭ୍ୟତା ବିସ୍ତାର କରିଥିବାର ବର୍ତ୍ତମାନ ଐତିହାସିକ ରାଖାଲ ଦାସ ବନ୍ଦୋପାଧ୍ୟାୟଙ୍କଦ୍ୱାରା ପ୍ରମାଣିତ ହୋଇଅଛି । ] ୨ । ମାୟାଧରର ଡାକ ନାମ—2. Name for calling Māyādhara. ବିଣ—

ସ୍ତ୍ରୈଣ; ମେୟେମୁଖো ୧ । ସ୍ତ୍ରୈଣ—1. Voluptuous; fond of
मौगमुहाँ; मौगिआहा women. ୨ । ମାଇଚିଆ; ସ୍ତ୍ରୀସ୍ୱଭାବଯୁକ୍ତ—2. Womanish; effeminate. ୩ । ଭୀରୁ—3. Cowardly.

**ମାୟା କର**—ସଂ. ବି. ପୁଂ ( ଉପପଦ ସମାସ )—ଐନ୍ଦ୍ରଜାଲିକ—Magician. ବିଣ—ଯେ ମାୟା ଘଟାଏ—Delusive.
Māyā kara
( ମାୟାକାରୀ, ମାୟାକୃତ୍—ଅନ୍ୟରୂପ )

**ମାୟା କାନନ**—ସଂ. ବି ( ମ. ପ. ଲୋ. କର୍ମଧା )—କୁହୁକବିଦ୍ୟା ପ୍ରଭାବରେ ସୃଷ୍ଟ ଉପବନ—An illusive garden set up by magic.
Māyā kānana

**ମାୟା କାନ୍ଦଣା**—ଦେ. ବି ( ସଂ. ମାୟାମୟ କ୍ରନ୍ଦନ )—ମିଛ କାନ୍ଦଣା; ଲୋକଙ୍କୁ ଦେଖାଇବା ପାଇଁ କାନ୍ଦ—Weeping done or sorrow expressed as a show.
Māyā kāndaṇā
মায়া কান্না
मायाकांदना

**ମାୟା କୁହୁକ**—ଦେ. ବି ( ସଂ. ମାୟା+କୁହୁକ ) ( ଦ୍ୱନ୍ଦ୍ୱର ଶବ୍ଦ )—ଇନ୍ଦ୍ରଜାଲ—Magic.
Māyā kuhuka
মায়া কুহক इन्द्रजाल

ମାୟା କୁହୁକଅ—ଦେ. ବଣ. ପୁଂ—ଯେ ମାୟା ଘଟାଏ—Illusive; Māyā kuhukiā delusive. ଦେ. ବ ପୁଂ—ଐନ୍ଦ୍ରଜାଲିକ—Magician. ( ମାୟା କୁହୁକା—ଅନ୍ୟରୂପ ) ( ମାୟା କୁହୁକୀ, ମାୟା କୁହୁକେଇ—ସ୍ତ୍ରୀ )

ମାୟାଗ୍ରସ୍ତ—ସଂ. ବଣ ( ୩ୟା ତତ୍; ମାୟା+ଗ୍ରସ୍ତ )—ମାୟାଭୂତ Māyāgrasta ଅବରଣଦ୍ୱାରା ଅବୃତ—Overclouded with illusion. ( ମାୟାଚ୍ଛନ୍ନ, ମାୟାଚ୍ଛାଦିତ—ଅନ୍ୟରୂପ )

ମାୟାଚଣ—ସଂ. ବଣ. ପୁଂ ( ମାୟ+ଚଞ୍ଚୁ ଅର୍ଥରେ. ଚଣ )—୧ । କୁହୁକ Māyāchaṇa ବଦ୍ୟାରେ ପଟୁ—1. Noted for jugglery ( Apte ). ୨ । ଅତ୍ୟନ୍ତ ମାୟାବୀ—2. Very deceitful (Apte). (ମାୟାଚଣା—ସ୍ତ୍ରୀ)

ମାୟାଚାର—ସଂ. ବ ( ମ. ଷ. ଜ୍ଞେ. )—ମାୟାମୟ ବ୍ୟବହାର; ଛଳନା-Māyāchāra ମୟ ଆଚରଣ—Acting deceitfully; deceitful conduct ( Apte ). ( ମାୟାଚାରୀ—ସ୍ତ୍ରୀ ) ( ମାୟାଚରଣ—ଅନ୍ୟରୂପ ) ବଣ. ପୁଂ—ମାୟାବୀ—Deceitful.

ମାୟା ଛୁଆ—ପ୍ରାଦେ ( ଉତ୍ତର ବାଲେଶ୍ୱର ) ବ ( ଭୁଲ. ବ. ମେୟେ-Māyā chhuā ଛେଲେ )—ମାଇକିନିଆ ଝିଅ—Girl.

ମାୟାଜାଲ—ସଂ. ବ ( ୬ଷ୍ଠୀ ତତ୍ )—ମାୟାସମୂହ; ଅନେକ ପ୍ରକାରର Māyājāla ମାୟା—Illusions in various forms or shapes.

ମାୟା ଜାଲ—ସଂ. ବ (ରୂପକ; ମାୟା+ଜାଲ)—ଜାଲପରି ବେଢ଼ିଥିବା Māyā jāla ମାୟା—Illusion compared to an entangling net. ପ୍ରାଦେ ( ସାକ୍ଷୀଗୋପାଳ ) ବ—ସାଧାରଣ ଲୋକମାନେ ନଈ, ପୋଖରୀ ପ୍ରଭୃତିରୁ ଛୋଟ ମାଛ ଧରିବା ପାଇଁ ବାଉଁଶବତାରେ ତିଆରି କରିବା ଯନ୍ତ୍ର-ବିଶେଷ—A contrivance made of split bamboo laths used by ordinary people to catch small fishes.

ମାୟା ଜୀବ(ବୀ)—ସଂ. ବ. ପୁଂ ( ବହୁବ୍ରୀହି; ମାୟା+ଜୀବ୍ ଧାତୁ+ Māyā jība(bī) ଇନ୍ )—ଐନ୍ଦ୍ରଜାଲିକ; ଯେ କୁହୁକ ଦେଖାଇ ମାୟାଜୀବା } ସ୍ତ୍ରୀ ମାୟାଜୀବନୀ } ପେଟ ପୋଷେ; କୁହୁକୀ—Magician; conjurer; a juggler.

ମାୟା ଡୋର(ରି)—ଦେ. ବ—୧ । ଦଉଡ଼ିପରି ମନୁଷ୍ୟଙ୍କୁ ଛନ୍ଦିଥିବା ମାୟା Māyā ḍora(ri) —1. Delusion compared to a ମାଁୟାଡୋର string. ୨ । ସ୍ନେହରୂପକ ବନ୍ଧନ— मायाडोर(री) 2. Tie of attachment; a string of magic.

ମାୟାତି—ସଂ. ବ ( ମାୟା+ତି )—୧ । ମନୁଷ୍ୟର ସନ୍ତୋଷବିଧାନାର୍ଥ Māyāti ଦିଆଯିବା ବଳି—1. The sacrifice to men ( Apte ). ୨ । ନରବଳି; ଦେବଦେବୀ ତୁଷ୍ଟ୍ୟର୍ଥେ ମନୁଷ୍ୟବଳି; ମେରିଆ—2. Human sacrifice; killing of a man to propitiate a deity.

ମାୟାତ୍ମକ—ସଂ. ବଣ ( ମାୟା+ଆତ୍ମନ୍+କ )—୧ । ମାୟାମୟ— Māyātmaka 1. Illusory. ୨ । ମିଥ୍ୟା—2. False ( Apte ). (ମାୟାତ୍ମିକା—ସ୍ତ୍ରୀ)

ମାୟାଦ—ସଂ. ବ. ପୁଂ ( ମାୟା+ଦା ଧାତୁ+କର୍ତ୍ତୃ. ଅ )—କୁମ୍ଭୀର— Māyāda Crocodile.

ମାୟାଦେବୀ—ସଂ. ବ. ସ୍ତ୍ରୀ ( ନାମ )—ବୁଦ୍ଧଦେବଙ୍କ ମାତା—Name Māyādebī of the mother of the Buddha.

ମାୟାଧର—ସଂ. ବଣ. ପୁଂ—୧ । ଶଠ; କପଟାଚାରୀ—1. Deceitful Māyādhara ୨ । କପଟବେଶଧାରୀ—2. Wearing a mask. ୩ । ବିଷ୍ଣୁ ବା ଶ୍ରୀକୃଷ୍ଣଙ୍କ ବିଶେଷଣ—3. An epithet of Bishṇu or Śrikṛushṇa. ସଂ. ବ—ଭଗବାନ୍; ଶ୍ରୀକୃଷ୍ଣ—God; Śrīkṛushṇa. ଦେ. ବ. ପୁଂ—ଲୋକଙ୍କୁ ଦିଆଯିବା ନାମ—A name given to males.

ମାୟାଧାରୀ—ସଂ. ବଣ. ପୁଂ—ଛଦ୍ମବେଶଧାରୀ—Wearing a mask. Māyādhārī (ମାୟାଧାରିଣୀ—ସ୍ତ୍ରୀ)

ମାୟାପଟୁ—ସଂ. ବଣ ( ୭ମୀ ତତ୍; ମାୟା+ପଟୁ )—ମାୟାବୀ— Māyāpaṭu Deceitful.

ମାୟାଫଳ—ସଂ. ବ ( ମାୟା+ଫଳ )—ମାଜୁଫଳ— Māyāphaḷa Gall-nut.

ମାୟାବତୀ—ସଂ. ବଣ. ସ୍ତ୍ରୀ ( ମାୟାବତ୍+ସ୍ତ୍ରୀ. ଈ )—ମାୟାବିନୀ— Māyābatī Illusive ( female ). ବ—୧ । କୁହୁକିନୀ (ମାୟାବାନ୍—ପୁଂ) —1. A female magician. ୨ । ଶମ୍ବରାସୁର ଗୃହରେ ପାଳିତା ହେବା ସମୟରେ କାମପତ୍ନୀ ରତିଙ୍କର ନାମ—2. Name of the wife of Cupid in her second birth in the house of demon Śambara. [ ଦ୍ର—ହରକୋପାନଳରେ କାମ ଭସ୍ମୀଭୂତ ହେବାରୁ ତତ୍‌ପତ୍ନୀ ରତି ସେହି ଅଗ୍ନିରେ ଝାସ ଦେବାକୁ ଉଦ୍ୟତା ହେଲେ; କିନ୍ତୁ ମହାଦେବଙ୍କ ବଚନାନୁସାରେ ଶମ୍ବରାସୁରର ଘରେ 'ମାୟାବତୀ' ନାମ ଗ୍ରହଣ କରି ଜନ୍ମି କାମଙ୍କ ପୁନର୍ଜନ୍ମକୁ ଅପେକ୍ଷା କରି ରହିଥିଲେ କାମଦେବ ଶ୍ରୀକୃଷ୍ଣଙ୍କ ଔରସରେ ରୁକ୍ମିଣୀଙ୍କ ଗର୍ଭରୁ ପ୍ରଦ୍ୟୁମ୍ନ ନାମରେ ପୁନର୍ଜନ୍ମ ଗ୍ରହଣ କରି ଶମ୍ବରାସୁରକୁ ବଧ କଲେ ଓ ମାୟାବତୀଙ୍କୁ ପତ୍ନୀରୂପେ ଗ୍ରହଣ କଲେ ।] ୩ । ମାୟାଦେବୀ (ଦେଖ)—3. Māyādebī ( See )

ମାୟାବଦ୍ଧ—ସଂ. ବଣ ( ତୃତୀୟାତତ୍; ମାୟା+ଅବଦ୍ଧ )—ମାୟାପାଶରେ Māyābaddha ଅବଦ୍ଧ—Entangled by delusion.

ମାୟାବଳ—ସଂ. ବ ( ୬ଷ୍ଠୀ ତତ୍; ମାୟା+ବଳ )—ମାୟାର ପ୍ରଭାବ— Māyābaḷa The power of delusion.

ମାୟା ବଶ—ସଂ. ବଣ ପୁଂ (୬ଷ୍ଠୀ ତତ୍ )—ମାୟାର ଅଧୀନ— Māyā baśa (ମାୟାବଶା—ସ୍ତ୍ରୀ) Subject to illusion.

ମାୟାବସାନ—ସଂ. ବ. ( ୬ଷ୍ଠୀ ତତ୍; ମାୟା+ଅବସାନ )— Māyā basāna ମାୟାର ବା ଅଜ୍ଞାନର ବିନାଶ—The clearing or vanishing of delusion.

**ମାୟାବସିକ**—ସଂ. ବଣ. ପୁଂ (ମାୟା+ଅବ+ଷେ. ଧାତୁ+ଇକ)—
Māyābasika ୧ । ପ୍ରତାରକ—1. Deceptive. ୨। ପ୍ରବଞ୍ଚକ
(ମାୟାବସିକା—ସ୍ତ୍ରୀ) —2. Cheating; fraudulent.

**ମାୟା ବାଦ**—ସଂ. ବି—୧ । ଏ ସଂସାର ମାୟାମୟ ଅଟେ, ଏହି ମତବାଦ—
Māyā bāda 1. The theory or doctrine of the illusory nature of the creation. ୨। ବୌଦ୍ଧ ଧର୍ମମତବାଦ—2. Buddhism (Apte). [ଦ୍ର—ଈଶ୍ୱରଙ୍କ ଛଡ଼ା ଜଗତର ସମସ୍ତ ବସ୍ତୁ ମାୟା ବା ମିଥ୍ୟା ଅଟେ, ଏହି ମତକୁ ମାୟାବାଦ ବୋଲାଯାଏ । ]

**ମାୟା ବାଦୀ**—ସଂ. ବଣ ଓ ବି. ପୁଂ (ମାୟାବାଦ+ଇନ୍; ୧ମା. ୧ବ)—
Māyā bādi ୧ । ମାୟାବାଦରେ ବିଶ୍ୱାସକାରୀ (ବ୍ୟକ୍ତି)—
(ମାୟା ବାଦିନୀ—ସ୍ତ୍ରୀ) 1. (a persen) Holding the Māyā theory. ୨ । ବୌଦ୍ଧମତାବଲମ୍ବୀ—2. Holding the doctrines of Buddhism.

**ମାୟାବାନ୍**—ସଂ. ବଣ. ପୁଂ (ମାୟା+ବତୁ; ୧ମା. ୧ବ)—୧ । କପଟାଚାରୀ
Māyābān ଗୁଣ; ମାୟାବୀ—1. Illusive. ୨ । ମାୟାଯୁକ୍ତ;
(ମାୟାବତ୍—ଅନ୍ୟରୂପ) ମୋହାବିଷ୍ଟ—2. Deluded. ୩। କୁହୁକ-
(ମାୟାବତୀ—ସ୍ତ୍ରୀ) ଜ୍ଞ—3. Skilled in magic.
ବି—ଐନ୍ଦ୍ରଜାଲିକ—Magician; juggler.

**ମାୟା ବିଦ୍ୟା**—ସଂ. ବି—କୁହୁକ ବିଦ୍ୟା; ଇନ୍ଦ୍ରଜାଲ—Magical
Māyā bidyā art; necromancy; sorcery.

**ମାୟାବୀ**—ସଂ. ବଣ. ପୁଂ (ମାୟା+ଅସ୍ତି ଅର୍ଥରେ ବିନ୍; ୧ମା. ୧ବ)—
Māyābi ୧ । ମାୟାକାରୀ—1. Delusive. ୨ । କପଟାଚାରୀ—
(ମାୟାବିନୀ—ସ୍ତ୍ରୀ) 2. Deceptive; hypocrite. ୩ । ଇନ୍ଦ୍ରଜାଲରେ ପାରଦର୍ଶୀ—3. Skilled in magical art. ୪ । ମିଥ୍ୟା; ଅବାସ୍ତବ—4. Unreal. ବି—୧।ଯାଦୁକର; ଐନ୍ଦ୍ରଜାଲିକ; କୁହୁକୀ—1. Magician. ୨ । ଦୁନ୍ଦୁଭି ଅସୁରର ଜ୍ୟେଷ୍ଠ ପୁତ୍ର—2. Name of a demon whose father and who himself were killed by the monkey king Bāli. [ଦ୍ର—ବାନରରାଜ ବାଳି ଏହାର ପିତାକୁ ବଧ କରିବାରୁ ଏ ବାଳୀଙ୍କୁ ବଧ କରିବାକୁ ଉଦ୍ୟତ ହୋଇଥିଲା; କିନ୍ତୁ ବାଳି ଏହାକୁ ଗୋଡ଼ାଇବାରୁ ଏ ଭୟରେ ଗୋଟିଏ ଗୁହାର ଭିତରେ ପଶିଗଲା । ବାଳି ତହିଁରେ ପ୍ରବେଶ କରି ଏହାକୁ ବଧ କଲେ ।] ୩ । ବିରାଡ଼ି (ହି. ଶ)—3. A cat. ୪ । ପରମାତ୍ମା (ହି. ଶ)—4. God; the Supreme Being. ୫ । ମାଜୁ ଫଳ—5. Gall-nut (Apte).

**ମାୟା ବୀଜ**—ସଂ. ବି—'ହ୍ରୀଂ' ନାମକ ତାନ୍ତ୍ରିକ ବୀଜମନ୍ତ୍ର—
Māyā bija The mystic syllable Hrim.

**ମାୟାବୃତ**—ସଂ. ବଣ. (୬ଷ୍ଠୀ ତତ୍; ମାୟା+ଆବୃତ)—ମାୟାଗ୍ରସ୍ତ—
Māyābruta Enveloped with delusion.

**ମାୟାବେଶ**—ସଂ. ବି. (ମ. ପ. ଲୋ)—ମାୟା ଦ୍ୱାରା ରଚିତ ବେଶ—
Māyābesa ଛଦ୍ମବେଶ—Masked from; a disguise.

**ମାୟା ମମତା**—ସଂ. ବି (ଏକାର୍ଥକ ସହଚର ଶବ୍ଦ)—ସ୍ନେହ ଓ ମମତା—
Māyā mamatā Attachment and love.

**ମାୟାମୟ**—ସଂ. ବଣ—ମାୟା ଦ୍ୱାରା ପୂର୍ଣ୍ଣ; ମାୟାତ୍ମକ—
Māyāmaya Full of illusion.
(ମାୟାମୟୀ—ସ୍ତ୍ରୀ)

**ମାୟା ମୁକ୍ତ**—ସଂ. ବଣ. ପୁଂ (୫ମୀ ତତ୍; ମାୟା+ମୁକ୍ତ)- ବିଗତମୋହ—
Māyā mukta Freed from illusion.
(ମାୟାମୁକ୍ତା—ସ୍ତ୍ରୀ)

**ମାୟା ମୃଗ**—ସଂ. ବି. (ମ. ପ. ଲୋ; ମାୟା ଦ୍ୱାରା ସୃଷ୍ଟ ମୃଗ)—ମାୟା
Māyā mruga ବିଦ୍ୟା ଦ୍ୱାରା ସୃଷ୍ଟ ମୃଗ—A deer created by magic. [ଦ୍ର—ସୀତାହରଣାଭିଳାଷୀ ରାବଣର ଆଦେଶରେ 'ମାରୀଚ' ଅସୁର 'ମାୟାମୃଗ' ରୂପ ଧାରଣ କରି ପଞ୍ଚବଟୀରେ ସୀତାଙ୍କ ସମ୍ମୁଖରେ ଉପସ୍ଥିତ ହେଲା । ସୀତା ତାହାକୁ ଧରିବା ପାଇଁ ରାମଚନ୍ଦ୍ରଙ୍କୁ ପଠାଇଲେ । ସେ ମୃଗ ରାମଚନ୍ଦ୍ରଙ୍କୁ ଦେଖି ଦୂରକୁ ପଳାଇଲା ଓ ସେଠାରୁ ରାମଚନ୍ଦ୍ରଙ୍କ ସ୍ୱର ପରି ସ୍ୱର କରି 'ହାହା ଲକ୍ଷଣ' ବୋଲି ଲକ୍ଷ୍ମଣଙ୍କୁ ଡାକ ପକାଇଲା । ସୀତା ଏ ସ୍ୱର ଶୁଣି ଭ୍ରମରେ ପଡ଼ି ରାମଚନ୍ଦ୍ର ଆର୍ତ୍ତନାଦ କରୁଅଛନ୍ତି ବୋଲି ଅନୁମାନ କରି ତାଙ୍କୁ ସାହାଯ୍ୟ କରିବା ପାଇଁ ଲକ୍ଷ୍ମଣଙ୍କୁ ପଠାଇଲେ । ଏହି ଅବସରରେ ରାବଣ ଆସି ସୀତାଙ୍କୁ ଏକାକିନୀ ଦେଖି ହରଣ କରି ନେଇଗଲା ।]

**ମାୟା ମୋହ**—ସଂ. ବି—(ମ. ପ. ଲୋ)—୧ । ମାୟା ବା ଅବିଦ୍ୟାଜନିତ
Māyā moha ଅଜ୍ଞାନ ବା ମୁଗ୍ଧତା—1. Folly or fascination due to delusion. ୨ । ବିଷ୍ଣୁଙ୍କ ଦେହ-ଜାତ ଅସୁରମୋହନକାରୀ ପୁରୁଷବିଶେଷ—2. An image of a man which issued from the body of Bishnu and fascinated the demons. ୩ । (ଏକାର୍ଥକ ସହଚର) ମାୟା—3. Illusion.

**ମାୟାଯୁଦ୍ଧ**—ସଂ. ବି—ମାୟା ବା ଛଳନାପୂର୍ଣ୍ଣ ଉପାୟ ପ୍ରୟୋଗଦ୍ୱାରା ଯୁଦ୍ଧ-
Māyā juddha Fighting by the employment of
(ମାୟାଯୋଧୀ—ବଣ) deceitful means.

**ମାୟା ଯୋଗ**—ସଂ. ବି.—(୬ଷ୍ଠୀ ତତ୍)—କୁହୁକର ପ୍ରୟୋଗ—
Māyā joga Empolyment of magic.
(ମାୟା ପ୍ରୟୋଗ—ଅନ୍ୟରୂପ)

**ମାୟା ରୂପ**—ସଂ. ବି. (ମ. ପ. ଲୋ)—୧ । ମାୟାଦ୍ୱାରା ସୃଷ୍ଟ ମୂର୍ତ୍ତି—
Māyā rūpa 1. A form set up by magic. ୨ । ଛଦ୍ମରୂପ— 2. A form assumed in disguise.

**ମାୟା ରୂପୀ**—ସଂ. ବଣ. ପୁଂ—୧ । ଛଦ୍ମରୂପଧାରୀ—1. Assuming a
Māyā rūpi masked form; disguised. ୨ । ଯେ
(ମାୟାରୂପିଣୀ—ସ୍ତ୍ରୀ) ଇନ୍ଦ୍ରଜାଲଦ୍ୱାରା ନାନା ମିଥ୍ୟାରୂପ ଧାରଣ କରି ପାରେ—2. Assuming different forms by magic

ମାୟା ଲୋକ—ପ୍ରାଦେ.—(ଉତ୍ତର ବାଲେଶ୍ବର) ବି—(ମୂଳ ବି. ମେୟେ
Māyā loka +ଲୋକ)—୧ । ମାଇକିନିଅ; ସ୍ତ୍ରୀ ବ୍ୟକ୍ତି—
1. A woman. ୨ । (ବହୁବଚନ) ସ୍ତ୍ରୀମାନେ—
2. Women; females.

ମାୟା ସଂସାର—ସଂ. ବି—(ଷ. ତ. ଲୋ; ମାୟା+ସଂସାର)—ମାୟାମୟ
Māyā samsāra ଜଡ଼ିତ ସୃଷ୍ଟି—The world which is nothing but illusion.

ମାୟା ସାଗର—ସଂ. ବି.—(ରୂପକ; ମାୟା+ସାଗର)—ସାଗର ପରି
Māyā sāgara ମହା ଗମ୍ଭୀର ବା ଦୁସ୍ତର ମାୟା—Illusion, compared to the deep and wide ocean.

ମାୟା ସୀତା—ସଂ. ବି—ଅଗ୍ନିଦେବଙ୍କଦ୍ୱାରା ଯୋଗବଳରେ ସୃଷ୍ଟ ସୀତା
Māyā sitā ଦେବୀଙ୍କର ପ୍ରତିମୂର୍ତ୍ତି—An image or shadow of Sitā which was created by the Fire god and kept with Ramachandra when Sitā was taken away by Rābaṇa and which was afterwards given back by the Firegod when Sitā was made to pass through the ordeal of fire after her rescue from Lankā. [ ଧ—ସୀତାହରଣ ପୂର୍ବରୁ ଅଗ୍ନିଦେବ ମାୟାସୀତାଙ୍କୁ ସୃଷ୍ଟି କରି ରାମଚନ୍ଦ୍ରଙ୍କ ନିକଟରେ ଛାଡ଼ି ଦେଲେ ଓ ଅସଲ ସୀତାଙ୍କୁ ନେଇ ଆପଣା ପାଖରେ ରଖିଲେ; ଏ କଥା ରାମଚନ୍ଦ୍ର ଜାଣିଥିଲେ, ମାତ୍ର ଲକ୍ଷ୍ମଣ ଜାଣି ନ ଥିଲେ । ରାବଣ ଆସି ଅସଲ ସୀତା ଜ୍ଞାନରେ ମାୟା ସୀତାଙ୍କୁ ହରି ନେଲା । ସୀତା ହରଣ ଓ ରାବଣ ନିଧନ ପରେ ସୀତାଙ୍କ ଅଗ୍ନି ପରୀକ୍ଷା ସମୟରେ ଅଗ୍ନି ଅସଲ ସୀତାଙ୍କୁ ରାମଚନ୍ଦ୍ରଙ୍କୁ ପ୍ରତ୍ୟର୍ପଣ କଲେ ଓ, ମାୟାସୀତାଙ୍କୁ ଫେରାଇ ନେଲେ । ଅଗ୍ନିଙ୍କ ଆଦେଶରେ ମାୟା ସୀତା ଯାଇ ପୁଷ୍କର ତୀର୍ଥରେ ତପସ୍ୟା କଲେ ଏବଂ ଦ୍ୱାପର ଯୁଗରେ ପାଣ୍ଡବମହିଷୀ ଦ୍ରୌପଦୀ ରୂପରେ ଅବତୀର୍ଣ୍ଣା ହେଲେ ।]

ମାୟା ସୁତ—ସଂ. ବି. (୬ଷ୍ଠୀ ତତ୍)—ବୁଦ୍ଧଦେବ—
Māyā sutā The great Buddha.
(ମାୟାଦେବୀ ସୁତ—ଅନ୍ୟରୂପ)

ମାୟାସ୍ତ୍ର—ସଂ. ବି.—ଏକ କଳ୍ପିତ ଅସ୍ତ୍ର, ଯାହାର ପ୍ରୟୋଗ ବିଶ୍ୱାମିତ୍ର
Māyāstra ରାମଚନ୍ଦ୍ରଙ୍କୁ ଶିଖାଇଥିଲେ [ହ ଶ]—A kind of weapon, the use of which the sage Biswāmitra taught Rāma.

ମାୟିକ—ସଂ. ବିଣ. ପୁଂ (ମାୟା+ଇକ)—୧ । ମାୟାମୟ—1.
Māyika Deceptive; delusive. ୨ । ମାୟାରେ
(ମାୟିକା—ସ୍ତ୍ରୀ) ରଚିତ; କାଳ୍ପନିକ—2. Unreal. ବି—୧ ।
(ଅମାୟିକ—ବିପରୀତ) ମାଜୁଫଳ—1. Gall-nut. ୨ ।
ଯାଦୁକର—2. Conjurer; juggler.

ମାୟୀ—ସଂ. ବିଣ. ପୁଂ (ମାୟା+ଇନ୍; ୧ମା. ୧ବ)—ମାୟାବୀ (ଦେଖ)
Māyi Māyābi (See) ବି—୧ । ବାଜିକର—
1. Magician. ୨ । ଅଗ୍ନି—2. Firegod.
(ମାୟିନୀ—ସ୍ତ୍ରୀ) ୩ । ଶିବ—3. Siba. ୪ । ବ୍ରହ୍ମା—4. Brahmā.
୫ । କାମଦେବ—5. The God Cupid. ୬ । ଶଠବ୍ୟକ୍ତି—6. A deceitful person (Apte). ୭ । ବାଜିଗରୀ; କୁହୁକ—7. Magic; the magical art (Apte). ଦେ. ବି. ସ୍ତ୍ରୀ—୧ । ନାରୀ; ସ୍ତ୍ରୀ—1. Woman. [ ଉ—କାଳିମାୟୀ, ତୁନ ବୋଲିଲେ କ ଗୋଟା ହୋଇ ? ଉଗ ।] ୨ । ଦେବୀ—2. Goddess. ( ଯଥା—ମହାମାୟୀ । )

ମାୟୁ—ସଂ. ବି ( ମା. ଧାତୁ=ଦେହକୁ ଶୋଷଣ କରିବା+କର୍ମ+କର୍ତ୍ତୃ.
Māyu ଉ )—୧ । ପିତ୍ତ; ଶରୀରସ୍ଥ ଧାତୁବିଶେଷ—1. Bile; gall; one of the three humours of the human system. ୨ । ସୂର୍ଯ୍ୟ—2. The sun (Apte). ୩ । ବାକ୍ୟ (ହ. ଶ)—3. Speech. ୪ । ଶବ୍ଦ (ହ. ଶ)—4. Sound; word.

ମାୟୁରାଜ—ସଂ. ବି—କୁବେରଙ୍କ ପୁତ୍ର—
Māyurāja The son of Kubera.

ମାୟୂର—ସଂ. ବିଣ. ( ମୟୂର+ଅ )—୧ । ମୟୂର ସମ୍ବନ୍ଧୀୟ—
Māyūra 1. Relating to peacocks. ୨ । ମୟୂର ପକ୍ଷନିର୍ମିତ —2. Made of peacock-feathers. ୩ । ମୟୂର ଦ୍ୱାରା ଟଣାଯିବା ଯାନ—3. (vehicle) drawn by a peacock. ବି—ମୟୂରସମୂହ—A flock of peacocks.

ମାୟୂରି(ର)କ—ସଂ. ବି ( ମୟୂର+ଇକ; ଅକ୍ )—ମୟୂର ଶିକାରୀ—
Māyūri(ra)ka A hunter of peacocks; a peacock-catcher.

ମାୟୂରୀ—ସଂ. ବି (ମୟୂର+ସ୍ତ୍ରୀ. ଈ)—ଅଜମୋଦା; ବଣ ଯୁଆଣୀ—
Māyūri Carum Roxburghianum.

ମାର୍—ଦେ. ଅ (ମୃ ଧାତୁ ଣିଚ୍ ମାର ଧାତୁ)—ଭର୍ତ୍ସନା ଓ ଘୃଣାସୂଚକ
Mār ସମ୍ବୋଧନ—An interjection denoting abuse
ମାର मार and hatred)—ଦୂର୍ ! ଛି !—Be off ! Fie !
[ଦ୍ର—ଏଥିର ଶାବ୍ଦିକ ଅର୍ଥ—ଏ ବ୍ୟକ୍ତି ପ୍ରହାର ପାଇବା ଯୋଗ୍ୟ; ଏହାକୁ ପ୍ରହାର କର=Beat this man, he deserves beating].

ମାର୍ ଉତାର୍—ଦେ. ବି—ମନ୍ତ୍ର ସାହାଯ୍ୟରେ ପ୍ରୟୋଗ ଏବଂ ସଂହାର; ମନ୍ତ୍ର
Mār utār ଉଚ୍ଚାରଣ ପୂର୍ବକ ଲୋକଙ୍କୁ ବାଣ ମାରିବା ଓ ପରେ
মার উতার ତାହା ପ୍ରତ୍ୟାହାର କରିବା—Application of
मारना उतारना incantations and charm towards a person and its withdrawal.

ମାର୍ କାଟ୍—ଦେ. ବି ( ସହଚର ଶବ୍ଦ )—ମାରିବା ଓ କାଟିବା—
Mār kāt Beating and cutting.
মার কাট (ଉ—ପୁର ଅଢ଼େ ମାର୍ କାଟ୍ ଲାଗିଗଲା । ଗାଇଡ଼ଣ୍ଡ. ପିଲଙ୍କ ରାମାୟଣ ।]

Sutahat, Cuttack-1.



ମାର୍କିନ୍(ନି)—ବୈଦେ. ବଣ (ଇଂ. ଅମେରିକାନ୍)—୧ । ଅମେରିକା
Mār-kin(ni) ଦେଶୀୟ—1. American. ୨ । ଅମେରିକାର
[ମାର୍କିନ୍(ନି))—ଅନ୍ୟରୂପ] ଅଧିବାସୀ—2. Residing in
ମାର୍କିନ America. ୩ । ଅମେରିକା ଦେଶ ଜାତ—3. Made
**मार्कीन** in America. ବ—ବିଦେଶର କଳକୁଣ୍ଡ ମୋଟା-
ସୁତାର ଏକ ପ୍ରକାର ଲୁଗାର ଥାନ—A kind of imported cloth of foreign mill, consisting of long pieces. [ ଦ୍ର—ଏହା ପ୍ରଥମେ ଅମେରିକାରୁ ଭାରତକୁ ଆସୁଥିଲା; ଏବେ ବିଦେଶୀ କଳ-କୁଣ୍ଡ ଥାନକୁ ମଧ୍ୟ ମାର୍କିନ୍ ଥାନ ବୋଲାଯାଏ ।]

ମାର୍କିନ୍(ନି) ଥାନ—ଦେ. ବ—ଅମେରିକା ଓ ଅନ୍ୟ ଦେଶର ମିଲ୍ ବା
Mārkin(ni) thāna ଲୁଗାକୁଣ୍ଡ କଳ ଛିଥିର ଲୁଗା ଥାନ—
[ମାର୍କିନ୍(ନି)ଲୁଗା—ଅନ୍ୟରୂପ] Long pieces of cloth
ମାର୍କିন থান manufactured by American and other
**मारकीन थान** mills.

ମାର୍କେ(କ,କି)ଟ୍—ବୈଦେ. ବ (ଇଂ. ମାର୍କେଟ୍)—ହାଟ—
Mār-ke(ka,ki)t Market.
মার্কেট **मार्कीट**

ମାର୍‌ଖୋର୍—ବୈଦେ. ବ (ଫା)—କାଶ୍ମୀର ଓ ଅଫଗାନ ସ୍ଥାନର ଏକ
Mār-khor ପ୍ରକାର ବଡ଼ ମେଣ୍ଢା—A kind of big sheep
মারখোর found in Kashmeer. [ଦ୍ର—ଏ ହେଉ ଉଚ୍ଚତାରେ
**मारखोर** ୨ । ୩ ହାତ ବଢ଼ନ୍ତି; ଋତୁ ଅନୁସାରେ ଏମାନଙ୍କ ଦେହର ବର୍ଣ୍ଣ ବଦଳେ । ଏମାନଙ୍କ ଶିଂଘ ମୁଣ୍ଡ ଉପରେ ପ୍ରାୟ ଲୁଚ ରହିଥାଏ । ଏମାନଙ୍କ ଦାଢ଼ି ଖୁବ୍ ଲମ୍ବ ଓ ଘନ ।]

ମାର୍‌ଗୁ(ଗୋ)ଲି—ବୈଦେ. ବ (ଇଂ. ମାର୍ବଲ୍)—ମିଳନ୍ତ ଖେଳିବା
Mār-gu(go)li କାଚର ବା ଚିନା ମାଟିର ଗୋଲି—Playing
মার্বেল marbles or small balls of glass or china.
**गोली**

ମାର୍‌ତୁ(ତୋ)ଲ୍—ବୈଦେ. ବ.—( ପର୍ତ୍ତୁଗୀଜ୍—ମାର୍ଟେଲୋ; ଇଟାଲୀୟ—
Mār-tu(to)l ମାର୍ଟେଲ୍ଲୋ; ଲାଟିନ୍ ମାର୍ଟୁଲସ୍)—ଲୁହାର ବଡ଼
মারতোল **मारतोल** ହାତୁଡ଼ି—A big iron hammer.
[ମାରୁ(ତୋ)ଲ—ଅନ୍ୟରୂପ]

ମାର୍ ତେରି—ଦେ. ଅ.—(ଘୃଣା ଓ ଅବମାନନାର୍ଥକ ଅବ୍ୟୟ)—ଧତ୍—
Mār-teri ତେରି ! ଧୁତ୍ ! ଦୂର୍ ହୋ ! ଛି !—(Interjection
মারতেরি used in showing hatred and disrespect)
**मारतेरी, मारतेरिके** Be off ! Fie !
[ମାର୍‌ତେରିକି (କେ); ମାର୍ତେର, ମାର୍ତେରିକା(କେ)—ଅନ୍ୟରୂପ]

ମାର୍ ଧର୍—ଦେ. ବ—(ସ. ମାରଣ+ଧାରଣ)—ପ୍ରହାର—
Mār dhar মার ধর **मारधर** Beating.

ମାର୍ ପିଟ୍ (ଟା)—ଦେ. ବ—(ସହଚର ଶବ୍ଦ)—୧ । ବିଶେଷ ପ୍ରହାର—
Mār pit(tā) মারপিট **मारपिट** 1. Sound beating.
(ମାର୍‌ଗୋଳ—ଅନ୍ୟରୂପ) ୨ । ଅନ୍ୟୋନ୍ୟରେ ମଡ଼ାମଡ଼ି—
2. Mutual beating. ୩ । ବହୁଲୋକଙ୍କ ମଧ୍ୟରେ ଦଙ୍ଗା; ମାଡ଼ପିଟ; ଫୌଜଦାରୀ—3. Scuffle; an affray.

ମାର୍ ପେଞ୍ଚ(ଚ)—ଦେ. ବ—କୁଟିଳ; ଛଳଚାଲି—Strategem;
Mār pench(ch) মারপ্যাঁচ **मारपेंच, मारपेच** artifice.

ମାରଫତ୍(ତେ)—ବୈଦେ. ଅ (ଆରବୀ)(ଫା. ମାରଫତ୍)—୧ । ଜିମା—
Mār-phat(te) 1. Custody. ୨ । ଦ୍ୱାରାରେ; ଦ୍ୱାରା—
মার্ফত **मारफत** 2. Through; with; per. [ ଦ୍ର—
( ମାର୍ଫତ୍(ତେ)—ଅନ୍ୟରୂପ ) ଏଥିର ସାଙ୍କେତିକ ଚିହ୍ନ । ମା । ]

ମାରଫତ୍ କରିବା—ଦେ. କ୍ରି—କୌଣସି ପଦାର୍ଥକୁ ରଖିବା ପାଇଁ କାହା
Mār-phat karibā ଜିମା କରିବା—To entrust a
মার্ফত করা thing to the custody of a person.
**मारफत करना** ( ମାର୍ଫତ୍ କରିବା—ଅନ୍ୟରୂପ )

ମାରଫତ୍‌ଦାର୍—ବୈଦେ. ବ(ଆରବୀ)(ଫା)—୧ । ଜିମାଦାର୍; କୌଣସି ବସ୍ତୁ
Mār-phat-dār ସୁରକ୍ଷିତ ହେବା ପାଇଁ ଯାହା ଜିମାରେ ଥାଏ—
মার্ফতদার 1. Custodian of a property. ୨ । ଦେବୋ-
**मारफतदार** ତ୍ତର ବା ସାଧାରଣ ସମ୍ପତ୍ତିର ପରିଚାଳନାର୍ଥ ନିଯୁକ୍ତ ବ୍ୟକ୍ତି—
(ମାର୍ଫତ୍‌ଦାର୍—ଅନ୍ୟରୂପ) 2. Marfatdar; custodion of an endowment or trust property; trustee of any trust property. [ ଦ୍ର—ଦେବୋତ୍ତର ସମ୍ପତ୍ତିର ରକ୍ଷଣାବେକ୍ଷଣର ଭାର ଯାହାଙ୍କ-ଠାରେ ନ୍ୟସ୍ତ ଥାଏ ସେ 'ମାର୍ଫତ୍‌ଦାର୍' ବା ଟ୍ରଷ୍ଟୀ ଅଟନ୍ତି ଏବଂ ଦେବତାଙ୍କ ସେବାପୂଜା ଆଦର ତତ୍ତ୍ୱାବଧାରଣ ଯାହାଙ୍କଠାରେ ନ୍ୟସ୍ତ ଥାଏ ସେ 'ସେବାଏତ୍' ଅଟନ୍ତି ଏବଂ ଦେବତାଙ୍କର ଭିନ୍ନ ଭିନ୍ନ ସେବାକୁ ଯେ ନିଜେ ଭୃତ୍ୟରୂପେ ସମାଧାନ କରନ୍ତି ସେ 'ସେବକ' ଅଟନ୍ତି । ]

ମାରବ(ବୁ,ବେ)ଲ—ବୈଦେ. ବ (ଇଂ. ମାର୍ବ୍ଲ୍)—୧ । ମାର୍ବଲ୍ (ଦେଖ)
Mār-ba(bu,be)l 1. Mārbal ( See) ୨ । ମାର୍‌ଗୁଲି
( ଦେଖ )—2. Mār-guli ( See ).

ମାରବାଡ଼(ର)—ଦେ. ବ ( ସ. ମାରବ )—ମେବାର ଦେଶ—
Mār-bārda(ra) মারবাড় **मारवाड** Mewar.

ମାର୍‌ବାଡ଼ୀ(ରୀ)—ଦେ. ବଣ—ମାରବାଡ଼ ଦେଶବାସୀ—Inhabiting
Mār-bārdi(ri) the country of Mewar. ବ—
মারবাড়ী **मारवाडी** ମାରୁଆଡ଼ି (ଦେଖ)—Māruārdi ( See )

ମାରମା(ଦୂ)ର୍ କରିବା—ଦେ. କ୍ରି—କୌଣସି ବ୍ୟକ୍ତିକୁ ପ୍ରହାର କରି
Mār-mā(dū)r karibā ତଡ଼ି ଦେବାକୁ ଅନ୍ୟ ବ୍ୟକ୍ତିକୁ ଆଦେଶ
মার মার করা ଦେବା—To order a person to be
**मार मा(दू)र करना** beaten and driven away.

ମାର ମାର ଠେଙ୍ଗା ବାନ୍ଧ ବାନ୍ଧ ଦଉଡ଼ି—ଦେ. ବ—କାହାଣୀରେ ବର୍ଣ୍ଣିତ
Mār mār thengā bāndh bāndh daurdi ଅଲୌକିକଶକ୍ତି-
মার মার ঠেঙ্গা বাঁধ বাঁধ দড়ী ବିଶିଷ୍ଟ ଠେଙ୍ଗା ଓ ଦଉଡ଼ି—
A cudgel and a rope mentioned in the folk-tales which possess extraordinary powers of beating and entangling a victim on the order of their possessor.

[ ଦୃ—ଏ ଦଉଡ଼ିର ଓ ଠେଙ୍ଗାର ଏପରି ଅଦ୍ଭୁତ ଶକ୍ତି ଅଛି ଯେ, ଏମାନଙ୍କର ସ୍ୱାମୀ 'ହେ ଦଉଡ଼ି ! ଅମୁକକୁ ବାନ୍ଧ୍ ଓ ହେ ଠେଙ୍ଗା ! ଅମୁକକୁ ମାର୍' ବୋଲି ଆଦେଶ ଦେବା ମାତ୍ରେ ଦଉଡ଼ି ଉକ୍ତ ବ୍ୟକ୍ତିକୁ ଯାଇ କରି ବାନ୍ଧି ପକାଏ ଓ ଠେଙ୍ଗା ତାକୁ ଏପରି ମାଡ଼ ମାରେ ଯେ ଉକ୍ତ ବ୍ୟକ୍ତି ଦରମଲା ହୋଇଯାଏ । ]

ମାର୍‌ମୁସ୍କିଲ୍—ଦେ. ବିଣ—ଖୁବ୍ କ୍ରୋଧାନ୍ୱିତ ହୋଇ ମାରିବାକୁ ଉଦ୍ୟତ—
Mār-muskil About to beat in anger. [ ଦୃ—ଟା
মারমুখ କଥା ଶୁଣି ସେ ମାର୍‌ମୁସ୍କିଲ୍—କୁନ୍ତଳାକୁ ମାସ୍. ନଅଗୁଣ୍ଠୀ । ]
मार मशगुल ( ମାର୍‌ମୁସ୍କିଲ—ଅନ୍ୟରୂପ )

ମାର୍‌ହାଣ—ଦେ. ବି—୧ । ହାଣ ଓ ମାରଣ; ମାରିବା ଓ ହାଣିବା;
Mār-hāṇ ମାରଣ ଓ ହନନ; ମର୍ ହଣା—1. Killing and
মারাকা मारकाट cutting. ୨ । ଜଙ୍ଗଲ ଜମିକୁ କାଟି ହାଣି ସମତୁଲ କରିବା—2. Clearing and levelling a ground.

ମାର—ସଂ. ବି ( ମୃ. ଧାତୁ=ମରିବା+ଭାବ. ଅ )—୧ । ମୃତ୍ୟୁ—
Māra 1. Death. ୨ । ( ମୃ. ଧାତୁ. ଣିଚ୍ ମାରି ଧାତୁ+ଭାବ. ଅ ) ବଧ; ମାରଣ; ହନନ; ହତ୍ୟା—2. Slaughter. ୩ । ବାଧା; ବିଘ୍ନ—3. Obstruction; obstacle; impediment. ୪ । ( ମୃ. ଧାତୁ; ଣିଚ୍. ମାରି ଧାତୁ+କର୍ତ୍ତୃ. ଅ ) କାମ; ମଦନ; ମନସିଜ—4. Cupid. ୫ । ଧାତୁରା—5. The thorn apple (Apte). ୬ । ବିନାଶକ—6. Destroyer ( Apte ). ୭ । ପ୍ରେମ; ପ୍ରଣୟ—7. Love; passion ( Apte ).

ମାରକ—ସଂ. ବିଣ. ପୁଂ (ମୃ. ଧାତୁ; ଣିଚ୍. ମାରି ଧାତୁ+କର୍ତ୍ତୃ.ଅକ)—
Māraka ୧ । ଘାତକ; ହତ୍ୟାକାରୀ—1. Killing; slaugh-
( ମାରକା—ସ୍ତ୍ରୀ ) tering. ୨ । ମୃତ୍ୟୁକାରକ—2. Causing death. ୩ । ବିନାଶକ—3. Destructive. ବି—୧ । ମଡ଼କ; ମାରୀ; ମହାମାରୀ—1. Plague, ୨ । ସଂକ୍ରାମକ ବ୍ୟାଧି—2. A fatal epidemic; pestilence. ୩ । ବାଜ; ବହୁରୂପକ୍ଷୀ; ଛଞ୍ଚାଣ—3. Falcon; hawk. ୪ । ମୃତ୍ୟୁକାରକ ଗ୍ରହ—4. A planet causing a person's death. ୫ । ମୃତ୍ୟୁକାରକ ଗ୍ରହଦଶା—5. A conjunction of planets causing a person's death. ୬ । କାମଦେବ ( ହ୍ର. ଣ )—6. Cupid. ୭ । ଘାତକ ବ୍ୟକ୍ତି—7. A murderer. ୮ । ବିନାଶକ ବ୍ୟକ୍ତି ବା ବସ୍ତୁ—8. A destroyer. ଦେ. ବି—ମୃତ୍ୟୁ ଘଟିବାର ଅନୁପୂର୍ବିକ ଅବସ୍ଥା—Circumstances resulting in a person's death.

ମାରକ ଗ୍ରହ—ସଂ. ବି—ନିଧନାଧିପତି ଗ୍ରହ; ଜାତକ ଗଣନା କ୍ରମେ ଯେଉଁ
Māraka graha ଗ୍ରହର ପ୍ରାବଲ୍ୟ ହେଲେ ମନୁଷ୍ୟର ମୃତ୍ୟୁ
( ମାର୍କଗ୍ରହ—ଦେଶଜରୂପ ) ଘଟେ—A planet which causes a person's death when it is in the ascendant.

ମାରକ(କି,କେ)ଟ୍—ଗ୍ରା. ବୈଦେ. ବି ( ଇଂ. ମାର୍କେଟ୍ )—ହାଟ—
Māraka(ki, ke)ṭ মার্কেট मार्केट Market.

ମାରକଣ୍ଡ—ଗ୍ରା. ( ପଦ୍ୟ )—ମାର୍କଣ୍ଡ ( ଦେଖ )—Mārkaṇḍa
Mārakaṇḍa ( See ) [ ଦୃ—ଏହା ଜାଣିଲେକ ମାରକଣ୍ଡ
মারকণ্ড मारकण्ड ଋଷି—ପ୍ରାଚୀ. କଳତରଙ୍ଗ । ] ପ୍ରାଦେ. (ପୁ ସା) ବି—ମାର୍କଣ୍ଡେୟ ୪ (ଦେଖ)—Mārkaṇḍeya 4. ( See )

ମାରକ(କୁ)ଣ୍ଡି—ଦେ. ବି—ବିବାହାର୍ଥୀ ବର ବିବାହ ନିମନ୍ତେ କନ୍ୟା-
Māraka(ku)ṇḍi ଗୃହକୁ ଯାତ୍ରା କରିବା ସମୟରେ ତାହା ସଙ୍ଗେ
মিতবর शहवाला, सहिवाला ପାଲିଙ୍କିରେ ବସି ଯିବା ବାଳକ—A boy who accompanies the bridegroom in the procession to the bride's house for marriage.

ମାରକ(କୁ)ଣ୍ଡି ଯିବା—ଦେ. କ୍ରି—ବିବାହାର୍ଥୀ ବର ସଙ୍ଗେ ବାଳ-
Māraka(ku)ṇḍi jibā ସହଚରରୂପେ ଯିବା—To go as
মিতবর হয়ে যাওয়া a boy-companion with a bride-
शहवाला जाना groom.
(ମାରକ[କୁ]ଣ୍ଡିରେ ଯିବା, ମାରକ[କୁ]ଣ୍ଡି ହୋଇ ଯିବା—ଅନ୍ୟରୂପ)

ମାରକତ—ସଂ. ବିଣ—(ମରକତ+ଅ)—୧ । ମରକତ ସମ୍ବନ୍ଧୀୟ—
Mārakata 1. Relating to emerald. ୨ । ମରକତ
(ମାରକତୀ—ସ୍ତ୍ରୀ) ମଣିନିର୍ମିତ—2. Made of emerald.

ମାରକ ଦଶା—ସଂ. ବି.—ଯେଉଁ ଗ୍ରହଦଶାରେ ମନୁଷ୍ୟର ମୃତ୍ୟୁ ଘଟେ—
Māraka daśā A conjunction of planets which
(ମାରକଯୋଗ—ଅନ୍ୟରୂପ) results in a person's death.
(ମାର୍କ ଦଶା—ଦେଶଜରୂପ)

ମାରକମା—ଦେ. ବି.—ଦେବୀ ବିଶେଷ—
Mārakamā Name of a popular Goddess.
[ ଦୃ—ବାବୁଲୀ ସାରକମା ମାରକମା ହିଙ୍ଗୁଳା—ପୀତାମ୍ବର. ନୃସିଂହପୁରାଣ ।]

ମାରକା—ବୈଦେ. ବି—(ଇଂ ମାର୍କ୍)—ମାର୍କା (ଦେଖ)
Mārakā মার্কা मारका Mārkā (See)

ମାରକାଧିପ—ସଂ. ବି—ନିଧନାଧିପତି; ମନୁଷ୍ୟର ଜାତକରେ ମୃତ୍ୟୁ
Mārakādhipa ଘଟାଇବା ଗ୍ରହ—A planet which, on
ମାରକାଧିପତି } —ଅନ୍ୟରୂପ account of its posi-
ମାରକାଧୀଶ tion in a person's horoscope, causes his death.

ମାରଗ (ଇତ୍ୟାଦି)—ଗ୍ରା. (ପଦ୍ୟ)—ବି—(ସଂ. ମାର୍ଗ)—ମାର୍ଗ ଇତ୍ୟାଦି
Māraga (etc) (ଦେଖ)—Mārga etc. (See)
মারগ मारग

ମାରଗଣ—ଗ୍ରା. (ପଦ୍ୟ)—ବି.—ମାର୍ଗଣ; ଶର—
Māragaṇa মারগণ मारगन Arrow; dart.

[ ଉ—ବନ୍ଧନେ ମାରଗଣ ଗଣନ୍ତୁ ସେ ଥାଣେ । କୃଷ୍ଣସିଂହ. ମହାଭାରତ ବନ ।]

ମାରଗତ—ଦେ. ବଣ—ମାଡ଼ ବା ପ୍ରହାରଦ୍ୱାରା ବଶୀଭୂତ—Brought
Māragata under control by beating.
মারদিয়ে একতার মারকর অখতিয়ার করনা
[ଉ—ବଣର ମାକଡ଼ ସବେ, ମାରଗତ ହୋଇ ବରଗତ ହେଲେ ସନ୍ଧ୍ୟମ କରଇ କେତେ । ଲଗ ।]

ମାରଚ—ବୈଦେ. ବି. (ଇଂ. ମାର୍ଚ୍ଚ)—ଇଂରାଜୀ ଗଣନାରେ ତୃତୀୟ ମାସ;
Mārach ମାର୍ଚ୍ଚ ମାସ—The month of March.
মারচ মার্চ

ମାରଜିତ୍—ସଂ. ବି—(ମାର=କନ୍ଦର୍ପ+ଜି ଧାତୁ=ଜୟ କରିବା—
Mārajit କର୍ତ୍ତୃ. କ୍ୱିପ୍)—୧ । ମହାଦେବ; ଶିବ—1. Siba.
୨ । ବୁଦ୍ଧଦେବ—2. The great Buddha.

ମାରଣ—ସଂ. ବି—(ମୃ ଧାତୁ ଣିଚ୍=ମାରି ଧାତୁ+ଭାବ. ଅନ)—
Mārana ୧ । ବଧ; ହନନ; ହତ୍ୟା—1. Killing; slaughter; murder. [ ଉ—ମାରି ମାରଣେ କାରଣ ବର ଭୁଞ୍ଜ—ପ୍ରାଚୀନ ସଙ୍ଗୀତ ।] ୨ । (ତନ୍ତ୍ର) ଶତ୍ରୁର ମୃତ୍ୟୁ ଘଟାଇବା ପାଇଁ ତାନ୍ତ୍ରିକ ପ୍ରୟୋଗବିଶେଷ; ତାନ୍ତ୍ରିକ ଅଭିଚାର ବିଶେଷ—2. Tantric spells or charm employed to kill an enemy. ୩ । ଆକ୍ରମଣ; ଅତ୍ୟାଚାର—3. Oppression; attack. ୪ । (ବୈଦ୍ୟଶାସ୍ତ୍ର) ସ୍ୱର୍ଣ୍ଣ ଆଦିକୁ ଭସ୍ମରେ ପରିଣତ କରିବା ପ୍ରକ୍ରିୟା—4. The process of oxidizing gold etc according to the Hindu medical science; calcination; oxidization. ୫ । ବିଷ ବିଶେଷ—5. A kind of poison(Apte).

ମାରଣ ରସ—ଦେ. ବି—୧ । ରସ ବା ଧାତୁ ଆଦିର ଭସ୍ମୀକରଣ—
Mārana rasa 1. The process of oxidizing or calcination of metals. ୨ । ବୀର ରସ—2. The sentiment of heroism in literature. [ଉ—ବଦନେ ଉପଜେ ମାରଣ ରସବଳେ, ସୁଯୋଧନରେ କ ମଞ୍ଚ କଲେ । ଉଷ. ବୈଦେହୀଶବିଳାସ ।]

ମାରଣା—ଦେ. ବଣ. ପୁଂ ଓ ସ୍ତ୍ରୀ (ସଂ. ମାରଣ)—୧ । (ପଶୁ) ଯେ ମାରେ;
Mārana ଯେ ହାଣେ; ହାଣିଆ—1. An animal given
[ମାର(ରୁ)ଣୀ—ଅନ୍ୟରୂପ) to goring; vicious (beast).
মারকুটে [ ଉ—କମଳାକୁ ଗୋଟାଏ ମାରଣା ବଳଦ ହାଣିବାରୁ
मरकहा; मरखा; मरखन्ना ଗୋଡ଼ାଇଲା । ଫକୀରମୋହନ.
মারাত্মক ଲେଉଟଣି ।] ୨ । ଘାତକ—2. Slaughtering;
मारक killing; murdering. ୩ । ବିଶ୍ୱାସଘାତକ —3. Faithless; perfidious; betraying.
বাটপাড়, ঠেঙাড়ে ବି—୧ । ଦସ୍ୟୁ; ଡକାଏତ; ଯେଉଁମାନେ
डाकू; डकैत; बटमार ମନୁଷ୍ୟକୁ ମାରି ଦ୍ରବ୍ୟ ଅପହରଣ କରନ୍ତି;
যে মারে ଡାକୁ—1. Dacoit. ୨ । ବୈଦ୍ୟଶାସ୍ତ୍ରୋକ୍ତ

मारक ବିଧିରେ ଧାତୁ ଦ୍ରବ୍ୟାଦିକୁ ମାରଣ କରିବା ବ୍ୟକ୍ତି—
2. A person who oxidizes metals etc by Hindu medical process. ଗ୍ରା. ବି—ମହାରଣା; କାରିଗର; ବଢ଼େଇ, ପଥରିଆ, କମାର ଆଦି—Artisans (e. g. carpenters, ironsmiths, stone-masons).

ମାର(ରୁ, ରେ)ଣି—ଦେ. ବି ( ସଂ. ମାରଣ )—ମାରଣ; ହତ୍ୟା; ବଧ—
Māra(ru, re)ni Slaughter. ( ଯଥା—ଅସ
বধ मारनी ଠାଅରେ ଅନ୍ଧ କଂସମାରଣି ଯାଏ ହେବ । )

ମାରଣ୍ଡ—ସଂ. ବି—୧ । ସର୍ପାଣ୍ଡ—1. Serpent's egg. ୨ । ପଥ;
Māranda ପନ୍ଥା—2. Road. ୩ । ଗୋମୟମଣ୍ଡଳ; ଗୋବର ଲିପା ହୋଇଥିବା ସ୍ଥାନ—3. A patch of ground which has been smeared over with cowdung.

ମାରତଣ୍ଡ—ଗ୍ରା ( ପଦ୍ୟ ) ବି—ମାର୍ତ୍ତଣ୍ଡ; ସୂର୍ଯ୍ୟ—The sun. [ ଉ
Māratanda —କୁବେରଠାରୁ କନକକଳସ ମୀନ ସ୍ୟନ୍ଦନ
মারতণ্ড मारतण्ड ମାରତଣ୍ଡ । କବିସୂର୍ଯ୍ୟ. ସଙ୍ଗୀତ । ]

ମାରତୋର୍—ପ୍ରାଦେ ( ଉତ୍ତରଭାଷା ) ବି ( ସହରର ଶବ୍ଦ )—ମାଡ଼;
Mārator ମାଡ଼ପିଟ—Beating.

ମାର(ରା)ତ୍ମକ—ଗ୍ରା. ବଣ (ସଂ. ମାରାତ୍ମକ)—ସାଂଘାତିକ—
Māra(rā)twaka Fatal.

ମାରଥା—ଦେ. ବଣ ( ସଂ. ମହାରଥ )—କ୍ଷତ୍ରିୟର ଓ ଖଣ୍ଡାୟତଙ୍କ
Mārathā ବଂଶୋପାଧି ବିଶେଷ—Name of a family-
(ମାର୍ଥା—ଅନ୍ୟରୂପ) title of Kshatriyas.

ମାରଦା—ପ୍ରାଦେ ( ଗଡ଼ଜାତ ) ବି—ଥଲିଅଟୁ (-ଦେଖ )—
Māradā (ମାରଦାଅଟୁ—ଅନ୍ୟରୂପ) Thaliātu ( See )

ମାରଦା ଲଇ—ପ୍ରାଦେ ( ଗଡ଼ଜାତ ) ବି—ଲଇ ହେବା ଯୋଗ୍ୟ ଏକ
Māradā lai ପ୍ରକାର ଲତା—A kind of creeper, capable of being used as a tying string. [ ଉ—ଏହାର ପତ୍ର ଶିଆଳ ପତ୍ର ପରି, ମାଡ଼ ଗୋଟିକିଆ ।]

ମାରବା—ପ୍ରାଦେ ( ଉତ୍ତରଭାଷା ) କ୍ରି—ମାରିବା—
Mārabā To beat.

ମାରଲସ୍—ପ୍ରାଦେ ( ଉତ୍ତରଭାଷା ) କ୍ରି—ମାରିବା କ୍ରିୟାର ଅତୀତକାଳ ନାମ
Māralas ପୁରୁଷ ବହୁବଚନ ରୂପ—ସେମାନେ ମାରିଲେ—(they) Did beat. [ ଉ—ହିଁସ୍ମନ୍ ମାରଲସ —ସେମାନେ ମାରିଲେ । ]

ମାରଲି—ପ୍ରାଦେ ( ଉତ୍ତରଭାଷା ) କ୍ରି ( ମାରିବାର ଅନଦ୍ୟତନ ଅତୀତ
Mārali ରୂପ )—( ମୁ, ତୁ, ସେ ) ପ୍ରହାର କଲି—(I, you, he) Did beat (past tense form of the verb to beat ).

ମାରହଟା—ଦେ. ବଣ. ପୁଂ--ଅନ୍ୟ ବ୍ୟକ୍ତିକୁ ବା ଶିଶୁକୁ ମାଡ଼ ମାରିବାରେ
Mārahatā ଅଭ୍ୟସ୍ତ ( ଶିଶୁ )—( a child ) Habituated to beating others; given to beating others.
ମାରହାଟ
ମାରହାଟିଆ } ଅନ୍ୟରୂପ
ମାରହାଟୁଆ

(ମାରିତାଙ୍ଗ, ମାରିତାଙ୍ଗେହିକ, ମାରିତାଙ୍ଗୁଷ୍ଟ—ସ୍ତ୍ରୀ)
मारहात, मारकुटिया, मारकुटे **मारहता**

ମାର୍—ଦେ. ବଣ ( ସ. ମୃ ଧାତୁ )—୧ । ନଷ୍ଟ—1. Spoiled. ୨ ।
Mārā ସ୍ପର୍ଶଦୂଷିତ; ମାରୁ—2. Polluted by touch;
মারা befouled. ୩ । ବୃଥାରେ ଯାଇଥିବା ( ସମୟ )—
**मारा** 3. Wasted ( time ). ବ—ଷତ୍ର; ଲୋକସାନ
মারা Loss. [ ଦ୍ର—କୌଣସି ଖାଦ୍ୟ ଦ୍ରବ୍ୟକୁ ବଜାରସ୍ଥ
**घटी** ବ୍ୟକ୍ତି ଛୁଇଁଲେ ବା ଅଇଁଠା କଲେ, ଭୂକୁଇଅଦ ଖାଦ ସେଥିରେ ମୁହଁ ଲଗାଇଲେ, ଦେବତାଙ୍କ ଅମଣିଅକୁ ଦେହ ଛୁଇଁଲେ, ପାଖଡ଼ାଣ୍ଡିକୁ ଦେହ ଛୁଇଁ ଦେଲେ; ଭିନ୍ନ ଜାତିସ୍ଥ ବ୍ୟକ୍ତିଙ୍କୁ ଅସ୍ପୃଶ୍ୟ ଜାତି ଛୁଇଁ ଦେଲେ, ଲୁଗା ପିନ୍ଧି ଛାଡ଼ି ଫେରଗଲେ, ରଜସ୍ୱଳା ସ୍ତ୍ରୀକୁ ଛୁଇଁ ଦେଲେ, ଦେବତାଙ୍କ ପାଇଁ ଅପ୍ରେତ ଫୁଲ ବା ମାଳକୁ ବ୍ୟବହାର କଲେ ତତ୍ତ୍ୱତ୍ ବସ୍ତୁ ମାର୍ ବା ଦୂଷିତ ହୁଏ । ] ପ୍ରାଦେ ( ଯାଜପୁର ) ବଣ—ଋତୁମତୀ ହେବା ଯୋଗୁଁ ଅସ୍ପୃଶ୍ୟା ( ସ୍ତ୍ରୀ )—Menstruated ( woman ).

ମାର୍ କରିବା—ଦେ. କ୍ରି—୧ । କୌଣସି ଶୁଦ୍ଧ ବସ୍ତୁକୁ ସ୍ପର୍ଶ ବା ଭୋଗ-
Mārā karibā ଅବଦ୍ୱାରା ଦୂଷିତ କରିବା—1. To pollute
মারাকরা a thing by touch, enjoyment etc.
**मारा करना** ୨ । କୌଣସି କାର୍ଯ୍ୟକୁ ନଷ୍ଟ କରିବା—2. To spoil a thing. ୩ । ଷତିଗ୍ରସ୍ତ କରାଇବା—3. To cause loss. ୪ । ( ସମୟକୁ ) ବୃଥାରେ କଟାଇବା—4. To waste ( time ).

ମାରଗ—ଦେ. ବ ( ସ. ମରକତ )—ମରକତ ମଣି—Emerald.
Mārāga [ ଦ୍ର—ଘଇଙ୍କେ ପ୍ରିୟ ମାରଗେ ଏହୁ ଲଗୁଥିଲେ ।
मरकत **मरकत** ଭଞ୍ଜ. କୋଟିବ୍ରହ୍ମାଣ୍ଡସୁନ୍ଦରୀ । ] ବଣ—ମରକତ ମଣିର ବର୍ଣ୍ଣ ବଶିଷ୍ଟ—Of emerald green colour.

ମାରାତ୍ମକ—ସ. ବଣ. ପୁଂ ( ମାର+ଆତ୍ମନ୍+କ )—ପ୍ରାଣନାଶକ;
Mārātmaka ସାଂଘାତିକ; ଯାହା ମୃତ୍ୟୁ ଘଟାଏ—Fatal;
(ମାରାତ୍ମିକା—ସ୍ତ୍ରୀ) mortal; deadly.

ମାର୍ ପଡ଼ିବା—ଦେ. କ୍ରି—୧ । ( ସ୍ୱାଭାବିକରୂପେ ) ମରିବା—
Mārā pardibā 1 To die. ୨ । ହତ ହେବା—
মারাপড়া **मारा पडना** 2. To be killed.

ମାର୍ ଯି(ହେ)ବା—ଦେ. କ୍ରି—୧ । ଅସ୍ପୃଶ୍ୟ ବା ଅପବିତ୍ର ବା ଦୂଷିତ
Mārā ji(he)bā ହେବା—1. To become polluted
মারা যাওয়া or untouchable. ୨ । (ସମୟ ବା ଧନ) ନଷ୍ଟ ହେବା—2. (time or money) To be lost. ୩ । (ବଙ୍ଗଳାରୁ ଅନୁକୃତ; ବ. ମାରା ଯାଓୟା) ସ୍ୱାଭାବିକ କାରଣରୁ ମୃତ ହେବା—3. To die.

ମାର୍ରେ ପଡ଼ିବା—ଦେ. କ୍ରି—ଷତିଗ୍ରସ୍ତ ହେବା—
Mārāre pardibā To suffer loss.
ক্ষতিগ্রস্ত হওয়া **घटीमे पडना**

ମାରି—ସ. ବ (ମୃ ଧାତୁ ଣିଚ୍ ମାର ଧାତୁ+ଭାବ. ଇ)—ମାରୀଭୟ; ସଂକ୍ରାମକ
Māri ରୋଗଜନିତ ଲୋକକ୍ଷୟ; ମହାମାରୀ—Plague; pestilence; a mortal epidemic.

ମାରି ଆଣିବା—ଦେ. କ୍ରି—୧ । କୌଣସି ଜୀବକୁ ବଧ କରି ଘରକୁ
Mārī ānibā ଆଣିବା—1. To bring an animal
মেরে আনা home after killing it. (ଦ୍ର—ଷଧାନ
**मारकर लाना** ଯାଉଛୁ ଧାନ ହଳକୁ, ମାରି ଆଣି ଦଉ ଷଷଠଳକୁ—ଶିଶୁ ଗୀତ ।) ୨ । ଠକାଇ କରି ହସ୍ତଗତ କରିବା—2. To take a thing fraudulently.

ମାରି ଆସିବା—ଦେ. କ୍ରି—୧ । କୌଣସି ଦେଶକୁ ବା ବ୍ୟକ୍ତିକୁ ଜୟ
Māri āsibā କରି ରଣସ୍ଥାନରୁ ଫେରିବା—1. To return
মেরে আসা after winning. ୨ । ଦେଶ ପର୍ଯ୍ୟଟନ ଶେଷକରି
**मारकर आना** ସ୍ୱଗୃହକୁ ବାହୁଡ଼ି ଆସିବା—2. To return after a long journey. ୩ । କୌଣସିମତେ ସମୟ ଯାପନ କରିବା—3. To spend time somehow.

ମାରି ଖାଇବା—ଦେ. କ୍ରି (ବ୍ୟଙ୍ଗାର୍ଥ)—୧ । ଅଶୋଭା ଦେଖାଯିବା—
Māri khāibā 1. To look very odd. (ଦ୍ର—
মানান ଠାକୁଅ ଗାଲକୁ ବଳ ହଳଦୀ ମାରି ଖାଉଅଛ କିନା—ଛଗ ।)
**रंग लाना** ୨ । କୌଣସି ଜୀବକୁ ହତ୍ୟା କରି ତା ମାଂସକୁ
মেরে খাওয়া ଖାଇବା—2. To kill an animal and
**मारकर खाना** eat its meat.

ମାରି ଗୋଡ଼ା(ଡ଼େ)ଇବା—ଦେ. କ୍ରି—୧ । ପ୍ରହାର କରିବାକୁ ଆକ୍ରମଣ
Māri gorḍā(rḍe)ibā ବା ପଶ୍ଚାଦ୍ଧାବନ କରିବା—1. To
মারতে দৌড়া chase some one for attacking him.
**मारने दौडना** ୨ । (ଲକ୍ଷଣାର୍ଥ) ଭୟ ଦେଖାଇବା—2. To threaten. ୩ । (ଲକ୍ଷଣାର୍ଥ) ଖାଇ ଗୋଡ଼ାଇବା (ଦେଖ)—3. Khāi gorḍāibā (See)

ମାରିଚକ—ସ. ବଣ (ମରିଚ+ଇକ)—ମରିଚ ମିଶ୍ରିତ—Seasoned
Mārichika with black pepper; peppered.

ମାରିତ—ସ ବଣ ( ମୃ ଧାତୁ ଣିଚ=ମାର ଧାତୁ+କର୍ମ. ତ )—
Mārita ୧ । ବିନାଶିତ—1. Killed; destroyed. ୨ । ଆହତ—2. Wounded. ୩ । (ବୈଦ୍ୟକ) (ଧାତୁ ଆଦି) ଭସ୍ମୀକୃତ—3. Oxidized; reduced to ashes; calcined. ୪ । (ବୈଦ୍ୟକ) ଜାରିତ—4. (medical) Dessolved; reduced to an applicable form.

ମାରି ଦେବା—ଦେ. କ୍ରି—୧ । ହତ୍ୟା କରିବା; ବଧ କରିବା—
Māri debā 1. To kill. ୨ । ବିନାଶ କରିବା—2. To
মেরে দেওয়া exterminate; to destroy. (ଦ୍ର—ଉଦ୍
**मार देना** ଶୁଖିଲି କରଣ ଜଳ ବୃଷ୍ଟି, ମାରି ଦେଲେ ପୃଥିବୀରେ ଥିବାର ଧ୍ୱଂସ । କୃଷ୍ଣସିଂହ. ମହାଭାରତ. ବନ ।) ୩ । ଚଞ୍ଚଳ ଚଞ୍ଚଳ ଭୋଜନ କରିବା—3. To eat briskly. (ଦ୍ର—ଅଶାଇ ଚାଳ ନ ଖାଏ ଗୃହ, ମାରି ଦଉଥାଏ

ପିନ୍ଧାଣ ସାଡ଼ି—ଭଗ ।) [ଦ୍ର—ଏହିପରି ପେଟେ ମାରି ଦେବା, ଚୋଳେ ମାରି ଦେବା, ଥାଳଏ ଭାତ ମାରି ଦେବା, କଂସାଏ ପଖାଳ ମାରି ଦେବା ଇତ୍ୟାଦି ହୁଏ ।] ୪ । (କୌଣସି କାର୍ଯ୍ୟ) ଶୀଘ୍ର ସମାଧା କରିବା—4. To accomplish a thing briskly; to hurry up ୫ । ଚଞ୍ଚଳ କୌଣସି କଥା ଉଚ୍ଚାରଣ କରିବା—5. To speak briskly. ୬ । ଅଗ ପଛ ନ ବିଚାରି କଥା ପଦେ କହି ଦେବା—6. To make an offhand remark. (ଉ—ଦାଣ୍ଡିଶାଳେ ଭୁଗୁଥିଲ, ପଦେ ଭୁଲି ପଦ ମାରି ବଅଳୁ ଲୋ ! ସାଙ୍ଗେ ସାଙ୍ଗେ ଜଗୁଥିଲ—ଭଗ)

ମାରି ନେବା—ଦେ. କ୍ରି—ବଳ ବା କୌଶଳ ପୂର୍ବକ କୌଣସି ପଦାର୍ଥକୁ Māri nebā ଘେନିଯିବା; ଛଡ଼ାଇ ନେବା—To take away মেরে লওয়া a thing by force or artifice; to मारलेना snatch off. (ଉ—ଅନୁରାଗେ ଶ୍ୟେନ ପକ୍ଷୀ ଭୂଜ ନେଲା ମାରି । ବ୍ରଧାନାଥ. ବେଣୀ ସଂହାର ।)

ମାରି ପକା(କେ)ଇବା—ଦେ. କ୍ରି—୧ । ହତ୍ୟା କରିବା; ବଧ କରିବା—Māri paka(ke)ibā 1. To kill; to murder. ୨ । মেরে ফেলা ଖାଦ୍ୟ ଓ ଯତ୍ନ ଅଭାବରୁ (କୌଣସି ଜୀବକୁ) ଶୁଖାଇ ମରଣାमार डालना ପନ୍ନ କରିବା—2. To starve and neglect an animal to the point of death. (ଯଥା—ନିର୍ଦ୍ଦୟ ବାପ ପିଲାଗୁଡ଼ାକୁ ଖାଇବାକୁ ନ ଦେଇ ମାରି ପକାଇଲା ) ୩ । (ହସାଇ ହସାଇ ବା କନ୍ଦାଇ କନ୍ଦାଇ) ଅଳାନ୍ତ ବା ବେଦମ୍ କରିବା—3. To cause a person to laugh or weep to bursting; to cause a person to split his sides with laughter, weeping etc. (ଉ—ଧନଅ ଧମକ ଧମେଇଲା ! ଶାଙ୍ଖିଳ ନାକରେ ଢାଙ୍କିଲ ଗୁଣା, ମାରି ତ ପକେଇଲା—ଭଗ ।) ୪ । (ବ୍ୟଙ୍ଗ) ଅତି ଅସୁନ୍ଦର ଦେଖାଯିବା—4. (ironical) To look very odd or ugly.

ମାରିବା—ଦେ. କ୍ରି. ( ସଂ. ମୃ ଧାତୁ ଣିଚ୍, ମାର ଧାତୁ )—୧ । ହତ୍ୟା Māribā କରିବା; ପ୍ରାଣନାଶ କରିବା; ବଧ କରିବା—1. To [ମରା(ରେ)ଇବା—ଣିଜନ୍ତରୂପ] kill; to murder; to মারা मारना slaughter. (ଯଥା—ମାଛ ମାରିବା; ମନୁଷ୍ୟ ମାରିବା ।) ୨ । ଅଘାତ କରିବା; ପ୍ରହାର କରିବା; ବାଡ଼େଇବା—2. To strike; to beat. (ଯଥା—ବିଧା ମାରିବା, ବେତ ମାରିବା, ନାତ ମାରିବା, ଗୋଇଠା ମାରିବା ।) [ଦ୍ର—ପ୍ରହାର କରିବାର ସାଧାରଣ ପିଟିବା ଅର୍ଥରେ ମାରିବା ଶବ୍ଦ ପ୍ରୟୋଗ କରାଯାଏ, ମଧ୍ୟ ଯେଉଁ ପ୍ରଣାଳୀରେ ଯେଉଁ ଅଙ୍ଗ ବା ଯନ୍ତ୍ର ବ୍ୟବହାର ପୂର୍ବକ ପ୍ରହାର କରାଯାଏ ତତ୍ ଶବ୍ଦ ପ୍ରୟୋଗ କରି ମାରିବା ଶବ୍ଦ ବ୍ୟବହୃତ ହୁଏ । ପୁନଶ୍ଚ ଭୂମି ଅବଦରେ ମୁଣ୍ଡକୁ ଅଘାତ କରିବା ଅର୍ଥରେ ମୁଣ୍ଡ ଶବ୍ଦ ପରେ ମାରିବା ଶବ୍ଦ ପ୍ରୟୋଗ କରାଯାଏ, ଯଥା—ମୁଣ୍ଡ ମାରିବା ।] ୩ । ବିନାଶ କରିବା; ଲୋପ କରିବା—3. To destroy. (ଯଥା—ଛତ୍ର ମାରିବା, ଚେର ମାରିବା, ଜାତୁ ମାରିବା, ଉଲୁଣି ମାରିବା ।) ୪ । ବାଡ଼େଇ ବିଦ୍ଧ ପ୍ରବିଷ୍ଟ କରାଇବା—4. To drive (e.g. a nail into the wall) by hammering. (ଯଥା—କଣ୍ଟା ମାରିବା; ଖିଲା ମାରିବା ।) ୫ । ସଂଲଗ୍ନ କରାଇବା; ଲଗାଇବା—5. To attach; to stick; to apply (ଯଥା— କାନ୍ଥରେ ଛବି ମାରିବା; ଲଫାପାରେ ଡାକ ଟିକଟ୍ ମାରିବା ।) ୬ । ଛାପ ବସାଇବା—6. To stamp to seal. [ଉ—କୋମଳ କପୋଳେ ଦାରୁଣ ଦଶନ ମାରିଛି ନିଜ ମୁଦ୍ରିକା । ରାଧାନାଥ. ପାର୍ବତୀ ।] ୭ । ଶୁଖାଇବା; କୌଣସି ବସ୍ତୁରେ ଥିବା ଜଳୀୟାଂଶକୁ ଉତ୍ତାପଦ୍ୱାରା ନିଃଶେଷିତ କରାଇବା—7. To dry up (the water from a thing); to exhaust water from a thing by drying it in the sun or over fire. (ଯଥା -ଭିଅଣରୁ ପାଣି ମାରିବା; ଲବଣି ମାରିବା ) ୮ । ହରଣ କରିବା; କାଢ଼ିନେବା—8. To take away; to snatch off; to rob. (ଯଥା—ଡକାଇତମାନେ ମୋ ଠାରୁ ଟଙ୍କା କଉଡ଼ିତକ ମାରିଲେ ।) ୯ । ଅତ୍ମସାତ୍ କରିବା; (ଚହବିଲ ଅଦି) ତୋସରଫ କରିବା—9. To misappropriate. (ଯଥା—ତହବିଲ ମାରିବା ।) ୧୦ । ବାଣ ବନ୍ଧୁକ ଆଦି ଫୁଟାଇବା—10. To fire (a gun or firework). (ଯଥା—ବାଣ ମାରିବା; ବନ୍ଧୁକ ମାରିବା ।) ୧୧ । ନିକ୍ଷେପ କରିବା—11. To throw. (ଯଥା—ବାଟୁଳି ମାରିବା; ଢେଲା ମାରିବା ।) ୧୨ । ଲମ୍ବିଥିବା ବସ୍ତ୍ର ଅଦି ଖୋସି ଦେବା—12. To tuck up. (ଯଥା—କଚ୍ଛ ମାରିବା; ଖୋସଣି ମାରିବା; ଫେର କାନି ମାରିବା ।) ୧୩ । କୌଣସି କାର୍ଯ୍ୟ ବା କୌଣସି ଫଳ ଉତ୍ପାଦନ କରିବା—13. To do a thing with certain result. (ଯଥା—ଦଉଡ଼ ମାରିବା, ଡୁ ମାରିବା, ମୁଣ୍ଡିଅ ମାରିବା; ତାଳ ମାରିବା, ବାଜି ମାରିବା ।) ୧୪ । ଅଗ୍ନି ଉତ୍ପାଦନାର୍ଥ ଘଷିବା—14. To strike (e.g. a match) for producing fire. (ଯଥା—ଦିଆସିଲି ମାରିବା, ଚକମକି ମାରିବା ।) ୧୫ । କୌଣସି କାର୍ଯ୍ୟ ସମ୍ପାଦନ କରିବା—15. To perform a special act. (ଯଥା -ଡୁବ ମାରିବା, ଗୋତା ମାରିବା, ହାଇ ମାରିବା, ଡିଆଁ ମାରିବା; ଡଗ ମାରିବା ।) ୧୬ । (ସକର୍ମକ) ଉଚ୍ଚୈଃସ୍ୱରରେ ଉଚ୍ଚାରଣ କରିବା; ଉଚ୍ଚ ଶବ୍ଦ କରିବା—16. To utter loudly; to make a loud sound. (ଯଥା—ଡାକ ମାରିବା, ହୁରାଟ ମାରିବା ।) ୧୭ । (ସକର୍ମକ) ଚଞ୍ଚଳ ବା ପେଟୁ ଭାବରେ ଖାଇବା—17. To eat greedily. (ଯଥା—ସେ କଂସାଏ ପଖାଳ

ମାର ଖେଳିବାକୁ ଗ୍ଭଲିଗଲା ।) ୧୮ । (ସକର୍ମକ) କୌଣସି ପ୍ରବୃତ୍ତିକୁ ବା କ୍ଷୁଧା ଆଦିର ବେଗକୁ ନିରୋଧ କରିବା—18. To bring under control; to restrain. [ଦ୍ର—ଲୁବ୍ଧକ ପଦର ଆହାର କରୁଅଛି, ଶୋଷକୁ ମାରିଲେ ସେ ପାଣି ମୁରୁଛି । କୃଷ୍ଣସିଂହ. ମହାଭାରତ. ଶାନ୍ତି ।] ୧୯ । (ସକର୍ମକ) ଦେହରେ ବୋଳିବା—19. To anoint. (ଯଥା—ଦେହରେ ତେଲ ମାରିବା) ୨୦ । (ଅକର୍ମକ) ପୀଡ଼ା ଦେବା; ପୀଡ଼ାଯୁକ୍ତ କରିବା—20. To be ailing. (ଯଥା—ପେଟକୁ ମାରିବା, ଛାତିକୁ ମାରିବା, କଙ୍କାଳକୁ ମାରିବା) ୨୧ । (ସକର୍ମକ) ପ୍ରସ୍ତୁତ କରିବା—21. To prepare; to manufacture. (ଯଥା—ସିଅ ମାରିବା; ଲୁଣ ମାରିବା ।) ୨୨ । (ସକର୍ମକ) ଭୂମିରେ ପୋତି କରି ଠିଆ କରାଇବା—22. To set up on the ground. (ଯଥା—ଖୁଣ୍ଟ ମାରିବା, ପତାକା ମାରିବା) ୨୩ । (ସକର୍ମକ) ବେଗପୂର୍ବକ କୌଣସି ସ୍ଥାନକୁ ଗତି କରିବା—23. To move rapidly. (ଯଥା—ଘୋଡ଼ା ମାରି ଗ୍ଭଲିଯିବା) ୨୪ । (ସକର୍ମକ) କୌଣସି ଦ୍ରବ୍ୟର ଉପଯୁକ୍ତ ବ୍ୟବହାର କରିବା—24. To apply a thing to its proper use. (ଯଥା—କଲମ ମାରିବା, ବୁରୁଷ ମାରିବା) ୨୫ । (ଅକର୍ମକ ଓ ସକର୍ମକ) କୌଣସି ପ୍ରକାରେ ସମସ୍ତ ଯାପନ କରିବା; କାଳ କାଟିବା-25. To spend one's time any how; to while away. [ଦ୍ର—ମାରି ମାରି ଗଲା କାଳକ. ଅଛି ରହିଗଲା ପାଳକ । ଲୋକ । ] ୨୬ । (ସକର୍ମକ) ଧାରୁଆ ଅସ୍ତ୍ରଦ୍ୱାରା ହାଣିବା—26. To cut with a sharp weapon. (ଯଥା—କାଟୁରିର ଗଣ୍ଡି ମାରିବା) ୨୭ । (ସକର୍ମକ, ଶିଳ୍ପକାବୋଧକ) ଅଙ୍କିତ କରିବା; ଲେଖିବା—27. To write; to draw (ଯଥା—ଗାର ମାରିବା, ଦସ୍ତଖତ ମାରିବା) ୨୮ । (ସକର୍ମକ) ଦଣ୍ଡା ଆଦି ଯନ୍ତ୍ରକୁ ଚାଳିତ କରିବା—28. To move; to ply (an instrument). (ଯଥା—ନାଅରେ ଦଣ୍ଡା ମାରିବା) ୨୯ । (ସକର୍ମକ) ଖୋସି କରି ରଖିବା, ବାନ୍ଧି ରଖିବା; ଗୁଞ୍ଜିବା—29. To keep tied up or tucked up. (ଯଥା—ଅଣ୍ଟାରେ ଟଙ୍କା ପଇସା ମାରିବା) ୩୦ । (ସକର୍ମକ) ଆୟୁର୍ବେଦୋକ୍ତମତେ ଧାତୁ ଆଦି ମାରଣ କରିବା ବା ଭସ୍ମ କରିବା—30. To oxydize metals etc. by the Āyurbedic process. (ଯଥା—ସୁନା ମାରିବା, ପାରଦ ମାରିବା) ୩୧ । (ଅକର୍ମକ) ପ୍ରକଟିତ ହେବା; ଜ୍ୟୋତିଃ ପ୍ରକାଶ କରିବା—30. To flash. (ଯଥା—ବିଜୁଳି ମାରିବା; ଘଡ଼ଘଡ଼ି ମାରିବା) ୩୨ । (ସକର୍ମକ) ପଶୁ ପ୍ରଭୃତିଙ୍କ ହାତରେ ଆଉଁସାଇବା—32. To pat. [ଦ୍ର—ଚୁଚୁକାର କରି ଘୋଡ଼ାକୁ ମାରି କରି, ବେଲେ କରି ପିଠାର ଦଉଡ଼ି ଦେବାର । କୃଷ୍ଣସିଂହ. ମହାଭାରତ ଦ୍ରୋଣ ।] ୩୩ । (ଅକର୍ମକ) କାଟିବା; ବାଧିବା—33. To affect painfully. (ଯଥା—ଭୋତୁଅ ମଞ୍ଜିଅ ଗସ୍ତ ମାରୁଛି) ୩୪ । (ସକର୍ମକ) ଲେଖା ହୋଇଥିବା ବସ୍ତୁ ଉପରେ ଗାର ପକାଇବା; କାଟ ଦେବା—34. To score through a writing. ୩୫ । (ସକର୍ମକ) ଅନ୍ଧାରରେ ବା ପାଣି ଭିତରେ (ଯେଉଁଠାରେ ଆଖିକୁ ଦେଖାଯାଏ ନାହିଁ ସେଠା) ଭୂତଳକୁ ଜାଣିବା ପାଇଁ ହାତକୁ ବା ଗୋଡ଼କୁ ବା ହାତରେ ଥିବା ଯଷ୍ଟିକୁ ଭୂମିରେ ଲଗାଇବା—35. To feel one's way with the help of one's hands, legs or stick.) ୩୬ । (ସକର୍ମକ) କୌଣସି ଦ୍ରବ୍ୟ ପ୍ରୟୋଗପୂର୍ବକ ଉଦ୍ଦେଶ ବା ଅନ୍ୟ ସୂଚନା କରିବା ବା ଠାରିବା—36. To covertly indicate or hint by the help of some article. (ଦ୍ର—ଧାତାବର୍ଣ୍ଣ ପ୍ରୀତି ଘଟିଲେ ଭୃଙ୍ଗାର ବନ୍ଧି ଖେଳାଖିଳ ମାରିବାର—କବିସୂର୍ଯ୍ୟ. ରତ୍ନାକର ପଞ୍ଚ୍ଚ ଧ ଗୀତ ।) ୩୭ । (ସକର୍ମକ) ପ୍ରୟୋଗ କରିବା; ବ୍ୟବହାର କରିବା; ବ୍ୟବହାରରେ ଲଗାଇବା—37. To apply; to bring into use. (ଦ୍ର—ନରମାଇଲ ! କାହିଁ କଥା ନେଇ କାହିଁ ମାଇଲ—ଲୋକ) । ୩୮ । (ସକର୍ମକ) ଦେହରେ ସଂଯୁକ୍ତ କରିବା; ଭିଡ଼ିବା—38. To put on the body. (ଯଥା—ମୁଣ୍ଡରେ ଟାହିଆ ମାରିବା; ଟୋପା ମାରିବା) । ୩୯ । (ସକର୍ମକ) ମନକୁ ବିରସ କରିବା—39. To sadden. (ଯଥା—ସେ ମନ ମାରିକରି ବସିଛି) । ୪୦ । (ସକର୍ମକ) କଣ୍ଡୁ ଉପଶାନ୍ତ କରିବା—40. To satiate (itching)(ଯଥା—କଣ୍ଡୁ ମାରିବା) । ୪୧ । (ସକର୍ମକ) ଜଳ ସିଞ୍ଚନ କରିବା;ପାଣି ଛାଟିବା; ଛାଟିବା—41. To splash or sprinkle with water. (ଯଥା—ଆଖିରେ ପ୍ରତିଦିନ ସୁର ତଳା ପାଣି ମାରିଲେ ଦୃଷ୍ଟିଶକ୍ତି ଭଲ ରହେ; (ଦ୍ର—ଜଅମୀ ନାଙ୍ଗ ! ହଳରେ ମାରୁଛି ଗୋବର ପାଣି—ଲୋକ) । ୪୨ । (ସକର୍ମକ) (ଜାତି) ନଷ୍ଟ କରିବା; ଅପହୃତ କରିବା—42. To spoil; to cause loss (of caste). (ଯଥା—ବଙ୍ଗଳାଗସ୍ତ ରଜା ଅମେଧ ଖୁଆଇ ବ୍ରାହ୍ମଣମାନଙ୍କ ଜାତି ମାରିଲେ । ୪୩ । (ସକର୍ମକ) (ଆଖି) ଠାରିବା; ଅକ୍ଷିଦ୍ୱାରା ଇଙ୍ଗିତ କରିବା—43. To wink significantly. (ଯଥା—ମୁଁ ହରଡ଼ କହିବାକୁ ବାହାରିଥିଲି, କିନ୍ତୁ ସେ ମୋତେ ଆଖି ମାରିଦେବାରୁ ମୁଁ ଚୁପ ହୋଇଗଲି ।) । [ଦ୍ର—ମାରିବା କ୍ରିୟା ସଙ୍ଗେ ଧରିବା, କାଟିବା, ହାଣିବା ଆଦି କ୍ରିୟା ସହଚରରୂପେ ବ୍ୟବହୃତ ହୁଏ । ମାରିବା ଶବ୍ଦର ବ୍ୟବହାର ହୋଇ ପ୍ରଚଳିତ ହେଉଛି ପ୍ରବଚନ । ଯଥା—୧ । ହେଁସା ମାରି ବଣି ପୋଷିବା ନ୍ୟାୟ । ୨ । ହେଁଅକୁ ମାରି ବୋଦୁକୁ ଶିଖାଇବା ।

୩ । ହାତରେ ନ ମାର ଭାତରେ ମାରିବା । ୪ । ମୁକ୍ତି ମାଇଲେ ଯିବ ସର, ଦେବଙ୍କ ସଙ୍ଗେ କର୍ପା କଳ । ୫ । ଦେବ- ଦେଉଳୀଙ୍କି କୋଳଥ ମଣ୍ଡା, ତହିଁ ମାରଥିବ ଗେବ, ଯେଏ- ଯିମିତ ମାଗି ଆଇଲେ ଗେବ ତଢ଼ିକର ଦେବ । ୬ । ଧର ମାଇଲେ ସେ, ବାନ୍ଧ ମାଇଲେ ସେ । ୭ । ଧର ମାଇଲେ ସିଦ୍ଧେ ମରନ୍ତି । ୮ । ମାରଗଲେ ମହାପାତକ ଗୃହ ଥିଲେ ଜଳକା । ୯ । ଖାଲି ମକୁନ୍ଦା ଫେରଫାର୍, ଦୋହୋର ପଇସା ଅଣ୍ଟାରେ ମାର୍ ।]

[ଦ୍ର—ମାରିବା କ୍ରିୟା ନାନା ଶବ୍ଦ ସଙ୍ଗେ ଭିନ୍ନ ଭିନ୍ନ ଅର୍ଥରେ ଓଡ଼ିଆରେ ମହାବରା ( idiom ବା ବିଶିଷ୍ଟ ପ୍ରୟୋଗ )ରୂପେ ବ୍ୟବହୃତ ହୁଏ । ନିମ୍ନରେ ତହିଁର କେତେ- ଗୁଡ଼ିଏ ଦୃଷ୍ଟାନ୍ତ ଦିଆଗଲା :—

**ଅକ୍ଷର ମାରିବା**—ଦେ. କ୍ରି—୧ । ଶୀଘ୍ର ଗୁଡ଼ିଏ ଅକ୍ଷର ଲେଖିବା; ୨ । ଲେଖା ହୋଇଥିବା ଅକ୍ଷର ଉପରେ ଗାର ପକାଇ କାଟି ଦେବା ।

**ଅଣଜଡ଼ଦିଆ ମାରିବା**—ଦେ. କ୍ରି ( ବ୍ୟଙ୍ଗ୍ୟାର୍ଥ )—ସୂର୍ଯ୍ୟୋଦୟ ପୂର୍ବରୁ ଭୋଜନ କରିବା ।

**ଅଣିଶାଳା(ଳ) ମାରିବା**—ଦେ. କ୍ରି—ଶଗଡ଼ର ଅଖର ଦୁଇ ମୁଣ୍ଡରେ ଚକକୁ ପିନ୍ଧାଇ ଦେବା ପରେ ଅଖର ଚୂଳରେ ଥିବା ଛିଦ୍ରରେ ଖିଲ ଭରିବା ( ଯେପରି କି, ଚକ ବୁଲିବାବେଳେ ଅଖରୁ ଖସୁଲ ନ ଯିବ ) ।

**ଅଣ୍ଟାକୁ ମାରିବା**—ଦେ. ବି—ଅଣ୍ଟାବନ୍ଧା ।

**ଅଣ୍ଟାରେ ( ଗୋଞ୍ଜାଳ, ପଇସା, ଟଙ୍କା ) ମାରିବା**—ଦେ. କ୍ରି—ପିନ୍ଧା ଯାଇଥିବା ଲୁଗାର ଯେଉଁ ଅଂଶ ଅଣ୍ଟାକୁ ବେଢ଼ିଥାଏ, ସେହି ଅଂଶ ମଧ୍ୟରେ ଗୋଞ୍ଜାଳ ଆଦି ରଖି ଖୋସଣି ମାରିବା ।

**ଅନ୍ଦାଜ ମାରିବା, ଅନ୍ଧାରୁଆ ମାରିବା**—ଦେ. କ୍ରି—କୌଣସି ବିଷୟର ତଥ୍ୟ ବା ପ୍ରକୃତ କଥା ନ ବୁଝି ଅନୁମାନ କରି କହିବା ।

**ଅନାର ମାରିବା**—ଦେ. କ୍ରି—ଶୈଳଘର ହାଣ୍ଡିଅନ୍ଦର ତ୍ରିକୋଣାକାର ମେଲା ଅଂଶକୁ ପଟାଦ୍ୱାରା ବନ୍ଦ କରିବା ।

**( ଅମୁକକୁ ) ଅପସ(ସା) ମାରିବା**—ଦେ. କ୍ରି—ଛିଲୁଗୁଣା ଦେବା; ( ଅପସରା ମାରିବା—ଅନ୍ୟରୂପ ) କୌଣସି ବ୍ୟକ୍ତିକୁ ଲକ୍ଷ୍ୟ କରି ଛିଗୁଲେଇବା ବା ବ୍ୟଙ୍ଗ କରିବା ।

**ଅପସ୍ମାର(ରୁ) ମାରିବା**—ଦେ. ବି—ଅପସ୍ମାର ବାତର ଆକ୍ରମଣ ।

**( ଡଙ୍ଗାରେ ) ଅସ୍ତା ମାରିବା**—ଦେ. କ୍ରି—ନୌକାର ପଟାମାନଙ୍କ ଫାଟରେ ବା ସନ୍ଧିରେ ଝେଟ ହୋଇଥିବା ତନ୍ତୁମୟ ଝେଲି ଭରିକରି ଫାଟକୁ ନିରୁଦ୍ଧ କରିବା ।

**ଆଖି ମାରିବା**—ଦେ. କ୍ରି—୧ । ଆଖିଦ୍ୱାରା ଠାରିବା; ୨ । ଅଖିଠାର- ( ଅଖିଠାର ମାରିବା—ଅନ୍ୟରୂପ ) ଦ୍ୱାରା କୌଣସି ବ୍ୟକ୍ତିକୁ ନିଷେଧ କରିବା ।

**ଆଖି ମିଟିକା ମାରିବା**—ଦେ. କ୍ରି—ଅଖିପତାକୁ ବାରଂବାର ଖୋଲିବା ଓ ବୁଜିବା; ଅଖିକୁ ମିଟି ମିଟି କରିବା; ଅଖିକୁ ବାରଂବାର ପିଛୁଡ଼ିବା ।

**ଆଫା(ପ୍ପା) ମାରିବା**—ଦେ. କ୍ରି—ଅପ୍ପା କରିବା; ଅଖିରେ ଗୁଣ୍ଡ ଆଦି ପଡ଼ି ଅଖି ଭିତର ଖସ୍କ ହେଲେ ମୁହଁକୁ ଅଁ କରି ମୁହଁରେ ହାତ ପାପୁଲିକୁ ବା କନାବଣ୍ଡାକୁ ମାଡ଼ି ତହିଁ ଉପରେ ଜୋର୍‌ରେ ଫୁଙ୍କିବାଠେ ନିଶ୍ୱାସ ମାରି ହାତ ପାପୁଲି ବା ଉକ୍ତ କନାବଣ୍ଡା ଉଷୁମ ଥାଉଁ ଥାଉଁ ତାକୁ ଖସ୍କ ଥିବା ଅଖି ଉପରେ ମାଡ଼ିବା (ଏପରି କଲେ ଅଖିର ଖସ୍କା କମିଯାଏ ) ।

**( ଅମୁକକୁ ) ଆହାର ମାରିବା**—ଦେ. ବି—ମୃଗୀ ବାତର ଆକ୍ରମଣ ।
( ଅହାର ଛଟା ମାରିବା, ଅହାର ଛଟ ମାରିବା—ଅନ୍ୟରୂପ )

**ଆହୁ(ଉ)ଲି ମାରିବା**—ଦେ. କ୍ରି—ନୌକାକୁ ଚଳାଇବା ପାଇଁ ଅହୁଲା ଚଳାଇବା ବା ଅହୁଲଦ୍ୱାରା ପାଣିକୁ ଆଘାତ କରିବା ।

**ଉକୁଣି ମାରିବା**—ଦେ. କ୍ରି—ମୁଣ୍ଡର କେଶ ମଧ୍ୟରେ ଥିବା ଉକୁଣିମାନଙ୍କୁ ବାଛି ନାଶ କରିବା ।

**ଉଙ୍କି ମାରିବା**—ଦେ. କ୍ରି—( ବଙ୍ଗଳାରୁ ଅନୁକୃତ ) ଝାଙ୍କିବା; ଲୁଚି କରି ବାରଂବାର ମୁଣ୍ଡ ଟେକି ଦେଖିବା ।

**ଉହା ମାରିବା**—ଦେ. କ୍ରି—୧ । କମ୍ପ ଜ୍ୱରରେ ନାକପୁଡ଼ା ମଧ୍ୟରେ ଉଠିଥିବା ରକ୍ତସ୍ଫୋଟକକୁ କଅଁ କଣ୍ଟା ବା ଅନ୍ୟ ସୂକ୍ଷ୍ମ କଣ୍ଟା- ଦ୍ୱାରା ଫୋଡ଼ି ତହିଁରୁ ରକ୍ତମୋକ୍ଷଣ କରାଇବା; ୨ । ପାଲିସ୍ କରିବା ପାଇଁ ଧାତୁ ଓ କାଠ ଜିନିଷ ଉପରେ ଉହା ଘଷିବା ।

**ଉହୁଙ୍କା ମାରିବା**—ଦେ. କ୍ରି—ଉହୁଙ୍କିବା: ଉପରକୁ ଉହୁଙ୍କି ଉଠିବା ।

**ଓଡ଼ଶ ମାରିବା**—ଦେ. କ୍ରି—ଲୁଗା ଓ ବିଛଣା ଆଦିରୁ ଛାରପୋକଙ୍କୁ ନଷ୍ଟ କରିବା ।

**କଉପୁନ ମାରିବା**—ଦେ. କ୍ରି—କୌପୀନ ପରିଧାନ କରିବା ।

**କଂସାଏ ପଖାଳ ମାରିବା**—ଦେ. କ୍ରି ( ବ୍ୟଙ୍ଗ )—ଏକ କଂସାପୂର୍ଣ୍ଣ ପଖାଳ ଭାତ ଖାଇବା ।

**କଂସା କଂସା ପଖାଳ ମାରିବା**—ଦେ. କ୍ରି—ଉପର୍ଯ୍ୟୁପରି କଂସାଏ ଲେଖାଏଁ (କଂସାକୁ କଂସା ପଖାଳ ମାରିବା—ଅନ୍ୟରୂପ) ପଖାଳ ଭାତ ଖାଇବା ।

**କଙ୍କାଳକୁ ମାରିବା**—ଦେ. କ୍ରି—କଙ୍କାଳରେ ବିନ୍ଧା ବା ବ୍ୟଥା ହେବା ।
( କଙ୍କାଳ ବାଡ଼ିକି ମାରିବା—ଅନ୍ୟରୂପ )

**କଚ୍ଛା ମାରିବା**—ଦେ. କ୍ରି—(ଲୁଗା ପିନ୍ଧିବା ବ୍ୟକ୍ତି) ପିନ୍ଧା ଲୁଗାର ଗୋଟାଏ ମୁଣ୍ଡକୁ ଆଗ ପାଖରୁ ବୁଲାଇ କରି ନେଇ ପଛଅଡ଼େ ଖୋସିବା; (ଲୁଗା ପିନ୍ଧିବା ବ୍ୟକ୍ତି) ଗୋଟିଏ କାନିକୁ ନେଇ ପଛଅଡ଼େ ଖୋସିବା ।

( ଏହିପରି କାଣିଆକଚ୍ଛା ମାରିବା, ମୁଠି କଚ୍ଛା ମାରିବା, ପାଇକଚ୍ଛା ମାରିବା ଆଦି ହୁଏ । )

**କଣ ମାରିବା**—ଦେ. କ୍ରି—କାଠ ଆଦିରେ ଥିବା କୋଣକୁ କାଟି ଗୋଲ କରିବା ।

**କଣା ମାରିବା**—ଦେ. କ୍ରି—କଣା ବା ଗାତକୁ ବୁଜି ଦେବା ।

**କଣ୍ଟା ମାରିବା**—ଦେ. କ୍ରି—୧ । କଣ୍ଟାକୁ ବାଡ଼େଇ କରି ଭର୍ତ୍ତି କରିବା; ୨ । କଣ୍ଟାରେ ବଥ ଆଦିକୁ ଫୋଡ଼ିବା ।

**କଣ୍ଟିକଲା ମାରିବା**—ଦେ. କ୍ରି—ଲଙ୍ଗଳ-ମୁଣ୍ଡାକୁ କଣ୍ଟି ସଙ୍ଗେ ସଂଯୁକ୍ତ କରିବା ପାଇଁ ଖିଲ ମାରିବା ।

**କତି ମାରିବା**—ଦେ. କ୍ରି—କୋଡ଼ିଦ୍ୱାରା ହିଡ଼ର ଦୁଇପାଖ ମାଟିକୁ ପତଳା କରି ଚାଞ୍ଛିବା; ହିଡ଼ କଟି କରିବା ।

କଥା ବା ପଦ ମାରିବା (ମାରିଦେବା)—ଦେ. କ୍ରି—୧ । ଅନ୍ୟ ବ୍ୟକ୍ତି-
ଙ୍କର କଥାବାର୍ତ୍ତା ମଧ୍ୟରେ ଦୁଇ ପଦ କଥା କହିଦେବା;
୨ । ଅଗ ପଛ ବିଚାର ନ କରି ମନ୍ତବ୍ୟ ପ୍ରକାଶ କରିବା ।

କବାଟ ମାରିବା—ଦେ. କ୍ରି—୧ । ଦୁଆର ବନ୍ଦ କରିବା; କବାଟ ଦେବା;
୨ । କବାଟକୁ ସ୍ଥାୟୀଭାବରେ ବନ୍ଦ କରି ସେଠାରେ ଥିବା
ବାଟକୁ ରୋକିବା ।

କବାଟରେ ମାରିବା—ଦେ. କ୍ରି—ବନ୍ଦ ହୋଇଥିବା କବାଟକୁ ଖୋଲି
ଦେବା ପାଇଁ କବାଟରେ ହାତ ବା ଅଙ୍ଗୁଠିଦ୍ୱାରା ଆଘାତ
କରିବା ।

କଲମ ମାରିବା—ଦେ. କ୍ରି—କଲମରେ ଚଞ୍ଚଳ ଲେଖିଦେବା ।

(କାନରେ) କଲମ ମାରିବା—ଦେ. କ୍ରି—କାନ ଓ ମୁଣ୍ଡ ମଧ୍ୟସ୍ଥ ଫାଙ୍କରେ
କଲମ ଖୋସିବା ।

(ଗାମୁଛରେ) କଳାଚିତ ମାରିବା—ଦେ. କ୍ରି—ଗାମୁଛରେ ଚକା ଚକା
କଳା ଦାଗମାନ ଜନ୍ମିବା ।

କହୁଣୀ ମାରିବା—ଦେ. କ୍ରି—କହୁଣୀରେ ଆଘାତ କରିବା ।

କାତ ମାରିବା—ଦେ. କ୍ରି—ମୁନିଆ କାତଦ୍ୱାରା ଶରୀରକୁ ଫୋଡ଼ି ଦେହରୁ
ରକ୍ତ ମୋକ୍ଷଣ କରାଇବା ।

କାତୁ ମାରିବା—ଦେ. କ୍ରି—କାତୁ ଅବକୁ ଚିପି ଚଣ୍ଢିରୁ ପୂଜ ବା ଜଳ
ବାହାର କରିବା । (ଏହିପରି ପିମ୍ପିରି ମାରିବା; କୁଣ୍ଡିଆ
ମାରିବା ହୁଏ) ।

କାଡ଼ୁଆ ମାରିବା—ଦେ. କ୍ରି—ଢଙ୍ଗାକୁ ଖେଦାଇବାପାଇଁ କୂଳର
ଖଣ୍ଡଦୂରରେ ମାଟି ଉପରେ କାଲା ପୋତିବା ।

କାଡ଼ୁ(ଣ୍ଡୁ) ମାରିବା—ଦେ. କ୍ରି—କୌଣସି ବ୍ୟକ୍ତିର କଳଙ୍କ
କରାଇବା ।

କାଣ୍ଡ ମାରିବା—ଦେ. କ୍ରି—ଧନୁଦ୍ୱାରା ଶର ମାରିବା ।

କାଣ୍ଡୁ ମାରିବା—ଦେ. କ୍ରି—କଣ୍ଡୁର ଉପଶମ କରାଇବା ।

କାତ ମାରିବା—ଦେ. କ୍ରି—ଢଙ୍ଗାକୁ ଚଳାଇବା ପାଇଁ ଲମ୍ବ ବାଉଁଶକୁ
ଜଳାଶୟର ନିମ୍ନଭୂମିରେ ଲଗାଇ ଠେଲିବା ।

କାଦ ମାରିବା—ପ୍ରାଦେ (ଗଞ୍ଜାମ) କ୍ରି—କାଚ ମାରିବା ।

କାନରେ (ଫୁଲ ଆଦି) ମାରିବା—ଦେ. କ୍ରି—କାନର ଓ ମୁଣ୍ଡର ମଝି-
ଫାଙ୍କରେ (ଫୁଲ ଆଦି) ଖୋସିବା । (ଏହିପରି
ପେନ୍ସିଲ ମାରିବା, ପିକା ମାରିବା ହୁଏ । )

କାନ୍ଧ ମାରିବା—ଦେ. କ୍ରି (ଅଠାରଙ୍କ ଭାଷା)—ଲୋଠାର ବା ଶରୀର
(ଚଳ ମାରିବା—ବିପରୀତ) ମୁହଁପାଖ ବା ପଛ ପାଖର ଅର୍ଦ୍ଧାଂଶକୁ
ଭିଆର କରିବା ।

କିରିଆ ମାରିବା—ଦେ. କ୍ରି—ମୃତବ୍ୟକ୍ତିର ମୃତାହ କ୍ରିୟା ସମ୍ପାଦନ
କରିବା; କ୍ରିୟା ଧରିବା । ଦେ. କ୍ରି—ଶୁଖିଲା ଅବରେ
ପୋକ ଲାଗିଯିବା ।

କିଲା ମାରିବା—ଦେ. କ୍ରି—ଭୂମି ଉପରକୁ ଖିଲ ଭର୍ତ୍ତି କରିବା ।

କୁଆଁ ମାରିବା—ଦେ. କ୍ରି (ଗଛ ବା ଗଜା)—ଅଗକୁ କୋମଳ ଶାଖା
ବାହାର କରିବା ।

କୁଡ଼ିଆ ମାରିବା—ଦେ. କ୍ରି—ଅସ୍ଥାୟୀ କୁଟୀର ନିର୍ମାଣ କରିବା ।

କୁଣ୍ଡିଆ ମାରିବା—ଦେ. କ୍ରି—ଚମକୁ ଚିପି କୁଣ୍ଡିଆକୁ ଲୋପ କରିବା ।

କୁଦା ମାରିବା—ଦେ. କ୍ରି—ଲମ୍ଫ ପ୍ରଦାନ କରିବା; କୁଦିବା ।

କୁହାଟ ମାରିବା—ଦେ. କ୍ରି—ଦୂରକୁ ଶୁଭିବା ଭଳି ଉଚ୍ଚ ଧ୍ୱନି କରିବା ।

କେଞ୍ଚା ମାରିବା—ଦେ. କ୍ରି—୧ । କେଞ୍ଚାରେ କେଞ୍ଚିବା ।
୨ । ମୁନିଆ ଅସ୍ତ୍ରଦ୍ୱାରା କେଞ୍ଚିବା;

କେଟେରିଆ ମାରିବା—ଦେ. କ୍ରି—ଘଣ ପକାଇବା । ଦେ. କ୍ରି—କଟୁଆ
ମାରିବା (ଦେଖ)

କୋଡ଼ରି
କୋଇଡ଼ା } ମାରିବା—ଦେ. କ୍ରି—କାଠ ବା ଉରୁକରେ ପ୍ରହାର
କୋଦେଡ଼ା } କରିବା ।

କୋଡ଼ ମାରିବା—ଦେ. କ୍ରି—ହଣା ଯାଇଥିବା ବା ଅଳ୍ପ ଅସମତଳ ମାଟିକୁ
କୋଡ଼ରେ ସମତୁଲ କରିବା ।

ଖଙ୍କାର ଖା ମାରିବା—ଦେ. କ୍ରି—ତଣ୍ଟିରୁ ଶ୍ଳେଷ୍ମା ସଫା କରିବାଦ୍ୱାରା ଶବ୍ଦ
କରିବା ।

(ମୁହଁକୁ) ଖରା ମାରିବା—ଦେ. କ୍ରି—୧ । ଖରାର ତେଜ ମୁହଁକୁ ପୀଡ଼ା
ଦେବା; ୨ । ଖରା ବକ୍ରଭାବରେ ଦେହରେ ପଡ଼ିବା ।

ଖଡ଼ୁମୁସା ମାରିବା—ଦେ. କ୍ରି-(ସ୍ତ୍ରୀଲୋକ) ହାତରେ ପିନ୍ଧିଥିବା ଖଡ଼ୁଦ୍ୱାରା
କୌଣସି ବ୍ୟକ୍ତିକୁ ଆଘାତ କରିବା ।

ଖଣ୍ଡ ମାରିବା—ଦେ. କ୍ରି—ଖଣ୍ଡା ବା ଉକାଇତଙ୍କଦ୍ୱାରା ଦ୍ରବ୍ୟର ବଳ-
ପୂର୍ବକ ଅପହରଣ ।

ଖଣ୍ଡିକାଣ ମାରିବା—ଦେ. କ୍ରି—ନିଜର ଉପସ୍ଥିତି ଅନ୍ୟକୁ ଜଣାଇବା
ଉଦ୍ଦେଶ୍ୟରେ ଏକାଧିକ ଥର ସାମାନ୍ୟ କାଶିବା ।

ଖରଡ଼ା ମାରିବା—ଦେ. କ୍ରି—ଘୋଡ଼ା ଦେହକୁ ଲୁହାର ପାନିଆଦ୍ୱାରା
କୁଣ୍ଡାଇବା ।

ଖିଲ ମାରିବା—ଦେ. କ୍ରି—ଖୋଟ ଖଣ୍ଡାକୁ ଭୂମିରେ ବା କାଠରେ ଭର୍ତ୍ତି
କରିବା ।

ଖୁଣ୍ଟ ବା ଖୁଆଣିଆ ମାରିବା—ଦେ. କ୍ରି—ଅନ୍ୟ ବ୍ୟକ୍ତି ନାମରେ ଚୁଗୁଲି
କହିବା ।

ଖୁଞ୍ଚା ମାରିବା—ଦେ. କ୍ରି—୧ । ଘରର ଚାଳରୁ ସ୍ଥାନେ ସ୍ଥାନେ ଉଡ଼ି
ଯାଇଥିବା କୁଟା ଜାଗାରେ ନୂଆ କୁଟା ବା ନଡ଼ା ପୂରାଇବା
୨ । ଧାନ କିଆରୀର ଯେଉଁ ଅଂଶମାନଙ୍କରୁ ଧାନ ଗଛ ନଷ୍ଟ
ହୋଇଥାଏ, ସେହି ସ୍ଥାନରେ ଅନ୍ୟ ସ୍ଥାନରୁ ବା ଘେରରୁ
ରୁଆ ବା ଚଳ ଆଣି ରୋଇବା ।

ଖୁନ୍ଦା ମାରିବା—ଦେ. କ୍ରି—ମୁଠାର ତର୍ଜନୀ ଅଙ୍ଗୁଠି ପାଖ ଦ୍ୱାରା ଗାଲରେ
ଆଘାତ କରିବା ।

ଖୁର ମାରିବା—ଦେ. କ୍ରି—୧ । କ୍ଷୁରରେ କ୍ଷୌର କରିବା ।
୨ । ଖୁରରେ ହାଣିବା ।

ଖୁରା ମାରିବା—ଦେ. କ୍ରି—ଖୁରା ଲାଇବା (ଘୋଡ଼ା ଓ ବଳଦ ଆଦି) ଖୁରାରେ
ଭୂଇଁକୁ ସମ୍ମୁଖିବା; ଖୁରାରେ ଆଘାତ କରିବା ।

ଖୁରୁଡ଼(ଡ଼ୁ) ମାରିବା—ଦେ. କ୍ରି—ଶୁଖିଲା ନଡ଼ିଆକୁ ଦନା କେତେ ଘଣ୍ଟାର
ରଖିବାଦ୍ୱାରା ନଡ଼ିଆରୁ ପାଣି ଶୁଖିଯାଇ ତାହା ଖୁରୁଡ଼ରେ
ପରିଣତ ହେବାର ବ୍ୟବସ୍ଥା କରିବା ।

ଖେଞ୍ଚା ମାରିବା—ଦେ. କ୍ରି—କୌଣସି ପ୍ରସ୍ତାବିତ କାର୍ଯ୍ୟ ସମାହିତ ହେବା
ସମ୍ବନ୍ଧେ ବିଘ୍ନ ଘଟାଇବା ।

ଖେଉ ମାରିବା—ଦେ. କ୍ରି—ଉଳ ଅଭାବରୁ ବା ଯନ୍ତ୍ର ଅଭାବରୁ ଫସଲ ଶୁଖି ମଉଳିବାର କାରଣ ହେବା; ଶୁଖି ଯାଉଥିବା ଫସଲକୁ ପାଣି ନ ମଡ଼ାଇବା ।

ଖେପା ମାରିବା—ଦେ. କ୍ରି—୧ । ଦୁଇ ଗୋଡ଼କୁ ଏକତ୍ର ଚଳାଇ ଲୁଦା ମାରିବା । ୨ । ଖେପା ଦଉଡ଼ି ସାହାଯ୍ୟରେ ନଡ଼ିଆ ଗଛ ଓ ତାଳ ଗଛ ଆଦିକୁ ଚଢ଼ିବା ।

ଖେପି ମାରିବା—ଦେ. କ୍ରି—୧ । ଖେପା ମାରିବା । ୨ । (ଘୋଡ଼ା) ଶୁର ଗୋଡ଼ରେ ଲୁଦ ଦଉଡ଼ିବା ।

ଖୋଷା ମାରିବା—ଦେ. କ୍ରି—ମୁଣ୍ଡରେ ଜୁଡ଼ା ପକାଇ ବାନ୍ଧିବା ।

ଖୋସଣି ମାରିବା—ଦେ. କ୍ରି—ପିନ୍ଧିଥିବା ଲୁଗାର ଅଣ୍ଟା ପାଖେ ଥିବା ଦୁଇ ଉପରିସ୍ଥ ଅଂଶକୁ ଭଣ୍ଟି ପକାଇ ଖୋସିବା ।

ଗଜା ମାରିବା—ଦେ. କ୍ରି—ଗଜୁରିବା ।

ଗଡ଼ା(ଡ଼ୋ)ଇ ମାରିବା—ଦେ. କ୍ରି—୧ । ଖାଇବାକୁ ନ ଦେଇ ଉପବାସରେ ମାରି ପକାଇବା; ୨ । କୌଣସି ପରିବାରର ବ୍ୟକ୍ତିମାନେ ଉଗରିହାଇରେ ମରିବାର କାରଣ ହେବା ।

ଗଡ଼େଇ ଉଡ଼େଇ ମାରିବା—ଦେ. କ୍ରି—କୌଣସି ବ୍ୟକ୍ତି ମାଡ଼ ଖାଇ ଭୂଇଁରେ ଗଡ଼ୁଥିବା ଅବସ୍ଥାରେ ତାଙ୍କୁ ଉପର୍ଯ୍ୟୁପରି ପ୍ରହାର ବା ଆଘାତ କରିବା ।

(ବାଉଁଶର ବା କାଠର) ଗଣ୍ଠି ମାରିବା—ଦେ. କ୍ରି—କଟୁରୀ, ବାସି ବା କୁରାଢ଼ିରେ ବାଉଁଶର ଗଣ୍ଠିକୁ ହାଣିବା ।

ଗଦା ମାରିବା—ଦେ. କ୍ରି—କୌଣସି ପଦାର୍ଥକୁ ଗଦା କରି ରଖିବା ।

ଗପ(ପା, ପ୍ପା) ମାରିବା—ଦେ. କ୍ରି—୧ । ଲୁଚି କରି ରହିବା । ୨ । ମୌନ ରହିବା ।

ଗପ ମାରିବା—ଦେ. କ୍ରି—ବୃଥା ଗପିବା ।

ଗଫା ମାରିବା—ଦେ. କ୍ରି (ବ୍ୟଙ୍ଗ)—ବଡ଼ ବଡ଼ ଗୁଣ୍ଡାରେ ଭୋଜନ କରିବା ।

ଗଲ୍ପ ମାରିବା—ଦେ. କ୍ରି—ଗାଣ୍ଡୁ ମାରିବା ( ଦେଖ )

ଗସ୍ତ ମାରିବା—ଦେ. କ୍ରି—ଏଣେ ତେଣେ ବୁଲିବା; ପର୍ଯ୍ୟଟନ କରିବା ।

ଗାଣ୍ଡି ମାରିବା—ଦେ. କ୍ରି (ଅଶ୍ଳୀଳ)—୧ । ଗୁଦା ମୈଥୁନ କରିବା । ୨ । ସ୍ତ୍ରୀ ମୈଥୁନ କରିବା । ୩ । ପ୍ରତାରଣା କରିବା; ଠକାଇବା ।

ଗାତ ମାରିବା—ଦେ. କ୍ରି—ଗାତକୁ ପୋତିବା ।

ଗାତେ ମାରିବା—ଦେ. କ୍ରି—ବାଡ଼ ଦେବା ପାଇଁ ଖୁଦାଏ କଣ୍ଟା ଗୋଛାଏ ଗାତରେ ପୋତିବା ।

ଗାର(ରେ) ମାରିବା—ଦେ. କ୍ରି—୧ । ଅଳ୍ପ ବିଷୟ ଲେଖି ଦେବା । ୨ । ଲେଖାଦ୍ୱାରା ଶେଷ ହୁକୁମ ଦେବା ବା ଦସ୍ତଖତ କରିବା । ୩ । ହଳରେ ପ୍ରଥମ ଓଡ଼ ହଳ କରିବା ।

ଗାଲ ଫି(ଫୁ)ଡ଼(ଢ଼, ଢ଼ୁ)କା(କ) ମାରିବା—ଦେ. କ୍ରି—(ବାସ) ଅଗରେ ଶିକାରକୁ ଦେଖି ଗାଲ ସାହାଯ୍ୟରେ ବଳଟ ମୁକ୍ତାହତ କରିବା ।

ଗାଲୁ ମାରିବା—ଦେ. କ୍ରି—ଦାମ୍ଭିକତା ପ୍ରକାଶ କରି କୌଣସି ବିଷୟକୁ (ଗାଲୁ ଭୁରୁଡ଼ୁ ମାରିବା—ଅନ୍ୟରୂପ) ଭୁରୁଡ଼ାଇବା ।

ଗିଳା ମାରିବା—ଦେ. କ୍ରି (ବ୍ୟଙ୍ଗ)—ଖାଇବା ।

ଗିଳା(ଲେ ଇ-ମାରିବା—ଦେ. କ୍ରି. କୌଣସି ଲୋକଙ୍କୁ ବାରଂବାର ଖାଇବାକୁ ଦେଇ ବ୍ୟତିବ୍ୟସ୍ତ କରାଇବା ।

ଗିଳା(ଲେ)ଇ ଗିଳା(ଲେ)ଇ ମାରିବା—ଦେ. କ୍ରି—ଅଭାବରୁ ଭୋଜନ କରାଇ କୌଣସି ବ୍ୟକ୍ତିକୁ ବା ଜୀବକୁ ରୋଗଗ୍ରସ୍ତ କରାଇ ମାରି ପକାଇବା ।

ଗୁଣ୍ଡା ମାରିବା—ଦେ. କ୍ରି—ଗଫା ମାରିବା ( ଦେଖ )

ଗୁଣ୍ଡା ମାରିବା—ଦେ. କ୍ରି—ଗୁଳରେ ମଞ୍ଜିରୁ ଉଠି ଯାଇଥିବା ରୁଅର ସ୍ଥାନରେ ନୂଆ ରୁଅ ଗୁଞ୍ଜିକରି ଭରତ କରିବା ।

ଗୁଡ଼େଇ ଭୁଡ଼େଇ ମାରିବା—ଦେ. କ୍ରି—କୌଣସି ବ୍ୟକ୍ତିଙ୍କୁ ଉପର୍ଯ୍ୟୁପରି ଦେହର ସବୁପାଖେ ପ୍ରହାର କରିବା ।

ଗୁମ୍ ମାରିବା—ଦେ. କ୍ରି—ଚୁପ୍ ହୋଇ ରହିବା ।

(ଗୁମ୍‌ସୁମ୍ ମାରିବା—ଅନ୍ୟରୂପ)

ଗୁଳି ମାରିବା—ଦେ. କ୍ରି—ବନ୍ଧୁକଦ୍ୱାରା ଗୁଳି ଫାଏର୍ କରିବା ।

ଗୁଳୁମ ମାରିବା—ଗ୍ରା. କ୍ରି—ପେଟ ଉପରେ ବସ୍ତ୍ରାପୂତ ଔଷଧାଦି ଲେପନ-(ଗୁଲ୍ଲୁ ମାରିବା—ଦେଶଜ ରୂପ) ପୂର୍ବକ ଖଡ଼୍‌ଗ୍ଲାଚ୍ଛାଦନ କରି ପେଟରେ ହୋଇଥିବା ପ୍ଳୀହାବୃଦ୍ଧି ରୋଗକୁ ନାଶ କରିବା ।

ଗେଫା(ବା) ମାରିବା—ଦେ. କ୍ରି ( ବ୍ୟଙ୍ଗ )—ଗଫା ମାରିବା, ଖାଇବା ।

ଗେବ ମାରିବା—ଦେ. କ୍ରି—ଭିନ୍ନ ଭିନ୍ନ ଶ୍ରେଣୀର ମଣ୍ଡାପିଠା ଆଦି ( ଯଥା—କୋଳଥ ପୂରଦିଆ ମଣ୍ଡା, ନଡ଼ିଆ ପୂରଦିଆ ମଣ୍ଡା, ମୁଗ ପୂରଦିଆ ମଣ୍ଡା ) କୁ ବାଣ୍ଟିବା ବେଳେ ଚିହ୍ନି ପାରିବା ପାଇଁ ତାହି ଉପରେ ସଙ୍କେତ ସ୍ୱରୂପ ଭିନ୍ନ ଭିନ୍ନ ଛିପଚିହ୍ନ ଦେବା ।

ଗୋଇଠା ମାରିବା—ଦେ. କ୍ରି—ଗୋଡ଼ଦ୍ୱାରା ବଳ ସହିତ ଅନ୍ୟ ବ୍ୟକ୍ତିକୁ ଆଘାତ କରିବା । [ ଦ୍ର—ମନୁଷ୍ୟର ପଦାଘାତକୁ ଗୋଇଠା ଓ ଅନ୍ୟ ଜୀବର ପଦାଘାତକୁ ଲାତ ମାରିବା ବୋଲାଯାଏ । ]

ଗୋଡ଼ ମାରିବା—ଦେ. କ୍ରି—୧ । ଅନ୍ଧାର ରାତିରେ ବାଟରେ କମ୍ପ୍ର ପାଣିରେ ଯିବା ସମୟରେ ପାଣିର ଗଭୀରତା ଆଦି ଜାଣିବା ପାଇଁ ସେଠାରେ ଚାଲିବା ପୂର୍ବରୁ ଗୋଡ଼ଦ୍ୱାରା ସେ ସ୍ଥାନକୁ ଛୁଣ୍ଡିବା । ୨ । କାଦୁଅ ବା ମାଟିପୁଳା ଆଦି ଥିବା ଅସମତଳ ସ୍ଥାନକୁ ସମତଳ କରିବା ଲାଗି ଗୋଡ଼ଦ୍ୱାରା ଚଳାଇବା ।

ଗୋତା ମାରିବା—ଦେ. କ୍ରି—୧ । ପାଣିରେ ଏକ ସ୍ଥାନରେ ବୁଡ଼ ଦେଇ ଅନ୍ୟ ସ୍ଥାନରେ ଉଠିବା—୨ । ବିଶ୍ୱାସଘାତକତା କରିବା ।

ଗୋବ ମାରିବା—ଦେ. କ୍ରି—କୌଣସି ଜୀବର ବା ବ୍ୟକ୍ତିର ବଂଶର ସମସ୍ତ ଜୀବଙ୍କୁ ହତ୍ୟା କରିବା ବା କରାଇବା ।

ଗୋବର ମାରିବା—ଦେ. କ୍ରି—ଭୂମିରେ ଗୋବର ଲେପିବା ।

ଗୋବରପାଣି ମାରିବା—ଦେ. କ୍ରି—କୌଣସି ସ୍ଥାନକୁ ପରିଶୁଦ୍ଧ କରିବା ପାଇଁ ସେଠାରେ ଗୋବର ପାଣି ଛିଞ୍ଚିବା । [ ଦ୍ର—ଉଆସିନୀମାନେ, ଘରରେ ମାରୁଛି ଗୋବର ପାଣି —ଉଗ । ]

ଗୋରୁ ମାରିବା—ଦେ. କ୍ରି—୧ । ଗୋବଧ କରିବା—୨ । ଘରର ପାଳିତ ଗୋରୁର ଅପମୃତ୍ୟୁ ହେଲେ ପୁରାଣର ବିଧାନ ଅନୁସାରେ ଗୋ-ସ୍ୱାମୀ ରୂପେ ଉକ୍ତ ଅପମୃତ୍ୟୁର ପାପରେ ଭାଗୀ ହେବା ।

ଗ୍ରାସ ମାରିବା—ଦେ. କ୍ରି ( ବ୍ୟଙ୍ଗ )—ଭୋଜନ କରିବା ।

ଘଷି ମାରିବା—ଦେ. କ୍ରି ( କଂସାରିଙ୍କ ବ୍ୟବହୃତ ଭାଷା )— ତମ୍ବା, ପିତଳ ଆଦିକୁ ଏକଜ କରି ଅଣ୍ଟି, ତାକୁ ତେଜା ତେଜା କରି ଛାଳିବା ପରେ, ତାଁକୁ ହାତୁଡ଼ିରେ ପିଟି ପତଳା କରିବା ।

ଘଡ଼ଘଡ଼ ମାରିବା—ଦେ. କ୍ରି—ବଜ୍ରଧ୍ୱନି ହେବା ।

ଘଣ୍ଟା ମାରିବା—ଦେ. କ୍ରି—ପିଟି ଘଣ୍ଟା ବଜାଇବା ।

ଘା, ଘାଅ } ମାରିବା—ଦେ. କ୍ରି—ଅସ୍ତ୍ରଶସ୍ତ୍ରାଦିଦ୍ୱାରା ଚୋଟ ମାରିବା ।

ଘାଏ ମାରିବା—ଦେ. କ୍ରି—ଥରେ ଆଘାତ କରିବା ।

ଘାଏ ଘାଏ ମାରିବା—ଦେ. କ୍ରି—ଅସ୍ତ୍ରାଦିଦ୍ୱାରା ଥରି ଥରି କରି ଚୋଟ ମାରିବା ।

ଘାସ ମାରିବା—ଦେ. କ୍ରି—ଭୂମିରୁ ଘାସକୁ ନିର୍ମୂଳ କରିବା ବା ଚାଞ୍ଛିବା ।

ଘିଅ ମାରିବା—ଦେ. କ୍ରି—ଲହୁଣୀକୁ ଅଗ୍ନି ଉତ୍ତାପରେ ନିର୍ଜଳ କରି ତହିଁରୁ ଘୃତ ପ୍ରସ୍ତୁତ କରିବା । [ ଦ୍ର—ପ୍ରକୃତରେ ଘିଅ ମରିଯାଏ ନାହିଁ; ଲହୁଣୀକୁ ନିଆଁରେ ବସାଇ ତାକୁ ନିର୍ଜଳ କରିବାଦ୍ୱାରା ଘୃତ ପ୍ରସ୍ତୁତ କରାଯାଏ ।]

ଘିମିରି ମାରିବା—ଦେ. କ୍ରି—ଦେହରେ ଉଠିଥିବା ଘିମିରିକୁ ନଖ ଆଦିଦ୍ୱାରା ଚିପି ତାକୁ ଲୁପ୍ତ କରିବା ।

ଘୁଙ୍ଗୁଡ଼ି ମାରିବା—ଦେ. କ୍ରି—ନିଦ୍ରିତାବସ୍ଥାରେ ନାକଦ୍ୱାରା ଘୁଡ଼ ଶବ୍ଦପୂର୍ବକ ନିଶ୍ୱାସ ମାରିବା ।

ଘୋଘା, ଘୋଓଘା, ଘୋ ଓ ଘାଅ } ମାରିବା—ଦେ. କ୍ରି—ବହୁଲୋକଙ୍କର ଗୋଳମାଳରେ ଆପଣାର ସ୍ୱରକୁ ମିଶାଇ ପାଟି କରିବା ।

ଘୋଡ଼ା ମାରିବା—ଦେ. କ୍ରି—ଘୋଡ଼ା ଉପରେ ବସି ଘୋଡ଼ାକୁ ଦଉଡ଼ାଇ ନେଇ ଚାଲିଯିବା ।

ଙାଁଅଁରଡ଼ି ମାରିବା—ଦେ. କ୍ରି. (ପ୍ରତିଦ୍ୱନ୍ଦ୍ୱୀ ପାଲାବାଲାଦଳର ଗାୟକ)—ଗୀତର ଚୂଳ ବା ବେଶଦ୍ୱାରା ଅପର ପକ୍ଷକୁ ତଡ଼ ମାରିବାର ବା ଭୁଷିବାର ଆୟୋଜନ କରିବା ।

ଚକ ମାରିବା—ଦେ. କ୍ରି—ପହଁଅ ମାରିବା ( ଦେଖ )

ଚକମକ ମାରିବା—ଦେ. କ୍ରି—ଅଗ୍ନି ଝୁଲିଙ୍ଗ ବାହାର କରିବାପାଇଁ ଚକମକି ପଥରରେ ଲୁହାକୁ ଆଘାତ କରିବା ।

ଚକରେ ମାଣିକାଠି(ଖୁଣ୍ଟି) ମାରିବା—ଦେ. କ୍ରି—ଚକର ତଳପଟର କେନ୍ଦ୍ରରେ କାଠି ପୋତିବା ।

ଚଟକଣା ମାରିବା—ଦେ. କ୍ରି—ଚଟକା କରତଳଦ୍ୱାରା କୌଣସି ମନୁଷ୍ୟର ମାଂସଳ ସ୍ଥାନ ( ଯଥା—ଗାଲ )ରେ ଆଘାତ କରିବା ।

ଚଟକଣି ମାରିବା—ଦେ. କ୍ରି—କରତଳର ଅଗ୍ରଭାଗଦ୍ୱାରା ସାମାନ୍ୟ ଚଟକଣା ମାରିବା ।

ଚଟୁ ମାରିବା—ଦେ. କ୍ରି—ହାଣ୍ଡିରେ ଥିବା ଖାଦ୍ୟଦ୍ରବ୍ୟ ବା ପାକଦ୍ରବ୍ୟକୁ ଚଟୁଦ୍ୱାରା ଘାଣ୍ଟିବା ।

ଚଡ଼ଚଡ଼ି ମାରିବା—ଦେ. କ୍ରି—ଘଡ଼ଘଡ଼ି ମାରିବା (ଦେଖ)

ଚଡୁ ମାରିବା—ଦେ. କ୍ରି—(ରୋଗ ଆଦି ନିବାରଣାର୍ଥ) ଲୁହାର ଚଡୁକାଠିକୁ ଅଗ୍ନିଦ୍ୱାରା ଉତ୍ତପ୍ତ କରି, ଦେହର ଶିର ଦେଖି, ତାହା ଲଗାଇ ଦେବା ।

ଚନ୍ଦନ ମାରିବା—ଦେ. କ୍ରି—ଦେହରେ ଚନ୍ଦନ ଘୋରି ବୋଳିବା ।

ଚନ୍ଦନ ଠୋପା ମାରିବା—ଦେ. କ୍ରି—କପାଳରେ ଚନ୍ଦନର ବଡ଼ ବିନ୍ଦୁ ଲଗାଇବା ।

ଚୁଇଁ ମାରିବା—ଦେ. କ୍ରି—ପ୍ରତାରଣା ସହକାରେ କୌଣସି ପଦାର୍ଥ ଚୋରାଇ ନେବା । (ଚୁଇଁଅଁ ମାରିବା—ଅନ୍ୟରୂପ)

ଚୁଇଁ(ଇ) ଚୁଇଁ(ଇ) ମାରିବା—ଦେ. କ୍ରି—ଦେହର କୌଣସି ଅଂଶ ଚୋଟ ବେଦନାପୂର୍ବକ କମ୍ପିବା ।

ଚୁପ(ପୁ)ଡ଼ା ମାରିବା—ଦେ. କ୍ରି—ଚଟକଣା ମାରିବା (ଦେଖ)

ଚୁବୁକ ମାରିବା—ଦେ. କ୍ରି—ଚୁବୁକଦ୍ୱାରା ପ୍ରହାର କରିବା ।

ଚୁଲଚୁଲି ମାରିବା—ଦେ କ୍ରି—ଘରର ଚୁଲର ତଳ ପାଖର ବାଡ଼ିଖଣ୍ଡକୁ ବା ବଟାକୁ ହାତରେ ଗୋଡ଼ରେ ଧରି ଧରି ଗତି କରିବା ।

ଛଆଁ ମାରିବା—ଦେ. କ୍ରି—ତାତଲା ଲୌହଶଲାକା ଦେହରେ ମାଡ଼ି ଦେବା ।

ଛଡ଼େଇ ଛଡ଼େଇ ମାରିବା—ଦେ. କ୍ରି—କୌଣସି ବ୍ୟକ୍ତିକୁ ଉପର୍ଯ୍ୟୁପରି ବଚନ କହି ଅଥୟ କରିବା । (ଛଡ଼େଇ ମାରିବା—ଅନ୍ୟରୂପ)

ଛିଟା ମାରିବା—ଦେ. କ୍ରି—ଛିଟା କାଟିବା, ଦେହରେ ଚନ୍ଦନ ବା ରଙ୍ଗର ରେଖାମାନ ଅଙ୍କିତ କରିବା ।

ଛିପ ମାରିବା—ଦେ. କ୍ରି.—ଝମ୍ପ୍ ଉଚ୍ଚ ଲମ୍ଫ ଦେବା ।

ଛିଲି ମାରିବା—ଦେ. କ୍ରି.—ଚିଲ ପରି ଝାମ୍ପି କରି କୌଣସି ପଦାର୍ଥକୁ ନେଇଯିବା ।

ଛନ୍(ଛ) ଛନ୍(ଛ) ମାରିବା—ଦେ. କ୍ରି—ଛୁଇଁରେ ପୋଡ଼ିବା ପରି ଶରୀରରେ ତୀକ୍ଷ୍ଣ ବେଦନା ଜଣାଯିବା । [ଦ୍ର—'ଚୁଇଁ ଚୁଇଁ' ଅପେକ୍ଷା ଛନ୍ ଛନ୍ ଲଘୁତର ।]

ଛୁଁ ମାରିବା—ଦେ. କ୍ରି—ଛୁଁ କରିବା; (ନବାଗତ ବଧୂମାନେ) କଥା ନ କହି 'ଛୁଁ' ଶବ୍ଦଦ୍ୱାରା ଗୁରୁଜନଙ୍କ ଦୃଷ୍ଟି ଆକର୍ଷଣ କରିବା । (ଛୁଁ ଛୁଁ ମାରିବା—ଅନ୍ୟରୂପ)

ଛୁଚୁକାଇ(ରି) ମାରିବା—ଦେ. କ୍ରି—ମୁଖଦ୍ୱାରା ଛୁ ଚ ଶବ୍ଦ କରି ପାଳିତ ପଶୁ ଆଦିଙ୍କ ପ୍ରତି ବାତ୍ସଲ୍ୟ ପ୍ରକାଶ କରିବା ।

ଚୁପ୍ ମାରିବା—ଦେ. କ୍ରି—ମୌନାବଲମ୍ବନ କରିବା ।

(ଗାଲରେ) ଚୂନ କାଳି ମାରିବା—ଦେ. କ୍ରି—ଅପରାଧୀ ବ୍ୟକ୍ତିକୁ ଦଣ୍ଡ ଦେବା ବା ଲଜ୍ଜିତ କରାଇବା ପାଇଁ, ତାହାର ଏକ ଗାଲରେ ପଟାଏ ଚୂନ ଓ ଅନ୍ୟ ଗାଲରେ ପଟାଏ କାଳି ବୋଳିବା । (ଚୂନ କାଳି ମାରିବା—ଅନ୍ୟରୂପ)

ଚୂନ ମାରିବା—ଦେ. କ୍ରି—୧ । ପାନରେ ଚୂନ ଲଗାଇବା । ୨ । ଘରର କାନ୍ଥରେ କଳି ଚୂନ ଗୋଳିଆ ପାଣି ଲେପିବା, ଚୂନ ସଫେଦ କରିବା ।

ଛେର ମାରିବା—ଦେ. କ୍ରି—(ଗଛ) ଆପଣାର ଛେରକୁ ଭୂଇଁ ମଧ୍ୟକୁ ବିସ୍ତାରିତ କରିବା ।

ଚୋଟ ମାରିବା—ଦେ. କ୍ରି—୧ । (ସାପ) କୌଣସି ଜୀବକୁ ଦନ୍ତଦ୍ୱାରା ଥରେ ଆଘାତ କରିବା । ୨ । କୌଣସି ଶସ୍ତ୍ରଦ୍ୱାରା ଆଘାତ କରିବା ।

ଛତା(ତି)ମାରିବା—ଦେ. କ୍ରି—୧ । ମେଲା ଛତାକୁ ବୁଜିବା; ୨। ମେଲା ଛତାକୁ ଭୂଇଁରେ ପୋତି ତା ଛାଇରେ ବସିବା । [ଦ୍ର—ଯେପରି ଘୁଦୁରିଆ, ମଇଁଷିଆଳ ଓ ବାବାଜୀମାନେ କରନ୍ତି ।]

ଛତଆ ମାରିବା—ଦେ. କ୍ରି.—(ଦାନ୍ତ ବା ଚର୍ମ ବା କୌଣସି ପଦାର୍ଥ) ଛତଆ ବା ଶ୍ଳେଷ୍ମାକାର ଛତୁଦ୍ୱାରା ଆବୃତ ହେବା ।

ଛପଟିଆ ମାରିବା—ଦେ. କ୍ରି—୧ । ଧପାବାଜି କରି କୌଣସି ପଦାର୍ଥ ନେଇଯିବା । ୨ । (ବ୍ୟାଘ୍ର, ବିରାଡ଼ି ଆଦି) ଲୁଚି କରି ଅପେକ୍ଷା କରି ବସି ରହି ସୁଯୋଗ ଦେଖି ଶିକାରକୁ ନେଇ ପଳାଇବା ।

ଛପା ମାରିବା—ଦେ. କ୍ରି—୧ । ଛପି କରି ବା ଲୁଚି କରି ରହିବା । ୨ । ମୋହର ମାରିବା । ୩ । ବହି ଆଦିରେ ଚିଳଛବି ମାରିବା ।

ଛବି ମାରିବା—ଦେ. କ୍ରି—କାନ୍ଥ ଆଦିରେ ଛବି ଲଗାଇବା ।

ଛାଞ୍ଚୁଣି ମାରିବା—ଦେ. କ୍ରି—୧ । ସମ୍ମାର୍ଜନୀଦ୍ୱାରା ଥରେ ଓଳାଇ ଆଣିବା, ୨ । ଛାଞ୍ଚୁଣିର ମୁଠାଦ୍ୱାରା କୌଣସି ବ୍ୟକ୍ତିକୁ ପ୍ରହାର କରିବା ।

ଛାଞ୍ଚୁଣିବାଡ଼ି ମାରିବା—ଦେ. କ୍ରି—ଛାଞ୍ଚୁଣିଦ୍ୱାରା କୌଣସି ବ୍ୟକ୍ତିକୁ ପ୍ରହାର କରିବା ।

ଛାଟ ମାରିବା—ଦେ କ୍ରି—୧ । ସରୁ ଯଷ୍ଟିରେ ପ୍ରହାର କରିବା । ୨ । (ବର୍ଷା ପାଣି) ତିର୍ଯ୍ୟକ୍ ଭାବରେ କୌଣସି ସ୍ଥାନରେ ପଡ଼ିବା । ୩ । ପାଣିକୁ ଛାଟି କରି ପକାଇବା ।

ଛାଟପାଣି ମାରିବା—ଦେ. କ୍ରି—ବର୍ଷାପାଣି ତିର୍ଯ୍ୟଗ୍‌ଭାବରେ କୌଣସି ସ୍ଥାନରେ ପଡ଼ିବା ।

ଛାତି } ମାରିବା—ଦେ. କ୍ରି—ଶୋକଯୋଗୁଁ ଛାତିକୁ କରତଳଦ୍ୱାରା ବାରଂବାର ଆଘାତ କରିବା ।
ଛାତିରେ }

ଛାତିକ(କୁ) ମାରିବା—ଦେ. କ୍ରି—ବକ୍ଷଃସ୍ଥଳରେ ଅତ୍ୟନ୍ତ ବେଦନା ବା ଶୂଳ ଅନୁଭୂତ ହେବା ।

ଛାପ ମାରିବା—ଦେ. କ୍ରି—୧ । ମୋହର ମାରିବା । ୨ । କୌଣସି ବସ୍ତୁ ଉପରେ ଭେଦସୂଚକ ଚିହ୍ନ ଦେବା । ୩ । (ବସ୍ତ୍ର ଆଦିରେ) ପାଟିର ଛେପ ଲଗାଇବା; ୪ । ଦେହରେ ଚନ୍ଦନାଦି ବା ଦ୍ୱାରକା ଛାପାଦ୍ୱାରା ସାମ୍ପ୍ରଦାୟିକ ଚିହ୍ନ ମୁଦ୍ରିତ କରିବା ।

ଛାପା ମାରିବା—ଦେ. କ୍ରି—୧ । ମୋହର ମାରିବା; ୨ । ମାର୍କା ମାରିବା; ୩ । ଛବି ମାରିବା ।

ଛିଞ୍ଚ(ଞ୍ଚି)ଡ଼ା ମାରିବା—ଦେ. କ୍ରି—ଛାଟପାଣି ମାରିବା ( ଦେଖ ) ।

ଛିଟ(ଟି)କା ମାରିବା—ଦେ. କ୍ରି—ଛାଟପାଣି ମାରିବା ( ଦେଖ ) ।
ଦେ. କ୍ରି—ଛିଟା ମାରିବା ( ଦେଖ ) ।

ଛିଟ(ଟି)କଣି ମାରିବା—ଦେ. କ୍ରି—ଦଉଡ଼ି ଫାଶରେ ଟେକା ଲଗାଇ ହାତ ଟେକାକୁ ଦୂରକୁ ଫୋପାଡ଼ିବା ।

ଛିଟା ମାରିବା—ଦେ. କ୍ରି—ପାଣି ଆଦି ତିର୍ଯ୍ୟଗ୍‌ଭାବରେ ଛିଞ୍ଚିବା ।

ଛୁଞ୍ଚି ମାରିବା—ଦେ. କ୍ରି—ଛୁଞ୍ଚିରେ ଫୋଡ଼ିବା; ଦେ. କ୍ରି—ସୂଚି-ବେଧନବତ୍ ତୀବ୍ର ଯାତନା ଅନୁଭୂତ ହେବା ।

ଛୁରି(ରା) ମାରିବା—ଦେ. କ୍ରି—ଛୁରିର ଆଘାତଦ୍ୱାରା କାଟିବା ।

ଛେପ ମାରିବା—ଦେ. କ୍ରି—ବ୍ରଣ ଆଦିରେ ମୁହଁର ଛେପ ଲଗାଇବା ।

ଛୋରା ମାରିବା—ଦେ. କ୍ରି—ଛୋରାଦ୍ୱାରା ଆଘାତ କରିବା ।

(ଗଛରେ) ଜଉ ମାରିବା—ଦେ. କ୍ରି—( ବୃକ୍ଷଜଯୁକ୍ତାଖ୍ୟ ପୋକ-ବିଶେଷ ) ଗଛ ଆଦିର ଡାଳରେ ବା ଗଣ୍ଡି ଉପରେ ଜଉ ପରି ଦେଖାଯାଉଥିବା ଏକପ୍ରକାର ପୋକଙ୍କ ସ୍ତର ପଡ଼ିଯିବା ।
(ଜଉଆ ମାରିବା—ଅନ୍ୟରୂପ)

ଜଉ ମୁଦ ମାରିବା—ଦେ. କ୍ରି—ଚିଠିକୁ ବା ଲଫାଫାକୁ ମୁଦ କରି ତହିଁ ଉପରେ ଜଉକୁ ତରଳାଇ କରି ଦେଇ ତହିଁ ଉପରେ ମୋହର ବସାଇବା ।

ଜଗ ମାରିବା—ଦେ. କ୍ରି—ଚଳନଶୀଳ ଜୀବରୂପେ ଚଳବୁଲ କରୁଥିବା 'ଜଗ'କୁ ମନ୍ତ୍ରବଳରେ ପରିଣତ କରିବା । [ଦ୍ର—ସାଧାରଣ ଲୋକଙ୍କର ବିଶ୍ୱାସ ଅଛି ଯେ, ବହୁକାଳର ପୋତାଧନ 'ଜଗ' ବା ଚଳନଶୀଳ ଚକଚକିଆ ଜୀବ ପାଲଟି ଯାଇ ପୋତା ହୋଇଥିବା ସ୍ଥାନ ନିକଟରେ ନିର୍ଜନ ସ୍ଥଳରେ ବୁଲେ ଓ କେହି ଲୋକ ତାକୁ ଖଣ୍ଡି କରି ତା ଉପରେ ହଳଦୀପାଣି ଛାଟିଦେଲେ ସେ ଚଳନଶୀଳ 'ଜଗ' ନିର୍ଜୀବ ସୁନା ପାଲଟି ଯାଏ ।]

ଜଡ଼ ମାରିବା—ଦେ. କ୍ରି—ମୂଳରୁ ମାରିବା; କୌଣସି ଗଛକୁ, ରୋଗକୁ ବା ବସ୍ତୁକୁ ନିର୍ମୂଳ କରିବା ।
(ଜଡ଼ରୁ ମାରିବା—ଅନ୍ୟରୂପ)

ଜନ୍ତ ମାରିବା—ଦେ. କ୍ରି—ପାଣି ବୋହିବା ନିମନ୍ତେ କୌଣସି ସ୍ଥାନରେ ଜନ୍ତଶାଳ ପ୍ରସ୍ତୁତ କରିବା ।

ଜଳଛ(ଛା)ପା ମାରିବା, ଜଳଛବି ମାରିବା—ଦେ. କ୍ରି—ପାଣି ସାହାଯ୍ୟରେ ଅନ୍ୟ କାଗଜରୁ ଜଳଛବି ଉଠାଇ ବହି ଆଦିରେ ଲଗାଇବା ।

ଜାଲା ମାରିବା—ଦେ. କ୍ରି—ଛିଦ୍ର ବୁଜିବା ବା ବନ୍ଦ କରିବା ।

ଜାନ୍ ମାରିବା—ଦେ. କ୍ରି—ପ୍ରାଣାନ୍ତକ କଷ୍ଟ ଦେବା ।

ଜାନ୍‌ରେ ମାରିବା—ଦେ. କ୍ରି—ହତ୍ୟା କରିବା; ମାରି ପକାଇବା ।

ଜାବ(ବୁ)ଡ଼ା ମାରିବା—ଦେ. କ୍ରି—ଚଟକଣା ମାରିବା ।

ଜାଲ ମାରିବା—ଦେ. କ୍ରି—ପାଣିରେ ମେଲା ହୋଇଥିବା ଜାଲକୁ ଟାଣି ନେଇ ଗୋଟାଇବା ।

ଜିଦ୍(ଦ,ଦି) ମାରିବା—ଦେ. କ୍ରି—କୌଣସି କାର୍ଯ୍ୟ ପାଇଁ ପଣ ରଖିବା ।

ଜିଭ ମାରିବା—ଦେ. କ୍ରି—କୌଣସି ଖାଦ୍ୟ ବସ୍ତୁରେ ଜିଭ ବୁଲାଇବା ବା ଲଗାଇବା; ଚାଟିବା ।

ଜୀବ ମାରିବା—ଦେ. କ୍ରି—ଜୀବହତ୍ୟା କରିବା ।

ଜୀବନ ମାରିବା—ଦେ. କ୍ରି—ଜାନ୍ ମାରିବା ( ଦେଖ )

ଜୀବନରେ ମାରିବା—ଦେ. କ୍ରି—ଜାନ୍‌ରେ ମାରିବା ( ଦେଖ )

ଝଅଳ ମାରିବା—ଦେ. କ୍ରି—୧ । ବେଲୁବ କାର୍ଯ୍ୟ କରିବା । ୨ । ଆପଣାର ବେଲୁବ ସ୍ୱୀକାର କରିବା ।
(ଝିଲ୍ ମାରିବା—ଅନ୍ୟରୂପ)

ଝକ୍‌ମକ ମାରିବା—ଦେ. କ୍ରି—ଚକମକ ମାରିବା ( ଦେଖ ) ।

ଝାଇଁ ମାରିବା—ଦେ. କ୍ରି—୧ । ଝୋଲ ମାରିବା । ୨ । କାନରେ ଝାଇଁ ଝାଇଁ ଶବ୍ଦ ହେବା ।

ଝାଙ୍କି ମାରିବା—ଦେ. କ୍ରି—ଝୁଙ୍କି ମାରିବା; କୌଣସି ସ୍ଥାନରେ ଲୁଚି ରହି ଉପର୍ଯ୍ୟପରି ମୁହଁ ବାହାର କରି ବା ଝୁଙ୍କି କୌଣସି ବସ୍ତୁକୁ ଗୃହିଁବା ।

ଝାଡ଼ୁ ମାରିବା—ଦେ. କ୍ରି—ଖାଉଁଣି ମାରିବା ( ଦେଖ ) ।

ଝାମ ମାରିବା—ଦେ. କ୍ରି—ଝୋଲ୍ଲ ମାରିବା ( ଦେଖ ) ।

ଝାମା ମାରିବା—ଦେ. କ୍ରି—ଘୋଡ଼ା ଇଚ୍ଛାଶକ୍ତିଦ୍ୱାରା ପଶି ବାଠକୁ ପାଳିଷ କରିବା ।

ଝାମ୍ପ ମାରିବା—ଦେ. କ୍ରି—ଝାମ୍ପିବା, ଡେଇଁ ମାରିବା ।

ଝାଳ ମାରିବା—ଦେ. କ୍ରି—ପରିଶ୍ରମ ଯୋଗୁଁ ଦେହରୁ ବୋହୁଥିବା ଘର୍ମକୁ ପବନ ସାହାଯ୍ୟରେ ଶୁଖାଇବା । [ ଦ୍ର—ମୁଣ୍ଡଝାଳ ଗୋଡ଼ରେ ମାରିବା—ରଗ୍ୟ ଅର୍ଥାତ୍ ମୁଣ୍ଡରୁ ଝାଳ ବୋହି ଝାଳର ଧାର ଗୋଡ଼ ପର୍ଯ୍ୟନ୍ତ ବୋହି ଆସିବାଯାଏ ପରିଶ୍ରମ କରିବା; କଠୋର ପରିଶ୍ରମ କରିବା । ]

ଝିଟ୍(ଟି)କା ମାରିବା—ଦେ. କ୍ରି—ଘୋଡ଼ାର ଲଗାମକୁ ବା ଦଉଡ଼ି ଅବକୁ ଜୋରରେ ଉପର୍ଯ୍ୟପରି ଝିଙ୍କିବା ଓ ଛାଡ଼ି ଦେବା ।

ଝିଣ୍ଟିକା ମାରି ବଣି ପୋଷିବା—ଦେ. ରଗ—ଗୋଟିଏ ବଣି ଚଢ଼େଇକୁ ଆହାର ଦେବା ପାଇଁ ବହୁସଂଖ୍ୟକ ଝିଣ୍ଟିକାଙ୍କୁ ବଧ କରିବା, ଅର୍ଥାତ୍ ଅନେକ ଗରିବ ଲୋକଙ୍କୁ କଷ୍ଟ ଦେଇ ଜଣେ ବଡ଼ ଲୋକକୁ ସୁଖରେ ରଖିବା ।

ଝୁଣ୍ଟା ମାରିବା—ଦେ. କ୍ରି—ସ୍ୱଜା ଅବଳ ନାମ ଉଚ୍ଚାରଣପୂର୍ବକ ଗୋଟିଏ ବାଉଁଶ ଅଗରେ ପୁଳାଏ କୁଟା ଗୁଡ଼ାଇ କୌଣସି ଜମିରେ ବା ପଦାର୍ଥ (ଯଥା—ଫସଲ) ନିକଟରେ ଉକ୍ତ ବାଉଁଶକୁ ପୋତିବା । (ଏଥିର ଉଦ୍ଦେଶ୍ୟ ଏହି କି, ଉକ୍ତ ଜମିରେ ବା ପଦାର୍ଥରେ ନାମୋଚ୍ଚାରିତ ବ୍ୟକ୍ତିଙ୍କ ବିନା ଅନୁମତିରେ କେହି ହସ୍ତକ୍ଷେପ କରିବେ ନାହିଁ ।)

ଝୋଲ୍ଲ ମାରିବା—ଦେ. କ୍ରି—ବିଶେଷ ପରିଶ୍ରମ ଯୋଗୁଁ ମୂର୍ଚ୍ଛିତ ହେବା ।

ଟକ(କ୍କ)ର ମାରିବା—ଦେ. କ୍ରି—ଢକ୍କ ମାରିବା; ପ୍ରତିଦ୍ୱନ୍ଦ୍ୱିତା ବା ପ୍ରତି-ଯୋଗିତା କରିବା ।

ଟଙ୍କ(କ) ମାରିବା—ଦେ. କ୍ରି—୧ । (ଦହି, ପଖାଳ) ବହୁଦିନ ରହିବା [ଟଙ୍କ(କ) ମାରିଯିବା—ଅନ୍ୟରୂପ] ଯୋଗୁଁ ଅତ୍ୟନ୍ତ ଖଟା ହେବା । ୨ । (ଦାନ୍ତ, ପାଟି) ଖଟା ପଦାର୍ଥ ଖାଇବାଦ୍ୱାରା ବିକାର-ଯୁକ୍ତ ହେବା ।

ଟର୍ଚ୍ଚ ମାରିବା—ଦେ. କ୍ରି ( ଅଧୁନିକ )—ବିଜୁଳି ବତିଯୁକ୍ତ ଟର୍ଚ୍ଚର (ଟର୍ଚ୍ଚ ଲାଇଟ୍ ମାରିବା—ଅନ୍ୟରୂପ) ଆଲୋକକୁ କୌଣସି ବ୍ୟକ୍ତି ବା ବସ୍ତୁ ଉପରକୁ ପକାଇବା ।

ଟହଲ ମାରିବା—ଦେ. କ୍ରି—ଟହଲିବା; ଧୀରଭାବରେ ଆଗକୁ ଓ ପଛକୁ ଗ୍ଭଲିବା ।

ଟାକର ମାରିବା—ଦେ. କ୍ରି—ବଙ୍କାଙ୍ଗୁଳିର ପୃଷ୍ଠଦ୍ୱାରା କୌଣସି ବ୍ୟକ୍ତିର ମୁଣ୍ଡର ଖପୁରିରେ ଆଘାତ କରିବା ।

ଟାକସ ମାରିବା—ଦେ. କ୍ରି—ଟାକସ ଫୁଟାଇବା; ଜିଭ ଓ ତାଳୁ ଦ୍ୱାରା 'ଟକ୍ ଟକ୍' ଶବ୍ଦ କରିବା । [ଦ୍ର—ଗୋରୁ, ଅଶ୍ୱକୁ ଚଳାଇବା ପାଇଁ ଏ ଶବ୍ଦ କରାଯାଏ ।]

ଟାଙ୍କା ମାରିବା—ଦେ. କ୍ରି—ଚିରି ଯାଇଥିବା ଲୁଗା ବା କନାର ଦୁଇ ଅଂଶକୁ ଯୋଡ଼ି ମୋଟା ବା ଦୂର ଛଡ଼ଆ କରି ସିଲାଇ କରିବା ।

ଟାଙ୍କୁ ମାରିବା—ଦେ. କ୍ରି—୧ । କୌଣସି ପଦାର୍ଥକୁ ଜଡ଼ରୁ ମାରିବା । [ଦ୍ର—ଉଇ ହୁଙ୍କାକୁ ଥରେ ଭାଙ୍ଗି ଦେଲେ ପୁଣି ଉଇ-ମାନେ ଅଳ୍ପକାଳ ମଧ୍ୟରେ ସେ ହୁଙ୍କାକୁ ତିଆରି କରି ପକାନ୍ତି; କିନ୍ତୁ ଉଇ ହୁଙ୍କାର ମୂଳ ଖୋଳ ଗଭୀର ଭୂମିରେ ଥିବା ଉଇର ଟାଙ୍କୁକୁ ନଷ୍ଟ କରିଦେଲେ ସେଠାରୁ ଉଇ ଲୋପ ପାଆନ୍ତି ଓ ସେ ସ୍ଥାନରେ ଆଉ ଉଇ ହୁଙ୍କା ହୋଇ ପାରେ ନାହିଁ ।] ୨ । କୌଣସି ବ୍ୟକ୍ତିର ଶକ୍ତିକୁ ବା ଗର୍ବକୁ ସମ୍ପୂର୍ଣ୍ଣରୂପେ ଚୂର୍ଣ୍ଣ କରିବା । [ଦ୍ର—କୌଣସି ମନୁଷ୍ୟର 'ଟାଙ୍କୁ' ବା ଗୋଡ଼କୁ ଭାଙ୍ଗିଦେଲେ ସେ ଅଚଳ ଓ ଅବଶ ହୋଇଯାଏ ।]

ଟାପୁ ମାରିବା—ଦେ. କ୍ରି ( ଘୋଡ଼ା ) ଖୁରଦ୍ୱାରା ଭୂମିକୁ ବାରମ୍ବାର ଆଘାତ କରିବା ବା ଖମ୍ଭୁଡ଼ିବା ।

ଟାହୁଆ ମାରିବା—ଦେ. କ୍ରି—ଫୁଲର ବା ପତ୍ରର ବିଚିତ୍ର ପଙ୍କ୍ତିକୁ ଶୋଭା (ଟାହୁଅ ମାରିବା—ଅନ୍ୟରୂପ) କ୍ରମରେ କୌଣସିଠାରେ ଖୋସିବା ।

ଟାହି ମାରିବା, ଟାହି(ହୁ)ଲି ମାରିବା—ଦେ. କ୍ରି—୧ । ଟାପରା କରିବା; ଥଟ୍ଟାରେ ପଦେଅଧେ କଥା କହିବା । ୨ । ବ୍ୟଙ୍ଗ ବିଦ୍ରୂପ କରିବା ।

ଟିକ(କ,କେ)ଟ୍ ମାରିବା, ଟିକଟି ମାରିବା—ଦେ. କ୍ରି—୧ । ଚିଠି ଆଦିର ଲଫାଫା ଉପରେ ଡାକ ଟିକଟ ଲଗାଇବା । ୨ । କୌଣସି ପଦାର୍ଥର ମୂଲ୍ୟାଦି ଜ୍ଞାପନାର୍ଥ ତହିଁ ଉପରେ ମୂଲ୍ୟସୂଚକ ବର୍ଣ୍ଣିତ କାଗଜର ଛୋଟ ଖଣ୍ଡ ଲଗାଇବା ।

ଟିକଲି ମାରିବା, ଟିକ୍କି ମାରିବା—ଦେ. କ୍ରି—୧ । ଟିକଟ ମାରିବା । ୨ । (ସ୍ତ୍ରୀମାନେ) କପାଳର ମଧ୍ୟରେ ଧାତୁ ଆଦିର ଗୋଲା-କାର କ୍ଷୁଦ୍ର ଫଳକ ଲଗାଇବା ।

ଟିପ ମାରିବା—ଦେ. କ୍ରି—୧ । ଅଙ୍ଗୁଠିର ଅଗରେ କୌଣସି ବସ୍ତୁକୁ ଧୀରଭାବରେ ଆଘାତ କରିବା ବା ଚିପିବା । ୨ ଅଙ୍ଗୁଠିର ଅଗରେ କୌଣସି ବ୍ୟକ୍ତିର ଅଙ୍ଗକୁ ସ୍ପର୍ଶ କରି କୌଣସି ସଙ୍କେତ ଦେବା ।

ଟେକା ମାରିବା—ଦେ. କ୍ରି—କ୍ଷୁଦ୍ର ଲୋଷ୍ଟ୍ରଖଣ୍ଡ ନିକ୍ଷେପ କରିବା ।

ଟେଲା ମାରିବା—ଦେ. କ୍ରି—ବଡ଼ ବଡ଼ ପ୍ରସ୍ତର ବା ମାଟିର ଖଣ୍ଡ ନିକ୍ଷେପ କରିବା ।

ଟୋପା(ପି) ମାରିବା—ଦେ. କ୍ରି—ଚନ୍ଦନର ବିନ୍ଦୁ କପାଳରେ ଲଗାଇବା

ଠଣା ମାରିବା—ଦେ. କ୍ରି—୧ । ଠଣା ଠକିବା; ଟାକର ମାରିବା; ଅଙ୍ଗୁଠିକୁ ମୁଠା କରି ଅଙ୍ଗୁଠିର ଗଣ୍ଠିଦ୍ୱାରା କୌଣସି ବ୍ୟକ୍ତିକୁ ଆଘାତ କରିବା । ୨ । କାନ୍ଥରେ ଥିବା ଠଣାକୁ ବୁଜି ଦେବା ।

ଠାର ମାରିବା—ଦେ. କ୍ରି—ଠାରଦ୍ୱାରା ମାନସିକ ଭାବ ପ୍ରକାଶ କରିବା ।

ଠିପି ମାରିବା—ଦେ. କ୍ରି—ବୋତଲର ମୁହଁରେ ସୋଲ ବା କଣ୍ଡା ଆଦି ଲଗାଇ ମୁହଁକୁ ବନ୍ଦ କରିବା ।

ଠେଲ୍ଲ ମାରିବା—ଦେ. କ୍ରି—କରତଳ ବା ବାହୁଦ୍ୱାରା ଠେଲିବା ।

ଠୋକର ମାରିବା—ଦେ. କ୍ରି—୧ । ଝାକର ମାରିବା; ମୁଠା କରାଯାଇ ଥିବା ଅଙ୍ଗୁଳିର ପୃଷ୍ଠଦ୍ୱାରା କୌଣସି ବ୍ୟକ୍ତିଙ୍କୁ ଆଘାତ କରିବା । ୨ । ପାଦତଳର ଅଗଦ୍ୱାରା କୌଣସି ବସ୍ତୁକୁ ଆଘାତ କରିବା ।

ଡଙ୍କ ମାରିବା—ଦେ. କ୍ରି—୧ । ( ଲତା ) ଢଙ୍କାଇବା ବା ଲଟାଇବା । ୨ । ( ବୃଶ୍ଚ ଆଦି ନାହୁଡ଼ବିଶିଷ୍ଟ ଜୀବ ) ନାହୁଡ଼ଦ୍ୱାରା କୌଣସି ଜୀବକୁ ଆଘାତ କରିବା ।

ଡଙ୍କା ମାରିବା— ଦେ. କ୍ରି—ଜଅଁ ଉପରେ ପାକ କରାଯାଉଥିବା ଛଅଣ ଆଦିକୁ ଡଙ୍କା ବା ଅଣକଦ୍ୱାରା ଘାଣ୍ଟିବା ।

ଡାଇ(ହି)କା ମାରିବା—ଦେ. କ୍ରି ( ପାଲାବାଲାମାନେ ) ବ୍ୟଙ୍ଗ-ବଦ୍ରୂପାତ୍ମକ ପଦ୍ୟ ବା ଗୀତ ବୋଲି ପ୍ରତିଦ୍ୱନ୍ଦ୍ୱୀ ଦଳକୁ ଗାଳିଦେବା ।

ଡାକ ମାରିବା—ଦେ. କ୍ରି—୧ । ଡାକ ଛାଡ଼ିବା; ଉଚ୍ଚୈଃସ୍ୱରରେ ଚିତ୍କାର କରିବା । ୨ । ଦୂରସ୍ଥ ବ୍ୟକ୍ତିଙ୍କୁ ଉଚ୍ଚୈଃସ୍ୱରରେ ଡାକିବା ।

ଡାକୁ ମାରିବା—ଦେ. ବି—ଡକାଇତଙ୍କଦ୍ୱାରା ଦ୍ରବ୍ୟାଦିର ବଳପୂର୍ବକ ଅପହରଣ ।

ଡିଆଁ ମାରିବା—ଦେ କ୍ରି—୧ । ଡେଇଁବା । ୨ । ଲୁଦା ମାରି ଗତି କରିବା । ୩ । ଦଉଡ଼ି କରି ପଳାଇଯିବା ।

ଡିଟୋ ମାରିବା—ଦେ. କ୍ରି (ଇଂ. ଡିଟ୍ଟୋ )—ଅଗ୍ର ପଶ୍ଚାତ୍ ବା ଭଲ ମନ୍ଦ ବିଚାର ନ କରି କୌଣସି ବ୍ୟକ୍ତିଙ୍କ ପ୍ରକାଶିତ ମତରେ ଏକମତ ପ୍ରକାଶ କରିବା ।

ଡିହ ମାରିବା—ଦେ. କ୍ରି—ଯଷ୍ଟି ଆଦିର ମୂଳଦ୍ୱାରା ଆଘାତ କରିବା । (ଡିଅ ମାରିବା—ଅନ୍ୟରୂପ)

ଡୁବ(ବା) ମାରିବା—ଦେ. କ୍ରି ( ବଙ୍ଗଳାରୁ ଅନୁକୃତ; ବଂ. ଡୁବମାରା )—ପାଣିରେ ବୁଡ଼ିବା ବା ବୁଡ଼ିଯିବା ।

ଡୁହା ମାରିବା—ଦେ. କ୍ରି—କୌଣସି ବ୍ୟକ୍ତିଙ୍କୁ ଲକ୍ଷ୍ୟ କରି ବ୍ୟଙ୍ଗାତ୍ମକ ପ୍ରବଚନ ବୋଲିବା ।

ଡାଇ ମାରିବା—ଦେ. କ୍ରି. (ଶିଶୁବଚନ) ଅନ୍ୟ ବ୍ୟକ୍ତିର ଲେଉଟିକୁ ବା ମୁଣ୍ଡକୁ ଲକ୍ଷ୍ୟ କରି ଆପଣା ମୁଣ୍ଡଦ୍ୱାରା ମୁଣ୍ଡିଆ ମାରିବା ।

ଡାଗା ମାରିବା—ଦେ. କ୍ରି—୧ । ଠାଙ୍କା ମାରିବା (ଦେଖ) । ୨ । କଳରେ ସିଲାଇ କରିବା ପୂର୍ବରୁ ଲୁଗା ୨ ଖଣ୍ଡକୁ ଦୃଢ଼ଭାବରେ ଯୋଡ଼ିଥିବା କରି ସିଲାଇ କରିବା ।

ଡୁଆ ମାରିବା—ଦେ. କ୍ରି—ଡୁହା ମାରିବା (ଦେଖ) ।

ଡୁ ମାରିବା—ଦେ. କ୍ରି—ବନ୍ଧୁକ ଫୁଟାଇବା ।

ଡୁଁ ମାରିବା—ଦେ. କ୍ରି. (ଅଶ୍ଳୀଳ)—୧ । କୌଣସି ବ୍ୟକ୍ତି କଥାପ୍ରସଙ୍ଗରେ 'ହୁଁ' ଶବ୍ଦ ଉଚ୍ଚାରଣ କଲେ, ତାକୁ ଉପହାସ କରିବାକୁ 'ଡୁଁ' ଶବ୍ଦ ଉଚ୍ଚାରଣ କରିବା ।

ଡେଲା ମାରିବା—ଦେ. କ୍ରି—[ବଙ୍ଗଳାରୁ ଅନୁକୃତ; ବଂ. ଡେଲ୍ଲ (ଢିଲ)ମାରା] ଢେଲା ମାରିବା (ଦେଖ) ।

ଡୋଲେ ମାରିବା—ଦେ. କ୍ରି. ( ବ୍ୟଙ୍ଗ)—ପେଟ ପୂରା କରି ଭୋଜନ କରିବା ।

ଢଣ୍ଟିଆ ମାରିବା—ଦେ. କ୍ରି—କୌଣସି ବ୍ୟକ୍ତିର ଢଣ୍ଟି (ଗଳାର ସମ୍ମୁଖ-ଭାଗ)ରେ ଅର୍ଦ୍ଧଚନ୍ଦ୍ରାକୃତ କରତଳଦ୍ୱାରା ଧକ୍କା ଦେବା ।

ଢର ମାରିବା—ଦେ. କ୍ରି—ଢଥାରେ ଭଣ୍ଡାଇବା; ବାହାନା କରିବା; ପ୍ରକୃତ କଥା ଗୋପନ ରଖି କୌଣସି ପ୍ରକାରେ କଥାକୁ ଚଳାଇନେବା ।

ଢରକ ମାରିବା—ଦେ. କ୍ରି—ସତର୍କ ହୋଇ କଥା କହିବା ।

ଢଳ ମାରିବା—ଦେ. କ୍ରି ( ଥଟ୍ଟାପ୍ରିୟଙ୍କ ବ୍ୟବହୃତ ଶବ୍ଦ )—ଗ୍ରାମ, ସହର ପ୍ରଭୃତିର ଜଳାଶୟକୁ ବାଡ଼େଇ ବା ପିଟି ଛଅଖାର କରିବା ।

ଢହ ମାରିବା—ଦେ. କ୍ରି—୧ । ଢର ମାରିବା । ୨ । ସ୍ତବ ସ୍ତବ କରି ସଙ୍କୁଚିତ କରିବା ।

ଢାଙ୍କ ମାରିବା—ଦେ. କ୍ରି—ବସ୍ତ୍ରା ଆଦିକୁ ଉପର୍ଯ୍ୟୁପରି ସଜାଇ କରି ରଖିବା ।

ଢାଲଫ(ଫୋ)ଟକା
ଢଲଫୁଟୁକା } ମାରିବା—ଦେ. କ୍ରି—ଢାଲପତ୍ରରେ ଛଅର ହୋଇଥିବା ଫଟକାରେ ଅଗ୍ନି ସଂଯୋଗ କରି ଫୁଟାଇବା ।

ଢାଲି ମାରିବା—ଦେ. କ୍ରି—ଦୁଇ ହାତର ପାପୁଲିକୁ ପରସ୍ପର ଆଘାତ କରି ଶବ୍ଦ କରିବା ।

ଢେଣ୍ଟା ମାରିବା—ଦେ. କ୍ରି—ଢେଣ୍ଟା ବା ଲମ୍ବ ମୁନିଆ ଅସ୍ତ୍ରଦ୍ୱାରା ମାଛ ବା ଅନ୍ୟ ଜୀବଙ୍କୁ କିଛି ଦୂରରେ ରହି ଉପରଅଜୁ ଜୋରରେ ଫିଙ୍ଗିବା ।

ଢେଣ୍ଡା ମାରିବା—ଦେ. କ୍ରି—କୌଣସି ଉଚ୍ଚ ସ୍ଥାନକୁ ପାଣି ବୋହିବାକୁ ଜଳାଶୟର କୂଳରେ ବାଉଁଶ, ଖୁଣ୍ଟ ପ୍ରଭୃତି ପୋତି ଓ ଅନ୍ୟାନ୍ୟ ଉପକରଣମାନ ଠିକ୍ କରି ସଜାଡ଼ି ରଖିବା ।

ତେଲ ମାରିବା—ଦେ. କ୍ରି—୧ । ତେଲକୁ କୌଣସିଠାରେ ସାମାନ୍ୟ ଭାବରେ ବୋଳିବା; ୨ । ତୈଳପ୍ରଧାନ ଦ୍ରବ୍ୟକୁ ସିଝାଇ ବା ଅନ୍ୟ ପ୍ରକ୍ରିୟାଦ୍ୱାରା ଉହିଁରୁ ତେଲ ବାହାର କରିବା ।

ତେଲ ହାତ ମାରିବା—ଦେ. କ୍ରି—କୌଣସି ଦ୍ରବ୍ୟରେ ବା ଦେହରେ ହସ୍ତଦ୍ୱାରା ସାମାନ୍ୟ ମାତ୍ର ତୈଳ ଲଗାଇବା ।

ଥକା(କ୍କା) ମାରିବା—ଦେ. କ୍ରି—ଅତିଶୟ କ୍ଳାନ୍ତ ହୋଇ ରହିଯିବା ।

ଥଣ୍ଟ ମାରିବା—ଦେ. କ୍ରି—(ପକ୍ଷୀ) ଥଣ୍ଟଦ୍ୱାରା କୌଣସି ପଦାର୍ଥକୁ ଖୁମ୍ପିବା ବା ସ୍ପର୍ଶ କରିବା ।

ଥପ୍ପ ମାରିବା—ଦେ. କ୍ରି—ଚୁପ୍ ମାରିବା ଦେଖ) ।

ଥାକ ମାରିବା—ଦେ. କ୍ରି—୧ । ଡାକ ମାରିବା (ଦେଖ); ୨ । କୌଣସି ବିଷୟର ପ୍ରସଙ୍ଗକ୍ରମେ ତହିଁର ବିରୁଦ୍ଧ ବା ଅସମ୍ବନ୍ଧୀୟ ବା ଅସମ୍ଭବ ବିଷୟ ଉତ୍ଥାପନ କରିବା ।

ଥାଳ ମାରିବା—ଦେ. କ୍ରି—କୌଣସି ସମତୁଲ ସ୍ଥାନରେ ଥାଳକୁ ଏପରି ଭାବରେ ପକାଇବା, ଯେପରି କି ଉକ୍ତ ଥାଳ ଉପରେ ଉପରେ ଖସି ଗଡ଼ିଯିବ ।

[ ଦ୍ର—ଏ ବାକ୍ୟ ସବୁ ସ୍ଥାନରେ ବ୍ୟବହୃତ ହୁଏ ନାହିଁ । କେବଳ କୌଣସି ସ୍ଥାନରେ ଅତ୍ୟଧିକ ଲୋକ-ସମାଗମ ହେଲେ ସେମାନଙ୍କର ମୁଣ୍ଡକୁ ମୁଣ୍ଡ ଏପରି ଲାଗିଯାଏ ଯେ ସେମାନଙ୍କ ମୁଣ୍ଡ ଉପରେ ଗୋଟିଏ ଥାଳକୁ ପାଣିରେ ଭସାଇଲା ପରି ଛାଡ଼ିଦେଲେ ,ଉକ୍ତ ଥାଳ ଲୋକଙ୍କ ମୁଣ୍ଡ

ଉପରେ ଉପରେ ଗଡ଼ି କରି ଚାଲିଯିବ—ମଝିରେ କୌଣସି ସ୍ଥାନରେ ଜଳକୁ ପଡ଼ିଯିବ ନାହିଁ । ଏହିପରି ସ୍ଥଳରେ ଏଥିର ପ୍ରୟୋଗ ହୁଏ ।

ଥାଳକ ଥାଳ / ଥାଳ ଥାଳ କରି ଭାତ } ମାରିବା—ଦେ. କ୍ରି—( କୌଣସି ଲୋକ ) ଉପର୍ଯ୍ୟୁପରି ଦୁଇ ତିନି ଥାଳ ଭାତ ଖାଇବା; ଅତ୍ୟଧିକ ଖାଇବା ।

ଥୁକ ମାରିବା—ଦେ. କ୍ରି—ଛେପ ମାରିବା ( ଦେଖ ) ।

ଥୁଙ୍କାଥା ମାରିବା—ଦେ. କ୍ରି—'ଥୁକ୍' ବା 'ଥୁଙ୍କାଥା' ଶବ୍ଦ ଉଚ୍ଚାରଣ କରି କୌଣସି ପଦାର୍ଥକୁ ଅନ୍ୟ ବ୍ୟକ୍ତି ସ୍ପର୍ଶ କରିବ ନାହିଁ ବୋଲି ନିଷେଧ କରିବା ।

ଥୁ(ଥୋ)ପା(ପି) ମାରିବା—ଦେ. କ୍ରି—ଅନ୍ୟ ବ୍ୟକ୍ତିର ମୁଣ୍ଡର ପଛଆଡ଼େ ଆଙ୍ଗୁଠିର ଟିପଦ୍ୱାରା ଧୀରଭାବରେ ଆଘାତ କରିବା ।

ଦଉଡ଼ ମାରିବା—ଦେ. କ୍ରି—( ବଙ୍ଗଳାରୁ ଅନୁକୃତ ) ଏକା ଦମକେ ଦଉଡ଼ିବା ।

ଦଉଡ଼େଇ ଦଉଡ଼େଇ ମାରିବା—ଦେ. କ୍ରି—କୌଣସି ଲୋକକୁ ଏକ ସ୍ଥାନରୁ ଅନ୍ୟ ସ୍ଥାନକୁ ଚଲାଇ ଚଲାଇ ଅତିଶୟ ବ୍ୟସ୍ତ ବା କ୍ଳାନ୍ତ କରାଇବା ।

ଦମ୍ / ଦମ୍ଭ } ମାରିବା—ଦେ. କ୍ରି—ଅତ୍ୟଧିକ ପରିଶ୍ରମ କରି ଆଉ କାର୍ଯ୍ୟ କରିବାକୁ ଅକ୍ଷମ ହେଲେ କିଛି ସମୟ ବିଶ୍ରାମ କରି ପୁଣି ବଳ ସଞ୍ଚୟ କରିବା ।

ଦମେ ମାରିବା—ଦେ. କ୍ରି—ଗଞ୍ଜାଇ,ଗୁଡ଼ାଖୁ ପ୍ରଭୃତିର ଧୂମ ଏକା ଥରକେ ଶୋଷି ନେବା ।

ଦାଇ(ହି)କା ମାରିବା—ଦେ. କ୍ରି—ନାଟରେ, ବାଘ ପାଲରେ କିମ୍ବା କଳହ ସମୟରେ ବିପକ୍ଷକୁ ଜବାବ ଦେବା କିମ୍ବା ନିନ୍ଦା କରି କହିବା ।

ଦାଉଁ ମାରିବା—ଦେ. କ୍ରି—ଶଣ୍ଠ ଶାଞ୍ଚରେ କୌଣସି ଧନ ବା ବସ୍ତୁ ହସ୍ତଗତ କରିବା ।

ଦାଣ୍ଡି ମାରିବା—ଦେ. କ୍ରି—ବୃଥାରେ ବୁଲିବା ।

ଦାନା / ଦାନା ପାଣି } ମାରିବା—ଦେ. କ୍ରି-କୌଣସି ଲୋକର ଭରଣପୋଷଣରେ ଉପାୟ ନକେ ବନ୍ଦ କରିବା ବା ଅନ୍ୟଦ୍ୱାରା ବନ୍ଦ କରାଇବା ।

ଦିଆସିଲାଇ, ଦିଆସିଲି, ଦିଆସିଲି କାଠି } ମାରିବା—ଦେ. କ୍ରି—ଦିଆସିଲି କାଠିକୁ ଘଷି ଜଳାଇବା ।

ଦିନ କେତେ ମାରିବା—ଦେ. କ୍ରି—କିଛି ଦିନ ବା ଅଳ୍ପ କାଳ କଟାଇ ନେବା ।

ଦିନକ ମାରିବା—ଦେ. କ୍ରି—ଜୀବନର ଅଧିକାଂଶ ସମୟ କଟାଇ ନେବା ।

ଦିନେ ଦିନେ ରୋଗ ମାରିବା—ଦେ. କ୍ରି—କୌଣସି ରୋଗ ଆକ୍ରମଣ (ଦିନେ ଦିନେ ମାରିବା—ଅନ୍ୟରୂପ) କଲେ ତାକୁ ଖାତିର ନ କରି କାର୍ଯ୍ୟ ପ୍ରଭୃତି କରିବା ।

ଦୀର୍ଘ ନିଃଶ୍ୱାସ ମାରିବା—ଦେ. କ୍ରି—କ୍ଳାନ୍ତି, ଦୁଃଖ ବା ଚିନ୍ତା ଯୋଗୁଁ ବଡ଼ କରି କିମ୍ବା ଖୁବ୍ ଜୋରରେ ନିଶ୍ୱାସ ଛାଡ଼ିବା ।

ଧୂପ ମାରିବା—ଦେ. କ୍ରି—ଧୂପ ଲଗାଇ ଦେବା ।

ଦୁଆର ମାରିବା—ଦେ. କ୍ରି—କୌଣସି ଗୃହକୁ ଯିବାର ଦ୍ୱାର ବା ବାଟକୁ ସ୍ଥାୟୀଭାବରେ ବନ୍ଦ କରିଦେବା ।

ଧକା(କ୍କା) ମାରିବା—ଦେ. କ୍ରି—ବାହୁଦ୍ୱାରା କୌଣସି ଲୋକକୁ ଆଘାତ କରିବା ।

ଧନ ମାରିବା—ଦେ. କ୍ରି—ପରଠାରୁ କୌଶଳରେ ଧନ ହସ୍ତଗତ କରିବା ।

ଧପା(ପ୍ପା) ମାରିବା—ଦେ. କ୍ରି—ଠକାଇବା; ପ୍ରତାରଣା କରିବା ।

ଧର ମାରିବା—ଦେ. କ୍ରି—କୌଣସି ବ୍ୟକ୍ତିକୁ ହାତରେ ଧରି ପ୍ରହାର କରିବା ।

ଧଳା ଶଉ ମାରିବା—ଦେ. କ୍ରି—ପାଟଲ ସାମୁଛର ସ୍ଥାନେ ସ୍ଥାନେ ରଙ୍ଗ ଛାଡ଼ିଯାଇ ଚକା ଚକା ଧଳା ଦାଗମାନ ଦେଖାଯିବା ।

ଧୂଳ ମାରିବା—ଦେ. କ୍ରି—୧ । ପାଣି ଆଦି ଛିଞ୍ଚିବା ଦ୍ୱାରା କୌଣସି ସ୍ଥାନରେ ଉଡ଼ୁଥିବା ଧୂଳିକୁ ବସାଇ ଦେବା; ୨ । ଧାନ କୋଠିରେ ବନ୍ଦ ହୋଇଥିବା ପଟାମାନଙ୍କ ସନ୍ଧି ବୁଜିବା ପାଇଁ କାଠର ସରୁ ଫଟାମାନ କଣ୍ଟାଦ୍ୱାରା ଲଗାଇବା ।

ଧୂଳିଆ ମାରିବା—ଦେ. କ୍ରି—୧ । ଟୂଳିଆ ( କାଠର ରୁଅ ଓ ବଟା-ବିଶିଷ୍ଟ ) ଘରର ଛାତରେ କାଠର ରୁଅ ଉପରେ କାଠର ବଟ ବା ବଟା ବସାଇ କଣ୍ଟା ମାରିବା; ୨ । ( ପ୍ରାଦେ. ପୁରୀ ) (ଏକ ପଣ୍ଡାର ଯାତ୍ରୀକୁ ଅନ୍ୟ ପଣ୍ଡାର ଗୁମାସ୍ତା ) ବାଟରେ ଭେଟି ତାକୁ ଫୁସୁଲାଇ ଯାତ୍ରୀର କୌଳିକ ପଣ୍ଡା ନିକଟକୁ ସେ ଯାତ୍ରୀକୁ ନ ନେଇ ଆପଣାର ମୁନିବ ପଣ୍ଡା ନିକଟରେ ଆଣି ଉକ୍ତ ଯାତ୍ରୀକୁ ପହୁଞ୍ଚାଇବା ।

ନଖ ମାରିବା—ଦେ. କ୍ରି—ଖମ୍ଭୁଡ଼ିବା; ନଖଦ୍ୱାରା ଖୁମ୍ଭୁଡ଼ିବା ।

ନଂ(ଲଂ)ଘା ମାରିବା—ଦେ. କ୍ରି—ସମକୋଣଭାବରେ ପରସ୍ପର ସଙ୍ଗେ ମିଳିଥିବା ଦୁଇଟି ଘରର ଯୋଡ଼ ସ୍ଥାନରେ ବର୍ଷାପାଣି ନ ଭେଦିବା ଭଳି ତହିଁରେ ଘନଭାବରେ ନଡ଼ା ବା କୁଟା ଭରିବା ।

ନଡ଼ିଆ ଘିଅ ମାରିବା—ଦେ. କ୍ରି—ନଡ଼ିଆ କୋରିର ରସକୁ ନିଆଁରେ ବସାଇ ତହିଁରୁ ଘିଅ ବାହାର କରିବା ।

ନନ୍ଦା ମାରିବା—ଦେ. କ୍ରି—ନନ୍ଦିବା; ଶଗଡ଼ର ଦୁଇ ଦଣ୍ଡା ସମ୍ମୁଖରେ ଯେଉଁ ସ୍ଥାନରେ ମିଳି ଯାଇଥାଆନ୍ତି, ସେହି ସ୍ଥାନରେ ଯୁଆଳର ମଧ୍ୟଭାଗ ସହିତ ମିଳିତ ଦଣ୍ଡା ଦୁହିଁକୁ ଦଉଡ଼ିଦ୍ୱାରା ଶକ୍ତ କରି ବାନ୍ଧିବା ।

ନଳ ମାରିବା—ଦେ. କ୍ରି—ବନ୍ଧୁକ ଫୁଟାଇବା; ବନ୍ଧୁକ ଫାଇର କରିବା ।

ନ(ଲ)ହୁଣୀ ମାରିବା—ଦେ. କ୍ରି—ନହୁଣୀକୁ ନିଆଁରେ ବସାଇ ଘିଅ ପ୍ରସ୍ତୁତ କରିବା ।

ନାଖ ମାରିବା—ଦେ. କ୍ରି—ଲଙ୍ଘ ମାରିବା (ଦେଖ) ।

ନା(ଲା)ତ ମାରିବା—ଦେ. କ୍ରି—(ଗୋରୁ ଆଦି ପଶୁ) ପଛ ଗୋଡ଼ରେ ଆଘାତ କରିବା ।

ନାହୁଆ ମାରବା—ଦେ. କ୍ରି—ଲାହୁଆ ମାରବା (ଦେଖ) ।

ନାକୁଡ଼ି ମାରବା—ଦେ. କ୍ରି—୧ । (ବିରକ୍ତି ଅର୍ଥ) ଲଙ୍ଗୁଡ଼ି ଦ୍ୱାରା ଅଘାତ କରିବା; ୨ । (ବିରୁଦ୍ଧ ଅର୍ଥ) ମୁହଁରେ ଦଂଶନ କରିବା ।

ନିଶ୍ୱାସ ମାରବା—ଦେ. କ୍ରି—୧ । ନାକ ବାଟେ ପବନ ନେବା ଅଣିବା କରିବା; ୨ । (ଲକ୍ଷଣାର୍ଥ) ଅଳ୍ପ ସମୟ ବିଶ୍ରାମ କରିବା; ଫୁରୁସତ୍ ନେବା ।

ନେଡ଼ା ମାରବା—ଦେ. କ୍ରି—ଲେଡ଼ା ମାରବା (ଦେଖ) ।

ନୋ(ନୁ,ଲୋ,ଲୁ)ଟିସ ମାରବା—ଦେ. କ୍ରି—କାନ୍ଥରେ ବା ପଥ ଅଦରେ ବିଜ୍ଞାପନ କାଗଜକୁ ଲଗାଇବା ।

ପଚସ ମାରବା—ଦେ. କ୍ରି—୧ । ଘୋଡ଼ାର ଷୁମରକୁ ଚୂନ ପାଣିରେ ବୁଡ଼ାଇ କାନ୍ଥକୁ ସଫେଦ କରିବା । ୨ । ଶଗଡ଼ ଚକର ପୁଟିକୁ ଅର ସଙ୍ଗେ ଦୃଢ଼ କରି ବସାଇବା ପାଇଁ ଖିଲ ଦେବା ।

ପ(ପି,ପୁ)ଚ(ଚି,ଚୁ)ଖିଲା ମାରବା—ଦେ. କ୍ରି—ଶଗଡ଼ ଚକର କୌଣସି ଅଂଶ ଖୁଗୁଲା ହେଲେ ଓ ଚକରୁ ହାଲ ଖୁଗୁଲି ଗଲେ ଚକ୍ଟିର ସନ୍ଧିରେ ପତଳା କାଠ ବା ବାଉଁଶ ପାଉଅର ଖିଲ ବାଡ଼େଇ କରି ଦୃଢ଼ କରିବା ।

ପଟକଣ(ନ୍) ମାରବା—ଦେ. କ୍ରି—ଗୋଡ଼ର ପେଣ୍ଡା ଦ୍ୱାରା ଅନ୍ୟ ଲୋକର ଗୋଡ଼ରେ ଅଘାତ କରି ତାକୁ ଭୂଇଁରେ ପକାଇଦେବା ।

ପଟି(ଟ୍ଟି) ମାରବା—ଦେ. କ୍ରି—୧ । ଠକାଇବା, ଭଣ୍ଡାଇବା; ୨ । ଲୁଗା ଅଦର କୌଣସି ଛିଦ୍ରରେ ବା ମେଲା ଅଂଶ ଉପରେ ଚକଡ଼ି ପକାଇ ତାକୁ ବନ୍ଦ କରିବା ।

ପତ(ତା)କା ମାରବା —ଦେ. କ୍ରି—ଭୂମିରେ ପତାକା ପୋତିବା ।

ପରର ସମ୍ପତ୍ତି ମାରବା—ଦେ. କ୍ରି—ଅନ୍ୟର ସମ୍ପତ୍ତିକୁ ଧପ୍ପା ଦେଇ ନେଇଯିବା ।

ପହଁଆ ମାରବା—ଦେ. କ୍ରି—ବଗି ବା ଗାଡ଼ି ପ୍ରଭୃତିର ଚକ ବାଲିରେ ବା କାଦୁଅରେ ବୁଡ଼ିଗଲେ ତାହାକୁ ହାତ ଦ୍ୱାରା ପେଲିବା ।

ପାଇକସ୍ତ ମାରବା—ଦେ. କ୍ରି—ପିନ୍ଧା ଲୁଗାର ଫେରକୁ କୋଡ଼ଗାଡ଼ (ଫାଇକସ୍ତ ମାରବା—ଅନ୍ୟରୂପ) ବାଟେ ବୁଲାଇ ଅଣ୍ଟାର ପଛ ପାଖରେ ଖୋସିବା ।

ପାଉ(ଉ)ଁ ମାରବା—ଦେ. କ୍ରି—କୌଣସି ବ୍ୟକ୍ତିକୁ ଭୁଲାଇ ବା ଧପ୍ପାଇ କରି କୌଣସି ଜିନିଷ ତାଠାରୁ ନେବା ।

ପାଣି ମାରବା—ଦେ. କ୍ରି—୧ । ମୁହଁ ଅଦରେ ଜଳ ଲଗାଇବା, ୨ । (ଅଶ୍ଳୀଳ) ସ୍ତ୍ରୀଲୋକର କାମ ବଶ୍ଯୁର ଉଦ୍ରକ୍ତ କରାଇବା ।

ପାଣ୍ଡେ(ଣ୍ଡୋ)ଇ ମାରବା—ଦେ. କ୍ରି—ନୋଡା ମାରବା (ଦେଖ) ।

ପାରା ମାରବା—ଦେ. କ୍ରି—ବୈଦ୍ୟଶାସ୍ତ୍ରୋକ୍ତ ଉପାୟରେ ପାରାକୁ ଭସ୍ମ କରିବା । (ଏହିପରି ଅନ୍ୟାନ୍ୟ ଧାତୁ ମାରବା ବୋଲାଯାଏ ।)

ପିଚକା ମାରବା—ଦେ. କ୍ରି—୧ । ରକ୍ତ ବା ପାଣି ଅଦ କୌଣସି ଛିଦ୍ରବାଟେ ସୂକ୍ଷ୍ମଭାବରେ ଜୋରରେ ବାହାରିବା; ପିଚକିବା; ୨ । ପିଚକାରି ମାରବା (ଦେଖ) ।

ପିଚକାରି(ଲି) ମାରବା—ଦେ. କ୍ରି—ପିଚକାରି ଦ୍ୱାରା ଜଳ ଅଦ ଦ୍ରବକୁ ଫୋପାଡ଼ିବା ।

ପି(ପୁ)ଚ(ଚୁ)କିଲା ମାରବା—ଦେ. କ୍ରି—ଲଙ୍ଗଳର ମୁଣ୍ଡି ବା ଦେହ ସଙ୍ଗେ ଲଙ୍ଗଳକୁ ସଲଗ୍ନ କରି ଖିଲ ବାଡ଼େଇବା ।

ପିଞ୍ଚ ମାରବା—ଦେ. କ୍ରି—ଗୋମେଷାଦି ଧାନ ଗଛକୁ ନ ଖାଇବା ପାଇଁ ଖଜୁରି ଖଇ (ପିଞ୍ଚ)କୁ ଗୋବରପାଣିରେ ବୁଡ଼ାଇ ଧାନ ଗଛରେ ଛାଟିବା ।

ପିଠିକି(କୁ) ମାରବା—ଦେ. କ୍ରି—(ଖସ) ଉର୍ଦ୍ଧ୍ୱଗଜଭାବରେ ପିଠିରେ ପଡ଼ିବା । ଦେ. ବି—ପିଠିକି ଶୂଳ ମାରବା; ପୃଷ୍ଠଶୂଳ ।

ପିଠା ମାରବା—ଦେ. କ୍ରି—ଉଅଣରେ ବା ଖୋଲାରେ ପିଠା ସିଝାଇବା ଓ ପିଠା ବସାଇବା ।

ପିରକ(କ) ମାରବା—ଦେ. କ୍ରି—କୌଣସି ବସ୍ତୁରେ ଛୋଟ କଣ୍ଟା ବାଡ଼େଇବା ।

ପିହାଣେ ମାରବା—ଦେ. କ୍ରି—(ବ୍ୟଙ୍ଗ)—ଏକ ପଲମ ଭାତ ଖାଇବା ।
(ପଲମେ ମାରବା—ଅନ୍ୟରୂପ) [ଦ୍ର—କଂସାଏ ମାରବା, ଥାଳଏ ମାରବା ଅପେକ୍ଷା ପିହାଣେ ମାରବା ବେଶି ପରିମିତ ଅନ୍ନର ସୂଚନା କରେ ।]

ପେଟ(ଟ୍ଟ)ମାରବା—ଦେ. କ୍ରି—୧ । ପାଦଦ୍ୱାରା ଅନ୍ୟ ଲୋକର ପାଦକୁ ଅଘାତ କରିବା; ୨ । ପେଟ କଣ୍ଟାକୁ କାଠ ଅଦ ଭିତରେ ପ୍ରବେଶ କରାଇବା; ୩ । (ଲକ୍ଷଣାର୍ଥ) କୂଟ କୌଶଳ ପ୍ରୟୋଗ କରିବା ।

ପେଟକୁ ମାରବା—ଦେ. ବି—ପେଟରେ ଶୂଳ ରୋଗର ବ୍ୟଥା ଅନୁଭବ । [ଦ୍ର—ଏହିପରି ପିଠିକି, କନ୍ଧାଲକୁ, ଅଣ୍ଟାକୁ, ଛାତିକି ଅଦ ଶବ୍ଦ ସଙ୍ଗେ ମାରବା ଶବ୍ଦ ପ୍ରୟୋଗ କରାଯାଇ ସେହି ସେହି ଅଙ୍ଗରେ ଅନୁଭୂତ ଶୂଳ ବେଦନାକୁ ବୁଝାଏ ।]

ପେଟ ମାରବା—ଦେ. କ୍ରି—ନିଜ ଖାଦ୍ୟର ପରିମାଣ କମାଇବା ।

ପେଟେ ମାରବା—ଦେ. କ୍ରି—(ବ୍ୟଙ୍ଗ୍ୟ) ପୂର୍ଣ୍ଣଭାବରେ ଖାଇବା; ପୂର୍ଣ୍ଣ ଭୋଜନ କରିବା ।

ପୋକ ମାରବା—ଦେ. କ୍ରି—ଗଛରେ, ଦେହରେ, କେଶରେ ଜନ୍ମିଥିବା ପୋକକୁ ଔଷଧାଦି ପ୍ରୟୋଗପୂର୍ବକ ନାଶ କରିବା ।

ପୋଚସ ମାରବା—ଦେ. କ୍ରି—ପଚସ ମାରବା (ଦେଖ) ।

ଫଟକା ମାରବା—ଦେ. କ୍ରି—ତାଳଫଟକା (ବାଣ)ରେ ନିଆଁ ଲଗାଇ ଫୁଟାଇବା ।

ଫାଉ ମାରବା—ଦେ. କ୍ରି—୧ । ବିନା ମୂଲ୍ୟରେ କୌଣସି ପଦାର୍ଥ ଅପଣାର ଲାଭ ସ୍ୱରୂପ ପାଇବା; ୨ । କଣିବା ଦ୍ରବ୍ୟ ସଙ୍ଗେ ଦିଆ ଯିବା ପରିମାଣ ଛଡ଼ା ଅଧିକ ଦ୍ରବ୍ୟ ପାଇବା; ୩ । ପାଉଁ ମାରବା (ଦେଖ)

ଫାଲୁଆ ଗୁଣ୍ଡା ମାରବା—ଦେ. କ୍ରି—ବଡ଼ ବଡ଼ କରି ଗୁଣ୍ଡା ବନ୍ଦ ଖାଇବା; ଜବ ଜବ ହୋଇ ଅଧିକ ପରିମାଣରେ ଖାଇବା ।

ଫୁଟ୍(ଟୁ)କ ମାରବା—ଦେ. କ୍ରି—୧ । ସ୍ପର୍ଶୀକୃତ କରତଳଦ୍ୱାରା ଦେହକୁ ଆଘାତ କରିବା । ୨ । ବୃଦ୍ଧା ଓ ମଧ୍ୟମାଙ୍ଗୁଷ୍ଠଦ୍ୱାରା ଶବ୍ଦ କରିବା ।

ଫୁଲ ମାରବା—ଦେ. କ୍ରି—(କାନରେ, ଜୁଡ଼ାରେ) ଫୁଲ ଖୋସିବା ।

ଫେଡ଼ ମାରବା—ଦେ. କ୍ରି—ମିଛ କହି ଭୁଲାଇ ଦେବା; ଭଣ୍ଡାଇବା ।

ଫୋପଡ଼ ମାରବା—ଦେ. କ୍ରି—ଗଛରେ ଥିବା ଫଳକୁ ବା ଉଚ୍ଚ ସ୍ଥାନରେ ଅବସ୍ଥିତ କୌଣସି ଜନ୍ତୁକୁ ଲକ୍ଷ୍ୟ କରି ମୋଟ ଓ ଛୋଟ ଠେଙ୍ଗଣୀ ଫିଙ୍ଗିବା ।

ବନ୍ଧୁକ ମାରବା—ଦେ. କ୍ରି—ବନ୍ଧୁକରେ ବାରୁଦ ଦେଇ କୌଣସି ପଦାର୍ଥକୁ ଲକ୍ଷ୍ୟ କରି ବା ଖାଲି ଫୁଟାଇବା; ବନ୍ଧୁକ ଫାୟର କରିବା ।

ବାଜି ମାରବା—ଦେ. କ୍ରି—୧ । ପଣ ରଖି ଖେଳିବା ବା ଅନ୍ୟ କୌଣସି କାର୍ଯ୍ୟ କରିବା । ୨ । ଖେଳରେ ବା ଅନ୍ୟ କୌଣସି କାର୍ଯ୍ୟରେ ପଣ ରଖା ଯାଇଥିବା ପଦାର୍ଥକୁ ଜିତି କରି ଆଣିବା । ୩ । ଜିତିବା, ଜୟଲାଭ କରିବା ।

ବାଟ ମାରବା—ଦେ. କ୍ରି—୧ । ପଥକୁ କଣ୍ଟା ଆଦି ପୋତି ବନ୍ଦ କରି ଦେବା । ୨ । (ଲକ୍ଷଣାର୍ଥ) ଜଣେ ବ୍ୟକ୍ତି କୌଣସି କାର୍ଯ୍ୟ କରିବାକୁ ବସିଥିଲେ ତାର କରିବାର ଉପାୟ ବନ୍ଦ କରି ଦେବା ।

ବାଟୁଳି ମାରବା—ଦେ. କ୍ରି—ବାଟୁଳିଦଣ୍ଡାରେ ବାଟୁଳି ଦେଇ କୌଣସି ପଦାର୍ଥ ବା ପ୍ରାଣୀକୁ ଲକ୍ଷ୍ୟ କରି ଫିଙ୍ଗିବା ।

ବାଡ଼ି ମାରବା—ଦେ. କ୍ରି—୧ । ଅନ୍ଧାରରେ ଚାଲିବା ବାଟକୁ ବା ପାଣିକୁ ଯଷ୍ଟି ସାହାଯ୍ୟରେ ଠଣ୍ଡି କରି ଯିବା । ୨ । ବାଡ଼ିଦ୍ୱାରା ଜଳର ଗଭୀରତାକୁ କଳିବା ।

ବାଣ ମାରବା—ଦେ. କ୍ରି—୧ । ବାଣକୁ ନିଆଁ ଲଗାଇ ଫୁଟାଇବା; ୨ । କୌଣସି ବ୍ୟକ୍ତିର ମୃତ୍ୟୁ ଘଟାଇବା ପାଇଁ ତାନ୍ତ୍ରିକ ଉପାୟ ପ୍ରୟୋଗ କରିବା ।

ବାତ ମାରବା—ଦେ. କ—ମୂର୍ଚ୍ଛା, ଅପସ୍ମାର ରୋଗଦ୍ୱାରା ଆକ୍ରାନ୍ତ ହେବା ।

ବାଡ଼ି ମାରବା—ଦେ. କ୍ରି—କୌଣସି ବ୍ୟକ୍ତିକୁ ବା ଜୀବକୁ ବାଡ଼ିରେ ବାଡ଼ି ପ୍ରହାର କରିବା ।

ବିଷ ମାରବା—ଦେ. କ—ନାହୁଡ଼ଦ୍ୱାରା ବିଛାର ଅନ୍ୟ ପ୍ରାଣୀକୁ ଦଂଶନ ।

ବିଜୁଳି ମାରବା—ଦେ. କ.—ବିଜୁଳିର ଆଲୋକ ପ୍ରକାଶିତ ହେବା ।

ବିଟ ମାରବା—ଦେ. କ୍ରି—କାଠର ବା ଧାତୁର ସରୁ ଓ ଲମ୍ବା ଫାଳିଆକୁ ଅଲମାରି ଆଦିର ଖଣ୍ଡରେ କଣ୍ଟାଦ୍ୱାରା ସଲଗ୍ନ କରିବା ।

ବିଣ୍ଡା ମାରବା—ଦେ. କ୍ରି—ମାଠିଆ ମୁହଁକୁ ବା କୌଣସି ବସ୍ତୁର ଛିଦ୍ରର ମୁହଁକୁ କନା, କୁଟା ବା କାଗଜ ଆଦିର ବିଣ୍ଡା-ଦ୍ୱାରା ବନ୍ଦ କରିବା ।

ବିଧା ମାରବା—ଦେ. କ୍ରି—ହାତ ମୁଠା କରି କାଣି ଅଙ୍ଗୁଠି ପାଖଦ୍ୱାରା କୌଣସି ବ୍ୟକ୍ତିକୁ ବା ଜନ୍ତୁକୁ ଆଘାତ କରିବା ।

ବିହନ ମାରବା—ପ୍ରାଦେ. (କଟକ) କ୍ରି—୧ । ଧାନ ବଉଁଶର ଘନ ଅଂଶରୁ କେତେକ ବୁଦା ଧାନ ଗଛ ଉପାଡ଼ି ଆଣି ଅନ୍ୟ ବଉଁଶରେ ବା ବଉଁଶର ଗଛ ନ ଥିବା ସ୍ଥାନରେ ପୋତିବା ବା ରୋଇବା । ୨ । ବିହନ ବୁଡ଼ାଇବା; କୌଣସି ଫସଲର ବୀଜକୁ ଆଗାମୀ ବର୍ଷ ପାଇଁ ସଂଗ୍ରହ କରି ନ ରଖିବାଦ୍ୱାରା ଉକ୍ତ ଗଛର ଭବିଷ୍ୟତ ଉତ୍ପାଦନ କର୍ମ ବନ୍ଦ କରିବା ।

ବୀଜ ମାରବା—ଦେ. କ୍ରି—କୌଣସି ପଦାର୍ଥର ମୂଳ ଶେଷ କରିଦେବା; ସମୂଳ ବିନାଶ କରିବା ।

ବୁଡ଼୍(ଡ଼ା) ମାରବା—ଦେ. କ୍ରି—ପାଣିରେ ବା କୌଣସି ତୀର୍ଥ ଜଳରେ ମୁଣ୍ଡକୁ ବୁଡ଼ାଇ ଗାଧୋଇବା; ବୁଡ଼ ପାରିବା ।

ବୁଡ଼ା(ଡ଼େ)ଇ ମାରବା—ଦେ. କ୍ରି—୧ । ପାଣିରେ ବୁଡ଼ାଇ କରି କୌଣସି ଜୀବକୁ ମାରି ପକାଇବା । ୨ । (ଲକ୍ଷଣାର୍ଥ) କୌଣସି ଲୋକ ନାମରେ ମିଛ ଦୋଷ ଲଗାଇ କରି ତାହାର ଅନିଷ୍ଟ କରିବା ବା ତାକୁ ଅପବାଦଗ୍ରସ୍ତ କରିବା ।

ବୁଲେଇ ବୁଲେଇ ମାରବା—ଦେ. କ୍ରି—୧ । କୌଣସି ବ୍ୟକ୍ତିକୁ ବହୁ ପଥ ଚଲେଇ ଚଲେଇ ଅକ୍ଲାନ୍ତ କରି ଦେବା । ୨ । ବୃଥାରେ ହରକତ କରିବା ।

ବ୍ରୁରୁସ୍ / ବ୍ରୁସ୍ } ମାରବା—ଦେ. କ୍ରି—କୌଣସି ପଦାର୍ଥକୁ ବ୍ରୁସ୍‌ଦ୍ୱାରା ସଫା କରିବା ।

ବେତ ମାରବା—ଦେ. କ୍ରି.—ବେତରେ ବାଡ଼େଇବା ।

ବୋଲୁଅ ମାରବା—ଦେ. କ୍ରି—ବଡ଼ ବଡ଼ ଢେଲା ଫୋପାଡ଼ିବା ।

ଭାଡ଼ି ମାରବା—ଦେ. କ୍ରି—୧ । ଘର ମଧ୍ୟରେ ଖୁଣ୍ଟ ପୋତି ତା ଉପରେ ପଟା ପକାଇ ଭାଡ଼ି ତିଆରି କରିବା । ୨ । ରାତିରେ ଖେତ ଜଗିବା ପାଇଁ ଖେତରେ ବା ଖେତ ପାଖରେ ଖୁଣ୍ଟ ପୋତି ଭାଡ଼ି ତିଆରି କରିବା ।

ଭାତରେ ମାରବା—ଦେ. କ୍ରି—ଖାଇବାକୁ ନ ଦେଇ ହରକତ କରିବା ବା ମାରି ପକାଇବା ।

ଭୁଚ(ଚୁ)କା ମାରବା—ଦେ. କ୍ରି—ଭୁଚ୍‌ଚୁକା ମାରବା (ଦେଖ)

ଭୁଡ଼ୁ,
ଭୁଡ଼ୁକା(କି)
ଭୁଡ଼ି
ଭୁଡ଼(ଡ଼ୁ)ଭୁଡ଼ } ମାରବା—ଦେ. କ୍ରି (ମାଛ, କଇଁଛ, କୁମ୍ଭୀର ଆଦି) ଜଳ ଭିତରେ ଥାଇ ନିଶ୍ୱାସ ମାରିବାଦ୍ୱାରା ଜଳ ଉପରକୁ ବୁଦ୍‌ବୁଦ ଉଠାଇବା ।

ଭୁର(ରୁ)ଚୁକା ମାରବା—ଦେ. କ୍ରି—୧ । (ଲକ୍ଷଣାର୍ଥ) କୌଣସି ବ୍ୟକ୍ତିକୁ ଶୁଦ୍ଧି ଜଳକା ବନାଇବା ପ୍ରତାରଣା କରି, ତାହାର କବଳରୁ ଖସିଯିବା । ୨ । (ବିଲୁଆ) କୁକୁରର ଅସହ୍ୟ ଆକ୍ରମଣରୁ ରକ୍ଷା ପାଇବାପାଇଁ ବାତକର୍ମ କରିବା । [ଦ୍ର—ବିଲୁଆମାନଙ୍କୁ ଶିକାର କରିବାକୁ କୁକୁର ବିଲୁଆ ପଛରେ ଗୋଡ଼ାଇ ଗୋଡ଼ାଇ ଯେତେବେଳେ ବିଲୁଆର ଅତି ନିକଟବର୍ତ୍ତୀ ହୋଇଯାଏ ଓ ପରବର୍ତ୍ତୀ ମୁହୂର୍ତ୍ତରେ ବିଲୁଆକୁ ମାଡ଼ିବସିବା ଅବଶ୍ୟମ୍ଭାବୀ ହେବାର ବିଲୁଆ ଦେଖିପାରେ, ସେତେବେଳେ ବିଲୁଆ ବାତକର୍ମ କରେ (ଭୁର୍‌ଚୁକା ମାରେ) ଓ ସେହି ଅଧୋବାୟୁର ଉତ୍କଟ ଓ ଅସହ୍ୟ ଦୁର୍ଗନ୍ଧରେ ଉତ୍ତ୍ୟକ୍ତ ହୋଇ କୁକୁର ବିଲୁଅର ପଶ୍ଚାଦ୍ଧାବନରୁ କ୍ଷଣକାଳ ନିବୃତ୍ତ ହୋଇ ମୁହଁ ମୋଡ଼ିଦିଏ ଓ ସେଥିଯୋଗୁଁ କୁକୁରର ଦଉଡ଼ିବାର ବେଗ କ୍ଷଣକାଳପାଇଁ ମନ୍ଦୀଭୂତ ହୁଏ । ଇତ୍ୟବସରରେ ବିଲୁଅଟି କୁକୁରର ଅସହ୍ୟ କବଳରୁ ରକ୍ଷା ପାଇ ପଳାଇଯାଏ ।]

ସାଧାରଣ ଲୋକେ ଅପର ପୃଷ୍ଠାରେ ସୂଚିତ ୧ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳେ ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବଦଳରେ ୨ ୧ ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାଇ' ନ ମିଳିଲେ ଗାଈ' ଖୋଜିବେ; 'କୁଅ' ନ ମିଳିଲେ 'କୂଅ' ଖୋଜିବେ; 'ବନ୍ଧୁ' ନ ମିଳିଲେ 'ବନ୍ଧୂ' ଦେଖିବେ; ଅର୍ଗ୍ଯ ନ ପାଇଲେ 'ଅର୍ଜ୍ଜ' ଦେଖିବେ; 'ଅଲବତ' ନ ପାଇଲେ 'ଅଲ୍‌ବତ୍' ଦେଖିବେ ।

ଭୁରୁଡ଼(ଡ଼ୁ)ମାରିବା—ଦେ. କ୍ରି—ମିଛକଥା କହି ଦାମ୍ଭିକତା କରିବା; ଭୁରୁଡ଼ାଇବା; ଅମାନିଆ ହୋଇ କଥାକହିବା ।

ଭୋକ ମାରିବା—ଦେ.କ୍ରି—କ୍ଷୁଧାର ବେଗ ସମ୍ଭାଳିବା; କ୍ଷୁଧା ହେଲେ କିଛି ନ ଖାଇ ତାହା ସମ୍ଭାଳିନେବା ।

ଭୋକରେ ମାରିବା—ଦେ. କ୍ରି—ଖାଇବାକୁ ନ ଦେଇ କୌଣସିବ୍ୟକ୍ତିକୁ ଶେଷରେ କ୍ଲିଷ୍ଟପିଷ୍ଟ କରିବା ।

ଭୋଜନ ମାରିବା—ଦେ. କ୍ରି—(ବ୍ୟଙ୍ଗ)ଖାଇବା ।

ମକଦ୍ଦମା ମାରିବା—ଦେ. କ୍ରି—୧ । ସାକ୍ଷୀମାନଙ୍କୁ ଅନ୍ତ୍ୟର କରି ବା (ମାମଲା ମାରିବା—ଅନ୍ୟରୂପ) ପ୍ରମାଣମାନଙ୍କୁ ନଷ୍ଟ କରି ବା ଲୁଚାଇ ମକଦ୍ଦମାକୁ ଅପ୍ରମାଣିତ କରିବା । ୨ । (ହାକମ) ଉତ୍କୋଚ ଖାଇ ବା ମୋହବଶରେ ପଡ଼ି ବା ସୁପାରସରେ ବଶ ହୋଇ ପ୍ରମାଣ ଥାଇ ସୁଦ୍ଧା ମକଦ୍ଦମାକୁ ଡିସମିସ କରିବା ।

ମଥାନ ମାରିବା—ଦେ. କ୍ରି—ଶୂଳଘରର ମଥାନ (ଭୁଜ)ରେ କଡ଼ା ଦେଇ ତହିଁ ଉପରେ ବତା ବାନ୍ଧି ଠିକ୍‌ରୂପେ ଛୁଆଣି କରିବା ।

ମଥାନଗୁଡ଼ି ମାରିବା—ଦେ. କ୍ରି—ଶୂଳର ମଥାନର ଦୁଇ ପାଖର ବାଉଁଶ ଓ ବତାକୁ ହାତ ଓ ଗୋଡ଼ଦ୍ୱାରା ଜାବୁଡ଼ି ଧରି ଝିଟିପିଟି ପରି ଚଢ଼ ହୋଇ ଗତି କରିବା ।

ମନ ମାରିବା—ଦେ. କ୍ରି—ନିଜର ମନକୁ ବଶ କରିବା ।

ମଶା ମାରିବା—ଦେ. କ୍ରି—ଦେହରେ ବସିଥିବା ମଶାକୁ ହାତରେ ଆଘାତ କରି ମାରି ପକାଇବା ।

ମହୁ ମାରିବା—ଦେ. କ୍ରି—ମହୁମାଛିମାନଙ୍କର ଫେଣା ଭାଙ୍ଗି ମହୁ ଆଣିବା ।

ମାକଡ଼ଚଡ଼ି ମାରିବା—ଦେ. କ୍ରି—ହାତକୁ ତଳେ ଲଗାଇ ଗୋଡ଼କୁ ଉପରକୁ ଟେକି ଆଗପାଖକୁ ଲେଉଟି ପଡ଼ି ଡିଆଁ ମାରି ବଙ୍କ ଭାଙ୍ଗିବା ।

ମାଛ ମାରିବା—ଦେ. କ୍ରି—ଜଳାଶୟାଦିରୁ ଜାଲ, ଖିଆ, ପୋଲୁହ, ବନସୀ ଆଦି ଦ୍ୱାରା ଖାଦ୍ୟାର୍ଥ ମାଛ ଧରିବା ।

ମାଟି ଗୋବର ମାରିବା—ଦେ. କ୍ରି—୧ । ମାଟି ଓ ଗୋବର ଏକଜ କରି ପାଣି ମିଶାଇ କୌଣସି ସ୍ଥାନକୁ ଲିପିବା । ୨ । (ସ୍ତ୍ରୀମାନେ ସ୍ନାନ ସମୟରେ) ଦେହର ଭିନ୍ନ ଭିନ୍ନ ଅଙ୍ଗରେ ମୃତ୍ତିକା ମିଶ୍ରିତ ଗୋମୟ ବୋଳି ଦେବା ।

ମାଟି ମାରିବା—ଦେ. କ୍ରି—୧ । କୌଣସି ସ୍ଥାନରେ ବା ମଳତ୍ୟାଗ ପରେ ଦେହରେ ମାଟି ଲଗାଇବା । ୨ । (ଲକ୍ଷଣାର୍ଥ) କୌଣସି କାର୍ଯ୍ୟରେ ଲାଗି ତାକୁ ନଷ୍ଟ କରିଦେବା ।

ମାଡ଼ ମାରିବା—ଦେ. କ୍ରି—ହାତ ବା ବେତ ପ୍ରଭୃତିଦ୍ୱାରା କୌଣସି ବ୍ୟକ୍ତିକୁ ପ୍ରହାର କରିବା ।

ମାନ ମାରିବା—ଦେ. କ୍ରି—ଅଭିମାନରେ କଥା କହିବା ।

ମାରକା (ମାର୍କା) ମାରିବା—ଦେ. କ୍ରି—କୌଣସି ପଦାର୍ଥକୁ ଭିନ୍ନତ୍ୱରେ ଚିହ୍ନିବା ପାଇଁ ସେଥିରେ ବିଶିଷ୍ଟ ଚିହ୍ନ ଦେବା ।

ମାଲକଚ୍ଛା ମାରିବା—ଦେ. କ୍ରି—ପାଇକଚ୍ଛା ମାରିବା (ଦେଖ)

ମାଲ ମାରିବା—ଦେ. କ୍ରି—ଅନ୍ୟଠାରୁ କୌଶଳରେ ଧନ ହସ୍ତଗତ କରିବା; ଧନ ମାରିବା ।

ମିଞ୍ଜା ମାରିବା—ଦେ. କ୍ରି—ଦୁଇଟି ପଦାର୍ଥକୁ ଯୋଡ଼ିବା ସମୟରେ ତହିଁ ମଧ୍ୟରେ ଥିବା ବ୍ୟବଧାନକୁ ଅଚ୍ଛିଦ୍ର କରିବା ।

ମୁକ୍କି ମାରିବା—ଦେ. କ୍ରି—ବଦ୍ଧମୁଷ୍ଟି କରି ତର୍ଜନୀ ଓ ଜ୍ୟେଷ୍ଠା ଅଙ୍ଗୁଳିର ପାଖରେ କୌଣସି ବ୍ୟକ୍ତିର ମୁହଁରେ ଆଘାତ କରିବା ।

ମୁଣ୍ଡ ଝାଳ ଗୋଡରେ }
ମୁଣ୍ଡ ଝାଳ ଭୁଣ୍ଡରେ } ମାରିବା { ଦେ. କ୍ରି—ଏପରି ଓ ଏତେକାଳ
ମୁଣ୍ଡ ପାଣି ଭୁଣ୍ଡରେ } { ପରିଶ୍ରମ କରିବା କି, ଯହିଁରେ ମୁଣ୍ଡରୁ ଅବିରାମ ଧାରରେ ଝାଳବୋହି ସେ

ଝାଳ ଯାଇ ଭୁଣ୍ଡରେ ବା ଗୋଡ଼ରେ ପହଞ୍ଚୁଛି ।

ମୁଣ୍ଡ ମାରିବା—ଦେ. କ୍ରି—(ଉତ୍କଟ ଶୋକରେ) ନିଜର ମୁଣ୍ଡକୁ କୌଣସି କଠିନ ପଦାର୍ଥରେ ଆଘାତ କରିବା ।

ମୁଣ୍ଡରେ ଓଲୁଳିଆ ବାଡ଼ି ମାରିବା—(ଲକ୍ଷଣାର୍ଥ) ଦେ. ବି.—କୌଣସି ବିଷୟର ସମାଧାନ ପାଇଁ କିଛି ଉପାୟ ନ ଦେଖି ଅତ୍ୟନ୍ତ ଚିନ୍ତାକୁଳିତ ହେବା ଅବସ୍ଥା ।

ମୁଣ୍ଡିଆ ମାରିବା—ଦେ. କ୍ରି—୧ । ପ୍ରଣାମାର୍ଥ କୌଣସି ବ୍ୟକ୍ତିଙ୍କ ବା ଦେବତାଙ୍କ ଗୋଡ଼ ନିକଟରେ ଆପଣା ମୁଣ୍ଡକୁ ଭୂମିରେ ଛୁଆଁଇବା; ଗୋଡ଼ତଳେ ପଡ଼ିବା । ୨ । ଆପଣା ମୁଣ୍ଡଦ୍ୱାରା କୌଣସି ବସ୍ତୁକୁ ଆକ୍ରମଣ ବା ଆଘାତ କରିବା । ୩ । (ମାତୃଗର୍ଭସ୍ଥ ଭ୍ରୂଣ) ଜୀବିତାବସ୍ଥା ପ୍ରାପ୍ତ ହୋଇ ଗର୍ଭରେ ଇତସ୍ତତଃ ଗତିଶୀଳ ହେବା ଅବସ୍ଥାରେ ମାତାର ପେଟର କାନ୍ଥରେ ଭ୍ରୂଣର ମୁଣ୍ଡ ବାଜିବା ।

ମୁଥ ମାରିବା—ଦେ. କ୍ରି—ମୁହଁର ବା ମୁଣ୍ଡର କୌଣସି ଅଂଶରେ ବିଧା ମାରିବା ।

ମୁଦ(ଦା) ମାରିବା—ଦେ. କ୍ରି.—କୌଣସି ଚିଠିକୁ ବା ପାତ୍ରର ମୁଖକୁ ବନ୍ଦକରି ତା ଉପରେ ଜଉ ଦ୍ୱାରା ମୋହର ବସାଇବା ।

ମୁହଁଖିଆ ମାରିବା—ଦେ. ବି—ମନୁଷ୍ୟ ଯେଉଁ ଅଙ୍ଗକୁ ମୁହଁ କରିଥାଏ ସେହିବିଗକୁ ଭିନ୍ନ ଖିଆ ତାହା ମୁହଁରେ ଗାର୍ଯ୍ୟଗତ୍ୱରେ । ଚଢ଼ି ତାକୁ ପୀଡ଼ା ଦେବା ।

ମୁହଁପାଣି ମୁହଁରେ ମାରିବା—ଦେ. କ୍ରି—କୌଣସି ବ୍ୟକ୍ତିର ଦାମ୍ଭିକତା ଓ ମୁହଁବାଲିଙ୍ଗିକୁ ଭାଙ୍ଗିଦେଇ ତାକୁ ଲଜ୍ଜିତ କରାଇବା ।

ମୁହଁ ମାରିବା—ଦେ. କ୍ରି—୧ । କୌଣସିଠାରେ ବା କୌଣସି ଲୋକକୁ ଦେଖାଦେଇ ଅଳ୍ପ ସମୟ ରହି ଚାଲିଯିବା । ୨ । (ପଶୁମାନେ) ଖାଇବାପାଇଁ କୌଣସି ପଦାର୍ଥରେ ମୁହଁ ଲଗାଇବା (ଅଥଚ ନ ଖାଇବା) ।

ମୂଳୁ ମାରିବା—ଦେ. କ୍ରି—କୌଣସି ପଦାର୍ଥର ଉତ୍ପତ୍ତିକୁ ନିଃଶେଷ [ମୂଳରୁ (ମୂଁ)ମାରିବା—ଅନ୍ୟରୂପ] କରିବା; ନିର୍ମୂଳ କରିବା ।

ମେଖ ମାରିବା—ଦେ. କ୍ରି—୧ । ଖିଲା ପୋତିବା । ୨ । (ଲକ୍ଷଣାର୍ଥ) କୌଣସି କାର୍ଯ୍ୟ ପୁରୁଷକୁ ହୋଇ ଚଳୁଥିବା ଅବସ୍ଥାରେ

| | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|
| ୧ | ଇ | ଉ | ଋ,ଋ | ଌ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | କ୍ଷ | ଜ୍ଞ | ଶ,ଷ | ଙ୍କ | ଇଯ୍ | ଡ଼ଅ | ହ୍ମ |
| ୨ | ଇ | ଉ | ରୁ | ଲୁ | ଯେ | ଅକାରାନ୍ତ ବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ | ଖ୍ୟ | ଘ | ସ | ଗଁ୍ୟ | ଇଅ | ଙ୍ଗ | ହ୍ନ |

ତାହା ବନ୍ଦ କରିଦେବା । ୩ । (ଲକ୍ଷଣାର୍ଥ) କୌଣସି କାର୍ଯ୍ୟର ପ୍ରାରମ୍ଭରେ ଗୁରୁତର ଆପତ୍ତି ଉଠାଇବା ।

ମୋହର(ହୋ)ର ମାରିବା — ଦେ. କ୍ରି — କୌଣସି ପଦାର୍ଥ ଉପରେ ମୋହର ଦ୍ୱାରା ଅକ୍ଷର ବା ଚିହ୍ନ ଅଙ୍କିତ କରିବା ।

ଯା(ଦା)ଦୁ ମାରିବା — ଦେ. କ୍ରି — ୧ । ଔଷଧ ଦ୍ୱାରା ଯାଦୁକୁ ଆରୋଗ୍ୟ କରିବା — ୨ । ଜଣ୍ଡ ଦ୍ୱାରା ବା ଦାରୁଆ ଶସ୍ତ୍ର ଦ୍ୱାରା ଯାଦୁର ଗୁଆମାନଙ୍କୁ ଚାଞ୍ଚି ବା ଚିପି ବା ଫୁଟାଇ ଯାଦୁକୁ ଶୁଖାଇବା ।

ଯିଦ(ଜି)ମାରିବା — ଦେ. କ୍ରି — ୧ । ପଣ ରଖି କୌଣସି କର୍ମ କରିବା । ୨ । ଦୃଢ଼ତା ସହକାରେ କଡ଼ା କଥା କହିବା ।

ଯୋତା ମାରିବା — ଦେ. କ୍ରି — ୧ । ଯୋତା ଦ୍ୱାରା ପ୍ରହାର କରିବା । ୨ । (ଲକ୍ଷଣାର୍ଥ) ପ୍ରକାଶ୍ୟରୂପେ ବିଶେଷ ଅପମାନ ଦେବା ।

ରଗ ମାରିବା — ଦେ. କ୍ରି — କୌଣସି ବ୍ୟକ୍ତିର ଅଣ୍ଡ ଭାଙ୍ଗିଦେବା; ବଳ ଭାଙ୍ଗି ଦେବା ।

ରଡ଼ା ମାରିବା — ଦେ. ବି — ପ୍ରାୟ ସନ୍ଧ୍ୟା ହେବା; ଅଳ୍ପ ଅଳ୍ପ ଦିନ ଥିବା । କ୍ରି. (ରଡ଼ା ବା ସିଙ୍ଗି ମାଛ) ଗାଲସିରେ ଥିବା କଣ୍ଟା ଦ୍ୱାରା ମାଛଧରାଳର ହାତ ଆଦିକୁ ବିନ୍ଧିବା ।

ରନ୍ଦା ମାରିବା — ଦେ. କ୍ରି — କାଠକୁ ପାଲିସ୍ କରିବାକୁ ତା ଉପରେ ରନ୍ଦା ଚଳାଇବା ।

ରାଗ ମାରିବା — ଦେ. କ୍ରି — ଆପଣାର ବା ଅପର ବ୍ୟକ୍ତିର କ୍ରୋଧକୁ ଶାନ୍ତ କରିବା ।

ରୁମ ମାରିବା — ଦେ. ବି (ଗୋରୁ ଆଦିଙ୍କର) ଦେହର ଅସୁସ୍ଥତା ହେତୁ ଲୋମସବୁ ଶୋଇପଡ଼ିବା ଦ୍ୱାରା ଶରୀରର ତେଜୋହୀନ ଦେଖାଯିବା ।

ରୋଗ ଦହେ ଦହେ ମାରିବା — ଦେ. କ୍ରି — ବେମାରକୁ ଖାତିର ନ କରି ଦେହ ଭଲ ଥିଲା ପରି କାର୍ଯ୍ୟ କରିବା; ରୋଗର ଆକ୍ରମଣକୁ ଗ୍ରାହ୍ୟ ନ କରିବା ।

ରୋଗ ମାରିବା — ଦେ. କ୍ରି — ୧ । ଔଷଧ ବା ଅନ୍ୟ ଉପାୟରେ ରୋଗକୁ ପୂର୍ଣ୍ଣରୂପେ ଆରୋଗ୍ୟ କରିବା ବା କରାଇବା । ୨ । (ରୋଗ) କୌଣସି ବ୍ୟକ୍ତିକୁ ମୃତପ୍ରାୟ କରିବା ।

ଲଙ୍ଗଳ ମାରିବା — ଦେ. କ୍ରି — ୧ । ଲଙ୍ଗଳଦ୍ୱାରା ଚାଷ କରିବା; ୨ । ଭୂଇଁର ଉପରେ ଉପରେ ଚାଷ କରିବା; ଗଭୀର ଚାଷ ନ କରିବା ।

ଲଘା ମାରିବା — ଦେ. କ୍ରି — ପଟିଆରକୁ ଯୋଗ କରିଥିବା ଦୁଇ ଗୁଳର ସମକୋଣବିଶିଷ୍ଟ କଣକୁ ନଡ଼ା ବା ଖୁଣ୍ଟା ଆଦିଦ୍ୱାରା ଘନଭାବରେ ଛପର କରିବା ।

ଲହଡ଼ା(ଡ଼ି) ମାରିବା — ଦେ. ବି — ପାଣିରେ ଉପର୍ଯ୍ୟୁପରି ଲହଡ଼ି ବା ଢେଉ ଉଠିବା ।

ଲହୁଣୀ ମାରିବା — ଦେ. କ୍ରି — ଲହୁଣୀକୁ ନିଆଁରେ ବସାଇ ନିର୍ମଳ କରି ଘିଅ ପ୍ରସ୍ତୁତ କରିବା ।

ଲଖ ମାରିବା — ଦେ. କ୍ରି — ୧ । ଲଖଦ୍ୱାରା ଚିଠି ଆଦି ମୁଦିବା; ୨ । ଲକ୍ଷ୍ୟ ଭେଦ କରିବା ।

( ମାଛଙ୍କୁ ) ଲହୁଆ ମାରିବା — ଦେ. ବି — ମାଛମାନେ ଏକପ୍ରକାର ରୋଗରେ ଆକ୍ରାନ୍ତ ହୋଇ ମରିଯିବା । [ ଦ୍ର — ଏ ରୋଗ ଦ୍ୱାରା ମାଛଙ୍କର ଲହୁ ଫୁଲି ଯାଇ ମାଛମାନେ କେତେ ସମୟ ଚିତ ହୋଇ ପହଁରି ମରିଯାଆନ୍ତି ।]

ଲୁଣ ମାରିବା — ଦେ. କ୍ରି — ସମୁଦ୍ର ପାଣିକୁ ନିଆଁରେ ଫୁଟାଇ ବା ଖରାରେ ଶୁଖାଇ ବା ଲୁଣମିଶା ପାଣିକୁ ପାତ୍ରରେ ବା କ୍ଷେତରେ କେତେ କାଳ ସ୍ଥିରଭାବରେ ରଖି ଲୁଣ ତିଆରି କରିବା ।

( କୌଣସି ସ୍ଥାନ ) ଲୁଣି ମାରିବା — ଦେ. କ୍ରି — ମନୁଷ୍ୟ ବା ଗୋମେଷାଦି ମୂତିବା ସ୍ଥାନର ଭୂମିରେ ବା କାନ୍ଥରେ ଥିବା ମାଟି ଧୂଳିମୟ ହୋଇ ଝଡ଼ି ପଡ଼ିବା ଓ ତା ଉପରେ ଲୁଣର ଧଳା ସ୍ତର ପଡ଼ିଯିବା ।

ଲେଙ୍ଗୁଟି ମାରିବା — ଦେ. କ୍ରି — ୧ । କଉପୁନ ମାରିବା; ଛୋଟ କନାଦ୍ୱାରା କେବଳ ଗୁହ୍ୟ ଦେଶ ଓ ମୂତ୍ରେନ୍ଦ୍ରିୟକୁ ଘୋଡ଼ାଇବା । ୨ । ବୈରାଗୀ ହେବା; ସଂସାରତ୍ୟାଗୀ ହେବା ।

ଲେଣ୍ଡା(ଣ୍ଡି) ମାରିବା — ଦେ. କ୍ରି — ହାତପାପୁଲି ( ଲେଣ୍ଡ )ର ମୂଳ ଅଂଶ ଦ୍ୱାରା କୌଣସି ବ୍ୟକ୍ତିକୁ ଆଘାତ କରି ଜୋର୍‌ରେ ଠେଲିବା ।

ଶଣ୍ଢା(ଣ୍ଡା) ମାରିବା — ଦେ. କ୍ରି — ( କ୍ଷୁଦ୍ର ଗଛ ) ମୂଳରୁ ବା ସ୍କନ୍ଧରୁ ନୂତନ କାଣ୍ଡ ବା ଶାଖା ବାହାର କରିବା ।

ଶର ମାରିବା — ଦେ. କ୍ରି. — ବାଣ ବା ଧନୁଦ୍ୱାରା ଶର ପ୍ରୟୋଗ କରିବା ।

ଶାବଳ ମାରିବା — ଦେ. କ୍ରି — ୧ । ପାନବରଜ ପ୍ରଥମରେ ବସାଇଲାବେଳେ କ୍ଷେତରେ ମାଟି ପକାଇ ମାଟିକୁ ଉତ୍ତମରୂପେ ଚଷି ସମତୁଲ କରିବା ପରେ ପ୍ରଥମରେ ରୋପିତ ପାନ ଲତାକୁ ପୋତିବା ପାଇଁ କ୍ଷେତ୍ରର କେନ୍ଦ୍ରରେ ଗୋଟିଏ ଗାତ କରିବାକୁ ଶାବଳକୁ ଭୂମିରେ ବସାଇବା । [ ଦ୍ର — ଶାବଳ ମାରି ପ୍ରଥମ ପାନଲତା ରୁଆ ହେବା ପରେ ସେ କ୍ଷେତ୍ରରେ ଅନ୍ୟ ସବୁ ଲତା ପୋତାଯାଏ । ] ୨ । ଭୂମିରେ ବା ପଥର-ସନ୍ଧିରେ ଶାବଳକୁ ଜୋରରେ ଭର୍ତ୍ତି କରିବା ।

ଶୂନ୍(ନ୍ୟ)ରସ ମାରିବା — ଦେ. କ୍ରି — ଉପରକୁ ଡେଇଁ ମାକଡ଼ଚିତ ମାରି ତଳେ ପଡ଼ିବା ।

ସକ୍ରେଇ ମାରିବା — ଦେ. କ୍ରି — କୌଣସି ଲୋକକୁ ଲଜ୍ଜା, ଅପମାନ ବା ଦୁଃଖ ଦେଇ ତା ମନରେ ବିଶେଷ କଷ୍ଟ ଦେବା ।

ସନ୍ଧଆ ପ(ପୋ)ତର ମାରିବା — ଦେ. କ୍ରି — ୧ । ଶଗଡ଼ଚକର ପୁଟୀ-ମାନଙ୍କୁ ପରସ୍ପର ସଙ୍ଗେ ଓ ଅରକୁ ପୁଟୀ ସଙ୍ଗେ ଯୋଡ଼ିବା ପାଇଁ ଖିଲମାନ ମାରିବା; [ ଦ୍ର — ଶଗଡ଼ଚକର ପୁଟୀ-ମାନଙ୍କୁ ଯୋଡ଼ିବା ଖିଲକୁ ସନ୍ଧଆ ଓ ଅରକୁ ପୁଟୀ ସଙ୍ଗେ

ଯୋଡିବା ଖିଲକୁ ଯୋଡନ୍ତି ବୋଲାଯାଏ । ] ୨ । (ଲକ୍ଷ୍ଣାର୍ଥ) କୌଣସି କାର୍ଯ୍ୟକୁ ଖୁବ୍ ମଜବୁତ୍ ଓ ନିର୍ଦ୍ଦୋଷ କରି ସମ୍ପାଦନ କରିବା ।

ସନ୍ଧି(ଢ଼ି)ଅ ମାରିବା—ଦେ. କ୍ରି—ଶଗଡ଼ଚକର ପୁଠୀ ( ପରିଧିସ୍ଥ ବଙ୍କ ଖଣ୍ଡ )ମାନଙ୍କୁ ପରସ୍ପର ସଙ୍ଗେ ଦୃଢ଼ସଲଗ୍ନ କରିବା ପାଇଁ ଦୁଇଟି ପୁଠୀ ମଧ୍ୟରେ ଖଣ୍ଡିଏ ଲେଖାଏଁ ଖିଲ ବସାଇବା ।

ସନ୍ଧି ମାରିବା—ଦେ. କ୍ରି—ଇଟା ବା ପଥର କାମରେ ଯେଉଁ ସ୍ଥାନରେ ଫାଙ୍କ ହୋଇଯାଇଥାଏ ତାହାକୁ ଚୂନ ବା ମାଟିଦ୍ୱାରା ବନ୍ଦ କରିବା ।

ସାଇକ(କେ)ଲ୍ ମାରିବା—ଦେ. କ୍ରି—ବାଇସାଇକେଲ୍‌ଦ୍ୱାରା ଖୁବ୍ ଚଞ୍ଚଳ ଯିବା ।
( ନ୍ୟେନ୍ଗାଡ଼ ମାରିବା—ଅନ୍ୟରୂପ )

ସାପ ମାରି ବେଙ୍ଗ ଉପରେ ପକାଇବା—ଦେ. କ୍ରି—( ବେଙ୍ଗ ମାରି ସାପ ଉପରେ ପକାଇବାର ବିକୃତରୂପ ) ଛଳେ କୌଣସି ଦୋଷ କରି ତାହା କୌଶଳକ୍ରମେ ଅନ୍ୟ ଲୋକଠାରେ ଆରୋପ କରିବା ।

ସାର ମାରିବା—ଦେ. କ୍ରି—ପଶା ବା କଉଡ଼ି ଖେଳରେ ଦାନ ପକାଇ ବିପକ୍ଷର ସାରିକୁ ବା ଗୋଟିକୁ ନିଜ ଗୋଟିଦ୍ୱାରା ମାରି ସେ ସ୍ଥାନରୁ ଉଠାଇ ଦେବା ।

ସିଙ୍ଗ(ଘି) ମାରିବା—ଦେ. କ୍ରି—( ସିଙ୍ଗିମାଛ ) ଗାଲସିର କଣ୍ଟାକୁ କଣ୍ଟାଦ୍ୱାରା ମାଛଧରାଳର ଦେହର କୌଣସି ଅଂଶକୁ ବିଦ୍ଧ କରିବା । [ ଦ୍ର—ଏହି କଣ୍ଟା ଯେଉଁ ସ୍ଥାନରେ ବିଦ୍ଧ ହୁଏ ସେଠାରେ ଅତ୍ୟନ୍ତ ଯନ୍ତ୍ରଣା ହୁଏ । ]

ସିଙ୍ଗି ମାରିବା(ଲା) ପରି ହେବା—ଦେ.କ୍ରି—୧ । ଅତ୍ୟନ୍ତ ଶୀତ ହେତୁ ହାତ ଗୋଡ଼ ଆଦିରେ ସିଙ୍ଗିମାଛ ମାରିବା ପରି ଯନ୍ତ୍ରଣା ବୋଧ ହେବା; ୨ । ଅତି ଅସ୍ଥିର ହେବା ।

ସିଟି ମାରିବା—ଦେ. କ୍ରି—୧ । ସିଟିକୁ ଭୁଣ୍ଡଦ୍ୱାରା ଫୁଙ୍କି ବଜାଇବା; ୨ । ଦୁଇ ଓଠକୁ ସଙ୍କୁଚିତ କରି ତଦ୍ଦ୍ୱାରା ସିଟି ପରି ଶବ୍ଦ କରିବା ।

ସିନ୍ଦୁର ଟୋପା(ପି) ମାରିବା—ଦେ. କ୍ରି—ସିନ୍ଦୂରରେ ଟୋପା ମୁଣ୍ଡରେ ଲଗାଇବା ।

ସିନ୍ଦୂର ମାରିବା—ଦେ. କ୍ରି—ମୁଣ୍ଡରେ ବା ଦେବପ୍ରତିମାଙ୍କ ଅଙ୍ଗରେ ସିନ୍ଦୂର ଲଗାଇବା ।

ସିନ୍ଦ୍ରସ / ସୁନ୍ଦ(ନ୍ଦୂ)ସ } ମାରିବା—ଦେ. କ୍ରି—ସକାଳୁ ପୂର୍ବଦିଗ ସୂର୍ଯ୍ୟୋଦୟ ପୂର୍ବରୁ ନାଲି ଦେଖାଯିବା; ଅରୁଣୋଦୟ ।

ସିଲ୍ / ସିଲ୍‌ମୋହର } ମାରିବା—ଦେ. କ୍ରି—ଚିଠି ଆଦିକୁ ମୁଦ ମୁଦ୍ରିତ ସ୍ଥାନରେ ଲାଖ ଦେଇ ଲାଖ ଉପରେ ନାମାଙ୍କିତ ମୁଦ୍ରା ବସାଇବା ।

ସୁନା ମାରିବା—ଦେ. କ୍ରି—ସ୍ୱର୍ଣ୍ଣଧାତୁକୁ ବୈଦ୍ୟଶାସ୍ତ୍ରୋକ୍ତ ଉପାୟରେ ମାରଣ ବା ଭସ୍ମ କରିବା; [ ଦ୍ର—ଏହିପରି ରୂପା, ତମ୍ବା, ଅଭ୍ର, ବଙ୍ଗ, ମଣ୍ଡୁର, କାନ୍ତ, ଶଙ୍ଖ, ମୁକ୍ତା, ପ୍ରବାଳ ଆଦି ମାରିବା ବୋଲାଯାଏ । ]

ସୁଧା ମାରିବା—ଦେ. କ୍ରି—( ଉତ୍କଳୀୟା ସ୍ତ୍ରୀମାନେ ) ମଥାସଣା, ମେଥିଗୁଣ୍ଡା ଆଦି ସୁଗନ୍ଧି ମସଲାକୁ ବାଟି ମୁଣ୍ଡର ବାଳ ଉପରେ ମର୍ଦ୍ଦନ କରି ବୋଳିବା ।

ହଁ ମାରିବା—ଦେ. କ୍ରି—କୌଣସି ବିଷୟରେ ସ୍ୱୀକୃତ ହୋଇ (ଅନ୍ତତଃ ମୁହଁରେ ସ୍ୱୀକୃତ ହୋଇ) 'ହଁ' ବୋଲି କହିବା ।

ହରଣଗୁଳ ମାରିବା—ଦେ. କ୍ରି—୧ । ଠକାଇ କରି ନେବା । ୨ । ଲୁଟିକରି କରି ନେବା । ୩ । ଚୋରି କରି ନେବା ।

ହଳଦୀ ମାରିବା—ଦେ. କ୍ରି—ଦେହରେ ସାମାନ୍ୟ ପରିମାଣରେ କଞ୍ଚା ହଳଦୀ ଲଗାଇବା ।

ହସେଇ ହସେଇ ମାରିବା—ଦେ. କ୍ରି—କୌଣସି ବ୍ୟକ୍ତିକୁ ବହୁତ ହସାଇ କରି ଅକ୍ରାନ୍ତ କରିବା ।

ହାଇ ମାରିବା—ଦେ. କ୍ରି—ମୁଖ ବ୍ୟାଦାନ କରି ପାଟି ବାଟେ ପବନ ନେବା ଆଣିବା ଦ୍ୱାରା ଅଳସ ଭାଙ୍ଗିବା ।

ହାଉଡ଼ି ମାରିବା—ଦେ. କ୍ରି—ଭୋଜନରେ ତୃପ୍ତ ହୋଇ 'ହେଉଡ଼ି' ଉଚ୍ଚାରଣ କରି ପେଟରୁ ପବନ ବାହାର କରିବା ।

ହାକୁଟି ମାରିବା—ଦେ. କ୍ରି—ଅଜୀର୍ଣ୍ଣ ବା ଗୁରୁ ଭୋଜନ ଯୋଗୁଁ ଊର୍ଦ୍ଧ୍ୱ-ବାୟୁ କରିବା ।

ହାତ ମାରିବା—ଦେ. କ୍ରି—୧ । କୌଣସି ପଦାର୍ଥକୁ ଛୁଇଁ ଦେବା ବା ତା ଉପରେ ଥିର କରି ହାତ ଚଳାଇବା; ୨ । କୌଣସି ପଦାର୍ଥକୁ କୌଶଳରେ ନେଇ ଆସିବା ବା ଚୋରି କରିବା; ୩ । ଢିଙ୍କିଉଣ୍ଡିରେ ଥିବା ଧାନ ବା ଚାଉଳ ଆଦି କୁଟାଯିବା ବେଳେ ତାକୁ ଢିଙ୍କିର, ମୂଷଳ ମୁହଁକୁ ପେଲି ଦେବା; ୪ । ଅଣ୍ଟାଳିବା; ୫ । (ଅଶ୍ଳୀଳାର୍ଥକ) ପରସ୍ତ୍ରୀ ରମଣ କରିବା; ଅବୈଧ ପ୍ରଣୟ କରିବା ।

ହାଫା ମାରିବା—ଦେ. କ୍ରି—ଅଫା ମାରିବା (ଦେଖ)

ହାବ(ବେ)ଲ ମାରିବା—ଦେ. କ୍ରି—ହାବଲ(ବାଣ)ରେ ନିଆଁ ଲଗାଇ ଉପରକୁ ଛାଡ଼ିବା ।

ହାବୁକା ମାରିବା—ଦେ. କ୍ରି—୧ । ଦୁଇ ହାତରେ ପାଣିକୁ ଆଘାତ କରି ଲହଡ଼ି ଉଠାଇବା । ୨ । ବୁଢ଼ା ଅଙ୍ଗୁଠି ଓ ବାକି ଅଙ୍ଗୁଠିକୁ ମେଲା କରି, ଅର୍ଦ୍ଧଚନ୍ଦ୍ରାକୃତି କରତଳ ଦ୍ୱାରା କୌଣସି ବ୍ୟକ୍ତିର ବେକରେ ଠେଲି ଦେବା ।

ହାବୁଡ଼ା ମାରିବା—ଦେ. କ୍ରି—ବାଡ଼ା ଓ କତୁରୀ ଦ୍ୱାରା ନଇର କାଖରେ ଓ କଡ଼ରେ ଉପର୍ଯ୍ୟୁପରି ଆଘାତ କରି ଶବ୍ଦ କରିବା ।

ହାମ୍ପୋ(ମ୍ପୌ)ଳ ମାରିବା—ଦେ. କ୍ରି—୧ । ଓଷ୍ଠ ଦ୍ୱାରା ପବନ ଛାଡ଼ିବା; ୨ । କରତଳ ଦ୍ୱାରା ଫୁଟୁକା ମାରିବା ।

ହାର୍ ଜିତ୍(ଣ) / ହାର୍ ଜିଦ(ତ) } ମାରିବା—ଦେ. କ୍ରି—ଜିଦ୍ ବା ପଣ ରଖି କାର୍ଯ୍ୟରେ ପଶିବା ।

ହୁଁ ମାରିବା—ଦେ. କ୍ରି—୧ । କୌଣସି କାହାଣୀକୁ ବା ବିଷୟକୁ ଶ୍ରୋତା ମନ ଦେଇ ଶୁଣୁଛି ବୋଲି କହିବା ଲୋକ ଜାଣି ପାରିବା ଉଦ୍ଦେଶ୍ୟରେ 'ଶ୍ରୋତା' ମଝିରେ ମଝିରେ 'ହୁଁ' ବୋଲି କହିବା; ୨ । ହଁ ମାରିବା (ଦେଖ)

ହେଉଁ(ଉ)ଡ଼ି ମାରିବା—ଦେ. କ୍ରି—ହାଉଡ଼ି ମାରିବା (ଦେଖ)

ହେ(ହୁ)ଣ୍ଟାଳ ମାରିବା—ଦେ. କ୍ରି—(ବାଘ) କ୍ଷୁଧିତ ଅବସ୍ଥାରେ ବାରମ୍ବାର ଗର୍ଜନ କରିବା ।

ହେଣ୍ଡି ମାରିବା—ଦେ. କ୍ରି—ହାତୁଡ଼ା ମାରିବା ।୨। (ଲକ୍ଷଣାର୍ଥ) ବିଶେଷ ଅନର୍ଥ ବା କଳିକୁଣ୍ଡା ପ୍ରକାଶ କରିବା; ଅନର୍ଥରେ ନାଚିବା ।

ହୋଇ } ମାରିବା—ଦେ. କ୍ରି—ଉଠୋ ମାରିବା (ଦେଖ)
ହୋଇ, ହୋଇ }

ହୋ ମାରିବା—ଦେ. କ୍ରି—ହୋ ହା ମାରିବା (ଦେଖ)

ହୋ ହା ମାରିବା—ଦେ. କ୍ରି—୧ । ଘୋଷା ମାରିବା (ଦେଖ); ୨ । ହୋ ହା ଶବ୍ଦ କରିବା; ୩ । ଉଠୋ ମାରିବା ।

ମାରିବା ତାରିବା—ଦେ. କ୍ରି (ବିପରୀତାର୍ଥ ସହଚର; ମୃ ଧାତୁ ଣିଚ ମାରି ଧାତୁ ଓ ତୃ ଧାତୁ ଣିଜନ୍ତ ତାରି ଧାତୁ)—କୌଣସି ବ୍ୟକ୍ତିର ସର୍ବନାଶ ଘଟାଇବା ଓ ତାକୁ ରକ୍ଷା କରିବା—To ruin and save a person.
Māribā tāribā
মারা তারা
मारना तारना

ମାରିବା ଧରିବା—ଦେ. କ୍ରି ( ସଂ. ମାରି ଧାତୁ ଓ ଧୃ ଧାତୁ )—ମାଡ଼ପିଟ କରିବା; ମାରଧର କରିବା;ପ୍ରହାର କରିବା-- To beat.
Māribā dharibā
মারাধরা, মারাপেটা
मारना धरना
(ମାରିବା ପିଟିବା—ଅନ୍ୟରୂପ)

ମାରିବା ହାଣିବା—ଦେ. କ୍ରି (ସହଚର ଶବ୍ଦ) (ସଂ. ମାରି ଧାତୁ ଓ ହନ ଧାତୁ)—୧ । ପ୍ରହାର କରିବା ଓ ଶସ୍ତ୍ର ଦ୍ୱାରା କାଟିବା—1. To strike and cut with weapons. ୨ । ଜଙ୍ଗଲ ଓ ପଡ଼ିଆ ଜମିର ଗଛମାନ କାଟି ମାଟିକୁ ଖୋଳି ଅବ ଦ୍ୱାରା ସମତୁଲ କରିବା—2. To reclaim a waste land or jungle by cutting the trees and levelling up the ground.
Māribā hāṇibā
মারাকাটা
मारना काटना

ମାରି ମନ କରିବା—ଦେ.କ୍ରି—୧ । ଦୃଢ଼ସଙ୍କଳ୍ପ ପୂର୍ବକ ପ୍ରହାର କରିବା —1. To beat after firm resolve. ୨ । ଖୁବ୍ ଜୋର୍‌ରେ ମାରିବା— 2. To beat with force. ୩ । ମାଡ଼ ମାରିବାକୁ ଇଚ୍ଛା ବା ସଙ୍କଳ୍ପ କରିବା—3. To wish or resolve to strike a blow.
Māri mana karibā
मारनेको मन करना

ମାରି ମ(ମା)ହାପାତ୍ରେ ବୋଲା(ଲେ)ଇବା—ଦେ.କ୍ରି-ଅନ୍ୟ ଲୋକମାନଙ୍କୁ ମାଡ଼ମାରି ବା ଧମକାଇ ଅପଣା ସାହସିକ ପରିଚୟ ଦେବା—To show one's heroism by beating, striking or terrifying others.
Māri ma(mā)hāpātre bolā(le)ibā
मारकर वीरता दिखाना

ମାରି ମିଶିବା—ଦେ କ୍ରି—କୌଣସି ବ୍ୟକ୍ତିକୁ ମାଡ଼ ମାରିବା ପାଇଁ ଆକ୍ରମଣ କରିବା ବା ଉଦ୍ୟତ ହେବା— To attack or fall upon a person to beat him; to assault.
Māri misibā
মারতে উদ্যত হওয়া
मारनेको झूकना

ମାରି ଯିବା—ଦେ. କ୍ରି—୧ । ଯେ କୌଣସି ପ୍ରକାରେ କାମ ଚଳାଇ ନେବା—1. To get on anyhow. (ଯଥା— ମାରିଗଲେ ମାହାପାତ୍ରେ, ଘୁଞ୍ଚିଗଲେ କଳକା—ଢଗ) ୨ । କାଳ ଯାପନ କରିବା—2. To pass time; to go on. [ ଯଥା—ମାରି ମାରି ଗଲା କାଳକ—ଢଗ । ]
Māri jibā
মেরে যাওয়া
मारजाना

ମାରିଷ—ସଂ. ବି. (ମୃଷ୍ ଧାତୁ=କ୍ଷମା କରିବା+କର୍ତ୍ତୃ. ଅ; ନିପାତନ; ଅଥବା ମା=ନିଷେଧ+ରିଷ୍ ଧାତୁ=ହିଂସା କରିବା+କର୍ତ୍ତୃ. ଅ)—୧ । (ନାଟ୍ୟୋକ୍ତିରେ) ଶ୍ରେଷ୍ଠ ବ୍ୟକ୍ତି ବା ନଟ ବା ସୂତ୍ରଧାରଙ୍କ ପ୍ରତି ସମ୍ବୋଧନ —1. A term of respect used to an elder (specially to an actor or manager) in dramatic parlance. ୨ । ଭଣ୍ଡୁଲିପୁ; ଶାକ ବିଶେଷ; କେଣ୍ଡୁଅ ଶାଗ—2. A kind of potherb; Amaranthus Oleraceus. ୩ । ଖଡ଼ା ଶାଗ—3. Amaranthus Gangeticus.
Mārisha

ମାରିଷ ଦଣ୍ଡା—ପ୍ରାଦେ. (ସମ୍ବଲପୁର) ବି—ଖଡ଼ା ଶାଗ—Amaranthus Gangeticus.
Mārisha daṇḍā

ମାରିଷା—ସଂ. ବି. ସ୍ତ୍ରୀ—ଦକ୍ଷ ମୁନିଙ୍କର ମାତା—The name of the mother of Sage Daksha.
Mārishā
ଦେ. ବି—ମାରିଷ ୨ ଓ ୩ ( ଦେଖ )
Mārisha 2 & 3 ( See )

ମାରିଷି—ଦେ. ବି—ମାରିଷ ୨ ଓ ୩ ( ଦେଖ )
Mārishi Mārisha 2 & 3 ( See )

ମାରିଷିଆ ମାରିବା—ପ୍ରାଦେ. (ସମ୍ବଲପୁର) କ୍ରି—ଶିଙ୍ଗରେ ବିନ୍ଧିବା— To gore.
Mārishiā māribā

ମାରି ସାବାଡ଼୍ ବନା(ନେ)ଇବା—ଦେ. କ୍ରି—କୌଣସି ବ୍ୟକ୍ତିକୁ ବହୁତ ମାରି ଜବଦ୍ କରିବା—To bring one under subjection by giving him a sound beating.
Māri sābārd banā(ne)ibā
(ମାରି ଦ[ଥ]ଣ୍ଡା କରିବା—ଅନ୍ୟରୂପ)
মেরে সাবাড় করা
मारकर सीधा करना, मारकर सुला देना

ମାରି ହେବା—ଦେ. କ୍ରି—୧ । (ସକର୍ମକ)—ଅପଣା ଦେହରେ ତେଲ ବା ହଳଦୀ ଅବ ଜଳେ ଲଗାଇ ହେବା— 1. To smear one's own body with oil, turmeric paste etc. ( ଯଥା—ଭୁ ଶୀଘ୍ର ଦେହରେ ଟିକିଏ ତେଲ ମାରି ହୋଇ ଗାଧୋଇ ପଡ଼୍ । ) ୨ । (ଅକର୍ମକ) ଅପଣା ଦେହରେ ହସ୍ତ ବା ଅସ୍ତ୍ରାଦି ପ୍ରହାର କରିବା—2. To strike one's hand or a weapon on one's body. [ ଯ—ଛେଳ ହୋଇବାକୁ ଜାତ ହୁଏ ଭୁକି, ଛେଳ ମାରି ହେବ କହୁ କହୁ ଥାଉ ସିକି । କବିସୂର୍ଯ୍ୟ. କବିତା ।] ୩ । (ଅକର୍ମକ) ଛଟପିଟ ହେବା; ଅପଣାର ଅଙ୍ଗ ପ୍ରତ୍ୟଙ୍ଗକୁ ଭୂମିରେ ବା ପାଣିରେ ବା ଇତସ୍ତତଃ ବାଡ଼େଇବା—3. To strain one's limbs; to strike one's body against the ground or water or in the air. ( ଯଥା—ଏ ଘୋଡ଼ାସ୍ୱରେ ସବୁବେଳେ ମାଛ ମାରି ହେଉଥିଲେ । ) ୪ । (ସକର୍ମକ) (ଅପଣାର ମୁଣ୍ଡକୁ) ଭୂମିରେ ଅଘାତ କରିବା—4. To strike ( one's head ) on the ground. ( ଯଥା—ଏଠାରେ ଛଡ଼ବଡ଼ ମୁଣ୍ଡ ମାରି ହେଲେ ସୁଦ୍ଧା କେହି ଶୁଣିବାକୁ ନାହିଁ । )
Māri hebā
মাখা
मखालेना
চাপড়ান
मारना
উলটান
उलटना
কুড়া
पीटना

ମାରି—ସ. ବି—( ମୃ ଧାତୁ ଣିଚ୍=ମାର ଧାତୁ+କର୍ତ୍ତୃ. ଇ)—୧ । Mārī ମାରୁ ( ଦେଖ )—1. Mārī ( See ) ୨ । (ସ୍ତ୍ରୀ) ମାହେଶ୍ୱରୀ ଶକ୍ତି; ଚଣ୍ଡୀ—2. Goddess Chaṇḍī.

ମାରିଚ—ସ. ବଣ ( ମରିଚ+ଅ )- ମରିଚ ସମ୍ବନ୍ଧୀୟ—Relating Māricha to black pepper. ବି—୧ । ମରିଚ କ୍ଷେତ—1. A field of black pepper. ୨। ସ୍ୱନ ନାମକ ରାକ୍ଷସର ଔରସରେ ତାଡ଼କାନାମ୍ନୀ ରାକ୍ଷସୀ ଗର୍ଭରେ ଜାତ ମାୟାବୀ ରାକ୍ଷସ—2. Name of a demon who assumed the shape of a golden deer and cheated Sitā into believing it to be a real one and sending away Rāmachandra after it. [ ଦ୍ର—ମାୟାମୃଗ ଶବ୍ଦେ ନୋଟ୍ ଦେଖ ।] ୩ । ରାଜ ହସ୍ତୀ; ପାଟ ହାତୀ—3. An elephant ridden by a king.

ମାରିଚ ମାରି—ଦେ. ବି—ମାରିଚହନ୍ତା; ରାମଚନ୍ଦ୍ର—Killer of Māricha māri Māricha; Rāma Chandra. [ଦ୍ର—ବଳାସରେ ନେତ୍ର ମାରିଚମାରିର ଜାଣି ଲକ୍ଷାସରେ ଧାଇଁ । ଉପ. ବୈଦେହୀଶବିଳାସ ।]

ମାରିଚୀ—ସ. ବି. ସ୍ତ୍ରୀ—ଦେବୀବିଶେଷ; ବଜ୍ରକାଳିକା ବା ବଜ୍ରବାରାହୀ Mārichī ଦେବୀ—Name of a Goddess ( an incarnation of Durgā ).

ମାରି ଭୟ—ସ.ବି. (୬ଷ୍ଠୀ ତତ୍)-୧ । ମାରାତ୍ମକ ସଂକ୍ରାମକ ରୋଗ ଦେଶରେ Māri bhaya ବ୍ୟାପିବା ସମୟରେ ଜାତ ଭୟ 1. Fear due to the raging of a mortal epidemic in a locality. ୨ । ମଡ଼କ; ମହାମାରୀ —2. Plague, pestilence.

ମାରୁ—ସ. ବି—(ମୃ ଧାତୁ ଣିଚ୍=ମାର ଧାତୁ+ଭାବ ଉ )—୧ । ହତ୍ୟା; Māru ମାରଣ; ବଧ; ବିନାଶ—1. Slaughter; destruction. ୨ । ( +କର୍ତ୍ତୃ. ଉ )—ମହାମାରୀ— 2. Plague; pestilence. ୩ । (+ଭାବ. ଉ) ଆଘାତ; ପ୍ରହାର—3. Stroke. ଦେ. ବି—(ସ. ମାରକ)—୧ । ଘାତକ ବ୍ୟକ୍ତି—1. Assassin; murderer. ୨ । ପଦାର୍ଥର ବା ମନୁଷ୍ୟର ଅପବିତ୍ର ଅବସ୍ଥା—2. Impure condition of a thing or a person.

মারাত্মক লোক
মারহ, মারক
মারা অছুত

(ମାରୁଣୀ—ସ୍ତ୍ରୀ) ବଣ. ପୁଂ ଓ ସ୍ତ୍ରୀ—୧ । ଘାତକ; ହତ୍ୟାକାରୀ— 1. Murderous. ୨ । ନଷ୍ଟ—2. Spoiled. ୩ । ଦୂଷିତ—3. Contaminated. ୪ । ସଢ଼ି ଯାଇଥିବା—4. Rotten. ୫ । ଅପବିତ୍ରୀକୃତ— 5. Polluted. ୬। ଅସ୍ପୃଶ୍ୟର ସ୍ପର୍ଶଯୋଗୁଁ ଅପବିତ୍ର; ଛୁଆଁ—6. Polluted by the touch of a prohibited thing or person. ୭ । (ସ୍ତ୍ରୀ) ଋତୁମତୀ; ରଜସ୍ୱଳା ( ସ୍ତ୍ରୀ )—7. Menstruated (woman). [ଦ୍ର—ସ୍ତ୍ରୀ ରଜସ୍ୱଳା ହେଲେ ବା ରଜସ୍ୱଳା ସ୍ତ୍ରୀକୁ ଛୁଇଁଲେ, ମଳ ଇତ୍ୟାଦି ଅପବିତ୍ର ପଦାର୍ଥକୁ ଛୁଇଁଲେ, ସଦ୍ୟଃପ୍ରସୂତାକୁ ଛୁଇଁଲେ, ଅଶୁଦ୍ଧ ଶାଳକୁ ପ୍ରବେଶ କଲେ, ଅସ୍ପୃଶ୍ୟ ଜାତୀୟ ବ୍ୟକ୍ତିକୁ ଛୁଇଁଲେ, ଲୁଗା ପିନ୍ଧି ଝାଡ଼ା ଫେରି ଗଲେ ଓ ମୁର୍ଦ୍ଦାର କାନ୍ଧେଇଲେ ବା ଶ୍ମଶାନକୁ ଶବ ସଙ୍ଗେ ଗଲେ ସେ ଲୋକ ଓ ବସ୍ତ୍ରାଦି ମାରୁ ହୁଏ ଓ ସ୍ନାନ ନ କଲେ ପବିତ୍ରତା ଲାଭ ହୁଏ ନାହିଁ ।] ୮ । ମନ୍ଦ; ନିକୃଷ୍ଟ— 8. Inferior. ୯ । କାର୍ଯ୍ୟର ଅଯୋଗ୍ୟ; ଅକର୍ମଣ୍ୟ— 9. Unfit; worthless. ପ୍ରାଦେ. (ଉତ୍ତର ବାଲେଶ୍ୱର) ବି (ତୁଳ. ବ. ମାର)—ମାଡ଼—Beating. (ଯଥା—ଅଜ ତାକୁ ଭାରି ମାରୁ ହେଲା ।)

মারা
অছুত
ছুআজানা
মরা
অছুত
অছুতী

ମାରୁ ଅଚ୍ଚ—ଦେ. ବି—କ୍ଷେତ୍ରରେ ହଳ ବୁଲାଇ ଚଷ କଲା ବେଳେ Māru achā ଲଙ୍ଗଳ ଦ୍ୱାରା ଯେଉଁ ଅଚ୍ଚ ବା ବୃତ୍ତାକାର ରେଖା- (ମାରୁଣି ଅଚ୍ଚ—ଅନ୍ୟରୂପ) ମାନ ଗୋଲ ହୋଇଥାଏ ସେହି ଅଚ୍ଚ- ମାନଙ୍କ କେନ୍ଦ୍ରସ୍ଥଳରେ ଯେଉଁ କ୍ଷୁଦ୍ର ଅଂଶ ହଳ ଦ୍ୱାରା କର୍ଷିତ ହୋଇ ନ ପାରି ପଡ଼ିଆ ରହିଯାଏ—The elliptical and very narrow strip of unploughed land left in the centre of a ploughed field when it is ploughed in concentric elliptical furrows. [ଦ୍ର—କ୍ଷେତକୁ ଚଷ କରିବା ପରେ ଯେଉଁ ଯେଉଁ ସ୍ଥାନରେ 'ମାରୁ ଅଚ୍ଚ'ମାନ ରହି ଯାଇଥାଏ ସେହି ସେହି ସ୍ଥାନକୁ ଶେଷରେ ହଳ ବୁଲାଇ ଚଷି ଦିଆଯାଏ ଏହାକୁ ମାରୁ ଅଚ୍ଚ ମାରିବା କହନ୍ତି ।]

অহরী ফিরাহ

ମାରୁ ଅଚ୍ଚ ମାରିବା—ଦେ. କ୍ରି—କ୍ଷେତ୍ରରେ ପ୍ରଥମେ ହଳ ବୁଲାଇବା Māru achā māribā ବେଳେ ଏକକେନ୍ଦ୍ରିକ 'ଅଚ୍ଚ' ବା ଲଙ୍ଗଳ ରେଖାମାନଙ୍କରେ ଯେଉଁ ଅକର୍ଷିତ କେନ୍ଦ୍ରାଂଶମାନ ରହି ଯାଇଥାଏ ତାକୁ ଶେଷରେ ହଳ କରିବା— To plough up the unploughed patches left in the centre of a ploughed field.

ମରୁଆ—ଦେ. ବଣ. ପୁଂ (ସ. ମାରକ)—୧ । ଯେ ମାରେ ବା ପ୍ରହାର Mrāuā କରେ—1. Beating. ୨ । ହତ୍ୟାକାରୀ— [ମାରେ(ରେ)ଇ—ସ୍ତ୍ରୀ] 2. Killing. ୩ । ଯେଉଁ ବ୍ୟକ୍ତି ଅନ୍ୟ ବ୍ୟକ୍ତିକୁ କ୍ଷତିରେ ପକାଏ—3. Putting another to loss. (ଦ୍ର—ଜୟ ମାଲ-ମାରୁଆ-ମରୁଆ ଲୋଟା । ପ୍ରାଚୀ. ଉତ୍ସବ ମଣ୍ଡପ ।) ୪ । ନଷ୍ଟ—4. Spoiled. ୫ । ଦୂଷିତ—5. Polluted. ୬ । ଅନ୍ତଃସାର ଶୂନ୍ୟ— 6. Unsubstantial.

মারকুটে
মারহ
মারা
খরাব

ମାରୁଆ ମଲ(ଲ୍ଲି)ଆ—ଦେ. ବଣ—(କାଠ ବା କଡ଼ି ଅଦ ସଢ଼ି ଯିବାରୁ Māruā mali(lli) ବା ଉଇର ଗୋଡ ବା ଛିଦ୍ର ଖାଇ ଯିବାରୁ ) ଅକର୍ମଣ୍ୟ; ଅନ୍ତଃସାରଶୂନ୍ୟ—Worthless (said of a timber or log of wood which is hollow [ମାରୁ ମଲ(ଲ୍ଲି)ଆ—ଅନ୍ୟରୂପ]

খারাপ
খরাব

or ant-eaten in the interior); unsound in the core. ଦେ. ବି—ମାଣ୍ଡ କାଠର ଭିତରେ ଥିବା ଓ ବାହାରକୁ ଦେଖା ଯାଉ ନ ଥିବା ଅସାରାଂଶ— Unsubstantial portion inside a damaged timber.

ମାରୁଁ ଗେଲା—ପ୍ରାଦେ. (ଉତ୍ତରଭାଷା) କ୍ରି—ମର ଗଲା— Mārun̄ gelā (He) Died.

ମାରୁ(ରେ, ଙ୍ଗେ)ଙ୍ଗା(ଙ୍ଗେ)—ବୈଦେ. କ୍ରି—(ହିନ୍ଦୀ ଭାଷାର ମାରୁଙ୍ଗା) Māru(re, ro)ṅgā (ṅge) କ୍ରିୟାର ଭବିଷ୍ୟତ କାଳ ୧ମ ପୁରୁଷ ୧ ବଚନରେ (ମୈ) ମାରୁଙ୍ଗା, (ହମ୍) ମାରେଙ୍ଗେ) ମୁଁ ମାରିବି ବା ପ୍ରହାର କରିବି—I shall beat. [ଦ୍ର—ଉଠି ନ ପାର ମାରୁଙ୍ଗା । ଉଗ ।—ଏହାର ଅର୍ଥ ଏହି ଯେ, ଯେଉଁ ବ୍ୟକ୍ତିର ଶଯ୍ୟାରୁ ଉଠିବାର ଶକ୍ତି ନାହିଁ, ସେ ମୁହଁରେ ମୈ ମାରୁଙ୍ଗା (ମୁଁ ମାରିବି) ବୋଲି ଆସ୍ଫାଳନ କରିବା ନ୍ୟାୟ । ଭୂଲ. ହିନ୍ଦୀ ପ୍ରବଚନ—ଉଠ୍‌ନେକା ତାକତ ନହିଁ ଜଗନ୍ନାଥ ଯାତ୍ରା 'କହୀ ନ ଚଲେ ବେଙ୍ଗବା ଗ୍ରାବ' ।]

ମାରୁ(ରେ)ଣୀ—ଦେ. ବି. (ସଂ. ମାରଣ)—୧ । ମାରଣ ୧ । (ଦେଖ) Māru(re)ṇi মারণ मारण 1. Marana 1 (See) [ଦ୍ର—ବାଡ ଯେ ବଢ଼ିଲେ ଭୀମଙ୍କ ମାରୁଣୀରୁ, ବୁଡ଼ି ମୂଢ ପଳାଇଲେକ ସେ ବନରୁ । କୃଷ୍ଣସିଂ. ମହାଭାରତ. ବନ ] ୨ । ମାରୁଅଚ୍ଛ ( ଦେଖ )—2. Māruchā (See) (ମାରକୀ—ପୁଂ) ＊ । ବି. ସ୍ତ୍ରୀ—ଘାତୁକା ସ୍ତ୍ରୀ—3. A murderous woman. ବିଣ. ସ୍ତ୍ରୀ—ହତ୍ୟାକାରିଣୀ; ଘାତୁକା—Murderous (woman.)

ମାରୁଣୀ ମାରିବା—ଦେ. କ୍ରି—ମାରୁଅଚ୍ଛମାନଙ୍କୁ ପୁନର୍ବାର ହଳ ଚଳାଇ Māruṇi māribā ଚଷିବା—To plough up the parts of the field left untouched by the plough.

ମାରୁତ—ସଂ. ବି ମରୁତ+ସ୍ୱାର୍ଥେ ଅ )—୧ । ପବନ; ବାୟୁ— Māruta 1. Air; wind. ୨ । ଅଷ୍ଟୋଣ ପବନ— 2. The airs ( 49 in number ) represented as demigods. [ ଦ୍ର—ଏହି ଶବ୍ଦର ବ୍ୟୁତ୍ପତ୍ତି 'ମା ରୋଦୀ'+ଅ ମଧ୍ୟ ହୋଇପାରେ । ସଂ. ମାରୋଦୀ= କାନ୍ଦନା; ଦିତିଙ୍କ ଗର୍ଭରେ 'ପବନ' ଭ୍ରୂଣରୂପେ ଅବସ୍ଥାନ କରୁଥିବା ସମୟରେ ଇନ୍ଦ୍ର ବଜ୍ରଦ୍ୱାରା ଏ ଭ୍ରୂଣକୁ ପ୍ରଥମେ ୭ ଖଣ୍ଡ କରି କାଟି ପକାଇଲେ ଓ ପରେ ପ୍ରତ୍ୟେକ ଖଣ୍ଡକୁ ୭ ଖଣ୍ଡ ଲେଖାଏଁ ଏପରି ୪୯ ଖଣ୍ଡ କଲେ । ଦିତି ଗର୍ଭନାଶ ହେବାର ଦେଖି କାନ୍ଦିବାରୁ ଇନ୍ଦ୍ର ତାଙ୍କୁ କହିଥିଲେ :— ମାରୋଦୀ—ତୁମେ କାନ୍ଦନା । ]

ମାରୁତାତ୍ମଜ—ସଂ. ବି ( ୬ଷ୍ଠୀ ତତ୍; ମାରୁତ+ଆତ୍ମଜ )—୧ । Mārutātmaja ପବନଙ୍କ ସ୍ତ୍ରୀ ଅଞ୍ଜନାଙ୍କ ଗର୍ଭଜାତ ପୁତ୍ର (ମାରୁତି—ଅନ୍ୟରୂପ) ହନୁମାନ୍—1. The name of the monkey devotee of Rāma Chandra. ୨ । ( ପାଣ୍ଡୁଙ୍କ ସ୍ତ୍ରୀ କୁନ୍ତୀଙ୍କ ଗର୍ଭରେ ପବନଙ୍କ ଔରସରେ ଜାତ ) ଭୀମ—2. Bhīma, the 2nd Pāṇḍaba brother.

ମାରୁତାଶନ—ସଂ. ବିଣ ( ବହୁବ୍ରୀହି; ମାରୁତ ଅଟେ ଅଶନ ଯାହାର )— Mārutāśana ଯେ ପବନ ଖାଇ ପ୍ରାଣଧାରଣ କରେ— Subsisting on air only. ବି—ସର୍ପ— Serpent.

ମାରୁ ମରୁଡ଼ି—ଦେ. ବି ( ଦ୍ୱନ୍ଦ୍ୱର ପଦ )—ମାରି ଓ ଦୁର୍ଭିକ୍ଷ— Māru maruḍi Pestilence and famine. (ମାରୁ ମଡ଼କର—ଅନ୍ୟରୂପ)

ମାରେଜ୍—ବୈଦେ. ବି (ଇଂ. ମ୍ୟାରେଜ୍)—ବିବାହ—Marriage. Mārej ম্যারেজ मैरेज

ମାରେଜ୍ ରେଜି(ଜେ)ଷ୍ଟର(ରି)—ବୈଦେ. ବି. (ଇଂ. ମ୍ୟାରେଜ୍ Mārej reji(je)shṭar(ri) ରେଜିଷ୍ଟର୍)—୧ । ମୁସଲମାନ୍ ଓ ବ୍ରାହ୍ମ ম্যারেজ রেজিষ্টার ଆଦିଙ୍କ ବିବାହ ବିଷୟରେ ବର କନ୍ୟାଙ୍କ ମଧ୍ୟରେ मैरेज रजिष्टर ହେବା ଚୁକ୍ତି ଅଇନ୍ ଯେଉଁ ରଜିଷ୍ଟ ଖାତାରେ ଲିପିବଦ୍ଧ ହୁଏ—1. Marriage register. ୨ । ମାରେଜ୍ ରେଜିଷ୍ଟ୍ରେସନ୍ (ଦେଖ) 2. Marej rejish ṭresan (See)

ମାରେଜ୍ ରେଜିଷ୍ଟ୍ରାର—ବୈଦେ. ବି. (ଇଂ.—ମ୍ୟାରେଜ୍ ରେଜିଷ୍ଟ୍ରାର୍) Mārej rejishṭrār ମୁସଲମାନ୍ ଓ ବ୍ରାହ୍ମମାନଙ୍କର ବିବାହରେ ম্যারেজ রেজিষ্টার ଦମ୍ପତିଙ୍କର ଚୁକ୍ତିକୁ ସରକାରୀ ଅଇନର ବିଧି मैरेज रजिष्टर ଅନୁସାରେ ସାକ୍ଷୀଙ୍କ ଉପସ୍ଥିତିରେ ଲିପିବଦ୍ଧ କରିବା ପାଇଁ ଗବର୍ଣ୍ଣମେଣ୍ଟଙ୍କ ନିଯୁକ୍ତ ବ୍ୟକ୍ତି; ମୁସଲମାନ୍‌ମାନଙ୍କର କାଜୀ—Marriage registrar; Registrar of Mahomedan and Brahmo marriages.

ମାରେଜ୍ ରେଜିଷ୍ଟ୍ରେସନ୍—ବୈଦେ. ବି ( ଇଂ )—ମୁସଲମାନ୍ ଓ Mārej rejishṭresan ବ୍ରାହ୍ମମାନଙ୍କ ଦମ୍ପତିଙ୍କ ବିବାହବିଷୟକ ম্যারেজ রেজিষ্ট্রেসন मैरेज रेजिष्ट्रेसन चुक्तिकु ଅଇନ ଅନୁସାରେ ଲିପିବଦ୍ଧ କରିବା ଶବ—Registration of marriages amongst the Mahomedans and Brahmos.

ମାରୋଦ୍ୟମ—ଦେ. ବି (ସଂ. ମାର+ଉଦ୍ୟମ)—କାମ ଚେଷ୍ଟା— Mārodyama Amour. ( ଦ୍ର—ତାର କୁଟିଳ କୁନ୍ତଳ ସୁକବରୀ କରଇ କାମ ସ୍ୱରୂପ ମାରୋଦ୍ୟମ ସ୍ୱେ । ପ୍ରାଚୀ. ଉଷବାରଧ । ]

ମାର୍କ—ବୈଦେ. ବି. (ଇଂ)—୧ । ପରୀକ୍ଷାରେ ଲବ୍ଧ ପାଇଥିବା ନମ୍ବର— Mārk 1. Marks obtained by an examinee. ୨ । ବିଶେଷଜ୍ଞାପକ ଚିହ୍ନ—2. Distinctive mark. [ଦ୍ର—ଏହି ଶବ୍ଦବିଶିଷ୍ଟ ଅନ୍ୟ କେତେକ ଇଂରାଜୀ ଶବ୍ଦ ମଧ୍ୟ ଭାଷାରେ ଚଳନ୍ତି ଯଥା; କ୍ରସ୍ ମାର୍କ, ଟ୍ରେଡ୍ ମାର୍କ, ଇତ୍ୟାଦି) ଦେ. ବି—ମାରକ (ଦେଖ)—Māraka (See) ସଂ. ବି—ଭୃଙ୍ଗରାଜ (ଦେଖ) (ବୃ. ଷ.) Bhrungarāja (See).

ମାର୍କ(ର୍କି,ର୍କେ)ଟ— ବୈଦେ. ବି. (ଇଂ. ମାର୍କେଟ) — ହାଟ—
Mārk(rki, rke)ṭ मार्केट मार्केट Market.

ମାର୍କଣ୍ଡ—ସଂ. ବି ପୁଂ—( ମୃକଣ୍ଡ ଋଷି+ଅପତ୍ୟାର୍ଥେ. ଅ)—କଳ୍ପାନ୍ତଜୀବୀ
Mārkaṇḍa . ମୁନିବିଶେଷ; ମାର୍କଣ୍ଡେୟ—Name of a sage said to live for the period of the created world. ଦେ. ବି. ପୁଂ—ଲୋକଙ୍କୁ ଦିଆଯିବା ନାମ—Name given to males.

ମାର୍କଣ୍ଡ ଦାସ—ଦେ. ବି—ଉତ୍କଳୀୟ ପ୍ରସିଦ୍ଧ କବିବିଶେଷ—Name
Mārkaṇḍa dāsa of a famous poet of Utkal. [ଦ୍ର—ଏ ଖ୍ରୀଷ୍ଟୀୟ ଷୋଡ଼ଶ ଶତାବ୍ଦୀ ବା ତତ୍ ପୂର୍ବର କବି ଅଟନ୍ତି। ଏ ପୁରୀ ଜିଲ୍ଲାବାସୀ ବ୍ରାହ୍ମଣ ଥିଲେ । ବିନାୟକ. ଉତ୍କଳ ସାହିତ୍ୟ ଇତିହାସ । ସମଗ୍ର ଉତ୍କଳଭାଷୀ ପ୍ରଦେଶରେ ସୁପ୍ରଚଳିତ 'କେଶବ କୋଇଲି' ଓ 'ଜ୍ଞାନୋଦୟ କୋଇଲି' ଏହାଙ୍କ ଦ୍ୱାରା ରଚିତ । ଚାରଣୀ. ଉତ୍କଳସାହିତ୍ୟ ଇତିହାସ ।]

ମାର୍କଣ୍ଡି—ଦେ. ବି—ମାରକଣ୍ଡି (ଦେଖ)—Mārakaṇḍi (See).
Mārkaṇḍi ପ୍ରାଦେ. ( ଯାଜପୁର ) ବି—ବିବାହପରେ କନ୍ୟା ସଙ୍ଗେ ବର ଘରକୁ ଆସିଥିବା କନ୍ୟାର ଭାଇ ବା ଅନ୍ୟ କୁଟୁମ୍ବୀ ବାଳକ—A boy who accompanies the bride to her father-in-law's house just after the marriage.

ମାର୍କଣ୍ଡେୟ—ସଂ. ବି—(ମୃକଣ୍ଡ+ଅପତ୍ୟାର୍ଥେ. ଏୟ)—୧ । ମାର୍କଣ୍ଡ ମୁନି-
Mārkaṇḍeya 1. Name of a sage. ୨ । ମାର୍କଣ୍ଡଋଷି-ରଚିତ ପୁରାଣ—2. Name of a Purāṇa said to have been composed by sage Mārkaṇḍa. ୩ । ପୁରୁଷୋତ୍ତମ କ୍ଷେତ୍ରସ୍ଥ ଗୋଟିଏ ତୀର୍ଥ ପୁଷ୍କରିଣୀ—3. Name of a sacred tank in Puri. [ଦ୍ର—ପଞ୍ଚତୀର୍ଥ ଶବ୍ଦେ ଟୀକା ଦେଖ ।] ଦେ.ବି.ପୁଂ —ଲୋକଙ୍କୁ ଦିଆଯିବା ନାମ—Name given to males.

ମାର୍କଣ୍ଡେୟ ପୁରାଣ—ସଂ. ବି—ମାର୍କଣ୍ଡ ଋଷିଙ୍କ ରଚିତ ପୁରାଣବିଶେଷ—
Mārkaṇḍeya purāṇa Name of a Purāṇa ascribed to sage Mārkaṇḍa [ ଦ୍ର—ଏହି ପୁରାଣରେ ଦେବୀ ମାହାତ୍ମ୍ୟ ବା ଦୁର୍ଗାଙ୍କର ଚଣ୍ଡୀ ନାମକ ସ୍ତୋତ୍ର ଅଛି ।]

ମାର୍କଣ୍ଡେୟାବଟ—ସ ବି—( ମାର୍କଣ୍ଡେୟ+ଅବଟ=ପୁଷ୍କରିଣୀ )—
Mārkaṇḍeyābaṭa ମାର୍କଣ୍ଡେୟ ନାମକ ପୁରୁଷୋତ୍ତମର ତୀର୍ଥ ଜଳାଶୟ—The sacred tank named after Mārkaṇḍeya in Puri.

ମାର୍କଣ୍ଡେଶ୍ୱର—ଦେ. ବି—ମାର୍କଣ୍ଡେୟ ପୁଷ୍କରିଣୀର କୂଳରେ ପ୍ରତିଷ୍ଠିତ
Mārkaṇḍeśwara ମହାଦେବ—Name of a Sibalinga set up on the bank of Mārkaṇḍeya tank in Puri.

ମାର୍କଣ୍ଡେଶ୍ୱର ସାହି—ଦେ. ବି—ମାର୍କଣ୍ଡେୟ ପୁଷ୍କରିଣୀ ଠାରୁ ପ୍ରସାର ବଡ଼
Mārkaṇḍeśwara sāhi ଦେଉଳକୁ ଆସିଥିବା ଗୋଟିଏ ରାସ୍ତାର ଉଭୟ ପାର୍ଶ୍ୱସ୍ଥ ବସତି—Name of a bustee in Puri on both sides of the road leading from the Mārkaṇḍeya tank to the great temple.

ମାର୍କଣ୍ଡେଶ୍ୱରିଆ ଭଣ୍ଡାରୀ —ଦେ. ବି. ( ଲକ୍ଷଣାର୍ଥ )—ଯେଉଁ ବ୍ୟକ୍ତି ସାଧ୍ୟ
Mārkaṇḍeśwariā bhaṇḍāri ଜଣଙ୍କ ସେବାକୁ ଅଦର
गयाजीके पण्डा ସମସ୍ତଙ୍କୁ ଅର୍ଦ୍ଧସେବିତ କରି ବସାଇ ରଖେ—A person who takes in hand more work than he can smoothly cope with and accordingly keeps the persons concerned waiting for a long time. [ ଦ୍ର—ମାର୍କଣ୍ଡେଶ୍ୱରଥ ଭଣ୍ଡାରୀ ପରି କରଚା—ଢଗ । ଏହାର ତାତ୍ପର୍ଯ୍ୟ ଏହି ଯେ, ଯାତ୍ରୀମାନେ ମାନସିକ ପାଳନ କରିବା ପାଇଁ ମାର୍କଣ୍ଡେୟ ପୁଷ୍କରିଣୀ କୂଳରେ ଶିରୋମୁଣ୍ଡନ କରି ସ୍ନାନ କରନ୍ତି; ଅନେକ ଯାତ୍ରୀ ସେଠାରେ ମୁଣ୍ଡିତ ହୁଅନ୍ତି; ସେଠାରେ ମଧ୍ୟ ଅନେକଗୁଡ଼ିଏ ଭଣ୍ଡାରୀ ଯାତ୍ରୀମାନଙ୍କୁ କ୍ଷୌର କରିବାକୁ ଉପସ୍ଥିତ ଥାଅନ୍ତି । ପ୍ରବାଦ ଅଛି ଯେ ଭଣ୍ଡାରୀମାନେ ଲୋଭପରବଶ ହୋଇ ପ୍ରତିଦ୍ୱନ୍ଦ୍ୱୀ ଅନ୍ୟ ଭଣ୍ଡାରୀମାନଙ୍କଠାରୁ ଯାତ୍ରୀମାନଙ୍କୁ ଅଟକାଇ ଅଚୋଇ କରି ରଖିବା ପାଇଁ ଜଣେ ଯାତ୍ରୀକୁ କ୍ଷୌର କରିବାକୁ ଆରମ୍ଭ କରି ତାକୁ ଅଧା କ୍ଷୌର କରି ଛାଡ଼ି ଦେଇ ଆଉ ଜଣେ ଯାତ୍ରୀକୁ ଅଧିକାର କରି ତାକୁ ମଧ୍ୟ ଅଧା କ୍ଷୌର କରି ପୁଣି ଅନ୍ୟ ଯାତ୍ରୀକୁ ଧରନ୍ତି । ଏରୂପରେ ଅର୍ଦ୍ଧ ମୁଣ୍ଡିତ ଅବସ୍ଥାରେ ପାଞ୍ଚ ସାତ ଜଣ ଯାତ୍ରୀଙ୍କୁ ପ୍ରଥମେ ଅଚୋଇ କରି ଅଟକାଇ ରଖନ୍ତି । ଜଣେ ଭଣ୍ଡାରୀ ଯେଉଁ ଯାତ୍ରୀକୁ ଅଧେ କ୍ଷୌର କରି ଛାଡ଼ି ଦେଇଥାଏ ସେ ଯାତ୍ରୀକୁ ଅନ୍ୟ କେହି ଭଣ୍ଡାରୀ ଆଦରିବାକୁ ସାହସ କରନ୍ତି ନାହିଁ ଓ ସେ ଅର୍ଦ୍ଧମୁଣ୍ଡିତ ଯାତ୍ରୀଟି ସେହି ଭଣ୍ଡାରୀକୁ ଅପେକ୍ଷା କରି ବସି ରହିଥାଏ । ଜଣେ ଭଣ୍ଡାରୀ ଏରୂପରେ ୫।୭ ଜଣ ଯାତ୍ରୀଙ୍କୁ ଅଚୋଇ ସାରିବା ପରେ ଅର୍ଦ୍ଧମୁଣ୍ଡିତ ବ୍ୟକ୍ତିଙ୍କୁ ଜଣ ଜଣ କରି ପରେ କ୍ଷୌର କରେ । ଜଣେ ଲୋକ ଅନେକଗୁଡ଼ିଏ କାମକୁ ଆଦରି ପକାଇ ସବୁ କାମକୁ ପୂରା ନ କରି ଅଧା କରି ପକାଇ ରଖିଲେ ଲୋକେ ଏହି ଢଗ କୋହନ୍ତି । ]

ମାର୍କା—ବୈଦେ. ବି ( ଇଂ. ମାର୍କ )—୧ । ବଦରବାଣିଜ୍ୟର ଚିହ୍ନ ବା
Mārkā ମୋହର—1. Distinctive mark or seal.
मार्का ୨ । ଚିହ୍ନ; ଦାଗ—2. A mark. ୩ । ଛାପ;
मारका ମୋହର—3. Seal. ୪ । ପଣ୍ୟଦ୍ରବ୍ୟ ଉପରେ ମରାଯାଇଥିବା ଛାପ; ଟ୍ରେଡ଼ମାର୍କ—4. Trade-mark.

ମାର୍କାଡିଆ—ଦେ. ବିଣ—୧ । ଚିହ୍ନଯୁକ୍ତ; ସୁଚିହ୍ନିତ—1. Well-
Mārkāḍiā marked. ୨ । ପ୍ରଖ୍ୟାତ—2. Celebrated;

ମାର୍କାମରା } ଅନ୍ୟରୂପ notorious. (ଯଥା, ଅମୁକ ଲୋକେ ମାର୍କାମରା ଚୋରାଉଚି ।) ୩ । ନିର୍ଦ୍ଧାରିତ—
ମାର୍କାଲଗା }
मार्कामारा 3. Settled. ୪ । ବଣିଜ୍ୟ (ଟ୍ରେଡ୍‌ମାର୍କ୍) ଯୁକ୍ତ
**मार्का दिया हुआ** (ପଣ୍ୟ ଦ୍ରବ୍ୟ)—4. (a commodity) Having a special trademark.

ମାର୍କା ଦେବା—ଦେ. କ୍ରି—୧ । ଛାପ ମାରିବା—1. To put a
Mārkā debā seal. ୨ । ଚିହ୍ନ ମାରିବା—2. To
(ମାର୍କା ମାରିବା—ଅନ୍ୟରୂପ) put a mark.
मार्कामारा **मार्का देना**

ମାର୍କିନ୍(ନି) (ଇତ୍ୟାଦି)—ବୈଦେ. ବଣ ଓ ବି—ମାର୍କିନ୍(ନି) ଇତ୍ୟାଦି
Mārkin(ni) (etc) (ଦେଖ)—Mār-kin(ni) etc (See)

ମାର୍ଗ (ଧାତୁ)—ସ—୧ । ପ୍ରସ୍ତୁତ କରିବା—1. To prepare.
Mārg (root) ୨ । ଗମନ କରିବା—2. To go. ୩ । ପଥ ପ୍ରସ୍ତୁତ କରିବା—3. To construct a road. ୪ । ଶରରେ ବା ବାଣରେ ପକ୍ଷ ବସାଇବା—4. To feather an arrow. ୫ । ଅନ୍ୱେଷଣ କରିବା—5. To search.

ମାର୍ଗ—ସ. ବି (ମୃଗ୍ ଧାତୁ=ଅନ୍ୱେଷଣ କରିବା+କର୍ମ. ଅ)—୧ ।
Mārga ପଥ; ବର୍ତ୍ମ; ବାଟ—1. Way; road; passage. ୨ । (ମୃଜ୍ ଧାତୁ—ଶୁଦ୍ଧ କରିବା+କର୍ମ. ଅ)—ମଳଦ୍ୱାର; ଗୁହ୍ୟ; ପାୟୁ—2. Anus. ୩ । (ମାର୍ଗ ଧାତୁ—ଗମନ କରିବା; ଅନ୍ୱେଷଣ କରିବା+ଭାବ. ଅ) ଅନ୍ୱେଷଣ—3. Searching. ୪ । ଗବେଷଣା—4. Enquiry. ୫ । (ମୃଗ=ମୃଗଶିର ନକ୍ଷତ୍ର+ଯୁକ୍ତାର୍ଥେ. ଅ) ମୃଗଶିର ନକ୍ଷତ୍ର ଯୁକ୍ତ ମାର୍ଗଶିର ମାସ—5. The month of Mārgasira. ୬ । ମୃଗଶିର ନକ୍ଷତ୍ର—6. Name of the 4th asterism. ୭ । (ମୃଗ+ଜାତାର୍ଥେ. ଅ) ମୃଗନାଭି; କସ୍ତୁରୀ—7. Musk. ୮ । ବିଷ୍ଣୁ—8. Bishṇu. ୯ । କାଠକୁ କରତରେ ଚିରିବାବେଳେ କରତଦ୍ୱାରା କାଠରେ ଯେଉଁ ମାର୍ଗ ବା ଗାର ପଡ଼େ—9. A line or mark left on a timber by the saw passing through it; the passage left by the saw along a timber. ୧୦ । (ଲକ୍ଷଣାର୍ଥ) ମନୁଷ୍ୟର ଆଚରଣ ପନ୍ଥା—10. (figurative) The way of one's conduct. ୧୧ । ପ୍ରକାର; ନିର୍ଦ୍ଦିଷ୍ଟ ଉପାୟ—11. Mode; means. ୧୨ । ମାର୍ଗ ବିଦ୍ୟା ୧ (ଦେଖ)—12. Mārga bidyā 1 (See) ବଣ (ମୃଗ+ଅ)—ମୃଗ ସମ୍ବନ୍ଧୀୟ—Relating to deer.

ମାର୍ଗ କଢ଼ା(ଢ଼େ)ଇବା—ଦେ. କ୍ରି—କୌଣସି ବ୍ୟକ୍ତିକୁ ବାଟ ଦେଖାଇ
Mārga kaḍhā(ḍhe)ibā, ନେଇ ନେବା—To lead the
रास्ता देखाना **मार्ग दिखलाना** way.

ମାର୍ଗଣ—ସ. ବି (ମାର୍ଗ ଧାତୁ+ଭାବ. ଅନ)—୧ । ପ୍ରାର୍ଥନା କରିବା
Mārgaṇa —1. Entreating. ୨ । ଯାଚଞ୍ଚା; ମାଗିବା—2. Begging for; praying for. ୩ । ପ୍ରଣୟ—3. Love; attachment. ୪ । ଅନୁସନ୍ଧାନ; ଅନ୍ୱେଷଣ—4. Searching; enquiry. ୫ । (+କରଣ ଅନ) ଶର; ଶର; ବାଣ—5. Arrow; shaft; dart. ବଣ. ପୁଂ (+କର୍ତ୍ତୃ. ଅନ)—ପ୍ରାର୍ଥୀ; (ମାର୍ଗଣା—ସ୍ତ୍ରୀ) ପ୍ରାର୍ଥକ; ଯାଚକ—Entreating; begging; suppliant. [ଦ୍ର—ଏହି ଶବ୍ଦରୁ ମାଗଣ, ମାଗିବା ଆଦି ଅପଭ୍ରଂଶ ହୋଇଅଛି ।]

ମାର୍ଗଣକ—ସ. ବଣ. ପୁଂ (ମାର୍ଗଣ+କ)—ଯାଚକ—
Mārgaṇaka Suppliant.
(ମାର୍ଗଣିକା—ସ୍ତ୍ରୀ)

ମାର୍ଗଦ—ସ. ବି. ପୁଂ (ମାର୍ଗ+ଦା ଧାତୁ=କର୍ତ୍ତୃ. ଅ)—
Mārgada କେଉଟ; ନାଉରୀ (ହ. ଶ)—A boatman.

ମାର୍ଗ ଦେଖା(ଖେ)ଇବା—ଦେ. କ୍ରି—୧ । କୌଣସି ପଥିକର ଆଗେ
Mārga dekhā(khe)ibā ଆଗେ ଯାଇ ବାଟ କଢ଼ାଇବା—
पथ देखाना 1. To lead the way. ୨ । ରାସ୍ତା ଜାଣି ନ
**मार्ग दिखलाना** ଥିବା ପଥିକକୁ ହସ୍ତାଦିର ସଙ୍କେତଦ୍ୱାରା ଗନ୍ତବ୍ୟପଥର ସୂଚନା ଦେବା—2. To indicate the way by pointing the fingers towards the direction which the wayfarer has to take. ୩ । (ଲକ୍ଷଣାର୍ଥ) କୌଣସି ବ୍ୟକ୍ତିକୁ ଅଭିଳଷିତ କାର୍ଯ୍ୟସାଧନାର୍ଥ ଅବଲମ୍ବନୀୟ ଉପାୟ କହାଇବା—3. (figurative) To suggest to a person how to proceed in a matter.

ମାର୍ଗ ଧରା(ରେ)ଇବା—ଦେ. କ୍ରି—କୌଣସି ବ୍ୟକ୍ତିକୁ ପ୍ରବର୍ତ୍ତାଇ
Mārga dharā(re)ibā କୌଣସି ବାଟରେ ନେବା—
पथ धराना To succeed in inducing a person to
**मार्ग धराना** proceed along a certain path.

ମାର୍ଗ ଧରିବା—ଦେ. କ୍ରି—୧ । ନିର୍ଦ୍ଦିଷ୍ଟ ବାଟରେ ଚାଲିବା—1. To
Mārga dharibā walk along a particular road.
पथ धरा ୨ । କୌଣସି ନିର୍ଦ୍ଦିଷ୍ଟ ଉପାୟ ଅବଲମ୍ବନ କରିବା—
**मार्ग धरना** 2. To have recourse to a certain
(ମାର୍ଗ ପଶିଥିବା—ଅନ୍ୟରୂପ) means or mode.

ମାର୍ଗ ଧେନୁ—ସ. ବି—ଏକ ଯୋଜନ ପରିମିତ ଦୂରତ୍ୱ; ୪ କ୍ରୋଶ ବା
Mārga dhenu ୮ ମାଇଲ୍—A distance of 8 miles.
(ମାର୍ଗ ଧେନୁକ—ଅନ୍ୟରୂପ)

ମାର୍ଗପ—ସ. ବି.—(ମାର୍ଗ+ପା ଧାତୁ+କର୍ତ୍ତୃ. ଅ)—ଯେଉଁ ରାଜ-
Mārgapa କର୍ମଚାରୀଙ୍କଠାରେ ରାଜ୍ୟର ମାର୍ଗମାନଙ୍କ ରକ୍ଷଣ
(ମାର୍ଗପତି—ଅନ୍ୟରୂପ) କରିବା ଭାର ଥାଏ (ହ. ଶ)—
An official in charge of highways.

ମାର୍ଗ ପାଲି—ସ. ବ—୧ । ତୃଣକାଷ୍ଠମୟ ସ୍ତମ୍ଭ—1. A pillar
Mārga pāli made of grass. ୨ । ଯଟେଶ୍ୱରଙ୍କୋଲ୍ଲ
ଦେବତାବିଶେଷ—2. Name of a Goddess
(M. W.)

ମାର୍ଗବ—ସ. ବ—ନିଷାଦ ପିତା ଓ ଅଯୋଗବୀ ମାତାଠାରୁ ଉତ୍ପନ୍ନ ସଙ୍କର
Mārgaba ଜାତି ବିଶେଷ (ହି. ଶ)—Name of a hybrid caste.

ମାର୍ଗ ବତା(ତେ)ଇବା—ଦେ. କ୍ରି—୧ । ବାଟ ବତେଇ ଦେବା—
Mārga batā(te)ibā 1. To instruct a person as
ପଥ ବାତାଲାନ रास्ता बतलाना to the road.
୨ । (ଲକ୍ଷଣାର୍ଥ) ଉପାୟ କହିଦେବା—2. (figurative)
To suggest the means; to suggest the mode.

ମାର୍ଗବତୀ—ସ. ବି. ସ୍ତ୍ରୀ—ପଥିକମାନଙ୍କ ରକ୍ଷାକାରିଣୀ ଦେବୀବିଶେଷ
Mārgabati ( ହି. ଶ )—Name of a Goddess
who is said to guard travellers.

ମାର୍ଗ ବିଦ୍ୟା—ସ. ବ—୧ । ପ୍ରାଚୀନ ଋଷି ପ୍ରଣୀତ ଗୀତ, ବାଦ୍ୟ, ନୃତ୍ୟ
Mārga bidyā ବିଦ୍ୟା—1. The science of music of
ancient Hindus. ୨ । ପଥ ନିର୍ମାଣର ଶାସ୍ତ୍ରୀୟ
ବିଦ୍ୟା—2. A treatise on road-making.

ମାର୍ଗ ମଡ଼ା(ଡ଼େ)ଇବା—ଦେ. କ୍ରି ( ଲକ୍ଷଣାର୍ଥ )—କୌଣସି ଉପାୟ
Mārga mar̤dā(r̤de)ibā ଅବଲମ୍ବନ କରିବା ନିମନ୍ତେ
ପথ ধরান କୌଣସି ବ୍ୟକ୍ତିକୁ ପ୍ରବର୍ତ୍ତାଇବା—(figurative)
माग धराना To induce a person to act in a certain manner or to take a certain course.

ମାର୍ଗ ମାଡ଼ିବା—ଦେ. କ୍ରି (ଲକ୍ଷଣାର୍ଥ)—ନିର୍ଦ୍ଦିଷ୍ଟ ଉପାୟ ଅନୁଧାବନ
Mārga mār̤dibā କରିବାକୁ ସ୍ୱୀକୃତ ହେବା—(figura-
পথে আসা tive) To be prevailed upon to act
मार्ग धरना in a certain manner.

ମାର୍ଗଶିର—ସ. ବ (ମାର୍ଗଶିରା+ଅ)—ମଗୁଶିର; ଅଗ୍ରହାୟଣ ମାସ—
Mārgaśira The lunar month of Maguśira.

ମାର୍ଗଶିରୀ—ସ. ବ ( ମୃଗଶିରା+ଈ )—ମଗୁଶିର ପୂର୍ଣ୍ଣିମା; ମୃଗଶିରା ନକ୍ଷତ୍ର-
Mārgaśiri ଯୁକ୍ତା ପୂର୍ଣ୍ଣିମା—The fullmoon of the
month of Mārgaśira.

ମାର୍ଗ ଶୀର୍ଷ—ସ. ବ (ମାର୍ଗ ଶୀର୍ଷା+ଅ)—ମାର୍ଗଶିର ( ଦେଖ )
Mārga śirsha Mārgaśira ( See )

ମାର୍ଗ ଶୀର୍ଷୀ—ସ ବ. ସ୍ତ୍ରୀ (ମୃଗ ଶୀର୍ଷ+ଅ+ଈ)—ମାର୍ଗଶିରୀ (ଦେଖ)
Mārga śirhsi Mārgaśiri ( See )

ମାର୍ଗାବଲମ୍ବନ—ସ. ବି. ( ୭ମୀ ତତ୍ )—କୌଣସି ପନ୍ଥା ଧରିବା—
Mārgābalambana Taking to or following a course.

ମାର୍ଗାବଲମ୍ବୀ—ସ. ବଣ. ପୁଂ—କୌଣସି ପନ୍ଥାର ଅନୁଧାବନକାରୀ—
Mārgābalambi Taking to a road or means;
(ମାର୍ଗାବଲମ୍ବିନୀ—ସ୍ତ୍ରୀ) following a path.

ମାର୍ଗିକ—ସ. ବ. ପୁଂ (ମାର୍ଗ+ଇକ)—୧ । ପଥିକ—1. Wayfarer;
Mārgika traveller. ୨ । (ମୃଗ+ଇକ) ବ୍ୟାଧ; ଶିକାରୀ
(ମାର୍ଗିକା -ସ୍ତ୍ରୀ) —2. Hunter.

ମାର୍ଗିତ—ସ. ବଣ. ( ମୃଗ୍ ଧାତୁ ଣିଚ୍=ମାର୍ଗ ଧାତୁ+କର୍ମ. ତ )—
Mārgita ୧ । ଅନ୍ୱିଷ୍ଟ—1. Searched for. ୨। ପ୍ରାର୍ଥିତ—
2. Prayed for; wished for. ୩ । ଅନୁଧାବିତ—
3. Pursued.

ମାର୍ଗୀ—ସ. ବଣ. ପୁଂ (ମାର୍ଗ+ଇନ୍; ୧ମା. ୧ବ, ଅନ୍ୟ ଶବ୍ଦ ସଙ୍ଗେ
Mārgi ବ୍ୟବହୃତ ହୁଏ, ଯଥା—ବେଦମାର୍ଗୀ)—(ଅମୁକ) ମାର୍ଗ
(ମାର୍ଗିଣୀ—ସ୍ତ୍ରୀ) ଅବଲମ୍ବନକାରୀ—Following a particular
path or course. ସ. ବି. ପୁଂ—୧ । ନେତା—
1. Leader (Apte). ୨ । ପଥ ପ୍ରଦର୍ଶକ—2. A
guide (Apte). ୩ । ଅଗ୍ରଗାମୀ ବ୍ୟକ୍ତି—3. A
pioneer (Apte). ୪ । ସଙ୍ଗୀତର ମୂର୍ଚ୍ଛନା ବିଶେଷ—
4. A particular modulation of tunes in Hindu music.
[ଦ୍ର—ଏଥିର ସ୍ୱର ଗ୍ରାମ—ନିଷରିଗମପଧା—ମପଧନିଷରେ
ଗମ—ପଧନିଷ—ହି. ଶ]

ମାର୍ଗୁ(ର୍ଗୋ)ଲ୍(ଲି) (ଇତ୍ୟାଦି)—ମାର୍ବଲ୍ ଇତ୍ୟାଦି ( ଦେଖ )
Mārgu(rgo)l(li) (etc) Mārbal etc. ( See )
গোলি गोली

ମାର୍ଚ୍ଚ(ର୍ଚ)—ବୈଦେ. ବ. (ଇଂ)—୧ । ଇଂରାଜୀ ଗଣନାର ତୃତୀୟ ମାସ
Mārchch(rch) (ଫାଲ୍ଗୁନ-ଚୈତ୍ର)—1. The month of
মার্চ March. ୨ । ପାଦ ଦ୍ୱାରା ଗତି କରିବା କ୍ରିୟା—
मारच, मार्च 2. Marching. ୩ । ସେନାମାନଙ୍କ ନିୟନ୍ତ୍ରିତ ଗତି-
3. The march of soldiers. [ଦ୍ର—ବାଳକମାନଙ୍କୁ
ବିଦ୍ୟାଳୟରେ ଡ୍ରିଲ୍ (Drill) ବା ସୈନିକ ବିଦ୍ୟା ଶିକ୍ଷା
ଦେବାରେ Quick march (କ୍ୱିକ୍ ମାର୍ଚ୍ଚ)=ଚଞ୍ଚଳ
ଗତି; Slow march (ସ୍ଲୋ ମାର୍ଚ୍ଚ)=ଧୀର ଗତି
Double march ଡବଲ୍ ମାର୍ଚ୍ଚ) ଖୁବ ଚଞ୍ଚଳ ଚାଲିବା
ଆଦି ଇଂରାଜୀ ଢାଳମାନ ବ୍ୟବହୃତ ହୁଏ ।]

ମାର୍ଚ୍ଚା(ର୍ଚ୍ଚେ)ଣ୍ଟ—ବୈଦେ. ବ—(ଇଂ. ମର୍ଚ୍ଚାଣ୍ଟ) ବଣିକ—
Mārchchā(rchche)nt Merchant.
মার্চেন্ট मर्चेंट

ମାର୍ଜ୍ (ଧାତୁ)—ସ—୧ । ମାଜିବା; ଘଷିବା—1. To scour; to
Mārjj (root) rub. ୨ । ପୋଛିବା—2. To wipe.
୩ । ଶୋଧନ କରିବା; ପରିଷ୍କାର କରିବା—3. To
cleanse. ୪ । ପାଣିଦ୍ୱାରା ଧୋଇବା—4. To wash.
୫ । କ୍ଷମା ଦେବା—5. To forgive; to excuse.
୬ । ପାଲିସ୍ କରିବା—6. To polish. ୭ । ଶବ୍ଦ
କରିବା—7. To sound (Apte). [ଦ୍ର—ଏହାର
ଅପଭ୍ରଂଶ ମାଜିବା ।]

ମାର୍ଜ—ସ. ବ. ପୁଂ (ମାର୍ଜ ଧାତୁ+କର୍ତ୍ତୃ. ଅ)—୧ । ଧୋବା; ରଜକ
Mārja (ହି. ଶ)—1. Washerman. ୨ । ବିଷ୍ଣୁ (ହି.ଶ)—
2. Bishṇu. ୩ । (+ଭାବ. ଅ) ମାର୍ଜନ ( ଦେଖ )
3. Mārjana ( See )

ମାର୍ଜକ—ସ. ବି. ପୁଂ (ମାର୍ଜ୍ ଧାତୁ+କର୍ତ୍ତୃ. ଅକ)—୧ । ଯେ ମାର୍ଜନ Mārjaka କରେ—1. Cleansing; wiping. ୨ । ଯେ (ମାର୍ଜିକା—ସ୍ତ୍ରୀ) କ୍ଷମା ଦିଏ—2. Forgiving.

ମାର୍ଜନ—ସ. ବି. (ମୃଜ୍ ଧାତୁ=ପରିଷ୍କାର କରିବା+କରଣ. ଅନ)— Mārjana ୧ । ଲୋଧ୍ର ଗଛ—1. The lodhra tree. ୨ । (+ଭାବ. ଅନ) ମାର୍ଜନା (ଦେଖ)—2. Mārjanā (See) ଦେ. ବି—ଟଙ୍କାର—Twang. [ଦ୍ର—କପୁଲେ କର ଗର୍ଜନ,ଯେ ଧନୁର୍ଗୁଣ ମାର୍ଜନ,ଜଳରେ ଦେବେ ସର୍ଜନ, କର ତର୍ଜନ । ଉକ୍ତ. ବୈଦେହୀଶବିଳାସ ।]

ମାର୍ଜନ(ନା) କରିବା—ଦେ. କ୍ରି—୧ । ପରିଷ୍କାର କରିବା—1. To Mārjana(nā) karibā cleanse. ୨ । ମାଜିବା—2. To মার্জন(না) করা scour; to rub. ୩ । ଘାଷିସ କରିବା—
**मार्जन(ना)करना** 3. To polish. ୪ । କ୍ଷମା ଦେବା—4. To pardon; to excuse.

ମାର୍ଜନା—ସ. ବି (ମାର୍ଜ୍. ଧାତୁ+ଭାବ. ଅନ+ଆ)—୧ । ପରିଷ୍କାର Mārjanā କରଣ—1. Cleansing. ୨ । ମାଜିବା—2. Scouring; rubbing; polishing. ୩ । ସ୍ନାନ—3. Washing; bath. ୪ । ଦୋଷ ଅପରାଧ କ୍ଷମା—4. Forgiving of a fault; pardon. ୫ । ମୃଦଙ୍ଗର ଧ୍ୱନି—5. Sound of drum. ୬ । ପୋଛିବା—6. Wiping; rubbing off. ୭ । ଲିଭାଇବା—7. Effacing; wiping away. ୮ । ଉଲଟ; ତେଲ ଅାଦି ବୋଳି ଦେହକୁ ସଫା କରିବା—8. Cleansing the body by rubbing it with unguents. ୯ । ଅଙ୍ଗୁଳିଦ୍ୱାରା ବା କୁଶାଗ୍ରଦ୍ୱାରା ଦେହରେ ଜଳ ଛିଞ୍ଚିବା—9. Sprinkling the person with water by means of the hand or a blade of Kuśa grass. ୧୦ । ସଂଶୋଧନ—10 Purification; refining. ୧୧ । (ଅଧୁନିକ) ଦେଶକାଳପାତ୍ର ଅନୁସାରେ ସମାଜର ଦୋଷ ମାନଙ୍କ ଦୂରୀକରଣ—11. (modern use) Reformation of society; social reform. [ଦ୍ର—ଏଥିର ଅପଭ୍ରଂଶ ମାଜଣା ।]

ମାର୍ଜନୀ—ସ. ବି (ମାର୍ଜ୍. ଧାତୁ+କରଣ. ଅନ+ଈ)—୧ । ଶୋଧନୀ; Mārjanī ସମ୍ମାର୍ଜନୀ; ଝାଡ଼ୁ—1. Broomstick; sweeping brush. ୨ । ବ୍ରୁସ୍—2. Brush. ୩ । ଗାମୁଛା; ଗାମୁଛ; ତୋଲିଆ—3. Napkin; towel. ୪ । ଝାଡ଼ନ୍—4. Duster. ୫ । (+କର୍ତ୍ତୃ. ଅନ+ଈ) ଦୁର୍ଗାଙ୍କ ସହଚରୀବିଶେଷ—5. Name of a female companion of Durgā. ୬ । ସଙ୍ଗୀତର ପ୍ରଥମ ସ୍ୱରର ଶ୍ରୁତି ମଧ୍ୟରୁ ଅନ୍ତିମ ଶ୍ରୁତି (ହି. ଶ)—6. The last of the Srutis of the 1st tune in Hindu music.

ମାର୍ଜନୀୟ—ସ. ବିଣ (ମାର୍ଜ୍. ଧାତୁ+କର୍ମ. ଅନୀୟ)—୧ । କ୍ଷମଣୀୟ; Mārjanīya କ୍ଷମାର୍ହ—1. Excusable; fit to be forgiven; pardonable. ୨ । ପରିଷ୍କାର ହେବା ଯୋଗ୍ୟ—2. Fit to be cleansed. ୩ । ଘଷିବାର ଯୋଗ୍ୟ—3. Fit or requiring to be brushed or rubbed. ସ. ବି—ଅଗ୍ନି (ହି. ଶ)—Fire.

ମାର୍ଜାର(ଲ)—ସ. ବିଣ. ପୁଂ (ମାର୍ଜ୍ ବା ମୃଜ ଧାତୁ=ପରିଷ୍କାର କରିବା Mārjāra(la) +କର୍ତ୍ତୃ. ଆର; ଯେ ଷ୍ଟାବାଦ୍ୱାରା ଦେହକୁ (ମାର୍ଜାରୀ—ସ୍ତ୍ରୀ) ପରିଷ୍କାର କରେ)—୧ । ବିରାଡ଼ି—1. The domestic cat. ୨ । ଗନ୍ଧଗୋକୁଳ; ଖଟାଶପତଙ୍ଗୀ—2. The civet cat. ୩ । ଖଟ୍ଟାଶ; କଟାଶ; ବନ୍ୟ ମାର୍ଜାର—3. The wild cat; the pole-cat. ୪ । ରକ୍ତଚିତା (ପ୍ରକୃତିବାଦ)—4. Plumbago Zeylanica (red variety).

ମାର୍ଜାରକ—ସ. ବି (ମାର୍ଜାର+କ)—୧ । ମୟୂର; ଶିଖୀ—1. Pea-Mārjāraka cock. ୨ । ବିରାଡ଼ି—2. Cat. (ମାର୍ଜାରିକା—ସ୍ତ୍ରୀ)

ମାର୍ଜାର କଣ୍ଠ—ସ. ବି (ବହୁବ୍ରୀହି)—ମୟୂର—Mārjāra kaṇṭha Peacock (Apte).

ମାର୍ଜାର କରଣ—ସ. ବି—ରତିବନ୍ଧବିଶେଷ—Mārjāra karaṇa A kind of coitus (Apte).

ମାର୍ଜାର କର୍ଣ୍ଣିକା—ସ. ବି. ସ୍ତ୍ରୀ—ଚାମୁଣ୍ଡା ଦେବୀ; ଦୁର୍ଗାଙ୍କ ରୂପାନ୍ତର—Mārjāra karṇṇikā One of the incarnations of (ମାର୍ଜାର କର୍ଣ୍ଣୀ—ଅନ୍ୟରୂପ) Durgā.

ମାର୍ଜାରଗନ୍ଧା—ସ. ବି—ମୁଦ୍ଗପର୍ଣ୍ଣୀ; ବନ ମୁଗ—A kind of wild Mārjāragandhā pulse, Phaseolus Trilobus. (ମାର୍ଜାର ଗନ୍ଧିକା—ଅନ୍ୟରୂପ)

ମାର୍ଜାରୀ—ସ. ବି. ସ୍ତ୍ରୀ (ମାର୍ଜାର+ଈ)—୧ । ମାଈ ବିରାଡ଼ି—Mārjārī 1. A female cat. ୨ । କସ୍ତୁରୀ—2. Musk (Apte). ୩ । ଗନ୍ଧନାକୁଳ (ହି. ଶ)—3. Ophioxylon Serpentinum (plant).

ମାର୍ଜାରୀୟ—ସ. ବି (ମାର୍ଜାର+ଈୟ)—୧ । ବିରାଡ଼ି—1. Cat. ୨ । Mārjāriya ଶୂଦ୍ର—2. A Śūdra. ୩ । ଶରୀର ଶୋଧନ—3. Cleansing of the body. ୪ । ଯେ ନିଜର ଶରୀର ଶୋଧନ କରେ—4. One who cleanses his body (Apte). ସ. ବିଣ—ବିରାଡ଼ିସମ୍ବନ୍ଧୀୟ—Feline.

ମାର୍ଜାଲୀୟ—ସ. ବି (ମାର୍ଜାଲ+ଈୟ)—୧ । ବିରାଡ଼ି (ହି. ଶ)—Mārjālīya 1. The cat. ୨ । ଶୂଦ୍ର (ହି. ଶ)—2. A Śūdra. ୩ । ଶିବ (ହି. ଶ)—3. Śiba. ୪ । (ନାମ) ଋଷିବିଶେଷ (ହି. ଶ)—4. Name of a saint.

ମାର୍ଜିତ—ସ. ବିଣ (ମାର୍ଜ୍ ଧାତୁ+କର୍ମ. ତ)—୧ । ଶୋଧିତ; ପରିଷ୍କୃତ—Mārjita 1. Cleansed. ୨ । ମଜା ହୋଇଥିବା—(ମାର୍ଜିତା—ସ୍ତ୍ରୀ) 2. Polished; rubbed; scoured;

brushed. ৩ । ସ୍ୱଚ୍ଛ; ବିଶୁଦ୍ଧୀକୃତ—3. Purified; reformed; refined. ৪ । କ୍ଷମାପ୍ରାପ୍ତ—4. Forgiven; pardoned. ৫ । ଧୋଇ ଯାଇଥିବା—5. Smeared. ୬ । ଧୋଇଯାଇ ସଫା କରାଯାଇଥିବା—6. Washed away (Apte). ୭ । ଅଳଂକୃତ—7. Adorned (Apte). ସଂ. ବି—ଦହି, ଚିନି, ମହୁ, ଗୋଲମରିଚ ଓ କର୍ପୂର ମିଶ୍ରିତ ଏକପ୍ରକାର ପ୍ରାଚୀନ ଖାଦ୍ୟ ବା ପେୟ (ହି. ସ)—A kind of dainty food or drink prepared by mixing together curd, sugar, honey, black pepper and camphor.

ମାର୍ଜିତ ବୁଦ୍ଧି—ସଂ. ବିଣ (ବହୁବ୍ରୀହି)—ତୀକ୍ଷ୍ଣ ବୁଦ୍ଧିବିଶିଷ୍ଟ—
Mārjita buddhi Enlightened; of sharpened intellect. ସଂ. ବି (କର୍ମଧା)—ତୀକ୍ଷ୍ଣ ବୁଦ୍ଧି—Sharp intellect.

ମାର୍ଜିତ ରୁଚି—ସଂ. ବି (କର୍ମଧା. ମାର୍ଜିତ+ରୁଚି)—ଦୋଷଶୂନ୍ୟ ରୁଚି;
Mārjita ruchi ବିଶୁଦ୍ଧ ରୁଚି—Refined taste; pure taste. ବିଣ—(ବହୁବ୍ରୀହି) ଯାହାର ରୁଚି ବିଶୁଦ୍ଧ ଅଟେ—Genteel; of pure or refined taste.

ମାର୍ଜିତ ସମାଜ—ଦେ. ବି—୧ । ସଭ୍ୟ ସମାଜ—1. Polished
Mārjita samāja society; genteel society. ୨ । ସଂସ୍କୃତ ସମାଜ; ଯେଉଁ ସମାଜରେ ଦେଶକାଳୋଚିତ ସଂସ୍କାରମାନ ପ୍ରବର୍ତ୍ତିତ ହୋଇଅଛି—2. Reformed society.

ମାର୍ଜିତା—ସଂ. ବି. ସ୍ତ୍ରୀ (ମାର୍ଜିତ+ସ୍ତ୍ରୀ. ଆ)—ରସାଳା; ଶର୍କରା ଓ ସୁବାସ
Mārjitā ମିଶ୍ରିତ ଦଧି—Curd mixed with sugar and spices (Apte). ସଂ. ବିଣ. ସ୍ତ୍ରୀ—ମାର୍ଜିତର ସ୍ତ୍ରୀଲିଙ୍ଗ—Feminine of Mārjita.

ମାର୍ଜିନ୍—ବୈଦେ. ବି (ଇଂ)—ଲେଖା ବା ଛପା ହୋଇଥିବା କାଗଜର
Mārjin ପାର୍ଶ୍ୱାଂଶ; ହାସିଆ—The margin of a paper
मार्जिन् on which something has been written or
मार्जिन; हासीया printed.

ମାର୍ଜିବା—ଦେ (ତଦ୍ଭବ) କ୍ରି—(ସଂ. ମାର୍ଜ୍ ଧାତୁ)—୧ । ପରିଷ୍କାର
Mārjibā କରିବା; ବିଶୁଦ୍ଧ କରିବା—1. To cleanse; to
मारजना purify. ୨ । ଓଳାଇବା—2. To sweep clean.
मारजना [ଉ—ତୋହର ଗୃହକୁ ମାର୍ଜିଲୁ, ଅମୃତ ସଞ୍ଚ ସ୍ୱାଦ ଦେଲୁ । ଜଗନ୍ନାଥ. ଭାଗବତ ।]

ମାର୍ଟିଆ—ବୈଦେ. ବି (ଇଂ)—ଦକ୍ଷିଣ ଆଫ୍ରିକାରେ ଜାତ ଏକ ପ୍ରକାର
Martia ଗୁଳ୍ମ—Martia; a kind of thorny and poisonous plant of South Africa. [ ଦ୍ର—ଏ ଗୁଳ୍ମ ୫।୬ ଫୁଟ ପର୍ଯ୍ୟନ୍ତ ଉଚ୍ଚ । ଏହା ଅତ୍ୟନ୍ତ କଣ୍ଟାଳ ଓ ସାଙ୍ଘାତିକ ବିଷଯୁକ୍ତ । ସେ କଣ୍ଟା ପଶୁମାନଙ୍କ ଦେହରେ ଫୋଡ଼
मार्टिया; मार्टिया ହୋଇଗଲେ ପଶୁମାନେ ମରିଯାଆନ୍ତି ।]

ମାର୍ତ୍ତ(ର୍ତ୍ତା)ଣ୍ଡ—ସଂ. ବି—(ମୃତାଣ୍ଡ+ଅପତ୍ୟାର୍ଥେ. ଅ; ମୃତ ଅଣ୍ଡରୁ ଜନ୍ମ
Mārtta(rttā)nda ହୋଇ ଥିବାରୁ; ଅଥବା ମା+ଅର୍ତ୍ତି+ଅଣ୍ଡ; କ୍ଷ୍ଟିଧାକୃତ ହେବା ସମୟରେ ପିତା କହିଲେ 'ହେ ଅଣ୍ଡ ! ମା ଅର୍ତ୍ତୋଭବ'=ହେ ଅଣ୍ଡ ! ତୁମ୍ଭେ ଅର୍ତ୍ତି ହୁଅନି । ଏଥିପାଇଁ ଏହି ନାମ ହୋଇଅଛି)—୧ । ସୂର୍ଯ୍ୟ; ତପନ—1. The sun. ୨ । ଅର୍କ ଗୁଳ୍ମ; ଅର୍କ ଗଛ—2. The mudar plant; the swallowwart; Calotropis Gigantea. ୩ । ଶୂକର; ଘୁଷୁରି—3. Hog. ୪ । ସ୍ୱର୍ଣ୍ଣମାକ୍ଷିକ (ହି. ଶ)—4. Iron pyrites. ୫ । ଦ୍ୱାଦଶ ସଂଖ୍ୟା—5. The number 12 (Apte).

ମାର୍ତ୍ତିକ—ସଂ. ବିଣ (ମୃତ୍ତିକା+ଅ)—ମୃତ୍ତିକାନିର୍ମିତ—Made of
Mārttika earth. ସଂ. ବି—୧ । ଏକପ୍ରକାର ମାଟିଆ—
(ମାର୍ତ୍ତିକୀ—ସ୍ତ୍ରୀ) 1. A kind of pitcher (Apte). ୨ । ମାଟିଆ ମୁହଁର ଘୋଡ଼ଣୀ—2. The lid of a pitcher (Apte). ୩ । ମାଟିର ଢେଲା—3. A clod or lump of earth (Apte).

ମାର୍ତ୍ତ୍ୟ—ସଂ. ବିଣ (ମର୍ତ୍ତ୍ୟ+ଅ)—୧ । ମର୍ତ୍ତ୍ୟ ସମ୍ବନ୍ଧୀୟ—
Mārttya 1. Relating to the earth. ୨ । ମରଣଶୀଳ—2. Mortal (Apte). ସଂ ବି—ମରଣଶୀଳତା—Mortality (Apte).

ମାର୍ଥା—ଗ୍ରା. ବି (ସଂ. ମହାରଥ)—ମହାରଥୀ (ଦେଖ)
Mārthā Mahāratha (See).

ମାର୍ଦ୍ଦଙ୍ଗ—ସଂ. ବିଣ. ପୁଂ (ମୃଦଙ୍ଗ+ବାଦକାର୍ଥେ. ଅ)—ମୃଦଙ୍ଗ
Mārddanga ବାଦକ—One who beates a mrudang-
(ମାର୍ଦ୍ଦଙ୍ଗିକ—ଅନ୍ୟରୂପ) drum. ବି.—ନଗର; ସହର—Town; city (Apte).

ମାର୍ଦ୍ଦବ—ସଂ. ବି (ମୃଦୁ+ଭାବାର୍ଥେ. ଅ)—୧ । ମୃଦୁତା—1. Gentle-
Mārddaba ness; mildness; tenderness. ୨ । କୋମଳତା—2. Softness.

ମା(ମେ)ର୍ଦ୍ଦା ଘର—ପ୍ରାଦେ (ଗଡ଼ଜାତ) ବି—ଅଁତୁଡ଼ି ଘର—
Mā(me)rddā ghara Atu ghara (See)

ମାର୍ଦ୍ଦ୍ୱୀକ—ସଂ. ବି (ମୃଦ୍ୱୀକା=ପକ୍ୱ ଦ୍ରାକ୍ଷା+ଇକ)—ପକ୍ୱ ଅଙ୍ଗୁରରୁ
Mārddika ପ୍ରସ୍ତୁତ ମଦ୍ୟ—Wine distilled from ripe grapes. ବିଣ. ଅଙ୍ଗୁର ସମ୍ବନ୍ଧୀୟ—Relating to grapes.

ମାର୍ବ(ର୍ବି, ର୍ବୁ, ର୍ବେ)ଲ୍—ବୈଦେ. ବି—(ଇଂ)—୧ । ଶ୍ୱେତମର୍ମର ପ୍ରସ୍ତର—
Marba(rbi, rbu rbe)l 1. Marble stone ୨ । କାଚର
( ମାର୍ବୁଲ୍—ଅନ୍ୟରୂପ ) ବା ପଥରର କ୍ରୀଡ଼ନକ ଗୋଟାଳ—
मारबेल मार्बुल 2. Marble (for playing with). ୩ । ବହି ଆଦିର ମଲାଟରେ ମଡ଼ାଯିବା ନାନାପ୍ରକାରର ରଙ୍ଗୀନ କାଗଜ—3. Marble paper.

ମାର୍ମିକ—ସଂ. ବିଣ.ପୁଂ (ମର୍ମ+ଜାଣିବା ଅର୍ଥରେ ଇକ)—ମର୍ମଜ୍ଞ; କୌଣସି
Mārmika ବିଷୟର ତତ୍ତ୍ୱଜ୍ଞ—Fully conversant
(ମାର୍ମିକା—ସ୍ତ୍ରୀ) with ;having a deep insight into.

ମାର୍ଷ୍ଟି—ସ. ବି (ମୃଜ୍ ଧାତୁ ବା ମାର୍ଜ୍ ଧାତୁ+ଭାବ. ତି)—୧ । ମାର୍ଜନା
Mārshṭi (ଦେଖ)—1. Marjanā (See) ୨ । ତେଲ ଲଗାଇବା—2. Anointing with oil.

ମାର୍ଶା(ର୍ଶେ)ଲ୍—ବୈଦେ. ବି (ଇଂ ମାର୍ଶାଲ୍)--ସେନାପତିଙ୍କ ଉପାଧିବିଶେଷ—
Mārśā(rśe)l Marshal; a title of a commander of
ମାର୍‌ଶାଲ ମାର୍ସାଲ an army.

ମାର୍ଶାଲ୍ ଲ—ବୈଦେ. ବି (ଇଂ)—ଯୁଦ୍ଧର ଶାନ୍ତିଭଙ୍ଗ ହେବାର ସମ୍ଭାବନା
Mārśāl la ଥିବା ସ୍ଥାନରେ ନିର୍ଦ୍ଦିଷ୍ଟକାଳ ପର୍ଯ୍ୟନ୍ତ ପ୍ରଜାଦେଶରେ
ମାର୍ଶାଲ ମାର୍ସାଲ ଲ ଜାରିହେବା ବିଶିଷ୍ଟ ଆଇନ୍; ସାମରିକ ଆଇନ୍-
(ମାର୍ଶାଲ ଆଇନ—ଅଳଂରୂପ) Martial law.
[ ଦ୍ର—ମାର୍ଶାଲ୍ ଲ ଜାରି ହେବା ସ୍ଥାନରେ ଓ ସମୟରେ ଦେଶପ୍ରଚଳିତ ସାଧାରଣ ଆଇନର ଚଳନ ସ୍ଥଗିତ ରହେ; ଏବଂ ସାମରିକ ଆଇନ୍ ଅନୁସାରେ ଅପରାଧୀମାନଙ୍କର ସତ୍ତ୍ୱର ବିଚାର କରାଯାଏ ଓ ଅପରାଧ ରୋଧ କରିବା ପାଇଁ ସାମରିକ ବିଭାଗର କର୍ତ୍ତୃପକ୍ଷମାନଙ୍କଠାରେ ବିଶିଷ୍ଟ କ୍ଷମତା ଅର୍ପିତ ହୁଏ ।]

ମାଲ୍—ବୈଦେ. ବି (ଅ. ମାଲ୍)—୧ । ପଣ୍ୟଦ୍ରବ୍ୟ—1. Commodity; goods. ୨ । ଦ୍ରବ୍ୟ—2. Thing; article. ୩ । ସମ୍ପତ୍ତି; ଧନ—3. Riches; wealth; property. ୪ । ନଗଦ ଧନ—4. Hard cash. ୫ । ଉପାଦାନ—5. Ingredient. ୬ । ମାଦକଦ୍ରବ୍ୟ—6. Exciseable article. ୭ । ଗବର୍ଣ୍ଣମେଣ୍ଟକୁ ରାଜସ୍ୱ ଦେବା ଭୂମି; ମାହାଲ—7. Revenue-paying estate; Mahal. ୮ । ଜମିର ଖଜଣା; ଗବର୍ଣ୍ଣମେଣ୍ଟକୁ ଦେୟ ରାଜସ୍ୱ— 8. Revenue payable to Government; land revenue ୯ । (ଅ. ମଲ୍)—ମଦ୍ୟ; ସୁରା—9. Wine. ୧୦ । ଉପକରଣ—10. Materials. ୧୧ । ଚଳନ୍ତି ସମ୍ପତ୍ତି-11. Moveable property. ୧୨ । ଇନ୍ଦ୍ରିୟଦ୍ୱାରା ଉପଭୋଗ୍ୟ ବସ୍ତୁ—12. A thing worth enjoying with the senses. ୧୩ । (ଇତର; କାମୋ. ପଭୋଗୋଦ୍ଦେଶ୍ୟସୂଚକ ) ସୁଭୋଗପଭୋଗ୍ୟା ଯୁବତୀ ସ୍ତ୍ରୀ—13. A sensually enjoyable young lady.
Māl
ମାଲ୍ ମାଲ
[ ଦ୍ର—ଉକ୍ତ ଉକ୍ତ ଇନ୍ଦ୍ରିୟଦ୍ୱାରା ସୁଭୋଗପଭୋଗ୍ୟ ବସ୍ତୁ ପ୍ରତି 'ମାଲ' ଶବ୍ଦ ବ୍ୟବହୃତ ହୁଏ । ଯଥା—ସୁସ୍ୱାଦ୍ୟ, ସୁଖୋପଭୋଗ୍ୟ ଅଶନ, ସୁଖଭୋଗ୍ୟା ବା ଚିତ୍ତଲୁଭଲା ଯୁବତୀ ।]
ପ୍ରାଦେ (ସମ୍ବଲପୁର) ବି—ଧାନ ଫସଲ ହେବା ଉପଯୋଗୀ ପର୍ବତ ପାର୍ଶ୍ୱରେ କଅାର କରି ଯାଇଥିବା ଉଚ୍ଚ ଭୂମି—A plot of land on the slope of a hill which has been ploughed and levelled and made fit for cultivation.

ମାଲ ଅଦାଲତ୍—ବୈଦେ. ବି. (ଅ. ମାଲ୍ ଅଦାଲତ୍)—ଯେଉଁ
Māl-adālata ଅଦାଲତରେ ରାଜସ୍ୱ ସମ୍ବନ୍ଧୀୟ ମକଦ୍ଦମାର
ମାଲଆଦାଲତ ବିଚାର ହୁଏ—Revenue court; rent-
ମାଲଅଦାଲତ court.

ମାଲ୍‌କାନା—ଦେ. ବି (ହି. ମାଲ୍‌କାନା)—ଭାରତର ଉତ୍ତର ପଶ୍ଚିମ
Māl-kānā ଅଞ୍ଚଳବାସୀ ଯେଉଁ ହିନ୍ଦୁ ବା ରାଜପୁତମାନେ
ମালকানা ଭ୍ରଷ୍ଟାଚାରଯୋଗୁଁ ପତିତ ହୋଇ ଅଛନ୍ତି—The
मालकाना Rajputs who have fallen from their social status owing to doing forbidden acts.

ମାଲ୍‌ଖାନା—ବୈଦେ. ବି (ଫା)—୧ । ଧନାଗାର—1. Treasury;
Māl-khānā treasury room. [ହି—ଧନେ ଚୁରାଇବା
মালখানা ଲାଗି ମାଲଖାନା । ପ୍ରଧାନାଥ. ଦରବାର ।] ୨ ।
मालखाना ଭଣ୍ଡାର ଘର—2. Storehouse. ୩ । ଥାନାରେ ବା ସରକାର ମାଲ ରଖାଯିବାର ଘର—3. Mālkhānā; a room where attached or government properties are kept.

ମାଲଖେଁ(ଖୋଁ)ଖାରି—ପ୍ରାଦେ ( ସମ୍ବଲପୁର ) ବି (ଭୂଲ. ହି. ଖେଁଖାରି)
Māl-kheñ(khoñ)khāri —କୋକିଶିଆଳ—Fox.

ମାଲ ଧାନ—ପ୍ରାଦେ (ସମ୍ବଲପୁର) ବି—ପାହାଡ଼ ପାର୍ଶ୍ୱରେ କଅାର
Māl-dhān କରିଯାଇ ଥିବା ଛିପ ଜମିରେ ଉତ୍ପନ୍ନ ଧାନ—Paddy grown on terraced plots on the slope of a hill.

ମାଲ୍‌ପି—ଦେ. ବି—ବନ୍ୟ ଗୁଳ୍ମ ବିଶେଷ—Petalidium (plant).
Māl-pi [ ଦ୍ର—ଏହା ୨ ଫୁଟଠାରୁ ୫ ଫୁଟ ଉଚ୍ଚ; ଫୁଲ ଧଳା; ଯୁକ୍ତପ୍ରଦେଶ ଓ ଗଡ଼ଜାତ ଅଞ୍ଚଳରେ ଏହି ଗୁଳ୍ମ ଦେଖାଯାଏ ।]

ମାଳ—ସ. ବି ( ମା—ଲକ୍ଷ୍ମୀ+ଲା ଧାତୁ=ଗ୍ରହଣ କରିବା+କର୍ତ୍ତୃ. ଅ;
Māla ଅଥବା ମା ଧାତୁ=ପରିମାଣ କରିବା+କର୍ତ୍ତୃ. ଲ)—୧ । ବିଷ୍ଣୁ—1. Bishnu. ୨ । ମନୁଷ୍ୟ—2. Man. ୩ । ପ୍ରାଚୀନ ଅନାର୍ଯ୍ୟ ଜାତି ବିଶେଷ—3. Name of an ancient non-aryan tribe. ୪ । ସମୁନ୍ନତ ଭୂତଳ; ଉଚ୍ଚଭୂମି—4. High land ୫ । ପର୍ବତର ଉପରସ୍ଥ ସମତଳ ପ୍ରଦେଶ—5. Table land; plateau. ୬ । କାପଟ୍ୟ—6. Hypocrisy. ୭ । ଛଳନା—7. Deceit; fraud. ୮ । ଗ୍ରାମ ନିକଟସ୍ଥ ବନ—8. A wood near a village. ୯ । କ୍ଷେତ୍ର ( ହି. ଶ )—9. An agricultural field. ୧୦ । ହରିତାଳ ( ହି. ଶ )—10. Yellow orpiment. ୧୧ । ପ୍ରାଚୀନଦେଶ ବିଶେଷ ( ହି. ଶ )—11. Name of an ancient country.ଦେ. ବି—
ମালা ( ସ. ମାଲା )—୧ । ପୁଷ୍ପାଦିର ମାଳା; ମାଲ୍ୟ—
माल 1. Garland. ୨ । ଗଳାର ହାର—2. Necklace.
মালা ୩ । ସମୂହ—3. Collection; multitude.
माल [ ଉ—ବୃହାଇଲୁ ମଧ୍ୟ ସେ ବିହାରେଣ ପ୍ରବଳ, ଦମୟନ୍ତୀଙ୍କର ଦେହରୁ ଜ୍ୱାଳମାଳ । କୃଷ୍ଣସିଂହ. ମହାଭାରତ. ବନ ।] ୪ । ପଂକ୍ତି—4. Row. ୫ ।
ଜଙ୍ଗଲ ( ଶବରଭାଷା ମାଳ=ଜଙ୍ଗଲ; ତା. ମଲୈ=ପର୍ବତ )

ज़ंगल, झाड —ବନ; ଜଙ୍ଗଲ—5. Jungle; forest. ୬ । ଅଞ୍ଚଳ; ପ୍ରଦେଶ—6. Tract of country. ( ଯଥା—ଚଳମାଳ, ଉପରମାଳ, ଗଡ଼ମାଳ । ) ପ୍ରାଦେ (ଗଡ଼ଜାତ) ବି—୧ । ଜଙ୍ଗଲ ମଧ୍ୟରେ ଗୋଟିଏ ଜାଗା ସଫା କରି ବହୁ ଲୋକ ଚଷିବରେ ଖଣ୍ଡିଏ ଖଣ୍ଡିଏ କରିଥିବା କୃଷିକ୍ଷେତ୍ର—1. A group of paddy fields reclaimed by several individual royats in a jungle. ୨ । ଗାଈମଇଁଷିଙ୍କ ପଲ —2. Herd (of cattle). ପ୍ରାଦେ (ବାଲେଶ୍ୱର) ବି—୩ । ସମୁଦ୍ରରେ ମାଛ ଧରିବା ଲାଗି ବ୍ୟବହୃତ ଜାଲ-ବିଶେଷ—3. A kind of V-shaped net for fishing in the sea. [ ବି—ଏହା ସମୟେ ସମୟେ ଏକ ମାଇଲରୁ ଅଧିକ ଲମ୍ବା ହୋଇଥାଏ । ମାଲରେ ମାଛ ଧରିବାର ଉପାୟ :—ସମୁଦ୍ରରେ ଜୁଆର ନ ଥିବା ବେଳେ ଅଗଷ୍ଟର ଅଂଶରେ ଖୁଣ୍ଟ ପୋତି ଏହି ଜାଲକୁ ବହୁଦୂର ପର୍ଯ୍ୟନ୍ତ ବିସ୍ତୃତ ଭୂମିଖଣ୍ଡ ଉପରେ ବାଡ଼ବଳ ବସାଇ ଦିଆଯାଏ । ମାଲ ବସିଲା ପରେ ଏହା ଗୋଟିଏ ପ୍ରକାଣ୍ଡ ଇଂରାଜି 'V' ଅକ୍ଷର ଭଳି ଦେଖାଯାଏ । 'V'ର ମୁହଁଅ ଅଂଶଟି ସମୁଦ୍ରଆଡ଼କୁ ଥାଏ ଓ ମେଲାମୁହଁ କୂଳଆଡ଼କୁ ଥାଏ । 'V'ର ମୁହଁଅ ମୁହଁରେ ଜାଲର ଦୁଇଟି ପାଖ ଏକାବେଳକେ ମିଶି ନ ଯାଇ ଗୋଟାଏ ପାଖର ଜାଲ ଅନ୍ୟଟିକୁ ଘେରି ଅନ୍ୟ ପାଖରେ ବହୁଦୂର ପର୍ଯ୍ୟନ୍ତ କୂଳଆଡ଼କୁ ଲମ୍ବିଯାଇ ଥାଏ । ଜୁଆର ଅସିଲେ ପାଣିର ବେଗ ଜାଲର ଭିତରାକୁ ଯେଉଁ 'V' ଭିତରକୁ ପଶିଯାଏ । ପାଣି ସହିତ ଯେଉଁ ସବୁ ମାଛ ଜାଲଭିତରକୁ ପଶି ଯାଆନ୍ତି, ପୁଣି ଜୁଆର ଛାଡ଼ିଲେ ସେମାନେ ଅଉ ସମୁଦ୍ରଭିତରକୁ ଫେରିଯାଇ ପାରନ୍ତି ନାହିଁ । 'V'ର ମୁହଁଅ ମୁହଁ ପର୍ଯ୍ୟନ୍ତ ଅସି, ଅଉ ବାହାରିବାର ବାଟ ପାଆନ୍ତି ନାହିଁ; ସେତେବେଳେ କେଉଟମାନେ ଛୋଟ ଛୋଟ ଜାଲ ସାହାଯ୍ୟରେ ମାଛଗୁଡ଼ିକୁ ଧରି ନିଅନ୍ତି । ସାଧାରଣତଃ —'ମାଲ' ବଡ଼ ଜୁଆର ସମୟରେ ବସେ । ମାଲରେ ଯେଉଁ ମାଛ ଧରା ହୁଅନ୍ତି; ତାକୁ 'ମାଲମାଛ' କହନ୍ତି । ଏହି ଉପାୟରେ ଥରକେ ହଜାର ହଜାର ମାଛ ଧରା-ପଡ଼ନ୍ତି । ] ୪ । ମୁଣ୍ଡ ଜାଲ ପରି ଛୋଟ ଜାଲ ବିଶେଷ— 4. A kind of small casting net.

ମାଲ—ବୈଦେ. ବି—(ଅ. ମାଲ୍)—୧ । ଅରଟର ଚକ ଓ ତାକୁଡ଼ି Māla ସଙ୍ଗେ ଲଗ୍ନ ସୂତା—1. The string round the মালসূতা माल spinning wheel which turns the spindle of a spinning wheel. ୨ । ତନ୍ତୀର माल माल ଲୁଗା ବୁଣିବାର ଉପାଦାନ ତୁଳା ଓ ସୂତା— 2. A weaver's ingredients (e. g. cotton and thread.) [ବ୍ୟ—ତନ୍ତୀ ସୂତା ! ଖାଏ ମାଲ,ସ୍ୱେଦ୍ଧଏ ସୂତା—ଉକ୍ତ।] ୩ । ମାଲ୍ (ଦେଖ)—3. Māl (See) ୪ । ସୁସ୍ୱାଦୁ ଦ୍ରବ୍ୟ—4. Dainty food. ୫ । (ଉଚ୍ଚ) ସୁନ୍ଦରୀ ଭୋଗ୍ୟା ସୁରସା ଯୁବତୀ ସ୍ତ୍ରୀ—5. A young, beautiful and enjoyable woman. ୬ । ଗୃହର ଚଳନ୍ତି ଅସବାବ୍—6. Moveables and furnitures of a house. ୭ । ପଣ୍ୟ ଦ୍ରବ୍ୟ— 7. Commodity. ଦେ. ବି—୧ । (ସଂ. ମଲ୍ଲ)— मल्ल मल्ल; पहलवान—1. A wrestler. [ବ୍ୟ—ବାଗ ଘୋଡ଼ା माल, पहलवान ମାଲ ଯେ ସେ ଦେଶକୁ, ଅସିଲେ ଯୁଝିବାକୁ । କୃଷ୍ଣଜିତ ... ] ୨ । ଯୋଦ୍ଧା— 2. Warrior. ୩ । ବୀର—3. A hero. ୪ । पट ଷେତକୁ ପାଣି ବୁହାଇବା ପାଇଁ ପ୍ରସ୍ତୁତ ହୋଇଥିବା ପାଣି ମାହାଳ; ପହଁଣି—4. A channel prepared for conveying water for irrigating fields. ୫ । ( ସଂ. ମାଲ )—ବନ୍ୟ ଅସଭ୍ୟ ଜାତିବିଶେଷ— 5. Name of a wild aboriginal tribe. ୬ । (ସଂ. ମଲ୍ଲ)—ମାଲ ପଥର (ଦେଖ)—6. Māl pathara (See)

ମାଲ ଅଟିକା—ପ୍ରାଦେ. (ବାଲେଶ୍ୱର) ବି—ବାଜି ଅଟିକା (ଦେଖ) Māla ātikā (ମାଲଖାଣ୍ଡି—ଅନ୍ୟରୂପ) Bāji ātikā (See)

ମାଲ ଉଡ଼ା(ଡ଼େ)ଇବା—ଦେ. କ୍ରି—୧ । ଧନ ଅପବ୍ୟୟ କରିବା— Māla urdā(rde)ibā 1. To squander away money. ধন উড়ান माल उडाना ୨ । ସୁସ୍ୱାଦୁ ଓ ମୂଲ୍ୟବାନ୍ ଖାଦ୍ୟ ବସ୍ତୁ-ପରିମାଣରେ ଖାଇବା—2. To partake profusely of sweet and valuable food. ୩ । ବହୁ ପରି-ମିତ ମଦ୍ୟାଦି ବା ମାଦକ ଦ୍ରବ୍ୟ ସେବନ କରିବା— 3. To partake profusely of intoxicating drugs.

ମାଲକ—ସଂ. ବି—(ମାଲ+କ)—୧ । ନିମ୍ବ ବୃକ୍ଷ—1. The Nimba Mālaka tree. ୨ । ସ୍ଥଳପଦ୍ମ—2. The Hibiscus Mutabilis. ୩ । ଅତସୀ—3. A kind of oil-seed; linseed. ୪ । ନାରିକେଳର ମାଳା; କଡ଼ଅ ଖପୁରି—4. A cup made from the hard covering or shell of cocoanut. ୫ । ଗ୍ରାମ ନିକଟସ୍ଥ ବନ—5. A wood near a village (Apte). ୬ । ମାଳା—6. A garland (Apte.)

ମାଲ କଚ୍ଛା—ଦେ. ବି—(ସଂ. ମଲ୍ଲ+କଚ୍ଛ)—ମାଲ କାଛ (ଦେଖ) Māla kachhā Mālakāchha (See)

ମାଲ କ(କା)ଟତି—ଦେ. ବି—(ହିନ୍ଦ ଓ ବଙ୍ଗଳାରୁ ଅନୁକୃତ)—ପଣ୍ୟ Māla ka (kā)tati ଦ୍ରବ୍ୟର ଶୀଘ୍ରବିକ୍ରୟ ଶେଷ—Exhaustive মালের কাটতী मालकी कटती sale of merchandise.

ମାଲ(ଲ)କଢ଼ି(ଢ଼ି)—ଦେ. ବି.—(ସଂ. ମଲ୍ଲ+କଢ଼ୀ)—ମଲକଢ଼ି Māla(la)kardi(rdhi) (ଦେଖ) Malakardhi (See) माकड़ी

ମାଲକ(ଖ)ଡ଼ି—ପ୍ରାଦେ. (ଉପୁର) ବି—ମାଇପଙ୍କ ଚଳକାନର ଶିକୁଳି-Māla ka(kha)rdi ଲଗା ଫୋଲ—The ear-ring of females with chain attached to it.

ମାଲ କାଛ(ଛା)—ଦେ. ବି—ପାଇକଙ୍କ; ମଲ୍ଲମାନେ ପିନ୍ଧିଥିବା ଲୁଗାର ଅଗ
Māla kāchha (chhā) ପାଶ କାଛକୁ ପଛ ପାଖେ ନେଇ ଖୋସି-
ମାଲକୋଁଚା, ମାଲକାଛା ବା—A mode of tucking the
**मालकाछ** hanging front end of the loincloth back down the privities towards the back, as is done by athletes. [ ଉ—ସୁବର୍ଣ୍ଣ ପୁଷ୍ପଶିଖି ପୁଚ୍ଛ, ରଙ୍ଗ ମୁଣ୍ଡରୁ ମାଲକାଛ । ଜଗନ୍ନାଥ. ଭାଗବତ ।]

ମାଲକୁ ମାଲ—ଦେ. କି. ବିଣ—ଦଳ ଦଳ ହୋଇ—In bands;
Māḷaku māla ଦলে দলে **दलबदल** in troops.
[କାହ ବାଦ୍ୟକାରେ ସବାଗ୍ରେ ଚଳନ୍ତି ମାଲକୁ ମାଲ । ରାଧାନାଥ. ଉଷା ।]

ମାଲକୁସ୍ତି—ଦେ. ବି.—(ସ. ମଲ୍ଲ+ଫା. କୁସ୍ତି)—ମଲ୍ଲଯୁଦ୍ଧ; ବାହୁଯୁଦ୍ଧ
Māla kusti Wrestling.

ମାଳକେଳି—ପ୍ରାଦେ· (ଗଡ଼ଜାତ) ବି—ପିଲାମାନେ ପରସ୍ପରର ହାତ
Māḷa keḷi ଧରାଧରି ହୋଇ ମାଳାକାରରେ ଠିଆ ହୋଇ ଖେଳିବାର ଖେଳ—A play of children by holding one another's hands and forming a circle thereby.

ମାଲ(ଲ)କୋ(କୌ)ଶ—ସ ବି—ସଙ୍ଗୀତର ରାଗବିଶେଷ; କୌଶିକ
Māla(la)ko (kau)śa ରାଗ—Name of a Hindu musical air. [ ଦ୍ର—ହନୁମାନ୍ ଏହାକୁ ପ୍ରଧାନ ୬ ରାଗର ଅନ୍ତର୍ଗତ ଥିବାର କହି ଅଛନ୍ତି । ଏହା ସମ୍ପୂର୍ଣ୍ଣ ଜାତିର ରାଗ । ଏହା ଗାନ କରିବାର ଋତୁ ଶରତ୍, ମତାନ୍ତରରେ ଶିଶିର, ମତାନ୍ତରରେ ବସନ୍ତ; ଓ ଗାନ ସମୟ ରାତିର ଶେଷ ପ୍ରହର; କେହି କେହି ଏହାକୁ ସଙ୍କର ରାଗ ଥିବାର କହନ୍ତି (ହି. ଶ) ।]

ମାଲକ୍କା—ଦେ. ବି.—୧ । ମାଲୟ ଉପଦ୍ୱୀପର ଗୋଟିଏ ନଗର—
Mālakkā 1. Malacca; name of a town in the Malay peninsula. ୨ । ପ୍ରଶାନ୍ତ ମହାସାଗରର ଦ୍ୱୀପପୁଞ୍ଜ—( ଅଷ୍ଟ୍ରେଲିଆର ଉତ୍ତରରେ )—2. The Mallucca islands in the Pacific Ocean. ୩ । ସୁମାତ୍ରା ଓ ମାଲୟ ଉପଦ୍ୱୀପ ମଧ୍ୟସ୍ଥ ପ୍ରଣାଳୀ—3. The strait between Sumatra and the Malay archipelago.

ମାଲ ଖଜଣା—ବୈଦେ.ବି (ଅ. ମାଲ+ଖଜାନା; ଏକାର୍ଥକ ସମାସ)—
Māla khajaṇā ଜମିଦାରଙ୍କୁ ଦେୟ କର—Rent paid to
মালখাজনা **मालखजाना** the Zamindar.

ମାଲ ଖ(ଖୁ)ମ୍ବ—ଦେ. ବି ( ସ. ମଲ୍ଲ + ସ୍ତମ୍ଭ )—ମାଲଖୁଣ୍ଟ ( ଦେଖ )
Māla kha(khu)mba Mālakhunṭa ( See ) [ ଉ—"ଜୟ ଗଣେଶର" ବୋଲି ମାଲ ଖମ୍ବ କଣ୍ଠାନ୍ତି ବାହୁ-ଝୋଟକେ—ରାଧାନାଥ ପାର୍ବତୀ । ]

ମାଲ ଖୁଣ୍ଟ—ଦେ. ବି—ମଲ୍ଲମାନଙ୍କ ବାହୁଯୁଦ୍ଧ ଶିକ୍ଷା କରିବା ପାଇଁ
Māla khunṭa କ୍ରୀଡ଼ାଗୃହରେ ପୋତା ହୋଇଥିବା କାଠର
মালখুঁট ଖୁଣ୍ଟ—A pillar on which wrestlers exer-
**मलखम, मलखंभ** cise their arms.

ମାଲ ଖୁଣ୍ଟି—ଦେ. ବି—୧ । ଢିଙ୍କିର ଦୁଇ ପକ୍ଷ ଲଗାଯିବା ଖୁଣ୍ଟିଦ୍ୱୟ—
Māla khunṭi 1. The two posts on which rest
মাল খুঁটী the two wings of a husking
**ढेंकी की खुटी, जंघा** jack.

ମାଲ ଗାଡ଼ି—ଦେ. ବି—ଯେଉଁ ରେଳଗାଡ଼ିରେ ପଣ୍ୟ ଦ୍ରବ୍ୟମାନ ବୁହା
Mālagārḍi ଯାଏ—Goods-train; railway waggon
মালগাড়ি **मालगाडि** for carrying goods.

ମାଲଗୁଜାର(ରି)—ବୈଦେ. ବି ( ଫା ମାଲ୍ ଗୁଜାରୀ )—ଜମିଦାର
Mālgujāra(ri) ଜମି ନାମରେ ଗବର୍ଣ୍ଣମେଣ୍ଟଙ୍କୁ ଦେବା ରାଜସ୍ୱ—
মালগুজারী Revenue paid to the Government
**मालगुजारी** by a Zamindar. ପ୍ରାଦେ. ( ସମ୍ବଲପୁର ) ବି—ଜମିଦାର ବା ଗଉନ୍ତିଆ ଗବର୍ଣ୍ଣମେଣ୍ଟଙ୍କୁ ଦେବା ପାଇ-ପ୍ରଜାଙ୍କଠାରୁ ଅସୁଲ କରିବା ସମସ୍ତ ଖଜଣା—The rent realised by the Gauntia or Zamindar in order to pay to the Government.

ମାଲଗୁଜାର୍‌ଦାର—ବୈଦେ.ବିଣ (ଅ.ମାଲଗୁଜାର୍‌ଦାର୍)—ରାଜସ୍ୱ ଅଦାୟ-
Mālagujār-dār କରି ଗବର୍ଣ୍ଣମେଣ୍ଟରେ ଦାଖଲକାରୀ—Paying
মালগুজারদার **मालगुजारदार** or depositing revenue.
ବୈଦେ. ବି. ଜମିଦାର—A Zamindar.

ମାଲ ଗୁ(ଗେ)ରୁଡ଼ି—ଦେ. ବି—ବଣରେ ମନକୁ ଉଠିଥିବା ଆମ୍ବ ଗଛର
Māla gu(ge)rurḍi ଛୋଟ ଛୋଟ ଆମ୍ବ ଫଳ—Pigmy
(ମାଳିଗେରୁଡ଼ି,ମାଲଗେରେଡ଼ି--ଅନ୍ୟରୂପ) mango fruits of
জঙ্গলীছোটআম **जंगलीगुरूडि** trees growing wild in the jungles.

ମାଲ ଗୁର୍ଜରୀ—ସ ବି—ରାଗିଣୀ ବିଶେଷ—
Māḷa gurjarī Name of a musical tune.

ମାଲ ଗୋ(ଗୁ)ଦାମ—ବୈଦେ. ବି.—( ଫା. ମାଲ୍+ଗୋଦାମ )—୧ ।
Māla go(gu)dāma ଯେଉଁ ପ୍ରକୋଷ୍ଠରେ ରେଳରେ ପଣ୍ୟ-
মাল গুদাম **माल गोदाम** ଦ୍ରବ୍ୟମାନ ସଞ୍ଚିତ ହୁଏ—1. Railway goods shed. ୨ । ବେପାରୀମାନଙ୍କ ପଣ୍ୟଦ୍ରବ୍ୟର ସଂରକ୍ଷଣଶାଳା—2. A warehouse.

ମାଲ ଗୋବା—ବୈଦେ. ବି—ଏକ ପ୍ରକାର ବଡ଼ ଆମ୍ବ ।(ଏହା ବିଦେଶରୁ
Māla gobā ଏ ଦେଶକୁ ଆସି ବିକି ହୁଏ ।)—A kind of
মালগোবা **माल गोबा** big mango imported to Orissa in the mango season.

ମାଲ ଚକ୍ରକ—ସ. ବି.—ପଚ୍ଛଥି; ପିଠିର ଯେଉଁ ଅଂଶ ଅଣ୍ଟା ଓ ଜଙ୍ଘ
Māḷa chakraka ମଧ୍ୟରେ ଅବସ୍ଥିତ—The posterior
**पहुला** part of the body between the waist and the hip joint.

ମାଲ ଚନ୍ଦନ—ଦେ. ବି.—( ସ.ମାଳା ଓ ଚନ୍ଦନ; ସମାସ )—
Māḷa chandana ଦେବତାଙ୍କ ପରିହିତ ମାଳା ଓ ଚନ୍ଦନ—
মালা চন্দন **माल चन्दन** Garland and sandal paste put on the image of a Deity.

ମାଲ ଚାଲଣ(ଣି)—ବୈଦେ. ବି—(ଫା.)—୧ । ପୁଲିସ୍ଦ୍ୱାରା ଧରା
Māla chālaṇa(ṇi) ବସ୍ତୁକୁ କୋର୍ଟକୁ ପ୍ରେରଣ—1. The
মাল চালানী **माल चलानी** sending up of seized

articles by the police to the court. ୨ । ଦ୍ରବ୍ୟ ପ୍ରେରଣ—2. Despatch or sending up of articles. ୩ । ପ୍ରେରିତ ଦ୍ରବ୍ୟର ତାଲିକା, ଯାହାକି ପ୍ରେରକ ପ୍ରେରିତ ଦ୍ରବ୍ୟ ସଙ୍ଗେ ପଠାଏ—3. Invoice of goods despatched; bill of of lading.

ମାଲ ଚୂଳ—ଦେ. ବି—(ସଂ. ମାଲା+ଚୂଡ଼ା)—ଜଗନ୍ନାଥ ମହାପ୍ରଭୁ
Māla chula ବେଶରେ ପିନ୍ଧିଥିବା ମାଳା ଓ ଚୂଳରେ ପିନ୍ଧିଥିବା
মালা চুল **माला चुडा** ପୁଷ୍ପଗୁଚ୍ଛ, ଯାହା ତାଙ୍କ ଠାରେ ଲାଗି ହେବା ପରେ କାଢ଼ା ହୋଇଥାଏ—Garlands and nosegays taken off after they are worn by the Deity Jagannath.

ମାଲ ଜବତ(ଦ,ତି)—ବୈଦେ. ବି—(କଚେରୀ; ଅ. ମାଲ୍+ଜବ୍ତ)—
Māla jabat(d,ti) କୌଣସି ଧୃତ ଦ୍ରବ୍ୟକୁ ଅଟକାଇ ରଖିବା—
মাল জবত(জব্দ) Detention of a seized article.
**माल जफ्त** (ମାଲ ଜବ୍ତ [ପ୍ର, ପ୍ରଂ]—ଅନ୍ୟରୂପ)

ମାଲ ଜମା(ମେ)ଇବା—ଦେ, କ୍ରି.—୧ । ପଣ୍ୟ ଦ୍ରବ୍ୟ ଏକତ୍ର କରିବା—
Māla jamā(me)ibā 1. To gather up commodities;
মাল জমান **माल जमाना** to stock articles.
୨ । ଧନ ସଞ୍ଚୟ କରିବା—2. To amass riches.

ମାଲ ଜାତକ—ସଂ. ବି—ଗନ୍ଧମାର୍ଜାର (ହି. ଶ)
Māla jātaka Civet cat.

ମାଲ୍ ଜାମିନ—ବୈଦେ. ବି(ଫା)—(କଚେରୀ)—୧ । ପର ନିମନ୍ତେ ଧନ
Māl jāmin মাল জামিন ଦାଖଲ କରି ହେବା ଜାମିନ୍ ବା ପ୍ରତି-
**माल जमानत** ଭୂ—1. Standing security for another (ଖାତିର ଜାମିନ୍—ବିପରୀତ) by depositing cash. ୨ । ସମ୍ପତ୍ତି ରକ୍ଷା ପାଇଁ ଜିମାଦାରଙ୍କ ଦ୍ୱାରା ଦିଆ ଯିବା ଜାମିନ୍—2. Security given for the safe custody of a property.

ମାଲ(ଲା) ଝୁଲା(ଲି)—ଦେ.ବି. (ସବୁଠାରେ) (ସଂ.ମାଳ+ଦୋଳା)—ଜପିବା
Māla(lā) jhulā (li) ମାଳ ଓ ଜପିବା ମାଳ ରଖାଯିବା କନାର
মালাঝোলা **मालाझोला** ମୁଣି—String of beads and the bag of cloth which contains it. [ଦ୍ର—ବୈଷ୍ଣବମାନେ ମାଳ ଝୁଲି ଧରି ହରି ନାମ କରନ୍ତି ଓ ଅକ୍ଷି ମୁଦି ଧ୍ୟାନ କରୁଅଛନ୍ତି । ପଦ୍ମାକରମୋହନ. ପ୍ରମାଣ ଅଠଗୁଣ ।]

ମାଲଞ୍ଚ—ଦେ. ବି—(ସଂ, ମାଲା+ମଞ୍ଚ)—ପୁଷ୍ପୋଦ୍ୟାନ; ମାଳିର ଫୁଲ
Mālancha মালঞ্চ **फुलवारी** ବଗିଚା—Flower-garden.

ମାଲତ—ପ୍ରାଦେ (ସିଂହଭୂମି) ବି—ଧାନ୍ୟ ବିଶେଷ—
Mālata A species of paddy.

ମାଲ ତାଲିକା—ବୈଦେ. ବି. (କଚେରୀ)—ପଦାର୍ଥମାନଙ୍କର ତାଲିକା
Māla tālikā ବା ଲିଷ୍ଟ—A list of articles.
মাল তালিকা **माल तालिका**

ମାଲତି—ପ୍ରାଦେ. (ଛତିଶ) ବି—ପଲାଣର ପଛ ପାଖରେ ଥିବା ଗଦି,ଯହିଁର
Mālati ଦେହରେ ଖିଲ କାଠି ଲାଗି ଥାଏ—The cushion behind the pack saddle to which are attached the fastening pins. ସଂ. ବି—ମାଳତୀ ଦେଖ—Mālatī (See)

ମାଲତି ଭେଦ—ଦେ. ବି—ସର୍ପଦଷ୍ଟ ବା କ୍ଷତ ଓ ରକ୍ତାକ୍ତ ବ୍ୟକ୍ତିକୁ
Mālati bheda କେହି ସ୍ତ୍ରୀଲୋକ ଛୁଇଁଲେ, ତାହା ତାଙ୍କୁ ଯୋଉ ବା ବିଷମ ମାରାତ୍ମକ ଅବସ୍ଥା—The serious condition of a snake-bitten person or a person with bleeding wounds of he is touched by a female. [ ଦ୍ର—ଲୋକ ବିଶ୍ୱାସ ଏହିକ, ମାଲତିଭେଦ ହେବ । ବ୍ୟକ୍ତି ବ୍ୟତିତ ବଞ୍ଚନ୍ତି ।]

ମାଲତୀ—ସଂ. ବି (ମା=ନାହିଁ+ଲତ୍ ଧାତୁ=ଅଘାତ କରିବା+କର୍ତ୍ତ୍ରି. ଅ
Mālatī +ସ୍ତ୍ରୀ. ଈ; ବା ମା=ଲକ୍ଷ୍ମୀ, ଶୋଭା+ଲତ୍ ଧାତୁ=
ଅନ୍ୟ ସଂ. ନାମ—ସୁମନା, ବେଷ୍ଟନ କରିବା+କର୍ତ୍ତ୍ରି. ଅ+ସ୍ତ୍ରୀ-
ଜାତି, ଜାଗି, ରାଜପୁତ୍ରିକା, ଈ; ଅଥବା ମାଲ=ବସ୍ତ୍ର+ଅତ୍
ହୃଦ୍ୟଗନ୍ଧା, ସନ୍ଧ୍ୟାପୁଷ୍ପା, ଧାତୁ=ଗମନ କରିବା+କର୍ତ୍ତ୍ରି. ଅ+
ଚେତକୀ (ଦ୍ରବ୍ୟଗୁଣ-କଳ୍ପଦ୍ରୁମ) ସ୍ତ୍ରୀ ଈ)—୧ । ଜାଇ ପୁଷ୍ପ ଓ ତହିଁର
মালতী ଲତା—1. A kind of jas-
**मालती** mine; Echites-Caryophy
ମ. ପୀବଲ ଜାଇ lata; Aganosma Cali-
ତେ. ଜାଇପୁଷ୍ପାଲୁ cina. [ଦ୍ର—ଏହା ଉପସ୍ଥିତ ବର୍ଗର ବୃହତ୍ ଲତା ବିଶେଷ; ଏହାର ପତ୍ର ୩।୪ ଅଙ୍ଗୁଳ ଲମ୍ବ ଓ ୨।୩ ଅଙ୍ଗୁଳ ଚଉଡ଼ା ଓ ପତ୍ରର ଅଗ ମୁନିଆ । ଏହାର ଫୁଲ ସୁର ଯାଏଡ଼ା ବିଶିଷ୍ଟ ଓ ଧଳା; ଫୁଲର ଭେଣ୍ଟ ଲମ୍ବ; ବର୍ଷା ଦୁଇ ମାସ ଫୁଲ ଫୁଟେ । ରାତିରେ ଫୁଲର ଉତ୍କଟ ମଧୁର ଗନ୍ଧରେ ଘରଅଡ଼ ଅମୋଦିତ ହୁଏ । ଶୀତକାଳରେ ଏ ଲତାକୁ ଛୁଇଁ ହୁଏ । ଏ ଲତା ବଡ଼ ଗଛ ଉପରେ ଖୁବ୍ ମାଡ଼େ । ବୈଦ୍ୟକ ମତରେ ଏହା ଶିରୋରୋଗ, ନେତ୍ରରୋଗ, ମୁଖ ରୋଗ, ଦନ୍ତ ରୋଗ,ବିଷ,କୁଷ୍ଠ ଓ ବାତ ରକ୍ତ ନାଶକ । ଏହାର ପତ୍ର ବ୍ରଣ, କୁଷ୍ଠ ଓ ନେତ୍ର ରୋଗ ନାଶକ । କେହି କେହି ଏହାକୁ ଜାଗି ବା ଜାଇ ଫୁଲ (Jasminium Grandiflorum) (ବ. ଜାଇ, ଚମେଲି, ହି. ଚମେଲି) ବୋଲି କହନ୍ତି । କିନ୍ତୁ ଜାଇ ଫୁଲ ଓ ମାଳତୀ ଫୁଲ ପୃଥକ୍] ୨ । ଯୁବତୀ—2. A youthful woman. ୩ । ରାତ୍ରି; ରାତି—3. Night. ୪ । ଜହ୍ନ ବା; ଜ୍ୟୋତ୍ସ୍ନା—4. Moonlight. ୫ । କଢ଼ି—5. Bud. ୬ । ନଦୀ ବିଶେଷ—6. The name of a river. ୭ । ପଞ୍ଚଦଶାକ୍ଷର ବା ଦ୍ୱାଦଶାକ୍ଷର ଛନ୍ଦୋବିଶେଷ—7. Name of a metre of 15 or 12 letters. ୮ । ଜାଇଫଳ ଗଛ (ହି. ଶ) 8. Myristica Fragrans (tree). ୯ । ଅକାଳ-ବନ୍ଧ ଲତା (ହି. ଶ)—9. Stephania Hernandifolia (creeper). ୧୦ । କୁମାରୀ—10. A virgin (Apte). ଦେ. [ବି—ସ୍ତ୍ରୀଲୋକଙ୍କ ନାମ—A name given to females.

ମାଳତୀ କ୍ଷାରକ—ସଂ. ବି— ସୋହାଗା (ହି. ଶ)—
Mālati kshāraka Borax.
(ମାଳତୀ ଗାଚ, ମାଳତୀ ଗାରଜ—ଅନ୍ୟରୂପ)

ମାଳତୀ ପତ୍ରିକା—ସଂ. ବି— ଜାଇପତ୍ରୀ (ହି. ଶ)—
Mālati patrikā Mace (spice).

ମାଳତୀ ଫଳ—ସଂ. ବି— ଜାଇଫଳ (ହି. ଶ)—
Mālati phala Nutmeg.

ମାଳତୀ ମାଧବ—ସଂ. ବି—ଭବ ଭୂତିଙ୍କ ପ୍ରଣୀତ ସଂସ୍କୃତ ନାଟକ-
Mālati mādhaba ବିଶେଷ—Name of a Sanscrit drama by Bhababhūti. [ଦ୍ର—ଏହା ଗୋଟିଏ ପ୍ରକରଣ ଶ୍ରେଣୀର କବିକଳ୍ପିତ ନାଟକ । ଏଥିର ରଚନା-କାଳ ଖ୍ରୀଷ୍ଟୀୟ ଅଷ୍ଟମ ଶତାବ୍ଦୀ ବୋଲି ଅନୁମିତ । ଏ ନାଟକର କଥାବସ୍ତୁ ଏହି;—ବିଦର୍ଭ ଦେଶର କୁଣ୍ଡିନ-ପୁରର ଏକ ରାଜାଙ୍କ ଦୁଇ ମନ୍ତ୍ରୀ ଭୂରିବସୁ ଓ ଦେବରାତଙ୍କ ମଧ୍ୟରେ ପରସ୍ପର ସତ୍ୟ ହୋଇଥିଲା ଯେ, ଯେବେ ଜଣକର ପୁତ୍ର ଓ ଜଣକର କନ୍ୟା ଜନ୍ମିବ ତେବେ ସେମାନଙ୍କ ପରସ୍ପର ସଙ୍ଗେ ବିବାହିତ କରାଇବେ । ଦେବରାତଙ୍କର ମାଧବ ନାମରେ ପୁତ୍ର ଓ ଭୂରିବସୁଙ୍କର ମାଳତୀ ନାମରେ କନ୍ୟା ହେଲା । କିନ୍ତୁ ରାଜାଙ୍କର ଅନ୍ୟ ଏକ ମନ୍ତ୍ରୀ ନନ୍ଦନ ମାଳତୀକୁ ବିବାହ କରିବାକୁ ଇଚ୍ଛା କଲେ ଓ ରାଜା ମଧ୍ୟ ଭୂରିବସୁଙ୍କୁ ଏଥିପାଇଁ ଅନୁରୋଧ କଲେ । ରାଜାଙ୍କ କଥା ଭାଙ୍ଗି ଦେଲେ ରାଜା ଅସନ୍ତୁଷ୍ଟ ହେବେ, ଏଥିଯୋଗୁଁ ଭୂରିବସୁ ଓ ତାଙ୍କ ସ୍ତ୍ରୀ ପଦ୍ମାବତୀ ଅତି ଶଙ୍କିତ ହେଲେ, ଅଥଚ ସତ୍ୟଭଙ୍ଗ କରିବାକୁ କୁଣ୍ଠିତ ହେଲେ । ପରିଚାରିକା କାମନ୍ଦକୀନାମ୍ନୀ ଜଣେ ପରିବ୍ରାଜିକାଙ୍କଠାରେ ମାଳତୀ ଓ ମାଧବଙ୍କୁ ମିଳିତ କରାଇବା ଭାର ଦେଲେ । ମାଳତୀ ଓ ମାଧବ ପିତାଙ୍କ ସତ୍ୟପ୍ରତିଜ୍ଞା କଥା ଜାଣି ନ ଥିଲେ । ସେମାନେ ପରସ୍ପରକୁ ଦେଖି ପରସ୍ପର ପ୍ରତି ପ୍ରଣୟାସକ୍ତ ହେଲେ । ଏଣେ ରାଜାଜ୍ଞାରେ ନନ୍ଦନ ସଙ୍ଗେ ମାଳତୀର ବିବାହର ସମସ୍ତ ଆୟୋଜନ ହେଲା, କିନ୍ତୁ କାମନ୍ଦକୀଙ୍କ କୌଶଳରେ ମାଳତୀ ସହିତ ମାଧବର ବିବାହ ହେଲା ଓ ଶେଷରେ ରାଜା ମଧ୍ୟ ଏ ବିବାହରେ ସମ୍ମତି ଦାନ କଲେ । ଏହି ନାଟକ କୌଣସି ପୌରାଣିକ ବା ପ୍ରସିଦ୍ଧ ଉପାଖ୍ୟାନକୁ ଅବଲମ୍ବନ କରି ରଚିତ ହୋଇ ନ ଥିବାରୁ ସମାଲୋଚକମାନେ ଏହାକୁ ଅବଜ୍ଞା ଚକ୍ଷୁରେ ଦେଖିଲେ । ଏହି ବିଷୟକୁ ଲକ୍ଷ୍ୟ କରି କବି ଡମ୍ନଲିଖିତ ପ୍ରସିଦ୍ଧ ଓ କରୁଣଃ ଉକ୍ତିର ଶ୍ଳୋକ ରଚନା କରିଥିଲେ ;—"ଯେ ନାମ କେଚିଦିହ ନଃ ପ୍ରଥୟନ୍ତ୍ୟବଜ୍ଞାଂ, ଜାନନ୍ତୁ ତେ କିମପି ତାନ୍ ପ୍ରତି ନୈଷ ଯତ୍ନଃ; ଉତ୍ପତ୍ସ୍ୟତେଽସ୍ତି ମମ କୋଽପି ସମାନଧର୍ମା, କାଲୋହ୍ୟୟଂ ନିରବଧି ର୍ବିପୁଲା ଚ ପୃଥ୍ୱୀ" । ଏଥିର ଅର୍ଥ-ଯେଉଁମାନେ ଏ ନାଟକ ସମ୍ବନ୍ଧରେ ମୋତେ ଅବଜ୍ଞା ବାଦ କରୁଅଛନ୍ତି, ସେମାନେ ଜାଣନ୍ତୁ ଯେ ମୁଁ ତାଙ୍କ ପାଇଁ ଏ ଗ୍ରନ୍ଥ ରଚନା କରି ନାହିଁ । କାଳର ବା ସମୟର ଅନ୍ତ ନାହିଁ ଓ ଏ ପୃଥିବୀ ବିପୁଳ ଅଟେ । ଅତଏବ ମୋର ସମାନଧର୍ମା କେହି ବ୍ୟକ୍ତି ଏ ସଂସାରରେ ଅଛନ୍ତି ବା ଜନ୍ମ ହେବେ, ତାଙ୍କ ଉଦ୍ଦେଶ୍ୟରେ ମୋର ଏହି ପରିଶ୍ରମ ଅଟେ । ]

ମାଲଦହ—ଦେ. ବି ( ନାମ )—ବଙ୍ଗଦେଶର ଜିଲ୍ଲା ଓ ନଗର ବିଶେଷ
Māladaha —Malda; name of a town and
ମালদহ district in Bengal, famous for its
मालदह mangoes. [ଦ୍ର—ଏହା ବଙ୍ଗ ଦେଶର
(ମାଲଦା—ଅନ୍ୟରୂପ) ଗୋଟିଏ ଜିଲ୍ଲା ଓ ନଗର । ଏଠାର ଆମ୍ବ ଭାରତ ବିଖ୍ୟାତ । ଏହା ରାଜସାହି ବିଭାଗର ଅନ୍ତର୍ଗତ । ]

ମାଲଦହୀ—ଦେ. ବିଣ—ମାଲଦହ ଜାତ—Produced in Malda
Māladahī district. ଦେ. ବି—ମାଲଦହ ଜାତ ଉତ୍କୃଷ୍ଟ
মালদহী ଆମ୍ବ—Excellent mango produced in
मालदही Malda.

ମାଲ ଦାର—ବୈଦେ. ବିଣ ( ଫା )—ଧନୀ—Rich.
Māla dār মালদার मालदार

ମାଲ ଦି(ଦୁ)ହୁଡ଼ି—ଦେ. ବି ( ସଂ. ମାଲ+ସାପଯାନ )—ଗୋଟିଏ
Māla di(du)hurdi ବାଉଁଶରେ ଗଣ୍ଠା ହୋଇ ମାଳ ପରି
মসালেরমালা ଲମ୍ବା ଓ ବନ୍ଧୁ ପ୍ରତ୍ୟେକ ବର୍ତ୍ତି ଜଳୁଥିବା
मालमसाल ମଶାଲ—Torches attached together
(ମାଳମଶାଲ—ଅନ୍ୟରୂପ) and looking like a garland when lighted.

ମାଲଦ୍ୱୀପ—ଦେ. ବି ( ସଂ. ମଲୟଦ୍ୱୀପ; ଲମ୍ବା ଦ୍ୱୀପମାଳା )—ଭାରତ
Māladwipa ମହାସାଗରରେ ଅବିର ଲକ୍ଷସାଗରର ଦକ୍ଷିଣ
মালদ্বীপ ଓ ଭାରତବର୍ଷର ଦକ୍ଷିଣ ପଶ୍ଚିମରେ ଅବସ୍ଥିତ କ୍ଷୁଦ୍ର
मालद्वीप କ୍ଷୁଦ୍ର ବହୁଦ୍ୱୀପର ପୁଞ୍ଜ—The Maldive islands in the Indian Ocean.

ମାଲ ଧାନୁଆ—ପ୍ରାଦେ ( ଗଡ଼ଜାତ ) ବି—ଜଙ୍ଗଲରେ ହେବା ଧାନୁଆ
Māla dhānuā ଲଙ୍କାମରଚ—A kind of small capsicum growing in jungles.

ମାଲପତ୍ର—ଦେ. ବି ( ଉଭୟାର୍ଥକ ସମାହାର )—ଧନଅର୍ଥ; ଚଳନ୍ତି
Māla patra মালপত্র मालपतर ସମ୍ପତ୍ତି—Moveable property.

ମାଲ ପଥର—ଦେ. ବି ( ସଂ. ମଲ୍ଲ+ପ୍ରସ୍ତର, ମୂଳ. ଫା. ମାଲ୍ )—
Māla pathara ମଲ୍ଲମାନଙ୍କର ଭାର ବସ୍ତୁ ଉଠାଇବାର
মালপথর ଶକ୍ତି ପରୀକ୍ଷା କରିବା ପାଇଁ ବ୍ୟବହୃତ, କେନ୍ଦ୍ରରେ
नाल छिद्र बा ବେଣ୍ଟଥିବା ବଡ଼ ଗୋଲ ଓ ଗୁରୁ ଭାର ପଥର—A big circular very heavy stone with a hole or handle in the middle which is used for testing heavy-weight-lifting capacity of athletes.

ମାଲପା(ପି)—ଦେ. ବି (ସଂ. ମାଲକ=ଢଗୀ ?)—ତେଲ; ତୈଳ—Oil.
Mālapā(pi) [ ଦ୍ର—ମାଲପା ବିନା ସେ ନ କରନ୍ତି ଭୋଜନ ।
তেল କୃଷ୍ଣସିଂହ. ମହାଭାରତ. ଉଦ୍ୟୋଗ । ] ପ୍ରାଦେ·
तेल ( ବାମଣ୍ଡା ) ବି—ସର୍ଷପତେଲ—Sesamum oil.

ମାଲପା କୁଞ୍ଚା(ଘଡ଼ି)—ଦେ. ବି—ତୈଳଭାଣ୍ଡ—A small pitcher
Mālapā kuñchā(ghardi) তেলের ভাঁড for oil.
टाटो

ମାଲପୁ(ପୋ)ଅ—ଦେ.ବ ସଂ.ମାଲକ=ଛଷି ଓ ପୂପ=ପିଠା)—ଅମାଲୁ; Mālapu(po)a ଅପମାଲୁ; ମଇଦାର ପଠକୁ ସଙ୍ଗେ ଗୁଡ଼ ପକାଇ ଘିଅରେ ଛଣା ଯିବା ପିଷ୍ଟକବିଶେଷ—
ମালপোয়া, মালপুআ A kind of cake prepared from
मालपो(पु)आ flour and sugar mixed into a paste and fried in ghee.

ମାଲ ପ୍ରଦେଶ—ଦେ.ବ(ଭା. ମାଲ+ସଂ. ପ୍ରଦେଶ)—ଜଙ୍ଗଲମୟ ଅଞ୍ଚଳ—
Māla pradesa A locality consisting of wild
মালপ্রদেশ जङ्गली प्रदेश tracts.

ମାଲ(ଲ)ବ—ସଂ. ବ—(ମାଲ+ବା.ଧାତୁ ଗମନ କରିବା+କର୍ତ୍ତୃ.ଅ;ଲମ୍ବା
Māla(la)ba ମରୁ+ଅ ମାଲବ ବା ମାଲବ,ମରୁମୟ ପ୍ରଦେଶ)—
୧ । ମଧ୍ୟଭାରତର ଉତ୍ତରାଞ୍ଚଳସ୍ଥ ମରୁମୟ ପ୍ରଦେଶ—
1. The Country of Mālwa in the north of Central India. [ ଉ—ଅଧୁନାତ୍ମ ମାଲବଦେଶେ ମାଲବବାସ । ରାଧାନାଥ. ମହାଯାତ୍ରା । ]
[ଦ୍ର—ଅବନ୍ତୀ ବା ଉଜ୍ଜୟିନୀ ଏଥିର ପ୍ରାଚୀନ ପ୍ରଧାନ ନଗରୀ । ଇନ୍ଦୋର, ଭୂପାଳ, ଧାର, ରତଲାମ ଆଦି ରାଜ୍ୟ ଏଥିର ଅନ୍ତର୍ଗତ—ହି. ଶ. । ] ୨ । ସଙ୍ଗୀତର ରାଗବିଶେଷ — 2. Name of a musical air. [ଦ୍ର—ଏହାର ଅନ୍ୟ ନାମ ଭୈରବ ରାଗ । ଏହା ରାତ୍ରି ୧୬ ଠାରୁ ୨୦ ଦଣ୍ଡ ମଧ୍ୟରେ ଗେୟ—ହି. ଶ. । ]

ମାଲ(ଲ)ବକ—ସଂ. ବଣ (ମାଲବ+କ)—ମାଲବ ଦେଶ ସମ୍ବନ୍ଧୀୟ—
Māla(la)baka Relating to Mālwa country.
ସଂ. ବ—ମାଲବବାସୀ ବ୍ୟକ୍ତି—An inhabitant of Mālwa.

ମାଲବ ଗୌଡ଼(ଡ଼ା)—ସଂ. ବ ( ସଂ. ମାଲବ+ଗୌଡ଼ )—ମିଶ୍ରରାଗିଣୀ
Mālaba gaurda(rdā) ବିଶେଷ—Name of a mixed
মালবগৌড়া musical air which is sung in the
मालवगौडा evening. [ଦ୍ର—ଏହା ଷାଡ଼ବ ଜାତିର ସମ୍ପୂର୍ଣ୍ଣ ରାଗ; ଏଥିରେ ପଞ୍ଚମସ୍ୱର (ପ) ଲାଗେ ନାହିଁ; ଏଥିର ସ୍ୱରଗ୍ରାମ ମଧ୍ୟନିସରଗମ । ବୀରରସରେ ଏଥିର ଉପଯୋଗ କରାଯାଏ; ଏହା ଗାଇବା ସମୟ ସାୟଂକାଳ—ହି. ଶ ]

ମାଲବନ୍ଧ—ଦେ. ବ (ସଂ. ମଲ୍ଲ ବନ୍ଧନ)—୧ । ମଲ୍ଲମାନଙ୍କର କସରତ୍—
Mālabandha 1. Wrestling. ୨ । ମଲ୍ଲମାନଙ୍କର ଘନ ଘନ
মালসাট ଭଙ୍ଗୀର ଚେଷ୍ଟା—2. Different artful poses in
कसरत wrestling. [ଉ—ବେଳ ବାଇଙ୍କର ମାଲବନ୍ଧେ ଯୁଦ୍ଧ ଦେଲେ—ବଳରାମ. ବଡ଼ଦେଉଳମାହାତ୍ମ୍ୟ । ]

ମାଲବ ଶ୍ରୀ—ସଂ. ବ—ଶ୍ରୀ ରାଗର ରାଗିଣୀବିଶେଷ—Name of
Mālaba sri secondary musical air.
[ଦ୍ର—ମତାନ୍ତରରେ ଏହା ମାଲବ ରାଗର ରାଗିଣୀ । ଏଥିର ଗାନ ସମୟ ସାୟଂକାଳ—ହି. ଶ. ]

ମାଲବା—ଦେ. ବ (ସଂ. ମାଲବ)—ମାଲବ ପ୍ରଦେଶ—
Mālabā মালব मालवा The Malwa Country.

ମାଲ ବା(ବେ)ଈ(ହି)—ପ୍ରାଦେ. (ଗଡ଼ଜାତ) ବ. ସ୍ତ୍ରୀ—ରାଜାମାନଙ୍କ
Māla bā(be)i(hi) ରକ୍ଷିତା ସ୍ତ୍ରୀ ବିଶେଷ—A class of
(ମାଲବେଇ.[ହି]—ଅପଭ୍ରଂଶ) concubines of Rajas.
[ଦ୍ର—ରାଜା ଏମାନଙ୍କୁ ଗୋଟିଏ ମାଳା ଦେଇ ରକ୍ଷିତା ସ୍ତ୍ରୀରୂପେ ବରଣ କରନ୍ତି । ]

ମାଲ ବାବୁ—ଦେ. ବ—ରେଲର ମାଲଗୋଦାମର ଭାରପ୍ରାପ୍ତ ଦେଶୀୟ
Māla bābu କର୍ମଚାରୀ—The Indian goods clerk in
মালবাবু मालबाबु a Railway goods shed.

ମାଲବାର—ଦେ. ବ (ନାମ)—୧ । ଦକ୍ଷିଣ ଭାରତବର୍ଷର ପଶ୍ଚିମ
Mālabāra ଉପକୂଳରେ ଥିବା ପ୍ରଦେଶ—1. The Malbar
মালবার country in Southern India. ୨ । ଦକ୍ଷିଣଭାରତର
मालबार ପଶ୍ଚିମ ଉପକୂଳ—2. The Malabar or west coast of Southern India.

ମାଲବିକ—ସଂ.ବଣ ପୁଂ(ମାଲବ+ସମ୍ବନ୍ଧାର୍ଥେ. ଇକ)—ମାଲବଦେଶୀୟ—
Mālabika Belonging or relating to Mālaba
(ମାଲବିକା—ସ୍ତ୍ରୀ) country.

ମାଲବିକା—ସଂ. ବ. ସ୍ତ୍ରୀ (ନାମ)—୧ । କାଳିଦାସଙ୍କର 'ମାଲବିକାଗ୍ନିମିତ୍ର'
Mālabikā ନାମକ ନାଟକର ନାୟିକା—1. The heroine in the drama of Kalidasa,named Mālabikāgnimitra. ୨ । ତ୍ରିବୃତ୍; ତେଉଡ଼ି (ଔଷଧିବିଶେଷ)-
2. A creeper with laxative roots; Operculina Turpethum; Ipomoea Turpethum.

ମାଲବିକାଗ୍ନିମିତ୍ର—ସଂ. ବ (ନାମ)—କାଳିଦାସଙ୍କର ନାଟକ ବିଶେଷ—
Mālabikāgnimitra Name of a drama of Kālidāsa.

ମାଲ ବିଜୁଳି—ଦେ. ବ (ସଂ. ମାଳ+ବିଦ୍ୟୁତ)—ବିଦ୍ୟୁନ୍ମାଳା; ମାଳାପରି
Māla bijuli ଝଟକୁଥିବା ବିଜୁଳି—The garland-like
বিদ্যুতের মালা बिजलीमाला flashes of lightning.

ମାଲ ବିନ୍ଧାଣ(ଣି)—(ସଂ.ମଲ୍ଲ+ବିଧାନ)—୧ । ମଲ୍ଲଯୁଦ୍ଧ—1. Wrest-
Māla bindhāna(ni) ling match. ୨ । (ସଂ. ମଲ୍ଲ+
दंगलजलडना ବିଧାନ)—ମଲ୍ଲଯୋଦ୍ଧା—2. Athlete; wrestler.
[ଉ—ପାଦ ଅଗ୍ରେ ଯେ ଶୈଳର କ୍ଷେପିଣ; ତାଙ୍କୁ ସେ ଜାଣିଲୁ ମାଲ ବିନ୍ଧାଣ । ପ୍ରାଚୀ. ସରଳଗୀତା । ]

ମାଲବି(ବେ)ହାର—ଦେ. ବ—ଓଡ଼ିଶାରେ କ୍ଷତ୍ରିୟମାନଙ୍କର ବଂଶୋପାଧି-
Mālabi(be)hāra ବିଶେଷ—A family title of Kshatriyas in Orissa.

ମାଲଶ୍ରୀ—ସଂ. ବ—ରାଗିଣୀବିଶେଷ; ଶ୍ରୀ ରାଗର ପତ୍ନୀ—Name of a
Mālabi secondary tone in music.
[ଦ୍ର—ଏଥିରେ ଋଷଭ ଓ ପଞ୍ଚମ ସ୍ୱର ବର୍ଜିତ ଅଟେ—ହି. ଶ ]

ମାଲବୀୟ—ସଂ.ବଣ.ପୁଂ(ମାଲବ+ସମ୍ବନ୍ଧାର୍ଥେ. ଈୟ)—ମାଲବର(ଦେଶ)
Mālabiya (ମାଲବୀୟା—ସ୍ତ୍ରୀ) Mālabika ( See )

ମାଲବ୍ୟ—ଦେ. ବ (ସଂ. ମାଲବୀୟ)—ଉତ୍ତର ପଶ୍ଚିମ ପ୍ରଦେଶର ବ୍ରାହ୍ମଣ-
Mālabya ମାନଙ୍କ ବଂଶୋପାଧି ବିଶେଷ—A family-title of Brāhmanas in N. W. Provinces.
(ଯଥା—ପଣ୍ଡିତ ମଦନମୋହନ ମାଲବ୍ୟ ।)

ମାଲ ଭାଇ—ଦେ. ବି—ଶବ ବାହେଉବା ଜ୍ଞାତି ଭାଇ—Relatives
Māla bhāi who shoulder the dead body to the
शववाही **गोतीया** • cremation ground.

ମାଲଭୂମ(ମି)—ଦେ. ବି (ସଂ. ମଲ୍ଲଭୂମି; ଜମ୍ମା ମାଲଭୂମି)—ପଶ୍ଚିମ ବଙ୍ଗର
Mālabhūma(mi) ପାର୍ବତ୍ୟ ଦେଶ ବିଶେଷ—Name of a
मानभूम hilly tract in West Bengal. [ଦ୍ର—ଏହା
**मालभूमि** ନେପାଳର ପୂର୍ବରେ ଅବସ୍ଥିତ—ହି. ଶ]

ମାଲ ଭୂମି—ସଂ. ବି— ଯେଉଁ ବିଶାଳ ଭୂଭାଗ ସାଧାରଣ ଭୂଭାଗ ଅପେକ୍ଷା
Māla bhūmi ବେଶି ଉନ୍ନତ—Plateau; table-land.
[ଦ୍ର—ହିମାଳୟର ଉତ୍ତରସ୍ଥ ତିବ୍ବତ ଦେଶ ଓ ମଧ୍ୟଭାରତ
ଗୋଣ୍ଡୱାନା ଲେଣ୍ଡ ପ୍ରକାଣ୍ଡ ମାଲଭୂମି ।]

ମାଲ ମତା(ତ୍ତା)—ଦେ. ବି ( ଅ. ମାଲ୍+ସଂ. ମାତ୍ରା=ଧନ )—
Māla matā(ttā) ୧ । ଚଳନ୍ତିସମ୍ପତ୍ତି ଓ ଟଙ୍କା ପଇସା—
माल मसला 1. Moveable properties and cash. ୨। ମୂଲ୍ୟ-
**मालमता** ବାନ୍ ଦ୍ରବ୍ୟ—2. Precious things or articles.
(ଉ—ଜମାଦାର ଘରେ ପଶି ମାଲମତା ଗୁଡ଼ାକ ବାହାର କରି
ବାଣ୍ଟୁରେ ଜମା କରୁଅଛନ୍ତି । ପଞ୍ଚାନନ. ଜୁମାଖ
ଅଠଗଣ୍ଡ ।)

ମାଲ ମସଲା—ବୈଦେ. ବି—୧ । ଘର ତିଆର କରିବାର ଉପକରଣ—
Māla masalā 1. Materials for building a
माल मसला house. ୨ । କୌଣସି କାର୍ଯ୍ୟ ସାଧନାର୍ଥ ପ୍ରୟୋ-
**माल मसला** ଜନୀୟ ଉପକରଣ—2. Materials necessary
for any object.

ମାଲ ମହାପ୍ରସାଦ—ଦେ. ବି (ସମାହାର)—ଜଗନ୍ନାଥ ବା ଅନ୍ୟ ଦେବତା-
Māla mahāprasāda ଙ୍କର ପ୍ରସାଦୀକୃତ ଫୁଲମାଳ ଓ
माला प्रसाद ଭୋଗ—Garland and food already
**माला और प्रसाद** offered to Lord Jagannath or any
(ମାଳ ମାହାପ୍ରସାଦ—ଅନ୍ୟରୂପ) other Deity.

ମାଲ ଯୁଦ୍ଧ—ଦେ. ବି (ସଂ. ମଲ୍ଲଯୁଦ୍ଧ)—ବାହୁ ଯୁଦ୍ଧ—Wrestling.
Māla juddha (ଉ—କଳକଣ୍ଠେ ମିଳି ଘୋର ନାଦେ, ଯୁଦ୍ଧ
माल युद्ध କରନ୍ତି ମାଲ ଯୁଦ୍ଧେ । ଜଗନ୍ନାଥ. ଭାଗବତ ।)
**दंगल**

ମାଲ ମାଲ—ଦେ. ବିଣ—ଅସଂଖ୍ୟ—Numerous. (ଉ—ବ୍ରହ୍ମାଣ୍ଡ
Māla māla ମାଲ ମାଲ ହୋଇ, ତୋ ଲୋମକୂପେ ବସନ୍ତି ।
असंख्य ଜଗନ୍ନାଥ. ଭାଗବତ ।) ଦେ. କ୍ରି. ବିଣ—୧ । ଦଳ
**बहुत, झुंडके झुंड** ସଙ୍ଘରେ—1. In herds. ୨ । ପଙ୍କ୍ତି ପଙ୍କ୍ତି
(ମାଲେ ମାଲେ—ଅନ୍ୟରୂପ) ହୋଇ—2. In groups or
packs. (ଉ—ମାଲେ ମାଲେ ଭଲ୍ଲ ହୋଇ ବସାଇ
ଥାଉଛନ୍ତି । ବିଶ୍ୱନାଥ. ମହାଯାତ୍ରା ।)

ମାଲ(ଲ)ୟ—ସଂ. ବିଣ. (ମଲୟ+ଅ)—ମଲୟସମ୍ବନ୍ଧୀୟ—Relating
Māla(la)ya to Malaya. ସଂ. ବି—ଚନ୍ଦନ ବୃକ୍ଷ—The
Sandal tree. ଦେ. ବି ( ସଂ. ମାଲୟ,
ଦ୍ରା. ମାଲ=ଜଙ୍ଗଲ;ଏହି ପ୍ରଦେଶ ଜଙ୍ଗଲମୟ ଥିବାରୁ ଏହି
ନାମ)—ବଙ୍ଗୋପସାଗରର ପୂର୍ବଭାଗସ୍ଥ ଉପଦ୍ୱୀପ—
Mālay; a peninsula on the Bay of
Bengal towards the east of India. [ଦ୍ର—
ଏହି ଉପଦ୍ୱୀପର ପୂର୍ବରେ ଚୀନ ସାଗର,ପଶ୍ଚିମରେ ବଙ୍ଗୋପ-
ସାଗର ଓ ସୁମାତ୍ରା ଦ୍ୱୀପ, ଦକ୍ଷିଣରେ ଭାରତ ମହାସାଗରସ୍ଥ
ସୁମାତ୍ରା ଆଦି ପୂର୍ବଭାରତୀୟ ଦ୍ୱୀପପୁଞ୍ଜ; ଉତ୍ତରରେ ଶ୍ୟାମ
ଓ ବ୍ରହ୍ମଦେଶ । ଏହାର ପ୍ରଧାନ ନଗର ପେନାଙ୍ଗ୍ ଓ
ସିଂଗାପୁର ।]

ମାଲ ଯମକ—ସଂ. ବି—ଶବ୍ଦାଳଙ୍କାର ବିଶେଷ (ଏହି ଅଳଙ୍କାରରେ
Māla jamaka ପ୍ରତ୍ୟେକ ପଦରେ ଏକ ଶବ୍ଦର ବହୁବାର
ସମାବେଶ ହୋଇଥାଏ)—A figure of rhetoric in
which one word appears many times
in the same line of the poetry
(ଉ—ଭ୍ରମରଙ୍କ ଚଳ ଚଳ ଚଳ କଲେ ଚୋଷେ,
ପାଖାଲୀ ଜାତର ଜଳ ଜଳ ଦୃଶ୍ୟ ଦୋଷେ ।
କୃଷ୍ଣା ଉପବାସ ବାସ ବାସରେ କାଉଳ,
ପଞ୍ଚ ସହୋଦର ଦର ଦର ବଣୀ ଗଢ଼ି ।
ଦେଖନ୍ତୁ ପୁଷ୍କର କର କରଯୋଡ଼ୁ ଡ଼ାସେ,
ଦେଖନ୍ତି ବ୍ରହ୍ମର୍ଷି ସର୍ଷି ଗ୍ରଷ ବାସେ ।
ଗୋଲକ. ଇନ୍ଦୁରେଖା ।)

ମାଲୟାଲମ୍—ଦେ. ବି—ମାଲୟ ଦେଶୀୟ ଭାଷା—Name given
Mālayālam to the vernacular language of
मालयालम **मालयालम** the Malay peninsula

ମାଲଶ୍ରୀ—ଦେ. ବି ( ସଂ. ମାଲବଶ୍ରୀ )—ରାଗିଣୀବିଶେଷ; ଶ୍ରୀରାଗର ପତ୍ନୀ;
Mālaśri ( ଏହା ଗାଇବାର ସମୟ ଦିବା ୪ର୍ଥ ପ୍ରହର )—
मालश्री Name of a secondary tune in Hindu
**मालश्री(सी)** music.

ମାଲଶ୍ରୀ କରିବା—ଦେ. କ୍ର—କୌଣସି କଥାକୁ ପୁନଃପୁନଃ କହିବା ବା
Mālaśri kariba ଘୋଷି ହେବା—To recite a matter
बारबार बला repeatedly. [ଦ୍ର—ଜଣେ ବ୍ୟକ୍ତି କୌଣସି
**राम अलापना** ବିଷୟକୁ ବାରଂବାର ପାଠ କରି କହିଲେ ବା
ମାଲଶ୍ରୀ ମେଲ୍ଲ(ଲେ)ଇବା } ଅନ୍ୟରୂପ ଶୁଣିବାରେ ହେଲେ କହନ୍ତି, ଅମୁକ
ମାଲଶ୍ରୀ ଲଗା(ଗେ)ଇବା } ଲୋକ ଅମୁକ ବିଷୟକୁ ମାଲଶ୍ରୀ
କରୁଛି ବା ହରିଗୁଣ ଘୋଷି କରୁଛି ।]

ମାଲ(ଲି)ଶ୍—ବୈଦେ. ବି ( ଅ. ମାଲିଶ୍ )—ଦେହରେ ତୈଳାଦିର
Māla(li)s ମର୍ଦ୍ଦନ—Rubbing of oil on the body.
मालिस. **मालिश**

ମାଲସା—ଦେ. ବି ( ସଂ. ମଲ୍ଲିକା ବା ମାଲାକାର=ମୃତ୍ପାତ୍ରବିଶେଷ)—
Mālasā ମାଟିର ଗଭୀର ବଡ଼ ପଲମ; ଡାଲିଆ; ଉମ୍ରେଇ—
मालसा **ढकना** A deep earthen pan. ପ୍ରାଦେ.( ମେଦିନୀ-
ପୁର ) ବି—ଛୋଟ ସଢ଼େଇ—Small cup-like
hard-shell of cocoanut.

ମାଲସା ଭୋଗ—ଦେ. ବି—ଠାକୁରଙ୍କୁ ଯେଉଁ ମିଷ୍ଟାନ୍ନାଦି ମାଲସାରେ ବା
Mālasā bhoga ଡାଲିଆରେ ଭୋଗ କରାଯାଏ—Sweetmeat
मालसा भोग offered to a deity in a big pan.

ମାଲଷୀ—ସ. ବ—୧ । ବୃକ୍ଷ ବିଶେଷ—1. Name of a tree.
Mālasi ୨ । ମେଘ ବା ମାଲବ ରାଗର ପତ୍ନୀ; ମାଲବଶ୍ରୀ—2. Name of a secondary tune.

ମାଲ ସୂତା—ଦେ. ବ (ସ. ମାଲା + ସୂତ୍ର)—ଅରଟ ଚକର ଘର ଚାରିପାଖେ
Māla sūtā ଗୁଡ଼ୁଥିବା ହୋଇ ତାକୁଡ଼ିରେ ଲଗ୍ନ ହୋଇଥିବା ସୂତ—
मालसूता माल The string used in furning round the spindle of a spinning wheel.
[ ଦ୍ର—ଅରଟ ଘୁରାଇଲେ ଏହି ସୂତା ତାକୁଡ଼ିକୁ ଘୁରାଏ । ]

ମାଲ(ଲ) ହାଣ୍ଡି—ଦେ. ବ—୧ । ମୃତାହର ଦଶଦିନ ରାତିରେ ବିସର୍ଜନ
Māla(la) hāndi କରାଯିବା ପାକ ହାଣ୍ଡି—1.The cooking earthen pots which are thrown away on the tenth night of one's death. ୨ । ଦଶ-ଘାଟରେ ଦଗ୍ଧ ହାଣ୍ଡି—2. The burning earthen pot set ablaze on the tenth day at the bathing ghat. ୩ । (ସ. ମାଲବ) ରାଗବିଶେଷ—3. A kind of tune.

ମାଲା—ସ. ବ ( ମା=ଲକ୍ଷ୍ମୀ; ପାପ୍ତି + ଲା. ଧାତୁ=ଗ୍ରହଣ କରିବା + କର୍ତ୍ତୃ. ଅ+ସ୍ତ୍ରୀ. ଆ )—୧ । ମାଳ; ମାଲ୍ୟ; ପୁଷ୍ପାଦିରଚିତ
Mālā ହାର; ସ୍ରକ୍—1. Garland. ୨ । ବେକରେ ପିନ୍ଧା-ଯିବା ସୁନା ଆଦିର ହାର ବା କଣ୍ଠି—2. Necklace. ୩ । ସମୂହ; ସଂଗ୍ରହ—3. Collection. ୪ । ପଙ୍କ୍ତି; ଶ୍ରେଣୀ; ଧାଡ଼ି—4. Row. [ ଦ୍ର—ଶବର ଭାଷାରେ ମାଲ=ଜଙ୍ଗଲ; ଜଙ୍ଗଲରୁ ଆସୁଥିବା ଫୁଲରେ ପ୍ରସ୍ତୁତ ହେବାରୁ ଏହାର ନାମ ମାଳା । ଏହି ଶବ୍ଦ ଶବର ଭାଷାରୁ ସଂସ୍କୃତକୁ ଆସିଅଛି । ]

ମାଲ—ଦ୍ରାବି. ( କନ୍ନଡ଼ ) ବ—ମାଲା ( ଦେଖ )
Māla Mālā ( See )

ମାଲ୍ଏକ—ଦେ. ବ—ମହାନାଏକ ( ଦେଖ )
Mālaeka Mahānaeka ( See )
[ ମାଆ(ହା)ନା(ଲ) ଏକ—ଅପଭ୍ରଂଶ ]

ମାଲା କଉ(କୌ)ପୁନି—ଦେ. ବ ( ସ. ମାଲ, କୌପୀନ; ସଦ୍ଭବ )—
Mālā kau(kau)puni ବାବାଜୀମାନଙ୍କ ବେଶର ଦୁଇଟି ପ୍ରଧାନ
माला कौपीन ଉପକରଣ; କଣ୍ଠରେ ମାଲା ଓ କଟିଦେଶ ଉପରେ
माला कौपीन ପରିହିତ କୌପୀନ—Necklace of beads and a strip of rag worn by anchorites.

ମାଲକ୍କା—ଦେ. ବ—ମାଲକ୍କା ( ଦେଖ )—Mālakkā ( See )
Mālakkā मालक्का मालक्का

ମାଲା କାର—ସ. ବ. ପୁଂ (ମାଲା + କୃ ଧାତୁ=କରିବା + କର୍ତ୍ତୃ. ଅ)—
Mālā kāra ୧ । ଯେ ମାଲା ଗୁନ୍ଥେ—1. One who prepares garlands. ୨ । ମାଠର ମାଳା ପ୍ରସ୍ତୁତକାରୀ ଜାତିବିଶେଷ—2. A caste manufacturing beads. ୩ । ମାଳୀ; ଫୁଲଫଳର ଉଦ୍ୟାନରକ୍ଷକ; ଉଦ୍ୟାନପାଳ—3. A gardener. ୪ । ଯେ ଫୁଲର ମାଳ ବିକି ପେଟ ପୋଷେ—4. One who maintains himsilf by selling garlands of flowers; a florist. ସ. ବଣ—ମାଲା ପ୍ରଥନକାରୀ—Preparing strings of garlands.

ମାଲା ଗୌଡ଼(ର)—ସଂ. ବ—ମାଲବ ଗୌଡ଼ ( ଦେଖ )
Mālā gaurda(ra) Mālaba gaurda ( See )

ମାଲା ତିଲକ—ସଂ. ବ ( ମାଲା+ତିଲକ )—ବାବାଜୀମାନେ ସାମ୍ପ୍ରଦାୟିକ
Mālā tilaka ବିଶେଷତ୍ୱରୂପେ ଧାରଣ କରୁଥିବା ମାଳା ଓ ଚିତା—Distinctive beads and painting of anchorites. [ ଦ୍ର—ଶୈବ, ଶାକ୍ତ, ବୈଷ୍ଣବ, ଗାଣପତ୍ୟ ଆଦି ସଂପ୍ରଦାୟମାନଙ୍କରେ ମାଲା ଓ ଚିତା ଭିନ୍ନ ଭିନ୍ନ ଥିବାରୁ, ମାଳା ଓ ତିଳକ ଦେଖି କେଉଁ ବାବାଜି କେଉଁ ସଂପ୍ରଦାୟଭୁକ୍ତ, ଏହା ଜଣା ପଡ଼େ । ]

ମାଲା ତିଲଖ—ଦେ. ବ—ମାଲା ତିଲକ ( ଦେଖ )
Mālā tilakha मालातिलक Mālā tilaka (See)

ମାଲା ତୃଣକ—ସଂ. ବ ( ମାଲା + ତୃଣକ )—ଗନ୍ଧତୃଣ; ଗନ୍ଧବେଣା;
Mālā trunaka ଧଳାଗନ୍ଧ ଘାସ—A fragrant sort of grass.

ମାଲା ଦୀପକ—ସଂ. ବ—ଅର୍ଥାଲଙ୍କାରବିଶେଷ; ଦୀପକାଲଙ୍କାରର ମାଳା—
Mālā dipaka A string of figures of speech

ମାଲା ଦୂବା—ସଂ. ବ ( ମାଲା=ମାଲାକାର + ଦୂର୍ବା )—ଗଣ୍ଠି ଦୂବ;
Mālā dūrbā ଲମ୍ବ ଦୂବ—The Dūba grass creeper.

ମାଲା ବତୀ—ସଂ. ବ—ସଙ୍କର ରାଗିଣୀ ବିଶେଷ—Name of a
Mālā bati mixed musical air.

ମାଲାବାର—ଦେ. ବ—ମାଲବାର ( ଦେଖ )
Mālābāra Mālabāra ( See )

ମାଲାମ୍ -ଦେ. ବ ( ସଂ. ମଲ୍ଲ )—ମଲ୍ଲକ୍ରୀଡ଼ା—
Mālām कुश्ती दंगल Wrestling; athletic sports.

ମାଲାମାଲ୍—ଦେ. ବ ( ଦ୍ୱିରୁକ୍ତ )—୧ । ସ୍ଥାବର ଓ ଅସ୍ଥାବର ସମ୍ପତ୍ତି
Mālāmāl —1. Moveable and immoveable
माल properties. ୨ । ପଣ୍ୟଦ୍ରବ୍ୟ—2. Goods;
मालमत्ता merchandise. ୩ । ମାଲପତ୍ର; ଅଳଙ୍କାର; ବାସନ ଓ ଅସବାବ୍ ଆଦି ମାଲ—3. Moveable properties. ୪ । ଗୃହର ସମୁଦାୟ ଚଳନ୍ତି ପଦାର୍ଥ—4. All the moveable properties of a house. [ ଦ୍ର—ହିନ୍ଦୀରେ ମାଲାମାଲ ଶବ୍ଦ ବିଶେଷଣ ଓ ଏଥିର ଅର୍ଥ ଧନଧାନ୍ୟରେ ପୂର୍ଣ୍ଣ (ବ୍ୟକ୍ତି) । ]

ମାଲା ରୂପକ—ସ. ବ—ରୂପକ ( ଦେଖ )
Mālā rūpaka Rūpaka ( See )

ମାଲାଲିକା—ସ. ବ—ପୃକ୍କା; ପିଡ଼ଙ୍ଗ ଶାଗ—A potherb;
Mālālikā Trigonella Corniculata.
(ମାଲାଳି—ଅପଭ୍ରଂଶ)

ମାଲି—ସ. ବ—ସୁକେଶ ରାକ୍ଷସର ପୁତ୍ର ଓ ରାବଣର ମାତାମହ—
Māli Name of a demon, the maternal
माली grandfather of Rābana. ଦେ. ବ ୧ । ( ସ.
माला ( ମାଲା )—ଜପମାଲା—1. Rosary. [ ଦ୍ର

—ଭିନ୍ନ ଭିନ୍ନ ଉପାଦାନ ଅନୁସାରେ ମାଳର ବା ଜପମାଳାର ଭିନ୍ନ ଭିନ୍ନ ନାମ ହୁଏ, ଯଥା—ରୁଦ୍ରାକ୍ଷମାଳ, ଭଦ୍ରାକ୍ଷମାଳ, ସ୍ଫଟିକମାଳ, ତୁଳସୀମାଳ । ] ୨ । ଶୂଦ୍ର ଓ ବୈଷ୍ଣବଙ୍କ ବେକରେ ପିନ୍ଧାଯିବା ମାଳା—2. String of beads worn by anchorites and Śūdras. ୩ । ( ସଂ. ମାଳିକ ) ପୁଂ ମାଳାକାର—3. A garland-maker. ୪ । ପୁଷ୍ପ ବ୍ୟବସାୟୀ—4. A florist. ୫ । ମାଳା ନିର୍ମାଣକାରୀ—5. A manufacturer of beads. ୬ । ଉଦ୍ୟାନ ରକ୍ଷକ—6. Gardener. ୭ । ଦେବତାଙ୍କୁ ଫୁଲ ପାଣିଦେବା ଶୂଦ୍ର ସେବକ—7. A Śūdra sebaka of a Deity who offers or supplies flowers and water. ଗ୍ରାଦେ ( ପୁରୀ; ଗଞ୍ଜାମ ) ବି—କଣ୍ଠି; ଛୋଟ କଣ୍ଠମାଳା—Small necklace. [ ଉ—ଗଡ଼ମାଳି ମୁଦ ଯେ ଗାରବଳ ଅଦ । କୃଷ୍ଣସିଂହ. ମହାଭାରତ. ବନ । ] [ ଦ୍ର—ପୁରୀରେ ଓ ଗଞ୍ଜାମରେ କଣ୍ଠମାଳାର ଉପାଦାନ, ଉପକରଣ ଓ ଦାନାର ଆକାରଅନୁ ଯୋଗୁଁ ମାଳର ଭିନ୍ନ ଭିନ୍ନ ନାମ ହୁଏ । ଯଥା—( ଉପାଦାନ ଅନୁସାରେ ) ସୁନାମାଳ, ରୂପାମାଳ, ପୋଟୋଳାମାଳ, ଅଠିଲମାଳ । ( ଆକାର ସାଦୃଶ୍ୟରେ ) ମୁଗେଇମାଳ, ଧାନ୍ଯଅମାଳ, ପଟ୍ଟିମାଳ, ସୋରଷିଅମାଳ, ଧଳାଅଫାଳିଆ ମାଳ, ହରଡ଼ଫାଳିଆ ମାଳ ଓ ହରଡ଼ାମାଳ ଇତ୍ୟାଦି । ]

ମାଳୀ
ମାଲୀ
ମାଳଅଣୀ, ମାଲ୍ୟାଣୀ, ମାଲିଣୀ, ମାଲୁଣୀ, ମାଲେଣୀ } ସ୍ତ୍ରୀ

ମାଲି—ଗ୍ରାଦେ ( ସମ୍ବଲପୁର; 'ଳ' ସ୍ଥାନରେ 'ଲ' ଉଚ୍ଚାରଣ ) ବି—ମାଳ
Māli —Māḷi. ବୈଦେ ( ଅ. ମୁଆମଲ୍ଲ ) ବି—ମକଦମା
ମାଲୀ ମାମଲା Litigation; case; suit.

ମାଳିଆ—ଦେ. ବିଣ. ପୁଂ ( ସାଧାରଣତଃ ଅନ୍ୟ ଶବ୍ଦ ସଙ୍ଗେ ବ୍ୟବହୃତ )
Māḷiā —୧ । ମାଳା ବ୍ୟବହାରକାରୀ ବା ପରିଧାନ କରିଥିବା ବ୍ୟକ୍ତି—1. Wearing beads. [ ଉ—ବନ୍ଧବେଢ଼ି, ଚନ୍ଦନକୁ ଫଟିକମାଳିଆକୁ । କବିସୂର୍ଯ୍ୟ. ସଙ୍ଗୀତ । ] ୨ । ମାଳର ବା ଅଞ୍ଚଳରେ ବାସ କରୁଥିବା ବ୍ୟକ୍ତି—2. Living in a particular country. ( ଯଥା—ଗଡ଼ମାଳିଆ, ଚଳମାଳିଆ । ) ୩ । ଜଙ୍ଗଲର ଅଧିବାସୀ—3. Inhabiting a wild country.
ମାଳାଧାରୀ
मालवाला
ମାଲେଇ, ମାଲୋଇ } ସ୍ତ୍ରୀ
ଜଙ୍ଗଲୀ
जङ्गली

ମାଳିଅଣୀ—ଦେ. ବି. ସ୍ତ୍ରୀ ( ସଂ. ମାଳିନୀ )—୧ । ମାଳାକାରଣୀ ସ୍ତ୍ରୀ—
Māḷiāṇī 1. A female florist or garland-maker. ୨ । ମାଳୀର ସ୍ତ୍ରୀ—2. The wife of a Māḷi. [ଦ୍ର—ମାଲ୍ୟାଣୀ ପୁଷ୍ପ ଓ ହାର ଆଦି ନେଇ ରାଜାଙ୍କ ଅନ୍ତଃପୁରକୁ ଅବାରିତ ଭାବରେ ଯିବା ପାଇଁ ତାକୁ ଛାଡ଼ ଥିବାରୁ, ଆମ ଦେଶର କବି ଓ ଗଳ୍ପକାରମାନେ ମାଳିଅଣୀକୁ ଏହା ରାଜାଙ୍କ ଅନ୍ତଃପୁରସ୍ଥା ପ୍ରେମା ଅବଳ ନିକଟକୁ ଯାଇ ଦୌତ୍ୟ କାର୍ଯ୍ୟ କରିବାର ବର୍ଣ୍ଣନା କରି ଅଛନ୍ତି । କେହି କେହି କବି ଏହାର ଯୌବନ, ବେଶଭୂଷା ଓ ରସିକତା ବର୍ଣ୍ଣନାରେ ଲୁବ୍ଧ ଦେଖାଉ ଥିବାର ଦେଖାଯାଏ ।]
ମାଲିଣୀ
ମାଲୁଣୀ
ମାଲେ(ଲେ)ଣୀ
ମାଲ୍ୟାଣୀ
ମାଳିନୀ
मालिन

ମାଳିଅଳି—ଦେ. ବି—ମାଳମାନେ; ଦେବ ସେବକଗଣ—
Māḷiāḷi The Sebakas of a Deity.
(ଉ—ମାଳିଅଳି ଦକ୍ଷିଣା ବର୍ଦ୍ଧକ ବନା କମ୍ଭ, ନ ସେବକନ୍ତି ଦେବାଙ୍କୁ ହୁଇ ଚରଣେ ଅମ୍ଭ ଯେ । ଉକ୍ତ. ଲାବଣ୍ୟବତୀ ।)

ମାଳିକ—ସଂ. ବିଣ. ପୁଂ ( ମାଳା+ସମ୍ବନ୍ଧାର୍ଥେ ଇକ )—୧ । ମାଳା
Māḷika ସମ୍ବନ୍ଧୀୟ—1. Relating to garland. ୨ ।
(ମାଳିକା—ସ୍ତ୍ରୀ) ମାଲ୍ୟ ନିର୍ମାଣକାରୀ—2. Preparing beads or garlands. ସଂ.ବି—୧ । ମାଳାକାର;ମାଳୀ—1.Florist; gardener. ୨ । ଚିତ୍ରକର—2. A painter. ୩ । ପକ୍ଷିବିଶେଷ—3. Name of a bird. ୪ । ରଜକ; ଧୋବା—4. Washerman.

ମାଲିକ୍ ମକ୍ ବୁଜା—ଗ୍ରାଦେ. ( ସମ୍ବଲପୁର ) ବି—ଯେଉଁ ରଇୟତ୍ ଏକ
Mālik mak bujā କ୍ଷେତ୍ର ବା ବନ୍ଧ କ୍ଷେତ ଚାଷ କରେ, କିନ୍ତୁ ସାଧାରଣ ପ୍ରଜାମାନଙ୍କଠାରୁ ତାହାର ଖଜଣାର ପ୍ରକାର ଭିନ୍ନ ହୁଏ ଓ ସେ ନିଜେ ମାଲଗୁଜାର ନୁହେ କି ମଧ୍ୟସ୍ୱତ୍ୱାଧିକାରୀ ମଧ୍ୟ ନୁହେ (ସମ୍ବଲପୁର ମାନୁଆଲ୍ ୧୯୬୮)—A raiyat who cultivates a field but pays rent different in kind from ordinary tenants and is neither a revenue-payer nor a tenureholder.

ମାଲିକ—ବୈଦେ.ବି.ପୁଂ (ଅ. ମାଲିକ୍) —୧ । ବସ୍ତୁର ବା ସମ୍ପତ୍ତିର ସ୍ୱାମୀ
Mālika ବା ସ୍ୱତ୍ୱାଧିକାରୀ—1. Proprietor; owner.
मालिक (ଉ—ଏକ କାର୍ଯ୍ୟେ ଦୁଇ ତିନି ମାଲିକ ହେଲେ, ସେ
मालिक କାର୍ଯ୍ୟ ନାଶ ଯାଏ ବରୋଧ ଘଟିଲେ । କୃଷ୍ଣସିଂହ.
ମାଲିକାଣୀ, ମାଲିକଅଣୀ } ସ୍ତ୍ରୀ ମହାଭାରତ ଶାନ୍ତି ।) ୨ । ଅଧିକାରୀ—2. Possessor;holder. ୩ । ପ୍ରଭୁ; କର୍ତ୍ତା; ପ୍ରଭୁ—3. Lord; master. ୪ । ଗ୍ରାମର ଜମିଦାର—4. Zamindar of a village. ୫ । ରାଜା—5. King. ୬ । ଦଳର ନେତା ବା ପ୍ରଧାନ ବ୍ୟକ୍ତି—6. Leader or headman of a group.

ମାଲିକ(କି) ସ(ସ୍ୱ)ତ୍ୱ—ଦେ. ବି [ଫା. ମାଲିକ+ସଂ.ସ୍ୱତ୍ୱ; କଚରିଆ]—
Mālika(ki) sa(swa)twa ୧ । ସମ୍ପତ୍ତିର ସ୍ୱାମିତ୍ୱ; ମିଲକିୟତ୍
मालिकि सत्व —1. Proprietory right. ୨ । ପୂର୍ଣ୍ଣ
मालिकी स्वत्व ସ୍ୱାମିତ୍ୱ; ନିବ୍ୟୂଢ଼ ସ୍ୱତ୍ୱ—2. Absolute proprietory right in a property.

ମାଳିକା—ସଂ. ବି. ସ୍ତ୍ରୀ ( ମାଳିକ+ସ୍ତ୍ରୀ. ଆ )—୧ । ସୁଗୁଲା; ମଲ୍ଲିକା;
Māḷikā ମଲ୍ଲୀ ଫୁଲ—1. Jasmine. ୨ । ତବଲ ମଲ୍ଲି; ସାତ ପାଖୁଡ଼ିଆ ମଲ୍ଲି; ମୁଗୁରା ମଲ୍ଲି—2. Jasmine having many folds of petals. ୩ । ପୁଷ୍ପ ମାଲ୍ୟ; ଫୁଲ ହାର—3. A chaplet. ୪ । ପୁତ୍ରୀ; କନ୍ୟା; ଦୁହିତା; ତନୟା—4. Daughter. ୫ । କଣ୍ଠଭୂଷଣ; କଣ୍ଠି; ମାଳ—5. Necklace. ୬ । ନଦୀ ବିଶେଷ—6. Name of a river. ୭ । ମଦ୍ୟ ବିଶେଷ—7. Name of a kind of wine. ୮ । ଝୁମା; ଉଷୀ; ଘେଡ଼ି—8. Linseed. ଦେ. ବି—ଅଚ୍ୟୁତାନନ୍ଦ ଦାସ

ଅବଙ୍କ ଭବିଷ୍ୟତ ବାଣୀ ଜଡ଼ିତ ପଦ୍ୟ ପୁସ୍ତକ—Poems containing predictions and prophesies about future and composed by Achyutānanda Dāsa and others.
मालिका
[ଦ୍ର—କଳକାଳରେ କଷ୍ଟ କଲ୍କୀ ଅବତାରରେ ମନୁଷ୍ୟ ରୂପରେ ପୃଥିବୀରେ ଅବତୀର୍ଣ୍ଣ ହୋଇ ପାପୀ ଓ ମ୍ଳେଚ୍ଛମାନଙ୍କୁ ନାଶ କରି ପୃଥିବୀରେ ପୁଣି ସତ୍ୟର ରାଜତ୍ୱ ସ୍ଥାପନ କରିବେ ବୋଲି ମାଳକାରେ ଲେଖା ଅଛି । କଥିତ ଅଛି ଯେ ମହାପ୍ରଭୁ ଶ୍ରୀ ଚୈତନ୍ୟଙ୍କ ସମସାମୟିକ ଅଚ୍ୟୁତାନନ୍ଦ ଦାସ ଓ ତଦାମାନ୍ତକ ଅନ୍ୟାନ୍ୟ ଭକ୍ତକବିମାନେ ଏ ମାଳକାମାନ ରଚନା କରିଅଛନ୍ତି । ଏଥିରେ ଅନେକ ଦୁର୍ବୋଧ୍ୟ ଭାଷା ଓ ସଙ୍କେତମାନ ଲେଖା ଅଛି ଓ ଭିନ୍ନ ଭିନ୍ନ ସ୍ଥାନର ସଙ୍କେତ ଦିଆ ଯାଇଅଛି ଯେ, ସେହି ସେହିଠାରେ ଭଗବାନ କଲ୍କୀ ଅବତାରରୂପେ ଜନ୍ମ ହୋଇ ଭକ୍ତମାନଙ୍କୁ ଏକତ୍ର କରାଇ ଦଳ ବଳ ସଂଗ୍ରହ କରି ଦୁଷ୍ଟଙ୍କୁ ଓ ପାପୀମାନଙ୍କୁ ନାଶ କରିବେ; ଦେଶରେ ରକ୍ତ ନଦୀ ପ୍ରବାହିତ ହେବ; ଶେଷରେ ସତ୍ୟର ରାଜତ୍ୱ ପ୍ରତିଷ୍ଠିତ ହେବ । ମାଳକାର ଗୋଟିଏ ବାକ୍ୟ ଏଠାରେ ଦିଆଗଲା; ଏଥିରୁ ଭାଷାର ଓ ସମୟର ଦୁର୍ବୋଧ୍ୟତା ଅନୁମିତ ହେବ । "ତରିତ ଥିରୁ ତେବେରକୁ, ତରୁଦ ପଦର କେହି ନ ରହିବେ, ସତ ଭୁସୁଜବ ସତରକୁ ।" ଏ କେଉଁ ୧୦ ଓ କେଉଁ ୧୭୧୦ ବା ୧୭, ତାହା ଅନୁମାନ କରିବା ଦୁଃସାଧ୍ୟ ।]

ମାଳକା ଡାକ—ଦେ. ବି (ମାଳକା+ଡାକ)—ମାଳକାରେ ଲେଖାଥିବା Mā̱likā dāka ଭବିଷ୍ୟଦ୍‌ବାଣୀ—Prophesies mentioned in the Mā̱likā.

ମାଲିକାନା—ବୈଦେ. ବି (ଅ)—୧ । ସ୍ୱାମୀ ବା ପ୍ରଭୁର ପ୍ରାପ୍ୟ—1. Dues payable to a proprietor.
Mālikānā
मालिकाना ୨ । ରାଜାଙ୍କ ପ୍ରାପ୍ୟ ଶୁଳ୍କ—2. Royalty; cess.
**मालिकाना** ୩ । ପ୍ରଜାଠାରୁ ଅଦାୟ ହେବା ଖଜଣାରୁ ଜମିଦାର ବା ମକଦମ ଶତକଡ଼ା ଯେଉଁ ଅଂଶ ନିଜର ପ୍ରାପ୍ୟ ସ୍ୱରୂପ କାଟି ରଖିବା ପରେ ଗଭର୍ଣ୍ଣମେଣ୍ଟଙ୍କୁ ରାଜସ୍ୱ ଦିଅନ୍ତି—3. The fixed percentage of rent which is deducted and kept to himself by the zamindar after realisation and before payment to the Government.

ମାଲିକି—ବୈଦେ. ବିଣ. (ଅ)—ମାଲିକ ସମ୍ବନ୍ଧୀୟ—Proprietory; relating to ownership. ବୈଦେ. ବି
Māliki
मालिकी (ଅ)—ସୁନ୍ନୀ ସମ୍ପ୍ରଦାୟ ଭୁକ୍ତ ମୁସଲମାନଙ୍କର ଚତୁର୍ବିଧ
**मालिकी** ଶାଖା ମଧ୍ୟରୁ ଏକ ଶାଖା—One of the four sects of the Sunni Mahomedans.
[ଦ୍ର—ଏ ଶାଖାର ପ୍ରବର୍ତ୍ତକ ଧର୍ମଗୁରୁ ଇମାମ୍ 'ମାଲିକ୍ ବିନ୍ ଅଂଶ୍'ଙ୍କ ନାମରୁ ଏହି ନାମ । ମାଲିକୀମାନେ ଆରବ ଓ ଆଫ୍ରିକାରେ ଅଛନ୍ତି । ଅନ୍ୟ ତିନି ଶାଖାର ନାମ—ହନାଫି, ହନବଲୀ, ସାଫେଇ ।]

ମାଲି ଝୁଲି—ଦେ. ବି—ମାଳ ଝୁଲି (ଦେଖ)—
Mā̱li jhuli Mā̱la jhuli (See)
माला झोला **मालाझुला**

ମାଳିନୀ—ସଂ. ବିଣ. ସ୍ତ୍ରୀ (ମାଳୀ ବା ମାଳିନ୍ ଶବ୍ଦର ସ୍ତ୍ରୀଲିଙ୍ଗ; ମାଳା+ Mā̱linī ଅସ୍ତ୍ୟର୍ଥେ. ଇନ୍+ସ୍ତ୍ରୀ. ଈ)—ମାଳାଧାରିଣୀ—Wearing a garland. ସଂ. ବି. ସ୍ତ୍ରୀ—୧ । ମାଳୀର ପତ୍ନୀ; ମାଳୁଣୀ; ମାଲିଅଣୀ—1. A female florist; flower-girl. (ଭୁ—ଦ୍ରୌପଦୀ ବେଶ ଥିଲେ ମାଳିନୀ ମୋତେ । କୃଷ୍ଣସିଂହ. ମହାଭାରତ. ବିରାଟ ।) ୨ । ମାତୃକାଭେଦ—2. One of the Goddesses of the Mātr̥kā class. ୩ । କାଳୀ; ଦୁର୍ଗା—3. Durgā; Goddess. ୪ । ଚମ୍ପାନାମ୍ନୀ ନଗରୀ—4. Name of an ancient city. ୫ । ସୁରନଦୀ; ମନ୍ଦାକିନୀ—5. The celestial Ganges. ୬ । ପଞ୍ଚଦଶାକ୍ଷର ଛନ୍ଦୋବିଶେଷ—6. A metre of 15 letters.
[ଦ୍ର—ଏହା କାବ୍ୟର ସର୍ଗମାନଙ୍କ ଶେଷ ଶ୍ଳୋକରେ ବ୍ୟବହୃତ ହୁଏ । ଏଥିର ୧ମ, ୨ୟ, ୩ୟ, ୪ର୍ଥ, ୫ମ, ୬ଷ୍ଠ ୧୦ମ, ୧୩ଶ ସ୍ୱର ଲଘୁ ଓ ୭ମ, ୮ମ, ୯ମ, ୧୧ଶ, ୧୨ଶ, ୧୪ଶ ଓ ୧୫ଶ ସ୍ୱର ଗୁରୁ ।] ୭ । ଏକପ୍ରକାର ରାଗ—[ଦ୍ର—ରାଗ ତଳେ ଦୋହ୍ୟ ଦେଖ ]—7. A kind of Rāga (See).

ମାଲିମ୍—ବୈଦେ. ବି (ଅ. ମୁଅଲ୍ଲିମ୍)—ଜାହାଜର ଚାଳକ—A pilot
Mālim **मुआल्लिम** of a vessel; ships' mate.

ମାଳିନ୍ୟ—ସଂ. ବି (ମଳିନ+ଭାବାର୍ଥେ. ଯ)—୧ । ମଳିନତା—
Mā̱linya 1. Dirtiness; filthiness; paleness. ୨ । ମନୋଦୁଃଖ—2. Gloominess; grief; melancholy. ୩ । ମନୋବିବାଦ—3. Mental difference or dessension.

ମାଳିନ୍ୟ ନିର୍ମଳ—ସଂ. ବିଣ (ବହୁବ୍ରୀହି; ମାଳିନ୍ୟ+ନିର୍ମଳ)—ମଳିନତା-
Mā̱linya nirmala ରହିତ; ଯହିଁରୁ ମଳିନତା ଦୂର କରି ଯାଇଅଛି—Freed from dirt. [ଭୁ—ମାଳିନ୍ୟ ନିର୍ମଳ ମୁକୁରେ ଗ୍ରହି, ପ୍ରତିବିମ୍ବ ଯେବେ ଦର୍ଶିବ ନାହିଁ— ଉପେନ୍ଦ୍ରଭଞ୍ଜ. ସଙ୍ଗୀତ ।)

ମାଲି ମକଦ(ଦ୍ଦ)ମା—ବୈଦେ. ବି ( ଏକାର୍ଥକ ଶବ୍ଦଦ୍ୱୟ; ଅ. ମୁଅମଲ୍ଲ, Māli makada(dda)mā ମୁକଦ୍ଦମା)—ମାମଲା ମକଦମା—
मालिमकदमामा **मला मुकद्दमा** Litigation;case; suit.

ମାଲି ମ(ମା)ହାପାତ୍ର—ଦେ. ବି—ମହାପାତ୍ର ଉପାଧିଧାରୀ ମାଳୀଜାତୀୟ
Mā̱li ma(mā)hāpātra ବ୍ୟକ୍ତି—A person of the florist caste

ମାଲି ମାମଲା—ବୈଦେ. ବି (ଏକାର୍ଥକ ଶବ୍ଦଦ୍ୱୟ; ଅ. ମୁଅମଲ୍ଲ)—
Māli māmalā ମକଦମା—Case; suit. (ଭୁ—ମାଲି ମାମଲା
मालिमामला ପଡ଼ିଲେ ମଙ୍ଗରାଜଙ୍କର ବଡ଼ ବଡ଼ ଲାଭ ହୁଏ । ଫକୀର-
**मामला** ମୋହନ. ଛମାଣ ଆଠଗୁଣ ।)

ମାଲସ(ସି)—ବୈଦେ. ବ (ଫା. ମାଲିଶ୍)—ତୈଳାଦି ମର୍ଦ୍ଦନ—Rub-
Mālis(si) মালিস **मालिश** bing of oil on the body.

ମାଲି ସେବକ—ଦେ. ବ(ସ.ମାଲ+ସେବକ)-ଦେବତାଙ୍କର ପୁଷ୍ପଯୋଗାଉଥିବା
Māli sebaka ଶୂଦ୍ର ଭୃତ୍ୟ—A Śūdra temple servant
মালি **शूद्रसेवक** supplying flowers to a Deity.

ମାଲୀ—ସ. ବ. ପୁଂ (ମାଲା+ଅସ୍ତ୍ୟର୍ଥେ. ଇନ୍, ମାଲନ୍, ୧ମା.୧ବ)—
Mālī ୧ । ମାଳାକାର—1. Florist; bead-maker. ୨ ।
(ମ ଜନ୍ମା—ସ୍ତ୍ରୀ) ରାକ୍ଷସ ବିଶେଷ—2. Name of a demon.
[ ଦ୍ର—ଏ ସୁକେଶ ରାକ୍ଷସର ପୁତ୍ର ଓ ମାଲ୍ୟବାନଙ୍କର ଓ
ସୁମାଲୀଙ୍କର ଭାଇ ଥିଲେ । ] ୩ । ଉଦ୍ୟାନପାଳକ—
3. Gardener. ସ. ବିଣ. ପୁଂ—ମାଲାଧାରୀ—
Wearing a garland. [ ଦ୍ର—ଏହା ଅନ୍ୟ ଶବ୍ଦ
ସଙ୍ଗେ ଯୁକ୍ତ ହୋଇ ଯାହାର ମାଳା ଅଛି ବା ମାଳା ଧାରଣ-
କାରୀ ଅର୍ଥରେ ବ୍ୟବହୃତ ହୁଏ ।] ଦେ. ବ(ସଂ. ମାଲ)—
ହାର ମାଳା—Necklace. (ଉ—ବକ୍ଷମାଳୀ ବକ୍ଷମାଳୀ
ଅସ୍ତ୍ରଶସ୍ତ୍ର ବସ୍ତ୍ର ଅଳଙ୍କାର ଦେଇ । ଭକ୍ତ. ବୈଦେହୀଶବିଳାସ ।)

ମାଲୀୟ—ସ. ବ ( ମାଲ+ସମ୍ବନ୍ଧାର୍ଥେ. ଈୟ )—ମାଲ ସମ୍ବନ୍ଧୀୟ—
Māḻiya Relating to Māḻa or jungle; jungly.

ମାଲୁ—ଦେ. ବ ( ସ. ମଲ୍ଲ )—୧ । ମାଲ; ମଲ୍ଲ—1. A wrestler.
Mālu ୨ । ଯୋଦ୍ଧା—2. A warrior. [ ଉ—ଗାଲୁଲୁ
মাল **माल** ମାଲୁ ସର କୁହେଁ—ଭଗ । ]

ମାଳୁ—ସ. ବ. ସ୍ତ୍ରୀ ( ମଲ୍ ଧାତୁ=ଧାରଣ କରିବା+କର୍ତ୍ତୃ. ଉ )—
Māḻu ୧ । ନାରୀ—1. Woman. ୨ । ପତ୍ରମୟ ଲତା—
2. A leafy creeper. ୩ । ବନ୍ୟଜାତିବିଶେଷ—
3. Name of a wild tribe.

ମାଳୁଆ—ଦେ. ବିଣ ( ସ. ମାଳୀୟ )—୧ । ମାଳ ବା ଜଙ୍ଗଲ ପ୍ରଦେଶ
Māḻuā ସମ୍ବନ୍ଧୀୟ; ଜଙ୍ଗଲୀ—1. Jungly; relating to
জঙ্গলী **जंगली** wild country. [ ଯଥା—ମାଳୁଆ ପ୍ରଦେଶ ]
୨ । ଜଙ୍ଗଲବାସୀ—2. Residing in the forests.
ଦେ. ବ ( ସ. ମାଳୁ )—ଜାତିଭେଦ—Name of a
wild tribe (the Khonds) of Orissa.

ମାଳୁଆ ଜ(ଜ୍ୱ)ର—ଦେ. ବ (ସ. ମାଳୀୟ+ଜ୍ୱର)—ଜଙ୍ଗଲ ଦେଶରେ
Māḻuā ja(jwa)ra ମନୁଷ୍ୟଙ୍କୁ ଧରିବା ଜ୍ୱର; ମାଲେରିଆ—
জঙ্গলের জ্বর Malarial fever prevalent in wild
**मलेरिया** tracts.

ମାଳୁଆ ଗାଈ—ପ୍ରାଦେ. ( ଗଡ଼ଜାତ ) ବ—ବର୍ଷାଋତୁରେ ଜଙ୍ଗଲରେ
Māḻuā gāi ଓ କନ୍ଧପଲ୍ଲୀରେ ଯେଉଁ ଗାଈମାନଙ୍କୁ ଚରିବାକୁ ଛଡ଼ା
ଯାଏ—The cows that are left in jungles
and in Kandha hamlets for the purpose
of grazing during the rains.

ମାଲ(ଳୁ)ଣୀ—ଦେ. ବ. ସ୍ତ୍ରୀ ( ସ. ମାଳିନୀ )—୧ । ମାଳାକାରର ସ୍ତ୍ରୀ—
Mālu(ḻu)ṇi 1. A female florist. ୨ । ମାଳୀଜାତୀୟା
মালিনী ସ୍ତ୍ରୀ—2. A female of the gardener caste.
**मालिन** [ ଉ—ବୋଉଳନ୍ତି ମାଳୁଣୀମାନେ, ଏବେ ଦେଖ—
କୃଷ୍ଣସିଂହ. ମହାଭାରତ. ସଭା]

ମାଲୁଦ—ଦେ ବ ( ନାମ ) ( ସ. ମାଲ ଓ ହ୍ରଦ )—ପୁରୀର ଚିଲିକା-
Mālud ହ୍ରଦ କୂଳସ୍ଥ ବାଲୁକାମୟ ପ୍ରଦେଶ—A sandy tract
along the Chilkā lake of the Puri
district.

ମାଲୁଦ୍ ଜାଗିରଦାର—ଦେ. ବ—ଇଂରାଜମାନେ ପ୍ରଥମେ ଓଡ଼ିଶାକୁ
Mālud jāgir-dār ଅଧିକାର କରିବା ସମୟରେ ଇଂରାଜଙ୍କୁ
ସାହାଯ୍ୟ କରିଥିବା ହେତୁ, ମାଲୁଦ୍ ଅଞ୍ଚଳ ରାଜସ୍ୱକୁ ପୁରସ୍କାର
ରୂପେ ଛାଡ଼ିଦେଇ ପାଇଥିବା ମୁସଲମାନ୍ ଜମିଦାର ଓ ତାଙ୍କ
ବଂଶଧର—The Jaigirdar of the Malud
estates in the district of Puri.

ମାଲୁଧାନ -ସ. ବ ( ମାଲୁ=ପତ୍ରଲତା+ଧା. ଧାତୁ=ଧାରଣ କରିବା
Mālu dhāna +କର୍ତ୍ତୃ. ଅନ )—୧ । ଅଷ୍ଟନାଗ ମଧ୍ୟରୁ
ଏକପ୍ରକାର—1.Name of a snake; a variegated
snake. ୨ । ମହାପଥ ( ହ. ଶ )—2. Highway.

ମାଲୁମ୍(ମୁ)—ବୈଦେ. ବିଣ ( ଅ. ମଅଲୂମ୍; ମାଲୁମ୍ )—୧ । ଜ୍ଞାତ—
Mālum(mu) 1. Known. [ ଉ—ସମସ୍ତ ମାଲୁମ୍ ମୋତେ
মালুম **मालूम** —ଉଦାର. କଟକ ବିଜୟ । ] ୨ । ଦୃଷ୍ଟ—
2. Seen; visible. ବ—ଜ୍ଞାନ—Knowledge.

ମାଲୁମ୍ କରିବା—ଦେ. କ୍ରି—୧ । ଜାଣିବା; ଜ୍ଞାତ ହେବା—1. To
Mālum kariba know. ୨ । ଅବଗତ ହେବା—2. To
মালুম করা **जानना** learn; to come to know.
( ମାଲୁମ କରା[ରେ]ଇବା—ଣିଜନ୍ତରୂପ )

ମାଲୁମ୍ କାଠ—ଦେ. ବ ( ଅ. ମୁଅଲ୍ଲିମ୍ )—ଜାହାଜର ପ୍ରଧାନ ମାସ୍ତୁଲ
Mālum kāṭha —The main mast of a ship.
মালুম কাঠ **मस्तूल**

ମାଲୁମ୍ ପଡ଼ିବା (ହେବା)—ଦେ. କ୍ରି ( ଅ. ମଅଲୂମ୍ )—୧ । ଜଣା
Mālum paṛdibā (hebā) ପଡ଼ିବା; ଜଣାଯିବା—1. To
মালুম পড়া; মালুম হওয়া be known. ୨ । ଦୃଷ୍ଟ ହେବା—
**मालुम पडना (होना)** 2. To be visible; to be seen.

ମାଲୂ(ଲୁ)ର—ସ. ବ ( ମା=ଲକ୍ଷ୍ମୀ+ଲା ଧାତୁ=ଗ୍ରହଣ କରିବା+କର୍ମ.
Mālū(lu)ra ଉର [ ଉର ]; ( ପୁରାଣରେ କଥିତ ଅଛି ଯେ
ଲକ୍ଷ୍ମୀ ଅପଣାର ସ୍ତନ କର୍ତ୍ତନ କରି ଶିବଙ୍କ ସନ୍ତୋଷାର୍ଥେ
ତାହା ପ୍ରଦାନ କରିଥିଲେ )—୧ । ଶ୍ରୀଫଳ ବୃକ୍ଷ ଓ ଫଳ—
1.The Bel tree and fruit;Egle Marmelos.
୨ । କପିତ୍ଥ ଗଛ ଓ ଫଳ—2. The wood-apple
tree and fruit; the elephant apple;
Ferona Elephantinum.

ମାଲେ(ଲୋ)ଇ—ଦେ. ବିଣ—ଅପକୃଷ୍ଟଜାତୀୟ ( ବାସନ ଆଦି )—
Māḻe(ḻo)i Inferior kind of ( metal-wares ).
( ଯଥା—ମାଲେଇ ଥାଳ, ମାଲେଇ କଂସା ) ।

ମାଲେ(ଲୋ)ଇ ଆମ୍ବ—ଦେ. ବ ( ଶବର ଭାଷା. ମାଲ )—ଅରଣ୍ୟଜାତ
Māḻe(ḻo)i āmba ଅପକୃଷ୍ଟ ଆମ୍ବ; ମାଲ ଗୁରୁଡ଼ି ( ଦେଖ )—
জঙ্গলী আম **जंगली आम** Māḻa gururḍi (See)

ମାଲେନ୍—ପ୍ରାଦେ. ( ସମ୍ବଲପୁର ) ବ. ସ୍ତ୍ରୀ—ମାଳୀର ସ୍ତ୍ରୀ; ମାଳୁଣୀ—
Mālen A female florist or garland maker.

ମାଲେୟ—ସଂ. ବି (ମାଳା + ସମ୍ବନ୍ଧାର୍ଥେ. ଏୟ)—ମାଳାସମ୍ବନ୍ଧୀୟ—
Māḷeya Relating to garlands.

ମାଲେୟା—ସଂ. ବି. ସ୍ତ୍ରୀ (ମାଳା + ସମ୍ବନ୍ଧାର୍ଥେ ଏୟ; ସ୍ତ୍ରୀ. ଆ)—ସ୍ଥୂଳୈଳା;
Māḷeyā ବଡ଼ ଅଳେଇଚ—Large cardamom.

ମାଲେରିଆ—ବୈଦେ. ବି—ମେଲେରିଆ (ଦେଖ)—Meleriā (See)
Māleriā ম্যালেরিয়া मलेरिया

ମାଲେ—ଦେ. ଅ—ମାଅଲେ (ଦେଖ)—Mā-ālo (See)
Mālo ওমা ओमा

ମାଳୋଇ—ଦେ. ବି—୧ । ମାଳେଇ (ଦେଖ)—1. Māḷei (See).
Māḷoi ୨ । ପାନବରଜ ଜାତିବିଶେଷ—2. A clan of betel leaf growers. ପ୍ରାଦେ. (ଗଡ଼ଜାତ) ବି—ମାଳ (ଦେଖ)—Māḷa (See)

ମାଳୋପମା—ସଂ. ବି (ମାଳା + ଉପମା)—କାବ୍ୟାଳଙ୍କାରବିଶେଷ;
Māḷopamā ଯେଉଁଠାରେ ଏକ ଉପମେୟର ବହୁ ଉପମାନ ଦେଖାଯାଏ—A simile in which the things compared with the object of comparson are more than one. (ଦ୍ର—ମାଳୋପମା ଅଳଙ୍କାରର ଉଦାହରଣ ଯଥା—
ମିଶିଯାଏ ଯଥା ପ୍ରଭାତ ତାପ ରବିକିରଣେ,
ମିଶିଯାଏ ଯଥା ଜୀବାତ୍ମା ପରମାତ୍ମା ଚରଣେ,
ମିଶିଯାଏ ଯଥା ଚପଳା ନୀଳଜଳଦ ଅଙ୍ଗେ
ମିଶିଗଲା ତଥା ଅବଳା ସେହି ନୀଳତରଙ୍ଗେ—
ରାଧାନାଥ. ଚନ୍ଦ୍ରଭାଗା ।)

ମାଲୋ ବାପଲୋ—ଦେ. ଅ—ମାଅଲୋ (ଦେଖ)—Mā-ālo (See)
Mālo bāpalo মারে বাপরে

ମାଲୋ ମ(ଗ)ଲି—ଦେ. ଅ—ମାଅଲୋ (ଦେଖ)—Mā-ālo (See)
Mālo ma(ga)li মারেগেলুম (ମାଅଲୋ ମଲି—ଅନ୍ୟରୂପ)

ମାଲ୍ୟ—ସଂ. ବି (ମାଳା + ସ୍ୱାର୍ଥେ ଯ)—୧ । ମାଳା—1.
Mālya Garland ୨ । ପୁଷ୍ପ; ଫୁଲ—2. Flower. ୩ । ଶିରୋମାଳା—3. A chaplet for the head. ସଂ. ବିଣ (ମାଳା + ସମ୍ବନ୍ଧାର୍ଥେ. ଯ)—ମାଳା ଗୁନ୍ଥା ହେବାର ଉପଯୁକ୍ତ—Fit for being made or strung into a garland.

ମାଲ୍ୟଗିରି—ସଂ. ବି (ନାମ)—ପାଲହଡ଼ାରେ ଅବସ୍ଥିତ ଉତ୍କଳର ସର୍ବୋଚ୍ଚ
Mālyagiri ପର୍ବତ ବିଶେଷ—The highest
(ମାଲୟଗିରି—ଅନ୍ୟନାମ) mountain of Utkal in the State of Pallaharā. [ ଦ୍ର ମାଲ୍ୟଗିରିବାସୀ ଦୁର୍ଦ୍ଧର୍ଷ ଭୂୟାଙ୍ଗ । ରାଧାନାଥ. ନନ୍ଦିକେଶ୍ୱରୀ । ]

ମାଲ୍ୟ ଚନ୍ଦନ—ସଂ. ବି (ସଦ୍ଵନ୍ଦ; ଦ୍ୱନ୍ଦ୍ୱ)—ଅଭ୍ୟାଗତଙ୍କ ସମ୍ମାନାର୍ଥ ପ୍ରଦତ୍ତ
Mālya chandana ପୁଷ୍ପମାଳା ଓ ଚନ୍ଦନ—Garland and sandal paste offered to a distinguished guest.

ମାଲ୍ୟଦାନ—ସଂ. ବି (୬ଷ୍ଠୀ ତତ୍; ମାଲ୍ୟ + ଦାନ)—କୌଣସି ବ୍ୟକ୍ତିଙ୍କୁ
Mālyadāna ଫୁଲମାଳ ଭେଟିବା—The presentation of a garland to a person.

ମାଲ୍ୟବନ୍ତ—ଦେ. ବି (ସଂ. ମାଲ୍ୟବାନ୍)—୧ । ମାଲ୍ୟବାନ୍ ପର୍ବତ—
Mālyabanta 1. The Mālyabān range of
মাল্যবন্ত mountains. [ ଦ୍ର—ଗିରି-ମାଲ୍ୟବନ୍ତ ଗିରି-
मालयवन्त ମଧ୍ୟ ମଣି । ରାଧାନାଥ. ମହାଯାତ୍ରା । ] ୨ । ରାକ୍ଷସ ବିଶେଷ—2. Name of demon. [ ଦ୍ର—ଏହାର ଭାଇ ନାମ ସୁମାଳୀ; ସୁମାଳୀର ନାତି ରାବଣ ଦୌହିତ୍ର । ]
[ ଦ୍ର—କତୁଦ୍ଧ କେଶ ବଂଶରେ ଜାତ, ସୁମାଳୀ ମାଲୀ ଯେ ମାଲ୍ୟବନ୍ତ, ସ୍ୱର୍ଗ ଲୁଣ୍ଠନେ ଅଛି ଅଛତ, ଧ୍ୱଂସନ କରୁ ସେ । ଉପ. ବୈଦେହୀଶବିଳାସ । ] ଦେ. ବିଣ—ମାଳାଭୂଷିତ—Garlanded. [ ଦ୍ର—ବ୍ୟବସ୍ଥିତେ ଦେଖ ମାଲ୍ୟବନ୍ତ ଦେଖି ମାଲ୍ୟବନ୍ତ ରାମ କହିଲେ । ଉପ. ବୈଦେହୀଶବିଳାସ । ]

ମାଲ୍ୟବାନ୍—ସଂ. ବି. ପୁଂ (ମାଲ୍ୟ + ଅସ୍ତ୍ୟର୍ଥେ ବତ୍; ୧ମା. ୧ବ)—
Mālyabān ୧ । ପର୍ବତ ବିଶେଷ—1. Name of a mountain range of South India. [ ଦ୍ର—ପୁରାଣମତରେ ଏହା କେତୁମାଳ ଓ ଇଳାବୃତ ବର୍ଷର ସୀମାନ୍ତବର୍ତ୍ତୀ ଓ ଏହାର ବିସ୍ତାର ନୀଳ ପର୍ବତଠାରୁ ନିଷଧ ପର୍ବତପର୍ଯ୍ୟନ୍ତ (ବି. ଶ) । ବନବାସ ସମୟରେ ରାମଚନ୍ଦ୍ର ବର୍ଷାକାଳ ଏହି ପର୍ବତରେ ବାସ କରିଥିଲେ । ] ୨ । ରାକ୍ଷସ ବିଶେଷ—2. Name of a demon who was the maternal granduncle of Rābaṇa. [ ଦ୍ର—ଏ ସୁକେଶ ରାକ୍ଷସର ପୁତ୍ର; ଗନ୍ଧର୍ବକନ୍ୟା ଦେବବତୀଙ୍କ ଗର୍ଭରୁ ଜାତ । ଏହାଙ୍କର ଭାଇ ସୁମାଳୀର କନ୍ୟା ନିକଷା ବା କୈକଶୀ ରାବଣର ମାତା ଥିଲେ । ଏ ରାବଣର ମନ୍ତ୍ରୀ କରୁଥିଲେ ଓ ରାମାୟଣ ଯୁଦ୍ଧରେ ହତ ହୋଇଥିଲେ । ]

ମାଲ୍ୟ ବିନିମୟ—ସଂ. ବି—(୬ଷ୍ଠୀ ତତ୍; ମାଲ୍ୟ + ବିନିମୟ)—ବିବାହ
Mālya binimaya ସମୟରେ ବର କନ୍ୟାଙ୍କ ମଧ୍ୟରେ ମାଳାର ବଦଳା ବଦଳ—The mutual exchange of garlands during marriage between the bridegroom and the bride.

ମାଲ୍ଲ—ସଂ. ବି—(ମଲ୍ଲ + ଅ)—ଅସଭ୍ୟ ଜାତିବିଶେଷ—
Mālla Name of a wild tribe.

ମାଲ୍ଲବି—ସଂ.ବି.—(ମଲ୍ଲ + ଅବ୍‌ଧାତୁ = ରକ୍ଷାକରିବା + ଇ)—ମଲ୍ଲ ଯୁଦ୍ଧ—
Māllabi A wrestling match.

ମାଶବ୍ଦିକ—ସଂ. ବିଣ. ପୁଂ—(ମା = ନିଷେଧ + ଶବ୍ଦ + ଭୂତାର୍ଥେ. ଇକ)
Māśabddika ନିଷେଧବାଚକ—Prohibiting; forbid-
(ମାଶବ୍ଦିକା—ସ୍ତ୍ରୀ) ding.

ମାଶୟ(ଏ)—ଗ୍ରା. ବି. ଓ ଅ—(ସଂ. ମହାଶୟ)—ଗୁରୁ, ମାଷ୍ଟର
Māśaya(e) ଆଦିଙ୍କ ସମ୍ବୋଧନ; ହେ ମହାଶୟ !—Oh Sir !
[ ଯଥା—ପଣ୍ଡିତ ମାଶୟ, ମାଷ୍ଟର ମାଶୟ । ]

ମାଶୁଲ—ବୈଦେ. ବି—(ଅ. ମହ୍‌ଶୂଲ୍)—ମାହାଶୁଲ୍କ; ଶୁଳ୍କ; ଟିକସ;
Māśul মাসুল महसुल କର—Tax; cess; duty; custome. [ ଦ୍ର—ଜମି ପାଇଁ ସରକାରଙ୍କୁ ଦେୟ କରକୁ ଖଜଣା ବା ଖଜଣା ବା କର ବୋଲାଯାଏ । ଅନ୍ୟ ପଦାର୍ଥର ବ୍ୟବହାର ପାଇଁ ଦେୟ ଶୁଳ୍କକୁ ମାଶୁଲ ବୋଲାଯାଏ । ]

ମାଶୁଦ—ଦେ. ବ.—ଭାରତର ଉତ୍ତରପଶ୍ଚିମ ପ୍ରାନ୍ତରେ ବାସ କରୁଥିବା
Māśuda ଯୁଦ୍ଧପ୍ରିୟ ମୁସଲମାନ ଜାତିବିଶେଷ—The Mashoods;
मास्द मासुद a warlike tribe of Mabamedans inhabiting the N. W. forntier of India.

ମାଶୁମ୍—ଦେ. ବ.—ମୌଶୁମ୍—(ଦେଖ)
Māśum Mausum (See)

ମାଷ(ସ)—ସ. ବ—(ମଷ୍ ବା ମସ୍ ଧାତୁ=ବଧ କରିବା+କର୍ତ୍ତୃ. ଅ)—
Māsha(s) ୧ । କୃଷି ଜାତ ଲତାରୁ ଉତ୍ପନ୍ନ କୃଷ୍ଣବର୍ଣ୍ଣ ଶସ୍ୟବିଶେଷ;
ସ. ନାମ—କୁରୁବିନ୍ଦ, ଧାନ୍ୟମାଷ, ବ୍ରୀହି; ବିରି—1. A species,
ପିତୃଭୋଜନ, ପିଣ୍ଡ୍ୟ, ମାଂସଳ, of pulse; Phaseolus
ବଳାଢ୍ୟ, ବୃଷାକର । Radiatus; Dolichus
ଓ. ବିରି Pilosus. [ ଦ୍ର—ବୈଦ୍ୟକ
ଗୁ. ଅଡ଼ଦ ମତରେ ଏହା ଗୁରୁ, ମଧୁର-
ତେ. ମିନୁମୁଲୁ ବିପାକ, ସ୍ନିଗ୍ଧ, ରୁଚିକର,
ମ. ଉଡ଼ଦ; ଉଡ଼ୀଦ ବାୟୁ ନାଶକ, ଉଷ୍ଣବୀର୍ଯ୍ୟ, ବଳ
ଫା. ମାଷ ଓ ଶୁକ୍ରକର, ଶରୀରର ଉପଚୟ-
ଅ. ମାସା କର, ମଳ ମୂତ୍ର ବର୍ଦ୍ଧକ, ମେଦୋ-
মাসকল(ড়া)ই ବର୍ଦ୍ଧକ, ସ୍ତନ୍ୟବର୍ଦ୍ଧକ, ପିତ୍ତ ଓ କଫ
उरीद्, उड़द् ବର୍ଦ୍ଧକ; ଏହା ପରଣାମ ଶୂଳନାଶକ

୨ । ସ୍ୱର୍ଣ୍ଣାଦିର ପରିମାଣ ବିଶେଷ; ୧ ମଶା; ୮ ରତି—2. A goldsmith's weight equal to the European weight of 17 grains troy. [ ଦ୍ର—ମହାଜନରେ—୫ ଠାରୁ ୧୨ ଗୁଞ୍ଜା ପରିମାଣ ଓଜନରେ ୧ ମାଷ; କବିରାଜ ଓଜନରେ ୧ରତି=୮ ମାଷ ବଣିଆ ଓଜନରେ ୧ ରତି=୧୦ ମାଷ ।]
୩ । ମୂର୍ଖ—3. A dunce; a blockhead. ୪ । ଚର୍ମରୋଗ ବିଶେଷ—4. A skin disease.

ମାଷକ—ସ. ବ—(ମାଷ+ସ୍ୱାର୍ଥେ. କ)—ମାଷ (ଦେଖ)
Māshaka Māsha (See)

ମାଷ ତୈଳ—ସ. ବ—(ମାଷ+ତୈଳ)—ଆମବାତ ରୋଗ ନିମନ୍ତେ
Māsha taila ଆୟୁର୍ବେଦୋକ୍ତ ବିଧିରେ ପ୍ରସ୍ତୁତ ତୈଳବିଶେଷ—
(ଏହାର ପ୍ରଧାନ ଉପକରଣ ବିରି)—An oil prepared according to the prescription of Hindu medical books and used in rubbing the limbs affected by acute rehumatism.

ମାଷ ପର୍ଣ୍ଣୀ—ସ. ବ—(ମାଷ+ପର୍ଣ୍ଣ+ଇନ୍)—ଶିମ୍ବାଦିବର୍ଗର ବନ୍ୟ
Māsha parnni ଲତା ବିଶେଷ—A wild creeper of
মাষানি the bean species; Grangea Madrass-
माषोणी, मषीवन, बनउरदी patna; Teramuns labialis.
ଗୁ. ଅଡ଼ ବାଡ଼; ଅଡ଼ଜବେଲ [ ଦ୍ର—ଏହାର ପତ୍ର ତ୍ରିପର୍ଣ୍ଣ ଓ
ମ. ରାନଉଡ଼ୀଦ ପତ୍ରର ପୃଷ୍ଠଦେଶ ଘନ ଲୋମଶ; ଫୁଲ
ତେ. କଲୁମିନୁ; କାରୁ ମନୁମୁ] ଅଙ୍ଗୁଳ ଲମ୍ବ। ଏହା କଫକାରକ ଓ ଧାରକ ଓ ଶୁକ୍ରବର୍ଦ୍ଧକ । ଏହା ଶୋଥ, ବାୟୁ, ପିତ୍ତ ଜ୍ୱର ଓ ରକ୍ତଦୋଷ ନାଶକ । ଏହା ମାଷଜାତୀୟ ବନ୍ୟ ଶସ୍ୟ । ]

ମାଷ ବଟକ—ସ. ବ (ମାଷ+ବଟକ)—ବରିବରା—A cake
Māsha bataka made of Biri paste and fried in ghee or oil. [ ଦ୍ର—ବିରିକୁ ବାଟି ତା ସଙ୍ଗେ ହେଙ୍ଗୁ ଲୁଣ ଅଦା ଆଦି ମିଶାଇ ଘିଅରେ ବା ତେଲରେ ଭାଜି ଏହା ତିଆରି କରାଯାଏ । ]

ମାଷ ବର୍ଦ୍ଧକ—ସ. ବ ( ମାଷ=ମାଷ ପରିମିତ ସ୍ୱର୍ଣ୍ଣ+ବର୍ଦ୍ଧ ଧାତୁ=
Māsha bardhaka ଛେଦନ କରିବା+କର୍ତ୍ତୃ. ଅକ )—
(ମାଷବର୍ଦ୍ଧକ—ଅନ୍ୟରୂପ) ବଣିଆ; ସ୍ୱର୍ଣ୍ଣକାର—Goldsmith.

ମାଷ ଭକ୍ତ ବଳି—ସ. ବ. (ମ. ପ. ଲୋ ଓ ରୂପକ, ମାଷ+ଭକ୍ତ+
Māsha bhakta bali ବଳି)—ବ୍ରୀହି (ବିରି), ତଣ୍ଡୁଳ ଓ ଦଧି ମିଶ୍ରିତ ପୂଜୋପହାର ବିଶେଷ—A present or offering made up of Māsha, rice and curd.

ମାଷ ରୋଟିକା—ସ. ବ—( ମାଷ+ରୋଟିକା )—ବିରି ପିଠା—A
Māsha rotikā pastry cake made from the flour of Masha.

ମାଷାଦ—ସ. ବଣ. ପୁଂ—(ମାଷ+ଅଦ୍ ଧାତୁ=ଭକ୍ଷଣ କରିବା+କର୍ତ୍ତୃ
Māshāda ଅ)—ବ୍ରୀହି ଭକ୍ଷଣକାରୀ—Eating the Phaseolus bean. ସ. ବ—କଚ୍ଛପ—Tortoise.

ମାଷାନ୍ନ—ସ. ବ—(ମ. ପ. ଲୋ; ମାଷ+ଅନ୍ନ)—ବିରି ଓ ଚାଉଳରେ
Māshānna ପ୍ରସ୍ତୁତ ଖେଚୁଡ଼ି—Rice boiled with split Māsha.

ମାଷାଶ—ସ. ବ (ମାଷ+ଅଶ୍ ଧାତୁ+କର୍ତ୍ତୃ. ଅ)—ଘୋଡ଼ା (ହି. ଶ)—
Māshāsa Horse.

ମାଷୀଣ—ସ. ବ—( ମାଷ+ଈନ )—ମାଷ କ୍ଷେତ୍ର; ବିରି ବିଲ—A
Māshina field on which the kidney bean is grown.

ମାଷ୍ଟର—ବୈଦେ. ବ.—(ଇଂ ମାଷ୍ଟର)—ଶିକ୍ଷକ; ବିଦ୍ୟାଳୟ ଗୁରୁ—
Māshtara A teacher; tutor; master.
माष्टर मास्टर (ମାଷ୍ଟରାଣୀ; ମାଷ୍ଟରଆଣୀ—ସ୍ତ୍ରୀ) [ଦ୍ର—ଏ ଶବ୍ଦ ଇଂରାଜୀ ପଢ଼ାଇବା ଶିକ୍ଷକଙ୍କ ପ୍ରତି ବ୍ୟବହୃତ ହୁଏ । ଦେଶୀୟ ଭାଷାର ଓ ସଂସ୍କୃତର ଶିକ୍ଷକଙ୍କୁ ପଣ୍ଡିତ ଓ ଉର୍ଦ୍ଦୁ ପଢ଼ାଇବା ଶିକ୍ଷକଙ୍କୁ ମୌଲବୀ ବା ଅଖନ୍ଦ କହନ୍ତି ।]

ମାଷ୍ଟର ମହାଶୟ—ଦେ. ବ ଓ ଅ—(ଇଂ. ମାଷ୍ଟର୍+ସ. ମହାଶୟ)—
Māshtara mahāsaya ଶିକ୍ଷକଙ୍କ ସମ୍ମାନସୂଚକ ସମ୍ବୋଧନ—
মাষ্টর মশাই A respectful address to a teacher.
मास्टर महाशय (ମାଷ୍ଟର ମାଶୟ—ଅନ୍ୟରୂପ)

ମାଷ୍ଟରୀ—ଦେ. ବ—୧ । ମାଷ୍ଟର ପଣ; ଶିକ୍ଷକତା—1. Teacher-
Māshtari মাষ্টারি माष्टरी ship. ୨ । ମାଷ୍ଟରର କାର୍ଯ୍ୟ
(ମାଷ୍ଟରିଆ—ଅନ୍ୟରୂପ) 2. Post of a teacher. ଦେ. ବଣ
୧ । ମାଷ୍ଟର ସମ୍ବନ୍ଧୀୟ; ଶିକ୍ଷକ ସମ୍ବନ୍ଧୀୟ—1. Relating to a master. ୨ । ମାଷ୍ଟରଙ୍କ ଯୋଗ୍ୟ—2. Fit for a teacher.

ମାଷ୍ଟ୍ର—ବୈଦେ. ପ୍ରାଦେ. (ଗଞ୍ଜାମ) ବି. (ଇଂ. ମାଷ୍ଟର୍)—୧ । ଶିକ୍ଷକ—
Māshṭra 1. Teacher, ୨ । ଇଂରାଜୀ ଶିକ୍ଷକ—2. Teacher of English; English teacher.
[ ଦ୍ର—ଇଂରାଜୀ Master ଶବ୍ଦର ପ୍ରକୃତ ଉଚ୍ଚାରଣ ମାଷ୍ଟର୍, କିନ୍ତୁ ଲୋକେ ଓ ବିଶେଷତଃ ଗଞ୍ଜାମୀମାନେ ଏହାକୁ 'ମାଷ୍ଟ୍ର' ରୂପରେ ଉଚ୍ଚାରଣ କରନ୍ତି ଓ ସମ୍ବାଦ-ପତ୍ରାଦିରେ ମଧ୍ୟ ଏହି ଆକାର ଲେଖନ୍ତି ।]

ମାଷ୍ୟ—ସଂ. ବି.—(ମାଷ+ଯ)—ମାଷୀଣ (ଦେଖ)
Māshya Māshiṇa (See)

ମାସ୍ ବଡ଼ା(ଢ଼ା) ବରଷ—ପ୍ରାଦେ. (ସମ୍ବଲପୁର) (ଭୁଲ ବି. ମାସବାଢ଼ା
Mās-barḍā (rḍhā) barash ବତ୍ସର)—ଅଧିବର୍ଷ; ଯେଉଁ ବର୍ଷରେ ଗୋଟିଏ ଅଧିମାସ ବା ମଳମାସ ଥାଏ—An year with an intercalary month.

ମାସ୍ ମିଟିଙ୍ଗ୍—ବୈଦେ. ବି. (ଇଂ)—ଅପାମର ସାଧାରଣ ଯେଉଁ ସଭାରେ
Mās-miṭing ଯୋଗ ଦିଅନ୍ତି—Mass meeting.
(ମାସ୍ ମିଟିଂ—ଅନ୍ୟରୂପ)

ମାସ—ସଂ. ବି—(ମସ=ଚନ୍ଦ୍ର+ଅପତ୍ୟାର୍ଥେ. ଅ; ମସ୍ ଧାତୁ=ପରିମାଣ
Māsa କରିବା+କରଣ. ଅ)—୧ । ଶୁକ୍ଳ କୃଷ୍ଣ ପକ୍ଷାତ୍ମକ କାଳ; ବୈଶାଖ, ଜ୍ୟେଷ୍ଠ, ଆଷାଢ଼, ଶ୍ରାବଣ, ଭାଦ୍ରବ, ଆଶ୍ୱିନ, କାର୍ତ୍ତିକ, ମାର୍ଗଶିର, ପୌଷ, ମାଘ, ଫାଲ୍ଗୁନ ଓ ଚୈତ୍ର ଏହି ବାର ଗୋଟି ୩୦ ତିଥି ସମ୍ବଳିତ କାଳ—1. Lunar month.
୨ । ସୂର୍ଯ୍ୟଙ୍କର ଏକ ରାଶିରେ ଅବସ୍ଥାନ କରିବା ସମୟ; ମେଷ, ବୃଷ, ମିଥୁନ, କର୍କଟ, ସିଂହ, କନ୍ୟା, ତୁଳା, ବିଛା, ଧନୁ, ମକର, କୁମ୍ଭ, ମୀନ ଏହି ବାର ଗୋଟି କାଳ ପରିମାଣ—2. Solar month.
୩ । ଇଂରାଜୀ ଗଣନା କ୍ରମେ ୩୬୫ ଦିନକୁ ୧୨ ଭାଗରେ ବିଭକ୍ତ କରି ଯାଇଥିବା କାଳ; ଜାନୁଆରି, ଫେବୃଆରି, ମାର୍ଚ୍ଚ, ଏପ୍ରେଲ୍, ମେ, ଜୁନ୍, ଜୁଲାଇ, ଅଗଷ୍ଟ, ସେପ୍ଟେମ୍ବର୍, ଅକ୍ଟୋବର୍, ନଭେମ୍ବର୍, ଡିସେମ୍ବର୍ ଏହିପରି ୧୨ ଟି କାଳ ପରିମାଣ—3. An English month.
୪ । ମଷା; ଏକ ଭରିର ଦଶଭାଗର ଏକଭାଗ ପରିମାଣ—4. A standard of weight; 17 grains troy.
୫ । ଦ୍ୱାଦଶ ସଂଖ୍ୟା—5. The number twelve (Apte). ୬ । (ମସ୍ ଧାତୁ=ବଧ କରିବା+କର୍ତ୍ତୃ. ଅ) ମାଷ; ମୁଗ; ବିରି—6. A kind of pulse.
[ ଦ୍ର—ଚନ୍ଦ୍ର ପୃଥିବୀର ଚାରିପାଖରେ ଯେଉଁ ସମୟ ମଧ୍ୟରେ ଥରେ ବୁଲି ଆସେ ତାହା ଚାନ୍ଦ୍ରମାସ ନାମରେ ଅଭିହିତ । ଏହା ପୂର୍ଣ୍ଣିମାର ପରଦିନ (କୃଷ୍ଣ ପ୍ରତିପଦ) ଠାରୁ ଆରମ୍ଭ ହୋଇ ପରବର୍ତ୍ତୀ ପୂର୍ଣ୍ଣିମାରେ ଶେଷ ହୁଏ । ଏହାକୁ ଗୌଣ ଚାନ୍ଦ୍ରମାସ ବୋଲଯାଏ । ମୁଖ୍ୟ ଚାନ୍ଦ୍ରମାସ ଅମାବାସ୍ୟା ପରଦିନ (ଶୁକ୍ଳ ପ୍ରତିପଦ) ଠାରୁ (ଅର୍ଥାତ୍ ନୂତନ ଚନ୍ଦ୍ର-କଳା ଦର୍ଶନ ଠାରୁ) ଆରମ୍ଭ ହୋଇ ପରବର୍ତ୍ତୀ ଅମାବାସ୍ୟାରେ ଶେଷ ହୁଏ । ସୂର୍ଯ୍ୟ ଯେଉଁ ସମୟରେ ଏକ ରାଶିରେ ଅବସ୍ଥାନ କରେ ତାହା ସୌରମାସ । ଏହା ସଂକ୍ରାନ୍ତିରୁ ଆରମ୍ଭ ହୋଇ ପରବର୍ତ୍ତୀ ସଂକ୍ରାନ୍ତିରେ ଶେଷ ହୁଏ । ନାକ୍ଷତ୍ରିକ ମାସର ଗଣନା ୨୭ଟି ନକ୍ଷତ୍ରର ଉଦୟ ଓ ଅସ୍ତଦ୍ୱାରା ନିରୂପିତ ହୁଏ । ଏକ ସୂର୍ଯ୍ୟୋଦୟ ଠାରୁ ଅନ୍ୟ ସୂର୍ଯ୍ୟୋଦୟକୁ ଏକ ଦିନ ଗଣି ଏହିପରି ୩୦ ଦିନରେ ଏକ ସାବନ ମାସ ହୁଏ । ବୃହସ୍ପତି ଗ୍ରହଙ୍କ ଉଦୟ ଓ ଅସ୍ତରୁ ଏକ ଦିନ ଧରାଯାଇ ତଦ୍ରୂପ ୩୦ ଦିନରେ ଏକ ବାର୍ହସ୍ପତ୍ୟ ମାସ ହୁଏ । ୧୨ ଟି ସୌର ମାସର ପରିମାଣ ୩୬୫ ଦିନ, ୧୨ଟି ଚାନ୍ଦ୍ର ମାସର ପରିମାଣ ୩୫୪ ଦିନ । ଏହି ଦ୍ୱିବିଧ ଗଣନା-ଯୁକ୍ତ ବର୍ଷ ମଧ୍ୟରେ ଥିବା ୧୧ ଦିନର ପ୍ରଭେଦ ହେତୁ ସମତା ରକ୍ଷା କରି ଏହି ୨ ପ୍ରକାର ବର୍ଷର ଗଣନାକୁ ମିଳାଇବା ପାଇଁ ହିନ୍ଦୁମାନେ ପ୍ରତି ତୃତୀୟ ବର୍ଷରେ ଗୋଟିଏ ଅଧିମାସ ବା ମଳମାସର ସୃଷ୍ଟି କରିଅଛନ୍ତି । ଇଂରାଜ-ମାନଙ୍କର ସୌର ମାସ ସମ୍ବଳିତ ୧ ବର୍ଷ=୩୬୫ ଦିନ; ମୁସଲମାନମାନଙ୍କର ମାସ ଗଣନା ଶୁକ୍ଳ ପକ୍ଷର ପ୍ରଥମ ଚନ୍ଦ୍ର-ଦର୍ଶନଠାରୁ ଆରମ୍ଭ ହୁଏ । ମୁସଲମାନମାନଙ୍କର ସୌର ଗଣନାମତେ ମାସ ଚଳୁ ନ ଥିବାରୁ ସେମାନଙ୍କର ନିର୍ଦ୍ଦିଷ୍ଟ ମାସ ସଙ୍ଗେ ନିର୍ଦ୍ଦିଷ୍ଟ ଋତୁ ମେଳ ଖାଏ ନାହିଁ । ଏଥିପାଇଁ ସେମାନଙ୍କର ପର୍ବମାନ ଭିନ୍ନ ଭିନ୍ନ ଋତୁରେ ପଡ଼େ । ଯେବେ ଏକ ବର୍ଷରେ ମହରମ ବର୍ଷାଦିନେ ପଡ଼େ, ୨।୩ ବର୍ଷ ବାଦ ଶରତ୍‌ରେ, ପରେ ପୁଣି ବସନ୍ତରେ ଓ ତା ପରେ ଗ୍ରୀଷ୍ମକାଳରେ ପଡ଼େ ।

| ସୌରମାସମାନଙ୍କ ନାମ | ଚାନ୍ଦ୍ର ମାସମାନଙ୍କର ନାମ |
|---|---|
| ମେଷ | ବୈଶାଖ (ଦେଶଜ. ବଇଶାଖ) |
| ବୃଷ | ଜ୍ୟେଷ୍ଠ (ଦେଶଜ. ଜେଷ୍ଠ) |
| ମିଥୁନ | ଆଷାଢ଼ (ଦେଶଜ. ଅଷାଢ଼) |
| କର୍କଟ, (ଦେ. କକଡ଼ା) | ଶ୍ରାବଣ (ଦେ. ଶିରାବଣ) |
| ସିଂହ | ଭାଦ୍ର (ଦେ. ଭାଦ୍ରବ) |
| କନ୍ୟା (ଦେ. କନ୍ୟ) | ଆଶ୍ୱିନ (ଦେ. ଅଶିଣ) |
| ତୁଳା (ଦେ. ତୁଳ) | କାର୍ତ୍ତିକ (ଦେ. କାରତିକ) |
| ବିଛା | ମାର୍ଗଶିର (ଦେ. ମଗୁଶିର) |
| ଧନୁ | ପୌଷ (ଦେ. ପୁଷ) |
| ମକର | ମାଘ (ଦେ. ମାଘ) |
| କୁମ୍ଭ | ଫାଲ୍‌ଗୁନ (ଦେ. ଫଗୁଣ) |
| ମୀନ | ଚୈତ୍ର (ଦେ. ଚଇତ) |

| ଇଂରାଜୀ ମାସ | | ମୁସଲମାନୀ ମାସ |
|---|---|---|
| ଜାନୁଆରି | (ଓଲ୍ଲ. ଜନୋର) | ମହରମ୍ |
| ଫେବୃଆରି | (ଓ. ଫିବ୍ରେର) | ସଫର୍ |
| ମାର୍ଚ୍ଚ | (ଓ. ମାରଚ) | ରବିଉଲ୍‌ଆଉଅଲ୍ |
| ଏପ୍ରିଲ୍ | (ଓ. ଅପ୍ରେଲ୍) | ରବିଉସ୍ସାନି |
| ମେ | (ଓ. ମଇ) | ଜମାଦିଉଲ୍‌ଅଉଅଲ |
| ଜୁନ୍ | (ଓ. ଜୁନ୍) | ଜମାଦିଉସ୍ସାନୀ |

ଜୁଲାଇ ( ଓ. ଜୁଲେଇ ) ରଜବ୍
ଅଗଷ୍ଟ ( ଓ. ଅଗସ୍ତ ) ସାବାନ୍
ସେପ୍ଟେମ୍ବର ( ଓ. ସିତମ୍ବର ) ରମଜାନ୍
ଅକ୍ଟୋବର ( ଓ. ଅକ୍ଟୁବର ) ସଉଅଲ୍
ନବେମ୍ବର ( ଓ. ନବମ୍ବର ) ଜିଲ୍‌କଦ୍
ଡିସେମ୍ବର ( ଓ. ଦସମ୍ବର ) ଜିଲ୍‌ହଜ୍

ଇଂରେଜି ମାସ ସଙ୍ଗେ ମୁସଲମାନୀ ମାସର ସମତା ପ୍ରାୟ ଦେଖାଯାଏ ନାହିଁ । କାରଣ ମୁସଲମାନୀ ମାସ ଚାନ୍ଦ୍ରମାସ । ମାତ୍ର ଇଂରାଜୀ ମାସ ସୌର ମାସ ଅଟେ ।

ସୂର୍ଯ୍ୟଙ୍କର ଏକ ରାଶିରେ ଉଦୟ ହେବା କାଳକୁ ସୌର ମାସ ବୋଲାଯାଏ, ଏହା କେବେ ୨୯, କେବେ ୩୦, କେବେ ୩୧ ଦିନ, କେବେ ୩୨ ଦିନ ବ୍ୟାପୀ ହୁଏ । ଚାନ୍ଦ୍ର ମାସ କେବେ କେବେ ୨୭, ୨୮, ୨୯ ଓ ୩୦ ଦିନ ବ୍ୟାପୀ ହୁଏ ।

ଚନ୍ଦ୍ରଙ୍କର ଅଶ୍ୱିନୀ ନକ୍ଷତ୍ରରେ ଉଦୟ ହେବା ସମୟଠାରୁ ଯଥାକ୍ରମେ ପରବର୍ତ୍ତୀ ରେବତୀ ନକ୍ଷତ୍ରରେ ଉଦୟ ହେବା ଦିନର ଶେଷ ପର୍ଯ୍ୟନ୍ତ କାଳକୁ ନାକ୍ଷତ୍ର ମାସ ବୋଲାଯାଏ । ନାକ୍ଷତ୍ର ମାସ ୨୭ଦିନ ବ୍ୟାପୀ ହୁଏ । ସାବନ ମାସ ବ୍ୟବସାୟ, ବେପାର ଆଦିରେ ବ୍ୟବହୃତ ହୁଏ ଓ ଏହା ୩୦ ଦିନ ବ୍ୟାପୀ ହୁଏ । ଏହା ଯେ କୌଣସି ଦିନ ଆରମ୍ଭ ହୋଇ ତିଂଶ ଦିନରେ ସମାପ୍ତ ହୁଏ । ( ହ. ଷ )

ମାସ ଶବ୍ଦ ସଂସ୍କୃତ ମସ (ଚନ୍ଦ୍ର) ଶବ୍ଦରୁ ଉତ୍ପନ୍ନ । ଇଂରାଜୀରେ month (ମନ୍ଥ =ମାସ) moon ( ଅର୍ଥାତ୍ ଚନ୍ଦ୍ର ) ଶବ୍ଦରୁ ମଧ୍ୟ ଉତ୍ପନ୍ନ ହୋଇଅଛି । ବୈଦିକ ସାହିତ୍ୟରେ ମାସର ଗୋଟିଏ ଅର୍ଥ ମଧ୍ୟ ଚନ୍ଦ୍ର । ଋଗ୍‌ବେଦରେ 'ଚନ୍ଦ୍ରମସ୍'ର ଅର୍ଥ ଚନ୍ଦ୍ର ଓ ସୂର୍ଯ୍ୟ—The sun and the moon; ଚନ୍ଦ୍ରଙ୍କର ଗୋଟିଏ ନାମ ମାସକୃତ୍; ପାରସୀଭାଷାରେ ମାସର ନାମ ମାହ୍; ଗ୍ରୀକ୍‌ଭାଷାରେ ମୀନ୍, ଲାଟିନରେ ମେନ୍‌ସିସ୍ । ]

ମାସ ଅଖର(ରି)—ଦେ. ବି—ମାସର ଶେଷ—The end of a
Māsa akhara(ri) মাসের শেষ month.
मासकी आखरी

ମାସ(ଷ)କ—ସଂ. ବି—୧ । ଏକମଶା ପରିମାଣ ବା ଓଜନ—1.
Māsa(sha)ka Weight of 17 grains troy. ୨ ।
ମାସ; ( ହ. ଷ )—2. Month. ଦେ. ଅ —ଏକମାସ
କାଳ—A period of one month.

ମାସକ ଧର୍ମ—ଦେ. ବି—ଏକମାସ ମଧ୍ୟରେ ସଞ୍ଚିତ ବା ଅର୍ଜିତ ପୁଣ୍ୟ—
Māsaka dharmma Piety accumulated or earned
একমাসের ধর্ম by a person during a month's
मासका धरम performance of religious acts.
(ଯଥା—ଅକାମାର୍କେ, ପାନକୁଆ ଖାଇ, ପାନକୁଆ ଚୋର—ମାସକ ଧର୍ମ ମୋର, କାର୍ତ୍ତିକ ପୂର୍ଣ୍ଣିମାରେ ସ୍ନାନ କଲା ସମୟରେ ସ୍ତ୍ରୀମାନଙ୍କର ଉଚ୍ଚାରିତ ବଚନ । )

ମାସକ(କା)ବାର୍ଡ଼(ରି)—ଦେ. ବିଣ ( ସଂ. ମାସ ଓ ଫା. ବାବାରୁ=
Māsaka(kā)bard(r) ମାସର ଶେଷ; ମାସକାବାରୀ=ମାସ
মাসকাবারি(র) ଶେଷରେ କର୍ତ୍ତବ୍ୟ )—ପ୍ରତ୍ୟେକ ମାସ
मासकाबार(री) ଶେଷରେ ପ୍ରସ୍ତୁତ କରାଯିବା—Prepared at
মাসকাবারি the end of every month. ବି—୧ ।
मासिककागज ପ୍ରତ୍ୟେକ ମାସ ଶେଷରେ ପ୍ରସ୍ତୁତ କରାଯିବା ଉକ୍ତ ମାସର ହିସାବ—1. Monthly return; monthly account prepared at the end of every
मासिकधरम month. ୨ । ସ୍ତ୍ରୀମାନଙ୍କର ଋତୁସ୍ରାବ—2. Monthly course; menstruation. ୩ । ପ୍ରତି-ମାସର ଶେଷ—3. The end of every month.

ମାସକାବାର—ଦେ. ବି—ମାସାନ୍ତ; ମାସର ଶେଷ ଦିନ—The last
Māsakābāra মাসকাবার day of the month.
मासका आखीर

ମାସକାବାରି—ଦେ. ବିଣ—ପ୍ରତ୍ୟେକ ମାସ ଶେଷରେ କରଣୀୟ—
Māsakābāri Performable at the end of
মাসকাবারি मासिक every month.

ମାସକା(କୁ)ମାସ—ଦେ. କ୍ରି. ବିଣ—ପ୍ରତି ମାସରେ; ଦି ମାସରେ—
Māsakā(ku)māsa Every month; monthly.
মাসেমাসে मासबमास

ମାସ(ସି)କିଆ—ଦେ. ବିଣ (ସଂ. ମା ସିକ)—୧ । ଏକମାସବୟସ୍କ—
Māsa(si)kiā 1. Aged one month; a month
একমাসের एकमासका old. ୨। ମାସିକ—
মাসিক मासिक धरम 2. Monthly. ଦେ. ବି.—
ସ୍ତ୍ରୀମାନଙ୍କ ମାସିକଧର୍ମ; ଋତୁ—Menses.

ମାସକୃତ୍ୟ—ସଂ. ବିଣ (ଷଷ୍ଠୀ ତତ୍; ମାସ+କୃତ୍ୟ)—ପ୍ରତ୍ୟେକ ମାସର
Māsakrutya ନିର୍ଦ୍ଦିଷ୍ଟ କର୍ତ୍ତବ୍ୟ—(religious acts of duties) Prescribed for a particular month.

ମାସକେ—ଦେ. କ୍ରି. ବିଣ—ଏକ ମାସ ମଧ୍ୟରେ—In a month
Māsake (ଉ—ମାସକେ ନାନା ଉପହାରେ, ପାଳ ପଢ଼ଇ
এক মাসে एक मासमे ଏକ ଘରେ । ଜଗନ୍ନାଥ. ଭାଗବତ ।)

ମାସକେଲ୍—ପ୍ର ଦେ. (ସମ୍ବଲପୁର) ବି—ଶାମୁକା—
Māsakel Oyster-shell.

ମାସ ଗଡ଼ିବା—ଦେ. ବି—(ସ୍ତ୍ରୀ ଲୋକର) ଗର୍ଭ ସଞ୍ଚାର ହେବା—
Māsa gaṛdibā Pregnancy; conception [ଦ୍ର—
মাস গড়া, মাস টপে যাওয়া ସ୍ତ୍ରୀଲୋକମାନଙ୍କର ଗର୍ଭ ହେଲେ
दिन चढना, दिन आना ସେମାନଙ୍କର ମାସିକ ଧର୍ମ ବା ଋତୁସ୍ରାବ ଗଡ଼ି ଯାଏ, ଅର୍ଥାତ୍ ବନ୍ଦ ହୋଇଯାଏ ।]

ମାସ ଗଣତି—ଦେ. ବି (ସଂ. ମାସ ଗଣନା)—ବର୍ଷର ମାସମାନଙ୍କର ସଂଖ୍ୟା-
Māsa gaṇati ଗଣନା—Calculation of the months
মাস গুনা मास गिनती of the year.

ମାସ ଗଣିବା—ଦେ. କ୍ରି—ବର୍ଷର କେତେ ମାସ ଅତୀତ ହେଲା, ତାହା
Māsa gaṇibā ଗଣନା କରିବା—To calculate the
মাস গুনা period of time by the months of the
मास गीनना year in respect of a certain act or event.

ମାସ ଚରକ—ସ.ବଣ. ପୁଂ (ମାସ+ଚର ଧାତୁ+କର୍ମ.ଇକ)—ଏକ ମାସ
Māsa chārika ପର୍ଯ୍ୟନ୍ତ କର୍ତ୍ତବ୍ୟ (ହୁ. ଶ)—Perform-
(ମାସ ଚରକା—ସ୍ତ୍ରୀ) able for the period of one month.

ମାସ ଜାତ—ସ. ବଣ. ପୁଂ—ଏକ ମାସ ବୟସ୍କ—
Māsa jāta One month old.
(ମାସ ଜାତା—ସ୍ତ୍ରୀ)

ମାସଜ୍ଞ—ସ. ବ. ପୁଂ (ମାସ+ଜ୍ଞା ଧାତୁ+କର୍ତ୍ତୃ. ଅ)—୧ । ଦାତ୍ୟୂହ ବା
Māsajña ଡାହୁକ ପକ୍ଷୀ—1. A gallinule (bird). ୨ ।
ଏକ ପ୍ରକାର ମୃଗ (ହୁ. ଶ)—2. A kind of deer.

ମାସ ତାଳ—ସ. ବ (ମାସ+ତାଳ+ଅ)—ଏକପ୍ରକାର ବାଜା (ହୁ.
Māsa tāḷa ଶ)—A kind of musical instrument.

ମାସ ଦିନ—ସ. ବ ( ସନ୍ଧତର )—୧ । ମାସ ଓ ଦିନ—1. Month
Māsa dina and date. ୨ । ମାସ ମଧ୍ୟରେ ୩୦ ଦିନ ଯୁକ୍ତ
(ମାସ ଦିବସ—ଅନ୍ୟରୂପ) ସମୟ—2. A period of 30 days.
मास दिन (ଉ—ସେ ମାସ ଦିନେ ମୋ ପାଖକୁ ଥରେ ମାତ୍ର ଆସନ୍ତି ।)

ମାସ ପକ୍ଷ—ସ. ବ. (ସନ୍ଧତର)—ମାସ ଓ ପକ୍ଷ—
Māsha paksha Month and fortnight.

ମାସପଞ୍ଜି (ଞ୍ଜୀ)—ସ.ବ. (୬ଷ୍ଠୀ ତତ୍)—କୌଣସି ମାସରେ ଘଟିବା ତିଥି,
Māsa panji(nji) ବାର, ଉତ୍ସବ ଓ ଘଟଣାବଳୀର ବିବରଣ—
(ମାସ ପଞ୍ଜିକା—ଅନ୍ୟରୂପ) Monthly almanac; a record
(ମାସ ପାଞ୍ଜି—ଦେଶଜରୂପ) of the events etc during a particular month.

ମାସ ପତ୍ର—ସ. ବ. (୬ଷ୍ଠୀ ତତ୍)—ମାସ ଫଳ ୨ ( ଦେଖ )
Māsa patra Māsa phaḷa 2 ( See )

ମାସ ପଶିବା—ଦେ. କ୍ରି (ସ. ମାସ+ପ୍ରବେଶ)—ଗଣନାକ୍ରମେ ଗୋଟିଏ ମାସ
Māsa pasibā ଶେଷ ହୋଇ ଅନ୍ୟ ଗୋଟିଏ ମାସର ପ୍ରବେଶ—
মাস হওয়া The entry of a month in respect of a
मास आना certain fact in calculation.

ମାସ ପୂରିବା—ଦେ. କ୍ରି. ( ସ. ମାସ; ପୂରଣ )—୧ । ଏକମାସ ପୂର୍ଣ୍ଣ
Māsa pūribā ହେବା—1. The completion of a
মাস পূরা month. ୨ । ଗର୍ଭଧାରଣର ନବମ ଦଶମ ମାସ, ଅର୍ଥାତ୍
पूरे दिन होना, मास बरषमास बितना ଅସବ ପ୍ରସବକାଳ ଉପସ୍ଥିତ
ହେବା; ପୂର୍ଣ୍ଣଗର୍ଭ ହେବାର ସମୟ—2. Being in the 9th or the 10th month of pregnancy; being near one's time of delivery.

ମାସ ପ୍ରମିତ—ସ. ବ (ମାସ+ପ୍ରମିତ; ଯାହାଦ୍ଵାରା ମାସ ପରମିତ ହୁଏ)—
Māsa pramita ନବଚନ୍ଦ୍ର; ପ୍ରତିପଦର ଚନ୍ଦ୍ର—The new moon.

ମାସ ଫଳ—ସଂ. ବ. (୬ଷ୍ଠୀ ତତ୍) (ଫଳିତ ଜ୍ୟୋତିଷ)—୧ । ପ୍ରତ୍ୟେକ
Māsa phāla ମାସରେ ଘଟିବା ଫଳ ବା ଘଟଣା—1. The events happening during a month calculated astrologically. ୨ । ସେହି ଲେଖାରେ ଜ୍ୟୋତିଷ ଗଣନା କ୍ରମେ କୌଣସି ମାସର ଶୁଭାଶୁଭ ଫଳ ଲିଖିବାର ହୋଇଥାଏ—2. A statement of the good or evil which will befall during a particular month according to astrotogical calculat

ମାସ ବରଷ—ଦେ. ବ. ସନ୍ଧତର (ସଂ. ମାସ; ବର୍ଷ)—ମାସ ଓ ବର୍ଷ—
Māsha barasha Month and year.
মাস বৎসর मास बरष

ମାସ ବର୍ତ୍ତିକା—ସଂ. ବ—ଶ୍ୟାମା ଜାତୀୟ ପକ୍ଷି ବିଶେଷ; ବର୍ତ୍ତୀ ପକ୍ଷୀ—
Māsa barttikā A kind of quail or patridge.

ମାସ ବିତିବା—ଦେ. କ୍ରି. (ସଂ. ମାସ+ବ୍ୟତୀତ)—ଏକ ମାସ ସମୟ ଗତ
Māsa bitibā ହେବା—The passing of a month.
মাস গত হওয়া मास पूरा होना
[ମାସ ବିତା(ତେ)ଇବା—ଣିଜନ୍ତରୂପ]

ମାସ ବୃଦ୍ଧି—ସ. ବ ( ୬ଷ୍ଠୀ ତତ୍ )—ମଳମାସ; ଅଧିମାସ—
Māsa bṛuddhi An intercalary month.

ମାସ ଭର(ରି)—ଦେ. କ୍ରି. ବଣ—ଏକମାସ ସମୟରେ; ମାସଯାକ—
Māsa bhar(ri) Throughout a month; in the
মাসতমাম मासभर course of a month.
[ମାସତମାମ, ମାସଯାକ, ମାସେ ଯାକେ(ଏ)—ଅନ୍ୟରୂପ]

ମାସମାନ—ସ. ବ (୬ଷ୍ଠୀ ତତ୍; ମାସ+ମାନ)—୧ । ମାସର ପରିମାଣ—
Māsamāna 1. The measure of a month.
୨ । ( ବହୁବ୍ରୀହି ) ବତ୍ସର—2. A year.

ମାସର—ସ. ବ ( ମସ ଧାତୁ=ପରିମାଣ କରିବା+କର୍ମ. ଅର )—୧ ।
Māsara ମଣ୍ଡ; ଭାତର ପେଜ—1. The water or scum distilled from boiled rice. ୨ । ପେଜ ଓ ଅଙ୍ଗୁର ରସରେ ପ୍ରସ୍ତୁତ ଯନ୍ତ୍ରରେ ବ୍ୟବହୃତ ଏକପ୍ରକାର ମାଦକ ପେୟ ( ହୁ. ଶ )—2. A kind of intoxicating drink made of rice and grape juice.

ମାସଲ—ଦେ. ବ—ଏକପ୍ରକାର ପକ୍ଷୀ—
Māsaḷa A kind of bird.

ମାସହରା—ପ୍ରାଦେ. (ବାଲେଶ୍ଵର) ବଣ. (ଭୁଲ.ବ.ମାସହାରା)—ମାସ୍ୟଅର;
Māsaharā ମାସିକ—Monthly; payable month by
মাসহারা month. ବ—ମାସିକ ବେତନ—Monthly
मासहरा pay. କ୍ରି. ବଣ—ପ୍ରତି ମାସରେ—Monthly.

ମାସହାରା—ଦେ. ବ ( ଅ. ମୁଶାହାର୍ )—ମାସିକ ବେତନ—Monthly
Māsahārā মাসহারা मसहरा pay; salary.

ମାସ ହେବା—ଦେ. କ୍ରି—୧ । ମାସ ଗଡ଼ିବା ( ଦେଖ )—1. Māsa
Māsa hebā gaṛibā (See). ୨ । ମାସ ପୂରିବା (ଦେଖ)
2. Māsa pūribā ( See )

ମାସାଦ୍ୟ—ସ. ବ (୬ଷ୍ଠୀ ତତ୍; ମାସ+ଆଦ୍ୟ)—ମାସର ପ୍ରଥମ ଦିନ—
Māsādya . The first day of the month.

ମାସାଧିପ—ସ. ବ—ଫଳିତ ଜ୍ୟୋତିଷ ଅନୁସାରେ ଯେଉଁ ଗ୍ରହ ଯେଉଁ
Māsādhipa ମାସରେ ପୃଥିବୀର ଅଧିପତି ବଳି ରୂପେ ହୁଏ—
ମାସାଧିପତି } ଅନ୍ୟରୂପ The planet presiding over
ମାସେଶ the earth during a particular
ମାସାଧୀଶ month.

ମା ସାଆନ୍ତାଣୀ—ଦେ. ବ—ମାଅ ସାନ୍ତାଣୀ ( ଦେଖ )
Mā sā-āntāṇī **মা মালিকানী** Mā-ā sāntāṇī ( See )

ମାସାନୁମାସିକ—ସ. ବଣ ( ମାସ+ଅନୁମାସ+ଇକ )—ପ୍ରତି ମାସ-
Māsānumāsika ସମ୍ବନ୍ଧୀୟ-Relating to every month.

ମାସାନ୍ତ—ସ. ବ ( ୬ଷ୍ଠୀ ତତ୍; ମାସ+ଅନ୍ତ )—୧ । ମାସର ଶେଷ
Māsānta ଦିନ—1. The last day of the month.
୨ । ସୌରମାନ ମାସର ସଂକ୍ରାନ୍ତିର ପୂର୍ବ ଦିନ—2. The day previous to a Saṁkrānti day.
୩ । ଅମାବାସ୍ୟା—3. The new moon; the change of the moon.

ମାସାନ୍ତ ସଂକ୍ରାନ୍ତି—ସ. ବ ( ସନ୍ଧତର )—ଏକମାସର ଶେଷ ଦିନ ଓ
Māsānta saṁkrānti ଅନ୍ୟ ମାସର ପ୍ରଥମ ଦିନ—The last day of a month and the first day of the next month. [ ଦ୍ର—ମାସାନ୍ତ ଓ ସଂକ୍ରାନ୍ତିରେ ଯାତ୍ରାଦି ଶୁଭ କାର୍ଯ୍ୟ ବର୍ଜିବ । ]

ମାସାବଧି—ଦେ. ବ—୧ । ଏକମାସ ସମୟ—1. Period of one
Māsābadhi month. ସ. କ୍ରି. ବଣ—ଏକମାସ ଯେଏ—
For the period of one month.

ମାସି—ଦେ. ବଣ ( ସ. ମାସିକ )—ମାସସମ୍ବନ୍ଧୀୟ—Relating to a
Māsi month. ( ଦ୍ର—ଏହା ଅନ୍ୟ ଶବ୍ଦ ସଙ୍ଗେ ଯୁକ୍ତ
মাসিক **মাসী** ହୁଏ; ଯଥା—ବାରମାସି; ଦୋମାସି ଇତ୍ୟାଦି । )
ଦେ. କ୍ରି. ବଣ—ମାସିକ; ପ୍ରତି ମାସରେ—Every month. ( ଦ୍ର—ମାସି ମଙ୍ଗଳବାର ଜ୍ୱର, ଏବେବେଁ କରେ କଳନାସ—ଲୁପଦ. ପ୍ରେମଚନ୍ଦ୍ରମୃତ । )

ମାସିଆ—ଦେ. ବଣ ( ସଂ. ମାସିକ; ପ୍ରା. ମାସିଅ ) ( ଅନ୍ୟ ଶବ୍ଦ ସଙ୍ଗେ
Māsiā ଯୁକ୍ତ ହୁଏ; ସଂ. ମାସୀୟ )—୧ । ମାସସମ୍ବନ୍ଧୀୟ—
মাসের **মাসিয়া** 1. Relating to a month. ( ଦ୍ର—ଅଳ୍ପ ଷାଳପୂର୍ଣ୍ଣିମା, ଜ୍ୟେଷ୍ଠମାସିଆ ଦିନ—ଫକୀରମୋହନ, ଛମାଣ ଆଠଗୁଣ । ) ୨ । ଏତେ ମାସ ଗର୍ଭରେ ରହି ଜନ୍ମ ହୋଇଥିବା (ଶିଶୁ)-2. Held in the mother's womb for so many months. ( ଯଥା—ଅଠମାସିଆ ପିଲା, ନଅ ମାସିଆ ପିଲା, ଦଶ ମାସିଆ ପିଲା । ) ୩ । ଏତେ ମାସ ବୟସ୍କ—3. Aged so many months. ୪ । ଏତେ ମାସ ସ୍ଥାୟୀ ବା ବ୍ୟାପୀ—4. Lasting or occupying so many months.

ମାସିକ—ସଂ. ବଣ ( ମାସ+ସମ୍ବନ୍ଧାର୍ଥେ, ଭବତ୍ୟର୍ଥେ ଓ ଦେୟାର୍ଥେ.
Māsika ଇକ )—୧ । ମାସସମ୍ବନ୍ଧୀୟ—1. Monthly. ୨ । ପ୍ରତି ମାସରେ କର୍ତ୍ତବ୍ୟ—2. Performable every month. ୩ । ଏକମାସକାଳ ସ୍ଥାୟୀ—3. Lasting for a month. ୪ । ପ୍ରତି ମାସରେ ଥରେ ଘଟୁଥିବା—4. Happening once every month. ୫ । ପ୍ରତି ମାସରେ ଦେୟ—5. Payable every month.
ସଂ. ବ—୧ । ମୃତ ବ୍ୟକ୍ତିଙ୍କ ଉଦ୍ଦେଶ୍ୟରେ ମୃତ୍ୟୁର ଏକବର୍ଷ ମଧ୍ୟରେ ପ୍ରତି ମାସରେ କର୍ତ୍ତବ୍ୟ ଶ୍ରାଦ୍ଧ—1. Oblation of food offered to a deceased ancestor every month for a year after his death ୨ । ପ୍ରତି ମାସର ଅମାବାସ୍ୟାରେ କରିବା ଶ୍ରାଦ୍ଧ—2. Oblation offered to a deceased ancestor on every change of the moon.

ମାସିକ ଧର୍ମ—ସଂ. ବ ( କର୍ମଧା. ମାସିକ+ଧର୍ମ )—ସ୍ତ୍ରୀମାନଙ୍କର ଋତୁ-
Māsika dharma ସ୍ରାବ—The menstrual discharge of women.

ମାସିମା—ପ୍ରାଦେ (ପୁରୀ ସଦର) ବ (ବଙ୍ଗାନୁକରଣ;ଭୁଲ.ବ. ମାସୀମା)—
Māsimā ମାଉସୀ ମା ( ଦେଖ )—Māusī mā (See)

ମାସୀନ—ସଂ. ବଣ. ପୁଂ(ମାସ+ସମ୍ବନ୍ଧାର୍ଥେ. ଇନ)—୧ । ମାସସମ୍ବନ୍ଧୀୟ—
Māsīna 1. Relating to month; monthly. ୨ । ( ମାସୀନା—ସ୍ତ୍ରୀ ) ଏକମାସ ବୟସ୍କ—2. Aged one month.
୩ । ଏତେ ମାସ ବୟସ୍କ—3. Aged so many months.
( ଯଥା—ଦ୍ୱିମାସୀନ; ଷଣ୍ମାସୀନ । )

ମାସୁଆର(ରୀ)—ଦେ. ବଣ—ମାସିକ ଭବିଷ୍ୟ—Monthly. ( ଯଥା—
Māsuāri(rī) মাসকাবারি **मसहरा** ମାସୁଆର ଘଡ଼; ମାସୁଆର
মাসহারা **मसहरा** ଗୋଗୁର । ) ଦେ. ବ—୧ । ମାସିକ ଦରମା—
মাসিক **मासिकधर्म** 1. Monthly pay. ୨ । ମାସିକ ଋତୁସ୍ରାବ—
2. Monthly course; menstruation.

ମାସୁଦ୍—ଦେ. ବ—ମା ଶୁଦ୍ ( ଦେଖ )
Māsud Māsud ( See )

ମାସୁମ୍—ମାଶୁମ୍ (ଦେଖ)
Māsum Māsum (See)

ମାସୁରୀ—ସ. ବ—୧ । ଶ୍ମଶ୍ରୁ; ଦାଢ଼ୀ—Beard. ୨ । ସୁଶ୍ରୁତ ବର୍ଣ୍ଣିତ
Māsurī ଏକପ୍ରକାର ଡାକ୍ତରୀ ଶସ୍ତ୍ର (ହି. ଶ.)—2. A kind of surgeon's knife used in ancient India.

ମାସୁଲ—ଦେ. ବ—ମାଶୁଲ୍ (ଦେଖ)
Māsul Māsul (See)

ମାସେ—ଦେ. ବ—ଏକ ମାସ ସମୟ—One month. ଦେ. କ୍ରି. ବଣ.
Māse ଏକ ମାସ ପାଇଁ—For one month.
এক মাস **एक मास**

ମାସେକେ—ଦେ. କ୍ରି. ବଣ—୧ । ଏକ ମାସରେ—1. In one
Maseke month. ୨ । ପ୍ରତି ମାସରେ—2. In every
মাসে **मासमे** month.

ମାସେ ଖଣ୍ଡେ—ଦେ. ବ—ମାସଠାରୁ ଟିକେ ବେଶୀ ବା କମ୍ ସମୟ—
Māse khaṇḍe A period of time slightly more
**মাসখানেক** **महीना एकमहीना** or less than a month;

ମାସେକାଲର
ମାସେଅଧେ } ଅନ୍ୟରୂପ about a month or so. (ଭୂ—ଅଚ୍ଛ ମାସେଖଣ୍ଡେ ଗଲେ ସେଇଆ
ମାସେପଷେ(ଷ) ହବ ଯେ—ମାଳଦଣ୍ଡ ବା.ଶ. ପିଲାଙ୍କ ରାମାୟଣ ) ।

ମା ସ୍କ(ସ୍କା)ବାଡ଼(ର)—ଦେ. ବ. ଓ ଣ—ମାସକବାଡ଼ (ଦେଖ)—
Māska(skā)bārda(ra) Māsakabārda ( See )

ମାସ୍କା (ସ୍କୁ, ସ୍କେ)ମାସ—ଦେ. କ୍ରି. ଣ—ମାସକାମାସ (ଦେଖ)
Māskā(sku, ske)māsa Māsakāmāsa (See)
मासे म्ासे मासका मास

ମାସ୍ତାନ—ଦେ. ବ—ଓଡ଼ିଶାର ଅଧସ୍ତନଶ୍ରେଣୀର ଏକଜାତୀୟ ବ୍ରାହ୍ମଣ—
Māstāna A class of Brāhmaṇas of lower order of Brāhmaṇas of Orissa. [ ଦ୍ର—ଏମାନେ ବୈଦିକ ବ୍ରାହ୍ମଣ ନୁହନ୍ତି, ଲୌକିକ ବ୍ରାହ୍ମଣ। ଐତିହାସିକ ସ୍ୱର୍ଗୀୟ ମୋହନଙ୍କ ମତରେ ଏମାନେ ପ୍ରକୃତରେ ବ୍ରାହ୍ମଣ ନୁହନ୍ତି। ଏମାନଙ୍କର ବ୍ରାହ୍ମଣତ୍ୱର ସମ୍ବନ୍ଧରେ ନାନାପ୍ରକାର କିମ୍ବଦନ୍ତୀ ଏ ଦେଶରେ ପ୍ରଚଳିତ ଅଛି। ଓଡ଼ିଶାରେ ବୌଦ୍ଧଧର୍ମ ପ୍ରବଳ ଥିବା ସମୟରେ କାନ୍ୟକୁବ୍ଜରୁ ବୈଦିକ ବ୍ରାହ୍ମଣମାନେ ଯଯାତିକେଶରୀଙ୍କ ଦ୍ୱାରା ଓଡ଼ିଶାକୁ ନିମନ୍ତ୍ରିତ ହୋଇ ଆସିଥିଲେ। ସେମାନେ ଯଜ୍ଞ କରିବା ପୂର୍ବରୁ ପତିତ ଭୂମିକୁ ଯଜ୍ଞଭୂମି କରିବା ପାଇଁ (ସମ୍ଭବତଃ) ଶୂଦ୍ର ଏ ଅବ୍ରାହ୍ମଣଙ୍କଦ୍ୱାରା ଉକ୍ତ ପତିତ ଭୂମିମାନଙ୍କରେ ହଳ ବୁଲା-ଗଲା ଏବଂ ସେହି କୃଷକଙ୍କ କାନ୍ଧରେ ପଇତା ପକାଇ ଦେଇ ସେମାନଙ୍କୁ ବ୍ରାହ୍ମଣରୂପରେ ପରିଚିତ କରାଗଲା । ଅଦ୍ୟାବଧି ମଧ୍ୟ ସେମାନଙ୍କୁ ହଳୁଆ ବ୍ରାହ୍ମଣ ବା ବଳଭଦ୍ର ଗୋଣୀ ( ବଳଭଦ୍ରଙ୍କର ହଳ ଅସ୍ତ୍ର ଥିବାରୁ ) ବା ବଳଦେବ-ଗୋତ୍ରୀ ବ୍ରାହ୍ମଣ ବୋଲାଯାଏ। ସେମାନେ ଶୂଦ୍ରଙ୍କ ବଂଶୋପାଧି ଧାରଣ କରିବାର ଦେଖାଯାଏ; ଯଥା—ସାହୁ, ସବୁଡ଼, ବିଶ୍ୱାଳ, ସ୍ୱାଇଁ, ସେନା, ଷେଣ । ଏବେ ମଧ୍ୟ ସେମାନେ ବ୍ରାହ୍ମଣଙ୍କ ଅବିଧେୟ ହଳବୁଲା ଓ ପିକାଖିଆ ଛାଡ଼ି ନାହାନ୍ତି। ହିନ୍ଦୁ ସମାଜର ପୌରୋହିତ୍ୟାଦି କାର୍ଯ୍ୟରେ ଏମାନଙ୍କର ଅଧିକାର ନାହିଁ। ଜଣେ ଇତିହାସଲେଖକ ଅନୁମାନ କରଅଛନ୍ତି ଯେ ଯଯାତିଙ୍କ ଦ୍ୱାରା ନିମନ୍ତ୍ରିତ ହୋଇ ଆସିଥିବା ବ୍ରାହ୍ମଣମାନେ ଦେଖିଲେ ଯେ, ଓଡ଼ିଶାରେ ବୌଦ୍ଧଧର୍ମାବଲମ୍ବୀଙ୍କର ଓ ଶୂଦ୍ରଙ୍କର ଓ ବୌଦ୍ଧ ପ୍ରଭାବରୁ ବେଦାନୁଷ୍ଠାନ ଭୁଲିଯାଇ ଥିବା ନାମମାତ୍ର ବ୍ରାହ୍ମଣଙ୍କର ପ୍ରାଦୁର୍ଭାବ ବେଶୀ; ଏମାନଙ୍କୁ ହଟାଇବା କରି ନବାଗତ ବ୍ରାହ୍ମଣମାନେ ଆପଣାର ପ୍ରଭୁତ୍ୱ ସ୍ଥାପନ କରିବା ଅସମ୍ଭବ ଜାଣି ଅଗତ୍ୟାକ୍ରମେ ଏମାନଙ୍କୁ ବ୍ରାହ୍ମଣ ଶ୍ରେଣୀଭୁକ୍ତ କରି ନେଲେ ଓ ଏହାହିଁ ଓଡ଼ିଶାର ପଣ୍ଡା, ପଢ଼ିଆରୀ, ମହାନ୍ତି, ସାରୁଆ, ପନ୍ତିଅର ଓ ମାସ୍ତାନ ବ୍ରାହ୍ମଣମାନଙ୍କର ସୃଷ୍ଟି ହେତୁ। ଏହି ଶ୍ରେଣୀର ସୃଷ୍ଟ ବ୍ରାହ୍ମଣଙ୍କୁ ପୂଜା ଓ ଭୋଗନୈବେଦ୍ୟର ମନ୍ଦିରର ସୂପକାର ଓ ସେବକ ରୂପେ ଗ୍ରହଣ କରିବାଦ୍ୱାରା ( ସମାଜରେ ସେମାନଙ୍କର ଖାଦ୍ୟ ନ ଖାଇ ମଧ୍ୟ ) ଶୂଦ୍ର ଓ ବୈଶ୍ୟମାନଙ୍କଠାରୁ ସେମାନେ ଶ୍ରେଷ୍ଠ ଥିବାର ଦେଖାଇଲେ ଓ ଏହି କୌଶଳ ଯୋଗୁଁ ଓଡ଼ିଶାରେ ବୌଦ୍ଧଧର୍ମର ପ୍ରଭାବ କମିଗଲା ।

୪ ପଣ୍ଡିତ କୃପାସିନ୍ଧୁ ଏମାନଙ୍କ ବିଷୟରେ ତାଙ୍କ ଉତ୍କଳ ଇତିହାସରେ ଲେଖିଅଛନ୍ତି—

"ବୁଦ୍ଧଦେବଙ୍କ ପୂର୍ବରୁ ଯେଉଁ ଅର୍ଯ୍ୟ ବ୍ରାହ୍ମଣମାନେ ଉତ୍କଳରେ ବାସ କରୁଥିଲେ ସେମାନେ ବର୍ତ୍ତମାନ ମାସ୍ତାନ ବା ବଳରାମ ଗୋଣୀ ବ୍ରାହ୍ମଣ । ଅଶ୍ରୋତ୍ରିୟ ବ୍ରାହ୍ମଣମାନେ ମଧ୍ୟ ଏମାନଙ୍କ ସହିତ ବୈବାହିକ ସମ୍ବନ୍ଧ କରନ୍ତି ନାହିଁ । ସମ୍ବଲପୁର ଅଞ୍ଚଳରେ ଏହି ଶ୍ରେଣୀର ବ୍ରାହ୍ମଣମାନଙ୍କୁ ଅରଣ୍ୟକ ବ୍ରାହ୍ମଣ କହନ୍ତି ।" ]

ମାସ୍ତାନିଆ(ଆଁ)—ଦେ. ଣ—ମାସ୍ତାନ ସମ୍ବନ୍ଧୀୟ—
Māstāniā(āñ) Relating to Māstāna.

ମାସ୍ତୁଲ—ବୈଦେ. ବ (ପର୍ତ୍ତୁ—Mastro–ମାସ୍ତ୍ରୋ; ସ. ନାମ. ଗୋଲନ୍ଦ୍‌, ଗୁଣବୃକ୍ଷ )—ଗୁଣବୃକ୍ଷ; କୂଆଖମ୍ବ; ଜାହାଜରେ ବା
Māstula ନୌକାରେ ପାଲ ଟାଙ୍ଗିବାର ଖୁଣ୍ଟି—The mast of a ship or boat.
মাস্তুল
मस्तूल

ମାସ୍ତୋ(ଷ୍ଟୋ)ଦ(ଡ଼ୋ)ନ୍—ଦେ. ବ ( ଇଂ. ମାଷ୍ଟୋଡନ୍ )—ପୃଥିବୀର
Māsto(shto)da(ḍa)n ପୂର୍ବକାଳର ବୃହତ୍ ହସ୍ତୀଜାତୀୟ ଜୀବ-
মাস্তোদন ବିଶେଷ ( ବର୍ତ୍ତମାନ ନାହାନ୍ତି )—Mastodon.
मास्तोदन [ ଦ୍ର—ଏ ଜୀବ ବର୍ତ୍ତମାନ ପୃଥିବୀରୁ ଲୁପ୍ତ ହୋଇ-ଅଛନ୍ତି ଓ ଏମାନଙ୍କ କଙ୍କାଳ ଭୂଗର୍ଭରୁ ମିଳୁଅଛି ।]

ମାହିୟାରି—ବୈଦେ. ବ ଓ ଣ ( ଫା. ମାହବାରୀ=ମାସିକ )—
Māhayāri ମାସୁଅରି; ମାସିକ—Monthly. କ୍ରି.
মাসহারা माहवारी ଣ—ପ୍ରତିମାସରେ—Every month.

ମାହନ—ସ. ବ ( ସ. ମା ହନ=ହତ୍ୟା କରନାହିଁ; ଶାସ୍ତ୍ରଅନୁସାରେ
Māhana ବ୍ରାହ୍ମଣ ଅବଧ୍ୟ ଥିବାରୁ )—ବ୍ରାହ୍ମଣ ( ହ. ଷ )
(ମାହନାପୃ—ଅନ୍ୟରୂପ) —A Brāhmaṇ.

ମାହା—ଗ୍ରା. ଣ ( ସ. ମହା )—ମହା—Great. [ ଦ୍ର—ପ୍ରାୟ
Māhā 'ମହା'—ଶବ୍ଦ ଯୁକ୍ତ ସମସ୍ତ ଶବ୍ଦ ଭାଷାରେ ଓ
মাহি ବ୍ୟବହାରରେ 'ମାହା' ରୂପେ ଉଚ୍ଚାରିତ ହୁଏ । ଯଥା—
माहा 'ମାହାନଦୀ'; ମାହାନ୍ତି; ମାହାପ୍ରସାଦ; ମାହାରାଜା; ମାହାବ୍ରତ; ମାହାଦେଇ; ମାହାପିଜ(ସ); ମାହାକାଳ; ମାହାଭାରତ; ମାହାଲ୍ । ଏ ସବୁ ପାଇଁ 'ମହା' ତଳେ କୋଠ ଦେଖ । ]

ମାହାକୁ(ଖୁ)ଡ଼—ଗ୍ରା. ବ—ମହାକୁଡ଼ ( ଦେଖ )
Māhāku(khu)rḍa Mahākurḍa ( See )

ମାହାକୁଳ(ଲିନ)—ସ. ବ ( ମହାକୁଳ+ଅ, ଇନ )—ଉଚ୍ଚବଂଶ ସମ୍ଭୂତ
Māhākula(lina) —Born of a high family.

ମାହାତମ—ଗ୍ରା. ବ ( ସ. ମାହାତ୍ମ୍ୟ )—ମାହାତ୍ମ୍ୟ ( ଦେଖ )—
Māhātama মাহাত্ম্য महातम Māhātmya ( See )

ମାହାତମା—ଗ୍ରା. ବ. ପୁଂ ( ସ. ମହାତ୍ମା )—ମହାତ୍ମା ( ଦେଖ )—
Māhātamā (ମାହାତ୍ମା—ଅନ୍ୟରୂପ) Mahātmā ( See )
মহাত্মা महातमा, महतमा

ମାହାତମାଣୀ – ଗ୍ରା. ବି. ସ୍ତ୍ରୀ—ମହାତ୍ମାଣୀ ( ଦେଖ )—
Māhatamāṇi Mahātmāṇi ( See )
(মাহাত্মাণী—অন্যরূপ) মহাত্মানী **महतमानी**

ମାହାତମ୍ୟ—ଗ୍ରା. ( ପଦ୍ୟ ) ବି ( ସଂ. ମାହାତ୍ମ୍ୟ )—ମାହାତ୍ମ୍ୟ ( ଦେଖ )
Māhatamya মহাত্ম্য **महातम** Māhatmya ( See )
[ ଭୂ—ଏହିରୂପେ ସହିତ୍ୟ ମାହାତମ୍ୟ ଯେତେ, କହିଲେ ଶେଷ ହେବା ନୁହେ ମହାମତେ । କୃଷ୍ଣସିଂହ. ମହାଭାରତ ବନ । ]

ମାହାତ୍ମ୍ୟ—ସଂ. ବି ( ମହାତ୍ମନ୍ + ଭାବ. ଯ )—୧ । ଗୌରବ; ମହତ୍ତ୍ୱ; Māhātmya ମହିମା—1. Greatness; majesty. ୨ । ତୀର୍ଥଦର୍ଶନର ଓ ଦେବଦେବୀଙ୍କ ପୂଜାଅର୍ଚ୍ଚନର ଶୁଭ ଫଳ—2. Efficacy of visiting certain shrines and performing worship of certain Deities. ୩ । ଆଦର; ମାନ ( ହି. ଇ )—3. Respect; honour. ୪ । ତୀର୍ଥ ଓ ଦେବଦେବୀଙ୍କ ପୂଜାର ଫଳବର୍ଣ୍ଣନାତ୍ମକ ଗ୍ରନ୍ଥ—4. A book describing the fruits of visiting shrines and worshipping Deities.

ମାହାନ୍ତି—ଗ୍ରା. ବି—ମହାନ୍ତି ( ଦେଖ )
Māhānti Mahānti ( See )

ମାହାପୁରୁ—ଗ୍ରା. ବି ( ସଂ. ମହାପ୍ରଭୁ )—ମହାପ୍ରଭୁ ( ଦେଖ )
Māhāpuru Mahāprabhu (See)
[ମାହାପ୍ରୁ, ମାହାପ୍ରଭୁ(ଭୁ), ମହାପ୍ରେଭୁ—ଅନ୍ୟରୂପ]

ମାହାପୁରୁ ଗୁଡ଼ି—ପ୍ରାଦେ ( ସମ୍ବଲପୁର ) ବି—ଠାକୁର ମନ୍ଦିର; ଦେଉଳ
Māhāpuru gurdi —God's temple; pagoda.

ମାହାବା(ବି)ର—ଦେ. ବି—ମହାବା(ବି)ର ( ଦେଖ )
Māhābā(bi)ra Mahābā(bi)ra ( See )

ମାହାର—ଦେ. ବି. ପୁଂ—୧ । ମେହେନ୍ତର—1. Sweeper.
Māhāra ୨ । ପଶୁ ରକ୍ଷକ—2. A keeper of cattle.
মেহর **मेहतर** (ଯଥା—ଗୋରୁ ମାହାର ।)
(ମାହାରାଣୀ—ସ୍ତ୍ରୀ)

ମାହାରଜା—ଗ୍ରା. ବି—ମହାରାଜ ( ଦେଖ )
Māhārajā Mahārāja ( See )

ମାହା(ଆ)ରା—ଦେ. ବି—ପାଣି ଯିବା ପାଇଁ ଖୋଳାଯିବା ପହଣୀ ବା
Māhā(ā)rā ନାଳୀ—A channel dug in the ground for passage of water.
নালা
**पैन, मुहाना**

ମାହାରାଜ(ଜା)—ଗ୍ରା. ବି. ପୁଂ—ମହାରାଜ ( ଦେଖ )
Māhārāja(jā) Mahārāja ( See )

ମାହାରାଣୀ—ଦେ. ବି. ସ୍ତ୍ରୀ—ମେହେନ୍ତରାଣୀ; ମେହେନ୍ତର ଜାତୀୟା ସ୍ତ୍ରୀ—
Māhārāṇi A female of the Mehetar or
মেতরানী **मेहतरानी** sweeper caste. ଗ୍ରା, ବି. ସ୍ତ୍ରୀ—ମହାରାଣୀ (ଦେଖ) Mahārāṇi ( See )

ମାହାରିଆ—ପ୍ରାଦେ. (ବିହୁରୁମି) ବି—ମାହାରି ( ଦେଖ )
Māhāriā Māhārī ( See )

ମାହାରି—ଦେ. ବି—୧ । ଦେବ ନର୍ତ୍ତକୀ—1. Dancing girls
Māhāri dancing before idols. ୨ । ନର୍ତ୍ତକୀ—
নাচবালী 2. Dancing girls. (ଭୂ—ଗାଇଲେ ମଧୁରେ
**नाचवाली** ଗଙ୍ଗେଶ୍ୱର ଜୟ ମାହାରି ଦେବକନ୍ୟା । ରାଧାନାଥ· ଯାଜ୍ଞସେନୀ ।)

ମାହାରି ନାଟ—ଦେ. ବି—ଦାସୀ ନାଚ; ବେଶ୍ୟାନୃତ୍ୟ—
Māhāri nāṭa Dance of dancing girls.
বেশ্যা নাচ **रण्डीका नाच**

ମାହାରି ଶାଢ଼ୀ—ପ୍ରାଦେ. (ଯାଜପୁର) ବି—ଏକ ପ୍ରକାର ଶାଢ଼ୀ—
Māhāri sārḍhi A kind of sārḍhi.

ମାହାରୁ(ର)ଦ—ଗ୍ରା. ବି—ମହାର୍ଦ୍ଦ ( ଦେଖ )
Māhāru(ra)da Mahārdda (See)
(মাহার্দ[র্দ]—অন্যরূপ) প্রসাদ **प्रसाद**

ମାହାର୍ଜା—ଗ୍ରା. ବି. ପୁଂ—ମହାରାଜା ( ଦେଖ )
Māhārjā Mahārāja ( See )
ଅ—ମହାରାଜାଙ୍କ ସମ୍ବୋଧନ—A term of address to a Mahārāja.

ମାହାଲ୍ ଉଆର(ରି)—ବୈଦେ. ବଣ. (ଫା)—ଜମିଦାରୀ ସମ୍ବନ୍ଧ—
Māhāl uār(ri) Relating to an estate.
মাহাল ওয়ারী **महाल वार** (ମାହାଲ୍ ୱାର୍—ଅନ୍ୟରୂପ)

ମାହାଲ୍ ଉଆର(ରି) ଖେଉଆଟ୍—ବୈଦେ. ବି—ସେଟଲମେଣ୍ଟରେ
Māhāl uār(ri) kheuāṭ ଜମିଦାରଙ୍କ ମିଳିବା ଜମି ସମ୍ବନ୍ଧ ଲେଖ
মাহালা ওয়ারী খেওট —Māhālwār khewāṭ.
**महालवार खेवट** [ମାହାଲ୍ୱାର(ରି)ଖେଉ(ବା)ଟ—ଅନ୍ୟରୂପ]

ମାହାଲ୍ ଧାନ—ପ୍ରାଦେ (ସମ୍ବଲପୁର) ବି—ମାଲ୍ ଧାନ ( ଦେଖ )
Māhāl dhān Māl dhān ( See )

ମାହାଲ (ଇତ୍ୟାଦ)—ବୈଦେ. ବି—ମହାଲ ଇତ୍ୟାଦ ( ଦେଖ )
Māhāla (etc) Mahāla etc. ( See )

ମାହା(ଆ)ଳ—ଦେ. ବି. (ସଂ. ମହାନିମ୍ବ, ଅରଲୁ, ଅଟରୁଷା)—ମହାନିମ୍ବ
Māhā(ā)la ( ଦେଖ )—Ailanthus Excelsa (tree).
মাহানিম প্রাদে. (ଓଡ଼ଶାର ସମୁଦ୍ର କୂଳବର୍ତ୍ତୀ ଓ ଗୁଳଙ୍ଗ) ବି—
**लिम्वाडो, महारुखा, महरुखा** ଜାହାଜର ବା ଡଙ୍ଗାର ପଟତଳ
ମ. ଅଦୁଲ୍ଲା, ଅରୁଷା, ମହାନିମ୍ବ ଅର୍ଥାତ୍ ଯେଉଁଠାରେ ଲୋକେ
ଗୁ. ମୋଟ ଅରୁଷା ବସନ୍ତି—The deck of a
ତା. ପେରୁ, ପୀ, ପେରୁ ମାରୁଥା ship or boat. (ଭୂ—ଉତ୍ତାରେ
ତେ. ପେଦ୍ଦ, ପୀ, ପେଦ୍ଦା, ଜଳନ୍ତା ମାହାଳେ ଶିଶୁ ଏକଲ
ଛେଲ୍ଲା ମାତ୍ରୁ ସ୍ତ୍ରୀ (Kirtikar) ହୋଇ, ଯଳାଇ ଗଲେଣି ସରବେ
କାହିଁ ଚଳ୍ଣ ବସେଇ । ଅଜସ୍ର. ବାଲଗୀର ।)

ମାହାଲକ୍ଷୀ(କ୍ଷୀ, ଖୀ)—ଦେ. ବି—ମହାଲକ୍ଷ୍ମୀ ( ଦେଖ )
Māhālakshmi(kshiñ, khiñ) Mahālakshmī (See)
মহালখী **महालछमी**

ମାହାଲ ଛଡ଼—ପ୍ରାଦେ, (ଗୁଳଙ୍ଗ) ବି—ରଜାଙ୍କ ବସ୍ତ୍ର ମତେ ବନ୍ଦା
Māhāla chhārḍa ଯାଉଥିବାରେ ମାଛ ଧରବାକୁ ଅଧିକା
ହେଉଥିବା ଜଙ୍ଗଲରୁ କାଠ ଓ ବୁଣ୍ଟ ଛଡ଼—Free pass granted to fishermen to cut wood

from the estate forests as remuneration or gratification for coming to catch fish under the Raja's order for the consumption of the royal family.

ମାହାଲ ତଳ—ପ୍ରାଦେ. (କଟକ) ବି—ଡଙ୍ଗାର ଦୁଇମଙ୍ଗର ମାହାଳର ତଳେ ଜିନିଷ ରଖିବା ସ୍ଥାନ—The recess under the planks spread at the ends of a boat.
Māhāla tala

ମାହାଲଦା(ଡା)—ପ୍ରାଦେ. (କଟକ ସହରବାସୀ ଇତର ଲୋକଙ୍କ ଭାଷା) ବି—ମହାନଦୀ (ଦେଖ)—Mahānadī (See)
Māhāladā(ddā)

ମାହାଲ ପଠା—ଦେ. ବି—ନଦୀ ଗର୍ଭସ୍ଥ ଯେଉଁ ଉଚ୍ଚ ଜମିରେ ଗୁଡ଼ାଏ ମାହାଳ ଗଛ ଉଠିଥାଏ—A silted high land on the bed of a river on which Māhāla trees have grown up.
Māhāla patha

ମାହାଲ ମଜକୁର—ବୈଦେ. ବି. (ବଣରଥ) (ଫା)—ପୂର୍ବୋକ୍ତ ବା ସେହି ଜମିଦାରୀ—The same or the said estate.
Māhāla majakura

ମାହାଲ ମୁଲକ—ବୈଦେ. ବି. (ବହୁତର) (ଫା)—୧ । ଜମିଦାରି ଆଦି ଭୂସମ୍ପତ୍ତି—1. Estate and other landed properties. ୨ । ଜମିଦାରୀ ଓ ରାଜ୍ୟ—2. Estates and states.
Māhāla mulaka মাহাল মুলুক महाल मुलक

ମାହାଲା—ବୈଦେ. ବି—ମହଲା ଦେଖ
Māhālā Mahalā See

ମାହାଲ(ନା)ଏ(ୟ)କ—ଦେ. ବି—ମହାନାଏକ (ଦେଖ)
Māhālā(nā)ek(ya)a Mahānāeka (See)

ମାହାଲତ—ଦେ. ବି [ବଚରଥ]—ମାହାଲ ବା ଜମିଦାରୀସମ୍ବନ୍ଧୀୟ—Relating to a Zemindary [ଯଥା—ମାହାଲତ୍ ଅନାବାଦ, ମାହାଲତ୍ ନିଜଚାଷ, ମାହାଲତ୍ ଯାଗିର] ।
Māhālat

ମାହା(ଆ)ଳି—ଦେ. ବି—କେଉଟମାନଙ୍କର ବଂଶୋପାଧି ବିଶେଷ—A family title of fishermen. [ ଦ୍ର—ସମ୍ଭବତଃ ଜାହାଜର ମାହାଳ ବା Deck ରୁ ଏ ଉପାଧି ଆସିଅଛି, ଯେଉଁମାନେ ଜାହାଜର ମାହାଳରେ କାମ କରନ୍ତି ।]
Māhā(ā)li

ମାହାଲିଆ—ପ୍ରାଦେ. ( ସମ୍ବଲପୁର ) ବିଣ—ମହାଳିଆ ( ଦେଖ ) Mahālia ( See ) ପ୍ରାଦେ. ( ସମ୍ବଲପୁର ) କ୍ରି. ବିଣ—ଅକାରଣ; ବୃଥା—In vain.
Māhālia

ମାହାଲିଆ(ୟା)—ଦେ. କ୍ରି ଓ ବିଣ—୧ । ମହାଳୟା ( ଦେଖ ) 1. Mahālayā (See) ୨ । ମହାଳିଆ ( ଦେଖ )—2. Mahālia ( See )
Māhālia(yā)

ମାହାଲିଆ ମ(ମୁ)କୁନ୍ଦ ଦେବ—ଦେ. ବି ( ନାମ )—୧ । ରାଜ୍ୟ ସ୍ୱାଧୀନତାଚ୍ୟୁତ ମୁକୁନ୍ଦଦେବ ନାମଧାରୀ ପୁରୀର ଭୂତପୂର୍ବ ରାଜା—1. Name of a nominal Rājā of Puri after he lost his independence. ୨ । ( ଲକ୍ଷଣାର୍ଥ ) ଫମ୍ପା ଅଧିକାରସୂଚକ ଉପାଧିବିଶିଷ୍ଟ ବ୍ୟକ୍ତି—2. (figurative ) A person bearing an empty title denoting greatness.
Māhālia ma(mu)kunda deba

ମାହାଶୟ—ଗ୍ରା. ବିଣ ଓ ଅ—ମହାଶୟ ( ଦେଖ )
Māhāśaya মশায় महाशय Mahāśaya ( See )

ମାହାସୁଆର—ଗ୍ରା. ବି—ମହାସୁଆର ( ଦେଖ )
Māhāsuāra Mahāsuāra ( See )

ମାହାସ୍ନା(ସ୍ରା)ଆ(ହା)ନ—ଗ୍ରା. ବି—ମହାସ୍ନାନ ( ଦେଖ )—Mahāsnāna ( See )
Māhāsnā(srā)ā(hā)na
( ମାହାସ୍ନାନ—ଅନ୍ୟରୂପ )

ମାହି—ବୈଦେ. ବି ( ଅ. ମାହ୍ )—ମାସ—Month.
Māhi মাস माह

ମାହି—ଦେ. ବି ( ନାମ )—ଦକ୍ଷିଣ ଭାରତର ମାଲବାର ଉପକୂଳରେ ଥିବା ଫ୍ରାନ୍ସ ଅଧିକୃତ ବନ୍ଦର—A seaport in the Malabar coast of India belonging to France.
Māhi মাহী मही

ମାହିଆ(ହା)—ପ୍ରାଦେ. ( ଶୂଦ୍ର ଭାଷା ) ବିଣ—ମାଇଆ; ମାଇଚିଆ (ଦେଖ)
Māhiā(hā) Māiā; māichiā ( See )

ମାହିନ—ସଂ. ବି (ମହିନ=ରାଜ୍ୟ+ଅ)—୧ । ରାଜଧାନୀ—1. Capital. ୨ । ସାମ୍ରାଜ୍ୟ—2. Empire. ୩ । ରାଜ୍ୟ—3. Kingdom.
Māhina

ମାହିନା—ଦେ. ବି ( ଅ. ମାହିୟନା )—ମାସିକ ଦରମା—Monthly salary.
Māhinā মাইনা, মাহিনা महीना, माहियाना

ମାହିର—ସଂ. ବି—ଇନ୍ଦ୍ର; ମହେନ୍ଦ୍ର; ଦେବରାଜ ( ହୃ. ଶ )—Indra; the king of gods.
Māhira

ମାହିଷ—ସଂ. ବିଣ ( ମହିଷ+ସମ୍ବନ୍ଧାର୍ଥେ. ଅ )—୧ । ମହିଷସମ୍ବନ୍ଧୀୟ—1. Relating to buffalo. ୨ । ମହିଷଠାରୁ ପ୍ରାପ୍ତ—2. Got from a buffalo. (ଯଥା—ମାହିଷ ଘୃତ, ମାହିଷ ଦଧି, ମାହିଷ ଦୁଗ୍ଧ ।)
Māhisha

ମାହିଷିକ—ସଂ. ବି. ପୁଂ ( ମହିଷୀ+ଇକ )—୧ । ଭ୍ରଷ୍ଟା ସ୍ତ୍ରୀ ପ୍ରତି ଅନୁରକ୍ତ ସ୍ୱାମୀ—1. A husband attached to a corrupted wife; cuckold. ୨ । ଉପପତ୍ତିଦ୍ୱାରା ସ୍ୱୋପାର୍ଜିତ ସ୍ତ୍ରୀଧନୋପଜୀବୀ—2. Living on the earnings of a wife's adultery.
Māhishika

ମାହିଷ୍ମତୀ—ସଂ.ବି. ସ୍ତ୍ରୀ—ରାଜା ଶିଶୁପାଳଙ୍କ ରାଜଧାନୀ; ନର୍ମଦାତୀରସ୍ଥ ନଗରୀ ବିଶେଷ (ଏହାର ବର୍ତ୍ତମାନ ନାମ ଚୂଲମହେଶ୍ୱର)—Ancient capital of king Śisupāla on the bank of the Nerbudda river.
Māhishmatī

ମାହିଷ୍ୟ—ସଂ. ବିଣ ( ମହିଷ+ସମ୍ବନ୍ଧାର୍ଥେ. ଯ )—୧ । ମହିଷସମ୍ବନ୍ଧୀୟ; ମାହିଷ—1. Relating to buffalo. ୨ । ( ମହିଷୀ+ଭାବାର୍ଥେ. ଯ ) ବର୍ଣ୍ଣସଙ୍କର ଜାତିବିଶେଷ; ବୈଶ୍ୟା ଗର୍ଭରେ କ୍ଷତ୍ରିୟ ଔରସଜାତ ଜାତିବିଶେଷ—2. A mixed caste(from a Kshatriya father and Baiśya mother ). ପ୍ରାଦେ. (ମେଦିନୀପୁର)
Māhishya

ବି—ହାଳିକ କୈବର୍ତ୍ତଜାତୀୟ ଲୋକ—A class of agriculturist Kaibarttas of Midnapur. [ ଦ୍ର—ମନୁସଂହିତାରେ ମାହିଷ୍ୟ ଜାତିର ଉଲ୍ଲେଖ ନାହିଁ । ଯାଜ୍ଞବଲ୍କ୍ୟ ଓ ସହ୍ୟାଦ୍ରିଖଣ୍ଡରେ କ୍ଷତ୍ରିୟ ପିତା ଓ ବୈଶ୍ୟା ମାତାଠାରୁ ଉତ୍ପନ୍ନ ଜାତିକୁ ମାହିଷ୍ୟ ବୋଲାଯାଇଅଛି । ଅନ୍ୟଳାସ୍ତ୍ରରେ ସୁବର୍ଣ୍ଣ ପିତା ଓ କରଣଜାତୀୟ ମାତାଠାରୁ ମାହିଷ୍ୟ ଜାତିର ଉତ୍ପତ୍ତି ହୋଇଥିବା ଲେଖାଅଛି । ପୁଣି କେଉଁଠାରେ ଲେଖାଅଛି ଯେ ବେଶ୍ୟାବୃତ୍ତିଦ୍ୱାରା ସ୍ୱାମୀର ଭରଣକାରିଣୀ ସ୍ତ୍ରୀକୁ ମହିଷୀ ବୋଲାଯାଏ ଓ ଉକ୍ତ ମହିଷୀଗର୍ଭଜାତ ପୁତ୍ର ମାହିଷ୍ୟ ଅଟେ । ବର୍ତ୍ତମାନ ବଙ୍ଗର ହାଳିକ କୈବର୍ତ୍ତମାନେ ଅପଣାକୁ ମାହିଷ୍ୟ ବୋଲି ପରିଚୟ ଦେଉଅଛନ୍ତି । ବ୍ରହ୍ମବୈବର୍ତ୍ତପୁରାଣରେ ଲେଖାଅଛି ଯେ କ୍ଷତ୍ରିୟ ପିତା ଓ ବୈଶ୍ୟା ମାତାଠାରୁ ଉତ୍ପନ୍ନ ଜାତି କୈବର୍ତ୍ତ ନାମରେ ଖ୍ୟାତ ଓ ଏମାନେ ପତିତ ଅଟନ୍ତି । ଆଜି କାଲି ହାଳିକ କୈବର୍ତ୍ତମାନେ ଜାଲିକ କୈବର୍ତ୍ତଙ୍କଠାରୁ ସମ୍ପୂର୍ଣ୍ଣ ଭିନ୍ନ ଓ ସେମାନେ କହନ୍ତି ଯେ ସେମାନେ ବିଶୁଦ୍ଧ କୈବର୍ତ୍ତ ବା ମାହିଷ୍ୟ ଅଟନ୍ତି ଏବଂ ସେମାନେ ପତିତ ବା ଧୀବର କୈବର୍ତ୍ତ ନୁହନ୍ତି । ମାହିଷ୍ୟ ଓ କୈବର୍ତ୍ତଙ୍କ ଛଡ଼ା କ୍ଷତ୍ରିୟ ପିତା ଓ ବୈଶ୍ୟା ମାତାଠାରୁ ଉତ୍ପନ୍ନ ବାଗଡିତ ବା ବାଗଦୀ, ସୂତ ଓ ମାର୍ଗବ ବା ଦାସ ଜାତି ଉତ୍ପନ୍ନ । ଅତଏବ ଶାସ୍ତ୍ର ଅନୁସାରେ ମାହିଷ୍ୟମାନଙ୍କୁ ୩ ଶ୍ରେଣୀରେ ବିଭକ୍ତ କରାଯାଇ ପାରେ; ଯଥା—୧. କ୍ଷତ୍ରିୟ—ବୈଶ୍ୟାଜାତ ଉଚ୍ଚ ଶ୍ରେଣୀର ମାହିଷ୍ୟ; ୨. କ୍ଷତ୍ରିୟ କରଣୀଜାତ ମଧ୍ୟ ଶ୍ରେଣୀର ମାହିଷ୍ୟ ଓ ୩. ବେଶ୍ୟାବୃତ୍ତିଧାରିଣୀ ମାତାଠାରୁ ଜାତ ଅଧମ ମାହିଷ୍ୟ । ବଙ୍ଗର ମାହିଷ୍ୟମାନେ ପ୍ରଥମ ଶ୍ରେଣୀର ହାଳିକ ମାହିଷ୍ୟ ବୋଲି ଅପଣାକୁ ପରିଚିତ କରନ୍ତି । କୃଷିକର୍ମ ସେମାନଙ୍କ ଜୀବିକା; ୨ୟ ଶ୍ରେଣୀର ଜାଲିକ ମାହିଷ୍ୟଙ୍କର ମାଛ ଧରିବା ଜୀବିକା । ମେଦିନୀପୁର ଜିଲ୍ଲାରେ ହାଳିକ ମାହିଷ୍ୟମାନେ ବହୁ ପୂର୍ବକାଳରୁ ରାଜତ୍ୱ କରି ଆସିଅଛନ୍ତି ଏବଂ ଏଥିଯୋଗୁଁ ରାଜକୀୟ ପ୍ରଭାବରେ ସେମାନେ ରାଜପୁତ ( କ୍ଷତ୍ରିୟ )ମାନଙ୍କ ସଙ୍ଗେ ସମ୍ବନ୍ଧ ବୈବାହିକ ସ୍ଥାପନ କରିବାକୁ ସମର୍ଥ ହୋଇଅଛନ୍ତି । ବାଲୀଦ୍ୱୀପରେ ମାହିଷ୍ୟ ଜାତି ବର୍ତ୍ତମାନ ମଧ୍ୟ ବାସ କରୁଅଛନ୍ତି ଓ ଏମାନଙ୍କ ଆଚାର ବ୍ୟବହାର କ୍ଷତ୍ରିୟଙ୍କ ପରି ଓ ବହୁ ସ୍ଥାନରେ ଏମାନେ ରାଜତ୍ୱ କରୁଅଛନ୍ତି—ନଗେନ୍ଦ୍ରନାଥ, ବଙ୍ଗଳା ବିଶ୍ୱକୋଷ, ୧ମ ସଂସ୍କରଣ ।]

ମାହୁ(ହୁଁ)ତ(ନ୍ତ)—ଦେ. ବି ( ସଂ. ମହାମାତ୍ର )—୧ । ହସ୍ତିଚାଳକ—Māhu(huñ)ta(nta) 1. The driver of an elephant. (ମାହୁନ୍ତିଆ—ଅନ୍ୟରୂପ) (ଉ—ଦଶ ଭାର ସ୍ୱର୍ଣ୍ଣର ସହସ୍ରେ ମତ୍ତହସ୍ତୀ
ମାହୁତ ମହାଭୂତ ମାହୁତମାନେ ତହିଁ ବସି ଯେ ଅଛନ୍ତି—କୃଷ୍ଣସିଂହ. ମହାଭାରତ ଆଦି ।) ୨ । ଗଜାରୋହୀ ସୈନ୍ୟ—2. A warrior carried on the back of an elephant. ୩ । କ୍ଷତ୍ରିୟଙ୍କ ବଂଶୋପାଧିବିଶେଷ—( ଜଗବନ୍ଧୁ. ପ୍ରାଚୀନ ଉତ୍କଳ )—3. A family title of the Kshatriyas.

ମାହେ—ଦେ. ଅ (କରଣାର୍ଥ)—(ଅ-ମାହ୍=ମାସ)—ଅମୁକ ମାସରେ—Māhe In the month of. [ଦ୍ର—ପତ୍ର ଓ ଦଲିଲ
ମାହେ ମାହ ଆଦିରେ ମାସର ନାମ ପୂର୍ବରେ 'ମାହେ' ଶବ୍ଦ ବ୍ୟବହୃତ ହୁଏ । ଯଥା—ମାହେ ମୀନ ୧୦ ଦିନ; ମାହେ ଚୈତ୍ର ୧° ଦିନ; ମାହେ ମାର୍ଚ୍ଚ ୨୮ ତାରିଖ—ଅର୍ଥ ମୀନ ମାସର ୧° ମ ଦିନ ଇତ୍ୟାଦି ।) ଦେ. ବି—ମାହି (ଦେଖ) Māhi (See)

ମାହେନ୍ଦ୍ର—ସଂ. ବିଣ (ମହେନ୍ଦ୍ର + ସମ୍ବନ୍ଧାର୍ଥେ. ଅ)—ଇନ୍ଦ୍ରସମ୍ବନ୍ଧୀୟ—Māhendra Relating to Indra. ସଂ. ବି.—( ମାହେନ୍ଦ୍ରୀ—ସ୍ତ୍ରୀ ) ଜ୍ୟୋତିଷୋକ୍ତ ଶୁଭଯୋଗ ବିଶେଷ—An auspicious conjunction of astrological elements. [ଦ୍ର—ଏହାର ଅନ୍ୟ ନାମ "ଇନ୍ଦ୍ର" ଯୋଗ । ଅହୋରାତ୍ରରେ ଅର୍ଥାତ୍ ଦିବାରେ ଓ ରାତ୍ରିରେ ମାହେନ୍ଦ୍ର (ଶୁଭ), ଅମୃତ (ଶୁଭ), ବଜ୍ର (ଅଶୁଭ) ଓ ଶୂନ୍ୟ (ଅଶୁଭ) ଏହି ଚାରିଗୋଟି ଯୋଗ ଭୋଗ ହୁଏ । ମାସ ଓ ବାର ଭେଦରେ ଦିବସର ଓ ରାତ୍ରିର ଭିନ୍ନ ଭିନ୍ନ ସମୟରେ ଭିନ୍ନ ଭିନ୍ନ ଯୋଗ ପଡ଼େ । ମାଘ, ଫାଲ୍ଗୁନ, ଚୈତ୍ର, ବୈଶାଖ ଓ ଶ୍ରାବଣମାସମାନଙ୍କରେ ଯୋଗମାନଙ୍କର ସ୍ଥିତି ଏକପ୍ରକାର; ଭାଦ୍ରବ, ଆଶ୍ୱିନ, କାର୍ତ୍ତିକ, ମାର୍ଗଶିର ଓ ପୌଷରେ ଏକପ୍ରକାର ଓ ଜ୍ୟେଷ୍ଠ, ଆଷାଢ଼ରେ ଏକପ୍ରକାର, ଏହିପରି ତିନିପ୍ରକାର ଘଟେ । ରାତ୍ରିରେ ଯୋଗସ୍ଥିତି ଏକପ୍ରକାର ଓ ଦିବାରେ ଏକପ୍ରକାର ହୁଏ ।

ଉଦାହରଣ ସ୍ୱରୂପ ମାଘ ମାସର ରବିବାର ଦିନରେ ଓ ରାତ୍ରିରେ ଘଟିବା ଯୋଗସ୍ଥିତି ଏଠାରେ ଦିଆଗଲା ।

ମାଘ

| | ଦିବା ଦଣ୍ଡ | | ରାତ୍ରି ଦଣ୍ଡ | |
|---|---|---|---|---|
| ରବିବାର | ମାହେନ୍ଦ୍ର | ୨ ଦଣ୍ଡ | ଶୂନ୍ୟ | ୨ ଦଣ୍ଡ |
| | ଅମୃତ | ୮ ଦଣ୍ଡ | ମାହେନ୍ଦ୍ର | ୨ ଦଣ୍ଡ |
| | ଶୂନ୍ୟ | ୮ ଦଣ୍ଡ | ଅମୃତ | ୪ ଦଣ୍ଡ |
| | ମାହେନ୍ଦ୍ର | ୨ ଦଣ୍ଡ | ବଜ୍ର | ୮ ଦଣ୍ଡ |
| | ବଜ୍ର | ୧° ଦଣ୍ଡ | ମାହେନ୍ଦ୍ର | ୮ ଦଣ୍ଡ |
| | | | ଶୂନ୍ୟ | ୬ ଦଣ୍ଡ |
| ମୋଟ | | ୩୦ ଦଣ୍ଡ | ମୋଟ | ୩° ଦଣ୍ଡ |

ମାହେନ୍ଦ୍ରଯୋଗରେ ଯାତ୍ରା କଲେ ସବୁଠାରେ ଜୟ, ବଜ୍ରଯୋଗରେ କାର୍ଯ୍ୟନାଶ, ଅମୃତଯୋଗରେ କାର୍ଯ୍ୟସିଦ୍ଧି, ଶୂନ୍ୟଯୋଗରେ ମୃତ୍ୟୁ ବା ଅପମାନ ଘଟେ ।
ଜ୍ୟୋତିଷ ମତରେ କୌଣସି କାର୍ଯ୍ୟ ପାଇଁ ସଙ୍କଳ୍ପ କରି ଯାତ୍ରା କରିବାକୁ ଶୁଭ ଦିନ ନ ମିଳିଲେ "ଶିବା ଗୌରୀ" ମତରେ ଏହି ଯୋଗସ୍ଥିତିକୁ ଗଣନା କରି ଯାତ୍ରା କରିବାକୁ ହୁଏ ।]
୨ । ବାର ଅନୁସାରେ ଭିନ୍ନ ଭିନ୍ନ ଦଣ୍ଡରେ ପଡ଼ିବା ଯୋଗବିଶେଷ, ଯହିଁରେ ଯାତ୍ରା କରିବା ଶୁଭ—

2. Another auspicious conjunction of astronomical elements. [ଦ୍ର—ଏହି ମତରେ ଯୋଗ ସଂଖ୍ୟା ୪, ଯଥା—ମାହେନ୍ଦ୍ର, ବରୁଣ, ବାୟୁ ଓ ଯମ । ମାହେନ୍ଦ୍ରଯୋଗ ଜନସୁଖାବହ, ବରୁଣ ଧନପ୍ରଦ, ବାୟୁ ଚତୁଃପ୍ରତ୍ୟାବର୍ତ୍ତନକାରୀ ଓ ଯମ ମୃତ୍ୟୁକାରକ । ଏ ୪ ଯୋଗ ସପ୍ତାହର ପ୍ରତିଦିନ ଏହି କ୍ରମରେ ପଡ଼େ ।

| ବାର | ୧ମ ଦଣ୍ଡ | ୨ୟ ଦଣ୍ଡ | ୩ୟ ଦଣ୍ଡ | ୪ର୍ଥ ଦଣ୍ଡ |
|---|---|---|---|---|
| ରବି | ବାୟୁ | ବରୁଣ | ଯମ | ମାହେନ୍ଦ୍ର |
| ସୋମ | ମାହେନ୍ଦ୍ର | ବାୟୁ | ବରୁଣ | ଯମ |
| ମଙ୍ଗଳ | ବରୁଣ | ଯମ | ମାହେନ୍ଦ୍ର | ବାୟୁ |
| ବୁଧ | ମାହେନ୍ଦ୍ର | ବାୟୁ | ବରୁଣ | ଯମ |
| ଗୁରୁ | ବାୟୁ | ବରୁଣ | ଯମ | ମାହେନ୍ଦ୍ର |
| ଶୁକ୍ର | ମାହେନ୍ଦ୍ର | ବାୟୁ | ଯମ | ବରୁଣ |
| ଶନି | ଯମ | ମାହେନ୍ଦ୍ର | ବାୟୁ | ବରୁଣ |

( ହ୍ର. ଶ )

ମାହେନ୍ଦ୍ର ଦଣ୍ଡ—ସଂ. ବି (କର୍ମଧା; ମାହେନ୍ଦ୍ର+ଦଣ୍ଡ)—ମାହେନ୍ଦ୍ର- Māhendra daṇḍa ଯୋଗଘଟିତ ସମୟ—A moment or time of Māhendra Joga.

ମାହେନ୍ଦ୍ର କ୍ଷଣ
ମାହେନ୍ଦ୍ର ମୁହୂର୍ତ୍ତ } —ଅନ୍ୟରୂପ
ମାହେନ୍ଦ୍ର ବେଳା

ମାହେନ୍ଦ୍ର ବେଳ—ଦେ. ବି—ମାହେନ୍ଦ୍ର ଦଣ୍ଡ (ଦେଖ) Māhendra bela Māhendra daṇḍa (See) মাহেন্দ্র বেলা माहेन्द्र बेला

ମାହେନ୍ଦ୍ରୀ—ସଂ. ବି. ସ୍ତ୍ରୀ (ମହେନ୍ଦ୍ର+ସ୍ତ୍ରୀ. ଈ; ମହେନ୍ଦ୍ର+ସମ୍ବନ୍ଧାର୍ଥେ. Māhendrī ଅ+ସ୍ତ୍ରୀ. ଈ)—୧ । ଇନ୍ଦ୍ରାଣୀ; ଶଚୀ—The queen of Indra; ୨ । ଗାଈ; ଗାଭୀ—2. Cow; ୩ । ପୂର୍ବଦିଗ—3. The east.

ମାହେୟ—ସଂ. ବିଣ (ମହୀ+ସମ୍ବନ୍ଧାର୍ଥେ. ଏୟ)—୧ । ମହୀ ବା ପୃଥିବୀ- Māheya ସମ୍ବନ୍ଧୀୟ—1. Earthly. ୨ । ମୃଣ୍ମୟ—(ମାହେୟୀ—ସ୍ତ୍ରୀ) 2. Earthen. ସଂ. ବି (ମହୀ+ଅପତ୍ୟାର୍ଥେ ଏୟ)—୧ । ମଙ୍ଗଳଗ୍ରହ—1. The planet Mars; ୨ । ପ୍ରବାଳ—2. Coral; ୩ । ନରକାସୁର—3. Name of a demon.

ମାହେୟୀ—ସଂ. ବି. ସ୍ତ୍ରୀ ( ମାହେୟ+ସ୍ତ୍ରୀ. ଈ )—୧ । ଗାଈ— Māheyī Cow. ୨ । ସୀତା—2. Rāmachandra's wife. ୩ । ନଦୀବିଶେଷ (ହ୍ର. ଶ.)—3. Name of a river

ମାହେଶ—ପ୍ରାଦେ (ବାଲେଶ୍ୱର) ବି—ମାହିଷ୍ୟ ଜାତି—A caste Māhesa of agriculturist fishermen in the Balasore district of Orissa.

ମାହେଶ୍ୱର—ସଂ. ବିଣ (ମହେଶ୍ୱର+ସମ୍ବନ୍ଧାର୍ଥେ. ଅ)—ମହେଶ୍ୱର ବା Māheśwara ଶିବସମ୍ବନ୍ଧୀୟ—Relating to Śiba. ସଂ. ବି. (ମାହେଶ୍ୱରୀ—ସ୍ତ୍ରୀ) ୧ । ଶିବୋପାସକ; ଶୈବ—1. A devotee of Śiba. ୨ । ସ୍ୱର ଓ ବ୍ୟଞ୍ଜନମାଳାସୂଚକ ପାଣିନିଙ୍କ ୧୪ଟି ସୂତ୍ର—2. The 14 aphorisms of Paṇini indicating the vowels and the consonants. [ଦ୍ର—ପାଣିନି ବ୍ୟାକରଣର ଏ ୧୪ଟି ସୂତ୍ର ଯଥା-ଅଇଉଣ୍, ଋଳୃକ୍, ଏଓଙ୍, ଐଔଚ୍, ହଯବରଟ୍, ଲଣ୍, ଞମଙଣନମ୍, ଝଭଞ୍, ଘଢଧଷ୍, ଜବଗଡଦଶ୍, ଖଫଛଠଥଚଟତଵ୍, କପୟ୍, ଶଷସର୍, ହଲ୍ । ଏ ସୂତ୍ରମାନ ଶିବଙ୍କ ତାଣ୍ଡବନୃତ୍ୟ ସମୟରେ ତାଙ୍କ ଡମ୍ବରୁରୁ ବାହାରିଥିବା କଥିତ (ହ୍ର. ଶ.) ୩ । ଅସ୍ତ୍ରବିଶେଷ ମାହେଶ୍ୱରାସ୍ତ୍ର—3. A weapon peculiar to Śiba.

ମାହେଶ୍ୱରୀ—ସଂ. ବି. ସ୍ତ୍ରୀ ( ମହେଶ୍ୱର+ଅ+ ଈ )—୧ । ଦୁର୍ଗା Māheśwarī 1. Durgā. ୨ । ମାତୃକାଦେବୀବିଶେଷ—2. One of the Mother-Goddesses of the Hindus. ୩ । ଯବତିକ୍ତା ନାମକ ଗୁଳ୍ମ; ଭୂନିମ୍ବ; ଭୂନିମ୍ବ 3. Name of a plant; Andrograpis Paniculata. ସଂ. ବିଣ. ସ୍ତ୍ରୀ—ମାହେଶ୍ୱରର ସ୍ତ୍ରୀଲିଙ୍ଗ—Feminine of Māheśwara.

ମାହ୍ନା—ପ୍ରାଦେ (ସମ୍ବଲପୁର, ଉତ୍ତରକଳବ୍ୟବହୃତ) ବି—ପୋଢ଼ (ଦେଖ) Māhna Porḍha (See)

ମାହ୍ୟା—ଗ୍ରା. ବିଣ. ପୁଂ—ମାଇଚିଆ—Effeminate. Māhyā মেয়েলি मोगिया (ମାହୁଆ—ଅନ୍ୟରୂପ)

ମାହ୍ଲା—ପ୍ରାଦେ (ମେଦିନୀପୁର) ବି. (ଭୁଲ ବି. ମାଲ୍ଲ)—ନଡିଆ ସଢେଇ Māhlā —The hard circular rind of a cocoanut; cocoanut-shell.

ମାହ୍ଲୁଆ—ପ୍ରାଦେ ( ବାଲେଶ୍ୱର ) ବି—ଶାଳଅପତଙ୍ଗ; ବିରାଡ଼ିଠାରୁ Māhluā ଟିକିଏ ବଡ଼ ଏକପ୍ରକାର ନିଶାଚର ଜନ୍ତୁ—ଭାମ A kind of night-roaming animal, मुशक विलाव a little bigger than the cat; the civet cat.

ମାହ୍ଲୁଆ ମାରିବା—ପ୍ରାଦେ ( ବାଲେଶ୍ୱର ) କ୍ରି—୧ । ଅନ୍ୟଙ୍କୁ ବଞ୍ଚିତ Māhluā māribā କରି ଅପ୍ରତ୍ୟାଶିତ ଭାବରେ କୌଣସି ବସ୍ତୁ ନିଜେ ଉପଭୋଗ କରିବା—1. To baulk some one of something for one's own enjoyment. ୨ । ଛୁଆଣି ବେଳେ ଘରର କୌଣସି ନୁଆଁଣିଆଁ ଅଂଶକୁ ବାଉଁଶ ବା ବତା ବାନ୍ଧି ଅନ୍ୟ ଅଂଶ ସଙ୍ଗେ ସମତଳ କରିଦେବା—2. To level up the low part of the thatch by means of raising the same up by means of whole or cleft bambooms.

ମି ( ଧାତୁ )—୧ । ତ୍ୟାଗ କରିବା—1. To cast. ୨ । କ୍ଷେପଣ Mi ( root ) କରିବା—2. To throw. ୩ । ବିଞ୍ଚିଦେବା—3. To scatter.

ମି—ପ୍ରାଦେ ( ସମ୍ବଲପୁର, ବାଲେଶ୍ୱର, ଯାଜପୁର, ଗଡ଼ଜାତ ) କ୍ରିୟାର Mi ଭବିଷ୍ୟତ—ଭବିଷ୍ୟତ୍ କାଳ ପ୍ରଥମ ପୁରୁଷ ଏକ ବଚନ କ୍ରିୟାରେ ବ୍ୟବହୃତ ଅବ୍ୟୟ (ଯଥା—ସଂ.ଅହଂ ଯାମି=ମୁଁ ଯିମି=ମୁଁ ଯିବ )—A verb-particle denoting future tense in the first person singular number. [ଦ୍ର—ଓଡ଼ିଆରେ ଅନ୍ୟାନ୍ୟ ପାଣ, କରିବ,

ବାଦ୍‌ଶା ଆଦି ଶ୍ରେଷ୍ଠ ଲୋକମାନେ ମଧ୍ୟ ଯିମି, ଯାଇମି ଆଦି
मिः ବ୍ୟବହାର କରନ୍ତି । ] ଦେ. ବଣ (ସାଙ୍କେତିକ. ରୂ°.)
मिं —ମିଷ୍ଟର୍ (ବା . ଶ୍ରୀଯୁକ୍ତ) ଶବ୍ଦର ସଂକ୍ଷିପ୍ତ ଆକାର—
Abbreviation for Mister; Mr.

ମିଅଁ(ୟାଁ, ଞା)—ବୈଦେ. ବି. ପୁଂ (ପା)—୧। ମୁସଲମାନମାନଙ୍କର
Miañ(yāñ,ñā) ସମ୍ମାନାର୍ଥକ ଉପାଧି ବିଶେଷ—1. A title
মিঞাঁ of respect applied to Mahomedans.
मियाँ ୨। ମୁସଲମାନ୍ ବାଦସାହାଙ୍କ ଦରବାରରେ ମର୍ଯ୍ୟାଦାନ୍ୱିତ
[ମିଅଁ(ୟାଁ)ଣୀ—ସ୍ତ୍ରୀ] ବ୍ୟକ୍ତିଙ୍କ ଉପାଧି—2. A title of
honoured persons in the courts of
Mahomedan emperors. ୩। ମୁସଲମାନ୍
—3. Mahomedan.

ମିଅଁଉଁ—ଦେ· ବି ଓ ଅ (ଧ୍ୱନ୍ୟନୁକରଣ)—ବିରାଡ଼ିଙ୍କ ଧ୍ୱନି—The
Miañuñ mewing sound of a cat.
(ମିଅଁଉଁ ମିଅଁଉଁ, ମ୍ୟାଉଁ, ମ୍ୟାଉଁ ମ୍ୟାଉଁ—ଅନ୍ୟରୂପ)
ম্যাউ मियाउँ; मयाँव

ମିଅଁ(ୟାଁ, ଞା) ଜୀ—ବୈଦେ· ବି ଓ ଅ (ପା)—୧। ମୁସଲମାନଙ୍କ ପ୍ରତି
Miañ(yāñ; ñā) ji ସମ୍ମାନ ବା ସ୍ନେହ ସମ୍ବୋଧନ (=
[ମିଅଁ(ୟାଁ, ଞା)ସାହୁ(ହେ)ବ—ଅନ୍ୟରୂପ] ମହାଶୟ)—
মিঞাজী Affectionate address to a Mahomedans.
मियाँजी ୨। ମୁସଲମାନୀ ପ୍ରାଥମିକ ପାଠଶାଳାର ଶିକ୍ଷକ—
2. The teacher of a primary Mahomedan school.

ମିଅଁ(ୟାଁ, ଞା)ଜୀ ଟ୍ରେନିଙ୍ଗ୍ ସ୍କୁଲ୍—ବୈଦେ. ବି—ମକ୍ତବ୍ ବା ମୁସଲମାନୀ
Miañ(yāñ; ñā)ji trening skul ପ୍ରାଥମିକ ବିଦ୍ୟାଳୟ
ପାଇଁ ଶିକ୍ଷକମାନେ ଯେଉଁ ବିଦ୍ୟାଳୟରେ ତାଲିମ୍ ହୁଅନ୍ତି—
A training school for primary teachers for Mahomedan schools. [ ଦ୍ର—ଓଡ଼ିଆ ପ୍ରାଥମିକ ବିଦ୍ୟାଳୟର ଓଡ଼ିଆ ଶିକ୍ଷକଙ୍କୁ ଗୁରୁ ବୋଲାଯାଏ ଓ ଉଚ୍ଚ ଶ୍ରେଣୀୟ ବିଦ୍ୟାଳୟର ଓଡ଼ିଆ ଶିକ୍ଷକଙ୍କୁ ପଣ୍ଡିତ ବୋଲାଯାଏ । ମୁସଲମାନୀ ପ୍ରାଥମିକ ବିଦ୍ୟାଳୟ (ମକ୍ତବ୍)ର ଶିକ୍ଷକଙ୍କୁ ମିଅଁଜୀ ଓ ଉଚ୍ଚଶ୍ରେଣୀୟ (ମଦ୍ରାସା)ର ଶିକ୍ଷକଙ୍କୁ ମୌଲବୀ ବୋଲାଯାଏ । ଏହି ଦୁଇ ଶ୍ରେଣୀର ମୁସଲମାନ୍ ଶିକ୍ଷକମାନଙ୍କୁ ଯେଉଁ ବିଦ୍ୟାଳୟରେ ତାଲିମ କରାଯାଏ ତାହା ଯଥାକ୍ରମେ ମିଅଁଜୀ ଟ୍ରେନିଙ୍ଗ୍ ସ୍କୁଲ ଓ ମୌଲବୀ ଟ୍ରେନିଙ୍ଗ୍ ସ୍କୁଲ୍ ନାମରେ ବିଦିତ । ]

ମିଆଦ(ଦି;ଦୀ)—ବୈଦେ. ବି (କଚେରୀ) (ଆ. ମିଆଦ୍)—୧। କୌଣସି
Miāda(di; dī) କାର୍ଯ୍ୟ ସମ୍ପାଦନ ବା ଋଣପରିଶୋଧ ପାଇଁ ନିର୍ଦ୍ଧାରିତ
মি(মে)য়াদ ସମୟ—1. Time stipulated for the per-
मिआद formance of some act or repayment of a loan. [ ଉ—ମିଆଦ ଟାଳିଲା ପିଅଦା ପରିଏ ମାର ଦିଲେଅସୁରାଳ । କବିସୂର୍ଯ୍ୟ.ବଳୀତ ।] ୨। କୌଣସି କାର୍ଯ୍ୟ ସମାଧାନ ପାଇଁ ନିର୍ଦ୍ଧାରିତ ସମୟର ଶେଷ ସୀମା-3. Time limit; limitation of the time stipulated for an act. [ ଦ୍ର—ଭିନ୍ନ ଭିନ୍ନ ଶ୍ରେଣୀର ତମସୁକ, ଚୁକ୍ତିପତ୍ର, ଅସ୍ଥାବର ସମ୍ପତ୍ତି ସମ୍ବନ୍ଧରେ ସତ୍ତ୍ୱପ୍ରକରଣ ଇତ୍ୟାଦି ଭିନ୍ନ ଭିନ୍ନ ପ୍ରକାରର ଦାବି ସମ୍ବନ୍ଧରେ 'ତମାଦି'ର ସମୟ ଆଇନ୍ ଅନୁସାରେ ଭିନ୍ନ ଭିନ୍ନ ଅଟେ । ଏହି ଭିନ୍ନ ଭିନ୍ନ 'ତମାଦି' କାଳମାନ ତମାଦି ଆଇନ୍ ବା Limitation Act ରେ ଲିପିବଦ୍ଧ ହୋଇଅଛି । ] ୩। କାରାବନ୍ଦନ—3. Imprisonment. [ ଉ—ପଶ୍ଚାତ୍ ଶୁଣାଗଲା ମାଝୀ ଖଲାସିମାନେ ଚାରି ଚାରି ବର୍ଷ ମିଆଦ ଗଲେ । ଫକୀରମୋହନ. ଗଳ୍ପସ୍ୱଳ୍ପ । ] ୪। କାରା ବନ୍ଦନର ସମୟ—4. Period of imprisonment. ୫। କାରାଦଣ୍ଡାଦେଶ—5. Sentence of imprisonment.

ମିଆଦ(ଦି) କରିବା—ଦେ. କ୍ରି (କଚେରୀ)—କୌଣସି କାର୍ଯ୍ୟ ସମାଧା
Miāda(di) karibā ହେବାର ସମୟ ନିର୍ଦ୍ଧାରଣ କରିବା-To fix
মে(মি)য়াদ করা a period for the performance of
मिआद करना an act or obligation.

ମିଆଦ(ଦି) ଖ(କା)ଟିବା—ଦେ. କ୍ରି (କଚେରୀ)—କାରାଦଣ୍ଡ ଭୋଗ
Miāda(di) kha(kā)tibā କରିବା—To undergo a
মেয়াদ খাটা term of imprisonment (said of a
मियाद काटना convict).

ମିଆଦ(ଦି) ଗଡ଼ିବା—ଦେ. କ୍ରି (କଚେରୀ)—କୌଣସି କାର୍ଯ୍ୟ ସମ୍ପନ୍ନ ନ
Miāda(di) gaṛibā କରି ନିର୍ଦ୍ଦିଷ୍ଟ ସମୟ ଅତିକ୍ରାନ୍ତ ହେବା—
মেয়াদ গত হওয়া The putting off of the perform-
मिआद गुजरना ance of an act beyond the time stipulated.
[ମିଆଦ(ଦି)ଗତ ହେବା, ମିଆଦ(ଦି) ପୂରିଯିବା, ମିଆଦ(ଦି) ବିତିଯିବା, ମିଆଦ(ଦି) ଅତୀତ ହେବା—ଅନ୍ୟରୂପ] [ମିଆଦ(ଦି) ଗଡ଼ାଇବା(ଗତ କରିବା, ବିତା(ତେ)ଇବା)—କ୍ରିୟା]

ମିଆଦ(ଦି) ଗତେ—ଦେ. କ୍ରି. ବିଣ (କଚେରୀ)—ନିର୍ଦ୍ଧାରିତ ସମୟ
Miāda(di) gate ଅତିକ୍ରାନ୍ତ ହେବା ପରେ--On the expiry
মেয়াদ গতে of the periodof limitation prescribed
मिआद बीतने पर for an act.

ମିଆଦ(ଦି) ଦେବା—ଦେ. କ୍ରି (କଚେରୀ)—୧। କୌଣସି କାର୍ଯ୍ୟ ସମା-
Miāda(di) debā ଧାନ ପାଇଁ ସମୟର ସୀମା ନିର୍ଦ୍ଧାରଣ କରିବା—
মি(মে)য়াদ দেওয়া 1. To fix a time-limit for the
मिआद देना, मिआद बोलना performance of an act.
୨। କୌଣସି ଆସାମୀକୁ କାରାଦଣ୍ଡ ଆଦେଶ କରିବା—2. To sentence an accused to imprisonment.

ମିଆଦ(ଦି) ପାଇବା—ଦେ. କ୍ରି (କଚେରୀ)—କାରାଦଣ୍ଡ ଭୋଗ କରିବା
Miāda(di) pāibā ପାଇଁ ଆଦିଷ୍ଟ ହେବା—To be sen-
মেয়াদ পাওয়া मयाद पाना tenced to a term of imprisonment.

ମିଆଦ(ଦି) ପୂରିବା—ଦେ. କ୍ରି (କଚେରୀ)—ମିଆଦ କାଳର ଶେଷ ସୀମା
Miāda(di) pūribā ଉପସ୍ଥିତ ହେବା ବା ପୂର୍ଣ୍ଣ ହେବା—The
মেয়াদ পূরা expiry of the period of limitation.
मिआद पूरा होना

ମିଆଦ(ଦି) ମାଗିବା(ଚାହିଁବା)—ଦେ. କ୍ରି (ଜଡ଼ରଥ)—କୌଣସି କାର୍ଯ୍ୟ
Miāda(di) māgibā(Chahibā) କରିବା ପାଇଁ ସମୟ ପ୍ରାର୍ଥନା
মেয়াদ চাওয়া କରିବା; ମହଲତ ଚାହିଁବା—To pray for
**ম্যাদ চাহনা** time for performing an act.

ମିଆଦ(ଦି) ଯିବା—ଦେ. କ୍ରି (ଜଡ଼ରଥ)—ମିଆଦ ପାଇବା; କାରାଦଣ୍ଡ
Miāda(di) jibā ଆଦେଶ ପାଇବା—To be sentenced to
মেয়াদ যাওয়া a term of imprisonment. ଦେ.ବି—
**मयाद जाना, मयाद बीतना** ମିଆଦ ଗଡ଼ିବା (ଦେଖ)—2. Miāda gardibā ( See )

ମିଆଦି—ବୈଦେ. ବଣ. (ଜଡ଼ରଥ) (ଅ)—୧ । ମିଆଦଘଟିତ—
Miādi 1, Relating to limitation. ୨ । ଯହିଁରେ କାଳ
মেয়াদী ନିର୍ଦ୍ଦିଷ୍ଟ ଥାଏ—2. Prescribed; having a time-
**मिआदी** limit. ୩ । କାରାଦଣ୍ଡରେ ଦଣ୍ଡିତ—3. Sentenced to imprisonment. ବୈଦେ.ବି (ଜଡ଼ରଥ)—
মেয়াদী ପକ୍ଷମାନଙ୍କୁ ତଲବ କରିବା ପାଇଁ ବା ଜଣାଇବା ପାଇଁ
**कोर्टफिस** ଅଦାଲତଙ୍କ ପ୍ରେରିତ ନୋଟିସ ଜାରି କରିବାକୁ ନିଯୁକ୍ତ ପିଆଦା ଆଦିଙ୍କ ପାଇଁ ପକ୍ଷଙ୍କ ଦେବା ଖରଚ—Process fees.
[ଦ୍ର—ଏହା ନଗଦ ଦିଆ ନ ଯାଇ କୋର୍ଟଫିସ୍ ରୂପେ ଦାଖଲ ହୁଏ ।]

ମିଆଦି ଜମା—ବୈଦେ.ବି (ଜଡ଼ରଥ)(ଫା)—ଯେଉଁ ଜମାର ବା ଖଜଣାର
Miādi jamā ପରିମାଣ ନିର୍ଦ୍ଦିଷ୍ଟ କାଳପାଇଁ ଧାର୍ଯ୍ୟ ହୋଇଥାଏ—
মেয়াদী জমা A rent which is fixed for a stipulated period.
**मिआदी जमा**

ମିଆଦି ମକଦ(ଦ୍ଦ)ମୀ—ବୈଦେ.ବି (ଜଡ଼ରଥ)(ଅ.ଓ ଫା.)—୧ । ଯେଉଁ
Miādi makad(dda)mī ମକଦମୀ ପାଇଁ ଜମିଦାରଙ୍କୁ ଆଦାୟ
মেয়াদি মকদ্দমী ଦିଆଯିବା ରାଜସ୍ୱ ନିର୍ଦ୍ଦିଷ୍ଟ କାଳ ସକାଶେ ଧାର୍ଯ୍ୟ ହୋଇ
**मिआदी मुकद्दमी** ଥାଏ—1. An under-tenure for which the rent is fixed for a certain period.
୨ । ଯେଉଁ ମକଦମୀର ପ୍ରଜାଙ୍କଠାରୁ ଖଜଣା ଆଦାୟ କରିବା ପାଇଁ ଜମିଦାର ନିର୍ଦ୍ଦିଷ୍ଟ କାଳ ସକାଶେ ମକଦମା ନିଯୁକ୍ତ କରନ୍ତି—2. An under-tenure which is terminable on the expiry of a stipulated period. [ଦ୍ର—ଏହିପରି ମିଆଦି ସରବରାକାରୀ, ମିଆଦି ସିକିମ-ଜମିଦାରୀ ଆଦି ଶବ୍ଦ ହୁଏ ।]

ମିଆଦି ହୁଣ୍ଡି—ଦେ.ବି (ମହାଜନୀ ସିରସ୍ତା)—ଯେଉଁ ହୁଣ୍ଡିରେ ଟଙ୍କା ଦେବା
Miādi huṇḍi ପାଇଁ ଅଦୃଷ୍ଟ ବ୍ୟକ୍ତିର ଦେଖିବାର ନିର୍ଦ୍ଦିଷ୍ଟ ମିଆଦ
মেয়াদী হুণ্ডী (ଯଥା—୩୧ ଦିନ, ୬୧ ଦିନ, ୯୧ ଦିନ) ପରେ
**मिआदी हुंडी** ବରିଦ ଟଙ୍କା ଦେବାପାଇଁ ନିର୍ଦ୍ଦିଷ୍ଟ ହୋଇ ଥାଏ—A bill of exchange payable some fixed days after sight. (ହୁଣ୍ଡି ତଳେ ନୋଟ୍ ଦେଖ)।

ମିଆନ୍—ବୈଦେ.ବି. (ଫା. ମିୟାନ୍)—୧ । ତରବାରି ଅଦର ଖୋଳ—
Miān 1, Sheath of a sword. ୨ । ଛୁରି—
**म्यान** 2, Knife. ୩ । ଖେଣ୍ଡା—3, Dagger.

ମିଆନା—ଦେ. ବି. (ଫା. ମିୟାନା)—ମେହେଣା; ତାମଜାନ; ଅଗରେ
Miānā ଓ ପଛରେ ଲୋକେ ବୋହିବା ପାଇଁ ବାହୁଙ୍ଗ ଲାଗି-
তামজান ଥିବା ଏକ ପ୍ରକାର ଚଉଦୋଳ—A sedan chair.
**तामझाम, मियाना**

ମିଉଜିଅମ—ଦେ. ବି. (ଇଂ. ମିଉଜିଅମ୍)—ଯାଦୁ ଘର; ଯେଉଁ ଗୃହରେ
Miujiam ପ୍ରାଚୀନ ଓ ଦ୍ରଷ୍ଟବ୍ୟ ପଦାର୍ଥମାନ ସଂରକ୍ଷିତ ହୋଇ
মিউজিঅম্ **मुज़ियम** ଥାଏ—Museum.
(ମ୍ୟୁଜିଅମ—ଅନ୍ୟରୂପ)

ମିଉଜିକ୍—ଦେ. ବି. ( ଇଂ. ମ୍ୟୁଜିକ୍ )—ଗୀତବାଦ୍ୟାଦି—
Miujik Music.
মিউজিক্ **मुज़िक** (ମ୍ୟୁଜିକ୍—ଅନ୍ୟରୂପ)

ମିଉଜିକ୍ କ୍ଲାସ୍—ବୈଦେ. ବି. (ଇଂ.)—ଯେଉଁ ଶ୍ରେଣୀରେ ଶିକ୍ଷାର୍ଥୀମାନଙ୍କୁ
Miujik klās ଗୀତବାଦ୍ୟାଦି ଶିକ୍ଷା ଦିଆଯାଏ—
মিউজিক্ ক্লাস **मुज़िक किलास** Music class.

ମିଉଜିକ୍ ବାକସ—ବୈଦେ ବି. ( ଇଂ. ମ୍ୟୁଜିକ୍ ବକ୍ସ )—ଯେଉଁ
Miujik bākasa ବାକ୍ସରେ ଥିବା ଯନ୍ତ୍ରରେ ଚାବି ଦେଲେ ବାଦ୍ୟ
(ମିଉଜିକାଲ୍ ବାକସ—ଅନ୍ୟରୂପ) ଓ ସ୍ୱର ଆଦି ବାହାରେ—
মিউজিক বাক্স **मुज़िक बकस** Music box.
(ମ୍ୟୁଜିକ୍ ବାକସ୍—ଅନ୍ୟରୂପ)

ମିଉଜିକ୍ ମାଷ୍ଟର—ଦେ. ବି. (ଇଂ. ମ୍ୟୁଜିକ୍ ମାଷ୍ଟର)—ସଙ୍ଗୀତାଚାର୍ଯ୍ୟ;
Miujik māshṭar ଗୀତବାଦ୍ୟ-ଶିକ୍ଷକ—Music master.
মিউজিক মাষ্টার **मुज़िक मेष्टर** (ମ୍ୟୁଜିକ୍ ଟିଚର—ଅନ୍ୟରୂପ)

ମିଉଟିନି—ବୈଦେ.ବି (ଇଂ.ମ୍ୟୁଟିନି)—ପ୍ରତିଷ୍ଠିତ ସରକାରଙ୍କ ବିପକ୍ଷରେ
Miuṭini ବିଦ୍ରୋହ, ବିଶେଷତଃ ସୈନ୍ୟମାନଙ୍କର ବିଦ୍ରୋହ—
মিউটিনী **मुयटिनी** Mutiny.

ମିଉନିସିପ(ପା)ଲ୍—ବୈଦେ. ବଣ (ଇଂ)—ମିଉନିସିପାଲିଟି ସମ୍ବନ୍ଧୀୟ-
Miunisipa(pā)l মিউনিসপাল Municipal.
**मुनिसिपाल** ବି. ମିଉନିସିପାଲିଟି—Municipality.

ମିଉନିସିପ(ପା)ଲ୍ କମିସନର୍—ବୈଦେ. ବି—(ଇଂ. ମ୍ୟୁନିସିପାଲ୍
Miunisipa(pā)l kamisanar କମିସନର୍)—ମିଉନିସି-
মিউনিসপাল কমিস্নর ପାଲିଟି ସଭାର ସଦସ୍ୟ—Municipal
**म्युनिसिपैल कमिसनर** commissioner.
(ମିଉନିସିପାଲ୍ କମିସ୍ନର—ଅନ୍ୟରୂପ)

ମିଉନିସିପ(ପା)ଲ୍ ଚେଆରମାନ୍—ବୈଦେ.ବି (ଇଂ)—ମିଉନିସିପାଲିଟିର
Miunisipa(pāl) cheārmān ସଦସ୍ୟମାନଙ୍କ ନିର୍ବାଚିତ କାର୍ଯ୍ୟ-
মিউনিসপাল চেয়ারম্যান্ ନିର୍ବାହକ ସଭାପତି—Municipal
**म्युनिसिपैल चेरमेन** Chairman; the Chairman of a
(ମ୍ୟୁନିସିପାଲ୍ ଚେର୍ମେନ୍—ଗ୍ରାମ୍ୟରୂପ) Municipality.

ମିଉନିସିପାଲ୍ ପ୍ରେସିଡେଣ୍ଟ—ବୈଦେ. ବି—(ଇଂ) ମିଉନିସିପାଲିଟିର
Miunisipāl president କର୍ମର ଅଲୋଚନା ପାଇଁ ସମୟ
মিউনিসিপাল প্রেসিডেন্ট ସମୟରେ ହେଉଥିବା କମିସନରମାନଙ୍କ
**म्युनिसिपैल प्रेसिडेण्ट** ବୈଠକରେ ସଭାପତିକର୍ମ ନିର୍ବାହ କରିବାକୁ ନିର୍ବାଚିତ ବ୍ୟକ୍ତି—The President of a Municipality. [ ଦ୍ର—ମିଉନିସିପାଲିଟିର କମିସ୍ନର୍

ମାନେ ମିଉନିସିପାଲିଟିର ଦୈନନ୍ଦିନ କର୍ମ ଚଳାଇବା ପାଇଁ ଆପଣା ମଧ୍ୟରୁ ଜଣଙ୍କୁ ଚେଆରମାନ୍ ନିର୍ବାଚନ କରନ୍ତି, ତାଙ୍କୁ ମିଉନିସିପାଲ୍ ଚେଆରମାନ୍ କୋହାଯାଏ । ମିଉନିସିପାଲିଟିର ବିଷୟ ଆଲୋଚନା ପାଇଁ ମଝିରେ ମଝିରେ ଯେଉଁ ବୈଠକମାନ ହୁଏ ତହିଁର କର୍ମ ପରିଚାଳନ କରିବା ପାଇଁ ମିଉନିସିପାଲ୍ କମିସନର୍ମାନେ ଯେଉଁ ବ୍ୟକ୍ତିଙ୍କୁ ନିର୍ବାଚନ କରନ୍ତି ତାଙ୍କୁ ମ୍ୟୁନିସିପାଲ୍ ପ୍ରେସିଡେଣ୍ଟ୍ କୋହାଯାଏ ।]

ମିଉନିସିପାଲ୍ ବୋଡ଼(ର୍ଡ)—ବୈଦେ. ବି—(ଇଂ) ମିଉନିସିପାଲିଟିର Miunisipāl bord(rd) କମିସନରମାନଙ୍କ ସଂଘ—Municipal board. ମিউনিসিপাল বোড় **म्युनिसिपैल बोर्ड**

ମିଉନିସିପାଲ୍ ଭାଇସ୍‌ଚେଆରମାନ୍—ବୈଦେ. ବି—(ଇଂ) ମିଉନିସି- Miunisipāl bhāis-cheār-mān ପାଲ୍ ଚେଆରମାନ୍‌ଙ୍କ କାର୍ଯ୍ୟ ମিউনিসিপাল ভাইস্‌চেয়ারম্যান্ ପରିଚାଳନାରେ ସାହାଯ୍ୟ କରିବା- **म्युनिसिपैल वाइसचेरमेन** ନିମିତ୍ତ ନିର୍ବାଚିତ ସହକାରୀ କାର୍ଯ୍ୟ ନିର୍ବାହକ — Municipal Vice-chairman; the Vice-chairman of a Municipality.

ମିଉନିସିପାଲିଟି—ବୈଦେ. ବି (ଇଂ. ମ୍ୟୁନିସିପାଲିଟି)—ନଗରର ସ୍ୱାସ୍ଥ୍ୟ, Miunisipāliṭi ଶିକ୍ଷାଦି ପରିଚାଳନାର୍ଥ ନାଗରିକମାନଙ୍କ ସ୍ୱାୟତ୍ତ ମিউনিসিপালিটি ଶାସକ ସଭା—Municipality. **म्युनिसिपैलिटि** [ମିନିସ୍(ସି) ପାଲ(ଲି)ଟି—ଅନ୍ୟରୂପ]

ମିଃ—ଦେ. ବି.—(ଇଂ. ମିଷ୍ଟର୍ ଶବ୍ଦର ସାଙ୍କେତିକ)—ମିଷ୍ଟର୍ (ଦେଖ) Mih̤ মিঃ **मिं** Mishṭar (see)

ମିଁ—ଦେ. ଅ (ଧ୍ୱନ୍ୟନୁକରଣ)—ଛେଳିଛୁଆଙ୍କର ଓ ଅତି ଦୁର୍ବଳ ଜୀବଙ୍କର Miñ କ୍ଷୀଣ ଧ୍ୱନି—(onomatopoeic) Feeble bleating of (ମିଁ ମିଁ, ମିଇଁ ମିଇଁ—ଅନ୍ୟରୂପ) kids or feeble sound of ম্যাঁ ম্যাঁ **में में** weaklings.

ମିଁଆଁ—ଦେ. ବି.—ମିଆଁ (ଦେଖ) Miñāñ Miañ (see)

ମିଁଆଁଉଁ—ଦେ. ବି—ମିଆଁଉଁ (ଦେଖ,— Miñañuñ Miañuñ (see).

ମିଁମିଁଆଁ—ଦେ. ବିଣ—୧ । ମିଁ ମିଁ କ୍ଷୀଣଶବ୍ଦ କରୁଥିବା-1. Makinga Miñmiñañ feeble bleating sound. ୨ । ଅତି କ୍ଷୀଣ (ମିଇଁମିଇଁଆଁ, ମିଇଁମିଇଁ—ଅନ୍ୟରୂପ) ଓ ଦୁର୍ବଳ—2. Very **मिंमिंआ** weak and emaciated. ଦେ. ବି.—ଛେଳିଙ୍କୁ ଆକ୍ରମଣ କରିବା ରୋଗ ବିଶେଷ—A peculiar disease attacking goats.

ମିଁମିଁକା—ଗ୍ରା. କ୍ରି. ବିଣ—ଅବ୍ୟକ୍ତ ଓ କ୍ଷୀଣ ମିଁ ମିଁ ଧ୍ୱନି ଉଚ୍ଚାରଣ Miñmiñkā ପୂର୍ବକ—Uttering a feeble bleating (ମିଇଁମିଇଁକା—ଅନ୍ୟରୂପ) sound. ବିଣ.—ମିଁ ମିଁ ଶବ୍ଦକାରୀ- Bleating. [ଉ—'ମିଁମିଁକା ମାଣିକ ରଜା, ଶିବ ଉଠନ୍ତି ଗୋଜା ଗୋଜା, ଏକ ଦିନକେ ମଶିଷ ମାରେ, ବ ଦିନରେ ପଡ଼ନ୍ତି ଚାଡ଼େ'—ପଲ୍ଲୀ ମୂଷା କାହାଣୀର ଗୀତ ।]

ମିଁମିଁ ହେବା—ଦେ. କ୍ରି—୧ । ଅତି ଦୁର୍ବଳ ଓ କ୍ଷୀଣ ହୋଇ କ୍ଷୀଣ ଧ୍ୱନି Miñmiñ hebā କରିବା—1. To make a feeble মিঁমিঁ করা bleating sound (said of emaciated and weak animals). **मिमियाना** ୨ । ଅତି ଦୁର୍ବଳ ଓ କ୍ଷୀଣ ହେବା—2. To be lean and emaciated. ୩ । (ଛେଳିଛୁଆ) ବୋବାଇବା—3. To bleat (said of kids).

ମିକା(କେ)ଡ଼ୋ—ବୈଦେ. ବି. (ଜାପାନୀ)—ଜାପାନ ରାଜ୍ୟର ସମ୍ରାଟଙ୍କ Mikā(ke)ḍo ଉପାଧି—Mikado; the title of the মিকাড়ো **मिकेडो** Emperor of Japan.

ମିଖି(କ୍ଖି)ଚ୍ଛୋଡ଼୍(ସ୍)—ପ୍ରାଦେ. (ପୁରୀ ସଦର) ବିଣ—ମକ୍ଷିଚୋଷ୍; କୃପଣ- Mikhi(kkhi)chhord(s) Miserly; niggardly

ମିଚିଡ଼୍(ଡ଼ି)—ପ୍ରାଦେ. (ଗଡ଼ଜାତ) ବି—୧ । ପୋଇଶାଗର ଫଳଯୁକ୍ତ Michird(rdi) ଡାଙ୍ଗ—The slender stem of the পুই মৌচড়ি **पोईफल** Basella plant with plum ୨ । ପୋଇ ଲତାର ଫଳ—2. The berries of the Poi creeper.

ମିଚ୍ଛେ—ପ୍ରାଦେ. (ସମ୍ବଲପୁର) ବିଣ—ଅତି ସୂକ୍ଷ୍ମ—Very fine. Micho (ଉ—ଅଖିର ବାଲ୍ ବାଗିର ମିଚ୍ଛେ ।) মিহী **झीना**

ମିଛ—ଦେ. ବି.—(ସଂ. ମିଥ୍ୟା; ପ୍ରା. ମିଚ୍ଛା)—୧ । ଅନୃତ; ଅସତ୍ୟ; Michha ମିଥ୍ୟା କଥା—Lie; falsehood. ୨ । ଅବାସ୍ତବ ବିଷୟ—2. Unreal thing or matter. [ଉ— ସେ ବୃକ୍ଷମୂଳେ ଥିବା ମିଛ । ପଥ ଭୁଲିବାଟି ପ୍ରତ୍ୟକ୍ଷ । মিছা **झूंठ, मिथ्या** [ସତ—ବିପରୀତ] ଉପେ. ପ୍ରେମସୁଧାନିଧି ।] ଦେ. ବିଣ—୧ । ଅସତ୍ୟ—1. False. ୨ । ଲୋକଙ୍କ ଦେଖାଇବା ପାଇଁ କରାଯିବା; ବାହ୍ୟ—2. Outward; affected. ୩ । ଅବାସ୍ତବ—3. Unreal. ୪ । ଅମୂଳକ; ବୃଥା—4. Vain; groundless; baseless. ୫ । ନିଷ୍ଫଳ—5. Fruitless.

ମିଛ କଥା—ଦେ. ବି. (ସଂ. ମିଥ୍ୟା + କଥା)—୧ । ଅସତ୍ୟ ବାକ୍ୟ— Michha kathā 1. Untrue words; falsehood মিছা (ছে)কথা **झूठी बात; मिथ्या कथा** ୨ । ଅବାସ୍ତବ ବିଷୟ- 2. Unreal thing.

ମିଛ କହିବା—ଦେ. କ୍ରି. (ସଂ. ମିଥ୍ୟା + କଥ୍ ଧାତୁ)—ଅସତ୍ୟ କଥା Michha kahibā କହିବା—To utter a lie; to speak মিছা(ছে)বলা **झूट कहना** a falsehood.

ମିଛ(ଛି)କା—ଦେ. ବିଣ—ମିଥ୍ୟା (ଦେଖ)— Michha(chhi)kā মিথ্যা **झूठ, मिथ्या** Mithyā (See) (ସତ[ଭି]କା—ବିପରୀତ)

ମିଛ କାଗଜ—ଦେ. ବି—୧ । ମିଥ୍ୟା କଥା ଲେଖା ହୋଇଥିବା କାଗଜ Michha kāgaja ବା ଦସ୍ତାବିଜ—1. A document মিথ্যা দলীল containing a false statement **झूठा दस्तावेज** ୨ । ଜାଲ୍ ଦଲିଲ—2. A forged document.

**ମିଛ କାନ୍ଦ**—ଦେ. ବି.—(ସ. ମିଥ୍ୟା କ୍ରନ୍ଦନ)—କୃତ୍ରିମ କ୍ରନ୍ଦନ; ଅନୁଭବ Michha kānda ଦୁଃଖ ନ ଥିବା ଅବସ୍ଥାରେ ବାହାରେ ଶୋକ ମିছ(ছে)কান্না দেখাইবা ପାଇଁ କ୍ରନ୍ଦନ—Affected weeping. (ମିଛ କାନ୍ଦଣା, ମିଛ କନାକନ୍ଦ, ମିଛ ଶକାଣ—ଅନ୍ୟରୂପ)

**ମିଛକୁ ମିଛ (ଛେ)**—ଦେ. ଅ—୧ । ମିଥ୍ୟାରେ—Falsely. ୨ । Michhaku michha(chhe) ବୃଥାରେ—2. In vain. মিছে মিছে झूठ मूठ ୩ । ଅବାସ୍ତବରେ—3. Not actually.

**ମିଛ ଗାଲୁ**—ଦେ. ବ—ମିଥ୍ୟା କଥନ ପୂର୍ବକ ବାମ୍ଭିକତା; ଲୁରୁଲୁ— Michha gālu Effrontery by means of falsehood. মিথ্যা झूठी ढिठाई [ମିଛ ଲୁରୁଲୁ(ଲୁ)—ଅନ୍ୟରୂପ] [ପ୍ରୟୋଗ—ମିଛ ଗାଲୁ କରିବା (ଝାଡ଼ିବା; ମାରିବା)]

**ମିଛ ନାଲିଶ[ଶି]**—ଦେ. ବ—ମିଥ୍ୟା ଅଭିଯୋଗ ବା ମକଦ୍ଦମା ଦାଏର— Michha nālis(śi) False suit; false charge or মিথ্যা নালিস झूठा नालिश complaint.

**ମିଛ ନିଦ**—ଦେ. ବ. [ସ. ମିଥ୍ୟା ନିଦ୍ରା]—ପ୍ରକୃତରେ ନିଦ୍ରିତ ନ Michha nida ହୋଇ ଲୋକଙ୍କୁ ଦେଖାଇବା ପାଇଁ ଶୋଇବା— মিথ্যানিদ্রা, মিছেঘুম झूठा निंद Affected sleep.

**ମିଛ ବାନି[ଲି]ଙ୍ଗି**—ଦେ. ବ—ମିଥ୍ୟା କହିବା ପୂର୍ବକ ଆସ୍ଫାଳନ; ବୃଥା Michha bāni(li)ṅgi ଆସ୍ଫାଳନ—Vain bragging; vain glory झूठी बहादुरी মিছে বাহাদুরী [ମିଛବାନି(ଲି)ଙ୍ଗିଆ—ବିଶେଷଣ ରୂପ]

**ମିଛ ଭକ[ଗ]ତି**—ଗ୍ରା. ବ. [ସଂ ମିଥ୍ୟା ଓ ଭକ୍ତି]—ଲୋକଙ୍କୁ ଦେଖାଇବା Michha bhaka(ga)ti ପାଇଁ ବାହ୍ୟ ଅନୁରାଗ—Outward or affected devotion; a show of মিথ্যাভকতি झूठी भगती devotion.

**ମିଛ ମାୟା**—ଦେ. ବ—(ସ. ମିଥ୍ୟା ଓ ମାୟା)—୧ । କପଟ ସ୍ନେହ— Michha māyā 1. Affected or assumed friendship. মিথ্যা মায়া ୨ । କୁହୁକ—2. Magic. ୩ । ଅସାର ମୋହ— झूठी माया Unsubstantial delusion. [ଉ—ଶୁଣ ଶଙ୍ଖ ଶଡ଼ ଶଡ଼ ଶଡ଼ ଶଡ଼; ମିଛ ମାୟାରେ ପଡ଼ି ଭୁ ନଡ଼ ବଡ଼ ନଡ଼ ବଡ଼, ଭଜନ ।] ଦେ. ବଣ—୧ । ମାୟାପୂର୍ଣ୍ଣ—1. Full of delusion. ୨ । ଅବାସ୍ତବ—2. Unreal. ୩ । ଅସାର—3. Unsubstantial.

**ମିଛରେ**—ଦେ. କ୍ରି. ବଣ—୧ । ଅକାରଣ; ବୃଥା—1. In vain. Michhare ୨ । ମିଥ୍ୟା ଘଟଣାରୂପେ—2. Falsely. ୩ । মিথ্যায় झूठे ଅବାସ୍ତବରୂପେ—3. Unreally. ୪ । ମାୟାପୂର୍ଣ୍ଣ (ମିଛେ, ମିଛେରେ—ଅନ୍ୟରୂପ) ଭାବରେ—4. Illusively. ୫ । ନିଷ୍ଫଳଭାବରେ—5. Fruitlessly.

**ମିଛରେ ମିଛରେ**—ଦେ. କ୍ରି. ବଣ—୧ । ଅନର୍ଥକ—1 In vain. Michhare michhare [ଉ—ଏଡ଼େ ପଦାର୍ଥ ଏଡ଼େ ମିଛେ, মিছামিছি झूठमूठ କାହା ପକାଇଲ ପ୍ରତ୍ୟେଷେ—ଭୂପତି. ପ୍ରେମ- (ମିଛେ, ମିଛେ ମିଛେ—ଅନ୍ୟରୂପ) ପଞ୍ଚାମୃତ ।] ୨ । ବୃଥା; ନିଷ୍ଫଳରେ—2. Fruitlessly. ୩ । ମିଥ୍ୟା କଥା କହି— 3. Falsely. ୪ । ହୃଦୟରେ ଅନୁଭବ ନ କରି ଦେଖାଇବା ପ୍ରକାରେ—4. Affectedly; seemingly. ୫ । ବିନା କାରଣରେ—5. Without any cause.

**ମିଛ ସତ**—ଦେ. ବ (ସତ୍ୟତର) (ସ. ମିଥ୍ୟା ସତ୍ୟ)—୧ । ମିଥ୍ୟା Michha sata କଥା ଓ ସତ୍ୟ କଥା—1. Falsehood and মিথ্যা সত্যি झूठ सच truth. [ଉ—ସେବାଗ କ୍ଷମୁରେ ମିଛ ସତ ଗାଇ—ସ୍ୱଧାନାଥ. ଦରବାର ।] ୨ । ଚୁଗୁଲି; ପରୋକ୍ଷରେ ପର ନିନ୍ଦା—2. Backbiting; slandering ବଣ—୧ । ମିଥ୍ୟା ଓ ସତ୍ୟ (କଥା ବା ବସ୍ତୁ)— 1. False and true (word or thing). ୨ । ଅବାସ୍ତବ ଓ ବାସ୍ତବ—2. Unreal and real; true and untrue.

**ମିଛ ସତ ଲଗାଇ କହିବା**—ଦେ. କ୍ରି—୧ । ପର ନାମରେ ସତ୍ୟ ଓ Michha sata lagāi kahibā ମିଥ୍ୟା କଥା ଲଗାଇ ଦୁର୍ନାମ মিথ্যাসত্যি লগিয়ে বলা କରିବା—1. To speak evil of a झूठ साँच लगाना person (by telling something which is true and something which is not true). ୨ । ଚୁଗୁଲି କରିବା—2. To backbite or slander. (ମିଛ ସତ ଗାଇବା—ଅନ୍ୟରୂପ)

**ମିଛ ସାକ୍ଷୀ**—ଦେ. ବ—୧ । (ସ. ମିଥ୍ୟା ସାକ୍ଷ୍ୟ) ମିଥ୍ୟା ସାକ୍ଷ୍ୟ— Michha sākshī 1. False deposition; false evidence. মিথ্যা সাক্ষী ୨ । (ସଂ. ମିଥ୍ୟା ସାକ୍ଷୀ) ମିଥ୍ୟା झूठी गवाही, झूठ गवाह ସାକ୍ଷ୍ୟଦାତା—2. A person who deposes falsely; a dishonest witness; a perjurer.

**ମିଛି**—ଦେ. ବ (ସ୍ତ୍ରୀ)—ଅପତ୍ୟିଅଣୀ ବାଳକାଙ୍କ ନାମ—A name Michhi given to girls whose elders have predeceased them.

**ମିଛିରି**—ଦେ. ବ—ମିଶ୍ରି (ଦେଖ)—Misri (See) Michhiri মিছরী मिसरी

**ମିଛୁ**—ଦେ. ବ (ପୁଂ)—୧ । ଅପତ୍ୟିଅଣୀ ବାଳକଙ୍କ ନାମ—1. A name Michhu given to boys whose elders had died before their birth. ୨ । ମିଥ୍ୟାବାଦୀ ବ୍ୟକ୍ତି— 2. A liar. ଦେ. ବଣ. ପୁଂ ଓ ସ୍ତ୍ରୀ—ମିଥ୍ୟାବାଦୀ(ବ୍ୟକ୍ତି)— Lying (person).

**ମିଛୁଆ(ରା)**—ଦେ. ବଣ—ମିଥ୍ୟାବାଦୀ—Lying; given to lying; Michhuā(rā) speaking falsehood. [ଉ—ଲଚୁଆ মিথ্যাবাদী झूठा ମିଛୁଆ ଲୋକେ ଶିରପା ପାଇବେ—ପ୍ରାଚୀ. [ମିଛେ(ଛୋ)ରି, ମିଛୁଣି—ସ୍ତ୍ରୀ] ଶ୍ରୀଗୁରୁଭକ୍ତିଗୀତା ।]

**ମିଛୁଆ କରିବା**—ଦେ. କ୍ରି—୧ । (କୌଣସି ବ୍ୟକ୍ତିକୁ) ମିଥ୍ୟାବାଦୀ ସାବ୍ୟସ୍ତ Michhuā karibā କରିବା—1. To falsify; to belie মিথ্যাবাদী করা a person. ୨ । ପ୍ରତିଶ୍ରୁତି ରକ୍ଷା झूठा बनवाना(बनाना) କରିବାକୁ କୌଣସି ବ୍ୟକ୍ତିକୁ ଅସମର୍ଥ (ମିଛୁଆ କରା[ନେ]ଇବା—ଅନ୍ୟରୂପ) କରିବା—2. To cause a person to diviate from his promise

**ମିଛୁଆ କଥାଁଗିଲା**—ଦେ. ବଣ ଓ ବ (ସହଚର ଶବ୍ଦଦ୍ୱୟ)—ଘୋର Michhuā niāṅgilā ମିଥ୍ୟାବାଦୀ; ଯେ କଥାଁକୁ ଗିଳିବା ପରି ଘୋର মিথ্যাবাদী 'ଅସମ୍ଭବ କଥା କହେ—A bold liar; **पक्का झूट** inveterate liar.

**ମିଛୁଆ ବନିବା**—ଦେ. କ୍ରି—୧। ନିଜର କଥାର ଅସତ୍ୟତା ପ୍ରମାଣିତ Michhuā banibā ହେବାଦ୍ୱାରା ମିଥ୍ୟାବାଦୀ ପ୍ରତିପନ୍ନ ହେବା; মিথ্যাবাদী হওয়া ନିଜର କଥା ଫଳରେ ନ ଘଟିବା ଯୋଗୁଁ ଅପ୍ରସ୍ତୁତ **झूठा बनना** ହେବା—1. To have one's report (ମିଛୁଆ ହେବା—ଅନ୍ୟରୂପ) turn out not to be true. ୨। ନିଜର ପ୍ରତିଜ୍ଞା ରକ୍ଷା କରିବାକୁ ଅସମର୍ଥ ହେବା—2. Not to be true to one's promise.

**ମିଜ୍‌ରାବ୍**—ଦେ. ବ (ଅ)—ସୀତାର ବଜାଇବା ପାଇଁ ଅଙ୍ଗୁଳିରେ Mij-rāb ପିନ୍ଧାଯିବା ତାରର କୋଣବିଶିଷ୍ଟ ମୁଦ୍ରା—A striker মিজরাব made of iron wire wherewith to **मिजराब** play upon the guitar; a pointed wire-ring put on the index finger like a cap to strike the strings of a guitar.

**ମିଜା(ଞ୍ଜା)ଜ୍(ଯ୍)**—ଦେ. ବ (ଫା. ମିଜାଜ୍)—୧। ମନ; ଅନ୍ତଃକରଣ—Mijā(ñjā)j(s) 1. Mind. [ଦ୍ର—ମୁଁ ଆଜ ଭଲ କହୁଛି মেজাজ **मिजाज** ନାହିଁ; ସବୁବେଳେ ମିଜାଜ୍‌ଟା ଭିଡ଼ି ରହୁଛି—ଫକୀରମୋହନ. ଗଳ୍ପସ୍ୱଳ୍ପ।] ୨। ମନର ଗତି; ମନୋଭାବ; ମନୋବୃତ୍ତି—1. Temperament of mind; disposition; temper; mood. ୩। କୌଣସି ବିଷୟ ପ୍ରତି କୌଣସି ବ୍ୟକ୍ତିର ମନୋଭାବ—3. Attitude of a person towards a particular matter. ୪। ପ୍ରକୃତି; ସ୍ୱଭାବ—4. Nature. [ଦ୍ର—ମନୁଷ୍ୟର ପ୍ରକୃତି ବଦଳେ ନାହିଁ; କିନ୍ତୁ ମିଜାଜ୍ ଦେଶକାଳପାତ୍ରର ପ୍ରଭାବରେ ବଦଳି ପାରେ।]

**ମିଜା(ଞ୍ଜା)ଜ୍(ଯ୍) ଖରାପ କରିବା**—ଦେ. କ୍ରି (ଅ. ମିଜାଜ୍+ଫା. ଖରାବ୍) Mijā(ñjā)j(s) kharāpa karibā —୧। ଆପଣାର ମନକୁ মেজাজ খারাপ করা ବ୍ୟସ୍ତ କରିବା; ଦୁଃଖିତ ହେବା—1. To be **मिजाज खराब करना** bothered about any thing. ୨। ଅନ୍ୟର ବିରକ୍ତି ଜନ୍ମାଇବା; ଅନ୍ୟକୁ ବିରକ୍ତ କରିବା—2. To displease or tease a person.

**ମିଜାଜ୍(ଯ୍) ଖରାପ ହେବା**—ଦେ. ବ (ଅ. ମିଜାଜ୍+ଖରାବ୍)—Mijāj(s) kharāpa hebā ୧। ବିରକ୍ତି ଜନ୍ମିବା—1. মেজাজ খারাপ হওয়া Having a feeling of displeasure. **मिजाज खराब होना** ୨। ମସ୍ତିଷ୍କର ବିକୃତି ଘଟିବା—2. Derangement of mind. (ମିଜାଜ୍[ଯ୍] ବିଗିଡ଼ିବା—ଅନ୍ୟରୂପ)

**ମିଜାଜ୍(ଯ୍) ଗରମ ହେବା**—ଦେ. କ୍ର—ମନରେ କ୍ରୋଧ ଜନ୍ମିବା—Mijāj(s) garama hebā Angry mood. মেজাজ গরম হওয়া **मिजाज गरम होना, मिजाज बिगड़ना**

**ମିଜାଜ୍(ଯ୍) ଠଉରା(ରେ)ଇବା**—ଦେ. କ୍ରି—ଅନ୍ୟ ବ୍ୟକ୍ତିର ମନୋଭାବକୁ Mijāj(s) ṭhaurā(re)ibā ଅନୁମାନ କରିବା—To divine মেজাজ ঠাউরান a person's mind; to probe another's **मिजाज तै करना** mood.

**ମିଜାଜ୍(ଯ୍) ଥଣ୍ଡା ହେବା**—ଦେ. ବ—୧। ମନ ଶାନ୍ତ ହେବା—Mijāj(s) thaṇḍā hebā 1. Pacification of the মেজাজ ঠাণ্ডা হওয়া **मिजाज ठंडा होना** mind. ୨। କ୍ରୋଧର ଶାନ୍ତି—2. Appeasement of one's anger.

**ମିଜାଜ୍(ଯ୍) ପାଇବା**—ଦେ. କ୍ରି—୧। ଅନ୍ୟ ବ୍ୟକ୍ତିର ମନୋଭାବ ବା Mijāj(s) pāibā ଅନ୍ତରର ଉଦ୍ଦେଶ୍ୟ ଅବଗତ ହେବା—মেজাজ পাওয়া **मिजाज पाना** 1. To fathom another's mind or heart's wish. ୨। ଅନ୍ୟ ବ୍ୟକ୍ତିର ପ୍ରକୃତିକୁ ଠଉରାଇବା—2. To know a pesron's mentality, nature or attitude.

**ମିଜାଜ୍(ଯ୍)ପୁର୍‌ସୀ**—ବୈଦେ. ବ (ଅ. ମିଜାଜ୍+ଫା. ପୁର୍‌ସୀ; ଭୁଲ. Mijāj(s)pur-si ପୃଚ୍ଛା; ଉର୍ଦ୍ଦୁରୁ ଅନୁକୃତ)—କୌଣସି ବ୍ୟକ୍ତିଙ୍କୁ মেজাজপুর্সী **मिजाज पुरसी** ତାଙ୍କ ଶାରୀରିକ ଓ ମାନସିକ କୁଶଳ ସମ୍ବନ୍ଧେ ପ୍ରଶ୍ନ; ସ୍ୱାଗତ ପ୍ରଶ୍ନ; କୁଶଳ ପ୍ରଶ୍ନ—Questioning a person (whom one meets) as to his welfare in mind and body. (ଦ୍ର—କୌଣସି ବନ୍ଧୁଙ୍କୁ ଭେଟିବା ବ୍ୟକ୍ତି ତାଙ୍କୁ ପଚାରନ୍ତି—ଆପଣଙ୍କର ସବୁ ମଙ୍ଗଳ ତ? ଏଥିରେ ଶାରୀରିକ ମଙ୍ଗଳ ଓ ମାନସିକ ଶାନ୍ତି ଉଭୟ ସମ୍ବନ୍ଧେ ପ୍ରଶ୍ନ ସୂଚିତ ହୁଏ। ଉର୍ଦ୍ଦୁ ଭାଷାରେ "ମିଜାଜ୍ ଶରୀଫ୍?" ପ୍ରଶ୍ନସୂଚକ ବାକ୍ୟର ବ୍ୟବହାର ଅଛି। ଏଥିର ଅର୍ଥ—ଆପଣଙ୍କ ମିଜାଜ୍ ବା ମନ ଭଲ ଅଛି ତ? ଅର୍ଥାତ୍ ଆପଣଙ୍କର ଶାରୀରିକ ଓ ମାନସିକ କୁଶଳ ତ?]

**ମିଜା(ଞ୍ଜା)ଜି(ସି)**—ବୈଦେ. ବଣ (ଫା)—୧। ଏକଗୁଆଁ; ଗୁଆଁର—Mijā(ñjā)ji(si) 1. Headstrong. ୨। ଖିଆଲି—2. Whimsical. ୩। (ଅନ୍ୟ ଶବ୍ଦ ସଙ୍ଗେ ଯୁକ୍ତ ହୁଏ, ଯଥା—ବଦ୍‌ମିଜାଜୀ, ଖୁସ୍‌ମିଜାଜୀ)—ଅମୁକ ପ୍ରକୃତି ବିଶିଷ୍ଟ—3. Natured; having such and such a nature.

ମିଜା(ଞ୍ଜା)ଜି(ସି)ଆ, ମିଜାଜ୍‌ଦାର } ଅନ୍ୟରୂପ

মেজাজী **खुशमिजाजी, मिजाजी**

**ମିଞ୍ଚଡ଼(ଡ଼ା)**—ଦେ. ବଣ. ପୁଂ—୧। ଶେରେଡ଼ା; ଦୁଷ୍ଟ (ବାଳକ)—Miñcharḍa(rḍā) 1. Wicked; wanton (boy). ୨। [ମିଞ୍ଚ(ଞ୍ଚ)ଡ଼ୀ—ସ୍ତ୍ରୀ] ଅତି ଛୋଟ (ବାଳକ)—2. Pigmy; এঁচড় **बदमास** tiny. [ଦ୍ର—ଏ ଶବ୍ଦ ବାଳକଙ୍କ ପ୍ରତି ବ୍ୟବହୃତ ହୁଏ।]

**ମିଞ୍ଜ(ଞ୍ଜି) ମିଞ୍ଜ(ଞ୍ଜି)**—ଦେ. କ୍ରି. ବଣ—୧। ଆଖିକୁ ମିଞ୍ଜ୍ ମିଞ୍ଜ୍ କରିବ; Miñj(ñji) miñj(ñji) ପ୍ରକାରେ—1 In a twinkling মিজ মিজ manner. [ଦ୍ର—ଆଖି ମିଞ୍ଜି ମିଞ୍ଜି କରିବା।] **मटमट(आखि,) टिमटिम(दिया)** ୨। ଭୁକ୍ ଭୁକ୍; ପ୍ରଦୀପ କ୍ଷୀଣଭାବରେ ଜଳିବା ପ୍ରକାରେ—2. In a languishing or flickering manner(said of a flickering light). [ଦ୍ର—ବଦ୍‌ଠାଣ ମିଞ୍ଜି ମିଞ୍ଜି ହୋଇ ଜଳୁଅଛି, ଫକୀରମୋହନ. ଛମାଣ ଆଠଗୁଣ।] (ମିଞ୍ଜିମିଞ୍ଜିଆ—ବଣ)

ମିଞ୍ଜକ—ଦେ. ବି—ବାଳକ—A boy. [ ଉ—ଚହିଁରୁଷ ମିଞ୍ଜିକା
Minjaka ମିଞ୍ଜକ ବର୍ତ୍ତଷ, କନ୍ଦି ଛନ୍ତି ଦେବାକୁ ଭୁମୁର ଗଣ୍ଡୁଷ । କୃଷ୍ଣସିଂହ. ମହାଭାରତ ବନ ।]

ମିଞ୍ଜା—ଦେ. ବି ( ସଂ. ସାମଞ୍ଜସ୍ୟ )—ଦୁଇ ବସ୍ତୁ ମଧ୍ୟରେ ମେଳ—
Minjā Coincidence between two things; tallying. ପ୍ରାଦେ (ସମ୍ବଲପୁର, ଗଡ଼ଜାତ) ବିଣ—ମିଟିମିଟିଆ(ଅଲୁଅ)—Flickering light.
মেল, গোঁজামিল
ठिक

ମିଞ୍ଜାଜ୍(ସ୍) (ଇତ୍ୟାଦି)—ବୈଦେ. ବି (ଅ)—ମିଜାଜ୍ ଇତ୍ୟାଦି (ଦେଖ)
Minjāj(s) etc Mijāj etc. (See)

ମିଞ୍ଜାଜି (ସି)—ବୈଦେ. ବିଣ—ମିଜାଜି [ ଦେଖ ]—Mijāji (See)
Minjāji (si) [ ମିଞ୍ଜାଜ(ସି)ଆ—ଅନ୍ୟରୂପ]

ମିଞ୍ଜା ଦେବା—ଦେ. କ୍ରି—ଖୁଲର କୌଣସି କୌଣସି ସ୍ଥାନରୁ ନଡ଼ା
Minjā debā ଭୁଲୁର ଯାଇଥିଲେ ଚହିଁରେ ନଡ଼ା ଗୁଞ୍ଜିବା; [ମିଞ୍ଜା ମାରିବା—ଅନ୍ୟରୂପ] ଖୁଷା ଦେବା—To put straw at places wherefrom straw has come out.
গোঁজা মারা
मरम्त करना

ମିଞ୍ଜା ମିଳା(ଲେ)ଇବା—ଦେ. କ୍ରି—ଦୁଇଟି ପଦାର୍ଥ ମଧ୍ୟରେ ଥିବା
Minjā milā(le)ibā ଫାଙ୍କକୁ ବା ପ୍ରଭେଦକୁ କୌଶଳପୂର୍ବକ ସମାନ କରିବା—To smooth the interstices or difference between two things with dexterity or skill.
গোঁজামিল করা
सटाना

ମିଞ୍ଜିକା(କ୍ସି)—ସଂ. ବି. ସ୍ତ୍ରୀ—୧ । କନ୍ୟା—1. Daughter ୨ ।
Minjikā(ki) ଶିଶୁ କନ୍ୟା—2. An infant daughter.
[ ଉ—ଚହିଁରୁଷ ମିଞ୍ଜିକା ମିଞ୍ଜକ ଦୁଇଷ, କନ୍ଦି ଛନ୍ତି ଦେବାକୁ ଭୁମୁର ଗଣ୍ଡୁଷ । କୃଷ୍ଣସିଂହ. ମହାଭାରତ. ବନ । ]

ମିଞ୍ଜି ମିଞ୍ଜି(କା)ଆ—ଦେ. ବିଣ—୧। ଅସ୍ପଷ୍ଟଭାବରେ ଦେଖା ଯାଉଥିବା—
Minji minji(ka)ā 1. Seen indistinctly. ୨ । ଅସ୍ପଷ୍ଟଭାବରେ ଜଳୁଥିବା—2. Flickering.
মিজ মিজে
धुंधला

ମିଟ୍ ମାଟ୍—ଦେ. ବି—(ସଂ. ମିଳନ)—ବିବାଦର ମୀମାଂସା; ମେଳ ମାଳ;
Mit-māt ମିଳମାଳ; ବିବାଦର ଅପୋଷରେ ନିଷ୍ପତ୍ତି—Amicable settlement of a dispute.
মিট মাট
मेटा मेटी

ମିଟ୍(ଟି) ମିଟ୍(ଟି)—ଦେ. ଅ.—(ସଂ. ନିମିଷ; ସଂ. ମୀଲ ଧାତୁ)—୧ ।
Mit(ṭi)mit(ṭi) ଅକ୍ଷିକୁ ଦ୍ରୁତପର୍ଯ୍ୟାୟରେ ମେଲ୍ଲ କରିବା—1. Twinkling of the eye. ୨ । ଜୁଳୁ ଜୁଳୁ
মিট মিট
मट मट
(ମିଟ୍ଟ ମିଟ୍ଟ—ଅନ୍ୟରୂପ) କରି; ଧୀରେ ଧୀରେ ଅକ୍ଷି ପିଛୁଡ଼ିବା—2. With twinkling eyes. [ଉ—ମିଟ୍ଟ ମିଟ୍ଟ ଗୁହିଁ କହୁଦେ ଏହା ତାଙ୍କୁ । କୃଷ୍ଣସିଂହ. ମହାଭାରତ. ବନ ।]

ମିଟ୍(ଟି) ମିଟିଆ(କା)—ଦେ. ବିଣ.—(ସଂ. ମୀଲ ଧାତୁ)—ଅନୁଜ୍ଜ୍ୱଳ ବା
Mit-(ṭi)-mitiā(kā) କ୍ଷୀଣଭାବରେ ଜଳୁଥିବା (ଅଲୋକ)—Flickering (light.)
মিটিমিটা; মিটিমিটিয়া; মিটিমিটে
टिमटिमा, धुंधला

ମିଟା(ଟେ)ଇବା—ଦେ. କ୍ରି (ବଙ୍ଗଳାରୁ ଅନୁକୃତ; ସଂ. ମିଳ ଧାତୁ)—
Mitā(te)ibā ୧ । ବିବାଦ ଅବ ମିଳାଇବା; ମେଣ୍ଟାଇବା; ଦୁଇ ପକ୍ଷଙ୍କୁ ମିଳାଇବା; ବିବାଦ ନିଷ୍ପତ୍ତି କରିବା; ମୀମାଂସା କରିବା—1. To cause a dispute to be settled between two disputants; to decide amicably. ୨। ମନର ଉଦ୍ଦେଶ୍ୟ ବା ଲାଳସା ବା ଅକାଂକ୍ଷାକୁ ସଫଳୀକୃତ କରିବା—2. To have one's hankering or craving realised or satisfied.
মেটান
मिटाना

ମିଟାମିଟି—ଦେ. ବି (ବଙ୍ଗଳାରୁ ଅନୁକୃତ)—ମିଟ୍ ମାଟ୍ (ଦେଖ)
Mitāmiti Mitmāt (See)
মটামিট
मेटामेटी

ମିଟିଆ—ଦେ. ବି—ମିଟିକାଣିଆ (ଦେଖ)
Mitiā Mitikāniā (See)

ମିଟିଆଣି—ଦେ. ବି—୧। ଗ୍ରାମର ଗୁହ ପଡ଼ିଆ—1. The village
Mitiāni common for people to pass stools there; the village easing ground.
মাঠ
खता
୨ । (ନାମ)—ପୁରୀ ଅଠରନଳା ତଳେ ପ୍ରବାହିତ ନଦୀ ବିଶେଷ—2. A river of this name flowing near the Puri town, and over which the Atharanalā bridge has been constructed.—୩ । ମିଟିକାଣିଆ (ଦେଖ)—3 Mitikāniā (See)

ମିଟିକା—ଦେ. ବି—୧। ଅକ୍ଷିପିଛୁଡ଼ା; ପଲକ—1. Twinkling of
Mitikā the eye. ୨। ଅକ୍ଷିଠାର—2. Ogling.
পলক
मटका(की)

ମିଟିକା(କି)ଣିଆ(ଆଁ)—ଦେ.ବି—ଜଙ୍ଗଲାଜାତ କାଠ; ଏକପ୍ରକାର ବନ୍ୟ
Mitikā(ki)niā(āṅ) ଗଛ (ଏଥିରେ ଶଗଡ଼ର ଅକ୍ଷ, ଚକ ଆଦି ହୁଏ )—A wild tree used in making cart.

ମିଟିକା ମାରିବା—ଦେ. କ୍ରି—ଅକ୍ଷି ପିଛୁଡ଼ିବା—To ogle; to
Mitikā māribā make the eye twinkles
( ମିଟ୍ଟକା(କେ)ଇବା—ଅନ୍ୟରୂପ )
মিটকান
मटकीमारना

ମିଟିକାଲ(ଲି;ଲିଆ)—ଦେ. ବି (ସଂ. ମୃଗଲ)—ମିରିକାଳ ମାଛ; ସେଲ୍ଲ
Mitikala(li;liā) ଜାତୀୟ ମାଛ; (ବି—ଏହା ସେଲ୍ଲଠାରୁ ଶ୍ରେଷ୍ଠ, ପ୍ରାୟ ୧୨ ହାତ ଲମ୍ବ)—Cirrhina Mrigala fish,
নিরগেল
नंनी

ମିଟିକୋରୁଆଁ—ଦେ. ବି—କୋରୁଆଁ (ଦେଖ)
Mitikoruāṅ Koruāṅ (See)

ମିଟିଙ୍ଗ—ବୈଦେ. ବି (ଇଂ. ମିଟିଙ୍ଗ୍)—ସଭା; ସଭାର ଅଧିବେଶନ—
Miting Meeting; a sitting of some persons for a particular object.
[ ମିଟିଂ, ମିଟିଙ୍ଗି(ଣ୍,ଣି,ନ୍,ନ—ବିକୃତ ଗ୍ରାମ୍ୟ ରୂପ ]
মিটিঙ্গ
मिटिङ्ग

ମିଟିଙ୍ଗ୍ ଆହ୍ୱାନ କରିବା—ଦେ. କ୍ରି—ସଭାର ଅଧିବେଶନରେ ଉପସ୍ଥିତ
Miting āhwāna karibā ହେବା ପାଇଁ ସଭ୍ୟମାନଙ୍କୁ ଡାକିବା—To convene a meeting.
মিটীঙ্গ ডাকা
मिटिङ्ग बुलाना (ମିଟିଙ୍ଗ୍ ଡାକିବା—ଅନ୍ୟରୂପ)

ମିଟିଙ୍ଗ୍ ନୁ(ନୋ)ଟିସ୍—ବୈଦେ. ବି. (ଇଂ. ମିଟିଙ୍ଗ୍ ନୋଟିସ୍)—
Miting nu(no)tis ସଭାର ଅଧିବେଶନର ତାରିଖ ଜଣାଇ ଦିଆ
ମিটিঙ্ নোটিস ଯିବା ବିଜ୍ଞାପନ—Notice of a meeting.
मिटिङ्ग नोटिस [ମିଟିଂଲୁ(ଲୋ)ଟିସ—ଗ୍ରାମ୍ୟରୂପ]

ମିଟିଙ୍ଗ୍ ହଲ୍—ବୈଦେ. ବି. (ଇଂ)—ସଭା ମଣ୍ଡପ—
Miting hal মিটিঙ্ হল मिटिङ्ग हल Meeting hall.

ମିଟିବା—ଦେ. କି.—(ବଙ୍ଗଳା ରୁ ଅନୁକୃତ; ସଂ. ମିଲ ଧାତୁ)—୧।
Mitiba ମେଣ୍ଟିବା (ଦେଖ)—1. Mentiba (See)
মিটা ୨। (ବିବାଦ ଅର୍ଥ) ମୀମାଂସା ହେବା; ମେଣ୍ଟିବା—2. To
मिटना be decided or settled. ୩। ଇଚ୍ଛାନୁରୂପ ହେବା;
(ମିଥା[ଟେ]ଇବା—ପ୍ରଯୋଜକରୂପ) ମେଣ୍ଟିବା—3. To be accomplished. ୪। (ମନର ସାଧ, ଉଚ୍ଚାଶା, ଲାଳସା, ଆକାଙ୍କ୍ଷା) ସଫଳୀଭୂତ ହେବା—4. (one's wish or hankering) To be realised or fulfilled.

ମିଟି ଯିବା—ଦେ.କି—୧। (ବଙ୍ଗଳାରୁ ଅନୁକୃତ)(ବିବାଦ ବା ଅଡ଼୍ଆ)
Miti jiba ଶେଷ ନିଷ୍ପତ୍ତି ହେବା—1. To be finally
মিটে যাওয়া मिट जाना decided (said of a dispute or matter). ୨। (ମନର ଇଚ୍ଛା) କାର୍ଯ୍ୟରେ ପରିଣତ ହେବା—2. (one's wish) To be fulfilled; to be realised.

ମିଠ—ଦେ. ବିଣ. (ସଂ. ମିଷ୍ଟ. ପ୍ରା. ମିଟ୍ଠ)—ମିଠା (ଦେଖ)
Mitha মিঠে मीठ Mitha (See) [ଉ—କର୍ପୂର ମରଚ ମେଳ ମିଠ ଭୁଖେ ମୋହିଁ। ପ୍ରାଚୀ. ଇଦ୍ଧସଂମର୍ଦ୍ଦସା।]

ମିଠା—ଦେ. ବିଣ (ସଂ. ମିଷ୍ଟ, ପ୍ରା. ମିଟ୍ଠ)—୧। ମିଷ୍ଟ; ମଧୁର—
Mitha মিঠা(ঠে) মিষ্টি मीठा 1. Sweet. ୨। କୋମଳ; ମୃଦୁ—2. Soft; delicate. ୩। ଶ୍ରୁତିମଧୁର—3. Sweet to the ear. ୪। ସୁସ୍ୱାଦୁ—4. Sweet to the taste. ୫। ମନୋମୋହକର—5. Captivating. ୬। ଅତୁଗ୍ର; ଯାହା କଡ଼ା ନୁହେଁ—6. Mild. ବି.—୧। ମିଷ୍ଟତା—1. Sweetness. [ଉ—ଚଖାଇଲ ସୁରଭ ମିଠା, ଲଗାଇଲ ବଇକ ଅଠା। ପ୍ରାଚୀନ. ସଙ୍ଗୀତ।] ୨। ମଧୁର ସ୍ୱାଦ—2. Sweet taste. ୩। କର୍ଣ୍ଣମଧୁରତା—3. Sweetness. ୪। କୋମଳତା—4. Softness; tenderness; mildness.

ମିଠା(ଠେ)ଇ—ଦେ. ବି.—(ସଂ. ମିଷ୍ଟାନ୍ନ; ବା ମିଷ୍ଟକ)—ମିଷ୍ଟାନ୍ନ
Mitha(the)i ମିଷ୍ଟ ଖାଦ୍ୟ—Sweetmeat. ବିଣ.—
মি(মে)ঠাই मिठाई ସୁମିଷ୍ଟ; ମଧୁର—Sweet.
[ଦ୍ର—ଆମ ଦେଶରେ ନାନା ପ୍ରକାର ମିଷ୍ଟାନ୍ନକୁ ପୂର୍ବେ ପିଠା ଓ ଭୋଗ କୁହା ଯାଉଥିଲା। ଅଧୁନା ଯୁଗରେ ନିମ୍ନଲିଖିତ ନାନା ପ୍ରକାର ନବ୍ୟ ମିଷ୍ଟାନ୍ନ ପ୍ରଚଳିତ ହେଲାଣି। ଯଥା—ଲଡ଼ୁ, ଜ(ଝି)ଲି(ଲେ)ବି, ଲୁପ୍ ଚୁପ୍; ସନ୍ଦେଶ, ଖୀରମୋହନ, ଗୋଲାପଜାମୁ, ଲୁପ୍ ଚୁପ୍, ପାନ-ତୁଆ, ରୁନ୍ଦିଆ, କୋସା, ଝିଲି ବା ଝାଲି, ଡାଇମ୍। ଦେବତାଙ୍କୁ ଭୋଗ ଦିଆ ଯାଉଥିବା ନାନା ପ୍ରକାର ମିଷ୍ଟାନ୍ନର ନାନା ନାମ ଅଛି। ଆମ ଦେଶର ଠୋମାନଙ୍କର ମଧ୍ୟ ନାନା ନାମ ଅଛି।]

ମିଠା(ଠେ)ଇଖିଆ—ଦେ. ବି—୧। ମିଷ୍ଟାନ୍ନ ଭୋଜନ—1. Eating
Mitha(the)i khia মেঠাইখিআ of sweets.
मिठाइ खानेकेलिए पईसा ୨। ଗୃହର ଓ ବାଳକମାନଙ୍କୁ ମିଠାଇ ଖାଇବା ନିମନ୍ତେ ଦିଆ ଯିବା ପାରିତୋଷିକ ଧନ—Tips paid to servants or children for buying sweets with.

ମିଠାଇ ବଣ୍ଟା—ଦେ. ବି.—ଉତ୍ସବାଦି ଉପଲକ୍ଷରେ ମିଷ୍ଟାନ୍ନ ବିତରଣ—
Mithai banta Distribution of sweets on cere-
মেঠাই বাণ্টা मिठाई बाँट monial occasions.
(ମିଠାଇ ବ[ବା]ଣ୍ଟା, ମିଠାଇ ବାଣ୍ଟ—ଅନ୍ୟରୂପ).

ମିଠା କଡ଼ା—ଦେ. ବିଣ—(ଉପସର୍ଗାର୍ଥକ ସନ୍ଧିଜ)—୧। ମିଷ୍ଟ ଓ
Mitha karda ଉଗ୍ର; ମିଠା ଓ ରୁକ୍ଷ—1. Sweet and
মিঠা কড়া मीठा कड़ुआ pungent. ୨। ମଧୁର ଓ କର୍କଶ
(ମିଠା କଡ଼ୁଆ—ଅନ୍ୟରୂପ) (ବାକ୍ୟ)—2. Sweet and bitter (words).

ମିଠାକଡ଼ା ଦୁଇପଦ ଶୁଣାଇ ଦେବା—ଦେ. କି—କୌଣସି ବ୍ୟକ୍ତିକୁ
Mithakarda duipada sunai deba ପଦକେତେ ଅପ୍ରିୟ
মিঠাকড়া দুইকথা শোনান मीठी कड़ी सुनाना ସତ୍ୟ ଶୁଣାଇ ଦେବା
—To give a person a bit of one's mind.

ମିଠା କଥା—ଦେ. ବି (ସଂ. ମିଷ୍ଟ କଥା)—ମିଷ୍ଟ ବାକ୍ୟ—
Mitha katha Sweet words.
মিঠা কথা मिठि बात

ମିଠା କମଳା—ଦେ. ବି (ସଂ. ନାମ ମଧୁକର୍କଟିକା)—ଲେମ୍ବୁ ବର୍ଗର
Mitha kamala ବୃକ୍ଷ ଓ ତହିଁର ସୁମିଷ୍ଟ ଫଳ—Citrus
ବ. ମିଠାନେବୁ Limetta; the sweet
ହି. ମିଠା କମଳା lime. (Kirtikar.
ଗୁଜ. ମିଠା ଲିମ୍ବୁ
ତା. ଏଲେମିଚ୍ଚ ଅ
ତେ. ନେମ୍ମାପାଣ୍ଡୁ; ଗଜନିମ୍ମା
ମ. ସାକର ନିମ୍ବୁ

ମିଠା ଖଟା—ଦେ. ବିଣ (ଉପସର୍ଗ ସନ୍ଧିଜ)—ମିଷ୍ଟ ଓ ଅମ୍ଳ—Of
Mitha khata sweet and acid taste. [ଦ୍ର—
মিষ্টঅম্ল मिठा खट्टा ଏହିପରି ମିଠା କଷା, ମିଠା ଲୁଣି, ମିଠା ଲୁଣୀ, ମିଠା ପିତା, ମିଠା ସୁଆ ଆଦି ପଦ ହୁଏ।]

ମିଠା ଗନ୍ଧ—ଦେ. ବି. (ସଂ. ମିଷ୍ଟ+ଗନ୍ଧ)—ମଧୁର ମନୋମୋହକର
Mitha gandha ଗନ୍ଧ—Sweet smell; aroma.
মিঠে(ঠা) গন্ধ मिठा गन्द (କଡ଼ା ଗନ୍ଧ—ବିପରୀତ)

ମିଠା ଗୁଡ଼ାଖୁ—ଦେ. ବି—ଯେଉଁ ଗୁଡ଼ାଖୁର ଧୂଆଁ ମୃଦୁ ବା କଡ଼ା
Mitha gurdakhu ନୁହେ—Smoking tobacco mix-
মিঠা তামাক मिठी पीनी ture of mild flavour.
(କଡ଼ା ଗୁଡ଼ାଖୁ—ବିପରୀତ)

ମିଠା ଗୁଣ୍ଡି—ଦେ. ବ—ଧନଅ ସଙ୍ଗେ ଅଳ୍ପ ସାମାନ୍ୟ ପରିମାଣରେ ଧୂଆଁ
Mitha gundi ପତ୍ର ମିଶାଯାଇଥିବା ଗୁଣ୍ଡି—Tobacco
মিঠে দোকতা मिठा जरदा powder with mild flavour.

ମିଠା ଚଖା(ଖେ)ଇବା—ଦେ. କ୍ରି—କୌଣସି ବ୍ୟକ୍ତିକୁ କୌଣସି
Mitha chakha(khe)iba ପଦାର୍ଥର ମିଷ୍ଟତା ଅନୁଭବ ଦ୍ୱାରା
মিষ্টি চাখান ବୋଧଗମ୍ୟ କରାଇବା—To cause a person
मिठा चखाना to taste the sweetness of a thing.

ମିଠା ଚାଖିବା—ଦେ. କ୍ରି—ମିଷ୍ଟ ପଦାର୍ଥର ସ୍ୱାଦ ଅନୁଭବ କରିବା—
Mitha chakhiba To taste a sweet thing.
মিষ্টি চাখা मिठा चखना

ମିଠା ତେଲ—ପ୍ରାଦେ. (ଉତ୍ତର ବାଲେଶ୍ୱର) ବ—ରନ୍ଧାରେ ଭକ୍ଷଣ ଓ
Mitha tela ଲଗା ଅବା ପାଇଁ ବା କେଶ ପାଇଁ ବ୍ୟବହୃତ ଭଲ
ভাল তেল, রাঁধবার তেল ତେଲ—Oil used for culinary
मिठा तेल purposes or the hair

ମିଠାଣି—ଦେ. ବ (ସ. ମିଷ୍ଟତ୍ୱ)—ମାଧୁର୍ଯ୍ୟ—
Mithani Sweetness.
মাধুর্য্য मिठास

ମିଠା ପଣ—ଦେ. ବ—ମିଷ୍ଟତା—
Mitha pana Sweetness.
মিষ্টি मिठापन

ମିଠା ପଲ(ଲା)ଉ—ଦେ. ବ. (ସ. ମିଷ୍ଟ+ପା. ପୋଲାଓ; ସ. ପଲାନ୍ନ)—
Mitha pala(la)u ମାଛ ବା ମାଂସ ବ୍ୟତୀତ ପ୍ରସ୍ତୁତ ଶର୍କରାଯୁକ୍ତ
মিঠা পলাউ ଘୃତାନ୍ନ—Boiled rice sweetened with
मिठा पोलाव sugar and ghee and without the
admixture of fish or meat.

ମିଠା ପାଣି—ଦେ.ବ. (ସ.ମିଷ୍ଟ ପାନୀୟ)—୧ । ଚିନି ଅବା ଦ୍ୱାରା ମିଷ୍ଟୀକୃତ
Mitha pani ଜଳ; ପଣା—1. Water sweetened with
মিঠা পানী sugar. ୨ । ମଧୁର ପାଣି; କର୍ଦ୍ଦମ ପାଣି (ଯାହା
मिठा पानी ଲୁଣୀ ବା ସମୁଦ୍ର ଜଳ ନୁହେ) (ବିପରୀତ—ଲୁଣି
ପାଣି; ଖାର ପାଣି)—2. Sweet or fresh water
(as opposed to sea-water or saline water.)
୩ । (ବ୍ୟଙ୍ଗାର୍ଥକ) ତାଡ଼ି; ମଦ—3. (ironical) Wine;
toddy.

ମିଠା ପାନ—ଦେ. ବ—୧ । ଯେଉଁ ପାନରେ ଗୁଣ୍ଡି ଦିଆଯାଇ ନ
Mitha pana ଥାଏ—1. Betel prepared without
মিঠা পান tobacco powder. ୨ । ଯେଉଁ ପାନ ପତ୍ରର
मिठा पान ସ୍ୱାଦ ଅନ୍ୟ ପାନର ସ୍ୱାଦ ଅପେକ୍ଷା କମ ରାଗୁଆ—
(କଡ଼ା ପାନ—ବିପରୀତ) 2. Betel-leaf which is less
pungent than other betel leaves.
[ ଦ୍ର—ବଙ୍ଗର ଅଞ୍ଚଳରେ ସ୍ୱାଦଦୃଷ୍ଟିରେ ଭଲ ଭଲ ପାନ
ଦେଖାଯାଏ । ପାନଲତାରୁ ନୂଆ ହୋଇ ବଢ଼ାଇଥିବା ପାନ
ଓ ପୁରୁଣା ପାନର ସ୍ୱାଦରେ ପ୍ରଭେଦ ଥାଏ । କେତେ
ପ୍ରକାରର ପାନ ଅନ୍ୟ ପାନ ଅପେକ୍ଷା ବେଶି ରାଗୁଆ ଲାଗେ ।
ଯେଉଁ ପାନ କମ୍ ରାଗୁଆ, ତାକୁ ମିଠା ପାନ ବୋଲାଯାଏ ।]

ମିଠା ବିଷ—ଦେ. ବ—ମହୁରା ନାମକ ବିଷ—
Mitha bisha Aconite.
মিঠা বিষ(খ) मिठा विष

ମିଠା ମାଛ—ଦେ. ବ—ମଧୁର ମାଛ; ମଧୁର ଜଳପୂର୍ଣ୍ଣ ଜଳାଶୟରେ ଥିବା
Mitha machha ମାଛ (ଯାହା ଲୁଣୀ ମାଛ ନୁହେ)—Fresh-
মধুর মাছ water-fish. [ଦ୍ର—ମିଠା ମାଛ ଯଥା—ରୋହି,
मिठा मछली ଭାକୁଡ଼, ଚିତଳ ଅବା । ଲୁଣୀ ମାଛ ଯଥା—
(ଲୁଣୀ ମାଛ—ବିପରୀତ) ଭାହାଙ୍ଗିରି, ଖାହାଲ, ଭେକଟା, ଇଲିଶୀ,
ମିର୍ଗଳ, ବାହାଲ, ଲୁଣୀ ଚଙ୍ଗୁଡ଼ି । କେତେକ ଲୁଣୀ
ମାଛ ( ଯଥା—ଇଲିଶି, ଭେକଟା ) ନଈ ମୁହାଣ ବାଟେ
ସମୁଦ୍ରରୁ ନଈକୁ ଉଠି ଆସି ନଈଅବରେ ବିଚରଣ କରନ୍ତି ।]

ମିଠା ଲଗା(ଗେ)ଇବା—ଦେ. କ୍ରି—କୌଣସି ବ୍ୟକ୍ତିକୁ କୌଣସି
Mitha laga(ge)iba ଦ୍ରବ୍ୟର ମିଷ୍ଟତା ଅନୁଭବ କରାଇବା
মিঠা(ষ্টি) লাগান ଦ୍ୱାରା ତତ୍ପ୍ରତି ତାହାର ଲାଳସା ଜନ୍ମାଇବା—
मिठा लगाना To generate a hankering after a
sweet thing in the mind of a person by
causing him to taste it

ମିଠା ଲାଗିବା—ଦେ. କ୍ରି—୧ । (କୌଣସି ବସ୍ତୁ) କୌଣସି ବ୍ୟକ୍ତିକୁ
Mitha lagiba ସୁଆଦିଆ ବୋଧ ହେବା—1. To taste
মিঠা লাগা sweet (said of a sweet thing)
मिठा लगना ୨ । ମଧୁରତା ଦ୍ୱାରା ମନୁଷ୍ୟକୁ ମୋହିବା—2. To
charm a person by sweetness.
ଦେ. ବ—ଉପରକୁ କୌଣସି ପଦାର୍ଥର ମିଷ୍ଟତା ପ୍ରତି
ମନରେ ଲାଳସା ଜନ୍ମିବା—Craving after a thing
arising out of the experience of its
taste once enjoyed. (ଯଥା—ଥରେ ଦୁଇଥର
ଜଳକଟା ବସ୍ତୁବଜାରର ସନ୍ଦେଶ ଖାଇ କର ମୋ ମୁହଁରେ
ସେ ସନ୍ଦେଶର ମିଠା ଲାଗି ଯାଇଛି ।)

ମିଠାଳିଆ—ଦେ. ବଣ—ଈଷତ୍ ମିଷ୍ଟ ବା ମଧୁର—
Mithalia Slightly sweet; sweetish.
অল্প মিষ্টি मिठास

ମିଠା ଲେମ୍ବୁ—ଦେ. ବ—ମିଷ୍ଟ ରସଯୁକ୍ତ କମଳା, (ଯଥା—ସିଲହାଟ
Mitha lembu କମଳା, ନାଗପୁର କମଳା, ଗଞ୍ଜାମ ଉଦ୍ୟାନ
মিঠানেবু ଅଞ୍ଚଳର କମଳା)—Lemon with sweet
मिठा नंबु juice; sweet orange.

(ମୁହଁ) ମିଠା ହେବା—ଦେ. ବ—ଅସ୍ୱାଦତ ଦ୍ରବ୍ୟର ମିଷ୍ଟ ସ୍ୱାଦ ଦ୍ୱାରା
(muhan) Mitha heba କମ୍ପା ବେଗ ଯୋଗୁଁ ମୁଖରେ ମିଷ୍ଟ
মিঠা(ষ্টি)হওয়া ସ୍ୱାଦର ଅନୁଭୂତ ହେବା—Having a sweet-
मिठा होना ish taste in the mouth.

ମିଠୁ(ଠୁ)—ଦେ. ବ ପୁଂ—ଲୋକଙ୍କୁ ଦିଆଯିବା ନାମ—
Mithu(thu) मिठु A name given to males.

ମିଠୁ(ଠୁ) ମିଆଁ(ଞା)—ଦେ.ବ(ବ୍ୟଙ୍ଗ୍ୟ)—୧ । ଆତ୍ମପ୍ରଶଂସାକାରୀ ବ୍ୟକ୍ତି—
Mithu(thu)mian(na) 1. Self-praising person. ୨ ।
মিঠুমিঞা ମଧୁରଭାଷୀ ବ୍ୟକ୍ତି—2. A person with sweet

मियाँ मिठ्ठ or honeyed speech. ୩ । ପରସ୍ପର ବିରୋଧୀ (ମିଠୁ ଙ୍କା—ଅନ୍ୟରୂପ) ଉଭୟ ପକ୍ଷ ସଙ୍ଗେ ମୌଖିକ ବନ୍ଧୁତା ରକ୍ଷିବା ବ୍ୟକ୍ତି—3. A person who affects friendship with both the contending parties.

ମିଡ୍(ଡ, ଡା)ଲ୍(ଲ)—ବୈଦେ. ବଣ ( ଇଂ. ମିଡ୍‌ଲ୍ )—ମଧ୍ୟସ୍ଥ—Mid-(da, di)l(la) Situated in the middle; intermediate. ବ—ମଧ୍ୟସ୍ଥଳ—Middle portion. [ ଦ୍ର—ଏ ଶବ୍ଦ ଅନ୍ୟ ଅନ୍ୟ ଇଂରାଜ ଶବ୍ଦମାନଙ୍କ ସଙ୍ଗେ ବ୍ୟବହୃତ ହୁଏ; ଯଥା—ମିଡ୍‌ଲ୍ ଇଲନ୍, ମିଡ୍‌ଲ୍ ଭର୍ଣ୍ଣାକ୍ୟୁଲର୍ ଇତ୍ୟାଦ । ]
মিডল मिडल

ମିଡ୍(ଡ, ଡା)ଲ୍ ଇଗ୍ରାଜି—ବୈଦେ. ବଣ (ଇଂ. ମିଡ୍‌ଲ୍ ଇଂଗଲିଶ୍)—Mid(da, di)l ingrāji ମାଇନର; ତଦ୍‌ଉପର ମଧ୍ୟମ ଶ୍ରେଣୀ ପର୍ଯ୍ୟନ୍ତ ଇଂରାଜୀ ପଢ଼ାଯିବା ବିଦ୍ୟାଳୟ ବା କ୍ଲାସ୍ ବା ମାନ—Middle English ( school or class or standard ).
মিডল ইংলিস मिडल इंगलिस
(ମିଡ୍‌ଲ୍ ଇଂଗ୍‌ଲିଶ୍—ଅନ୍ୟରୂପ)

ମିଡ୍(ଡ, ଡା)ଲ୍ ଇସ୍କୁଲ (ସ୍କୁଲ)—ବୈଦେ. ବ ( ଇଂ. ମିଡ୍‌ଲ୍‌ସ୍କୁଲ୍ )—Mid(da, di)l iskula (skul) ମଧ୍ୟମ ଶ୍ରେଣୀସ୍ଥ ବିଦ୍ୟାଳୟ—Middle ( English or Vernacular ) school.
মিডল স্কুল मिडल स्कूल

ମିଡ୍(ଡ, ଡା)ଲ୍ କ୍ଲାସ୍—ବୈଦେ. ବ ( ଇଂ. ମିଡ୍‌ଲ୍ କ୍ଲାସ୍ )—ମଧ୍ୟ-Mid(da, di)l klās ଇଂରାଜୀ ବା ମଧ୍ୟବର୍ଣ୍ଣାକ୍ୟୁଲର୍ ପାଠ ଚଳିବା ଶ୍ରେଣୀ—Middle class ( in English or Vernacular education ).
মিডল ক্লাস मिडल कलास

ମିଡ୍(ଡ, ଡା)ଲ୍ ଭର୍ଣ୍ଣାକୁ(କ୍ୟୁ)ଲ(ଲା)ର୍—ବୈଦେ. ବଣ ( ଇଂ. ମିଡ୍‌ଲ୍ Mid(da, di)l bharṇṇāku(kyu)la(lā)r ଭର୍ଣ୍ଣାକ୍ୟୁଲର୍)—ଦେଶୀୟ ଭାଷାରେ ମଧ୍ୟମ ଶ୍ରେଣୀ ପର୍ଯ୍ୟନ୍ତ ପାଠ ପଢ଼ାଯିବା ( ବିଦ୍ୟାଳୟ ବା ଶ୍ରେଣୀ ବା ମାନ)—Middle Vernacular shcool, standard or class). [ ଦ୍ର—ଏହି ମିଡ୍‌ଲ୍ ଇଂଗଲିଶ୍ ଓ ମିଡ୍‌ଲ୍ ଭର୍ଣ୍ଣାକୁଲର୍ ପଦ ସଙ୍ଗେ ସ୍କଲରସିପ୍, ପରୀକ୍ଷା ଓ ସାର୍ଟିଫିକେଟ୍ ଓ ପାସ୍ ଅବ ଇଂରାଜ ଶବ୍ଦ ଯୋଗ କରାଯାଏ । ]
মিডল ভর্ণাকুলার मिडल वार्नाकुलर

ମିଡିଅମ୍—ବୈଦେ. ବଣ ( ଇଂ. ମିଡିଅମ୍ )—ମଧ୍ୟମ ପ୍ରକାରର; ଯାହା Midiam ଉତ୍ତମ ନୁହେ ବା ଅଧମ ନୁହେ—Medium. ବୈଦେ. ବ—୧ । ଯେଉଁ ବ୍ୟକ୍ତିକୁ ମଧ୍ୟସ୍ଥରୂପେ ବ୍ୟବହାର କରାଯାଇ ଆତ୍ମିକ ପ୍ରେତବଶୀକରଣ ଦ୍ୱାରା ମୃତ ବ୍ୟକ୍ତିଙ୍କ ପ୍ରେତାତ୍ମାମାନଙ୍କୁ ସନ୍ନିଧଳକୁ ଆହ୍ୱାନ କରାଯାଏ—1. A spiritualistic medium (utilised by psychic methods to invoke the spirits of dead persons ). ୨। (ଛାପାଖାନା)ଡେମି କାଗଜ; ମଧ୍ୟଆକାର ଅକାରର କାଗଜ—(printing) Medium or demy paper.
মডিয়ম मडियम

ମିଡ଼ୁ—ପ୍ରାଦେ. ( ବାଲେଶ୍ୱର ) ବ—ରୋହୀଜାତୀୟ ନାଳବୃହତ୍ ମତ୍ସ୍ୟ-Mirdha ବିଶେଷ; ମିରଗାଳ ମାଛ—Mrigala fish. [ ଦ୍ର—ଏହା ଖାଇବାକୁ ସୁମିଷ୍ଟ, ଦେଖିବାକୁ ଅନେକାଂଶରେ ରୋହୀ ପରି, କିନ୍ତୁ ପୁରୁଣା ହେଲେ ରୋହି ମାଛର କାଉ ଯେପରି ଲାଲ୍ ହୋଇଯାଏ ମିଡ଼ୁର ସେପରି ହୁଏ ନାହିଁ; ମିଡ଼ୁର କାଉ ରୂପେଲି କଳା ହୁଏ । ]
মিরগেল

ମିଣିପ(ପି)—ଗ୍ରା. ବ. ପୁଂ ( ସଂ. ମନୁ+ପୁତ୍ର )—୧ । ମନୁଷ୍ୟ; ପୁରୁଷ; Minipa(pi) ଅଶିକ୍ଷିତ ବ୍ୟକ୍ତି; ମର୍ଦ—1. Male; man, ୨। ସ୍ୱାମୀ—2. Husband. ବଣ—ପୁରୁଷସମ୍ବନ୍ଧୀୟ; (ମାଇପ—ବିପରୀତ) Relating to male. [ ଦ୍ର—ଏ ଶବ୍ଦ ସାଧାରଣତଃ ବହୁବଚନରେ 'ମିଣିପେ' ଆକୃତିରେ ବ୍ୟବହୃତ ହୁଏ ।
পুরুষ मर्द

ମିଣିପ(ପି) କଥା—ଗ୍ରା. ବ—୧ । ପୁରୁଷମାନଙ୍କ ମଧ୍ୟରେ ବାକ୍ୟାଳାପ—Minipa(pi)katha 1. Talk amongst males. ୨। ପୁରୁଷ ସମାଜରେ ଆଲୋଚିତ ବିଷୟ—2. Matter discussed amongst males. ୩ । ମନୁଷ୍ୟୋଚିତ ବା ପୁରୁଷୋଚିତ ବିଷୟ—3. A matter befitting a male.
পুরুষদের বিষয় मर्दकी बात

ମିଣିପ(ପି) ଲୋକ—ଗ୍ରା. ବ ପୁଂ—ପୁରୁଷ ବ୍ୟକ୍ତି—Male person.
Minipa(pi) loka পুরুষ মানুষ मर्द लोक
( ମିଣିପ[ପି] ଲୋକେ—ବହୁବଚନ )

ମିଣିପି ଚାଟେ(ଟୋ)ଇ—ଗ୍ରା. ବଣ. ସ୍ତ୍ରୀ—ଯେଉଁ ସ୍ତ୍ରୀ ପୁରୁଷଙ୍କୁ ବା ଆପଣା Minipi chāte(to)i ସ୍ୱାମୀକୁ ସର୍ବଦା ତୋଷାମଦ ବା ସରସ ବ୍ୟବହାର କରିବାକୁ ସୁଖ ପାଏ—(a woman) Given to flattering or pleasing males or her husband.
পুরুষঘেঁষা मरद खुसामदी

ମିଣିପି ଚୁହାଁ(ହିଁ)—ଗ୍ରା. ବଣ. ସ୍ତ୍ରୀ—ଯେଉଁ ସ୍ତ୍ରୀଲୋକ ସର୍ବଦା ପୁରୁଷଙ୍କ Minipi chuhañ(hiñ) ମୁଖ ଅବଲୋକନ କରିବାକୁ, ଅର୍ଥାତ ପୁରୁଷ ସମାଜରେ ମିଶିବାକୁ ସୁଖ ପାଏ—[ a woman ] Given to looking at the face of males or freely mixing in male society.
পুরুষঘেঁষা मरदमिलु

ମିଣିପି(ପ) ସଭା—ଗ୍ରା. ବ—ପୁରୁଷମାନଙ୍କ ସଭା—A meeting of Minipi(pa) sabhā male persons; men's meeting.
পুরুষ মানুষের সভা मर्द सभा

ମିଣିପି ସୁଆ(ହା)ଗୀ—ଗ୍ରା. ବଣ. ସ୍ତ୍ରୀ—ସ୍ୱାମୀ ପ୍ରତି ଅତ୍ୟନ୍ତ ଭାବରେ Minipi suā(hā)gī ଅନୁରକ୍ତା ( ସ୍ତ୍ରୀ )—( a woman) Addicted to excessively fondling her husband
পুরুষ সোহাগী; ভাতার সোহাগী पतिसेवी
[ମିଣିପି ସୁଅ(ହା)ଗେଇ(ଣ୍ଡ)—ଅନ୍ୟରୂପ]

ମିଣିପେ—ଗ୍ରା. ବ.—(ମିଣିପ ଶବ୍ଦର ବହୁବଚନ)—ପୁରୁଷମାନେ—Minipe ପୁରୁଷ মানুষেরা मर्दों Men; males. [ଦ୍ର—ଦାଣ୍ଡରୁ ମିଣିପେ, ସିନ କହି ଦେବେ, କଲେ ସେ ଭୁଇଁରେ ଥରେ । ଉଦାସ. ସାଅନ୍ତ୍ରଅ ବାଡ଼ା]

ମିଣ୍ଟ୍—ବୈଦେ. ବ.(ଇଂ)—୧। ମୁଦ୍ରାଶାଳା; ଟଙ୍କାଶାଳା—1. Mint. Mint ୨ । (ଇଂ. ମିନଟ)—ମିନଟ—2. Minue.
মিণ্ট मिण्ट: टकसाल

ମିଣ୍ଡେଇ—ପ୍ରାଦେ (ସମ୍ବଲପୁର)—(ଭୁଇ. ବ. ଧାନମଡ଼ା) ବେଙ୍ଗଲା—
Mindei Threshing of corn by causing bullocks to tread upon spread corn-sheaves.

ମିତ—ଦେ. ବ. ପୁଂ. ଓ ସ୍ତ୍ରୀ—(ସଂ. ମିତ୍ର; ପ୍ରା. ମିତ୍ତ)—୧ । ମିତ୍ର; Mita মিতা मित ସୁହୃଦ୍; ବନ୍ଧୁ—1. Friend; a crony. (ମିତଣୀ—ସ୍ତ୍ରୀ) [ଉ—ବନେ କ ଯୋଗ୍ଧା ଦେଖିଲଇଁ । ଗୋ ମିତ । ଅଭିମନ୍ୟୁ. ଜୟଦ୍ରଥ ବଧ୍ୟାମିଣୀ ।] ୨ । ନାମର ସାଦୃଶ୍ୟ ଯୋଗୁଁ ଧର୍ମଦୃଷ୍ଟିରେ ବନ୍ଧୁ ହୋଇଥିବା ଦୁଇ ବ୍ୟକ୍ତି—2. Namesakes between whom god-relationship is set up. ସଂ. ବିଣ. (ମା ଧାତୁ + କର୍ମ. ତ)—୧ । ପରିମିତ—1. Measured; moderate. ୨ । କ୍ଷିପ୍ତ—2. Thrown; cast.

ମିତଙ୍ଗମ—ସଂ. ବିଣ. ପୁ (ମିତଂ+ଗମ୍ ଧାତୁ+କର୍ତ୍ତୃ. ଅ)—ମୃଦୁଗାମୀ
Mitangama —Walking slowly. ବ—ହସ୍ତୀ—[ମିତଙ୍ଗମା(ମୀ) ସ୍ତ୍ରୀ] (ମିତଙ୍ଗ—ଅନ୍ୟରୂପ) Elephant.

ମିତଣୀ—ଦେ. ବ. ସ୍ତ୍ରୀ—୧ । (ସଂ. ମିତ୍ରା)—ନାମ ସାଦୃଶ୍ୟ ଥିବା ସ୍ତ୍ରୀ—
Mitani A namesake (of a female). ୨ । (ସଂ. মিতিন; মিতিনী मितनी ମିତ୍ରପତ୍ନୀ) (ପୁରୁଷ ପକ୍ଷରେ)—ଆପଣାର ମିତଙ୍କର ସ୍ତ୍ରୀ—2. The wife of one's namesake. ୩ । (ସ୍ତ୍ରୀପକ୍ଷରେ) ସଖୀ—3. A female companion of a lady. [ଉ—ଅଷ୍ଟାଦୁର୍ଗ ନାଥ କହେ ହୋଇ ଅଭିଳାଷୀ, ମିତଣୀ କଥିତ ବଚନରେ ଶୁଭଭାଷୀ, ଲକ୍ଷ୍ମୀ ହେବାରୁ ହୋଇ ଦରଶୁଁ ତ୍ରାସୀ । କବିସୂର୍ଯ୍ୟ. ସଙ୍ଗୀତ ।]

ମିତଦ୍ରୁ—ସଂ. ବ—ସମୁଦ୍ର (ହ. ଶ)—The sea; ocean.
Mitadru

ମିତବଚନ—ସଂ. ବ (କର୍ମଧା. ମିତ+ବଚନ)—୧ । ପରିମିତ ଭାଷଣ; ଅଳ୍ପ କଥା କହିବା—Moderate speech. ୨ । ହିତ କଥା—2. Good advice. ସଂ. ବିଣ. ପୁଂ (ବହୁବ୍ରୀହି)—ମିତବାକ୍ (ଦେଖ) Mitabāk (See)
Mitabachana
ମିତବାକ୍ୟ, ମିତବାଦ, ମିତଭାଷଣ } ଅନ୍ୟରୂପ
(ମିତବଚନା—ସ୍ତ୍ରୀ)

ମିତବାକ୍—ସଂ. ବିଣ. ପୁଂ (ବହୁବ୍ରୀହି; ମିତ୍=ପରିମିତ+ବାକ୍)—
Mitabāk ୧ । ଯେ ଅଳ୍ପ କଥା କହେ—1. Speaking little. ୨ । ପରିମିତ ଭାଷୀ - 2. Reserved; moderate in speech.
ମିତବାଗ୍, ମିତଭାଷୀ, ମିତବାଦ } ଅନ୍ୟରୂପ
(ମିତବାଗ୍, ମିତବାଦନୀ, ମିତଭାଷିଣୀ—ସ୍ତ୍ରୀ)

ମିତବାଦିତା—ସଂ. ବ (ମିତବାଦନ୍+ଭାବ. ତା)—ପରିମିତ ଭାଷଣର ଅବସ୍ଥା—The state of speaking little; reserve.
Mitabāditā
(ମିତଭାଷିତା—ଅନ୍ୟରୂପ)

ମିତ ବୁଆ—ପ୍ରାଦେ (ଅଠମଲ୍ଲିକ) ବ—ଆପଣା ମିତର ପିତା; ମଉସା—
Mita buā Father of one's namesake.
(ମିତମା, ମିତମାଅ—ସ୍ତ୍ରୀ)

ମିତବ୍ୟୟ—ସଂ. ବ (କର୍ମଧା. ମିତ+ବ୍ୟୟ)—ପରିମିତ ବ୍ୟୟ—
Mitabyaya Moderate expenditure; economy. ସଂ. ବିଣ. ପୁଂ (ବହୁବ୍ରୀହି)—ମିତବ୍ୟୟୀ (ଦେଖ) Mitabyayi (See)
(ମିତବ୍ୟୟା—ସ୍ତ୍ରୀ)

ମିତବ୍ୟୟିତା—ସଂ ବ (ମିତବ୍ୟୟିନ୍+ଭାବେ ତା)—ପରିମିତ ବ୍ୟୟଶୀଳତା—Moderation in expenses; frugality; economy.
Mitabyayitā

ମିତବ୍ୟୟୀ—ସଂ. ବିଣ. ପୁଂ (ମିତ+ବ୍ୟୟ+ଇନ୍)—ଯେ ଅଳ୍ପ ଖରଚ କରେ—Frugal; moderate in spending; economical.
Mitabyayi
(ମିତବ୍ୟୟିନୀ—ସ୍ତ୍ରୀ)

ମିତଭୁକ୍—ସଂ. ବିଣ. ପୁଂ ଓ ସ୍ତ୍ରୀ (ମିତ+ଭୁଜ୍ ଧାତୁ+କର୍ତ୍ତୃ. କ୍ୱିପ୍)—
Mita bhuk ଯେ ପରିମିତ ଆହାର କରେ—Moderate in food.
(ମିତଭୋଗୀ—ଅନ୍ୟରୂପ) (ମିତଭୋଜନା—ସ୍ତ୍ରୀ)

ମିତଭୋଜନ—ସଂ. ବ (କର୍ମଧାରୟ; ମିତ+ଭୋଜନ)—ମିତାହାର
Mitabhojana (ଦେଖ)—Mitāhāra (See) ସଂ. ବିଣ (ବହୁବ୍ରୀହି)—ମିତଭୁକ୍ (ଦେଖ) Mitabhuk (See)
(ମିତଭୋଜନା—ସ୍ତ୍ରୀ)

ମିତମ୍ପଚ—ସଂ. ବିଣ. ପୁଂ (ମିତଂ+ପଚ ଧାତୁ+କର୍ତ୍ତୃ. ଅ)—୧ ।
Mitampacha 1. Miserly; frugal; niggardly. ୨ । ପରିମିତ ଦ୍ରବ୍ୟର ପାକକର୍ତ୍ତା—Cooking moderately; very sparing in cooking food.
(ମିତମ୍ପଚା—ସ୍ତ୍ରୀ)

ମିତ ରହିବ ମାଣିକ ରହିବ—ଦେ. ବାକ୍ୟ (ଭଗ, ବ୍ୟଙ୍ଗ)—୧ । ଦୁଇ
Mita rahiba mānika rahiba ଦିଗକୁ ରକ୍ଷା କରିବାକୁ ଇଚ୍ଛା କରି କୌଣସି ଅନ୍ତରେ କୃତକାର୍ଯ୍ୟ ନ ହେବା ବ୍ୟକ୍ତିର ମନୋଭାବ—1. An adage implying the mentality of a person who wants to save both the sides but is not successful in saving either. [ଦ୍ର—ଏଥିର ସମାର୍ଥ ଭଗ—ତେଲ ଗଲା ତ ଅଣ, ପୁଅ ମୁଣ୍ଡକୁ ଅଣ; ସାପ ମରିବ ନାହିଁ, ବାଡ଼ି ଭାଙ୍ଗିବ ନାହିଁ ।]
কুঞ্জও থাকবে মানও থাকবে,
কেষ্টও থাকবে, কুলও থাকবে
कुलीन मा कुला मा;
गायो हाँ वैलो हाँ

ମିତା—ଗ୍ରା. ବ—ମିତ (ଦେଖ)—Mita (See)
Mitā মিতা मिता

ମିତାକ୍ଷର—ସଂ. ବ (କର୍ମଧା ; ମିତ+ଅକ୍ଷର)—ମିତ ବାକ୍ୟ—
Mitākshara Measured speech; moderate words. ସଂ. ବିଣ. ପୁଂ (ବହୁବ୍ରୀହି)—ମିତବାକ୍—Moderate in speech.
(ମିତାକ୍ଷରା ସ୍ତ୍ରୀ)

ମିତାକ୍ଷରା—ସଂ. ବ—ହିନ୍ଦୁ ସ୍ମୃତି ଗ୍ରନ୍ଥ ବିଶେଷ; ଯାଜ୍ଞବଲ୍କ୍ୟମୁନି ପ୍ରଣୀତ ସଂହିତା ଗ୍ରନ୍ଥର ବିଜ୍ଞାନେଶ୍ୱର କୃତ ଟୀକାଗ୍ରନ୍ଥ—Name of a commentary on Hindu Law by Bijnāneśwara on the Institutes of Jājnyabalkya. [ଦ୍ର—କେବଳ ବଙ୍ଗଦେଶ ଛଡ଼ା ଭାରତର ଅନ୍ୟ ସବୁଠି ମିତାକ୍ଷରା ଲିଖିତ ବିଧି
Mitāksharā

ଅନୁସାରେ ସମ୍ପତ୍ତିର ଦାୟଭାଗ ଚଳେ । ବଙ୍ଗଦେଶରେ 'ଦାୟଭାଗ' ଅନୁସାରେ ପୈତୃକ ସମ୍ପତ୍ତି ବଣ୍ଟନ ହୁଏ । ମିତାକ୍ଷରାର ବିଧାନ ଅନୁସାରେ ପୁତ୍ର ଜନ୍ମହେଲା କ୍ଷଣି ଜୀବିତ ପିତାଙ୍କ ସଙ୍ଗେ ପିତାମହଙ୍କ ତ୍ୟକ୍ତ ସମ୍ପତ୍ତିରେ ମଧ୍ୟ ଜଣେ ସ୍ୱତ୍ୱାଧିକାରୀ ବା ଅଂଶୀଦାର ହୁଏ । କିନ୍ତୁ ଦାୟଭାଗ ଅନୁସାରେ ପିତାଙ୍କ ମୃତ୍ୟୁପରେହିଁ ପୈତୃକ ସମ୍ପତ୍ତିରେ ଏକାଏକ ପୁତ୍ରର ସ୍ୱତ୍ୱ ପ୍ରବର୍ତ୍ତେ । ଏହୁପର ସ୍ତ୍ରୀଧନ, ସମ୍ପତ୍ତି ବଣ୍ଟନ ପୋଷ୍ୟପୁତ୍ର ଗ୍ରହଣ ଆଦି ସମ୍ବନ୍ଧେ ମିତାକ୍ଷରାର ବିଧାନ ଦାୟଭାଗର ବିଧାନଠାରୁ ସ୍ୱତନ୍ତ୍ର । ଓଡ଼ିଆମାନେ ମିତାକ୍ଷରା ଶାସ୍ତ୍ରାଧୀନ ଓ ବଙ୍ଗାଳୀମାନେ ଦାୟଭାଗର ଅଧୀନ । ]

**ମିତାକ୍ଷରୀ**—ସଂ. ବି—ଅକ୍ଷରବିଶେଷର ଉଚ୍ଚାରଣ ପରିବର୍ତ୍ତନ ପୂର୍ବକ Mitākshari ବ୍ୟବହୃତ ସାଙ୍କେତିକ ବାକ୍ୟ (ଯଥା—ଘଣିଠାର)—Cypher language consisting of changing the sounds of letters; code words.

**ମିତାଚାର**—ସଂ. ବି. (କର୍ମଧା; ମିତ+ଆଚାର)—ସଂଯତ ବ୍ୟବହାର—Mitāchāra Moderate behaviour or conduct. (ମିତାଚାରୀ—ସ୍ତ୍ରୀ) ସଂ ବିଣ (ବହୁବ୍ରୀହି)—ମିତାଚାରୀ ( ଦେଖ ) Mitāchāri ( See )

**ମିତାଚାରୀ**—ସଂ. ବିଣ. ପୁଂ—(ମିତାଚାର+ଇନ୍)—ଯାହାର ବ୍ୟବହାର Mitāchāri ସୁସଂଯତ—Of moderate conduct; temperate. [ମିତାଚାରିଣୀ—ସ୍ତ୍ରୀଲିଙ୍ଗ]

**ମତାନ(ର)**—ପ୍ରାଦେ. (ସମ୍ବଲପୁର)—ଅବ୍ୟୟ (ଭୁଲ. ବ. ମତନ; ହି. Mitān(r) ମୋତାବକ୍ ) ପରି; ମତ—Like. [ ଉ—ସେ କାହାର ମିତାନ୍ ଦେଖା ଯାଉଛେ ?=ସେ କାହାପରି ଦେଖା ଯାଉଛି ? ]

**ମିତାର୍ଥ**—ସଂ. ବି.—(କର୍ମଧାରୟ, ମିତ+ଅର୍ଥ)—୧ । କୌଣସି ବାକ୍ୟର Mitārtha ବିଶିଷ୍ଟ ବା ସୀମାବଦ୍ଧ ଅର୍ଥ—Restricted or special meaning of a word. ୨ । (ବହୁବ୍ରୀହି) ପରିମିତଭାଷୀ ଦୂତବିଶେଷ—A messenger who speaks with moderation. ବିଣ ପୁଂ--(ବହୁବ୍ରୀହି) ଯେଉଁ ବାକ୍ୟର ଅର୍ଥ ସୀମାବଦ୍ଧ—(a word) Of restricted meaning. (ମିତାର୍ଥା—ସ୍ତ୍ରୀ)

**ମିତାଶନ**—ସଂ. ବି.—(କର୍ମଧା; ମିତ+ଅଶନ)—ପରିମିତ ଆହାର Mitāsana Moderate eating. ସଂ. ବିଣ. ପୁଂ—(ମିତାହାର—ଅନ୍ୟରୂପ) ( ବହୁବ୍ରୀହି; ମିତ+ଅଶନ)—ପରିମିତ ଭୋଜୀ—Moderate in eating; abstemious. ମିତାଶନା } ମିତାହାରୀ }—ସ୍ତ୍ରୀ

**ମିତାଶିତା(ତ୍ୱ)**—ସଂ. ବି.—(ମିତାଶିନ୍+ତା,ତ୍ୱ)—ପରିମିତଭୋଜିତା—Mitāsita(twa) Moderation in meal.

**ମିତାଶୀ**—ସଂ.ବିଣ. ପୁଂ—(ମିତ+ଅଶ୍ ଧାତୁ+କର୍ତ୍ତୃ. ଇନ୍; ୧ମା. ୧ବ) Mitāsi —୧ । ମିତଭୁକ୍—Abstemious or moderate in the matter of food. (ମିତାହାରୀ—ଅନ୍ୟରୂପ) (ମିତାଶିନୀ, ମିତାହାରିଣୀ—ସ୍ତ୍ରୀ)

**ମିତି**—ସଂ. ବି—(ମା ଧାତୁ=ମାପିବା+ଭାବ. ତି)—୧ । ମାପ; ପରିମାଣ Miti 1. Measure. ୨ । (+କରଣ ତି)ଜ୍ଞାନ—2. Knowledge. ୩ । ( +କର୍ମ. ତି ) ପ୍ରମାଣ—3. Proof; evidence. ୪ । ଅବଚ୍ଛେଦ—4. Section; part; portion. ୫ । ସୀମା—5. Limit; boundary. ୬ । ନିର୍ଦ୍ଦିଷ୍ଟ ଧନ ବା ମୁଦ୍ରା —6. A specified sum or amount ୭ । ନିର୍ଦ୍ଦିଷ୍ଟ ତିଥି ବା ତାରିଖ—7. A specified day of a lunar fortnight. ୮ । ( +ଭାବ. ତି ) କ୍ଷେପଣ —8. Throwing; casting ଦେ· ଅ.—ମିତିକା (ଦେଖ)—Mitikā (See)

**ମିତିଅପା**—ପ୍ରାଦେ. (ଗଡ଼ଜାତ) ବି—ସଙ୍ଗାତଙ୍କ ପିତା—The name Miti apā of one's sangāta friend.

**ମିତିକା**—ଗ୍ରା. ଅ—( ଅନ୍ୟ ଶବ୍ଦ ସଙ୍ଗେ ଯୁକ୍ତ ହୋଇଥାଏ)—ପରି; Mitikā ପ୍ରକାରେ—Wise; as in this wise; like (ମିତିକିଆ—ଅନ୍ୟରୂପ) ପ୍ରକାରର—of (any) kind. (ଉ--ତୁ କମିତିକା ମଣିଷଟାଏ ମଁ ।)

**ମିତିନ୍**—ପ୍ରାଦେ. (ହିନ୍ଦୁସ୍ଥାନ) ଅବ୍ୟୟ—(ଭୁଲ. ବ. ମତନ; ସମ୍ବଲପୁରୀ Mitin ମିତାନ୍; ଓଡ଼ିଆ ମତ; ମିତ; ମିତିକା) ପରି—Like.

**ମିତୁଣୀ**—ଗ୍ରା. ବି—ମିତଣୀ (ଦେଖ) ituni Mitani (See) [ଉ—ଶଶିସେଣା ସେହୁ ମୋର ପ୍ରାଣର ମିତୁଣୀ । ପ୍ରତାପ. ଶଶିସେଣା ।)

**ମିତ୍ର(ତ୍ତ୍ର)**—ସଂ. ବି. ପୁଂ—(ମିଦ୍ ଧାତୁ=ସ୍ନେହ କରିବା+କର୍ତ୍ତୃ.ତ୍ର) Mitra (ttra) ୧ । ସୁହୃଦ; ବନ୍ଧୁ; ବୟସ୍ୟ—1. Friend. (ମିତ୍ରା—ସ୍ତ୍ରୀ) ୨ ।ତପନ; ସୂର୍ଯ୍ୟ—2. The sun. ୩ । (ଜ୍ୟୋତିଷ) ଜ୍ୟୋତିଷୋକ୍ତ ତାରା ବା ନକ୍ଷତ୍ରର ଯୋଗ ବିଶେଷ—3· Name of a conjunction of stars in calculating the horoscope of a person. ଦେ. ବି. (ବ.)—୧ । ବଙ୍ଗ ଦେଶବାସୀ କାୟସ୍ଥଙ୍କ ବଂଶୋପାଧି ବିଶେଷ—1. A family-title of Bengali Kāyasthas. ୨ । ମିତ୍ରତା—2. Friendship. [ ଉ—ସୁଗ୍ରୀବ ଭୁଲେ ମିତ୍ର କର ବରୁପ ବଲେ ସେ ଅସୁରୀ । ଜଗନ୍ନାଥ.ଭାଗବତ ।] ଦେ. ବିଣ—୧ । ସ୍ନିଗ୍ଧ—1. Charming; sweet; smooth. ୨ । ପ୍ରିୟ—2. Dear; agreeable. [ଉ—କଷ୍ଟରେ ତ ନେତ ମନୋହର ଅବଲୋକ,ବୃନ୍ଦାବନେ ଏହା ମିତ୍ର କରଣେ ବନେକ । ଉପେ. ବୈଦେହୀଶବିଳାସ] [ଦ୍ର—ଯେଉଁ ବ୍ୟକ୍ତି ସ୍ନେହ କରେ ଓ ଯେ ଏକଜିଦୁ ସେ ମିତ୍ର; ସୁଖ ଦୁଃଖ ସବୁ ଅବସ୍ଥାରେ ଯାହାର ପ୍ରେମବନ୍ଧନ ଶିଥିଳ ହୁଏ ନାହିଁ, ସେ ବନ୍ଧୁ; ଯେ ସର୍ବଦା ସହୃଦୟ, ଅର୍ଥାତ୍ ହିତ କାମନାରେ ରତ ସେ ସୁହୃତ୍; ଯେ ସମବୟସ୍କ, ସମରୁଚ, କଟା ସଙ୍ଗୀ ସେ ସଖା; ଯେ ସମବୟସ୍କ ଆମୋଦ ସଙ୍ଗୀ ସେ ବୟସ୍ୟ ।)

ମିତ୍ର ଅକ୍ଷର—ଦେ. ବି.—ନିଜ ନାମର ସମାନ କୌଣସି ବ୍ୟକ୍ତିର ବା Mitra akshara ଗ୍ରାମର ନାମକରଣ—Naming of a person or village after one's own name.

ମିତ୍ର ଗ୍ରହ—ସଂ. ବି. (ଜ୍ୟୋତିଷ)=ପରସ୍ପର ମିତ୍ରଭାବାପନ୍ନ କେତେକ Mitra graha ନିର୍ଦ୍ଦିଷ୍ଟ ଗ୍ରହ—Friendly planets of certain planets. (ଯଥା—ଚନ୍ଦ୍ରଙ୍କର ରବି,ମଙ୍ଗଳ ଓ ବୃହସ୍ପତି, ରବିଙ୍କର ଚନ୍ଦ୍ର, ମଙ୍ଗଳ, ବୃହସ୍ପତି ଓ ବୁଧ; ମଙ୍ଗଳଙ୍କର ରବି, ଚନ୍ଦ୍ର ଓ ବୃହସ୍ପତି; ବୁଧଙ୍କର ଶୁକ୍ର ଓ ଶନି; ବୃହସ୍ପତିଙ୍କର ରବି, ଚନ୍ଦ୍ର ଓ ମଙ୍ଗଳ; ଶୁକ୍ରଙ୍କର ବୁଧ ଓ ଶନି; ଶନିଙ୍କର ବୁଧ ଓ ଶୁକ୍ର ମିତ୍ର ଅଟନ୍ତି ।)

ମିତ୍ରଘାତକ—ସଂ. ବିଣ. ପୁଂ ( ମିତ୍ର+ହନ୍ ଧାତୁ+କର୍ତ୍ତୃ. ଅକ )—Mitraghātaka ମିତ୍ରହତ୍ୟାକାରୀ—Killing a friend; (ମିତ୍ରଘାତିକା, ମିତ୍ରଘାତିନୀ—ସ୍ତ୍ରୀ) murderer of one's friend. ( ମିତ୍ରଘ୍ନ, ମିତ୍ରଘାତୀ, ମିତ୍ରହା—ଅନ୍ୟରୂପ )

ମିତ୍ରଘ୍ନ—ସଂ. ବି ( ନାମ ) ( ମିତ୍ର+ହନ୍ ଧାତୁ+କର୍ତ୍ତୃ. ଅ )—ରାକ୍ଷସ-Mitraghna ବିଶେଷ—A demon. [ ଉ—ବଧେ ମିତ୍ରଘ୍ନ ନାମ ଯେ ଯାତ, ବଧ୍ନ କରେ ମିତ୍ର ଘାତକର—ଉଚ୍ଚ. ବୈଦେହୀଶବିଳାସ । ] ସଂ. ବିଣ. ପୁଂ—ମିତ୍ରଘାତକ ( ଦେଖ )—Mitraghātaka ( See )

ମିତ୍ରତା(ତ୍ୱ)—ସଂ. ବି ( ମିତ୍ର+ଭାବ. ତା, ତ୍ୱ )—ବନ୍ଧୁତା—Mitratā(twa) Friendship.

ମିତ୍ର ତାର—ସଂ. ବି ( ଜ୍ୟୋତିଷ )—ମିତ୍ର ୩ ( ଦେଖ ) Mitra tāra Mitra 3 (See)

ମିତ୍ର ଦ୍ରୋହ—ସଂ. ବି ( ମିତ୍ର+ଦ୍ରୁହ୍ ଧାତୁ+ଭାବ. ଅ )—ମିତ୍ରର Mitra droha ବିଶ୍ୱାସଘାତକତା ବା ଅନିଷ୍ଟ ସାଧନ—Injuring one's friend.

ମିତ୍ରଦ୍ରୋହୀ—ସଂ. ବିଣ. ପୁଂ ( ମିତ୍ର+ଦ୍ରୁହ୍ ଧାତୁ+କର୍ତ୍ତୃ. ଇନ୍ )—Mitradrohī ମିତ୍ର ପ୍ରତି ବିଶ୍ୱାସଘାତକ—Injuring a friend. ( ମିତ୍ରଦ୍ରୋହୀ—ଦେଶଜରୂପ ) ( ମିତ୍ରଦ୍ରୋହିଣୀ—ସ୍ତ୍ରୀ ) ( ମିତ୍ରଦ୍ରୋହିତା—ବି )

ମିତ୍ରଧ୍ରୁଗ—ଦେ. ବିଣ—(ସଂ. ମିତ୍ର ଦ୍ରୋହୀ)—ମିତ୍ରଦ୍ରୋହୀ—Mitradhruga Violating the bonds of friendship. [ଉ—ସ୍ତ୍ରେୟ ସୁରାପ ମିତ୍ରଧ୍ରୁଗ । ବ୍ରହ୍ମହା ଯେ ଗୁରୁ-ତଳ୍ପଗ । ସ୍ତ୍ରୀରାଜ ପିତୃ ଗୋବୁ ହତ୍ୟା । ଏ ଅବ ପାପକର୍ମ କର୍ତ୍ତା । ପ୍ରାଚୀ. ଦ୍ୱିତୀୟ. ଚନ୍ଦ୍ରୋଦୟ ।]

ମିତ୍ରବତ୍ସଳ—ସଂ. ବିଣ. ପୁଂ.—(୭ମୀ ତତ୍)—ମିତ୍ର ପ୍ରତି ସ୍ନେହଯୁକ୍ତ—Mitrabatsala . Attached or devoted to a friend. (ମିତ୍ରବତ୍ସଳା—ସ୍ତ୍ରୀ)

ମିତ୍ରବତ୍ସଳତା—ସଂ. ବି—ମିତ୍ର ପ୍ରତି ଅନୁରକ୍ତି—Mitrabatsalatā Devotion to a friend. (ମିତ୍ର ବାତ୍ସଲ୍ୟ—ଅନ୍ୟରୂପ)

ମିତ୍ର ବଧ—ସଂ. ବି—(୬ଷ୍ଠୀ ତତ୍; ମିତ୍ର+ବଧ)—ମିତ୍ରକୁ ମାର Mitra badha ପକାଇବା—Murdering of a friend.

ମିତ୍ରବର—ସଂ. ବି—(୬ଷ୍ଠୀ ତତ୍)—ପ୍ରଧାନ ବନ୍ଧୁ—Mitra bara A chief friend; a fast friend

ମିତ୍ର ବିଚ୍ଛେଦ—ସଂ. ବି—(୬ଷ୍ଠୀ ତତ୍)—ମିତ୍ରଙ୍କର ପରସ୍ପର ସଙ୍ଗ Mitra bichheda ବିଚ୍ଛେଦ—Separation between friends.

ମିତ୍ର ବିନ୍ଦା—ସଂ. ବି. ନାମ—ଶ୍ରୀକୃଷ୍ଣଙ୍କର ଅଷ୍ଟ ପଟ୍ଟମହଷୀ ମଧ୍ୟରୁ ଜଣେ-Mitra bindā One of the 8 chief queens of Srikrushna. (ଉ—ମିତ୍ରବିନ୍ଦା, ସୁନନ୍ଦା, ଶଙ୍ଖାବତୀ-ପ୍ରାଚୀ—ଉଦ୍ଧବଦୂତଗୀତା ।)

ମିତ୍ର ବିରୋଧ—ସଂ. ବି. (୬ଷ୍ଠୀ ତତ୍)—ମିତ୍ରମାନଙ୍କ ମଧ୍ୟରେ ମନୋ-Mitra birodha ମାଳିନ୍ୟ—Quarrel among friends rupture between friends

ମିତ୍ର ଭେଦ—ସଂ. ବି.—(୬ଷ୍ଠୀ ତତ୍)—ମିତ୍ରମାନଙ୍କ ମଧ୍ୟରେ କଳହ Mitra bheda ଲଗାଇ ଦେବା—Creating dissension between friends.

ମିତ୍ରୟୁ—ସଂ. ବିଣ.—(ମିତ୍ର+ଯା ଧାତୁ+କର୍ତ୍ତୃ. ଉ)—ମିତ୍ରବତ୍ସଳ Mitrayu ଦେଖ)—Mitra batsala (See)

ମିତ୍ର ରାଜା—ସଂ. ବି.—( କର୍ମଧା; ମିତ୍ର+ରାଜନ୍ )—ଯେଉଁ ରାଜାଙ୍କ Mitra rājā ସଙ୍ଗେ କୌଣସି ରାଜାଙ୍କର ମିତ୍ରତା ସ୍ଥାପିତ ହୋଇଥାଏ—An ally of a king.

ମିତ୍ରରାଜ୍ୟ—ସଂ. ବି ( ୬ଷ୍ଠୀ ତତ୍; ମିତ୍ର—ରାଜ୍ୟ )—ମିତ୍ରରାଜାଙ୍କ ରାଜ୍ୟ Mitrarājya —The state of an ally.

ମିତ୍ରଲାଭ—ସଂ. ବି ( ୬ଷ୍ଠୀ ତତ୍ )—୧ । ଜଣକୁ ମିତ୍ରରୂପେ ପାଇବା—Mitralābha Acquisition of a person as one's friend. ୨ । ହିତୋପଦେଶ ନାମକ ସଂସ୍କୃତ ନୀତି ଗ୍ରନ୍ଥର ପ୍ରଥମ କଥା ଭାଗ—2. The title of the 1st section of the Sanscrit work Hitopadesa.

ମିତ୍ରଶକ୍ତି—ସଂ. ବି ( ଆଧୁନିକ ପ୍ରୟୋଗ )—ମିତ୍ର ରାଜା—Mitraśakti An ally; an allied power.

ମିତ୍ର ଷଡ଼ଷ୍ଟକ—ସଂ. ବି—ବିବାହ ବିଷୟକ ଜ୍ୟୋତିଷୋକ୍ତ ଶୁଭଯୋଗ-Mitra shaṛdashṭaka ବିଶେଷ (ଦ୍ର—ଯଥାକ୍ରମେ କନ୍ୟାର ଓ ବରର ରାଶି, ମକର—ମିଥୁନ; କନ୍ୟା—କୁମ୍ଭ; ସିଂହ—ମୀନ; ବୃଷ—ତୁଳା; ବୃଶ୍ଚିକ—ମେଷ; କର୍କଟ—ଧନୁ ହେଲେ ମିତ୍ର ଷଡ଼ଷ୍ଟକ ହୁଏ )—An auspicious correlation of the zodiac signs of the bride and the bridegroom leading to a happy wedlock.

ମିତ୍ର ସପ୍ତମୀ—ସଂ. ବି—ମାର୍ଗଶିର ଶୁକ୍ଳ ୭ମୀ—The 7th day of Mitra saptamī the bright fortnight of the month of Mārgaśira.

ମିତ୍ର ସୈନ୍ୟ—ସଂ. ବି—ମିତ୍ରରାଜାଙ୍କ ସେନା—Mitra sainya The army of an ally.

ମିତ୍ର ହତ୍ୟା—ସଂ. ବି (୬ଷ୍ଠୀତତ୍)—ମିତ୍ର ବଧ ( ଦେଖ ) Mitra hatyā Mitra badha ( See )

ମିତ୍ରହନ୍ତା—ସ ବଣ. ପୁଂ ( ମିତ୍ର+ହନ୍ ଧାତୁ+କର୍ତ୍ତୃ. ତୃ )—
Mitrahantā ମିତ୍ରଘ୍ନ; ଯେ ମିତ୍ରକୁ ବଧ କରେ—
(ମିତ୍ରହନ୍ତ୍ରୀ—ସ୍ତ୍ରୀ) Murdering one's friend.

ମିତ୍ରା—ସ. ବି. ସ୍ତ୍ରୀ ( ମିତ୍ର+ଅ )—୧ । ( ନାମ ) ଶତ୍ରୁଘ୍ନଙ୍କ ମାତା
Mitrā ସୁମିତ୍ରା—The mother of Śatrughna and a wife of Daśaratha. ୨ । ମିତ୍ରର ସ୍ତ୍ରୀଲିଙ୍ଗ—2. Feminine of Mitra.

ମିତ୍ରାକ୍ଷର—ସ. ବି—ଛନ୍ଦୋବିଶେଷ; ଯେଉଁ ଛନ୍ଦରେ ପ୍ରତ୍ୟେକ ଚରଣର
Mitrākshara ଅନ୍ତ୍ୟ ବର୍ଣ୍ଣର ମେଳ ଥାଏ—Rhyme
(ଅମିତ୍ରାକ୍ଷର—ବିପରୀତ) (in poetry). [ ଦ୍ର—ସଂସ୍କୃତରେ ସାଧାରଣତଃ ଅମିତ୍ରାକ୍ଷର ଛନ୍ଦ ପ୍ରଚଳିତ; ଓଡ଼ିଆ ପ୍ରାଚୀନ କାବ୍ୟାଦିରେ ବହୁସ୍ଥଳରେ ଅପୂର୍ଣ୍ଣ ମିତ୍ରାକ୍ଷର ଓ ନବ୍ୟ ଓଡ଼ିଆ ସାହିତ୍ୟରେ ପୂର୍ଣ୍ଣ ମିତ୍ରାକ୍ଷରର ପ୍ରଚଳନ ଦେଖାଯାଏ । ଇଂରାଜୀ କବିଙ୍କ ଅନୁକରଣରେ ବଙ୍ଗଳାରେ ମାଇକେଲ୍ ମଧୁସୂଦନ ପ୍ରଥମେ ଅମିତ୍ରାକ୍ଷର ପ୍ରବର୍ତ୍ତାଇଲେ । ରାମଶଙ୍କର ଓ ରାଧାନାଥ ଓଡ଼ିଆରେ ଅମିତ୍ରାକ୍ଷର ଛନ୍ଦ ଚଳାଇଲେ । ଓଡ଼ିଆ ଅମିତ୍ରାକ୍ଷର ରଚନାର ଛଟାକୁ ବ୍ୟଙ୍ଗ କରି ଲୋକେ ଏପରି ସୁଦ୍ଧା କହି ଥାଆନ୍ତି 'ସଜନୀ ଗଛମୂଳେ ଲୁଚାଇଲି ଚାଉଁଶ, ତହିଁ ଦେଖି ମୋର ଲାଗି ଶରଧା ।'

ଓଡ଼ିଆ ସାହିତ୍ୟରେ ତିନି ପ୍ରକାର ମିତ୍ରାକ୍ଷର ଛନ୍ଦ ଦେଖାଯାଏ :—( ୧ ) ପୂର୍ଣ୍ଣ ମିତ୍ରାକ୍ଷର ଅର୍ଥାତ୍ ଯେଉଁ ପଦ୍ୟର ଦୁଇ ଚରଣର ଶେଷ ଅକ୍ଷର ଓ ତତ୍ପୂର୍ବବର୍ତ୍ତୀ ଅକ୍ଷରର ସ୍ୱରମାନଙ୍କର ମେଳ ଯାଏ । ଉ—ଦକ୍ଷିଣ ଦେଶେ ସ୍ୱର୍ଗଗିରି ଶୋଭନ, ନର୍ମିଳ ଶୁଭ୍ର ଯହିଁ ନଗ୍ନ ଜୀବନ । ରାଧାନାଥ. ମେଘଦୂତ । ତା ନାମ ଗାଇ ଭୃଙ୍ଗରେ; ଶ୍ରୀବ ଡମରୁ ବଜାଇ ଦାଣ୍ଡରେ ଗୋ, ଉଷା ମାଗୁଥିବ ବ୍ରହ୍ମାଣ୍ଡରେ । ସଜନ ଗୋ ! ଅଭିମନ୍ୟୁ. ବିଦଗ୍ଧଚିନ୍ତାମଣି । ( ୨ ) ଅପୂର୍ଣ୍ଣ ମିତ୍ରାକ୍ଷର ଅର୍ଥାତ ଯେଉଁ ପଦ୍ୟର ଦୁଇ ଚରଣର କେବଳ ଶେଷ ଅକ୍ଷର ବା ସ୍ୱର ଦ୍ୱୟର ମେଳ ଥାଏ । ଉ—ହିଂସ୍ରା ଯାମିନୀରେ ମୋ ପ୍ରାଣସଖୀ, କହେ ପଲଙ୍କେ ଥିଲି ମୋ କୋଳେ ଶୋଇ । ଉପେନ୍ଦ୍ରଭଞ୍ଜ । ( ୩ ) ଏକାନ୍ତର ମିତ୍ରାକ୍ଷର ଅର୍ଥାତ୍ ଯେଉଁ ପଦ୍ୟର ଚାରି ଚରଣ ମଧ୍ୟରୁ ଗୋଟିଏ ଛାଡ଼ି ଗୋଟିଏ (୧ମ ଓ ୩ୟ; ୨ୟ ଓ ୪ର୍ଥ) ଚରଣର ଶେଷ ଅକ୍ଷରର ମେଳ ଥାଏ । ଉ—ଗମ୍ଭୀର ନିଶୀଥ କାଳେ ନିଦ୍ରିତା ଧରଣୀ, ସ୍ୱପନେ ତୋ ମହାମୂର୍ତ୍ତି କରେ ଦରଶନ, ହସଇ ଆନନ୍ଦେ ଚେଣ୍ଟ ମହାନନ୍ଦେ ଧନୀ, ସୁପ୍ତ ଶିଶୁ ଦେଖି ଯେସନେ ସ୍ୱର୍ଗୀୟ ସ୍ୱପନ । ମଧୁସୂଦନ. ଅବାଗଶ୍ରଦ୍ଧ । ]

ମିତ୍ରାବରୁଣ—ସ. ବି ( ଦ୍ୱିବଚନ; ଦ୍ୱନ୍ଦ୍ୱ; ମିତ୍ର+ବରୁଣ = ମିତ୍ରାବରୁଣ;
Mitrābaruṇa ଈପାଚନ )—ସୂର୍ଯ୍ୟ ଓ ବରୁଣ—The Sun-god and the God of ocean.

ମିଥ୍ ( ଧାତୁ )—ସ.—ବଧ କରିବା—To kill.
Mith (root)

ମିଥଃ—ସ. ଅ—୧ । ଅନ୍ୟୋନ୍ୟ; ପରସ୍ପର—1. Mutually. ୨ ।
Mithaḥ ଗୋପନରେ—2. In secret.

ମିଥି—ସ. ବି. ନାମ—ନିମି ରାଜାଙ୍କ ପୁତ୍ର; ଜନକ ରାଜା—Name of
Mithi the son of king Nimi; king Janaka.

ମିଥିଳ—ଦେ. ବି—ରାଜା ଜନକ—King Janaka. [ ଉ—
Mithiḷa ଜନ୍ମଲେ ଜନକ ହୋଇଲା, ବୈଦେହ ନାମ ଯେ ବହିଲା । ମନ୍ଥନେ ମିଥିଳ ତା ନାମ, ବହେ ଅଶେଷ ଗୁଣ ଧାମ । ଜଗନ୍ନାଥ. ଭାଗବତ । ]

ମିଥିଳା—ସ. ବି ( ମିଥି=ନିମି ରାଜାଙ୍କ ପୁତ୍ର+ଅଧି ଅର୍ଥରେ ଲ+ଆ,
Mithiḷā ମିଥି ରାଜାଙ୍କ ରାଜ୍ୟ )—ଅଧୁନାତନ ତିରହୁତ ବିଭାଗ (ଏଥିରେ ରାଜା ଜନକ ରାଜତ୍ୱ କରୁଥିଲେ) ପ୍ରାଚୀନ ବିଦେହ—The ancient country now represented by modern Tirhoot. [ ଦ୍ର—ପୂର୍ବକାଳରେ ନିମି ରାଜାଙ୍କ ପୁତ୍ର ମିଥି ସ୍ୱନାମାନୁସାରେ ଏ ନଗର ବସାଇ ଥିଲେ । ମିଥି ଏ ନଗରର ଜନକଦାସ ଥିବାରୁ ଏହାଙ୍କ ନାମ ଜନକ ହୋଇଥିଲା ଓ ତାଙ୍କ ବଂଶଧର ମିଥିଳାର ରାଜାମାନେ ଜନକ ଉପାଧିରେ ଭୂଷିତ ହେଉଥିଲେ । ଋଗ୍ବେଦକାଳରେ ମିଥିଳା ଦେଶ ସଂସ୍କୃତ ବିଦ୍ୟାର ଆଲୋଚନା ପାଇଁ ପ୍ରସିଦ୍ଧି ଲାଭ କରିଥିଲା—ସୁବଳଚନ୍ଦ୍ର. ବାଙ୍ଗଲା ଅଭିଧାନ । ]

ମିଥୁନ—ସ. ବି (ମିଥ ଧାତୁ=ବଧ କରିବା+କର୍ତ୍ତୃ. ଉନ )—୧ । ସ୍ତ୍ରୀ-
Mithuna ପୁରୁଷ; ଦ୍ୱନ୍ଦ୍ୱ; ପ୍ରାଣୀମାନଙ୍କର ସ୍ତ୍ରୀ ଓ ପୁରୁଷ—1. Couple; a pair; a male and a female. ୨ । ଜ୍ୟୋତିଷୋକ୍ତ ତୃତୀୟ ରାଶି—2. The 3rd sign of the zodiac. ୩ । ସୌର ଆଷାଢ଼ ମାସ—3. The solar month of Āshāṛdha. ୪ । ମିଳନ; ସଂଯୋଗ—4. Conjunction. ୫ । ସ୍ତ୍ରୀପୁରୁଷ ସଙ୍ଗମ—5. Copulation; pairing; coition.

ମିଥୋଭାଷଣ—ସ. ବି (ମିଥଃ+ଭାଷଣ)—ଗୁପ୍ତରୂପ କଥାବାର୍ତ୍ତା—
Mithobhāshaṇa A tete-a-tete.

ମିଥ୍ୟା—ସ.ଅ (ମିଥ୍ ଧାତୁ=ବଧ କରିବା+କର୍ମ.ଯ+ଆ)—୧ । ମିଛ;
Mithyā ଅନୃତ; ଅସତ୍ୟ କଥା—1. A fib; falsehood;
(ସତ୍ୟ—ବିପରୀତ) untruth. ୨ । ମାୟା—2. Illusion.
ସ. ବଣ.—୧ । ଅସତ୍ୟ—1 Untrue; false. ୨ । କାଳ୍ପନିକ—2. Imaginary. ୩ । ମାୟାପୂର୍ଣ୍ଣ—3. Delusive. ୪ । ବୃଥା—4. Fruitless; vain. ୫ । ଅବାସ୍ତବ—5. Unreal.

ମିଥ୍ୟା ଅଭିଯୋଗ—ଦେ. ବି—ମିଥ୍ୟାରେ ଦୋଷାରୋପ ବା ନାଲିସ—
Mithyā abhijoga False charge.
মিথ্যাঅভিযোগ मिथ्याअभियोग (ମିଥ୍ୟାଭିଯୋଗ—ସ.ରୂପ)

ମିଥ୍ୟାକଥନ—ସଂ. ବି (ଷଷ୍ଠୀତତ୍)—ମିଛକହିବା—
Mithyākathana Falsehood; telling a lie; lying.

ମିଥ୍ୟାକଥା—ଦେ. ବି—୧ । ମିଛବାକ୍ୟ—1. False words.
Mithyākathā ୨ । ମିଛ ବିଷୟ—2. False thing.
মিথ্যাকথা मिथ्याबात ୩ । ବୃଥାକଥା—3. Fruitless thing or matter.

ମିଥ୍ୟାଚରଣ—ସଂ ବି (ମ.ପ. ଲୋ; ମିଥ୍ୟାପୂର୍ଣ୍ଣ ଆଚରଣ)—୧ । କପଟାଚାର; ଅସତ୍ୟ ବ୍ୟବହାର—
Mithyācharaṇa
( ମିଥ୍ୟାଚାର—ଅନ୍ୟରୂପ ) 1. Crooked or insincere conduct. ୨ । ମିଥ୍ୟାକଥନ ( ସ୍ୱଳ୍ପଲବ୍ଧ )—2. Falsehood; lying.

ମିଥ୍ୟାଚାର—ସଂ. ବିଣ. ପୁଂ. (ବହୁବ୍ରୀହି)—୧ । କପଟାଚାରୀ—1. Of crooked conduct; hypocrite.
Mithyāchāra
(ମିଥ୍ୟାଚାରୀ—ଅନ୍ୟରୂପ) ୨ । ଦାମ୍ଭିକ—2. Overbearing; impudent.
ମିଥ୍ୟାଚାରିଣୀ, ମିଥ୍ୟାଚାରୀ }—ସ୍ତ୍ରୀ

ମିଥ୍ୟାଚାରିତା—ସଂ. ବି (ମିଥ୍ୟାଚାରିନ୍+ଭାବ. ତା)—କପଟବ୍ୟବହାର—
Mithyāchāritā Hypocricy.

ମିଥ୍ୟାଜ୍ଞାନ—ସଂ. ବି—ଭ୍ରାନ୍ତ ବା ଅସତ୍ୟ ଧାରଣା—
Mithyājnāna False notion; wrong impression.

ମିଥ୍ୟା ଦଲିଲ୍—ଦେ.ବି (କର୍ମଧା)—ମିଛରେ ଜାଲ୍ କରି ପ୍ରସ୍ତୁତ କରା ଯାଇଥିବା ଦଲିଲ୍—False document; forged document.
Mithyā dalil
নিথ্যা দলীল मिथ्या दलील

ମିଥ୍ୟାଦୃଷ୍ଟି—ସଂ ବି—୧ । ନାସ୍ତିକତା—1. Atheism; ୨ । ଅସତ୍ୟ ଭାବ ବା ଧାରଣା—2. Heresy; false view; ୩ । ଯଜ୍ଞାଦି କର୍ମ କରିବା ହେତୁରୁ ସ୍ୱର୍ଗାଦି ସୁଖ ପ୍ରାପ୍ତି ହୁଏ, ଏଥିର ଅସ୍ୱୀକାର—3 Disagreement with the view that one attains heaven by the performance of vedic sacrifices.
Mithyādṛushṭi

ମିଥ୍ୟା ଧାରଣା—ସ. ବି—ଭ୍ରାନ୍ତବିଶ୍ୱାସ—
Mithyā dhāraṇā False belief or impression.

ମିଥ୍ୟା ନିରସନ—ସଂ. ବି (୬ଷ୍ଠୀ ତତ୍)—ଶପଥ—
Mithyā nirasana Oath; swearing.

ମିଥ୍ୟାପବାଦ—ସଂ. ବି—ମିଥ୍ୟାରେ ଦୋଷାରୋପ—
Mithyāpabāda A false imputation; calumny.

ମିଥ୍ୟାପ୍ରତିଜ୍ଞ—ସଂ. ବିଣ. ପୁଂ ( ବହୁବ୍ରୀହି )—୧ । ବିଶ୍ୱାସଘାତକ—
Mithyāpratijña 1 Treacherous. ୨ । ଅଙ୍ଗୀକାର-
(ମିଥ୍ୟାପ୍ରତିଜ୍ଞା—ସ୍ତ୍ରୀ) ଭଙ୍ଗକାରୀ—2. Breaking one's promise.

ମିଥ୍ୟା ପ୍ରମାଣ ସର୍ଜନା(ନ)—ସ.ବି (କର୍ମଧା)—ମିଛରେ କୌଣସିବିଷୟର ପ୍ରମାଣିତ କରିବାପାଇଁ ଉଦ୍ଯୋଗ—Fabrication of false evidence.
Mithyā pramāṇa sarjjanā(na)

ମିଥ୍ୟା ପ୍ରସୁପ୍ତ—ସ. ବିଣ ପୁଂ—ଯେ ଛେଳି ଶୋଇ ଥାଏ—
Mithyā prasupta Pretending or feigning sleep.
(ମିଥ୍ୟା ପ୍ରସୁପ୍ତା—ସ୍ତ୍ରୀ)

ମିଥ୍ୟା ପ୍ରସୁପ୍ତି—ସ. ବି—ଛେଳି ଶୋଇବା—
Mithyā prasupti Feigned sleep.

ମିଥ୍ୟା ପ୍ରିୟ—ସ. ବିଣ. ପୁଂ (ବହୁବ୍ରୀହି; ମିଥ୍ୟା ଅଟେ ପ୍ରିୟ ଯାହାର)—
Mithyā priya ଯେ ମିଥ୍ୟା କହିବାକୁ ସୁଖ ପାଏ—
(ମିଥ୍ୟା ପ୍ରିୟା—ସ୍ତ୍ରୀ) Fond of lying.
(ମିଥ୍ୟା ପ୍ରିୟତା—ଅନ୍ୟରୂପ)

ମିଥ୍ୟା ବାକ୍ୟ—ସ. ବି—ମିଛ କଥା—
Mithyā bākya Falsehood.

ମିଥ୍ୟା ବାଦ—ସ. ବି—୧ । ମିଛ କଥା—1. Falsehood. ୨ । ମିଛ କହିବା—2. Telling a lie. ୩ । ମିଥ୍ୟା ଅପବାଦ—3. False imputation.
Mithyā bāda

ମିଥ୍ୟା ବାଦିତା—ସ. ବି (ମିଥ୍ୟାବାଦିନ୍+ଭାବ. ତା)—ମିଛ କହିବାର ଅଭ୍ୟାସ—T he habit of speaking falsehood.
Mithyā bāditā

ମିଥ୍ୟା ବାଦୀ—ସ. ବିଣ. ପୁଂ (ମିଥ୍ୟାବାଦ+ଇନ; ୧ମା. ୧ବ)—
Mithyā bādi ମିଛୁଆ—Lying. ସ. ବି—ମିଛୁଆ ବ୍ୟକ୍ତି—A liar.
(ମିଥ୍ୟାବାଦିନୀ—ସ୍ତ୍ରୀ)

ମିଥ୍ୟା ଭାଷଣ—ସ. ବି. (୬ଷ୍ଠୀ ତତ୍)—ମିଥ୍ୟା କଥନ ( ଦେଖ )
Mithyā bhāshaṇa Mithyā kathana ( See )

ମିଥ୍ୟା ଭାଷୀ—ସ. ବିଣ. ପୁଂ—ମିଥ୍ୟା ବାଦୀ ( ଦେଖ )
Mithyā bhāshi Mithyā bādi ( See )
(ମିଥ୍ୟା ଭାଷିଣୀ—ସ୍ତ୍ରୀ) (ମିଥ୍ୟା ଭାଷିତା—ବି)

ମିଥ୍ୟାଭିଯୋଗ—ସ. ବି (କର୍ମଧା)—ମିଛରେ ଜଣକ ନାମରେ ନାଲିସ୍—
Mithyābhijoga False accusation or charge.

ମିଥ୍ୟାଭିଶଂସନ—ସ. ବି. (୭ମୀ ତତ୍; ମିଥ୍ୟା+ଅଭିଶଂସନ=ଅପବାଦ)—୧ । ମିଥ୍ୟାପବାଦ—
Mithyābhisaṁsana
1. False imputation. ୨ । ମିଥ୍ୟା ନାଲିସ୍—2. False accusation; false charge.

ମିଥ୍ୟା ଶପଥ—ସ. ବି (କର୍ମଧା)—ମିଛରେ ହଲପ କରିବା—
Mithyā śapatha Perjury.

ମିଥ୍ୟା ସାକ୍ଷ—ସ. ବି. ( ମ. ପ. ଲୋ )—କୌଣସି ମିଥ୍ୟା ବିଷୟରେ ଧର୍ମାଧିକରଣରେ ଜବାନବନ୍ଦି ଦେବା—
Mithyā sāksha Perjury; giving false evidence.

ମିଥ୍ୟା ସାକ୍ଷୀ—ସ. ବି. ପୁ. ( ମ. ପ. ଲୋ ) ମିଥ୍ୟାବାଦୀ ସାକ୍ଷୀ )—
Mithyā sākshi ଯେଉଁ ଲୋକ ଧର୍ମାଧିକରଣରେ ମିଛ କଥା କହେ—A perjurer; a perjured witness.

ମିଥ୍ୟା ସାକି(କ୍ଷି)—ଗ୍ରା. ବି ( ସ. ମିଥ୍ୟା ସାକ୍ଷୀ )—୧ । ଯେଉଁ ସାକ୍ଷୀ ମିଛ କଥା କହେ—1. A lying witness; a perjured witness.
Mithyā sākhi(kshi)
মিথ্যা সাক্ষী
झूठी गवाही, मिथ्या साक्षी ୨ । ମିଥ୍ୟା ସାକ୍ଷ୍ୟ—2. False evidence; perjury.
(ମିଥ୍ୟା ହଲଫୀ—ଅନ୍ୟରୂପ)

ମିଥ୍ୟା ସୁକୃତ—ଦେ. ବି—କୌଣସି ମିଛ ବିଷୟରେ କରିବା ଶପଥ—
Mithyā sukṛuta Perjury; false statement on oath.

মিথ্যা শপথ **मिथ्या हलफ** (ମିଥ୍ୟା ହଲପ—ଅନ୍ୟରୂପ)

**ମିଥ୍ୟା ସମ୍ବାଦ**—ସଂ. ବି. (କର୍ମଧା)—ମିଛରେ ଦେବା, ରଟାଇବା Mithyā sambāda ବା ଶୁଣାଯିବା ଖବର—1. False information.

**ମିଥ୍ୟୁକ**—ସଂ. ବଣ. ପୁଂ (ମିଥ୍ୟା+ଉକ)—ମିଛୁଆ—Mithyuka Lying; given to lying. (ମିଥ୍ୟୁକା—ସ୍ତ୍ରୀ ଲିଙ୍ଗ)

**ମିଥ୍ୟୋତ୍ତର**—ସଂ. ବି. (କର୍ମଧା) (ମକଦ୍ଦମା ବା ଅଭିଯୋଗ ସମ୍ବନ୍ଧେ)—Mithyottara ଚତୁର୍ବିଧ ଉତ୍ତର ବା ଜବାବ ମଧ୍ୟରୁ ଗୋଟିଏ; ଯାହା ଜବାବ (ଯଥା—ବାଦୀଙ୍କ ଉକ୍ତି ମିଥ୍ୟା, ମୁଁ ଏହା ଜାଣେ ନାହିଁ; ମୁଁ ଏହା କରିନାହିଁ; ମୁଁ ସେଠାରେ ନ ଥିଲି; ଏହିପରି ଉତ୍ତର)—A reply embodying a denial of the plaintiff's claim.

**ମିଥ୍ୟୋପଚାର**—ସଂ. ବି. (କର୍ମଧା)—ଉପକାର କରିବାର ଛଳନା—Mithyopachāra Pretended friendly service.

**ମିଦ୍** (ଧାତୁ)—ପ—୧। ଗର୍ବିତ ହେବା—1. To be proud. ୨। Mid(root) ବିନୀତ ହେବା—2. To be humble. ୩। ସ୍ନିଗ୍ଧ ବା ତେଲଯୁକ୍ତ ହେବା—3. To be oily or smooth. ୪। ଦ୍ରବ ହେବା; ଗଳିତ ହେବା—4. To be melted; to be liquefied. ୫। ତେଲ ବୋଳିବା—5. To anoint with oil. ୬। ସ୍ନେହ କରିବା—6. To love. ୭। କୋମଳ ହେବା—7. To be softened.

**ମିନ**—ପ୍ରାଦେ (ସମ୍ବଲପୁର) ବଣ. (ତୁଳ. ହି. ମହୀନ)—ଅତି Mina ସୂକ୍ଷ୍ମ; ବାରିକ୍—Very fine.

**ମିନତି**—ଦେ. ବି (ସଂ. ବିନତି)—ବିନୟପୂର୍ବକ ପ୍ରାର୍ଥନା—Minati মিনতি **मिनति** Entreaty.

**ମିନା**—ବୈଦେ. ବି (ଫା. ମୀନା=ନୀଳରତ୍ନ; ତୁଳ. ଇଂ. ଏନାମେଲ୍; Minā ଧାତୁର ଦେହରେ ନେଇ ପଥର ବା ନାନା ବର୍ଣ୍ଣର ଅସ୍ୱଚ୍ଛ মিনা କାଚ ଚଢ଼ାଇବା)—୧। ଧାତୁପଦାର୍ଥ ଉପରେ ବିନ୍ୟସ୍ତ **मिना** ନାନା ବର୍ଣ୍ଣର କାଚ ପରି ମସୃଣ ପୁଟବିଶେଷ; ଧାତୁ ଉପରେ ନାନା ବର୍ଣ୍ଣର ପୁଟ ଦେବା କାରିଗରି—1. Enamel; enamelling. [ଉ—ସୁନା ପଟା ଶୋଭା ବିଚିତ୍ର ମର୍କତ ମିନା ଫୁଙ୍କା ଲିପି ଝଳଇ—ବିଷ୍ଣୁ. କୋଟିବ୍ରହ୍ମାଣ୍ଡସୁନ୍ଦରୀ।] [ଦ୍ର—ଦିଲ୍ଲୀର ଓ ରାଜପୁତାନାର ଜୟପୁର ଅଞ୍ଚଳ ମିନା କାରିଗରି ନିମନ୍ତେ ବିଖ୍ୟାତ।] ୨। ଏକ ଧାତୁ ଉପରେ ଅନ୍ୟ ଧାତୁର ପୁଟ ଦେବା; ଧାତୁ ଉପରେ ନାନା ବର୍ଣ୍ଣର ଅନ୍ୟ ଧାତୁର ଲେପ ଦେବା—2. The act of gilding. ୩। ସୁନା କାମ ଉପରେ ଅସ୍ୱଚ୍ଛ କାଚର ବା ନାନା ବର୍ଣ୍ଣର ମଣି ବସାଇବା, ଜଡ଼ାଉ ବା କୁନ୍ଦନ କାମ—3. Overlaying or plating or setting of gold ornaments with gems etc. [ଉ—ସୁନା ଲଟକାରେ ମୀନା ପରି କଲା ଝିନାଶାଢ଼ୀ ଯହିଁ ଦିଶି—କବିସୂର୍ଯ୍ୟ. ସଙ୍ଗୀତ।] [ଦ୍ର—ପଞ୍ଜାବ, ବଣାରସ ଓ ମାନ୍ଦ୍ରାଜ କୁନ୍ଦନ କାମର କାରିଗରି ପାଇଁ ପ୍ରସିଦ୍ଧ।] ୪। ନୀଳରତ୍ନବିଶେଷ—4. A kind of blue gem. ୫। ପାନପାତ୍ରବିଶେଷ; ମଦ୍ୟପାତ୍ରବିଶେଷ—5. A kind of goblet; a decanter. ୬। ମିହ୍ନା (ଦେଖ)—6. Mihnā (See) ୭। କମିଣ୍ଡା (ହି. ଣ)—7. Witchcraft; sorcery.

**ମିନା କରିବା**—ଦେ. କ୍ରି—୧। ସୁନା ଅଳଙ୍କାର ଉପରେ ଜଡ଼ାଉ କାମ Minā kariba କରିବା—1. To set or overlay মিনা করা (বসান) ornaments with gems or layers **मिना करना** of enamel. ୨। ଅନ୍ୟ ଧାତୁ ଉପରେ (ମିନା ଫୁଙ୍କିବା, ମିନା ବସା(ଏ)ଇବା—ଅନ୍ୟରୂପ) ସୁନାର ବା ରୁପାର ଗିଲ୍‌ଟି କରିବା—2. To gild ornaments.

**ମିନା କାମ(ରି)**—ବୈଦେ. ବି (ଫା. ମୀନାକାରୀ)—୧। ମିନା ୧, ୨, Minā kāma(rī) ୩ (ଦେଖ)—1. Minā 1, 2, 3 (See) মিনার কায, মিনা বসান ୨। ମିନା କାମ କରା ଯାଇଥିବା **मिनाकारी** ଦ୍ରବ୍ୟ—2. Any enamelled or gilt or gem-set article.

**ମିନାକାର**—ବୈଦେ. ବି (ଫା. ମୀନାକାର୍)—ରୂପା ଓ ସୁନା ଉପରେ Minākāra ରଙ୍ଗବେରଙ୍ଗ ପୁଟ ଦେବା କାରିଗର—An artisan মিনাকার **मीनाकार** who can enamel or gild metals. (ମିନା କାରିଗର—ଅନ୍ୟରୂପ)

**ମିନାର**—ବୈଦେ. ବି (ଫା. ମ[ମୀ]ନାର୍; ତୁଳ. ସଂ. ମନ୍ଦିର)—ମନ୍ଦିରର Minār ଉଚ୍ଚ ଶୀର୍ଷଦେଶ; ଚୂଡ଼ା—Spire; minaret. মিনার **मिनार**

**ମିନିଟ୍**—ବୈଦେ. ବି (ଇଂ. ମିନଟ୍)—୧। ଏକ ଘଣ୍ଟାର ୬୦ ଭାଗରୁ Minit ଏକ ଭାଗ; ପ୍ରାୟ ୨½ ପଳ ସମୟ—1. A minute মিনিট of time. ୨। କୋଣର ଏକ ଡିଗ୍ରିର ୬୦ ଭାଗରୁ **मिनट** ୧ ଭାଗ—2. A minute of a degree of an (ମିନଟ, ମଣ୍ଟ, ମିଣ୍ଟି—ଗ୍ରାମ୍ୟରୂପ) angle. ୩। (ଇଂ. ମିନଟ୍‌ସ୍) ସଭାର ଅଧିବେଶନରେ କାର୍ଯ୍ୟ ବିବରଣ—3. The minutes of a meeting.

**ମିନିଟ୍ କଣ୍ଟା**—ଦେ. ବି (ଇଂ. ମିନଟ୍+ସଂ. କଣ୍ଟକ)—ଘଣ୍ଟାରେ Minit kantā ମିନଟ ଜ୍ଞାପକ ଲୌହ ଶଲାକା—Minute-মিনিট কাঁটা **मिनट काँटा** hand of a clock. (ମିନଟ୍ ହାଣ୍ଡ—ବୈଦେଶିକରୂପ; ମିନଟ କଣ୍ଟା—ଗ୍ରାମ୍ୟରୂପ)

**ମିନିଟ୍(ସ୍) ବୁକ୍**—ବୈଦେ. ବି (ଇଂ. ମିନଟ୍ସ୍ ବୁକ୍)—ଅଧିବେଶନ-Minit(ts) buk ମାନଙ୍କ କାର୍ଯ୍ୟ ବିବରଣ ଯେଉଁ ବହିରେ ଲେଖା মিনিট বুক ଯାଏ; ପ୍ରୋସିଡିଙ୍ଗ୍ ବହି—The minutes-book **मिनिट बुक** of an association.

**ମିନି ଟୋଲି**—ଦେ. ବି (ବଣିଆ ଶବ୍ଦ)—ସୁନାର ଗୋଲକାଦି ଉପରେ Mini tola ଗାର ଗାର ଚିହ୍ନ ଉଠିବା ପାଇଁ ବ୍ୟବହୃତ ଠସା—A mould to produce carved lines on golden balls of ornaments.

ମିନଶ (ଶି)ନି—ଗ୍ରା. ବି ( ସଂ. ମୀନଶନି )—ମନ୍ଵନ୍ତରକାଳ; ଦୁର୍ଭିକ୍ଷ—
Minita(śi)ni Famine; time of scarcity or rise
मीनशनि मीनशनि in prices.

ମିନିସ(ସି)ପାଲ୍(ଲି)ଟି ଇତ୍ୟାଦି—ଗ୍ରା. ବି—ମିଉନିସିପାଲିଟି ଇତ୍ୟାଦି
Minis(si)pal(li)ti (etc.) ( ଦେଖ ) Miunisipaliti
(etc) ( See )

ମିବାର(ଡ଼)—ଦେ. ବି ( ନାମ )—ରାଜସ୍ଥାନର ପ୍ରସିଦ୍ଧ ପ୍ରାଚୀନ ଦେଶୀୟ
Mibara(rda) ରାଜ୍ୟବିଶେଷ—Name of ancient Indian
মিবার मेवाड State in Rajputana. [ ଦ୍ର—ପୂର୍ବେ
ଏହାର ରାଜଧାନୀ ଚିତୋର ଥିଲା; ବର୍ତ୍ତମାନ ଏଥିର
ରାଜଧାନୀ ଉଦୟପୁର; ଏ ରାଜ୍ୟର ଅଧୁନିକ ନାମ ଉଦୟପୁର;
ଏଥିର ରାଜାଙ୍କ ଉପାଧି ମହାରାଣା; ଏ ରାଜ୍ୟର
କ୍ଷେତ୍ରଫଳ ୧୨୬୯୧ ବର୍ଗ ମାଇଲ ।

ମିବାରର ଶିଶୋଦୀୟ ରାଜପୁତବଂଶୀୟ ମହାରାଣା
ଭାରତ ଇତିହାସରେ ଖୁବ୍ ବୀରତା ଦେଖାଇଥିବା ପାଇଁ
ପ୍ରସିଦ୍ଧ । ଏ ରାଜବଂଶ ୭୨୦ ଖ୍ରୀଷ୍ଟାବ୍ଦରେ ବାପ୍ପାରାଓଙ୍କଦ୍ୱାରା
ପ୍ରତିଷ୍ଠିତ ହୋଇଥିଲା, ଏଥିର ରାଜଧାନୀ ଚିତୋର ଥିଲା । ପୂର୍ବେ
ଖ୍ରୀଷ୍ଟାବ୍ଦ ଚତୁର୍ଦ୍ଦଶ ଶତାବ୍ଦୀରେ ଏ ରାଜାମାନେ ଅଲ୍ଲାଉଦ୍ଦିନ୍
ଖିଲିଜୀ ଓ ବାହାଦୁର ସାହାଙ୍କ ବଶ୍ୟତା ସ୍ୱୀକାର କରିଥିଲେ ।
ମହାରାଣା କୁମ୍ଭ ମାଳବ ଓ ଗୁଜରାଟର ରାଜାମାନଙ୍କୁ ପରାସ୍ତ
କରି ଚିତୋରରେ କୀର୍ତ୍ତିସ୍ତମ୍ଭ ନିର୍ମାଣ କରିଥିଲେ । ମହାରାଣା
ସଂଗ୍ରାମ ସିଂହ ଓ ଉଦୟସିଂହ ଅକବରଙ୍କ ବଶ୍ୟତା ସ୍ୱୀକାର
ନ କରିବାରୁ ଅକବର ପାଞ୍ଚମାସବ୍ୟାପୀ ଅବରୋଧ ପରେ
୧୫୬୮ ଖ୍ରୀଷ୍ଟାବ୍ଦରେ ଚିତୋର ଦୁର୍ଗକୁ ଅଧିକାର କଲେ ।
ମହାରାଣା ଉଦୟସିଂହ ଆରାବଳୀ ପର୍ବତକୁ ଯାଇ ସେଠାରେ
ରହିଲେ । ତାଙ୍କ ପୁଅ ପ୍ରତାପ ସିଂହ ମଧ୍ୟ ମୋଗଲଙ୍କ
ବଶ୍ୟତା ସ୍ୱୀକାର କଲେ ନାହିଁ । ସେ ପ୍ରଥମେ ମୋଗଲ
ସେନାପତି ରାଜା ମାନସିଂହଙ୍କଦ୍ୱାରା ପରାସ୍ତ ହୋଇ ଶେଷରେ
ଜୟଲାଭ କରି ତାଙ୍କ ପିତାଙ୍କ ନାମରେ ଉଦୟପୁର ନାମକ
ନୂଆ ରାଜଧାନୀ ବସାଇଲେ । ୧୬୧୪ ଖ୍ରୀଷ୍ଟାବ୍ଦରେ ତାଙ୍କ
ପୁତ୍ର ଅମର ସିଂହ ମୋଗଲ ସମ୍ରାଟଙ୍କ ବଶ୍ୟତା ସ୍ୱୀକାର
କଲେ—ପ୍ରୋଥେରୋ ସାହେବଙ୍କ ଇତିହାସ । ]

ମିମଙ୍କ୍ଷା—ସଂ. ବି ( ମସ୍ଜ୍ ଧାତୁ=ବୁଡ଼ିବା+ସନ୍ ବା ଇଚ୍ଛାର୍ଥେ ଦ୍ୱିତ୍ୱ+
Mimankshā ସ୍ତ୍ରୀ. ଅ )—ବୁଡ଼ିବାର ଇଚ୍ଛା—A wish to
plunge or dive.

ମିମଙ୍କ୍ଷୁ—ସଂ. ବିଣ ( ମସ୍ଜ୍ ଧାତୁ+ସନ୍+କର୍ତ୍ତୃ. ଉ )—ବୁଡ଼ିବାକୁ
Mimankshu ଇଚ୍ଛୁକ—Wishing to plunge.

ମିମନ୍ଥିଷା—ସଂ. ବି ( ମନ୍ଥ୍ ଧାତୁ+ସନ୍ ବା ଇଚ୍ଛାର୍ଥେ. ଦ୍ୱିତ୍ୱ+ସ୍ତ୍ରୀ.
Mimanthishā ଅ )—୧ । ମନ୍ଥନ କରିବା ଇଚ୍ଛା—1. A
wish to churn. ୨ । ବଧ ବା ବିନାଶ କରିବା
ଇଚ୍ଛା—2. A wish to destroy or kill.

ମିମନ୍ଥିଷୁ—ସଂ. ବିଣ ( ମନ୍ଥ+ସନ୍+ଇଚ୍ଛାର୍ଥେ+କର୍ତ୍ତୃ. ଉ )—୧ ।
Mimanthishu ମନ୍ଥନେଚ୍ଛୁ—1. Wishing to churn.
୨ । ବଧେଚ୍ଛୁ—2. Wishing to destroy.

ମିମା(ମାଂ)ସା—ଗ୍ରା. ବି ( ସଂ. ମୀମାଂସା )—ମୀମାଂସା—
Mimā(mām)sā মিমাংসা मीमांसा Disposal of a matter.

ମିମିକ୍ଷା—ସଂ. ବି ( ମିହ୍ ଧାତୁ=ସେଚନ କରିବା+ସନ୍. ଅ+ଆ )—
Mimikshā ପ୍ରସ୍ରାବ କରିବାର ଇଚ୍ଛା; ମୂତ୍ରତ୍ୟାଗେଚ୍ଛା—Desire
( ମିମିକ୍ଷୁ—ବିଣ ) to pass urine.

ମିର—ବୈଦେ. ବି ( ଫା=ସର୍ଦ୍ଦାର; ପ୍ରଧାନ; ନେତା )—୧ । ମୁସଲ-
Mir মির मीर ମାନଙ୍କ ନାମ ପୂର୍ବରେ ଲଗିବା ଉପାଧିବିଶେଷ—
1. A title prefixed to the name of
Mahomedans. ୨ । ମୁସଲମାନ୍ ସୈୟଦ ଜାତିର
ଉପାଧି—2. The title of Syeds amongst
the Mahomedans. ୩ । ମୁସଲମାନଙ୍କ ଧର୍ମାଚାର୍ଯ୍ୟଙ୍କ
ଉପାଧି—3. Title of Mahomedan priests or
preceptors. ୪ । ସର୍ଦ୍ଦାର; ନେତା—4. Head-
man; leader. ୫ । ଗଞ୍ଜପାର ବା ତାସ୍‌ଖେଳର ସାହେବ
ତାସ୍—5. The King card in the game of
cards. ୬ । ( ଲକ୍ଷଣାର୍ଥ ) କୌଣସି କାର୍ଯ୍ୟରେ ପ୍ରତି-
ଯୋଗିତାରେ ଯେ ବାହାଦୁରି ଦେଖାଏ—6. ( figura-
tive ) A person who is the winner or
first man amongt competitors.

ମିର୍ କାସିମ୍—ବୈଦେ. ବି ( ନାମ )—ଇଂରେଜମାନଙ୍କ ମନୋନୀତ
Mir kāsim ବଙ୍ଗଦେଶର ଦ୍ୱିତୀୟ ନବାବ—Name of a
মির কাশিম Nawab of Bengal. [ ଦ୍ର—ମିର୍ କାସିମ୍
मीर कासीम ମିରଜାଫରଙ୍କର ଜୋଇଁ ଥିଲେ । ଇଂରାଜମାନେ
ଖ୍ରୀ. ୧୭୬୦ ସାଲରେ ମିରଜାଫରଙ୍କୁ ବଙ୍ଗର ନବାବ ପଦରୁ
ଛଡ଼ାଇ ଏହାଙ୍କୁ ନବାବ କଲେ । ଏ ଇଂରାଜମାନଙ୍କୁ ବର୍ଦ୍ଧମାନ,
ମେଦିନୀପୁର ଓ ଚଟ୍ଟଗ୍ରାମ ଜିଲ୍ଲାମାନ ଦେଲେ ଓ ମୁଙ୍ଗେରଠାରୁ
ମୁର୍ଶିଦାବାଦକୁ ରାଜଧାନୀ ଉଠାଇ ନେଲେ । ପରେ ଏହାଙ୍କ
ସଙ୍ଗେ ଇଂରାଜଙ୍କର ବିବାଦ ହେବାରୁ ଏ ମୋଗଲ ସମ୍ରାଟ
ସାହା ଆଲମ ଓ ଅଯୋଧ୍ୟାର ନବାବ ସାଅଦତ୍ ଖାଁଙ୍କ
ସଙ୍ଗେ ମିଳି ଇଂରାଜଙ୍କ ସଙ୍ଗେ ଯୁଦ୍ଧ କରି ଖ୍ରୀ. ୧୭୬୪ ରେ
ବକ୍‌ସାରଠାରେ ପରାସ୍ତ ହେଲେ ଓ ଇଂରାଜମାନେ
ଏହାଙ୍କୁ ପଦଚ୍ୟୁତ କରି ପୁଣି ମିରଜାଫରଙ୍କୁ ବଙ୍ଗର ନବାବ
କଲେ । ପ୍ରୋଥେରୋ, ଭାରତ ଇତିହାସ । ]

ମିର(ରି)କିଟିଆ—ଦେ. ବିଣ ( ସଂ. ମର୍କଟ )—କୃଶ; କ୍ଷୀଣ—Emaciat-
Mir(ri)kitiā ed. ପ୍ରାଦେ (ଗଡ଼ଜାତ) ବି—ମୃତାଶୌଚ—
মরকুটে Impurity due to the death of a relative.
मिरकिटिआ (ଛୁତ୍‌କଥା—ବଦଶୌଚ)

ମିର(ରି)ଗଚରା—ଦେ. ବି—୧ । ବନ୍ୟବୃକ୍ଷବିଶେଷ—1. Grewia
Mir(ri)g-charā Rotundifolia(tree). ୨ । କ୍ଷେତ ବନ୍ଦା
कलतामन ଗଛବିଶେଷ—2. Grewia Elastica; Grewia
Rothie ( shrub ).

ମିର(ରି)ଗା—ପ୍ରାଦେ. ( ବାଲେଶ୍ୱର ) ବି—ମିର୍ଧା ( ଦେଖ )
Mir-(ri)gā Mirdha ( See )

ମିର(ର, ରି)ଚ୍ଚ—ପ୍ରାଦେ ( ସମ୍ବଲପୁର ) ( ମୂଳ. ହି. ମିର୍ଚ୍ଚ )—
Mir(ra, ri)chā ଲଙ୍କାମରିଚ—Chilly;red pepper.

ମିର ଜାଫର—ବୈଦେ. ବ. ନାମ—ଇଂରେଜଙ୍କ ଦ୍ୱାରା ମନୋନୀତ ବଙ୍ଗ
Mir jāphar ଦେଶର ପ୍ରଥମ ନବାବ—Name of a Nawab
मिर जाफर of Bengal. [ଦ୍ର—ଏହାଙ୍କ ଇଷ୍ଟ ଇଣ୍ଡିଆ
मीर जाफर କମ୍ପାନୀଙ୍କ ସେନାପତି କ୍ଲାଇବ୍ ସିରାଜ୍‌ଉଦ୍ଦୌଲାଙ୍କ
ପରେ ବଙ୍ଗଳାର ନବାବ କରିଥିଲେ । ଏ ଇଂରାଜମାନଙ୍କୁ
ସିରାଜୁଦ୍ଦୌଲାଙ୍କ କଲିକତା ଅବରୋଧ ପାଇଁ ଖେସାରତ
ସ୍ୱରୂପ ୧ କୋଟି ୭୦ ଲକ୍ଷ ଟଙ୍କା ଦେଲେ । ପରେ ଏ
ଡଚ୍‌ମାନଙ୍କ ସଙ୍ଗେ ଇଂରେଜଙ୍କ ବିରୁଦ୍ଧରେ ଷଡ଼ଯନ୍ତ୍ର
କଲେ ଓ ଇଂରାଜମାନେ ଏହାଙ୍କୁ ସିଂହାସନ ଚ୍ୟୁତ କଲେ ଏବ
ଏହାଙ୍କ ଜୋଇଁ ମିର୍ କାସିମ୍‌ଙ୍କୁ ନବାବ କଲେ । ପରେ
ଇଂରାଜଙ୍କ ସଙ୍ଗରେ ମିର୍ କାସିମଙ୍କର ଯୁଦ୍ଧ ହେବାରୁ
ଇଂରାଜମାନେ ପୁଣି ମିର୍ ଜାଫରଙ୍କୁ ନବାବ କଲେ ଓ
ଖ୍ରୀ ୧୭୬୫ ରେ ଏହାଙ୍କ ମୃତ୍ୟୁ ହେବାରୁ ଏହାଙ୍କର ଅନ୍ତର
ପୁଅ ନାଜମ୍‌ଉଦ୍ଦୌଲା ବଙ୍ଗର ନବାବ ହେଲେ ।
ସ୍ତ୍ରୋଥେସ୍ ଇତିହାସ । ]

ମିର୍ ଜୁମ୍‌ଲା—ବୈଦେ. ବ. ନାମ—ସମ୍ରାଟ ଅଉରଙ୍ଗଜେବଙ୍କ ଅଧୀନ ସେନା-
Mir jumlā ପତି ଓ ସୁବେଦାର୍—Name of a general and
मिर जुमला governor under Emperor Aurangjib.
मीर जुमला [ଦ୍ର—ଏ ପ୍ରଥମେ ଗୋଲକୁଣ୍ଡାର ରାଜା ଅବ୍‌ଦୁଲ୍ଲା କୁତବ୍-
ସାହାଙ୍କ ମନ୍ତ୍ରୀ ଥିଲେ । ରାଜାଙ୍କ ସଙ୍ଗେ ମନୋମାଳିନ୍ୟ
ଘଟିବାରୁ ଏ ପଳାଇ ଯାଇ ଅଉରଙ୍ଗଜେବଙ୍କଠାରେ ଶରଣା-
ପନ୍ନ ହୋଇ ସମ୍ମାନିତ ହେଲେ । ଅରଙ୍ଗଜେବ୍ ଏହାଙ୍କୁ
ବଙ୍ଗର ସୁବାଦାର୍ କରିଥିଲେ । ଏ କୁଚବିହାର ଓ
ଆସାମକୁ ଆକ୍ରମଣ କରି ଅଧିକାର କରିଥିଲେ; ଏହାଙ୍କ ମୃତ୍ୟୁ
ଖ୍ରୀ ୧୬୬୩ ରେ ଘଟିଥିଲା । ସ୍ତ୍ରୋଥେସ୍ ଇତିହାସ ]

ମିର୍ ବହରୀ—ବୈଦେ. ବ (ଫା.) (ମୁସଲମାନ ରାଜତ୍ୱ ଅମଲ)--ନୌସେନାଧ୍ୟକ୍ଷ
Mir bahari The commander of the navy during Mahomedan rule.

ମିର୍‌ବାର୍—ବୈଦେ. ବ (ଫା.) (ମୁସଲମାନ ରାଜତ୍ୱ ଅମଲ)—ବାଦସାହାଙ୍କୁ
Mir-bār ଭେଟିବାକୁ ଯିବା ବ୍ୟକ୍ତିଙ୍କୁ ପରୀକ୍ଷା କରିବା କର୍ମଚାରୀ-
An officer who used to examine persons going to appear before the Emperor.

ମିର୍ ମଂଜିଲ୍—ବୈଦେ. ବ (ଫା.) (ମୁସଲମାନ ରାଜତ୍ୱ ଅମଲ)—ସେନାମାନେ
Mir mamjil ପଡ଼ିଥିବା ସ୍ଥାନରୁ ଦିବିରର ସମସ୍ତ ବ୍ୟବସ୍ଥାକାରୀ
କର୍ମଚାରୀ—Commissary General.

ମିର୍ ମଜ୍‌ଲିସ୍—ବୈଦେ. ବ (ଫା)—ସଭାପତି—President of an
Mir majlis assembly or gathering.

ମିର୍ ମହଲ୍ଲା—ବୈଦେ. ବ (ଫା) (ମୁସଲମାନ ରାଜତ୍ୱ ଅମଲ)—ବଜାରର
Mir mahallā ସରଦାର; ଚୌଧୁରୀ—The headman of a bazar or particular quarter of a town.

ମିର୍ ମୁନ୍‌ସୀ—ବୈଦେ. ବ. (ଫା)—ହେଡ୍-ମୋହରିର୍—
Mir munsi मीर मुंसी Head clerk.

ମିର୍ ଶିକାର୍—ବୈଦେ. (ଫା) (ମୁସଲମାନ ରାଜତ୍ୱ ଅମଲ)—ବାଦସାହାଙ୍କ
Mir sikār ଶିକାରର ବ୍ୟବସ୍ଥାକାରୀ ପ୍ରଧାନ କର୍ମଚାରୀ—
मीर शिकार The principal officer in charge of the arrangements for the royal hunt.

ମିର ସାମାନ୍—ବୈଦେ. ବ (ଫା) ( ମୁସଲମାନ ରାଜତ୍ୱ )—ବାଦସାହାଙ୍କ
Mir sāmān ପାକଶାଳାର ବ୍ୟବସ୍ଥାକାରୀ ପ୍ରଧାନ କର୍ମଚାରୀ—
मीर सामान The superintendent of the royal cook-room.

ମିର୍‌ଧା—ଦେ. ବ (ଜାହାଜଅ ଭାଷା)—ଜାହାଜର ଖଲାସିମାନଙ୍କ ସର୍ଦ୍ଦାର
Mirdhā ଓ ଗୋଦାମରକ୍ଷକ—Head of the menials in or purser of a ship. (ଭ—ଶହର
ବେହେରା ମିର୍ଦ୍ଧା ପେଟରେ ଗୋଟାଏ ଗ୍ରାସର ଯୋଡ଼ାମିଶା
(ମିର୍ଧା (ର୍ଦ୍ଧା)—ଅନ୍ୟରୂପ) ଯୋଡ଼ାଏ ଗୋଇଠା ମାଇଥିଲା ।
ଫକୀରମୋହନ. ଗଳ୍ପସ୍ୱଳ୍ପ)

ମିର(ରି)ଧା—ବୈଦେ. ବ (ଫା. ମିର୍‌ଦାହ୍)—ଗ୍ରାମାଧିକାରୀ; ଗ୍ରାମର ମଣ୍ଡଳ-
Mir(ri)dhā Headman of a village.
मिर्धा मोडङ

ମିର୍(ରି)ଶିଙ୍ଗା—ପ୍ରାଦେ. (ଗଞ୍ଜାମ) ବ ( ସ. ଭୂର ସୁଗନ୍ଧ )—ଭୁରୁଶୁଙ୍ଗା
Mir-(ri)singā (ଦେଖ)—Bhurusungā ( See )
[ମେର ଶିଙ୍ଗା, ମୁର୍(ରୁ)ଶୁଙ୍ଗା(ଙ୍ଘ ଅ)—ଅନ୍ୟରୂପ]
ତେ. ଅବାବାସ୍

ମିରା—ସ. ବ—୧ । ମୂର୍ବା (ହୁ. ଶ) (ଦେଖ)—1. Mūrbā (See)
Mirā ୨ । ମଦରା (ହୁ. ଶ)—2. Wine.

ମିରାସ୍‌ଦାର୍—ପ୍ରାଦେ(ଗଞ୍ଜାମ) ବୈଦେ. ବ (ଫା. ମିରାସ୍ = ଉତ୍ତ-
Mirās-dār ରାଧିକାର ରୂପେ ପ୍ରାପ୍ତ ପୈତୃକ ସମ୍ପତ୍ତି+ଦାର୍)—
मिरासदार ଗ୍ରାମର କାନୁନଗୋ କର୍ମ କରିବା ପାଇଁ ସରକାରଙ୍କଠାରୁ
मिरासदार बा ରାଜାଙ୍କଠାରୁ ପୁରୁଷାନୁକ୍ରମେ ଜାଗିର ପାଇଥିବା
କର୍ମଚାରୀ; କୁପ୍ କରଣ;[ଦ୍ର—ଏମାନେ ପ୍ରଜାଙ୍କଠାରୁ ରାଜସ୍ୱ
ଅଦାୟ କରନ୍ତି, ଜନ୍ମ ମୃତ୍ୟୁ ତାଲିକା ରଖନ୍ତି ଓ ଗ୍ରାମର ରାଜ-
ସ୍ୱ କର୍ମ ଓ ହିସାବ ଲେଖାଲେଖି କରନ୍ତି)—A hereditary village Kanungo in the district of Ganjam in Orissa

ମିରି—ପ୍ରାଦେ. (ବସ୍ତର) ବ—ଲଙ୍କା ମରଚ—
Miri Chilly, red pepper.

ମିରିକାଲି—ଦେ. ବ. (ସ. ମୃଗଲ)—ରୋହିଜାତୀୟ ଅପେକ୍ଷାକୃତ ଛୋଟ
Mirikāli ମାଛ—A kind of fresh water fish; Chirrhina Mrigala. [ଦ୍ର—ଏହା ରୋହି ମାଛଠାରୁ
मिर्गेल, मृगेल
मृगेल ଲମ୍ବରେ ଛୋଟ ଓ ଏହାର ଡାଳର ଦାଢ଼ ଈଷତ୍ କୃଷ୍ଣ
(ମିର୍କାଲି—ଅନ୍ୟରୂପ) ବର୍ଣ୍ଣ ।]

ମିରିଗ—ଗ୍ରା. ବ. (ସ. ମୃଗ)—ମୃଗ—Dear.
Miriga (ଭ—ଶୁଅ, ସାରୀ, ମିରିଗମାନଙ୍କ ସରଗ । କୃଷ୍ଣସିଂହ.
(ମିର୍ଗ—ଅନ୍ୟରୂପ) [ମିର୍ଗୀ,ମିର୍ଗି(ର୍ଗୁ)ଣୀ—ସ୍ତ୍ରୀ] ମହାଭାରତ. ବନ ।)
मृग, हरिन, मिग मिरग, हरन

ମିରଗ(ଗି) ଛାଲ—ଗ୍ରା. ବ (ସଂ. ମୃଗ ଚର୍ମ)—ମୃଗ ଚର୍ମ—
Miriga(gi) chhāla Deer hide.
মৃগ ছাল मिरग छाल(ला)

ମିରଗ (ଗି) ଲେ (ଲ) ଣ୍ଡି—ଗ୍ରା. ବ—ମୃଗର ବିଷ୍ଠାଗୋଳକ—The
Miriga(gi)le(la)ṇḍi globules of the dung of the deer.

ମୃଗେର ল্যেদি ପ୍ରାଦେ. (କୋରଧା ଓ ଗଡ଼ଜାତ) ବ—ହାଣୁଅ ବା
मिरग नेडी ବାଡ଼ୁଅ କାଠ ବିଶିଷ୍ଟ ଏକ ପ୍ରକାର ଗୁଳ୍ମଜାତୀୟ ଲତା—
Gnelum Sanden (Haines). [ଦ୍ର—ଏହାର ପତ୍ର ଛଅ ଇଞ୍ଚଠାରୁ ଆଠ ଇଞ୍ଚ ଲମ୍ବ ଓ ୨ ଇଞ୍ଚଠାରୁ ୪ ଇଞ୍ଚ ଓସାର ହୋଇଥାଏ ।]

ମିରଗା କୋଳି—ଦେ. ବ—ଏକ ପ୍ରକାର ବନ୍ୟ ଅମିଳା କୋଳି;
Mirigā koḷi [ଦ୍ର—ଏହା ପାଚିଲେ ଏହାକୁ ଅମିଳ କରି ଖିଆଯାଏ
—A kind of wild edible plum of acid taste.]

ମିରଗାଣି ଡମ୍ବ—ପ୍ରାଦେ (ଜୟପୁର) ବ—ଗୋଟିଏ ଅସ୍ପୃଶ୍ୟ ଜାତି ବିଶେଷ
Mirigāṇi damba —A low untouchable class in Jeypore (Dist. Vizag).

ମିରଗି ରୋଗ—ଗ୍ରା. ବ (ସଂ. ମୃଗୀ ରୋଗ)—ଅପସ୍ମାର—
Mirigi roga মৃগী; মির্গি मिरगी Epilepsy.

ମିରଗିଡ଼ା—ଦେ. ବଣ—ମୁରକୁଟିଆ (ଦେଖ)
Mirigiṛdā (ମିରଗଡ଼ିଆ—ଅନ୍ୟରୂପ) Murkutiā (See)

ମିରଜା—ବୈଦେ. ବ (ଫା. ମିର୍ଜା=ମୀର ବା ଅମୀରଙ୍କ ପୁତ୍ର)—
Mirijā ୧। ମୁସଲମାନ ସମ୍ଭ୍ରାନ୍ତବଂଶୀୟ ବ୍ୟକ୍ତିଙ୍କର ଉପାଧିବିଶେଷ—
(ମିର୍ଜା—ଅନ୍ୟରୂପ) 1. A title of noble Mahomedans.
মির্জা ୨। ରାଜକୁମାର—2. Prince. ୩। ମୋଗଲମାନଙ୍କ
मीरजा ବଂଶୋପାଧି ବିଶେଷ—3. A family-title amongst the Moghuls. ୪। ତୈମୁର ବଂଶର ରାଜକୁମାରଙ୍କ ଉପାଧି—4. A title of the princes of Taimur's dynasty.

ମିରଜା(ଜେ)ଇ—ଦେ. ବ (ଫା. ମିର୍ଜାଇ)—୧। କୁର୍ତ୍ତା—
Mirijā(je)i 1. Coat. ୨। ତୁଳାଭରା କୁର୍ତ୍ତା—
ମିରଜେଇ } ଅନ୍ୟରୂପ 2. A cotton-stuffed coat
ମିର୍ଜାଇ } [ଦ୍ର—ଏ କୁର୍ତ୍ତାର ପୁଟ ହାତ ଥାଏ,
মির্জাই ଏହା ବେକଠାରୁ ଅଣ୍ଟା ପର୍ଯ୍ୟନ୍ତ ଲମ୍ବିଥାଏ ଓ ଏଥିର
मिरज(जा)ई ଦୁଇ ପାଖରୁ ଡୋରି ବନ୍ଧା ହୋଇ ଏହା ବନ୍ଦ କରାଯାଏ ।]

[ଉ—ସାଟିନର ମିରଜେଇ କେମନ୍ତ ଭଲ ଲାଗିବ ନାହିଁ । ରାଧାନାଥ. ବିବେକୀ ।]

ମିରଧା—ପ୍ରାଦେ (ଉତ୍ତର ବାଲେଶ୍ୱର) ବ (ଫା. ମିର୍ଦାହ୍—ପ୍ରଧାନ
Miridhā ବ୍ୟକ୍ତି)—ଗୋଧ—Male monkey; the male head of a group of monkeys.
ଦେ. ଓ ବୈଦେ. ବ—ମିର୍ଧା (ଦେଖ)—Mirdhā (See)

ମିଲ୍—ବୈଦେ. ବ (ଇଂ. ମିଲ୍)—ଲୁଗାଅଟାର କଳ—Cotton
Mil মিল मिल mill; flour-mill etc.
[ଦ୍ର—ଯେଉଁ କଳରେ ଯେଉଁ କାମ ବା ବସ୍ତୁର ବ୍ୟବହାର ହୁଏ ସେହି ବସ୍ତୁର ଇଂରାଜୀ ନାମ ପରେ ଏ ଶବ୍ଦ ଲାଗେ । ଯଥା—ଜୁଟ୍‌ମିଲ୍=ଝୋଟକଳ; ରାଇସ୍‌ମିଲ୍=ଚାଉଳକଳ; ୱିଣ୍ଡମିଲ୍=ବାୟୁଚାଳିତ କଳ; ଫ୍ଲୋରମିଲ୍=ଅଟାପେଶାକଳ ହାଣ୍ଡ ମିଲ୍=ହାତଚଲା କଳ; କ୍ଲଥ୍‌ମିଲ୍=ଲୁଗାବୁଣା କଳ, କଟନ୍‌ମିଲ୍=ତୁଳାରୁ ସୂତା ଅଣ୍ଟ କାଟିବା କଳ ।]

ମିଲ୍‌କ(କ୍ୟ)ତ୍—ବୈଦେ. ବ—ମିଲ୍‌କତ୍ (ଦେଖ)—Milikat,
Mil-ka(kya)t (ମିଲ୍‌କିଅତ୍—ଅନ୍ୟରୂପ) (See)

ମିଲ୍ ଲୁଗା—ଦେ. ବ—କଳବୁଣା ଲୁଗା—Mill-made cloth.
Mil-lugā মিলকাপড় मिलकपडा

ମିଳ୍ (ଧାତୁ)—ସ—୧। ମିଳିତ ହେବା—1. To mix. ୨। ସଂଯୁକ୍ତ
Miḷ (root) ହେବା—2. To be joined or attached to. ୩। ସାକ୍ଷାତ କରିବା; ଭେଟିବା—3. To meet. ୪। ଏକମତ ହେବା—4. To agree. ୫। ତୁଲ୍ୟ ହେବା; ଖାପ୍‌ଖାଇବା—To tally with.

ମିଳ୍—ଦେ. ବ (ସଂ. ମିଳ୍ ଧାତୁ)—୧। ମେଳ; ସୌହାର୍ଦ୍ଦ୍ୟ—
Miḷ 1. Friendship. ୨। ସଂଯୋଗ—2. Conjunction.
মিল ୩। ଭେଟ—3. Meeting. ୪। ଐକ୍ୟ; ଏକତା—
मेल 4 Unity; sameness. ୫। ସମତା—5. Similarity.

ମିଳ୍ ଖାଇବା—ଦେ. କ୍ରି—ଐକ୍ୟ ହେବା; ମେଳ ହେବା—
Miḷ khāibā মিলখাওয়া मेल खाना To tally.

ମିଳ୍‌ମାଲ୍—ଦେ. ବ—ବିବାଦର ଆପୋଷରେ ମୀମାଂସା—
Miḷ-māl Amicable settlement of a dispute;
মিটমাট मेलजोल reconciliation.

ମିଳ(ଳ, ଳି)ମିଳା—ଦେ. ବ—କ୍ଷୁଦ୍ର ବସନ୍ତ ରୋଗ; ବିଷ୍ଫୋଟକ ରୋଗ
Miḷ(la, li)miḷā ବିଶେଷ—Measles; ham; Morbilli; mamern; roseola. [ଦ୍ର—
মিলি(ল)মিলা(লে)হাম ପ୍ରଥମେ ଜର ହେବା ପରେ ଦେହରେ ଛୋଟ ଛୋଟ ମିଳିର
खसरा ଫୋଟକମାନ ଏ ରୋଗରେ ବାହାରି ଯାଏ ଓ ଅଢ଼େଇ ଦିନ ପରେ ଏ ବ୍ରଣମାନ ଦେହରେ ମିଳେଇ ଯାଏ ।]

ମିଳ୍‌ବା—ପ୍ରାଦେ (ସମ୍ବଲପୁର) କ୍ରି—ମିଳିବା (ଦେଖ)
Milbā Miḷibā (See)

ମିଳ—ସ. ବ (ମିଳ୍ ଧାତୁ+ଭାବ. ଅ)—୧। ମିଳନ; ସଂଯୋଗ—
Miḷa 1. Union. ୨। ସମ୍ମତି—2. Consent. ୩। ଐକ୍ୟ—3. Oneness; unity. ୪। ସମତା—4. Similarity. ୫। ସଦୈକ୍ୟ—5. Agreement.

ମିଳଣ—ଗ୍ରା. ବ (ସଂ. ମିଳନ)—ମିଳନ (ଦେଖ)
Miḷaṇa মিলন मिलन Miḷana (See)

ମିଳଣ ଠାଁ(ଆଁ)—ଦେ.ବ (ସଂ. ମିଳନସ୍ଥାନ)—ଦେବତାଙ୍କ ମିଳନ ସ୍ଥାନ
Miḷaṇa ṭhāṇ(āṅ) —A place where idols from
মিলন স্থান various localities are brought
मीलनेका जगह for common worship.

ମିଳନ—ସ. ବ (ମିଳ୍ ଧାତୁ+ଭାବ. ଅନ)—୧। ମିଶ୍ରଣ—1.
Miḷana Mixing. ୨। ଐକ୍ୟ—2. Unanimity;

agreement; unity. ୩ । ସ୍ପର୍ଶ—3. Touch. ୪ । ସଂଯୋଗ—4. Conjunction; contact; union. ୫ । ମିତ୍ରାକ୍ଷର—5. Rhyme. ୬ । ଭେଟ—6. Meeting; encounter. ୭ । ସମତା; ସାଦୃଶ୍ୟ—7. Resemblance; similarity; accordance; consistency; likeness. ୮ । ତୁଳନା; ଉପମା—8. Comparison. ୯ । ବନ୍ଧୁତାସ୍ଥାପନ—9. Establishment of friendly relationship. ୧୦ । ପ୍ରାପ୍ତି—10. Obtaining; receipt. ୧୧ । ଘଟନ—11. Happening.

**ମିଳା**—ଦେ. ବି (ସଂ. ମିଲ୍ ଧାତୁ)—୧ । ମିଶିବା—1. Mixing. Milā ୨ । ଭେଟ; ଏକତ୍ର ହେବା—2. Coming together; meeting. ମିଲା ବିଣ—୧ । ମିଳିତ—1. Joined. ୨ । କୁହୁ; ପଚା—2 Rotten. ୩ । ମିଲନା (ସଂ. ବିଲୀନ) ମିଳାଇ ଯାଇଥିବା—3. Dissolved.

**ମିଳା(ଲେ)ଇ ଦେବା**—ଦେ. କ୍ରି—(ସକର୍ମକ)—୧ । ଦୁଇଜଣଙ୍କ ମେଳ Milā(le)i debā କରାଇବା—1. To cause reconciliation between two persons. ମିଲିୟେ ଦେଓୟା ମିଲାଦେନା ୨ । ଦୁଇଜଣଙ୍କ ଭେଟ ଘଟାଇବା—2. To bring out an interview between persons.

**ମିଳା(ଲେ)ଇବା**—ଦେ. କ୍ରି.—ମିଲ୍ ଧାତୁର ପ୍ରଯୋଜକ ରୂପ, ସକର୍ମକ)—Milā(le)ibā ୧ । ମିଶାଇବା—1. To cause to mix. ମିଲାନ ମିଲାନା [ ଉ—ଦଧି ମନ୍ଥନର ଶବଦ ସଙ୍ଗେ ମିଳାଇ ଗୀତ ନାଦ । ଜଗନ୍ନାଥ. ଭାଗବତ ।] ୨ । ଦୁଇଜଣଙ୍କୁ ମିଳିତ କରାଇବା; ଦୁଇଜଣଙ୍କୁ ସାକ୍ଷାତ୍ କରାଇବା—2. To bring about a meeting between two persons. ୩ । ଦୁଇଜଣଙ୍କର ମେଳ କରାଇବା—3. To cause reconciliation between two persons. ୪ । ସଂଯୋଜିତ କରାଇବା—4. To cause to join. [ ଉ—ଉତ୍ତମା ମଣ୍ଡନ ମଣ୍ଡି ମିଳାଇବ । ଉତ୍କ. ପ୍ରେମସୁଧାନିଧି ।] ୫ । ସାମଞ୍ଜସ୍ୟ ଘଟାଇବା—5. To bring about congruity or consistency. ୬ । ପ୍ରାପ୍ତ କରାଇବା—6. To cause to get. ୭ । (ବି+ଲୀ ଧାତୁ=ଲୀନ ହେବା ମିଲାନ ମିଟନା ଲୟ ପାଇବା; ଅକର୍ମକ )—ଲୁଚିଯିବା; ମିଟନା ବିଲୀନ ହେବା; ଅଦୃଶ୍ୟ ହେବା—7. To disappear. ଗଲାନ ଗଲାନା ୮ । ପାଣିରେ ଲୁଣ ଆଦି ମିଶି ଯାଇ ଅଦୃଶ୍ୟ ହେବା—8. To be dissolved. [ଉ—ଦେଖରେ ଭାଇ ! ପାଣିରେ ପଥର ମିଳେଇ ଯାଉ—ଛଣ ।] ୯ । (ସକର୍ମକ) ତରଳାଇବା—9. To cause to melt. [ଉ—ସେ ଧ୍ୟାନେ ଶରୀର ମିଳାଇ, ନଶି ସ୍ୱରୂପେ ଗଲେ ବିହୁ । ଜଗନ୍ନାଥ. ଭାଗବତ ।] ୧୦ । (ମ୍ଳୈ ଧାତୁ=ମ୍ଳାନ ଗଲନା ହେବା, (ଅକର୍ମକ)—କୁହୁ ହେବା; ପଚି ଯିବା—To be rotten.

**ମିଳା(ଲେ)ଇ ଯିବା**—ଦେ. କ୍ରି. (ଅକର୍ମକ)—୧ । ପଚିଯିବା—Milā(le)i jibā 1. To be rotton ୨ । ବିଲୀନ ହେବା ମିଲିୟେ ଯାଓୟା ଗଲେ ଯାଓୟା (ଯଥା— ପାଣିରେ ଚିନି ବା ଲୁଣ ମିଲଜାନା ମିଳାଇ ଯିବା)—3. To be dissolved in. ୩ । (ଲକ୍ଷଣାର୍ଥ)—ବିସ୍ମୃତ ହେବା, ଲୋପ ହେବା—3. To be totally forgotten. [ଉ—ସବୁ ସମିତିମାନଙ୍କରେ ପ୍ରସ୍ତାବିତ କୌଣସି ବିଷୟ ପାସ୍ ହୋଇଯିବା ପରେ କାର୍ଯ୍ୟତଃ ତାହା ଏକାବେଳକେ ମିଳାଇ ଯାଏ ।]

**ମିଳାଣ(ନ) ଖସଡ଼ା** ଦେ.ବି.—(ସେଟଲମେଣ୍ଟ ବିଭାଗରେ ବ୍ୟବହୃତ ଶବ୍ଦ) Milān(n) khasardā ଜମିର ବନ୍ଦୋବସ୍ତରେ କର୍ମଚାରୀମାନଙ୍କ ମିଲାନ ଖସଡ଼ା ଦ୍ୱାରା ପ୍ରସ୍ତୁତ ହୋଇଥିବା ମୌଜାର ଭୂମିମାନଙ୍କର ମିଲାନ ଖେସରା କ୍ରମିକ ବିବରଣ ଲିପିବଦ୍ଧ ହୋଇଥିବା ରେଜିଷ୍ଟର—Milan khasra; a register showing the details of the consecutive plots of a village, prepared in the course of a revenue settlement.

**ମିଳାପ**—ପ୍ରାଦେ. (ସମ୍ବଲପୁର)—ବି.—(ଭୁଲ. ହି. ମିଳାପ)—୧ । Milāp ଏକତା—1. Unity. ୨ । ସୌହାର୍ଦ୍ଦ୍ୟ—2. Friendship; mutual good feeling.

**ମିଲାପ**—ଦେ. ବି—(ସଂ. ମିଲ୍ ଧାତୁ)—୧ । ମିଳନ; ମିଳାମିଶା; ମେଳ- Milāpa ଆଲାପ 1. Mixing together; accord; ମିଲାପ, ମିହ୍ଲିତ concord. ୨ । ମେଳାପ; ସୌହାର୍ଦ୍ଦ୍ୟ; ବନ୍ଧୁତା—2. Friendship; attachment. [ଉ- କମଳା ଦେଇ ଆଉ କମଳା ଦେଇଙ୍କ ମଧ୍ୟରେ ସିଡ଼ିଛି ମିଳାପ । ଫକୀରମୋହନ. ଗଳ୍ପସ୍ୱଳ୍ପ ।] ୩ । ସାକ୍ଷାତ୍ ପରିଚୟ—3. Acquaintance.

**ମିଲାପି**—ଦେ. ବିଣ—୧ । ମେଳାପୀ; ଯେଉଁ ବ୍ୟକ୍ତି ଅନ୍ୟ ବ୍ୟକ୍ତିମାନଙ୍କ Milāpi ସଙ୍ଗେ ମିଳି ମିଶି କଥା ବାର୍ତ୍ତା କରେ—Affable; ଆଲାପି ମିଲାପୀ mixing with others. (ମିଲାପିଆ, ମିଲାପି ଅଲାପି—ଅନ୍ୟରୂପ) ୨ । ଘନିଷ୍ଠରୂପେ ପରିଚିତ- 2. Intimate; well acquainted (friend.) ଯ—ଘନିଷ୍ଠ ବନ୍ଧୁ—An intimate friend.

**ମିଳା ମିଶା**—ଦେ. ବି. (ଯୌଗିକ); ମିଲ୍ ଧାତୁ ଓ ମିଶ୍ ଧାତୁ)—୧ । Milā misā ମିଳ୍ ମାଳ୍; ମିଳନ—1. Mixing together. ମିଲାମିଶା, ମେଲାମିଶା ୨ । ଆପୋଷରେ ବିବାଦର ମେଣ୍ଟାଣ— ମେଲଜୋଲ 2. Reconciliation; amicable settlement of a dispute; restoration of friendly feelings.

**ମିଲିକ(କ୍ୟ)ତ(ତ)**—ଦେ. ବି—(କଚେରୀ)—(ପା. ମିଲ୍‌କିୟତ)— Milikat ୧ । ଭୂସମ୍ପତ୍ତି; ଭୂସ୍ୱତ୍ୱ—1. Landed property ମିଲକିଅତ ୨ । ଜମିଉପରେ ସ୍ୱତ୍ୱ—2. Ownership; proprie- ମିଲକୀୟତ tory right. ୩ । ଜମିଦାରୀ—3. Zamindary.

ମିଲି(ଲି)କଅତ୍ ସରକାର୍—ବୈଦେ. (ଫର୍ଚୟ) (ଫା.)—ଗବର୍ଣ୍ଣମେଣ୍ଟଙ୍କ Mili(l)kiat sarkār ସମ୍ପତ୍ତି—The property of
ସରକାରী মিলিকিয়ত Government. (ଯଥା—ସହର ଭିତର
मिलकीयत सरकार ମିଲକୟତ୍ ସରକାର,ମାହାଲ୍ ଖାସ୍=ଭିତର
ସରକାରୀ ବା ଖାସ୍‌ମାହାଲ୍ ଜମିବାଡ଼ି ।)

ମିଲିଚୁଲି କାମ କରିବା—ଦେ. କ୍ରି—ଏକତ୍ର ସବୁ କାର୍ଯ୍ୟ କରିବା—Milichuli kāma kariba To act in union.
মিলে জুলে কাজ করা मलजुलकर कामकरना
(ମିଳମିଶି କାମ କରିବା, ମିଳି ମିଶି କାମ କରିବା—ଅନ୍ୟରୂପ)

ମିଲିଟା(ଟେ)ରି—ବୈଦେ. ବଣ (ଇଂ. Military)—ସୈନ୍ୟସମ୍ବନ୍ଧୀୟ—Militā(te)ri মিলিটারী मिलिटारी ସାମରିକ—Military.

ମିଲିଟା(ଟେ)ରି ପୁଲିସ୍—ବୈଦେ. ବ—ସରକାରଙ୍କର ପୁଲିସ୍ ବିଭାଗର Milita(te)ri pulis ସାମରିକ ଉପବିଭାଗ—Military
মিলিটেরি পুলিস मिलिटारी पुलिस Police.

ମିଳିତ—ସ. ବଣ—(ମିଲ୍ ଧାତୁ+କର୍ତ୍ତୃ. ତ)—୧ । ଲୁଚସାଖାତ୍କାର; Milita ଭେଟା ଭେଟ ହୋଇଥିବା; ପରସ୍ପର ସଙ୍ଗେ ସଂଯୁକ୍ତ—(ମିଳିତା—ସ୍ତ୍ରୀ) 1. Joined together; met; come into contact. ୨ । ଅର୍ଜିତ—2. Earned; acquired. ୩ । ପ୍ରାପ୍ତ—3. Got; obtained; ୪ । ଯୁକ୍ତ—4. United. ୫ । ମିଶ୍ରିତ—5. Mixed. ୬ । ଏକତ୍ରୀଭୂତ—6. Gathered together; congregated. ୭ । ପରସ୍ପର ସମ୍ବନ୍ଧ—7. Correlated. ୮ । ସ୍ପର୍ଶ କରୁଥିବା—8. Touched; touching

ମିଳିତ ମୂଳଧନ—ସ. ବ—(ଅଚଳିତ ବ୍ୟବହାର)—ବ୍ୟବସାୟ କ୍ଷେତ୍ରରେ Milita mūladhana ପୁଞ୍ଜୀକୃତ ଅନେକ ଲୋକଙ୍କର ଧନ—Joint stock; united capital.

ମିଳିତ ରାଜ୍ୟ—ସ. ବ—(ଅଚଳିତ)—ବହୁରାଜ୍ୟ ସଂଯୁକ୍ତ ହୋଇଥିବା Milita rājya ରାଜ୍ୟ—United states.

ମିଳିତ ସେନା—ସ. ବ—ଏକତ୍ରୀଭୂତ ସୈନ୍ୟ—Army gathered Milita senā or concentrated at one place.

ମିଳିନ୍ଦ—ସ. ବ—(ମିଲ୍ ଧାତୁ=ସଂଲଗ୍ନ ହେବା+କର୍ତ୍ତୃ. ଇନ୍ଦ=ଯେ Milinda ପୁଷ୍ପରେ ମିଳିତ ହୁଏ)—ଭ୍ରମର—Black bee.
[ଉ—ମିଳିନ୍ଦ ଲତା ଦମ୍ଭ ଚଳତା ବଦନେ ମିଶି ମାରେ । ଉପେନ୍ଦ୍ର. କୋଟିବ୍ରହ୍ମାଣ୍ଡସୁନ୍ଦରୀ ଚମ୍ପୁ. ମ. ଗୀତ ।]

ମିଳିବା—ପ୍ରାଦେ. (କୋରାପୁଟ) କ୍ରି—ମିଳିବା (ଦେଖ)
Milibā Milibā (See)

ମିଳିବା—ଦେ. କ୍ରି—(ସ.ମିଲ୍ ଧାତୁ)—୧ । ମିଶାହେବା—1. To be Milibā মিলা मिलना mixed with. ୨ । ମିଳିତ ହେବା—2. To join; to be united to. [ଉ—ମିଳି ଏ ସମୟେ ଅସି କରେ ଖଣ୍ଡ ଧର । ରାଧାନାଥ. ବେଣୀ ସଂହାର ।] ୩ । ସଂଯୁକ୍ତ ହେବା—3. To be joined with. ୪ । ଜୁଟିବା; ଢାଳୁଡ଼ିବା; ଭେଟିବା—4. To meet. [ଉ—ସୁଧା ସମୟେ ମିଳି ଗଲେ ଯଥେ । ପ୍ରାଚୀ. ଭଗବତ ।] ୫ । ଲବ୍ଧ ହେବା; ଲାଭ ହେବା—5. To be earned. ୬ । ହସ୍ତଗତ ହେବା; ପ୍ରାପ୍ତ ହେବା—6. To be received or got. [ଉ—କାଣ ସବୁ ସମ୍ପତ୍ତି ମୋତେ ମିଳିଲବେ କବିସୂର୍ଯ୍ୟ. ସ. ।] ୭ । ପହଞ୍ଚିବା; ଆସି ଉପସ୍ଥିତ ହେବା—7. To arrive at a place; to reach a place. [ଉ—କାର୍ତ୍ତିକ ଗଲାପରେ ବୁଲ, ମିଳିଲେ ଏଡ଼ା ବେଳେ ଯାଇ । ଭୂପତି. ପ୍ରେମ ପଞ୍ଚାମୃତ ।] ୮ । ସ୍ପର୍ଶ କରିବା—8. To touch. ୯ । (ମତ) ଏକ ହେବା—9. To agree with.

ମିଳି ମିଳା—ମିଲ୍‌ମିଲା (ଦେଖ)
Milimilā Mil-milā (See)

ମିଳି(ଲି)ମିଳି(ଲି)—ଦେ. ଅ—ମିଟିମିଟି (ଦେଖ); ମିଞ୍ଜିମିଞ୍ଜି (ଦେଖ)
Mili(li)mili(li) Mitimiti (See); minjiminji (See)
মিনমিন टिमटिम ଦେ. ବ—ପ୍ରଦୀପର ଦୁଲୁଦୁଲୁ ହୋଇ ଜଳିବା—Flickering of a light.

ମିଳିମିଶି—ଦେ.ଅ.—ଏକତ୍ର; ଏକାଠେଇଁ—Together. [ଉ-ତୁହେଁ Milimisi ମିଳିମିଶି ଘର କାମ କରନ୍ତୁ—ଫକୀରମୋହନ.
মিলেমিসে मिलजुलकर ଛମାଣ ଆଠଗୁଣ୍ଠ ।]

ମିଳି ମିଶି ଯିବା—ଦେ. କ୍ରି—ମିଳି ଯିବା (୩) (ଦେଖ)—Mili misi jibā Mili jibā 3 (See) (ଉ—
মিলেমিশে যাওয়া मिल जाना ତାହାର ପ୍ରଥ ଅଙ୍ଗଦକୁ ଅଣି ଯୁବରାଜ କଲା, ସମସ୍ତେ ମିଳିମିଶି ଗଲେ—ନୀଳକଣ୍ଠ ମିଶ୍ରଙ୍କ ରାମାୟଣ ।)

ମିଳିଯିବା—ଦେ. କ୍ରି—୧ । ନିଶ୍ଚିତରୂପେ ପ୍ରାପ୍ତ ହେବା—1. To be Milijibā got at last. ୨ । ମିଳିତ ହେବା—
মিলে যাওয়া मिलजाना 2. To be united with.
୩ । ଦୁଇଦଳଙ୍କର ବିବାଦ ମୀମାଂସା ହୋଇ ସୌହାର୍ଦ୍ଦ୍ୟ ସ୍ଥାପିତ ହେବା—3. To be reconciled with each other. ୪ । ମିଳାଇଯିବା—4. To dissolve. (ଉ—ପୂର୍ବରୁ ତ ମଣ୍ଡୁକ ପୋଡ଼ିଯାଇଥିବ, ଜଳଧାର ପଡ଼ିବା ଷଣି ମିଳିଯିବ—କୃଷ୍ଣସିଂହ. ମହାଭାରତ ବନ ।)

ମିସ୍—ବୈଦେ. ବ. ସ୍ତ୍ରୀ (ଇଂ. Miss)—କୁମାରୀଙ୍କ ନାମ ପୂର୍ବେ ଲଗିବା Mis ଉପାଧି—Miss, a title prefixed to the names
মিস मिस of maidens [ଦ୍ର—ଯୌବନାଗତକୁମାରୀ ଓ ପାଶ୍ଚାତ୍ୟ ଶାସ୍ତ୍ରରେ ଶିକ୍ଷିତା ଭାରତୀୟା କୁମାରୀମାନଙ୍କ ନାମ ପୂର୍ବେ ଏ ଶବ୍ଦ ଲାଗେ । ]

ମିଶର୍—ବୈଦେ. ବ. ନାମ [ ଅ. ମିଶର୍=ସୁରକ୍ଷିତ ( ନଗର ) ]—Misar ଅଫ୍ରିକା ମହାଦେଶର ଉତ୍ତର ପୂର୍ବ କୋଣରେ ନୀଳ
মিসর ନଦୀର ଉଭୟତୀରରେ ଅବସ୍ଥିତ ମୁସଲମାନ୍ ରାଜ୍ୟ—
मिस्र Egypt. [ଦ୍ର—ମିଶର୍‌ଶବ୍ଦ ବହୁକାଳରୁ ଭାରତରେ 'ମିଶ୍ର' ରୂପେ ପ୍ରଚଳିତ । ଏ ଦେଶର ଇଂରାଜୀ ନାମ Egypt (ଇଜିପ୍ଟ) ସ. ଅଗୁପ୍ତ ( ସୁରକ୍ଷିତ ) ରୁ ସୃଷ୍ଟ ବୋଲି ପଣ୍ଡିତମାନେ କହନ୍ତି । ମିଶର୍ ଦେଶ ଅଫ୍ରିକା ମହାଦେଶର

ଉତ୍ତରପୂର୍ବକୋଣରେ ଅବସ୍ଥିତ । ଏହାର ଉତ୍ତରରେ ଭୂମଧ୍ୟସାଗର,ପୂର୍ବରେ ସୁଏଜ୍ କେନାଲ୍ ଓ ଲୋହିତସାଗର, ପଶ୍ଚିମରେ ତ୍ରିପଲୀ ରାଜ୍ୟ ଓ ସାହାରା ମରୁଭୂମି । ଦକ୍ଷିଣରେ ଏହା ନୀଳ ନଦୀର ଉତ୍ପତ୍ତି ସ୍ଥାନ ପର୍ଯ୍ୟନ୍ତ ବିସ୍ତୃତ । ଏହାର ମଧ୍ୟ ଦେଇ ନୀଳନଦୀ ଦକ୍ଷିଣରୁ ଉତ୍ତରକୁ ବୋହିଯାଇ ଅଛି ଓ ଏ ନଦୀର ବାର୍ଷିକ ବଢ଼ି ଯୋଗୁଁ ଏ ଦେଶରେ ଖୁବ୍ ପଟୁ ପଡ଼େ ଓ ଏତଦ୍ୱାରା ଜମି ଖୁବ୍ ଉର୍ବର ହୁଏ । ଏହା ନଦୀମାତୃକଦେଶ, କାରଣ ଏ ଦେଶରେ ପ୍ରାୟ ବୃଷ୍ଟି ହୁଏ ନାହିଁ । ପୂର୍ବେ ଏହା ତୁରସ୍କର ସୁଲତାନଙ୍କ ଅଧୀନ 'ଖେଦିଭ୍' ନାମକ ଜଣେ ରାଜାଙ୍କ ଦ୍ୱାରା ଶାସିତ ହେଉଥିଲା । ବର୍ତ୍ତମାନ ଏହା ତୁରସ୍କରୁ ସ୍ୱାଧୀନ ହୋଇ ବ୍ରିଟିଶସରକାରଙ୍କ ଅଭିଭାବକତ୍ୱରେ ଜନପ୍ରତିନିଧିଙ୍କ ପରାମର୍ଶରେ ଖେଦିଭଙ୍କ ଦ୍ୱାରା ଶାସିତ । ବର୍ତ୍ତମାନ ଏହା ୨ ଭାଗରେ ବିଭକ୍ତ ହୋଇଅଛି । ଉତ୍ତର ଭାଗ ମିଶର୍ ଓ ନିମ୍ନ ଭାଗ ସୁଦାନ୍ । ମିଶରର ରାଜଧାନୀ କାଇରୋ । ନୀଳ ନଦୀ ମୁହାଣରେ ଥିବା ଅଲେକ୍‌ଜାଣ୍ଡ୍ରିଆ ଗୋଟିଏ ପ୍ରସିଦ୍ଧ ବନ୍ଦର ଅଟେ । ଏ ଦେଶବାସୀମାନେ ପ୍ରାଚୀନକାଳରେ ଅନ୍ତତଃ ସାତ ସହସ୍ର ବର୍ଷ ପୂର୍ବେ ସଭ୍ୟତାର ଚରମ ସୀମାରେ ଉପନୀତ ହୋଇଥିଲେ । ସେହି କାଳରେ ଏମାନଙ୍କର ରକ୍ଷିତ ଶବମାନ ଭୂଗର୍ଭରୁ ବାହାରୁ ଅଛି । ଏ ରାଜ୍ୟର ପ୍ରାଚୀନ ରାଜାମାନଙ୍କର ବିଶାଳ ସମାଧି ମନ୍ଦିରମାନ (ପିରାମିଡ୍) ଅଦ୍ୟପର୍ଯ୍ୟନ୍ତ ବିଦ୍ୟମାନ ଅଛି । ମିସରର ପ୍ରାଚୀନ ରାଜାମାନଙ୍କ ଉପାଧି ଫାରୋ (Pharao) ଥିଲା । ପ୍ରାଚୀନ କାଳର ମିଶରର ସଭ୍ୟତା, ଶିକ୍ଷା, ଯୁଦ୍ଧ, ରାଜନୀତି, ଧର୍ମ ଆଦି ବିଷୟରେ ପ୍ରାଚୀନ ବୈଦିକଯୁଗର ଭାରତର ଓ ଭାରତୀୟ ଉକ୍ତ ବିଷୟମାନଙ୍କର ଅନେକ ସାମଞ୍ଜସ୍ୟ ଥିବାର ଜଣାଯାଏ,ଅଧୁନା ମିଶରବାସୀମାନେ ମୁସଲମାନ୍‌ଧର୍ମାବଲମ୍ବୀ। ଐତିହାସିକ ଯୁଗରେ ମିଶର୍ ବହୁ ବିଦେଶୀ ଆକ୍ରମଣକାରୀଙ୍କ କରଗତ ହୋଇଥିଲା ଓ ବର୍ତ୍ତମାନ ଇଂରାଜଙ୍କ ଅଭିଭାବକତ୍ୱରେ ସ୍ୱାୟତ୍ତଶାସନ ଲାଭ କରିଅଛି ।]

ମିଶର—ଗ୍ରା. ବି ( ସଂ. ମିଶ୍ର )—୧ । ବ୍ରାହ୍ମଣଙ୍କର ମିଶ୍ର ଉପାଧି—
Miśara 1. The title of Miśra among the
মিশির Brāhmaṇas. ୨ । ମିଶର୍ ( ଦେଖ )—2.
**मिशर** Miśar ( See )

ମିଶଲ—ବୈଦେ. ବି ( ଅ. ମିସ୍ଲ୍, ମିସଲ୍=ନଥି )—୧ ।
Miśal ମକଦ୍ଦମାର ନଥି; କୌଣସି ମକଦ୍ଦମା ସମ୍ପର୍କୀୟ ସମସ୍ତ
মিসল କାଗଜ ପତ୍ର—1. File or record of a case.
মিছিল ୨ । ଅଦାଲତରେ ବିଚାରପତିଙ୍କ ବସିବାର ସ୍ଥାନ ବା ମଞ୍ଚ;
**मिस्ल** ବିଚାରାସନ—2. The raised platform on which a judge takes his seat; the Bench. ୩ । ଅଦାଲତ ଗୃହ—3. The court-house; court. ୪ । ମିଶଲରେ ବସି ବିଚାରପତିଙ୍କ ବିଚାର କରିବାର ଏକଥର (ଗ୍ରାମ୍ୟରେ, ହେରିଙ୍ଗ୍—Hearing )—4. One sitting of a court; one hearing of a case. [ ଉ—ଓକିଲ ବାବୁ ମିଶଲ୍‌ରେ ଏକ ମୋକଦ୍ଦମାର ଫିସ୍ ନଅନ୍ତି ।] ୫ । ସ୍ୱତନ୍ତ୍ର ନାୟକଙ୍କ ଅଧୀନ ସ୍ୱତନ୍ତ୍ର ଶିଖମାନଙ୍କ ଦଳ—5. A number of Sikhs following a particular leader.

ମିଶଲ୍ କରିବା—ଦେ. କ୍ରି—ପକ୍ଷ, ଓକିଲ, ମୁକ୍ତାର ଏବଂ କର୍ମଚାରୀଙ୍କ ସଙ୍ଗେ
Miśal karibā ମିଳିତ ହୋଇ ଅଦାଲତରେ ( ବିଚାର ପାଇଁ )
[ମିଶଲ ଜମା(ମେ)ଇବା—ଅନ୍ୟରୂପ] ବିଚାରାସନରେ ବସିବା—
মিসল জমান ( the judge ) To hold the court
**मिस्ल जमाना** with all the requisites (suitors, pleaders, officers etc).

ମିଶଲ୍ ଖରଚ (ଖର୍ଚ୍ଚା)—ବୈଦେ. ବି—ଓକିଲ ମୁକ୍ତାରଅଦ ଅଦାଲତରେ
Miśal kharachā (kharchchā) ପକ୍ଷମାନଙ୍କ ତରଫରୁ
মিসল খরচা ଉପସ୍ଥିତ ହୋଇ କାର୍ଯ୍ୟ କରିବାପାଇଁ ପକ୍ଷଠାରୁ
**मिस्ल खर्चा** ନେବା ଫିସ୍—Fees taken by a pleader for attending a court.

ମିଶଲ୍ ଜମିବା—ଦେ. କ୍ରି—ବିଚାରପତିଙ୍କ ବିଚାର କରିବା ସମୟରେ
Miśal jamibā ଅଦାଲତରେ ପକ୍ଷ ଓ କର୍ମଚାରୀ ଆଦି ସମବେତ
(ମିସଲ୍ ବସିବା—ଅନ୍ୟରୂପ) ହେବା—The holding of
মিসলজমা **मिस्ल जमना** a full court.

ମିଶା—ଦେ. ବିଣ ( ସଂ. ମିଶ୍ର )—୧ । ମିଶ୍ରିତ—1. Mixed. [ ଉ
Miśā —କରୁଣା ମିଶା ଅନୁରାଗ, କଟାକ୍ଷ ବଚନ ସୁଭଗ ।
মিশা ଜଗନ୍ନାଥ. ଗୀତବତ ।] ୨ । ଅନ୍ୟ ପଦାର୍ଥ ସଙ୍ଗେ
**मिलाहुआ** ମିଶ୍ରିତ ହୋଇଥିବା—2. Adulterated. ୩ ।
ବର୍ଣ୍ଣସଙ୍କର—3. Hybrid or mixed caste. ବି—
মিশন ୧ । ମିଶ୍ରଣ—1. Mixing. ୨ । ( ଗଣିତ ) ଯୋଗ
**जोड़** କରଣ; ମିଶାଣ; ସଙ୍କଳନ—2. ( arithmetic ) Addition. [ ଉ—ହର, ଗୁଣ, ଫେଡ଼୍, ମିଶା; ଅଙ୍କ ସବୁ ପାଠ ଫସରଫସା—ପ୍ରବଚନ ।] ପ୍ରାଦେ. (ସମ୍ବଲପୁର ଓ ଜୟପୁର) ଅ—ମଧ୍ୟ—Also. [ ଉ—ମାଧବ ମିଶା ଶ୍ୟେର ବାଗିରୁ ଲୁଚଲାଣି=ମାଧବ ମଧ୍ୟ ଶ୍ୟେର ଘର ଲୁଚଲାଣି ।]

ମିଶା(ଶେ)ଇବା—ଦେ. କ୍ରି ( ସଂ. ମିଶ୍ର ଧାତୁର ପ୍ରଯୋଜକ ରୂପ )—
Miśā(śe)ibā ୧ । ( ଏକାଧିକ ପଦାର୍ଥ ) ମିଶ୍ରିତ କରିବା—
মি(মে)শান 1. To mix up. ୨ । ଗୋଳାଇ ଦେବା—
**मिलाना** 2. To adulterate; to dissolve. ୩ । (ଗଣିତ) ରାଶିମାନଙ୍କୁ ଯୋଗ କରିବା—3. To add up some numbers. ୪ । ଏକ ବସ୍ତୁକୁ ଅନ୍ୟ ବସ୍ତୁ ସଙ୍ଗେ ସଂଯୋଗ କରିବା—4. To join a thing with another. ୫ । ମେଳାଇବା; ଦୁଇଟି ଲୋକଙ୍କୁ ମିଳିତ କରାଇବା, ମେଳ କରାଇବା—5. To cause to meet or associate; to reconcile; to effect reconciliation between. ୬ । କୌଣସି ବ୍ୟକ୍ତିକୁ ଆପଣାର ଦଳରେ ବା ସଙ୍ଗରେ କାର୍ଯ୍ୟ କରିବାକୁ ଦେବା;

ଅପଣାର ବଳଭୁକ୍ତ କରିବା—6, To cause or allow a person to work or mix in one's company; to admit a person as one's colleague.

ମିଶାଣ—ଦେ. ବି. (ସଂ. ମିଶ୍ରଣ)—୧ । (ଗଣିତ) ସଂଖ୍ୟାମାନଙ୍କୁ ଯୋଗ
Misāṇa କରିବା—1. (arithmetic) Addition.
ମେଶାନ ୨ । ମିଶ୍ରଣ—2. Mixing up. ୩ । ମିଳନ—
जोड 3. Meeting together. ୪ । ଏକତ୍ର କରିବା—
(ଫେଡ଼ାଣ—ବିପରୀତ) 4. Gathering up. ୫ । ଏକାଧିକ ବସ୍ତୁର ମିଶ୍ରଣରେ ଉତ୍ପନ୍ନ ବସ୍ତୁ—5. Mixture; a compound. ଦେ. ବିଣ—୧ । ଯେଉଁ ବ୍ୟକ୍ତି ଅନ୍ୟ
মিশ(শু)ক ଲୋକଙ୍କ ସଙ୍ଗେ ମିଳିମିଶି ଚଳେ; ମିଳାପୀ—
मिलापी 1. Affable; sociable; disposed to mix with other people.
ମେଶାଲ ୨। (ପରିବା)ଯାହା ଅନ୍ୟ ପରିବା ସଙ୍ଗେ ପାକ ହେଲେ ମିଶି-
मिलापी ଯାଏ—2. (vegetable) Which gets mixed up with other vegetables when cooked.

ମିଶାଣିଆ } ଅନ୍ୟରୂପ [ ଦ୍ର—ସାରୁ, ଅଳୁ, କଖାରୁ ପ୍ରଭୃତିକୁ
ମିଶୁଆଣ(ଳ) } ଅଳ୍ପମାତ୍ର ସିଝାଇଲେ ଘୋଳ ହୋଇ ଯାଇ
ମିଶାଣୀ } ଅନ୍ୟ ପରିବାମାନଙ୍କ ସଙ୍ଗେ ମିଶିଯାଏ
ମିଶାଣେଇ } ସ୍ତ୍ରୀଲିଙ୍ଗ ବୋଲି ଏମାନଙ୍କୁ ମିଶାଣ ପରିବା
ମିଶୁଆଣୀ(ଳୀ) } କହନ୍ତି ।]
मिलाने वाला

ମିଶାମିଶି—ଦେ. ବି. (ସଂ. ମିଶ୍ରଣ)—୧ । ମିଶ୍ରଣ—1. Mixing
Misā misi up, ୨ । ମିଳାମିଶା; ମିଳାମିଳି; ଐକ୍ୟ;
মিশামিশি ସୌହାର୍ଦ୍ଦ୍ୟ—2. Intimate friendship;
मिलामिली unision. ୩ । ବିବାଦ ପରେ ସଖ୍ୟ ସ୍ଥାପନ—
3. Reconciliation ୪ । ବହୁ ଦ୍ରବ୍ୟକୁ ମିଶାଇବା—4. Mixing together of many things. ୫ । ଭେଟାଭେଟ—5. Interview; union. ବିଣ—୧ । ବହୁ ଦ୍ରବ୍ୟର ମିଶ୍ରଣରେ ଉତ୍ପନ୍ନ; ମିଶ୍ରିତ—1. Mixed up; resulting from a mixture. [ଦ୍ର—ହାସ୍ୟ ରୋଦନ ମିଶାମିଶି, ଯେ ଭାବ
मिली हुइ ତାର ଦେବେ ଭଣି । ଭୂପତି ପ୍ରେମପଞ୍ଚାମୃତ ।] ୨ । ଭେଟା
मिलित ଭେଟ—2. Meeting each other. (ଉ—ସେ କାଳେ ଗୁରୁ ଶିଷ୍ୟ ହୋଇ ମିଶାମିଶି, ହେଲେ ଶରମ୍ଭୁକ ଦେହରେ କଷାକଷି । କୃଷ୍ଣସିଂ. ମହାଭାରତ. କର୍ଣ୍ଣ ।)

ମିଶାରୁ—ପ୍ରାଦେ. (ଗଞ୍ଜାମ) ଅ.—ଅଦୌ—
Misāru At all.

ମିଶାରେ—ପ୍ରାଦେ. (ଜୟପୁର) ଅ—ମଧ୍ୟ—
Misāre Also.
(ମିଶେ—ଅନ୍ୟରୂପ)

ମିଶା ରୁ(ରୋ)ଟି—ଦେ. ବି. ( ସଂ. ମିଶ୍ରିତ+ରୋଟିକା )—
Misā ru(ro)ṭi ୧ । ନାନା ଶସ୍ୟର ଚୂନାରେ ପ୍ରସ୍ତୁତ ରୁଟି—
মেশারুটি 1. Flat bread-roll made from mixed
मिस रोटी flours. ୨ । ଗରମ ପାଉଁଶରେ ଘୋତା ଯାଇ ସିଦ୍ଧ କରା ଯାଇଥିବା ଅଟାର ଗୋଲା; ବାଟି—3. Cake-balls or bread-balls dressed by putting them inside a heap of hot ashes.

ମିଶି(ଷି,ସି)—ସଂ.ବି (ମିଷ୍ ଧାତୁ=ମାପ କରିବା+କର୍ମ ଇ,ଈ)—୧ । ଶତ
Misi(shi,si) ପୁଷ୍ପା,ଶତପୁଷ୍ପ—1. Dill seed; Pellcedanum
মিসী मिसी Graveolaens. ୨ । ଜଟାମାଂସୀ—2. Indian spikenard. ୩ । ପାନମହୁରୀ—3. Fennel. ୪ । ମେଥି—4. Fengreek. ୫ । ରାତ୍ରି ( ହି ଷ ) —5. Night. ବୈଦେ. ୬ ( ପା. ମିସ୍=ତମ୍ବା; ମୀସ୍ଗୀ=ତାମ୍ରସଂପୃକ୍ତ; ତୁଲ. ସଂ. ମସୀ )—୧ । ତୁତିଆ ଓ ହୀରାକସି ଯୋଗେ ପ୍ରସ୍ତୁତ ଦନ୍ତମଞ୍ଜନ ଗୁଣ୍ଡ—1. Powder of copper-sulphate and green vitriol mixed up and used as tooth-powder; a black powder used as denrifice. [ ଦ୍ର—ଏହାକୁ ଦାନ୍ତରେ ଘଷିଲେ ଦାନ୍ତଯାକ କୃଷ୍ଣବର୍ଣ୍ଣ ହୁଏ । ଏହା ମୁସଲମାନଙ୍କ ଅମଳରୁ ଭାରତୀୟ ନାରୀମାନେ ବ୍ୟବହାର କରିବାକୁ ଶିଖିଅଛନ୍ତି ।] (ଉ—ମିଶି ଘଷିଥିବା ହସିନା ଯେସନ, କରୁଥାଏ ଦନ୍ତ୍ୟବର୍ଣ୍ଣ ଉଚ୍ଚାରଣ—ସ୍ୱଧାନାଥ. ଦରବାର ।] ୨ । (ଇଂ. ମିସ୍) ଅବିବାହିତା ବାଳିକା; ମିସ୍ (ଦେଖ )—2. Mis (See). ଦେ. ଅ—ଏବଂ—And. [ ଉ—ଭୁଜ ଜଙ୍ଘୀର ଭୁଜଙ୍ଗ ଅନା, ମିଶି ନାଗେଶ୍ୱର ଦସ୍ତୁଣା—ଭୂପତି. ପ୍ରେମପଞ୍ଚାମୃତ । ]

ମିଶିଆସିବା—ଦେ. କ୍ରି—ମାରିବାକୁ ବା ଆକ୍ରମଣ କରିବାକୁ କୌଣସି
Misi āsibā ବ୍ୟକ୍ତି ଉପରେ ପଡ଼ିଲା ପରି ଅଗ୍ରସର ହେବା;
উদ্যত হওয়া ମାରିବାକୁ ଉଦ୍ଧୁକିବା—To set upon or
चढआना charge a person ( to attack him ).

ମିଶିବା—ଦେ. କ୍ରି ( ସଂ. ମିଶ୍ର ଧାତୁ )—୧ । ଏକତ୍ର ମିଶ୍ରିତ ହେବା,
Misibā ମିଳିତ ହେବା; ଏକତ୍ର ହେବା; ଦଳବଦ୍ଧ ହେବା—
মি(মে)শা 1. To be mixed up. ୨ । (ଏକାଧିକ ପଦାର୍ଥ)
मिलना ଏକତ୍ର ହେବା; ସଂଯୁକ୍ତ ହେବା—2. To be joined together. ୩ । ସମ୍ମିଳିତ ହେବା; ଭେଟିବା—3, To meet with; to join. [ ଉ—ମିଶେ ତ ସେ ଅଲୋକରେ, ଉତ୍ତମ ସୁମା ଅଙ୍କରେ, ସେଣ ବସେ ପଲଙ୍କରେ, ତ ହୃଦକରେ—ଉପେ. ପ୍ରେମସୁଧାନିଧି । ]
चढआना ୪ । ଆକ୍ରମଣ କରିବାକୁ ବା ମାରିବାକୁ ଉଦ୍ୟତ ହୋଇ କୌଣସି ବ୍ୟକ୍ତି ନିକଟକୁ ଲାଗି ଆସିବା ବା ଦଉଡ଼ି ଆସିବା—4. To rush to a person to attack him. ( ଯଥା—ମାଡ଼ ମିଶିବା ଅର୍ଥାତ୍ ମାରିବାକୁ କୌଣସି ବ୍ୟକ୍ତି ନିକଟକୁ ଉଦ୍ଧୁକି ଆସିବା ।) [ ଉ—ବଡ଼େ ସାପୁକ ଶତ, ପ୍ରସର ବଡ଼ନାର, ନରସିଂହ ଉପରେ ମିଶି—ଉପେ. ବୈଦେହୀଶବିଳାସ । ] ୫ ।

ଘନିଷ୍ଠଭାବରେ ବନ୍ଧୁତା ସୂତ୍ରରେ ଆବଦ୍ଧ ହେବା—5. To be on very intimate terms with a person. ୬ । (ଏକାଧିକ ବସ୍ତୁ) ଘନଭାବରେ ଏକତ୍ର ସଂଶ୍ଳିଷ୍ଟ ହେବା—6. To be mixed up together. ୭ । ଲୀନ ହେବା—7. To be absorbed; to be lost in; to be swallowed up in. ୮ । ( ଗଣିତ ) ( ଏକାଧିକ ସଂଖ୍ୟା ) ଏକତ୍ର ଯୋଗ କରାଯିବା ବା ଯୁକ୍ତ ହେବା—8. ( mathematics ) To be added up (said of two numbers). ୯ । କୌଣସି ଘନ ପଦାର୍ଥ କୌଣସି ତରଳ ପଦାର୍ଥରେ ମିଳାଇ ଯିବା—9. To be dissolved in a liquid ( said of a solid thing ). ୧୦ । କୌଣସି ବ୍ୟକ୍ତି ସଙ୍ଗେ ମିଳାମିଶା କରିବା—10. To mix freely with a person. ୧୧ । ( କଳି କରିଥିବା ଦୁଇ ବ୍ୟକ୍ତି ) ମିଳିଯିବା—11. To be reconciled. ୧୨ । ଅଦୃଶ୍ୟ ହେବା—12. To disappear. ୧୩ । କୌଣସି ବ୍ୟକ୍ତିଙ୍କ ନିକଟରେ ଯାଇ ପହଞ୍ଚିବା—13. To reach or overtake a person. ( ଉ—ଏକା ବନସ୍ତେ ନାରୀମଣି, ଗୋଡ଼ାଇ ମିଶନ୍ତି ସକଳ ଭୂପତି. ପ୍ରେମପଞ୍ଚାମୃତ । ) ୧୪ । ସାଙ୍ଗ ହେବା; କୌଣସି ବ୍ୟକ୍ତିର ସହଚର ହେବା—14. To accompany. ( ଉ—ବୋଲନ୍ତି ତାଙ୍କୁ ସକଳେ ଆସ, ଯିବା ମିଶି ଥରେ—କବିସୂର୍ଯ୍ୟ. ସଙ୍ଗୀତ । ) ୧୫ । ସମାନ ହେବା—15. To become equal to. ( ଉ—ବଣାମିଛ ରଜାଙ୍କ ପୂର୍ବରେ ସେଠାରେ, ଯେ କର ମିଶିଲେ ଦ୍ୱିଜଙ୍କ ସଙ୍ଗରେ—କୃଷ୍ଣସିଂହ. ମହାଭାରତ. ବନ । ) ୧୬ । ପହଞ୍ଚିବା; ଯାଇ ମିଳିବା—16. To reach. ( ଉ—କୈବଲ୍ୟ ଜ୍ଞାନ ଯେ ସନ୍ତୋଷେ, ଅନ୍ତେ ପରମପଦେ ମିଶେ—ଜଗନ୍ନାଥ ଭାଗବତ । )

ମିଶିବାବା—ବୈଦେ.ବି.ସ୍ତ୍ରୀ(ଇଂ.ମିସ୍ )—(ସାହେବମାନଙ୍କ) ଅବିବାହିତା
Misibaba ବାଳିକା; କୁମାରୀ—Miss; a maiden.
মিসীবাবা मिसीबाबा

ମିଶିର—ଗ୍ରା. ବି ( ସଂ. ମିଶ୍ର )—ବ୍ରାହ୍ମଣଙ୍କର ଉପାଧି ବିଶେଷ ( ମିଶ୍ର
Misira মিশির मिशर ଦେଖ )—Misra ( See )
(ମିଶିରାଣୀ, ମିଶିରଅଣୀ—ସ୍ତ୍ରୀ)

ମିଶିରି—ଦେ. ବି—ମିଛିରି ( ଦେଖ )—Misri ( See )
Misiri মিছরি मिश्री

ମିଶୁଆ—ଦେ. ବିଣ. ପୁଂ ( ସଂ. ମିଶ୍ର ଧାତୁ )—ଯେଉଁ ବ୍ୟକ୍ତି ଅନ୍ୟ
Misua ବ୍ୟକ୍ତିଙ୍କ ସଙ୍ଗେ ମିଳାମିଶା କରିବାକୁ ସୁଖ ପାଏ—
মেশাল, মিশুক Sociable; affable; disposed to mix
मिलापी with other people.
(ମିଶୁଅଣ, ମିଶୁଅଣିଆ, ମିଶୁଅଲ, ମିଶୁଅଳିଆ—ଅନ୍ୟରୂପ)
(ମିଶୁଣୀ, ମିଶୁଅଣୀ, ମିଶୁଅଲ, ମିଶୁଅଲୀ—ସ୍ତ୍ରୀ)

ମିଶେ—ପ୍ରାଦେ ( ଗଡ଼ଜାତ ) ଅ—ମଧ୍ୟ—Also. [ ଉ—ସେ
Mise ମିଶେ ମୋ ସାଥିରେ ଯିବ । ]

ମିସେସ୍—ବୈଦେ. ବି. ସ୍ତ୍ରୀ ( ଇ. ମିଷ୍ଟ୍ରେସର ସଂକ୍ଷିପ୍ତ ଉଚ୍ଚାରଣ
Mises ମିସେସ୍ )—୧ । ପାଶ୍ଚାତ୍ୟ ବିବାହିତା ସ୍ତ୍ରୀମାନଙ୍କ
মিসেস मिसेस ନାମ ପୂର୍ବେ ଲଗିବା ଉପାଧି—
1. Mrs (an abbreviation of Mistress, prefixed to the names of European married ladies. ୨ । ପାଶ୍ଚାତ୍ୟ ଶିକ୍ଷାପ୍ରାପ୍ତା ବିବାହିତା ସ୍ତ୍ରୀ ଓ ପାଶ୍ଚାତ୍ୟସଭ୍ୟତା ଲୋକପ୍ରାପ୍ତ ପୁରୁଷଙ୍କ ସ୍ତ୍ରୀଙ୍କ ନାମ ପୂର୍ବେ ଲଗିବା ଉପାଧି—2 Mrs (an abbreviation prefixed to the names of married Indian ladies who have got western education or are the wives of English-educated gentlemen.

ମିସେସ୍—ବୈଦେ. ବି ( ଇଂ. ମିସେସ୍; ମିଷ୍ଟ୍ରେସ୍ )—ପାଶ୍ଚାତ୍ୟ ସମାଜରେ
Mises ଶିକ୍ଷିତା ସ୍ତ୍ରୀମାନଙ୍କ ନାମ ପୂର୍ବେ ଲଗିବା ଉପାଧି—
মিসেস मिसेस(ज) Mrs.

ମିଶ୍ର (ଧାତୁ)—ସ—ଏକାଧିକ ବସ୍ତୁକୁ ମିଶାଇବା—
Miśra(root) To mix up two or more things.

ମିଶ୍ର—ସଂ. ବିଣ ( ମିଶ୍ର ଧାତୁ + କର୍ମ. ଅ )—୧ । ଏକୀଭୂତ; ମିଶ୍ରିତ
Miśra —1. Mixed up; jumbled up; blended
[ମିଶ୍ରତା(ତ୍ୱ)—ବି] together; mingled; combined; compounded. ୨ । ସଂଯୁକ୍ତ—2. Joined together; united; conjoined; connected; associated. ୩ । ଏକାଧିକ ବସ୍ତୁର ମିଶ୍ରଣରେ ଉତ୍ପନ୍ନ—3. Adulterated; produced by mixing up more than one thing. ୪ । ଦୋଜନୋସଙ୍କ ବର୍ଣ୍ଣସଙ୍କର; ଦୋମିଶା—4. Hybrid; cross-bred ୫ । ( ସମାସରେ ଅନ୍ୟ ପଦ ପରେ ଯୁକ୍ତ) ଶ୍ରେଷ୍ଠ; ପୂଜ୍ୟ; ମାନ୍ୟ—5. Honourable; chief; honoured; adorable ( when affixed to other words such as ଆର୍ଯ୍ୟ ମିଶ୍ର; ମହା ମିଶ୍ର etc ). ୬ । (ଗଣିତ) ବହୁ ଶ୍ରେଣୀର ବସ୍ତୁର ମିଶ୍ରଣ ଜନିତ ( ଯୋଗ, ବିୟୋଗ, ହରଣ, ଗୁଣନ )—6. ( Mathematics ) Compound ( addition, subtraction, multiplication and division ). ୭ । ଅଡୁଆ ତଡୁଆ ହୋଇଥିବା; ଛନ୍ଦାଛନ୍ଦି—7. Tangled;intertwined ( Apte ). ୮ । ( ସମାସରେ ପଦ ଶେଷରେ ) ଅମୁକ ବସ୍ତୁରେ ମିଶ୍ରିତ; ଯହିଁରେ ଅମୁକ ବସ୍ତୁ ବେଶି ପରିମାଣରେ ମିଶାଯାଇ ଥାଏ—8. ( in compound words ) Having a mixture of; consisting for the most part of (Apte ). ୯ । ( + କର୍ତ୍ତ. ଅ ) ମିଶ୍ରଣକାରୀ—9. Mixing;adulterating(Apte .
ବି—୧ । ଏକାଧିକ ଉପାଦାନର ମିଶ୍ରଣରେ ଉତ୍ପନ୍ନ ପଦାର୍ଥ;

(ମିଶାଣୀ—ସ୍ତ୍ରୀ) ମିଶ୍ରିତ ଦ୍ରବ୍ୟ—1. A mixture; a compound. ୨ । ବୈଦିକ ବ୍ରାହ୍ମଣଙ୍କ ଉପାଧିବିଶେଷ—2. A family-title of Brāhmaṇas. ୩ । ଗଜଜାତି ବିଶେଷ—3. Name of a species of elephants. [ ଦ୍ର—ହିନ୍ଦୁଙ୍କ ଗଜଶାସ୍ତ୍ରାନୁସାରେ ଗଜ ଚାରି ଜାତିର । ଯଥା—ଭଦ୍ର; ମନ୍ଦ୍ର; ମୃଗ; ମିଶ୍ର । ] ୪ । ମିଶର ଦେଶ; ଇଜିପ୍ଟ ଇଥିଓପିଆ ଖଣ୍ଡ; ସୂର୍ଯ୍ୟାସ୍ତ ଦେଶ—4. Egypt. ୫ । ସନ୍ନିପାତ ( ହି. ଶ )—5. Collapse; a morbid state of the 3 humours of the system. ୬ । ରକ୍ତ; ଲହୁ ( ହି. ଶ )—6. Blood. ୭ । ମୂଳା ( ହି. ଶ )—7. Radish. ୮ । ( ଶିଷ୍ଟ ବ୍ୟକ୍ତିଙ୍କ ନାମ ପରେ ଯୁକ୍ତ ) ଶ୍ରେଷ୍ଠ ବ୍ୟକ୍ତି—8. ( usually affixed to the names of great men ) A respectable or worthy person (Apte).

ମିଶ୍ରକ—ସ. ବି ( ମିଶ୍ର ଧାତୁ + ଅଧିକରଣ କ )—୧ । ( ଯେଉଁଠାରେ Miśraka ଦେବଗଣ ମିଳିତ ହୁଅନ୍ତି ) ସ୍ୱର୍ଗର ଉଦ୍ୟାନ; ଦେବୋଦ୍ୟାନ; ଦେବତାଙ୍କର ଉପବନ—1. A garden of paradise; a garden of the gods. ୨ । ସଙ୍ଗୀତ ବିଶେଷ—2. Name of a kind of song. ୩ । ( + କର୍ମ ଅକ ) ଊଷର ଲବଣ—3. Salt prepared from saline earth. ୪ । ଏକ ପ୍ରକାର ରଙ୍ଗ (ହି.ଶ)—4. A kind of tin. ୫ ।(ମିଶ୍ର ଧାତୁ + କର୍ତ୍ତୃ. ଅକ)—ମିଶ୍ରଣକାରୀ ବ୍ୟକ୍ତି—5. Compounder; one who mixes up things. ୬ । ମଧ୍ୟମରୂପେ ପାରଦର୍ଶୀ ଗାୟକ—6. A medium singer. ୭ । ପଣ୍ୟ ଦ୍ରବ୍ୟରେ ଯେ ଅନ୍ୟ ବସ୍ତୁ ମିଶାଏ—7. An adulterator of mercantile goods (Apte). ସ. ବିଣ. ପୁଂ—୧ । (ମିଶ୍ର ଧାତୁ (ମିଶ୍ରିକା—ସ୍ତ୍ରୀ ) + କର୍ତ୍ତୃ. ଅକ )—ମିଶ୍ରଣକାରୀ—1. Mixing; adulterating. ୨ । (+କର୍ମ. ଅକ)—ମିଶ୍ରିତ—2. Mixed (Apte). ୩ । ବହୁ ବସ୍ତୁର ମିଶ୍ରଣରେ ଉତ୍ପନ୍ନ; ବାଜେ; ମିଶା ମିଶି—3. Miscellaneous (Apte); mixed.

ମିଶ୍ରକା ବନ—ସ. ବି—ସ୍ୱର୍ଗର ଉଦ୍ୟାନ; ଇନ୍ଦ୍ରଙ୍କ ଉପବନ;ନନ୍ଦନକାନନ-Miśrakā bana The mythological pleasure-garden of Indra.

ମିଶ୍ର କେଶୀ—ସ. ବି.ସ୍ତ୍ରୀ ନାମ—ଜଣେ ଅପ୍ସରାର ନାମ—Name of Miśra keśi one of the heavenly nymphs in Hindu mythology. [ଦ—ଏ ମେନକାର ସଖୀ ଥିଲେ—ହି. ଶ]

ମିଶ୍ର ଗୁଣନ—ସ. ବି—(ଗଣିତ) ମିଶ୍ରରାଶିର ଗୁଣନ—(Mathematics) Miśra guṇana A compound multiplication. [ ଦ୍ର—ଏହିପରି ମିଶ୍ର ଯୋଗ; ମିଶ୍ର ବିଯୋଗ; ମିଶ୍ର ହରଣ; ମିଶ୍ର ଭାଗହାର; ମିଶ୍ର ଭଗ୍ନାଂଶ; ମିଶ୍ର ଗୁଣନ; ମିଶ୍ର ସଙ୍କଳନ; ମିଶ୍ରବ୍ୟବକଳନ ଆଦି ଶବ୍ଦ ହୁଏ ।]

ମିଶ୍ରଜ—ସ. ବିଣ. ପୁଂ—(ମିଶ୍ର + ଜନ ଧାତୁ + କର୍ତ୍ତୃ. ଅ)—ଦୁଇ ଭିନ୍ନ Miśraja ଜାତିର ମିଶ୍ରଣରୁ ଉତ୍ପନ୍ନ—Produced from the (ମିଶ୍ରଜା, ମିଶ୍ରଜାତା—ସ୍ତ୍ରୀ) mixture of two castes or (ମିଶ୍ରଜାତ—ଅନ୍ୟରୂପ) species. ସ. ବି. ପୁଂ—୧ । ମିଶ୍ରଜାତି (ଦେଖ)—1. Miśra jāti (See) ୨ । ଖଚର (ହି. ଶ.), ଅଶ୍ୱତର—2 Mule.

ମିଶ୍ର ଜାତି—ସ ବି. (କର୍ମଧା, ମିଶ୍ର + ଜାତି)—ବର୍ଣ୍ଣସଙ୍କର; ଦୋମିଶା Miśra jāti ଜାତି—Hybrid; half caste; cross-(ମିଶ୍ର ବର୍ଣ୍ଣ—ଅନ୍ୟରୂପ) breed

ମିଶ୍ରଣ—ସ. ବି. (ମିଶ୍ର ଧାତୁ+ଭାବ. ଅନ)—୧ । ଏକାଧିକ ବସ୍ତୁକୁ Miśraṇa ମିଶାଇବା; ଏକୀକରଣ—1. Act of mixing up; uniting many things; compounding; adulteration. ୨ । (ଗଣିତ) ମିଶାଣ; ଯୋଗ; ଏକାଧିକ ସଂଖ୍ୟାର ଯୋଗକରଣ—2. ( Arithmetic ). Addition. ୩ । ମିଳନ;ସଂଯୋଗ—3.Conjunction; meeting together; conglomeration. ୪ । ଏକାଧିକ ବସ୍ତୁକୁ ମିଶାଇବା ଦ୍ୱାରା ପ୍ରସ୍ତୁତ ପଦାର୍ଥ—4. Mixture; compound; admixture. ୫ । ବହୁ ପଦାର୍ଥର ଏକତା ସମ୍ପାଦନ; ଏକୀକରଣ—5. Unification.

ମିଶ୍ରଣୀୟ—ସ. ବିଣ. (ମିଶ୍ର ଧାତୁ+କର୍ମ. ଅନୀୟ)—ମିଶାଯିବାର Miśraṇiya ଯୋଗ୍ୟ—Fit to be mixed together or added up.

ମିଶ୍ର ଧାତୁ—ସ. ବି (କର୍ମଧା)—ଏକାଧିକ ମୌଳିକ ଧାତୁର ମିଶ୍ରଣରେ Miśra dhātu ଉତ୍ପନ୍ନ ଧାତୁ—A compound metal.

ମିଶ୍ର ଧାନ୍ୟ—ସ. ବି· (କର୍ମଧା)—ବାରମିଶା ଧାନ; ବହୁ ଜାତିର Miśra dhānya ମିଶ୍ରିତ ଧାନ—Paddy consisting of many species mixed together.

ମିଶ୍ର ପଦାର୍ଥ—ସ. ବି—ବିଭିନ୍ନ ମୌଳିକ ପଦାର୍ଥଦ୍ୱାରା ଗଠିତ ପଦାର୍ଥ—Miśra padārtha A compound made up of many elements.

ମିଶ୍ର ପୁଷ୍ପା—ସ. ବି—ମେଥିକା; ମେଥି—Miśra pushpā Trigonella Fenugræcum; fenugreek.

ମିଶ୍ର ବର୍ଣ୍ଣ—ସ.ବି—୧ । ( ବହୁବ୍ରୀହି ) କୃଷ୍ଣାଗୁରୁ—1. A sort of Miśra barṇṇa aloes-wood. ୨ । (କର୍ମଧା ) ମିଶ୍ରଜାତି (ଦେଖ) 2.Miśra jāti (See). ୩ । (କର୍ମଧା) ଏକାଧିକ ମିଶ୍ରିତ ବର୍ଣ୍ଣ—3. Mixed colour. ୪ । ଆଖୁ ( ହି. ଶ. )—4. Sugarcane. ବିଣ—ନାନା ବର୍ଣ୍ଣଯୁକ୍ତ—Of many colours.

ମିଶ୍ରବର୍ଣ୍ଣ ଫଳ—ସ. ବି—(ବହୁବ୍ରୀହି) (ମିଶ୍ର ବର୍ଣ୍ଣ+ଫଳ+ଅ)—
Miśrabarṇṇa phala ବାର୍ତ୍ତାକୁ; ବାଇଗଣ (ଗଛ ଓ ଫଳ)—
(ମିଶ୍ରବନ—ଅନ୍ୟରୂପ) —Brinjal (plant and fruit); egg-plant; Solanum Melongena.

ମିଶ୍ର ବ୍ୟବହାର—ସ. ବି—(ମ. ପ. ଲୋ)—(ଗଣିତ) ମିଶ୍ର ରାଶି ସମ୍ବନ୍ଧୀୟ
Miśra byabahāra ଗାଣିତିକ ହିସାବ—(Mathematics) The processes dealing with compound figures.

ମିଶ୍ର ଶବ୍ଦ—ସଂ. ବି—(ବହୁବ୍ରୀହି) ଖଚ୍ଚର; ଅଶ୍ୱତର (ହି. ଶ)—
Miśra śabda Mule.

ମିଶ୍ରି—ବୈଦେ.ବି (ଅ. ମିସ୍‌ରୀ; ସ. ମିଶ୍ର=ମିସର୍ ଦେଶ; ପ୍ରଥମେ ମିସର୍
Miśri ବାସୀଙ୍କଠାରୁ ଦେଶି ଗ୍ରୀକ୍‌ମାନେ ଏହା ପ୍ରସ୍ତୁତ
ମିଛରୀ ହୋଇଥିବାରୁ; ସ. ନାମ ସିତୋପଲା )—ବଡ଼ ବଡ଼ ଦାନା
मिश्री, मिसरी ବା ରୂପରେ ପରିଣତ କଠିନ ବା ସ୍ଫଟିକ ଗୁଡ଼—Sugar candy; crystallised sugar. [ଦ୍ର—
କଳକୁ ବା ଚିନିକୁ ଦୁଇଥର ସଫା କରି ତହିଁର ସିରା (ରସ)କୁ
ମାଠିଆରେ ବା ଆଳଅରେ ଘାଳ ବେତେବେଳ ରଖିଲେ
ସେଥିରେ ଥିବା ଅଧିକା କଠିନ ଦାନା ବା ବଡ଼ରୂପ ବାନ୍ଧ ପାତ୍ରର
ଗାତ୍ରରେ ବା ଭିତ୍ତି ପାତ୍ରର ଗର୍ଭରେ ଲଗିବା ହୋଇଥିବା
ସୂତାର ଦେହରେ ବସିଯାଏ । ଏହାକୁ ମିଶ୍ରି ବୋଲାଯାଏ ।
ବୈଦ୍ୟଶାସ୍ତ୍ର ମତରେ ଏହା ସ୍ନିଗ୍ଧ, ଧାତୁବର୍ଦ୍ଧକ,
ମୁଖପ୍ରିୟ, ବଳକାରକ, କୋଷ୍ଠ ଶୁଦ୍ଧିକାରକ; ଏହା ବାୟୁ
ଓ ଭ୍ରାନ୍ତିଦ୍ରୁତିନାଶକ । ପ୍ରସ୍ରାବଜ୍ୱାଳାରେ ଓ ଉର୍ଦ୍ଧ୍ୱଶ୍ଳେଷ୍ମାରେ
ମିଶ୍ରିର ପଣା ଉପକାରୀ ।]

ମିଶ୍ରିତ—ସ. ବିଣ ( ମିଶ୍ର ଧାତୁ+କର୍ମ. ତ )—୧ । ମିଳିତ; ମିଶା
Miśrita ଯାଇଥିବା—1. Mixed up; compounded.
୨ । ଏକତ୍ରୀଭୂତ—2. Jumbled up; gathered up. ୩ । ଯୁକ୍ତ—3. Joined with. ୪ । (ବହୁସଂଖ୍ୟା)
ଯୋଗ କରାଯାଇଥିବା — 4. Added up.

ମିଶ୍ରିତ ଭାଷା—ସ. ବି ( କର୍ମଧା )—ବହୁବ ଭାଷାର ମିଶ୍ରଣରୁ ଉତ୍ପନ୍ନ
Miśrita bhāshā ଭାଷା—Mixed language; jargon.
( ବର୍ଣ୍ଣକ ଭାଷା—ବଙ୍ଗଳା )

ମିଶ୍ରିତା—ସ. ବି—କୃତ୍ତିକା ଓ ବିଶାଖା ନକ୍ଷତ୍ରଯୁକ୍ତ ସଂକ୍ରାନ୍ତିବିଶେଷ—
Miśritā Name of a day on which the sun passes from one zodiac sign to another, when the asterisms of Kruttikā and Bisākhā are in the latter sign. ସଂ. ବିଣ. ସ୍ତ୍ରୀ—ମିଶ୍ରିତର
ସ୍ତ୍ରୀଲିଙ୍ଗ—Feminine of Miśrita.

ମିଶ୍ରି ସାର—ଦେ.ବି—ମିଶ୍ରିରୁ ପ୍ରସ୍ତୁତ ସିରା—Syrup made from
Miśri sāra sugar candy. [ଦ୍ର—ଗୁଡ଼ କରାଇ ମିଶ୍ରିସାର,ସେ
रस मिश्रीपाग ଉର୍ଦ୍ଧେ କରଇ ବାହାର—ଭୂପତି. ପ୍ରେମପଞ୍ଚାମୃତ । ]

ମିଶ୍ରୀ—ସଂ. ବିଣ. ପୁଂ ( ମିଶ୍ର ଧାତୁ+କର୍ତ୍ତୃ. ଇନ୍ )—ମିଶ୍ରଣକାରୀ—
Miśri Mixing up. ସଂ. ବି. ପୁଂ—ନାଗବିଶେଷ—Name
(ମିଶ୍ରିଣୀ—ସ୍ତ୍ରୀ) of a mythological serpent.

ମିଶ୍ରୀକରଣ—ସଂ. ବି. ( ମିଶ୍ର+ଅଭୂତ ତଦ୍ଭାବେ ଚ୍ୱି+କରଣ )—
Miśrikaraṇa ଏକାଧିକ ବସ୍ତୁକୁ ମିଳାଇବା—Mixing up
( ମିଶ୍ରୀକୃତ—ବିଣ ) of many things.

ମିଶ୍ରୀତୁତ୍ଥ—ସଂ. ବି—ଅଞ୍ଜନ ( ହି. ଶ )—
Miśrītuttha Antimony.

ମିଶ୍ରେୟା—ସଂ. ବି ( ମିଶ୍ର+ଇ ଧାତୁ=ଗମନ କରିବା+ଅ )—
Miśreyā ୧। ପଟୁରିବା; ଗାଜମହୁରୀ—1. Aniseed; Pimpinella Anisum. ୨ । ଶତପୁଷ୍ପା; ସଲୁପ—2. Dill seed; Anethum Harmorium Rox.
୩ । ଏକପ୍ରକାର ଶାକ ( ହି. ଶ )—3. A kind of pot herb.

ମିଶ୍ରୋଦନ—ସଂ. ବି ( ମିଶ୍ର+ଓଦନ )—ଖେଚୁଡ଼ି ( ହି. ଶ )—
Miśrodana Rice and pulses boiled together.

ମିଷ୍—ସଂ. ( ଧାତୁ )—୧ । ସେଚନ କରିବା; ଛିଞ୍ଚିବା—1. To
Mish ( root ) sprinkle. ୨ । ତୁଷ୍ଟ ହେବା—2. To be contented. ୩ । ବିବାଦ କରିବା—3. To contend
୪ । ପ୍ରତିଯୋଗିତା କରିବା—4. To emulate. ୫ ।
ଆଖି ମେଲା କରିବା—5. To open the eyes; to wink ( Apte ). ୬ । ବଲ ବଲ କରି ଚାହିଁ ରହିବା—
6. To look at; to look helplessly ( Apte ),
୭ । ଓଦା କରିବା; ଭିଜାଇବା—7. To wet; to moisten ( Apte ).

ମିଷ—ସଂ. ବି (ମିଷ ଧାତୁ+ଭାବ. ଅ)—୧ । ପ୍ରତିଯୋଗିତା; ସ୍ପର୍ଦ୍ଧା—
Misha 1. Emulation; rivalry. ୨ । ଛଳ; କପଟତା—
2. Pretext; trick; fraud ( Apte ). [ ଦ୍ର—
ଯଶୋଦାଙ୍କର ମନ,-ମୀନକୁ ଏ ବଚନ,-ମିଷ ବଡ଼ିଶ ଲାଗି
ଛଟକିଲେ—କବିସୂର୍ଯ୍ୟ. ସଙ୍ଗୀତ । ] ୩ । ବାହ୍ୟ ବେଦେଶ୍ୟ;
କପଟ ବେଶ—3. False or outward appearance; disguise ( Apte ). ୪ । ଦେଖିବା; ବଲ
ବଲ କରି ଚାହିଁବା—4. Staring; looking helplessly. ୫ । ସେଚନ—5. Sprinkling.
୬ । ଈର୍ଷା ( ପ୍ରକୃତିବାଦ )—6. Envy; spite; malice.

ମିଷି—ସ. ବି ( ମିଷ୍ ଧାତୁ+କରଣେ. ଇ )—୧ । ଜଟାମାଂସୀ )—
Mishi 1. Spikenard; Varbiana Jatamansi.
(ମିଷିକା—ଅନ୍ୟରୂପ) ୨ । ଶତପୁଷ୍ପା; ସଲୁପ ( ହି. ଶ )—2. Dill seed. ୩ । ଉଶୀର; ବେଣାମୂଳ (ହି. ଶ)
—3. The root of Beṇā grass.

ମିଷ୍ଟ—ସ. ବିଣ ( ମିଷ୍ ଧାତୁ=ସେଚନ କରିବା+କର୍ମ. ତ )—୧ ।
Mishṭa ମଧୁର; ମିଠା; ସ୍ୱାଦୁ—1. Sweet; sugary.
୨ । ମନୋମୋହକର—2. Charming; agreeable; pleasant. ୩ । ସିକ୍ତ—3. Sprinkled; moistened. ୪ । ସମୟୋଚିତ—4. Timely. ୫ । ପକା
ଯାଇଥିବା; ସେକା ଯାଇଥିବା, ଭଜା ଯାଇଥିବା ବା ସିଝା

ଯାଇଥିବା ( ବି. ଣ )—5. Cooked; dressed; toasted, fried or boiled. ବ—୧ । ମିଷ୍ଟାନ୍ନ; ମିଷ୍ଟଖାଦ୍ୟ; ମିଠାଇ—1. Sweetmeat. ୨ । ମଧୁର ରସ—2. Sweet taste. ୩ । ମଧୁରତା—3. Sweetness.

ମିଷ୍ଟ କଥା—ସ. ବ—୧ । ମଧୁର ବାକ୍ୟ—1. Sweet words.
Mishṭa kathā ୨ । ସଦୟ ଭାଷା—2. Kind words.
(ମିଷ୍ଟବଚନ, ମିଷ୍ଟବାକ୍ୟ, ମିଷ୍ଟବାଣୀ, ମିଷ୍ଟଭାଷା—ଅନ୍ୟରୂପ)

ମିଷ୍ଟତା(ତ୍ୱ)—ସ. ବ (ମିଷ୍ଟ+ଭାବ.ତା, ତ୍ୱ)—ମଧୁରତା—Sweetness; agreeableness.
Mishṭatā(twa)

ମିଷ୍ଟ ଦ୍ରବ୍ୟ—ସ. ବ ( କର୍ମଧା; ମିଷ୍ଟ+ଦ୍ରବ୍ୟ )—ସୁସ୍ୱାଦୁ ପଦାର୍ଥ—Sweet thing.
Mishṭa drabya

ମିଷ୍ଟ ନିମ୍ବ—ସ. ବ—ମିଠା ନିମ୍ବ ( ବି. ଣ ) ଯେଉଁ ନିମ୍ବ ପତ୍ରର ତିକ୍ତତାରେ ଈଷତ୍ ମିଷ୍ଟତା ମିଶିଥାଏ—A species of sweetish Nimba.
Mishṭa nimba

ମିଷ୍ଟ ନିମ୍ବୁ—ସ. ବ—ମିଠା ଲେମ୍ବୁ; ମିଠା କମଳା—Sweet orange.
Mishṭa nimbu

ମିଷ୍ଟ ପାକ—ସ. ବ ( କର୍ମଧା; ମିଷ୍ଟ+ପାକ )—ଶର୍କରାରସପକ୍ୱ ଫଳାଦି; ମୋରବ୍ବା—Preserved fruit.
Mishṭa pāka

ମିଷ୍ଟ ପାଚକ—ସ. ବ. ପୁଂ—ଯେଉଁ ବ୍ୟକ୍ତି ସୁସ୍ୱାଦ ଖାଦ୍ୟ ରନ୍ଧନ ପାରେ ( ବି. ଣ )—A cook who cooks savoury dishes.
Mishṭa pāchaka
(ମିଷ୍ଟ ପାଚକା—ସ୍ତ୍ରୀ)

ମିଷ୍ଟ ପାଟ—ସ. ବ—ଶାକ ବିଶେଷ [ ଇଂରେଜ ଓ ମିଶରବାସୀମାନେ ଏହା ଅତି ଯତ୍ନସହିତ ଭକ୍ଷଣ କରନ୍ତି—A variety of Chorchorus Olitorius or Jew's mallow; an esculent pot herb.
Mishṭa pāṭa

ମିଷ୍ଟ ବକ୍ତା—ସ. ବଣ. ପୁଂ ( ମିଷ୍ଟ ବକ୍ତୃ; ୧ମା. ୧ବ )—ମଧୁର ଭାଷୀ ବ୍ୟବହାର କାରୀ—Speaking sweetly, fairspoken; honey-tongued; speaking kindy.
Mishṭa baktā
(ମିଷ୍ଟ ଭାଷୀ—ଅନ୍ୟରୂପ)
(ମିଷ୍ଟବକ୍ତ୍ରୀ, ମିଷ୍ଟ ଭାଷିଣୀ—ସ୍ତ୍ରୀ)

ମିଷ୍ଟ(ଷ୍ଟା)ର—ବୈଦେ. ବ ( ଇଂ. ମିଷ୍ଟର )—ସାହେବ ଓ ପାଶ୍ଚାତ୍ୟ ସଭ୍ୟତା ପ୍ରାପ୍ତ ଭାରତୀୟ ଭଦ୍ରଲୋକଙ୍କ ବଂଶୋପାଧି ପୂର୍ବରେ ବା ନାମ ପୂର୍ବରେ ଲଗିବା ସମ୍ମାନସୂଚକ ଉପାଧି—[ଦ୍ର—ଆମଭାଷାରେ ଏ ଅର୍ଥରେ ବାବୁ ବା ଶ୍ରୀ ଲଗେ । ] Mister; Mr (prefixed to the name or family title of a gentleman). [ଦ୍ର—ଏହି ଶବ୍ଦକୁ ପାଶ୍ଚାତ୍ୟ ସଭ୍ୟତା ପ୍ରାପ୍ତ ଭାରତୀୟ ବ୍ୟକ୍ତିମାନେ ମଧ୍ୟ ବ୍ୟବହାର କର ଥାଆନ୍ତି । ଏହାର ସାଙ୍କେତିକ "ମିଃ" ମଧ୍ୟ ବ୍ୟବହୃତ ହୁଏ । ]
Mishṭa(shṭā)r
ମିষ্টার
मिष्टर

ମିଷ୍ଟ ସ୍ୱର—ସ. ବ—କଣ୍ଠମଧୁର ସ୍ୱର—Sweet tone.
Mishṭa swara

ମିଷ୍ଟାନ୍ନ—ସ.ବ (ମିଷ୍ଟ+ଅନ୍ନ=ଭକ୍ଷଣୀୟ ଦ୍ରବ୍ୟ)—୧ । ମିଷ୍ଟ ଖାଦ୍ୟ—1. Sweet food. ୨ । ମିଠାଇ—2. Sweetmeat; sweets; confectionary.
Mishṭānna

ମିଷ୍ଟାନ୍ନ ପ୍ରିୟ—ସଂ. ବଣ. ପୁଂ (ବହୁବ୍ରୀହି)—ଯେ ମିଷ୍ଟାନ୍ନ ଖାଇବାକୁ ଖୁବ ପାଏ—Fond of sweets.
Mishṭānna priya
(ମିଷ୍ଟାନ୍ନ ପ୍ରିୟା—ସ୍ତ୍ରୀ) (ମିଷ୍ଟାନ୍ନ ପ୍ରିୟତା—ବ)

ମିଷ୍ଟାନ୍ନ ଭୋଜୀ—ସଂ. ବଣ. ପୁଂ ( ମିଷ୍ଟାନ୍ନ+ଭୁଜ୍ ଧାତୁ+କର୍ତ୍ତୃ ଇନ୍ )—ମିଷ୍ଟ ଦ୍ରବ୍ୟ ଭକ୍ଷଣକାରୀ—Eating sweets.
Mishṭānna bhoji
(ମିଷ୍ଟାନ୍ନ ଭୋଜିନୀ—ସ୍ତ୍ରୀ)

ମିସ୍(ସି)—ବୈଦେ. ବ(ଇଂ.ମିସ୍)—ଅବିବାହିତା ବାଳିକା ବା କୁମାରୀଙ୍କ ନାମ ପୂର୍ବରେ ଲଗିବା ପଦ—Miss (the word prefixed to the name of a maid).
Mis(si)
মিসী
मिस

ମିସ୍(ସି)ବାବା—ଦେ. ବ ( ଇଂ. ମିସ୍ )—ସାହେବମାନଙ୍କ ପରିବାରର କୁମାରୀମାନଙ୍କ ପ୍ରତି ଚାକରମାନଙ୍କର ସ୍ନେହ-ସମ୍ବୋଧନ—A term of endearment addressed by the servants to maids of a European family.
Mis-(si)bābā
মিসী বাবা
मिस बाबा

ମିସନ୍—ବୈଦେ. ବ (ଇଂ. ମିସନ୍)—୧ । ଧର୍ମପ୍ରଚାରକ ମଣ୍ଡଳୀ—1. A company of persons engaged in a religious propaganda. ୨ । ଧର୍ମପ୍ରଚାରାର୍ଥ ଉଦ୍ୟୋଗ—2. Religious mission. ୩ । ପ୍ରଚାରାଦି ବିଶେଷ କାର୍ଯ୍ୟ ସମ୍ପାଦନାର୍ଥ ଭାର—3. A mission ୪ । ରାଜନୈତିକ ଉଦ୍ଦେଶ୍ୟରେ ଏକ ରାଜ୍ୟରୁ ଅନ୍ୟ ରାଜ୍ୟକୁ ପ୍ରେରିତ ଦୂତ ମଣ୍ଡଳ—4. Political mission.
Misan
মিসন
मिसन

ମିସନ୍ ଇସ୍କୁଲ(ସ୍କୁଲ)—ଦେ. ବ (ଇଂ)—ଧର୍ମ ପ୍ରଚାରକ ସମ୍ପ୍ରଦାୟଙ୍କ ପରିଚାଳିତ ବିଦ୍ୟାଳୟ—Mission School. [ଦ୍ର—ଏହିପରି ମିସନ୍ ପ୍ରେସ୍, ମିସନ୍ କଲେଜ୍ ହୁଏ । ]
Misan iskula(skula)
মিসন ইস্কুল
मिसन स्कूल

ମିସନ୍ ସମାଜ (ସମ୍ପ୍ରଦାୟ)—ଦେ. ବ—ଧର୍ମ ପ୍ରଚାରକ ସଂଘ—A missionary society.
Misan samāja (sampradāya)
মিসন সমাজ
मिसन समाज

ମିସନ(ନା, ନେ)ରୀ—ବୈଦେ. ବ. ( ଇଂ ମିସନାରୀ )—୧ । ଧର୍ମ ପ୍ରଚାରକ—1. Religious preacher; missionary. ୨ । ଖ୍ରୀଷ୍ଟିୟାନ୍ ପାଦ୍ରୀ—2. A Christian missionary. ବଣ—ଧର୍ମପ୍ରଚାରକ-ମଣ୍ଡଳସମ୍ବନ୍ଧୀୟ—Relating to a mission.
Misan(nā, ne)ri
মিসনর্রী
मिसनरी

ମିସାଲ୍—ପ୍ରାଦେ. (ସମ୍ବଲପୁର) ଅ. ( ସ. ମିଶ୍ରିତ )—୧ । ମଧ୍ୟ; ବି—1. Also; too. ୨ । ସଙ୍ଗେ—2. Together with. (ଯଥା—ମୁଁ ଡାଲି ମିସାଲ୍ ପଖାଳ ଖାଇଲି ।)
Misāl
(ମିସେ—ଅନ୍ୟରୂପ)

ମିସି—ସଂ. ବ—ମିଶି ( ଦେଖ )
Misi Mishi ( See )
ବୈଦେ. ବ—ମିସ୍ (ଦେଖ)—Mis ( See )

ମିସ୍ତର୍—ବୈଦେ. ପ୍ରାଦେ. (ସମ୍ବଲପୁର) ବଣ—ମିଷ୍ଟର୍ ( ଦେଖ )
Mistar Mishṭar ( See )
ବୈଦେ. ବ (ଅ)—ଅଳ୍ପ ଛଡ଼ାଛଡ଼ା ଖୁବ୍ ମୋଟ ସମାନ୍ତର ରେଖାମାନ ଟଣା ଯାଇଥିବା ମୋଟ କାଗଜ ବା

କାଗଜର ଡଲ୍ଲା—A pasteboard or thick sheet of paper on which thick parallel
मिस्तर lines are drawn at short intervals and over which, when a writing paper is put, the writer's lines follow the lines below. [ଦ୍ର—ଏହି ମିସ୍ତର୍ ଡଲ୍ଲା ଉପରେ ପତଳା କାଗଜକୁ ପକାଇ ଲେଖିଲେ କାଗଜ ତଳେ ଥିବା ଉକ୍ତ ଡଲ୍ଲାରେ ଅଙ୍କିତ ରେଖାମାନ ବାହ୍ୟ ହୋଇ ପଡ଼େ ଓ ସେହି ଗାରମାନଙ୍କୁ ଠଉରାଇ କରି କାଗଜରେ ଅକ୍ଷର ଲେଖିଲେ ଧାଡ଼ିମାନ ବଙ୍କା ନ ହୋଇ ସମାନ୍ତର ହୁଏ ।]

ମିସ୍ତ୍ରୀ—ବୈଦେ.ବି. (ପ୍ରାଚୀନ ଇଂରାଜୀ ମିଷ୍ଟେର୍;ଇଂ. ମାଷ୍ଟର୍; ପର୍ତ୍ତୁଗୀଜ୍ ମେଷ୍ଟ୍ରାର୍=ଗୁରୁ; ଶିକ୍ଷକ )—୧ । କାରିଗର; ଶିଳ୍ପୀ—1. Mechanic; artisan; craftsman. ୨ । ରାଜ ମିସ୍ତ୍ରୀ—2. Mason. [ଦ୍ର—ଏ ଶବ୍ଦ ବଢ଼େଇ, କମାର, କଳ ଆଦିରେ କାମ କରିବା ବ୍ୟକ୍ତି ଓ କୋଠା ଓ ଅନ୍ୟ କାମ କରିବା କାରିଗରଙ୍କ ପ୍ରତି ବ୍ୟବହୃତ ହୁଏ । ]
Mistrī
मिस्त्री
मिस्त्री, मिस्तरी

ମିସ୍ତ୍ରୀଖାନା—ବୈଦେ. ବି—ମିସ୍ତ୍ରୀ ବା କାରିଗରମାନଙ୍କ କାର୍ଯ୍ୟାଳୟ; କାରଖାନା—A workshop.
Mistrikhānā
मिस्त्रीखाना मिस्त्रीखाना

ମିହ୍ ଧାତୁ—ସ—୧ । ସେକ ଦେବା—1. To foment. ୨ । ସେଚନ କରିବା—2. To sprinkle.
Mih (root)

ମିହ—ସ. ବି—(ମିହ୍ ଧାତୁ+କର୍ତ୍ତୃ. ଅ)—ମେଘ; ବର୍ଷଣ ଥିବା ମେଘ Rain-cloud.
Miha

ମିହନତ୍—ବୈଦେ. ବି. (ଫା. ମେହ୍‌ନତ୍)—କାୟିକ ପରିଶ୍ରମ—Physical labour; industry.
Mihanat
मि(मे)हनत मि(मे)हनत् (ମିହନ୍ତୀ—ଅନ୍ୟରୂପ)

ମିହନତୀ—ବୈଦେ.ବିଣ.—(ଫା. ମେହ୍‌ନତୀ)—ପରିଶ୍ରମୀ—Industrious; laborious.
Mihanati
मि(मे)हनती मिहनती (ମିହନ୍ତି—ଅନ୍ୟରୂପ)

ମିହନ୍ତ(ନ୍ତା)ନା—ଦେ. ବି.(ଫା. ମେହ୍‌ନତାନା)—ପାରିଶ୍ରମିକ; ପରିଶ୍ରମର ମୂଲ୍ୟ; ମଜୁରି—Wages or remuneration for labour.
Mihanta(ntā)nā
मि(मे)हनताना मि(मे)हनताना

ମିହି—ବୈଦେ.ବିଣ.—(ଫା.ମହୀନ)-ସୂକ୍ଷ୍ମ;ଖୁବ୍ ସରୁ ବା ପତଳା;କୋମଳ—Very fine; thin, delicate. [ଯଥା—ମିହି ଲୁଗା, ମିହି ଚାଉଳ, ମିହି ସୂତା ।]
Mihi मिहि महीन, मेही

ମିହିକା—ସ.ବି—(ମିହ୍ ଧାତୁ=ସିକ୍ତ କରିବା+କର୍ତ୍ତୃ. ଇକ+ଅ)—୧ । ଶିଶିର—1. Dew. ୨ । ତୁଷାର; କୁହୁଡ଼ି; ହିମ—2. Frost.
Mihikā

ମିହିଦାନା—ଦେ. ବି—ମୁଗ ଲଡ୍ଡୁ; ସରୁ ସରୁ ଦାନାଯୁକ୍ତ ଏକ ପ୍ରକାର ଲଡ୍ଡୁ ବା ମିଠାଇ; ମତିଚୁର—A kind of sweetmeat ball consisting of flour of moong fried in ghee.
Mihi dānā
मिहिदाना, मतिचूर
मेहीदाना, मोतिचूर

ମିହିର—ସ. ବି ( ମିହ୍ ଧାତୁ=ସେକ କରିବା+କର୍ତ୍ତୃ. ଇର )—୧ । ଦିନମଣି; ସୂର୍ଯ୍ୟ—1. The sun. ୨ । ପଣ୍ଡିତ—2. Learned man. ୩ । ଅର୍କ ଗଛ—3. Calotropus Gigantea (plant). ୪ । ମେଘ—4. Cloud. ୫ । ବାୟୁ—5. Wind. ୬ । ଚନ୍ଦ୍ର—6. Moon. ୭ । ମୁନି ବିଶେଷ; ବଶିଷ୍ଠଙ୍କ ପୁତ୍ର—7. Name of a sage. ୮ । ବରାହ ମିହିର; ବିକ୍ରମାଦିତ୍ୟଙ୍କ ନବରତ୍ନ ମଧ୍ୟରୁ ଜଣେ—8. Name of a famous astrologer of the court of Bikramāditya. ୯ । ତମ୍ବା (ହି. ଶ)—9. Copper. ୧୦ । ରାଜା (ହି. ଶ)—10. King. ୧୧ । ବୃଦ୍ଧ ବ୍ୟକ୍ତି (ହି. ଶ)—11. An old man (Apte). ସ. ବିଣ. ପୁଂ—ବୃଦ୍ଧ (ହି.ଶ)—Old. ଦେ. ବି—କବିସୂର୍ଯ୍ୟ ବଳଦେବ ରଥ—A name of Kabisūrjya Baladeba Ratha. [ଦ୍ର—କବିସୂର୍ଯ୍ୟ ତାଙ୍କ ଭଣିତାରେ କେତେକ ସ୍ଥଳରେ ଆପଣାକୁ କବି ମିହିର କହି ଅଛନ୍ତି ।]
Mihira

ମିହିର ମଣ୍ଡଳ—ସ. ବି. ( ଷଷ୍ଠୀ ତତ୍; ମିହିର+ମଣ୍ଡଳ )—୧ । ସୂର୍ଯ୍ୟ ମଣ୍ଡଳ—1. The sun's sphere. ୨ । ଚନ୍ଦ୍ର ମଣ୍ଡଳ—2. The lunar sphere or orb.
Mihira mandala

ମିହିରାଣ—ସ. ବି (ମିହିର+ଅନ୍ ଧାତୁ=ବଞ୍ଚିବା+କର୍ତ୍ତୃ. ଅ)—ଶିବ; ମହାଦେବ—God siba.
Mihirāna

ମିହ୍ନା—ବୈଦେ.ବି—୧ । ମିନା (ଦେଖ)—1. Minā (See) (ଦ୍ର—ସୁବର୍ଣ୍ଣ ଭୂମିରେ ଅଙ୍କୁର ଅଛିକ ମରକତ ମିହ୍ନା ଲତା । ଉଷ. କୋଟି ବ୍ରହ୍ମାଣ୍ଡ ସୁନ୍ଦରୀ ।) (ଦ୍ର—ସେ ଭୁଜେ ବାଜିଛି ରୂପା ସୁନା ବଦମାଲୀ, ପାଣିରେ ତା ପାଣି କାଚ ମିହ୍ନା ବଢ଼ି ଅଛି ଯେ । ଉଷ. ଲାବଣ୍ୟବତୀ ।) ୨। (ଫ. ମିନ୍‌ହା) ଲାଖରାଜ ଭୂମି—2. Rent free land. ବିଣ—ଲାଖରାଜ—Rent free.
Mihnā
मिना
मिना
मिह्ना
मिन्हा

ମିହ୍ନାଇ—ପ୍ରାଦେ. (ସମ୍ବଲପୁର) ବି—ମିହ୍ନା ( ଦେଖ ) Mihnā ( See )
Mihnāi

ମିହ୍ନା ଖାଇବା—ପ୍ରାଦେ. ( ଯାଜପୁର ) କ୍ରି—କୌଣସି କାର୍ଯ୍ୟ କରିବା ପାଇଁ ଜାଗିର ଇତ୍ୟାଦି ପାଇବା—To be in the enjoyment of Jagir (rent-free land) in return for certain services.
Mihnā khāibā

ମିହ୍ନାଦାର୍—ବୈଦେ. ବି(ଫା)—ଯେଉଁ ବ୍ୟକ୍ତି ଲାଖରାଜ ଜମି ପାଇଅଛି—Rent free holder.
Mihnādār
ନିଷ୍କର ଭୋଗୀ मिन्हादार

ମୀ ( ଧାତୁ )—ସ.—୧ । ବଧ କରିବା—1. To kill. ୨ । ବଦଳାଇବା—2. To change. ୩ । ଗତ କରିବା—3. To move. ୪ । ମରିବା—4. To die.
Mī (root)

ମୀଡ୍—ଦେ. ବି (ସଙ୍ଗୀତ) ( ସ. ମିଳ ଧାତୁ )—ଦୁଇ ପାର୍ଶ୍ୱବର୍ତ୍ତୀ ସ୍ୱରକୁ ଏକ ଲହରରେ ଉଚ୍ଚାରିତ ହେବାର ଅବସ୍ଥା—The state of two consecutive tunes being uttered in one strain.
Mīd
मिड़
मिड

ମୀଢ଼ — ସଂ. ବିଣ. ପୁଂ — ୧ । ମୂତ୍ର ମାର୍ଗରେ ବାହାରିଥିବା (ହୁ. ଶ) —
Mirdha 1. Discharged through the urethra.
୨ । ମୂତ୍ର ପରି (ହୁ. ଶ)—2. Similar to urine.

ମୀନ — ସଂ. ବି. ( ମୀ ଧାତୁ = ବଧ କରିବା + କର୍ମ. ନ )—୧ । ମତ୍ସ୍ୟ;
Mina ମାଛ—1. Fish ୨ । (ଜ୍ୟୋତିଷ) ଦ୍ୱାଦଶ ରାଶି ମଧ୍ୟରୁ ଏକତମ — 2. The pisces; one of the twelve signs of the zodiac (ରାଶି ଶବ୍ଦେ ଟୀକା ଦେଖ ) ୩ । ବିଷ୍ଣୁଙ୍କର ପ୍ରଥମ ଅବତାର— 3. The 1st incarnation of Bishnu. [ଦ୍ରୁ—ମହାପ୍ରଳୟରେ ସମୁଦ୍ରରେ ବିଷ୍ଣୁ ମୀନ ରୂପ ଧାରଣ କରି ଶଙ୍ଖାସୁର କବଳରୁ ବେଦକୁ ରକ୍ଷା କରିଥିଲେ ।] ୪ । ସୌର ଚୈତ୍ର ମାସ—4. The solar month of Chaitra. ଦେ. ବି — ୧ । ଅତି ଛୋଟ ମାଛ—1. Fry of fish, very small fish. ୨ । ଜଳଚର ପ୍ରାଣୀ —2. Aquatic animal. (ଉ—କୋଳକୁ ମୀନ ଉଦ୍ବାରେ ମୁକୁତା, ବଡ଼ ଗୁଣ। ସେହୁ,ବାରିରେ ଲୁଚ ଧରି ଭଯେ ମୁହିଁ । ଉଞ୍ଜ. ବୈଦେହୀଶବିଳାସ ।)

ମୀନ କେତନ—ସଂ. ବି (ବହୁବ୍ରୀହି) — ୧ । ସମୁଦ୍ର—1. Sea.
Mina ketana ୨ । ଜଳାଶୟ — 2. Tank. ୩ । (ମୀନ ଚିହ୍ନିତ କେତନ ଯାହାର; ବହୁବ୍ରୀହି)—କନ୍ଦର୍ପ, ମଦନ; କାମଦେବ— 3. Cupid (personified).
[ଦ୍ରୁ— ଅନ୍ୟ ସଂ. ନାମ ମଦନ, ମନ୍ମଥ, ମାର, ପ୍ରଦ୍ୟୁମ୍ନ, କନ୍ଦର୍ପ, ଦର୍ପକ, ଅନଙ୍ଗ, କାମ, ପଞ୍ଚଶର, ସ୍ମର ।]

ମୀନ ଗନ୍ଧା — ସ. ବି. ସ୍ତ୍ରୀ (ବହୁବ୍ରୀହି; ମୀନ + ଗନ୍ଧ + ଅ)—ମତ୍ସ୍ୟ ଗନ୍ଧା
Mina gandhā ( ଦେଖ )—Matsya gandhā ( See)

ମୀନ ଗୋଧିକା — ସ. ବି—ଜଳାଶୟ; ପୁଷ୍କରଣୀ; ପଲ୍ୱଳ—
Mina godhikā A tank; a pond.

ମୀନ ଘାତୀ—ସ. ବିଣ. ପୁଂ. (ମୀନ + ହନ୍ ଧାତୁ + କର୍ତ୍ତୃ ଇନ୍; ୧ମା. ୧ବ)—ଯେ ମାଛ ମାରେ—Killing fishes
Mina ghāti
(ମୀନ ଘାତିନୀ — ସ୍ତ୍ରୀ) ସ. ବି—ବକ ପକ୍ଷୀ—The egret bird.

ମୀନ ଦୋଳ—ଦେ.ବି—ସୌର ମୀନ ମାସରେ ପଡ଼ୁଥିବା ଦୋଳ ପୂର୍ଣ୍ଣିମା—
Mina dola Dola fullmoon day falling during the solar month of Mina.
[ଦ୍ରୁ— ଏହା ଶୁଭ ଯୋଗ, ମାତ୍ର ଦେଶ ପକ୍ଷରେ ହାନିକର ବୋଲି କଥିତ ଅଛି ।]

ମୀନ ନେତ୍ରା—ସ. ବି. ସ୍ତ୍ରୀ ( ବହୁବ୍ରୀହି; ମୀନ + ନେତ୍ର + ସ୍ତ୍ରୀ. ଅ )—
Mina netrā ୧ । ଗଣ୍ଡ ଦୁବ୍ବା—1 A species of grass ୨ । ମତ୍ସ୍ୟାକ୍ଷୀ ସ୍ତ୍ରୀ—2. A woman with round eyes. ୩ । କୁବେରଙ୍କ କନ୍ୟା —3. Name of the daughter of Kubera.

ମୀନର — ସ. ବି. (ମୀନ + ର ଧାତୁ + କର୍ତ୍ତୃ. ଅ)—ମକର; ମଗର—
Minara Shark.

ମୀନ ରଙ୍କ(ଙ୍ଗ, ଞ୍ଜ) — ସଂ. ବି. (ମୀନ + ରଙ୍କ୍; ରଙ୍କ୍ ଧାତୁ = ବଧ କରିବା + ଅ) — ୧ । ମତ୍ସ୍ୟରଙ୍କ;
Mina ranka(nga, nja)
ମାଛରଙ୍କା ପକ୍ଷୀ—1. The kingfisher bird. ୨ । ପାଣିକୁଆ—2. The small cormorant.

ମୀନରାଶି—ସ. ବି (ଜ୍ୟୋତିଷ)—ଦ୍ୱାଦଶ ରାଶି ମଧ୍ୟରୁ ଶେଷ ରାଶି (ଚୈତ୍ର
Minarāśi ମାସରେ ସୂର୍ଯ୍ୟ ଏହି ରାଶିକୁ ସଂକ୍ରମଣ କରନ୍ତି )— The sign pisces of the zodiac. ( ଯଥା— ରାଶି ଶବ୍ଦେ ଟୀକା ଦେଖ । )

ମୀନ ଲାଞ୍ଛନ—ସ. ବି ( ବହୁବ୍ରୀହି; ମୀନ + ଲାଞ୍ଛନ = ଚିହ୍ନ )—ମଦନ;
Mina lānchhana କାମ—Cupid. [ ଉ—ସେ ଅବଳକୁ,
( ମୀନସ୍ୟନ୍ଦନ—ଅନ୍ୟରୂପ ) ମୋତେ ରହିଲୁ, ମୀନ ଲାଞ୍ଛନ, ବାଣେ —ଉଞ୍ଜ. ପ୍ରେମସୁଧାନିଧି । ]

ମୀନ ଶନି —ସ. ବି—ଜ୍ୟୋତିଷୋକ୍ତ ଯୋଗବିଶେଷ; ଶନିଗ୍ରହ ମୀନ-
Mina śani ରାଶିକୁ ସଂକ୍ରମଣ କରିବା ସମୟ; (ଏହାଦ୍ୱାରା ପୃଥିବୀରେ ଦୁର୍ଭିକ୍ଷ, ମହର୍ଘ ଆଦି ଅମଙ୍ଗଳ ଘଟେ) —The conjunction of the planet Saturn with the sign Pisces.

ମୀନ ସଂକ୍ରମଣ—ସ. ବି—ସୌର ଚୈତ୍ରମାସର ସଂକ୍ରାନ୍ତି ବା ପ୍ରଥମ ଦିନ —
Mina samkramana The first day of the solar
( ମୀନ ସଂକ୍ରାନ୍ତି — ଅନ୍ୟରୂପ ) month of Chaitra.

ମୀନା - ସ. ବି. ସ୍ତ୍ରୀ—ଉଷା କନ୍ୟା; କଶ୍ୟପଙ୍କ ସ୍ତ୍ରୀ—A wife of
Minā sage Kaśyapa. ବୈଦେ. ବି —ମିନା ( ଦେଖ ) Minā ( See )

ମୀନାକ୍ଷୀ—ସ. ବି. ସ୍ତ୍ରୀ (ମୀନ + ଅକ୍ଷି + ଈ; ବହୁବ୍ରୀହି) —୧ । କୁବେରଙ୍କ
Mināksbi କନ୍ୟା —1. Name of Kubera's daughter. ୨ । ଗଣ୍ଡଦୁବ୍ବା—2. A sort of grass. ୩ । ମତ୍ସ୍ୟାକ୍ଷୀ ସ୍ତ୍ରୀ ( ପ୍ରକୃତିବାଦ )—3. A woman with round eyes. ଦେ. ବି —ଗ୍ରାମ ଠାକୁରାଣୀଙ୍କ ନାମ—Name of a popular Goddess.

ମୀନାଘାତୀ -ସ. ବିଣ ପୁଂ ( ମୀନ + ଆ + ହନ ଧାତୁ + କର୍ତ୍ତୃ. ଇନ୍ )—
Mināghāti ମୀନ ବଧକାରୀ—Killing fish. ବି—୧ । ଜାଲୁଅ; କେଉଟ—1. Fisherman. ୨ । ବକପକ୍ଷୀ— 2. The egret bird.

ମୀନାଣ୍ଡ—ସ. ବି ( ୬ଷ୍ଠୀ ତତ୍ )—ମାଛ ମଞ୍ଜି; ମାଛ ଡିମ୍ବ —
Minānda Spawn of fish.

ମୀନାଣ୍ଡୀ—ସ. ବି ( ମୀନ + ଅଣ୍ଡ + ଈ )—୧ । ଚିନି —1. White
Minandi sugar. ୨ । ମିଶ୍ରି—2. Sugar candy.

ମୀନାଳୟ—ସ. ବି ( ୬ଷ୍ଠୀ ତତ୍; ମୀନ + ଆଳୟ )—ସମୁଦ୍ର—
Minālaya The sea.

ମୀବ୍ ( ଧାତୁ ) ସ—୧ । ଗତି କରିବା —1. To move. ୨ । ସ୍ଥୂଳ
Mib ( root ) ହେବା—2. To grow fat.

ମୀବର—ସ. ବିଣ. ପୁଂ—୧ । ସହିଂସକ—1. Hurtful; injur-
Mibara ious ( Apte ). ୨ । ମାନ୍ୟ; ପୂଜ୍ୟ—
(ମୀବରା—ସ୍ତ୍ରୀ) 2. Respectable; venerable. ସ. ବି—ସେନାପତି —A general.

ମୀବା—ସଂ. ବି ( ମୀବ ଧାତୁ+କର୍ତ୍ତୃ. ଅ+ଆ )—୧ । ଗାଣ୍ଡୁ; Mībā ପେଟ ଭିତରର ବଡ଼ କୃମି—1. Tapeworm (Apte). ୨ । ପବନ—2. Wind ( Apte ).

ମୀମ୍ (ଧାତୁ)—ସଂ—୧ । ଗମନ କରିବା; ଯିବା—1. To go; to Mīm ( root ) walk. ୨ । ଶବ୍ଦ କରିବା—2. To sound. ୩ । ଚଳଚଳ କରିବା—3. To move.

ମୀମାଂସକ—ସଂ. ବିଣ. ପୁଂ ( ମୀମାଂସା+ସ୍ୱାର୍ଥେ କ, କିମ୍ବା ମାନ୍ ଧାତୁ Mīmāṁsaka =ବିଚାର କରିବା+ଇଚ୍ଛାର୍ଥେ ସନ୍ ବା ଦ୍ୱିତ୍ୱ+ (ମୀମାଂସିକା—ସ୍ତ୍ରୀ) କର୍ତ୍ତୃ. ଅକ)—୧ । ନିଷ୍ପତ୍ତିକାରକ—1. Deciding. ୨ । ମୀମାଂସା ଶାସ୍ତ୍ରଜ୍ଞ—2. Versed in the Mīmāṁsā philosophy. ବି—କୌଣସି ବିବାଦର ବା ପ୍ରଶ୍ନର ସମାଧାନକାରୀ ବ୍ୟକ୍ତି—A person deciding a matter or solving a problem.

ମୀମାଂସନ—ସଂ. ବି ( ମାନ୍ ଧାତୁ+ସନ୍+ଭାବ. ଅନ )—୧ । କୌଣସି Mīmāṁsana ବିଷୟର ମୀମାଂସା କରଣ—1. Decision or solution of a matter. ୨ । ତତ୍ତ୍ୱାନୁସନ୍ଧାନ—2. Investigation.

ମୀମାଂସା—ସଂ. ବି ( ମାନ୍ ଧାତୁ=ବିଚାର କରିବା+ଇଚ୍ଛାର୍ଥେ ସନ୍+ Mīmāṁsā ଭାବ. ଅ+ଆ )—୧ । ସିଦ୍ଧାନ୍ତ; ନିଷ୍ପତ୍ତି; ବିଚାର; ଶେଷ ଫଳ – 1. Decision; disposal. ୨ । ସମସ୍ୟାର ବା ପ୍ରଶ୍ନର ସମାଧାନ—Solution of a problem or question; determination of a question. ୩ । କୌଣସି ତତ୍ତ୍ୱର ବିଚାର ବା ବିବେଚନ—3. Deep reflection. ୪ । ତତ୍ତ୍ୱାନୁସନ୍ଧାନ—4. Enquiry; investigation. ୫ । ଷଡ୍‌ଦର୍ଶନର ଅନ୍ତର୍ଗତ ଜୈମିନି-ରଚିତ ଦର୍ଶନ ଶାସ୍ତ୍ର; ପୂର୍ବ ମୀମାଂସା—5. The system of Hindu philosophy of Jaimini. ୬ । ବେଦବ୍ୟାସ ରଚିତ ବେଦାନ୍ତ; ଉତ୍ତର ମୀମାଂସା—6. The system of Bedānta philosophy of Byāsa. [ ଦ୍ର—ମୀମାଂସା ଦୁଇଟି, ଯଥା—୧ । ପୂର୍ବ ମୀମାଂସା—ରଚକ ଜୈମିନି, ବୃତ୍ତିକର୍ତ୍ତା କୁମାର ଭଟ୍ଟ, ଭାଷ୍ୟକର୍ତ୍ତା – ଶ୍ରୀଧର ସ୍ୱାମୀ, ଶବର ସ୍ୱାମୀ, ମାଧବାଚାର୍ଯ୍ୟ; ୨ । ଉତ୍ତରମୀମାଂସା—ସୂତ୍ରକର୍ତ୍ତା ବେଦବ୍ୟାସ, ଭାଷ୍ୟକର୍ତ୍ତା ଶଙ୍କରାଚାର୍ଯ୍ୟ ।

ପୂର୍ବ ମୀମାଂସାରେ ବେଦର କର୍ମକାଣ୍ଡ ବା କ୍ରିୟା-କଳାପ ବର୍ଣ୍ଣିତ ଅଛି; ଉତ୍ତର ମୀମାଂସାରେ ବେଦର ଜ୍ଞାନ-କାଣ୍ଡ ବା ବେଦାନ୍ତ ବିଷୟ ବର୍ଣ୍ଣିତ ଅଛି । ସାଧାରଣତଃ ପୂର୍ବ ମୀମାଂସାକୁ 'ମୀମାଂସା' ଓ ଉତ୍ତର ମୀମାଂସାକୁ ବେଦାନ୍ତ ବୋଲଯାଏ । ବେଦାନ୍ତରେ ବା ଉତ୍ତର ମୀମାଂସାରେ ଅଦ୍ୱୈତବାଦ ପ୍ରତିପାଦିତ ହୋଇଅଛି । କିନ୍ତୁ ପୂର୍ବ ମୀମାଂସାରେ ବେଦବିହିତ କର୍ମକାଣ୍ଡହିଁ ଲକ୍ଷିତବ୍ୟ ହୋଇଅଛି ।]

[ଦ୍ର—ଏହି ଶବ୍ଦର ଗ୍ରାମ୍ୟ ଅପଭ୍ରଂଶ ମିମାସା, ନମାସା, କମେଇସା ହୁଏ । ]

ମୀମାଂସିତ—ସଂ. ବିଣ ( ମାନ୍ ଧାତୁ+ସନ୍ ଧାତୁ+କର୍ମ. କ୍ତ )—ନିଷ୍ପନ୍ନ Mīmāṁsita କରାଯାଇଥିବା—Decided; settled.

ମୀମାଂସ୍ୟ—ସଂ. ବିଣ (ମାନ୍ ଧାତୁ+ସନ୍+କର୍ମ. ଯ)—ନିଷ୍ପତ୍ତିଯୋଗ୍ୟ—Mīmāṁsya Fit to be decided; requiring to be disposed of or settled.

ମୀର—ସଂ. ବି ( ମି ଧାତୁ+ସଂଜ୍ଞାର୍ଥେ ର )—୧ । ପର୍ବତ ପ୍ରାନ୍ତ—Mīra 1. The end of a mountain. ୨ । ସମୁଦ୍ର—2. The sea. ୩ । ସୀମା—3. Boundary; limit. ୪ । ପାନୀୟ—4. Drink; liquid. ୫ । ଜଳ—5. Water.

ମୀରଜା—ବୈଦେ ବି—ମିର୍‌ଜା ( ଦେଖ )
Mīrajā Mir-jā ( See )

ମୀରାବାଈ—ଦେ. ବି. ( ନାମ )—ବିଷ୍ଣୁଭକ୍ତିପରାୟଣା ରାଜପୁତ ମହର୍ଷି, Mīrābāī ରାଠୋର ବଂଶୀୟା କନ୍ୟା ଓ ମେବାରର ରାଜା କୁମ୍ଭଙ୍କର ମୀରାବାଈ **मिराबाई** ରାଣୀ—Name of a Rajput queen.

ମୀଲ୍ ( ଧାତୁ )—ସଂ—୧ । ଅକ୍ଷି ମିଟିକିବା—1. To wink. ୨ । Mīl ( root ) ମୁଦିବା—2. To shut up; to close.

ମୀଲ—ସଂ. ବି—୧ । ( ମୀଲ ଧାତୁ+କର୍ତ୍ତୃ. ଅ )—ବନ; ଜଙ୍ଗଲ (ହ୍ର. Mīla ଷ ) – 1. Forest. ୨ । ( +ଭାବ. ଅ ) ମିଳନ ( ଦେଖ ) – 2. Milana ( See ).

ମୀଲକ—ସଂ. ବି—ରୋହିମାଛ ( ହ୍ର. ଷ )—
Mīlaka Rohi fish.

ମୀଲନ—ସଂ. ବି ( ମୀଲ୍ ଧାତୁ+ଭାବ. ଅନ )—୧ । ସଙ୍କୋଚନ; Mīlana ମୁଦ୍ରଣ—Winking; shutting; contracting; twinkling. ୨ । ଅକ୍ଷି ବୁଜିବା—2. Closing of the eyes. ୩ । ଗୁପ୍ତୋପମାଳଙ୍କାର—3. A concealed simile ( Apte ).

ମୀଲିତ—ସଂ. ବି ( ମୀଲ୍ ଧାତୁ+କର୍ମ. କ୍ତ )—୧ । ସଙ୍କୁଚିତ; ମୁଦ୍ରିତ—Mīlita 1. Contracted; shut; closed. ୨ । ଅନ୍ତର୍ହିତ—2. Disappeared; vanished. ( Apte ). ସଂ. ବି – କାବ୍ୟର ଅଳଙ୍କାର ବିଶେଷ—A rhetorical figure.

ମୁ—ଦେ ( କଚେରୀ, ସାଙ୍କେତିକ ) – An abbreviation used Mu to denote—୧ । ମୁକାମ – 1. At. ୨ । ମୁକାବିଲା (ମୁଃ—ଅନ୍ୟରୂପ) — 2. Confronting. ୩ । ମୁତୋଫା—ମୁ 3. Deceased; the late. ୪ । ମୁତାବକ—ମୁଃ 4. According to. ୫ । ମୁତାଲୁକେ—5. In the Taluq of. ୬ । ମୁନ୍‌ସଫ୍—6. Munsif. ୭ । ମୁବଲକ୍—7. In all; altogether. ୮ । ମୁତଫର୍କା —8. Miscellaneous. ୯ । ମୂଲ୍ୟ—9. Price. ପ୍ରାଦେ ( ଉତ୍ତର ଓଡ଼ିଶା )ବି—ମୁହଁ—Face.

ମୁଅଜା—ବୈଦେ. ବି ( ଫା. ମୁଅଜାଜା=ଯତ୍ନପୂରଣ, ପ୍ରତିଶୋଧ; Muājā ମୁଅଯୁଜା=ନିଷ୍ପନ୍ନ; ମୁଅଜ୍ଜଦା—ଦୃଢ଼ ନିଷ୍ପନ୍ନ; କରିବା ) ମୋଆଜା —୧ । ଅଭିଯୁକ୍ତ ବ୍ୟକ୍ତିର ସାକ୍ଷାତରେ କୌଣସି ବିଷୟ **मुअवाजा, मुकाबला** ପ୍ରମାଣ କରାଇବା – 1. Proving of a

matter in the presence of an accused person. [ ଉ—ଅଣ୍ଡିରେ ଦେଖି ମୁଆଜା ସୁଦ୍ଧେଁ, ତାହାଠାରୁ ବଳ ଉପମା କଣ ? ଭଗ।] ୨। ମୁକାବିଲା —2. Confronting. ୩। ସାକ୍ଷ୍ୟ ଲକ୍ଷ୍ୟ ପ୍ରତ୍ୟକ୍ଷ ପ୍ରମାଣ; ସାକ୍ଷ୍ୟ ପ୍ରମାଣ—3. Direct evidence.

**ମୁଆଜା କରିବା**—ଦେ.କ୍ରି—୧। କୌଣସି ବିଷୟକୁ ସାକ୍ଷ୍ୟ ଲକ୍ଷ୍ୟ ପ୍ରତ୍ୟକ୍ଷ ରୂପେ ପ୍ରମାଣିତ କରାଇବା; କୌଣସି ବିଷୟ ପ୍ରମାଣିତ କରାଇବା—1. To have a matter proved by direct evidence. ୨। ମୁଆଜା ନେବା; କୌଣସି ବିଷୟର ସାକ୍ଷ୍ୟ ଲକ୍ଷ୍ୟ ପ୍ରତ୍ୟକ୍ଷ ପ୍ରମାଣ ଗ୍ରହଣ କରିବା—2. To take direct evidence on a matter. ୩। ବାଦୀ ବିବାଦୀ ଉଭୟଙ୍କୁ ମୁକାବିଲା କରାଇ କୌଣସି ବିଷୟ ପ୍ରମାଣିତ କରାଇବା—3. To have a matter proved by confronting both the parties.
Muājā kariba
মোআজা করা
मुकाबला करना

**ମୁଆଜା ଦେବା**—ଦେ. କ୍ରି—(ଅଭିଯୋଗକାରୀ ବ୍ୟକ୍ତିର ଅଭିଯୁକ୍ତ ବ୍ୟକ୍ତି) ସମ୍ମୁଖରେ କୌଣସି ବିଷୟର ପ୍ରମାଣ ଉପସ୍ଥାପିତ କରିବା—To have a matter proved by direct evidence in the presence of the accused.
Muājā debā
মোআজা দেওয়া
मुकाबला देना

**ମୁଆଜା ନେବା**—ଦେ. କ୍ରି—ଉଭୟ ପକ୍ଷଙ୍କ ମୁକାବିଲାରେ ବିବାଦୀୟ ବିଷୟର ପ୍ରମାଣ ଗ୍ରହଣ କରିବା—To take evidence on a disputed matter in the presence of both the parties.
Muājā nebā
মোআজা লওয়া
मुकाबला लेना

**ମୁଆଜ ମୁକାବିଲ**—ବୈଦେ. ବି ( ଫା. ସହରେ ଶବ୍ଦ )—ଉଭୟପକ୍ଷଙ୍କର ଉପସ୍ଥିତିରେ ଗୃହୀତ କୌଣସି ବିଷୟର ସାକ୍ଷ୍ୟ ଲକ୍ଷ୍ୟ ପ୍ରତ୍ୟକ୍ଷ ପ୍ରମାଣ—Proof of a matter taken in the presence of both the parties.
Muājā mukābilā
মোআজা মোকাবেলা
मोआजा मुकाबला

**ମୁଆଜିବ୍**—ବୈଦେ. ବି (ଫା.)—ନିଷ୍କର ଜମି—Rent-free land.
Muājib

**ମୁଆ(ଅ)ଜ୍ଜ(ଜା)ନ୍**—ବୈଦେ. ବି ( ଆ. ମୁଅଜ୍ଜନ )—ଯେ ଅଜାନ୍ ଦିଏ; ଯେ ମସ୍‌ଜିଦ୍‌ର ଚୂଡ଼ାରେ ଠିଆ ହୋଇ ମୁସଲମାନ୍‌ମାନଙ୍କୁ ନମାଜ କରିବାକୁ ଉଚ୍ଚୈଃସ୍ୱରରେ ଡାକେ ( ଅଜାନ୍ ) ଦେଖ—The person who calls aloud to the Mahommedans from the top of the mosque to prayer at 5 fixed periods of the day and night
Muā(a)jja(ja)n
মুআজন
मुआज़्ज़न

**ମୁଆଫି**—ବୈଦେ. ବି ( ଫା. ମୁଆଫୀ )—ମାଫି ( ଦେଖ )—Māfi ( See
Muāfi
মাফি
माफी

**ମୁଆଫିଦାର୍**—ବୈଦେ. ବି ( ଫା )—ମାଫିଦାର ( ଦେଖ )—Māfidār ( See )
Muāfidār
মাফীদার
माफीदार

**ମୁଆଲି**—ଦେ. ବି—ଅଣ୍ଟୁକୁଡ଼ା ଧନ; ପୋଲ ଧନ—Property left by a man without any heir.
Muāli

**ମୁଆଁ**—ଦେ. ବି ( ସଂ. ମୋଦକ, ପ୍ରା. ମୋଅଅ )—ଗୁଡ଼ ବା ଚିନିର ପାଗରେ ପକାଯାଇ ବନ୍ଧାଯାଇ ଥିବା ( ମୁଁଆ—ଅନ୍ୟରୂପ ) ସ୍ଥାନେ ଗୋଲକ; ଗୁଡ଼ପକ୍ୱ ଲିଆ ବା ମୁଢ଼ିର ଲଡ଼ୁ—Parched or fried paddy coated with treacle or sugar and rolled into a ball.
Muañ
মোয়া, মুড়কীরগোলা
लाई

**ମୁଆଁ ପାରିବା**—ଦେ.କ୍ରି—ଲିଆ ଗୁଡ଼ାକୁ ପିଣ୍ଡାକାର ଆକାରରେ ବନ୍ଧ ମୁଆଁ କରିବା—To prepare cake-like or flattened balls with parched or fried paddy coated with treacle. [ଉ—ମଧ୍ୟ ପାଡ଼ୁ,ଖଜା ପାଡ଼ୁ ! କାକଅ ବଳଦ ଗଲାରେ ! ବାଣ୍ଡି ଖ(ଧ)ଡ଼ୁ ଖ(ଧ)ଡ଼ୁ କଲାରେ। ଶିଶୁଗୀତ।]
Muañ pardibā
মোয়াঁকরা
लाई बाँधना

**ମୁଆଁ ପିଠା**—ଦେ. ବି—ଧନୁ ମୁଆଁ ଆକୃତି ବିଶିଷ୍ଟ ବା ପଲମ ଆକୃତିର ଇଣ୍ଡୁରି ପିଠା—Steam-boiled cake made in the shape of a frying pan. [ ଉ—ହାଣ୍ଡିରେ ପାଣି ଦେଇ ହାଣ୍ଡିକୁ ଚୁଲି ଉପରେ ବସାଇ ହାଣ୍ଡି ମଧ୍ୟରେ ଖଣ୍ଡେ 'ଥଥାର' କନା ବାନ୍ଧି ସେହି କନା ଉପରେ ପଲମ ଆକାରରେ ପିଠଉ ଜମା କରାଯାଏ। ତାହା ହାଣ୍ଡି ଭିତରୁ ଉଠୁଥିବା ବାଷ୍ପଦ୍ୱାରା ସିଦ୍ଧ ହେଲେ ଏହି ପିଠା ତିଆର ହୁଏ। ଗୁଡ଼ ଓ ନଡ଼ିଆଦ୍ୱାରା ଏହି ପିଠଉ ତିଆର ହୁଏ। ]
Muañ pithā
আসকে পিঠা

**ମୁଆଁଶ**—ଦେ. ବି—ମୁହାଁଶ ( ଦେଖ )—
Muañsa Muhāsa ( See )

**ମୁଆଁଶ ଖାଇ**—ଦେ. ବି. ସ୍ତ୍ରୀ—ମୁହାଁଶ ଖାଇ ( ଦେଖ )
Muañsa khāi Muhāsa khāi ( See )

**ମୁଆଁଶ ଲାଗିବା**—ଦେ. କ୍ରି—ମୁହାଁଶ ଲାଗିବା ( ଦେଖ )—
Muañsa lāgibā Muhāsa lāgibā ( See )
মায়া লাগা
माया लगना

**ମୁଆଁ ସଂକ୍ରାନ୍ତି**—ଦେ. ବି—ଧନୁ ସଂକ୍ରାନ୍ତି; ପୌଷ ସଂକ୍ରାନ୍ତି—The first day of the solar month of Pousha. [ ଉ—ଏ ଦିନ ଦେବତାମାନଙ୍କୁ ଧନୁ ମୁଆଁ ଭୋଗ ଲାଗେ। ]
Muañ samkrānti
পৌষ সংক্রান্তি
पौष संक्रान्ति

**ମୁଆଁ ସିଝୁ**—ଦେ. ବି—ଦେଉଳିଆ ସିଝୁ ( ଦେଖ ).
Muañ sijhu Deuliā sijhu ( See ).

**ମୁଇ**—ପ୍ରାଦେ (ମେଦିନୀପୁର ଓ ବାଲେଶ୍ୱର, ଭଦ୍ରକ)—ସର୍ବନାମ ମୁଁ; ଅମ୍ଭେ—I.
Mui

**ମୁଇ ଆସେ**—ପ୍ରାଦେ ( ଭଦ୍ରକ ) ବାକ୍ୟ—ମୁଁ ଅଛି— I am.
Mui āse

**ମୁଇଁ**—ଗ୍ରା ( ଉତ୍ତର ) ସର୍ବନାମ—୧। ମୁଁ—1. I. ୨। ମୁହିଁ; ଅମ୍ଭେହିଁ—2. I certainly. [ ଉ—ମୁଇଁ ଗୋପୀଜନଙ୍କ ଦାସ। ଯଶୋବନ୍ତ. ପ୍ରେମଭକ୍ତି ବ୍ରହ୍ମଗୀତା। ] ପ୍ରାଦେ ( ସମ୍ବଲପୁର, ସିଂହଭୂମ ) ସର୍ବନାମ—ମୁଁ—I.
Muiñ
মুই
मैं

**ମୁଇଁବା**—ଗ୍ରା କ୍ରି ( ଉଇଁବାର ଗ୍ରାମ୍ୟରୂପ )—ଉଠିବା; ଉଇଁବା—To rise.
Muiñbā
উঠা
उगना

ମୁଁ—ଦେ. ସର୍ବନାମ, (ସ. ଅସ୍ମଦ୍, ପ୍ରା. ମି.)—ମୁହିଁ—[ଦ୍ର—ଏହା
Muñ ଆମି मैं ଅମ୍ଭେ'ର ଅନାଦରାର୍ଥକ ରୂପ)
(ପ୍ରାଚୀନ ବଙ୍ଗଳା—ମୁଁଇଁ,ମୁଁ, ମୁଇ, ମୁଞି ମରହଟ୍ଟ— मी)
(ମୁ, ମୁଇଁ—ଅନ୍ୟରୂପ)

ମୁଁଅଲି—ଦେ. (ପ୍ରାଚୀନ ସନନ୍ଦ) ବି—ବିଧବା ସ୍ତ୍ରୀ, ଝିଅ, ଭାଇ, ଭଉଣୀ
Muñāli ଥିବା ସତ୍ତ୍ୱେ ଲୋକ ପୁତ୍ରହୀନ ହୋଇ ମଲେ ତାହାର ଧନ ସମ୍ପତ୍ତି ରାଜାଙ୍କ ଖାସ୍ ଦଖଲକୁ ଆସିବା ରୀତି—The custom of escheat to the crown for failure of male heirs, although such relations; as widow, daughter, brother, sister, survive the deceased.

ମୁଁଆମୁଁଆଁ—ଦେ. ବି—ବନ୍ୟ ଗୁଳ୍ମ ବିଶେଷ—
Muāñ muāñ Sagittaria Sagitifolia.

ମୁଁଗ—ପ୍ରାଦେ (ବସ୍ତର) ବି—(ଭୁଲ. ହି. मूँग)—ମୁଗ (ଦେଖ)
Muñga Muga (See)

ମୁଁଡ୍(ଡ୍)—ପ୍ରାଦେ. (ବସ୍ତର, ସମ୍ବଲପୁର) ବି—ମୁଣ୍ଡ (ଦେଖ)
Muñrd(d) Muṇḍa (See)

ମୁଁଡ଼ା—ପ୍ରାଦେ. (ସମ୍ବଲପୁର) ବି—ମୁଣ୍ଡା (ଦେଖ)
Muñrdā Muṇḍā (See)

ମୁକ୍ତବ୍—ବୈଦେ. ବି (ଅ. ମକ୍ତବ୍)—ମକ୍ତବ୍; ମୁସଲମାନ୍‌ମାନଙ୍କ
Muk-tab ପ୍ରାଥମିକ ପାଠଶାଳା—Primary school for
মুক্তব मकतव Mahomedans.

ମୁକତ—ଗ୍ରା (ପଦ୍ୟ) ବିଣ.—(ସ. ମୁକ୍ତ)—ମୁକ୍ତ (ଦେଖ)
Mukata মুকত मुकत Mukta (See)

ମୁକତ(ତି) ମଣ୍ଡପ—ଗ୍ରା. ବି—ମୁକ୍ତିମଣ୍ଡପ (ଦେଖ)
Mukata (ti)maṇḍapa Mukti maṇḍapa (See)
[ଉ—ମୁକତ ମଣ୍ଡପ ସେ ଦେଖ ବୈକୁଣ୍ଠ ବସ୍ତୁର।
ପ୍ରାଚୀ. ପ୍ରେମଭକ୍ତି. ବ୍ରହ୍ମଗୀତା।]

ମୁକତି—ଗ୍ରା. ବି. (ପଦ୍ୟ)—(ସ. ମୁକ୍ତି)—ମୁକ୍ତି (ଦେଖ)
Mukati মুকতি मुकति Mukti (See)
୨। ମୁକ୍ତାମଣି ନାମ୍ନୀ ସ୍ତ୍ରୀର ଡାକ ନାମ—2. A name for calling Muktāmaṇi. ବିଣ.—ମୁକ୍ତ—Delivered; freed. [ଉ—ଶୋକ ସମୁଦ୍ରରୁ ମୁକତି ହୋଇ ଯାଏ। କୃଷ୍ଣସିଂହ. ମହାଭାରତ. ବନ।]

ମୁକତି ଦାତା—ଗ୍ରା. ବିଣ.—ମୁକ୍ତିଦାତା (ଦେଖ)
Mukati dātā Mukti dātā (See)

ମୁକତି ପସରା—ଗ୍ରା. ବି.—ମୁକ୍ତିର ପ୍ରଧାନ ଅବଲମ୍ବନ—The
Mukati pasarā principal means or refuge for
মুকতি পসরা मुकतिका डाला attaining salvation.
[ଉ—ଯା ନାମ ମୁକତି ପସରା; ସେ କହାଁ କଲେ ପରଦାର?
ଜଗନ୍ନାଥ. ଭାଗବତ।]

ମୁକଦ(ଦ୍ଦ)ମ—ବୈଦେ. ବି—ମକଦମ (ଦେଖ)—
Mukada(dda)ma মকদ্দম मुकद्दम Makadama (See)

ମୁକ(କୁ)ଣ୍ଡକ—ସ. ବି—ପିଆଜ
Muka(ku)ṇḍaka Onion.

ମୁକର୍—ବୈଦେ. ଅ. (ଅ. ମୁକରୁ—ସ୍ୱୀକାର; ମୁକରରୁ—ନିର୍ଦ୍ଦିଷ୍ଟ)
Mukar অবশ্য अवश्य ନିଶ୍ଚୟ; ଅଲବତ୍; ଅବଶ୍ୟ—Surely; certainly; positively. [ଉ—୧। ମୁଁ ମୁକର ସେଠାକୁ ଯିବି। ୨। ତୁ ମୁକର ଏ କାର୍ଯ୍ୟ କରିବୁ। ୩। ସାରବାଦ୍ୟ ଦାନର ଶୁଣୁଛି ଯେ ଅଇଲେଟ ମୁକର ବିଶ୍ୱନାଥ. ବିଚିତ୍ର ରାମାୟଣ।]

ମୁକର(ରି)ର୍—ବୈଦେ. ବି—(କଚେରୀ)—(ଅ. ମୁକର୍ରର୍)—୧।
Mukara(ri)r କୌଣସି କାର୍ଯ୍ୟ ବା ପଦରେ ସ୍ଥାୟୀରୂପେ ନିଯୁକ୍ତି;
মুকরর मुकररी ନିଯୁକ୍ତ—Permanent appointment in a post. ୨। ସ୍ଥାୟୀ ଭାବରେ ନିର୍ଦ୍ଦେଶ—2. Fixity. ବିଣ.—୧। ସ୍ଥାୟୀ—1. Permanent. ୨। ନିର୍ଦ୍ଦିଷ୍ଟ—2. Ascertained; fixed.

ମୁକରର୍(ରି) କରିବା—ଦେ. କ୍ରି (କଚେରୀ)—କୌଣସି କାର୍ଯ୍ୟରେ
Mukarar(ri) karibā ନିଯୁକ୍ତ କରିବା—To appoint a
মুকরর করা मुकरर करना person to a post.

ମୁକରରା(ରି) ଜମା—ବୈଦେ. ବି—(ଫା. ମୁକର୍‌ରର୍=ନିର୍ଦ୍ଦିଷ୍ଟ; +
Mukararā(ri)jamā ଜମା)—ଚିରକାଳ ପାଇଁ ନିର୍ଦ୍ଦିଷ୍ଟ ଭୂମିର
মুকররি জমা ଖଜଣା—Fixed rent, a rent for a land
मुकरर जमा fixed in perpetuity.

ମୁକରରା(ରି) ସଞ୍ଜା—ଦେ. ବି—ରୈୟତର ଜମିଦାରଙ୍କୁ ଦେୟ ଫସଲର ବା
Mukarara(ri) sanjā ଶସ୍ୟର ଭାଗ, ଯାହାର ଚିରସ୍ଥାୟୀ ଭାବରେ
সংজা मनखाप ନିର୍ଦ୍ଦିଷ୍ଟ ହୋଇଥାଏ—Fixed produce rent payble by a raiyat to the landlord.
[ଦ୍ର—ରୈୟତ ଚାଷ କରୁଥିବା ଜମିର ଉତ୍ପନ୍ନ ଫସଲରୁ ଅର୍ଦ୍ଧେ, ଯାହା ରୈୟତ ଜମିଦାରକୁ ଖଜଣା ଦିଏ, ତାକୁ ଧୂଳିଭାଗ ବୋଲାଯାଏ; କିନ୍ତୁ ଜମିରେ ଫସଲ ଫଳିବା ପୂର୍ବରୁ ନିର୍ଦ୍ଧାରିତ ହୋଇଥିବା ରୈୟତଙ୍କ ଜମିଦାରଙ୍କୁ ଦେୟ ଶସ୍ୟର ପରିମାଣକୁ ସଞ୍ଜା ବୋଲାଯାଏ। ଯେଉଁ ସଞ୍ଜାର ପରିମାଣ ଚିରକାଳ ପାଇଁ ନିର୍ଦ୍ଦିଷ୍ଟ ହୋଇଥାଏ ତାକୁ ମୁକରରୀ ସଞ୍ଜା ବୋଲାଯାଏ; ଜମିରେ ଫସଲ ହେଉ ବା ନ ହେଉ, ରୈୟତ ଜମିଦାରକୁ ଚିରକାଳ ସକାଶେ ଏହି ମୁକରରୀ ସଞ୍ଜା ଦେବାକୁ ଦାୟୀ ଅଟେ। କିନ୍ତୁ ହାଇକୋର୍ଟ ଅଦାଲତରେ ନଜୀର୍ ହୋଇଅଛି ଯେ, ଜମିରେ ପ୍ରକୃତରେ ଯେତେ ଶସ୍ୟ ଉତ୍ପନ୍ନ ହୋଇଥିବ ରୈୟତର ଦେୟ ମୁକରରୀ ସଞ୍ଜାର ପରିମାଣ ସେଥିର ଅର୍ଦ୍ଧେକରୁ ବେଶି ଜମିଦାର ପ୍ରଜା ଠାରୁ ଆଦାୟ କରି ପାରିବେ ନାହିଁ।]

ମୁକରରୀ—ବୈଦେ. (କଚେରୀ) ବି.—୧। (ଫା. ମୁକର୍‌ରରୀ) ଜମିର
Mukarari ଖଜଣାର ପରିମାଣର ଚିରସ୍ଥାୟୀ ବନ୍ଦୋବସ୍ତ—
মুকররি 1. Permanent settlement of the rent
मुकररी payble for a raiyati holding. ୨। ମୁକରର୍ (ଦେଖ)—2. Mukarar (See) ବୈଦେ. ବିଣ.—ମୁକରର୍ (ଦେଖ)—Mukarar (See).

ମୁକରର ଜମି—ବୈଦେ. ବ. (କଚେରୀ)—ଚିରସ୍ଥାୟୀ ରୂପେ ଯେଉଁ Mukarari jami ଜମିର ଖଜଣା ଧାର୍ଯ୍ୟ ହୋଇଥାଏ—A মুকররী জমী मुकररी जमिन holding, the rent of which is fixed in perpetuity.

ମୁକରର ଦାର୍—ବୈଦେ. ବ (କଚେରୀ) (ଫା.)—ମୁକରର ଜମିର Mukarari dār ସ୍ଥାୟୀଧାରୀ—The holder of a মুকররীদার मुकररीदार permanent tenure.

ମୁକରର ପରୁଆନା—ବୈଦେ. ବ. (କଚେରୀ)—(ଫା. ମୁକରର Mukarari paruānā ପରୱାନା)—କୌଣସି କାର୍ଯ୍ୟରେ ନିଯୁକ୍ତି- মুকররী পরয়ানা बाहालि परवाना ସୂଚକ ଆଦେଶପତ୍ର—[ମୁକରର ପରୱାନା—ଅନ୍ୟରୂପ] Appointment letter.

ମୁକଳ—ସ. ବ.—୧ । ଅଗଚ୍ଛ (ବୃ. ଶ)—1. Cassia Fistula Mukala (tree) ୨ । ଗୁଗ୍ଗୁଳ (ବୃ. ଶ.)—2. Bdellium.

ମୁକ(କୁ)ଶାଳି—ଦେ. ବ (ସ. ମୁଖଶାଳା)—ମୁଖଶାଳ (ଦେଖ) Muka(ku)śāli Mukhaśāli (See) [ମୁକ(କୁ)ଶିଥଳ – ଅନ୍ୟରୂପ]

ମୁ(ମୋ)କା—ଦେ. ବ.—୧ । ଥର; ଦଫା— Mu(mo)kā বার दफा 1. Time. ଦଳ झुंड [ଦ୍ର—ଥରେ ଡେଙ୍ଗୁଣୀ ପିଠିକି ସେ । ଦଶ ଟଙ୍କା ମୁଲକୁ ସୁଅମୁକା ଦସୁରୁ । ଲୋ ।] ୨ । ଯୁଥ; ଦଳ—2. Group; herd; flock; party. ୩ । ବୁଦା—ঝোঁপ झाडी 3. Bush. [ଦ୍ର—ଜନ୍ତୁରେ ରହୁଅଛ ଏକ ବେଣା ମୋକା, ତାହାକୁ ଅଣ୍ଟେ ଜର ଅଛନ୍ତି ସେ ଏକା । କୃଷ୍ଣସିଂ. ମହାଭାରତ. ଅଦ ।] ୪ । ମୁଷ୍ଟି; ବଦ୍ଧ ମୁଷ୍ଟି ମୁখটি मुक्का ଦ୍ୱାରା କୌଣସି ବ୍ୟକ୍ତିର ମୁଖରେ ଆଘାତ—4. A blow on the face with clenched fist. ବୈଦେ. ବ.—(ଆ. ମୌକା)—୧ । ସୁବିଧା, ସୁଯୋଗ—মৌকা मौका 1. Opportunity. ୨ । ଅବସର—2 Leisure. ଗ୍ରାଦେ. (ସମ୍ବଲପୁର) ଗୁଚ୍ଛ; ବିଡ଼ା—Cluster; bundle. ଗ୍ରାଦେ.—(ଅନ )—ବ—ପରଗଣା; ଗ୍ରାମସମୂହ—Fiscal division.

ମୁକାଏମ—ବୈଦେ. ବ. (କଚେରୀ) (ଫା. ମୋକାଏମ୍)—୧ । ପ୍ରତିନିଧି Mukāem —1. Representative. ୨ । ସ୍ଥଳାଭିଷିକ୍ତ মোকাএম ବ୍ୟକ୍ତି; କୌଣସି ବ୍ୟକ୍ତି ପରିବର୍ତ୍ତରେ ଉପସ୍ଥିତ मोकायम ବ୍ୟକ୍ତି—2. A person who steps into the place of another; a substitute.

ମୁକା ଖୁରୁଡ଼(ଡ଼ୁ)—ଗ୍ରାଦେ. (ପୁରୀ ଜିଲ୍ଲା) ବ—ଯେଉଁ ଖୁରୁଡ଼ ନଡ଼ିଆର Mukā khururda(rdu) ଭିତର ପାଣି ଶୁଖି ନ ଥିବାରୁ ଶାସ ସହିତରୁ ଛାଡ଼ ନ ଥାଏ ଓ ଯାହାକୁ ହଲାଇଲେ ଖଡ଼ଖଡ଼ ବାଜେ ନାହିଁ—The cocoanut of which the kernel is not fully dried and which does not produce any sound when shaken by the hand.

ମୁକାବିଲା—ବୈଦେ. ବ (ଫା. ମୁକାବିଲ)—୧ । ସମ୍ମୁଖବର୍ତ୍ତିତା; Mukābilā ଉପସ୍ଥିତି—1. Presence. ୨ । ମୁକାବିଲ କରିବା; মু(মো)কাবি(ব)লা ମୁଖାମୁଖୀ—2. Confronting. ୩ । ତୁଳନା- मुकाबला 3. Comparison; comparing. ୪ । ମିଳନ; ସାକ୍ଷାତ୍; ଦାଖଲହେବା—4. Interview; meeting; encounter. ୫ । ପରୀକ୍ଷା—5. Examination; testing. ୬ । ଉଭୟ ପକ୍ଷଙ୍କ ଉପସ୍ଥିତିରେ କୌଣସି ବିଷୟ ପ୍ରମାଣିତ ହେବା ବା ତର୍କ ବିତର୍କଦ୍ୱାରା ସ୍ଥିରୀକରଣ-6. Settling or proving a matter in the presence of both the contending parties. [ଦ୍ର—ଏହାର ସାଙ୍କେତିକ । ମୁ ।] ୭ । ସମ୍ମୁଖ ଯୁଦ୍ଧ—7. Fight; hand to hand fight.

ମୁକାବିଲା ବନ୍ଦୋବସ୍ତ—ଦେ. ବ. (କଚେରୀ)—ଥରେ ହୋଇ ଯାଇ-Mukābilā bandobasta ଥିବା ଖଜଣା ବନ୍ଦୋବସ୍ତ କାଗଜପତ୍ରକୁ মুকাবিলা বন্দোবস্ত ମୁକାବିଲା କରି ସଂଶୋଧନ मुकाबला बन्दोबस्त କରିବା ପାଇଁ କିଛିଦିନ ପରେ କରାଯିବା ସାମୟିକ ବନ୍ଦୋବସ୍ତ—Revision Settlement.

ମୁକାବିଲେ—ଦେ. ଅ. (କଚେରୀ)—ସାମନାରେ; ସାକ୍ଷାତରେ; Mukābile ଉପସ୍ଥିତିରେ—In the presence of. মোকাবিলে [ଦ୍ର—ଏହା ଅନ୍ୟ ବ୍ୟକ୍ତିବାଚକ ଶବ୍ଦ ପୂର୍ବେ । ମୁ । मुकाबिले ସାଙ୍କେତିକ ରୂପେ ବ୍ୟବହୃତ ହୁଏ, ଯଥା— । ମୁ । ମେନେଜର=ମେନେଜରଙ୍କ ମୁକାବିଲାରେ ବା ସାକ୍ଷାତରେ ।]

ମୁକାମ୍—ବୈଦେ. ବ. (ଫା. ମକାନ୍)—୧ । ବାସସ୍ଥାନ—Mukām 1. Residence. ୨ । ବସା ଘର; ଅସ୍ଥାୟୀ ବାସ মুকাম ସ୍ଥାନ—2. Temporary residence or lod- मुकाम ging. ୩ । ଗୃହ; କୋଠା ଘର ଅଢ଼—3. Building; palatial house. ୪ । (ଅ. ମୁକାମ୍) କୌଣସି ବ୍ୟକ୍ତିର ରହିବାର ଠିକଣା—4. Address or the whereabouts of a person. ୫ । ପଥିକର ଯାତ୍ରାକାଳୀନ ରାତ୍ରିଯାପନ ସ୍ଥାନ—5. A place where a traveller halts for the night in the course of travelling. ୬ । ପଥିକର ଏକଦିନ ଚାଲିବା ପରେ ଏକ ସ୍ଥାନରେ ରାତ୍ରି ଯାପନ—6. A traveller's halt for the night after one day's travelling. (ଯଥା—କଟକରୁ ପୁରୀକୁ ଯିବାକୁ ହେଲେ ବାଟରେ ତିନି ମୁକାମ କରିବାକୁ ହେବ ।) ୭ । ସତ୍ୟନାରାୟଣ ପୂଜା ସମୟରେ ଅସ୍ଥାନ ବା ପୀଢ଼ା ଉପରେ ପଞ୍ଚ ଦେବତାଙ୍କୁ ଉତ୍ସର୍ଗ କରାଯାଇ ପାନ ଉପରେ ରଖାଯିବା ପାଚିଲା କଦଳୀ—7. Ripe plantains placed on betel leaves and dedicated to the five Deities who are invoked during the Satyanārāyana pūjā ceremony.

ମୁକାମ କଦଳୀ—ଦେ. ବି—ମୁକାମ ୭ ( ଦେଖ )
Mukāma kadaḷī Mukāma 7 ( See )

ମୁକାମୁ—ପ୍ରାଦେ. (ଗଞ୍ଜାମ) ବି—ମୁକାମ ୭ ( ଦେଖ )
Mukāmu Mukāma ( See )

ମୁକା ମୁକା—ଦେ. ଅ—୧ । ଥର ଥର କରି; ବହୁଥର; ଅନେକଥର—
Mukā mukā 1. Several times. ୨ । ଦଫା ଦଫା; ବାର ବାର ଘଷ୍ଟା ଘେଷ୍ଟା; ଦଳ ଦଳ—2. By groups; group by group; in herds.
दफा दफा, मोका मोका

ମୁ(ମୁଁ)କାର—ଦେ. ବି—୧ । ଅହଂକାର; ଅହମିକା—1. Egoism.
Mu(muṅ)kāra ( ଉ—ବର୍ତ୍ତମାନ ଜାଣିବାର ମୁକାର
ଅহংকার अहकार କରଇ—ପ୍ରାଚୀ. ଶ୍ରୀଗୁରୁଭକ୍ତିଗୀତା । )
୨ । ଗର୍ବ; ଅହଂକାର—2. Pride

ମୁକ୍ତ—ସ. ବି (ମୁଚ୍ ଧାତୁ+ଭାବ. କ୍ତି)—୧ । ମୁକ୍ତି—1. Emancipation. ୨ । ମୋକ୍ଷ—2. Final beatitude.
Muku
ତ୍ରି ( ପ୍ରାଚୀନ ପ୍ରୟୋଗ; 'ମୁଁ' ଶବ୍ଦର ୨ୟା ବିଭକ୍ତି ୧ ବଚନର ରୂପ )—ମୋତେ—To me.

ମୁକୁଟ—ସ. ବି (ମଙ୍କ୍ ଧାତୁ=ଭୂଷିତ କରିବା+କର୍ତ୍ତୃ. ଉଟ; ନିପାତନ)-
Mukuṭa ମକୁଟ ( ଦେଖ )—Makuṭa ( See ) ବିଣ—
( ଅନ୍ୟ ଶବ୍ଦ ପରେ ଲାଗେ )—ଶ୍ରେଷ୍ଠ; ପ୍ରଧାନ—Chief.
[ ଉ—ସାଧୁମୁକୁଟେ ପଦ ହିତ କରି, ଧନ୍ୟସ୍ତୁ ସେ ପ୍ରତାପେ କଲେ ବସୁ—ଉଞ୍ଚ. ବୈଦେହୀଶବିଳାସ । ]

ମୁକୁଟିଆ—ଦେ. ବିଣ. ପୁଂ—ମୁକୁଟଧାରୀ—Wearing a crown
Mukuṭiā or coronet. [ଉ—ତଳ ମୁକୁଟିଆ ସଭାମାନେ—
মুকুটধারী मुकुटवाला ଦୀନକୃଷ୍ଣ. କଶୋଦଚନ୍ଦ୍ର. ଚ-ଗୀତ । ]

ମୁକୁତା—ଗ୍ରା. ବି ( ସ. ମୁକ୍ତା )—୧ । ମୁକ୍ତା; ମୋତି—1. Pearl.
Mukutā [ ଉ—ସେ କାଳରେ ମୁକୁତା ପଡ଼ ଶ୍ରୁତିଛନ୍ତି, ମନ
মুকুতা ପବନରେ ଯେ ଅଳପ କମ୍ପନ୍ତି—କୃଷ୍ଣସିଂହ. ମହାଭାରତ.
मुकुता ସଭା । ] ୨ । ମୁକ୍ତାନାମ୍ନୀ ସ୍ତ୍ରୀର ଡାକ ନାମ—
2. Name for calling a woman named Muktā.

ମୁକୁତା କେରି—ଦେ. ବି—୧ । ଏକପ୍ରକାର ସାରୁ—1. A species
Mukutā keri of taro or arum. ୨ । ମୁକୁତାର ଝରା—
মুক্তার থোলো 2. A bunch of strings of pearls.
मुक्ताका गुच्छा ପ୍ରାଦେ ( ସିଂହଭୂମି )—ଏକପ୍ରକାର ଧାନ—
A species of paddy.

ମୁକୁତା ଜାଲି—ଗ୍ରା. ବି ( ସ. ମୁକ୍ତା+ଜାଲ )—ମୁକ୍ତା ସୂତା ହୋଇଥିବା
Mukutā jāli ଜାଲ ପରି ଅଳଙ୍କାରବିଶେଷ—An ornament
মুক্তার জাল of pearls strung into a net. [ଉ—
मुक्ताकी जाली କପୋଳ । ମୁକୁତାଜାଲି ଗାଢ଼, ଦୋହଲିବା ଦେଖି, ଦୂର ହୁଏ ଅଖି, ସୂର୍ଯ୍ୟର ଭୂଷଣ ପଦ୍ମରେ
—ଦୀନକୃଷ୍ଣ ସଙ୍ଗୀତ । ]

ମୁକୁତା ଝରା—ଗ୍ରା. ବି—ମୁକ୍ତା ସମ୍ବଳିତ ଝରା—Tassels made of
Mukutā jhara many strings of pearls strung together. [ ଉ—ସତରେ ଲମ୍ବାଇ ଶିରେ
মুক্তার ঝারা
मुक्ताका भालर ମୁକୁତା ଝରା—ପ୍ରାଚୀନ. ସଙ୍ଗୀତ । ] [ ଉ—
( ମୁକୁତା ଚେନ୍ତା[ନ୍ତି]—ଅନ୍ୟରୂପ ) ଏହାପରେ ମୁକୁତାମାଳ, ମୁକୁତା ହାର ଅଧ ହୁଏ । ]

ମୁକୁତା ଦାନ୍ତି—ଗ୍ରା. ବିଣ. ସ୍ତ୍ରୀ ( ସ. ମୁକ୍ତାଦନ୍ତୀ )—ମୁକ୍ତାପଙ୍କ୍ତି ପରି
Mukutā dānti ଦନ୍ତ ଥିବା (ସ୍ତ୍ରୀ)—(a woman) Having
মুক্তোর মত দাঁত যার teeth resembling a row of
मोतीके समान दांतवाली pearls.
(ମୁକୁତା ଦାନ୍ତିଆ, ମୁକୁତା ଦନ୍ତା—ପୁଂ)

ମୁକୁତାପନ୍ତି—ଦେ. ବି ( ସ. ମୁକ୍ତାପଙ୍କ୍ତି )—ଧାଡ଼ି ହୋଇ ସଜ୍ଜିତ
Mukutāpanti ମୁକ୍ତାଗଣ—Row of pearls. [ ଉ—
মুক্তাপঙ্‌ক্তি मुकुतापन्ती ଅଣ୍ଟ ବନ୍ଧୁ ମୁକୁତାପନ୍ତି ସୁନ୍ଦର । ରାଧାନାଥ. ମେଘଦୂତ । ]

ମୁକୁତାବନ୍ଧ—ଦେ. ବି—କର୍ଣ୍ଣାଳଙ୍କାର ବିଶେଷ—A kind of
Mukutābanda ornament for the ear. [ ଉ
—ଶ୍ରବଣେ ଭର ମୋ ଝଲକ ଚନ୍ଦ୍ର ସେଇତା ମୁକୁତାବନ୍ଧ ।
ପ୍ରାଚୀ. ରହସ୍ୟମଞ୍ଜରୀ । ]

ମୁକୁତା ଶାମୁକା—ଦେ. ବି ( ସ. ମୁକ୍ତାଶମ୍ବୁକ )—ଯେଉଁ ଶମ୍ବୁକର
Mukutā śāmukā ଗୋଲଉଦରୁ ମୁକ୍ତା ମିଳେ—Pearl-
শুক্তি oyster. [ ଦ୍ର—କେତେକ ଅଞ୍ଚଳରେ ସମୁଦ୍ର-
मुक्ताका सितुआ; मुक्तासीप ଗର୍ଭରୁ ମିଳୁଥିବା ଶାମୁକାକୁ ଦୁଇ ଫାଳ କରି ଦେଲେ କେତେକ ଶାମୁକାର ଦୁଇ ଫାଳର ଗର୍ଭ ପାଖରେ ମୁକ୍ତା ଲାଗିଥାଏ ଓ ଶାମୁକାଦେହରୁ ତାହା ପୃଥକ୍ କରି କଢ଼ାଯାଏ । ]

ମୁକୁତି (ଇତ୍ୟାଦି)—ଗ୍ରା. ବି ( ସ. ମୁକ୍ତି )—ମୁକ୍ତି ଇତ୍ୟାଦି ( ଦେଖ )
Mukuti (etc) मुक्ति Mukti etc. ( See )

ମୁକୁ(କ)ତିଆର (ଇତ୍ୟାଦି)—ବୈଦେ. ବି—ମୁକ୍ତାର ଇତ୍ୟାଦି (ଦେଖ)
Muku(ka)tiāra (etc) Muktāra etc. ( See )
মোক্তার मुख्तार

ମୁକୁତି—ଗ୍ରା. ବି. ସ୍ତ୍ରୀ (ନାମ)—ମୁକୁତା ୨ ( ଦେଖ )
Mukuti Mukutā 2 ( See )

ମୁକୁନ୍ଦ—ସ. ବି ( ସ. ମୁକୁମ୍=ମୋକ୍ଷ+ଦା ଧାତୁ ଦେବା+କର୍ତ୍ତୃ.
Mukunda ଅ; ଯେ ମୋକ୍ଷ ଦଅନ୍ତି )—୧ । (ମୁକ୍ତିଦାତା)
ବିଷ୍ଣୁ—1. Bishnu. ୨ । ପାରଦ—2. Mercury; quicksilver. ୩ । କୁବେରଙ୍କ ନିଧି ବିଶେଷ—
3. Name of a particular gem possessed by Kubera. ୪ । କୁନ୍ଦୁରୁଷ୍କ—4. Gum Olibanum. ଦେ. ବି. ପୁଂ—୧ । ଲୋକଙ୍କୁ ଦିଆଯିବା
মুকুন্দ ନାମ—1. A name given to persons. ୨ ।
मुकुंद ଅଚ୍ୟୁତାନନ୍ଦଙ୍କ ଦ୍ୱାଦଶ ଶିଷ୍ୟ ମଧ୍ୟରୁ ଅନ୍ୟତମ—2. One of the twelve disciples of Achyutānanda Dāsa of Nemāḷā.

ମୁକୁନ୍ଦକ—ସ. ବି ( ମୁକୁନ୍ଦ+କ )—୧ । ପଳାଣ୍ଡୁ; ପିଆଜ—
Mukundaka 1. Onion. ୨ । ଷଷ୍ଟିକ ବ୍ରୀହି—2. A kind of grain.

**ମୁକୁନ୍ଦ ଦେବ**- ଦେ. ବି ( ନାମ )—ଉତ୍କଳର ଶେଷ ସ୍ୱାଧୀନ ହିନ୍ଦୁ
Mukunda deba ନରପତି—The first independent
ମুকুন্দ দেব Hindu king of Orissa (1551—1568
मुकुन्द देव A. D.) [ ଦ୍ର—ସେ ଖ୍ରୀଷ୍ଟ ୧୫୫୧ ରୁ ୧୫୬୮ ଅବ୍ଦ ପର୍ଯ୍ୟନ୍ତ ରାଜତ୍ୱ କରୁଥିଲେ । ସେ ଦାକ୍ଷିଣାତ୍ୟର ତେଲିଙ୍ଗ ସୀମାନ୍ତବାସୀ ଥିବାରୁ ଇତିହାସରେ ତେଲଙ୍ଗା ମୁକୁନ୍ଦଦେବ ନାମରେ ପରିଚିତ । ସେ ତତ୍କାଳୀନ ଉତ୍କଳର ଶେଷସୀମା ହୁଗୁଳୀ ନଦୀର ତ୍ରିବେଣୀ ତୀର୍ଥରେ ସୁପ୍ରସିଦ୍ଧ ତ୍ରିବେଣୀ ଘାଟ ଓ ମନ୍ଦିର ନିର୍ମାଣ କରିଥିଲେ । ପୁରୀ ଜିଲ୍ଲାର ପିପିଲି ନିକଟବର୍ତ୍ତୀ ମୁକୁନ୍ଦପୁର ଶାସନ ଓ ପୁଷ୍କରିଣୀ ତାଙ୍କର କୀର୍ତ୍ତି । ବାରବାଟୀ ଦୁର୍ଗ ମଧ୍ୟରେ ମୁକୁନ୍ଦଦେବ ଏକ ସୁରମ୍ୟ ଓ ସୁବିଶାଳ ନବତଳ ବିଶିଷ୍ଟ ପ୍ରାସାଦ ନିର୍ମାଣ କରି ତାହାକୁ ନିଜର ରାଜଭବନ କରିଥିଲେ । ମୁକୁନ୍ଦଦେବଙ୍କର ଯୁଦ୍ଧ କୌଶଳ ଓ ବିଚକ୍ଷଣତା ଦେଖି ପ୍ରବଳପ୍ରତାପ ସମ୍ରାଟ ଅକବର ବଙ୍ଗ ଅଧିକାର କରିବା ପାଇଁ ଏହାଙ୍କର ସହାୟତା ଲୋଡ଼ିଥିଲେ । ମୁକୁନ୍ଦଦେବ ବହୁକାଳ ବ୍ୟାପୀ ବଙ୍ଗ ଅଭିଯାନରେ କ୍ଷୀଣବଳ ଓ କ୍ଲାନ୍ତ ହୋଇ ପଡ଼ିଥିବା ସମୟରେ ସାରଙ୍ଗଗଡ଼ର ସାମନ୍ତ ଅଧିପତି ରାମଚନ୍ଦ୍ର ଭଞ୍ଜ ଉତ୍କଳ ସିଂହାସନ ଅଧିକାର କରିବା ସକାଶେ ବିଦ୍ରୋହାଚରଣ କଲେ । ରାମଚନ୍ଦ୍ରଙ୍କ ସଙ୍ଗେ ଯୁଦ୍ଧ କରୁ କରୁ ମୁକୁନ୍ଦଦେବ ତାଙ୍କ ଅସ୍ତ୍ରାଘାତରେ ପ୍ରାଣ ହରାଇଲେ । ୧୫୬୮ ଖ୍ରୀଷ୍ଟାବ୍ଦରେ ତାଙ୍କର ମୃତ୍ୟୁ ପରେ କଳାପାହାଡ଼ ଓଡ଼ିଶା ଆକ୍ରମଣ କଲା ଓ ଉତ୍କଳର ସ୍ୱାଧୀନତା ଚିରକାଳ ପାଇଁ ଲୁପ୍ତ ହେଲା । କଥିତ ଅଛି ଯେ କଳାପାହାଡ଼ କଟକ ବାରବାଟୀ ଦୁର୍ଗ ଅବରୋଧ କରିବାରୁ ମୁକୁନ୍ଦଦେବଙ୍କ ରାଣୀ ପୂଜା ଥାଳରେ ସ୍ୱାମୀର ବହୁମୂଲ୍ୟ ଧନରତ୍ନ ରଖି ଅବରୋଧ ତ୍ୟାଗ କରିବା ପାଇଁ କଳାପାହାଡ଼ଙ୍କୁ ଉପଢୌକନ ପଠାଇଲେ । କିନ୍ତୁ ଧର୍ମଦ୍ୱେଷୀ ପ୍ରତିହିଂସାପରାୟଣ କଳାପାହାଡ଼ ତହିଁରେ ସମ୍ମତ ନ ହେବାରୁ ସଙ୍ଗ ରାଣୀ ଦୁର୍ଗରେ ସମସ୍ତ ସ୍ତ୍ରୀଲୋକଙ୍କୁ ଘେନି ଦୁର୍ଗରେ ଥିବା ଗୋଟିଏ ପୋଖରୀକୁ ଡେଇଁ ପଡ଼ି ଆତ୍ମହତ୍ୟା କଲେ । ଆଜିକାଲି ବାରବାଟୀ ଦୁର୍ଗର ସୀମା ମଧ୍ୟରେ ରାଣୀ-ପୋଖରୀ ନାମରେ ଗୋଟିଏ ତଡ଼ାଗ ଅଛି । ପ୍ରବାଦ ଅଛି—

ଅଇଲା କଳା ପାହାଡ଼, ଭାଙ୍ଗିଲା ଲୁହାର ବାଡ଼
ପିଇଲା ମହାନଦୀ ପାଣି,
ସୁବର୍ଣ୍ଣ ଥାଳରେ ଖାଇ ପଳାଇଲେ

(ମୁକୁନ୍ଦ ଦେବ—ଗ୍ରାମ୍ୟରୂପ) ମୁକୁନ୍ଦଦେବଙ୍କ ରାଣୀ । ]

**ମୁକୁନ୍ଦରାମ ଚକ୍ରବର୍ତ୍ତୀ**—ଦେ. ବି. (ନାମ)—ବଙ୍ଗ ଭାଷାରେ କବି-
Mukundarama chakrabartti କଙ୍କଣ ଚଣ୍ଡୀର ରଚୟିତା
କବି—Name of a Bengalee poet of the 16th and 17th centuries A. D. [ଦ୍ର—ଏହାଙ୍କ ଜନ୍ମ ବର୍ତ୍ତମାନ ଜିଲ୍ଲାରେ ଖ୍ରୀଷ୍ଟୀୟ ଷୋଡ଼ଶ ଶତାବ୍ଦୀରେ ହୋଇଥିଲା । ବର୍ତ୍ତମାନର ତତ୍କାଳୀନ ନବାବଙ୍କ ଅତ୍ୟାଚାରରେ ଉତ୍ପୀଡ଼ିତ ହୋଇ ଏ ଜନ୍ମଭୂମି ଛାଡ଼ି ମେଦିନୀପୁର ଜିଲ୍ଲାର ଆଡ୍ରା ଗ୍ରାମରେ ବାସ କଲେ ଓ ସେଠାର ରାଜା ଏହାଙ୍କୁ ରାଜପୁତ୍ରଙ୍କ ଶିକ୍ଷକ ନିଯୁକ୍ତ କଲେ । ଏ ସେହିଠାରେ ବଙ୍ଗ ଭାଷାରେ 'ଚଣ୍ଡୀ' ରଚନା କଲେ । ଉକ୍ତ ରାଜା ତାଙ୍କୁ କବିକଙ୍କଣ ଉପାଧି ଦେଇଥିଲେ ଓ ତାଙ୍କ ଗ୍ରନ୍ଥ 'କବିକଙ୍କଣ ଚଣ୍ଡୀ' ନାମରେ ପ୍ରସିଦ୍ଧ । ରାମାୟଣ ରଚୟିତା କୃତ୍ତିବାସଙ୍କ ପରବର୍ତ୍ତୀ କାଳର ଏ କବି । ତାଙ୍କ ଭାଷା ଅପେକ୍ଷାକୃତ ମାର୍ଜିତ ଓ ତାଙ୍କ ରଚନା ବିବିଧ ଛନ୍ଦୋବଦ୍ଧ—ସୁବଳଚନ୍ଦ୍ର ।]

**ମୁକୁନ୍ଦି**—ପ୍ରାଦେ. ( ବାଲେଶ୍ୱର ) ବି—ସାମୁଦ୍ରିକ ମତ୍ସ୍ୟବିଶେଷ—
Mukundi A kind of sea-fish. ( ଦ୍ର—ଏହା ପ୍ରାୟ (ମକୁନ୍ଦ—ଅନ୍ୟରୂପ) ଚାରି ପାଞ୍ଚ ଇଞ୍ଚ ଲମ୍ବ, କାଣ୍ଟଯୁକ୍ତ ଓ ଖାଇବାକୁ ସୁଆଦିଆ ।)

**ମୁକୁମ୍**—ସଂ. ଅ ( ମୁଚ୍ ଧାତୁ+ଭାବ. କୁମ୍ )—୧ । ନିର୍ବାଣମୁକ୍ତି
Mukum ( ସୁବଳଚନ୍ଦ୍ର )—1. Final beatitude. ୨ । ପ୍ରେମ ( ସୁବଳଚନ୍ଦ୍ର )—2. Love.

**ମୁକୁର**—ସଂ. ବି (ମକ୍ ଧାତୁ=ଭୂଷିତ କରିବା+କରଣ. ଉର)—
Mukura ୧ । ଦର୍ପଣ—1. Mirror. ୨ । ବକୁଳ ବୃକ୍ଷ—2. The Bakula tree. ୩ । କୁମ୍ଭକାରଦଣ୍ଡ—3. The potter's staff. ୪ । ମୁକୁଳ (ଦେଖ)—4. Mukula ( See ) ୫ । ମଲ୍ଲିକା ପୁଷ୍ପ ଗୁଚ୍ଛ—5. A bunch of jasmine flowers.

**ମୁକୁଳ**—ସଂ. ବି. ( ମକ୍ ଧାତୁ=ଭୂଷିତ କରିବା+କର୍ତ୍ତୃ. ଉଳ,
Mukula କିମ୍ବା ମୁଚ୍ ଧାତୁ=ମୋଚନ କରିବା+କର୍ତ୍ତୃ. ଉଳ )—୧ । ଫୁଲର କଢ଼ି—1. Bud; blossom. ୨ । ସ୍ଫୁଟୋନ୍ମୁଖ ପୁଷ୍ପ; ଈଷଦ୍‌ବିକଶିତ କଳିକା—2 An opening bud. ୩ । ଶରୀର; ଦେହ—3. The body. ୪ । ଆତ୍ମା—4. Soul.
ଦେ. ବି (ସଂ. ମୁଚ୍ ଧାତୁ )—୧ । କ୍ଷେତରୁ କଟା ହୋଇ ଖଳାକୁ ଅଣିବା ସମୟରେ ବନ୍ଧା ହୋଇଥିବା ଧାନ ବିଡ଼ା ବା ଶସ୍ୟଗୋଛାମାନଙ୍କୁ ଖଳାରେ ଏକତ୍ର ରଖିବାପାଇଁ ବା ଗଦା ମାରିବାପାଇଁ ଅଥବା ବେଙ୍ଗଳା ପକାଇବା ପାଇଁ ମୁକୁଳା କରିବା—1. Act of untying the sheaves of corn gathered by the reapers at the threshing floor before stacking काटानी डाली, बटहिया or threshing them. ୨ । ଶସ୍ୟକଟାଳିମାନେ ବିଲରୁ ଧାନ ଅଦ କାଟି ତାହା ଗୋଛା ଗୋଛା କରି ଖଳାକୁ ବୋହି ଅଣିବା ପରେ ଉକ୍ତ ଗୋଛାମାନ ଫିଟାଇ ସେଥିରୁ କେତେକ ଅଂଶ କଟାଳିମାନଙ୍କୁ ପାରିଶ୍ରମିକ ଦିଆଯିବା—2. Giving of one-tenth or one-twelvth of the harvest to the reapers;the operation of untying the bundles or sherves of corn brought into the threshing floor by the reapers, after

harvesting and giving a portion of each bundle to each reaper for his or her remuneration ୩ । ବିଲରୁ କଟାଳି ଯେଉଁ ଶସ୍ୟ ଗୋଛ ବାନ୍ଧି ଖଳାକୁ ଅଣେ ତହିଁରୁ ଯେଉଁ ଅଂଶ କଟାଳିକୁ ପାରିଶ୍ରମିକରୂପେ ଦିଆଯାଏ—3. The portion out of a bundle of corn-sheaves brought into the threshing floor by a reaper after harvesting, which is given to him or her as remuneration. ଦେ. ବିଣ. ( ସଂ. ମୁକୁଳିତ ବା ମୁକ୍ତ )—୧ । ଫିଟା; ମେଲା; ବନ୍ଧନ-ରହିତ (ଯଥା—କେଶ)—1. Dishevelled; untied; unbound. (ଉ—କେଶ କରି ମୁକୁଳ, ଚେଳ ବାହୁ-ଯୁଗଳ, ବଳଇ ମହାବଳବଳ—ବିଶ୍ୱନାଥ ଖଟେଇ ରାମାୟଣ ।) ୨ । ଉନ୍ମୁକ୍ତ; ବନ୍ଧନରୁ ମୁକ୍ତ—2. Released from a bond. ( ଉ—ଛିଗୁଣ୍ଠ କୁନ୍ତଳ ମୁକୁଳ, ଜନ୍ମ ମରଣ ବେଳୁବେଳ—ପ୍ରାଚୀ. କର୍ଣ୍ଣମାହାତ୍ମ୍ୟ ।)

ମୁକୁଳବତୀ—ସଂ. ବି ( ସ୍ତ୍ରୀ )—୧ । କଳିକାବତୀ—1. Having
Mukulabati buds. ୨ । ଅଦୃଷ୍ଟରଜା (ଦେଖ)—Adrushtarajā (See).

ମୁକୁଳା—ଦେ. ବିଣ (ସଂ. ମୁକ୍ତ)—୧ । ଖାଲି; ଜନଶୂନ୍ୟ (ଘର)—
Mukulā 1. Empty; untenanted.
খোলা খুলা ୨ । ଖୋଲା; ଯେଉଁ ସ୍ଥାନକୁ କୌଣସି ଦ୍ରବ୍ୟ ଅବା ଅଧିକାର କରି ନ ଥାଏ—2. Unoccupied (space or place); open; bare. ୩ । କବାଟ ବନ୍ଦ ହୋଇ ନ ଥିବା ( ଘର )—3. (House) With the door open. ୪ । ମୁକ୍ତ; ଉନ୍ମୁକ୍ତ—4. Released; freed. ୫ । ଯାହା ଖରଚୀ; ମୁକ୍ତ ହସ୍ତ—5. Spendthrift. ୬ । ସରଳ; ଯେ ଗୁପ୍ତ କଥାକୁ ଲୁଚାଇ ରଖି ନ ପାରେ—6. Frank; plain-spoken. ୭ । ଅସାବଧାନ; ଅସତର୍କ—7 Unwary; careless. ୮ । ମୁକୁଳ (ଦେଖ)—8. Mukula (See).

ମୁକୁଳା(ଳେ)ଇବା—ଦେ. କ୍ରି. (ସ. ମୁଚ୍ ଧାତୁ; ମୁକୁଳିବା କ୍ରିୟାର
Mukulā(le)ibā ଣିଜନ୍ତ ରୂପ)—୧ । ବନ୍ଧନରୁ ମୁକ୍ତ କରିବା-
খোলা 1. To liberate; to release from a bond.
खोलना (ଉ—ସୁଯୋଧନ ରଜାଙ୍କୁ ଅଣ ମୁକୁଳାଇ । କୃଷ୍ଣସିଂହ. ମହାଭାରତ. ବନ ।)
୨ । ଫିଟାଇବା—2. To untie; to unbind. (ଉ—ପେଣ୍ଡୁବାଳ ମୁକୁଳାଇ ବସିଅଛନ୍ତି କେହି । ରାଧାନାଥ. ମହାଯାତ୍ରା ।) ୩ । ଋଣ ପରିଶୋଧ କରି ବନ୍ଧା ଦିଆ ଯାଇ ଥିବା ବସ୍ତୁକୁ ମହାଜନ ଠାରୁ ମୁକ୍ତ କରି ଆଣିବା—3. To redeem a thing from mortgage or pledge by paying off the debt. ୪ । କାରାମୁକ୍ତ କରିବା—4. To release from confinement. ( ଉ—ଦେବ ମୁକୁଳାଇ ପ୍ରବଶ ହୋଇ ଏ ଶ୍ରେଷ୍ଠଭ ନେଲ ଭୁବସ୍ । ରାଧାନାଥ. ଉଷାଶ୍ରୀ ।) ୫ । କଟାଳିମାନେ ଖେତରୁ ଆଣିଥିବା ଧାନବାଲୀର ଗୋଛ-ମାନଙ୍କୁ ଫିଟାଇ ତହିଁରୁ କଟାଳିମାନଙ୍କୁ ପାରିଶ୍ରମିକ ବାଣ୍ଟି ଦେବା—5. To untie the bundles or sheaves of corn harvested by the reapers in order to parcel out the share for their remuneration.

ମୁକୁଳି—ଦେ. ବିଣ—ମୁକୁଳ (୧, ୨) ( ଦେଖ )
Mukuli Mukula (1, 2) ( See )

ମୁକୁଳିତ—ସ. ବିଣ. (ମୁକୁଳ+ଜାତାର୍ଥେ.ଇତ)—୧ । ଅର୍ଦ୍ଧ ମୁଦ୍ରିତ—
Mukulita 1. Half-closed. ୨ । ଅର୍ଦ୍ଧ ବିକଶିତ—2. Half-opened. ୩ । ମୁକୁଳ ଯୁକ୍ତ—3. Budded; blossomed.

ମୁକୁଳିବା—ଦେ. କ୍ରି. (ସ ମୁଚ୍ ଧାତୁରୁ ମୁକ୍ତ)—୧ । ମୁକ୍ତି ପାଇବା;
Mukulibā ମୁକ୍ତିଲାଭ କରିବା—1. To be set free; to
মুক্তি পাওয়া be liberated; to be freed.
छूटजाना, छूटकरा पाना ୨ । ଆସନ୍ନ ବିପଦରୁ ଉଦ୍ଧାର ପାଇବା—2. To be delivered from an impending danger. ୩ । କାରାମୁକ୍ତ ହେବା—3. To be released from confinement.

ମୁକୁଳୋତ୍ପତ୍ତି—ସ. ବି. (୬ଷ୍ଠୀ ତତ୍; ମୁକୁଳ+ଉତ୍ପତ୍ତି)—ଗଛରୁ କଢ଼
Mukulotpatti ବାହାରିବା—The coming out of
(ମୁକୁଳୋଦ୍ଗମ, ମୁକୁଳୋଦ୍ଭବ—ଅନ୍ୟରୂପ) buds from a tree.

ମୁକୁଶା ବାଜ(ଦ୍)—ଦେ. ବି—ବଙ୍ଗ ଦେଶର ଗୋଟିଏ ନଗର—
Mukuśā bāj(d) Mursidabad; a town in Bengal
মুর্শিদাবাদ [ଦ୍ର—ମୁର୍ଶିଦ୍ କୁଲି ଖାଁ ଙ୍କ ନାମ ରୁ ଦେଖ ମୁର୍ଶିଦାବାଦର
मुरसिदाबाद ପ୍ରାଚୀନ ନାମ । ଏଠାରେ ପଟ୍ଟଲୁଗା ତିଆରି ହୁଏ ।]

ମୁକୁଶା ବାଜି(ଦି)—ଦେ. ବିଣ—ମୁର୍ଶିଦାବାଦରେ ପ୍ରସ୍ତୁତ (ପାଟ ଲୁଗା)-
Mukuśā bāji(di) (silk cloth) Made in Mursi-
মুর্শিদাবাদী मुरसिदाबादी dābād.

ମୁକୁଶିଆଳି—ଦେ ବି. ( ସ. ମୁଖଶାଳା )—ଦେଉଳର ସମ୍ମୁଖାର୍ଦ୍ଧ
Mukuśiāli ମଣ୍ଡପ—The front half of a temple.
(ମୁକୁଶାଳି—ଅନ୍ୟରୂପ) [ଦ୍ର—'ଦେଉଳକୁ ମୁକୁଶିଆଳି ବଳିଯିବା
মুখশালা ନ୍ୟାୟ'—ଢଗ । ସାଧାରଣତଃ ଦେଉଳଠାରୁ ମୁକୁଶିଆଳି
जगमोहन ଛୋଟ ହୁଏ କିନ୍ତୁ ଦେଉଳ ଅପେକ୍ଷା ମୁକୁଶିଆଳି ବଡ଼ ହେଲେ ତାହା ଅସୁନ୍ଦର ଦେଖାଯାଏ । ଅପ୍ରଧାନ ବ୍ୟକ୍ତି ବେଶୀ ହେବା ସ୍ଥଳରେ ଏ ଢଗ ବୋଲାଯାଏ ।]

ମୁକୁଷ୍ଠ—ସ. ବି—ବଣ ମୁଗ (ହି. ଶ—A kind of wild
Mukushtha Muga (grain).
(ମୁକୁଷ୍ଠକ—ଅନ୍ୟରୂପ)

ମୁକ୍କର—ସ. ବ—ମୁକର ( ଦେଖ ).
Mukkara . Mukara ( See )

ମୁକ୍କା—ଦେ. ବ—ମୁକା ( ଦେଖ )
Mukkā Mukā ( See )

ମୁକ୍ତ—ସ. ବ. ( ମୁଚ୍ ଧାତୁ=ମୋଚନ କରିବା+କର୍ତ୍ତୃ. ତ )—
Mukta ୧ । ମୁକ୍ତି ପ୍ରାପ୍ତ; ଲବ୍ଧ ମୋକ୍ଷ—1. Liberated; delivered; released. ୨ । ସ୍ୱାଧୀନତା ପ୍ରାପ୍ତ—2. Freed; emancipated. ୩ । (+କର୍ମ. ତ) ପରିତ୍ୟକ୍ତ—3. Discharged. ୪ । ପୃଥକ୍ କୃତ—4. Detached from; extricated. ୫ । ମୁକୁଳା; ଉନ୍ମୁକ୍ତ—5. Loosened; untied; loose. ୬ । ଉଦ୍‌ଘାଟିତ; ମେଲା; ଖୋଲା—6. Open; opened. ୭ । ଅବାଧ; ବାଧାରହିତ—7. Unobstructed; free. ୮ । ନଗ୍ନ; ଲଙ୍ଗଳା—8. Naked; shorn of clothes. [ଦ୍ର—ଏହାର ଅପଭ୍ରଂଶ ମୁକୁଳା । ]

ମୁକ୍ତକ—ସ.ବ. (ମୁକ୍ତ=ପରିତ୍ୟକ୍ତ+କ)—୧ । ସମାସରହିତ ରଚନା-
Muktaka ବିଶେଷ—1. A kind of composition without compounds. ୨ । ବର୍ଚ୍ଛା, ବଲମ ପ୍ରଭୃତି କ୍ଷେପଣୀୟ ଅସ୍ତ୍ର—2. Missiles.

ମୁକ୍ତ କଚ୍ଛ—ସ. ବଣ. ପୁଂ (ବହୁବ୍ରୀହି; ମୁକ୍ତ ହୋଇଅଛି କଚ୍ଛା ଯାହାର)—
Mukta kachchha ଯେଉଁ ଲୋକ ଲୁଗା ପିନ୍ଧି କଛ ମାରି ନ (ମୁକ୍ତ କଚ୍ଛା—ସ୍ତ୍ରୀ) ଥାଏ, ଅର୍ଥାତ୍, ଫାଳଟା କରି ଲୁଗା ପିନ୍ଧିଥାଏ—Wearing a cloth round the waist without having one end tucked down the privities. ବି. ପୁଂ—ବୌଦ୍ଧଧର୍ମାବଲମ୍ବୀ ସମ୍ପ୍ରଦାୟ ବିଶେଷ ( ଏମାନେ କଛ ମାରୁ ନ ଥିବାରୁ )—Name applied to a sect of Buddhists.

ମୁକ୍ତ କଞ୍ଚୁକ—ସ. ବଣ. ପୁଂ. (ବହୁବ୍ରୀହି; ମୁକ୍ତ ହୋଇଅଛି କଞ୍ଚୁକ
Mukta kanchuka ଯାହାର)—୧ । ନିର୍ମୋକ ବା କାତି ଛାଡ଼ି
ମୁକ୍ତ କଞ୍ଚୁକା } ସ୍ତ୍ରୀ ଥିବା (ସାପ)—1. Having cast its
ମୁକ୍ତ ନିର୍ମୋକା } skin or slough (said of snake).
(ମୁକ୍ତ ନିର୍ମୋକ—ଅନ୍ୟରୂପ) ୨ । ଯେ ଦେହରୁ ସାଞ୍ଜୁ କାଢ଼ି ଅଛି 2. Having put off one's armour or coat of mail. ୩ । ଯେ ଦେହରୁ ଜାକେଟ ବା କାଞ୍ଚଲା କାଢ଼ି ଅଛି—3. Having taken off the jacket or bodice from the body.

ମୁକ୍ତ କଣ୍ଠ—ସ. ବ. ( କର୍ମଧା; ମୁକ୍ତ+କଣ୍ଠ )—୧ । ଉଚ୍ଚୈଃସ୍ୱର;
Mukta kantha ଅନବରୁଦ୍ଧ କଣ୍ଠ ସ୍ୱର । ସ.ବଣ.ପୁଂ (ବହୁବ୍ରୀହି)—
(ମୁକ୍ତ କଣ୍ଠା—ସ୍ତ୍ରୀ) or loud voice. ୨ । ଅନବରୁଦ୍ଧ କଣ୍ଠସ୍ୱର ବିଶିଷ୍ଟ—2. Having a loud or unchoked voice.

ମୁକ୍ତ କଣ୍ଠରେ—ଦେ. କ୍ରି. ବିଣ—୧ । ଅନବରୁଦ୍ଧ କଣ୍ଠ ସ୍ୱରରେ, ସ୍ପଷ୍ଟ
Mukta kanthare ସ୍ୱରରେ—1. In clear or unchoked voice; in an outspoken manner.
(ମୁକ୍ତ କଣ୍ଠେ—ଅନ୍ୟରୂପ)
मुक्त कण्ठे
২ । ଉଚ୍ଚୈଃସ୍ୱରରେ; ବଡ଼ ପାଟି କରି—
मुक्त कण्ठसे 2. Loudly; aloud. (ଉ—ସତ୍ୟମଣି ଲୋକେ ମୁକ୍ତ କଣ୍ଠେ କଲେ ସ୍ୱଜାତିଙ୍କ ପ୍ରଶଂସାବାଦ । ରାଧାନାଥ. ପାର୍ବତୀ ।)

ମୁକ୍ତ କେଶ—ସ. ବ. (କର୍ମଧା; ମୁକ୍ତ+କେଶ)—ଅଲୁଲାୟିତ କୁନ୍ତଳ;
Mukta kesa ମୁକୁଳା ବାଳ; ଉନ୍ମୁକ୍ତ କେଶ—Dishevel-
(ମୁକ୍ତକେଶା, ମୁକ୍ତକେଶୀ—ସ୍ତ୍ରୀ) led hair; hair let loose; flowing hair. ବଣ. ପୁଂ. (ବହୁବ୍ରୀହି)—ଉନ୍ମୁକ୍ତ କେଶ ବିଶିଷ୍ଟ; ଯାହା ବାଳ ମୁକୁଳା ହୋଇଅଛି—Having one's hair dishevelled.

ମୁକ୍ତ କେଶୀ—ସ.ବ.ସ୍ତ୍ରୀ—(ଅଲୁଲାୟିତ କେଶବିଶିଷ୍ଟା) କାଳୀ ଦେବୀ—
Mukta kesī Goddess Kālī (represented with flowing hair). ପ୍ରାଦେ. (ବାଲେଶ୍ୱର) ବି. (ଭୁଲ. ବ. ଏହି ଅର୍ଥରେ ଏହି ଶବ୍ଦ; ସ. ମୁକ୍ତାକେଶୀ)—ବଡ଼ ବାଇଗଣୀ ରଙ୍ଗର ବାଇଗଣ—A species of big brinjal of violet colour.

ମୁକ୍ତ ଚନ୍ଦନ—ସ. ବ—ରକ୍ତ ଚନ୍ଦନ (ହ୍ର. ଶ)—
Mukta chandana Red sandal wood.

ମୁକ୍ତ ଦ୍ୱାର—ସ. ବ (କର୍ମଧା; ମୁକ୍ତ+ଦ୍ୱାର)—୧ । ମେଲା ହୋଇଥିବା
Mukta dwāra କବାଟ—1. Open door. ୨ । ଅବାଧ ଗମନ—2. Free access and egress. ବଣ (ବହୁବ୍ରୀହି)—ଯେଉଁ ଘରର କବାଟ ମେଲା ଥାଏ—(a house) With the door open.

ମୁକ୍ତପଥ—ସ. ବ ( କର୍ମଧା; ମୁକ୍ତ+ପଥ )—ଅବାରିତ ପଥ—
Muktapatha Unobstructed or free road.

ମୁକ୍ତ ପବନ—ସ. ବ ( କର୍ମଧା; ମୁକ୍ତ+ପବନ )—ଖୋଲା ବାଉଁଶ;
Mukta pabana ଯେଉଁ ବାୟୁ ବହିବା ବେଳେ କିଛି ବାଧା
(ମୁକ୍ତବାୟୁ—ଅନ୍ୟରୂପ) ପାଇ ନ ଥାଏ—Free air; air which has met with no obstruction.

ମୁକ୍ତ ପୁରୁଷ—ସ. ବ ( କର୍ମଧା; ମୁକ୍ତ+ପୁରୁଷ )—ଜୀବନ୍ମୁକ୍ତ ବ୍ୟକ୍ତି;
Mukta purusha ଯେଉଁ ବ୍ୟକ୍ତି ବିଷୟବାସନାରୁ ମୁକ୍ତ ଅଟେ—A person free from worldly attachment.

ମୁକ୍ତ ବନ୍ଧନ—ସ. ବଣ. ପୁଂ ( ବହୁବ୍ରୀହି )—ଯାହାର ବନ୍ଧନ
Mukta bandhana ଖୋଲା ହୋଇଅଛି—Having one's bonds loosened.

ମୁକ୍ତ(କ୍ତା)ବର୍ଚ୍ଚାଃ—ସ. ବ—ମୁଖାକାଙ୍ଗ; ସୂର୍ଯ୍ୟାବର୍ତ୍ତ ବର୍ଗର ବର୍ଷାୟୁ ବନ୍ୟ
Mukta(ktā)barchchāh ଶାକ ବିଶେଷ—Acalypha
(ଅନ୍ୟ ସ. ନାମ—ରୁଦ୍ରା) Indica ( plant ). [ ଦ୍ର—ଏହାର
मुक्तावर्षि; मुक्ताबुरी ପତ୍ର ଏକୋତ୍ତର ଓ ପତ୍ରର ଧାର କଟା-
रूपी; आदितमञ्जरी କଟା; ଏହା ଔଷଧରେ ଲାଗେ । ଫୁଲର ତଳ ପାଖ ଡ଼ା ମଞ୍ଜରୀର ଜାଳ ପରି ତଳକୁ ଝୁଲି ଥାଏ । ଏହା ବମନକାରକ, ବିରେଚକ ଓ ବାତ ଶ୍ଳେଷ୍ମ ନାଶକ; ଏହା

କାଶ, ଶ୍ୱାସ, ଜ୍ୱର ଓ ବିଷ ରୋଗରେ ପ୍ରଯୁକ୍ତ ହୁଏ । ଏହାର ରସ ପାନ କଲେ କଫ ନିର୍ଗତ ହୁଏ ଓ ବମନ ହୁଏ । ଏହା ବାଟି ହୃଦ୍‌ଯଦେଶରେ ପ୍ରଲେପ ଦେଲେ ଶିଶୁମାନଙ୍କର ହୃଦରୋଗ ନାଶ ହୁଏ—ଦ୍ରବ୍ୟଗୁଣ । ]

ମୁକ୍ତବାସ—ସଂ. ବି—ଶୁକ୍ତି; ଶାମୁକା ( ହି. ଶ )—Oyster.
Muktabāsa (ମୁକ୍ତମାତା—ଅନ୍ୟରୂପ)

ମୁକ୍ତ ବେଣୀ—ସଂ. ବି ( କର୍ମଧା; ମୁକ୍ତ+ବେଣୀ )—୧ । ଛନ୍ଦୁକ୍ତ
Mukta beṇi ବେଣୀ; ଯେଉଁ ବେଣୀ ଗୁନ୍ଥା ନ ହୋଇ ଲମ୍ବି ଥାଏ —1. The plaited hair hanging down; pigtail. ୨ । ଉନ୍ମୁକ୍ତ ବା ଅବାଧ ସ୍ରୋତ—2. Unobstructed current. ୩ । ତ୍ରିବେଣୀ; ଗଙ୍ଗା ଯମୁନା ସରସ୍ୱତୀଙ୍କ ସଙ୍ଗମ—3. The place where the current of the three rivers ( the Ganges, the Jamuna and the Saraswatī) flow unobstructed. ସଂ. ବିଣ. ସ୍ତ୍ରୀ—ଯାହାର ବେଣୀ ବନ୍ଧା ନ ହୋଇ ତଳକୁ ଲମ୍ବିଅଛି—(a woman) With the plaited hair hanging down.

ମୁକ୍ତଭାଷ—ସଂ. ବି ( କର୍ମଧା; ମୁକ୍ତ+ଭାଷ )—ସ୍ପଷ୍ଟ କଥା—
Muktabhāsha Clear words.

ମୁକ୍ତ ମଣ୍ଡପ—ଦେ. ବି ( ସଂ. ମୁକ୍ତିମଣ୍ଡପ )—ମୁକ୍ତିମଣ୍ଡପ (ଦେଖ)—
Mukta maṇḍapa Muktimaṇḍapa ( See )
মুক্তি মণ্ডপ मुक्त मण्डप

ମୁକ୍ତଲଜ୍ଜ—ସଂ. ବିଣ. ପୁଂ ( ବହୁବ୍ରୀହି; ମୁକ୍ତ+ଲଜ୍ଜା )—ତ୍ୟକ୍ତଲଜ୍ଜ;
Muktalajja ନିର୍ଲଜ୍ଜ ( ହି. ଶ )—Shameless.
(ମୁକ୍ତଲଜ୍ଜା—ସ୍ତ୍ରୀ)

ମୁକ୍ତଶୃଙ୍ଗ—ସଂ. ବି ( ବହୁବ୍ରୀହି )—ରୋହି ମାଛ ( ହି. ଶ )—
Muktaśruṅga Rohi fish.

ମୁକ୍ତସଙ୍ଗ—ସଂ. ବିଣ. ପୁଂ ( ବହୁବ୍ରୀହି, ମୁକ୍ତ ହୋଇଅଛି ସଙ୍ଗ ବା
Muktasaṅga ବିଷୟାସକ୍ତି ଯାହାଙ୍କ ଦ୍ୱାରା )—୧ । ବିଷୟସଙ୍ଗତ୍ୟାଗୀ; ବିଷୟାସକ୍ତିବର୍ଜିତ—1. Freed from worldly attachment. ୨ । ନିସ୍ପୃହ; ବାସନାରହିତ —2. Disinterested. ବି—ପରିବ୍ରାଜକ—An itinerant recluse.

ମୁକ୍ତସାର—ସଂ. ବି—କଦଳୀ ଗଛ ( ହି. ଶ )—
Muktasāra Plantain tree.

ମୁକ୍ତ ହସ୍ତ—ସଂ. ବି ( କର୍ମଧା; ମୁକ୍ତ+ହସ୍ତ )—୧ । ମୁଠା ହୋଇ ନ
Mukta hasta ଥିବା ହାତ—1. Open palm. ୨ । ଦାନ (ବହୁମୁଷ୍ଟି—ବହୁଦାନ) କରିବାକୁ ଅକୁଣ୍ଠିତ ହସ୍ତ—2. A free or munificent hand. ବିଣ. ପୁଂ (ବହୁବ୍ରୀହି)—(ମୁକ୍ତହସ୍ତା—ସ୍ତ୍ରୀ) ଯେ ବ୍ୟୟ କରିବାକୁ କୁଣ୍ଠିତ ନୁହେଁ; ଦାନଶୀଳ; ବଦାନ୍ୟ—Liberal; munificent; open-handed.

ମୁକ୍ତ ହସ୍ତତା—ସଂ. ବି ( ମୁକ୍ତ ହସ୍ତ+ଭାବ ତା )—ବଦାନ୍ୟତା—
Mukta hastatā Munificence.

ମୁକ୍ତା—ସଂ. ବି (ମୁକ୍ତ+ସ୍ତ୍ରୀ. ଆ)—୧ । ମୋତି; ଶୁକ୍ତିରୁ ବା ଶାମୁକାରୁ
Muktā ଜାତ ମଣି—1. Pearl. [ଦ୍ର—ଏଥିର ଅପଭ୍ରଂଶ ମୁକୁତା । ହିନ୍ଦୁଶାସ୍ତ୍ର ଅନୁସାରେ ମୁକ୍ତା ଶୁକ୍ତି ବା ଶାମୁକା, ଶଙ୍ଖ, ଗଜମସ୍ତକ, ଭେକମସ୍ତକ (ମତାନ୍ତରରେ ମେଘ), ବରାହ ମସ୍ତକ, ସର୍ପମସ୍ତକ, ବେଣୁ ବା ବଂଶବୃକ୍ଷ ଓ ମତ୍ସ୍ୟମସ୍ତକରୁ ଉତ୍ପନ୍ନ ହୁଏ । ଏହା ନବରତ୍ନ ମଧ୍ୟରେ ଏକତମ । ଏହା ଅଳଙ୍କାରରେ ଲାଗେ ଏବଂ ଜାରିତ ଓ ଶୋଧିତ ହୋଇ ଔଷଧରେ ମଧ୍ୟ ବ୍ୟବହୃତ ହୁଏ । ] ୨ । ବେଶ୍ୟା—2. Harlot; prostitute. ୩ । ପୁଂଶ୍ଚଳୀ—3. An adulteress. ଦେ. ବି—ମୁକ୍ତାମଣି ନାମ୍ନୀ ସ୍ତ୍ରୀର ଡାକନାମ—Name for calling a woman, named Muktāmaṇi. ସଂ. ବିଣ. ସ୍ତ୍ରୀ ( ମୁକ୍ତର ସ୍ତ୍ରୀଲିଙ୍ଗ )—୧ । ନଗ୍ନା—1. Naked ( feminine). ୨ । ଅବଦ୍ଧା—2. Untied; loosened; unbound.

ମୁକ୍ତା କଳାପ—ସଂ. ବି ( ୬ଷ୍ଠୀ ତତ୍ )—୧ । ମୁକ୍ତା ସମୂହ—1. A
Muktā kalāp collection of pearls. ୨ । ମୁକ୍ତାହାର —2. A bead or string of pearls.

ମୁକ୍ତାକେଶୀ—ସଂ. ବି—ଏକପ୍ରକାର ଉତ୍କୃଷ୍ଟ ବାଇଗଣ ( ହି. ଶ )—
Muktākeśi A kind of excellent brinjal.

ମୁକ୍ତା ଖଚିତ—ସଂ. ବିଣ (ତୃତୀୟା ତତ୍)—ଯେଉଁ ଅଳଙ୍କାରରେ ମୋତି
Muktā khachita ବସିଅଛି—Set with pearls.
(ମୁକ୍ତା ଜଡ଼ିତ—ଅନ୍ୟରୂପ)

ମୁକ୍ତାଗାର—ସଂ. ବି ( ୬ଷ୍ଠୀ ତତ୍, ମୁକ୍ତା+ଅଗାର )—ଯେଉଁ ଶୁକ୍ତି
Muktāgāra ବା ଶାମୁକା ମଧ୍ୟରେ ମୁକ୍ତା ଜନ୍ମେ—(ମୁକ୍ତାଗୃହ, ମୁକ୍ତାପ୍ରସୂ, ମୁକ୍ତାମାତା—ଅନ୍ୟରୂପ) Pearl-oyster.

ମୁକ୍ତାତ୍ମା—ସଂ. ବି ( କର୍ମଧା, ମୁକ୍ତ+ଆତ୍ମନ୍, ୧ମା. ୧ବ )—ସଂସାର-
Muktātmā ରୂପ ବନ୍ଧନରୁ ମୁକ୍ତିପ୍ରାପ୍ତ ଆତ୍ମା—Soul emancipated from the bondage of matter.

ମୁକ୍ତାପନ୍ତି—ଦେ. ବି ( ସଂ. ମୁକ୍ତାପଂକ୍ତି )—ଧାଡ଼ି ଧାଡ଼ି ସଜ୍ଜିତ ମୋତି
Muktāpanti —Row of pearls.
মুক্তার সারী मुक्तापन्ति

ମୁକ୍ତା ଫଳ—ସଂ. ବି ( ରୂପକ )—୧ । ମୁକ୍ତା; ମୌକ୍ତିକ—1. Pearl.
Muktā phala ୨ । ସୀତାଫଳ; ଆତ—2. The custard apple. ୩ । କର୍ପୂର—3. Camphor. ୪ । ବୋପଦେବ କୃତ ଗ୍ରନ୍ଥବିଶେଷ—4. Name of a treatise by Bopadeba. ୫ । ନଅର କୋଳି ( ହି. ଶ. ) ( ଦେଖ )—5. Na-ara koḷi ( See)

ମୁକ୍ତାବଳି—ସଂ. ବି ( ୬ଷ୍ଠୀ ତତ୍; ମୁକ୍ତାର ଅବଳି )—୧ । ମୁକ୍ତାସମୂହ—
Muktābaḷi 1. A collection of pearls. ୨ । ମୁକ୍ତାର ମାଳା—2. A string of pearls.

ମୁକ୍ତାଭା—ସଂ. ବି—ତ୍ରିପୁର ମଲ୍ଲିକା ( ହି. ଶ )—
Muktābhā Treble-petalled jasmine.

ମୁକ୍ତା ମଜା(ଞ୍ଜି)—ଦେ. ବ—ରିଠା ( ଦେଖ )—Ritha ( See )
Muktā majā(ñji) रिठा रिठा(ठी)

ମୁକ୍ତାମଣି—ସ. ବ ( ରୂପକ )—ମୁକ୍ତା—Pearl. ଦେ. ବ. ସ୍ତ୍ରୀ—
Muktāmaṇi ସ୍ତ୍ରୀଙ୍କୁ ଦଅଯିବା ନାମ—A name given to females.

ମୁକ୍ତାମାଳା—ସ. ବ(୬ଷ୍ଠୀ ତତ୍, ମୁକ୍ତାର ମାଳା)—ମୁକ୍ତାଗ୍ରଥିତ ହାର—
Muktāmāḷā A necklace or string of pearls.
( ମୁକ୍ତାମାଳ—ଦେଶଜ ରୂପ )

ମୁକ୍ତା ମୋଦକ—ସ. ବ—ମୋତିଚୁର ଲଡ୍ଡୁ ( ହି. ଶ )—
Muktā modaka A kind of sweet meat ball.

ମୁକ୍ତାର୍—ବୈଦେ. ବ (ଅ.ମୁଖ୍ତାର୍)—୧ । ଅଦାଲତରେ ମକଦ୍ଦମାର
Muktār ଯାବତୀୟ କାର୍ଯ୍ୟ କରିବା ପାଇଁ ପକ୍ଷମାନଙ୍କ ପ୍ରତିନିଧି—
मोक्तार 1. A representative of a party in a
मुख्तार court. ୨ । ନିମ୍ନଶ୍ରେଣୀର ଆଇନ୍ ବ୍ୟବସାୟୀ—
ମୁକ୍ତିଆର } ଅନ୍ୟରୂପ 2. A lawyer of the lowest grade.
ମୁକ୍ତ୍ୟାର } ୩ । କ୍ଷମତାପ୍ରାପ୍ତ କାରପରଦାଜ; ଏଜେଣ୍ଟ୍—
3. Authorised agent. [ ଦ୍ର—ସାଧାରଣତଃ ସମସ୍ତ କାର୍ଯ୍ୟ କରିବା ପାଇଁ କ୍ଷମତାପ୍ରାପ୍ତ ବ୍ୟକ୍ତିଙ୍କୁ ଆମ୍-ମୁକ୍ତାର ଓ କାର୍ଯ୍ୟବିଶେଷ କରିବା ପାଇଁ କ୍ଷମତାପ୍ରାପ୍ତ ବ୍ୟକ୍ତିଙ୍କୁ ଖାସ୍ ମୁକ୍ତାର ବୋଲାଯାଏ । ]

ମୁକ୍ତା ଲତା—ସ. ବ ( ୬ଷ୍ଠୀ ତତ୍; ମୁକ୍ତାର ଲତା )—ମୁକ୍ତାଗ୍ରଥିତ
Muktā latā ହାର—A string of pearls.

ମୁକ୍ତା ଶାମୁକା—ଦେ. ବ ( ସ. ମୁକ୍ତା+ଶମ୍ବୂକ )—ମୁକ୍ତା ଶୁକ୍ତି
Muktā śāmukā ( ଦେଖ )—Muktā śukti ( See )
मुक्ता सिंपुक सीतुआ

ମୁକ୍ତା ଶୁକ୍ତି—ସ. ବ (ମ. ପ. ଲୋ; କର୍ମଧା+ମୁକ୍ତା ଉତ୍ପାଦିକା ଶୁକ୍ତି)—
Muktā śukti ଯେଉଁ ଶାମୁକାରେ ମୁକ୍ତା ଜନ୍ମେ—Pearl-
( ମୁକ୍ତା ଶମ୍ବୁକ—ଅନ୍ୟରୂପ ) oyster. [ ଦ୍ର—ଅନ୍ୟ ସଂ ନାମ—ମୁକ୍ତାସ୍ଫୋଟ, ମୁକ୍ତା ଗୃହ । ]

ମୁକ୍ତାସାର—ସ. ବ ( ୬ଷ୍ଠୀ ତତ୍; ମୁକ୍ତାର ସାର )—ଶ୍ରେଷ୍ଠ ମୁକ୍ତା—
Muktāsāra An excellent pearl.

ମୁକ୍ତାସ୍ଫୋଟ—ସ. ବ ( ମୁକ୍ତା+ସ୍ଫୁଟ୍ ଧାତୁ=ବିକଶିତ ହେବା+
Muktāsphoṭa ଅଧିକରଣ. ଅ; ଯାହା ମଧ୍ୟରେ ମୁକ୍ତା ବିକଶିତ ହୁଏ )—ମୁକ୍ତା ଶୁକ୍ତି; ଶାମୁକା—Oyster.

ମୁକ୍ତା ହାର—ସ. ବ ( ୬ଷ୍ଠୀ ତତ୍; ମୁକ୍ତାର ହାର )—ମୁକ୍ତାଗ୍ରଥିତ
Muktā hāra ହାର; ମୋତି ମାଳ—A necklace or
string of pearls. ବଣ. ପୁଂ ( ବହୁବ୍ରୀହି; ମୁକ୍ତ ହୋଇଅଛି ଆହାର ଯହିଁରେ )—ଉପବାସ—Fasting.

ମୁକ୍ତି—ସ. ବ—( ମୁଚ୍ ଧାତୁ=ବନ୍ଧନ ଫିଟାଇବା+କ୍ତିବ ଭ )-
Mukti ୧ । କାରାମୋଚନ—1. Deliverance from
cofinement. ୨ । ବନ୍ଧନ ମୋଚନ—2. Liberation from bondage. ୩ । ନିସ୍ତାର; ଦୁଃଖ-ନିବୃତ୍ତି; ଦୁଃଖର ବା ବିପଦରୁ ଉଦ୍ଧାର—3. Cessation of pain or trouble; deliverance from pain
or danger. ୪ । ପରିତ୍ରାଣ; ମୋକ୍ଷ; କୈବଲ୍ୟ; ଅପବର୍ଗ—4. Final beatitude attained by the soul; salvation. ୫ । ଜନ୍ମମରଣରୂପ ସଂସାର ବନ୍ଧନରୁ ନିମ୍ମୁକ୍ତି; ପରଜନ୍ମରୂପ ବନ୍ଧନରୁ ଉଦ୍ଧାରପ୍ରାପ୍ତି—5. The liberation of the soul from the necessity of rebirth in future. ୬ । ସ୍ୱାଧୀନତା ଲାଭ—6. Emancipation; attainment of freedom.

ମୁକ୍ତିଆର—ବୈଦେ. ବ—ମୁକ୍ତାର୍ ( ଦେଖ )
Muktiāra Muktār ( See )

ମୁକ୍ତିଆରଖାନା—ବୈଦେ. ବ ( ଅ. ମୁଖ୍ତାର୍‌ଖାନାହ୍ )—କଚେରି
Muktiārakhānā ସମୟରେ ମିସିଲରେ କାର୍ଯ୍ୟ କରୁ ନ ଥିବା
मोक्तारखाना ମୁକ୍ତିଆରମାନେ ଯେଉଁ ଗୃହରେ ବିଶ୍ରାମ କରନ୍ତି—
मुख्तारखाना The bar library for the muktars.
( ମୁକ୍ତା[କ୍ତ୍ୟା]ରଖାନା—ଅନ୍ୟରୂପ )

ମୁକ୍ତିଆର ନାମା—ବୈଦେ. ବ ( ଅ. ମୁଖ୍ତାର୍ ନାମା )—୧ । ଯେଉଁ
Muktiāra nāmā ଦଲିଲଦ୍ୱାରା ପକ୍ଷ କୋର୍ଟରେ ଆପଣାର ପକ୍ଷ
मोक्तार नामा ସମର୍ଥନ କରିବା ପାଇଁ ମୁକ୍ତିଆର ନିଯୁକ୍ତ କରେ—
मुख्तार नामा 1. A power of attorney given by a
party to his muktar. ୨ । କ୍ଷମତାପତ୍ର—
2. Power of attorney. [ ଦ୍ର—ସାଧାରଣ କାର୍ଯ୍ୟ ପାଇଁ ପ୍ରଦତ୍ତ କ୍ଷମତାପତ୍ରକୁ ଆମ୍ ମୁକ୍ତିଆରନାମା ଓ କାର୍ଯ୍ୟ ବିଶେଷ ପାଇଁ ପ୍ରଦତ୍ତ କ୍ଷମତାପତ୍ରକୁ ଖାସ୍ ମୁକ୍ତିଆର ନାମା ବୋଲାଯାଏ । ]

ମୁକ୍ତିଆରି—ବୈଦେ. ବ—୧ । ମୁକ୍ତିଆରଙ୍କ କାର୍ଯ୍ୟ—1. Muk-
Muktiāri tarship. ୨ । ଅଦାଲତରେ କୌଣସି ବ୍ୟକ୍ତିର
मोक्तारी मुख्तारी ମୁକ୍ତାରସ୍ୱରୂପ ପକ୍ଷ ସମର୍ଥନ—2. Pleading
( ମୁକ୍ତା[କ୍ତ୍ୟା]ରି—ଅନ୍ୟରୂପ ) the cause of a person
in the court as his muktar. ବଣ—୧ । ମୁକ୍ତାରସମ୍ବନ୍ଧୀୟ—1. Relating to a muktar. ( ଯଥା—ମୁକ୍ତିଆରି ପରୀକ୍ଷା । ) ୨ । ମୁକ୍ତାରଙ୍କ ଉପଯୋଗୀ—2. Becoming or befitting a muktear. ( ଯଥା—ମୁକ୍ତିଆରି ପୋଷାକ । )

ମୁକ୍ତିଆରିଆ—ଦେ. ବଣ—ମୁକ୍ତିଆରି ( ଦେଖ )—Muktiāri
Muktiāriā मोक्तारी मुख्तारी ( See )
( ମୁକ୍ତା[କ୍ତ୍ୟା]ରିଆ—ଅନ୍ୟରୂପ )

ମୁକ୍ତି କଇବଲ(ଲ୍ୟ)—ଗ୍ରା. ବ ( ସ. ମୁକ୍ତିକୈବଲ୍ୟ )—କୈବଲ୍ୟ
Mukti kaibala( lya ) ମୁକ୍ତି—Final beatitude
कैवल्य मुक्ति attained by the human soul. ( ଉ—
कैवल्य मुक्ति ତୋହର ଅଙ୍ଗ ଲାଗି ଭୁଲ, ଲୋକ ସେ ମୁକ୍ତି କଇବଲ—ଯଶୋବନ୍ତ. ପ୍ରେମଭକ୍ତି ବ୍ରହ୍ମଗୀତା । )

ମୁକ୍ତିକ୍ଷେତ୍ର—ସ. ବ—(ମ. ପ. ଲୋ; ମୁକ୍ତିପ୍ରଦ କ୍ଷେତ୍ର)—୧ । ବାରାଣସୀ
Mukti kshetra (ତୁ. ଶ.)—1. Benares. ୨ । ଜାଜପୁର ନଗରରେ ପ୍ରାଚୀନ ତୀର୍ଥ, ଯହିଁର ଅନ୍ୟ ନାମ ବିରଜା-

ତୀର୍ଥ ସ୍ଥାନ (ହି. ଶ,—2. Name of a place of Hindu pilgrimage on the Kāberi river.

ମୁକ୍ତି ତୀର୍ଥ—ସଂ. ବି—୧ । ମୁକ୍ତିଦାତା (ହି. ଶ)-1. Saviour.
Mukti tirtha ୨ । ବିଷ୍ଣୁ (ହି. ଶ)—2. A name of Bishṇu.

ମୁକ୍ତିଦ—ସଂ. ବିଣ. ଓ ବି. ପୁଂ—(ମୁକ୍ତି+ଦା ଧାତୁ+କର୍ତ୍ତୃ. ଅ)—
Muktida ପରିତ୍ରାତା; ମୋକ୍ଷଦର୍ତ୍ତା—Deliverer; saviour.
(ମୁକ୍ତିଦାତା; ମୁକ୍ତିଦାୟକ—ଅନ୍ୟରୂପ)
(ମୁକ୍ତିଦା, ମୁକ୍ତିଦାତ୍ରୀ, ମୁକ୍ତିଦାୟିକା—ସ୍ତ୍ରୀ)

ମୁକ୍ତି ଦାନ—ସଂ. ବି—(୬ଷ୍ଠୀ ତତ୍)—୧ । ଅବ୍ୟାହତି ଦେବା;
Mukti dāna ମୁକୁଳାଇବା—1. Delivering. ୨ ।
(ମୁକ୍ତିପ୍ରଦାନ—ଅନ୍ୟରୂପ) ସାଂସାରିକ ଦୁଃଖର ବିନାଶକରଣ—
2. Deliverance from worldly troubles.

ମୁକ୍ତି ଧନ—ସଂ. ବି—(ରୂପକ)—ମୁକ୍ତିରୂପ ସମ୍ପଦ—Salvation or
Mukti dhana beatitude (compared to wealth).

ମୁକ୍ତି ପଞ୍ଜର—ଦେ. ବି.—ବ୍ରତ ବିଶେଷ—Name of religious
Mukti pañjara observance. [ଦ୍ର—ସମ୍ବତ୍ସରର ଅଦ୍ୟ ଦିନ ଫାଲ୍ଗୁନ ପୂର୍ଣ୍ଣିମାଠାରୁ ଆରମ୍ଭ କରି ପ୍ରତିମାସର ପ୍ରଥମ ଦିନ ଶ୍ରୀ ଭଗବାନଙ୍କର ଦ୍ୱାଦଶନାମାନୁସାରେ ଦ୍ୱାଦଶ ମୂର୍ତ୍ତି ନିର୍ମାଣ କରି ଭକ୍ତମାନେ ଏ ସାମ୍ବତ୍ସରିକ ବ୍ରତ ଅନୁଷ୍ଠାନ କରନ୍ତି । ମଦନମୋହନ. ତୀର୍ଥଦର୍ଶନ ୫ମ ।]

ମୁକ୍ତି ପତ୍ର—ଦେ. ବି—(କରଣଅର୍ଥ)—୧ । କୌଣସି ବ୍ୟକ୍ତିର ବନ୍ଧନ
Mukti patra ଅବରୁ ମୁକ୍ତି ପାଇବାର ନିଦର୍ଶନ ବା ଆଦେଶ-
মুক্তিপত্র मुक्तिपत्र, वाजदावी ଲିପି—1. An order for release. ୨ । କୌଣସି ସମ୍ପତ୍ତିରେ ବା ଧନରେ ଥିବା ଅପଣାର ଦାବିକୁ ବା ସ୍ୱତ୍ୱକୁ ଅନ୍ୟ ବ୍ୟକ୍ତିର ପକ୍ଷରେ ପରିତ୍ୟାଗ କରିବାର ନିଦର୍ଶନ ଦଲିଲ—2. A deed of release regarding any title or claim to a property; a deed of waiver of one's title or claim to a property.

ମୁକ୍ତି ପଥ—ସଂ. ବି (୬ଷ୍ଠୀ ତତ୍; ମୁକ୍ତିର ପଥ)—୧ । ପରିତ୍ରାଣର
Mukti patha ଉପାୟ—1. Means of salvation.
ମୁକ୍ତିପନ୍ଥା } —ଅନ୍ୟରୂପ ୨ । ଯେଉଁ ପଥ ଧରିଲେ ମନୁଷ୍ୟ
ମୁକ୍ତି ମାର୍ଗ } ମୁକ୍ତି ବା ମୋକ୍ଷ ଲଭେ—
2. The way to salvation.

ମୁକ୍ତି ପଦ—ସଂ. ବି (୬ଷ୍ଠୀ ତତ୍)—ଅପବର୍ଗ ରୂପ ଐଶ୍ୱର୍ଯ୍ୟ—
Mukti pada The state of attaining salvation,

ମୁକ୍ତି ପଶରା—ଦେ. ବି—ମୁକ୍ତିର ବା ମୋକ୍ଷର ସ୍ଥାନ; ମୁକ୍ତିଲାଭ କରିବା
Mukti paśarā ନିମନ୍ତେ ଆଶ୍ରୟ ବା ସହାୟ (ବ୍ୟକ୍ତି ବା ଦେବତା)
মুক্তি পসরা —A Deity or a person to whom one
मुक्तिका आधार clings for salvation.

ମୁକ୍ତି ପ୍ରଦ—ସଂ. ବିଣ. ଓ ବି. ପୁଂ—ମୁକ୍ତିଦ ( ଦେଖ )
Mukti prada Muktida (See)
(ମୁକ୍ତି ପ୍ରଦାୟକ—ଅନ୍ୟରୂପ) ସଂ. ବି—ସବୁଜ ମୁଗ (ହି. ଶ)—
The green variety of Muga (grain).
(ମୁକ୍ତି ପ୍ରଦା; ମୁକ୍ତି ପ୍ରଦାୟିକା—ସ୍ତ୍ରୀ)

ମୁକ୍ତି ପ୍ରାର୍ଥନା—ସଂ. ବି. (୬ଷ୍ଠୀ ତତ୍)—୧ । ମୋକ୍ଷ ପାଇବାପାଇଁ ଯାଚ୍ଞା
Mukti prārthanā 1. Prayer for salvation or release.

ମୁକ୍ତି ପ୍ରାର୍ଥୀ—ସଂ. ବିଣ. ପୁଂ (ମୁକ୍ତି+ପ୍ର+ଅର୍ଥ ଧାତୁ+କର୍ତ୍ତୃ. ଇନ୍
Mukti prārthī ୧ମା. ୧ବ)—ମୋକ୍ଷାଭିଳାଷୀ—Wishing
(ମୁକ୍ତି ପ୍ରାର୍ଥିନୀ—ସ୍ତ୍ରୀ) for deliverance or salvation.

ମୁକ୍ତି ଫଉ(ଫୌ)ଜ—ଦେ. ବି—ଗରିବ ଲୋକଙ୍କୁ ଓ ଦୁଶ୍ଚରିତ୍ର
Mukti phau (phau)ja ବ୍ୟକ୍ତିମାନଙ୍କୁ ସତ୍ଶିକ୍ଷା ଦେବା ଓ
মুক্তি ফৌজ मुक्ति फौज ସଦୁପାୟ ଅବଲମ୍ବନ କରାଇବା ପାଇଁ ପ୍ରଥମେ ଇଂଲଣ୍ଡରେ ଜେନେରଲ୍ ବୁଥ୍ ନାମକ ପାଦ୍ରୀଙ୍କ ଦ୍ୱାରା ପ୍ରତିଷ୍ଠିତ ଓ ପରେ ସଭ୍ୟ ଜଗତର ସର୍ବାଞ୍ଚଳରେ ପ୍ରତିଷ୍ଠିତ ଧର୍ମ ସମ୍ପ୍ରଦାୟ—The Oriya rendering of the "Salvation Army" started by the late General Booth.

ମୁକ୍ତି ମଣି—ଦେ. ବି.—ଶ୍ରେଷ୍ଠ ମୁକ୍ତିଦାତା—Supreme in grant-
Mukti maṇi ing salvation. [ଭ୍ର—ବ୍ରହ୍ମା ବୋଇଲେ ତାହା ଶୁଣି, ଶୁଣିମା ଦେଉ ମୁକ୍ତି ମଣି । ପ୍ରାଚୀ. ନିର୍ଗୁଣମାହାତ୍ମ୍ୟ ।]

ମୁକ୍ତିମଣ୍ଡପ—ସଂ. ବି.—(ମ. ପ. ଲୋ. କର୍ମଧା; ମୁକ୍ତିପ୍ରଦ ମଣ୍ଡପ)—
Mukti maṇḍapa ୧ । କାଶୀ ବିଶ୍ୱେଶ୍ୱର ମନ୍ଦିରର ଦକ୍ଷିଣ ପାର୍ଶ୍ୱସ୍ଥ ମଣ୍ଡପ—1. Name of a roofed open platform to the south of the Biśweśwara temple at Beneres. ୨ । ପୁରୀ ଜଗନ୍ନାଥ ମନ୍ଦିରର ଜଗମୋହନର ଦକ୍ଷିଣ ପାର୍ଶ୍ୱସ୍ଥ ମଣ୍ଡପ—2. Name of a rcofed open platform to the south of the temple of Jagarnnath at Puri. [ଦ୍ର—ପୁରୀ ଜଗନ୍ନାଥ ମନ୍ଦିରର ବେଢ଼ା ମଧ୍ୟସ୍ଥ ମୁକ୍ତି-ମଣ୍ଡପରେ ପୁରୀ ଜିଲ୍ଲାର ରାଜ ପ୍ରତିଷ୍ଠିତ ବ୍ରାହ୍ମଣ ଶାସନ-ମାନଙ୍କର ବୈଦିକ ବ୍ରାହ୍ମଣ ଓ ପଣ୍ଡିତମାନେ ବସନ୍ତି; ଅନ୍ୟ ବ୍ରାହ୍ମଣମାନେ ଏଠାରେ ବସିବାର ଅଧିକାରୀ ନୁହନ୍ତି । ଏହି ପଣ୍ଡିତମାନେ ସଭା କରି ହିନ୍ଦୁ ଧର୍ମର କର୍ମକାଣ୍ଡ ଓ ପ୍ରାୟଶ୍ଚିତ୍ତ ସମ୍ବନ୍ଧେ ବ୍ୟବସ୍ଥା ଦିଅନ୍ତି । ଏହି ମଣ୍ଡପରେ ଜଗନ୍ନାଥ ମହାପ୍ରଭୁଙ୍କ ଚଳନ୍ତି ପ୍ରତିମାଙ୍କର ଝୁଲଣ ଯାତ୍ରା ସମାହିତ ହୁଏ । ସମଗ୍ର ଉତ୍କଳରେ ଓ ଭାରତବର୍ଷରେ ପୁରୀର ମୁକ୍ତିମଣ୍ଡପ ପଣ୍ଡିତମାନଙ୍କ ବ୍ୟବସ୍ଥା ପ୍ରତି ହିନ୍ଦୁମାନଙ୍କର ବିଶେଷ ଆସ୍ଥା ଥାଏ । ଜଗନ୍ନାଥଙ୍କ ସେବା ପୂଜା ଓ ନୀତି ଆଦି ସମ୍ବନ୍ଧେ କୌଣସି ଜଟିଳ ପ୍ରଶ୍ନ ଉଠିଲେ ପୁରୀର ରାଜା ଓ ମନ୍ଦିରର ତତ୍ତ୍ୱାବଧାରକ ଏହି ମୁକ୍ତିମଣ୍ଡପ ପଣ୍ଡିତ ସଭାର ମତ ଲୋଡ଼ି ଥାଆନ୍ତି । ବର୍ତ୍ତମାନ ଏହି ମୁକ୍ତି ମଣ୍ଡପର ପଣ୍ଡିତ ସଭା ଜଗନ୍ନାଥ ମନ୍ଦିରର ବେଢ଼ା ମଧ୍ୟରେ ଗୋଟିଏ ପୁସ୍ତକାଗାର ପ୍ରତିଷ୍ଠା କରି ଏ ସଭାର ବ୍ୟବସ୍ଥାମାନ ଶାସ୍ତ୍ରାନୁସାରେ ଦିଆ ଯିବାର ଚେଷ୍ଟା କରୁଅଛନ୍ତି । ଏ ସଭା ବିଚାରର

ଲଙ୍କ ବାହାଦୁରଙ୍କୁ ଓ ଅନ୍ୟ ବଶିଷ୍ଟ ବ୍ୟକ୍ତିମାନଙ୍କୁ ଯୋଗ୍ୟତା ଅନୁସାରେ ଉପାଧିମାନ ଦେବାର ପ୍ରଥା ଚଳାଇ ଅଛନ୍ତି । ଭୋଇ ବଂଶୀୟ ପ୍ରଥମ ରାଜା ରାମଚନ୍ଦ୍ର ଦେବଙ୍କର ସ୍ୱଳ୍ପବୟ ୧୪ ଅଙ୍କରେ ବା ୧୫୮୦ ଖ୍ରୀଷ୍ଟାବ୍ଦରେ ଅକବରଙ୍କ ହିନ୍ଦୁ ସେନାପତି ରାଜା ମାନସିଂହଙ୍କ ସ୍ତ୍ରୀ ଗୌରବାଣୀ ଏହି ମୁକ୍ତି ମଣ୍ଡପ ନିର୍ମାଣ କରାଇ ଥିଲେ ।]

ମୁକ୍ତି ମୁକ୍ତା—ସଂ. ବ—ଶିଲା ରସ (ହୁ. ଶ)—
Mukti mukta Styrax or benzoin.

ମୁକ୍ତି ଲାଭ—ସଂ. ବ—ମୋକ୍ଷପ୍ରାପ୍ତି; ମୋକ୍ଷଲାଭ—The attainment of salvation.
Mukti lābha

ମୁକ୍ତେଶ୍ୱର—ସଂ. ବ—ଶିବଲିଙ୍ଗ ବଶେଷ (ହୁ. ଶ)—
Mukteśwara Name of an image of Śiba.
[ଦ୍ର—ଭୁବନେଶ୍ୱରରେ ମୁକ୍ତେଶ୍ୱର ନାମକ ଗୋଟିଏ ଶିବ ଲିଙ୍ଗ ଅଛନ୍ତି ।]

ମୁଖ୍ଲିସ୍—ବେଦେ. ବ—୧ । (ଫା. ମୁଫ୍ଲିସ)—୧ । ଦରିଦ୍ର ବ୍ୟକ୍ତି
Mukh-lis 1. A poor man. ୨ । (ଲକ୍ଷଣାର୍ଥ) ଅବିବାହିତ
मुफलीस मुफलिस पुରୁଷ—2. (figurative) A bachelor.
୩ । (ଫା. ମୁଖନ୍ନସ)—ନପୁଂସକ—3. An eunoch.

ମୁଖ—ସଂ. ବ. (ଖନ୍ ଧାତୁ=ଖୋଳିବା+କର୍ମ. ଅ; ନିପାତନ)—
Mukha ୧ । ବଦନ; ମୁହଁ; ଆନନ—1. Face. ୨ । ପାଟି; ତୁଣ୍ଡ; ବକ୍ତ୍ର; ବାକ୍ୟ ନିଃସରଣର ଓ ଭୋଜ୍ୟ ଗ୍ରହଣର ଦ୍ୱାର—2. Mouth. ୩ । ପ୍ରବେଶ ମାର୍ଗ; ଗୃହାଦିର ଦ୍ୱାର—3. The door or entrance of a house. ୪ । ନିଃସରଣ ପଥ—4. Exit; the way out. ୫ । ଛିଦ୍ର—5. Aperture; hole. ୬ । ସୂତ୍ରପାତ; ଆରମ୍ଭ—6. Beginning; commencement. ୭ । ନଳର ମୁହଁ ବା ପ୍ରବେଶ ପଥ—7. The mouth of a tube. ୮ । ଅଗ୍ରଭାଗ—8. Top. ୯ । ସୈନ୍ୟାଦିର ସମ୍ମୁଖ ଭାଗ—9. The van or advance guard of an army. ୧୦ । ଉପାୟ—10. Means. ୧୧ । ପାତ୍ରାଦିର ଧାର—11. The brim of a pot. ୧୨ । ବାକ୍ୟ; ବାକ୍; ଶବ୍ଦ—12. Word; sound; speech. ୧୩ । ନାଟକର ପୂର୍ବଭାଗ; ନାଟକାଦିର ସନ୍ଧି ବଶେଷ—13. Prologue; name of a preparatory or turning incident in a dramatic composition. ୧୪ । ସମ୍ମୁଖସ୍ଥ ବା ଆଗପାଖ—14. Front part; forepart of a thing. [ଉ—ବନ୍ଧି ଜଳନ୍ତ ଘରେ, ବୋଲେ ବାସ୍ୱଣେ ମାରେ, ଶୁଣି ଲକ୍ଷ୍ମଣ ନ ରହ ମୁଖେରେ—ଉଚ୍ଛ. ବୈଦେହୀଶବିଳାସ ।] ୧୫ । ପକ୍ଷୀର ଚଞ୍ଚୁ; ଥଣ୍ଟ—15. The beak of a bird. ୧୬ । ମୁଖ୍ୟ ବା ପ୍ରଧାନ ବ୍ୟକ୍ତି ବା ପଦାର୍ଥ—16. The chief (man or thing). [ଉ—ବେଦମାନଙ୍କରଟି ଅଗ୍ନି ହୋଇ ମୁଖ, ସେ ରୂପରେ ଗାୟତ୍ରୀ ଛନ୍ଦଙ୍କର ମୁଖ । କୃଷ୍ଣସିଂହ. ମହାଭାରତ. ସଭା ।] ୧୭ । ବୃକ୍ଷବଶେଷ; ଲବୁଜ ବୃକ୍ଷ; ହେଉଟ ଗଛ—17. The monkey jack tree. ୧୮ । ନଦୀର ମୁହାଣ—18. The mouth of a river. ୧୯ । (ଗଣିତ) କୌଣସି ଶ୍ରେଣୀର ପ୍ରଥମ ବା ଆଦ୍ୟ ସଂଖ୍ୟା—19. (Arithmetic) The first term in a progression. ୨୦ । (ଜ୍ୟାମିତି) ଚତୁର୍ଭୁଜବଶିଷ୍ଟ କ୍ଷେତ୍ରର ଭୂମିର ବପରୀତ ବାହୁ—20. (Geometry) The side opposite to the base of a quadrilateral figure. ୨୧ । ବେଦ (ହୁ. ଶ)—21. The Bedas. ୨୨ । ଜୀରା (ହୁ. ଶ)—22. Cumin seed. ୨୩ । ପାଣିକୁଆ (ହୁ. ଶ)—23. The small cormorant. ଦେ. ବ—୧ । ଫୋଟକ ବା ଘାଅ ଆଦିର ଅଗ୍ରଭାଗ—1. The forepart or head of a boil or sore. ୨ । କ୍ଷେତକୁ ଯେଉଁ ବାଟେ ପାଣି ପଶେ ବା କ୍ଷେତରୁ ଯେଉଁ ବାଟେ ପାଣି ବାହାରି ଯାଏ—2. The mouth of a field; the part by which water enters into and comes out of a field. ସଂ. ବଣ—୧ । ପ୍ରଧାନ—1. Chief. ୨ । ଆଦ୍ୟ—2. First.

ମୁଖ କଟୁ—ସଂ. ବଣ ( ବହୁବ୍ରୀହି; ମୁଖ ଅଟେ କଟୁ ଯାହାର )—କଟୁଭାଷୀ
Mukha kaṭu —Scurrilous.

ମୁଖ କଣ୍ଡୁ—ସଂ. ବ—କଥା କହିବା ପାଇଁ ଅତ୍ୟନ୍ତ ଇଚ୍ଛା ବା ଆଗ୍ରହ—
Mukha kaṇḍu Eager desire to speak.

ମୁଖ କବାଟି—ଦେ. ବ ( ସଂ. ମୁଖ+କପାଟ )—୧ । ଖଡ଼ୁଆଦିକୁ
Mukha kabāṭi ହାତରେ ବା ଗୋଡ଼ରେ ପିନ୍ଧିବା ପରେ
कबजा ଯେଉଁ କବାଟ ବା କବଜା ଦ୍ୱାରା ତାହା ମୁଦା ଯାଏ—
कबजा 1. The hinge that closes the bangle tightly around the wrist or leg. [ଉ—ବଳୟ ଏକ ପୃଥ୍ୱୀଦେବଙ୍କ ଥାଇଁ କେଉଁ କୁଣ୍ଡଳ ନିର୍ମିଣି × × × ବନାଣି ବସାଇ ମୁଖ କବାଟ ଯେ । ଉଚ୍ଛ. ବୈଦେହୀଶବିଳାସ ।] ୨ । ମୂର୍ଚ୍ଛା ବା ରୋଗ
दाँतकपाटी
दान्ती ଆଦି ଯୋଗୁ ଦାନ୍ତପାଟି ବନ୍ଦ ହୋଇ ଯିବା—Lock-jaw

ମୁଖ କମଳ—ସଂ. ବ (ଉପମିତ )—ପଦ୍ମପରି ସୁନ୍ଦର ମୁଖ; ସୁନ୍ଦର ବଦନ
Mukha kamala —A face as beautiful as the lotus.

ମୁଖ କାନ୍ତି—ସଂ. ବ ( ୬ଷ୍ଠୀ ତତ୍; ମୁଖ+କାନ୍ତି )—ମୁଖଶ୍ରୀ; ମୁଖର
Mukha kānti ଶୋଭା—The beauty or grace of one's face.

ମୁଖ କୁଷ୍ଠ—ସଂ. ବ—ମୁଖ ଗଳିବା; ମୁଖରୋଗ ବଶେଷ—A
Mukha kushṭha leprosy of the face; Leontiasis.

ମୁଖ କୋଷ—ସଂ. ବ ( ୬ଷ୍ଠୀ ତତ୍; ମୁଖ+କୋଷ )—୧ ।
Mukha kosha ମୁଖାଚ୍ଛାଦନ—1. A covering for the

face. ୨ । ମୁଖା—2. A mask worn on the face.

ମୁଖ କ୍ଷତ—ସଂ. ବି (୭ମୀ ତତ୍; ମୁଖରେ କ୍ଷତ)—ଭୁଣ୍ଡ ଘା; ମୁହଁରେ
Mukha kshata · ଘାଆ—Mouth-sore.

ମୁଖ କ୍ଷୁର—ସଂ. ବି (୬ଷ୍ଠୀ ତତ୍)—ଦାନ୍ତ (ହି. ଶ)
Mukha kshura Tooth

ମୁଖ ଖୋଲିବା—ଦେ. କ୍ରି—ପାଟି ଫିଟାଇବା; କଥା କହିବା—
Mukha kholibā To begin to speak; to open
মুখ খোলা मुँह खोलना one's mouth.

ମୁଖ ଗନ୍ଧ—ସଂ. ବି (୬ଷ୍ଠୀ ତତ୍)—ଅପରିଷ୍କୃତ ପାଟିରୁ ବାହାରିବା
Mukha gandha ପୂତି ଗନ୍ଧ—Ozostomia; foul smell
(ମୁଖଦୁର୍ଗନ୍ଧ—ଅନ୍ୟରୂପ) issuing from the mouth.

ମୁଖ ଗନ୍ଧକ—ସଂ. ବି (ମୁଖ+ଗନ୍ଧ+କ)—ପଲାଣ୍ଡୁ; ପିଆଜ—
Mukha gandhaka Onion.

ମୁଖ ଗହ୍ୱର—ସଂ. ବି—ପାଟି—The mouth; the cavity of
Mukha gahwara the face.

ମୁଖ ଗୋଳ—ଦେ. ବି—ପାଟି; ଖୋସା (ଶବ୍ଦ)—Noise. [ଉ
Mukhagoḷa —ଇନ୍ଦ୍ରର ଭୁଜରେ ଦେବବଳ, ତଳନ୍ତେ ଶୁଭେ
গোলমাল हल्ला ମୁଖଗୋଳ । ଜଗନ୍ନାଥ. ଭାଗବତ । ]

ମୁଖଘଣ୍ଟା—ସଂ. ବି- ହୁଳହୁଳି ଧ୍ୱନି—A ticking sqeaking sound
Mukha ghantā uttered by moving the tongue repeatedly between the lips while shouting (made by Indian women on auspicious occasions).

ମୁଖ ଚନ୍ଦ୍ର—ସଂ. ବି (ଉପମିତ)—ଚନ୍ଦ୍ର ସଦୃଶ ମନୋହର ମୁଖ—
Mukha chandra A face as lovely as the moon.

ମୁଖଚାଳି—ପ୍ରାଦେ (ସାଜପୁର) ବି—ମୁଖଶାଳା (ଦେଖ)
Mukha chāḷi Mukhasāḷā (See)

ମୁଖ ଚାହିଁବା—ଦେ. କ୍ରି—୧ । କୌଣସି ବ୍ୟକ୍ତିର ମୁହଁକୁ ଦେଖିବା
Mukha chāhiñbā —1. To see a person's face.
ମୁଖ ଦରଶନ କରିବା } ଅନ୍ୟରୂପ ୨ । କୌଣସି ବ୍ୟକ୍ତିକୁ
ମୁଖ ଦେଖିବା } ଦେଖିବା—2. To see a
মুখচাওয়া, মুখদেখা person. ୩ । କୌଣସି ବ୍ୟକ୍ତିକୁ ଅପଣାର
मुँह देखना ସମ୍ମୁଖରେ ଦେଖିବା—3. To see a person face to face. [ ବ୍ର—କୌଣସି ବ୍ୟକ୍ତି ପ୍ରତି ବିରକ୍ତ ହେଲେ ଓ ତାକୁ ଆଉ ଦେଖିବାକୁ ଇଚ୍ଛା ନ କଲେ ବିରକ୍ତିରେ ଲୋକେ କହି ଥାଆନ୍ତି "ମୁଁ ଆଉ ତୋ ମୁଖ ଚାହିଁବି ନାହିଁ ।" ଗୋଟିଏ ଲୌକିକ ବିଶ୍ୱାସ ଅଛି ଯେ ବ୍ୟକ୍ତିବିଶେଷଙ୍କ ମୁଖକୁ ସକାଳୁ ଉଠି ଦର୍ଶନ କଲେ ସେ ଦିନଟି ସୁଖମୟ ହୁଏ ଓ ବ୍ୟକ୍ତିବିଶେଷଙ୍କ ମୁଖ ଦେଖିଲେ ସେଦିନ ଅମଙ୍ଗଳ ଘଟିଥାଏ । ଅତି ପ୍ରିୟତମ ବ୍ୟକ୍ତିକୁ ଦେଖିଲେ ମନୁଷ୍ୟ ସୁଖୀ ହୁଏ । ଏଥିପାଇଁ ଦର୍ଶକ କହେ "ତୋ ମୁଖ ଚାହିଁଲେ ମୋ ଦୁଃଖ ଯାଏ" । ]

ମୁଖଚୁମ୍ବ—ସଂ. ବି (ମୁଖ+ଚର ଧାତୁ+କର୍ତ୍ତୃ. ଇନ; ୧ମା. ୧ବ)—
Mukhachāri ଜିହ୍ୱା—Tongue.

ମୁଖ ଚପଳ—ସଂ. ବଣ. ପୁଂ. (ବହୁବ୍ରୀହି)—୧ । ବହୁ ଭାଷୀ—
Mukha chapaḷa 1. Talkative. ୨ । କୁତ୍ସିତଭାଷୀ—
(ମୁଖ ଚପଳା—ସ୍ତ୍ରୀ) 2. Foul-mouthed.
(ମୁଖ ଚପଳତା, ମୁଖ ଚାପଲ୍ୟ—ବି)

ମୁଖ(ହୁଁ, ହୁଁ)ଚୋର (ରା)—ଦେ. ବଣ. ପୁଂ—୧ । ଲଜ୍ଜାଶୀଳ—
Mukha(hañ, huñ)chora(rā) 1. Bashful. ୨ ।
মুখ চোর ଭୀରୁ—2. Chicken-hearted. (ଉ—ନାତୁଣୀଲେ
मुहँ चोर ଦେଲେ ନାହିଁ ସେ ଶୋଣିତ ହେଲେ ସବୁ ମୁଖ ଚୋର ।
ଉକ.ଗ୍ରା. ଗୀତ ଲହରୀ ।) ୩ । ଯେଉଁ ବ୍ୟକ୍ତି ସଭାରେ ବା ଅନ୍ୟ ଅପରିଚିତ ବ୍ୟକ୍ତିମାନଙ୍କ ସମ୍ମୁଖରେ କିଛି କଥା କହି ପାରେ ନାହିଁ—3. (a person) Who has not the courage to speak out in a meeting or before a body of strangers.

ମୁଖ ଛ(ଚ୍ଛ)ବି—ସଂ. ବି. (୬ଷ୍ଠୀ ତତ୍; ମୁଖ+ଛବି)—ମୁଖ କାନ୍ତି—
Mukha chha(chchha)bi The beauty or grace of the face.

ମୁଖଜ—ସଂ. ବଣ. (ମୁଖ+ଜନ୍ ଧାତୁ+କର୍ତ୍ତୃ. ଅ)—ମୁହଁରୁ ଜାତ—
Mukhaja Born of the mouth. ବି-୧। (ବ୍ରହ୍ମାଙ୍କ ମୁଖଜାତ)
ବ୍ରାହ୍ମଣ—1. A Brāhmaṇa (born of the face of Brahmā). ୨ । ଦାନ୍ତ—2. Tooth.

ମୁଖ ଟେକିବା—ଦେ. କ୍ରି—ଲଜ୍ଜାଦି ଯୋଗୁଁ ଅବନତ ହୋଇଥିବା ମସ୍ତକକୁ
Mukha ṭekibā ଉପରକୁ ଉଠାଇବା—To lift up one's
মুখ তো(তু)লা face which has been bowed down
मुहँ उठाना through shame.

ମୁଖ ଡିଣ୍ଡିମ—ସଂ. ବି—ମୁଖଘଣ୍ଟା (ଦେଖ)—Mukhaghaṇṭā
Mukha ḍiṇḍima (See) (ଉ—ଏ କାଳେ ମୁଖ ଡିଣ୍ଡିମ ଶୁଭେ ଅନ୍ତଃପୁରେ । ଉକ୍ତ. ଲାବଣ୍ୟବତୀ ।)

ମୁଖଣ୍ଡ—ଦେ. ବଣ. (ସଂ. ମୁଖର)—ମୁଖର; ଯେ ଖୁବ୍ କହି ପାରେ—
Mukhaṇḍa Talkative; given to tall talking.
মুখড় मुखर

ମୁଖତଃ—ସଂ.ଅ(ମୁଖ+ତସ୍)—ମୁଖରୁ; ମୁହଁରୁ—From the mouth.
Mukhataḥ (ଯଥା—ରାଜା ମନ୍ତ୍ରୀଙ୍କ ମୁଖତଃ ଏ ସମ୍ବାଦ ପାଇଲେ । )

ମୁଖ(ଖୁ)ଦାନ୍ତ(ନ୍ତୁ)ରା—ଦେ. ବଣ. (ସଂ. ମୁଖ+ଦନ୍ତୁର)—ଈଷତ୍
Mukha(khu)dānta(ntu)rā ଦନ୍ତୁର (ବ୍ୟକ୍ତି); ଯେଉଁ
[ମୁଖ(ଖୁ)ଦାନ୍ତ(ନ୍ତୁ,ନ୍ତେ)ରୀ—ସ୍ତ୍ରୀ] ବ୍ୟକ୍ତିର ଉପର ପାଟିର ସମ୍ମୁଖଦାନ୍ତ
সামান্য দেঁতো ସାମାନ୍ୟରେ ଓଠ ଉପରକୁ ବାହାରି ପଡ଼ିଥାଏ—
थोड़ा दाँतुल A person who has his front teeth of the upper jaw protruding a little beyond the lips.

ମୁଖ ଦୂଷଣ—ସଂ. ବି—ପଲାଣ୍ଡୁ; ପିଆଜ—
Mukha dūshaṇa Onion.

ମୁଖ ଦୂଷିକା—ସ.ବି—ଯୁବକ ଯୁବତୀଙ୍କ ମୁହଁରେ ବାହାରିବା ଛୋଟ ବ୍ରଣ;
Mukha dūshikā ଚାଠ ବରୁଣ—Pimples coming out on the face of young persons; varus.

ମୁଖ ଦୂଷୀ—ସ. ବି—ରସୁଣ (ହି. ଶ)—
Mukha dūshi Garlic.

ମୁଖ ଧାବନ—ସ.ବି. (୬ଷ୍ଠୀ ତତ୍; ମୁଖ+ଧାବନ)—ମୁହଁ ଧୋଇବା; ମୁଖ
Mukha dhābana ପ୍ରକ୍ଷାଳନ—Washing of the face.

ମୁଖ ଧୌତ କରିବା—ଦେ. କ୍ରି—ପାଣି ଦ୍ୱାରା ପାଟିକୁ ଓ ମୁହଁକୁ ଧୋଇ
Mukha dhauta karibā ପରିଷ୍କାର କରିବା—To wash
মুখ ধৌত করা the face and rinse the mouth.
मुहँ धोना

ମୁଖ ଧୌତା—ସଂ. ବିଣ—ବ୍ରାହ୍ମଣ ଯଷ୍ଟିକା; ବାହ୍ମଣ ହାଟିଆ ଗଛ—
Mukha dhautā A plant, Saponanthus Indica.

ମୁଖ ନିବାସିନୀ—ସଂ. ବି. ସ୍ତ୍ରୀ—ସରସ୍ୱତୀ—The Hindu Goddess
Mukha nibāsini of learning.

ମୁଖ ନିରୀକ୍ଷକ—ସଂ. ବିଣ. ପୁଂ—୧ । ମୁଖ ଦର୍ଶନକାରୀ—1. Seeing
Mukha nirikshaka a face. ୨ । ପକ୍ଷପାତୀ—2. Partial. ୩ । ଅଳସ—3. Idle; indolent. ୪ । ଅଯଥାର୍ଥ ଦର୍ଶୀ—4. Looking at the wrong
(ମୁଖନିରୀକ୍ଷିକା—ସ୍ତ୍ରୀ) side of things.

ମୁଖ ନିରୀକ୍ଷଣ—ସଂ. ବି. (୬ଷ୍ଠୀ ତତ୍)—ମୁହଁ ଦେଖିବା—
Mukha nirikshana Seeing of a face.

ମୁଖ ନିର୍ଗତ—ସଂ. ବି. ( ୫ମୀ ତତ୍; ମୁଖ+ନିର୍ଗତ )—୧ । ମୁଖରୁ
Mukha nirgata ବାହାରିଥିବା—1. Come out of the
(ମୁଖ ନିଃସୃତ—ଅନ୍ୟରୂପ) face or mouth. ୨ । ଉଚ୍ଚାରିତ—2. Uttered.

ମୁଖ ପଖାଳିବା—ଦେ. କ୍ରି. (ସଂ. ମୁଖ ପ୍ରକ୍ଷାଳନ)—ମୁହଁ ଧୋଇବା—
Mukha pakhālibā To wash the face.
মুখ ধোওয়া मुँहधोना (ମୁହଁ ପଖାଳ—ବିଶେଷ୍ୟ)

ମୁଖପଟ—ସ. ବି ( ମ. ଗ. ଲେ )—ମୁହଁ ଘୋଡ଼ାଇବା ବସ୍ତ୍ର; ଓଢ଼ଣା
Mukhapaṭa ( ହି. ଶ )—Veil.

ମୁଖପଦ୍ମ—ସ. ବି ( ରୂପମିତ )—ମୁଖକମଳ ( ଦେଖ )
Mukhapadma Mukhakamala ( See )

ମୁଖପାତ—ଦେ. ବି ( ସ. ମୁଖ+ପତ୍ର )—ବାକ୍ସ, ସିନ୍ଦୁକ, ଆଲମାରି
Mukhapāta ଆଦିର ଚାବି ଗଳିବା ଛିଦ୍ର ଉପରେ ଦିଆଯିବା
মুখপাত ପାନ ଆକାରର ବା ତ୍ରିଭୁଜ ଆକାର ଧାତୁର ବା ଶିଙ୍ଗର
मुखपात ପାତିଆ—A thin triangular or heart-shaped plate put over the keyhole of a box or almirah.

ମୁଖପାତ୍ର—ସ. ବି ( କର୍ମଧା; ମୁଖ=ପ୍ରଧାନ+ପାତ୍ର=ବ୍ୟକ୍ତି )—
Mukhapātra ୧ । ପ୍ରତିନିଧି—1. A representative.
୨ । ଯେଉଁ ବ୍ୟକ୍ତି ଅନ୍ୟମାନଙ୍କ ପକ୍ଷରୁ କଥା କହେ—2. A person who is the mouthpiece of others. ୩ । ଅଗ୍ରଣୀ; ନେତା—3. A leader.
୪ । ପ୍ରଧାନ ବ୍ୟକ୍ତି; ମୁଖିଆ—4. A chief person; headman.

ମୁଖପିଡ଼କା—ସ. ବି—ଚାଠବରୁଣ ( ହି. ଶ )
Mukhapirdikā Varus.

ମୁଖପିଣ୍ଡ—ସଂ. ବି—ମୃତ ବ୍ୟକ୍ତିର ଉଦ୍ଦେଶ୍ୟରେ ଅନ୍ତ୍ୟେଷ୍ଟି କ୍ରିୟାରେ
Mukhapiṇḍa ପ୍ରଥମେ ପ୍ରଦତ୍ତ ପିଣ୍ଡ ( ହି. ଶ )—Offering of a cake of boiled rice to the ghost of a a deceased before the obsequal rites begin.

ମୁଖ ପୂରଣ—ସଂ. ବି—୧ । କୁଳୁକୁଳା ( ହି. ଶ )—1. Gargle.
Mukha pūraṇa ୨ । କୁଳୁକୁଳା କରିବା ପାଇଁ ମୁହଁରେ ପୂରାଯିବା ଜଳ ( ହି. ଶ )—2. Water filled up in the mouth for gargling.

ମୁଖ ପୋଛିବା—ଦେ. କ୍ରି ( ସଂ. ମୁଖ+ପ୍ରୋଞ୍ଛନ )—ମୁହଁରେ
Mukha pochhibā ଲାଗିଥିବା ଜଳକୁ ବା ଅଇଁଠାକୁ ବସ୍ତ୍ରଦ୍ୱାରା
মুখ মুছা ମାର୍ଜନା କରିବା; ମୁହଁ ପରିଷ୍କାର କରିବା—To cleanse
मुँह पोछना the face by rubbing it with cloth.

ମୁଖ ପୋଡ଼ା—ଗ୍ରା. ( ଗାଳି ) ବିଣ. ପୁଂ—ପୋଡ଼ାମୁହାଁ; ଦଗ୍ଧମୁଖ—
Mukha porḍā ( a term of abuse ) Having a
মুখ পোড়া मूँह जरुआ scorched face.

ମୁଖ ପ୍ରକ୍ଷାଳନ—ସଂ. ବି ( ୬ଷ୍ଠୀ ତତ୍ )—ମୁହଁ ଧୋଇବା—
Mukha prakshālana Washing of the face.

ମୁଖପ୍ରିୟ—ସଂ. ବିଣ (୬ଷ୍ଠୀ ତତ୍ )—ମୁଖରୋଚକ; ଖାଇବାକୁ ରୁଚି-
Mukhapriya କର—Toothsome; tasteful. ସଂ. ବି—
୧ । କାକୁଡ଼ି (ହି. ଶ)—1. Cucumber. ୨ । ନାରଙ୍ଗ ( ହି. ଶ )—2. A kind of sweetish orange.

ମୁଖ ଫିଟା(ଟେ)ଇବା—ଦେ. କ୍ରି—କଥା କହିବା—To open the
Mukha phiṭā(ṭe)ibā mouth; to speak.
মুখ খোলা मुँह खोलना ( ମୁହଁ ଫିଟିବା—ବିଶେଷ୍ୟରୂପ )

ମୁଖବନ୍ଦ—ଦେ. ବି (ସଂ. ମୁଖବନ୍ଧନ)—୧ । କଥା କହିବାର ସହିତ୍ୟ;
Mukhabandā ତୁଷ୍ଣୀଭାବ—1. Silence. ୨ । ମୁହଁରେ
মুখ বন্দ मुँह बन्द ଦଣ୍ଡା ମାରିବାଦ୍ୱାରା ବାକ୍‌ରୁଦ୍ଧ ରୋଧ—2 Gagging. ୩ । ମୁଖ ବନ୍ଧ ( ଦେଖ )—Mukha bandha ( See )

ମୁଖ ବନ୍ଦ କରିବା—ଦେ. କ୍ରି—୧ । କୌଣସି ବ୍ୟକ୍ତିକୁ କଥା କହିବାକୁ
Mukha banda karibā ଅଧିକାର ନ ଦେବା—1. To gag
মুখ বন্দ করা a person's mouth; not to allow a
मुँह बन्द करना person to speak. ୨ । କଥା କହିବାରୁ ବିରତ ହେବା—2. To cease speaking.

ମୁଖବନ୍ଧ—ସଂ. ବି—୧ । ପ୍ରସ୍ତାବନା; ଅବତରଣିକା; ଗ୍ରନ୍ଥାଦିର ଭୂମିକା
Mukhabandha ବା ଉପକ୍ରମଣିକା—1. Introduction to a book; preface. ୨ । ଦାନ, ପୁରସ୍କାରର ଅଙ୍ଗୀକାର, ଭୟପ୍ରଦର୍ଶନ, ଲାଞ୍ଚ ଆଦିଦ୍ୱାରା କୌଣସି ବ୍ୟକ୍ତିକୁ କଥା କୁହାଇ ନ ଦେବା—2. Stopping the

mouth of a person by threat, promise or reward; preventing a person from speaking.

ମୁଖ ବନ୍ଧନ—ସଂ. ବି—୧ । ସ୍ତମ୍ଭନ, ମୋହନ, ବଶୀକରଣାଦି ତାନ୍ତ୍ରିକ
Mukha bandhana ପ୍ରୟୋଗଦ୍ୱାରା କୌଣସି ବ୍ୟକ୍ତିର ବାକ୍‌ଶକ୍ତିକୁ ବନ୍ଦ କରିବା—The stoppage of a person's power of speech by employing charms. ୨ । ମୁହଁରେ କପଡ଼ା ମାରିବାଦ୍ୱାରା କୌଣସି ବ୍ୟକ୍ତିର ବାକ୍‌ଶକ୍ତିର ନିରୋଧନ—2. Gagging. ୩ । ମୁଖବନ୍ଧ (ଦେଖ)—3. Mukhabandha (See)

ମୁଖ ବଲ୍ଲଭ—ସଂ. ବି—ଡାଳିମ୍ବ ଗଛ—Pomegranate tree.
Mukha ballava ବିଣ—ମୁଖପ୍ରିୟ; ସୁସ୍ୱାଦକ—Delicious; tasteful.

ମୁଖ ବାଦ୍ୟ—ସଂ. ବି (ସ. ପ. ଲେ.)—୧ । ମୁହଁଦ୍ୱାରା ବଜାଯିବା ବାଦ୍ୟ
Mukha bādya (ଯଥା—ଶଙ୍ଖ, ମହୁରୀ)—1. A musical instrument played with the mouth. ୨ । ଶିବାର୍ଚ୍ଚନ ସମୟରେ ଉଚ୍ଚାରିତ 'ବମ୍' 'ବମ୍' ଶବ୍ଦ—2. Sound of Bom repeated while worship ping the God Śiba. ୩ । ବୁଲବୁଲ—3. Squeaking sound repeated by wagging the tongue.

ମୁଖ ବାସ—ସଂ. ବି—୧ । ପାନ ବାସିବା ନିମନ୍ତେ ବ୍ୟବହୃତ ସୁଗନ୍ଧ ଦ୍ରବ୍ୟ
Mukha bāsa (ଯଥା—ପାନ, କର୍ପୂର, ମସଲା ଆଦି)—1. Scents used to make the mouth fragrant. ୨ । ମୁଖର ରୁଚିକାରକ ଦ୍ରବ୍ୟ—Fragrant spices used in chewing. ୩ । ତରଭୁଜ ଲତା (ହି. ଶ.)—3. The water. melon creeper. ୪ । ଗନ୍ଧତୃଣ (ହି. ଶ.)—4. Andropogen Citratus plant.

ମୁଖ ବାସନ—ସଂ. ବି—ପାନ ଓ ମସଲା ଆଦି ଖାଇବାଦ୍ୱାରା ମୁଖର
Mukha bāsana ସୁଗନ୍ଧୀକରଣ—Act of making the mouth fragrant by chewing spices, scented gums, etc.

ମୁଖବାସିନୀ—ସଂ. ବି. ସ୍ତ୍ରୀ (ମୁଖ + ବସ୍ ଧାତୁ + ଇନ୍ + ଈ)—
Mukhabāsini ସରସ୍ୱତୀ (ହି. ଶ.)—The Goddess of learning.

ମୁଖବିଲୁଣ୍ଠିକା—ସଂ. ବି. ସ୍ତ୍ରୀ—ଛେଳି; ମାଈ ଛେଳି—
Mukhabilunṭhikā A she-goat.

ମୁଖ ବିଷ୍ଠା—ସଂ. ବି (ଯାହାର ମୁଖ ଦ୍ୱାରରେ ଦ୍ରବ୍ୟାଦି ବିଷ୍ଠା ପରି ଦୁର୍ଗନ୍ଧ
Mukha bishṭhā ହୁଏ)—ତେଲଚାଟିକା; ଅସରପା—Cockroath.

ମୁଖ ବୁଜିବା—ଦେ. କ୍ରି—ମୁଖ ବନ୍ଦ କରିବା; କଥା ନ କହିବା—
Mukha bujibā To shut up one's mouth.
মুখবোজা(মুজা) मुँह बंद करना

ମୁଖ ବ୍ୟଙ୍ଗ—ସଂ. ବି—ଉଙ୍ଗରୋଗ; ମୁହଁରେ ଦେଖାଯିବା ସାନ ସାନ
Mukhabyanga ଅସୁନ୍ଦର ଦାଗମାନ—Small blackish patches appearing on the face. [ ଦ୍ର—ବୈଦ୍ୟକମତରେ ଅଧିକ ପରିଶ୍ରମ ବା କ୍ରୋଧ ଯୋଗୁ ବାୟୁ ଓ ପିତ୍ତ ପ୍ରକୁପିତ ହୋଇ ଏ ଦାଗମାନ ପଡ଼ିଯାଏ; ଏଥିରେ କୌଣସି କଷ୍ଟ ହୁଏ ନାହିଁ; କିନ୍ତୁ ମୁହଁର ଶୋଭା କମିଯାଏ—ହି. ଶ. । ]

ମୁଖ ବ୍ୟାଦାନ—ସଂ. ବି (୬ଷ୍ଠୀ ତତ୍)—ପାଟି ଆଁ କରିବା; ପାଟିକୁ
Mukha byādāna ବିସ୍ତାର କରିବା—Yawning; gaping.

ମୁଖଭଙ୍ଗୀ—ସଂ. ବି (୬ଷ୍ଠୀ ତତ୍)—୧ । ମୁହଁର ଛଟକ—
Mukha bhangi 1 Facial expression making; faces. ୨ । ମୁହଁକୁ ବିକୃତ କରିବା—2. Distortion of the face.

ମୁଖ ଭଙ୍ଗୀ କରିବା—ଦେ. କ୍ରି—୧ । ମୁହଁକୁ ବକ୍ର କରିବା—1. To
Mukha bhangī karibā distort one's face.
মুখভঙ্গী করা ୨ । ଖେଚେଇ ହେବା—2. To make faces
मुख भङ्गी करना or mouths at,

ମୁଖ ଭାର(ରୀ)—ଦେ. ବି—ଅନ୍ତରର କ୍ରୋଧ ବା ଅଭିମାନ ଯୋଗୁ
Mukha bhāra(rī) ମୁଖକୁ ଗମ୍ଭୀର ବା ବିରସ କରିବା—
মুখ ভার मुहँ फुलाना Scowling; frowning;

ମୁଖ ଭୂଷଣ—ସଂ. ବି—ପାନ ଖିଲି—Betel prepared for
Mukha bhūshaṇa chewing.

ମୁଖ ମଣ୍ଡନ—ସଂ. ବି—୧ । ମୁହଁକୁ ଚନ୍ଦନ, ତେଲ ଓ ବେଶାଦି ଦ୍ୱାରା
Mukha maṇḍana ସଜାଇବା—Painting one's face with sandal paste, oil etc; the toilette of the face. ୨ । ମୁହଁକୁ ବେଶ କରିବା ନିମନ୍ତେ ବ୍ୟବହୃତ ଚନ୍ଦନ, ଗୋରୋଚନା, ସିନ୍ଦୂର ଆଦି—2. Articles (e.g. face powder, sandal paste) used for painting the face. ୩ । ମୁହଁର ଅଳଙ୍କାର—3. Ornament for the face. ୪ । ଯେଉଁ କବିତା ବା ଶ୍ଳୋକାଦି ମୁଖସ୍ଥ ରଖିବା ଉଚିତ (ପ୍ରକୃତିବାଦ)—4. Any couplet or sloka which should be committed to memory.

ମୁଖ ମଣ୍ଡଳ—ସଂ. ବି. (ରୂପକ)—୧ । ମୁଖ ପ୍ରଦେଶ; ସମଗ୍ର ମୁଖ—
Mukha maṇḍala 1. The whole face. ୨ । ପରିଧି ବିଶିଷ୍ଟ ମୁଖ—2. The orb of the face.

ମୁଖ ମଣ୍ଡଳୀୟ—ସଂ. ବିଣ—ମୁଖ ମଣ୍ଡଳ ସମ୍ବନ୍ଧୀୟ—Relating to
Mukha maṇḍaliya the whole face.

ମୁଖ ମଣ୍ଡଳୀୟ ପକ୍ଷାଘାତ—ଦେ. ବି. (ଅଧୁନିକ ପ୍ରୟୋଗ)—ଯେଉଁ
Mukha maṇḍaliya pakshāghāta ପକ୍ଷାଘାତ ରୋଗ
মুখ মণ্ডলীয় পক্ষাঘাত ମୁଖ ମଣ୍ଡଳକୁ ଆକ୍ରମଣ କରେ—
मुख मण्डलीय पक्षाघात Facial paralysis.

ମୁଖ ମଣ୍ଡଳୀୟ ସ୍ନାୟୁଶୂଳ—ଦେ. ବି. (ଅଧୁନିକ ପ୍ରୟୋଗ)—ମୁହଁକୁ
Mukha maṇḍaliya snāyusūla ଆକ୍ରମଣ କରିବା

ମୁଖ ମଣ୍ଡଳୀୟ ସ୍ନାୟୁଶୂଳ ସ୍ନାୟୁଶୂଳ ରୋଗ ବିଶେଷ—Facial neuralgia; Prosopolgia.
**मुख मण्डलीय स्नायुशूल**

ମୁଖ ମଣ୍ଡିକା—ସଂ. ବି—୧ । ବାଳ ରୋଗ ବିଶେଷ (ବୃ. ଶ)—1. A kind of infant disease.
Mukha mandikā
(ମୁଖ ମଣ୍ଡିକା—ସ୍ତ୍ରୀ) ୨ । ଉକ୍ତ ରୋଗର ଅଧିଷ୍ଠାତ୍ରୀ ଦେବୀ (ବୃ. ଶ)—2. The Goddess presiding over the above disease.
(ଉ—ଦୈତ୍ୟମାତା ବନ୍ଧ ବାଳକ ମାଂସ ଖାଇ, ମୁଖମଣ୍ଡିକା ସେ ବୋଲାଇଲେ ଏ ମର୍ତ୍ତ୍ୟ । କୃଷ୍ଣସିଂହ. ମହାଭାରତ.ବନ ।)

ମୁଖ ମଳ—ସଂ. ବି—ପାଟି ଭିତରେ ଜମିଥିବା—The dirt accumulating inside the mouth.
Mukha mala

ମୁଖ ମାଧୁର୍ଯ୍ୟ—ସଂ. ବି. ( ୬ଷ୍ଠୀ ତତ୍ ) – ଶ୍ଳେଷ୍ମାର ବିକାର ଜନିତ ପାଟିରେ ମଧୁର ସ୍ୱାଦ ଅନୁଭୂତ ହେବା ରୋଗ ବିଶେଷ (ଭାବ ପ୍ରକାଶ)—A kind of disease in which there is a sweet taste felt in the mouth.
Mukha mādhurjya

ମୁଖ ମାରୁତ—ସଂ. ବି. ( ମ. ପ. ଲୋ; ମୁଖ ନିଃସୃତ ମାରୁତ )—
Mukha māruta ଫୁତ୍କାର—Air blown through the mouth.

ମୁଖ ମୋଦ—ସଂ. ବି—୧ । ଶୋଭାଞ୍ଜନ; ସଜନା ଗଛ—1. A tree; Hyperananthera Morunga. ୨ । ଶଲ୍ଲକୀ ବୃକ୍ଷ (ବୃ. ଶ)—2. Boswellia Serrata (tree).
Mukha moda

ମୁଖମ୍ପଚ—ସଂ. ବି. (ମୁଖମ୍+ପଚ୍ ଧାତୁ+କର୍ତ୍ତୃ. ଅ, ଯେ ମୁଖ ଦ୍ୱାରା ପାକ କରେ)—୧। ଭିକ୍ଷୁକ—1. A beggar. ୨ । ଯାଚକ୍ଷିତା—2. A petitioner.
Mukhampacha

ମୁଖ ଯନ୍ତ୍ରଣ—ସଂ. ବି—ଲଗାମର କଡ଼ିଆଳ—1. The bit of a bridle. ୨ । ଘୋଡ଼ା ଅଦଳର ଲଗାମ (ମୁଖଯନ୍ତ୍ରଣ – ଅଶ୍ୱାଭୂଷ) (ବୃ.ଶ)—2. Bridle; reins
Mukha jantrana

ମୁଖର—ସଂ. ବିଣ. ପୁଂ. (ମୁଖ = ମୁଖ ଜନିତ ବାକ୍ୟ + ର ଅର୍ଥରେ ର)—୧ । ଅତି ଭାଷୀ; ବାଚାଳ—1. Garrulous; talkative. ୨ । ଅଗ୍ରଭାଷୀ—2. Speaking first. ୩ । କୁଭାଷୀ; ଅପ୍ରିୟଭାଷୀ; ଦୁର୍ମୁଖ; କଟୁଭାଷୀ—3. Scurrilous; foul mouthed. ୪ । ବଡ଼ ପାଟିଆ—4. Boisterous; turbulent. ୫ । ଅନ୍ୟମାନଙ୍କ ପ୍ରତିନିଧି ସ୍ୱରୂପ ଯେ କଥା କହେ—5. Speaking as the mouthpiece of others. ୬ । ଶବ୍ଦାୟମାନ—6. Vocal. (ଉ—ବାଜାକୁ ଯେ ମୁଖର ଭବନାଙ୍ଗନ କଲେ । ଉପ. ବୈଦେହୀଶବିଳାସ ।) ୭ । ଅଗ୍ରଗଣ୍ୟ; ପ୍ରଧାନ (ବ୍ୟକ୍ତି)—7. Leading; chief (person). ବି—୧। ଅଗ୍ରବର୍ତ୍ତୀ ବ୍ୟକ୍ତି; ନେତା—1. A leader. ୨ । ଶଙ୍ଖ—2. Conchshell. ୩ । କାକ—3. A crow.
Mukhara
(ମୁଖରା—ସ୍ତ୍ରୀ)
(ମୁଖରତା—ବି)

ମୁଖ ରକ୍ଷା—ଦେ. ବି—୧ । ମାନ ରକ୍ଷା—1. Saving of one's face; saving of one's prestige. ୨ । ଅନୁରୋଧ ରକ୍ଷା—2. Compliance with one's request.
Mukha rakshā
ମୁଖ ରକ୍ଷା
**मुहँकि लाज रक्षा**

ମୁଖ ରତି—ସଂ.ବି (୬ଷ୍ଠୀ ତତ୍ ) ଅସ୍ୱାଭାବିକ ଉପାୟରେ ଅନ୍ୟର ମୁଖ ସାହାଯ୍ୟରେ ଇନ୍ଦ୍ରିୟ ବୃତ୍ତି ଚରିତାର୍ଥ କରିବା କିମ୍ବା (ଅଶ୍ଳୀଳ—ଗୁହ୍ୟ ଚୁମ୍ବନ)—Act of unnatural sexual intercourse through the mouth.
Mukha rati

ମୁଖରିବା—ଦେ. କ୍ରି (ପଦ୍ୟ)—ଧ୍ୱନିତ କରିବା; ଶବ୍ଦାୟିତ କରିବା—To resound. (ଉ—ଯେସନ ମୁଖର ମୁଖରା ଶେଷ ଦ୍ୱାରା କଲରବେ । ରାଧାନାଥ. ବେଣୀସଂହାର ।)
Mukharibā
ମୁଖରା
**मुखरना**

ମୁଖରୀକରଣ—ସଂ. ବି. (ମୁଖର + ଅଭୂତ ତଦ୍ଭାବେ ଚ୍ୱି + କରଣ)—ଥଟ୍ଟା ତାମସା—Mockery; raillery.
Mukharīkarana

ମୁଖ ରୁଚି—ସଂ. ବି. (୬ଷ୍ଠୀ ତତ୍)--କୌଣସି ବ୍ୟକ୍ତିର ମୁହଁର ଶ୍ରୀ ମୁଖ ଶୋଭା—The beauty or grace of one's face.
Mukha ruchi
ମୁଖ ରୁଚି
**मुख रुचि** ଦେ.ବି (ସଂ. ମୁଖରୋଚକ)—ମୁଖର ରୁଚି ଜନକ, ମୁଖ ରୋଚକ—Tasteful; delicious-

ମୁଖରେ ପାଣି ନ ଥିବା—ଦେ. ବି—୧ । ମୁହଁରେ ସରସତା ନ ଥିବା-1. Disappearance of cheerfulness from the face ୨ । ନିର୍ଲଜ୍ଜ ହେବା—2 To be lost to all sense of shame. [ ଉ—ସେତେ ଅଛନ୍ତି ଭୂମି ସେନାରେ ରଥୀ ଶ୍ରେଣୀ । ତୁମ୍ଭ ସବୁ ମୁଖରେ ନାହିଁ ଅଛି ପାଣି । କୃଷ୍ଣସିଂହ ମହାଭାରତ. ଉ. ।]
Mukhare pāni nathibā
ମୁଖ ଶୁଖିୟେ ଯାଓୟା
**मुखमे पानी नही रहना**

ମୁଖ ରୋଗ—ସଂ. ବି—୧ । ମୁହଁର ବେମାରୀ—1. A disease affecting the face. ୨ । ପାଟିର ବେମାରୀ—2. Mouth-disease. [ଉ— ଓଠ, ଦାନ୍ତମୂଳ, ଦାନ୍ତ, ଜିଭ, ତାଳୁ ଓ ଗଳାରେ ହେବା ରୋଗକୁ ମୁଖ ରୋଗ ବୋଲାଯାଏ । ବୈଦ୍ୟଶାସ୍ତ୍ର ମତରେ ଏହାର ସଂଖ୍ୟା ୬୭ । ଓଠରେ ହେବା ରୋଗ ୮, ଦାନ୍ତମୂଳରେ ୧୬, ଦାନ୍ତରେ ୮, ଜିଭରେ ୫, ତାଳୁରେ ୯ ଓ କଣ୍ଠରେ ୧୮ ଓ ସମସ୍ତ ମୁଖରେ ୩ ପ୍ରକାର— ବୃ. ଶ.।]
Mukha roga

ମୁଖ ରୋଚକ—ସଂ. ବିଣ—ଖାଇବାକୁ ରୁଚିକର—Tasteful; delicious; toothsome.
Mukha rochaka

ମୁଖରୋଧ—ସଂ. ବି (୬ଷ୍ଠୀ ତତ୍ ) —ମୁଖ ବନ୍ଧନ (ଦେଖ) Mukha bandhana (See).
Mukharodha

ମୁଖ(ଖୋ, ଖୁ)ର୍ଜି(ର୍ଜ୍ୟା) —ଦେ. ବି—ବଙ୍ଗୀୟ ମୁଖୋପାଧ୍ୟାୟ ବ୍ରାହ୍ମଣଙ୍କ ଉପାଧି—A family title of Bengalee Brāhmanas.
Mukha(khā, khu)rji(rjyā)
**मधुर्जा, मखर्जी**
**मुखरजी**

**ମୁଖ ଲଜ୍ଜା**—ଦେ. ବ—ଚକ୍ଷୁଲଜ୍ଜା; ମୋହବତ; ଅନ୍ୟର ମନ ନେବା
Mukha lajja ପାଇଁ ଉତ୍କଣ୍ଠା—Regard for the
মুখলজ্জা मुखलज्जा feelings of a person; delicacy.
[ ଦ୍ର—କୌଣସି କାର୍ଯ୍ୟ କଲେ ବା କୌଣସି କଥା କହିଲେ କାଳେ ଅପଣା ସମ୍ମୁଖରେ ଉପସ୍ଥିତ ବ୍ୟକ୍ତି ବିରକ୍ତ ହେବେ, ଏହାକୁ ଭାବି କାର୍ଯ୍ୟ କରିବାକୁ ବା କହିବାକୁ ଚକ୍ଷୁଲଜ୍ଜା ବା ମୁଖଲଜ୍ଜା ବୋଲାଯାଏ । ]

**ମୁଖ ଲାଙ୍ଗଳ**—ସଂ. ବ ( ବହୁବ୍ରୀହି; ମୁଖ ଅଟେ ଲାଙ୍ଗଳ ଯାହାର; Mukha lāṅgala ଯେ ମୁହଁରେ ଭୂମି ଖାଡ଼େ )—
୧ । ବରାହ; ଶୂକର; ଘୁଷୁରି—1. Hog; boar. ୨ । କୁକୁର—2. Dog.

**ମୁଖ ଶଫ**—ସଂ. ବିଣ. ପୁଂ—ଦୁର୍ମୁଖ; କଟୁଭାଷୀ ( ହି. ଷ. )—
Mukha śapha Evil-tongued; foul-mouthed.

**ମୁଖ ଶଶୀ**—ସଂ. ବ ( ରୂପକ )—ମୁଖଚନ୍ଦ୍ର (ଦେଖ)
Mukha śaśī Mukhachandra (See)

**ମୁଖଶାଳା(ଳ)**—ସଂ. ବ—ଦେବତାଙ୍କ ରହିବା ମନ୍ଦିରର ସମ୍ମୁଖରେ ଲାଗି-
Mukhaśāḷā(lā) ଥିବା ଛୋଟ ମନ୍ଦିର—Vestibule; the entrance hall of a temple.

**ମୁଖ(ଖୁ)ଶାଳି**—ଦେ. ବ ( ସଂ. ମୁଖଶାଳା ବା ମୁଖ୍ୟଶାଳା )—
Mukha(khu)śāḷi ୧ । ଦେଉଳର ବିମାନ—1. The
বিমান, জগমোহম जगमोहन pyramidal top part of a temple.
( ଉ—ଉପର ମୁଖଶାଳଯାଏ, ଅନନ୍ତକଣ୍ଠ ସେ ବୋଲଏ- ଯଶୋବନ୍ତ ପ୍ରେମଭକ୍ତିବ୍ରହ୍ମଗୀତା । )
୨ । ମୁଖଶାଳା; ଜଗମୋହନ—
2. The entrance room to a temple.

**ମୁଖ ଶୁଖା(ଖେ)ଇବା**—ଦେ. କ୍ରି—ମୁହଁଦ୍ୱାରା ଦୁଃଖପ୍ରକାଶ କରିବା;
Mukha śukhā(khe)ibā ମୁହଁ ବିରସ କରିବା—
মুখশুকান मुहसुखाना To have a sorrowful face.
(ମୁଖଶୁଖିବା—ଅ)

**ମୁଖଶୁଦ୍ଧି**—ସଂ. ବ ( ୬ଷ୍ଠୀ ତତ୍ )—୧ । ମୁଖ ପ୍ରକ୍ଷାଳନ—
Mukha śuddhi 1. Washing of the face and the mouth. ୨ । ଦାନ୍ତଘଷିବା—2. Cleansing of the teeth. ୩ । ଖାଇ ସାରିବା ପରେ ମୁଖକୁ ସୁଗନ୍ଧୀକରଣାର୍ଥ ବ୍ୟବହୃତ ଗୁଆଗୁଣ୍ଡି ଆଦି ଦ୍ରବ୍ୟ—
3. Spices chewed after dinner to impart fragrance to the mouth.

**ମୁଖ ଶୋଧନ**—ସଂ. ବି (୬ଷ୍ଠୀ ତତ୍)—୧ । ମୁଖକୁ ପରିଷ୍କୃତ କରିବା-
Mukha śodhana 1 Cleansing of the mouth.
୨ । ମସଲାଆଦି ଖାଇବାଦ୍ୱାରା ମୁଖର ଦୁର୍ଗନ୍ଧ ନିବାରଣ—
2. The act of imparting fragrance to the mouth by chewing spices etc. ୩ ।
( ବହୁବ୍ରୀହି ) ପାନ ମସଲା ଆଦି ଯେଉଁ ପଦାର୍ଥମାନ ଖାଇବାଇଲେ ପାଟି ଦୁର୍ଗନ୍ଧ ହୁଏ ( ହି. ଷ )—
3. Spices etc which cause the mouth to smell sweet. ୪ । ଜାଇତ୍ରୀ ( ହି. ଷ. )—
4. Mace (spice).

**ମୁଖଶୋଧୀ**—ସଂ ବିଣ. ପୁଂ ( ମୁଖ + ଶୁଧ ଧାତୁ + କର୍ତ୍ତୃ. ଇନ୍, ୧ମ
Mukhaśodhī ୧ବ)—ଯାହା ମୁଖର ଦୁର୍ଗନ୍ଧ ନିବାରଣ
(ମୁଖଶୋଧକ—ଅନ୍ୟରୂପ) କରେ—Removing bad smell from the mouth. ସଂ. ବ. ପୁଂ—୧ । ମୁଖଶୋଧନ
୩ (ଦେଖ)—1. Mukhaśodhana 3 (See) ୨ । ଜଂଗଲ ଲେମ୍ବୁ—2. Citron (fruit).

**ମୁଖ ଶୋଭା**—ସଂ. ବ ( ୬ଷ୍ଠୀ ତତ୍; ମୁଖ + ଶୋଭା )—ମୁହଁର ସୌନ୍ଦର୍ଯ୍ୟ;
Mukha śobhā ଚେହେରାର ଶୋଭା—Beauty of the
(ମୁଖଶ୍ରୀ—ଅନ୍ୟରୂପ) feature; lustre of the countenance; the grace of one's face.

**ମୁଖଶୋଷ**—ସଂ. ବ—୧ । ପୀଡ଼ା ଯୋଗୁଁ ମୁହଁ ଶୁଖିଯିବା—
Mukha śosha 1. Dryness of the mouth occasioned by disease. ୨ । ଶୋଷ (ହି. ଷ)
—2. Thirst.

**ମୁଖଷ୍ଠିଲ**—ସଂ. ବିଣ ପୁଂ (ମୁଖ + ଷ୍ଠା ଧାତୁ + କର୍ତ୍ତୃ ଇଲ)—ଦୁର୍ମୁଖ—
Mukhashtbila Foul-mouthed.

**ମୁଖ ସମ୍ଭବ**—ସଂ. ବିଣ. ପୁଂ ( ବହୁବ୍ରୀହି )—ମୁଖରୁ ଜାତ—
Mukha sambhaba Produced from the mouth.
(ମୁଖସମ୍ଭବା—ସ୍ତ୍ରୀ) ସଂ. ବ ( ବ୍ରହ୍ମାଙ୍କ ମୁଖରୁ ଜାତ )—୧ ।
(ମୁଖସମ୍ଭୂତ—ଅନ୍ୟ ବିଣରୂପ) ବ୍ରାହ୍ମଣ—1. Brāhmaṇa.
୨ । କୁଷ୍ଠର ମୂଳ ( ହି. ଷ )—2. The root of Alpotaxis Auriculata

**ମୁଖସୁଧା**—ସଂ. ବ ( ମ. ପ. ଲୋ; କର୍ମଧା; ମୁଖ ଜାତ ସୁଧା )—୧ ।
Mukha sudhā ଛେପ—1. Spittle. ୨। ପାଟିର ନାଳ —2. Saliva.

**ମୁଖ ସୁରା(ର)**—ସଂ. ବ ( ମ. ପ. ଲୋ କର୍ମଧା; ମୁଖରୁ ଜାତ ସୁରା )—
Mukha surā(ra) ୧ । ଲାଳ—1. Saliva. ୨ । ଛେପ—2. Spittle. ୩ । ତାଳସୁରା; ତାଡ଼ି—3. Palm-toddy; datepalm toddy.

**ମୁଖ ସୂଚୀ**—ସଂ. ବ ( ବହୁବ୍ରୀହି )—ଅମ୍ବଡ଼ା ଗଛ ( ହି. ଷ )—
Mukha sūchī Hogplum tree.

**ମୁଖସ୍ତ**—ଗ୍ରା. ବିଣ ( ସଂ. ମୁଖସ୍ଥ )—ପଢ଼ିଥାଇଥିବା; ଯାହା ଘୋଷିକରି
Mukhasta ମନେ ରଖି ପ୍ରୟୋଜନ ବେଳେ ଆବୃତ୍ତି କରାଯାଇ
মুখস্ত (স্থ) ପାରେ, କଣ୍ଠସ୍ଥ—Learnt by rote; got by
कण्ठस्थ heart; committed to memory.

**ମୁଖସ୍ତ କରିବା**—ଗ୍ରା. କ୍ରି—୧ । ପଢ଼ିଥାଇବା —1. To get by
Mukhasta karibā heart; to commit to memory.
মুখস্ত(স্থ) করা ୨ । ଘୋଷିବା—2. To learn anything
कण्ठस्थ करना by rote.

**ମୁଖସ୍ଥ**—ସଂ. ବିଣ ( ମୁଖ + ସ୍ଥା ଧାତୁ + କର୍ତ୍ତୃ. ଅ)—୧। ପଢ଼ିହୋଇ-
Mukhastha ଥିବା; କଣ୍ଠସ୍ଥ—1. Committed to

memory; learnt by rote. ୨ । ମୁଖସ୍ଥିତ— 2. Situated or placed on the face or in the mouth ୩ । ମୌଖିକ; ବାହ୍ୟ; ଯାହା ଅନୁଭବ ବାହ୍ୟ— 3. External.

**ମୁଖସ୍ଥ କରିବା**—ଦେ. କ୍ରି—ଘୋଷିବା—To get by heart; to commit to memory.
Mukhastha kariba
ମুখস্থ করা कण्ठस्थ करना

**ମୁଖସ୍ରାବ**—ସଂ. ବ ( ମୁଖ + ସ୍ରୁ ଧାତୁ + କର୍ତ୍ତୃ. ଅ )—୧ । ଲାଳ— 1. Saliva. ୨ । କେତେକ ଶିଶୁଙ୍କ (ମୁଖୋସ୍ରାବ—ଅନ୍ୟରୂପ) ମୁହଁରୁ ଅତ୍ୟଧିକ ଲାଳ ବହିବା—2. Excessive salivation of some children. [ ଦ୍ର—ଏହା ଦୂଷିତ ସ୍ତନ୍ୟପାନ ଯୋଗୁଁ ହୁଏ । ସାଧାରଣ ବିଶ୍ୱାସ ଯେ, ଯେଉଁ ପିଲା ଗର୍ଭରେ ଥିବା ସମୟରେ ମାତାର ଦୋହଦଲାଳସା ଅପୂର୍ଣ୍ଣ ରହିଥାଏ, ସେ ପିଲାର ପାଟିରୁ ବହୁତ ଲାଳ ଗଡ଼େ । ]
Mukhasraba

**ମୁଖା**—ଦେ. ବ ( ସଂ. ମୁଖକୋଷ )—୧ । ମୁଖକୋଷ; ମୁଖାଚ୍ଛାଦନ; ଯାହା ପ୍ରଥମେ ଅବଧରେ ନିଜ ମୁହଁକୁ ଘୋଡ଼ାଇ ଅନ୍ୟ ଯେଉଁ କୃତ୍ରିମ ମୁଖ ପିନ୍ଧନ୍ତି—1. A mask worn on the face in masquerades. [ ଉ — ମୁଖାର ଯୋଗାଡ଼ ନାହିଁ ଅଛି ତାଙ୍କ ମୁଖ । ପ୍ରାଚୀ. ବ୍ରହ୍ମବୈବର୍ତ୍ତଗୀତା । ] ୨ । ବନ୍ୟବୃକ୍ଷବିଶେଷ [ ଦ୍ର—ଏହା ପାହାଡ଼ ଉପରେ ଥିବା ବୃକ୍ଷ ଯାଗାମାନଙ୍କରେ ଜନ୍ମେ । ] 2. Schebera Swietenioides ( Haines ). ଦେ. ବିଣ. ପୁଂ ( ଅନ୍ୟ ଶବ୍ଦ ସଙ୍ଗେ ପ୍ରଯୁଜ୍ୟ, ଯଥା ବାନର ମୁଖା )— ମୁଖଯୁକ୍ତ—Faced; having a face. କ୍ରି. ବିଣ ( ଅନ୍ୟ ଶବ୍ଦ ସଙ୍ଗେ ପ୍ରଯୁଜ୍ୟ ଯଥା—ଉତ୍ତର ମୁଖା; ପୂର୍ବମୁଖା )—କୌଣସି ଦିଗକୁ ମୁହଁ କରି—Facing towards; with face turned towards.
Mukha
ମୁଖୋଷ
मुखड़ा; चेहरा
गोलकालुरवडी
ମୁଖା
मुँहा
ମୁଖ
मुँह

**ମୁଖାକୃତି**—ସ. ବ—(୬ଷ୍ଠୀ ତତ୍; ମୁଖ + ଆକୃତି)—୧ । ମୁଖର ଗଢ଼ଣ— 1. The build of the face. ୨ । ଚେହେରା—2. Countenance; mien.
Mukhakruti

**ମୁଖାଗ୍ନି**—ସ. ବ.—(ମ, ପ୍ର ଲୋ କର୍ମଧା; ମୁଖରେ ପ୍ରଦତ୍ତ ଅଗ୍ନି)— ୧ । ଶବଦାହ କାଳରେ ଶବର ମୁହଁରେ ମୃତ ବ୍ୟକ୍ତିର ଆତ୍ମୀୟ (ଯଥା, ପୁଅ) ମନ୍ତ୍ର ପାଠ ପୂର୍ବକ ପ୍ରଥମେ ଯେଉଁ ଅଗ୍ନି ଦିଏ—1. Fire set to the face of a dead body by a relative of the deceased (such as the eldest son) at the time of setting fire to the funeral pyre. ୨ । ଶବ ଦାହ କାଳରେ ଶବର ମୁଖରେ ପ୍ରଥମେ ଅଗ୍ନି ଲଗାଇବା ରୂପ ସଂସ୍କାର ବିଶେଷ—2. The ritua of the first setting of the fire to the face of the dead body in cremation. ୩। (୬ଷ୍ଠୀ ତତ୍ ମୁଖ + ଅଗ୍ନି )—ଦାବାନଳ—3. Forest fire; forest conflagration. ୪ । ( ବହୁବ୍ରୀହି ) ବ୍ରାହ୍ମଣ—4. A Brahmana. ୫ । ଭୂତଗ୍ଣୀ— 5. Will-o-the-wisp. ୬ । ଯଜ୍ଞାଗ୍ନି—6. Sacrificial fire. ୭ । ଉଲ୍କାମୁଖୀ; ଏକପ୍ରକାର ବିଲୁଅ, ଯେଉଁ ଜନ୍ତୁ ପାଟି ମେଲା କରେ ପାଟିରୁ ନିଆଁ ପରି ଆଲୁଅ ବାହାରେ—7. A kind of jackal from whose mouth is said to issue a jet resembling fire.
Mukhagni

**ମୁଖାଗ୍ର**—ସ. ବ—( ୬ଷ୍ଠୀ ତତ୍ )—୧ । ଓଠ—1. Lip. ୨ । ଥୋମଣି—2. Snout. ୩ । କୌଣସି ବସ୍ତୁର ଅଗ ପାଖ (ବ୍ର. ଶ)—3. The front portion or side of a thing. ସ. ବିଣ—୧ । ମୁଖସ୍ଥ; କଣ୍ଠସ୍ଥ (ବ୍ର. ଶ)—1. Committed to memory; got by heart. ୨ । ଯେଉଁ ବିଷୟ ବା କଥା କୌଣସି ବ୍ୟକ୍ତିଙ୍କ ମୁହଁରୁ ବାହାରିବ ହେବାକୁ ପ୍ରସ୍ତୁତ ଥାଏ—2. (any matter) Which is on the point of being uttered by a person; which is on the tip of one's tongue.
Mukhagra

**ମୁଖାଚ୍ଛାଦନ**—ସ. ବ.—(୬ଷ୍ଠୀ ତତ୍; ମୁଖ+ଆଚ୍ଛାଦନ)—୧ । ଅବଗୁଣ୍ଠନ; ଓଢ଼ଣା—1. A veil. ୨ । (ମୁଖାବରଣ—ଅନ୍ୟରୂପ) ପାତ୍ରାଦିର ମୁହଁରେ ଘୋଡ଼ା ଯିବା ଢାଙ୍କୁଣି—2. A lid or covering for the month of a pot.
Mukhachchhadana

**ମୁଖାପସେକ**—ସଂ. ବ—(୬ଷ୍ଠୀ ତତ୍; ମୁଖ+ଅପସେକ)—୧ । ମୁହଁରେ ଲାଳ ଉଠିବା—1. Salivation. ୨ । ରୋଗ ବିଶେଷ; ମୁହଁ ନାଳେଇବା—2. Water brash; involuntary flow of saliva.
Mukhapaseka

**ମୁଖା ପିନ୍ଧିବା**—ଦେ. କ୍ରି—ମୁହଁରେ ଅନ୍ୟ ଗୋଟିଏ ମୁହଁର ପ୍ରତିକୃତି ପିନ୍ଧିବା—To wear a mask on the face. [ମୁଖା ବାନ୍ଧିବା, ମୁଖା ଲଗା (ଗେ)ଇବା—ଅନ୍ୟରୂପ]
Mukha pindhiba
মুখোষ পরা मुखडालगाना, चेहरालगाना

**ମୁଖାପେକ୍ଷା**—ସ. ବ. (୬ଷ୍ଠୀ ତତ୍; ମୁଖ+ଅପେକ୍ଷା)—୧ । କୌଣସି ବ୍ୟକ୍ତିର ଆଦେଶର ବା ଅନୁଗ୍ରହର ଅଥବା ସାହାଯ୍ୟର ପ୍ରତ୍ୟାଶା—1. Waiting for another's help or order or favour. ୨ । ପକ୍ଷପାତ— 2. Partiality. ୩ । ଅନୁରୋଧ—3. Request. ୪ । କୌଣସି ବିଷୟର ସୂଚନା ପାଇବା ପାଇଁ ଅନ୍ୟ ବ୍ୟକ୍ତିର ମୁହଁକୁ ଚାହିଁ ରହିବା—4. Watching another person's face or countenance (in order to get an indication of his or her wish from the countenance). ୫ । ଅନ୍ୟ ବ୍ୟକ୍ତିର ଅଧୀନ ( ବ୍ୟ ... ) (ବ୍ର. ଶ.)—5. Dependance on another.
Mukhapeksha

ମୁଖାପେକ୍ଷିତା—ସଂ. ବି ( ମୁଖାପେକ୍ଷିନ୍ + ଭାବ. ତା )—୧ । ପକ୍ଷପାତିତା
Mukhāpekshitā —1. Partiality. ୨ । ଅନ୍ୟର ମୁଖାପେକ୍ଷା କରିବାର ଭାବ—2. Dependence on another's favour. ୩। ଅନୁରୋଧ--3. Request.

ମୁଖାପେକ୍ଷୀ—ସଂ. ବିଣ. ପୁଂ ( ମୁଖାପେକ୍ଷା + ଇନ୍ ୧ମା. ୧ବ. ଏକ
Mukhāpekshī ସାଧାରଣତଃ ଅନ୍ୟ ଶବ୍ଦ ସଙ୍ଗେ ଯୁକ୍ତ ହୁଏ (ମୁଖାପେକ୍ଷକ—ଅନ୍ୟରୂପ) ଯଥା ପରମୁଖାପେକ୍ଷୀ, ସ୍ତ୍ରୀ ମୁଖାପେକ୍ଷୀ )
ମୁଖାପେକ୍ଷିଣୀ, ମୁଖାପେକ୍ଷିକା } ସ୍ତ୍ରୀ —୧ । ଅନୁଗ୍ରହ ପ୍ରତ୍ୟାଶୀ—1. Depending upon another's favour. ୨ । ଯେ ଅନ୍ୟର ମୁଖାପେକ୍ଷା କରେ—2. Waiting for another's favour or pleasure. ୩ । ପକ୍ଷପାତୀ—3. Partial. ୪ । ଯେ ଅନ୍ୟର ମୁହଁକୁ ଚାହିଁ ରହେ—4. Watching another's countenance. ୫ । ଅଧୀନ ( ହି. ଶ )—5. Dependant.

ମୁଖାବଲୋକନ—ସଂ. ବି ( ୬ଷ୍ଠୀ ତତ୍; ମୁଖ + ଅବଲୋକନ )—
Mukhābalokana ମୁଖ ନିରୀକ୍ଷଣ; ମୁହଁ ଦେଖିବା—The seeing of a person's face.

ମୁଖାମୟ—ସଂ. ବି ( ୬ଷ୍ଠୀ ତତ୍, ମୁଖ + ଆମୟ )—୧ । ମୁଖରୋଗ—
Mukhāmaya 1. Disease of the face or the mouth.

ମୁଖାମୁଖି—ଦେ. କ୍ରି. ବିଣ—ଦୁଇଜଣଙ୍କର ସାମନାସାମନି—
Mukhāmukhi Face to face; tete-a-tete.
মুখোমুখী मुँहामुँही ବି—ଦେଖା ସାକ୍ଷାତ୍—Interview.

ମୁଖାମୃତ—ସଂ. ବି ( ମ. ପ. ଲୋ; କର୍ମଧା; ମୁଖ ଜାତ ଅମୃତ )—
Mukhāmṛuta ୧ । ଥୋପ—1. Spittle. ୨ । ପାଟିର ଲାଳ—2. Saliva. ୩ । ମୁହଁରୁ ବାହାରିବା ବାକ୍ୟରୂପ ଅମୃତ—3. The ambrosia of words uttered from the mouth.

ମୁଖାରି—ଦେ. ବି—୧ । ସଙ୍ଗୀତର ରାଗିଣୀ ବିଶେଷ—1. Name of
Mukhārī a tune of songs. ୨ । ମୁହଁ—2. Face. ୩ । ଦାନ୍ତକାଠି—3. Fragmant of a twig to cleanse the teeth with. [ ଉ—ମହାବ୍ରହ୍ମ ମହିମା ସେ ଧୁଅନ୍ତି ମୁଖାରି । ସ୍ୱାମୀଭୋଇ. ବ୍ରହ୍ମନିରୂପଣ ଗୀତା । ]

ମୁଖାର୍ଜକ—ସଂ. ବି—ବନତୁଳସୀ ( ହି. ଶ )—
Mnkhārjaka The wild Basil plant.

ମୁଖାଲ(ଲି)ପ(ଫ)—ବୈଦେ. ବିଣ ( ଆରବୀ ) ( ଅ )—୧ ।
Mukhāla(li)pa(pha) ବିରୋଧୀ (ବ୍ୟକ୍ତି)—1. Adverse;
मुखालिफ antagonistic. ୨ । ଶତ୍ରୁଭାବାପନ୍ନ—2. Inimical; hostile. ୩ । ପ୍ରତିଦ୍ୱନ୍ଦ୍ୱୀ—3. Rival. ବି—୧ । ଶତ୍ରୁ—1. Enemy, adversary. ୨ । ପ୍ରତିଦ୍ୱନ୍ଦ୍ୱୀ—2. Rival. ୩ । ବିରୋଧୀ ବ୍ୟକ୍ତି—3. Antagonist.

ମୁଖାସବ—ସଂ. ବି ( ମ. ପ. ଲୋ; ମୁଖ + ଆସବ )—୧ । ଛେପ; ଥୋପ
Mukhāsaba —1. Spittle. ୨ । ଲାଳ—2. Saliva.

ମୁଖାସ୍ତ୍ର—ସଂ. ବି ( ମୁଖ + ଅସ୍ତ୍ର; ବହୁବ୍ରୀହି )—(ଯାହାର ମୁଖରେ ଅସ୍ତ୍ର
Mukhāstra ଅଛି) କଙ୍କଡ଼ା, କର୍କଟ—A crab.

ମୁଖି—ଦେ. ବି—୧ । ବଦ୍ଧମୁଷ୍ଟି ଅଙ୍ଗୁଷ୍ଠର ଅଗ୍ରଭାଗଦ୍ୱାରା ମୁଖରେ
Mukhi ଆଘାତ—1. A blow or prodding given
মুখটি on the face by the thumb protruding
ठुनका, मुक्का(को) from the fist. ୨। ଶୂଦ୍ରମାନଙ୍କର ଉପାଧି-ବିଶେଷ—2. A family title amongst the Śūdras. ପ୍ରାଦେ ( ଗଡ଼ଜାତ ) ବି—୩ । ଅସଭ୍ୟ ଜାତି ବିଶେଷ—3. A class of aborigines.

ମୁଖିଆ(ଅ)—ଦେ. ବିଣ ( ସଂ. ମୁଖ୍ୟ )—୧ । ଦଳ ମଧ୍ୟରୁ ପ୍ରଧାନ
Mukhiā(a) ( ବ୍ୟକ୍ତି ); ଶ୍ରେଷ୍ଠ—1. Chief ( amongst
মুখী a crowd); eminent. ୨ । ପ୍ରତିନିଧିସ୍ଥାନୀୟ—
मुखिया 2. Representative. ବି—୧ । ଦଳର ପ୍ରଧାନ ବ୍ୟକ୍ତି—1. A chief. ୨। ପ୍ରତିନିଧି—2. A representative. ୩ । ନେତା; ସରଦାର—3. Leader. ୪ । ବଲ୍ଲଭାଚାର୍ଯ୍ୟ ସମ୍ପ୍ରଦାୟର ମନ୍ଦିରର ପୂଜକ ଓ ପାଚକ ବାବାଜୀଙ୍କ ଉପାଧି—4. The title of the worshipper and cook of a temple belonging to the Ballabhāchārjya sect.

ମୁଖୀ—ସଂ. ବିଣ ( ମୁଖ + ଇନ୍ ୧ମା. ୧ବ ) (ଅନ୍ୟ ଶବ୍ଦ ପରେ ଯୁକ୍ତ)
Mukhī ମୁଖ ବିଶିଷ୍ଟ—Having a face. ବିଣ. ସ୍ତ୍ରୀ ( ଅନ୍ୟ ଶବ୍ଦ ସଙ୍ଗେ ଯୁକ୍ତ ହୁଏ; ଯଥା—ସୁମୁଖୀ; ଚନ୍ଦ୍ରମୁଖୀ )— ମୁଖଯୁକ୍ତା — Faced ( in a compound ). ବି ( ମୁଖ + କ୍ଷୁଦ୍ରାର୍ଥେ ଈ )— ସାରୁ, ଅଦା, ଆଳୁ, ଓଲୁଅ ଆଦିରୁ ବାହାରିଥିବା ଛୋଟ
बिच्चो ଗଜା ବା ଅଙ୍କୁର—Small shoots coming out from arum, ginger, yam etc. ଦେ. ବି—
মোরষে କୁଣ୍ଡା—The staple of a door-frame for
कुण्डा attaching the door chain to it. [ ଉ— ଦ୍ୱାରବନ୍ଧେ ବନ୍ଧାପିଠ ହୋଇଅଛି ମୁଖୀ । ସ୍ୱାମୀଭୋଇ. ବ୍ରହ୍ମନିରୂପଣଗୀତା । ]

ମୁଖେ—ଦେ. କ୍ରି. ବିଣ—ସାମନାରେ; ବାରୁଡ଼େ; ଆଗରେ—
Mukhe In the front of; face to face. [ ଉ—
মুখে ଏବେ ଅର୍ଜ୍ଜୁନ ସମସ୍ତେ ମୋର ମୁଖେ, ପଢ଼ୁଛ ଅଗ ଚାଲୁ
मुँहमें; मुँहपर ମାରିବ ଯେ ଦୁଃଖେ । କୃଷ୍ଣସିଂହ. ମହାଭାରତ, ବନ । ]

ମୁଖୋତ୍ସଙ୍ଗ—ସଂ. ବି—ମୁଖରୋଗ ବିଶେଷ; ମୁଖୋତ୍ସ ମ ମୁଖମଣ୍ଡଳ ଓ ପାଟି
Mukhotsaṅga ମଧ୍ୟରେ ଛୋଟ ଛୋଟ ଫୋଟକା ପରି ବ୍ରଣ—A kind of eruption in the face and mouth; thrush; sprul apthal.

**ମୁଖୋପାଧ୍ୟାୟ**—ଦେ. ବ ( ସ. ମୁଖୋପାଧ୍ୟାୟ )—ବଙ୍ଗୀୟ ବ୍ରାହ୍ମଣଙ୍କ
Mukhopādhyāya ଉପାଧି ବଂଶେଷ—A family-title
মুখোপাধ্যায় **मुखोपाध्याय** of Bengalee Brāhmaṇas.

**ମୁଖୋଲ୍କା**—ସ. ବ—ଦାବାନଳ—Forest fire.
Mukholkā

**ମୁଖ୍ୟ**—ସ. ବଣ ( ମୁଖ=ପ୍ରଧାନ+ଯ )—୧ । ପ୍ରଧାନ—1. Chief; principal. [ ଉ—ମୋ ସଙ୍ଗେ ମଧ୍ୟ ବନ୍ଧୁ (ଗୌଣ—ଅପଶବ୍ଦ) ଅପଶବ୍ଦ ମୁଖ୍ୟ—କୃଷ୍ଣସିଦ୍ଧ ମହାଭାରତ. ବନ]
Mukhya
(ମୁଖ୍ୟା—ସ୍ତ୍ରୀ) ୨ । ଶ୍ରେଷ୍ଠ—2. Eminent; pre-eminent. ୩। ପ୍ରଥମ; ଆଦ୍ୟ—3. Primary; first. ୪। ଅଗ୍ରଣୀ—4. Foremost; leading. ୫ । ପ୍ରତ୍ୟକ୍ଷ—5. Direct. ସ. ବ—୧ । ମୁଖ୍ୟ ଚାନ୍ଦ୍ରମାନ ( ଦେଖ ) 1. Mukhya chāndramāna ( See ) ୨ । ବେଦାଧ୍ୟୟନ—2. Learning of the Bedas. ଦେ· ବଣ—ଉଚିତ—Proper; meet. [ ଉ—କହେ ଲଗାଇ ଭଣବୃଷ, କାଟିବା କଥା ନୋହେ ମୁଖ୍ୟ। ଘାନକୃଷ୍ଣ. ରସକଲ୍ଲୋଳ । ]

**ମୁଖ୍ୟ(ଷ)କର୍ତ୍ତା**—ଦେ. ବ—ପରିବାରର ପ୍ରଧାନ ବ୍ୟକ୍ତି—
Mukhya (ksha) karttā The head of a family.
মোক্ষকর্তা **मुखिआ**

**ମୁଖ୍ୟ କର୍ମ**—ସ. ବ—୧ । ( ବ୍ୟାକରଣ ) ଗୋଟିଏ ଦ୍ୱିକର୍ମକ କ୍ରିୟାର
Mukhya karma ଦୁଇଟି କର୍ମ ସଙ୍ଗେ ସମ୍ବନ୍ଧ ଥିଲେ ସେଥିମଧ୍ୟରୁ ପ୍ରଧାନ କର୍ମ [ଦ୍ର—ଅପ୍ରଧାନ କର୍ମକୁ ଗୌଣ କର୍ମ ବୋଲଯାଏ]--1.(grammar) The direct object governed by a transitive verb. [ ଦ୍ର—ଶିକ୍ଷକ ଛାତ୍ରକୁ ପ୍ରଶ୍ନ ପଚାରିଲେ ଏଠାରେ 'ପଚାରିଲେ' ଏହି ସମାପିକା କ୍ରିୟାର ପ୍ରଧାନ କର୍ମ ବା ମୁଖ୍ୟ କର୍ମ 'ପ୍ରଶ୍ନ' ଓ ଗୌଣ କର୍ମ ବା ଅପ୍ରଧାନ କର୍ମ 'ଛାତ୍ର' ।] ୨ । ପ୍ରଧାନ କାର୍ଯ୍ୟ—2. Chief work or duty. (ଯଥା—ବେଦାଧ୍ୟୟନ ବ୍ରାହ୍ମଣର ମୁଖ୍ୟ କର୍ମ । ]

**ମୁଖ୍ୟ କୁଳୀନ**—ସ. ବଣ—କୁଳୀନମାନଙ୍କ ମଧ୍ୟରେ ପ୍ରଧାନ—
Mukhya kulina Chief amongst high caste people.

**ମୁଖ୍ୟ ଚାନ୍ଦ୍ରମାନ(ସ)**—ସ. ବ—ଶୁକ୍ଳ ପ୍ରତିପଦଠାରୁ ଅମାବାସ୍ୟା ପର୍ଯ୍ୟନ୍ତ
Mukhya chāndramāna(sa) ଗଣାଯିବା ମାସ—The
(ମୁଖ୍ୟଚାନ୍ଦ୍ର—ଅନ୍ୟରୂପ) lunar month counted as beginning from the new moon and ending before the next new moon. [ଦ୍ର-ମୁସଲମାନଙ୍କର ମାସ ଗଣନା ମୁଖ୍ୟ ଚାନ୍ଦ୍ରମାନ କ୍ରମେ ଓ ହିନ୍ଦୁଙ୍କର ଚାନ୍ଦ୍ର ମାସ ଗଣନା ଗୌଣ ଚାନ୍ଦ୍ରମାନ କ୍ରମେ, ଅର୍ଥାତ୍ ପୂର୍ଣ୍ଣିମୀ ବାସୀଠାରୁ ଆଗାମୀ ପୂର୍ଣ୍ଣିମୀ ପର୍ଯ୍ୟନ୍ତ ହୁଏ । ]

**ମୁଖ୍ୟତର(ତମ)**—ସ. ବଣ(ମୁଖ୍ୟ+ଉତ୍କର୍ଷାର୍ଥେ. ତର, ତମ)--୧ । ସର୍ବ-
Mukhyatara (tama) ପ୍ରଧାନ—1. Chief; pre-eminent
(ମୁଖ୍ୟତରା, ମୁଖ୍ୟତମା—ସ୍ତ୍ରୀ) ୨ । ସାରତ୍ତ୍ୱସାର 2. Supreme; very essential.

**ମୁଖ୍ୟତା(ତ୍ୱ)**—ସ. ବ ( ମୁଖ୍ୟ+ଭାବେ. ତା; ତ୍ୱ)—ପ୍ରଧାନତା;
Mukhyatā(twa) ଶ୍ରେଷ୍ଠତା—Eminence.

**ମୁଖ୍ୟସର୍ଗ**—ସ. ବ ( କର୍ମଧା )—ସ୍ଥାବର ସୃଷ୍ଟି ( ବ୍ର. ଶ )—The
Mukhyasarga creation consisting of the immoveable things.

**ମୁଖ୍ଲିସ୍**—ଦେ. ବ ଓ ବଣ—ମୁଫ୍ଲିସ ( ଦେଖ )—
Mukhlis Muphlis ( See )

**ମୁଗରା**—ଦେ ବ—୧ । ମୁଗୁରା ( ଦେଖ )—1. Mugurā ( See )
Mug-rā ୨ । ଚାଳେ ( ସମ୍ବଲପୁର ) ବ—୨ । ଖପରଲ ଘରର ମଥାନରେ ଉବୁଡ଼ାଯିବା ଅର୍ଦ୍ଧବୃତ୍ତାକାର ଲମ୍ବ ଘୋଡ଼ଣୀ—2. Long semi-circular covers for the top ridge of the roof of a tiled house.

**ମୁଗ**—ଦେ· ବ ( ସ. ମୁଦ୍ଗ )—ବ୍ରୀହି ପର ଶିମ୍ବାଦି ବର୍ଗର କୃଷିଜାତ
Muga କ୍ଷୁଦ୍ର ଲତା ଓ ତାହାର ଛୁଇଁରେ ଥିବା ଶସ୍ୟ—A
ସ. ମୁଦ୍ଗ, ସୂପଶ୍ରେଷ୍ଠ, leguminuous plant; Phaselous
ବାଜୀ ଭୋଜନ Mungo; Phaseolus Radiatus;
মুগ **मुंग; हारिमुङ्ग** green grain. [ ଦ୍ର—ଏହା ଶିମ୍ବାଦି
ମ. ହିରବେମୁଗ ବର୍ଗର କୃଷିଜାତ ଲତାଫଳ; ମୁଗ ଓ ବିରି
ତେ. ପେସଲୁ ଏକଜାତୀୟ । ବୈଦ୍ୟଶାସ୍ତ୍ରରେ ନାନାପ୍ରକାର
ଗୁ. ମଗଲାଙ୍ଗ ମୁଗର ଉଲ୍ଲେଖ ଅଛି ଯଥା—କୃଷ୍ଣ, ଶ୍ୱେତ,
ଫା· ବୃନୁମାସ ରକ୍ତ, ପୀତ, ହରିତ ଓ ବନ୍ୟ ମୁଦ୍ଗ । ଆମ
ଆ. ମଜ ଦେଶରେ ମଧ୍ୟ ନାନାପ୍ରକାରର ମୁଗ ଦେଖାଯାଏ ଯଥା—କଳା ମୁଗ, ଛାଇଁ(ଛିଁ) ମୁଗ, ମେଥି ମୁଗ ବା ସୁନା ମୁଗ, କାଠିଆ ମୁଗ, ବଣ ମୁଗ, ଘୋଡ଼ା ମୁଗ ଇତ୍ୟାଦି । ବୈଦ୍ୟଶାସ୍ତ୍ର ମତରେ ଏହା ରୁକ୍ଷ, ଲଘୁ, ମଳ-ସଂଗ୍ରାହକ, କଫ ପିତ୍ତହର, ଶୀତବୀର୍ଯ୍ୟ, ମଧୁରରସ, ଅଳ୍ପ ବାୟୁବର୍ଦ୍ଧକ, ଚକ୍ଷୁର ହିତକର ଓ ଜ୍ୱର ନିବାରକ । ବୈଦ୍ୟ ଶାସ୍ତ୍ରମତରେ ହରିଦ୍ବର୍ଣ୍ଣ ( ଶାଗୁଆ ) ମୁଦ୍ଗ ଶ୍ରେଷ୍ଠ । ମୁଗକୁ କଞ୍ଚା ଓ ଭାଜି କରି ରଗଡ଼ି ଡାଲି କରାଯାଏ; ମୁଗ-ବଟାରେ ବଡ଼ି ଓ ପିଠା ହୁଏ । ମୁଗ ବେସନରେ ମୁଗ ଲଡ଼ୁ ତିଆରି ହୁଏ। ଡାଲି ମଧ୍ୟରେ ମୁଗ ଡାଲି ସାଧାରଣତଃ ପ୍ରଧାନ ଅଟେ । ]

**ମୁଗ କଣି**—ଦେ. ବ ( ସ.ମୁଦ୍ଗ ଓ କଣ )—ରଗଡ଼ା ହୋଇଥିବା ମୁଗକୁ
Muga kaṇi କୁଲାରେ ପାଛୁଡ଼ି ତହିଁରୁ ଚୋପାଯାକ ବାହାରିଗଲା
মুগের কানি ପରେ ସେହି ମୁଗ ଉଦେ ତହିଁମଧ୍ୟରୁ ମୁଗର
**मुंगका गुडा** ଘୋଟା ଘୋଟା ଓ ଫାଳମାନ ବାହାରିଯିବା ପରେ ରହିଯାଇ ଥିବା ମୁଗର ସେହି କ୍ଷୁଦ୍ର 'କଣ' ମାନ ଉଦେ —Small particles of split muga separated from the husks and the bigger particles.

**ମୁଗ ଚକୁଳି**—ଦେ. ବ (ସ.ମୁଦ୍ଗ+ଶଷ୍କୁଲୀ )—ବଟା ମୁଗର ପିଠରେ
Muga chakuli ପ୍ରସ୍ତୁତ ଚକୁଳି ପିଠ—Pancake made
মুগসাউলী **मुंगकी चपाटी** from muga paste.

ମୁଗଚୋପା(ପି)—ଦେ. ବି—ମୁଗ ଶସ୍ୟ ଉପରେ ଥିବା ଆବରଣ—
Mugachopā(pi) The chaff of moong.
মুগের খোসা मुँगका छिलका

ମୁଗ ଛତୁ—ଦେ. ବି ( ସଂ. ମୁଦ୍ଗ+ସକ୍ତୁ )—ଭଜା ମୁଗର ଚୂନା—
Muga chhatu Flour of fried muga.
(ମୁଗଛତୁଆ—ଅନ୍ୟରୂପ) মুগের ছাতু मुगका सत्तु

ମୁଗ ଛୁଇଁ—ଦେ. ବି ( ସଂ. ମୁଦ୍ଗ ଓ ଶିମ୍ବୀ )—ମୁଗଗଛରେ ଫଳିଥିବା
Muga chhuin ଛୁଇଁ—The beans or pods of the
মুগশুঁটি मुगछिमी muga plant.

ମୁଗ ଜାଇ—ଦେ. ବି—କଞ୍ଚା ମୁଗକୁ ରଗଡ଼ି କରି ତା ଉପରେ ସାମାନ୍ୟ ଜଳ
Muga jāi ଛିଞ୍ଚି ସେଥିରୁ ଚୋପା ବାହାର କରାଯାଇ ଡାଲି
মুগের কাঁচা ডাল ରାନ୍ଧିବା ପାଇଁ ପ୍ରସ୍ତୁତ କରାଯିବା ଡାଲିମାନ—
मुगकी कच्ची दाल Split unfried muga.
[ଦ୍ର—ସାଧାରଣତଃ ମୁଗକୁ ଭାଜି ତା ପରେ ରଗଡ଼ି ତହିଁରୁ ଚୋପାକୁ ପୃଥକ୍ କରି ଡାଲି କରାଯାଏ। କିନ୍ତୁ ମୁଗକୁ ଭାଜିବା ସମୟସାପେକ୍ଷ। ଏଥିପାଇଁ ବିବାହ ବ୍ରତ ଆଦି ଉତ୍ସବରେ କଞ୍ଚା ମୁଗକୁ ରଗଡ଼ି ତହିଁରେ ସାମାନ୍ୟ ବାଲିଆ ପାଣି ଛିଞ୍ଚିବା ପରେ ତାକୁ ଝାଣ୍ଡି କରି ପାଛିଆ ଦ୍ୱାରା ତହିଁରୁ ଚୋପା କାଢ଼ି ତାକୁ ଜାଇ କରାଯାଏ ଓ ଉକ୍ତ ଜାଇ ଦ୍ୱାରା ବହୁଲୋକଙ୍କ ଖାଦ୍ୟାର୍ଥ ଡାଲି ରନ୍ଧାଯାଏ।]

ମୁଗ ଡାଲି—ଦେ. ବି. ( ସଂ. ମୁଦ୍ଗ ଓ ଦ୍ୱିଦଳ )—୧। ମୁଗକୁ ଭାଜିବା
Muga dāli ପରେ ରଗଡ଼ି ତହିଁରୁ କୁଲା ଦ୍ୱାରା ପାଛୁଡ଼ି ଚୋପା
মুগের ডাল ବାହାରି କରି ଯାଇଥିବା ମୁଗର ଫାଳ—1. Split
मुँगकी दाल muga. ୨। ମୁଗରେ ପ୍ରସ୍ତୁତ ଜଳୀୟ ବ୍ୟଞ୍ଜନ—
2. Soup made by boiling split muga with water.

ମୁଗ ଦାନ୍ତି(ନ୍ତୁ)ଆ—ଦେ.ବିଣ. ପୁଂ—ମୁଗ ପରି କ୍ଷୁଦ୍ର ଦାନ୍ତବିଶିଷ୍ଟ (ବ୍ୟକ୍ତି)-
Muga dānti(ntu)ā (person) Having teeth as
মুগের মত দাঁত যার small as grains of muga.
मुँग दाँत वाला, अनार दाँत वाला [ଦ୍ର—ଯାହାଙ୍କର ଦାନ୍ତ ମୁଗ
ମୁଗଦାନ୍ତୀ }—ସ୍ତ୍ରୀ ପରି କ୍ଷୁଦ୍ର ହୋଇଥାଏ ସେମାନଙ୍କ ଦାନ୍ତ
ମୁଗଦାନ୍ତେଇ } ବଡ଼ଦାନ୍ତିଆ ଲୋକଙ୍କ ଦାନ୍ତ ପରି ବୁଢ଼ା
(ମୁଗ ଦନ୍ତା—ଅନ୍ୟରୂପ) ହେଲେ ଶୀଘ୍ର ଭୁସୁଡ଼େ ନାହିଁ, ଏମନ୍ତ କି, ମୁଗଦାନ୍ତିଆ ଅଶୀ ବର୍ଷର ବୁଢ଼ାଙ୍କର ଦାନ୍ତ ପଡ଼ି ନଯାଇ ଚର୍ବଣକ୍ଷମ ଥିବା ଦେଖାଯାଏ।]

ମୁଗନା—ଦେ. ବି—ମୁଗୁନା ( ଦେଖ )
Muganā Mugunā ( See )

ମୁଗ ପଇ(ପୈ)ତି—ଦେ.ବି—ଉତ୍ତମ ରୂପେ ସିଝାଯାଇ ଜାଉ ପରି ହୋଇ
Muga pai(pai)ti ଥିବା ମୁଗ ଡାଲି—Gruelly soup
মুগের সূপ मुँगकी घोंटी हुई दाल of muga.

ମୁଗ ଫଳି(ଲି)—ଦେ. ବି. ( ସଂ. ଅଧକର ନାମ—ଭୂଚଣକ )—ଚେର
Muga phali(li) ଫଳି; ଚିନା ବାଦାମ (ଦେଖ)—Earth-
চিনাবাদাম, বিলাতি মুগ nut; ground nut; Araclus
चीनाबादाम, Hypogæa.
(ମୂଳ ଫଳ—ଅନ୍ୟରୂପ)

ମୁଗ ବଟା—ଦେ. ବି—ବଟା ହୋଇଥିବା ବତୁରା ମୁଗ—
Muga batā Muga paste.
মুগের বাটা पीसा हुआ मुँग

ମୁଗ ବଡ଼ା(ରା)—ଦେ. ବି. ସଂ. ମୁଦ୍ଗ ବଟକ)—ବଟା ମୁଗରେ ପ୍ରସ୍ତୁତ
Muga barā(rā) ଘିଅରେ ବା ତେଲ ପକ୍ୱ ପିଠା—Cakes
মুগের বড়া, মুগ সাউলি, মুগ টিকলি fried in oil or
मुँगका बड़ा ghee and made of muga paste.

ମୁଗ ବଡ଼ି—ଦେ. ବି. (ସଂ. ମୁଦ୍ଗ ବଟୀ)—ବଟା ମୁଗର ଶୁଖା ଯାଇଥିବା
Muga bardi ଗୋଳକ; (ଦ୍ର—ଏହାକୁ ତରକାରିରେ ମିଶାନ୍ତି)—
মুগের বড়ী Globules of dried muga paste.
मुँगकी बड़ी, मुँगौरी

ମୁଗ ବେଶନ—ଦେ. ବି—କଞ୍ଚା ମୁଗର ଚୂନା—
Muga besana Flour of raw muga.
মুগের বেসম मुँगका बेसन

ମୁଗ ବୋଡି—ଦେ. ବି—ମୁଗ ଛୁଇଁକୁ ମଳି କରି ତହିଁରୁ ମୁଗ ବାହାର
Muga boti କରି ନେବା ପରେ ବାକି ରହିଯିବା ଚୋପାଆଦି ଅଂଶ—
মুগ শুঁটির খোসা Chaff or rinds left after thresh-
मुँगकी भुँसी ing out muga grains from the pods.

ମୁଗ(ଘ)ମ୍(ମ) —ବିଦେ. ବି. (ଫା. ମୁଗମ୍; ମୁଅମ୍ମା)—୧। କୌଣସି
Muga(gha)m(ma) ବିଷୟର ଗୁପ୍ତ ରହସ୍ୟ—1. The key
মর্ম or secret of a matter. ୨। ସାର ମର୍ମ—
मुग्घम, मरम, भेद, मुअम्मा 2. The essence or purport of a matter. ୩। ଦେହର ମର୍ମ ସ୍ଥାନ—
3. The vital part of the body.
୪। ମନ—4. Mind. ବିଣ—ଗୁପ୍ତ—Secret.

ମୁଗ(ଘ)ମ ଖୋଲିବା—ଦେ. କ୍ରି—ଗୁପ୍ତ ରହସ୍ୟ ପ୍ରକାଶ କରିବା—
Muga(gha)ma kholibā To give out a secret;
মরম খোলা भेद खोलना to divulge a secret.
[ମୁଗ(ଘ)ମ ପିଠା(ଟେ)ଇବା, ମୁଗ(ଘ)ମ ପଦାରେ ପକା(କେ)ଇବା—ଅନ୍ୟରୂପ]
[ମୁଗ(ଘ)ମ ଖୋଲିଯିବା, ମୁଗ(ଘ)ମ ପିଟିବା, ମୁଗ(ଘ)ମ ପଦାରେ ପଡ଼ିବା—କର୍ମବାଚ୍ୟ ରୂପ]

ମୁଗ(ଘ)ମେ ମୁଗ(ଘ)ମେ ମାରିବା—୧। କୌଣସି ଗୁପ୍ତ ବିଷୟକୁ
Muga(gha)me muga(gha)me māribā ବାହାରେ
মরমে মারা ପ୍ରକାଶ ନ କରିବା—1. To keep a secret
देहमे मारना to one's self. ୨। କୌଣସି ରୋଗ ଆକ୍ରମଣ କଲେ ବାହାରେ ତହିଁର ଚିହ୍ନ ପ୍ରକାଶ ନ କରିବା—
2. Not to exhibit the signs of an attack of a sickness.

ମୁଗ ମଣ୍ଡା—ଦେ.ବି. (ସଂ.ମୁଦ୍ଗ ମଣ୍ଡକ)—ପୁର ସିଝା ପୁରରୂପେ ଦିଆଯାଇ
Muga mandā ଥିବା ମଣ୍ଡା ପିଠା—A "mandā" cake
মুগের মণ্ডা with boiled muga filled in it.
दालबाटी

ମୁଗର—ଦେ. ବି—ମୁଗୁର ( ଦେଖ )
Mugara                Mugura ( See )

ମୁଗଲ (ଇତ୍ୟାଦି)—ବୈଦେ. ବି. ( ଫା. ମୁଗଲ୍ )—ମୋଗଲ ଇତ୍ୟାଦି
Mugala (etc)   (ଦେଖ)—Mogala etc. ( See )

ମୁଗ ଲଡୁ(ଡ୍ଡୁ)—ଦେ,ବି. (ସଂ. ମୁଦ୍ଗଲଡ୍ଡୁକ)—ମୁଗ ବଟାରେ ବା ମୁଗ
Muga lardu(ddu)   ବେସନରେ ତିଆରି ମିଷ୍ଟାନ୍ନ—Sweet
ମুগের লাড়ু   मुंगका लड्डू   meat made of muga flour.

ମୁଗଲ ବନ୍ଦି—ଦେ. ବି—ମୋଗଲ ବନ୍ଦି ( ଦେଖ )
Mugala bandi          Mogala bandi ( See )

ମୁଗଲ ବନ୍ଦିଆ—ଦେ. ବିଣ—ମୋଗଲ ବନ୍ଦିଆ ( ଦେଖ )
Mugala bandiā         Mogala bandiā ( See )

ମୁଗଲାଇ—ଦେ. ବିଣ—ମୋଗଲାଇ ( ଦେଖ )
Mugalāi               Mogalāi ( See )
(ମୁଗଲିଆ—ଅନ୍ୟରୂପ)

ମୁଗଲ୍ୟାଣ—ଦେ. ବିଣ—ମୋଗଲ୍ୟାଣ ( ଦେଖ )
Mugalyāṇa             Mogalyāṇa ( See )

ମୁଗ ଶିଂସା—ଦେ. ବି. (ସଂ. ମୁଦ୍ଗ ଓ ସିଦ୍ଧ)—ଜଳସିଦ୍ଧ ଗୋଟା ମୁଗ
Muga śimsā  —Whole muga grains boiled in
[ମୁଗ ସିଝା(ଝା)—ଅନ୍ୟରୂପ]   মুগ সিদ্ধ उसिना मुँग   water.

ମୁଗା(ଙ୍ଗା)—ବୈଦେ. ବି (ଅସାମୀ; ମୁଗା=ରେସମଉତ୍ପାଦନକାରୀ କୀଟ-ବିଶେଷ, ଏହାର ସୁନା ମୁଗ ପରି ବର୍ଣ୍ଣ ଥିବାରୁ)—
Mugā(ṅgā)
মুগা   मुँगा   ୧। ଅସାମଦେଶଜାତ ଏକପ୍ରକାର ଗୋଟପୋକଜାତ ଈଷତ୍ ହଳଦିଆ ରେସମ ଲୁଗା; ଅସାମୀ ମଠା—1. Yellowish silk produced in Assam; the Muga silk. ୨। ରେସମ ଗୋଟ ଉତ୍ପାଦନକାରୀ ଅସାମଦେଶୀୟ ଏକପ୍ରକାର କୀଟ—2. The Muga cocoon of Assam; Antheraea. [ଦ୍ର—ଏ କୀଟମାନେ "ସୋମ" ଗଛର ପତ୍ର ଖାଇ ବଞ୍ଚନ୍ତି। ଅସାମରେ ଲୋକେ ମୁଗା କୀଟଙ୍କୁ ପାଳି ତହିଁର ଗୋଟରୁ ରେସମ ବାହାର କରନ୍ତି। ଉକ୍ତ ଗୋଟରୁ ବା କୋଷାରୁ ଯେଉଁ ପାଟ ସୂତା ବାହାରେ, ସେ ସୂତାକୁ ବଳକାଲୁ ହୁଏ ନାହିଁ; ସେହି ଅବଳା ସୂତାରେ ବୁଣା ମଠାକୁ ମୁଗା ବୋଲଯାଏ। କିନ୍ତୁ ଯେବେ ପୋକ ଗୋଟକୁ କାଟି ପଳାଇ ଯାଆନ୍ତି ତେବେ ସେ ସୂତା ଖଣ୍ଡଖଣ୍ଡିଆ ହୁଏ ଓ ସେ ସୂତାକୁ ନ ବଳଲେ ଲୁଗାବୁଣିବାର ସୂତା ହୁଏ ନାହିଁ।]

ମୁଗା(ଗେ)ଇ—ଦେ. ବିଣ—୧। ମୁଗର ଅକୃତି-ବିଶିଷ୍ଟ—
Mugā(ge)i   1. Shaped like grains of muga.
মুগা   मुगिया   (ଯଥା—ମୁଗେଇ ଇଙ୍ଗାଗୁଆ; ମୁଗେଇ ବସନ୍ତ; ମୁଗେଇ ଦାନ୍ତ ଓ ମୁଗେଇ ମାକଡ଼ା। ) ୨। ମୁଗର ରଙ୍ଗବିଶିଷ୍ଟ—2. Having the colour of muga. ( ଯଥା—ମୁଗେଇ ଲୁଗା; ମୁଗେଇ ମଠା। )

ମୁଗା(ଗେ)ଇ ଗୁଆ—ଦେ. ବି—ଖେଣ୍ଟ ଖେଣ୍ଟ ହୋଇ କଟା ହୋଇଥିବା
Mugā(ge)i guā   ଗୁଆ—Betelnuts cut into
মুগেরমত ছোট ছোট করে কাটা সুপারি   small bits
मुगिया सुपारी   resembling muga grains.
(ମୁଗେଇ ଇଙ୍ଗାଗୁଆ—ଅନ୍ୟରୂପ)

ମୁଗା (ଗେ)ଇ ଠାକୁରାଣୀ—ଦେ. ବି—ଯେଉଁ ବସନ୍ତ ଫୋଟକମାନ
Mugā(ge)i ṭhākurāṇi   ମୁଗଆକାରବିଶିଷ୍ଟ—Small-
[ମୁଗା(ଗେ)ଇ ବସନ୍ତ—ଅନ୍ୟରୂପ]   pox eruptions of the
মগাবসন্ত   मुगियाचेचक   size of muga grains.

ମୁଗା(ଗେ)ଇ ଦାନ୍ତ—ଦେ. ବି—ମୁଗ ପରି କ୍ଷୁଦ୍ର ଆକୃତିବିଶିଷ୍ଟ ଦନ୍ତ—
Mugā(ge)i dānta   Teeth, small like muga.
মগাদান্ত   मुगियादाँत

ମୁଗା(ଗେ)ଇ ମଠା—ଦେ. ବି—ମୁଗ ପରି ହରିଦ୍‌ବର୍ଣ୍ଣବିଶିଷ୍ଟ ମଠା—
Mugā(ge)i maṭhā   Silk cloth of greenish
মুগাকাপড়   मुगियाकटा   colour. [ ଦ୍ର—ଏହିପରି ମୁଗେଇ ଶାଢ଼ୀ, ମୁଗେଇ ମଙ୍ଗୁଟା, ମୁଗେଇ ଲୁଗା, ମୁଗେଇ ପାଟ ଅଦି ହୁଏ। ]

ମୁଗା(ଗେ)ଇ ମାକ(ଙ୍କ)ଡ଼ା—ଦେ. ବି—ଏକ ପ୍ରକାର ମାକଡ଼ା ପଥର,
Mugā(ge)i maka(ṅka)ṛā (ଏହାର ଦାନା ଓ ଉନ୍ନତଚୂଡ଼
মগাইপাথর   मुगियापत्थर   ମୁଗ ପରି ଖେଣ୍ଟ ଓ ଏହା ଶକ୍ତ ଠାଣୁଆ)—A kind of strong laterite.

ମୁଗାନ(ଣି)—ଦେ. ବି ( ସଂ. ମୁଦ୍ଗପର୍ଣ୍ଣୀ)—ଏକପ୍ରକାର ବନ୍ୟ ମୁଗ,
Mugāni(ṇi) ମୁଦ୍ଗପର୍ଣ୍ଣୀ(ଦେଖ)—A kind of wild muga;
মুগানী   मुगवन   Phaseolus Trilobus; Phaseolus Aconitifolius.

ମୁଗାରି—ପ୍ରାଦେ ( ବାମଣ୍ଡା ) ବି—ମଇଁଷଙ୍କ ପ୍ରିୟ ଅରଣ୍ୟ ଘାସବିଶେଷ—
Mugāri   A kind of wild grass favourite with the buffaloes.

ମୁଗିରି—ଦେ. ବି—ମୁଗୁରି (ଦେଖ)
Mugiri          Muguri (See).

ମୁଗୁଡ଼ି(ରି)—ଦେ. ବି.—( ସଂ. ମୁଦ୍ଗାର୍ଦ୍ଧବଟକ )—ବଟା ମୁଗରେ ପ୍ରସ୍ତୁତ
Mugurdi(ri)   ଘୃତପକ୍ୱ ବା ତୈଳପକ୍ୱ ମିଷ୍ଟାନ୍ନ ବିଶେଷ—
মুগেরটিকলী   A kind of cake made of muga paste
मुँगकाबड़ा   fried in ghee or oil.

ମୁଗୁଧ—ଗ୍ରା. ବି (ପଦ୍ୟ)—ମୁଗ୍ଧ ହେବା ଅବସ୍ଥା—State of
Mugudha   being fascinated. [ ଉ—ଉଦ୍ଭିଳ ମଧୁର ଗନ୍ଧ ଲୁବୁଧେ ଉଡ଼ ମଧୁପ ଚୁମ୍ବଇ ମୁଗୁଧେ—ପ୍ରାଚୀ—ଉପବାସ୍ଥ। ]

ମୁଗୁଧା—ଗ୍ରା. ବି (ପଦ୍ୟ)—ମୁଗ୍ଧା (ଦେଖ)—Mugudha (see)
Mugudhā   [ଉ—ମୁଗୁଧେ ବିଫଳ ନୋହୁ ବଳମ୍ବ ନ କର ଅଭି ରମ୍ୟ ଅବସାର ଘଣ ଗୋବିନ୍ଦ ପାଶ। ପ୍ରାଚୀ, ଉପବାସ୍ଥ।]
(ମୁଗୁଧେ—ବହୁବଚନରେ ଓ ସମ୍ବୋଧନର ରୂପ)

ମୁଗୁନା—ଦେ. ବି—(ସଂ. ମଧୁଗୁଞ୍ଜନ ବୃ. ଶ)—୧। ମଞ୍ଜିରୁ ଉଠିଥିବା
Mugunā   ସଜନା ଗଛ—1. Horse radish or Moringa
নাজনা   मुँनगा, मुनगा   tree which sprouts from

the seed. [ଦ୍ର—ସଜନା ଗଛର ଛାଲ ଘୋଷିବାରୁ ଯେଉଁ ରସ ବାହାରେ ଓ ଯେଉଁ ଗଛ ଉଠିଥାଏ ତାକୁ ମୁଗୁନା ବୋଲାଯାଏ। ମୁଗୁନା ଛୁଇଁ ଅପେକ୍ଷା ସଜନା ଛୁଇଁ ଖାଇବାକୁ ସୁସ୍ୱାଦୁ। ମୁଗୁନା ଗଛରେ ବାରମାସୀ ଫୁଲ ଓ ଛୁଇଁ ଧରେ।]

ମୁଗାନି ୬। (ସଂ. ମୁଦ୍ଗପର୍ଣ୍ଣୀ)—ବନ୍ୟ ମୁଗ; ବଣ ମୁଗ; ଘୋଡ଼ା **मुद्‌घन** ମୁଗ (ଦେଖ)—3. Ghorḍā muga (see)

ମୁଗୁନି—ଦେ. ବି—ଏକ ପ୍ରକାର ମସୃଣ ଓ ଟାଣ କଳା ପଥର; କଳା-Muguni ମର୍ମର ପଥର—A kind of black marble; ମୁଗନୀ chlorite; basalt. [ଦ୍ର—ଏଥିରେ ବାସନ ଓ ଦେବ-**मुँगियापत्थर** ମୂର୍ତ୍ତିମାନ ପ୍ରସ୍ତୁତ ହୁଏ; ଏହା ଦୁଇପ୍ରକାରର, କଳା ଓ ଧଳା ବା ମାଟିଆ।]

ମୁଗୁର—ଦେ. ବି (ସଂ.ମୁଦ୍‌ଗର)—୧। ମଲ୍ଲମାନଙ୍କର ହାତରେ ବୁଲାଇବା Mugura ଗଦା—1. Club; mace. ୨। ବଢ଼େଇ ବଟାଳି ମୁଗୁର ପ୍ରଭୃତି ଉପରେ ଯେଉଁ ହାତୁଡ଼ିଦ୍ୱାରା ଆଘାତ କରେ—**मुद्‌गर, मुगदर** 2. A carpenter's wooden mallet. **मोंगरा** (ଉ—ପୁନଶ୍ଚ ବାରସୀ ମୁଗୁର ଧରି କରେ;ଭାଙ୍ଗିବ କାଠମାନ ଚୋଷେ ନିକଟରେ। କୃଷ୍ଣସିଂହ. ମହାଭାରତ. ଶାନ୍ତି ପର୍ବ।] ୨। ମୁଦ୍‌ଗର (ଦେଖ)—2. Mud-gara (see)

ମୁଗୁର ବୁଲା(ଲେ)ଇବା—ଦେ. କ୍ରି—ମଲ୍ଲକ୍ରୀଡ଼ା ଓ ଅଙ୍ଗଚାଳନାର୍ଥ Mugura bulā(le)ibā ହାତରେ ମୁଦ୍ଗର ଧରି ଉପଯୁକ୍ତ ମୁଗୁର ଭାଙ୍ଗିବା } —ଅନ୍ୟରୂପ ସଞ୍ଚାଳନ କରିବା—To exer-ମୁଗୁର ସାଧିବା } cise with the mace.
ମୁଗୁରଭାଙ୍ଗା, मुगुरभाँजा **मुगदरफेराना**

ମୁଗୁରା—ଦେ. ବି—(ସଂ. ମୁଦ୍ଗର; ଏହା ମୁଗୁର ପରି କ୍ରମଶଃ ସରୁ Mugurā ହୋଇ ଥିବାରୁ)—୧। ମାଛ ଧରିବାର ଏକପ୍ରକାର ମୁଗରୀ ଯନ୍ତ୍ର ବା ପଞ୍ଜୁରି—1. A kind of wicker work cage **गाँज; सरईला** for catching fishes going up along a current. [ଦ୍ର—ଏହା ବାଉଁଶ କାଠିରେ ଶଙ୍କୁ ଆକାରରେ ବୁଣା ହୋଇଥାଏ; ଏହାର ମୁହଁ ମୋଟା ମୁହଁ ପରି। ଏହା କ୍ରମଶଃ ସରୁ ହୋଇ ଏହାର ଗାଣ୍ଡି ବା ଶେଷଭାଗ ଶଣ୍ଢିଏ ଦଉଡ଼ିଦ୍ୱାରା ଗୋଲ ହୋଇ ବନ୍ଧା ହୋଇଥାଏ। ଏଥିର ଭିତରେ ମଝିରେ ଅଳ୍ପ ପ୍ରସ୍ଥ କାଠି ବୁଣା ହୋଇଥାଏ। ଏଥିରେ ସ୍ରୋତରେ ଉଠୁଥିବା ଛୋଟ ମାଛ ପଶିଗଲେ ଭିତରେ ଓଲଟ ବାଗରେ ବୁଣା ହୋଇଥିବା କାଠି ଯୋଗୁଁ ଭିତରେ ଅଟକିଯାଇ ଆଉ ବାହାରି ପାରନ୍ତି ନାହିଁ। ଏଥିରେ ପଡ଼ିଥିବା ମାଛକୁ ମୁଗୁରାର ଗାଣ୍ଡିରେ ବନ୍ଧା ହୋଇଥିବା ଦଉଡ଼ିକୁ ଫିଟାଇ ବାହାର କରାଯାଏ। ମୁଗୁରାର ଗାଣ୍ଡି ମେଲା ରହିଲେ ଅର୍ଥାତ୍ ଦଉଡ଼ି ଦ୍ୱାରା ବନ୍ଧା ନ ହେଲେ ମାଛମାନେ ସେହି ବାଟେ ପଳାଇ ଯାଆନ୍ତି। (ଉ—ବାପ ପୁଅ ବର୍ତ୍ତେ ଘର ଅବସ୍ଥା, ମୁଗୁରା ଗାଣ୍ଡି ମେଲା—ରଗ।)] ୨। ମୁଗୁରା ମଲ୍ଲୀ (ଦେଖ)—2. Mugurā malli (See)

ଛୋଟ ଓ ମୋଟା ଦେ. ବିଣ—୧। ମୁଗୁରର ଆକୃତି ବିଶିଷ୍ଟ—**मुंगगडा;गावदुमा** 1. Shaped like a mace; i. e. tapering up. ୨। କ୍ଷୁଦ୍ର ଅଥଚ ମୋଟା—2. Stout and small.

ମୁଗୁରା ମଲ୍ଲୀ—ଦେ. ବି—ଭଳିଆ ମଲ୍ଲୀ; ଏକ ପ୍ରକାର ମଲ୍ଲୀ ଫୁଲ (ଏଥିରେ Mugurā malli ଅନେକ ଗୁଚ୍ଛ ପାଖୁଡ଼ା ଥାଏ)—A kind ରାଇବେଲ **मोगरा** of Jasmine flower; jasminum Pubiscens (Haine's Botany of Bihar and Orissa)

ମୁଗୁରି—ଦେ. ବି—(ସଂ. ମୁଦ୍ଗରର ଆକୃତି ବିଶିଷ୍ଟ ଥିବାରୁ)—୧। ଏକ Muguri ପ୍ରକାରର ଗାଲମୁଛ; (ଏହା ଗାଲ ମଧ୍ୟରୁ ମୁଗୁର ପରି ବାହାରି ଥାଏ ଓ ତନ୍ନିକଟବର୍ତ୍ତୀ କେଶମାନ କ୍ଷୌର କରାଯାଇ ଥାଏ)—1. A kind of whiskers left on the cheek. ୨। ଧନୁ ଆଦି ଅସ୍ତ୍ର ଦେହରେ ରତ୍ନ ପ୍ରବାଳ ଓ ଖଡ୍ଗାଦିରେ ଖଚିତ କାରୁକାର୍ଯ୍ୟ—2. Inlaying of gems and corals in the body of bows and handle of swords etc. ୩। ଛୋଟ ମୁଗୁର—3. Small club or mallet.

ମୁଗୁରିଆ—ଦେ. ବିଣ.—ମୁଗୁରା (ଦେଖ)
Muguriā Mugurā (See)

ମୁଗୁରୁ—ଦେ. ବି. (ସଂ. ମୁଦ୍ଗର)—ପୁରାଣାଦିରେ ବର୍ଣ୍ଣିତ ଏକ ପ୍ରକାର Muguru ଯେପଣୀୟ ଅସ୍ତ୍ର—A kind of missile used in war ( mentioned in the Puraṇas ). [ଉ—ଦେଖି କରି ସୂର୍ଯ୍ୟବଂଶୀ କୋପେ ଗୁରୁତର, ବୋଲନ୍ତି ମୁଗୁରୁ ବାଣ ବଳ୍ପ ଲକ୍ଷେ ଶର। ପୀତାମ୍ବର. ନୃସିଂହ ପୁରାଣ।]

ମୁଗୁଲ(ଇତ୍ୟାଦି)—ଦେ. ବି. ପୁଂ—ମୋଗଲ ଇତ୍ୟାଦି (ଦେଖ)
Mugula(etc.) ମୋଗଲ **मो(मु)गल** Mogala etc. (See).
[ମୁଗୁଲ(ଲ୍ୟା)ଣୀ—ସ୍ତ୍ରୀ] [ଉ—ଏ ଅନ୍ତେ ମରିଲା ମୁଗୁଲ, ସୃଷ୍ଟିର ହୋଇବେ ସେ ଖଲ। ଜଗନ୍ନାଥ. ଭାଗବତ।]

ମୁଗୁଲା(ଲେ)ଇ—ଦେ. ବିଣ.—ମୋଗଲାଇ (ଦେଖ)
Mugulā(le)i Mogalāi (See)

ମୁଗୁହ—ସଂ. ବି—୧। ଦାତ୍ୟୁହ ବା ଡାହୁକ ପକ୍ଷୀ—1. A gallinule (bird). ୨। ଏକ ପ୍ରକାର ହରିଣ (ଛୁ. ଶ)
Mugūha
2. A kind of deer. ୩। ପକ୍ଷିସ୍ତ୍ରୀ (ଛୁ. ଶ.); ଗୁଡ଼କ—3. Coccyster (bird).

ମୁଗ୍ଧ—ସଂ. ବିଣ. ପୁଂ—(ମୁହ୍ ଧାତୁ=ଅଚେତନ ହେବା+କ୍ତ. ତ)
Mugdha ୧। ମୂର୍ଚ୍ଛିତ; ମୋହପ୍ରାପ୍ତ; ହତସଂଜ୍ଞ—1. Stupe-(ସ୍ତ୍ରୀ—ତପସ୍ୱିତାର୍ଥକ) fied; stunned; bewildered, ୨। ମୋହ ପରବଶ; ମୋହିତ—2. Fascinated; enamoured; charmed; infatuated. ୩। ମୂଢ଼; ମୂର୍ଖ; ଅବୋଧ—3. Foolish; stupid. ୪। ସୁନ୍ଦର; ମନୋହର—4. Fascinating; charming; lovely [ଉ-ବେଦେ ଅସିଣ ମୁଗ୍ଧ ମୂଢ଼ ଭ୍ରମାଶ୍ରୀ ମଧୁସୂଦନ. ଗୀତାବଳବାସ।] ୫। ନୂତନ—5. New.

ମୁଗ୍ଧ ଚିତ୍ତ—ସଂ. ବି—(କର୍ମଧା; ମୁଗ୍ଧ+ଚିତ୍ତ)—୧ । ମୋହିତ ମନ—
Mugdha chitta 1. Fascinated mind. (মুগ্ধ হৃদয়—অন্যরূপ) ବିଣ. ପୁଂ—(ବହୁବ୍ରୀହି)—୧ । ଯାହାର (ମୁଗ୍ଧଚିତ୍ତା—ସ୍ତ୍ରୀ) ମନ ମୋହିତ ହୋଇଅଛି—1. Fascinated. ୨ । କିଂକର୍ତ୍ତବ୍ୟବିମୂଢ଼—2. Bewildered

ମୁଗ୍ଧ ଦୃଷ୍ଟି—ସଂ. ବି. (କର୍ମଧା; ମୁଗ୍ଧ+ଦୃଷ୍ଟି)—୧ । ବିମୋହିତ ଚକ୍ଷୁ—
Mugdha drushti 1. Fascinated eyes. ୨ । (মুগ্ধ দৃষ্টি, মুগ্ধনয়ন; মুগ্ধলোচন—অন্যরূপ) ମନୋହର ଦୃଷ୍ଟି—2. Charming look. ବିଣ. ପୁଂ—(ବହୁବ୍ରୀହି)—ଯାହାର ଚକ୍ଷୁ ମୋହିତ ବା ଚକିତ ହୋଇଅଛି—One who has been fascinated with something seen; having a bewildered look.

ମୁଗ୍ଧବୋଧ—ସଂ. ବିଣ. ( ମୁଗ୍ଧ=ଅବୋଧ; ମୁର୍ଖ+ବୁଧ ଧାତୁ ଣିଚ୍
Mugdha bodha ବୋଧି ଧାତୁ+କରଣ. ଅ)—ଯାହାଦ୍ୱାରା ଅବୋଧ ବା ମୂର୍ଖ ବ୍ୟକ୍ତିକୁ ସହଜରେ ବୁଝାଇ ଦିଆ ଯାଇ ପାରେ—Which can make a fool understand. ବି.—ବୋପଦେବ କୃତ ସଂସ୍କୃତ ବ୍ୟାକରଣର ନାମ—Title of a Sanskrit grammar by Bopadeba.

ମୁଗ୍ଧା—ସଂ. ବି. ସ୍ତ୍ରୀ—( ମୁଗ୍ଧ+ସ୍ତ୍ରୀ. ଆ )—୧ । ନାୟିକା ବିଶେଷ; Mugdhā ସରଳସ୍ୱଭାବା ନୂତନ ଯୁବତୀ—1. A class of heroines in Sanskrit books; a name given to a class of young ladies. [ଉ—ବିକାଶି ମୁଗ୍ଧା ପ୍ରକାଶି ଚନ୍ଦନ ବିଶେଷ, ବଳେଯିବେ ଯୁଚିବେ ବ ବଳରୁ ମାନସ । ଉପେ. ବୈଦେହୀଶବିଳାସ । ] [ ଦ୍ର—ମୁଗ୍ଧା ନାୟିକାଙ୍କୁ ସଂସ୍କୃତ ଗ୍ରନ୍ଥମାନଙ୍କରେ ଦୁଇ ଶ୍ରେଣୀରେ ବିଭକ୍ତ କରି ଯାଇଅଛି ଯଥା—ଅଜ୍ଞାତଯୌବନା ଓ ଜ୍ଞାତଯୌବନା; ସେହିଁ ବାଳିକା ଶୀଘ୍ର ଯୌବନରେ ପ୍ରବେଶ କରିବ ବା ଅଳ୍ପଦିନ ହେଲା ଯୁବତୀ ହୋଇଅଛି ତାକୁ ମୁଗ୍ଧା ବୋଲାଯାଏ । ] ୨ । ନବୋଢ଼ା ଯୁବତୀ—2. A newly married young woman.

ମୁଙ୍ଗା—ଦେ. ବି—ମୁଗା (ଦେଖ)
Mungā Mugā (See)

ମୁଚ(ଛ)—ପ୍ରାଦେ. (ସମ୍ବଲପୁର) ବି—(ସଂ. ଶ୍ମଶ୍ରୁ)—ମୁଛ (ଦେଖ)—
Much(chh) গোঁফ मोछ Muchha (See)

ମୁଚ (ଧାତୁ)—ସଂ.—୧ । ମୁକ୍ତ କରିବା—1. To let loose; to Much (root) release. ୨ । ଖୋଲି ଦେବା—2. To loosen. ୩ । ଛାଡ଼ିଦେବା—3. To let go. ୪ । ପରିତ୍ୟାଗ କରିବା; ଛାଡ଼ିବା—4. To abandon. ୫ । ଦାନ କରିବା—5. To give; to bestow. ୬ । ଶର ଅସ୍ତ୍ର ଫୋପାଡ଼ିବା—6. To discharge ( an arrow or other missile.) ୭ । ଆନନ୍ଦିତ କରାଇବା—7. To give delight. ୮ । ଠକାଇବା—8. To deceive. ୯ । କହିବା—9. To speak. ୧୦ । ଗର୍ବ କରିବା—10. To be proud. ୧୧ । ଚୂର୍ଣ୍ଣ କରିବା—11. To pound. ୧୨ । ଚର୍ବଣ କରିବା—12. To chew. ୧୩ । ପୋଛିବା—13. To wipe out. ୧୪ । ମୁକ୍ତି ପାଇବା—14. To be released.

ମୁଚ(ଚୁ)କି ମୁଚ(ଚୁ)କି ହସିବା—ଦେ. କ୍ରି—ଈଷତ୍‌ହାସ୍ୟ କରିବା—
Much-(chu)ki much-(chu)ki hasibā To smile. মুচকিমুচকি হাসা मुसकमुसककर हसना ( କ୍ରି-ଅବ୍ୟ ଜଣେ [ମୁଚ(ଚୁ)କେଇ ହସିବା—ଅନ୍ୟରୂପ] ସେଠାରେ ବସି ମୁଚକି ମୁଚକି ହସୁଥିଲା—ସ୍ୱାଧୀନାଥ ବବେର)

ମୁଚ୍‌କି ଯିବା—ଦେ. କ୍ରି ( ସଂ. ମୁଚୁଟୀ=ଅଙ୍ଗୁଳି ମୋଟନ )—ମଚକି Much-ki jibā ଯିବା; ଗୋଡ଼ଲାଗିଲେ ଗୋଡ଼ ମୋଡ଼ି ହୋଇଯିବା [ମୁଚ(ଚୁ)କିବା—ଅନ୍ୟରୂପ] To be sprained (said মচকে যাওয়া, মুচড়া मचकजाना of the legs.)

ମୁଚ(ଚ,ଚୁ)କି ହସ(ସା)—ଦେ. ବି ( ସଂ. ମୁଖ କୁଞ୍ଚିତ )—ମୃଦୁ-
Much-(cha,chu)ki hasa(sā) ହସା; ମୃଦୁହସ; ଈଷତ୍‌ହାସ୍ୟ; মুচকিহাসি मृदुहास्य—Smile; simpering [ ଦ୍ର— मुसकीहसी ଓଡ଼ିଆରେ 'ମୁରୁ(ଡ଼ୁ)କି ହସ' ବୋଲାଯାଏ କିନ୍ତୁ ବର୍ତ୍ତମାନ ବଙ୍ଗଭାଷାର ଅନୁକରଣରେ ମୁଚକି ହସର ବ୍ୟବହାର ଦେଖାଯାଏ । ] ଦେ. ବିଣ. ଯେ ମୃଦୁ ହସେ—Simpering (person).

ମୁଚ(ଚୁ) ମୁଚିଆ—ଦେ. ବିଣ—(ସଂ. କୁଞ୍ଚିତ)—କୁଞ୍ଚିତ; କୁଞ୍ଚ କୁଞ୍ଚିଆ—
Much-(chu) muchiā কোঁচকান Curled; crisp. घुंघरवाला

ମୁଚଲି—ପ୍ରାଦେ. (ସମ୍ବଲପୁର)—ବି—ମୁଚୁଲା; ତକିଆ—
Much lā Pillow; bolster.

ମୁଚକ—ସଂ. ବି.—(ମୁଚ୍ ଧାତୁ=ଆନନ୍ଦିତ କରାଇବା+କର୍ତ୍ତୃ. ଅକ)—
Muchaka ଲାକ୍ଷା—Lac.

ମୁଚ(ଚୁ)କୁନ୍ଦ—ସଂ. ବି—୧ । ବକୁଳାଦି ବର୍ଗର ଏକ ପ୍ରକାର
Mucha(chu)kunda ବଡ଼ ଗଛ—1. Pterospermum ଅନ୍ୟ ସଂ. ନାମ— Acerefolium, Suberifolim ମୁଚୁକୁନ୍ଦକ, ବହୁ ପତ୍ର, ଛତ୍ର, or Salicifolium. [ ଦ୍ର—ଏହା ପ୍ରତିବିଷ୍ଣୁକ, ହରିବଲ୍ଲଭ, ବକୁଳାଦି ବର୍ଗର ଏକ ପ୍ରକାର ବଡ଼ ଗଛ; କ୍ଷତ୍ର ବୃକ୍ଷ, ଚିତ୍ରକ, ସୁପୁଷ୍ପ, ଏହାର ସୁଗନ୍ଧଯୁକ୍ତ ଫୁଲ ଦେଖିବାକୁ ବେଣ୍ଟିପରି ଛତ୍ରବୃକ୍ଷ, ଲକ୍ଷ୍ମୀ ପ୍ରସବ, ଲମ୍ବା । ଫୁଲର ପାଞ୍ଚ ପାଖୁଡ଼ା ଓ ପାଖୁଡ଼ା ଦୀର୍ଘ ପୁଷ୍ପ; ସ୍ଥଦଳ ଗୁଡ଼ିକ ଖୁବ୍ ମୋଟ । ପାଖୁଡ଼ାର ବାହାର মুচকুন্দ ପାଖ ମଖମଲି ପରି ସୂକ୍ଷ୍ମ ଲୋମ ବିଶିଷ୍ଟ ଓ मुचकुन्द ହଳଦିଆ । ପାଖୁଡ଼ାର ଭିତର ପାଖ ଧଳା । ଫୁଲର ବାସନା ଭାରି ସୁଗନ୍ଧଯୁକ୍ତ ବଂ. ମୁଚକୁନ୍ଦ ଓ ଭିନ୍ନ । ଏହି ଫୁଲର ଶୁଖିଲା ପାଖୁଡ଼ାକୁ ହି. ମୁଚକୁନ୍ଦ

ତେ. ଲକ୍ଷ୍ମଣ; ଗୋଲକ୍ଷ ଚିହ୍ନାଇଲେ ସେ ପାଣି ପେଟ ମଣ୍ଡ ରୋଗରେ
ତା. ଲାକ୍ଷ୍ମଣ୍; ଝଣ୍ଟି ଔଷଧ ରୂପେ ବ୍ୟବହୃତ ହୁଏ । ଏ ଗଛର ପତ୍ର ବଡ଼ ବଡ଼ ଓ ଲୋମଶ ଏବଂ ଏଥିର ଫଳ ପଣସ କଠା ପରି ଲମ୍ୱା ଓ ଝାଣ୍ଟୁଆ । ଗଉଡ଼ା ପତ୍ରର ମଝିରେ ଚେଣ୍ଡ଼ା ଥାଏ । ଏ କାଠର ମଞ୍ଜି ନାଲି । ଏହାକୁ କେହି କେହି ଭ୍ରମରେ କନକ ଚମ୍ପା ବୋଲି କହି ଥାଆନ୍ତି; ଏଥିର ଫୁଲ ଓ ଛାଲ ଔଷଧରେ ଲାଗେ । ବୈଦ୍ୟକ ମତରେ ଏହା ଗରମ, କଟୁ, ସ୍ୱର ମଧୁରକାରୀ ଏବଂ କଫ, କାଶ, ଚର୍ମରୋଗ, କଣ୍ଡୁ, ଶିରୋବ୍ୟଥା, ଓ ବିଦୋଷ ଓ ରକ୍ତ ପିତ୍ତ ବିକାର ନାଶକ ।] ୨ । ମୁନିବିଶେଷ—2. Name of a sage. ୩ । ଦୈତ୍ୟ ବିଶେଷ—3. Name of demon. ୪ । ମହାରାଜ ମାନ୍ଧାତାଙ୍କ ପୁତ୍ର—4. Name of the son of king Māndhātā. [ଦ୍ର—ଏ ଜଣେ ଅସାମାନ୍ୟ ବୀର ଥିଲେ । ଦେବାସୁର ଯୁଦ୍ଧ ସମୟରେ ଦେବତାମାନେ ପ୍ରୀତ ହୋଇ ଏହାଙ୍କୁ ବର ମାଗିବାରେ ଏ କହିଲେ "ମୁଁ ଯୁଦ୍ଧରେ ଅତ୍ୟନ୍ତ କ୍ଳାନ୍ତ ହୋଇଥିବାରୁ କ୍ଳାନ୍ତି ନିବାରଣାର୍ଥ ଶୋଇବି । 'ଯେ ମୋ ନିଦ୍ରାଭଙ୍ଗ କରିବ ସେ ଭସ୍ମୀଭୂତ ହେବ' ମୋତେ ଏହି ବର ଦିଅନ୍ତୁ" । ଦେବତାମାନେ ତାଙ୍କୁ ସେହି ବର ଦେଲେ । ଏହି ବର ପାଇ ଏ ଗୋଟିଏ ପର୍ବତ ଗୁହାରେ ଶୋଇଲେ; ବହୁ ଯୁଗ ଅତୀତ ହୋଇଗଲା ପରେ ଶ୍ରୀକୃଷ୍ଣ କାଳଯବନକୁ ବିନାଶ କରିବା ଅଭିପ୍ରାୟରେ ସୁକୌଶଳ କରି ଯାକୁ ମୁଚୁକୁନ୍ଦ ଶୋଇଥିବା ଗୁହାକୁ ନେଇ କାଳଯବନ ଦ୍ୱାରା ତାହାଙ୍କର ନିଦ୍ରା ଭଙ୍ଗାଇଲେ ଓ ମୁଚକୁନ୍ଦ ନିଦ୍ରାରୁ ଉଠି କାଳଯବନକୁ ଦେଖିବାରୁ କାଳଯବନ ଭସ୍ମୀଭୂତ ହୋଇଗଲା । ମୁଚକୁନ୍ଦ ନିଦ୍ରାରୁ ଉଠି ଦେଖିଲେ ଯେ ଯୁଗପରିବର୍ତ୍ତନ ସଙ୍ଗେ ସଙ୍ଗେ ତାଙ୍କ ରାଜ୍ୟ ଓ ପରିବାରବର୍ଗଙ୍କର ଚିହ୍ନମାତ୍ର ନାହିଁ । ଏହା ଦେଖି ଦୁଃଖରେ ସେ ତପସ୍ୟାର୍ଥ ହିମାଳୟକୁ ଗମନ କରି ସେଠାରେ ଯୋଗାବଲମ୍ବନପୂର୍ବକ ତନୁତ୍ୟାଗ କଲେ ।]

ମୁଚ(ଚୁ)କୁନ୍ଦୀ—ଦେ.ବି—(ସଂ. ମୁଚକୁନ୍ଦ)—ମୁଚକୁନ୍ଦ ୧ । (ଦେଖ)—
Mucha(chu)kundī Muchakunda 1. (see).

ମୁଚଙ୍ଗ—ବୈଦେ. ବି (ପା.)—ବୀଣାବିଶେଷ; ଏହାର ତାରକୁ ଦାନ୍ତରେ
Muchaṅga କାମୁଡ଼ି ବଜାଇବାକୁ ହୁଏ—A kind of harp
मुचंग set to music by the teeth.

ମୁଚଲିକା—ବୈଦେ. ପ୍ରାଦେ (ଗଞ୍ଜାମ) ବି. (ଫାର୍. ମୁଚଲ୍‌କା=ଚୁକ୍ତି-
Muchalikā ପତ୍ର)—ଉତ୍ପନ୍ନ ଫସଲର ଭାଗ ଦେବାପାଇଁ ରୟତମାନେ ଜମିଦାରଙ୍କୁ ସମ୍ପାଦନ କରିଦେବା ଚୁକ୍ତିପତ୍ର—A deed of agreement executed by a tenant to the landlord for cultivating the land of the latter on the condition of giving the latter a share of the produce.

ମୁଚ୍(ଚି, ଚୁ)ଲିକା—ବୈଦେ. ବି (ଫାର୍—ମୁଚଲ୍‌କା)—୧ । କୌଣସି
Muchā(chi; chu)likā କାର୍ଯ୍ୟ କରିବା ପାଇଁ ଅଙ୍ଗୀକାର ପତ୍ର,
মুচলকা ଉକ୍ତ କାର୍ଯ୍ୟ ନ କଲେ ଅଙ୍ଗୀକାର ଭଙ୍ଗକାରୀ କି ଦଣ୍ଡ
मुचलका ପାଇବ ବା କେତେ ଅର୍ଥଦଣ୍ଡ ଦେବ, ତାହା ଯହିଁରେ ଲେଖାଥାଏ—1. A deed of agreement stipulating a penalty for the breach thereof; a security bond; a recognisance bond. ୨ । ଶାନ୍ତିରକ୍ଷାପାଇଁ ଦୁଷ୍ଟ ବ୍ୟକ୍ତିର ମାଜିଷ୍ଟ୍ରେଟଙ୍କୁ ଲେଖିଦେବା ପ୍ରତିଜ୍ଞା ପତ୍ର—2. A bond to keep the peace, executed by a wicked person to the magistrate [ଦ୍ର—ମଫସଲରେ ଜମିଦାର ବା ପଞ୍ଚାୟତମାନଙ୍କ ନିକଟରେ ଉପସ୍ଥିତ ବାଦୀ ପ୍ରତିବାଦୀ ଉଭୟେ ନିର୍ଦ୍ଦିଷ୍ଟ ପରିମାଣ ଟଙ୍କା ଉଲ୍ଲେଖ କରି ମୁଚୁଲିକା ଲେଖି ଦିଅନ୍ତି । ବିବାଦ ବିଚାର ପରେ ଯେଉଁ ପକ୍ଷ ଦୋଷୀ ହେବ, ସେ ପକ୍ଷ ଉକ୍ତ ମୁଚୁଲିକା ଲିଖିତ ଅର୍ଥଦଣ୍ଡ ଦେବାକୁ ବାଧ୍ୟ ହେବ ବୋଲି ଉଭୟପକ୍ଷ ଅଙ୍ଗୀକାର କରନ୍ତି । ଆସାମୀ ବା ସାକ୍ଷୀ ଅଦାଲତରେ ନିର୍ଦ୍ଦିଷ୍ଟ ତାରିଖରେ ଉପସ୍ଥିତ ହେବା ନିମନ୍ତେ ମୁଚୁଲିକା ଲେଖି ଦିଅନ୍ତି । ଦୁଷ୍ଟଲୋକମାନେ ଭବିଷ୍ୟତରେ ଶାନ୍ତିଭଙ୍ଗ ନ କରିବେ କିମ୍ବା ଅସଦାଚରଣ ନ କରିବେ ବୋଲି ମଧ୍ୟ ମାଜିଷ୍ଟ୍ରେଟଙ୍କ ନିକଟରେ ମୁଚୁଲିକା ଲେଖିଦିଅନ୍ତି । ଜଣକ ପାଇଁ ଆଉ ଜଣେ ମୁଚୁଲିକା ଲେଖିଦେଲେ ଉକ୍ତ ଲେଖାକୁ ଜାମିନ୍‌ନାମା ବୋଲାଯାଏ ।]

ମୁଚି—ଦେ. ବି. ପୁଂ—(ସଂ. ମୌଚିକ ବା ଚର୍ମକାର)—ମୋଚି; ଯୋତା
Muchi ତିଆରି କରିବା ବ୍ୟବସାୟୀ ବ୍ୟକ୍ତି—Shoe-maker;
মোচী मोची cobbler; currier; tanner.
ମୁଚିଆଣୀ—ସ୍ତ୍ରୀ

ମୁଚିଆଣୀ—ଦେ. ବି. ସ୍ତ୍ରୀ—ମୋଚିର ସ୍ତ୍ରୀ—A cobbler woman.
Muchiāṇi মোচিয়ানী मोचियानी

ମୁଚିପାଣି—ଦେ. ବି—ମୋଚିପାଣି (ଦେଖ)
Muchipāṇi Mochipāṇi (see).

ମୁଚିର—ସଂ. ବିଣ. ପୁଂ (ମୁଚ୍ ଧାତୁ=ଦାନ କରିବା+କର୍ତ୍ତୃ. ଇର)—
Muchira ୧ । ଦାନ ଶୀଳ; ବଦାନ୍ୟ—1. Munificent.
(ମୁଚିରା—ସ୍ତ୍ରୀ) liberal; generous. ବି.—୧ । ଧର୍ମଦେବତା—1. The God of the righteous. ୨ । ବାୟୁ—2. Wind. ୩ । ଦେବତା—3. Deity.

ମୁଚୁକାଳି—ଦେ.ବି—୧। ଅନ୍ତରାଳରେ ଥାଇ ଅଳ୍ପ ମୁହଁ ଦେଖାଇବା—
Muchukāḷi 1. Peeping out from behind a hidding
লুকোচুরী place; ୨ । ଲୁଚକାଳି ଖେଳ—2. The game of
लुकाचूरी hide-and-seek.

ମୁଚୁକିହସ(ସା)—ମୁଚୁକି ହସ (ଦେଖ)—
Muchuki hasa(sā) Much-ki hasa (see).

ମୁଚୁକି(କେଇ) ହସିବା—ଦେ.କ୍ରି—ଈଷଦ୍‌ହାସ୍ୟ କରିବା—To smile;
Muchuki(kei)hasibā to simper.
মুচ্‌কী(কে)হাসা मुसकराकर हँसना

ମୁଚୁକୁନ୍ଦ—ସଂ. ବି.—ମୁଚକୁନ୍ଦ (ଦେଖ)—Muchakunda (see).
Muchukunda (ଦ୍ର—ମୁଚୁକୁନ୍ଦ, ଚମ୍ପା, କେଶର, ତମାଳ-ସ୍ୱଧାନାଥ ତଳକୁ ।

ମୁଚୁଟି—ସଂ. ବି (ମୁଚ୍ ଧାତୁ+ଭାବ. ଉଟି)—୧। ଅଙ୍ଗୁଠିଦ୍ୱାରା
Muchuṭi ଫୁଟୁକା; ଅଙ୍ଗୁଳି ମୋଟନ; ଅଙ୍ଗୁଠି ଫୁଟାଇବା—
1. Cracking of the finger-joints. ୨।
(+କର୍ମ ଉଟି) ମୁଠା; ମୁଷ୍ଟି—2. Fist.

ମୁଚୁଲା(ଳି)—ଦେ. ବି—୧। ମାଣ୍ଡି; ତକିଆ; ତୁଳାଆଦି ନରମ ପଦାର୍ଥ-
Muchuḷā(ḷi) ପୂର୍ଣ୍ଣ ଥଳି—1. Pillow. [ଉ—ତଳେ
মাথার বালিস ଶୋଇ ହାତ ମୁଚୁଳି ଯେ କରଇ, ଦେବେ
तकिया; बालिस्ता ତାହାକୁ ପ୍ରଶଂସନ୍ତି ଲୋକ ବହୁ। କୃଷ୍ଣସିଂହ.
ମହାଭାରତ. ବନ।] ୨। ବୋହିଆମାନେ ମୁଣ୍ଡରେ ବା
চিমলা କାନ୍ଧରେ ବୋଝ ରଖିବା ପାଇଁ ବ୍ୟବହାର କରୁଥିବା
बींडा କନାର ମଲା; ଚୁମ୍ବୁଲା—2. A cushion or ball of rags used by porters on the head or shoulders to carry loads on. ୩। ହାଣ୍ଡିକୁ ଭୂଇଁରେ ରଖିବା ପାଇଁ ବ୍ୟବହୃତ ପାଳଆଦିର ମୋଡ଼ା; ମଲା—3. Circular cushion of straw used to set round-based pots securely on the ground.

ମୁଛିବା—ଦେ. କ୍ରି (ସଂ. ମୁଞ୍ଚ ଧାତୁ)—୧। ମୁରୁଛିବା; ମାୟା ତ୍ୟାଗ
Muchchhibā କରିବା—1. To give up attachment for a person or thing. ୨। ତ୍ୟାଗ କରିବା—2. To give up. [ଉ—ଇନ୍ଦ୍ରଠାରୁ ସ୍ନେହ ନ ପାରନ୍ତି ମୁଛି। କୃଷ୍ଣସିଂହ. ମହାଭାରତ. ବନ।] ୩। ଧନ ଲୋଭ ତ୍ୟାଗ କରି ବ୍ୟୟ କରିବା—3. To spend lavishly.

ମୁଛ—ଦେ. ବି (ସଂ. ଶ୍ମଶ୍ରୁ; ପ୍ରା. ମଂସୁ; ତମ୍ପା ସ କୂର୍ଚ୍ଚ=କଠିନ
Muchha ଶ୍ମଶ୍ରୁ)—ଉଷ—Mustaches. [ଦ୍ର—ଉପର
গোঁপ, মোছ(চ) ଶ୍ମଶ୍ରୁକୁ ଉଷ ଓ ସକଳ ଶ୍ମଶ୍ରୁକୁ ମୁଛ ବୋଲାଯାଏ;
मोछ ମୁହଁର ଗୋଟିଏ ପାଖର ମୁଛକୁ ପଟାଏ ମୁଛ ବୋଲାଯାଏ।])

ମୁଛଡ଼ିବା—ସଂ. ବି—ମୁଛୁଡ଼ିବା (ଦେଖ)
Muchhaṛdibā Muchhuṛdibā (See)

ମୁଛ ଦାଢ଼ି—ଦେ. ବି (ସମାହାର) (ସଂ. ଶ୍ମଶ୍ରୁ+ଦାଢ଼ିକା)—ମୁଛ ଓ
Muchha daṛdhi ଦାଢ଼ୀ; ଓଠର ଉପର ଓଠ ଉପରେ ଥିବା
গোঁপদাড়ী मोछदाढी ଉଷ ଓ ତଳ ଓଠର ତଳେ ଥିବା ଦାଢ଼ୀ—Mustaches and beard.

ମୁଛଡ଼(ଡ଼ି)—ବୈଦେ. ବି—ମୁଛୁଡ଼ି (ଦେଖ)
Muchhadi(ddi) Muchhudi (See)

ମୁଛ ମୋଡ଼ିବା—ଦେ. କ୍ରି—ହାତ ଦ୍ୱାରା ମୁଛକୁ ସାଉଁଳିବା—To
Muchha morḍibā set one's mustaches in order
মোচে (গোঁপে)তা দেওয়া by the hand.
मोछ फेडना, मोछपर ताव देना [ଦ୍ର—ମୁଛ ରଖିବା ପୌରୁଷ-
[ମୁଛରେ ହାତ ପକା(ଦେ)ଇବା—ଅନ୍ୟରୂପ] ବ୍ୟଞ୍ଜକ। ଗର୍ବ ବା ଦର୍ପ ବା ଅହଙ୍କାର ପ୍ରକାଶ କରିବା ଉପଲକ୍ଷରେ ଲୋକେ ମୁଛ ମୋଡ଼ି ଥାଆନ୍ତି।]

ମୁଛା—ଦେ. ବିଣ—ଉଷଥିବା; ମୁଛଯୁକ୍ତ—
Muchhā Having mustaches.
গুঁফো मोछवाला, मुछन्दर, मुछियल
(ମୁଛିଆ—ଅନ୍ୟରୂପ)

ମୁଛି—ପ୍ରାଦେ. (ମେଦିନୀପୁର) ବି—ମାଳ (ଦେଖ)
Muchhi Mālā (See)

ମୁଛିଆ ହଳଦି ବସନ୍ତ—ଦେ. ବି—ଏକ ଜାତୀୟ ହଳଦୀ ବସନ୍ତ ପକ୍ଷୀ—
Muchhiā haḷadi basanta Barbet (bird).
[ଦ୍ର—ଏମାନଙ୍କ ଥଣ୍ଟର ମୂଳରେ ମୁଛ ପରି ଗୋଟି କେତେ ଲମ୍ବ ଠାଣୁଆ ଲୋମ (ଉଷ) ବାହାରି ଥାଏ।]

ମୁଛୁଡ଼ିବା—ପ୍ରାଦେ. (ଗଡ଼ଜାତ) କ୍ରି. (ସଂ. ମୁଚୁଟି—ଅଙ୍ଗୁଳି
Muchhurḍibā ମୋଟନ)—ଠକିବା—To cheat.

ମୁଛୁ(ଛ, ଚ୍ଛ, ଚ୍ଛୁ)ଦି(ଦ୍ଦି)—ବୈଦେ. ବି. (ଅ. ମୁସୱି=ଲେଖକ)—
Muchhu(chha, chchha, chchhu)di(ddi)
মুচ্ছদ্দি, মুতসদ্দি ୧। ସାଂସାରିକ ବିଷୟ କର୍ମର ଭାରପ୍ରାପ୍ତ
मुत्सुद्दि, मुतसद्दी କର୍ମଚାରୀ; ଗୁମାସ୍ତା—1. An agent. ୨।
ମେନେଜର୍—2. Manager. ୩। କାର୍ଯ୍ୟାଧ୍ୟକ୍ଷ—
3. Superintendent. ୪। ମୋହରର୍; ଲେଖକ—
4 A writer; clerk

ମୁଜ(ଜୁ)ମଦାର—ବୈଦେ. ବି—ମଜୁମ୍ଦାର (ଦେଖ)
Muja(ju)madāra Majumdāra (See)

ମୁଜମ୍ମା—ବୈଦେ. ବି. (ଅ)—ଘୋଡ଼ାକୁ ରୋକିବା ସକାଶେ ଘୋଡ଼ାର
Mujammā ମୁହଁ ପାଖ କଡ଼ିଆଳି ସଙ୍ଗେ ସଂଯୁକ୍ତ ଚମଡ଼ାର
মুজমা ଲଗାମ; ବାଗଡୋରି—A bridle attached to
मुजम्मा the bit of a horse to curb its progress at the will of the rider.

ମୁଜରିମ୍—ବୈଦେ ବି ଓ ବିଣ. (କଚେରୀ) (ଅ)—ମୁଦାଲା; କୌଣସି
Mujarim ଅପରାଧରେ ଅଭିଯୁକ୍ତ ବ୍ୟକ୍ତି—A person
মুজরিম accused of an offence; an accused.
मुजरिम

ମୁଜା(ଝା)ଇ(ଏ, ହି, ହେ)ମ୍(ମି)—ବୈଦେ. ବି. (କଚେରୀ) (ଅ.
Mujā (jhā)i(e, hi, he)m(mi) ମୁଜାହିମ୍)—୧। ଆପତ୍ତି—
মু(মো)জাহে(হি)ম 1. Objection. ୨। ଦାବି—2. Claim.
मुजाहीम ୩। ଜଣେ ଦାବି କରୁଥିବା ସମ୍ପତ୍ତି ସମ୍ବନ୍ଧେ ବିପକ୍ଷର ଦାବି—3. Counter claim. ବି ଓ ବିଣ—୧। ଆପତ୍ତିକାରୀ 1. Objector. ୨। ଦାବିଦାର୍—2. Claimant. [ଦ୍ର—ଅଦାଲତରେ ଦରଖାସ୍ତକାରୀ ବା ପ୍ରଥମ ଦାବିଦାର୍‌କୁ ସାଏଲ ଓ ବିପକ୍ଷ ଦାବିଦାର୍ ବା ଆପତ୍ତିକାରୀକୁ ମୁଜାହିମ୍ ବୋଲାଯାଏ।]

ମୁଜାଇମ୍(ମି) ଦରଖାସ୍ତ—ବୈଦେ. ବି. (କଚେରୀ) (ଅ. ଓ ପା)—
Mujāim(mi)darakhāst ଅଦାଲତରେ ଦାଖଲ କରାଯିବା
মোজাহেম দরখাস্ত ଆପତ୍ତି ଦରଖାସ୍ତ—Petition for claim;
मुजाहिम दरख्वास्त objection petition.

ମୁଜାଇମ୍ ମକଦ(ଦ୍ଦ)ମା—ଦେ. ବି. (ଫାରସୀ)—ଅପତ୍ତି ବା ଦାବି
Mujāim makada(dda)mā ସମ୍ବନ୍ଧୀୟ ମକଦମା—
মোজাহেম মোকদ্দমা A claim case; as case or off-
मुजाहिम मुकद्दमा shoot of an original suit, in which an objection or claim is set up; gone into and adjudicated upon.

ମୁଜାଇମ୍ ହେବା—ଦେ. କ୍ରି. ( ଫାରସୀ )—ଅଦାଲତରେ ଅପତ୍ତିକାରୀ
Mujāim hebā ରୂପେ ଠିଆ ହେବା—To stand as a
মোজাহেম হওয়া claimant or objector in court.

ମୁଜାଏମ୍ ଦାର—ବିଦେ. ବି ଓ ବିଣ.(ଫାରସୀ)(ପ୍ରା)—୧। ଅପତ୍ତିକାରୀ—
Mujāemadār 1. Objector. ୨। ଦାବିଦାର—
মু(মো)জাহেম 2. Claimant. ୩। ପ୍ରତିଦ୍ୱନ୍ଦ୍ୱୀ ଦାବିଦାର—
मजाहिम 3. Counter-claimant.

ମୁଜାଏମ୍ ହେ(ଦେ)ବା—ଦେ.କ୍ରି (ଫାରସୀ)—କୌଣସି ବିଷୟର ସମ୍ପର୍କ
Mujāemhe(de)bā ପକ୍ଷେ ଅଦାଲତରେ ଅପତ୍ତି ଦରଖାସ୍ତ ଦାଖଲ
(ମୁଜାଏମ ପକାଇବା—ଅନ୍ୟରୂପ) କରିବା—To file an objection petition or a counter claim
মোজাহিম হওয়া मुजाहिम होना in a court.

ମୁଜାବର୍—ବିଦେ. ବି (ଅ)—କୌଣସି ପୀରଙ୍କ ଦରଗାରେ ବା
Mujābar ଅସ୍ଥାନରେ ରହି ସେଠା ଓଳାଇବା, ସେଠାରେ
মুজাবর मुजावर ସନ୍ଧ୍ୟାବତୀ ଲଗାଇବା ଆଦି କାର୍ଯ୍ୟ କରିବା
ମୁସଲମାନ୍—A Mahomedan who is a whole-time servant in a saint's tomb.

ମୁଜୁମ୍—ପ୍ରାଦେ (ଗଡ଼ଜାତ) ବି—ଜିଦ୍; ଜବର—
Mujum Importunity; insistence.

ମୁଞ୍ଚ୍(ଧାତୁ)—ସ—୧। ଛାଡ଼ିଦେବା—1. To let go. ୨। ତ୍ୟାଗକରିବା
Muñch (root) 2. To abandon. ୩। ମୋଚନ କରିବା—
3. To give up; to discharge.

ମୁଞ୍ଚକ—ସ.ବି(ମୁଞ୍ଚ୍ ଧାତୁ+କର୍ତ୍ତୃ.ଅକ)—୧। ମୁଷ୍କକ ବୃକ୍ଷ—1. Name
Muñchaka of a tree. ୨। ଅଣ୍ଡକୋଷ—2. Testicle.

ମୁଞ୍ଚନ—ସ. ବି (ମୁଞ୍ଚ୍ ଧାତୁ+ଭାବ.ଅନ)—ତ୍ୟାଗ—Giving up.
Muñchana ( ଯଥା—କରରେ କର ବାନ୍ଧ, ତାହାଙ୍କ ପର ମୋଚନ, ହୋଏ କି ମନ ମୁଞ୍ଚନ, ନାହିଁ ବନ୍ଧନ—ଉକ୍ତ. ପ୍ରେମସୁଧାନିଧି।.]

ମୁଞ୍ଚା—ଦେ. ବି (ସ. ମୁଞ୍ଚ୍ ଧାତୁ )—ତ୍ୟାଗ—Abandonment.
Muñchā ବିଣ—ତ୍ୟକ୍ତ—Abandoned.
ত্যাগ मुँचना ( ଯଥା—ତାଙ୍କ ସଙ୍ଗେ ବିଳାସ ଜଳକୁ ହେ ସିଞ୍ଚି, ଦଥ କାମଅନଳ ସନ୍ତାପକୁ ମୁଞ୍ଚି—କୃଷ୍ଣସିଂହ. ମହାଭାରତ ବନ୍ଦନ।)

ମୁଞ୍ଚିବା—ଦେ (ପଦ୍ୟ) କ୍ରି (ସ. ମୁଞ୍ଚ୍ ଧାତୁ)—୧। ତ୍ୟାଗ କରିବା—
Muñchibā 1. To abandon. ୨। ମୋଚନ କରିବା
মুঞ্চা । मुँचना 2. To discharge. (ଯଥା—
କର୍ଣ୍ଣପର୍ବ ଶୁଣି ଦାସକୁ ମୁଞ୍ଚିଲେ—କୃଷ୍ଣସିଂହ ମହାଭାରତ. ସଭା।)

ମୁଞ୍ଜ୍ (ଧାତୁ)—ସ୍ୱ°—ଶବ୍ଦ କରିବା—
Muñj (root) To make a sound.

ମୁଞ୍ଜ—ସ.ବି (ମୁଞ୍ଜ୍ ଧାତୁ+କର୍ତ୍ତୃ.ଅ)—୧। ଏକପ୍ରକାର ତୃଣ; କାଇଁଶ ତୃଣ—1. A kind of grass from which a newly initiated Brahman boy's girdle is spun. Sacharum Mconja; Sacharum Varciliaris.
Muñja
ସ. ମୁଞ୍ଜାତକ, ବାଣ, ସ୍ଥୂଳଦର୍ଭ; ମୌଞ୍ଜୀତୃଣ, ବ୍ରାହ୍ମଣ୍ୟ, ତେଜନାହ୍ୱୟ, ବାଣାହ୍ୱ, ମୁଞ୍ଜନକ ଶାଖ, ଦର୍ଭାହ୍ୱୟ, ଦୁର୍ମିଳ, ଦୃଢ଼ମୂଳ, ବହୁପ୍ରଜ, ରଞ୍ଜନ, ଶରମୁଖ
मुञ्ज(ञ), शर
मुँज, रामशर
ତେ ମୁଞ୍ଜଗଡ୍ଡି, ଅନୁଞ୍ଜୁଲଙ୍ଗ
ସ. ବ୍ରହ୍ମଣ ମେଖଳା
ମ. ମୋଳ
[ଦ୍ର—ମୁଞ୍ଜ ତୃଣ ଦୁଇ ପ୍ରକାର—ମୁଞ୍ଜ ଓ ଭଦ୍ରମୁଞ୍ଜ। ବୈଦ୍ୟକ ଶାସ୍ତ୍ର ମତରେ ଏହା ମଧୁର କଷାୟ, ଶୀତବୀର୍ଯ୍ୟ ଓ ଦାହ, ତୃଷ୍ଣା, ବିସର୍ପ, ଅସ୍ର, ମୂତ୍ରକୃଚ୍ଛ୍ର, ନେତ୍ର ରୋଗ ଓ ତ୍ରିଦୋଷ ନାଶକ ଏବଂ ଶୁକ୍ରବର୍ଦ୍ଧକ। ଏଥିରେ ଦ୍ୱିଜ ବାଳକଙ୍କ ଉପନୟନ ବେଳେ ପରିଧେୟ ମେଖଳା ତିଆରି ହୁଏ। ଏହା ବୁଦା ବୁଦା ହୋଇ ଉଠେ; ଏଥିରୁ ଡାଳ ବାହାରେ ନାହିଁ। ମୂଳରୁ ଏହାର ସରୁ ଲମ୍ବ ପତ୍ରମାନ ଘନ ଭାବରେ ବାହାରେ। ପତ୍ର ମଝିରେ ଗୋଟିଏ ଠାଣୁଆ ଶିରା ଥାଏ। ବୁଦାର ମଝିରୁ ଗୋଟିଏ ଲମ୍ବ କାଣ୍ଡ ବାହାରେ ଓ କାଣ୍ଡର ଅଗରେ ଧଳା ଧଳା ଫୁଲ ଫୁଟେ। ଏ କାଣ୍ଡର ଛାଲ ଖୁବ ଚକ୍କଣ ଓ ଚୋପା ହୁଏ। କାଣ୍ଡର ଛାଲରୁ ସୁନ୍ଦର ଡାଲି ଓ ଟୋକେଇ ଆଦି ବୁଣାଯାଏ।] ୨। ଶରତୃଣ—2. A kind of reed grass. ୩। ଯଜ୍ଞୋପବୀତ; ପଇତା—3. A Brāhmaṇa's sacred thread. ୪। ଶର; ବାଣ—4. Arrow. ୫। (ନାମ) ମାଳବ ଦେଶର ନୃପତି ସିନ୍ଧୁଳ ବର୍ଣ୍ଣଦେବଙ୍କ ପୁତ୍ର—5. Name of an ancient prince of the Māḷaba country.

ମୁଞ୍ଜ କେଶ(ଶୀ)—ସ. ବିଣ. ପୁଂ. ( ମୁଞ୍ଜ ପରି ଟାଣୁଆ କେଶ ଯାହାର
Muñja keśa(śi) ବହୁବ୍ରୀହି)—ମୁଞ୍ଜ ପରି ଟାଣୁଆ ବା କଡ଼ା କେଶଯୁକ୍ତ—Tough-haired.
ମୁଞ୍ଜକେଶା } ସ୍ତ୍ରୀ
ମୁଞ୍ଜକେଶୀ }
ବି—୧। ବିଷ୍ଣୁ—1. Bishṇu.
୨। ଶିବ (ଶ୍ରୀ. ଶ)—2. Śiba.

ମୁଞ୍ଜ ପୃଷ୍ଠ—ସ. ବି. ( ଏଠାରେ ମୁଞ୍ଜ ତୃଣ ଜନ୍ମୁଥିବାରୁ )—ହିମାଳୟର
Muñja pṛushṭha ଶୃଙ୍ଗ ବିଶେଷ—Name of a peak of the Himālayas.

ମୁଞ୍ଜ ବନ୍ଧନ(ନୀ)—ସ. ବି. (ମଂ ସ. ଲୋ କର୍ମଧା; ମୁଞ୍ଜ ନିର୍ମିତ ବନ୍ଧନ)—
Muñja bandhana(ni) ନବବ୍ରହ୍ମଚାରୀଙ୍କ ପରିଧେୟ ମୁଞ୍ଜତୃଣ ନିର୍ମିତ
(ମୁଞ୍ଜ ମେଖଳା—ସ୍ତ୍ରୀ) ମେଖଳା—A girdle made of muñja grass worn by the newly initiated Brāhmaṇa. (ଯଥା—ମୁଞ୍ଜ ମେଖଳାରେ ବନ୍ଧ ଶୋଭେ କଟି ଦେଶ। ରଘୁନାଥ. ମହାଯାତ୍ରା।)

ମୁଞ୍ଜ ମଣି—ସଂ. ବି—ପୁଷ୍ପରାଗ ମଣି (ହି. ଶ)—
Muñja maṇi Ruby.

ମୁଞ୍ଜର—ସଂ. ବି. (ମୁଞ୍ଜ=ତୃଣ+ର ଧାତୁ=ଗମନ କରିବା+କର୍ତ୍ତୃ.
Muñjara ଅ)—୧ । ନବ ପଲ୍ଲବିତ ଫୁଲ—1. Budding flower. ୨ । ଶାଲୁକ; ପଦ୍ମର ଓ କଇଁର ମୂଳ (ପ୍ରକୃତିବାଦ) 2. The bulbuous root of lotus and waterlily.

ମୁଞ୍ଜରିତ—ସଂ. ବିଣ. ( ମୁଞ୍ଜର+ଇତ )—ନବ ପଲ୍ଲବିତ (ଫୁଲ)—
Muñjarita Budding (flower); blossomed.

ମୁଞ୍ଜରୀ—ସଂ. ବି. (ମୁଞ୍ଜର+ଈ)—୧ । ତୁଳସୀ ପୁଷ୍ପ; ତୁଳସୀର ଜଠା ବା
Muñjari ମଞ୍ଜରୀ—1. The flower of the Holy Basil plant. ୨ । ତୃଣର ଶୀର୍ଷ; ତୃଣର ଶୀଷା — 2. The ear of corn. ୩ । ପଦ୍ମ କେଶର—3 The spike or filaments of the lotus flower.

ମୁଞ୍ଜା—ଦେ. ବି. ( ସଂ. ମୁଞ୍ଜ )—ମୁଞ୍ଜ (ଦେଖ)—Muñja ( See )
Muñjā (ଦୃ—କଟିରେ ମୁଞ୍ଜାର ମେଖଳା, ସଜ୍ଞୋପବୀତ ଅସ ମାଳା । ଜଗନ୍ନାଥ. ଭାଗବତ ²)

ମୁଞ୍ଜାତକ—ସଂ. ବି—୧ । ମୁଞ୍ଜ ( ଦେଖ )—1. Muñja ( See )
Muñjātaka ୨ । ଔଷଧରେ ବ୍ୟବହୃତ ଏକ ପ୍ରକାର ତୃଣ ମୂଳ —2. A sort of medicinal grass root. [ଦୃ—ଏହା ଉତ୍ତର ଭାରତରେ ମିଳେ । ଏହାର ଅଭାବରେ ତାଳ ମଞ୍ଜା ବ୍ୟବହାର କରିବାର ବ୍ୟବସ୍ଥା ଅଛି (ହି.ଶ) ।]

ମୁଞ୍ଜାଲ—ସଂ. ବି. (ନାମ)—ଲଘୁମାନସ ନାମକ ଜ୍ୟୋତିଷ ଗଣିତ ଗ୍ରନ୍ଥର
Muñjāla ରଚୟିତା—Name of the author of the astrological work named Laghu Mānasa.

ମୁଟ୍ (ଧାତୁ)—ସଂ—୧ । ଘଷିବା—1. To rub; to press. ୨ ।
Muṭ (root) ଚୂର୍ଣ୍ଣ କରିବା; ଚୂରିବା—2. To pound; to grind; to reduce to powder. ୩ । ଭାଙ୍ଗିବା—3. To break down. ୪ । ଦଳିବା—4. To trample down. ୫ । ତିରସ୍କାର କରିବା — 5. To reprove. ୬ । ନିନ୍ଦା କରିବା—6. To blame.

ମୁଟ(ଟୁ)ମୁଟ(ଟୁ)—ଦେ. ଅ. ( ଧ୍ୱନ୍ୟନୁକରଣ )—ମଟମଟଠାରୁ ଅଳ୍ପତ
Muṭ-(ṭu)muṭ-(ṭu) ଶବ୍ଦ; ଛୋଟ ଡାଳ ଆଦି ଭାଙ୍ଗିବାର ଶବ୍ଦ—
ମୁଟମୁଟ Low snapping sound (as of twigs
मुटमुट when broken).

ମୁଟ(ଟୁ)ରା—ଦେ. ବି—ଗଣ୍ଠିରି; ବୋଜଗ—Luggage. ଗ୍ରାଦେ.
Muṭ-(ṭu)rā (ବାଲେଶ୍ୱର) ବି—ଏକ ଜାତୀୟ ମୋଟ ଧାନ;
ମୋଟ ମୋଟରା—A species of coarse paddy.
मोटरा

ମୁଟ—ଗ୍ରାଦେ. (ବାଲେଶ୍ୱର) ବିଣ ଓ ବି—ମୋଟ ( ଦେଖ )
Muṭa Moṭa ( See )

ମୁଟ(ଟୁ)ରି—ଦେ. ବି—ଧାନ ଗଛର ଏକ ପ୍ରକାର ରୋଗ (ଏଥିରେ
Muṭa(ṭu)ri ଧାନର କେଣ୍ଡାମାନ ଶୁଖିଯାଏ)—A disease
ଭେଁପୋ affecting paddy plants by which the
सुखनी ears of corn wither.

ମୁଟିଆ—ଗ୍ରାଦେ. (ବାଲେଶ୍ୱର) ବି. (ତୁଳ. ବ. ମୁଟିୟା )—ବୋହିଥିବା
Muṭiā ମୋଟିଆ—A porter; a load-carrier.

ମୁଟ୍ଠ(ଠା, ଠି)—ଦେ. ବି—ମୁଠ(ଠା, ଠି) ( ଦେଖ )
Muṭṭha(ṭṭhā, ṭṭhi) Muṭha(ṭhā, ṭhi) ( See )

ମୁଠ—ଦେ. ବି. (ସଂ. ମୁଷ୍ଟି)—ତରବାରି ଆଦିର ବେଣ୍ଟ—Hilt or
Muṭha handle of a sword. ଗ୍ରାଦେ. (ବାଲେଶ୍ୱର) ବି
ମୁଟ ଠ) — କାନ୍ଥ ଢଳି ଯାଉଥିଲେ ତାକୁ ରଖିବା ଲାଗି ଦିଆ
मुठ ଯାଇଥିବା କାଠ ବା ବାଉଁଶ ଖଣ୍ଡ; ଠେସ—A prop of wood or bamboo to support a falling wall

ମୁଠା—ଦେ ବି ( ସଂ. ମୁଷ୍ଟି, ପ୍ରା. ମୁଟ୍ଠି )—୧ । ସଂ. କୁଞ୍ଚିତ କରତଳ—
Muṭhā Clenched palm of the hand; clutch.
ମୁଠୀ [ ଦୃ—ମୁଠା କରି ବେନି ହସ୍ତେ କେ ଧରିବ କହ ।
मुट्ठा ସ୍ୱାମଭେଦ. ବ୍ରହ୍ମକଲ୍ପଗୀତା ।] ୨ । ସଙ୍କୁଚିତ କରତଳ ମଧ୍ୟରେ ରହି ପାରିବା ବସ୍ତୁର ପରିମାଣ— 2. A handful. ୩ । ତରବାରି ଆଦିର ବେଣ୍ଟ— 3. The hilt or handle of a sword. ୪ । ଲଙ୍ଗଳର ଧରା; ସେଉଁଠାରେ ଲଙ୍ଗଳକୁ ଧରି ବୁଲାଇବାକୁ ହୁଏ—4. The handle of a plough. ୫ । ( ସଂ. ସମଷ୍ଟି ) ପ୍ରଗନା; ରାଜ୍ୟର ଅଂଶ ବିଶେଷ; ଗ୍ରାମସମଷ୍ଟି—5. Pergunna; name of a fiscal division of a state; a collection of villages taken as a unit. ୬ । ଅକ୍ତିଆର; ଅଧିକାର—6 Control; clutches. ୭ । ଏକ-ପ୍ରକାର ଚାମର—7. A kind of chowrie fan. ୮ । ଏକହାତରେ ପିନ୍ଧାଯିବା କାଚ ବା ଶଙ୍ଖା—8. One set of choories or glass bangles put on one hand. ୯ । ଖଡିକା ବା ଡାଳଆଦି ଏକତ୍ର ବନ୍ଧା ହୋଇଥିବା ଝାଡୁଣି ଓ ପହଁରା—9. A cluster of twigs or wickers bound into a broomstick. ୧୦ । ତାସର ପୁରା ୫୨ ଖଣ୍ଡ—12. A full set of playing cards. ୧୧ । ବଣ୍ଟା ହେବା ପରେ ପ୍ରତ୍ୟେକ ଖେଳାଳିଙ୍କ ହାତରେ ଥିବା ତାସମାନ— 11. The equal number of playing cards in the hand of each individual player before the game begins. ୧୨ । ପ୍ରତ୍ୟେକ ଖେଳାଳି ଖଣ୍ଡିଏ ଖଣ୍ଡିଏ ତାସ ଖେଳିବା ପରେ ଯେଉଁ ତାସଗୁଡ଼ିକ ଉଠାଇ ନିଅ ହୁଏ—12. The group of playing cards which is thrown at a time and which is won by one of the players. ଗ୍ରାଦେ ( ଗଡ଼ଜାତ )—ଜମିମାନଙ୍କର

ଗ୍ରାମ ମଣ୍ଡଳୀ—A group of Khond villages.
ଦେ. ବଣ—ମୁଷ୍ଟିମେୟ—Handful of. ଗ୍ରାଦେ. ବ (ପାନବରଜୀଙ୍କ ଭାଷା)—୧ । ବରଜୀଙ୍କର ସଙ୍କେତ—1. The mark of illiterate betel-leaf-growers. ୨ । ଦୁଇ ପୋତର ଛୁଞ୍ଚ ମୁଣ୍ଡାଇଥିବା ଶେଷ ଗଣ୍ଠି—2. The last knot of string which ties the roof-bamboo put above a row of betel creepers.

ମୁଠା ଆଜ୍ଞା—ଦେ. ବ—ରାଜାଙ୍କ ଶ୍ରୀହସ୍ତାଙ୍କିତ ଆଦେଶ; ହାତ ଚିଠାଉ
Muṭhā ājnā —An order issued under a king's (ମୁଠାଜ୍ଞା—ଅପଭ୍ରଂଶ) signature; Latters Patent.
হাতচিঠা [ ଦ୍ର—ବୈଦେହୀ ସମର୍ପ ଜାବେ ଥିଲେ ଅଷ ମୁଠା
राज आज्ञा ଅକ୍ଷ ଅଙ୍କ ଅଣି ମୁଁ । ଉପେ. ବୈଦେହୀଶବିଳାସ । ]

ମୁଠା(ଠେ)ଇବା—ଦେ. କ୍ରି (ସଂ. ମୁଷ୍ଟି)—୧ । ହାତର ମୁଠାଦ୍ୱାରା
Muṭhā(ṭhe)bā ଧରିବା—1. To clutch a thing,
(ମୁଠିଆଇବା—ଅପଭ୍ରଂଶ) to hold a thing with the
মুঠান clenched palm. ୨ । ଜାବୁଡ଼ି ଧରି ଧରିବା—
मुट्ठीमेलेना; मुठियाना 2. To hold a thing tightly.

ମୁଠାଏ—ଦେ. ବଣ ଓ ବ—୧ । ମୁଠାରେ ଧରାଇବା ପରିମିତ—
Muṭhāe 1. A handful of. ୨ । ପ୍ରଚୁର; ଅନେକ
একমুঠা(ঠো) (ଟଙ୍କା)—2. Much. (ଯଥା—ମୁଁ ଅମୁକ
मुट्ठीभर କାମରେ ମୁଠାଏ ଟଙ୍କା ଖରଚ କରି ଦେଲି ।)
[ ଦ୍ର—"ମୁଠାଏ" ରୁ ମୁଠିଏ" ବନ୍ ପରିମାଣବାଚକ ଓ କୋମଳତରପ୍ରୟୋଗ । ]

ମୁଠା କରିବା—ଦେ. କ୍ରି—ହାତପାପୁଲିକୁ ସଙ୍କୁଚିତ କରିବା—
Muṭhā karibā To contract the palm of the
মুঠাকরা मुट्ठी बान्धना hand.

ମୁଠାତଳ—ଦେ. ବଣ—ଅପଣାର କବ୍ଜାଭିତରେ ଥିବା; ଦଖଲ
Muṭhātaḷa ଅଧୀନ—Under one's control or
(ମୁଠାଭିତର—ଅପଭ୍ରଂଶ) clutches. [ ଦ୍ର—ସେ ମୋ
হাতের ভিতর ମୁଠାତଳ ଲୋକ । ] ଦେ. ବ—ଦଖଲ
मुट्ठीकातल ଅଧୀନତା; ବଶ୍ୟତା; ଅଧିକାର—Control.

ମୁଠା ଫଳିଆ—ଦେ. ବଣ. ପୁଂ ଓ ସ୍ତ୍ରୀ—ଦଖଲ ଅଧୀନ—
Muṭhā faḷiā (a person) Under one's control or
(ମୁଠାତଳର, ମୁଠାଭିତରର—ଅପଭ୍ରଂଶ) clutches
হাতের ভিতরের मुट्ठीतलेका

ମୁଠା ମୁଠା—ଦେ.ବଣ—୧ । ବହୁ ମୁଷ୍ଟି ପରିମିତ—1. Handfuls
Muṭhā muṭhā of. ୨ । ବହୁ ପରିମିତ—2. Large
মুঠা মুঠা quantities of; much. [ ଦ୍ର—ସାଅନ୍ତାଣୀ
मुट्ठी मुट्ठी ତାଙ୍କ ମେନେଜରଙ୍କ ହିସ୍ତ ମୁଠା ମୁଠା ଟଙ୍କା ଖରଚ କରୁଅଛନ୍ତି । ]

ମୁଠା ମୁଠା କରିବା—ଦେ. କ୍ରି—୧ । ହାତପାପୁଲିକୁ ମୁଷ୍ଟିବଦ୍ଧ କରିବା,
Muṭhā muṭhā karibā —1. To clench the fist.
মুঠাকরা ୨ । ଅନିଚ୍ଛା ବା ଭୟସୂଚକ ଭାବ କରିବା—2. To show
मुट्ठी मुट्ठी करना; मुठियाना signs of unwillingness or fear by clenching the fist.

ମୁଠା ଭିତରେ ରଖିବା—ଦେ. କ୍ରି—୧ । ଅପଣାର ଅଧୀନ ରଖିବା—
Muṭhā bhitare rakhibā 1. To keep within some
মুঠার ভেতরে রাখা one under one's control; to retain
मुट्ठीभीतर रखना a thing under one's clutches.

ମୁଠାରୁ ଖସିବା—ଦେ. କ୍ରି.—ଅପଣାର ଅଧୀନତାରୁ ବାହାର ଯିବା—
Muṭhāru khasibā To get out of one's control
মুঠাথেকে খসে যাওয়া मुट्ठोसे खसकना or clutches.

ମୁଠା ସାରି—ଗ୍ରାଦେ.ବ. (ପାନ ବରଜୀଙ୍କ ଭାଷା)—ଛୁଞ୍ଚମାନଙ୍କ ଉପରେ
Muṭhā sāri ମୁଠା ଦୃଢ଼ାଯିବା ପରେ ଅଡ଼ ଭାବରେ ପଡ଼ିଥିବା ବାଉଁଶ—The bamboo placed cross-wise on the roof of a row of betel creepers.

ମୁଠାସାରି ଗଣ୍ଠି—ଗ୍ରାଦେ.ବ.—(ପାନବରଜୀଭାଷା)—ଛୁଞ୍ଚମାନଙ୍କ ଯୋଡ଼
Muṭhā sāri ganthi ମୁହଁରେ ଯେଉଁ ଗଣ୍ଠି ଦିଆଯାଏ—The knot tying the bamboos placed length-wise on the roof of a row of betel-creepers.

ମୁଠି—ଦେ. ବ—(ସଂ. ମୁଷ୍ଟି, ପ୍ରା. ମୁଟ୍ଠି, ମୁଟି)—୧ । ମୁଠା; ମୁଷ୍ଟି
Muṭhi ସଙ୍କୁଚିତ କରତଳ—1. Clenched or clutched
মুঠা(টা) palm. [ଦ୍ର—ଅଷ୍ଟ କରଣ ଘଡ଼, ଭେଦର ମୁଠିଟ ।
मुट्ठी କୃଷ୍ଣସିଂହ. ମହାଭାରତ ବନ ।] ୨ । ଏକ ମୁଷ୍ଟି ପରିମାଣ;
मुँठ ପ୍ରାୟ ୫ ଇଞ୍ଚ—2. A measure of length by the fist [ଦ୍ର—ଉଞ୍ଚ ମୁଠି ଅଢ଼ ବ ମୁଠି ଚଉଡ଼ ମଝିରେ ଯୋଡ଼ିବ ତାଠି ।] ୩ । ଖଡ୍ଗ ଅଦିର ବେଣ୍ଟ—3. The hilt or handle of a sword.
নাপিতেরথলী; বগলী ୪ । ଭଣ୍ଡାରୀମାନଙ୍କର କ୍ଷୁର ଅଦି
लोहखड रଖିବାର ଚମଡ଼ାର ବା ଚମଡ଼ାର ମୁଣି—4. Barber's bag for keeping razor etc; barber's pouch. ୫। ଅଖି ମୁଠି (ଦେଖ) 5. Akhi muṭhi (See)

ମୁଠିଆ—ଦେ. ବଣ—ଭଣ୍ଡାରୀର ମୁଠି ସମ୍ବନ୍ଧୀୟ—Relating to the
Muṭhiā barber's wallet. [ଦ୍ର—ଅନ୍ୟ ଅର୍ଥ ପୂର୍ବେ
मुठिया ବ୍ୟବହୃତ ଯଥା—ଦଳା ମୁଠିଆ, ତିମ ମୁଠିଆ ।] ବ.—
মুঠা ୧। ଦାଆର, ଝାଡ଼ୁଣି ଅଦିର ମୁଠାରେ ବନ୍ଧା ଯିବା ବେତର ବା
मुट्ठी ଦଉଡ଼ିର ଗଣ୍ଠି—1. A knot of cane or string wrought round the handle (of a bill-
মুঠান hook or broom-strck). ୨। ମୁଠାଇବା କ୍ରିୟା-
मुठियाना 2. The act of clutching the palm. ଗ୍ରାଦେ (ସମ୍ବଲପୁର) ବ.—ଧାନ କାଟି ଖଳାକୁ ବୋହି ଅଣିବା ପାଇଁ କରିଥିବା ବୋଝ—Bundle of paddy sheaves or paddy plants carried to the threshing floor during harvest. of.

ମୁଠିଆଇବା—ଦେ. କ୍ରି.—ମୁଠାଇବା (ଦେଖ)—Muṭhāibā (see)
Muṭhiāibā [ଦ୍ର—ସେ ବାଇକ ଚଢ଼ ଅଙ୍କୁ ମୁଠିଆଇ ।
মুঠান ठियाना କୃଷ୍ଣସିଂହ. ମହାଭାରତ ସଭା ।

ମୁଠିଅ ମୁଠି—ଦେ. ବି—ବହୁବସ୍ତୁକୁ ବା ଏକାଧିକ ଥର ମୁଠାଇବା କ୍ରିୟା—Grasping a thing repeatedly in the palm.
Muṭhiāmuṭhi
ମୁଠିଆମୁଠୀ

ମୁଠିଏ—ଦେ.ବିଣ ଓ ବି.—ଏକ ମୁଷ୍ଟିପରିମିତ--A small handful.
Muṭhie (ଦ୍ର—ଏହା ମୁଠାଏ ଠାରୁ ଅଳ୍ପ ଓ କୋମଳତର ବା ଶିଶୁ ସ୍ନେହସୂଚକ ପ୍ରୟୋଗ ।)
ଏକମୁଠୋ ମୁଟ୍ଠୀभर

ମୁଠି କଚ୍ଛା—ଦେ.ବି—ଜାଣିଅ କଚ୍ଛ;ବେଦେଶ୍ କଚ୍ଛ; ମାଇପଙ୍କର ଫାଳଶା
Muṭhi kachhā କର ପିନ୍ଧିଥିବା ଲୁଗାର ସାମନା କାନକୁ କାଛା କଚ୍ଛ କର ତାକୁ ନେଇ ଅଣ୍ଟାର ପଛଅଡ଼େ ଖୋଷିବାର
कच्छा ପ୍ରକାର—A mode of females wearing the cloth by tucking one corner of the cloth down to the back of the waist.

ମୁଠିକା—ଦେ. ବି—ମୁଠିଶାଗ (ଦେଖ)
Muṭhika Muṭhiśāga (see).

ମୁଠିଚାଉଳ—ଦେ. ବି (ସଂ ମୁଷ୍ଟିତଣ୍ଡୁଳ)—ମୁଷ୍ଟି ଭିକ୍ଷା ଦେବା ନିମନ୍ତେ
Muṭhi chāula ରଖାଯିବା ଚାଉଳ; ଭିକ ଚାଉଳ—Rice
ମুষ্টিভিক্ষার চাল kept apart for being distributed to
भीखचावल beggars by handfuls.

ମୁଠିବାର କିଆରି—ଦେ. ବି—ଅକ୍ଷିମୁଠି କିଆରି (ଦେଖ)—Akshi-
Muṭhibāra kiāri मुठीक्यारी muṭhi kiāri (see).

ମୁଠି ବୁହାଇବା—ଦେ. କ୍ରି—ଅକ୍ଷି ତୃତୀୟା ଦିନ କିଆରିରେ ଅକ୍ଷିମୁଠି
Muṭhi buhāibā (ପ୍ରଥମେ ଧାନବିହନ) ବୁଣିବା—To sow the
मुट्ठीलगाना first paddy seeds on the field on the "Akshi tṛutiyā" day.

ମୁଠି ଭିକ(ଖ)—ଦେ. ବି (ସଂ ମୁଷ୍ଟିଭିକ୍ଷା)—୧ । ଯୋଗୀଭିକାରୀଙ୍କୁ
Muṭhi bhika(kha) ହାତମୁଠାରେ ଦିଆଯିବା ଚାଉଳ—
মুষ্টিভিক্ষা Handfuls of rice given to beggars.
मुट्ठीभीख ୨ । ପ୍ରତି ଘରକୁ ମୁଠାଏ ଲେଖାଏଁ ଚାଉଳ ଭିକ୍ଷା କରିବା—2. Begging of alms from door to door for getting handfuls of rice from each.

ମୁଠି ମାଡ଼—ଦେ. ବି—ବିଧା ପ୍ରହାର—Fisticuffs, [ଦ୍ର—ଏ
Muṭhi mārḍa ବାହାରେ ପୁଣି କଲେ ମୁଠିମାଡ଼ । କୃଷ୍ଣସିଂହ. ମହାଭାରତ. ବନ ।]
মুষ্ট্যাঘাত मुट्ठीमार

ମୁଠିମୁଠି କରି—ଦେ. କ୍ରି. ବିଣ—ଏକ ଏକ ମୁଷ୍ଟି ପରିମାଣରେ—
Muṭhimuṭhi kari Handfull after handful; in
মুঠোম্‌ঠোকরে handfuls. [ଦ୍ର—ପୁଣି କରେ ମାଂସ କରଣ
मुट्ठीमुट्ठीकर ମୁଠି ମୁଠି, ଭୁଞ୍ଜନ୍ତି ଭୂତମାନଙ୍କୁ କରି ପିଠି । କୃଷ୍ଣ ସିଂହ. ମହାଭାରତ. ଉଦ୍ୟୋଗ ।]

ମୁଠି ଶାଗ—ଦେ. ବି.—ଏକପ୍ରକାର ବନ୍ୟ କ୍ଷୁଦ୍ର ଶାକ, [ଦ୍ର—ଏହା
Muṭhi śāga ପଡ଼ିଆରେ ମାଡ଼େ ଓ ଏହାକୁ ଗରିବ ଲୋକମାନେ ତୋଳି ଆଣି ଶାଗ କରି ଖାଆନ୍ତି, ଏହା ଈଷତ୍ ତିକ୍ତ]—
A kind of wild pot-herb (of slightly bitter taste.)

ମୁଠୁଣି—ଦେ. ବି.—(ସଂ. ମୁଷ୍ଟ୍ୟୂନ)—କହୁଣିଠାରୁ ମୁଷ୍ଟିବନ୍ଧ କର
Muṭhuṇi ରଖିଲେ ଯେତେ ଦୂର ହୁଏ ସେତିକି ମାପ; ମୁଠାଏ କମ ଏକ ହାତ
মুঠানি, মুটম, মুটমহাত (ପ୍ରାୟ ୧୫ ଇଞ୍ଚ)—A short cubit;
निमुठहाथ length ¾ of a cubit; a length of nearly 15 inches.

ମୁଠୁଣିଏ(ଏଁ)—ଦେ. ବିଣ ଓ ବି—ଏକ ମୁଠୁଣି ପରିମିତ—
Muṭhunie(eṅ) A short cubit of.
একমুঠানি पेकनिमुठहातका

ମୁଠୁଣିକିଆ—ଦେ. ବିଣ—ଏକ ମୁଠୁଣି ପରିମିତ—Measuring a
Muṭhuṇikiā একমুঠানি निमुठ हात short cubit.

ମୁଡ଼—ପ୍ରାଦେ. (ଗଡ଼ଜାତ) ଶଗଡ଼ ଚକର ମଧ୍ୟ ପିଣ୍ଡ—The nave
Muḍ or hub of the wheel of a cart.

ମୁଡ଼କି—ପ୍ରାଦେ. (ଫୁଲବାଣୀ) ବି—(ଭୁଲ ବ. ମୁଡ଼କୀ) ଉଖୁଡ଼ା—
Muḍki Fried rice with a coating of boiled molasses.

ମୁଡ଼(ଢ଼ୁ) ମୁଡ଼(ଢ଼ୁ)—ଦେ. ଅ. (ଧ୍ୱନ୍ୟନୁକରଣ)—ମୁଢ଼ି ଆଦି
Murḍ-(rḍu) murḍ-(rḍu) ଚୋବାଇବା ଶବ୍ଦ—The sound
মুড় মুড় मड मड of chewing brittle things (e. g. biscuits.) [ଦ୍ର—ଏ ଶବ୍ଦ ମଡ଼ ମଡ଼ ଠାରୁ ଅଳ୍ପ ।]

ମୁଡ଼ମୁଡ଼ି—ଦେ. ବି.—୧ । ଗୁଳ୍ମବିଶେଷ—1. Helicteres Isora
Murḍ-murḍi ( Haine's Botany of Bihar and
মুর মুরিয়া मुंडि (ମୁଡ଼ମୁଡ଼ିଆ—ଅନ୍ୟରୂପ) Orissa).
୨ । ମୁଣ୍ଡିକା (ଦେଖ)—2. Muṇḍikā (See)

ମୁଡ଼(ଢ଼ୁ) ମୁଡ଼ିଆ—ଦେ. ବିଣ—(ଧ୍ୱନ୍ୟନୁକରଣ)—ଯାହା ସାମାନ୍ୟ
Murḍ-(rḍu) murḍiā ଆଘାତରେ ଚୂର୍ଣ୍ଣ ହୋଇଯାଏ—
মচ মচে मड मड़िआ Brittle; crisp; fragile.

ମୁଡ଼(ଢ଼ୁ)ରା—ପ୍ରାଦେ. (ବାଲେଶ୍ୱର) ବି.—ଚଡ଼ ଅଙ୍କୁତର ବାଣ
Murḍ-(rḍu)rā ବିଶେଷ—A kind of fire work resem-
(ମୁଡ଼ୁରା—ଅନ୍ୟରୂପ) bling a cigar. [ଦ୍ର—ଏଥିରେ ନିଆଁ ଲଗାଇ ଛାଡ଼ି ଦେଲେ ଏହା ଡେଙ୍ଗି ଡେଙ୍ଗି କହୁଡ଼ିକୁ ଯାଏ ।]

ମୁଡ଼ ବାନ୍ଧା—ପ୍ରାଦେ. (ସମ୍ବଲପୁର)—ବି.—ଛିଣ୍ଡା କନା—
Murḍ bāndhā Rag.

ମୁଡ଼(ଢ଼ି)—ଦେ. ବି. (ସଂ. ଭୃଷ୍ଟ)—ଭୃଷ୍ଟ ତଣ୍ଡୁଳ—
Murḍi(rḍhi) Fried rice; parched rice.
মুড়ী [ଦ୍ର—ଧାନକୁ ପାଣିରେ ଏକ ରାତି
मुढ़ी ବତୁରାଇ ରଖି ତହିଁ ଆର ଦିନ ଉକ୍ତ
ମ. ମୁରମୁରା ଧାନକୁ ଅର୍ଦ୍ଧ ସିଦ୍ଧ ହେବା ପର୍ଯ୍ୟନ୍ତ
ତେ.ମୁଡ଼ୀ(ଗ୍ରା) ଉଷାଇଁବାକୁ ହୁଏ; ତା ପରେ ଉକ୍ତ ଉଷୁଆଁ ଧାନକୁ ଶୁଖାଇ କୁଟି କରି ଚାଉଳ କରା ଯାଏ । ମୁଢ଼ି ଭାଜିବା ପୂର୍ବରୁ ଉକ୍ତ ଚାଉଳକୁ ହାଣ୍ଡିରେ ନିଆଁ ଉପରେ ବସାଇ ସେଥିରେ ସାମାନ୍ୟ ଲୁଣ ପାଣି ଛିଞ୍ଚି ଚଡ଼ଚଡ଼ା ମୁଢ଼ାଁ ଚାଉଳ ଉକ୍ତ ଚାଉଳକୁ ନିଆଁ ଉପରେ ଭରୁଣ୍ଠାଇବାକୁ ହୁଏ ଓ ସେହି

ଓଦୁଣ୍ଟା ଗ୍ରହଳ ଉର୍ଚ୍ଚିଲ ହେଲରୁ ତାକୁ ବାଲି ଥିବା ହାଣ୍ଡିରେ ଭାଜିଲେ ମୁଢ଼ି ତଆର ହୁଏ ।

ସାଧାରଣ ଗ୍ରହଳକୁ ଭାଜିଲେ ତାକୁ 'ଗ୍ରହଳ ଭଜା' ମୁଢ଼ି ଠାରୁ ଅଧିକରେ ଶ୍ରେଷ୍ଠ ଓ ଠାଣୁଆ ହୁଏ । କିନ୍ତୁ ମୁଢ଼ିଗ୍ରହଳକୁ ଭାଜିଲେ ସେହି ମୁଢ଼ି ହୁଏ ତାହା ଗ୍ରହଳ ଭଜା ଠାରୁ ଫୁଲକା ଓ ହାଲୁକା ହୁଏ; ମୁଢ଼ି ଲଘୁପାଚ୍ୟ ଅଟେ । ମୁଢ଼ି ବଳୁଷ ପାଣିକୁ ବୈଦ୍ୟମାନେ ହୁକ୍କା ରୋଗୀକୁ ପାନ କରିବା ବ୍ୟବସ୍ଥା କରନ୍ତି ।]

ମୁଢ଼ିଆ—ପ୍ରାଦେ. (ପୁରୀ ଜିଲ୍ଲା)—ବି.—ଶ୍ରେଷ୍ଠ ବୃକ୍ଷ ବିଶେଷ—
Murdiā Vitex Pubescens (Haines)

ମୁଢ଼ିବା—ପ୍ରାଦେ. (ବାଲେଶ୍ୱର) କ୍ରି—ମୋଢ଼ିବା (ଦେଖ)
Murdibā Mordibā (See)

ମୁଢ଼ିଶା—ପ୍ରାଦେ. (ଗଡ଼ଜାତ)—ବି—ଭୂଇଁ କଦମ୍ବ (ଦେଖ)
Murdisā Bhuin̄ kadamba (See)

ମୁଢ଼ି(ଢ଼ି)ଉଖୁଡ଼ା—ଦେ.ବି—(ସକ୍ଷତର)—ମୁଢ଼ିସଙ୍ଗେ ମିଶିଲ ଉଖୁଡ଼ା-
Murdi(rdhi) uk hurdā Parched rice mixed with
ମୁଡ଼ି ମୁଡ଼କୀ मुढिलाह sweetened fried paddy.

ମୁଢ଼ି ଗ୍ରହଳ—ଦେ. ବି.—ମୁଢ଼ି ପାଇଁ ଲୁଣ ପାଣି ଦିଅ ହୋଇ
Murdhi chāula ପ୍ରସ୍ତୁତ ହୋଇଥିବା ଗ୍ରହଳ (ମୁଢ଼ି ଚଳେ
ମୁଡ଼ିଚାউল କୋହ୍ ଦେଖ)—Rice specially prepared for being fried into Murdhi.

ମୁଢ଼(ଢ଼ି) ଭଜା—ଦେ. ବି—ଗ୍ରହଳକୁ ମୁଢ଼ି ରୂପରେ ପରିଣତ କରିବା
Murdi(rdhi) bhajā ପାଇଁ ଗ୍ରହଳକୁ ଭାଜିବା କ୍ରିୟା—
ମୁড়ি ভাজা मुडी भुनना The operation of frying or parching rice.

ମୁଢ଼ି(ଢ଼ି)ଭାଜିବା—ଦେ.କ୍ରି—ମୁଢ଼ି କରିବା ପାଇଁ ଗ୍ରହଳକୁ ଭାଜିବା—
Murdirdh bhājibā To fry rice into Murdhi.
ମୁଡ଼ିଭାଜା मुढी भुनना [ଦ୍ର—ଏହା ଭାଷାରେ ବ୍ୟବହାରର ଗୋଟିଏ ବିଶେଷତ୍ୱ; କାରଣ, ଲୋକେ ମୁଢ଼ିକୁ ଭାଜନ୍ତି ନାହିଁ; ଗ୍ରହଳକୁ ଭାଜି ମୁଢ଼ି କରନ୍ତି ।]

ମୁଢ଼ୁକ(ଖ)—ଦେ. ବି—ପୂର୍ଣ୍ଣତା ପ୍ରାପ୍ତ ହୋଇ ନ ଥିବା ପଇଡ଼ି;
Murduka(kha) ଯେଉଁ ପଇଡ଼ି ଭିତରେ ଶାଳ ହୋଇ ନ ଥାଏ—A green cocoanut in which the soft kernel has not yet grown and there is only water in it. [ଦ୍ର—ପ୍ରଥମେ 'କଷି ନଡ଼ିଆ ବା ଗୋଟମା', ତାପରେ 'ମୁଢ଼ୁକ', ତା ପରେ 'ପଇଡ଼ି', ତା ପରେ 'ପାଣିଚ' ବା 'ନଡ଼ିଆ', ତା ପରେ 'ଶୁଖୁଡ଼ି' ବା 'ଝୁରୁଡ଼ୁ' ହୁଏ । ନଡ଼ିଆ ଗୋଟମା ବଢ଼ି ଯାଇ ତା ମଧ୍ୟରେ ଶାଳ ଲାଗି ନ ଥିବା ଓ ତହିଁର ପାଣି ସୁସ୍ୱାଦୁ ହୋଇ ନ ଥିବା ଅବସ୍ଥାରେ ଅର୍ଥାତ୍ ପଇଡ଼ି ହେବା ପୂର୍ବରୁ ତାହାକୁ ମୁଢ଼ୁକ ବୋଲି ଯାଏ ।]

ମୁଢ଼ୁକି ହସ—ଦେ. ବି—ଈଷଦ୍‌ହାସ୍ୟ, ମୁରୁକି ହସ—
Murduki hasa মৃচকিহাসি Smile; simper.
मुसकना

ମୁଢ଼ୁକି ହସା—ଦେ. ବି—ମୁଢ଼ୁକି ହସ ( ଦେଖ )
Murduki hasā Murduki hasa ( See )
(ମୁଢ଼ୁକି ହସୁଣୁ—ଅନ୍ୟ ଉଣ ରୂପ) ଦେ. ବିଣ. ପୁଂ—ଯେଉଁ ବ୍ୟକ୍ତି
ମୁଢ଼ୁକି ହସୀ } ସ୍ତ୍ରୀ ମୁଢ଼ୁକି ହସ ହସେ—Habituated
ମୁଢ଼ୁକି ହସୁଣୀ } to smiling; simpering.

ମୁଢ଼ୁକି(କେଇ) ହସିବା—ଦେ.କ୍ରି—ଈଷଦ୍‌ହାସ୍ୟ କରିବ—To smile;
Murduki(kei) hasibā to simper.
[ମୁଢ଼ୁକ(କେଇ) ମୁଢ଼ୁକ(କେଇ) ହସିବା—ଅନ୍ୟରୂପ]

ମୁଢ଼ୁଗା—ପ୍ରାଦେ ( ସମ୍ବଲପୁର ) ବି ( ସଂ. ମଧୁଗୁଞ୍ଜନ; ଭୂଲ. ହି.
Murdugā मुनगा )—ମୁଗୁନା ଗଛ—The horse radish or Moringa tree; ( Moringa Pterygosperma.

ମୁଢ଼ା କରିବା—ଦେ ( ମାନଭାଷାକ୍ଷି ) କ୍ରି ( ସଂ. ମୂଢ଼ )—କୌଶଳି
Murdhā karibā ଲୋକ ପ୍ରତି ତାନ୍ତ୍ରିକ ଅଭିଚାର ପ୍ରୟୋଗ ପୂର୍ବକ ତାହାକୁ ଚେତନାଶୂନ୍ୟ କରିବା—To bring about the permanent stupefication of one's senses by meams of charms.

ମୁଣ(ଣୁ, ଣେ, ଣୋ)ଇ(ଇଁ, ହି, ହିଁ)—ପ୍ରାଦେ ( ଗଡ଼ଜାତ ) ବି—
Muṇa(ṇu, ṇe, ṇo)i(in̄, hi, hin̄) ମଣୋହି; ରାଜାମାନଙ୍କର
ମଣୁই ଭୋଜନ କ୍ରିୟା—The taking of meal of a
भोजन Rājā. [ଦ୍ର—ଭାଟିଲ୍ଲିଟି, ଗାଙ୍ଗ, ମୁଣୋଇ, ପଦଡ଼ି, ସେଲ ବ ହେ ଭୁମ୍ଭେ ନର ମଧ୍ୟେ ବଡ଼ । ସୁଧାନାଥ ବରବାର । ]

ମୁଣଇ ବଢ଼ିବା—ପ୍ରାଦେ ( ଗଡ଼ଜାତ ) କ୍ରି—ରାଜାଙ୍କ ଭୋଜନ କ୍ରିୟାର
Muṇai bardhibā ସମାପ୍ତି—The end of the act of a Raja's taking his meal.

ମୁଣା—ଦେ. ବି ( ସଂ. ମୋଣ=ସାପ ରଖିବା ପେଡ଼ି )—୧ । ବଡ଼
Muṇā ଥଳି—1. Big bag. ୨ । ମୁଣି—2. Bag;
ଥଳିୟା; ମୁণি pouch. ପ୍ରାଦେ ( ବାଲେଶ୍ୱର )—ଗାଈ
थैली(ला) ରଖୁଆଳ—Cowhend.

ମୁଣାଳ—ପ୍ରା. ବି ( ସଂ. ମୃଣାଳ )—ପଦ୍ମନାଡ଼—
Muṇāla The stem of the lotus.

ମୁଣି—ଦେ. ବି ( ସଂ. ମୋଣ—ସାପ ରଖିବା ପେଡ଼ି )—୧ । ଛୋଟ ଥଳି
Muṇi —1. Small bag. ୨ । ଝୁଲି—2. Pouch.
ମুণি ୩ । ଲଫାପା—3, Envelope. ପ୍ରାଦେ (ବାଲେଶ୍ୱର)
थैली ବି—ପାନବଟୁଆ—Betel-pouch.

ମୁଣିବା—ପ୍ରାଦେ (ବାଲେଶ୍ୱର) କ୍ରି—ଗାଈଅଡ଼ ଜଗିବା—
Muṇibā To tend ( cattle ).

ମୁଣୁଙ୍ଗା—ପ୍ରାଦେ (ଗଡ଼ଜାତ ଓ ସମ୍ବଲପୁର)—ମୁଢ଼ୁଗା ( ଦେଖ )
Muṇuṅgā Murdugā ( See )

ମୁଣୁ(ଣୁଁ, ଣୋ)ହୁଁ—ଦେ. କ୍ରି. ବିଣ ( ସଂ. ମୂଳତଃ )—ମୂଳରୁ; ଆଦୌ;
Muṇu(ṇun̄, ṇo)hun̄ ଢ଼ମାରୁ—At all; from the
[ମୁଣ୍ଡୁ (ଣ୍ଡୁଁ)—ଅନ୍ୟରୂପ] beginning. [ଦ୍ର—ଯେ ପ୍ରଣୟ
আদৌ ଧନ ଦେଖିଣି ସ୍ୱପନ, ମୁଣୁହୁଁ ଜଗତେ ନାହିଁ । ସୁଧାନାଥ]
एकदम [ଦ୍ର—ଏହା ନଞ୍ଚର୍ଥକ ପ୍ରୟୋଗ ସଙ୍ଗେ ପ୍ରାୟଶଃ ବ୍ୟବହୃତ ହୁଏ; ଯଥା—ମୁଁ ମୁଣୁହୁଁ ସେ କଥା ଜାଣେ ନାହିଁ । ]

**ମୁଣ୍ଡ** (ଧାତୁ)—ପ—୧ । ଛେଦନ କରିବା—1. To cut.
Muṇḍ (root) ୨ । ଲଣ୍ଡା କରିବା—2. To shape.

**ମୁଣ୍ଡ**—ପ୍ରାଦେ (ସମ୍ବଲପୁର) ବି—ମୁଣ୍ଡ—
Muṇḍ Head.

**ମୁଣ୍ଡକାଟି**—ପ୍ରାଦେ (ସମ୍ବଲପୁର; ତୁଳ. ହି. ମୁଁଡ଼କଟ୍ଟା)—ଯେଉଁ
Muṇḍ-kaṭi ବ୍ୟକ୍ତି ମନୁଷ୍ୟର ମୁଣ୍ଡକୁ କାଟି ମାରି ପକାଏ —A person who murders a man by beheading him; a murderer.

**ମୁଣ୍ଡ**—ସ. ବି (ମୁଣ୍ଡ୍ ଧାତୁ=ଛେଦନ କରିବା+କର୍ମ. ଅ)—୧ ।
Muṇḍa ମସ୍ତକ; ମଥା—1. Head. ୨ । ସ୍ଥାଣୁବୃକ୍ଷ—2. A pollard; the trunk of a lopped off tree. ୩ । (+କର୍ତ୍ତୃ. ଅ) ନାପିତ; ଭଣ୍ଡାରୀ—3. A barber. ୪ । ଦୈତ୍ୟ ବିଶେଷ—4. Name of a demon. ୫ । ରାହୁ—5. The Dragon's head; the ascending node. ୬ । ମୁଣ୍ଡାୟସ; ଲୌହ; ଲୁହା—6. Iron. ଦେ. ବି—୧ । ଗୋଟିଏ
ମୁଣ୍ଡ, মাথা ଜୀବ—1. One head of cattle or animal.
मुँड ୨ । ବ୍ୟକ୍ତି—2. An individual; a person. [ଯଥା—'ସେ ଗ୍ରାମକୁ ବସନ୍ତ ଠାକୁରାଣୀ ୧୦ ମୁଣ୍ଡ ନେଲେଣି ।' କୌଣସି ମନୁଷ୍ୟ ମାରତ୍ମକ ରୋଗଗ୍ରସ୍ତ ହେଲେ ଠାକୁରାଣୀଙ୍କୁ ବୋଦା ମାନସିକ କରି ବୋଲାଯାଇ ଥାଏ—ମା । ଏ ମୁଣ୍ଡ (ଅର୍ଥାତ୍ ଏ ବ୍ୟକ୍ତିକୁ) ରଖିଲେ ମୁଁ ତତେ ଛନମୁଣ୍ଡ (ଅର୍ଥାତ୍ ୬ ଗୋଟି ଜୀବ) ବଳି ଦେବି ।
୩ । ପଦାର୍ଥର ଅଗ୍ରଭାଗ—3. The top of a thing.
মাথা ୪ । ଲମ୍ବ ବସ୍ତୁର ଶେଷ ଭାଗ; ଶେଷ ସୀମା; ପ୍ରାନ୍ତ—
छोर 4. Extremity or end of a long thing. (ଯଥା—ଗାଁମୁଣ୍ଡ, ଡଙ୍ଗାମୁଣ୍ଡ, ସାଇମୁଣ୍ଡ, ଗଳମୁଣ୍ଡ ।) ୫ । ସମୟର ସୀମା—5. Limit of time. (ଯଥା —ବରଷ ମୁଣ୍ଡ ।) ୬ । ବହୁ ବ୍ୟକ୍ତିଙ୍କ ମଧ୍ୟରେ କର୍ତ୍ତା; ମୁରବି; ଅଭିଭାବକ—6. The head or master of a group of men; protector; patron; headman. (ଯଥା—ସେମାନଙ୍କର କେହି ମୁଣ୍ଡ ନ ଥିବାରୁ ସେମାନେ ଉଚ୍ଛନ୍ନ ହୋଇଗଲେ ।) ୭ । ମସ୍ତିଷ୍କ; ମଗଜ; ବୁଦ୍ଧି—7. Brain; intelligence. (ଯଥା—ଏ କଥା ମୋ ମୁଣ୍ଡରେ ପଶୁ ନାହିଁ ।) ୮ । କଳ୍ପନା ଶକ୍ତି—8. Imagination. ୯ । ମୁଣ୍ଡର ବାଳ —9. The hair of the head. (ଯଥା—ମୁଣ୍ଡ ବାନ୍ଧିବା ।)
ପ୍ରାଦେ. (ଯାଜପୁର)—(ଏଥିରେ ସମ୍ରାଟଙ୍କ ମୁଣ୍ଡର ଚିତ୍ର ଥିବାରୁ)—ଡାକ ଟିକଟ—Postage stamp.

**ମୁଣ୍ଡ ଉକୁଣି**—ଦେ. ବି—ମୁଣ୍ଡରେ ଜନ୍ମୁଥିବା ଉକୁଣି—Head-lice;
Muṇḍa ukuṇi Pediculus Capitus.
মাথার উকুন शिरकाढील

**ମୁଣ୍ଡ ଉଠା(ଟେ)ଇବା**—ଦେ କ୍ରି.—ଆପଣାର ମସ୍ତକ ଉତ୍ତୋଳନ
Muṇḍa uṭha(ṭhe)ibā କରିବା—To raise up one's
(ମୁଣ୍ଡଟେକିବା—ଅନ୍ୟରୂପ) head. ୧ । (ଲକ୍ଷଣାର୍ଥ) ଆପଣାର
মাথা উঁচুকরা, মাথাতোলা ସାଂସାରିକ ବା ସାମାଜିକ ଅବସ୍ଥାର
शिर उठाना ଉନ୍ନତି କରିବା—1. To improve one's worldly or financial position. ୨ । ଆପଣାର ଅବସ୍ଥା ବା କାର୍ଯ୍ୟ ପାଇଁ ଲଜ୍ଜିତ ନ ହେବା, ଅର୍ଥାତ୍ ସମାଜରେ ମୁହଁ ଦେଖାଇ ପାରିବା—2. Not to droop down one's head; to have no reason to be ashamed for anything concerning one's self.

**ମୁଣ୍ଡ ଉପର**—ଦେ. ବି.—୧ । ଆପଣାଠାରୁ ଉଚ୍ଚତର ସ୍ଥାନ—1. A
Muṇḍa upara higher place or position. ୨ ।
মাথার উপর ଆପଣାର ମସ୍ତକର ଠିକ୍ ସିଧାରେ ଆକାଶର ଅଂଶ—
शिरउपर 2. Zenith.

**ମୁଣ୍ଡ ଉପରେ ଗୋଡ଼ ଦେଇ ଜନ୍ମ ହେବା**—ଦେ. କ୍ରି—ଏକ ମାତାଙ୍କ
Muṇḍa upare goṛa dei janma hebā ଗର୍ଭରୁ ଅନ୍ୟର
মাথার উপর পা দিএ জন্ম হওয়া ଅଗ୍ରଜରୂପେ ଭୂମିଷ୍ଠ ହେବା—
शिरपर पैर देकर पैदा होना To be born, as an elder to one who is born later, from the same mother.

**ମୁଣ୍ଡକ**—ସ. ବି (ମୁଣ୍ଡ୍ ଧାତୁ=ଲଣ୍ଡା କରିବା+କର୍ତ୍ତୃ ଅକ)—୧ ।
Muṇḍaka ଭଣ୍ଡାରୀ; କ୍ଷୌରକାର—1. Barber. ୨ । (ମୁଣ୍ଡ+ସ୍ୱାର୍ଥେ କ) ମୁଣ୍ଡ; ମସ୍ତକ—2. Head. ୩ । ଉପନିଷଦ ବିଶେଷ—3. A branch of the Upanishads.

**ମୁଣ୍ଡ କଣ୍ଟା**—ଦେ. ବି (ଦେଶିଅ ଶବ୍ଦ)—ଜୁଡ଼ାରେ ଖୋସାଯିବା ସୁନାର
Muṇḍa kaṇṭā ବା ରୁପା ଆଦିର କଣ୍ଟା—Hair pin.
মাথার কাঁটা शिरका काँटा

**ମୁଣ୍ଡ କର**—ଦେ. ବି—(ସ. ମୁଣ୍ଡ+କର)—ପ୍ରତ୍ୟେକ ବ୍ୟକ୍ତି ଉପରେ
Muṇḍa kara ବସାଯିବା ରାଜକର—A tax of assessed
মাথাপ্রতি কর मुँडकर per head.

(ଅମୁକ ଦିଗକୁ) **ମୁଣ୍ଡ କରିବା**—ଦେ. କ୍ରି—ଶୋଇବାବେଳେ କୌଣସି
Muṇḍa karibā ଦିଗକୁ ମୁଣ୍ଡ ରୁଜ୍ଜାଇବା—To turn
মাথাকরা one's head to a point of the compass
शिरकरना while lying down to sleep.

**ମୁଣ୍ଡକାଟ**—ଦେ. ବି—(ସ. ମୁଣ୍ଡକର୍ତ୍ତନ)—୧ । ମସ୍ତକ ଛେଦନ—
Muṇḍa kāṭa 1. Cutting one's head. ୨ । ମସ୍ତକ
মাথাকাটা ଛେଦନ ରୂପ ପ୍ରାଣଦଣ୍ଡ—2. Capital punish-
शिरकाट ment; beheading. [ଦ୍ର—ଦାଉର ସ୍କେରକୁ ବି ମୁଣ୍ଡକାଟ ଶାସ୍ତି ହେଉ] ପ୍ରାଦେ.(ଗଡ଼ଜାତ) ବି—୩ । ଫସଲ ଅମଦାନି ହେଲେ ନିର୍ଦ୍ଦିଷ୍ଟ ହାରରେ ଧାନ, ମୁଗ, ଗୁଡ଼, କୋଳଥ, ବିରି ଆଦି ଦେବା ପାଇଁ କୃଷକକୁ ମହାଜନର ଫସଲ ଅମଦାନି ପୂର୍ବରୁ ଋଣ ଦେବା ପ୍ରଥା—The

system of advancing money to a cultivator before harvest on condition that he will repay the debt in kind at a stipulated rate after harvesting. ୨ । ଜମିର ଦାଖଲ ଖାରଜ—2. Mutation of the name of a new tenant in the place of the old one.

**ମୁଣ୍ଡକାଟ ଫିସ୍**—ପ୍ରାଦେ (ଗଡ଼ଜାତ) ବି.—ଜମିର ଦାଖଲ ଖାରଜ
Muṇḍakāṭa phis ହେତୁ ଦେୟ—Mutation fees paid by a new tenant for registration of his name in the place of the old tenant.

**ମୁଣ୍ଡ କାଟି**—ପ୍ରାଦେ (ସାକ୍ଷୀଗୋପାଳ) ବି—ସଜନା ଗଛ ବିଶେଷ—A kind
Muṇḍa kāṭi of Moringa tree.

**ମୁଣ୍ଡ କାଟିଆ**—ପ୍ରାଦେ. (ଗଡ଼ଜାତ) ବି.—ଜମି ବନ୍ଧକ ଦେବାର
Muṇḍa kāṭiā ପ୍ରଥା ବିଶେଷ—A kind of usufructuary mortgage, by which it is agreed that the debtor would get back the land fully redeemed after a fixed time. [ଦ୍ର—କେତେକ ନିର୍ଦ୍ଦିଷ୍ଟ ବର୍ଷ ନିମନ୍ତେ ଖାତକର ଜମି ମହାଜନଙ୍କୁ କଟକଣ ବନ୍ଦୋବସ୍ତରେ ଦିଆଯାଏ । ମୂଳ ଓ ସୁଧ ଅସୁଲ ହୋଇ ଯାଇଲେ, ଋଣଦାତା ଜମିକୁ ଛାଡ଼ି ଦିଅନ୍ତି ।]

**ମୁଣ୍ଡକାଟି ଜାଗିର୍**—ପ୍ରାଦେ. (ଗଡ଼ଜାତ) ବି—ପୂର୍ବେ ରାଜାଙ୍କ ଆଦେଶ
Muṇḍakaṭi jāgiri ଅନୁସାରେ ଅପରାଧୀର ଯେଉଁମାନେ ମୁଣ୍ଡ କାଟୁଥିଲେ ସେମାନଙ୍କୁ ରାଜାଙ୍କ ଦତ୍ତ ଜାଗିର—The jaigir granted by a king to an executioner in ancient times.

**ମୁଣ୍ଡ କାଟିବା**—ଦେ. କ୍ରି—୧ । ଦେହରୁ ମସ୍ତକକୁ ଛେଦନ କରିବା—
Muṇḍa kāṭibā 1. To sever one's head from the body; to decapitate a person
ମাথাকাটা in execution of a capital sentence
**शिरकाटना, मुंडकाटना** ୨ । ଅତ୍ୟନ୍ତ ଲାଞ୍ଛିତ କରିବା—2. To grossly insult a person.

**ମୁଣ୍ଡ କାନ ଆଉଁସିବା**—ଦେ. କ୍ରି—୧ । ଅନନ୍ୟୋପାୟ ହେବା; ନାଚାର
Muṇḍa kana āunsibā ହେବା—To be helpless; to have no other alternative. ୨ ।
মাথাচুলকান ଅଦୃଷ୍ଟ ଭାଗ୍ୟକୁ ଆଦରିବା—2. To be re-
**शिर खुजलाना** conciled to one's lot. [ଦ୍ର-ମୁଣ୍ଡ କାନ ଆଉଁସି ଯେ ଯାହା ସହନ୍ତୁ, ବାହାରଗଲେ କଥା ନ କହୁ କାହାକୁ । କୃଷ୍ଣସିଂହ, ମହାଭାରତ. ବନ ।]

**ମୁଣ୍ଡ କିଣିବା**—ଦେ. କ୍ରି—୧ । କୌଣସି ବ୍ୟକ୍ତିକୁ କ୍ରୀତଦାସରୂପେ
Muṇḍa kiṇibā ପାଇବା—1. To get a person as
মাথা কেনা one's slave.
**शिर मोलना** ୨ । କୌଣସି ବ୍ୟକ୍ତିର ଶିରଚ୍ଛେଦନ କରିବା ପାଇଁ ସମର୍ଥ ହେବା—2. To have the power of life and death over a person.

**ମୁଣ୍ଡ କି(କେ)ନ୍ଦ୍ରା**—ପ୍ରାଦେ. ( ବାଲେଶ୍ୱର ) ବି—ମୁଣ୍ଡବୁଲା—Whirl-
Muṇḍa ki(ke)nd-rā ing of one's head; giddiness of the head.

**ମୁଣ୍ଡ କୁଣ୍ଡା(ଣ୍ଡେ)ଇବା**—ଦେ. କ୍ରି—ମୁଣ୍ଡର କେଶକୁ ପାନିଆ ଦ୍ୱାରା
Muṇḍa kuṇḍā(ṇde)ibā କୁଣ୍ଡାଇ ସୁବିନ୍ୟସ୍ତ କରିବା—
মাথা আঁচড়ান **कंघी करना** To comb one's hair.

**ମୁଣ୍ଡକୁ ପାଣି ଛଡ଼ା(ଡ଼େ)ଇବା**—ଦେ. କ୍ରି—କୌଣସି କାର୍ଯ୍ୟ ସାଧନ
Muṇḍaku pāṇi chharḍa(rḍe)ibā ପାଇଁ ଅପଣାର
মাথা উৎসর্গ করা, মাথায় জল ছড়িয়ে দেওয়া ଜୀବନକୁ ଉତ୍ସର୍ଗ
**आत्मोत्सर्ग करना** କରିବା—To sacrifice one's life for a certain aim in view.

**ମୁଣ୍ଡକୁ ହାତ ପାଇବା**—ଦେ. ବି—ବାଲ୍ୟାବସ୍ଥା ଅତିକ୍ରମ କରି ଆପଣାର
Muṇḍaku hāta pāibā ଭରଣ ପୋଷଣ ବୁଝିବା ପାଇଁ ସମର୍ଥ
বড় হওয়া ହେବା; ସାବାଳକ ହେବା—Growing up, so as
**बालिग होना** to be able to take care of one's self; becoming major.
(ଯଥା—ତାଙ୍କ ପୁଅମାନେ ଏବେର ଖଣ୍ଡିଏ 'ଲେଖାଏ' ପାଇବାରୁ ସେମାନଙ୍କର ମୁଣ୍ଡକୁ ହାତ ପାଇଲାଣି ।)

**ମୁଣ୍ଡକେ**—ଦେ. ଅ—ଜଣକେ; ଜଣ ପିଛା—
Muṇḍake Per one man; per head.
মাথা পিছু **मुंड पीछे**

**ମୁଣ୍ଡ କୋଡ଼ିବା**—ଦେ. କ୍ରି—୧ । ଦୁଃଖ, ଅନୁତାପ, ଶୋକ ଆଦି
Muṇḍa korḍibā ଯୋଗୁଁ ଭୂମିରେ ମୁଣ୍ଡକୁ ଆଘାତ କରିବା;
মাথা কু(কো)টা(ড়া), মাথা খোঁ(খুঁ)ড়া ମୁଣ୍ଡ ବାଡ଼େଇବା—
**शिर पीटना** 1. To strike one's own head on the ground in agony or grief. (ଦ୍ର—ଦୁଃଖେ ମୁଣ୍ଡ କୋଡ଼ି କହନ୍ତେ ଅଶ୍ରୁଜଳେ ସିକ୍ତ କଲ ମୁହିଁ ମଥା । ରାଧାନାଥ ଯାଜପୁର ।) ୨ । ମୁଣ୍ଡକୁ ଭୂମିରେ ଲଗାଇ ନମସ୍କାର କରିବା; ମୁଣ୍ଡିଆ ମାରିବା—2. To touch the ground with one's head in making obeisance.

**ମୁଣ୍ଡ ଖରଚ କରିବା**—ଦେ. କ୍ରି—ବୁଦ୍ଧି ଖେଳାଇବା; ମସ୍ତିଷ୍କ ଚାଳନ
Muṇḍa kharacha karibā କରିବା—To apply
মাথা খরচ করা ( one's ) brain or intellect.
**शिर पचाना**

**ମୁଣ୍ଡ ଖରାପ ହେବା**—ଦେ. ବି—ଉନ୍ମାଦଗ୍ରସ୍ତ ଅବସ୍ଥା; ମସ୍ତିଷ୍କ ବିକୃତ
Muṇḍa kharāpa hebā ହେବା ଅବସ୍ଥା—Derange-
(ମୁଣ୍ଡ ବିଗିଡ଼ିବା—ଅନ୍ୟରୂପ) ment of the brain.
মাথা খারাপ হওয়া, মাথা বিগড়া **मगज खराब होना**

**ମୁଣ୍ଡ ଖାଇବା**—ଦେ. କ୍ରି. (ଲକ୍ଷଣାର୍ଥ)—୧ । କୌଣସି ବ୍ୟକ୍ତିର ସର୍ବ-
Muṇḍa khāibā ନାଶର କାରଣ ହେବା—1. To be the
মাথা খাওয়া cause of a person's ruin.
**मुंड खाना** (ଦ୍ର—ତାହା ବୁଦ୍ଧି ଶୁଣିଲେ ତାକୁରର ମୁଣ୍ଡ ଖାଏ—ଜନ ।) ୨ । (ଶପଥ ପକାଇବାରେ ବ୍ୟବହୃତ ଯଥା—'ତତେ ମୋ ରାଣ ଲୋ ! ମୋ ମୁଣ୍ଡ ଖାଉଛୁ ! ଏକଥା କହ'

ଅର୍ଥାତ୍, ଯେବେ ଏ କାମ ନ କରବୁ ବା ମୋ କଥା ନ ରଖିବୁ ତେବେ ମୋର ମୁଣ୍ଡ ଖାଉ ଓ ମୋ ମୁଣ୍ଡକୁ ଖାଦ୍ୟ ରୂପେ ତୁ ଭୋଜନ କରୁ )—ଜଣକର ମୁଣ୍ଡ ପରେ ତା ମୁଣ୍ଡକୁ ଭୋଜନ କରବା—2. (a term used in swearing while making a request to a person) May you eat my head if you do not accede to my request). ୩ । (କୌଣସି ବ୍ୟକ୍ତିର) ମୁଣ୍ଡ ପର୍ଯ୍ୟନ୍ତ ଉଚ୍ଚ ହେବା—3, To be of the height of a person's head. (ଯଥା—ଏ ପଡ଼ା ଅମ୍ଭ ଚାକର ଜଣେ ୧୦ ବରଷିଆ ପିଲାର ମୁଣ୍ଡ ଖାଇବ ।)

**ମୁଣ୍ଡ ଖୁଜାଇବା**—ପ୍ରାଦେ. (ସମ୍ବଲପୁର) କ୍ରି—ଅସମ୍ମତି ପ୍ରକାଶ କରବା; Muṇḍa khujāibā ନାହିଁ କରବା—To nod disapproval.

**ମୁଣ୍ଡ ଖେଳା(ଲେ)ଇବା**—ଦେ. କ୍ରି—୧ । କୌଣସି ସମସ୍ୟା ସାଧନ କରବା Muṇḍa kheḷā(ḷe)ibā ପାଇଁ ମସ୍ତିଷ୍କ ବା ବୁଦ୍ଧି ଚାଳନ କରବା [ମୁଣ୍ଡ ଖଟା(ଟେ)ଇବା—ଅନ୍ୟରୂପ) —1. To exercise ମাথা খেলান one's brain to solve a matter. मुंड घुमाना ୨ । ଉପାୟ ଉଦ୍ଭାବନ ପାଇଁ ଚିନ୍ତା କରବା—2. To think out a way out of a difficulty.

**ମୁଣ୍ଡ ଗଡ଼ା(ଡ଼େ)ଇବା**—ଦେ. କ୍ରି—୧ । ଅପଣାର ମସ୍ତକକୁ ଭୂମିରେ Muṇḍa gaṛā(ṛe)ibā ଲୁଣ୍ଠିତ କରବା—1. To roll মাথাগড়ান मुंड घुमाना one's head on the ground. [ଦ୍ର—ଭିକାମାନେ ଭିକ୍ଷା କରବାବେଳେ ଦାତାମାନଙ୍କ ମନରେ ଦୟାର ଉଦ୍ରେକ କରାଇବା ପାଇଁ ଭୂଇଁରେ ମୁଣ୍ଡକୁ ବିଲୁଣ୍ଠିତ କରନ୍ତି । ଏଥିପାଇଁ ଏ ବାକ୍ୟ ଲକ୍ଷଣାର୍ଥରେ ବ୍ୟବହୃତ ହୁଏ ।] ୨ । (ଲକ୍ଷଣାର୍ଥ) ଅପଣାର ନିର୍ଦ୍ଧନତା ପ୍ରକାଶ କରବା ଓ ଅର୍ଥ ବ୍ୟୟ କରବାକୁ ଅକ୍ଷମ ଥିବା ପ୍ରକାଶ କରବା—2. (figurative) To express before others that one is very poor and so is unable to pay any money. (ଯଥା—'ଅମେ ଜୁଲମା ଗୁଡ଼ା ମାଗିବାକୁ ଅସିଛୁଁ, ଅପଣ ମୁଣ୍ଡ ଗଡ଼ାଇଲେ ଅମେ ଛାଡ଼ବୁଁ ନାହିଁ' ।) ୩ । ମୁଣ୍ଡରେ ଥିବା ଲମ୍ବ ବାଳରେ ତେଲ ନ ଲଗାଇ ତାକୁ ଲୁଖୁବୁ ରଖିବା—3. To keep one's hair of the head unoiled for some time.

**ମୁଣ୍ଡ ଗଣ୍ଡି**—ଦେ. ବି (ସହଚର)—୧ । ମସ୍ତକ ଓ ଶରୀରର ଅନ୍ୟ ଅଂଶ—Muṇḍa gaṇḍi 1. Head and trunk of the body. মাথামুণ্ড ୨ । (ବିରକ୍ତିସୂଚକ) ସାମାନ୍ୟ ମାତ୍ର ବିଷୟ ବା ବସ୍ତୁ—माथामुण्ड 2, (a term of displeasure) A little matter or thing. ( ଯଥା—ତୁ ଏ କଥାର ମୁଣ୍ଡ ଗଣ୍ଡି ବୁଝିବୁ ) ।

**ମୁଣ୍ଡ ଗରମ ହେବା**—ଦେ. ବି—୧ । ମସ୍ତିଷ୍କର ବିକୃତି ଘଟିବା—1. Muṇḍa garama hebā Derangement of the মাথা গরমহওয়া brain. ୨ । କ୍ରୋଧରେ ଉନ୍ମତ୍ତ ହେବା—2. मुंड गरम होना Being maddened with rage.

**ମୁଣ୍ଡ ଗଳା(ଳେ)ଇବା**—ଦେ. କ୍ରି—୧ । ଛିଦ୍ରରେ ଅପଣାର ମୁଣ୍ଡକୁ Muṇḍa gaḷā(ḷe)ibā ପ୍ରବେଶ କରାଇବା—1. To thrust one's মথা চালান head into a hole. ୨ । (ଲକ୍ଷଣାର୍ଥ)—मुंड गड़ाना କୌଣସି ବିଷୟ ବୁଝିବା ପାଇଁ ମସ୍ତିଷ୍କ ଚାଳନା କରବା-(ମୁଣ୍ଡ ଗଳବା—ଉଦ୍ଦେଶ୍ୟରୂପ) 2. (figurative) To exercise one's brain to understand a matter.

**ମୁଣ୍ଡ ଗାଣ୍ଡି**—ଦେ. ବି. (ବ୍ୟସ୍ତାର୍ଥ ସହଚର)—୧ । କୌଣସି ପଦାର୍ଥର Muṇḍa gāṇḍi ଅଗ ମୁଣ୍ଡ ଓ ଶେଷ ମୁଣ୍ଡ; ଅଦି ଓ ଅନ୍ତ—মাথামুণ্ড 1. The front and hind end of a thing. मुंड़गांड़ि ୨ । କୌଣସି ବିଷୟର ଧାରଣାତ୍ମକ ବା ଜଣ୍ଟିଳ ବର୍ଣ୍ଣନା ବା ଅର୍ଥ- 2. A comprehensive description or meaning or idea of a matter. (ଯଥା- ମୁଁ ତା କଥାର ମୁଣ୍ଡଗାଣ୍ଡି କିଛି ପାଇଲି ନାହିଁ ।)

**ମୁଣ୍ଡ ଗୁଞ୍ଜିବା**—ଦେ. କ୍ରି—(ଲକ୍ଷଣାର୍ଥ) ଅତ୍ୟନ୍ତ ଦୁର୍ଦ୍ଦଶାଗ୍ରସ୍ତ ଓ ନିରାଶ୍ରୟ Muṇḍa guñjibā ହୋଇ କୌଣସି ସ୍ଥାନରେ ବା କୌଣସି মাথাগোঁ(গুঁ)জা ବ୍ୟକ୍ତିର ନିକଟରେ ଅତି କଷ୍ଟରେ ଅଶ୍ରୟ ଗ୍ରହଣ पगरखना କରବା—(figurative) To shelter one's head in a place or in any house or under a person.

**ମୁଣ୍ଡ ଘି(ଘେ)ନି ପଶିବା**—ଦେ. କ୍ରି—୧ । ଅଗେ ଅପଣାର ମୁଣ୍ଡକୁ Muṇḍa ghi(ghe)ni pasibā ପ୍ରବିଷ୍ଟ କରାଇ କୌଣସି মাথাঢুকান ସ୍ଥାନକୁ ପ୍ରବେଶ କରବା—1. To enter a place मुंडसे पैठना by pushing on one's head first. ୨ । କୌଣସି ବ୍ୟକ୍ତିଙ୍କ ଶରଣାପନ୍ନ ହେବା—2. To take refuge or shelter under a person. (ଯଥା—ଅପଣ ମୋତେ ଗୋଡ଼ ଦିନ ପେଲିଦେଲେ ମୁଁ ମୁଣ୍ଡଦିନ ପଶିବି ।)

**ମୁଣ୍ଡଘୁରା**—ଦେ. ବି(ଦ୍ୱ ମୁଣ୍ଡ+ଘୂର୍ଣ୍ଣନ) ୧। ଶିରୋଘୂର୍ଣ୍ଣନ; ମୁଣ୍ଡ ବୁଲାଇବା-Muṇḍaghurā 1.Reeling of the head. ୨। ମହାଚିନ୍ତା মাথাঘোরা ଯୋଗୁଁ ମସ୍ତିଷ୍କ ଘୂର୍ଣ୍ଣିତ ହେବା—2. Puzzling of मुंडघुमना one's brain due to great anxiety. (ମୁଣ୍ଡ ଘୂରବା—ଅନ୍ୟରୂପ)

**ମୁଣ୍ଡ ଘୁରା(ରେ)ଇବା**—ଦେ. କ୍ରି--କୌଣସି ବିଷୟରେ ଚିନ୍ତା କରବା—Muṇḍa ghurā(re)ibā To think over a matter. মাথাঘোরান ଦେ. ବି.--ମୁଣ୍ଡ ଘୁରା(ଦେଖ)--Muṇḍa ghurā (see) मुंडघुमाना

**ମୁଣ୍ଡଚ୍ଛେଦ**—ସ. ବି—(ଷଷ୍ଠୀତତ୍) ମୁଣ୍ଡକାଟ; ମସ୍ତକଚ୍ଛେଦନ—Muṇḍachchheda Beheading; decapitation.

**ମୁଣ୍ଡ ଛିଣ୍ଡା(ଣ୍ଡେ)ଇ ଦେବା**—ଦେ. କ୍ରି (ଗାଳି)—୧। ସର୍ବନାଶ କରବା; Muṇḍa chhiṇḍa(ṇḍe)i debā ଉଚ୍ଛେଦ କରବା—মাথাকাটা 1. To compass the ruin of a person. मुंडकाटना ୨ । (ଲକ୍ଷଣାର୍ଥ) ଖୁବ୍ ଜୋର୍‌ରେ ସ୍ରୋତ ବହିବା—2, (figurative) To flow with a forceful current.

**ମୁଣ୍ଡ ଛିଣ୍ଡି (ଡ଼ି) ଯିବା**—ଦେ. କ୍ରି—୧ । ଅପମାନିତ ହେବା—1. Being deeply humiliated.
Munda chhindi (ṛdi) jibā
ମাথা কাটা যাওয়া
**मुँड़कटना**
୨ । ଅପମାନିତ ବୋଧ କରିବା—2. Feeling humiliated. ୩ । (ଲକ୍ଷଣାର୍ଥ) ସ୍ରୋତର ବେଗ ଅତି ବଳବାନ୍ ହେବା—3. (figurative) Flowing with a very forceful or strong curent.

**ମୁଣ୍ଡ ଛେଦା**—ଦେ. ବିଣ—ମୁଣ୍ଡ କଟା ହୋଇଥିବା—Beheaded; decapitated.
Munda chhedā
মস্তকহীন **मुँड कटा**
[ଉ—ଅର୍ଜୁନ ବାଣେ ମୁଣ୍ଡ ଛେଦା ଗଣ୍ଡି ପଡ଼ୁ; ଜନ୍ମ ହଲେ ଦାଣ୍ଡି ଥୋଇବା ମୁଣ୍ଡା ଗଡ଼ । କୃଷ୍ଣସିଂହ ମହାଭାରତ. ବସ୍ତ୍ର ।]

**ମୁଣ୍ଡ ଝାଳ**—ଦେ. ବି—ମୁଣ୍ଡରେ ଉତ୍ପନ୍ନ ସ୍ୱେଦ—Sweat of one's brow.
Munda jhāla
মাথার ঘাম
**मुण्डका पसीना**
[ଉ—ଓଡ଼ିଆ ଭୂଇଁର ମୁଣ୍ଡ ଝାଳରେ ବୋଠା ସବୁ ତୋଳା ହୋଇଛି । ଦୈନିକ ଆଶା—୨୫।୮।୬୮]

**ମୁଣ୍ଡ ଝାଳ ଗୋଡ଼ରେ ମରିବା**—ଦେ. ବି—(ଲକ୍ଷଣାର୍ଥ)—ବିଶେଷ ଶାରୀରିକ ପରିଶ୍ରମ—(figurative) Undergoing of severe physical labour.
Munda jhāla gordare maribā
মাথার ঘাম পাএ মারা
**चोटीका पसीना पेडीतक बहना**
(ମୁଣ୍ଡ ଝାଳ ଭୂଇଁରେ ମରିବା—ଅନ୍ୟରୂପ)

**ମୁଣ୍ଡ ଝାଳ ଗୋଡ଼ରେ ମାରିବା**—ଦେ.କ୍ରି.—ବିଶେଷ ପରିଶ୍ରମ କରିବା—To undergo severe physical labour
Munda jhāla gordare māribā
মাথার ঘাম পাএ ফেলা
**चोटीका पसिना पेडितक बहाना**

**ମୁଣ୍ଡ ଟା(ଟୁ)ଙ୍ଗରା**—ଦେ. ବି—ମୁଣ୍ଡକୁ ଉପରୁ ତଳକୁ ବାରଂବାର ନୁଆଁଇବା ଓ ଉଠାଇବା; ମୁଣ୍ଡ ଟୁଙ୍ଗାରିବା—Repeated nodding of the head up and down.
Munda tā(tu)ngarā
মাথা নাড়া **मुण्ड हलाना**

**ମୁଣ୍ଡ ଟୁଙ୍ଗାରିବା**—ଦେ. କ୍ରି—୧ । ମୁଣ୍ଡକୁ ବାରଂବାର ତଳକୁ ଓ ଉପରକୁ ହଲାଇବା—1. To alternately lower and lift one's head, to nod one's head up and down.
Munda tungāribā
মাথা নাড়া
**मुण्ड हलाना**
୨ । ସମ୍ମତିର ନିଦର୍ଶନ ସ୍ୱରୂପ ମୁଣ୍ଡକୁ ଈଷତ୍ ନୁଆଁଇବା—2. To slightly lower one's head as a token of consent.

**ମୁଣ୍ଡ ଟେକିବା**—ଦେ. କ୍ରି—୧ । ନତମସ୍ତକକୁ ଉତ୍ତୋଳନ କରିବା—1. To raise or lift up one's head
Munda tekibā
মাথা তোলা **मुण्ड उठाना**
୨ । (ଲକ୍ଷଣାର୍ଥ) ଲଜ୍ଜାଜନକ କାର୍ଯ୍ୟ କରି ନ ଥିବାରୁ ନତମସ୍ତକ ନ ହୋଇ ସମାଜରେ ମୁଣ୍ଡ ଟେକି ଚଳ ପ୍ରଚଳ ହେବା—2. (figurative) To move in society with one's head lifted up, there being no cause to hang down one's head in shame. ୩ । (ଲକ୍ଷଣାର୍ଥ) ନିତାନ୍ତ ଦରିଦ୍ର ବା ଦୁରବସ୍ଥାରୁ ଉନ୍ନତତର ଅବସ୍ଥାକୁ ଆସିବା—3. (figurative) To rise from poverty or troubled state.

**ମୁଣ୍ଡ ଡେଉଁରିଆ**—ଦେ.ବି (ବର୍ଣ୍ଣିତ ଶବ୍ଦ)—ଅନେକଗୁଡ଼ିଏ ଡେଉଁରିଆକୁ ମାଳ ଗୁନ୍ଥି, ମୁଣ୍ଡର ଜୁଡ଼ାରେ ଗୁଡ଼ାଇ କର ପିନ୍ଧାଯିବା ଉପଯୋଗୀ ସୁନାର ବା ରୁପାର ଗୋଲ ଗୋଲ ଅଳଙ୍କାର—Globular ornaments either of silver or gold strung together to deck the chignon with.
Munda deuriā
মাথায় পরবার ঝাড়ুলী
**मुँडडोरिया**

**ମୁଣ୍ଡ ତକିଆ**—ଦେ. ବି—ଶୋଇଲାବେଳେ ମୁଣ୍ଡତଳେ ଦେବା ଉପାଧାନ—A pillow for the head.
Munda takiā
মাথার বালিশ
**मुण्डका तकिया**
[ଦ୍ର—ଶୋଇଲା ବେଳେ ପାର୍ଶ୍ୱରେ ଦିଆଯିବା ତକିଆକୁ କଡ଼ ତକିଆ ଓ ଗୋଡ଼ ତଳେ ଦିଆଯିବା ତକିଆକୁ ଗୋଡ଼ ତକିଆ ବୋଲାଯାଏ ।]

**ମୁଣ୍ଡ ତଳକୁ ହେବା**—ଦେ. କ୍ରି—ମସ୍ତକ ଅବନତ ହେବା; ଅତ୍ୟନ୍ତ ଲଜ୍ଜାର ଭାବ ଆସିବା—Hanging down of the head in shame.
Munda talaku hebā
মাথনীচু(চ) হওয়া
**मुण्ड नीचा होना**

**ମୁଣ୍ଡ ତଳିଆ**—ଦେ. ବିଣ—୧ । ଅନ୍ୟ ବ୍ୟକ୍ତିର ଆଶ୍ରୟରେ ରହୁଥିବା—1. (a person) Who is under the shelter of another.
Munda taliā
আশ্রিত
**अधीन; मातहद**
୨ । ଅନ୍ୟ ବ୍ୟକ୍ତିର କର୍ତ୍ତୃତ୍ୱ ବା ନାୟକତ୍ୱର ଅଧୀନ ରହି କାର୍ଯ୍ୟ କରୁଥିବା—2. Working or having to move under the leadership or authority of another person ୩ । ପରର ଅଧୀନ—3. Occupying a dependent position

**ମୁଣ୍ଡ ଦେଖା(ଖେ)ଇବା**—ଦେ. କ୍ରି—୧ । ସମାଜରେ ଗର୍ବସହରେ ବିଚରଣ କରିବା—1. To walk in society with one's head erect.
Munda dekhā(khe)ibā
মাথা দেখান
**मुँडदिखाना**
୨ । କୌଣସି କାର୍ଯ୍ୟରେ ଛନ୍ଦା ପଡ଼ିବା—2. To expose oneself. ୩ । ମୁଣ୍ଡ ପଶାଇବା (ଦେଖ)—3. Munda pasāibā (See) ୪ । ଦଳ ମଧ୍ୟରୁ ଆପଣାର ମୁଣ୍ଡକୁ ଟେକି ଅନ୍ୟମାନଙ୍କଠାରୁ ପୃଥକ୍‌ରୂପେ ଦେଖାଇବା—4. To raise up one's head from amongst those of a crowd. ୫ । ଗୁପ୍ତସ୍ଥାନରୁ ନିଜର ମୁଣ୍ଡକୁ ପଦାକୁ ବାହାର କରିବା—5. To show up one's head from a place of concealment. ୬ । ସାହସ କରିବା—6. To have courage.

**ମୁଣ୍ଡ ଦେବା**—ଦେ. କ୍ରି—୧ । (ଲକ୍ଷଣାର୍ଥ) ମୃତ୍ୟୁକୁ ବରଣ କରିବା; ଜୀବନ ଉତ୍ସର୍ଗ କରିବା—1. To sacrifice one's self.
Munda debā
মাথা দেওয়া
**मुँडदेना**
୨ । ତକିଆ ଉପରେ ମସ୍ତକ ସ୍ଥାପନ କରିବା—2. To lay one's head on a pillow. ୩ । ବୁଦ୍ଧି ପ୍ରୟୋଗ କରିବା—3. To exercise one's brain or intellect.

**ମୁଣ୍ଡଧର** —ଦେ॰ ବି—୧ । ମୁଣ୍ଡ ଦରଜ—1. Headache ୨ । Mundadharā ଚଳର ଉର୍ଦ୍ଧ; ଅବଲମ୍ବନ; ରକ୍ଷକ— মাথাধরা 2. Protector; guardian or patron. शिरदर्द ୩ । କୌଣସି ବ୍ୟକ୍ତିର ପ୍ରଧାନ ସହାୟ—3. Chief refuge of a person.

**ମୁଣ୍ଡ ଧରିବା**—ଦେ. କ୍ରି—୧ । ମୁଣ୍ଡ ବିନ୍ଧିବା; ମଥାବ୍ୟଥା—1. Munda dharibā Headache. ୨ । ମସ୍ତିଷ୍କ ଉପରେ মাথাধরা କୌଣସି ମାଦକ ଦ୍ରବ୍ୟର ପ୍ରତିକ୍ରିୟା—2. The शिरदर्द करना action of some intoxicant on the brain. ଦେ. କ୍ରି—୧ । କୌଣସି ବଡ଼ ଲୋକ ଜମା ମୁଣ୍ଡରେ ଆଶ୍ରୟ ଲୋକଙ୍କର ଅଶ୍ରୟ ନେବା ବା ଶରଣାପନ୍ନ ହେବା—1. To take refuge under a great personage. ୨ । ( କୌଣସି ସ୍ତ୍ରୀ ) ସ୍ୱପୁରୁଷବ୍ୟତୀତ ଅନ୍ୟକୁ ସ୍ୱାମୀରୂପେ ଅଶ୍ରୟ କରିବା—2. (a woman) To take a male (not one's husband) as her protector or paramour. ୩ । ( କୌଣସି କର୍ମ ) ଶେଷ ହୋଇ ଆସିବା—3. ( a work) To proceed towards completion.

**ମୁଣ୍ଡନ**— ସ. ବି ( ମୁଣ୍ଡ୍ ଧାତୁ+ଭାବ. ଅନ )—ସମୁଦାୟ ମୁଣ୍ଡ କ୍ଷୌର Mundana ହେବା; କ୍ଷୌରକର୍ମ—Act of shaving of of the entire head.

**ମୁଣ୍ଡ ନ(ଇ)ଇଁବା** —ଦେ. କ୍ରି ( ସ. ମୁଣ୍ଡ ଓ ନମ୍ ଧାତୁ )—୧ । ମସ୍ତକ Munda na(la)iñbā ନତ ହେବା—1. The bending মাথা নুঁয়ে যাওয়া or drooping down of one's head· मुँड झुकजाना ୨ । ( ଲକ୍ଷଣାର୍ଥ ) ଲଜ୍ଜାରେ ଅବନତମସ୍ତକ ହେବା—2. ( figurative ) Hanging down of one's head with shame. ୩ । (ଲକ୍ଷଣାର୍ଥ ) ବଶ୍ୟତା ସ୍ୱୀକାର—3. ( Figurative ) Acknowledgement of another's authority or mastery. ଦେ. କ୍ରି—ମୁଣ୍ଡ ନୁଆଁଇବା ( ଦେଖ ) Munda nuāiñbā ( See )

**ମୁଣ୍ଡ ନୁ(ଲୁ)ଆଁଇବା**—ଦେ. କ୍ରି ( ସ. ମୁଣ୍ଡ+ନମନ )—୧ । ମସ୍ତକକୁ Munda nu(lu)āñibā ଅବନତ କରିବା—1. To bend [ମୁଣ୍ଡ ନୋ(ଲୋ)ଇଁବା—ଅନ୍ୟରୂପ] one's head downwards; to bow. মথা নীচু করা, মাথা হুআন ୨ । ଲଜ୍ଜାରେ मुँहनवाना, मुँडझुकाना ମୁଣ୍ଡ ପୋତିବା—2. To hang down one's head in shame. ୩ । ନମସ୍କାର କରିବା—3. To make obeisance. ୪ । ( ଲକ୍ଷଣାର୍ଥ ) ବଶ୍ୟତା ସ୍ୱୀକାର କରିବା—4. ( figurative ) To acknowledge another's authority.

**ମୁଣ୍ଡପ**—ସ୍ତ୍ରୀ. ବି ( ସ. ମଣ୍ଡପ )—ମଣ୍ଡପ ( ଦେଖ ) Mundapa Mandapa ( See )

**ମୁଣ୍ଡ ପକା(କେ)ଇବା** —ଦେ. କ୍ରି—୧ । କୌଣସି କାର୍ଯ୍ୟକ୍ଷେତ୍ରରେ Munda pakā(ke)ibā ପ୍ରତିଯୋଗିତା କରିବା—1. To মাথাঠুকা vie or emulate in a matter. ୨ । ଚେଷ୍ଟା शिरदेना କରିବା—2. To try. କ୍ରି—୩ । ପ୍ରକାଶ୍ୟରେ ଚଢ଼ାଉଚଢ଼ କୌଣସି କାର୍ଯ୍ୟ କରିବା—3. To do a work openly.

**ମୁଣ୍ଡ ପଶିବା**—ଦେ. କ୍ରି—୧ । କୌଣସି ଦ୍ରବ୍ୟରେ ବା ଛିଦ୍ରରେ ମୁଣ୍ଡ Munda pasibā ପଳିଯିବା—1. The entry of মাথাঢুকা one's head into a thing or opening. मुँडप्रवेश करना ୨ । (ଲକ୍ଷଣାର୍ଥ ) ବୁଦ୍ଧିର ପ୍ରବେଶ; ବୁଝିପାରିବା —2. ( figurative) Comprehension of any matter.

**ମୁଣ୍ଡ ପତା(ତେ)ଇବା** —ଦେ. କ୍ରି. (ଲକ୍ଷଣାର୍ଥ)—୧ । କୌଣସି ବ୍ୟକ୍ତିର Munda patā(te)ibā ଆଦେଶକୁ ଶିରୋଧାର୍ଯ୍ୟ କରିବା ବା মাথা পাতা ସ୍ୱୀକାର କରିବା—1. ( figurative ) To मुँड झुकाना yield to a person's orders. [ମୁଣ୍ଡ ପାତ(ତି, ଇ)ବା—ଅନ୍ୟରୂପ] ୨ । ଅନ୍ୟ ବ୍ୟକ୍ତି ଦ୍ୱାରା ଆପଣାର ମସ୍ତକ ଛେଦନ ହେବା ପାଇଁ ତାକୁ ଆପଣା ମୁଣ୍ଡକୁ ଦେଖାଇ ଦେବା; ମସ୍ତକକୁ ଅର୍ପଣ କରିବା— 2. To offer one's head to another (as a sign of complete submission). ୩ । କୌଣସି କାର୍ଯ୍ୟର ଦାୟିତ୍ୱ ବହନ କରିବା—3. To take upon one's self some responsibility.

**ମୁଣ୍ଡ ପାଣି** (ଇତ୍ୟାଦି) —ଦେ. ବି—ମୁଣ୍ଡ ଝାଳ ଇତ୍ୟାଦି ( ଦେଖ ) Munda pāni (etc) Munda jhāla etc. ( See ) মাথার ঘাম मुँडका पानी

**ମୁଣ୍ଡ ପାତ** —ସ. ବି. ( ମୁଣ୍ଡର ପାତ; ୬ଷ୍ଠୀ ତତ୍ )—ମସ୍ତକଛେଦନ— Munda pāta Beheading.

**ମୁଣ୍ଡ ପୀଡ଼ା**—ସ. ବି. (ମୁଣ୍ଡର ପୀଡ଼ା; ୬ଷ୍ଠୀ ତତ୍)—ମୁଣ୍ଡ ବ୍ୟଥା— Munda pirdā Headache.

**ମୁଣ୍ଡ ପୋଡ଼ା**—ଗ୍ରା. ଢଣ. ପୁଂ. (ଗାଳି; ଯାହାର ମୁଣ୍ଡ ପୋଡ଼ା ହୋଇଅଛି Munda pordā ବା ହେବାର ଉପଯୁକ୍ତ )—ପୋଡ଼ା ମୁହାଁ; মুখ পোড়া ମୁହଁପୋଡ଼ା—(a term of abuse) With मुँड जला a burnt face.

**ମୁଣ୍ଡ ପୋଡ଼ୀ**—ଗ୍ରା. ଢଣ.ସ୍ତ୍ରୀ—(ସ୍ତ୍ରୀମାନଙ୍କ ପ୍ରତି ପ୍ରଯୋଜ୍ୟ ଗାଳିବିଶେଷ) Munda pordi ମୁଣ୍ଡପୋଡ଼ାର ସ୍ତ୍ରୀଲିଙ୍ଗ—(a term of মুখ পোড়ী abuse to females) Feminine of मुँड जली Mundapordā. (ଉ—ଅଲୋ ରଣ୍ଡି ! ଅଲୋ ଭୁ ମୁଣ୍ଡ ପୋଡ଼ି ! ବୋଲି, ସେ ଦେଶ ସ୍ତ୍ରିଗଣ କହନ୍ତି ବୋଲି ବୋଲି । ଭକ୍ତକବି. ମହାଭାରତ. କର୍ଣ୍ଣ ।).

**ମୁଣ୍ଡ ପୋତା**—ଦେ. ବି. ( ମୁଣ୍ଡକୁ ପୋତେ ଯେ )—ଏକ Munda potā ଜାତୀୟ କେଳା—A class of Kelās who bury their heads in a hole dug in the ground and beg for alms in that posture by extending the arms. [ଉ—ଏମାନେ ତଳ ହୋଇ ଗୋଇ ମୁଣ୍ଡ ତଳେ ଗୋଟିଏ ଗାତ ଖୁଳିଲେ

ଚୋଳ ଯେଉଁ ଘରରେ ମୁଣ୍ଡକୁ ପୂରାଇ ମୁଣ୍ଡ ଉପରେ ମାଟି ଘୋଡ଼ାଇ ଦେଇ ହାତ ପକାଇ ଯେବାଟେ ଯାଉଥିବା ଦର୍ଶକଙ୍କୁ ଭିକ୍ଷା ମାଗନ୍ତି ।] ଦେ. ବିଣ—୧ । ମାଟି ଘରରେ ଯେ ମୁଣ୍ଡ ପୋତେ—1. Hiding one's head under the ground. ୨ । ପୋତା ମୁହାଁ (ଦେଖ)— 2. Potā muhān̄ ( See )

**ମୁଣ୍ଡ ପୋତା କେଲା**—ଦେ. ବି—ମୁଣ୍ଡ ପୋତା (ଦେଖ) Munda potā kelā Munda potā ( See )

**ମୁଣ୍ଡ ପୋତିବା**—ଦେ. କ୍ରି. ( ଲକ୍ଷଣାର୍ଥ )—୧ । ଲଜ୍ଜାରେ ମୁହଁ ତଳକୁ Munda potibā କରିବା—1. (figurative) To droop down or hang down one's head through shame. (ଉ—ଅଛିବେ ଯେବେ ଥିବେ ମୁଣ୍ଡ ପୋତି ରହି, କହିବାକୁ କଥା କଣ୍ଠର ଅଛି ନାହିଁ । କୃଷ୍ଣସିଂ.ମହାଭାରତ.ବନ ।) ୨ । ମସ୍ତକକୁ ତଳକୁ ନତ କରିବା—2. To bow or droop down one's head.
মাথা হেঁট করা / मुंड झुकाना

**ମୁଣ୍ଡ ଫଟା(ଟେ)ଇବା**—ଦେ.କ୍ରି—ଲଗୁଡ଼ ପ୍ରଭୃତିର ଆଘାତରେ ମସ୍ତକକୁ Munda phaṭā(ṭe)ibā ବିଦୀର୍ଣ୍ଣ କରିଦେବା—To break another's head by a stroke. (ମୁଣ୍ଡ ଫାଟିବା—ଅପେକ୍ଷ୍ୟ ରୂପ)
মাথা ফাটান / मुंड फोडना

**ମୁଣ୍ଡ ଫଳ**—ସଂ.ବି (ମୁଣ୍ଡ=ମନୁଷ୍ୟ ମୁଣ୍ଡ ପରି+ଫଳ ଯାହାର; ବହୁବ୍ରୀହି) Munda phaḷa —ନାଡ଼ିକେଳ ବୃକ୍ଷ—The cocoanut tree.

**ମୁଣ୍ଡ ଫୁଲ**—ଦେ. ବି. (ବର୍ଣ୍ଣିତ ଶବ୍ଦ)—ମୁଣ୍ଡ ବାଳରେ ଖୋସିବା ପାଇଁ Munda phula ଫୁଲଆକାରରେ ନିର୍ମିତ ଏକ ପ୍ରକାର ଅଳଂକାର— A kind of ornament shaped like flower and meant for the chignon.
মাথার ফুল / मुंडका फुल

**ମୁଣ୍ଡ(ଣ୍ଡି) ବଉଳ(ଳି)**—ଦେ. ବି—ଏକ ପ୍ରକାର ସରୁ ଧାନ— Munda(ṇdi) bauḷa(ḷi) A kind of fine paddy. [ଉ—ଏ ଧାନର ମୁଣ୍ଡି ବଉଳ ଫୁଲ ପରି ବର୍ଣ୍ଣ ବିଶିଷ୍ଟ ଏବଂ ଅଳ୍ପ ଲମ୍ବ ।]

**ମୁଣ୍ଡ ବଥା**—ଦେ. ବି.(ସଂ. ମୁଣ୍ଡ ଓ ବ୍ୟଥା)—୧ । ମସ୍ତକରେ ବେଦନା; Munda bathā ମୁଣ୍ଡ ବଥା; ଶିରଃ ପୀଡ଼ା—1. Head-ache. (ଉ—ମୁଣ୍ଡ ନାହିଁ, ତାର ମୁଣ୍ଡ ବଥା—ଲୋ) ୨ । (ଲକ୍ଷଣାର୍ଥ) ବେଦନାରେ ଅସ୍ଥିର ହେବା ପରି [ମୁଣ୍ଡ ବଥା(ଥେ)ଇବା—ଅନ୍ୟରୂପ] ମହାଚିନ୍ତାରେ ଅସ୍ଥିର ହେବା; ଗଭୀର ଚିନ୍ତା—2. Great mental anxiety.
মাথা ব্যথা / शिर दर्द

**ମୁଣ୍ଡ ବନ୍ଧା**—ଦେ. ବି. ( ଯାହା ମୁଣ୍ଡରେ ବନ୍ଧା ହୁଏ )—୧ । ଶିରସ୍ତ୍ରାଣ, Munda bandhā ମୁଣ୍ଡ ଗୁଡ଼ାଇବା ପାଇଁ ବ୍ୟବହୃତ ଲୁଗା—1. Cloth tied round the head as a turban. ୨ । ଘଣ୍ଟାଇ ବାନ୍ଧି ହାତ କେଶକୁ କୁଣ୍ଡାଇ ଗଣ୍ଠି ପକାଇବା ବା ଜୁଡ଼ା ବାନ୍ଧିବା—2. Tying of the hair into a knot or chignon after combing.
মাথা বান্ধা, শিরোপা / शिर बँधा, मरेठा
মাথা বান্ধা / केश बाँधना

**ମୁଣ୍ଡ ବନ୍ଧା ଦେବା**—ଦେ. କ୍ରି—ଅନ୍ୟ ନିକଟରେ ସମ୍ପୂର୍ଣ୍ଣ ପରାଧୀନତା Munda bandhā debā ବା ଦାସତ୍ୱ ସ୍ୱୀକାର କରିବା— To make one's self a slave to another; to sell one's self, body and soul, to another.
মাথা বান্ধা দেওয়া / शिर बंधक देना

**ମୁଣ୍ଡ ବାଡ଼ା(ଡ଼େ)ଇବା**—ଦେ. କ୍ରି—୧ । ଦୁଃଖ ବା ଶୋକ ଯୋଗୁଁ Munda bāṛā(ṛe)ibā ଭୂଇଁରେ ନିଜର ମୁଣ୍ଡକୁ ଆଘାତ କରିବା—1.To strike one's head on the ground (in anger or agony of grief).
মাথা কুটা / मुंड पटकना

ମୁଣ୍ଡ ପିଟିବା
ମୁଣ୍ଡ ପିଟା(ଟେ)ଇବା } ଅନ୍ୟରୂପ ୨ । ଅନ୍ୟର ମସ୍ତକରେ ଯଷ୍ଟି ଦ୍ୱାରା ଆଘାତ କରିବା— 2. To deal a blow on another's head.

**ମୁଣ୍ଡ ବାନ୍ଧି ଦେବା**—ଦେ. କ୍ରି—ଅନ୍ୟ ବ୍ୟକ୍ତିର କେଶକୁ କୁଣ୍ଡାଇ ଜୁଡ଼ା Munda bāndhi debā ବାନ୍ଧି ଦେବା—To tie up or dress up another person's hair.
মাথা বেন্ধে দেওয়া / केश बाँध देना

**ମୁଣ୍ଡ ବାନ୍ଧିବା**—ଦେ. କ୍ରି ( ସଂ. ମୁଣ୍ଡ ଓ ବନ୍ଧ୍ ଧାତୁ )—ଆପଣାର ବା Munda bandhiba ଅନ୍ୟର କେଶକୁ କୁଣ୍ଡାଇ ଗଣ୍ଠି ବା ଜୁଡ଼ା ପକାଇବା—To dress up one's hair into a knot or chignon.
মাথা বাঁধা / केश बाँधना

**ମୁଣ୍ଡ ବାଳ**—ସଂ. ବି ( ମୁଣ୍ଡର ବାଳ ବା ମୁଣ୍ଡଜାତ ବାଳ; ୬ଷ୍ଠୀ ତତ୍ ବା Munda bāḷa ମ.ପ.ଲୋ. କର୍ମ )—ଶିରସ୍ଥ କେଶ—The hair of the head. [ ଉ—ମୁଣ୍ଡ ବାଳ ସଙ୍ଗେ କି ଗାଣ୍ଡି ବାଳ ସରି ?—ଲୋ । ]

**ମୁଣ୍ଡ ବିକା**—ପ୍ରାଦେ. ( କୁଜଙ୍ଗ ) ବି—୧ । କଟକ ଜିଲ୍ଲାର କୁଜଙ୍ଗ Munda bikā ଗଡ଼ଜାତରେ ଏକପ୍ରକାର ସେବକ—1. A system of service in the Kujanga estate of Cuttack district, in which the servant renders free service in lieu of some land or free wood from the estate jungles. [ ଉ—ଏହି ସେବକ କହିବା ଲୋକ ରାଜସରକାରରୁ କେତେକ ଜମି ନିଷ୍କରରୂପେ ପାଏ, ଜମିଦାରୀ ଜଙ୍ଗଲରୁ କାଠ ଖଡ଼ ପାଏ ଓ ଏଥି ବଦଳରେ ମୂଲ ବା ମଜୁରି ନ ନେଇ ରାଜାଙ୍କର କେତେକ ନିର୍ଦ୍ଦିଷ୍ଟ ସେବା କରେ । ମୁଣ୍ଡ ବିକା କେଉଁଠି ରାଜାଙ୍କୁ ବିକା ଭଣ୍ଡାରେ ଜଗା ଥାଏ, ମୁଣ୍ଡବିକା ଲଷ୍ଣା ବିକା ମଜୁରିରେ ହଳ କାମ କରେ, ମୁଣ୍ଡବିକା ବାରିକ ବିକା ଦରମାରେ ସୌର ଓ ଖଙ୍ଗୁଳା ବୋହି ନେବା ଇତ୍ୟାଦି କାମ କରେ; ମୁଣ୍ଡବିକା ଧୋବା ବିକା ବର୍ତ୍ତନରେ ବାଠ ଚିରେ ଓ ଲୁଗା ସଫା କରେ ଏବଂ ମୁଣ୍ଡବିକା କୁମ୍ଭାର ବିକା ମୂଲ୍ୟରେ ହାଣ୍ଡି ଯୋଗାଏ । ] ବିଣ—୧ । ଉକ୍ତ ପ୍ରଥାନୁସାରେ ବିନା ପାରିଶ୍ରମିକରେ ସେବକ ଖଟିବା (ଲୋକ)—1. Serving without remuneration according to the aforesaid custom of Mundabikā. ୨ । ( ଲକ୍ଷଣାର୍ଥ ) ସମ୍ପୂର୍ଣ୍ଣରୂପେ

ପରଠାରେ ନିଜକୁ ଅର୍ପଣ କରିଥିବା ( ଲେକ )—
2. (figurative) Surrendering one's self completely to another.

**ମୁଣ୍ଡ ବିକିବା**—ଦେ. କ୍ରି—ଦାସତ୍ୱ ସ୍ୱୀକାର କରିବା—To accept servitude.
Munda bikibā
মাথা বিক্রি করা शिर बीकना

**ମୁଣ୍ଡ ବିଗିଡ଼ିବା**—ଦେ. ବି—ମସ୍ତିଷ୍କ ବିକୃତ—Derangement of the brain.
Munda bigirdibā
মাথা খারাপ হওয়া मुँड बिगड़ना

**ମୁଣ୍ଡ ବିନ୍ଧା**—ଦେ. ବି—ମୁଣ୍ଡ ବଥା ( ଦେଖ )
Munda bindhā Munda bathā ( See )
(ମୁଣ୍ଡ ବିନ୍ଧିବା—ଅନ୍ୟରୂପ )

**ମୁଣ୍ଡ ବୁଡ଼ା(ଡ଼େ)ଇବା**—ଦେ. କି—ବୁଡ଼ିକରି ସ୍ନାନ କରିବା—To take a bath by immersion.
Munda burdā(rde)ibā
মাথা ডুবান मुँड डुबाना [ଉ—ବୃନ୍ଦ ଭୃଙ୍ଗମରେଷ୍ଟ ସପ୍ତର୍ଷି ଭୁଣ୍ଡ, ଅଛୁ ରହି ନଇ ବୁଡ଼ାଇଲେ ମୁଣ୍ଡ—କୃଷ୍ଣସିଂହ. ମହା ଭାରତ. ବନ । ]

**ମୁଣ୍ଡ ବୁଲା**—ଦେ. ବି—ମସ୍ତକ ଘୂର୍ଣ୍ଣନ; ଶିରୋଘୂର୍ଣ୍ଣନ—Giddiness of the head; reeling of the head.
Munda bulā
মাথা ঘোরা, মাথা ঘুরনী शिर घूमना ଦେ. ବଣ—କଥାକଥାରେ

ମୁଣ୍ଡ ଚକ୍କର ଦେବା,
ମୁଣ୍ଡ ବୁଲି[ଲେ]ଇବା, } —ଅନ୍ୟରୂପ ବା ଅଳ୍ପ ଅଭ୍ୟାସରେ ଯାହାର ମସ୍ତିଷ୍କ ବିକୃତ ଘଟେ—Liable to derangement of the brain on small provocations.
ମୁଣ୍ଡ ବୁଲି[ଲେ]ଇ ଦେବା

**ମୁଣ୍ଡ ବୋଝ**—ଦେ. ବି—ମୁଣ୍ଡରେ ବହନ କରାଯିବା ବୋଝ—A load carried on the head. [ ଉ—ଘାଟ
Munda bojha
মাথার বোঝা मुँडका बोझा ବସନ ବାନ୍ଧ ଚୈଳ, ଶ୍ରବଣେ ବସନ୍ତେ ଭୁଣ୍ଡଳ । ସେ ଯେବେ ଭଣନ୍ତି ନ ନମେ, ସେ ମୁଣ୍ଡ ବୋଝ ବହୁ ଶ୍ରମେ—ଜଗନ୍ନାଥ, ଭାଗବତ । ]

**ମୁଣ୍ଡ ବୋଝିଆ(ୟା)**—ଦେ. ବଣ—ମୁଣ୍ଡ ଉପରେ ବୋଝ ବହୁବା (ବ୍ୟକ୍ତି)—
Munda bojhia(yā) (a person) Carrying loads on the head.
মুটে मोटिया ଦେ. ବି—ମୁଣ୍ଡରେ ବୋଝ ବହୁବା ଯାହାର କାର୍ଯ୍ୟ; ମୋଟିଆ—A carrier of load on the head; a professional carrier or bearer; a porter. ( ଉ—ଶରଭୃଥ ପଶିଲେ ମୁଣ୍ଡ ବୋଝିଆ ଗଣ୍ଡ ପଳାନ୍ତି—ଜଗ । )

**ମୁଣ୍ଡ ଭ(ଘା)ଉଁରି ଜାଲ**—ଦେ. ବି ( ସ ମୁଣ୍ଡ+ଭ୍ରମ+ଜାଲ )—
Munda bha(ghā)unri jāla ମଥା ଭଉଁରି ଜାଲ—
মাথা ঘুরানী জাল Casting net.

**ମୁଣ୍ଡ ଭିଡ଼ା**—ଦେ. ବି—୧ । ଜୁଡ଼ାରେ ବନ୍ଧାଯିବା ପାଟପୁଲି—1. Tapes
Munda bhirdā মাথার ফিতা पेंठा for tying the
মূরেঠা chignon. ୨ । ମୁଣ୍ଡରେ ଗୁଡ଼ାଇବା ପାଇଁ ବ୍ୟବହୃତ ଲୁଗା ବା ଗୁଦଡ଼—2. A cloth or sheet for tying round the head.

**ମୁଣ୍ଡ ମାଡ଼ିବା**—ଦେ. କ୍ରି—ମୁଣ୍ଡ ପୋତିବା ( ଦେଖ )
Munda mārdibā Munda potibā ( See )

**ମୁଣ୍ଡ ମାରିବା**—ଦେ. କ୍ରି—୧ । ମୁଣ୍ଡ ନୁଆଁଇବା; ମସ୍ତକ ଅବନତ
Munda māribā କରିବା—1. To bow down. ୨ ।
মাথা খোঁড়া(কোড়া) ଦେବତା ପ୍ରଭୃତିଙ୍କ ନିକଟରେ ମୁଣ୍ଡକୁ ଭୂମିରେ
मुँड पटकना ଲୁଆଇ ନମସ୍କାର କରିବା—2. To make obeisance by touching one's head to the ground. ୩ । ଗଭୀର ଶୋକରେ ଭୂଇଁରେ ନିଜର ମୁଣ୍ଡକୁ ଆଘାତ କରିବା—3. To strike one's head on the ground through grief.

**ମୁଣ୍ଡମାଳ(ଳା)**—ସ. ବି—(ମୁଣ୍ଡର ମାଳ; ଷଷ୍ଠୀ ତତ୍)—୧ । ବହୁ ନର-
Mundamāla(lā) ମୁଣ୍ଡରେ ଗ୍ରଥିତ ମାଳା—1. A wreath or string of human skulls. ୨ । ମାଳାରେ ଗ୍ରଥିତ ହେବା ପରି ଏକତ୍ର ସ୍ଥିତ ଅନେକ ମୁଣ୍ଡ—2. Row of skulls found or placed together. [ଯଥା—ଭକ୍ତ ଗ୍ରାମରେ ବଇଜା ଏପରି ଘୋଟିଲା ଯେ, ମଶାଣିରେ ମୁଣ୍ଡମାଳ ପଡ଼ିଲା ।]

**ମୁଣ୍ଡମାଳିନୀ**—ସ. ବଣ. ସ୍ତ୍ରୀ—(ମୁଣ୍ଡମାଳ+ଇନ୍; ଅସ୍ତ୍ୟର୍ଥେ+ଈ; ସ୍ତ୍ରୀ.
Munda mālini ମୁଣ୍ଡମାଳ ଧାରିଣୀ—Wearing a string of skulls. ବି. ସ୍ତ୍ରୀ—କାଳୀ—Goddess Kāli.

**ମୁଣ୍ଡମାଳୀ**—ସ.ବଣ. ପୁଂ—(ମୁଣ୍ଡମାଳ+ଇନ୍; ଅସ୍ତ୍ୟର୍ଥେ; ୧ମା. ୧ବ)
Munda māli ମୁଣ୍ଡମାଳା ବେକରେ ପକାଇଥିବା—Wearing a string of skulls. ବି. ପୁଂ—ମହାଦେବ—God Siba.

**ମୁଣ୍ଡ ମୁକୁଳା**—ଦେ. ବି—୧ । ଅଲୁଲାୟିତ କେଶ—
Mundamukulā 1. Dishevelled hair of the head
খোলা বাল खुला बाल (मुँह) ୨ । ଓଢ଼ଣା ନ ଥିବା ମୁଣ୍ଡ—2. Unveiled head.

**ମୁଣ୍ଡ ମୋଡ଼ିବା**—ଦେ. କ୍ରି—୧ । ବେକଗଣ୍ଠିରୁ ମୁଣ୍ଡକୁ ମୋଡ଼ି
Munda mordibā ଗଣ୍ଠିରୁ ମୁଣ୍ଡକୁ ଛିଣ୍ଡାଇ ଦେବା—To twist asunder the head.
মাথা মোড়া मुँड मरोड़ना [ଉ—କ୍ରୋଧ ନଶେଧ ଯୋଗୀବର; ସେ ମୁଣ୍ଡ ମୋଡ଼ିଲେ ବ୍ରହ୍ମାର । ଉପେନ୍ଦ୍ର. ପ୍ରେମ ପଞ୍ଚାମୃତ ।]
(ମୁଣ୍ଡମୋଡ଼ା—ବି. ରୂପ)

**ମୁଣ୍ଡ ରଖିବା**—ଦେ. କ୍ରି—(ସ. ମୁଣ୍ଡ ଓ ରକ୍ଷ୍ ଧାତୁ)—
Munda rakhibā ୧ । କୌଣସି ବ୍ୟକ୍ତିର ଜୀବନ ରକ୍ଷା
মাথা রখা କରିବା—1. To save another's life.
मुँडरखना [ଉ—ମା କାଳ । (ମୋ ପିଲାର) ଏ ମୁଣ୍ଡ ରଖିଲେ, ତୋତେ ଭୁଇ ମୁଣ୍ଡ (ବୋଦା) ଦେବି ।] ୨ । କୌଣସି ବ୍ୟକ୍ତିକୁ ପ୍ରାଣ ଦଣ୍ଡରୁ ବା ମୃତ୍ୟୁମୁଖରୁ ରକ୍ଷା କରିବା—2. To save a person from losing his head. ୩ । ମୁଣ୍ଡ ଗୁଞ୍ଜିବା (ଦେଖ)
3. Munda gunjibā (See)

ମୁଣ୍ଡ ରହିବା—ଦେ. ବି—ପ୍ରାଣଦଣ୍ଡରୁ ବା ମୃତ୍ୟୁ ମୁଖରୁ ରକ୍ଷା ପାଇବା-
Munda rahibā Being saved from death or
মাথা রক্ষা হওয়া from death sentence. [ ଯଥା—ମୁଣ୍ଡ
मुण्ड रहना ରହିଲେ ଚୁଣ୍ଡ କହିବ । (ଢଗ)]

ମୁଣ୍ଡ(ଣ୍ଡି)ରି—ଦେ. ବି.—ମୁଣ୍ଡିକା (ଦେଖ)—
Munda(ndi)ri মুণ্ডিরী मुँड़ी Munditikā (See).

ମୁଣ୍ଡରେ ଅଠା ବୋଳିବା—ଦେ. କ୍ରି —(ଲକ୍ଷଣାର୍ଥ) କୌଣସି
Mundare athā bolibā ବ୍ୟକ୍ତି ଉପରେ କୌଣସି କାର୍ଯ୍ୟପାଇଁ
মাথায় দোষ দেওয়া ଦୋଷ ବା କଳଙ୍କ ଅର୍ପଣ କରିବା—To
कलंक लगाना lay the blame or stigma of a thing
on the head of a person. [ ଉ—ଗାଁଅ ବାଳ
ପଣର ଖାଇଲେ, ଭଣ୍ଡାରୀ ମୁଣ୍ଡରେ ଅଠା ବୋଳିଲେ । ଢଗ ]

ମୁଣ୍ଡରେ ଆକାଶ ଛିଣ୍ଡି(ଡ଼ି)ପଡ଼ିବା—ଦେ. ବି—୧ । ହଠାତ୍ ବିପଦ୍‌ଗ୍ରସ୍ତ
Mundare ākāśa chhindi (rdi) pardibā ହୋଇ
মাথায় আকাশ ভেঙ্গে পড়া ବିହ୍ୱଳ ଓ କିଂକର୍ତ୍ତବ୍ୟବିମୂଢ଼ ହୋଇ ପଡ଼ିବା-
मुण्डपर आकाश गिरना 1. Being overwhelmed
with danger. ୨ । ଅତ୍ୟନ୍ତ ଚିନ୍ତାକୁଳ ଓ କିଂ-
କର୍ତ୍ତବ୍ୟ ବିମୂଢ଼ ହେବା—2. Being bewildered
with anxiety.

ମୁଣ୍ଡରେ ଉକୁଣୀ କାମୁଡ଼ିବା—ଦେ. ଚ—୧ । ମସ୍ତକରେ ଉକୁଣି
Mundare ukuni kāmurdibā ଦଂଶନ କରିବା—1.
মাথায় উকুন কামড়ান Being bitten by lice.
शिरमे जू काटना ୨ । ଅତ୍ୟନ୍ତ ଚିନ୍ତିତ ହେବା—2. Being
(ମୁଣ୍ଡକୁ ଉକୁଣୀ କାମୁଡ଼ିବା—ଅନ୍ୟରୂପ) very much an-
xious. [ଉ—ଏଣେ ମା ବାପଙ୍କ ମୁଣ୍ଡରେ ଉକୁଣୀ
କାମୁଡ଼ିଲାଣି, କେମିତି ବାହା ହେବେ । ପଦ୍ମାଚରଣଙ୍କ
ଗଳ୍ପସ୍ୱଳ୍ପ ।]

ମୁଣ୍ଡରେ ଗୋଡ଼ ଦେବା—ଦେ. କ୍ରି—୧ । ଅପମାନ ଦେବା—
Mundare gorda debā 1. To insult.
মাথায় পা দেওয়া माथ पर लात देना [ଉ—ତାହା ଯଦି ଅମୃତ
ଅଟେ ତେବେ ବଡ଼ । କେଉଁ କନ୍ୟା କଲେ ଦେଇଣ
ମୁଣ୍ଡେ ଗୋଡ଼—କୃଷ୍ଣସିଂହ. ମହାଭାରତ. ଅଦ ।] ୨ ।
(ମନ୍ଦାର୍ଥ) ପ୍ରଶ୍ରୟ ପାଇ ଅନଧିକାର କାର୍ଯ୍ୟ କରିବା ବା
ସମ୍ମାନର ଅପବ୍ୟବହାର କରିବା—2. (bad sense) To
take undue advantage of one's privilege;
to abuse one's authority.

ମୁଣ୍ଡରେ ଚଢ଼ା(ଢେ଼)ଇବା—ଦେ କ୍ରି—୧ । କୌଣସି ବ୍ୟକ୍ତିକୁ ଅଯଥା
Mundare chardhā(rdhe)ibā ପ୍ରଶ୍ରୟ ଦେବା—1. To
মাথায় করা मुँडपर चढाना give undue indulgence to a
person. ୨ । କୌଣସି ବ୍ୟକ୍ତିକୁ ପୂଜା ବା ସମ୍ମାନ
କରିବା—2. To worship or honour a
person.

ମୁଣ୍ଡରେ ଚଢ଼ିବା—ଦେ. କ୍ରି—କୌଣସି ବ୍ୟକ୍ତିଠାରୁ ପ୍ରଶ୍ରୟ ପାଇବା
Mundre chardhibā ଯୋଗୁ ତାଙ୍କ ନିକଟରେ
মাথায় চড়া ଅବାଧ୍ୟତା ପ୍ରକାଶ କରିବା—To take undue
मुँडपर चढना liberty with a person by abusing
the indulgence shown by him.

ମୁଣ୍ଡରେ ଟାହିଆ ବାନ୍ଧି(ମାରି) ବୁଲିବା—ଦେ. କ୍ରି—ଆନନ୍ଦ ପ୍ରକାଶ
Mundare tāhiā bāndhi(māri) bulibā ପୂର୍ବକ ଲୋକ-
মাথায় পাগ বেঁধে বেড়ান ସମାଜରେ ବିଚରଣ କରିବା—To
मुँडमे फूल लेकर घूमना strut in the public with
[ମୁଣ୍ଡରେ ଫୁଲମାଳ(ପାଗ)ବାନ୍ଧି ବୁଲିବା—ଅନ୍ୟରୂପ] delight.

ମୁଣ୍ଡରେ ଦେବା—ଦେ. କ୍ରି—ମୁଣ୍ଡରେ ଅଠା ଲଗାଇବା ( ଦେଖ )
Mundare debā Mundare athā lagāibā (See)

ମୁଣ୍ଡରେ(କୁ) ନେବା—ଦେ. କ୍ରି—୧ । କୌଣସି ବିଷୟର ଦାୟିତ୍ୱ ସ୍ୱୟଂ
Mundare(ku) nebā ବହନ କରିବା—1. To shoulder
মাথায় লওয়া the responsibility for any matter.
मुंडपर लेना ୨ । ଅନ୍ୟ କେହି କରିଥିବା ଅପରାଧକୁ ନିଜେ
ଅବୋର ନେଇ ଅନ୍ୟକୁ ରକ୍ଷା କରିବା—2. To save
a person by taking upon one's self the
blame for acts committed by the former.

ମୁଣ୍ଡରେ ପଶିବା—ଦେ. କ୍ରି.—ମସ୍ତିଷ୍କରେ ପ୍ରବେଶ କରିବା;
Mundare paśibā ବୋଧଗମ୍ୟ ହେବା—To enter into
মাথায় ঢুকা one's brain; to be understood.
मुंडमे घूसना (ढूकना) [ ଉ—ଏ ସାମାନ୍ୟ କଥାଟା ମୋ ମୁଣ୍ଡରେ
ପଶୁ ନାହିଁ ।)

ମୁଣ୍ଡରେ ବଜ୍ର ପଡ଼ିବା—ଦେ. ବି—ବିପଦ ଅବସ୍ଥାରେ କିଂକର୍ତ୍ତବ୍ୟ-
Mundare bajra pardibā ବିମୂଢ଼ ଓ ବିହ୍ୱଳ ହେବା—
মাথায় বাজ পড়া Being bewildered on the sudden
मुंडमे बजर गिरना approach of a danger.

ମୁଣ୍ଡରେ ଶିକା ଛିଡ଼(ଣ୍ଡି)ବା—ଦେ. ବି—ଅଯାଚିତଭାବରେ କୌଣସି
Mundare śikā chhirdi(ndi)bā ଲୋକର ଅନେକ ଅର୍ଥ-
ভাগ্যে শিকা ছিঁড়া ପ୍ରାପ୍ତି ବା ସୌଭାଗ୍ୟପ୍ରାପ୍ତି ହେବା—
मुंडमे शिका छिनना ( a person's ) Being blessed
with profit or good fortune
without asking for it.

ମୁଣ୍ଡରେ ହାତ ଦେଇ ବସିବା—ଦେ. କ୍ରି.—୧ । ଦୁର୍ଭାବନାରେ
Mundare hāta dei basibā କିଂକର୍ତ୍ତବ୍ୟବିମୂଢ଼ ହେବା—
মাথায় হাত দিএ বসা 1. To rest one's head on the
शिरपर हात देकर बैठना raised palm in utter an-
(ମୁଣ୍ଡରେ ହାତ ଦେବା—ଅନ୍ୟରୂପ) xiety. [ ଉ—ଦୁର୍ଭାବନା-
ଗ୍ରସ୍ତ ବ୍ୟକ୍ତି ମୁଣ୍ଡକୁ କରତଳହାର ଟେକି ରଖେ । ]
୨ । ଆଶୀର୍ବାଦ କରିବା—2. To bless. ( ଉ—
ଅଇସ କୃଷ୍ଣସିଂହ ମୁଣ୍ଡେ ଦେଇ ହାତ, ତୃପ୍ତିକର ଭାବରେ
ଅଟେ ଗୋପୀନାଥ—କୃଷ୍ଣସିଂହ. ମହାଭାରତ. ବନ । )

ମୁଣ୍ଡରେ ହାତ ବୁଲା(ଲେ)ଇବା—ଦେ. କ୍ରି—୧ । କୌଣସି ବ୍ୟକ୍ତିଙ୍କୁ
Mundare hāta bulā(le)ibā ଠକାଇ କରି ତାଠାରୁ କିଛି
মাথায় হাত বুলান ପଦାର୍ଥ ନେବା—1. To cheat a person

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| ୧ | ଲ | ଳ | ଷ,ଡ଼ | ଡ଼ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | କ୍ଷ | ଜ୍ଞ | ଶ,ଷ | ଙ୍କ | ଇଅ | ଉଅ | ଋ |
| ୨ | ଋ | ଌ | ରୁ | ଲୁ | ଯ୍ୟେ | ଅକାରାନ୍ତ ବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ | କ୍ଷ୍ୟ | ଘ | ସ୍ୱ | ଗାଁ | ଇଅ | ଔ | ଢ଼ |

शिरपर हाथ फिराना of something. ୨ । କୌଣସି ( ମୁଣ୍ଡରେ ହାତ ବୋଳିବା — ଅର୍ଥାନ୍ତର ) ବ୍ୟକ୍ତିଙ୍କୁ ଆଶୀର୍ବାଦ କରି ତାହାଙ୍କ ଦକ୍ଷିଣାସ୍ୱରୂପ ତାହାଠାରୁ ବସ୍ତୁ ପଦାର୍ଥ ନେବା— 2. To take something from a person as a gift by invoking blessings on him. [ଦ୍ର— କୌଣସି ବ୍ୟକ୍ତିଙ୍କୁ ଆଶୀର୍ବାଦ କରିବା ସମୟରେ ତା ମୁଣ୍ଡରେ ହାତଟିକୁ ଥୁଇ କରାଯାଇ ଥାଏ । ]

ମୁଣ୍ଡୁ(ଣ୍ଡୁ)ଳା(ଳି)—ଦେ. ବି ( ସଂ. ମଣ୍ଡଳ )— ବୃତ୍ତାକାର ଚିତ୍ର— Munda(ndu)la(li) मंडल A circular drawing. गोल ( ମଣ୍ଡଳ[ଳ]—ଅପଭ୍ରଂଶ )

ମୁଣ୍ଡ(ଣ୍ଡୁ)ଶାଳୀ—ଦେ. ବି— ଏକପ୍ରକାର ଡାଲୁଅ ଧାନ—A species Munda(ndu)sali of summer paddy.

ମୁଣ୍ଡ ହଲା(ଲେ)ଇବା—ଦେ. କ୍ରି— ୧ । ମୁଣ୍ଡକୁ ବାରମ୍ବାର ଏପାଖରୁ Munda hala(le)iba ସେପାଖକୁ ଚାଳନ କରିବା —1. To माथा हलान wave or wag the head to and fro. ୨। शिर हिलाना ଅସମ୍ମତିର ଚିହ୍ନ ସ୍ୱରୂପ ମୁଣ୍ଡକୁ ବାରମ୍ବାର ଏପାଖ ସେପାଖ ଚାଳନ କରିବା; ନାହିଁ କହିବା—2. To wave one's head to indicate denial; to express 'no' by waving one's head. ୩। ସମ୍ମତିର ନିଦର୍ଶନସ୍ୱରୂପ ମୁଣ୍ଡକୁ ଏକଥର ଉପରୁ ତଳକୁ ଚାଳନ କରିବା— 3. To lower one's head once to express 'yes'. [ ଦ୍ର—ଦୁଇ ପାଖକୁ ଏକାଧିକ ବାର ମୁଣ୍ଡକୁ ଚାଳନ କଲେ ତହିଁରୁ ଅସମ୍ମତି ବା ନାସ୍ତି ବାଣୀ ଜଣାପଡ଼େ; ଚିନ୍ତୁ ମୁଣ୍ଡକୁ ଥରେ ମାତ୍ର ଗୋଟିଏ ପାଖକୁ ଅଥବା ଉପରୁ ତଳକୁ ଚାଳନ କଲେ ତହିଁରୁ ସମ୍ମତି ଜଣାପଡ଼େ । ]

ମୁଣ୍ଡା—ସଂ. ବି. ସ୍ତ୍ରୀ— ୧ । ମୁଣ୍ଡିତିକା (ଦେଖ)—1. Munditika Munda (see). ୨ । ମୁଣ୍ଡିତା ସ୍ତ୍ରୀ; ରାଣ୍ଡୀ ସ୍ତ୍ରୀ—2. A woman with shaven head. ଦେ. ବି — (ସଂ. ମୁଣ୍ଡ—ସ୍ଥୂଳ ଖଣ୍ଡ) — ୧ । ହଳଦୀ, ସାରୁ ଓ କଦଳୀ एँटे ଗଛର ମୂଳପିଣ୍ଡ—1. The ball-shaped root of अथरी turmeric, yam, arum and plantain tree. ୨ । ଶାଖା ଆଦି କର୍ତ୍ତିତ ବୃକ୍ଷର ଗଣ୍ଡି; ଲଣ୍ଡା ଗଛ; ସ୍ଥାଣୁ— খুঁটে 2. The branchless trunk of a tree; a ठूँठ a lopped tree. [ଦ୍ର—ମୁଣ୍ଡା ବୃକ୍ଷ ପରି ବୃଥାଜନ୍ମ ସେ ସୃଜନ । ପରଶୁ ମାର ପୁଣି ଶିର କଲେ ଛେଦନ—କୃଷ୍ଣସିଂହ. ମହାଭାରତ. ବନ ।] ୩ । କାଠର ବା ପଥରର ବଡ଼ गड ଖଣ୍ଡ—3. A big block of wood or stone. ढेंग, घड ୪ । ମାଛର ବା ମାଂସର ବଡ଼ଖଣ୍ଡ—4. A big lump बड़चेका of flesh or meat or fish. [ଦ୍ର—କେଳେ ଦିଅ फुट्टी (मछली), बुट्टी (माँस) ଆଣ ସଙ୍ଗେ ଗୁରମୁଣ୍ଡା । ବଳରାମ.

ଠିଁଟୋ ବୁଝାଯାଏ ।] ୫ । (ଗାଳି) ଅପଣା ପରିବାରର ଅବଂ वंशलोपन, हरमुड द्दा ସମସ୍ତ ବ୍ୟକ୍ତି (ଯଥା—ପିତା, ମାତା, ପୁତ୍ର, କନ୍ୟା ଆଦି) ମୃତ ହେବା ପରେ ସେହି ବ୍ୟକ୍ତି ବଞ୍ଚିଥାଏ — 5. A person who is the sole surviver in a family. ୬ । ହଳଦୀ ଗଛର ମୂଳର ମାଟିକୁ ছোট কোদাল ଖୋଳାଇବା ପାଇଁ ବ୍ୟବହୃତ ଏକପ୍ରକାର ସରୁଆ तामनी କୋଡ଼ି—6. A narrow spade used in loosening the soil near the root of turmeric plants

গোড়া जड़ ୭ । ( କର୍ଣ୍ଣର ) ମୂଳଭାଗ; କାନମୁଣ୍ଡା— ਥੌਂਨਾ 7. The root (of the ear). ୮ । ବେକମୁଣ୍ଡା; ବେକର ମୂଳଭାଗ—8. The nape (of the neck). মুড়া अधकटी ୯ । ଚେକ୍ ରସିଦ ଆଦିର ଶେଷ ଅଂଶ ଚିରା ହୋଇଗଲା ପରେ ମୂଳର ଯେଉଁ ଅଂଶଗୁଡ଼ିକ ରହିଥାଏ- 9. Counterfoil (of duplicate receipts etc.) मिदा ୧୦ । (ହିଡ଼ର) ଉପରଭାଗ—10. The top ( of a ridge). ( ଦ୍ର—ପୁଅଙ୍କୁ ଖାଇଲା ହିଡ଼ମୁଣ୍ଡାରେ, ଝିଅଟା କାମୁଡ଼ିଲା କାନ ମୁଣ୍ଡାରେ—ଶିଶୁ ବଚନ ।) बीचपांतर ୧୧ । ପଡ଼ିଆର ଜମି; ଯେଉଁ ଜମି ପଡ଼ିଆରର (ସୁବସ୍ତୀର୍ଣ୍ଣ ସେତମାନଙ୍କ) ମଝିରେ ଥାଏ—11. Land situated in the middle of a vast plain. ୧୨ । (ପାନବରଜ)—ପାନ ବରଜର ଗଛଧାଡ଼ି ଯେଉଁ ବାଗରେ ଲଗାଯାଇ ଥାଏ, ସେହି ବାଗର ବଡ଼ ଦୁଇ ପାଖ [ ଦ୍ର—ଏହି ଦୁଇ ପାଖକୁ 'ବାହାଲ, କହନ୍ତି ।] 12. The two sides or wings of a row of betel leaf plants in a Baraja. ୧୩ । ଲଙ୍ଗଳର ଯେଉଁ ଚଉଡ଼ା କାଠର ଅଂଶର ମଝିରେ ଲଙ୍ଗଳ ଲୁହା ଗଳା ଯାଇଥାଏ—13. The wooden blade of a plough into which the ploughshare is thrust. ୧୪ । ଲଙ୍ଗଳ ଗଢ଼ା ହେବା ପାଇଁ କାଠର ଗଣ୍ଡିକୁ କଟା ହେବା କାଠ ଖଣ୍ଡ— 14. An unworked or rough block of wood from which a plough is made. ୧୫ । ବାଉଁଶ, କଦଳୀ ଆଦି ବୁଦାଳିଆ ଗଛର ବା ଗୁଳ୍ମର ଏକ ବୁଦା— 15. One group of a bushy tree or plant (as plantain, bamboo) (ଯଥା—ମୁଁ ଏ ବରଷ ବାଡ଼ିରେ ୩ ମୁଣ୍ଡା କଦଳୀ ପକେଇଛି । ) [ ଦ୍ର— ଯେଉଁ ଗଛ ଓ ଗୁଳ୍ମ ଅଧିକ ମୂଳରେ ବଡ଼ ପିଣ୍ଡ ଥାଏ, ସାଧାରଣତଃ ସେହି ଗଛର ସଂଖ୍ୟା ନିର୍ଦ୍ଦେଶାର୍ଥ 'ମୁଣ୍ଡା' ଶବ୍ଦ 'ଗୋଟା' ଅର୍ଥରେ ବ୍ୟବହୃତ ହୁଏ; ଯଥା—୩ ମୁଣ୍ଡା କଦଳୀ ଗଛ; ୪ ମୁଣ୍ଡା ବାଉଁଶ; ୫ ମୁଣ୍ଡା ସାରୁ ଗଛ; ୧୨ ମୁଣ୍ଡା

| |
|---|
| ସାଧାରଣ ଲୋକେ ଅପର ପୃଷ୍ଠାରେ ମୁଦ୍ରିତ ୧ ପଙ୍କ୍ତିର ଅକ୍ଷର ଓ ମାତ୍ରା ଏବଂ ୨ ପଙ୍କ୍ତିର ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ପଙ୍କ୍ତିର କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳେ ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବିପରୀତ ୨ ବା ୧ ପଙ୍କ୍ତିର ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାଈ' ନ ମିଳିଲେ 'ଗାଇ' ଖୋଜିବେ; 'ମୂଢ' ନ ମିଳିଲେ 'ମୁଢ' ଖୋଜିବେ; 'ବନ୍ଧୁ' ନ ମିଳିଲେ 'ବନ୍ଧୁ' ଦେଖିବେ; ଅର୍ଘ୍ୟ ନ ପାଇଲେ 'ଅର୍ଘ' ଦେଖିବେ; 'ଅଲବଡ଼' ନ ପାଇଲେ 'ଅଲ୍‌ବଡ଼' ଦେଖିବେ । |

ବଲଦ ଗଛ । ) ପ୍ରାଦେ. ବି—୧ । ( ସମ୍ବଲପୁର )— ପାହାଡ଼ରୁ ଗଡ଼ିଆସିବା ବର୍ଷା ପାଣିକୁ ତଳ ପାଖରେ ଅଡ଼ୁବା ବନ୍ଧ ଦେଇ ଜମାଇ ରଖାଯିବା ଜଳାଶୟ, ଯହିଁରୁ କ୍ଷେତକୁ ପାଣି ମଡ଼ାଯାଏ—1. A tank formed by restraining rain water coming down a hill, by constructing a dam, which is utilised for irrigating fields. [ ଦ୍ର—ବୃହତ୍ ଆକାରର 'ମୁଣ୍ଡା'କୁ 'କଟା' ବୋଲାଯାଏ । ଦୁଇଅଡ଼େ ବନ୍ଧ ବନ୍ଧା ଯାଇଥିବା ଜଳାଶୟକୁ 'ବନ୍ଧ' ବୋଲାଯାଏ । ] ୨ । ( ପୁରୀ ଜିଲ୍ଲା)— ଶୁଖୁଆ ଓ ପାଚିଲା ନଡ଼ିଆ ଚୋପା ଛଡ଼ାଇବା ପାଇଁ ବ୍ୟବହୃତ ଏକପ୍ରକାର ଲମ୍ବ ମୁନିଆ ଅସ୍ତ୍ର (ଦ୍ର—ଏହା ଗୋଟିଏ ମୋଟ ଖୁଣ୍ଟିରେ ଦୃଢ଼ଭାବେ ଦୃଢ଼ ହୋଇ ମାରି ହୋଇଥାଏ । ନଡ଼ିଆରୁ ଚୋପା ଛଡ଼ାଇଲାବେଳେ ଏ ଖୁଣ୍ଟିକୁ ଭୂମିରେ ପୋତି ସେହି ତେଲିଆ ମୁନଦ୍ୱାରା ନଡ଼ିଆର ଚୋପାକୁ ଭେଦକରି ଚାପିଦେଲେ ନଡ଼ିଆରୁ ଚୋପା ଛଡ଼ିଯାଏ । ) 2. A kind of pointed implement used to peel off the rind of a cocoanut. ୩।

মুণ্ডা **मुंडा** ( ଗଡ଼ଜାତ )—ଅନାର୍ଯ୍ୟ ଜାତିବିଶେଷ— 3. An aboriginal tribe. ( ଦ୍ର— ଏମାନେ ଉତ୍କଳର ସମ୍ବଲପୁର ଓ ଗଡ଼ଜାତ ଅଞ୍ଚଳରେ ଏବଂ ବିହାରରେ ଓ ଭାରତର ଅନ୍ୟ କେତେକ ପାର୍ବତ୍ୟ ଅଞ୍ଚଳରେ ବାସ କରନ୍ତି । )

মুণ্ডারী ভাষা **मुंडारी** ୪ । (ଗଡ଼ଜାତ) ମୁଣ୍ଡାମାନଙ୍କ କଥିତ ଅନାର୍ଯ୍ୟ ଭାଷା ବିଶେଷ—4. A language of the aborigines called Muṇḍā inhabiting the Oriya states. ୫ । (ସିଂହଭୂମି) ଗ୍ରାମର ପ୍ରଧାନ ପୁରୁଷ; ପଧାନ; କୋଲମାନଙ୍କ ସର୍ଦ୍ଦାର—5. The headman of a village; a village headmen amongst the Kols. ୬। (ଗଡ଼ଜାତ)—ଧାନ ଗଛର ରୋଗ ବିଶେଷ—6. A disease affecting paddy plants. [ଦ୍ର—ଏଥିରେ ଧାନ ଗଛର ଚେର ଭୂମି ଭିତରକୁ ମାଡ଼େ ନାହିଁ; କମ୍ପା ଧାନ ଗଛର ଉପର ଅଂଶ ଭୂଇଁ ଛାଡ଼ି ଉଠେ ନାହିଁ, କ ବଢ଼େ ନାହିଁ ।] ୭ । (ବାଲେଶ୍ୱର)—ଗୁଡ଼ି କାଗଜ ଦେହରେ ଉପରୁ ତଳକୁ ଲଗା ହୋଇଥିବା କାଠି ବା ବାଉଁଶ ପାତିଆ— 7. The rib of a paper kite. ୮ । ( କାନ୍ତେଇ )—ଶାରଦ ଜମି—8. Land fit for Śārada cultivation. ଦେ.ବିଣ—୧। ଦନ୍ତୁର; ଧାର ନ ଥିବା (ଅସ୍ତ୍ର)—1. Blunt; dull ( weapon ).

ভোঁতা **मुंडा** ୨ । (ପୁଂ) ଯାହାର ସ୍ତ୍ରୀ ଓ ସନ୍ତାନାଦି ମରି ଅଛନ୍ତି—

নির্বংশ **हरमुंडहा** 2. A person who has lost his wife and children. ୩ । (ସଂ. ମୂଢ଼; ପୁଂ)— ଜଡ଼ବୁଦ୍ଧି; ସ୍ଥୂଳବୁଦ୍ଧି—3 Dunce; dull. ୪ ।

বোকা **मूढ** (ପୁଂ) ମୁଣ୍ଡଯୁକ୍ତ (ଅନ୍ୟ ଶବ୍ଦ ସଙ୍ଗେ ବ୍ୟବହୃତ; ଯଥା, ମଇଳା ମୁଣ୍ଡା; ଭଲୁଣିମୁଣ୍ଡା)—4. (Used with other

মাথা বালা **मुंडवाला** words in a compound)— (ମୁଣ୍ଡେଇ,ମୁଣ୍ଡୀ—ସ୍ତ୍ରୀ) Headed (as in dirty-headed

ମୁଣ୍ଡା(ଣ୍ଡେ)ଇବା—ଦେ. କ୍ରି —(ସଂ. ମୁଣ୍ଡରୁ ଓଡ଼ିଆରେ ନାମ ଧାତୁ)— Muṇḍā(ṇḍe)ibā ୧ । ମୁଣ୍ଡଦ୍ୱାରା ବୋଝ ନେବା—

মাথায় করা **शिरपर लेना** 1. To carry a load on the head. (ଉ—ଗୁରବ ନଇବେ, ପ୍ରଜା ପୁଣି ଋଣ ଭାର, (ମୁଣ୍ଡିଆଇବା—ଅନ୍ୟରୂପ) ମୁଣ୍ଡାଇଛ ମୁଣ୍ଡେ ସ୍ୱଜନ ଭୂତର ବଂଶକେ ।

মাথা ঠোকান ରାଧାନାଥ. ମହାଯାତ୍ରା ।) ୨ । ମୁଣ୍ଡଦ୍ୱାରା ଆଘାତ

**शिरसे मारना** କରିବା; ମୁଣ୍ଡିଆ ମାରିବା—2. To strike by butting the head. ୩ । ପ୍ରସବ ହେବାର ଅବ୍ୟବହିତ ପୂର୍ବରୁ ଗର୍ଭସ୍ଥ ଶିଶୁର ମସ୍ତକ ପ୍ରସବ ଦ୍ୱାରକୁ ଆସିବା

মাথা ঠোকা 3. To approach the vaginal aperture

**मुंडवा निकलना** with the head first (said of a child just before being born. ) ୪ । (ଲକ୍ଷଣାର୍ଥ) କୌଣସି ବ୍ୟକ୍ତିକୁ ପୂଜା କରିବା ବା ସମ୍ମାନ ଦେଖାଇବା—4. (figurative) To worship a person. ୫ । (ଲକ୍ଷଣାର୍ଥ) କୌଣସି କାର୍ଯ୍ୟର ଦାୟିତ୍ୱ ଗ୍ରହଣ କରିବା—5. (figurative) To take the responsibility for doing a thing upon one's head; to undertake. [ଦ୍ର—ଦାୟିତ୍ୱ ମୁଣ୍ଡାଇବା, ଦୋଷ ମୁଣ୍ଡାଇବା ] ୬ । ( ଲକ୍ଷଣାର୍ଥ ) ସଂକ୍ରାନ୍ତି, ଅମାବାସ୍ୟା ପୂର୍ଣ୍ଣିମା ଆଦି ତିଥିର ଠିକ୍ ପୂର୍ବେ କୌଣସି ସ୍ଥାନକୁ ଯିବା ବା ଆସିବା—6. (figurative) To start while certain inauspicious tithi or day or time is near at hand. ( ଦ୍ର—ଶାଶୁ-

মুড়ান ଘରକୁ ସଂକ୍ରାନ୍ତି ମୁଣ୍ଡାଇ କରି ଗଲେ ଅମଙ୍ଗଳ ଘଟେ ।)

**मुंडान** ୭ । ( ସଂ. ମୁଣ୍ଡନ)—ଭଣ୍ଡାରୀଦ୍ୱାରା କ୍ଷୌର ହେବା— 7. To have one's head shaven by a barber. (ଉ—'ମନ ନ ମୁଣ୍ଡାଏ ମୁଣ୍ଡାଏ କେଶ । ଛନ୍ଦ । 'କୋଟେ ଜୁମର ବଚନ ପ୍ରକାଶ, ଅଛ ତୋହର ମୁଣ୍ଡାଇବ କେଶ । ପ୍ରାଚୀ. ପ୍ରତାପ ଶଶୀରେଖା ।)

ମୁଣ୍ଡା କଲମ—ଦେ. ବି—ଦନ୍ତୁର କଲମ; ଯେଉଁ କଲମର ମୁନ ଘୋର Muṇḍā kalama ହୋଇ ଯାଇଥାଏ—Blunt pen.

মুঁড়ো (ভোঁতা) কলম **मुंडा कलम**

ମୁଣ୍ଡା କାଠି—ପ୍ରାଦେ, ( ବାଲେଶ୍ୱର ) ବି—ଗୁଡ଼ି କାଗଜର ଦେହରେ Muṇḍā kāṭhi ଉପରୁ ତଳକୁ ଲଗା ହୋଇଥିବା କାଠି ବା

(ମୁଣ୍ଡା—ଅନ୍ୟରୂପ) ବାଉଁଶ ପାତିଆ—Thin rib of bamboo or wood attached to a kite.

**ମୁଣ୍ଡା କୋଡ଼**—ଦେ. ବି—ଦାନ୍ତଭଙ୍ଗା କୋଡ଼—A blunt spade.
Muṇḍā koṛd [ଦ୍ର—ଏହିପରି ମୁଣ୍ଡା ପେନ୍ସିଲ, ମୁଣ୍ଡା କାଙ୍କ,
ভোঁতা কোদাল ମୁଣ୍ଡା କଣ୍ଟା, ମୁଣ୍ଡା ଛୁରି; ମୁଣ୍ଡା ପାତିଆ ଆଦି
**मुंडा कुदाली** ଶବ୍ଦ ହୁଏ ।]

**ମୁଣ୍ଡା ଗଣ୍ଡି**—ଦେ. ବି—ଶାଖା ଆଦି ଛେଦା ହୋଇଥିବା ବୃକ୍ଷର ଗଣ୍ଡି—
Muṇḍā gaṛdi The trunk of a tree whose
গড় branches have been lopped off, a big
**कुन्दा** log of wood. (ଉ—ଅର୍ଜୁନ ବାଣେ ମୁଣ୍ଡ ଛେଦା ଗଣ୍ଡି ପଡ଼ୁ, ଜଳା କଲେ ହାଣି ଥୋଇବା ମୁଣ୍ଡା ଗଡ଼ୁ । କୃଷ୍ଣସିଂହ. ମହାଭାରତ. ବନ୍ଦ ।)

**ମୁଣ୍ଡା ଗାଗର**—ଦେ. ବି. (ସଂ. ମୁଣ୍ଡ+ଗର୍ଗର)—ମୁଣ୍ଡରେ ଖଣ୍ଡା ପରି
Muṇḍā gāgara ଦାଢ଼ୁଆ କଣ୍ଟା ନ ଥିବା ଗାଗର ମାଛ—
গাগর **गागर** A kind of fish without a long and sharp snout. (ଉ—ନଈ ଭିତରେ ଯାଉଥିଲି ମୁହିଁ, ମାରିଲି ମୁଣ୍ଡା ଗାଗର, ବୋହୂକୁ କହିବ କାନ୍ଦିବେ ନାହିଁ, ଜୋଇଁ ର ଗୁଣ ସାଗର—ଲୋକଗୀତ ।)

**ମୁଣ୍ଡା ଚେକ୍**—ଦେ. ବି—ଦୁଇ ଖଣ୍ଡ ପ୍ରସ୍ତ ଏକ କଥା ଛପା ହୋଇଥିବା
Muṇḍā chek ଚେକ୍ ପାଉତି ଆଦି କାଗଜର ଯେଉଁ ଅଂଶମାନ
মুঁড়ো চেক ଦଆଯିବା ପରେ ମୂଳର ଯେଉଁ ଖଣ୍ଡି ରହିଯାଏ—
**अध कट्टी** The counterfoil of duplicate cheques
(ମୁଣ୍ଡା ରସିଦ—ଅନ୍ୟରୂପ) or receipts.

**ମୁଣ୍ଡା ଛତୁ**—ପ୍ରାଦେ. (ବାଲେଶ୍ୱର) ବି—ମଣ୍ଡା ଛତୁ ( ଦେଖ )
Muṇḍā chhatu Maṇḍā chhatu ( See )

**ମୁଣ୍ଡା ଝାଞ୍ଚୁଣି**—ଦେ. ବି—ଯେଉଁ ଝାଞ୍ଚୁଣୀ ବହୁକାଳ ବ୍ୟବହୃତ ହେବା
Muṇḍā chhāñchuṇi ଦ୍ୱାରା ତହିଁର ଅଗମାନ କ୍ଷୟପ୍ରାପ୍ତ ହୋଇ
(ମୁଣ୍ଡା ଝାଡୁ—ଅନ୍ୟରୂପ) ଅଛି—A worn out mop.
মুড়া ঝাঁটা **मुंडा झाड़ू**

**ମୁଣ୍ଡା ଠା**—ଦେ. ବି—ଖାଇବା ପାଇଁ ପତ୍ର ବା ପାତ୍ର ବସାଯିବା ସ୍ଥାନରେ
Muṇḍā ṭhā ମୁରୁଜ ଦ୍ୱାରା 'ଠାଅ' ହୋଇ ନ ଥିବା ଅବସ୍ଥା—
**बिना अहिपनका ठा** The absence of a drawing on
(ମୁଣ୍ଡା ଠାଅ—ଅନ୍ୟରୂପ) the ground (with white powder) on which the plate is kept for taking meal. [ଦ୍ର—ମୁରୁଜରେ 'ଠାଅ' ଚିତ୍ର ନ କରି କୌଣସି ବ୍ୟକ୍ତିଙ୍କୁ ଖାଇବାକୁ ଦେଲେ ମାଇପେ କହନ୍ତି ତାଙ୍କୁ ମୁଣ୍ଡା ଠାଅରେ ଖାଇବାକୁ ଦେଲୁ ।]

**ମୁଣ୍ଡା ନ(ଲ)ଇ**—ଦେ. ବି—ଏକ ଜାତୀୟ ବନ୍ୟ ଲତା—Elephant
Muṇḍā na(la)i creeper; Argyrica Speciosa.
**समन्दर सोक** [ଦ୍ର—ଏହା ମୋଟା କାଠିଯୁକ୍ତ ଏବଂ ଏହାର ଫୁଲ ଅତି ସୁନ୍ଦର ଦିଶେ ।]

**ମୁଣ୍ଡା ପଥର**—ଦେ. ବି—ବଡ଼ ଗୋଟା ପଥର; ବଡ଼ ପଥର ଖଣ୍ଡ—
Muṇḍā pathara A big block of stone.
বড় পাথর **मंडा पत्थर**

**ମୁଣ୍ଡା ପହଁରା**—ଦେ. ବି—ଯେଉଁ ବଢ଼ଣି ମୂଠା ବହୁକାଳ ବ୍ୟବହୃତ
Muṇḍā pahaṅrā ହେବା ଦ୍ୱାରା ତହିଁର ଅଗ କ୍ଷୟପ୍ରାପ୍ତ
ମୁଣ୍ଡା ବଢ଼ଣି, ମୁଣ୍ଡ ପହଁରା ମୂଠା —ଅନ୍ୟରୂପ ହୋଇଅଛି—A worn out broomstick.
মুড়া ঝাঁটা **मुर्डा झाड़ू**

**ମୁଣ୍ଡା ବସା(ସେ)ଇବା**—ପ୍ରାଦେ. ( ବାଲେଶ୍ୱର ) କ୍ରି—ମୁଣ୍ଡା କାଠିକି
Muṇḍā basā(se)ibā ଗୁଡ଼ିର ଯଥାସ୍ଥାନରେ ଅଠା ଲଗାଇ ବସାଇବା—To set the Muṇḍā Kāṭhi with gum in on a paper kite.

**ମୁଣ୍ଡା ବେସର**—ଦେ. ବି—ଯେଉଁ ବେସର ଭିଅଣରେ ମାଛର
Muṇ ā beśara ଖଣ୍ଡମାନ ମୁଣ୍ଡା ମୁଣ୍ଡା ହୋଇ ରହି
মুড়ি ঘন্ট ଥାଏ—Fish curry with lumps of fish intact. [ଦ୍ର—ଏହିପରି ମୁଣ୍ଡା ମହୁର ଶବ୍ଦ ମଧ୍ୟ ହୁଏ ।]

**ମୁଣ୍ଡାଭାରି**—ପ୍ରାଦେ. (ବାଲେଶ୍ୱର) ବିଣ—ଉପର ମୁଣ୍ଡ ତଳ ମୁଣ୍ଡ ଠାରୁ
Muṇḍābhāri ଅଧିକରୁ ରୂପେ ଭାରି ହୋଇଥିବା (ଗୁଡ଼ି)—
(a kite) Having the upper end excessively heavier than the lower end. [ଦ୍ର—ସାଧାରଣତଃ ଗୁଡ଼ିର ଉପର ମୁଣ୍ଡ ତଳ ମୁଣ୍ଡ ଠାରୁ କିଛି ସ୍ଥୂଳ ଏବଂ ଭାରି ଥାଏ । କିନ୍ତୁ ସମୟ ସମୟରେ ଏହି ସ୍ଥୂଳତାର ଏବଂ ଭାରର ପରିମାଣ ଖୁବ୍ ବେଶୀ ହୋଇଯାଏ ଓ ଗୁଡ଼ିର ଉପର ଅର୍ଦ୍ଧ ତଳଅର୍ଦ୍ଧ ଅପେକ୍ଷା ଓଜନରେ ବେଶୀ ହୋଇପଡ଼େ । ଫଳରେ ଉକ୍ତ ଗୁଡ଼ିକୁ ଉଡ଼ାଇଲାବେଳେ ତାର ମୁଣ୍ଡ ସବୁବେଳେ ତଳ ଆଡ଼କୁ ହୋଇ ରହେ ଗୁଡ଼ି ଚାଳଣାରେ ଏହା ଗୋଟିଏ ତ୍ରୁଟି ।]

**ମୁଣ୍ଡାଭାଷା ପୁଞ୍ଜ**—ଦେ. ବି—ଖେର୍‌ୱାରି (ଦେଖ)—
Muṇḍābhāshā puñja Kher-wari (see)

**ମୁଣ୍ଡା ମଗର**—ଦେ. ବି—(ସଂ. ମୁଣ୍ଡ+ମକର)—ଯେଉଁ ମଗର ମାଛର
Muṇḍa magara ମୁଣ୍ଡରେ ଖଣ୍ଡା ନ ଥାଏ; ହାଙ୍ଗର—
(ବିପରୀତ—ଖଣ୍ଡାମଗର) Shark.

**ମୁଣ୍ଡା ମଅ(ହ)ଣ**—ଦେ. ବି—ଅମଣିଆ ଦାମୁଡ଼ିଙ୍କ ବେକରେ ଗୋଟାଏ ଭାରି
Muṇḍā ma-a(ha)ṇa କାଠ ମୁଣ୍ଡିଆ ଝୁଲାଇ ମଣ କରିବା ରୀତି—
(ମୁଣ୍ଡାମଣ—ଅନ୍ୟରୂପ) Breaking or training of an untrained young bullock by suspending a heavy log of wood from its neck. [ଦ୍ର—ଏପରି ମଣ କଲେ ଦାମୁଡ଼ି ଉପରକୁ ମୁଣ୍ଡ ଟେକି ଚାଲିବାରେ ଅଭ୍ୟସ୍ତ ହୁଏ ।)

**ମୁଣ୍ଡା ମାଉଁସ**—ଦେ. ବି—ମାଂସର ବଡ଼ ଖଣ୍ଡ—A big lump of
Muṇḍā māuṅsa meat. [ ଦ୍ର—ଏହିପରି ମୁଣ୍ଡା ମାଛ ବା
মাংসের খণ্ড **मांसकी बुट्टी** (ମାଉଁସ ମୁଣ୍ଡା-ଅନ୍ୟରୂପ) ମାଛମୁଣ୍ଡା ହୁଏ ।]

**ମୁଣ୍ଡା ମୁଣ୍ଡା**—ଦେ. ବି—ଖାଇବାକୁ ମିଳିବା ମାଛ ବା ମାଂସର ବଡ଼ ବଡ଼
Muṇḍā muṇḍā ଖଣ୍ଡ ବା ମୁଣ୍ଡା—Big lumps of fish
খণ্ড খণ্ড and flesh which one gets at his meal.
**ढेरकाढेर**

ମୁଣ୍ଡାମୁଣ୍ଡି—ଦେ. ବି—୧ । ପ୍ରାନ୍ତ; ଶେଷ—1. Extremity; end. ୨ । ନିଃଶେଷିତ ଅବସ୍ଥା—2. State of exhaustion. ୩ । ନିର୍ଦ୍ଦିଷ୍ଟ ସମୟର ଶେଷ—3. The end or limit of a time fixed
Mundāmundi
শেষ
शेष, सीमा

ମୁଣ୍ଡାମୁଣ୍ଡି କରିବା—ଦେ. କ୍ରି.—କୌଣସି ପଦାର୍ଥକୁ ମୁଣ୍ଡରେ ବୋହି ନେବା—To carry a thing on the head
Mundāmundi karibā
মাথায় করা
शिरपर लेना
(ମୁଣ୍ଡିଅମୁଣ୍ଡି କରିବା—ଅନ୍ୟରୂପ)

ମୁଣ୍ଡାୟସ—ସ. ବି (ମୁଣ୍ଡ+ଅୟସ୍+ଅ)—ଲୌହ (ବ ଶବ୍ଦକୋଷ)—Iron.
Mundāyasa

ମୁଣ୍ଡା ରକତ—ଦେ. ବି.—ବସି ଯାଇଥିବା ରକ୍ତର ଖଣ୍ଡମାନ—Clots of blood
Mundā rakata
(ମୁଣ୍ଡାରକ୍ତ—ଅନ୍ୟରୂପ) রক্তের চাপ थेमहा, थक्का

ମୁଣ୍ଡାରି—ଦେ. ବି—୧ । ଗଡ଼ଜାତର ଅନାର୍ଯ୍ୟ ଜାତିବିଶେଷ—1. Name of an aboriginal tribe. ୨ । ଅନାର୍ଯ୍ୟ ମୁଣ୍ଡାମାନଙ୍କ ଭାଷା—2. The spoken language of the Mundas. [ଦ୍ର—ଭାଷାକୋଷ ପ୍ରଥମ ଭାଗ ଇଂରାଜୀ ଅବତରଣିକା ଦ୍ରଷ୍ଟବ୍ୟ; ଏହା ଅଷ୍ଟ୍ରୀୟ ଭାଷା ଅଟେ ।]
Mundāri
মুণ্ডারী
मुण्डारी

ମୁଣ୍ଡା(ଣ୍ଡୁ)ଳି—ଦେ. ବି—(ସ. ମୁଣ୍ଡ)—୧ । ଅଗ୍ରଭାଗ—1. The end (of anything). (ଉ—ସେଣୀ ମୁଣ୍ଡାଳିମାନ ସମ୍ମୁଖ ଭଳିଲ ମେ ଅଙ୍ଗୁଳି ଲେଖାଏ ଥିବ । ଜଗବନ୍ଧୁ ପ୍ରାଚୀନ ଭୂଗୋଳ.) ୨ । ଇଟା ପାଚିରର ଅଗରେ ବଢ଼ାଯାଇଥିବା (କାନ୍ଥଠାରୁ ଓସାରିଆ) ବେଢ଼—2. The top of a parapet (which is thicker than the main wall). ଗ୍ରାଦେ. (ବାଲେଶ୍ୱର) ବି—୧ । କାନ୍ଥର ସର୍ବୋଚ୍ଚ ଅଂଶ—1. The highest part or summit of a wall. ୨ । କୌଣସି ପଦାର୍ଥର ସବୁଠାରୁ ଉପର ଅଂଶ ବା ଶେଷ ଭାଗ—2. The uppermost part or top of anything. ୩ । ଗ୍ରାଦେ. (ପୁରୀ ଜିଲ୍ଲା) ବି—ଶୁଖିଲା ନଡ଼ିଆ ଛଡ଼ାଇବାରେ ବ୍ୟବହୃତ ଏକ ପ୍ରକାର ଅସ୍ତ୍ର; ମୁଣ୍ଡା—3. A pike to peel off the rinds of dried cocoanuts.
Mundā(ndu)li
শেষভাগ, মাথা
मुंडालि, मुँडेरा

ମୁଣ୍ଡାଳି ଛୁଇଁବା—ଗ୍ରାଦେ (ବାଲେଶ୍ୱର) କ୍ରି.—(କୌଣସି କାର୍ଯ୍ୟର) ଶେଷରେ ପହଞ୍ଚିବା—To approach to or arrive at the end of a work.
Mundāli chhuinbā
(ମୁଣ୍ଡାଳି ଧରିବା—ଅନ୍ୟରୂପ)
ମୁଣ୍ଡାଳି ଛୁଅଁଇବା (ଛୁଆଁଇବା) } —ଣିଜନ୍ତ ରୂପ
ମୁଣ୍ଡାଳି ଧରା(ରେ)ଇବା

ମୁଣ୍ଡା ଲେଖନ—ଦେ.ବି.—(ସଂ. ମୁଣ୍ଡ ଓ ଲେଖନୀ)-ଯେଉଁ ଲୁହାକଲମର ମୁନ ବନ୍ଦ ହୋଇ ଯାଇଥାଏ—An iron pen with its point blunted.
Mundā lekhana
মুডো(ভোতা)লেখন
मुंडाकलम

ମୁଣ୍ଡା ଶାରୁ—ଦେ. ବି.—୧ । ଶାରୁ ଗଛର ମୂଳରେ ଥିବା ଗୋଲକ—1. The bulb at the foot of an arum plant. ୨ । ଚିଣ୍ଡାକୃତ ଶାରୁ ବିଶେଷ—2. Bulbous arum.
Mundā sāru
বডকচু মুখী
अरुई

ମୁଣ୍ଡା ସିଝୁ—ଦେ. ବି—ତିନକୋଣିଆ ସିଝୁ—Three cornered euphorbia; Euphorbia Antiquorum.
Mundā sijhu
ত্রিশিরা মনসা
तिकाँटा सेहुंड

ମୁଣ୍ଡି—ଦେ. ବି—(ସ. ମୁଣ୍ଡ)—୧ । ଯଷ୍ଟି ଆଦିର ଅଗ୍ରଭାଗ—1. The top of a stick. ୨ । ସ୍ତନର ଅଗ୍ରଭାଗ; ଚୁଣ୍ଡି; ଚୂଚୁକ—2. Nipple of the female breast. ୩ । ମୁଣ୍ଡିତିକା (ଦେଖ)—3. A medicinal plant; Munditikā (See). ୪ । ମୂଳରୁ ହଣା ହୋଇଥିବା ଶାଖାହୀନ (ଖାଲ ପିଣ୍ଡଶାଳ ଆଦି) କାଠର ଗଣ୍ଡି—4. The branchless trunk of a tree cut at the ground-level. ୫ । କାଠର ବଡ଼ ଗଡ଼-5. A log of timber. ୬ । ବାଇଗଣ ଓ କାକୁଡ଼ି ଆଦି ଫଳର ବୃନ୍ତ ସଂଲଗ୍ନ ଅଂଶ—6. The part of a brinjāl or cucumber which adjoins the stalk. ୭ । ଦେଉଳର ଅଗ୍ରଭାଗ—7. The top of a temple. ଗ୍ରାଦେ. (ସମ୍ବଲପୁର) ବି—କେଳିକଦମ୍ବ ଗଛ—A kind of tree; Stephygyne Parvifolia; Nauclia Parvifolia.
Mundi
মাথা; ডগা
सिरा
ঢেংগ
ठुंठ
मुँड

ମୁଣ୍ଡିଆ—ଦେ. ବି—(ସ. ମୁଣ୍ଡ)—୧ । ମୁଣ୍ଡଦ୍ୱାରା ଆଘାତ—1. A butting given by the head; a stroke given by the head. ୨ । ଭୂମିରେ ମୁଣ୍ଡ ଲଗାଇ ନମସ୍କାର—2. Obeisance made by touching the head on the ground. ୩ । ବୃକ୍ଷଶୂନ୍ୟ ଛୋଟ ପାହାଡ଼—3. Treeless hill; hillock. ୪ । କାଠର ବଡ଼ ମୁଣ୍ଡା—4. A big log of of wood. ୫ । ପଥରର ମୁଣ୍ଡା—5. A big piece of stone. ଦେ. ବିଣ. ପୁଂ—ମୁଣ୍ଡଯୁକ୍ତ—Headed. (ଯଥା—ମଲ ମୁଣ୍ଡିଆ, ଓ ମୁଣ୍ଡିଆ ।)
Mundiā
তাল ঠোকা
टेकरा, टक्कर
মাথাঠুকে প্রণাম
सिर टेकना
ছোট পাহাড়
टीला, पहाडी
কাঠের গুঁড়ি
গোল
বড খণ্ড
सिल, ढोंग

ମୁଣ୍ଡିଆ କୋରୁଆଁ—ଦେ. ବି—ଏକପ୍ରକାର କୋରୁଆ ଗୁଳ୍ମ—Holarrhena Antidysenterica (plant) (କୋରୁଅ ତଳେ କୋଟ୍ ଦେଖ)
Mundiā koruān

ମୁଣ୍ଡିଆ ପକା(କେ)ଇବା—ଦେ. କ୍ରି—୧ । ଭୂମିରେ ମୁଣ୍ଡ ଲଗାଇ ପ୍ରଣାମ କରିବା—1. To bow to a person or Deity by touching the ground with the head. ୨ । ମୁଣ୍ଡଦ୍ୱାରା ଆଘାତ କରିବା—2 To butt with the head.
Mundiā pakā(ke)ibā
মাথাঠুকেপ্রণামকরা
माथाटेकना
( ମୁଣ୍ଡିଆ ମାରିବା—ଅନ୍ୟରୂପ )

**ମୁଣ୍ଡିଅଳ**—ପ୍ରାଦେ. ( କଟକ ଜିଲ୍ଲା ) ବି—୧ । ଗାଁର ସର୍ଦ୍ଦାର—
Muṇḍiāḷa 1. Headman of the village.
মোড়ল ୨ । ଶ୍ରେଷ୍ଠ ବ୍ୟକ୍ତି—2. A man of position or
मुखिया, मदर of high respectabitily.
୩ । ନେତା—3. Leader.

**ମୁଣ୍ଡି କରଣ୍ଡି**—ପ୍ରାଦେ. (ବାଲେଶ୍ୱର) ବି—ପିତା କରଣ୍ଡି ( ଦେଖ )
Muṇḍi karāṇḍi Pitā karāṇḍi ( See )

**ମୁଣ୍ଡିକା**—ଦେ. ବି. (ସଂ. ମୁଣ୍ଡିକା )—ବହୁ ଅଙ୍ଗୁଳି ଶାଗ; ମୋଡ଼ା ଛୁଇଁ
Muṇḍikā ( ଦେଖ )—Sphaeranthus Indicus;
(ମୁଣ୍ଡି ମୁଣ୍ଡିକା—ଅନ୍ୟରୂପ) Morḍā chhuiñ ( See )
ସ. ନାମ—ଅରୁଣା, ଅଲମ୍ବୁଷା, କଦମ୍ବପୁଷ୍ପା, କୁଣ୍ଡଳୀ, ପଲଙ୍କଷା, ଭୂକଦମ୍ବୀ, ମୁଣ୍ଡୀ, ଭିକ୍ଷୁ, ଶ୍ରାବଣୀ, ତପୋଧନା, ଶ୍ରବଣାହ୍ୱା, ଶ୍ରବଣଶୀର୍ଷିକା, ମୁଣ୍ଡିତିକା, ମୁଣ୍ଡିରିକା,
मुण्डिरी, मुरमुरिया, हाइन मूल
मुण्डी
ତା. କୋଟ୍ଟୁକ
ତେ. ବୋଡ଼ ସରପୁଟେଟ୍ଟୁ
ମ. କରପବୋଡ଼ୀ
ଗୁ. ମୁଣ୍ଡୀ, ଗୋରଖମୁଣ୍ଡୀ

[ଦ୍ରୁ—ଏହା ସୋମରାଜ୍ୟାଦି ବର୍ଗର ଅନ୍ତର୍ଗତ ଗୋଟିଏ ଶାକବିଶେଷ । ଏହା ସାଧାରଣତଃ ଧାନ କ୍ଷେତରେ ଜନ୍ମେ । ପତ୍ର ଏକୋତ୍ତର ଓ ଦନ୍ତୁର, ଫୁଲ ଗାଢ଼ ନୀଳ ଏବଂ କଦମ୍ବ ଭଳି ଆକାର ବିଶିଷ୍ଟ । ଶୀତକାଳରେ ଏହା ଫୁଟେ । ଶୁଷ୍କ ମଞ୍ଜରୀ ଦେଖିବାକୁ ଛୋଟ ପଣସ କଟା ପରି ଲମ୍ବ । ଗନ୍ଧ ଗନ୍ଧକୀଳ । ଏଥିର ତେଲ ଔଷଧରେ ଲାଗେ । ଏହା କଟୁ, ବିପାକ, ଉଷ୍ଣବୀର୍ଯ୍ୟ, ମଧୁର ରସ, ଲଘୁ ଓ ମେଧାଜନକ । ଏହା ଗଳଗଣ୍ଡ, ଅପଚୀ, ଶ୍ଳୀପଦ, ଅରୁଚି, ମୂତ୍ରକୃଚ୍ଛ୍ର, କୃମି, ଯୋନିରୋଗ, ପାଣ୍ଡୁ, ଅପସ୍ମାର, ପ୍ଲୀହା, ମେଦ ଓ ଗୁଦବ୍ୟାଧି ରୋଗ ନାଶକ ।]

**ମୁଣ୍ଡି କାକୁଡ଼ି**—ଦେ. ବି—ଏକ ଜାତୀୟ ଛୋଟ କାକୁଡ଼ି—A species of small cucumber.
Muṇḍi kākuṟḍi
ছোট শশা खीरा ककड़ी

**ମୁଣ୍ଡି କାଠ**—ଦେ. ବି—ମୂଳରୁ ଛେଦନ ହୋଇଥିବା ବଡ଼ ଗଛର ଶାଖାଶୂନ୍ୟ ଗଣ୍ଡି—A log of wood (consisting of the branchless trunk of a big tree cut down from the ground-level.
Muṇḍi kāṭha
কাঠের গড়(গুঁড়ি) काठका गोल

**ମୁଣ୍ଡି ଖଡ଼ିକା**—ଦେ. ବି—ଯେଉଁ ସମ୍ମାର୍ଜନୀ ବହୁଦିନ ବ୍ୟବହୃତ ହେବାରୁ ତାହାର ଅଗ୍ରଭାଗ ଛିଣ୍ଡିଯାଇଥାଏ—A worn out broomstick.
Muṇḍi khaṟḍikā
মুড়ো ঝাঁটা मुंडा झाड़ु
(ମୁଣ୍ଡି ଝାଡ଼ୁ, ମୁଣ୍ଡି ପର୍ଚ୍ଚିଆ, ମୁଣ୍ଡି ପର୍ଚ୍ଚିଆ ମୁଠା—ଅନ୍ୟରୂପ)

**ମୁଣ୍ଡି ଚଣା**—ଦେ. ବି. (ହି. ମୁଣ୍ଡ ଚଣକ)—ଏକପ୍ରକାର ଚଣା—A kind of pulse.
Muṇḍi chaṇā
চনা चना

**ମୁଣ୍ଡି ଚ(ତ)ଷା**—ଦେ. ବି. ପୁଂ. (ହେୟାର୍ଥ)—ଓଡ଼ଚଷା; ଜର୍ଜ୍ଜିଅ ଓ ଅସଭ୍ୟ ଚଷା—A foolish or stupid person of the cultivator class.
Muṇḍi cha(ta)sā
(ମୁଣ୍ଡି ଚ[ତା]ଷୁଣୀ—ସ୍ତ୍ରୀ)
অজ চাষা चाषा

**ମୁଣ୍ଡି ଛାଞ୍ଚୁଣୀ**—ଦେ. ବି—ବହୁକାଳ ବ୍ୟବହୃତ ହେବା ଯୋଗୁଁ ଯେଉଁ ଛାଞ୍ଚୁଣିର ଅଗ୍ରଭାଗ ସମ୍ପୂର୍ଣ୍ଣ ବା ଆଂଶିକ କ୍ଷୟ ହୋଇ ଯାଇଥାଏ—A worn-out sweeping brush or mop.
Muṇḍi chhāñchuṇi
মুঁড়ো ঝাঁটা मुंडी बढ़नी

**ମୁଣ୍ଡି ଠେଙ୍ଗା**—ଦେ. ବି—ବଡ଼ ମୁଣ୍ଡିଯୁକ୍ତ ଛୋଟ ଠେଙ୍ଗା; ଠେଙ୍ଗଣୀ—A cudgel with a big knob.
Muṇḍi ṭheṅgā
বড় মুখো লাঠি मुंडी लाठी

**ମୁଣ୍ଡିତ**—ସ. ବିଣ. (ମୁଣ୍ଡ ଧାତୁ+କର୍ମ. ତ)—କ୍ଷୌର ହୋଇଥିବା—Shaven. ସ. ବି—ଲୁହା—Iron.
Muṇḍita

**ମୁଣ୍ଡିତ କେଶ**—ସ. ବିଣ. ପୁଂ. ( ବହୁବ୍ରୀହି )—୧ । ଲଣ୍ଡା ମୁଣ୍ଡା—1. Shaven-headed. ୨ । ଟାଙ୍ଗରା—2. Bald headed.
Muṇḍita keśa
(ମୁଣ୍ଡିତ କେଶା, ମୁଣ୍ଡିତ ମୁଣ୍ଡା; ମୁଣ୍ଡିତ ଶିରସ୍କା[ମସ୍ତକା]—ସ୍ତ୍ରୀ)
(ମୁଣ୍ଡିତ ମୁଣ୍ଡ, ମୁଣ୍ଡିତ ଶିରାଃ, ମୁଣ୍ଡିତ ଶିରସ୍କ—ଅନ୍ୟରୂପ)

**ମୁଣ୍ଡିତି(ରି)କା**—ସ. ବି—ମୁଣ୍ଡିକା ( ଦେଖ )
Muṇḍiti(ri)kā Muṇḍikā ( See )

**ମୁଣ୍ଡିନୀ**—ସ. ବି—କସ୍ତୁରୀ ମୃଗ (ରାଜ ନିର୍ଘଣ୍ଟ)—
Muṇḍini Musk deer.

**ମୁଣ୍ଡିବା**—ଦେ. କ୍ରି ( ପଦ୍ୟ ) ( ସଂ. ମୁଣ୍ଡ ଧାତୁ )—୧ । ଗଛର ଉପରଭାଗରୁ ଶାଖା ପ୍ରଶାଖା କାଟିବା—1. To lop off the branches of a tree.
Muṇḍibā
(গাছ)মুঁড়ান मुँडना
୨ । ଅଗରୁ କର୍ତ୍ତନ କରିବା—1. To cut down from the top; to pair (the nails).
(ଉ—ଦାନ୍ତ ଘର୍ଷିଣ ନଖ ମୁଣ୍ଡି ସ୍ନାନ କରୁ । କୃଷ୍ଣସିଂହ. ମହାଭାରତ. ବନ ।) ୩ । କ୍ଷୌର କରିବା—3. To shave.

**ମୁଣ୍ଡି ଭଉଁରି**—ପ୍ରାଦେ. (ଯାଜପୁର) ବି—ଖେପା ଜାଲ—
Muṇḍi bhauñri Casting net.

**ମୁଣ୍ଡି ମାରିବା**—ଦେ. କ୍ରି—୧ । (ଦେଉଳର) ଅଗ୍ରଭାଗରେ ବାକି ଥିବା କାର୍ଯ୍ୟକୁ ଶେଷ କରି ଦେଉଳ ଗଢ଼ା କାମର ସମାପ୍ତି କରିବା; ଦେଉଳକୁ ମୁଡ଼ିବା—1. To complete the construction of a temple by finishing the top; to set the coping stone to a temple. ୨ । ( ଲକ୍ଷଣାର୍ଥ ) କୌଣସି କାର୍ଯ୍ୟ ଶେଷ କରିବା—2. (figurative) To complete a work; to give the finishing touch to a thing.
Muṇḍi māribā
মাথা মারা ढकना

**ମୁଣ୍ଡି ଶାଗ**—ପ୍ରାଦେ. (ସମ୍ବଲପୁର) ବି—ଶୀତ ଋତୁରେ ଧାନ କିଆରୀମାନଙ୍କରେ ମଳିରୁ ଉଠିଥିବା ଏକ ପ୍ରକାର ଶାଗ; ମୁଣ୍ଡିକା (ଦେଖ) — A kitchen herb growing in paddy fields in winter; Muṇḍikā (See).
Muṇḍi śāga

**ମୁଣ୍ଡି ଶାଳୁଅ**—ଦେ. ବି—ଶାଳୁଅ କାଠର ମୁଣ୍ଡି—A big log of Śāḷa timber.
Muṇḍi śāḷuā
শালের গড়(গুঁড়ি) साल लकड़ीका गोल

ମୁଣ୍ଡି ଶିଳ(ଳି,ଳୁ)ପା—ଦେ. ବି. ( ସଂ. ମୁଣ୍ଡ+ଶିଳାପୁତ୍ର )—ବହୁକାଳ Mundi sila(li,lu)pa ବ୍ୟବହାର ଯୋଗୁଁ ଛୋଟ ହୋଇଯାଇଥିବା ଶିଳପୁଅ—ଖୟା ନুড়ী A small pestling stone worn out by long use.

ମୁଣ୍ଡୀ—ସଂ. ବି. ପୁଂ. ( ମୁଣ୍ଡ+ଇନ୍; ଦେଶୀ. ଏକ )—୧ । ଭଣ୍ଡାରୀ—Mundi 1. Barber. ୨ । ମହାଦେବ—2. Siba. ୩ । (ମୁଣ୍ଡୀ—ପୁଂ) ମୁଣ୍ଡିକା (ଦେଖ)—3. Mundika (See) ସଂ. ବିଣ. ପୁଂ—ମୁଣ୍ଡିତ କେଶ (ମହାଭାରତ)—With shaven head. ଦେ. ବିଣ. ସ୍ତ୍ରୀ—(ଅନ୍ୟ ଶବ୍ଦ ସଙ୍ଗେ ଯୁକ୍ତ ହୋଇ ବ୍ୟବହୃତ ହୁଏ; ଯଥା—ହୁଙ୍କୁଣୀ ମୁଣ୍ଡୀ)—ମୁଣ୍ଡ-ଯୁକ୍ତା—Head-ed (useded in compound).

ମୁଣ୍ଡୁଳା(ଳି)—ଦେ. ବି ( ସଂ. ମଣ୍ଡଳ )—୧ । ମଣ୍ଡଳାକାର ରେଖା; Mundula(li) ବୃତ୍ତ—1. Circle. ୨ । ମଣ୍ଡଳାକାର ଚିତ୍ର—ମণ্ডল मडल 2. Circular drawing. [ ଦ୍ର—ପିଲାମାନେ ପ୍ରଥମେ ଅଭ୍ୟାସ କରି ଖଡ଼ି ଛୁଇଁଲାବେଳେ ବ୍ରହ୍ମା, ବିଷ୍ଣୁ, ମହେଶଙ୍କ ନାମ ଉଚ୍ଚାରଣ କରି ଭୂଇଁରେ ତିନିଗୋଟି ମୁଣ୍ଡୁଳା କାଟନ୍ତି । ]

ମୁଣ୍ଡୁଳା(ଳି) ଜାଲ—ପ୍ରାଦେ. ( ବାଲେଶ୍ୱର ) ବି—ବେତ ବା ବାଉଁଶ Mundula(li) jala ଦାତ ବ୍ୟାସ ବିଶିଷ୍ଟ ଗୋଟିଏ କାଠର ବା ବାଉଁଶର ପରିଧି ସହିତ ସଂଯୁକ୍ତ ଟୋପା ଜାଲବିଶେଷ—A round net with a circular bamboo or wooden rim in the shape of a basket. [ ଦ୍ର—ଛୋଟ ଛୋଟ ନାଳାମାନଙ୍କରେ ବହି ଯାଉଥିବା ପାଣି ସୁଅରୁ ମାଛ ଛାଣିଲାପରି ଧରିବା କାମରେ ଏହି ଜାଲ ବ୍ୟବହୃତ ହୁଏ । ]

ମୁଣ୍ଡେ(ଣ୍ଡୋ)ଇ—ଗ୍ରା. ବି ( ସଂ. ମଣ୍ଡପ )—ମଣ୍ଡପ—A raised Munde(ndo)i roofed or unroofed platform. মণ্ডপ मडवा [ ଦ୍ର—ଅନ୍ୟ ଶବ୍ଦ ସଙ୍ଗେ ସଂଯୁକ୍ତ ହୋଇ ସାଧାରଣତଃ ଏହି ଶବ୍ଦଟିର ପ୍ରୟୋଗହୁଏ; ଯଥା—ଦୋଳ-ମୁଣ୍ଡେଇ, ଧୂଳାମୁଣ୍ଡେଇ ଇତ୍ୟାଦି । ]

ମୁଣ୍ଡେଇବା—ଦେ. ବି ( 'ମୁଣ୍ଡ' ଶବ୍ଦରୁ ଓଡ଼ିଆ ନାମ ଧାତୁ )—Mundeiba ମୁଣ୍ଡାଇବା ( ଦେଖ )—Mundaiba ( See )

ମୁଣ୍ଢ—ଦେ. ବିଣ ( ସଂ. ମୁଣ୍ଡ )—ମୁଣ୍ଡା; ଚନ୍ଦରା; ଧାରରହିତ—Mundha Blunted. ପ୍ରାଦେ. ( ବାଲେଶ୍ୱର ) ବି—ମୁଣ୍ଡା ୪ ভোঁতা भोंतला, भुथरा ( ଦେଖ )—Munda 4 ( See )

ମୁଣ୍ଢିଆ—ପ୍ରାଦେ. (ବାଲେଶ୍ୱର) ବି—ଗଣ୍ଠିଯୁକ୍ତ କାଠର ଗଡ଼ ବା ଖଣ୍ଡ—Mundhia Knotted log of wood or timber. গেঁঠোগড় काठका गोल (सील)

ମୁଣ୍ହୁଁ—ଦେ. କି. ବିଣ—ମୁଣୁହୁଁ ( ଦେଖ ) Munhun - Munuhun ( See )

ମୁଣେ(ଣ୍ଣୋ)ଇ—ଦେ. ବି—ମୁଣଇ ( ଦେଖ ) Munhe(nho)i Munai ( See )

ମୁତଫର୍କା—ବୈଦେ. ବିଣ ( ଉଚ୍ଚଅ ) ( ଅ. ମୁତଫରିକ୍—ଅଲଗ, ପୃଥକ୍ Mut-pharka ପୃଥକ )—୧ । ଚକେ; ନାନାପ୍ରକାର ବସ୍ତୁ-মুৎফরকা मुतफरीका ମିଶ୍ରିତ—1. Miscellaneous; sundry; ( ମୁତଫରକା—ଅନ୍ୟରୂପ ) motley; mixed. ୨ । ଅନା-ବଶ୍ୟକ; ବାଜେ—2. Unimportant. ( ଦ୍ର—ଅଦାଲତରେ ଚାଲୁଥିବା ଅସଲ ମକଦ୍ଦମାରୁ ଉତ୍ପନ୍ନ ହୋଇଥିବା କୌଣସି ଅପ୍ରଧାନ ବିଷୟ ସେହି ବିବାଦ ବା ଦାବୀ ଉପସ୍ଥାପିତ ହେଲେ ତାହାକୁ ସେହି ମୂଳ ମକଦ୍ଦମାର ମୁତଫର୍କା ମକଦ୍ଦମା କହନ୍ତି । )

ମୁତଫର୍କା ଖର୍ଚ୍ଚ(ର୍ଚ୍ଚା)—ବୈଦେ. ବି ( ଉଚ୍ଚଅ )—ଅନାବଶ୍ୟକ ବା Mut-pharka kharchcha(rchcha) ବାଜେ ଖର୍ଚ୍ଚ; ପ୍ରୟୋ-মুৎফরকা খরচা मुतफरीका खर्च ଜନାତିରିକ୍ତ ଖର୍ଚ୍ଚ—Extra or miscellaneous expenses.

ମୁତ—ଦେ. ବି ( ସଂ. ମୂତ୍ର )—୧ । ପ୍ରସ୍ରାବ—1. Urine. ( ଦ୍ର—Muta କେବଳ ପଡ଼ ନାହିଁ ଜଙ୍ଘରେ ମଳ ମୁତ—କୃଷ୍ଣସିଂହ. পেচ্ছাব, মূত ମହାଭାରତ. ଦ୍ରୋଣ । ) ୨ । ମୁତିବାଗ—मूत 2. Urination; pissing.

ମୁତଇ(ଏ, ୟା)ନ(ନି)—ବୈଦେ. ବିଣ (ଉଚ୍ଚଅ) ( ଅ. ମୁତାୟୁନ୍ )—Mutai(e, ya)n(ni) ୧ । କୌଣସି ବିଶେଷ କାର୍ଯ୍ୟ କରିବା মুতায়েন, মোতাএন ପାଇଁ ନିଯୁକ୍ତ—1. Appointed or depu-मुतायून ted for a particular work. [ଦ୍ର—ହରିସିଂ ଅପଣା ଘରଦ୍ୱାରେ ମତୟନ ଥିବା ହାଲତ—ଫକୀର ମୋହନ. ଛମାଣ ଆଠଗୁଣ । ] ୨ । କୌଣସି କର୍ମରେ ସ୍ଥାୟୀଭାବରେ ନିଯୁକ୍ତ—2. Permanently appointed; belonging to the permanent staff or service.

ମୁତ ଗୁହ—ଦେ. ବି (ସମାସ)—ମୂତ୍ର ଓ ବିଷ୍ଠା—Urine and Muta guha গু মূত गूह मूत and night soil.

ମୁତ ନଳା—ଦେ. ବି—ଯେଉଁ ନଳାରେ ଲୋକେ ପ୍ରସ୍ରାବ କରନ୍ତି—Muta nala A gutter used as urinal; urinal. পেচ্ছাবের নালা मूतनाली

ମୁତ ନାଳି—ଦେ. ବି ( ସଂ. ମୂତ୍ରନାଳୀ )—ପୁରୁଷର ଲିଙ୍ଗ—Mutanali The urinary passage; the urethral মূত্রনালী मूतनाली passage in the penis.

ମୁତ(ତୁ)ପୁଡ଼ା—ଦେ.ବି(ସଂ. ମୂତ୍ରପୁଟ)-୧। ମୂତ୍ରାଶୟ—1. Bladder. Muta(tu)purda পানি ভুসকী मूतकी थैली ୨ । ଜରାୟୁରେ पुरइन ଭ୍ରୂଣକୁ ଘେରି ରହିଥିବା ଜଳୀୟ ପଦାର୍ଥର ମୁଣା ବା ପତଳା ପରଦା; ଜଳ—2. Amnion; thin membrane or sack of watery substance surrounding the embreyo in the womb and which acts as a lubricant just before delivery. [ ଦ୍ର—ମନୁଷ୍ୟ ଶିଶୁର ପ୍ରସବ ପୂର୍ବେ ଏହି ମୁଣା ଫାଟିଗଲେ ଜନ୍ମ ସୁଗମ ହୋଇଯାଏ । ସାଧାରଣତଃ

ମୂତପୁଡ଼ା ଫାଟିଲେ ପିଲା ଶୀଘ୍ର ଜନ୍ମ ହେବ ବୋଲି ଜଣା ପଡ଼େ । ବାଗରୁଆ ଏହି ମୂଣାଟାକୁ ଅଶୁଚ ବୋଲି ଭୂମିସ୍ଥ ହୋଇଥାଏ; ପରେ ବାବୁଣୀ କାଳରେ ବାହା ବାହା ସେହି ମୂଣାର ଭଳୀୟ ଅଂଶକୁ ଖୁଆଇ ଦେଲେ ତାହା ଫାଟଯାଏ ଓ ଚନ୍ଦ୍ରଧ୍ୟରୁ ଛୁଅ ବାହାରେ । ]

ମୂତପୁଡ଼ା ଭାଙ୍ଗିବା—ଦେ. ବ—ପ୍ରସବ ପୂର୍ବରୁ ଗର୍ଭରୁ ଜଳସ୍ରାବ ହେବା—Mutapurdā bhāṅgibā Discharge of watery substance from the womb before childbirth.
ପାନীভুসকী ভাংগা
पूरइन निकलना
( ମୂତପୁଡ଼ା ଯିବା—ଅନ୍ୟରୂପ )

ମୂତ ମାଡ଼ିବା—ଦେ. ବ—ମୂତ୍ରୋତ୍‌ବେଗ—Tendency to pass urine.
Mutamardibā
পেচ্ছাব পাওয়া पेसाब लगना

ମୂତର୍‌ଜିମ୍—ବୈଦେ. ବ ( ବଚଉଅ ) ( ଫ. ମୁତର୍‌ଜିମ୍ )—ଅନୁବାଦକ; ତର୍ଜମାକାରୀ—Translator.
Mutar-jim
মুতরজিম मुतरजिम

ମୂତା—ଦେ. ବ ( ସଂ. ମୂତ୍ର )—ମୂତ୍ରତ୍ୟାଗ—Urination. ( ଉ—'ଚରଚରକା ବଳଦ ମୂତା—ଶିଶୁବଚନ । )
Mutā মুতা, মোতা
मूतना मोता

ମୁତାହ୍ ବୈଦେ. ବ ( ଆ. ମୁତାହ୍; ମୂତଅ )—ମୁସଲମାନ୍‌ମାନଙ୍କ ମଧ୍ୟରେ ପ୍ରଚଳିତ କିଛି କାଳ ସ୍ଥାୟୀ ବିବାହ—Temporary marriage amongst the Mahomedans. ( ଦ୍ର—ଏ ବିବାହ ପ୍ରାୟଶଃ ଶିଆ ସମ୍ପ୍ରଦାୟ ମଧ୍ୟରେ ପ୍ରଚଳିତ । ) ପ୍ରାଦେ. ( ଗଞ୍ଜାମ ) ବ—ସାନ ଗାଲ; ଲୋଟା—A small water jug.
মোতা
मुताह

ମୁତା(ତେ)ଇ ଆଣିବା—ଦେ. କ୍ରି—କୌଣସି ଶିଶୁର ଘର ମଧ୍ୟରୁ ବାହାରକୁ ପ୍ରସ୍ରାବ କରିବାକୁ ଯିବା ସମୟରେ ତା ସଙ୍ଗେ ଯାଇ ସେ ମୂତ ସାରିବା ପରେ ତା ସଙ୍ଗେ ଫେରି ଆସିବା—To bring back a child after its passing urine outside a room.
Mutā(te)iānibā
মুতিয়ে আনা
मुताकर लाना

ମୁତା(ତେ)ଇ ନେବା—ଦେ. କ୍ରି—ଶିଶୁର ପ୍ରସ୍ରାବ କରିବାକୁ ଯିବା ସମୟରେ ତାକୁ ସଙ୍ଗରେ ନେବା—To accompany child while it goes out to make water; to take a child outside a room to make water.
Mutā(te)i nebā
পেছাব করিতে নিয়ে যাওয়া
मुतालेना

ମୁତା(ତେ)ଇବା—ଦେ. କ୍ରି—( ମୂତିବା କ୍ରିୟାର ଣିଜନ୍ତରୂପ )—ପ୍ରହାରଜନିତ ଭୟପ୍ରଦର୍ଶନ ଦ୍ୱାରା ବା ପ୍ରହାରଦ୍ୱାରା ମୂତ୍ରୋତ୍ସର୍ଗ କରାଇବା—To cause a person to pass urine involuntarily through terror or as a result of sound beating. [ଦ୍ର—କୌଣସି କୌଣସି ବ୍ୟକ୍ତି ଭୀତତ୍ରସ୍ତ ହେଲେ କିମ୍ବା ବେଳାଏ ମାଡ଼ ଖାଇଲେ ହଠି ମୂତ ପକାନ୍ତି । ]
Mutā(te)ibā
ମୁତା(ତେ)ଇ ପକାଇବା } ଅନ୍ୟରୂପ
ମୁତା(ତେ)ଇ ଦେବା }
মো(মু)তান
मुताना

ମୁତାବ(ବି)କ୍—ବୈଦେ. କ୍ରି. ବିଣ. (ବଚଉଅ)—(ଆ. ମୁତାବକ୍)—ଅନୁସାରେ—According to; suitably to. ( ଯଥା—ମୋ ମନ ମୁତାବକ ଗୋଟିଏ ଶାଢ଼ି ମୋତେ ମିଳିଛନ୍ତି) [ ଦ୍ର—ଏଥିର ସାଙ୍କେତିକ । ମୁ । ]
Mutāba(bi)k
মোতাবিক, মোতাবেক
मुताबिक

ମୁତାଲୁକେ—ବୈଦେ. ଓ ଅ. (ବଚଉଅ) ବିଣ—(ଆ. ମୁତଅଲ୍ଲକ୍=ସମ୍ବନ୍ଧୀୟ )—୧ । ଇଲାକାଭୁକ୍ତ; ଅଧୀନ—1. Within the jurisdiction of; under. ୨ । ସମ୍ବନ୍ଧୀୟ—2. Relating to. ୩ । ଅନ୍ତର୍ଗତ—3. Included in. [ଯଥା—। ମୌ । ସିନ୍ଧେଶ୍ୱର ପୁର । ପ୍ର । କୋଦଣ୍ଡା ମୁତାଲୁକେ ଜିଲ୍ଲା କଟକ । ଏଥିର ସାଙ୍କେତିକ ଚିହ୍ନ । ମୁ । ]
Mutāluke
মোতাল্লিক
मुतालिक

ମୁତାହି—ବୈଦେ. ବିଣ ଓ ବ ସ୍ତ୍ରୀ (ମୁସଲମାନଙ୍କ ପକ୍ଷରେ) ମୁତା ବିବାହ ପ୍ରଥାରେ ଅସ୍ଥାୟୀ ଭାବରେ ରକ୍ଷିତା (ସ୍ତ୍ରୀ)-(in the case of a Mahomedan) (a woman) Taken as one's temporary wife by the system of Muta marriage.
Mutāhi
মোতাহি
मुताही

ମୁତି ଦେବା—ଦେ. କ୍ରି—ମୂତିବା; ମୂତ୍ରୋତ୍ସର୍ଗ କରିବା—To pass urine. [ ଉ—ତୋ ଛଇ ମୋ ହାତରେ, ମୂତି ଦେଲ ତୋ ପତରେ । ଶିଶୁ ଗୀତ ।]
Muti debā মুতে দেওয়া मूत देना

ମୁତି ପକା(କେ)ଇବା—ଦେ. କ୍ରି ଓ ବ—୧। ଭୟ ବା ପ୍ରହାରହେତୁ ଅଜାଣତରେ ମୂତ୍ର ତ୍ୟାଗ କରିବା—1. To pass urine involuntarily through fear or beating. ୨ । ମୂତିବା ( ଦେଖ )—2. Mutibā ( See )
Muti pakā(ke)ibā
মুতেফেলা
मूतदेना

ମୂତିବା—ଦେ. କ୍ରି. ଓ ବ (ସଂ. ମୂତ୍ର)—ମୂତ୍ରୋତ୍ସର୍ଗ କରିବା; ପ୍ରସ୍ରାବ କରିବା—To pass urine; to make water. [ ଦ୍ର—ଏହା ହଗିବା ଶବ୍ଦ ସଙ୍ଗେ ସହଚରରୂପେ ବ୍ୟବହୃତ ହୁଏ । ଏ କ୍ରିୟାର ଅସମାପିକା ରୂପ ସଙ୍ଗେ ପକାଇବା ଓ ଦେବା କ୍ରିୟାର ସମାପିକା ରୂପ ଯୁକ୍ତ ହୁଏ ।]
Mutibā
মুতা; মোতা
मूतना

ମୁତି ଯିବା—ଦେ. କ୍ରି—ପ୍ରସ୍ରାବ କରିବା ପାଇଁ ବାହାରକୁ ଯିବା—To go out to make water.
Muti jibā
মুতিতে যাওয়া मूतनेजाना

ମୁତୁଡ଼ା(ରା)—ଦେ.ବିଣ.ପୁଂ—ଯେ ଅତ୍ୟଧିକ ପ୍ରସ୍ରାବ କରେ—Given to much urination;having tendency to pass urine often. (ଉ—'ଭୁ ତ ମୁତୁରା ପୁଁ ଉ ମୁତୁରା, ସେଯ କାହିଁପାଇଁ ଧୋଇବା । ଛଗ । ) ୨ । ମୂତ୍ରଗନ୍ଧଯୁକ୍ତ—2 Having the smell of urine.
Muturdā(rā)
মুতুড়ে
मूतुआ, मूतना
মুতেরগন্ধ
[ମୁତୁଡ଼ୀ(ରୀ)—ସ୍ତ୍ରୀ]

ମୁତୁରା ରୋଗ—ଦେଦ. ବ (ସଂ. ମୂତ୍ର ରୋଗ)—ବହୁମୂତ୍ର ରୋଗ—Diabetes.
Muturā roga
মুতারোগ बहुमूत्र

ମୁଟୁରି(ଡ଼ି)—ଦେ. ବି—ଏକ ପ୍ରକାର କଣ୍ଟକା ଲତା; କ୍ଷୁମ୍ପାହୁଅ —
Muturi(rdi) A kind of thorny creeper used as
ମୁଡୁଡ଼ୀ tooth-stick. [ ଦ୍ର—ଏହା ଦାନ୍ତକାଠିରୂପେ ବ୍ୟବହୃତ
ମୁଟୁର(ଣୀ) ହୁଏ । ଏହା ଘୁଷ ପ୍ରକୃତିର, ଯଥା—୧ । ଗାଈଅ—ସବୁ ।
୨ । ମଇଁଷିଅ—ମୋଟା । ]
ଦେ. ବଣ. ସ୍ତ୍ରୀ—ମୁଟୁରର ସ୍ତ୍ରୀଲିଙ୍ଗ—Feminine of Muturā.

ମୁତୋଫା(ଫେ)—ଦେ. ବଣ. ପୁଂ (ଇତରଅ)—(ଅ. ମୁତୱଫା)—ମୃତ;
Mutophā(phai) ପରଲୋକ ଗତ. Dead; deceased;
(ମୁତୋଫିଅ—ସ୍ତ୍ରୀ) the late (so and so). [ଦ୍ର—ଏଥିର
ମୁତୋଫା ସାଙ୍କେତିକ । ମୁ । ଓ ଏହା ମୃତ ବ୍ୟକ୍ତିର ନାମ ଶେଷରେ
मुतवफा ବା ପୂର୍ବରେ ଯୋଗକରୁ ଏ । ଯଥା—ଶ୍ରୀ ବିଶ୍ୱନାଥ ମହାପାତ୍ର
। ମୁ । =ମୃତ ବିଶ୍ୱନାଥ ମହାପାତ୍ର ।]

ମୁତୋଲି—ବିଦେ. ବି. (ଅ. ମୁତୱଲ୍ଲୀ)—୧ । ମନ୍ଦିର ଅବ
Mutoli ସାଧାରଣ ସମ୍ପତ୍ତିର ମାଳଫଉଦାର—1. The trustee
ମୁତାଓ(ୱ)ଲ୍ଲୀ of a public endowment.
ମୁତଲ୍ଲୀ —ଅନ୍ୟରୂପ୨ । ନାବାଳକର ଓ ତାହାର ସମ୍ପତ୍ତିର
ମୁତୱାଲୀ ଅଭିଭାବକ—2. Guardian of
ମତଓଲୀ मतवली a minor's person and property.

ମୁତ୍ୟ—ସଂ. ବି—ମୁକ୍ତାହିର (ପଦାର୍ଥ ଚନ୍ଦ୍ରିକା)—
Mutya Pearl.

ମୁତ୍ରିକା—ଗ୍ରାଂ. ବି.—(ସ. ମୂତ୍ରକ)—ମୁରୁତିକା (ଦେଖ)
Mutrikā Murutikā (See)
(ମୁତ୍ରିକଅ—ଅନ୍ୟରୂପ) ମୁତକ मुतका

ମୁଥ—ଦେ. ବି—(ସ. ମୁଷ୍ଟି)—୧ । ଅଘାତୋଦ୍ୟତ ଅବଦ୍ଧ ମୁଷ୍ଟି—
Mutha 1. Clenched fist ready to strike a blow.
ମୁଠୋ; ଘୁସୀ, ମୁକଟୀ, ମୁଟକୀ ୨ । ମୁଷ୍ଟିବଦ୍ଧ କରତଳଦ୍ୱାରା ଗାଲରେ
मुठ(ट्ठी); घूसा; मुक्का ବା ମୁହଁରେ ଅଘାତ—2. A blow
ବାଂ मौका with the clenched fist on the face or
cheek. [ଦ୍ର—ତନ୍ତୁ ବାହାର ତାକୁ ବଳେ, ମୁଥେ
ତା ଶିରରେ ମାଇଲେ । ବିଶ୍ୱନାଥ ଖୁଣ୍ଟିଅ ରାମାୟଣ ।]
[ 'ମୁଣ୍ଡି'ରେ ନୋଟ୍ ଦେଖ ।] ୨ । ଥର; ବାର—
2. Time.

ମୁଥକା(କୁ)ମୁଥ—ଦେ. କ୍ରି. ବଣ—ଥରକୁ ଥର; ଅନେକ ଥର;
Muthakā(ku) mutha ବାରମ୍ବାର—Several times;
ବାର ବାର बार बार repeatedly.

ମୁଥ ଖିଆ—ଦେ. ବି.—(ଗାଳି) ଯେ ଅନ୍ୟ ବ୍ୟକ୍ତିଠାରୁ ମୁଥ ମାଡ଼
Mutha khiā ଖାଇବାରେ ଅଭ୍ୟସ୍ତ ବା ଉପଯୁକ୍ତ—
କୀଲକୁଟୋ Habituated to being or deserving to
मुक्काखोर, लतखोर be struck with fist blows.

ମୁଥ(ଥି)ଡ଼ା(ରା)—ଦେ. ବଣ.—ମୁଣ୍ଡା; ବନ୍ଧୁର; ଧାର ରହିତ—
Mutha(thu)rdā(rā) Blunt; dull-edged.
ভোঁতা मोथा; मोथरा

ମୁଥ ମାଡ଼—ଦେ. ବି.—ମୁଷ୍ଟିବଦ୍ଧ କର ଦ୍ୱାରା ପ୍ରହାର—
Mutha mārda Blow with clenched fist;
মুটকীমার मुक्कामार fisticuff.
[ଦ୍ର—ତେବେ ବଳୀହାକୁ ତ ଅନ୍ତଯୁଦ୍ଧେ ଗ୍ରାମ, ଦେଖାଇଲେ
ମୁଥ ମାଡ଼ରେ ଯମ ଗ୍ରାମ । କୃଷ୍ଣସିଂହ. ମହାଭାରତ
ଉଦ୍ଯୋଗ ।]

ମୁଥା—ଦେ. ବି.—(ସ. ମୁସ୍ତା, ପ୍ରା. ମୁଥା)—୧ । ଏକପ୍ରକାର ଘାସ—
Muthā 1. A kind of grass; Cyperus Rotundus.
ଅନ୍ୟ ସ. ନାମ— ୨ । ଉକ୍ତ ଘାସର ଗୋଲକ କନ୍ଦ—
ମୁସ୍ତ(ସ୍ତା),ମୁସ୍ତକ, ଭଦ୍ରମୁସ୍ତ, 2. The bulbous root of
ଧନ କୁନ୍ତ, ସୁଗନ୍ଧ, ଗ୍ରନ୍ଥିଲ, Cyperus Rotundus. [ଦ୍ର—
ଓ ମେଘ ପର୍ଯ୍ୟାୟର ଶବ୍ଦମାନ ଏହା ଔଷଧରେ ଲାଗେ । ଏହି ଘାସର
ତେ. ସକଟୁଙ୍ଗ, ବିନ୍ଦୁ, ତେଙ୍ଗ କିବୋଣ; ପଚ କିଧାର;
ଭୁଙ୍ଗ ମୁସ୍ତଲ ବର୍ଷାକାଳରେ ଏ ଘାସ ସାଧାରଣତଃ
ମ. ମୋଥେ ପଡ଼ିଆରେ ଜାତ ହୋଇ ଥାଏ ଏବଂ
ଗୁ. ମୋଥ୍ୟ ସହଜରେ ନିର୍ମୂଳ ହୁଏ ନାହିଁ ।
ତା. କୋରାଇ ଏହା ପ୍ରକାର ଭେଦରେ ୪ ଭିନ୍ନ
ଫା. ସାଦକଫୀ ଶ୍ରେଣୀର ଦେଖା ଯାଏ । ଯଥା—୧ ।
ଅ. ସୁଏ କମୀନ ଭଦ୍ରମୁସ୍ତକ ବା ନାଗର ମୁସ୍ତକ । ଅମ
মোথা, মুৰ্তা, মুথা ଦେଶର ଲୋକେ ଏହାକୁ ଅଞ୍ଚଳଭେଦରେ
मोथा ଘାଇ ମୁଥା, ନାଗର ମୁଥା ବା ଘୋଡ଼ା
ମୁଥା ବୋଲି କହନ୍ତି । ନାଗରମୁଥାର ଅନ୍ୟ ସଂସ୍କୃତ ନାମ
ନାଗରୋତ୍ଥ, ଚକ୍ରାଙ୍କା, ଓ ଚୂଡ଼ାଲା ।
୨ । କୈବର୍ତ୍ତିକ (କେଉଟିଆ ମୁଥା) । ଏହାର ଅନ୍ୟ
ସଂସ୍କୃତ ନାମ ଜଳ ମୁସ୍ତକ ଓ ଜଳଦ ।
୩ । ମୁସ୍ତକ ବା କ୍ଷୁଦ୍ର ମୁସ୍ତକ । ଲୋକେ ଏ ଶ୍ରେଣୀର
ମୁଥାକୁ କାଣୀ ମୁଥା ବା କୁଚ ମୁଥା ବୋଲି କହନ୍ତି ।
୪ । ଚେରୁ ମୁସ୍ତକ । ଏହାକୁ ଲୋକେ ଅଡ଼ୀ ମୁଥା-
ନାମରେ ଅଭିହିତ କରନ୍ତି । ଏହା ସାଧାରଣତଃ ଜଳରେ
ଜନ୍ମେ ।
କାଣୀ ମୁଥା ସବୁଠାରୁ ଶ୍ରେଷ୍ଠ ଏବଂ ଘାଇମୁଥା ସବୁଠାରୁ
ବଡ଼ । ବୈଦ୍ୟକ ମତରେ ମୁଥା କଟୁ ତିକ୍ତ କଷାୟ, ଶୀତ
ଗ୍ରାହୀ, ଧାରକ, ଅଗ୍ନିଦୀପକ ଓ ପାଚକ; ଏହା କଫ, ପିତ୍ତ,
ରକ୍ତ ଦୋଷ, ତୃଷା, ଅରୁଚ, ଜ୍ୱର ଓ କ୍ରିମିନାଶକ ।
ଯେଉଁ ମୁଥା ଅନୂପଦେଶରେ ଜନ୍ମେ ତାହା ପ୍ରଶସ୍ତ ।

ମୁଥା ମୁଥି—ଦେ. କ୍ରି. ବଣ—ମୁଥକା ମୁଥ; ଥରକୁ ଥର—
Muthā muthi ବାର ବାର बारबार Repeatedly.
ঘুষো ঘুষী मुक्कामुक्की ଦେ. କ୍ରି. ବଣ—(ସ. ମୁଷ୍ଟା ମୁଷ୍ଟି)—
ହାଥ ମସ୍ତ ମନ୍ତ ହେବା—Mutual dealing of
blows with the fist. ( ଦ୍ର—ମୁଷ୍ଟାମୁଷ୍ଟି ମୁଥ
ମୁଥି କର୍ମବଡ ଉଚ, ଗଡ଼ିଲେ ଅବନୀ ତଳେ ବେନି ରଣ-
ଗୋଳେ । ଗ୍ରଧାନାଥ. ମହାଯାତ୍ରା । )

ମୁଥା ମୂଳ—ଦେ. ବି—ମୁଥା (ଦେଖ)
Muthā mūla Muthā (See)

ମୁଦ୍ (ଧାତୁ)—ସଂ.—୧ । ହୃଷ୍ଟ ହେବା—1. To be merry; to be
Mud (root) glad. ୨ । ମିଶ୍ରିତ କରିବା—2. To mix up; to blend. ୩ । ମୁକ୍ତ କରିବା; ଖୋଲି ଦେବା—3. To untie; to release; to open.

ମୁଦ୍—ସଂ. ବି—(ମୁଦ୍ ଧାତୁ+ଭାବେ. କ୍ୱିପ୍)—୧ । ହର୍ଷ—
Mud 1. Delight; joy. ୨ । ଆନନ୍ଦ; ପ୍ରୀତି—2. Pleasure. ୩ । ସୁଖ—3. Happiness. ୪ । (+କର୍ତ୍ତୃ. କ୍ୱିପ୍) ସ୍ତ୍ରୀ; ଭାର୍ଯ୍ୟା—4. Wife. ୫ । ନିଶାଦ୍ୱାରା ଉନ୍ମତ୍ତତା—5. Intoxication.

ମୁଦ—ଦେ. ବି (ସଂ.ମୁଦ୍)—୧ । ଆନନ୍ଦ—1. Joy. ୨ । (ସଂ. ମୁଦ୍
Muda ଧାତୁ) ଚିଠି, ଦ୍ୱାର ବା ବାକ୍ସ ବନ୍ଦ କରି ତହିଁ ଉପରେ
মুদ দିଆଯିବା ମୋହର ବା ଛାପ—2. Impression; seal or
গালামোহর मुँद stamp put on a closed letter, door or receptacle. ୩ । ମୁଦ୍ରିତ କରିବା—
মুদিত করা मुँदना 3. Closing; shutting up. (ଉ—
মুদা চিঠি ଦମୟନ୍ତୀ ନୟନ ବନ୍ଦ ମୁଦ—କୃଷ୍ଣସିଂହ. ମହାଭାରତ ବନ.]
मुँदीहुई चिट्ठी; बन्द चिट्ठी ୪ । ମୋହର ମରା ଯାଇ ବନ୍ଦ ହୋଇ ଥିବା ଚିଠି—4. Sealed letter. (ଉ—ମୁଦ ଲଭି ମୁଦକୁ ଖେଳଇ କାନ୍ତ କରେ—ଭଞ୍ଜ ।)

ମୁଦ(ଦ୍ଦ)ଇ—ବୈଦେ. ବି.—(କଚେରିଆ) ମୁଦେଇ (ଦେଖ)
Muda(dda)i Mudei (See)

ମୁଦ(ଦୁ)କ—ଗ୍ରା. ବି—(ସଂ. ମୋଦକ)-ମୋଦକ (ଦେଖ)
Muda(du)ka Modaka (See)

ମୁଦ(ଦୁ)ଗର—ଗ୍ରା. (ପଦ୍ୟ) ବି—(ସଂ. ମୁଦ୍ଗର)—ମୁଦ୍ଗର (ଦେଖ)—
Muda(du)gara মুদ্গর मुगदर Mudgara (See) (ଉ—ମୁଦଗର ପର୍ଶୁ ତୋମର ଉଦ୍ଦପାଳ, ଖଡ୍ଗ ତଳେ ପଡ଼ିଲେ ପ୍ରାନ୍ତେ ଶର ଜାଲ । କୃଷ୍ଣସିଂହ. ମହାଭାରତ ଦ୍ରୋଣ । )

ମୁଦ(ଦ୍ଦ)ତ୍—ବୈଦେ. ବି—(କଚେରିଆ)—(ଫା. ମଦଦ୍)—୧ । କୌଣସି
Muda(dda)t କାର୍ଯ୍ୟ କରିବା ବ୍ୟକ୍ତିକୁ ଦିଆ ଯିବା ସାହାଯ୍ୟ—
মদত मदद 1. Help rendered to a worker. ୨ । କୌଣସି କାର୍ଯ୍ୟରେ ସାହାଯ୍ୟ କରିବା ପାଇଁ କୌଣସି ବ୍ୟକ୍ତିକୁ ପ୍ରେରଣ କରିବା—2. Act of deputing a person to render help. ( ଯଥା—ଯାତ୍ରାରେ ଶାନ୍ତି ରକ୍ଷା କରିବା ପାଇଁ ପୁଲିସ୍ ମୁଦତ୍ ।)—(ଫା,
মুদ্দত मुद्दत ମୁଦ୍ଦତ୍ = ସମୟର ସୀମା)—୧ । ସମୟର ବ୍ୟାପ୍ତି—1. Extent of time. ୨ । ମିଆଦ ସମୟ; ସମୟର ସୀମା—2. Limited time; fixed time-limit.

ମୁଦ(ଦ୍ଦ)ତ୍ କରିବା (ଦେବା)—ଦେ. କ୍ରି.—(କଚେରିଆ)—୧ । ସାହାଯ୍ୟ
Muda(dda)t karibā (debā) ଦେବା—1. To render
মদত দেওয়া मदद देना help. ୨ । କୌଣସି କାର୍ଯ୍ୟରେ ସାହାଯ୍ୟ କରିବା ପାଇଁ କୌଣସି ବ୍ୟକ୍ତିକୁ ପ୍ରେରଣ କରିବା- 2. To depute a person to render help.

ମୁଦତ୍କାର—ବୈଦେ. ବଣ—(କଚେରିଆ) (ଫା, ମଦଦ୍ଗାର୍)—ସାହାଯ୍ୟ-
Mudat kāra মদতকার मददगार କାରୀ—Helping.

ମୁଦ(ଦ୍ଦ)ତି(ତୀ)—ବୈଦେ. ବଣ. (ଫା.)—୧ । ନିର୍ଦ୍ଦିଷ୍ଟକାଳୀନ—
Muda(dda)ti(tī) 1. Happening in a fixed time.
মুদ্দতী मुद्दती ୨ । ଯହିଁ ପାଇଁ କୌଣସି ସମୟ ନିର୍ଦ୍ଦିଷ୍ଟ ହୋଇଅଛି—2. For which a time-limit has been fixed. ୩ । ଯାହାର ନିର୍ଦ୍ଦିଷ୍ଟ କାଳ ଗତ ହୋଇଅଛି—3. Of which the fixed time is passed; time-expired. ( ଯଥା—ମୁଦତି ହୁଣ୍ଡି । ) ୪ । (ଫା. ମୁଦରି) କୌଣସି କାର୍ଯ୍ୟରେ ସ୍ଥାୟୀ ଭାବରେ ନିଯୁକ୍ତ ହୋଇ ଥିବା—4. Permanently appointed. ୫ । କୌଣସି ବିଶେଷ କାର୍ଯ୍ୟ ପାଇଁ ନିଯୁକ୍ତ—5. Deputed to do a particular work.

ମୁଦ(ଦ୍ଦ)ତି(ତ୍ରି) ହୁଣ୍ଡୀ—ଦେ. ବି (କଚେରିଆ)—ମିଆଦି ହୁଣ୍ଡୀ ( ଦେଖ )
Muda(dda)ti(tri) huṇḍi Miādi huṇḍi ( See )
মুদ্দতী হুণ্ডী मुद्दती हुंडी

ମୁଦ ଦେବା (ମାରିବା)—ଦେ. କ୍ରି—ଚିଠି ବା ଦ୍ୱାର ବା ବାକ୍ସ ଆଦି
Muda debā (māribā) ବନ୍ଦ କରି ତହିଁ ଉପରେ ମୋହର
মোহর করা मुँदना ମାରିବା—To put seal on a letter or a door or box after closing it.

ମୁଦ ଶିଳା—ଦେ. ବି ( ସଂ. ମୁଦ୍ରିତ+ଶିଳା )—ଯେଉଁ ପ୍ରସ୍ତରଖଣ୍ଡଦ୍ୱାରା
Muda silā ଦେଉଳର ମୁଣ୍ଡି ମରାଯାଏ ଓ ଯାହା ଉପରେ ଦଧି-
মুদ শিলা गुम्बज पथर ନଉତି ବସେ—1. The central stone which shuts the topmost last hole of a temple; the coping stone. ୨ । ଯେଉଁ
महराबके बीचोबीचका पत्थर ମଧ୍ୟଖଣ୍ଡ ପ୍ରସ୍ତରଦ୍ୱାରା ଖିଲାଣ ବନ୍ଦ ହୁଏ; ଖିଲକୋପଳ—2. The keystone of an arch. [ ଉ—ମୁଦଶିଳା ମୁଦେ ସମାଧିର ଗର୍ତ୍ତେ—ରାଧାନାଥ । ]

ମୁଦା—ସଂ. ବି ( ମୁଦ୍ ଧାତୁ+ଭାବ. କ୍ୱିପ୍+ଆ )—ହର୍ଷ; ପ୍ରୀତି—
Mudā মুদা मुंदना Joy; delight. ଦେ. ବି (ସଂ. ମୁଦ୍ରା)—୧ । ମୋହର ମାରିବା—1. Act of sealing or
গোলা गोला stamping. ୨ । ଗୁଳା; ଗୋଲକ—2. Ball.
ডিবে बट्टी ( ଉ—ଚନ୍ଦନ ମୁଦା କାହା କରେ ଖୋଳେ, କବଳ
মুদা मुंदना ବନ୍ଧେ କୃଷ୍ଣ ମନ ମୋହେ—ପ୍ରାଚୀ. ରହସ୍ୟମଞ୍ଜରୀ ।)
মুঠোকরা জিনিস ୩ । ଡବା; କରଣ୍ଡ—3. Case. ୪ । ମୁଦିବା କର୍ମ-
मुंदा 4. Closing ୫ । ହାତ ମୁଠାରେ ଲୁଚାଇ ରଖିଥିବା ପଦାର୍ଥ, ଯାହା ସମ୍ବନ୍ଧରେ ଲୋକେ କାଳସୀ ଲାଗିଥିବା ବ୍ୟକ୍ତିକୁ ବା ସବଙ୍କୁ ପରୀକ୍ଷା କରିବା ପାଇଁ ପ୍ରଶ୍ନ କରନ୍ତି—5. A small thing concealed in the hollow of the hand regarding which questions are asked to a person possessed by a Goddess to find out if the alleged possession

বন্দ is real or feigned. ଦେ. ବଣ—୧ । ମୁଦ୍ରିତ
बन्द; मुंदा —1. Closed; shut up. ( ଉ—ବଉଦେ
ଥାଇ ମୁଦ୍ରା ହୋଇ, ସ୍ନାହାନ ଯାଇ ଭାବସାଗ୍ର—
গোলা করা ଯଶୋବନ୍ତ. ପ୍ରେମଭକ୍ତିଗୀତା ।) ୨ । ମୁଦ୍ରାକାରରେ
गोला ଗଠିତ; ଗୋଲ—2. Made in the shape of
coins; circular. (ଯଥା—ମୁଦା ତେନ୍ତୁଳ ।)
सगुन ପ୍ରାଦେ. ( ଯାଜପୁର ) ବି—ପୋଷା ମାଙ୍କଡ଼ ଆଗରେ
ରଖାଯିବା ଗୋଡ଼ିମାନ—Peebles put before
a trained monkey. [ ଦ୍ର—ଫକୀରମାନେ
ଯେଉଁ ପୋଷାମାଙ୍କଡ଼ଙ୍କୁ ନଚାନ୍ତି, ସେହି ମାଙ୍କଡ଼-
ମାନେ ଭବିଷ୍ୟତ କଥା ଜାଣନ୍ତି ବୋଲି ସାଧାରଣ
ଲୋକଙ୍କର ବିଶ୍ୱାସ । ଭବିଷ୍ୟତ କଥା ଜାଣିବା ପାଇଁ
ଦୁଇଖଣ୍ଡି ଗୋଡ଼ି ରଖିଲେ ମାଙ୍କଡ଼ ତନ୍ମଧ୍ୟରୁ
ଯେଉଁଟି ଉଠାଇ ନେବ, ତଦନୁସାରେ ଫଳ ହେବ ।
ସେହି ଗୋଡ଼ିମାନଙ୍କୁ ମୁଦା କୁହାଯାଏ । ]

ମୁଦା(ଦ୍ଦା, ଦେ, ଦ୍ଦେ)ଇ—ବୈଦେ. ବି. ପୁଂ (ଫା॰ ମୁଦାଇ)—୧ । ଶତ୍ରୁ
Mudā(ddā, de, dde)i —1. Enemy. ୨ । (କଚେରୀ)
মুদই मुद्दई ମକଦ୍ଦମାରେ ଫେରାଦି; ଅଭିଯୋଗୀ—2. Compla-
(ମୁଦେଇଆ—ସ୍ତ୍ରୀ) inant in a case. [ ଦ୍ର—ଫଉଜଦାରୀ
ମକଦ୍ଦମାରେ ପ୍ରଥମ ପକ୍ଷକୁ ମୁଦେଇ ଓ ବିପକ୍ଷକୁ ମୁଦାଲା
ବୋଲାଯାଏ ଏବଂ ଦେୱାନି ମକଦ୍ଦମାରେ ପ୍ରଥମ ପକ୍ଷକୁ
ବାଦୀ ଓ ବିପକ୍ଷକୁ ପ୍ରତିବାଦୀ ବା ଋଣୀ ବୋଲାଯାଏ । ]
ପ୍ରାଦେ. ( ଗଞ୍ଜାମ ) ବି—ମୁଦାଲା—An accused
ବୈଦେ. ବଣ—ବିପକ୍ଷ; ପ୍ରତିକୂଳ—Adversary;
inimical.

ମୁଦା(ଦେ)ଇବା—ଦେ. କ୍ରି ( ମୁଦିବା କ୍ରିୟାର ଣିଜନ୍ତ ରୂପ )—ମୁଦ୍ରିତ
Mudā(de)ibā କରାଇବା—To cause to shut. (ଉ—
বন্দ করান ଏହା କାହାରେ କର-କୋକନଦ ଦୁଇ
मुँदवाना ଯୋଡ଼ାଇବା ବ୍ୟାଜରେ ଦେଇଣ ମୁଦାଇ—
କୃଷ୍ଣସିଂହ. ମହାଭାରତ. ବନ ।)

ମୁଦାଇ ମୁଦାଲା—ବୈଦେ. ବି ( କଚେରୀ; ସହଚର; ଫା. ମୁଦଇ+
Mudāi mudālā ମୁଦାଅଲେହ୍)—ମକଦ୍ଦମାରେ ବାଦୀ ଓ
মুদই মুদালা मुद्दई मुदालेह ପ୍ରତିବାଦୀ—The com-
plainant and the accused in a case.
( ଉ—ମୁଦେଇ ମୁଦାଲା ରାଜି, କସ କରିବ କାହା—
ତଗ ।)

ମୁଦାଏଲା—ବୈଦେ. ବି(କଚେରୀ)—ମୁଦାଲା (ଦେଖ)
Mudāelā Mudālā (See)

ମୁଦା କହିବା—ଦେ.କ୍ରି—ଅନ୍ୟ ବ୍ୟକ୍ତିର ମୁଠା ମଧ୍ୟରେ ଲୁଚି ହୋଇ-
Mudā kahibā ଥିବା ପଦାର୍ଥର ସ୍ୱରୂପ କହି ଦେବା—
মুঠোরভিতর কি আছে বলা To speak out the contents
मुद्दा बोलना (कहना) of one's closed hand.

ମୁଦା ଚନ୍ଦନ—ଦେ. ବି—ଦେବବିଗ୍ରହର ଅଙ୍ଗରେ ବୋଳା ଯାଇଥିବା
Mudā chandana ଶୋଷି ଚନ୍ଦନ କଢ଼ା ହେଲା
চন্দনেরগোলা चन्दनगोला ପରେ ଉକ୍ତଚନ୍ଦନରେ ବଳା ଯାଇଥିବା
ଗୁଳା—Ball of sandal paste after it is
scraped out of the body of an idol.

ମୁଦାତେ(ତି)ନ୍ତୁଳି—ଦେ.ବି (ଫ.ମୁଦ୍ରା+ତେନ୍ତୁଳି)—ତେନ୍ତୁଳିରୁ ମଞ୍ଜି ଓ
Mudā te(ti)ntuḷi ଶିରୁ କାଢ଼ି ତାକୁ ଲୁଣ ପିଣ୍ଡ ଆକାରରେ
তেন্তুলেরগোল ବାନ୍ଧିବା ଗୁଳା—Balls of tamarind
इमलीकागोला after taking out the seeds, fibres
and pods therefrom.

ମୁଦା ଧରିବା—ଦେ. କ୍ରି—ଠାକୁରାଣୀ ଲାଗିଥିବା ବ୍ୟକ୍ତିଙ୍କୁ ଜାଣିବା
Mudā dharibā ପାଇଁ ମୁଠାର ମଧ୍ୟରେ କଅଣ ଅଛି
মুঠাকরা मुद्दा पकड़ना ବୋଲି ତାକୁ ପଚାରି ତା ଆଗରେ
ହାତମୁଠାରେ କୌଣସି ପଦାର୍ଥ ଲୁଚାଇ କରି ଦେଖା-
ଇବା—To hold up anything concealed
inside the closed palm to test if a
person said to be possessed by a
Goddess can divine what it is.

ମୁଦାମ୍(ମି)—ବୈଦେ. ବଣ. (କଚେରୀ)—(ଅ. ମୁଦାମ୍—ସର୍ବଦା;
Mudām(mi) ମୁଦାମୀ—ସର୍ବଦା ଘଟୁଥିବା )—୧। ସ୍ଥାୟୀ;
মুদাম ସାର୍ବକାଳିକ—1. Permanent. ୨ । ଲଗାତାର;
असालतन, मुदाम ନିରନ୍ତର—2. Continuous. ୩ । ଚିରକାଳ
ନିମନ୍ତେ ସ୍ଥିରୀକୃତ—3. Settled for ever. ୪
ସର୍ବଦା ଘଟୁଥିବା—4. Happening always;
constant. ବୈଦେ. ଅ—( ଅ. ମୁଦାମ୍ )—୧ ।
ସର୍ବଦା—1. Always; constantly. ୨ । ନିରବ-
ଚ୍ଛିନ୍ନ ଭାବରେ; ଲାଗେ ଲାଗେ—2. Continually. ୩ ।
ସ୍ଥାୟୀଭାବରେ—3. Permanently.

ମୁଦାରା—ଦେ. ବି—( ସଂ. ମନ୍ଦ୍ର )—(ସଙ୍ଗୀତ) ଗମ୍ଭୀର ଧ୍ୱନି ବା
Mudārā ସ୍ୱରବିଶେଷ; ମନ୍ଦ୍ରଧ୍ୱନିଯୁକ୍ତ ସ୍ୱର; ତାରସ୍ୱର ଓ କ୍ଷୀଣସ୍ୱରର
मुदारा ମଧ୍ୟସ୍ଥ ଧ୍ୱନି—A medium tone in music;
उदारा, उतार neither loud nor low tune. (ସୁର ତଳେ
କୋହି ଦେଇ ।)

ମୁଦାଲା—ବୈଦେ. ବି. ପୁଂ (ଫା. ମୁଦା-ଅ-ଲହ୍)—୧ । ଫୌଜଦାରି
Mudālā ମକଦ୍ଦମାରେ ଅସାମୀ—1. An accused in a
(ମୁଦାଲିଆ[ଣୀ]—ସ୍ତ୍ରୀ) criminal case. ୨ । ଦେୱାନି
মুদালা ମକଦ୍ଦମାରେ ପ୍ରତିବାଦୀ—2. A defendant in a
मुदाआलेह, मुदालेह, जवाबी civil case. [ ଦ୍ର—ଦେୱାନି
ମକଦ୍ଦମାରେ ଦ୍ୱିତୀୟ ପକ୍ଷକୁ ପ୍ରତିବାଦୀ ବା ଋଣୀ
ବୋଲାଯାଏ । ଫଉଜଦାରୀ ମକଦ୍ଦମାରେ ଦ୍ୱିତୀୟ ପକ୍ଷକୁ
ମୁଦାଲା ବା ଅସାମୀ କୁହାଯାଏ । ]

ମୁ(ମୋ)ଦି—ଦେ. ବି (ସଂ. ମୁଦ୍ରା; ପ୍ରା. ମୁଦ୍ଦିଆ)—୧ । ଅଙ୍ଗୁରୀୟକ;
Mu(mo)di ହାତର ବା ଗୋଡ଼ର ଅଙ୍ଗୁଠିରେ ପିନ୍ଧାଯିବା
(ମୁଦ, ମୁଦି—ଅପଭ୍ରଂଶ) ଗୋଲାକାର ଭୂଷଣ—1. Finger-
আংটি, आंगूठी ring for the hand and the leg. ୨ ।

ଅଂଗୁଠୀ (ସ. ମୋଦକ, ମୋଦକୀ) ଗୁଡ଼ଲ, ଡାଲି, ଲୁଣ, ତେଲ ଓ ମସଲା ଆଦି ଦୈନିକ ବ୍ୟବହାର୍ଯ୍ୟ ପଦାର୍ଥର ଖୁଚୁରା
ମୁଦୀ ବିକ୍ରୟକାରୀ ଦୋକାନୀ—Grocer; a retail dealer.
ମୋଦୀ [ଉ—ବଜାରର ମୁଦି ଦୋକାନୀମାନଙ୍କର ପାଉଣା ଘର ବଢ଼ାଇ । ଫକୀରମୋହନ. ଛମାଣଆଠଗୁଣ ।]

**ମୁଦଅ(ୟା)**—ଦେ. ବି (ସ. ମୁଦ୍ରା; ପ୍ରା. ମୁଦିଆ)—ମୁଦପର
Mudia(ya) ଗୋଲାକାର ଧାତୁ ବଳୟ—A ring of
ଅାଁଗଠୀ metal. [ଉ—ମୋଡ଼ା ନ ପଡ଼ିବାକୁ ସୁନା ମୁଦଅକୁ,
ଅଂଗୁଠୀ, ମୁଂଦ୍ରୀ ଗଣ୍ଡିଲେ ନକୁଳ ଏ ଡାଳ ସେ ଡାଳକୁ । କୃଷ୍ଣସିଂହ ମହାଭାରତ. ବନ ୫ ] ଦେ. ବିଣ. ପୁଂ. ଓ ସ୍ତ୍ରୀ—ଯେ ମୁଦ
ଅାଁଗଠିଓ୍ଵାଲା ପିନ୍ଧିଥାଏ—Wearing a ring. (ଦ୍ର—ଏହା
ଅଂଗୁଠୀବାଲା(ଲୀ) ଅନ୍ୟ ଶବ୍ଦ ସଙ୍ଗେ ବ୍ୟବହୃତ ହୁଏ ଯଥା— ସୁନାମୁଦଅ) (ଉ—ସୁନାମୁଦଅ ହାତରେ ଗୁଆପୁଡ଼ା ଖାଇଲେ ଗୋମ୍ବାନ ଫଳ ମିଳେ । ଢଗ ।)

**ମୁଦତ**—ସ. ବିଣ. ପୁଂ (ମୁଦ୍ ଧାତୁ+କର୍ତ୍ତୃ. ତ)—ଆନନ୍ଦିତ; ତୁଷ୍ଟ—
Mudita Delighted; gratified. (ଉ—ମଧୁ-ମୁଦିତ ବେଶ (ମୁଦିତା—ସ୍ତ୍ରୀ) ଭୃଙ୍ଗକୁଳ । ପ୍ରାଚୀ. ଉପବାସଧି ) ଦେ. ବିଣ—
ବନ୍ଦ (ସ. ମୁଦ୍ରିତ) ମୁଦା ହୋଇଥିବା; ବନ୍ଦ ହୋଇଥିବା—
ବଂଦ୍, ମୁଂଦ୍ରାହୁଆ Closed; shut up.

**ମୁଦତା**—ସଂ. ବିଣ. ସ୍ତ୍ରୀ (ମୁଦତ+ଆ)—Feminine of Mudita.
Mudita ସଂ. ବି. ସ୍ତ୍ରୀ—ପରକୀୟା ନାୟିକା ବିଶେଷ—A class of concubines or heroines in love-stories.
(ଦ୍ର—ଯେଉଁ ନାୟିକାର ପର ପୁରୁଷ କାମନା ପରପୁରୁଷର ଅବସ୍ଥିକ ଅଗମନ ଦ୍ଵାରା ଚରିତାର୍ଥ ହୁଏ—ହୃ.ଶ)

**ମୁଦ ଦୋକାନ**—ଦେ. ବି (ସଂ. ମୋଦକ+ଫା. ଦୁକାନ୍)—ଗୁଡ଼ଲ
Mudi dokana ଡାଲି ଆଦିର ଖୁଚୁରା ଦୋକାନ—Retail
(ମୁଦଖାନା—ଅନ୍ୟରୂପ) shop; grocer's shop.
ମୁଦିଖାନା, ମୁଦିରଦୋକାନ ମୋଦୀଖାନା

**ମୁଦ ଦୋକାନୀ**—ଦେ. ବି ( ସଂ. ମୋଦକ )—ଗୁଡ଼ଲ ଡାଲି ଆଦିର
Mudi dokani ଖୁଚୁରା ବ୍ୟବସାୟୀ—A grocer; a retail
ମୁଦୀ ମୋଦୀ shop-keeper.

**ମୁଦବା**—ଦେ. କି (ସଂ. ମୁଦ୍ ଧାତୁ)—୧ । ମୁଦ୍ରିତ କରିବା—1. To
Mudiba close; to shut up. (ଉ—ବାଲେ ଅବଲା ନେତ୍ର
ମୁଂଦା ମୁଦିବ ଭଲ । ସୁଧାନାଥ. ମେଘଦୂତ ।) ୨ । ଘୋଡ଼ାଇବା;
ମୁଂଦ୍ନା ଆବୃତ କରିବା; ଆବରଣ ମଧ୍ୟରେ ରଖିବା—2. To shut; to cover. ( ଉ—ତାହାରକୁ ଆଣି ତାକ ପେଡ଼ିରେ ମୁଦଲା । ଉଞ୍ଜ. ବୈଦେହୀଶବିଳାସ ) ୩ । ଛିଦ୍ର ବୁଜିବା—3. To close up a hole. ( ଉ—କର୍ଣ୍ଣ ମୁଦିଲେହେଁ ତା ଶୁଣି । ଭୂପତି. ପ୍ରେମପଞ୍ଚାମୃତ । ) ୪ । (ସ. ମୁଦ୍ ଧାତୁ) ତୋଷିବା—4. To please; to gratify.
( ଉ—ଚନ୍ଦ୍ରମୁଦେ, ଦୂରତେ ମୁଦେ, ପରତ ମୁଦେ ମୋତେ; ଦେଇ ହରଷ, ଦୂରବା ଭୟ, ଚାହିଁ ବରଷ ଅନ୍ତେ ଉଞ୍ଜ. ପ୍ରେମସୁଧାନିଧି ) ୫ । ବନ୍ଦ କରିବା; ବନ୍ଧ କରିବା—
5. To imprison. (ଉ—ବନ୍ଦୀ କାରାପୁରେ ମୁଦଲା ପ୍ରକାରେ ବସାଇ ଯତନେ । ଉଞ୍ଜ. ବୈଦେହୀଶବିଳାସ )

**ମୁଦର**—ସଂ.ବି (ମୁଦ ଧାତୁ+କର୍ତ୍ତୃ. ଇର)—୧ । ମେଘ—1.Cloud.
Mudira ୨ । ଭେକ—2. Frog. ସ. ବି. ପୁଂ—୧।କାମୁକ—
(ମୁଦିରା—ସ୍ତ୍ରୀ) 1. Amorous; lascivious. ୨ । ଲମ୍ପଟ—
2. Licentious.

**ମୁଦରଥ**—ଦେ. ବି—ପୁରୀ ଜଗନ୍ନାଥଙ୍କର ସେବକ ବିଶେଷ—
Mudi ratha A class of leading sebakas of the Deity Jagannatha at Puri.
[ଦ୍ର—ଏ ଜଗନ୍ନାଥଙ୍କ ନୂତନ କଳେବର ସମୟରେ ଜଗନ୍ନାଥଙ୍କ ପ୍ରତିମାଙ୍କ ଉଦରେ ଥିବା 'ବ୍ରହ୍ମ ପଦାର୍ଥ'ଙ୍କ ସ୍ଥାନାନ୍ତରିତ କରି ଆଣି ନୂତନ ପ୍ରତିମା ମଧ୍ୟରେ ସ୍ଥାପନ କରନ୍ତି ଏବଂ ପୁରୀ ରାଜାଙ୍କର ପ୍ରତିନିଧି ସ୍ଵରୂପ ବେଳେବେଳେ ସେବା କରନ୍ତି । 'ଛଡ଼ା ମୁଦିରଥ ମଲା ସମାନ' ବୋଲି ଏକ ଢଗ ଉକ୍ତି ଦେଶରେ ପ୍ରଚଳିତ ଅଛି । ଏହାର ତାତ୍ପର୍ଯ୍ୟ ଏହି ଯେ, ରାଜାଙ୍କ ପ୍ରତିନିଧି ସ୍ଵରୂପ ମୁଦିରଥ ଜଗନ୍ନାଥଙ୍କର ବେଳେବେଳେ ସେବା ଚଳାନ୍ତି; ଯେତେବେଳେ ତାଙ୍କୁ ସେବାରୁ ଛଡ଼ାଇ ଦିଆଯାଏ ବା କାର୍ଯ୍ୟରୁ ଅନ୍ତର କରି ଦିଆଯାଏ, ସେ ସାଧାରଣ ସେବକ ଶ୍ରେଣୀର ଅନ୍ତର୍ଭୁକ୍ତ ନ ଥିବାରୁ ମୃତ ତୁଲ୍ୟ ବିବେଚିତ ହୁଅନ୍ତି ।]

**ମୁଦରୁ**—ଦେ. ବି. ପୁଂ (ସ. ମୁଦ୍ରାକାର)—ମୁଦ ତିଆରି କରି ବିକିବା
Mudira ଯାହାର ବ୍ୟବସାୟ—Manufacturer of rings.
ସାକରା [ଦ୍ର—ଏହିପରି ଶଙ୍ଖୁରୁ,ତାତରୁ ଶବ୍ଦ ମଧ୍ୟ ହୁଏ ।]
ଅଂଗୁଠୀ ବନାନେ ବାଲା ସ. ବିଣ. ସ୍ତ୍ରୀ—ମୁଦରର ସ୍ତ୍ରୀଲିଙ୍ଗ— । Feminine of Mudira.

**ମୁଦ ହେବା**—ଦେ. କି · (ସ. ମୁଦ୍ରିତ)—ବୁଜି ହେବା; ବନ୍ଦ ହୋଇ-
Mudi heba ଯିବା—To be shut up; to be closed.
ବନ୍ଦ ହଓ୍ଵା (ଉ—ଦେଲେ ହଦ୍ୟ ନାସ, ଢେଲେ ସେ ପ୍ରାସ, ମୁଦ
ବଂଦ୍ ହୋନା ହେଲା ତୁନ୍ଦସ୍ତ । ବିଶ୍ଵନାଥ. ବିଚିତ୍ର ରାମାୟଣ ।)

**ମୁଦୀ**—ସ. ବି. ( ମୁଦ୍ ଧାତୁ+କର୍ତ୍ତୃ. ଅ+ସ୍ତ୍ରୀ. ଈ )—ଚନ୍ଦ୍ରରଶ୍ମି—
Mudi Moon light; the rays of the moon.

**ମୁଦୁକ**—ଗ୍ରା. ବି. (ସ. ମୋଦକ)—ମୋଦକ ( ଦେଖ )
Muduka Modaka ( See )

**ମୁଦୁଗର (ଇତ୍ୟାଦି)**—ଗ୍ରା. ବି. ( ସ. ମୁଦ୍ଗର )—ମୁଦ୍ଗର ଇତ୍ୟାଦ
Mudugara (etc) (ଦେଖ)—Mudgara etc. ( See )
ମୁଗୁର ମୁଗୁର୍, ମୁଗଦ୍ଦର୍

**ମୁଦୁଡ଼ି**—ଗ୍ରା. ବି. (ସ· ମୁଦ୍ରା)—ସ୍ତ୍ରୀଲୋକମାନଙ୍କର ହାତର ଅଙ୍ଗୁଠିରେ
Mudurdi ପିନ୍ଧାଯିବା ଅଳଙ୍କାର ବିଶେଷ—
ଆଂଗଠି An ornament for the fingers worn
ଛଲ୍ଲା by women.

**ମୁଦୁ ମୁଦୁ**—ଗ୍ରା. ବିଣ ଓ କି. ବିଣ. (ସ. ମୃଦୁ)—ମୃଦୁ (ଦେଖ)
Mudu mudu Mrudu ( See )
ମୃଦୁମୃଦୁ ମୁଲାୟମ

ମୁଦୁମୁଦୁ ହସ(ସା)—ଗ୍ରା. ଭ. (ସଂ. ମୃଦୁ+ହାସ୍ୟ)—ମୃଦୁହାସ୍ୟ; ଈଷତ୍
Mudu mudu hasa(sā) ମଧୁର ହାସ୍ୟ—Sweet smile.
मृदुमृदु हासि (ଯଥା—ଏ ପିଲାର ମୁଦୁମୁଦୁ ହସ ଦେଖି ମୋର
मुसक ଆନନ୍ଦ ହେଉଛି ।)

ମୁଦୁରା(ଇତ୍ୟାଦି)—ଗ୍ରା. ବ—ମୁନ୍ଦୁରା ଇତ୍ୟାଦି ( ଦେଖ )
Mudurā (etc.) Mundurā etc. ( See )

ମୁଦୁଲି—ଦେ. ବ—୧ । କୁମ୍ଭାରମାନଙ୍କ ବଂଶଗତ ଉପାଧି ବିଶେଷ—
Muduli 1. A family-title of potters.
୨ । ଶୂଦ୍ରମାନଙ୍କର ଉପାଧି ବିଶେଷ—2. A family-title of śudras. ୩ । (ସଂ ମୁଦ୍ରା) ଜଗନ୍ନାଥଙ୍କ ମନ୍ଦିରର ସେବକବିଶେଷ—3. A class of Sebakas of the Deity Jagannath at Puri.
[ଦ୍ର—ଏହି ଶ୍ରେଣୀର ସେବକମାନେ ଦେଉଳରେ ପଡ଼ିବା କୋଲପମାନଙ୍କ ଉପରେ ସିଲ୍ ବା ମୁଦ ଦିଅନ୍ତି ।]

ମୁଦୁସୁଲି—ଦେ ବ. ସ୍ତ୍ରୀ ( ସଂ. ମୃଦୁଶୀଳା )—୧ । ଅନ୍ତଃପୁରସ୍ଥ ଦାସୀ;
Mudusuli ଦୋଆଇଲୀ—1. A maid servant atten-
दासी ding on a rich lady; lady's maid.
दा(धा)इ, आया (ଉ—ତାହା ଜାଣି ଯାଉଣ ମୁଦୁସୁଲିମାନେ, କହିଲେ ଶ୍ରମ ନୃପବର ସନ୍ନିଧାନେ । କୃଷ୍ଣସିଂହ. ମହାଭାରତ. ବନ ।) ୨ । ଧାଈ—2. Nurse.

ମୁଦେ(ଦ୍ଦେ)ଇ (ଇତ୍ୟାଦି)—ବୈଦେ. ବ—ମୁଦାଇ ଇତ୍ୟାଦି (ଦେଖ)
Mude(dde)i etc) Mudāi etc. ( See )

ମୁଦ୍ଗ—ସ. ବ. (ମୁଦ୍ ଧାତୁ+କର୍ତ୍ତୃ. ଗ)—୧ । ମୁଗ ନାମକ ଶସ୍ୟ—
Mudga 1. Muga(pulse). (ମୁଗ ତଳେ ନୋଟ୍ ଦେଖ)
ଅନ୍ୟ ସଂ. ନାମ—ସୂପଶ୍ରେଷ୍ଠ, ୨ । ପାଣି ଭୁଅ—2. A species
ବର୍ଣ୍ଣାଢ଼, ରସୋତ୍ତମ, ହୟାନନ୍ଦ, of aquatic bird; small
ବାଜୀ ଭୋଜନ, ସୁଫଳ, ହରନାମା cormoant.

ମୁଦ୍ଗ ପର୍ଣ୍ଣା—ଦେ. ବ—ମୁଦ୍ଗ ପର୍ଣ୍ଣୀ ( ଦେଖ )
Mudga parṇṇā Mudga parṇṇi ( See )

ମୁଦ୍ଗ ପର୍ଣ୍ଣୀ—ସ. ବ. (ମୁଦ୍ଗ+ପର୍ଣ୍ଣ+ଈକ; ୧ମା. ୧ବ; ମୁଗ ପରି ପର୍ଣ୍ଣ
Mudga parṇṇi ଯାହାର) — ବଣ ମୁଗ; ମୁଗାମା; ଘୋଡ଼ା-
ଅନ୍ୟ ସଂ. ନାମ—କାକମୁଦ୍ଗା, ମୁଗ—Phaseolus Trilobus;
ବନମୁଦ୍ଗା, ସହା, ମୁଦ୍ଗଦଲା, Phaseolus Aconitifolius.
ଶିମ୍ବିପର୍ଣ୍ଣୀ, ଶିମ୍ବୀ, ଶୂଦ୍ରସହା, [ଦ୍ର—ଏହା ଲଟାଳିଆ ସରୁ ଲୋମଶ
ମାର୍ଜାର ଗନ୍ଧିକା, ବନଜା, ଗୁଲ୍ମ ; ଛୁଇଁ ଲୋମଶ ଚୁଡ଼େ । ଏହା
ରଙ୍ଗିଣୀ, କୃଷ୍ଣା, ସୁପପର୍ଣ୍ଣୀ, ବନ୍ୟ ଜନ୍ମେ । କୃଷିତ୍ ଜନ୍ମସ୍ଥ
ଭୁଜଙ୍ଗିକା, ମୁଦ୍ଗଷ୍ଟ, ଜମିରେ ସୃଷ୍ଟ ହୁଏ । ବୈଦ୍ୟକ
ମୁଦ୍ଗଷ୍ଟକ, କୋଶିଲା, ମତରେ ଏହା ଶୀତବୀର୍ଯ୍ୟ, ରୁକ୍ଷ,
କଟିଷ୍ଠିକା, ଅରଣ୍ୟ ମୁଦ୍ଗା, ଈଷତ୍ ମଧୁର, ଶୁକ୍ର ବର୍ଦ୍ଧକ ଓ ଚକ୍ଷୁର
କାକପର୍ଣ୍ଣୀ, ସୂର୍ଯ୍ୟପର୍ଣ୍ଣୀ, ହିତକର । ଏହା କ୍ଷତ, ଶୋଥ,
ଅଳ୍ପିକା ଗ୍ରହଣୀ ଯୁକ୍ତ ଜ୍ୱର, ଦାହ, ତ୍ରିଦୋଷ,
मुगानी, बनमुग, खेंड़ी कलाई ଗ୍ରହଣୀ, ଅର୍ଶଃ ଓ ଅତିସାର
माठ मुगानी, मुगवन, ନାଶକ—ଦ୍ରବ୍ୟଗୁଣ ।]

त्रिपत्रांगुलि मुद्गानी ମ. ରାଣ ମୁଗ; ତେ. ପିଲ୍ଲି ପେସରଚେଟ୍ଟୁ;
କାରୁପେସାରୁ; ଗୁ. ଅଡବାଉ ମଗବେଲ୍ୟ

ମୁଦ୍ଗ ବଟକ—ସ. ବ—ମୁଗ ବଡ଼ା ( ଦେଖ )
Mudga baṭaka Muga bardā ( See )

ମୁଦ୍ଗ ବଟୀ—ସ. ବ—ମୁଗ ବଡ଼ି ( ଦେଖ )
Mudga baṭi Muga bardi ( See )

ମୁଦ୍ଗ ଭୁକ୍—ସ. ବ ( ମୁଦ୍ଗ+ଭୁଜ୍ ଧାତୁ+କର୍ତ୍ତୃ. କ୍ୱିପ୍ ୧ମା.
Mudga bhuk ୧ବ)—ଘୋଟକ; ଘୋଡ଼ା—The horse.
(ମୁଦ୍ଗ ଭୋକ୍ତା—ଅନ୍ୟରୂପ)

ମୁଦ୍ଗ ମାଷ—ସ. ଭ. (ସହଚର ଶବ୍ଦ; ମୁଦ୍ଗ ଓ ମାଷ; ଦ୍ୱନ୍ଦ୍ୱ)—ମୁଗ ଓ
Mudga māsha ବିରି—Muga and Biri.

ମୁଦ୍ଗ ମୋଦକ—ସ. ବ—ମୁଗ ବେସନରେ ପ୍ରସ୍ତୁତ ଲଡ଼ୁ; ମଗଦ୍‌ଲଡ଼ୁ;
Mudga modaka ଘିହୁଦାନା—A sweetmeat ball
(ମୁଦ୍ଗ ଲଡ଼୍ଡୁକ—ଅନ୍ୟରୂପ) made from the flour of muga fried in ghee.

ମୁଦ୍ଗର—ସ. ବ ( ମୁଦ୍=ହର୍ଷ+ଗ୍ ଧାତୁ=ବୃଦ୍ଧି କରିବା+କର୍ତ୍ତୃ. ଅ;
Mudgara ଏହା ଅଭ୍ୟାସ କଲେ ଶରୀରରେ ହର୍ଷ ବା ଫୁର୍ତ୍ତି ବୃଦ୍ଧି ହୁଏ )—୧ । ଗଦାପରି ଅସ୍ତ୍ର ବିଶେଷ; ମୁଗୁର; ମୁଦୁଗର; ପ୍ରାଚୀନ ଭାରତର ଯୁଦ୍ଧାସ୍ତ୍ର ବିଶେଷ—1. A mace; a weapon of offence of ancient India. [ଦ୍ର—ଏହାର ଆକାର ଲମ୍ବ ଓ ବର୍ତ୍ତୁଳ;ହାତରେ ଧରାଯିବା ଅଂଶ ସରୁ ଓ ଅଗପାଖ କ୍ରମଶଃ ମୋଟ । ଏହାର ଅଗର ବ୍ୟାସ ୪ ଠାରୁ ୮ ଅଙ୍ଗୁଳ । ମୂଳଦେଶ ବା ମୁଠା କୃଶ; ସ୍କନ୍ଧ ଦେଶ ସ୍ଥୂଳ; ଲମ୍ବ ୧ୟ ହାତ ଠାରୁ ଦୁଇ ହାତ ପର୍ଯ୍ୟନ୍ତ । ବଡ଼ ବଡ଼ ମୁଦ୍ଗରର ଓଜନ ଅଷ୍ଟଗୁଣ=୬୪୦୦ ତୋଳା=ପ୍ରାୟ ୧୨ ମହଣ । ଦୁଇଟି ମୁଦ୍ଗରକୁ ହାତର ଦୁଇ ମୁଠାରେ ଧରି ଏକ ସମୟରେ ଘୂରାଇବାକୁ ହୁଏ ଏବଂ ଏଥିରୁ ଗୋଟିକୁ ଧରି ଶତ୍ରୁ ଉପରେ ପ୍ରହାର ବା ନିକ୍ଷେପ କରିବାକୁ ହୁଏ ।] ୨ । ମଲ୍ଲମାନେ ବ୍ୟାୟାମ କରି ଯୁଝିଲବା ନିମନ୍ତେ ବ୍ୟବହୃତ କାଠର ମୁଗୁର—2. Dumbbell. ୩ । କାଠର ବଡ଼ ହାତୁଡ଼ି—3. Wooden mallet. ୪ । କାଠମଲ୍ଲୀ; ମୁଗୁର ମଲ୍ଲୀ—4. A kind of scented double-petalled Jasmine; Jasmine Zambac. ୫ । ମାଗୁର ମାଛ—5. A kind of fish. ୬ । ଢେଲାକୁ ବାଡ଼େଇ ଚୂନା କରିବା ପାଇଁ ବ୍ୟବହୃତ କାଠର ପିଟଣା—6. A mace like mallet for breaking clods of earth ( Apte ). ୭ । ସୁଗନ୍ଧିଯୁକ୍ତ ଫୁଲ ଗଛ; କର୍ମାର—7. A kind of flower plant. [ ଦ୍ର—ଏଥିର ଅନ୍ୟ ସଂ. ନାମ, କର୍ମାର, ଗନ୍ଧସାର, ସପ୍ତପତ୍ର, ଅଭଗନ୍ଧ, ଗନ୍ଧସାର, ବଟପ୍ରିୟ, ଜନେଷ୍ଟା, ମୃଗେଷ୍ଟ-ଶବ୍ଦକୋଷ ।] ୮ । କରମଙ୍ଗା ଗଛ—8. Averroehea Carambola (tree).

ମୁଦ୍ଗରକ—ସଂ. ବି ( ମୁଦ୍ଗର+କ )—କରମଙ୍ଗା; କର୍ମରଙ୍ଗା ଫଳ ଓ
Mudgarake ଗଛ—Averrhoehea Carambola (tree and fruit ).

ମୁଦ୍ଗଳ(ଲ)—ସଂ. ବି (ନାମ)—ହର୍ଯ୍ୟଶ୍ୱ ରାଜାଙ୍କ ପୁତ୍ର—Name of a
Mudgaḷa(la) prince of ancient India. [ ଦ୍ର—ଏହାଙ୍କ ପତ୍ନୀଙ୍କ ନାମ ଇନ୍ଦ୍ରସେନା—ବିଶ୍ୱକୋଷ । ] ୨ । ଗୋତ୍ର ପ୍ରବର୍ତ୍ତକ ଋଷି ବିଶେଷ—2. Name of a progeniter sage. 3. ତୃଣ ବିଶେଷ; ରୋହିଷତୃଣ—3. Name of a kind of grass. ୪ । ପୁଷ୍ପ ବୃକ୍ଷ ବିଶେଷ; ଗନ୍ଧରାଜ ଫୁଲ ଗଛ—4. Name of a flower tree. ୫ । ମୁଦ୍ଗର ମଲ୍ଲୀ—5. Double-petalled Jasmine.

ମୁଦ୍ଗ ଲଡ୍ଡୁକ—ସଂ. ବି ( ମୁଦ୍ଗ+ଲଡ୍ଡୁକ; ମ. ପ. ଲୋ )—ମୁଦ୍ଗ
Mudga laḍḍuka ମୋଦକ ( ଦେଖ )—Mudga mcdaka ( See )

ମୁଦ୍ଗାନ୍ନ—ସଂ. ବି ( ମୁଦ୍ଗ+ଅନ୍ନ; ମ. ପ. ଲୋ )—ମୁଗ ଓ ଚାଉଳ
Mudgānna ଏକାଠି ସିଝା ଯାଇଥିବା ଖାଦ୍ୟ; ମୁଗ ଖେଚଡ଼ି —Muga and rice boiled together.

ମୁଦ୍ଗାମଲକ ଯୂଷ—ସଂ. ବି ( ବୈଦ୍ୟକ )—ମୁଗଡାଲି ଓ ଅଁଳା
Mudgāmaḷaka jusha ହୋଳ ଏକତ୍ର ପାକ କରାଯାଇ ପ୍ରସ୍ତୁତ ହୋଇଥିବା ଝୋଳ—A soup made of split muga and Embellic myrobalan berries boiled together.

ମୁଦ୍ଗାର୍ଦ୍ର(ଦ୍ର) ବଟକ—ସଂ. ବି—ଅଦା ମିଶ୍ରିତ ଏକପ୍ରକାର ମୁଗ ବଡ଼ା
Mudgārdra(dra) baṭaka ବା ବଟା ମୁଗର ପିଠା— A pastry cake made of Muga flavoured with ginger; gingerbread of Muga. [ ଦ୍ର—ମୁଗ ଡାଲିକୁ ବାଟି ଚକ୍ରାକାରରେ ବଡ଼ା ତିଆରି କରି ତେଲରେ ବା ଘିଅରେ ଭାଜିବ । ପରେ ଏହାକୁ ଚୂନା କରି ଏଥି ସଙ୍ଗେ ହେଙ୍ଗୁ, ଅଦା, ଶ୍ୱେତ ଅଳେଇଚ, ମରିଚ ଓ ଜୀରା ଭଜା, ଲୁଣ ଓ ଲେମ୍ବୁ ରସ ମିଶାଇ ରଖିବ । ପରେ ମୁଗର ଡାଲିକୁ ବାଟି ଅଥାଳରେ ସିଝାଇ ଖଳ ପ୍ରସ୍ତୁତ କରିବ । ଉକ୍ତ ଖଳକୁ ମଣ୍ଡା ପରି କରି ତହିଁ ମଧ୍ୟରେ ପ୍ରଥମୋକ୍ତ ଚୂର୍ଣ୍ଣକୁ ପୂର ଦେଇ ତେଲରେ ବା ଘିଅରେ ଭାଜିବ । ଭାଜି ସାରି ଉକ୍ତ ମଣ୍ଡାମାନଙ୍କୁ ହଳଦି, ହେଙ୍ଗୁ ଓ ମରିଚ ମିଶାଯାଇ ପାକ କରାଯାଇ ଥିବା ଦହି (କ୍ୱଥିକା)ରେ ବୁଡ଼ାଇ ରଖିବ । ଏହି ଦହିବରା ବଡ଼ାକୁ ମୁଦ୍ଗାର୍ଦ୍ର ବଟକ ବୋଲାଯାଏ । ବୈଦ୍ୟକ ମତରେ ଏହା ରୁଚିକର, ଲଘୁ, ବଳକର, ଅଗ୍ନି ପ୍ରଦୀପକ, ତୃପ୍ତିଜନକ, ପଥ୍ୟ ଓ ତ୍ରିଦୋଷନାଶକ—ନଗେନ୍ଦ୍ର ନାଥ ବଙ୍ଗଳା ବିଶ୍ୱକୋଷ ୧ମ ସଂସ୍କରଣରେ ଉଦ୍ଧୃତ ଭାବପ୍ରକାଶ ପୂର୍ବଖଣ୍ଡ । ]

ମୁଦ(ଦା,ର୍ଦ୍ଦ,ର୍ଦ୍ଦା)ଫରା(ରୋ)ଶ୍—ବୈଦେ. ବି ( ଫା. ମୁର୍ଦାଫରୋଶ୍ )
Mudda(ddā,rdda,rddā)pharā(ro)ś ଲଳିତମାଟିଆ; ଯେଉଁ ଲୋକମାନେ କୁଟୁମ୍ବହୀନ ବ୍ୟକ୍ତିର ଶବ ବହନ ଓ ଦହନ କରନ୍ତି—A class of people who carry away and dispose of the dead bodies of persons dying without having any kinsman to dispose of them.
मुर्दफरास मुर्दाफरोश

ମୁଦ୍ରଣ—ସଂ. ବି ( ମୁଦ୍ରାରୁ ମୁଦ୍ର ନାମ ଧାତୁ+ଭାବ.ଅନ )—
Mudraṇa ୧ । ପୁସ୍ତକାଦି ମୁଦ୍ରାଙ୍କଣ; ଛପିବା— 1. Printing. ୨ । ଛାପ ମାରିବା; ମୋହର ମାରିବା—2. Impression; sealing. ୩ । ବୁଜିବା; ନିମୀଳନ—3. Closing up; shutting up. ୪ । (+କରଣ.ଅନ) ହାତର ମୁଦି—4. Finger-ring ୫ । ନିୟମନ; କାର୍ଯ୍ୟର ପରିଚାଳନ ପାଇଁ ନିୟମାଦିର ପ୍ରଣୟନ ଓ ପ୍ରବର୍ତ୍ତନ (ହି. ଶ)—5. Controlling; regulating. ୬ । ଛାଞ୍ଚଦ୍ୱାରା ମୁଦ୍ରା ବା ସିଲ୍ ତିଆରି କରିବା (ହି. ଶ)—6. Preparation of a seal or coin by means of a mould.

ମୁଦ୍ରଣ ପ୍ରମାଦ—ସଂ. ବି ( ଅଧୁନିକ ପ୍ରୟୋଗ )—ମୁଦ୍ରିତ ପୁସ୍ତକରେ
Mudraṇa pramāda କମ୍ପୋଜିଟର୍‌ମାନଙ୍କ ଅସାବଧାନତା ଯୋଗୁ ମୁଦ୍ରିତ ବିଷୟରେ ପରିଲକ୍ଷିତ ଭ୍ରମ— Printing mistake.

ମୁଦ୍ରଣ ବ୍ୟୟ—ସଂ. ବି ( ମୁଦ୍ରଣ+ବ୍ୟୟ, ମ. ପ. ଲୋ. )—ବହି
Mudraṇa byaya ଛପିବାର ଖର୍ଚ୍ଚ; ଛପା ଖର୍ଚ୍ଚ— Printing cost.

ମୁଦ୍ରଣ ଭାର—ସଂ. ବି ( ୬ଷ୍ଠୀ ତତ୍ )ବହି ଛପିବାର ଭାର ବା ଦାୟିତ୍ୱ—
Mudraṇa bhāra Charge or printing a book; responsibility for getting a book printed.

ମୁଦ୍ରଣା—ସଂ. ବି (ମୁଦ୍ରଣ+ଆ)—ମୁଦି—
Mudraṇā Ring.

ମୁଦ୍ର(ଦ୍ରି)ଣୀ—ସଂ. ବି—ଲାଖ (ରାଜନିଘଣ୍ଟୁ)—
Mudra(dri)ṇī Shellac.

ମୁଦ୍ରହସ୍ତ—ଦେ. ବି—ପ୍ରାଚୀନ ଉତ୍କଳର ରାଜୋପାଧି ବିଶେଷ—
Mudra hasta A title of kings in ancient Orissa.

ମୁଦ୍ରା—ସଂ. (ମୁଦ୍ ଧାତୁ=ତୁଷ୍ଟ ହେବା+କରଣ.ଅ+ଆ; ଯାହାଦ୍ୱାରା
Mudrā ମନୁଷ୍ୟ ତୁଷ୍ଟ ହୁଏ)—୧ । ରାଜଶାସ୍ତ୍ର ଚିହ୍ନାଙ୍କିତ ବା ରାଜାଙ୍କ ନାମାଙ୍କିତ ନିର୍ଦ୍ଦିଷ୍ଟ ଭାର ଓ ମୂଲ୍ୟବିଶିଷ୍ଟ ସ୍ୱର୍ଣ୍ଣ ରୌପ୍ୟାଦି ନିର୍ମିତ ଧାତୁଖଣ୍ଡ ବା ଟଙ୍କା—1. Coin, circular bits of metal etc of specific weight and value containing the king's stamp and used as currency. [ଦ୍ର—ପୂର୍ବେ ତତ୍ତତ୍ ରାଜାଙ୍କ ନାମ, ମୂର୍ତ୍ତି ଓ ଅନ୍ୟସଙ୍କେତବିଶିଷ୍ଟ ଧାତୁଖଣ୍ଡମାନ ମୁଦ୍ରା ରୂପରେ ଭିନ୍ନ ଭିନ୍ନ ଦେଶରେ ଚଳୁଥିଲା; ବର୍ତ୍ତମାନ ମଧ୍ୟ ରାଜାଙ୍କ ଚିହ୍ନ ଓ ମୂର୍ତ୍ତି ଅଙ୍କିତ ହୋଇଥିବା ଧାତୁଖଣ୍ଡମାନ ମୁଦ୍ରାରୂପେ ଚଳୁଛି । ବର୍ତ୍ତମାନ ମଧ୍ୟ କାଗଜଖଣ୍ଡମାନଙ୍କରେ ରାଜାଙ୍କର ନାମ ଓ ମୂର୍ତ୍ତି ଅଙ୍କିତ

ହୋଇ ତାହା ନୋଟ୍ ବା କାଗଜମୁଦ୍ରାରୂପରେ ଚଳୁଅଛି । ପୃଥିବୀର ସବୁ ଦେଶରେ ଏକପ୍ରକାର ମୁଦ୍ରା ଚଳେନାହିଁ । ଭିନ୍ନ ଭିନ୍ନ ଦେଶରେ, ମୁଦ୍ରାର ଆକାର, ପ୍ରକାର, ଓ ଉପାଦାନରେ ଏବଂ ମୂଲ୍ୟରେ ବହୁ ପାର୍ଥକ୍ୟ ପରିଦୃଷ୍ଟ ହୁଏ ।

ବର୍ତ୍ତମାନ ଇଂରାଜଅମଳରେ ଭାରତରେ ସୁନାର, ରୁପାର, ବ୍ରୋଞ୍ଜର ଓ ତମ୍ବାର ମୁଦ୍ରାମାନ ଚଳୁଅଛି—
ସୁନାର ମୁଦ୍ରା—ମୋହର, ଗିନି ବା ସଭରନ୍; ଅଧଗିନି ।
ରୁପାର—ଟଙ୍କା, ଅଧୁଲି, ସୁକି, ଦୋଅଣୀ ।
ବ୍ରୋଞ୍ଜର—ଅଧୁଲି, ସୁକି, ଦୋଅଣୀ, ଅଣୀ ।
ତମ୍ବାର—ଦୋପଇସା(ସି), ପଇସା, ଅଧଲା, ପାହୁଲା ।]
୨। ସିଲ୍ ମୋହର; କୌଣସି ବ୍ୟକ୍ତିଙ୍କ ନାମାଙ୍କିତ ଛାପ—2. A seal; signet. ୩। ପ୍ରତ୍ୟୟ-କରଣ ଚିହ୍ନ; ଖୋଦିତ ଲିପି ଯୁକ୍ତ ଚିହ୍ନ; ତକ୍‌ମା—3. Identifying token; stamp; medal. ୪। ନାମାଙ୍କିତ ମୁଦି—4. Signet ring. ୫। ନଗଦ ଧନ—5. Cash; money. ୬। ଖୋଦିତ ଲିପି—6. Engraved writing or letter. [ଦ୍ର—ହିନ୍ଦୁ ଗ୍ରନ୍ଥମାନଙ୍କରେ ୫ ପ୍ରକାର ଲିପିର ବର୍ଣ୍ଣନା ଅଛି । ଯଥା—୧। ମୁଦ୍ରାଲିପି—ମୋହର ଛାପା ଦ୍ୱାରା କରାଯିବା ଅକ୍ଷର । ୨। ଶିଳ୍ପଲିପି—ଖୋଳ କରି ବା କାରୁକାର୍ଯ୍ୟ ଦ୍ୱାରା କାରିଗର କରିବା ଲିପି । ୩। ଲେଖନୀସମ୍ଭବ ଲିପି—କଲମ ଆଦିରେ ଲେଖା ଅକ୍ଷର । ୪। ଗୁଣ୍ଡିକା ଲିପି—ମୂରୁଜ ଓ ଚିତା ଆଦିରେ ରଚିତ ଲେଖା । ୫। ଘୁଣ ସମ୍ଭୂତା ଲିପି—ପୋକମାନେ କଣା କରିବା ଦ୍ୱାରା ଅକ୍ଷରାକୃତି ବିଶିଷ୍ଟ ଯେଉଁ ଚିହ୍ନ ବାହାର ପଡ଼େ ।] ୭। ମୁଦ୍ରିତ ଅକ୍ଷର—7. Printed letters. ୮। ବୈଷ୍ଣବାଦିଙ୍କର ଶରୀରରେ ଧାରଣ କରିବା ଚିହ୍ନ (ଯଥା—ବିଷ୍ଣୁପାଦ, ପଦ୍ମ, ଶଙ୍ଖ, ଦେବନାମାଦି ) 8. Holy sectarian marks stamped on the body by devotees. ୯। (ତନ୍ତ୍ର) ଦେବାରାଧନା ସମୟରେ ଅଙ୍ଗୁଳି ଦ୍ୱାରା ରଚିତ ଭଙ୍ଗୀ ବିଶେଷ । 9. Modes of intertwining and showing the fingers to Deities during religious rituals (ଦ୍ର—ଦେବତାମାନେ ଏହି ମୁଦ୍ରାମାନଙ୍କ ଦ୍ୱାରା ମୁଦିତ ହେବା ଯୋଗୁଁ ଏହା ମୁଦ୍ରା ନାମରେ ଖ୍ୟାତ । ହାତର ଅଙ୍ଗୁଠିମାନଙ୍କ ଦ୍ୱାରା ଭିନ୍ନ ଭିନ୍ନ ରୂପ ଓ ଆକୃତି ରଚନା କରି 'ମୁଦ୍ରା' କରାଯାଏ ଓ ପୂଜା ସମୟରେ ଉକ୍ତରୂପ ମୁଦ୍ରାକୁ ଦେବତାଙ୍କୁ ଦେଖାଇବାକୁ ହୁଏ । ଭିନ୍ନ ଭିନ୍ନ ଦେବତାଙ୍କର ପୂଜା ପାଇଁ ଭିନ୍ନ ଭିନ୍ନ ମୁଦ୍ରାର ବ୍ୟବସ୍ଥା ଅଛି । ତନ୍ତ୍ର ଓ ପୁରାଣମାନଙ୍କରେ ନାନା ପ୍ରକାର ମୁଦ୍ରାର ବର୍ଣ୍ଣନା ଅଛି ଏବଂ ମୁଦ୍ରାର ରଚନା ସମ୍ବନ୍ଧରେ ଉପଦେଶ ଓ ମୁଦ୍ରାମାନଙ୍କର ବିଶିଷ୍ଟ ପ୍ରୟୋଗମାନ ଲିପିବଦ୍ଧ ହୋଇଅଛି । ପ୍ରତ୍ୟେକ ପ୍ରକାର ସାଧାରଣ ପୂଜାରେ ନଅ ଗୋଟି ମୁଦ୍ରା ଲମ୍ବା ସଙ୍ଗରେ ମୁଦ୍ରା ଦେଖାଇବାକୁ ହୁଏ । ବିଷ୍ଣୁ ପୂଜାରେ ୧୯ ଗୋଟି, ଶିବ ପୂଜାରେ ୧୦ ଗୋଟି, ସୂର୍ଯ୍ୟପୂଜାରେ ଗୋଟିଏ; ଗଣେଶଙ୍କର ୭ ଗୋଟି; ଶକ୍ତି ବା ଦୁର୍ଗାଙ୍କର ୯ ଗୋଟି—ଏହିପରି ଭିନ୍ନ ଭିନ୍ନ ଦେବତାଙ୍କ ପୂଜାରେ ଓ ଜପରେ ଭିନ୍ନ ଭିନ୍ନ ମୁଦ୍ରାମାନ ପ୍ରୟୋଗ କରାଯାଏ । କାଳିକା ପୁରାଣର ୬୭ ଅଧ୍ୟାୟରେ ବହୁସଂଖ୍ୟକ ମୁଦ୍ରାର ବର୍ଣ୍ଣନା ଅଛି । ପାଠକମାନଙ୍କର କୌତୂହଳନିବୃତ୍ତି ନିମିତ୍ତ କେତେଗୁଡ଼ିଏ ମୁଦ୍ରାର ନାମ ମାତ୍ର ଏଠାରେ ପ୍ରଦତ୍ତ ହେଉଅଛି । ଯଥା—ଆବାହନ, ସଂସ୍ଥାପନ; ସନ୍ନିରୋଧନ; ଧେନୁ; ମହା ମୁଦ୍ରା; ଅବଗୁଣ୍ଠନ; ଶଙ୍ଖ; ଚକ୍ର; ପଦ୍ମ; ଗଦା; ନାରାଚ; ଅଙ୍କୁଶ; ତ୍ରିଶୂଳ, ଲିଙ୍ଗ; ଯୋନି; ମତ୍ସ୍ୟ; କୂର୍ମ; ବରାହ; ନରସିଂହ; ମୃଗ; ଖାଳଣୀ; ଲେଲିହା; ସନ୍ନିଧାପନ, ସମ୍ବୋଧନ, ବଣ୍ଡ, ଅଭୟ; ସ୍ଥାପନୀ । 'ଘେରଣ୍ଡ ଗୀତା'ର ଦ୍ୱାଦଂଶ ଅଧ୍ୟାୟରେ ଖେଚରୀ, ଭୂଚରୀ, ଉନ୍ମୁନା, ଖେଚରୀ ଓ ଗୋଚରୀ ନାମରେ ପାଞ୍ଚ ପ୍ରକାର ମୁଦ୍ରାର ଉଲ୍ଲେଖ ଦେଖାଯାଏ ।] ୧୦। ଗାନ ବା ନୃତ୍ୟ କାଳରେ ଗାୟକର ବା ନର୍ତ୍ତକର ହସ୍ତର ଓ ମୁଖର ଭଙ୍ଗୀ; ଠାଉରା—10. Gesture or pose of the face and hands made by a singer or dancer. ୧୧। ମଦ୍ୟପାନ କାଳରେ ବ୍ୟବହୃତ ଚଟଣି ବା ଚକଣା—11. Sauce used at the time of drinking wine. ୧୨। ତୁଷ୍ଣୀଭାବ; ମୌନାବସ୍ଥା—12. Silence. ୧୩। ବିନ୍ୟାସ; ସଜ୍ଜୀକରଣ—13. Act of arranging or setting in order. ୧୪। ହାତ, ଗୋଡ଼, ଦେହ, ମୁଖ ଆଦିର କୌଣସି ସ୍ଥିତି ବା ଭଙ୍ଗୀ (ହି. ଶ.)—14. Postures of the different limbs and face. ୧୫। ଚେହେରାର ଢଙ୍ଗ; ମୁଖର ଭଙ୍ଗୀ (ହି. ଶ)—15. Mein. ୧୬। (ତନ୍ତ୍ର)—ଭଜା ଶସ୍ୟ—(ହି. ଶ)—16. Fried corn. ୧୭। (ହଠ ଯୋଗ) ପାଞ୍ଚ ପ୍ରକାରର ବିଶିଷ୍ଟ ଅଙ୍ଗବିନ୍ୟାସ (ଯଥା—ଖେଚରୀ, ଭୂଚରୀ, ଚାଚରୀ, ଗୋଚରୀ, ଉନ୍ମୁନୀ) (ହି. ଶ)—17. Five particular poses of the body according to tantric rites. ୧୮। ଲୋପାମୁଦ୍ରା; ଅଗସ୍ତ୍ୟ ପତ୍ନୀ (ହି. ଶ.)—18. Name of the wife of sage Agastya. ୧୯। କଥା କହିବା ସମୟରେ ବିଶିଷ୍ଟ ବ୍ୟକ୍ତିଙ୍କର ଅଭ୍ୟସ୍ତ ବିଶିଷ୍ଟ ବାଗ୍‌ଭଙ୍ଗୀ ବା ବିଶିଷ୍ଟ ପଦ—19. Individual peculiarities of certain persons while talking, consisting of a habit of using peculiar and redundant phrases or words in the course of talk; mannersims [ଦ୍ର—କଥା କହୁ କହୁ ମଝିରେ ମଝିରେ 'ଫେରି', 'ଫେଣ', 'ଜାଣି ପାର ସେ', 'ଭଲ ଭାଇରୁ', 'ଦେଖନ୍ତ

ବ', 'ବସି' କର', 'ମାରୁଛେରେ', 'ଅଥଚ', 'ଅବଧାନକୁ ଅସ୍ତୁ, 'ଈଶ୍ୱର ଭଲ କରନ୍ତୁ', 'ବୁଝମାନ', 'ଯାଇ କର କର' 'କରୁ କର', 'ପୁଲ୍ଲର'—ଏରୂପର ଅନର୍ଥକ ଓ ଅନାବଶ୍ୟକ ଶବ୍ଦ ଲଗାଇବା କେତେ ଲୋକଙ୍କର ଅଭ୍ୟାସ ହୋଇ ପଡ଼ି ଥାଏ । ଏହାକୁ ମଧ୍ୟ ମୁଦ୍ରାଦୋଷ ବୋଲାଯାଏ । ] ୧୫ । ତାନ୍ତ୍ରିକ ପଞ୍ଚମକାର ଅନ୍ତର୍ଗତ ଭକ୍ଷ୍ୟ ଦ୍ରବ୍ୟ ବିଶେଷ-- 15. One of the ingredents of the tantric worship of Pañchamakara. ୧୬ । ଆଲିଙ୍ଗନ 16. Embracing. (ଢ଼—ଜଗନ୍ନାଥ ଶ୍ରୀହରି ଚନ୍ଦନ ବନେ ଗୋଷ୍ଠ ମାରସ ମାଳ ବାହୁ। ମୁଦ୍ରାକାରେ । ଚତୁସ୍ପର୍ଶ ବଶୋଷ ଲକ୍ଷ୍ମୀ 'ନଂ ଗୀତ ।) ପ୍ରାଦେ. (ସାଜପୁର) ବ— ଡାକ ଟିକଟ—Postage stamp.

**ମୁଦ୍ରାକର**—ସଂ. ବ—(ଅଧୁନାତ ପ୍ରୟୋଗ)—୧ । ଛପାଖାନାରେ ଯେଉଁ Mudrākara ବ୍ୟକ୍ତି ଅକ୍ଷରମାନ ଯୋଡ଼ି କରି ବହି ଛାପନ୍ତି— 1. A printer; a compositor. ୨ । ଧାତୁ ଆଦିରେ ଖୋଦନ କାର୍ଯ୍ୟ କରିବା କାରିଗର—2. Engraver. ୩ । ଯେ ମୁଦ୍ରା ବା ଟଙ୍କା ତିଆରି କରେ—3. A coiner.

**ମୁଦ୍ରାକର ପ୍ରମାଦ**--ସଂ. ବ--ବହି ଛାପିବା ବ୍ୟକ୍ତି ଭୁଲ୍ କରି ଗ୍ରନ୍ଥକାରଙ୍କ Mudrākara pramāda ଲିଖିତ ଅକ୍ଷର ପରିବର୍ତ୍ତେରେ ଛାପିଥିବା ଅନ୍ୟ ଅକ୍ଷର—Printer's mistake; printing mistake; misprint.

**ମୁଦ୍ରାଙ୍କ**—ସଂ. ବ—ମୁଦ୍ରାର ବା ମୋହରର ଉପରେ ଥିବା ଚିହ୍ନ— Mudrāṅka Marks on a coin or seal.

**ମୁଦ୍ରାଙ୍କନ**—ସଂ. ବ—(ମୁଦ୍ରା+ଅଙ୍କନ; ୬ଷ୍ଠୀ ତତ୍)—୧ । ମୁଦ୍ରଣ; Mudrāṅkana ଛାପିବା—1. Printing. ୨ । ମୁଦ୍ରିତ ପୁସ୍ତକର ସଂସ୍କରଣ—2. Edition of a printed book. ୩ । ମୋହର ମାରିବା—3. Impression; sealing.

**ମୁଦ୍ରାଙ୍କିତ**—ସଂ. ବଣ—(ମୁଦ୍ରା+ଅଙ୍କିତ; ୩ୟା ତତ୍)—ମୁଦ୍ରିତ; ଛପା Mudrāṅkita ହୋଇଥିବା—Printed; engraved.

**ମୁଦ୍ରାଦୋଷ**—ସଂ. ବ—(ମୁଦ୍ରା+ଦୋଷ; ମ. ପ. ଲୋ;)—କୌଣସି Mudrā dosha କୌଣସି ବ୍ୟକ୍ତିଙ୍କର କଥା କହିବା ସମୟରେ ଅଭ୍ୟସ୍ତ ବିଶିଷ୍ଟ ବାକଭଙ୍ଗୀ ବା ଅଙ୍ଗଭଙ୍ଗୀ ଆଦି— Mannerisms; individual peculiarities of certain persons (in using certain phrases and in waving some limbs) while talking, which have become a habit with them. [ ଦ୍ର—କେଣେ କେଣେ କଥା କହିବା ବେଳେ କଥା ପ୍ରସଙ୍ଗରେ ବାକ୍ୟର ମଝିରେ ମଝିରେ ତାଙ୍କର ପ୍ରିୟ ବ୍ୟକ୍ତିଗତ ବିଶିଷ୍ଟ ବାକ୍ୟ ବା ପଦମାନ କହିବାର ଦେଖାଯାଏ । ଏହାକୁ ମୁଦ୍ରାଦୋଷ ବୋଲାଯାଏ । ଯଥା ବର୍ତ୍ତମାନ, ବର୍ତ୍ତମାନକାଣ୍ଡ, ଜାଣି ଥାଇ ଯେ, କରି କରି କରି, ଅବଧାନ, ବସି କରି, ଈଶ୍ୱର ଭଲ କରନ୍ତୁ, ପୁଲ୍ଲର, ମାଲୁ ଲେଖ, ଫେରେ; ଶୁଣୁଛଟି କ, ସାବଧାନ ଇତ୍ୟାଦି । କେତେକ ଶିକ୍ଷିତ ବ୍ୟକ୍ତିଙ୍କ ଠାରେ ମଧ୍ୟ ଏ ଦୋଷ ଦେଖାଯାଏ । କେହି କେହି କଥା କହିଲା ବେଳେ ମଝିରେ ମଝିରେ ମୁଣ୍ଡ ଝୁଙ୍କାଉ ଥାଅନ୍ତି, ଶୋତାର ଦେହରେ ହାତ ଲଗାଉ ଥାଅନ୍ତି । ଏ ସବୁ ମଧ୍ୟ ଏହି ମୁଦ୍ରାଦୋଷ ଶ୍ରେଣୀର ଅନ୍ତର୍ଗତ ।]

**ମୁଦ୍ରାଯନ୍ତ୍ର**—ସଂ.ବ(ଅଧୁନାତ;ମ.ପ.ଲୋ)—୧। ଛାପାକଳ—1. Printing. Mudrājantra press. ୨ । ମୁଦ୍ରା ତିଆରି କରିବା କଳ (ମୁଦ୍ରଣଯନ୍ତ୍ର—ଅନ୍ୟରୂପ) —2. Coining press.

**ମୁଦ୍ରାଯନ୍ତ୍ରାଳୟ**—ସଂ. ବ (ଅଧୁନାତ)—୧ । ଛାପାଖାନା –1. Mudrājantrālaya Printing house. ୨ । ଟଙ୍କଶାଳ (ମୁଦ୍ରାଳୟ, ମୁଦ୍ରଣାଳୟ—ଅନ୍ୟରୂପ) ଶାଳା—2. Mint.

**ମୁଦ୍ରାରକ୍ଷକ**—ସଂ. ବ (ମୁଦ୍ରା+ରକ୍ଷକ; ଉପପଦ ତତ୍)—ଖଜଣ୍ଚି; Mudrārakshaka କୋଷାଧ୍ୟକ୍ଷ--Treasurer

**ମୁଦ୍ରାଲିପି**—ସଂ. ବ—(ମୁଦ୍ରା+ଲିପି, ମ. ପ. ଲୋ)—୧ । ଛାପିବାରେ Mudrālipi ବ୍ୟବହୃତ ଧାତୁନିର୍ମିତ ଅକ୍ଷରର ଛାଞ୍ଚ— (ମୁଦ୍ରାକ୍ଷର—ଅନ୍ୟରୂପ) 1. Printing types. ୨ । ମୁଦ୍ରାରେ ଲେଖାଥିବା ଅକ୍ଷର—2 Letters or inscriptions found on coins ୩ । ଛପା ଅକ୍ଷର— 3. Printed letters. [ଦ୍ର—ଲିପି ବା ଲେଖା (ବାତ୍ସ୍ୟ ଚରିତ ମତରେ) ୫ ପ୍ରକାର,ଯଥା—ମୁଦ୍ରାଲିପି—ଛାପା ବା ଟାଇପ୍ ବା ମୋହରର ଅକ୍ଷର । ଶିଳ୍ପଲିପି—ଖୋଦିତ ବା ରଚିତ ଅକ୍ଷର । ଲେଖନୀ ସମ୍ଭବାଲିପି—କଲମରେ ବା ଲେଖନରେ ଲେଖା ଅକ୍ଷର । ଗୁଣ୍ଡିକା ଲିପି—ମୁରୁକରେ ଲେଖା ଅକ୍ଷର । ଘୁଣ ସମ୍ଭବା ଲିପି—ପୋକମାନେ କାଗଜ,ପତ୍ର,କାଠ ଆଦିକୁ କାଟିବା ଦ୍ୱାରା ଅକ୍ଷର ପରି ଯେଉଁ ଚିହ୍ନମାନ ଅଙ୍କିତ ହୋଇଯାଏ । ୪ । ସିଲ୍ ମୋହର ପ୍ରଭୃତିରେ ଅଙ୍କିତ ଅକ୍ଷର- Monograms or letters contained in seals and stamps.

**ମୁଦ୍ରାଶଙ୍ଖ**—ସଂ ଓ ଦେଦେ ବ. (ଫା. ମୁରୁଦାରସଙ୍ଗ୍)—ମୁର୍ଦ୍ଦାର ଶଙ୍ଖ; Mudrā saṅkha ଶଙ୍ଖ ଭସ୍ମବିଶେଷ—Name of a poisonous mineral; litharge; oxide of lead. [ଦ୍ର—ଏହା ସୀସାର ଭସ୍ମ ବିଶେଷ; ଏହା ପିତୁଳ ପରି ନାଲିମିଶା ହଳଦିଆ ଓ ସାମ୍ପ୍ରଶାଳୀ । ଏହା ଯନ୍ତ୍ର- ଅନ୍ୟ ସଂ. ନାମ—ମୃଦ୍ଦାର ଶଙ୍ଖକ, ବଙ୍ଗଷ୍ଟ; ଯୌଗିକା, ଅରୁଣ ନାଗ ମୃଦ୍ଦାର ଶଙ୍ଖ ମୁର୍ଦ୍ଦାଶଙ୍ଗ୍, मुरदारसिङ्गी, मुर्दासिंगी ରବାରଣାର୍ଥ ବ୍ୟବହୃତ ହୁଏ ।)

**ମୁଦ୍ରାଶାଳା**—ସଂ. ବ—(ଅଧୁନାତ)—ଟଙ୍କଶାଳା; ଯେଉଁଠାରେ ଧାତୁକୁ Mudrā sāḷā ତରଳାଇ ଛାଞ୍ଚରେ ଢାଳି ଟଙ୍କା ପ୍ରଭୃତି ମୁଦ୍ରା ପ୍ରସ୍ତୁତ କରାଯାଏ—Mint.

**ମୁଦ୍ରାଶାସ୍ତ୍ର**—ସଂ. ବ (ଅଧୁନାତ)—ଯେଉଁ ଶାସ୍ତ୍ର ଦ୍ୱାରା ଦେଶର ପ୍ରାଚୀନ Mudrā sastra ମୁଦ୍ରାମାନଙ୍କ ସାହାଯ୍ୟରେ ଦେଶର ମୁଦ୍ରାବିଜ୍ଞାନ } —ଅନ୍ୟରୂପ ମୁଦ୍ରାତତ୍ତ୍ୱ ଐତିହାସିକ ତତ୍ତ୍ୱମାନ ଜଣାଯାଏ— Numismatics.

**ମୁଦ୍ରାହାର**— ସଂ. ବି. (ରୂପକ)—ଅଲିଙ୍ଗନ ରୂପ ହାର —An
Mudrā hāra embrace compared to a necklace.
(ଉ—କରନାଥ ଶ୍ରୀବର ଚନ୍ଦନବୋଳେ ଗୋର ! ନ ଭସ
ଗାଲବାହା ମୁଦ୍ରାହାରେ—କବିସୂର୍ଯ୍ୟ. ବଳୋଗ୍ରୀ
ଚମ୍ପୂ, କ ଗୀତ ।)

**ମୁଦ୍ରିକା**—(ମୁଦ୍ରା+କ+ଆ)—୧ । ଧାତବ ମୁଦ୍ରା—1. Metal
Mudrikā coin. ୨ । ମୁଦ୍ରାଲିପି; ଛପା ଅକ୍ଷର—2. Printed letter. ୩ । ଅଙ୍ଗୁଠିରେ ପିନ୍ଧାଯିବା ମୁଦି—
3. Finger ring. ୪ । ଛୋଟ ସିଲ୍ ବା ମୋହର—
4. A small seal. ୫ । ନାମାଙ୍କିତ ମୁଦି—5.
Seal ring; signet ring.

**ମୁଦ୍ରିତ**—ସଂ. ବି—(ମୁଦ୍ରା+ଯୁକ୍ତାର୍ଥେ ଇତ)—୧ । ଛପା ହୋଇଥିବା—
Mudrita 1. Printed. ୨ । ମୁଦ୍ରା ଚିହ୍ନ ଯୁକ୍ତ—2.
Stamped; sealed. ୩ । ନିମୀଳିତ—3. Closed.
shut. ୪ । ସଙ୍କୁଚିତ—4. Contracted. ୫ ।
ଅବିକଶିତ; ଅପ୍ରଫୁଲ୍ଲ—5. Unopened. ୬ । ପରିତ୍ୟକ୍ତ (ବଙ୍ଗଳା ଶବ୍ଦକୋଷ. ୧ମ ସଂସ୍କରଣ)—6. Abandoned.

**ମୁଧା**—ସଂ. ଅ.—(ମୁହ୍ ଧାତୁ+କରଣ ଆ)—ବୃଥା—In vain. (ଉ—
Mudhā କମ୍ପଦଳ ଦ୍ରବେ ଦେଲି ମନ ସୁଧାଧାର ମୁଧା ଧର୍ଷଣରେ
ଦେଲୁ ତ ଅଜ୍ଞାତରେ । କବିସୂର୍ଯ୍ୟ. ସଙ୍ଗୀତ ।)

**ମୁନଗା**—(ଦେଶଜ) ବି—୧ । ସଜନା—1. Moringa tree.
Mun-gā ୨ । ମଞ୍ଜିରୁ ଜନ୍ମିଥିବା ସଜନା ଗଛ; ମୁଗୁନା (ଦେଖ)—
Mugunā (See)

**ମୁନ୍(ନୁ)ମୁନିଆ**—ପ୍ରାଦେ. (ଉତ୍ତରୀୟ) ବି.—ଏକପ୍ରକାର ଶାଗ—
Mun-(nu)muniā A kind of potherb

**ମୁନ୍(ନୁ)ମୁନିଆ ଚଢ଼େଇ**—ପ୍ରାଦେ. (ବାଲେଶ୍ୱର). ବି.—ଗୁଗୁଚିଆ
Mun-(nu)muniā chardei ଘାସର ଛୋଟ ଛୋଟ ଶସ୍ୟ—
Small grain of Guguchiā grass.

**ମୁନ୍‌ଷ୍ଟୋନ୍**—ବୈଦେ. ବି. (ଇଂ)—ମୂଲ୍ୟବାନ୍ ଉପରତ୍ନ ବିଶେଷ; ଚନ୍ଦ୍ରକାନ୍ତ
Mun-shton ମଣି—Moonstone. [ଦ୍ର—ସିଂହଳ ଦ୍ୱୀପ
ଜାତ ମୁନ୍‌ଷ୍ଟୋନ୍ ସର୍ବାପେକ୍ଷା ଉତ୍କୃଷ୍ଟ-ଶବ୍ଦକୋଷ]—

**ମୁନ୍‌ସ(ସା,ସି,ସେ)ଫ୍**—ବୈଦେ. ବି—(ଅ.ମୁଂସିଫ୍)—ମୁନସଫ (ଦେଖ)-
Mun-sa(sā, se, se)ph Munsapha (See).
ମୁनसफ मुंसफ

**ମୁନ**—ଦେ. ବି—(ସଂ. ମୁଖ, ମୁଣ୍ଡ)—୧ । ଛୁଞ୍ଚ ଅବା ସରୁଅ ଅସ୍ତ୍ରର ସୂକ୍ଷ୍ମ
Muna ଅଗ୍ରଭାଗ—1. The sharp point of a needle
मुख, आगा etc. (ଉ—ମଦନ ବାଣମୁନେ ହେବଟି
नोक ପ୍ରାଣନାଶ ରେ—କବିସୂର୍ଯ୍ୟ. ବଳୋଗ୍ରୀ ଚମ୍ପୂ, ମ ଗୀତ ।)
୨ । ଲମ୍ବବସ୍ତୁର ସୂକ୍ଷ୍ମ ଅଗ୍ରଭାଗ—2. The sharp
or tapering point of a long thing.
୩ । ପଥର କାଟିବାର ସରୁ ଛିହାଣ—3. A pointed
chisel to cut a stone. ୪ । ସୂକ୍ଷ୍ମାଗ୍ର
ବୁଦ୍ଧି; ତୀକ୍ଷ୍ଣ ବୁଦ୍ଧି—4. Sharp intellect.
(ଉ—ମନ, ମୁନ ତଳକୁ ଲଗାଇ, କାମ କଲେ ଯାଇ
ସୁଫଳ ପାଇ । ଲୋ.) ବୈ. ବିଣ.—ତୀକ୍ଷ୍ଣାଗ୍ର; ମୁନିଆ
धारदार, नुकीला sharp-pointed. (ଉ—ବାଢ ବନ୍ତୁମାନେ ଯେ
नोकदार नुकीला ଦଶୋଷ୍ଟ ଯୋଜନ, ସର୍ପ ହୋଇ ହୋଇଥିଲୁ
ଅତି ମୁନ । କୃଷ୍ଣସିଂହ. ମହାଭାରତ. ବନ ।)

**ମୁନ କରିବା**—ଦେ. କ୍ରି—ମୁନିଆ ଅସ୍ତ୍ରକୁ ଧାର କରିବା—To
Muna karibā sharpen a pointed weapon.
धार देना नुकीला करना

**ମୁନକା(କ୍କା)**—ବୈଦେ. ବି (ଅ; ଭୂଇ ସଂ. ମୃଦ୍ୱିକା)—ଶୁଖା ହୋଇଥିବା
Munakā(kkā) ଅଙ୍ଗୁର ଫଳ—Dried grape.
मनका मुनक्का

**ମୁନଗା**—ପ୍ରାଦେ. (ଯାଜପୁର) ବି. (ଭୂଇ. ହି. ମୁନଗା)-ମୁଗୁନା—
Munagā The Moringa Olifera tree produced
from seeds.

**ମୁନଘଷା**—ଦେ. ବି.—ମୁନ ଘଷିବା; ମୁନିଆ ଅସ୍ତ୍ରଶସ୍ତ୍ରର ଧାର
Muna ghashā କରିବା—Sharpening of a pointed
घसेधारकरना weapon. ବିଣ=ଧାରୁଆ; ତୀକ୍ଷ୍ଣ; ମୁହଁଆ—
नोकघसना Sharp. [ଉ—ଯେତେବେଳେ ବନ୍ଧନ ମୁନଘଷା
नोकघसाहुआ ବାଣ—କୃଷ୍ଣସିଂହ ମହାଭାରତ. ଉଦ୍ୟୋଗ ପର୍ବ ।]

**ମୁନ(ନା)ଫା**—ବୈଦେ, ବି.—(ଅ. ମୁନଫାଅତ; ମୁନାଫା)—୧ ।
Muna(nā)phā ନଫା; ଲଭ୍ୟ; ଲାଭ—1. Profit. ୨ ।
मुनाफा ଅପ୍ରକୁ ବ୍ୟୟ ବାଦ୍ ଯାଇ ବାକି ଯାହା ଲାଭ ହୁଏ—
मुनाफा 2. Net profit; gain.

**ମୁନ(ନୁ)ମୁନି**—ପ୍ରାଦେ (ଯାଜପୁର) ବି—ବାଯୁଆ ଚଢ଼େଇ—Tailor bird.
Muna(nu)muni [ଦ୍ର—ଏହି ଚଢ଼େଇ ଦୁଇ ଶ୍ରେଣୀର ଦେଖାଯାଆନ୍ତି । ଏକ ଶ୍ରେଣୀର ବାଯୁଆ ଚଢ଼େଇ ପତ୍ରମାନ ସିଲେଇ କରି ବସା ବାନ୍ଧି ସେଥିରେ ରହନ୍ତି । ଅନ୍ୟ ଏକ ଶ୍ରେଣୀର ବାଯୁଆ ତାଳ ଓ ନଡ଼ିଆ ଅବ ଡେଙ୍ଗା ଗଛମାନଙ୍କରେ ଓହଳିଥିବା ବସା କରି ବାସ କରନ୍ତି ।]

**ମୁନ(ନୁ)ସଫ୍**—ବୈଦେ.ବି (ଅ.ମୁଂସିଫ—ପରଦର୍ଶକ, ପରପାଳକ)—
Muna(nu)saph ଇଂରାଜୀଶାସିତ ଜିଲ୍ଲାର ବା ମହକୁମାର ନିମ୍ନତମ
ଦେବାନୀ ଅଦାଲତର ବିଚାରପତି—
ମୁନ୍‌ସିଫ୍ } ଅନ୍ୟରୂପ Munsiff; the presiding officer
ମୁନ୍‌ସେଫ୍ } of the civil court of lowest
मुनसफ, मुनसेफ jurisdiction in a judicial
मुंसफ district or subdivision. [ଦ୍ର—ଇଂରେଜୀ
ଭାଷାରେ ଏହି ଶବ୍ଦ ବ୍ୟବହୃତ ହେଉଛି । ମୋଗଲ ରାଜତ୍ୱ
କାଳରେ ମୁନସଫମାନେ ଅମିନମାନଙ୍କର କାର୍ଯ୍ୟ ପରିଦର୍ଶନ
କରୁଥିଲେ ।

**ମୁନସଫି**—ବୈଦେ. ବିଣ—ମୁନସଫ ସମ୍ବନ୍ଧୀୟ—
Munasphi मुनसफि Relating to a munsif.
मुंसफी ବି.—୧ । ମୁନସଫଙ୍କ ଅଦାଲତ ବା କାର୍ଯ୍ୟ—1. The
post or court of a munsiff. ୨ । ମୁନସଫଙ୍କ
କର୍ତ୍ତୃତ୍ୱାଧୀନ ଇଲାକା—2. Jurisdiction of a munsiff.

ମୁନ(ନ୍,ନି)ସି—ବୈଦେ. ବି—(ଅ. ମୁନ୍‌ଶୀ=ରଚନା ଭୂଷଣ; Muna(n,ni)si ଇଂରେଜୀ ଭାଷାରେ ମଧ୍ୟ ବ୍ୟବହୃତ ଶବ୍ଦ)— মুনসী मुंसी ୧ । ଲେଖକ; ଲିପିକର; ସ୍ୱରଚର; ମୋହରର— [ମୁନ୍‌ସି—ଅନ୍ୟରୂପ] 1. Writer; a scribe; a mohorir. ୨ । କଚେରୀରେ ଦେଶୀୟ ଭାଷାରେ ଲେଖିବା ମୋହରର; କିରାଣି—2. A Vernacular clerk. ୩ । ପୁଲିସ୍ ସବ୍ ଇନ୍‌ସ୍ପେକ୍ଟର୍—3. Police Sub-Inspector.

ମୁନ(ନ୍,ନି)ସିଆନା—ବୈଦେ. ବି (ଉଚରଥ)—ଲିପି କୁଶଳତା—Muna(n, ni)siānā Penmanship. মুনসিআনা मुंसिआना [ମୁନ(ନି)ସିଏଣିଆ—ଅନ୍ୟରୂପ]

ମୁନ(ନ୍,ନି)ସି ଖାନା—ବୈଦେ. ବି (ଉଚରଥ)—ଇଂରାଜୀଭାଷାରେ Muna(n,ni)si khānā ମଧ୍ୟ ବ୍ୟବହୃତ ଶବ୍ଦ)--କଚେରୀର ଯେଉଁ মুনসিখানা; मुंसिखाना ସ୍ଥାନରେ କିରାଣିମାନେ ବସନ୍ତି; କିରାଣି ଖାନା—Moonshi khana; the office where mohorirs do their work; the Vernacular office of a Collector's court.

ମୁନ(ନ୍,ନି)ସିଗିରି—ବୈଦେ. ବି.—୧ । ଲେଖକତ୍ୱ—1. Penman-Muna(n, ni)sigiri ship. ୨ । ମୁନସିର କାର୍ଯ୍ୟ—2. The মুনসিগিরি; मुंसिगिरी work or post of a writer. [ମୁନ୍ (ନି) ସି ଅନା—ଅନ୍ୟରୂପ]

ମୁନ(ନ୍,ନି)ସିପ(ପା)ଲ୍ (ଇତ୍ୟାଦ)—ବୈଦେ. ବି.—ମିଉନିସିପାଲ୍ ଇତ୍ୟାଦ (ଦେଖ) Muna(n, ni)sipa (pā)l(etc)—Miunisipāl etc.(See)
ମନିସିପାଲ(ଲ୍)ଟି (ଟୀ)
ମିନିସିଆଲ(ଲ୍)ଟି,(ଟୀ)
ମୁନିସିପାଲ(ଲ୍)ଟି (ଟୀ)
} ଅନ୍ୟରୂପ
মিউনিসিপালিটি म्युनिसिपल

ମୁନା—ଦେ, ବି—୧ । ମୁନ ଯୁକ୍ତ ଅସ୍ତ୍ର—1. A sharp-pointed Munā weapon ୨ । ଦେଆ—2. Harpoon. বর্ষা; बरछी ପ୍ରାଦେ. (ଉତ୍ତରଅଞ୍ଚଳ) ବି.—ପଥର କାଟିବାର ମୁନିଆ ବଟାଳି—A pointed chisel for cutting stones. ପ୍ରାଦେ (ସମ୍ବଲପୁର; ଏ ସ୍ଥାନରେ ନ ଉଚାରଣ)—ଗୁଣି; ଥଳି—Bag; sack. ଦେ. ବିଣ ধারাঁল; नुकीला ମୁନିଆ—Sharp-pointed.

ମୁନା(ନେ)ଇବା—ଦେ,କ୍ରି—୧ । ମୁନ କରିବା (ଦେଖ)—1. Muna Munā(ne)ibā karibā (See). ୨ । (ମଞ୍ଜିରୁ ଗଛ ଉଠିବା) ধারকরা; नुकीलाकरना ଭୂମି ଉପରକୁ ବାହାରିବା; ଗଜୁରିବା-2. To sprout; to send forth a sprout (said of a seed); to germinate. ପ୍ରାଦେ. (ଢେଙ୍କାନାଳ) କ୍ରି—ଜନ୍ତୁର ଶରୀରର ଏକ ପାଖ ଫୁଟି ଅନ୍ୟ ପାଖରେ ଶରର ମୁନ ବାହାରିବା—(the pointed end of an arrow) To appear on the other side of the body of an animal pierced with it.

ମୁନାଫା—ବୈଦେ. ବି.—ମୁନଫା (ଦେଖ)—Munaphā (See) Munāphā মুনাফা मुनाफा

ମୁନାରା—ପ୍ରାଦେ (କଳାହାଣ୍ଡି) ବି.—ଅଟକ ଜଙ୍ଗଲ—Reserve-Munārā forest.

ମୁନାସ(ସୀ)ବ୍—ବୈଦେ. ବିଣ. (ଉଚରଥ)—(ଅ. ମୁନାସିବ୍)—୧ । Munāsa(si)b ଅବସ୍ଥାନୁରୂପ—1. Suitable; fitting. মুনাসীব; मुनासीब ୨ । ଦେଶକାଳ ପାତ୍ରର ଉପଯୋଗୀ; ଯଥା-ଯୋଗ୍ୟ; ଯଥୋଚିତ—2. Proper under the circumstances. (ଯଥା—ଆସାମୀମାନେ ଏ ମକଦମାର ତାରିଖରେ ହାଜର ନ ହେଲେ ମୁନାସିବ୍ ହୁକୁମ ସାଦର ହେବ ।) ୩ । ପସନ୍ଦସହ—3. According to one's choice. ୪ । ସୁବିଧାଜନକ—4. Convenient. ବି.—ପସନ୍ଦ—Choice.

ମୁନି—ସଂ.ବି.—(ମନ୍ ଧାତୁ=ଜାଣିବା+କର୍ତ୍ତୃ. ଇ; ଲଭାଶଳ; ଯେ ଜଗିଷ୍ଣୁ Muni ଜ୍ଞାନଯୁକ୍ତ)—୧ । ତପସ୍ୱୀ; ଋଷି; ତପୋନିରତ ବ୍ୟକ୍ତି—1. An ascetic; a devotee; a person practising religious penance ୨ । ବାକ୍‌ସଂଯମ-ବ୍ରତ ଧାରୀ ବ୍ୟକ୍ତି; ମୌନବ୍ରତଧାରୀ ବ୍ୟକ୍ତି—2. A sage who has taken a vow of silence. ୩ । ତ୍ରିକାଳଜ୍ଞ ବ୍ୟକ୍ତି—3. A seer. ୪ । ମହାଜ୍ଞାନୀବ୍ୟକ୍ତି; ପଣ୍ଡିତ—4. A very wise person. [ଦ୍ର—ଯେ ସୁଖରେ ବଡଲାଳୁ ନ, ଦୁଃଖରେ ଅନୁଦ୍ୱିଗ୍ନମନାଃ, ରାଗ ଭୟ କ୍ରୋଧ ଦ୍ୱେଷାଦି ବର୍ଜିତ, ସ୍ଥିରଧୀ, ସତ୍ୟବାଦୀ ଓ ଜିତେନ୍ଦ୍ରିୟ (ମତାନ୍ତରରେ ମୌନବ୍ରତଧାରୀ) ସେ ମୁନିପଦ ବାଚ୍ୟ—ଭଗବଦ୍‌ଗୀତା, ୨ ଅ, ୫୬ ଶ୍ଳୋକ ।] ୫ । ଅର୍ହତ ବା ଜୈନ ଗୁରୁ; ଜିନ (ମେଦିନୀ)—5. A deified Jaina teacher or saint. ୬। ପଳାଶ ବୃକ୍ଷ—6. Brutea Frondosa tree. ୭ । ବଙ୍ଗସେନ ବା ଅଗସ୍ତି ଗଛ—7. Sesbania Grandiflora tree. ୮ । ଦମନକ ବୃକ୍ଷ—8. Artemisa Scoparia plant. ୯ । ମହର୍ଷି ଅଗସ୍ତ୍ୟ—9. Sage Agastya. ୧୦ । ପିଆଲ ବୃକ୍ଷ—10. The name of a tree Buchananea Latifolia. ୧୧ । ସପ୍ତ ସଂଖ୍ୟା—11 The number 7. ୧୨ । (ସ୍ତ୍ରୀ) ଦକ୍ଷ କନ୍ୟା ଓ କଶ୍ୟପ ପତ୍ନୀଙ୍କ ମଧ୍ୟରୁ ଜଣେ (ମହାଭାରତ)—12. One of the daughters of Daksha and wives of Kasyāpa. ୧୩। ଅପ ନାମକ ବସୁଙ୍କ ପୁତ୍ର(ହରିବଂଶ) 13. The son of the Basu Deity Apa ୧୪ । ଭରତ ଋଷି—14. Sage Bharatā ସ. ବିଣ—୧ । ମନନଯୁକ୍ତ; ଗମ୍ଭୀର ଚିନ୍ତାଶୀଳ—1 Contemplative ୨ । ଜ୍ଞାନୀ—2 Wise. ଦେ. ବି—୧ । ଚୁପ୍ ଶଇତାନ୍; ପ୍ରକୃତରେ ସବୁ କଥ চুপশয়তান ଜାଣି ବାହ୍ୟ ନ ଜାଣିବା ପରି ଭୁଲ ହୋଇ ରହିବା गुरमा ବ୍ୟକ୍ତି—A person who affects the demeanour of a sage by keeping silent.

on matters of which he is cognisant. ୬ । ଶିବପୂଜକ ଶୂଦ୍ର ଜାତି ବିଶେଷ—2. A class of Śūdras who serve the idols of Śiba ଗ୍ରାଦେ ( ସମ୍ବଲପୁର )' ବି ( ନ ସ୍ଥାନରେ ଣ ଉଚ୍ଚାରଣ ) ମୁଣି—A bag. ଦେ. ବିଣ—ମୌନୀ—Silent.

ମୁଣିଅ(ଆଁ)—ଦେ. ବିଣ—୧ । ମୁନଯୁକ୍ତ; ସୂକ୍ଷ୍ମାଗ୍ରଯୁକ୍ତ; ଶୋଷିଅ—
Muniā(āñ) 1. Having a sharp point; sharp-
ছুঁচোল pointed. ୨ । ଯାହାର ଅଗ୍ର ତୀକ୍ଷ୍ଣୀକୃତ ହୋଇଥାଏ
नुकीला —2. Sharpened to a fine point. ଦେ. ବି
বর্শা —୧ । ବେଞ୍ଚା—1. A harpoon. ୨ । ଭୂମି
बरछी ହସ୍ତାନ୍ତର କରଣ—2. A deed of transfer of
মনিয়া land. ୩ । ( ସଂ. ମୋଣ—ସାପ ପେଡ଼ା; ଏ
मनिया ପକ୍ଷୀମାନଙ୍କୁ ଲୋକେ ପେଡ଼ାରେ ବା ପଞ୍ଜୁରୀରେ ପାଳନ୍ତି ବୋଲି )—ଶାଖାଶ୍ରୟୀ ବର୍ଗର ଗଣ୍ୟଭୁକ୍ତ କ୍ଷୁଦ୍ର ପକ୍ଷୀ—3. Warbler; the munia bird; Fringilla Amandava. [ ଉ—ଖାସ, ଶୁଆ, ଶ୍ୟାମା, ଭୃଙ୍ଗ, ଚଟାପୁଅ, ଦଧ୍ୟାଳି ପୁଣି ମୁଣିଅ । ରାଧାନାଥ. ଯଯାତି-କେଶରୀ । ] [ ଦ୍ର—ଏହି ପକ୍ଷୀମାନେ ଦେଖିବାକୁ ଚାଷୁ ଚଢ଼େଇ ପରି; ଲାଙ୍ଗୁଡ଼ର ଅଗ ଗୋଲ । ଏମାନେ ନାନା ଜାତିର ଓ ନାନା ରଙ୍ଗର ହୁଅନ୍ତି; ବେଗରେ ଉଡ଼ି ପାରନ୍ତି ଓ ଦଳବଦ୍ଧ ହୋଇ ଉଡ଼ନ୍ତି । ଏମାନେ ଦେଖିବାକୁ ସୁନ୍ଦର ଥିବାରୁ ଲୋକେ ସଉକରେ ଏହାଙ୍କୁ ପାଳନ୍ତି । ଏମାନେ ସୁମଧୁର ସିଟି ମାରନ୍ତି । ମୁଣିଅ ଚଢ଼େଇ ନାନା ପ୍ରକାରର ଅଛନ୍ତି । ଯଥା—୧ । ଶରମୁଣିଅ—ଏମାନେ ୪।୨ ଅଙ୍ଗୁଳି ଦୀର୍ଘ—Uroloncha Malabarica. ୨ । ଛିଟିଅ ମୁଣିଅ—ଶରମୁଣିଅଠାରୁ ବଡ଼ ଓ ଧୂମ୍ରବର୍ଣ୍ଣ ବିଶିଷ୍ଟ—Uroloncha Punctulata. ୩ । ଲାଲ ବା ଲାଲ ମୁଣିଅ—ଦେହ ରକ୍ତ ବର୍ଣ୍ଣ; କିନ୍ତୁ ଉଦର କୃଷ୍ଣ ବର୍ଣ୍ଣ—Sporaeginthus Amandava.

( ଯୋଗେଶଚନ୍ଦ୍ର )

ମୁଣିଋଷି—ସଂ. ବି ( ଏକାର୍ଥବାଚୀ ସହଚର )—ମୁନି ବା ଋଷି—
Munirushi A sage.

ମୁଣିକେଶ—ସଂ. ବିଣ. ପୁଂ ( ବହୁବ୍ରୀହି )—ମୁନିଙ୍କ ପରି ଜଟା କଲାପ-
Munikeśa ଧାରୀ ( ଶବ୍ଦକୋଷ )—Having matted hair like an anchorite

ମୁଣି ଖର୍ଜୁରିକା—ସଂ. ବି—ଭୂଇଁ ଖଜୁରୀ—A kind of smal
Muni kharjūrikā date palm

ମୁଣିଗା—ଦେ. ବି—୧ । ଧାନ ବିଲରେ ମନକୁ ଉଠୁଥିବା ଏକପ୍ରକାର
Munigā ଘାସ—1. A kind of grass or weed. ଗ୍ରାଦେ ( ସମ୍ବଲପୁର ) ବି ( ତୁଳ. ହି. ମୁନଗା; ଇଂ. ମୋରିଙ୍ଗା )—ସଜନା—Indian horse radish or Moringa tree.

ମୁଣିଚ୍ଛଦ—ସଂ. ବି ( ମୁନି=ସପ୍ତସଂଖ୍ୟକ+ଛଦ=ପତ୍ର)—ସପ୍ତଚ୍ଛଦ ବା
Munichchhada ଛତିଅନା ଗଛ—Name of a tree; [ଅନ୍ୟ ସଂ. ନାମ—ସପ୍ତପର୍ଣ୍ଣ] Alstonia Scholaria.

ମୁଣିଧର୍ମ—ସଂ. ବି—୧ । ମୁନିମାନଙ୍କ ଅଚରିତ ଧର୍ମ—1. The con-
Munidharma duct practised by sages. ୨ । ମୌନବ୍ରତ—2. The vow of silence.

ମୁଣି ଧାନ୍ୟ—ସଂ ବି—ଜଙ୍ଗଲି; ବାଲୁଙ୍ଗା ଧାନ—Paddy growing
Muni dhānya without cultivation.
(ମୁନିଭକ୍ତ, ମୁନିଭୋଜନ—ଅନ୍ୟରୂପ)

ମୁଣିନଗ—ସଂ. ବି—ଅଗସ୍ତି ଗଛ—Sesbania Grandiflora.
Muni naga [ ଉ—ବିଶେଷତ ମୁନି ନଗରେ ସେ ମନୋହର । [ମୁନିତରୁ, ମୁନିଦ୍ରୁମ, ମୁନିପାଦପ, ମୁନିବୃକ୍ଷ—ଅନ୍ୟରୂପ] ଭଞ୍ଜ. ବୈଦେହୀଶବିଳାସ । ]

ମୁଣି ନଗର—ସଂ. ବି—୧ । ଋଷି ଆଶ୍ରମ—
Muni nagara 1. Hermitage.

ମୁଣି ନର୍ମିତ—ସଂ. ବି—ଭେଣ୍ଡି; ଭଣ୍ଡିସ—
Muni nirmita Lady's finger ( fruit )

ମୁଣିନ୍ଦା—ଦେ. ବି ( ସଂ. ମୁନି ଧାନ୍ୟ )—ଶୁଆଁ ଜାତୀୟ ଏକପ୍ରକାର
Munindā ଘାସ—A kind of weed resembling the paddy plant. [ଦ୍ର—ଏହାର ଗଛ ଧାନ ପରି । ଏ ଗଛ ଧାନ ଜଅରରେ ହୁଏ ଓ ଧାନ ବଛା ବେଳେ ଚଷା ଏହାକୁ ବାଛି ବାଛି ଉପାଡ଼ନ୍ତି । ]

ମୁଣିପିତ୍ତଳ—ସଂ. ବି—ତାମ୍ର; ତମ୍ବା—
Munipittala Copper.

ମୁଣି ପୁଙ୍ଗବ—ସଂ. ବି ( ମୁନି+ପୁଙ୍ଗବ=ଶ୍ରେଷ୍ଠ; ଉପମିତ କର୍ମ-
Muni pungaba ଧାରୟ )—ଶ୍ରେଷ୍ଠମୁନି—A prominent sage.

ମୁଣି ପୁତ୍ର—ସଂ. ବି—(ମୁନିଙ୍କ ପୁତ୍ର; ୬ଷ୍ଠୀ ତତ୍)—୧ । ଋଷିକୁମାର;
Muni putra ଋଷିଙ୍କ ତନୟ—1. The son of a sage. (ମୁନିସୁତ—ଅନ୍ୟରୂପ) ୨ । ଦମନକ (ଦେଖ)—
2. Damanaka (See)

ମୁଣି ପୁତ୍ରକ—ସଂ. ବି—୧ । ଖଞ୍ଜନ ପକ୍ଷୀ; ଡାଳଲଞ୍ଚା ଚଢ଼େଇ—
Muni putraka 1. The wagtail bird. ୨ । ମୁନି ପୁତ୍ର (ଦେଖ)—2. Muniputra (See)

ମୁଣି ପୁଷ୍ପ—ସଂ. ବି—୧ । ଅଗସ୍ତି ଫୁଲ; ବକ ପୁଷ୍ପ—1. The flower
Muni pushpa of Sesbania Grandiflora. [ଦ୍ର—କାର୍ତ୍ତିକ ମାସରେ ଏ ଫୁଲଦ୍ୱାରା ବିଷ୍ଣୁଙ୍କ ପୂଜା କଲେ ଅଶ୍ୱମେଧ ଫଳ ଲାଭ ହୁଏ (ଭବିଷ୍ୟ ତନ୍ତ୍ର) । ଏ ଫୁଲ ବାସି ହେଲେ ମଧ୍ୟ ଏହାଦ୍ୱାରା ଦେବପୂଜା କରାଯାଏ—ଶବ୍ଦକୋଷ ଉଦ୍ଧୃତ ଏକାଦଶୀ ତତ୍ତ୍ୱ ।) ୨ । ଅଗସ୍ତି ଗଛ—2. Sesbania Grandiflora (tree).

ମୁଣିବ—ବୈଦେ. ବି—[ଅ. ମୁନିବ୍—ଜୀବନ ରକ୍ଷିବା ବାଲା ବ୍ୟକ୍ତି
Muniba (ହି. ଣ)]—୧ । ଭୃତ୍ୟର ପ୍ରଭୁ—1. Master of a
ম(মু)নিব servant. ୨ । ସ୍ୱାମିତ୍ୱ—2. Lord. ୩
मालीक ପୃଷ୍ଠପୋଷକ—3. A patron. ୪ । ପ୍ରତିପାଳକ 4. One's supporter.

ମୁନି ବନ—ସଂ. ବି.— (ମ. ପ. ଶ୍ଳୋ—ଯେଉଁ ବନରେ ବହୁ ମୁନି ବାସ
Muni bana କରନ୍ତି ( ଶବ୍ଦକୋଷ )—A forest where many sages have taken up their residence, a forest full of hermitages.

ମୁନିବ ପଣ (ପଣିଆ)—ଦେ. ବି.—୧ । ପ୍ରଭୁତ୍ୱ—
Muniba pana(pania) মনিবপনা 1. Mastery.
मालीका ୨ । ପ୍ରଭୁର ଅଧିକାର—2. Lordship.

ମୁନି ବର—ସଂ. ବି—୧ । ଶ୍ରେଷ୍ଠ ଋଷି; ମହର୍ଷି—1. An eminent
Muni bara or great sage. ୨ । ପୁଣ୍ଡରୀକ (ବୃକ୍ଷ) (ଶବ୍ଦକୋଷ)—2. Pundarika tree(see) ଦେ.ବି.—ଓଡ଼ିଆ ଛନ୍ଦର ବାଣୀ ବିଶେଷ— The tune of an Oriya chhānda.

ମୁନିବାରି—ଦେ. ବିଣ—ମୁନିବ ସମ୍ବନ୍ଧୀୟ—
Munibāri মনিবের मालिकानी Relating to a master.
(ଉ—ଭୁ ମୁନିବାରି କାମ ଜାଣୁ ନାଁ ?—ସହକାର ।)

ମୁନି ବ୍ରତ—ସଂ. ବିଣ. ପୁଂ. (ବହୁବ୍ରୀହି)—ମୌନବ୍ରତାବଲମ୍ବୀ—
Muni brata One who has taken a vow of silence.
ମୁନିବ୍ରତା—ସ୍ତ୍ରୀ)

ଭେଷଜ—ସଂ. ବି. ( ମୁନିମାନଙ୍କର ଭେଷଜ; ୬ଷ୍ଠୀ ତତ୍ )—
Muni bheshaja ୧ । ହରିତକୀ; ହରଡ଼ା—1. The yellow myrobalan ୨ । ଅଗସ୍ତି ପୁଷ୍ପ—2. The flower of Sesbania Grandiflora. ୩ । ଉପବାସ; ଲଙ୍ଘନ—3. Fasting.

ମୁନି ଶସ୍ତ୍ର—ସଂ. ବି—ଶ୍ୱେତ ଦର୍ଭ—The white variety of
Muni śastra Kuśa grass.

ମୁନିସ—ପ୍ରାଦେ. (ମେଦିନୀପୁର) ବି. (ଭୁଲ. ବ. ଏହି ଅର୍ଥରେ ଏହି ଶବ୍ଦ)
Munisa ମୂଲିଆ—Labourer.

ମୁନି ସ୍ଥାନ—ସଂ. ବି. (ମୁନିଙ୍କ+ସ୍ଥାନ; ୬ଷ୍ଠୀ ତତ୍)—ଋଷିଙ୍କ ଆଶ୍ରମ-
Muni sthāna Hermitage.

ମୁନିସି(ଇତ୍ୟାଦି)—ବୈଦେ. ବି. ( ଅ. ମୁନସୀ )—ମୁନସି ଇତ୍ୟାଦି
Munisi(etc) ( ଦେଖ ) Munasi (etc) (See)
মুনসী मुंनसी

ମୁନିସି ପାଲ୍—ବୈଦେ. ବି—ମିଉନିସିପାଲ୍ ( ଦେଖ )
Munisipāl Miunisipāl ( See )
[ମୁନିସିପାଲିଟି(ଟୀ)—ଅନ୍ୟରୂପ] মিউনিসিপালিটি
मिउनिसिपालिटी

ମୁନି(ନେ)ହି—ଦେ. ବି—ଦୂତ ବା ଚର—A messenger.
Muni(ne)hi दूत

ମୁନୀନ୍ଦ୍ର—ସଂ. ବି. ( ୭ମୀ ତତ୍; ମୁନି+ଇନ୍ଦ୍ର=ଶ୍ରେଷ୍ଠ )—୧ । ଋଷି
Munīndra ଶ୍ରେଷ୍ଠ—1. An eminent sage. ୨ । ବୁଦ୍ଧଦେବ—2. The Great Buddha.

ମୁନୁ—ପ୍ରାଦେ. ( ସମ୍ବଲପୁର ) ବିଣ—୧ । କନିଷ୍ଠ—1. Younger.
Munu ୨ । କ୍ଷୁଦ୍ରତର—2. Smaller. (ଯଥା—ମୁନୁ ଭାଇ)
[ଦ୍ର—ବଙ୍ଗଳା 'ମିନ୍ନା' ସହିତ ତୁଳନା କର ।]

ମୁନୁଷ—ପ୍ରାଦେ. (ସମ୍ବଲପୁର) ବି—୧ । ମନୁଷ୍ୟ—1. Man.
Munush ୨ । ମୂଲିଆ—2. A labourer.

ମୁନ୍ତ୍ ଖ(ଖା)ପ୍—ବୈଦେ. ବି. ( ଉଚ୍ଚାରିତ ) ( ଅ. ଇନ୍ତ୍ଖାବ୍ )—
Munta kha(khā)p ୧ । ମହାଫେଜ୍ଖାନାରେ ରକ୍ଷିତ ନଥି-
ইন্তিখাপ ମାନଙ୍କର ସୂଚୀପତ୍ର ବା ଚଳନ୍ତି ପତ୍ର—1. An
इन्तिखाब index of the records kept in the record-room. ୨ । ଇନ୍ତ୍ଖାପ୍ ( ଦେଖ )—2. Intikhāp ( See )

ମୁନ୍ତା—ବୈଦେ. ବି. ( ଫା. ମୁତାହ୍; ମୁତଅ )—ମୁସଲମାନ ସିଅ,
Muntā ସମ୍ପ୍ରଦାୟରେ ପ୍ରଚଳିତ ଅଳ୍ପକାଳ ପାଇଁ ବିବାହ—
মুতা The system of temporary marriage
मुताह amongst the Siha Mahomedans.
ପ୍ରାଦେ.(ଗଞ୍ଜାମ) ବି—ସାନ ଘାଳ—A small water-jug.

ମୁନ୍ଥା—ସଂ. ବି—ନୀଳକଣ୍ଠୋକ୍ତ ତାଜକପ୍ରସିଦ୍ଧ ଇନ୍ଥିହା ଶବ୍ଦାର୍ଥ
Munthā (ଶବ୍ଦକୋଷ), ବାମାବର୍ତ୍ତିରେ ଗଣନୀୟ ବର୍ଷଲଗ୍ନ (ବାଚକୋଳ,ଜ୍ୟୋତିଃସାର ରତ୍ନାବଳୀ)—The planet which is in the ascendant for a particular year by calculation from right to left. [ଦ୍ର—ଜ୍ୟୋତିଷରେ ଯେଉଁପରି ଜାତ ବ୍ୟକ୍ତିର ସ୍ୱର୍ଣ୍ଣ ଚକ୍ରରେ ଲଗ୍ନାଦି ସ୍ଥିର କରି ଫଳ ନିରୂପଣ କରାଯାଏ ତଦ୍ରୂପ ନୀଳକଣ୍ଠୋକ୍ତ ତାଜକ ଗ୍ରନ୍ଥ ଅନୁସାରେ ବର୍ଷପ୍ରବେଶ ଗଣନା କରି ଜାତ ବ୍ୟକ୍ତିର ଲଗ୍ନ ଓ ମୁନ୍ଥା ସ୍ଥିର କରି ଫଳାଫଳ ନିର୍ଣ୍ଣୟ କରାଯାଏ । ଲଗ୍ନଠାରୁ ବାମଦିଗକୁ ମୁନ୍ଥା ଗଣନା କରାଯାଏ । ପ୍ରତ୍ୟେକ ଯେଉଁପରି ପ୍ରତିବର୍ଷ ଏକ ରାଶିରୁ ଅନ୍ୟ ରାଶିକୁ ଚଳେ, ସେହିପରି ମୁନ୍ଥା ବାମ ଦିଗକୁ ଗୋଟିଏ ଗୋଟିଏ ରାଶି ଘୁଞ୍ଚିଯାଏ । ଯଥା—ଜଣେ ବ୍ୟକ୍ତିର ମେଷ ଲଗ୍ନରେ ଜନ୍ମ ହୋଇଅଛି; ତାହାର ଦ୍ୱିତୀୟ ବର୍ଷ ବୃଷ ରାଶି, ତୃତୀୟ ବର୍ଷ ମିଥୁନ ଓ ଚତୁର୍ଥରେ କର୍କଟ ରାଶିକୁ ମୁନ୍ଥା ନିରୂପଣ କରିବି—ମୁନ୍ଥା ସ୍ଥିର କରି ତଦନୁସାରେ ଜାତକର ଫଳ ନିର୍ଦ୍ଦିଷ୍ଟ ହୁଏ—ଶବ୍ଦକୋଷ ।]

ମୁନ୍ଦା—ଦେ. ବି. (ସଂ. ବିନ୍ଦୁ)—ସାମାନ୍ୟ ପରିମିତ ତରଳୀୟ ପଦାର୍ଥ—
Mundā A small quantity of liquid.
অল্প थोडा

ମୁନ୍ଦାଏ—ଦେ. ବିଣ—ସାମାନ୍ୟ ପରିମିତ ( ତରଳ )—A little
Mundāe অল্প थोडा quantity of
ମୁନ୍ଦାଏ } ଅନ୍ୟରୂପ [ଦ୍ର—ମୁନ୍ଦାଏଠାରୁ ମୁନ୍ଦିଏ ଅଳ୍ପତର ।]
ମୁନ୍ଦିଏ
ମୁନ୍ଦିକ

ମୁନ୍ଦୁରା—ଦେ. ବି (ସଂ. ମନ୍ଦୁରା)—ତୃଣନିର୍ମିତ ଶଯ୍ୟାବିଶେଷ; ଚଟେଇ—
Mundurā A rough mat.
মাদুর, মাদুরি खिनहर, नारका चटाइ

ମୁନ୍ଦୁରା କାଣି—ଦେ. ବି—ଚଟେଇ କାଣି; ତଳେ ବିଛା ମୁନ୍ଦୁରାର ଗୋଟିଏ
Mundurā kāni କାଣି ବା ଶେଷଭାଗ—One end
মাদুরের কানী खिनहरको कोर of a mat spread on the ground.

ମୁନ୍ଦୁରା ଗୁଡ଼ି— ଦେ·ବ—ତଳେ ବଣ ଯାଇଥିବା ମୁନ୍ଦୁରାର ଗୁଡ଼ାଅ ହୋଇ
Mundurā gurdi ଥିବା ଅଂଶ—The part of a mat
মাদুরের গুটান অংশ खिनहरका लपेट remaining rolled
up i.e. not spread out on the
ground.

ମୁନ୍ଦୁରା ମସିଣା—ଦେ. ବ (ବହୁତର ଶବ୍ଦ)—ଉଣନିର୍ମିତ ଶଯ୍ୟା—
Mundurā masiņā Mat. [ଦ୍ର—ମନ୍ଦୁରା ଜୁଣରେ ବା
মাদুর खिनहरकीचटाई ବେଲୁଡ଼ାରେ ବୁଣା ଓ ମୋଟା
ମସିଣା ତୃଣରେ ବୁଣା, ମସୃଣ ଓ ସରୁ ।

ମୁନ୍ଦ୍ରା—ପ୍ରାଦେ (ଗଞ୍ଜାମ) ବ—ମୁନ୍ଦୁରା (ଦେଖ)
Mundrā Mundurā (See)

ମୁନ୍ସ(ନ୍ସି,ନ୍ସ୍)ଫ୍—ବୈଦେ. ବ—ମୁନସଫ (ଦେଖ)
Munsa(nsi, ns()ph Munasapha (See.)

ମୁନ୍ସ(ନ୍ସି)ଫି—ବୈଦେ. ବ—ମୁନସଫି (ଦେଖ)
Munsa(nsi)phi Munsaphi (See)

ମୁନ୍ସ(ନ୍ସେ)ରିମ—ବୈଦେ. ବ ( ସେଟଲ୍‌ମେଣ୍ଟରେ ବ୍ୟବହୃତ; ଅ)—
Munsa(nse)rim କଚେରୀରେ କାଗଜ ପତ୍ର ସଜାଡ଼ି ରଖିବାର
মুনসেরিম मुंसरीम ଭାରପ୍ରାପ୍ତ କର୍ମଚାରୀ—An officer in
charge of the maintenance and arrangement of record.

ମୁନ୍ସି—ବୈଦେ. ବ—ମୁନସି ଦେଖ—
Munsi Munasi (See).

ମୁନ୍ସିପାଲ୍—ବୈଦେ. ବ—ମୁନସି ପାଲ (ଦେଖ)
Munsipāl Munasipāla (See)

ମୁନ୍ସିପାଲ(ଲି)ଟି—ବୈଦେ. ବ—ମ୍ୟୁନସିପାଲିଟି (ଦେଖ)
Munsipala(li)ṭi Myunasipāliṭi (See)

ମୁଫ୍‌ଲିସ—ବୈଦେ. ବ—ମୁଫ୍ଲିସ୍ (ଦେଖ)
Muph-lis Muphlis (See)

ମୁଫତ୍-ବୈଦେ. ବଣ—( ଫା. ମୁଫ୍ତ )—ମୋଫତ୍; ମାଗଣା; ବିନା
Muphat ମୂଲ୍ୟରେ ପ୍ରାପ୍ତ— Got gratis; gratuitious
মোফত मुफ्त କ୍ରି. ବଣ—ବିନା ମୂଲ୍ୟରେ—
Gratis; gratuitously.

ମୁଫତଖଉରା—ପ୍ରାଦେ. (ବାଲେଶ୍ୱର)-ବଣ.—ଅପଦାର୍ଥ ଲୋକ—
Muphat khaurā Good for nothing (person).
(ମୁଫତ ଖଉରୀ ସ୍ତ୍ରୀ)

ମୁଫତଖୋର୍—ବୈଦେ.ବଣ.ଓ ବ· (ଫା. ମୁଫ୍‌ତ୍‌ଖୋର୍)—ମାଗଣାଖିଆ;
Muphat khor ପରାନ୍ନଭୋଜୀ—Subsisting on food
মোফত খোর मुफतखोर got gratis; a hanger on
(ମୁଫତ୍‌ଖୋରିଅ—ଅନ୍ୟରୂପ)

ମୁଫତଖୋରି—ବୈଦେ. ବ—(ଫା.) ପରାନ୍ନ ଭୋଜନ; ପରାନ୍ନ ଭୋଜିତା
Muphat khori Subsistence on the bounty of
মোফতখোরি मफ़तखोरी another. ବୈଦେ ବଣ—ମୁଫତ-
ଖୋର (ଦେଖ) Muphat khor (See)

ମୁଫ୍ତି—ବୈଦେ. ବ—(ଫା.)—୧ । ମୁସଲମାନ ସ୍ମୃତିଶାସ୍ତ୍ରଜ୍ଞ ବ୍ୟକ୍ତି;
Muphti ମୁସଲମାନ ଆଇନରେ ପଣ୍ଡିତ ବ୍ୟକ୍ତି; ଧର୍ମଶାସ୍ତ୍ରୀ-
1 A lawyer used in Mahomedan law
୨ । ମୁସଲମାନ ବ୍ୟବସ୍ଥାପକ—2. A Mahomedan
law giver

ମୁଫ୍ଲିସ—ବୈଦେ. ବ—(ଅ). ମୁଫଲିସ=ଦରିଦ୍ର)—୧ । ଦେବାଳିଆ
Muphlis 1. Insolvent ୨ । ଦରିଦ୍ର; କାଙ୍ଗାଳ—2 Poor;
indigent. ବ.—ଅବିବାହିତ ପୁରୁଷ—
A bachelor,

ମୁବଲକ୍(ଗ୍)—ବୈଦେ. ବ (ଜଡ଼ ରଥ)—(ଅ. ମୁବଲଗ୍)—ଟଙ୍କାର
Mubalak (g) ସମଷ୍ଟି—Total of sum of
মবলক money· ବଣ.—ମୋଟରେ—In all, amouting
मुबलग to. କ୍ରି. ବଣ.—ସର୍ବସୁଦ୍ଧା—Altogether; in all.
(ଯଥା—ଏ ଉପଗୋଷ୍ଠ ସମ୍ପତ୍ତିକୁ ମୁଁ ଆପଣଙ୍କ ହସ୍ତରେ
ମୁବଲଗ ଟ ୧୦୦ ରେ ବନ୍ଧକ ଦେଲି) ।

ମୁବାର(ରି)କ୍—ବୈଦେ. ବଣ.—(ଅ. ମୁବାରକ୍)—୧ । ଆଶିଷ ପ୍ରାପ୍ତ
Mubāra(ri)k 1. Blessed. ୨ । ସ୍ୱାଗତ—2, Wel-
মুবারক comed. ୩ । ସୁଖୀ—3. Happy. ୪ । ଶୁଭ—
ब्वारक 4, Auspicious. ୫ । ମଙ୍ଗଳମୟ—Blissful.

ମୁମ୍‌କିନ୍—ବୈଦେ. ବଣ. (ଅ) ସଂଭବ; ଯାହା ହୋଇପାରେ—Pos-
Mum-kin sible; practicable.

ମୁମ୍‌ତାଜ୍‌ମହଲ୍—ବୈଦେ.ବ (ନାମ)—ମୋଗଲ ସମ୍ରାଟ ସାହାଜାହାନଙ୍କ
Mum-tāj-mahal ପ୍ରିୟତମା ପତ୍ନୀ—The most beloved
মমতাজমহল wife of the Moghul Emperor
ममताजमहल Sāhājāhān [ ଦ୍ର—ସାହାଜାହାନ ଏହାଙ୍କ
ସ୍ମୃତି ରକ୍ଷାର୍ଥ ଆଗ୍ରାର ପ୍ରସିଦ୍ଧ ତାଜମହଲ ନାମକ ସମାଧି
ମନ୍ଦିର ନିର୍ମାଣ କରାଇଥିଲେ, ଏ ନୁରଜାହାନଙ୍କର ଭାଇର
କନ୍ୟା । ଜନ୍ମ ଖ୍ରୀ ୧୬୯୨—ମୃତ୍ୟୁ ୧୬୩୧ । ]

ମୁମାଦିଲା—ବୈଦେ. ବ—(ଜମିଦାରୀ ସିରସ୍ତା । ଓଡ଼ିଶାର ୧୮୯୭ ସାଲ
Mumādilā ବନ୍ଦୋବସ୍ତରେ ବ୍ୟବହୃତ ଶବ୍ଦ ଅ. ମୁବାଦଲ୍ଲା)—
ब्वादिला ବଦଳ—Exchange. ବଣ. ବଦଳ କରାଯାଇ-
ଥିବା—Exchanged. (ଯଥା—ମୌଜେ ସିଦ୍ଧେଶ୍ୱର
ପୁର ଖାରଜ ମମାଦିଲା ମୌଜେ କମାପୁର, ୫ମାଣ, ଅର୍ଥାତ୍
କମାପୁର ମୌଜାରୁ ୫ ମାଣ ଜମି ସିଦ୍ଧେଶ୍ୱର ପୁର ମୌଜାକୁ
ବଦଳରେ ଦିଆଯାଇ ତହିଁ ବଦଳରେ ସିଦ୍ଧେଶ୍ୱରପୁର
ମୌଜାରୁ କମାପୁର ମୌଜାକୁ ସେତିକି ଜମି ଦିଆଗଲା ।)

ମୁମୁକ୍ଷା—ସ. ବ.—(ମୁଚ୍ ଧାତୁ ତ୍ୟାଗ କରିବା+ଇଚ୍ଛାର୍ଥେ ସନ୍+ଅ+
Mumukshā ଆ)—୧ । ମୋକ୍ଷ କାମନା—1. Desire for
salvation or liberation.—୨ । ମୁକ୍ତି ପାଇବାର
ଇଚ୍ଛା—2. A wish for being released from
a bond.

ମୁମୁକ୍ଷୁ—ସ. ବଣ.—( ମୁଚ୍ ଧାତୁ+ସନ୍+କର୍ତ୍ତୃ. ଉ )—୧ । ମୋକ୍ଷ-
Mumukshu ଲାଭେଚ୍ଛୁ—1. Desirous of obtaining
salvation. ୨ । ମୁକ୍ତି ପ୍ରାର୍ଥୀ—2. Desiring
liberation. ୩ । ସଂସାର ବନ୍ଧନରୁ ବା ମାୟାବନ୍ଧନରୁ
ମୁକ୍ତି ପାଇବା ନିମନ୍ତେ ଇଚ୍ଛୁକ—3. Desirous of
emancipation from worldly ties.

୪ । ସଂସାର ବିରାଗୀ—4. Indifferent or apathetic to worldly concerns. ବି—୧ । ଯତି—1. Sage. ୨ । ସଂସାରତ୍ୟାଗୀ ସନ୍ନ୍ୟାସୀ—2. A devotee who has renounced the world.

ମୁମୁଚାନ—ସଂ. ବି.—( ମୁଚ ଧାତୁ+କର୍ତ୍ତୃ. ଅନ )—ମେଘ—Cloud.
Mumuchāna ସଂ. ବିଣ—୧ । ଯେ ମୁକ୍ତ ହୋଇଅଛି—1. Released. ୨ । ଯେ ମୋକ୍ଷ ଲାଭ କରିଅଛି—2. (One) Who has attained salvation.

ମୁମୂର୍ଷା—ସଂ. ବି.—(ମୃ ଧାତୁ=ମରିବା+ସନ୍+ଅ)—ମରଣ କାମନା;
Mumūrshā ମରିବାର ଇଚ୍ଛା—A desire to die.

ମୁମୂର୍ଷୁ—ସଂ. ବିଣ—(ମୃ ଧାତୁ+ସନ୍+କର୍ତ୍ତୃ.ଉ)—୧ । ମରଣକାମୀ—
Mumūrshu 1. Longing for death. ୨ । ଯାହାର ମୃତ୍ୟୁ ଅସନ୍ନ; ଅସନ୍ନମୃତ୍ୟୁ; ମରଣାପନ୍ନ—2. Dying; about to die.

ମୁୟେଁ—ପ୍ରାଦେ. (ଉତ୍ତର ଭାଷା) ସର୍ବନାମ—ମୁଁ; ଅମ୍ଭେ—I.
Muyeñ

ମୁର୍—ବୈଦେ. ବି—(ଇଂ. ମୁର୍, Moor)—୧ । ଅଫ୍ରିକାରୁ ଆସିଥିବା ଓ
Mur ସ୍ପେନ୍ ଆଦିକୁ ପ୍ରଥମେ ଆସିଥିବା ମୁସଲମାନ୍ ଧର୍ମାବଲମ୍ବୀ
मूर,मूर् କୃଷ୍ଣକାୟ ଜାତି ବିଶେଷ—1. The Moors (a mixed dark-skinned race originally coming from Africa to Asia and Europe and who adopted the Mahomedan faith. ୨ । (ନାମ) ଜଣେ ବୈଦେଶିକ ସଂସ୍କୃତଜ୍ଞ ମହାପଣ୍ଡିତଙ୍କର ନାମ—2. The late Sanscrit scholar Mr. Muir; editor of original Sanskrit tracts in five volumes. [ଦ୍ର—ଏ କେତେ ଖଣ୍ଡ ମୂଳ ସଂସ୍କୃତ ଗ୍ରନ୍ଥ ୫ ଖଣ୍ଡ ବହିର ଭାଗରେ ମୁଦ୍ରିତ ଓ ପ୍ରକାଶିତ କରିଥିଲେ । ]

ମୁରକି (ଇତ୍ୟାଦି)—ଦେ. କ୍ରି. ବିଣ ଓ ବିଣ—ମୁରୁକି ଇତ୍ୟାଦି (ଦେଖ)
Mur-ki (etc) Muruki etc (See). [ଉ—ଏ କଥା ଶୁଣି ଜଣ କେତେ ମୁହଁ ଚୂନ୍ହାଁ ଚହିଁ ହୋଇ ମୁରୁକି ମୁରୁକି ହସିଥିଲେ । ଫକୀରମୋହନ. ଛମାଣ ଆଠଗୁଣ୍ଠ ।]

ମୁରକୁଟିଆ(ୟା)—ଦେ. ବିଣ—ମୁରୁକୁଟିଅ(ୟା) (ଦେଖ)
Mur-kuṭiā(yā) Murukuṭiā(yā) (See).

ମୁର୍ଚ୍ଛା—ପ୍ରାଦେ. (ସମ୍ବଲପୁର) ବି—ମୂର୍ଚ୍ଛା; ମୋହ ଯିବା—Swoon.
Mur-chā ବୈଦେ. ବି—( ଫା. ମୋରଚ୍ଚ )—ଧାତୁ ଅଙ୍ଗରେ
ମୋରଚା(ଚେ) ଲାଗିବା କଳଙ୍କି ବା ମଳ—Rust (on metals).
मोरचा

ମୁରଦାର (ଇତ୍ୟାଦି)—ଦେ. ବି—ମୁର୍ଦାର ଇତ୍ୟାଦି (ଦେଖ)
Mur-dāra (etc) Murdāra etc (See).

ମୁର୍ମୁରି—ପ୍ରାଦେ. (ଗଡ଼ଜାତ) ବି—ଏକ ପ୍ରକାର ଅଂଶପ୍ରଦ
Mur-muri ଘାସ (ଏଥିରେ ଦଉଡ଼ା ତିଆରି ହୁଏ)—A kind of fibrous grass.

ମୁର୍ମୁରିଆ(ୟା)—ପ୍ରାଦେ. (ଗଞ୍ଜାମ) ବି—(ସଂ. ମୁର୍ମୁର=ତୁଷାଗ୍ନି; ତତ୍ତୁ
Mur-muriā(yā); ଳ୍ୟାର୍ଥ)—ପାଉଁଶ—Ashes.

ମୁର୍ମୁରି ପଟ—ପ୍ରାଦେ. ( ଗଡ଼ଜାତ ) ବି—ମୁର୍ମୁରିରୁ ବାହାର
Mur-muri paṭa କରାଯିବା ଅଂଶ ବା ଛୋଟ—Fibre from Murmuri grass.

ମୁର୍ (ଧାତୁ)—ସଂ. ଧାତୁ—୧ । ବେଷ୍ଟନ କରିବା—1. To encircle;
Mur (root) to surround; to entwine. ୨ । ଏକତ୍ର ବାନ୍ଧିବା—2. To bind together. ୩ । କୁଣ୍ଢେଇ ଧରିବା—3. To hold in an embrace; to hold tightly.

ମୁର—ସଂ. ବି—୧ । ( ମୁର ଧାତୁ+ଭାବ. ଅ )—ବେଷ୍ଟନ—
Mura 1. Surrounding. ୨ । କ୍ଳେଶ; ସନ୍ତାପ (ବ୍ରହ୍ମବୈବର୍ତ୍ତ ପୁରାଣ)—2. Trouble. ୩ । (+କର୍ତ୍ତୃ. ଅ) ଦୈତ୍ୟ ବିଶେଷ; [ଦ୍ର—ଏହାକୁ ବିଷ୍ଣୁ ନୃସିଂହ ଅବତାରରେ ବଧ କରିଥିଲେ ।] 3. Name of a demon killed by Bishṇu in one of his incarnations. [ଦ୍ର—ସାଧାରଣତଃ ଅମ୍ଭେମାନେ ବିଷ୍ଣୁଙ୍କର ଯେଉଁ ଦଶ ଅବତାର କଥା କହୁଥାଉଁ ସେଥିରେ ପଞ୍ଚମ ବା ନୃସିଂହ ଅବତାରରେ ବିଷ୍ଣୁ ହିରଣ୍ୟକଶିପୁକୁ ବଧ କରିଥିଲେ । କିନ୍ତୁ ଓଡ଼ିଆ ନୃସିଂହ ପୁରାଣ ନାମକ ଗ୍ରନ୍ଥରେ ବିଷ୍ଣୁ ନୃସିଂହ ଅବତାର ଗ୍ରହଣ କରି କୃଷ୍ଣବଲ୍ଲଭ ନାମକ ବ୍ରାହ୍ମଣ ରାଜାଙ୍କ ପୁତ୍ରରୂପେ ଜନ୍ମି ବ୍ରହ୍ମାଙ୍କ ଔରସରୁ ଅପ୍ସରା ଗର୍ଭଜାତ ମୁର ନାମକ ଅସୁରକୁ ବଧ କରିଥିବା ଲେଖା ଅଛି । ବାମନ ପୁରାଣ ୫୩-୫୮ ଅଧ୍ୟାୟରେ ବିଷ୍ଣୁ ମୁର ନାମକ ଦୈତ୍ୟକୁ ବଧ କରିଥିବା ବିଷୟ ଲେଖା ଅଛି । ବ୍ରହ୍ମବୈବର୍ତ୍ତ ପୁରାଣ କୃଷ୍ଣଜନ୍ମଖଣ୍ଡ ୧୧ଶ ଅଧ୍ୟାୟରେ ଲେଖା ଅଛି ଯେ ମୁର ଶବ୍ଦର ଅର୍ଥ କ୍ଳେଶ, ସନ୍ତାପ, କର୍ମିଗଣଙ୍କ କର୍ମଭୋଗ ଓ ଦୈତ୍ୟବିଶେଷ । ଭଗବାନ ବିଷ୍ଣୁ ଏହି ସବୁର ବିନାଶକର୍ତ୍ତା ଥିବାରୁ ତାଙ୍କ ନାମ ମୁରାରି ( ଶବ୍ଦକୋଷ ) । ଏହି ଅବତାରରେ ଅନନ୍ତରୂପରେ ଜନ୍ମିଥିବା ବିଷ୍ଣୁଙ୍କ ଭାଇ ମୁରର ଭାଇ ଦାରୁଣକୁ ବଧ କରିଥିଲେ ।]

ମୁରଗ (ଗି)—ବୈଦେ. ବି (ଫା. ମୁରଗ୍=ପକ୍ଷୀ)—କୁକୁଡ଼ା—
Murag(gi) মোরগ मुरगा Cock; fowl.
( ମୁରଗୀ—ସ୍ତ୍ରୀ

ମୁରଗଣ୍ଡ—ସଂ. ବି—ବର୍ଣ୍ଣିକ; କାଡବରୁଣ; ବରଣ—
Muragaṇḍa Pimple on the face.

ମୁରଙ୍ଗିକା—ସଂ. ବି—ମୂର୍ବା (ଦେଖ)
Murañgikā Mūrbā (See).

ମୁରଚ୍ଛା—ଦେ. ବି—ମୁରୁଚ୍ଛା ୨ (ଦେଖ)
Murachā Muruchchā (See).

ମୁରଜ—ସଂ. ବି (ମୁର=ବେଷ୍ଟନ+ଜନ ଧାତୁ=ଜାତ ହେବା+କର୍ତ୍ତୃ.
Muraja ଯାହାର ଚାଡ଼ର ବେଷ୍ଟନରୁ ଜନ୍ମିତ )—ବାଦ୍ୟ ଅ ବିଶେଷ, ମୃଦଙ୍ଗ; ପଖୋଜ—A kind of drum. ( ଉ—ମୁରଜ ଡିଣ୍ଡିମ ଦୁନ୍ଦୁଭିରେ ମଣ୍ଡିକମ୍ପାସେ—ଉଡ଼.

ଲବ୍‌ଧ୍ୟବସ୍ଥା ।) ୨ । ମୁରଜ ବନ୍ଧ ( ଦେଖ )—
2. Muraja bandha (See)

ମୁରଜ ବନ୍ଧ—ସଂ. ବି (ମ. ପ. ଶ୍ଳୋ.)—ମୁରଜ ବା ମୃଦଙ୍ଗ ଆକାରରେ
Muraja bandha ସନ୍ନିବେଶିତ ଅକ୍ଷରସମ୍ବଳିତ ଚିତ୍ରରଚନାବିଶେଷ
—A stanza artificially arranged in the shape of a drum (Apte).

ମୁରଜା—ସଂ. ବି. ସ୍ତ୍ରୀ—୧ । କୁବେରଙ୍କ ପତ୍ନୀ—1. Wife of
Murajā Kubera. ୨ । ବଡ଼ ପଖୋଜ; ଢୋଲ—
2. A large drum (Apte).

ମୁରଜ ଫଳ—ସଂ.ବି (ମୁରଜ=ମୃଦଙ୍ଗ ପରି ଫଳ ଯାହାର; ବହୁବ୍ରୀହି)-
Muraja phala ପଣସ ଗଛ—The jack fruit ( tree).

ମୁରତି—ଗ୍ରା. ବି (ପଦ୍ୟ)—( ସଂ. ମୂର୍ତ୍ତି )—ମୂର୍ତ୍ତି ( ଦେଖ )—
Murati Murtti (See)
मुरति मूरती

ମୁର ଦାରୁଣ—ସଂ. ବି (ସଦୃଶର;ମୁର+ଦାରୁଣ; ଦ୍ୱନ୍ଦ୍ୱ)—ମୁର ଦୈତ୍ୟ
Mnra dāruna ଓ ତାର ଭାଇ ଦାରୁଣ—The demon
Mura and his younger brother Dāruṇa.

ମୁରଧନା—ଗ୍ରା. ବି (ପଦ୍ୟ)—ମୂର୍ଚ୍ଛନା (ଦେଖ)
Muradhanā Mūrddhanā (See)
मुरधना मुरधना

ମୁରବ—ବୈଦେ. ବି—ମୁରବି (ଦେଖ)
Muraba Murabi (See)

ମୁରବା(ବ୍ବା)—ବୈଦେ. ବି—ମୁରୁବ୍ବା (ଦେଖ)
Murabā(bbā) Murubbā (See)

ମୁରବି(ବ୍ବି)—ବୈଦେ. ବି—( ଅ. ମୁରବ୍ବୀ )—୧ । ଅଭିଭାବକ—
Murabi(bbi) 1. Guardian ୨ । ଶରଣ; ଆଶ୍ରୟ—
मुर(ब्ब)बि मुरब्बी 2. Refuge. ୩ । ପୃଷ୍ଠପୋଷକ—
3 Patron. ୪ । ରକ୍ଷକ—4. Protector.

ମୁରବି(ବ୍ବି)ଆ—ବୈଦେ.ବିଣ—ମୁରବିସମ୍ବନ୍ଧୀୟ—Relating to a
Murabi(bbi)yā guardian; patronising.
मुरबीय मुरब्बीया

ମୁରବି(ବ୍ବି)ଆନା—ବୈଦେ. ବିଣ (ଫା)—୧ । ଅଭିଭାବକତ୍ୱ—
Murabi(bbi)ānā I Guardianship. ୨ । ଅଭିଭାବକ
ମୁରବି(ବ୍ବି)ଗିରି ⎫ ପରି ଆଚରଣ—2.
ମୁରବି(ବ୍ବି)ପଣ ⎬ ଅନ୍ୟରୂପ— Action befitting
ମୁରବି(ବ୍ବି)ପଣିଆ(ଆଁ) ⎭ guardian or a
मुरबिआना, मुरबिगिरि, मुरबिपना मुरब्बियाना patron.

ମୁରବି(ବ୍ବି)ଜୋର—ବୈଦେ. ବି (ଫା)—କୌଣସି ବ୍ୟକ୍ତିର ସଂସାର-
Murabi(bbi)jor କ୍ଷେତ୍ରରେ ସାହାଯ୍ୟ କରିବା ନିମନ୍ତେ ଶକ୍ତିଶାଳୀ
मुरबीजोर मुरब्बीजोर ଅଭିଭାବକର ବିଦ୍ୟମାନ ଥିବା ଅବସ୍ଥା—
The state of having powerful patrons to back one up in the world of action.

ମୁରମଣ୍ଡ—ସଂ.ବି—ମୁରଗଣ୍ଡ (ଦେଖ)
Muramaṇḍa Muragaṇḍa (See)

ମୁରମଥନ—ସଂ. ବି (ମୁର=ଅସୁରବିଶେଷ+ମଥନ=ବିନାଶକ)—
Muramathana ମୁରାରି; ବିଷ୍ଣୁ—A name of Bishṇu.
ମୁରମର୍ଦ୍ଦନ ⎫
ମୁରହର, ମୁରଘ୍ନ ⎬—ଅନ୍ୟରୂପ
ମୁରଜିତ୍, ମୁରଦ୍ୱିଷ୍(ଟ୍) ⎭
ମୁରଭିଦ୍, ମୁରବୈରୀ, ମୁରରିପୁ

ମୁରଲ(ଳ)—ସଂ. ବି—ମତ୍ସ୍ୟବିଶେଷ ମାଛ—A small species of
Muraḷa(la) fish. Aspidoparia Marar.
मउरला [ ଦ୍ର—ବୈଦ୍ୟଶାସ୍ତ୍ର ମତରେ ଏହା ବୃଂହଣ, ବୃଷ୍ୟ,
गीघनो ସ୍ତନ୍ୟ ଓ ଶ୍ଳେଷ୍ମ ବର୍ଦ୍ଧକ—ସୁଶ୍ରୁତ । ]

ମୁରଲା—ସଂ. ବି ( ମୁର+ଲା ଧାତୁ+କର୍ତ୍ତୃ. ଅ+ଆ )—ନର୍ମଦା ନଦୀ
Muraḷā —The river Nerbudda ( in Central India ). [ ଦ୍ର—ମଲ୍ଲିନାଥ ଟୀକାକାର ଲେଖି-
ଥିଲନ୍ତି ଯେ ଏ ନଦୀ କେରଳଦେଶରେ ପ୍ରବାହିତ । ]

ମୁରଲୀ—ସଂ. ବି ( ମୁର+ଲା ଧାତୁ+କର୍ତ୍ତୃ. ଅ+ସ୍ତ୍ରୀ. ଈ; ଏହା ଅଙ୍ଗୁଳି
Muralī ବେଷ୍ଟନ ପ୍ରାପ୍ତ ହୁଏ )—୧। ବଂଶୀ—1. A flute;
a pipe. [ ଦ୍ର—ଅନ୍ୟ ସଂ. ନାମ—ବଂଶିକା, ବଂଶୀ,
ବଂଶନାଳିକା, ସାନେୟିକା, ସାନେୟୀ, ସାନିକା, ମୁରଲ୍ଲିକା।
ଶବ୍ଦକୋଷ । ] ଦେ. ବି—ମୁରଲୀ ଧରର ଡାକ ନାମ—
Name for calling Muralīdhara.

ମୁରଲୀଧର—ସଂ. ବି ( ମୁରଲୀ+ଧୃ ଧାତୁ+କର୍ତ୍ତୃ. ଅ; ଉପପଦ
Muralīdhara ତତ୍ )—ବଂଶୀଧର; ଶ୍ରୀକୃଷ୍ଣ—Srī-
(ମୁରଲୀଧାରୀ—ଅନ୍ୟରୂପ) kṛushṇa. ସଂ. ବିଣ. ପୁଂ—
मुरलीधर ହାତରେ ମୁରଲୀ ଧରିଥିବା ( ବ୍ୟକ୍ତି )—Holding
मुरलीधर a flute. ଦେ. ବି. ପୁଂ—ପୁରୁଷଙ୍କୁ ପ୍ରଦତ୍ତ ନାମ-
ବିଶେଷ—A name given to males.

ମୁରଲୀ ଧରା—ଦେ. ବିଣ (ସଂ. ମୁରଲୀଧାରୀ)—ଯେ ମୁରଲୀ ଧରି ଥାଏ—
Muralī dharā Holding a flute. ବି—ଶ୍ରୀକୃଷ୍ଣଙ୍କର
ନାମ—Name of Kṛushṇa. [ ଉ—ବୋଉ
ଥାରେ ସଜ କୁଞ୍ଜକୁ ଯିବୁ ପରା, ଦେଇଛନ୍ତି ସଙ୍କେତ ସେ
ମୁରଲୀ ଧରା—ସଙ୍ଗୀତ । ]

ମୁରଲୀ ଧ୍ୱନି—ସଂ. ବି ( ୬ଷ୍ଠୀ ତତ୍ )—ବଂଶୀ ନିର୍ଗତ ଶବ୍ଦ—
Muralī dhwani The sound of a flute.
(ମୁରଲୀ ନାଦ, ମୁରଲୀ ସ୍ୱନ—ଅନ୍ୟରୂପ)

ମୁରଲୀ ବଦନ—ସଂ. ବିଣ. ପୁଂ ( ବହୁବ୍ରୀହି )—ଯାହାଙ୍କ ମୁଖରେ
Muralī badana ମୁରଲୀ ସଂଯୁକ୍ତ—Having a flute
(ମୁରଲୀବଦନା—ସ୍ତ୍ରୀ) attached to the mouth.

ମୁରଲୀ ବଦନିଆଁ—ଦେ. ବିଣ ( ସଂ. ମୁରଲୀବଦନ )—୧ । ଯେ
Muralī badaniāñ ମୁହଁରେ ମୁରଲୀ ଧରି ଥାଏ (ଶ୍ରୀକୃଷ୍ଣ)—
मुरली बदन 1. Holding the flute to his mouth.
मुरली बदनीया [ ଉ—ବିକଚକୁଡ଼ବାସ ସୁଧିକା ବିଳାସ,

ମୁରଲୀ-ବଦନଙ୍କୁ ଗୋକୁଳ ଭାର ଏଣ । କୃଷ୍ଣସିଂହ. ମହାଭାରତ. ଉଦ୍‌ଯୋଗ । ]

**ମୁର** – ସ. ବ—୧ । ମୁରମାଂସୀ ( ଦେଖ )—1. Murāmāmsi Murā (See) ୨ । ମଗଧରାଜ ମହାନନ୍ଦଙ୍କ ଦାସୀ ଓ ଚନ୍ଦ୍ରଗୁପ୍ତଙ୍କ ମାତା—2. Name of a maid servant of king Mahānanda and mother of the king Chandragupta. [ ଦ୍ର—ଏହି ମୁରାଙ୍କ ନାମାନୁସାରେ ଚନ୍ଦ୍ରଗୁପ୍ତଙ୍କ ପ୍ରତିଷ୍ଠିତ ରାଜବଂଶ ମୌର୍ଯ୍ୟ ବଂଶ ନାମରେ ଖ୍ୟାତ । ] ଗ୍ରା (ଉତ୍ତର) ବ—( ଲ ସ୍ଥାନରେ ଉଚ୍ଚାରଣ ) ମୂଳା—Radish. ପ୍ରାଦେ ( ସମ୍ବଲପୁର ) ବ—ବାଉଁଶ ଓ ବେତ ଆଦିରେ ନିର୍ମିତ ଗୁଣ୍ଡ—A wicker-work tray. ( କଟକ ) ମୂଳା—Radish. ଦେ. ବ—ମୁର ଅସୁରର ଅନାଦରସୂଚକ ଡାକ ନାମ—Name for calling Murāsura in contempt.

**ମୁରଟ** –ଦେ.ବ(ସ.ଭ୍ରୂକୁଟି)—୧ । ଭ୍ରୂଭଙ୍ଗୀ ପୂର୍ବକ ଚାହାଣି;ଅଣ୍ଟି ଚାହିଁବା Murāṭa —1. A look accompanied by the তেজ contraction of the eyelbows; knitting আঁখ, তেজ of the eyebrows. ୨ । ଭ୍ରୂକୁଟି—2.Frown; angry look. [ ଦ୍ର—ମହାନ୍ତ ବିଶ୍ୱପାଠରେ ମୁରଟ ବନ୍ଧୁତ । ପ୍ରାଚୀ. ଶ୍ରୀ ଗୁରୁଭକ୍ତି ଗୀତା । ] ୩ । କ୍ରୋଧପୂର୍ଣ୍ଣ ଏକଦୃଷ୍ଟି—3. An angry steady look. ୪ । ତେଜୋପୂର୍ଣ୍ଣ ଚେହେରା—4. A bright appearance. ୫ । ଶ୍ରୀ; ସୌନ୍ଦର୍ଯ୍ୟ—5. Grace; beauty. ୬ । ବୀରର ଚାହାଣି ପରି ଚାହାଣି—6. Casting the look of a hero. ଦେ. ବଣ—୧ । ଭ୍ରୂକୁଟିଯୁକ୍ତ— আঁখ দেখানেবালা 1. Frowning. ୨ । ଭ୍ରୂଭଙ୍ଗୀ କୁଟିଳ ( ବ୍ୟକ୍ତି ବା ମୁଖ )—2. Kintted; with the brows contracted. ୩ । ସୁନ୍ଦର; ଶୋଭମାନ; 3. Imposing; graceful. ୪ । ଉଜ୍ଜ୍ୱଳ— 4. Bright. ୫ । ପ୍ରଧାନ; ଉତ୍ତମ—5. Greatest; highest. ( ଦ୍ର—ତା ମଧ୍ୟେ ମେରୁ ଯେ ମୁରଟ, ତାର ଶୃଙ୍ଗରେ ସ୍ୱର୍ଗ ବାଟ । ଯଶୋବନ୍ତ. ପ୍ରେମଭକ୍ତି ବ୍ରହ୍ମଗୀତା ।)

**ମୁରଟ ଚାହାଣି**—ଦେ. ବ—ଭ୍ରୂକୁଟିଯୁକ୍ତ ଦୃଷ୍ଟି— Murāṭa chāhāṇi Frowning look; angry stare; রাগের চাউনী क्रोध दृष्टि scowl.

**ମୁରଟ ଦେଖା(ଖେ)ଇବା**—ଦେ. କ୍ରି—୧ । ମୁଖଭଙ୍ଗୀ ଦ୍ୱାରା ଦମ୍ଭ Murāṭa dekhā(khe)ibā ଦେଖାଇବା—1. To display তেজ দেখান a courageous look. ୨ । ଭ୍ରୂକୁଟି କରିବା— आँख देखाना 2. To growl; to scowl. (ମୁରଟ ବାହାର କରିବା, ମୁରଟ ଢାଳିବା—ଅନ୍ୟରୂପ)

**ମୁରଟିବା**—ଦେ. କ୍ରି—୧ । ଉତ୍କଟ ଭାବ ଚାହିଁବା—1. To look Murāṭibā with a frowning stare. ୨ । ଭ୍ରୂକୁଟି ଭ্রূভঙ্গী করা କରିବା—2. To frown; to scowl; to आँख दिखाना knit the brow.

**ମୁରଟି ରହିବା**—ଦେ. (ପ୍ରାଚୀନ) କ୍ରି—ଯୁଦ୍ଧ ପାଇଁ ସଜ୍ଜିତ ରହି ମୁହିଁକୁ Murāṭi rahibā ଫେରାଇ ଶତ୍ରୁକୁ ଅପେକ୍ଷା କରିବା—To be readly waiting for the enemy to fight with.

**ମୁରଡ଼**—ପ୍ରାଦେ. (ଗଡ଼ଜାତ) ବ—ମୁରାଳ ( ଦେଖ ) Murārda Murāla ( See )

**ମୁରତପ୍(ବ୍)**—ବୈଦେ. ବ (ଅ. ମୁରୱତ୍)—୧ । ସମ୍ମାନ—1. Res- Murātap(b) pect. ୨ । ମର୍ଯ୍ୟାଦା—2. Prestige. মুরাতব ୩ । ମନୁଷ୍ୟତା—3. Humanity. ୪ । ଯୋଗ୍ୟତା— मुरातब 4. Fitness. ବଣ—ଯୋଗ୍ୟ; ଉପଯୁକ୍ତ—Fit; suitable. (ଦ୍ର—ଯେ ଯାହା ମୁରତବ ସମ୍ଭାର, ଦୌଲତ ଦେଇ ଦେଲେ ହାଜର, ମଞ୍ଜୁର କର, ହୁକୁମ ପାଇ, ଯାନ୍ତୁ ସତ୍ୱର । ବ୍ରଜନାଥ. ସମର ତରଙ୍ଗ ।)

**ମୁରତମ୍**—ପ୍ରାଦେ. (ଅଳ) ବ—ମୁରତପ୍ ( ଦେଖ ) Murātam Murātap ( See )

**ମୁରାଦ୍**—ବୈଦେ. ବ. (ଅ)—୧ । ଅଭିଳାଷ; ଅଭିପ୍ରାୟ—1. Wish; Murād intention. ୨ । (ନାମ) ମୋଗଲ ସମ୍ରାଟ ସାହାମୁরাদ ଜାହାନଙ୍କ ଚତୁର୍ଥ ଓ କନିଷ୍ଠ ପୁତ୍ର—2. Name of मुराद् the youngest son of the Moghal Emperor Sāhajāhān. [ଦ୍ର—ମୁରାଦଙ୍କୁ ତାଙ୍କ ପିତା ଗୁଜରାଟ ଆଦିର ଶାସନକର୍ତ୍ତା କରିଥିଲେ । ତାଙ୍କ ବଡ଼ ଭାଇ ଔରଙ୍ଗଜୀବ୍ କୌଶଳକ୍ରମେ ତାଙ୍କୁ ସେଠାରୁ ତଡ଼ାଇ ଆଣି ଗୋଆଲିଅର ଦୁର୍ଗରେ ବନ୍ଦ କରି ଖ୍ରୀ ୧୬୬୧ ରେ ଗୋପନ ହତ୍ୟା କରାଇଥିଲେ । ଏହାଙ୍କର ପୁତ୍ର ନାମ ମୁରାଦ୍ ବକ୍ସ ।] ୩ । (ନାମ) ସମ୍ରାଟ ଆକବରଙ୍କ ଦ୍ୱିତୀୟ ପୁତ୍ର—3. Name of the second son of Akbar the Great. [ଦ୍ର—ଏ ପିତାଙ୍କ ଆଦେଶରେ ଦାକ୍ଷିଣାତ୍ୟ ବିଜୟାର୍ଥ ଗମନ କରିଥିଲେ ଓ ସେହିଠାରେ ତାଙ୍କର ମୃତ୍ୟୁ ହେଲା । ଏହାଙ୍କର ପୁରା ନାମ ମୁରାଦ୍‌ମିର୍ଜା; ଜନ୍ମ ଖ୍ରୀ୧୫୭୦ ମୃତ୍ୟୁ ୧୫୯୯ । (ବିଶ୍ୱକୋଷ)]

**ମୁରାଦାବାଦ**—ଦେ. ବ. ନାମ—ଯୁକ୍ତ ପ୍ରଦେଶର ରୋହିଲଖଣ୍ଡ ବିଭାଗର Murādābād ଗୋଟିଏ ଜିଲ୍ଲା ଓ ନଗର—Muradabad; মুরাদাবাদ name of a district and town in the मुरादाबाद् United Provinces. [ଦ୍ର—ଖ୍ରୀ ୧୬୨୫ରେ ସମ୍ରାଟ ସାହାଜାହାନଙ୍କ ନିୟୋଜିତ ଶାସନକର୍ତ୍ତା ରୁସ୍ତମ୍ ଖାଁଙ୍କଦ୍ୱାରା ସମ୍ରାଟ-ପୁତ୍ର ମୁରାଦ ବକ୍ସଙ୍କ ନାମରେ ଏହି ନଗର ପ୍ରତିଷ୍ଠିତ ହୋଇଥିଲା । (ବିଶ୍ୱକୋଷ) ]

**ମୁରା ମାଂସୀ**—ସ. ବ—ଔଷଧରେ ବ୍ୟବହୃତ ଏକ ପ୍ରକାର ଗନ୍ଧ ଦ୍ରବ୍ୟ— Murā māmsi Name of a scented herb; Mur- ଅନ୍ୟ ସ. ନାମ—ତାଳପର୍ଣ୍ଣୀ, raya Grofica. [ଦ୍ର—ଏହା ଦୈତ୍ୟା, ଗନ୍ଧକୁଟୀ, ମୁରାର ଦେଶର ଗନ୍ଧ ଦ୍ରବ୍ୟ । ଏହାର ଗନ୍ଧକଟୀ, ଗନ୍ଧମା, ଭୂତଘ୍ନୀ, ବର୍ଣ୍ଣ ଈଷତ୍ ପୀତ; ବୈଦ୍ୟକ ମତରେ

ସୁରଭ, ସାଲପାଣିକା — ଏହା ତିକ୍ତ, ଶୀତଳ, ସ୍ୱାଦୁ, ଲଘୁ,
मुरामांसी — ପିତ୍ତ ଓ ବାୟୁନାଶକ । ଏହା ଜ୍ୱର,
एकांगी — ଅସୃକ୍ ଓ ଭୂତାଦି ଦୋଷ, କୁଷ୍ଠ ଓ
ମ. ମୁରା — କାସ ନାଶକ । ଧନ୍ୱନ୍ତରି]
ତେ. ମୁରଯୁକ୍ତ ଚନ୍ଦ୍ରମୁ

ମୁରାରି—ସଂ. ବି. ( ମୁର—ଅସୁର ବିଶେଷ+ଅରି, ୬ଷ୍ଠୀ ତତ୍ )—
Murāri — ମୁର ଦୈତ୍ୟର ଶତ୍ରୁ, ବିଷ୍ଣୁ—Enemy of the demon Mura; Bishṇu. [ଦ୍ର—ମୁର ଦେଖ ।] ଦେ. ବି. ପୁଂ—ଲୋକଙ୍କ ନାମ—A name given to males.

ମୁରାଲ—ପ୍ରାଦେ. (ଗଡ଼ଜାତ) ବି—ଏକ ପ୍ରକାର ଜଙ୍ଗଲି ପକ୍ଷୀ—
Murāla — A kind of wild bird.
[ଦ୍ର—ଏହି ଶ୍ରେଣୀର ପକ୍ଷୀମାନେ ବିରଳ । ଗଡ଼ଜାତର ଜଙ୍ଗଲ ଅଞ୍ଚଳରେ ଏମାନେ ଦେଖାଯାଆନ୍ତି । ଏମାନଙ୍କ ଶରୀରର ଆକାର ପ୍ରକାର ଦେଖିଲେ ସେମାନଙ୍କୁ ମୟୂର ଜାତୀୟ ପକ୍ଷୀ ବୋଲି ଭ୍ରମ ହୁଏ । ସ୍ୱରରେ ମୟୂର ପରି ମଧ୍ୟ ଏମାନେ ବୋବାନ୍ତି; ଏମାନଙ୍କ ଶରୀରର ବର୍ଣ୍ଣ ନାଲିଆ । ଏମାନେ ମୟୂର ଶ୍ରେଣୀର ହେଲେହେଁ ପକ୍ଷହୀନ ଅଟନ୍ତି । କୁକୁଡ଼ା, ଚେଙ୍କୁଆ ପ୍ରଭୃତିଙ୍କୁ ମାରି ଏମାନେ ଖାଆନ୍ତି ।]

ମୁରିଆ—ପ୍ରାଦେ. (ବସ୍ତର) ବି—୧ । ବସ୍ତର ଅଞ୍ଚଳର ଏକ କୃଷକ
Muriā — ଜାତି—1. An agricultural caste found in the Baster state. ୨ । ବସ୍ତର ଅଞ୍ଚଳର ଏକ ଜାତୀୟ କୃଷକଙ୍କର ଭାଷା—2. The language spoken by the Muriās.

ମୁରୁକ(ଖ)—ଦେ. ବି—ମୁର୍ଦ୍ଦୁକ ( ଦେଖ )
Muruka(kha) — Murḍuka ( See )

ମୁର୍କି—ଦେ. ବିଣ—ଈଷତ୍—Slight. କ୍ରି. ବିଣ-ଈଷତ୍ ଭାବରେ—
Mur-ki — Slightly. [ ଦ୍ର—ଏହା କେବଳ ହସ ଓ ହସିବା
मुचकि मुसक मुसक — ଶବ୍ଦ ପୂର୍ବେ ଲାଗେ । ]

ମୁରୁକି ହସ(ସା)—ଦେ. ବି—ମୁଦ୍ରୁକି ହସ; ମନ୍ଦ ହାସ୍ୟ; ଈଷଦ୍ଧାସ୍ୟ—
Muruki hasa(sā) — Smile; simper.
मुचकि हासि मुसकान ( ମୁର୍କିହସା—ଅନ୍ୟରୂପ )

ମୁରୁକି ହସିବା—ଦେ. କ୍ରି—ମୁଦ୍ରୁକି ହସିବା; ଈଷଦ୍ଧାସ୍ୟ କରିବା—
Muruki hasibā — To semper; to smile.
मुचकि हासा मुसकना
ମୁରୁକେଇ ହସିବା, ମୁରୁକି ମୁରୁକି ହସିବା, ମୁରୁକେଇ ମୁରୁକେଇ ହସିବା } ଅନ୍ୟରୂପ

ମୁରୁକୁଟିଆ(ୟା)—ଦେ. ବିଣ. ପୁଂ ( ସଂ. ମୃ. ଧାତୁରୁ କମ୍ପା ମର୍କଟ )—
Murukuṭiā(yā) — ୧ । ଅତି କ୍ଷୀଣକାୟ—1. Emaciated.
मुरकुटे दुबला — ୨ । ଶୀର୍ଣ୍ଣ—2. Withered; reduced.
ମୁରୁକୁଟିଆ(ୟା), ମୁରୁକୁଟିଆ, ମୁରୁକୁଟିଆ } —ଅନ୍ୟରୂପ — [ ଉ—ମଲି ! ଏ ବୟସରେ ସେ ଯୋଗ୍ୟ ଧଡ଼ିଆ ମୁରୁକୁଟିଆ ବୁଢ଼ାଟା ଅଛି, ତା ଡାଲିମ୍ ଫେରେ କି ଦେଖିବ ?
—ଉପାଧ୍ୟାୟ କଟକ ବିଜୟ । ] ୩ । ଶୁଖି ଯାଇଥିବା—3. Dried up. ୪ । ମୁର୍ଦ୍ଦାରିଆ—4. Withered like a mummy. ପ୍ରାଦେ. ( ବାଲେଶ୍ୱର ) ବିଣ. ( ସଂ. ମୃତ )—ଚମଡ଼ା ବା ପର ଇତ୍ୟାଦି ଜଳିଲେ ଯହିଁରୁ ଯେଉଁ ଗନ୍ଧ ଉଠେ, ସେହିପରି ଗନ୍ଧଯୁକ୍ତ; ମୁର୍ଦ୍ଦାର ପୋଡ଼ା ( ଗନ୍ଧ )—The foul smell emitted by the burning of skin or feather.

ମୁରୁକୁଣ୍ଡି—ଦେ. ବି—ଏକପ୍ରକାର ବଣୁଆ ଗଛ—
Murukuṇḍi — A kind of wild tree.
( ମୁରୁଣ୍ଡି—ଅନ୍ୟରୂପ )

ମୁରୁକେଇ ହସିବା—ଦେ. କ୍ରି—ମୁରୁକି ହସିବା ( ଦେଖ )
Murukei hasibā — Muruki hasibā ( See )

ମୁରୁଖ୍—ପ୍ରାଦେ. ( ସମ୍ବଲପୁର ) ବିଣ—ମୂର୍ଖ—
Murukh — Illiterate; ignorant:

ମୁରୁଖ—ଗ୍ରା. ତ. ଓ ବିଣ ( ସଂ. ମୂର୍ଖ )—ମୂଢ଼; ଅଜ୍ଞାନ—Ignorant;
Murukha मूर्ख मुरुख, मूरख — a dunce.
( ମୂର୍ଖ—ଅନ୍ୟରୂପ ) [ ଉ—ଯେ ବୋଲିବ ଜାଣଂ ସେ ନିଶ୍ଚୟ ମୁରୁଖ—କୃଷ୍ଣସିଂହ, ମହାଭାରତ, ସଭା । ]

ମୁରୁଖାଣ୍ଡି—ଗ୍ରା. ବିଣ ( ସଂ. ମୂର୍ଖ )—ମୂର୍ଖର ଉପଯୁକ୍ତ—Befitting
Murukhāṇḍi — a dunce. ( ଯଥା—ତାର ଭାରି ମୁରୁଖାଣ୍ଡିଆ
[ମୁରୁଖାଣ୍ଡିଅ(ୟା), ମୂର୍ଖାଣ୍ଡି; ମୂର୍ଖାଣ୍ଡିଆ—ଅନ୍ୟରୂପ] କଥା । )
ଗ୍ରା. ବି—ମୂର୍ଖତା—Stupidity; duneeness.

ମୁରୁଗ—ଗ୍ରା. ବି ( ସଂ. ମୃଗ )—ମୃଗ ( ଦେଖ )—Mṛuga (See)
Muruga मृग हिरन ( ମୁର୍ଗ—ଅନ୍ୟରୂପ )

ମୁରୁଗା—ଦେ. ବି (ସଂ. ମୂର୍ବା, ମୁରଙ୍ଗିକା)—୧ । ବନ୍ୟ ଗୁଳ୍ମବିଶେଷ—
Murugā — 1. Bowstring hemp; Sansevieria Zeylancai, Sansevieria Roxburghiana. [ଦ୍ର—ପ୍ରାୟ ଛାୟାବୃତ ସ୍ଥାନରେ ଏହା ଜନ୍ମିଥାଏ ଓ ବହୁସ୍ଥାନ ମାଡ଼େ; ପତ୍ର ସରୁ ଓ ଖଣ୍ଡା ପରି । ଫୁଲ ବଡ଼ ବଡ଼ ଓ ଡେଙ୍ଗର ଅଗରେ ଧରେ । ଏହାର ପତ୍ରର ଅଂଶୁ ବା ଯାରୁ ଦୋଟ ଧରେ । ପୂର୍ବେ ଏହାଦ୍ୱାରା ଧନୁର୍ଦ୍ଧରଙ୍କର କଟିସୂତ୍ର ତିଆରି ହେଉଥିଲା ଏବଂ ଏବେ ଧନୁର ଗୁଣ ଆଦି ତିଆରି ହେଉଅଛି । ଏହାର ମୂଳ ଔଷଧରେ ଲାଗେ । ବୈଦ୍ୟକ ଅନୁସାରେ ଏହା ସାରକ, ଗୁରୁ ଓ ମଧୁରତିକ୍ତରସ; ପିତ୍ତ, ରକ୍ତ, ପ୍ରମେହ, ତ୍ରିଦୋଷ, ତୃଷ୍ଣା, ହୃଦ୍ରୋଗ, କଣ୍ଡୁ, କୁଷ୍ଠ ଓ ଜ୍ୱରନାଶକ । ]
( ମୁର୍ଗା—ଅନ୍ୟରୂପ )
ଅନ୍ୟ ସଂ. ନାମ—ମଧୁରସା, ଦେବୀ, ମଧୁଲିକା, ମଧୁଶ୍ରେଣୀ, ଗୋକର୍ଣ୍ଣୀ, ପୀଲୁପର୍ଣ୍ଣୀ, ଧନୁର୍ଗୁଣୋପଯୋଗ୍ୟା
सूचीमुखी, बोड़चक्र, मुर्गा
चूर्णहार; मुर्हरी; मुरगाली
ମ. ଗୋଲ୍ଲଫଣ, ମୋରବେଲ
ତେ. ଚଗ, ଚ୍ଛଗଚେଟ୍ଟୁ, ସଗ, ଯାଗଚେଟ୍ଟୁ, ଯାଗ
ଭା. ମରୁଲ୍
୨ । ( ସଂ. মোরগ ফুল ময়ূরশিখা; ପା. ମୁର୍ଗା ) କୁକୁଡ଼ାଜଟ ଫୁଲ; ପୁଷ୍ପଶାକବିଶେଷ; ରକ୍ତ ଜଟା ଫୁଲ ଓ ଗଛ—ଲୋହିତଜଟା (ଦେଖ)
2. Cockscomb, Celosia Cristata. [ଦ୍ର—ଏହା ଦେଖିବାକୁ ନାଲି ଖଡ଼ାଗଛ ପରି । ଏହାର ପୁଷ୍ପମଞ୍ଜରୀ

ଡେପ୍ଟା ଓ କୁକୁଡ଼ାମୁଣ୍ଡ ଉପରେ ଥିବା ଚୂଳ ପରି ଦେଖାଯାଏ । ଏହା ନାଲି ଓ ଧଳା ଭେଦରେ ଦୁଇ ପ୍ରକାର । ଶୀତକାଳରେ ସାଧାରଣତଃ ଏ ଫୁଲ ଫୁଟେ । ] ପ୍ରାଦେ. ( ସମ୍ବଲପୁର ) ବ—ବାରବରଷିଆ ଗଛ—Agave. [ ଦ୍ର—ପଣ୍ଡିତ କୁଳମଣି ଦାଶ ଉ. ସା. ୬୨।୧୧ରେ ବାରବରଷିଆ ଗଛର ସଂସ୍କୃତ ନାମ 'ମୁର୍ବା' ବୋଲି ଲେଖି ଅଛନ୍ତି; କିନ୍ତୁ ଏହା ଠିକ୍ ନୁହେଁ । ]

ମୁରୁଗି—ବୈଦେ. ବ ( ଫା. ମୁରଗ୍=ପକ୍ଷୀ )—୧ । କୁକୁଡ଼ା—Murugi 1. Cock; fowl. [ ଦ୍ର—ବଙ୍ଗଳାରେ ଅଣ୍ଡିସ୍ଥ ମୋରଗ ମୁର୍ଗୀ କୁକୁଡ଼ାକୁ ମୋରଗ ଓ ମାଈ କୁକୁଡ଼ାକୁ ମୁରଗୀ ( ମୁର୍ଗି—ଅନ୍ୟରୂପ ) କହନ୍ତି । କିନ୍ତୁ ଓଡ଼ିଆରେ ପୁଂ ଓ ସ୍ତ୍ରୀ ଉଭୟଙ୍କୁ ମୁରଗୀ କହନ୍ତି । ] ୨ । ( ସଂ. ମୃଗୀ ) ମୃଗୀ ରୋଗ—2. Apoplexy.

ମୁରୁଗି ଅଣ୍ଡା—ଦେ. ବ ( ଫା. ମୁର୍ଗୀ+ସଂ. ଅଣ୍ଡ )—କୁକୁଡ଼ା ଅଣ୍ଡା—Murugi aṇḍā Hen's eggs. ମୁରଗীর ডিম্ব मुर्गीका अंडा

ମୁରୁଗି ଲଢ଼ା(ଢ଼େ)ଇ—ଦେ. ବ ( ଫା. ମୁର୍ଗ୍‌ବାଜୀ )—ବାଜି ଜଣାଇ Murugi larḍhā(rḍhe)i ବାଜି ରଖି ଦୁଇଟି କୁକୁଡ଼ାଙ୍କ ମଧ୍ୟରେ মুরগী লড়াই मुर्गाकी लड़ाइ; मुर्गबाजी ଯୁଦ୍ଧ କରାଇବାରୂପ କୌତୁକ—Cockfight.

ମୁରୁଗୁଡ଼ିଆ(ୟା)—ଦେ. ବଣ—ମୁରକୁଟିଆ ( ଦେଖ ) Murugurḍiā(yā) Mur-kuṭiā ( See )

ମୁରୁଗୁଣୀ—ଗ୍ରା. ବ ( ସଂ. ମୃଗୀ )—ହରିଣୀ; ସ୍ତ୍ରୀ ମୃଗ; ଏଣୀ—Muruguṇi A she-deer. মৃগী हरिनी ( ମୁର୍ଗୁଣୀ—ଅନ୍ୟରୂପ )

ମୁରୁଗୁଣୀ ତୁଷ୍ଟି (ସ୍ତୁତି)—ଗ୍ରା. ବ ( ସଂ. ମୃଗୀ ଓ ସ୍ତୁତି )—କବି Muruguṇi tusti (stuti) ବଳରାମ ଦାସଙ୍କ ରଚିତ ଉପନ୍ୟାସ মৃগীর স্তুতি हरिनीकि स्तुति ମୃଗୀର ଉପାଖ୍ୟାନ ସମ୍ବଳିତ (ମୁର୍ଗୁଣୀ ତୁଷ୍ଟି[ସ୍ତୁତି]--ଅନ୍ୟରୂପ) କବିତା—A poem in Oriya by Balarāma Dāsa describing the rescue of a she-deer, when beset with danger on all sides, by the Grace of God whom she prayed fervently. [ ଦ୍ର—ଏହା ବିଷ୍ଣୁପୁରାଣୋକ୍ତ ଗୋଟିଏ ଆଖ୍ୟାୟିକା ଅବଲମ୍ବନରେ ରଚିତ । ଗୋଟିଏ ଆସନ୍ନପ୍ରସବା ମୃଗୀ ତାହାର ଦୁଇଟି ଶିଶୁକୁ ନେଇ ବଣରେ ଯାଉଥିବା ସମୟରେ ତାକୁ ବ୍ୟାଧ ମାରିବାକୁ ବସିଲା । ଏକ ଦିଗରେ ଜାଲ ଘେରାଇଲା, ଏକ ଦିଗରେ କୁକୁର ଜଗାଇଲା, ଅନ୍ୟ ଏକ ଦିଗରେ ନିଆଁ ଲଗାଇଲା ଏବଂ ନିଜେ ଆଉ ଏକ ଦିଗରେ ଧନୁ ଧରି ଜଗିଲା । ଏହା ଦେଖି ମୃଗୀ କିଂକର୍ତ୍ତବ୍ୟବିମୂଢ଼ା ହୋଇ ଅନ୍ତର୍ଭାଣ ଭଗବାନଙ୍କୁ ଡାକି ଲାଗିଲା । ଭଗବାନ୍ ସେ ସମୟରେ ଲକ୍ଷ୍ମୀଙ୍କ ସହିତ ବୈକୁଣ୍ଠପୁରରେ ପଶାଖେଳରେ ମାତିଥିଲେ, କିନ୍ତୁ ବହୁଦୂରସ୍ଥ ମର୍ତ୍ତ୍ୟରେ ହରିଣୀର ଡାକଳ ଡାକ ତାଙ୍କ କାନରେ ବାଜିବାରୁ ସେ ସୁଦର୍ଶନ ଚକ୍ରକୁ ତାର ସାହାଯ୍ୟାର୍ଥ ପଠାଇ ଦେଲେ । ଭଗବାନଙ୍କ ଦୟାରୁ ହଠାତ୍ ବର୍ଷା ହୋଇ ବଣରୁ ନିଆଁ ନିଭିଗଲା, ତୋଫାନରେ ଜାଲ ଛିଣ୍ଡିଗଲା, ସାପଟିଏ ବାହାରି କୁକୁରକୁ ଦଂଶନ କଲା ଓ ବଜ୍ରାଘାତରେ ସ୍ୱୟଂ ବ୍ୟାଧ ପ୍ରାଣ ହରାଇଲା । ଏହି ପ୍ରକାରେ ଭଗବାନଙ୍କ ଅପାର କରୁଣାରୁ ହରିଣୀ ବିପଦରୁ ଉଦ୍ଧାର ପାଇ ତା ବାଟେ ବାଟେ ଗଲା । ]

ମୁରୁଚ—ବୈଦେ. ବ—୧ ୫ ( ଫା. ମୋରଚ୍; ମୂଳ ସଂ. ମଣ୍ଡୁର )—Muruchā ଲୁହା ଆଦି ଧାତୁରେ ଲାଗିବା କଳଙ୍କି; ମରଚ୍—মর্চে, মর্চ্যা, মড়িচা 1. Rust. ୨ । ( ଫା. ମୁର୍ଚ୍ଚ )—ଗଡ଼ मोर्चा (मुर्चा—ଅନ୍ୟରୂପ) ଚାରିପାଖ ପାଚେରି—2. Wall round. মুরচা मुरचा a fort. [ ଦ୍ର—ରାଜନମଣି ପ୍ରଭୃତି ଜାଣି, ଅଗାଧ ପାଣି ଜଳୀ ଜମିଣି, ପାଷାଣ କାନ୍ଥି ସଜାଡ଼ି ପୁଣି ମୁରୁଚ କରି ସେ—ବ୍ରଜନାଥ. ସମରତରଙ୍ଗ । ] ୩ । ଗଡ଼ଖାଇ—3. Moat round a fort. ୪ । ଦୁର୍ଗର ପାଚେରିରେ ନିର୍ମିତ ଗୃହ, ଯହିଁରେ ବାରୁଦଗୋଳା ଆଦି ରଖାଯାଏ—4. A bastion.

ମୁରୁଚ ଧ(ମା)ରିବା—ଦେ. କ୍ରି—କଳଙ୍କି ଲାଗିଯିବା—To become Muruchā dha(mā)ribā মর্চেধরা rusted. मोरचा लगना ( ମୁରୁଚ ପଡ଼ିବା, ମୁରୁଚ ଲାଗିବା—ଅନ୍ୟରୂପ )

ମୁରୁଚୁଡ଼ା—ଦେ. ବ—ଗ୍ରାମ ନିକଟସ୍ଥ ଭୂମି—Muruchurḍā Lands adjoining a village.

ମୁରୁଚୁଣ୍ଡା—୧ । ପ୍ରାଦେ. ( ଗଡ଼ଜାତ ବ—(ଅନାଦରବୋଧକ) କିଛି Muruchunḍā ନାହିଁ—1. Nothing. [ ଯଥା—ସବୁ ତ ସରିଗଲାଣି, ତୁ ଅସିଛୁ ମୁରୁଚୁଣ୍ଡାଟା ପାଇବୁ ।] ୨ । ପ୍ରାଦେ. ( ଚିଲିକା ଅଞ୍ଚଳ ) ବ—ଚିଲିକାର ଚିଙ୍ଗୁଡ଼ି ମାଛର ଖୋଳ ଛଡ଼ା ହୋଇଥିବା ଶସ—2. The dried flesh of big shrimps after the scales are beaten out by means of cudgels. [ ଦ୍ର—ଚିଲିକାରୁ ଚିଙ୍ଗୁଡ଼ିମାଛ ମାରି ତାକୁ ପାଣିରେ ସିଝାଇ ଖରାରେ ଶୁଖାଇ ଗଦା କରି କରି ବୋଲଥ ବାଡ଼ିଅ ବଳ ବାଡ଼ିରେ ପିଟି ତା ଦେହରୁ ଖୋଳପା ପୃଥକ୍ କରି ଶସ ସଗ୍ରହ କରାଯାଏ । ଏହି ଶସ ବ୍ରହ୍ମଦେଶବାସୀଙ୍କର ପ୍ରିୟ ଖାଦ୍ୟ । ]

ମୁରୁଛନା—ଗ୍ରା. ବ ( ସଂ. ମୂର୍ଚ୍ଛନା )—ମୂର୍ଚ୍ଛନା ( ଦେଖ )—Muruchhanā মুরছনা मुरछना Mūrchchhanā (See) ( ମୂର୍ଚ୍ଛନା—ଅନ୍ୟରୂପ )

ମୁରୁଛା—ଗ୍ରା. ବ (ସଂ. ମୂର୍ଚ୍ଛା)—୧ । ମୂର୍ଚ୍ଛା (ଦେଖ)—1. Mūrchchhā Muruchhā মূর্চ্ছা मूर्च्छा ( See ) ୨ । ମୁରୁଛିବା (ଦେଖ ) [ ମୂର୍ଚ୍ଛା, ମୁଛା—ଅନ୍ୟରୂପ ] 2. Muruchhibā ( See )

ମୁରୁଛା ଯି(ହେ)ବା—ଗ୍ରା. କ୍ରି—ମୂର୍ଚ୍ଛିତ ହେବା—To swoon. Muruchhā ji(he)bā মূর্চ্ছা যাওয়া मूर्च्छित होना

ମୁରୁଛିତ—ଗ୍ରା. ବ. ( ପଦ୍ୟ ) ଦେ. ବ ( ସଂ. ମୂର୍ଚ୍ଛିତ )—ମୂର୍ଚ୍ଛିତ—Muruchhita মূর্চ্ছিত मूर्च्छित Fainted. [ ଦ୍ର—ମୁରୁଛିତ ହୋଇ ପଡ଼ିଲେ ମହୀପତି, ପୁଣି ଜ୍ଞାନ ଅସି ଅଙ୍ଗରେ କଲା ସ୍ଥିତି—କୃଷ୍ଣସିଂହ. ମହାଭାରତ. ଅଦି । ]

ମୁରୁଛିବା—ଦେ. କ୍ରି—୧ । ତ୍ୟାଗ କରିବା; ଛାଡ଼ିବା—1. To give up.
Muruchhibā ছেড়ে দেওয়া **माया छोड़ना**
ମୁର୍ଚ୍ଛିବା } —ଅନ୍ୟରୂପ
ମୁଚ୍ଛିବା }
[ଉ—ଗୁରୁ ସେବା କରି ବେଦ ଯେ ଜାଣିଅଛୁ, ତାକୁ ଶିଷ୍ୟାଗ୍ରେ ନ ପାରିଲୁ ମୁରୁଛି । କୃଷ୍ଣସିଂହ. ମହାଭାରତ. ବନ ।] ୨ । ପାଶରୁ ଅନ୍ତର ହୋଇ ଯିବା; ଅନ୍ତର ହେବା—2. To stay away from; to part with. ୩ । ପାଶୋରିବା—3. To forget. [ଉ-ସଙ୍ଗକୁ ଯିବାବେଳେ ଯାହା ଶିଖିଥିଲେ, ସେହି ଲୁଗାବେଣି ସେ ବନବାସ ଗଲେ । ଭୁଲି ତାହା ଦେଖିଣ ମୁରୁଛି ନ ପାରି । କୃଷ୍ଣସିଂହ. ମହାଭାରତ. ସଭା ।] ୪ । କୌଣସି ବିଷୟର ସ୍ନେହ ତ୍ୟାଗ କରିବା—4. To give up hankering after or liking for a thing.

ମୁରୁଜ—ଦେ. ବି—(ସଂ. ମୁଜ୍ ଧାତୁ=ପରିଷ୍କାର କରିବା, ଅଳଂକୃତ କରିବା; ତୁଳ. ଡା. ମୁରୁଜ=ଗୁଣ୍ଡିବା; ଗୁଣ୍ଡା କରିବା)—
Muruja
চালের চূনা **चूरन; खड़ीका चूरन**
୧ । ଚାଉଳ ଓ ଖଡ଼ି ଆଦିର ଚୂନା, ଯାହାଦ୍ୱାରା ପୂଜା ସ୍ଥାନାଦିରେ ଚିତ୍ରବିଚିତ୍ର ବା ଠାଅ କରାଯାଏ—Powdered rice or chalk etc. used in drawing figures on the ground before a dish of meal or offering is placed there. [ଉ—ହୋଇଛି ଯା ସେ ଘରେ ମୁରୁଜ ମଣ୍ଡଳ । କୃଷ୍ଣସିଂହ. ମହାଭାରତ. ଆଦି ।] [ଦ୍ର—ଭିନ୍ନ ଭିନ୍ନ ଦେବତାଙ୍କ ଓ ଗ୍ରହଙ୍କ ପୂଜାରେ ଭିନ୍ନ ଭିନ୍ନ ବର୍ଣ୍ଣର ମୁରୁଜ ଦ୍ୱାରା ଠାଅ କରିବାର ବିଧି ଅଛି । ପାଞ୍ଚ ବର୍ଣ୍ଣର ମୁରୁଜ ପୂଜାଆଦିରେ ବ୍ୟବହୃତ ହୁଏ । ଯଥା—ଧଳା, କଳା, ନାଲି, ହଳଦିଆ ଓ ସାବୁଜା । ସ୍ତ୍ରୀଲୋକମାନେ ଅଙ୍ଗୁଷ୍ଠ ଓ ତର୍ଜନୀ ମଧ୍ୟରେ ମୁରୁଜ ଚୂନା ଧରି ହାତକୁ ଭୂମି ଉପରେ ଚଳାଇ ଅଚ୍ଛ ପରିପାଟୀରୂପେ ନାନା ଚିତ୍ର କାଟି ପାରନ୍ତି ।]

ମୁରୁଜ ଚୁରିବା—ଦେ. କ୍ରି—ଚାଉଳ, ଖଡ଼ି ଆଦିକୁ ଚୂର୍ଣ୍ଣ କରି ମୁରୁଜରେ ପରିଣତ କରିବା—To reduce rice or chalk to powder to draw figures therewith.
Muruja chūribā
চাল গুঁড়া করা **चावल पीसना**

ମୁରୁଜ ଦେବା—ଦେ. କ୍ରି—ମୁରୁଜଦ୍ୱାରା ଭୂଇଁରେ ଚିତ୍ର ବା ଠାଅ ଅଙ୍କିତ କରିବା—To draw figures on the ground with Muruja.
Muruja debā
আলপনা দেওয়া **अहिपन देना**

ମୁରୁଜ ପଥର—ଦେ. ବି—ଶୁକ୍ଳ ପ୍ରସ୍ତର ବିଶେଷ; (ଏହାର ଚୂନା ଧଳା ହୋଇ ଓ ମୁରୁଜ ହୁଏ); ଧଳା ଖଡ଼ିପଥର—A white variety of stone which can be easily pulverised into powder; a kind of hard chalk stone.
Muruja pathara
খড়ি প্রাথর **खलिया पथर**

ମୁରୁଜ ମାଟି—ଦେ. ବି—ଏକ ପ୍ରକାର ଧଳା ପାର୍ବତ୍ୟ ମାଟି, ଯାହାର ଚୂନାରେ ମୁରୁଜ ହୁଏ—A kind of white earth used as Muruja and found on hilly tracts.
Muruja māṭi
খড়ি মাটী **खलिया मट्टी**

ମୁରୁଜ ମାନ—ଗ୍ରା. ବିଣ.—(ସଂ. ମ୍ରିୟମାଣ)—ଯେ ଖେଦ ପ୍ରକାଶ କରେ; ଦୁଃଖିତ—Sorrowing.
Muruja mān
(ମୁର୍ଚ୍ଛମାନ୍—ଅନ୍ୟରୂପ)

ମୁରୁଡ଼ି—ଦେ. ବି.—(ତୁଲ. ଓ. ମୁରୁଛିବା;)—୧ । ବୁଡ଼ି; ପଣ—1. Wager. ୨ । ତ୍ୟାଗ—2. Giving up. ୩ । ବସ୍ତ୍ରତ୍ୟାଗ—3. Putting off of one's cloth. ବିଣ—ଭିଲଗି କରିଥିବା (ବସ୍ତ୍ର) — Put off; discarded (cloth). ( ଉ—ବେଳକାଳରେ କରି ବାସ ମୁରୁଡ଼ି—ଉପେ. ସୁବର୍ଣ୍ଣରେଖା ।)
Murur̤di

ମୁରୁଡ଼ି ପଡ଼ିବା—ଦେ. କ୍ରି—୧ । ଫିଟି ଅଲଗା ହୋଇ ପଡ଼ି ଯିବା—1. To be unstrung and lie scattered. (ଉ—ହାର ଛିଣ୍ଡି ମୁରୁଡ଼ି ପଡ଼ଇ ହାର ବେଳ । ଉପେ. ଲାବଣ୍ୟବତୀ ।) ୨ । ବୁଡ଼ି ବା ପଣରୂପେ ରଖା ଯିବା—2. To be laid as a wager
Murur̤di par̤dibā

ମୁରୁଣା(ନା)ଳ—ଗ୍ରା. ବି (ପଦ୍ୟ; ସଂ. ମୃଣାଳ)—ମୃଣାଳ; ପଦ୍ମନାଡ଼—The stalk of lotus.
Murunā(nā)la

ମୁରୁତି—ଗ୍ରା. ବି (ପଦ୍ୟ)—(ସଂ. ମୂର୍ତ୍ତି)—ମୂର୍ତ୍ତି (ଦେଖ)
Muruti Mūrtti (See).
মুরতি, মুরুৎ **मूरत**

ମୁରୁତକା—ଦେ. ବି (ସଂ. ମୃତକାଶୌଚ)—୧ । ମରଣାଶୌଚ; ମୃତ ବ୍ୟକ୍ତିର କୁଟୁମ୍ବମାନଙ୍କୁ ଲାଗିବା ଅଶୌଚ—
Murutikā
ମୁରୁତକିଆ(ଯ୍ୟା) }
ମୃତିକା,ମୃତିକିଆ(ଯ୍ୟା) } ଅନ୍ୟରୂପ
1. Impurity or pollution affecting the kinsmen by the recent death of a person.
ବିପତ୍ତିତ—ଛୁତକିଆ
মৃতাশৌচ, মৃতক **मरणाशौच**

ମୁରୁତିକା—ଗ୍ରା. ବି (ସଂ ମୃତ୍ତିକା)—୧ । ମାଟି—1. Earth. ୨ । ମୃତାଶୌଚ—2. Mourning period in a Hindu household.
Murutikā
(ମୃତିକା—ଅନ୍ୟରୂପ)

ମୁରୁତିକିଆ(ଯ୍ୟା)—ଦେ.ବିଣ-ଏକ ମୂର୍ତ୍ତି ବା ଏକଖଣ୍ଡ ବିଶିଷ୍ଟ (ଲୁଗା)—Consisting of one piece only.
Murutikiā(yā)
(ମୃତିକିଆ[ଯ୍ୟା]—ଅନ୍ୟରୂପ) (ଯଥା-ମୁରୁତିକିଆ ଲୁଗା) ଦେ. ବି—ମରଣାଶୌଚ—Impurity due to the recent death of a kinsman.

ମୁରୁଦଙ୍ଗ—ଗ୍ରା. ବି (ସଂ. ମୃଦଙ୍ଗ)—ମୃଦଙ୍ଗ (ଦେଖ)—
Murudanga Mr̥danga (See).
(ମୃଦଙ୍ଗ—ଅନ୍ୟରୂପ) মৃদঙ্গ **मिरदंग**

ମୁରୁଦାର—ବୈଦେ, ବି (ଫା. ମୁର୍ଦା)—ଶବ; ମଡ଼ା; ମଢ଼—Dead body, corpse. [ ଦ୍ର—ମନୁଷ୍ୟର ଶବକୁ ମୁରୁଦାର ଓ ପଶୁଆଦିଙ୍କ ଶବକୁ ମଢ଼ ବୋଲାଯାଏ ।]
Murudāra
(ମୁର୍ଦାର—ଅନ୍ୟରୂପ)
মুর্দার **मुर्दा**

ମୁରୁଦାର ଉଠା (ଠେ)ଇବା—ଦେ. କ୍ରି—ମନୁଷ୍ୟ ଶବକୁ ଶ୍ମଶାନକୁ ନେବା—To carry the corpse of a dead person to the cremation ground
Murudāra uṭhā(ṭheibā
(ମୁର୍ଦାର କାଢ଼ିବା—ଅନ୍ୟରୂପ)
মড়া তোলা
**मुर्दा उठाना**

**ମୁରୁଦାର କଟା**—ଦେ. ବି—ଶବବ୍ୟବଚ୍ଛେଦ—Dessection. ଦେ.
Murudāra kaṭā ବିଣ—ଶବବ୍ୟବଚ୍ଛେଦକାରୀ—Dissecting.
(ମୁର୍ଦାରକଟା—ଅନ୍ୟରୂପ) ମড়াকাটা मुर्दा चीरना

**ମୁରୁଦାର କିଢ଼ା**—ଦେ. ବିଣ—ମଡ଼ାକୁ ଯେଉଁମାନେ ଘରୁ କାଢ଼ି
Murudāra kāḍhā ଶ୍ମଶାନକୁ ନିଅନ୍ତି—Carrying the
(ମୁର୍ଦାର କଢ଼ା—ଅନ୍ୟରୂପ) dead body of a person to
মড়াতোলা the cremation ground. ଦେ. ବି—୧ ।
मुर्दा उठानेवाला ମଡ଼ା କାଢ଼ିବା—The act of bringing out the dead body of a person from the house to the cremation ground. ୨ । ଯେ ମୁର୍ଦାର ବୋହିନିଏ—Undertaker.

**ମୁରୁଦାର ଖଟିଆ(ୟା)**—ଦେ. ବି—ଶବବାହୀ ଖଟ—A litter for
Murudāra khaṭiā(yā) carrying the dead body.
[ମୁର୍ଦାର ଖଟିଅ(ୟା), ମୁର୍ଦାର ଡୋଲି(ଲୀ)—ଅନ୍ୟରୂପ]
মড়া খাটিয়া मुर्दाकी खटिया

**ମୁରୁଦାର ଖାନା**—ବୈଦେ. ବି (ଫା. ମୁର୍ଦା ଖାନା)—୧ । ମଡ଼ା-
Murudāra khānā ମଶାଣି; ଶ୍ମଶାନ—1. Cremation
(ମୁର୍ଦାରଖାନା—ଅନ୍ୟରୂପ) ground. ୨ । କବର ଖାନା—
মুদারখানা मुर्दा खाना 2. Burial ground. ୩ । ଯେଉଁ ଘରେ ଡାକ୍ତରମାନେ ଶବ ବ୍ୟବଚ୍ଛେଦ କରନ୍ତି—3. Morgue.

**ମୁରୁଦାର ଶଙ୍ଖ**—ଦେ. ବି (ସଂ. ମୁଦ୍ରାଶଙ୍ଖ)—ମୁଦ୍ରା ଶଙ୍ଖ (ଦେଖ)
Murudāra śaṅkha Mudrā śaṅkha (See)
(ମୁର୍ଦାର ଶଙ୍ଖ—ଅନ୍ୟରୂପ) मुद्रा शंख मुर्दा शंख

**ମୁରୁଦାରିଆ(ୟା)**—ଗ୍ରା. ବିଣ—୧ । ମଡ଼ା ପରି ଶୁଷ୍କ ବା କ୍ଷୀଣ—
Murudāriā(yā) 1. Withered like a dead body.
(ମୁର୍ଦାରିଆ—ଅନ୍ୟରୂପ) ୨ । ମଡ଼ା ପରି ଗନ୍ଧାଉଥିବା—2.
মড়ার মত Smelling like a dead body.
मुर्दारिया; मुर्दाकी ୩ । ଅତି କ୍ଷୀଣ—3. Emaciated.

**ମୁରୁଧନା(ନି)**—ଗ୍ରା. ବି (ସଂ. ମୂର୍ଦ୍ଧନ୍)—୧ । ମସ୍ତକ; ମୁଣ୍ଡ—
Murudhanā(ni) 1. The head. [ଦୃ—ଦଶଦଶଙ୍କୁ
(ମୁର୍ଦ୍ଧନା, ମୁର୍ଦ୍ଧନ—ଅନ୍ୟରୂପ) ଦଶ ମୁର୍ଦ୍ଧନ କରିବ ତାର ବଳ,
মাথা ଭୂମିରେ ପଡ଼ୁଥିବ ତା ପିଣ୍ଡ ହୋଇ ରୁଧିର ଧୂଳ ।
मुरधना ବିଶ୍ୱନାଥ. ବିଚିତ୍ରରାମାୟଣ । ତୋ ବଶେ ରାଜା ଯେ ହୋଇବ, ମୁର୍ଦ୍ଧନା ପାଟ ସେ ମରିବ । ଜଗନ୍ନାଥ. ଭାଗବତ ।) ୨ । ଶିରଃ ବା ଅଗ୍ରଭାଗ—2. The top. ୩ । ବହୁଲୋକଙ୍କ ମଧ୍ୟରେ ଶ୍ରେଷ୍ଠ ସ୍ଥାନ; ପ୍ରଧାନ ସ୍ଥାନ—3. Chief or prominent position amongst many. ୪ । ବହୁଲୋକଙ୍କ ମଧ୍ୟରେ ଶ୍ରେଷ୍ଠ ବ୍ୟକ୍ତି—4. The chief or headman.

**ମୁରୁଧନା ପାତ**—ଦେ. ବି (ସଂ. ମୂର୍ଦ୍ଧନ୍ ଓ ପାତ)—୧ । ମୁଣ୍ଡକଟା ହୋଇ
Murudhanā pāta ଭୂମିରେ ପଡ଼ିବା; ମୁଣ୍ଡକାଟ; ମୁଣ୍ଡପାତ
(ମୁର୍ଦ୍ଧନାପାତ—ଅନ୍ୟରୂପ) —Beheading; loss of one's
head. ୨ । ଅପମୃତ୍ୟୁ; ହଠାତ୍ ମୃତ୍ୟୁ—2. Sudden death.
মুণ্ডপাত [ଦୃ—ଲୋକେ ଅଭିଶାପ ଦିଅନ୍ତି—'ତୋର
मुरधना पात ମୁର୍ଦ୍ଧନା ପାତ ହେଉ' ।]

**ମୁରୁଧନାଭିଷେକ**—ଗ୍ରା. ବି (ସଂ. ମୂର୍ଦ୍ଧାଭିଷେକ)—ରାଜାଙ୍କର
Murudhanābhisheka ସିଂହାସନରେ ଅଭିଷେକରୂପ କର୍ମ
(ମୁର୍ଦ୍ଧନାଭିଷେକ—ଅନ୍ୟରୂପ) (ଏଥିରେ ରାଜାଙ୍କ ମୁଣ୍ଡରେ
মূর্দ্ধাভিষেক ମନ୍ତ୍ରପୂତ ତୀର୍ଥଜଳ ଢଳାଯାଏ)—Installa-
मुरधानमिषेक tion of a king on his throne (accompanied with the ceremony of sprinkling water on the head)

**ମୁରୁଧନାଭିଷେକୀ**—ଗ୍ରା. ବି. (ସଂ. ମୂର୍ଦ୍ଧାଭିଷିକ୍ତ)—ରାଜା;
Murudhanābhishekī ସମ୍ରାଟ୍—A king; an
[ମୁର୍ଦ୍ଧନାଭିଷେକୀ—ଅନ୍ୟରୂପ] emperor
মুর্দ্ধাভিষেকী मुरधनाभिषेक

**ମୁରୁଧନି**—ଦେ. ବି (ସଂ. ମୂର୍ଦ୍ଧନ୍)—ଜାତିର ପ୍ରଧାନ ବ୍ୟକ୍ତି; ଜାତିର
Murudhani ସର୍ଦ୍ଦାର—The headman of a caste.
[ମୁରୁଧନିଆ, ମୁର୍ଦ୍ଧନି, ମୁର୍ଦ୍ଧନିଆ—ଅନ୍ୟରୂପ]
মুর্দ্ধানিয়া मूड आदमी

**ମୁରୁଧନ୍ୟ**—ଗ୍ରା. ବିଣ—ମୂର୍ଦ୍ଧନ୍ୟ (ଦେଖ)
Murudhanya Mūrddhanya (See)
(ଯଥା—ମୁରୁଧନ୍ୟ ଷ, ମୁରୁଧନ୍ୟ ଣ ।)

**ମୁରୁଧା**—ଗ୍ରା. ବି—ମୂର୍ଦ୍ଧା (ଦେଖ)
Murudhā Murddhā (See)

**ମୁରୁବା**—ଦେ. ବି (ସଂ. ମୂର୍ବା)—ମୁରୁଗା (ଦେଖ)
Murubā Murugā (See)

**ମୁରୁବା(ବା)**—ବୈଦେ. ବି (ଅ. ମୁରବ୍ବା)—ମୁରବ୍ବା; ମୋରବ୍ବା;
Murubā(bbā) ମିଷ୍ଟରସରେ ପାକ କରାଯାଇ ବହୁଦିନ ସହାଏ
মুরবা, মোরবা ରଖାଯାଇ ଥିବା ଫଳ—Preserved fruit;
मरब्बा a preserve; a confection.

**ମୁରୁମ**—ପ୍ରାଦେ (ବସ୍ତର) ବି—ଚାଟ ବରୁଣ—
Muruma Pimple on the face

**ମୁରୁ ମୁରିଆ**—ପ୍ରାଦେ (ଗଞ୍ଜାମ) (ସଂ. ମୁର୍ମୁର=ତୁଷାନଳ)
Muru muriā ବିଣ—ଅଳ୍ପ ବା ସାମାନ୍ୟ ଜଳୁଥିବା
(ଅଗ୍ନି)—Low (fire). (ଯଥା—'ମୁରୁମୁରିଆ ନର୍ଥରେ ପୋଡ଼ ରସ ବାହାର କରିବ'—ହରେକୃଷ୍ଣ. ଦ୍ରବ୍ୟଗୁଣକଳ୍ପଦ୍ରୁମ ।)

**ମୁରୁମୁରିଆ ପାଉଁଶ**—ପ୍ରାଦେ (ଗଞ୍ଜାମ) ବି—ତଳେ ନିଆଁ ଥାଇ
Murumuriā pāuṅsa ଉପରେ ଥିବା ପାଉଁଶ—
Smouldering ashes.

**ମୁର୍କି (ଇତ୍ୟାଦି)**—ଦେ. ବିଣ—ମୁରୁକି ଇତ୍ୟାଦି (ଦେଖ)
Murki (etc) Muruki etc (See)

**ମୁର୍କୁଟିଆ**—ଦେ. ବିଣ—ମୁରୁକୁଟିଆ (ଦେଖ)—
Murkuṭiā Murukuṭiā (See)

**ମୁର୍କୁଣ୍ଡ**—ଦେ. ବିଣ ଓ ବି—ଖର୍ବ ଲୋକ—
Murkuṇḍa A dwarf.

**ମୁର୍ଗ**—ଗ୍ରା. ବି—ମୁରୁଗ (ଦେଖ)
Murga Muruga (See)

ମୁର୍ଗା—ଦେ. ବ—ମୁରୁଗା (ଦେଖ)—Murugā ( See ) ଗ୍ରାଦେ.
Murgā ( ସିଂହଭୂମି ) ବ—ବାରବରଷିଆ ଗଛ—Agave.

ମୁର୍ଗି—ଦେ. ବ—ମୁରୁଗି ( ଦେଖ )
Murgi Murugi ( See )

ମୁର୍ଜ(ର୍ଜ୍ଜ)ମାନ୍—ଦେ. ବଣ. ( ସଂ. ମ୍ରିୟମାଣ )—ଅତି ଦୁଃଖିତ—
Murj(rja)mān Sorrowing. (ଯଥା—ସେ ଘର ମୁର୍ଜମାନ୍ ହୋଇ ବସିଛି ।)

ମୁର୍ଦ(ର୍ଦ୍ଦ)ଙ୍ଗ—ଗ୍ରା. ବ—ମୁରୁଦଙ୍ଗ ( ଦେଖ )
Murda(rdda)ṅga Murudaṅga ( See )

ମୁର୍ଦା(ର୍ଦ୍ଦା)ର (ଇତ୍ୟାଦି)—ବୈଦେ. ବ—ମୁରୁଦାର ଇତ୍ୟାଦି (ଦେଖ)
Murdā(rddā)ra (etc) Murudāra etc. (See)

ମୁର୍ଦ(ର୍ଦ୍ଦା) ଫରାଶ—ବୈଦେ. ବ. (ପା. ମୁର୍ଦା ଫରୋସ୍)—ଶବବାହକ
Murdda(rddā) pharāś ସମ୍ପ୍ରଦାୟ ବିଶେଷ; ସେଉଁ ମୃତ
मुर्द फरा(रो)श ବ୍ୟକ୍ତିର ଶବର ସତ୍କାର ପାଇଁ ନିକଟରେ ଆତ୍ମୀୟ
मुर्दा फरोश ଆଦ କେହି ନ ଥାନ୍ତି ସେହି ଶବକୁ ଉଠାଇ ନେଇ ସତ୍କାର କରିବା ସେହି ବ୍ୟକ୍ତିମାନଙ୍କ ଜୀବିକା; ଇତରଜାତିଅ—Professional carriers and disposers of dead bodies of persons who have got no relations near at hand to dispose of the corpses.

ମୁର୍ଦ୍ଦା(ର୍ଦା)—ବୈଦେ. ବ. ( ପା. ମୁର୍ଦା )—ମୁରୁଦାର ( ଦେଖ )
Murddā(rdā) Murudāra ( See )

ମୁର୍ଦ୍ଦା(ର୍ଦା)ର (ଇତ୍ୟାଦି)—ବୈଦେ. ବ. ( ପା. ମୁର୍ଦା )—ମୁରୁଦାର
Murddā(rdā)ra (etc) ଇତ୍ୟାଦି (ଦେଖ)—Murudāra etc. ( See )

ମୁର୍ଦ୍ଦା(ର୍ଦା)ର ଶଙ୍ଖ—ଦେ. ବ. (ସଂ. ମୁଦ୍ରା ଶଙ୍ଖ)—ମୁଦ୍ରା ଶଙ୍ଖ(ଦେଖ)
Murddā(rdā)ra śaṅkha Mudrā śaṅkha ( See )

ମୁର୍ଦ୍ଦା(ର୍ଦା)ରିଆ—ଦେ. ବଣ. (ପା. ମୁର୍ଦା)—ମୁରୁଦାରିଆ (ଦେଖ)
Murddā(rdā)riā Murudāriā ( See )

ମୁର୍ଦ୍ଧ(ର୍ଧ) (ଧାତୁ)—ସଂ—ବନ୍ଧନ କରିବା; ବାନ୍ଧିବା—
Murddh(rdh) (root) To bind.

ମୁର୍ଦ୍ଧ(ର୍ଧ)ନା (ଇତ୍ୟାଦି)—ଦେ. ବ. (ସଂ. ମୂର୍ଦ୍ଧନ୍)—ମୁରୁଧନା ଇତ୍ୟାଦି
Murddha(rdha)nā (etc) ( ଦେଖ )—Murudhanā etc. ( See )

ମୁର୍ଦ୍ଧ(ର୍ଧ)ନି—ଦେ. ବ. ( ସଂ. ମୂର୍ଦ୍ଧା )—୧ । ମୁରୁଧନି ( ଦେଖ )
Murddha(rdha)ni 1. Murudhani ( See ) ୨ । ଉତ୍କୃଷ୍ଟ ବ୍ୟକ୍ତି—2. Excellent person. (ଉ—ଅନଙ୍ଗ ନାମର ମୂର୍ଦ୍ଧନି, ଅମ୍ଭେ ଜାଣିଲୁଁ ସୁନ୍ଦରୀ । ଉପେନ୍ଦ୍ର. ପ୍ରେମସୁଧାନିଧି ।) ୩ । (ସଂ.ମୂର୍ଦ୍ଧନ୍)—ମସ୍ତକ; ଶିର—3. Head.
ଦେ.ବଣ—ଶ୍ରେଷ୍ଠ—Chief; principal. ଗ୍ରାଦେ (ସିଂହଭୂମ) ବ. (ସଂ. ମୂର୍ଦ୍ଧନ୍)—ଘରର ଛପରର ମଥାନ; ଛୁଲ—The topmost ridge of a thatched house.

ମୁର୍ଦ୍ଧ(ର୍ଧ)ନିଆ(ଆଁ)—ଦେ. ବଣ. ( ସଂ. ମୂର୍ଦ୍ଧନ୍ୟ )—ଶ୍ରେଷ୍ଠ—
Murddha(rdha)niā(āṅ) Chief; principal.
माथामाथा ଦେ. ବ—ମୁରୁଧନି (ଦେଖ)—Murudhani
मुड आदमी ( See )

ମୁର୍ଦ୍ଧ(ର୍ଧ)ନ୍ୟ (ଇତ୍ୟାଦି)—ଦେ. ବଣ. ( ସଂ. ମୂର୍ଦ୍ଧନ୍ୟ )—ମୂର୍ଦ୍ଧନ୍ୟ
Murddha(rdha)nya (etc) ଇତ୍ୟାଦି ( ଦେଖ )
Mūrdhanya etc.(See) ଗ୍ରାଦେ. (ସିଂହଭୂମି, ସମ୍ବଲପୁର) ୧ । ଚାଳଅଣ୍ଡି—1. The gable of a thatched house. ୨ । ମଉଳା ଭଞ୍ଜା ( ଦେଖ )—2. Maulā bhañjā ( See )

ମୁର୍ଦ୍ଧା(ର୍ଧା)—ଦେ. ବ—ଏକ ପ୍ରକାର ପଳାଶ ଜାତୀୟ ବନ୍ୟ ଗଛ—
Murddhā(rdhā) Bute Parviflora (tree);
[ଦ୍ର—ଏହା କ୍ଷୁଦ୍ର ଲତା ଜଙ୍ଗଲୀ ଗଛ, ସନ୍ତ୍ରସନ୍ତ୍ରିଆ ମାଟିରେ ହୁଏ । ଏହାର ମଞ୍ଜିରୁ ତେଲ ବାହାରେ ।]

ମୁର୍ବ୍(ର୍ବ୍) (ଧାତୁ)—ସଂ—ବନ୍ଧନ କରିବା—
Murbb(rb) (root) To bind.

ମୁର୍ବା—ବୈଦେ. ବ—ମୁରବା (ଦେଖ)
Murbbā Murabā ( See )

ମୁର୍ବି (ର୍ବୀ)—ସଂ. ବ. (ମୁର୍ବ୍ ଧାତୁ=ବନ୍ଧନ କରିବା+କରଣ. ଅ+
Murbbi(rbi) ଈ)—ମୁର୍ବା (ଦେଖ)—Mūrbbā (See )

ମୁର୍ଭଣୀ—ସଂ. ବ—ଅଙ୍ଗାରଧାନିକା; ଜଳ ଭମ୍ରେଇ ( ଶବ୍ଦକଳ୍ପଦ୍ରୁମ, ବଙ୍ଗ କୋଷ)—Brazier.
Murbhaṇi

ମୁର୍ମୁର—ସଂ. ବ—(ମୁର ଧାତୁ=ବେଷ୍ଟନ କରିବା+କର୍ତ୍ତୃ. କ୍ୱିପ୍-
Murmura ମୁର+ଅତିଶୟାର୍ଥେ ମୁର+ଅ)—୧ । ତୁଷାନଳ—
1. The fire of chaff. (ଉ—ତୋ ମୁର୍ମୁର ତାପ ପ୍ରକାଶର—ମଧୁସୂଦନ. ବସନ୍ତଗାଥା । ୨ । ସୂର୍ଯ୍ୟଦେବଙ୍କର ରଥର ଅଶ୍ୱ ବିଶେଷ—2. Name of one of the 7 horses of the Sun's chariot.
୩ । ମଦନ, କାମଦେବ—3. Cupid.

ମୁର୍ସିଦ୍ କୁଲି ଖାଁ—ବୈଦେ. ବ ( ନାମ )—ମୋଗଲ ସମ୍ରାଟ
Mursid kulī khāñ ଔରଙ୍ଗଜେବ ଓ ତତ୍ପରବର୍ତ୍ତୀ ସମ୍ରାଟଙ୍କ ଅଧୀନ ବଙ୍ଗଳାର ସୁବାଦାର ଦେବାନ୍ ଓ ନବାବ—Name of a famous Subadar and Nabab of Bengal under the Moghals.
[ଦ୍ର—ଏ ଦାକ୍ଷିଣାତ୍ୟବାସୀ ଦରିଦ୍ର ବ୍ରାହ୍ମଣ ସନ୍ତାନ । ଶିଶୁ ଅବସ୍ଥାରେ ଏହାଙ୍କୁ ଜଣେ ପାରସ୍ୟଦେଶୀୟ ବଣିକ କ୍ରୀତଦାସରୂପେ କ୍ରୟ କରି ପାରସ୍ୟର ଇସ୍ପାହାନ ନଗରକୁ ନେଇ ସେଠାରେ ପାଳି ତାଙ୍କୁ ମୁସଲମାନ ଧର୍ମରେ ଦୀକ୍ଷିତ କରି ଶିକ୍ଷା ଦେଇଥିଲେ । ତାଙ୍କର ନାମ ଥିଲା ମହମ୍ମଦ ହାଦୀ । ବଣିକଙ୍କ ମୃତ୍ୟୁ ପରେ ତାଙ୍କ ପୁତ୍ରମାନେ ଏହାଙ୍କୁ ସ୍ୱଦେଶକୁ ଛଡ଼ାଇ ଦେଲେ । ଏ ବେରାର ପ୍ରଦେଶର ଦେବାନଙ୍କ ପାଖେ ପହଞ୍ଚି ସେଠାରେ ଏପରି କର୍ମକୁଶଳତା ଦେଖାଇଲେ ଯେ ଅଳ୍ପ ଦିନେ ତାଙ୍କ ପ୍ରତି ମୋଗଲ ସମ୍ରାଟଙ୍କ ଦୃଷ୍ଟି

ଅକର୍ଷିତ ହେଲା । ସମ୍ରାଟ ତାଙ୍କୁ ବଙ୍ଗଦେଶର ଦେବାନ କଲେ ଓ ମୁର୍ଶିଦ୍ କୁଲୀଖାଁ ଉପାଧି ଦେଲେ । ସେ ପ୍ରାଚୀନ ମୁକ୍ସୁଦା(ସା)ବାଦ୍‌କୁ ଆପଣା ନାମ ଅନୁସାରେ ମୁର୍ଶିଦାବାଦ ନାମ ଦେଇ ସେଠାରେ ନିଜର ରାଜଧାନୀ କଲେ । ତତ୍ପରେ ବଙ୍ଗବିହାର ଓଡ଼ିଶାର ଦେବାନ୍ ପଦରେ ନିଯୁକ୍ତ ହେଲେ । ପୂର୍ବେ ମେଦିନୀପୁର ଓଡ଼ିଶାର ଅନ୍ତର୍ଗତ ଥିଲା । ଏ ତାକୁ ବଙ୍ଗଳାର ଅନ୍ତର୍ଭୁକ୍ତ କଲେ । ଏ ରାଜସ୍ୱ ଆଦାୟ ବିଷୟରେ ଜମିଦାରମାନଙ୍କ ପ୍ରତି ଖୁବ୍ କଡ଼ା ଥିଲେ, କିନ୍ତୁ ଧର୍ମପରାୟଣ, ନ୍ୟାୟପରାୟଣ ଓ ଦାନଶୀଳ ଥିଲେ । ତାଙ୍କର ଏକମାତ୍ର ପୁତ୍ର ଗୋଟିଏ ବିବାହିତା ରମଣୀର ଧର୍ମ ନାଶ କରିବାରୁ ନବାବ ପୁତ୍ରର ଶିରଚ୍ଛେଦନ କଲେ । ରାଜ୍ୟର ସୁଶାସନ ଓ ପ୍ରଜାପାଳନରେ ସେ ସର୍ବଦା ତତ୍ପର ଥିଲେ । ସେ ଏକ-ପତ୍ନୀରତ ଥିଲେ ଓ ଗଣିତ ଶାସ୍ତ୍ରରେ ତାଙ୍କର ବ୍ୟୁତ୍ପତ୍ତି ଥିଲା । ୧୭୨୭ ଖ୍ରୀଷ୍ଟାବ୍ଦରେ ସେ ମୃତ ହେଲେ—ବଙ୍ଗଳା. ବିଶ୍ୱକୋଷ । ]

ମୁର୍ଶିଦାବାଦ—ବୈଦେ. ବି ( ନାମ )—( ମୁର୍ଶିଦ୍ କୁଲୀଖାଁ ନବାବଙ୍କ
Mursidābāda ପ୍ରତିଷ୍ଠିତ ଓ ନବାବଙ୍କ ନାମରେ ଆଖ୍ୟାତ
মুর্সিদাবাদ ନଗର ) ବଙ୍ଗର ଗୋଟିଏ ଜିଲ୍ଲା ଓ ନଗର—
**मुर्सीदाबाद** Name of a district and town in Bengal. [ ଦ୍ର—ଏହାର ପ୍ରାଚୀନ ନାମ ମୁକ୍ସୁଦା(ସା)-ବାଦ୍ । ଏ ଜିଲ୍ଲାର ଉତ୍ତର ସୀମାରେ ଗଙ୍ଗା ଓ ଦକ୍ଷିଣପୂର୍ବ ସୀମାରେ ପଦ୍ମା ଓ ମଧ୍ୟରେ ଭାଗୀରଥୀ ନଦୀ ପ୍ରବାହିତ । ମୁର୍ଶିଦାବାଦର ତସର ଓ ଗରଦ ଲୁଗା ଖ୍ୟାତପ୍ରସିଦ୍ଧ । ]

ମୁଲ୍ (ଧାତୁ)—ପ—ରୋପଣ କରିବା—
Mul (root) To plant.

ମୁଲ୍—ପ୍ରାଦେ. ( ସମ୍ବଲପୁର ) ବି ( ଳ ସ୍ଥାନରେ ଲ ଉଚ୍ଚାରଣ; ଶବ୍ଦର
Mul ଶେଷ ଅକ୍ଷର ହଳନ୍ତ ଉଚ୍ଚାରଣ )—ମୂଳ ( ଦେଖ )—
Mūḷa ( See )

ମୁଲ୍‌କି ହସ(ସା)—ପ୍ରାଦେ. ( ସମ୍ବଲପୁର ) ବି—ମୃଦୁହସା—
Mul-ki hasa(sā) Smile.

ମୁଲ୍‌ତ(ତୁ)ବି—ବୈଦେ. ବି (କଚେରୀ; ଅ. ମୁଲ୍‌ତବୀ)—୧ । କୌଣସି
Mul-ta(tu)bi କାର୍ଯ୍ୟକୁ ପରେ କରିବା ପାଇଁ ପକାଇ ରଖିବା—
মুলতবী **मुलतवी** 1. Deferring; keeping in abeyance. ୨ । ମକଦ୍ଦମା ଅନ୍ୟ ପରେ ବିଚାର ହେବା ପାଇଁ ସ୍ଥଗିତ-ରଖାଯିବା; ମୁଲତବି—2. Adjournment; postponement of a case. ବିଣ ( ଅ )—୧ । ପରେ କରାଯିବା ପାଇଁ ବର୍ତ୍ତମାନ ସ୍ଥଗିତ ରଖାଯିବା ( କର୍ମ )—1. Deferred; kept in abeyance. ୨ । ଅନ୍ୟ ତାରିଖକୁ ଶୁଣାଣିର ତାରିଖ ନିର୍ଦ୍ଧାରିତ ହୋଇଥିବା ( ମକଦ୍ଦମା )—2. Adjourned; postponed ( hearing of a case ).

ମୁଲ୍‌ତବି କରିବା—ଦେ. କ୍ରି ( କଚେରୀ )—କୌଣସି ମକଦ୍ଦମାକୁ ଅନ୍ୟ
Mul-tabi karibā ତାରିଖରେ ଶୁଣାଣି ହେବା ପାଇଁ ସ୍ଥଗିତ
মুলতবি করা ରଖିବା—To adjourn a case to an-
**मुलतवी रखना** other date for hearing.
( ମୁଲ୍‌ତବ ରଖିବା—ଅନ୍ୟରୂପ )

ମୁଲ୍‌ତବି ଖରଚା—ବୈଦେ. ବି ( କଚେରୀ ) (ଅ. ମୁଲତବୀ + ଖର୍ଚ୍ଚା)—
Mul-tabi kharachā କୌଣସି ମକଦ୍ଦମାର ନିର୍ଦ୍ଧାରିତ ତାରିଖରେ
মুলতবি খরচা ଏକ ପକ୍ଷ ପ୍ରମାଣ ସହିତ ଉପସ୍ଥିତ ହୋଇଥିଲେ
**मुलतवी खरचा** ଓ ଅପର ପକ୍ଷ ପ୍ରସ୍ତୁତ ନ ଥିବା ଯୋଗୁଁ ସମୟ ପ୍ରାର୍ଥନା କଲେ ସମୟପ୍ରାର୍ଥନାକାରୀ ପକ୍ଷ ପ୍ରସ୍ତୁତ ହୋଇଥିବା ପକ୍ଷକୁ ତାହାର ଖରଚ କରିଥିବା ଧନର କ୍ଷତିପୂରଣ ରୂପେ ଯେଉଁ ଧନ ଦେବାକୁ ହାକିମ ହୁକୁମ କରନ୍ତି—Adjournment costs ordered by a court to be paid by the party who is not ready to conduct the case on the fixed date and prays for a postponement to the party who has come to cour. ready with his evidence.

ମୁଲ୍‌ତାନ—ଦେ. ବି—ମୁଲତାନ ( ଦେଖ )—Mulatāna (See)
Mul-tāna মুলতান **मुलतान**

ମୁଲ୍‌ତାନ(ନୀ)—ଦେ. ବି—ମୁଲତାନି ( ଦେଖ )
Mul-tāni(nī) Mulatāni (See)

ମୁଲ୍‌ନା—ବୈଦେ. ବି ( ଫା. ମୌଲନା )—ମୁସଲମାନ ପଣ୍ଡିତ—
Mul-nā A Mahomedan learned mant.
মৌলনা **मौलना**

ମୁଲ୍‌ହୁଁ—ପ୍ରାଦେ, ( ସମ୍ବଲପୁର ) ଅ—୧ । ମୂଳରୁ; ମୂଳଠାରୁ—
Muḷ-huṅ 1.From the root. ୨ । ଆରମ୍ଭରୁ—2. From the beginning. ୩ । ଆଦୌ—3. At all.

ମୁଲ୍‌ହୁଁ ଶେଷ୍—ପ୍ରାଦେ. ( ସମ୍ବଲପୁର ) ଅ—ଆଦ୍ୟରୁ ଶେଷ ପର୍ଯ୍ୟନ୍ତ;
Muḷ-huṅ śesh ଆଦ୍ୟନ୍ତ—From the beginning to the end.

ମୁଳ ( ଇତ୍ୟାଦି )—ଦେ. ବି—ମୂଳ ଇତ୍ୟାଦି ( ଦେଖ )
Muḷa ( etc ) Mūḷa etc ( See )

ମୁଲ—ଦେ. ବି—ମୂଲ ( ଦେଖ )
Mula Mūla ( See )

ମୁଲକ—ବୈଦେ. ବି (ଫା. ମୁଲ୍‌କ୍)—୧ । ରାଜ୍ୟ—1. Kingdom.
Mulaka মুলুক **मुल्क** [ ଉ—ଖଣ୍ଡାବଳେ କେତେ ଖଣ୍ଡାଇତଙ୍କର ଛଡ଼ାଇ ନେଲେ ମୁଲକ—ବ୍ରଜନାଥ. ସମରତରଙ୍ଗ । ] ୨ । ଦେଶ—2. Country. ୩ । ସଂସାର; ଦୁନିଆ—3. The world. ଦେ. ବିଣ—
বিস্তর, দেদার **दुनिआका** ୧ । ବହୁ; ଅନେକ—1. Large;
( ମୁଲକର—ଅନ୍ୟରୂପ ) great many. [ ଯଥା—ଏ ମକଦ୍ଦମାରେ ମୋର ମୁଲକ ଟଙ୍କା ଖରଚ ହେଲା । ] ୨ । ରାଜ୍ୟବାସୀ ( ବହୁବଚନ )—2. ( person ) Inhabiting a country. [ ଉ—ମୁଲକ ଲୋକେ ପଣସ ଖାଇଲେ, ଭଣ୍ଡାସି ମୁଣ୍ଡରେ ଅଠା—ଲୋକ ।]

**ମୁଲ କରିବା**—ଦେ. କ୍ରି—୧ । କିଣିବା ପାଇଁ କୌଣସି ପଦାର୍ଥର ଦରଦାମ କରିବା—1. To negotiate the price of a thing to be purchased. ୨ । କିଣିବା ପାଇଁ ବସ୍ତୁର ଦର ସ୍ଥିର କରିବା—2. To settle the price of a thing.
Mula karibā
দরদস্তুর করা
**मोल करना**

**ମୁଲକି(କୀ)**—ଦେ. ବିଣ—ପ୍ରଚଳିତ; ଦେଶୀୟ—Current in a country. ( ଯଥା—ମୁଲକିମାଣ=ଯେଉଁ ରାଜ୍ୟରେ ଯେଉଁ ବସ୍ତି ପ୍ରଚଳିତ ମାଣ ଚଳେ । )
Mulaki(kī)
দেশী
**मुल्की**

**ମୁଲ(ଲା) ଗଡ଼ି**—ଦେ. ବି—ଘର ଶୁଳର ପହିଲ ବା ନିମ୍ନ ଗଡ଼ ବା ପଙ୍କ୍ତି—The first or lowest layer or strip of straw beginning from the eaves of a thatched house.
Mula(lā) gaḍi
**नीचेकोपटी; पनीयागर**

**ମୁଲ ଚାଲି**—ଦେ. ବି—(ଜରର୍ଥକ ଦ୍ୱିଗପ୍ ସନ୍ଧତର)—୧ । କୌଣସି ଦ୍ରବ୍ୟକୁ ମୂଲ୍ୟାଇବା; ଦରଦାମ—2. Making the valuation of a thing. ୨ । ମୂଲ୍ୟ—2. Price.
Mula chāla
দরদস্তুর
**मोलजोल**

**ମୁଲଚାଲି କରିବା**—ଦେ. କ୍ରି—୧ । କୌଣସି ଦ୍ରବ୍ୟକୁ ମୂଲ୍ୟାଇବା; ଦରଦାମ କରିବା—1. To make the valuation of a thing. ୨ । କୌଣସି ଦ୍ରବ୍ୟ କିଣିବା ପାଇଁ ଗାର୍ କରିବା—2 To negotiate for the purchase of a thing.
Mulachāla karibā
দরদস্তুর করা
**मोलजोल करना**

**ମୁଲତା**—ପ୍ରାଦେ (ସମ୍ବଲପୁର) ବି—ବଳିତା—Wick.
Mulatā

**ମୁଲତାନ**—ଦେ, ବି—ପଞ୍ଜାବ ପ୍ରଦେଶର ଗୋଟିଏ ବିଭାଗ, ଜିଲ୍ଲା ଓ ନଗର—Name of a division, district and town in the province of the Punjab. [ଦ୍ର—ଏ ନଗରର ପ୍ରାଚୀନ ନାମ କଶ୍ୟପପୁର ବା ମୂଳ ଶାମ୍ବପୁର ଓ ମିତ୍ରବନ—ବିଶ୍ୱକୋଷ ।]
Mulatāna
মুলতান
**मूलतान**

**ମୁଲତାନି**—ଦେ. ବି—ରାଗିଣୀ ବିଶେଷ—(ରାଗ ରାଗିଣୀ ଦେଖ)—A kind of subsidiary tune.
Mulatāni
( ମୁଲତାନା, ମୁଲତାନୀ—ଅନ୍ୟରୂପ ) ଦେ. ବିଣ—ମୁଲତାନ ଦେଶୀୟ—Appertaining to the country of Multan. ( ଯଥା—ମୁଲତାନୀ ଗାଈ, ମୁଲତାନୀ ହେଙ୍ଗୁ )
মুলতানী **मूलतानी**
মুলতানী

**ମୁଲତାନି(ନୀ) ମାଟି**—ଦେ. ବି—ମୁଲତାନ ଦେଶର ହଳଦିଆ ମାଟି—The yellow soil of Multan.
Mulatāni(nī) māṭi
মুলতানী মাটি **मूलतानी मिटी**

**ମୁଲତାନି ହେଙ୍ଗୁ**—ଦେ. ବି—ମୁଲତାନଦେଶୀୟ ହିଙ୍ଗୁଷ୍ଟ ହେଙ୍ଗୁ—Assāfaetida of Multan.
Mulatāni hengu
মুলতানী হিঙ্ **मुलतानीहिंग**

**ମୁଲଦା**—ପ୍ରାଦେ· (ଗଡ଼ଜାତ) ବି—୧ । ମୁଲାହିଜା—1. Personal regard for the feelings of a person. ୨ । ବାଣ୍ଡ ପରିଅସ୍ତ—2. Credit.
Muladā

**ମୁଲ୍ଲା(ଲ୍ଲା)**—ବୈଦେ. ବି ( ଫା. ମୁଲ୍ଲା )—ମୁସଲମାନମାନଙ୍କ ଧର୍ମୋପଦେଶକ ବା ପୁରୋହିତ—A Mahomedan preacher; a Muslim priest.
Mulā(llā)
মোল্লা **मुल्ला**

**ମୁଲାଇ(ହି,ଏ,ହେ)ଜା**—ବୈଦେ. ବି—( ଫା. ମୁଲାହଜା )—ଚକ୍ଷୁଲଜ୍ଜା; ମୋହବତ—Personal regard for the feelings of a person. [ ଦ୍ର—"× × × ଦେଖ ଶ୍ୟାମ ! ଏଣିକି ବୁଝିଥିବ ଉଦ୍, ମୁଁ ଥିଲି ବୋଲି ମୋ ମୁଲାଜାରେ ପାଞ୍ଚ ଜଣ ଚୋରେ ଚେଇଁ ନେଲେ ସିନା, ନୋହିଲେ ଭୁ ଏତାବେଳକେ ଚଉସ୍ତାନ ହୋଇ ଯାଇଥାନ୍ତୁ । ଫକୀର-ମୋହନ. ଛମାଣ ଅଠଗୁଣ । ]
Mulāi(hi, e, he)jā
[ମୁଲାହା(ଜା)—ଅନ୍ୟରୂପ]
মোলাহিজা
**मुलाहिजा**

**ମୁଲାଇ(ଏ,ୟ)ମ୍**—ବୈଦେ. ବିଣ—(ଫା. ମୁଲାୟମ୍)—୧ । କୋମଳ; ନରମ—1. Soft, tender. ୨ । ମଖମଲି—2. Velvety. ୩ । ସୁକୁମାର—3. Delicate.
Mulāi(e,ya)m
মোলাএম্
**मुलायम**

**ମୁଲାଇ(ଏ,ୟ)ମି**—ବୈଦେ. ବି (ଅ. ମୁଲାୟମତ୍)—୧ । କୋମଳତା—1. Softness; tenderness. ୨। ମଖମଲି ପଣ—2. Velvetiness. ୩ । ସୁକୁମାର ପଣ—3. Delicateness
Mulāi(e,ya)mi
মোলাএমী
**मुलायमत; मुलायमी**

**ମୁଲାକାତ(ତି)**—ବୈଦେ. ବି. ( ଅ. ମୁଲାକାତ୍ )—କୌଣସି ବ୍ୟକ୍ତି ସଙ୍ଗେ ସାକ୍ଷାତ୍କାର; ଭେଟ; ଦେଖା; ଦର୍ଶନ; ଦେଖା ସାକ୍ଷାତ୍—Meeting or interview with a person; seeing a person; a visit to a person. ବୈଦେ. ବିଣ (ଅ. ମୁଲାକାତୀ) ୧ । ଦୃଷ୍ଟ; ଭେଟ ହୋଇଥିବା—1. Seen; interviewed. ୨ । ସାକ୍ଷାତ୍କାରସମ୍ବନ୍ଧୀୟ—2. Relating to a visit. ୩ । ପରିଚିତ—3. Known; acquainted.
Mulākāt(ti)
মুলাকাত
**मुलाकात**
মুলাকাতী
**मुलाकाती**

**ମୁଲାକାତ କରିବା**—ଦେ. କ୍ରି—କୌଣସି ବ୍ୟକ୍ତିଙ୍କ ନିକଟକୁ ଯାଇ ଦେଖା କରିବା—To pay a visit to a person.
Mulākāt karibā
মুলাকাত করা **मुलाकात करना**

**ମୁଲାକାତ ଦେବା**—ଦେ. କ୍ରି—ଭେଟିବା ପାଇଁ ସମାଗତ ବ୍ୟକ୍ତିକୁ ଦର୍ଶନ ଦେବା—To grant an interview to a person.
Mulākāt debā
মুলাকাত দেওয়া **मुलाकात देना**

**ମୁଲାକାତ ପାଇବା**—ଦେ. କ୍ରି—କୌଣସି ବ୍ୟକ୍ତିଙ୍କୁ ଭେଟିବା ପାଇଁ ଯାଇ ତାଙ୍କର ଭେଟ ପାଇବା—To have an interview with a person; to be able to see a person.
Mulākat pāibā
মুলাকাত পানা

**ମୁଲାକାତ ମିଳିବା(ହେବା)**—ଦେ. ବି—କୌଣସି ବ୍ୟକ୍ତିଙ୍କର ଦର୍ଶନ ପ୍ରାପ୍ତି ହେବା—Having an interview with a person.
mulākāt milibā(hebā)
মুলাকাত হওয়া
**मुलाकात होना**

ମୁଲାକାତ କାର୍ଡ୍—ବୈଦେ. ବି. (ଅ. ମୁଲାକାତ + ଇଂ. କାର୍ଡ୍;ଅଧୁନାତନ ବ୍ୟବହାର)—କୌଣସି ବ୍ୟକ୍ତିଙ୍କୁ ଦେଖା କରିବାକୁ ଯାଇଥିବା ବ୍ୟକ୍ତି ଅଗରୁ ତାଙ୍କ ପାଖକୁ ପଠାଇବା କାର୍ଡ଼; ନାମାଦିଜ୍ଞାପକ ଟିକଟ—Visiting card.
Mulākati kārd
মুলাকাতী কাড়
मुलाकाती कारड

ମୁଲାକାତ ଦଳ—ଦେ. ବି (ମୁଲାକାତ + ଦଳ; ଅଧୁନାତନ ପ୍ରୟୋଗ)—କୌଣସି ରାଜକର୍ମଚାରୀଙ୍କ ନିକଟରେ ଅଭିଯୋଗାଦି ପ୍ରଦର୍ଶନ ବା ପ୍ରସ୍ତାବ କରିବା ପାଇଁ ଯେଉଁ ବ୍ୟକ୍ତିମାନେ ଦଳବଦ୍ଧ ହୋଇ ଯାଆନ୍ତି; ଡେପୁଟେସନ—Deputation which waits on a high official.
Mulākāti dala
ডেপুটেসন
मुलाकाती दल

ମୁଲାଜ(ଜ୍ୟା)—ବୈଦେ. ବି—ମୁଲାଇଜା (ଦେଖ) Mulāija (See)
Mulāja(jyā)

ମୁଲାଜା ମୋହବତ୍—ବୈଦେ. ବି. (ଏକାର୍ଥକ ସହଚର; ଫା)—ଚକ୍ଷୁ ଲଜ୍ଜା—Personal regard for another's feelings.
Mulājā mohabat
মুলাহিজা মোহব্বত
मुलाहज़ा मुहब्बत

ମୁଲିଆ (ଇତ୍ୟାଦି)—ଦେ. ବି. ପୁଂ—ମୂଲିଆ ଇତ୍ୟାଦି (ଦେଖ) Mūliā etc. (See)
Muliā (etc)
মজুর मुजदुर (ମୁଲିଆଣୀ—ସ୍ତ୍ରୀ)

ମୁଲୁମୁଲିଆ—ଦେ. ବିଣ. ପୁଂ—ଅଳସୁଆ; ଯେ ଅଳ୍ପ ସମୟରେ କରିଯିବା କାମକୁ ବହୁ ସମୟରେ କରେ—Idle; slow; lazy.
Mulumuliā
আলসে सुस्ती
(ମୁଲୁମୁଲେଇ—ସ୍ତ୍ରୀ)

ମୁଲୁମୁଲୁ—ଦେ.ଅ—୧। କାର୍ଯ୍ୟ କରିବାରେ ବିଳମ୍ବ—1. Delay in finishing a work. ୨। କୌଣସି କାର୍ଯ୍ୟ କରିବାକୁ ଅନିଚ୍ଛୁକ—2. Unwilling to do any work.
Mulumulu
ঢীলা
ढिलौ

ମୁଲୁରୁ ମୁଲୁରୁ ହେବା—ପ୍ରାଦେ. (ସମ୍ବଲପୁର) କ୍ରି—ମୁରୁକି ମୁରୁକି ହସିବା—To smile.
Muluru muluru hebā

ମୁଶ୍(ଷ୍, ସ୍) (ଧାତୁ)—ସ—୧। ଅପହରଣ କରିବା—1. To steal. ୨। ଲୁଣ୍ଠନ କରିବା—2. To plunder. ୩। କାଟିବା—3. To cut. ୪। ଭାଙ୍ଗିବା—4. To break. ୫। ବିଭାଗ କରିବା—5. To divide.
Muś(sh, s) (root)

ମୁଶ(ଶୁ)ମୁଶ(ଶୁ)—ଦେ. ଅ. (ଧ୍ୱନ୍ୟନୁକରଣ)—ଶୁଖିଲା ପତ୍ର ଅବା ମକଚିବାର ଶବ୍ଦ—Sound of crushing of dry leaves.
Muś(śu)muś(śu)
মস্ মস্ मुसमुस
[ଦ୍ର—ମସ୍ ମସ୍ ଶବ୍ଦଠାରୁ ମୁହ୍ ମୁସ୍ ମୁଦୁକର
ମଚ୍ ମଚ ଶବ୍ଦଠାରୁ ମହ୍ ମହ୍ ମୁଦୁକର
ମଚ୍ ମଚ୍ ଶବ୍ଦଠାରୁ ମୁଚ୍ ମୁଚ୍ ମୁଦୁକର।]

ମୁଶକିଆ—ପ୍ରାଦେ. (ସମ୍ବଲପୁର) ବିଣ—ଯେଉଁ ବ୍ୟକ୍ତି ଅନ୍ୟ ବ୍ୟକ୍ତିର ପ୍ରାପ୍ୟ ଧନାଦିକୁ ବା ଋଣକୁ ଭୁବୁଡ଼ାଇ ଦିଏ ବା ନ ଦିଏ—(a person) Who defrauds a person of his dues.
Muśkiā
(ମୁଷିଅ—ଅନ୍ୟରୂପ)

ମୁଶକିବା—ପ୍ରାଦେ. (ସମ୍ବଲପୁର) କ୍ରି—ଅନ୍ୟ ବ୍ୟକ୍ତିକୁ ଦେୟ ଋଣ ବା ପ୍ରାପ୍ୟ ଧନକୁ ଭୁବୁଡ଼ାଇବା ବା ନ ଦେବା—To defraud a person of his dues.
Muśkibā

ମୁଶଟୀ—ଦ. ବି—ଧଳା କାଙ୍ଗୁ; ସିଙ୍ଗ ଡାଲି—White variety of pulse (grain).
Muśaṭi

ମୁଶାଫି(ଫେ)ରୁ(ରି)—ବୈଦେ. ବି. (ଅ. ମୁସାଫିର୍)—୧। ପାନ୍ଥ; ପଥିକ; ବାଟୋଇ—1. Traveller; way-farer. ୨। ପ୍ରବାସୀ—2. A sojourner; a stranger. ୩। (ଅ. ମୁସାଫିରୀ) ଭ୍ରମଣ—3. Travel. [ଦ୍ର—ସେ କେବଳ ମୁଶାଫେରି, ସକାଳେ ଫେରି ଆସି ଅଛନ୍ତି। ଫକୀରମୋହନ. ଛମାଣ ଆଠଗୁଣ୍ଠ।] ୪। ପ୍ରବାସ; ବିଦେଶ ବାସ—4. Sojourn. ୫। ମୁସଲମାନ ସାଧୁ ବା ଫକୀର—5. A Mahomedan mendicant.
Muśāphi(phe)r(ri)
মুসাফির/ফের
मुसाफिर
মুসাফিরী
मुसाफिरी

ମୁଶାଫି(ଫେ)ର(ରି) ଖାନା—ବୈଦେ. ବି. (ଅ. ମୁସାଫିରଖାନା)—ପାନ୍ଥନିବାସ, ପଥିକଙ୍କ ବିଶ୍ରାମ ସ୍ଥାନ—A rest house for travellers; a traveller's rest-shed.
Muśāphi(phe)ra(ri) khānā
মুসাফিরখানা
मुसाफिरखाना

ମୁଶାବିଦା(ଧା)—ବୈଦେ. ବି. (କଚେରୀ) (ଫା. ମୁସୱିଦା)—ଦଲିଲ ଅବା ଚିଠା, ପାଣ୍ଡୁଲିପି, ଖସଡ଼ା, ମସୁଦା—Rough draft of a document.
Muśābidā(dhā)
মুসাবিদা
मुसविदा
[ଦ୍ର—କୌଣସି ଦଲିଲ ଦସ୍ତାବିଜ ଲେଖା ହେବା ପୂର୍ବରୁ ତହିଁର ଗୋଟିଏ ମୁଶାବିଦା ଲେଖା ହୁଏ ଓ ତାହା ଆବଶ୍ୟକ ସ୍ଥଳରେ ସଂଶୋଧିତ ହେଲା ପରେ ଲେଖା ହେବା କାଗଜରେ ଚଢ଼ାଯାଏ।]

ମୁଶାହା(ହି, ହେ)ବ୍—ବୈଦେ. ବି. (ଫା. ମୁସାହିବ୍)—ବଡ଼ ଲୋକଙ୍କ ପାର୍ଶ୍ୱଚର ସ୍ତାବକ ବା ଖୋସାମୋଦକାରୀ ବା ବିଦୂଷକ ବ୍ୟକ୍ତି—Flatterer of a rich man; a hanger-on; toady; a jester.
Muśāhā(hi, he)b
মোসাহেব
मुसाहिब
[ଦ୍ର—ଅଗରେ ସାତ ଜଣ ମୁଶାହେବ ଘୁଡ଼ିକାରେ ବସି ଢୋଲାଉ ଅଛନ୍ତି। ଫକୀରମୋହନ. ଛମାଣଆଠଗୁଣ୍ଠ।]

ମୁଶାହା(ହି, ହେ)ବି—ବୈଦେ. ବି (ଫା. ମୁସାହାବ)—ସ୍ତାବକର କାର୍ଯ୍ୟ; ଖୋସାମଦ—Flattery.
Muśāhā(hi, he)bi
মোসাহেবি मुसाहेबी

ମୁଶିଆରି—ପ୍ରାଦେ (ମେଦିନୀପୁର) ବି—ଧଳା ସିଂଘି ମାଛ—A white variety of Saccobranchus Fossilis.
Muśiāri

ମୁଷ୍ (ଧାତୁ)—ସ—୧। ଚୋରି କରିବା—1. To steal. ୨। ଲୁଣ୍ଠନ କରିବା—2. To loot; to rob. ୩। ଭାଙ୍ଗିବା—3. To break. ୪। ବିଭାଗ କରିବା—4. To divide.
Mush (root)

ମୁଷ(ଷ୍କ)କ(କୁ)ଲ(ଲି)—ବୈଦେ. ବିଣ ଓ କି. ବିଣ (ଅ. ମୁଶ୍କିଲ)—୧। ମହା—1. Great. ୨। ଶକ୍ତ; କଷ୍ଟକର—2. Difficult; hard; beset with difficulties. ୩।
Mush(shu)ki(ku)l(li)
ମୁଷ୍କିଲ } ଅନ୍ୟରୂପ
ମୁଷ୍କୁଲ }

ମୁସ୍କିଲ ଅତ୍ୟନ୍ତ; ବଡ଼; ଭାରୀ—3. Very, very much. ୪ । ଅତ୍ୟଧିକ—5. Too much. ୫ । ଜଟିଳ;
ମୁଶକୀଲ ଗୋଲମାଳିଆ—5. Confused. [ ଉ—ଏହା ବିପଦ ବିପଦ, ମହାମୁଷ୍କିଲ । ସଙ୍ଗୀତମୋହନ. ଉମାଶଙ୍କର ଅଠଗୁଣ । ] ୬ । ବିପଦଜନକ; ବିପଦ୍‌ସଙ୍କୁଳ—6 Dangerous; beset with danger. ୭ । ଅତି ସନ୍ଦେହଜନକ—7. Very doubtful. ବୈଦେ. ବି —୧ । ବିପଦ—1. Danger. ୨ । ଗୋଲମାଳ; ଅଡୁଆ—2. Confusion. ୩ । ମହାବିପଦ ବା ଦୁଃଖ —3. Great sorrow. ୪ । ଅସୁବିଧାଜନକ ଅବସ୍ଥା; ଅଶାନ୍ତିକର ଅବସ୍ଥା—4. Awkward situation; danger. ୫ । କଷ୍ଟ—5. Hardship. ୬ । ଗମ୍ଭୀର ସନ୍ଦେହ—6. Great doubt. ୭ । ବିଷମ-ସମସ୍ୟା—7. Grave dilemma.

ମୁଷକ—ସଂ. ବି —ମୂଷିକ ( ବୈଦ୍ୟକ ନିଘଣ୍ଟୁ )—
Mushaka Mouse.

ମୁଷବ(ବ, ମ୍ବ)ର—ବୈଦେ. ବି ( ଅ. ମୁସବର )—ଔଷଧରେ ବ୍ୟବହୃତ
Mushaba(bba, mba)ra ଘୃତକୁମାରୀ ଗଛର ଶୁଷ୍କୀକୃତ ରସ
ସଂ. ନାମ—ସାରସ୍ରାବ ସହାସାର, କୁମାରୀରସ-ସମ୍ଭବ —The dried juice of Indian aloe used in medicine.
ମুসব্বর
बोलतम्रा मुसब्बर
ଅ. ମସବର, ସବର, ସବୁରର
ଫା. ସବର
[ଦ୍ର—ଏହା ଅଗ୍ନିବର୍ଦ୍ଧକ; ପିତ୍ତନାଶକ, ବଳକର, ବିରେଚକ, ରଜଃପ୍ରବର୍ତ୍ତକ, ଗର୍ଭପାତକ, ମଳରୋଧକ; କୃମି, ସନ୍ନ୍ୟାସ, ଅପସ୍ମାର, ବଡ଼ୋଲ୍ଲେପ, ଶୀତପିତ୍ତ, ଶିରୋରୋଗ, ଶ୍ଳେଷ୍ମଜ୍ଵର, ପ୍ଳୀହା ଓ ଅଗ୍ନିମାନ୍ଦ୍ୟ ରୋଗରେ ଉପକାରକ । ଅର୍ଶରୋଗୀ, ଗର୍ଭବତୀ, ଋତୁମତୀ ଓ ରକ୍ତପ୍ରଦରାକ୍ରାନ୍ତ ସ୍ତ୍ରୀ-ମାନଙ୍କ ପକ୍ଷରେ ଏହାର ସେବନ ନିଷିଦ୍ଧ; ଏହାକୁ ଘୋର ଉତ୍ତପ୍ତ କରି ଫୁଲାରେ ଲଗାଇଲେ ଫୁଲା କମେ । ]

ମୁଷ(ଷୁ)ଦ(ଦ୍ଦି)—ବୈଦେ. ବି ( ଅ. ମୁତସଦ୍ଦୀ ) - ବୈଷୟିକ କାର୍ଯ୍ୟର
Musha(shu)di(ddi) ଭାରପ୍ରାପ୍ତ କର୍ମଚାରୀ; ଗୁମାସ୍ତା—
মুছদ্দি, মুতসদ্দী An agent for house-hold
मुसद्दि management.

ମୁଷମା(ମ୍ମା)ତ—ବୈଦେ. ବିଣ. ସ୍ତ୍ରୀ ( ଅ. ମୁସମ୍ମତ୍ ) ( ଉଚରଅ )—
Mushamā(mmā)t ସଧବା ସ୍ତ୍ରୀମାନଙ୍କ ନାମ ପୂର୍ବରେ ଯୁକ୍ତ
মুসমাৎ ହେବା ବିଶେଷଣ; ସଧବା (ସ୍ତ୍ରୀ) =ଶ୍ରୀମତୀ—A term
मुसमात prefixed to the name of a woman whose husband is alive.

ମୁଷ(ଶ, ସ)ଳ—ସଂ. ବି ( ମୁଣ୍ଡ, ମୁଷ, ମୁସ୍ ଧାତୁ=ବଧ କରିବା; ଛେଦନ
Musha(śa, sa)la କରିବା+କରଣ. ଅଳ )—୧ । ଗଦା; ମୁଦ୍‌ଗର—1. Mace; a club. ୨ । ଦୁଆମାଦସ୍ତା ବା ଢିଙ୍କିରେ ଜିନଷଅଦ କୁଟିବାର ଦଣ୍ଡ—2. A pestle. ୩ । ଢିଙ୍କିର ପାହୁରାଣୀ—3. The pestle of a dhiṅki ( ଢିଙ୍କି ). [ ଉ—ମୁଷଲ ଗଦା ଶକ୍ତି ଶେଲକ ପଟ୍ଟିଶ, ଲଢିଥିଲେ ଶିବଦେବଙ୍କ ପାଖ ପାଖ । କୃଷ୍ଣସିଂହ. ମହାଭାରତ. ବନ । ] [ ଦ୍ର—ଏହା ବଳରାମଙ୍କର ବ୍ୟବହୃତ ଅସ୍ତ୍ର; ଏହା ଗଦାପରି, କିନ୍ତୁ ଏହାର ସର୍ବାଙ୍ଗ ସମାନ । ] ୪ । ଉଦ୍ଭିଦ ବିଶେଷ—4. A kind of plant. ୫ । ( ଲକ୍ଷଣାର୍ଥ ) ମୁଷଳ ପରି ଲମ୍ବ ଓ ମୋଟ ବସ୍ତୁ—5. ( figurative ) A long and thick article like a mace. ୬ । ( ଲକ୍ଷଣାର୍ଥ ) କୌଣସି ବ୍ୟକ୍ତି ପ୍ରତି ଶତ୍ରୁଦ୍ୱାରା ପ୍ରୟୋଗ କରାଯିବା ବାଧା—6. A hindrance put by a person before his enemy.

ମୁଷଳ ଧାର(ରା)—ଦେ. ବି—ମୁଷଳ ପରି ଘନବୃଷ୍ଟିର ଧାରା; ଭୁମ୍ ଭୁକାଣି
Mushala dhāra(rā) —Big drops of rain; a
মুষলধারা heavy downpour; raining cats and
मुसलधार dogs. [ ଉ—ଶୁଣି ସେ ସମୟରେ ଭୂମେ ଘନରୂପେ, ମୁଷଳ ଧାର ପର ବର୍ଷନ୍ତି ଅପେ । କୃଷ୍ଣସିଂହ. ମହାଭାରତ. ବନ । ]

ମୁଷଳ ପାଣି—ସଂ. ବି. ପୁଂ ( ବହୁବ୍ରୀହି )—ବଳରାମ—
Mushala pāṇi An epithet of Balarāma.

ମୁଷଳି—ଦେ. ବିଣ—ମୁଷଳ ପରି ମୋଟା ଓ ଲମ୍ବା—
Mushali Long and stout like a club.
(ମୁଷଳିଆ—ଅନ୍ୟରୂପ) মুসলের মতন मुसलिया

ମୁଷ(ଶ, ସ)ଲୀ—ସଂ. ବିଣ. ପୁଂ (ମୁଷଳ+ଅସ୍ତ୍ୟର୍ଥେ ଇନ୍ )—ମୁଷଳ-
Musha(śa, sa)li ଧାରୀ—Armed with a mace.
[ମୁଷ(ଶ,ସ)ଲିକା—ଅନ୍ୟରୂପ] ସଂ. ବି - ୧ । ବଳଦେବ—
1. Baladeba. [ମୁଷ୍+କର୍ତ୍ତୃ.ଅଳ+ସ୍ତ୍ରୀ. ଈ]—
୨ । ଗୃହଗୋଧିକା, ଝିଟିପିଟି—2 House-lizard.
୩ । ତାଳମୂଳୀ [ଦେଖ]—3. Tālamūli (See)

ମୁଷଲୀ କନ୍ଦ—ସଂ. ବି—[ମୁଷଲୀ+କନ୍ଦ)—ତାଳମୂଳୀ (ଦେଖ)
Mushali kanda Tālamūli (See)
ସଂ. ନାମ—ଖଲିନୀ, ସୁବହା, ଗୋଧାପଦୀ ।

ମୁଷଲ୍ୟ—ସଂ. ବିଣ. ପୁଂ—( ମୁଷଳ+ଦଣ୍ଡ୍ୟାର୍ଥେ ଯ ]—ମୁଷଳଦ୍ୱାରା
Mushalya ବଧ୍ୟ (ଶବ୍ଦକୋଷ)—Deserving to be
[ମୁଷଲ୍ୟା ସ୍ତ୍ରୀ] killed by a mace or club.

ମୁଷା (ଇତ୍ୟାଦି)—ଦେ. ବି—(ସଂ. ମୂଷିକ)—ମୂଷା ଇତ୍ୟାଦି (ଦେଖ)
Mushā (etc) Mushā etc (See)
ସଂ. ବି—(ମୁଷ୍ ଧାତୁ=ଚୋରି କରିବା+କରଣ. ଅ+ଆ; ଯାହା ସାହାଯ୍ୟରେ ବଣିଆମାନେ ଚୋରି କରନ୍ତି)—ଧାତୁ ଗଳନ କରିବା ପାତ୍ର; କୋଇ—A crucible for melting metal. ବୈଦେ. ବି (ନାମ) (ଇଂ. ମୋସେସ୍; ଅ. ମୁଷା )—ଇହୁଦୀମାନଙ୍କର ପ୍ରସିଦ୍ଧ ଧର୍ମବିଧି ପ୍ରଣେତା—Moses.
[ଦ୍ର—ଏ ଖ୍ରୀ. ପୂ. ୧୫୭୧ ଅବ୍ଦରେ ମିଶର ଦେଶରେ ଜନ୍ମ-ଗ୍ରହଣ କରିଥିଲେ । ବାଇବଲର ଓଲ୍ଡ ଟେଷ୍ଟାମେଣ୍ଟର ଏ

ଜଣେ ଧର୍ମପ୍ରବର୍ତ୍ତକ । ଏ ହେବ୍ରୁ ଜାତୀୟ ଥିଲେ । ଏ ଜଣେ ଈଶ୍ୱରପ୍ରେରିତ ଆଦର୍ଶ ପୁରୁଷ ବୋଲି ହେବ୍ରୁ, ଖ୍ରୀଷ୍ଟାନ୍ ଓ ମୁସଲମାନ୍‌ମାନେ ବିଶ୍ୱାସ କରନ୍ତି । ମୁସଲମାନ୍‌ମାନେ ବିଶ୍ୱାସ କରନ୍ତି ଯେ ଏ ଈଶ୍ୱରଙ୍କ ସଙ୍ଗେ ବାକ୍ୟାଳାପ କରୁଥିଲେ । ଏ ପାଞ୍ଚ ଖଣ୍ଡି ଗ୍ରନ୍ଥ ରଚନା କରିଥିଲେ । ଏ 'ଇସ୍ରାଏଲ୍' ମାନଙ୍କୁ ମିଶର ଦେଶର ବନ୍ଧନରୁ ନିରାପଦ ସ୍ଥାନକୁ ନେଇ ଯାଇଥିଲେ । ଅରବରେ ମୂଷା ଭୁଣ୍ଡ ଓ ଅମ୍ବୁନ୍ ମୂଷ ନାମକ ଦୁଇଟି ପ୍ରସ୍ରବଣ ବର୍ତ୍ତମାନ ପର୍ଯ୍ୟନ୍ତ ମୁସଲମାନଙ୍କ ତୀର୍ଥରୂପେ ଅଛନ୍ତି । ଶବ୍ଦକୋଷ । ]

**ମୁଷା(ଷୁ)ଣ୍ଡା(ଣ୍ଡି)**—ପ୍ରାଦେ. (ବାଲେଶ୍ୱର) ବି—(ସଂ. ମୁଷଳ + ଦଣ୍ଡ) Mushā(shu)ṇḍā(ṇḍi) ଢିଙ୍କି ପାହାର, ଢିଙ୍କିର ମୂଷଳ—The pestling rod of the Dhinki.

**ମୁଷି**—ସଂ. ବି—(ମୁଷ୍ ଧାତୁ+ଭାବ. ଇ ) ଚୋରି (ଶବ୍ଦକୋଷ)—Mushi Stealing.

**ମୁଷିତ**—ସଂ. ବଣ—(ମୁଷ୍ ଧାତୁ+କର୍ମ. ତ)—୧ । ଚୋରିତ; ଅପହୃତ—Mushita 1. Stolen. ୨ । ବଞ୍ଚିତ—2. Defrauded. ସଂ. ବି—ଚୋରି ମାଲ (ଶବ୍ଦକୋଷ)—Stolen property.

**ମୁଷିତକ**—ସଂ. ବି—(ମୁଷିତ + କ)—ଚୋରିଲା ମାଲ୍—Mushitaka Stolen property.

**ମୁଷିବତ**—ବୈଦେ. ବି—(ଅ)—୧ । କଷ୍ଟ; ଦୁଃଖ—1. Trouble. Mushibat ମୁସିବତ **مصيبت** ୨ । ବିପତ୍ତି—2. Danger.

**ମୁଷୁଣ୍ଡା**—ପ୍ରାଦେ.—(ଦକ୍ଷିଣଭୂମି)—ବି—(ସଂ. ମୁଷଳ ଦଣ୍ଡ); ଢିଙ୍କିର Mushuṇḍā ମୂଷଳ—The pestling rod of the Dhinki.

**ମୁଷ୍କ**—ସଂ. ବି [ମୁଷ୍ ଧାତୁ=(ଖାର୍ଯ୍ୟ) ଚୋରି କରିବା+କର୍ତ୍ତୃ. ଅ]—Mushka ୧ । ଅଣ୍ଡକୋଷ—1. Testicle; scrotum. ୨ । ତସ୍କର; ଚୋର—2. Thief; robber. ୩ । ଘଣ୍ଟାପାଟଳୀ ଗଛ [ଶବ୍ଦକୋଷ]—3. Schrebera Swietenioides (tree). ସଂ. ବଣ.—ମାଂସଳ [ହେମ ଚନ୍ଦ୍ର]—Fleshy.

**ମୁଷ୍କକ**—ସଂ. ବି.—[ମୁଷ୍କ+କ]—ପଳାଶ ବୃକ୍ଷ ପରି ଏକ ପ୍ରକାର ବୃହତ୍ Mushkaka ବୃକ୍ଷ, ଏକ ପ୍ରକାର ପାଟଳୀ ଗଛ—Name of a tree; Schrebra Swietenioides. [ ଦ୍ର—ଏହା ପଳାଶବତ୍ ପାଦପୀୟ ବୃକ୍ଷ । ଏଥିର ପତ୍ର ଶାଖ ଯୋଡ଼ା ପର୍ଣ୍ଣିତ ସମଷ୍ଟି । ଫୁଲ ଅସିତ, ଶବଳ ବର୍ଣ୍ଣ ଓ ସୁଗନ୍ଧ । ଫଳ ଶାଖଥିଲା ଲମ୍ବ, ଘଣ୍ଟା ପରି । ଏହା କଟୁ, ତିକ୍ତ, ଉଷ୍ଣ, ରେଚକ, ପାଚକ, କଫ ବାତ ଓ ବିଷନାଶକ । ଏହା ମେଦୋରୋଗ, ଗୁଣ୍ମ, କୃମି, ଓ ଶୁକ୍ରନାଶକ, ପ୍ଲୀହା ଓ ଉଦର ରୋଗ ନାଶକ ।]

ଅନ୍ୟ ସମ୍ବନ୍ଧ ନାମ—ଘଣ୍ଟାପାଟଳୀ, ମୋକ୍ଷକ, ଗୋଳୀହ, ଝାଟଲ, ମୁଷ୍କକ, ଗୈରିକ, ମେହନ, ମୋଚକ, କ୍ଷାରବୃକ୍ଷ, ପାଟଳୀ, ବିଷାପହ, ଗୋଳହ, କଟାଳ, ବନବାସୀ, ସୁଗନ୍ଧକ, କ୍ଷାରଶ୍ରେଷ୍ଠ, ଘଣ୍ଟା, ଘଣ୍ଟାକ, ମୁଷ୍କ, ଝାଣ୍ଟା, ঘন্টাপারুল মোখা

ମ. ମୋଖେ
ହି. ମୋକ୍ଷ-ମୁଖେଇ,
ମୁଷ୍କ ଭୁଣ୍ଡେଙ୍କ

**ମୁଷ୍କଗ୍ରନ୍ଥି**—ସଂ. ବି—(ବୈଦ୍ୟକ)—୧ । ଅଣ୍ଡକୋଷର ନାଡ଼ୀ—Mushka granthi 1. The cord of the testis. ୨ । ଅଣ୍ଡକୋଷ—2. The testis.

**ମୁଷ୍କଛିନ୍ନ**—ସଂ. ବଣ. ପୁଂ—(ମୁଷ୍କ+ଛିନ୍ନ ଯାହାର, ବହୁବ୍ରୀହି)—Mushka chchhinna ଅବିଡ଼ା; ଖାସୀ ହୋଇଥିବା—(ଛିନ୍ନମୁଷ୍କ—ଅନ୍ୟରୂପ) Castrated; gelded.

**ମୁଷ୍କଛେଦ**—ସଂ. ବି—(୬ଷ୍ଠୀ ତତ୍)—ପୁଂସ୍ତ୍ୱ ନଷ୍ଟ କରିବା ପାଇଁ ପୁରୁଷ Mushka chchheda ଜୀବର ଅଣ୍ଡକୋଷକୁ କାଟିବା ପ୍ରକ୍ରିୟା—ଖାସୁ କରିବା, ଅଣ୍ଡ୍ରା କରିବା—Castration; gelding.
ମୁଷ୍କଛେଦନ, ମୁଷ୍କମୋଚନ }—ଅନ୍ୟରୂପ

**ମୁଷ୍କଭାର**—ସଂ. ବି—ପ୍ରବୃଦ୍ଧ ମୁଷ୍କ; ଅଣ୍ଡକୋଷ ବୃଦ୍ଧି—Mushka bhāra Hydrocele; enlarged testicles.

**ମୁଷ୍କର**—ସଂ. ବଣ. ପୁଂ—ମୁଷ୍କ+ପ୍ରଲମ୍ବାର୍ଥେ. ର)—ପ୍ରଲମାଣ୍ଡ, Mushkara ଭୁରୁଣ୍ଡା—Having big testicles. ସଂ. ବି ଲମ୍ବମାନ ଅଣ୍ଡକୋଷ; (ପ୍ରକୃତିବାଦ); ଭୁରୁଣ୍ଡା—Hydrocele; enlarged testicles.

**ମୁଷ୍କଶୂନ୍ୟ**—ସଂ. ବଣ. ପୁଂ—୧ । ଖାସୀ ହୋଇଥିବା—Mushka śūnya 1. Castrated; gelded. ୨ । ନପୁଂସକ—2. Eunoch.

**ମୁଷ୍କବର୍ହ**—ସଂ. ବି. ପୁଂ (ମୁଷ୍କ+ଅ+ବୃହ୍ ଧାତୁ=ଉତ୍ପୁଳନ କରିବା+ Mushkabarha କର୍ତ୍ତୃ. ଅ )—ଯେଉଁ ବ୍ୟକ୍ତି ଗବାଦି ଜୀବଙ୍କ ଅବିଡ଼ା ବା ଉନ୍ମୂଳିତକୋଷ କରେ ( ଶବ୍ଦକୋଷ. ଅଥର୍ବ-ବେଦ )—A person who castrates or gelds animals.

**ମୁଷ୍ଟ**—ସଂ.ବଣ (ମୁଷ୍ ଧାତୁ+କର୍ମ. ତ)—୧ । ମର୍ଦ୍ଦିତ—1. Rubbed. Mushṭa ୨ । ଅପହୃତ—2. Stolen. ବି. ( +ଭାବ. ତ )—ଚୋରି—Stealth; robbery.

**ମୁଷ୍ଟାମୁଷ୍ଟି**—ସଂ. ବି.—ପରସ୍ପର ବିଧା ବା ମୁଥ ମରାମରି—Mushṭā mushṭi Mutual dealing of fist blows. [ଦ୍ର—ମୁଷ୍ଟାମୁଷ୍ଟି, ମୁଥା ମୁଥି, କଣ୍ଡ କଚ ରଚ, ଗହଳେ ଅବଗାହଲେ ବେନି ଭଣଗୋଳେ—ସୁଧାକାର ମହାଯାତ୍ରା ।] ସଂ. ବି.—ପରସ୍ପର ବିଧା ବା ମୁଥ ମରାମରି ହେଉଥିବା—Dealing fist blows on each other.

**ମୁଷ୍ଟି**—ସଂ. ବି.—(ମୁଷ୍ ଧାତୁ=ଚୋରି କରିବା+କରଣ. ତି)—୧ । Mushṭi କୁଞ୍ଚିତ କରତଳ, ହାତର ମୁଠା—1. Fist-closed palm. ୨ । ମୁଠାଏ ପରିମାଣ—2. A handful. ୩ । ମୁଠାଦ୍ୱାରା ଆଘାତ; ବିଧା; ମୁଥ—3. Fisticuff; a blow with the fist. ୪ । ( +ଭାବ. ତି ) ଚୋରି—4. Theft. ୫ । ଧାତୁ ତରଳାଇବା—5. Melting of metals. ୬ । ଖଡ୍ଗାଦିର ବେଣ୍ଟ

—6. The handle of a weapon; hilt. ୭ । ଚାରିତୋଳା ପରିମାଣ—7. A weight of 4 tolas. [ ଦ୍ର—ବୈଦ୍ୟକ ମାପ ଅନୁସାରେ ଏହା ୮ ତୋଳା । ] ୮ । ( ମୁଷ୍ ଧାତୁ+ଅଧିକରଣ. ତି; ଯେଉଁ ସମୟରେ କ୍ଷୁଧାତୁର ପଥିକ ଦ୍ରବ୍ୟସ୍ୱାମୀଙ୍କ ଅନୁପସ୍ଥିତିରେ ଓ ତାଙ୍କ ବିନାଅନୁମତିରେ ନିଜର ଖାଦ୍ୟ ପାଇଁ ଯଥେଷ୍ଟ ଦ୍ରବ୍ୟ ଗ୍ରହଣ କରେ ବା ଯେଉଁ ସମୟରେ ଖଦ୍ୟାଦିକୁ ଗୁପ୍ତ ରଖିବାକୁ ହୁଏ ) ଦୁର୍ଭିକ୍ଷକାଳ ( ଶବ୍ଦକୋଷ )—8. A time of scarcity; famine. ୯ । ଘଣ୍ଟା ପାଟଲୀ ବୃକ୍ଷ ( ଶବ୍ଦକୋଷ )—9, Schrebera Swietenioides ( tree ). ୧୦ । ଋଦ୍ଧି ନାମକ ଔଷଧଦ୍ରବ୍ୟ—10. A rare medicinal article. ୧୧ । ( + ଭାବ. ତି ) ଗୋପନ—11. Concealment. [ ଦ୍ର—ଏଥିର ଅପଭ୍ରଂଶ ମୁଠା, ମୁଠି । ]

**ମୁଷ୍ଟିକ**—ସଂ. ବି ( ମୁଷ୍ ଧାତୁ+କର୍ତ୍ତୃ. ତି+ସଂଜ୍ଞାର୍ଥେ କ )—୧ । ରାଜା କଂସର ମଲ୍ଲ ବିଶେଷ—1. A warrior under the demon Kamsa. [ ଦ୍ର—ବଳରାମ ଏହାକୁ ବଧ କରିଥିଲେ—ଶବ୍ଦକୋଷ । ] ୨ । ( + ଅଧିକରଣ. ତି+କ ) ଧାତୁ ତରଳାଇବା ପାତ୍ର; କୋଇ—2. Crucible. ୩ । ( ମୁଷ୍ଟି+ପ୍ରୟୋଜନ ଏହାର, ଏହି ଅର୍ଥରେ କ ) ସ୍ୱର୍ଣ୍ଣକାର; ବଣିଆ—3. Goldsmith.
Mushṭika

**ମୁଷ୍ଟିକାନ୍ତକ**—ସଂ. ବି ( ଉପପଦ; ମୁଷ୍ଟିକ+ଅନ୍ତକ=ବିନାଶକାରୀ )—ମୁଷ୍ଟିକ ନାମକ ମଲ୍ଲକୁ ବିନାଶ କରିଥିବା ବଳଦେବ—A name of Baḷadeba the slayer of Mushṭika.
Mushṭikāntaka

**ମୁଷ୍ଟି ଦେଶ**—ସଂ. ବି—ଧନୁମୁଠା ବା ମଧ୍ୟଦେଶ ( ଯେଉଁଠାରେ ଧନୁକୁ ଧରାଯାଏ )—The middle or handle of a bow.
Mushṭi deśa

**ମୁଷ୍ଟି ଦ୍ୟୂତ**—ସଂ. ବି—ଦ୍ୟୂତକ୍ରୀଡ଼ା ବିଶେଷ—A kind of game at hazards.
Mushṭi dyūta

**ମୁଷ୍ଟିନ୍ଧୟ**—ସଂ. ବି—୧ । ( ମୁଷ୍ଟି+ଧେ ଧାତୁ+ପାନ କରିବା+କର୍ତ୍ତୃ. ଅ; ଯେ ମାତାର ବକ୍ଷରେ ମୁଷ୍ଟିପ୍ରହାର କରି ସ୍ତନ୍ୟପାନ କରେ )—ସ୍ତନନ୍ଧୟ; ଶିଶୁ—1. A suckling child. ୨ । ମୁଷ୍ଟିବନ୍ଧନ କ୍ରିୟା; ସଂଗ୍ରାହ; ହାତକୁ ମୁଠା କରିବା (ଶବ୍ଦକୋଷ)—2. Clenching of the fist.
Mushṭindhaya

**ମୁଷ୍ଟିପାତ**—ସଂ. ବି ( ୬ଷ୍ଠୀ ତତ୍ )—ବିଧା ବା ମୁଥ ମାରିବା—Blow with fists.
Mushṭipāta

**ମୁଷ୍ଟି ପୀଡ଼େ**—ଦେ. କ୍ରି. ବିଣ—ଦୃଢ଼ମୁଷ୍ଟିରେ—Tightly in hand. [ ହି—ଢାଲଦନ୍ତ ପ୍ରାୟେ କୁନ୍ତ ମୁଷ୍ଟିପୀଡ଼େ ଧରି । ରଘୁନାଥ. ମହାଯାତ୍ରା । ]
Mushṭi pirḍe
ଦୃଢ़ମୁଷ୍ଟିତେ
दृढ़मुष्टिमे

**ମୁଷ୍ଟିବଦ୍ଧ**—ସଂ. ବିଣ—ମୁଷ୍ଟିକୃତ; ମୁଠା କରାଯାଇ ଥିବା ( ହାତ )—Clenched.
Mushṭibaddha

**ମୁଷ୍ଟିବନ୍ଧ**—ସଂ. ବି ( ୬ଷ୍ଠୀ ତତ୍ )—ହାତକୁ ମୁଠା କରିବା—The act of clenching the fist. (ମୁଷ୍ଟିବନ୍ଧନ—ଅନ୍ୟରୂପ)
Mushṭibandha

**ମୁଷ୍ଟିଭିକ୍ଷା**—ସଂ. ବି—ମୁଠିଏକ; ଦୁଆରି ଦୁଆରି ବୁଲି ମୁଠାଏ ଲେଖାଏଁ ଚାଉଳ ଭିକ୍ଷା କରିବା—Begging of a handful of rice at every door.
Mushṭibhikshā

**ମୁଷ୍ଟିମାଡ଼**—ଦେ. ବି—ବିଧାମାଡ଼—Fist-blow. [ ହି—ବଜ୍ରର ପରି ମୁଷ୍ଟିମାଡ଼ରେ ତାହାର । କୃଷ୍ଣସିଂହ. ମହାଭାରତ. ବନ । ]
Mushṭi mārḍa
ଘୁଷି मुष्टीमार

**ମୁଷ୍ଟିମିତ**—ସଂ. ବିଣ ( ୩ୟା ତତ୍ )—୧ । ମୁଠାଏ ପରିମିତ—1. Measured by a handful. ୨ । ସାମାନ୍ୟ; ଅଳ୍ପସଂଖ୍ୟକ—2. A few; a little.
Mushṭimita

**ମୁଷ୍ଟିମେୟ**—ସଂ. ବିଣ ( ମୁଷ୍ଟି+ମା ଧାତୁ+କର୍ମ. ଯ )—୧ । ମୁଷ୍ଟିଦ୍ୱାରା ପରିମେୟ; ମୁଠାଏ—1. A handful of. ୨ । ଅଳ୍ପ ପରିମାଣ—2. Little ( in quantity ). ୩ । ଅଳ୍ପସଂଖ୍ୟକ—3. Few ( in number ).
Mushṭimeya

**ମୁଷ୍ଟି ମୁଷ୍ଟି**—ସଂ. ବି—ପରସ୍ପର ମୁଥ ମରାମରି ହୋଇ ଯେଉଁ ଯୁଦ୍ଧ ହୁଏ—Boxing; fist to fist fighting.
Mushṭi mushṭi

**ମୁଷ୍ଟି ଯୁଦ୍ଧ**—ସଂ; ବି—ମୁଥ ମରାମରି ହୋଇ ଯୁଦ୍ଧ; ବିଧା ମରାମରି—Boxing; pugilistic fighting.
Mushṭi juddha

**ମୁଷ୍ଟି ଯୋଗ**—ସଂ.ବି (ମୁଷ୍ଟି+ଯୋଗ)—୧ । ଚୁଟୁକା ଔଷଧ, ଚେରମୂଳି ଆଦି—1. Simple herbs. ୨। ସୁଗମ ଉପାୟ ଅବଲମ୍ବନପୂର୍ବକ ଶରୀରରକ୍ଷା, ବଳ ସମାଧାନ ଓ ରୋଗ ନିରସନ ଆଦି ପାଇଁ ହଠଯୋଗୋକ୍ତ ଯୋଗପ୍ରକ୍ରିୟା ବିଶେଷ—2. Simple exercises enjoined in the Haṭhajoga as remedies for keeping the body strong, healthy. [ ଦ୍ର—ଅନେକ ସ୍ଥଳରେ ଦେଖାଯାଏ ଯେ ଅନେକ ରୋଗ ଆୟୁର୍ବେଦୋକ୍ତ ପ୍ରଶସ୍ତ ଓ ଜଟିଳ ଔଷଧ ପ୍ରୟୋଗରେ ଆରୋଗ୍ୟ ହୁଏ ନାହିଁ, କିନ୍ତୁ ସାମାନ୍ୟ ମୁଷ୍ଟି ଯୋଗରେ ତାହା ଆରୋଗ୍ୟ ହୁଏ; ଯଥା—ଡାହାଣ ନାକପୁଡ଼ାରେ ନିଶ୍ୱାସ ଗଲାବେଳେ ଭୋଜନ କରିବା, ବାମ ନାଶାରେ ନିଶ୍ୱାସ ଗଲାବେଳେ ଶୋଇବା, ସକାଳୁ ଉଠି ବାସିପାଣି ପିଇବା, ଲୁଣ ଅଦା ଖାଇବା । ]
Mushṭi joga

**ମୁଷ୍ଟିଲ**—ଦେ. ବିଣ—ମୁଷ୍ଟିଯୁକ୍ତ-Attached with fists. [ଉ—ମୁଷ୍ଟିଲ ଜଙ୍ଘେ ପେଲଣ, ମୂର୍ଦ୍ଧାଘ୍ରାଣ ଚୁମ୍ବ ପୁଣ । ଅଭିମନ୍ୟୁ. ବିଦଗ୍ଧଚିନ୍ତାମଣି ।]
Mushṭila

**ମୁଷ୍ଟି ସଂଗ୍ର(ଗ୍ରା)ହ**—ସଂ. ବି—ମୁଷ୍ଟିବନ୍ଧ (ଦେଖ)
Mushṭi saṁgra(grā)ha Mushṭibandha (See).

**ମୁଷ୍ଟ୍ୟାଘାତ**—ସଂ. ବି ( ୩ୟା ତତ୍; ମୁଷ୍ଟି+ଆଘାତ )—ମୁଷ୍ଟିଦ୍ୱାରା ପ୍ରହାର, ବିଧା ବା ମୁଥ—Fisticuff, blow with the fist.
Mushṭyāghāta

ମୁସ୍ (ଧାତୁ)—ସ.—୧ । ବିଭାଗ କରିବା—1. To divide.
Mus (root) ୨ । କାଟିବା—2. To cut. ୩ । ଭାଙ୍ଗିବା—
3. To break to pieces.

ମୁସ୍କଆ—ପ୍ରାଦେ (ସମ୍ବଲପୁର) ବିଣ. ପୁଂ—ଅନ୍ୟ ବ୍ୟକ୍ତିର ପ୍ରାପ୍ୟ ଧନ
Muskiā ବା ଋଣକୁ ଯେ ଭୁରୁଡ଼ାଏ ବା ମାଡ଼ି ବସେ—
(a person) Defrauding another of his dues.

ମୁସ୍କିବା—ପ୍ରାଦେ. (ସମ୍ବଲପୁର) କ୍ରି—ଅନ୍ୟ ବ୍ୟକ୍ତିର ପ୍ରାପ୍ୟକୁ
Muskibā ଭୁରୁଡ଼ାଇବା ବା ମାଡ଼ି ବସିବା—Defrauding or diswoning another's dues.

ମୁସ୍(ସୁ)କୁଲି—ବୈଦେ. ଅ ଓ ବିଶେଷ ବିଣ.,କ୍ରି. ବିଣ (ଅ. ମୁଶ୍କିଲ୍)—
Mus(su)kuli ୧ । ବଡ଼ା; ଅତ୍ୟନ୍ତ—1. Great; very;
মুস্কিল মূসকীল very much. ୨ । ଶକ୍ତ; ଅସହଜ—Difficult.
ମୁଶ୍[ସ୍]କିଲ୍ [ଲି], ମୁସ୍କିଲ୍[ଲି], ମୁସ୍କୁଲି } ଅନ୍ୟରୂପ
[ ଉ—ଏହା ବିପଦ ବି ସମ୍ପଦ, ମହା ମୁସ୍କିଲି—ଫକୀର-ମୋହନ. ଛମାଣ ଅଠଗୁଣ୍ଠ । ]

ମୁସ୍‌ମୁସି ଖରା—ପ୍ରାଦେ· ( ସମ୍ବଲପୁର ) ବି—ବର୍ଷାଦିନରେ ହେବା
Mus-musi kharā ତେଜୋହୀନ ମେଘୁଆ ଖରା—Mild sun's rays during cloudy weather.

ମୁସ୍ଲୀ(ଲେ)ମ୍—ବୈଦେ. ବି ଓ ବିଣ ( ଅ. ମୁସ୍ଲିମ୍ )—ମୁସଲମାନ୍
Mus-lī(le)m ( ଦେଖ )—Musalamān ( See )
মুসলীম মুসলীম

ମୁସ୍ଲୀ(ଲେ)ମ୍ ଲୀଗ୍—ବୈଦେ. ବି ( ଅଧୁନିକ ବ୍ୟବହାର ) ( ଅ. ମୁସ୍-
Mus-lī(le)m līg ଲୀମ୍+ଇ. ଲେଗ୍ )—ଭାରତରେ ପ୍ରତିଷ୍ଠିତ
মুসলীম লীগ ମୁସଲମାନଙ୍କ କେନ୍ଦ୍ର ସଭା—The Muslim
মুসলীম লীগ League; an association of Mahomedans in India.

ମୁସ୍ଲୀ(ଲେ)ମ୍ ସେମିନା(ନେ)ରୀ—ବୈଦେ. ବି ( ଆଧୁନିକ ) ( ଅ.
Mus-lī(le)m seminā(ne)rī ମୁସ୍ଲୀମ୍+ଇଂ. ସେମୀନାରୀ )—
মুসলীম সেমিনারী କଟକରେ ପ୍ରତିଷ୍ଠିତ ହାଇସ୍କୁଲ—The
মুসলীম সেমিনেরি Moslem Seminary High School in the town of Cuttack.

ମୁସ(ସୁ)ଦି(ଦ୍ଦି)—ବୈଦେ. ବି ( ଅ. ମୁତ୍‌ସଦ୍ଦୀ )—୧ । ମୋହରିର୍;
Musa(su)di(ddhi) ଲେଖକ—1. Writer; clerk. ୨ ।
মুছুদী মূতসদ্দি ପେସ୍କାର—2. A ministerial officer who puts up record before a superior official
୩ । ବ୍ୟବସ୍ଥା କରିବା କର୍ମଚାରୀ—3. An officer in charge of arrangement. [ଉ—ସାରୁ ପତ୍ରକୁ ହେଲେ ଜମ୍ବୁରି, ମୁସଦ୍ଦି ମୁସା ହେଲେ ବାହାରି—ବ୍ରଜନାଥ.ସମର-ତରଙ୍ଗ । ] ୪ । ହିସାବରକ୍ଷକ—4. Accountant.
୫ । ଗୁମାସ୍ତା—5. Agent.

ମୁସମା(ମ୍ମା)—ବୈଦେ. ବି ଓ ବିଣ (ଫା. ମୁସମ୍ମା ) (କଚେରୀଆ ଭାଷା)—
Musamā(mmā) ମଜରା—Set off; adjustment.

ମୁସ(ସୁ)ମା (ମ୍ମା)ତ୍—ବୈଦେ. ବି ( କଚେରୀଆ ) (ଫା. ମୁସମ୍ମତ୍ )—
Musa(su)mā(mmā)t ମୁଶମା(ମ୍ମା)ତ୍ ( ଦେଖ )—
মুষমত মূসম্মত Muśamā(mmā)t ( See )

ମୁସଳ ( ଇତ୍ୟାଦି )—ସ. ବି (ମୁସ୍ ଧାତୁ=ଭାଙ୍ଗିବା+କରଣ. ଅଳ)—
Musaḷa ( etc ) ମୁଷଳ ଇତ୍ୟାଦି ( ଦେଖ )—Mushaḷa etc ( See )

ମୁସ(ସୁ)ଲ(ଲୁ)ମ୍—ବୈଦେ. ଅ ( ଅ. ମୁହ୍ଲମ )—ଆଦୌ; ମୂଳସୁଁ·
Musa(su)la(lu)m ବିଲ୍‌କୁଲ୍—At all·
আদতে, মুহলম মুসল্লিম

ମୁସଲ(ଲ)ମାନ୍—ବୈଦେ. ବି· ପୁଂ ( ଅ. ଏକବଚନ; ମୁସ୍ଲିମ୍=ମୁକ୍ତ
Musala(ḷa) mān ପୁରୁଷ; ବହୁବଚନ—ମୁସଲ୍‌ମୀନ୍; ମୁସଲ-
মুস(ছ)লমান মুসলমান ମୀନ୍ ଶବ୍ଦ କ୍ରମଶଃ ଅପଭ୍ରଷ୍ଟ ହୋଇ ଫାରସୀରେ ମୁସଲମାନ ରୂପ ଧାରଣ କରିଅଛି—ବି. ବିଶ୍ୱକୋଷ )—
ମୁସଲ[ଲ]ମାନୀ, ମୁସଲ[ଲ]ମାନିଆଣୀ } ସ୍ତ୍ରୀ
୧ । ହଜରତ୍ ମହମ୍ମଦଙ୍କ ପ୍ରବର୍ତ୍ତିତ ଏକେଶ୍ୱର ଧର୍ମାବଲମ୍ବୀ ବ୍ୟକ୍ତି; ଇସ୍ଲାମ୍ ଧର୍ମାବଲମ୍ବୀ; ପଠାଣ—1. Mahomedan; Muslim; Islam. [ ଦ୍ର—ମୁସ୍ଲିମ ଓ ଇସ୍ଲାମ ଶବ୍ଦ ଆରବୀ 'ସଲମ' ଧାତୁରୁ ଉତ୍ପନ୍ନ । ଅ. ସଲମ ଧାତୁର ଅର୍ଥ ଆପଦଶୂନ୍ୟ, ମୁକ୍ତ ବା ମୁକ୍ତିଦାନକାରୀ । ଯେଉଁ ଧର୍ମ ଗ୍ରହଣ କଲେ ସଂସାରରେ ମନୁଷ୍ୟ ନିରାପଦ ହୁଏ ଓ ପରଲୋକରେ ମୁକ୍ତିଲାଭ କରେ ତାକୁ ହଜରତ ମହମ୍ମଦ ଇସ୍ଲାମ ବା ମୁସ୍ଲିମ ବା ମୁସଲମାନ ଧର୍ମ ନାମ ଦେଇଅଛନ୍ତି । ସଲାମତ ଓ ସଲାମ ଶବ୍ଦ ଏହି ଅ. ସଲମ ଧାତୁରୁ ଉତ୍ପନ୍ନ । ଦେଶଭେଦରେ ଏ ଧର୍ମାବଲମ୍ବୀମାନଙ୍କର ବିଭିନ୍ନ ନାମ ହୋଇଅଛି । ୟୁରୋପରେ ମୁର; ଆରବରେ ମୁସଲମାନ, ମେସଲେମ; ଆବସିନିଆ ଓ ନାଇଜିରିଆରେ ହାବସୀ; ପାରସ୍ୟରେ ପାରସୀ; ପୂର୍ବ ଇଉରୋପରେ ମଧ୍ୟଯୁଗରେ ସାରାସିନ । ଏହି ଧର୍ମର ପ୍ରବର୍ତ୍ତକ ହଜରତ ମହମ୍ମଦ ଆରବର ମକ୍କା ନଗରରେ ଖ୍ରୀ. ୫୭୧ ରେ ଜନ୍ମ ଗ୍ରହଣ କରିଥିଲେ । ଖ୍ରୀ. ୬୨୨ରେ ସେ ମକ୍କା ତ୍ୟାଗ କରି ମଦିନାକୁ ଗଲେ ଓ ସେହି ଦିନଠାରୁ ମୁସଲମାନଙ୍କ ପ୍ରଚଳିତ ହିଜ୍‌ରୀ ସନ ଆରମ୍ଭ ହେଲା । ଖ୍ରୀ. ୬୩୨ ରେ ହଜରତ ମହମ୍ମଦ ଦେହତ୍ୟାଗ କଲେ । ଏକେଶ୍ୱରବାଦ ଏ ଧର୍ମର ପ୍ରଥମ ଧର୍ମନୀତି । 'ଅଲ୍ଲା'ହିଁ ଜଗତରେ ଏକମାତ୍ର ପ୍ରଭୁ ଓ ମହମ୍ମଦ ତାଙ୍କର ଜଣେ ପଏଗମ୍ବର ବା ପୃଥିବୀକୁ ପ୍ରେରିତ ଦୂତ ଅଟନ୍ତି ଓ ଏ ଧର୍ମାବଲମ୍ବୀମାନଙ୍କ ଧର୍ମଶାସ୍ତ୍ର କୋରାନରେ ମହମ୍ମଦ ଈଶ୍ୱରାଦେଶମାନ ଲିପିବଦ୍ଧ କରିଅଛନ୍ତି । ଯେ ଏ ୩ କଥା ବିଶ୍ୱାସ କରନ୍ତି ସେ ମୁସଲମାନ । ପ୍ରତ୍ୟେକ ମୁସଲମାନର ୫ଟି କର୍ତ୍ତବ୍ୟ ବୋଲି ଈଶ୍ୱରାଦେଶ କୋରାନରେ ଅଛି:—୧ । ଏକେଶ୍ୱରବାଦ କଲମା ପଢ଼ିବା, ୨ । ଦିନ ରାତିରେ ୫ ଥର ନମାଜ ପଢ଼ିବା, ୩ । ରମଜାନ ମାସରେ ଉପବାସ କରିବା, ୪ । ଧର୍ମାର୍ଥ ଦାନ କରିବା ଓ ୫ । ମକ୍କାକୁ ତୀର୍ଥଯାତ୍ରା କରିବା । ] ୨ । ଇସ୍ଲାମ ଧର୍ମ—2. Mahomedanism.

ମୁସଲ(ଲ)ମାନି—ବୈଦେ. ବି. ( ଫା. ମୁସଲ୍‌ମାନୀ )—ମୁସଲମାନର
Musala(la)māni ଆଚରଣ—Conduct befitting a
ମୁସ(ଛ)ଲମାନୀ मुसलमानी Mahomedan.
[ମୁସଲମାନୀଅ(ଅଁ)—ଅନ୍ୟ ବଣ.ରୂପ] ବଣ—ମୁସଲମାନ ସମ୍ବନ୍ଧୀୟ-
Relating to Islam.

ମୁସଲ୍ଲା—ବୈଦେ. ବି. (ଆ)—ମୁସଲମାନମାନେ ନମାଜ ପଢିବା ସମୟରେ
Musallā ଯେଉଁ ଚଟେଇ ବା ଆସନ ବ୍ୟବହାର କରନ୍ତି—
ମୁସଲ୍ଲା A prayer mat of a Mahomedan.
मुसल्ला

ମୁସଲ୍ୟ—ସ. ବଣ. ପୁଂ (ମୁସଲ+ବଧ୍ୟାର୍ଥେ.ଯ)—ମୁସଲ ଦ୍ୱାରା ବଧ-
Musalya • Deserving to be killed by the blow
(ମୁସଲ୍ୟା—ସ୍ତ୍ରୀ) of a mace.

ମୁସ୍କି(ସ୍କୁ)ଲ୍(ଲି)—ବୈଦେ. ଅ. କ୍ରି. ବଣ. ବଣର ବଣ. ବଣ (ଅ)—
Muski(sku)l(li) ମୁସ୍କୁଲ (ଦେଖ)—Mus-kuli (See)

ମୁସ୍ତ୍ (ଧାତୁ)—ସ—୧ । ଜମାଟ ହେବା; ଗଦା ହେବା—1. To be
Must (root) gathered together; to be heaped up. ୨ । ଗଦା କରିବା—2. To heap up; to accumulate. ୩ । ଏକତ୍ର କରିବା—3. To gather up.

ମୁସ୍ତ—ବୈଦେ. ବି. ( ଫା, ମୁସ୍ତ୍ )—୧ । ଥର, ବାର, ମୁଥ—
Musta 1. Time. ୨ । କିସ୍ତି—2. Instalment. ସ.
बार, किस्ति ବି. (ମୁସ୍ତ୍ ଧାତୁ+କର୍ତ୍ତୃ. ଅ)—୧ । ମୁଥ ଘାସ—
बार, मुस्त 1. Cyperus Rotundus; the creeping
(ମୁସ୍ତର୍—ଅନ୍ୟରୂପ) grass. ୨ । ଏକ ପ୍ରକାର ଘାସର ସୁଗନ୍ଧ
ଅନ୍ୟ ସ. ନାମ—ମୁସ୍ତକ, ମୂଳ, ଯଥା—2. The bulbous
ମୁସ୍ତା, ଭଦ୍ର, ଭଦ୍ରକ, ଭଦ୍ର root of a kind of grass;
ମୁସ୍ତକ, ଭଦ୍ରା, ଗାଙ୍ଗେୟ, Cyperus Rotundus.
ଅମ୍ବୁନାମକ, କୋରକ [ଦ୍ର—ଏହା ଜ୍ୱର, କଣ୍ଠୁ, ବାୟୁ-
ମେଘୁକ, ନାଗରମୁସ୍ତକ, ନାଶକ, ଗ୍ରାହକ ଓ ପାଚକ, ଏହା
ଶ୍ରୀଭଦ୍ରା, କୁରୁବିନ୍ଦ, ସ୍ୱଚ୍ଛକ ପିତ୍ତ, ଅତ୍ରିକ୍ତ, ତୃଷ୍ଣା, ଜ୍ୱର ଓ କୃମି
ମେଘ, ସୁଗନ୍ଧ, ମେଦ, ମେଘାଖ୍ୟ ନାଶକ । ଅନୂପଦେଶ ଜାତ ମୁଥା
ଓ ମେଘର ସମସ୍ତ ପ୍ରତି ଶବ୍ଦମାନ ପ୍ରଶସ୍ତ ।]
मुता(आ) मोथा ଚେ. ଭୁଲ ମୁସ୍ତ, ସକଳଭୁଙ୍ଗ ବିରୁ
ଭା. କୋଷିସ୍ତ

ମୁସ୍ତକ—ସ. ବି—୧ । ସ୍ଥାବର ବିଷବିଶେଷ—1. A poisonous
Mustaka drug. ୨ । ମୁସ୍ତ (ଦେଖ)—2. Musta ( See )

ମୁସ୍ତଜ—ବୈଦେ. ବି. (ଫା· ମୁସ୍ତାଜର)—ମୁସ୍ତାଜର ( ଦେଖ )
Mustaja Mustājara ( See )

ମୁସ୍ତ(ସ୍ତୁ)ଣ୍ଡା—ଦେ. ବଣ. (ସ. ପୃଷ୍ଟ)—୧ । ହୃଷ୍ଟପୁଷ୍ଟ ଓ ବଳିଷ୍ଠ—
Musta(stu)ṇḍā 1. Stout and strong. ୨ । ଦୁଷ୍ଟ—
मुस्तण्डा 2. Wicked.

ମୁସ୍ତ(ସ୍ତା)ଫା—ବୈଦେ. ବି. (ଅ. ମୁସ୍ତାଫା)—୧ । ମୁସଲମାନ ଉଚ୍ଚ-
Musta(stā)phā ବଂଶୀୟ ବ୍ୟକ୍ତିଙ୍କ ନାମ ପୂର୍ବରେ ଲାଗିବା ଉପାଧି
ମୁସ୍ତଫା ବିଶେଷ—1. A title prefixed to the name
मुस्तफा of Mahomedan nobles. ୨ । ହଜରତ
ମହମ୍ମଦଙ୍କ ନାମାନ୍ତର (ବଙ୍ଗକୋଷ)—2. A name of
the prophet Mahammad.
[ ଦ୍ର—ତୁର୍କି ରାଜ୍ୟର ଅନେକ ଶାସନକର୍ତ୍ତା ଓ ତୁରସ୍କର
ସୁଲତାନଙ୍କ ଏହି ନାମ ଥିଲା । ଖ୍ରୀ ୧୬ଶଠାରୁ ୧୯ଶ ଶତାବ୍ଦି
ମଧ୍ୟରେ ଏହି ନାମଧାରୀ ୪ ଜଣ ତୁରସ୍କର ସୁଲତାନ
ହୋଇଥିଲେ ।]

ମୁସ୍ତ(ସ୍ତା)ଫା କ(କେ)ମା(ମେ)ଲ ପାଶା—ବୈଦେ. ବି. ( ନାମ )—
Musta(stā)phā ka(ke)ma(me)l pāśā ତୁରସ୍କ ସାଧାରଣ
মুস্তফা কমাল পাশা ଆଧୁନିକ ପ୍ରଜାତନ୍ତ୍ରର ପ୍ରତିଷ୍ଠାତା—
मुस्तफा कमाल पाशा Mustāfā Kamāl Pāśā, the
founder of the modern Turkish republic.

ମୁସ୍ତର୍—ବୈଦେ. ବି. (ଫା)—ମୁସ୍ତ ( ଦେଖ )
Mustār Musta ( See)

ମୁସ୍ତରୀ—ବୈଦେ. ବି. ପୁଂ (ଅ. ମୁଶ୍‌ତାରୀ; କ୍ରେତା)—ସମ୍ପତ୍ତି କ୍ରୟକାରୀ;
Mustari କ୍ରେତା—Purchaser of a property.
( ମୁସ୍ତରୀ—ସ୍ତ୍ରୀ ) ( ବାଣ୍ୟା—ବ୍ୟବସ୍ଥାର )
मुस्तारी मुस्तारी

ମୁସ୍ତା—ସ. ବି—ମୁସ୍ତ (ଦେଖ)
Mustā Musta (See)

ମୁସ୍ତାଜ(ଦା)ର—ବୈଦେ. ବି (ଫା. ମୁସ୍ତାଜର ଇଜାରଦାର ଭାଷା)—ଯେଉଁ
Mustāja(dā)ra ଲୋକ ଜମିଦାର ଅଧିକରୁ ଖଜଣା ଆଦାୟ
( ମୁସ୍ତାଦାର—ଅନ୍ୟରୂପ ) କରିବାକୁ ଜମିଦାରଙ୍କଠାରୁ ଇଜାରା
মুস্তজর ନିଏ; ଠିକାଦାର—A farmer or lessee who
मुस्ताजर takes the farming of a Zamindari.

ମୁସ୍ତାଜରି—ବୈଦେ. ବି (ଫା)—ମୁସ୍ତାଜରର କାର୍ଯ୍ୟ ବା ପଦ—
Mustājari The act or post of a lessee.
মুস্তাজরী मुस्ताजरी

ମୁସ୍ତାଫ—ବୈଦେ. ବି (ଫା. ମୁସ୍ତଫା)—ବେଶଭୂଷାରେ ସଜ୍ଜିତକରଣ—
Mustāpha Being fitted up with dress, toilette.

ମୁସ୍ତେଜ—ବୈଦେ. ବଣ (ଅ. ମୁସ୍ତଅଦ୍)—ଉଦ୍ୟତ—Ready. [ଦ୍ର—
Musteja ସେ ମୋ ସଙ୍ଗେ କଳି କରିବାକୁ ମୁସ୍ତେଜ ହେଉଛି । ].
উদ্যত मुस्तैज

ମୁସ୍ଲିମ୍—ବୈଦେ. ବି ଓ ବଣ (ଫା)—ମୁସ୍ଲିମ ଇତ୍ୟାଦ (ଦେଖ)
Muslim মুস্‌লিম मुस्लिम Muslim etc. (See)

ମୁହ୍ (ଧାତୁ)—ସ.—୧ । ମୁଗ୍ଧ ହେବା—1. To be charmed.
Muh (root) ୨ । ମୂଢ଼ ହେବା—2. To become foolish, to be fooled.

ମୁହଁ ବନ୍ଧ—ଗ୍ରାଦେ (ଉତ୍ତର) ବି—ଶଗଡ଼ ଚକର ମଝି ପିଣ୍ଡର
Muhañ bandha ବାହାରେ ଦୁଇ ପାଖେ ଲୁଗିଥିବା ଲୁହା ଲୋହ-
ବଳୟ—The iron ring round the navel of the wheel of a cart.

ମୁହଁ—ଦେ. ବ (ସଂ. ମୁଖ; ପ୍ରା. ମୁହଁ)—୧ । ମୁଖ; ବଦନ—
Muhañ 1. Face. ୨ । ପାଟି—2. Mouth. ୩ । ମୁଣ୍ଡ—
(ଗାଣ୍ଡି—କଥିତ) 3. Head. ୪ । ଅଗ; ସମ୍ମୁଖଭାଗ—
ମুখ 4. Front part. ୫ । ଚେହେରା—5. Countenance. ୬ । (ଲକ୍ଷଣାର୍ଥ) ବ୍ୟକ୍ତି—6. (figurative) A person. (ଉ—ଘରେ ନ ଥାଏ ସେହି ମୁହଁକୁ, ଭଣ୍ଡାର ନ ଥାଏ ଖାଉବାକୁ । ଢଗ ।) ୭ । ମୁଖନିଃସୃତ ବାକ୍ୟ—7. Speech. ୮ । ମୁଖଲଜ୍ଜା; ମୋହବତ—8. Regard for the feelings of others. (ଉ—ତୋ ମୁହଁକୁ, ନା ତୋ ଗୋସେଇଁ ମୁହଁକୁ । ଢଗ ।) [ଦ୍ର—ମୁହଁ ଶବ୍ଦର ଅନ୍ୟାନ୍ୟ ଅର୍ଥ ପାଇଁ ମୁଖ ଶବ୍ଦ ଦେଖ ।]
मुहं

ମୁହଁଅଇଁଠା କରିବା—ଦେ. କ୍ରି—ଖାଇବାକୁ ବସି ନାମମାତ୍ର Muhañ ainṭhā karibā ଖାଇବା, ଅର୍ଥାତ୍ ଖାଦ୍ୟ ବସ୍ତୁକୁ ଏକ୍ଷିତ ପରିମାଣରେ ନ ଖାଇବା—To touch the food.
মুখএঁঠো করা
मुहं जुठारना

ମୁହଁ ଅନ୍ଧାର—ଦେ. ବ (ସଂ. ମୁଖ+ଅନ୍ଧକାର)—୧ । ବେଳ Muhañ andhāra ବୁଡ଼ିବା ସମୟର ସାମାନ୍ୟ ଅନ୍ଧାର (ଯେଉଁ (ଝଟକଥା ଅନ୍ଧାର—କଥିତ) ଅନ୍ଧାରରେ ସାମନାରେ ଥିବା ଲୋକର ଉପସ୍ଥିତି ଓ ଅବୟବ ଜଣାପଡ଼େ, କିନ୍ତୁ ମୁହଁକୁ ଚିହ୍ନାଯାଇ ପାରେ ନାହିଁ)—1. The darkness of dusk (by which a person's face cannot be distinguished). ୨ । ପ୍ରଭାତ କାଳର ଠିକ୍ ପୂର୍ବ ସମୟ—2. Day-break. (ଉ—ବାବାଜୀ ମୁହଁ ଅନ୍ଧାରରୁ ଉଠି ପ୍ରାତଃସ୍ନାନ ସାରି ହରିନାମ ଶୁଣାଇବା ସକାଶେ ଗ୍ରାମକୁ ବାହାରନ୍ତି । ଫକୀରମୋହନ. ଛମାଣ ଆଠଗୁଣ ।)
মুখআঁধারী
मुहं अंधार (अंधेरे)

ମୁହଁ ଅରୁ(ରୁ)ଚି(ଚେ)ଇବା—ଦେ. ବ. (ସଂ. ମୁଖ+ଅରୁଚି)—Muhañ ara(ru)chā(che)ibā (ଅସ୍ୱାଦୁ ପଦାର୍ଥ ଖାଇବା ଯୋଗୁଁ ବା ରୋଗ ଯୋଗୁଁ) ମୁଖରେ ଅରୁଚି ଭାବ ହେବା—A feeling of disrelish or apathy for food.
অরুচি হওয়া
अरुचि होना

ମୁହଁ ଅଣ୍ଟ—ଦେ. ବ—ବାକ୍ୟରେ ଦାମ୍ଭିକତା; ମୁହଁ ଜୋରୁ— Muhañ ānṭa Effrontry; impudence.
[ମୁହଁ ଅଣ୍ଟୁଆ—(ପୁଂ); ମୁହଁ ଅଣ୍ଟେ(ଣ୍ଟୋ)ଇ—(ସ୍ତ୍ରୀ)—ବ୍ୟକ୍ତି-ବାଚକ ବିଶେଷଣ]
·দাম্ভিকতা मुहं जोरी

ମୁହଁ ଉଠା(ଠେ)ଇବା—ଦେ. କ୍ରି. (ସଂ. ମୁଖ+ଉତ୍+ସ୍ଥା ଧାତୁ)—Muhañ uṭhā(ṭhe)ibā ୧ । ତଳକୁ ନତ କରିଥିବା ମୁଖକୁ [ମୁହଁ ଟେକିବା—ଅନ୍ୟରୂପ] ଉପରକୁ ଟେକିବା—1. To raise up one's face. ୨ । ବହୁ ଲୋକଙ୍କ ମଧ୍ୟରେ ପ୍ରଧାନ ବା ଉନ୍ନତ ଅବସ୍ଥାପନ୍ନ ହେବା—2. To become prominent amongst many.
মুখ তোলা
मुहं उठाना

ମୁହଁ ଉପରେ କଥା କହିବା—ଦେ.କ୍ରି—କୌଣସି ବ୍ୟକ୍ତିର ସମ୍ମୁଖରେ Muhañ upare kathā kahibā ଧୃଷ୍ଟତାପୂର୍ବକ କଥା କହିବା—To speak out to a person's face impudently.
মুখের উপর কথা বলা
मुहंके उपर बोलना

ମୁହଁ କଡ଼ା—ଦେ.ବଣ.ପୁଂ ଓ ସ୍ତ୍ରୀ.(ସଂ. ମୁଖ+କଟୁ)—୧। ଅପ୍ରିୟଭାଷୀ; Muhañ karḍā କଟୁଭାଷୀ—1. Foul-mouthed. ୨ । କ୍ରୋଧନସ୍ୱଭାବ—2. Of an angry temperament.
মুখ কড়া
मुहं कडा
[ମୁହଁ କଡ଼ା ଘଣ, ମୁହଁ କଡ଼ା ପଣିଆ(ଆଁ)—ବିଶେଷ୍ୟ]

ମୁହଁ କଢ଼ା—ଦେ. ବଣ—ମୁଖନିଃସୃତ; ଉଦ୍ଗୀର୍ଣ୍ଣ; ପାଟିକଢ଼ା— Muhañ karḍhā Gorged out of the mouth.
মুখ হতে বাহির করা जुठा (ଯଥା—ମୁହଁ କଢ଼ା ପାନ ।)

ମୁହଁ କଥା—ଦେ. ବ. (ସଂ. ମୁଖ+କଥା)—୧ । ବାକ୍ୟ ମାତ୍ରରେ Muhañ kathā ପର୍ଯ୍ୟବସିତ ବଚନ—1. Windy (ମୁହଁର କଥା—ଅନ୍ୟରୂପ) words; speech consisting of words only (i. e. not ending in deeds. ୨ । ବାଗାଡ଼ମ୍ବର—2. A display of words; verbiage. ୩ । ମୌଖିକ କଥା—3. Verbal news; word of mouth. ୪ । ବାହ୍ୟ କଥା (ଯାହା ଅନ୍ତରର ନୁହେଁ)—4. Outward expressions (which does not represent the speaker's actual feelings).
মুখের কথা
मुहंकी बात

ମୁହଁ କରିବା—ଦେ. କ୍ରି—୧ । ବିରକ୍ତିବାଚକ ମୁଖଭଙ୍ଗୀ କରିବା— Muhañ karibā 1. To assume a frowning face; to frown; to scowl. ୨ । ହର୍ଷସୂଚକ ବା ଦୁଃଖସୂଚକ ମୁଖଭଙ୍ଗୀ କରିବା—2. To assume a bright or sorrowful countenance. (ଯଥା—ସେ ଆଜି ଏଡ଼େ ମୁହଁ କରିଛି) [ଦ୍ର—ମୁହଁର ଚେହେରା ଦେଖିଲେ ମନୁଷ୍ୟ ସୁଖୀ ବା ଦୁଃଖୀ ଥିବା ଜଣା ପଡ଼େ । ଏଥିପାଇଁ ତୁଷ୍ଟ ବ୍ୟକ୍ତିକୁ ଲକ୍ଷ୍ୟ କରି କହନ୍ତି "ସେ ମିଠେଇ ଖାଇଲା ଭଲ ମୁହଁ କରିଛି ।" "ସେ ମୋକଦମା ଜିତି ପାଇଲା ପରି ମୁହଁ କରିଛି ।" ବିମର୍ଷ ବ୍ୟକ୍ତିକୁ କହନ୍ତି "ସେ ଅଧିଲି ହଜାଇଲା ପରି ମୁହଁ କରିଛି ।" "ସେ ଚିରୂଳ ଖାଇଲା ପରି ମୁହଁ କରିଛି ।"] ୩ । କୌଣସି ଆଡ଼କୁ ମୁଖ ବୁଲାଇବା; ଅଭିମୁଖୀ ହେବା—3. To turn one's face towards. (ଯଥା—ଭୁ ସିଧା ସିଧା ଉତ୍ତରକୁ ମୁହଁ କରି ଗଲେ ବାଲେଶ୍ୱରରେ ପହଞ୍ଚିବୁ । ] ୪ । ଔଷଧ ପ୍ରୟୋଗ ଦ୍ୱାରା ବ୍ରଣକୁ ପଚାଇ ତାହାର ଗୋଟିଏ ମୁହଁ ପ୍ରକାଶିତ କରାଇବା—2. To cause a boil to come to a head. (ଯଥା—ବଥ ଉପରେ ଗହମ ପୁଳ୍ଟିସ୍ ଦେଲେ ଏହା ଶୀଘ୍ର ବଥର ଗୋଟିଏ ମୁହଁ କରିଦେବ ।)
মুখ করা
बडा मुहं करना

ମୁହଁ କଳା ପଡ଼ିବା(ହେବା)—ଦେ॰ କ୍ରି—ଭୟାଦି ହେତୁ ମୁଖ ବିବର୍ଣ୍ଣ
Muhañ kala pardibā(hebā) ହେବା—One's face
মুখ কালো হওয়া becoming pale through fear etc.
**मुहँ काला पडना**
[ମୁହଁ କେଶର ପଡ଼ିଯିବା(ହେବା)—ଅନ୍ୟରୂପ]

ମୁହଁ କାଢ଼ିବା—ଦେ. କ୍ରି—କଇଁଛ ଆପଣା ଖୋଳରୁ କମ୍ବା ସର୍ପ ଅବ
Muhañ kārdhibā ଆପଣା ଗାତରୁ କମ୍ବା ନୂଆ ବୋହୂ ଓଢ଼ଣା
(ମୁହଁ ବାହାର କରିବା—ଅନ୍ୟରୂପ) ମଧ୍ୟରୁ ବା ଯାତ୍ରୀ ରେଳ
মুখ বাহির করা গାଡ଼ିର ଝିଙ୍କିରୁ ମୁଖକୁ ପଦାକୁ ବାହାର କରିବା
**मुहँ निकालना** ବା ଦେଖାଇବା—To show out one's face from a hole or veil or window, said of a tortoise, a snake or a veled woman etc.

ମୁହଁ କଢ଼ୁ(ଣ୍ଟୁ, ଣ୍ଡୁ)—ଦେ. ବି. (ସ. ମୁଖ+କଣ୍ଡୁ)—ମୁହଁବଳ;
Muhañ kārdhu(ṇṭu, ṇḍu) କଥା କହିବାର ସାମର୍ଥ୍ୟ;
মুখরতা ମୁଖରତା—1. Ability to talk; glibness
**मुखरपन** ୨। କଥା କହିବା ପାଇଁ ଅତ୍ୟଧିକ ବ୍ୟଗ୍ରତା—
মুখর 2. An inordinate desire to speak.
**मुखर** ଦେ. ବି. ପୁଂ ଓ ସ୍ତ୍ରୀ—Talkative.

ମୁହଁ କାଢ଼ୁଆ—ଦେ. ବଣ. ପୁଂ (ସ. ମୁଖର)—ମୁଖର—
Muhañ kārdhuā Talkative; forward (person).
[ମୁହଁ କାଢ଼େ(ଢ଼ୋ)ଇ—ସ୍ତ୍ରୀ] মুখর **मुखड**

ମୁହଁକୁ ଆଣିବା—ଦେ କ୍ରି—ଉଚ୍ଚାରଣ କରିବା; କହିବା—
Muhañku āṇibā To speak; to utter.
মুখে আনা **मुहँ मेलाना**

ମୁହଁକୁ ଆସିବା—ଦେ. କ୍ରି—(କୌଣସି କଥା ବା ବାକ୍ୟ) ସ୍ଫୁରିବା,
Muhañku āsibā ବାକ୍‌ସ୍ଫୂର୍ତ୍ତି ହେବା—(any word or
মুখে আসা speech) Come to one's mouth; to
**मुहँमे आना** occur to one's mouth.

ମୁହଁକୁ ଏଣ୍ଡେ କରିବା—ଦେ. କ୍ରି—କ୍ରୋଧ ବା ଅଭିମାନରେ ମୁହଁ
Muhañku erde karibā ଫୁଲାଇବା—To pull a long
মুখ ভার করা **मुहँ बडा करना** face

ମୁହଁକୁ ଚାହିଁବା—ଦେ. କ୍ରି—ପରର ମୁଖାପେକ୍ଷୀ ହେବା—1. To
Muhañku chāhiñbā slavishly depend upon
মুখ তাকান, মুখ চাওয়া another's pleasure
**मुहँ तकाना(चाहना)** ୨। ପ୍ରିୟ ବ୍ୟକ୍ତିର ମୁଖାବଲୋକନ କରି ଶାନ୍ତି ବା ସୁଖ ପାଇବା—2. To have peace of mind or happiness by having a look at the face of one's near and dear ones.
୩। (ଲକ୍ଷଣାର୍ଥ) ଅନ୍ୟ ବ୍ୟକ୍ତିକୁ ଅନୁରୋଧ କରିବା; ଅନ୍ୟର ମନୋବୃତ୍ତି ରକ୍ଷା କରିବା—3. (figurative) To show regard for the feeling of another

ମୁହଁକୁ ଟିକିଏ ଚାହିଁବା—ଦେ.କ୍ରି—ଅନୁରୋଧ ବା ଅନୁରୋଧ ରକ୍ଷା କରିବା-
Muhañku ṭikie chāhiñbā To have regard for
মুখের দিকে চাওয়া the feeling or opinion of another
**थोडाभी मुहँ चाहना**

ମୁହଁକୁ ମୁହଁ—ଦେ. ଅ—ସାମନା ସାମନି; ମୁହାଁ ମୁହିଁ—
Muhañku muhañ Face to face.
মুখোমুখি **मुहाँमुहि**

ମୁହଁକୁ ମୁହଁ ନ ଦିଶିବା—ଦେ.ବି (ଅନ୍ଧକାର ଯୋଗୁଁ) ସମ୍ମୁଖରେ ଠିଆ
Muhañku muhañ na disibā ହୋଇଥିବା ବ୍ୟକ୍ତିଦ୍ୱୟ,
মুখ দেখতে না পাওয়া **मुहँमी नही दिखा जाना** ପରସ୍ପର ମୁଖ ଦେଖି ନ ପାରିବା;. ଚକ୍ଚକିଆ ଅନ୍ଧାର—Pitch darkness.

ମୁହଁକୁ ଶୁଣ୍ଡେଇ କରି ବସିବା—ଦେ. କ୍ରି—ମୁହଁକୁ ଲମ୍ବା କରି ବସିବା;
Muhañku śuṇḍeikari basibā ଭ୍ରୁକୁଟୀ କରିବା—
মুখ ভারকরে বসা **मुहफुलाकरबैठना** To sit witha; long or scowling face.

ମୁହଁ କେଶରା ପଡ଼ିବା—ଦେ. କ୍ରି—ଲଜ୍ଜାରେ ମୁହଁ ବିବର୍ଣ୍ଣ ହେବା—
Muhañ kesarā pardibā One's face turning pale
মুখচূন হওয়া **मुहँ फिका पडना** with shame.

ମୁହଁ ଖଉରା(ରେ)ଇବା—ଦେ.କ୍ରି (ସ. ମୁଖ+କ୍ଷୌର)—ଭଣ୍ଡାରିଦ୍ୱାରା
Muhañ khaurā(re)ibā ନିଜର ବା ଅନ୍ୟ ବ୍ୟକ୍ତିର ମୁଖର
কামান **हजामत करना** କ୍ଷୌରକର୍ମ ସମ୍ପାଦନ କରାଇବା—
To have one's own or another person's face shaven by the barber.

ମୁହଁ ଖଉରିବା—ଦେ. କ୍ରି—ମୁଖର ଶ୍ମଶ୍ରୁ ଆଦିକୁ କ୍ଷୌର କରିବା—
Muhañ khauribā To shave the beard etc of the
কামান **हजामत करना** face. ( ଉ—ଲାଜ ନ ଥାଏ ଯେଉଁ ମୁହଁକୁ ଭଣ୍ଡାରି ନ ଥାଏ ଖଉରିବାକୁ—ଭଗ ।)

ମୁହଁ(ହୁଁ)ଖଣ୍ଡ(ଣ୍ଡା)—ଦେ. ବିଣ (ସ. ମୁଖର)—୧ । ମୁଖର; ମୁଖରା;
Muhañ(huñ)khaṇḍa(ṇḍā) ବହୁଭାଷୀ—1. Talkative; garrulous. ୨। କଥା କହିବାରେ
মুখর **मुखर**
ନିର୍ଭୀକ—2. Fearless in speech.

ମୁହଁ(ହୁଁ)ଖର—ଦେ. ବିଣ. ପୁଂ ( ସ. ମୁଖର )—୧ । କଟୁଭାଷୀ—
Muhañ(huñ)khara 1. Scurrilous; foul-tongued.
মুখড় **मुखर** ୨ । ମୁଖର—2. Talkative.

ମୁହଁଖରୀ
ମୁହଁଖରେଇ } ସ୍ତ୍ରୀ
ମୁହଁଖରଖରି

ମୁହଁଖରାପ—ଦେ. ବି ( ସ. ମୁଖ+ଫା. ଖରାବ୍ ) କଟୁଭାଷଣ—
Muhañ kharāpa Scurrility.
মুখখারাপ **मुहँखराब**
মুহখারাপ **मुँहखराबी** ଦେ.ବିଣ—କଟୁଭାଷୀ—Scurrilous

ମୁହଁଖରାପ କରିବା—ଦେ. କ୍ରି—ମୁହଁ ବିଗାଡ଼ିବା (ଦେଖ)
Muhañ kharāpa karibā Muhañ bigārdibā (See)
মুখ খারাপ করা **मुहँ खराब करना**

ମୁହଁ ଖାଇ—ଦେ. ବିଣ. ସ୍ତ୍ରୀ (ଗାଳି) (ସ. ମୁଖରା)—କଳହପ୍ରିୟା; ଯେଉଁ
Muhañ khāi ସ୍ତ୍ରୀ ମୁହଁକୁ ଯାହା ଆସେ ତାହା କହି ଗାଳି ଦିଏ—
মুখরা **मुखडी** Very quarrelsome (woman), shrewish.

**ମୁହଁଖରା**—ପ୍ରାଦେ (ବାଲେଶ୍ୱର) ବି—ଗୋରୁମାନଙ୍କର ରୋଗବିଶେଷ; ପାଟୁଆ—A cattle disease appearing in the mouth; the foot and mouth disease of cattle. [ ଦ୍ର—ଏହି ରୋଗ ହେଲେ ଗୋରୁମାନେ ମୁହଁ ଖୋଲି କିଛି ଖାଇ ପାରନ୍ତି ନାହିଁ ଓ ସେମାନଙ୍କ ଖୁରର ସନ୍ଧିରେ ଘାଆ ହୁଏ । ]
Muhañ khurā
খুরো
खररा

**ମୁହଁ ଖୋର**—ଦେ. ବିଣ ( ସଂ. ମୁଖର )—ଯେ କଡ଼ା କଥା କହେ; କଟୁଭାଷୀ—Harsh in words; scurrilous.
Muhañ khora
মুখরম
मुखर

**ମୁହଁ ଖୋଲିବା**—ଦେ. କ୍ରି—କଥା କହିବା—To open one's mouth; to speak out.
Muhañ kholibā
(ମୁହଁ ଫିଟା(ଟେ)ଇବା—ଅନ୍ୟରୂପ)
মুখখোলা
मुहँखोलना
(ମୁହଁ ଖୋଲିଯିବା, ମୁହଁ ଫିଟିବା—ବିଶେଷ୍ୟରୂପ)

**ମୁହଁ ଗଲୁ**—ଦେ. ବି—୧ । ମୁଖ କଣ୍ଡୁ; କଥା କହିବାକୁ ପ୍ରବଳ ସ୍ପୃହା—An inordinate hankering to talk; itching for talk. ୨ । ମୁଖରତା—2. Talkativeness.
Muhañ galu
[ମୁହଁକ(କା)ଣ୍ଡୁ—ଅନ୍ୟରୂପ)
মুখ চুলকনী
मुहँका गलू

**ମୁହଁ ଗାଣ୍ଡି**—ଗ୍ରା. ବି (ବିପରୀତାର୍ଥକ ସହଚର ଶବ୍ଦ)—୧ । ଖାଦ୍ୟ-ପ୍ରବେଶ ପଥ ଓ ବିଷ୍ଠାନିର୍ଗମ ପଥ—1. Mouth and anus (the entrance and exit for food in the body). ୨ । ପାତ୍ରାଦିର ମୁଖ ଓ ଅଧୋଭାଗ—2. The mouth and bottom of a pot.
Muhañ gāṇḍi
মুখ ও পোঁদ
मुहँ और गाँड

**ମୁହଁ ଗାଣ୍ଡି ପାଲଟିବା**—ଗ୍ରା. ବି ( ଅଶିଷ୍ଟ )—ମୁଖୋଚ୍ଚାରିତ ବାକ୍ୟ ପ୍ରତିପାଳିତ ନ ହେବା—Breach of one's promise. [ ଦ୍ର—ମୁହଁ ଶବ୍ଦ ଉଚ୍ଚତାବ୍ୟଞ୍ଜକ ଓ ଗାଣ୍ଡି ହୀନତା ବା ହେୟତାବ୍ୟଞ୍ଜକ । ଯେଉଁ ଲୋକ ଅପଣାର ବାକ୍ୟ ବା ସତ୍ୟ ପାଳନ ନ କରେ, ଇତର ଲୋକେ କହନ୍ତି, "ତାର ମୁହଁ କୁଆଡ଼େ ଯେ ଗାଣ୍ଡି", 'ତାର ମୁହଁଟା ଗାଣ୍ଡି ହେଲା' ଇତ୍ୟାଦି ।
Muhañ gāṇḍi pālaṭibā
ମୁହଁ ଗାଣ୍ଡି କରିବା } ଅନ୍ୟରୂପ
ମୁହଁ ଗାଣ୍ଡି ହେବା
ମୁହଁ ଗାଣ୍ଡି ହୋଇଯିବା
বচন ভ্রষ্ট হওয়া
मुहँ गांड होना

ଇତର ଲୋକେ ଅତି ବେହିଆ ଲୋକକୁ ଲକ୍ଷ୍ୟ କରି କହନ୍ତି ଯେ 'ତାକୁ ମୁହଁରେ ମାଇଲେ ଲାଜ ନାହିଁ, କି ଗାଣ୍ଡିରେ ମାଇଲେ ଲାଜ ନାହିଁ । ]

**ମୁହଁ ଗାଲୁ**—ଦେ. ବି—୧ । ମୁହଁ ଭିରୁଡ଼ି; ଦାମ୍ଭିକତା—1. Effrontery; bravado. ୨ । କୌଣସି ସତ୍ୟ କଥାକୁ ନ ମାନିବା—2. Denial of a true fact.
Muhañ gālu
দাম্ভিকতা
मुहँगाली

**ମୁହଁ ଗାଲୁ ଭାଙ୍ଗି ଦେବା**—ଦେ. କ୍ରି—ପ୍ରହାରଦ୍ୱାରା ଦାମ୍ଭିକତାକୁ ଚୂର୍ଣ୍ଣ କରିଦେବା—To root out a person's effrontery (i.e. to cause him to speak out the truth) by condign punishment.
Muhañ gālu bhāṅgi debā
দাম্ভিকতা ভাংগা
मुहँगाल तोडना (भांगना)
(ମୁହଁଗାଲୁ ଭାଙ୍ଗିଯିବା—ବିଶେଷ୍ୟରୂପ)

**ମୁହଁ ଗୋଜ(ଜା) କରିବା**—ଦେ. କ୍ରି—ଅପମାନ ହେତୁ ଓଷ୍ଠଦ୍ୱୟକୁ ଲମ୍ବାଇବା—To knit the lips with displeasure or sulkiness.
Muhañ goja(jā) karibā
[ମୁହଁ ଗୋଜା(ଜେ)ଇବା—ଅନ୍ୟରୂପ)
মুখ গোঁজকরা
मुहँ चुकरो करना

**ମୁହଁ ଘୋଡ଼ା(ଡ଼େ)ଇବା**—ଦେ. କ୍ରି—ଅପଣା ମୁଖକୁ ବସ୍ତ୍ରଦ୍ୱାରା ବା ଅବଗୁଣ୍ଠନଦ୍ୱାରା ଆବୃତ କରିବା—To cover one's face with a vei
Muhañ ghorḍā(rḍe)ibā
মুখ ঢাকা
मुहँ ढाकना

**ମୁହଁ ଚଲା(ଲେ)ଇବା**—ଦେ. କ୍ରି—୧ । କଥା କହିବା—1. To talk. ୨ । ଗାଳି ଦେବା—2. To rebuke.
Muhañ chalā(le)ibā
(ମୁହଁ ଚାଳିବା—ବିଶେଷ୍ୟ ରୂପ)
মুখ চালান
मुहँ चलाना

**ମୁହଁ ଚାଳିବା**—ଦେ. କ୍ରି—୧ । ଖାଇବା—1. To eat. ୨ । ପାକୁଳାଇବା; ରୋମନ୍ଥନ କରି ଖାଇବା—2. To chew; to ruminate.
Muhañ chāḷibā
[ମୁହଁ ଚଳା(ଳେ)ଇବା—ଣିଜନ୍ତରୂପ]
(ମୁହଁ ଚଳିବା—ବିଶେଷ୍ୟ ରୂପ)
মুখ চালান
मुहँ चलाना

**ମୁହଁ(ହୁଁ) ଚାହାଁଣି**—ଦେ. ବି—ଶ୍ୱଶୁର ଘରେ ନବାଗତା ବଧୂର ମୁଖକୁ ପ୍ରଥମେ ଦେଖିଲାବେଳେ ବନ୍ଧୁମାନଙ୍କର ଦେବା ଉପଢୌକନ—Present given to a newly come bride.
Muhañ(huñ) chāhāṇi
[ମୁହଁ(ହୁଁ) ଚାହାଁଣିଆ—ଅନ୍ୟରୂପ)
মুখদেখা
मुहँ देखावन

**ମୁହଁ ଚାହିଁବା**—ଦେ. କ୍ରି—୧ । ମୁଖ ଦେଖିବା; ଅନ୍ୟ ବ୍ୟକ୍ତିର ମୁଖାବଲୋକନ କରିବା—1. To see another's face. [ ଦ୍ର—୧ । ଲୋକଙ୍କର ବିଶ୍ୱାସ ଯେ, ସକାଳୁ ଉଠି ସର୍ବପ୍ରଥମେ ଲକ୍ଷ୍ମୀବନ୍ତ ଲୋକର ମୁହଁ ଚାହିଁଲେ ମଙ୍ଗଳ ଘଟେ ଏବଂ ଅଣ୍ଟୁକୁଡ଼ା, କୃପଣ ଆଦି ବ୍ୟକ୍ତିଙ୍କ ମୁହଁ ଚାହିଁଲେ ସେ ଦିନ ଭଲ ଖାଇବାକୁ ମିଳେ ନାହିଁ ଓ ଦୁଃଖ ଭୋଗ କରିବାକୁ ହୁଏ । ଢଗରେ ଅଛି—'ସକାଳୁ ଉଠି କୋ ମୁହଁ ଚାହିଁଲି, ଆଜ ପସ୍ କଲେ ମାଡ଼ ଖାଇଲି ।'
Muhañ chāhiñbā
(ମୁହଁ ଦେଖିବା—ଅନ୍ୟରୂପ)
মুখ চাওয়া
मुहँ देखना

୨ । ଅନ୍ୟ ମଧ୍ୟ ଲୋକଙ୍କର ବିଶ୍ୱାସ ଯେ, ଯେବେ ଉତ୍ତମ ମୁହୂର୍ତ୍ତରେ ବା କ୍ଷଣରେ ଦୁଇ ଜଣଙ୍କର ପ୍ରଥମ ଭେଟ ହୋଇଥାଏ, ତେବେ ସେ ଦୁଇ ଜଣଙ୍କ ମଧ୍ୟରେ ବନ୍ଧୁତା ଓ ସୌହାର୍ଦ୍ଦ୍ୟ ଚିରକାଳ ରହେ । ଏଥିପାଇଁ ଲୋକେ ବରକନ୍ୟାଙ୍କର ପରସ୍ପର ମୁଖାବଲୋକନ ଓ ସ୍ୱଜନଦର୍ଶନ ପାଇଁ ଶୁଭ ମୁହୂର୍ତ୍ତ ଠିକଣା କରନ୍ତି ।

୩ । ଅନ୍ୟ ମଧ୍ୟ ଲୋକଙ୍କର ବିଶ୍ୱାସ ଯେ ଦେବତା, ରାଜା ଆଦିଙ୍କୁ ପ୍ରଥମେ ଦର୍ଶନ କଲାବେଳେ କିଛି ଦର୍ଶନୀ ବା ଭେଟି ବା ସଲାମୀ ଦେଲେ ମଙ୍ଗଳ ହୁଏ । କିଛି ନ ମିଳିଲେ ଫଳଟିଏ ମଧ୍ୟ ଦେଲେ ଚଳେ । ଯାହାକୁ ପ୍ରଥମେ ଦେଖା

କରିବାକୁ ଯିବାକୁ ହୁଏ, ତାଙ୍କୁ ପ୍ରସନ୍ନ କରାଇବା ପାଇଁ ଏହା ବ୍ୟବସ୍ଥା କରାଯାଇ ଅଛି । ଶାଶୁ ଘରେ ଗୋଡ଼ ଦେବା ମାତ୍ରେ ବୋହୂ 'ନଣନ୍ଦ'ଙ୍କୁ ନଣନ୍ଦ ପୋଟଲୀ ଭେଟି ଦେବା ମଧ୍ୟ ଏହି ବ୍ୟାପାର ଫଳ । ] ୨ । ପରର ମୁଖାପେକ୍ଷୀ ହେବା—2. To depend on another's opinion or pleasure; to become a sycophant.

ମୁହଁ ଚିକ(କି)ଣା(ଣେ)ଇବା—ଦେ. କ୍ରି (ସ. ମୁଖ+ଚିକ୍କଣ)—
Muhañ chika(ki)ṇā(ṇe)ibā ୧ । କ୍ଷୌର ହୋଇ ବା
মুখ চিকনাই করা ତେଲ ମାରି ମୁହଁକୁ ଚିକ୍କଣ କରିବା—
**मुँहको चिक्कन करना** 1. To make one's face fair or smooth by shaving or with unguents ୨ । (ଲକ୍ଷଣାର୍ଥ) ଖୋସାମଦ କରିବା—2. (figurative) To flatter. ୩ । (ଲକ୍ଷଣାର୍ଥ) ହୃଦୟରେ କପଟ ରଖି ମୁହଁରେ ମଧୁର କଥା କହିବା—3. (figurative) To utter sweet words with conceit inside.

ମୁହଁ(ହୁଁ)ଚୁହାଁ—ଦେ. ବି—୧ । କୌଣସି ବ୍ୟକ୍ତିର ମୁହଁ ଦେଖିବା; Muhañ(huñ) chuhāñ ମୁଖଦର୍ଶନ; ମୁଖବିଲୋକନ—
মুখ চাওয়া; মুখদেখা; মুখদেখানী 1. Seeing the face of
**मुँह देखा** a person. ୨ । ବିବାହ ପୂର୍ବରୁ ବରପକ୍ଷୀୟ ଲୋକଙ୍କର କନ୍ୟାର ମୁଖକୁ ଦେଖିବା—2. Inspection of the face of the bride-elect by the bridegroom's guardians before betrothal or marriage. ୩। ଆତ୍ମୀୟ ସ୍ୱଜନମାନେ ନବବଧୂମାନଙ୍କର ମୁହଁ ପ୍ରଥମେ ଦେଖିବା ଉପଲକ୍ଷରେ ଯେଉଁ ଦର୍ଶନୀ ବା ଉପହାର ଦିଅନ୍ତି—3. Present given to a new bride by the bridegroom's relatives on the occasion of their first seeing her face. ୪ । ବିବାହର ଅଠମଙ୍ଗଳା ଦିନ କନ୍ୟା ଶ୍ୱଶୁରଘରକୁ ଫେରି ଯିବା ବେଳେ ଶ୍ୱଶୁର ଘରୁ ନବବଧୂକୁ ଦିଆ ଯିବା ଉପଢୌକନ—4. Present given to the newly married girls by the bride's family, when she goes back to her father's house on the 8th day of the marriage ceremony. ବିଣ. ପୁଂ—(ଅନ୍ୟ ପଦ ସଙ୍ଗେ ଯୋଗେ,ଯଥା—ମାଇପ ମୁହଁ ଚୁହାଁ; ସଇତା ମୁହଁ (ମହଁ ଚୁହାଁ—ସ୍ତ୍ରୀ) ଚୁହାଁ)—୧ । ମୁଖଦର୍ଶନଲାଳସା—1. Seeing the face of. ୨ । ସର୍ବଦା ମୁଖ ଦେଖିବାକୁ ବା ପାଖରେ ରହିବାକୁ ଉତ୍କଣ୍ଠିତ—2. Eagerly longing to look at the face of; loving the company of; very fond of (another.) ୩ । ମୁଖାପେକ୍ଷୀ—3. Depending upon the wish or pleasure of (another.)

ମୁହଁ(ହୁଁ)ଚୁ(ଚା)ହାଁ ଚୁ(ଚା)ହିଁ—ଦେ. ବି—ଅନ୍ୟୋନ୍ୟ ମୁଖ ବିଲୋକନ
Muhañ (huñ) chu(cha)hañ chu(cha)hiñ Mutual
মুখ দেখা দেখি looking at the face of each other.
**मुँह देखा देखी**

ମୁହଁ(ହୁଁ) ଚୋର(ରା)—ଦେ. ବିଣ. ପୁଂ—୧ । ଅତ୍ୟନ୍ତ ଲାଜକୁଳା;
Muhañ (huñ) chora(rā) ଲୋକମୁହାଁ—1. Modest;
মুখ চোরা **मुँह चोर** coy; shy; shame-faced; bashful;
[ମୁହଁ (ହୁଁ)ଚୋରୁଣୀ—ସ୍ତ୍ରୀ] sheepish. ୨ । ଅଳାପଶୀଳୁ; କଥା କହିବାକୁ ସଙ୍କୁଚିତ—2. Feeling bashful to talk

ମୁହଁ ଛତୁ କରି ପକାଇବା—ପ୍ରାଦେ. (ଯାଜପୁର) କ୍ରି.—କୌଣସି
Muhañ chhatu kari pakāibā ବ୍ୟକ୍ତିକୁ ବିଶେଷ ଅପ-
[ମୁହଁ ଛତୁ ହେବା—ବିଶେଷ୍ୟରୂପ] ମାନିତ, ଅପ୍ରସ୍ତୁତ ବା ଲଜ୍ଜିତ କରିବା—To make a person crest-fallen; to insult a person; to abash a person.

ମୁହଁ ଛପା(ପେ)ଇବା—ଦେ. କ୍ରି—ମୁହଁ ନୁଚାଇବା (ଦେଖ)—
Muhañ chhapā(pe)ibā Muhañ nuchāibā (See)
মুখ লুকান **मुँह छिपाना**

ମୁହଁ ଛିଞ୍ଚ (ଞ୍ଚି)ଡ଼ା—ଦେ. ବି.—ବିରକ୍ତିପ୍ରକାଶକ ମୁଖବିକୃତଭଙ୍ଗୀ—
Muhañ chhiñcha(ñchi)rḍā Frowning grimace;
মুখ সিটকান **मुँह सुटकना** a wry face.

ମୁହଁ ଛିଞ୍ଚାଡ଼ିବା—ଦେ. କ୍ରି—୧ । ବିରକ୍ତି ବା ଘୃଣାରେ ମୁଖ କୁଞ୍ଚିତ
Muhañ chhiñchārḍibā କରିବା—1. To make the
মুখ সিটকান **मुँह सुटकाना** face wry expressing disgust or hatred.—୨ । (ପଶୁଅର୍ଥ) ଖାଇଲା ବେଳେ ମୁହଁକୁ ଇତସ୍ତତଃ ହଲାଇବା—2. (beasts) To shake the face while eating.

ମୁହଁ ଛୁଟିବା—ଦେ. ବି—୧ । ଅନର୍ଗଳ ବାକ୍ୟ ପ୍ରୟୋଗ—
Muhañ chhutibā 1.The continuous flow of words
[ମୁହଁ ଫିଟିବା—ଅନ୍ୟରୂପ] ୨ । ଅସଂଯତ ଭାଷା ବ୍ୟବହାର—
মুখছুটা **मुँह छूटना** 2. Unbridled flow of words. ୩ । ମୌନତା ତ୍ୟାଗ ପୂର୍ବକ ବାକ୍ୟୋଚ୍ଚାରଣ—Giving up silence and beginning to talk

ମୁହଁ ଛୋଡ଼ିବା—ଦେ. କ୍ରି.—(ଅଶିଷ୍ଟ ପ୍ରୟୋଗ)—ଦାନ୍ତ ଖେଡ଼ିବା;
Muhañ chhorḍibā କଥାକୁ ଭାବରେ ହସିବା—To show
নির্লজ্জভাবে হাসা one's teeth while talking,to laugh
**मुँह खिदोडकरना** grinningly; to grin indecently.
**मुँहबाना**

ମୁହଁ ଜଗା(ଗେ)ଇବା—ଦେ. କ୍ରି.—ଅନ୍ୟ ବ୍ୟକ୍ତିଙ୍କ ମନକୁ ସନ୍ତୁଷ୍ଟ
Muhañ jagā(ge)ibā କରାଇବା—To please
মনযুগান **मुँहजगाना** another person.

ମୁହଁ ଜଗିବା—ଦେ. କ୍ରି.—୧ । ଅନିଷ୍ଟ ନ ଘଟିବା ପାଇଁ ସତର୍କ
Muhañ jagibā ରହିବା—1. To be on's one guard.
**मुँह जगना** ୨ । ଅନ୍ୟ ବ୍ୟକ୍ତିର ମନକୁ ସନ୍ତୁଷ୍ଟ କରାଇବା—
2. To please another person. ୩ । କାର୍ଯ୍ୟର ସମାପ୍ତି ଘଟିବା ପୂର୍ବରୁ ସାବଧାନ ରହିବା—3. To be careful before the completion of any work.

ମୁହଁ(ହୁଁ) ଜବାନି—ଦେ. ବି—(ଫା. ମୁହଁ ଜବାନୀ)—୧ । କଥାବାର୍ତ୍ତା ।
Muhañ (huñ) jabāni 1. Conversation. ୨ ।
ମুখ জবানী मुहँ ज़बानी ମୌଖିକ ସମ୍ବାଦ—2. Verbal news.
ବିଣ.—ମୌଖିକ—Verbal.

ମୁହଁ ଜଳିଯିବା—ଦେ. କ୍ରି—ଲଜ୍ଜାରେ ମୁଖ ବିବର୍ଣ୍ଣ ହେବା—
Muhañ jaḷi jibā The face becoming pale
মুখ জলে জাওয়া मुहँ जल जाना through shame.

ମୁହଁ(ହୁଁ) ଜୋର(ରି)—ଦେ. ବି—୧ । ଦାମ୍ଭିକତା; ଭୁରୁଡ଼ି—
Muhañ (huñ) jor(ri) মুখজোর 1. Effrontery.
मुहँज़ोरी ୨ । ବାକ୍ଶକ୍ତିର ପ୍ରଖରତା—2. Glibness of the tongue. ୩। କୌଣସି କୌଣସି ଘୋଡ଼ାର ଲଗାମକୁ ବା ବାଗକୁ ନ ମାନିବାର ଶକ୍ତି—3. Obstinacy of some horses not to be curbed or
মুখজোরী मुँह ज़ोर restrained. ଦେ. ବିଣ—୧ । ବଚନ-

ମୁହଁ(ହୁଁ) ଜୋରଦାର }
ମୁହଁ(ହୁଁ) ଜୋରିଆ } —ଅନ୍ୟ ବିଣ ରୂପ ଭୁଷଳ—1. Glib.
୨ । ଭୁରୁଡ଼ା—2. Full of effrontery. ୩ । ଯେଉଁ ଘୋଡ଼ା ବାଗକୁ ମାନେ ନାହିଁ—3. Strong-mouthed; uncurbable (horse.)

ମୁହଁ ଠାଣ—ଦେ. ବିଣ. ପୁଂ ଓ ସ୍ତ୍ରୀ—୧ । ଦାମ୍ଭିକ—1. Haughty;
Muhañ ṭāṇa arrogant. ୨। ଭୁରୁଡ଼ା—2. Impudent.
দাম্ভিকতা ଦେ. ବି—ଦାମ୍ଭିକତା, ମୁହଁ ଗାଲୁ; ଭୁରୁଡ଼ି—
गाल करना Effrontery, insolence, arrogance.

ମୁହଁ ଠାଣିଆ—ଦେ. ବିଣ. ପୁଂ ଓ ସ୍ତ୍ରୀ—ମୁହଁ ଠାଣ (ଦେଖ)
Muhañ ṭāṇuā দাম্ভিক Muhañ ṭāṇa (See)
गाल करनेवाला [ମୁହଁ ଠାଣେ(ଣୋ)ଇ—ସ୍ତ୍ରୀ]

ମୁହଁ ଟିକିଏ କରିଦେବା—ଦେ. କ୍ରି—କୌଣସି ବ୍ୟକ୍ତିକୁ ଲଜ୍ଜିତ ବା
Muhañ ṭikie karidebā ଅପ୍ରତିଭ କରାଇବା—To cause
মুখ ছোট করান another to be crest-fallen.

ମୁହଁ ଟିକିଏ ହେବା—ଦେ. କ୍ରି—ଅପ୍ରତିଭ ହେବା—
Muhañ ṭikie hebā মুখ ছোট হওয়া Being crest-fallen.
मुहँ छोटा होना (ମୁହଁ ଟିକିଏ ହୋଇ ଯିବା—ଅନ୍ୟରୂପ).

ମୁହଁ ଢଙ୍କା(ଙ୍କେ)ଇବା—ଦେ. କ୍ରି—ଅପଣା ମୁଖକୁ ବସ୍ତ୍ର ବା ଅବଗୁଣ୍ଠନ
Muhañ ḍhaṅkā(ṅke) ibā କରିବା—To cover one's
মুখ ঢাকা मुँह ढकाना (ମୁହଁ ଢାଙ୍କିବା—ଅନ୍ୟରୂପ) face with a veil.

ମୁହଁ ଉଠିବା—ଦେ. କ୍ରି—ମୋହବତ ଭୁଠାଇ ଗାଳି ଦେବା—
Muhañ tuṭibā To call names to a person's face.

ମୁହଁ ଥିବା—ଦେ. ବି—କୌଣସି ବ୍ୟକ୍ତିର ନିକଟରେ ପ୍ରାର୍ଥନା ବା
Muhañ thibā ଅନୁରୋଧ କରିପାରିବାର ସାମର୍ଥ୍ୟ—The capa-
মুখ থাকা मुहँ होना city of requesting some one or praying before some one. (ଯଥା—ସେ ରାଜାଙ୍କ ପାଖରେ ବସି ଉଠି କରନ୍ତି, ତାଙ୍କର ରାଜାଙ୍କ ପାଖେ ମୁହଁ ଅଛି, ସେ ମୋ ପାଇଁ ରାଜାଙ୍କ ପାଖରେ ଅବଶ୍ୟ
(ମୁହଁ ରହିବା—ଅନ୍ୟରୂପ) ଦୁଇ ପଦ କହି ପାରିବେ ।]

ମୁହଁ ଦେଖା(ଖେ)ଇବା—ଦେ. କ୍ରି—୧ । ମୁହଁ କାଢ଼ିବା (ଦେଖ)
Muhañ dekhā(khe)ibā 1. Muhañ kaḍhibā (See)
মুখ দেখান मुहँ दिखाना ୨ । ଅପଣାର ମୁଖକୁ ଅନ୍ୟ ବ୍ୟକ୍ତିର ଦେଖିବାକୁ ସୁବିଧା ଦେବା—2. To allow another to see one's face; to show one's face. ୩ । ଲଜ୍ଜାରେ ନତମସ୍ତକ ନ ହୋଇ ସମାଜରେ ସ୍ୱଚ୍ଛନ୍ଦରେ ବିଚରଣ କରିବା—3. To walk in the society with a raised head.

ମୁହଁ ଦେଖାଯିବା—ଦେ. ବି—୧ । ସମ୍ମୁଖରେ ଧୃତ ଦର୍ପଣରେ
Muhañ dekhā jibā ଅପଣାର ମୁଖ ପ୍ରତିଫଳିତ ହେବା—
মুখ দেখাযাওয়া 1. The reflection of one's face in a
मुहँ दीखपडना mirror held before one. ୨। କୌଣସି
(ମୁହଁ ଦି[ଦୁ]ଶିବା—ଅନ୍ୟରୂପ) ସ୍ଥାନରେ କୌଣସି ବ୍ୟକ୍ତିର ଦର୍ଶନ ମିଳିବା-2. The appearance of a person at a place. ୩ । ଈଷତ୍ ଅନ୍ଧାରରେ ବା କ୍ଷୀଣ ଆଲୋକରେ କୌଣସି ବ୍ୟକ୍ତିର ମୁଖ ବାରି ହେବା—3. The face of a person being distinguished in a faint light or slight darkness. ୪ । କଳ୍ପନାରେ କୌଣସି ଅନୁପସ୍ଥିତ ବ୍ୟକ୍ତିର ମୁଖ ଦୃଷ୍ଟ ହେବା—4. The face of an absent person being recalled to the mind's eye.

ମୁହଁ ଦେଖିବା—ଦେ. କ୍ରି—୧ । ମୁହଁ ଚାହିଁବା (ଦେଖ)-1. Muhañ
Muhañ dekhibā chāhiñbā (See). ୨ । ଅପଣାର
মুখদেখা ମୁଖର ପ୍ରତିବିମ୍ବକୁ ଦର୍ପଣ ସାହାଯ୍ୟରେ ଦେଖିବା—2. To
मुहँ देखना see one's image in a mirror.

ମୁହଁ ଦେବା—ଦେ. କ୍ରି—୧ । କୌଣସି ବ୍ୟକ୍ତିକୁ ଅଯଥା ପ୍ରଶ୍ରୟ
Muhañ debā ଦେବା—1. To give undue indul-
মুখদেওয়া, নাইদেওয়া, আস্কারা দেওয়া gence to a person.
लाडकरना, मुहँचढाना (ଯଥା—ଗୁରୁଜନ ପିଲାଙ୍କୁ ମୁହଁ ଦେଲେ ସେମାନେ ଉପରେ ଚଢ଼ନ୍ତି ।) ୨ । ଆସ୍ୱାଦନ କରିବା; ଚାଖିବା—2. To taste. (ଯଥା—ଏ ପାଣିରେ କେହି ମୁହଁ ଦେଇ ହେଉ ନାହିଁ ।) ୩ । ମୁହଁ ମାରିବା (୧) (ଦେଖ)—3. Muhañ māribā (1) (See) ୪ । ମୁହଁ ପକାଇବା (ଦେଖ)—4. Muhañ pakāibā (See)

ମୁହଁ ଧରା(ରେ)ଇବା—ଦେ. କ୍ରି—ଉପଦଂଶ ରୋଗାକ୍ରାନ୍ତ ଶରୀର-
Muhañ dharā(re)ibā ବ୍ୟାପ୍ତ ବିଷକୁ ମୁହଁବାଟେ ଲାଳ
মুখ আনান ସହିତ ବାହାର କରାଇବା ପାଇଁ ପାରଦଘଟିତ ଔଷଧ ପ୍ରୟୋଗପୂର୍ବକ ରୋଗୀର ମୁହଁକୁ ଫୁଲାଇବା—To cause one's face to be swollen and make one's mouth salivate by the application of mercurial medicine for extracting venereal poison from the body.

ମୁହଁ ଧରିବା—ଦେ. ବି—ଉପଦଂଶାଦିଜନିତ ବିଷଦୋଷନାଶକ ପାରଦଘଟିତ ଔଷଧ ସେବନ କରିବାହେତୁ ମୁହଁର ଫୁଲିଥିବା ଓ ଲାଳ ବାହାରୁଥିବା ଅବସ୍ଥା ଦ୍ୱାରା ମୁହଁବାଟେ ବାହାର କରିବାପାଇଁ ପାରଦ-
Muhañ dharibā
ମুখ আসা
The state of swelling of the face and unusual salivating of the mouth due to taking mercurial medicine to drive out venereal and other poison from the body.

ମୁହଁ(ହୁଁ)ଧୁଆ—ଦେ. ବି.—( ସଂ. ମୁଖଧାବନ ) ମୁଖ ପ୍ରକ୍ଷାଳନ—
Muhañ(huñ)dhuā Washing of the face
ମুখ ধোআ; मुँहधोना
ଦେ. ବିଣ.—ମୁଖ ପ୍ରକ୍ଷାଳନ କ୍ରିୟାରେ ଆବଶ୍ୟକ—Necessary for washing the face in, (ଯଥା—ମୁହଁଧୁଆ ଚୁଣ)—

ମୁହଁ ଧୋଇବା—ଦେ. କ୍ରି—୧। ମୁଖ ପ୍ରକ୍ଷାଳନ କରିବା—1. To wash
Muhañ dhoibā the face. ୨। ଖାଇସାରି ଆଚମିବା
মুখ ধোয়া —2. To rinse the face and mouth
मुँह धोना after meal.

ମୁହଁ ନ ଚାହିଁବା—ଦେ. କ୍ରି—ଦୋଷ ବା ଅପରାଧ କରିଥିବା ବ୍ୟକ୍ତିକୁ
Muhañ na chāhiñbā ନ ଦେଖିବା—Not to look at
মুখ না চাওয়া the face of an offending person.
मुँह नहीं ताकना [ ଦ୍ର—ଦୋଷୀର ବା ଅପରାଧୀର ଉପସ୍ଥିତିଦ୍ୱାରା କ୍ରୋଧର ବା ଦୁଃଖର ଉଦ୍ରେକ ହେବ ବୋଲି ତାହାର ମୁଖାବଲୋକନ କରିବେ। ଏଥିପାଇଁ ରାଜସଭାରେ ଅପରାଧୀ ବ୍ୟକ୍ତିକୁ 'ମୁଁଅର ମନା' ବା 'ଶ୍ମଶ୍ରୁ ମନା' ଦଣ୍ଡ ଦିଆଯାଏ। ]

ମୁହଁ(ହୁଁ)ନା(ଲ)ଲ(ଳି)ଚ(ଚା)—ଦେ. ବି ( ସଂ. ମୁଖ+ଲାଳସା )—
Muhañ(huñ)nālā(la,li)chā(ṭhā) ଖାଦ୍ୟ ଦ୍ରବ୍ୟ ପ୍ରତି
মুখলালচে পনা অଯଥା ଲାଳସା ବା ଲୋଭ—Undue hanker-
জী ললচাপন ing for taking food. ଦେ ବିଣ. ପୁଂ
মুখলালচে —ସୁଖାଦ୍ୟ ଦ୍ରବ୍ୟ ପ୍ରତି ଅଯଥା ଲାଳାୟିତ; ଖାଦ୍ୟ
जी ललची ପ୍ରତି ଅଯଥା ଆସକ୍ତିଯୁକ୍ତ; ପେଟୁ—Having an
[ମୁହଁ(ହୁଁ)ନା(ଲା)ଲ(ଳ)ଚ(ଚି)ଆ—ଅନ୍ୟରୂପ] inordinate han-
[ମୁହଁ ନା(ଲା)ଲ(ଳ)ଚୀ(ଚେଇ)ଣୀ(ଣେଇ)—ସ୍ତ୍ରୀ] kering after delicious food; greedy. [ ଦ୍ର—'ମୁହଁନାଲଚ' ଓ ପେଟୁଙ୍କ ମଧ୍ୟରେ ପ୍ରଭେଦ ଏହି ଯେ—ପ୍ରଥମୋକ୍ତ ବ୍ୟକ୍ତି ମିଷ୍ଟାସ୍ୱାଦ ଲୋଭନୀୟ ଖାଦ୍ୟର ଲୋଭ ସମ୍ଭାଳି ପାରେ ନାହିଁ, କିନ୍ତୁ ପେଟୁ ବ୍ୟକ୍ତି ଯେ କୌଣସି ଖାଦ୍ୟଦ୍ୱାରା ପେଟ ପୂର୍ତ୍ତି କରିବା ପାଇଁ ସର୍ବଦା ବ୍ୟଗ୍ର ଥାଏ। ]

ମୁହଁ ନାଲ(ଳ)ଚ(ଚେ,)ଇବା—ଦେ. ବି (ସଂ. ମୁଖ+ଲାଳସା; ଲାଳାୟିତ)
Muhañ nāla(li)chā(che)ibā —ମୁହଁରୁ ନାଳ ବୋହିବା
ମୁହଁ ନା(ଲା)ଳେଇବା } ଅନ୍ୟରୂପ ( ଦେଖ )—Muhañru
ମୁହଁ ପାଣେଇବା } nāla bohibā ( See )
মুখে জল আসা जी ललचाना; मुँहसे लार गीरना (टपकना)

ମୁହଁ ନିକ(କୁ)ଟିବା—ଦେ. କ୍ରି—୧। ଦାନ୍ତ ନିକୁଟିବା; ଦେଖାଇ କଥା
Muhañ niki(ku)ṭibā କହିବା ଦେଖାଇ କହିବା—1. To slightly
[ମୁହଁ ନିକ(କୁ)ଟା(ଟେ)ଇବା—ଅନ୍ୟରୂପ] show the teeth
দাঁত বাহির করা while speaking. ୨। ( ଲକ୍ଷଣାର୍ଥ )
मुँह दिखाना; मुँहमे तिनका लेना ଅନୁନୟ ବିନୟ କରିବା—
2. To request humbly.

ମୁହଁ ନିରଖା—ଦେ. ବି ( ସଂ. ମୁଖ ନିରୀକ୍ଷଣ )—ମୁହଁ ଚାହିଁ ୧
Muhañ nirikhā ( ଦେଖ )—Muhañ chahāñ 1
( See )

ମୁହଁ ନିରି(ରେ)ଖିବା—ଦେ. କ୍ରି ( ସଂ. ମୁଖ ନିରୀକ୍ଷଣ )—୧। ଅନ୍ୟର
Muhañ niri(re)khibā ମୁଖକୁ ସତର୍କତାପୂର୍ବକ, ସ୍ନେହପୂର୍ବକ ବା
মুখ নিরীক্ষণ করা ମନୋନିବେଶପୂର୍ବକ ଦେଖିବା—1. To
मुहँ देखना look attentively at a person's face. ୨। ପ୍ରିୟ ବ୍ୟକ୍ତିର ମୁଖ ଦର୍ଶନ କରିବା—
2. To look at the face of one's beloved.

ମୁହଁ ନୁ(ଲୁ)ଗୁ(ଚେ)ଇବା—ଦେ. କ୍ରି—୧। ଆପଣାର ମୁଖକୁ ଅନ୍ୟ
Muhañ nu(lu)chā(che)ibā ବ୍ୟକ୍ତିର ଦୃଷ୍ଟିରୁ ଲୁକ୍କାୟିତ
মখলুকান করିବା—1. To hide one's face. ୨।
मुहँछिपाना ଅଦୃଶ୍ୟ ହେବା—2. To disappear.

ମୁହଁ ପକା(କେ)ଇବା—ଦେ. କ୍ରି—(ଲକ୍ଷଣାର୍ଥ) କୌଣସି କାର୍ଯ୍ୟ ପାଇଁ ବା
Muhañ pakā(ke)ibā ଅନୁଗ୍ରହ ପାଇଁ ପ୍ରାର୍ଥନା ବା ଅନୁରୋଧ
হাত দেওয়া କରିବା ବା ଚେଷ୍ଟା କରିବା—To try for or
मुहँदेना ask for a favour or object.

ମୁହଁ ପଖାଳିବା—ଦେ. କ୍ରି ( ସଂ. ମୁଖ ପ୍ରକ୍ଷାଳନ )—ମୁହଁ ଧୋଇବା
Muhañ pakhālibā ( ଦେଖ )—Muhañ dhoibā
(See)

ମୁହଁ ପାଇବା—ଦେ. କ୍ରି—୧। ଅଯଥା ଲାଳାଦ ବା ପ୍ରଶ୍ରୟ ପାଇବା—
Muhañ pāibā 1. To get undue indulgence.
নাই পাওয়া ( ଉ—ଛୋଟ ଲୋକେ ମୁହଁ ପାଇଲେ ଉପରେ
लार पाना ଚଢ଼ିବେ। ) ୨। ମୁହଁ ବଢ଼ିବା ( ଦେଖ )—
মুখ পাওয়া 2. Muhañ bardhibā ( See )—୩।
मुहँ पाना ଉଚ୍ଚରେ ଥିବା କୌଣସି ଖାଦ୍ୟ ପଦାର୍ଥ ( ଯଥା—ଗଛର ଫଳ, ଡେଙ୍ଗାଗଛର ଡାଳ )କୁ ଗୋରୁ ଓଟ ଆଦି ମୁହଁ ବଢ଼ାଇଲେ ଯେ ପର୍ଯ୍ୟନ୍ତ ମୁହଁ ପହଞ୍ଚିବା—3. To reach a food with one's mouth ( said of beasts )

ମୁହଁ ପାଣି—ଦେ. ବି—( ଲକ୍ଷଣାର୍ଥ ) ମୁହଁ ବାଇଗି; ବାଗାଡ଼ମ୍ବର—
Muhañ pāni Bragging; boasting. ( ଯଥା—
মুখের জল मुहँका पानी ତା ମୁହଁ ପାଣି ମୁହଁରେ ମଲା। )

ମୁହଁପାଣି ମୁହଁରେ ମରିବା—ଦେ. ବି—୧। କଥିତ ବା ଅପ୍ରଚଳିତ
Muhañ pāni muhañre maribā ହେବା; ବାହାଦୁର ବ
মুখের জল মুখেমরা ଦାମ୍ଭିକତା ପୂର୍ଣ୍ଣ ଉକ୍ତିର ଯଥାର୍ଥ ଉତ୍ତର ପାଇବା
मुहँका पानी मुहँमे रहना ଦ୍ୱାରା ଲଜ୍ଜିତ ହେବା—1. Becoming crest-fallen after getting proper reply to an imprudent speech; the state of being discomfited; [ଯଥା—ମୁଁ ଅମୁକ ବିଷୟରେ

(ମୁହଁ ପାଣି ମୁହଁରେ ମାରିବା—କ୍ରିୟାରୂପ) ତର୍କ କରିବାକୁ ଅମ୍ଭ ଙ୍କ ପାଖକୁ ଯାଇଥିଲ, କିନ୍ତୁ ସେଠାରେ ତାଙ୍କ ଅଗାଧ ପାଣ୍ଡିତ୍ୟ ଦେଖି ମୋର ମୁହଁ ପାଣି ମୁହଁରେ ମଲା, ମୁଁ ତର୍କ ନ କରି ଫେରି ଆସିଲି ।] ୨ । ଜବଦ୍ ହେବା; ଶିକ୍ଷା ପାଇବା—2. Learning a lasting lesson. ୩। ଲଜ୍ଜିତ ହେବା-3. Being ashamed ୪। ଅକୃତ-କାର୍ଯ୍ୟ ହେବା—4. To be unsuccessful.

**ମୁହଁ ପାତିଆ**—ଦେ. ବି—(ସଂ. ମୁଖପଟ୍ଟ)—ଉପକରଣ ବା ସନ୍ଧାଦର Muhañ pātiā ମୁହଁରେ ଦିଆ ଯାଉଥିବା ଧାତୁମୟ ସରୁଆ ପଟ—মুখপাত; **मुखपात** A strip of metal with a pole put (ମୁହଁପାତ—ଅନ୍ୟରୂପ) over the key-hole of a box.

**ମୁହଁ ପେଡ଼ି କରିବା**--ପ୍ରାଦେ (ସାଲପୁର) କ୍ରି--କ୍ରୋଧରେ ବା ଅଭିମାନରେ Muhañ perḍi karibā ମୁହଁକୁ ଫୁଲାଇବା—To bloat মুখবিরূপ করনা one's face with anger or sensitive-(ମୁହଁ ପେଡ଼ି ଘର କରିବା—ଅନ୍ୟରୂପ) ness.

**ମୁହଁ (ହୁଁ)ପୋଡ଼(ଡ଼ା)**—ଦେ. ବିଣ. ପୁଂ—(ଗାଳି) ପୋଡ଼ାମୁହାଁ; Muhañ (huñ)porḍa(rḍā) ଦଗ୍ଧ ମୁଖଯୁକ୍ତ—A term of abuse Having a burnt face. মুখপোড়া পোড়ামুখ **मुँहपोड़ा** [ଭ୍ରୁ—ବେଢ଼େ ଅକାର୍ଯ୍ୟ ସେନ୍ତୁ ମୁହଁ-ମୁହଁ (ହୁଁ) ପୋଡ଼ୀ—ସ୍ତ୍ରୀ ପୋଡ଼ ଦଇ । କୃଷ୍ଣସିଂହ. ମହାଭାରତ. ଅଦି ।]

**ମୁହଁ ପୋଡ଼ା**—ଦେ. ବି—ଯେଉଁ ମନ୍ତ୍ର ବା ଅଉଷଧର ପ୍ରୟୋଗ କଲେ Muhañ porḍā କୌଣସି ବ୍ୟକ୍ତି ଅନ୍ୟ ବ୍ୟକ୍ତି (ଯଥା—**मुहँ पोड़ा** ଆପଣା ପୁଅ, ସ୍ତ୍ରୀ, ସ୍ୱାମୀ, ବନ୍ଧୁ ପ୍ରଭୃତି) ପ୍ରତି ଏପରି ବିରକ୍ତ ହୁଏ ଯେ, ସେ ତାହା ମୁହଁ ଦେଖିବା ପସନ୍ଦ କରେ ନାହିଁ—The charm, by applying which one becomes so disgusted with one's near relatives, such as son, wife, husband or other dear one,—that he does not look at their face. (ଯଥା—ସେ ଅମୁକ ବ୍ୟକ୍ତିକୁ ମୁହଁ-ପୋଡ଼ା କରିଛି ।)

**ମୁହଁ ପୋତିବା**—ଦେ. କ୍ରି—୧ । ମୁହଁକୁ ତଳକୁ କରିବା—1. To Muhañ potibā droop down one's face. ୨। ଲଜ୍ଜାରେ মুখপুঁতা, মুখ হেঁট করা, মুখ নীচু করা ମୁହଁକୁ ତଳକୁ କରିବା-**मुहँ नीचा करना** 2. To droop down one's face **मुहँ फुलाना** in shame or modesty.

**ମୁହଁ ଫିକା କରିବା**—ଦେ. କ୍ରି—ମୁହଁ କେଶରା କରିବା; ମୁହଁ Muhañ phikā karibā ଶୁଖାଇବା—To make one's মুখ ফিকা করা **मुहँ फीका करना** face turn pale. (ମୁହଁ ଫିକା ପଡ଼ିବା—ଅପେକ୍ଷ୍ୟରୂପ)

**ମୁହଁ ଫିଟା(ଟେ)ଇବା**—ଦେ. କ୍ରି—ମୁହଁ ଖୋଲିବା ( ଦେଖ ) Muhañ phiṭā(ṭe)ibā Muhan kholibā ( See ) মুখ খোলা **मुहँ खोलना, मुहँ फा(फो)डकर कहना**

**ମୁହଁ ଫିଟିବା**—ଦେ. କ୍ରି—୧ । ଶିଶୁ ବା ମୂକ ବ୍ୟକ୍ତି କଥା କହିବା—Muhañ phiṭibā 1. Utterance of a child or mute. মুখ ফোটা ୨ । ମୁହଁରୁ ଗାଳି ମନ୍ଦ ବାହାରିବା—2. **मुहँ खुलना, मुहँसे फूटना** Utterance of obscene words. ୩ । ବାକ୍ୟ ଉଚ୍ଚାରଣ କରିବା—3. Utterance of speech. ୪ । ମନ କଥା ପ୍ରକାଶ କରିବା—4 Expression of one's mind.

**ମୁହଁ ଫୁଲା**—ଦେ. ବି.(ସଂ.ମୁଖ+ସ୍ଫୀତ)—ଅଭିମାନରେ, କ୍ରୋଧରେ ବା Muhañ phulā ଦୁଃଖରେ ମୁଖର ସ୍ଫୀତି; ଭ୍ରୂକୁଟି—Frown. মুখ ফুলা **मुहँ फुला** (ମୁହଁଫୁଲୀ, ମୁହଁଫୁଲେଇ—ସ୍ତ୍ରୀ) ଦେ. ବିଣ. ପୁଂ.—ଭ୍ରୂକୁଟିଯୁକ୍ତ-Scowling; frowning.

**ମୁହଁ ଫୁଲ(ଲେ)ଇବା**—ଦେ. କ୍ରି—୧ । କ୍ରୋଧ, ଶୋକ ବା କାନ୍ଦଣା Muhañ phulā(le)ibā ଯୋଗୁଁ ମୁହଁକୁ ସ୍ଫୀତ କରିବା—মুখ ফুলান 1. To scowl; to have a frowning face **मुहँ फुलाना** (due to anger or weeping). ୨ । ମୁହଁ ବିରସ କରିବା—2. To have a pale or sad face. [ମୁହଁ ଫୁଲୁବା କରିବା, ମୁହଁ ଭୁଡୁଙ୍ଗା(ଙ୍ଗେ) ଇବା, ମୁହଁ ଭୁ(ଭ୍ରୁ)ଡୁଙ୍ଗା କରିବା—ଅନ୍ୟରୂପ]

**ମୁହଁ ଫୁଲା ଫୁଲି**—ଦେ. ବି ଓ ବିଣ—ପରସ୍ପର ପରସ୍ପର ପ୍ରତି ଅଭିମାନ Muhañ phulā phuli କରିବା; କ୍ରୋଧଯୁକ୍ତ ବା ରୁଷ୍ଟ ହେବା-পরস্পর পরস্পরের উপর মুখ ভার করা Scowling or **अनबन** frowning at each other.

**ମୁହଁ ଫେରା(ରେ)ଇବା**—ଦେ. କ୍ରି—୧ । ଗୁହିଁଥିବା ଦିଗରୁ ମୁଖକୁ Muhañ pherā(re)ibā ବୁଲାଇ ଅନ୍ୟ ଦିଗକୁ ମୁଖ କରିବା-মুখ ফিরান 1. To turn one's face from one side **मुहँ फिराना** to a different side. ୨ । ବିପରୀତ ଦିଗରେ ଗତି କରିବା—2. To move in an opposite direction. ୩ । କୌଣସି ଆଡ଼କୁ ଅଭିମୁଖୀ ହେବା—3. To turn one's face towards any direction.

**ମୁହଁ(ହୁଁ) ଫୋଡ଼(ଡ଼ା)**—ଦେ. ବିଣ. ପୁଂ. ( ସଂ. ମୁଖ ଓ ସ୍ଫୁଟ )—Muhañ(huñ) phorḍa(rḍā) ୧ । ସ୍ପଷ୍ଟବାଦୀ—1. Plain-মুখ ফোড় spoken. ୨ । ମୁଖର—2. Talka-**मुहँ फोड** tive. ୩ । ଅଗ ବୋଲା—3. Forward; (ମୁହଁ ଫୋଡ଼ୀ—ସ୍ତ୍ରୀ) pert

**ମୁହଁ ବଙ୍କା(ଙ୍କେ)ଇବା**—ଦେ. କ୍ରି ( ସଂ. ମୁଖବକ୍ର )—୧ । ମୁଖକୁ Muhañ bankā(ṅke)ibā ଗୋଟାଏ ପାଖକୁ ବକ୍ର କରିବା—মুখবাঁকান 1. To turn one's face to a side. ୨ । **मुहँ बाङ्का करना** କୌଣସି ବିଷୟକୁ ବିମୁଖ ହେବା—2. To be averse to a thing or object, ୩ । ମୁଖ ବିକୃତ କରିବା; ମୁଖଭଙ୍ଗୀ କରିବା—3. To knit one's face. ୪ । ମୁଖଭଙ୍ଗୀଦ୍ୱାରା ଅନାଦର ବା ଉପେକ୍ଷା ପ୍ରକାଶ କରିବା—4. To give vent to one's slight or disregard by facial expression.

ମୁହଁ ବଙ୍କା ହେବା—ଦେ. ବି—ଲଜ୍ଜିତ ବା ଅପ୍ରସ୍ତୁତ ହେବା—
Muhañ bankā hebā Being crest-fallen or
মুখ বেঁকে যাওয়া मुहँ बाँका होना abashed.

ମୁହଁ ବଢ଼ା(ଢେ)ଇବା—ଦେ. କ୍ରି (ସ. ମୁଖ ଓ ବୃଦ୍ଧି)—୧। ମୁହଁ
Muhañ bardhā(rdhe)ibā କାଢ଼ିବା(ଦେଖ)—1. Muhañ
মুখ বাড়ান मुहँ बढाना kārdhibā (See) ୨। (ଗୋରୁ
ଓଟ ଆଦି) ଖାଦ୍ୟ ଦ୍ରବ୍ୟକୁ ମୁହଁ ଉପରକୁ ନେବା ପାଇଁ
ସେଆଡ଼କୁ ମୁହଁ ଲମ୍ବାଇବା—2. To extend one's
নাই দেওয়া, আস্কারা দেওয়া face to reach a food (said
लाड देना of cattle, camel etc). ୩। ଅନ୍ୟ ବ୍ୟକ୍ତିକୁ
ଅଯଥା ପ୍ରଶ୍ରୟ ଦେବା—3. To give undue
indulgence to a person. ୪। ଭୃତ୍ୟ, ନୀଚ
ଲୋକ ଓ ଶିଶୁମାନଙ୍କୁ ଅଯଥା ପ୍ରଶ୍ରୟ ବା ଆଦର ଦେବାଦ୍ୱାରା
ସେମାନଙ୍କ ଅବାଧ୍ୟତା ବା ଔଦ୍ଧତ୍ୟ ବୃଦ୍ଧି କରାଇବା—
4. To encourage a child's, servant's or
inferior's disobedience or insolence by
undue indulgence or fondling.

ମୁହଁ ବଢ଼ିବା—ଦେ. କ୍ରି—୧। ଅଯଥା ପ୍ରଶ୍ରୟ ପାଇବା ଯୋଗୁଁ ଔଦ୍ଧତ୍ୟ
Muhañ bardhibā ବୃଦ୍ଧି ହେବା—1. Impudence due
মুখ বাড়া मुहँ बढना to being given indulgence.
(ମୁହଁ ବଢ଼ିଯିବା—ଅନ୍ୟରୂପ) ୨। ମୁଖରତା ବୃଦ୍ଧି ପାଇବା—
2. Increase of one's pertness or garrulity.

ମୁହଁ ବନ୍ଦ—ଦେ. ବି (ସ. ମୁଖ ଓ ବନ୍ଧନ)—କଥା କହିବା କ୍ଷମତାର
Muhañ banda ରୁଦ୍ଧତା—Stoppage of one's mouth;
মুখ বন্দ मुहँ बन्द gagging of one's mouth.

ମୁହଁ ବନ୍ଦ କରିବା—ଦେ କ୍ରି—୧। ମୌନାବଲମ୍ବନ କରିବା; ଚୁପ
Muhañ banda karibā ରହିବା—1. To keep silent;
মুখ বন্দ করা मुहँ बन्द करना to shut up one's lips; to
close one's mouth. ୨। ଅନ୍ୟ ବ୍ୟକ୍ତିକୁ କଥା
କହିବାକୁ ନ ଦେବା—2. Not to allow a
person to speak. ୩। ଅନ୍ୟ ବ୍ୟକ୍ତିର ପାଟିରେ
କନା ବା ଠିପି ମାରିବା—3. To gag a person's
mouth. ୪। ଉପଯୁକ୍ତ ଯୁକ୍ତି ଆଦି ଦ୍ୱାରା କୌଣସି
ବ୍ୟକ୍ତିକୁ ଲଜ୍ଜିତ ଓ ନିରୁତ୍ତର କରାଇବା—4. To silence
or a shame a person by reasonable
arguments.

ମୁହଁ ବନ୍ଦ(ନ୍ଧ)ନ—ଦେ. ବି (ସ. ମୁଖବନ୍ଧନ)—ତନ୍ତ୍ରମନ୍ତ୍ରାଦିର ପ୍ରୟୋଗ
Muhañ banda(ndha)na ଦ୍ୱାରା ବାକ୍‌ଶକ୍ତିର ରୋଧ—
মুখ বান্ধা मुहँ बन्धन Stoppage of a person's power
of speech by employment of magical
charm.

ମୁହଁ ବନ୍ଧା(ନ୍ଧେ)ଇବା—ଦେ. କ୍ରି—ପାଣି ଅଟକାଇବା ପାଇଁ ପୋଖରୀ
Muhañ bandhā(ndhe)ibā ଓ ନଈ ଆଦିର ମୁହଁରେ ବନ୍ଧ
মুখ বাঁধান मुहँ बंधा देना ପକାଇବା—To dam up the
mouth of a pond or a river.

ମୁହଁ ବାଣି(ଲି)ଗିଙ୍ଗି—ଦେ. ବି (ମୁହଁ+ଫା. ବାଲ୍‌ଗୀ; ଭୁଲ. ଅ.
Muhañ bāni(li)gi(ṅgi) ମୁବାଲଗା)—ବୃଥା ଅହଙ୍କାର—
মুখসাপট डींग, हिंर Bragging; vain boasting.
[ମୁହଁ ବଢ଼ା(ଢ଼େ)ଇ, ମୁହଁଭଡ଼ଙ୍ଗ, ମୁହଁଭଡ଼ଂ—ଅନ୍ୟରୂପ]
[ମୁହଁ ବାଣ(ଲ)ଗିଆ, ମୁହଁ ବଡ଼ଗିଆ—ବିଣ]

ମୁହଁ ବାନ୍ଧିବା—ଦେ. କ୍ରି (ସ. ମୁଖବନ୍ଧନ)—୧। ମୂକ ସ୍ତମ୍ଭନ କରିବା;
Muhañ bāndhibā ତନ୍ତ୍ର ମନ୍ତ୍ର ପ୍ରୟୋଗଦ୍ୱାରା ବାକ୍‌ଶକ୍ତି ଲୋପ
মুখ বান্ধা मुहँ बाँधना କରିବା ବା ମୂକ କରିବା—1. To
(ମୁହଁ ବାନ୍ଧଦେବା—ଅନ୍ୟରୂପ) bring about a person's
dumbness by employment of charms.
୨। (କୌଣସି ମିଷ୍ଟ ବସ୍ତୁ) ଅତ୍ୟଧିକ ମିଷ୍ଟତା ହେତୁ
ଖାଦକର ଜିହ୍ୱାରେ ଅରୁଚି ଜନ୍ମାଇବା—2. To cause
aversion to a sweet thing by its excessive
sweetness. ୩। କୌଶଳ ପ୍ରୟୋଗ ବା ଲାଞ୍ଚର
ପ୍ରଦାନପୂର୍ବକ କୌଣସି ବ୍ୟକ୍ତିକୁ ମୋହିତ ବା ମୌନ
କରିବା (ଯେପରି, ସେ ଅପ୍ରିୟ ସମାଲୋଚନା କରି ନ
ପାରିବ)—3. To charm or bribe a person
into silence.
୪। ଗୋମେଷାଦିଙ୍କ ପାଟିକୁ ରଜ୍ଜୁଦ୍ୱାରା ବନ୍ଧନ କରିଦେବା—
(ଯେପରି, ସେମାନେ ଖାଇ ନ ପାରିବେ ବା କାମୁଡ଼ି
ନ ପାରିବେ)—4. To tie up the mouth (of
beasts etc) to prevent them from biting
or eating. ୫। ମୃଦଙ୍ଗ ଆଦି ବାଦ୍ୟ ଯନ୍ତ୍ରର ମୁହଁରେ
ଚମଡ଼ା ପକାଇ ବାନ୍ଧିବା—5. To bind the mouth
of a drum with leather.

ମୁହଁ ବିଗାଡ଼ିଆ—ଦେ. ବିଣ.—(ସ. ମୁଖ+ବିକୃତ)—କଟୁଭାଷୀ—
Muhañ bigārdiā Scurrilous; foul-tongued.
(ମୁହଁ ବିଗାଡ଼ୁ, ମୁହଁ ବିଗେଡ଼ା—ଅନ୍ୟରୂପ)

ମୁହଁ ବିଗାଡ଼ିବା—ଦେ. କ୍ରି.—(ସ. ମୁଖ ଓ ବିକାର)—ମୁହଁ ଖରାପ
Muhañ bigārdibā କରିବା; ଗାଳି ଦେବା; ଗାଳି ବା ଅଶ୍ଳୀଳ
মুখবিগড়ান ଭାଷା ପ୍ରୟୋଗ ଦ୍ୱାରା ଅପଣାର ମୁଖକୁ କଳୁଷିତ
मुहँबिगाडाना କରିବା—To befoul one's mouth by
uttering indecent words or abuse.

ମୁହଁ ବିଗିଡ଼ିବା—ଦେ. କ୍ରି—୧। ବିସ୍ୱାଦ ପଦାର୍ଥ ଭୋଜନ କିମ୍ବା ରୋଗ
Muhañ bigirdibā ଯୋଗୁଁ ଖାଦ୍ୟରେ ଅରୁଚି ଉପସ୍ଥିତ
মুখবিগড়া ହେବା—1. Disrelish or apathy for food
मुहँबिगडना (owing to the tasting of a bad
thing or owing to illness) ୨। ସର୍ବଦା
ଅଶ୍ଳୀଳଭାଷା ପ୍ରୟୋଗ କରିବା ଅଭ୍ୟାସ-2. The habit
of using indecent expressions.

ମୁହଁ ବୁଜିବା—ଦେ. କ୍ରି-୧। (ନିଜେ) ଚୁପ୍ ହେବା; କଥା ନ କହିବା—
Muhañ bujibā 1. To be silent; to shut up one's
মুখবুজা lips. ୨। ଅନ୍ୟର ପାଟିରେ ହାତ ବା କନା ଦେବାଦ୍ୱାରା
मुहँ बन्द करना ତାକୁ କଥା କୁହାଇ ନ ଦେବା—2. To gag
a person's mouth. ୩। ନିଜର ଦୁଃଖଭାବ ପ୍ରକାଶ ନ
କରିବା—3. Not to give vent to one's mind.

ମୁହଁ ବୁଲା(ଲେ)ଇବା—ଦେ. କ୍ରି—୧ । ଚାରିଆଡ଼କୁ ଚାହିଁବା—
Muhañ bulā(le)ibā 1. To look round. ୨ । (ଗୋରୁ
ମুখ বুলান অର) ଖାଦ୍ୟ ବସ୍ତୁ ଉପରେ ମୁହଁ ଚାଳିତ କରିବା –
मुँह घुमाना 2. To move the mouth on the food said of cattle.)

ମୁହଁ ଭକ(ଗ)ତି—ସ୍ତ୍ରୀ. ବି (ସ. ମୁଖ+ଭକ୍ତି)—ହୃଦୟରେ ଭକ୍ତି ନ
Muhañ bhaka(ga)ti ଥାଇ କେବଳ ମୁହଁରେ ଦେଖାଇବା
মুখের ভক্তি मुँह भकति ଭକ୍ତି—Lip-devotion.

ମୁହଁ ଭକ(ଗ)ତିଆ—ସ୍ତ୍ରୀ. ବଣ—ଯାହାର ବା ଯେଉଁ କଥାରେ ପ୍ରକୃତରେ
Muhañ bhaka(ga)tiā ଭକ୍ତି ନ ଥାଇ ଭକ୍ତି ଥିବାର କେବଳ
যে মুখে ভক্তি দেখায় ମୁହଁରେ ପ୍ରକାଶ ପାଉଥାଏ—Having
मुहँभगतीया lip-deep devotion.

ମୁହଁ(ହୁଁ)ଭ(ଭୋ)ର—ସ୍ତ୍ରୀ. ବି (ଉଲ୍ଲୁ ଖେଳ ସମୟରେ ଗଞ୍ଜୁଡ଼ିଙ୍କ
Muhañ (huñ)bha(bho)r, ବ୍ୟବହୃତ ଶବ୍ଦ)—୧।ସମ୍ମୁଖରୁ
ଦିଆଯିବା ଆଘାତ—1. A stroke dealt from one's front; a frontal below. ୨।ବାଗାଡ଼ମ୍ବର-
2. Bragging. ବଣ—୧। ମୁହଁପୋଡ଼; ମୁଖର—
1. Pert. ୨। ବାଗାଡ଼ମ୍ବର ପ୍ରିୟ—2. Braggart; boastful; fond of bombastics.

ମୁହଁ ଭ(ବ)ରଣ୍ଡ—ଦେ. ବି—ମୁହଁବରୁଣ; କାଠବରୁଣ-A pimple
Muhañ bha(ba)randa on the face; varus.
মেচেতা बर् रे

ମୁହଁ ଭାଙ୍ଗିବା—ଦେ. କ୍ରି—୧। କୌଣସି ବ୍ୟକ୍ତିର ଅଯଥା ଅସ୍ପର୍ଦ୍ଧା ବା
Muhañ bhāngibā ମୁଖରତାକୁ ବନ୍ଦ କରିବା—1. To
মুখভাঙ্গা check a person's undue impudence.
मुँहतोडना ୨। କୌଣସି ବ୍ୟକ୍ତିର ଅଯଥା ଆଶାକୁ ଭାଙ୍ଗି ଦେବା—
2. To nip a person's undue hopes in the bud.

ମୁହଁ ଭା(ଭୁ)ଡ଼ୁଙ୍ଗା କରିବା—ଦେ. କ୍ରି (ସ. ମୁଖ ଓ ଭାର)—ଅନ୍ତରକ
Muhañ bhā(bhu)rdungā karibā କ୍ରୋଧ ଓ ଅଭିମାନ
(ମୁହଁ ଭାର କରିବା—ଅନ୍ୟରୂପ) ଯୋଗୁଁ ଭ୍ରୂକୁଟି କରିବା—To
মুখ ভারিকরা frown from anger or sensitiveness; to sulk,
मुँह वाहारकरना

ମୁହଁ ଭା(ଭୁ)କୁଣ୍ଡା କରିବା—ଦେ କ୍ରି (ସ.ମୁଖ ଭ୍ରୂକୁଟି)—ମୁହଁ ଫୁଲାଇବା
Muhañ bhā(bhu)rkundā karibā (ଦେଖ)—Muhañ
ମୁହଁ ଫୁଲୁ ଣ୍ଡା[ଣ୍ଡେ]ଇବା-ଅନ୍ୟରୂପ) phulāibā
মুখ ভারকরা मुँह बाहार करना (See)

ମୁହଁ ଭିଡ଼ା—ଦେ. ବି-ମୁହଁ ଭିଡ଼ିବା (ଦେଖ)—Muhañ bhirdibā
Muhañ bhirdā (See). ଦେ. ବଣ—ଯାହାଦ୍ୱାରା ପାଣିଆଗୁଡ଼-
মুখবান্ধা ପୂର୍ଣ୍ଣ ମାଠିଆର ମୁହଁକୁ ଟାଣ କରାଯାଏ—[ଦ୍ର—ଅନେକ
मुँहबाँधना ଗୁଡ଼ଏ ମାଠିଆରେ ପାଣିଆଗୁଡ଼ ଭରିଦେବାର ପରେ, ଗୁଡ଼ର
ଗୋଟିଏ ମୁହଁଭିଡ଼ା ପାଗ ରଖି ସବୁ ମାଠିଆର ମୁହଁ
ଭିଡ଼ିବାକୁ ହୁଏ । ]

ମୁହଁ ଭିଡ଼ିବା—ଦେ. କ୍ରି—୧। ତରଳପଦାର୍ଥ (ଯଥା-ପାଣିଆଗୁଡ଼) ପୂର୍ଣ୍ଣ
Muhañ bhirdibā ଥିବା ମାଠିଆ ଆଦିର ମୁହଁରେ ପାଗ ଟାଣୁଆ
মুখবান্ধা ଗୁଡ଼ ଢାଳିବାଦ୍ୱାରା ମାଠିଆର ମୁହଁ ପାଖ ସ୍ତରକୁ କଠିନ
मुहँबाँधना କରାଇବା (ଯେପରି କି, ମାଠିଆକୁ ଓଲଟାଇଦେଲେ
ମାଠିଆ ଭିତରର ତରଳ, ଗୁଡ଼ ବୋହି ପଡ଼ିବ ନାହିଁ)—
1. To spread a layer of thick molasses on the mouth of a jar full of thin or liquid molasses. ୨। ଜଳାଶୟାଦିର ଜଳ-
ନିର୍ଗମନ ପଥକୁ ବନ୍ଧଆଦିଦ୍ୱାରା ବନ୍ଦ କରିବା—2. To stop the mouth of a tank by raising a bundh, so that water will not escape out of it.

ମୁହଁ ଭୁରୁଡ଼(ଡ଼ା, ଡ଼ୁ)—ଦେ. ବି—ଦାମ୍ଭିକତା; ଅବଗାତ ବାକ୍ୟ—
Muhañ bhururda(rdā, rdu) Impudence; asser-
দাম্ভিকতা, মুখসাপট tiveness; effrontery. ଦେ.ବଣ—
ढीठाई(बि) ढीठ(विण) ଦାମ୍ଭିକ—Impudent.

ମୁହଁ ମରିବା—ଦେ.କ୍ରି—୧। ଉତ୍ସାହ ବା ଉଦ୍ୟମ କମିଯିବା—1. Loss
Muhañ maribā of energy or eagerness. ୨। ସରସ
(ମୁହଁ ମରିଯିବା—ଅନ୍ୟରୂପ) ମୁହଁ ବିରସ ହେବା; ମୁହଁ ଶୁଖିଯିବା—
মনমরা 2. (the face) Becoming pale or dejected; dejected countenance.
मुहँ मरना

ମୁହଁମାଡ଼ି ପଡ଼ି ରହିବା—ଦେ. କ୍ରି—କୌଣସି ସ୍ଥାନରେ ସକଳପ୍ରକାର
Muhañ mārdi pardi rahibā ଦୁଃଖ କଷ୍ଟ ସହି ରହିବା
মাটি কামড়ে পড়ে থাকা —To stick to a place in
मुहँ मारके पड रहना spite of all suffering and trouble.

ମୁହଁ ମାଡ଼ିବା—ଦେ. କ୍ରି—୧। ମୁଖକୁ ଅବନତ କରିବା; ମୁଖକୁ ତଳକୁ
Muhañ mārdibā ପୋତିବା—1. To droop down
মুখহেঁট করা one's head. ୨। ତଳକୁ ମୁହଁ କରିବା—
मुहँ गीराना, महँ भिडाना 2. To lower one's face; to look to the ground. ୩। ମୁଖକୁ ତକିଆରେ
ବା ବିଛଣାରେ ବା ଭାତ କଂସାରେ ସଲଗ୍ନ କରିବାକୁ ଆଦର
କରିବା—3. To put one's head on a pillow, a bed or a food-pot.

ମୁହଁ ମାରିବା—ଦେ. କ୍ରି—୧। ଖାଦ୍ୟ ଦ୍ରବ୍ୟକୁ ନ ଖାଇ କେବଳ
Muhañ māribā ତାହା ମୁଖଦ୍ୱାରା ସ୍ପର୍ଶ କରିବା—1. To touch
মুখ ছুঁআন the food with one's mouth without
मुँह डालना (मारना) actually eating it. ୨। ଚୁମ୍ବନ
କରିବା—2. To kiss. ୩। କୌଣସି ସ୍ଥାନରେ କିଛି
ସମୟ ନ ରହି କେବଳ ସେହି ସ୍ଥାନ ବାଟେ ଚାଲି ଆସିବା
—3. To touch a place (without stopping there) in the course of a journey. (ଯଥା
—ଆପଣ କଟକ ଆସିବା ବେଳେ ଆମ ଗାଁରେ ଟିକିଏ
ମୁହଁ ମାରିଦେଇ ଆସିବେ । )

ମୁହଁ ମେଲା(ଲେ)ଇବା—ଦେ. କ୍ରି—୧ । ମୁଖ ବ୍ୟାଦାନ କରିବା—
Muhañ melā(le)ibā 1. To open one's mouth; to yawn. ୨। ମୁହଁ ଖୋଲିବା; କଥା କହିବା
মুখ খোলা
मुहँ फैलाना —2. To speak out.

**ମୁହଁ ମୋଡ଼ା**—ଦେ. ବଣ—୧ । ବକ୍ରମୁଖ—1. Of contracted face. Muhan̄ morḍā ମୁଖବାঁকা मुहँ फेरा ୨ । ଯାହାର ମୁହଁ ଏକ ପାଖକୁ ବଙ୍କା ହୋଇଥାଏ—2. Having the face turned to one side. [ ଉ—ସେ ଘାତରେ ବାଳ ଯୁଦ୍ଧରେ ମୁହଁମୋଡ଼ା, ହୋଇ ମଲ୍ଲ-ବେଶରେ ଚଳେ ମୁଣ୍ଡଭଡ଼ା । କୃଷ୍ଣସିଂହ. ମହାଭାରତ. ବନ । ] ୩ । ଯେଉଁ ବ୍ୟକ୍ତି ବିରକ୍ତି ପ୍ରକାଶ କରି କଥାର ମୁହଁକୁ ମୋଡ଼ି ଦିଏ—3. (a person) Habituated to draw away his face (as a sign of dislike). (ମୁହଁ ମୋଡ଼ୀ—ସ୍ତ୍ରୀ) ଦେ. ବ—ମୁହଁକୁ ବିରକ୍ତିରେ ଏକ ପାଖକୁ ବଙ୍କା କରିବା—Drawing away of one's face in displeasure.

**ମୁହଁ ମୋଡ଼ିବା**—ଦେ. କ୍ରି—୧ । ଓଠକୁ ଏକ ପାଖକୁ ମୋଡ଼ି ଘୃଣା ବା Muhan̄ morḍibā ବେଖାତିର ପ୍ରକାଶ କରିବା; ମୁଖ କୁଞ୍ଚିତ (ମୁହଁ ମୋଡ଼ିଦେବା—ଅନ୍ୟରୂପ) କରିବା—1. To squeeze ମুখমোড়া; মুখবাঁকান; মুখসিঁটকান or knit the lips to one मुहँ मोड़ना (दूसना,फेरलेना) side as an expression of disgust or sneering; to contract the face in disgust, actual or feigned; to sneer at. ୨ । ଲଜ୍ଜାରେ ମୁହଁକୁ ଏକପାଖକୁ ବୁଲାଇବା—2. To turn one's face to one side in shame.

**ମୁହଁ ମୋଡ଼ି ରହିବା**—ଦେ. କ୍ରି—ପରାଜୟ ସ୍ୱୀକାର କରି, Muhan̄ morḍi rahibā ଅପମାନିତ ବା ଲଜ୍ଜିତ ହୋଇ পরাজয় স্বীকার করা ରହିବା—To acknowledge defeat सीरझुँकालेना, मुहँमोड़कर रहना with the face contracted in shame; to be crest fallen.

ମୁହଁମୋଡ଼ି ହୋଇ ରହିବା }
ମୁହଁମୋଡ଼ି ମାଡ଼ି ହୋଇ ରହିବା } ଅନ୍ୟରୂପ

[ ଉ—ସେହିରୂପେ ଅଛ ମୋ ମାଉସୀ ଘାତେ, ମୁହଁ ମୋଡ଼ି ରହିବେ ନୃପତି ସମସ୍ତେ । କୃଷ୍ଣସିଂହ. ମହାଭାରତ. ଅଦ । ]

**ମୁହଁ ରକ୍ଷା**—ଦେ. ବ ( ସ. ମୁଖରକ୍ଷା )—୧ । ମୁଖରକ୍ଷା; ମାନରକ୍ଷା—Muhan̄ rakṣbā 1. The saving of one's prestige. মুখরক্ষা ୨ । ଅନୁରୋଧ ରକ୍ଷା—2. Showing regard for मानरक्षा, बातरक्षा another person's request or feelings.

**ମୁହଁ ରଖିବା**—ଦେ. କ୍ରି ( ସ. ମୁଖରକ୍ଷା )—୧ । କୌଣସି ବ୍ୟକ୍ତିର Muhan̄ rakhibā ମାନ ରକ୍ଷା କରିବା—1. To save the (ମୁହଁ ରକ୍ଷା କରିବା—ଅନ୍ୟରୂପ) prestige of a person. মুখরাখা; মুখ রক্ষাকরা ୨ । ସେପରି ଲଜ୍ଜାରେ ମୁହଁ ଭଳିକୁ ନ मानरखना, मुहँ रखना ହୁଏ ସେପରି କରିବା—2. To save the face of a person. ୩ । ଅନୁରୋଧ ରକ୍ଷା କରିବା—3. To show regard to the feelings or request of a person.

**ମୁହଁ ରଙ୍ଗା(ଙ୍ଗେ)ଇବା**—ଦେ. କ୍ରି—୧ । ରାଗ ହେବା; ରାଗି ଯିବା; Muhan̄ ranga(nge)ibā କ୍ରୋଧରେ ରକ୍ତମୁଖ ହେବା [ମୁହଁ ନା(ଲା)ଲ(ଲ) କରିବା—ଅନ୍ୟରୂପ]—1. (one's face) মুখ রাঙান To become red with anger or rage. मुखलाल करना [ ଉ—ପ୍ରବଳ କ୍ରୋଧ ଜାତ ହେଲେ ମୁହଁ ଅରକ୍ତ ହୋଇ ଉଠେ । ] ୨ । ରଙ୍ଗଅଦଦ୍ୱାରା ମୁଖକୁ ରଞ୍ଜିତ କରିବା—2. To paint one's face.

**ମୁହଁରୁ(ରୋ)ଚକ**—ଦେ. ବଣ ( ସ. ମୁଖରୋଚକ )—ସୁସ୍ୱାଦୁ; Muhan̄ ru(ro)chaka ରୁଚିକର—Tasteful; delicious. মুখরোচক मुखरोचक

**ମୁହଁରୁ ଛୁଟିବା**—ଦେ. କ୍ରି—( ବାକ୍ୟ ) ଉଚ୍ଚାରିତ ହେବା—To be Muhan̄ru chhuṭibā uttered; to be spoken out. মুখথেকে বেরান मुहँसे छूटना

**ମୁହଁରୁ ନା(ଲା)ଳ ବ(ବୋ)ହିବା**—ଦେ. ବ ( ସ. ମୁଖ+ଲାଳ+ବହ Muhan̄ru nā(lā)ḷa ba(bo)hibā ଧାତୁ )—୧ । ମୁଖରୁ মুখে জল আসা ଲାଳ ବହିବା—1. Salivation; watering मुहँ ललचाना,मुहँसे लार टपकना of the mouth. ୨ । ସମ୍ମୁଖରେ ଖାଦ୍ୟାଦ୍ୟ ପଦାର୍ଥ ଦେଖି ଲାଳାୟିତ ହେବା—

ମୁହଁ ନାଳ(ଳ)ଡେଇବା }
ମୁହଁ ଢାଳେଇବା } ଅନ୍ୟରୂପ
ମୁହଁ ପାଣେଇବା }

2. Hankering after or longing for a dainty dish brought to one's presence. ୩ । କୌଣସି ବସ୍ତୁ ଭୋଗ କରିବାକୁ ମନ ଉଦବେଇ ଖଦେଇ ବା ଅସମ୍ଭାଳ ହେବା! ଅନ୍ୟର ଭୋଗ ଦେଖି ଅନ୍ୟର ଭୁକ୍ତ ବସ୍ତୁ ପ୍ରତି ପ୍ରବଳ ସ୍ପୃହା ଜନ୍ମିବା—3. An uncontrollable longing for a thing enjoyed by another.

**ମୁହଁରୁ ପାଣି ଶୁଖିଯିବା**—ଦେ. କ୍ରି—୧ । ( କୌଣସି ବ୍ୟକ୍ତିର ) ସରସ-Muhan̄ru pāṇi sukhijibā ପଣିଆ ଗୁଙ୍ଗି ଯିବା—মুখের জল মরা 1. Becoming downcast or crest-मुहँका पानी सूख (मर) जाना fallen. ୨ । ଲଜ୍ଜାଶୂନ୍ୟ ହେବା—2. To become shameless. ( ମୁହଁରୁ ପାଣି ମରିଯିବା—ଅନ୍ୟରୂପ )

**ମୁହଁରୁ ପାଣି ଖସି ପଡ଼ିବା**—ଦେ. କ୍ରି (ଲକ୍ଷଣାର୍ଥ)—ଲଜ୍ଜାହୀନ ହେବା—Muhan̄ru pārā khasi paṛḍibā To be lost to all লজ্জাহীন হওয়া sense of shame. लज्जाको घोलकर पीजाना, वेपानी होना

**ମୁହଁରୁ ବରତିବା**—ଦେ. କ୍ରି—ବିପଦର କବଳରୁ ଉଦ୍ଧାର ଲାଭ Muhan̄ru baratibā କରିବା—To come out of a মুখথেকে বাঁচা grave danger unscathed. (ଯଥା—ମୁଁ मुहँसे निकलना (ମୁହଁରୁ ବୁରିବା—ଗ୍ରାମ୍ୟରୂପ) ବାଘମୁହଁରୁ ( ମୁହଁରୁ ବର୍ତ୍ତିବା, ମୁହଁରୁ ବଞ୍ଚିବା—ଅନ୍ୟରୂପ ) ବରତିଗଲି । )

**ମୁହଁରୁ ବାହାରି ପଡ଼ିବା**—ଦେ. କ୍ରି—ହଠାତ୍ ଅସାବଧାନତା ଯୋଗୁଁ Muhan̄ru bāhāri paṛḍibā ( କୌଣସି ବାକ୍ୟ ) ହଠାତ୍ মুখথেকে বেরিএ পড়া ଉଚ୍ଚାରିତ ବା ପ୍ରକାଶିତ ହେବା—

**मुहँसे निकलना** ( words ) To slip out of one's (ମୁହଁରୁ ବାହାର ଯିବା—ଅନ୍ୟରୂପ ) mouth; to be spoken out in a moment of carelessness.

ମୁହଁରେ କାଳି ଦେବା—ଦେ. କ୍ରି—କୌଣସି ବ୍ୟକ୍ତିଙ୍କୁ ଅପମାନିତ ଓ Muhanre kāḷi debā ଅପଦସ୍ଥ କରିବା—To put a ମুখে কালি দেওয়া person to disgrace. [ ଦ୍ର—ପୂର୍ବେ **मुहँमे कालो पोतना** ଦଣ୍ଡରୂପେ ଅପରାଧୀ ବ୍ୟକ୍ତିର ମୁହଁର ଏକ ମୁହଁରେ ଚୂନ କଳା ଦେବା } ଅନ୍ୟରୂପ ପାଖରେ ଚୂନ ଓ ଏକ ମୁହଁରେ ଚୂନ କାଳି ଦେବା } ପାଖରେ କଳା ବୋଳି ଦିଆ ଯାଉଥିବା ତାକୁ ଦାଣ୍ଡରେ ବୁଲାଉଥିଲେ । ]

ମୁହଁରେ କାଳି ବୋଳିବା—ଦେ. କ୍ରି—କଳଙ୍କ ଅରୋପଣ କରିବା—Muhanre kāḷi boḷibā To slander ( a person ). মুখে কালী লাগান **मुँहमे कालो पोतना** ( ମୁହଁରେ କାଳି ଲେ[ଲି]ପିବା—ଅନ୍ୟରୂପ )

ମୁହଁରେ ଖଇ ଫୁଟିବା—ଦେ. କ—( ଧାନକୁ ଭାଜିବା ସମୟରେ ଭଜା ଖଇ ହାଣ୍ଡିରେ ଫଇ ଫୁଟିବା ପରି) Muhanre khai phuṭibā মুখে খৈ ফোটা **मुँहमे लावा फुटना** ମୁହଁରୁ ଅନର୍ଗଳ ଧାରାରେ ବାକ୍ସ୍ରୋତଃ ବାହାରିବା—Talking without a halt or stop; talking glibly.

ମୁହଁରେ ଚଡ଼କ (ରାଧାଚଡ଼କ) ପଡ଼ୁ—ଦେ. ଅ ( ଗାଳି ବା ଅଭିଶାପ ) Muhanre chaṛdaka (rādhā chaṛdaka) paṛdu—ତୁ মুখে বজ্র পড়ুক **मुँहमे वज्र पडे** ଯେଉଁ କଥା କହିଲୁ ସେଥିପାଇଁ ( ମୁହଁରେ ବଜ୍ର ପଡ଼ୁ—ଅନ୍ୟରୂପ ) ଈଶ୍ୱର ତୋର ଅମଙ୍ଗଳ ( ମୁହଁରେ ଜଳୁଅ ପାଡ଼ୁ—ଅଶ୍ଳୀଳ ) ଘଟାନ୍ତୁ—(Interjection) A curse upon you for what you have said.

ମୁହଁରେ ଜବାବ ଦେବା—ଦେ. କ୍ରି—(ଭୃତ୍ୟ, ଶିଷ୍ୟାଦି) ଦୁର୍ବିନୀତ Muhanre jabāba debā ଭାବରେ ସ୍ୱାମୀଙ୍କୁ ବା ଗୁରୁଙ୍କୁ ଅବାଧ୍ୟ মুখের উপর জবাব দেওয়া ଭାବରେ ଉତ୍ତର ଦେବା—To **मुँहपर जबाब देना** return insubordinate replies to one's superiors.

ମୁହଁ ଉପରେ ଜବାବ ଦେବା, }—ଅନ୍ୟରୂପ
ମୁହେଁ ମୁହେଁ ଜବାବ ଦେବା }

ମୁହଁରେ ଧରିବା—ଦେ. କ୍ରି—୧ । କହିବା—1. To speak. Muhanre dharibā ୨ । ଉଚ୍ଚାରଣ କରିବା—2. To utter. মুখে ধরা ( ଯଥା—ପାପ କଥା କରିବା ଦୂରେ ଥାଉ ମୁହଁରେ **मुँहमे (पर) धरना** ଧରିଲେ ମଧ୍ୟ ପାପ ହୁଏ । )

ମୁହଁରେ ନିଆଁ—ଦେ. ଅ ( ଗାଳି )—୧ । (ମୃତ୍ୟୁକାମନାପୂର୍ବକ ଗାଳି, Muhanre niān ଏହାର ଅର୍ଥ ତୋ ମୁହଁ ପୋଡ଼ିଯାଉ) ତୁ মুখে আগুন; মুয়েঁ আগুন ମରୁ—1. (A curse meaning **मुँहमे आग** fire on your mouth) You die ! [ଦ୍ର—ମୃତ ବ୍ୟକ୍ତିର ମୁଖରେ ମୁଖାଗ୍ନି ଦେବା ବିଧିକୁ ଲକ୍ଷ୍ୟ କରି ବ୍ୟବହୃତ ।]

୨ । ମୁଖାଗ୍ନି—2. The fire set to the face of a dead body going to be cremated.

ମୁହଁରେ ନିଆଁ ଦେବା—ଦେ. କ୍ରି—୧ । ମୃତ ବ୍ୟକ୍ତିର ମୁଖରେ Muhanre niān debā 'ମୁଖାଗ୍ନି' ଦେବା—1. To set fire মুখে আগুন দেওয়া to the face of a dead body. ୨ । **मुँहमे आग देना** 'ମୁହଁରେ ନିଆଁ' ବୋଲି ଗାଳି ଦେବା—2. To abuse a person.

ମୁହଁରେ ପାଣି ଦେବା—ଦେ କ୍ରି—୧ । ମୁହଁ ଧୋଇବା—1. To Muhanre pāṇi debā wash the face. ୨ । ଉପବାସ মুখে জল দেওয়া ପରେ ପ୍ରଥମେ ଜଳ ଗ୍ରହଣ କରିବା—2. To **मुहँ धोना** drink water after a fast

ମୁହଁରେ ପାଣି ମାରିବା—ଦେ. କ୍ରି—ମୁଖ ପ୍ରକ୍ଷାଳନ କରିବା; ମୁହଁ Muhanre pāṇi māribā ଧୋଇବା—To wash the face. মুখ ধোয়া **मुहँ पर छिंटा देना**

ମୁହଁରେ ପାଳବିଣ୍ଡା (ଚୁଣ୍ଟା) ମାରିବା—ଦେ. କ୍ରି ( ବ୍ୟଙ୍ଗ )—ତୁନି Muhanre pāḷabinḍā ( chunṭā ) māribā ହୋଇ মুখে বুঁজা দেওয়া ରହିବା—To keep silent. [ ଦ୍ର— **मुँहमे बीडि देना** କାହାଣୀରେ ବର୍ଣ୍ଣିତ ଅବୁଝାମଣା ରାଜାଙ୍କର ( ମୁହଁରେ ଠିପି ମାରିବା—ଅନ୍ୟରୂପ ) ଅଯୋଗ୍ୟ ବା ନିର୍ବୋଧ "ପାଳବିଣ୍ଡା ମନ୍ତ୍ରୀ"ଙ୍କ ମୁହଁରୁ କାଳେ କିଛି ବାହାରି ପଡ଼ିବ, ଏଥିପାଇଁ ସେ ସବୁବେଳେ ପାଟିରେ "ପାଳବିଣ୍ଡା" ମାରି ଥାଆନ୍ତି ଓ କଥା କହିବାର ଆବଶ୍ୟକ ହେଲେ ସେ ବିଣ୍ଡାଟି ପାଟିରୁ କାଢ଼ି ଦେଇ କଥା କହି ସାରି ପୁଣି ତତ୍‌କ୍ଷଣାତ ମୁହଁରେ ପାଳବିଣ୍ଡାଟି ମାଡ଼ି ଦିଅନ୍ତି । ଏହି କାହାଣୀକୁ ଲକ୍ଷ୍ୟ କରି ବ୍ୟବହୃତ । ]

ମୁହଁରେ ଫୁଲ ଚନ୍ଦନ ପଡ଼ୁ (ବରଷୁ)—ଦେ. ଅ ( ଅଶୀର୍ବଚନ )—Muhanre phula chandana paṛdu (barashu) ୧ । মুখে ফুল চন্দন পড়ুক ତୋ କଥା ସତ୍ୟ ହେଉ—1. ( Inter) **मुँहमे फुल चन्दन पडे** May thy words come true. ୨ । ତୁ ଯେଉଁ କଥା କହିଲୁ ଏଥିପାଇଁ ଈଶ୍ୱର ତୋର ମଙ୍ଗଳ କରନ୍ତୁ—2. Be thou blessed for what you have said.

ମୁହଁରେ ବାଡ଼ ବତା ନ ଥିବା—ଦେ. ବ—୧ । କଥା କହିବା ସମୟରେ Muhanre baṛda batā na thibā ନିର୍ଭୀକ ହେବା— মুখে আটক না থাকা 1. Being fearless in speech. **मुहँमें रोक न होना** ୨ । ଅବାଧରୂପେ କଥା କହିବା—2. Speaking without restraint; talking incoherently or irresponsibly. ୩ । ଆଗ ପଛକୁ ଦୃଷ୍ଟି ନ ରଖି ଯାହା ଭୁଣ୍ଡିରୁ ଅସିଲା ତାହା କହିବା—3. Blabbing or speaking out anything which comes uppermost to one's lips. ୪ । ଅଶ୍ଳୀଳ କଥା କହିବା—4. Speaking out indecently.

ମୁହଁରେ ବାଡ଼ିଏ ଦେବା—ଦେ. କ୍ରି—୧ । କୌଣସି ବ୍ୟକ୍ତିକୁ ସାମନା
Muhañre bāṛie debā ସାମନା ଅପ୍ରିୟ ଉତ୍ତର ଦେଇ ଭୁନ
ମୁହଁରେ ବାଡ଼େଇବା } ଅନ୍ୟରୂପ
ମୁହେଁ ମୁହେଁ ବାଡ଼େଇବା }
କରି ଦେବା—1. To silence a person by speaking unpleasantly to his face.
ମୁଖେ ମୁଖେ ଚୋପା କରା
मुहँ पर चपाटा देना

୨ । କୌଣସି ବ୍ୟକ୍ତି କଥା କହିବାକୁ ଆରମ୍ଭ କଲା ବେଳେ ତାକୁ ଧମକାଇ ଚୁପ କରିବା—2. To silence a person by threatening him when he begins to speak. [ପ୍ର—ଯେଉଁ ପଶୁ ପଶୁ ଅବ କୌଣସି ବସ୍ତୁ ଖାଇବାକୁ ଯହିଁରେ ମୁହଁ ଲଗାଇବା ବେଳେ ତା ମୁହଁରେ ପ୍ରହାର କଲେ ସେ ଉକ୍ତ କାର୍ଯ୍ୟରୁ ବିରତ ହୁଏ; ଏହି ଲକ୍ଷଣାରୁ ।]

ମୁହଁରେ ବାନ(ଳି)ଙ୍ଗି କରିବା—ଦେ. କ୍ରି—ଆତ୍ମଶ୍ଳାଘା କରିବା—
Muhañre bāni(li)ṅgi karibā To boast; to brag
ଆତ୍ମ ଶ୍ଲାଘା କରା मुहँ मे सेखी बघारना,
अपने मियाँ मिठ्ठू होना

ମୁହଁରେ ଲାଗି ଯିବା—ଦେ. କ୍ରି. (ସ. ମୁଖ + ଲଗ୍ନ)—ଥରେ ଖାଇ-
Muhañre lāgijibā ଥିବା କୌଣସି ସ୍ୱାଦୁ ଖାଦ୍ୟର ବା ଥରେ
ମୁଖେ ଲେগে ଯାওয়া ଭୋଗ କରିଥିବା କୌଣସି ସୁଖକର ପଦାର୍ଥର
मुहँ मे लगना ଭୋଗଜନିତ ସୁଖ ପୁଣି ଆସ୍ୱାଦନ କରିବା ପାଇଁ ଲାଳାୟିତ ହେବା—To hanker after a thing once tasted

ମୁହଁ ଲଗା(ଗେ)ଇବା—ଦେ. କ୍ରି—୧ । ଆକ୍ରମଣ କରି କାମୁଡ଼ିବା—
Muhañ lagā(ge)ibā 1. To bite. ୨ । ଚୁମ୍ବନ କରିବା-
ମୁখ ଲାগାন 2. To kiss. ୩ । କଥା କହିବା—3. To
मुहँ लगाना speak to. (ଉ-ମୁହଁ ନ ଲଗାଅ ଏହି ଧୂର୍ତ୍ତଙ୍କୁ, ଭଲ ବୁଝିଛନ୍ତି ଏହି ଖଣ୍ଡାକୁ । ଅଭିମନ୍ୟୁ. ବିଦଗ୍ଧଚିନ୍ତାମଣି ।)
୪ । ଧୀରେ କାମୁଡ଼ିବା—4. To bite softly. ୫ । କୌଣସି ବ୍ୟକ୍ତିକୁ ଥରେ ସଫଳ ଦେବା ଦ୍ୱାରା ତାକୁ ଭବିଷ୍ୟତ ପାଇଁ ଆଶାନ୍ୱିତ କରିଇବା; ଉତ୍ସାହିତ କରିବା—5. To engender hope in a person's mind by making him succeed once; to encourage a person.

ମୁହଁ ଲାଗିବା—ଦେ. କ୍ରି—କୌଣସି କାର୍ଯ୍ୟରେ ଥରେ କୃତକାର୍ଯ୍ୟ
Muhañ lāgibā ହୋଇ ଥିବାରୁ ସେହି ଆଶା ବା ଉତ୍ସାହ ଦ୍ୱାରା
ମନ ଲାগা ଭବିଷ୍ୟତ ପାଇଁ ଆଶାନ୍ୱିତ ହୋଇ ପୁଣି ସେହି କାର୍ଯ୍ୟ
मुहँ लगना କରିବାକୁ ଅଗ୍ରସର ହେବା—Eagerness or further hope engendered in the mind of a person by first success and encouragement. (ଯଥା—ଥରେ ମୋଠାରୁ ପୁରୀ ପାଇ ଯିବାରୁ ତା ମୁହଁ ଲାଗି ଯାଇଛି; ମୋଠାରୁ ସେ ଫେର୍ ବଢ଼ିଭ ଅସିଛି ।)

ମୁହଁ ଲୁଚା—ଦେ. କ୍ରି—ବିବାହର ଅଷ୍ଟମଙ୍ଗଳା ଦିନ କନ୍ୟା ଓ ବରଙ୍କର
Muhañ luchā ପରସ୍ପର ଦେଖା ନ ହେବା ଉଦ୍ଦେଶ୍ୟରେ
ମୁখ ଲୁକାনী କନ୍ୟାକୁ ଅନ୍ୟ ଘରେ ଲୁଚାଇ କରି ରଖିବାର ପ୍ରଥା
मुहँ छिपाना(लुकाना) —The custom of keeping the bride concealed in a separate house on the 8th day of the marriage to prevent the groom from seeing her face, which is considered inauspicious. [ପ୍ର—ବିବାହର ଅଷ୍ଟମଙ୍ଗଳାର ଅଷ୍ଟମ ଦିନ ବର ଓ କନ୍ୟାଙ୍କର ସାକ୍ଷାତ୍ ହେବା ଅଶୁଭକର । ଏଥିପାଇଁ ଯେଉଁଠାରେ କନ୍ୟାକୁ ଅଷ୍ଟମଙ୍ଗଳାର ବାସୀଦିନ ପିତ୍ରାଳୟକୁ ପଠା ନ ଯାଏ ସେଠାରେ କନ୍ୟାକୁ ସେହିଦିନକ ପାଇଁ ବର ଘରଠାରୁ ନେଇ କୌଣସି ପ୍ରତିବେଶୀଙ୍କ ଘରେ ଲୁଚାଇ କରି ରଖାଯାଏ ।]

ମୁହଁ ଲୁଚା(ଚେ)ଇବା—ଦେ. କ୍ରି—(ସ୍ତ୍ରୀମାନଙ୍କ ପକ୍ଷରେ) ସାମାଜିକ ପ୍ରଥା
Muhañ luchā(che)ibā ଅନୁସାରେ ବା ଲଜ୍ଜାବଶତଃ କୌଣସି
ମୁখ ଲୁକାন ବ୍ୟକ୍ତିଙ୍କୁ ମୁହଁ ନ ଦେଖାଇବା ବା ତାଙ୍କୁ ଦେଖି ମୁହଁ
मुहँ छिपाना ଉପରେ ଓଢ଼ଣା ପକାଇବା—(said of women) Not to show one's face to a particular person or to draw the veil over one's face before a particular person. [ପ୍ର—ହିନ୍ଦୁ ଓ ମୁସଲମାନ୍ ସମାଜରେ ଶ୍ୱଶୁରାଳୟକୁ ନବାଗତା ବଧୂମାନେ ଗୁରୁଜନମାନଙ୍କୁ ଓ ସାଧାରଣଙ୍କୁ ନିଜର ମୁହଁ ଦେଖାନ୍ତି ନାହିଁ । ହିନ୍ଦୁ ସମାଜରେ ଭାଇବୋହୂ, ଦେଢ଼-ଶାଶୁ, ଭଣଜାବୋହୂମାନେ ଯଥାକ୍ରମେ ଦେଢ଼ଶୁର,ଭଉଣୀର ଜୋଇଁ ଓ ମଉଳାଶୁରଙ୍କୁ ମୁହଁ ଲୁଚାନ୍ତି ।]

ମୁହଁ ଲୁଚା ଦେବା—ଦେ. କ୍ରି—ନିଜର ସ୍ନେହୀ ବ୍ୟକ୍ତିଙ୍କଠାରୁ ଦୂରରେ
Muhañ luchā debā ରହିବା—To remain away from one's beloved persons
(ମୁହଁ ଛପା ଦେବା—ଅନ୍ୟରୂପ)
ମୁখ ନା ଦେଖାନ मुहँ छिपा देना

ମୁହଁ ଲୁଚି ଯିବା—ଦେ. ବି—୧ । ମୁହଁ ସନ୍ଧ୍ୟା ହେବ—1. Time
Muhañ luchi jibā of dusk. ୨ । ବହୁକାଳ ଦୂର
ମୁখ ଆନ୍ଧାର ହওয়া ପ୍ରବାସରେ ରହିବା—2. Long sojourn.
मुखान्ध होना ମୁখ ଲୁକିয়ে ଥାକା मुहँ लुक जाना

ମୁହଁ ସଞ୍ଜ(ନ୍ଧ୍ୟା)—ଦେ. ବି (ସ. ମୁଖ + ସନ୍ଧ୍ୟା)—ପ୍ରଦୋଷ; ଗୋଧୂଳି
Muhañ sañja(ndhyā) ବେଳା—Dusk.
(ମୁହଁ ସଞ୍ଜିଆ;—ଅନ୍ୟରୂପ) ମୁখ ଆଁଧାର
मुखान्ध

ମୁହଁ ସମ୍ଭାଳିବା—ଦେ. କ୍ରି—୧ । ସାବଧାନ ହୋଇ କଥା କହିବା—
Muhañ sambhāḷibā 1. To talk with caution.
ମୁখ ସାମଲାନ ୨ । କଥାକୁ ସଂଯତ କରିବା—2. To check
मुहँ सँभालना one's passionate speech.

ମୁହଁ ସାଉଁଳା—ଦେ. ବି—ମୁଖ ସଜ୍ଜା; ମୁହଁକୁ ପରିଷ୍କାର କରିବା ବା
Muhañ sāuñḷā ମୁହଁକୁ ବେଶ ଦ୍ୱାରା ସୁସଜ୍ଜିତ କରିବା—
ମୁখ ସାଓଁଲା Toilette of the face. ବିଣ. ପୁଂ—୧ ।

**ମୁହଁ ସଜାନା** ମୁଖ ସଜ୍ଜାରେ ସଜ୍ଜିତ (ଲୋକ) – 1. Having (ମୁହଁ ସାଜିଲି—ସ୍ତ୍ରୀ) performed the toilette of the **मुहँ सजाने वाला** face. ୨ । ସୌମ୍ୟଦର୍ଶନ (ବ୍ୟକ୍ତି)—2. Of lovely appearance.

**ମୁହଁ ସୁଆ(ହା)ଗ**—ଦେ. ବି. ( ସଂ. ମୁଖ + ସୌଭାଗ୍ୟ )—ଶୁଖିଲା Muhañ suā(hā)ga ସୁହାଗ; ବାହ୍ୟ ଆଦର—Outward ମুখের সোহাগ **मुहँ पियार** fondling.

**ମୁହଁ ସୁଆ(ହା)ଗୀ**—ଦେ. ଵିଣ. ପୁଂ ଓ ସ୍ତ୍ରୀ—ଯେଉଁ ବ୍ୟକ୍ତି ବାହ୍ୟ Muhañ suā(hā)gi ଆଦର ବା ସ୍ନେହ ଦେଖାଏ—Prac- মুখ সোহাগী **मुहँ पियारा** tising outward fondling. (ମୁହଁ ସୁଆଟିଆ—ପୁଂ, ମୁହଁ ସୁଆଗେଇ—ସ୍ତ୍ରୀ—ଅନ୍ୟରୂପ)

**ମୁହଁସୁଆଦ(ଦି)**—ଦେ. ବି.—(ସଂ. ମୁଖସ୍ୱାଦ)—୧ । ଭୋଜନ ଶେଷରେ Muhañ suāda (di) ମିଷ୍ଟାନ୍ନ ଗ୍ରହଣ ପୂର୍ବକ ମୁଖଦ୍ୱାରା ମଧୁର ସ୍ୱାଦ মিষ্টিমুখ করা **मुहँस्वाद** ଗ୍ରହଣ; ଭୁଣ୍ଡ ସୁଆଦ—1. Taking (ମୁହଁ ମଧୁର—ଅନ୍ୟରୂପ) of something sweet at the end of a meal to keep the mouth tasteful. ଵିଣ.—୧ । ଯେଉଁ ବସ୍ତୁଦ୍ୱାରା ମୁଖ ସ୍ୱାଦୁଯୁକ୍ତ মিষ্টি **मुहँ सुआदि** ହୁଏ—1. Delicious; tasteful. ୨ । মিষ্টিমুখ **मुहँस्वादी** ମଧୁର ଭାଷୀ—2. Of sweet discourse or speech.

**ମୁହଁ ସୁଆଦିଆ**—ଦେ. ଵିଣ. ପୁଂ—୧ । ମଧୁରଭାଷୀ; ବଚନମଧୁର—Muhañ suādiā 1. Sweet-speaking. ୨ । (ବ୍ୟଙ୍ଗ) [ ମୁହଁ ମଧୁଆ(ବା)—ଅନ୍ୟରୂପ ] ଯାହାର ମଧୁରତା କେବଳ ( ମୁହଁ ସୁଆସୀ—ସ୍ତ୍ରୀ ) ବଚନରେ ପର୍ଯ୍ୟବସିତ; କଥାଁଲଢ଼ୁଆ—মিষ্টিমুখ, মিঠেমুখ **हू पियारा** 2. (ironical) One whose sweetness is confined to his speech only; honey-tongued. ୩ । ମଧୁର; ମିଠା—3. Sweet in taste.

**ମୁହଁ ସେମ(ମେ)ଟା**—ଦେ. ବି.—ମୁହଁ ଶୁଖାଇବା; ଅନାଦର, କ୍ଳେଶ, Muhañ sema(me)ṭā ଭୟ ବା ଦୁଃଖ ଯୋଗୁଁ ବଦନକୁ ବିରସ মুখশুকান **मुह समेट** କରିବା—Assuming of a sorrow- (ମୁହଁ ଶୁଖା—ଅନ୍ୟରୂପ) ful countenance. ଦେ. ଵିଣ. ଵିରସମୁହାଁ (ବ୍ୟକ୍ତି)—Having a downcast look.

**ମୁହଁ ସେମ(ମେ)(ଟେ)ଇବା**—ଦେ.କ୍ରି--ଅପମାନରେ ବା ଦୁଃଖରେ Muhañ sema(me)ṭā(ṭe)ibā ମୁହଁକୁ ବିରସ ବା ମ୍ଳାନ କରିବା- মুখ শুকান **हुँ समेटना** To have a pale face through (ମୁହଁ ଶୁଖା[ଖେ]ଇବା—ଅନ୍ୟରୂପ) sorrow or grief. [ମୁହଁ ସେମ(ମେ)ଟିବା, ମୁହଁ ସେମ(ମେ)ଟିଯିବା—ଵିଶେଷ୍ୟରୂପ]

**ମୁହଁ ହଲା(ଲେ)ଇବା**—ଦେ. କ୍ରି —୧ । ଅସମ୍ମତିର ଚିହ୍ନ ସ୍ୱରୂପ ମୁଖକୁ Muhañ halā(le)ibā ଚାଳନ କରିବା—1. To wag the মুখনাড়া **मुहँ हिलाना** face to indicate denial. ୨ । (ବ୍ୟଙ୍ଗ) ଗାରିମା ପୂର୍ବକ କଥା କହିବା—2. To nod the head while boasting. ୩ । ଶୃଙ୍ଗାର ଚେଷ୍ଟାରେ କଥା କହିବା—3. To nod the head while speaking in a coquettish manner. ୪ । ଆପଣାର ମୁଖର ସୌନ୍ଦର୍ଯ୍ୟ ପ୍ରତି ବା କର୍ଣ୍ଣାଦିରେ ପିନ୍ଧିଥିବା ଅଳଙ୍କାର ପ୍ରତି ଅନ୍ୟ ଲୋକଙ୍କର ଦୃଷ୍ଟି ପଡ଼ିବ ଏହି ଉଦ୍ଦେଶ୍ୟ ମନରେ ରଖି (ରସିକ ଓ ରସିକା) କଥା କହିଲା ବେଳେ ଇତସ୍ତତଃ ମୁଖ ଚାଳନ କରିବା—4. To wag one's head to show off the charm of the face or of the ornament worn on the ear etc.

**ମୁହଁ ହାତ**—ଦେ. ବି.—(ସହଚର)—ମୁଖ ଓ ହସ୍ତ—The face Muhañ hāta মুখ হাত **हात मुहँ** and the hands.

**ମୁହଁ ହାତ ଧୋଇବା**—ଦେ.କ୍ରି--୧। ଭୋଜନ ପରେ ବା ମଳ ମୂତ୍ରାଦିର Muhañ hāta dhoibā ଉତ୍ସର୍ଗ ପରେ ମୁଖ ଓ ହସ୍ତାଦିକୁ মুখ হাত ধোয়া ଜଳଦ୍ୱାରା ମାର୍ଜନ କରିବା—1 To wash the **हात मुह धोना** face and hands after meal or after answering a call of nature. ୨ । ଦାନ୍ତ ଘଷିବା—2. To brush one's teeth. ୩ । (ମଳୋତ୍ସର୍ଗ କରିବା ପରେ ମୁହଁ ଓ ହାତ ଧୋଇବାକୁ ହେଉଥିବାରୁ)—ଝାଡ଼ା ଫେରିବାକୁ ଯିବା—3. To go out to answer a call of nature.

**ମୁହଁ ହେବା**—ଦେ. କ୍ରି.—ବଥ୍ରୋଟକ ବା ବ୍ରଣ ଆଦି ପାଚି ତାହା ଯେଉଁ Muhañ hebā ସ୍ଥାନରୁ ସ୍ଥାନରେ ଫାଟି ଯିବ ସେଠାରେ ଗୋଟିଏ ଚିହ୍ନ মুখ হওয়া **मुँहहोना** ଦୂରରୁ ଦେଖାଯିବା—To come to a head (said of boils, pimples, blisters and pox etc.) (ଯଥା—ବଥ ଉପରେ ଫୁଲ୍‌ଟିଏ ଦେବାରୁ ବଥଟି ମୁହଁ ହେଲା ।) ଦେ. ଵିଣ—ବ୍ରଣାଦିର ମୁଖ ପ୍ରକାଶିତ ହେବା—The coming to a head of a boil.

**ମୁହାଁ**—ଦେ. ବି.—୧ । ମୁଆଁ (ଦେଖ) Muhāñ মোআঁ **जाई** 1. Muān (See) ୨। (ସଂ. ମନ୍ଥନ) মুআন **मथना** ଦଧି ମନ୍ଥନ—2. Churning of curds. উনুনে জাল দেওয়া ୩ । (ସଂ. ମୁଖ) ଚୁଲ୍ଲୀମୁହଁରେ ଜାଳ ଦେବା; **आँचलगाना** ରନ୍ଧା ଜାଳିବା ପାଇଁ ଜାଳକୁ ଚୁଲ୍ଲୀରେ ପୂରାଇବା—3. Putting fuel into the oven; trimming মুখা a fire. ୪ । (ସଂ. ମୁଖ) ଅଭିମୁଖୀ ହେବା; ମୁଖ ବୁଲାଇବା—**मुहाँ** 4. Turning of the face towards. ୫ । ( ସଂ. মুখা ମୁଖ) କୌଣସି ଦିଗକୁ ଅଗ୍ରସର ହେବା—5. Advancing **मुँहफीराना** towards a particular direction. ୬। (ସଂ. গোরুকে জাব দেওয়া ମୁଖ) କୌଣସି ବସ୍ତୁରେ ପ୍ରବେଶ କରିବା—**सानी खिलाना** 6. To enter into a thing. ୭। (ସଂ. ମୁଖ) ଗାଈଗୋରୁଙ୍କ ମୁହଁପାଖେ ଦାନାପାଣି ରଖିବା; ଗୋରୁଙ୍କୁ କୁଣ୍ଡରେ ଦାନାପାଣି କୁଣ୍ଡା କୁଟୁଚ ଆଦି ଖୁଆଇବା—7. Feeding of cattle with chaff and grains mixed

মুখোস with water in a trough. ୮ । ମୁଖା—8. Mask
**মুখড়া** for the face. ଦେ. ଵଣ—୧ । (ଅନ୍ୟ ଶବ୍ଦ ସଙ୍ଗେ ଲଗେ
মুখো, মুখো ଯଥା ଘୋଡ଼ାମୁହାଁ, କାଠମୁହାଁ ଇତ୍ୟାଦ)—ମୁଖ
**मुहाँ** ଯୁକ୍ତ—1. (In compound with other words)—
মুখো Faced. ୨ । (ଅନ୍ୟ ଦଗବାଚକ ଶବ୍ଦ ସଙ୍ଗେ ଯୁକ୍ତ ଯଥା—
**मुहाँ** ଉତ୍ତରମୁହାଁ, ପୂର୍ବମୁହାଁ ।)—କୌଣସି ଦଗକୁ ମୁଖ କର; ଅଭିମୁଖୀ—2. (In compound) Facing; having the face turned towards. [ ଉ— × × × ଘୋଡ଼ାରେ ଚଢ଼ି ଭୁଆ ଫନ୍ଦିରେ ଲଢେଗମୁହାଁ ଘୁଲଛନ୍ତି । ଫକୀରମୋହନ. ଗଳ୍ପସ୍ୱଳ୍ପ । ]

**ମୁହାଁଇବା**—ପ୍ରାଦେ. ( ସମ୍ବଲପୁର, ଗ୍ରାମ୍ୟ ) କ୍ରି—ଖାଇବା—
Muhāñibā To eat. [ଦ୍ର—ଏହି ଶବ୍ଦ କେବଳ ଭାତ ଛଡ଼ା ସବୁ ସ୍ଥଳରେ ବ୍ୟବହୃତ ହୁଏ । ]

**ମୁହାଁ(ହେଁ)ଇବା**—ଦେ. କ୍ରି—୧ । ( ସ. ମଥନ, ମନ୍ଥନ )—(ଦଧି
Muhāñ(heñ)ibā ଆଦର ) ମନ୍ଥନ କରବା—1. To
( ମୋହବା—ଅନ୍ୟରୂପ ) churn. ୨ । ଗୋଳାଇବା;
মুআন ମିଶାଇବା—2. To mix with. ୩ । (ସ. ମୁଖ)
**मथना** କୌଣସି ଦଗକୁ ମୁଖ ବୁଲାଇବା; ଅଭିମୁଖୀ ହେବା—
মুখান,মুখকরা **मुँहफिराना** 3. To turn the face towards.
উনুনে জাল দেওয়া ୪ । (କୌଣସି ଅଡ଼କୁ) ଗତ କରବା;
**आँच देना** ଅଗ୍ରସର ହେବା—4. To proceed towards;
জাব দেওয়া to advance towards. ୫ । ଚୁଲି ଜଳାଇବା
**सानीखिलाना** ପାଇଁ ଚୁଲି ମୁହଁବାଟେ ଚୁଲି ଭିତରକୁ ଜାଳ ପୁରାଇବା
5. To thrust fuel into an oven to produce a brisk fire. ୬ । ଗୋରୁ ବଳଦ ଆଦକୁ କୁଣ୍ଡା ପାଣି ଖୁଆଇବା; ତୋରାଣି ବା ପାଣି ସଙ୍ଗେ କୁଣ୍ଡା ବା ଉଗଡ଼ା ଦାନା ଗୋଳାଇ କୁଣ୍ଡରେ ବଳଦଙ୍କ ମୁହଁ ଲଗାଇବା ସମୟରେ ତାକୁ ଘାଣ୍ଟି ଦେବାଦ୍ୱାରା ବଳଦଙ୍କୁ କୁଣ୍ଡା ଆଦ ଖୁଆଇବା—6. To feed cattle with chaff etc mixed with water from a trough.

**ମୁହାଁଣ୍ଟି(ତି)**—ଦେ. ବ—ଛଣଘରର ଛପରର ତଳକୁ ଲାଗିଥିବା ଗଡ଼ ତଳେ
Muhāñṭi(ti) ବତା ଉପରେ ପ୍ରଥମେ ବନ୍ଧା ଯିବା ଛଣର ଗଡ଼ ବା
[ମୁହାଣ୍ଟି(ନ୍ତି)—ଅନ୍ୟରୂପ] ସ୍ତର—The layer of straw spread over the lowermost rib of the bamboo-frame of a thatched house over which the ordinary layer of straw is spread. [ଦ୍ର—ମୁହାଁଣ୍ଟି ଉପରେ ବତା ପଟ୍ଟ ଯାଇ ସ୍ତରର ବଲମରେ ଘଡ଼ା ଯାଏ ଓ ତାହା ଉପରେ ସ୍ତରର କ୍ରମ ଗଡ଼ର ଛଣ ବନ୍ଧା ଯାଏ ।] ପ୍ରାଦେ. (ଗଞ୍ଜାମ) ଵଣ—ସମ୍ମୁଖରେ ଅବସ୍ଥିତ—Situated or placed in front.

**ମୁହାଁଣ୍ଟି କାମ(ମୁ,ମୋ)ର୍ଡ଼ା**—ଦେ. ବ—ଛଣ ଘରର ଭୂଅମାନଙ୍କ ଶେଷ
Muhañṭi kāma(mu,mo)rdā ବା ତଳର ସନ୍ଧିକଟସ୍ଥ ଶେଷ ଭାଗରେ ବନ୍ଧା ଯିବା ପ୍ରଥମ କାମଡ଼ା—The split bamboo tied to the lower ends of the bamboo-rafters of a thatched house.

**ମୁହାଁ ପିଠା**—ପ୍ରାଦେ. (ଢ଼ିଙ୍କାନାଳ ଓ ଗଡ଼ଜାତ) ବ—ଏଣ୍ଡୁରିପିଠା (ଦେଖ)
Muhāñ pithā Enduripithā (See)

**ମୁହାଁ ମୁହିଁ**—ଦେ.ଵଣ.—(ସ. ମୁଖା ମୁଖି)—ପରସ୍ପରର ସମ୍ମୁଖବର୍ତ୍ତୀ;
Muhāñ muhiñ ସାମନା ସାମନି ପରସ୍ପରକୁ ଦେଖିବା (ବ୍ୟକ୍ତି)—
মুখো মুখি **सामने सामनी** Confronting each other; meeting each other face to face. କ୍ରି. ଵଣ.—ସାମନା ସାମନି ହୋଇଥିବା ପ୍ରକାରେ—Face to face. [ ଉ—ଉଦ୍ଧବଙ୍କ ଦେଖିଲେ ମୁହାଁମୁହିଁ ଅଙ୍ଗଦ ଅଗେ ଛଡ଼ା ହୋଇ ସହଜ କଥା କହେଁ ।—ମାଳବଣ ଦାସ ପିଲଙ୍କ ରାମାୟଣ ।] ବ—୧ । ମୁହାଁଇବା କାର୍ଯ୍ୟ ଅଦ; ମୁହାଁଇବା (ଦେଖ)—Muhañibā (See) ୨ । ଦୁଇଜଣଙ୍କର ସାମନା ସାମନି ଭେଟ—2. A meeting of two persons face to face; encounter of two persons.

**ମୁହାଁ(ହା)ସ**—ଦେ. ବ.—( ସ. ମୋହପାଶ; ତମ୍ଭ ମାୟା+ଅଶା )—
Muhāñ(hā)sa ୧ । ଦାର ପୁତ୍ରାଦଙ୍କ ପ୍ରତି ମାୟା ମମତା—
মায়া মমতা **माया** 1. Attachment towards one's family. [ଉ—ତୁମ୍ଭେ ତାହାଙ୍କୁ ଅନୁରୂପରେ ପ୍ରପୁଷ, ହୋଇଛ ତୁମ୍ଭ ଠାରେ କରବ ମୁହାଁସ । କୃଷ୍ଣସିଂହ ମହାଭାରତ. ବନ ।] ୨ । ବିଷୟାଭିଳାଷ; ବିଷୟାସକ୍ତି; ସଂସାର ମୋହ—2. Attachment towards one's worldly concerns. ୩ । ଅଭିଳାଷ;ଇଚ୍ଛା—3. Wish; desire. [ଉ—ପ୍ରଭୁ ସବୁ ନାଶ୍ରମଣିର ରମଣେ ତରେ ବଳାଏ ମୁହାଁସ—ଦନସୂର୍ଯ୍ୟ. ସଙ୍ଗୀତ ।]

**ମୁହାଣ**—ଦେ. ବ.—(ସ. ମୁଖ)—୧ । ନଦୀ ଯେଉଁଠାରେ ସମୁଦ୍ରରେ
Muhāṇa ବା ଜଳାଶୟରେ ଯାଇଁ ପଡ଼େ; ନଦୀମୁଖ—
মোহানা **मोहाना** The mouth of a river. ୨ ।
বার **आँच** କୌଣସି ଦଗକୁ ଅଗ୍ରସର ହେବା—2. Advancing towards a direction. ୩ । ଚୁଲିରେ ଜାଳ କାଠ ପୁରାଇବାର ଅର୍ଥ—3. The act of putting or thrusting fuel into the oven. (ଯଥା—ଚୁଲିରେ ଜାଳ ମୁହାଣେ ଦେଲେ ଭାତ ଫୁଟିବ ।)

**ମୁହାଣ କମ୍ବିର**—ଦେ. ବ—ସ୍ୱାଧୀନ ଓଡ଼ିଶାର ରାଜାମାନଙ୍କ ଅମଳରେ
Muhāṇa-kimbhira ନଦୀ ମୁହାଣରେ ସମୁଦ୍ର ଉପକୂଳରେ ଥିବା ସାମନ୍ତ ରାଜାମାନଙ୍କୁ ଦଅ ଯାଉଥିବା ଉପାଧି—A title of the vassal-chiefs under the independent sovereigns of ancient Orissa holding dominion over coastal regions where the rivers fall into the sea. [ଦ୍ର—

ଏ ସାମନ୍ତ ରାଜାମାନେ ସମୁଦ୍ର ଉପକୂଳରେ ଯିବା ଆସିବା ବୈଦେଶିକମାନଙ୍କୁ ନଈ ମୁହାଁଣ ପାର ହେବା ପାଇଁ ନୌକା ଆଦିର ସୁବିଧା ଓ ସାହାଯ୍ୟ କରୁଥିଲେ । ବହିଃ ଶତ୍ରୁ ଆକ୍ରମଣରୁ ଦେଶକୁ ରକ୍ଷା କରିବାର ଭାର ଏମାନଙ୍କ ଉପରେ ମଧ୍ୟ ନ୍ୟସ୍ତ ଥିଲା । ସେହି ରାଜାମାନଙ୍କ ଅଧୀନରେ ଏହି ଦୁଇ କାର୍ଯ୍ୟ କରିବା ପାଇଁ ଯେଉଁ ପାଇକମାନେ ନିଯୁକ୍ତ ଥିଲେ ସେମାନେ ଜାଗିର-ସ୍ୱରୂପ ବହୁତ ଭୂସମ୍ପତ୍ତି ଓ ବଣ ଜଙ୍ଗଲ ବୃତ୍ତିରୂପେ ଲାଭ କରୁଥିଲେ । ଦେଶ ମଧ୍ୟରେ ଯୁଦ୍ଧ ହେଲେ ଏହି ମୁହାଁଣକିମ୍ଭୀରମାନେ ନିଜର ନିଜର ଅଧୀନ ପାଇକମାନଙ୍କୁ ସାମନ୍ତ ରାଜାଙ୍କ ନିକଟକୁ ସାହାଯ୍ୟ କରିବା ପାଇଁ ପଠାଉଥିଲେ । ଓଡ଼ିଶାରେ ମୋଗଲ ଓ ମହରଟ୍ଟା ରାଜତ୍ୱ ପରେ ଓଡ଼ିଶା ଉପକୂଳରେ ଏହିପରି ୫୦ ଜଣ ସରଭ ମୁହାଁକିମ୍ଭୀର ସାମନ୍ତ ରାଜା ଥିଲେ । ଏହି ପଚାଶ ଜଣ ମଧ୍ୟରୁ ଆଳି, କୁଜଙ୍ଗ, କନିକା, ହରିଶପୁର, ମରିଚପୁର, ଗୋଲରା ପ୍ରଭୃତି ରାଜ୍ୟର ରାଜାମାନେ ପ୍ରଧାନ ଥିଲେ । କମ୍ବଦନ୍ତୀ ]

ମୁହାଣ ଚୌକିଆ—ଦେ. ବି.—ମୁହାଣକିମ୍ଭୀର (ଦେଖ)
Muhāṇa chaukiā Muhāṇa kimbhīra (See)

ମୁହାଣ ଫିଟା(ଟେ)ଇବା—ଦେ.କ୍ରି—ଜଳାଶୟରୁ ପାଣି ବାହାରି ଯିବାପାଇଁ
Muhāṇa phiṭā(ṭe)ibā ବାଟ ଖୋଲିବା ବା ଫିଟାଇ ଦେବା—
জলযাবার মুখকরা To open a water-outlet from
मुहँ खोलना a tank.

ମୁହାଣ ମୁହିଁ—ଦେ. ବି—ମୁହାଣ; ନଦୀ ଯେଉଁଠାରେ ସମୁଦ୍ରରେ ପଡ଼ି-
Muhāṇa muhĩ ଥାଏ ସେହି ସଂଯୋଗ ସ୍ଥାନ—The place
মোহানা where a river falls in to the sea;
मोहाना river-mouth.

ମୁହାଣି—ଦେ. ବି (ଅନ୍ୟ ସଂଖ୍ୟାବାଚକ ଶବ୍ଦ ସଙ୍ଗେ ଯୁକ୍ତ ହୁଏ, ଯଥା
Muhāṇi ତିନିମୁହାଣି; ଚଉମୁହାଣି )—ନଦୀମୁଖର ଧାରଯୁକ୍ତ
মোহানা मोहाना ସ୍ଥାନ—Deltaic place.

ମୁହିର—ସଂ. ବି. ପୁଂ ( ମୁହ୍ ଧାତୁ=ମୁଗ୍ଧ ହେବା+କରଣ ଇର )—
Muhira ୧ । କନ୍ଦର୍ପ; ମଦନ—1. Cupid. ୨ । ପ୍ରେମ
—2. Love. ୩ । ସ୍ନେହ—3. Attachment.
୪ । ଆକାଂକ୍ଷା—4. Desire. ୫ । ( +କର୍ତ୍ତୃ. ଇର )
ମୂର୍ଖ; ନିର୍ବୋଧ ବ୍ୟକ୍ତି—5. A fool; a dupe; a
simpleton. ୬ । ମେଧାଶୂନ୍ୟ ବ୍ୟକ୍ତି—6.
Blockhead. ବିଣ. ପୁଂ—ନିର୍ବୋଧ; ଜଡ଼ବୁଦ୍ଧି—
(ମୁହିରା—ସ୍ତ୍ରୀ) Foolish; stupid.

ମୁହିଁ—ଦେ. ସର୍ବ (ସଂ. ଅସ୍ମତ୍; ପ୍ରା. ମି; ଅହ୍ମି ) ( ସ୍ଥାନାର୍ଥକ )—
Muhĩ ମୁଁ—I ( used in a sense of one's
আমি, मैं humility or inferiority ).
ପ୍ରାଚୀନ ବଙ୍ଗଳା—ମୁଇଁ

ମୁହିଁବା—ଦେ. କ୍ରି—ମୁହାଁଇବା ( ଦେଖ )—
Muhĩbā Muhāĩbā ( See )
ପ୍ରାଦେ ( ବାଲେଶ୍ୱର ) କ୍ରି—ଗତି କରିବା ( କୌଣସି ଦିଗକୁ )—To proceed in a certain direction.

ମୁହିଁ—ଦେ.ବିଣ. ସ୍ତ୍ରୀ (ଅନ୍ୟ ଶବ୍ଦ ସଙ୍ଗେ ଯୁକ୍ତ ହୁଏ ଯଥା—ସୁନ୍ଦରମୁହିଁ,
Muhĩ ବସନ୍ତମୁହିଁ) ( ସଂ. ମୁଖୀ )—ମୁଖଯୁକ୍ତ—( used in
মুখো (ମୁହାଁ—ପୁଂଲିଙ୍ଗ) compounds ) Faced.
(ଢ଼—ବସନ୍ତମୁହିଁର ଉପମା ଶତ୍ରୁ । କାମକାକର ଛଳ
मुँहवाली ଜାଲଚତ୍ରୁ । ଯଦୁମଣି. ଚିତ୍ରକାବ୍ୟପଦ ! )

ମୁହୁ—ଗ୍ରା. ଅ ( ସଂ. ମୁହୁଃ )—ମୁହୁଃ ( ଦେଖ )—
Muhu Muhuḥ ( See )

ମୁହୁଃ—ସଂ. ଅ—୧ । ବାରମ୍ବାର; ପୁନଃ ପୁନଃ—1. Repeatedly;
Muhuḥ over and over again. ୨ । ଅତ୍ୟନ୍ତ—
2. Very much. ୩ । ତତ୍କ୍ଷଣାତ୍—3. Instantly
୪ । ସଦ୍ୟଃ—4. Recently; afresh.

ମୁହୁଣ୍ଡା—ଦେ. ବି ( ସଂ. ମୁଖ )—ମୁହଁ; ସାମନା ପାଖ—
Muhuṇḍā মুহঁ; মুখ मु(मो)हरा Front side.

ମୁହୁର୍ଭାଷା—ସଂ. ବି—୧ । ପୁନଃ ପୁନଃ କଥନ—1. Repetition.
Muhurbhāshā ୨ । କାବ୍ୟର ଅଳଙ୍କାର ବିଶେଷ—
2. A figure in rhetoric; tautology;

ମୁହୁର୍ମୁହୁ—ଦେ. ଅ ( ସଂ. ମୁହୁର୍ମୁହୁଃ )—ମୁହୁର୍ମୁହୁଃ ( ଦେଖ )
Muhurmuhu Muhurmuhuḥ ( See )
मुहर्मुहु दम बेदम

ମୁହୁର୍ମୁହୁଃ—ସଂ. ଅ—ଘନ ଘନ; ପୁନଃ ପୁନଃ—Repeatedly;
Muhurmuhuḥ over and over again.

ମୁହୁର—ସଂ. ବିଣ. ପୁଂ (ମୁହ୍ ଧାତୁ+ଉର)—ନିର୍ବୋଧ—
Muhura (ମୁହୁରା—ସ୍ତ୍ରୀ) Foolish; stupid.

ମୁହୁରଙ୍ଗ—ଦେ. ବି ( ସଂ. ମଧୁରିକା )—ମହୁରୀ—
Muhuraṅga Pipe.

ମୁହୁରି—ଦେ. ବି ( ସଂ. ମୁଖ )—୧ । ମହୁରି; ପାଣିନଳା—1. A
Muhuri drain. ୨ । ଜଳ ନିଃସରଣ ପଥ—2. An
জলের নালা, মহুরী पैन, नाली; मोरी exit or outlet for
water.

ମୁହୁରୁତ—ଗ୍ରା. ବି ( ସଂ. ମୁହୂର୍ତ୍ତ )—ମୁହୂର୍ତ୍ତ ( ଦେଖ )—
Muhuruta Muhūrttā ( See)
(ମୁହୁର୍ତ—ଅନ୍ୟରୂପ) মুহূর্ত मुहूरत

ମୁହୂର୍ତ୍ତ—ସଂ. ବି ( ମୁର୍ଚ୍ଛ ଧାତୁ=ବକ୍ର ହେବା+କର୍ତ୍ତୃ. ତ )—୧ ।
Muhūrtta ସମସ୍ତ ଦିବାରାତ୍ରିର ୩୦ ଭାଗରୁ ୧ ଭାଗ; ଦ୍ୱାଦଶ
କ୍ଷଣ ପରିମିତ କାଳ; ୨ ଦଣ୍ଡ; ୪୮ ମିନିଟ୍ କାଳ—1. A
space of 48 minutes. ୨ । ଅତି ଅଳ୍ପ କାଳ—
2. A short time; moment. ୩ । ଜ୍ୟୋତିଃ-
ଶାସ୍ତ୍ରଜ୍ଞ ବ୍ୟକ୍ତି ( ପ୍ରକୃତିବାଦ )—3. An astrologer.

ମୁହୂର୍ତ୍ତିକ—ସଂ. ବି ( ମୁହୂର୍ତ୍ତ+ସ୍ୱାର୍ଥେ. କ)—ମୁହୂର୍ତ୍ତ (ଦେଖ )—
Muhūrttaka Muhūrtta ( See ) ଦେ. ବି—
ଏକ ମୁହୂର୍ତ୍ତ ମାତ୍ର କାଳ—One moment only.
[ ଯଥା—ମୋତେ ଏବେ ମୁହୂର୍ତ୍ତିକ ବର୍ଷେ ପରି ଲାଗୁଛି ।)

ମୁହୂର୍ତ୍ତ ମାତ୍ର—ସ. ଅ ( ସ. ମୁହୂର୍ତ୍ତ+ମାତ୍ର )—କ୍ଷଣକାଳ ପାଇଁ—
Muhūrtta mātra For a moment.
ମୁହୂର୍ତ୍ତ ମାତ୍ର मुहूर्त्त मात्र; दमभर

ମୁହେଁ—ଦେ. ବି. (୭ମୀ ବଚନ)—ମୁହଁରେ ( ଦେଖ )
Muheñ Muhañre ( See )
ମୁଖେ मुहँ मे

ମୁହେଁ ମୁହେଁ—ଦେ ଅ—୧ । ସାମନା ସାମନି—1. Face to
Muheñ muheñ face. ୨। କୌଣସି ବ୍ୟକ୍ତିର ସମ୍ମୁଖରେ—
ମୁଖେ ମୁଖେ 2. In front of a person; to one's
मुँहँ पर face.

ମୁହ୍ୟମାନ—ସ.ବି.ପୁଂ.(ମୁହ୍ ଧାତୁ+କର୍ତ୍ତୃ.ଅନ)-୧। ଯାହାର ଚିତ୍ତଧାତୁର
Muhyamāna ବିକୃତି ଘଟୁଅଛି; ମୋହ ପ୍ରାପ୍ତ—1. Infatua-
(ମୁହ୍ୟମାନା—ସ୍ତ୍ରୀ) ted; in a confounded state of mind. ୨ । ଅଚେତ ହୋଇଥିବା; ମୋହ ଯାଇଥିବା—
2. Fainted; swooning.

ମୁହ୍ଲାଜା—ବୈଦେ. ବି. (ଫା. ମୁଲାହିଜା)—ଉପରୋଧ —
Muhlājā Personal consideration; delicacy.
ମୁଲାହିଜା (ଉ—ସେତେବେଳେ ମାଡ଼ ଖାଇ ବସୁଥାନ୍ତି ମୁହ୍ଲାଜାରେ ।
मलाहिजा (ମୁହ୍ଲା[ହ୍ଲେ]ଇଜା—ଅନ୍ୟରୂପ) ଉକାଷ୍ଟ.ଲୋଚ ଉକାଷ୍ଟ ।)

ମୂ (ଧାତୁ)—ସ—ବନ୍ଧନ କରିବା—
Mū (root) To bind.

ମୂ—ସ. ବି (ମୂ ଧାତୁ=ବନ୍ଧନ କରିବା+ଭାବେ. କ୍ୱିପ୍)—ବନ୍ଧନ—
Mū Binding; bond.
[ଦ୍ର—ଏହା ଭାଷାରେ ବ୍ୟବହୃତ ହୁଏ ନାହିଁ ।]

ମୂକ—ସ. ବିଣ. ପୁଂ. (ମୂ ଧାତୁ=ବନ୍ଧନ କରିବା+କର୍ତ୍ତୃ. କ; ଯେ
Mūka ଜନର ବାକ୍ ଶକ୍ତିକୁ ବାନ୍ଧି ଅଛି)—୧ । ବାକ୍ ଶକ୍ତି-
(ମୂକା—ସ୍ତ୍ରୀ) ରହିତ; ବୋବା; ଘୁଙ୍ଗା—1. Dumb. ୨ । ଦରିଦ୍ର-
2. Poor. ୩ । ବିବଶ; ନାଗୁରି; ବେସ୍ତର; ନିରୁପାୟ—
3. Helpless. ବି—୧। (+କର୍ମ)ବି. ମତ୍ସ୍ୟ;ମାଛ—1
Fish. ୨। ଗରିବ ଲୋକ--2.A poor man; a pauper.
୩ । ଦୈତ୍ୟ ବିଶେଷ—3. Name of a demon.
୪ । ନାଗୁରି ବ୍ୟକ୍ତି; ବେସ୍ତର—4. A helpless person

ମୂକତା(ତ୍ୱ)—ସ.ବି. (ମୂକ+ଭାବ ତା; ତ୍ୱ)—୧ । ବାକ୍ଶକ୍ତି ହୀନତା;
Mūkatā(twa) ଘୁଙ୍ଗାପଣ—1. Dumbness. ୨ । ଗରିବତା-
(ମୂକିମା—ଅନ୍ୟରୂପ) 2. Pauperism.

ମୂକ ବଧିର—ସ. ବିଣ. ( ସହଚର )—ମୂକ ଓ ବଧିର; ଘୁଙ୍ଗା ଓ
Mūka badhira କାଲ—Deaf and dumb.

ମୂକ ବଧିର ବିଦ୍ୟାଳୟ—ସ. ବି. (ଆଧୁନିକ ବ୍ୟବହାର)—ମୂକ ଓ
Mūka badhira bidyālaya ବଧିରମାନଙ୍କୁ ଶିକ୍ଷା ଦେବା
ପାଇଁ ପ୍ରତିଷ୍ଠିତ ଅନୁଷ୍ଠାନ ବିଦ୍ୟାଳୟ—(modern) Deaf and dumb school.

ମୂକ ସାକ୍ଷୀ—ସ. ବି. ( କର୍ମଧା; ମୂକ+ସାକ୍ଷୀ )—ବାକ୍ଶକ୍ତି ରହିତ
Mūka sākshī ସାକ୍ଷୀ—Mute witness. (ଯଥା—
ଭୁବନେଶ୍ୱର ଓ କୋଣାର୍କ ମନ୍ଦିରମାନ ଉତ୍କଳୀୟ ଶିଳ୍ପୀମାନଙ୍କ
କଳାନିପୁଣତାର ମୂକ ସାକ୍ଷୀରୂପେ ଦଣ୍ଡାୟମାନ ହୋଇ
ଅଛନ୍ତି ।)

ମୂଢ଼—ସ. ବିଣ. ( ମୁହ୍ ଧାତୁ+କର୍ତ୍ତୃ. ତ )—୧ । ମୁଗ୍ଧ; ମୋହାଚ୍ଛନ୍ନ—
Mūrdha 1. Stupefied; infatuated; bewildered.
(ମୂଢ଼ା—ସ୍ତ୍ରୀ) ୨ । ଭ୍ରାନ୍ତ—2. Fallen into error. ୩ । କାମ
କ୍ରୋଧାଦି ଦ୍ୱାରା ବିବେକ ରହିତ; ମୋହାନ୍ଧ—3. Blinded by passion. ୪ । ଅଜ୍ଞ; ମୂର୍ଖ; ଅଜ୍ଞାନ—
4. Ignorant. ୫ । ଅଧମ; ନିର୍ବୋଧ—5. Foolish; idiotic; stupid. ୬ । ଶୀତଳ—6. Cold ୭ ।
ବାଳକବତ୍ ଜ୍ଞାନହୀନ—7. Childish; childlike.
୮ । ଜଡ଼; ଅଳସ ବା ଜଡ଼ ପ୍ରକୃତିକ—8. Stupid
୯ । ତନ୍ଦ୍ରାଚ୍ଛନ୍ନ; ତନ୍ଦ୍ରିତ—9. Drowsy; sleepy; overtaken by drowsiness. ୧୦ । ଅବ୍ୟାପୃତ—
10. Unengaged; uninitiated. ୧୧ । ନିଶ୍ଚେଷ୍ଟ-
ଜଡ଼—11 Inert. ବି—୧ । ମୂର୍ଖ ଲୋକ—1. A dunce. ୨ । ନିର୍ବୋଧ ବ୍ୟକ୍ତି--2. A fool; a dolt; an idiot. (ଉ—ଗୋଡ଼ାନ୍ତି ଏ ଦଳ ସଙ୍ଗେ ଧନ ଲୋଭି
ମୂଢ଼େ । ରାଧାନାଥ. ମହାଯାତ୍ରା ।)

ମୂଢ଼ ଗର୍ଭ—ସ. ବି. (ବୈଦ୍ୟକ)—୧ । ପ୍ରସବକାଳରେ ଅତି କଷ୍ଟରେ
Mūrdha garbha ସନ୍ତାନର ପ୍ରସବ ହେବା—1. A bad presentation of the child at birth, causing very difficult and painful delivery.
[ଦ୍ର—ସୁଶ୍ରୁତ ମତରେ ଯାନାରୋହଣ, ଅଘାତ ପ୍ରାପ୍ତି,
ଉତ୍ତାନଶୟନ, ମଳ ମୂତ୍ରର ବେଗ ଧାରଣ, ବମନ,
ବିରେଚନ, ରୁକ୍ଷ ଓ କଟୁ ଦ୍ରବ୍ୟ ଭୋଜନାଦି ଯୋଗୁଁ
ଗର୍ଭିଣୀର ଗର୍ଭସ୍ଥ ଭ୍ରୂଣରେ ସ୍ଥିତ ବିଚ୍ଛିନ୍ନ ଯାଏ ଓ ପେଟ,
ବସ୍ତି, ପାର୍ଶ୍ୱଦେଶେ, ପୀଡ଼ା ହୁଏ । ମୂଢ଼ ଗର୍ଭ ୪ ପ୍ରକାର—
୧ । କୀଲ (ଏଥିରେ ଭ୍ରୂଣ ଗୋଟିଏ କୀଲକ ପରି
ଯୋନିମୁଖ ବନ୍ଦ କରି ଦିଏ ।)
୨ । ପ୍ରତି ଖୁର (ଏଥିରେ ଭ୍ରୂଣର ବା ଶିଶୁର ଗୋଟିଏ
ଗୋଡ଼ ଓ ଗୋଟିଏ ହାତ ଓ ମୁଣ୍ଡ ବାହାରି ଆସେ ଓ ଅନ୍ୟ
ଅଂଶ ବାହାରେ ନାହିଁ ।) ୩ । ବୀଜକ (ଗୋଟିଏ ହାତ ଓ
ମୁଣ୍ଡ ବାହାରି ଆସେ ଓ ଅନ୍ୟ ଅଂଶ ବାହାରେ ନାହିଁ ।)
୪ । ପରିଘ (ଭ୍ରୂଣ ଗୋଟିଏ ଦଣ୍ଡ ପରି ପ୍ରସବ ଦ୍ୱାରରେ
ଅଡ଼ ଭାବରେ ଅଟକି ରହେ ।) ମୂଢ଼ଗର୍ଭ ପାଇଁ ଶଲ୍ୟ
ଚିକିତ୍ସା କରାଯାଏ—ଛ. ଶ] ୨ । ଗର୍ଭସ୍ଥ ମୃତ ଶିଶୁ; ମୃତ
ଭ୍ରୂଣ—2. A dead foetus.

ମୂଢ଼ ଚେତାଃ—ସ. ବିଣ. ପୁଂ. ( ବହୁବ୍ରୀହି; ମୂଢ଼+ଚେତସ୍ )—
Murdha chetāh ୧ । ମନ୍ଦମତି; ମୂର୍ଖ—1. Foolish;
ମୂଢ଼ ବୁଦ୍ଧି } ଅନ୍ୟରୂପ stupid. ୨ । ଯାହାର ବୁଦ୍ଧି ଲୋପ
ମୂଢ଼ାତ୍ମା } ଘଟିଅଛି—2. Bewildered; confounded.

ମୂଢ଼ ବାତ—ସ. ବି—କୌଣସି କୋଷ ମଧ୍ୟରେ ଅବଦ୍ଧ ବାୟୁ (ହ୍ର.ଶ)-
Mūrdha bāta Wind imprisoned inside a closed receptacle.

ମୂଢ଼ତା(ତ୍ୱ)—ସ. ବି. ( ମୂଢ଼+ଭାବ. ତା; ତ୍ୱ )—ମୂଢ଼ ଭାବ; ଜଡ଼ତା, Mūrdhatā(twa) ମୂର୍ଖତା—Stupidity; ignorance; stupefaction; bewilderment; folly; idiocy.

ମୂତ—ସ. ବିଣ. (ମୂ ଧାତୁ+କର୍ମ. ତ)—ବନ୍ଧ—Bound.
Mūta ସ. ବି—ବନ୍ଧନ—Bond. ଦେ. ବି. (ସ. ମୂତ୍ର)—
ମୂତ ମୂତ ପ୍ରସ୍ରାବ; ମୂତ ଇତ୍ୟାଦି (ଦେଖ) Muta etc. (See)

ମୂତା(ତେ)ଇବା (ଇତ୍ୟାଦି)—ଦେ. କ୍ରି. (ସ. ମୂତ୍ର)—
Mūtā(te)ibā (etc) ମୂତାଇବା ଇତ୍ୟାଦି ( ଦେଖ ) Mūtāibā etc. ( See )

ମୂତିବା (ଇତ୍ୟାଦି)—ଦେ. କ୍ରି. (ସ. ମୂତ୍ର ଧାତୁ)—
Mūtibā (etc) ମୂତିବା ଇତ୍ୟାଦି ( ଦେଖ ) Mutibā etc. ( See )

ମୂତୁରା(ରି) (ଇତ୍ୟାଦି)—ଦେ. ବିଣ—ମୂତୁରା ଇତ୍ୟାଦି ( ଦେଖ )
Mūturā(ri) (etc) Muturā etc. ( See )

ମୂତ୍ର (ଧାତୁ)—ସ—ପ୍ରସ୍ରାବ କରିବା—To pass urine; to
Mūtra (root) make water; to piss.

ମୂତ୍ର—ସ. ବି. ( ମୂତ୍ର ଧାତୁ +କର୍ମ ଅ )—ପ୍ରସ୍ରାବ; ମୂତ; ପରସ୍ରା—
Mūtra Urine. [ଦ୍ର—ଏହା ମଳର ତରଳିସ୍ଥ ଅଂଶ; ଭୁକ୍ତ ଦ୍ରବ୍ୟ ପରିପାକ ହେବା ପରେ ତହିଁର ସାରାଂଶ ରକ୍ତ ରୂପେ ରହେ ଓ ସାରଶୂନ୍ୟ ଅଂଶ ମଳ ରୂପେ ପ୍ରବାହିତ ହୋଇ ତହିଁରୁ ମୂତ୍ରାଂଶ ମୂତ୍ରନାଳୀ ଦ୍ୱାରା ମୂତ୍ରାଶୟରୁ ଯାଇ ସେଠାରୁ ପ୍ରସ୍ରାବଦ୍ୱାର ବାଟେ ବାହାରେ ।]

ମୂତ୍ର କାରକ—ସ. ବିଣ—ଯେଉଁ ଔଷଧ ଦ୍ୱାରା ମୂତ୍ରର ପରିମାଣ ବୃଦ୍ଧି
Mūtra kāraka ହୁଏ—Diuretic; increasing the
(ମୂତ୍ରକାରୀ—ଅନ୍ୟରୂପ) secretion of urine.

ମୂତ୍ର କୁଣ୍ଡ—ସ. ବି—ଯେଉଁ କୁଣ୍ଡ ମଧ୍ୟରେ ଲୋକେ ପ୍ରସ୍ରାବ କରନ୍ତି—
Mūtra kunda Urinal; piss pot.

ମୂତ୍ର କୃ(କୁ)ଚ୍ଛ—ଗ୍ରା. ବି. (ସ. ମୂତ୍ର କୃଚ୍ଛ୍ର)—ମୂତ୍ର କୃଚ୍ଛ୍ର (ଦେଖ )
Mūtra kṛu(ku)chchha Mūtra kṛuchchhra
मूत्रकिच्छ मूत्रकिच्छ (See)

ମୂତ୍ର କୃଚ୍ଛ୍ର—ସ. ବି. (ବୈଦ୍ୟକ; ମୂତ୍ର+କୃଚ୍ଛ୍ର=ଯନ୍ତ୍ରଣା; ବହୁବ୍ରୀହି)—
Mūtra kṛuchchhra ୧ । ରୋଗ ବିଶେଷ;କଷ୍ଟ ସହିତ ମୂତ୍ରତ୍ୟାଗ—1. Urinary affectation; dysuria. [ଦ୍ର—ମୂତ୍ରକୃଚ୍ଛ୍ର ରୋଗରେ ପରସ୍ରା ବହୁ କଷ୍ଟରେ ଓ ଅଳ୍ପ ଅଳ୍ପ କରି ବାହାରେ । ବୈଦ୍ୟକ ଶାସ୍ତ୍ର ମତରେ ମୂତ୍ର କୃଚ୍ଛ୍ର ୮ ପ୍ରକାର । ବାତଜ, ପିତ୍ତଜ, କଫଜ, ସାନ୍ନିପାତିକ, ଶଲ୍ୟଜ, ପୁରୀଷଜ, ଶୁକ୍ରଜ ଓ ଅଶ୍ମରୀଜ । ବାତଜରେ ଲିଙ୍ଗରେ ଓ ବସ୍ତିରେ ଗୁରୁ ପୀଡ଼ା ହୁଏ ଓ ଅଳ୍ପ ଅଳ୍ପ ମୂତ୍ର ବାହାରେ । ପିତ୍ତଜରେ ପ୍ରସ୍ରାବ ଜ୍ୱାଳା ହୁଏ ଓ ପ୍ରସ୍ରାବ ହଳଦିଆ ବା ନାଲି ହୁଏ । କଫଜରେ ବସ୍ତି ଓ ଲିଙ୍ଗ ଫୁଲେ ଓ ପ୍ରସ୍ରାବ ଫେନମୟ ହୁଏ । ସାନ୍ନିପାତିକରେ ଏ ସବୁ ଲକ୍ଷଣ ଥାଏ ଓ ଏହା କଷ୍ଟସାଧ୍ୟ । ମୂତ୍ର ନାଳୀରେ କଣ୍ଟା ଆଦି ଶଲ୍ୟ ଯାଇ ଘାଆ ହେଲେ ତାହା ଶଲ୍ୟଜ ଅଟେ ଓ ସେଥିରେ ବାତଜ ମୂତ୍ରକୃଚ୍ଛ୍ରର ଲକ୍ଷଣମାନ ଦେଖାଯାଏ । ପୁରୀଷଜରେ ମଳରୋଧ ହୁଏ ଓ ପ୍ରସ୍ରାବ ଅଳ୍ପ ଅଳ୍ପ କରି ବାହାରେ । ଶୁକ୍ରଜ ଶୁକ୍ରଦୋଷରୁ ହୁଏ ଓ ପ୍ରସ୍ରାବ ସଙ୍ଗେ ଶୁକ୍ର ମିଶିଥାଏ ଓ ପ୍ରସ୍ରାବ କରିବା ସମୟରେ ପୀଡ଼ା ହୁଏ । ମୂତ୍ରାଶୟରେ ପଥର ଜନ୍ମିଲେ ଅଶ୍ମରୀଜ ହୁଏ ଓ ପ୍ରସ୍ରାବ କରିବାକୁ କଷ୍ଟ ହୁଏ । ଶର୍କରାଜ ମୂତ୍ରକୃଚ୍ଛ୍ର ଅଶ୍ମରୀଜର ପ୍ରକାରଭେଦ ଅଟେ—ହ୍ର. ଶ]

ମୂତ୍ର କୋଷ—ସ. ବି. (୬ଷ୍ଠୀ ତତ୍)—ମୂତ୍ରାଶୟ—
Mūtra kosha Bladder; kidney.

ମୂତ୍ର କ୍ଷୟ—ସ. ବି. ( ବୈଦ୍ୟକ; ୬ଷ୍ଠୀ ତତ୍ )—ମୂତ୍ରରୋଧ ରୋଗ
Mūtra kshaya ବିଶେଷ; ମୂତ୍ରାଘାତର ପ୍ରକାର ବିଶେଷ—A disease in which there is excess of urea in the blood.

ମୂତ୍ର ଗ୍ରନ୍ଥି—ସ. ବି. ( ବୈଦ୍ୟକ )—୧ । ମୂତ୍ରାଶୟର ଉପରେ ଥିବା
Mūtra granthi ଗଣ୍ଠି—1. A knot or obstruction at the neck of the bladder; kidney nephros. ୨ । ମୂତ୍ରାଘାତ ରୋଗର ପ୍ରକାର ଭେଦ (ହ୍ର. ଶ)—2. A kind of obstruction of urine.

ମୂତ୍ର ଗ୍ରନ୍ଥି କୃମି ପୀଡ଼ା—ସ. ବି. ( ଆଧୁନିକ )—ମୂତ୍ର ଗ୍ରନ୍ଥିରେ କୃମି
Mūtra granthi krumi pirdā ହେବାରୁ ଜନ୍ମିତ ପୀଡ଼ା-Nephrelenintic due to the presence of worms in the kidney.

ମୂତ୍ର ଗ୍ରନ୍ଥି ବେଦନା—ସ. ବି. (ଆଧୁନିକ)—ମୂତ୍ରାଶୟର ରୋଗ ବିଶେଷ
Mūtra granthi bedanā —Nephralgia.

ମୂତ୍ର ଗ୍ରହ—ସ. ବି—ଘୋଡ଼ାର ମୂତ୍ରରୋଗ ବିଶେଷ—
Mūtra graba A urinary disease of horses.
[ଦ୍ର—ଏ ରୋଗରେ ଘୋଡ଼ାମାନଙ୍କର ଅଳ୍ପ ଅଳ୍ପ ଫେନିଳ ମୂତ୍ର ନିର୍ଗତ ହୁଏ—ଅଶ୍ୱକୋଷ ।]

ମୂତ୍ର ଜଠର—ସ. ବି—ମୂତ୍ରାଘାତ ରୋଗ ବିଶେଷ—A kind of
Mūtra jathara suppression of urine.

ମୂତ୍ର ତ୍ୟାଗ—ସ. ବି—ପ୍ରସ୍ରାବ କରିବା; ମୂତିବା—Uresis; emic-
Mūtra tyāga tion; micturition; discharge of urine.

ମୂତ୍ର ଦଶକ—ସ. ବି. (ବୈଦ୍ୟକ)—ହାତୀ, ମେଣ୍ଢା, ଓଟ, ଗାଈ, ଛେଳି,
Mūtra daśaka ଘୋଡ଼ା, ମଇଁଷି, ଗଧ, ମନୁଷ୍ୟ ଓ ସ୍ତ୍ରୀ, ଏହି ଦଶ ପ୍ରକାର ଜୀବଙ୍କ ମୂତ୍ରର ସମୂହ—A collection the urines of 10 animals (elephant, ram, camel, cow, goat, horse, buffalo, ass man and woman).

ମୂତ୍ର ଦାହ—ସ. ବି—ପ୍ରସ୍ରାବ ପୋଡ଼ା—A burning sensation
Mūtra dāha in the urethra accompanied with
(ମୂତ୍ରଦାହ—ଅନ୍ୟରୂପ) painful micturition.
[ଦ୍ର—ଏହା ଏକ ପ୍ରକାର ମୂତ୍ରକୃଚ୍ଛ୍ର ରୋଗ ।]

ମୂତ୍ର ଦୋଷ—ସଂ. ବି ( ବହୁବ୍ରୀହି )—୧ । ମେହରୋଗ; ଧାତୁ ପଡ଼ିବା—
Mūtra dosha 1. Gonorrhoea. ୨ । ମୂତ୍ରରୋଗ—
2. Urinary disease. ୩ । ମୂତ୍ରକୃଚ୍ଛ୍ର ରୋଗ—
3 Suppression of urine.

ମୂତ୍ରଦ୍ୱାର—ସଂ. ବି—୧ । ମୂତ୍ରନାଳୀ ( ଦେଖ )—1. Mūtranāḻi
Mūtradwāra ( See ) ୨ । ମୂତ୍ରରନ୍ଧ୍ର ( ଦେଖ )—
2. Mūtrarandhra ( See )

ମୂତ୍ରନାଳୀ—ସଂ. ବି—ମୂତ୍ରାଶୟରୁ ପଦାକୁ ପ୍ରସ୍ରାବ ଆସିବାର ବାଟ; ଶରୀ-
Mūtranāḻi ରର ମୂତ୍ରନିର୍ଗମନ ନଳ—The urinary
( ମୂତ୍ର ଧାରଣ ପ୍ରଣାଳୀ—ଅନ୍ୟରୂପ ) passage; urethra.

ମୂତ୍ର ନିକ୍ଷେପାସ୍ତ୍ର—ସଂ. ବି—ପ୍ରସ୍ରାବ ରୋଧ ହେଲେ ମୂତ୍ର ନିଃସାରଣାର୍ଥ
Mūtra nikshepāstr ମୂତ୍ରାଶୟ ପର୍ଯ୍ୟନ୍ତ ପ୍ରବେଶ କରାଇବା
ଶଲ୍ୟାସ୍ତ୍ର—The catheter; an instrument to
draw off urine from the kidney.

ମୂତ୍ର ନିବାରକ—ସଂ. ବିଣ—ଯେଉଁ ଦ୍ରବ୍ୟ ସେବନ ବା ପ୍ରୟୋଗଦ୍ୱାରା
Mūtra nibāraka ମୂତ୍ରର ପରିମାଣ ବା ପ୍ରବାହ କମିଯାଏ—
Anti-diuretic ( article ).

ମୂତ୍ର ନିରୋଧ—ସଂ. ବି—ମୂତ୍ରାଘାତ; ପ୍ରସ୍ରାବ ବନ୍ଦ ହେବା ରୋଗବିଶେଷ—
Mūtra nirodha Obstruction of urine.
( ମୂତ୍ରରୋଧ—ଅନ୍ୟରୂପ )

ମୂତ୍ର ନିରୋଧନ—ସଂ. ବି ( ୬ଷ୍ଠୀ ତତ୍ )—ପ୍ରସ୍ରାବ ଲାଗିବା ବେଳେ
Mūtra nirodhana ପ୍ରସ୍ରାବ ନ କରିବା—Not making
(ମୂତ୍ରରୋଧନ—ଅନ୍ୟରୂପ) water when one feels a
tendency to do so.

ମୂତ୍ର ପଞ୍ଚକ—ସଂ. ବି (୬ଷ୍ଠୀ ତତ୍)—ବୈଦ୍ୟଶାସ୍ତ୍ରୋକ୍ତ ୫ଟି ଜୀବଙ୍କ ମୂତ୍ର,
Mūtra pañchaka ଗାଈ, ମାଈ ଛେଳି, ମେଣ୍ଢା, ମାଈ ମଇଁଷି
ଓ ମାଈ ଗଧର ମୂତ୍ର ( ରାଜନିର୍ଘଣ୍ଟ )—The urine of
5. female beasts used for medicinal
purposes.

ମୂତ୍ର ପତନ—ସଂ. ବି—୧ । ( ପୁରୀଷ ନିରୋଧ କାରଣରୁ ଏହାର ସତତ
Mūtra patana ମୂତ୍ର ପତନ ହୁଏ—ଶବ୍ଦକୋଷ ) ଗନ୍ଧମାର୍ଜାର;
ଶାଳିଆପତନୀ ( ରାଜନିର୍ଘଣ୍ଟ )—1. The musk cat.
୨ । ଚୁଚୁନ୍ଦ୍ରା—2. The mole. ୩ । ମୂତ୍ରଦ୍ୱାରରୁ
ପ୍ରସ୍ରାବ ବାହାରିବା—3. Micturition.

ମୂତ୍ର ପଥ—ସଂ. ବି—ମୂତ୍ରନାଳୀ ( ଦେଖ )
Mūtra patha Mūtranāḻi ( See )

ମୂତ୍ର ପରୀକ୍ଷା—ସଂ. ବି—ରୋଗ ନିର୍ଣ୍ଣୟାର୍ଥ ରୋଗୀର ମୂତ୍ରର ଓ ରୋଗର
Mūtra parikshā ଲକ୍ଷଣମାନ ବିଜ୍ଞାନ ସାହାଯ୍ୟରେ ନିର୍ଣ୍ଣୟ
କରିବା ପାଇଁ ମୂତ୍ରକୁ ଦେଖିବା—Scientific medical
examination of the urine.

ମୂତ୍ର ପାତ୍ର—ସଂ. ବି—ଯେଉଁ ପାତ୍ରରେ ପ୍ରସ୍ରାବ କରାଯାଏ—
Mūtra pātra (ମୂତ୍ରଭାଣ୍ଡ—ଅନ୍ୟରୂପ) A urinal.

ମୂତ୍ର ପିଣ୍ଡ—ସଂ. ବି—ମୂତ୍ରାଶୟ—
Mūtra pinda Kidney.

ମୂତ୍ର ପୁଟ—ସଂ. ବି—୧ । ନାଭିର ଅଧୋଭାଗ; ତଳପେଟ—1. The
Mūtra puṭa part below the navel; abdomen.
୨ । ମୂତ୍ରାଶୟ—2. The bladder.

ମୂତ୍ର ପୁରୀଷ—ସଂ. ବି ( ଦ୍ୱନ୍ଦ୍ୱ )—ମୂତ୍ର ଓ ଗୁହ—Night-soil
Mūtra purisha and urine; faecus and urine.

ମୂତ୍ର ପ୍ରଣାଳୀ—ସଂ. ବି—ମୂତ୍ରନାଳୀ—Urethra; urethral canal.
Mūtra praṇāḻi ( ମୂତ୍ରବାହକପ୍ରଣାଳୀ—ଅନ୍ୟରୂପ)

ମୂତ୍ର ପ୍ରଦାହ—ସଂ. ବି—ମୂତ୍ରଦାହ ( ଦେଖ ).
Mūtra pradāha Mūtradāha ( See )

ମୂତ୍ର ପ୍ରସେକ—ସଂ. ବି—ମୂତ୍ରନାଳୀ—
Mūtra praseka Urethra.

ମୂତ୍ର ଫଳା—ସଂ. ବି ( ଏହା ମୂତ୍ରବର୍ଦ୍ଧକ ଥିବାରୁ )—ଶଶା; କର୍କଟୀ
Mūtra phaḻā କାକୁଡ଼ି—Cucumber.

ମୂତ୍ର ବର୍ଦ୍ଧକ—ସଂ. ବିଣ—ପ୍ରସ୍ରାବ ବୃଦ୍ଧିକାରୀ (ଔଷଧ)—
Mūtra barddhaka Diuretic; uretic.

ମୂତ୍ରବାହ—ସଂ. ବିଣ ( ମୂତ୍ର+ବହ୍ ଧାତୁ+କର୍ତ୍ତୃ. ଅ )—ଯାହା ମୂତ୍ରକୁ
Mūtrabāha ମୂତ୍ରାଶୟରୁ ବୋହିଅଣେ—Carrying urine
from the kidney.

ମୂତ୍ର ବିଜ୍ଞାନ—ସଂ. ବି—୧ । ମୂତ୍ର ପରୀକ୍ଷା ସମ୍ବନ୍ଧୀୟ ଆୟୁର୍ବେଦୀୟ ଗ୍ରନ୍ଥ-
Mūtra bijñāna ବିଶେଷ—1. Name of a Sanscrit
treatise on the examination of urine.
[ ଦ୍ର—ଏହା ଜାତୁକର୍ଣ୍ଣ ଋଷିଙ୍କ ପ୍ରଣୀତ; ଏଥିରେ ମୂତ୍ର
ପରୀକ୍ଷା କରିବାର ନାନା ପ୍ରଣାଳୀ ବର୍ଣ୍ଣିତ ହୋଇଅଛି ;
ଚରକ, ସୁଶ୍ରୁତ ଆଦିରେ ଏ ବିଷୟର ବିଶେଷ ଆଲୋଚନା
ହୋଇ ନାହିଁ—ହି. ଶ । ] ୨ । ଯେଉଁ ଜ୍ଞାନ ବା
ବିଦ୍ୟାବଳରେ ମୂତ୍ରର ନାନାଭେଦ, ମୂତ୍ରର ଦୋଷାଦୋ-
ଓ ମୂତ୍ର ପରୀକ୍ଷା ଆଦି ମୂତ୍ର ବିଷୟକ ଜ୍ଞାତବ୍ୟ ବିଷୟ ଜଣା-
ଯାଏ—2. The science of examining the
urine.

ମୂତ୍ରବୃଦ୍ଧି—ସଂ. ବି (୬ଷ୍ଠୀ ତତ୍)—ପ୍ରସାବର ଆଧିକ୍ୟ—
Mūtrabṛuddhi Copious flow of urine; diuresis.

ମୂତ୍ର ବେଗ—ସଂ. ବି ( ୬ଷ୍ଠୀ ତତ୍ )—ମୂତ ମାଡ଼ିବା—
Mūtra bega A tendency to pass urine.

ମୂତ୍ର ମାର୍ଗ—ସଂ. ବି—ମୂତ୍ରନାଳୀ ( ଦେଖ )
Mūtra mārga Mūtranāḻi ( See )

ମୂତ୍ର ରନ୍ଧ୍ର—ସଂ. ବି—୧ । ଯେଉଁ ଛିଦ୍ର ବାଟେ ପ୍ରସ୍ରାବ ପଦାକୁ ବାହାରେ—
Mūtra randhra 1. The urethral orifice. ୨। ରୋଗ-
ବିଶେଷ ଯୋଗୁଁ ପ୍ରସ୍ରାବ ନଳର ବହିଃସ୍ଥ ଅଗ୍ର ରନ୍ଧ୍ର ବନ୍ଦ
ହୋଇ ଅନ୍ୟ ସ୍ଥାନରେ ହେବା ରନ୍ଧ୍ର—2. Epispadiac.

ମୂତ୍ର ରୋଧ—ସଂ. ବି ( ୬ଷ୍ଠୀ ତତ୍ )—ରୋଗବିଶେଷ; (ଏହାଦ୍ୱାରା ମୂତ୍ର
Mūtra rodha ବନ୍ଦ ହୋଇଥାଏ)—Obstruction of
urine; strangury.

ମୂତ୍ର ରୋଧକ—ସଂ. ବି ( ୬ଷ୍ଠୀ ତତ୍ )—ମୂତ୍ରନିରୋଧକ ( ଦେଖ ).
Mūtra roddhaka Mūtranirodhaka (See )

ମୂତ୍ରଳ—ସ. ବଣ ( ମୂତ୍ର+ଳ )—ମୂତ୍ରବର୍ଦ୍ଧକ ( ଦେଖ )—Mūtra
Mūtrala barddhaka (See) ସ. ଲ—୧ । ରଙ୍ଗ; ସୀସା—1. Tin ୨ । ଦୁର୍ବପୁଷ (ଶବ୍ଦକୋଷ)—2. Cucumber.

ମୂତ୍ରଳା—ସ. ସ୍ତ୍ରୀ ( ମୂତ୍ର+ବହୁଳାର୍ଥେ. ଳ+ଅ )—କାକୁଡ—
Mūtralā Cucumber. [ ଦ୍ର—ଏହାକୁ ଖାଇଲେ ପ୍ରସ୍ରାବ ବୃଦ୍ଧି ହୁଏ । ] ସ. ବଣ. ସ୍ତ୍ରୀ—ମୂତ୍ରଳର ସ୍ତ୍ରୀଲିଙ୍ଗ—Feminine of Mūtrala.

ମୂତ୍ର ଶୁକ୍ର—ସ. ବି—ରୋଗବିଶେଷ; ମୂତ୍ର ସଙ୍ଗେ ଶୁକ୍ରପତନ ( ଯହିଁରେ
Mūtra śukra ଚାଉଳଗୋଳା ପାଣି ପରି ପରିସ୍ରା ହୁଏ ଓ ପ୍ରସ୍ରାବକୁ ବହୁକ୍ଷଣ ପାତ୍ରରେ ରଖି ଦେଲେ ଧଳା ଚୂର୍ଣ୍ଣମୟସ୍ତର ପାତ୍ର ତଳେ ବସିଯାଏ ( ମୂତ୍ରାଘାତ ରୋଗର ପ୍ରକାରବିଶେଷ—Milky urine (a disease)

ମୂତ୍ରସଙ୍ଗ—ସ. ବି—ମୂତ୍ରରୋଧ—
Mūtrasanga Urinary obstruction.

ମୂତ୍ରସ୍ଥଳୀ—ସ. ବି—ମୂତ୍ରାଶୟ—The urinary bladder;
Mūtrasthali Vesica Urinaria.

ମୂତ୍ରାଘାତ—ସ. ବି ( ମୂତ୍ର+ଅଘାତ=ଅବରୋଧ; ବହୁବ୍ରୀହି )—ରୋଗ-
Mūtrāghāta ବିଶେଷ; ମୂତ୍ରରୋଧକ ରୋଗ ବିଶେଷ—The obstruction of urine. [ ଦ୍ର—ବୈଦ୍ୟକରେ ୧୨ ପ୍ରକାର ମୂତ୍ରାଘାତର ଉଲ୍ଲେଖ ଅଛି—

୧ । ବାତକୁଣ୍ଡଳୀ—ବାୟୁ କୁପିତ ହୋଇ ବସ୍ତିଦେଶରେ କୁଣ୍ଡଳୀ ଆକାରରେ ଅଟକି ପ୍ରସ୍ରାବକୁ ଅଟକାଏ ।

୨ । ବାତଷ୍ଠୀଲା—ବାୟୁ ଗୋଲାକାର ଗଣ୍ଠି ପରି ବସ୍ତି ଦେଶରେ ରହି ପ୍ରସ୍ରାବକୁ ଅଟକାଇ ଦିଏ ।

୩ । ବାତବସ୍ତି—ମୂତ୍ରବେଗ ସହ ବସ୍ତିର ବାୟୁ ବସ୍ତି ମୁଖକୁ ରୁଦ୍ଧ କରେ ।

୪ । ମୂତ୍ରାତୀତ—ବାରମ୍ବାର ଅଳ୍ପ ଅଳ୍ପ ପ୍ରସ୍ରାବ ହୁଏ ।

୫ । ମୂତ୍ରଜଠର—ମୂତ୍ରର ପ୍ରବାହ ଅଟକି ଯିବାରୁ କୁପିତ ଅଧୋବାୟୁ ନାଭିର ତଳରେ ପୀଡ଼ା ଉତ୍ପାଦନ କରେ ।

୬ । ମୂତ୍ରୋତ୍ସଙ୍ଗ—ବାୟୁର ଆଧିକ୍ୟରୁ କେତେବେଳେ ପ୍ରସ୍ରାବ ବାହାରି ଅଟକି ଯାଏ, ପୁଣି କେତେବେଳେ ଖୁବ୍ ଜୋରରେ ରକ୍ତ ମିଶ୍ରିତ ହୋଇ ବାହାରେ ।

୭ । ମୂତ୍ରକ୍ଷୟ—ମୂତ୍ର ଶୁଖିଯାଇ ମୂତ୍ରମାର୍ଗ ଜଳା ପୋଡ଼ା କରେ ।

୮ । ମୂତ୍ରଗ୍ରନ୍ଥି—ବସ୍ତିର ମୁହଁଦ୍ୱାରରେ ପଥର ପରି ଗ୍ରନ୍ଥି ଉତ୍ପନ୍ନ ହୋଇ ପ୍ରସ୍ରାବ କରିବାକୁ କଷ୍ଟ ହୁଏ ।

୯ । ମୂତ୍ରଶୁକ୍ର—ମୂତ୍ର ସଙ୍ଗେ ବା ପୂର୍ବରୁ ବା ପରେ ଶୁକ୍ର ବାହାରେ ହୁଏ ।

୧୦ । ଉଷ୍ଣବାତ—ଅଧିକ ବ୍ୟାୟାମ ବା ଖରାରେ ଗମନ କରିବା ଯୋଗୁଁ ପ୍ରସ୍ରାବନାଳୀରେ ଦାହ ହୁଏ ଓ ହଳଦିଆ ବା ରକ୍ତମିଶା ପ୍ରସ୍ରାବ ହୁଏ ।

୧୧ । ପିତ୍ତଜ ମୂତ୍ରୌକସାଦ—ପ୍ରସ୍ରାବ ପୋଡ଼ା ଓ ଗାଢ଼ ମୂତ୍ର ହୁଏ ଓ ପ୍ରସ୍ରାବ ଶୁଖି ଗଲେ ଗୋରୋଚନାର ଚୂନା ପରି ଦେଖାଯାଏ ।

୧୨ । କଫଜ ମୂତ୍ରୌକସାଦ—ବହୁ କଷ୍ଟରେ ସଫେଦ ମୂତ୍ର ବାହାରେ]—

ମୂତ୍ରାତୀତ—ସ. ବି—ମୂତ୍ରାଘାତ ରୋଗ ବିଶେଷ—
Mūtrātīta A kind of obstruction of urine.

ମୂତ୍ରାଧାର—ସ. ବି ( ୬ଷ୍ଠୀ ତତ୍; ମୂତ୍ର+ଆଧାର )—ମୂତ୍ରାଶୟ—
Mūtrādhāra The urinary bladder.

ମୂତ୍ରାଧିକ୍ୟ ରୋଗ—ସ. ବି—ବହୁମୂତ୍ର ରୋଗ—
Mūtrādhikya roga Diabetes.

ମୂତ୍ରାନୁବନ୍ଧ—ସ. ବି—୧ । ମୂତ୍ରକୃଚ୍ଛ୍ର ( ଦେଖ )—1. Mutra-
Mūtrānubandha kruchchhra ( See ) ୨ । ପ୍ରସ୍ରାବ-ପୋଡ଼ା—2. Difficulty accompanied with pain and burning sensation in passing urine drop by drop; painful and scanty micturition.

ମୂତ୍ରାମ୍ଳ—ସ. ବି (ଆଧୁନିକ ପ୍ରୟୋଗ)—ମୂତ୍ରର ଅମ୍ଳରସ ବିଶେଷ—
Mūtrāmla Uric acid; lithic acid.

ମୂତ୍ରାଶୟ—ସ. ବି ( ମୂତ୍ର+ଆଶୟ=ଆଧାର )—ମୂତ୍ରସ୍ଥଳୀ—The
Mūtrāśaya urinary bladder; Vesica Urinaria. [ ଦ୍ର—ଏହା ପେଟ ଭିତରେ ନାଭିର ତଳଦେଶରେ ଅବସ୍ଥିତ । ଏଥିରେ ମୂତ୍ର ସଞ୍ଚିତ ହୁଏ ଓ ଏଥିରୁ ମୂତ୍ରନାଳୀ ବାଟେ ପ୍ରସ୍ରାବ ବାହାରେ ।]

ମୂତ୍ରାଶୟାଶ୍ମ—ସ. ବି (ଆଧୁନିକ ପ୍ରୟୋଗ)—ଅଶ୍ମରୀ ବା ପଥୁରିଆ ରୋଗ
Mūtrāśayāśma Stone in the bladder; Cystolithos.

ମୂତ୍ରାଷ୍ଟକ—ସ. ବି ( ୬ଷ୍ଠୀ ତତ୍ )—ଆୟୁର୍ବେଦୋକ୍ତ ଆଠ ଗୋଟି
Mūtrāshṭaka ନିର୍ଦ୍ଦିଷ୍ଟ ପ୍ରାଣୀଙ୍କ ମୂତ୍ର [ ଯଥା—ଗୋରୁ, ଛେଳି, ମେଣ୍ଢା, ମଇଁଷି, ଗଧ, ଓଟ, ଘୋଡ଼ା ଓ ହାତୀର ମୂତ୍ର ( ବୈଦ୍ୟକ ପରିଭାଷା ପ୍ରକରଣ ) ]—The urine of 8 particular animals used for medicine.

ମୂତ୍ରାସାଦ—ସ. ବି—ମୂତ୍ରାଘାତ ରୋଗ ବିଶେଷ—
Mūtrāsāda A kind of obstruction of urine.
(ମୂତ୍ରୌକସାଦ—ଅନ୍ୟରୂପ) (ମୂତ୍ରାଘାତ ତଳେ ଟୀକା ଦେଖ)

ମୂତ୍ରିକା—ସ. ବି—ସଲକୀ ବୃକ୍ଷ (ହ୍ରୂ. ଶ)—
Mūtrika Boswellia Serrata (tree)

ମୂତ୍ରିତ—ସ. ବଣ. ପୁଂ—(ମୂତ୍ର+ସଞ୍ଜାତାର୍ଥେ. ଇତ)—କୃତ ମୂତ୍ରୋତ୍ସର୍ଗ;
Mūtrita ମୀଢ଼ (ଶବ୍ଦକୋଷ)—(One) Who has passed urine.
(ମୂତ୍ରିତା—ସ୍ତ୍ରୀ)

ମୂତ୍ରୋତ୍ପାଦକ—ସ. ବି—ମୂତ୍ରବର୍ଦ୍ଧକ (ଦେଖ)
Mūtrotpādaka Mūtrabarddhaka (See)

ମୂତ୍ରୋତ୍ସଙ୍ଗ—ସ. ବି—ମୂତ୍ରାଘାତ ରୋଗ ବିଶେଷ—
Mūtrotsanga A kind of obstruction of urine.

ମୂତ୍ରୋତ୍ସର୍ଗ—ସ. ବି—(୬ଷ୍ଠୀ ତତ୍)—ପ୍ରସ୍ରାବ କରିବା; ମୁତିବା—
Mūtrotsarga Emiction; micturition; passing water.
(ମୂତ୍ରୋତ୍ସାରଣ—ଅନ୍ୟରୂପ)

ମୂତ୍ରୋଷ୍ଣତା—ସଂ. ବି—ପିତ୍ତଜନିତ ମୂତ୍ରରୋଗଭେଦ (ଶବ୍ଦକୋଷ)—
Mūtroshṇatā A kind of bilious urinary desease.

ମୂତ୍ର୍ୟ—ସଂ. ବିଣ—(ମୂତ୍ର+ଯ)—ମୂତ୍ର ସମ୍ବନ୍ଧୀୟ (ଶବ୍ଦକୋଷ)—
Mūtrya Relating to urine; urinary.

ମୂର (ଇତ୍ୟାଦି)—ଗ୍ରା (ଇତର) ବି—(ସଂ. ମୂଳର ଳ ସ୍ଥାନରେ ର ଉଚ୍ଚାରଣ; ଭୁଲ ଦ୍ର. ମୁର)—ମୂଳ ଇତ୍ୟାଦି (ଦେଖ)—Mūla etc (See)
Mūra (etc)

ମୂର(ରୁ)ତି—ଗ୍ରା. ବି (ପଦ୍ୟ)—ମୂର୍ତ୍ତି (ଦେଖ)—Mūrtti (See)
Mūra(ru)ti [ଉ—ବହୁ ଏ ମୂରତିର କର୍ମାଶିଳ୍ପ । ଅଭିମନ୍ୟୁ. ସଦଂଶରଚିନ୍ତାମଣି । ]
ମୂରতি मूरत(ति)

ମୂର(ରୁ)ତି ବ(ମ)ନ୍ତ—ଗ୍ରା.ବିଣ (ସଂ. ମୂର୍ତ୍ତିମାନ୍)—ମୂର୍ତ୍ତିମାନ୍—
Mūra(ru)ti ba(ma)nta मूरतिवंत Corporeal.

ମୂର(ରୁ)ଧନା (ଇତ୍ୟାଦି)—ଗ୍ରା. ବି (ସଂ. ମୂର୍ଦ୍ଧନ)—ମୂର୍ଦ୍ଧନା ଇତ୍ୟାଦି
Mūra(ru)dhanā(etc) (ଦେଖ)—Mūrddhanā etc.(See)
ମূরধনা मूरधा

ମୂର(ରୁ)ଧନୀ—ଗ୍ରା. ବି (ସଂ. ମୂର୍ଦ୍ଧନ୍)—ମୁଣ୍ଡ; ମସ୍ତକ—The
Mūra(ru)dhani head. [ଉ—ମୁକୁଟ କୁଣ୍ଡଳ ସହିତେ ମୁର୍ଦ୍ଧନା କାଟିଲେ ବୀରପାଶର ମୂରଧନୀ । ବିଶ୍ୱନାଥ. ବଡ଼ଚମ୍ପୂ
मुँड, सिर ସମାପ୍ତ । ] ଦେ. ବିଣ—୧ । ବଡ଼—1. Big, great. ୨ । ଶ୍ରେଷ୍ଠ; ପ୍ରଧାନ - 2. Chiet principal.

ମୂରା (ଇତ୍ୟାଦି)—ଗ୍ରା. (ଇତର) ବି (ଇତର ଲୋକଙ୍କର ଳ ସ୍ଥାନରେ
Mūrā (etc) ର ଉଚ୍ଚାରଣ )—ମୂଳା ଇତ୍ୟାଦି (ଦେଖ)—
Mūlā etc (See)

ମୂରୁଖ—ଗ୍ରା. ବିଣ ଓ ବି (ପଦ୍ୟ)—ମୂର୍ଖ (ଦେଖ)-Mūrkha (See)
Mūrukha [ଉ—ପଣ୍ଡାରେ ଲଭେ ବସ୍ତୁ ଦୁଃଖ, ଏ ଭାବ ନ ଜାଣେ
·[ମୂର୍ଖପଣ—ବିଶେଷ] ମୂରୁଖ । ଜଗନ୍ନାଥ. ଭାଗବତ । ]
মূরখ मुरख

ମୂରୁଛା—ଗ୍ରା. ବି (ସଂ. ମୂର୍ଚ୍ଛା)—୧ । ମୂର୍ଚ୍ଛା (ଦେଖ) ୨ । ମୂରୁଛିବା
Mūruchchhā मर्छा मूरछा कर्म—2. Giving up.

ମୂରୁଛିତ—ଦେ. ବିଣ (ପଦ୍ୟ)—ମୂର୍ଚ୍ଛିତ (ଦେଖ)—Mūrchchhita
Mūruchhita (See) [ଉ—ବାଣ ତେଜରାରେ ରହସୁର ମୂରୁଛିତ
মূরছিত मुर्छित ଉକ୍ତ. ବୈଦେହୀଶବିଳାସ । ]

ମୂରୁଛିବା—ଦେ. କ୍ରି. (ପଦ୍ୟ)—ମୁରୁଛିବା (ଦେଖ)—Muruchibā
Mūruchhibā (See)· [ଉ—ଜୀବନ ମୂରୁଛି ରଣେ ନାଶିବା ଅସିଦ୍ଧ । ମଧୁସୂଦନ. ଛନ୍ଦମାଳା । ]

ମୂର୍ଖ—ସଂ. ବିଣ (ମୁହ୍ ଧାତୁ=ମୁଗ୍ଧ ହେବା+କର୍ତ୍ତୃ. ଖ; ଉଣାଦିକ)—
Mūrkha ୧ । ମୂଢ଼; ଅଜ୍ଞାନ; ଅବୋଧ—1. Silly; foolish; stupid. ୨ । ବିଦ୍ୟାଶୂନ୍ୟ—2.Illiterate.୩। ଅଜ୍ଞ—3. Ignorant. ୪ । ଗାୟତ୍ରୀରହିତ ( ବ୍ରାହ୍ମଣ )—4. ( a Brāhmaṇa ) Who has forsaken Gāyatrī. ବି—୧ । ଅବୋଧ ବ୍ୟକ୍ତି—1. Foolish person;an idiot; a fool. ୨। ବିଦ୍ୟାହୀନ ବ୍ୟକ୍ତି—2. Illiterate person. ୩ । ଅଜ୍ଞ ବ୍ୟକ୍ତି—3. Ignorant person. ୪। ଗାୟତ୍ରୀରହିତ ବ୍ରାହ୍ମଣ—4. A Brāhmaṇa who does not practise Gāyatrī. ୫ । ମାଷ (ଶବ୍ଦକୋଷ)—5. Phaseolus Radiatus. ୬। ବନ୍ୟମୁଗ ( ହିକାଣ୍ଡକୋଷ )—6. Wild Muga.

ମୂର୍ଖତା(ତ୍ୱ)—ସଂ. ବି (ମୂର୍ଖ+ଭାବ. ତା, ତ୍ୱ)—ଅଜ୍ଞତା—
Mūrkhatā(twa) 1. Ignorance. ୨ । ଅବୋଧତା—2. Foolishnes; folly; stupidity.

ମୂର୍ଖତା ପ୍ରକାଶ କରିବା—ଦେ. କ୍ରି—ନିଜର ଅଜ୍ଞତା ଦେଖାଇବା—
Mūrkhatā prakāsa karibā To betray one's
মূর্খতা প্রকাশ করা मूर्खता प्रकाश करना ignorance or folly.

ମୂର୍ଖପଣ—ଦେ. ବି—ମୂର୍ଖତା; ମୂର୍ଖାମି—Folly; ignorance.
Mūrkhapaṇa মূর্খপনা
मुर्खपना (ମୂର୍ଖ+ପଣିଆ[ଥ]—ଅନ୍ୟରୂପ)

ମୂର୍ଖପୁତ୍ର—ସଂ. ବି (କର୍ମଧା)—ବିଦ୍ୟାହୀନ ସନ୍ତାନ—
Mūrkhputra An illiterate son.

ମୂର୍ଖମଣ୍ଡଳ(ଳୀ)—ସଂ. ବି (୬ଷ୍ଠୀ ତତ୍)—ମୂର୍ଖମାନଙ୍କର ସଭା—
Mūrkha maṇḍaḷa(ḷi) An assembly of fools.

ମୂର୍ଖାଣ୍ଡି(ଣ୍ଟି)—ଦେ. ବି—୧ । ମୂର୍ଖତା—1.Ignorance. ୨ । ମୂର୍ଖ
Mūrkhāndi(nti) ବ୍ୟକ୍ତି କରିବା କାମ—2. Act befit-
(ମୂର୍ଖାମି—ବଙ୍ଗାନୁକାରୀ ଅକାର) ting a dunce. ଦେ. ବିଣ—
মূর্খামি मूर्खता ମୂର୍ଖାଣ୍ଡିଆ ( ଦେଖ )—Mūrkhāṇḍia (See).

ମୂର୍ଖାଣ୍ଡି(ଣ୍ଟି)ଆ—ଦେ. ବିଣ—୧ । ମୂର୍ଖର ଉପଯୁକ୍ତ (କାର୍ଯ୍ୟ ବା କଥା)
Mūrkhāṇḍi(nti)ā 1. Befitting a fool or idiot.
মূকখু मुर्खताकि ୨ । ଅବିବେକିଆ (କାମ)—2. Foolish(act).

ମୂର୍ଖିମା—ସଂ. ବି—(ମୂର୍ଖ+ଭାବାର୍ଥେ ଇମନ୍; ୧ମା. ୧ବ)—ମୂର୍ଖତା
Mūrkhimā (ହି. ଶ. ଶବ୍ଦକୋଷ)—Ignorance; folly; stupidity.

ମୂର୍ଚ୍ଛ (ଧାତୁ)—ସଂ.—ମୋହପ୍ରାପ୍ତ ହେବା—
Mūrchchh (root) To faint.

ମୂର୍ଚ୍ଛନ—ସଂ. ବି.—(ମୂର୍ଚ୍ଛ ଧାତୁ+ଭାବ. ଅନ)—୧ । ଚୈତନ୍ୟଲୋପ;
Mūrchchhana ଚେତନାର ନାଶ—1. Swooning;fainting; syncope. ୨ । (ବୈଦ୍ୟକ) ଔଷଧର ସଂସ୍କାରବିଶେଷ; କାଥ ଉପରେ ବସିଥିବା ସମୟରେ ତୈଳାଦିରେ ରସାଦି ଯୋଗକରଣ; ପ୍ରକ୍ଷେପଣ; ଔଷଧାଦିର ଶୋଧନ—2. Purification of a medicinal preparation by pouring juice into it while it is on the fire. ୩ । (ବୈଦ୍ୟକ) ଗନ୍ଧକର ସହିତ ପାରଦର ସମ୍ମିଳନ—3. Calcining mercury with sulphur. ୪ । ଫସାରିବା; ଛୁଙ୍କ ଦେବା—4. Flavouring curry with boiling oil

and spices. ୫ । ମିଶ୍ରଣ—5. Mixing. ୬ । ସାକ୍ଷାତ୍କରଣ—6. Interviewing. ୭ । ପ୍ରତିଫଳନ—7. Reflection. ୮ । କୌଣସି ବ୍ୟକ୍ତିର ମୂର୍ଚ୍ଛା ଅନୁକୂଳ (ହି. ଶ)—8. Causing swoon. ୯ । ମୂର୍ଚ୍ଛିତ କରିବା ମନ୍ତ୍ର ଯନ୍ତ୍ର—9. Charm for causing swoon. ୧୦ । କାମଦେବଙ୍କ ବାଣବିଶେଷ (ହି. ଶ)—10. Name of one of the arrows of god Cupid.

ମୂର୍ଚ୍ଛନା—ସ. ବି—(ମୂର୍ଚ୍ଛ୍ ଧାତୁ+ଅନ+ଆ)—୧ । ସଙ୍ଗୀତରେ Mūrchchhanā ସପ୍ତସ୍ୱରର ଆରୋହ ଅବରୋହ ବିଶେଷ—ସ୍ୱରଗ୍ରାମ (ସା, ରେ, ଗା, ମା, ପା, ଧା, ନି) ର ପ୍ରତ୍ୟେକ ସ୍ୱରରୁ ତାହାର ଉଚ୍ଚ ବା ଖାଦ ଅଷ୍ଟମ ପର୍ଯ୍ୟନ୍ତ ସମସ୍ତ ସ୍ୱରର ଆରୋହଣ ଓ ଅବରୋହଣ [ଦ୍ର—"ସଙ୍ଗୀତ ଦାମୋଦର" ମତରେ ୩ ସ୍ୱରଗ୍ରାମର ମୂର୍ଚ୍ଛନା ୨୧ ଟି; ଅର୍ଥାତ୍ ପ୍ରତ୍ୟେକ ସ୍ୱରଗ୍ରାମର ୭ଟି ମୂର୍ଚ୍ଛନା । ମତାନ୍ତରରେ ସମସ୍ତ ମୂର୍ଚ୍ଛନାର ସଂଖ୍ୟା ୧୮୦ ।] 1. Modulations of voice while ascending or descending the scales of the gamut; duly regulated rise and fall of tone in singing. [ ଉ—ପୋଛି ଘଣାନ୍ତେ ବୀଣା, ଗାଅନ୍ତେ ପୁଣି ମୂର୍ଚ୍ଛନା ସାଧୋଇବ ବେଗେ କରୁଣୀ । ରାଧାନାଥ—ମେଘଦୂତ ।] ୨ । (ଭରତମୁନିଙ୍କ ମତରେ) ଗାନ ବା ବାଦନକାଳରେ କଣ୍ଠର ବା ହସ୍ତର କମ୍ପନ—2. Trembling of the voice and the hands during singing and music. ୩ । (ହନୁମାନଙ୍କ ମତରେ) 'ସା' ଠାରୁ ରି, ଗା, ମା ଆଦି ସ୍ୱର ବୃଦ୍ଧି ସମୟରେ ସେହିଁଠାରେ ବିରାମ ଘଟେ—3 A semi-tone between two tones of the gamut. ୪ । ମୂର୍ଚ୍ଛନ (ଦେଖ)—4. Mūrchchhana (See)

ମୂର୍ଚ୍ଛା—ସ. ବି—(ମୂର୍ଚ୍ଛ ଧାତୁ+ଭାବ. ଅ+ଆ)—୧ । ଅଚୈତନ୍ୟ; Mūrchchhā ମୋହ; ଚୈତନ୍ୟଲୋପ ରୋଗ—1. Fainting fit; syncope; swoon; hysteria. [ଦ୍ର—ବୈଦ୍ୟଶାସ୍ତ୍ର ମତରେ ଏହା ବାୟୁରୋଗ । ଏଥିରେ ରୋଗୀ ସୁଖଦୁଃଖାଦିର ଅନୁଭବଶକ୍ତିରହିତ ହୋଇ କାଷ୍ଠାଦି ପରି ଅଚେତନ ଅବସ୍ଥାରେ ଭୂମିରେ ପଡ଼ି ଯାଏ ।] ୨ । ବିସ୍ତାର; ବ୍ୟାପ୍ତି—2. Extension. ୩ । ବୃଦ୍ଧି—3. Increase. ୪ । ଔଷଧାଦିର ମୂର୍ଚ୍ଛନା—4. Purification of medicinal oil by adding certain juices over fire. ୫ । ପ୍ରତିଫଳନ—5. Reflection. ୬ । (ସ୍ୱରଗ୍ରାମର) ମୂର୍ଚ୍ଛନା ୧।୨।୩ (ଦେଖ)—6. Mūrchchhanā 1, 2, 3 (See)

ମୂର୍ଚ୍ଛାଗତ—ତ. ବଣ. ପୁଂ—(୨ୟା ତତ୍)—ମୂର୍ଚ୍ଛିତ; ମୋହପ୍ରାପ୍ତ—Mūrchchhāgata Fainted; fallen into a swoon. (ମୂର୍ଚ୍ଛାଗତା—ସ୍ତ୍ରୀ)

ମୂର୍ଚ୍ଛାପନ୍ନ—ସ. ବଣ. ପୁଂ—(୨ୟା ତତ୍)—ମୂର୍ଚ୍ଛିତ—Fainted. Mūrchchhāpanna (ମୂର୍ଚ୍ଛାପନ୍ନା—ସ୍ତ୍ରୀ)

ମୂର୍ଚ୍ଛାପାକ—ସ. ବି (ବୈଦ୍ୟକ)—କବିରାଜୀ ତେଲ ପାକ ହେବା Mūrchchhā pāka ସମୟରେ ସେଥିରେ ରସପ୍ରୟୋଗ—Infusion of some juice into oil when it is over fire. [ ଦ୍ର—ଏହା ଦୁଇ ପ୍ରକାରର, ସୋରିଷ ତେଲର ମୂର୍ଚ୍ଛାପାକ, ପୁଣି ତେଲର ମୂର୍ଚ୍ଛାପାକ ]

ମୂର୍ଚ୍ଛାବାୟୁ—ସଂ. ବି—ମୃଗୀ ରୋଗ; ବାୟୁଜନିତ ମୂର୍ଚ୍ଛା; ବାତ ମାରିବା; Mūrchchhā bāyu ଅପାର ଛାଟ ମାରିବା—Hysteria; epilepsy.

ମୂର୍ଚ୍ଛାଭଙ୍ଗ—ସଂ. ବି—(୬ଷ୍ଠୀ ତତ୍)—୧ । ମୂର୍ଚ୍ଛାର ଅବସାନ; ମୂର୍ଚ୍ଛା Mūrchchhā bhanga ପରେ ସଜ୍ଞାଲାଭ—Recovery of the senses after the swoon, regaining of senses after fainting.

ମୂର୍ଚ୍ଛାଯିବା—ଦେ. କ୍ରି—ମୂର୍ଚ୍ଛିତ ହେବା—To faint; to swoon Mūrchchhā jiba away; to fall into a swoon. (ମୂର୍ଚ୍ଛା ହେବା—ଅନ୍ୟରୂପ)

ମୂର୍ଛା ଯାଓୟା; মূর্চ্ছা হওয়া मूर्च्छा जाना

ମୂର୍ଚ୍ଛାଳ(ଳୁ)—ସଂ. ବଣ—(ମୂର୍ଚ୍ଛା+ଲ+ଅଳୁ)—ମୂର୍ଚ୍ଛିତ (୧) (ଦେଖ) Mūrchchhāḷa(ḷu) মূর্চ্ছিত 1. Mūrchchhita 1 (See) मूर्च्छित मूर्च्छालु ୨ । ମୂର୍ଚ୍ଛାରୋଗଗ୍ରସ୍ତ—2. Epileptic.

ମୂର୍ଚ୍ଛିତ—ସଂ. ବଣ. ପୁଂ—(ମୂର୍ଚ୍ଛା+ସଂଜାତାର୍ଥେ ଇତ; କିମ୍ବା ମୂର୍ଚ୍ଛ ଧାତୁ Mūrchchhita +କର୍ମ. ତ)—୧ । ମୂର୍ଚ୍ଛାପ୍ରାପ୍ତ; ବେହୋସ (ମୂର୍ଚ୍ଛିତା—ସ୍ତ୍ରୀ) ହୋଇଥିବା—1. Fainted. ୨ । ବର୍ଦ୍ଧିତ; ପ୍ରବୃଦ୍ଧ—2. Increased. ୩ । ବିସ୍ତୃତ; ବ୍ୟାପ୍ତ—3. Extended; spread. [ଉ—ମଦବୃଦ୍ଧିର ମଥିତ ହୃଦ, ମୂର୍ଚ୍ଛିତ ମନୋଭବ ଅମୋଦ--ବିବସୁର୍ଯ୍ୟ. କବିଶେଖର ଭଞ୍ଜ, 'ମ' ଗୀତ ।] ୪ । (ସଙ୍ଗୀତ) ମୂର୍ଚ୍ଛନାପ୍ରାପ୍ତ—4. Modulated. ୫ । (ବୈଦ୍ୟକ) ମୂର୍ଚ୍ଛନାପ୍ରାପ୍ତ—5. Mixed with juice etc (said of medicinal oils)

ମୂର୍ଚ୍ଛିବା—ଦେ. କ୍ରି—(ସଂ. ମୂର୍ଚ୍ଛ୍ ଧାତୁ—ମୁରୁଛିବା (ଦେଖ) Mūrchchhibā ত্যাগ করা Muruchhibā (See) त्यागना तेजना

ମୂର୍ତ୍ତ—ସଂ. ବଣ—(ମୂର୍ଚ୍ଛ ଧାତୁ+କର୍ତ୍ତୃ. ତ; ନିପାତନ)—୧ । ମୂର୍ତ୍ତିମାନ୍; Mūrtta ସାକାର—1. Having shape. ୨ । ଯେ ରୂପ [ମୂର୍ତ୍ତିତା(ତ୍ତ୍ୱ)—ବିଶେଷ୍ୟ] ଧରି ଥାଏ; ରୂପଧାରୀ—2. Incarnate; embodied. ୩ । ମୂର୍ଚ୍ଛିତ—3. Fainted. ୪ । କଠିନ—4. Solid. ୫ । ବାସ୍ତବ—5 Material; real. ବି—୧ । (ନ୍ୟାୟ ଶାସ୍ତ୍ର—କ୍ଷିତି, ଅପ୍, ତେଜ, ବାୟୁ ଓ ମନ—1 (Nyāya Philosophy) The earth, the water, the fire, the wind, and the human mind. [ ଦ୍ର—ଏମାନଙ୍କ ଗୁଣ, ରୂପ, ରସ, ଗନ୍ଧ, ସ୍ପର୍ଶ, ପରତ୍ୱ, ଅପରତ୍ୱ, ଗୁରୁତ୍ୱ, ସ୍ନେହ ଓ ବେଗ—ହି. ଶ ।] ୨ । କାନନ; ବନ—2. Forest.

ମୂର୍ତ୍ତି—ସଂ. ବି—(ମୂର୍ଚ୍ଛ୍ ଧାତୁ+କର୍ତ୍ତୃ. ତି; କ୍ରପାତନ)—୧ । ଆକାର;
Mūrtti ଆକୃତି—1. Form, shape. ୨ । ରୂପ—2. Figure. ୩ । ପିତୁଳା; ବିଗ୍ରହ; ସ୍ୱରୂପ; ପ୍ରତିମା—3. Image, statue. ୪ । କାୟା—4. Body. ୫ । ପ୍ରକାଶିତ କାୟା ବା ଶରୀର—5. Embodiment. ୬ । ଦେବତାଙ୍କ ଅବତାର—6. Incarnation of a deity. ୭ । ଦେବପ୍ରତିମା—7. Idol. ୮ । ଅବୟବ; ଅଙ୍ଗ—8. Limbs. ୯ । ( +ଭାବ. ତି ) କାଠିନ୍ୟ—9. Solidity; hardness. ୧୦ । ଦ୍ରବ୍ୟ; ପଦାର୍ଥ—10. Material thing. ଦେ. ବି—୧ ।
मूर्ति (ମାନ୍ୟାର୍ଥକ) ବୈଷ୍ଣବ ଓ ବ୍ରାହ୍ମଣମାନଙ୍କ ସଂଖ୍ୟା ବା ଜଣ—1.
मूरत; मूर्त्ति Number of Brāhmaṇas or Baishṇabas ( ଯଥା—ଆଜ ମୋ କୁଟୀରରେ ୪ ମୂର୍ତ୍ତି ବ୍ରାହ୍ମଣ ଭୋଜନ କଲେ । ) ୨ । ବସ୍ତ୍ର ବା ଶାଢ଼ୀର ଖଣ୍ଡ—2. Piece of cloth. ( ଯଥା—ମୁଁ ବନ୍ଧୁଙ୍କ ଘରକୁ ତିନି ମୂର୍ତ୍ତି ଶାଢ଼ୀ ବେଭାର ପଠାଇଲି । ) [ ଦ୍ର—ଏହାର ଅପଭ୍ରଂଶ ମୁରତି, ମୁରୁତି, ମୁର୍ତ୍ତି । ]

ମୂର୍ତ୍ତିକାର—ସଂ. ବି. ପୁଂ ( ମୂର୍ତ୍ତି+କୃ ଧାତୁ+କର୍ତ୍ତୃ. ଅ )—ମୂର୍ତ୍ତି
Mūrttikāra ନିର୍ମାଣ କରିବା ବ୍ୟକ୍ତି—Sculptor.

ମୂର୍ତ୍ତି(ର୍ତ୍ତି)କିଆ(ୟା)—ଦେ. ବି—ମୁରୁତିକିଆ ( ଦେଖ )—
Mūrtti(rti)kiā(yā) Murutikiā ( See )
अशौच ବିଣ—ଏକମୂର୍ତ୍ତିବିଶିଷ୍ଟ—Having one piece.
मरणाशौच; सूतका

ମୂର୍ତ୍ତି ଚିତ୍ର—ସଂ. ବି ( ୬ଷ୍ଠୀ ତତ୍ )—କୌଣସି ବସ୍ତୁର ବା ବ୍ୟକ୍ତିର
Mūrtti chitra ଆକୃତି ଅନୁରୂପ ଚିତ୍ର—An image or likeness of a person or thing.

ମୂର୍ତ୍ତି ଚିତ୍ରଣ—ସଂ. ବି ( ୬ଷ୍ଠୀ ତତ୍ )—ରୂପ ବା ଚିତ୍ର ଅଙ୍କିବା—
Mūrtti chitraṇa Drawing of a figure.

ମୂର୍ତ୍ତି ଧରିବା—ଦେ. କ୍ରି ( ସଂ. ମୂର୍ତ୍ତି+ଧୃ ଧାତୁ )—କୌଣସି ଗୋଟିଏ
Mūrtti dharibā ରୂପ ଧରିବା; ଗୋଟିଏ ରୂପରେ ଦେଖାଯିବା
(ମୂର୍ତ୍ତି ଧାରଣ କରିବା—ଅନ୍ୟରୂପ) —To take or assume
मूर्ति धरा; मूर्ति धारण करा a shape or form.
मूरती लेना

ମୂର୍ତ୍ତି ଧାରଣ—ସଂ. ବି ( ୬ଷ୍ଠୀ ତତ୍ )—ଗୋଟିଏ ରୂପ ଗ୍ରହଣ କରିବା;
Mūrtti dhāraṇa ରୂପ ଧରିବା—Assumption of a shape; embodiment; incarnation.

ମୂର୍ତ୍ତିଧାରୀ—ସଂ. ବିଣ. ପୁଂ ( ମୂର୍ତ୍ତି+ଧୃ ଧାତୁ+କର୍ତ୍ତୃ. ଇନ୍; ୧ମା.
Mūrttidhārī ୧ବ )—ଯେ ରୂପ ଧରିଥାଏ—Assuming
(ମୂର୍ତ୍ତିଧର—ଅନ୍ୟରୂପ) a concrete shape or form;
(ମୂର୍ତ୍ତି ଧାରଣୀ—ସ୍ତ୍ରୀ) incarnate. [ ଦ୍ର—ଧାର୍ମିକ ବ୍ୟକ୍ତି ମୂର୍ତ୍ତିଧାରୀ ଧର୍ମରୂପେ ପୃଥିବୀରେ ଶୋଭା ପାଏ । ]

ମୂର୍ତ୍ତିପ—ସଂ. ବି. ପୁଂ ( ମୂର୍ତ୍ତି+ପା ଧାତୁ+କର୍ତ୍ତୃ. ଅ )—ପୂଜାହାରୀ;
Mūrttipa ଦେବମୂର୍ତ୍ତିପୂଜକ—Worshipper of an idol.
(ମୂର୍ତ୍ତିପା—ସ୍ତ୍ରୀ)

ମୂର୍ତ୍ତି ପରିଗ୍ରହ—ସଂ. ବି ( ୬ଷ୍ଠୀ ତତ୍ )—ରୂପ ଧରିବା; ଦେହଧାରଣ
Mūrtti parigraha —Assumption of a shape.

ମୂର୍ତ୍ତି ପୂଜକ—ସଂ. ବି ଓ ବିଣ. ପୁଂ ( ଉପପଦ )—୧ । ଯେ ମୂର୍ତ୍ତି
Mūrtti pūjaka ପୂଜା କରେ—1. Worshipping an image. ୨ । ପୌତ୍ତଳିକ; ପ୍ରତିମାପୂଜକ—2. Image-worshipper; idol-worshipper.

ମୂର୍ତ୍ତି ପୂଜା—ସଂ. ବି ( ୬ଷ୍ଠୀ ତତ୍ )—ପ୍ରତିମା ପୂଜା; ନିରାକାର ଈଶ୍ୱରଙ୍କ
Mūrtti pūjā ସାକାର ପ୍ରତିମାରୂପେ ପୂଜା କରିବା; ସାକାର ଉପାସନା—Idol-worship

ମୂର୍ତ୍ତି ପ୍ରକାଶ—ସଂ. ବି ( ୬ଷ୍ଠୀ ତତ୍ )—ରୂପ ଦେଖାଇବା—
Mūrtti prakāśa Appearing in some form or shape.

ମୂର୍ତ୍ତି ବିଦ୍ୟା—ସଂ. ବି—୧ । ପ୍ରତିମା ଆଦି ଗଢ଼ିବାର କଳା—
Mūrtti bidyā Sculpture. ୨ । ଚିତ୍ରାଙ୍କନ ବିଦ୍ୟା—
(ମୂର୍ତ୍ତି ବିଜ୍ଞାନ, ମୂର୍ତ୍ତି ଶାସ୍ତ୍ର—ଅନ୍ୟରୂପ) 2. The art of drawing.

ମୂର୍ତ୍ତି ମନ୍ତ—ଦେ. ବିଣ ( ସଂ. ମୂର୍ତ୍ତିମତ୍ )—ମୂର୍ତ୍ତିମାନ୍ ( ଦେଖ )—
Mūrtti manta Mūrttimān ( See )
(ମୂର୍ତ୍ତିବନ୍ତ—ଗ୍ରାମ୍ୟରୂପ) मूर्त्तिमन्त मूर्त्तिमत

ମୂର୍ତ୍ତିମାନ୍—ସଂ. ବିଣ. ପୁଂ ( ମୂର୍ତ୍ତି+ମତ୍; ଅସ୍ତ୍ୟର୍ଥେ=ମୂର୍ତ୍ତିମତ୍
Murttimān ୧ମା. ୧ବ )—୧ । ସାକାର; ରୂପବିଶିଷ୍ଟ—
(ମୂର୍ତ୍ତିମତୀ—ସ୍ତ୍ରୀ) 1. Having a visible shape or form. ୨ । ବାସ୍ତବ—2. Material, concrete. ୩ । ଶରୀରଧାରୀ—3. Corporeal; embodied. ୪ । ସ୍ୱଶରୀରରେ ଆବିର୍ଭୂତ—4. Appearing in one's own or real form. ୫ । କଠିନ; ଘନ—5. Hard; solid. ସଂ. ବି—ଶରୀର—Body.

ମୂର୍ତ୍ତିଯୁକ୍ତ—ସଂ. ବିଣ. ପୁଂ ( ୩ୟା ତତ୍ )—ଯାହାର ରୂପ ଅଛି—
Mūrttijukta Having a shape or form; possessed
(ମୂର୍ତ୍ତିବିଶିଷ୍ଟ—ଅନ୍ୟରୂପ) of a shape.

ମୂର୍ତ୍ତିହୀନ—ସଂ. ବିଣ ( ୩ୟା ତତ୍ )—୧ । ନିରାକାର—1.
Murttihīna Formless. ୨ । ଅଶରୀରୀ—2. Incorporeal, shapeless. ୩ । ( ଅଧୁନିକ ଜଡ଼ ବିଜ୍ଞାନ ) କୌଣସି ବିଶିଷ୍ଟ ଆକୃତି ଶୂନ୍ୟ—3. Amorphous; having no fixed form ( in crystallo graphy );

ମୂର୍ତ୍ତ୍ୟନ୍ତର—ସଂ. ବି ( ଅନ୍ୟ+ମୂର୍ତ୍ତି; ତତ୍ପୁରୁଷ )—୧ । ଅନ୍ୟ ମୂର୍ତ୍ତି;
Mūrttyantara ଆଉ ଗୋଟିଏ ରୂପ 1. Another form or shape. ୨ । ପୃଥକ୍ ରୂପ—2. A different shape or form.

ମୂର୍ତ୍ତ୍ୟନ୍ତର ଗ୍ରହଣ—ସଂ. ବି (୬ଷ୍ଠୀ ତତ୍)—ଅନ୍ୟରୂପ ଧାରଣ—
Mūrttyantara grahaṇa The assuming of another shape.
(ମୂର୍ତ୍ତ୍ୟନ୍ତର ଧାରଣ, ମୂର୍ତ୍ତ୍ୟନ୍ତର ପରିଗ୍ରହ—ଅନ୍ୟରୂପ)
ମୂର୍ତ୍ତ୍ୟନ୍ତରଗ୍ରାହୀ, ମୂର୍ତ୍ତ୍ୟନ୍ତରଧାରୀ, ମୂର୍ତ୍ତ୍ୟନ୍ତର ପରିଗ୍ରାହୀ } ବିଣ. ପୁଂ; ମୂର୍ତ୍ତ୍ୟନ୍ତରଗ୍ରାହିଣୀ, ମୂର୍ତ୍ତ୍ୟନ୍ତରଧାରିଣୀ, ମୂର୍ତ୍ତ୍ୟନ୍ତରପରିଗ୍ରାହିଣୀ } ବିଣ.ସ୍ତ୍ରୀ

ମୂର୍ଦ୍ଧକ—ସଂ. ବି (ମୂର୍ଦ୍ଧନ୍+ଅଭିଷିକ୍ତ ଅର୍ଥରେ କ; ରାଜା; ଏହି ବର୍ଣ୍ଣର Mūrddhaka ବ୍ୟକ୍ତିମାନେ ରାଜାରୂପେ ମୂର୍ଦ୍ଧାଭିଷିକ୍ତ ହୁଅନ୍ତି)—ହିନ୍ଦୁମାନଙ୍କ ମଧ୍ୟରେ ଦ୍ୱିତୀୟ ବା କ୍ଷତ୍ରିୟ ବର୍ଣ୍ଣ—The hereditary caste of warriors amongst the Hindus; the Kshatriya caste.

ମୂର୍ଦ୍ଧକର୍ଣ୍ଣୀ—ସଂ. ବି (ମୂର୍ଦ୍ଧନ୍=ମସ୍ତକ+କର୍ଣ୍ଣ+ଇନ୍, ୧ମା. ୧ବ)—Mūrddhakarṇṇī ୧। ଆତପତ୍ର; ଛତା—1. Umbrella; parasol. ୨। ବର୍ଷା ବର୍ଷାରୁ ରକ୍ଷା ପାଇବା ପାଇଁ ଲୋକଙ୍କ ମୁଣ୍ଡରେ ଘୋଡ଼ାଇବା ଟୋପର, ଝାମ୍ପି—2. An inverted basket or wicker-work hat used to protect the head from rain and sun.

ମୂର୍ଦ୍ଧକର୍ପରୀ—ସଂ. ବି (ମୂର୍ଦ୍ଧନ୍=ମସ୍ତକ+କର୍ପର=ବ୍ୟଞ୍ଜନ ବିଶେଷ+ Mūrddha karparī ସ୍ତ୍ରୀ. ଈ)—ମୂର୍ଦ୍ଧକର୍ଣ୍ଣୀ (ଦେଖ)—Mūrddhakarṇṇī (See)

ମୂର୍ଦ୍ଧଖୋଲ—ସଂ. ବି (ମୂର୍ଦ୍ଧନ୍=ମସ୍ତକ+ଖୋଲ=ଟୋପର)—Mūrddha khoḷa ମୂର୍ଦ୍ଧକର୍ଣ୍ଣୀ (ଦେଖ)—Mūrddha karṇṇī (See)

ମୂର୍ଦ୍ଧଗତ—ସଂ. ବିଣ (୨ୟା ତତ୍; ମୂର୍ଦ୍ଧନ୍+ଗତ)—ମସ୍ତିଷ୍କ ମଧ୍ୟକୁ Mūrddha gata ଯାଇଥିବା; ମସ୍ତିଷ୍କସ୍ଥ—Gone inside the brain or head.

ମୂର୍ଦ୍ଧଜ—ସଂ. ବିଣ (ମୂର୍ଦ୍ଧନ୍+ଜନ୍ ଧାତୁ+କର୍ତ୍ତୃ. ଅ)—ମସ୍ତକରେ Mūrddhaja ଜାତ—Growing on the head.
ସଂ. ବି—କେଶ; ମୁଣ୍ଡବାଳ—The hair of the head.

ମୂର୍ଦ୍ଧଜ୍ୟୋତିଃ—ସଂ. ବି—ବ୍ରହ୍ମରନ୍ଧ୍ର (ଶବ୍ଦକୋଷ)—The aperture supposed to be at the Mūrddha jyotiḥ crown of the head, through which the soul takes its flight at death.

ମୂର୍ଦ୍ଧତଃ—ସଂ. ଅ (ମୂର୍ଦ୍ଧନ୍+୭ମୀ ବା ୫ମୀରେ ତସ୍)—୧। ମୁଣ୍ଡରେ—Mūrddhataḥ 1. In the head. ୨। ମୁଣ୍ଡରୁ—2. From the head.

ମୂର୍ଦ୍ଧ(ର୍ଦ୍ଧୁ)ନା(ନି)—ଦେ. ବି (ସଂ. ମୂର୍ଦ୍ଧନ୍)—୧। ମୁଣ୍ଡ; ମସ୍ତକ—Mūrddha(rddhu)nā(ni) 1. The head. [ଉ—କଳିଙ୍ଗ ମାଥା ମୁଣ୍ଡ ଅସ୍ତ୍ର ମୋ ଏହା ସେ ଦେଶକୁ ଯିବାଁ ନ ଯାଇ ମୂର୍ଦ୍ଧନା ଫାଟ—ପ୍ରତାପ. ଶଶିସେଣା।] ୨। ପର୍ବତାଦିର ମସ୍ତକ ବା ଅଗ୍ର—2. The head or top of a tall thing (i. e. mountain, temple). [ଉ—ଶ୍ୟାମ କର ଧର କାମିନୀ, ବୁଲନ୍ତି ବେଳ ଗୋ, ଚିତ୍ରକୂଟ ଗିରି ମୂର୍ଦ୍ଧନି—ବିଶ୍ୱନାଥ. ବିଚିତ୍ର ରାମାୟଣ।]

ମୂର୍ଦ୍ଧ(ର୍ଦ୍ଧୁ)ନା(ନି)ପାତ—ଦେ. ବି (ସଂ. ମୂର୍ଦ୍ଧା[ର୍ଦ୍ଧ୍ନି]ପାତ)—୧। ମୁଣ୍ଡ-Mūrddha(rddhu)nā(ni)pāta ପାତ; ମୁଣ୍ଡଚ୍ଛେଦନ—
ମୁଣ୍ଡପাত 1. Beheading; decapitation. ୨। ମୃତ୍ୟୁ—
मुण्डपात (ମୂର୍ଦ୍ଧନାପାତକ—ଅନ୍ୟରୂପ) 2. Death.

ମୂର୍ଦ୍ଧ(ର୍ଦ୍ଧୁ)ନା ଫାଟିବା—ଦେ. ବି—ମୂର୍ଦ୍ଧନାପାତ (ଦେଖ)—Mūrddha(rddhu)nā phāṭibā Mūrddhanāpāta
মাথা ফাটা मुण्ड फटना (See)
(ମୂର୍ଦ୍ଧନା ଫାଟିଯିବା—ଅନ୍ୟରୂପ)

ମୂର୍ଦ୍ଧ(ର୍ଦ୍ଧୁ)ନାଭିଷେକ—ଦେ. ବି (ସଂ. ମୂର୍ଦ୍ଧାଭିଷେକ)—ମୂର୍ଦ୍ଧାଭିଷେକ Mūrddha(rddhu)nābhisheka (ଦେଖ)—Mūrddhābhisheka (See)
অভিষেক मूर्धाभिषेक

ମୂର୍ଦ୍ଧ(ର୍ଦ୍ଧୁ)ନାଭିଷେକୀ—ଦେ. ବିଣ (ସଂ. ମୂର୍ଦ୍ଧାଭିଷିକ୍ତ)—ମୂର୍ଦ୍ଧାଭି-Mūrddha(rddhu)nābhishekī ଷିକ୍ତ (ଦେଖ)-Mūrddhābhishikta (See)
অভিষিক্ত मूर्धाभिषेकी

ମୂର୍ଦ୍ଧ(ର୍ଦ୍ଧୁ)ନି—ଦେ. ଅ (ସଂ. ମୂର୍ଦ୍ଧନ୍ ଶବ୍ଦର ୭ମୀ ଏକବଚନ)—Mūrddha(rddhu)ni ମସ୍ତକରେ—On the head. [ଉ—
মাথায় मुंडमें ସ୍ୱର୍ଲୋକକଳ୍ପିତ ମୂର୍ଦ୍ଧନି, ବଣ୍ଟଦେବେ ବା ବଣ୍ଟମାନ—ଜଗନ୍ନାଥ. ଭାଗବତ।] ଦେ. ବିଣ (ସଂ. ମୂର୍ଦ୍ଧନି=ମସ୍ତକ, ଯେ ମସ୍ତକର ଯୋଗ୍ୟ)—୧। ଶ୍ରେଷ୍ଠ—1. Superior to all ୨। ସର୍ବୋତ୍ତମ—2. Best. [ଉ—କୃଷ୍ଣ ମହିମା ଯହିଁ ଶୁଣି, ସେ ସର୍ବ ବାକ୍ୟରେ ମୂର୍ଦ୍ଧନି—ଭୂପତି. ପ୍ରେମପଞ୍ଚାମୃତ।] ଦେ. ବି (ସଂ.
মোড়ল, কর্তা ମୂର୍ଦ୍ଧନ୍ୟ)—୧। ଜାତିର ବା ସମାଜର ପ୍ରଧାନ
मुखिया ବ୍ୟକ୍ତି; ଜାତିର ସର୍ଦ୍ଦାର ବା ମୁଖିଆ ବ୍ୟକ୍ତି; ପରି-
[ମୂର୍ଦ୍ଧ(ର୍ଦ୍ଧୁ)ନିଅ[ଆଁ]—ଅନ୍ୟରୂପ] ମାଣିକ—1. The head man of a caste. ୨। ଘରର କର୍ତ୍ତା—2. The head of a household; the kartā of a family. ୩। ମସ୍ତକ—3. Head. ଗ୍ରାଦେ. (ସିଂହଭୂମ) ବି—ଗୃହସରର ମଥାନ; ଭୁଲଆ—The top of a thatched house.

ମୂର୍ଦ୍ଧ(ର୍ଦ୍ଧୁ)ନିଅ(ୟା) - ଦେ. ବି ଓ ବିଣ—ମୂର୍ଦ୍ଧ(ର୍ଦ୍ଧୁ)ନି (ଦେଖ) Mūrddha(rddhu)niā(yā) Mūrddha(rddhu)ni(See)

ମୂର୍ଦ୍ଧନ୍ୟ—ସଂ. ବିଣ (ମୂର୍ଦ୍ଧନ୍+ଜାତାର୍ଥେ ଯ) ୧। ମୂର୍ଦ୍ଧାରୁ ବା Mūrddhanya ମୁଣ୍ଡ ଭିତରୁ ଉଚ୍ଚାରିତ (ବର୍ଣ୍ଣ)-1. Pronounced from within the head. ୨। ମୂର୍ଦ୍ଧଜ; ମସ୍ତକୋଦ୍ଭୂତ—2. Produced from the head.
ସଂ. ବି—୧। ଜାତି ବା ସମାଜର ପ୍ରଧାନ ବ୍ୟକ୍ତି—1. The head man of a caste or guild. ୨। ମୂର୍ଦ୍ଧନ୍ୟ ବର୍ଣ୍ଣ (ଦେଖ)—2. Mūrddhanya barṇṇa (See) ଦେ. କ୍ରି. ବିଣ—ପ୍ରଥମରେ—In the first place. [ଉ—ଉକ୍ତ ବର୍ଗଦ୍ୱୟ ସମୁଦାୟ ମହାଧନ୍ୟ ମୂର୍ଦ୍ଧନ୍ୟରେ ଗଣାଯିବ—ଉପେନ୍ଦ୍ର. ସଙ୍ଗୀତ।]

**ମୂର୍ଦ୍ଧନ୍ୟ 'ଣ'**—ସ. ବ—'ଟ' ବର୍ଗର ପଞ୍ଚମ ଅନୁନାସିକ ବର୍ଣ୍ଣ—The Mūrddhanya 'ṇa' cerebral sound representing 'ṇa'. [ଦ୍ର—ବଙ୍ଗଳା ଓ ହିନ୍ଦୀରେ ମୂର୍ଦ୍ଧନ୍ୟ 'ଣ' ଦନ୍ତ୍ୟ 'ନ' ପର ଉଚ୍ଚାରିତ ହୁଏ; କିନ୍ତୁ ଓଡ଼ିଆରେ ଏ ଦୁଇ ବର୍ଣ୍ଣର ଉଚ୍ଚାରଣ ପୃଥକ୍ ଅଟେ ।]

**ମୂର୍ଦ୍ଧନ୍ୟ ବର୍ଣ୍ଣ**—ସ. ବ. ( ବ୍ୟାକରଣ )—ମୂର୍ଦ୍ଧାରୁ ଉଚ୍ଚାରିତ ବର୍ଣ୍ଣ, Mūrdhanya barṇṇa ଯଥା—ଋ, ୠ, ଟ, ଠ, ଡ, ଢ, ଣ, ର, ଷ—(Sanscrit grammar) Cerebral letters; R, T, D, cerebral N, cerebral S.

**ମୂର୍ଦ୍ଧନ୍ୟ 'ଷ'**—ସ. ବ—ମୂର୍ଦ୍ଧାରୁ ଉଚ୍ଚାରିତ 'ଷ'—The cerebral Mūrddhanya 'sha' sound representing 'sha'.

**ମୂର୍ଦ୍ଧ ପୁଷ୍ପ**—ସ. ବ. (ବହୁବ୍ରୀହି; ମୂର୍ଦ୍ଧନ୍=ମସ୍ତକ+ପୁଷ୍ପ; ଏ ଗଛର Mūrddha pushpa ଡାଳ ଅଗରେ ଫୁଲ ଫୁଟେ)—ଶିରିଷ ବୃକ୍ଷ—A tree bearing very tender and graceful flower; Mimosa Sirish.

**ମୂର୍ଦ୍ଧ ବେଷ୍ଟନ(ଣୀ)**—ସ. ବ. (ମୂର୍ଦ୍ଧନ୍+ବେଷ୍ଟନ, ଣୀ)—୧। ଉଷ୍ଣୀଷ; Mūrddha beshṭana(ṇi) ପାଗ; ପଗଡ଼ି—1. Turban. ୨। ଫିତା—2. Fillate; tape. ୩। ଟୋପି—3. Cap. ୪। ମୁକୁଟ—4. Diadem; crown; coronet.

**ମୂର୍ଦ୍ଧ ରସ**—ସ. ବ. ( ମୂର୍ଦ୍ଧନ୍=ଉପର ଭାଗ+ରସ )—୧। ଭାତ Mūrddha rasa ଫେନ; ପେଜ—1. The scum of boiled rice. ୨। କେଶ—2. The hair of the head.

**ମୂର୍ଦ୍ଧା**—ସ. ବ. (ମୂର୍ଚ୍ଛ୍ ଧାତୁ=ବନ୍ଧନ କରିବା+ଅଣ୍. ଅନ, କପାଳନ; Mūrddhā ଯହିଁରେ ବନ୍ଧନ କରାଯାଏ, ମୂର୍ଦ୍ଧନ୍ ଶବ୍ଦର ୧ମା. ୧ବ)—୧। ଉତ୍ତମାଙ୍ଗ; ମସ୍ତକ—1. The head. ୨। ଉଚ୍ଚ ପଦାର୍ଥ (ପର୍ବତ, କୋଠା, ଦେଉଳ ପ୍ରଭୃତି)ର ଶିରୋଭାଗ ବା ଅଗ୍ର—2. The top of a tall or high thing. ୩। (ଜ୍ୟାମିତି) କୌଣସି ଜ୍ୟାମିତିକ କ୍ଷେତ୍ରର ଭୂମି—3. The base of a geometrical figure.

**ମୂର୍ଦ୍ଧାବସିକ୍ତ**—ସ. ବ—ବର୍ଣ୍ଣସଙ୍କର ଜାତି ବିଶେଷ, ବ୍ରାହ୍ମଣ ଔରସରେ Mūrddhābasikta କ୍ଷତ୍ରିୟା ଗର୍ଭଜାତ ସନ୍ତାନ—A high class hybrid; half-caste. [ଦ୍ର—ମହାଭାରତରେ ଲେଖା ଅଛି ଯେ ପରଶୁରାମ ପୃଥିବୀକୁ ନିଃକ୍ଷତ୍ରିୟ କଲାରୁ କ୍ଷତ୍ରିୟ ରମଣୀଗଣ ନିୟୋଗକ୍ରମେ ବ୍ରାହ୍ମଣ ଋଷିମାନଙ୍କ ଔରସରେ ପୁତ୍ର ଉତ୍ପାଦନ କଲେ; ସେହି ସନ୍ତାନଗଣ ମୂର୍ଦ୍ଧାବସିକ୍ତ ବୋଲି ଖ୍ୟାତ ହେଲେ—ବିଶ୍ୱକୋଷ ।]

**ମୂର୍ଦ୍ଧାଭିଷିକ୍ତ**—ସ. ବିଣ. (୭ମୀ ତତ୍; ମୂର୍ଦ୍ଧନ୍=ମସ୍ତକ+ଅଭିଷିକ୍ତ; Mūrddhābhishikta ଯାହାର ମସ୍ତକରେ ମନ୍ତ୍ରପୂତ ଜଳ ଦ୍ୱାରା ଅଭିଷେକ କରା ଯାଇଅଛି)—ଯାହାର ମୁଣ୍ଡରେ ଅଭିଷେକ କରା ଯାଇଅଛି; ରାଜ୍ୟାଭିଷିକ୍ତ; କୃତାଭିଷେକ—Formally installed on the throne after his head being sprinkled with hallowed water. ସ. ବ—୧। ସିଂହାସନାରୂଢ଼ ରାଜା—1. A reigning king. [ଦ୍ର—ପୂର୍ବକାଳରେ କ୍ଷତ୍ରିୟ ରାଜବଂଶମାନଙ୍କରେ ପ୍ରଥା ଥିଲା ଯେ ରାଜସିଂହାସନରେ ଉପବେଶନ କରିବା ପୂର୍ବରୁ ସେମାନଙ୍କୁ ମନ୍ତ୍ରପୂତ ସପ୍ତ ନଦୀର ଜଳ, ମଧୁ, ନବନୀତ ଓ ମଦ୍ୟ ଦ୍ୱାରା ସ୍ନାନ କରବାକୁ ହେବ ।] ୨। ବହୁ ରାଜାଙ୍କ ମଧ୍ୟରେ ଚକ୍ରବର୍ତ୍ତୀ, ସମ୍ରାଟ—2. A sovereign; an emperor. ୩। ପ୍ରଧାନ ସଚିବ; ମନ୍ତ୍ରୀ—3. Prime minister. ୪। ଯୁବରାଜ, ପାଟଦେଈ—4. The heir-apparent to the throne; the prince-elect. ୫। ହିନ୍ଦୁ ଜାତିର ଦ୍ୱିତୀୟ ବର୍ଣ୍ଣ; କ୍ଷତ୍ରିୟ—5. A Kshatriya; the military caste amongst the Hindu. ୬। ବ୍ରାହ୍ମଣ ଔରସରେ କ୍ଷତ୍ରିୟାଗର୍ଭଜାତ ସନ୍ତାନ—6. A half-caste born of a Brāhmaṇa father and Kshatriya mother. [ଦ୍ର—ଏମାନେ ଅସ୍ତ୍ର ବ୍ୟବସାୟୀ, ହସ୍ତୀ, ଅଶ୍ୱ ଓ ରଥ ଶିକ୍ଷା ଓ ଅସ୍ତ୍ରଧାରଣ କରୁଥିଲେ ଓ ବର୍ଣ୍ଣସଙ୍କର ଜାତିମାନଙ୍କ ମଧ୍ୟରେ ପ୍ରଧାନ ଥିଲେ ।] ୭। ଜାତିର ସର୍ଦ୍ଦାର—7. The head man of a caste guild. ୮। ହିନ୍ଦୁ ଜାତିର ମସ୍ତକ ସ୍ୱରୂପ; ବ୍ରାହ୍ମଣ—8. A Brāhmaṇa. ୯। ବ୍ରାହ୍ମଣ ଜାତି—9. The Brāhmaṇa caste; the highest caste amongst the Hindus. ୧୦। କ୍ଷତ୍ରିୟ ( ବିଶ୍ୱକୋଷ )—10. A Kshatriya.

**ମୂର୍ଦ୍ଧାଭିଷେକ**—ସଂ. ବ (୭ମୀ ତତ୍; ମୂର୍ଦ୍ଧନ୍=ମସ୍ତକ+ଅଭିଷେକ)—Mūrddhābbisheka ରାଜାମାନଙ୍କର ସିଂହାସନାରୋହଣ କାଳରେ ମୂର୍ଦ୍ଧାଭିଷେକ } ଅନ୍ୟରୂପ ମନ୍ତ୍ରପୂତ ତୀର୍ଥବାରିଦ୍ୱାରା ସେମାନଙ୍କ ମୂର୍ଦ୍ଧାଭିଷେକ } ମସ୍ତକ ଉପରେ ଅଭିଷେକ—Formal installation of a Rājā on the throne after the formal ceremony of sprinkling hallowed water on his head. [ ଦ୍ର—ଯୁବରାଜ ଓ ପ୍ରଧାନ ମନ୍ତ୍ରୀମାନଙ୍କ ମୁଣ୍ଡରେ ମଧ୍ୟ ଏହିପରି ଅଭିଷେକ କରାଯିବାର ପ୍ରଥା ପୂର୍ବେ ଥିଲା । ]

**ମୂର୍ଦ୍ଧାଭିଷେକି(କୀ)**—ଦେ. ବିଣ ( ସଂ. ମୂର୍ଦ୍ଧାଭିଷିକ୍ତ )—ମୂର୍ଦ୍ଧାଭିଷିକ୍ତ Mūrddhābhisheki(ki) ( ଦେଖ )—Mūrddhābhishikta ( See ) ଦେ. ବ—୧। ଗାଦିନସିନ୍ ରାଜା—1. A reigning king. ୨। ଚକ୍ରବର୍ତ୍ତୀ ରାଜା; ରାଜାମାନଙ୍କ ମଧ୍ୟରେ ମହତ୍ତମଣି—2. Sovereign; an emperor or head of several kings.

मुर्धाषेमिको

**ମୂର୍ଦ୍ଧ୍ନା**—ଦେ. ବ ( ସ. ମୂର୍ଦ୍ଧନ୍ )—ମୂର୍ଦ୍ଧା (ଦେଖ) Mūrddhnā Mūrddhā ( See )

**ମୂର୍ଦ୍ଧ୍ନା(ର୍ଦ୍ଧ୍ନି)ପାତ**—ସ. ବ (ସଂ. ମୂର୍ଦ୍ଧ୍ନା=ମୁଣ୍ଡଦ୍ୱାରା; ମୂର୍ଦ୍ଧ୍ନି=ମୁଣ୍ଡରେ Mūrddhnā(rddhni)pāta +ପାତ, ଅଲୁକ୍ ସମାସ)—

ମୁণ্ডপাত মুযন্ডপাত ୧ । ମୁଣ୍ଡପାତ; ମସ୍ତକଚ୍ଛେଦନ—1. Beheading; loss of the head. ୨ । ମୃତ୍ୟୁ—2. Death.

ମୂର୍ଦ୍ଧ୍ନା(ର୍ଦ୍ଧ୍ନି)ପାତକ—ସଂ.ବଣ (ମୂର୍ଦ୍ଧ୍ନ=ମୁଣ୍ଡରେ+ପାତ ଧାତୁ+କର୍ତ୍ତୃ. Mūrddhnā(rddhni)pātaka ଅକ)—ଯେ ମୁଣ୍ଡପାତ କରେ ବା ମନୁଷ୍ୟର ମୁଣ୍ଡକୁ କାଟେ—One who beheads a person; an executioner.

ମୂର୍ବା(ର୍ବ୍ବା, ର୍ବ୍ବୀ)—ସଂ. ବ (ମୂର୍ବ୍ ଧାତୁ=ବନ୍ଧନ କରିବା+କରଣ. Mūrbā(rbbā, rbbi) ଅ+ସ୍ତ୍ରୀ. ଆ, ଈ; ଯାହାଦ୍ୱାରା ବନ୍ଧନ କରାଯାଏ ଅର୍ଥାତ୍ ଦଉଡ଼ି ତିଆରି ହୁଏ)—ମୁରୁଗା ଗଛ—Sanseveira Roxburghiana; the bow-string hemp; Sanseveira Zeylanica. [ଦ୍ର—ଏହା ବନ୍ୟଗୁଳ୍ମବିଶେଷ; ଛାୟାବୃତ ସ୍ଥାନରେ ଜନ୍ମେ । ଏହାର ପତ୍ର ସରୁ ଓ ଖଣ୍ଡା ପରି, ଫୁଲ ଲମ୍ବ ଓ ନାଡ଼ରେ ଫୁଟେ । ପତ୍ରର ଉପର ନାହିଁ । ଏହାର ପତ୍ରକୁ ସଢ଼ାଇଲେ ତହିଁମଧ୍ୟରୁ ଛୋଟ ସରୁ ଟାଣୁଆ ତନ୍ତୁ ବାହାରେ । ଏହି ତନ୍ତୁଦ୍ୱାରା ବ୍ରାହ୍ମଣ ଓ କ୍ଷତ୍ରିୟମାନଙ୍କର ମେଖଳା ବା କଟିସୂତ୍ର ବନା ଯାଉଥିଲା । ଏବେ ମଧ୍ୟ ଏଥିରେ ଧନୁର ଗୁଣ ତିଆରି ହୁଏ । ଏହାର ମୂଳ ଔଷଧରେ ବ୍ୟବହୃତ ହୁଏ । ବୈଦ୍ୟକ ମତରେ ଏହା ସାରକ, ଗୁରୁ ଓ ମଧୁର ତିକ୍ତ । ଏହା ପିତ୍ତ, ରକ୍ତ, ପ୍ରମେହ, ତ୍ରିଦୋଷ, ତୃଷ୍ଣା, ହୃଦ୍ରୋଗ, କଣ୍ଡୁ, କୁଷ୍ଠ ଓ ଜ୍ୱରନାଶକ । ]

ଅନ୍ୟ ସଂ. ନାମ—ଅତିରସା, ଦେବ୍ୟଲତା, ଜ୍ୱାଳନୀ, ଗୋପବଲ୍ଲୀ, ସ୍ରୁଵେଶା, ମଧୁରସା, ମୋରଟା, ତେଜନୀ, ସ୍ରୁବା, ମଧୁଳିକା, ଧନୁଃଶ୍ରେଣୀ, ଗୋକର୍ଣ୍ଣୀ, ପୀଲୁପର୍ଣ୍ଣୀ, କର୍ମକସା, ଦୃଢ଼ସୂତ୍ରିକା, ଧନୁଃଶାଖା, ସ୍ରୁବା, ମଧୁଶ୍ରେଣୀ, ସୁରଙ୍ଗିକା, ଦେବଶ୍ରେଣୀ, ପୃଥକ୍ତ୍ୱଚା, ମଧୁସ୍ରବା, ଧନୁ, ଶ্রেଣୀ, ଗୋକର୍ଣ୍ଣୀ, ମୂର୍ବିକା

মুর্গা, মুরহর, মূর্বা, শোচমুখী, বোড়াচক্রে চুরণাহার, মুরহরী

ତା. ମାରୁଳ, ମାରୁଲକଲଙ୍ଗ

ତେ. ଚୃଗା, ସାଗା

ମ. ଘୋନସଫନ, ନାଗଫଲ, ମୋରବେଲ

ମୂଲ୍ (ଧାତୁ)—ସଂ—୧ । ଠିଆ ହେବା—1. To stand. ୨ । Mūl (root) ରୋପିତ ହେବା—2. To be planted. ୩ । ରୋପଣ କରିବା—3. To plant. ୪ । ସ୍ଥାପନ କରିବା—4. To establish.

ମୂଲ୍—ପ୍ରାଦେ. (ସମ୍ବଲପୁର) ବି ଓ ବଣ ଓ କ୍ରି. ବଣ—ମୂଳ (ଦେଖ) Mūl Mūla (See)

ମୂଲ୍‌ହୁଁ—ପ୍ରାଦେ (ସମ୍ବଲପୁର)—କ୍ରି. ବଣ—ମୂଳରୁ (ଦେଖ) Mūl-huñ Mūlaru (See)

ମୂଲ୍‌ହୁଁ ଶେଷ୍—ପ୍ରାଦେ (ସମ୍ବଲପୁର)—ମୂଳହୁଁ ଶେଷ (ଦେଖ) Mūl-huñ śesh Mūlahuñ śesha (See)

ମୂଳ—ସଂ. ବ (ମୂଲ୍ ଧାତୁ ଠିଆ ହେବା+କରଣ ଅ; କିମ୍ବା ମୂ ଧାତୁ Mūla; =ବନ୍ଧନ କରିବା+କର୍ତ୍ତୃ. ଳ)—୧ । ଶିଅ; ବୃକ୍ଷାଦିର ଚେର—1. Root. ୨ । ଅଳୁ, ସାରୁ, ଅଦା, ପିଆଜ, କନ୍ଦତ ଆଳୁ, ମୂଳା, ଓଲ୍ଅ ଅଦି ଖାଦ୍ୟରୂପେ ବ୍ୟବହୃତ କନ୍ଦ—2. Edible bulbous roots, esculent roots (i. e. radish, yam, arum, ginger, onion etc). ୩ । ମୂଳା—3. Radish. ୪ । ପିପ୍ପଳୀ ମୂଳ—4. The root of long pepper. ୫ । ପୁଷ୍କର ମୂଳ—5. The root bulb; Costus Speciosus. ୬ । ପାହାଡ଼ ଓ ବୃକ୍ଷ ଅଦିର ଭୂମି ସଂଲଗ୍ନ ଅଂଶ—6. The foot of a tree or mountain. ୭ । ଅରମ୍ଭ ସ୍ଥାନ; ଉତ୍ପତ୍ତିସ୍ଥାନ—7. Place of origin; source. [ଉ—ଶୋକ କଲ୍ଲ ଲୋକର ଦୁଃଖ ହୁଏ ମୂଳ—କୃଷ୍ଣସିଂହ. ମହାଭାରତ. ବନ । ] ୮ । ଅଦିକାରଣ; ହେତୁ; ଅଦ୍ୟ ହେତୁ—8. Root cause; origin; chief cause. [ଉ—ତୁମ୍ଭେ ଅଶିଷ୍ଟ ଧରୁଅଛ ମୋ ପୁତ୍ର, ଏଣୁ ମୂଳ ହେଲ ମୋହର ମରବାର—କୃଷ୍ଣସିଂହ. ମହାଭାରତ. ସଭା । ] ୯ । ଅଦ୍ୟ,ଅରମ୍ଭ—9. Beginning; commencement. [ଉ—କହ ଶୁଣୁଶିଳା ! ମୂଳରୁ ଯେତେକ ଯୁଦ୍ଧଭୂମି ସମାଚାର—ରାଧାନାଥ. ପାର୍ବତୀ । ] ୧୦ । ଋଣ ବା ବ୍ୟବସାୟର ପୁଞ୍ଜି; ପାଣ୍ଠି; ମୂଳଧନ—10. The capital or principal. [ଉ—କେ ସନ୍ତ ଏହାର କହିଲ । ଲାଭ ଦେଇ ରଖିବ ମୂଳ—ଜଗନ୍ନାଥ. ଭାଗବତ ।] ୧୧ । ଅଦିଗ୍ରନ୍ଥ, ଯେଉଁ ଗ୍ରନ୍ଥ ଉପରେ ଟୀକାଦି କରାଯାଏ—11. Original text; the context. ୧୨ । ଗୋଡ଼; ଚରଣ; ପାଦ—12. Foot. ୧୩ । (ଗଣିତ) ଗୁଣିତ ରାଶିର ପିଣ୍ଡ କରଣୀ; ବର୍ଗମୂଳ; ଘନମୂଳ—13. (Mathematics) The root of a number arrived at by self-multiplication (i. e. square root; cube root). [ଦ୍ର—(ଗଣିତ) ଯେଉଁ ରାଶିକୁ ସେହି ରାଶି ସଙ୍ଗେ ବାରମ୍ବାର ଗୁଣିବାଦ୍ୱାରା କୌଣସି ରାଶି ଉତ୍ପନ୍ନ ହୁଏ, ପ୍ରଥମୋକ୍ତ ରାଶିକୁ ସେହି ଉତ୍ପାଦିତ ରାଶିର ମୂଳ ଅଟେ । ] ୧୪ । ସ୍ୱନଗର—14. One's native town. ୧୫ । ନିକଟ; ନୈକଟ୍ୟ—15. Nearness; contigity; proximity. [ଉ—ବଶିଷ୍ଠଙ୍କ ମୂଳରେ ଯେତେକ ତପିଜନ, ତାହାଙ୍କୁ ଯେ ନମସ୍କାର କଲେ ରଘୁରାଣ. ବଳରାମ. ରାମାୟଣ. ଅଯୋଧ୍ୟା ।] ୧୬ । କୁଞ୍ଜ—16. Grove; bower ୧୭ । ଉବାସ ଗୃହ—17. Residence; habitation. ୧୮ । (ଜ୍ୟୋତିଷ) ମୂଳା ନକ୍ଷତ୍ର; ସତାଇଶ ନକ୍ଷତ୍ର ମଧ୍ୟରୁ ଊନବିଂଶ ନକ୍ଷତ୍ର—18, The 19th constellation in Hindu astronomy. ୧୯ । ବଂଶପ୍ରବର୍ତ୍ତକ ଅଦି ପୁରୁଷ—19. The original ancestor of a family. ୨୦ । ପ୍ରଧାନ ବା ଅସଲ ବ୍ୟକ୍ତି ବା ବସ୍ତୁ—20. The chief or essential or primary thing or person. [ଉ—

'ବିଦ୍ୟାବୃଦ୍ଧି ପ୍ରଭାବ ହୁଏ ନାହିଁ ଭଲ, ସବୁଠାରୁ ମୂଳ ଏକା ଅଟେ କପାଳ । କୃଷ୍ଣସିଂହ. ମହାଭାରତ. ଶାନ୍ତି ।] ୨୧ । ଅସଲ କଥା—21. Essential matter. ୨୨ । ନିଶ୍ଚୟତା—22. Certainty. [ ଉ—ବସୋଉଲେ ତତ୍ତ୍ୱ ମୂଳରେ ମୋ ମୃତ୍ୟୁ କାହାକୁ ଦୂଷଣ । ଉପେ. ବୈଦେହୀଶବିଳାସ । ] ୨୩ । ଚରଣ (ବହୁକୋଷ) —23. Leg. ୨୪ । ଶୂରଣ; ଓଲୁଅ ( ବହୁକୋଷ ) —24. Wild arum. ଦେ. ବି — ୧ । ଅବଶ୍ୟକରଣୀୟ କାର୍ଯ୍ୟ—1. An act which must be done without fail. [ ଉ—ରାତି ହଗାଇବି କରିବ ମୂଳ, ବାଟରୁ ଛାଡ଼ିବ ଘନ ଅଙ୍ଗୁଳ । ତଗ । ] ୨ । ବେଣ୍ଟ ଥିବା ଶସ୍ତ୍ରର ବେଣ୍ଟ ଓ ଫଳର ମଧ୍ୟସ୍ଥ ଅଂଶ—2. The part of a weapon between the blade and the handle.

ନିଜের আপনা দে. বিণ — ୧ । ସ୍ୱକୀୟ; ନିଜର—1, Own. ୨ । ବୈଶେଷିକ; ବଶିଷ୍ଟ—2 Peculiar. ୩ । ନିଶ୍ଚିତ; ସ୍ଥିର—3. Certain; sure. [ ଉ—ମୂଳ ହେଲା ଲଉବାର, ହୋଇଲା ସ୍ଥାନ ଗୋଚର । ଉପେ. କୋଟିବ୍ରହ୍ମାଣ୍ଡସୁନ୍ଦରୀ । ] ୪ । ଆଦ୍ୟ; ମୌଳିକ; ଅସଲ—4. Original; radical. ୫ । ପ୍ରଧାନ—5. Chief; prominent. ୬ । ଠିକ୍; ଯଥାର୍ଥ—6. proper; real; actual. [ ଉ—ଦୁଃଶାସନ ବୋଇଲେ କହ ଯା ମାଉଳ, ସବୁ କଥାମାନଙ୍କେ ଅଟଇ ଏ ମୂଳ । କୃଷ୍ଣସିଂହ. ମହାଭାରତ. ବନ । ] ୭ । ପ୍ରଥମ—7. First. ୮ । ପ୍ରାଥମିକ—8. Primary. ୯ । ଠିକ୍ ସମାନ—9. Exactly similar. [ ଉ—ହୋଇ ନ ପାରଇ ମୂଳ ଯେ, ଯେ ପ୍ରତିବିମ୍ବରେ ଏବେ ପ୍ରଶଂସିତ, ତହିଁ ନ ଅଛି ଭୁଲ ଯେ । ଉପେ. କୋଟିବ୍ରହ୍ମାଣ୍ଡସୁନ୍ଦରୀ । ଦେ. କ୍ରି. ବିଣ— ନିଶ୍ଚେ; ମୁକର—Certainly, without fail. ( ଯଥା—ମୁଁ ମୂଳ ସେଠାକୁ ଯିବି । )

ବିশেষ খাস স্থির ঠিক মূল মুখ্য ঠিক ঠিক প্রথম পহলা ঠিক নিশ্চয় নিশ্চয়

ମୂଲ—ଦେ. ବି ( ସଂ. ମୂଲ୍ୟ )—୧ । ମୂଲ୍ୟ—1. Price; value. ୨ । ମଜୁରି, କାର୍ଯ୍ୟର ଦୈନିକ ପାରିଶ୍ରମିକ—2. Daily wages.
Mula
মূল্য, দাম मोल মজুরি मज़ुरी

ମୂଳକ—ସଂ. ବି (ମୂଳ+ସ୍ୱାର୍ଥେ. କ)—୧ । ମୂଳା ନାମକ ଖାଦ୍ୟ ମୂଳ—1. Radish. ୨ । ସ୍ଥାବର ବିଷବିଶେଷ—2. A kind of poisonous root. ସଂ. ବିଣ. (ବହୁବ୍ରୀହି ସମାସରେ ପର ପଦରେ 'ମୂଳ' ଥିଲେ 'କ'ର ଆଗମ ହୋଇ ମୂଳକ ହୁଏ, ଯଥା—ଭ୍ରାନ୍ତିମୂଳକ—ଭ୍ରାନ୍ତି ଯହିଁର ମୂଳ ବା କାରଣ)—ଉପରେ ପ୍ରତିଷ୍ଠିତ; ମୂଳ ବା କାରଣରୁ ଜାତ—Having its root in, caused by; founded on.
Mūḻaka

ମୂଳକ ତୈଳ—ସଂ. ବି—ମୂଳା ମଞ୍ଜିରୁ ପ୍ରସ୍ତୁତ ତୈଳ (ଏହା ଔଷଧରେ ଲାଗେ)—Oil from radish seeds.
Mūḻaka taiḻa

ମୂଳ କଥା—ସଂ. ବି—୧ । ଅସଲ କଥା—1. The original matter. (ଉ—ମୂଳ କଥା ଏହି, ସେ ଦୁଃଖରେ ପଡ଼ିଗଲା । ସ୍ୱଧାନାଥ. ତବେଲା ।) ୨ । ଆଦ୍ୟ କଥା; ପ୍ରଥମ ବିଷୟ—2. The first thing; the primary thing. ୩ । ପ୍ରଧାନ କଥା—3. Chief matter. ୪ । ସଂକଳ୍ପିତ କଥା—4. A matter resolved upon or settled. ୫ । ମୂଳ କାରଣରୂପକ ବସ୍ତୁ—5. The radical thing; the root cause. ୬ । ମୂଳ ଗ୍ରନ୍ଥରେ ଥିବା ବିଷୟ—6 The matter as it appears in the original text.
Mūḻa kathā
मूल कथा
मूल बात

ମୂଳକ ପଣ—ସଂ. ବି—ଏକାଧିକ ମୂଳା ବନ୍ଧା ହୋଇଥିବା ଗୋଟିଏ ବିଡ଼ା—A handful of radishes tied into a bunch.
Mūḻaka paṇa

ମୂଳକ ପର୍ଣ୍ଣୀ—ସଂ. ବି—ଶୋଭାଞ୍ଜନ ବା ସଜନା ଗଛ; ସଜନା (ଦେଖ) A kind of horse radish; Hyperanthera Moringa; Moringa Pterygosperma (tree); Sajanā (See)
Mūḻaka parṇṇī

ମୂଳକ ମୂଳା—ସଂ. ବି—କ୍ଷୀର କନ୍ଦୋଳ ବା କ୍ଷୀର କନ୍ଦ ଗଛ; କ୍ଷୀର କନ୍ଦୁରି ଗଛ—An esculent onion-like root used in medicine.
Mūḻaka mūḻā

ମୂଳ କରିବା—ଦେ. କ୍ରି. ( ସଂ. ମୂଳ )—୧ । ସ୍ଥିର କରିବା; ଥୟ କରିବା—1, To settle; to ascertain. (ଉ—ସନ୍ନ୍ୟାସ କରିଯିବା କଥାଟି ମୂଳ କଲେ । କୃଷ୍ଣସିଂହ. ମହାଭାରତ. ଆଦି ) ୨ । କୌଣସି କାର୍ଯ୍ୟ କରିବା ନିମନ୍ତେ କୃତସଂକଳ୍ପ ହେବା—2. To determine or resolve upon doing a thing. ୩ । ପ୍ରଧାନ ଆଶ୍ରୟରୂପେ ଅବଲମ୍ବନ କରିବା—3. To depend primarily upon. ୪ । (ଗଣିତ) ସମସ୍ୟା ସାଧନ କରିବା ପାଇଁ କୌଣସି ମୂଳ ରାଶିକୁ ପିଣ୍ଡରୂପେ ଥାପିବା—4. (Mathematics) To put a certain number as a root to start from in order to solve mathematical problem.
Mūḻa karibā
নিয়ম করা
नोट करना
মূল করা
मूलकर धरना

ମୂଲ କରିବା—ଦେ. କ୍ରି. (ସଂ. ମୂଲ୍ୟ)—କୌଣସି ଦ୍ରବ୍ୟ କିଣିବା ପାଇଁ ଦରଦାମ କରିବା—To settle the price of a thing to be purchased.
Mūla karibā
দর দাম করা
मोल करना

ମୂଳ କର୍ମ—ସଂ. ବି. ( ମୂଳକର୍ମନ୍; ମୂଳ—ଚେର ମୂଳ ଦ୍ୱାରା କରାଯିବା କର୍ମ; ମଧ୍ୟପଦଲୋପୀ କର୍ମ: )—୧ । ଔଷଧି ଆଦି ମୂଳ ପ୍ରୟୋଗ ଦ୍ୱାରା କରାଯିବା ଭୌତିକ କ୍ରିୟା ବା ଅଭିଚାର (ଯଥା—ସ୍ତମ୍ଭନ, ମୋହନ, ବଶୀକରଣ,
Mūḻa karma

ଉଚ୍ଚାଟନ) (ମନ୍ତ୍ର. ୧୧୬୪)—1. Magical effect produced on people by the application of various roots. ୨ । ମନ୍ତ୍ରାଦି ଦ୍ୱାରା ବଶୀକରଣ—2. Charming a person by incantatious or mystic formulae. ୩ । ଉପପାତକ ବିଶେଷ—3. Name of a minor sin.

ମୂଳ କଳନ୍ତର—ଦେ. ବି. (ସଦୃଶ)—ସୁଧ ମୂଳ; ଋଣର ମୂଳ ଧନ ଓ ସୁଧ—Principal and interest of a loan.
Mūḷa kaḷantara
আসল সুদ সুদ্ মূল

ମୂଳ କାଟ—ଦେ. ବି. ( ସଂ. ମୂଳ କର୍ତ୍ତନ )—୧ । ଗଛର ମୂଳର ଛେଦନ—1. Cutting of the root of a plant or tree. ୨ । ଭୂଇଁ ସମାନରୁ ଗଛର ମୂଳ କାଟି ଦେବା; ମୂଳ ପୋଛ—2. Cutting a tree in such a manner as not to leave any stump outstanding; cutting a tree from the ground level. ୩ । (ଲକ୍ଷଣାର୍ଥ) ସମୂଳ ଉଚ୍ଛେଦ—3. (figurative) Eradication; extinction.
Mūḷa kāṭa
গোড়া কাটা
जड़ काट

ମୂଳକାର—ସଂ. ବି (ମୂଳ+କୃ. ଧାତୁ+କର୍ତ୍ତୃ. ଅ)—୧ । ମୂଳଗ୍ରନ୍ଥର ରଚୟିତା—1. The author of the original treatise or work. ୨ । ମୌଳିକ ଗ୍ରନ୍ଥର ରଚୟିତା—2. The author of a new or original work.
Mūḷakāra
(ମୂଳକୃତ୍—ଅନ୍ୟରୂପ)

ମୂଳ କାରଣ—ସଂ. ବି—ଆଦ୍ୟ କାରଣ; ଅସଲ କାରଣ; ପ୍ରଧାନ କାରଣ—Root cause; the original cause; the chief cause.
Mūḷa kāraṇa

ମୂଳ କାରିକା—ସଂ.ବି—୧। ଚୂଲୀ—1. Oven; fire place. ୨। ମୂଳ ଧନର ବୃଦ୍ଧି—2. The increase of the capital. ୩ । ମୂଳ ଗ୍ରନ୍ଥର ଅର୍ଥପ୍ରକାଶକ ପଦ୍ୟ—3. A poem explaining the meaning of an original work. ୪ । ଚଣ୍ଡୀ (ଶବ୍ଦକୋଷ)—4. Chaṇḍī.
Mūḷa kārikā

ମୂଳ କୃଚ୍ଛ୍ର—ସଂ. ବି—ଏକାଦଶବିଧ ପର୍ଣ୍ଣକୃଚ୍ଛ୍ର, କୃଚ୍ଛ୍ରାନ୍ତର୍ଗତ ବ୍ରତବିଶେଷ A sort of penance performed by subsisting on esculent roots for a certain period. [ଦ୍ର—ଏ ବ୍ରତରେ କେବଳ ମୂଳ ଭକ୍ଷଣ କରି ବା ମୂଳଜ ଦ୍ରବ୍ୟର ରସ ପାନ କରି କିଛି ଦିନ ବ୍ରତ ପାଳନ କରାଯାଏ—ମିତାକ୍ଷରା । ]
Mūḷa kruchchhra

ମୂଳ ଖ(ଖା)ନକ—ସଂ. ବିଣ. ପୁଂ—୧ । ଯେ ବୃକ୍ଷାଦିର ମୂଳ ଖୋଳେ—1. Digger of roots. ୨। ବର୍ଣ୍ଣସଙ୍କର ଜାତିବିଶେଷ ( ଶବ୍ଦକୋଷ )—2. Name of a mixed caste. [ ଦ୍ର—ଏମାନେ ବୃକ୍ଷମୂଳ ଖୋଳି ଖାଇକା ଜୀବିକା କରନ୍ତି ।]
Mūḷā kha(khā)naka
(ମୂଳଖନିକା—ସ୍ତ୍ରୀ)

ମୂଳଗଣ—ସଂ. ବି-(ଗଣିତ) କୌଣସି ବର୍ଗ ବା ଘନମୂଳର ଗୁଣିତକ—(arithmetic) The multiplier of the root of a power; the co-efficient of a root.
Mūḷagaṇa

ମୂଳ(ଳା) ଗରି(ଡ଼ି)—ଦେ. ବି—ଘର ଚାଳର ତଳ ଧାରରେ ସନ୍ନିବିଷ୍ଟ ଅଥବା ନମ୍ର ନମ୍ର ଗରି ବା ଫଟ—The lowest belt of a thatch; the strip of thatching immediately above the eaves.
Mūḷa(ḷā) gari(ṛdi)
मूलबडेरी

ମୂଳଚାଲ—ଦେ. ବି (କରର୍ଥକ ଦ୍ୱିରାବୃତ୍ତ ସଦୃଶ)—କୌଣସି ଦ୍ରବ୍ୟର ମୂଲ୍ୟଦିବା; ଦରଦାମ—Making the valuation of a thing; appraisement.
Mūlachāla
দরদাম
मोलजोल

ମୂଳଚାଲ କରିବା—ଦେ. କ୍ରି—କୌଣସି ଦ୍ରବ୍ୟର ମୂଲ୍ୟ ଦିବା; ଦରଦାମ କରିବା—To make the valuation of a thing.
Mūlachāla karibā
দরদাম করা मोलजोल करना

ମୂଳଚ୍ଛେଦ—ସଂ. ବି (ମୂଳ+ଛେଦ; ୬ଷ୍ଠୀ ତତ; ସନ୍ଧି ଯୋଗୁଁ 'ଛ'ର ଦ୍ୱିତ୍ୱ )—୧ । ଗଛର ମୂଳ କାଟିବା—1. Cutting the root of a tree. ୨ । (ଲକ୍ଷଣାର୍ଥ) ଉଚ୍ଛେଦ—2 (figurative) Eradication.
Mūḷachchheda
ମୂଳଚ୍ଛେଦନ
ମୂଳୋଚ୍ଛେଦ
ମୂଳୋଚ୍ଛେଦ
ମୂଳନିକୃନ୍ତନ
ମୂଳବର୍ଜ୍ଜଣ
}ଅନ୍ୟରୂପ
ମୂଳଚ୍ଛେଦକ, ମୂଳଚ୍ଛେଦୀ—ବିଣ. ପୁଂ

ମୂଳଜ—ସଂ. ବିଣ (ମୂଳ+ଜନ୍ ଧାତୁ=ଜନ୍ମିବା+କର୍ତ୍ତୃ. ଅ)—ମୂଳରୁ ଜାତ—Born of the root; produced from the root. ସଂ. ବି—୧ । ବୀଜରୁ ଉତ୍ପନ୍ନ ନ ହୋଇ ମୂଳରୁ ଉତ୍ପନ୍ନ ହେବା ଉଦ୍ଭିଦ [ ଯଥା—ଅଦା, ପିଆଜ, ଅଳୁ, କନ୍ଦାଳଅଳୁ, ପୋଟଳ, ପଦ୍ମ, କଇଁ ପ୍ରଭୃତି)-1. Plants growing from bulbs ( instead of from seeds) ୨ । ଅଦା —2. Ginger.
Mūlaja

ମୂଳତଃ—ସଂ. ଅ (ମୂଳ+୫ମୀ ବା ୭ମୀ ବିଭକ୍ତିରେ ତସ୍)—୧। ମୂଳରୁ-1. From the root. ୨।ମୂଳରେ—2. At the root.
Mūlataḥ

ମୂଳ ତ୍ରିକୋଣ—ସଂ. ବି—୧ । (ଜ୍ୟୋତିଷ) ରବି ପ୍ରଭୃତି ପ୍ରତ୍ୟେକ ଗ୍ରହର ରାଶିରୂପ ଦୁର୍ଗଗୃହ (ଯଥା—ରବିର ସିଂହ, ଚନ୍ଦ୍ରର ବୃଷ, ମଙ୍ଗଳର ମେଷ, ବୁଧର କନ୍ୟା, ଗୁରୁର ଧନୁ, ଶୁକ୍ରର ତୁଳ, ଶନିର କୁମ୍ଭ ଇତ୍ୟାଦି)—1. (Astrology) The particular mansion of each planet in the particular sign of the Zodiac. ୨ । (ତନ୍ତ୍ର) ମୂଳାଧାର (ଦେଖ)—Mūḷādhāra (See)
Mūḷa trikoṇa

ମୂଳ ଦଣ୍ଡା—ଦେ. ବି ( ସଂ. ମୂଳ ଦଣ୍ଡ )—ଛଙ୍ଗାର ସର୍ବ ନିମ୍ନସ୍ଥ ଲମ୍ବ ମୋଟ ଖଣ୍ଡା, ଯାହା କି ଛଙ୍ଗାର ତଳଦେଶରେ ଏକ ମୁଣ୍ଡରୁ ଅନ୍ୟ ମୁଣ୍ଡ ପର୍ଯ୍ୟନ୍ତ ଲମିଥାଏ ଏବଂ ଯହିଁର ଦୁଇ ମୁଣ୍ଡ ବନ୍ଧା—The lowermost
Mūḷa daṇḍā
মূলডাংড়া
मूलकाठ

plank of a boat extending at the bottom of a boat from one end to the other.

ମୂଳଦାମ—ଦେ. ବି—୧ । ଗାଈ ବାଛୁରି ପ୍ରଭୃତି ଅଧିଆରେ ପାଳିବାକୁ ଦେବା ବେଳେ ସେହି ଗାଈ ବା ବାଛୁରିର ତତ୍କାଳୀନ ମୂଲ୍ୟ—The original price of a cow or calf given to another for being brought up by the latter on the system of Adhuāri. ୨ । କଣା ମୂଲ୍ୟ—2. Purchase price.
Mūladāma
আদত দাম
मूल दाम

ମୂଳ(ଳୁ)ଦୁଆ—ଦେ. ବି—୧ । ଗୃହାଦିର ମୂଳଭିତ୍ତି—1. Foundation of a house. ୨ । କାନ୍ଥର ଯେଉଁ ଅଂଶ ମାଟି ତଳେ ଥାଏ—2. The foundation of a wall under the ground level.
Mūla(lu)duā
গোড়াপত্তন
नीव

ମୂଳଦୁଆ ଥାପିବା—ଦେ. କ୍ରି—ଗୃହାଦିର ଭିତ୍ତି ସ୍ଥାପନ କରିବା—To lay the foundation of a house.
Mūladuā thāpibā
ঘরের পত্তন দেওয়া
नीव डालना
(ମୂଳଦୁଅ ମାଡ଼ିବା, ମୂଳଦୁଅ ଦେବା—ଅନ୍ୟରୂପ)

ମୂଳ ଦେବ—ସଂ. ବି—ଶ୍ରୀକୃଷ୍ଣଙ୍କ ମାଉଳ କଂସାସୁର—Demon Kamsa; maternal uncle of Srikrushna.
Mūla deba
(ମୂଳଦେବ୍—ଅନ୍ୟରୂପ)

ମୂଳ ଦ୍ୱାର—ସଂ. ବି—ପ୍ରଧାନ ଦ୍ୱାର; ସିଂହଦ୍ୱାର; ସଦର ଦରଜା (ଶବ୍ଦକୋଶ)—Chief door; lions gate.
Mūla dwāra

ମୂଳ ଦ୍ରବ୍ୟ—ସଂ. ବି—୧ । ପ୍ରଧାନ ବସ୍ତୁ—1. Chief thing. ୨ । ପ୍ରଧାନ ଉପକରଣ—2. The chief material. ୩ । ଆଦ୍ୟ ବା ଅସଲ ପଦାର୍ଥ—3. The genuine or original article. ୪ । ମୂଳ ଧନ (ଶବ୍ଦକୋଶ)—4. Capital.
Mūla drabya

ମୂଳ ଧନ—ସଂ. ବି—୧ । ଋଣର ଅସଲ; ଯେଉଁ ଟଙ୍କା ଖାତକଙ୍କୁ ନଗଦ ଦିଆଯାଇଥାଏ—1. The principal of a debt. (ଉ—ଏ ପ୍ରେମ ତୋର ମୂଳ ଧନ । ଉପେନ୍ଦ୍ର. ପ୍ରେମପଞ୍ଚାମୃତ ।) ୨ । ବ୍ୟବସାୟରେ ଲଗା ଯିବା ପାଣ୍ଠି; ପୁଞ୍ଜି—2. The capital of a business; stock in trade.
Mūla dhana
(ମୂଳ ବିତ୍ତ—ଅନ୍ୟରୂପ)

ମୂଳ ଧାତୁ—ସଂ. ବି—୧ । ମୌଳିକ ବା ଅକୃତ୍ରିମ ଧାତୁ—1. Elementary metal. ୨ । ଲସିକା; ମଜ୍ଜା (ଶବ୍ଦକୋଶ)—2. Lymph.
Mūla dhātu

ମୂଳ ନୀତି—ସଂ. ବି—୧ । ଆଦ୍ୟ ମତ—1. The original or primary principle or opinion. ୨ । ମୌଳିକ ନୀତି; ଯେଉଁ ପ୍ରଧାନ ନୀତି ଅବଲମ୍ବନ କରି କୌଣସି କାର୍ଯ୍ୟ କରାଯାଏ—2. The primary policy or principle governing an act.
Mūla niti

ମୂଳ ପଦ୍ମ—ସଂ. ବି—ତନ୍ତ୍ର ବା ଯୋଗ ସାଧନୋକ୍ତ ଶରୀରମଧ୍ୟସ୍ଥ ଅଙ୍ଗ ବିଶେଷ—Name of certain part under the body referred to in Tantric exercises.
Mūla padma

ମୂଳ ପର୍ଣ୍ଣୀ—ସଂ. ବି—ଔଷଧରେ ବ୍ୟବହୃତ ମଣ୍ଡୁକପର୍ଣ୍ଣୀ ନାମକ ଗୁଳ୍ମ; ଥାଲକୁଡ଼ି ଗଛ—A plant; Hydrocotile Asiatica; the Asiatic pennywort.
Mūla parnni

ମୂଳ ପାତି—ଦେ. ବି—(ଲାଭାର୍ଥକ ଦ୍ୱିଗୁଣ ସମାସ)—ଦୈନିକ କାର୍ଯ୍ୟରେ ମିଳିବା ମଜୁରି—Daily wages.
Mūla pāti
মূলপাতি
मजुर

ମୂଳ ପିଣ୍ଡ—ସଂ. ବି.—୧ । ଅଳୁ ଆଦିର ମୂଳ, ଯହିଁରୁ ଗଛ ମାଡ଼େ ଓ ପିଣ୍ଡ ବଢ଼େ—1. The bulbous root portion of yam which is used as seed to grow yam. ୨ । ମୂଳଧନ (ଦେଖ) 2. Mūla dhana (See)
Mūla pinda

ମୂଳ ପୁରୁଷ—ସଂ. ବି—ବଂଶର ଆଦ୍ୟ ପୁରୁଷ—The progenetor of a family or race.
Mūla purusha

ମୂଳ ପୁଷ୍କର—ସଂ. ବି—(ବୈଦ୍ୟକ) ପୁଷ୍କର ମୂଳ (ଦେଖ) Pushkara mūla (See)
Mūla pushkara

ମୂଳ ପୋଛ—ଦେ. ବି.—ମୂଳ କାଟ (ଦେଖ) Mūla kāta (See)
Mūla pochha
ବିଣ.—୧। ମୂଳରୁ ପୋଛି ହୋଇ କଟା ଯାଇଥିବା (ଗଛ)—1. Cut in such a manner as not to leave any stump standing. ୨ । ମୂଳୋତ୍ପାଟିତ, ସମୂଳେ ଉନ୍ମୂଳ—2. Uprooted; distroyed root and branch; eradicated.
গোড়াকাটা
जडसेकाटना

ମୂଳ ପୋଟି—ସଂ. ବି—ବଣ ପୋଇ—A kind of wild pot herb; Basella Rubra. [ ଦ୍ର—ଏହାର ଶାଗ୍ର ନାଳ । ବୈଦ୍ୟକ ମତରେ ଏହା ତ୍ରିଦୋଷଘ୍ନ, ବୃଷ୍ୟ, ବଳକର, ଲଘୁ, ରୁଚିକର ଓ କଣ୍ଠସ୍ୱରର ସାଧକ । ସୁଜ ଜର୍ଦ୍ଦଣ୍ଡ ।]
Mūla poti
বন পুই
बनपोरे
ମ. ମାଲ୍ ବଲ୍‌ଲୀ
(କ୍ଷୁଦ୍ର ବଲ୍ଲୀ, ଶାକଟପୋଇକା, କ୍ଷୁଦ୍ର ପୋଇକା—ଅନ୍ୟରୂପ)

ମୂଳ ପ୍ରକୃତି—ସଂ.ବି—୧ । ଅଧ୍ୟାଶକ୍ତି,ଜଗତ୍‌କାରଣୀ ଶକ୍ତି,ଯେଉଁ ଶକ୍ତି ବଳରେ ଈଶ୍ୱର ପୃଥିବୀକୁ ସୃଷ୍ଟି କରିଅଛନ୍ତି—1. The creative energy of God. ୨ । ଦୁର୍ଗା—2. Goddess Durgā. [ ଦ୍ର—ସାଂଖ୍ୟ ମତରେ ସକଳର କାରଣୀଭୂତ ସତ୍ତ୍ୱରଜସ୍ତମୋରୂପ ତ୍ରିଗୁଣାତ୍ମିକା ଶକ୍ତି ମୂଳ ପ୍ରକୃତି ନାମରେ ଅଭିହିତ ।]
Mūla prakruti

ମୂଳ ଫଳଦ—ସଂ. ବି—(ମୂଳ+ଫଳ+ଦା ଧାତୁ+କର୍ତ୍ତୃ. ଅ; ଯେଉଁ ବୃକ୍ଷର ମୂଳରେ ଫଳ ଧରେ) ପଣସ ଗଛ—The jack fruit tree.
Mūla phalada

ମୂଳ ବଣିଗ୍ ଧନ—ସଂ. ବି—ବାଣିଜ୍ୟର ମୂଳ ଧନ (ଶବ୍ଦକୋଶ)—The capital in a trade or business.
Mūla banig dhana

ମୂଳ ବିଷ—ସଂ. ବି—(ବୈଦ୍ୟକ)—ବିଷାକ୍ତମୂଳଯୁକ୍ତ ବୃକ୍ଷ (ଯଥା—
Mūḷa bisha କରବୀର, ଙ୍କୋଳ, ଲଙ୍ଗଳୀ ପ୍ରଭୃତି)—Trees having poisonous roots.

ମୂଳ ବିଭୁଜ—ସଂ ବି—(ମୂଳ+ବି+ଭୁଜ୍ ଧାତୁ ଅ)—୧ । ଗାଡ଼ି—
Mūḷa bibhuja 1. Cart; carriage. ୨ । ରଥ—2. Car. ୩ । ଚେରମୂଳବିକ୍ରୟକାରୀ ବ୍ୟକ୍ତି—3. Seller of bulbs and roots. ୪ । ଯେଉଁମାନେ ଗଛର ମୂଳକୁ ବଙ୍କାଇ କରି ବାଡ଼ି ତିଆରି କରନ୍ତି (ଶବ୍ଦକୋଷ)—4. Persons who make sticks by bending roots.

ମୂଳ ବୀଜ—ସଂ. ବି—୧ । (ଗଣିତ)—ମୌଳିକ ସଂଖ୍ୟା—
Mūḷa bija 1. (Mathematics) Primary number. ୨ । ମୂଳ ମନ୍ତ୍ର (ଦେଖ) 2. Mūḷa mantra (See) ୩ । (ଲକ୍ଷଣାର୍ଥ)—ମୂଳ କାରଣ—3. (figurative) The primary cause; the root cause.

ମୂଳ ବ୍ୟସନ—ସଂ. ବି—(ବ୍ୟସନମାନଙ୍କ ମୂଳ=ପ୍ରଧାନ; ଷଷ୍ଠ ତତ୍ପୁ)
Mūḷa byasana ମାରଣ (ଶବ୍ଦକୋଷ)—Killing; slaughter.

ମୂଳ ବ୍ରତୀ—ସଂ. ବିଣ. ପୁଂ—(ମୂଳ+ବ୍ରତ+ଇନ୍; ୧ମା. ୧ବ)—ମୂଳ
Mūḷa brati ଭକ୍ଷଣବ୍ରତୀ ଜୀବନଧାରଣକାରୀ (ଶବ୍ଦକୋଷ)—(ମୂଳବ୍ରତିନୀ—ସ୍ତ୍ରୀ) Subsisting on roots.

ମୂଳ ଭଦ୍ର—ସ.ବି—ଶ୍ରୀକୃଷ୍ଣଙ୍କ ମାମୁଁ କଂସ—The demon king
Mūḷa bhadra Kamsa; the maternal uncle of Srikrushna.

ମୂଳ ଭବ—ସ. ବି (ମୂଳ+ଭୂ ଧାତୁ+କର୍ତ୍ତୃ. ଅ)—ମୂଳରୁ ଜାତ—
Mūḷa bhaba Produced from the root.

ମୂଳ ଭୃତ୍ୟ—ସ. ବି (କର୍ମଧା)—୧ । ପୁରାତନ ଭୃତ୍ୟ—1. An
Mūḷa bhrutya old servant. ୨ । ପିତୃ ପିତାମହକ୍ରମେ ଏକ ପରିବାର ଅଧୀନରେ ସେବା କରୁଥିବା ଭୃତ୍ୟ (ଶବ୍ଦକୋଷ)—2. A servant whose ancestors had been serving in the same family for generations.

ମୂଳ ମନ୍ତ୍ର—ସ. ବି—୧। ଦେବତାଙ୍କ ପୂଜାରେ ବ୍ୟବହୃତ ମନ୍ତ୍ରର ବୀଜମନ୍ତ୍ର
Mūḷa mantra (ଯଥା—'ଓଁ କ୍ଲୀଂ କୃଷ୍ଣାୟ ଗୋବିନ୍ଦାୟ... ଇତ୍ୟାଦି' ମନ୍ତ୍ରରେ 'କ୍ଲୀଂ' ମୂଳମନ୍ତ୍ର ଅଟେ ।)—1. The mystic syllable used at the beginning of a mantra for worshipping a deity. ୨ । ଇଷ୍ଟମନ୍ତ୍ର; ଇଷ୍ଟ ଦେବତାସାଧନର ମନ୍ତ୍ର—2. The mystic formula used in worshipping one's particular deity. ୩ । (ଲକ୍ଷଣାର୍ଥ) ପ୍ରଧାନ ସଂକଳ୍ପ ବା ଉଦ୍ଦେଶ୍ୟ—3. (figurative) The primary or main aim.

ମୂଳ(ଳି,ଳୁ) ମୂଳିକା—ଦେ. ବି (ସ. ମୂଳ+ମୂଳିକା)—ଔଷଧରେ
Mūḷa(ḷi,ḷu) Mūḷikā ବ୍ୟବହୃତ ଚେର ମୂଳ ଆଦି; ଚେର ଜଡ଼ିବୁଟି ମୂଳ—Herbarious roots, herbs. [ଉ—ତାକୁ ଜଡ଼ିବୁଟୀ ମୂଳମୂଳିକା ଚେର କଣା । ଫକୀରମୋହନ. ଛମାଣ ଆଠଗୁଣ ।]

ମୂଳ ମେଢ଼ି—ଦେ. ବି (ସ. ମୂଳ+ମେଧି)—୧ । ବେଙ୍ଗଳାର ମେଢ଼ି
Mūḷa meṛhi ପାଖେ ଯୋଚା ହୋଇଥିବା ବଳଦ; ମେଢ଼ିଆ—ମେହିୟାଁ 1. The first bullock tethered to the centre post during threshing. ୨ । (ଲକ୍ଷଣାର୍ଥ) ବଂଶର ମୁଖ୍ୟ ବ୍ୟକ୍ତି ବା କର୍ତ୍ତା—2. (figurative) The head of a family.

ମୂଳ(ଳୁ)ରୁ(ସୁଁ,ହୁଁ)—ଦେ. କ୍ରି. ବିଣ (ସ. ମୂଳତଃ)—୧ । ଆଦୌ;
Mūḷa(ḷu)ru(suñ,huñ) ମୁଣ୍ଡରୁ—1. At all. [ଉ—ଗୋଡ଼ାଥେକେ ଗଛ ଦେଖି ଚତ୍ତ୍ରେ ଅବର, ସାଗର ଜହସ୍ର ପରେ; ଅବଳ ସେ; ସୁରୁସେ ବଉଡ଼ଲେ ବେକ, ନ ଲଗିବ ପାଣି ମୂଳୁଁ (ମୂଳୁଁ—ଅନ୍ୟରୂପ) ଷଡ଼ୁରେ । ରାଧାନାଥ. ଋଷି ।] ୨ । ପ୍ରଥମରୁ 2. From the beginning. [ଉ—ମୂଳୁଁ ମାଇଲେ ଯିବ ସବୁ, ଦେବଙ୍କ ସଙ୍ଗେ କଥାଁ କଳ । ] ୩ । ମୂଳଠାରୁ—3. From the root

ମୂଳ ଲାଗିବା—ଦେ. କ୍ରି—ଦିନ ମଜୁରିରେ କାମ କରିବା—To work
Mūḷa lāgibā on daily wages. [ଉ—ମୂଳ ଲାଗବା ମଜୁର ଖାଟା ଯିବା ବଳ, କାହିଁକି ନ ଲାଗଇ ମନ । ବ୍ରଜନା. ପ୍ରେମ-मुजर लगना (ମୂଳପାଇ ଲାଗିବା—ଅନ୍ୟରୂପ) ପଞ୍ଚାମୃତ ।]

ମୂଳ ଶାକଟ—ସ. ବି (ମୂଳ+ଶଦୁଲ୍ଲାଦିକ ଶେତ୍ରାର୍ଥେ ଶାକଟ)—
Mūḷa śākaṭa ଯେଉଁ କ୍ଷେତ୍ର ମୂଳା ଆଦି ମୂଳଯୁକ୍ତ ଫସଲ (ମୂଳଶାକଳ—ଅନ୍ୟରୂପ) କରିବାପାଇଁ ଉପଯୋଗୀ—A field fit for growing esculent roots in (i. e. radish, arum, potato, yam etc).

ମୂଳ(ଳା,ଳୁ) ଶିଙ୍ଗା(ଙ୍ଘା)—ଦେ. ବିଣ (ସ. ମୂଳ+ଶୃଙ୍ଗ)—ଯେଉଁ
Mūḷa(ḷā,ḷu) śingā(nghā) ଗୋରୁର ଶିଙ୍ଗର ମୂଳ ମୋଟା ଯେ গোরুর শিংগের গোড়া মোটা ବା ମୂଳାର ଅଛିତ ଷର—जड़मे मोटा शिंहवाला Having horns thick at the base; thick-horned.

[ଦ୍ର—ଏ ବଳଦମାନେ ଅକର୍ମଣ୍ୟ । ତାକ ବଚନ ଅଛି—ଅଣ୍ଟାଥିରୁ ଟୁଳିପିବାକୁ ବସି; ଜାନୁଥିରୁ ହୁଡ଼ ମୂଳରେ ବସି । କୃଷିବଚନ ।]

ମୂଳ ଶୋଧନ—ସ. ବି—୧ । ପୁଣ୍ଡରୀକ ବୃକ୍ଷ (ବୈଦ୍ୟକ ଗ୍ରନ୍ଥ)—
Mūḷa śodhana ପୁଣ୍ଡରୀ (ଦେଖ)—1. Puṇḍari (See) ୨ । ଯୋଗଶାସ୍ତ୍ରୋକ୍ତ ଅପାନ ବାୟୁର ସ୍ଥାନଶୋଧନରୂପ କ୍ରିୟା—2. The process of cleansing the inside of the anus after passing stools. [ଦ୍ର—ବାମହାତର ମଧ୍ୟମା ଅଙ୍ଗୁଳିକୁ ତେଲାକ୍ତ କରି ପୁରୀଷୋତ୍ସର୍ଗ ପରେ ଶୌଚ କଲାବେଳେ ସେ ଅଙ୍ଗୁଳି ପ୍ରବେଶପୂର୍ବକ ଗୁହ୍ୟାଭ୍ୟନ୍ତରସ୍ଥ ସ୍ଥାନକୁ ପରିଷ୍କାର କରିବା ପ୍ରକ୍ରିୟାର ନାମ ମୂଳଶୋଧନ । ଏହା ଅଭ୍ୟାସ କଲେ ଅର୍ଶ, ଭଗନ୍ଦର, ଉଦରାମୟ, ଶୂଳ ଆଦି ରୋଗ ଉପଶାନ୍ତ ହୁଏ; ଏହା ପରୀକ୍ଷିତ ଅଟେ ।]

**ମୂଳ ସାଧନ**—ସଂ. ବି (କର୍ମଧା)—ପ୍ରଧାନ ଯନ୍ତ୍ର ବା ଉପାୟ ବା
Mūḻa sādhana ଅବଲମ୍ବନ—Principal means.

**ମୂଳ(ଳୁ)ସୁଁ**—ଦେ. କ୍ରି. ବିଣ—ମୂଳରୁ (ଦେଖ)
Mūḻa(ḻu)suñ Mūḻaru (See)

**ମୂଳ ସୂତ୍ର**—ସଂ. ବି—ପ୍ରଧାନ ବା ଆଦ୍ୟ ନିୟମ—Fundamental
Mūḻa sūtra rule; elementary principle.

**ମୂଳ ସ୍ଥାନ**—ସଂ. ବି—୧ । ଆକାଶ—1. The sky. ୨ । ସ୍ୱର୍ଗ—
Mūḻa sthāna 2. Heaven. ୩ । ପୃଥିବୀକୁ ବେଢ଼ିଥିବା ବାୟୁମଣ୍ଡଳ—3. The sphere of the atmosphere encircling the globe. ୪ । ଭଗବାନ୍; ଈଶ୍ୱର—4. God. ୫ । ମୁଲତାନ ନଗରର ପ୍ରାଚୀନ ନାମ (ବିଶ୍ୱକୋଷ)—5. Old name of Multan.

**ମୂଳ ସ୍ରୋତଃ**—ସଂ. ବି—୧ । ନଦୀର ଉତ୍ପତ୍ତିସ୍ଥାନ ବା ଝରଣା
Mūḻa srotaḥ (ବିଶ୍ୱକୋଷ)—1. The source or spring of a river. ୨ । ମୂଳନଦୀ; ଯେଉଁ ନଦୀରୁ ଶାଖାନଦୀମାନ ବାହାରି ଥାଏ (ବିଶ୍ୱକୋଷ)—2. The main river from which branches flow.

**ମୂଳ ହୀନ**—ସଂ. ବିଣ (୩ୟା ତତ୍)—ଭିତ୍ତିଶୂନ୍ୟ; ଅମୂଳକ—
Mūḻa hīna Groundless; unfounded.

**ମୂଳ(ଳୁ)ହୁଁ**—ଦେ. କ୍ରି. ବିଣ—ମୂଳରୁ (ଦେଖ)
Mūḻa(ḻu)huñ Mūḻaru (See)

**ମୂଳ(ଳୁ)ହୁଁ ଶେଷ**—ଦେ. କ୍ରି. ବିଣ—ମୂଳଠାରୁ ଶେଷ ପର୍ଯ୍ୟନ୍ତ—
Mūḻa(ḻu)huñ śesha From the beginning to
গোড়াথিকে শেষ the end.

**ମୂଳ(ଳୁ)ହୁଁ ଶେଷ ତକ**—ଦେ. କ୍ରି. ବିଣ—ଆଦ୍ୟରୁ ଶେଷ
Mūḻa (ḻu) huñ śesha taka ପର୍ଯ୍ୟନ୍ତ—From the
(ମୂଳ(ଳୁ)ହୁଁ ଶେଷ—ଅନ୍ୟରୂପ) beginning to the end.

**ମୂଳା**—ସଂ. ବି (ମୂଳ+ଅ)—୧ । (ଜ୍ୟୋତିଷ) ଊନବିଂଶ ନକ୍ଷତ୍ର
Mūḻā ବା ତାରାପୁଞ୍ଜ—1. (Astronomy) The 19th constellation. [ଦ୍ର—ଏ ନକ୍ଷତ୍ର ୯ଟି ତାରାର ସମଷ୍ଟି ଓ ଏହା ଶଙ୍ଖାକୃତି । ନକ୍ଷତ୍ର ପଦ ତଳେ ଟୀକା ଦେଖ ।] ୨ । ଏକପ୍ରକାର ଆଳୁ; ପିଣ୍ଡାଳୁ; ହାଣ୍ଡିଆ ଆଳୁ; ହାତଗୋଡ଼ିଆ ଆଳୁ—2. A species of yam (Dioscorea Alata variety; Glolbasa). ୩ । ଏକପ୍ରକାର ସ୍ଥାବର ବିଷ—3. A kind of poison. ୪ । ଶତାବରୀ—4. Asparagus Racemosus.

মূলা
मूली
ଦେ. ବି—୧ । (ସଂ. ମୂଳକ) କୃଷିଜାତ ଖାଦ୍ୟମୂଳ ବିଶେଷ—1. Radish; Raphanus Sativus.

ସଂ. ନାମ—ମୂଳ, ମୂଳକ, କୁଞ୍ଜରକ୍ଷାର, କନ୍ଦମୂଳ, ଦୀର୍ଘକନ୍ଦକ, ଦୀର୍ଘମୂଳ, ହରିପର୍ଣ୍ଣୀ, ମୂଳାହ୍ୱ, ଶାଲକ୍ୟ, ମହାକନ୍ଦ, ମୂଳାହ୍ୱୟ, ମୃତ୍କ୍ଷାର, ମୂଳାବ, ସଜାଳୁକ, ରୁଚର, ହସ୍ତିଦନ୍ତ, ହସ୍ତିଦନ୍ତକ, ହରିତପର୍ଣ୍ଣୀ, ଟଙ୍କମୂଳ, ଶୀତ, ଦୀର୍ଘପତ୍ରକ, ରୁଚିଷ୍ୟ, କୁରୁବକନକ, ଦୀର୍ଘପତ୍ର, ଦୀର୍ଘକନ୍ଦ
মূলা, মূলি
मूली, मुरई, मूला, टोरा, पूरनी. फलि, सरिशा, सेन्तिसरिशा
ତେ. ମୁଲ୍ଲଙ୍ଗି, ମୁଲଙ୍ଗୀଦୁମ୍ପା, ମୁଲଙ୍ଗୀ ଗେଡ୍ଡ଼
ତା. ମୁଲ୍ଲାଙ୍ଗୀ, ମୁଲଙ୍ଗୀ
ମ. ମୂଳଙ୍ଗୀ, ମୂଲ୍ଲ, ମୂଲ୍ଲପଲ୍ଲୀ
ଅ. ଫଜଲ, ବଜରୁଲ୍ ଫଜଲ୍
ଫା. ଭୁଖ୍, ଭୁଖ୍ ମଭୁଖ୍

[ଦ୍ର—ମୂଳା ଭାରତର ସର୍ବତ୍ର କୃଷିଦ୍ୱାରା ଉତ୍ପାଦନ କରାଯାଏ । ଏଥିର ପତ୍ର ଶାଗ ହୁଏ ଏବଂ ମୂଳ ଭକ୍ଷଣ କରାଯାଏ । କେହି କଞ୍ଚାମୂଳା ମଧ୍ୟ ଖାଆନ୍ତି । କୌଣସି କୌଣସି ମୂଳା ଗୋଲ ଓ ଅଧିକାଂଶ ମୂଳା ଲମ୍ବ । ଏଥିର ତେଲ ଓ ମଞ୍ଜି ଔଷଧରେ ଲାଗେ । ଅର୍ଶରୋଗର ଏହା ଭଲ ଔଷଧ । ଏହା କଟୁରସପ୍ରଧାନ । ମୂଳା ନାନା ଆକୃତି ଓ ନାନା ବର୍ଣ୍ଣ-ବିଶିଷ୍ଟ । ଯଥା—ଧଳା, କଳା, ନାଲି । ଶାଲଗମ, ଗାଜର, ବୀଟ ଆଦି ମଧ୍ୟ ଏହି ଜାତୀୟ । ମୂଳା ଶୀତକାଳରେ ଫଳେ । ମାଘ ମାସରେ ଏହା ଖାଇବା ନିଷିଦ୍ଧ । ଢଗ ଅଛି—ମାଘେ ବରକୋଳି ମକରେ ମୂଳା, ଘୋଡ଼ୁ ମାଉଁସ ପୁଳା ପୁଳା ।

ବୈଦ୍ୟଶାସ୍ତ୍ର ମତରେ ମୂଳା କଟୁରସ, ରୁକ୍ଷ, ଉଷ୍ଣବୀର୍ଯ୍ୟ, ରୁଚିକର, ଲଘୁ, ପାଚକ, ତ୍ରିଦୋଷନାଶକ ଓ ସ୍ୱର-ପ୍ରସାଦକ । ଏହା ଜ୍ୱର, ଶ୍ୱାସ, ନାସିକାରୋଗ, କଣ୍ଠରୋଗ ଓ ନେତ୍ରରୋଗର ନାଶକ । ଏହା ଘୃତ ତୈଳାଦିରେ ସିଦ୍ଧ କରି ସେବନ କଲେ ତ୍ରିଦୋଷ ନାଶ ହୁଏ—ଦ୍ରବ୍ୟଗୁଣ ।] ୨ । (ଲକ୍ଷଣାର୍ଥ) କୌଣସି ଅନିଷ୍ଟକାରକ ପଦାର୍ଥ ବା ବସ୍ତୁ—2. (figurative) Any injurious thing. (ଉ—କିଣିଲି ମୂଳା, ମୋ ପାଇଁକି ହେଲା ଶୂଳା—ଢଗ ।) [ଦ୍ର—କୌଣସି ବ୍ୟକ୍ତିର ଅନିଷ୍ଟ କରିବାକୁ ଧମକାଇଲେ ଇତର ଲୋକେ କହିଥାନ୍ତି—'ତୋ ପାଇଁ ଗୋଟିଏ ମୂଳା ସଜାଡ଼ିଛି ।' ଅଶ୍ଳୀଳ ଅର୍ଥରେ ମଧ୍ୟ ଏହା ବ୍ୟବହୃତ ହୁଏ ।]

**ମୂଳାଂଶ**—ସଂ. ବି (ମୂଳ+ଅଂଶ)—(ଉଦ୍ଭିଦ ବିଜ୍ଞାନ) ବୃନ୍ତମୁଖ—
Mūḻāṃśa (Botany) The lower attenuated part of the petal of flower; the top of the stem which joins the flower to the stem.

**ମୂଲ(ଲେ)ଇବା**—ଦେ. କ୍ରି (ସଂ. ମୂଲ୍ୟ ଶବ୍ଦରୁ ଓଡ଼ିଆ କ୍ରିୟା)—
Mulā(le)ibā ୧ । କୌଣସି ଦ୍ରବ୍ୟ କିଣିବା ଉଦ୍ଦେଶ୍ୟରେ ଦର-
দর্ দাম করা ଦାମ କରିବା—1. To bargain for; to
मोल तोल करना make valuation of a thing to
मोलना purchase it; to appraise. [ଉ—ପଇସା ନ ଥାଇ ମୂଲଉଥାଏ । ଦେଖୁଥିଲେ ପେଟ ପୂରୁଥାଏ—ଢଗ ।] ୨ । କୌଣସି ଆପଦକୁ ବା ଦଣ୍ଡକୁ
কেনা
मोलाना ଆପଣା ଉପରକୁ ଡାକି ଆଣିବା; ଦଣ୍ଡାର୍ହ କାର୍ଯ୍ୟ କରିବା—2. To deserve or court a punishment. (ଉ—ସେ ଗୁଡ଼ାଏ ମାଡ଼ ମୂଲଉଛି—ଢଗ ।)

**ମୂଳା(ଳେ)ଇବା**—ଦେ. କ୍ରି (ସଂ. ମୂଳ ଶବ୍ଦରୁ ଓଡ଼ିଆ କ୍ରିୟା)—
Mūḻā(ḻe)ibā ବୃକ୍ଷ ଆଦିକୁ ମୂଳରୁ ଛେଦିବା—To cut a tree at the ground level.

ମୂଳା(ଳେ)ଇ ମାରିବା—ଦେ. କ୍ରି ( ସଂ. ମୂଳ )—୧ । ଅସ୍ତ୍ରର ମୂଳକୁ
Mūlā(le)i māribā ଧରି ଅଗାଢ଼ କରିବା—1. To strike
**जड पकडके मारना** by holding a weapon tightly at the root of the hilt. ୨ । ଗଛକୁ କାଟିବାବେଳେ ଗଛ ଚେରକୁ ମିଶାଇ ମୂଳରୁ କାଟିବା—2. To cut a tree at the ground level. ୩ । ( ସବାରି ବେହେରାଙ୍କ ଭାଷା ) ସବାରି ବାଉଁଶର ମୂଳଦେଶରୁ ( କାନ୍ଧେଇଥିବା ଲୋକଭାଗ ) ଦୃଢ଼ତା ସହକାରେ ପେଲି ସବାରିର ଗତିକୁ ଦ୍ରୁତତର କରାଇବା—3. ( Palki-bearers' language ) To push a palki by applying force with the shoulders at the root of the pole.

ମୂଳା କାଞ୍ଜି—ଦେ. ବି ( ସଂ ମୂଳକ+କାଞ୍ଜିକା )—ଯେଉଁ କାଞ୍ଜିରେ
Mūlā kānji ମୂଳା ସିଝା ହୋଇଥାଏ—Stale rice-water
**মুলোর কাঁজি** boiled with radish.

ମୂଳାଣୁ—ସଂ. ବି ( ମୂଳ+ଅଣୁ )—( ଉଦ୍ଭିଦ ବିଜ୍ଞାନ ) ବୀଜର ଯେଉଁ
Mūlāṇu ଅଂଶ ଜନ୍ମ ହେଲେ ବୃଦ୍ଧି ପାଇ ଚେରରୂପେ ଭୂମିରେ ପ୍ରବେଶ କରେ—( Botany ) The radicle; that part of the seed which on vegetating becomes the root and shoots downwards.

ମୂଳାଧାର—ସଂ. ବି—୧ । ( ତନ୍ତ୍ର ) ଶରୀରସ୍ଥିତ ଷଟ୍‌ଚକ୍ରରୁ
Mūlādhāra ଏକତମ; ଗୁହ୍ୟ ଓ ଲିଙ୍ଗର ମଧ୍ୟବର୍ତ୍ତୀ ଅଙ୍ଗୁଳି ଚତୁଷ୍ଟ ପରିମିତ ସ୍ଥାନ—1. The perineum; the space between the rectum and the genital organ. [ଦ୍ର—ଏହାର ଅନ୍ୟନାମ ତ୍ରିକୋଣ । ଏହା ଇଚ୍ଛା, ଜ୍ଞାନ ଓ କ୍ରିୟାସୂଚକ । ଏଥି ମଧ୍ୟରେ କୋଟି-ସୂର୍ଯ୍ୟପ୍ରଭ ସ୍ୱୟମ୍ଭୂଲିଙ୍ଗ ଅବସ୍ଥିତ । ଏଠାରେ ଗଙ୍ଗା, ଯମୁନା ଓ ସରସ୍ୱତୀ (ଇଡ଼ା, ପିଙ୍ଗଳା ଓ ସୁଷୁମ୍ନା) ପ୍ରବାହିତ । ଏହିଠାରେ କୁଳକୁଣ୍ଡଳିନୀଙ୍କର ଅବସ୍ଥାନ । ] ୨ । ମୂଳ କାରଣ; ଆଦ୍ୟ କାରଣ—2 The primordial cause.

ମୂଳାୟତନ—ସଂ. ବି (କର୍ମଧା)—୧ । ଆଦିମ ନିବାସ—1. Original
Mūlāyatana residence. ୨ । ପୈତୃକ ବାସ୍ତୁସ୍ଥଳ (ଶବ୍ଦକୋଷ)—2 One's ancestral residence.

ମୂଳାଶୀ—ସଂ. ବିଣ. ପୁଂ (ମୂଳ+ଅଶ୍ ଧାତୁ+କର୍ତ୍ତୃ. ଇନ୍; ୧ମା. ୧ବ)
Mūlāśi —ମୂଳ ଖାଇ ପ୍ରାଣଧାରଣ କରୁଥିବା ( ବ୍ୟକ୍ତି )—
(ମୂଳାଶିନୀ—ସ୍ତ୍ରୀ) Subsisting on roots.

ମୂଳାଷ୍ଟମୀ—ସଂ. ବି—ଆଶ୍ୱିନ କୃଷ୍ଣଅଷ୍ଟମୀ; ଦୁର୍ଗାବାହନ ପୂଜା; ଖାମୂଳ-
Mūlāshṭami ବାହନପୂଜା—The 8th day in the dark fortnight of the lunar month of Āświna. [ ଦ୍ର—ଏ ଦିନ ଦୁର୍ଗାଙ୍କର ଶରତ୍‌କାଳୀନ ଉତ୍ସବ ବା ଷୋଳପୂଜାର ମୂଳ ଅର୍ଥାତ୍ ଆରମ୍ଭ ହେବାରୁ ଏହାର ଏପରି ନାମକରଣ ହୋଇଅଛି । ]

ମୂଳା ସାଇଁ—ଦେ. ବି—୧ । ମୂଳା ବୁଢ଼ା ହୋଇଗଲେ ତହିଁରୁ ବାହାରିବା
Mūlā sāin ଚେମଡ଼ା ଅଂଶ ବା ତନ୍ତୁ—1. The hard fibres of old radish. ୨ । ବୁଢ଼ା ହୋଇ ଯାଇଥିବା
**বুড়ো মূলা** ଚେମଡ଼ା ମୂଳା—2. Radish left in the field
**सीरवाली मूली** for an unduly long period.

ମୂଳାହ୍ୱ—ସଂ. ବି (ମୂଳ+ଅହ୍ୱା)—୧ । ମୂଳକ; ମୂଳା-1. Radish.
Mūlāhwa ୨ । ମୂଳ—2. Root.

ମୂଳି—ଦେ. ବି (ସଂ. ମୂଳ)—୧ । ଔଷଧ ନିମନ୍ତେ ବ୍ୟବହୃତ ମୂଳ—
Mūli 1. Herbarious roots. ୨ । ବାଉଁଶର ଚେର ବା
**शिकड़** ମୂଳ ନିକଟସ୍ଥ ଅଂଶ—2. The part of a bamboo
**जड़ी** which adjoins the root. ୩ । (ପୁଂ) ଲୋକଙ୍କ ନାମ—3. A name given to males. [ ଦ୍ର—ଉତ୍କଳ ଜାତିର ବ୍ୟକ୍ତିମାନଙ୍କ ମଧ୍ୟରେ ଏ ନାମ ପ୍ରଚଳିତ ।] ପ୍ରାଦେ. ( ଗଞ୍ଜାମ )—ଶୂଦ୍ରବିଶେଷ—A sect of Sūdras in the district of Ganjam.

ମୂଳିଆ—ଦେ. ବିଣ ( ସଂ. ମୂଳୀୟ )—ମୂଳ ସମ୍ବନ୍ଧୀୟ—Relating
Mūliā to a root. [ଦ୍ର—ହେ କୃଷ୍ଣ କଦମ୍ବମୂଳିଆ ! ଭୂପତି. ପ୍ରେମପଞ୍ଚାମୃତ । ] ଦେ. ବି—୧ । ସବାରି ବାଉଁଶର ମୂଳ ଦେଶରେ କାନ୍ଧେଇଥିବା ବେହେରା—1. A bearer who puts his shoulder at the root of the palki-pole. ୨ । (ପୁଂ) ଯେ ପେଟରେ ଥିବାବେଳେ ବାପ ମରିଯାଏ ବା ଯେ ଜନ୍ମ ହେବା ପରେ ମା ମରିଯାଏ,
(ମୂଳନାଥ. ମୂଳ—ଅନ୍ୟରୂପ) ଏପରି ଶିଶୁ—A name given to a boy whose father died before his birth, or whose mother died immediately after giving birth to him.

ମୂଳିଆ—ଦେ. ବି. ପୁଂ (ସଂ. ମୂଲ୍ୟ)—ମଜୁରିଆ; ଯେଉଁ ବ୍ୟକ୍ତି
Mūliā ଦୈନିକ ମଜୁରି ପାଇଁ କାମ କରେ—A day-
**মজুর** **मुजर** labourer; a cooly.
( ମୂଳିଆଣୀ—ସ୍ତ୍ରୀ )

ମୂଳିଆ ଠେଙ୍ଗା—ଦେ. ବି—ବାଉଁଶ ଗଛର ମୂଳ ପାଖ ଗଣ୍ଡିରୁ କଟା
Mūliā ṭhengā ହୋଇ କରାଯାଇଥିବା ଠେଙ୍ଗା—A stick
[ମୂଳ(ଳି) ଠେଙ୍ଗା—ଅନ୍ୟରୂପ] made of a piece of
**বাংশের গোড়াই লাঠি** bamboo taken from the root.
**जडका ठेंगा**

ମୂଳିଆ ପୁଅ—ଦେ. ବି—୧ । (ମୂଳିଆ ପ୍ରତି କରୁଣାବ୍ୟଞ୍ଜକ
Mūliā pua ପ୍ରୟୋଗ) ଦରିଦ୍ର ମୂଳିଆ—1. (A term of
**মজুর বেচারা** pity) A poor day-labourer. ୨ । ନିର୍ଦ୍ଧନ
**मजुर पुत** ବ୍ୟକ୍ତି (ଯାହାର ମୂଳ ଲାଗିବା ଛଡ଼ା ପୋଷଣର
ମୂଳିଆ ବାପ(ପୁ)ତ୍ରା, ମୂଳିଆ ବଡ(ଡ଼)ାର, ମୂଳିଆ ଲୋକ —ଅନ୍ୟରୂପ ଅନ୍ୟ ଉପାୟ ନାହିଁ)—2. A poor man. ୩ । ପୁରୁଷାନୁକ୍ରମେ ମୂଳ ଲାଗି ପୋଷି ହେବା ବ୍ୟକ୍ତି—3. A person who and whose ancestors have been day-labourers.

**ମୂଳିଆ ମୁଣ୍ଡ**—ଦେ. ବି—ଗରିବ ମୂଳିଆ ବ୍ୟକ୍ତି—A poor day-
Mūliā muṇḍa labourer. [ଉ—ଅମେ ତ ମୂଳିଆ
ଜନମଜୁର ମୁଣ୍ଡ, ଘାଟଲୁଗା ଚିହ୍ନିବାକୁ ଦେଖା କାହିଁ ପାଇବା ?]
मजुरबिचारा

**ମୂଳିକ**—ସଂ. ବିଣ—(ମୂଳ+ଇକ)—୧ । ମୂଳ ସମ୍ବନ୍ଧୀୟ—1.
Mūlika Radical; relating to the root. ୨ ।
କପାଳର ଭୂମି ବା ମୂଳ ଅଡ଼କୁ ଅବସ୍ଥିତ—2. Situate
towards the base of the skull. ୩ ।
(ସଂ) ମୂଳଭୋଜୀ (ପ୍ରକୃତିବାଦ)—3. Subsisting on
roots. ୪ । ଅଦ୍ୟ; ପ୍ରଥମ (ଶବ୍ଦକୋଷ)—4. First;
prime. ୫ । ପ୍ରଧାନ (ଶବ୍ଦକୋଷ)—5. Chief. ସଂ.
ବି. ପୁଂ—(ଯେ ବନ୍ୟମୂଳ ଅନ୍ନ ଖାଇ ବଞ୍ଚନ୍ତି)—ସନ୍ନ୍ୟାସୀ;
(ମୂଳିକା—ସ୍ତ୍ରୀ) ଯୋଗୀ (ଶବ୍ଦକୋଷ)—An anchorite;
a recluse.

**ମୂଳିକା**—ସଂ. ବି (ମୂଳ+କ+ଆ)—ମୂଳସମୂହ (ଶବ୍ଦକୋଷ—
Mūlikā Roots). ସଂ. ବିଣ. (ମୂଳିକ+ଆ)—ମୂଳିକର
शिकड़, जडिबुटी ସ୍ତ୍ରୀଲିଙ୍ଗ—Feminine of Mulaka (see)
जडिबुटी ବି. ଦେ. ବି—(ସଂ. ମୂଳିକା) ମୂଳମୂଳିକା; ଦୁଉଦୁଷଦଅ
ଔଷଧ ପାଇଁ ବ୍ୟବହୃତ ଚେର ମୂଳମାନ—Her-
barious roots; root and herbs. [ଯଥା—ମନ୍ତ୍ର
ମନ୍ତ୍ର ଗୁଣି ମୂଳିକା ନ ମଣି ଯୁବା ଭୁଜଙ୍ଗୀର ବଶ; ଯହିନେ
କବରେ ଦେଖି ଖାନ୍ତି କଲି ଦୃଗବଚନ ପୀୟୂଷ । ପ୍ରାଚୀ—
ଲୁପକ. ଚୌତିଶା ] । ପ୍ରାଦେ. (ସିଂହଭୂମି) ବି—ଯାଡ଼
(ଦେଖ)—Jārḍha (see)

**ମୂଳିବାଉଁଶ**—ଦେ. ବି. ୧ । ବାଉଁଶର ମୂଳ ପାଖର ଖଣ୍ଡ—
Mūli bāuṅsa 1. The part of a bamboo near
বাঁশের গোড়া its root. ୨ । ଏକଜାତୀୟ କଣ୍ଟାବାଉଁଶ—
जडबाँश 2. A kind of thorny bamboo.

**ମୂଳି ମୂଳିକା**—ଦେ. ବି—ଔଷଧାର୍ଥ ବ୍ୟବହୃତ ଚେରମୂଳ—
Mūli mūlikā Herbarious roots.
জড়ি বুটী जडि बुटी

**ମୂଳି ଲଗା(ଗେ)ଇ ଦେବା**—ଦେ. କ୍ରି.—ଗଛକୁ ଏପରି ଭାବରେ
Mūli lagā(ge)i debā କାଟିଦେବା ବା ଗୋଲେଖାଡ଼
গোড়ায় কাটা ପକାଇବା ଯେପରି ତାହାର ମୂଳର
जडसेखाना କୌଣସି ଅଂଶ ଭୂମି ଉପରକୁ ଦେଖାଯିବ ନାହିଁ—
To destroy or cut a plant or tree in
such a manner so as not to leave any
stump outstanding.

**ମୂଳୀ**—ସଂ. ବି (ମୂଳ+ଅସ୍ତ୍ୟର୍ଥେ. ଇନ୍; ୧ମା. ୧ବ)—୧ । ବୃକ୍ଷ—
Mūlī 1. Tree ୨ । ଗୃହଗୋଧିକା; ଘରି; ଝିଟିପିଟି—
2. House; lizard. ୩ । ଔଷଧ ( ଶବ୍ଦକୋଷ )—
3. Herb. ସଂ. ବିଣ—୧ । ମୂଳ ବିଶିଷ୍ଟ—1.
Having root. ୨ । ମୌଳିକ—2. Funda-
mental.

**ମୂଳୀଭୂତ**—ସଂ. ବିଣ (ମୂଳ+ଅଭୂତ. ତଦ୍ଭାବେ ଚ୍ୱି+ଭୂ+ତ)—
Mūlībhūta ୧ । ମୂଳକାରଣସ୍ୱରୂପ—1. Being the
source or origin of a thing. ୨ । କାରଣୀ-
ଭୂତ; ଅଦ୍ୟ—2. Primary; primordial.

**ମୂଳୀୟ**—ସଂ. ବିଣ (ମୂଳ+ଈୟ)—ମୂଳସମ୍ବନ୍ଧୀୟ—Relating to
Mūlīya 'Mūla'. [ଦ୍ର—ଏହା ଅନ୍ୟ ଶବ୍ଦ ସଙ୍ଗେ ଯୁକ୍ତ ହୁଏ;
ଯଥା—ଜହ୍ନାମୂଳୀୟ । ]

**ମୂଳୁଁ(ଳୁ)**—ଦେ. କ୍ରି. ବିଣ—ମୂଳରୁ (ଦେଖ)
Mūluṅ(lu) Mūlaru (See)
( ମୂଳୁଁ, ମୂଳୁଁ—ଅନ୍ୟରୂପ )

**ମୂଳୁମୂଳିଆ**—ଦେ. ବିଣ. ପୁଂ—୧ । ଅଳସୁଆ; ଯେ ଅଳ୍ପ ସମୟରେ
Mūlumūliā କରିଯିବା କାମକୁ ବହୁ ସମୟରେ କରେ—
আলসে 1. Idle; slow; a person who does a little
चिच पिचिया work in a long time; dilatory.
(ମୂଳୁମୂଳେଇ—ସ୍ତ୍ରୀ) ୨ । କାର୍ଯ୍ୟ କରିବାକୁ ଅନିଚ୍ଛୁକ—
2. Unwilling to work.

**ମୂଳୁମୂଳୁ**—ଦେ. ବି—କାର୍ଯ୍ୟ କରିବାରେ ବିଳମ୍ବ—
Mūlu mūlu Delay in finishing a work.
বিলম্ব ଦେ. ବିଣ—ମୂଳୁମୂଳିଆ (ଦେଖ)
चिचपिच Mūlumūliā (See)

**ମୂଳେ**—ଦେ. (ପ୍ରାଚୀନ ପ୍ରୟୋଗ) ଅ. (ସଂ. ମୂଳଂ) ପ୍ରାଦେ. (ଗଞ୍ଜାମ,
Mūle ଗଡ଼ଜାତ) ଅ—୧ । ଦ୍ୱାରା; ଜରିଅରେ—1. Per; by;
তে through. [ଉ—ଅର୍ଜିମୂଳେ ଶତ୍ରୁଙ୍କୁ ଗୁହାରି କଲି । ]
मे ୨ । ଠାରେ; ପାଖରେ; ନିକଟରେ—2. At; near. [ଉ—
ପରମ ବଂଶ ମୁକୁନ୍ଦମୂଳେ, ଯେ ଥାନ୍ତି ପୁଣ୍ୟ ତୀର୍ଥକୂଳେ ।
ଜଗନ୍ନାଥ. ଭାଗବତ । ] ୩ । ନିକଟକୁ; ପାଖକୁ—
3. To. [ତୁଳନାକର—ଚଣ୍ଡୀପୁରାଣ ୬ଷ୍ଠ ଅଧ୍ୟାୟ, ଅଷ୍ଟମ
ଶ୍ଲୋକ—

"ସ ଦୃଷ୍ଟ୍ୱା ତାଂ ତତୋ ଦେବୀଂ
ତୁହିନାଚଳ ସଂସ୍ଥିତାମ୍,
ଜଗାଦୁଚ୍ଚୈଃ ପ୍ରଯାହୀତି
ମୂଳଂ ଶୁମ୍ଭନିଶୁମ୍ଭୟୋଃ ।"

ଏଠାରେ 'ଶୁମ୍ଭ ନିଶୁମ୍ଭୟୋ ମୂଳଂ'ର ଅର୍ଥ 'ଶୁମ୍ଭ ନିଶୁମ୍ଭଙ୍କ
ନିକଟକୁ' । ] ୪ । ସମ୍ମୁଖରେ—4. In front of.
୫ । ସହିତ—5. With. [ଉ—ସନକମୂଳେ ଋଷିଗଣେ,
ଶଙ୍କିଲି ଅବସ୍ଥ ଚରଣେ । ଜଗନ୍ନାଥ. ଭାଗବତ ।]୬ । ମୂଳୀ-
ଭୂତ କାରଣେ—6. On the basis of. [ ଉ—
କବାଳମୂଳେ ସତ୍ତ୍ୱ ପାଇବା । ]

**ମୂଳେଇବା**—ଦେ. କ୍ରି—୧ । ମୂଳପୋଛ କରିବା; ମୂଳରୁ ଗୋଟିଏ କରି
Mūleibā କାଟି ଦେବା—1. To cut a tree at the
গোড়া কাটা root or at the level of the ground.
जडसे काटना ୨ । ମୂଳୋଚ୍ଛେଦ କରିବା; ମୂଳ ଉପାଡ଼ିବା—
2. To eradicate; to uproot.

ମୂଳୋଚ୍ଛେଦ—ସଂ. ବି ( ମୂଳ + ଉଚ୍ଛେଦ; ୬ଷ୍ଠୀ ତତ୍ )—୧ । ମୂଳ Mūlochchheda କାଟିବା, ମୂଳଚ୍ଛେଦ—1. Cutting of the root. ୨ । ( ଲକ୍ଷଣାର୍ଥ ) ସମୂଳ ବିନାଶ—2. (figurative) Eradication. (ମୂଳୋଚ୍ଛେଦନ—ଅନ୍ୟରୂପ) [ମୂଳୋଚ୍ଛେଦକ, ମୂଳୋଚ୍ଛିନ୍ନ—ବିଣ]

ମୂଳୋତ୍ଖାତ—ସଂ. ବିଣ (ମୂଳ + ଉତ୍ଖାତ; ୭ମୀ ତତ୍)—୧ । ମୂଳୋ Mūlot khāta ତ୍ପାଟିତ—1. Eradicated. ୨ । ନିର୍ମୂଳୀକୃତ—2. Uprooted. ୩ । ( ଲକ୍ଷଣାର୍ଥ ) ସମୂଳ ବିନଷ୍ଟ—3. ( figurative ) Extirpated. ସଂ. ବି – ମୂଳୋତ୍ପାଟନ ( ଦେଖ )—Mūlotpātana ( See )

ମୂଳୋତ୍ପାଟନ—ସଂ. ବି ( ମୂଳ + ଉତ୍ପାଟନ )—୧ । ଗଛର ମୂଳ Mūlot-pātana ଓପାଡ଼ିବା—1. Eradication. ୨ । ନିର୍ମୂଳୀକରଣ—2. Uprooting. ୩ । ( ଲକ୍ଷଣାର୍ଥ ) ସମୂଳ ବିନାଶ—3. ( figurative ) Extirpation.
ମୂଳୋତ୍ପାଟକ } ବିଣ
ମୂଳୋତ୍ପାଟିତ }

ମୂଳୌଷଧି—ସଂ. ବି ( ସ. ପ. ଲୋ )—ଔଷଧରୂପେ ବ୍ୟବହୃତ ମୂଳ—Mūlaushadhi Herbarious root.

ମୂଲ୍ୟ—ସଂ. ବି ( ମୂଳ=ବସ୍ତୁାଦିର ଉତ୍ପତ୍ତି କାରଣ ଅର୍ଥାତ୍ ପରିଶ୍ରମ + Mūlya ଯ )—୧ । ଦ୍ରବ୍ୟାଦିର ଦାମ ବା ପଣ—1 Value or price of a thing. ୨। ମୂଲ; ପରିଶ୍ରମର ଦାମ—2, Wages; remuneration for labour. ୩ । ବ୍ୟବହାର ପାଇଁ ନିଆଯିବା ଭଡ଼ା—3. Hire. ୪ । ବେତନ—4. Salary. ସଂ. ବିଣ ( ମୂଳ ଧାତୁ + ଯ )—୧ । ରୋପଣ ଯୋଗ୍ୟ—1. Fit to be planted. ୨ । ପ୍ରତିଷ୍ଠାଯୋଗ୍ୟ—2. Fit to be established. ୩ । କିଣିବ କରିବାର ଯୋଗ୍ୟ—3. Purchasable. ୪ । ଦାମୀ—4. Valuable. ୫ । ( ମୂଳ+ଯ; ଯେଉଁ ଶସ୍ୟାଦିର ସ୍ଥୂଳ ମୂଳରୁ ଉତ୍ପାଟିତ କରଯାଏ ) ମୁଦଗାଦି ଶସ୍ୟ ( ଶବ୍ଦକୋଷ )—.5. Cereals; grains-pulse.

ମୂଲ୍ୟ କରିବା—ଦେ. କ୍ରି—ମୂଲ କରିବା ( ଦେଖ )—Mūlya kariba Mūla kariba ( See )
দাম করা মূল্য করনা

ମୂଲ୍ୟ ଧରିବା—ଦେ. କ୍ରି—ପୂର୍ବରୁ କୌଣସି ବସ୍ତୁର ଅନୁମାନିକ ମୂଲ୍ୟ Mūlya dhariba ସ୍ଥିର କରିବା—To estimate roughly the price ( of anything ) in advance.
মোটামোটি হিসাব করা মূল্য লগানা

ମୂଲ୍ୟ ଧାର୍ଯ୍ୟ କରିବା – ଦେ. କ୍ରି—କୌଣସି ବସ୍ତୁର ମୂଲ୍ୟ ନିର୍ଦ୍ଧାରିଣ Mūlya dhārjya kariba କରିବା—To fix a price; to settle a price.
মূল্য ধার্য্য করা মূল্য ঘেরনা

ମୂଲ୍ୟ ନାଶକ—ସଂ. ବିଣ—ଯାହା କୌଣସି ବସ୍ତୁର ଦର କମାଇ ଦିଏ—Mūlya nāsaka Depreciating the value of a thing.

ମୂଲ୍ୟ ନିରୂପଣ—ସଂ. ବି ( ୬ଷ୍ଠୀ ତତ୍ )—ପଦାର୍ଥର ଦାମ ଠିକ୍ କରିବା; Mūlya nirūpana ଦରଦାମ କରିବା—Ascertainment of the price of a thing; appraisement. ( ମୂଲ୍ୟକରଣ, ମୂଲ୍ୟନିର୍ଣ୍ଣୟ, ମୂଲ୍ୟ ନିର୍ଦ୍ଧାରଣ—ଅନ୍ୟରୂପ )

ମୂଲ୍ୟବାନ୍—ସଂ. ବିଣ (ମୂଲ୍ୟ + ଅସ୍ତ୍ୟର୍ଥେ ବତ୍; ୧ମା. ୧ବ)—ବହୁମୂଲ୍ୟ Mūlyabān —Valuable.

ମୂଲ୍ୟବାନ୍ ଦଲିଲ୍—ଦେ. ବି ( କର୍ମଧା )—ଯେଉଁ ଦଲିଲ ବଳରେ Mūlyabān dalil କୌଣସି ଅର୍ଥ ବା ସମ୍ପତ୍ତି ମିଳିପାରେ ବା ମିଳିବ; ଯାହା ହଜିଗଲେ ବା ନଷ୍ଟ ହୋଇଗଲେ ଉକ୍ତ ଦଲିଲ ସମ୍ପୃକ୍ତ ବ୍ୟକ୍ତିର କ୍ଷତି ହୁଏ—Valuable security; valuable document.
মূল্যবান্ দলীল মূলবান দ্লীল

ମୂଲ୍ୟହୀନ—ସଂ. ବିଣ ( ୩ୟା ତତ୍ )—୧ । ଯାହାର କିଛିମାତ୍ର ମୂଲ୍ୟ Mūlyahina ନାହିଁ—1. Valueless. ୨ । ଅମୂଲ୍ୟ ( ମୂଲ୍ୟ ବର୍ଜିତ—ଅନ୍ୟରୂପ ) ( ଶବ୍ଦକୋଷ )—2. Price-less; of very great value. ( ମୂଲ୍ୟବାନ —ବିପରୀତ )

ମୂଲ୍ୟାବଧାରଣ—ସଂ. ବି—ମୂଲ୍ୟ ନିରୂପଣ ( ଦେଖ ) Mūlyābadhārana Mūlya nirūpana ( See )

ମୂଷ ( ଧାତୁ )—ସ—ଚୋରି କରିବା; ଲୁଟ କରିବା—Mūsh ( root ) To rob,-to steal.

ମୂଷ—ସଂ. ବି ( ମୂଷ୍ ଧାତୁ+କର୍ତ୍ତୃ. କ୍ୱିପ୍ )—୧ । ମୂଷା (ଶବ୍ଦକୋଷ) Mūsh 1. Mouse; rat. ୨ । ( + କରଣ. କ୍ୱିପ୍ ) ତୈଜସାବର୍ତ୍ତିନୀ (ଶବ୍ଦକୋଷ); କୋଠ—2. Crucible.

ମୂଷ—ସଂ. ବି. ପୁଂ—୧ । (ମୂଷ୍ ଧାତୁ=ଚୋରି କରିବା + କର୍ତ୍ତୃ. ଅ)—Mūsha ମୂଷା; ଉନ୍ଦୁର—1. Mouse ୨ । ( + କରଣ. ଅ) ଧାତୁ ତରଳାଇବାର ପାତ୍ର; କୋଠ; ତୈଜସାବର୍ତ୍ତିନୀ—2 Crucible. (ମୂଷା—ସ୍ତ୍ରୀ)

ମୂଷକ—ସଂ. ବି. ପୁଂ ( ମୂଷ୍ ଧାତୁ=ଚୋରି କରିବା + କର୍ତ୍ତୃ. ଅକ )—Mūshaka ୧ । ମୂଷା; ଉନ୍ଦୁର—1. Mouse; rat ୨ । ତସ୍କର; ଚୋର—2. Thief. ୩ । ଦସ୍ୟୁ, ଲୁଣ୍ଠନକାରୀ—3. Dacoit; robber. ୪ । ( କରଣ. ଅକ) ତୈଜସାବର୍ତ୍ତିନୀ; କୋଠ (ଶବ୍ଦକୋଷ)—4. Crucible. (ମୂଷିକା—ସ୍ତ୍ରୀ)

ମୂଷକାଦ—ସଂ. ବି ( ମୂଷକ + ଅଦ୍ ଧାତୁ + କର୍ତ୍ତୃ. ଅ )—ବିଡ଼ାଳ—Mūshakāda Cat. ( ମୂଷକଶତ୍ରୁ, ମୂଷକାରାତି, ମୂଷକାରି—ଅନ୍ୟରୂପ)

ମୂଷଣ—ସଂ. ବି ( ମୂଷ୍ ଧାତୁ=ଚୋରି କରିବା+ଭାବ. ଅନ )—Mūshana ଅପହରଣ; ଚୋରି—Theft.

ମୂଷଲ ( ଇତ୍ୟାଦି )—ସଂ. ବି—ମୁଷଳ ଇତ୍ୟାଦି ( ଦେଖ ) Mūshala ( etc ) Mushala etc ( See )

ମୂଷଲୀ—ସଂ. ବି—ତାଳମୂଳୀ ( ଦେଖ )—Tālamūli ( See ) Mūshali ସଂ. ବିଣ. ପୁଂ—ମୁଷଲୀ ( ଦେଖ )—Mūshali ( See )

ମୂଷା—ସଂ. ବି. ସ୍ତ୍ରୀ ( ମୂଷ୍ ଧାତୁ=ଚୋରି କରିବା+କର୍ତ୍ତୃ. ଅ + ସ୍ତ୍ରୀ. Mūsha ଆ )—୧ । ମାଈ ମୂଷା—1, A female rat. ୨ । ଏକପ୍ରକାର ତୃଣ—2. A sort of grass.

୩ । (+ବରଣ ଅ+ଅ ) ଗବାକ୍ଷ—3. Window. ୪ । ଚୋଇ—4. A crucible. ୫ । ଦେବତାଡ଼ ଲତା—5. Andropegen Serratus (creeper).

ইন্দুর ଦେ. ବ ( ପୁଂ ଓ ସ୍ତ୍ରୀ ) ( ସଂ. ମୂଷିକ )—
ईंन्दुर, चुहा, मूषा ମୂଷିକ; ସୂକ୍ଷ୍ମ ଓ ତୀକ୍ଷ୍ଣ ଦନ୍ତବିଶିଷ୍ଟ କ୍ଷୁଦ୍ର
ତେ. ଏଲୁକ ଚତୁଷ୍ପଦ ବଳେଶୟ ଜୀବ—Mouse; rat.
ମ. ଉନ୍ଦୀର ( ତୁଳ. ଇଂ. ମାଉସ୍, ପ୍ରାଚୀନ ଇଂ. ମୂସ୍, ଲାଟିନ୍. ମୁସ୍; ଗ୍ରୀକ୍ ମୁସ୍ । ) [ ଉ—କ୍ଷୁଧା ଅନଳେ ଓସ୍ତ ଅଛୁ । ଖୁଣ୍ଟଣ ମୂଷା ଯେସନେ ଖାଇ—ଜଗନ୍ନାଥ. ଭାଗବତ । ] [ ଦ୍ର—ଏ ଦେଶରେ ମୂଷା ଅନେକ ପ୍ରକାରରେ ଦେଖାଯାଆନ୍ତି । ଯଥା—୧ । ଗଛୁଆ ମୂଷା ( ବ. ଗାଛୁୟା ଇନ୍ଦୁର )—ଏମାନେ ଡାଳ, ଡାଙ୍ଗୁଆ ପ୍ରଭୃତି ଗଛରେ ବସା କରନ୍ତି ।

୨ । ଘରୁଆ ମୂଷା—ଏମାନେ ଘରର ଗୁଳ ମଧ୍ୟରେ ବାସ କରନ୍ତି । ଏମାନଙ୍କର ଲାଞ୍ଜ ଦେହଠାରୁ ଲମ୍ବ ।

୩ । ଗାଭୁ(ଡ଼ୁ)ଆ ମୂଷା ( ବ. ଧମ୍ସା ଇନ୍ଦୁର )—ଏମାନେ ଭୂଇଁ ଓ ଘରର କାନ୍ଥ ମଧ୍ୟରେ ଗାତ କରି ରହନ୍ତି । ଏମାନଙ୍କର ଦେହ ଧୂମ୍ରବର୍ଣ୍ଣ ଓ ଲାଞ୍ଜ କ୍ଷୁଦ୍ର ।

୪ । ପାହାଡ଼ିଆ ମୂଷା—ଏମାନେ ଗୁଣ୍ଡୁଚି ମୂଷା ଜାତୀୟ; ଓଡ଼ିଶାର ଜଙ୍ଗଲ ଓ ପାହାଡ଼ରେ ଦେଖାଯାଆନ୍ତି । ଏମାନେ ଲମ୍ବରେ ପ୍ରାୟ ଏକ ହାତ ହୁଅନ୍ତି । ଏମାନଙ୍କର ମୁହଁ ପ୍ରାନ୍ତ ହଳଦିଆ ଏବଂ ଲାଞ୍ଜ ସାପ ଓ ଲୋମଶ ।

୫ । ଚୁଚୁଆ ମୂଷା ବା ଚୁ(ଛୁ)ଞ୍ଚେଇ ମୂଷା ( ବ. ନେଂଟୀ ଇନ୍ଦୁର )—ଏହି ଜାତିର ମୂଷାଙ୍କର ଦେହ କ୍ଷୁଦ୍ର ପ୍ରାୟ ୩।୪ ଅଙ୍ଗୁଳ । ଲାଞ୍ଜ ଦେହ ଅପେକ୍ଷା ବଡ଼ ଓ ଲୋମଶୂନ୍ୟ । ଏମାନେ ଘରେ ଥିବା କାଗଜପତ୍ର, ଝୋଟ, ଦରଢ଼ି ଆଦି ମଧ୍ୟରେ ବସା କରି ରହନ୍ତି ।

୬ । ନେପାଳୀ ମୂଷା—ଏମାନେ ମୂଷାଜାତୀୟ; କିନ୍ତୁ ଏମାନଙ୍କର ରଙ୍ଗ ସଫା ଧଳା ଓ ଲାଙ୍ଗୁଡ଼ ନାହିଁ ।

୭ । ବିଲମୂଷା ବା ବିଲୁଆ ମୂଷା ( ବ. ମେଠୋ ଇନ୍ଦୁର ବା ମାଠିଆ ଇନ୍ଦୁର )—ଏମାନେ ପଡ଼ିଆରେ ଗାତ କରି ରହନ୍ତି ଓ ବିଲରୁ ଖାଇଲା ଧାନ ନେଇ ଝୁଡ଼ମୂଳେ ଗାତ କରି ସଞ୍ଚୟ କରନ୍ତି । ]

ମୂଷାକ—ସ. ତ—ମୂଷା ( ଦେଖ )
Mūshāka Mūshā ( See )

ମୂଷାକାଣ—ଦେ. ବ—୧ । ( ସ. ମୂଷିକକର୍ଣ୍ଣୀ ) ମୂଷିକକର୍ଣ୍ଣୀ ( ଦେଖ )
Mūshākāni 1. Mūshika karnni ( See ) ୨ । ( ସ.
মুষাকানী ଦ୍ରୈବୋର )—ଦକ୍ଷିଣଦେଶଜ ଏକପ୍ରକାର ଗୁଳ୍ମ—
मूषाकानी 2. Name of a medicinal plant of
[ ମୂଷାକାଣିଆ (ଅ)—ଅପ୍ରଚଳିତ ] west India. [ ଦ୍ର—
उन्दिरमारी; ইন্দুরমারী ଏହା କଟୁରସବିଶିଷ୍ଟ; ମୂଷା ବାମୁଡ଼ାର ବିଷନାଶକ ଏବଂ କ୍ରିମି ଓ କେଶରୋଗରେ ଅତ୍ୟନ୍ତ ଉପକାରୀ । ] ୩ । ଏକିଜାତୀୟ କ୍ଷୁଦ୍ର ବନ୍ୟ ଲତା—3. A kind of small wild creeper. [ ଦ୍ର—ଏହା ବାଡ଼ରେ ଓ ପଡ଼ିଆରେ ଚଢ଼େ । ଗୋରୁ ଜଗୁଥିଲା ପିଲାମାନେ ଓ ଛୋଟ ବାଳକ ବାଳିକାମାନେ ଖେଳର ସଙ୍ଗେ ଏହାକୁ ଖେଳାଇ ପାନ ଖାଇଲା ଭଳି ପାଟି ନାଲି କରନ୍ତି । ]

ମୂଷା ଗାତ—ଦେ. ବ (ସ. ମୂଷିକଗର୍ତ୍ତ)—ମୂଷା ଖୋଳିଥିବା ଗର୍ତ୍ତ ବା
Mūshā gāta ବିଲ—Hole burrowed by the mouse.
ইন্দুরগর্ত मूषाका बिल

ମୂଷା ଜନ୍ତା—ଦେ. ବ (ସ. ମୂଷିକଯନ୍ତ୍ର ) —ମୂଷାମାନଙ୍କୁ ଧରିବା ବା
Mūshā jantā ମାରିବା ପାଇଁ ପ୍ରସ୍ତୁତ କରାଯାଇଥିବା ଜନ୍ତା—A
ইঁদুর ধরবার কল चूहेदानी mouse trap.

ମୂଷା ଦାନ୍ତିଆ—ଦେ. ବଣ. ପୁଂ—ଯାହାର ଦାନ୍ତ ମୂଷାର ଦାନ୍ତ ପରି
Mūshā dāntiā ଛୋଟ ଓ ତୀକ୍ଷ୍ଣ—Having teeth
(ସ୍ତ୍ରୀଦନ୍ତା—ଅପ୍ରଚଳିତ) sharp like those of the
ইংদুরের মত দাঁত, ইঁদুর দেঁতো मुषादंता mouse.
(ମୂଷାଦାନ୍ତୀ, ମୂଷାଦାନ୍ତେଇ—ସ୍ତ୍ରୀ)

ମୂଷାତୁତ୍ଥ—ସ. ବ.—(ମ ପ. ଲେ)—ନୀଳ ତୁତିଆ—
Mūshā tuttha The blue vitriol

ମୂଷା ମାଟି—ଦେ. ବ.—ମୂଷାଗାତର ମୁହଁଅଡ଼କୁ ମୂଷା ଗାଦ କରାଇଥିବା
Mūshā māti ମାଟି—Loose earth thrown out by
ইন্দুর মাটি the mouse from its hole and heaped
मूषा मिट्टी up neer the mouth thereof.

ମୂଷି—ଦେ. ବ.—୧ । (ସ. ମୂଷିକ) ଛୋଟ ମୂଷା—1. A small
Mūshi mouse. [ ଉ—ଚୁକୁ ମୂଷି ରେ ! ଚୁକେଇ ମୂଷି ! ଧାନ
নেংটিইংদুর ଦରଶକ ଖାଉଥା ବସି । ଭୁ ଥା ମୁଁ ଯାଉଛୁ ମୂଷି । ଶିଶୁ-
मुसरी ଗୀତ ।] ୨ । ଛୋଟ ଛୋଟ ଅଙ୍ଗାର—2. Small bits of charcoal.

ମୂଷି(ଷୀ)କ—ସ. ବ. ପୁଂ. (ମୁଷ୍ ଧାତୁ=ଚୋରି କରିବା+କର୍ତ୍ତୃ. ଇକ.
Mūshi(shī)ka ଇକ)—୧ । ମୂଷା (ଦେଖ)—1. Mūshā
ইন্দুর (See). [ ଦ୍ର—ମୂଷାର ଅନ୍ୟ ସଂସ୍କୃତ ନାମମାନ ଯଥା—
ईंदुर, मूषा ଆଖନିକ, ଆଖୁ, ଉନ୍ଦୁରୁ, ଉନ୍ଦୁରୁକ, ଉନ୍ଦୁରୁ,
[ ମୂଷି(ଷୀ)କା—ସ୍ତ୍ରୀ] ଖନକ, ଧାନ୍ୟାରି, ବଳୀ, ଗିରି, ବଭ୍ରୁ, ବହୁପ୍ରଜ, ବିଳକାରୀ, ବୃଷ(ଷ), ମୂଷ, ମୂଷକ, ମୂଷାକ—ଇତ୍ୟାଦି ।] ୨ । ଶିରୀଷ ଫୁଲର ଗଛ—2. Name of a flowering tree; Mimosa Sirisha. ୩ । ଚୋର; ତସ୍କର—3. Thief. ୪ । ଦସ୍ୟୁ, ଲୁଣ୍ଠନକାରୀ—4. Dacoit; robber. ୫ । ଦକ୍ଷିଣ ଭାରତର କୁମାରିକା ଓ କୁଇଁଲନ ଅନ୍ତରାଳ ମଧ୍ୟସ୍ଥ ଦେଶ—5. A tract of country of South India between Cape Camorin and Quilon.

ମୂଷି(ଷୀ, ଷ)କ କ(ପ)ର୍ଣ୍ଣୀ—ସ. ବ.—ମୂଷାକାଣ ନାମକ ବର୍ଷାୟୁ
Mūshi(shī, sha)ka(pa)rnni ଜଳଜାତ ଜଳଜ ଶାକ-
An aquatic weed; Salvinia Cucullata; Ipomoea Renniformis.

ଅନ୍ୟ ସଂ. ନାମ, ଯଥା— [ଦ୍ର—ଏହାର ପତ୍ରମାନ ମୂଷାକାନ ପରି କ୍ଷୁଦ୍ର ଆକାରର ଓ ପତ୍ରପୃଷ୍ଠ ବାଲ ପରି ଫୁଲାଏ ଅତି କୋମଳ ଦେଖାଯାଏ ଏବଂ ଲଟି ଯାଇଥିବା ଭଳି ଥାଏ । ବୈଦ୍ୟକ ମତରେ ଏହା କଟୁତିକ୍ତ, କଷାୟ, ଶୀତବୀର୍ଯ୍ୟ, ଲଘୁ ଓ କଟୁ ବିପାକ । ଏହା ମୂତ୍ର, କଫ ଓ କୃମିରୋଗନାଶକ ।]

ଆଖୁକର୍ଣ୍ଣିକା, ଆଖୁପ(ପ)ର୍ଣ୍ଣୀ, ଉନ୍ଦୁରୁକର୍ଣ୍ଣୀ, ଉପଚିତ୍ରା, ଚିତ୍ରା, ଦ୍ରବନ୍ତୀ, ନ୍ୟଗ୍ରୋଧା(ଧୀ), ପୁତ୍ରଶ୍ରେଣୀ, ପ୍ରତ୍ୟକ୍‌ଶ୍ରେଣୀ, ପଞ୍ଚପତ୍ରିକା, ବୃଷପର୍ଣ୍ଣୀ, ସ(ଂ)ମସା, ଦ୍ରମ୍ପ, ବୃଷା, ଶମ୍ବର, ସୁକର୍ଣ୍ଣିକା, ସୁତଶ୍ରେଣୀ, ଶମ୍ବରଶ୍ରେଣୀ, ଦ୍ରବନ୍ତିକା ।

ହି. ईंदुरकानी पाता मुषाकानी; उन्दुरकर्णी

ତେ. ଏଲକଚେବ ମ. ଉନ୍ଦୀରକାନୀ ଗୁ. ଉନ୍ଦରକନୀ

ଫା. ଗୋସ୍‌ମୁସ, ସବର ଅ. ଅଜନୁଲ ଫାର

ମୂଷା(ଷ,ଶା)କର୍ଣ୍ଣୀ, ମୂଷିକ(ପ)ର୍ଣ୍ଣିକା
ମୂଷିକାହ୍ୱା, ମୂଷକ(କୁ)ମସା } —ଅନ୍ୟରୂପ
ମୂଷିକାହ୍ୱୟା, ମୂଷିକା

ମୂଷିକ ବାହନ—ସଂ. ବି.—(ମୂଷିକ+ବାହନ; ବହୁବ୍ରୀହି)—ଗଣପତି; Mūshika bāhana ଗଣେଶ—God Ganesa
(ମୂଷିକାଙ୍କ, ମୂଷିକାଶନ—ଅନ୍ୟରୂପ)

ମୂଷିକା—ସଂ. ବି.—୧ । ମୂଷିକକର୍ଣ୍ଣୀ (ଦେଖ)—1. Mūshika karnni (See) Mūshikā ୨ । ମାଈ ମୂଷା—2. Female mouse. ୩ । ସୁନା ଆଦି ତରଳାଇବାର ପାତ୍ର—3. Crucible

ମୂଷିକାଦ—ସଂ. ବି.—(ମୂଷିକ+ଅଦ୍ ଧାତୁ=ଭକ୍ଷଣ କରିବା+କର୍ତ୍ତୃ. ଅ)
Mūshikāda ନାଗବିଶେଷ—A species of snake.

ମୂଷିକାର୍ଭଧ—ସଂ. ବି.—ଦାରୁମୂଷି (ଦେଖ)
Mūshikārbhadha Dāru mushi (See)

ମୂଷି(ଷ)କାରାତି—ସଂ. ବି.—(ମୂଷିକ,ମୂଷକ+ଅରାତି=ଶତ୍ରୁ;୬ଷ୍ଠୀ ତତ୍)
Mūshi(sha)kārāti ବିଲୁଆ—Cat

ମୂଷିକାରି—ସଂ. ବି.—( ମୂଷିକ+ଅରି=ଶତ୍ରୁ )—୧ । ମୂଷାକାନି ୨
Mūshikāri (ଦେଖ)—1 Mūshākāni 2 (See)
୨ । ବିରାଡ଼ି—2. Cat.

ମୂଷିତ—ସଂ. ବିଣ.—(ମୁଷ୍ ଧାତୁ=ଚୋରି କରିବା+କର୍ମ. ତ)—
Mūshita ଅପହୃତ—Stolen.

ମୂଷ୍ୟାୟଣ—ସଂ. ବିଣ. ପୁଂ—( ସଂ.ଅମୂଷ୍ୟାୟଣର 'ଅ' ଲୋପ)—୧ ।
Mūshyāyana ଅଜ୍ଞାତପିତୃକ; ଅନିର୍ଦ୍ଦିଷ୍ଟପିତୃକ—1. Born of unknown parents. ୨ । ଗୁପ୍ତୋତ୍ପନ୍ନ—2. Of concealed birth. ୩ । ଜାରଜ; ବେଶ୍ୟା ପିଲା—3. Bastard

ମୃ (ଧାତୁ)—ସଂ.—ମରିବା—To die.
Mru (root)

ମୃକଣ୍ଡୁ—ସଂ. ବି—ମାର୍କଣ୍ଡେୟ ଋଷିଙ୍କ ପିତା—
Mrukandu (ମୃକଣ୍ଡ଼ୁ—ଅନ୍ୟରୂପ) Name of a sage.

ମୃକୁଣ୍ଡ(ଣ୍ଡୁ)—ଦେ. ବି—(ସଂ. ମୃକଣ୍ଡୁ)—ମୃକଣ୍ଡୁ ଋଷି—
Mrukunda (ndu) Name of a sage.

ମୃକୁଣ୍ଡି(ଣ୍ଡୀ)—ଦେ.ବି—ମୁର୍ଦ୍ଦିଣ୍ଡି ଗଛ; ଏକ ପ୍ରକାର ବନ୍ୟ ଗଛ—
Mrukundi(ndī) Name of a wild tree.

ମୃଗ୍ (ଧାତୁ)—ସ—୧ । ଅନ୍ୱେଷଣ କରିବା—1. To seek for.
Mrug (root) ୨ । ଯାଚ୍ଞା କରିବା—2. To beg for; to ask for. ୩ । ପଶ୍ଚାଦନୁସରଣ କରିବା—3. To pursue. ୪ । ଶିକାର କରିବା—4. To hunt; to chase.

ମୃଗ—ସଂ. ବି ( ମୃଗ୍ ଧାତୁ+କର୍ମ. ଅ )—୧ । ମିରିଗ; କୁରଙ୍ଗ; ହରିଣ
Mruga 1. Deer. [ ଦ୍ର—ମୃଗର ଅନ୍ୟ ସଂସ୍କୃତ ନାମ,
(ମୃଗୀ—ସ୍ତ୍ରୀ) ଯଥା—ଅଜିନଯୋନି, ଋଷ୍ୟ (ଷ୍ୟ), ଋଶ୍ୟ (ଶ୍ୟ), ଏଣ, ଏଣକ, କୁରଗ, କୁରଙ୍ଗ, କୁରଙ୍ଗମ, ଖୁରୁପୋଷକ, ଜିନଯୋନି, ବାତାୟୁ, ସାରଙ୍ଗ ।] ୨ । ପଶୁ—2. Beast. [ ଯଥା—ଏ ମୃଗ ବାହନ ଗୋଟିଏ, ପଛେ ମୂଷିକ ଏ ଶୂକର । ଜଗନ୍ନାଥ. ଭାଗବତ । ] ୩ । ଜନ୍ତୁ ମାତ୍ର—3. An animal in general. ୪ । ( +ଭାବ. ଅ ) ଅନ୍ୱେଷଣ—4. Searching. ୫ । ତତ୍ତ୍ୱାନୁସନ୍ଧାନ—5. Investigation. ୬ । ପ୍ରାର୍ଥନା; ଯାଚ୍ଞା; ଭିକ୍ଷା—6. Begging; soliciting. ୭ । କପାଳରେ ଶୁଭ୍ର ଚିହ୍ନଯୁକ୍ତ ହସ୍ତୀ—7. An elephant with white spots on the brow. ୮ । ବୈଷ୍ଣବମାନଙ୍କ କପାଳରେ ଧୃତ ଚନ୍ଦନତିଳକର ପ୍ରକାର ଭେଦ ( ଏହା ହରିଣ ଶିଙ୍ଗ ପରି ଦୋହଲା )—8. A kind of sectarian mark with sandal and other pastes on the head. ୯ । ମକର ରାଶି—9. The sign of capricorn of the zodiac. ୧୦ । ମୃଗଶିରା ନକ୍ଷତ୍ର—10. The 4th lunar constellation in Hindu astronomy. ୧୧ । ମାର୍ଗଶିର ମାସ—11. The lunar month of Mārgasirsha. ୧୨ । ଯଜ୍ଞବିଶେଷ—12. Name of a Vedic sacrifice. ୧୩ । ମୃଗନାଭି; କସ୍ତୁରୀ—13. Musk. ୧୪ । ଶିକାର; ମୃଗୟା—14. Hunting. ୧୫ । ହିନ୍ଦୁ ଶାସ୍ତ୍ର ବର୍ଣ୍ଣିତ ଚାରି ଜାତିର ପୁରୁଷ ମଧ୍ୟରୁ ଏକ ଜାତି—15. One of the four classes of men classified in Hindu Sāstras. [ ଦ୍ର—ଏମାନେ ମିଷ୍ଟଭାଷୀ, ସୁନ୍ଦରଦେହ, ଅଳସୀତ, ଚପଳମତି, ସୁଦେହ ଓ ଶୀଘ୍ର ବେଗ; ପଦ୍ମିନୀ ଜାତୀୟା ସ୍ତ୍ରୀ ଏ ଜାତୀୟ ପୁରୁଷର ଉପଯୁକ୍ତା ସ୍ତ୍ରୀ ଅଟନ୍ତି । ]

ମୃଗ ଚର୍ମ—ସଂ. ବି ( ୬ଷ୍ଠୀ ତତ୍ )—ମିରିଗ ଚମ; ହରିଣ ଛାଲ—
Mruga charma Deer-skin; deer-hide.

ମୃଗ ଚେଟକ—ସଂ. ବି—ଗନ୍ଧୋତ୍ତୁ; ବଣଭୁଆ; ବଣୀଶ—
Mruga chetaka Wild cat; pole cat.

ମୃଗ ଛାଲ—ଦେ ବି—ମିରିଗ ଚମଡ଼ା—Dear-skin.
Mruga chhāla मृगछाल मृगछाल

ମୃଗ ଜୀବନ—ସ. ତ (ବହୁବ୍ରୀହି)—ବ୍ୟାଧ; ଶିକାରୀ—
Mṛuga jībana A hunter.
( ମୃଗଜୀବୀ, ମୃଗାଜୀବ—ଅନ୍ୟରୂପ )

ମୃଗଣ(ଣା)—ସ. ବ ( ମୃଗ୍ ଧାତୁ + ଭାବ. ଅନ; + ସ୍ତ୍ରୀ. ଆ )—
Mṛugaṇa(ṇā) ୧ । ଅନ୍ୱେଷଣ—1. Search. ୨ । ଅନୁସନ୍ଧାନ—2. Research; enquiry; investigation. ୩ । ଅପହୃତ ଦ୍ରବ୍ୟର ଅନୁସନ୍ଧାନ—3. Search of a stolen article.

ମୃଗ ତୃଟ୍(ଷ,ଷା)—ସ. ବ ( ବହୁବ୍ରୀହି; ମୃଗ + ତୃଟ୍, ତୃଷ, ତୃଷା)—
Mṛuga tṛuṭ(sha,shā) ମୃଗତୃଷ୍ଣା (ଦେଖ)—Mṛuga-tṛushṇā (See)

ମୃଗ ତୃଷ୍ଣା—ସ.ବ (ବହୁବ୍ରୀହି; ମୃଗ + ତୃଷ୍ଣା;ଯାହା ମୃଗର ତୃଷ୍ଣା ଜନ୍ମାଏ)-
Mṛuga tṛushṇā ୧ । ମରୀଚିକା; ଶରଜାତ; ସୂର୍ଯ୍ୟକିରଣରେ (ମୃଗତୃଷ୍ଣିକା—ଅନ୍ୟରୂପ) ଜଳଭ୍ରମ—1. Mirage [ଦ୍ର— ଗ୍ରୀଷ୍ମକାଳରେ ଜଳଶୂନ୍ୟ ବାଲୁକାମୟ ମରୁଭୂମିରେ ପ୍ରଖର ସୂର୍ଯ୍ୟରଶ୍ମି ପଡ଼ିତ ଓ ପ୍ରତିଫଳିତ ହୋଇ ତାହା ଦୂରରୁ ସ୍ୱଚ୍ଛ ଜଳାଶୟ ପରି ପ୍ରତୀୟମାନ ହୁଏ । ତୃଷାର୍ତ୍ତ ମୃଗମାନେ ଓ ପିପାସାରେ ଶୁଷ୍କକଣ୍ଠ ପଥିକମାନେ ଜଳପାନ ଆଶାରେ ତଦଭିମୁଖରେ ଯେତିକି ଯେତିକି ଧାବମାନ ହେଉଥାନ୍ତି, ତାହା ସେତିକି ସେତିକି ଦୂରକୁ ଘୁଞ୍ଚିଗଲା ପରି ଦେଖା ଯାଉଥାଏ । ଫଳତଃ ଅବଶେଷରେ ଉକ୍ତ ହତଭାଗ୍ୟ ଜୀବ-ଗଣ କ୍ଲାନ୍ତ ଓ ପିପାସାର୍ତ୍ତ ହୋଇ ମରଯାଆନ୍ତି । ଏଥିପାଇଁ ପ୍ରଲୋଭନ ବା ବୃଥା ଆଶାକୁ ଲୋକେ ମରୀଚିକା ସଙ୍ଗେ ତୁଳନା କରନ୍ତି । ] ୨ । ( ଲକ୍ଷଣାର୍ଥ ) ବୃଥା ଆଶ ଦେଖାଇବାର ଛଳନା—2. ( figurative ) False hopes; raising of hopes which end in tantalisation.

ମୃଗ ଦଂଶକ—ସ. ବ (ମୃଗ=ହରିଣ + ଦଂଶକ=ଯେ ଦଂଶନ କରେ; Mṛuga daṁśaka ଉପପଦ ତତ୍ )—କୁକ୍କୁର—The dog.

ମୃଗଦ୍ୟୁ(ଦ୍ୟୁତ୍)—ସ. ବ ( ମୃଗ=ହରିଣ + ଦିବ୍ ଧାତୁ=ଖେଳ Mṛuga dyu(dyut) କରିବା + କର୍ତ୍ତୃ. କ୍ୱିପ୍ )—ମୃଗଯାକାରୀ, ଶିକାରୀ—Hunter.

ମୃଗ ଧୂର୍ତ୍ତ—ସ.ବ(ମୃଗମାନଙ୍କ ମଧ୍ୟରେ ଅର୍ଥାତ୍ ପଶୁମାନଙ୍କ ମଧ୍ୟରେ ଧୂର୍ତ୍ତ; Mṛuga dhūrtta ୭ମୀ ତତ୍)—ଶୃଗାଳ; ବିଲୁଆ—Jackal.
(ମୃଗଧୂର୍ତ୍ତକ—ଅନ୍ୟରୂପ)

ମୃଗ ନୟନା—ସ. ବଣ. ସ୍ତ୍ରୀ ( ବହୁବ୍ରୀହି; ମୃଗ + ନୟନ + ଆ )—
Mṛuga nayanā ଏଣାକ୍ଷୀ; ମୃଗପରି ମନୋହର ନୟନବିଶିଷ୍ଟା (ସ୍ତ୍ରୀ)—A woman with eyes as graceful as those of a deer.
ମୃଗନେତ୍ରା, ମୃଗଲୋଚନା } ଅନ୍ୟରୂପ
ମୃଗନୟନୀ, ମୃଗନେତ୍ରୀ, ମୃଗଲୋଚନୀ } ଦେଶଜରୂପ [ ଦ୍ର—ପୁରୁଷମାନଙ୍କ ପ୍ରତି ଏ ଶବ୍ଦର ପୁଂଲିଙ୍ଗ ଅବାଚି ବିଶେଷଣରୂପେ ବ୍ୟବହୃତ ହୁଏ ନାହିଁ । ]

ମୃଗ ନାଭି—ସ. ବ (୬ଷ୍ଠୀ ତତ୍)—ହିମାଳୟବାସୀ ଏକ ଜାତୀୟ ମୃଗର Mṛuga nābhi ନାଭିରୁ ଜାତ ଏକପ୍ରକାର ସୁବାସିତ ଦ୍ରବ୍ୟ (ମୃଗନାଭିଜ—ଅନ୍ୟରୂପ) ମୃଗମଦ; କସ୍ତୁରୀ—Musk. [ଦ୍ର— କସ୍ତୁରୀ ଔଷଧରେ ଲାଗେ ଓ ଦେହରେ ବୋଳାଯାଏ; ଏହାର ତୀବ୍ର ସୁଗନ୍ଧ । କାମରୂପ ବା ଆସାମ ଦେଶଜାତ କସ୍ତୁରୀ କୃଷ୍ଣବର୍ଣ୍ଣ ଓ ଉତ୍କୃଷ୍ଟ; ନେପାଳଦେଶୀୟ କସ୍ତୁରୀ ନୀଳବର୍ଣ୍ଣ ଓ ମଧ୍ୟମ; କାଶ୍ମୀର ଦେଶୀୟ କସ୍ତୁରୀ କପିଳବର୍ଣ୍ଣ ଓ ନିକୃଷ୍ଟ । ଏହା ଏକଜାତୀୟ ମୃଗର ନାଭିର ନିମ୍ନସ୍ଥ ଗୋଟିଏ କୋଷରୁ ବାହାରେ । ମୃଗନାଭିର ଅନ୍ୟ ସଂସ୍କୃତ ନାମ, ଯଥା—ମୃଗମଦ, କସ୍ତୁ(ସ୍ତୂ)ରୀ, କସ୍ତୁ(ସ୍ତୂ)ରିକା, ବୋଧମୁଖ୍ୟା, ମୃଗାଣ୍ଡଜା । ]

ମୃଗ ନେତ୍ର—ସ. ବଣ—(ଜ୍ୟୋତିଷ) ମୃଗଶିର ନକ୍ଷତ୍ର ଯୁକ୍ତ—
Mṛuga netra ( astrology) Joined with the Mṛugaśirā constellation.

ମୃଗ ନେତ୍ରା—ସଂ. ବ. ସ୍ତ୍ରୀ (ମୃଗ=ମୃଗଶିର ନକ୍ଷତ୍ର ଓ ହରିଣ + ନେତ୍ର; Mṛuga netrā ବହୁବ୍ରୀହି)—୧ । ମୃଗଶିର ନକ୍ଷତ୍ରଯୁକ୍ତା ରାତ୍ରି— (ମୃଗନେତ୍ରୀ—ଦେଶଜରୂପ) 1. A night in which the constellation of 'Mṛugaśirā' is seen in the sky. ୨ । ମାର୍ଗଶିର ମାସର ରାତ୍ରି—2. The nights of the month of 'Mārgaśirā'. ସ. ବଣ— ମୃଗନୟନା (ଦେଖ)—Mṛuga nayanā (See).

ମୃଗ ପତି—ସଂ. ବ (୬ଷ୍ଠୀ ତତ୍)—୧ । ପଶୁରାଜ; ସିଂହ—1. Lion, Mṛuga pati the king of beasts. ୨ । ସିଂହରାଶି— 2. The sign Lion of the zodiac.

ମୃଗ ପାଳିକା—ସ. ବ. ସ୍ତ୍ରୀ—କସ୍ତୁରୀ ମୃଗ—Musk deer.
Mṛugapāḷikā Moschu; Moschuferus.
(ମୃଗମାତୃକ[ପୁଂ]—ଅନ୍ୟରୂପ)

ମୃଗ ପିପ୍ଲୁ—ସ.ବ (ମୃଗ=ହରିଣ + ପିପ୍ଲୁ=ଚିହ୍ନ ଯାହାର; ବହୁବ୍ରୀହି)—
Mṛuga piplu ଚନ୍ଦ୍ର; ଶଶାଙ୍କ—The moon.

ମୃଗବଧାଜୀବ—ସଂ. ବ ( ମୃଗବଧ + ଆଜୀବ=ଜୀବିକା ଯାହାର; Mṛuga badhājība ବହୁବ୍ରୀହି)—ବ୍ୟାଧ—A hunter

ମୃଗବନ୍ଧନୀ—ସ. ବ (ମୃଗ + ବନ୍ଧନୀ=ଫାଶ. ମ. ପ. ଲୋ)—ହରିଣ Mṛuga bandhanī ଧରିବାର ଜାଲ; ବାଗୁର—A snare for catching deer

ମୃଗ ବର—ସ. ବ (ମୃଗ + ବର=ଶ୍ରେଷ୍ଠ; ୭ମୀ ତତ୍)—ସିଂହ—
Mṛuga bara Lion.
[ଉ—ଯାଉଛି ରସି ବ ଜଳରେ ପୋଡ଼ୁ ମୋ
ଜବେଜ ତ ମୃଗବର,
ବେକ ତ ମୃଗ— ବର ନେତ୍ରୀ ତୋପାରେ
ହୋଇଲା ପ୍ରୀତି ମୋହର ।
ଭକ୍ତ. ପ୍ରେମସୁଧାନିଧି । ]

ମୃଗ ବାହନ—ସଂ. ବ (ବହୁବ୍ରୀହି; ମୃଗ + ବାହନ)—ବାୟୁ; ପବନ—
Mṛuga bāhana The wind.

ମୃଗବ୍ୟ—ସଂ. ବି. (ମୃଗ+ବ୍ୟଥ୍ ଧାତୁ=ବ୍ୟଥିତ ହେବା+ଅଧିକରଣ.
Mṛugabya ଡ୍ୟ)—୧ । ମୃଗୟା, ଶିକାର—1. Hunting; chase. ୨ । ଧନୁର ଲକ୍ଷ୍ୟ—2. A target in archery.

ମୃଗ ଭକ୍ଷଣ—ସଂ. ବି—ଜଟାମାଂସୀ—The Indian spikenard.
Mṛuga bhakshaṇa

ମୃଗଭୋଜନୀ—ସଂ. ବି—ମହାକାଳ ଫଳ; ପାଣ୍ଠୋଉଡ଼ମେଇ ଲତା—
Mṛuga bhojanī The bitter apple or colocynth.

ମୃଗମଦ—ସଂ ବି—(ମୃଗ+ମଦ=ଗନ୍ଧ; ବହୁବ୍ରୀହି)—ମୃଗନାଭି;
Mṛuga mada କସ୍ତୁରୀ—Musk

ମୃଗମାଣ—ସଂ. ବଣ. ପୁଂ (ମୃଗଧାତୁ+କର୍ତ୍ତୃ. ଅନ)—୧ । ଅନ୍ୱେଷଣ
Mṛugamāna କରୁଥିବା—1. Searching. ୨ । ଶିକାର (ମୃଗମାନା—ସ୍ତ୍ରୀ) ପଛରେ ଗୋଡ଼ାଉଥିବା—2. Chasing or pursuing a prey.

ମୃଗୟା—ସଂ. ବି.—(ମୃଗଧାତୁ=ଅନ୍ୱେଷଣ କରିବା+ଅଧିକରଣ. ଯ
Mṛugayā ଜପାତନ; ଯାହାଦ୍ୱାରା ମୃଗ ପ୍ରଭୃତିଙ୍କି ଅନ୍ୱେଷଣ କରାଯାଏ; କମ୍ୟା ଚନ୍ଦ୍; କମ୍ମା ମୃଗ+ଯା ଧାତୁ=ଗମନ କରିବା+ଭାବ. କ୍ୱିପ୍ । ୧ । ବନଭୂମିରେ ମୃଗାନ୍ୱେଷଣ—1. Hunting of deer in the forest. ୨ । ଶିକାର—2. Hunting; chase. [ଦ୍ର—ଏହା କାମଜ ବ୍ୟସନବିଶେଷ ।]

ମୃଗୟୁ—ସଂ. ବି. (ମୃଗ=ହରିଣ+ଯା ଧାତୁ=ଗମନ କରିବା+
Mṛugayu କର୍ତ୍ତୃ. ଉ)—୧ । ବ୍ୟାଧ—1. A hunter. ୨ । ଶୃଗାଳ—2. A jackal. ୩ । ବ୍ରହ୍ମା—3. The God Brahmā.

ମୃଗ ରାଜ(ଟ୍)—ସଂ. ବି—( ମୃଗ+ରାଜନ୍ ୬ଷ୍ଠୀ ତତ୍; ବା ମୃଗ+ରାଜ୍
Mṛuga rāja(ṭ) ଧାତୁ+କର୍ତ୍ତୃ. କ୍ୱିପ୍ )—୧ । ପଶୁରାଜ; ସିଂହ—1. Lion; the king of the beasts. ୨ । ସିଂହରାଶି—2. The sign of Leo of the zodiac. ୩ । ଚନ୍ଦ୍ର—3. The moon. ୪ । ମୃଗଶିର ନକ୍ଷତ୍ର—4. The Mṛugaśirā constellation.

ମୃଗ ରିପୁ—ସଂ. ବି. [ମୃଗ+ରିପୁ; ୬ଷ୍ଠୀ ତତ୍] ସିଂହ—
Mṛuga ripu The lion.

ମୃଗଲ—ସଂ. ବି.—ମୃଗାଲ (ଦେଖ)—
Mṛugala Mṛugāla (See)

ମୃଗ ଲାଞ୍ଛନ—ସଂ. ବି.—(ମୃଗ+ଲାଞ୍ଛନ=ଚିହ୍ନ ଯାହାର; ବହୁବ୍ରୀହି)—
Mṛuga lānchhana ୧ । ଚନ୍ଦ୍ର—1 The moon. [ଦ୍ର—ଚନ୍ଦ୍ର ଦେହରେ ଦେଖାଯିବା କଳଙ୍କ ମୃଗର ଆକାର ପରି ଦେଖାଯାଏ ।] ୨ । ମୃଗଶିର ନକ୍ଷତ୍ର—The constellation Mṛugśirā

ମୃଗ ଲେଖା—ସଂ. ବି. ( ମୃଗ+ଲେଖା=ଚିହ୍ନ; ୬ଷ୍ଠୀ ତତ୍ ) ମୃଗାକୃତି
Mṛuga lekhā ଚିହ୍ନ—The sign or mark resembling a deer.

ମୃଗଶିର (ରାଃ,ରଃ)—ସଂ. ବି.—(ମୃଗ+ଶିରସ୍)—୧ । (ବହୁବ୍ରୀହି)
Mṛuga śirā(rāḥ; rah) ଜ୍ୟୋତିଷୋକ୍ତ ସପ୍ତବିଂଶତି ନକ୍ଷତ୍ର [ମୃଗଶୀର୍ଷ(ର୍ଷା)—ଅନ୍ୟରୂପ] ମଧ୍ୟରୁ ୫ମ ନକ୍ଷତ୍ର—The 5th of the lunar mansions resembling the figure of a deer's head, including the constellation onion. [ଦ୍ର—ଏହାର ଆକାର ମୃଗର ମସ୍ତକ ବା ବିଡ଼ାଲପାଦ ପରି । ଏହି ନକ୍ଷତ୍ରରେ ଜାତ ବ୍ୟକ୍ତି ଶସ୍ତ୍ରସନାଭିଜ୍ଞାସୟତ, ବଳାତ୍, ସୁଶୀଳ, ଗୁଣରେ ଅନୁରକ୍ତ, ଭକ୍ତ, ଦ୍ୱେଷୀ ଓ ସନ୍ମାର୍ଗଗାମୀ ହୁଅନ୍ତି । ନକ୍ଷତ୍ର ତଳେ ଟୀକା ଦେଖ]—୨ । (୬ଷ୍ଠୀ ତତ୍) ମୃଗର ମୁଣ୍ଡ—2. The head of a deer.

ମୃଗଶୃଙ୍ଗ—ସଂ. ବି ( ୬ଷ୍ଠୀ ତତ୍ )—୧ । ହରିଣ ଶିଙ୍ଗ—1. Deer's
Mṛuga śrunga horn; hartshorn. ୨ । ବାରଶିଙ୍ଗା ହରିଣର ଶୃଙ୍ଗ—2. The horn of Cervus Invanceli ( deer ). [ଦ୍ର—ମୃଗଶିଙ୍ଗର ପ୍ରାୟ ୫୦ ଅଂଶ ଭସ୍ମ ଓ ଏହି ଭସ୍ମର ଅଧିକାଂଶ କାଲ୍‌ସିଅମଫସ୍‌ଫେଟ୍ ( Calcium phosphate ) ଅଟେ । ]

ମୃଗା—ସଂ. ବି—୧ । ସହଦେଇ ଲତା—Echites Frutesceus
Mṛugā ( creeper ). ପ୍ରାଦେ. ( ସିଂହଭୂମି ) ବି—
ମୃଗାଦଣୀ } ଅନ୍ୟରୂପ ମୃଗୀରୋଗ; ଅପସ୍ମାର ବାତ—Epilepsy.
ମୃଗାଣୀ }

ମୃଗାକ୍ଷୀ—ସଂ. ବଣ. ସ୍ତ୍ରୀ ( ମୃଗ=ହରିଣର ଅକ୍ଷି ପରି ଅକ୍ଷି=ଆଖି ଯାହାର
Mṛugākshī =ମୃଗାକ୍ଷ+ସ୍ତ୍ରୀ. ଈ; ବହୁବ୍ରୀହି )—ମୃଗନୟନା ( ଦେଖ )—Mṛuga nayanā ( See ); ସଂ. ବି ମୃଗାଦନୀ ( ଦେଖ )—Mṛugādanī ( See )

ମୃଗାଙ୍କ—ସଂ. ବି ( ମୃଗ ଅଟେ ଅଙ୍କ=ଚିହ୍ନ ଯାହାର; ବହୁବ୍ରୀହି )—
Mṛugānka ୧ । ଚନ୍ଦ୍ର—1. The moon. ୨ । ବାୟୁ—2. The air; wind. ୩ । କର୍ପୂର—3. Camphor. ୪ । ( ୬ଷ୍ଠୀ ତତ୍ ) ଚନ୍ଦ୍ରଦେହରେ ମୃଗ ଆକାରର କଳଙ୍କ—4. The dark spots in the moon imagined to have the shape of a deer. ୫ । ( ବୈଦ୍ୟକ ) ଯକ୍ଷ୍ମାରୋଗର ଔଷଧ ବିଶେଷର ନାମ—5. Name of a medicinal preparation for asthma.

ମୃଗାଙ୍କ ଶେଖର—ସଂ. ବି ( ମୃଗାଙ୍କ=ଚନ୍ଦ୍ର+ଶେଖର=ମସ୍ତକରେ
Mṛugānka śekhara ଯାହାର; ବହୁବ୍ରୀହି )—ଚନ୍ଦ୍ରଚୂଡ଼; ଶିବ—The God Śiba.

ମୃଗାଚ୍ଛୀ—ଦେ. ( ପ୍ରାଚୀନ ପଦ୍ୟ ) ବଣ ( ସଂ. ମୃଗାକ୍ଷୀ )—ମୃଗାକ୍ଷୀ—
Mṛugāchhī Having eyes like those of a
ମୃଗାକ୍ଷୀ deer. [ ଭ—ମୁହିଁ ଯେ ଶରଣଜନ ରଖ ମୃଗାଚ୍ଛୀ !
ମୃଗାକ୍ଷୀ ପ୍ରାଚୀ. ଶିଶୁଶଙ୍କର. କୃଷ୍ଣାଅବକାଶ । ]

ମୃଗାଜିନ—ସଂ. ବି (ମୃଗ+ଅଜିନ; ୬ଷ୍ଠୀ ତତ୍)—ମୃଗଚର୍ମ; ମିରିଗଛାଲ
Mṛugājina —Deer-skin.

ମୃଗାଜିନ ଧର—ସଂ. ବଣ. ପୁଂ ( ମୃଗାଜିନ+ଧୃ ଧାତୁ=ଧାରଣ କରିବା+କର୍ତ୍ତୃ. ଅ )—ମୃଗାଜିନ ପରିଧାନକାରୀ
Mṛugājina dhara
(ମୃଗାଜିନଧାରୀ—ଅନ୍ୟରୂପ) —Wearing a deer-skin.

ମୃଗାଜୀବ—ସଂ. ବି ( ମୃଗ ଅଟେ ଅଜୀବ=ଜୀବିକା ଯାହାର; ବହୁବ୍ରୀହି )
Mṛugājība —୧ । ହେଟା; ଗଧିଆ—1. A hyena. ୨। ବ୍ୟାଧ—2. A hunter.

ମୃଗାଣ୍ଡଜା—ସଂ. ବି ( ମୃଗ+ଅଣ୍ଡ=ମୁଷ୍କ+ଜନ୍ ଧାତୁ=ଜାତ, ହେବା+କର୍ତ୍ତୃ. ଅ+ସ୍ତ୍ରୀ. ଆ )—କସ୍ତୁରୀ—Musk.
Mṛugāṇḍajā

ମୃଗାତ୍(ଦ)—ସଂ. ବି. ପୁଂ ( ମୃଗ+ଅଦ୍ ଧାତୁ=ଭକ୍ଷଣ କରିବା+କର୍ତ୍ତୃ. କ୍ୱିପ୍; ଅ )—ବାଘ; ବ୍ୟାଘ୍ର—Tiger.
Mṛugāt(da)

ମୃଗାଦନ—ସଂ. ବି. ପୁଂ ( ମୃଗ+ଅଦ୍ ଧାତୁ=ଖାଇବା+କର୍ତ୍ତୃ. ଅନ )
Mṛugādana —୧ । କ୍ଷୁଦ୍ର ବ୍ୟାଘ୍ର; ଚିତାବାଘ—1. Leopard; panther. ୨ । ହେଟା;
(ମୃଗାଦନୀ—ସ୍ତ୍ରୀ) ନେକଡ଼ା; ଗଧିଆ—2. Hyena; wolf. [ ଦ୍ର—ଏହାର ଦେହ ପାଣ୍ଡୁର ଓ କୃଷ୍ଣ ରେଖାଙ୍କିତ । ଏହା ଦେଖିବାକୁ ବଡ଼ କୁକୁର ପରି । ]

ମୃଗାଦନୀ—ସଂ. ବି. ସ୍ତ୍ରୀ ( ମୃଗାଦନ+ସ୍ତ୍ରୀ. ଈ )—୧ । ଇନ୍ଦ୍ରବାରୁଣୀ;
Mṛugādanī ମହାକାଳ ଲତା; ପାଣିକୋଦ୍ରମେର ଲତା—1. Colocinth; Cucumis Coloquintida (creeper). ୨ । ସହଦେଈ ଲତା—2. A creeper; Echites Frutesceus.

ମୃଗାନ୍ତକ—ସଂ. ବି ( ମୃଗମାନଙ୍କର ଅନ୍ତକ=ନାଶକ; ୬ଷ୍ଠୀ ତତ୍ )—
Mṛugāntaka ୧ । ଚିତାବାଘ—1. Leopard; panther. ୨ । ବ୍ୟାଧ—2. A hunter.

ମୃଗାରି—ସଂ. ବି ( ମୃଗ+ଅରି=ଶତ୍ରୁ; ୬ଷ୍ଠୀ ତତ୍ )—୧ । ସିଂହ—
Mṛugāri 1. The lion. ୨ । ବାଘ—2. The
(ମୃଗାରିକ—ଅନ୍ୟରୂପ) tiger. ୩ । ଶିକାରି କୁକୁର—3 Dog; hound. ୪ । ରକ୍ତଶିଗ୍ରୁ; ନାଲି ସଜନା ଗଛ—4. The red species of Moringa or horse radish tree. ୫ । ରକ୍ତପିତ୍ତ ( ବୈ. ପ୍ରକୃତିବାଦ )—5. A disease consisting of blood discharges through mouth and nostrils.

ମୃଗାବିତ୍—ସ. ବି—(ମୃଗ+ବ୍ୟଧ୍ ଧାତୁ=ବିନ୍ଧିବା+କର୍ତ୍ତୃ. କ୍ୱିପ୍;
Mṛugābit ନିପାତନ; ମୃଗାବିଧ୍ ପଦର ୧ମା. ୧ବ)—ବ୍ୟାଧ; ଶୀକାରୀ—A hunter.

ମୃଗାଲ—ସ. ବି—(ମୃଗ+ଲା ଧାତୁ=ଗ୍ରହଣ କରିବା+କର୍ତ୍ତୃ. ଅ; ଯେ
Mṛugāla ମୃଗର ଚକ୍ଷୁକୁ ଗ୍ରହଣ କରିଅଛି)—ମିରିକାଳି ମାଛ—A kind of scaly fresh water fish; Cyprinus Mrigala; Cirrhina Mrigala.

ମୃଗି—ଦେ. ବି—(ସ. ମୃଗୀ)—ମୃଗୀ ରୋଗ; ଅପସ୍ମାର ବାତ—
Mṛugi Epilepsy.

ମୃଗିତ—ସ. ବଣ (ମୃଗ ଧାତୁ=ଖୋଜିବା+କର୍ମ. ତ)—୧ । ଅନ୍ୱିଷ୍ଟ—
Mṛugita 1. Searched after. ୨ । ଯାଚିତ—2. Solicited for.

ମୃଗିତବ୍ୟ—ସ. ବଣ—(ମୃଗ୍ ଧାତୁ=ଅନ୍ୱେଷଣ କରିବା+କର୍ମ. ତବ୍ୟ)
Mṛugitabya ମୃଗ୍ୟ; ଅନୁସନ୍ଧେୟ—To be sought after.

ମୃଗୀ—ସ. ବି. ସ୍ତ୍ରୀ—(ମୃଗ୍+ସ୍ତ୍ରୀ. ଈ)—୧ । ସ୍ତ୍ରୀ ମୃଗ; ମାଈ ମିରିଗ—
Mṛugī 1. A doe; a female deer. [ଭୂ—ମୃଗମାନେ ସେହିରୂପରେ ମୃଗୀ ସଙ୍ଗେ । କୃଷ୍ଣସିଂହ ମହାଭାରତ. ବନ ।] ୨ । ସଂସ୍କୃତର ତ୍ର୍ୟକ୍ଷର ବିଶିଷ୍ଟ ଛନ୍ଦୋବିଶେଷ—2. Name of Sanscrit metre of three syllables. ୩ । ଅପାରଛନ୍ଦ; ଅପସ୍ମାର ରୋଗ—3. Epilepsy. ୪ । କାମଶାସ୍ତ୍ରୋକ୍ତ ଚାରି ଜାତିର ସ୍ତ୍ରୀ ମଧ୍ୟରୁ ଏକତମା; ଚିତ୍ରାଣୀ ବା ଚିତ୍ରିଣୀ ସ୍ତ୍ରୀ—4. One of the four classes of women classified in the Hindu Śāstras. ୫ । (ନାମ) ପୁଲହ ଋଷିଙ୍କ ସ୍ତ୍ରୀ—5. Name of the wife of sage Pulaha.

ମୃଗୁଣୀ—ଦେ. ବି ( ସ. ମୃଗୀ )—ସ୍ତ୍ରୀ ମୃଗ; ହରିଣୀ—A doe.
Mṛugunī [ ଭୂ—ଏହି ସମୟେ ପ୍ରବେଶ ହୋଇଲା ମୃଗୁଣୀ ।
मृगी मृगी ବଳରାମ. ଦାଣ୍ଡି ରାମାୟଣ । ]

ମୃଗୁଣୀ ସ୍ତୁତି—ଗ୍ରା. ବି ( ଅଶୁଦ୍ଧ ) ( ସଂ. ମୃଗୀ+ସ୍ତୁତି )—ବ୍ୟାଧଦ୍ୱାରା
Mṛugunī tusti ପ୍ରପୀଡ଼ିତା ସବତ୍ସା ଗର୍ଭିଣୀ ମୃଗୀ ବିପନ୍ନା ହୋଇ
(ମୃଗୁଣୀ ସ୍ତୁତି—ଦେଶଜରୂପ) ଭଗବାନଙ୍କୁ ସ୍ତୁତି କରି ବିପଦରୁ
मृगीस्तुति ଉଦ୍ଧାର ପାଇବା ସଂବନ୍ଧରେ ରଚିତ ସ୍ତବ । ( ପଦ୍ମ
मृगिनीस्तुति ପୁରାଣ )—A hymn said to have been uttered by a pregnant doe accompanied with her young ones while at bay.

ମୃଗେକ୍ଷଣା—ସଂ. ବି ଓ ବଣ. ସ୍ତ୍ରୀ ( ବହୁବ୍ରୀହି; ମୃଗ+ଈକ୍ଷଣ=ଅକ୍ଷି+ସ୍ତ୍ରୀ. ଆ )—ମୃଗାକ୍ଷୀ ( ଦେଖ )—Mṛugākshī ( See )
Mṛugekshaṇā

ମୃଗେନ୍ଦ୍ର—ସଂ. ବି ( ୭ମୀ ତତ୍; ମୃଗ+ଇନ୍ଦ୍ର )—ସିଂହ; ମୃଗରାଜ—
Mṛugendra The lion; the king of the beasts.

ମୃଗେନ୍ଦ୍ର ଚଟକ—ସଂ. ବି ( ଚଟକ=ପକ୍ଷୀମାନଙ୍କ ମଧ୍ୟରେ ମୃଗେନ୍ଦ୍ର ବା
Mṛugendra chaṭaka ସିଂହ ପରି )—ଶ୍ୟେନ; ଛଞ୍ଚାଣ ପକ୍ଷୀ—Hawk.

ମୃଗେନ୍ଦ୍ର ମୁଖ—ସଂ. ବି—୧ । ସିଂହର ମୁଖ—1. The mouth or
Mṛugendra mukha face of a lion. ୨ । ଅକ୍ଷରଗତ ଛନ୍ଦୋବିଶେଷ—2. Name of a Sanscrit metre.

ମୃଗେନ୍ଦ୍ରାଣୀ—ସଂ. ବି—ବାସଙ୍ଗ ଗଛ—
Mṛugendrāṇī A shrub; Justicia Gandressa.

ମୃଗେର୍ବାରୁ—ସଂ ବି ( ମୃଗ+ଇର୍ବାରୁ )—୧ । ଶ୍ୱେତ ହରିଣ—
Mṛugerbbāru 1. A white deer. ୨ । ଶ୍ୱେତ ଇନ୍ଦ୍ରବାରୁଣୀ; ପାଣିକୋଦ୍ରମେର ଲତା—2. The bitter apple; Colocynth creeper. [ ଦ୍ର—ଏହାର ଅନ୍ୟ ସଂସ୍କୃତ ନାମ—ବହୁଫଳା, କପିଲାକ୍ଷୀ,

ଭୂମିଜା, ଚନ୍ଦ୍ରଫଳା, ଚନ୍ଦ୍ରବଲ୍ଲୀ, ଚଷା, ଦେଵୀ, ପଡ୍ୟା, ମରୁଜା, ମୃଗଚର୍ଭିଟା, ମୃଗାକ୍ଷୀ, ମୃଗାଦନୀ, ମୃଗେଷଣା, ଲଘୁଚର୍ଭିଟା, ବହୁଫଳୀ, ବଟରା, ଷେକ୍ୟପୁଷ୍ପା । ]

ମୃଗେଷ୍ଟ—ସ. ବ—୧ । ମୁଦ୍ଗର ଗୁଳ୍ମ—1. Name of a plant.
Mṛugeshṭa ୨ । ମୁଗୁର ମଲ୍ଲି—2. Double petalled variety of gasminum zambac.

ମୃଗ୍ୟ—ସ. ଵଣ ( ମୃଗ୍ ଧାତୁ=ଅନ୍ୱେଷଣ କରିବା+କର୍ମ. ଯ )—
Mṛugya ଅନ୍ୱେଷଣୀୟ; ଅନୁସନ୍ଧେୟ—To be sought after.

ମୃଚ୍ଛକଟିକ—ସ. ବ (ମୃତ୍=ମାଟି+ଶକଟିକା=ଛୋଟ ଶଗଡ଼+ଅ)—
Mṛuchchhakaṭika ରାଜା ଶୂଦ୍ରକଙ୍କ ରଚିତ ପ୍ରସିଦ୍ଧ ସଂସ୍କୃତ ନାଟକ—Name of a Sanscrit drama by king Śūdraka.

ମୃଚ୍ଛକଟିକା—ସ. ବ ( ମୃତ୍+ଶକଟିକା )—ଶିଶୁମାନଙ୍କ ଖେଳିବା ମାଟି
Mṛuchchhakaṭikā ଶଗଡ଼—A toy-cart of clay.
( ମୃଚ୍ଛକଟ—ଅନ୍ୟରୂପ )

ମୃଜ୍ ( ଧାତୁ )—ସ—୧ । ପରିଷ୍କାର କରିବା—1. To cleanse.
Mṛuj ( root ) ୨ । ମାଜିବା—2. To rinse; to brush; to rub; to polish. ୩ । ଅଳଙ୍କୃତ କରିବା; ସଜାଇବା—3. To decorate; to fit up. ୪ । ଶବ୍ଦ କରିବା—4. To sound. [ ଦ୍ର—ମୃଜ୍ ଧାତୁ ପୂର୍ବରେ ପ୍ର, ଅପ ଓ ସମ୍ ଉପସର୍ଗ ଯୁକ୍ତ ହେଲେ 'ଓଳାଇବା' ଅର୍ଥ ହୁଏ । ମୃଜ୍ ଧାତୁରୁ ଓଡ଼ିଆ 'ମାଜିବା' ଧାତୁ ହୋଇଅଛି । ]

ମୃଜ—ସ. ବ ( ମୃଜ୍ ଧାତୁ=ଶବ୍ଦ କରିବା+କରଣ. ଅ )—ମୃଦଙ୍ଗ—
Mṛuja A kind of drum. ପ୍ରାଦେ. ( ବୌଦ୍ଧ ) ବ—ମୁରୁଜ—A powder with which figures are drawn on the ground.

ମୃଜା—ସ. ବ ( ମୃଜ୍ ଧାତୁ+ଭାବ. ଅ+ସ୍ତ୍ରୀ. ଆ )—୧ । ଦେହକୁ
Mṛujā ଧୋଇ ଓ ଘଷି ପରିଷ୍କାର କରିବା—1. The act of cleansing the body by washing and rubbing. ୨ । ସଂଶୋଧନ—2. Purification. [ ଦ୍ର—ମାଟିଚୂନାକୁ ଓ ଶସ୍ୟଚୂନାକୁ ଦେହରେ ଘଷି ଦେହ ପରିଷ୍କାର କରାଯାଏ । ଏହି ଅର୍ଥରୁ ଓଡ଼ିଆ 'ମୁରୁଜ' ହୋଇଅଛି । ]

ମୃଜାନ୍ୱୟ—ସ. ଵଣ ( ମୃଜା+ଅନ୍ୱୟ )—ପରିଷ୍କୃତ—
Mṛujānwaya Cleansed; purified.

ମୃଜ୍ୟ—ସ. ଵଣ ( ମୃଜ୍ ଧାତୁ=ମାଜିବା+କର୍ମ. ଯ )—ମାର୍ଜନୀୟ—
Mṛujya To be cleansed.

ମୃଡ୍ ( ଧାତୁ )—ସ—୧ । ଆନନ୍ଦିତ କରିବା—1. To delight.
Mṛuḍ (root) ୨ । ସୁଖୀ କରିବା—2. To make happy. ୩ । ସୁଖୀ ହେବା—3. To feel happy. ୪ । ଚୂର୍ଣ୍ଣ କରିବା; ଗୁଣ୍ଡା କରିବା—4. To pound. ୫ । ପେଷିବା—5. To grind.

ମୃଡ—ସ. ବ. ପୁଂ. (ମୃଡ୍ ଧାତୁ+କର୍ତ୍ତୃ. ଅ)—୧ । ଶିବ; ମହାଦେବ—
Mṛuḍa 1. The God Śiba. ୨ । ହୋମାଗ୍ନି—2. Sacrificial fire.
( ମୃଡାନୀ—ସ୍ତ୍ରୀ )

ମୃଡାଙ୍କଣ—ସ.ବ ( ମୃଡ+ଅଙ୍କଣ )—୧ । ବାଳକ—1. A boy;
Mṛuḍānkaṇa a child. ୨ । ଶିଷ୍ୟ—2. A pupil, disciple.

ମୃଡାନୀ—ସ. ବ. ସ୍ତ୍ରୀ ( ମୃଡ+ସ୍ତ୍ରୀ. ଅନୀ )—ଶିବାନୀ; ଦୁର୍ଗା; ଚଣ୍ଡୀ;
Mṛuḍāni ଅମ୍ବିକା—Goddess Durgā ( the wife of Śiba,

ମୃଡୀକ—ସ. ବ ( ମୃଡ୍ ଧାତୁ+ଈକ, ସଂଜ୍ଞାର୍ଥେ )—ମୃଗ; ହରିଣ—
Mṛuḍika A deer.

ମୃଣ୍ ( ଧାତୁ )—ସଂ—୧ । ଆଘାତ କରିବା—1. To hurt. ୨ ।
Mṛuṇ ( root ) ହିଂସା କରିବା—2. To injure. ୩ । କଷ୍ଟ ଦେବା—3. To give pain.

ମୃଣାଳ—ସଂ. ବ ( ମୃଣ୍ ଧାତୁ=ଆଘାତ କରିବା+କରଣ. ଅଳ;
Mṛuṇāla ଏଥିରେ କଣ୍ଟା ଥିବାରୁ ଦେହରେ ଫୋଡ଼ ହୋଇଯାଏ )—୧ । ପଦ୍ମନାଡ଼—1. The stem of lotus. [ ଦ୍ର—ପଦ୍ମନାଡ଼ କଣ୍ଟକମୟ । ] ୨ । ପଦ୍ମମୂଳ—2. The root of lotus plant. ୩ । ବୀରଣ ମୂଳ; ବେଣାମୂଳ; ଉଶୀର—3. The fragrant root of the Beṇā grass or Andropegen Muricatum.

ମୃଣାଳନୀ—ସଂ. ବ. ସ୍ତ୍ରୀ ( ମୃଣାଳ+ଅସ୍ତ୍ୟର୍ଥେ. ଇନ୍+ସ୍ତ୍ରୀ ଈ )—
Mṛuṇālini ୧ । ପଦ୍ମିନୀ; ପଦ୍ମସମୂହ—1. A cluster or collection of lotus. ୨ । ପଦ୍ମବହୁଳ ଦେଶ—2. A country abounding in lotuses. ୩ । ପଦ୍ମଲତା—3. The lotus plant (consisting of many lotus-stalks with flowers).

ମୃଣାଳୀ—ସଂ. ବ (ମୃଣାଳ+ଅସ୍ତ୍ୟର୍ଥେ.ଇନ୍. ୧ମା. ୧ବ)—୧ । ପଦ୍ମ—
Mṛuṇāli 1. Lotus. ୨ । ( ମୃଣାଳ+ଈ ) ପଦ୍ମନାଡ଼; ପଦ୍ମନାଳ—2. The stalk of lotus.

ମୃଣ୍ମୟ—ସଂ. ଵଣ ପୁଂ ( ମୃଦ୍=ମାଟି+ବିକାରାର୍ଥେ. ମୟ )—
Mṛuṇmaya ମୃତ୍ତିକାନିର୍ମିତ—Earth made of clay
( ମୃଣ୍ମୟୀ—ସ୍ତ୍ରୀ )

ମୃଣ୍ମୟୀ ପ୍ରତିମା—ସଂ. ବ—ମାଟିର ଗଢ଼ା, ମାଟିରେ ତିଆରି ମୂର୍ତ୍ତି—
Mṛuṇmayi pratimā An earthen image; an image of clay.

ମୃତ୍(ଦ୍)—ସଂ. ବ ( ମୃଦ୍ ଧାତୁ=ଚୂର୍ଣ୍ଣ ହେବା+କର୍ତ୍ତୃ. କ୍ୱିପ୍ )—
Mṛut(d) ମୃତ୍ତିକା, ମାଟି—Soil, earth.

ମୃତ୍କ(କା)ର—ସଂ. ବ ( ମୃଦ୍=ମାଟି+କୃ. ଧାତୁ+କର୍ତ୍ତୃ. ଅ )—
Mṛut-ka(kā)ra କୁମ୍ଭକାର; କୁମ୍ଭାର—A potter.

ମୃତ୍କାଂସ୍ୟ—ସଂ. ବ ( ମ. ସ. ଲୋ, ମୃଦ୍+କାଂସ୍ୟ )—୧ । ମାଟିର
Mṛut-kāmsya ସରା—1. Earthen pan. ୨ । ମାଟିର ପାତ୍ର—2. Earthen pot. ୩ । ମାଟିର ଭଣ୍ଡ—3. Earthen jar and vessel.

ମୃତ୍‌କିର—ସଂ. ବି—ବାଲିବନ୍ଧିଆ ପୋକ; ବାଲିମେଣ୍ଢା ପୋକ; ଘୁର୍ଘୁର
Mrut-kirā ଗାଈ—The snout beetle.
ଘୁର ଘୁରିଆ ପୋକ।

ମୃତ୍ପାଣ୍ଡୁ—ସଂ. ବି (ମୃଦ୍+ପାଣ୍ଡୁ; ବହୁବ୍ରୀହି)—କାମଳ ରୋଗ—
Mrut-pāndu Chlorosis; Greesickness jaundice.

ମୃତ୍ପାତ୍ର—ସଂ. ବି (ମ. ପ. ଲୋ; ମୃଦ୍+ପାତ୍ର)—ମାଟିର ପାତ୍ର—
Mrut-pātra Earthen pot; pottery.

ମୃତ୍ପିଣ୍ଡ—ସଂ. ବି (ଷଷ୍ଠୀ ତତ୍)—ମାଟିର ପିଣ୍ଡୁଳା—
Mrut-pinda A clod of earth; a lump ef clay.

ମୃତ—ସଂ. ବିଣ. ପୁଂ ( ମୃ ଧାତୁ=ମରିବା+କର୍ତ୍ତୃ. ତ )—୧ । ଗତ-
Mruta ଜୀବନ; ମରି ଯାଇଥିବା—1. Dead; deceased.
[ମୃତା—ସ୍ତ୍ରୀ] ୨ । ଅଗତ—2. Expired; past. ୩ । ଲୋପ-
ପ୍ରାପ୍ତ; ଲୁପ୍ତ—3. Extinct. ୪ । ଭସ୍ମୀକୃତ (ଧାତୁ)—
4. Calcined;oxidised (metal). ୫ । ଅବସ୍ଥାନ୍ତର-
ପ୍ରାପ୍ତ (ଧାତୁ)—5. Reduced (metals); trans-
formed. ବି—୧ । ( +ଭାବ. ତ ) ମୃତ୍ୟୁ; ମରଣ—
1. Death. ୨ । ବିନାଶ—2. Extinction; ruin.

ମୃତକ—ସଂ. ବି (ମୃତ+କ)—୧ । ଶବ; ମୃତଦେହ; ମୁର୍ଦ୍ଦାର—
Mrutaka 1. Dead body; carcase; corpse.
୨ । ମୃତ୍ତିକଅ; ମରଣାଶୌଚ—2. Impurity which is considered to overtake the relatives and kinsmen of a deceased for a certain period after his death (according to the Hindu scriptures)

ମୃତ କଳ୍ପ—ସଂ. ବିଣ ( ମୃତ+ଈଷଦୂନାର୍ଥେ. କଳ୍ପ )—୧ । ମୃତପ୍ରାୟ;
Mruta kalpa ମରଣାପନ୍ନ—1. Almost dead, nearly
[ ମୃତବତ୍, ମୃତପ୍ରାୟ—ଅନ୍ୟରୂପ ] dead ( though not actually dead). ୨ । ସଂଜ୍ଞାଶୂନ୍ୟ ବା ଚୈତନ୍ୟଶୂନ୍ୟ;
ମୂର୍ଚ୍ଛିତ—2. Insensible; fainted.

ମୃତକାନ୍ତକ—ସଂ. ବି (ମୃତକ=ଶବ+ଅନ୍ତକ=ନାଶକାରୀ, ଭକ୍ଷକ;
Mrutakāntaka ଉପପଦ ତତ୍; ଅଥବା ମୃତ+କାନ୍ତକ=
ପ୍ରିୟ; ବହୁବ୍ରୀହି)—ଶୃଗାଳ—Jackal.

ମୃତକାଶୌଚ—ସଂ. ବି ( ମ. ଷ. ଲୋ; ମୃତକ+ଅଶୌଚ )—
Mrutakāsaucha ମରଣାଶୌଚ, ମୃତ୍ତିକଅ—Impurity besetting the kinsmen of a deceased.

ମୃତ ଗର୍ଭ—ସଂ. ବିଣ. ପୁଂ ( ବହୁବ୍ରୀହି; ମୃତ+ଗର୍ଭ )—ଜନ୍ମ ହେବା
Mruta garbha ପୂର୍ବରୁ ମରିଥିବା (ଶିଶୁ)—Still born
(ମୃତଜାତ—ଅନ୍ୟରୂପ) [ମୃତଗର୍ଭା—ସ୍ତ୍ରୀ] (child)

ମୃତଣ୍ଡ—ସଂ. ବି—ସୂର୍ଯ୍ୟଦେବଙ୍କ ପିତା—The name of the
Mrutanda father of the Sun God.

ମୃତ ଦାର—ସଂ. ବି. ପୁଂ (ମୃତ+ଦାର=ସ୍ତ୍ରୀ; ବହୁବ୍ରୀହି )—ଯାହାର
Mruta dāra ସ୍ତ୍ରୀ ମରିଅଛି; ବିପତ୍ନୀକ -Widower. ବିଣ.ପୁଂ—
[ବିଧବା—ବିପରୀତ] ମୃତପତ୍ନୀକ—Surviving one's wife.

ମୃତ ଦେହ—ସଂ. ବି ( କର୍ମଧା )—ମୁର୍ଦ୍ଦାର, ଶବ—Dead body;
Mruta deha corpse.

ମୃତ ଦେହ ପରୀକ୍ଷା—ସଂ. ବି—ଶବ ଦେହର ବ୍ୟବଚ୍ଛେଦ ପୂର୍ବକ
Mruta deha parikshā ତଦ୍ବ୍ୟକ୍ତିର ମୃତ୍ୟୁର କାରଣ ଓ
ଲକ୍ଷଣାଦିର ନିର୍ଣ୍ଣୟ—Post-mortem examination; Autopsia Cadavaris; Examination of a dead body after death.

ମୃତପ(ପା)—ସଂ. ବି (ମୃତ+ପା=ପାଳନ କରିବା+କର୍ତ୍ତୃ. ଅ; +ଆ)—
Mrutapa(pā) ୧ । ମୁର୍ଦ୍ଦାଫରାସ; ଭିଳକମାଟିଆ; ଶବବାହକ ଜାତି-
ବିଶେଷ—1. A caste of men who are professional carriers of unclaimed dead bodies. ୨ । ଶବଭକ୍ଷକ—2. Eater of dead bodies.

ମୃତ ପତ୍ନୀକ—ସଂ. ବି ଓ ବିଣ. ପୁଂ (ମୃତ+ପତ୍ନୀ+କ; ବହୁବ୍ରୀହି)—
Mruta patnika ମୃତଦାର (ଦେଖ)—Mruta dāra. (See).

ମୃତ ପିତୃକ—ସଂ. ବିଣ. ପୁଂ (ମୃତ+ପିତୃ+କ; ବହୁବ୍ରୀହି)—ଯାହାର
Mruta pitruka ପିତା ମୃତ ହୋଇଅଛି—One who has
[ମୃତପିତୃକା—ସ୍ତ୍ରୀ] lost his father.

ମୃତ ପୁତ୍ରକ—ସଂ. ବିଣ ପୁଂ. (ମୃତ+ପୁତ୍ର+କ; ବହୁବ୍ରୀହି)—ଯାହାର
Mruta putraka ପୁତ୍ର ମରି ଯାଇଅଛି—One who has
(ମୃତପୁତ୍ରକା—ସ୍ତ୍ରୀ) lost his son.

ମୃତ ପୁତ୍ରିକା—ସଂ. ବିଣ. ସ୍ତ୍ରୀ. ( ମୃତ+ପୁତ୍ରିକା; ବହୁବ୍ରୀହି )—ଯେଉଁ
Mruta putrikā ସ୍ତ୍ରୀର କନ୍ୟା ମରି ଯାଇଅଛି—A woman who has lost her daughter.

ମୃତ ବତ୍ସା—ସଂ ବି. ସ୍ତ୍ରୀ. ( ମୃତ+ବତ୍ସ+ସ୍ତ୍ରୀ. ଆ; ବହୁବ୍ରୀହି )—
Mruta batsā ୧ । ମଡ଼ଣ୍ଡୀ; ଯେଉଁ ସ୍ତ୍ରୀର ସନ୍ତାନମାନେ ଜନ୍ମ
ହେବା ପରେ ବେଶୀ ଦିନ ବଞ୍ଚନ୍ତି ନାହିଁ—1. A woman whose offsprings never survive their infancy. ୨ । ଯେଉଁ ସ୍ତ୍ରୀ ମଲା ପିଲା ଜନ୍ମ କରେ—
2. A woman who brings forth still born children.

ମୃତ ମତ୍ତ—ସଂ. ବି. ପୁଂ. (ମୃତ+ମତ୍ତ=ଉନ୍ମତ୍ତ, ପ୍ରିୟ; ୭ମୀ ତତ୍)—
Mruta matta ଶୃଗାଳ; କୋଲ୍ହୁଆ—Jackal.
(ମୃତ୍ୟୁ ମତ୍ତକ—ଅନ୍ୟରୂପ)

ମୃତ ମାତୃକ—ସଂ. ବି. ପୁଂ (ମୃତ+ମାତୃ+କ; ବହୁବ୍ରୀହି)—ଯାହାର
Mruta mātruka ମାତା ମରି ଅଛନ୍ତି—One who has
(ମୃତମାତୃକା—ସ୍ତ୍ରୀ) lost his mother

ମୃତ ଶଙ୍କା—ସଂ. ବି. (୬ଷ୍ଠୀ ତତ୍; ମୃତ+ଶଙ୍କା)—୧ । ମୃତ୍ୟୁଭୟ—
Mruta sankā 1. Fear of death. ୨ । ମୃତ୍ୟୁର ଆଶଙ୍କା—
2. Risk of death.

ମୃତ ଶଯ୍ୟା—ସଂ. ବି—ମୃତ୍ୟୁ ଶଯ୍ୟା ( ଦେଖ )
Mruta sajyā Mrutyu sajyā ( See )

**ମୃତ ଶଯ୍ୟା ଦାନ**—ସଂ. ବି—ମୃତ ବ୍ୟକ୍ତିର ଶୁଦ୍ଧି କ୍ରିୟା ଉପଲକ୍ଷରେ
**Mṛuta śajyā dāna** ଶଯ୍ୟା ଓ ଖଟ ପ୍ରଭୃତି ବ୍ରାହ୍ମଣଙ୍କୁ ଦାନ କରିବା—A gift of bed to Brāhmaṇas on the occasion of a person's funeral ceremony.

**ମୃତ ସଞ୍ଜିବ(ମ)ନ**—ଗ୍ରା. ବି—ମୃତ ସଞ୍ଜୀବନ ( ଦେଖ )
**Mṛuta sanjaba(ma)na** Mṛuta śanjībana (See)

**ମୃତ ସଞ୍ଜିବ(ମ)ନି**—ଗ୍ରା. ବି—ମୃତ ସଞ୍ଜୀବନୀ ( ଦେଖ )
**Mṛuta sanjaba(ma)ni** Mṛuta sanjībanī ( See )

**ମୃତ ସଞ୍ଜୀବନ**—ସଂ. ବି. (ମୃତ+ସମ୍+ଜୀବ୍ ଧାତୁ+ଭାବ. ଅନ )—
**Mṛuta sanjībana** ୧ । ମୃତ ବ୍ୟକ୍ତିର ପୁନର୍ବାର ଜୀଇଁବା—1. Revival of a dead person. ୨ । ମଲା ମଣିଷକୁ ଜୀଅଁାଇବା—2. The art or process of restoring a dead man to life; restoration of a dead body to life; revivification. ବିଣ—ଯଦ୍ଦ୍ୱାରା ମୃତ ବ୍ୟକ୍ତି ଜୀଇଁ ଉଠେ—Able to restore a dead man to life or to revive a dead person.

**ମୃତ ସଞ୍ଜୀବନୀ**—ସଂ. ବିଣ. ସ୍ତ୍ରୀ. (ମୃତ+ସଞ୍ଜୀବନୀ=ଜୀବଦାନକାରୀ)—
**Mṛuta sanjībanī** ଯେଉଁ ବିଦ୍ୟା, ମନ୍ତ୍ର ବା ଔଷଧ ପ୍ରୟୋଗ କଲେ ମୃତ ବ୍ୟକ୍ତିକୁ ପୁନର୍ଜୀବିତ କରିପାରି ପାରେ—Having the power or potency to restore life to the dead. ବି—୧ । ମଲା ଲୋକକୁ ପୁନର୍ଜୀବିତ କରିବାର ବିଦ୍ୟା ବିଶେଷ—1. A charm used in restoring a dead man to life. ୨ । ଗୋରକ୍ଷ ତୁମ୍ବୀ; ଏକ ପ୍ରକାର କ୍ଷୁଦ୍ର ଗୁଳ୍ମ; ନାଗବଲା—2. Name of a shrub; Sida Spinosa.

**ମୃତ ସ୍ନାତ**—ସଂ. ବିଣ. ପୁଂ. (ମ.ପ.ଲୋ)—୧। ମୃତ ବ୍ୟକ୍ତି ଉଦ୍ଦେଶ୍ୟରେ
**Mṛuta snāta** ସ୍ନାନ କରିବା; ଜ୍ଞାତିମାନଙ୍କର ମୃତ୍ୟୁ ଉପଲକ୍ଷରେ (ମୃତ ସ୍ନାତା—ସ୍ତ୍ରୀ) ସ୍ନାତ; ଅପସ୍ନାତ—1. Having had a bath on the death of a relative or kinsman. ୨ । ମୃତ ବ୍ୟକ୍ତିର ଶୁଦ୍ଧି କ୍ରିୟା (ଦଶାହ) ଉପଲକ୍ଷରେ ସ୍ନାତ; ମୃତକାଶୌଚ ପରେ ସ୍ନାତ—2. Bathed on the occasion of the purification ceremony (on the 10th day); having had funeral ablution. ୩ । ସ୍ନାନ କରିବାର ଅଳ୍ପକ୍ଷଣ ପରେ ମୃତ; ସ୍ନାତ ହେବା ପରେ ମୃତ ହୋଇଥିବା (ବ୍ୟକ୍ତି)—3. Dead immediately after a bath. ବି—ସଂସ୍କାରାର୍ଥ ସ୍ନାପିତ ମୃତ ଦେହ—Dead body bathed before cremation.

**ମୃତ ସ୍ନାନ**—ସଂ. ବି. (ମ. ପ. ଲୋ)—୧ । ଅନ୍ତ୍ୟେଷ୍ଟି ସ୍ନାନ; ମୃତକା-
**Mṛuta snāna** ଶୌଚ ପରେ ସ୍ନାନ; ଅପସ୍ନାନ—1. Purificatory bath taken by the kinsmen of a deceased after the period of mourning. ୨ । କୌଣସି ବ୍ୟକ୍ତିର ମୃତ୍ୟୁ ପରେ ବା ମୃତ୍ୟୁ ସଂବାଦ ଶୁଣିବା ଯଣି ଶୋକାଶ୍ରୁ ତ୍ୟାଗ ପରେ ସ୍ନାନ—2. Ablution taken immediately on getting the news of the death of a near relative or kinsman.

**ମୃତାଣ୍ଡ**—ସଂ. ବି. (ମୃତ+ଅଣ୍ଡ=ଉତ୍ପନ୍ନ)—ସୂର୍ଯ୍ୟ—
**Mṛutāṇḍa** Sun-god.

**ମୃତା ମଦ**—ସଂ. ବି—ତୁତ୍ଥ; ତୁତିଆ—
**Mṛutā mada** Blue vitriol.

**ମୃତାଳକ**—ସଂ. ବି—ମୃତ୍ତାଳ ( ଦେଖ )
**Mṛutālaka** Mṛuttāla ( See)

**ମୃତାଶୌଚ**—ସଂ. ବି. ( ମ. ପ. ଲୋ, ମୃତ+ଅଶୌଚ )—ମୃତକ;
**Mṛutāśaucha** ମୃତକିଆ—Pollution caused by the death of a kinsman.

**ମୃତାହ**—ସଂ. ବି—(ମୃତ+ଅହନ୍)—୧ । ମୃତ୍ୟୁ ଦିବସ—1. Day
**Mṛutāha** of death. ୨ । ଅନ୍ତ୍ୟେଷ୍ଟି; ମୃତ ବ୍ୟକ୍ତିର ଶୁଦ୍ଧି କ୍ରିୟା—2. Funeral rites. ୩ । ମୃତ୍ୟୁର ଏକାଦଶ ଦିନ—3. The eleventh day after death.

**ମୃତାହ କର୍ମ**—ସଂ. ବି—ମୃତ ବ୍ୟକ୍ତି ଉଦ୍ଦେଶ୍ୟରେ କରାଯିବା କର୍ମ;
**Mṛutāha karma** ଶୁଦ୍ଧି କ୍ରିୟା; ଅନ୍ତ୍ୟେଷ୍ଟି—Funeral ( ମୃତାହ କ୍ରିୟା—ଅନ୍ୟରୂପ ) ceremonies; posthumous rites.

**ମୃତାହ ଦଶକ ଦାନ**—ସଂ. ବି—ଏକାଦଶାହ ଦିନ ମୃତ ବ୍ୟକ୍ତିର ପ୍ରେତର
**Mṛutāha daśaka dāna** ମୁକ୍ତି ଉଦ୍ଦେଶ୍ୟରେ ଦିଆଯିବା ଦଶ ଗୋଟି ଦାନ—Ten kinds of gifts made to Brahmans in the course of funeral rites of a deceased. [ଦ୍ର—ଏହି ଦାନ ଗୋରୁ, ଭୂମି, ସୁନା, ବସ୍ତ୍ର, ଶାଳଗ୍ରାମ, ଅନ୍ନ, ଜଳ ପାତ୍ର, ଯବ, ଶଯ୍ୟା ଓ ସ୍ରଗି ଏହି ଭେଦରେ ଦଶବିଧ । ]

**ମୃତାହ ପଞ୍ଚକ ଦାନ**—ସଂ. ବି—ମୃତ ବ୍ୟକ୍ତି ଉଦ୍ଦେଶ୍ୟରେ ଅନ୍ତ୍ୟେଷ୍ଟି
**Mṛutāha panchaka dāna** କ୍ରିୟା ଉପଲକ୍ଷରେ ବ୍ରାହ୍ମଣଙ୍କୁ ଦିଆ ଯିବା ପାଞ୍ଚଟି ବସ୍ତୁର ଦାନ (ଯଥା—ଗୋ, ଭୂମି, ସୁନା, ବସ୍ତ୍ର ଓ ଶାଳଗ୍ରାମ)—A gift of 5 articles to Brahmans in the course of the funeral rites.

**ମୃତି**—ସଂ. ବି—( ମୃ ଧାତୁ=ମରିବା+ଭାବ. ତି )—ମୃତ୍ୟୁ; ମରଣ—
**Mṛuti** Death. ଗ୍ରା. ବି—(ଅଶୁଦ୍ଧ)—( ସଂ. ମୂର୍ତ୍ତି )—ମୂର୍ତ୍ତି (ଦେଖ)—Mūrtti (See) [ଦ୍ର—ଏହି ଶବ୍ଦର ସାଙ୍କେତିକ । ମୃ । ଅଟେ । ଯଥା—ଅଳ * ମୃତି ବା * । ମୃ । ବୈଷ୍ଣବଙ୍କର ସେବା କରିବି ।]

**ମୃତିକା**—ଗ୍ରା. ବି.—(ଅଶୁଦ୍ଧ)—(ସଂ. ମୃତ୍ତିକା)—ମୃତ୍ତିକା (ଦେଖ)
**Mṛutikā** Mṛuttikā (See)

**ମୃତକିଆ**—ଦେ. ବି—( ସଂ. ମୃତକ, ମୃତକାଶୌଚ )—ମୃତକାଶୌଚ
**Mṛutikia(yā)** (ଦେଖ)—Mṛutakāśaucha (See) ବିଣ. ମୂର୍ତ୍ତିକିଆ (ଦେଖ)—Mūrttikiā (See)

ମୃତୁ—ଗ୍ରା. ବି—(ସଂ. ମୃତ୍ୟୁ)—ମୃତ୍ୟୁ (ଦେଖ)
Mrutu Mrutyu (See)
ବିଣ ( ଗ୍ରା. ଦେଶ୍ୟ ଓ କବିତାରେ )—ମଲା; ମୃତ—Dead.
[ ଉ—ମୃତୁ ଜନକଙ୍କ ମୁଖେ କ ଅଗ୍ନି ଦେଇଣ ଏଣି ବହିଲି—ପ୍ରାଚୀ, ପ୍ରତାପ ଗଣିବେଶା ]
ମୃତୁକ—ଗ୍ରା. ବି ( ସଂ. ମୃତକ )—ମୃତାଶୌଚ—Impurity or
Mrutuka pollution due to the recent death of a kinsman.
ମୃତୁଞ୍ଜୟ—ଗ୍ରା. ବି ଓ ବିଣ ( ଅଶୁଦ୍ଧ ) —ମୃତ୍ୟୁଞ୍ଜୟ ( ଦେଖ )
Mrutunjaya Mrutyunjaya (See)
ମୃତୁଶଯ୍ୟା—ଗ୍ରା. ବି ( ସଂ. ମୃତ [ ତ୍ୟୁ ] + ଶଯ୍ୟା )—ମୃତ୍ୟୁଶଯ୍ୟା
Mrutuśajyā ( ଦେଖ )—Mrutyuśajyā ( See )
ମୃତଶଯ୍ୟା
ମୃତୋଦ୍ଭବ—ସଂ. ବି—ମହୋଦଧି; ମହାସାଗର—
Mrutodbhaba The ocean.
ମୃତ୍କ(କ୍ତା)ର—ସଂ. ବି. ( ମୃତ୍ + କୃ ଧାତୁ=କରିବା, ଚ୍ଛେଦିବା + କର୍ତ୍ତୃ.
Mrutka(tkā)ra ଅ; ଉପପଦ ତତ୍)—ମୃତ୍କ(କା)ର (ଦେଖ)
Mrut-ka(kā)ra ( See )
ମୃତ୍କାଂସ୍ୟ—ସଂ. ବି. (ମ. ପ. ଲୋ, ମୃତ୍ + କାଂସ୍ୟ)— ମୃତ୍କାଂସ୍ୟ (ଦେଖ)
Mrutkāṁsya Mrut-kāṁsya ( See )
ମୃତ୍କିରା—ସଂ. ବି—ମୃତ୍କିରା ( ଦେଖ )
Mrutkirā Mrut-kirā ( See )
ମୃତ୍ତାଳ—ସଂ. ବି. (ମୃତ୍ + ଅଲ ଧାତୁ=ଭୂଷିତ କରିବା + କର୍ତ୍ତୃ. ଅ)—
Mruttāḷa ୧ । ସୌରାଷ୍ଟ୍ର ମୃତ୍ତିକା; ସୁରଟୀ ମୃତ୍ତିକା ବିଶେଷ;
(ମୃତ୍ତାଳକ—ଅନ୍ୟରୂପ) ଅଡ଼କା—1. A kind of fragrant earth (called also Surāṭ earth.)
୨ । ଘୁବରିକା; ବରଗୁଡ଼ି—2. A kind of bean or cereals; Caerjajanus Indicus.
ମୃତ୍ତି—ଦେ. ବି—ମୃତ୍ତିକା (ଦେଖ)
Mrutti Mruttikā (See)
[ଉ—ଯୋଗସ୍ଥ ଘଅଇ ମୃତ୍ତି ବୁଡ଼ା ଟେକି ଦେଇ ।
ପ୍ରାଚୀ. ବୃନ୍ଦାବନରୂପଣ ଗୀତା ।]
ମୃତ୍ତିକା—ସଂ. ବି—(ମୃଦ୍ + ସ୍ୱାର୍ଥେ ତିକ + ସ୍ତ୍ରୀ. ଅ)—୧ । ମାଟି—
Mruttikā 1. Soil. ୨ । କାଦୁଅ—2. Clay; mud.
୩ । ଗନ୍ଧ ମାଟି—3. Scented soil. ୪ । ଭୂମି—4. Earth.
ମୃତ୍ତିକାଧାର—ସଂ. ବି—(ମୃତ୍ତିକା + ଆଧାର)—ମୃତ୍ ପାତ୍ର—
Mruttikādhāra Earthen pot.
ମୃତ୍ତିକା ଭକ୍ଷଣେଚ୍ଛା—ସଂ. ବି—(ଗର୍ଭିଣୀର ବା ଶିଶୁର) ମାଟି ଖାଇବା
Mruttikā bhakshaṇechchhā କାମନ୍ତେ ଅଭିଳାଷ—
Geophagism; a depraved habit of eating earth (observed in some pregnant women and children).
ମୃତ୍ତିକା ଲେପନ—ସଂ. ବି.—(୬ଷ୍ଠୀ ତତ୍; ମୃତ୍ତିକା + ଲେପନ)—
Mruttikā lepana ୧ । ଦେହରେ ମାଟି ବୋଳିବା ବା ଘଷା କରିବା—1. Besmearing the body with paste of ochre. ୨ । ଘରେ ମାଟି ଲେପିବା—2. Besmearing the walls with clay.
ମୃତ୍ପାଣ୍ଡୁ—ସଂ. ବି—(ମୃତ୍ + ପାଣ୍ଡୁ)—ମୃତ୍ପାଣ୍ଡୁ (ଦେଖ)
Mrutpāṇḍu Mrut-pāṇḍu (See)
ମୃତ୍ପାତ୍ର—ସଂ. ବି—( ମଧ୍ୟପଦଲୋପୀ ବା ୬ଷ୍ଠୀ ତତ୍; ମୃତ୍ + ପାତ୍ର )—
Mrutpātra ମୃତ୍ ପାତ୍ର (ଦେଖ)—Mrut-pātra (See)
ମୃତ୍ପିଣ୍ଡ—ସଂ. ବି.—(ମୃତ୍ + ପିଣ୍ଡ)—ମୃତ୍ପିଣ୍ଡ (ଦେଖ)
Mrutpiṇḍa Mrut-piṇḍa (See)
ମୃତ୍ୟୁ—ସଂ. ବି.—(ମୃ ଧାତୁ=ମରିବା + ଭାବ.ତ୍ୟୁ)—୧ । ପ୍ରାଣବିୟୋଗ;
Mrutyu ମରଣ—1. Death. ୨ । (+ଅପାଦାନ.ତ୍ୟୁ)—ଯମ—
2. The God of death. [ଉ—ମୃତ୍ୟୁଙ୍କ କାଳ ଅମୃ ତାତ, ଧର୍ମ ବିଷୟେ ବିମୋହିତ । ଜଗନ୍ନାଥ. ଭାଗବତ ।]
୩ । କଂସାସୁର—3. The demon Kaṁsa.
ଦେ. ବିଣ—(କବିତାରେ ଅଶୁଦ୍ଧ ଭାଷା) ମୃତ; ମୃତୋପମ—
3. Deceased; dead; the late (so and so.)
[ଦ୍ର—'ମୃତ୍ୟୁ' ଶବ୍ଦ ପୂର୍ବରେ ଅନ୍ୟ ଶବ୍ଦ ବା ଉପସର୍ଗ, ଉପପଦ ଘଟି ଅନ୍ୟ ଶବ୍ଦ ମଧ୍ୟ ସୃଷ୍ଟ ହୋଇଥାଏ । କେତେକ ଉଦାହରଣ, ଯଥା—ଅପମୃତ୍ୟୁ, ସ୍ୱଚ୍ଛମୃତ୍ୟୁ, ଅକାଳ ମୃତ୍ୟୁ, ସଦ୍ୟମୃତ୍ୟୁ, ଗର୍ଭମୃତ୍ୟୁ, ଜଳମୃତ୍ୟୁ, ସ୍ୱେଚ୍ଛାମୃତ୍ୟୁ ।]
ମୃତ୍ୟୁକ—ଦେ. ବିଣ—ମୃତ୍ୟୁ ସମ୍ବନ୍ଧୀୟ—Relating to death.
Mrutyuka ଦେ. ବି—୧ । ମୃତ୍ୟୁ—1. Death. ୨ । ମୃତକାଶୌଚ—2. Impurity due to the death of a kinsman. [ଉ—କାହିଁ ତାଙ୍କର ଜାତକ ମୃତ୍ୟୁକ, ଶୁଭାଶୁଭ କାହିଁ ନ ଥାଇ ଶୋକ । ପ୍ରାଚୀ. ଘରଚେ ଗୀତା]
ମୃତ୍ୟୁକର—ସଂ. ବିଣ.—(ମୃତ୍ୟୁ + କୃ ଧାତୁ + କର୍ତ୍ତୃ. ଅ)—ମୃତ୍ୟୁଜନକ;
Mrutyukara ଯାହା ମୃତ୍ୟୁ ଘଟାଏ; ମାରାତ୍ମକ—Causing
(ମୃତ୍ୟୁକାରକ, ମୃତ୍ୟୁକାରୀ—ଅନ୍ୟରୂପ) death; fatal; mortal; deadly.
ମୃତ୍ୟୁ କାଳ—ସଂ. ବି—ମରଣ ଘଟିବାର ସମୟ—
Mrutyu kāḷa The time of death.
ମୃତ୍ୟୁ କାଳଜ୍ଞ—ସଂ. ବିଣ. ପୁଂ—(ଉପପଦ ତତ୍)—ଯେଉଁ ବ୍ୟକ୍ତି
Mrutyu kāḷajña କେତେକ ପୂର୍ବ ଲକ୍ଷଣ ବା ଶକୁନ ବା
(ମୃତ୍ୟୁକାଳଜ୍ଞା—ସ୍ତ୍ରୀ) ସୂଚନା ଦେଖି ମନୁଷ୍ୟର ମରିବା ସମୟ ପୂର୍ବରୁ
(ମୃତ୍ୟୁକାଳଜ୍ଞତା[ତ୍ୱ]—ବି) ଜାଣି ପାରନ୍ତି—Able to foresee the time of one's death by noting some premonitory symptoms, signs or omens.
ମୃତ୍ୟୁକାଳ ଜ୍ଞାନ—ସଂ. ବି—ଶାସ୍ତ୍ରୋକ୍ତ ବା ଶାସ୍ତ୍ରୋକ୍ତ ଲକ୍ଷଣମାନ ବା
Mrutyu kāḷa jñāna ଶକୁନ ମାନ ଦେଖି ମନୁଷ୍ୟର ମୃତ୍ୟୁ ଘଟିବା ସମୟ ପୂର୍ବରୁ ଜାଣି ପାରିବା—Foresight of the time of death by certain auguries (mentioned in science or religious books).

[ଦ୍ର—ହିନ୍ଦୁ ଶାସ୍ତ୍ରମାନଙ୍କରେ ମୃତ୍ୟୁ କାଳଜ୍ଞାନ ବିଷୟରେ ନାନା ଲକ୍ଷଣ ଲେଖା ଯାଇଅଛି । ଯଥା:—ସପ୍ତର୍ଷି ମଣ୍ଡଳର ବଶିଷ୍ଠ ଋଷି ନାମକ ନକ୍ଷତ୍ର ନିକଟରେ ଥିବା କ୍ଷୁଦ୍ର ଅରୁନ୍ଧତୀ ନକ୍ଷତ୍ର ଦେଖି ନ ପାରିବା ଲୋକର ୬ ମାସ ମଧ୍ୟରେ ମୃତ୍ୟୁ ଘଟେ, ଆପଣା ନାକର ଅଗ୍ରଭାଗ ଦେଖି ନ ପାରିବା ବ୍ୟକ୍ତିର ମୃତ୍ୟୁ ନିକଟରେ ଘଟେ; ମୁଣ୍ଡରେ ପେଚା ବସି ଗଲେ ମନୁଷ୍ୟର ମୃତ୍ୟୁ ନିକଟବର୍ତ୍ତୀ; ସମ୍ମୁଖସ୍ଥ ପଦାର୍ଥମାନ ଆଖିକୁ ଦୁଇ ଦୁଇଟା ହୋଇ ଦେଖା ଗଲେ ମୃତ୍ୟୁ ଖୁବ୍ ନିକଟ, ନିଜେ ଶିଅର ହେବା, ତେଲ ମର୍ଦ୍ଦନ ହେବା ବା କୃଷ୍ଣବର୍ଣ୍ଣ ଜୀବ ସ୍ୱପ୍ନ ଦେଖିବା ବ୍ୟକ୍ତିର ମୃତ୍ୟୁ ଆସନ୍ନ ।]

ମୃତ୍ୟୁଚ୍ଛାୟା—ସଂ. ବି—(ମୃତ୍ୟୁ+ଛାୟା; ସନ୍ଧି ଯୋଗୁ ଚ୍ଛ)—(ଲକ୍ଷଣାର୍ଥ)—
Mṛutyu chhhāyā ଆସନ୍ନ ମୃତ୍ୟୁର ଛାୟା ବା କାଳିମା—
(figurative) The shadow of death.

ମୃତ୍ୟୁଜନକ—ସଂ. ବିଣ.—(୬ଷ୍ଠୀ ତତ୍; ମୃତ୍ୟୁ+ଜନକ)—ମୃତ୍ୟୁକର
Mṛutyu janaka Mṛutyukara (See)
(ମୃତ୍ୟୁଜନକା—ସ୍ତ୍ରୀ)

ମୃତ୍ୟୁଞ୍ଜୟ—ସଂ. ବି—(ମୃତ୍ୟୁଂ=ମୃତ୍ୟୁକୁ+ଜି ଧାତୁ=ଜୟ କରିବା+କର୍ତ୍ତୃ.
Mṛutyuñjaya ଅ; ଉପପଦ ତତ୍;)—ଶିବ; ମହାଦେବ—
God Siba. ବିଣ.—୧ । ମୃତ୍ୟୁକୁ ଜୟକାରୀ—
1. Conquering death. [ ଉ—ଧନ୍ୟ ରଥେ ! ତୁମ୍ଭ ଜନ୍ମ ଶୁଭ କ୍ଷଣେ, ମୃତ୍ୟୁଞ୍ଜୟ ତୁମ୍ଭେ ଉତ୍କଳ ଭୁବନେ । ରାଧାନାଥ. ଚିଲିକା ] ୨ । ଯେ ଚିରକାଳ ପାଇଁ ପାସୋର ଯାଇ ପାରେ ନାହିଁ; ଅମରଯଶା:—2 Not to be forgotten for ever; ever memorable.
ଦେ. ବି. ପୁଂ—ଲୋକଙ୍କ ଦିଆ ଯିବା ନାମ—
A name given to males.

ମୃତ୍ୟୁଞ୍ଜୟ ବିଦ୍ୟାଳଙ୍କାର—ଦେ. ବି ( ନାମ )—ଯାଜପୁରବାସୀ ଜନୈକ
Mṛutyuñjaya bidyālankāra ଓଡ଼ିଆ ବ୍ରାହ୍ମଣ ପଣ୍ଡିତ—
A late Oriyā Brāhmaṇa Pandit of Jajpur author of an Oriya Dictionary and Grammar when the Fort William College was first established in 1801 A. D. [ଦ୍ର—ଏ ଯାଜପୁରବାସୀ ଓଡ଼ିଆ ବ୍ରାହ୍ମଣ । ଏ ରାଜାବଳୀ ଓ ପ୍ରବୋଧଚନ୍ଦ୍ରିକା ନାମକ ଦୁଇଖଣ୍ଡି ବଙ୍ଗଳା ପୁସ୍ତକ ରଚନା କରି ଯଥାକ୍ରମେ ୧୮୦୮ ଓ ୧୮୧୩ ଖ୍ରୀଷ୍ଟାବ୍ଦରେ ପ୍ରକାଶ କରିଥିଲେ । ସେ କଲିକତାର ଫୋର୍ଟ ଉଇଲିୟମ୍ କଲେଜରେ ନବାଗତ ଇଂରେଜ କର୍ମଚାରୀମାନଙ୍କୁ ବଙ୍ଗଳା ଭାଷା ଶିକ୍ଷା ଦେଉଥିଲେ । ବିଦ୍ୟାପତି-ରଚିତ ପୁରୁଷ ପରୀକ୍ଷାର ଓ ବତିଶ ସିଂହାସନର ଅନୁବାଦ ମଧ୍ୟ ତାହାଙ୍କଦ୍ୱାରା ପ୍ରକାଶିତ ହୋଇଥିଲା । ଏହି ସକଳ ଗ୍ରନ୍ଥ ଉକ୍ତ କଲେଜରେ ପାଠ୍ୟପୁସ୍ତକସ୍ୱରୂପ ନିର୍ବାଚିତ ହୋଇଥିଲା । ଏତଦ୍‌ବ୍ୟତୀତ ସେ ଓ ଅନ୍ୟ ଜଣେ ସାହେବ ମିଶି ଓଡ଼ିଆ ଅଭିଧାନ ସଂକଳନ କରିଥିଲେ । ତାହାହିଁ ଓଡ଼ିଆ ଭାଷାର ସର୍ବପ୍ରଥମ ଅଭିଧାନ । ୧୮୦୧ ଖ୍ରୀଷ୍ଟାବ୍ଦରେ କଲିକତାରେ ଫୋର୍ଟ ଉଇଲିୟମ କଲେଜ ସ୍ଥାପିତ ହେବା ସମୟରେ ତହିଁରେ ପଠିତ ହେବା ପାଇଁ ଏ ବ୍ୟାକରଣ,ଅଭିଧାନ ଆଦି କେତେକ ପାଠ୍ୟପୁସ୍ତକ ବଙ୍ଗଳା ଭାଷାରେ ରଚନା କରିଥିଲେ । ]

ମୃତ୍ୟୁଞ୍ଜୟ ମନ୍ତ୍ର—ସଂ. ବି—ମହାଦେବଙ୍କ ଜପମନ୍ତ୍ରବିଶେଷ—A for-
Mṛutyuñjaya mantra mula for repeating the name of Mahādeba.

ମୃତ୍ୟୁଞ୍ଜୟ ରଥ—ଦେ. ବି ( ନାମ )—ସ୍ୱର୍ଗୀୟ ଉତ୍କଳଭାଷାଭିଜ୍ଞ ପଣ୍ଡିତ—
Mṛutyuñjaya ratha Late literaray Oriya knowing Pandit. [ ଦ୍ର—ଏ 'ପ୍ରବନ୍ଧପାଠ', 'ମୁଦ୍ରାରାକ୍ଷସ ନାଟକ' ଓ 'ସାରଳା ଚରିତ' ପ୍ରଭୃତି ଗ୍ରନ୍ଥମାନ ଲେଖିଅଛନ୍ତି—ତାରିଣୀ. ଉ. ସା. ଇତିହାସ ।]
ଏ ଏକାଧିକ ସଂସ୍କୃତ ଗ୍ରନ୍ଥ ଅନୁବାଦ କରିଥିଲେ ଓ ଅନେକ ପ୍ରାଚ୍ୟତତ୍ତ୍ୱ ଓ ଭାଷାତତ୍ତ୍ୱ ଆଲୋଚନା କରିଥିଲେ ।
ଏ ଓଡ଼ିଆ ସାହିତ୍ୟର ଜଣେ ନିଷ୍ଠାପର ସେବକ ଥିଲେ ଓ ଯୁବକ ଅବସ୍ଥାରେ ୧୯୨୩ ଖ୍ରୀ: ରେ ଏହାଙ୍କର ମୃତ୍ୟୁ ଘଟିବାରୁ ଓଡ଼ିଆ ସାହିତ୍ୟର ଦାରୁଣ କ୍ଷତି ହେଲା । ]

ମୃତ୍ୟୁନାଶକ—ସଂ. ବି—ପାରଦ; ପାର ଧାତୁ—
Mṛutyu nāśaka Mercury; quicksilver.

ମୃତ୍ୟୁପୁର—ସଂ. ବି—(ଯେଉଁ ପୁରରେ ଜୀବଗଣ ମରନ୍ତି) ମର୍ତ୍ତ୍ୟପୁର—
Mṛutyupura The earth. [ ଉ—ଆଉ ଅନ୍ୟ ଜନର କଥା, ମୃତ୍ୟୁପୁରେ କି ଥିବା ସର୍ବଥା ? ପ୍ରାଚୀ. ଋତୁସଂହାରସ୍ତ୍ରୀ । ]

ମୃତ୍ୟୁପୁଷ୍ପ—ସଂ. ବି—ଇକ୍ଷୁ; ଆଖୁ—Sugarcane. [ ଦ୍ର—
Mṛutyupushpa ପୁଷ୍ପୋଦ୍‌ଗମ ହେଲେ ଏ ଗଛ ମରିଯାଏ ବୋଲି ଏହାର ଏପରି ନାମ ହୋଇଅଛି । ]

ମୃତ୍ୟୁଫଳ(ଳା)—ସଂ. ବି—୧ । ମହାକାଳ ଫଳ—The colocinth.
Mṛutyu phaḷa(ḷā) ୨ । କଦଳୀ ଫଳ—2. Banana; plantain ( fruit ). [ଦ୍ର—ଏ ଗଛରେ ଥରେ ଫଳ ଧରିଲେ ଏ ଗଛ ମରିଯାଏ । ]

ମୃତ୍ୟୁବଞ୍ଚନ—ସଂ. ବି ( ବହୁବ୍ରୀହି )—୧ । ମୃତ୍ୟୁଞ୍ଜୟ; ଶିବ—1.
Mṛutyu bañchana Siba. ୨ । ବିଲ୍ୱବୃକ୍ଷ—2. The marmale tree. ୩ । ଡାମରକୁଆ; ଦଣ୍ଡକାକ—
3. Raven

ମୃତ୍ୟୁବୀଜ—ସଂ. ବି—ବାଉଁଶ—The bamboo. [ ଦ୍ର—ଫଳ
Mṛutyubīja ଧରିଲେ ଏ ଗଛ ମରିଯାଏ ବୋଲି ଏହାର ନାମ 'ମୃତ୍ୟୁବୀଜ' । ]

ମୃତ୍ୟୁ ଭଙ୍ଗୁରକ—ସଂ. ବି—ମରଣକାଳରେ ବାଦନୀୟ ପଟହ—
Mṛutyu bhanguraka Funeral drum.

ମୃତ୍ୟୁଭୟ—ସଂ. ବି ( ୫ମୀ ତତ୍ )—ମରିବାର ଆଶଙ୍କା—
Mṛutyubhaya The fear of death.

ମୃତ୍ୟୁଭୃତ୍ୟ—ସଂ. ବି ( ୬ଷ୍ଠୀ ତତ୍ )—ରୋଗ—
Mṛutyu bhṛutya Disease; illness.

**ମୃତ୍ୟୁମୁଖ**—ସଂ. ବି (୬ଷ୍ଠୀ ତତ୍, ମୃତ୍ୟୁ=ଯମ+ମୁଖ)—୧ । କାଳ-
Mrutyumukha କବଳ; ମୃତ୍ୟୁର ବା କାଳଦେବତାଙ୍କ ପାଟି —1. The jaws of death; death's mouth. ୨ । ଆସନ୍ନ ମୃତ୍ୟୁ—2. Impending death.

**ମୃତ୍ୟୁ ମୁଖରେ ପତିତ ହେବା**—ଦେ. କ୍ରି—ମରିବା—To die; to
Mrutyu mukhare patita hebā meet death.
মৃত্যু মুখে পড়া मृत्यु मुखमे पडना

**ମୃତ୍ୟୁ ଯୋଗ**—ସଂ. ବି. (ଫଳିତ ଜ୍ୟୋତିଷ)—୧ । ଜ୍ୟୋତିଷୋକ୍ତ ଅଶୁଭ
Mrutyu joga ଯୋଗ ବିଶେଷ—1. (astrology) A particular inauspicious conjunction of stars on particular days. [ଦ୍ର—ପ୍ରତିପଦ ତିଥିରେ ଉତ୍ତରଷାଢ଼ା, ନବମୀରେ କୃତ୍ତିକା, ଅଷ୍ଟମୀରେ ପୂର୍ବ ଭାଦ୍ରପଦ, ଏକାଦଶୀରେ ରୋହିଣୀ, ଦ୍ୱାଦଶୀରେ ଅଶ୍ଳେଷା ଓ ତ୍ରୟୋଦଶୀରେ ମଘା ନକ୍ଷତ୍ର ପଡ଼ିଲେ ଏହି ଯୋଗ ଘଟେ । ଏ ଯୋଗରେ ଯାତ୍ରା ନିଷିଦ୍ଧ ।] ୨ । ମନୁଷ୍ୟର ମୃତ୍ୟୁ ଘଟିବାର (ନିର୍ଦ୍ଦିଷ୍ଟ ଲକ୍ଷଣ ଯୁକ୍ତ) ଯୋଗ—2. A time preordained by Fate for one's death. ୩ । (ଫଳିତ ଜ୍ୟୋତିଷ) ମାରକଦଶା; ଜାତକୋକ୍ତ ଗ୍ରହ ନକ୍ଷତ୍ରାଦିର ମାରକ ଯୋଗ, ଯହିଁରେ ଜାତ ବ୍ୟକ୍ତିର ମୃତ୍ୟୁ ନିଶ୍ଚୟ ଘଟିବ ବୋଲି ଶାସ୍ତ୍ର କହେ—3. (astrology) A conjunction of planets etc. resulting in or leading to a person's death.

**ମୃତ୍ୟୁ ଶଯ୍ୟା**—ସଂ. ବି. (ମ. ପ. ଲୋ; କର୍ମଧାରୟ)—୧ । ମୃତ ବ୍ୟକ୍ତିଙ୍କ
Mrutyu sajyā ଶୁଦ୍ଧି କିମ୍ବା ଉପଲକ୍ଷରେ ବ୍ରାହ୍ମଣଙ୍କୁ ଦାନ ଦିଆଯିବା ସୁସଜ୍ଜିତ ଶଯ୍ୟା—1. A bed presented to Brahmans on the occasion of the performance of the funeral rites. ୨ । (ଅଧୁନିକ) ଆସନ୍ନମୃତ୍ୟୁ ବା ମୃତ ବ୍ୟକ୍ତିର ଶଯ୍ୟା—2. Deathbed; the bed of a dead or dying person.

**ମୃତ୍ୟୁ ସଂଖ୍ୟା**—ସଂ. ବି. (୬ଷ୍ଠୀ ତତ୍)—ଯୁଦ୍ଧ ଓ ରୋଗ ଆଦିରେ ମୃତ
Mrutyu samkhyā ବ୍ୟକ୍ତିମାନଙ୍କର ଗଣନା—The number of mortality.

**ମୃତ୍ୟୁ ସଞ୍ଜୀବନୀ**—ସଂ. ବି—ମୃତ ସଞ୍ଜୀବନୀ (ଦେଖ)
Mrutyu sanjibanī Mruta sanjibanī (See)
(ଦ୍ର—ସନ୍ଧାନ କରଣ ଯେ କଲ୍ୟାଣକରଣୀ, ମୃତ୍ୟୁ ସଞ୍ଜୀବନୀ ଯେ ଦ୍ରାବଣୀ କରଣୀ । କୃଷ୍ଣସିଂ. ମହାଭାରତ. ବନ ।)

**ମୃତ୍ୟୁସୂତି**—ସଂ. ବି.—କର୍କଟ; କଙ୍କଡ଼ା—Crab. [ଦ୍ର—ପ୍ରସବ
Mrutyu syūti କାଳରେ ମାତା ମରିଯାଏ ବୋଲି କଙ୍କଡ଼ାର ଏପରି ନାମ କରଣ ହୋଇଅଛି ।]

**ମୃତ୍ସା(ସ୍ନା)**—ସଂ. ବି. (ମୃତ୍=ମାଟି+ପ୍ରଶସ୍ତାର୍ଥେ ସ, ସ୍ନ+ସ୍ତ୍ରୀ. ଆ)
Mrutsā(snā) ପ୍ରଶସ୍ତ ମୃତ୍ତିକା; ଉତ୍ତମ ମାଟି—Good soil.

**ମୃଦ୍(ଧାତୁ)**—ସଂ—୧। ଚୂର୍ଣ୍ଣ କରିବା; ଚୂରିବା—1. To reduce; to
Mrud (root) powder; to pulverise. ୨ । ମର୍ଦ୍ଦନ କରିବା; ଦଳିବା—2. To trample; to tread; to bruise; to crush. ୩ । ପେଷିବା—3. To grind; to pound.

**ମୃଦ୍**—ସଂ. ବି. (ମୃଦ୍ ଧାତୁ+କର୍ମ କ୍ୱିପ୍)—ମୃତ୍ତିକା; ମାଟି—
Mrud Earth; soil.

**ମୃଦ୍‌ଫର(ରୋ)ସ୍**—ଦେ. ବି.—ମୁର୍ଦ୍ଦଫରାସ (ଦେଖ)—
Mrudpharā(ro)s Murdda pharās (see)

**ମୃଦଙ୍ଗ**—ସଂ ବି.—(ବହୁବ୍ରୀହି; ମୃଦ୍=ମୃତ୍ତିକା+ଅଙ୍ଗ)—୧ । ମୃତ୍ତିକା
Mrudanga ନିର୍ମିତ ଦ୍ୱିମୁଖବିଶିଷ୍ଟ ଚର୍ମାନଦ୍ଧ ବାଦ୍ୟଯନ୍ତ୍ର ବିଶେଷ; ଖୋଳ—1. A tabour made of clay. [ଦ୍ର—ଆର୍ଯ୍ୟମାନେ ମୃଦଙ୍ଗର ପ୍ରଥମ ସୃଷ୍ଟି କରନ୍ତି । ପରେ ମୁସଲମାନ୍‌ମାନେ ମାଟି ପରିବର୍ତ୍ତେ ଏହାକୁ କାଠରେ ତିଆରି କରିଥିଲେ । କାଷ୍ଠମୟ ବାଦ୍ୟର ନାମ ମର୍ଦ୍ଦଳ ବା ପଖୋଜ ବା ଢୋଲକ ଏବଂ ମୃଣ୍ମୟ ବାଦ୍ୟର ନାମ ମୃଦଙ୍ଗ ।] ୨ । ପଟହ; ନାଗରା—2. Drum. ୩ । ଘୋଷ; ଶବ୍ଦ; ଗୋଳମାଳ—3. Sound; noise. ୪ । ବଂଶ; ବାଉଁଶ—4. Bamboo.

**ମୃଦଙ୍ଗ ପିଠିଆ**—ଦେ. ବିଣ, (ସଂ. ମୃଦଙ୍ଗ+ପୃଷ୍ଠ)—ଯେଉଁ ପଶୁ
Mrudanga pithia (ଜନ୍ତୁ)ର ପିଠି ମୃଦଙ୍ଗ ପରି ଗୋଲ—
যার মৃদঙ্গের মত পিঠ (An animal) Having the back
मृदंगका माफिक पीठवाला shaped like a tabour.

**ମୃଦଙ୍ଗ ପେଟା**—ଦେ. ବିଣ. ପୁଂ—ଯାହାର ପେଟ ମୃଦଙ୍ଗ ପରି ଫୁଲିଯାଏ—
Mrudanga petā Having a swollen belly
যারমৃদঙ্গের মত পেট मृदंगसा पेटवाला (like a tabour).
ମୃଦଙ୍ଗ ପେଟୀ,
ମୃଦଙ୍ଗ ପେଟେ(ଟୋ)ଇ } —ସ୍ତ୍ରୀ (ମୃଦଙ୍ଗପେଟଆ—ଅନ୍ୟରୂପ)

**ମୃଦଙ୍ଗ ଫଳ**—ସଂ. ବି—ପଣସ ଫଳ—Jack fruit; Artocarpus
Mrudanga phala Integrifolia.

**ମୃଦଙ୍ଗଫଳିନୀ**—ସଂ. ବି—କୋଷାତକୀ; ଜହ୍ନୀ—
Mrudangaphalinī Luffa Acutangula.

**ମୃଦଙ୍ଗର ଦୁଇ ପିଠିରେ ହାତ ମାରିବା**—ଦେ. କ୍ରି—ଯେଉଁ ବ୍ୟକ୍ତି
Mrudangara dui pithire hāta māribā ଉଭୟ ପକ୍ଷ ବା ଦଳଙ୍କ ସଙ୍ଗେ ମିଶେ ବା ବନ୍ଧୁତା କରେ—(said of a person) siding with both parties in a contest or quarrel.

**ମୃଦଙ୍ଗାର**—ସଂ. ବି (ମୃଦ୍+ଅଙ୍ଗାର; କାଠ ବହୁକାଳ ମାଟି ମଧ୍ୟରେ
Mrudangāra ପୋତି ହୋଇ ରହିଲେ ଅଙ୍ଗାର ପାଲଟିଯାଏ)—ପଥର କୋଇଲା—Coal.

**ମୃଦଙ୍ଗିଆ**—ଦେ. ବି (ସଂ. ମୃଦଙ୍ଗୀ)—ଯେ ମୃଦଙ୍ଗ ବଜାଏ—One
Mrudangiā who plays on the tabour.
যারা মৃদঙ্গ বাজায় मृदङ्गबजानेवाला

**ମୃଦଙ୍ଗୀ**—ସଂ. ବି. ପୁଂ (ମୃଦଙ୍ଗ+ଇନ୍; ୧ମା. ୧ବ)—ମୃଦଙ୍ଗବାଦକ—
Mrudangi One who plays on the tabour.
(ମୃଦଙ୍ଗିନୀ—ସ୍ତ୍ରୀ) ବି. ସ୍ତ୍ରୀ—(ମୃଦଙ୍ଗ+ସ୍ତ୍ରୀ. ଈ; ମୃଦଙ୍ଗ ଆକୃତି-ବିଶିଷ୍ଟ)—କୋଷାତକୀ; ଜହ୍ନୀ—Luffa Acutangla.

ମୃଦବ—ସଂ. ବି—ନାଟକୀୟ ଭାଷାରେ ଗୁଣ ସହିତ ଦୋଷର ପ୍ରଦର୍ଶନ
Mṛudaba (ତୃ. ଶ)—( dramatic parlance ) The exhibition of the faults of a dramatic character along with its excellence.

ମୃଦର—ସଂ. ବିଣ. ପୁଂ—୧ । ଚଞ୍ଚଳ; ଚତୁର—1. Active; pert.
Mṛudara ୨ । ଦ୍ରୁତଗାମୀ—2. Swift. ୩ । କ୍ଷଣସ୍ଥାୟୀ—
(ମୃଦରୀ-ସ୍ତ୍ରୀ) 3. Transient; momentary; short-lived.

ମୃଦା—ସଂ. ବି. ସ୍ତ୍ରୀ (ମୃଦ୍ ଧାତୁ+କର୍ତ୍ତୃ. ଅ +ଆ)—ମାଟି—
Mṛudā Earth; clay

ମୃଦାକ(କା)ର—ସଂ. ବି (ମୃଦ୍+ଅକର; ବହୁବ୍ରୀହି ଜମା ମୃଦା=
Mṛudāka(kā)ra ମାଟି+କୃ ଧାତୁ+କର୍ତ୍ତୃ. ଅ, ଉପପଦ ତତ୍)—ବଜ୍ର; ଅଶନି—Thunderbolt.

ମୃଦାର—ଗ୍ରା. ବୈଦେ. ବି—ମୁର୍ଦାର (ଦେଖ)
Mṛudāra Murdāra (See)

ମୃଦାର ଶଙ୍ଖ—ଦେ. ବି (ସ. ମୁଦ୍ରାଶଙ୍ଖ)—ମୁଦ୍ରାଶଙ୍ଖ (ଦେଖ)
Mṛudāra śankha Mudrā śankha [See)

ମୃଦାର ଶିଙ୍ଗ(ଙ୍ଘ,ଙ୍ଗି,ଙ୍ଘୀ)—ଦେ. ବି (ସଂ. ମୃଦାର ଶୃଙ୍ଗ)—ମୃଦାର ଶୃଙ୍ଗ
Mṛudāra śinga(ngha,ngi,nghi) (ଦେଖ)—
Mṛuddāra śrunga (See)

ମୃଦିତ—ସଂ. ବିଣ ( ମୃଦ୍ ଧାତୁ=ଚୂର୍ଣ୍ଣ କରିବା+କର୍ମ. ତ)—
Mṛudita ୧ । ମର୍ଦ୍ଦିତ—1. Pounded. ୨ । ଚୂର୍ଣ୍ଣୀକୃତ—
2. Powdered; pulverised. ୩ । ଦଳିତ—
3. Trodden; bruised; crushed. ୪ । ପଦଦଳିତ—4. Trampled on.

ମୃଦିନୀ—ସ. ବି. ସ୍ତ୍ରୀ (ମୃଦା=ମୃତ୍ତିକା+ ପ୍ରଶସ୍ତାର୍ଥେ. ଇନ୍+ସ୍ତ୍ରୀ. ଈ)—
Mṛudinī ୧ । ଉତ୍ତମ ମାଟି—1. Good soil. ୨ । ଗୋପୀ-
ଚନ୍ଦନ (ତୃ. ଶ)—2. A kind of soil used for painting the body,

ମୃଦୁ—ସଂ. ବିଣ ( ମୃଦ୍ ଧାତୁ=ଚୂର୍ଣ୍ଣ ହେବା+କର୍ତ୍ତୃ. କୁ )—
Mṛudu ୧ । ଅତୀକ୍ଷ୍ଣ; ଭଣ୍ଡୁର; ଯାହା ଧାରୁଆ ନୁହେଁ—
1. Blunt; not sharp. ୨ । ନରମ; କୋମଳ—
2. Soft; tender; supple. ୩ । ନମ୍ର; ଭଦ୍ର,
ବିନୀତ—3. Gentle; mild; placable.
୪ । ଶାନ୍ତ—4. Peaceable; quiet. ୫ । ଦୟାଳୁ—
5. Kind. ୬ । ଧୀର—6. Slow. ବି—୧ । ମୃଦୁଗଣ
(ଦେଖ)—1. Mṛudugaṇa (See). ୨ । ଶନିଗ୍ରହ
(କାରଣ ଏହାର ଗତି ମୃଦୁ)—2. The planet
Saturn. ୩ । ଗୃହକନ୍ୟା; ଘରବାଳିକା କନ୍ୟା; ଘରର
ଝିଅ—3. A daughter of the household; a female child.

ମୃଦୁ ଅଙ୍ଗୀ—ଦେ.ବି. ଓ ବିଣ (ପଦ୍ୟ) ସ୍ତ୍ରୀ. (ସ. ମୃଦ୍ୱଙ୍ଗୀ)—କୋମଳାଙ୍ଗୀ
Mṛudu angi —A woman having a soft body.
(ମୃଦୁ ଅଙ୍ଗିନୀ—ଅନ୍ୟରୂପ) (ଯଥା—କମଳ ଦଳ ଫୁଲ ନାସା
ଶୋଭନୀ, ବର୍ଣ୍ଣି ନୋହେ ତିଷ୍ଣ ମୃଦୁ ଅଙ୍ଗିନୀ । ଭଞ୍ଜ. ବୈଦେ-
ହୀଶ ବିଳାସ ।)

ମୃହଅଙ୍ଗୀ ମୃଦୁଅଙ୍ଗୀ

ମୃଦୁ କୃଷ୍ଣାୟସ—ସ. ବି—ସୀସକ—
Mṛudu krushṇāyasa Lead.

ମୃଦୁ କୋଷ୍ଠ—ସ. ବିଣ. ପୁଂ. (ବହୁବ୍ରୀହି)—୧ । ଯେଉଁ ବ୍ୟକ୍ତିର ଝାଡ଼ା
Mṛudu koshṭha ତରଳଥାଏ—1. (a person) Of
(ମୃଦୁକୋଷ୍ଠା—ସ୍ତ୍ରୀ) lax bowels. ୨ । ଯେଉଁ ବ୍ୟକ୍ତିଠାରେ
ଔଷଧାଦି ସହଜରେ କାର୍ଯ୍ୟକାରୀ ହୁଏ—2. (a person) On whom medicines easily take effect or act.

ମୃଦୁ ଗଣ—ସ. ବି—ଚିତ୍ରା, ଅନୁରାଧା, ମୃଗଶିରା ଓ ରେବତୀ ନକ୍ଷତ୍ର—
Mṛudu gaṇa The collective name of 4 asterisms in Hindu astronomy; the 14th 17th, 5th and 27th lunar mansions.

ମୃଦୁ ଗତି—ସ. ବି. (କର୍ମଧା)—ଧୀର ଗତି—Slow motion.
Mṛudu gati ବିଣ. ପୁଂ ଓ ସ୍ତ୍ରୀ. (ବହୁବ୍ରୀହି)—ଧୀରଗତି
ବିଶିଷ୍ଟ—Having slow motion.

ମୃଦୁ ଗନ୍ଧ—ସ. ବି. ( କର୍ମଧା)—ଈଷତ୍ ଗନ୍ଧ—Mild flavour or
Mṛudu gandha smell; aroma.
ବିଣ. (ବହୁବ୍ରୀହି)—ଈଷତ୍ ଗନ୍ଧଯୁକ୍ତ—Mild-flavoured; aromatic.

ମୃଦୁ ଗମନ—ସ. ବି. (କର୍ମଧା)—ମୃଦୁ ଗତି ( ଦେଖ )
Mṛudu gamana Mṛudu gati ( See )
(ମୃଦୁଗମନା—ସ୍ତ୍ରୀ) ବିଣ. ପୁଂ. (ବହୁବ୍ରୀହି)—ଧୀରଗତି ବିଶିଷ୍ଟ—
Moving slowly; slow-paced.

ମୃଦୁ ଗମନା—ସ. ବି. ସ୍ତ୍ରୀ—୧ । ହଂସୀ—1. A goose. ୨ । ମନ୍ଦ-
Mṛudu gamanā ଗାମିନୀ ସ୍ତ୍ରୀ—2. A slow-paced
woman. ସ. ବିଣ. ସ୍ତ୍ରୀ—ମୃଦୁଗମନର ସ୍ତ୍ରୀ ଲିଙ୍ଗ—
Feminine of Mṛudu gamana.

ମୃଦୁ ଗମ୍ଭୀର—ସ. ବିଣ. ( ମୃଦୁ ଅଥଚ ଗମ୍ଭୀର )—୧ । ଧୀର ଅଥଚ
Mṛudu gambhīra ଗାମ୍ଭୀର୍ଯ୍ୟ ବିଶିଷ୍ଟ ( ବ୍ୟକ୍ତି )—
1. Gentle yet grave (person). ୨ । ଧୀର
ଅଥଚ ଗମ୍ଭୀର (ସ୍ୱର)—2. Slow yet deep (sound).

ମୃଦୁଗାମୀ—ସ. ବିଣ. ପୁଂ. (ଉପପଦ ତତ୍)—ମୃଦୁଗମନ ( ଦେଖ )
Mṛudugāmī Mṛudugamana ( See )
(ମୃଦୁଗାମିନୀ—ସ୍ତ୍ରୀ)

ମୃଦୁ ଗୁଞ୍ଜନ—ସ ବି. (କର୍ମଧା)—କୋମଳ ଗୁଣୁ ଗୁଣୁ ଶବ୍ଦ—
Mṛudu gunjana Soft or mild buzzing.
(ମୃଦୁ ଗୁଞ୍ଜିତ—ଅନ୍ୟରୂପ)

ମୃଦୁ ଚର୍ମୀ(ର୍ମା)-ସ.ବିଣ. (ମୃଦୁ+ଚର୍ମ+ଇନ୍; ୧ମା. ୧ବ)—କୋମଳ
Mṛudu charmī(rmā) ଚର୍ମ ବା ତ୍ୱକ୍ ବିଶିଷ୍ଟ—Soft-skinned. ବି—ଭୂର୍ଜ ବୃକ୍ଷ; ଭୂର୍ଜ ପତ୍ର ଗଛ—The birch tree.

ମୃଦୁଚ୍ଛଦ—ସଂ. ବଣ. (ବହୁବ୍ରୀହି; ମୃଦୁ+ଛଦ୍=ଆଚ୍ଛାଦନ, ବଲ୍କଳ
Mruduchchhada ଯାହାର)—କୋମଳ ଆଚ୍ଛାଦନ ଯୁକ୍ତ; ଯାହାର ଚମଡ଼ା ବା ଛାଲ କୋମଳ—Having a soft covering or bark or skin; soft-skinned ବି—୧ । ଭୂର୍ଜ ପତ୍ର ବୃକ୍ଷ—1. The birch tree. ୨ । ପିଲୁ ବୃକ୍ଷ—2. A kind of wild tree; Salvadora Persica. ୩ । କୁକୁରୁଦା; ପୋକଶୁଙ୍ଘା ଗୁଳ୍ମ—3. A wild plant; Blumea Lacera. ୪ । ତାଳ—4. A variety of palm tree.

ମୃଦୁ ଜ୍ୱଳ—ସଂ. ବି. (ମୃଦୁ+ଜ୍ୱଳ)—ଅଳ୍ପ ଦୀପ୍ତ ଶିଖା—
Mrudu jwala A dim flame.

ମୃଦୁତା(ତ୍ୱ)—ସଂ. ବି. (ମୃଦୁ+ଭାବ; ତା, ତ୍ୱ)—କୋମଳତା—
Mruduta(twa) Softness; mildness; tenderness; gentleness.

ମୃଦୁ ତ୍ୱକ୍ (ଚ, ଚ)—ସଂ. ବି. (ବହୁବ୍ରୀହି; ମୃଦୁ=କୋମଳ+ତ୍ୱକ୍=ଛାଲ ଯାହାର)—ଭୂର୍ଜ ପତ୍ର ଗଛ—
Mrudu twak(ch, cha) The birch tree.

ମୃଦୁଦ୍ଭବ—ସଂ. ବି. (ବହୁବ୍ରୀହି; ମୃତ୍=ମାଟି+ଉଦ୍ଭବ=ଜନ୍ମ ଯାହାର)
Mrududbhaba —୧ । ମାଟିରୁ ଉତ୍ପନ୍ନ ବସ୍ତୁ—1. A production of the earth. ୨ । ଉଦ୍ଭିଦ—2. Vegetable. ସଂ. ବଣ—ମାଟିରୁ ଜାତ—Produced from the earth.
(ମୃଦୁଦ୍ଭବା—ସ୍ତ୍ରୀ)

ମୃଦୁ ନାଦ—ସଂ. ବି. (କର୍ମଧା)—କୋମଳ ସ୍ୱର—Soft sound. ସଂ.
Mrudu nada ବଣ.ପୁଂ (ବହୁବ୍ରୀହି)—କୋମଳ ସ୍ୱର ବିଶିଷ୍ଟ—Having soft sound.

ମୃଦୁ ନାଦୀ—ସଂ. ବଣ. ପୁଂ (ଉପପଦ ତତ୍; ମୃଦୁ+ନାଦ+ଅସ୍ତି
Mrudu nadi ଅର୍ଥରେ. ଇନ୍)—ମଧୁର ସ୍ୱରବାଦୀ—Soft-sounding.
(ମୃଦୁନାଦିନୀ—ସ୍ତ୍ରୀ)

ମୃଦୁନ୍ନକ—ସଂ. ବି—ସୁନା; ସ୍ୱର୍ଣ୍ଣ—
Mrudunnaka Gold.

ମୃଦୁ ପତ୍ର—ସଂ. ବଣ. (ବହୁବ୍ରୀହି)—କୋମଳପତ୍ରବିଶିଷ୍ଟ—
Mrudu patra Having soft or tender leaves.
(ମୃଦୁପତ୍ରା—ସ୍ତ୍ରୀ)

ମୃଦୁ ପବନ—ସଂ. ବି. (କର୍ମଧା)—ଧୀର ବାୟୁ—Breeze; slow
Mrudu pabana wind; gentle breeze
(ମୃଦୁ ସମୀରଣ—ଅନ୍ୟରୂପ)

ମୃଦୁ ପର୍ବକ—ସଂ. ବି. (ମୃଦୁ+ପର୍ବନ୍+କ)—ବେତ; ବେତ୍ର—
Mrudu parbbaka Cane; ratan,

ମୃଦୁ ପୁଷ୍ପ—ସଂ. ବି. (କର୍ମଧା)—୧ । କୋମଳ ପୁଷ୍ପ—1. Soft
Mrudu pushpa flower. ୨ । (ବହୁବ୍ରୀହି) ଶିରୀଷ ବୃକ୍ଷ—
(ମୃଦୁପୁଷ୍ପା—ସ୍ତ୍ରୀ) 2. The Sirisha tree. ବଣ. ପୁଂ. (ବହୁବ୍ରୀହି)—କୋମଳ ପୁଷ୍ପଯୁକ୍ତ (ବୃକ୍ଷ ବା ଲତା)—(tree or creeper) Having soft or tender flowers.

ମୃଦୁ ଫଳ—ସଂ. ବି. (ବହୁବ୍ରୀହି)—୧ । ବଇଁଚ, ଭଇଁଚ; ବଣା ଭଇଁଚ
Mrudu phala ଗୁଳ୍ମ—1. A plant; Flacoprita Ramontchi. ୨ । ମଧୁର ନାଡ଼ିକେଳ—2. A sweet kind of cocoanut. ବଣ. (ବହୁବ୍ରୀହି)—କୋମଳ ଫଳ ବିଶିଷ୍ଟ (ବୃକ୍ଷ ବା ଲତା)—(a tree or creeper) Having soft fruits.

ମୃଦୁବଚନ—ସଂ. ବି (କର୍ମଧା)—କୋମଳ ବାକ୍ୟ—Soft words
Mrudubachana or speech. ବଣ. ପୁଂ (ବହୁବ୍ରୀହି)
(ମୃଦୁବଚନା—ସ୍ତ୍ରୀ) —ଯେ କୋମଳ କଥା କହେ—(a person) Of soft speech.
(ମୃଦୁବାକ୍—ଅନ୍ୟ ବଣ ରୂପ)

ମୃଦୁବାତ(ୟୁ)—ସଂ. ବି (କର୍ମଧା)—ଧୀର ସମୀରଣ—
Mrudubata(yu) Gentle breeze.

ମୃଦୁ ବିରେଚକ—ସଂ. ବଣ (କର୍ମଧା)—ଯାହା ସାମାନ୍ୟ ପରିମାଣରେ
Mrudu birechaka ଝାଡ଼ା କରାଏ—Gentle laxative.

ମୃଦୁବେଗ—ସଂ. ବି (କର୍ମଧା)—ଧୀର ଗତି—Slow motion.
Mrudubega ବଣ. ପୁଂ (ବହୁବ୍ରୀହି)—ଧୀର ଗତି ବିଶିଷ୍ଟ
(ମୃଦୁବେଗା—ସ୍ତ୍ରୀ) —Having slow motion; moving slowly.

ମୃଦୁଭାବ—ସଂ. ବି (କର୍ମଧା)—କୋମଳ ଭାବ—Softness.
Mrudubhaba ବଣ. ପୁଂ (ବହୁବ୍ରୀହି)—କୋମଳ
(ମୃଦୁଭାବା—ସ୍ତ୍ରୀ) ଭାବାନ୍ୱିତ—(A person) Of tender ideas.

ମୃଦୁ ମଧୁର—ସଂ. ବଣ (ସବୁଠାର) (ଦ୍ୱନ୍ଦ୍ୱ)—ମୃଦୁ ଓ ମଧୁର—
Mrudu madhura Soft and sweet.

ମୃଦୁମନ୍ଦ—ସଂ. ବଣ—ଅତି ମନ୍ଦ; ଅତି ଧୀର—
Mrudumanda Very slow.

ମୃଦୁମଳୟ—ସଂ. ବି (କର୍ମଧା)—ଧୀରପ୍ରବାହିତ ଦକ୍ଷିଣପବନ—
Mrudumalaya The mild south breeze.

ମୃଦୁଳ—ସଂ. ବଣ. ପୁଂ (ମୃଦୁ+ସ୍ୱାର୍ଥେ. ଲ)—୧ । କୋମଳ—
Mrudula 1. Soft. ୨ । ଧୀର—2. Slow; gentle.
(ମୃଦୁଳା—ସ୍ତ୍ରୀ) ସଂ. ବି (ମୃଦୁ+ଲା ଧାତୁ+କର୍ତ୍ତୃ. ଅ)—ଜଳ (ପ୍ରକୃତିବାଦ)—Water.

ମୃଦୁଳା—ସଂ. ବଣ. ସ୍ତ୍ରୀ—୧ । କୋମଳାଙ୍ଗୀ—1. (a woman)
Mrudula Having soft limbs or lovely appearance ୨ । ମୃଦୁଳର ସ୍ତ୍ରୀଲିଙ୍ଗ—2. Feminine of Mrudula. ବି—ପୁଷ୍ପ ବିଶେଷ—A kind of flower. [ ଉ—ଷଡ଼ବର୍ଗ ଲୁପ୍ତଅନା ଭଙ୍ଗନଶୀ ମୃଦୁଳା ଏ ଚନ୍ଦ୍ରବଦ୍ଧ । ପ୍ରାଚୀ. ଉଦ୍ୟମନ୍ତ୍ରଣ ।]

ମୃଦୁଲୋମକ—ସଂ. ବଣ (ବହୁବ୍ରୀହି)—କୋମଳ ଲୋମ ବିଶିଷ୍ଟ—
Mrudulomaka Having soft fur. ବି (ବହୁବ୍ରୀହି)
(ମୃଦୁଲୋମା—ଅନ୍ୟରୂପ) —ଠେକୁଆ—The hare.

ମୃଦୁ ସ୍ପର୍ଶ—ସଂ. ବଣ—୧ । (ବହୁବ୍ରୀହି) ଯାହା କୌଣସି ବସ୍ତୁକୁ
Mrudu sparsa କୋମଳ ଭାବରେ ସ୍ପର୍ଶ କରେ—1. Touching anything softly or slightly. ୨ । ଯା ।

ଛୁଇଁଲେ ନରମ ଲାଗେ—2. Soft to the touch.
ବି ( କର୍ମଧା )—୧ । କୋମଳଭାବରେ ଛୁଇଁବା—1. Soft touch. ୨ । ସାମାନ୍ୟଭାବରେ ଛୁଇଁବା—2. Slight touch.

ମୃଦୁ ସ୍ୱଭାବ—ସଂ. ବି ( କର୍ମଧା)—ନମ୍ର ପ୍ରକୃତି—Gentle or mild nature. ବିଣ. ପୁଂ (ବହୁବ୍ରୀହି )
Mṛudu swabhāba
(ମୃଦୁସ୍ୱଭାବା—ସ୍ତ୍ରୀ) —୧ । ନମ୍ର ପ୍ରକୃତି ବିଶିଷ୍ଟ—1. Mild; gentle. ୨ । ଶାନ୍ତ ପ୍ରକୃତିକ—2. Peaceful by nature.

ମୃଦୁ ସ୍ୱର—ସଂ. ବି ( କର୍ମଧା )—୧ । କୋମଳ କଣ୍ଠସ୍ୱର—1. Mild tone. ୨ । କ୍ଷୀଣ ଶବ୍ଦ—2. Feeble sound. ୩ । ବିନୀତ ବାକ୍ୟ—3. Gentle words.
Mṛudu swara
ବିଣ. ପୁଂ ( ବହୁବ୍ରୀହି )—ମୃଦୁସ୍ୱର ବିଶିଷ୍ଟ—( a person or tune or sound ) Having mild or gentle tone.
(ମୃଦୁସ୍ୱରା—ସ୍ତ୍ରୀ)

ମୃଦୁ ସ୍ୱାଦ—ସଂ. ବିଣ ( ବହୁବ୍ରୀହି )—ଈଷତ୍ ସ୍ୱାଦବିଶିଷ୍ଟ ( ଯାହା ଅତ୍ୟନ୍ତ ଖଟା ବା ରସ ବା ମିଠା ନୁହେଁ )—Having a delicate taste; of mild taste.
Mṛudu swāda

ମୃଦୁ ସ୍ରୋତଃ—ସଂ. ବି ( କର୍ମଧା )—ଧୀର ପ୍ରବାହ—Gentle stream or slow current. ବିଣ. ପୁଂ ( ବହୁବ୍ରୀହି )—ଧୀର ପ୍ରବାହଯୁକ୍ତ—Having a slow or gentle current; flowing gently.
Mṛudu srotaḥ
(ମୃଦୁସ୍ରୋତାଃ—ଅନ୍ୟ ବିଣରୂପ)

ମୃଦୁ ହାସ(ସ୍ୟ)—ସଂ. ବି ( କର୍ମଧା )—ସ୍ମିତ ହାସ୍ୟ; ମୁରୁକି ହସ—A smile; a gentle laugh.
Mṛudu hāsa(sya)
ସଂ. ବିଣ. ପୁଂ—ସ୍ମିତହାସ୍ୟ ଯୁକ୍ତ—Smiling.
[ମୃଦୁହାସା(ସ୍ୟା) —ସ୍ତ୍ରୀ ବିଣ ରୂପ]

ମୃଦୂତ୍ପଳ—ସଂ. ବି ( କର୍ମଧା; ମୃଦୁ+ଉତ୍ପଳ )—ନୀଳ କଇଁ—The blue lotus.
Mṛudūtpala
(ମୃଦୂତ୍ପଳ; ମୃଦୁତ୍ପ୍ଳ—ଅନ୍ୟରୂପ)

ମୃଦ୍ଗୁ—ସଂ. ବି - ମତ୍ସ୍ୟ ବିଶେଷ—A sort of fish.
Mṛudga (ମୃଦ୍ଗୁ—ଅନ୍ୟରୂପ)

ମୃଦ୍ଘଟ—ସଂ. ବି ( ମୃଦ୍+ଘଟ; ମ. ପ. ଲୋ; )—ମୃତ୍ତିକାନିର୍ମିତ ଘଟ; ମାଠିଆ—Earthen pitcher.
Mṛudghaṭa
(ମୃଦ୍ଘଟ—ଅନ୍ୟରୂପ)

ମୃଦ୍ବଙ୍ଗ—ସଂ. ବି. ପୁଂ ( ମୃଦ୍+ବଙ୍ଗ )—ରଙ୍ଗ ବା ଟିଣ ଧାତୁ—Tin (metal ).
Mṛudbaṅga

ମୃଦ୍ୱଙ୍ଗ—ସଂ. ବି. ପୁଂ ( ମୃଦୁ+ଅଙ୍ଗ; ବହୁବ୍ରୀହି )—କୋମଳାଙ୍ଗ; କୋମଳାବୟବ ବିଶିଷ୍ଟ—Having tender or delicate limbs; tender-bodied.
Mṛudwaṅga
(ମୃଦ୍ୱଙ୍ଗୀ—ସ୍ତ୍ରୀ)

ମୃଦ୍ୱୀ—ସଂ. ବି. ସ୍ତ୍ରୀ ( ମୃଦୁ+ସ୍ତ୍ରୀ. ଈ )—୧ । କୋମଳାଙ୍ଗୀ ସ୍ତ୍ରୀ; ସୁକୁମାରୀ ସ୍ତ୍ରୀ—1. A tender-bodied woman. ୨ । କପିଳ ଦ୍ରାକ୍ଷା—2. The brown grape. ସଂ. ବିଣ. ସ୍ତ୍ରୀ—ମୃଦୁର ସ୍ତ୍ରୀଲିଙ୍ଗ—Feminine of Mṛudu.
Mṛudwī

ମୃଦ୍ୱୀକା—ସଂ. ବି. ସ୍ତ୍ରୀ ( ମୃଦ୍ ଧାତୁ+କର୍ମ ଇକ+ଅ )—୧ । ଦ୍ରାକ୍ଷା; ଅଙ୍ଗୁର—1. Grape. ୨ । ଦ୍ରାକ୍ଷାସବ ( ହି. ଶ )—2. Wine from grapes.
Mṛudwikā

ମୃଦ୍ଭାଜନ—ସଂ. ବି ( ମୃଦ୍=ମାଟି+ଭାଜନ=ପାତ୍ର; ମ. ପ. ଲୋ; )—ମାଟିର ପାତ୍ର ବା ହାଣ୍ଡି—A vessel of clay; an earthen pot.
Mṛudbhājana
(ମୃଦ୍ଭାଣ୍ଡ—ଅନ୍ୟରୂପ)

ମୃଧ୍ (ଧାତୁ)—ସଂ—୧ । ଆର୍ଦ୍ର ହେବା—1. To be wet or moistened. ୨ । ବଧ କରିବା—2. To kill.
Mṛudh (root)

ମୃଧ—ସଂ. ବି ( ମୃଧ୍ ଧାତୁ+ଅଧିକରଣ. ଅ )—ଯୁଦ୍ଧ; ରଣ—War; fight; battle.
Mṛudha

ମୃଧନା (ଇତ୍ୟାଦି) —ଗ୍ରା. ବି—ମୂର୍ଦ୍ଧନା ଇତ୍ୟାଦି ( ଦେଖ )
Mṛudhanā(etc) Mūrddhanā etc. ( See )

ମୃଧନ୍ୟ—ଗ୍ରା. ବିଣ—ମୂର୍ଦ୍ଧନ୍ୟ (ଦେଖ)
Mṛudhanya Mūrddanya ( See)

ମୃଧା—ସଂ. ଅ—୧ । ବୃଥା—1. In vain. ୨ । ଅନର୍ଥକ—2. Uselessly ( M. W )
Mṛudhā

ମୃନ୍ମୟ—ସଂ. ବିଣ ( ମୃତ୍+ବିକାରାର୍ଥେ ମୟ )—ମୃଣ୍ମୟ; ମୃତ୍ତିକାନିର୍ମିତ (ହି. ଶ.)—Earthen.
Mṛunmaya

ମୃନ୍ମରୁ—ସଂ. ବି—(ମୃତ୍+ମରୁ)—୧ । ପାଷାଣ; ପଥର—1. Stone. ୨ । ପାହାଡ଼—2. Rock; hill. ୩ । ପର୍ବତ—3. Mountain.
Mṛunmaru

ମୃନ୍ମାନ—ସଂ. ବି—(ମୃତ୍+ମାନ)—କୂପ; କୂଅ (ହି. ଶ)—Well.
Mṛunmāna

ମୃଲ୍ଲୋଷ୍ଟ୍ର—ସଂ. ବି—(ମୃତ୍+ଲୋଷ୍ଟ୍ର)—ମାଟିର ଢେଲା—A clod of earth.
Mṛulloshṭra

ମୃଶ୍ (ଧାତୁ)—ସଂ.—୧ । ସ୍ପର୍ଶ କରିବା; ଛୁଇଁବା—1. To touch. ୨ । ଦେଖିବା—2. To see; to percieve. ୩ । ବିବେଚନା କରିବା—3. To consider.
Mṛuś (root)

ମୃଷ୍ (ଧାତୁ)—ସଂ.—୧ । ସହ୍ୟ କରିବା—1. To bear, to suffer; to endure. ୨ । ସେଚନ କରିବା—2. To sprinkle.
Mṛush (root)

ମୃଷା—ସଂ. ଅ—୧ । ମିଥ୍ୟାରେ; ମିଛରେ—1. Falsely. ୨ । ଅନର୍ଥକ; ବୃଥା—2. In vain. ସଂ.ବିଣ—ଅସତ୍ୟ; ମିଥ୍ୟା (ହି. ଶ)—Untrue; false.
Mṛushā

ମୃଷାଧ୍ୟାୟୀ—ସଂ. ବି- (ମୃଷା+ଧ୍ୟୈ ଧାତୁ=ଚିନ୍ତା କରିବା+କର୍ତ୍ତୃ. ଇନ ୧ମା. ୧ବ )—ବକ; ବଗ—The egret bird.
Mṛushādhyāyi

ମୃଷାବାଦ—ସଂ. ବି—(ମୃଷା=ମିଥ୍ୟା+ବଦ୍ ଧାତୁ=କହିବା+ଭାବ. ଅ)—୧ । ମିଥ୍ୟା ବାକ୍ୟ—1. False speech; falsehood. ୨ । ଥଟ୍ଟା ଉପହାସ—2. Joke. ୩ । ଉପହାସସୂଚକ ପ୍ରଶଂସା—3. Ironical praise.
Mṛushā bāda
(ମୃଷାଭାଷଣ—ଅନ୍ୟରୂପ)

**ମୃଷାବାଦୀ**—ସଂ. ବଣ. ପୁଂ—(ମୃଷା=ମିଥ୍ୟା+ବଦ୍ ଧାତୁ=କହିବା+ Mṛushābādī କର୍ତ୍ତୃ. ଇନ୍; ୧ମା. ୧ବ)—ମିଥ୍ୟାବାଦୀ—(ମୃଷାଭାଷୀ—ଅନ୍ୟରୂପ) Lying; speaking falsehood. (ମୃଷାବାଦିନୀ, ମୃଷାଭାଷିଣୀ—ସ୍ତ୍ରୀ) ବି.—୧ । ମିଥ୍ୟା ଅଭିଯୋକ୍ତା—1. One who brings a false charge. ୨ । ମିଥ୍ୟାବାଦୀ ବ୍ୟକ୍ତି—2. A liar.

**ମୃଷାର୍ଥକ**—ସଂ. ବଣ.—(ମୃଷା=ମିଥ୍ୟା+ଅର୍ଥ ଧାତୁ+କର୍ତ୍ତୃ. ଅକ)—Mṛushārthaka ଅନୃତ ବା ଅସମ୍ଭବାର୍ଥକ—Conveying an imposible or absurd meaning. ବି—ଅସମ୍ଭବ ବାକ୍ୟ—Absurd speech. [ଯଥା--ଘୋଡ଼ାଡିମ୍; ଅକାଶ କଇଁଅ, ଅକାଶ କୁସୁମ ଇତ୍ୟାଦି ।]

**ମୃଷାଲକ**—ସଂ. ବି—(ଏଥିରେ ଅଳ୍ପ ବନ ମଞ୍ଜରୀ ରୂପ ଅଳଙ୍କାର ଉଦ୍ଦେ- Mṛushālaka ଶ୍ୟ. ଣ)—ଅମ୍ବ ବୃକ୍ଷ——The mango tree.

**ମୃଷୋଦ୍ୟ**—ସଂ. ବି.—(ମୃଷା=ମିଥ୍ୟା+ବଦ୍ ଧାତୁ=କହିବା+ଭାବ.ଯ) Mṛushodya ୧ । ମିଥ୍ୟା କହିବା; ଅନୃତ ଭାଷଣ—1. Lying. ୨ । (+କର୍ମ. ଯ)—ମିଥ୍ୟା ଉକ୍ତି—2. Falsehood. ସଂ. ବଣ. ପୁଂ—୧ । (+କର୍ତ୍ତୃ. ଯ)—ଅନୃତଭାଷୀ—1. Speaking falsely. ୨ । (କର୍ମ. ଯ)—ମିଥ୍ୟା ଉକ୍ତ—2. Spoken falsely.

**ମୃଷ୍ଟ**—ସଂ. ବଣ.—(ମୃଜ୍ ଧାତୁ=ମାର୍ଜିବା+କର୍ମ. ତ)—୧ । ମାର୍ଜିତ—Mṛushṭa 1. Brushed; rubbed. ୨ । ସ୍ପୃଷ୍ଟ—2. Touched. ସଂସ୍କୃତ; ଶୋଧିତ—3. Purified; refined; reformed. ୪ । ପରିଷ୍କୃତ—4. Cleansed. ୫ । ସିକ୍ତ—5. Sprinkled. ୬ । (ମୃଷ୍ ଧାତୁ+କର୍ମ. ତ)—ଦଷ୍ଟ—6. Crushed. ବି. ମରିଚ—Black pepper.

**ମୃଷ୍ଟି**—ସଂ. ବି—(ମୃଜ୍ ଧାତୁ=ପରିଷ୍କାର କରିବା+ଭାବ. ତି)—୧ । Mṛushṭi ସ୍ପର୍ଶନ—1. Touching. ୨ । ସଂଲଗ୍ନ ହେବା—2. Contact. ୩ । ପରିଷ୍କାର କରିବା; ଶୋଧନ—3. Cleansing; purification. ୪ । ସେଚନ—4. Sprinkling. ୫ । ଖାଦ୍ୟାର୍ଥ ଅହାର୍ଯ୍ୟ ପ୍ରସ୍ତୁତ କରିବା—5. Preparation of food for a meal; dressing of food.

**ମୃଷ୍ଟେରୁକ**—ସଂ. ବି. ପୁଂ.—( ପ୍ରକୃତିବାଦ ) ୧ । ଦାତା—1. A Mṛushṭeruka donor. ୨ । ବଦାନ୍ୟ ବ୍ୟକ୍ତି—2. A liberal person; a magnanimous person. ୩ । ଉପକାରକ—3. A benefactor. ୪ । ମିଷ୍ଟଭୋଜୀ ବ୍ୟକ୍ତି-4. An eater of sweetmeats. ୫। ଅତିଥି ଦ୍ୱେଷୀ—5. An inhospitable person. (ମୃଷ୍ଟେରୁକା—ସ୍ତ୍ରୀ) ୬ । କୃପଣ ବ୍ୟକ୍ତି—6. A miser.

**ମୃ** (ଧାତୁ)—ସଂ.—୧ । ଅଘାତ କରିବା—1. To hurt. ୨ । ଆଘାତ Mṛū (root) କରିବା; ଅନିଷ୍ଟ କରିବା—2.To injure. ୩ । ବଧ କରିବା—3. To kill.

**ମେଅର**—ବୈଦେ. ବି—(ଇଂ. ମେଅର)—ବଡ଼ ସହରର ମିଉନିସି Mear ପାଲିଟିର ସଭାପତି—The mayor of the municipalities of big towns. মেয়র मेयर [ ଦ୍ର—ଇଂଲଣ୍ଡର ଲଣ୍ଡନ୍ ଅଦି ବଡ଼ ସହରରେ ଅଗେ ମେୟର୍ ଥିଲେ । ଏବେ ଅଇନ୍ ପ୍ରଣୟନଦ୍ୱାରା କଲିକତା ଓ ବମ୍ବେ ଅଦି ସହରରେ 'ମେୟର୍' ପଦର ସୃଷ୍ଟି ହୋଇଅଛି ।]

**ମେଆଦ** (ଇତ୍ୟାଦି)—ବୈଦେ. ବି. (ଅ.)—ମିଆଦ ଇତ୍ୟାଦି (ଦେଖ) Meāda (etc) Miāda etc (See)

**ମେଆଦି** (ଇତ୍ୟାଦି)—ବୈଦେ. ବି, ଓ ବଣ—(ଅ.)—ମିଆଦି ଇତ୍ୟାଦି Meādi (etc.) Miādi etc. (See)

**ମେଇଁ**—ପ୍ରାଦେ. ( ଛୁଆଙ୍କ ବୋଲେଇବା)—ବି—( ଧ୍ୱନ୍ୟନୁକରଣ )—Meiñ ବିରାଡ଼ି—The cat.

**ମେଇ(ଏ)ଡି**—ଦେ. ବି—ମେହେନ୍ଦି (ଦେଖ) Mei(e)di Mehendi (See)

**ମେଇଲ୍** (ଇତ୍ୟାଦି)—ବୈଦେ (ଇଂ. ମେଲ୍)—ମେଲ୍ ଇତ୍ୟାଦି (ଦେଖ) Meil(etc) মেল मेल Mel etc (See)

**ମେଉ(ଓ)ଆ**—ବୈଦେ. ବି (ପା. ମେୱା)—୧ । ଫଳ—1. Fruit. Meu(o)ā ୨ । ଖାଦ୍ୟ ଫଳ—2. Edible fruit. ୩ । କାବୁଲ ମেওয়া मेवा ଅଞ୍ଚଳରୁ ଅଣାଗ ଶୁଖାଦ୍ୟ ଫଳ (ଯଥା—ବେଦାନା, ଅଙ୍ଗୁର, କିସ୍‌ମିସ୍ ଓ ବାଦାମ ଅଦି ।)—3. Dried sweet fruits brought from Kabul. [ ଭୂ—ସବୁର ଗଛରେ ମେଉଆ ଫଳେ ।—ପ୍ରବଚନ । ] ୪ । ପାକ କରି ନ ଯାଇ ଖିଅ ଯିବା ଫଳ—4. Fruit which can be eaten without being cooked. ପ୍ରାଦେ· (ସମ୍ବଲପୁର, ବାମଡ଼ା)—ବି·—ପିଜୁଳି; ପିଜୁଳ--Guava.

**ମେଉଆ ଚିଜ**—ବୈଦେ· ବି—(ପା.)—କାବୁଲ ଦେଶରୁ ଅଣାଗ Meuā chija ଅଙ୍ଗୁର, ବେଦାନା, କିସ୍‌ମିସ୍, ମନକ୍କା ଓ ଖଜୁର মেওয়া জিনিস, মেওয়া ফল ଅଦି ଫଳ—Sweet fruits मेवा चिज (grapes, pomegranate, resin etc.) (ମେଉଆ ଫଳ, ମେଉଆ ଜିନସ—ଅନ୍ୟରୂପ) brought from Kabul.

**ମେଉ(ଓ)ଆର**—ଦେ. ବି—ମିବାର (ଦେଖ) Meu(o)ār মেবার मेवाड Mibār (See)

**ମେଉଁ**—ଦେ. ଅ (ଧ୍ୱନ୍ୟନୁକରଣ) - ମିଅଁଉ, ମ୍ୟାଉଁ; ବିରାଡ଼ିର ଧ୍ୱନି—Meuñ মেওঁ, ম্যাও म्याउँ The mewing of cat. (ମେଁ[ମିଁ]ଉଁ ମେଁ[ମିଁ]ଉଁ—ଅନ୍ୟରୂପ)

**ମେଏନା**—ଦେ. ବି—ମେହେନା (ଦେଖ) Me-enā Mehenā (See)

**ମେଏଞ୍ଜ(ଜ)ର**—ବୈଦେ. ବି (ଗ୍ରାମ୍ୟପ୍ରୟୋଗ, ଇଂ. ମାନେଜର )—Me-eñja(ja)ra ମେନେଜର (ଦେଖ)—Menejara (See). ম্যানেজর मैनेजर

**ମେଁ**—ବୈଦେ. ବି (ଇଂ. ମେ)—ଇଂରାଜୀ ଗଣନାରେ ୫ମ ମାସ;ମଇ ମାସ Meñ (ବୈଶାଖ—ଜ୍ୟେଷ୍ଠ )—The month of May.

ମେ ଦେ. ଅ (ଧ୍ୱନ୍ୟନୁକରଣ)—ମେଣ୍ଢାର ବା ଛେଳିର ଧ୍ୱନି—
**ମହ** The bleating of a lamb or goat. [ ଦ୍ର—
(ମେଁଏଁ—ଅନ୍ୟରୂପ) ମେଣ୍ଢା ବା ଛେଳିଙ୍କୁ ଡାକିବାବେଳେ
ଭେଁ, ଭୋ ମେଁ ଅକ୍ଷର ମେଁ ବା ଅକ୍ଷର ମେଁ ଧ୍ୱନି କରାଯାଏ । ]

ମେଁଏଁ ମେଁଏଁ—ଦେ. ଅ (ଧ୍ୱନ୍ୟନୁକରଣ)—ମେଁ (ଦେଖ)
Meñeñ meñeñ Meñ (See)

ମେଁଣ୍ଡା—ପ୍ରାଦେ (ସମ୍ବଲପୁର) ବ. ପୁଂ—ମେଣ୍ଢା—Sheep.
Meñrdā (ମେଁଣ୍ଡୀ—ସ୍ତ୍ରୀ)

ମେଁଢ଼ା—ପ୍ରାଦେ (ଖଣ୍ଡଅଳ) ବ. ପୁଂ—ମେଣ୍ଢା—Sheep.
Meñrdhā (ମେଁଢ଼ୀ—ସ୍ତ୍ରୀ)

ମେଁ ମେଁ ହେବା—ଦେ. କ—୧ । ଛେଳିପରି ମେଁ ମେଁ ଶବ୍ଦ କରିବା—
Meñ meñ hebā 1. To bleat like a goat. ୨
ମେଁ ମେଁ କରା ( ଲକ୍ଷଣାର୍ଥ ) ଆର୍ତ୍ତନାଦ କରିବା; କରୁଣଧ୍ୱନି
**মें মें করনা** କରିବା—2. (figurative) To give forth
(ମେଁଏଁ ମେଁଏଁ ହେବା—ଅନ୍ୟରୂପ) a wailing sound.
[ଦ୍ର—ଛେଳି ସିନା ମେଁ ମେଁ କୁଅନ୍ତା, କଟୁର ମେଁ ମେଁ
ହେଉଛୁ—ଭଗ ।]

ମେକ—ସଂ. ବ (ମେ=ଧ୍ୱନ୍ୟନୁକରଣ+କ)—ଛାଗ—
Meka Goat.

ମେକଲ—ସଂ. ବ ( ମି ଧାତୁ=କ୍ଷେପଣ କରିବା+କର୍ତ୍ତୃ. କଳ )—
Mekala ୧ । ମେଖଲ; ବିନ୍ଧ୍ୟାଚଳସ୍ଥ ଗିରି ବିଶେଷ—
1. Name of a mountain in Central India.
[ ଦ୍ର—ଏହି ଗିରିରୁ ନର୍ମଦା ବାହାରିଅଛି । ଏହା ଋମା
ପର୍ବତର ଅନ୍ତର୍ଗତ । ଏହା ମେଖଲାର ଅକାର ବିଶିଷ୍ଟ—
ହ. ଶ । ] ୨ । ଋଷି ବିଶେଷ; ନର୍ମଦାର ଜନ୍ମଦାତା—
2. Name of a sage from whose body the
river Nerbudda is said to have issued.

ମେକ(ଖ)ଲ କନ୍ୟକା—ସଂ. ବ—ନର୍ମଦା ନଦୀ—The river
Meka(kha)la kanyakā Nerbudda in Central
(ମେକଳସୁତା, ମେକଳାଦ୍ରିଜା—ଅନ୍ୟରୂପ) India.

ମେକାପ—ଦେ. ବ—୧ । ଜେକାପ; ଜଗନ୍ନାଥ ଓ କଣ୍ଡ ମନ୍ଦିରର ଶୁଦ୍ର ବା
Mekāpa କରଣସେବକବିଶେଷ—1. A class of Sebakas
in charge of the dress and ornaments
**भंडारी** of an idol. [ ଦ୍ର—ଏମାନଙ୍କ ଜିମା ଦେବତାଙ୍କ
ବସ୍ତ୍ରାଳଙ୍କାରସବୁ ଥାଏ । ଜଗନ୍ନାଥଙ୍କ ନିକଟରେ ସେହି
ସେବକ ବରଠା ବସାଏ ତାକୁ ଅଖଣ୍ଡ ମେକାପ କହନ୍ତି । ]
୨ । ରାଜସେବକ ବିଶେଷ—2. A class of servants
of a Raja.

ମେକା[କେ]ସର୍ ଅଏଲ୍—ବୈଦେ. ବ (ଇଂ. ମାକାସର୍ ଅଏଲ୍)—
Mekā(ke)sar ael ଏକ ପ୍ରକାର ଅଧିକର ବାସନାତେଲ; ସୁଗନ୍ଧ
মেকেসার অইল্ କେଶତୈଳ ବିଶେଷ—Macasser oil.
**मैकासर अयल** [ଦ୍ର—ଭାରତ ମହାସାଗରର କୋଣ୍ଟିଓ ଦ୍ୱୀପ ନିକଟସ୍ଥ
(ମେକା[କେ]ସର୍ ତେଲ—ଅନ୍ୟରୂପ) ଗୋଟିଏ ଦ୍ୱୀପର ରାଜଧାନୀ
ମାକାସର (Macasser) ନାମ ସହିତ ଏହାର ସମ୍ପର୍କ
ଅଛି । ଉକ୍ତ ଦ୍ୱୀପରେ ସୁଗନ୍ଧ ମସଲା ଜନ୍ମେ ।]

ମେକି—ବୈଦେ. ବଣ (ଫା. ମେଖୀ; ଏଥିରେ ଛିଦ୍ର କରାଯାଇ ଛିଦ୍ରରେ
Meki ଥିବା ଭଲ ଧାତୁ କଢ଼ାଯାଇ ତହିଁରେ ନିକୃଷ୍ଟ ଧାତୁର ମେଖ
মেকী ମରା ଯାଇଥାଏ; ଭୁଲ. ସଂ. ମିଶ୍ର=ବ୍ୟାଜ )—୧ । ଯେଉଁ
**मेखी; जाली** ମୁଦ୍ରା ମଧ୍ୟରେ ଛିଦ୍ର କରାଯାଇ ତନ୍ମଧ୍ୟରେ ଥିବା ଅସଲ
ଧାତୁ କାଢ଼ି ନିଆଯାଇ ଉକ୍ତ ସ୍ଥାନରେ ନିକୃଷ୍ଟ ଧାତୁର
ଖିଲକ ଭରତି କରାଯାଇଥାଏ—1. (a coin) From
which genuine metal has been extracted by boring a hole and base meta
plugged or inserted in its place. ୨ । କୃତ୍ରିମ
(ମୁଦ୍ରା)—2. Counterfeit (coin). ବ—୧ । ଯେଉଁ
ମୁଦ୍ରା ମଧ୍ୟରେ ନିକୃଷ୍ଟ ଧାତୁ ଦିଆଯାଇଥାଏ—1. A
plugged coin. ୨ । କୃତ୍ରିମ ମୁଦ୍ରା—2. Counterfeit coin. ୩ । ନିକୃଷ୍ଟ ଧାତୁ—3. A base
metal. ୪ । କୃତ୍ରିମ ଦ୍ରବ୍ୟ—4. Fabricated
thing. ୫ । ଜାଲ୍, ତିଆରିଥିବା ଦ୍ରବ୍ୟ—5. Any
forged or counterfeit article.

ମେକ୍ଷଣ—ସଂ. ବ—ଯଜ୍ଞୀୟ ବିଶେଷ—A kind of vessel used
Mekshaṇa in vedic sacrifice. [ ଦ୍ର—ଏ ସ୍ରୁବର
ବା କରଚ୍ଛୁଲପରି ଓ ସ୍ୱର୍ଣ୍ଣଅଙ୍ଗୁଳ ଲମ୍ବା—ହ. ଶ । ]

ମେକ୍ସିକୋ—ବୈଦେ. ବ ( ଇଂ. ମେକ୍ସିକୋ )—ଦକ୍ଷିଣ ଅମେରିକାର
Meksiko ରାଜ୍ୟ ବିଶେଷ—Mexico in South America.
মেক্সিকো [ଦ୍ର—ଏ ଦେଶର ବହୁ ସହସ୍ର ବର୍ଷ ପୂର୍ବର ପ୍ରାଚୀନ
**मेक्सिको** ସଭ୍ୟତା (ମଯୁ ସଭ୍ୟତା)ର ନିଦର୍ଶନ ଅଦ୍ୟାପି ଭୂଗର୍ଭରୁ
ମିଳୁଅଛି । ]

ମେ[ମା,ମ୍ୟା]କ୍ସିମ୍ ଗନ୍—ବୈଦେ. ବ (ଇଂ. ମାକ୍ସିମ୍ ଗନ୍)—ଉଦ୍ଭାବକ
Me(mā,myā)ksim gan ଗୁଳିର ଅଧିକାର ବନ୍ଧୁକ—
মেক্সিম গন্ **मैक्सिम गन** Maxim gun.

ମେଖ—ବୈଦେ. ବ (ଫା. ମେଖ୍)—୧ । ଖିଲ—1. A plug. [ଦ୍ର—
Mekha ଅଗଲେ ଅଗିଳ ମାଇଲେ ମେଖ, ବାରବାଣ୍ଡିଅଙ୍କ ଗୁଡର
মেক, ম্যেক দେଖ । ବଳୋବସ୍ତ ଗୀତ ।] ୨ । ଖୁଣ୍ଟା; ଖୁଣ୍ଟି
**मेख** ଶୁଳ, ଦଣ୍ଡ—2. A picket, a peg. ୩ । କଣ୍ଟା, ପିନ୍ଧିକ—
3. Prick, nail. ୪ । ପିନ୍—4. Pin. ୫ । ଖିଲା—
5. A small stake. [ ଦ୍ର—ଭୂମିରେ ବାଡ଼ଥିବା
୧୨ ଫୁଟ ପର୍ଯ୍ୟନ୍ତ ଲମ୍ବ ଓ ସରୁ ଖିଲାକୁ ମେଖ ବୋଲାଯାଏ ]
୬ । ( ଲକ୍ଷଣାର୍ଥ ) ବିପଦ—6. ( figurative )
Danger. ( ଦ୍ର—ଗୋଟେଇଁ ଗଲେ ଫାଣ୍ଡିକ, ମେଖ
ଅଣିଲେ ଗାଣ୍ଡିକ । ଉଦ ।) ୭ । ବାଧା; ବିଘ୍ନ—7. Obstacle.
୮ । ଘୋଡ଼ାର ଖୁରରେ ନାଲ ମାରିବାବେଳେ ତା ଖୁରର
କୋମଳାଂଶର ଭିତରେ ନାଲର କଣ୍ଟା ଲାଗିଯିବା ଯୋଗୁ
ଘୋଡ଼ାର ଲେଙ୍ଗଡ଼ା ପଣ—8. Lameness of a
horse due to a prick of the shoe piercing the flesh inside the hoof.

ମେଖଡ଼(ଡ଼ି)—ଦେ. ବି—୧ । କୌଣସି କାର୍ଯ୍ୟରେ ଉପସ୍ଥିତ ବାଧା ବା Mekharda(rdi) ବିଘ୍ନ—1. Complications; any ଗୋଲ ଅड़चन impediment. ୨ । ବିବାଦ;କଳି;କଳହ— 2. Quarrel; dissension. ବିଣ. ପୁଂ—ଯେଉଁ (ମେଖଡ଼ୀ—ସ୍ତ୍ରୀ) ଲୋକ କାର୍ଯ୍ୟରେ ବିଘ୍ନ ଘଟାଏ; ବିଘ୍ନକାରୀ—Causing obstruction or impediment in a work.

ମେଖଡ଼ ପଶିବା—ଦେ.କ୍ରି—କୌଣସି କାର୍ଯ୍ୟରେ ବିଘ୍ନ ଉପସ୍ଥିତ ହେବା—Mekharda pasibā The happening of some ଗୋলমাল ঢুকা अड़चन होना impediment in any matter.

ମେଖଡ଼(ଡ଼ି) ପୁରା(ରେ)ଇବା—ଦେ. କ୍ରି. - ୧ । କୌଣସି କାର୍ଯ୍ୟରେ Mekharda(rdi) pūrā(re)ibā ବାଧା ଜାତ କରାଇବା—ଗୋলমাল ঢুকানো 1. To create complications or अड़चन डुकाना impediments in a matter. (ମେଖଡ଼[ଡ଼ି] ଲାଗିବା—ଅନ୍ୟରୂପ) ୨ । କୌଣସି ବିବାଦ ଉପସ୍ଥିତ କରାଇବା—2. To create dissension.

ମେଖଡ଼ିଆ(ୟା)—ଦେ. ବିଣ. ପୁଂ—୧ । କଳିହୁଡ଼ା; ବିବାଦକାରୀ—Mekhardia(yā) ଗୋଲ୍ ମেলে 1. Quarrelsome. अड़चनिया ୨ । ମେଖଡ଼ (ଦେଖ)—2. Mekharda (See) (ଦେଖଡ଼ା—ଅନ୍ୟରୂପ) (ମେଖଡ଼ୀ; ମେଖଡ଼େଇ—ସ୍ତ୍ରୀ)

ମେଖ ମାରିବା—ଦେ. କ୍ରି—୧ । ଭୂମିରେ ଖିଲ ମାରିବା—1. To Mekha māribā drive a peg into the ground. মেখ মারা मेखमारना (ठोकना) ୨ । କୌଣସି କାର୍ଯ୍ୟରେ ବାଧା (ମେଖ ପୂରିବା—ଅନ୍ୟରୂପ) ଜାତ କରି ତାହା ବନ୍ଦ କରିଦେବା—2. To bring about the stoppage of a work by raising an obstruction.

ମେଖଳ—ସଂ. ବି—(ମି ଧାତୁ=କ୍ଷେପଣ କରିବା+କର୍ମ. ଖଲ)—Mekhaḷa ମେକଳ (ଦେଖ)—Mekaḷa (See)

मेखल ଦେ. ବି—( ସଂ. ମେଖଳା )—ମେଖଳା ( ଦେଖ )—Mekhaḷā (See) [ଦ୍ର—ମେ ଖ୍ୟ ପ ସ୍ୱର୍ଣ୍ଣ ଦୂକୂଳ ଚିତ୍ରେ ସ୍ୱର୍ଣ୍ଣ ମେଖଳ । ଭଗବାନ୍. ଭାଗବତ ।]

ମେଖଳା—ସଂ. ବି—(ମି ଧାତୁ=କ୍ଷେପଣ କରିବା+କର୍ମ. ଖଲ+ସ୍ତ୍ରୀ. Mekhaḷā ଆ)—୧ । ଗିରିନିତମ୍ବ; ପର୍ବତର ମଧ୍ୟଭାଗ—1. The middle part of a mountain. ୨ । ସାନୁଦେଶ—2. The flank of a mountain. ୩ । ପର୍ବତର ପାର୍ଶ୍ୱଦେଶ-3. The side of a mountain ୪ । ପର୍ବତର ଧାର ବା ଉଚ୍ଚାଂଶ—4. The edge or swell of a mountain. ୫ । କଟି ସୂତ୍ର; ଅଣ୍ଟାସୂତା (କିଙ୍କିଣୀ, ଅଣ୍ଟାଘିଣ୍ଟୁଲି, ଚନ୍ଦ୍ରହାର ଆଦି )—5. Waist-chain (worn by women). [ ଦ୍ର—ଅଠସରିଆ ଗୋଠକୁ ମେଖଳା, ଏକସରିଆ ଗୋଠକୁ କାଞ୍ଚୀ, ଷୋଳ ସରିଆକୁ ରସନା ଓ ପଚିଶ ସରିଆକୁ କଳାପକ ବୋଲାଯାଏ । 'ମେଖଳା'ର ଅନ୍ୟାନ୍ୟ ସଂସ୍କୃତ ପ୍ରତିଶବ୍ଦ—କକ୍ଷା, କକ୍ଷ୍ୟା, କାଞ୍ଚି(ଞ୍ଚୀ), କଳାପ, ଋଟ୍ଟନ, ରସନ,ରଶ(ଷ)ନା, ସପ୍ତକୀ(କ୍ତୀ), ଶାରଶ(ସ)ନ । ] ୬ । କମରବନ୍ଧ; ଓଡ଼ିୟାଣୀ—6. Belt; girdle; zone (of women.) ୭ । ଉପନୀତ ଗ୍ରହଣ ସମୟରେ ବ୍ରାହ୍ମଣାଦିଙ୍କ କଟିରେ ଧାରଣୀୟ ତ୍ରିବୃତ୍ତସୂତ୍ର—7. Three stringed girdle worn round the waist by a twice-born boy at the time of initiation. [ଦ୍ର—ଉପନୟନ ସମୟରେ ବ୍ରାହ୍ମଣ, କ୍ଷତ୍ରିୟ ଓ ବୈଶ୍ୟମାନେ କଟିରେ ମେଖଳା ବାନ୍ଧନ୍ତି । ବ୍ରାହ୍ମଣର ମେଖଳା ମୁଞ୍ଜ (ଏକ ପ୍ରକାର କୁଶ ଜାତୀୟ ତୃଣ)ରେ କ୍ଷତ୍ରିୟର ମୂର୍ବାରେ ଓ ବୈଶ୍ୟର ଶଣପଟରେ ବା ଶଣରେ ନିର୍ମିତ ହୁଏ । ] ୮ । ବ୍ରାହ୍ମଣର ବ୍ରତ ସମୟରେ ଧାରଣୀୟ କୃଷ୍ଣାଜିନ ମୃଗ ଚର୍ମ ନିର୍ମିତ ଉପବୀତ—8. A strip of deer skin worn as sacred thread by a Brahmaṇa at the initiation ceremony. ୯ । ଖିଳ୍ପଡ଼ା; ଖଡ୍ଗ ହାତ ଦୃଢ଼ ରୂପେ ଧରିବା ପାଇଁ ବ୍ୟବହୃତ ଖଡ୍ଗାଦିର ମୁଷ୍ଟିସ୍ଥିତ ଚର୍ମ ବନ୍ଧନୀ; ଖଡ୍ଗ ବନ୍ଧନୀ— 9. A string or chain fastened to the hilt of a sword used to fasten the hand firmly to it. ୧୦ । ଖଡ୍ଗାଦି ଧାରଣାର୍ଥ ଚର୍ମ ପ୍ରଭୃତିରେ ନିର୍ମିତ କଟିବନ୍ଧ; କମରବନ୍ଧ—10. A sword-belt. ୧୧ । ନର୍ମଦା ନଦୀ—11. The river Nerbudda in Central India. ୧୨ । ପୃଶ୍ନିପର୍ଣ୍ଣୀ ଲତା; କୃଷ୍ଣ ଘର୍ଷୀ ଲତା—12. A plant; Hedysarum Lagopodiodes. ୧୩ । ହୋମକୁଣ୍ଡୋପରି ଚାରି ପାଖେ ଉଚ୍ଚର କରାଯିବା ମାଟିର ଜୁଡ଼ୁ—13. An earthen ridge raised round the top of a sacrificial pit. ୧୪ । ସମୁଦ୍ର—14. The ocean.

ମେଖଳା ଗୁଣ—ସଂ. ବି—ଅଣ୍ଟା ସୂତାର ଦଉଡ଼ି ବା ସରୁ—Mekhaḷā guṇa A string of a waist-chain.

ମେଖଳାଦ୍ରି—ସଂ. ବି—ବିନ୍ଧ୍ୟ ପର୍ବତ—The Bindhya mountain Mekhaḷādri in Central India.

ମେଖଳାଦ୍ରିଜା—ସଂ.ବି. ସ୍ତ୍ରୀ—ନର୍ମଦା ନଦୀ—The river Nerbudda Mekhaḷādrijā in Central India.

ମେଖଳି—ଦେ. ବି. ( ସଂ. ମେଖଳା )—୧ । କଟି ମେଖଳା—Mekhaḷi 1. Belt of the waist. (ଦ୍ର - କୋଇଲି मेखली ରେ ଲଗିଥାଇ କଟିସ୍ଥ ମେଖଳୀ—କେଶବ କୋଇଲି ।) ୨ । ରାସ ଲୀଳା, କୃଷ୍ଣ ଲୀଳା ଆଦିରେ ଯାତ୍ରାବାଲା ଓ ସାଧମାନେ ମୁଣ୍ଡ ବାଟେ ଗଳାଇ କରି ପିନ୍ଧିବା ଏକ ପ୍ରକାର ପୋଷାକ, ଯହିଁରେ ହାତ ନ ଥାଏ ଓ ଯାହା ପେଟ ଓ ପିଠି ଅଡ଼େ ଅଣ୍ଟା ପର୍ଯ୍ୟନ୍ତ ଲମ୍ବି ଥାଏ—2. A kind of sleeveless coat for the body from the neck to the waist worn by male actors.

ମେଖା—ପ୍ରାଦେ. (ସମ୍ବଲପୁର) ବି—ମେଖ ( ଦେଖ )
Mekhā Mekha ( See )

ମେଖି ମୁଗୁର—ଦେ. ବି—ବଡ଼ ମୁଗୁର ବିଶେଷ—
. Mekhi mugura A kind of big wooden hammer.
বড় মুগুর बड़ा मुग्दर

ମେଗ୍(ଗା, ଗେ)ଜିନ୍—ବୈଦେ. ବି ( ଇ. ଇଂ. ମାଗାଜିନ୍ )—
Meg-(gā, ge)jin ୧। ସାମୟିକ ପତ୍ରିକା—1. A magazine;
ম্যাগাজিন (paper). ୨। ବାରୁଦାଗାର—2. A magazine;
मैगाजीन store for gunpowder etc.

ମେଗାଜିନ୍ ରାଇଫଲ୍—ବୈଦେ. ବି ( ଇଂ. ମାଗାଜିନ୍ ରାଇଫ୍ଲ )—
Megājin-rāiphal ଏକ ପ୍ରକାର ବନ୍ଧୁକ, ଯାହି ମଧ୍ୟରେ
ম্যাগাজিন রাইফল ଗୁଳିଏ କାର୍ତ୍ତୁଜ୍ ଭରି ହୋଇ ରଖା ଯାଇଥାଏ—
मैगाजीन राइफल Magazine rifle.
[ମେଗାଜିନ୍ ବନ୍ଦୁ(ନ୍ଧୁ)କ—ଅନ୍ୟରୂପ]

ମେଗାସ୍ଥି(ସ୍ଥେ)ନିସ୍—ଦେ. ବି. ( ନାମ )—ଜନୈକ ପ୍ରାଚୀନ ଗ୍ରୀକ୍
Megāsthi(sthe)nis ପର୍ଯ୍ୟଟକ—Megasthenes; the
মেগাস্থিনিস Greek traveller who travelled in
मेगास्थिनिस India three centuries before the
Christian era.
[ଦ୍ର—ଗ୍ରୀକ୍ ପଣ୍ଡିତ ମେଗାସ୍ଥିନିସ୍ ଖ୍ରୀଷ୍ଟପୂର୍ବ ୩୦୦ ବର୍ଷରେ ଭାରତକୁ ଆସିଥିଲେ । ସେ ଭାରତର ପ୍ରାୟ ସମସ୍ତ ଅଂଶ ପର୍ଯ୍ୟଟନ କରି ଭାରତବର୍ଷର ତଦାନୀନ୍ତନ ଅବସ୍ଥା ବିସ୍ତାରିତ ଭାବରେ ଲେଖି ଯାଇଅଛନ୍ତି । ]

ମେଗୁ(ଘୁ)ଆ—ପ୍ରାଦେ. ( ସମ୍ବଲପୁର ଓ ଅଠମଲ୍ଲିକ )—ଶୁକ୍ଳଶସ୍ୟ; ଧଳା
Megu(ghu)ā ଶସ୍ୟଯୁକ୍ତ ପିଜୁଳି—White-fleshed
guava.

ମେଘ—ପ୍ରାଦେ. (ସମ୍ବଲପୁର) ବି—ମେଘ—
Megh Cloud.

ମେଘ ବାଦଲ—ପ୍ରାଦେ. (ସମ୍ବଲପୁର) ବି—ମେଘଥିବା ପାଗ—
Megh bādal Cloudy weather.

ମେଘ—ସଂ. ବି ( ମିହ୍ ଧାତୁ=ଜଳ ସିଞ୍ଚନ କରିବା+କର୍ତ୍ତୃ. ଅ )—
Megha ୧। ଜଳଦ; ଜଳଧର; ବାରିବାହ—1. Cloud.
মেঘ [ଦ୍ର—ସୂର୍ଯ୍ୟ କିରଣ ଦ୍ୱାରା ପୃଥିବୀ ପୃଷ୍ଠର ଓ ସମୁଦ୍ରର
बादल, मेह(घ) ଜଳ ବାଷ୍ପରେ ପରିଣତ ହୋଇ ଆକାଶକୁ ଉଠେ ଓ ସେଠାରେ ଥଣ୍ଡା ପାଇ ତାହା ଘନୀଭୂତ ହୁଏ ଓ ତାହା ବେଶୀ ଘନୀଭୂତ ହେଲେ ପୁଣି ଜଳରେ ପରିଣତ ହୋଇ ବୃଷ୍ଟି ରୂପେ ପୃଥିବୀରେ ପଡ଼େ । ଏହି ଘନୀଭୂତ ବାଷ୍ପକୁ ମେଘ ବୋଲାଯାଏ । ମେଘର ଅନ୍ୟାନ୍ୟ ସଂସ୍କୃତ ନାମ ଯଥା—ଅଙ୍ଗ, ଅଭ୍ର, ଅବ୍ଦ, ଅମ୍ବୁଦ, ଅମ୍ବୁଭୃତ୍, ଅମ୍ବୁବାହ, ଅମ୍ବୋଧର, କଦ, କନ, କନ୍ଧ, କନ୍ଧର, ଖତମାଲ, ଗଗନ-ଧ୍ୱଜ, ଗଦାମର, ଗଦାମ୍ବର, ଗବେଡ଼ୁ, ଗାଡ଼ର, ଘନ, ଘନାଘନ, ଜଳ କରଙ୍କ, ଜଳଦ, ଜଳଧର, ଜଳମୁକ୍, ଜୀମୂତ, ତଡ଼ିତ୍ୱାନ୍, ତୋୟଦ, ଦର୍ଦ୍ଦୁର, ଧାରାଧର, ଧୂମ-ଯୋନି, ନଭଶ୍ଚର, ନଭୋଗଜ, ନାଗ, ନୀରଦ, ପୟୋଦ, ପୟୋଧର, ପର୍ଜ୍ଜନ୍ୟ, ପାଥୋଦ, ପେଚକ, ଭେକ, ମଦୟିତ୍ନୁ, ମୁଦିର, ବନମୁକ୍, ବଳାହକ, ବାରି ରଥ, ବାମ୍ବୁ ଦାରୁ, ବାରିଦ, ବାରିମସି, ବାରିମୁକ୍, ବାର୍ମୁକ୍, ବ୍ୟୋମଧୂମ, ଶୈବମାଲ, ସ୍ତନୟିତ୍ନୁ ।

ସଂସ୍କୃତ ଶାସ୍ତ୍ରରେ ମେଘ ୪ ପ୍ରକାର ବର୍ଣ୍ଣିତ ଅଛି । ଯଥା—୧ । ଅବର୍ତ୍ତ—ନିର୍ଜ୍ଜଳ ମେଘ, ୨ । ସମ୍ବର୍ତ୍ତ—ବହୁଜଳ ମେଘ, ୩। ପୁଷ୍କର—ଦୁଷ୍କରଜଳ ମେଘ, ୪। ଦ୍ରୋଣ—ଶସ୍ୟ-ପ୍ରପୂରକ ମେଘ । ଭାଷାରେ ମେଘର ଆକାର ଓ ବର୍ଣ୍ଣ ଓ ଦିଗ ଅନୁସାରେ ଭିନ୍ନ ଭିନ୍ନ ନାମ ଅଛି ଓ ମେଘର ଲକ୍ଷଣକୁ ବର୍ଷାଗମ ଓ ଶସ୍ୟର ଆଗାମୀ ଅବସ୍ଥା ସମ୍ବନ୍ଧରେ ନାନାପ୍ରକାର ବାକ୍ୟ ଓ ଡାକବଚନ ବଚନ ଅଛି । ଅକାର ଅନୁସାରେ ମେଘର—କେତେକ ଦେଶୀୟ ନାମ ଓ ଡାକବଚନ ବଚନ ନିମ୍ନରେ ଦିଆଗଲା ।

ଘୋଡ଼ଘୋଡ଼ିଆ ବା ବାଇଗଣ ଘୋଡ଼ିଆ ମେଘ—ଘୋଡ଼ାରେ ବାଇଗଣ ଉପର ଦଣାହୋଇ ଖଣ୍ଡ ଖଣ୍ଡ ମାଳ ଉପରରେ ବନ୍ଧ ହୋଇଥିବା ପରି ଦେଖାଯିବା ଧଳା ମେଘ । ଏ ମେଘ ଉଠାଇଲେ ଶୀଘ୍ର ହେଉ ବା ବିଳମ୍ବରେ ହେଉ ବୃଷ୍ଟି ହେବ । ଏ ସମ୍ବନ୍ଧେ ଡାକବଚନ :—

ବାଇଗଣ ଘୋଡ଼ା ମେଘର ଗାଥ, ମନ୍ଦ ମନ୍ଦ ବୋହିଲା ବାଅ,
ଛାଡ଼ ବାନ୍ଧିବାକୁ ପୁତାକୁ ବୋଲ, ଅଜ ନ ବର୍ଷିଲେ ବର୍ଷିବ କାଲି ।

କାଣ୍ଡିଆ ବା କଳାକାଣ୍ଡିଆ ମେଘ—ଘୋର କୃଷ୍ଣବର୍ଣ୍ଣ ମେଘ; ଅଶୁବୃଷ୍ଟି ହେବାର ସୂଚନା କରେ ।

କପିଳାସିଆ ମେଘ—ଉତ୍ତର ପଶ୍ଚିମ କୋଣରେ ଉଠିବ ମେଘ (ଅଶୁବୃଷ୍ଟିର ସୂଚନା) । ଏ ସମ୍ବନ୍ଧେ ସଂସ୍କୃତ ଶ୍ଳୋକ ।
ଅମୋଘା ପଶ୍ଚିମେ ମେଘା, ଅମୋଘା ପୂର୍ବ ବାୟବଃ
ଅମୋଘାଃ ଦକ୍ଷିଣେ ବଦ୍ୟୁତ୍ ଅମୋଘ ଉତ୍ତରେ ଧ୍ୱନିଃ ।

ଉତ୍ତରି(ରୀ) ମେଘ—ଉତ୍ତରଦିଗରୁ ଦକ୍ଷିଣକୁ ଗତି କରୁଥିବା ମେଘ; ଏ ସମ୍ବନ୍ଧେ ଡାକବଚନ ବଚନ—
ଉତ୍ତର ମେଘ ଦକ୍ଷିଣେ ଅସେ
ନାଥ ବୋଲେ ପ୍ରଭୋ ! କଷ୍ଟେ ବରଷେ ।
ଏହିପରି ଦକ୍ଷିଣା, ପୂର୍ବେଇ ଓ ପଶ୍ଚିମା ମେଘ ହୁଏ ।

ଦକ୍ଷିଣାମେଘ-ବର୍ଷାଶେଷ ହିବାର ପୂର୍ବ ଲକ୍ଷଣ; ପଶ୍ଚିମାମେଘ ଝଡ଼ ବତାସର ପୂର୍ବ ଲକ୍ଷଣ; ପୂର୍ବେଇ ମେଘ—ଅନାବୃଷ୍ଟିର ଓ ବତାସର ପୂର୍ବ ଲକ୍ଷଣ ।

ମଳା ମଳା ବା ମେଳା ମେଳା ମେଘ—ଆକାଶ ସମାଚ୍ଛନ୍ନ କରିବା ମେଘ । ଏ ସମ୍ବନ୍ଧେ ଡାକ ବୃଷି ବଚନ :—
ଦିନକୁ ମଳା ମଳା, ସ୍ୱାତିକ ନିର୍ମଳା,
ନାଥ ବୋଲେ ପ୍ରଭୋରେ ! ସ୍ୱର୍ଜ୍ୟସଞ୍ଚ ଫଳା ।

ସୁନସା, ସୁନରିଆ, ସିନ୍ଦୁସା ବା ସିନ୍ଦୁରିଆ ମେଘ—ସିନ୍ଦୁର ବର୍ଣ୍ଣ ଲଭ୍ଯାର ମେଘ । ମେଘ ବର୍ଷିବା ସମ୍ବନ୍ଧେ, ବର୍ଷିବା କାଳ ଓ ଇନ୍ଦ୍ରଧନୁ ପଡ଼ିବା ସମ୍ବନ୍ଧେ ସ୍ଥଳିଏ ବୃଷି ବଚନ :—
୧ । ଯଦି ବଉଶରେ ପ୍ରାପରି ଶେଷ,ଧନ୍ୟ ସେ ରଜା, ଧନ୍ୟ ସେ ଦେଶ ( ଫସଲ ଭଲ ହୁଏ ) ।

୨ । ଯଦି ବରଷଇ ପୁଷର ଶେଷ, ପୁଷର ସାର ନ ପଡ଼ଇ ଦେଶ ( ଦୁର୍ଭିକ୍ଷ ହେବାର ଅଶଙ୍କା ) ।

୩ । ପୁବେ ଅରଦ୍ରାବଳ ( =ଇନ୍ଦ୍ରଧନୁ ) ପଶ୍ଚିମେ ରବ (ରୋଇ) ନାଥ ବୋଲନ୍ତେ ଦୋ ହୋଇବ ଏକଲସା (ଇ) ( =୧୨୧୧ ସାଲ ପର ଦୁର୍ଭିକ୍ଷ ହେବ ) ।

୪ । ପଶ୍ଚିମେ ଅରଦ୍ରାବଳ ମୁରବେ ସ୍ୱେଇ ( ମୟୂର ପୁଚ୍ଛାକୃତି ଇନ୍ଦ୍ରଧନୁ ) ନାଥ ବୋଲେ ଧୂଳା କଷ୍ଟେ ଯିବ ଧୋଇ ( ଅତି ବୃଷ୍ଟି ହେବ ) ।

୫ । ଦସି ପଶେ ( ନୀଳାକାଶରେ ସୂର୍ଯ୍ୟାସ୍ତ ), ଉଇଁ ନ ଦଶେ ( ମେଘାଚ୍ଛନ୍ନ ସୂର୍ଯ୍ୟୋଦୟ ), ଉତ୍ତର ମେଘ ଦକ୍ଷିଣେ ଅଶେ, ସଞ୍ଜ ଗୋବରରେ ଅଂଶେଇ ବସେ, ନାଥ ବୋଲେ ପୁଭା । କଷ୍ଟେ ବରଷେ ( ଅଶୁବୃଷ୍ଟିର ସୂଚନା ) ।

୬ । ଅଶିଣ ଧୋଇ କଷଲଙ୍କି ଯାଇ ( ଅଶ୍ୱିନରେ ବଜ୍ରଭଳ ବୃଷ୍ଟି ହେଲେ ଫସଲ ସମ୍ପୂର୍ଣ୍ଣ ନଷ୍ଟ ହୁଏ ) ।

୭ । କାର୍ତ୍ତିକମାସରେ ବାଣ୍ତରେ ପାଣି, ହାତୁଅ କାଢ଼ିଲେ ବଡ଼ ଗଉଣି ( କାର୍ତ୍ତିକରେ ବର୍ଷା ହେଲେ ପୃଥିବୀ ସୁଫଳା ହୁଏ ) ।

୮ । ଅଠ ଦୁଃକାଣି ଶୋଳ ଅସର, ବତିଶି ଲଫି ଲଫି ଚଉଷଠି ଭୁଣ୍ଡାହେବ, ତେବେ ଯାଇ ଉଶାର ପେଟ ହୁଏ ଦୁଃ । ଅର୍ଥାତ୍ ୮ ଥର ମୂଷଳଧାରରେ ବୃଷ୍ଟି, ୧୬ ଥର ସାଧାରଣ ବୃଷ୍ଟି, ୩୨ ଥର ଝୁପୁରୁ ଝୁପୁରୁ ବର୍ଷା ଓ ୬୪ ଥର ଭୁଣ୍ଡା ଝୁଡ଼ବା ପର ବର୍ଷା ହେଲେ ଯାଇଁ ଧାନ ଫସଲ ହୁଏ । ]

୨ । ମୁସ୍ତକ; ମୁଥା—2. A fragrant grass-root, Cyperus Rotundus. ୩ । ଅସୁର ବା ଦୈତ୍ୟବିଶେଷ—3. Name of demon. ୪ । ସଙ୍ଗୀତରେ ଷଡ଼୍‌ରାଗାନ୍ତର୍ଗତ ରାଗ ବିଶେଷ ( ରାଗ ଚଳେ ଠୀକା ଦେଖ ) —4. Name of a tune in Hindu music; the male personification of one of the six tunes. (See 'Rāga'). [ଦ୍ର— ଛଅରାଗର ନାମ; ଯଥା—ଭୈରବ, କୌଶିକ, ହିନ୍ଦୋଳ, ଦୀପକ, ଶ୍ରୀ ଓ ମେଘ । ଏହି ମେଘରାଗର ୬ ଗୋଟି ରାଗିଣୀ; ଯଥା—ଲଳିତା, ମାଳଶ୍ରୀ, ଗୌଡ଼ୀ, ନାଟୀ, ଦେବକରୀ । ସଙ୍ଗୀତଶାସ୍ତ୍ରର ମତରେ ଏହି ରାଗ ବ୍ରହ୍ମାଙ୍କ ମସ୍ତକରୁ (ମତାନ୍ତରରେ ଆକାଶରୁ ) ଜନ୍ମିଥିଲା । ଏହାର ଜାତି ଔଡ଼ବ, ଅର୍ଥାତ୍ ଧା, ନି, ସା, ରେ, ମ, ଏହି ପଞ୍ଚସ୍ୱର ସମନ୍ୱିତ । ଧୈବତ ସ୍ୱର ଏହାର ଗ୍ରହ, ବର୍ଷା ଋତୁରେ ରାତ୍ରିର ଶେଷଯାମରେ ଏହା ଗେୟ । ଏ ରାଗ ସୁପୁରୁଷ, ଶ୍ୟାମ ବର୍ଣ୍ଣ, ହସ୍ତୀଶବାହନ, ବଦ୍ଧକେଶ ଓ ଖର୍ଗିତରଣ୍ଡଧୃତ ରୂପେ କଳ୍ପିତ ହୋଇଅଛି । 'ଶବ୍ଦସ୍ୱରଣ', 'ମଲ୍ଲାର' ଗୌଡ଼, କର୍ଣ୍ଣାଟ, ଜଳଧର, ମାଳାହକ, ତୈଲଙ୍ଗ, ବଙ୍ଗାଳ, ଏହାର ଅଠ ଗୋଟି ପୁତ୍ର । ]

ଦେ. ବି—୧ । ଆକାଶ—1. The sky. ୨ । ବର୍ଷା [2. Rain.

**ମେଘ ଅନ୍ଧାର**—ଦେ. ବି—( ସଂ. ମେଘାନ୍ଧକାର)—ଆକାଶ ମେଘାଚ୍ଛନ୍ନ
Megha andhara ହେବାରୁ ପୃଥିବୀରେ ଘୋଟିବା ଅନ୍ଧକାର—
মেঘ আঁধার मेघ अंधार Darkness spreading on the
[ମେଘ ଅନ୍ଧାର(ରୁ)ଅ—ହଣ] earth owing to the sky being overclouded.

**ମେଘ ଅସରା**—ଦେ. ବି—ବର୍ଷିବାର ଥର—
Megha asarā A shower of rain.
পসলা असार

**ମେଘ ଉଇଁବା**—ଦେ. କ୍ରି. (ସଂ. ମେଘ ଓ ଉଦୟ)—ଆକାଶରେ ମେଘ
Megha uinbā ଉଦୟ ହେବା; ମେଘୋଦୟ—The rising
মেঘ উঠা of a cloud; cloud appearing on the
मेघ उठना horizon.
[ମେଘ ଉଠା(ଠେ)ଇବା—ଅନ୍ୟରୂପ]

**ମେଘ(ଘେ) ଉଞ୍ଚ(ଚ)**—ଦେ. ବିଣ—ଆକାଶ ପର୍ଯ୍ୟନ୍ତ ଉଚ୍ଚ; ଅତ୍ୟୁଚ୍ଚ—
Megha(ghe) uncha(chcha) As high as the clouds.
মেঘের মত উঁচু मेघ बराबर ऊँचा

**ମେଘ କାଳ**—ସଂ. ବି—ବର୍ଷା ଋତୁ—The cloudy season;
Megha kāla the rainy season.

**ମେଘ ଗରଜନ**—ଦେ. ବି—ମେଘ ଗର୍ଜନ ( ଦେଖ )
Megha garajana Megha garjana (See)
মেঘ গরজন मेघका बोलना(गरजन)
(ମେଘ ଗରଜିବା, ମେଘ ଡାକ, ମେଘ ଡାକିବା—ଅନ୍ୟରୂପ)

**ମେଘ ଗର୍ଜନ**—ସଂ. ବି. (୬ଷ୍ଠୀ ତତ୍)—ଘଡ଼ଘଡ଼ି ଶବ୍ଦ; ମେଘ ଧ୍ୱନି—
Megha garjana The roaring of thunder-
(ମେଘ ଗୁଲୁଗୁ—ଅନ୍ୟରୂପ) clouds; clap of thunder.
[ଦ୍ର—ମେଘ ଗର୍ଜନ ସମୟରେ ବେଦାଧ୍ୟୟନ ନିଷିଦ୍ଧ ।]

**ମେଘ ଘଡ଼ି ଘଡ଼ି**—ଦେ. ବି. (ଦ୍ୱନ୍ଦ୍ୱ)—ବୃଷ୍ଟି ଓ ବଜ୍ର ଧ୍ୱନି—
Megha gharḍa gharḍi Rain and thunder.
বৃষ্টি ও বজ্রাঘাত वृष्टि और मेघ तड़कना

**ମେଘ ଘୋଟିବା**—ଦେ. ବି—ଚତୁର୍ଦ୍ଦିଗ ମେଘାଚ୍ଛନ୍ନ ହେବା—
Megha ghoṭibā The sky being overclouded.
মেঘ ঘোটা मेघ भरना

**ମେଘ ଘୋଡ଼ା(ଡ଼େ)ଇବା**—ଦେ. ବି—୧ । ଆକାଶ ମେଘାଚ୍ଛନ୍ନ ହେବା—
Megha ghorḍa(rḍe)ibā 1. The sky being
(অকাশ)মেঘ মেঘ করা, মেঘে ঢাকা overclouded.
मेघ ढक देना ୨ । ସୂର୍ଯ୍ୟ, ଚନ୍ଦ୍ର ବା ତାରାକୁ ମେଘ ଘୋଡ଼ାଇବା—
ମେଘ ଘୋଡ଼ା ଘୋଡ଼ା କରିବା } ଅନ୍ୟରୂପ 2. The cloud enveloping the
ମେଘ ଛାଡ଼ିବା sun, moon or the stars.

**ମେଘଙ୍କର**—ସଂ. ବିଣ. ( ମେଘଂ+କୃ ଧାତୁ+କର୍ତ୍ତୃ. ଅ )—ଯାହା ବର୍ଷା
Meghankara କରାଏ (ଋତୁ)—Cloud-producing or rainy (season).

**ମେଘ ଚମକ**—ଦେ. ବି—ବିଦ୍ୟୁତ୍—
Megha chamaka Flash of lightning.
মেঘের চমক मेघकी चमक

ମେଘ ଚନ୍ତକ—ସଂ. ବି—ଗୃଚକ ପକ୍ଷୀ—The coccyster bird; pied-crested cuckoo; Cuculus Malanolencus.
Megha chintaka
(ମେଘ ଜୀବକ—ଅନ୍ୟରୂପ)
[ଦ୍ର—କବି ପ୍ରସିଦ୍ଧି ଅଛି ଯେ ଗୃଚକ ପକ୍ଷୀ ମେଘରୁ ବରଷୁଥିବା ଜଳ ଛଡ଼ା ଅନ୍ୟ ଜଳ ପାନ କରେ ନାହିଁ ଓ ଏଥିପାଇଁ 'ଦେ ଜଳ' ବୋଲି ଧ୍ୱନି କରି ଉଡ଼ୁଥାଏ ।]

ମେଘଜ—ସଂ. ବିଣ. (ମେଘ+ଜନ୍ ଧାତୁ+କର୍ତ୍ତୃ. ଅ)—ମେଘରୁ ଜାତ—Born from the clouds.
Meghaja
ସଂ. ବି—ଏକ ପ୍ରକାର ବୃହତ୍ ମୁକ୍ତା—A kind of large pearl (said to fall from the clouds).
[ଦ୍ର—ଏହା ଆକାଶରୁ ବର୍ଷା ସଙ୍ଗେ ପଡ଼ିବା କଳ୍ପିତ ।]

ମେଘ ଜାଲ—ସଂ. ବି—୧ । ଅଭ୍ର; ମେଘ ନାଳ—1. Talc, mica.
Megha jāla ୨ । ମେଘ ସମୂହ—2. A mass of clouds.
(ମେଘ ଜାଳକ—ଅନ୍ୟରୂପ)

ମେଘ ଜ୍ୟୋତିଃ—ସଂ ବି. (ମେଘରୁ ଉତ୍ପନ୍ନ ଜ୍ୟୋତିଃ; ମ. ଘ. ଲୋ)—
Megha jyotiḥ ୧ । ଇରମ୍ମଦ; ବଜ୍ର ପଡ଼ିବା ବେଳେ ଦେଖାଯିବା ଜ୍ୟୋତି—1. A flash of lightning attending the fall of a thunder bolt. ୨ । ବଜ୍ରାଗ୍ନି; ବଜ୍ରାନଳ—2. The fire cr electricity from the thunder.
(ମେଘ ଜ୍ୟୋତି—ଦେଶଜ ରୂପ)

ମେଘ ଡମ୍ବର—ସଂ. ବି—୧ । ମେଘାଡ଼ମ୍ବର; ଆକାଶରେ ମେଘ ଘୋଟିଯିବା—1. Overclouded state of the sky; the lowering of the clouds.
Megha ḍambara
୨। ମେଘ ଗର୍ଜନ—2. The roaring of thunder.
୩ । ବଡ଼ ଚାନ୍ଦୁଆ (ବ୍ଯୁ. ଶ)—3. A big canopy.
୪ । ଏକ ପ୍ରକାର ବଡ଼ ଛତା (ବ୍ଯୁ. ଶ)—4. A kind of big umbrella.

ମେଘ ଡମ୍ବ(ମ)ର(ରୁ)—ଦେ. ବି—୧ । କଳା ମେଘୀ ଶାଢ଼ୀ—1. A cloth of the colour of clouds. ୨ । ଆଲାମ୍ବରୀ ବା ନୀଳ ଶାଢ଼ୀ-2. Azure coloured cloth.
Megha ḍamba(ma)ra(ru)
ମେଘ ডম্বর সাড়ী
आसमानी रङ्गकी साढी
୩ । ଏକ ପ୍ରକାର ଶୁକ୍ଳ ଓ ଲମ୍ବା ଧାନ—3. A kind of white and long paddy.
[ଦ୍ର—ଏହାର ଫଳ ଛଡ଼ା ମୂଳଠାରୁ ଗଛର ସମସ୍ତ ଅଂଶର ରଙ୍ଗ କାଳଚଣୀ ।]

ମେଘ ତମିର—ସଂ. ବି. ( ମ. ଘ. ଲୋ; ମେଘ ଜନିତ ତମିର )—
Megha timira ମେଘାଚ୍ଛନ୍ନତା; ମେଘ ଅନ୍ଧାର—Cloudiness.

ମେଘ ଦୀପ—ସଂ. ବି—ବିଦ୍ୟୁତ୍—
Megha dīpa Lightning.

ମେଘ ଦୂତ—ସଂ.ବି. (ରୂପକ; ଦୂତ ରୂପେ କଳ୍ପିତ ମେଘ)—କାଳିଦାସଙ୍କ ରଚିତ ସଂସ୍କୃତ ଖଣ୍ଡକାବ୍ୟ ବିଶେଷ—Name of a Sanskrit poem by Kāḷi Dāsa (in which an exiled Jaksha employs the cloud as his messenger to his beloved at home). [ଦ୍ର—କୁବେରଙ୍କ ଉଦ୍ୟାନରକ୍ଷକ ଜଣେ ଯକ୍ଷ ଅପଣା ପ୍ରିୟତମଠାରୁ ୧ ବର୍ଷକାଳ ବିଚ୍ଛେଦ ଭୋଗ କରିବା ପାଇଁ ଦଣ୍ଡାଜ୍ଞା ପ୍ରାପ୍ତ ହୋଇ ରାମଗିରି ପର୍ବତରେ ଥାଇ ତାହାର ବାସସ୍ଥାନ କୈଳାସରେ ବାସ କରୁଥିବା ବିରହିଣୀ ପ୍ରେୟସୀ ନିକଟକୁ ସ୍ୱୀୟ ମନୋବେଦନାଜ୍ଞାପକ ସମ୍ବାଦ ଦୂତ ରୂପେ ପରିକଳ୍ପିତ ମେଘ ଦ୍ୱାରା ପଠାଉଥିବା ବିଷୟକ ସଂସ୍କୃତ କାବ୍ୟର ନାମ ।]
Megha dūta

ମେଘ ଦେଖି ଛତା ଧରିବା—ଦେ. କ୍ରି—୧ । ଯେଉଁ ଦିଗରୁ ପବନ ବୋହୁ ବର୍ଷା ଜଳ ଛାଟୁ ଥାଏ ସେହି ଦିଗକୁ ଛତା ବୁଲାଇବା—1. To direct the umbrella in accordance with the direction of the rain drops. ୨ । (ଲକ୍ଷଣାର୍ଥ) ସମୟର ପ୍ରଭାବ ଦେଖି ନିଜର ଆଚରଣକୁ ବାଦଳିବା—2.To accomodate oneself to the change of times or opportunities.
Megha dekhi chhatā dharibā
মেঘ দেখে ছাতা ধরা
मेघ देखके छाता धरना

ମେଘ ଦ୍ୱାର—ସଂ. ବି. (୬ଷ୍ଠୀ ତତ୍)—ସ୍ୱର୍ଗ; ଆକାଶ—
Megha dwāra The sky.

ମେଘ ଧନୁଃ—ସଂ. ବି. (ମ. ପ. ଲୋ)—ଇନ୍ଦ୍ର ଧନୁ—
Megha dhanuḥ Rainbow.

ମେଘ ଧ୍ୱନି—ସଂ. ବି. (୬ଷ୍ଠୀ ତତ୍)—ଘଡ଼ଘଡ଼ି ଶବ୍ଦ; ମେଘର ଡାକ—
Megha dhwani The rumbling of clouds.

ମେଘନା—ଦେ. ବି—ପୂର୍ବବଙ୍ଗର ନଦୀ ବିଶେଷ—Name of the river which is formed by the Ganges and the Brahmaputra being joined together before falling to the Bay of Bengal.
Meghanā
মেঘনা
मेघना
[ଦ୍ର—ଗଙ୍ଗା ଓ ବ୍ରହ୍ମପୁତ୍ର ମିଳିତ ହୋଇ ପଦ୍ମା ନାମ ଧାରଣ କରିଅଛି, ମେଘନା ନାମକ ଗୋଟିଏ ଉପନଦୀ ଯେଉଁଠାରେ ପଦ୍ମା ସଙ୍ଗେ ମିଳିତ ହୋଇଅଛି ସେଠାରୁ ସେହି ସମ୍ମିଳିତ ସ୍ରୋତ ମେଘନା ନାମରେ ସମୁଦ୍ରରେ ଯାଇ ପଡ଼ିଅଛି । ସମୁଦ୍ର ସଙ୍ଗମରେ ମଧ୍ୟ ଏହା ମେଘନା ନାମରେ ପରିଚିତ ।]

ମେଘ ନାଥ—ସଂ. ବି. ( ୬ଷ୍ଠୀ ତତ୍ )—ଇନ୍ଦ୍ର—
Megha nātha Indra.
(ମେଘପତି—ଅନ୍ୟରୂପ)

ମେଘ ନାଦ—ସଂ. ବି. ( ୬ଷ୍ଠୀ ତତ୍ )—୧ । ମେଘ ଧ୍ୱନି—1. The rumbling of clouds. ୨ । ଘଡ଼ଘଡ଼ି ଶବ୍ଦ—2. Clap of thunder. ୩ । ପଳାଶ ଗଛ—3. A tree; Butea Frondosa. ୪ । ତଣ୍ଡୁଳୀୟ ଶାକ; ଲେଉଟିଆ ଶାଗ—4. A pot herb; Amaranthus Polygamus. ୫ । (ବହୁବ୍ରୀହି) ରାବଣର ପୁତ୍ର; ଇନ୍ଦ୍ରଜିତ୍—5. Name of a son of Rāban
Megha nāda

[ଦ୍ର—ଏ ଜନ୍ମ ହେବା ସମୟରେ ମେଘ ପରି ନାଦ କରି ଥିବାରୁ ଏହାଙ୍କର ଏହି ନାମକରଣ ହୋଇଥିଲା । ଏହାଙ୍କୁ ଲକ୍ଷ୍ମଣ ବଧ କରିଥିଲେ । ଏହାଙ୍କ ସ୍ତ୍ରୀ ପ୍ରମୀଳା । ଏ ପ୍ରଥମରେ ନାଗ ପାଶରେ ଲକ୍ଷ୍ମଣଙ୍କୁ ବନ୍ଧନ କରିଥିଲେ । ଏ ଇନ୍ଦ୍ରଙ୍କୁ ଜୟ କରି ଥିବାରୁ ଏହାଙ୍କ ନାମ ଇନ୍ଦ୍ରଜିତ୍ ମଧ୍ୟ ହୋଇ ଥିଲା ।] ୬ । ଜଳାଧିପତି; ବରୁଣ ଦେବତା—6. The God of water; the Neptune of the Hindus. ୭ । (ମେଘ ଉଠାଇବା ବେଳେ ଧ୍ୱନି କରେ) ମୟୂର (ହ୍ରୁ. ଶ)—7. The peacock. (ଉ—ବର୍ଷିବା ଜସ ଜ୍ୟେଷ୍ଠ କୁମାର, ଜାତ ଉଦ୍ଭବ ଧୂର୍ଣ୍ଣି କୁମାର, ଛନ୍ତି ସେ ମେଘନାଦ ଉପର, ପଡ଼ି ଅଚେତ ଯେ । ଭଞ୍ଜ ବୈଦେହୀଶ ବିଳାସ ।) ୮ । ବିରାଡ଼ି (ହ୍ରୁ. ଶ)—8. The cat. ଦେ. ବି—ଅତି ଉଚ୍ଚ ପ୍ରାଚୀର—A very high wall. (ଉ—କ୍ରୌଞ୍ଚ ଗବାକ୍ଷ ମେଘନାଦ ଶ୍ରୁତିଲା । ପ୍ରାଚୀ ଉଦୟ ମଞ୍ଜୁଳ ।)

**ମେଘନାଦ ପାଚି(ଚେ)ରି(ରୀ)**—ଦେ. ବି—ରାଜପୁରର ବା ଦେବାଳୟର ବାହାର ବେଢ଼ାରେ
Meghanāda pāchi(che)ri(rī)
ଊଁଚୁ প্রাচীর ଖୁବ ଉଁଚା ବାହରଦିବାଲୀ ରହିଥିବା ଉଚ୍ଚ ପ୍ରାଚୀର—A very high outer wall of a palace or temple-compound. [ଦ୍ର—ଜଗନ୍ନାଥ ଦେଉଳର ବାହାର ବେଢ଼ାରେ ରହିଥିବା ଉଚ୍ଚ ପ୍ରାଚୀରକୁ 'ମେଘନାଦ ପାଚେରି' କହନ୍ତି । ଏ ପାଚେରିର ସୀମା ମଧ୍ୟକୁ ସମୁଦ୍ରର ଗର୍ଜନ ଶୁଣାଯାଏ ନାହିଁ ।]

**ମେଘନାଦ ବଧ**—ସଂ. ବି—ଲକ୍ଷ୍ମଣଙ୍କଦ୍ୱାରା ଇନ୍ଦ୍ରଜିତର ଯୁଦ୍ଧରେ ପ୍ରାଣ ନାଶ—The slaying of
Meghanāda badha
মেঘনাদ বধ Meghanāda by Lakshmaṇa. ଦେ. ବି—मेघनाद् बध ବଙ୍ଗୀୟ କବି ମାଇକେଲ୍ ମଧୁସୂଦନ ଦତ୍ତଙ୍କ ପ୍ରଣୀତ ଅମିତ୍ରାକ୍ଷର ଛନ୍ଦୋବଦ୍ଧ ପ୍ରସିଦ୍ଧ ମହାକାବ୍ୟ—Name of a famous Bengali poem in blank verse by poet Michael Madhusūdana Datta.

**ମେଘନାମା**—ସଂ.ବି (ବହୁବ୍ରୀହି;ମେଘନାମନ୍;୧ମା ୧ବ)—ମୁସ୍ତକ;ମୁଥା—
Meghanāmā Fragrant root of grass.

**ମେଘନା(ଳା)ଳ**—ଦେ.ବି (ସଂ.ମେଘ+ଜାଲ)—୧ । ଅଭ୍ର—1. Mica;
Meghanā(lā)ḷa talc. [ଦ୍ର—ଲୋକ ବିଶ୍ୱାସ ଯେ, ମେଘ
ଅଭ୍ର चिलचिला ପାହାଡ଼ ଉପରକୁ ଉଡ଼ି ଆସି ଏହି ଜାଲସାକ
अबरख ଗାଳ ପକାଇ ଥାଏ ।] ୨ । କାଣ୍ଟି ଲେହୁଟିଆ (କଣ୍ଟକଯୁକ୍ତ ଶାକ ବିଶେଷ. ଦ୍ରବ୍ୟଗୁଣ)—2. Amaranthus Spinosus; a prickly potherb.

**ମେଘ ନିର୍ଘୋଷ**—ସଂ. ବି (୬ଷ୍ଠୀ ତତ୍)—ମେଘଧ୍ୱନି; ମେଘନାଦ—
Meghā nirghosha The rembling of clouds.

**ମେଘ ପଟଳ**—ସଂ. ବି (୬ଷ୍ଠୀ ତତ୍)—ମେଘସମୂହ; ଘୋଟିଥିବା
Megha pāṭaḷa ଘୋଟିଥିବା ମେଘ—A mass of clouds.

**ମେଘ ପୁଷ୍ପ**—ସଂ. ବି—୧ । ବୃଷ୍ଟି ଜଳ—1. Rain water.
Megha pushpa ୨ । ଜଳ—2. Water. (ମେଘ ପୁଷ୍ପ—ଅନ୍ୟରୂପ) ୩ । ବିଷ୍ଣୁଙ୍କ ନନ୍ଦିଘୋଷ ରଥର ଏକ ଅଶ୍ୱ—3. One of the 4 horses of the Nandighosha car of Bishṇu. [ଦ୍ର—ଅନ୍ୟ ୩ ଘୋଡ଼ାଙ୍କ ନାମ—ଶୈବ୍ୟ, ବଳାହକ, ସୁଗ୍ରୀବ ବା ବାଜରଥ—ହ୍ରୁ. ଶ ।] (ଉ—[୨।୩] ବରଷାକାଳ ତା କଲେ ବଳାହକ, ମେଘ ପୁଷ୍ପ ଘୋଡ଼ା ଯୋଷତନ୍ତ୍ର ବ୍ୟାପେ ପ୍ରବଳ ତୋଷେ—ଭଞ୍ଜ. ବୈଦେହୀଶବିଳାସ ।) ୪ । ଇନ୍ଦ୍ରଙ୍କ ଅଶ୍ୱ (ହ୍ରୁ. ଶ)—4. The horse of Indra.

**ମେଘ ପୁଷ୍ପା**—ସଂ. ବି—୧ । କୁଅପଥର (ହ୍ରୁ. ଶ)—1 Hail.
Megha pushpā ୨ । ଜଳ (ହ୍ରୁ. ଶ)—2. Water. ୩ । ବେତ (ହ୍ରୁ. ଶ)—3. Ratan; cane.

**ମେଘଫଳ**—ସଂ. ବି—୧ । ବଇଁଚ ଗଛ—1. Flacourtia
Meghaphaḷa Ramontchi (plant). ୨ । (ଜ୍ୟୋତିଷ) ମେଘର ବର୍ଣ୍ଣଦ୍ୱାରା ବର୍ଷର ଶୁଭାଶୁଭ ଫଳ ନିର୍ଣ୍ଣୟ—2. (astrology) The foretelling of the influence of the clouds on the earth.

**ମେଘ ବର୍ଣ୍ଣ**—ସଂ. ବି—୧ । ମେଘର ରଙ୍ଗ—1. Colour of the
Meghabarṇṇa clouds. ୨। ନୀଳବର୍ଣ୍ଣ—2. Azure colour. ୩ । ଘଟୋତ୍କଚ ରାକ୍ଷସର ପୁତ୍ର—3. The son of demon Ghaṭotkacha. ବିଣ—ମେଘଶ୍ୟାମ (ଦେଖ)—Meghaśyāma (See)

**ମେଘ ବର୍ତ୍ମ**—ସଂ. ବି—ଗଗନ; ଅନ୍ତରୀକ୍ଷ—
Megha bartma The sky; the heavens.

**ମେଘ ବଲ୍ଲୀ**—ସଂ. ବି—ଲତାବିଶେଷ—A kind of creeper;
Megha ballī Thumbergia Grandiflora.

**ମେଘ ବହ୍ନି**—ସଂ. ବି(୬.ପ ରୂ)—ବଜ୍ରାଗ୍ନି; ବିଦ୍ୟୁତ୍—
Megha bahni Lightning; electric sparks.

**ମେଘ ବାଆ**—ଦେ. ବି (ଦ୍ୱନ୍ଦ୍ୱ) (ସଂ. ମେଘ+ବାତ)—୧ । ମେଘ
Megha bā-ā ଓ ପବନ—1. Cloud and wind. ୨ ।
ঝড় বৃষ্টি मेघबाई, झक्कड़ ବର୍ଷା ଓ ଝଡ଼—2. Rain and storm.

**ମେଘ ବାଆ ଦିନ**—ଦେ.ବି—ବରଷାର ଓ ଝଡ଼ର କାଳ ବା ଋତୁ—
Megha bā-ā dina Rainy and stormy day
ঝড় বৃষ্টির দিন झक्कड़का दिन or weather.

**ମେଘ ବାଦଲ**—ଦେ. ବି (ଏକାର୍ଥ ଦ୍ୱନ୍ଦ୍ୱ)—୧ । ଆକାଶରେ
Megha bādala ଉଠାଇଥିବା ମେଘମାଳା—1. Clouds
মেঘ বাদল मेघ बादल spreading on the sky. ୨ । ବର୍ଷା ଓ ମେଘ—2. Rain and clouds.

**ମେଘ ବାହନ**—ସଂ. ବି (ବହୁବ୍ରୀହି)—ଇନ୍ଦ୍ର—
Megha bāhana Indra; the God of rain.

**ମେଘ ବିଚ୍ଛୁରିତ**—ସଂ. ବି (୩ୟା ତତ୍)—ମେଘଦ୍ୱାରା ଛିଞ୍ଚା ହୋଇ
Megha bichchhurita ଥିବା (ଜଳ)—(water) Sprinkled by the clouds.

ମେଘ ବିସ୍ଫୂର୍ଜିତ—ସ. ବି—୧ । ବଜ୍ର—1. Thunder. ୨ । ଅତି-
Megha bisphurjjita ଧୃତି ଛନ୍ଦୋବିଶେଷ—2. Name of a Sanscrit metre.

ମେଘ ବେଶ୍ମ—ସ. ବି (ଷଷ୍ଠୀ ତତ୍)—ଆକାଶ—
Megha beśma The sky.

ମେଘ ଭାଙ୍ଗିଯିବା—ଦେ. କ୍ରି—ମେଘାଚ୍ଛନ୍ନ ଆକାଶ ମେଘଶୂନ୍ୟ ହୋଇ
Megha bhāṇgijibā ପରିଷ୍କାର ହେବା—The clearing
মেঘ কেটে যাওয়া of the sky by the dispersal of
मेघ छूटना the clouds.

ମେଘର୍ଭୂତି—ସଂ. ବି ( ମେଘ+ଭୂ. ଧାତୁ+କର୍ତ୍ତୃ. ତି )—୧ । ବଜ୍ର—
Megharbhūti 1. Thunder. ୨ । ବିଜୁଳି ( ଗ୍ରା. ପ୍ର )—
2. Lightning,

ମେଘ ମଣ୍ଡିତ—ସଂ. ବିଣ ( ତୃତୀୟା ତତ୍ ) -ମେଘଦ୍ୱାରା ଆବୃତ ହୋଇ
Megha maṇḍita ଶୋଭମାନ—Adorned with clouds

ମେଘମନ୍ଦ୍ର—ସଂ. ବିଣ—ମେଘ ପରି ଗମ୍ଭୀର (ଧ୍ୱନି)—Thundering.
Meghamandra (sound). ବି. ( ଷଷ୍ଠୀ ତତ୍ )—ମେଘର
ଧ୍ୱନି—Sound of thunder.

ମେଘ ମଲ୍ଲାର—ସଂ. ବି—ମିଶ୍ରରାଗବିଶେଷ—Name of a mixed
Megha mallāra tune in Hindu music.

ମେଘମାଳ—ସଂ. ବି—୧ । ରମାଦେବୀଙ୍କ ଗର୍ଭଜାତ କଳ୍କି ଦେବଙ୍କ ପୁତ୍ର—
Meghamāḷa 1, Name of the son of Bishṇu in his 10th incarnation. ୨ । ମେଘମାଳା
( ଦେଖ )—2. Meghamāḷā ( See )

ମେଘ ମାଳା—ସ. ବି ( ଷଷ୍ଠୀ ତତ୍ )—୧ । ମେଘ ସମୂହ—
Megha māḷā 1. Cluster or mass of clouds.
୨ । ମଳା ମଳା ମେଘ—2. Lowering clouds
୩ । ସ୍କନ୍ଦାନୁଚରୀ ମାତୃକା ବିଶେଷ ( ଗ୍ରା. ପ୍ର )—
3. Name of a Goddess.

ମେଘ ଯୁଦ୍ଧ—ସ. ବି—ଏକ ମେଘଖଣ୍ଡ ସଙ୍ଗେ ଅନ୍ୟ ମେଘଖଣ୍ଡ ଘଷି ହେବା
Megha juddha ବା ବାଜିବା ପରି ଦେଖାଯିବା—The meeting or clashing of clouds.

ମେଘ ଯୋନି—ସ. ବି ( ବହୁବ୍ରୀହି; ମେଘ+ଯୋନି=ଉତ୍ପତ୍ତିସ୍ଥାନ )
Megha joni —୧ । ଧୂମ; ଧୂଆଁ—1. Smoke. ୨ ।
କୁହୁଡ଼ି ( ଗ୍ରା. ପ୍ର )—2. Fog, mist.

ମେଘ ରସ—ସ. ବି ( ଷଷ୍ଠୀ ତତ୍ )—ବୃଷ୍ଟି ଜଳ—
Megha rasa Rain water.

ମେଘରାଜ—ସ. ବି ( ଷଷ୍ଠୀ ତତ୍ )—ଇନ୍ଦ୍ର—
Megharāja Indra.

ମେଘଲି—ଦେ. ବିଣ—ମେଘୁଆ; ମେଘଯୁକ୍ତ; ମେଘ ଛନ୍ନ—Cloudy;
Meghaḷā মেঘলা overcast with clouds.
बादल छाया हुआ

ମେଘ ଶ୍ୟାମ—ସ. ବିଣ. ପୁଂ ( ଉପମାନ କର୍ମଧାରୟ )—ମେଘ ପରି
Megha śyāma ଶ୍ୟାମଳ—Azure-coloured.
( ମେଘ ଶ୍ୟାମା—ସ୍ତ୍ରୀ )

ମେଘ ସାର—ସ. ବି—ଚୀନ କର୍ପୂର; ଶ୍ରୀ କର୍ପୂର—
Megha sāra A species of camphor.

ମେଘ ସୁହୃଦ୍—ସ. ବି ( ବହୁବ୍ରୀହି; ମେଘ+ସୁହୃଦ୍=ବନ୍ଧୁ )—ମୟୂର
Megha suhṛud —Peacock.

ମେଘ ସ୍ତନିତ—ସ. ବି ( ଷଷ୍ଠୀ ତତ୍ )—ମେଘ ନାଦ ( ଦେଖ )
Megha stanita Megha nāda ( See )

ମେଘ ସ୍ୱନ—ସ. ବି—ମେଘ ଗର୍ଜନ; ଘଡ଼ଘଡ଼ି—
Megha swana The roar of thunder.

ମେଘ ସ୍ୱନାଙ୍କୁର—ସ. ବି—ବୈଦୂର୍ଯ୍ୟ ମଣି—Lapis lazuli.
Megha swanaṅkura [ ଦ୍ର—ପ୍ରବାଦ ଅଛି ଯେ ମେଘ
ଗର୍ଜନ ହେବାଦ୍ୱାରା ବୈଦୂର୍ଯ୍ୟମଣିର ଉତ୍ପତ୍ତି ହୁଏ । ]

ମେଘା—ଦେ. ବି—୧ । ମେଘୁଆ; ମସୃଣ ଆବରଣ ବିଶିଷ୍ଟ ଆତ—
Meghā 1. Bullock's heart apple. ୨ । ଅନବ
নোনা ବାଦ୍ୟଯନ୍ତ୍ର ବିଶେଷ—2. A kind of drum. ୩ ।
आता ଲତା ଫୁଲବିଶେଷ—3. Convolvulus (flower).

ମେଘାଗମ—ସ. ବି—୧ । ( ଷଷ୍ଠୀ ତତ୍ ) ମେଘ ଉଠାଇବା—
Meghāgama 1. The rise of clouds; the approach of the rains. ୨ । ( ବହୁବ୍ରୀହି )
ବର୍ଷା ଋତୁ—2. The rainy season. ୩ । ଧାରା
କଦମ୍ବ—3. A species of Kadamba tree.

ମେଘାଚ୍ଛନ୍ନ—ସ. ବିଣ ( ତୃତୀୟା ତତ୍ )—ମେଘ ଘୋଟିଥିବା; ମେଘଦ୍ୱାରା
Meghāchchhanna ଘୋଡ଼ା ହୋଇଥିବା—Cloudy;
ମେଘାବୃତ } ଅନ୍ୟରୂପ covered over with clouds.
ମେଘାଚ୍ଛାଦିତ } overclouded.

ମେଘାଡ଼ମ୍ବର—ସ. ବି ( ମେଘ+ଆଡ଼ମ୍ବର; ଷଷ୍ଠୀ ତତ୍ )—୧ ।
Meghārḍambara ବଜ୍ରନାଦ—1. Thunder clap.
୨ । ମେଘ ଡମ୍ବର (ଦେଖ)—2. Megha ḍambara ( See )

ମେଘାତ୍ୟୟ—ସ. ବି ( ବହୁବ୍ରୀହି; ମେଘ+ଅତ୍ୟୟ=ନାଶ )—
Meghātyaya ଶରତ୍କାଳ—The autumn.

ମେଘାନନ୍ଦ—ସଂ.ବି (ବହୁବ୍ରୀହି; ମେଘ+ଆନନ୍ଦ)—୧ । ବଳାକା; ବକ
Meghānanda —1. The egret ( bird ) ୨
ମୟୂର—2. Peacock.

ମେଘାନନ୍ଦୀ—ସ. ବି ( ମେଘ+ଆନନ୍ଦ+ଇନ୍; ୧ମା. ୧ବ )—ମୟୂର
Meghānandī The peacock.

ମେଘାନ୍ତ—ସ. ବି ( ମେଘ+ଅନ୍ତ=ଶେଷ; ବହୁବ୍ରୀହି )—ମେଘାତ୍ୟୟ;
Meghānta ଶରତ୍କାଳ—The autumn.

ମେଘାରମ୍ଭ—ସ. ବି ( ଷଷ୍ଠୀ ତତ୍ )—ମେଘାଗମ ( ଦେଖ )
Meghārambha Meghāgama ( See )

ମେଘାସନ—ଦେ. ବି—ମୟୂରଭଞ୍ଜର ଶିମୁଳିପାଳ ପର୍ବତର ପ୍ରଧାନ ଶିଖର
Meghāsana —The principal peak of the
মেঘাসন Simulipāḷa mountain in Mourbhanj
मेघासन State. [ ଉ—ଅଦ୍ୟ ଅବଗ୍ର୍ହ, ଅଗ୍ନି ଦେବଙ୍କର,
ହୋଇଥିବ ମେଘାସନେ । ରାଧାନାଥ. ପାର୍ବତୀ ।]

ମେଘାସଣୀ—ଦେ. ବି—ମୟୂରଭଞ୍ଜର ପର୍ବତ ବିଶେଷ—The moun-
Meghāsanī tain Meghasanī in Mourbhanj state. [ ଦ୍ର—ଏହି ପର୍ବତର ଉଚ୍ଚତା ୩୮୨୪ଫିଟ୍ । ]

ମେଘାସ୍ଥି—ସଂ. ବି ( ମେଘ + ଅସ୍ଥି = ହାଡ଼ )—କରକା; ଭୁଅପଥର—
Meghāsthi Hail stones.

ମେଘାସ୍ପଦ—ସଂ. ବି ( ୬ଷ୍ଠୀ ତତ୍; ମେଘ + ଆସ୍ପଦ = ସ୍ଥାନ )—ଆକାଶ
Meghāspada —The sky.

ମେଘି—ଦେ. ବିଣ—ମେଘର ବର୍ଣ୍ଣ ବିଶିଷ୍ଟ—Having the colour
Meghi of clouds. ( ଯଥା—କଳାମେଘି ଶାଢ଼ୀ । )
মেঘের রঙ্গ मेघका रंगका

ମେଘୁଆ—ଦେ. ବିଣ—୧ । ମେଘଯୁକ୍ତ; ମେଘାଚ୍ଛନ୍ନ—1. Cloudy;
Meghuā overcast. ୨ । ଆକାଶର ବର୍ଣ୍ଣ ବିଶିଷ୍ଟ—
মেঘলা 2. Azure coloured. ଦେ. ବି—୧ । ମେଘାଚ୍ଛନ୍ନ ଦିବସ ବା ଋତୁ—1. Cloudy weather or day. ୨ । ଏକପ୍ରକାର ମସୃଣ ଆବରଣବିଶିଷ୍ଟ ଆତେଫଳ—2. A kind of apple; Anona Reticulata; the bullock's heart. [ ଦ୍ର—ଅନ୍ୟ ପ୍ରକାରର ଅମସୃଣ ଆବରଣ ବିଶିଷ୍ଟ ଆତକୁ ବଢ଼ିଆତ ବା ଲେଉଆ ବୋଲଯାଏ—Custard apple; Anona Sqamosa ] ପ୍ରାଦେ (ସମ୍ବଲପୁର) ବି—ମେଗୁଆ (ଦେଖ)
Meguā ( See )

ମେଘୋଦୟ—ସଂ. ବି. ( ୬ଷ୍ଠୀ ତତ୍ )—ମେଘ ଉଠିବା—
Meghodaya The rising of a cloud.

ମେଘୋଦର—ସଂ. ବି. (ନାମ)—ଅର୍ହତ୍ ପିତା, ପଞ୍ଚମ ଜିନ ବା ବୁଦ୍ଧ-
Meghodara ବିଶେଷଙ୍କ ପିତା—The name of the father of the 5th Wise Being according to the Jainas

ମେଙ୍ଖ (ଇତ୍ୟାଦି)—ଦେ. ବି—ମେଖ ଇତ୍ୟାଦି (ଦେଖ)
Meṅkha (etc) Mekha etc (See)

ମେଙ୍ଖଡ଼ (ଇତ୍ୟାଦି)—ଦେ. ବି—ମେଖଡ଼ ଇତ୍ୟାଦି (ଦେଖ)
Meṅkharḍa (etc) Mekharḍa etc (See)

ମେଙ୍ଖଡ଼ା[ଡ଼ୀ]—ଦେ. ବିଣ ଓ ବି—ମେଖଡ଼ା(ଡ଼ୀ) (ଦେଖ)
Meṅkharḍā (rḍi) Mekharḍā(rdi) (See)

ମେ(ମା,ମ୍ୟା)ଙ୍ଗାନିଜ୍—ବୈଦେ.ବି—(ଇଂ.ମାଙ୍ଗାନିଜ୍)—ଲୌହ ପରି ଏକ
Me(ma, myā)ṅgānij ম্যাঙ্গানীজ मैंगानीज प्रकार ଧାତୁ—
Manganese (metal).

ମେଚକ—ସଂ. ବି—(ମଚ୍ ଧାତୁ=ମିଶ୍ରିତ କରିବା+କର୍ତ୍ତୃ. ଅକ)—
Mechaka ୧। ମୟୂର ପୁଚ୍ଛସ୍ଥ ଚନ୍ଦ୍ରକା—1. The eye on the peacock's tail. ୨ । ମେଘ—2. Cloud. ୩ । ଧୂମ; ଧୂଆଁ—3. Smoke. ୪ । ଶୋଭାଞ୍ଜନ; ସଜନା ଗଛ—4. The horse radish tree, Hyperanthera Moringa. ୫ । ଅନ୍ଧକାର—5. Darkness. ୬ । କଜ୍ଜଳ—6. Collyrium. ୭ । ସୌଭାଞ୍ଜନ—7. Sulphuret of antimony. ୮ । ଶ୍ୟାମ ବର୍ଣ୍ଣ—8. Dark blue colour
(ମେଚକତା—ବି) ସଂ. ବିଣ—ଶ୍ୟାମଳ—Dark blue. [ଉ—ବକ୍ଷେ ବନ ନୋହେ ମେଚକ କାନ୍ତି । ଉଷ. ବୈଦେହୀଶ ବିଳାସ ।]

ମେଚକାପଗା—ସଂ. ବି—କର୍ମଧା; ମେଚକ=କୃଷ୍ଣବର୍ଣ୍ଣ+ଆପଗା=
Mechakā pagā ନଦୀ )—ଯମୁନା ନଦୀ—The river Jamunā.

ମେଚକାଭିଧା—ସଂ. ବି—ପାତାଳ ଗରୁଡ଼ୀ ଲତା—
Mechakā bhidhā A medicinal creepr.

ମେଛ—ପ୍ରାଦେ. (ଗଡ଼ଜାତ) ବି.—ମୁଛ; ନିଶ—
Mechha Mustaches.

ମେଚ୍ଛ(ଚ୍ଛା)—ପ୍ରାଦେ. (ସମ୍ବଲପୁର) ବି.—(ସଂ. ଶ୍ମଶ୍ରୁ)—ମୁଛ; ନିଶ—
Mechha (chchhā) Mustaches.

ମେଜ—ବୈଦେ. ବି—(ଫା.)—ଟେବଲ୍—
Meja মেজ मेज Table.

ମେଜ ଚଉକି—ଦେ. ବି. (ଦ୍ୱନ୍ଦ୍ୱ)—ଟେବଲ୍ ଓ ଚଉକି—
Meja chauki মেজ চৌকি Table and chair.
मेज कुरसी [ମେଜ କୁରୁସୀ (ଚେଅର୍)—ଅନ୍ୟରୂପ]

ମେଜେଣ୍ଡର—ବୈଦେ· ବି—(ଇଂ)—ମାଜେଣ୍ଟା (ଦେଖ)
Mejeṇdara (ମେଜେଣ୍ଟା—ଅନ୍ୟରୂପ) Mājeṇṭā (See)

ମେଜପୋଷ୍—ବୈଦେ. ବି. [ଫା·]—ମେଜ ଉପରେ ବିଛା ଯିବା ଲୁଗା—
Meja posh মেজ পোশ मेजपोस Table cloth.

ମେଜର୍—ବୈଦେ. ବି.—(ଇଂ. ମାଜର)—୧ । ଇଂରାଜୀ ସୈନ୍ୟ-
Mejar মেজর मेजर ନାୟକଙ୍କ ଉପାଧି ବିଶେଷ—
1. Major. ୨ । ବି. ଓ ବିଣ—ସାବାଳଗ—
2. Major.

ମେଜର୍ ଗ୍ଲାସ—ବୈଦେ. ବି.—(ଇଂ. ମେଜର୍ ଗ୍ଲାସ୍)—ମାର୍କା ଦିଆ
Mejar glāsa ଯାଇଥିବା କାଚର ଗିଲାସ—A measure-
মেজর গ্লাস मेजर गिलास glass.

ମେଜରମେଣ୍ଟ—ବୈଦେ. ବି.—(ଇଂ. ମେଜରମେଣ୍ଟ)—ମାପ କରିବା;
Mejarmeṇṭ ମାପ—Measurement.
মেজরমেণ্ট मेजरमेण्ट

ମେଜ(ଜି,ଜେ)ଷ୍ଟର ( ଇତ୍ୟାଦି )—ବୈଦେ. ବି. ( ଇଂ ମାଜିଷ୍ଟ୍ରେଟ୍ )
Meja(ji,je)shṭara(etc) ମାଜିଷ୍ଟ୍ରେଟ୍ ଇତ୍ୟାଦି (ଦେଖ)
মাজিষ্ট্রেট मैंजिष्टर Majishtret etc (See)
(ମେଜି[ଜେ]ଷ୍ଟ୍ରେଟ୍—ଅନ୍ୟରୂପ)

ମେଜାଜ(ସ) ଇତ୍ୟାଦି—ବୈଦେ. ବି—(ଅ. ମିଜାଜ) ଇତ୍ୟାଦି (ଦେଖ)
Mejāj(sa)etc মেজাজ मिजाज Mijāj etc (See)

ମେଜାଜି—ଦେ. ବି—ମିଜାଜି (ଦେଖ)
Mejājī Mijāji (See)

ମେଝିଆ—ଦେ. ବି (ସଂ. ମଧ୍ୟ)—ଗୃହର ଭୂମିର ମଧ୍ୟସ୍ଥଳ; ଗୃହର
Mejiā ତଳଦେଶ; ଗୃହର ଭୂମିତଳ—The floor of a
মেজো, মেজিয়া गच house.
( ମେଝ୍ୟା—ଅନ୍ୟରୂପ )

ମେଜକ୍—ବୈଦେ. ବ (ଇଂ. ମାଜକ)—ଭେଳକବାଜି—
Mejik ম্যাজিক্ मैजिक Magic.

ମେଜକ୍ ଲଣ୍ଟ(ଣ୍ଠ)ନ(ଣ)—ବୈଦେ. ବ (ଇଂ.ମାଜକ୍ + ଲଣ୍ଠନ୍)—ଯେଉଁ
Mejik lanta(ntha)na(na) ଲଣ୍ଠନଦ୍ୱାରା ଅନେକପ୍ରକାରଚଳନ୍ତ
ম্যাজিক লণ্টন্ ଚଳମାନ ପର୍ଦ୍ଦା ଉପରେ ପକାଯାଇ ଲୋକଙ୍କୁ ମୁଗ୍ଧ
मैजिक लंटन କରାଯାଏ—Magic lantern.

ମେଜ(ଜେ,ଜ)ଷ୍ଟର—ବୈଦେ. ବ (ଇଂ. ମାଜଷ୍ଟ୍ରେଟ୍)—ମାଜଷ୍ଟ୍ରେଟ୍—
Meji(je,ji)shtara Magistrate.
মাজিষ্টার मजिष्टर

ମେଜ (ଜେ, ଜ)ଷ୍ଟରି—ବୈଦେ. ବ (ଇଂ. ମାଜଷ୍ଟ୍ରେସି)—
Meji(je, ja)shtari ୧ । ମାଜଷ୍ଟ୍ରେଟଙ୍କ ପଦ—1. Magi-
(ଚଳନ୍ତିଶବ୍ଦ—ବଦଳିତ) stracy. ୨ । କଚେରିର ଫଉଜଦାରୀ
মাজিষ্টারী ବିଭାଗ—2. The criminal depart-
मजिष्टरी ment of a Magistrate's court.

ମେଜ(ଜ,ଜେ)ଷ୍ଟରି ସୁ(ସୋ)ପର୍ଦ୍ଦ—ବୈଦେ. ବ (ଇଂ. ମାଜଷ୍ଟ୍ରେଟ୍ ଓ
Meji(ja, je)shtari su(so)pardda ଫା. ସୁପୁର୍ଦ୍ଦ)—
মাজিষ্টারী সোপর্দ্দ ଅସାମୀକୁ ବିଚାର ନିମନ୍ତେ ମାଜଷ୍ଟ୍ରେଟଙ୍କ
मजिष्टरी सुपुर्द निକଟକୁ ପ୍ରେରଣ—The sending of an accused to a magistrate for trial; commitment to a criminal court for trial.

ମେଜେଣ୍ଡ(ଣ୍ଟ)ର—ବୈଦେ. ବ (ଇଂ. ମାଜେଣ୍ଟର)—ଅଲକାତରାରୁ
Mejenda(nt)ra ରସାୟନିକ ପ୍ରକ୍ରିୟାରେ ପ୍ରସ୍ତୁତ ଏକପ୍ରକାର
[ମେଜେଣ୍ଟା(ଣ୍ଡା)—ଅନ୍ୟରୂପ] କୃତ୍ରିମ ରଙ୍ଗ—Majenta;
ম্যাজেণ্ডর मेजेन्डर fuschin; anelyne dye.

ମେଞ୍ଚ—ପ୍ରାଦେ. (ସିଂହଭୂମ) ବି. (ଭୁଲ. ବ. ମେଚ=ମାଛମଞ୍ଜି)—
Meṅcha ମାଛର ମଞ୍ଜି—Fish roe.

ମେଞ୍ଚଡ଼—ଦେ. ବି. ପୁଂ—ଶିଶୁ—Child; mannikin. ଦେ.
Meṅcharda ବିଣ—୧ । ଅତି କ୍ଷୁଦ୍ର—1. Very small.
কাচ্ছাবাচ্ছা ୨ । ଖର୍ବକାୟ—2. Dwarfish. ୩ । ଶିଶୁପରି—
मेचड 3. Childish.
[ମେଞ୍ଚ(ଞ୍ଚେ)ଡ଼ୀ—ସ୍ତ୍ରୀ] ছোট मेचड

ମେଞ୍ଚା—ଦେ. ବି (ସଂ. ମିଚ୍ ଧାତୁ=ମିଶ୍ରିତ କରିବା)—୧ । କାଦୁଅ
Meṅchā ଆଦିର ପିଣ୍ଡ ବା ଗୁଳା—1. A ball of clay
মেচা (etc); lump. (ଯଥା—ସେଇ ! ହାତ ଗୋଡ଼ ନାହିଁ
गोला ମାଉଁସ ମେଞ୍ଚା) ୨ । ପୁଞ୍ଜୀକୃତ ବା ପିଣ୍ଡୀକୃତ ପଦାର୍ଥ—
2. Anything rolled into a ball or lump.
[ଦ୍ର—କାଦୁଅ ଜିନିଷ ଯାହା କି ଗୋଲା କରା ଯାଇପାରେ
ତାହା ଦ୍ୱାରା ମେଞ୍ଚା ହୁଏ ।] ୩ । ପିଣ୍ଡୀକୃତ ବହୁ ବସ୍ତୁ—
3. Many things rolled into the shape of a ball. [ଦ୍ର—ସାତ ସ୍ତବକ ମେଞ୍ଚାଏ ହୋଇକରି,
ରହିଲେ ଆକାଶରେ ମହାତେଜ ଧରି । କୃଷ୍ଣସିଂହ.
ମହାଭାରତ. ଶାନ୍ତି ।] ପ୍ରାଦେ. (ବାମଣ୍ଡା) ବି—ମିଷ୍ଟାନ୍ନ
ବିଶେଷ—A kind of sweetmeat.

ମେଞ୍ଚାଏ—ଦେ. ବିଣ (ଅନାଦରାର୍ଥ)—ପୁଳାଏ; ଗୁଳାଏ—A ball
Meṅchāe of; a lump of. ଦେ. ବି—ପୁଳାଏ ବା ବେଶି
একমেচা ପରିମାଣରେ ପ୍ରାପ୍ତ ଖାଦ୍ୟାଦି—A large ball of
पेकगोला food etc. [ଦ୍ର—ପାଇଲେ ପାଇବୁ ମେଞ୍ଚାଏ, ନଇଲେ
ପାଇବୁ କେଞ୍ଚାଏ । ଡଗ ।
ପୁଭୁର ସାଙ୍ଗରେ ବଳ ବଳି, ମକୁର ଭିଅଣରୁ ମେଞ୍ଚାଏ
ପାଆନ୍ତି, ଭୁଣ୍ଡ ପରସାଦୁଁ କାଖ ଗଳି—ଡଗ ।]

ମେଞ୍ଚା ମେଞ୍ଚା—ଦେ. କ୍ରି. ବିଣ—୧ । ପୁଳାପୁଳା; ବହୁଶଃ ପିଣ୍ଡୀକୃତ—
Meṅchā meṅchā 1. Rolled or clustered into
মোচা মেচা many balls or clots or lumps. ୨ । ବହୁ
गोला गोला ପରିମାଣରେ ବ୍ୟାପ୍ତ ହେବା ପ୍ରକାରେ—2. Formed
into spreading masses. ୩ । ଥାକ୍କୁ ଥାକ୍; ଭେଳା
ଭେଳା—3. In swarms. (ଯଥା—ତୋ ମୁଣ୍ଡରେ
ଉକୁଣି ମେଞ୍ଚାମେଞ୍ଚା ହେଉଛନ୍ତି ।)

ମେଞ୍ଚା ହେବା—ଦେ. କ୍ରି—ଦଳି ହୋଇ ପିଣ୍ଡୀକୃତ ହେବା—To be
Meṅchā hebā rolled or pressed into a ball.
জমাট্ হওয়া (ଦ୍ର—ବନ ସ୍ତ୍ର ବସି ବର ମୁଁ ମେଞ୍ଚା ହେଲଣି ।
गोला होना

ମେଞ୍ଚି—ଦେ. ବି. (ସ. ମେଞ୍ଚାଠାରୁ ଛୋଟ; ଅଦରାର୍ଥକ)—ଛୋଟ ପିଣ୍ଡ—
Meṅchi A small lump or ball.
মেচি गोला

ମେଞ୍ଚିଏ—ଦେ. ବିଣ ଓ ବି. (ଅଦରାର୍ଥକ)—ମେଞ୍ଚାଏ (ଦେଖ)
Meṅchie Meṅchāe (See)
এক মেচা (ଦ୍ର—ଉପରେ ପଡ଼ିଅଛି ସର, ଖାଗ ମେଞ୍ଚିଏ ତା ଉପର ।
एक गोला ରାମଦାସ. ଦାର୍ଢ୍ୟତାଭକ୍ତି ।)

ମେଞ୍ଚେଡ଼ୀ—ଦେ. ବିଣ. ସ୍ତ୍ରୀ—ଖର୍ବକାୟା—Dwarfish (fimale)
Meṅcherdi ବି—ସ୍ତ୍ରୀ ଶିଶୁ—A female child.
ছোট मेचडी

ମେଞ୍ଜର—ବୈଦେ. ଗ୍ରା. ବି. (ଇଂ. ମାନେଜର୍)—ମେନେଜର୍ (ଦେଖ)
Meñjara Menejara (See)
[ମେଏ(ହେ)ଞ୍ଜର, ମେନାଜର—ଅନ୍ୟରୂପ]

ମେଞ୍ଜରି—ଗ୍ରା. ବି—ମେନେଜରି (ଦେଖ)
Meñjari Menejari (See)
[ମେଏ(ହେ)ଞ୍ଜରି, ମେନାଜରି—ଅନ୍ୟରୂପ]

ମେଟ୍(ଟ, ଣ୍ଟ)—ବୈଦେ.ବି (ଇଂ.ମେଟ୍)—୧ । କୁଲି ବା ମୂଲିଆଙ୍କ ଦଳର
Met(ta, nta) ସରଦାର—1. A sirdar or headman
মেট্ मेट amongst a gang of labourers or coolies.
୨ । (ଭୁଲ. ସ. ମେଠ, ମେଣ୍ଠ) ହାତୀର ମାହୁନ୍ତଙ୍କୁ ସାହାଯ୍ୟ
କରିବା ପାଇଁ ନିଯୁକ୍ତ ଭୃତ୍ୟ—2. A mate; a menial servant whose duty is to help the elephant driver.

ମେଟ୍ (ଧାତୁ)—ସ—୧ । ପ୍ରମତ୍ତ ହେବା—1. To be maddened
Met (root) ୨ । ପାଗଳ ହେବା—2. To be mad.

ମେଟ୍ ମାଟ୍—ଦେ. ବ—ମିଟ୍‌ମାଟ୍ ( ଦେଖ )
Meṭ māṭ Miṭ māṭ ( See )
মিট মাট্‌ मिटमाट

ମେଟା(ଟେ)ଇବା—ଦେ. କି—ମିଟାଇବା ( ଦେଖ )
Meṭā(ṭe)iba Miṭāiba ( See )
মেটান मिटाना, मेटना

ମେଟିବା—ଦେ. କ୍ରି—ମିଟିବା ( ଦେଖ )
Meṭiba Miṭiba ( See )
মিটা मिटना

ମେଟ୍ଟା—ପ୍ରାଦେ. (ଗଞ୍ଜାମ) ବ—ଛୋଟ ପାହାଡ଼; ମୁଣ୍ଡିଅ—
Meṭṭā Hillock.

ମେଠ(ଣ୍ଟ, ଣ୍ଠ, ଣ୍ଡ)—ସ. ବ—୧ । ହସ୍ତିପକ; ମାହୁନ୍ତ—1. The
Meṭha(ṇṭa, ṇṭha, ṇḍa) driver of an elephant.
୨ । ମେଷ; ମେଣ୍ଢା—2. Ram; sheep.

ମେଡ୍ (ଧାତୁ)—ସ—୧ । ଉନ୍ମତ୍ତ ହେବା—1. To be maddened.
Merḍ (root) ୨ । ବାତୁଳ ହେବା—2. To be mad.

ମେଡଲ୍—ବୈଦେ. ବଶ. (ଇଂ. ମିଡଲ୍ )—ମିଡଲ୍ ( ଦେଖ )
Meḍal Miḍal ( See )
মিডল मिडल (ଦ୍ର—ମେଡଲ୍ ପରୀକ୍ଷା ସମ୍ବନ୍ଧରେ ସେହି ପ୍ରବନ୍ଧ ଲେଖିଥିଲ । ଗ୍ରଧାନାଥ. ବବେଜା ।) ବୈଦେ. ବ—ମିଡାଲ୍ (ଦେଖ)—Miḍāl ( See )

ମେଡା—ପ୍ରାଦେ. (ଗଞ୍ଜାମ) ବଣ—ମେଡୁଆର ( ଦେଖ )
Merḍā Meḍuāra (See) ବଂ ସୁଂ (ସମ୍ବଲପୁର)—ମେଣ୍ଢା
(ମେଡ଼ୀ—ସ୍ତ୍ରୀ) Sheep; ram.

ମେଡା(ଡେ)ଲ୍—ବୈଦେ. ବ. (ଇଂ. ମେଡାଲ୍)—ପାରତୋଷିକ ରୂପେ
Meḍā(ḍe)l ପ୍ରଦତ୍ତ ମୁଦ୍ରାଙ୍କିତ ଧାତୁଖଣ୍ଡ; ପଦକ; ତଗମା—
মেডাল मेडाल, तकमा Medal.

ମେଡା(ଡେ)ଲିଷ୍ଟ—ବୈଦେ. ବ. ( ଇଂ. ମେଡାଲିଷ୍ଟ )—ପାରଦର୍ଶିତା
Meḍā(ḍe)lisht ଯୋଗୁଁ ଯେ ପଦକ ପୁରସ୍କାର ପାଇଥାଏ—
মেডালিষ্ট, मडालिष्ट Medalist.

ମେଡିଆ—ପ୍ରାଦେ. (ମେଦନୀପୁର) ବ—ଡାବୁଆ; ଗୋରୁ ଗୋଡ଼ିବାରେ
Merḍiā ବ୍ୟବହୃତ ଛୋଟ ମାଟି କୁଣ୍ଡ—Earthen jar
or tub used in feeding bullocks.

ମେଡିକ(କା, କେ)ଲ୍—ବୈଦେ. ବଣ. ( ଇଂ. ମେଡିକାଲ୍ )—ଚିକିତ୍ସା
Meḍika(kā, ke)l ସମ୍ବନ୍ଧୀୟ—Medical.
মেডিকাল मेडिकल

ମେଡିକ(କା, କେ)ଲ୍ ଇସ୍କୁଲ—ବୈଦେ. ବ. (ଇଂ. ମେଡିକାଲ୍ ସ୍କୁଲ୍)-
Meḍika(kā, ke)l iskula ଅଧୁନିକ ଚିକିତ୍ସା ବିଜ୍ଞାନ ଶିକ୍ଷାର
মেডিকাল স্কুল নିମ୍ନ ବିଦ୍ୟାଳୟ—Medical school.
मेडिकाल स्कुल [ମେଡିକ(କା, କେ)ଲ୍ ସ୍କୁଲ—ଅନ୍ୟରୂପ]

ମେଡିକ(କା, କେ)ଲ୍ କ(କା)ଲେଜ୍—ବୈଦେ. ବ. (ଇଂ. ମେଡିକାଲ୍ କଲେଜ୍ )—ଅଧୁନିକ
Meḍika(kā, ke)l ka(kā)lej
মেডিকাল কালেজ ଚିକିତ୍ସା ବିଜ୍ଞାନ ଶିକ୍ଷାର ଉଚ୍ଚ ବିଦ୍ୟାଳୟ ବା
मेडिकाल कलेज अନୁଷ୍ଠାନ—Medical College.

ମେଡ଼ିବା—ପ୍ରାଦେ. (ଗଞ୍ଜାମ) କ୍ରି. ( ପ୍ରା.ମେଡ୍ଡ୍ ଧାତୁ )—୧ । ବାକ୍ୟ ବା
Merḍiba ଅଙ୍ଗୀକାର ଲଙ୍ଘିବା—1.To break one's word.
लाँघना ୨ । ଆଦେଶ ବା ଅନୁରୋଧ ଲଙ୍ଘିବା—2. To disobey one's order or request. ୩ । ଲୋପ କରିବା—3. To annihilate. ୪। ସମ୍ମାନ ନ କରିବା; ନ ମାନିବା—4. To slight; to disregard.

ମେଡ଼(ଡ଼ୁ)ଆର—ଦେ. ବଣ. (ପ୍ରା. ମେଡ୍ଡ୍ ଧାତୁ )—୧ । ଅମାନିଆ—
Meḍu(rḍu)āra 1. Disobedient. ୨ । ଅବାଧ୍ୟ—
टेढा 2. Insubordinate.

ମେଡ୍ରାସ—ପ୍ରାଦେ. (ଗଞ୍ଜାମ) ବ—ମାଡ୍ରାସ; ମାନ୍ଦ୍ରାଜ—
Meḍrās Madras.

ମେଢ଼—ଦେ. ବ. ( ସ. ମଣ୍ଡପ )—୧ । ବାଉଁଶ, କାଠ ବା କୁଟା ଆଦିରେ ରଚିତ ଠାକୁରପ୍ରତିମାଙ୍କର ଥାଟ—
Merḍha
মেড় 1. The framework behind an image
मेड made of bamboo, wood or straw etc.
(ମେହେଢ଼—ଅନ୍ୟରୂପ) ୨ । ଦେବତାମାନଙ୍କର ବିହାସନ ରୂପେ ବ୍ୟବହୃତ କାଠର ବା ମାଟିର ଅର୍ଦ୍ଧଚନ୍ଦ୍ରାକାର ଆସନ—2. Semi-circular platform of wood or earth used as a seat for an idol. ୩। ସୀମା ନିର୍ଦ୍ଦେଶକ ରେଖା—3. Boundary line. ୪ । ନଅର; ରାଜପ୍ରାସାଦ—4. Raja's palace. ୫ । ଅଟ୍ଟାଳିକା—5. Palatial building.
୬ । ଅଟ୍ଟାଳିକାନ୍ତର୍ଗତ ଆସନ—6. A seat in a palace or tower. [ ଦ୍ର—ସେନେ ସ୍ଵପ୍ନ, ଦେଖିଲି ମେଢ଼େ ଅଛୁ ଶୋଇ ପିଢ଼ୁଲା ସେ ଅବଳା ଚୋରୁ—ଉଞ୍ଜ. କୋଟିବ୍ରହ୍ମାଣ୍ଡସୁନ୍ଦରୀ । ] ୭ । ଅନ୍ତଃପୁର ମଧ୍ୟସ୍ଥିତ ସୁସଜ୍ଜିତ ପ୍ରକୋଷ୍ଠ—7. A decorated chamber in the harem; lady's boudoir. [ଦ୍ର-ଅନ୍ତଃପୁରେ ଭୂଷାର ମେଢ଼ରେ କଲା କେଳି—ଶିଶୁଶଙ୍କର. ଉଷାଭିଳାଷ ।]
୮ । କ୍ଷେତର ଚତୁପାର୍ଶ୍ୱେ ବନ୍ଧାଯିବା ଉଚ୍ଚ ହୁଡ଼—8. A high ridge raised round a field or plot. ପ୍ରାଦେ. ( ଯାଜପୁର )—ବାଳ କଟାଇବାର ପ୍ରଣାଳୀ—A fashion of cutting or crupping the hair.

ମେଢ଼ବନ୍ଧ—ଦେ. ବ—୧ । କ୍ଷେତମାନଙ୍କ ମଧ୍ୟରେ ସୀମାରେଖାମାନ
Merḍhabandi ଟାଣିବା—1. Drawing of boundary
মেড়বন্দী मेडबन्दी lines between fields. ୨ । କ୍ଷେତର ଚତୁପାର୍ଶ୍ୱେ ଉଚ୍ଚ ହୁଡ଼ ଦେବା—2. Raising of high ridges round a field.

ମେଢ଼ା—ପ୍ରାଦେ. ( ଖଡ଼ିଆଳ ) ବ—୧ । ଖୋଡା—1. Long
Merḍhā pegs along which split bamboos are woven to form a fence; upright stakes between which bamboo strips are woven to form a fence. [ ଦ୍ର—ମେଢ଼ମାନଙ୍କୁ ଖଣ୍ଡବୁର

ଛଡ଼ାରେ ଭୂଇଁରେ ପୋତି ଏଥିରେ ବାଡ଼ର ବତାମାନଙ୍କୁ ଛନ୍ଦି ବାଡ଼ ତିଆର କରନ୍ତି ।] ୬। କାଠର ଲମ୍ବ ସରୁ ଖୁଣ୍ଟି, ଯାହାର ଗମ୍ଭୁଜ ଉପରେ ଅଡ଼ାଅଡ଼ି ପଡ଼େ—2. Long slender poles put across the roof of a Chhāmundiā.

ମେଢ଼ିଆ—ପ୍ରାଦେ. (ଗଡ଼ଜାତ) ବିଣ—୧ । ମଢ଼ିଆ; ଶୀର୍ଣ୍ଣକାୟ—
Merḍhiā 1. Of reduced physique; lean. ୬। ମେଢ଼ିଖୁଣ୍ଟ ନିକଟରେ ଲଗି ବୁଲୁଥିବା (ବଳଦ)—2. (a bullock) Yoked just near the central post of the paddy-threshing yard at the beginning of the tether.

ମେଢ଼ୀ—ଦେ ବି—୧ । ମେଢ଼ୀଖମ୍ବ ( ଦେଖ )
Merḍhī 1. Merḍhikhamba ( See ) ୨ । ଦୁଷ୍ଟା ( ସ୍ତ୍ରୀ )—2. Wicked (woman ).

ମେଢ଼ୀ ଖ(ଖୁ)ମ୍ବ—ଦେ ବି(ସଂ. ମେଧି+ସ୍ତମ୍ଭ)—୧। ମେଢ଼ି; ଖଳା ମଝିରେ
Merḍhi kha(khu)mba ପୋତାଥିବା କାଠର ଖମ୍ବ; ଯେଉଁ
মেই, মেইকাঠ, মেইখুন্টি ଖୁଣ୍ଟର ଚାରିପାଖରେ ଦାଉଁଣିରେ ଯୋଚା
मेहखंभ ହୋଇଥିବା ବଳଦମାନେ ଘାଉଁ ରି ଖାଇ
(ମେଢ଼ୀଖୁଣ୍ଟ(ଣ୍ଟି)—ଅନ୍ୟରୂପ) ବୁଲନ୍ତି—1. A post or stake driven in the centre of a threshing floor round which the bullocks spin while treading the sheaves of corn. ୨ । ବଡ଼ କାଠକୁ ବା ପଥରକୁ ଭୂମିରେ ସହଜରେ ଗଡ଼ାଇନେବା ପାଇଁ ତା ତଳେ ଦିଆଯିବା ପଥରର ବା କାଠର ଟେକ—2. Logs of wood or stone used as fulcrum while rolling heavy timbers or stones. ୩। ଦଳର ପ୍ରଧାନ ବ୍ୟକ୍ତି; ଦଳପତି—3. The head or central person amongst a group; headman ୪ । ନେତା—4. Leader. ଦେ. ବିଣ—୧। ପ୍ରଧାନ ( ବ୍ୟକ୍ତି )—1. Chief.

ମେଢ଼େଇବା—ଦେ. କ୍ରି—ଜଣକର ଦୋଷକୁ ବା ଦେୟକୁ ଅନ୍ୟ
Merḍheibā ଉପରେ ଲଦିବା—To shift some one's fault
অন্যের ঘাড়ে চাপান थदना or liability to another's shoulder.

ମେଢ୍ର—ସଂ. ବି ( ମିହ୍ ଧାତୁ=ସେଚନ କରିବା+କର୍ତ୍ତୃ. ତ୍ର )—
Meḍhra ୧ । ପୁରୁଷାଙ୍ଗ; ପୁରୁଷୋପସ୍ଥ; ଲିଙ୍ଗ—1. Penis; the male organ of generation. ୨ । ମେଣ୍ଢା—2. Sheep; ram.

ମେଢ୍ରତ୍ୱକ୍—ସଂ. ବି—ପୁରୁଷାଙ୍ଗର ବା ଲିଙ୍ଗର ଅଗ୍ରତ୍ୱକ୍—The
Meḍhratwak foreskin of the penis; the prepuce.

ମେଢ୍ର ରୋଗ—ସଂ. ବି—ଉପଦଂଶ ବା ଗରମୀ ରୋଗ—
Meḍhra roga Venereal disease; syphilis.

ମେଢ୍ରଶୃଙ୍ଗୀ—ସଂ. ବି—ମେଷ ଶୃଙ୍ଗୀ ( ଦେଖ )
Merḍhra sṛungi Mesha sṛungi ( See )

ମେଣ୍ଢା—ସଂ.ବି(ମିହ୍ ଧାତୁ=ପ୍ରସ୍ରାବ ତ୍ୟାଗ କରିବା+କର୍ତ୍ତୃ ଅ); ନିପାତନ
Menṭa —୧ । ମେଷ, ମେଣ୍ଢା—1. Ram; sheep. ୨ ।
দল, মেল ହସ୍ତିପକ; ମାହୁନ୍ତ—2. Elephant driver.
मेट, झुंड ଦେ. ବି ( ସଂ ମିଳ୍ ଧାତୁ; ତୁଳ. ଇଂ. ମୀଟ୍ [meet]) —୧ । ଦଳ; ଦଳ—1. Flock. ୨ । ମେଳ—2. Collection; mutiny; conspiracy. ୩ । ମେଟ୍ ( ଦେଖ )—3. Met (See). ୪ । ଜାହାଜର ଇଞ୍ଜିନର ଜମ୍ମସ୍ଥ ଖଲାସୀ—4. Mate of a ship. [ଉ—ତାଙ୍କ ପଛରେ ମାଝି ଖଲାସୀ ଇଞ୍ଜିନ ମେଣ୍ଟ ଜାହାଜର ସୁନ୍ଦର ଷୋଳ ଜଣ ଦଳକୁ ହଳ ବାହାକୁ ବାହା ଛନ୍ଦା—ଫଶୀରମୋହନ, ଗଳ୍ପସ୍ବଳ୍ପ ।] ପ୍ରାଦେ. (ଗଡ଼ଜାତ) ବି—ସରକାରଙ୍କ ଆଦେଶକୁ ମେଣ୍ଟିବା ବା ଅମାନ୍ୟ କରିବା ମେଳରେ ଥିବା କନ୍ଧମାନଙ୍କ ପରାମର୍ଶ ବା ମିଳନ ସ୍ଥାନ—A rendezvous of revolting Kandhas. [ ଉ—ଏଠାରେ ବିଦ୍ରୋହୀମାନେ ମିଳିତ ହୋଇ ମଦ ଖାଆନ୍ତି ଓ ବିଚାର କରନ୍ତି ଏବଂ ରାଜପୁରୁଷମାନେ ଏମାନଙ୍କ ହାତୁଡ଼ରେ ପଡ଼ିଲେ ତାଙ୍କୁ ହାଣି ଦିଅନ୍ତି ଓ ନାନାପ୍ରକାର ଅତ୍ୟାଚାର କରନ୍ତି । ]

ମେଣ୍ଢକ—ସଂ. ୧ ( ମେଣ୍ଢ+ସ୍ୱାର୍ଥେ. କ )—ମେଷ; ମେଣ୍ଢା—
Menṭaka Ram; sheep.

ମେଣ୍ଟଣ(ନ)—ଦେ. ବି ( ସଂ. ମିଳ୍ ଧାତୁ; ପ୍ରାକୃତ ମିଣ୍ଟ ଧାତୁ )—
Menṭana(na) ୧ । ମେଣ୍ଟାଇବ; ମିଣ୍ଟାଇବା—1. Over-
মেটা; মিটা coming. ୨ । ଏଡ଼ିବା; ଲଂଘନ—2.
मेटन Infringement; disobeying ୩ । କ୍ଷମିବା—3. Pardoning. ୪ । ଖଣ୍ଡନ; ନିରାକରଣ—4. Refutation; rebutting. ୫ । ଦୁଃଖର ମୋଚନ—5. Liberation from trouble. ୬ । ବିବାଦର ନିଷ୍ପତ୍ତି—6. The settlement of a dispute. ୭ । ନିବୃତ୍ତି—7. Cessation.

ମେଣ୍ଢ ବାନ୍ଧିବା—ଦେ. କ୍ରି—୧ । ଦଳ ବାନ୍ଧିବା; ଦଳବଦ୍ଧ ହେବା—
Menṭa bāndhibā 1. To form into a group.
মেলবাঁধা ୨ । ଅନେକ ଲୋକ ମିଶି ଷଡ଼ଯନ୍ତ୍ର କରିବା—
मेट बाँधना 2. To conspire together.
(ମେଣ୍ଢ କରିବା—ଅନ୍ୟରୂପ)

ମେଣ୍ଢ ଭାଙ୍ଗିବା—ଦେ. କ୍ରି—ମେଳ ଭାଙ୍ଗିବା—
Menṭa bhāngibā To break up a conspiracy.
মেল ভাংগা मट तोडना

ମେଣ୍ଢରୁ ଖସିବା—ଦେ. କ୍ରି—ଦଳରୁ ଅଲଗା ହେବା—To slip or
Menṭaru khasibā get away from a company.
(ମେଣ୍ଢ ଛାଡ଼ିବା—ଅନ୍ୟରୂପ) দলথেকে খসে যাওয়া
मेटसे खिसकना

ମେଣ୍ଢା—ପ୍ରାଦେ. ବି—୧ । ( କେନ୍ଦ୍ରାପଡ଼ା ) ଖୁଣ୍ଟ—1. Post.
Menṭā ୨ । ( ଅଳ ) ଚାଳର ଅଡ଼ଶିଲାକୁ ମୁଣ୍ଡାଇବା ଖୁଣ୍ଟଦ୍ୱୟ—2. The two posts which support the

horizontal cross-beam of a water-lifting contrivance.

ମେଣ୍ଟା(ଣ୍ଟି)—ଦେ. ବି ( ସଂ. ମିଲ୍ ଧାତୁ; ପ୍ରା. ମିଣ୍ଟ୍ ଧାତୁ; ତୁଳ. ଇଂ. Menṭā(ṇṭi) ମାଟ୍, mat)—୧ । ଶିଷା ଥିବା ଏକତ୍ରୀଭୂତ ଧାନ ঝারা ବେଣ୍ଡାମାନଙ୍କର ବେଣିବନ୍ଧା ଗୁଚ୍ଛ—1. Ears of ঝাড়; ঝাঁটা paddy woven or braided into a bunch ( for ornamental purposes ) [ ଉ—ଫୁଲ୍ଲ ରଙ୍ଗ ଶତଦଳ ଶୋଭେ ଦଶ କରେ ଦଶେଭରେ ଧାନ ମେଣ୍ଟି । ରାଧାନାଥ. ମହାଯାତ୍ରା ।] ୨ । ଧୂଆଁପତ୍ରର ଡାଣ୍ଡମାନଙ୍କ ମଧ୍ୟରେ ଗୋଟିଏ ସୂତା ବା ଦଉଡ଼ି ଗଳାଇ ତିଆରିବା ପତଳା ଚୋକ୍ର—2. A number of tobacco stems strung through and made into a mat; matted tobacco leaves.

ମେଣ୍ଟା(ଣ୍ଟେ)ଇବା—ଦେ. କ୍ରି ( ସଂ. ମିଲ୍ ଧାତୁ; ପ୍ରା. ମଣ୍ଟ୍ ଧାତୁ; Menṭā(ṇṭe)ibā ମେଣ୍ଟିବା କ୍ରିୟାର ପ୍ରଯୋଜକ ରୂପ; ତୁଳ. মেটান ସଂ. ମୃଷ୍ଟ=ମାର୍ଜିତ )—୧ । ( ବାସନା ) ତୃପ୍ତ मेटना; मिटाना କରାଇବା—1. To satiate. [ ଉ—ମେଣ୍ଟାଇବାକୁ ଭବଭୋଗ ଲାଳସା । ରାଧାନାଥ. ତୁଳସୀସ୍ତବକ । ] ୨ । ( ବିବାଦ ) ନିଷ୍ପତ୍ତି ବା ମୀମାଂସା କରାଇବା--2.To bring about the settlement (of a dispute). ୩ । ( ଆଦେଶ ) ଲଙ୍ଘନ କରିବା—3. To infringe. ୪ । ( ଦୋଷ ) ଖଣ୍ଡନ କରିବା; ନିରାକରଣ କରିବା—4. To refute. [ ଉ—ମାନ୍ଁ ମାତୃଦୋଷ ମେଣ୍ଟାଇ ପାରନ୍ତି, ମାତଙ୍କ ଗଳା ଧରି କାନ୍ଦ । ପ୍ରାଚୀ. ରହସ୍ୟମଞ୍ଜରୀ ।] ୫ । ( ଅପରାଧ ) କ୍ଷମା କରିବା—5. To pardon. ୬ । (ଶ୍ରାନ୍ତି) ଅପନୋଦନ କରିବା—6.To alleviate. [ ଉ—ବିଶ୍ରାମେ ମେଣ୍ଟାଇ ଶ୍ରମ ଚଳୁଥିଲେ । ରାଧାନାଥ. ନନ୍ଦିକେଶ୍ୱରୀ । ] ୭ । ( ଗୁଜୁରାଣ ) ନିର୍ବାହ କରିବା; ଚଳାଇ ନେବା—7. To get through; to accomplish; to eke out. ୮ । ( ଦୁଃଖ ) ଦୂର କରିବା—8. To drive away (misery) [ଉ—ଅକ୍ଷମ ସମ୍ପଦ ଦୁଃଖ ମେଣ୍ଟାଇବା ପାଇଁ । ରାଧାନାଥ. ମହାଯାତ୍ରା । ] ୯ । ( ସନ୍ଦେହ ) ଭଣ୍ଡାଇବା—9. To remove ( doubt ) .୧୦ । (ଖରା ବର୍ଷା) ଅତିକ୍ରମ କରିବା; କଟାଇବା—10.To pass (a time of rain or sunshine). ୧୧ । (ବାଣ ବା ଶର ) ଏଡ଼ିବା—11. To evade (a weapon or arrow).

ମେଣ୍ଟା ମେଣ୍ଟି—ଦେ. ବି—୧ । ମିଟ୍ ମାଟ୍ ( ଦେଖ )—1. Miṭ Menṭā menṭi māṭ ( See ) ୨ । ଉତ୍ତରଣ—মিটা মিটি 2. Evading; getting over. ୩। କାର୍ଯ୍ୟନିର୍ବାହ—मेटा मिटी 3. Accomplishment.

ମେଣ୍ଟି ପାରିବା—ଦେ. କ୍ରି—ଲଙ୍ଘନ କରିବା—To disobey. [ ଉ Menṭi pāribā —ତୁମ୍ଭ ଆଜ୍ଞା କରୁଁଥେ ପାରିବ ମୁଁ ମେଣ୍ଟି । লংঘন করা मेट सकना କୃଷ୍ଣସିଂହ. ମହାଭାରତ. ଆଦି । ]

ମେଣ୍ଟିବା—ଦେ. କ୍ରି—୧ । ମିଟିବା ( ଦେଖ )—1. Miṭibā (See) Menṭibā [ ଉ—ମେଣ୍ଟିବାର କୁହନ୍ତି ମୋ ପ୍ରାଣ ଆଶା । মিটা ଜଗନ୍ନାଥ ଦାସ. କର୍ଣ୍ଣବେଣୀ । ] ୨ । ମୀମାଂସିତ ହେବା—मेटना 2. To be settled. ୩ । ଦୂର ହେବା—3. To be off; to be removed. ୪। ଦୂର କରିବା—4. To remove; to drive away. [ଉ—ଶାସ୍ତ୍ର ଶଙ୍କରଙ୍କର ଭୟକୁ ମେଣ୍ଟିଲ । କୃଷ୍ଣସିଂହ. ମହାଭାରତ. ସଭା] ୫ । ଲଙ୍ଘିବା—5.To disobey; to disregard. [ ଉ—ପକ୍ଷୀ ପକ୍ଷିଣୀ ଏକ ସଙ୍ଗେ ନୋହିବ, ନ କରିବୁ ତୁ ରମଣରେ; ଏହା ମେଣ୍ଟି ଯେବେ ରମଣ କରିବୁ, ଅବଶ୍ୟ ତୋର ମରଣ ରେ । ବିଶ୍ୱନାଥ. ବିଚିତ୍ର-ରାମାୟଣ । ]

ମେଣ୍ଢ - ସଂ. ବି ( ମିହ୍ ଧାତୁ=ପ୍ରସ୍ରାବ ତ୍ୟାଗ କରିବା+କର୍ତ୍ତୃ. ଅ; Menḍha ନିପାତନ )—ମେଣ୍ଢା—Sheep.

ମେଣ୍ଢ(ଣ୍ଢ)ରା—ପ୍ରାଦେ. ( ସମ୍ବଲପୁର ) ବି—ଲୁହାଅ; ଶଗଡ଼ଚକର Menḍ (ṇḍh)rā ନାଭିକେନ୍ଦ୍ର ବା ଛିଦ୍ରରେ ଲାଗିଥିବା ଲୁହାର (ମେଣ୍ଢ୍ରା[ଣ୍ଡ୍ରା]—ଅନ୍ୟରୂପ) ବଳୟ--Iron ring put round the hole in the nave of a wheel. [ ଦ୍ର—ଏହି ମେଣ୍ଢ୍ରା ଯୋଗୁଁ ଶଗଡ଼ ଚକର ମଧ୍ୟସ୍ଥଳରେ ଥିବା ଛିଦ୍ରକୁ ଅକ୍ଷ କ୍ଷୟ କରିପାରେ ନାହିଁ । ]

ମେଣ୍ଢ(ଣ୍ଡ)—ଦେ. ବିଣ ( ସଂ. ମୂଢ଼ )—ନିର୍ବୋଧ; ଓଲୁ—Menḍa(ṇḍha) ଉଲ୍ଲୁ Foolish. उल्लु; मूढ ବି—୧ । ତନ୍ତୀଙ୍କର ବଂଶୋପାଧି—1. A family-title of weavers. [ ଉ—ଅଲେଖ ମେଣ୍ଡ, ଲୁଗା ବୁଣୁଥାଏ ତୋହର ଖଣ୍ଡ—ଢଗ । ] ୨ । ( ସଂ, माथानो ମୁଣ୍ଡ) ପାଚେରିର ମୁଣ୍ଡ ଉପରେ ବଅସିବା ଗଚ୍ଛଡ଼ା ସ୍ତର—मेंढ 2. The top layers put or a parapet or মেল wall. ୩ । ( ସଂ. ମେଳ ) ସଂଘର୍ଷଣ; ଭେଟ; मुठभेड सम्मुख मिलन—3. Collision; meeting; encounter. [ ଉ—ଦୁଇ ଦଳଙ୍କର ମେଣ୍ଢ ପଡ଼ିଲା, ଅତି ପ୍ରବଳ ଲଢ଼ାଇ ହୋଇଲା—ବ୍ରଜନାଥ. ସମର-ତରଙ୍ଗ । ]

ମେଣ୍ଡକା—ପ୍ରାଦେ. ( ବସ୍ତର ) ବି. ( ସଂ. ମଣ୍ଡୁକ; ତୁଳ. ହି. ମେଢ଼କ ) Menḍakā —ବେଙ୍ଗ—Frog.

ମେଣ୍ଡକା ଫୁଲ—ପ୍ରାଦେ. (ବସ୍ତର) ବି—୧ । ବେଙ୍ଗି ବଥ—1. Boils Menḍakā phulā coming out of the neck or heads of children. ୨ । ବେଙ୍ଗଫୁଲ—2. Tadpole.

ମେଣ୍ଡା—ପ୍ରାଦେ. (ବସ୍ତର) ବିଣ—ମେଞ୍ଚା; ଜମାଟ ବନ୍ଧା ଗୁଳା—Menḍā Clot; ball; lump. (ଉ—ଲୁଣ୍ଡା ଗୁଡ଼ାକ ମେଣ୍ଡା ବାନ୍ଧି ଗଲାଣି ।)

ମେଣ୍ଡା ମେଣ୍ଡା—ପ୍ରାଦେ. (ବାଲେଶ୍ୱର) ବିଣ—ମେଞ୍ଚା ମେଞ୍ଚା ( ଦେଖ ) Menḍā menḍā Menchā menchā ( See )

ମେଣ୍ଡି—ପ୍ରାଦେ ( ସିଂହଭୂମି ) ବି—ମେଣ୍ଢି ( ଦେଖ )
Mendi Mendhi ( See )

ମେଣ୍ଡିଆ—ପ୍ରାଦେ ( ବାଲେଶ୍ୱର ଓ ମୀଦନପୁର ) ବି—ଆଖିର ଲେଦସ—
Mendiā The rheum of the eyes.

ମେଣ୍ଢା—ଦେ. ବି (ସ. ମେଢ୍ର, ମେଣ୍ଢ, ମେଠ, ମେଣ୍ଡ, ଭେଡ଼)—
Mendhā ୧ । ଗାଡ଼ର; ମେଷ; ଭେଡ଼ା—1. A sheep; ভেড়া, মেড়া ovis. [ ଦ୍ର—ଲୋମ ଓ ମାଂସ ନିମନ୍ତେ ଏମାନେ **मेढा, भेड** ପାଳିତ ହୁଅନ୍ତି । ଏମାନେ ଦେଶଭେଦରେ ନାନାପ୍ରକାରର (ମେଣ୍ଢୀ—ସ୍ତ୍ରୀ) ଓ ନାନାବର୍ଣ୍ଣର ଦେଖାଯାନ୍ତି । ] ୨ । ( ଲକ୍ଷଣାର୍ଥ ) ମୈଷପର ଜଡ଼ବୋଧ ବ୍ୟକ୍ତି—2. ( figurative ) A simpleton; stupid person. (ଉ—ମେଣ୍ଢା ହୋଇ-ଯାଅ ଭେଣ୍ଡାଏ ଦେଖି ବ୍ୟାଖ୍ୟାଗ୍ରାହୁଣ । ମଧୁସୂଦନ. ଭକ୍ତଡ଼ା । )

ମେଣ୍ଢା(ଣ୍ଢେ)ଇବା—ଦେ. କ୍ରି—୧ । ମେଣ୍ଢାଙ୍କୁ ନେଇ ବାଣମୁହଁରେ ଭଳି
Mendhā(ndhe)ibā ଭଲ ଦେଲାପରି କୌଣସି ବ୍ୟକ୍ତିଙ୍କୁ ନେଇ (ମେଣ୍ଢି ଅଇବା—ଅନ୍ୟରୂପ) କୌଣସି କାର୍ଯ୍ୟକ୍ଷେତ୍ରରେ ବା
ଠେଲ୍ନା ବିପଦଜନକ ସ୍ଥାନରେ ହଠାତ୍ ଠିଆ କରାଇ ଦେବା—1. To
**मढना** present a person or to push a person to a post of danger. ୨। ଦୁଇଟି ମେଣ୍ଢାଙ୍କୁ ଲଢ଼ାଇ କରିବା ପାଇଁ ପରସ୍ପରର ସମ୍ମୁଖରେ ଜୁଟାଇ ଦେବା—2. To confront two rams with a view to make them fight. ୩ । ଦୁଇଜଣଙ୍କୁ ଭେଟାଇବା—3. To cause two persons to meet. ପ୍ରାଦେ—୧ । (ବାମଣ୍ଡା) ପାଖରେ ପହଞ୍ଚାଇ ଦେବା—1. To reach a thing at a place. ୨ । (ବାମଣ୍ଡା) ଅନ୍ୟର ଅନିଚ୍ଛାସତ୍ତ୍ୱେ ଜୋର୍ ଜବରଦସ୍ତି କରି ତାହାର ମୁଣ୍ଡରେ କୌଣସି କାର୍ଯ୍ୟ ଲଗାଇ ଦେବା—2. To force a work upon another against one's wish.

ମେଣ୍ଢା କୁଡ଼ି(ଡ଼ି)ଆ—ଦେ. ବି ( ସ. ମେଢ୍ର+କୁଟୀର )—ମେଷଶାଳା;
Mendhā kurdi(ri)ā ମେଷ ରହିବାର କ୍ଷୁଦ୍ରଗୃହ—Hut ভেড়াগোয়াল for herding sheep. [ ଦ୍ର—ହାତିଶାଳ ଭାଙ୍ଗି
**मेडाकी झोपडी** ଗଲେ କି ମେଣ୍ଢାକୁଡ଼ିଆକୁ ଯୋଗ୍ୟ ନୁହେଁ ?—ପ୍ରବଚନ । ହାତୀ ନିମନ୍ତେ ଖୁବ୍ ବଡ଼ ଘର ଦରକାର, କିନ୍ତୁ ମେଣ୍ଢା ରହିବାପାଇଁ ଅତି କ୍ଷୁଦ୍ର ଗୃହ ଯଥେଷ୍ଟ ହୁଏ । ହାତୀଶାଳ ଭାଙ୍ଗିଗଲେ ତାହା ମଧ୍ୟରେ ହାତୀ ସିନା ରହି ପାରିବ ନାହିଁ କିନ୍ତୁ ଉକ୍ତ ଭଙ୍ଗା ହାତୀଶାଳରେ ମେଣ୍ଢାମାନେ ଅନାୟାସରେ ରହି ପାରିବେ । ବଡ଼ଲୋକ ଦରିଦ୍ର ହୋଇଗଲେ ମଧ୍ୟ ସେ ଦରିଦ୍ର ବ୍ୟକ୍ତିର ଅଭାବ ପୂରଣ କରିବାକୁ ଅସମର୍ଥ ହୁଏ ନାହିଁ । ଏହି ଅର୍ଥରେ ଏ ପ୍ରବଚନ ବ୍ୟବହୃତ ହୁଏ । ]

ମେଣ୍ଢାକୁଡ଼ିଆ ପୋଡ଼ି—ଦେ. ବି—ଦୋଲପୂର୍ଣ୍ଣିମା ପୂର୍ବଦିନରେ ଗ୍ରାମ
Mendhākurdiā pordi ପ୍ରାନ୍ତରେ ଛଣଗୃହଏ ଗଢ଼ା କରି
বুড়ীঘরপোড়া ରାତିରେ ନିଆଁ ଲଗାଇବା ଉତ୍ସବ—A bon-fire
**सम्बतदाह, होलीकादाह** made by setting fire to straw heaped up at the end of villages, on the night before Dola purnnimā.
[ ଦ୍ର—ବସନ୍ତୋତ୍ସବର ଉପଲକ୍ଷରେ ମେଣ୍ଢାମାଂସକୁ ପୋଡ଼ଖାଇବା ବ୍ୟବସ୍ଥା ପ୍ରାଚୀନକାଳରେ ଭାରତବର୍ଷ ଉମାନ୍ ଥିବା ଲୋକପ୍ରବାଦରୁ ଜଣାଯାଏ । ]

ମେଣ୍ଢାବାଳ—ଦେ. ବି—ମେଷଲୋମ—The wool or down of
Mendhābāla sheep. [ ଦ୍ର—ମେଣ୍ଢାବାଳ ଜଡ଼ାତେଲ— (ମେଣ୍ଢାବ୍ରୁମ—ଅନ୍ୟରୂପ) ଦୁଇଜଣଙ୍କ ମଧ୍ୟରେ ଅଚ୍ଛେଦ୍ୟ ପ୍ରୀତି ফেড়ারলোম ଦେଖାଗଲେ ଲୋକେ ଏହି ଉପମା ଦେଇ ଥାଆନ୍ତି—
**मेडाकाबाल** ସେ ଦୁହେଁ 'ଜଡ଼ାତେଲ ମେଣ୍ଢାବାଳ' ହୋଇଅଛନ୍ତି । ଫଳତଃ ମେଣ୍ଢାବାଳ ସଙ୍ଗେ ଜଡ଼ାତେଲ ମିଶାଇଦେଲେ ତାହା ଖୁବ୍ ଅଠାଳିଆ ହୋଇ ଜଡ଼ିଯିବାର ଦେଖାଯାଏ । ]

ମେଣ୍ଢାମାରି—ପ୍ରାଦେ. (ବାଲେଶ୍ୱର) ବି—ଏକଜାତୀୟ ଛୋଟ କଣ୍ଟାଯୁକ୍ତ
Mendhāmāri ଗୁଳ୍ମ—A small prickly shrub.

ମେଣ୍ଢାମୁଣ୍ଡିଆ—ଦେ. ଗୁଣ—ମେଣ୍ଢାର ମୁଣ୍ଡପରି ଆକୃତିବିଶିଷ୍ଟ—
Mendhāmundiā Shaped like the head of a
**मेडमुहाँ** sheep. ଦେ. ବି—୧ । ଶଗଡ଼ର ଯୁଆଳି ତଳେ ମଝିରେ ଥିବା ଦୁଇଗଣ୍ଡି ଖିଲ, ଯାହା କି ଧୁରାମୁଣ୍ଡିକୁ ଯୁଆଳି ସଙ୍ଗେ ଅଟକାଇ ରଖେ—1. Two pegs driven to the yoke below its middle by which the tapering heads of the arms of a cart are kept attached to the yoke.
୨ । ଚଉକାଠର ଉପର ପାଖେ କଣରେ ମରାଥିବା ଛୋଟ କାଠ ଯହିଁର ଛିଦ୍ରରେ କବାଟର କଣି ଗଳାଯାଇଥାଏ—2.
**चूड** A piece of wood attached to the upper corner of a door-frame, through the hole of which the protruding corner of a door is inserted in order to make the door move to and fro. ୩ । ବେଠିଆ ୨ (ଦେଖ) 3. Bethiā 2 ( See )

ମେଣ୍ଢା ମୁଣ୍ଡିଆ ବାତ—ଦେ. ବି—ଏକ ପ୍ରକାର ଆମବାତ (ଏହା
Mendhā mundiā bāta ହାତର କହୁଣୀକୁ ଏବଂ ଗୋଡ଼ର শিবামুখী বাত ଅଣ୍ଟୁକୁ ଆକ୍ରମଣ କରି ଉକ୍ତ ଗଣ୍ଠିମାନଙ୍କୁ ମେଣ୍ଢା-
**गठिया बात** ମୁଣ୍ଡ ପରି ଫୁଲାଇ ଓ ଅଚଳ କରି ପକାଏ—Arthrites; a kind of acute rheumatism affecting the knee joints and the elbow joints.

ମେଣ୍ଢା ଶିଙ୍ଗା—ପ୍ରାଦେ. ( ବାମଣ୍ଡା ) ବି—୧ । ଭେଣ୍ଡି—1. Lady's
Mendhā singā finger (fruit). ୨ । ମହୁର—2. Aconitum Spicatum.

ମେଣ୍ଢା ଶିଙ୍ଗା(ଙ୍ଘା) ମହୁର—ଦେ. ବି. (ସ. ଶୃଙ୍ଗୀ ବିଷ)—ବିଷନାଭ;ଏକ
Mendhā singā(nghā) mahurā ପ୍ରକାର ବିଷାକ୍ତ ମୂଳ—
আতীষ **अतीस** Aconitum Spicatum.
[ ଦ୍ର—ଏହା ଔଷଧରେ ଲାଗେ । ନେପାଳ ଅଦର ପାହାଡ଼ରେ ଏହା ଅଧିକ ଜନ୍ମେ । ]

ମେଣ୍ଢା ଶିଙ୍ଗା(ଘା) ବନ୍ତଳ—ଦେ. ବ—ଏକ ପ୍ରକାର ଶ୍ରେଷ୍ଠ ବନ୍ତଳ
Mendhā singā(nghā) bantala କଦଳୀ—A species
ছোট কাঁচকলা of small Bantala plantain.
(ମେଣ୍ଢି ବନ୍ତଳ—ଅନ୍ୟରୂପ)

ମେଣ୍ଢା ଶିଙ୍ଗି(ଙ୍ଘି)ଆ—ଦେ. ବ. (ସ. ମେଢ୍ର+ଶୃଙ୍ଗ)—୧ । ଏକପ୍ରକାର
Mendhā singi(nghi)ā ଲତାଜାତ ବୃକ୍ଷ—1. A tree
মেড়া শিঙ্গে with fragrant leaves; Ascelepias
मेढा सिंगी Geminate; Gymnema Sylvestre.
ମେଣ୍ଢା ଶିଂଘା(ଙ୍ଘା) } ଅନ୍ୟରୂପ [ଦ୍ର—ଏହି ଗଛର ପତ୍ର ସୁଗନ୍ଧଯୁକ୍ତ । ଏହାର ମୂଳ ଔଷଧରେ
ମେଣ୍ଢା ଶିଙ୍ଘା (ଙ୍ଗା) }
ଲାଗେ । ଏହାର ଅନ୍ୟ ସଂସ୍କୃତ ନାମ ମେଷକ ଓ ମେଷଶୃଙ୍ଗୀ । ଏହାର ଚେର ଦ୍ୱାରା ସର୍ପ ବିଷ ଦୂର ହୁଏ । ଏହାର ପତ୍ର ଖାଇଲେ ଜଳ ଝିମିଝିମି ହୁଏ । ଏହା ବାତବର୍ଦ୍ଧକ, ଶ୍ୱାସ ଓ କାଶ ବର୍ଦ୍ଧକ । ଏ ପତ୍ର ବ୍ରଣ ଓ ଅକ୍ଷିର ଦରଜ ଦୂର କରେ । ଏଥିର ଫଳ କାଶ, କୃମି, ବ୍ରଣ, ବିଷ ଓ କୁଷ୍ଠ ଦୂର କରେ । ଏ ଗଛ ମଧ୍ୟପ୍ରଦେଶ ଓ ଦାକ୍ଷିଣାତ୍ୟର ଜଙ୍ଗଲରେ ଜନ୍ମେ—ହି. ଶ] ୨ । ଶଗଡ଼ର ଜୁଆଳର ମଝିରେ ପୋତା ଯାଇଥିବା କିଲ (ଯେଉଁ କିଲରେ ବଳଦଙ୍କ ବେକର ପଘା ବାନ୍ଧିଲାରେ ଗୁଡ଼ାଅ ହେବା ପରେ ଅଟକାଇ ରଖାଯାଏ—
2. A wooden pin inserted over the middle of the yoke of a cart, round which the halter-strings of both the bullocks are twined after the bullocks are yoked. ୩ । ମେଣ୍ଢାଶିଙ୍ଗ ପରି ଆକୃତିର ବଣିଆଙ୍କର ବଡ଼ଅର ଉପଯୋଗ—3. An instrument of the goldsmiths resembling sheep's horn in shape. ୪ । ମେଣ୍ଢା ଶିଙ୍ଗା ମହୁରୀ (ଦେଖ )
4. Mendā singhā mahurā ( See )

ମେଣ୍ଢି—ପ୍ରାଦେ. (ସିଂହଭୂମ) ବ—ଭେଣ୍ଡି—
Mendhi Lady's finger.

ମେଣ୍ଢି ପୋକ—ପ୍ରାଦେ. (ଅଳ) ବ—ନାଲି ଜଉଆ ( ଦେଖ )
Mendhi poka Nāli jauā ( See )

ମେଣ୍ଢୀ—ଦେ. ବ. ସ୍ତ୍ରୀ—୧ । ମାଈ ମେଣ୍ଢା—1. A she-sheep;
Mendhī an ewe. ୨ । ଶାଗ ରୂପେ ବ୍ୟବହୃତ ଏକପ୍ରକାର
ভেড়ী, मेंडी ଲତା—2. A creeper which is used as a pot herb. ୩ । ମେଣ୍ଢା ଶିଙ୍ଗା ( ଦେଖ )
3. Mendhā singā ( See )

ମେଣ୍ଢେଇ ପଶିବା—ଦେ.କ୍ରି—୧ । ବଳପୂର୍ବକ ପଶିବା—1. To force
Mendhei pasibā one'self into a place. ୨ ।
জোর করে ঢুকা ବିନା ନିମନ୍ତ୍ରଣରେ ବା ବିନା ଅଦରରେ କୌଣସି
जोरसे घुसना ସ୍ଥାନରେ ପହଞ୍ଚିବା—2. To go to or intrude on a place uninvited.

ମେଣ୍ଢେଇବା—ଦେ. କ୍ରି—୧ । ମେଢ଼େଇବା ( ଦେଖ )
Mendheibā 1. Merdheibā ( See )
मढना ୨ । ଦଳେ ଲୋକଙ୍କୁ ନେଇ ଏକ ସ୍ଥାନରେ ଜୁଟାଇ ଦେବା—2. To drive a crowd into a place.
୩ । ଥରେ ଧାନ ବୁଣିବା ପରେ ଜମିକୁ ଦୋଅଡ଼ ଧରିବା
3 To till a field for the second time after sowing paddy. ୪ । ମେଣ୍ଢାଇବା (ଦେଖ)—
4. Mendhāibā (See)

ମେଥ (ଧାତୁ)—ସ - ୧ । ସଂସର୍ଗ କରିବା; ସଙ୍ଗୀ ହେବା—1. To associate.
Meth (root) ୨ । ବୁଝିବା—2. To comprehend; to understand. ୩ । ବଧ କରିବା—
3. To kill.

ମେଥ(ତ)ର—ବୈଦେ. ବ. (ଫା. ମେହେତ୍ତର ବା ମେହତର୍; ମୂଳ
Metha(ta)ra ସ. ମହତ୍ତର)—ମେହେନ୍ତର ( ଦେଖ.)
মেতর मेहतर Mehentara ( See )

ମେଥି(ଥୀ)—ସ.ବ.(ମେଥ୍ ଧାତୁ=ସଂସର୍ଗ କରିବା+କରଣ ଇ, ଈ)—
Methi(thī) ୧ । ମେଢ଼ି; ମେଡ଼ ଖୁଣ୍ଟି; ଖଳାର କେନ୍ଦ୍ରରେ ଥିବା
୨ର ଅନ୍ୟ ସ. ନାମ—ସଂଖ୍ୟା, ଯାହାର ଚାରି ପାଖେ ବଳଦମାନେ ବେଙ୍ଗଳା ପଡ଼ନ୍ତି—1. A post or stake at the centre of the threshing floor round which the bullocks are tethered and revolve. ୨ । ଶିମ୍ବ ବର୍ଗର ଗୁଚ୍ଛିତାଳ ଶାଗ—2. Fenugreek; Trigonella Fœnugraecum.
ପୀତପର୍ଣ୍ଣୀ, ମେଥିକା, ବହୁମୂଳିକା, ଗନ୍ଧବୀଜା, ଜ୍ୟୋତିଃ ଗନ୍ଧଫଳା, ବହୁପତ୍ରା, ଚନ୍ଦ୍ରିକା, ମନ୍ଥା, ମେଥିକା, ମିଶ୍ରପୁଷ୍ପା, କୈରବୀ, ବହୁପର୍ଣ୍ଣୀ, ପୀତବୀଜା, ବହୁପତ୍ରିକା, ବେଧନୀ, କୁଞ୍ଚିକା, ମୁନାଣ୍ଡିକା
मेथि
মেথি
ମ. ମେଥି
ଫା. ଶୁଣ୍ଣମେ ସମ୍ବୀଦ୍
ଅ. ହଳବୁଲ୍ ହଲବା
ଲା. ଫେଣ୍ଡ୍ରାସୁମ୍
ତେ, ମେଣ୍ଟୁଲୁ, ମେନ୍ତୁଲୁ
[ଦ୍ର—ଏହାର ଗଛ ଓ ପତ୍ର । ଏଥିର ଚୁଇଁକୁ ସୁଗନ୍ଧଯୁକ୍ତ ଶାଗ ବାହାରେ । ଏହା ତରକାରୀରେ ମସଲା ରୂପେ ବ୍ୟବହୃତ ହୁଏ ଏବଂ ଔଷଧରେ ଲାଗେ । ଏଥିର ଚୂନାକୁ ସ୍ତ୍ରୀ ଲୋକମାନେ କେଶକୁ ସୁବାସିତ କରିବା ପାଇଁ ବ୍ୟବହାର କରନ୍ତି । ବୈଦ୍ୟକ ମତରେ ମେଥି ଅଗ୍ନିଦୀପକ, ଅରୁଚିନାଶକ, ପାଚକ, ବାତଘ୍ନ ଓ କଫ ପିତ୍ତ ପ୍ରକୋପକ; ଏହା ଉଷ୍ଣ । ]

ମେଥିକା(ନୀ)—ସ. ବ ( ମେଥ୍ ଧାତୁ=ବୁଝିବା+କରଣ ଇନ୍+ସ୍ତ୍ରୀ.ଅ;
Methikā(nī) +ଇକ୍+ଅ )—ମେଥି ୨ ( ଦେଖ )—
Methi 2 (See)

ମେଥି ମୁଗ—ଦେ. ବ ( ସ. ପୀତ ମୁଦ୍ଗ )—ବନ୍ୟ ମୁଦ୍ଗ; ଏକପ୍ରକାର
Methi muga ପୀତ ବା ହଳଦିଆ ମୁଗ—A kind of
সোনা মুগ पीला मुंग Phaseolus; a leguiminous plant.
[ଦ୍ର—ଏହି ମୁଗର ଦାନା ସାଧାରଣ ମୁଗଠାରୁ ଶ୍ରେଷ୍ଠ । ]

ମେଥି ଚୂନା—ଦେ. ବ ( ସ.ମେଥୀଚୂର୍ଣ୍ଣ )—ମେଥିର ଗୁଣ୍ଡ—Powder
Methi chūnā of fenugreek. [ ଦ୍ର—ଉକ୍ତ ମେଥି ଚୂନାକୁ
মেথিচুর্ণ ସ୍ତ୍ରୀଲୋକମାନେ କେଶ ଭୂଷଣରେ ବାନ୍ଧନ୍ତି । ]
मेथिका चूरन

ମେଥି(ଥୀ)ମୋଦକ— ସଂ ବ (ମ. ପ. ଲୋ ) — ମେଥିରେ ପ୍ରସ୍ତୁତ
Methi(thi)modaka ବଳକର ମୋଦକବିଶେଷ—A medicinal sweet ball of which the chief ingredient is fenugreek.
মেথি মোদক
**मेथि मोदक**
( ମେଥି ମୁଦ[ଦୁ]କ—ଗ୍ରାମ୍ୟରୂପ )

ମେଥି ଶାଗ—ଦେ. ବ—ଶାକରୂପେ ବ୍ୟବହୃତ ମେଥିଗଛର ପତ୍ର—
Methi sāga The leaves of fenugreek plant used as curry or salad
মেথি শাক **मेथि साक**

ମେଦ(ଦଃ)—ସ. ବ (ମିଦ୍ ଧାତୁ=ସ୍ନିଗ୍ଧ ହେବା+କରଣ. ଅ; ଅସ୍)—
Meda(daḥ) ୧ । ମଜ୍ଜା; ଚର୍ବି; ବସା—1. Fat; lymph; adeps. [ ଦ୍ର—ବୈଦ୍ୟଶାସ୍ତ୍ର ମତରେ ମେଦ ମାଂସରୁ ଉତ୍ପନ୍ନ ହୁଏ ଓ ମେଦରୁ ଅସ୍ଥି ହୁଏ—ହ. ଷ । ] ୨ । ହାଡ଼ରସା; ଅସ୍ଥିର ମଜ୍ଜା—2. Bone-marrow. ୩ । ମେଦୋବୃଦ୍ଧି;ରୋଗବିଶେଷ—3. Obesity. ୪ । ମ୍ଳେଚ୍ଛଜାତିବିଶେଷ—4. Name of a low barbarian caste. [ ଦ୍ର—ମନୁସ୍ମୃତି ମତରେ ବୈଦେହକ ପୁରୁଷ ଓ ନିଷାଦ ସ୍ତ୍ରୀଠାରୁ ଏ ଜାତି ଉତ୍ପନ୍ନ—ହ. ଷ. । ] ୫ । ଅଲମ୍ବୁଷା; ମଞ୍ଜିଷ୍ଠା—5. Indian madder, Rubia Manjith. ୬ । ( ବୈଦ୍ୟକ ) ମେଦା ( ଦେଖ )—6. Medā ( See ) ୭ । କସ୍ତୁରୀ ( ହ. ଷ. )—7. Musk. ୮ । ନୀଳାରତ୍ନର ଛାୟାବିଶେଷ ( ରତ୍ନ ପରୀକ୍ଷା )—୮. A defect or shade in sapphire. ଦେ. ବ—୧ । କୁମ୍ଭୀର, ବିଲୁଅ ପ୍ରଭୃତି ପ୍ରାଣୀଙ୍କର ମାଂସରୁ ପ୍ରସ୍ତୁତ ଅମବାତନାଶକ ଔଷଧବିଶେଷ—1. A liquid mixture prepared from the flesh of alligators, jackals and other lower animals and used in curing rheumatism. [ ଦ୍ର—ବିଲୁଅ, ନେଉଳ, କୁମ୍ଭୀର ଆଦି ପ୍ରାଣୀଙ୍କ ମାଂସକୁ ଖଣ୍ଡ ଖଣ୍ଡ କରି କାଟି ଗୋଟିଏ ମାଟିଅଁରେ ପୂରାଇ ତହିଁରେ ଦହି ଓ ଲୁଣ ଦେଇ ପୋତି ରଖିଲେ ତାହା ସଢ଼ିଯାଇ ଏକ ବା ଦୁଇ ବର୍ଷ ପରେ ଜଳୀୟ ପଦାର୍ଥରେ ପରିଣତ ହୁଏ । ତାହାକୁ ଖାଇଲେ ଅମବାତ ରୋଗ ଭଲ ହୋଇ ଯାଏ ଏବଂ ଶୀର୍ଣକାୟ ବାଳକମାନେ ସବଳ ହୁଅନ୍ତି । ] ୨ । ବିଷ୍ଠାଦିର ମେଣ୍ଟା—2. A lump or mass of dung or nightsoil. ୩ । ଧାନ ସଞ୍ଚୟ କରିବାକୁ ପାଳ ମରେଇ—3. A receptacle or rick made of crushed straw for storing paddy. ୪ । ପୁଷ୍ଟିକର ଗୋଖାଦ୍ୟବିଶେଷ—4. A food prepared for improvement of the health of cattle.
মেদ
মেচা
থাহ, **चोत**
মরাই
**मोडी**

ମେଦଃସାର—ସ. ବ—ମେଦା ( ଦେଖ )
Medaḥsāra Medā ( See)

ମେଦକୃତ୍—ସ. ବ ( ମେଦ+କୃ ଧାତୁ=କରିବା+କର୍ତ୍ତୃ. କ୍ୱିପ୍)—
Medakṛut ମାଂସ—Flesh.

ମେଦ(ଦୋ)ଗ୍ରସ୍ତ—ସ. ବଣ ( ୭ମୀ ତତ୍ )—ସ୍ଥୂଳକାୟ—
Meda(do)grasta Corpulent.

ମେଦ(ଦୋ)ଜ—ସ.ବଣ (ମେଦ, ମେଦଃ+ଜନ୍ ଧାତୁ+କର୍ତ୍ତୃ.ଅ)—
Meda(do)ja ମେଦରୁ ବା ମଜ୍ଜାରୁ ଜାତ—Produced from fat or marrow. ବ—୧ । ଅସ୍ଥି—1. Bone ୨ । ଭୂମିଜ ଗୁଗ୍ଗୁଳ—2. A sort of bdellium.

ମେଦନୀ—ଗ୍ରା. ବ ( ଅଶୁଦ୍ଧ ) ( ସ. ମେଦିନୀ )—ମେଦିନୀ ( ଦେଖ )
Medani Medini ( See)

ମେଦପୁଚ୍ଛ—ସ. ବ ( ବହୁବ୍ରୀହି; ଯାହା ପୁଚ୍ଛରେ ମେଦ ଅଛି )—ଦୁମ୍ବା
Medapuchchha ମେଣ୍ଢା (ହ. ଷ)—A species of sheep with a big fatty tail.

ମେଦ(ଦୋ)ବର୍ଦ୍ଧକ—ସ.ବଣ (୬ଷ୍ଠୀ ତତ୍)-ଯାହା ଶରୀରର ମେଦ ଧାତୁକୁ
Meda(do)barddhaka ବୃଦ୍ଧି କରେ—Causing corpulency; increasing fat.

ମେଦ ବସା(ସେ)ଇବା—ଦେ. କ—ପାଳ ମରେଇ ପ୍ରସ୍ତୁତ କରିବା—
Meda basā(se)ibā 1. To establish or raise a rick for storing paddy. ୨ । ପୁଷ୍ଟିକର ଗୋ-ଖାଦ୍ୟ ବା ଔଷଧ ପ୍ରସ୍ତୁତ କରିବା—2. To prepare a special cattle-food or medicine according to a prescribed process. ୩ । ଥରେ ଗଦାଏ ବିଷ୍ଠା ତ୍ୟାଗ କରିବା—3. To pass stools in a heap.

ମେଦ(ଦୋ)ବୃଦ୍ଧି –ସ. ବ (୬ଷ୍ଠୀ ତତ୍)—ସ୍ଥୂଳକାୟତ୍ୱରୋଗବିଶେଷ—
Meda(do)bṛuddhi Obesity, corpulency.
( ମେଦାଧିକ୍ୟ, ମେଦ[ଦୋ] ରୋଗ—ଅନ୍ୟରୂପ )

ମେଦସ୍ୱୀ—ସ. ବଣ. ପୁଂ (ମେଦସ୍+ଅଛି ଅର୍ଥରେ ବିନ୍; ୧ମା. ୧ବ)—
Medaswi ୧ । ଦୃଢ଼; ବଳିଷ୍ଠ—1. Robust; strong.
(ମେଦସ୍ୱିନୀ—ସ୍ତ୍ରୀ) ୨ । ମୋଟା; ସ୍ଥୂଳକାୟ; ପୃଥୁଳ—2. Fat; corpulent.

ମେଦା(ଧା)—ସ. ବ ( ମିଦ୍ ଧାତୁ=ସ୍ନିଗ୍ଧ ହେବା+ଅ+ଆ )—
Medā(dhā) ଅଷ୍ଟବର୍ଗର ପ୍ରସିଦ୍ଧ ଔଷଧବିଶେଷ--Name of a juicy root used in medicine.
ମେଦନୀ, ମେଦୋବତୀ, ମେଦୋଭବା — ଅନ୍ୟରୂପ
[ଦ୍ର—ଏହା ଏକପ୍ରକାର ଲତାର କନ୍ଦ ଓ ଦେଖିବାକୁ ଅଦା ପରି । ଏହାର ବର୍ଣ୍ଣ ଶ୍ୱେତ । ଏହା ନଖଦ୍ୱାରା ଛେଦନୋପଯୁକ୍ତ ଓ କୋମଳ । ନଖରେ ଛେଦନ କଲେ ଏହା ମଧ୍ୟରୁ ମେଦ ପରି ଏକପ୍ରକାର ଅଠାଳିଆ ଦୁଗ୍ଧମୟ ରସ ବାହାରେ । ଏହା ଔଷଧରେ ବ୍ୟବହୃତ ହୁଏ । ଏହା ଜ୍ୱର ଓ ରାଜଯକ୍ଷ୍ମାରେ ବିଶେଷ ଉପକାରୀ ଥିବା କଥିତ । ଏହା ବର୍ତ୍ତମାନ ଦୁଷ୍ପ୍ରାପ୍ୟ । ଏହାର ଅନ୍ୟାନ୍ୟ ସଂସ୍କୃତ ନାମ, ଯଥା—ଜୀବନୀ, ଦ୍ରବ୍ୟା, ଧ୍ରୁବା, ପୁରୁଷ ଦନ୍ତିକା, ମଣିଚ୍ଛିଦ୍ରା, ମଧୁସ୍ରା, ମେଦଃସାରା, ବସା, ବହୁରନ୍ଧ୍ରିକା, ବହ୍ନିବସା, ଶାଲ୍ୟଦା, ଶ୍ରେଷ୍ଠା, ସାଧ୍ୱୀ, ସ୍ନିଗ୍ଧା, ସ୍ନେହବତୀ, ସ୍ୱଳ୍ପପର୍ଣ୍ଣିକା, କଳ୍ପପର୍ଣ୍ଣିକା, ପୁରୁଷଦନ୍ତିକା]

(ମେରୁଦା—ଅନ୍ୟରୂପ) ପ୍ରାଦେ—୧ । (—ବାଲେଶ୍ୱର) ବଡ଼ ସାମୁଦ୍ରିକ କଣ୍ଟିଆ ମତ୍ସ୍ୟବିଶେଷ—1. A sea-water fish of big size and having pricks. ୨ । (ଉତ୍ତର ବାଲେଶ୍ୱର) ଧାନବିଲର ବା ଅନ୍ୟ ସ୍ଥାନର ମଧ୍ୟସ୍ଥ ଉଚ୍ଚ ସ୍ତୂପ—2. A mound inside a paddy field or other plain place. ଦେ. ବି—୧ । ମେଣ୍ଟା; ପିଣ୍ଡୁଳା—1. Lump. ମେଦା [ ଉ—କୋହୁଲେ ମୋତେ କହ କର୍ଣ୍ଣ ମୁଣ୍ଡେ ପଡ଼ା୬ ଥାହ; ଚୌତ ପ୍ରହାର ଜନ୍ମ ଲୁଣ୍ଡେ କରଦେବ ମେଦା । କୃଷ୍ଣସିଂହ. ମହାଭାରତ. କର୍ଣ୍ଣ । ] ୨ । ବିଷ୍ଠାର ମେଦ—2. A mass of nightsoil. ଦେ. ବଣ—୧ । (ସ. ମୂଢ଼ ବା ମନ୍ଦ)—ମାଙ୍ଗା ବୁଦ୍ଧିଆ; ମୋଟାବୁଦ୍ଧିଆ—1. Stupid; dull; sluggish.

ମେଦାଢ଼ି—ଦେ. ବଣ—ଗଦା; ସ୍ତୂପ; ମେଣ୍ଟା; ପିଣ୍ଡୁଳା—
Medārḍi ମେଚା থাহ Heap; mass.
[ ଉ—ଚୋବାଟା ମେଦାଢ଼ିଏ କରିଛି । ]

ମେଦିତ—ସ. ବଣ (ମିଦ୍ ଧାତୁ=ସ୍ନିଗ୍ଧ ହେବା+କର୍ତ୍ତୃ. ତ)—
Medita ସ୍ନିଗ୍ଧ; ତେଲିଆ—Oily; unctuous.

ମେଦିନୀ(ନି)ପୁର—ଦେ. ବି—ଓଡ଼ିଶାର ଉତ୍ତର ଓ ବଙ୍ଗପ୍ରଦେଶର Medini(ni)pura ଦକ୍ଷିଣରେ ଥିବା ଜିଲା ଓ ନଗର ବିଶେଷ—
মেদিনীপুর Midnapur; name of a district and मेदिनीपुर town to the north of Orissa.

ମେଦିନୀ—ସ. ବି. ସ୍ତ୍ରୀ (ମେଦ+ଅସ୍ତି ଅର୍ଥରେ ଇନ୍+ସ୍ତ୍ରୀ ଈ)—ପୃଥିବୀ
Medini —The earth. [ ଦ୍ର—ବିଷ୍ଣୁଙ୍କ ହସ୍ତରେ ନିହତ ମଧୁ ଓ କୈଟଭ ନାମକ ଦୈତ୍ୟଦ୍ୱୟଙ୍କ 'ମେଦ'ରେ ପରିପୂର୍ଣ୍ଣ ହୋଇଥିବାରୁ ପୃଥିବୀର 'ମେଦିନୀ' ନାମ ହୋଇଅଛି । ]

ମେଦିନୀଦ୍ରବ—ସ. ବି (୬ଷ୍ଠୀତତ୍; ମେଦିନୀ+ଦ୍ରବ)—ଧୂଳି—
Medinidraba Dust.

ମେଦିବା—ଦେ. କ୍ରି (ସ. ମୃଦ୍ ଧାତୁ)—୧ । ମର୍ଦ୍ଦିବା; ଚକଟିବା—
Medibā To knead. ୨ । ଏକତ୍ର କରିବା—2. To মর্দনকরা collect together. [ ଉ—ଚୋଟିଏ କରେ मलना କାଢ଼ି ସବୁ ମେଦ, ନାମଗୁଣରେ ବୁଡ଼ିଥିବ ବଧ । ପ୍ରାଚୀ. ଚକ୍ରଧରମଙ୍ଗଳ । ]

ମେଦିରି—ପ୍ରାଦେ (ଗଞ୍ଜାମ) ବି—ନୀଚ ଅସ୍ପୃଶ୍ୟ ଶୂଦ୍ରଜାତୀୟ ଶିଳ୍ପି
Mediri ବିଶେଷ—A low caste of artisans. [ ଦ୍ର —ଏମାନେ ଭୁଲାଅଦ ବୁଣନ୍ତି । ]

ମେଦୁର—ସ. ବଣ. ପୁଂ (ମିଦ୍ ଧାତୁ=ଚିକ୍କଣ ହେବା ପୂର୍ଣ୍ଣ ହେବା+
Medura କର୍ତ୍ତୃ. ଉର)—୧ । ସ୍ନିଗ୍ଧ; ତେଲିଆ—1. Oily; (ମେଦୁରା—ସ୍ତ୍ରୀ) unctuous. ୨ । ମସୃଣ; ଚିକ୍କଣ—2. Smooth. ୩ । କୋମଳ; ମୃଦୁ—3. Soft; mild; gentle. ୪ । ଉତ୍କୃଷ୍ଟ; ଉତ୍ତମ—4. Excellent. ୫ । ପୂର୍ଣ୍ଣ—5. Full.

ମେଦୁରା—ସ. ବି. ସ୍ତ୍ରୀ (ମିଦ୍ଧାତୁ+କର୍ତ୍ତୃ. ଉର+ଆ)—କନ୍ଦୋଳ
Medurā. ନାମକ ଔଷଧି କନ୍ଦ; ଶୀର କାକୁଲି—Name of a medicinal root. [ ଦ୍ର—ଏହା କେଉଁଠି ଅଧିକ ଦେଶରେ ଜାତ ହୁଏ । ] ସ. ବଣ. ସ୍ତ୍ରୀ—ମେଦୁରର ସ୍ତ୍ରୀଲିଙ୍ଗ—Feminine of Medura.

ମେଦୋଜ—ସ. ବି (ମେଦସ୍+ଜନ୍ ଧାତୁ=ଜନ୍ମିବା+କର୍ତ୍ତୃ. ଅ)—
Medoja ଅସ୍ଥି; ହାଡ଼ (ହି. ଶ)—Bone.

ମେଧ୍ (ଧାତୁ)—ସ—୧ । ସଙ୍ଗ କରିବା—1. To associate with
Medh (root) ୨ । ବୁଝିବା—2. To understand. ୩ । ବଧ କରିବା—3. To kill. ୪ । ହିଂସା କରିବା; ଅଘାତ କରିବା—4. To hurt.

ମେଧ—ସ. ବି (ମେଧ୍ ଧାତୁ+ଅଧିକରଣ ଅ)—୧ । ଯାଗ; ଯଜ୍ଞ—
Medha 1. Vedic sacrifice. ୨ । (+କରଣ.ଅ) —ହବିଃ; ଘିଅ—2. Ghee. ୩ । (+କର୍ମ.ଅ)— ଯଜ୍ଞରେ ବଳିଦଅଯିବା ପଶୁ (ହି. ଶ)— 3. A victim offered in a vedic sacrifice.

ମେଧଜ—ସ. ବି (ମେଧ+ଜନ ଧାତୁ+କର୍ତ୍ତୃ. ଅ)—ବିଷ୍ଣୁ (ହି. ଶ)
Medhaja —Bishṇu.

ମେଧା—ସ. ବି (ମେଧ୍ ଧାତୁ=ବୁଝିବା+କରଣ. ଅ+ସ୍ତ୍ରୀ ଆ)
Medhā —୧ । ଧୀଶକ୍ତି—1. Intelligence. ୨ । ସ୍ମୃତି ଶକ୍ତି—2. Memory. ୩ । ଧାରଣା ଶକ୍ତି—3. Comprehension. ୪ । ବୁଦ୍ଧି; ବୋଧଶକ୍ତି—4. Understanding. ୫ । ମେଧା ବୃଦ୍ଧିକର ଔଷଧ—5. A medicine used for developing intellectual faculty. ୬ । (ନାମ) ଦକ୍ଷପ୍ରଜାପତିଙ୍କର ଏକ କନ୍ୟା—6. Name of a daughter of Daksha Prajāpati. ଦେ. ବଣ— ମେଦା (ଦେଖ)—Medā (See)

ମେଧାଃ—ସ. ବି (ମେଧସ୍ ଶବ୍ଦର ୧ମା. ୧ବ)—ସ୍ୱାୟମ୍ଭୁବ ମନୁଙ୍କ ପୁତ୍ର
Medhāḥ —The son of Swāyambhuba Manu.

ମେଧାକର—ସ.ବଣ (ମେଧା+କୃ ଧାତୁ+କର୍ତ୍ତୃ. ଅ)—ଯାହା ସ୍ମୃତି ଶକ୍ତି
Medhā kara ଜନ୍ମାଏ ବା ବୁଦ୍ଧିକୁ ପ୍ରଖର କରାଏ—Developing the intellect.

ମେଧାଜିତ୍—ସ. ବି—କାତ୍ୟାୟନ ମୁନି—
Medhājit Name of sage Kātyāyana.

ମେଧାତିଥି—ସ. ବି—୧ । ମେଧାବୀ ବ୍ୟକ୍ତି—1. Intelligent
Medhātithi person. ୨ । ମନୁସଂହିତାର ଟୀକାକାର ମୁନି ବିଶେଷ—2. Name of a sage, the annotator of the Manu Samhitā. [ ଦ୍ର—ଏହି ନାମର ଅନେକ ଲୋକଥିଲେ । କାଣ୍ୱ ବଂଶୀୟ ଏକ ଋଷି ଋଗ୍ବେଦର ପ୍ରଥମ ମଣ୍ଡଳର ୧୮ଟି ସୂକ୍ତର ଦ୍ରଷ୍ଟା ଥିଲେ । ମହାଭାରତୋକ୍ତ କଣ୍ୱ ମୁନିଙ୍କ ପିତାଙ୍କର ଏହି ନାମ ଥିଲା । ମନୁସଂହିତାର ଟୀକାକାର ଓ ଭିକ୍ଷୁଗାରସ୍ୱାମୀଙ୍କ ପୁତ୍ରଙ୍କ ନାମ ମେଧାତିଥି ଥିଲା । ଭାଗବତୋକ୍ତ ପ୍ରିୟବ୍ରତ

M. Patnaik, Pleader.
Sutahat, Cuttack-1.



ସାଧାରଣ ଲୋକେ ଅପର ସ୍ଥାନରେ ସାଧାରଣ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳବ ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା—'ଗାଈ' ନ ମିଳଲେ 'ଗାଇ' ଖୋଜିବେ; 'ମୁଢ଼' ନ ମିଳଲେ 'ମୂଢ଼' ଖୋଜିବେ; 'ବନ୍ଧୁ' ନ ମିଳଲେ 'ବନ୍ଧୁ' ଦେଖିବେ; ଅଙ୍ଗ ନ ପାଇଲେ 'ଅଙ୍ଗ' ଦେଖିବେ; 'ଅଲବତ' ନ ପାଇଲେ 'ଅଲ୍‌ବତ୍' ଦେଖିବେ

ରାଜାଙ୍କ ପୁତ୍ର ଓ ଶାକଦ୍ୱୀପର ଅଧିପତିଙ୍କର ଏବଂ କର୍ଦ୍ଦମ ପ୍ରଜାପତିଙ୍କର ଏକପୁତ୍ରଙ୍କ ନାମ ମେଧାତିଥି ଥିଲା—ହି.ଶ ।)

ମେଧା ବତୀ—ସଂ. ବଣ. ସ୍ତ୍ରୀ ( ମେଧାବତ୍+ସ୍ତ୍ରୀ ଈ )—'ମେଧାବାନ୍'ର
Medhā bati ସ୍ତ୍ରୀଲିଙ୍ଗ - Feminine of Medhāban.
ବି. ସ୍ତ୍ରୀ—ମହାଜ୍ୟୋତିଷ୍ମତୀ ଲତା—A phosphorescent creeper; Halicacabum Cardiospermum.

ମେଧାବାନ୍—ସଂ. ବଣ ( ମେଧା+ଅସ୍ତ୍ୟର୍ଥରେ. ବତ୍; ୧ମା. ୧ବ )—
Medhāban ମେଧାବୀ (ଦେଖ)—Medhābi ( See )

ମେଧାବୀ—ସଂ.ବଣ.ପୁଂ (ମେଧା + ଅସ୍ତ୍ୟର୍ଥରେ.ବିନ୍)—୧ । ବୁଦ୍ଧିମାନ୍—
Medhābi 1. Intelligent; apt. ୨ । ପଣ୍ଡିତ—
(ମେଧାବିନୀ—ସ୍ତ୍ରୀ) 2. Learned. ୩ । ପ୍ରଖର ସ୍ମରଣ ଶକ୍ତିବିଶିଷ୍ଟ—3. Having a sharp memory.
ବି—୧ । ଶୁକ ପକ୍ଷୀ—1. A parrot. ୨ । ମଦ୍ୟ—2. Wine. ୩ । କଶ୍ୟପଙ୍କର ଏକ ପୁତ୍ର (ହି. ଶ)—3. Name of a son of a Kaśyapa. ୪ । ଚ୍ୟବନଙ୍କର ଏକ ପୁତ୍ର (ହି. ଶ)—4. Name of a son of Chyabana.

ମେଧାବିନୀ—ସଂ. ବି. ସ୍ତ୍ରୀ. (ମେଧାବିନ୍+ଈ)—୧ । ବ୍ରହ୍ମାଙ୍କ ପତ୍ନୀ—
Medhābini 1. The wife of Brahmā. ୨ । ସାରିକା—2. The myna bird. ସଂ. ବଣ. ସ୍ତ୍ରୀ—ମେଧାବୀର ସ୍ତ୍ରୀ ଲିଙ୍ଗ—Feminine of Medhābi.

ମେଧାଭାବ—ସଂ. ବି. ( ୬ଷ୍ଠୀ ତତ୍; ମେଧା+ଅଭାବ )—ବୁଦ୍ଧି ଶକ୍ତିର
Medhābhāba ଅଭାବ—Imbecility.

ମେଧି—ସଂ. ବି. (ମେଧ ଧାତୁ+ଅଧିକରଣ. ଇ)—ମେଥି ୧ (ଦେଖ)
Medhi Methi 1 ( See )

ମେଧିର—ସଂ. ବଣ. ପୁଂ ( ମେଧା+ଅସ୍ତ୍ୟର୍ଥରେ. ଇର )—ମେଧାବୀ
Medhira ( ଦେଖ )—Medhābi ( See )
(ମେଧିରା—ସ୍ତ୍ରୀ)

ମେଧିଷ୍ଠ—ସଂ. ବଣ. ପୁଂ. ( ମେଧା+ଅତ୍ୟର୍ଥେ. ଇଷ୍ଠ; ତୁଳନାକର
Medhishtha ବଳିଷ୍ଠ)—ଅତିଶୟ ମେଧାବୀ—Very intelligent.
(ମେଧିଷ୍ଠା—ସ୍ତ୍ରୀ)

ମେଧୀ—ସଂ. ବଣ. ପୁଂ. ( ମେଧ୍ ଧାତୁ+ଇନ୍; ୧ମା. ୧ବ; ଅନ୍ୟ ଶବ୍ଦ
Medhī ସଙ୍ଗେ ପ୍ରଯୁକ୍ତ ହୁଏ; ଯଥା—ଗୃହମେଧୀ)
(ମେଧିନୀ—ସ୍ତ୍ରୀ) ଅବଲମ୍ବନ ବା ସଙ୍ଗକାରୀ—Associating with.

ମେଧୀୟାନ୍—ସଂ. ବଣ. ପୁଂ. (ମେଧା+ଅତ୍ୟର୍ଥେ. ଈୟସ୍; ୧ମା. ୧ବ)-
Medhīyān ଅତିଶୟ ମେଧାଯୁକ୍ତ—Very intelligent; sharp-witted.
(ମେଧୀୟସୀ—ସ୍ତ୍ରୀ)

ମେଧ୍ୟ—ସଂ. ବଣ (ମେଧ୍ ଧାତୁ+କର୍ମ. ଯ)—୧ । ପବିତ୍ର; ପୂତ—
Medhya 1. Pure; holy. ୨ । ଶୋଧିତ—2. purified.
(ମେଧ୍ୟା—ସ୍ତ୍ରୀ) ୩ । ଯଜ୍ଞୀୟ—3. Sacrificial. ୪ । ଯଜ୍ଞର
[ଅମେଧ୍ୟ—ବିପରୀତ] ଉପଯୁକ୍ତ—4. Fit for a sacrifice.
୫ । (ମେଧା+ଯ) ବୁଦ୍ଧି ବଢ଼ାଇବା ଯୋଗ୍ୟ—5. Increasing intelligence; invigorating the brain. ୧ । ସଂ.ବି—ଯବ—1. Barley. ୨ । ଖଦିର—2 Catechu. ୩ । ଛାଗ—3. Goat.

ମେଧ୍ୟା—ସଂ. ବଣ (ମେଧ୍ୟ+ସ୍ତ୍ରୀ. ଆ)—ମେଧ୍ୟର ସ୍ତ୍ରୀଲିଙ୍ଗ—Feminine of Medhya. ସଂ.ବି. ୧ । ରକ୍ତବଚ—1. The
Medhyā red orris root. ୨ । ଶ୍ୱେତବଚ—2 The orris root. ୩ । ରୋଚନା—3. A yellow pigment. ୪ । କେତକୀ; କିଆ—4. Pandanus Odoratissimus. ୫ । ଜ୍ୟୋତିଷ୍ମତୀ ଲତା—5. The heartpea creeper. ୬ । ଶଙ୍ଖପୁଷ୍ପୀ; ତୃଣବିଶେଷ—6. A sort of grass; Andropogen Acculatum. ୭ । ଶମୀ; ଶାଇଁ ଗଛ—7. A tree; Acacia Suma. ୮ । ବ୍ରାହ୍ମଣ ଯଷ୍ଟିକା; ବ୍ରାହ୍ମଣେଷ୍ଟିକା ଗୁଳ୍ମ—8. A plant; Saphonanthus Indica. ୯ । ମଞ୍ଜିଷ୍ଠା—9. The Indian madder plant.

ମେନକା—ସଂ. ବି. ସ୍ତ୍ରୀ (ସଂ. ମେ=ମୋର+ନ=ନୁହେଁ+କା=କେହି
Menakā ସ୍ତ୍ରୀ; କୌଣସି ସ୍ତ୍ରୀ ମୋପର ସୁନ୍ଦରୀ ନୁହେଁ )—
୧ । ନଗରାଜ ହିମାଳୟଙ୍କ ପତ୍ନୀ; ଉମାଙ୍କ ମାତା—1. The name of the wife of Himālaya, the king of mountains. ୨ । ଅପ୍ସରାବିଶେଷ; ଶକୁନ୍ତଳାଙ୍କ ମାତା—2. One of the heavenly nymphs, the mother of Śakuntaḷā. [ ବୃ—ଏ ଇନ୍ଦ୍ରଙ୍କ ଆଦେଶରେ ବିଶ୍ୱାମିତ୍ରଙ୍କ ତପୋଭଙ୍ଗ କରିବାକୁ ଯାଇଥିଲେ ଓ ବିଶ୍ୱାମିତ୍ରଙ୍କ ଔରସରେ ଏହାଙ୍କ ଗର୍ଭରୁ ଶକୁନ୍ତଳା ଜନ୍ମିଥିଲେ । ]

ମେନା—ସଂ. ବି. ସ୍ତ୍ରୀ—୧ । ହିମାଳୟପତ୍ନୀ ମେନକା—1. The wife
Menā of Himāḷaya, the king of mountains.
[ଭି—ମର୍ତ୍ତ୍ୟ-ନାରୀ-ଗଣ୍ୟ ଲକ୍ଷେ ପ୍ରଶଂସିବେ ଦମ୍ଭାକୁରୁବଣୀ ମେନା । ରାଧାନାଥ. ଯଯାତି ] ୨ । ସ୍ତ୍ରୀ (ହି.ଶ)—2. Woman; wife. ୩ । ବାକ୍ (ହି. ଶ)—3. Speech; word.

ମେନା(ନେ)ଜ(ଞ୍ଜ)ର—ବୈଦେ. ବି (ଇଂ. ମାନେଜର୍)—ଗଜ୍ୟ ବା
Menā(ne)ja(ñja)ra କାରଖାନାର ପ୍ରଧାନ କର୍ମଚାରୀ—
ম্যানেজার मैनेजर Manager.

ମେନା(ନେ)ଜରି—ଦେ. ବି—ମେନେଜରର କାର୍ଯ୍ୟ—
Menā(ne)jari ম্যানেজারী मैनेजरी Managership.

ମେନାଜା—ସଂ. ବି. ସ୍ତ୍ରୀ (ମେନା+ଜନ୍ ଧାତୁ+କର୍ତ୍ତୃ.ଅ+ସ୍ତ୍ରୀ. ଆ)—
Menājā ଦୁର୍ଗା; ପାର୍ବତୀ—Durgā.

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| ୧ | ଲ | ଉ | ଋ,ଌ | ଓ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | ଷ | ଳ | ଶ,ସ | ଜ୍ଞ | ଇୟ | ଉଅ | ଲ୍ଲ |
| ୨ | ଈ | ଊ | ୠ | ୡ | ଐ | ଅକାରାନ୍ତ ବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ | ଖ୍ୟ | ଯ | ସ | ଗଁ୍ୟ | ଇଅ | ଞ | ନ୍ନ |

ମେନାଦ—ସ. ବ (ବହୁବ୍ରୀହି; ମେ=ଅନୁକାର ଶବ୍ଦ; ମେଙ୍କ୍ ମେଙ୍କ୍+
Menāda ନାଦ)—ମାର୍ଜାର; ବିରାଡ଼ି—Cat.

ମେନାଧବ ସ. ବ(ଷଷ୍ଠୀ ତତ୍)—ହିମାଳୟ; ଗିରିରାଜ—
Menādhaba The Himālayas (personified)

ମେନେଜ କରିବା—ଦେ କ୍ରି—କାର୍ଯ୍ୟ ପରିଚାଳନ କରିବା—To
Menej kariba ম্যানেজ করা मैनेज करना manage.

ମେନେଜ୍‌ମେଣ୍ଟ୍—ବୈଦେ. ବ (ଇଂ. ମାନେଜ୍‌ମେଣ୍ଟ୍)—ପ୍ରଧାନ
Menej-ment କର୍ମଚାରୀରୂପେ କାର୍ଯ୍ୟ ପରିଚାଳନ—
ম্যানেজমেন্ট मैनेजमेंट Management.

ମେନ୍ଥଡ଼—ଦେ. ବିଣ (ସ. ମନ୍ଥର)—୧ । ଯେ କଳିଲଗାଏ—
Menthard 1. Fomenting quarrel. ୨ । କଳିହୁଡ଼ା—
নাটেরগুরু माहिल 2. Quarrelsome. ୩। ମନ୍ଦ ପରାମର୍ଶ
(ମେନ୍ଥ[ନ୍ଥେ]ଡ଼ୀ—ସ୍ତ୍ରୀ) ଦାତା—3. Giving bad advice.

ମେନ୍ଥଲ୍—ବୈଦେ. ବ (ଇଂ. ମେନ୍ଥଲ)—ପିପରମେଣ୍ଟର କଠିନ ଲମ୍ବଦାନା—
Menthal মেন্থল্‌, मेंथल Peppermint crystals,
(ମେନ୍ଥା—ଅନ୍ୟରୂପ)

ମେନ୍ଦା—ଦେ. ବ—ମେଦା (ଦେଖ)
Mendā Medā (See)

ମେନ୍ଧି(ନ୍ଧି)—ଦେ. ବ—(ସ. ମେନ୍ଧିକା)—ମେନ୍ଧିକା (ଦେଖ)
Mendi(ndhi) Mendikā (See)
( ମେନ୍ଦିକା—ଅନ୍ୟରୂପ )

ମେନ୍ଧିକା—ସ. ବ (ମା=ଲକ୍ଷ୍ମୀ; ଯୋଗ+ଇନ୍ଧ ଧାତୁ=ଦୀପ୍ତି ପାଇବା
Mendhikā +କରଣ ଅକ+ଆ)—ମେହେନ୍ଦି; ମଞ୍ଜିଷ୍ଠା—
(ମେଞ୍ଜୀ—ଅନ୍ୟରୂପ) A plant or shrub from the leaves of which a red dye is prepared for staining the palm, nails and beard; the privet; the Indian madder; Rubia Cordifolia.

ମେପ୍ (ଧାତୁ)—ସ—୧ । ଗମନ କରିବା—1. To go. ୨ । ଗତି
Mep (root) କରିବା—2. To move. ୩ । ସେବା କରିବା—2. To serve.

ମେପ୍—ବୈଦେ. ବ (ଇଂ. ମାପ୍)—କାଗଜରେ ଅଙ୍କା ହୋଇଥିବା
Mep ম্যাপ मैप ଭୂପୃଷ୍ଠର ନକ୍ସା—Map.

ମେବଚ୍ଛ—ଦେ (ପ୍ରାଚୀନ) ବ—ବୃହତ୍ ସଂଖ୍ୟା ବିଶେଷ; ଅର୍ବୁଦ ସଂଖ୍ୟା
Mebachha —A big number. [ଦ୍ର—ସଂସ୍କୃତରେ 'ମେବଚ୍ଛ' ଶବ୍ଦ କୌଣସି ଉକ୍ତ ସଂଖ୍ୟା ପ୍ରତି ବ୍ୟବହୃତ ହେବା ଦେଖାଯାଏ ନାହିଁ । କିନ୍ତୁ ଗୋଟିଏ ସଂସ୍କୃତ ଶ୍ଳୋକରେ ସଂଖ୍ୟାମାନଙ୍କ ନାମ କହିଯାଇ ଅଛି—'ଏକଂ ଦଶଂ ଶତମୈବ ସହସ୍ର ମଯୁତଂ ତଥା, ଲକ୍ଷଂ ଚ ନିଯୁତଂଚୈବ କୋଟି ରର୍ବୁଦ ମେବଚ।' ଏହି ଶ୍ଳୋକର 'ମେବଚ' ଶବ୍ଦକୁ କୌଣସି ସଂସ୍କୃତଜ୍ଞ ଲେଖକ 'ମେବଚ୍ଛ' କରି ଊର୍ଦ୍ଧ୍ୱ ସଂଖ୍ୟା ବିଶେଷକୁ ଲକ୍ଷ୍ୟ କରିଥିବା ଅନୁମିତ ହୁଏ ।]

ମେବା(ୱା)—ବୈଦେ. ବ (ଫା. ମେୱା)—ମେଉଆ (ଦେଖ)
Mebā(wā) Meuā (See)
[ଉ—ଦେଇଅଛ ଭାଲ ଭଲ ମେବା ନାନା । ସୁଧାନାଥ. ଦରବାର । ]

ମେବା(ୱା)ର—ଦେ. ବ—ମିବାର (ଦେଖ)
Mebā(wā)r Mibāra (See)

ମେମ୍—ବୈଦେ. ବ (ଇଂ. ମାଡାମ୍—Madam—ର ଇଂରାଜୀ
Mem ସାଙ୍କେତିକ ମାଅମ୍—maam)—୧ । ସାହେବାଣୀ;
মেম ଇଉରୋପୀୟା ସମ୍ଭ୍ରାନ୍ତ ମହିଳା; ବିବି—1. A European
मेम lady. ୨ । ଅଧୁନିକ ସଭ୍ୟତାମଣ୍ଡିତା ଭାରତୀୟା ସ୍ତ୍ରୀ—
2. An Indian lady who has imbibed western dress. ୩ । ତାସ୍ ଖେଳର ୧୨ ସଂଖ୍ୟକ ମେମ୍ ଚିତ୍ର ଯୁକ୍ତ ତାସ—3. The queen card in card play.

ମେମ୍ ସାହେ(ହି)ବ—ବୈଦେ. ବ (ଦ୍ୱନ୍ଦ୍ୱ, ଇଂ. ମେମ୍+ଫା. ସାହେବ୍)
Mem sāhe(hi)ba —୧ । ମେମ୍ ଓ ସାହେବ—1. An
মেম সাহেব European lady and gentleman.
मेम साहेब ୨ । ଇଉରୋପୀୟା ବଡ଼ ମହିଳା—
2. An European lady.

ମେମନ୍—ବୈଦେ. ବ (ଅ. ମୋମିନ୍=ଧର୍ମନିଷ୍ଠ ମୁସଲମାନ୍)—
Meman ମଇମନ୍; ଭାରତର ବମ୍ବେ ଉପକୂଳବାସୀ ମୁସଲମାନ୍
মেমন ଜାତି ବିଶେଷ—The Kutchhee Memmons;
मैमन; मोमीन a sect of Mahomedans of Western India.

ମେମୋ—ବୈଦେ. ବ (ଇଂ. ମେମୋରାଣ୍ଡମ୍‌ର ସଂକ୍ଷିପ୍ତ ଆକାର)—
Memo মেমো मेमो ସ୍ମାରକ ଲିପି—Memo.

ମେମୋରା(ରେ)ଣ୍ଡମ୍—ବୈଦେ. ବ (ଇଂ)—ସ୍ମାରକାସ୍ତୁ; ସ୍ମାରକ ଲିପି
Memorā(re)ndam —Memorandum.
মেমোরাণ্ডম मेमोरेंडम

ମେମୋରିଅ(ଆ)ଲ୍—ବୈଦେ. ବ (ଇଂ)—୧ । ସର୍ବୋଚ୍ଚ କର୍ତ୍ତୃପକ୍ଷଙ୍କ
Memoria(ā)l ପଠାଯିବା ଆପତ୍ତି ପତ୍ର—1. Memorial.
মেমোরিআল ବୈଦେ. ବିଣ (ଇଂ)—ସ୍ମରଣାର୍ଥ ନିର୍ମିତ—
मेमोरियल Memorial. (ଯଥା—ସମ୍ବଲପୁରର ଭିକ୍ଟୋରିଅ ମେମୋରିଅଲ ହଲ ।)

ମେୟ—ସ. ବିଣ (ମା ଧାତୁ=ମାପିବା+କର୍ମ ଯ)—୧ । ପରିମାଣ
Meya କରିହେବାର ଯୋଗ୍ୟ—1. Measurable. ୨ ।
ଯାହା ମାପ କରାଯିବ—2. About to be measured.

ମେୟୋ—ଦେ. ବି—ଭାରତବର୍ଷର ଜନୈକ ବଡ଼ଲାଟ—Lord Mayo, the Governer General and Viceroy of India (1869—72).
Meyo
ମେয়ো मेयो

[ଲର୍ଡ୍ ମେୟୋ—ଅନ୍ୟରୂପ] [ଦ୍ର—ଲର୍ଡ୍ ମେୟୋ ୧୮୬୯ରୁ୧୮୭୨ ଖ୍ରୀଷ୍ଟାବ୍ଦ ପର୍ଯ୍ୟନ୍ତ ଭାରତବର୍ଷର ଗଭର୍ଣ୍ଣର୍ ଜେନେରଲ୍ ଥିଲେ। ଏ ବନ୍ଦନବାସ ଅଣ୍ଡାମାନ୍ ଦ୍ୱୀପ ବା 'କଳାପାଣି'କୁ ପରିଦର୍ଶନାର୍ଥ ଯାଇଥିବା ସମୟରେ ସେଠାର ଗୋଟିଏ ବନ୍ଦି ସେରଅଲ୍ଲୀ ଏହାଙ୍କୁ ଛେଷ ଭୁଷି ମାରି ପକାଇଥିଲା। ଏହାଙ୍କ ଅମଳରେ ଭାରତରେ ପ୍ରାଥମିକ ଶିକ୍ଷାର ବିସ୍ତାର ହୋଇଥିଲା ଏବଂ ଶ୍ରୀମତୀ ଭିକ୍ଟୋରିଆ ମହାରାଣୀଙ୍କ ଦ୍ୱିତୀୟ କୁମାର ଡକ୍ କ୍ ଅଫ୍ ଏଡିନବରା ଭାରତକୁ ଆସିଥିଲେ। ଦେଶୀୟ ରାଜକୁମାରମାନଙ୍କୁ ଉଚ୍ଚ ଶିକ୍ଷା ଦେବାପାଇଁ ଏ ଅଜମିର୍ ଠାରେ ଗୋଟିଏ ରାଜକୁମାର କଲେଜର ପ୍ରତିଷ୍ଠା କରିଥିଲେ।]

ମେରୁଶିଙ୍ଗା—ପ୍ରାଦେ (ଗଞ୍ଜାମ) ବି—ଭୂରୁସଙ୍ଗ (ଦେଖ)
Mer-singā Bhūrusanga (See)

ମେରଦା—ଦେ. ବି—୧। ମେର୍ଦ୍ଦା (ଦେଖ)—1. Merddā (See)
Meradā ୨। ଗଞ୍ଜାମ ଅଠଗଡ଼ ଜମିଦାରୀର ପଥୁର ନାମକ ସ୍ଥାନରେ ତିନ ଗୋଟି ବଡ଼ ଖମ୍ବ ଉପରେ ପ୍ରତିଷ୍ଠିତ ମନ୍ଦିର (ପ୍ରାଚୀନ ଉତ୍କଳ)—2. A temple which stands on three tall pillars at Pathur in the estate of Athgarh in Ganjam.

ମେରି—ବୈଦେ. ବି. (ଇଂ. ମେରୀ)—୧। ଯୀଶୁଖ୍ରୀଷ୍ଟଙ୍କ କୁମାରୀ ମାତା—
Meri ମেরী मेरी 1. Virgin Mary. ବୈଦେ. ବି.—(ଫା.)—୨। ମୋର—2. Mine. [ଦ୍ର—ଏହା ଫାରସୀ ବା ଉର୍ଦ୍ଦୁ ଭାଷା; ମେ଼ (ମୁ) ଶବ୍ଦର ଭୂତାର୍ଥକ, ଷଷ୍ଠୀ ବିଭକ୍ତି, ୧ମ ପୁରୁଷ ଏକବଚନ ସ୍ତ୍ରୀଲିଙ୍ଗ ଆକାର; ପୁଂଲିଙ୍ଗ—ମେରା।] ଦେ. ବି—(ସଂ. ମେଧି)—୩। ମେଢ଼ି ଖମ୍ବ (ଦେଖ)—3. Merdhi khamba (See)
[ଉ—ଯେମନ୍ତ ବଳୀବର୍ଦ୍ଦଗଣ, ମେରିରେ ଭ୍ରମନ୍ତି ବନ୍ଧନ।
ମেই मेह ଜଗନ୍ନାଥ. ଭାଗବତ।]

ମେରିଆ—ଦେ. ବିଣ—ମେରି ଖମ୍ବ ମୂଳେ ଯୋଚ୍ଚ ହୋଇଥିବା (ବଳଦ)
Meriā मेहिया (a bullock) Yoked just near the
ମেরিয়া मेरिया central post of a threshing floor at the beginning of the tether.
ଦେ. ବି—୧। (ସଂ. ମେଧ; ମେରି ଖୁଣ୍ଟରେ ବାନ୍ଧି ମନୁଷ୍ୟକୁ ହାଣୁ ଥିବାରୁ)—ନରବଳି—1. Human sacrifice. [ଉ—ମେରିଆ ଶୋଣିତେ ଜରଡେ ପୂରିତ ଯାଇ ଙ୍ଗଲି। ରାଧାନାଥ. ଉଷା।] ୨। ଭୂମି ଦେବତାଙ୍କୁ ସନ୍ତୁଷ୍ଟ କରି ଫସଲ ପାଇବା ପାଇଁ କନ୍ଧମାନେ ପୂର୍ବେ ଦେଉଥିବା ନରବଳି—2. Human victim formerly offered as sacrifice to the Earth Goddess by the Khonds. [ଦ୍ର—ଗଡ଼ଜାତରେ କନ୍ଧମାନେ ଦେଉଥିବା ନରବଳିକୁ ଇଂରାଜମାନେ ବନ୍ଦ କଲେ। କନ୍ଧମାନେ ବ୍ରାହ୍ମଣ ଓ କନ୍ଧ ଛଡ଼ା ଅନ୍ୟ ଜାତିରୁ ଲୋକଙ୍କୁ ଧରି ନେଇ ଅତି ନୃଶଂସଭାବରେ ତାଙ୍କୁ ଖଣ୍ଡ ଖଣ୍ଡ କରିବାଦ୍ୱାରା ବଳିରୂପେ ବଧ କରୁଥିଲେ।] ପ୍ରାଦେ. (ସମ୍ବଲପୁର ଓ ଗଡ଼ଜାତ) ବି—(ସ୍ତ୍ରୀମାନଙ୍କର ପୁରୁଷମାନଙ୍କୁ ଦେବା ଗାଳି ବିଶେଷ)—ମେରିଆ ବା ନରବଳିରୂପେ ହାଣ ଖାଇବା ଉପଯୁକ୍ତ—(a term of abuse used by females to males)—Fit to be killed.

ମେରିଆ ଏଜେନ୍ସି—ଦେ. ବି—କନ୍ଧମାଳରେ ପ୍ରଚଳିତ ମେରିଆ ପ୍ରଥାକୁ
Meria ejen-si ବନ୍ଦ କରିବା ପାଇଁ ଇଂରାଜ ସରକାରଙ୍କ ନିଯୁକ୍ତ କର୍ମଚାରୀବର୍ଗ—The Meria Agency started by the English to stop the human sacrifice in the Khondmahals.

ମେରିଆ ଦେବା—ଦେ. କ୍ରି—ନରବଳି ଦେବା—To offer hu-
Meriā debā नरबलि देओया man sacrifice to a
बली देना Goddess. [ଦ୍ର—କନ୍ଧ ସମାଜରୁ ଏହି ମେରିଆ ଦେବା ପ୍ରଥା ୧୮୪୫ ସାଲର ୨୧ ଆଇନ ଅନୁସାରେ ରହିତ କରି ଯାଇଅଛି।]

ମେରିଖୁଣ୍ଟ(ଣ୍ଟି)—ଦେ. ବି—ମେଢ଼ି ଖମ୍ବ (ଦେଖ)
Merikhunta (nti) Merdhi khamba (See)
ମেইখুন্টি मेहखुंट [ମେରି ଖ(ଖୁ)ମ୍ବ—ଅନ୍ୟରୂପ]

ମେରିଜାନ୍—ବୈଦେ. ଅ. (ଫା.)—(ପ୍ରେମିକ ପ୍ରେମିକାଙ୍କର ପ୍ରେମ-
Merijān ସମ୍ବୋଧନ) ହେ ମୋ ଜୀବଧନ!—A term of
মেরিজান मेरि जान endearment addressed to a lover (lit. as dear as) my life.

ମେରିନୋ(ନା)—ବୈଦେ.ବି—(ପର୍ତ୍ତୁ ଗୀଜ୍-ମେରିନୋ)—ସ୍ପେନ୍ ଦେଶୀୟ
Merino(nā) ମେରିନୋ ନାମକ ମେଷ ଜାତୀୟ ପଶୁର ଲୋମଦ୍ୱାରା
মেরিনো मेरिनो ପ୍ରସ୍ତୁତ ବସ୍ତ୍ର—Cloth made from the wool of the merinosheep of Spain.

ମେରି ବଳଦ—ଦେ. ବି.—ମେଢ଼ି ଖୁଣ୍ଟ ପାଖରେ ଲାଗି ଥିବା ବଳଦ—
Meri balada The ox tethered just beside the central threshing post.

ମେରି ବାପ୍—ବୈଦେ.—(ଫା. ମେରା ବାବାରେ)—(ଭୟ, ବିସ୍ମୟାଦିସୂଚକ
Meri bāp ଡାକ)—ଅରେ ମେରି ବାପ୍ ରେ! ବାପ୍ ରେ ବାପ୍!
মেরি বাপরে मेरा बाबारे ଅଲୋ ବୋପା ଲୋ!
(ମେରି ବାପ୍ରେ—ଅନ୍ୟରୂପ) (an exclamation of surprise or fear) Oh my Father!

ମେରି ମୂଳ—ଦେ. ବି—ମେଢ଼ି ଖୁଣ୍ଟର ମୂଳଭାଗ—
Meri mūla The foot of a threshing post.
মেইখুণ্টিরগোড়া मेहकाजड़

ମେରି ଶିଙ୍ଗା—ପ୍ରାଦେ. (ଗଡ଼ଜାତ)—ବି—ଭୂରୁସୁଙ୍ଗ (ଦେଖ)
Meri singā Bhrpsunga (See)

ମେରୁ—ସଂ. ବି—(ମି ଧାତୁ=କ୍ଷେପଣ କରିବା+କର୍ତ୍ତୃ. ରୁ; ଯିହେତୁ,
Meru ହେତୁ ଏହା ସୂର୍ଯ୍ୟକିରଣକୁ ନିକ୍ଷେପ କରେ)—୧। ଧ୍ରୁବଲୋକ ସୁମେରୁ ପର୍ବତ—

1. A mythological mountain to the north of India. [ବି—ହିନ୍ଦୁ ପୁରାଣ ମତରେ ସପ୍ତଦ୍ୱୀପା ପୃଥିବୀର ୭ ଗୋଟି ଦ୍ୱୀପର କେନ୍ଦ୍ର ସ୍ଥଳରେ ଏ ପର୍ବତ ଅବସ୍ଥିତ । ସାତ ଗୋଟି ସାତ ଦ୍ୱୀପ ଏହାର ପାଖୁଡ଼ା ପରି । ଏହାର ଉଚ୍ଚତା ୮୪୦୦୦ ଯୋଜନ ଓ ତହିଁ ମଧ୍ୟରେ ୧୬୦୦୦ ଯୋଜନ ଭୂମି ମଧ୍ୟରେ ପୋତା ଅଛି । ଏହାର ଅକାର ବିଷୟ ନାନା ନାନା ପୁରାଣ ଗ୍ରନ୍ଥ ବର୍ଣ୍ଣିତ ହୋଇ ଅଛନ୍ତି । ଗଙ୍ଗା ସ୍ୱର୍ଗରୁ ପ୍ରଥମେ ଏହାର ଶୃଙ୍ଗରେ ପଡ଼ି ପରେ ୪ ଗୋଟି ଧାରରେ ପୃଥିବୀକୁ ବହି ଆସି ଅଛନ୍ତି । ଏହାର ଶୃଙ୍ଗରେ ଋଷି ଓ ଦେବତାଙ୍କ ଦ୍ୱାରା ପରିବେଷ୍ଟିତ ବ୍ରହ୍ମା ବାସ କରନ୍ତି । ଅଧୁନାତନ ଅନୁମାନ ଅନୁସାରେ ଏହା ହିମାଳୟର ଉତ୍ତରସ୍ଥ 'ପାମୀର' ନାମକ ମାଳଭୂମି ଅଟେ । ପୁରାଣମତରେ ଏହାର ଚାରି ପାଖରେ ବ୍ରାହ୍ମଣ, କ୍ଷତ୍ରିୟ, ବୈଶ୍ୟ ଓ ଶୂଦ୍ର ବାସ କରନ୍ତି; ଏହାର ଶୃଙ୍ଗ ସ୍ୱର୍ଣ୍ଣମୟ; ଏହି ପର୍ବତ ଉପରିଭାଗର ପୂର୍ବାଂଶରେ ଇନ୍ଦ୍ରଙ୍କର ଅମରାବତୀ ପୁରୀ, ଅଗ୍ନିକୋଣରେ ଅଗ୍ନିଙ୍କର ତେଜୋବତୀ ପୁରୀ, ଦକ୍ଷିଣରେ ଯମଙ୍କର ସଂଯମନୀ ପୁରୀ, ଏହିପରି ଭିନ୍ନ ଭିନ୍ନ କୋଣରେ ଭିନ୍ନ ଭିନ୍ନ ପୁରୀ ଅଛି । ] ୨ । ହିମାଳୟ —2. The Himalayas. ୩ । ଭୂମଣ୍ଡଳର ଉତ୍ତର ଓ ଦକ୍ଷିଣ ପ୍ରାନ୍ତ—3. The north and south poles of the earth; the poles of the globe. ୪ । ମେରୁ ହାଡ଼; ବେଁଶିରା ହାଡ଼—4. The spine; vertebral column. ୫ । ମେରୁମାଳ; ଜପମାଳାର ଶିରରେ ଥିବା ପ୍ରଧାନ ଗୋଟି ବା ମାଳି—5. The principal bead of the rosary. ୬ । ଖଡ଼ଗାଦିର ମୁଷ୍ଟି ପ୍ରଦେଶ—6. Hilt of a sword. ୭ । କରମାଳାର ଅଙ୍ଗୁଳି ପର୍ବ ବିଶେଷ—7. One of the finger joints used as a rosary. ୮ । ହାରର ମଧ୍ୟମଣି—8. The middle gem of a necklace. ଦେ. ବି ( ସଂ. ମେଖି )—୧ । ମେରି

ମେଈ ( ଦେଖ )—1. Meri ( See ) [ ଭୂ—ଦେଖ
मेही ଅଶିଲାଣି ଏବେ ଧ୍ରୁବ ମେରୁ ଭୁଲି, ମେରୁକରେ ସପ୍ତର୍ଷିର
ମେଖ ସୁବର୍ଣ୍ଣ ବେଙ୍ଗଳା । ରାଧାନାଥ. ମହାଯାତ୍ରା । ] ୨ ।
मेरू, सुमेरनी ( ସଂ. ମେରୁ ) ମାଳାରେ ଥିବା ପ୍ରଧାନ ମାଳି—2. The principal ball of a garland. [ ଭୂ—ଶପେ ଅଷ୍ଟ ଗୋଟି ଯେ ତୁଳସୀମାଳ କରି, ମେରୁ ବୋଲି ଏକଗୋଟି ସର୍ବ ପରେ ଭରି । ପ୍ରାଚୀ. ଶ୍ରୀଗୁରୁଭକ୍ତି
कलके ଗୀତା । ] ୩ । ମଦର୍ ବା ଗୁଲି ଧୂଅଁ ଖାଇବାର
चिलम ଚିଲମ୍—3. The fire-pot placed on the head of the hookah for smoking opium ୪ । ( ଶରୀର ଭେଦ ) ଅନ୍ତିମ ପବନ—4. The last mortal gasps of a person. ଦେ. ବିଣ — ଅତି ବଡ଼; ପ୍ରକାଣ୍ଡ—Very big; tremendous; big-sized. [ ଭୂ—ଶକ୍ତୁମା ଅଗୋଚର ମେରୁ । ଯଶୋଦାନନ୍ଦ. ପ୍ରେମଭକ୍ତି ବ୍ରହ୍ମଗୀତା । ]

ମେରୁ ଉପାସ—ସଂ. ବି—ପଣା ସଂକ୍ରାନ୍ତି ଦିନ ପାଳନ କରାଯିବା ଉପାସ—
Meru upāsa Fasting observed of the 1st day of the month of 'Mesha'.

ମେରୁକ—ସଂ. ବି ( ମେରୁ + ସ୍ୱାର୍ଥେ କ )—ସର୍ଜ୍ଜଧୂପ; ଝୁଣା—
Meruka Resin.

ମେରୁ ଖୁଣ୍ଟ(ଣ୍ଟି,ମ୍ବ)—ଦେ. ବି—ବେଙ୍ଗଳା ପକାଇବା ପାଇଁ ଖଳାମଝିରେ
Meru khunta(nti,mba) ପୋତା ହେବା ଖୁଣ୍ଟ; ମେରୁ—
ମେଇଁଷ୍ଟି The central post of a threshing floor.
मेहखुंट (ମେରୁଖମ୍ବ—ଅପଭ୍ରଂଶ)

ମେରୁ ଗ୍ରନ୍ଥି—ସଂ. ବି ( ବୈଦ୍ୟକ )—ବୃକ୍କକ; ମୂତ୍ରଗ୍ରନ୍ଥି; ମୂତ୍ରାଶୟି—
Meru granthi The kidneys.

ମେରୁ ତେଜଃ—ସଂ. ବି—ଗନ୍ଧର୍ବପୁର ( ଦେଖ )
Meru tejah Gandharbapura ( See )

ମେରୁଦଣ୍ଡ—ସଂ. ବି—୧ । ପିଠିର ବେଁଶିରା ହାଡ଼; ପୃଷ୍ଠବଂଶ—1. The
Merudanda spine; spinal cord; the vertebral column. ୨ । ( ଭୂଗୋଳ ) ପୃଥିବୀର ଉଭୟ କେନ୍ଦ୍ରକୁ ଭେଦ କରିଥିବା କାଳ୍ପନିକ ସରଳ ରେଖା । ( ଏହାର ଚାରିପାଖରେ ପୃଥିବୀ ପଶ୍ଚିମରୁ ପୂର୍ବାଭିମୁଖୀ ପ୍ରଦକ୍ଷିଣ କରୁଛି । )—2. The axis of the earth ୩ । ( ଲକ୍ଷଣାର୍ଥ ) କୌଣସି ବସ୍ତୁର ସାରାଂଶ ବା ପ୍ରଧାନ ସାର—3. ( figurative ) The marrow of any thing.

ମେରୁ ଦଣ୍ଡ ବେଦନା—ସଂ.ବି—ବେଁଶିରା ହାଡ଼ର ବଥା—Rachial-
Meru danda bedanā gia; pain in the spine.

ମେରୁ ଦଣ୍ଡାଧଃ—ସଂ. ବି—ପୃଷ୍ଠବଂଶର ନିମ୍ନ ଭାଗ—The lower
Meru dandādhah extremity of the spine; Canda Equima.

ମେରୁ ଦଣ୍ଡୀ—ସଂ. ବିଣ. ( ବିଜ୍ଞାନ ପରିଭାଷା )—ଯେଉଁ ପ୍ରାଣୀଙ୍କର
Meru dandi ମେରୁଦଣ୍ଡ ଅଛି—Vertibrate (animal)

ମେରୁ ପର୍ବତ—ସଂ. ବି—ମେରୁ ୧ ( ଦେଖ )
Meru parbata Meru 1. (See)

ମେରୁ ମାଳି—ଦେ. ବି. ( ସଂ ମେରୁ + ମାଳା )—ଜପମାଳାର ମଧ୍ୟ
Meru māli ମାଳି—The principal bead or head-
मेरू, सुमेरनी ball of a rosary.

ମେରୁ ମୂଳ—ସଂ. ବି—ମେରି ମୂଳ ( ଦେଖ )
Meru mūla Meri mūla ( See )

ମେରୁ ଯନ୍ତ୍ର—ସଂ. ବି—ଚରଖା; ଅରଟ—
Meru jantra The spinning wheel.

ମେରୁ ଶିଖର—ସଂ. ବି—୧ । ମେରୁ ପର୍ବତର ଶୃଙ୍ଗ—1. The sum-
Meru sikhara mit of the mountain 'Meru.' ୨ । ସ୍ୱର୍ଗ—2. Heaven. (ଭୂ—ସୁମନାଦର ଚାଳିବାରେ ସମାନ ନ ଥିବ ମେରୁ ଶିଖର । ଭକ୍ତ. ପ୍ରେମସୁଧାନିଧି ।)

ମେରୁ ସାବର୍ଣ୍ଣି—ସଂ. ବି—ଚତୁର୍ଦ୍ଦଶ ( ମତାନ୍ତରରେ ଏକାଦଶ ) ମନୁ
Meru sābarṇṇa (ପ୍ରକୃତିବାଦ)—The fourteenth (or eleventh) progenitor of mankind.

ମେରୁ ହାଡ଼—ଦେ. ବି—ପୃଷ୍ଠ ବଂଶ; ବେଣ୍ଟିଗ୍ ହାଡ଼—The spine.
Meru hārḍa (ଉ—ଭାଙ୍ଗି ପକାଇବ ପିଠିର ମେରୁ ହାଡ଼ । କୃଷ୍ଣସିଂହ. ମହାଭାରତ. ଉଦ୍ଯୋଗ ।)
শিরিদাঁড়া रीढ

ମେର୍ଦ୍ଦା—ବୈଦେ.ବି. (ଫା ? ତୁଲ.ସଂ. ମୃତ୍ତାଣି)—୧ । ମାଟି ଅବର ଉଚ୍ଚ
Merddā ସ୍ତୂପ (ଏହା ଉପରେ ଠିଆ ହୋଇ ଦୂରସ୍ଥ ବସ୍ତୁ ଦେଖାଯାଏ)
(ମେରେଦା—ଅନ୍ୟରୂପ) 1. A high platform or
মাচা mound of earth ( erected for observa-
मिंडा, मेड tion ). ୨ । ଜଳବଢ଼ି ମାଡ଼ିବା ଅଞ୍ଚଳରେ ଲୋକଙ୍କର ଝାଡ଼ା ଫେର ବସିବାପାଇଁ ନିର୍ମିତ କାଠ ବାଉଁଶର ଖଟ—2. A machan made of wood or bamboo in flooded areas for easing therefrom during high floods. ୩ । ପ୍ରବଳ ଜଳବଢ଼ିରେ ଗ୍ରାମ ଉଚ୍ଚମାନଙ୍କରେ ବଢ଼ିପାଣି ପଶିଗଲେ ଗ୍ରାମବାସୀଙ୍କ ଆଶ୍ରୟ ନେବା ପାଇଁ କରାଯାଇଥିବା ମାଟିର ଉଚ୍ଚ ସ୍ତୂପ—3. A high mound of earth raised in flood stricken villages. [ ଦ୍ର—ଜଳବଢ଼ି ଦ୍ୱାରା ଗ୍ରାମରେ ପାଣି ମାଡ଼ି ଯାଉଥିବା ଅଞ୍ଚଳରେ ସ୍ଥାନେ ସ୍ଥାନେ ଗଭର୍ଣ୍ଣମେଣ୍ଟ ମେର୍ଦ୍ଦା ବାନ୍ଧି ଦେଇଅଛନ୍ତି । ବନ୍ୟା ବଢ଼ି ହୋଇ ଘର ଦ୍ୱାର ବୁଡ଼ି ଗଲେ ଲୋକେ ଆସି ଏ ମେର୍ଦ୍ଦା ଉପରେ ଆଶ୍ରୟ ନଅନ୍ତି ।] ପ୍ରାଦେ. (ଗଞ୍ଜାମ) ବି—ଅଟୁ—Earthen roof.

ମେର୍ଦ୍ଦା ଘର—ପ୍ରାଦେ. ( ଗଞ୍ଜାମ ) ବି—ଅଟୁ ଘର—Thatched
Merddā ghara house having an inner earthen roof.

ମେର୍ଦ୍ଦା ବାନ୍ଧିବା—ଦେ. କ୍ରି—ମାଟି ଅବର ସ୍ତୂପ ପ୍ରସ୍ତୁତ କରିବା—
Merddā bāndhibā To raise a high platform or mound.
মাচা বাঁধা मेड बाँधना

ମେଢ଼ା—ପ୍ରାଦେ. ବି. (ସଂ. ମେଧ୍ର)—୧ । (ବାମଣ୍ଡା) ଆଖୁ ଗଛକୁ ସିଧା
Merhā ରଖିବା ପାଇଁ ବ୍ୟବହୃତ ସରୁ ବାଉଁଶ ଖୁଣ୍ଟି—1. A long, straight and slender bamboo used as a trellis to make a sugar cane plant grow up straight. ୨ । (ଗଡ଼ଜାତ, ସମ୍ବଲପୁର) କାଠର ବା ବାଉଁଶର ଠେଙ୍ଗା—2. A rod or cudgel of wood or bamboo. ୩ । ମେଢ଼ା (ଦେଖ)—3. Merḍhā (See)

ମେଲ୍—ବୈଦେ. ବି. (ଇଂ. ମେଲ୍)—ଚିଠି ପତ୍ରାଦି ବୋହିବାର ଡାକ—
Mel Post for carrying letters etc; mail.
মেল मेल

ମେଲ୍ ଗାଡ଼ି—ଦେ. ବି—୧ । ଯେଉଁ ଗାଡ଼ି ଦ୍ୱାରା ଡାକ ବୁହାଯାଏ—
Mel gārḍi 1. Mail cart. ୨ । ଡାକ ବୁହାଯିବା ରେଳ
মেল গাড়ি ଗାଡ଼ି—2. Railway carriage for carry-
मेल गाडि ing mail; ମେଲ୍ ଟ୍ରେନ୍. [ଦ୍ର—ଏହିପରି ମେଲ୍ ଜାହାଜ ଓ ମେଲ୍ ବୋଟ ଅଛି ହୁଏ ।]

ମେଲ୍ଛା—ପ୍ରାଦେ. ବି—୧ । ( ସମ୍ବଲପୁର ) ଛେଳିଛୁଆ—1. Kid.
Mel-chhā ୨ । ( ଗଡ଼ଜାତ ) ଖାସି ଜୀବ—2. Castrated animal (goat or sheep). ପ୍ରାଦେ. (ବାମଣ୍ଡା) ବିଣ.—ଖାସୀ ହୋଇଥିବା (ଜୀବ)—Castrated (animal).

ମେଲ୍ ରନ(ନା)ର—ବୈଦେ. ବି. (ଇଂ. ମେଲ୍ ରନର୍)—ଯେଉଁ ମନୁଷ୍ୟ
Mel rana(nā)r ବା ପିଅଦାମାନେ ଡାକ ଚଠି ଅବ କାନ୍ଧରେ
মেল রনার বୋହି ଦୌଡ଼ନ୍ତି—Mail runner.
मेल रनर्

ମେଲ୍ ଷ୍ଟ୍ରାମ୍—ବୈଦେ. ବି. (ନାମ) (ଡଚ୍; ମେଲ୍ ଷ୍ଟ୍ରମ୍—ଜଳାବର୍ତ୍ତ)—
Mel shṭrām ନରୱେ ଦେଶର ଉତ୍ତରପଶ୍ଚିମରେ ସମୁଦ୍ର
মেল ষ্ট্রাম ମଧ୍ୟରେ ଥିବା ଗୋଟିଏ ଅତି ଭୟଙ୍କର ଓ ବହୁଦୂର-
मल ष्ट्राम ବ୍ୟାପୀ ଜଳାବର୍ତ୍ତ—Maelstrom; a celebrated strong whirlpool off the coast of Norway. [ଦ୍ର—ଏହି ଜଳାବର୍ତ୍ତର ସୋଡ଼ ଏପରି ପ୍ରବଳ ଯେ, ଏଥିର ସୀମାର କୋଶାଧିକ ସ୍ଥାନକୁ ଜାହାଜ ସ୍ପର୍ଶ କଲେ ତାହା ଘୂରିଁଘୂରି କେନ୍ଦ୍ରକୁ ଖୁବ୍ ଜୋରରେ ଟାଣି ହୋଇ ଯାଇ ତଳେରେ ପଡ଼ି ବୁଡ଼ିଯାଏ ଏବଂ ବହୁ ଦୂରରେ ଯାଇ ପୁଣି ପାଣି ଉପରକୁ ଉଠେ । ସମଗ୍ର ପୃଥିବୀରେ ଏପରି ଭୟଙ୍କର ଦୃଶ୍ୟ ଅଉ ନାହିଁ ।]

ମେଳ—ସଂ. ବି. (ସଂ. ମିଲ୍ ଧାତୁ+ଭାବ. ଅ)—୧ । ମିଳନ; ସାକ୍ଷାତ୍—
Meḷa 1. Meeting; interview. ୨ । ଐକ୍ୟ—2. Unity
মেল ଦେ. ବି—୧ । ଲୋକ ସମାଗମ—1. A gathering
मेल of people; crowd. (ଉ—ବାଦ୍ୟ ସବଦ ସୃଷ୍ଟି ସେ ମେଳରେ ପ୍ରକଟ, ଗୋଲେ ସେନାଙ୍କ ମୂର୍ଚ୍ଛା ଭୂଟ । ଉପେନ୍ଦ୍ର.
दल ବୈଦେହୀଶବିଳାସ ।) ୨ । ଘଞ୍ଚା; ଦଳ—2 Crowd;
झुंड assembly; party. (ଉ—ଏଥି ଅନନ୍ତରେ ଜୁଟିଣ ଋଷି
মেল ମେଳ । କୃଷ୍ଣସିଂହ. ମହାଭାରତ. ବନ ।) ୩ । ସୌହାର୍ଦ୍ଦ୍ୟ—
मेल 3. Friendship; good feeling. ୪ । ସଙ୍କୀର୍ତ୍ତନ,
दल ଥିଏଟର୍, ଯାତ୍ରା ଅବ ପାଇଁ ଗଠିତ ଦଳ—4. A
मल, मिलाव party formed for performing plays
মেল etc. ୫ । ମନର ମିଳନ—5. Agreement;
मल concord. ୬ । ବିବାଦ ପରେ ମିଳନ—6. Recon-
मट, गुट ciliation. ୭ । ମେଳ; ବିଦ୍ରୋହ—7. Conspiracy; mutiny. ୮ । ଦଳ; ଗୋଷ୍ଠୀ—8. Congregation; assemblage. (ଉ—ବଣିଜାରୁ ମେଳରେ ବ୍ରାହ୍ମଣେ ତ ଥିଲେ । କୃଷ୍ଣସିଂହ. ମହାଭାରତ. ବନ ।) ୯ । ସୁସଜ୍ଜିତ
মেলা ଦ୍ରବ୍ୟ ସମୂହ—9. A well-arranged lot of
मेल things. ୧୦ । ନମୁନା ବା ଆଦର୍ଶ ପରି ଅନ୍ୟ ବସ୍ତୁ—10. A thing similar to the specimen or model. ୧୧ । ସହବାସ—11. Union; cohabitation. (ଉ—କଷ୍ଟେ ରଖିବ ଦେବକୁଳ, ଭୁ ସ୍ୱାମୀସଙ୍ଗେ

ଜର ମେଳ । ଜଗନ୍ନାଥ. ଭାଗବତ ।) ୧୨ । ପାଗୁଡ଼ ଅବ ଅଳଙ୍କାରର କେତେ ଖଣ୍ଡର ଏକ ସାଜ—12. A set of some loose ornaments. (ଉ—ପାଲେ ପାଗୁଡ଼ ବଡ଼,କ ମେଳେ ପାଗୁଡ଼ ବଡ଼ ?—ଢଗ ।) ପ୍ରାଦେ. (ସିଂହଭୂମି) ବି-କୌଣସି ଦେବତାଙ୍କ ଉତ୍ସବ ବିଶେଷ; ଯାତ୍ରା—The festival of a Deity. ଦେ. ବିଣ—୧ । ଯୁକ୍ତ; ମିଳିତ—1. United; associated. (ଉ—ଫୁଟିଛନ୍ତି କମଳ ନୀଳ ଉତ୍ପଳ,କୁମୁଦ କୁଳରେ ତ ହୋଇଛନ୍ତି ମେଳ । କୃଷ୍ଣସିଂହ. ମହାଭାରତ. ବନ ।) ୨ । ବନ୍ଧୁତା ସୂତ୍ରରେ ମିଳିତ—2 United by a tie of friendship or blood-relationship.
জোড়া, মেল
जोड़ी

(ଉ—ଲଙ୍କା ଅଧିକାରୀ, ସୀତା ନେଲ୍ଲ ହରି, ବାଳକ ଶ୍ରୀରାମ ମାରି । ହୋଇ ସୁଗ୍ରୀ ମେଳ, ବାନ୍ଧ ସିନ୍ଧୁ ଜଳ, ପ୍ରବେଶ ସୁବେଳ ଗିରି । ବିଶ୍ୱନାଥ. ବିଚିତ୍ର ରାମାୟଣ ।)

**ମେଳକ**—ସଂ. ବି. ( ମେଳ + ସ୍ୱାର୍ଥେ. କ )—୧ । ସଙ୍ଗମ; ମିଳନ—
Meḷaka 1. Union; meeting. ୨ । ସମୂହ;ଜନସମାଗମ; ମେଳା—2. Collection; congregation; fair. ସଂ. ବିଣ. ( ମିଲ୍ ଧାତୁ+ଣିଚ୍ ଅକ )—୧ । ଯେ ଦୁଇ ଜଣଙ୍କୁ ମିଳିତ କରାଏ—1. Causing or bringing about a union. ୨। ସାମାଜିକ—2. Social. ଦେ.ବି. (ସଂ.ମେଳ)—ଭାବୀ ବର କନ୍ୟାଙ୍କ ଜାତକ ମଧ୍ୟରେ ଗ୍ରହାଦିର ପରସ୍ପର ଅନୁକୂଳତା—Concord or agreement between the horoscopes of the proposed bride and bridegroom.
কোষ্ঠীর মেল मेलक(न), तिलक

[ ଦ୍ର—ବିବାହ ପୂର୍ବରୁ ବରକନ୍ୟାଙ୍କର କୋଷ୍ଠୀର ଗ୍ରହ ନକ୍ଷତ୍ରାଦି ଗଣନା କରି 'ମେଳକ' ଦେଖାଯାଏ । ବରର ଓ କନ୍ୟାର ଗଣ ମିଳନ ( ନର, ରାକ୍ଷସ, ଦେବ ), ବର-କନ୍ୟାଙ୍କର ନାଗନାଡ଼ି, ଅଷଡ଼ାଷ୍ଟକ, ରାଜଯୋଟକ ଆଦି ଦେଖିବାକୁ ହୁଏ । ଏହିପରି ଅନେକଗୁଡ଼ିଏ ବିଷୟ ଦେଖାଯାଇ ଦୁଇ ଜଣଙ୍କର ଜାତକ 'ଯୁଝିଲେ' ବା 'ମେଳକ ହେଲେ' ବିବାହ ସ୍ଥିର ହୁଏ । ବର କନ୍ୟାଙ୍କର ନକ୍ଷତ୍ର ଗଣନାରେ ଓ ଗଣ ଗଣନାରେ ନାଗନାଡ଼ୀ, ନର-ରାକ୍ଷସ ଏବଂ ରାଶିଗଣନାରେ ଅଷଡ଼ାଷ୍ଟକ ହେବାର ଦେଖାଗଲେ ବିବାହ ନିଷିଦ୍ଧ । 'ରାଜଯୋଟକ' ଯୋଗ ଦେଖାଗଲେ ଅନ୍ୟ କିଛି ମେଳକ ନ ଦେଖି ବିବାହ ସ୍ଥିର କରାଯାଏ । ] ଦେ. ବିଣ—୧ । ମିଳିତ; ଏକତ୍ର—1. United. [ ଉ—ବନ୍ଧୁ ସହକାର ଯେ ଭୂମରେ ମେଳକ । ଭଞ୍ଜ. କୋଟିବ୍ରହ୍ମାଣ୍ଡ ସୁନ୍ଦରୀ । ] ୨ । ଭେଟିବା; ହାବୁଡ଼ିବା—2. Encountered. [ ଉ—ବଳିଷ୍ଠ ନୃପ ବେଳକରେ ମେଳକ, ହୋଇଣ ଜୟେନ୍ଦ୍ର ଯଥା । ଭଞ୍ଜ. ବୈଦେହୀଶବିଳାସ । ]
মেল, মিলিত
मेल

**ମେଳକ ଦେଖିବା**—ଦେ.କ୍ରି—ବର କନ୍ୟାଙ୍କର ଜାତକ ଦେଖି ମେଳକ ପରୀକ୍ଷା କରିବା—To examine the horoscopes of a boy and a girl to see if the astrological datas tally favourably
Meḷaka dekhibā
(ମେଳକ ବୁଝିବା—ଅନ୍ୟରୂପ)
ঠিকুজি মিলান
मेलक देखना

**ମେଳକ ପଡ଼ିବା**—ଦେ. କ୍ରି—ବର କନ୍ୟାଙ୍କ ଜାତକ ଗଣନାରେ ଦୁଇ ଜଣଙ୍କର ଗ୍ରହ ନକ୍ଷତ୍ରାଦି ବିବାହ ପକ୍ଷରେ ଅନୁକୂଳ ଥିବାର ଦେଖାଯିବା—The tallying or agreemant between the astrological data of the proposed bride and bridegroom which are found to be favourable for a union between the two.
Meḷaka paṛibā
ମେଳକ ଯୁଝିବା } ଅନ୍ୟରୂପ
ମେଳକ ହେବା }
ঠিকুজি মিলা
मेलक पडना, तिलक पडना

**ମେଳ କରିବା**—ଦେ. କ୍ରି—୧ । ମିଳାଇବା; ମେଳାଇବା; ଦୁଇ ଜଣଙ୍କୁ ମିଳିତ କରାଇବା—1. To bring about a meeting,union or interview between two persons.
Meḷa karibā
(ମେଳ କରାଇବା—ଅନ୍ୟରୂପ)
মে(মী)ল কর
मेल करना

୨ । ଦୁଇ ଜଣଙ୍କର ବିବାଦ ଭାଙ୍ଗି ସୌହାର୍ଦ୍ଦ୍ୟ ସ୍ଥାପନ କରିବା—2. To bring about reconciliation between two opposing parties. ୩ । ମିଶାଇବା; ମିଶ୍ରିତ କରିବା—3. To mix up; to mix together. ୪ । ମିଳିତ ହେବା; ମିଶିବା—4. To be associated with [ ଉ—ଶୁଣି ହେବ ଭବ ଜଳ, ସାଧୁ ସଙ୍ଗେ କର ମେଳ । ପ୍ରାଚୀ. କାର୍ତ୍ତିକମାହାତ୍ମ୍ୟ ।]

**ମେଳ ଖାଇବା**—ଦେ. କ୍ରି—୧ । ଏକ ହେବା—1. To coincide, to tally. ୨ । ସମ୍ମତ ହେବା—2. To agree; to accord with.
মেল খাওয়া मेल खाना

**ମେଳ ଖୋଇବା**—ଦେ. କ୍ରି—ମିଳାଇବା—To cause to tally or agree or coincide.
Meḷa khoibā
মেল খাওয়া मेल खिलाना (ମେଳ ଖୁଆଇବା—ଅନ୍ୟରୂପ)

**ମେଳଛ(ଛା)**—ଗ୍ରା. ବି ଓ ବିଣ ( ପଦ୍ୟ )—ମ୍ଳେଚ୍ଛ (ଦେଖ)—
Meḷachha(chhā) Mḷechchha ( See )
मलेच्छ [ ଉ—ମେଳଛ ପ୍ରାଏକ ବଶେ ଜୁହାର ମଜଅ । ପ୍ରାଚୀ. ପରଭେଗୀତା । ]

**ମେଳ(ଳ)ଣ**—ଦେ. ବି ( ସଂ. ମେଳକ )—ମେଳନ ( ଦେଖ )—
Meḷa(la)ṇa Meḷana ( See ;
ঠাকুরদের মিলন
मि(मे)लन
ପ୍ରାଦେ ( ବାଲେଶ୍ୱର ) ବି—୧ । ପର୍ବ ବିଶେଷ—1. A festival. ୨ । ତାସ ଖେଳ ବିଶେଷ—2. A kind of game at cards.

**ମେଳ(ଳ)ଣ ପଡ଼ିଆ**—ଦେ. ବି—ମେଳନ ପଡ଼ିଆ ( ଦେଖ )
Meḷa(la)ṇa paṛiā Meḷana paṛiā ( See )
মিলনের ময়দান मिलन मैदान

ମେଳନ—ସ. ବି ( ମିଳ୍ ଧାତୁ+ଭାବ. ଅନ )—୧ । ବହୁ ଲୋକଙ୍କର ଏକତ୍ର ଠୁଳ ହେବା; ମିଳନ; ସଭା—1. Meeting; assemblage, coming together of many persons. ୨ । ସମ୍ମୁଖୀନ ହେବା; ସାକ୍ଷାତ୍କାର—2. Interview; encounter. ୩ । ସହବାସ—3. Associating, association. ୪ । ଦୁଇ ବା ତତୋଽଧିକ ବ୍ୟକ୍ତିଙ୍କ ମନର ମିଳନ; ମନର ମେଳ—4. Reconciliation; agreement. ଦେ. ବି—ଯାତ୍ରା ବା ପର୍ବ ଉପଲକ୍ଷରେ ଅନେକଗୁଡ଼ିଏ ଦେବପ୍ରତିମାଙ୍କୁ ଏକ ସ୍ଥାନରେ ସମବେତ କରାଯିବା ଉତ୍ସବ—The ceremony or festival of many images being brought together on the occasion of festivals. [ ଉ—ଦୋଳ ମେଳନ, ଦେଖା ମେଲଣ, ଗଣେଶ ମେଲଣ, ଚାଚେରି ମେଳନ, ଭାଗବତ ମେଳନ । ]

Melana

দেবতার মেলন

मि(मे)लन

ମେଳନ ପଡ଼ିଆ—ଦେ. ବି—ଯେଉଁ ପଡ଼ିଆରେ ଦେବପ୍ରତିମାମାନେ ମେଳନ ସମୟରେ ସମବେତ ହୁଅନ୍ତି—A field where many images are gathered together.

Melana paṛiā

মিলনের মাঠ

मिलन मैदान

ମେଳ ବାନ୍ଧିବା—ଦେ. କ୍ରି—୧ । ଦଳ ଗଠନ କରିବା—1. To form into a party. ୨ । ଦଳବଦ୍ଧ ହୋଇ ବା ଷଡ଼ଯନ୍ତ୍ର କରି—2. To form a party of conspirators; toplot

Meḷa bāndhibā

মেল বান্ধা

मेल बाँधना

ମେଳ ଭାଙ୍ଗିବା—ଦେ. କ୍ରି—ଗଠିତ ଦଳ ବା ମେଳକୁ ଇତସ୍ତତଃ କରିଦେବା—To disperse a crowd; to break a conspiracy [ମେଳ ଭଙ୍ଗା(ଙ୍ଗେ)ଇବା—ଅନ୍ୟରୂପ]

Meḷa bhāṅgibā

মেল ভাঙ্গা, মেল ভাঙ্গান

मेलतोडना

ମେଳ୍(ଳ)ମାଳ୍(ଳ)—ଦେ. ବି—୧ । ବିବାଦ ପରେ ସୌହାର୍ଦ୍ଦ୍ୟ ସ୍ଥାପନ—1. Reconciliation after a quarrel. ୨। ବିବାଦର ଆପୋଷି ମୀମାଂସା—2. Amicable settlement of a dispute. ୩ । ପରସ୍ପର ମନର ମେଳ—3. Mutual agreement; concord.

Meḷ-(ḷa) māḷ(ḷa)

মিটমাট

मेलमाल

ମେଳରେ—ଦେ. କ୍ରି. ବିଣ—ସମୂହ ମଧ୍ୟରେ—In the galaxy of; among; along with. [ ଉ—ଯେଉଁରୂପେ ରୋହିଣୀ ନକ୍ଷତ୍ର ମେଳରେ; ସେହିରୂପେ ବସିଲେ ଦାସୀଙ୍କ ମଧ୍ୟରେ । କୃଷ୍ଣସିଂହ. ମହାଭାରତ. ବନ । ]

Meḷare

মধ্যে

मेलमे

ମେଳା—ସ. ବି ( ମିଲ୍ ଧାତୁ+କର୍ତ୍ତୃ. ଅ+ସ୍ତ୍ରୀ. ଆ )—୧ । ମସି; କାଳି—1. Ink. ୨ । ଅଞ୍ଜନ; କଜ୍ଜଳ—2. Collyrium; antimony. ୩ । ମହାନୀଳୀ ଗଛ; ନୀଳ ଗୁଳ୍ମ—3. Indigo plant; Verbasina Scandens. ଦେ. ବି—୧ । ସମୂହ; ମିଳନ; ସଙ୍ଗମ—1. Company; cantact. [ ଉ—ବସନ୍ତ ଚତୁ କୋକିଳ ରଜନୀ ମେଳାରେ । ଭଞ୍ଜ. ବୈଦେହୀଶବିଳାସ । ] ୨ । ମେଳନ—2. Assemblage. [ ଉ—ଭାଇରେ, ହୋଇଛି ଅବା ଏଥି ବନଦେବୀଙ୍କ ମେଳା । ରାଧାନାଥ. ଉଷା ।]

Meḷā

মেলা

मेला

୩ । ଜନତା; ବହୁଜନସମାଗମ; ଲୋକଗହଳି—3. A gathering; crowding together of many people; a large concourse of people [ଉ—ଯହିଁ ଯହିଁ ଗୋପୀ ଶ୍ୟାମଳା ଅବଳା ମେଳା ତପସ୍ୱିନୀ ଚରିତ । ଭଞ୍ଜ. କୋଟିବ୍ରହ୍ମାଣ୍ଡସୁନ୍ଦରୀ । ] ୪ । ଯାତ, ଯାତ୍ରା; ମହୋତ୍ସବ ( ଯହିଁରେ ଅନେକ ଲୋକ ଏକତ୍ର ହୁଅନ୍ତି )—4. A big festival. ୫ । ମହୋତ୍ସବ; ଭୋଜି—5. Feast, banquet. ୬ । ତୀର୍ଥାଦିରେ ବିଶେଷ ଯୋଗ ଉପଲକ୍ଷରେ ବହୁଲୋକଙ୍କ ସମାଗମ—6. A religious fair. ୭ । ବହୁଜନ ସମାଗମକ୍ଷେତ୍ର; ହାଟ—7. A place where many people congregate; a market place. [ ଉ—ଏ ଜଗତ ତୁହେ ମିଛ ମେଳା । ମଧୁସୂଦନ ସଙ୍ଗୀତମାଳା ।] ୮ । ବହୁ ବସ୍ତୁର ମିଳନ, ସମାହାର ବା ଏକତ୍ର ହେବା—8. Gathering; collection; aggregate. [ଉ—ମଧୁ ମଧୁର ବଧୂ ଅଧର, କଶୋର ବର ବଦନାମ୍ବର, କମ୍ର ଚମ୍ପକ ଚୁମ୍ବି ଭ୍ରମର ମେଳା । କବିସୂର୍ଯ୍ୟ. କଶୋଷ ତଜ୍ଜୁ ମ. ଗୀତ ।] ୯ । ସମୂହ; ସଭା—9. Assembly; meeting, association. [ଉ—ମହାଶୂନ୍ୟେ ରହୁ ତାରକାର ମେଳା, ଭୂତଳେ ଦେଖନ୍ତି ଏ ଭବର ଖେଳା । ରାଧାନାଥ. ନନ୍ଦକେଶରୀ ।] ଦେ. ବିଣ. ୧ । ବହୁ ଜନପୂର୍ଣ୍ଣ—1. Crowded; thronged; congested. ୨ । ଅସଂଖ୍ୟ; ଅନେକ; ବହୁସଂଖ୍ୟକ—2. Multitudinous. ୩ । ବହୁ ପଶୁପକ୍ଷୀ ଆଦିରେ ପୂର୍ଣ୍ଣ—3. Crowded with many animals. [ଉ—ବ୍ୟାଘ୍ର କାସିକା ନର୍ତ୍ତନେ ହୋଇଅଛି ମେଳା । ଭଞ୍ଜ. ବୈଦେହୀଶବିଳାସ ।]

ମେଲ୍ଲ—ଦେ. ବିଣ—( ସ. ଉନ୍ମୀଳନ—ଖୋଲିବା )—୧ । ଖୋଲା; ଅନାବୃତ; ଫାଙ୍କଲା—1. Open; uncovered. [ ଉ—ରୂପଚକ୍ଷୁବେ ମୋର ଲୀଳା ; ମୋ ରୂପ ନ ଦିଶଇ ମେଲ୍ଲ । ପ୍ରାଚୀ. କର୍ଣ୍ଣଶମାହାତ୍ମ୍ୟ ।] ୨ । ଉନ୍ମୀଳିତ—2. Opened. ୩ । ଅରୁଦ୍ଧ; ଅନାବଦ୍ଧ—3. Unclosed; unobstructed. [ଉ—ବାପ ପୁଅ ଦୁହେଁ ସବୁ ଅନିଦ୍ରା, ମୁରୁଜ ଗାଣ୍ଡି ମେଲ୍ଲ । ତଗ ।] ୪ । ପ୍ରଶସ୍ତ—4. Spacious; wide; extensive. ବି.—୧ । ଏକ ଦିଗରେ କାନ୍ଥ ଥାଇ ଅନ୍ୟ ତିନି ପାଖେ କାନ୍ଥ ନ ଥିବା ଘର; ଦଲାଣ—1. A hall; a house with one wall and open on 3 sides. [ ଉ—ଦୁଇ ସାହୁ ଯାଇ

Meḷḷa

খোলা ফেলা, খুলা

दालान दालान

ଠାକୁର ମେଲରେ ବସିଲେ । ଫକୀରମୋହନ, ଗଳ୍ପସ୍ୱଳ୍ପ ।] [ଦ୍ର—ଉସୁଲ ମେଲ, ଢଳ ମେଲ, ଘୁଙ୍ଗା ମେଲ, ଖୁହାଳ ମେଲ, ଅଶଗ୍ଡ଼ା ମେଲ, ଦେଖ ମେଲ ପ୍ରଭୃତି ପଦରେ ମଧ୍ୟ ମେଲ ଏହି ଅର୍ଥରେ ବ୍ୟବହୃତ ହୁଏ ।] ୨ । ଖୋଲା ଅବସ୍ଥା; କୌଣସି ସ୍ଥାନର ଉନ୍ମୁକ୍ତ ଅବସ୍ଥା—2. Open condition of a place. ୩ । ଅରୁଦ୍ଧ ସ୍ଥାନ; ଅନାବୃତ ସ୍ଥାନ—3. Unobstructed place; open space. ୪ । ଫାଙ୍କ—4. An opening, aperture. ସ୍ଥାଦେ. ( ସମ୍ବଲପୁର ) ବି.—ହାଟ; ମେଳା—Market: fair.

**ମେଲା(ଲେ)ଇବା**—ଦେ. କ୍ରି.—(ସ. ମିଲ୍ ଧାତୁ ଣିଜନ୍ତ ମେଳ ଧାତୁ) Melā(le)ibā ମେଲାନ मिलाना ୧ । ମେଳ କରାଇବା; ମିଳାଇବା—1 To bring about reconciliation. ୨ । ମିଳନ କରାଇବା—2 To cause to meet. ୩ । ବହୁଲୋକଙ୍କୁ ଷଡ଼ଯନ୍ତ୍ରପୂର୍ବକ ମେଳ କରାଇବା—3. To bring about a conspiracy or mutiny. ୪ । ଭେଳାଇବା; ବହୁଲୋକଙ୍କୁ ଏକତ୍ର କରାଇବା—4. To bring together many people; to assemble a crowd. ୫ । ଦୁଇ ପଦାର୍ଥକୁ ତୁଳନା କରିବା—5. To compare two things with each other.

**ମେଲା(ଲେ)ଇବା**—ଦେ. କ୍ରି—(ସ. ଉତ୍ ଉପସର୍ଗ+ମିଲ୍ ଧାତୁ; ମେଲିବାର ଣିଜନ୍ତ ରୂପ)—Causative of Melibā. Melā(le)ibā ମେଲାନ फैलाना, खोलना [ଦ୍ର—ବେଳେ ସେ ମଞ୍ଜୁଷା ମେଲାଇ, ଖୁହାନ୍ତି ଏକ ମୁଖ ହୋଇ । ରାଧାନାଥ. ଚନ୍ଦ୍ରଭାଗା ।]

**ମେଲା କରିବା**—ଦେ. କ୍ରି.—ମହୋତ୍ସବ କରିବା Melā karibā To set up or hold a fair; to give a feast. मेला करना मेलकरना

**ମେଲ କରିବା**—ଦେ. କ୍ରି—ମେଲାଇବା (ଦେଖ) Melā karibā ଖୋଲା खोलना Melāibā (See)

**ମେଲ ଘର**—ଦେ. ବି—୧ । କାନ୍ଥ ନ ଥିବା ଘର—1. A house without walls. Melā ghara ଖୋଲା ଘର ୨ । ଦ୍ୱାର ବନ୍ଦ ହୋଇ ନ ଥିବା ଘର—2. Unlocked house. ୩ । ବଡ଼ ଲମ୍ବା ଘର, ଯାହାର ମଝିରେ କାନ୍ଥ ନ ଥାଏ; ହଲ୍; ହାଲ୍ ଦାମଡ଼ା—3 A hall. ୪ । ଯେଉଁ ଘରର ଗୋଟିଏ ପାଖେ କାନ୍ଥ ଥାଏ ଓ ଅନ୍ୟ ୩ ପାଖେ କାନ୍ଥ ନ ଥାଏ—4 A house with 3 sides open.

**ମେଲଙ୍କ**—ଦେ. ବି.—(ଗଣିତ)—ଏକ ସଙ୍ଖ୍ୟାଠାରୁ ଅନନ୍ତ ପର Melānka ଉତ୍ ପରବର୍ତ୍ତୀ ରାଶିମାନ କ୍ରମଶଃ ଯୋଗ କରିବା ପ୍ରଣାଳୀ (ଓଡ଼ାଙ୍କ) ରେ ଯେଉଁ ରାଶି ସବୁ ଶେଷରେ ଯୋଗ କରାଯାଇ ଥାଏ—(arithmetic) The number last added to the last but one total figure to arrive at the last total or Ordānka; the last number which is added in order to arrive at the last figure; a subtratend. [ଦ୍ର—ଶୂନ୍ୟ ଓଡ଼ାଙ୍କ. ଧରିବାର ବେଳେ, ଓଡ଼ାଏ ଛଟେ ଗିଣ୍ଟ ଦେଲେ ହଲେ । ତତ୍ତ୍ୱ ହୋଇଣ ଗୁମର ମଣି, ଦେଲା ଓଡ଼ାଙ୍କ ମେଲଙ୍କରେ ଗୁଣି; ଗୁଣନ୍ତେ ଫଳ ହୋଇଲା ପଞ୍ଚଶ, ଏଥି ଓଡ଼ାଙ୍କକୁ ମେଲଙ୍କ କସ ? ଲୀଳାବତୀ. ସୂକ୍ତ ।] ( ଦ୍ର—ଏହାର ଉତ୍ତର ଓଡ଼ାଙ୍କ ୧୦ ର ୫ ମିଶାଇଲେ ଫଳ ହୋଇ ଥାଆନ୍ତା ୧୫, ତାକୁ ୧୦ କୁ ୫ ରେ ଗୁଣି ଦେବାରୁ ଫଳ ହେଲା ୫୦ ।) [ଦ୍ର—ମେଲଙ୍କର ଉଦାହରଣ ଯଥା—୧+୨=୩; ୩+୩=୬; ୬+୪=୧୦; ୧୦+୫=୧୫; ୧୫+୬=୨୧; ୨୧+୭=୨୮; ୨୮+୮=୩୬; ୩୬+୯=୪୫; ୪୫+୧୦=୫୫ । ଏଠାରେ ୫୫ ଓଡ଼ାଙ୍କକୁ ୧୦ ମେଲଙ୍କ ଓ ଏହିପରି ୩୬ ଓଡ଼ାଙ୍କକୁ ୮ ମେଲଙ୍କ···ଇତ୍ୟାଦି ।]

**ମେଲାଣି**—ଦେ. ବି ( ସ. 'ମିଳନ'; 'ଶେଷ ମିଳନ' ଅର୍ଥରେ )—୧ । ବନ୍ଧୁଭାବରେ ଦୁଇଜଣଙ୍କର ଶେଷ ମିଳନ ପରେ ବିଦାୟ—1. A friendly parting; a friendly taking leave. Melāni विदाय बिदाई [ଦ୍ର—ସମସ୍ତଙ୍କୁ କର ଯୋଡ଼ି ମାଗୁଛି ମେଲାଣି । ରାଧାନାଥ. ମହାଯାତ୍ରା ।] ୨ । ବିଦାୟ ଗ୍ରହଣ—2. Bidding goodbye. [ଦ୍ର—ଜନ୍ମଭୂମି ମେଲାଣି ଲଭିଛି ଅହା ଏ ବିଦେଶେ । ନନ୍ଦକିଶୋର. ଝର୍ଣ୍ଣରେଣୀ ।] ୩ । ବିଦାୟକାଳୀନ ଉପହାର—3. A peresent given to a departing person; a parting gift.

**ମେଲାଣିଆ**—ଦେ. ବିଣ. ପୁଂ—୧ । ପ୍ରସାରିତ—1. Extended; expanded. ୨ । ଫାଙ୍ଗୁଲା ( ବ୍ୟକ୍ତି ); ଯେ ଆପଣାର ଜିନିଷପତ୍ର ବା ପରିଧେୟ ବସ୍ତ୍ରାଦି ସମ୍ବନ୍ଧରେ ଅସାବଧାନ—2. Careless about one's things and dress. Melānia मेलानिया खुला (ମେଲାଣୀ—ସ୍ତ୍ରୀ)

**ମେଲାଣି କରିବା**—ଦେ. କ୍ରି—୧ । ବିଦାୟ ଦେବା; ଯିବାପାଇଁ ଅନୁମତି ଦେବା—1. To permit a person to depart. ୨ । ପ୍ରସ୍ଥାନକାରୀ ବ୍ୟକ୍ତିଙ୍କୁ ବିଦାୟକାଳୀନ ଉପହାର ଦେବା—2. To give a parting gift or present or remuneration to a departing person for work done beforehand. Melāni karibā विदाय करा विद(दा)ई करना(देना) (ମେଲାଣି ଦେବା—ଅନ୍ୟରୂପ)

**ମେଲାଣି ଘେ(ଘି)ନିବା**—ଦେ କ୍ରି—୧ । (ପ୍ରସ୍ଥାନକାରୀ ବ୍ୟକ୍ତି) ବିଦାୟ ଗ୍ରହଣ କରିବା—1 To bid adieu to a person before departing (said of the departing person). Melāni ghe(ghi)nibā विदाय मंगना बिदाई लाना

ମେଲାଣି ନେବା } ମେଲାଣି ମାଗିବା } ଅନ୍ୟରୂପ (ଦ୍ର—ସେଥିରେ ମେଲାଣି, ବେନି ଉପମ୍ନିକା, କହନ୍ତି ମଧୁର ଭାଷେ । ରାଧାନାଥ—ଚିଲିକା ।)

୨। ବିଦାୟ କାଳୀନ ଉପହାର ପ୍ରାପ୍ତ ହେବା—2. To receive a parting present.

ମେଲାଣି ବେଭାର—ଦେ. ବି—ବିଦାୟ ଗ୍ରହଣ କରୁଥିବା ବନ୍ଧୁଙ୍କୁ ଦିଆଯିବା ଉପହାର—A friendly or gracious present given to a departing person.
Melāṇi bebhāra
মিলানি ভার
विदाई बेभार
(ମେଲାଣି ଭାର—ଅନ୍ୟରୂପ)

ମେଲାଣି ମାଗିବା—ଦେ. କ୍ରି—କୌଣସି ବ୍ୟକ୍ତିଠାରୁ ବିଦାୟ ହେବା ପାଇଁ ଅନୁମତି ମାଗିବା—To pray to be permitted to depart.
Melāṇi māgibā
বিদায় চাওয়া
विदाई माँगना
(ଉ—ଅମୃତ ! ଗିରିଠାରୁ ମାଗ ମେଲାଣି, ଜାତର ଅଛି ମୁଁ, ଭଣ ମୋ ବାଣୀ । ରାଧାନାଥ. ମେଘଦୂତ ।)

ମେଲାଣି ହେବା—ଦେ. କ୍ରି—(ପ୍ରସ୍ଥାନକାରୀ ବ୍ୟକ୍ତି ଅନ୍ୟ ବ୍ୟକ୍ତିଠାରୁ) ବିଦାୟ ହୋଇଯିବା—To depart after bidding adieu.
Melāṇi hebā
বিদায় হওয়া विदाई होना

ମେଳା(ଳା)ନନ୍ଦ(ନ୍ଦା)—ସ. ତ. (ମେଳା=ମସି+ଅନନ୍ଦ; +ସ୍ତ୍ରୀ. ଆ)—ମସ୍ୟାଧାର; ଦୁଆତ—Inkstand; inkpot.
Melā(ḷā)nanda(ndā)
(ମେଳାନ୍ଧ, ମେଳାମ୍ବୁ—ଅନ୍ୟରୂପ)

ମେଳାପ—ଦେ. ବି (ସ. ମିଲ୍ ଧାତୁ)—୧। ମିଳାପ; ସୌହାର୍ଦ୍ଦ୍ୟ; ମେଳ—1. Intimacy; friendship. ୨। ମିଶା—2. Mixing together. ୩। ମନର ମିଳନ—3. Agreement; concord. ୪। ସଦାଲାପ—4. Friendly talk; exchange of felicitations. ସ. ବି—ଗୋଷ୍ଠୀ; ସମୂହ; ଜନତା; ବନ୍ଧୁଲୋକଙ୍କ ଏକତ୍ର ସମାଗମ—Crowd; assembly.
Meḷāpa
আলাপ
मिलाप
( ମେଳାପକ—ଅନ୍ୟରୂପ )

ମେଳାପ କରିବା—ଦେ. କ୍ରି—ସଦାଲାପ କରିବା—To have a friendly talk.
Meḷāpa karibā
আলাপ করা मिलाप करना

ମେଳା ପହପଟ୍—ଦେ. ବି—ଚାରିଆଡ଼େ ଖୋଲା ଓ ପବନଯୁକ୍ତ ସ୍ଥାନ—An airy place open on all sides.
Melā pahapaṭ
চারদিগে খোলা एकदम खुला

ମେଳାପୀ—ଦେ. ବିଣ—ମିଶାଣିଆ (ଲୋକ); ଯେ ଅନ୍ୟମାନଙ୍କ ସଙ୍ଗେ ସଦାଲାପ କରିବା ନିମନ୍ତେ ସଦା ପ୍ରସ୍ତୁତ—Sociable; ready to mix and talk with others in society; affable.
Meḷāpī
আলাপী, মিলনিয়া, মিশুক
मिलापी
(ମେଳାପିଆ—ଅନ୍ୟରୂପ)

ମେଳା ମଉଛବ—ଦେ. ବି (ଏକାର୍ଥକ ସହଚର; ସ. ମେଳ+ମହୋତ୍ସବ)—୧। ପ୍ରୀତିଭୋଜି—1. Picnic. ୨। ବନ୍ଧୁବାନ୍ଧବଙ୍କ ସହିତ ମିଳନ ଓ ମଉଜ—2. Feast and amusements in the company of friends.
Meḷā mauchhaba
ମେଳା ମଉଛ, ମେଳା ମଉଜ, ମେଳା ମଜଲ(ଲି)ସ(ସି), ମେଳା ମଦଲ(ଲି)ସ(ସି)—ଅନ୍ୟରୂପ
মেলা মহোচ্ছব मेलोत्सव

ମେଳା ମୁକୁଳା—ଦେ. ବିଣ (ଏକାର୍ଥକ ସହଚର)—ଫୁକୁଲା; ଅବାଧ—Open and unobstructed.
Melā mukuḷā
খোলা खुला

ମେଳାମୁହାଁ—ଦେ. ବିଣ—୧। ଯାହାର ମୁହଁ ମେଲା ହୋଇଥାଏ; ଫୁକୁଲା ମୁହଁ (ବୋତଲ, କଳସ ପ୍ରଭୃତି)—1. Open-mouthed. ୨। (ପୁଂ) ଯେ ଚୁପ୍ ହୋଇ ବସି ପାରେ ନାହିଁ; ଗପୁଡ଼ି—2. One who cannot sit quiet; talkative; garrulous.
Melāmuhā̃
খোলামুখ(খো)
खुलामुहाँ
(ମେଳାମୁହିଁ—ସ୍ତ୍ରୀ)

ମେଳା ମେଳା—ଦେ. ଅ—୧। ହେଲାହେଲା; ମଲାମଲା; ବହୁ ସଂଖ୍ୟାରେ; ଦଳ ଦଳ ହୋଇ—1. In crowds; in myriads; in shoals. (ଉ—ଭୁଜଙ୍ଗ ନଈରେ କମ୍ଭୀର ମେଳା ମେଳା ଦେଖୁଛନ୍ତି)—୨। ଅନେକ—2. Many; multitudinous.
Meḷā meḷā
মেলামেলা, মেলাই, মেলা
झुंडकाझुंड, दलकादल

ମେଳାମେଳି କରିବା—ଦେ. କ୍ରି (ନିରର୍ଥକ ଧ୍ୱନ୍ୟନ୍ତ ସହଚର)—ମେଳାଇବା (ଦେଖ)—Meḷāiba (See)
Meḷāmeli karibā
খেলখুলি করা खुलाखुलि करना

ମେଳି—ଦେ. ବି (ସ. ମିଲ୍ ଧାତୁ)—୧। କୁମନ୍ତ୍ରଣା; ଚକ୍ରାନ୍ତ—1. A plot; conspiracy. ୨। ଷଡ଼ଯନ୍ତ୍ରପୂର୍ବକ ରାଜା ବା ପ୍ରଭୁଙ୍କ ବିରୁଦ୍ଧରେ ଦଳଗଠନ; ବିଦ୍ରୋହ—2 Mutiny, conspiracy against the king or master. ୩। ହଟ୍ଟଗୋଳ; ଗୋଳମାଳ; ଆହବ; କୋଳାହଳ—3 Confusion; noise; broil; uproar. ୪। ଲୋକଗହଳ; ଜନତା—4. An immense crowd. [ଉ—ଉତ୍କଳେ ବିଦାୟସେ ଗୌରବର ବେଶେ ପୁରେ କି କରନ୍ତି ମେଳି । ନନ୍ଦକିଶୋର. ଶର୍ମିଷ୍ଠା ।]
Meḷi
মেলী
मेल

ମେଳିଆ—ଦେ. ବିଣ. ପୁଂ—୧। ଷଡ଼ଯନ୍ତ୍ରକାରୀ; ବିଦ୍ରୋହୀ—1. Plotting; revolutionary; mutinous; conspiring. ୨। ଯେ ବହୁଲୋକଙ୍କୁ ମତାଇ ବିଦ୍ରୋହୀ କରିପାରେ—2. Fomenting a mutiny. ଦେ. ବି—ଷଡ଼ଯନ୍ତ୍ରକାରୀ ବ୍ୟକ୍ତି—Conspirator. ପ୍ରାଦେ (ବୌଦ) ବି—ଖେଳବିଶେଷ—An outdoor game.
Meḷiā
মেলিয়া
मिलानेवाला; मेलिया
(ମେଳେଇ—ସ୍ତ୍ରୀ)

ମେଳିଆ ସର୍ଦ୍ଦାର—ଦେ. ବି—ବିଦ୍ରୋହୀମାନଙ୍କ ନେତା—A ring-leader of a revolt or mutiny.
Meḷiā sarddāra
(ମେଳିଆ ସରଦାର—ଅନ୍ୟରୂପ) পালের গোদা मेलकासर्दार

ମେଳି କରିବା—ଦେ. କ୍ରି—ବିଦ୍ରୋହପାଇଁ ଷଡ଼ଯନ୍ତ୍ର କରିବା—To revolt; to mutiny; to rebel.
Meḷi karibā
দলবাঁধা मेलबाँधना

ମେଳିକା—ଦେ. ବି—ସମୂହ—Collection. (ଉ—କଳସେ ଅଳି ପାଳିକା, ବାଣ ମେଳିକା କି । ଭଞ୍ଜ. ବୈଦେହୀଶବିଳାସ)
Meḷikā
মেল मेल

ମେଳି ଭାଙ୍ଗିବା—ଦେ. କ୍ରି—୧। ବିଦ୍ରୋହ ଦମନ କରିବା—1. To suppress up a revolt or rebellion.
Meḷi bhāṅgibā

ফল ভাঁঙ্গা ୨ । ଜନତାକୁ ଛିନଛତ୍ର କରାଇବା—
ভীড় হটানা 2. To disperse a crowd.

ମେଲିବା—ଦେ. କ୍ରି (ସ. ଉତ୍+ମିଲ୍ ଧାତୁ )—୧ । ମେଲା କରିବା;
Melibā ମେଲାଇବା; ଖୋଲିବା—1. To open. (ଉ—ବାସ
মেলা, খোলা ଅମ୍ବୁଅକ୍ଷ ମୋଠାକୁ ମେଲି ପାଟ । କୃଷ୍ଣସିଂହ. ମହା-
फैलाना ଭାରତ. ବନ ।) ୨ । ଉନ୍ମୁକ୍ତ କରିବା; ଫିଟାଇବା; ବନ୍ଧନ-
(ମୁକ୍ତବା—ଅନ୍ୟରୂପ) ମୁକ୍ତ କରିବା—2. To untie. (ଉ—ଖାଦକା
खोलना ବୃଷଭଙ୍କ ଅମ୍ବର । ବାନ୍ଧୁଣି ମେଲେ ତୋ କୁମର ।
ଜଗନ୍ନାଥ. ଭାଗବତ ।) ୩ । ବିସ୍ତାରିତ କରିବା—3. To
spread; to hoist. (ଯଥା—ବଇଣା ମେଲିବା ।)
୪ । ମିଶ୍ରିତ କରିବା; ମିଶାଇବା—4. To mix up.
(ଉ—ସିଂହଡ଼ା କେଶର ସଖି ଗୁଅ ଦୃବେ ଯୋଇ । କର୍ପୂର
ମରଡ ମେଲି ମିଠା ଦୁଧେ ମୋହୁ । ପ୍ରାଚୀ. ଉଦୟ
फेला ମଞ୍ଜରୀ ।) ୫ । ପକାଇ ଦେବା; ଫିଙ୍ଗି ଦେବା—5. To
फेंकना throw away. (ଉ—ବନ୍ଧନ କରୁ ବସ୍ତ୍ର ପାଦ
ମେଲିଲା ସମୁଦ୍ର ଅଗାଧ । ଜଗନ୍ନାଥ. ଭାଗବତ ।) ୬ ।
ପ୍ରସାରିତ କରିବା—6. To extend. (ଯଥା—ଗୋଡ଼
ମେଲିବା ।) ୭ । ସାଧାରଣ ଲୋକଙ୍କ ସାମନାରେ ଉପସ୍ଥାପିତ
छड़ान କରିବା—7. To exibit for public gaze.
पसारना (ଯଥା—ଦୋକାନ, ପସରା ମେଲିବା ।) ୮ । ଜଳରେ ଗତି
ভাসান କରିବା ପାଇଁ ଭସାଇବା ବା ଛାଡ଼ିବା; (ବନ୍ଧା ହୋଇଥିବା
खोलना ଡଙ୍ଗାକୁ) ବନ୍ଧନରୁ ଉନ୍ମୁକ୍ତ କରିବା—8. To float; to
drift; to set afloat; to launch (a boat).
(ଯଥା—ଡଙ୍ଗା ବା ବୋଇତ ମେଲିବା ।) ୯ । ସର୍ବ-
ସାଧାରଣରେ ପ୍ରକାଶ କରିବା ବା ବୋଲିବା—9. To
বলা utter publicly. ( ଯଥା—ଭଜ ମେଲିବା,
बोलना ଡାହୁକା ମେଲିବା ।) ୧୦ । ମୁଦ୍ରିତ ପଦାର୍ଥକୁ ଖୋଲିବା—
খোলা 10. To open a thing which had been
खोलना shut up. (ଯଥା—ଅକ୍ଷି ମେଲିବା ।) ୧୧। ମୁକୁଳାଇବା
11. To dishevel. (ଯଥା—ବାଳ ମେଲାଇବା ।)
୧୨ । ବର୍ଦ୍ଧିତ କରିବା—12. To increase. (ଉ—
ପାଞ୍ଚଲେ ତବା ଜ୍ୱଳ ସ୍ୱରେ ଗଲା ମେଲି । କୃଷ୍ଣସିଂହ.
ମହାଭାରତ. ବନ । ) ୧୩ । ଗର୍ଭିଣୀ ପ୍ରସବ କରି ପାରୁ ନ
ଥିଲେ (ଧାଈ) ହାତ ପୂରାଇ ଗର୍ଭରୁ ଶିଶୁକୁ ବାହାର କରିବା
(ଯଥା—ହାତ ମେଲିବା)—13. To cause delivery
by thrusting the hand into the organ.
[ଦ୍ର—ଏ କ୍ରିୟାର ଅସମାପିକା ରୂପ ସଙ୍ଗେ ଦେବା କ୍ରିୟାର
ସମାପିକା ରୂପ ଯୁକ୍ତ ହୁଏ, ଯଥା—ମେଲି ଦେବା ।]

ମେଲେ—ଦେ. କ୍ରି. ବିଣ—ସଙ୍ଗରେ; ସହିତ; ସାଥିରେ—
Mele In the company of; with.
সঙ্গে (ଉ—ସେ ବଂଶୁଷ୍ଟ ସେଥିଣ ବଂସଙ୍କର ମେଳେ, ବାହାରିଲା
मेलमें ବର୍ଦ୍ଧ ଯୁରେ ପଶ ବଳେ । କୃଷ୍ଣସିଂହ. ମହାଭାରତ, ବନ ।)

ମେଲେଚ୍ଛ(ଚ୍ଛା, ଛ, ଛା)—ଦେ. ବିଣ. ପୁଂ ( ସ. ମ୍ଳେଚ୍ଛ )—୧ । ମ୍ଳେଚ୍ଛ
Melechha(chhā, chchha, chchhā) (ଦେଖ ।
মেলেছ 1. Mlechchha (See ) ୨ । ଅସ୍ପୃଶ୍ୟ—
मलेछ 2. Untouchable. ୩ । ମ୍ଳେଚ୍ଛ ପରି ଅପବିତ୍ର—
[ମେଲେଚ୍ଛ (ଚ୍ଛି)ଆ—ଅନ୍ୟରୂପ] 3. Unclean like an un-
[ମେଲେଚ୍ଛୀ(ଛୀ)—ସ୍ତ୍ରୀ) touchable. ୪ । ମଳିଆ—4. Dirty.
୫ । କୁରୂପ; କଦାକାର—5. Ugly. ୬। ଅତି କୃପଣ—
6. Very miserly.

ମେଲେରିଆ—ଦେ. ବି. ( ଇଂ ମାଲେରିଆ )—ଦୂଷିତ ଜଳବାୟୁ ଜନିତ
Meleriā ପୁନଃପୁନଃ ପ୍ଳୀହାବର୍ଦ୍ଧକ କମ୍ପଜ୍ୱର ବିଶେଷ—Malarias
ম্যালেরিয়া मलेरिया malarial fever.

ମେସ୍—ବୈଦେ. ବି. (ଇଂ. ମେସ୍)—୧ । ରକ୍ତାଦି ସମ୍ପର୍କ ଶୂନ୍ୟ ଅଥଚ
Meś ଏକ ବୃତ୍ତି ଅବଲମ୍ବନକାରୀ କେତେକ ଲୋକ ଯେଉଁ
মেস ସ୍ଥାନରେ ଏକାଠି ହୋଇ ଏକତ୍ର ରହନ୍ତି—1. Mess. ୨ ।
मेस ରକ୍ତାଦି ସମ୍ପର୍କହୀନ ଓ କର୍ମକ୍ଷେତ୍ରରେ ସଙ୍ଗୀ ଲୋକମାନେ
ଏକ ଘରେ ରହିବା ଓ ଏକ ପାକରେ ଖାଇବାର ବ୍ୟବସ୍ଥା
—2. Messing together of many persons
having no mutual relationship but
following the same profession or
occupation.

ମେଶିନ୍(ନି)—ବୈଦେ. ବି. ( ଇଂ. ମେସିନ୍ )—ଯନ୍ତ୍ର; କଳ—
Meśin(ni) Machine. (ଯଥା—ଷ୍ଟିମ୍ ମେସିନ୍, ଅଏଲ୍
মেসিন ମେସିନ୍, ଇଲେକ୍ଟ୍ରିକ୍ ମେସିନ୍, ସିଲିଂ (ସିଲେଇ)
मशीन ମେସିନ୍; ପ୍ରିଣ୍ଟିଂ (ଛାପା) ମେସିନ୍ ଇତ୍ୟାଦି ।)

ମେଶିନ୍ ଗନ୍—ବୈଦେ. ବି. (ଇଂ. ମେସିନ୍ ଗନ୍)—କଳ ଦ୍ୱାରା ଦ୍ରୁତ-
Meśin gan ଗୁଳିକ ବନ୍ଧୁକ—Machine gun.
মেসিনগন मशीनगन

ମେଶିନ୍ ଚଳା(ଳେ, ଳା, ଲେ)ଇବା—ଦେ. କ୍ରି—କଳକୁ ପରିଚାଳିତ
Meśin chalā(le, lā, le)ibā କରିବା—To work a
মেশিন চালান मशीन चलाना machine.
(ମେସିନ୍ ଚଳା[ଳେ]ଇବା—ଅନ୍ୟରୂପ)

ମେଶିନ୍ ପ୍ରେସ୍—ବୈଦେ. ବି. ( ଇଂ. ମେସିନ୍ ପ୍ରେସ୍ )—କଳ ଦ୍ୱାରା
Meśin pres ପୁସ୍ତକାଦି ଛାପିବାର ଯନ୍ତ୍ର—Machine press.
মেসিন প্রেস मशीन प्रेस (ବିପରୀତ—ହାଣ୍ଡ ପ୍ରେସ୍)

ମେଶେଷ୍ଟ୍ର—ପ୍ରାଦେ. (ଗଞ୍ଜାମ) ବି (ଅଶୁଦ୍ଧ ଉଚ୍ଚାରଣ) (ଇଂ. ମାଜିଷ୍ଟ୍ରେଟ୍ )
Meśeshtra —ମାଜିଷ୍ଟ୍ରେଟ୍—Magistrate.

ମେଶୋପ(ପୋ)ଟ(ଟା)ମିୟାଁ—ଦେ. ବି—ଏସିଆଟିକ୍ ତୁର୍କୀର ପ୍ରଦେଶ
Meśopa(po)ta(tā)miyā̃ ବିଶେଷ—Mesopotamia; a
মেসোপোটামিয়া province of Asiatic Turkey.
मेसोपोटामिया [ଦ୍ର—ମେସୋପୋଟାମିୟାଁ ଇଉଫ୍ରେଟିସ୍ ଓ ଟାଇଗ୍ରୀସ୍
ନଦୀ ମଧ୍ୟରେ ଅବସ୍ଥିତ । ପ୍ରାଚୀନକାଳରେ ଏହିଠାରେ
ପ୍ରସିଦ୍ଧ ବାବିଲନ୍ ରାଜଧାନୀ ଥିଲା । ଗତ ଇଉରୋପୀୟ
ମହାଯୁଦ୍ଧ (୧୯୧୪-୨୦)ରେ ଏଠାରେ ଇଂରେଜମାନେ
ତୁର୍କୀସଙ୍ଗେ ଯୁଦ୍ଧ କରିଥିଲେ । ଏହା ବର୍ତ୍ତମାନ ଇଂରେଜ

ଅଧିକୃତ ବସର (Basara) ନଗର ଇଂରେଜ ଅଧିକୃତ ମେସୋପୋଟାମିୟାର ଦ୍ୱାର ଅଟେ । ପାରସ୍ୟ ଉପସାଗର ଦେଇ ବସର ବାଟେ ମେସୋପୋଟାମିୟାକୁ ଯିବାକୁ ହୁଏ ।]

ମେଷ—ସଂ. ବି ( ମିଷ୍ ଧାତୁ—ସ୍ପର୍ଦ୍ଧା କରିବା + କର୍ତ୍ତୃ. ଅ )—୧ । ମେଣ୍ଢା; ଭେଡ଼ା—1. Ram; sheep. [ ଦ୍ର—
Mesha
(ମେଷା, ମେଷୀ, ମେଷିକା – ସ୍ତ୍ରୀ) ଏହାର ଅନ୍ୟ ସଂସ୍କୃତ ନାମମାନ; ଯଥା—ଅଜ, ଉରଣ, ଉରଭ୍ର, ଊର୍ଣ୍ଣାୟୁ, ଏଡ଼କ, ଭେଡ଼, ଭେଡ଼କ, ଭେଡ୍ର, ମେଣ୍ଢ, ମେଣ୍ଢକ, ଲୋ(ଲୋ)ମଶ, ଶୃଙ୍ଗିଣ, ବଲୀ, ବୃଷ୍ଣୀ, ସଫଳ, ହୁଡ଼, ହୁଡ଼ୁ, ହୁଡ୍ଡୁ, ମେଢ୍ର, ମେଢ୍ରା, ପୃଥୁଦର, ବହୁରୋମା, ଏଳକ, ମେଢ୍ର ।] ୨ । ଜ୍ୟୋତିଷୋକ୍ତ ପ୍ରଥମ ରାଶି—2. The first of the twelve signs of the zodiac; the Aries. [ ଦ୍ର—ଏହି ରାଶି ୬୨୫ ତାରାଯୁକ୍ତ ମେଷାକାର ନକ୍ଷତ୍ରପୁଞ୍ଜ । ବୈଶାଖରେ ସୂର୍ଯ୍ୟ ଏହି ରାଶିରେ ରହନ୍ତି । ଅଶ୍ୱିନୀ, ଭରଣୀ ଓ କୃତ୍ତିକାର ଏକ ପାଦ ନେଇ ଏ ରାଶି ଗଣାଯାଏ । ଏହି ରାଶିଜାତ ବ୍ୟକ୍ତି ଶେଷ ଦଶାରେ ନେତ୍ରରୋଗୀ, ଦସ୍ୟୁ, ଧନୀ, ନାନୁଗାମୀ, ଧାର୍ମିକ, ଧୀର, ମତ୍ସ୍ୟମାଂସାଶୀ, ଅରକ୍ତ ପୀତବର୍ଣ୍ଣ, କ୍ରୂରପ୍ରକୃତି, ଶୀତୋଷ୍ଣସ୍ୱଭାବ, କାନ୍ତିରହିତ, ସମାନାଙ୍ଗ, ପଙ୍କଜନେତ୍ର, ପୁତ୍ରାଦିଯୁକ୍ତ, ଅଳ୍ପସ୍ତ୍ରୀସଙ୍ଗକାମୀ, ଅଳ୍ପସନ୍ତାନବାନ୍, ସୁବୃତ୍ତ, ଅତିଚପଳବାକ୍ୟ, ସ୍ୱଜନବନ୍ଧୁ, ବଳୀ ଓ ପରବତ୍ସଳ ହୁଏ ।] ୩ । ମେଷଲଗ୍ନ; ଜ୍ୟୋତିଷୋକ୍ତ ଲଗ୍ନ ବିଶେଷ —3. The moment of the sun's entrance into the sign of the Aries. ୪ । ଚକ୍ରମର୍ଦ୍ଦ ବା ଚାକୁଣ୍ଡାଇ ଗଛ—4. A plant; Cassia Tora. ୫ । ସୌର ବୈଶାଖ ମାସ—5. The solar month of Baisākha.

ମେଷକ—ସଂ ବି—ଶାକଶାକ—A kind of pot herb. ମେଣ୍ଢାଶିଙ୍ଗା ୧ ( ଦେଖ )—Mendhāsingha 1 ( See ) ୨ । ମେଷ; ମେଣ୍ଢା—2. Ram; sheep.
Meshaka

ମେଷ ଘୋଷ—ସଂ. ବି—୧ । ଜନତା; ଗହଳି—1. Crowd. ୨ । ଜନତାରୁ ଉଠିବା ଶବ୍ଦ—2. Bustling noise issuing out of a crowd.
Mesha ghosa

ମେଷ ପାଳ—ସଂ. ବି. ପୁଂ—୧ । ମେଣ୍ଢା ରଖୁଆଳ—1. A shepherd. ୨ । ମେଣ୍ଢାପଲ—2. A herd of sheep.
Mesha pāla
(ମେଷପାଳୀ—ସ୍ତ୍ରୀ)

ମେଷ ପାଳକ—ସଂ. ବି. ପୁଂ—ମେଣ୍ଢା ରଖୁଆଳ— A shepherd.
Mesha pālaka
(ମେଷ ପାଳିକା—ସ୍ତ୍ରୀ)

ମେଷ ବଲ୍ଲୀ—ସଂ. ବି—ଏକପ୍ରକାର ବଣଜ ଲତା ଓ ଏହାର ଫଳ; ମେଣ୍ଢା ଶିଙ୍ଗା—A creeper; convolvulus Argenteous; Gymnema Sylvestre; ସ୍ୱର୍ଣ୍ଣଦ୍ରୁମା, ଅଜଶୃଙ୍ଗୀ Ascelepias Geminata. ମେଢ଼ା ସିଂଗା ମିଁଷ ସିଙ୍ଗ
Mesha balli
(ସ—ନଦୀବୃକ୍ଷ, ଚକ୍ଷୁ, ଚକ୍ଷୁଷ୍ୟବଲ୍ଲ, ବଲ୍ଲଚକ୍ଷୁ, ମେଢ୍ରଶୃଙ୍ଗୀ,)
(ମେଷ ବିଷାଣିକା, ମେଷ ଶୃଙ୍ଗୀ—ଅନ୍ୟରୂପ)

ମେଷ ଯୁଦ୍ଧ—ବି—ଅଳଙ୍କାର ବିଶେଷ—A kind of picturesque composition. [ଦ୍ର—ଏଥିରେ ଯେଉଁ ପାଦ ଲେଖା ହୁଏ ସେହି ପାଦକୁ ଓଲଟାଇ ପଢ଼ିଲେ ଠିକ୍ ସେହିପରି ପଢ଼ା ଯାଏ, ଯଥା—ରସାସ୍ୱାଦନେ ଧନ୍ୟା ଧୀର ସାର । ଗୋଲୋକ. ଇନ୍ଦୁରେଖା । ]
Mesha juddha

ମେଷ ଲୋଚନ—ସଂ. ବି—ଚକ୍ରମର୍ଦ୍ଦ ବା ଚାକୁଣ୍ଡାଇ ଗଛ— A tree; Cassia Tora.
Mesha lochana

ମେଷ ଶୃଙ୍ଗ—ସଂ. ବି—୧ । ମେଣ୍ଢାର ଶିଂଘ—1. The horn of a ram. ୨ । ମେଣ୍ଢାଶିଂଘା ମହୁର—2. Name of a poisonous root.
Mesha śrunga

ମେଷ ସଂକ୍ରମଣ—ସଂ. ବି—ବିଷୁବ ସଂକ୍ରାନ୍ତି; ପଣାସଂକ୍ରାନ୍ତି; ମହାବିଷୁବ ସଂକ୍ରାନ୍ତି ଓଡ଼ିଆ କୃଷିବର୍ଷ ଓ ପାଞ୍ଜି ବର୍ଷ ଗଣନାର ଆଦ୍ୟ ଦିବସ— The 1st day of the solar month of Baiśākha.
Mesha samkramana
(ମେଷ ସଂକ୍ରାନ୍ତି— ଅନ୍ୟରୂପ)
[ ଦ୍ର—ଏ ଦିନ ଓଡ଼ିଆ ପାଞ୍ଜିରେ ନବବର୍ଷ ଆରମ୍ଭ ହୁଏ; ତୁଳସୀ ଗଛ ଉପରେ ଝରା ଓ ସଚ୍ଛିଦ୍ର ଜଳ ଘଟୀ ଲଗାଯାଇ ମାସକ ଯାଏ ଗଛରେ ପାଣି ଦିଆଯାଏ; ଅନେକ ସ୍ଥାନରେ ଝାମୁ ଯାତ୍ରା, ଛଉନାଚ ଓ ଚଡ଼କ ପୂଜା କରାଯାଏ; କିଛି ଭୂମି ଅଞ୍ଚଳରେ ଓଡ଼ିଆମାନେ ଘର ଲିପା ପୋଛା କରି ପୂଜା, ଧର୍ମଗ୍ରନ୍ଥ ପାଠ,କୀର୍ତ୍ତନ ଓ ଭୋଜି କରନ୍ତି । ଗଞ୍ଜାମ ଅଞ୍ଚଳରେ ଶିଶୁମାନଙ୍କ ପେଟରେ ଚଡ଼ୁ ଦିଆ ଯାଏ । ବ୍ରାହ୍ମଣମାନଙ୍କୁ ଛତା, ବିଞ୍ଚଣା, ପଣା ଓ ଜଳପାତ୍ର ଦାନ କରାଯାଏ । କାହିଁ ଅଦି ଅଞ୍ଚଳରେ ଦହନ ଜନ୍ତୁ ଉପରେ ଦ୍ରୁତଧାବମାନେ ଶାଳ ଗୋଡ଼ରେ ଚାଲନ୍ତି । ଏ ଦିନ ବଙ୍ଗ ଓ ଉତ୍କଳର ଅନେକ ସ୍ଥଳରେ ଶ୍ରୀ ଶ୍ରୀ ସ୍ୱାଧୀରମଣ ଦେବ ବାବାଜୀଙ୍କର ଜନ୍ମୋତ୍ସବ ଅନୁଷ୍ଠିତ ହୁଏ ।]

ମେଷାଣ୍ଡ—ସଂ. ବି—୧ । (ଷଷ୍ଠୀ ତତ) ମେଣ୍ଢାର ଅଣ୍ଡକୋଷ— 1. The testicle of a ram. ୨ । (ବହୁବ୍ରୀହି) ଦେବରାଜ; ଇନ୍ଦ୍ର—2. Indra.
Meshānda

ମେଷିକା—ସଂ. ବି ( ମେଷୀ + କ + ଆ )—୧ । ମାଈମେଣ୍ଢା; ମେଣ୍ଢୀ— 1. Ewe. ୨ । ମୂତ୍ରରୋଗ ବିଶେଷ— 2. An urinary disease. ୩ । ମୂତ୍ର, ପ୍ରସ୍ରାବ— 3. Urine
Meshikā

ମେଷୀ—ସଂ. ବି. ସ୍ତ୍ରୀ ( ମେଷ + ସ୍ତ୍ରୀ ଈ )—୧ । ମାଈ ମେଣ୍ଢା— 1. Ewe. ୨ । ବାଜନ ଗଛ; ଜଳଶ ବୃକ୍ଷ— 2. A tree; Dalbergia Ouigensis. ୩ । ଜଟାମାଂସୀ—3. Indian Spikenard; Valerine Jatāmāmsi.
Meshi
ସ—ଜଳଶ, ସ୍ୟନ୍ଦନ

ମେଷ୍ଟ୍ରେଟ୍—ପ୍ରାଦେ. ( ଗଞ୍ଜାମ ) ବୈଦେ. ବି ( ଇଂ. ମାଜିଷ୍ଟ୍ରେଟ୍‌ର ଅଶୁଦ୍ଧ ଉଚ୍ଚାରଣ )—ମାଜିଷ୍ଟ୍ରେଟ୍—Magistrate.
Meshtret

ମେସ୍‌ମେରାଇଜ୍ କରିବା—ଦେ. କ୍ରି ( ଇଂ. ମେସ୍‌ମେରାଇଜ୍ )—
Mes-merāij karibā ଅଧିକାର ପାଶ୍ଚାତ୍ୟ ପ୍ରକ୍ରିୟାଦ୍ୱାରା
মেসমেরাইজ করা ମନୁଷ୍ୟକୁ ବଶୀଭୂତ କରିବା—To
मेसमेराइज करना mesmerise a person.

ମେସ୍ ମେରିଜ୍‌ମ୍—ବୈଦେ. ବି ( ଇଂ )—ଅଧିକାର ପାଶ୍ଚାତ୍ୟ ପ୍ରକ୍ରିୟା-
Mes-merij-m ଦ୍ୱାରା ମନୁଷ୍ୟକୁ ବଶୀଭୂତ କରିବା—
মেসমেরিজম मेसमेरिज़म Mesmerism.

ମେସ୍ ମେରିଷ୍ଟ—ବୈଦେ. ବି.—( ଇଂ. )—ମେସ୍‌ମେରିଜମ୍ ବିଦ୍ୟାରେ
Mes-merisht ପ୍ରବୀଣ ବ୍ୟକ୍ତି—Mesmerist.
মেস্‌মেরিষ্ট मेसमेरिष्ट

ମେସ୍ତ୍ରି—ପ୍ରାଦେ (ଗଞ୍ଜାମ) ବି.—ମିସ୍ତ୍ରି—
Mestri Mason.

ମେହ—ସଂ. ବି.—(ମିହ୍ ଧାତୁ=ସେଚନ କରିବା+କର୍ମ. ଅ)—
Meha ୧ । ମୂତ୍ର; ପ୍ରସ୍ରାବ—1. Urine. ୨ । (+କରଣ) ମୂତ୍ରରୋଗ ବିଶେଷ; ଧାତୁସ୍ରାବ ରୋଗ—2. Gonorrhoea. [ ଦ୍ର—ଏଥିରେ ପ୍ରସ୍ରାବନଳୀ ମଧ୍ୟରେ ଘାଆ ଓ ଫୁଲି ହୋଇ ରକ୍ତ ଓ ପୂଜ ଆଦି ପଡ଼େ ଓ ପ୍ରସ୍ରାବଦ୍ୱାର ଘାର ହୁଏ । ଆୟୁର୍ବେଦରେ ବିଂଶତି ପ୍ରକାର ମେହର ଉଲ୍ଲେଖ ଅଛି । ] ୩ । ମେଷ; ମେଣ୍ଢା—3. Ram.

ମେହଗ(ଗା,ଗେ)ନି—ଦେ. ବି—(ଇଂ. ମେହଗନି)—୧ । ସାଗୁଆନ ପରି
Mehaga(gā,ge)ni ଏକ ପ୍ରକାର କାଠ—1. Swietenia
মেহগিনী तुन Mahagoni; mahogony.
[ ଦ୍ର—ଏହା ଆମେରିକା ବର୍ଗର ବୃହତ୍ ବୃକ୍ଷ । ଏହି ଗଛ ଆମେରିକାରେ ଜନ୍ମେ; ଅତି କାଳ ଏ ଦେଶରେ ସ୍ଥାନେ ସ୍ଥାନେ ଲଗା ଯାଉଅଛି । ମେହଗାନି କାଠ ରକ୍ତ ପୀତ ବର୍ଣ୍ଣ, କୋମଳ ଓ ସୁନ୍ଦର । ] ୨ । ଅନ୍ୟ ଏକ ଜାତିର ସାଗୁଆନ କାଠ—2. Swietenia Macrophylla.
[ ଦ୍ର—ଏହି ଗଛ ଛୋଟ; ମାତ୍ର ଏହାର ପତ୍ର ବଡ଼ । ଏ ଦେଶରେ ଏଥିରେ ଫୁଲ ଫଳ ଧରେ । ]

ମେହଘ୍ନୀ—ସଂ. ବି. ସ୍ତ୍ରୀ—(ମେହ+ହନ୍ ଧାତୁ+କର୍ତ୍ତୃ+ସ୍ତ୍ରୀ)—ହଳଦୀ-
Mehaghni Turmeric.

ମେହନ—ସଂ. ବି—(ମିହ୍ ଧାତୁ=ସେଚନ କରିବା+କର୍ମ. ଅନ)—
Mehana ୧ । ମୂତ୍ର—1. Urine. ୨ । (+କର୍ତ୍ତୃ. ଅନ ପଶ୍); ପୁରୁଷର ଜନନେନ୍ଦ୍ରିୟ—2. Penis; male organ of generation; Membrum virile. ୩ । (+ଭାବ. ଅନ) ମୂତ୍ରୋତ୍ସର୍ଗ—3. Urination; pissing. ୪ । ମୁଷଳ ବୃକ୍ଷ; ଘଣ୍ଟାପାଟଳୀ ବୃକ୍ଷ—4. A wild tree; Schrebra Swietenioides.

ମେହ(ହେ)ନ(ନ୍ନା)ତ(ତ)—ବୈଦେ. ବି—(ଅ. ମେହନତ)—ମିହନ୍ତି;
Meha(he)na(nna)t(ta) ପରିଶ୍ରମ—Labour; toil.
महनत मिहनत [ ଦ୍ର—ସେ ଶିକ୍ଷାରେ, ଏତେ ମେହେନତ (ମେହନ୍ତ—ଅନ୍ୟରୂପ) ଉଠାଇ ପାରବ ନାହିଁ । ଫକୀରମୋହନ ଛମାଣ. ଆଠଗୁଣ । ]

ମେହନତ୍ କରିବା (ଉଠାଇବା)—ଦେ. କ୍ରି—ପରିଶ୍ରମ କରିବା—
Mehanat karibā (uṭhāibā) To labour.
মেহনত করা मिहनत करना

ମେହ(ହେ)ନ(ନ୍ନ)ତ(ତା)ନା—ବୈଦେ. ବି—( ଫା. ମେହନତ୍-ଅନା)-
Meha(he)na(nna)ta(tā)nā ମିହନ୍ତନା; ପାରିଶ୍ରମିକ—
মেহনতানা महनताना Remuneration for labour.
[ମେହନ୍ତ(ନ୍ତା)ନା—ଅନ୍ୟରୂପ]

ମେହ(ହେ)ନ(ନ୍ନ)ତୀ—ଦେ. ବିଣ—ପରିଶ୍ରମୀ—
Meha(he)na(nna)tī মেহনতী मिहनती Labourious.
ମେହ(ହେ)ନ(ନ୍ନ)ତିଆ;
ମେହ(ହେ)ନ୍ତୀ; ମେହ(ହେ)ନ୍ତିଆ } —ଅନ୍ୟରୂପ

ମେହିକାପ—ଦେ. ବି.—ମେକାପ (ଦେଖ)
Mehikāpa Mekāpa (See)

ମେହି ଖୁଣ୍ଟ—ପ୍ରାଦେ.— (ସାଳଙ୍ଗୁର)—ବି.—ମେରି (ଦେଖ)
Mehi khunṭa Meri (See)

ମେହି(ହେ)ଲି ରାଣ୍ଡିଆ—ପ୍ରାଦେ.—( ଗଡ଼ଜାତ )—ବିଣ. ପୁଂ—
Mehi(he)li rāṇḍiā (ପୁରୁଷଙ୍କ ପ୍ରତି ବ୍ୟବହୃତ ଗାଳି)—
ଯେଉଁ ବ୍ୟକ୍ତିର ବିବାହର ଅବ୍ୟବହିତ ପରେ ତା ସ୍ତ୍ରୀ ବିଧବା ହୁଏ, ଅର୍ଥାତ ବିବାହିତ ବ୍ୟକ୍ତି ସ୍ୱୟଂ ମରଯାଏ—
(A curse to males) One who will die soon after marriage.

ମେହି(ହେ)ଲି ରାଣ୍ଡୀ—ପ୍ରାଦେ. (ଗଡ଼ଜାତ)—ବିଣ. ସ୍ତ୍ରୀ—(ସ୍ତ୍ରୀଙ୍କ ପ୍ରତି
Mehi(he)li rāṇḍi ପ୍ରଯୁକ୍ତ ଗାଳି)—ଯେଉଁ ସ୍ତ୍ରୀ ବିବାହର ଅବ୍ୟବହିତ ପରେ ବିଧବା ହୁଏ—( a term of cursing applied to females) (a woman) Who will become a widow immediately after her marriage.

ମେହୀ—ସଂ. ବିଣ. ପୁଂ—( ମେହ+ଇନ୍; ୧ମା; ୧ବ )—ମେହ-
Mehi (ମେହିନୀ—ସ୍ତ୍ରୀ) ରୋଗାକ୍ରାନ୍ତ (ବ୍ୟକ୍ତି)—
Suffering from gonorrhoea.

ମେହି ଖୁଣ୍ଟି—ପ୍ରାଦେ. (ବାଙ୍କୀ) ବି.—ଘାଟଖୁଣ୍ଟି—A post driven
Mehi khunṭi in the centre of a pond.

ମେହୁ—ଗ୍ରା. ବି—(ପ୍ରାଚୀନ ପଦ୍ୟ)—ମେଘ—
Mehu মেঘ मेह Cloud.
[ଦ୍ର—ଗର୍ଜିଲେ ଗଗନେ ମେହୁ ଯାଉଲେ କହସା । ପ୍ରାଚୀ. ଜହସଂ ମଞ୍ଜରୀ ।]

ମେହୁଆ—ଦେ. ବି—ମେଉଆ (ଦେଖ)
Mehuā Meuā (See)

ମେହେଣ୍ଡକାଳ—ଦେ. ବି—(ସଂ. ମହାକାଳ)—ମହାକାଳ ଫଳ—
Mehenkāḷa Colocynth; bitter apple; citrullus.
माकाल महाकाल

ମେହାଙ୍ଗା—ଦେ.ବି.— ଏକପ୍ରକାର ବନ୍ୟ ବୋଲ ଗଛ—Erioglossum
Mehengā Rubiginosum (Haines)

ମେହେଞ୍ଜର—ବୈଦେ. (ଗ୍ରାମ୍ୟ) ବି.—( ଇଂ. ମାନେଜର )—ମେନେଜର
Mehenjara ম্যানেজর (ଦେଖ)—Menejara (See)

ମେହେନ୍ଦି (ଦି)—ଦେ.ବି—(ସଂ. ମେନ୍ଧିକା, ମେନ୍ଧୀ)—ମଞ୍ଜୁଆତି; ହେନା-
Mehedi(ndi) Alcanet; Henna; Lawsonia Alba.
(ସଂ. ନାମ—ମେନ୍ଧୀ, ମେନ୍ଧିକା, ରଞ୍ଜକ, କୋକଦନ୍ତା ।)
মেহেন্দি, মেদি हेना, मेंहन्दि Tylophora Asthamatica.
ହି. ମେହେଦୀ [ ଦ୍ର—ଧାତକ୍ୟାଦି ବର୍ଗର ଗୁଳ୍ମ; ଶାଖା କଣ୍ଟକମୟ
ପା. ହେନା ବୋଲି ଲୋକେ ଏହି ଗଛକୁ ଲଗାଇ ବାଡ଼
କରନ୍ତି । ଏହାର ଫୁଲ ଉଭୁର୍ବଲ । ଏହା ଗଛ ବେଲୁଆସ୍ଥାନ
ଜଙ୍ଗଲରେ ଓ ଭାରତରେ ପାଳିତ ହୋଇ ଲଗାଯାଏ ।
ଏଥିର ମଞ୍ଜରୀରେ ଧଳା ଫୁଲ ଧରେ । ଫୁଲର ଗନ୍ଧ ମଧୁର ।
ଫଳ ଗୋଲମରିଚ ପରି କେଣ୍ଡା କେଣ୍ଡା ଫଳେ । ଏହାର
ପତ୍ରକୁ ବାଟି କରତଳରେ ଓ ନଖରେ ଲଗାଇ କିଛି ସମୟ
ପରେ ପୋଛି ଦେଲେ ସେ ସ୍ଥାନ ନାଲି ହୁଏ । ଏହି ଗଛର
ପତ୍ରକୁ ବାଟି ମୁସଲମାନ୍ ସ୍ତ୍ରୀ ପୁରୁଷମାନେ ହାତ, ନଖ,
ପାଦ ଓ ଦାଢ଼ିକୁ ରକ୍ତବର୍ଣ୍ଣରେ ରଙ୍ଗାନ୍ତି । ]

ମେହେନା—ବୈଦେ. ବି.—(ଅ. ମେୟାନା)—ତାମଜାନ; ଜାନରେ
Mehenā ବୁହା ହେବା ଦୁଇ ପଟେ ବାହିଁଥ ଲଗା ଚଉକି ବା
তঞ্জাম, মেনা मियाना ଡୋଲି—A sedan chair.

ମେହେ(ହ)ନ୍ତ(ତ)ର—ବୈଦେ.ବି.ପୁଂ—(ପା.ମେହତର୍=ପରମାଣିକ;
Mehe(ha)nta(ta)ra ଜାତିର ସର୍ଦ୍ଦାର, ତୁଳ. ସଂ. ମହତ୍ତର)—
মেথার मेहतर ହାଡ଼ି; ମଳ ପରିଷ୍କାରକ ଅସ୍ପୃଶ୍ୟ ଜାତିବିଶେଷ;
[ମେହଁ (ହେଁ)ତର—ଅନ୍ୟରୂପ] ଚଣ୍ଡାଳ—The caste of
sweepers and removers of nightsoil.

ମେହଁ(ହେଁ)ତ୍ରାଣୀ
ମେହଁ(ହେଁ)ତରାଣୀ } — ସ୍ତ୍ରୀ [ ଦ୍ର—ବର୍ତ୍ତମାନ ଭାରତର ପଶ୍ଚିମ
ମେହ(ହେ)ନ୍ତାଣୀ ସୀମାନ୍ତବର୍ତ୍ତୀ ଚିତ୍ରାଲ ଅଞ୍ଚଳର ଦେଶୀୟ
ରାଜାଙ୍କ ଉପାଧି ମେହ୍‌ତର୍ । ଅତଏବ
ମେହ୍‌ତର୍ ଶବ୍ଦର ଅର୍ଥ ମାନ୍ୟ ବ୍ୟକ୍ତି । କିନ୍ତୁ ଏ ନୀଚ କର୍ମ-
କାରୀ ହାଡ଼ିକୁ ବ୍ୟଙ୍ଗୋକ୍ତି ବା ଶୁଭବାଚକ (euphemism)
ରେ 'ମେହେନ୍ତର' ବୋଲି ପ୍ରଥମେ ଡକା ହେଲା । ତୁଳନା
କର —ଓଡ଼ିଆ. ମାହାର=ହାଡ଼ି; ମାହାରାଣୀ=
ହାଡ଼ିଆଣୀ ।]

ମେହେନ୍ତରି—ବୈଦେ. ବି.—ମେହେଁନ୍ତରର କର୍ମ
Mehentari The act of a sweeper.
মেথরী मेहतरी

ମେହେ(ହ)ମାନ୍—ବୈଦେ. ବି.—(ପା.)—ଅତିଥି—
Mehe(ha)mān মেহেমান मेहमान Guest.

ମେହେ(ହ)ମାନ୍‌ଦାର୍—ବୈଦେ. ବି—(ପା.)—ଅତିଥିସତ୍କାର କରିବା
Mehe(ha)mān-dār মেহেমানদার ବ୍ୟକ୍ତି-A hospitable
मेहमानदार person.

ମେହେ(ହ)ମାନଦାରି—ବୈଦେ. ବି. (ପା.)—ଅତିଥିସତ୍କାର—
Mehe(ha)mān-dāri মেহেমানদারী Entertainment
मेहमानदारी of guests.

ମେହେମାନି—ବୈଦେ. ବି. (ପା.)—ଆତିଥ୍ୟ—Hospitality.
মেহেমানী मेहमानी

ମେହେର୍—ବୈଦେ. ବି—(ପା. ମେହର)—୧ । ବନ୍ଧୁତ୍ୱ—
Meher মেহর मेहर 1. Friendship. ୨ । ଅନୁଗ୍ରହ—
(ମେହରବାନ୍‌ଗୀ—ଅନ୍ୟରୂପ) 2. Favour. ୩ । ସୌହାର୍ଦ୍ଦ୍ୟ
3. Intimacy. ୪ । ମନର ମେଳ—4. Con-
cord; mental agreement. ପ୍ରାଦେ.
(ସମ୍ବଲପୁର)—ବି.—ଭୁଲିଆ ମାନଙ୍କର ବଂଶୋପାଧିବିଶେଷ-
A family-title of weavers.

ମେହେରୁନ୍ନିସା—ବୈଦେ. ବି ( ନାମ ) ( ପା )—ମୋଗଲ ସମ୍ରାଟ
Meher-unnisā ଜାହାଙ୍ଗୀରଙ୍କ ପ୍ରିୟତମା ପତ୍ନୀ ନୁରଜାହାନଙ୍କ
মেহেরউন্নিসা ପୂର୍ବନାମ—The name of the Empress
मेहरउन्निसा of the Moghal Emperor Jehangir
before her marriage with the Emperor.

ମେହେର୍‌ବାନ୍—ବୈଦେ. ବି ( ପା; କଚେରି )—ସୁହୃଦ୍; ବନ୍ଧୁ—
Meher-bān Friend. ବୈଦେ. ବିଣ—୧ । ଦୟାଳୁ—
মেহেরবান 1. Kind; compassionate. ୨ ।
मेहरबान ଅନୁକୂଳ—2. Favourable; gracious.
୩ । ବନ୍ଧୁଭାବାପନ୍ନ—3. Friendly

ମେହେର୍‌ବାନ୍ ଦୋସ୍ତାନ୍—ବୈଦେ. ଅ ( ପା; କଚେରି ) ( ମିତ୍ର
Meher-bān dostān ରାଜାମାନଙ୍କ ନିକଟକୁ ପ୍ରେରିତ ପତ୍ରର
মেহরবান দোস্তান ଶିରୋନାମରେ ଲେଖାଯିବା ସମ୍ବୋଧନ)—
मेहरबान दोस्तान ପ୍ରିୟତମ ଓ ସ୍ନେହୀ ବନ୍ଧୋ ! —My
esteemed friend ! ( used as a term of
address in letters written to the Chiefs
of friendly or feudatory states )

ମେହେ(ହ)ର୍‌ବାନ୍ କଦଳୀ—ପ୍ରାଦେ ( ଗଞ୍ଜାମ ) ବି—ବାଙ୍ଗୁଲୀ କଦଳୀ
Mehe(ha)r-bān kadalī —A kind of dwarf
banana plant and its fruit.

ମେହେ(ହ)ର୍‌ବାନି—ବୈଦେ. ବି ( ପା. ମେହରବାନ୍‌ଗୀ )—୧ ।
Mehe(ha)r-bāni ଦୟାଳୁତା; ଦୟା—1. Kindness.
মেহেরবানী ୨ । ଅନୁଗ୍ରହ—2. Grace; favour. [ ଦ୍ର
मेहरबानी —ରୋଚଗାର ବିଷୟରେ ମେହରବାନି କରି
(ମେହେରବାନ୍‌ଗୀ—ଅନ୍ୟରୂପ) ପଣ୍ଡୁରଲେ । ପଞ୍ଚାରମୋହନ-
ଛଅମାଣଅଠଗୁଣ୍ଠ । ] ୩ । ବନ୍ଧୁତା; ସୌହାର୍ଦ୍ଦ୍ୟ—
3. Friendship.

ମେହେର କବି—ଦେ. ବି—ସମ୍ବଲପୁରର ପ୍ରସିଦ୍ଧ ଓଡ଼ିଆ କବି ଗଙ୍ଗାଧର
Mehera kabi ମେହେର—The late Gangadhar
Meher, late Oriya poet. [ ଦ୍ର—ମେହେର
କବି ପ୍ରଣୀତ କୀଚକବଧ, ଇନ୍ଦୁମତୀ, କବିତାକଲ୍ଲୋଳ, ତପସ୍ୱିନୀ,
ଉତ୍କଳଲକ୍ଷ୍ମୀ, ଅର୍ଘ୍ୟସ୍ଥାଳ, ଭାରତୀଭାବନା, ମହିମା, ଅହଲ୍ୟା-
ସ୍ତବ, କୀଚକବଧ କାବ୍ୟ ଓ କବିତାମାନ ରଚନା କରି
ଓଡ଼ିଆ ସାହିତ୍ୟରେ ଅମର କୀର୍ତ୍ତି ରଖି ଯାଇଅଛନ୍ତି ଓ ତାଙ୍କ
ନାମରେ ସମ୍ବଲପୁରର ଉଦ୍ୟମୀ ସାହିତ୍ୟିକମାନେ ସମ୍ବଲ-
ପୁରରେ ୧୯୩୦ ସାଲରୁ ଗଙ୍ଗାଧର ସାହିତ୍ୟ ପରିଷଦ
ପ୍ରତିଷ୍ଠା କରିଅଛନ୍ତି । ]

ମେହେରାବ(ବି)—ବୈଦେ. ବ ( ଅ, ମେହ୍‌ରାବ୍ )—୧ । ତୋରଣ—
Meherāb(bi) 1. Gate. [ ଭ—ଭଗ୍ନବକ୍ର ସ୍ୱର୍ଣ୍ଣସ୍ତମ୍ଭ
मेराप ହୋଇ ଥାଇ ଧାଡ଼, ଧର ଭଗ୍ନ ମେହେରାବଗଣ୍ଡ ।
मोहराब ଚନ୍ଦ୍ରାମଣି. ବଳମାଦତ୍ୟ । ] ୨ । ତୋରଣ ଉପରେ
ଥିଲା ଖିଲାଣ—2. An arch over a gate-way. ୩ । ଖିଲାଣ—3. Arch. ୪ । ଗୋଲାକାର
ଶିଖର—4. Arched top. [ ଭ—ମେହେରାବ-କସ୍ତ
ଅକାଶେ ତୋଳନ୍ତ ପକ୍ଷସଥା । ସୁଧାକାଥ ଭୂଷା । ]

ମେହେରାବ୍‌ଦାର୍—ବୈଦେ. ବଣ (ଫା. ମେହ୍‌ରାବ୍‌ଦାର୍)—ଖିଲାଣ ଯୁକ୍ତ
Meherāb-dār —Arched.
मेराफदार मेहराबदार

ମୈ—ଦେ ଓ ବୈଦେ. ବ—ମଇ ( ଦେଖ )
Mai Mai ( See )

ମୈଅର—ଗ୍ରା. ବ ( ସ. ମୟୂର )—ମୟୂର ( ଦେଖ )
Maiara Mayūra ( See )
ମୟୂର मयूर (ମୈଅରୀ—ସ୍ତ୍ରୀ)

ମୈଁ—ପ୍ରାଦେ ( ଉତ୍କଳୀୟ ) ସବ ( ଭୁଲ ହୁ. ମୈଁ )—ମୁଁ; ଅମ୍ଭେ—
Maiñ I.

ମୈଁତର—ପ୍ରାଦେ ( ଉତ୍କଳୀୟ ) ବ ( ସ. ମିତ୍ର )—ମିତ୍ର; ବନ୍ଧୁ—
Maiñtara Friend.

ମୈଁଷ(ଷି)—ଦେ. ବ ( ସ. ମହିଷ )—ମଇଁଷି ( ଦେଖ )
Maiñsha(shi) Maiñsha ( See )

ମୈତା—ଦେ. ବ—ମଇତା ( ଦେଖ )
Maitā Maitā ( See )

ମୈତ୍ର—ସ. ବଣ. (ମିତ୍ର+ଅ)—ମିତ୍ର ସମ୍ବନ୍ଧୀୟ—Friendly.
Maitra ସ. ବ—୧ । ସୌହାର୍ଦ୍ଦ୍ୟ; ମିତ୍ରତା—1. Friend-
मैत्र ship. ୨ । ସଂସର୍ଗ—2. Association; inter-
मैत्र course. ୩ । ଅନୁରାଧା ନକ୍ଷତ୍ର—3. The seventeenth lunar mansion. ୪ । ମଳ ତ୍ୟାଗ—4. Voiding excrement. ୫ । ବ୍ରାହ୍ମଣ—5. A Brahman. ୬ । ମିତ୍ର—6. A friend. ୭ । ପାୟୁ; ମଳଦ୍ୱାର; ଗୁହ୍ୟ ଦେଶ—7. The anus. ଦେ. ବ—ବଙ୍ଗୀୟ ବାରେନ୍ଦ୍ର ଶ୍ରେଣୀର ବ୍ରାହ୍ମଣଙ୍କ ଉପାଧି ବିଶେଷ—A family title amongst the Bengalee Brahmans of Bārendra class.

ମୈତ୍ରକ—ସ. ବ. (ମୈତ୍ର+କ)—ମିତ୍ରତା—
Maitraka Friendship.

ମୈତ୍ର କଣ୍ଟା—ପ୍ରାଦେ. (ଗଡ଼ଜାତ) ବ—ଜୁଆର ମଝିରେ ଲଗାଯାଇ ଥିବା ଖିଲ—The wooden pin fixed on the middle of the yoke,
Maitra kantā

ମୈତ୍ରାବରୁଣ(ଣି)—ସ. ବ. ( ମିତ୍ରାବରୁଣ+ଅପତ୍ୟାର୍ଥେ ଅ; ଇ )—
Maitrābaruṇa(ṇi) ୧। ଅଗସ୍ତ୍ୟ ଋଷି—1. Sage Agastya. ୨ । ବଶିଷ୍ଠ ଋଷି—2. Sage Basishṭha. [ଦ୍ର—କଥିତ ଅଛି ଯେ ଉର୍ବଶୀଙ୍କ ରୂପରେ ମୋହିତ ମିତ୍ର ଓ ବରୁଣ ଦେବଦ୍ୱୟଙ୍କ ସ୍ଖଳିତ ଶୁକ୍ର ଘୋଇ ଏକ ସ୍ଥାନରେ ପଡ଼ିଲ ଓ ତହିଁରୁ ଅଗସ୍ତ୍ୟ ଓ ବଶିଷ୍ଠ ଋଷିଦ୍ୱୟ ଜାତ ହେଲେ—ହ୍ର. ଶ]

ମୈତ୍ରୀ—ସ. ବ. (ମିତ୍ର+ଷ୍ୟଞ, ଅ+ସ୍ତ୍ରୀ. ଈ)—୧ । ମିତ୍ରତା; ବନ୍ଧୁତା—
Maitrī 1. Friendship. ୨ । ସହଯୋଗ; ସଂସର୍ଗ—2. Association; co-operation. ୩ । ସହବାସ—3. Familiarity; cohabitation,

ମୈତ୍ରୀ କରଣ—ସ. ବ. ( ମୈତ୍ରୀ+କରଣ )—ମିତ୍ରତା ସ୍ଥାପନ—
Maitrī karaṇa Establishment of friendship or amicable relation.

ମୈତ୍ରୀ ବଳ—ସ. ବ—ବୁଦ୍ଧ ଦେବଙ୍କର ଏକ ନାମ (ହ୍ର. ଶ)—
Maitrī bala A name of the Buddha.

ମୈତ୍ରୀ ବ୍ରତ—ସ. ବ—ମିତ୍ରତା ରୂପ ବ୍ରତ—
Maitrī brata A vow of friendship.

ମୈତ୍ରୀ ଭାବ—ସ. ବ—ସୌହାର୍ଦ୍ଦ୍ୟ; ବନ୍ଧୁତା—Friendship; amicable relation.
Maitrī bhāba

ମୈତ୍ରେୟ—ସଂ. ବ (ମିତ୍ର+ସମ୍ବନ୍ଧାର୍ଥେ ଏୟ) -ମିତ୍ର ସଂବନ୍ଧୀୟ--Relat-
Maitreya ing to a friend. ବ. (ମିତ୍ର+ଅପତ୍ୟାର୍ଥେ ଏୟ) —୧ । ଋଷି ବିଶେଷ; ବିଷ୍ଣୁ ପୁରାଣର ଶ୍ରୋତା—1. Name of a sage who was the hearer of Bishṇu Purāṇa. [ଦ୍ର—ଭାଗବତ ଅନୁସାରେ ଏ ପରାଶରଙ୍କ ଶିଷ୍ୟ ଥିଲେ—ହ୍ର. ଶ] ୨ । ବୁଦ୍ଧଦେବ—2. The Buddha. [ଦ୍ର—ଏ ବୁଦ୍ଧଦେବ ଭବିଷ୍ୟତରେ ଅବତୀର୍ଣ୍ଣ ହେବେ—ହ୍ର ଶ] ୩ । ସଙ୍କର ଜାତି ବିଶେଷ—3. Name of a mixed caste. [ଦ୍ର—ଏହି ସଙ୍କର ଜାତି ବୈଦେହ ପୁରୁଷ ଔରସରେ ଅୟୋଗବ ଜାତୀୟା ସ୍ତ୍ରୀ ଗର୍ଭରେ ଜାତ । ଏମାନେ ଲୋକଙ୍କ ଘର ଦ୍ୱାରର ସମସ୍ତ ଘଣ୍ଟାପଟ କରୁଥିଲେ ।] ୪ । କୋଣାର୍କସ୍ଥ ପବିତ୍ର ବନ—4. A sacred forest at Koṇārka. ୫ । ସୂର୍ଯ୍ୟ (ହ୍ର. ଶ)—5. The sun.

ମୈତ୍ରେୟକ—ସଂ. ବ. ( ମୈତ୍ରେୟ+ସ୍ୱାର୍ଥେ. କ )—ଯେ ମୁହୂର୍ତ୍ତ ବା ସମୟ ଘୋଷଣା କରେ—A crier who announces the time.
Maitreyaka

ମୈତ୍ରେୟିକା—ସଂ. ବ. ( ମୈତ୍ରେୟ+ଇକ+ଆ )—ମିତ୍ରଯୁଦ୍ଧ; ବନ୍ଧୁମାନଙ୍କ ମଧ୍ୟରେ ପରସ୍ପର ସଂଗ୍ରାମ—
Maitreyikā A contest amongst friends or allies.

ମୈତ୍ରେୟୀ—ସଂ. ବ. ସ୍ତ୍ରୀ. (ନାମ)—୧ । ଯାଜ୍ଞବଲ୍କ୍ୟ ଋଷିଙ୍କ ବ୍ରହ୍ମ-
Maitreyī ବାଦିନୀ ସ୍ତ୍ରୀ—1. Name of the learned wife of sage Jājñyabalkya. ୨ । ଅହଲ୍ୟାଙ୍କ ନାମ (ହ୍ର. ଶ)—2. A name of Ahalyā.

ମୈତ୍ର୍ୟ—ସ. ବ (ମିତ୍ର+ସ୍ୱାର୍ଥେ. ଯ)—ବନ୍ଧୁତ୍ୱ; ମୈତ୍ରୀ—
Maitrya Friendship.

ମୈଥିଳ—ସ. ବଣ. ପୁଂ (ମିଥିଳା+ସମ୍ବନ୍ଧାର୍ଥେ. ଅ)—୧ । ମିଥିଳା
Maithila ଦେଶ ସମ୍ବନ୍ଧୀୟ—1. Relating to the

( ମୈଥିଳୀ—ସ୍ତ୍ରୀ ) country Mithilā. ୨ । ମିଥିଳା ଦେଶବାସୀ—2. Inhabiting Mithilā. ବି— ୧ । ମିଥିଳାର ରାଜା—1. The king of Mithilā, ୨ । ରାଜା ଜନକ—2. King Janaka. ୩ । ମିଥିଳା ଦେଶବାସୀ ବ୍ୟକ୍ତି—3. An inhabitant of Mithilā.

ମୈଥିଳୀ—ସଂ. ବି. ସ୍ତ୍ରୀ (ମିଥିଳା+ଅପତ୍ୟାର୍ଥେ. ଅ+ସ୍ତ୍ରୀ. ଈ)—
Maithili ୧ । ଜନକଦୁହିତା ସୀତା—1. Sitā, the daughter of Janaka, king of Mithilā. ୨ । ବିହାରୀ ଭାଷାର ପ୍ରାଦେଶିକ ଭାଷା—2. A dialect of the Behari language. ସ. ଭଣ. ସ୍ତ୍ରୀ—ମୈଥିଳର ସ୍ତ୍ରୀ ଲିଙ୍ଗ—Feminine of Maithila.

ମୈଥୁନ—ସ. ବି ( ମିଥୁନ=ସ୍ତ୍ରୀ ପୁରୁଷ+କର୍ମାର୍ଥେ. ଅ )— । ଅଗ୍ନ୍ୟା
Maithuna ଧାନାବ ବିବାହ କର୍ମ—1. The ceremony or rites of marriage. ୨ । ରତିକ୍ରିୟା; ସୁରତ; ସ୍ତ୍ରୀ-ପୁରୁଷର ଶାରୀରିକ ସଙ୍ଗମ; ସମ୍ଭୋଗ; ଇନ୍ଦ୍ରିୟଲାଳସାର ଚରିତାର୍ଥକରଣ—2. Copulation; cohabitation; sexual intercourse. [ ଦ୍ର—ଏହାର ଅନ୍ୟାନ୍ୟ ପର୍ଯ୍ୟାୟ ନାମ—ଅନାଚାର, ଅଭିମାନିତ, ଅବ୍ରହ୍ମଚର୍ଯ୍ୟକ, ଉପସ୍ଥ, ଗ୍ରାମ୍ୟଧର୍ମ, କ୍ରୀଡ଼ାରତ୍ନ, ନିଧୁବନ, ମୋହନ, ମହାସୁଖ, ରତ, ବ୍ୟବାୟ, ପୁଂପ୍ରୟୋଗ, ସୁରତ, ସମ୍ଭୋଗ, ଶୃଙ୍ଗାର, ପ୍ରସକ୍ତି, ରତି, ରତିକ୍ରିୟା । ] ୩ । ସ୍ତ୍ରୀ ଓ ପୁରୁଷ ମଧ୍ୟରେ ସ୍ମରଣ, କୀର୍ତ୍ତନ, କେଳି, ପ୍ରେକ୍ଷଣ, ଗୁହ୍ୟଭାଷଣ, ସଙ୍କଳ୍ପ, ଅଧ୍ୟବସାୟ, କ୍ରିୟାନିଷ୍ପତ୍ତି—ଏହି ଅଷ୍ଟାଙ୍ଗଯୁକ୍ତ ବ୍ୟାପାର—3. The amatory association between a male and a female (consisting of eight acts or steps) ୪ । ସଂସର୍ଗ—4. Association.

ମୈଥୁନ୍ୟ—ସଂ. ବି (ମୈଥୁନ+ଯ)—ଗାନ୍ଧର୍ବ ବିବାହ (ହୁ. ଶ)—
Maithunya Love-marriage.

ମୈଦା—ଦେ. ବି (ଫା)—ମଇଦା (ଦେଖ)—Maidā (See)
Maidā [ଦ୍ର—ମୈଦା ଅଟା ଅପେକ୍ଷା ଅତି ସୂକ୍ଷ୍ମତର ଚୂର୍ଣ୍ଣ ଅଟେ ।]
मयदा मैदा

ମୈଦାନ (ଇତ୍ୟାଦ)—ବୈଦେ. ବି (ଫା)—ମଇଦାନ ଇତ୍ୟାଦ (ଦେଖ)
Maidāna (etc) Maidāna etc (See)
मयदान मैदान

ମୈଧେ(ଧ୍ୟେ)—ଗ୍ରା. କ୍ରି. ବିଣ (କଟକ ଓ ଜମିଦାରୀ ଓ ମହାଳର ଭାଷାର)—ମଇଧେ ( ଦେଖ )—Maidhe
Maidhe(dhye) (See)

ମୈନର—ବୈଦେ. ପ୍ରାଦେ (ଗଞ୍ଜାମ) ବି ଓ ବିଣ—ମଇନର (ଦେଖ)
Mainara Mainara (See)

ମୈନା—ପ୍ରାଦେ. (ସମ୍ବଲପୁର) ବି—ମଇନା (ଦେଖ)
Mainā Mainā (See)

ମୈନାକ—ସଂ. ବି ( ମେନକା—ହିମାଳୟପତ୍ନୀ+ଅପତ୍ୟାର୍ଥେ. ଅ )—
Maināka ପର୍ବତରାଜ ହିମାଳୟଙ୍କ ପୁତ୍ରରୂପେ କଳ୍ପିତ ପର୍ବତ- (ଅନ୍ୟ ସଂନାମ—ହିମବତ୍ ସୁତ, ବିଶେଷ—Name of a fabul-ହିରଣ୍ୟନାଭ, ସୁନାଭ ।) ous mountain in the sea betwen India and Ceylon. [ ଦ୍ର—ମୈନାକ ପର୍ବତ କୁମାରିକା ଅନ୍ତରୀପ ଓ ଲଙ୍କାଦ୍ୱୀପ ମଧ୍ୟରେ ସମୁଦ୍ର ଗର୍ଭରେ ଅବସ୍ଥିତ । କଥିତ ଅଛି ଯେ, ଦେବରାଜ ଇନ୍ଦ୍ର ପର୍ବତମାନଙ୍କର ପକ୍ଷଚ୍ଛେଦ କରିବାରୁ ଏ ସମୁଦ୍ରରେ ଲୁଚି ରହିଥିଲେ । ଫଳରେ ଏହାଙ୍କର ପକ୍ଷଚ୍ଛେଦ ହୋଇ ପାରିନାହିଁ । ସମୁଦ୍ର ପାର ହେବାବେଳେ ହନୁମାନଙ୍କୁ ଆଶ୍ରୟ ଦେବାପାଇଁ ସମୁଦ୍ର ମୈନାକଙ୍କୁ ଆଦେଶ ଦେଇଥିଲେ ।] ଦେ. ବି—୧ । ରଣପୁର ରାଜଧାନୀ ନିକଟବର୍ତ୍ତୀ ବିଶାଳ ପର୍ବତ—1. A large mountain near Ranapur, the capital of the Ranapur Oriya State. [ ଦ୍ର—ପଣାଧରଦୃଶ୍ୟ ମୈନାକ ଶିଖର ଯା ଶିରେ ବସନ୍ତି ରଣପୁରେଶ୍ୱରୀ । ରାଧାନାଥ. ଚିଲିକା ।] ୨ । ହିମାଳୟର ଉଚ୍ଚଶୃଙ୍ଗ ବିଶେଷ (ହୁ.ଶ)— 2. Name of a high peak of the Himālayas.

ମୈନିକ—ସଂ. ବି. ପୁଂ (ମୀନ+ଜୀବିକାର୍ଥେ. ଇକ) ମତ୍ସ୍ୟବ୍ୟବସାୟୀ—
Mainika Fisherman.

ମୈନ୍ଦ—ସଂ. ବି—୧ । ଶ୍ରୀକୃଷ୍ଣଙ୍କ ଦ୍ୱାରା ନିହତ ଅସୁରବିଶେଷ—
Mainda 1. Name of a demon killed by Srikrushna. ୨ । ବାନରରାଜ ବିଶେଷ—2. Name of a mythological monkey-king.

ମୈଫ(ଫି)ଲ୍—ବୈଦେ. ବି (ଫା)—ମଇଫଲ୍ (ଦେଖ)
Maipha(phi)l Maiphal (See)

ମୈମନ—ବୈଦେ. ବି—ମଇମନ୍ (ଦେଖ)
Maiman Maiman (See)

ମୈର—ଗ୍ରା. ବି. ପୁଂ (ସଂ. ମୟୂର)—ମୟୂର (ଦେଖ)
Maira मयूर मोर Mayūra (See)
( ମୈରୀ—ସ୍ତ୍ରୀ )

ମୈରା—ଦେ. ବି—୧ । ମଇରା (ଦେଖ)—1. Mairā (See) ୨ ।
Mairā (ନାମ) ଲର୍ଡ ମଇରା; ଭାରତର ଜର୍ଣ୍ଣେଲ ବଡ଼ଲାଟ—
मयरा 2. Lord Moira, the Governor General
मयरा and Viceroy of India from 1813-1823. [ଦ୍ର—ଲର୍ଡ ମୈରା ୧୮୧୩-୨୩ ଖ୍ରୀଷ୍ଟାବ୍ଦ ପର୍ଯ୍ୟନ୍ତ ଭାରତର ଗଭର୍ଣ୍ଣର ଜେନେରାଲ୍ ଥିଲେ । ଏହାଙ୍କ ଅମଳରେ ଘଟିଥିବା ନେପାଳ ଯୁଦ୍ଧ, ପିଣ୍ଡାରି ଯୁଦ୍ଧ ଓ ଶେଷ ମରହଟ୍ଟା ସମରରେ ଇଂରେଜମାନେ ଜୟଲାଭ କରିଥିଲେ ।]

ମୈରାବଣ—ଗ୍ରା. ବି. (ନାମ)—ମହୀରାବଣ (ଦେଖ)
Mairābana Mahirābana ( See )
महीरावण महीरावण

ମୈରିଗିରିଅ—ଦେ. ବି—ମହିରି ଗିରିଅ ( ଦେଖ )
Mairigiriā Mahiri giriā( See )

ମୈରି ଭଣ୍ଟି ଗଡ଼ିବା (ଲୋଟିବା)—ଦେ. କ୍ରି.—ଅତ୍ୟନ୍ତ ବିକଳ ହୋଇ
Mairi bhaṭi gaḍibā (loṭibā) ଭୂମିରେ ଲୁଣ୍ଠିତ ହେବା—
To wallow or roll on the ground with agony.

ମୈରେୟ—ସଂ. ବି.—(ମିରୁ ॥ ମିଶର ଦେଶର ପ୍ରାଚୀନ ନଗରବିଶେଷ
Maireya + ଜାତାର୍ଥେ ଏୟ; ଅଥବା ମାର=କାମ + ଜନକାର୍ଥେ. ଏୟ
ନିପାତନ)—୧ । ମିଶର ଦେଶଜ ମଦ୍ୟ ବିଶେଷ—
1. A kind of wine distilled from the blossom of Lythrum Fruticosum.
[ ଦ୍ର—ଏହା ଧାଇ ଫୁଲ, ଗୁଡ଼, ଶୁଖିଲ କାଞ୍ଜି, ଦାରୁଚିନି, ତେଜପତ୍ର, ଅଲାଇଚ, ନାଗେଶ୍ୱର, ଲବଙ୍ଗ, ମରିଚ, ଶୁଣ୍ଠି ଓ ବିମ୍ବୋଗଦ୍ୱାରା ପ୍ରସ୍ତୁତ ହୁଏ ।] ୨ । ମଦ; ଶରାପ—
(ହି. ଶ)—2. Wine. ୩ । ମଧୁ ମିଶ୍ରିତ ମଦ୍ୟ ଓ ଆସବ
(ହୁ. ଶ)—3. Wine mixed with honey.

ମୈରେୟକ—ସଂ. ବି—ସୈରିନ୍ଧ୍ରୀ ଗର୍ଭରେ ବୈଦେହ ଔରସରେ ଉତ୍ପନ୍ନ
Māireyaka ସଙ୍କର ଜାତି ବିଶେଷ—Name of a half caste born of the womb of a Saurindhri woman by a Baideha male.

ମୈଲ୍‌ଖୁ(ଖୋ)ରା—ଦେ. ବି.—ମଇଲ ଖୁରା (ଦେଖ)
Mail-khu(kho)rā Maila khurā (See)

ମୈଲ—ପ୍ରାଦେ. (ଗଞ୍ଜାମ)—ବୈଦେ. ବି—ମଇଲ (ଦେଖ)
Maila Maila (See)

ମୈଲନ୍ଦ—ସଂ. ବି.—ଭ୍ରମର—
Mailanda The black bee.

ମୈଲମ—ଦେ. ବି— ମଇଲମ (ଦେଖ)
Mailama Mailama (See)

ମୈଲା(ଲ୍ଲା) (ଇତ୍ୟାଦି)—ଦେ. ବି ଓ ବିଣ—ମଇଲା ଇତ୍ୟାଦି (ଦେଖ)
Mailā(lā) (etc) Mailā etc ( See )
ময়লা मैला

ମୈଶୁମ୍(ମି)—ବୈଦେ. ବି— ମହଶୁମ୍(ମି) ( ଦେଖ )
Maisum(mi) Mahasum(mi) ( See )

ମୈଶୁର—ଦେ. ବି—ମହୀଶୁର ( ଦେଖ )
Maisura Mahīsur ( See )

ମୈ(ମୈଁ)ଷାସୁର—ଗ୍ରା. ବି—ମହିଷାସୁର—A demon. (ଭୁ—
Mai(maiṅ)shāsura ସତ୍ୟ ଯୁଗେ ମୈଷାସୁର ବୋଲି ଭୂତ, କୋଣ ଜନମା ଏକ ଅନାଦି ନାମ । ପ୍ରାଚୀ. ଉଦ୍‌ସ୍ୟମଞ୍ଜରୀ ।)

ମୈସ୍ମର—ବୈଦେ. ବି (ଅଧୁନିକ ପ୍ରୟୋଗ; ଇଂ. ମେସ୍‌ମେରିଜମ୍)—
Maismara ମେସ୍ମେରିଜମ୍; ଯେଉଁ ମନ୍ତ୍ରଶକ୍ତି, ଇଚ୍ଛାଶକ୍ତି ବା
মৈস্মর କୌଶଳଦ୍ୱାରା ଅନ୍ୟ ବ୍ୟକ୍ତିର ଶରୀରକୁ ଓ ମନକୁ ଅଧୀନ
मेस्मेरिजस କରାଯାଏ—Mesmerism.
( ମେସ୍ମର ତନ୍ତ୍ର—ଅନ୍ୟରୂପ )

ମୈସ୍ମର ଶକ୍ତି—ଦେ. ବି (ଅଧୁନିକ ପ୍ରୟୋଗ)—ମୋହିନୀ ଶକ୍ତି—
Maismara śakti Mesmeric power.

ମୈହ୍ୱା(ହ୍ୟା)—ଦେ. ବିଣ—ମହିଅ (ଦେଖ)
Maihā(hyā) Mahiā (See)

ମୋ—ଦେ. ସର୍ବନାମ (ସଂ. ଅସ୍ମଦ୍ ଶବ୍ଦଜାତ ଭୂତାର୍ଥକ ମୁଁ ଶବ୍ଦର ୬ଷ୍ଠୀ
Mo ୧ ବଚନ; ସ. ମେ. ପ୍ରା. ମୋ)—(ଉତ୍କଳାର୍ଥକ) ଅମର—
আমার My; mine. [ଦ୍ର—ବିଦ୍ୟାପତିଙ୍କ ଗ୍ରନ୍ଥ ଅବ ପ୍ରାଚୀନ
[ପ୍ରାଚୀନ. ବ. ମୋ] [ପ୍ରାଚୀନ ବଙ୍ଗଭାଷାଗ୍ରନ୍ଥର ମୁଁ, ମତେ ଓ ମୋର
मेरा ଅର୍ଥରେ 'ମୋ' ଶବ୍ଦର ପ୍ରୟୋଗ ଦେଖାଯାଏ । ]
ମୋଅ(ଓ)ର, ମୋହୋ
ମୋହ(ହୋ)ର, ମୋର } ଅନ୍ୟରୂପ

ମୋଅ(ଓ)ରି—ଦେ. ସର୍ବ—୧ । ମୋରହିଁ—1. Certainly
Moa(o)ri mine. ୨ । କେବଳ ମୋର—2. Mine and
আমার मेराही mine only.
( ମୋର, ମୋହ(ହୋ)ର—ଅନ୍ୟରୂପ )

ମୋଆଜା (ଇତ୍ୟାଦି)—ଦେ. ବି—ମୁଆଜା ଇତ୍ୟାଦି (ଦେଖ)
Moājā (etc) Muājā etc (See)

ମୋଉଜ—ପ୍ରାଦେ. (ଯାଜପୁର) ବି—ମଉଜ (ଦେଖ)
Mouja Mauja (See)

ମୋକଦ(ଦ୍ଦ)ମ—ବୈଦେ. ବି—ମକଦମ (ଦେଖ)
Mokada(dda)ma Makadama (See)

ମୋକଦ(ଦ୍ଦ)ମା (ଇତ୍ୟାଦି)—ବୈଦେ. ବି—ମକଦମା ଇତ୍ୟାଦି (ଦେଖ)
Mokada(dda)mā (etc) Makadamā etc (See)

ମୋକଦ(ଦ୍ଦ)ମି—ବୈଦେ. ବି—ମକଦମି (ଦେଖ)
Mokada(dda)mi Makadami (See)

ମୋକର(ରି)ର୍(ର)—ବୈଦେ. ବି—ମୁକରର୍ (ଦେଖ)
Mokara(ri)r(ra) Mukarar (See)

ମୋକର(ରା)ରି (ଇତ୍ୟାଦି)—ବୈଦେ. ବି—ମୁକରରୀ ଇତ୍ୟାଦି (ଦେଖ)
Mokara(rā)ri (etc) Kukararā etc (See)

ମୋକା—ଦେ. ବି—ମୁକା (ଦେଖ)
Mokā Mukā (See)

ମୋକା ଧରିବା—ପ୍ରାଦେ (ଗଡ଼ଜାତ) କ୍ରି—ପିଲେଇବା (ଦେଖ)
Mokā dharibā Pileibā (See)

ମୋକାବିଲା(ଇତ୍ୟାଦି)—ବୈଦେ. ବି—ମୁକାବିଲା ଇତ୍ୟାଦି (ଦେଖ)
Mokābilā (etc) Mukābilā etc (See)

ମୋକାମ୍(ମ)(ଇତ୍ୟାଦି)—ବୈଦେ. ବି—ମୁକାମ ଇତ୍ୟାଦି (ଦେଖ)
Mokam(ma)(etc) Mukāma etc (See)

ମୋକେ—ପ୍ରାଦେ (କଳାହାଣ୍ଡି) ସର୍ବନାମ—ମୋତେ—
Moke Me; to me.

ମୋକ୍ତବ୍ୟ—ସଂ. ବିଣ (ମୁଚ୍ ଧାତୁ + କର୍ମ. ତବ୍ୟ)—ମୋଚନୀୟ; ମୁକ୍ତ
Moktabya ହେବା ଯୋଗ୍ୟ—Deserving to be liberated or unloosened.

ମୋକ୍ତାର (ଇତ୍ୟାଦି)—ବୈଦେ. ବି—ମୁକ୍ତାର ଇତ୍ୟାଦି (ଦେଖ)
Moktāra (etc) Muktār etc (See)

ମୋକ୍ତା—ସ. ଭଣ. ପୁଂ (ମୁଚ୍ ଧାତୁ+କର୍ତ୍ତୃ. ତୃ; ୧ମା. ୧ବ)—
Moktā ମୋଚନକାରୀ (ବ୍ୟକ୍ତି)—Delivering. ବ—
(ମୋକ୍ତ୍ରୀ—ସ୍ତ୍ରୀ) ତ୍ରାଣକର୍ତ୍ତା—Liberator; deliverer.

ମୋକ୍ଷ୍ (ଧାତୁ)—ସ—୧ । ମୁକ୍ତ ହେବା—1. To be released.
Moksh (root) ୨ । ମୁକ୍ତ କରିବା—2. To release.
୩ । ପ୍ରେରଣ କରିବା—3. To send. ୪ । ନିକ୍ଷେପ କରିବା—4. To discharge; to throw; to cast.

ମୋକ୍ଷ—ସ. ବ (ମୋକ୍ଷ୍ ଧାତୁ+ଭାବ. ଅ)—୧ । ମୁକ୍ତି; ପରିତ୍ରାଣ;
Moksha ଉଦ୍ଧାର—1. Deliverance; liberation.
୨ । ସ୍ୱାଧୀନତା ପ୍ରାପ୍ତି—2. Emancipation; freedom.
୩ । ନିର୍ବାଣ; ନିତ୍ୟସୁଖପ୍ରାପ୍ତି; ଅପବର୍ଗ; ଜୀବର ଏ ପୃଥିବୀରେ ବାରମ୍ବାର ଜନ୍ମ ଓ ମରଣରୂପ ବନ୍ଧନରୁ ମୁକ୍ତି—3. Final beatitude; salvation. [ ଦ୍ର—ଧର୍ମ, ଅର୍ଥ, କାମ ଓ ମୋକ୍ଷ ଏହି ଚାରୋଟି ପୁରୁଷାର୍ଥ ବା ମନୁଷ୍ୟ ଜୀବନର ଚତୁର୍ବର୍ଗ=ଧର୍ମଶାସ୍ତ୍ରାନୁଯାୟୀ ଆଚାର; ଅର୍ଥ=ଧନ, ସମ୍ପତ୍ତି; କାମ=ଅଭୀଷ୍ଟସିଦ୍ଧି; ମୋକ୍ଷ=ମୁକ୍ତି ବା ନିର୍ବାଣ, ଏହି ଚତୁର୍ବର୍ଗ ମନୁଷ୍ୟ ଜୀବନର ଲକ୍ଷ୍ୟ ଓ ତହିଁ ମଧ୍ୟରେ ମୋକ୍ଷ ପ୍ରଧାନ ଅଟେ ବୋଲି ହିନ୍ଦୁଶାସ୍ତ୍ରରେ ଉପଦେଶ । ଜୀବର ପୃଥିବୀରେ ବାରଂବାର ଜନ୍ମିବା ଓ ମରିବାରୂପ ବନ୍ଧନରୁ ମୁକ୍ତିଲାଭକୁ ମୋକ୍ଷ ବୋଲାଯାଏ । ମୋକ୍ଷ ଲାଭ କରିବା ବ୍ୟକ୍ତି ପୃଥିବୀରେ ଆଉ ଜନ୍ମଗ୍ରହଣ କରେ ନାହିଁ । ମୋକ୍ଷଲାଭର ଉପାୟ ଆତ୍ମତତ୍ତ୍ୱର ବା ବ୍ରହ୍ମତତ୍ତ୍ୱର ସାକ୍ଷାତ୍କାର ବୋଲି ନିର୍ଦ୍ଦିଷ୍ଟ ହୋଇଅଛି । ନ୍ୟାୟ ଦର୍ଶନ ମତରେ ଦୁଃଖର ଅତ୍ୟନ୍ତିକ ନାଶହିଁ ମୁକ୍ତି ବା ମୋକ୍ଷ । ସାଂଖ୍ୟମତରେ ଆଧ୍ୟାତ୍ମିକ, ଆଧିଦୈବିକ ଓ ଆଧିଭୌତିକ ତ୍ରିବିଧ ତାପର ସମୂଳନାଶହିଁ ମୋକ୍ଷ । ବେଦାନ୍ତ ଦର୍ଶନ ମତରେ ପୂର୍ଣ୍ଣଆତ୍ମଜ୍ଞାନଦ୍ୱାରା ମାୟାସଂବନ୍ଧରୁ ରହିତ ହୋଇ ଶୁଦ୍ଧ ବ୍ରହ୍ମସ୍ୱରୂପଙ୍କ ବୋଧ ପ୍ରାପ୍ତ କରିବାହିଁ ମୋକ୍ଷ । ଫଳତଃ ସବୁପ୍ରକାରର ସୁଖଦୁଃଖ, ମୋହମାୟା, ଅଜ୍ଞାନ ଆଦିରୁ ମୁକ୍ତିହିଁ ମୋକ୍ଷ ଅଟେ । ମୋକ୍ଷପ୍ରାପ୍ତ ଜୀବ ଚିରକାଳ ପାଇଁ ସବୁପ୍ରକାର କଷ୍ଟରୁ ଓ ବନ୍ଧନରୁ ମୁକ୍ତିଲାଭ କରେ । ]
୪ । ମୃତ୍ୟୁ; ମରଣ—4. Death. ୫ । ଦାୟିତ୍ୱରୁ ନିସ୍ତାର—5. Acquittance from an obligation. ୬ । ସୂର୍ଯ୍ୟର ବା ଚନ୍ଦ୍ରର ଗ୍ରହଣକାଳୀନ ଗ୍ରାସରୁ ମୁକ୍ତି—6. Liberation of the sun or the moon from the eclipse. ୭ । ସଂସାର ବନ୍ଧନରୁ ଓ ମାୟାରୁ ମୁକ୍ତି—7. Emancipation from the bonds and delusions of the world. ୮ । ମୋଚନ; ଫିଟାଇବା—8. Loosening. [ତାର ମୋର ନାହିଁ ମୋକ୍ଷ ୮ ମୋକ୍ଷ—ଭଞ୍ଜ. ପ୍ରେମସୁଧାନିଧି ।] ୯ । ଘଣ୍ଟାପାଟଳୀ ଗଛ; ମୁଷ୍କକ ବୃକ୍ଷ—9. A kind of tree; Schrebra Swientenioides; Chelonioides.

ଗ୍ରା. ଭଣ (ସ. ମୁଖ୍ୟ)—ମୁଖ୍ୟ; ପ୍ରଧାନ—Chief.
ଦେ. ଭଣ—ଲୁପ୍ତ—Vanished; extinct. [ଦ୍ର—ବେଦ ବେଦ ଭାବ ପ୍ରଭାବ ସ୍ୱଭାବ ମୋକ୍ଷ କେହି ଅପେକ୍ଷ ନ ପାଇଲା ଗୋ—ଭଞ୍ଜ. ବୈଦେହୀଶବିଳାସ ।]

ମୋକ୍ଷକ—ସ. ଭଣ. ପୁଂ (ମୋକ୍ଷ୍ ଧାତୁ+କର୍ତ୍ତୃ. ଅକ)—ଯେ ପରିତ୍ରାଣ
Mokshaka କରେ; ପରିତ୍ରାତା—Delivering; liberating. ବ—ମୁଷ୍କକ ବୃକ୍ଷ; ଘଣ୍ଟାପାଟଳୀ ଗଛ—A tree; Schrebra Swientenioides; Chelonioides.
(ମୋକ୍ଷିକା—ସ୍ତ୍ରୀ)

ମୋକ୍ଷ କର୍ତ୍ତା—ଗ୍ରା. ବ (ସ. ମୁଖ୍ୟ କର୍ତ୍ତା)—ପରିବାର କର୍ତ୍ତା—
Moksha karttā The master or head of a family.

ମୋକ୍ଷ କାମନା—ସ. ବ—ନିର୍ବାଣ ନିମନ୍ତେ ବାସନା—
Moksha kāmanā A desire for liberation or salvation

ମୋକ୍ଷ କାମୀ—ସ. ଭଣ. ପୁଂ—ନିର୍ବାଣ ଲାଭର ଅଭିଳାଷୀ—
Moksha kāmī Desiring emancipation.
( ମୋକ୍ଷ କାମିନୀ—ସ୍ତ୍ରୀ )

ମୋକ୍ଷଣ—ସ. ବ (ମୋକ୍ଷ୍ ଧାତୁ+ଭାବ. ଅନ)—୧ । ମୋଚନ;
Mokshaṇa ମୁକ୍ତିଦାନ; ଉଦ୍ଧାର କରିବା—1. Liberating.
ମୋକ୍ଷଣୀୟ, ମୋକ୍ଷିତ } ଭଣ ୨ । ବନ୍ଧନରୁ ମୁକ୍ତିଲେଇବା; ଉନ୍ମୋଚନ—2. Setting free. ୩ । ବୃଥା ବ୍ୟୟ କରିବା; ଧନ ଉଡ଼ାଇବା—3. Squandering. ୪ । ମରଣ—4. Death. ୫ । ନିଃସାରଣ—5. Discharging. ୬ । କ୍ଷେପଣ—6. Throwing out.

ମୋକ୍ଷ ଗତି—ସ. ବ (ରୂପକ)—ପରମ ମୁକ୍ତି; ନିର୍ବାଣ—Final
Moksha gati emancipation or beatitude.

ମୋକ୍ଷଦ—ସ. ଭଣ. ଓ ବ. ପୁଂ (ମୋକ୍ଷ+ଦା ଧାତୁ=ଦେବା+କର୍ତ୍ତୃ. ଅ)—
Mokshada ତ୍ରାଣକର୍ତ୍ତା—Saviour.
( ମୋକ୍ଷଦାତା, ମୋକ୍ଷପ୍ରଦ—ଅନ୍ୟରୂପ )
( ମୋକ୍ଷଦା, ମୋକ୍ଷଦାତ୍ରୀ, ମୋକ୍ଷପ୍ରଦା—ସ୍ତ୍ରୀ )

ମୋକ୍ଷ ଧାମ—ସ. ବ—କୈବଲ୍ୟ ଧାମ; ବୈକୁଣ୍ଠପୁରୀ; ସ୍ୱର୍ଗ—
Moksha dhāma The heaven; paradise.

ମୋକ୍ଷ ପଥ—ସ. ବ (୬ଷ୍ଠୀ ତତ୍)—ପରିତ୍ରାଣର ଉପାୟ—
Moksha patha The way of salvation.
( ମୋକ୍ଷମାର୍ଗ—ଅନ୍ୟରୂପ )

ମୋକ୍ଷ ପଦ—ସ. ବ—ମୋକ୍ଷଲାଭରୂପ ଐଶ୍ୱର୍ଯ୍ୟ—
Moksha pada The final beatitude.

ମୋକ୍ଷପାନ—ଗ୍ରା. (ପ୍ରାଚୀନ ପଦ୍ୟ) ଭଣ (ସ. ମୁଖ୍ୟ)—ଶ୍ରେଷ୍ଠ—
Mokshapāna Best. [ ଦ୍ର—ସକଳ ଦାନ ମୋକ୍ଷପାନ । ମୁଖ୍ୟ ବସ୍ତୁକୁ ଦେଲେ କର୍ମଦାନ—ପ୍ରାଚୀ. ଚର୍ଗ୍ଣମାହାତ୍ମ୍ୟ । ]

ମୋକ୍ଷପ୍ରାପ୍ତ—ସ. ଭଣ. ପୁଂ (୨ୟା ତତ୍)—୧ । ନିର୍ବାଣପ୍ରାପ୍ତ—
Mokshaprāpta 1. One who has attained final beatitude. ୨ । ସ୍ୱାଧୀନତା ପ୍ରାପ୍ତ—2. Eamancipated.

**ମୋକ୍ଷ ପ୍ରାପ୍ତି**—ସଂ. ବି (୬ଷ୍ଠୀ ତତ୍) - ଭବାଣ ମୁକ୍ତ—Final emancipation from the world.
Moksha prāpti
( ମୋକ୍ଷଲାଭ—ଅନ୍ୟରୂପ )

**ମୋକ୍ଷବିଦ୍ୟା**—ସଂ. ବି (ମ. ପ. ଲୋ) - ବେଦାନ୍ତ ଶାସ୍ତ୍ର ( ଦ୍ରୁ. ଷ )—The Bedāntas.
Mokshabidyā

**ମୋକ୍ଷା**—ଦେ. ( ପ୍ରାଚୀନ ପଦ୍ୟ ) ବି—ମୋକ୍ଷ ( ଦେଖ )—Moksha ( See ) ବିଣ. ମୋକ୍ଷପ୍ରାପ୍ତ—Liberated.
Mokshā
( ଉ—ଅମୋକ୍ଷା ପିଣ୍ଡକୁ ସ୍ୱାମୀ ମୋକ୍ଷା କରନ୍ତୁ—ପ୍ରାଚୀ. ବ୍ରହ୍ମକରୂପଣଗୀତା । )

**ମୋକ୍ଷିତ**—ସଂ. ବିଣ ( ମୋକ୍ଷ+ସ୍ୱାର୍ଥେ. ଇତ )—୧ । ମୁକ୍ତ—1. Freed; released; liberated; set free.
Mokshita
୨ । ସ୍ୱାଧୀନତାପ୍ରାପ୍ତ—2. Emancipated.

**ମୋକ୍ଷୋପାୟ**—ସଂ. ବି—୧ । ( ୬ଷ୍ଠୀ ତତ୍ ) ମୋକ୍ଷଲାଭ କରିବାର ଉପାୟ ( ଯଥା—ତପ, ଶମ, ଦମ, ଯୋଗ, ଜ୍ଞାନାଦି )—1. Means of attaining salvation.
Mokshopāya
୨ । ( ବହୁବ୍ରୀହି ) ମୁନି; ଋଷି; ତପସ୍ୱୀ—2. A sage; a saint.

**ମୋକ୍ଷ୍ୟ**—ସଂ. ବିଣ. ପୁଂ ( ମୋକ୍ଷ ଧାତୁ+କର୍ମ. ଯ )—ମୋକ୍ଷପ୍ରାପ୍ତ ହେବା ଯୋଗ୍ୟ—Deserving to be liberated.
Mokshya
( ମୋକ୍ଷ୍ୟା—ସ୍ତ୍ରୀ )

**ମୋଖାଲଫ୍(ଫ୍)**—ବୈଦେ. ବି (କଚେରୀ) (ଅ. ମୁଖାଲଫ୍)—୧ । ମୁଖାଲିଫ୍, ପ୍ରତିକୂଳ—1. Inimical. ୨ । ବିପକ୍ଷୀୟ; ପ୍ରତିକୂଳାଚରଣ—2. Antagonistic.
Mokhālap(ph)
মুখালিফ मुख़ालिफ
୩ । ବିପରୀତ—3. Opposite.

**ମୋଗ(ଘ)ମ୍**—ବୈଦେ. ବି ( ଫା. ମୁସମ୍ )—୧ । ମୁଖମ; ଗୁପ୍ତ ରହସ୍ୟ; ଗୁପ୍ତକଥା—1. The key or secret to a thing. ୨ । ମର୍ମସ୍ଥାନ—2. Vital part; vulnerable part of the body.
Moga(gha)m
গুপ্তকথা मुग़म

**ମୋଗଲ୍**—ବୈଦେ. ବି ( ଫା. ମୁଗଲ୍=ମଙ୍ଗୋଲ୍‌ସ୍ଥା ଅଧିବାସୀ )—ମୁସଲମାନ୍ ଜାତିର ଗୋଟିଏ ଶାଖା—The Moghals; a Mahomedan race who invaded India and established empire in India.
Mogal
মোগল मोगल
( ଉ—ଏ ତ ସ୍ୱପ୍ନ ଭୁକ୍ତ ସ୍ୱେଚ୍ଛଳ ମୋଗଲ ବଂଶେର ଛତ୍ରାଣ ପଠାଣ । ଗଡ଼କୁ ବୋଲି ପଶି ଧ୍ୱଂସିଯିବେ ସେ, ଜଳ ଲଙ୍ଘିବେ କେହୁ ପୁଣ—ବ୍ରଜନାଥ. ସମରତରଙ୍ଗ । )
[ଦ୍ରୁ—ହୁନ୍ ମାନେ ଅର୍ଯ୍ୟଜାତୀୟ, ମୋଗଲମାନେ ମଙ୍ଗୋଲୀୟ ଜାତୀୟ । ଏମାନେ ଉତ୍ତରପଶ୍ଚିମ ବାଟେ ଭାରତରେ ପ୍ରବେଶ କରିଥିଲେ । ପ୍ରଥମେ ବାବର ନାମରେ ଜଣେ ମୋଗଲ ସର୍ଦ୍ଦାର ଖ୍ରୀ. ଷୋଡ଼ଶ ଶତାବ୍ଦୀରେ ଭାରତକୁ ଆକ୍ରମଣ କରିଥିଲେ ଓ କ୍ରମଶଃ ସମ୍ରାଟ ଆରଙ୍ଗଜେବଙ୍କ ପର୍ଯ୍ୟନ୍ତ ୭ ଜଣ ସମ୍ରାଟ ସପ୍ତଦଶ ଶତାବ୍ଦୀ ଶେଷ ପର୍ଯ୍ୟନ୍ତ ସ୍ୱତନ୍ତ୍ର ଭାବରେ ଭାରତରେ ସାମ୍ରାଜ୍ୟ ବିସ୍ତାର କରିଥିଲେ । ତାଙ୍କ ପରେ ମୋଗଲ ସାମ୍ରାଜ୍ୟ କ୍ରମଶଃ ଧ୍ୱଂସ ପ୍ରାପ୍ତ ହେଲା ଓ ଉପୃରେ ୨।୩ ଗୋଟି ମୋଗଲ ବଂଶଧର ନାମମାତ୍ର ଗାଦିରେ ବସିଥିଲେ । ମୋଗଲ ସମ୍ରାଟମାନଙ୍କ ମଧ୍ୟରେ ଆକବର ପ୍ରଧାନ ଥିଲେ (୧୫୫୬-୧୬୦୫) ଓ ଏମାନଙ୍କର ରାଜଧାନୀ ଦିଲ୍ଲୀରେ ଥିଲା । ଏହିମାନଙ୍କ ଅନ୍ତେ ଇଂରେଜମାନେ ପ୍ରଥମେ ସନନ୍ଦ ଦ୍ୱାରା ଓ ପରେ ବାହୁବଳ ଏବଂ ଭାରତୀୟ ସୈନ୍ୟଙ୍କ ସାହାଯ୍ୟରେ ଭାରତରେ ସାମ୍ରାଜ୍ୟ ସ୍ଥାପନ କଲେ ।]

**ମୋଗଲ ଅମଲ**—ବୈଦେ. ବି. (ଫା)—ମୋଗଲ ସମ୍ରାଟଙ୍କ ରାଜତ୍ୱକାଳ—The reign of the Moghal emperors in India.
Mogala amala
মোগল আমল
मोगलकी अमलदारी (ମୋଗଲ ଅମଲଦାରୀ—ଅନ୍ୟରୂପ)

**ମୋଗଲ ବନ୍ଦ**—ଦେ. ବି—ମୋଗଲ ବନ୍ଦି ( ଦେଖ )—Mogala bandi ( See )
Mogala banda
(ଉ—ଅମ୍ବ ଗଡ଼ଜାତ ମୋଗଲବନ୍ଦ ମଧ୍ୟରେ ବଡ଼ ଦେଶ ଦେଖ ରହୁଥିଲା । ଫକୀରମୋହନ. ଗଳ୍ପସ୍ୱଳ୍ପ ।).

**ମୋଗଲ ବନ୍ଦି**—ବୈଦେ. ବି—ଆକବରଙ୍କ ପ୍ରଧାନ ସେନାପତି ତୋଡରମଲ୍ଲଙ୍କ ଦ୍ୱାରା ମୋଗଲମାନଙ୍କର ଖାସ୍ ଶାସନକୁ ଆସିଥିବା ଓଡ଼ିଶାର ସମୁଦ୍ର ଉପକୂଳସ୍ଥ (କଟକ, ପୁରୀ ଓ ବାଲେଶ୍ୱର) ଜିଲ୍ଲାମାନ—The three British districts of Orissa (Cuttack, Puri and Balasore) along the sea coast which was formerly under the direct administration of the Moghal emperors.
Mogala bandi
মোগলবন্দী
मोगलान
[ଦ୍ରୁ—କଥିତ ଅଛି ଯେ ଆକବରଙ୍କ ସେନାପତି ତୋଡରମଲ୍ଲ ୧୫୮୦ ସାଲରେ ଓଡ଼ିଶା ଅଧିକାର କରି ସାମନ୍ତ ଓ ସେବକ ରାଜାମାନଙ୍କ ଶାସିତ ରାଜ୍ୟକୁ ଗଡ଼ଜାତ ଓ ମୋଗଲ ଶାସିତ ଖାସମହାଲମାନଙ୍କୁ ମୋଗଲବନ୍ଦି ନାମ ଦେଲେ । ମୋଗଲବନ୍ଦିର ପଶ୍ଚିମରେ ଥିବା ପାର୍ବତ୍ୟ ଗଡ଼ଜାତ ରାଜ୍ୟମାନ ବର୍ତ୍ତମାନ ପର୍ଯ୍ୟନ୍ତ ମଧ୍ୟ ଦେଶୀୟ ରାଜାମାନଙ୍କ ଦ୍ୱାରା ଶାସିତ ହେଉଅଛି ଓ ଉକ୍ତ ରାଜାମାନେ ଏ ପର୍ଯ୍ୟନ୍ତ ଇଂରାଜ ଗବର୍ଣ୍ଣମେଣ୍ଟଙ୍କୁ ପେଶ୍‌କସ ଦେଉଅଛନ୍ତି । ]

**ମୋଗଲ ବନ୍ଦିଆ**—ଦେ. ବିଣ—ମୋଗଲବନ୍ଦିନିବାସୀ—Inhabiting the Moghalbandi.
Mogala bandiā
মোগলবন্দী मोगलानिया

**ମୋଗଲ ବାଦଶା**—ବୈଦେ. ବି—ମୋଗଲ ସମ୍ରାଟ—The Moghal emperor.
Mogala bādaśā

**ମୋଗଲ ବାଦସାହା**—ବୈଦେ. ବି—ମୋଗଲ ସମ୍ରାଟ—The Moghal emperor.
Mogala bādasāhā
মোগল বাদসা मोगल पा(बा)दसाह

**ମୋଗଲମାରି**—ଦେ. ବି. (ନାମ)—ବାଲେଶ୍ୱର ଜିଲ୍ଲାର ଜଳେଶ୍ୱର ନିକଟସ୍ଥ ପ୍ରାଚୀନ ଯୁଦ୍ଧକ୍ଷେତ୍ର ବିଶେଷ—The name of an old battle field near Jaleśwar in the district of Balasore.
Mogalamāri
মোগলমারী
मोगलमारी
[ଦ୍ରୁ—ଏଠାରେ ମୋଗଲ୍‌ବିଦ୍ରୋହୀ ଓଡ଼ିଶାର ଶାସନକର୍ତ୍ତା ଦାଉଦ୍ ଆକବରଙ୍କ ସେନାପତି ତୋଡ଼ରମଲ୍ଲଙ୍କ ଦ୍ୱାରା

ପର୍କରେ ହୋଇ ମୋଗଲଙ୍କ ବଶ୍ୟତା ସ୍ୱୀକାର କଲେ ଓ ପରେ ଓଡ଼ିଶାର ଶାସନକର୍ତ୍ତା ରୂପେ ନିଯୁକ୍ତ ହେଲେ ।]

ମୋଗଲା(ଲେ)ଇ—ବୈଦେ. ବଣ—ମୋଗଲ ଜାତ ସମ୍ବନ୍ଧୀୟ—
Mogalā(le)i Relating to the Moghals.
মোগলাই मोगलानी (ମୋଗଲଈ—ଅନ୍ୟରୂପ)

ମୋଗଲା(ଲେ)ଇ ଟୋପି—ଦେ.ବ—ମୋଗଲମାନଙ୍କ ପିନ୍ଧିବା ପଗଡ଼ି ପରି ପଗଡ଼ି—Turban like that worn
Mogalā(le)i ṭopi
মোগলাই পাগড়ী मोगलकी पाग by the Moghals.
(ମୋଗଲଈ ପଗଡ଼ି—ଅନ୍ୟରୂପ)

ମୋଗଲ୍ୟାଣ—ଦେ. ବଣ—ମୋଗଲ ସମ୍ରାଟଙ୍କ ଅଧିକୃତ—Occupied
Mogalyāṇa or invaded by the Moghals.
মোগল অধিকৃত (ଉ—ଅମୁକ ସମୟରେ ଓଡ଼ିଶା ମୋଗଲ୍ୟାଣ
मोगलान ହୋଇଥିଲା । ଯଥା ମାଦଳାପାଞ୍ଜି ।)

ମୋଘ—ସଂ. ବଣ. (ମୁହ୍ ଧାତୁ=ମୁଗ୍ଧ ହେବା, ଅବୋଧ ହେବା+
Mogha କର୍ତ୍ତ୍ରି. ଅ)—୧ । ବ୍ୟର୍ଥ; ବିଫଳ; ନିରର୍ଥକ—1.Vain;
(ଅମୋଘ—ବିପରୀତ) fruitless; ineffectual. ୨ । ବିହୀନ; ରହିତ—2.Void; destitute of. ୩ । ପରିତ୍ୟକ୍ତ—3. Abandoned. ବ—୧ । ପ୍ରାଚୀର—1. A compound wall. ୨ । ବାଡ଼—2. A fence;
[ମୋଦା(ଡ଼)—ବ] hedge.

ମୋଘ କର୍ମା—ସଂ. ବଣ. (ବହୁବ୍ରୀହି; ମୋଘ+କର୍ମନ୍; ୧ମା. ୧ବ)—
Mogha karmā ଯେ ନିଷ୍ଫଳ କାର୍ଯ୍ୟ କରେ—Doing fruitless acts.

ମୋଘ ଜ୍ଞାନ—ସଂ. ବଣ. ପୁଂ. ( ବହୁବ୍ରୀହି )—୧ । ଧର୍ମଜ୍ଞାନବିରହିତ
Mogha jñāna —1. Bereft of religious know-
(ମୋଘଜ୍ଞାନା—ସ୍ତ୍ରୀ) ledge. ୨ । ବୃଥା ଜ୍ଞାନ ଅନୁଶୀଳନକାରୀ (ବ୍ୟକ୍ତି)—2. Cultivating vain knowledge.

ମୋଘ ପୁଷ୍ପା—ସଂ. ବଣ. ସ୍ତ୍ରୀ. (ବହୁବ୍ରୀହି)—ବନ୍ଧ୍ୟା (ସ୍ତ୍ରୀ)—
Mogha pushpā Barren (woman).

ମୋଘା—ସଂ. ବ. (ମୋଘ+ସ୍ତ୍ରୀ. ଆ)—୧ । ପାଟଳି ( ଦେଖ )
Moghā 1. Pāṭali ( See ) ୨ । ବିଡ଼ଙ୍ଗ ( ଦେଖ )—
2. Birdaṅga ( See )

ମୋଘାଶ—ସଂ. ବଣ. ପୁଂ. (ବହୁବ୍ରୀହି)—୧ । ବୃଥା ଆଶା ପୋଷଣକାରୀ
Moghāsa —1. Indulging in vain hopes.
(ମୋଘାଶା—ସ୍ତ୍ରୀ) ୨ । ଯାହାର ଆଶା ବିଫଳ ହୋଇଅଛି—
2. Frustrated in one's hopes.

ମୋଘ୍ୟ—ସଂ. ବଣ. (ମୋଘ+ଭାବ. ଯ)—ବିଫଳତା—
Moghya Fruitlessness.

ମୋଚ—ସଂ. ବ ( ମୁଚ୍ ଧାତୁ=ତ୍ୟାଗ କରିବା+କର୍ତ୍ତ୍ରି. ଅ )—୧ ।
Mocha କଦଳୀ ଫଳ—1. Plantain ( fruit ). ୨ । ଶୋଭାଞ୍ଜନ ବୃକ୍ଷ; ସଜନା ଗଛ—2. The moringa tree; Moringa Pterygosperma. ୩ । ଶିମିଳି ଗଛ (ସ୍ତ୍ରୀ. ଶ)—3. The silk-cotton tree. ୪ । ପାଟଳ ଗଛ ( ସ୍ତ୍ରୀ. ଶ )—4. Schrebra Swientenioides ( tree ). ଦେ. ବ—ମୋଛ ( ଦେଖ )—Mochha ( See ) [ ଉ—ବାଣାସରେ ନିପୁଣ, ସୁବେଶ. ଥୋଇ ଶର, ମୋଚ ଅର୍ଦ୍ଧିଚନ୍ଦ୍ର ଯେ । ଉଦ୍ଧ. ବୈଦେହୀଶବିଳାସ । ]

ମୋଚକ—ସଂ. ବଣ ( ମୁଚ୍ ଧାତୁ+କର୍ତ୍ତ୍ରି. ଅକ )—୧ । ମୁକ୍ତିଦାତା;
Mochaka ତ୍ରାଣକର୍ତ୍ତା—1. Liberating; delivering. ୨ । ( +କର୍ମ. କ ) ବିଷୟ ବାସନାରୁ ମୁକ୍ତ; ବୈରାଗ୍ୟଯୁକ୍ତ—2. Freed from worldly bonds. ବ—୧ । ମୋକ୍ଷ—1. Final liberation. ୨ । କଦଳୀ ଗଛ—2. The plantain tree; Musa. Sapientum. ୩ । ସଜନା ଗଛ—3. The moringa tree. ୪ । ଘଣ୍ଟା ପାଟଳୀ ଗଛ—4. Schrebra Swientenioides; Chelonioides. ୫। ଶିମିଳି ଗଛ—5. The silk-cotton tree.

ମୋଚ କର୍ଣ୍ଣ—ସଂ. ବ—୧ । ରାମାୟଣୋକ୍ତ ରାକ୍ଷସ ବିଶେଷ—1. A
Mocha karṇna demon described in the Rāmāyaṇa. ୨ । ଛେଳି—2. The goat.
[ ଉ—(୧+୨) ବଧି ଲୁବ ବାଳଯୁଗ ଜ୍ୟୋତିଷ୍ପ୍ରଭ ଭଗ୍ନ ନେତ୍ର, ମୋଚକର୍ଣ୍ଣେ ଧାବନ୍ତ ଶାର୍ଦ୍ଦୁଳ । ଉଦ୍ଧ. ବୈଦେହୀଶବିଳାସ । ]

ମୋଚଙ୍ଗ—ଦେ. ବ—ବାଦ୍ୟ ବିଶେଷ—A kind of musical
Mochaṅga instrument. [ ଉ—ଜଳତରଙ୍ଗ
मोचग ମୋଚଙ୍ଗ ଧର । ଅବଧାନ୍ୟ. ଚଦଗୁରୁକାମଣି । ]

ମୋଚନ—ସଂ. ବ ( ମୁଚ୍ ଧାତୁ=ତ୍ୟାଗ କରିବା; ମୁକ୍ତ ହେବା+ଭାବ.
Mochana ଅନ )—୧ । ମୁକ୍ତ କରିବା; ମୁକୁଳାଇବା—1. Delivering; liberating; emancipating setting free. ୨ । ମୁକ୍ତି; ମୋକ୍ଷ—2. Deliverance. ୩ । ( +କର୍ମ. ଅନ ) କଲ୍କ; ଗାଦ—3. The sediment left at the bottom of a pot of ghee or oil. ୪। ମଇଳା—4. Dirt; filth. ୫। ଅହଂକାର—5. Pride. ୬। ଦମ୍ଭ; ଦାମ୍ଭିକତା—6. Arrogance; effrontery. ୭ । ଶାଠ୍ୟ—7. Craftiness. ୮ । ବନ୍ଦୀକୁ ବନ୍ଧନରୁ ଖଲାସ ଦେବା—8. Discharging or setting free a prisoner. ୯ । ଋଣରୁ ମୁକ୍ତି—9. Discharge of a debt; liquidation of a debt. ୧୦ । ଋଣରୁ ମୁକ୍ତ ଦେବା—10. Absolving a person from a debt. ୧୧ । ବିପଦରୁ ଉଦ୍ଧାର କରିବା—11. Delivering from a calamity. ୧୨ । ପୋଛିଦେବା—12. Wiping off. ୧୩ । ମାର୍ଜନ କରିବା; ସଫା କରିବା—13. Cleansing. ୧୪ । ତ୍ୟାଗ କରିବା; ଛାଡ଼ିବା—14. Abandoning. ୧୫ । ଦୋଷ କ୍ଷମା ଦେବା; ଦୋଷ ମାର୍ଜନା କରିବା—

15. Forgiving of a fault. ୧୬ । ମୁକୁଳା କରିବା; ଫିଟାଇବା—16. Letting loose; loosening. ୧୭ । ଦୂରୀକରଣ ( ଯଥା—ପାପମୋଚନ )—17. Removal.

ମୋଚନ କରିବା—ଦେ. କ୍ରି—ମୁକ୍ତ କରିବା—To set free; to liberate.
Mochana kariba
মোচন করা मोचन करना

ମୋଚ(ଚି)ଣୀ—ସଂ. ବି ( ମୁଚ୍ ଧାତୁ+ଅନ+ଈ )-କଣ୍ଟକାରୀ
Mocha(chi)ni ( ଦେଖ )—The prickly night-shade; Solanum Jacquini
(ସଂ. କ୍ଷୁଦ୍ରଫଳା, କ୍ଷୁଦ୍ରକଣ୍ଟକା, କ୍ଷୁଦ୍ରଦୁଃସ୍ପର୍ଶା, ଗୁଚ୍ଛଫଳା, ଦମନୀ, ମନ୍ଦୈହ୍ୟକୁମାରୀ, ବହ୍ନିଦମନୀ, ବହୁକଣ୍ଟା, ବହିକଣ୍ଟାରିକା]

ମୋଚ ନିର୍ଯ୍ୟାସ—ସଂ. ବି (ମୋଚ=ଶିମିଳି+ନିର୍ଯ୍ୟାସ; ୬ଷ୍ଠୀ ତତ୍)—
Mocha nirjyasa ଶିମିଳି ଗଛର ଅଠା—The gum [ଅନ୍ୟ ସଂ.ନାମ—ପିଚ୍ଛିଳସାର, ଶାଲ୍ମଳୀବେଷ୍ଟ, ସୁରସ] of the silk-cotton tree. [ ଦ୍ର—ଏହା ଔଷଧରେ ବ୍ୟବହୃତ ହୁଏ । ଏହା ଶୀତବୀର୍ଯ୍ୟ, ଧାରକ, ଶୁକ୍ରବର୍ଦ୍ଧକ ଓ କଷାୟ ରସ । ଏହା ପ୍ରବାହିକା, ଅତିସାର, ଅମଦୋଷ, କଫ, ପିତ୍ତ, ରକ୍ତଦୁଷ୍ଟି ଓ ଦାହନାଶକ । ]

ମୋଚରସ, ମୋଚସାର, ମୋଚ(ସ୍ର)ସ୍ରାବ, ମୋଚସ୍ରୁ, ମୋଚ୍ଛକ, ମୋଚ୍ଛକ — ଅନ୍ୟରୂପ

মোচরস मोचरस; मोचरका; गोंद
ଯ ସାମ୍ବୁସ୍କୃତାକ ସୁ. ସେମଲକୋଗୁଁଦ

ମୋଚନୀୟ—ସଂ. ବିଣ (ମୁଚ୍ ଧାତୁ+କର୍ମ. ଅନୀୟ)—୧ । ମୁକ୍ତ ହେବାର
Mochaniya ଯୋଗ୍ୟ—1. Fit to be liberated or let loose. ୨ । ତ୍ୟାଗଯୋଗ୍ୟ—2. Fit to be abandoned.

ମୋଚମର୍ଦ୍ଦ—ଦେ. ବି—ନିଶ ମୋଡ଼ିବା—Trimming of one's
Mochamardda moustaches. [ ଦ୍ର—କାହେ (ମୋଚମର୍ଦ୍ଦନ—ଅନ୍ୟରୂପ) କଦଳୀ ପତ୍ର ପ୍ରାୟ କଦଳ ଦେଖ,
গোঁপে তা দেওয়া ମୋଚମର୍ଦ୍ଦ ପାଶୋର ସେ । ଉକ୍ତ.
मोछपर ताव देना ବୈଦେହୀଶବିଳାସ । ]

ମୋଚା—ସଂ. ବି ( ମୁଚ୍ ଧାତୁ+କର୍ତ୍ତୃ. ଅ+ଆ )—୧ । ଶାଲ୍ମଳୀ ବା
Mocha ଶିମିଳି ଗଛ—1. The silk cotton tree; Bombax Heptaphyllum. ୨ । ନୀଳୀବୃକ୍ଷ; ନୀଳଗୁଳ୍ମ—2. The indigo plant. ୩ । ରମ୍ଭା ବା କଦଳୀ ଗଛ—3 Plantain plant. ଦେ. ବିଣ—ଙ୍କେଚ୍ଚ; ସଙ୍କୁଚିତ—Contracted.

ମୋଚାଏ—ଗ୍ରାଦେ. ( ସମ୍ବଲପୁରୀ ) ବି - ମୋଚଏ ( ଦେଖ )
Mochae Mochie ( See )

ମୋଚାଟ—ସଂ. ବି (ମୋଚ—କଦଳୀ ଗଛ+ଅଟ୍ ଧାତୁ—ଗମନ କରିବା;
Mochata ସଦୃଶ ହେବା+କର୍ତ୍ତୃ. ଅ )—୧ । କୃଷ୍ଣଜୀରକ; କଳାଜୀରା—1. A black pungent seed, Nigella Indica. ୨ । ଚନ୍ଦନ—2. Sandal. ୩ । ରମ୍ଭାତ୍ରିଞ୍ଜ; କଦଳୀର ମଞ୍ଜ; କଦଳୀମଞ୍ଜ—3 The edible inner stem of the plantain tree ୪ । କଦଳୀ ଫଳ—4. Plantain.

ମୋଚା ଫଳ—ସଂ. ବି—କଦଳୀ—
Mocha phala Plantain; banana.

ମୋଚା ମୋଚା(ଚି)—ଦେ. ବିଣ—ଲୋଚା କୋଚା ( ଦେଖ )
Mocha mocha(chi) Locha kocha ( See )
मोडामोडि
[ମୋଚ ମା(ଚା, ଚୁ)ଚି—ଅନ୍ୟରୂପ]

ମୋଚି—ଦେ. ବି. ପୁଂ (ସଂ. ଚର୍ମକାର; ଚମ୍ପା ସଂ. ମୁଚ୍ ଧାତୁ—
Mochi ଚମଡ଼ା ଛଡ଼ାଇବା )—୧ । ଚର୍ମକାର, ଯାତ ଜାତି
मुची ବିଶେଷ, ଯେ ଯୋତା ତିଆରି କରନ୍ତି—1. Cobbler (a
मोची low caste) ୨ । (ଗାଳିରେ ବ୍ୟବହୃତ;) ନୀଚ ଲୋକ—
(ମୋଚିଅଣୀ—ସ୍ତ୍ରୀ) 2. (a term of abuse) Mean person.

ମୋଚିଏ—ଗ୍ରାଦେ ( ସମ୍ବଲପୁରୀ ) ବିଣ—ବେକାଏ; ଗୋଟିଏ ହାତର
Mochie ମୁଠା ମଧ୍ୟରେ ଏକାଥରକେ ଯେତେ ପରିମାଣରେ ଶାଗ ବା ଘାସ ଆଦି ଧରି ଯାଇ ପାରେ ସେହି ପରିମିତ—Handful; as much of potherb or grass as can be held in one's hand between the thumb and the other fingers.

ମୋଚିକା—ସଂ. ବି—ଏକପ୍ରକାର ମାଛ; ବାଲିଗରଡ଼ା ମାଛ—
Mochika मो(मा)चिका A kind of fish.

ମୋଚିତ—ସଂ. ବିଣ (ମୁଚ୍ ଧାତୁ+ଣିଚ୍, ମୋଚ ଧାତୁ+କର୍ମ. ତ)—
Mochita ଅନ୍ୟଦ୍ୱାରା ମୁକ୍ତ—Caused to be set free or released. [ଦ୍ର—ଠୋ ପୋଡ଼ୁଁ ତ ତାପ ଭ୍ରାନ୍ତ ମୁଣ୍ଡେ ମନ-ମଥ ପାଶ, ବନ୍ଧନ କରନ୍ତି ଚିନ୍ତା ମୋଚିତରେ । ଉପେନ୍ଦ୍ରଭଞ୍ଜ. କୋଷୋପାଳେଖ୍ ୦ ଗୀତ । ]

ମୋଚି ପାଣି - ଦେ. ବି—ଯୋତା, ଚମଡ଼ା, ବିଷ୍ଠା ଆଦି ଗୋଳାଇ
Mochi pani ପ୍ରସ୍ତୁତ କରିଥିବା ଦୁର୍ଗନ୍ଧ ପାଣି—Shoes,
मैलापानी leather bits and night soil mixed in water. [ଦ୍ର—ଏହା ଦୁଷ୍ଟ ବ୍ୟକ୍ତିଙ୍କର ମୁହଁରେ ଦଣ୍ଡ ସ୍ୱରୂପ ଢଳାଯାଏ ଓ ଯେଉଁ ବ୍ୟକ୍ତି ଗୁଣୀ ଗାରଡ଼ି ଅବା କରି ଲୋକଙ୍କର ଅନିଷ୍ଟ କରୁଥାଏ, ତାକୁ ଧରି ତା ମୁହଁରେ ଏହି ମୋଚି ପାଣି ଢାଳିଲେ ତାହାର କରାମତି ଲୁପ୍ତ ହୋଇ ଯାଏ ବୋଲି ଲୋକବିଶ୍ୱାସ ଅଛି । ]

ମୋଚିବା—ଦେ. କ୍ରି (ସଂ. ସଙ୍କୋଚନ)—ଙ୍କେଚ୍ଚ କରିବା; ସଙ୍କୁଚିତ
Mochiba କରିବା—To contract. (ଯଥା—ସେ ଗୋଡ଼କୁ
ଗୁଟାନ सिकोडना, मोडना ମୋଚି କରି ବସିଛି ।)

ମୋଚିମାଚି କରି ରଖିବା—ଗ୍ରାଦେ ( ସମ୍ବଲପୁରୀ ) କ୍ରି—ଖେଳାଇ
Mochimachi kari rakhiba ହୋଇଥିବା ବା ଲମ୍ବା ପଦାର୍ଥକୁ ଗୁଡ଼ିକୁଡ଼ି ଗୋଟାଇ କରି ଏକତ୍ର ରଖିବା—To collect and pack up scattered articles.

ମୋଚୀ—ସଂ. ବି (ମୁଚ୍ ଧାତୁ+କର୍ତ୍ତୃ. ଅ+ଈ )—ହିଲମୋଚିକା,
Mochi ହିଡ଼ଗିରି ଶାଗ—A pot-herb growing on wet

ground; Hingsh a Repens. ଦେ. ବି—ମୋଚ (ଦେଖ)—Mochi (See)

ମୋଚ୍ୟ—ସଂ. ବିଣ (ମୁଚ୍ ଧାତୁ+କର୍ମ. ଯ)—୧ । ମୋଚନଯୋଗ୍ୟ—
Mochya 1. Deserving liberation; about to be let loose. ୨ । ତ୍ୟାଜ୍ୟ—2. Fit to be abandoned.

ମୋଛ—ଦେ. ବି (ସଂ. ଶ୍ମଶ୍ରୁ, ପର୍ତ୍ତୁ. ମୁଷ୍ଟାଚିଓ)—ମୁଛ, ନିଶ—
Mochha Moustaches.
গোঁপ, মোচ मोछ, मुछ

ମୋ(ମୁ,ମୁଁ)ଛାର—ଦେ. ବିଣ (ଭୁଲ. ତା ଛାର, ତୋ ଛାର)—ଛାର
Mo(mu,muñ)chhāra ମୁଁ—My insignificant self.
আমি ছার; ছার আমি [ଉ—ତୁମ୍ଭଙ୍କୁ ମୋ ଛାର କ ପାରିବ ସୁଝ
मुझ खाकसार କରି । କୃଷ୍ଣସିଂହ. ମହାଭାରତ. ଅଦି ।]

ମୋଜା—ବିଦେ. ବି (ପା. ମୋଜା)—ଗୋଡ଼ଭଣ୍ଡାର ଅଧ ପର୍ଯ୍ୟନ୍ତ
Mojā ବା ଅଣ୍ଟାଯାଏ ପିନ୍ଧାଯିବା ଜନା ଖୋଳ; ଗୋଡ଼ମୁଣା—
মোজা Stockings; socks. [ ଦ୍ର—ପୂର୍ଣ୍ଣ ଓ ଅଧା ଭେଦରେ
मोजा ମୋଜାକୁ ପୁଲ୍‌ମୋଜା ଓ ହାଫ୍(ଫ୍) ମୋଜା କହନ୍ତି । ହାତରେ ପିନ୍ଧିବା ମୋଜାକୁ ହାତମୋଜା ବା ଦସ୍ତାନା କୁହାଯାଏ । ]

ମୋଜା କଳ—ଦେ. ବି—ମୋଜା ବୁଣିବା ଯନ୍ତ୍ର—
Mojā kaḷa Knitting machine.
মোজার কল मोजाका कल

ମୋଜା ବୁଣିବା—ଦେ. କ୍ରି—ସୂତାକୁ କଳ ବା ଛୁଞ୍ଚ ସାହାଯ୍ୟରେ ବୟନ
Mojā buṇibā କରି ମୋଜା ତିଆରି କରିବା—To knit
মোজা বোনা मोजा बुनना stockings.

ମୋଜା(ଝା)ହି(ହେ,ଇ,ଏ)ମ୍—ବିଦେ. ବି (କଟକଅର୍ଥ; ଅ, ମୁଜାହିମ୍)—ମୁଜାଇମ୍ (ଦେଖ)
Moja(jhā)hi(he,i,e)m
(ମୋଜା[ଝା]ଇମ୍—ଅନ୍ୟରୂପ) Mujāim (See)

ମୋଜେସ୍—ବିଦେ. ବି (ନାମ) (ଇଂ. ମୋଜେସ୍)—ମୁଶା (ଦେଖ)
Mojes মোজেস् मोजेस् Mushā (See)

ମୋଜୋର୍ଡ଼ି—ଗ୍ରାଦେ (ଗଞ୍ଜାମ) ବି—ଜଙ୍ଘ ପର୍ଯ୍ୟନ୍ତ ପିନ୍ଧାଯିବା ମୋଜା, Mojordi ଫୁଲ୍‌ମୋଜା—Full stockings. ଦେ. ଅ (ବ୍ୟଙ୍ଗ) (ଦୁଇ ଜଣ ସଙ୍ଗୀଙ୍କ ପ୍ରତି ବାହାଦୁରିସୂଚକ ଅବ୍ୟୟ)—ବାଃରେ ୨ଜଣ—Interjection used in irony to a couple of companions.

ମୋଟ—ଦେ. ବି ( ସଂ. ସମଷ୍ଟି )—୧ । ସମଷ୍ଟି; ଟୋଟାଲ୍—1. Total;
Moṭa মোট कुल, मोट sum total. ୨ । ବେଧ—
মোটাই मोटाई 2. Thickness. ୩ । (ବି.ମୋଟ;
মোট मोट ତା. ମୁଟ୍ଟୈ=ଲୁଗା ଗଣ୍ଠିର ବନ୍ଧା ସଂ. ମୂଟ=ବନ୍ଧ; ତେଲୁଗୁ. ମୁଟା=ଗଣ୍ଠିର ) ଗଣ୍ଠିର—3. Bale. [ ଉ—ଲୁଗା ମୋଟକୁ ମୋଟ କଟେଇ ଘରେ ଜମା—ଫକୀରମୋହନ. ଲଛମା । ] ୪ । ମୁଣ୍ଡରେ ବୁହାଯିବା ବୋଝ—4. A load ( carried on the head ). ଦେ. ବିଣ.

ମୋଟା ( ସଂ. ମୁଷ୍କ=ହୃଷ୍ଟପୁଷ୍ଟ ବ୍ୟକ୍ତି )—୧ । ସ୍ଥୂଳକାୟ; ପୃଥୁଳ;
मोटा ମୋଟା—1. Corpulent; fat. ୨ । ଉଗଡ଼ା;
(ସରୁ—ବିପରୀତ) ଖେଟ; ଖସଡ଼—2. Coarse. ( ଯଥା—ମୋଟ ଲୁଗା; ମୋଟ ଭାତ । ) ୩ । ସ୍ଥୂଳ; ଘନ—3. Thick. [ ଉ—ସୂତା ମାଜିଲେ ସରୁ, କଥା ମାଜିଲେ ମୋଟ—ଢଗ । ] ୪ । ଗୋଳମାଳିଆ—4. Confused. ୫ । ସମଷ୍ଟିଭୂତ—5. Added up.
মোট ୬ । ସର୍ବସମେତ—6. Altogether. ୭ ।
कुल, मोट ଫୁଲିଲା—7. Swollen: bloated. ୮ । ଗୁରୁତର—8. Graver. ୯ । ଗର୍ବସ୍ଫୀତ ( ଯଥା— ମନମୋଟ ହେବା )—9. Puffed up with pride. ୧୦ । ବେଖାତିରିଆ; ଅସାବଧାନ—10. Careless.

ମୋଟ ଉପରେ—ଦେ. କ୍ରି. ବିଣ—୧ । ସ୍ଥୂଳରେ; ସ୍ଥୂଳ ଦୃଷ୍ଟିରେ ଦେଖି-
Moṭa upare ବାକୁ ଗଲେ—1. Roughly; on the
মোটের উপর whole. ୨ । ହାରାହାରି ଧରିବାକୁ ଗଲେ—
मोटे हिसाबसे 2. On the average.

ମୋଟକ—ସଂ. ବି (ମୁଟ୍ ଧାତୁ=ଚୂର୍ଣ୍ଣ କରିବା, ଭାଙ୍ଗିବା+କର୍ମ. ଅକ)—
Moṭaka ୧ । ମୋଡ଼ା; ଶ୍ରାଦ୍ଧ ଓ ତର୍ପଣରେ ବ୍ୟବହୃତ ମଝିରୁ ଭଙ୍ଗା ହୋଇ ମୋଡ଼ା ହୋଇଥିବା କୁଶଦ୍ୱୟ—1. A pair of Kuśa grass folded in the middle and twisted to a V shape used to represent the ancestors in Śraddha and oblations to the manes. ୨ । କୁଶବନ୍ଧ; ଉଦ୍ଭୁଳାର ଅଙ୍ଗୁରୀୟ—2. A finger ring made by doubling and twisting the Kuśa grass.

ମୋଟ କଥା—ଦେ. ବି—୧ । ସ୍ଥୂଳ ବିଷୟବସ୍ତୁର ପ୍ରତିପାଦକ ବିଷୟ—
Moṭa kathā 1. The long and short of a matter.
মোট কথা ୨ । ଗୁରୁତର ବିଷୟ—2. Grave matter.
मोटी बात, मोटामोटी बात ୩ । ସଂକ୍ଷିପ୍ତସାର—3. Summary and substance. ୪ । ସାଧାରଣ ବା ମାମୁଲି ବିଷୟ—4. An ordinary matter or subject.

ମୋଟ କରିବା—ଦେ. କ୍ରି - ବହୁ ସଂଖ୍ୟା ଯୋଗ କରିବା—1. To add
Moṭa karibā up; to total; to sum up many
মোট করা numbers. ୨ । ସରୁଆ ପଦାର୍ଥକୁ ସ୍ଥୂଳ
जोडना କରିବା—2. To thicken. ୩ । ବଢ଼ାଇବା;
মোট করা, বাড়ান ଫୁଲାଇବା; ଆକାର ବୃଦ୍ଧି କରାଇବା—3. To
बढाना cause to swell on; to become large.
মোটা করা ୪ । ( କଥାକୁ ) ଅନାବଶ୍ୟକ ଅଲୋଚନାଦ୍ୱାରା
बढाना ଗୁରୁତର ବା ଗୋଳମାଳିଆ କରିବା—4. To make matters confused or confounded or assume unduly grave proportions. ( ଯଥା—ଗୋଟିଏ କଥାକୁ ବହୁବାର ଅଲୋଚନାଦ୍ୱାରା କଥାକୁ 'ମୋଟ' କରାଯାଏ । ) ୫ । ଛୋଟ ବା ତୁଚ୍ଛ କଥାକୁ ଅଯଥା ଗର୍ବ ବା ଗୋଳମାଳିଆ କରିବା, ବଢ଼ାଇବା—

5. To make a matter swell into inordinate or very grave proportions by constantly hammering on it. [ ଦ୍ର—ଉଦାହରଣସ୍ୱରୂପ—ଜଣକର ସାମାନ୍ୟ ତ୍ରୁଟି ହୋଇଅଛି ଯାହାକୁ ଧର୍ତ୍ତବ୍ୟ କରିବା ଉଚିତ ନୁହେଁ କିନ୍ତୁ ସେ ବିଷୟକୁ ଘନ ଘନ ଚର୍ଚ୍ଚା ବା ଆଲୋଚନା କଲେ ସେ କଥାଟା ମୋଟ ହୋଇଯାଏ ଅର୍ଥାତ୍ ସେ ତ୍ରୁଟିଟା ଅଯଥା ଗୁରୁତର ଆକାର ଧାରଣ କରେ ।

ଗୋଟିଏ ଅପରାଧକୁ ପ୍ରଥମରୁ ଘୋଡ଼ାଇ ପକାଇଲେ ତତ୍ପ୍ରତି ସାଧାରଣଙ୍କ ଦୃଷ୍ଟି ପଡ଼େ ନାହିଁ, କିନ୍ତୁ ସେ କଥାକୁ ଘନଘନ ଚର୍ଚ୍ଚା କରିବାଦ୍ୱାରା ସେ ବିଷୟ ଶୀଘ୍ର ଏପରି ମୋଟ ହୋଇଯାଏ ଯେ ତାହା ଆଉ ଘୋଡ଼ାଇ ରଖି ହୁଏ ନାହିଁ । ଆଜିକାଲିର ଖବର କାଗଜମାନଙ୍କରେ ସାମାନ୍ୟ କଥାମାନ ମୋଟା ହେବାର ଉଦାହରଣ ପ୍ରାୟ ସବୁବେଳେ ଦେଖାଯାଇଥାଏ । ]

ମୋଟକୀ—ସ. ବି. ସ୍ତ୍ରୀ ( ମୋଟକ+ଈ )—ସଙ୍ଗୀତର ରାଗିଣୀ ବିଶେଷ
Moṭakī —One of the secondary tunes of Hindu music.

ମୋଟ(ଟା) ଖରଚ(ଚା)—ଦେ. ବି—୧ । କୌଣସି ଉପଲକ୍ଷରେ ଜଣେ
Moṭa(ṭā) kharacha(chā) ବ୍ୟକ୍ତିର କୃତ ସମସ୍ତ ଖରଚ—
মোটা খরচ 1. The total expenses incurred
मोट(टा) खर्च by a person on a certain occasion. ୨ । କୌଣସି କର୍ମ ଉପଲକ୍ଷରେ ବହୁବ୍ୟୟସାଧ୍ୟ ଭେଦଭେଦ ବିଷୟରେ ହୋଇଥିବା ଖରଚ—2. Individual items of heavy expenses incurred on a certain occasion. ୩ । ମାମୁଲି ବା ଧରାବନ୍ଧା ଖରଚ—3. Routine or fixed items of expenditure.

ମୋଟ(ଟା) ଖାଇବା—ଦେ କ୍ରି—ମୋଟ ଭାତ ଖାଇବା—To take
Moṭa(ṭā) khāibā coarse food; to subsist on
মোটা খাওয়া coarse food. [ ଯଥା—ମୋଟ ଖାଇ
मोटा खाना ପେଟ ପିନ୍ଧି ଅଳ୍ପ ଚାଲି ମୋର ଗୁଜରାଣ ଚଳୁଛି । ]

ମୋଟ(ଟା) ଗାନ୍ଥ(ନ୍ଥି, ନ୍ଥେ)ଣି—ଦେ. ବି—ସମାନଭାବରେ ଓ ସମାନ
Moṭa(ṭā) gāntha(nthi, nthe)ṇi ଭଙ୍ଗୀରେ କଟା
মোটা গাঁথনী ହୋଇ ନ ଥିବା ପଥରମାନଙ୍କ ଦ୍ୱାରା କାନ୍ଥଆଦି
मोटा चुनाइ ବସାଇବା—Rough masonry.

ମୋଟ(ଟା) ଚାଉଳ—ଦେ. ବି ( ଖାଇବାକୁ ବା ବ୍ୟବହାର କରିବାକୁ )
Moṭa(ṭā) chāuḷa —କର୍କଶ ତଣ୍ଡୁଳ; ବଡ଼ଗୁଡ଼ା ଚାଉଳ;
মোটা চাল ବଡ଼ ଚାଉଳ—Coarse rice. [ ଦ୍ର—ଏଠି-
मोटा चावल ସର ମୋଟ ଭାତ, ମୋଟା ଧାନ ଅର୍ଥ ହୁଏ । ]
(ସରୁ ଚାଉଳ—ବିପରୀତ)

ମୋଟ(ଟା) ଚ(ଚା)ଦର—ଦେ. ବି—ଖଦଡ଼ିଆ ମୋଟା ହେବା ଲୁଗା—
Moṭa(ṭā) cha(chā)dara A coarse sheet of cloth.
মোটা চাদর मोटा चद्दर

ମୋଟ(ଟା) ତେଲ—ଦେ. ବି—ଯେଉଁ ତେଲ ଘନଳା ହୁଏ ଓ ଯାହା
Moṭa(ṭā) tela ସୁକୁମାରଅଙ୍ଗ ଲୋକମାନେ ବ୍ୟବହାର କରନ୍ତି
(ମୋଟ ମାଇପା—ଅନ୍ୟରୂପ) ନାହିଁ—Coarse or crude
(ସରୁତେଲ—ବିପରୀତ) oil; thick oil. [ ଦ୍ର—ଜଡ଼ା
মোটা তেল ତେଲ, ସୁଲଘ ତେଲ ଆଦି ଏହି ଶ୍ରେଣିର
गाढा तेल ଅନ୍ତର୍ଗତ । ]

ମୋଟ ଦଉଡ଼ି—ଦେ. ବି—ସ୍ଥୂଳ ରଜ୍ଜୁ—
Moṭa daurḍi A thick rope.
মোটা দড়ি मोटी रस्सी, मोटी जौडो

ମୋଟ ଦର—ଦେ. ବି—ପଣ୍ୟ ଦ୍ରବ୍ୟ ଏକକାଳୀନ ବହୁ ପରିମାଣରେ
Moṭa dara ବିକି କରିବାର ମୂଲ୍ୟ—Wholesale
পাইকারি দর थोकभाव, मोटा दर price or rate.

ମୋଟ ଦ(ଦା)ରିଆ—ଦେ. ବିଣ—୧ । ଏକାଥରକେ ବହୁ ପରିମାଣରେ
Moṭa da(dā)riā ବ୍ୟବହୃତ—1. Used in large
পাইকারি মোটদরে quantities or on a large scale
थोकदर at a time. ୨ । ପାଇକାର; ଏକାଥରକେ
(ଖୁଚୁରା—ବିପରୀତ) ବହୁ ପରିମାଣରେ ବିକି ହେଉଥିବା—
2. Wholesale. ୩ । ଏକାଥରକେ ବହୁ ପରିମାଣରେ ପଣ୍ୟବିକ୍ରୟକାରୀ—3. Selling wholesale.

ମୋଟ ଧାନ—ଦେ. ବି—ବଡ଼ଗୁଡ଼ା ଧାନ—
Moṭa dhāna Coarse paddy.
মোটা ধান मोटा धान

ମୋଟନ—ସ. ବି ( ମୁଟ୍ ଧାତୁ=ଚୂର୍ଣ୍ଣ କରିବା+କର୍ତ୍ତୃ. ଅନ )—୧ ।
Moṭana ବାୟୁ; ପବନ; ବତାସ—1. Air; wind. ୨ । ( +ଭାବ. ଅନ ) ଚୂରିବା; ଗୁଣ୍ଡ କରିବା—2. Powdering. ୩ । ଦାବିବା; ମଳିବା—3. Crushing; pressing. ୪ । ପେଷଣ; ପେଷିବା—4. Grinding. ୫ । ଘଷିବା—5. Rubbing. ୬ । ( ହାତଗୋଡ଼ ଆଦି ) ମୋଡ଼ିବା—6. Twisting; spraining; wrenching. ୭ । (ହାତ, ଗୋଡ଼ର ଅଙ୍ଗୁଠି ଆଦି) ମୋଡ଼ି କରି ଫୁଟାଇବା—7. Snapping or cracking of the finger joints.

ମୋଟନକ—ସ. ବି ( ମୋଟନ+କ )—୧ । ବିନାଶ; ଲୟ; ଧ୍ୱଂସ—
Moṭanaka 1. Extinction; destruction; ruin. ୨ । ଏକାଦଶାକ୍ଷର ବିଶିଷ୍ଟ ସଂସ୍କୃତ ଛନ୍ଦୋବିଶେଷ—2. A metre in Sanscrit with eleven syllables ( sounding like snapping of fingers ). [ ଦ୍ର—ଏହି ଛନ୍ଦର ୧ମ, ୨ୟ, ୪ର୍ଥ, ୮ମ ଓ ୧୧ଶ ବର୍ଣ୍ଣ ଗୁରୁ ଏବଂ ୩ୟ, ୪ର୍ଥ, ୬ଷ୍ଠ, ୭ମ, ୯ମ ଓ ୧୦ମ ବର୍ଣ୍ଣ ଲଘୁ । ]

ମୋଟ(ଟା) ପିନ୍ଧିବା—ଦେ. କ୍ରି—ମୋଟା ଲୁଗା ପିନ୍ଧିବା; ସ୍ଥୂଳ ବସ୍ତ୍ର
Moṭa(ṭā) pindhibā ପରିଧାନ କରିବା—To wear
মোটা পরা coarse cloth; to put on coarse dress.
मोटा पहरना

ମୋଟ(ଟା) ବନିବା—ଦେ. କ୍ରି—(ଶୀର୍ଣକାୟ ବ୍ୟକ୍ତି) ସ୍ଥୂଳକାୟ ହେବା—
Moṭa(ṭā) banibā (a lean person) To become
মোটা হওয়া **मोटा होना, मोटाना** fat or corpulent
(ମୋଟ ହେବା—ଅନ୍ୟରୂପ)

ମୋଟ ବ(ବୋ)ହିବା—ଦେ. କ୍ରି—ବୋଝ ବୋହିବା—
Moṭa ba(bo)hibā To carry a load.
মোট বহা **मोट ढोना** (ମୋଟ ବୁହାଇବା—ଅନ୍ୟରୂପ)

ମୋଟ(ଟା) ବୁଦ୍ଧି—ଦେ. ବି—୧ । ସ୍ଥୂଳ ବୁଦ୍ଧି—1. Stupidity; a
Moṭa(ṭā) buddhi dull intellect. ୨ । ବୁଦ୍ଧିହୀନତା—
মোটা বুদ্ধি 2. Dullness of intellect.
**मोटी अक्ल, मोटी बुद्धि**

ମୋଟ(ଟା) ବୁଧି(ଦ୍ଧି)ଆ—ଦେ. ବିଣ—୧ । ଜଡ଼ବୁଦ୍ଧି; ସ୍ଥୂଳବୁଦ୍ଧି-
Moṭa(ṭā) budhi(ddhi)ā ବିଶିଷ୍ଟ—1. Stupid; dull.
মোটা বুদ্ধি ୨ । ନିର୍ବୋଧ;ଅବୋଧ—1. Foolish; thick-
**मोटी अक्ल वाला, मोट बुद्धि** headed; hare-brained.

ମୋଟ ବୁହା—ଦେ. ବି—୧ । ବୋଝ ବହନ କରିବା—1.Carrying
Moṭa buhā of a load. ୨ । ବୋହିଆ; ମୋଟିଆ;
মোট বহা **मोट ढोना** କୁଲି—2. Porter; carrier of a
মুটে **मोटिया** load.
ବିଣ—ଯେ ବୋଝ ବୁହେ; ବୋଝବୁହା- Carrying
loads.

ମୋଟ(ଟା) ଭାତ—ଦେ. ବି—ମୋଟା ଚାଉଳର ଅନ୍ନ—
Moṭa(ṭā) bhāta Coarse boiled rice.
মোটা ভাত **मोटा भात**

ମୋଟ ମା,(ରୋ, ସୋ)ଟ—ଦେ. ବିଣ. (ଅନର୍ଥକ ଶବ୍ଦର)—୧ । ଅତି
Moṭa mā(ro, so)ṭa ମୋଟା—1. Very thick.
মোটা সোটা ୨ । ପୃଥୁଳ; ଅତି ସ୍ଥୂଳକାୟ—2. Very fat;
**मोटा मोटा** very corpulent.

ମୋଟ(ଟା)ର—ବୈଦେ. ବି. ( ଇଂ. ମୋଟର )—ଜ୍ୱଳନ୍ତ ଜବୁଦିଗ୍ଧ
Moṭa(ṭā)r ତେଲର ବାମ୍ପରୁ ଉତ୍ପନ୍ନ ବଳଦ୍ୱାରା ଶକ୍ତି ଦ୍ୱାରା ଚଳ-
মোটর, মটর ନ୍ତ ଯାନ—A motor conveyance.
**मोटर** ଦେ. ବି. (ସ. ମୁଦ୍ଗ ଭେଦ)—ମଟର, ଶିମ୍ବାର ବର୍ଗ
মটর **म** ବୃକ୍ଷଜାତ ଶସ୍ୟ—Pea. ବୈଦେ. ବି—ମୋଟର ଶକ୍ତି
মোটর **मोटर** ଚଳନ୍ତ (ଗାଡ଼ି ଅବ)—Motor.

ମୋଟର୍—ଗ୍ରାଦେ. (ବସ୍ତ୍ର) ବି—ଗଣ୍ଠିଲି—
Moṭar Bundle.

ମୋଟ(ଟା)ର(ର) କାର୍—ବୈଦେ. ବି. ( ଇଂ. ମୋଟର୍ କାର୍ )—
Moṭa(ṭā)r(ra) kār ମୋଟରଚାଳିତ ଶକଟ—Motor
মটরকার(গাড়ি) car. [ଦ୍ର—ଏହିପରି ମୋଟର ବୋଟ, ମୋଟର
**मोटरकार** ଜାହାଜ ଅବ ହୁଏ ।]
(ମୋଟର ଗାଡ଼ି—ଦେ. ଅନ୍ୟରୂପ]

ମୋଟର୍ ଛୁ(ଛୋ)ଇଁ—ଦେ. ବି—ମଟର ଶସ୍ୟର ଛୁଇଁ—
Moṭar chhu(chho)iṅ The pods of pea.
মটর শুঁটি **मटर छिमी**

ମୋଟର୍ ଡ୍ରାଇଭର୍—ବୈଦେ. ବି. ( ଇଂ. ମୋଟର ଡ୍ରାଇଭର )—
Motar drāibhar ମୋଟର ଗାଡ଼ି ଅବର ଯନ୍ତ୍ରକୁ ଯେ ଚାଳକ
মটর ড্রাইভর କରେ—Motor driver; a chaeuffeur.
**मोटर ड्राइवर** (ମୋଟର ଚାଳକ—ଦେ. ଅନ୍ୟରୂପ)

ମୋଟର୍ ତେଲ—ଦେ. ବି. ( ଇଂ. ମୋଟର୍ ଓ ସ. ତୈଳ )—
Moṭar tela ୧ । ମୋଟର ଗାଡ଼ିକ ଚଳାଇବା ପାଇଁ ବ୍ୟବହୃତ
মটর গাড়ির তেল ଶୋଧିତ ଖଣିଜ ତେଲ; ପେଟ୍ରୋଲ—
**मोटर तेल** 1. Motor oil; petrol. ୨ । ମୋଟର ଗାଡ଼ିର
ଯନ୍ତ୍ରକୁ ମାର୍ଜିତ କରିବାରେ ବ୍ୟବହୃତ ତୈଳ—2. Mobil
oil; oil used for greasing the motor
engine.

ମୋଟର୍ ଲରି—ବୈଦେ. ବି. (ଇଂ. ମୋଟର୍ ଲରୀ)—ମୋଟର ଶକ୍ତି
Moṭar lari ଦ୍ୱାରା ପରିଚାଳିତ ବଡ଼ ଗାଡ଼ି (ଯହିଁରେ ଅନେକ
মটর লরী ଲୋକ ବା ଜିନିଷ ପାଇଁ ସ୍ଥାନ ଥାଏ)—Motor
**मोटर लरी** lorry.

ମୋଟର୍ ସର୍ଭିସ୍—ବୈଦେ. ବି. (ଇଂ)—ମୋଟର ଗାଡ଼ି ଦ୍ୱାରା ଏକ
Moṭar sarbhis ସ୍ଥାନରୁ ଅନ୍ୟ ସ୍ଥାନ ପର୍ଯ୍ୟନ୍ତ ଲୋକ ଓ ବୋଝ
মটর সার্ভিস ନିଅ ଅଣା—Motor service between
**मोटर सर्विस** 2 places.

ମୋଟରା—ଦେ. ବି—୧ । ଏକପ୍ରକାର ମୋଟା ଶାରଦ ଧାନ—
Moṭarā 1. A species of coarse paddy.
মোটা শারদধান ୨ । ବୋହିଆ—2. Porter; cooly.
**मोटिया** ଗ୍ରାଦେ. (ବସ୍ତ୍ର) ବି—ଗଣ୍ଠିଲି, ଗଣ୍ଠିର—
Bundle; luggage.

ମୋଟରି—ଦେ.ବି—ଧାନ ଗଛ ନଷ୍ଟ କରୁଥିବା ଏକ ପ୍ରକାର ପୋକ—
Moṭari A kind of pest (worm)infesting paddy
মড়িচাপোকা, শাঁখী **मारा** plants; Hispa.

ମୋଟରି ଧରିବା—ଦେ. କ୍ରି.—ଧାନ ଗଛରେ ମୋଟରି ପୋକ ଲାଗିବା-
Moṭari dharibā The paddy plants being
মডিচা লাগা **मारा धरना (लगना)** infested with Hispa.
(ମୋଟରି ମାଡ଼ିବା; ମୋଟରି ଲାଗିବା—ଅନ୍ୟରୂପ)

ମୋଟରେ—ଦେ. କ୍ରି. ବିଣ—ମୋଟ ଉପରେ (ଦେଖ)
Moṭare মোটের উপর Moṭa upare (See)
**मोटे तौरपर** [ ଦ୍ର—ମୋଟରେ ରାଜା ଓ ଦେଶବାସୀ ଚରଣାନ୍ତରେ
ଥିଲେ । କୃତ୍ତିବାସିକ୍ ଉଚ୍ଚଳ ଇତିହାସ । ]

ମୋଟ(ଟା)ଲୁଗା—ଦେ. ବି—କର୍କଶ ବସ୍ତ୍ର; କପଡ଼ା ଲୁଗା; ଖଦଡ଼;
Moṭa(ṭā) lugā କପଡ଼ା ଲୁଗା; ମୋଟା ସୂତାରେ ବୁଣା ଲୁଗା-
মোটিয়া, মোটা কাপড় Coarse-fibred cloth; coarse
**मोटिया, मोटा कपडा** cloth; 'khaddar' cloth woven
(ସରୁ ବା ବାରିକ୍ ଲୁଗା—ବିପରୀତ) with coarse yarn.

ମୋଟ(ଟା)ସରୁ—ଦେ. ବିଣ.—(ବିପରୀତାର୍ଥ ଶବ୍ଦର)—ସ୍ଥୂଳ ଓ ସୂକ୍ଷ୍ମ—
Moṭa(ṭā) saru Thick and thin; coarse and
মোটা সরু **मोटा मिहिन** fine.
[ମୋଟ (ଟା) ସରୁଆ—ଅନ୍ୟରୂପ]

ମୋଟା—ଦେ. ବଣ. ପୁଂ—(ସଂ. ମୁଷ୍ଟ—ଚୁଷ୍ଟପୁଷ୍ଟ ବ୍ୟକ୍ତି)—୧। ସ୍ଥୂଳ—
Moṭā ମୋଟା मोटा 1. Thick.
(ସରୁଥ, ପାତଳା, ବାରିକ୍—ବିପରୀତ) ୨। ସ୍ଥୂଳାଙ୍ଗ; ସ୍ଥୂଳକାୟ—
(ମୋଟୀ—ସ୍ତ୍ରୀ) 2. Fat; stout; corpulent. [ଉ—
ଏହା ଶୁଣି ସବୁ ସେନାଏ ଶୋଷ କେଲେ ମୋଟା ଲୁଗ
ଭୁଲେ ଯୁଝିବା ଇଚ୍ଛା କଲେ। କୃଷ୍ଣସିଂ. ମହାଭାରତ.
ସ୍ତ୍ରୀ ।] ୩। କର୍କଶ—3. Coarse; rough; harsh.
[ ଦ୍ର—ଖାଇବାକୁ କର୍କଶ, ପିନ୍ଧିବାକୁ କର୍କଶ, ଛୁଇଁବାକୁ
କର୍କଶ, ଶୁଣିବାକୁ କର୍କଶ, ଏହି ସମସ୍ତ ସ୍ଥଳରେ 'ମୋଟା'
ବିଶେଷଣ ପ୍ରଯୁକ୍ତ ହୁଏ। ] ୪। (ଭା. ମୋଟ୍ଟ)—
ଅତୀକ୍ଷ୍ଣ; ଧାର ନ ଥିବା; ଭୋଥରା—4. Blunt. ଗ୍ରାଦେ.
ବି.—୧। (ଯାଜପୁର)—ପୋଇ, ଲଗାରୁ ଅଧ ଲତାର
ତଳ ସ୍ଥାନ—1. The thick lowermost portion of the stem of creepers like Basella Alba. ୨। (ଯାଜପୁର) ବାଉଁଶ ଗଛର ବୁଦା—
2. Clump of bamboos. ୩। (ଗଡ଼ଜାତ)—
ଧାନ ଗଛର ବୁଦା—3. A clump of paddy plant.

ମୋଟା(ଟେ)ଇବା—ଦେ. କ୍ରି.—ସ୍ଥୂଳ କରିବା—
Moṭā(ṭe)ibā মোটা করা To thicken; to fatten.
मोटाना

ମୋଟା କଥା—ଦେ. ବି.—୧। ସ୍ଥୂଳ କଥା; ଯେଉଁ କଥାରେ ସୂକ୍ଷ୍ମ
Moṭā kathā ବୁଦ୍ଧିର ଅବଶ୍ୟକତା ହୁଏ ନାହିଁ—1. Words
মোটা কথা मोटी बात not requiring sharpness of intellect to understand. ୨। ଯେଉଁ
ଯେଉଁ କଥା ମୋଟା ସ୍ୱରରେ କୁହା ଯାଏ—2. Words which are uttered with loud or hoarse tone.

ମୋଟା କାମ—ଦେ. କ୍ରି—ଯେଉଁ କାମରେ ସୂକ୍ଷ୍ମ କାରୁକାର୍ଯ୍ୟ ନ ଥାଏ—
Moṭā kāma Coarse work (not of fine workmanship.)
মোটা কায मोटा काम

ମୋଟା ଗଳା—ଦେ. ବି.—୧। କର୍କଶ ସ୍ୱର—
Moṭā gaḷā মোটা গলা मोटा सुर (गला) 1. A jarring voice. ୨। ମୁକ୍ତ କଣ୍ଠ; ଉଚ୍ଚୈଃ ସ୍ୱର—
2. Loud voice. ୩। ଖାଦ ସ୍ୱର—3. High pitch or tune. ୪। ଭଙ୍ଗି ଯାଇଥିବା ଗଳାର
ସ୍ୱର—4. Hoarse voice.

ମୋଟା ଚମ—ଦେ. ବି—ସ୍ଥୂଳ ବା ଘନ ଚର୍ମ—Thick or tough
Moṭā chama skin. ଦେ. ବଣ.—୧। ମାଡ଼ୁଆ—
মোটা চামড়া 1. Toughe-skinned able to bear a
मोटा चमडा good deal of beating without shying.
(ମୋଟା ଚମଡ଼ା—ଅନ୍ୟରୂପ) ୨। ( ଲକ୍ଷଣାର୍ଥ ) ଲଜ୍ଜାହୀନ—
2. (figurative) Shameless.

ମୋଟା ଚାକିରି—ଦେ. ବି—ମୋଟା ଦରମାର ଚାକରି; ଯେଉଁ ଚାକରିରେ
Moṭā chākiri ବହୁତ ଟଙ୍କା ଦରମା ମିଳେ—A service
মোটা মাইনার চাকিরী with a high salary.
मोटे तलबकी नौकरी

ମୋଟା ତାଜା—ଦେ. ବଣ. (ସଂ. ମୁଷ୍ଟ)—ହୃଷ୍ଟପୁଷ୍ଟ; ସ୍ଥୂଳକାୟ ଓ ସତେଜ
Moṭā tājā Hale and hearty; fat and fresh.
মোটা তাজা मोटा ताजा

ମୋଟା ଦରମା—ଦେ. ବି—ଉଚ୍ଚ ବେତନ, ବେଶୀ ଟଙ୍କା ଦରମା—
Moṭā daramā Handsome pay; high salary
মোটা বেতন, মোটা মাইনা fat salary.
मोटा तनखाह (तलब, द्रमाहा)
(ମୋଟା ବେତନ—ଅନ୍ୟରୂପ)

ମୋଟା ଦାଢ଼—ଦେ. ବି—ଅସ୍ତ୍ରାଦିର ସ୍ଥୂଳ ଧାର—Blunt or thick-
Moṭā dāṛha edge of a weapon.
মোটা ধার मोटी धार

ମୋଟା ଦାଢ଼ୁଆ—ଦେ. ବଣ—୧। ସ୍ଥୂଳ ଧାରଯୁକ୍ତ—1. Thick
Moṭā dāṛhuā edged. ୨। ଭୋଥରା—2. Blunt-
মোটা ধারাল मोटी धार वाली edged.

ମୋଟା ଦେହ କୁଟା ପରି(ପରାଏ)କରିବା—ଦେ. କ୍ରି—୧। ଦେହକୁ
Moṭā deha kuṭā pari(parāe) karibā ଚିନ୍ତାରେ
मोटे देहको सुखाना କ୍ଷୀଣ ବା ଖିନ୍ନ କରି ଦେବା—To become emaciated on account of anxiety.
(ଉ—ବଡ଼ ଭୟ ଉଦ୍ବେଗ ପକାଇଲେ, ମୋଟା ଦେହ
କୁଟା ପରାଏ କରି ଦେଲେ। କୃଷ୍ଣସିଂ. ମହାଭାରତ.
ବନ।)

ମୋଟା ଧରିବା—ଗ୍ରାଦେ. (ଗଡ଼ଜାତ) କ୍ରି—ପିଲେଇବା ( ଦେଖ )
Moṭā dharibā Pileibā ( See )

ମୋଟା(ଟ)ପଣ—ଦେ. ବି—ସ୍ଥୂଳତା—Thickness; corpulence;
Moṭā(ṭa)paṇa Coarseness.
মোটা পন मोटा पन, मोटापा

ମୋଟା ଭୋଟା—ଦେ. ବଣ. (ସହଚର)—ମୋଟା ଓ ଭାରି—
Moṭā bhoṭā Coarse and heavy.
মোটা সোটা मोटा और भारी

ମୋଟା ମାଉଁସ—ଦେ. ବି—ଗୋ ମାଂସ—Beef.
Moṭā māuṅsa
মোটা মাঁস गौका मांस, गोमांस

ମୋଟା ମୋଟି—ଦେ. କ୍ରି. ବି—ସ୍ଥୂଳରେ—Roughly speak-
moṭā moṭi ing; on the whole.
মোটা মুটি मोटा मोटि

ମୋଟାର—ଦେ. ବଣ—ଠୁଳ; ଏକତ୍ର—
Moṭāra জুল ঝুল Gathered together.

ମୋଟା ରୋ(ସୋ)ଟା—ଦେ. ବଣ. (ଜଡ଼ାର୍ଥକ ସହଚର)—
Moṭā ro(so)ṭā ମୋଟ ମାଟ (ଦେଖ)—Moṭa māṭa
মোটা সোটা मोटा मोटा (See)

ମୋଟା ହେବା—ଦେ. କ୍ରି—ସ୍ଥୂଳକାୟ ହେବା—
Moṭā hebā To become fat or stout.
মোটা হওয়া मोटा होना· मोटाना·

ମୋଟିଆ—ଦେ. ବଣ—ପ୍ରାୟ ମୋଟ—Nearly fat.
Moṭiā ଦେ.ବ (ବଙ୍ଗଳାର ଅନୁକରଣ)—ଭୂଲ; ବୋଝିଆ—
মোটাল मोटासा Porter; cooly.
মুটিয়া, মোটিয়া, মুটে मोटिया

ମୋଟୀ—ଦେ. ବଣ. ସ୍ତ୍ରୀ· (ଓ.ମୋଟଶବ୍ଦର ସ୍ତ୍ରୀଲିଙ୍ଗ)--ପୃଥୁଳା; ସ୍ଥୂଳକାୟା
Moṭī (ସ୍ତ୍ରୀ)—Fat; corpulent (woman).
মোটা मोटी (ମୋଟେଇ—ଅନ୍ୟରୂପ)

ମୋଟୁଆ—ଦେ. ବଣ.—ସ୍ଥୂଳ; ମୋଟା; ପୃଥୁଳ—
Moṭuā Thick; stout; fat.
মোটা (ଉ—ମନକୁ ମୋଟୁଆ କଲେ କାହିଁରେ ପଶିବ । ପ୍ରାଚୀ.
मोटा ବ୍ରହ୍ମନିରୂପଣ ଗୀତା ।)

ମୋଟେ—ଦେ. କ୍ରି. ବଣ—୧ । ମୂଳେ; ମୂଳରୁ; ଏକାବେଳକେ; ଅର୍ଦ୍ଧେ
Moṭe 1. At all. ୨ । ସବୁସମେତ—2. Altogether.
মোটে, মোটেই बिलकुल, एकदम (ମୋଟେଇ—ଅନ୍ୟରୂପ)

ମୋଟେଇବା—ପ୍ରାଦେ. (ଗଡ଼ଜାତ) କ୍ରି—ପିଲେଇବା (ଦେଖ)
Moṭeibā Pileibā ( See )

ମୋଟ୍ଟାୟିତ—ସ. ବ. (ମୁଟ୍ ଧାତୁ+ଅୟ+ଇତ)—ନାୟିକାର ଭାବ—
Moṭṭāyita ବିଶେଷ; ନାୟକକୁ ଦେଖି ବା ନାୟକକୁ ସ୍ମରଣ କରି ନାୟିକାର କାମୋଦ୍ଦୀପକସୂଚକ ଦେହ ମୋଡ଼ ଉଠ ହେବା ବା ଅଳସ ଭାଙ୍ଗିବାର ଭଙ୍ଗୀ; ଦେହ ମୋଡ଼ ଉଠ ହେବା ଭଙ୍ଗୀ—Silent in voluntary expression of affection towards an absent lover when he is remembered or talked of (Apte); an amatory expression of a woman on seeing or recollecting her lover (by the twisting of the limbs, scratching of the ears and making other signs) (ଉ—ଲୀଳାବିଳାସ ମୋଟ୍ଟାୟିତ ଅବରେ, ଗାଳ ଗାଲ୍ଲ-କେଶୀ ସ୍ଵଭଳ କରେ । ଗୋଲୋକ. ଇନ୍ଦୁରେଖା ।)

ମୋଠ(ଠୋ)ଉଁ—ଦେ. ଅ—୧ । ମୋ ନିକଟରୁ—1. From my
Moṭha(ṭho)uñ side. ୨ । ମୋଠାରୁ—2. From me.
আমারঠে' हमसे ୩ । ମୋ ଅପେକ୍ଷା—3. Than myself.
(ମୋଠୁଁ—ଅନ୍ୟରୂପ) (ଉ—ସାଇ ପଡ଼ିଶାକୁ ପଚାରଥା ତୁ ମୋଠୁଁ ଘରଣୀ କିଏ । ହାସ୍ୟରସିଙ୍କ ।)

ମୋଠା(ଠେ)ଇଁ-ଦେ. ଅ—୧ । ମୋଠାରେ—1. In me; with
Moṭhā(ṭhe)iñ me. ୨ । ମୋ ନିକଟରେ—2. At me.
অমারঠে', আমার ঠেয়েঁ हमे (ମୋଠି—ଅନ୍ୟରୂପ)

ମୋଠାକୁ—ଦେ. ଅ—ମୋ ନିକଟକୁ—To me.
Moṭhāku আমার কাছে मेरे पास
(ମୋଠିକି, ମୋଠେଇକି—ଅନ୍ୟରୂପ)

ମୋଠାରେ—ଦେ. ଅ—ମୋ ନିକଟରେ—In me; with me.
Moṭhāre (ଉ—କିଅବା ଅଛନ୍ତ ଦୋଷ କଲଙ୍କ ଯଥା ପ୍ରକାଶ
আমার কাছে ଥାଉ ମାଉ ରଖିଲ ମୋଠାରେ । ଉଞ୍ଜ. ବୈଦେହୀଶ-
मुझसे ବିଳାସ ।)

ମୋଡ଼—ଦେ. ବ ( ସ. ମୁଡ଼୍ ଧାତୁ ; ସ. ମୁରଣ—ଘୂରାଇବା ହ. ଶ )
Morḍa —୧ । ବାଙ୍କ; କୌଣସି ବସ୍ତୁ ବଙ୍କା ହୋଇ
মোড ଯାଇଥିବା ସ୍ଥାନ—1. A turn; a turning;
मोड the bend or twist of a thing bent or twisted. ୨ । କୌଣସି ବସ୍ତୁ ବଙ୍କା ହୋଇ ଯାଇଥିବା କୋଣ—2. A corner of a bent thing. ୩ । ଯେଉଁଠାରେ ପଥ ବା ନଦୀ ବା ନଦୀ ବଙ୍କା ହୋଇ ଅନ୍ୟ ଦିଗକୁ ଯାଇଥାଏ—3. The turning of a road or river or embankment, bend. ୪ । ବକ୍ରକରଣ; ବଙ୍କାଇବା—4. Bending. ୫ । ପଥଶୀର୍ଷ; ଦୁଇଟି ରାସ୍ତା ବା ଗଳିର ଛକ—5. The crossing place of two roads or lanes. ୬ । କପଟତା; ଶଠତା; କପଟାଚରଣ—6. Crooked behaviour. [ ଦ୍ର—ମୋଡ଼ ଶବ୍ଦ ଯୁକ୍ତ ହୋଇ ବାଗମୋଡ଼, ପାଣିମୋଡ଼, କଥାର ମୋଡ଼ ଓ ଡାହାଣ ମୋଡ଼ ଆଦି ହୁଏ । ]

ମୋଡ଼ କରିବା—ଦେ. କ୍ରି—ମୋଡ଼ିବା—To twist.
Morḍa karibā মোড় मोडना

ମୋଡ଼ ଛୋଡ଼—ଦେ. ବଣ ଓ ବ—୧ । ମୋଡ ଛେଡ; ମୋଡ ଉଡ;
Morḍā chhorḍā ଅଙ୍ଗାଦିର ସଙ୍କୋଚନ ଓ ପ୍ରସାରଣ—1. Twist-
গা ভাঁগা ing of limbs especially the trunk
अंगैठी मोड to remove lethargy ୨ । କୌଣସି କାର୍ଯ୍ୟ କରିବାକୁ ଅନିଚ୍ଛୁକ—2. Unwilling to do any work.

ମୋଡ଼ନ—ଦେ. ବ ( ମୁଡ଼୍ ଧାତୁ )—୧ । ମୋଡ଼ିବା ( ଦେଖ )—
Morḍana 1. Morḍibā ( See ) ୨ । ବକ୍ରକରଣ—
মোড়ন मोडना 2. Bending.

ମୋଡ଼ ମାଡ଼—ଦେ. ବ (ଦ୍ୱିରର୍ଥକ ସହଚର )—୧ । ମୋଡ଼; ବାଙ୍କ—
Morḍa mārḍa 1. A turn of a road. ୨ । କଥାର
মারপ্যাচ पेंचपाँच ପେଞ୍ଚ—2. Crafty speech. ୩ । ଫେରଫାର; କପଟ; ଛଳ—3. Fraud; practising of deception. ୪ । କପଟତାପୂର୍ଣ୍ଣ ବ୍ୟବହାର—4. Crooked conduct ୫ । ଦାମ ସ୍ଥିର ନ କରି ଦୂଲେଇବା—5. Higgling and haggling.

ମୋଡ଼ା—ଦେ. ବ ( ସ. ମୁଡ଼୍ ଧାତୁ )—୧ । ବଳିବା; ମୋଡ଼ିବା—
Morḍā 1. Twisting; bending. ୨ । ଅନ୍ୟ ଦିଗକୁ
মোড়া ବୁଲାଇବା—2. Turning to another direc-
मोडना tion. [ ଉ—କନକ-ବଦନ ମୋଡ଼ା ଦନ୍ତଭଙ୍ଗା ଶୋଭ ନାହିଁ ବ୍ରହ୍ମାଣ୍ଡରେ—ଅରମନ୍ତ୍ୟ. ବଦରଗ୍ରଧତନ୍ତ୍ରାମଣି ]

୩ । ( ସ. ମୁଣ୍ଡ ) ବାଉଁଶ ବା ବେତରେ ନିର୍ମିତ ଉଚ୍ଚ ଆସନବିଶେଷ; ମୋଢ଼ା—3. A stool made of bamboo or cane or wicker work. ୪ । ( ସ. ମୋଟନ ) ଅଙ୍ଗ ପ୍ରତ୍ୟଙ୍ଗାଦି ଘଷିବା—4. Massage; rubbing of the body. ୫। ବକ୍ରୀକରଣ—5 Turning. ୬। ପରାଜୟ—6. Defeat. [ ଉ—ଘଟୋତ୍କଚ ବଳ ଅର୍ଜୁନଙ୍କୁ ଯୁଦ୍ଧେ ମୋଡ଼ା, ଦେବାକୁ ନାହିଁ ଯେତେ ଇନ୍ଦ୍ର ରଥୀ ଯୋଦ୍ଧା—କୃଷ୍ଣସିଂହ. ମହାଭାରତ. ଦ୍ରୋଣ । ] ୭ । ହାଣ୍ଡି ଅବ ରଖିବା ପାଇଁ ବଳା ଯାଇଥିବା କୁଟାର ଗଳା—7. A cushion made with a twisted ring of straw. ୮ । ଏକପ୍ରକାର ଛୁଇଁ; ମୋଡ଼ା ଛୁଇଁ—8. A kind of pod. ୯ । ମୋଟକ ( ଦେଖ )—9. Moṭaka ( See ) ୧୦ । ଓଳିଅ ଅବରେ ବ୍ୟବହୃତ ଗଳା ପର ବରଡ଼—10. Twisted straw or rope for making

**मोडा** olias. ୧୧। ସୁତା ଅବ ବସ୍ତୁ ଥର ଗୁଡ଼ିଅ ହୋଇଥିବା କୁଣ୍ଡଳୀ—11. A coil of yarn or thread.

ମୋଡ଼ା **मोडा हुआ** ବେ. ଣ—ବଳା ହୋଇଥିବା—Twisted.

ମୋଡ଼ା(ଡ଼େ)ଇବା—ଦେ. କ୍ରି—ମୋଡ଼ିବା କ୍ରିୟାର ଣିଜନ୍ତ ରୂପ—Morḍā(rḍe)ibā Causative of Morḍibā. [ ଉ—ମୋଡ଼ାନ **मोडाना, मोडना** ମୋଡ଼ାଇଲେ ବଳିଷ ତାହାକୁ ସମସ୍ତେ—କୃଷ୍ଣସିଂହ. ମହାଭାରତ. ସଭା । ]

ମୋଡ଼ା(ଡ଼େ)ଇ ହେବା—ଦେ. କ୍ରି—ଅନ୍ୟ ବ୍ୟକ୍ତିଦ୍ୱାରା ଅଙ୍ଗାଦି ଦେହ Morḍā(rḍe)i hebā ଘଷାଇ ହେବା—To have one's ଗାଟେପାନ **मसलवाना** limbs rubbed by another.

ମୋଡ଼ାଏ—ଦେ. ବ—୧ । ଏକଥର ମୋଡ଼ିବା—1. One twisting. Morḍāe [ ଉ—ତାହାର କାମ ବନ୍ଧୁ କାମ ବୋଲାଏ, ବଜ୍ରାମେ ଏକ ମୋଡ଼ା **एक मोडा** ଅର୍ଜୁନଙ୍କୁ ଦେଲ ସେ ମୋଡ଼ାଏ—କୃଷ୍ଣସିଂହ. ମହାଭାରତ. ଅବ । ] ୨ । ଏକ ମୋଡ଼ା ସୁତା—(ମୋଡ଼ାଟା—ଅନ୍ୟରୂପ) 2. A coil of string.

ମୋଡ଼ା ଖଡ଼ୁ—ଦେ. ବ—ସୁନା ଅବ ଧାତୁ ଦଣ୍ଡକୁ ମୋଡ଼ି ତିଆର Morḍā khardu କରଥିବା ଖଡ଼ୁ—Bracelet prepared ମୋଡ଼ା ଖାଡ଼ୁ **मुड़ा कंगन** by twisting a metal rod.

ମୋଡ଼ା ଘଷା—ଦେ. ବ ( ସହଚର )—ଦେହକୁ ଘଷିବା—The Morḍā ghashā rubbing of the limbs; massage. ଗା ଟେପା **मसला मसली**

ମୋଡ଼ା ଛୁଇଁ—ଦେ. ବ ( ସ. ମୁଣ୍ଡିକା )—ଏକପ୍ରକାର ଛୁଇଁ—Morḍā chhuiṅ The pod of a plant; Sphaeranthus ମୁରମୁରିୟା, ମୁଣ୍ଡିରୀ Indicus. [ ଉ—ଏହାକୁ ତେଲ ମଧ୍ୟରେ **मुंडरी** ବୁଡ଼ାଇ ରଖି ସେହି ତେଲକୁ ଶିଶୁମାନଙ୍କ ଦେହରେ ଲଗାଇଲେ ଶିଶୁମାନଙ୍କଠାରୁ ଭୂତପ୍ରେତ ଛାଡ଼ିଯାଏ । ]

ମୋଡ଼ା ପକା(କେ)ଇବା—ଦେ. କ୍ରି—ପିଲାମାନେ ଖେଳିଲା ବେଳେ Morḍā pakā(ke)ibā କୌଣସି ଦ୍ରବ୍ୟ ବା ସ୍ଥାନକୁ ଛୁଇଁବା ଗଣ୍ଡି ଦେଓଯା **गंडी देना** ନିଷେଧ କରିବା—( children while playing ) To prohibit a thing or place. [ ଉ—ଦ୍ରବ୍ୟ ବା ସ୍ଥାନର ଚତୁର୍ଦିଗରେ ମୁଣ୍ଡଳା କାଢ଼ି ଅଟକ କରନ୍ତି । ]

ମୋଡ଼ା ପଡ଼ିବା—ଦେ. କ୍ରି—୧ । ବଙ୍କେଇ ହୋଇଯିବା; ବକ୍ର ହେବା—Morḍā parḍibā 1. To bend, to be twisted. (ଉ—ବାଁକା **घुडकी लगना** ମୋଡ଼ା ନ ପଡ଼ିବାକୁ ଗୁଣ ମୁଗାଥିଲୁ, ଖଣ୍ଡିଲେ କବଳ ଏ ତାଳକୁ ସେ ତାଳକୁ—କୃଷ୍ଣସିଂହ. ମହାଭାରତ ] ୨ । ବଳୁଚ ବଳା ଯାଇଥିବା ସୁତା ଅବ ମୋଡ଼ି ହୋଇ ଯାଇ ଏକତ୍ର ହୋଇଯିବା—2. ( thread or rope ) To become entwined or too much twisted.

ମୋଡ଼ା ମୋଡ଼ି—ଦେ. ବ—ମୋଡ଼ିବା କ୍ରିୟା—The act of twisting or warping. Morḍā morḍi ମୋଡ଼ାମୁଡ଼ି **मोडामोडी**

ମୋଡ଼ି—ଦେ. ବ ( ନାମ )—ମରହଟ୍ଟାମାନଙ୍କର ସାଧାରଣ ବ୍ୟବହୃତ Morḍi ଲିଖିତ ଲିପି; ଛଟା ଲେଖା—The drawn script **मोडी** used by the Marhattis in ordinary business. [ ଉ—ମରହଟ୍ଟି ଭାଷାର ସାହିତ୍ୟ ଲେଖାମାନ ଦେବନାଗରୀ ଅକ୍ଷରରେ ଲିଖିତ ହୋଇଥାଏ; ମାତ୍ର ସାଧାରଣ ଜନଙ୍କ ବ୍ୟବହାର୍ଯ୍ୟ ଲେଖାମାନ ମୋଡ଼ି ଲିପିରେ ଲେଖାଯାଏ । ]

ମୋଡ଼ିଆ—ଦେ. ବ—୧ । ମୋଡ଼ା; ବାଉଁଶ ବା ବେତକାଠିଦ୍ୱାରା ନିର୍ମିତ Morḍiā ଉଚ୍ଚାସନ—1. A stool made of bamboo or ମୋଡ଼ା **मोढा** cane twigs. ୨ । ମୋଡ଼ା ଖଡ଼ୁ, ବଳୟ—2. Twisted bracelet. ୩ । ଜଡ଼ାଖାଇ ( ଦେଖ ) 3. Jandākhāi (See)

ମୋଡ଼ି ଛୋ(ଭି)ଡ଼ି ହେବା—ଦେ. କ୍ରି—୧। ଦେହ ହାତ ଗୋଡ଼ ମୋଡ଼ି Morḍi chho(bhi)rḍi hebā ହୋଇ ଅଳସ ମେଣ୍ଟାଇବା—ଗା ଭାଂଗା **अंगेठी मोडना** 1. To turn over or twist one's limbs to overcome laziness. ୨ । ( ଲକ୍ଷଣାର୍ଥ ) କୌଣସି କାର୍ଯ୍ୟ କରିବା ପାଇଁ ମୁହଁରେ ମନା ନ କରି ଅଙ୍ଗଭଙ୍ଗୀଦ୍ୱାରା ଅନିଚ୍ଛା କରିବା—2. (figurative ) To express unwillingness to do a work by signs ( and not by words ).

ମୋଡ଼ିବା—ଦେ. କ୍ରି (ସଂ. ମୁଡ଼୍ ଧାତୁ)—୧ । ବକ୍ର କରିବା; Morḍibā ବଙ୍କେଇବା—1. To bend; to twist. [ଉ—ମୋଡ଼ା, ମୁଡ଼ା, ମୁଡ଼େ ଦେଓଯା ବଳିଲ ଗ୍ରୀମ୍ବ ଣ ମୋଡ଼ି । କବିସୂର୍ଯ୍ୟ. **मोडना; मरोडना** ହ୍ରୋକର ଜନ୍ମ 'ଦ' ଗୀତ । ] ୨ । ଅନ୍ୟ (ମୋଡ଼ି ଦେବା—ଅନ୍ୟରୂପ) ଦିଗକୁ ବୁଲାଇବା; ଫେରାଇବା, ଅନ୍ୟ [ମୋଡ଼ା ଯି(ହେ)ବା—କର୍ମବାଚ୍ୟରୂପ] ଦିଗକୁ ଲେଉଟାଇବା—2. To turn round. [ଉ—ଧନୁ ସେ ହାତ ଯାଇ ଜଦ୍ରାକୁ ଛାଡ଼ିଲ, ରଥି ଭୁଷି ଅଜସ ଗଣ୍ଡିବ ମୋଡ଼ିଲ । କୃଷ୍ଣସିଂହ. ମହାଭାରତ. ବନ ।] ୩ । (ସ. ମୃଦ୍ ଧାତୁ)

ମଳା ହାତ ଗୋଡ଼ ଅବୟବକୁ ଟାଣ କରି ଘଷିବା; ଅଙ୍ଗ ମର୍ଦ୍ଦନ ଢାପା କରେଲ, ଦବାନା, ଚାପନା କରିବା—3. To massage the limbs; to snap the limbs; to shanpoo. ୪ । (ସବାରି ବେହେରାଙ୍କ ଭାଷା) ସବାରି ବାହୁଁଙ୍ଗର ଗଛକୁ କାନ୍ଧର ବଳଦ୍ୱାରା ନିୟନ୍ତ୍ରିତ କରିବା—4. To direct the direction of a palki by applying force on the pole of the palki with the shoulders. ୫ । (ଲକ୍ଷଣାର୍ଥେ) ଗଛ ଆଦିକୁ ହାତଦ୍ୱାରା ମଳ ମାରି ପକାଇବା—5 To kill plants by twisting its stem.

ମୋଡ଼ି ଭିଡ଼ି ହେବା—ଦେ. କ୍ରି—୧ । ଅଙ୍ଗ ବିକ୍ଷେପଦ୍ୱାରା ଶରୀରର Mordi bhirdi hebā ଜଡ଼ତା ଦୂର କରିବା; ଆଲସ୍ୟ ଆଡ଼(ଡ଼ା)ମୋଡାକରା, ଆଡ଼ଭାଙ୍ଗା ଦେଖାଇବା ପାଇଁ ଅଙ୍ଗ ବିକ୍ଷେପ ଅଲସାନା ଅଂଗେଠୀ ଦେନା କରିବା—1. To twist one's limbs to cast off stupor or langour. ୨ । ଅଙ୍ଗଭଙ୍ଗୀଦ୍ୱାରା ଅନିଚ୍ଛା ପ୍ରକାଶ କରିବା—2. To express signs of unwillingness to do a work.

ମୋଡ଼ିମାଡ଼ି ହେବା—ଦେ. କ୍ରି—୧ । ଆପଣାର ଅଙ୍ଗ ପ୍ରତ୍ୟଙ୍ଗକୁ ନିଜ Mordimārdi hebā ହାତରେ ମୋଡ଼ି ହେବା—1. To ନିଜେର গা নিজেটেপা massage or shampoo one's own ଚାପନା limbs [ଉ—ମୁଁ ହଳଦୀ ତେଲ ଲଗାଇ ଦେହରେ ମୋଡ଼ି ମାଡ଼ି ହେଉଛି ।] ୨ । ମୋଡ଼ିଘଡ଼ି ହେବା (ଦେଖ)—2. Mordi bhirdi hebā. (See)

ମୋଡ଼ିମାଡ଼ି ହୋଇ ରହିବା—ଦେ. କ୍ରି—୧ । କିଂକର୍ତ୍ତବ୍ୟବିମୂଢ଼ Mordi mārdi hoi rahibā ହୋଇ ଚୁପ ହେବା; ନିରସ୍ତ চুপচাপ থাকা ହେବା—1. To keep silent being help- ଚୁପଚାପ ରହନା less. ୨ । ଆପଣାର ପରାକ୍ରମ ଦେଖାଇ ସାରି ଶେଷକୁ ନିରସ୍ତ ହୋଇ ରହିବା ବା ତୁଷ୍ଣୀଁଭାବ ଧାରଣ କରିବା—2. To be quiet after being baffled; to be baffled.

ମୋଡ଼ି ମୋଡ଼ି—ଦେ. ଅସମାପିକା କ୍ରି. ଓ ବିଣ (ସଂ. ମର୍ଦ୍ଦନ)—ମୋଡ଼ିବା Mordi mordi କାର୍ଯ୍ୟ କରି; ମର୍ଦ୍ଦନ କରି—By twisting. মুড়েমুড়ে [ଉ—ପାଣ୍ଡବେ ଏହା ଶୁଣି ବାହୁ ମୋଡ଼ି ମୋଡ଼ି, ମୁଡମୁଡକର ଝେଁଟା କୃଷ୍ଣସିଂହ. ମହାଭାରତ. ଉଦ୍ୟୋଗ ।] ଦେ.ବିଣ—ବଙ୍କ; ବଙ୍କା—Curved. [ଉ—ସାପଟା ମୋଡ଼ି ମୋଡ଼ି ହୋଇ ପଳାଉଛି ।]

ମୋଡ଼ି ମୋଡ଼ିଆ—ଦେ. ବିଣ—ମୋଡ଼ି ମୋଡ଼ି ହୋଇଥିବା—Mordi mordiā Twisted. [ଉ—ମୋଡ଼ି ମୋଡ଼ିଆ ବର୍ତ୍ତି ବাংকাবাংকা ସୁନାବଳା, ଓଷ୍ଠ ଓଷ୍ଠକର ଉସ୍ତବ ମେଳା । ଗ୍ରାମ୍ୟଗୀ ମୁଡମୁଡକର ଟେଢ଼ା ଗୀତ ।] ଦେ. ବି ( ବୈଦ୍ୟକ )—ଏକପ୍ରକାର ଦୃ.—ମନୋଜ୍ଞା, ବାମାବର୍ତ୍ତୀ, ଗଛ—The name of a ଭଦ୍ରୟନ୍ତୀ, ଅବର୍ତ୍ତିକା । plant. [ବୃ—ଏହାର ମୂଳର ଜଳ ଆଂତମୋড়া କଣ୍ଟମୂଳ ନିବାରଣାର୍ଥେ ବ୍ୟବହୃତ କୁପାୟସୀ କରାଯାଏ । ଦ୍ରବ୍ୟଗୁଣ କଳ୍ପଦ୍ରୁମ ।] ଦେ. ଲୁଳିତଡ଼

ମୋଡ଼ି ମୋଡ଼ିକଆ—ଦେ. ବିଣ—ମୋଡ଼ିମୋଡ଼ିଆ (ଦେଖ) Mordi mordikiā Mordi mordiā (See)

ମୋଡ଼ି ହେବା—ଦେ. କ୍ରି—୧ । ମୋଡ଼ିଭିଡ଼ି ହେବା (ଦେଖ) Mordi hebā 1. Mordi chhordi hebā (See) ড়াকামড়ান ୨ । ବ୍ୟଥିତ ହେବା; ଶୂଳଗ୍ରସ୍ତ ହେବା—ମରୋଡନା 2. To smart with pain of colic. ୩ । ପେଟ କାମୁଡ଼ି ହେବା—3. To feel colic pain in the abdomen.

ମୋଢ଼ା—ଦେ. ବିଣ ( ଗାଳି ) ( ସଂ. ମୂଢ଼ )—୧ । ମୂଢ଼; ନିର୍ବୋଧ—Mordhā 1. Fool; stupid. [ଉ—ଲୋକେ ବୋଲିବେ (ମୋଢ଼ୀ—ସ୍ତ୍ରୀ) ଅଣ୍ଡୁବୁଡ଼ୀ, କେମନ୍ତେ ଶୁଣିବି ମୁଁ ମୋଢ଼ୀ । ମূঢ় ପ୍ରାଚୀ· କବି ଶ୍ରୋତାସ୍ୟ ।] ୨ । ଦୁଷ୍ଟ—2. Wicked. ମୂଢ଼ ୩ । ଘାତକ—3. Murderer.

ମୋଣ—ସଂ. ବି ( ମୁଣ୍ ଧାତୁ =ପ୍ରତିଜ୍ଞା କରିବା+ଅ )—୧ । ଶୁଷ୍କଫଳ Mona —1. Dried fruit. ୨ । ନକ୍ର; କୁମ୍ଭୀର—2. Crocodile. ୩ । ଜଳଚର ମକ୍ଷିକା ବିଶେଷ—3. A sort of aquatic flea. [ ଦୃ—ଏମାନେ ନୌକାର ଥରେ ଥରେ ସନ୍ତରଣ କରନ୍ତି । ] ୪ । ସର୍ପ କରଣ୍ଡ; ସାପର ପେଡ଼ି—4. A circular flat basket for carrying snakes.

ମୋଣଇ ବିଜେ—ଦେ. ବି ( ଓଡ଼ିଶା ରାଜାଙ୍କ ସନନ୍ଦରେ ବ୍ୟବହୃତ )—Monai bije ( ଦେବତା ବା ରାଜାଙ୍କ ) ଖାଇବାକୁ ଯିବା—To take food ( said of kings or gods )

ମୋଣ(ଣୁ)ହିଁ—ଦେ. ବି—ମୁଣହିଁ (ଦେଖ) Mona(nu)hiñ Munahiñ (See)

ମୋଣୋ(ଣି, ଣୁ)ହି(ହିଁ, ଇ, ଇଁ)—ଦେ. ବି—ମଣୋହି ( ଦେଖ ) Mono(na, nu)hi(hiñ, i, iñ) Manohi ( See ) [ ଉ—ଯେବେ ନିଜ ଘରେ ଗଲ, ମୋଣୋହି ଉତ୍ତର ବେଳ, ଏ କଥା ପ୍ରକଟ ନୋହୁ, ଗୁପତେ ଖାଉ ଯେ । ପ୍ରାଚୀ. ପ୍ରତାପ ଶଶିରେଖା । ]

ମୋତ୍ସୋ—ଗ୍ରାଦେ. ( ଭଞ୍ଜଭାଷା ) ସର୍ବ—୧ । ମୋତେ—1. Me. Motso ୨ । ମୋର—2. My, mine.

ମୋତ(ତା)ଇ(ଏ, ୟ)ନ୍—ବୈଦେ. ବି ଓ ବିଣ—ମୁତାଇନ୍ (ଦେଖ) Mota(tā)i(e, ya)n Mutāin (See)

ମୋତହିଁ—ଦେ. ( ପ୍ରାଚୀନ ) ଅ—ମୋଠାରେ—Motahiñ ହମସେ In me; with me.

ମୋତହୁଁ—ଦେ. ( ପ୍ରାଚୀନ ) ଅ—୧ । ମୋଠାରୁ—1. From Motahuñ me. ୨ । ମୋ ଅପେକ୍ଷା—2. Than ହମସେ myself.

ମୋତା—ବୈଦେ. ବି ( ଅ. ମୁତଅ )—ମୁସଲମାନଙ୍କର ଅସ୍ଥାୟୀ ବିବାହ Motā —A temporary marriage amongst মোতা· মুতা ମୁତାହ Mahommedāns.

ମୋଚାବ(ବି)କ୍—ବିଦେ. ଣ—ମୁଚାବକ୍ ( ଦେଖ )
Motāba(bi)k Mutābak ( See )

ମୋଚାଲୁକେ—ବିଦେ. ଚଣ—ମୁଚାଲୁକେ ( ଦେଖ )
Motāluke Mutāluke ( See )

ମୋତି—ଦେ. ବ ( ସଂ. ମୌକ୍ତିକ; ପ୍ରା. ମୋତ୍ତିଅ )—୧ । ମୁକ୍ତା—
Moti 1. Pearl. ୨ । ସ୍ତ୍ରୀଙ୍କୁ ଦିଆଯିବା ନାମ—
ସଂ. ମୌକ୍ତିକ, ମୁକ୍ତାଫଳ 2. Name given to females.
ମୁକ୍ତା, ମୌକ୍ତିକ ୩ । କଂସାରିମାନଙ୍କର ମୋତି ଆକାରର
মোতি, মতি ଚିତ୍ର ଖୋଳିବାର ଯନ୍ତ୍ର—3. Brazier's
मोती instrument for working figures like
pearls. [ ଦ୍ର—ସମୁଦ୍ରରେ ଏକପ୍ରକାର ଜୀବ ଅପଣା ଉପରେ ଗୋଟିଏ ଦଫାଳିଆ ଖୋଳ ତିଆରି କରି ତହିଁ ମଧ୍ୟରେ ରହନ୍ତି ଓ ତାଙ୍କ ଇଚ୍ଛା ଅନୁସାରେ ସେ ଅବରଣକୁ ମେଲା କରନ୍ତି ଓ ବୁଜନ୍ତି । ସେହି ଅବରଣକୁ ସିପ ବା ସାମୁକା ବୋଲାଯାଏ । କେତେ କେତେ ଏହି ସାମୁକାମାନେ ଦୁଇ ଫାଳକୁ ମେଲା କରିଥିବା ବେଳେ ତହିଁମଧ୍ୟରେ ବାଲିର କଣା ବା ଅତି କ୍ଷୁଦ୍ର ଜୀବ ପଶିଯାଆନ୍ତି ଓ ସେମାନେ ସାମୁକାର ପେଟ ପାଖରେ ଲାଗିବାରୁ ସାମୁକାର ପ୍ରଦାହ ଜାତ ହୁଏ । ସେହି ପ୍ରଦାହକୁ ଶାନ୍ତ କରିବା ପାଇଁ ଉକ୍ତ ଜୀବ ନିଜ ଦେହରୁ ଗୋଟିଏ ଚିକଣା ପଦାର୍ଥ ବାହାରି ସେହି ବାଲିକଣା ବା କ୍ଷୁଦ୍ର ଜୀବକୁ ଖୁବ ପାଖରେ ଗୋଟିଏ ଅବରଣଦ୍ୱାରା ଘୋଡ଼ାଇ ପକାଏ । ସେହି ଚିକଣା ପଦାର୍ଥ ଦୃଢ଼ ହୋଇ ସାମୁକାର ପେଟରେ ଲାଗି ରହିଥାଏ । ଲୋକେ ପାଣିରେ ବୁଡ଼ି ସାମୁକାମାନ ସଂଗ୍ରହ କରି ତାକୁ ଦୁଇ ଫାଳ କରନ୍ତି ଓ କେତେକ ସାମୁକାର ପେଟ ପାଖରେ ମୋତି ଲାଗିଥାଏ, ତାକୁ ମୋତିକୁ ସଂଗ୍ରହ କରନ୍ତି । ସବୁ ସାମୁକାରେ ମୋତି ନ ଥାଏ । ପ୍ରାଚୀନ ହିନ୍ଦୁ ଗ୍ରନ୍ଥମାନଙ୍କରେ ଲେଖା-ଅଛି ଯେ ସ୍ୱାତୀ ନକ୍ଷତ୍ର ଦିନ ବର୍ଷା ହେବା ସମୟରେ ସାମୁକା ପାଣିରେ ପାଟି ମେଲା କରି ପଡ଼ିଥିବା ଥାଏ ଓ ସେହି ଦିନ ତାହା ଉପରେ ବର୍ଷା ବିନ୍ଦୁ ପଡ଼ିଲେ ତାହା ମୋତି ପାଲଟି ଯାଏ । କେତେକ ମୋତି ଗୋଲ, କେତେକ ଲମ୍ବା ଓ କେତେକ ବଙ୍କା ଓ ବେଢ଼ୌଲିଆ ହୋଇଥାଏ । ସାମୁକାରୁ ମୋତି କାଢ଼ା ହେଲା ବେଳେ ତାହା ମାଟିଆ, ଧୂଆଁ ଚିଆ, କଳା ବା ନେଳ ଦେଖାଯାଏ; କିନ୍ତୁ ତାକୁ ଘଷି ମାଜି ପାଲିସ୍ କଲେ ତାହା ଖୁବ୍ ସଫେଦ୍ ଓ ଚକଚକିଆ ହୁଏ । ମୋତି ଥିବା ସିପ ସବୁ ସମୁଦ୍ରରେ ମିଳେ ନାହିଁ । ଲଙ୍କା, ପାରସ୍ୟ ଉପସାଗର, ଅଷ୍ଟ୍ରେଲିଆର ପଶ୍ଚିମ ତଟର ନିକଟସ୍ଥ ସମୁଦ୍ରରୁ ମିଳିବା ମୋତି ଉତ୍କୃଷ୍ଟ ଅଟେ । ପାନେମା ନିକଟରେ ହଳଦିଆ ମୋତି ଓ କାଲିଫର୍ଣ୍ଣିଆ ଉପସାଗରରେ ମିଳୁଥିବା କଳା ମୋତି ଉତ୍କୃଷ୍ଟ ଅଟେ । ମୌତିର ଓଜନ ଅନୁସାରେ ଓ ଆକାର ଅନୁସାରେ ମୂଲ୍ୟ କରାଯାଏ । ବହୁ ପ୍ରାଚୀନକାଳରୁ ଭାରତୀୟମାନେ ମୋତିକୁ ରତ୍ନରୂପେ ଆଦର କରି ଆସିଅଛନ୍ତି । ଧନୀମାନେ ମୋତିକୁ କଣା କରି ହାର ଓ ମୁଦି ଆଦି ଅଳଙ୍କାରରେ ଲଗାନ୍ତି ଓ ବୈଦ୍ୟମାନେ ମୋତି ଭସ୍ମରେ ଔଷଧ କରନ୍ତି । ବୈଦ୍ୟକ-ମତରେ ମୋତି ଶୀତବୀର୍ଯ୍ୟ, ଶୁକ୍ରବର୍ଦ୍ଧକ, ନେତ୍ରର ଉପକାରୀ ଓ ପୁଷ୍ଟିକର ଅଟେ । ପ୍ରାଚୀନ ହିନ୍ଦୁ ଗ୍ରନ୍ଥମାନଙ୍କରେ ଲେଖା ଅଛି ଯେ, ସାମୁକା ଛଡ଼ା ହାତୀର କପାଳରୁ, ସାପର ମୁଣ୍ଡରୁ, ମାଛ, ବେଙ୍ଗ, ବଉଁଶଗଣ୍ଠିରୁ ମୋତି ମିଳେ; ବାହ୍ମଣ ଦେହରୁ ଓ ମେଘରୁ ବର୍ଷାରେ ମୋତି ବାହାରେ । ନାଗସାପର ଫଣାରୁ ଘୋଡ଼ାର ବା ମାଣ୍ଡିଆ ପରୁ ମୋତି ବାହାରିବାର ଦେଖା ଅଛି; କିନ୍ତୁ ସାମୁକା ଛଡ଼ା ଅନ୍ୟତ୍ର ପ୍ରାଚୀନ ଗ୍ରନ୍ଥ ବର୍ଣ୍ଣିତ ମୋତି ମିଳିବାର ଦେଖାଯାଏ ନାହିଁ । ହି. ଶ. ]

ମୋତିଆ—ଦେ. ବ—ମଲ୍ଲିଫୁଲ—
Motiā Bigger jasmine.
(ମତିଆ—ଅନ୍ୟରୂପ) মতিয়া मोतिया

ମୋତିଆ ବିନ୍ଦୁ—ଦେ. ବ—ଚକ୍ଷୁରୋଗବିଶେଷ; ଆଖିରେ ମାଡ଼ିବା ଏକ-
Motiā bindu ପ୍ରକାର ପଟଳ ରୋଗ—Pearl, in
মতিআ বিন্দু मोतिया बिंद the eye.
(ମତିଆବିନ୍ଦୁ—ଅନ୍ୟରୂପ)

ମୋତିଆ ମଲ୍ଲି—ଦେ. ବ—୧ । ମୁଗୁରା ମଲ୍ଲି ( ଦେଖ )
Motiā malli 1. Mugurā malli ( See )
୨ । ମୋତିଆ ( ଦେଖ )—2. Motiā ( See )

ମୋତିଚୁର—ଦେ. ବ ( ସଂ. ମୁଦ୍ଗଚୂର୍ଣ୍ଣ )—୧ । ମୁଗ ବେସନରେ ପ୍ରସ୍ତୁତ
Motichūra ସୂକ୍ଷ୍ମଦାନାବିଶିଷ୍ଟ ଲଡ଼ୁ; ମିଠାଇ—
মতিচুর 1. A sweetmeat ball made from
मोतिचूर moong paste. ୨ । ଏକପ୍ରକାର ଧୂଆଁପତ୍ର;
ମୋତିହାରି—2. A species of tobacco leaf.

ମୋତି ଜାଲି—ଦେ. ବ ( ସଂ. ମୌକ୍ତିକ ଜାଲ )—ମୋତି ଗୁନ୍ଥା ହୋଇ
Moti jāli ଜାଲ ପରି ତିଆରି ଥିବା ସ୍ତ୍ରୀମାନଙ୍କ କେଶଭୂଷଣ—
মতিজালী A net of pearls for the hair. [ ଉ—
मोतीकीजाली ବଉଳି ବ ଅଟେଣ୍ଡ ମୋତି ଜାଲି । ଉଷ.
ବିଦେଗ୍ଧଶବଲାସ । ]

ମୋତିଝଡ଼ା(ଡ଼େ)ଇବା—ଦେ. କ୍ରି ( ଲକ୍ଷଣାର୍ଥ )—୧ । ମନକୁ ମୋହିବା
Motijhaṛā(ṛe)ibā ପ୍ରକାରେ ହସିବା—1. To
मोती ढलकाना laugh sweetly. ୨ । ଲୁହ ଗଡ଼ାଇବା;
କାନ୍ଦିବା—2. To shed tears. ୩ । ଅତି ସୁନ୍ଦର ଗୋଲ, ଛୋଟ ଓ ସ୍ପଷ୍ଟ ଅକ୍ଷର ଲେଖିବା—3. To write small round and clear letters.
୪ । ମନକୁ ମୋହିବା ପ୍ରକାରେ କଥା କହିବା—
4. To speak sweetly.

ମୋତି ଝଡ଼ିବା—ଦେ. ବ ( ଲକ୍ଷଣାର୍ଥ )—୧ । ମନକୁ ମୋହିବା
Moti jhaṛibā ପ୍ରକାରେ ହସିବା—1. Laughing
মতি ঝরা sweetly. ୨ । ଲୁହ ଗଡ଼ାଇ କାନ୍ଦିବା—
मोती ढलकना 2. Shedding of tears. ୩ । ମନକୁ

ମୋହିବା ପ୍ରକାରେ କଥା କହିବା—3. Speaking sweetly.

ମୋତି ମସଜିଦ୍—ଦେ. ବି ( ନାମ )—ମୋଗଲ ସମ୍ରାଟ ସାହାଜାହାନଙ୍କ ନିର୍ମିତ ଆଗ୍ରାର ମସ୍ଜିଦ୍—The pearl mosque built by the Moghal Emperor Sahjahan in 1654 A. D.
Moti mas-jid
মতি মসজীদ
मोती मसजीद्

ମୋତି ମାଳୀ(ଳ)—ଦେ. ବି ( ସଂ. ମୌକ୍ତିକମାଳା )—କଣ୍ଠାଭରଣ-ବିଶେଷ—A neck-lace. [ ଉ—ତାଡମାଳୀ ମୋତିମାଳୀ କଣ୍ଠମାଳୀ ମଞ୍ଜୁ, କମ୍ବୁକଣ୍ଠେ ଲଗାଇ ଅଛୁ ବ ଭୁଜା ଉକ୍ତୁ । ଉଷ. ଲାବଣ୍ୟବତୀ । ]
Moti māḻi(ḻa)
মতিরমালা
मोतियोँ कीमाला

ମୋତିଲାଲ ନେହେରୁ—ଦେ. ବି. (ନାମ)—ଅଲ୍ଲାହାବାଦର ସ୍ୱନାମ-ପ୍ରସିଦ୍ଧ ସ୍ୱର୍ଗୀୟ ଦେଶସେବକ—The late famous Motilal Neheru of Allahabad. [ ଦ୍ର—ଏ କାଶ୍ମୀର ବ୍ରାହ୍ମଣ, ଜନ୍ମ ୧୮୬୧ ଖ୍ରୀଷ୍ଟାବ୍ଦ । ଏହାଙ୍କର ପୁତ୍ର ପଣ୍ଡିତ ଜହରଲାଲ ।
Motilāla neheru
(ମୋତିଲାଲ୍ ନେରୁ—ଅନ୍ୟରୂପ)
ହୋମରୁଲ୍ ନନ୍‌କୋ-ଅପରେଶନ୍, ସ୍ୱରାଜ୍ୟ ଆନ୍ଦୋଳନର ନେତା । ଏ ଓକିଲାତି ଛାଡ଼ି ତାଙ୍କର ଅଲ୍ଲାହାବାଦରେ ଥିବା ପ୍ରକାଣ୍ଡ ଆନନ୍ଦଭବନ ପ୍ରାସାଦକୁ କଂଗ୍ରେସକୁ ଦାନ କରି ଦେଇଅଛନ୍ତି । ଅମୃତସର କଂଗ୍ରେସରେ (୧୯୧୯) ପ୍ରେସିଡେଣ୍ଟ ହୋଇଥିଲେ । ୧୯୨୧ରେ ୬ ମାସ ଜେଲ ଦଣ୍ଡ ଭୋଗିଥିଲେ । ୧୯୨୮ରେ କଲିକତା କଂଗ୍ରେସର ନେତା ହେଲେ । ୧୯୨୮ରେ ସ୍ୱାଧୀନ ଶାସନ ନମୁନା ଦେଇଥିବା ରିପୋର୍ଟ ଉତ୍ପୁଲ ଆନ୍ଦୋଳନ ସୃଷ୍ଟି କଲା ।]

ମୋତି ହାର—ଦେ. ବି—୧ । ମୁକ୍ତାମାଳା—1. A string of pearls
Moti hāra মোতির হার मोतसिरी
[ମୋତିମାଳ(ଳା)—ଅନ୍ୟରୂପ] ୨ । ମୋତିହାର (ଦେଖ) 2. Motihāri (See)

ମୋତିହାରୀ—ଦେ. ବି—ଏକ ପ୍ରକାର ନିକୃଷ୍ଟ ଧୂଆଁପତ୍ର—A sort of inferior tobacco.
Motihāri মোতিহারী
मोतिहारी (ମୋତିହରି; ମତିହାର—ଅନ୍ୟରୂପ) [ଦ୍ର—ବଙ୍ଗଦେଶର ମୋତିହାର ନାମକ ସ୍ଥାନରେ ହେଉଥିବାରୁ ଏହି ନାମ ।]

ମୋତେ—ଦେ. ସଂ—(ସଂ. ଅସ୍ମଦ୍ ଶବ୍ଦର ଅନାଦରାର୍ଥକ ଓଡ଼ିଆ ଆକାର 'ମ'ର ୨ୟା ବିଭକ୍ତି ଏକ)—୧ । ମୋତେ—
Mote
আমাকে मिझे 1. To me. ୨ । (ପଦ୍ୟ) ମୋର—2. My [ଉ—ଏବେ ନ ଭୁଞ୍ଜ୍ୟ ଅଛୁ ମୋତେ, କହ ସକଳେ ଶୁଣ ଚତ୍ତେ । ଜଗନ୍ନାଥ. ଭାଗବତ ।]

ମୋଦ—ସଂ. ବି.—(ମୁଦ୍ ଧାତୁ=ହୃଷ୍ଟ ହେବା+ଭାବ. ଅ)—୧ । ହର୍ଷ; ଆନନ୍ଦ—1. Delight; joy. ୨ । ଆମୋଦ—2. Amusement. ୩ । ସୁଗନ୍ଧ; ସୁବାସ—3. Fragrance; sweet scent.
Moda

ମୋଦକ—ସଂ. ବିଣ—(ମୁଦ ଧାତୁ ଣିଚ୍ ମୋଦ ଧାତୁ=ଆନନ୍ଦିତ କରିବା +କର୍ତ୍ତୃ. ଅକ)—ଅହ୍ଲାଦଜନକ—Delightful; pleasant. ସଂ. ବି—୧ । ଲଡ଼ୁ, ମୁଆଁ—1. Cakes of sweetmeat. ୨ । ଶର୍କରା; ଗୁଡ଼—2. Molasses. ୩ । ସଙ୍କର ଜାତିବିଶେଷ; କ୍ଷତ୍ରିୟ ପିତା ଓ ଶୂଦ୍ରା ମାତା ଠାରୁ ଜାତ ସନ୍ତାନ; ଗୁଡ଼ିଆ—3. A mixed class of confectioners. ୪ । ଶର୍କରାପକ୍ୱ ମିଶ୍ର ଔଷଧ—4. Medicine rolled into balls with sugar. ପ୍ରାଦେ. (ଯାଜପୁର) ବି.—ଗଣେଶ ଚତୁର୍ଥୀ ଦିନରେ ପୂଜା ପାଇଁ ଅଟା, ଘିଅ, ଗୁଡ଼ ଓ ନାନା ମସଲା ମିଶି ପ୍ରସ୍ତୁତ ହୋଇଥିବା ଲଡ଼ୁ—A sweetmeat prepared with flower, ghee, molasses and many spices for offeringas Bhoga to god Gaṇes. [ ଦ୍ର—୨୧ ଟି ମୋଦକ ମଧ୍ୟରୁ ୧୦ଟି କୁଳଧାତ୍ରୀର ଓ ୧୦ଟି ପୁରୋହିତର ପ୍ରାପ୍ୟ । ଅବଶିଷ୍ଟ ଗୋଟିକ ଗଣେଶଙ୍କ ହସ୍ତରେ ସ୍ଥାପିତ ହୁଏ । ]
Modaka
(ମୋଦକା—ସ୍ତ୍ରୀ)

ମୋଦକ କାର—ସଂ. ପୁ.—ଗୁଡ଼ିଆ—Confectioner.
Modaka kāra

ମୋଦକୀ—ସଂ. ବି.—୧ । ଏକ ପ୍ରକାର ଗଦା (ହ୍ର. ଶ.)—1. A kind of mace or club. ୨ । ମୂର୍ବା (ହ୍ର. ଶ)—2. A kind of fibrous grass.
Modaki

ମୋଦନ—ସଂ. ବି ( ମୁଦ୍ ଧାତୁ ଣିଚ୍+ଭାବ. ଅନ )—୧ । ହର୍ଷ; ଅହ୍ଲାଦ—1. Joy; delight; happiness. ୨ । ସିକ୍ଥକ; ମହମ—2. Bee's wax. ୩ । ଆନନ୍ଦକରଣ; ହର୍ଷୋତ୍ପାଦକ—3. Delighting; giving pleasure.
Modana

ମୋଦା—ସଂ. ବି ( ମୁଦ୍ ଧାତୁ+କର୍ତ୍ତୃ. ଅ+ଆ )—୧ । ଅଜମୋଦା; ବଣ ଜୁଆଣି—1. Wild carraway; Ligusticum Ajwan. ୨ । ଜୁଆଣି—2. The carraway; Carum Carin; Carum Ajowan. ଦେ. ବି (ସଂ.ମୋଦ)—ଆମୋଦ; ଆନନ୍ଦ—Pleasure; delight. [ ଉ—ସଦା ସଦା ମୋଦା ଗଦା ଗଦାଧର ବର ତାର ତାହି ବହ—ଉଷ. ବୈଦେହୀଶବିଳାସ ।]
Modā
( ମୋଦାଜୁଆ—ଅନ୍ୟରୂପ )

ମୋ ଦାଉ—ଦେ. ଅ—ଆଶ୍ଚର୍ଯ୍ୟ ବା ବିସ୍ମୟସୂଚକ ଉଚ୍ଚାରିତ ଶବ୍ଦ; ଅହୋ !—(An exclamation of wonder) Aha !
Mo dāu
আহা आहा
( ମୋ ଦାଉରେ—ଅନ୍ୟରୂପ )

ମୋଦାଖ୍ୟ—ସଂ. ବି—ଆମ୍ର ବୃକ୍ଷ—The mango tree.
Modākhya

ମୋଦିତ—ସଂ. ବିଣ (ମୁଦ୍ ଧାତୁ ଣିଚ୍=ମୋଦ ଧାତୁ+କର୍ମ. ତ)—ଆନନ୍ଦିତ—Delighted. ସଂ. ବି (+ଭାବେ. ତ)—ହର୍ଷ, ଆନନ୍ଦ—Delight.
Modita

ମୋଢ଼ ଦେବା—ପ୍ରାଦେ (ବାଲେଶ୍ୱର) କ୍ରି—ମୁଦଦେବା—
Modi debā To shut.

ମୋଦନୀ—ସ.ବି. ସ୍ତ୍ରୀ (ମୋଦ=ଆନନ୍ଦ+ଅସ୍ତ୍ର ଅର୍ଥରେ ଇନ୍+ସ୍ତ୍ରୀ.ଈ)—
Modini ୧ । ଯୁଆଣି—1. Ajwan; carraway ୨ । ମଲ୍ଲିକା—2. Jasmine; Jasminum Zambac ? ୩ । ଯୂଥିକା; ଯୁଈ—3. Jasminum Auriculatum. ୪ । କସ୍ତୁରୀ—4. Musk. ୫ । ମଦିରା—5. Wine. ସ. ବଣ. ସ୍ତ୍ରୀ—ମୋଦୀର ସ୍ତ୍ରୀଲିଙ୍ଗ—Feminine of Modi.

ମୋଦୀ—ସ ବଣ. ପୁଂ (ମୋଦ+ଇନ୍, ୧ମା. ୧ବ)—ଆନନ୍ଦ-
Modi ଦାୟକ—1. Delightful, pleasing. ୨। ଆନନ୍ଦ—(ମୋଦନୀ—ସ୍ତ୍ରୀ) ଯୁକ୍ତ—2. Joyous. [ଦ୍ର—ଏଥି ଉପୁ ଦେବଙ୍କୁ ବଣ ଅସ୍ଥା ହରି, ଏଣେ ଯେ ଋଷିଶିଷ୍ୟଗଣ ହୋଇ ମୋଦୀ । କୃଷ୍ଣସିଂହ. ମହାଭାରତ. ବନ ।]

ମୋ ଧନ—ଦେ. ଅ—(ପ୍ରେମ ବା ସ୍ନେହସୂଚକ ସମ୍ବୋଧନ) ହେ ମୋ
Mo dhana ଜୀବନଧନ—( A term of affection or
আমার ধন मेरी जान love) Oh 'my treasure'!

ମୋ ଧୋତି ଲୋ—ପ୍ରାଦେ. (ଗଡ଼ଜାତ) ଅ—(ନୀଚ ଜାତୀୟ ଲୋକଙ୍କ
Mo dhoti lo ବ୍ୟବହୃତ) ଆଶ୍ଚର୍ଯ୍ୟ ବା ବିସ୍ମୟସୂଚକ ବାକ୍ୟ—A term expressive of wonder or amazement (used by low class people).

ମୋନୁଁ—ପ୍ରାଦେ. (ବୌଦ୍ଧ) ଅ—ମୋଠାରୁ—
Monuñ From me.

ମୋନେ—ପ୍ରାଦେ. (ବୌଦ୍ଧ) ଅ—ମୋଠାରେ—
Mone In me; with me.

ମୋନେଟର—ବୈଦେ. ପ୍ରାଦେ. ( ବିଦ୍ୟାଳୟମାନଙ୍କ ଓ ଗ୍ରାମ) ବି. (ଇଂ. Monetara ମନିଟର)—ବଡ଼ ଛାତ୍ର—Monitor.

ମୋପଲା—ଦେ. ବି—ଦକ୍ଷିଣ ଭାରତର ପଶ୍ଚିମ ଉପକୂଳ ବାସିନ୍ଦା
Mopalā ଆରବଜ ମୁସଲମାନ ଜାତିବିଶେଷ—The Moplas;
মোপ্লা a Mahomedan tribe inhabiting the
मोपला western coast of southern India.
(ମୋପ୍ଲା—ଅନ୍ୟରୂପ)

ମୋଫତ୍ (ଇତ୍ୟାଦି)—ବୈଦେ. ବଣ. ( ଫା. ମୁଫ୍ତ )—ମୁଫତ୍ ଇତ୍ୟାଦି
Mophat (etc) (ଦେଖ)—Muphat etc. (See)
মোফত मुफ्त, मोफत

ମୋଫତ୍ ମାଲ—ବୈଦେ. ବି. ( ଫା. ମୋଫତ୍ ମାଲ୍ )—ମାଗଣା
Mophat māla ଜିନିଷ—Goods obtained for
মোফৎ মাল मोफतका माल nothing.

ମୋଫତରେ—ଦେ. ଅ—ମାଗଣାରେ—Gratis. (ଦ୍ର—ଏବେ ବସିଲିଣି
Mophatare ମୋଫତରେ ଗୋଟାଏ ଜୋଇଁ କରି ନେବେ ।
মোফতে मोफतमे ଉପାସ୍ତି. ଗୌରୀକ ।)

ମୋଫତି—ବୈଦେ. ବଣ. (ଆ. ମୋଫତ)—ମାଗଣାରେ ପ୍ରାପ୍ତ—
Mophati Got gratis.
মোফতী मोफती

ମୋବଲକ(ଗ)—ବୈଦେ. ଅ. (କଚେରୀ)—ମୁବଲକ ( ଦେଖ )
Mobalak(ga) Mubalaka ( See )

ମୋ ମୁଣ୍ଡ ଖାଆ(ଅ, ଉ)ନ୍ତି—ଦେ. ବାକ୍ୟ—( ଶପଥ କରିବାରେ ).
Mo muṇḍa khāā(a,u)nti ମୋ ରାଣ—Swear by me.
আমার মাথা খা मेरा सिर खाव

ମୋର—ଦେ. ସଂ. (ସ. ଅସ୍ମଦ୍ ଶବ୍ଦର ଅନାଦରାର୍ଥକ ଆକାର 'ମୁଁ'ର
Mora ୬ଷ୍ଠୀ ବିଭକ୍ତି ୧ ବଚନ)—
আমার मेरा (ସ୍ୱାର୍ଥକ) ଆମ୍ଭର—Mine.
(ମୋହର, ମୋହୋ, ମୋହୋର—ଅନ୍ୟରୂପ)

ମୋର କରିବା—ଦେ. କ୍ରି—କୌଣସି ବ୍ୟକ୍ତି ବା ଦ୍ରବ୍ୟକୁ ଆପଣାର
Mora karibā ବୋଲି ଜ୍ଞାନ କରିବା—To regard as
আমার করা one's own (ଦ୍ର—ସେହି ବଳକୁ ଜାଣ ଶୁକ
मेरा करना ଋଷିବର, ଦେବଙ୍କୁ ଛାଡ଼ି ଅସୁରଙ୍କୁ କଲେ ମୋର । କୃଷ୍ଣସିଂହ. ମହାଭାରତ. ଶାନ୍ତି ।)

ମୋର(ରି, ରୁ)ଚ୍ଛା (ଇତ୍ୟାଦି)—ବୈଦେ. ବି. (ଫା)—ମୁରୁଚ୍ଛା ଇତ୍ୟାଦି
Mora(ri, ru)chā (etc) ( ଦେଖ )—Muruchā etc. ( See )

ମୋରଟ—ସ.ବି. (ମୁର ଧାତୁ=ବେଷ୍ଟନ କରିବା+ଅଟ)—୧ । ଇକ୍ଷୁ-
Moraṭa ମୂଳ—1. Root of sugarcane. ୨। ଅଙ୍କୋଟ;
আকড়া, বাঘ আঁচড়া ଧଳା ଅଙ୍କୁ ଗଛ—2. A tree; Alan-
टेरी gium Lamarckii. [ଦ୍ର—ଏହାର ଅନ୍ୟ ସଂସ୍କୃତ ନାମ—କ୍ଷୀରଦ୍ରୁ, ପୁରଡ଼, କ୍ଷୀରକ, କ୍ଷୀର ମୋରଟ, କର୍ଣ୍ଣପୁଷ୍ପ, ପୀଲୁ ପତ୍ର, ମଧୁସ୍ରବ, ଘନମୂଳ, ପାର୍ଶ୍ୱମୂଳ, ପୁରୁଷ, କ୍ଷୀରପୁଷ୍ପ ।] ୩ । ବନ୍ୟବୃକ୍ଷ (ଜବଂଭ ବଦେଲ୍ଲଷ୍ଟ. ଦ୍ରବ୍ୟଗୁଣ)—3. A kind of wild tree. ୪ । ପ୍ରସବର ୭ ଦିନ ପରେ ସ୍ତନରୁ ଜାତ ଦୁଗ୍ଧ (ହ୍ର. ଶ)—4 Mother's milk after the 7th day of delivery.

ମୋରଟା—ସ. ବି—୧ । ମୂର୍ବା (ଦେଖ)—1. Mūrbbā (See)
Moraṭā ୨ । ଦୂବା (ହ୍ର. ଶ)—2. Creeping grass.

ମୋର ତହୁଁ—ଦେ. (ପ୍ରାଚୀନ) ସର୍ବ—ମୋ ତହୁଁ (ଦେଖ)
Mora tahuñ Mo tahuñ ( See )

ମୋରବ(ବି, ବି)—ବୈଦେ. ବି—ମୁରବ୍ ( ଦେଖ )
Moraba(bi, bbi) Murab (See)

ମୋରବା(ବ୍ବା)—ଦେ. ବି—ମୁରବା ( ଦେଖ )
Morabā(bbā) Murabā ( See )

ମୋରମ—ବୈଦେ. ବି ( ଇଂ )—ପକ୍କା ରାସ୍ତାରେ ବିଛାଯିବା ଶ୍ରେଷ୍ଠ
Moram ଗୋଡ଼ି—Morum; metal spread over
মোরম कङ्कुर(ड) pucca roads.

ମୋର ମା—ପ୍ରାଦେ. ( କଳାହାଣ୍ଡି ) ବି—ମୋ ମାଆଙ୍କ ରାଣ—
Mora mā (An oath) In the name of my mother

ମୋରି—ଦେ. ସ.—ମୋଅରି (ଦେଖ)—
Mori আমারই मेरी Moari ( See )
[ ମୋହ(ହୋ)ରି—ଅନ୍ୟରୂପ ]

ମୋରିହା(ହାଁ)—ପ୍ରାଦେ. ( ଗଡ଼ଜାତ ) ବ—ତିନି କୋଣିଆ ପତ୍ର ଥିବା ଏକ
Mōrihā(hān) ବଣିଆ ବଡ଼ ଗଛ—A wild tree having three-angled leaves. [ ଦୃ—ଏହି ଗଛର କାଠରେ ଲଙ୍ଗଳ ତିଆରି ହୁଏ । ଏଥିର ମୂଳକୁ ଘିଆରେ କୃମିରୋଗାକ୍ରାନ୍ତ ଶିଶୁଙ୍କୁ ଦିଆଯାଏ । ]

ମୋରେ—ଦେ. ସବ. (ପଦ୍ୟ)—୧ । ମୋଠାରେ; ମୋ ପ୍ରତି—1. At
More me; to me. [ଦୃ—ଡାକି ଦେଲି ମୋରେ କାହିଁ ନ
আমাতে ଶୁଣି—ଉପେନ୍ଦ୍ର. ଭଞ୍ଜ । ] ୨ । ମୋଦ୍ୱାରା—
हमसे 2. By me. [ ଦୃ—ବହୁଳ ଗର୍ବ ସର୍ବ ମୋରେ ହୋଇଛି ଶୁଣି ମୁକ୍ତ ପ୍ରଶଂସିବା ଯେ, ବାଜେ—ଉପେ. ଭଞ୍ଜ. ବୈଦେହୀଶବିଳାସ । ] ୩ । ମୋତେ; ଅମ୍ଭକୁ—
3. To me. ( ଦୃ—ମୋରେ କରୁଣା କର ଦୟାନିଧି । ]

ମୋଲ୍—ପ୍ରାଦେ. ( ବସ୍ତର, ଉଦିଶା ) ବ—ମୂଲ୍ୟ; ଦାମ୍—
Mol Price.

ମୋଲ୍‌ନା—ବୈଦେ. ବ ( ଫା. ମୌଲ୍‌ନା )—ମୁସଲମାନ ପଣ୍ଡିତମାନଙ୍କର
Mol-nā ଉପାଧି—A title prefixed to the names
মোলনা मौलना of Mahomedan learned men.
( ମୋଲ୍ଲା—ଅନ୍ୟରୂପ )

ମୋଲମ୍ବା(ମ୍ମା)—ବୈଦେ. ବ ( ଫା. )—ତମ୍ବା ବା ରୁପାର ଅଳଙ୍କାର
Molambā(mmā) ଉପରେ ପାରା ଘଷି ତହିଁ ଉପରେ ସୁନାର
মলম্বা, গিল্টির কাজ ଅତି ପତଳା ପତ୍ର ଦେଇ ତାକୁ ଉଦ୍ଧୃତ
मलमा କରିବାଦ୍ୱାରା ପ୍ରସ୍ତୁତ ହେବା ଗିଲ୍‌ଟି କାମ, ମଲମ୍ବା ଅଳଙ୍କାର —Ornaments prepared by putting a thin layer of gold or silver over copper or silver designs after the latter are rubbed with quick-silver.

ମୋଲା(ଲ୍ଲା)—ବୈଦେ. ବ—ମୁଲ୍ଲା ( ଦେଖ )
Molā(llā) Mullā (See)

ମୋଲାଇ(ଏ)ଜା—ବୈଦେ. ବ—ମୁଲାଇଜା (ଦେଖ)
Molāi(e)jā Mulāijā (See)
(ମୋଲାଜା, ମୋଲାଜ୍ୟା, ମୋଲାହିଜା —ଅନ୍ୟରୂପ )

ମୋଲାଏମ୍—ବୈଦେ. ବଣ—ମୁଲାଏମ୍ ( ଦେଖ )
Molāem Mulāem ( See )

ମୋ ଲାଖ(ଖି)—ଦେ. ବଣ—୧ । ମୋ ଭଳି; ମୋ ପରି—1. Like
Mo lākh(khi) me. ୨ । ମୋର ଉପଯୁକ୍ତ—2. Suitable
আমার লাএক मेरे लायक to me; befitting me.
( ମୋ ଲାଏକ୍—ଅନ୍ୟରୂପ )

ମୋଲାମ—ସ. ବ—ମୃଣାଳ—Stalk of lotus. ବୈଦେ. ବଣ—
Molāma ମୁଲାଏମ ( ଦେଖ )—Mulāema ( See )

ମୋଶନ୍—ବୈଦେ. ବ ( ବିଚାର ) ( ଇଂ. ମୋସନ୍ )—ଲ-ପଏଣ୍ଟରେ
Mosan ନିମ୍ନ ଅଦାଲତର ଆଦେଶ ବିରୁଦ୍ଧରେ ଉଚ୍ଚ ଅଦାଲତରେ
মোসন मोशन ଅପୀଲ—Motion; petition for revision of an order of a lower court; an appeal on a point of law. [ ଦୃ—ନିମ୍ନ ଅଦାଲତରେ ମକଦ୍ଦମାରେ ଦାଖଲ ହୋଇଥିବା ପ୍ରମାଣ ଓ କାଗଜପତ୍ର ବିଷୟ ନେଇ ଉପର ଅଦାଲତକୁ ଯେଉଁ ଆବେଦନ କରାଯାଏ, ତାହାର ନାମ 'ଅପୀଲ' ଏବଂ ଲ ପଏଣ୍ଟ ସମ୍ବନ୍ଧରେ ପ୍ରତିବାଦ କରି ଯେଉଁ ଆବେଦନ କରାଯାଏ, ତାର ନାମ 'ମୋଶନ୍' । ]

ମୋଶାହା(ହି, ହେ)ବ୍—ବୈଦେ. ବଣ—ମୁଶାହାବ୍ ( ଦେଖ )
Mosāhā(hi, he)b Musāhāb ( See )

ମୋଶାହା(ହି, ହେ)ବି—ବୈଦେ. ବ—ମୁଶାହାବି ( ଦେଖ )
Mosāhā(hi he)bi Musāhābi ( See )

ମୋଷ—ସ. ବ ( ମୁଷ୍ ଧାତୁ=ଚୋରି କରିବା+ଭାବ. ଅ )—୧ ।
Mosha ଚୌର୍ଯ୍ୟ; ଚୋରି; ଅପହରଣ—1. Theft; stealing. ୨ । ଲୁଣ୍ଠନ—2. Plundering. ୩ । ପ୍ରତ୍ୟାହରଣ; ପ୍ରତ୍ୟାହାର—3. Taking back; withdrawing. ୪ । ଛେଦନ; କର୍ତ୍ତନ—4. Cutting. ୫ । ବଧ; ହତ୍ୟା—5. Killing; slaughter. ୬ । ଲୋପ; ବିନାଶ—6. Destruction; extinction. ୭ । ପ୍ରତାରଣା, ଧନ୍ଦା ମାରିବା; ଧନ୍ଦାବାଜି—7. Cheating; fraud; swindling; deceiving.

ମୋଷକ—ସ. ବ. ପୁଂ ( ମୁଷ୍ ଧାତୁ=ଚୋରି କରିବା+କର୍ତ୍ତୃ. ଅକ )
Moshaka —୧ । ଚୋର—1. Thief. ୨ । ଲୁଣ୍ଠକ—
(ମୋଷିତା, ମୋଷ୍ଟା—ଅନ୍ୟରୂପ) 2. Plunderer. ୩ ।
(ମୋଷିକା—ସ୍ତ୍ରୀ) ଧନ୍ଦାବାଜ; ପ୍ରତାରକ—3. Cheat, swindler.

ମୋଷଣ—ସ. ବ—୧ । ମୋଷ (ଦେଖ)—Mosha (See)
Moshaṇa ୨ । ଚୋର (ବୃ. ଶ)—2. Thief. ୩ । ଡକାଏତ (ବୃ. ଶ)—3. Dacoit.

ମୋସଲ(ଲୁ)ମ—ବୈଦେ. ଅ (ଫା. ମୁସ୍‌ଲମ୍)—ମୁସଲମ୍ (ଦେଖ)—
Mosal(lu)m मुसल्लम Musalum (See)

ମୋସ୍ତର—ବୈଦେ. ବ (ଫା)—ପ୍ରକାର—
Mostara প্রকার तरह Kind.

ମୋସ୍ତାଇ(ଏ,ସ୍ୟେ)ଦ୍—ବୈଦେ. ବଣ ( ଅ. ମୁସ୍ତଅଦ୍ )—ମୁସ୍ତେଦ;
Mostāi( e,ye)d ଉଦ୍ୟତ—Ready.
উদ্যত मुस्तैद्

ମୋସ୍ଲି(ସ୍ଲେ)ମ୍—ବୈଦେ. ବ (ଫା. ମୁସ୍‌ଲିମ୍)—ମୁସଲମାନ୍—
Mosli(sle)m Musalman.
মোস্‌লেম मुसलिम

ମୋହ—ସ. ବ (ମୁହ୍ ଧାତୁ+ଭାବ. ଅ)—୧ । ମୂର୍ଚ୍ଛା, ଅଚୈତନ୍ୟ—
Moha 1. Fainting; unconsciousness; loss of consciousness. ୨ । ଅଜ୍ଞତା; ଅଜ୍ଞାନତା—2. Ignorance. ୩ । ମମତା, ଆସକ୍ତି; ମୁଗ୍ଧାବସ୍ଥା—3. Infatuation; fascination. ୪ । ଦୁଃଖ; କଷ୍ଟ; କ୍ଲେଶ—4. Pain; affliction; sorrow; grief.

[ଉ—ଶୁଣି ସ୍ୱପ୍ନ ମନରୁ ତେଜଲେ ମୋହ—ଜଗନ୍ନାଥ. ବଡଭାଗବତ. ] ୫ । ମାୟା—5. Delusion; illusion. ( ଉ—ମୋହଠାରୁ ଲଭନ୍ତ ଦେଇ ନର ମୋହ—କୃଷ୍ଣସିଂହ. ମହାଭାରତ. ବନ । ) ୬ । କିଂକର୍ତ୍ତବ୍ୟ-ବିମୂଢ଼ତା—6. Bewilderment; stupefaction. ୭ । ମୂର୍ଖତା; ଅବୋଧତା—7. Folly; stupidity; foolishness. ୮ । ଭ୍ରମ; ଭ୍ରାନ୍ତି—8. Error. ୯ । ପ୍ରେମ, ସ୍ନେହ (ହି. ଶ)—9. Love; attachment. ୧୦ । ସାହିତ୍ୟରେ ୩୩ ସଞ୍ଚାରୀଭାବ ମଧ୍ୟରୁ ଏକତମ—10. One of the concomitants of sentiments in literature. [ଦ୍ର—ଭୟ, ଦୁଃଖ, କିଂକର୍ତ୍ତବ୍ୟବିମୂଢ଼ତା, ଅତ୍ୟନ୍ତ ଚିନ୍ତା ଆଦିରୁ ଚିତ୍ତର ବିକଳତାକୁ ମୋହ ବୋଲାଯାଏ—ହି. ଶ ।] ଦେ. ବିଣ—୧ । ଚେତନାଶୂନ୍ୟ—1. Senseless. (ଉ—ବାଳ ଅନୁଜ ମୋହ ମୋହରି ହେ । ଉପ. ବୈଦେହୀଶବିଳାସ ୬ । ମୁଗ୍ଧ 2. Fascinated. (ଉ—ମାତା ଯେ ଅତି ସ୍ନେହବଶେ, ମୋହ ହୋଇଲେ ପୁତ୍ରଠାରେ । ଜଗନ୍ନାଥ.

ଆମାର ଭାଗବତ ।) ଦେ. ସର୍ବ—ମୋ (ଦେଖ)—Mo (See)

मेरा (ଉ—ମୋହ ନିମିତ୍ତେ ଘଷା ଅଙ୍ଗ, ବସ୍ତୁର ଜଳେ ତାର ମଳ—

[ମୋହୋ,ମୋହ(ହୋ)ଇ—ଅନ୍ୟରୂପ) ଜଗନ୍ନାଥ. ଭାଗବତ ।]

ମୋହକ—ସଂ. ବିଣ. ପୁଂ ( ମୁହ୍ ଧାତୁ+କର୍ତ୍ତୃ. ଅକ )—ଯାହା ମୋହ Mohaka ଜନ୍ମାଏ—Fascinating.

(ମୋହକ, ମୋହକାରୀ, ମୋହକାରକ—ଅନ୍ୟରୂପ)

[ମୋହିକା—ସ୍ତ୍ରୀ]

ମୋହ କୂପ—ସଂ. ବି (ରୂପକ କର୍ମଧା)—ମୋହରୂପ କୂପ—Moha kūpa Delusion compared to a well.

ମୋହଜ—ସଂ. ବିଣ (ମୋହ+ଜନ୍ ଧାତୁ+କର୍ତ୍ତୃ. ଅ)—ମୋହରୁ Mohaja ଜାତ—Born of or produced from delusion.

ମୋହଜନକ—ସଂ. ବିଣ (ମୋହ+ଜନ୍ ଧାତୁ+କର୍ତ୍ତୃ. ଅକ—ମୋହ Mohajanaka ଉତ୍ପାଦକ—Producing stupefaction. ବି—ଯାଦୁକର—A sorcerer; a charmer.

ମୋହ ଜାଲ—ସଂ. ବି (ରୂପକ କର୍ମଧାରୟ)—ମୋହପାଶ (ଦେଖ) Moha jāla Mohapāsa (See)

ମୋହଧ୍ୱଂସ—ସଂ. ବି (୬ଷ୍ଠୀ ତତ୍)—ମୋହର ବିନାଶ—Mohadhwamsa The dissolving of fascination.

(ମୋହନାଶ—ଅନ୍ୟରୂପ)

ମୋହନ—ସଂ. ବି ( ମୁହ୍ ଧାତୁ+ଣିଚ୍+ଭାବ. ଅନ )—୧ । ମୁଗ୍ଧ Mohana କରିବା—1. Act of fascination. [ ଉ —ମୋହିନୀ ମୋହନେ ପ୍ରକାଶି ସୁରସ, ରସିକା ଅଗ୍ରେ ବୁଲାଇବ । ଉପ. ପ୍ରେମସୁଧାନିଧି । ] ୨ । ମୁଗ୍ଧ ହେବା —2. Becoming fascinated. ୩ । ( +କରଣ ଅନ )—ମୈଥୁନ—3. Copulation. ୪ । ପ୍ରଲୋଭନ—4. Seduction; the overpowering of reflection by sensual allurements. ୫ । ( +କର୍ତ୍ତୃ. ଅନ )—କନ୍ଦର୍ପର ବାଣବିଶେଷ—5. Name of one of the five arrows of god Cupid. ୬ । ଧୁସ୍ତୁର ବା ଧାତୁରା ଗଛ—6. The Dhatura plant. ୭ । ମନ୍ତ୍ରତନ୍ତ୍ରାଦିଦ୍ୱାରା ମନୁଷ୍ୟକୁ ମୁଗ୍ଧ କରିବା; ତନ୍ତ୍ରୋକ୍ତ ଅଭିଚାରବିଶେଷ—7. Enchanting a person by employing Tantric charms. ୮ । ଶ୍ରୀକୃଷ୍ଣ ( ହି. ଶ )—8 Śrikrushna. ସ. ବିଣ. ପୁଂ—୧ । ( କର୍ତ୍ତୃ+. (ମୋହନୀ—ସ୍ତ୍ରୀ) ଅନ .)—ମୋହଜନକ—1. Fascinating. ୨ । ମନୋମୋହକର—2. Charming, enchanting. [ ଉ—କି ମୋହନ ଲୀଳା ଧରି, କୋଟି କଳାଧର ଶିରୀ, ଗୁପତେ ସେ ଶ୍ୟାମ ମୂରତିରେ । କବିସୂର୍ଯ୍ୟ. କଳୋଶରିଚଣ୍ଡ୍ର କ. ଗୀତ । ] ଦେ. ସ. ପୁଂ —ଲୋକଙ୍କୁ ଦିଆଯିବା ନାମ—Name given to

मोहन males. [ ଦ୍ର—ମୋହନ ଶବ୍ଦ ଲାଲ, ଚନ୍ଦ, ହରି, कृष्ण, ସୁଧା, ମନୀ, ବ୍ରଜ, ଫକୀର, ଲାଲ, ଯତୀନ୍ଦ୍ର, ସୁରେନ୍ଦ୍ର, ସୌରୀନ୍ଦ୍ର, ଗୌରୀ, ଗୋପୀ, ଜଗ, ଜଗତ୍, ଦୁର୍ଗା, ପାର୍ବତୀ, ଚନ୍ଦ୍ର, ମୋହିନୀ, ଗୋବି, ମଥୁରା, ଗେଉଜା ପ୍ରଭୃତି ଶବ୍ଦ ପରେ ମଧ୍ୟ ନାମକରଣରେ ପ୍ରଯୁକ୍ତ ହୁଏ । ]

ମୋହନ ଦାସ କରମଚନ୍ଦ ଗାନ୍ଧି—ଦେ. ବି ( ନାମ )—ଅଧୁନା Mohana dāsa karamachānda gāndhi ଭାରତରେ

মোহন দাস করমচান্দ গান্ধি ଓ ସବ୍ୟ ଜଗତରେ ନବଯୁଗର

मोहन दास करमचांद गांधी ପ୍ରବର୍ତ୍ତୟିତା ମହାପୁରୁଷ 'ମହାତ୍ମା ଗାନ୍ଧି'—Mahātmā Gāndhi. ଗାନ୍ଧି ମହାତ୍ମା ( ଦେଖ )—Gāndhi Mahātmā ( See ) [ ଦ୍ର—ଏହି ଭାଷାକୋଷର ଦ୍ୱିତୀୟ ଖଣ୍ଡର ୨୧୯୮ ପୃଷ୍ଠାର ଦ୍ୱିତୀୟ ସ୍ତମ୍ଭରେ 'ଗାନ୍ଧି ମହାତ୍ମା' ଶବ୍ଦରେ 'ମୋହନଲାଲ କରମଚନ୍ଦ ଗାନ୍ଧି' ବୋଲି ଭ୍ରମବଶତଃ ପ୍ରକାଶିତ ହୋଇଅଛି । ତାହା 'ମୋହନ ଦାସ କରମଚନ୍ଦ ଗାନ୍ଧି' ହେବ । ]

ମୋହନ ଭୋଗ—ଦେ. ବି—ହାଲୁଆ; ସୁଜି, ଚିନି ଓ ଘିଅରେ ପ୍ରସ୍ତୁତ Mohana bhoga ମିଷ୍ଟାନ୍ନବିଶେଷ—A sort of jelly.

মোহনভোগ [ଦ୍ର—ପ୍ରଥମେ ସୁଜିକୁ ଘିଅରେ ଭାଜି, ତା ପରେ

मोहनभोग ଚିନିକୁ ଦୁଧରେ ମିଶାଇ ଚକଟିଥିବା ଦୁଧକୁ ଭଜା ହୋଇଥିବା ସୁଜି ଉପରେ ଢାଳି ପାକ କରି ଏହା ପ୍ରସ୍ତୁତ କରାଯାଏ ।

ଉତ୍କଳରେ ମୋହନଭୋଗର ଅନ୍ୟ ନାମ 'ଲୁଚୁକାରିବା' ଓ ଭାରତପ୍ରବାସରେ 'ଲପ୍‌ସିକା' ବୋଲି ଉଲ୍ଲେଖ ଅଛି । ]

ମୋହନ ମାଳା—ସଂ. ବି—ମଉନମାଳା (ଦେଖ) Mohana mālā Mauna mālā (See)

ମୋହନ ମୁହାଁ—ପ୍ରାଦେ (ବାଲେଶ୍ୱର). ବଣ. ପୁଂ (ସ. ମୌନ + ମୁଖ)— Mohana muhā̃ ଯେଉଁ ଲୋକ ବାହାରକୁ ଖୁବ୍ ନିରୀହ ଓ (ମୋହନମୁହାଁ—ସ୍ତ୍ରୀ) ସରଳ ବୋଲି ନିଜକୁ ଦେଖାଇ ହୁଏ; ଅଥଚ ଭିତରେ ଭିତରେ ନାନାପ୍ରକାର ଷଡ଼୍‌ଯନ୍ତ୍ର ବା ଦୁଷ୍କାର୍ଯ୍ୟରେ ଲିପ୍ତ ଥାଏ; ମଉନମୁହାଁ—A man who shows himself as innocent and simple, though engaged in vicious activities such as plotting, intrigues and evil deeds.

ମୋହନା—ଦେ.ବି—୧। ଗୁଳ୍ମବିଶେଷ—1. Randia Dumetorum Mohanā (Haines). [ ଦ୍ର—ଏହାର ଫୁଲ ଧଳା ଓ ଫଳ ହଳଦିଆ। ଏହା ଲମ୍ବା କଣ୍ଟକଯୁକ୍ତ ଅଟେ। ମୋହନାଗୁଳ୍ମ ଔଷଧରେ ବ୍ୟବହୃତ ହୁଏ। ]—୨। ମୋହନର ଅନାଦରାର୍ଥକ ଡାକ ନାମ—2. A name for calling Mohana in familiarity.

ମୋହନା ମୁ(ମୋ)ଗଲ—ଦେ. ବି—ଓଡ଼ିଆର 'ମାଳିକା'ମାନଙ୍କରେ Mohanā mu(mo)gala ଲିଖିତ କଳିର ଶେଷଭାଗରେ ଭାରତ-ଆକ୍ରମଣକାରୀ ବୀର—Name of a hero who is promised to invade India towards the end of Kali Juga. [ଭ—ଏ ଅନ୍ତେ ମୋହନା ମୁଗଲ—ପୃଥ୍ୱୀକି ହୋଇବ ଯେ ଶଲ—ଜଗନ୍ନାଥ. ଭାଗବତ।]

ମୋହନାସ୍ତ୍ର—ସ. ବି—ଶତ୍ରୁକୁ ମୂର୍ଚ୍ଛିତ କରିବାରେ ପ୍ରଯୁକ୍ତ ପ୍ରାଚୀନ Mohanāstra କାଳର ଅସ୍ତ୍ରବିଶେଷ—A weapon used in ancient times by which the enemy fainted.

ମୋହନି—ଦେ. ବି (ସ. ମୋହନୀ)—୧। ଗୁଣି; ଯାଦୁ—1. Charm. Mohani ୨। ଯାଦୁପ୍ରୟୋଗଦ୍ୱାରା ମୁଗ୍ଧ କରିବା— মোহিনী 2. Enchantment. ୩। (ପୁଂ. ଅଦରାର୍ଥକ) ମୋହନ ନାମକ ପୁରୁଷର ଡାକନାମ—3. Name for calling Mohana in fondness.

ମୋହନି କରିବା—ଦେ. କ୍ରି—୧। ତନ୍ତ୍ରମନ୍ତ୍ରାଦି ଦ୍ୱାରା ମୋହାବିଷ୍ଟ Mohani karibā କରିବା—1. To enchant a person जादू करना by means of charms. ୨। ବଶ କରିବା— **मोहनी डालना** 2. To bring under control. (ମୋହନି ଲଗା[ଗେ]ଇବା—ଅନ୍ୟରୂପ)

ମୋହ ନିଦ୍ରା—ସ. ବି ( ରୂପକ )—ମୋହାବିଷ୍ଟକାରୀ; ନିଦ୍ରାପରି ମନୁଷ୍ୟଙ୍କୁ Moha nidrā ଅଜ୍ଞାନ କରିବା ମୋହ—Delusion overtaking a person like sleep.

ମୋହନୀ—ସ. ବି (ମୋହନ+ସ୍ତ୍ରୀ. ଈ)—୧। ଯାଦୁ; ଗୁଣି; ବଶୀକରଣ Moharī ମନ୍ତ୍ର—1. Charm; enchantment. ୨। ପୋଇଶାଗ; ପୋଇ ଶାଗ—2. A port herb; the Basella creeper. ୩। ବହୁପର୍ଣୀ ନାମକ ଗୁଳ୍ମ—3. The name of a plant; Alotric Hyacinthoides. ଦେ. ବି (ସ୍ତ୍ରୀ)—ମନମୋହିନୀ ନାମ୍ନୀ ସ୍ତ୍ରୀର ଡାକ ନାମ—Name for calling a female named Manamohinī.

ମୋହ(ହେ)ନୀ କନ୍ୟା—ଗ୍ରା. ବି (ସ. ମୋହିନୀ କନ୍ୟା)—ମୋହିନୀ Moha(he)nī kanyā କନ୍ୟା (ଦେଖ)—Mohini kanyā মোহিনী কন্যা **मोहिनी कन्या** (See)

ମୋହନୀୟ—ସ. ବଣ ( ମୁହ୍ ଧାତୁ+କର୍ମ. ଅନୀୟ )—୧। ଯାହାକୁ Mohanīya ମୁଗ୍ଧ କରିହୋଇ ପାରେ ( ଭୂ. ଶ )—1. Capable of being facinated or enchanted. ୨। ଯାହା ଅନ୍ୟକୁ ମୋହିତ କରିପାରେ—2. Causing delusion or swoon (Apte). ୩। ଗୋଳମାଳିଆ—3. Perplexing; puzzling ( Apte ).

ମୋହ ପାଶ—ସ. ବି (ରୂପକ. କର୍ମଧା)—୧। ମୋହରୂପ ଜାଲ— Moha pāśa 1. Fascination compared to a snare (ମୋହବନ୍ଧ, ମୋହବନ୍ଧନ—ଅନ୍ୟରୂପ) or net. ୨। ସଂସାରର ମାୟା ବନ୍ଧନ—2. The worldly bond.

ମୋହବ(ମ)ତ୍(ତି)—ବୈଦେ. ବି ( ଫା. ମୁହବତ୍ )—ଉପରୋଧ; Mohaba(ma)t(ti) ଚକ୍ଷୁଲଜ୍ଜା—1. Personal regard; মোহবত **मुहब्बत** regard or solicitute for the feelings of another. ୨। ବନ୍ଧୁତ୍ୱ—2. Friendship.

ମୋହବତ୍ କରିବା—ଦେ. କ୍ରି—ଚକ୍ଷୁ ବା ଚକ୍ଷୁଲଜ୍ଜାକୁ ଦୃଷ୍ଟି ରଖି Mohabat karibā କାର୍ଯ୍ୟ କରିବା—To show regard মোহবত করা **मुहब्बत करना** for the feelings of another. (ମୋହବତ୍ ରଖିବା, ମୋହବତ୍ ରଖିବା—ଅନ୍ୟରୂପ )

ମୋହବ(ମ)ତି—ବୈଦେ. ବଣ ( ଫା. )- ଯେ ଚକ୍ଷୁଲଜ୍ଜା ବା ଉପରୋଧ Mohaba(ma)ti ରଖି କାର୍ଯ୍ୟ କରେ—One who is solimohabati মোহবতিয়া citous for the feelings of other. **मु(मो)हब्बती** (ମୋହବ[ମ]ତିଆ—ଦେଶଜରୂପ)

ମୋହବଦି—ପ୍ରାଦେ. (ସମ୍ବଲପୁର) ବି—ମୋହବତ୍ ( ଦେଖ ) Mohabadi Mohabat (See)

ମୋହମନା—ଦେ. ବଣ(ସ. ମୋହିତ+ମନଃ)—ବିଷୟାସକ୍ତିଜଡ଼ିତ— Mohamanā Immersed in worldly attachment. [ ଭ—ସାଧୁ ଲୋକମାନଙ୍କୁ ଦେଖି ସମ୍ଭାବନା। କରୁଅଛନ୍ତି ଲୋହଣ ମୋହମନା—କୃଷ୍ଣସିଂହ. ମହାଭାରତ. ବନ ]

ମୋହ ମନ୍ତ୍ର—ସ. ବି ( ମ. ପ. ଲୋ. )—୧। ମୋହକର ମନ୍ତ୍ର— Moha mantra 1. Charms; enchanting formula. ୨। ମୁଗ୍ଧକାରକ ବାକ୍ୟ—2. Charming words.

ମୋହମାନ—ଦେ. ବି—୧। ଗୀତର ପ୍ରଥମ ଅକ୍ଷରରେ ମୃଦଙ୍ଗାଦି Mohamāna ବାଦ୍ୟର ତାଳ ଛିଣ୍ଡିବା ବା ବନ୍ଦ ହେବା— 1. The ceasing or stop of musical cadence on the first letter of a song. ୨। ( ବହୁବଚନ ) ମୋହସକଳ—2. Delusions. [ ଭ—ଶୋକ ଲୋଭ ଯେ ମୋହମାନ। ମାତ୍ସର୍ଯ୍ୟ ଈର୍ଷା ଅଭିମାନ—ଜଗନ୍ନାଥ. ଭାଗବତ। ] ଦେ. ବଣ ( ସ. ମୁହ୍ୟମାନ )—

୧ । ମୋହିତ—1. Deluded. [ ଉ—ଯାବେ ଧାଉ ମୋହମାନ, ହରଚସ୍ତେ ଅପମାନ, ସଞ୍ଜୀବ ନାମ ଭଣନ; ସେ ତ ସମାନ—ଭକ୍ତ. ପ୍ରେମସୁଧାନିଧି । ] ୨ । ମୁହ୍ୟମାନ ( ଦେଖ )—2. Muhyamāna ( See ) [ଉ—ଯଶୋଦା ଦେଖି ମୋହମାନ; ଧରଣୀ ପଡ଼ ହୃଷ୍ଟେନ—ଜଗନ୍ନାଥ ଭାଗବତ । ]

ମୋହ ମୁଦ୍ଗର—ସ. ବି—ମହାତ୍ମା ଶଙ୍କରାଚାର୍ଯ୍ୟଙ୍କ ରଚିତ ସଂସାରର Moha mudgara ମୋହନାଶକ ଶ୍ଳୋକପୁଞ୍ଜ—Name of some ślokas by Śaṅkarācharjya dealing with the emptiness of the worldly concerns.

ମୋହ ଯିବା—ଦେ. କ୍ରି—ମୂର୍ଚ୍ଛିତ ହେବା—To faint. Moha jibā মূৰ্চ্ছা হওয়া मूर्छित होना ( ମୋହ ହେବା—ଅନ୍ୟରୂପ )

ମୋହ(ହୋ)ର—ଦେ. ସର୍ବ—ମୋ ( ଦେଖ )—Mo ( See ) Moha(ho)ra আমার मेरा ବୈଦେ. ବି (ଫା. ମୋହ୍ର)—মোহর मु(मो)हर ୧ । ମୁଦ୍ରା; ସ୍ବର୍ଣ୍ଣମୁଦ୍ରା—1. Gold coin [ ଉ—ସାଧାରଣତଃ ୧ ମୋହର=୧୧୬୯ । ] ୨ । ସିଲ୍; ନାମାଙ୍କିତ ମୁଦ୍ରା—2. Seal. ୩ । ( ସ. ମଧୁର ) ମହୁର ঘট, सतजा ( ଦେଖ ) - 3. Mahura ( See )

ମୋହର କରିବା—ଦେ. କ୍ରି—କାଗଜପତ୍ର ବା ଅଟି ଉପରେ ପ୍ରତ୍ୟୟ Mohara karibā ସକାଶେ କାଳି ବା ଜଉ ସାହାଯ୍ୟରେ ମୁଦ୍ରା মোহর করা (মারা) ଅଙ୍କିତ କରିବା—To affix a seal to मुहर मारना a paper etc. ( ମୋହର ମାରିବା; ମୋହର କରିବା—ଅନ୍ୟରୂପ )

ମୋହରମ୍(ମ)—ବୈଦେ. ବି—ମହରମ ( ଦେଖ ) Moharam(ma) Maharama ( See )

ମୋହ(ହୋ)ରର—ବୈଦେ. ବି (ଅ. ମୁହରିର)—୧ । ଲେଖକ—Moha(ho)rara 1. A writer. ୨ । ନକଲିଆ—2. A মুহরী; মোহরর scribe. ୩ । ଲେଖକ କର୍ମଚାରୀ—3. A मुहर्रिर clerk.

ମୋହ(ହୋ)ର(ରି)ରି—ବୈଦେ. ବି (ଅ. ମୁହରିରୀ)—ମୋହରରର Moha(ho)ra(ri)ri କାର୍ଯ୍ୟ—Clerkship; the post of মহুরীর কায मुहर्रिरी a Moharir.

ମୋହ ରାତ୍ରି—ସ. ବି—ବ୍ରହ୍ମାଙ୍କର ପରମାୟୁର ୧୫ ବର୍ଷ ପରେ ଘଟିବା Moha rātri ମହାପ୍ରଳୟ ରାତ୍ରି—Name of a night of ( ମୋହ ନିଶା—ଅନ୍ୟରୂପ ) dissolution which takes place after 15 years of Brahmā's age.

ମୋହ(ହୋ)ରି—ଦେ. ସର୍ବ—ମୋଓରି ( ଦେଖ )—Mo-ori (See) Moha(ho)ri আমারি मेराही ବୈଦେ. ବି ( କଚରଥ )—ମୋହରର ( ଦେଖ )—Moharira (See)

ମୋହା—ଗ୍ରା. ଉଣ ଓ ଉଣର ଉଣ ( ଅଶୁଦ୍ଧ ) ( ସଂ. ମହତ୍ )—ମହା Mohā ( ଦେଖ )—Mahā ( See ) [ଉ—'ମହା' ପଦଯୁକ୍ତ ଶବ୍ଦମାନଙ୍କ ସ୍ଥାନରେ ଅଶିକ୍ଷିତମାନେ ମୋହା ପ୍ରୟୋଗ କରିବାର ଦେଖାଯାଏ । ଯଥା—ମୋହାପ୍ରଭୁ; ମୋହାରାଜା; ମୋହାଶୟ ଇତ୍ୟାଦି । ]

ମୋହା(ହୋ)ଇବା—ଦେ. କ୍ରି (ସଂ. ମୁହ୍ ଧାତୁ. ଣିଜନ୍ତ. ମୋହ ଧାତୁ)—Mohā(ho)ibā ମୋହିବା କ୍ରିୟାର ପ୍ରୟୋଜକ ରୂପ—The মোহিত করা मोहित करना causative form of Mohibā.

ମୋହାଁ—ଦେ. ଉଣ. (ସ. ମନ୍ଥିତ)—ମନ୍ଥିତ—Churned. Mohāṅ ବି (ସ. ମନ୍ଥନ)—ମନ୍ଥନ—The act of মোআ मथना churning.

ମୋହାଁଇବା—ଦେ. କ୍ରି—ମୁହାଁଇବା ( ଦେଖ ) Mohāṅibā Muhāṅibā ( See ) মথান मथवाना (ମୋହିଁବା—ଅନ୍ୟରୂପ)

ମୋହାଁ ଦୁଧ—ଦେ. ବି—ଯେଉଁ ଦୁଗ୍ଧକୁ ମନ୍ଥନ କରାଯାଇ ଥାଏ—Mohāṅ dudha Skimmed milk.

ମୋହାଣ(ଣା)—ଦେ. ବି—ମୁହାଣ ( ଦେଖ ) Mohāṇa(ṇā) Muhāṇa ( See ) (ଉ—ଧାମର ମୋହାଣେ ପାଣ୍ଡୁ ଜଗାଉଣେ ବାକୁ କୌତୁକ ପୁଙ୍ଖ ମୁଖେ ତସ୍ତ ଦେଖନ୍ତ ସମ୍ମୁଖେ ମହାସାଗର । ରାଧାନାଥ. ଉଷା ।)

ମୋହାବେଶ—ସ. ବି. (୭ମୀ ତତ୍)—ମୋହ ଘୋଟିବା—Being Mohābeśa overtaken with stupefection.

ମୋହିଁବା—ଦେ. କ୍ରି. (ସକର୍ମକ) (ସ. ମଥ୍ ଧାତୁ)—୧ । (ଦଧି, ଦୁଗ୍ଧ Mohiṅba ଅତ ତରଳୀୟ ପଦାର୍ଥକୁ) ମୁହାଁଇବା; ମନ୍ଥନ କରିବା—মথান্ मथना 1. To agitate (a liquid); to churn. ୨ । (ସକର୍ମକ) (ସ. ମୁଖ) (କୌଣସି ବସ୍ତୁ, ସ୍ଥାନ ବା ଜନ୍ତୁର) ଅଭିମୁଖରେ ଗତ କରିବା—2. To move to-মোহান wards (something). ୩ । ଅଡ଼କୁ ମୁହଁ କରିବା—मुहँ फिराना 3. To turn one's face towards; to face.

ମୋହିଁ ହେବା—ଦେ. କ୍ରି (ଅକର୍ମକ)—ମନ୍ଥିତ ହେବା—Mohiṅ hebā To be churned. মথিত হওয়া मथित होना

ମୋହିତ—ସ. ଉଣ. ( ମୁହ୍ ଧାତୁ+ଣିଚ୍+କର୍ମ. କ୍ତ; ଅଥବା ମୋହ+ Mohita ସଂଜାତାର୍ଥେ ଇତ)—୧ । ମୋହପ୍ରାପ୍ତ—1. Bewildered. ୨ । ପ୍ରତାରିତ—2. Beguiled; deceived ୩ । ମୁଗ୍ଧ—3. Charmed; enchanted; enamoured; fascinated.

ମୋହିନ—ଦେ. ବି—ଓଡ଼ିଶା ଗଡ଼ଜାତରେ ଜାତ ଏକ ପ୍ରକାର ଗଛ Mohina ଗଛ; ମଇ ଗଛ ( ଦେଖ )—A tree; Odina Wodier; Mai tree ( See )

ମୋହିନୀ—ସ. ଉଣ. ସ୍ତ୍ରୀ. ( ମୋହ+ଅସ୍ତ୍ୟର୍ଥେ. ଇନ୍+ସ୍ତ୍ରୀ. ଈ )—Mohini ୧ । ମୋହକାରିଣୀ—1. Enchanting; fascinat-(ମୋହୀ—ପୁଂ) ing (female). ୨ । ବଞ୍ଚନାକାରିଣୀ—2. Beguiling (female). ସ. ବି—୧ । କିମ୍ପୁରୁ-

ମାଳ ବା ତିପୁର ମଲ୍ଲୀ ଫୁଲ—1. A variety of jasmine with three folds of petals. ୨ । ସମୁଦ୍ର ମନ୍ଥନକାଳରେ ଅସୁରମାନଙ୍କୁ ମୋହିତ କରିବା ପାଇଁ ନାରାୟଣଙ୍କର ସ୍ତ୍ରୀରୂପ ଅବତାର ବିଶେଷ—2. An incarnation of Visnu in the shape of an enchanting damsel to beguile the demons at the churning of the ocean. ୩ । ସ୍ୱର୍ବେଶ୍ୟା ବା ଅପ୍ସରାବିଶେଷ—3. Name of a heavenly courtesan. [ଦ୍ର—ଏହାଙ୍କ ଶାପରେ ବ୍ରହ୍ମା ଜଗତରେ ଅପୂଜ୍ୟ ହେଲେ ।] ୪ । ତନ୍ତ୍ରଶାସ୍ତ୍ରୋକ୍ତ ଅପଗୁର ବା ପ୍ରୟୋଗବିଶେଷ (ଯାହା ପ୍ରଭାବରେ ସମସ୍ତେ ମୋହିତ ଓ ବଶୀଭୂତ ହୋଇ ପଡ଼ନ୍ତି)—4. Name of a tantric charm which when applied enchants its subject. ୫ । ମୋହକାରିଣୀ ସ୍ତ୍ରୀ—5. An enchanting lady. ୬। ବଞ୍ଚନାକାରିଣୀ ସ୍ତ୍ରୀ—6. A beguiling lady. ୭ । ବୈଶାଖ ଶୁକ୍ଳ ଏକାଦଶୀ (ହି. ଶ)—7. The eleventh day of the bright lunar fortnight of Baiśākha. ୮ । ଯାଦୁ; ଗୁଣି (ହି. ଶ)—8. Charm.

ମୋହିନୀ କନ୍ୟା – ସ. ବି—ମୋହିନୀ ୨ ( ଦେଖ )
Mohini kanyā Mohini 2 ( See )

ମୋହିବା—ଦେ. କ୍ରି. (ସକର୍ମକ) (ସ. ମୁହ୍ ଧାତୁ, ଣିଚ୍=ମୋହି ଧାତୁ)—୧ । ମୁଗ୍ଧ କରିବା; ବଶୀଭୂତ କରିବା—
Mohibā
(ମୋହି ଦେବା—ଅନ୍ୟରୂପ) 1. To charm; to enchant.
মুগ্ধ করা, মোহা (ଉ—ଅବଶ୍ୟ ମୋହନକୁ ମୋହିବେ । 
मुग्ध करना, मोहना ଉପେନ୍ଦ୍ରଭଞ୍ଜ. ଲାବଣ୍ୟବତୀ ଗ୍ରନ୍ଥ 'ଘ' ଗୀତ ।) ୨ । ମୁଗ୍ଧ ହେବା—2. To be charmed. ୩ । ବ୍ୟାକୁଳ କରିବା—3. To perturb. (ଉ—ପ୍ରିୟ ସହି, ପରମାଦ ବଡ଼ ଭୁଇଁ ଗୋ, ଯାକୁ ଦେଖେ ଛନ୍ଦେ ମୋହି ଗୋ । ଉପେନ୍ଦ୍ରଭଞ୍ଜ. ଲାବଣ୍ୟବତୀ ୫. ଗୀତ ।) ୪ । ବ୍ୟାକୁଳ ହେବା—4. To be perturbed. (ଉ—ତେସନେ ରାଣୀ ଜନ ହୋଇ, କାନ୍ଦନ୍ତି ଅତି ଦୁଃଖେ ମୋହି । ଜଗନ୍ନାଥ. ଭାଗବତ ।) ୫ । ଏକତ୍ର ମିଶାଇ ପାକ କରିବା—5. To cook by mixing an ingredient. ୬ । ଭ୍ରମରେ ପକାଇବା—6. To cause one to commit error.

ମୋହି ହେବା—ଦେ. କ୍ରି. (ଅକର୍ମକ)—୧ । ମୁଗ୍ଧ ହେବା; ମୋହିତ
Mohi hebā ହେବା—1. To be charmed at. (ଉ—
মোহিত হওয়া ଏହା ତ ଟୁକି ନ ଜାଣଇ, କୃଷ୍ଣ ମାୟାରେ ହୋଇ 
मोहित होना ମୋହି । ଜଗନ୍ନାଥ. ଭାଗବତ ।) ୨ । ମନ୍ଥିତ ହେବା; ମନ୍ଥା ହେବା—2. To be churned.

ମୋହୀ—ସ. ବଣ. ପୁଂ. (ମୁହ୍ ଧାତୁ=ମୁଗ୍ଧ କରିବା+କର୍ତ୍ତୃ. ଇନ୍;
Mohi ୧ମା. ୧ବ)—୧ । ଯେ ମୁଗ୍ଧ କରେ—1. Enchanting. ୨ । ପ୍ରବଞ୍ଚନାକାରୀ—2. Deceiving. ୩ । ଯେ ମୋହ ଜନ୍ମାଏ—3. Illusive.
(ମୋହିନୀ—ସ୍ତ୍ରୀ)
୪ । ମୋହପ୍ରାପ୍ତ—4. Fainted.

ମୋହୁତି—ପ୍ରାଦେ ( ମେଦିନୀପୁର ) ବି—ଗୋରୁଙ୍କ ମୁହଁରେ ବନ୍ଧାଯିବା
Mohuti ଭୁଣ୍ଡି—A muzzle for the mouth of cattle.

ମୋହେଣୀ—ଗ୍ରା. ବି ଓ ବଣ ( ଅଶୁଦ୍ଧ )—ମୋହିନୀ ( ଦେଖ )
Moheni Mohini ( See )

ମୋହୋ—ଦେ. ସର୍ବ—୧ । ମୋହର ( ଦେଖ )
Moho 1. Mohara ( See )
আমার ୨ । ମୁଁ—2. I. [ ଉ—ମୋହୋ କହିଲେ ସେ 
मेरा କଥା ଭଲ ହୋଇବ ଅନ ହେ । ଯାଦବକୃଷ୍ଣ. ରସକଲ୍ଲୋଳ । ]

ମୋହୋବତ—ବୈଦେ. ବି—ମୋହବତ ( ଦେଖ )
Mohobata Mohabata ( See )

ମୋହୋର – ଦେ. ସର୍ବ—ମୋହର ( ଦେଖ )
Mohora Mohara ( See )
ବୈଦେ. ବି—ମୋହର ( ଦେଖ )
Mohara ( See )

ମୋହୋର(ରି)ର(ରି)—ବୈଦେ. ବି—ମୋହରରି ( ଦେଖ )
Mohora(ri)ra(ri) Moharari ( See )

ମୌ—ଦେ. ବି ( ସ. ମଧୁ )—୧ । ମଉ ( ଦେଖ )
Mau 1. Mau ( See )
মউ ୨ । ମୌଃ ( ଦେଖ )
मधु 2. Mauh ( See )

ମୌଆ—ଦେ. ବଣ—ମଉଆ ( ଦେଖ )
Mauā Mauā ( See )

ମୌଃ—ବୈଦେ. ଅ ( ଚତୁର୍ଥ—ସାଙ୍କେତିକ )—ମୌଜା; ମୌଜେ;
Mauh ଗାଁ ଅର୍ଥ—The diminutive form of the
(ମୌ—ଅନ୍ୟରୂପ) word mouzā i. e.village.
মৌ, সাঁ मौं

ମୌକା—ବୈଦେ. ବି ( ଅ )—ମଉକା ( ଦେଖ )
Maukā Maukā ( See )

ମୌକିଲ—ବୈଦେ. ବି ( ପା )—ମଉକିଲ ( ଦେଖ )
Maukila Maukila ( See)

ମୌକୁଫ୍ ( ବ, ଫି, ବି )—ବୈଦେ. ବଣ ଓ ବି. ( ଚତୁର୍ଥ )—
Maukuph( b, phi, bi) ମକୁଫ୍(ଫି) ( ଦେଖ )
Makuph(phi) ( See )

ମୌକୁଲି(ଳ) – ସ. ବି ( ମୁକୁଲ+ଇ; ଅ )—ବାୟସ; କାକ; କୁଆ—
Maukuli(la) Crow.

ମୌକ୍ତିକ—ସ. ବି ( ମୁକ୍ତା+ସ୍ୱାର୍ଥେ. ଇକ )—ମୁକ୍ତା; ମୋତି—
Mauktika Pearl.

ମୌକ୍ତିକ ତଣ୍ଡୁଳ—ସ. ବି—ଧବଳ ଯାବନାଳ; ବାଜର ନାମକ ଶସ୍ୟ;
Mauktika taṇḍula ଜୁଆର—A sort of maize; millet.

ମୌକ୍ତିକ ପ୍ରସବା—ସଂ. ବି. ସ୍ତ୍ରୀ ( ବହୁବ୍ରୀହି )—ମୁକ୍ତାଶାମୁକା; ଶୁକ୍ତି—
Maüktika prasabā Pearl oyster.
(ମୌକ୍ତିକଶୁକ୍ତି—ଅନ୍ୟରୂପ)

ମୌକ୍ତିକାବଳି—ସଂ. ବି ( ୬ଷ୍ଠୀ ତତ୍ ) —ମୁକ୍ତାମାଳା—
Maüktikābali A string of pearls.
(ମୌକ୍ତିକମାଳା—ଅନ୍ୟରୂପ)

ମୌକ୍ୟ—ସଂ. ବି ( ମୂକ+ଭାବେ. ଯ )—ମୂକତା—
Maükya Dumbness.

ମୌଖ—ସଂ. ବିଣ ( ମୁଖ+ସମ୍ବନ୍ଧେ. ଅ )—ମୁଖ ସମ୍ବନ୍ଧୀୟ—
Maükha Relating to the face or mouth.
ସଂ. ବି—ମୁଖକୃତ ପାପ—A sin committed with the mouth. ( ଯଥା—ଅସତ୍ୟଭାଷଣ; ଅପଶବ୍ଦ ଉଚ୍ଚାରଣ—ହି. ଷ. )

ମୌଖରି—ସଂ. ବି ( ନାମ )—ଭାରତର ପ୍ରାଚୀନ ରାଜବଂଶ ବିଶେଷ—
Maükhari Name of an ancient royal dynasty of India. [ ଦ୍ର—ଏ ବଂଶ ଖ୍ରୀଷ୍ଟୀୟ ୫ମ ଶତାବ୍ଦୀର ଶେଷରୁ ୮ମ ଶତାବ୍ଦୀ ପର୍ଯ୍ୟନ୍ତ ରାଜତ୍ୱ କରୁଥିଲେ । ଏମାନଙ୍କ ରାଜ୍ୟ ପୂର୍ବରେ ମଗଧ, ଦକ୍ଷିଣରେ ମଧ୍ୟପ୍ରଦେଶ ଓ ଅନ୍ଧ୍ରଦେଶ, ଉତ୍ତରରେ ନେପାଳ ଓ ପଶ୍ଚିମରେ ଥାନେଶ୍ୱର ଓ ମାଳବ ପର୍ଯ୍ୟନ୍ତ ବିସ୍ତୃତ ଥିଲା । ଏମାନଙ୍କ ରାଜଧାନୀ କନୌଜରେ ଥିଲା । ଏ ବଂଶର ରାଜାମାନେ ମଦ୍ରରାଜ ଅଶ୍ୱପତିଙ୍କ ବଂଶଧର ଥିବା କଥିତ । ହରିବର୍ମା, ଈଶ୍ୱରବର୍ମା, ଶର୍ବବର୍ମା, ଗ୍ରହବର୍ମା, ଯଶୋବର୍ମା ଆଦି ଏ ବଂଶର ପ୍ରସିଦ୍ଧ ରାଜା ଥିଲେ—ହି. ଷ. ]

ମୌଖର୍ଯ୍ୟ(ର)—ସଂ. ବି ( ମୁଖର+ଭାବେ. ଯ; ଅ )—ପ୍ରଗଳ୍ଭତା; ମୁଖରତା—Talkativeness.
Maükharjya(ra)

ମୌଖିକ—ସଂ. ବିଣ ( ମୁଖ+ଭବାର୍ଥେ. ଇକ )—୧ । ମୁଖସମ୍ବନ୍ଧୀୟ—
Maükhika 1. Facial. ୨ । ବାଚିକ; ବାକ୍ୟରେ ପ୍ରକାଶିତ—2. Oral; expressed by word of mouth. ୩ । ଛଳନାପୂର୍ଣ୍ଣ—3 Feigned; pretended. ୪ । କାଳ୍ପନିକ—4. Imaginary. ୫ । ବାହ୍ୟ ( ଯାହା ଅନ୍ତରର ନୁହେ )—5. External.

ମୌଖିକ ଗଣିତ—ସଂ. ବି ( ଅଧିକର )—ମାନସାଙ୍କ; ଯେଉଁ ଗଣିତ
Maükhika ganita ସମସ୍ୟାମାନ ମୁହଁରେ ଉତ୍ତର କରାଯାଏ ଓ ଯାହା ଲେଖାଦ୍ୱାରା ଗଣନା କରାଯାଏ ନାହିଁ—Oral arithmetic; arithmetical problems solved by the mouth and without the aid of writing.

ମୌଗ୍ଧ—ଦେ. ବି ( ସଂ. ମୌଗ୍ଧ୍ୟ )—୧ । ନବ ଯୌବନ—
Maügdha 1. Young age, youth [ ଉ—ବୋଲେ ବେ ଜହିଁ—ହୋଇ ଏ ମୌଗ୍ଧ ପ୍ରକାଶିତ । ଉପ. କୋଟିବ୍ରହ୍ମାଣ୍ଡସୁନ୍ଦରୀ । ] ୨ । ମୌଗ୍ଧ୍ୟ (ଦେଖ)
2. Maügdhya ( See )

ମୌଗ୍ଧ୍ୟ—ସଂ. ବି. ( ମୁଗ୍ଧ+ଭାବେ. ଯ )—୧ । ନିର୍ବୋଧତା—
Maügdhya 1. Silliness. ୨ । ମୁଗ୍ଧତା—2. The state of being charmed. ୩ । ସ୍ତ୍ରୀଲୋକର ସ୍ୱଭାବ ବିଶେଷ, ଅର୍ଥାତ୍ ଶୁଣିଥିବା କଥାକୁ ଫେରି ଆଉ ଥରେ ପଚାରିବା—3. A feminine weakness, namely—asking a question repeatedly after hearing its answer.

ମୌଛ(ଛୁ)ବ—ଦେ. ଡ—ମଉଛବ (ଦେଖ)
Maüchha(chhu)ba Mauchhaba (See)
(ମୌଛ୍ଛ—ଅନ୍ୟରୂପ)

ମୌଜ (ଇତ୍ୟାଦି)—ବୈଦେ. ବି.—(ଅ.)—ମଉଜ ଇତ୍ୟାଦି (ଦେଖ)
Maüja (etc) Mauja etc (See).

ମୌଜା ( ଇତ୍ୟାଦି )—ବୈଦେ. ବି.—୧ । ( ଅ. ମୌଜା )—
Maüjā (etc) 1. Maujā etc (See) [ଉ—ଏଥିରୁ ପାଞ୍ଚ ଗୋଟି ମୌଜା—ମୌଜେ ରାମନଗର......ଫକୀରମୋହନ. ଛମାଣ ଆଠଗୁଣ୍ଠ ।] [ ଦ୍ର—ପ୍ରାଚୀନ ଉତ୍କଳର ହିନ୍ଦୁ ରାଜତ୍ୱରେ ରାଜସ୍ୱ ବନ୍ଦୋବସ୍ତ ପ୍ରଭୃତି 'ବସ୍ତି'ରେ କେତେଗୁଡ଼ିଏ ଗ୍ରାମ ଥିଲା । ମୁସଲମାନମାନଙ୍କ ଅମଳରେ ଏହି 'ଗ୍ରାମ'ର ନାମ 'ମୌଜା' ହେଲା । ଜଗବନ୍ଧୁ. ପ୍ରାଚୀନ ଉତ୍କଳ ।] ୨ । (ଫା. ମୋଜା )—ମୋଜା—2. Mouza. ୩ । (ଅ. ମୌଜ୍) ଲହଡ଼ି—3. Wave.

ମୌଜି—ବୈଦେ. ବିଣ—ମଉଜି (ଦେଖ)
Maüji Maüji (See)

ମୌଜିଆ—ଦେ. ବିଣ—ମଉଜିଆ (ଦେଖ)
Maüjiā Maujiā (See)

ମୌଜୁଦ(ଦ୍)—ବୈଦେ. ବିଣ. (ଅ)—ମଉଜୁଦ (ଦେଖ)—Maüjut
Maüjut(d) मजूद मौ(मह)जूद (See)

ମୌଞ୍ଜ—ସଂ. ବିଣ.—(ମୁଞ୍ଜ+ଅ)—ମୁଞ୍ଜ ତୃଣ ନିର୍ମିତ—Made of
Maüñja (ମୌଞ୍ଜୀୟ—ଅନ୍ୟରୂପ) Muñja grass.

ମୌଞ୍ଜୀ—ସଂ. ବି—(ମୁଞ୍ଜ=ଏକ ପ୍ରକାର ତୃଣ+ବିକାରାର୍ଥେ. ଅ+
Maüñji ସ୍ତ୍ରୀ. ଈ)—(ଉପନୟନ ସମୟରେ ପିନ୍ଧା ଯିବା) ମୁଞ୍ଜ ନାମକ ଏକ ଜାତୀୟ ତୃଣଦ୍ୱାରା ନିର୍ମିତ ମେଖଳା—A girdle made of the Munja grass worn by a Brahman boy at his initiation.
ମୌଞ୍ଜୀ ମେଖଳା, ମୌଞ୍ଜୀବନ୍ଧ, ମୌଞ୍ଜୀ ବନ୍ଧନ } ଅନ୍ୟରୂପ—
ସଂ. ବିଣ. ପୁଂ—(ମୁଞ୍ଜ+ଅ +ଇନ୍; ୧ମା· ୧ବ)—ମୁଞ୍ଜ ମେଖଳା ପରିହିତ—Wearing a girdle of Muñja grass.

ମୌଡ଼ (ଇତ୍ୟାଦି)—ଦେ. ବି—ମଉଡ଼ ଇତ୍ୟାଦି (ଦେଖ)
Maürda (etc) Maurda etc (See)

ମୌଢ୍ୟ—ସଂ. ବି.—(ମୂଢ଼+ଭାବେ. ଯ)—୧ ମୂଢ଼ତା; ମୂର୍ଖତା—
Maürdhya 1. Ignorance. ୨ । ବାଲ୍ୟାବସ୍ଥା—2. Childhood; infancy.

ମୌଣ୍ଡ୍ୟ—ସଂ. ବି—(ମୁଣ୍ଡ+ଯ)—ସ୍ୱାଭାବିକ ବା କ୍ଷୌର ଦ୍ୱାରା କେଶ-
Maundya ଶୂନ୍ୟତା—Baldness (natural or brought about by shaving.)

ମୌତ୍—ଦେ. ବି—(ସଂ. ମତ୍ତତା)—ନିଶାଖୋରର ମାଦକତା ଉପଭୋଗ
Maut
মৌতাত; মৌজ नशाका मौज, मतवाई ବା ମଉଜ—The enjoyment of intoxicating drugs by a person addicted to it.
[ମୌତାତ୍—ଅନ୍ୟରୂପ]

ମୌତ—ବୈଦେ. ବି—( ଅ. ମୌତ; ତୁଳ. ସଂ. ମୃତ୍ୟୁ )—ମରଣ—
Mauta ମୃତ୍ୟୁ मौत Death

ମୌତ୍ରିକ—ସଂ. ବିଣ—( ମୂତ୍ର+ଇକ )—ମୂତ୍ର ସମ୍ବନ୍ଧୀୟ—
Mautrika Urinary; uric.

ମୌଦ୍ଗଲ—ସଂ. ବି. ପୁଂ—(ମୁଦ୍ଗଲ+ଅ)—ମୁଦ୍ଗଲ ଋଷିଙ୍କ ଗୋତ୍ର ଉତ୍ପନ୍ନ-
Maudgala Born of the clan or race of sage Mudgala.

ମୌଦ୍ଗଲି—ସ. ବି —(ମୁଦ୍ଗଲ+ଇ)—ବାୟସ; କାକ—
Maudgali Crow.

ମୌଦ୍ଗଲ୍ୟ—ସଂ. ବି. ପୁଂ (ନାମ)—(ମୁଦ୍ଗଲ+ଅପତ୍ୟାର୍ଥେ. ଯ)—୧ ।
Maudgalya ମୁଦ୍ଗଲ ଋଷିଙ୍କ ପୁତ୍ର; ଗୋତ୍ରପ୍ରବର୍ତ୍ତକ ଋଷିବିଶେଷ—1. Name of the son of sage Mudgala and the founder of a clan. ୨ । ମୁଦ୍ଗଲ ଋଷିଙ୍କ ଗୋତ୍ରଜ ପୁରୁଷ—2. A man born in the clan of Mudgala.

ମୌଦ୍ଗଲ୍ୟାୟନ—ସ. ବି.—ବୁଦ୍ଧଦେବଙ୍କ ପ୍ରଧାନ ଶିଷ୍ୟ ନାମ (ହି. ଶ)
Maudgalyāyana Name of the principal disciple of Buddha.

ମୌଦ୍ଗୀନ—ସ. ବି.—(ମୁଦ୍ଗ+ଈନ)—ମୁଗ କ୍ଷେତ୍ର—
Maudgina A field in which Muga is raised.

ମୌନ—ସ. ବି—(ମୁନି+ଭାବ ଓ କର୍ମରେ ଅ)—୧ । ତୁଷ୍ଣୀଂଭାବ;
Mauna କଥା ନ କହିବା; ଅଭାଷଣ—1. Silence; taciturnity. ୨। ବିଷଣ୍ଣତା—2. Sadness; gloominess, melancholy. ୩ । ମୁନିବ୍ରତ—3. The austerities practised by a sage. ୪ । ଫାଲ୍ଗୁନ ମାସର ପ୍ରଥମ ପକ୍ଷ (ହି. ଶ)—4. The first lunar fortnight of the month of phālguna.
মৌন ଦେ. ବିଣ (ସ. ମୌନୀ)—ମଉନ (ଦେଖ)
मौन Mauna (See)

ମୌନ ତୁଣ୍ଡ—ସ. ବିଣ ( ବହୁବ୍ରୀହି )—ନତମୁଖ—Looking
Mauna tunda downwards; with a downcast look.

ମୌନ ତ୍ୟାଗ କରିବା—ଦେ. କ୍ରି—କଥା କହିବା—To open one's
Mauna tyāga kariba lips.
মৌন ত্যাগ করা मौन तजना

ମୌନବତୀ—ସଂ. ବି. ସ୍ତ୍ରୀ—ମୌନଭାବ ଧରିଥିବା ସ୍ତ୍ରୀଲୋକ—A woman
Maunabati taking to a vow of silence. [ ତୁ— ସାଇଁ ସାଇଁ ଡାକୁଅଛି ବରବର । ମୌନବତୀ ସେହେଁ ସମାଧି-ତତ୍ପର—ସୁଧାନାଥ. ନନ୍ଦକେଶରୀ । ]

ମୌନ ବ୍ରତ—ସଂ. ବି—ମୌନ ରହିବାର ନିୟମ; ବାକ୍‌ସଂଯମ—
Mauna brata A religious vow of silence.

ମୌନବ୍ରତ ଗ୍ରହଣ—ସଂ. ବି—କିଛିକାଳ ପାଇଁ ପାଟି ନ ଫିଟାଇବା ରୂପ
Maunabrata grahana ବ୍ରତ ନେବା—Taking to a religious vow of silence.
(ମୌନ ବ୍ରତ ଧାରଣ—ଅନ୍ୟରୂପ)
( ମୌନ ବ୍ରତଧାରୀ—ବିଣ )

ମୌନ ଭଙ୍ଗ—ସଂ. ବି—ନିର୍ଦ୍ଦିଷ୍ଟ ସମୟ ମୌନ ରହିବା ପରେ କଥା
Mauna bhanga କହିବା---Breaking of one's silence; opening one's mouth.

ମୌନଭାବ—ସଂ. ବି—ତୁଷ୍ଣୀଂଭାବ—Silence.
Mauna bhāba ( ମୌନତା—ଅନ୍ୟରୂପ )

ମୌନ ମାଳା—ଦେ. ବି—ମଉନମାଳା ( ଦେଖ )
Muana mālā Mauna mālā (See)

ମୌନ ମୁହାଁ—ଦେ. ବିଣ. ପୁଂ—ମଉନମୁହାଁ ( ଦେଖ )
Mauna muhān̐ Mauna muhān̐ (See)
( ମୌନ ମୁହିଁ—ସ୍ତ୍ରୀ )

ମୌନ ରହିବା—ଦେ. କ୍ରି—ତୁନି ହୋଇ ରହିବା—To keep
Mauna rahibā silent; to remain silent.
মৌন থাকা मौन रहना

ମୌନ ସମ୍ମତି—ସଂ. ବି ( ମ. ପ. ଲୋ )—ମୌନାବଲମ୍ବନଦ୍ୱାରା ସୂଚିତ
Mauna sammati ସମ୍ମତି—Silent consent; consent implied by one's remaining silent. [ ତୁ—ଏ ବିଷୟରେ ଗୋଟିଏ ସଂସ୍କୃତ ପ୍ରବଚନ ଅଛି । ଯଥା—ମୌନଂ ସମ୍ମତିଲକ୍ଷଣଂ । ଅର୍ଥାତ୍ ମୌନ ରହିବାହିଁ ସମ୍ମତି-ସୂଚକ । ]

ମୌନ ସ୍ୱଭାବ—ସଂ. ବି ( ମ. ପ. ଲୋ )—ନୀରବ ସ୍ୱଭାବ—Silent
Mauna swabhāba nature. ସଂ. ବିଣ (ବହୁବ୍ରୀହି )—ମୌନପ୍ରକୃତିବିଶିଷ୍ଟ—Having a silent nature; silent by nature.

ମୌନାବତୀ—ଦେ. ବି—ମଉନାବତୀ ( ଦେଖ )
Maunābati Maunābati ( See)

ମୌନାବଲମ୍ବନ—ସଂ. ବି—ମୌନଭାବ ଧାରଣ—Keeping silent;
Maunābalambana holding of one's tongue.

ମୌନାବଲମ୍ବୀ—ସ. ବିଣ. ପୁଂ—ଯେ ମୌନଭାବ ଧାରଣ କରିଥାଏ—
Maunābalambi Keeping silent.
[ ମୌନାବଲମ୍ବିନୀ—ସ୍ତ୍ରୀ ]

ମୌନୀ—ସଂ. ବିଣ. ପୁଂ (ମୌନ+ଇନ୍; ୧ମା. ୧ବ)—୧ । ନୀରବ—
Mauni 1. Taciturn; silent. ୨ । ମୌନବ୍ରତଧାରୀ—2. Observing the vow of silence.
[ମୌନିନୀ—ସ୍ତ୍ରୀ]
ବି—ମୁନି; ତପସ୍ୱୀ; ଋଷି—A hermit; a sage.

ମୌ ମାଛି—ଗ୍ରା. ବି—ମହୁମାଛି; ମଧୁମକ୍ଷିକା—Bee.
Mau māchhi মৌমাছি मधुमाछि

ମୌର—ଗ୍ରା. ବି (ସଂ. ମୟୂର)—ମୟୂର (ଦେଖ)
Maura ମୟୂର मोर Mayūra (See)
[ ମୌରୀ ସ୍ତ୍ରୀ ]

ମୌରଜିକ—ସଂ. ବି. ପୁଂ (ମୁରଜ+ଶିଳ୍ପାର୍ଥେ. ଇକ)—ମୃଦଙ୍ଗବାଦକ—
Maurajika A drummer.
[ ମୌରଜିକା –ସ୍ତ୍ରୀ ]

ମୌର(ରୁ)ସ୍—ବୈଦେ. ବି (କଚରଅ; ଅ. ମୌରୁସ୍)—ପିତୃପିତାମହାଦି
Maura(ru)s ପୂର୍ବପୁରୁଷ—Ancestors.
মৌরুশ मौरुस

ମୌରୁସି—ବୈଦେ. ବିଣ ( କଚରଅ; ଅ. ମୌରସୀ )—
Maura(ru)si ୧ । ପୈତୃକ—1. Paternal ୨ । ପିତୃ-
মৌরুশি ପୈତାମହିକ—2. Hereditary, ancestral.
मौरूसी ୩ । ପିତୃପିତାମହକ୍ରମେ ଭୋଗ ହୋଇ ଆସୁଥିବା—
3 Inherited from ancestors.

ମୌରସି ମକଦ୍ଦମି—ବୈଦେ. ବି (କଚରଅ)—ପିତୃପିତାମହ କ୍ରମେ ବା
Maurasi makaddami ପୁରୁଷାନୁକ୍ରମେ ଭୋଗ ହେବା
মৌরুসী মোকদ্দমী ମକଦ୍ଦମି—A hereditary tenure.
मौरूसी मुकद्दमी

ମୌରସି ପଟ୍ଟା—ବୈଦେ. ବି (କଚରଅ)—ଚିରସ୍ଥାୟୀ ପଟ୍ଟା—
Maurasi pattā A hereditary lease.
মৌরুসীপাট্টা मौरूसी पटा

ମୌରସି ହାସଲ(ଲି,ଲ)—ବୈଦେ. ବିଣ (କଚରଅ) (ଅ)—ପିତୃ-
Maurasi hāsal(la,li) ପିତାମହଙ୍କ ଅର୍ଜିତ—Earned or
মৌরুসি হাসলী acquired by one's ancestors.
मौरूस हासिल

ମୌରା—ଦେ. ବି—ମହୁରା (ଦେଖ)
Maurā Mahurā (See)

ମୌରାଡ଼ି(ଳି)—ଦେ. ବି—ମହୁରାଡ଼ି (ଦେଖ)
Maurārdi(li) মুরুল(লা) मारा Maurārdi (See)

ମୌରି—ଦେ. ବି—ମହୁରି (ଦେଖ)
Mauri Mauri (See)

ମୌର୍ଖ୍ୟ—ସଂ. ବି (ମୂର୍ଖ+ଭାବେ. ଯ)—ମୂର୍ଖତା—
Maurkhya Ignorance; stupidity.

ମୌର୍ତ୍ତିକ—ସଂ. ବି (ମୂର୍ତ୍ତି+ସମ୍ବନ୍ଧାର୍ଥେ. ଇକ)—୧ । ମୂର୍ତ୍ତି ବା ଚିତ୍ର
Maurttika ସଂକ୍ରାନ୍ତ—1. Relating to an image or
idol. ୨ । ମୂର୍ତ୍ତି ବା ଚିତ୍ରଦ୍ୱାରା ସୂଚିତ—
2. Hieroglyphic.

ମୌର୍ତ୍ତିକ ଅକ୍ଷର—ସଂ. ବି (ଅଧୁନାତନ ପ୍ରୟୋଗ)—ବସ୍ତୁଚିତ୍ର ଦ୍ୱାରା ସୂଚିତ
Maurttika akshara ଅକ୍ଷର—Hieroglyphics.
[ମୌର୍ତ୍ତିକ ଲିପି—ଅନୁରୂପ] [ ଦ୍ର—ଏହି ଲିପି ପ୍ରଥମେ ମିଶର
ଦେଶରେ ଦୃଷ୍ଟ ହୋଇଅଛି । ଜଗନ୍ନାଥ ପ୍ରାଚୀନକାଳରେ ।]

ମୌର୍ବୀ—ସଂ. ବି ( ମୂର୍ବା=ମୁରଗା ଗଛ+ସମ୍ବନ୍ଧାର୍ଥେ ଈ )—
Maurddhi ୧ । ଧନୁର୍ଗୁଣ (ଏହା ମୁରୁଗାର ସୂତାରେ ତିଆରି
ହୁଏ)—1. The string of a bow. ୨ । ବୃତ୍ତର
ଜ୍ୟା—2. The chord of an arc. ୩ । କୁଆମଚଲା
(କବିରାଜ ବୈଦ୍ୟଙ୍କ ମିଶ୍ରଙ୍କ ପ୍ରଣୀତ 'ଦ୍ରବ୍ୟଗୁଣ')—3. A
kind of kitchen fruit; Cephalandra India.
୪ । ଅଜଶୃଙ୍ଗୀ (ଦେଖ) —4. Ajaśrungi (See)
ବିଣ—ମୂର୍ବାତୃଣ ସମ୍ବନ୍ଧୀୟ—Relating to
Mūrdhā grass.

ମୌର୍ଯ୍ୟ—ସଂ ବି (ମୁରା+ଅପତ୍ୟାର୍ଥେ. ଅ)—ଚନ୍ଦ୍ରଗୁପ୍ତ ରାଜା—
Maurjya Raja Chandragupta.
[ଦ୍ର—ଚନ୍ଦ୍ରଗୁପ୍ତ ମୁରା ନାମ୍ନୀ ଦାସୀର ପୁତ୍ର ଥିଲେ ।]

ମୌର୍ଯ୍ୟବଂଶ—ସଂ. ବି—ଚନ୍ଦ୍ରଗୁପ୍ତ ରାଜାଙ୍କ ପ୍ରତିଷ୍ଠିତ ରାଜବଂଶ—The
Maurjya bamśa dynasty of Chandragupta.
[ଦ୍ର—ଅଶୋକ ମଧ୍ୟ ଏହି ବଂଶୀୟ ଥିଲେ । ]

ମୌଳ—ସଂ. ବିଣ. – (ମୂଳ+ସ୍ୱାର୍ଥେ. ଅ)—୧ । ମୌଳିକ; ମୂଳ
Maula ସମ୍ବନ୍ଧୀୟ—1. Radical. ୨ । ବିଶୁଦ୍ଧ ବଂଶଜ—
2. Descended from pure blood. ୩ । ଆପ୍ତ;
ବିଶ୍ୱସ୍ତ—3. Trustworthy. ୪ । ଭୂମ୍ୟାଦିର ମୂଳ-
ଜ୍ଞାତା—4. Knowing the origin of fields.
୫ । ମୌରୁସୀ; ପୈତୃକ (ହୃ. ଶ)—5. Ancestral.
ସ. ବି—୧ । ଗ୍ରାମର ମଣ୍ଡଳ ବା ଗ୍ରାମର ଜମିଦାର—
1. The head-man of a village. ୨ । ସଚିବ;
ଅମାତ୍ୟ—2. Minister. ୩ । ଛାଞ୍ଚ; ଆଦର୍ଶ—
3. Model.

ମୌଲା—ଦେ. ବି.—ମହୁଲ (ଦେଖ)
Maula Mahula (See)

ମୌଲନା—ବୈଦେ. ବି.—(ଫା. ମୋଲନା)—ମୁସଲମାନ ପଣ୍ଡିତ-
Maulnā ମାନଙ୍କର ଉପାଧି—A title of Mahomedan
মোলনা मालना learned men.

ମୌଲବି—ବୈଦେ. ବି.—୧ । ଆରବୀ ଭାଷାରେ ପଣ୍ଡିତ—
Maulabi 1. A person learned in the Arabic
মোলবী मौलवी language.
୨ । ମୁସଲମାନ୍ ପଣ୍ଡିତ—2. A Mahomedan learned
man. ୩ । ମୁସଲମାନ୍ ଧର୍ମଶାସ୍ତ୍ରଅଧ୍ୟାପକ—3. A Maho-
medan religious preceptor. ୪ । ମୁସଲମାନ
ବିଦ୍ୟାଳୟର ଆରବୀ ଓ ପାରସୀର ଉଚ୍ଚ ଶିକ୍ଷିତ—
4. A higher class Mahomedan teacher.
[ ଦ୍ର—ଉଚ୍ଚ ଶିକ୍ଷିତ ମୁସଲମାନ ଭଦ୍ର ବ୍ୟକ୍ତିଙ୍କ ନାମର
ପୂର୍ବେ ବ୍ୟବହୃତ ହୁଏ । ]

ମୌଲମିନ୍—ଦେ. ବି.— ଏକ ପ୍ରକାର କଦଳୀ—
Maulamin মৌলমীন A kind of plantain.
[ ଦ୍ର—ଏହା କଦଳୀର ବଡ଼ ଘର ବଙ୍କା,ଲମ୍ବ ଓ ସ୍ୱାଦଯୁକ୍ତ ।
ପାଚିଲେ ଏହାକୁ ଲୋକେ ଖାଆନ୍ତି । ଏହା ବ୍ରହ୍ମଦେଶର
ମୌଲମିନ୍ ଅଞ୍ଚଳରୁ ପ୍ରଥମେ ଏ ଦେଶକୁ ଆସିଥିଲା । ]

ମୌଲମିନ୍ ଚାଉଳ—ଦେ. ବି—ବ୍ରହ୍ମ ଦେଶରୁ ଏ ଦେଶକୁ ଆସୁଥିବା
Maulamin chāula ଚାଉଳ—Rice imported from
মৌলমীন চাল मौलमीन चावल Burma.

ମୌଲା—ସଂ. ବି—ମଉଳା (ଦେଖ)
Maulā Maulā (See)

ମୌଳି—ସଂ. ବି—(ମୂଳ+ଇ; ମୂ ଧାତୁ=ବନ୍ଧନ କରିବା+କର୍ମ. ଇ)
Mauli ୧ । ଶିଖର; ଚୂଡ଼ା; ଅଗ୍ରଭାଗ—1. Top; summit. ୨ । ଶିଖା—2. Lock of hair on the crown of the head. ୩ । କିରୀଟ; ମୁକୁଟ—3. Diadem. ୪ । ଜୁଡ଼ା—4. Chignon; hair dressed into a braided coil. ୫ । ଶୀର୍ଷ; ମସ୍ତକ—5. Head. ୬ । ଅଶୋକ ବୃକ୍ଷ—6. A tree; Janessia Asoka. ୭ । ଜଟାଜୂଟ—7. A mass of matted hair. ୮ । ଦଳର ମୁଖ୍ୟ ବା ପ୍ରଧାନ ବ୍ୟକ୍ତି (ବି. ସ)—8. Headman. ୯ । ପୃଥିବୀ; ଭୂମି (ବି. ସ)—8. The earth.

ମୌଳିଆ—ଗ୍ରା. ବିଣ—ମଳିଆ (ଦେଖ)—Maliā (See)
Mauliā ମୟଳା मैला

ମୌଳିକ—ସଂ. ବିଣ (ମୂଳ+ସମ୍ବନ୍ଧାର୍ଥେ. ଇକ)—୧ । ମୂଳୀଭୂତ; Maulika ମୂଳସମ୍ବନ୍ଧୀୟ—1. Radical; fundamental. ୨ । ଆଦ୍ୟ; ପ୍ରାଥମିକ—2. Primary; original; primordial. ୩ । ପ୍ରଧାନ—3. Principal. ୪ । ସଦ୍‌ବଂଶ ଜାତ—4. Born of a noble family; of gentle birth.

ମୌଳିକ ପଦାର୍ଥ—ସଂ. ବି (ବିଜ୍ଞାନ ପରିଭାଷା)—ଯେ କୌଣସି Maulika padārtha ବସ୍ତୁର ମୂଳପିଣ୍ଡ; ଯାହାର କ୍ଷୟ, ବୃଦ୍ଧି ବା ବିନାଶ ନାହିଁ—(science) Elements

ମୌଳିବା—ଦେ. କ୍ରି—ମଉଳିବା (ଦେଖ)
Maulibā मौलना Maulibā (See)

ମୌଳୀ—ସଂ. ବି (ମୂଳ+ଅ+ଈ)—୧ । ଭୂମି—1. The earth.
Mauli ୨ । କେଶ—2. The hair. ୩ । ସଂଯତକେଶ—3. Hair tied into a knot. ୪ । କିରୀଟ; ମୁକୁଟ—4. Diadem. ୫ । ମସ୍ତକ—5. The head. ୬ । ଚୂଡ଼ା; ଅଗ୍ରଭାଗ—6. The top; the summit. ସଂ. ବିଣ ପୁଂ (ମୌଳି+ଇନ୍; ୧ମା. (ମୌଳିନୀ—ସ୍ତ୍ରୀ) ୧ବ)—ମୁକୁଟଧାରୀ (ବି. ସ)—Wearing a crown.

ମୌଶନ—ବୈଦେ. ବି (କଟକିଆ)—ମୋଶନ (ଦେଖ)
Mauśan Mośan (See)

ମୌଶୁଫ—ବୈଦେ. ବିଣ. ପୁଂ (କଟକିଆ) (ଫା)—ପୂର୍ବୋକ୍ତ
Mauśupha (ବ୍ୟକ୍ତି)—Aforesaid (person)
(ମୌଶୁଫିଆ—ସ୍ତ୍ରୀ) मौसूफ मौसुफ

ମୌଶୁ(ଶି)ମ୍—ବୈଦେ. ବି (ଅ. ମୌଶିମ୍)—୧ । ଋତୁ—1.
Mauśu(śi)m Season. ୨ । ମୌଶୁମ୍ ବାୟୁ (ଦେଖ)
ମରସୁମ 2. Mauśum bāyu (See)
मौसिम ୩ । ମୌଶୁମ୍ ବୃଷ୍ଟି ଦେଖ)
3. Mauśum brushṭi (See)
୪ । ଉପଯୁକ୍ତ ଋତୁ ବା ସମୟ—4. Proper season or time.

ମୌଶୁମ(ମୀ) ବାୟୁ—ଦେ. ବି. (ଫା. ମୌଶିମୀ—ଋତୁକାଳୀନ)—
Mauśum(mi) bāyu ଋତୁକାଳୀନ ପବନ—The mon-
ମରସୁମୀ ବାୟୁ soon; winds blowing according to
मौसिमी हवा season.

ମୌଶୁମ(ମୀ) ବୃଷ୍ଟି—ଦେ. ବି—ବର୍ଷାକାଳୀନ ବୃଷ୍ଟି—
Mauśum(mi) brushṭi The monsoon rain.
ମରସୁମୀ ବୃଷ୍ଟି मौसिमी वृष्टि

ମୌଶୁ(ଶି)ମୀ—ବୈଦେ. ବିଣ (ଫା. ମୌଶିମୀ)—୧ । ଋତୁକାଳୀନ
Mauśu(śi)mi —1. Seasonable. ୨ । ଉପଯୁକ୍ତ
ମରସୁମୀ ଋତୁରେ ଘଟିବା—2. Happening in proper
मौसिम season; seasonal.

ମୌଷଦ (ଧ, ଦି, ଧି)—ଗ୍ରା. ବି—ମଉଷଦ (ଦେଖ)
Maushada(dha, di, dhi) Maushada (See)
ମହୌଷଧ (ଉ—ମନ୍ତ୍ର ଯନ୍ତ୍ର ନାହିଁ ନାହିଁ ଔଷଧ ମୌଷଧ । ପ୍ରାଚୀ.
महौषध ବୃନ୍ଦାବନପଞ୍ଚଗୀତା ।)

ମୌଷଳ—ସଂ. ବି. (ମୁଷଳ+ସଂବନ୍ଧାର୍ଥେ. ଅ)—୧ । ମୁଷଳ ସମ୍ବନ୍ଧୀୟ
Maushala 1. Relating to a mace. ୨ । ମୁଷଳ ସଦୃଶ; ମୁଷଳିଆ—2. Thick like a cudgel or mace.

ମୌଷଳ ପର୍ବ—ସଂ. ବି—ମହାଭାରତର ଅଠର ପର୍ବ ମଧ୍ୟରୁ ଷୋଡ଼ଶ
Maushala parba ପର୍ବ—The 16th canto of the eighteen canto of Mahābhārata.
[ଦ୍ର—ଏହି ପର୍ବରେ 'ମୁଷଳଂ କୁଳନାଶନଂ' ଏହି ଉକ୍ତିର ପ୍ରତିପାଦକ ଚରିତ ଲେଖା ଯାଇଅଛି ।]

ମୌଷ୍ଟା—ଟ. ବି. (ମୁଷ୍ଟି+ଅ+ସ୍ତ୍ରୀ. ଆ)—୧ । ମୁଷ୍ଟି ପ୍ରହରଣ କ୍ରୀଡ଼ା;
Maushṭā ଯେଉଁ ଖେଳରେ ବିଧା ମରାମରି ହୁଏ—1. Boxing. ୨ । ମୁଥ ମାଡ଼—2. Fisticuff.

ମୌଷ୍ଟିକ—ସଂ. ବି—ଚୋର (ବି. ସ)—
Maushṭika Theft.

ମୌସା—ଦେ. ବିଣ—ମଉସା (ଦେଖ)
Mausā Māusā (See)

ମୌସୀ—ପ୍ରାଦେ. (କଟକ) ବି. (ଭୁଲ. ହି. ମୌସୀ)—ମାଉସୀ (ଦେଖ)
Mausi Māusi (See)

ମୌହା—ସଂ. ବି—ମହୁଆ (ଦେଖ)
Mauhā Mahuā (See)

ମୌହୂର୍ତ୍ତ—ସଂ. ବି. (ମୁହୂର୍ତ୍ତ+ଜ୍ଞାତାର୍ଥେ. ଅ)—ଜ୍ୟୋତିର୍ବେତ୍ତା—
Mauhūrtta Astrologer.
(ମୌହୂର୍ତ୍ତିକ—ଅନ୍ୟରୂପ)

ମ୍ନା (ଧାତୁ)—ସଂ—ପୁନଃ ପୁନଃ ଅଭ୍ୟାସ କରିବା; ଘୋଷିବା—
Mnā (root) To get by heart; to commit to memory.

ମ୍ବାହିଁବା — ଦେ. କି — ମୁହାଁଇବା ( ଦେଖ )
Mwāhiñbā Muhāñibā ( See )

ମ୍ୟାଉଁ ମ୍ୟାଉଁ — ଦେ. ଅ. (ଅନୁକରଣ ଧ୍ୱନି) — ମିଆଉଁ ମିଆଉଁ; ବିରାଡ଼ି
Myāuñ myāuñ ବୋବେଇବା ଶବ୍ଦ — The mewing of
ম্যাঁও ম্যাঁও म्याँव cats.

ମ୍ୟାକ୍ସ୍ ମୁଲର — ବୈଦେ. ବି. (ନାମ) (ଇଂ. ମାକ୍ସ ମୁଲର) — ସୁପ୍ରସିଦ୍ଧ
Myāks mullar ଭାଷାତତ୍ତ୍ୱଜ୍ଞ ସ୍ୱର୍ଗୀୟ ଜର୍ମାନ୍ ପଣ୍ଡିତ —
ম্যাক্স মুল্লার The late Dr. Friedrich Max Muller.
मैक्स मुलर [ ଦ୍ର — ଏହାଙ୍କର ଭାରତବର୍ଷ ପ୍ରତି ପ୍ରଗାଢ଼ ଅନୁରାଗ ଥିଲା । ଏ ସଂସ୍କୃତ ଭାଷାରେ ଗଭୀର ପାଣ୍ଡିତ୍ୟ ଅର୍ଜନ କରିଥିଲେ ଏବଂ ଅନେକ ଗ୍ରନ୍ଥ ପ୍ରଣୟନ କରିଥିଲେ । ୧୮୨୩ରେ ଜନ୍ମଗ୍ରହଣ କରି ୧୯୦୦ରେ ମାନବଲୀଳା ସମ୍ବରଣ କରିଥିଲେ । ]

ମ୍ୟାଗାଜିନ (ଇତ୍ୟାଦି) — ବୈଦେ. ବି. — ( ଇଂ. ମ୍ୟାଗାଜିନ୍ ) —
Myāgājin ମେଗାଜିନ୍ ଇତ୍ୟାଦି (ଦେଖ) — Megājin etc.
ম্যাগাজিন मैगेजिन (See)

ମ୍ୟାଜିକ୍ (ଇତ୍ୟାଦି) — ବୈଦେ. ବି ( ଇଂ ) — ମେଜିକ୍ ଇତ୍ୟାଦି
Myājik (etc) ( ଦେଖ ) — Mejik etc ( See )
ম্যাজিক मैजीका

ମ୍ୟାଜିଷ୍ଟ୍ରେଟ୍ — ବୈଦେ. ବି ( ଇଂ ) — ମେଜିଷ୍ଟ୍ରର ( ଦେଖ )
Myājishṭreṭ Mejishṭara ( See )
ম্যাজিষ্ট্রেট मैजिष्टर

ମ୍ୟାଟ୍ରିକ୍ — ବୈଦେ. ବି ( ଇଂ ) — ମେଟ୍ରିକ୍ ( ଦେଖ )
Myaṭrik Metrik ( See )
ম্যাট্রিক मैट्रीक

ମ୍ୟାଟ୍ରିକୁଲେଟ୍ — ବୈଦେ. ବି ( ଇଂ ) — ମେଟ୍ରିକୁଲେଟ୍ ( ଦେଖ )
Myāṭrikuleṭ Meṭrikuleṭ ( See )
ম্যাট্রিকুলেট मैट्रीकुलेट

ମ୍ୟାଟ୍ରିକୁଲେସନ୍ — ବୈଦେ. ବି ( ଇଂ ) — ମେଟ୍ରିକୁଲେସନ୍ ( ଦେଖ )
Myāṭrikulesan Meṭrikulesan ( See )
ম্যাট্রিকুলেসন मैट्रीकुलेसन

ମ୍ୟାନେଜର — ବୈଦେ. ବି ( ଇଂ ) — ମେନେଜର ( ଦେଖ )
Myānejar Menejara ( See )
ম্যানেজর [ ଦ୍ର — ଇଂରାଜୀର 'Man' ଶବ୍ଦରେ ଥିବା 'a' ର
म(मै)नेजर ଉଚ୍ଚାରଣ 'ଅ' ନୁହେଁ କି 'ଏ' ନୁହେଁ । ଏହା 'ଏ' ଓ 'ଅ' ଉଚ୍ଚାରଣର ମିଶ୍ରଣ । ଏଥିପାଇଁ କେହି କେହି ଏହାକୁ ମାନ, କେହି କେହି ମେନ୍, କେହି କେହି ବା ମ୍ୟାନ୍ ବୋଲି ଉଚ୍ଚାରଣ କରିଥାନ୍ତି । ଫଳତଃ ଏହି ଉଚ୍ଚାରଣମାନଙ୍କ ମଧ୍ୟରୁ କୌଣସିଟି ଇଂରେଜି ଉଚ୍ଚାରଣକୁ ଠିକ୍ ଅନୁକରଣ କରିପାରେ ନାହିଁ ।
'ମ୍ୟା' ଅକ୍ଷରଯୁକ୍ତ ଇଂରେଜି ଶବ୍ଦମୂଳକ ଶବ୍ଦମାନ ଏହି ଭାଷାକୋଷରେ 'ମା' କିମ୍ବା 'ମେ' କିମ୍ବା 'ମ୍ୟା' ତଳେ ଦେଖିବାକୁ ହେବ । ]

ମ୍ୟାମ୍ — ପ୍ରାଦେ. ( ମେଦିନୀପୁର ) ବି — ମେମ୍; ସାହାବାଣୀ —
Myām Lady.

ମ୍ୟାଲେରିଆ — ବୈଦେ. ବି ( ଇଂ ) — ମେଲେରିଆ ( ଦେଖ )
Myāleriā Meleriā ( See )
ম্যালেরিয়া मैलेरिआ

ମ୍ୟୁଁ — ଦେ. ଅ ( ଧ୍ୱନ୍ୟନୁକରଣ ) — ମ୍ୟାଉଁ; ବିରାଡ଼ିର ବୋବାଳି —
Myuñ The mewing of cal.
ম্যাঁও म्याँव (ମ୍ୟୁଁ ମ୍ୟୁଁ — ଅନ୍ୟରୂପ)

ମ୍ୟୁଜିଅ(ୟ)ମ୍ — ବୈଦେ. ବି ( ଇଂ ) — ମିଉଜିଅମ୍ ( ଦେଖ )
Myujia(ya)m Miujiam ( See)

ମ୍ୟୁଜିକ୍ — ବୈଦେ. ବି ( ଇଂ ) — ମିଉଜିକ୍ ( ଦେଖ )
Myujik Miujik ( See )

ମ୍ୟୁଟିନି — ବୈଦେ. ବି ( ଇଂ ) — ମିଉଟିନି ( ଦେଖ )
Myuṭini Miuṭini ( See )
[ ଦ୍ର — ସିପାହି ମ୍ୟୁଟିନି — ୧୮୫୭ ସାଲରେ ଭାରତରେ ଇଂରେଜ ଶାସନ ବିରୁଦ୍ଧରେ ସିପାହିବିଦ୍ରୋହ । ]

ମ୍ରକ୍ଷ୍ (ଧାତୁ) — ସ — ୧ । ବୋଳିବା; ମାଖିବା — 1. To smear; to
Mraksh (root) annoint. ୨ । ଏକତ୍ର ମିଶାଇବା —
2. To mix together. ୩ । ସଂଗ୍ରହ କରିବା —
3. To collect. ୪ । ଅଶୁଦ୍ଧ କହିବା — 4. To speak incorrectly.

ମ୍ରକ୍ଷଣ — ସ. ବି. ( ମ୍ରକ୍ଷ୍ ଧାତୁ + ଭାବ. ଅନ ) — ୧ । ବୋଳିବା;
Mrakhaṇa ମାଖିବା; ଲେପିବା — 1. Smearing;
annointing. ୨ । ଏକାଧିକ ବସ୍ତୁର ମିଶ୍ରଣ —
2. Mixing up of many things.

ମ୍ରଡ଼୍ (ଧାତୁ) — ସ — ୧ । ଗମନ କରିବା — 1. To go; to walk.
Mrarḍh(root) ୨ । ଗତି କରିବା — 2. To move.

ମ୍ରଦ୍ (ଧାତୁ) — ସ — ୧ । ମର୍ଦ୍ଦନ କରିବା; ଦଳିବା — 1. To tread;
Mrad (root) to trample; to crush. ୨ । ଚୂର୍ଣ୍ଣ କରିବା — 2. To pulverise; to reduce to powder. ୩ । ପେଷିବା — 3. To grind; to pound.

ମ୍ରଦିମା — ସ. ବି ( ମୃଦୁ + ଭାବେ. ଇମନ; ୧ମା. ୧ବ ) — କୋମଳତା;
Mradimā ମୃଦୁତା — Mildness.

ମ୍ରଦିଷ୍ଠ — ସ. ବିଣ ( ମୃଦୁ + ଅତ୍ୟର୍ଥେ ଇଷ୍ଠ ) — ଅତିଶୟ ମୃଦୁ —
Mradhistha Very mild.
( ମ୍ରଦିଷ୍ଠା — ସ୍ତ୍ରୀ )

ମ୍ରଦୀୟାନ୍ — ସ. ବିଣ. ପୁଂ ( ମୃଦୁ + ଈୟସ; ୧ମା. ୧ବ ) —
Mradiyān ମୃଦୁତର; ଅତି ମୃଦୁ — Very mild.
( ମ୍ରଦୀୟସୀ — ସ୍ତ୍ରୀ )

ମ୍ରିୟମାଣ — ସ. ବିଣ. ପୁଂ ( ମୃ ଧାତୁ = ମରିବା + କର୍ତ୍ତୃ. ଅନ ) —
Mriyamāṇa ୧ । ମୃତପ୍ରାୟ; ମଲା ପରି — 1 Moribond
( ମ୍ରିୟମାଣା — ସ୍ତ୍ରୀ ) ୨ । ଅବଶ୍ୟ ମୃତ୍ୟୁ — 2 Dying. ୩ ।
ଅବସନ୍ନ — 3. Worne out; exhausted. ୪ ।

୪। ଅତି ଦୁଃଖିତ—4 Very sad; dejected. ୫। ଅତି ଲଜ୍ଜିତ—5. Much ashamed; abashed.

**ମ୍ଲାନ**—ସ. ଵଣ (ମ୍ଲୈ ଧାତୁ=କାନ୍ତି ଷୟ ହେବା, ଝାଉଁଳିଯିବା+ କର୍ତ୍ତୃ. ତ)—୧। ମଳିନ—1. Dirty; foul; filthy. ୨। ନିଷ୍ପ୍ରଭ; କାନ୍ତିହୀନ—2. Shorn of splendour. ୩। ବିବର୍ଣ୍ଣ—3. Pale; languid. ୪। ଅପ୍ରସନ୍ନ—4. Dejected; disconcerted. ୫। ବିଶୀର୍ଣ୍ଣ—5. Emaciated. ୬। ଝାଉଁଳି ଯାଇଥିବା—6. Withered. ୭। ଶ୍ରାନ୍ତ; କ୍ଲାନ୍ତ—7. Tired; jaded; weary; fatigued. ୮। ଦୁର୍ବଳ—8. Weak. ୯। ନିର୍ଲଜ୍ଜ—9. Shameless. ୧୦। ଫିକା ପଡ଼ିଯାଇଥିବା; ମଉଳି ଯାଇଥିବା—10. Faded.
Mlāna

**ମ୍ଲାନ ବଦନ**—ସ. ବି.—(କର୍ମଧା)—ବିବର୍ଣ୍ଣ ମୁଖ—Pale face; dejected countenance. ବଣ. (ମ୍ଲାନ ମୁଖ—ଅନ୍ୟରୂପ) ପୁଂ.—(ବହୁବ୍ରୀହି)—ବିବର୍ଣ୍ଣ ମୁଖଯୁକ୍ତ—Pale-faced; dejected.
Mlāna badana
(ମ୍ଲାନ ବଦନା, ମ୍ଲାନ ମୁଖୀ—ସ୍ତ୍ରୀ)

**ମ୍ଲାନି**—ସ. ବି.—(ମ୍ଲୈ ଧାତୁ+ଭାବ. ତି)—୧। ପାଳିମା—1. Paleness; pallor. ୨। କ୍ଲାନ୍ତି—2. Weariness; langour. ୩। କୃଶତା—3. Emaciation.
Mlāni
(ମ୍ଲାନତା; ମ୍ଲାନତା—ଅନ୍ୟରୂପ)

**ମ୍ଲାନିବା**—ଦେ. (ପଦ୍ୟ) କ୍ରି—(ସ. ମ୍ଲାନ)—ମ୍ଲାନ କରିବା; ଫିକା ପ୍ରଭ କରିବା—To turn anything pale; to tarnish. [ଦ୍ର—ଯା ଝଟକ କେବେ ଲଭେ ନ ପାରଇ ମ୍ଲାନି କୁର କାଳ। ରାଧାନାଥ. ମହାଯାତ୍ରା।] 
Mlānibā ମ୍ଲାନ କରା ম্লান করা

**ମ୍ଲାୟୀ**—ସ. ବଣ. ପୁଂ—(ମ୍ଲୈ ଧାତୁ+କର୍ତ୍ତୃ. ଇନ୍)—୧। ମ୍ଲାନ; ମ୍ଲାନତାଯୁକ୍ତ (ହ. ଶ)—1. Faded. ୨। ଅତି ଦୁଃଖିତ—2 Dejected.
Mlāyi
(ମ୍ଲାୟିନୀ—ସ୍ତ୍ରୀ)

**ମ୍ଲିଷ୍ଟ**—ସ. ବଣ.—(ମ୍ଲେଚ୍ଛ ଧାତୁ=ଅଶୁଦ୍ଧ ବା ଅସ୍ପଷ୍ଟ କଥା କହିବା+ କର୍ମ. ତ)—୧। ଅସ୍ପଷ୍ଟ—1 Indistinct. ୨। ଅବ୍ୟକ୍ତ; ଅସ୍ଫୁଟ—2. Inarticulate. ୩। ମ୍ଲାନ—3. Pale; languid. ୪। ଅପଗତ—4. Removed. ବି—(+ଭାବ. ତ)—ଅସ୍ପଷ୍ଟ କଥା—Indistinct words; jargon.
Mlishṭa

**ମ୍ଲୁଚ(ଞ୍ଚ)** (ଧାତୁ)—ତୁ.—୧। ଗମନ କରିବା—1. To go. ୨। ଗତି କରିବା—2. To move.
Mluch(ñch) (root)

**ମ୍ଲେଚ୍ଛ** (ଧାତୁ)—୧। ଅସ୍ପଷ୍ଟ କଥା କହିବା—1. To speak indistinctly. ୨। ଅଶୁଦ୍ଧ କଥା କହିବା 2. To speak incorrectly. ୩। ଅସ୍ପଷ୍ଟ ବା ଅସଭ୍ୟଜନୋଚିତ ବାକ୍ୟ କହିବା—3. To speak a jargon.
Mlechchh(root)

**ମ୍ଲେଚ୍ଛ**—ସ. ବି—(ମ୍ଲେଚ୍ଛ ଧାତୁ+କର୍ତ୍ତୃ. ଅ)—୧। ବର୍ବର ବା ଅସଭ୍ୟ ଜାତି (କିରାତ, ଶବର, କାମ୍ବୋଜ, ଶକ, ପୁଳନ୍ଦ, ଯବନ ପ୍ରଭୃତି) ଅନାର୍ଯ୍ୟ; ବିଦେଶୀୟ ବ୍ୟକ୍ତି—1. Barbarians (using a jargon other than Sanscrit); a non-Aryan; a foreigner. (Apte). [ଦ୍ର—ତାହାଙ୍କୁ ମ୍ଲେଚ୍ଛଙ୍କ ଦେଶରେ ସେ ରଖିଲେ। କୃଷ୍ଣସିଂହ. ମହାଭାରତ. ଅଦି।] [ଦ୍ର—ଏ ଶବ୍ଦର ଧାତୁଗତ ଅର୍ଥ—ଅସ୍ପଷ୍ଟଭାଷୀ ବା ଅବ୍ୟକ୍ତବର୍ଣ୍ଣ ଉଚ୍ଚାରଣକାରୀ ବ୍ୟକ୍ତି। ସେହି ଭାଷାମାନଙ୍କ ଉଚ୍ଚାରଣ-ଶୈଳୀ ଆର୍ଯ୍ୟ ଭାଷାରୁ ପୃଥକ୍ ଏପରଭାଷାଭାଷୀଙ୍କୁ ପ୍ରାଚୀନ ଗ୍ରନ୍ଥରେ ମ୍ଲେଚ୍ଛ ବୋଲି ଯାଇଅଛି। ମ୍ଲେଚ୍ଛମାନଙ୍କ ବର୍ଣ୍ଣାଶ୍ରମ ଧର୍ମ ରହିତ ବୋଲି ଯାଇଅଛି। ବଶିଷ୍ଠଙ୍କ ଠାରୁ ନନ୍ଦିନୀଙ୍କୁ ବିଶ୍ୱାମିତ୍ର ଛଡ଼ାଇ ନେବା ବେଳେ ନନ୍ଦିନୀର ଅଙ୍ଗରୁ ମ୍ଲେଚ୍ଛମାନଙ୍କ ଜନ୍ମ ହୋଇଥିବା ମହାଭାରତ ଆଦିପର୍ବରେ ଲେଖା ଅଛି। ପହ୍ଲବ, ଦ୍ରାବିଡ଼, ଶକ, ଯବନ, ଶବର, ପୌଣ୍ଡ୍ର, କିରାତ, ଯବନ, ସିଂହଳ, ବର୍ବର, ଖସ-ଆଦିଙ୍କୁ 'ମ୍ଲେଚ୍ଛ' ମଧ୍ୟରେ ଗଣନା କରି ଯାଇଅଛି। ବିଷ୍ଣୁ-ପୁରାଣରେ ଲେଖା ଅଛି ଯେ ସଗର ରାଜା ହୈହୟମାନଙ୍କୁ ପରାଜିତ କରି ସେମାନଙ୍କୁ ଧର୍ମଚ୍ୟୁତ କରାଇଥିଲେ; ସେମାନେ ଶକ, ଯବନ, କାମ୍ବୋଜ, ପାରଦ, ପହ୍ଲବ ଆଦି ମ୍ଲେଚ୍ଛ ଜାତି ହେଲେ। ମତ୍ସ୍ୟ ପୁରାଣରେ ରାଜା ବେଣଙ୍କ ମୃତ ଶରୀରର ମନ୍ଥନରୁ ମ୍ଲେଚ୍ଛ ଜାତିର ଉତ୍ପତ୍ତି ହୋଇଥିବା ଲେଖା ଅଛି। ବୃହତ୍ ସଂହିତାରେ ହିମାଳୟ ଓ ବିନ୍ଧ୍ୟ ଏବଂ ବିନଶନ ଓ ପ୍ରୟାଗର ମଧ୍ୟସ୍ଥ ଦେଶକୁ ପବିତ୍ରଦେଶ ଓ ଏହା ଛଡ଼ା ଅନ୍ୟ ଦେଶମାନଙ୍କୁ ମ୍ଲେଚ୍ଛ ଦେଶ ବୋଲି ଯାଇଅଛି। ବୃହତ୍ ପରାଶରରେ ଚାତୁର୍ବର୍ଣ୍ଣ୍ୟ ଓ ଅନ୍ତ୍ୟଜ ବର୍ଣ୍ଣମାନଙ୍କ ଅତିରିକ୍ତ ବର୍ଣ୍ଣାଶ୍ରମହୀନ ବ୍ୟକ୍ତିମାନଙ୍କୁ ମ୍ଲେଚ୍ଛ ବୋଲି ଯାଇଅଛି। ବୋଧାୟନଙ୍କ ପ୍ରାୟଶ୍ଚିତ୍ତ ତତ୍ତ୍ୱରେ ଗୋମାଂସ-ଭକ୍ଷୀ, ବହୁବିଭାଷୀ ଓ ସଦାଚାରହୀନ ବ୍ୟକ୍ତିମାନଙ୍କୁ ମ୍ଲେଚ୍ଛ ବୋଲି ଯାଇଅଛି। ହ. ଶ.] ୨। ପାମର; ପାପୀ ବ୍ୟକ୍ତି—2. A sinner. ୩। ଅପରାଧୀ ଜାତି—3. Criminal tribe. ୪। (+କର୍ମ.ଅ)ଅପଭାଷା—4. Jargon. ୫। ବିଦେଶୀ ଭାଷା—5. A foreign or barbarous speech (Apte) ୬। ହିଙ୍ଗୁଳ—6 Yellow orpiment. ୭। ହେଙ୍ଗୁ (ହ. ଶ)—7. Assafoetida. ୮। ତମ୍ବା—8. Copper. ବଣ. ୧।ପାପିଷ୍ଠ—1. Sinful. ୨। ଖଳ—2. Wicked. ୩। କଦାଚାରୀ—3. Practising evil customs. ୪। ନୀଚ—4. Low; mean. ଦେ. ବଣ.—ଅତି ମଳିନ (ବେଶ, ଶରୀର)—Very dirty or filthy (body or dress).
Mlechchha

**ମ୍ଲେଚ୍ଛ କନ୍ଦ**—ସ. ବି (ମ. ପ, ମ୍ଲେ. ମ୍ଲେଚ୍ଛମାନଙ୍କ ବ୍ୟବହୃତ କନ୍ଦ)—ଲସୁନ, ରସୁଣ—Garlic.
Mlechchha kanda

**ମ୍ଲେଚ୍ଛ ଜାତି**—ସଂ. ବି—ଗୋମାଂସଖାଦକ, ବହୁବିରୁଦ୍ଧଭାଷକ, ସଦାଚାରଶୂନ୍ୟ, ପ୍ରାଚୀନ ଜାତିଗଣ—**Mlechchha jāti** A generic name for barbarians and wild tribes who were beef eaters and were speaking jargon and addicted to vice and sinful practices.
[ ଦ୍ର—ପ୍ରାଚୀନ ହିନ୍ଦୁମାନେ ବିଦେଶୀୟ ଓ ଅନ୍ୟ ଧର୍ମାବଲମ୍ବୀ ଜାତିମାନଙ୍କୁ ମ୍ଲେଚ୍ଛ ଜାତିରୂପେ ପରିଗଣିତ କରୁଥିଲେ । ମହାଭାରତରେ କାମ୍ବୋଜ, ଶକ, ଶବର, ବର୍ବରଆଦିଙ୍କୁ ମ୍ଲେଚ୍ଛ ଜାତି ବୋଲି ଉଲ୍ଲେଖ କରାଯାଇ ଅଛି । ମହାଭାରତ. ଦ୍ରୋଣ । ]

**ମ୍ଲେଚ୍ଛନ**—ସଂ.ବି(ମ୍ଲେଚ୍ଛ ଧାତୁ+ଭାବ ଅନ)—୧ । ଅସ୍ପଷ୍ଟ ସ୍ୱରରେ କଥନ—**Mlechchhana** 1. Speaking indistinctly. ୨ । ମ୍ଲେଚ୍ଛଭାଷାରେ କଥନ—2. Speaking in a barbarous tongue.

**ମ୍ଲେଚ୍ଛ ଦେଶ**—ସଂ.ବି (ଷଷ୍ଠୀ ତତ୍)—ଚାତୁର୍ବର୍ଣ୍ଣ୍ୟ ବ୍ୟବସ୍ଥା ରହିତ ଦେଶ—**Mlechchha deśa** —A country not observing the rules of the four castes; a country of the non-Hindus. (ମ୍ଲେଚ୍ଛ ମଣ୍ଡଳ—ଅନ୍ୟରୂପ)

**ମ୍ଲେଚ୍ଛ ଫଳ**—ସଂ. ବି (ମ. ଶ. କୋ)—କାଫି—**Mlechchha phala** Coffee.

**ମ୍ଲେଚ୍ଛ ବାକ୍**—ସଂ. ବିଣ. ପୁଂ. ଓ ସ୍ତ୍ରୀ—(ମ୍ଲେଚ୍ଛ+ବଚ୍ ଧାତୁ+କର୍ତ୍ତୃ. କ୍ୱିପ୍)—ମ୍ଲେଚ୍ଛଭାଷାବ୍ୟବହାରକାରୀ—**Mlechchha bāk** Speaking a barbarous or foreign language.

**ମ୍ଲେଚ୍ଛ ଭାଷା**—ସଂ. ବି—୧ । ବିଦେଶୀୟ ଭାଷା—1. Foreign language. **Mlechchha bhāshā** ୨ । ମ୍ଲେଚ୍ଛ ଜାତିମାନଙ୍କ କଥ୍ୟ ଭାଷା—2. The language used by barbarians. (ମ୍ଲେଚ୍ଛଭାଷୀ—ପୁଂ, ମ୍ଲେଚ୍ଛଭାଷିଣୀ—ସ୍ତ୍ରୀ—ବିଣ)

**ମ୍ଲେଚ୍ଛ ଭୋଜନ**—ସଂ. ବି (ଷଷ୍ଠୀ ତତ୍)—ଗୋଧୂମ; ଗହମ—**Mlechchha bhojana** Wheat.

**ମ୍ଲେଚ୍ଛ ମୁଖ**—ସଂ. ବି—ତମ୍ବା; ତାମ୍ର—**Mlechchha mukha** [ମ୍ଲେଚ୍ଛାସ୍ୟ—ଅନ୍ୟରୂପ] Copper.

**ମ୍ଲେଚ୍ଛି(ଛି)ଆ**—ଦେ. ବିଣ.—ଅତ୍ୟନ୍ତ ମଇଳା ବା ମଳଯୁକ୍ତ—**Mlechchhi (chhi)ā** मलेछिया Very filthy or dirty. [ମ୍ଲେଚ୍ଛୀ, ମ୍ଲେଚ୍ଛେଇ—ସ୍ତ୍ରୀ]

**ମ୍ଲେଚ୍ଛିତ**—ସଂ. ବି—(ମ୍ଲେଚ୍ଛ ଧାତୁ+ଭାବ.ତ)—୧ । ମ୍ଲେଚ୍ଛ ଭାଷା—**Mlechchhita** 1. Language of foreigners and barbarians. ୨ । ଅବ୍ୟାକରଣିକ ଭାଷା—2. An ungrammatical speech. ବିଣ.—ଅଶୁଦ୍ଧଭାବରେ ଉଚ୍ଚାରିତ—Spoken incorrectly.

**ମ୍ଲେଟ୍(ଡ୍) (ଧାତୁ)**—ସଂ.—ବାୟା ହେବା—**Mleṭ(ḍ) (root)** To be mad (Apte).

**ମ୍ଲେବ୍ (ଧାତୁ)**—ସଂ—୧ । ପୂଜା କରିବା—1. To worship. **Mleb (root)** ୨ । ସେବା କରିବା—2. To serve.

**ମ୍ଲୈ (ଧାତୁ)**—ସଂ—୧ । ମ୍ଲାନ ହେବା—1. To fade; to wither. **Mlai (root)** ୨ । କ୍ଷୟିତ ହେବା—2. To decay, to wane

Printed by M. Kar, Utkal Sahitya Press, Cuttack